ସତ୍ୟଂ ଶିବଂ ସୁନ୍ଦରମ୍

॥ ଶ୍ରୀରାମ ॥

ଶ୍ରୀମଦ୍‌ଗୋସ୍ୱାମୀ ତୁଲସୀଦାସବିରଚିତ

# ଶ୍ରୀରାମଚରିତମାନସ

[ସଚିତ୍ର, ସଟୀକ, ମୋଟାଅକ୍ଷରବିଶିଷ୍ଟ]

ଉଚ୍ଚାରଣ ଅନୁରୂପ ବନାନ ସହିତ

**श्रीरामचरितमानस, सटीक ( ओड़िआ )**



ଶ୍ରୀ ସହିତ ଦିନକର ବଂସ ଭୂଷନ କାମ ବହୁ ଛବି ସୋହଈ ।
ନଓ୍ୱ ଅଂବୁଧର ବର ଗାତ ଅଂବର ପୀତ ସୁର ମନ ମୋହଈ ॥
ମୁକୁଟାଂଗଦାଦି ବିଚିତ୍ର ଭୂଷନ ଅଂଗ ଅଂଗହ୍ନି ପ୍ରତି ସଜେ ।
ଅଂଭୋଜ ନୟନ ବିସାଲ ଉର ଭୁଜ ଧନ୍ୟ ନର ନିରଖଂତି ଜେ ॥

ଟୀକାକାର—**ହନୁମାନପ୍ରସାଦ ପୋଦ୍ଦାର**

ଭାଷାନ୍ତର—**ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦ ସରସ୍ୱତୀ**

*Books are also available at—*

1. Gita Press, Gorakhpur Ki Pustak-Dukan, Bharatiya Towers, Badam Badi, Cuttack ✆ (0671) 2335481
2. Cuttack, Railway Station, Platform No.1
3. Bhubaneswar, Railway Station, Platform No.1
4. Howrah, Railway Station, Platform No. 18
5. Gobind Bhavan-Karyalaya,151, Mahatma Gandhi Road, Kolkata ✆ (033) 22686894; Fax 22680251

Sixteenth Reprint 2015 4,000

Total 74,000

❖ **Price : ₹ 250**

**(Two Hundred and Fifty Rupees only)**

Printed & Published by **:**

**Gita Press, Gorakhpur—273005 (INDIA)**

(a unit of Gobind Bhavan-Karyalaya, Kolkata)

Phone - (0551) 2334721, 2331250 ; Fax : (0551) 2336997

e-mail : **booksales@gitapress.org** website : **www.gitapress.org**

॥ ଶ୍ରୀହରିଃ ॥

## ନିବେଦନ

ଶ୍ରୀରାମଚରିତମାନସର ସ୍ଥାନ କେବଳ ହିନ୍ଦୀସାହିତ୍ୟରେ ନୁହେଁ, ବରଂ ଜଗତର ସମଗ୍ର ସାହିତ୍ୟରେ ଅନବଦ୍ୟ । ଏହାର ସମକକ୍ଷ ହେବାଭଳି ସର୍ବାଙ୍ଗସୁନ୍ଦର, ଉତ୍ତମ କାବ୍ୟିକ ଲକ୍ଷଣସମ୍ପନ୍ନ, ସାହିତ୍ୟର ସମସ୍ତ ରସରେ ସମୃଦ୍ଧ, କାବ୍ୟକଳା ଦୃଷ୍ଟିରୁ ମଧ୍ୟ ସର୍ବୋଚ୍ଚକୋଟିର ତଥା ଆଦର୍ଶ ଗାର୍ହସ୍ଥ୍ୟ-ଜୀବନ, ଆଦର୍ଶ ରାଜଧର୍ମ, ଆଦର୍ଶ ପାରିବାରିକ ଜୀବନ, ଆଦର୍ଶ ପତିବ୍ରତା ଧର୍ମ, ଆଦର୍ଶ ଭ୍ରାତୃପ୍ରେମ ସହ ସର୍ବୋଚ୍ଚ ଭକ୍ତି, ଜ୍ଞାନ, ତ୍ୟାଗ, ବୈରାଗ୍ୟ ଓ ସଦାଚାରର ଶିକ୍ଷା ଦେଉଥିବା ତଥା ସ୍ତ୍ରୀ-ପୁରୁଷ, ବାଳକ-ବୃଦ୍ଧ ଓ ଯୁବକ-ଯୁବତୀ—ସମସ୍ତଙ୍କ ନିମନ୍ତେ ଉପଯୋଗୀ ଏବଂ ସର୍ବୋପରି ସଗୁଣ-ସାକାର ଭଗବାନଙ୍କର ଆଦର୍ଶ ମାନବଲୀଳା ତଥା ତାଙ୍କର ଗୁଣ, ପ୍ରଭାବ, ରହସ୍ୟ ଓ ପ୍ରେମର ଗହନ ତତ୍ତ୍ୱକୁ ଅତ୍ୟନ୍ତ ସରଳ, ରୋଚକ ଏବଂ ଓଜସ୍ୱିନୀ ଭାଷାରେ ବ୍ୟକ୍ତ କରୁଥିବା ଅନ୍ୟ କୌଣସି ଗ୍ରନ୍ଥ ଲେଖାଯାଇ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି କାରଣରୁ ଧନୀ-ଗରିବ, ଶିକ୍ଷିତ-ଅଶିକ୍ଷିତ, ଗୃହସ୍ଥ-ସନ୍ନ୍ୟାସୀ, ସ୍ତ୍ରୀ-ପୁରୁଷ, ବାଳକ-ବୃଦ୍ଧ ନିର୍ବିଶେଷରେ ସବୁଶ୍ରେଣୀର ଲୋକେ ଏହି ଗ୍ରନ୍ଥକୁ ଶ୍ରଦ୍ଧାର ସହିତ ପଢ଼ନ୍ତି—ଏହି ଗ୍ରନ୍ଥ ମାଧ୍ୟମରେ ଭକ୍ତି, ଜ୍ଞାନ, ନୀତି ଓ ସଦାଚାର ଯେପରିଭାବରେ ପ୍ରଚାରିତ ହୋଇଛି, ସତରେ ତା'ର ପଟାନ୍ତର ନାହିଁ ।

ଜଗତରେ ଯେଉଁ ଗ୍ରନ୍ଥର ମାନ ଏତେ ଉଚ୍ଚରେ, ସେପରି ଗ୍ରନ୍ଥର ଅନେକ ସଂସ୍କରଣ ପ୍ରକାଶିତ ହେବା ତଥା ତା'ଉପରେ ଅନେକ ଟୀକା ଲେଖାଯିବା ସ୍ୱାଭାବିକ । ଫଳରେ ଶ୍ରୀରାମଚରିତମାନସର ଏଯାବତ୍ ଶହ ଶହ ସଂସ୍କରଣ ପ୍ରକାଶିତ ହୋଇସାରିଛି । ଏପର୍ଯ୍ୟନ୍ତ ଅନୁମାନତଃ ଏହି ଗ୍ରନ୍ଥଟି ଲକ୍ଷ ଲକ୍ଷ ସଂଖ୍ୟାରେ ମୁଦ୍ରିତ ହୋଇସାରିଥିବ । ପ୍ରାୟତଃ ଏହାର କୌଣସି ନା କୌଣସି ନୂତନ ସଂସ୍କରଣ ଦେଖିବାକୁ ମିଳୁଛି ଏବଂ ପ୍ରତି ନୂତନ ସଂସ୍କରଣରେ ପୂର୍ବସଂସ୍କରଣ ତୁଳନାରେ କିଛି ନା କିଛି ବିଶେଷତ୍ୱ ଅବଶ୍ୟ ରହୁଛି । ଏହି ଗ୍ରନ୍ଥ ଗୀତା ପ୍ରେସ୍ ଦ୍ୱାରା ଏଯାବତ୍ ଇଂରାଜୀ, ବଙ୍ଗଳା, ଗୁଜରାଟୀ, ତେଲୁଗୁ, କନ୍ନଡ଼ ଓ ତାମିଲ୍ ଭାଷାରେ ଅନୁଦିତ ହୋଇସାରିଲାଣି । ଏଥିରୁ ବି ଏହାର ସର୍ବାଧିକ ଲୋକପ୍ରିୟତା ସିଦ୍ଧ ହୋଇଯାଉଛି ।

ଏହା ବ୍ୟତୀତ ଶ୍ରୀରାମଚରିତମାନସ ହେଉଛି ଏକ ଆଶୀର୍ବାଦାତ୍ମକ ଗ୍ରନ୍ଥ । ଏହାର ପ୍ରତ୍ୟେକ ପଦ୍ୟକୁ ଶ୍ରଦ୍ଧାଳୁମାନେ ମନ୍ତ୍ରବତ୍ ଆଦର କରନ୍ତି ଏବଂ ଏହା ପାଠ କରି ଅନେକ ଲୌକିକ ତଥା ପାରମାର୍ଥିକ କାର୍ଯ୍ୟ ସିଦ୍ଧ କରନ୍ତି । କେବଳ ସେତିକି ନୁହେଁ, ଏହାକୁ ଶ୍ରଦ୍ଧାପୂର୍ବକ ପାଠ କଲେ ତଥା ଏଥିରେ ପ୍ରଦତ୍ତ ଉପଦେଶଗୁଡ଼ିକ ମନନ କଲେ ଏବଂ ତଦନୁଯାୟୀ ଆଚରଣ କଲେ ତଥା ଏଥିରେ ବର୍ଣ୍ଣିତ ଭଗବାନଙ୍କର ମଧୁର ଲୀଳାଗୁଡ଼ିକ ଚିନ୍ତନ ଓ କୀର୍ତ୍ତନ କଲେ ମୋକ୍ଷରୂପୀ ପରମ ପୁରୁଷାର୍ଥ ଏବଂ ସର୍ବୋଚ୍ଚ ଭଗବତ୍‌ପ୍ରେମ ସହଜରେ ପ୍ରାପ୍ତ ହୋଇଥାଏ । ଯେଉଁ ଗ୍ରନ୍ଥର ରଚନା ଗୋସ୍ୱାମୀ ତୁଳସୀଦାସଙ୍କ ପରି ଅନନ୍ୟ ଭଗବଦ୍‌ଭକ୍ତଙ୍କ ଦ୍ୱାରା ହୋଇଛି, ଯେ କି ଶ୍ରୀସୀତାରାମଙ୍କ କୃପାରୁ ତାହାଙ୍କର ଦିବ୍ୟଲୀଳାମାନ ପ୍ରତ୍ୟକ୍ଷ ଅନୁଭବ କରି ଯଥାର୍ଥରୂପରେ ବର୍ଣ୍ଣନା କରିଛନ୍ତି ଏବଂ ଯେଉଁ ଗ୍ରନ୍ଥର ରଚନା ସାକ୍ଷାତ୍ ଭଗବାନ୍ ଗୌରୀଶଙ୍କରଙ୍କ ଆଜ୍ଞାରେ ହୋଇଛି ତଥା ଯାହା ଉପରେ ସେହି ଭଗବାନ୍ 'ସତ୍ୟଂ ଶିବଂ ସୁନ୍ଦରମ୍' ଲେଖି ନିଜ ହାତରେ ସ୍ୱାକ୍ଷର ଚିହ୍ନ ଆଙ୍କିଦେଇଛନ୍ତି, ସେହି ଗ୍ରନ୍ଥର ଏପରି ଅଲୌକିକ ପ୍ରଭାବ ପ୍ରକାଶିତ ହେବା କୌଣସି ଆଶ୍ଚର୍ଯ୍ୟର କଥା ନୁହେଁ । ଏହି ପରିପ୍ରେକ୍ଷୀରେ ଏପରି ଅଲୌକିକ ଗ୍ରନ୍ଥର ଯେତେ ଅଧିକ ପ୍ରଚାର କରାଯିବ, ଯେତେ ଅଧିକ ପଠନ-ପାଠନ ଓ ମନନ-ଅନୁଶୀଳନ କରାଯିବ, ଜଗତର ଯେ ସେତେ ଅଧିକ ମଙ୍ଗଳ ହେବ, ସେଥିରେ କୌଣସି ସନ୍ଦେହ ନାହିଁ । ବର୍ତ୍ତମାନ ସମୟରେ, ଯେତେବେଳେ କି ସର୍ବତ୍ର ହାହାକାର ଖେଳିଯାଇଛି, ସମଗ୍ର ସଂସାର ଦୁଃଖ ଓ ଅଶାନ୍ତିର ଭୀଷଣ ଜ୍ୱାଳାରେ ଜଳୁଛି, ଜଗତର କୋଣେ କୋଣେ ହାଣ-ମାର-କାଟ ଲାଗିରହିଛି ଏବଂ ପ୍ରତ୍ୟହ ସହସ୍ର ସହସ୍ର ସଂଖ୍ୟାରେ ନରସଂହାର ଚାଲିଛି; ପାରସ୍ପରିକ ବିନାଶ ନିମନ୍ତେ ଅଜସ୍ର ଅର୍ଥ ବ୍ୟୟିତ ହେଉଛି, ବିଜ୍ଞାନର ସକଳ ଶକ୍ତି ପୃଥିବୀକୁ ଶ୍ମଶାନରେ ପରିଣତ କରିଦେବା କାର୍ଯ୍ୟରେ ନିୟୋଜିତ ହେଉଛି, ପୃଥିବୀର ବଡ଼ ବଡ଼ ଉର୍ବର ମସ୍ତିଷ୍କମାନେ ଯେତେବେଳେ ସଂହାରର ନୂଆ ନୂଆ ଉପାୟ ଅନୁସନ୍ଧାନରେ ବ୍ୟସ୍ତ ରହୁଛନ୍ତି, ଏହି ସମୟରେ ଜଗତରେ ସୁଖ-ଶାନ୍ତି ଓ ପ୍ରେମ ପ୍ରସାର କରିବା ନିମନ୍ତେ ତଥା ଜୀବନରେ ଭଗବତ୍‌କୃପା ଅନୁଭବ କରିବା ନିମନ୍ତେ ଶ୍ରୀରାମଚରିତମାନସର ପଠନ ଓ ଅନୁଶୀଳନ ପରମ ଆବଶ୍ୟକ ।

ତେଣୁ ଭଗବଦ୍‌ଗୀତା ପରି 'ମାନସ'ର ମଧ୍ୟ କେତୋଟି ଛୋଟ-ବଡ଼ ଯଥାସାଧ୍ୟ ଶୁଦ୍ଧ, ପ୍ରାମାଣିକ, ସଚିତ୍ର ଓ ସଟୀକ ସଂସ୍କରଣ ପ୍ରକାଶ କରିବାକୁ ଗୀତାପ୍ରେସ ପକ୍ଷରୁ ଆୟୋଜନ କରାଯାଉଛି ।

ଏହି ସଚିତ୍ର-ସଟୀକ- ମୋଟାଅକ୍ଷରବିଶିଷ୍ଟ ପ୍ରଥମ ଓଡ଼ିଆ ସଂସ୍କରଣଟିରେ ଶୁଦ୍ଧବଚାନ ସହିତ ସରଳ ସ୍ୱଚ୍ଛନ୍ଦ ଓଡ଼ିଆ ଅନୁବାଦ ପ୍ରକାଶ କରି ଆମେ ଅତ୍ୟନ୍ତ ଆନନ୍ଦିତ । ଆଶା ଏହି ଗ୍ରନ୍ଥଟି ଓଡ଼ିଆ ରାମସାହିତ୍ୟର ଅଭିବୃଦ୍ଧି କରିବା ସହିତ ଓଡ଼ିଆ ଭାଷାଭାଷୀମାନଙ୍କ ନିକଟରେ ଅଧିକ ଆଦୃତ ହେବ । ପାଠ ଏବଂ ଅର୍ଥରେ ସାମାନ୍ୟ ତ୍ରୁଟି ରହିଯାଇଥାଇପାରେ, ବିଜ୍ଞପାଠକ ଓ ମହାନୁଭବମାନଙ୍କ ନିକଟରେ ଆମେ ସେଥିପାଇଁ କ୍ଷମା ପ୍ରାର୍ଥନା କରୁଛୁ ଏବଂ ଭଗବାନଙ୍କର ବସ୍ତୁ ବିନମ୍ରଭାବରେ ଭଗବାନଙ୍କ ସେବାରେ ଅର୍ପଣ କରୁଛୁ । ଜୟ ଜଗନ୍ନାଥ । ଜୟ ଶ୍ରୀରାମ ।

ବିନୀତ — **ପ୍ରକାଶକ**

॥ ଶ୍ରୀହରିଃ ॥

# ଶ୍ରୀରାମଚରିତମାନସର

## ବିଷୟ-ସୂଚୀ


| ବିଷୟ | ପୃଷ୍ଠାଙ୍କ |
|---|---|
| ୧. ଗୋସ୍ୱାମୀ ତୁଳସୀଦାସଙ୍କର ସଂକ୍ଷିପ୍ତ ଜୀବନୀ | 11 |
| ୨. ନବାହ୍ନ ଓ ମାସ ପାରାୟଣର ବିଶ୍ରାମ ସ୍ଥାନ | 14 |
| ୩. ପାରାୟଣ ବିଧି | 15 |
| ୪. ରାମଶଲାକା ପ୍ରଶ୍ନାବଳୀ | 17 |
| ୫. ଶ୍ରୀ ସୀତାରାମ ଯୁଗଳ ଚରଣ ଚିହ୍ନ | 18 |
| **ବାଳକାଣ୍ଡ** | |
| ୬. ମଙ୍ଗଳାଚରଣ | 19 |
| ୭. ଗୁରୁବନ୍ଦନା | 21 |
| ୮. ବ୍ରାହ୍ମଣ ଓ ସନ୍ଥ ବନ୍ଦନା | 22 |
| ୯. ଖଳ-ବନ୍ଦନା | 24 |
| ୧୦. ସନ୍ଥ-ଅସନ୍ଥ ବନ୍ଦନା | 25 |
| ୧୧. ରାମମୟ ମନେ କରି ଜୀବମାନଙ୍କୁ ବନ୍ଦନା | 28 |
| ୧୨. ତୁଳସୀଦାସଙ୍କ ଦୀନତା ଓ ରାମଭକ୍ତିମୟୀ କବିତାର ମହିମା | 29 |
| ୧୩. କବିମାନଙ୍କୁ ବନ୍ଦନା | 35 |
| ୧୪. ବାଲ୍ମୀକି, ବେଦ, ବ୍ରହ୍ମା, ଦେବତା, ଶିବପାର୍ବତୀ ଆଦିଙ୍କ ବର୍ଣ୍ଣନା | 36 |
| ୧୫. ଶ୍ରୀସୀତାରାମ-ଧାମ-ପରିକର ବନ୍ଦନା | 38 |
| ୧୬. ଶ୍ରୀନାମ ବନ୍ଦନା ଓ ନାମ ମହିମା | 40 |
| ୧୭. ଶ୍ରୀରାମଗୁଣ ଓ ରାମଚରିତର ମହିମା | 48 |
| ୧୮. ମାନସ ରଚନାର ତିଥି | 54 |
| ୧୯. ମାନସର ରୂପ ଓ ମାହାତ୍ମ୍ୟ | 55 |
| ୨୦. ଯାଜ୍ଞବଲ୍କ୍ୟ-ଭରଦ୍ୱାଜ ସଂବାଦ | 64 |
| ୨୧. ସତୀଙ୍କ ମୋହ, ଶ୍ରୀରାମଙ୍କ ଐଶ୍ୱର୍ଯ୍ୟ ଓ ସତୀଙ୍କ ଖେଦ | 68 |
| ୨୨. ଶିବଙ୍କ ଦ୍ୱାରା ସତୀଙ୍କୁ ପରିତ୍ୟାଗ, ଶିବଙ୍କ ସମାଧି | 73 |
| ୨୩. ସତୀଙ୍କ ଦକ୍ଷଯଜ୍ଞ ଦେଖିବାକୁ ଯାତ୍ରା | 77 |
| ୨୪. ପତିଙ୍କ ଅପମାନରେ ଦୁଃଖୀ ହୋଇ ସତୀଙ୍କ ଯୋଗାଗ୍ନିରେ ଝାସ, ଦକ୍ଷଯଜ୍ଞ ବିଧ୍ୱଂସନ | 79 |
| ୨୫. ପାର୍ବତୀଙ୍କ ଜନ୍ମ ଓ ତପସ୍ୟା | 80 |
| ୨୬. ବିବାହ କରିବାକୁ ଶିବଙ୍କୁ ଶ୍ରୀରାମଙ୍କର ଅନୁରୋଧ | 88 |
| ୨୭. ସପ୍ତର୍ଷିଙ୍କ ପରୀକ୍ଷାରେ ପାର୍ବତୀଙ୍କ ମହତ୍ତ୍ୱ ପ୍ରକାଶ | 89 |
| ୨୮. ଦେବକାର୍ଯ୍ୟରେ କାମଦେବଙ୍କ ଗମନ ଓ ଭସ୍ମ ହେବା | 93 |
| ୨୯. ରତିଙ୍କୁ ବରଦାନ | 97 |
| ୩୦. ବିବାହ କରିବାକୁ ଦେବତାମାନଙ୍କର ପ୍ରାର୍ଥନା, ସପ୍ତର୍ଷିଙ୍କର ପାର୍ବତୀଙ୍କ ନିକଟକୁ ଗମନ | 98 |
| ୩୧. ଶିବଙ୍କର ବିଚିତ୍ର ବରଯାତ୍ରା ଏବଂ ବିବାହ ନିମନ୍ତେ ପ୍ରସ୍ତୁତି | 101 |
| ୩୨. ଶିବ-ବିବାହ | 108 |
| ୩୩. ଶିବପାର୍ବତୀ ସଂବାଦ | 115 |
| ୩୪. ଅବତାରର କାରଣ | 125 |
| ୩୫. ନାରଦଙ୍କ ଅଭିମାନ ଓ ମାୟାର ପ୍ରଭାବ | 130 |
| ୩୬. ବିଶ୍ୱମୋହିନୀର ସ୍ୱୟଂବର, ଶିବଗଣଙ୍କୁ ତଥା ଭଗବାନଙ୍କୁ ଶାପ ଓ ନାରଦଙ୍କ ମୋହ ଭଙ୍ଗ | 132 |
| ୩୭. ମନୁ-ଶତରୂପାଙ୍କ ତପ ଏବଂ ବରପ୍ରାପ୍ତି | 141 |
| ୩୮. ପ୍ରତାପଭାନୁଙ୍କ କଥା | 149 |
| ୩୯. ରାବଣାଦିଙ୍କର ଜନ୍ମ, ତପସ୍ୟା ଓ ସେମାନଙ୍କର ଐଶ୍ୱର୍ଯ୍ୟ ତଥା ଅତ୍ୟାଗ୍ରହ | 166 |
| ୪୦. ପୃଥିବୀ ଓ ଦେବଗଣଙ୍କର କରୁଣ ବିଳାପ | 175 |
| ୪୧. ଭଗବାନଙ୍କ ବରଦାନ | 176 |
| ୪୨. ରାଜା ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞ | 178 |
| ୪୩. ଭଗବାନଙ୍କ ପ୍ରାକଟ୍ୟ ଓ ବାଲ୍ୟଲୀଳାର ଆନନ୍ଦ | 180 |
| ୪୪. ରାମଲକ୍ଷ୍ମଣଙ୍କୁ ସଙ୍ଗରେ ନେବାକୁ ଦଶରଥଙ୍କ ନିକଟରେ ବିଶ୍ୱାମିତ୍ରଙ୍କ ମାଗୁଣି | 193 |
| ୪୫. ବିଶ୍ୱାମିତ୍ରଙ୍କ ଯଜ୍ଞରକ୍ଷା | 196 |
| ୪୬. ଅହଲ୍ୟା ଉଦ୍ଧାର | 197 |
| ୪୭. ଶ୍ରୀରାମ-ଲକ୍ଷ୍ମଣଙ୍କ ସହିତ ବିଶ୍ୱାମିତ୍ରଙ୍କ ଜନକପୁର ଗମନ | 198 |

| ବିଷୟ | ପୃଷ୍ଠାଙ୍କ |
|---|---|
| ୪୮. ଶ୍ରୀରାମ-ଲକ୍ଷ୍ମଣଙ୍କୁ ଦେଖି ରାଜା ଜନକଙ୍କର ଭାବବିହ୍ୱଳତା | 201 |
| ୪୯. ଶ୍ରୀରାମ-ଲକ୍ଷ୍ମଣଙ୍କ ଜନକପୁର ନିରୀକ୍ଷଣ | 203 |
| ୫୦. ପୁଷ୍ପବାଟିକା ନିରୀକ୍ଷଣ, ସୀତାଙ୍କର ଦର୍ଶନଲାଭ ଶ୍ରୀସୀତାରାମଙ୍କର ପରସ୍ପର ଦର୍ଶନ | 209 |
| ୫୧. ଶ୍ରୀସୀତାଙ୍କର ପାର୍ବତୀ-ପୂଜନ ଏବଂ ବରପ୍ରାପ୍ତି ତଥା ରାମଲକ୍ଷ୍ମଣ ସଂବାଦ | 210 |
| ୫୨. ଯଜ୍ଞଶାଳାରେ ଶ୍ରୀରାମ-ଲକ୍ଷ୍ମଣଙ୍କ ସହିତ ବିଶ୍ୱାମିତ୍ରଙ୍କ ପ୍ରବେଶ | 220 |
| ୫୩. ଯଜ୍ଞଶାଳାରେ ସୀତାଙ୍କର ପ୍ରବେଶ | 226 |
| ୫୪. ଭାଟମାନଙ୍କ ଦ୍ୱାରା ଜନକ-ପ୍ରତିଜ୍ଞା ଘୋଷଣା | 227 |
| ୫୫. ରାଜାମାନଙ୍କର ଧନୁ ଉତ୍ତୋଳନରେ ଅସାମର୍ଥ୍ୟ, ଜନକଙ୍କ ନିରାଶ ବାଣୀ | 228 |
| ୫୬. ଶ୍ରୀଲକ୍ଷ୍ମଣଙ୍କ କ୍ରୋଧ | 229 |
| ୫୭. ଧନୁର୍ଭଙ୍ଗ | 236 |
| ୫୮. ବରଣମାଳା ପ୍ରଦାନ | 239 |
| ୫୯. ଶ୍ରୀରାମ, ଲକ୍ଷ୍ମଣ ଓ ପର୍ଶୁରାମ ସଂବାଦ | 244 |
| ୬୦. ଦଶରଥଙ୍କ ନିକଟକୁ ଜନକଙ୍କ ଦୂତ ପ୍ରେରଣ, ଅଯୋଧ୍ୟାରୁ ବରଯାତ୍ରୀଙ୍କ ଶୋଭାଯାତ୍ରା | 258 |
| ୬୧. ବରଯାତ୍ରୀମାନଙ୍କର ଜନକପୁରରେ ପ୍ରବେଶ ଓ ସ୍ୱାଗତ ସମ୍ବର୍ଦ୍ଧନା | 270 |
| ୬୨. ଶ୍ରୀସୀତା-ରାମ ବିବାହ | 281 |
| ୬୩. ବରଯାତ୍ରୀମାନଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ଅଯୋଧ୍ୟାରେ ଆନନ୍ଦ | 304 |
| ୬୪. ଶ୍ରୀରାମଚରିତ ଶ୍ରବଣ ଓ ଗାନର ମାହାତ୍ମ୍ୟ | 320 |


**ଅଯୋଧ୍ୟାକାଣ୍ଡ**


| ବିଷୟ | ପୃଷ୍ଠାଙ୍କ |
|---|---|
| ୬୫. ମଙ୍ଗଳାଚରଣ | 321 |
| ୬୬. ରାମରାଜ୍ୟାଭିଷେକ ପାଇଁ ପ୍ରସ୍ତୁତି | 325 |
| ୬୭. ସରସ୍ୱତୀଙ୍କ ଦ୍ୱାରା ମନ୍ଥରାର ବୁଦ୍ଧିଭ୍ରଂଶ, କୈକେୟୀ-ମନ୍ଥରା ସଂବାଦ | 330 |
| ୬୮. କୈକେୟୀଙ୍କର କୋପଭବନରେ ପ୍ରବେଶ | 338 |
| ୬୯. ଦଶରଥ-କୈକେୟୀ ସଂବାଦ ଏବଂ ଦଶରଥଙ୍କ ଶୋକ, ସୁମନ୍ତ୍ରଙ୍କର ରାଜନବରକୁ ଆଗମନ ଏବଂ ସେଠାରୁ ଫେରି ଶ୍ରୀରାମଙ୍କ ପୁରକୁ ଗମନ | 340 |
| ୭୦. ଶ୍ରୀରାମ-କୈକେୟୀ ସଂବାଦ | 352 |
| ୭୧. ଶ୍ରୀରାମ-ଦଶରଥ ସଂବାଦ, ଅଯୋଧ୍ୟାବାସୀଙ୍କର ଶୋକ, କୈକେୟୀଙ୍କୁ ବୁଝାଇବାର ପ୍ରୟାସ | 356 |
| ୭୨. ଶ୍ରୀରାମ-କୌଶଲ୍ୟା ସଂବାଦ | 361 |
| ୭୩. ଶ୍ରୀସୀତା-ରାମ ସଂବାଦ | 368 |
| ୭୪. ଶ୍ରୀରାମ-କୌଶଲ୍ୟା-ସୀତା ସଂବାଦ | 373 |
| ୭୫. ଶ୍ରୀରାମ-ଲକ୍ଷ୍ମଣ ସଂବାଦ | 375 |
| ୭୬. ଶ୍ରୀଲକ୍ଷ୍ମଣ-ସୁମିତ୍ରା ସଂବାଦ | 377 |
| ୭୭. ବିଦାୟ ମାଗିବାପାଇଁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ଦଶରଥଙ୍କ ନିକଟକୁ ଗମନ, ଦଶରଥଙ୍କର ସୀତାଙ୍କୁ ବୁଝାଇବା | 379 |
| ୭୮. ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ବନଗମନ ତଥା ଶୋଇଥିବା ନଗରବାସୀଙ୍କୁ ଛାଡ଼ି ସେମାନଙ୍କର ପ୍ରସ୍ଥାନ | 383 |
| ୭୯. ଶ୍ରୀରାମଙ୍କ ଶୃଙ୍ଗବେରପୁରରେ ପହଞ୍ଚିବା; ନିଷାଦଦ୍ୱାରା ସେବା | 387 |
| ୮୦. ଲକ୍ଷ୍ମଣ-ନିଷାଦ ସଂବାଦ, ଶ୍ରୀରାମ-ସୀତା-ସୁମନ୍ତ୍ର ସଂବାଦ; ସୁମନ୍ତ୍ରଙ୍କ ପ୍ରତ୍ୟାବର୍ତ୍ତନ | 390 |
| ୮୧. ନାଉରିର ଭକ୍ତି ଓ ଗଙ୍ଗା ପାରି କରିବା | 398 |
| ୮୨. ପ୍ରୟାଗରେ ପ୍ରବେଶ, ଶ୍ରୀରାମ-ଭରଦ୍ୱାଜ ସଂବାଦ, ଯମୁନାତୀରବାସୀଙ୍କ ପ୍ରେମ | 401 |
| ୮୩. ତାପସ ପ୍ରକରଣ | 406 |
| ୮୪. ଯମୁନାଙ୍କୁ ପ୍ରଣାମ, ବନବାସୀମାନଙ୍କର ପ୍ରେମ | 407 |
| ୮୫. ଶ୍ରୀରାମ-ବାଲ୍ମୀକି ସଂବାଦ | 417 |
| ୮୬. ଚିତ୍ରକୂଟରେ ନିବାସ, କୋଲ୍ହଭୀଲଙ୍କ ସେବା | 424 |
| ୮୭. ସୁମନ୍ତ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ସର୍ବତ୍ର ଶୋକ ଦର୍ଶନ | 431 |
| ୮୮. ଦଶରଥ-ସୁମନ୍ତ୍ର ସଂବାଦ, ଦଶରଥଙ୍କ ଦେହତ୍ୟାଗ | 435 |
| ୮୯. ଭରତଙ୍କୁ ଡାକି ଆଣିବା ଲାଗି ମୁନି ବଶିଷ୍ଠଙ୍କ ଦ୍ୱାରା ଦୂତ ପ୍ରେରଣ | 441 |
| ୯୦. ଶ୍ରୀଭରତ-ଶତ୍ରୁଘ୍ନଙ୍କ ଆଗମନ ଓ ଶୋକ | 444 |
| ୯୧. ଭରତ-କୌଶଲ୍ୟା ସଂବାଦ ଓ ଦଶରଥଙ୍କର ଅନ୍ତ୍ୟେଷ୍ଟି କ୍ରିୟା | 447 |
| ୯୨. ବଶିଷ୍ଠ-ଭରତ ସଂବାଦ; ଶ୍ରୀରାମଙ୍କୁ ଫେରାଇ ଆଣିବା ନିମନ୍ତେ ଚିତ୍ରକୂଟ ଯିବାକୁ ପ୍ରସ୍ତୁତି | 462 |

| ବିଷୟ | ପୃଷ୍ଠାଙ୍କ |
|---|---|
| ୯୩. ଅଯୋଧ୍ୟାବାସୀଙ୍କ ସହିତ ଶ୍ରୀଭରତ-ଶତ୍ରୁଘ୍ନ ଆଦିଙ୍କ ବନଗମନ | 464 |
| ୯୪. ନିଷାଦଙ୍କ ସନ୍ଦେହ ଓ ସାବଧାନତା | 466 |
| ୯୫. ଭରତ-ନିଷାଦ-ମିଳନ ଓ ସଂବାଦ; ଏବଂ ଭରତ ତଥା ନଗରବାସୀମାନଙ୍କର ପ୍ରେମ | 469 |
| ୯୬. ଭରତଙ୍କ ପ୍ରୟାଗ ଯାତ୍ରା ଓ ଭରତ-ଭରଦ୍ୱାଜ ସଂବାଦ | 477 |
| ୯୭. ଭରଦ୍ୱାଜଙ୍କ ଦ୍ୱାରା ଭରତଙ୍କ ସତ୍କାର | 484 |
| ୯୮. ଚିତ୍ରକୂଟ ଅଭିମୁଖେ ଭରତଙ୍କ ଯାତ୍ରା | 487 |
| ୯୯. ଇନ୍ଦ୍ର-ବୃହସ୍ପତି ସଂବାଦ | 488 |
| ୧୦୦. ଶ୍ରୀସୀତାଙ୍କ ସ୍ୱପ୍ନ, କୋହ୍ଲକିରାତମାନଙ୍କ ଦ୍ୱାରା ଶ୍ରୀରାମଙ୍କୁ ଭରତଙ୍କ ଆଗମନର ସୂଚନା ପ୍ରଦାନ; ଶ୍ରୀରାମଙ୍କର ଶୋକ ଓ ଲକ୍ଷ୍ମଣଙ୍କର କ୍ରୋଧ | 495 |
| ୧୦୧. ଶ୍ରୀରାମଙ୍କର ଲକ୍ଷ୍ମଣଙ୍କୁ ଉପଦେଶ ଏବଂ ଭରତଙ୍କ ମହିମା କଥନ | 499 |
| ୧୦୨. ଭରତଙ୍କର ମନ୍ଦାକିନୀ ସ୍ନାନ, ଚିତ୍ରକୂଟରେ ପ୍ରବେଶ, ଭରତାଦିଙ୍କର ପରସ୍ପର ମିଳନ, ପିତୃଶୋକ ଓ ଶ୍ରାଦ୍ଧ | 501 |
| ୧୦୩. ବନବାସୀଙ୍କ ଦ୍ୱାରା ଭରତମଣ୍ଡଳୀଙ୍କ ସତ୍କାର, କୈକେୟୀଙ୍କ ପଶ୍ଚାତ୍ତାପ | 516 |
| ୧୦୪. ବଶିଷ୍ଠଙ୍କ ଭାଷଣ | 519 |
| ୧୦୫. ଶ୍ରୀରାମ-ଭରତାଦିଙ୍କ ସଂବାଦ | 524 |
| ୧୦୬. ଜନକଙ୍କ ଆଗମନ, କୋହ୍ଲକିରାତଙ୍କ ଭେଟି, ସମସ୍ତଙ୍କର ପରସ୍ପର ମିଳନ | 536 |
| ୧୦୭. କୌଶଲ୍ୟା-ସୁନୟନା ସଂବାଦ, ସୀତାଙ୍କ ସୁଶୀଳତା | 541 |
| ୧୦୮. ଜନକ-ବଶିଷ୍ଠ ସଂବାଦ, ଭରତଙ୍କ ମହିମା | 548 |
| ୧୦୯. ଜନକ-ବଶିଷ୍ଠ ସଂବାଦ, ଇନ୍ଦ୍ରଙ୍କ ଚିନ୍ତା, ସରସ୍ୱତୀଙ୍କର ଇନ୍ଦ୍ରଙ୍କୁ ଉପଦେଶ | 549 |
| ୧୧୦. ଶ୍ରୀରାମ-ଭରତ ସଂବାଦ | 553 |
| ୧୧୧. ଭରତଙ୍କ ଦ୍ୱାରା ତୀର୍ଥଜଳ ସ୍ଥାପନ ତଥା ଚିତ୍ରକୂଟ ଭ୍ରମଣ | 564 |
| ୧୧୨. ଶ୍ରୀରାମ-ଭରତ ସଂବାଦ, ପାଦୁକା ପ୍ରଦାନ, ଭରତଙ୍କ ବିଦାୟ ଗ୍ରହଣ | 566 |
| ୧୧୩. ଭରତଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ଭରତଙ୍କ ଦ୍ୱାରା ପାଦୁକା ସ୍ଥାପନ, ନନ୍ଦିଗ୍ରାମରେ ନିବାସ ଓ ଭରତଙ୍କ ଚରିତଶ୍ରବଣର ମହିମା | 572 |


## ଅରଣ୍ୟକାଣ୍ଡ


| ବିଷୟ | ପୃଷ୍ଠାଙ୍କ |
|---|---|
| ୧୧୪. ମଙ୍ଗଳାଚରଣ | 579 |
| ୧୧୫. ଜୟନ୍ତର କୁଟିଳତା ଓ ତାହାର ପରିଣାମ | 580 |
| ୧୧୬. ଅତ୍ରିମିଳନ ଓ ସ୍ତୁତି | 582 |
| ୧୧୭. ସୀତା-ଅନସୂୟା ମିଳନ ଓ ସୀତାଙ୍କୁ ଅନସୂୟାଙ୍କର ପତିବ୍ରତାଧର୍ମ କଥନ | 584 |
| ୧୧୮. ଶ୍ରୀରାମଙ୍କର ଆଗକୁ ଅଗ୍ରସର ହେବା; ବିରାଧ ବଧ ଓ ଶରଭଙ୍ଗ ମୁନି ପ୍ରସଙ୍ଗ | 587 |
| ୧୧୯. ରାକ୍ଷସ ବଧ କରିବାକୁ ଶ୍ରୀରାମଙ୍କ ପ୍ରତିଜ୍ଞା | 589 |
| ୧୨୦. ସୁତୀକ୍ଷ୍ଣଙ୍କ ପ୍ରେମ, ଅଗସ୍ତ୍ୟମିଳନ, ଅଗସ୍ତ୍ୟ ସଂବାଦ, ଦଣ୍ଡକବନରେ ଶ୍ରୀରାମଙ୍କ ପ୍ରବେଶ ଓ ଜଟାୟୁ ସହିତ ମିଳନ | 591 |
| ୧୨୧. ପଞ୍ଚବଟୀରେ ଅବସ୍ଥାନ ଓ ଶ୍ରୀରାମ-ଲକ୍ଷ୍ମଣ ସଂବାଦ | 597 |
| ୧୨୨. ସୂର୍ପଣଖା ପ୍ରସଙ୍ଗ, ସୂର୍ପଣଖାର ଖରଦୂଷଣଙ୍କ ନିକଟକୁ ଗମନ ଏବଂ ଖରଦୂଷଣାଦିଙ୍କ ବଧ | 600 |
| ୧୨୩. ସୂର୍ପଣଖାର ରାବଣ ନିକଟକୁ ଗମନ; ସୀତାଙ୍କ ଅଗ୍ନିପ୍ରବେଶ ଓ ମାୟାସୀତା ପ୍ରସଂଗ | 607 |
| ୧୨୪. ମାରୀଚ ପ୍ରସଙ୍ଗ, ସ୍ୱର୍ଣ୍ଣମୃଗରୂପୀ ମାରୀଚ ବଧ | 610 |
| ୧୨୫. ସୀତାହରଣ ଓ ସୀତାବିଳାପ | 615 |
| ୧୨୬. ଜଟାୟୁ-ରାବଣ ଯୁଦ୍ଧ | 617 |
| ୧୨୭. ଶ୍ରୀରାମଙ୍କ ବିଳାପ, ଜଟାୟୁ ପ୍ରସଙ୍ଗ | 620 |
| ୧୨୮. କବନ୍ଧ ଉଦ୍ଧାର | 624 |
| ୧୨୯. ଶବରୀ ପ୍ରତି କୃପା, ନବଧା ଭକ୍ତିତତ୍ତ୍ୱ ଉପଦେଶ ଓ ପମ୍ପାସରୋବର ଅଭିମୁଖେ ଯାତ୍ରା | 625 |
| ୧୩୦. ଶ୍ରୀରାମ-ନାରଦ ସଂବାଦ | 632 |
| ୧୩୧. ସନ୍ଥମାନଙ୍କର ଲକ୍ଷଣ ଓ ସତ୍‌ସଙ୍ଗ-ଭଜନ ନିମନ୍ତେ ପ୍ରେରଣା | 635 |

| ବିଷୟ | ପୃଷ୍ଠାଙ୍କ |
|---|---|
| **କିଷ୍କିନ୍ଧାକାଣ୍ଡ** | |
| ୧୩୨. ମଙ୍ଗଳାଚରଣ | 639 |
| ୧୩୩. ଶ୍ରୀରାମଙ୍କ ସହିତ ହନୁମାନଙ୍କର ସାକ୍ଷାତ | 640 |
| ୧୩୪. ସୁଗ୍ରୀବଙ୍କ ଦୁଃଖ ଶ୍ରବଣ, ବାଳିବଧପାଇଁ ପ୍ରତିଜ୍ଞା, ଶ୍ରୀରାମଙ୍କ ଦ୍ୱାରା ମିତ୍ରଲକ୍ଷଣ ବର୍ଣ୍ଣନା | 645 |
| ୧୩୫. ସୁଗ୍ରୀବଙ୍କ ବୈରାଗ୍ୟ | 647 |
| ୧୩୬. ବାଳିସୁଗ୍ରୀବଙ୍କ ଯୁଦ୍ଧ, ବାଳି ଉଦ୍ଧାର | 648 |
| ୧୩୭. ତାରାଙ୍କ ବିଳାପ, ତାରାଙ୍କୁ ଶ୍ରୀରାମଙ୍କ ଉପଦେଶ ଓ ସୁଗ୍ରୀବଙ୍କ ରାଜ୍ୟାଭିଷେକ ତଥା ଅଙ୍ଗଦଙ୍କୁ ଯୁବରାଜପଦ ପ୍ରଦାନ | 651 |
| ୧୩୮. ବର୍ଷାଋତୁର ବର୍ଣ୍ଣନା | 653 |
| ୧୩୯. ଶରତ୍ ଋତୁର ବର୍ଣ୍ଣନା | 656 |
| ୧୪୦. ଶ୍ରୀରାମଙ୍କର ସୁଗ୍ରୀବଙ୍କ ଉପରେ ବିରକ୍ତି, ଲକ୍ଷ୍ମଣଙ୍କ କ୍ରୋଧ, | 658 |
| ୧୪୧. ସୁଗ୍ରୀବ-ରାମ ସଂବାଦ ଓ ସୀତାଙ୍କୁ ଖୋଜିବାକୁ ବାନରମାନଙ୍କର ପ୍ରସ୍ଥାନ | 660 |
| ୧୪୨. ଗୁମ୍ଫାରେ ତପସ୍ୱିନୀଙ୍କ ସହ ଭେଟ | 664 |
| ୧୪୩. ବାନରମାନଙ୍କର ସମୁଦ୍ରତଟକୁ ଆଗମନ ସମ୍ପାତି ସହିତ ଭେଟ ଓ କଥୋପକଥନ | 666 |
| ୧୪୪. ସମୁଦ୍ର ଲଙ୍ଘନପାଇଁ ପରାମର୍ଶ; ଜାମ୍ବବାନଙ୍କ ଦ୍ୱାରା ହନୁମାନଙ୍କୁ ତାଙ୍କ ବଳର ସ୍ମରଣ କରାଇ ଉତ୍ସାହ ପ୍ରଦାନ | 669 |
| ୧୪୫. ଶ୍ରୀରାମଗୁଣର ମାହାତ୍ମ୍ୟ | 670 |
| **ସୁନ୍ଦରକାଣ୍ଡ** | |
| ୧୪୬. ମଙ୍ଗଳାଚରଣ | 671 |
| ୧୪୭. ହନୁମାନଙ୍କର ଲଙ୍କାଯାତ୍ରା, ସୁରସାଙ୍କ ସହିତ ଭେଟ, ଛାୟା ଧରିନେଉଥିବା ରାକ୍ଷସୀର ବଧ | 673 |
| ୧୪୮. ଲଙ୍କାପୁରୀ ବର୍ଣ୍ଣନା, ଲଙ୍କିନୀକୁ ପ୍ରହାର, ଲଙ୍କାରେ ପ୍ରବେଶ | 675 |
| ୧୪୯. ହନୁମାନ୍-ବିଭୀଷଣ ସଂବାଦ | 678 |
| ୧୫୦. ଅଶୋକବନରେ ସୀତାଙ୍କୁ ଦେଖି ହନୁମାନଙ୍କର ଦୁଃଖ ଓ ରାବଣର ସୀତାଙ୍କୁ ଭୟ ପ୍ରଦର୍ଶନ | 680 |
| ୧୫୧. ସୀତା-ତ୍ରିଜଟା ସଂବାଦ | 682 |
| ୧୫୨. ସୀତା-ହନୁମାନ୍ ସଂବାଦ | 683 |
| ୧୫୩. ହନୁମାନଙ୍କ ଦ୍ୱାରା ଅଶୋକବନ ବିଧ୍ୱଂସନ, ଅକ୍ଷୟକୁମାର ବଧ ଏବଂ ହନୁମାନଙ୍କୁ ନାଗପାଶରେ ବାନ୍ଧି ମେଘନାଦ କର୍ତ୍ତୃକ ସଭାକୁ ଆନୟନ | 690 |
| ୧୫୪. ହନୁମାନ୍-ରାବଣ ସଂବାଦ | 692 |
| ୧୫୫. ଲଙ୍କାଦହନ | 697 |
| ୧୫୬. ଲଙ୍କାଦହନ ପରେ ହନୁମାନଙ୍କର ସୀତାଙ୍କ ଠାରୁ ବିଦାୟ ଗ୍ରହଣ ଓ ମଥାମଣି ପ୍ରାପ୍ତି | 698 |
| ୧୫୭. ସମୁଦ୍ର ପାରିହୋଇ କୂଳକୁ ଆଗମନ, ସମସ୍ତଙ୍କର ପ୍ରତ୍ୟାବର୍ତ୍ତନ, ମଧୁବନରେ ପ୍ରବେଶ, ସୁଗ୍ରୀବଙ୍କ ସହିତ ମିଳନ ଓ ଶ୍ରୀରାମ-ହନୁମାନ୍ ସଂବାଦ | 698 |
| ୧୫୮. ବାନରସେନା ସହିତ ଶ୍ରୀରାମଙ୍କର ସମୁଦ୍ରତଟରେ ପ୍ରବେଶ | 704 |
| ୧୫୯. ମନ୍ଦୋଦରୀ-ରାବଣ ସଂବାଦ | 705 |
| ୧୬୦. ବିଭୀଷଣଙ୍କର ରାବଣକୁ ଉପଦେଶ | 707 |
| ୧୬୧. ଭଗବାନ୍ ଶ୍ରୀରାମଙ୍କ ଶରଣ ନେବାକୁ ବିଭୀଷଣଙ୍କ ପ୍ରସ୍ଥାନ ଓ ଶରଣପ୍ରାପ୍ତି | 710 |
| ୧୬୨. ସମୁଦ୍ର ପାରି ହେବାକୁ ବିଗ୍ଚର, ରାବଣଦୂତ ଶୁକର ଆଗମନ ଓ ଲକ୍ଷ୍ମଣଙ୍କ ପତ୍ର ନେଇ ପ୍ରସ୍ଥାନ | 717 |
| ୧୬୩. ଦୂତର ରାବଣକୁ ଉପଦେଶ ଓ ଲକ୍ଷ୍ମଣଙ୍କ ପତ୍ର ପ୍ରଦାନ | 719 |
| ୧୬୪. ସମୁଦ୍ର ଉପରେ ଶ୍ରୀରାମଙ୍କ କ୍ରୋଧ ଓ ସମୁଦ୍ରର ବିନତି | 723 |
| ୧୬୫. ଶ୍ରୀରାମ-ଗୁଣଗାନର ମହିମା | 725 |
| **ଲଙ୍କାକାଣ୍ଡ** | |
| ୧୬୬. ମଙ୍ଗଳାଚରଣ | 727 |
| ୧୬୭. ନଳ-ନୀଳଦ୍ୱାରା ସେତୁବନ୍ଧନ, ଶ୍ରୀରାମଙ୍କ ଦ୍ୱାରା ଶ୍ରୀରାମେଶ୍ୱର ସ୍ଥାପନା | 729 |
| ୧୬୮. ସେନା ସହିତ ଶ୍ରୀରାମଙ୍କର ସମୁଦ୍ର ଅତିକ୍ରମଣ, ସୁବେଳ ପର୍ବତ ଉପରେ ନିବାସ ଓ ରାବଣର ବ୍ୟାକୁଳତା | 733 |

| ବିଷୟ | ପୃଷ୍ଠାଙ୍କ |
|---|---|
| ୧୬୯. ରାବଣକୁ ମନ୍ଦୋଦରୀଙ୍କ ଉପଦେଶ; ରାବଣ-ପ୍ରହସ୍ତ ସଂବାଦ | 734 |
| ୧୭୦. ସୁବେଳ ପର୍ବତରେ ଶ୍ରୀରାମଙ୍କ ମହନୀୟ ଦୃଶ୍ୟ ଏବଂ ଚନ୍ଦ୍ରୋଦୟ ବର୍ଣ୍ଣନା | 739 |
| ୧୭୧. ଶ୍ରୀରାମଙ୍କ ଶରାଘାତରେ ରାବଣର ମୁକୁଟଚ୍ଛତ୍ରାଦିର ପତନ | 741 |
| ୧୭୨. ରାବଣକୁ ମନ୍ଦୋଦରୀଙ୍କ ପୁନର୍ବାର ଉପଦେଶ ଏବଂ ଶ୍ରୀରାମଙ୍କ ମହିମା କଥନ | 742 |
| ୧୭୩. ଅଙ୍ଗଦଙ୍କର ଲଙ୍କାଗମନ ଓ ସଭା ମଧ୍ୟରେ ରାବଣ-ଅଙ୍ଗଦ ସଂବାଦ | 745 |
| ୧୭୪. ରାବଣକୁ ମନ୍ଦୋଦରୀଙ୍କର ପୁନର୍ବାର ଉପଦେଶ | 762 |
| ୧୭୫. ଅଙ୍ଗଦ-ଶ୍ରୀରାମ ସଂବାଦ | 764 |
| ୧୭୬. ଯୁଦ୍ଧାରମ୍ଭ | 765 |
| ୧୭୭. ରାବଣକୁ ମାଲ୍ୟବନ୍ତଙ୍କ ଉପଦେଶ | 773 |
| ୧୭୮. ଲକ୍ଷ୍ମଣ-ମେଘନାଦ ଯୁଦ୍ଧ ଓ ଲକ୍ଷ୍ମଣ ଶକ୍ତିଭେଦ | 778 |
| ୧୭୯. ହନୁମାନକର୍ତ୍ତୃକ ସୁଷେଣ ବୈଦ୍ୟଙ୍କୁ ଆନୟନ ଏବଂ ସଞ୍ଜୀବନୀ ଆଣିବାକୁ ଗମନ, କାଳନେମି-ରାବଣ ସଂବାଦ, ମକରୀ ଉଦ୍ଧାର, କାଳନେମି ଉଦ୍ଧାର | 779 |
| ୧୮୦. ଭରତଙ୍କ ବାଣରେ ହନୁମାନଙ୍କ ମୂର୍ଚ୍ଛା ଯିବା, ଭରତ-ହନୁମାନ୍ ସଂବାଦ | 782 |
| ୧୮୧. ଶ୍ରୀରାମଙ୍କର ବ୍ୟାକୁଳତା, ହନୁମାନଙ୍କ ପ୍ରତ୍ୟାବର୍ତ୍ତନ, ଲକ୍ଷ୍ମଣଙ୍କ ସଂଜ୍ଞାଲାଭ | 783 |
| ୧୮୨. ରାବଣକର୍ତ୍ତୃକ କୁମ୍ଭକର୍ଣ୍ଣର ଜାଗରଣ, କୁମ୍ଭକର୍ଣ୍ଣର ରାବଣକୁ ଉପଦେଶ ଓ ବିଭୀଷଣ-କୁମ୍ଭକର୍ଣ୍ଣ ସଂବାଦ | 785 |
| ୧୮୩. କୁମ୍ଭକର୍ଣ୍ଣର ଯୁଦ୍ଧ ଓ ପରମଗତି ଲାଭ | 789 |
| ୧୮୪. ମେଘନାଦର ଯୁଦ୍ଧ; ଲୀଳାଛଳରେ ଶ୍ରୀରାମ ନାଗପାଶ ବନ୍ଧନରେ ପଡ଼ିବା | 796 |
| ୧୮୫. ମେଘନାଦଯଜ୍ଞ ବିଧ୍ୱଂସନ, ଯୁଦ୍ଧ ଓ ମେଘନାଦ ଉଦ୍ଧାର | 799 |
| ୧୮୬. ଯୁଦ୍ଧ କରିବାକୁ ରାବଣର ଆଗମନ, ଶ୍ରୀରାମଙ୍କ ଦ୍ୱାରା ବିଜୟରଥର ବର୍ଣ୍ଣନା ଓ ବାନର-ରାକ୍ଷସ ଯୁଦ୍ଧ | 802 |
| ୧୮୭. ଲକ୍ଷ୍ମଣ-ରାବଣ ଯୁଦ୍ଧ | 808 |
| ୧୮୮. ରାବଣର ମୂର୍ଚ୍ଛା, ରାବଣର ଯଜ୍ଞ ବିଧ୍ୱଂସନ, ରାମ-ରାବଣ ଯୁଦ୍ଧ | 809 |
| ୧୮୯. ଶ୍ରୀରାମଙ୍କ ନିକଟକୁ ଇନ୍ଦ୍ରଙ୍କ ଦ୍ୱାରା ରଥ ପ୍ରେରଣ, ରାମ-ରାବଣ ଯୁଦ୍ଧ | 814 |
| ୧୯୦. ବିଭୀଷଣଙ୍କ ପ୍ରତି ରାବଣର ଶକ୍ତିପ୍ରୟୋଗ, ଶ୍ରୀରାମଙ୍କ ଦ୍ୱାରା ଉକ୍ତ ଶକ୍ତିର ପ୍ରହାର ସହ୍ୟ କରିବା, ବିଭୀଷଣ-ରାବଣ ଯୁଦ୍ଧ | 820 |
| ୧୯୧. ରାବଣ-ହନୁମାନ୍ ଯୁଦ୍ଧ, ରାବଣର ମାୟା ରଚନା, ରାମଙ୍କ ଦ୍ୱାରା ମାୟାବିନାଶନ | 821 |
| ୧୯୨. ଘୋର ଯୁଦ୍ଧ, ରାବଣର ମୂର୍ଚ୍ଛା | 825 |
| ୧୯୩. ତ୍ରିଜଟା-ସୀତା ସଂବାଦ | 827 |
| ୧୯୪. ରାମ-ରାବଣ ଯୁଦ୍ଧ; ରାବଣ ବଧ, ସର୍ବତ୍ର ଜୟଧ୍ୱନି | 829 |
| ୧୯୫. ମନ୍ଦୋଦରୀଙ୍କ ବିଳାପ, ରାବଣର ଅନ୍ତ୍ୟେଷ୍ଟି କ୍ରିୟା | 833 |
| ୧୯୬. ବିଭୀଷଣଙ୍କ ରାଜ୍ୟାଭିଷେକ | 835 |
| ୧୯୭. ହନୁମାନକର୍ତ୍ତୃକ ସୀତାଙ୍କୁ ଶ୍ରୀରାମଙ୍କ କୁଶଳବାର୍ତ୍ତା ପ୍ରଦାନ; ସୀତାଙ୍କ ଆଗମନ ଓ ଅଗ୍ନିପରୀକ୍ଷା | 837 |
| ୧୯୮. ଦେବଗଣଙ୍କର ସ୍ତୁତି; ଇନ୍ଦ୍ରଙ୍କର ଅମୃତବୃଷ୍ଟି | 840 |
| ୧୯୯. ବିଭୀଷଣଙ୍କ ପ୍ରାର୍ଥନା; ଶ୍ରୀରାମଙ୍କ ଦ୍ୱାରା ଭରତଙ୍କ ପ୍ରେମଦଶା ବର୍ଣ୍ଣନା; ଶୀଘ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ନିମନ୍ତେ ଅନୁରୋଧ | 847 |
| ୨୦୦. ବିଭୀଷଣଙ୍କ ଦ୍ୱାରା ବସ୍ତ୍ରାଭୂଷଣ ବୃଷ୍ଟି ଏବଂ ବାନର-ଭଲ୍ଲୁକମାନଙ୍କର ପରିଧାନ | 849 |
| ୨୦୧. ପୁଷ୍ପକ ବିମାନରେ ବସି ଶ୍ରୀସୀତା-ରାମଙ୍କ ଅଯୋଧ୍ୟା ପ୍ରସ୍ଥାନ | 850 |
| ୨୦୨. ଶ୍ରୀରାମଚରିତର ମହିମା | 854 |


**ଉତ୍ତରକାଣ୍ଡ**


| ବିଷୟ | ପୃଷ୍ଠାଙ୍କ |
|---|---|
| ୨୦୩. ମଙ୍ଗଳାଚରଣ | 855 |
| ୨୦୪. ଭରତବିରହ ତଥା ଭରତ-ହନୁମାନ୍ ମିଳନ, ଅଯୋଧ୍ୟାରେ ଆନନ୍ଦ | 860 |

| ବିଷୟ | ପୃଷ୍ଠାଙ୍କ |
|---|---|
| ୨୦୫. ଶ୍ରୀରାମଙ୍କୁ ସ୍ୱାଗତ, ଭରତମିଳନ, ସମସ୍ତଙ୍କର ମିଳନ ଆନନ୍ଦ | 861 |
| ୨୦୬. ରାମରାଜ୍ୟାଭିଷେକ, ବେଦଗଣ ଓ ଶିବଙ୍କ ଦ୍ୱାରା ସ୍ତୁତି | 868 |
| ୨୦୭. ନିଷାଦ ଓ ବାନରମାନଙ୍କୁ ବିଦାୟ | 879 |
| ୨୦୮. ରାମରାଜ୍ୟ ବର୍ଣ୍ଣନ | 882 |
| ୨୦୯. ପୁତ୍ରଜନ୍ମ, ଅଯୋଧ୍ୟାର ସୌନ୍ଦର୍ଯ୍ୟ, ସନକାଦିଙ୍କ ଆଗମନ ଓ ସଂବାଦ | 892 |
| ୨୧୦. ହନୁମାନଙ୍କ ଦ୍ୱାରା ଭରତଙ୍କ ପ୍ରଶ୍ନ ଓ ଶ୍ରୀରାମଙ୍କ ଉପଦେଶ | 895 |
| ୨୧୧. ପ୍ରଜାମାନଙ୍କୁ ଶ୍ରୀରାମଙ୍କ ଉପଦେଶ (ଶ୍ରୀରାମଗୀତା), ପୁରବାସୀମାନଙ୍କ କୃତଜ୍ଞତା | 900 |
| ୨୧୨. ଶ୍ରୀରାମ-ବଶିଷ୍ଠ ସଂବାଦ, ଭାଇମାନଙ୍କ ଗହଣରେ ଶ୍ରୀରାମଙ୍କ ଆମ୍ରବନ ଗମନ | 904 |
| ୨୧୩. ନାରଦଙ୍କ ଆଗମନ ଓ ସ୍ତୁତି କରିସାରି ବ୍ରହ୍ମଲୋକଗମନ | 906 |
| ୨୧୪. ଶିବ-ପାର୍ବତୀ ସଂବାଦ, ଗରୁଡ଼ଙ୍କ ମୋହ, ଗରୁଡ଼ଙ୍କ ଦ୍ୱାରା କାକଭୁଶୁଣ୍ଡିଙ୍କ ଠାରୁ ରାମକଥା ଓ ରାମମହିମା ଶ୍ରବଣ | 908 |
| ୨୧୫. କାକଭୁଶୁଣ୍ଡିଙ୍କର ନିଜ ପୂର୍ବଜନ୍ମ କଥା ଓ କଳିମହିମା ବର୍ଣ୍ଣନା | 946 |
| ୨୧୬. କାକଭୁଶୁଣ୍ଡିଙ୍କ ଦ୍ୱାରା ଗୁରୁଅପମାନ ଓ ଶିବଙ୍କ ଅଭିଶାପ ବାଣୀ | 955 |
| ୨୧୭. ରୁଦ୍ରାଷ୍ଟକ | 957 |
| ୨୧୮. ଶିବଙ୍କ ଠାରେ ଗୁରୁଙ୍କ କ୍ଷମାଭିକ୍ଷା, ଶାପାନୁଗ୍ରହ ଓ କାକଭୁଶୁଣ୍ଡିଙ୍କ ପରବର୍ତ୍ତୀ କଥା | 958 |
| ୨୧୯. କାକଭୁଶୁଣ୍ଡିଙ୍କର ଲୋମଶ ଋଷିଙ୍କ ନିକଟକୁ ଆଗମନ ଏବଂ ଅଭିଶାପ ତଥା ଅନୁଗ୍ରହ ଲାଭ | 962 |
| ୨୨୦. ଜ୍ଞାନ-ଭକ୍ତି ନିରୂପଣ, ଜ୍ଞାନଦୀପ ଓ ଭକ୍ତିର ଅପାର ମହିମା | 968 |
| ୨୨୧. ଗରୁଡ଼ଙ୍କର ସାତଟି ପ୍ରଶ୍ନ ଏବଂ କାକଭୁଶୁଣ୍ଡିଙ୍କର ପ୍ରାର୍ଥନା | 977 |
| ୨୨୨. ଭଜନ ମହିମା | 982 |
| ୨୨୩. ରାମାୟଣ-ମାହାତ୍ମ୍ୟ, ତୁଳସୀ-ବିନୟ ଓ ଫଳଶ୍ରୁତି | 985 |
| ୨୨୪. ରାମାୟଣ ଆରତି | 991 |


❖❖❖

॥ ଶ୍ରୀହରିଃ ॥

# ଗୋସ୍ୱାମୀ ତୁଳସୀଦାସଙ୍କର ସଂକ୍ଷିପ୍ତ ଜୀବନୀ

ପ୍ରୟାଗ ନିକଟରେ ବାନ୍ଦା ଜିଲ୍ଲାରେ ରାଜାପୁର ନାମକ ଗୋଟିଏ ଗ୍ରାମ ଅଛି । ସେଠାରେ ଆତ୍ମାରାମ ଦୁବେ ନାମକ ଜଣେ ପ୍ରତିଷ୍ଠିତ ସରଯୁପାରୀଣ ବ୍ରାହ୍ମଣ ବାସ କରୁଥିଲେ । ତାଙ୍କ ଧର୍ମପତ୍ନୀଙ୍କ ନାମ ଥିଲା ହୁଲସୀ ଦେବୀ । ସଂବତ୍ ୧୫୫୪ ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ଦିନ ଅଭୁକ୍ତ ମୂଳା ନକ୍ଷତ୍ରରେ ଏହି ଭାଗ୍ୟବାନ୍ ଦମ୍ପତିଙ୍କ ଠାରୁ ବାରମାସ ମାତୃଗର୍ଭରେ ରହିବା ପରେ ଗୋସ୍ୱାମୀ ତୁଳସୀଦାସ ଜନ୍ମଗ୍ରହଣ କରିଥିଲେ । ଭୂମିଷ୍ଠ ହେବାମାତ୍ରେ ଶିଶୁ ତୁଳସୀଦାସ କାନ୍ଦିଲେ ନାହିଁ; କିନ୍ତୁ ତାଙ୍କ ମୁଖରୁ 'ରାମ' ଶବ୍ଦ ବାହାରି ପଡ଼ିଲା । ତାଙ୍କ ପାଟିରେ ୩୨ ଗୋଟି ଦାନ୍ତ ଥିଲା । ତାଙ୍କର ଆକୃତି ଜଣେ ପଞ୍ଚବର୍ଷୀୟ ବାଳକର ଆକୃତି ସଙ୍ଗେ ସମାନ ଥିଲା । ଏହିପରି ଅଦ୍ଭୁତ ପୁତ୍ରସନ୍ତାନକୁ ଦେଖି ପିତା ଅମଙ୍ଗଳ ଆଶଙ୍କାରେ ଭୟଭୀତ ହୋଇପଡ଼ିଲେ ଏବଂ ବାଳକ ସମ୍ବନ୍ଧରେ ନାନାପ୍ରକାର କଳ୍ପନାଜଳ୍ପନା କରିବାକୁ ଲାଗିଲେ । ଏହା ଦେଖି ମାତା ହୁଲସୀ ଦେବୀ ବିଶେଷ ଚିନ୍ତିତା ହୋଇଗଲେ । ବାଳକର ଅନିଷ୍ଟ ଆଶଙ୍କା କରି ସେ ଦଶମୀ ଦିନ ରାତିରେ ସେହି ନବଜାତ ଶିଶୁକୁ ନିଜ ଦାସୀ ସହିତ ତାହାର ଶ୍ୱଶୁରଘରକୁ ପଠାଇଦେଲେ ଏବଂ ତା'ପରଦିନ ସେ ଏହି ଅସାର ସଂସାରରୁ ବିଦାୟ ନେଲେ । ଦାସୀଟିର ନାମ ଥିଲା ଚୁନିୟାଁ । ସେ ଅତ୍ୟନ୍ତ ସ୍ନେହର ସହିତ ବାଳକଟିକୁ ପାଳନପୋଷଣ କରିବାକୁ ଲାଗିଲା । ତୁଳସୀଦାସଙ୍କୁ ପ୍ରାୟ ସାଢ଼େପାଞ୍ଚବର୍ଷ ହେଲାବେଳକୁ ଦାସୀ ଚୁନିୟାଁର ବି ପରଲୋକ ହୋଇଗଲା । ଫଳରେ ବାଳକଟି ଅନାଥପ୍ରାୟ ହୋଇଗଲା । ସେ ଦ୍ୱାର ଦ୍ୱାର ହୋଇ ବୁଲିବାକୁ ଲାଗିଲା । ଏହା ଦେଖି ସେହି ଉଦୀୟମାନ ବାଳକଟି ପ୍ରତି ମାତା ଜଗଜ୍ଜନନୀ ପାର୍ବତୀଙ୍କ ମନରେ ଦୟା ହେଲା । ସେ ବ୍ରାହ୍ମଣୀବେଶ ଧରି ତା' ନିକଟକୁ ପ୍ରତିଦିନ ଯିବାକୁ ଲାଗିଲେ ଏବଂ ତାକୁ ନିଜ ହାତରେ ଖୁଆଇବାକୁ ଲାଗିଲେ ।

ଇତି ମଧ୍ୟରେ ଭଗବାନ୍ ଶଙ୍କରଙ୍କ ପ୍ରେରଣାରେ ରାମଶୈଳ ଚିତ୍ରକୂଟରେ ବାସ କରୁଥିବା ଶ୍ରୀଅନନ୍ତାନନ୍ଦଙ୍କ ପ୍ରିୟ ଶିଷ୍ୟ ଶ୍ରୀ ନରହର୍ଯ୍ୟାନନ୍ଦ ଏହି ବାଳକଟିକୁ ଖୋଜି ପାଇଲେ । ତାକୁ 'ରାମ୍‌ବୋଲା' ନାମ ଦେଇ, ସଙ୍ଗରେ ନେଇ ସେ ଅଯୋଧ୍ୟା ଚାଲିଆସିଲେ । ସେଠାରେ ସଂବତ୍ ୧୫୬୧ ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଶୁକ୍ରବାର ଦିନ ବାଳକଟିର ଯଜ୍ଞୋପବୀତ ସଂସ୍କାର କରାଇଦେଲେ । ବାଳକ ରାମବୋଲା ବିନା-ଶିକ୍ଷାରେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କଲା । ଏହା ଦେଖି ସମସ୍ତେ ଚକିତ ହୋଇଗଲେ । ତା'ପରେ ନରହରି ସ୍ୱାମିଜୀ ବୈଷ୍ଣବୀୟ ପଞ୍ଚସଂସ୍କାର କରି ରାମବୋଲାକୁ ରାମମନ୍ତ୍ର ଦୀକ୍ଷା ଦେଇଦେଲେ ଓ ତାକୁ ଅଯୋଧ୍ୟାରେ ରଖି ପାଠ ପଢ଼ାଇଲେ । ବାଳକ ରାମବୋଲାର ବୁଦ୍ଧି ବଡ଼ ପ୍ରଖର ଥିଲା । ଗୁରୁଙ୍କ ମୁହଁରୁ ସେ ଥରେମାତ୍ର ଯାହା ଶୁଣିଦେଉଥିଲା, ତାହା ତା'ର କଣ୍ଠସ୍ଥ ହୋଇଯାଉଥିଲା । କିଛିଦିନ ପରେ ଗୁରୁଶିଷ୍ୟ ଦୁହେଁ ସେଠାରୁ ଶୂକରକ୍ଷେତ୍ର(ସୋରୋଁ)କୁ ଚାଲିଗଲେ । ସେଠାରେ ନରହରି ସ୍ୱାମିଜୀ ରାମବୋଲାଙ୍କୁ ରାମଚରିତ ଶୁଣାଇଲେ । କିଛିଦିନ ପରେ ସେମାନେ କାଶୀ ଚାଲିଆସିଲେ । କାଶୀରେ ସ୍ୱାମୀ ଶେଷସନାତନଙ୍କ ନିକଟରେ ରହି ସେହି ବାଳକ ପନ୍ଦରବର୍ଷ ପର୍ଯ୍ୟନ୍ତ ବେଦବେଦାଙ୍ଗ ଅଧ୍ୟୟନ କଲେ । ସେଠାରେ ଥିବାବେଳେ ତାଙ୍କ ମନରେ ଗୃହସ୍ଥାଶ୍ରମରେ ପ୍ରବେଶ କରିବାର ବାସନା ଜାତ ହେଲା । ତେଣୁ ସେ ଶିକ୍ଷାଗୁରୁଙ୍କ ଅନୁମତି ନେଇ ନିଜ ଜନ୍ମଭୂମିକୁ ଚାଲିଆସିଲେ । କିନ୍ତୁ ସେଠାକୁ ଆସି ସେ ଦେଖିଲେ, ତାଙ୍କ ପରିବାରର ସବୁକିଛି ନଷ୍ଟ ହୋଇସାରିଛି । ତେଣୁ ସେ ବିଧିପୂର୍ବକ ନିଜ ପିତା ପ୍ରଭୃତିଙ୍କର ଯଥାବିଧି ଶ୍ରାଦ୍ଧକ୍ରିୟା ସମ୍ପାଦନ କଲେ ଏବଂ ସେଠାରେ ରହି ଲୋକମାନଙ୍କୁ ଭଗବାନ୍ ରାମଙ୍କ କଥା ଶୁଣାଇବାକୁ ଲାଗିଲେ ।

ସଂବତ୍ ୧୫୮୩ ଜ୍ୟେଷ୍ଠ ଶୁକ୍ଳପକ୍ଷ ତ୍ରୟୋଦଶୀ ଗୁରୁବାର ଦିନ ଭରଦ୍ୱାଜ ଗୋତ୍ରୀୟା ଏକ ସୁନ୍ଦରୀ କନ୍ୟା ରତ୍ନାବଳୀଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଗଲା । ସେ ତାଙ୍କର ନବବିବାହିତା ପତ୍ନୀଙ୍କ ସହିତ ସୁଖରେ କାଳାତିପାତ କରିବାକୁ ଲାଗିଲେ । ଥରେ ତାଙ୍କ ପତ୍ନୀ ନିଜ ଭାଇ ସହିତ ବାପଘରକୁ ଚାଲିଗଲେ । ତାଙ୍କ ପଛେ ପଛେ ତୁଳସୀଦାସ ମଧ୍ୟ ଯାଇ ଶ୍ୱଶୁରଘରେ ପହଞ୍ଚିଗଲେ । ପତିଙ୍କର ଏପରି ଆସକ୍ତି ଦେଖି ପତ୍ନୀ ତାଙ୍କୁ ବହୁ ଧିକ୍କାର କଲେ; କହିଲେ, ''ମୋର ଏହି ଅସ୍ଥିମାଂସମୟ ଶରୀର ପ୍ରତି ତୁମର ଯେତିକି ଆସକ୍ତି ରହିଛି, ତହିଁର ଅଧା ଆସକ୍ତି ଯଦି ଭଗବାନ୍ ଶ୍ରୀରାମଙ୍କ ଠାରେ ରହିଥାନ୍ତା, ତା'ହେଲେ ତୁମର ଭବଭୟ ରହନ୍ତା ନାହିଁ; ତୁମେ ଭବସାଗର ପାରି ହୋଇଯାଆନ୍ତ ।''

ପତ୍ନୀଙ୍କର ସେହି ବଚନ ତୁଳସୀଦାସଙ୍କ ନିମନ୍ତେ ପ୍ରେରଣାପ୍ରଦାୟକ ହୋଇଗଲା। ସେ ଆଉ ଗୋଟିଏ ମୁହୂର୍ତ୍ତ ମଧ୍ୟ ଅପେକ୍ଷା ନ କରି ସେଠାରୁ ଫେରିଆସିଲେ।

ତୁଳସୀଦାସ ସେଠାରୁ ପ୍ରୟାଗ ଚାଲିଗଲେ। ପ୍ରୟାଗରେ ଗୃହସ୍ଥବେଶ ପରିତ୍ୟାଗ କରି ସେ ସାଧୁବେଶ ଧାରଣ କଲେ ଏବଂ ତୀର୍ଥାଟନ କରୁ କରୁ ଆସି ପୁଣିଥରେ କାଶୀରେ ପହଞ୍ଚିଗଲେ। ମାନସରୋବର ନିକଟରେ ସେ କାକଭୁଶୁଣ୍ଡିଙ୍କର ଦର୍ଶନ ଲାଭ କଲେ। କାଶୀରେ ରହି ତୁଳସୀଦାସ ରାମକଥା କହିବାକୁ ଲାଗିଲେ। ସେଠାରେ ବାସ କରୁଥିବାବେଳେ ସେ ପ୍ରତ୍ୟହ ସନ୍ଧ୍ୟା-ଉପାସନାଦି କରିସାରି ପୂଜାଜଳକୁ ନେଇ ଗୋଟିଏ ବଡ଼ ଗଛମୂଳେ ଢାଳିଦେଉଥିଲେ। ସେହି ଗଛରେ ଗୋଟିଏ ପ୍ରେତ ରହୁଥାଏ। ପ୍ରତିଦିନ ପୂଜାଜଳାଦି ପାଇ ସେ ମୋକ୍ଷ ପାଇଗଲା। ଏଥିରେ ସନ୍ତୁଷ୍ଟ ହୋଇ ସେ ତୁଳସୀଦାସଙ୍କୁ ଦେଖାଦେଇ କହିଲା, ‘‘ଆପଣ ମୋତେ ବହୁ କୃପା କଲେ। ମୋତେ କିଛି ବର ମାଗନ୍ତୁ’’। ତୁଳସୀଦାସ ଶ୍ରୀରାମଙ୍କ ଦର୍ଶନ ଅଭିଳାଷ ଜଣାଇଲେ। କିନ୍ତୁ ପ୍ରେତ କହିଲା, ‘‘ମୁଁ ପ୍ରଭୁଙ୍କୁ ଦେଖାଇପାରିବି ନାହିଁ; ହନୁମାନଙ୍କୁ ଦେଖାଇଦେବି। ମନେରଖନ୍ତୁ, ହନୁମାନ୍ ଆପଣଙ୍କ ସତ୍‌ସଙ୍ଗକୁ ପ୍ରତିଦିନ ଆସୁଛନ୍ତି। ତାଙ୍କୁ ପ୍ରାର୍ଥନା କଲେ, ସେ ପ୍ରଭୁଙ୍କୁ ଦେଖାଇଦେବେ।’’ କିନ୍ତୁ ତୁଳସୀଦାସ ସତ୍‌ସଙ୍ଗରେ ହନୁମାନଙ୍କୁ ଦେଖିପାରିଲେ ନାହିଁ। ସେ ପ୍ରେତ ପାଖକୁ ଆସି ନିଜ ଦୁଃଖ ଜଣାଇଲେ। ପ୍ରେତ କହିଲା, ‘‘ସତ୍‌ସଙ୍ଗ ଆରମ୍ଭ ହେବାବେଳକୁ ଜଣେ ବୃଦ୍ଧ ବ୍ରାହ୍ମଣ ଆସୁଛନ୍ତି ; ସତ୍‌ସଙ୍ଗ ଶେଷରେ ସମସ୍ତେ ଯିବା ପରେ ସେ ଫେରୁଛନ୍ତି। ସେ ହିଁ ହନୁମାନ୍ ।’’ ତା’ପରଦିନ ତୁଳସୀଦାସ ସେହି ବୃଦ୍ଧ ବ୍ରାହ୍ମଣଙ୍କୁ ଦେଖି, ତାଙ୍କ ପାଦ ଧରି ସବୁକଥା କହିଲେ ଓ ଶ୍ରୀରାମଙ୍କ ସହିତ ଦେଖା କରାଇଦେବା ନିମନ୍ତେ ତାଙ୍କୁ ପ୍ରାର୍ଥନା କଲେ। ହନୁମାନ୍ କହିଲେ, ‘‘ତୁମକୁ ଚିତ୍ରକୂଟଠାରେ ଶ୍ରୀରଘୁନାଥଙ୍କର ଦର୍ଶନ ମିଳିବ।’’ ଏହା ଶୁଣି ତୁଳସୀଦାସ ଚିତ୍ରକୂଟ ଗଲେ ।

ଚିତ୍ରକୂଟରେ ତୁଳସୀଦାସ ରାମଘାଟରେ ନିଜର ଆସନ ଜମାଇଲେ। ଦିନେ ସେ କାମଦଗିରି ପରିକ୍ରମା କରିବାକୁ ଯାଉଥାନ୍ତି ; ବାଟରେ ତାଙ୍କୁ ଶ୍ରୀରାମଙ୍କ ଦର୍ଶନ ମିଳିଲା। ସେ ଦେଖିଲେ, ଦୁଇଜଣ ସୁନ୍ଦର ରାଜକୁମାର ଧନୁର୍ବାଣ ଧରି, ଅଶ୍ୱାରୋହଣ କରି ଯାଉଛନ୍ତି ।ସେମାନଙ୍କୁ ଦେଖି ତୁଳସୀଦାସ ମୁଗ୍ଧ ହୋଇଗଲେ ସତ, କିନ୍ତୁ ଚିହ୍ନିପାରିଲେ ନାହିଁ। ପଛରୁ ହନୁମାନ୍ ଆସି ତାଙ୍କୁ ସମସ୍ତ ରହସ୍ୟ ବୁଝାଇଦେଲେ । ତୁଳସୀଦାସ ଅତ୍ୟନ୍ତ ଅନୁତାପ କରିବାରୁ, ତାଙ୍କୁ ସାନ୍ତ୍ୱନା ଦେଇ ହନୁମାନ୍ କହିଲେ, ‘‘ପ୍ରାତଃକାଳରେ ପୁଣି ଥରେ ଶ୍ରୀରାମଙ୍କ ଦର୍ଶନ ମିଳିବ।’’

ସଂବତ୍ ୧୬୦୭ର ମୌନୀ ଅମାବାସ୍ୟା ବୁଧବାର ଦିନ ତାଙ୍କ ସମ୍ମୁଖରେ ଭଗବାନ୍ ଶ୍ରୀରାମ ପୁନର୍ବାର ଆବିର୍ଭୂତ ହେଲେ। ସେ ବାଳକରୂପରେ ଆସି ତୁଳସୀଦାସଙ୍କୁ କହିଲେ, ‘‘ବାବା ! ଆମକୁ ଚନ୍ଦନ ଦିଅ।’’ କାଳେ ଏଥର ବି ତୁଳସୀଦାସ ଚିହ୍ନିପାରିବେ ନାହିଁ ବୋଲି ଭାବି, ହନୁମାନ୍ ଶୁଆରୂପ ଧରି ନିମ୍ନଲିଖିତ ଦୋହାଟି ଗାଇଦେଲେ–

**‘‘ଚିତ୍ରକୂଟ କେ ଘାଟ ପର ଭଇ ସଂତନ କୀ ଭୀର ।ତୁଲସିଦାସ ଚଂଦନ ଘିସେଁ ତିଲକ ଦେତ ରଘୁବୀର ।’’**

ସେହି ଅଦ୍‌ଭୁତ ଛବି ଦେଖି ତୁଳସୀଦାସ ଆତ୍ମହରା ହୋଇଗଲେ। ଭଗବାନ୍ ନିଜ ହାତରେ ଚନ୍ଦନ ନେଇ ନିଜ ଲଲାଟରେ ଲଗାଇଲେ ଏବଂ ତୁଳସୀଦାସଙ୍କ ଲଲାଟରେ ମଧ୍ୟ ଲଗାଇଦେଲେ। ତା’ପରେ ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ ।

ସଂବତ୍ ୧୬୨୮ରେ ହନୁମାନଙ୍କ ଆଦେଶ କ୍ରମେ ତୁଳସୀଦାସ ଅଯୋଧ୍ୟା ଆଡ଼କୁ ଚାଲିଲେ। ସେତେବେଳକୁ ପ୍ରୟାଗରେ ମାଘମେଳା ଅନୁଷ୍ଠିତ ହେଉଥାଏ। ସେ ସେଠାରେ କିଛିଦିନ ରହିଲେ। ମେଳାପର୍ବର ଛଅଦିନ ପରେ ଗୋଟିଏ ବରଗଛ ତଳେ ସେ ମୁନି ଭରଦ୍ୱାଜ ଓ ଯାଜ୍ଞବଲ୍‌କ୍ୟଙ୍କର ଦର୍ଶନ ଲାଭ କଲେ। ସେ ନିଜ ଗୁରୁଙ୍କ ମୁଖରୁ ଶୂକରକ୍ଷେତ୍ରରେ ଯେଉଁ ରାମକଥା ଶୁଣିଥିଲେ, ଏଠାରେ ମଧ୍ୟ ସେହି ଚର୍ଚ୍ଚା ଚାଲିଥିଲା। ସେଠାରୁ ସେ କାଶୀ ଚାଲିଆସି ପ୍ରହ୍ଲାଦଘାଟସ୍ଥ ଜଣେ ବ୍ରାହ୍ମଣଙ୍କ ଘରେ ରହିଲେ। ସେଠାରେ ତାଙ୍କ ଭିତରେ କବିତ୍ୱଶକ୍ତି ସ୍ଫୁରଣ ହେଲା। ସେ ସଂସ୍କୃତରେ ପଦ୍ୟ ରଚନା କରିବାକୁ ଲାଗିଲେ। କିନ୍ତୁ ବିସ୍ମୟର କଥା, ସେ ଦିନବେଳା ଯେତେ ପଦ୍ୟ ରଚନା କରୁଥାନ୍ତି, ରାତିରେ ସେସବୁ ଲୋପ ପାଇଯାଉଥାଏ। ଏପରି ଘଟଣା ପ୍ରତିଦିନ ଘଟୁଥାଏ। ଏପରିଭାବେ ଅଷ୍ଟମଦିନ ରାତିରେ ତୁଳସୀଦାସଙ୍କୁ ସ୍ୱପ୍ନାଦେଶ ହେଲା । ଭଗବାନ୍ ଶଙ୍କର ସ୍ୱପ୍ନରେ ତାଙ୍କୁ କହିଲେ, ‘‘ତୁମେ ଲୌକିକ ଭାଷାରେ ପଦ୍ୟ ରଚନା କର।’’ ତୁଳସୀଦାସଙ୍କ ନିଦ ଭାଙ୍ଗିଗଲା। ସେ ଉଠି ବସିପଡ଼ିଲେ। ସେତେବେଳେ ଭଗବାନ୍ ଶିବ ଓ ମାତା ପାର୍ବତୀ ତାଙ୍କ ଆଗରେ ଆବିର୍ଭୂତ ହେଲେ। ତୁଳସୀଦାସ ସେମାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ । ଭଗବାନ୍ ଶିବ କହିଲେ, ‘‘ତୁମେ ଯାଇ ଅଯୋଧ୍ୟାରେ ରହି ଅବଧୀ ଭାଷାରେ କାବ୍ୟ ରଚନା କର। ଆମ ଆଶୀର୍ବାଦରେ ତୁମ କବିତା ସାମବେଦସମାନ

ଫଳବତୀ ହେବ ।'' ଏତିକି କହି ଗୌରୀଶଙ୍କର ଅନ୍ତର୍ହିତ ହୋଇଗଲେ । ଭଗବାନଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ତୁଳସୀଦାସ ଅଯୋଧ୍ୟା ଚାଲିଆସିଲେ ।

ସଂବତ୍ ୧୬୩୧ ପ୍ରାରମ୍ଭ ହେଲା । ସେହି ବର୍ଷ ରାମନବମୀ ଦିନ ତ୍ରେତାଯୁଗରେ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଦିନସମାନ ଯୋଗ ପଡ଼ିଥିଲା । ସେହିଦିନ ପ୍ରାତଃକାଳରେ ତୁଳସୀଦାସ ***'ଶ୍ରୀରାମଚରିତମାନସ'*** ରଚନା କରିବାକୁ ଆରମ୍ଭ କଲେ । ଦୁଇବର୍ଷ ସାତମାସ ଛବିଶଦିନରେ ଗ୍ରନ୍ଥ ସମାପ୍ତ ହେଲା । ସଂବତ୍ ୧୬୩୩ର ମାର୍ଗଶିର ଶୁକ୍ଳପକ୍ଷ ଅନ୍ତର୍ଗତ ରାମବିବାହ ଦିନ ସାତକାଣ୍ଡଯାକ ସମ୍ପୂର୍ଣ୍ଣ ହେଲା ।

ତା'ପରେ ଭଗବାନଙ୍କ ଆଦେଶାନୁସାରେ ତୁଳସୀଦାସ କାଶୀ ଚାଲିଆସିଲେ । ସେଠାରେ ସେ ଭଗବାନ୍ ବିଶ୍ୱନାଥ ଓ ମାତା ଅନ୍ନପୂର୍ଣ୍ଣାଙ୍କୁ ***'ଶ୍ରୀରାମଚରିତମାନସ'*** ଶୁଣାଇଲେ । ରାତିରେ ଶ୍ରୀବିଶ୍ୱନାଥଙ୍କ ମନ୍ଦିରରେ ଉକ୍ତ ପୋଥି ରଖିଦିଆଗଲା । ସକାଳେ ଠାକୁରଙ୍କ ଦ୍ୱାର ଖୋଲାହେବାବେଳକୁ ଦେଖାଗଲା, ପୋଥି ଉପରେ ଲେଖା ହୋଇଛି ***'ସତ୍ୟଂ ଶିବଂ ସୁନ୍ଦରମ୍'*** ଏବଂ ତା'ତଳେ ଦସ୍ତଖତ କରିଛନ୍ତି ଭଗବାନ୍ ଶଙ୍କର । ଉପସ୍ଥିତ ଥିବା ଲୋକମାନେ ***'ସତ୍ୟଂ ଶିବଂ ସୁନ୍ଦରମ୍'*** ଧ୍ୱନି ଶୁଣିବାକୁ ବି ପାଇଲେ ।

ଏସବୁ ଦେଖି ସେଠାକାର ପଣ୍ଡିତମାନଙ୍କ ମନରେ ଈର୍ଷା ଜାତ ହେଲା । ସେମାନେ ଏକଜୁଟ ହୋଇ ତୁଳସୀଦାସଙ୍କର ନିନ୍ଦା କରିବାକୁ ଲାଗିଲେ ଓ ସେହି ପୋଥିଟିକୁ ନଷ୍ଟ କରିଦେବାକୁ ଚେଷ୍ଟା କଲେ । ପୋଥିଟି ଚୋରାଇ ଆଣିବାକୁ ସେମାନେ ଦୁଇଜଣ ଚୋରଙ୍କୁ ପଠାଇଲେ । ଚୋରମାନେ ଯାଇ ଦେଖନ୍ତି ତ, ତୁଳସୀଦାସଙ୍କ କୁଟୀର ନିକଟରେ ଦୁଇଜଣ ଧନୁର୍ଦ୍ଧାରୀ ବୀର ପହରା ଦେଉଛନ୍ତି । ଦୁହେଁ ଦେଖିବାକୁ ସୁନ୍ଦର । ଜଣକର ବର୍ଣ୍ଣ ଶ୍ୟାମଳ ଓ ଅନ୍ୟ ଜଣକ ଗୌରବର୍ଣ୍ଣ । ସେହି ଦୁହିଁଙ୍କୁ ଦେଖି ଚୋରଙ୍କ ବୁଦ୍ଧି ଶୁଦ୍ଧ ହୋଇଗଲା । ସେହିକ୍ଷଣରୁ ସେମାନେ ଚୋରି କରିବା ଛାଡ଼ିଦେଇ ଭଜନରେ ମନୋନିବେଶ କଲେ । ତୁଳସୀଦାସ ଜାଣିପାରିଲେ ଯେ, ତାଙ୍କ ପାଇଁ ଭଗବାନଙ୍କୁ ଏପରି କଷ୍ଟ ସହିବାକୁ ପଡ଼ିଲା; ତେଣୁ ସେ ନିଜ କୁଟୀରର ସବୁ ଜିନିଷ ଲୋକଙ୍କ ମଧ୍ୟରେ ବାଣ୍ଟିଦେଲେ ଏବଂ ପୋଥିଟିକୁ ମିତ୍ର ତୋଡରମଲଙ୍କ ପାଖରେ ରଖିଦେଲେ । ତା'ପରେ ସେ ଆଉ ଗୋଟିଏ ପାଣ୍ଡୁଲିପି ପ୍ରସ୍ତୁତ କଲେ । ତାହାରି ଆଧାରରେ ଅନ୍ୟ ପ୍ରତିଲିପିମାନ ପ୍ରସ୍ତୁତ ହେଲା । ଦିନୁଦିନ ଗ୍ରନ୍ଥଟିର ପ୍ରଚାର ବୃଦ୍ଧି ପାଇଲା ।

ଏପଟେ ପଣ୍ଡିତମାନେ ଅନ୍ୟ ଉପାୟ ନ ଦେଖି, ସେହି ଗ୍ରନ୍ଥଟିର ଦୋଷଗୁଣ ପରୀକ୍ଷା କରି ଦେଖିବାଲାଗି ଶ୍ରୀମଧୁସୂଦନ ସରସ୍ୱତୀଙ୍କୁ ପ୍ରେରଣା ଦେଲେ । ଶ୍ରୀ ମଧୁସୂଦନ ସରସ୍ୱତୀ ଉକ୍ତ ଗ୍ରନ୍ଥ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ତା'ଉପରେ ନିଜର ଏହି ମନ୍ତବ୍ୟ ଲେଖିଦେଲେ–

**''ଆନନ୍ଦକାନନେ ହ୍ୟସ୍ମିନ୍ ଜଙ୍ଗମସ୍ତୁଳସୀତରୁଃ । କବିତାମଞ୍ଜରୀ ଭାତି ରାମଭ୍ରମରଭୂଷିତା ॥ ''**

ଅର୍ଥାତ୍ ଏହି କାଶୀରୂପୀ ଆନନ୍ଦବନରେ ତୁଳସୀଦାସ ହେଉଛନ୍ତି ଚଳନ୍ତି ତୁଳସୀ ବୃକ୍ଷ । ତାହାର କବିତା-ମଞ୍ଜରୀ ଅତି ମନୋହର । ତାହା ଉପରେ ଶ୍ରୀରାମରୂପୀ ଭ୍ରମର ସଦା ଭ୍ରମଣ କରୁଛି ।

ଏହା ସତ୍ତ୍ୱେ ପଣ୍ଡିତମାନେ ସନ୍ତୁଷ୍ଟ ହେଲେ ନାହିଁ । ତା'ପରେ ଗ୍ରନ୍ଥଟିର ପରୀକ୍ଷା ନିମନ୍ତେ ସେମାନେ ଅନ୍ୟ ଏକ ଉପାୟ ଚିନ୍ତା କଲେ । ଦିନେ ରାତିରେ ସେମାନେ ଉପରେ ବେଦ, ତା'ତଳେ ଶାସ୍ତ୍ର, ଶାସ୍ତ୍ରତଳେ ପୁରାଣ ଏବଂ ପୁରାଣ ତଳେ ଶ୍ରୀରାମଚରିତମାନସ ଗ୍ରନ୍ଥଟି ରଖି ତାହା ବିଶ୍ୱନାଥଙ୍କ ସମ୍ମୁଖରେ ଥୋଇଦେଲେ ଓ ମନ୍ଦିର କବାଟ ବନ୍ଦ କରିଦେଲେ । ସକାଳେ କବାଟ ଖୋଲିବାରୁ ଦେଖାଗଲା, ଶ୍ରୀରାମଚରିତମାନସ ଗ୍ରନ୍ଥଟି ବେଦମାନଙ୍କ ଉପରେ ରଖାଯାଇଛି । ଏଥର ସେମାନେ ନିଜର ଭୁଲ୍ ବୁଝିପାରି, ଯାଇ ତୁଳସୀଦାସଙ୍କୁ କ୍ଷମା ମାଗିଲେ ଏବଂ ଭକ୍ତିର ସହିତ ତାଙ୍କ ଚରଣୋଦକ ଗ୍ରହଣ କଲେ ।

ଏହାପରେ ତୁଳସୀଦାସ ଅସୀଘାଟରେ ବାସ କରିବାକୁ ଲାଗିଲେ । ଦିନେ ରାତିରେ କଳିଯୁଗ ଶରୀରଧାରଣ କରି ତାଙ୍କ ନିକଟକୁ ଆସିଲା ଓ ତାଙ୍କୁ ଭୟ ଦେଖାଇଲା । ଗୋସ୍ୱାମିଜୀ ହନୁମାନଙ୍କୁ ଧ୍ୟାନ କଲେ । ହନୁମାନ୍ ତାଙ୍କୁ କହିଲେ, ''ଆପଣ ***ବିନୟ ପଦ୍ୟ*** ରଚନା କରନ୍ତୁ ।'' ତାଙ୍କ କଥାନୁସାରେ ତୁଳସୀଦାସ ***ବିନୟ ପତ୍ରିକା*** ରଚନା କରି ଭଗବାନଙ୍କ ଚରଣତଳେ ସମର୍ପଣ କରିଦେଲେ । ଶ୍ରୀରାମ ତା'ଉପରେ ନିଜର ନାମାଙ୍କନ କରି ତୁଳସୀଦାସଙ୍କୁ ଅଭୟ ପ୍ରଦାନ କଲେ ।

ସଂବତ୍ ୧୬୮୦ ଶ୍ରାବଣ କୃଷ୍ଣପକ୍ଷ ତୃତୀୟା ଶନିବାର ଦିନ ଅସୀଘାଟଠାରେ 'ରାମ' 'ରାମ' ଉଚ୍ଚାରଣ କରି ଗୋସ୍ୱାମୀ ତୁଳସୀଦାସ ସ୍ୱଶରୀର ପରିତ୍ୟାଗ କଲେ ।

❖❖❖

## ନବାହ୍ନ ପାରାୟଣର ବିଶ୍ରାମସ୍ଥାନ


| ବିଷୟ | ପୃଷ୍ଠାଙ୍କ |
|---|---|
| ପ୍ରଥମ ବିଶ୍ରାମ | 125 |
| ଦ୍ୱିତୀୟ ବିଶ୍ରାମ | 219 |
| ତୃତୀୟ ବିଶ୍ରାମ | 318 |
| ଚତୁର୍ଥ ବିଶ୍ରାମ | 411 |
| ପଞ୍ଚମ ବିଶ୍ରାମ | 503 |
| ଷଷ୍ଠ ବିଶ୍ରାମ | 618 |
| ସପ୍ତମ ବିଶ୍ରାମ | 740 |
| ଅଷ୍ଟମ ବିଶ୍ରାମ | 870 |
| ନବମ ବିଶ୍ରାମ | 990 |


## ମାସପାରାୟଣର ବିଶ୍ରାମସ୍ଥାନ


| ବିଷୟ | ପୃଷ୍ଠାଙ୍କ |
|---|---|
| ପ୍ରଥମ ବିଶ୍ରାମ | 46 |
| ଦ୍ୱିତୀୟ ବିଶ୍ରାମ | 73 |
| ତୃତୀୟ ବିଶ୍ରାମ | 99 |
| ଚତୁର୍ଥ ବିଶ୍ରାମ | 125 |
| ପଞ୍ଚମ ବିଶ୍ରାମ | 149 |
| ଷଷ୍ଠ ବିଶ୍ରାମ | 172 |
| ସପ୍ତମ ବିଶ୍ରାମ | 198 |
| ଅଷ୍ଟମ ବିଶ୍ରାମ | 219 |
| ନବମ ବିଶ୍ରାମ | 244 |
| ଦଶମ ବିଶ୍ରାମ | 270 |
| ଏକାଦଶ ବିଶ୍ରାମ | 293 |
| ଦ୍ୱାଦଶ ବିଶ୍ରାମ | 320 |
| ତ୍ରୟୋଦଶ ବିଶ୍ରାମ | 343 |
| ଚତୁର୍ଦ୍ଦଶ ବିଶ୍ରାମ | 367 |
| ପଞ୍ଚଦଶ ବିଶ୍ରାମ | 393 |

| ବିଷୟ | ପୃଷ୍ଠାଙ୍କ |
|---|---|
| ଷୋଡ଼ଶ ବିଶ୍ରାମ | 411 |
| ସପ୍ତଦଶ ବିଶ୍ରାମ | 424 |
| ଅଷ୍ଟାଦଶ ବିଶ୍ରାମ | 456 |
| ଊନବିଂଶ ବିଶ୍ରାମ | 487 |
| ବିଂଶ ବିଶ୍ରାମ | 503 |
| ଏକବିଂଶ ବିଶ୍ରାମ | 578 |
| ଦ୍ୱାବିଂଶ ବିଶ୍ରାମ | 637 |
| ତ୍ରୟୋବିଂଶ ବିଶ୍ରାମ | 670 |
| ଚତୁର୍ବିଂଶ ବିଶ୍ରାମ | 726 |
| ପଞ୍ଚବିଂଶ ବିଶ୍ରାମ | 773 |
| ଷଡ୍‌ବିଂଶ ବିଶ୍ରାମ | 826 |
| ସପ୍ତବିଂଶ ବିଶ୍ରାମ | 854 |
| ଅଷ୍ଟାବିଂଶ ବିଶ୍ରାମ | 916 |
| ଊନତ୍ରିଂଶ ବିଶ୍ରାମ | 968 |
| ତ୍ରିଂଶ ବିଶ୍ରାମ | 990 |

॥ ଶ୍ରୀହରିଃ ॥

# ପାରାୟଣ ବିଧି

ବିଧିପୂର୍ବକ ଶ୍ରୀରାମଚରିତମାନସ ପାଠ କରିବାକୁ ଇଚ୍ଛୁକ ମହାନୁଭବମାନେ ପାଠାରମ୍ଭପୂର୍ବରୁ ଶୁଦ୍ଧପୂତ ହୋଇ ଶ୍ରୀତୁଳସୀଦାସ, ଶ୍ରୀବାଲ୍ମୀକି, ଶ୍ରୀଶିବ ତଥା ଶ୍ରୀହନୁମାନଙ୍କୁ ଆବାହନ, ଷୋଡ଼ଶୋପଚାରେ ପୂଜା ଓ ଧ୍ୟାନ କରିବା ଆବଶ୍ୟକ। ତା'ପରେ ପାଠ ଆରମ୍ଭ କରିବା ଉଚିତ। ସମସ୍ତଙ୍କର ଆବାହନ, ପୂଜନ ଓ ଧ୍ୟାନର ମନ୍ତ୍ର କ୍ରମଶଃ ତଳେ ଦିଆଯାଇଛି।

## ଅଥ ଆବାହନମନ୍ତ୍ରଃ

ତୁଳସୀକ ନମସ୍ତୁଭ୍ୟମିହାଗଚ୍ଛ ଶୁଚିବ୍ରତ।
ନୈର୍ଋତ୍ୟ ଉପବିଶ୍ୟେଦଂ ପୂଜନଂ ପ୍ରତିଗୃହ୍ୟତାମ୍ ॥ ୧ ॥

*ଓଁ ତୁଳସୀଦାସାୟ ନମଃ।*

ଶ୍ରୀବାଲ୍ମୀକ ନମସ୍ତୁଭ୍ୟମିହାଗଚ୍ଛ ଶୁଭପ୍ରଦ।
ଉତ୍ତରପୂର୍ବୟୋର୍ମଧ୍ୟେ ତିଷ୍ଠ ଗୃହ୍ଣୀଷ୍ୱ ମେଽର୍ଚ୍ଚନମ୍ ॥ ୨ ॥

*ଓଁ ବାଲ୍ମୀକାୟ ନମଃ।*

ଗୌରୀପତେ ନମସ୍ତୁଭ୍ୟମିହାଗଚ୍ଛ ମହେଶ୍ୱର।
ପୂର୍ବଦକ୍ଷିଣୟୋର୍ମଧ୍ୟେ ତିଷ୍ଠ ପୂଜାଂ ଗୃହାଣ ମେ ॥ ୩ ॥

*ଓଁ ଗୌରୀପତୟେ ନମଃ।*

ଶ୍ରୀଲକ୍ଷ୍ମଣ ନମସ୍ତୁଭ୍ୟମିହାଗଚ୍ଛ ସହପ୍ରିୟଃ।
ଯାମ୍ୟଭାଗେ ସମାତିଷ୍ଠ ପୂଜନଂ ସଂଗୃହାଣ ମେ ॥ ୪ ॥

*ଓଁ ଶ୍ରୀସପତ୍ନୀକାୟ ଲକ୍ଷ୍ମଣାୟ ନମଃ।*

ଶ୍ରୀଶତ୍ରୁଘ୍ନ ନମସ୍ତୁଭ୍ୟମିହାଗଚ୍ଛ ସହପ୍ରିୟଃ।
ପୀଠସ୍ୟ ପଶ୍ଚିମେ ଭାଗେ ପୂଜନଂ ସ୍ୱୀକୁରୁଷ୍ୱ ମେ ॥ ୫ ॥

*ଓଁ ଶ୍ରୀସପତ୍ନୀକାୟ ଶତ୍ରୁଘ୍ନାୟ ନମଃ।*

ଶ୍ରୀଭରତ ନମସ୍ତୁଭ୍ୟମିହାଗଚ୍ଛ ସହପ୍ରିୟଃ।
ପୀଠକସ୍ୟୋତ୍ତରେ ଭାଗେ ତିଷ୍ଠ ପୂଜାଂ ଗୃହାଣ ମେ ॥ ୬ ॥

*ଓଁ ଶ୍ରୀସପତ୍ନୀକାୟ ଭରତାୟ ନମଃ।*

ଶ୍ରୀହନୁମନ୍ନମସ୍ତୁଭ୍ୟମିହାଗଚ୍ଛ କୃପାନିଧେ।
ପୂର୍ବଭାଗେ ସମାତିଷ୍ଠ ପୂଜନଂ ସ୍ୱୀକୁରୁ ପ୍ରଭୋ ॥ ୭ ॥

*ଓଁ ହନୁମତେ ନମଃ।*

ଅଥ ପ୍ରଧାନପୂଜା ଚ କର୍ତ୍ତବ୍ୟା ବିଧିପୂର୍ବକମ୍।
ପୁଷ୍ପାଞ୍ଜଳିଂ ଗୃହୀତ୍ୱା ତୁ ଧ୍ୟାନଂ କୁର୍ଯ୍ୟାତ୍ ପରସ୍ୟ ଚ ॥ ୮ ॥
ରକ୍ତାମ୍ଭୋଜଦଳାଭିରାମନୟନଂ ପୀତାମ୍ବରାଲଙ୍କୃତଂ
ଶ୍ୟାମାଙ୍ଗଂ ଦ୍ୱିଭୁଜଂ ପ୍ରସନ୍ନବଦନଂ ଶ୍ରୀସୀତୟା ଶୋଭିତମ୍।
କାରୁଣ୍ୟାମୃତସାଗରଂ ପ୍ରିୟଗଣୈର୍ଭ୍ରାତ୍ରାଦିଭିର୍ଭାବିତଂ
ବନ୍ଦେ ବିଷ୍ଣୁଶିବାଦିସେବ୍ୟମନିଶଂ ଭକ୍ତେଷ୍ଟସିଦ୍ଧିପ୍ରଦମ୍ ॥ ୯ ॥
ଆଗଚ୍ଛ ଜାନକୀନାଥ ଜାନକ୍ୟା ସହ ରାଘବ।
ଗୃହାଣ ମମ ପୂଜାଂ ଚ ବାୟୁପୁତ୍ରାଦିଭିର୍ଯୁତଃ ॥ ୧୦ ॥

ଇତ୍ୟାବାହନମ୍

**ସୁବର୍ଣ୍ଣରଚିତଂ ରାମ ଦିବ୍ୟାସ୍ତରଣଶୋଭିତମ୍ ।**
**ଆସନଂ ହି ମୟା ଦତ୍ତଂ ଗୃହାଣ ମଣିଚିତ୍ରିତମ୍ ॥ ୧ ୧ ॥**

ଇତି ଷଡ଼ଶୋପଗ୍ରୈଃ ପୂଜୟେତ୍

*ଓଁ ଅସ୍ୟ ଶ୍ରୀମନ୍‌ମାନସରାମାୟଣଶ୍ରୀରାମଚରିତସ୍ୟ ଶ୍ରୀଶିବକାକଭୁଶୁଣ୍ଡିୟାଜ୍ଞବଲ୍‌କ୍ୟଗୋସ୍ୱାମୀତୁଳସୀଦାସା ଋଷୟଃ ଶ୍ରୀସୀତାରାମୋ ଦେବତା ଶ୍ରୀରାମନାମ ବୀଜଂ ଭବରୋଗହରୀ ଭକ୍ତିଃ ଶକ୍ତିଃ ମମ ନିୟନ୍ତ୍ରିତାଶେଷବିଘ୍ନତୟା ଶ୍ରୀସୀତାରାମପ୍ରୀତିପୂର୍ବକସକଳମନୋରଥସିଦ୍ଧ୍ୟର୍ଥଂ ପାଠେ ବିନିଯୋଗଃ ।*

## ଅଥ ଆଚମନମ୍

**ଶ୍ରୀସୀତାରାମାଭ୍ୟାଂ ନମଃ । ଶ୍ରୀରାମଚନ୍ଦ୍ରାୟ ନମଃ । ଶ୍ରୀରାମଭଦ୍ରାୟ ନମଃ ।**
**ଇତି ମନ୍ତ୍ରତ୍ରିତୟେନ ଆଚମନଂ କୁର୍ଯ୍ୟାତ୍ । ଶ୍ରୀଯୁଗଳବୀଜମନ୍ତ୍ରେଣ ପ୍ରାଣାୟାମଂ କୁର୍ଯ୍ୟାତ୍ ॥**

## ଅଥ କରନ୍ୟାସଃ

ଜଗ ମଂଗଲ ଗୁନ ଗ୍ରାମ ରାମ କେ । ଦାନି ମୁକୁତି ଧନ ଧରମ ଧାମ କେ ॥ –*ଅଙ୍ଗୁଷ୍ଠାଭ୍ୟାଂ ନମଃ ।*
ରାମ ରାମ କହି ଜେ ଜମୁହାହୀଁ । ତିହ୍ନହି ନ ପାପ ପୁଂଜ ସମୁହାହୀଁ ॥ –*ତର୍ଜନୀଭ୍ୟାଂ ନମଃ ।*
ରାମ ସକଲ ନାମହ୍ନ ତେ ଅଧିକା । ହୋଉ ନାଥ ଅଘ ଖଗ ଗନ ବଧିକା ॥ –*ମଧ୍ୟମାଭ୍ୟାଂ ନମଃ ।*
ଉମା ଦାରୁ ଜୋଷିତ କୀ ନାଇଁ । ସବହି ନଚାୱତ ରାମୁ ଗୋସାଇଁ ॥ –*ଅନାମିକାଭ୍ୟାଂ ନମଃ ।*
ସନମୁଖ ହୋଇ ଜୀୱ ମୋହି ଜବହୀଁ । ଜନ୍ମ କୋଟି ଅଘ ନାସହିଁ ତବହୀଁ ॥ –*କନିଷ୍ଠିକାଭ୍ୟାଂ ନମଃ ।*
ମାମଭିରକ୍ଷୟ ରଘୁକୁଲନାୟକ । ଧୃତ ବର ଚାପ ରୁଚିର କର ସାୟକ ॥ –*କରତଳକରପୃଷ୍ଠାଭ୍ୟାଂ ନମଃ ।*

ଇତି କରନ୍ୟାସଃ ।

## ଅଥ ହୃଦୟାଦିନ୍ୟାସଃ

ଜଗ ମଂଗଲ ଗୁନ ଗ୍ରାମ ରାମ କେ । ଦାନି ମୁକୁତି ଧନ ଧରମ ଧାମ କେ ॥ –*ହୃଦୟାୟ ନମଃ ।*
ରାମ ରାମ କହି ଜେ ଜମୁହାହୀଁ । ତିହ୍ନହି ନ ପାପ ପୁଂଜ ସମୁହାହୀଁ ॥ –*ଶିରସେ ସ୍ୱାହା ।*
ରାମ ସକଲ ନାମହ୍ନ ତେ ଅଧିକା । ହୋଉ ନାଥ ଅଘ ଖଗ ଗନ ବଧିକା ॥ –*ଶିଖାୟୈ ବଷଟ୍ ।*
ଉମା ଦାରୁ ଜୋଷିତ କୀ ନାଇଁ । ସବହି ନଚାୱତ ରାମୁ ଗୋସାଇଁ ॥ –*କବଚାୟ ହୁମ୍ ।*
ସନମୁଖ ହୋଇ ଜୀୱ ମୋହି ଜବହୀଁ । ଜନ୍ମ କୋଟି ଅଘ ନାସହିଁ ତବହୀଁ ॥ –*ନେତ୍ରାଭ୍ୟାଂ ବୌଷଟ୍ ।*
ମାମଭିରକ୍ଷୟ ରଘୁକୁଲନାୟକ । ଧୃତ ବର ଚାପ ରୁଚିର କର ସାୟକ ॥ –*ଅସ୍ତ୍ରାୟ ଫଟ୍ ।*

ଇତି ହୃଦୟାଦିନ୍ୟାସଃ ।

## ଅଥ ଧ୍ୟାନମ୍

ମାମବଲୋକୟ ପଂକଜଲୋଚନ । କୃପା ବିଲୋକନି ସୋଚ ବିମୋଚନ ॥
ନୀଲ ତାମରସ ସ୍ୟାମ କାମ ଅରି । ହୃଦୟ କଂଜ ମକରଂଦ ମଧୁପ ହରି ॥
ଜାତୁଧାନ ବରୂଥ ବଲ ଭଂଜନ । ମୁନି ସଜ୍ଜନ ରଂଜନ ଅଘ ଗଂଜନ ॥
ଭୂସୁର ସସି ନୱ ବୃଂଦ ବଲାହକ । ଅସରନ ସରନ ଦୀନ ଜନ ଗାହକ ॥
ଭୁଜବଲ ବିପୁଲ ଭାର ମହି ଖଂଡିତ । ଖର ଦୂଷନ ବିରାଧ ବଧ ପଂଡିତ ॥
ରାୱନାରି ସୁଖରୂପ ଭୂପବର । ଜୟ ଦସରଥ କୁଲ କୁମୁଦ ସୁଧାକର ॥
ସୁଜସ ପୁରାନ ବିଦିତ ନିଗମାଗମ । ଗାୱତ ସୁର ମୁନି ସଂତ ସମାଗମ ॥
କାରୁନୀକ ବ୍ୟଲୀକ ମଦ ଖଂଡନ । ସବ ବିଧି କୁସଲ କୋସଲା ମଂଡନ ॥
କଲି ମଲ ମଥନ ନାମ ମମତାହନ । ତୁଲସିଦାସ ପ୍ରଭୁ ପାହି ପ୍ରନତ ଜନ ॥

ଇତି ଧ୍ୟାନମ୍

❖❖❖

# ଶ୍ରୀରାମଶଲାକା ପ୍ରଶ୍ନାବଳୀ

ମାନସାନୁରାଗୀ ମହାନୁଭବମାନଙ୍କୁ ଶ୍ରୀରାମଶଲାକା ପ୍ରଶ୍ନାବଳୀର ବିଶେଷ ପରିଚୟ ଦେବା ଆବଶ୍ୟକ ମନେହୁଏ ନାହିଁ । ଏହାର ମହତ୍ତ୍ୱ ଏବଂ ଉପଯୋଗିତା ସହିତ ପ୍ରାୟ ସବୁ ମାନସପ୍ରେମୀ ପରିଚିତ । ସୁତରାଂ ତଳେ ଏହାର ସ୍ୱରୂପମାତ୍ର ଅଙ୍କନ କରାଯାଇ ସେଥିରୁ ପ୍ରଶ୍ନୋତ୍ତର ବାହାର କରିବାର ପ୍ରଣାଳୀ ତଥା ତାହାର ଉତ୍ତର-ଫଳଗୁଡ଼ିକ ଉଲ୍ଲେଖ କରିଦିଆଯାଉଛି । ଶ୍ରୀରାମଶଲାକା ପ୍ରଶ୍ନାବଳୀର ସ୍ୱରୂପ ଏହିପରି—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ସୁ | ପ୍ର | ଉ | ବି | ହୋ | ମୁ | ଗ | ବ | ସୁ | ନୁ | ବି | ଘ | ଧି | ଇ | ଦ |
| ର | ରୁ | ଫ | ସି | ସି | ରହିଁ | ବସ | ହି | ମଂ | ଲ | ନ | ଲ | ୟ | ନ | ଅଂ |
| ସୁଜ | ସୋ | ଗ | ସୁ | କୁ | ମ | ସ | ଗ | ତ | ନ | ଇ | ଲ | ଧା | ବେ | ନୋ |
| ତ୍ୟ | ର | ନ | କୁ | ଜୋ | ମ | ରି | ର | ର | ଅ | କୀ | ହୋ | ସଂ | ରା | ୟ |
| ପୁ | ସୁ | ଥ | ସୀ | ଜେ | ଇ | ଗ | ମ* | ସଂ | କ | ରେ | ହୋ | ସ | ସ | ନି |
| ତ | ର | ତ | ର | ସ | ହୁଁ | ହ | ବ | ବ | ପ | ଚି | ସ | ହିଁ | ସ | ତୁ |
| ମ | କା | । | ର | ର | ମ | ମି | ମୀ | ହ୍ମା | । | ଜା | ହୂ | ହୀଁ | । | । |
| ତା | ରା | ରେ | ରୀ | ହୃ | କା | ଫ | ଖା | ଜୂ | ଈ | ର | ରା | ପୂ | ଦ | ଲ |
| ନି | କୋ | ଜୋ | ଗୋ | ନ | ମୁ | ଜି | ୟଁ | ନେ | ମନି | କ | ଜ | ପ | ସ | ଲ |
| ହି | ରା | ମି | ସ | ରି | ଗ | ଦ | ନ୍ମୁ | ଖି | ମ | ଖି | ଜି | ମ | ତ | ଜଂ |
| ସିଂ | ଖ | ନୁ | ନ | କୋ | ମି | ନିଜ | ର୍କ | ଗ | ଧୁ | ଧ | ସୁ | କା | ସ | ର |
| ଗୁ | ବ | ମ | ଅ | ରି | ନି | ମ | ଲ | । | ନ | ଢ଼ | ତୀ | ନ | କ | ଭ |
| ନା | ପୁ | ଓ୍ୱ | ଅ | । | ର | ଲ | । | ଏ | ତୁ | ର | ନ | ନୁ | ଓ୍ୱେ | ଥ |
| ସି | ହୁଁ | ସୁ | ହ୍ମା | ରା | ର | ସ | ସ | ର | ତ | ନ | ଖି | । | ଜ | । |
| ର | । | । | ଲା | ଧୀ | । | ରୀ | । | ହୂ | ହାଁ | ଖା | ଜୂ | ଈ | ରା | ରେ |

ଏହି ରାମଶଲାକା ପ୍ରଶ୍ନାବଳୀଦ୍ୱାରା କୌଣସି ବ୍ୟକ୍ତି ଯେତେବେଳେ ନିଜ ଅଭୀଷ୍ଟ ପ୍ରଶ୍ନର ଉତ୍ତର ପାଇବାକୁ ଇଚ୍ଛା କରିବେ, ସେତେବେଳେ ସେ ସର୍ବପ୍ରଥମେ ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କୁ ଧ୍ୟାନ କରିବେ । ତଦନନ୍ତର ଶ୍ରଦ୍ଧା ଓ ବିଶ୍ୱାସପୂର୍ବକ ମନ ମଧ୍ୟରେ ଅଭୀଷ୍ଟ ପ୍ରଶ୍ନଟି ଚିନ୍ତା କରି ପ୍ରଶ୍ନାବଳୀ ମଧ୍ୟସ୍ଥ ନିଜର ଇଚ୍ଛିତ କୋଷ୍ଠକରେ ଅଙ୍ଗୁଳି ବା କୌଣସି ଶଳାକା ରଖିଦେବେ ଏବଂ ସେହି କୋଷ୍ଠକରେ ଯେଉଁ ଅକ୍ଷର ଥିବ, ତାହାକୁ ଅଲଗାରେ କୌଣସି ପରିଷ୍କାର କାଗଜ ବା ସ୍ଲେଟ୍ ଉପରେ ଲେଖିଦେବେ । ପ୍ରଶ୍ନାବଳୀସ୍ଥ କୋଷ୍ଠକରେ ମଧ୍ୟ ଏପରି କୌଣସି ଚିହ୍ନ ଲଗାଇଦେବେ, ଯେପରି କି ପ୍ରଶ୍ନାବଳୀ ମଳିନ ନ ହୁଏ କିମ୍ବା ପ୍ରଶ୍ନୋତ୍ତର ପାଇବା ପର୍ଯ୍ୟନ୍ତ ଉକ୍ତ କୋଷ୍ଠକର ଅକ୍ଷର ବିସ୍ମୃତ ହୋଇ ନ ଯାଏ । ବର୍ତ୍ତମାନ ଯେଉଁ କୋଷ୍ଠକର ଅକ୍ଷର ଲେଖା ହୋଇଥିବ, ତାହାର ପରବର୍ତ୍ତୀ ଅକ୍ଷରଠାରୁ ଅଗ୍ରସର ହେବା ବିଧେୟ ଏବଂ ତାହାର ନବମ କୋଷ୍ଠକରେ ଯେଉଁ ଅକ୍ଷର ପଡ଼ିବ, ତାହାକୁ ମଧ୍ୟ ଲେଖିରଖିବାକୁ ହେବ । ଏହିପରିଭାବରେ ପ୍ରତି ନବମରୁ ନବମ ଅକ୍ଷରକୁ କ୍ରମାନ୍ୱୟରେ ସର୍ବପ୍ରଥମେ ଚିହ୍ନିତ କୋଷ୍ଠକର ଅକ୍ଷର ପାଖରେ ଅଙ୍ଗୁଳି ବା ଶଳାକା ପହଞ୍ଚିବା ଯାଏ ଲେଖିଚାଲିବା ଆବଶ୍ୟକ । ସର୍ବପ୍ରଥମେ ଚିହ୍ନିତ କୋଷ୍ଠକର ଅକ୍ଷର ପର୍ଯ୍ୟନ୍ତ ପହଞ୍ଚୁ ପହଞ୍ଚୁ ଗୋଟିଏ

ଚୌପାଇ ସମ୍ପୂର୍ଣ୍ଣ ହୋଇଯିବ । ଏହି ଚୌପାଇହିଁ ପ୍ରଶ୍ନକର୍ତ୍ତାଙ୍କର ଅଭୀଷ୍ଟ ପ୍ରଶ୍ନର ଉତ୍ତର । ଏଠାରେ ମନେ ରଖିବାକୁ ହେବ ଯେ, କୌଣସି କୌଣସି କୋଷ୍ଟକରେ କେବଳ ଆକାର (।) ଓ କୌଣସି କୌଣସି କୋଷ୍ଟକରେ ଦୁଇ ଦୁଇଟି କରି ଅକ୍ଷର ଅଛି । ଅତଏବ ଗଣିବା ସମୟରେ ଆକାର (।) ଥିବା କୋଷ୍ଟକକୁ ଛାଡ଼ିବା ଉଚିତ ନୁହେଁ କିମ୍ବା ଦୁଇଟି ଅକ୍ଷର ଥିବା କୋଷ୍ଟକକୁ ଦୁଇଥର ଗଣିବା ଉଚିତ ନୁହେଁ। ଯେଉଁଠି ଆକାର (।) ଥିବା କୋଷ୍ଟକ ଆସିବ, ସେଠାରେ ପୂର୍ବଲିଖିତ ଅକ୍ଷର ପାଖରେ ତାହା ରହି ଉକ୍ତ ଅକ୍ଷର ସହ ଯୋଡ଼ିହୋଇଯିବ ଏବଂ ଯେଉଁଠି ଦୁଇଅକ୍ଷରବିଶିଷ୍ଟ କୋଷ୍ଟକ ଆସିବ, ସେଠାରେ ଉଭୟ ଅକ୍ଷରକୁ ଏକସଙ୍ଗରେ ଲେଖିଦେବାକୁ ହେବ ।

ବର୍ତ୍ତମାନ ଉଦାହରଣରୂପେ ଏହି ରାମଶଳାକା ପ୍ରଶ୍ନାବଳୀରୁ କୌଣସି ପ୍ରଶ୍ନର ଉତ୍ତରରୂପେ ଗୋଟିଏ ଚୌପାଇ କିପରି ବାହାରୁଛି, ଦେଖାଯାଉ । ପାଠକ ଧ୍ୟାନ ସହକାରେ ଦେଖନ୍ତୁ । ଧରାଯାଉ କୌଣସି ବ୍ୟକ୍ତି ଭଗବାନ୍ ଶ୍ରୀରାମଙ୍କୁ ଧ୍ୟାନ କରି ଓ ନିଜ ପ୍ରଶ୍ନ ଚିନ୍ତା କରି ପ୍ରଶ୍ନାବଳୀର ତାରକା (*) ଚିହ୍ନ ସହିତ ସଂଯୁକ୍ତ ବର୍ଣ୍ଣର କୋଷ୍ଟକରେ ଅଙ୍ଗୁଳି ବା ଶଳାକା ରଖିଦେଲେ । ତେବେ ଉପର୍ଯ୍ୟୁକ୍ତ କ୍ରମ ଅନୁସାରେ ଅକ୍ଷରଗୁଡ଼ିକ ଗଣି ଗଣି ଲେଖିଗଲେ ଉତ୍ତରସ୍ୱରୂପ ନିମ୍ନଲିଖିତ ଚୌପାଇ ମିଳିଯିବ :–

**'ହୋଇ ହୈ ସୋଇ ଜୋ ରାମ* ରଚି ରାଖା ।**
**କୋ କରି ତର୍କ ବଢ଼ାବୈ ସାଖା ॥''**

ଏହି ଚୌପାଇ ବାଲକାଣ୍ଡାନ୍ତର୍ଗତ ଶିବପାର୍ବତୀ ସଂବାଦରେ ଅଛି । ପ୍ରଶ୍ନକର୍ତ୍ତା ଉତ୍ତରସ୍ୱରୂପ ଏହି ଅର୍ଥ ବାହାର କରିବା ଆବଶ୍ୟକ–

''କାର୍ଯ୍ୟ ହେବା ସନ୍ଦେହଜନକ । ସୁତରାଂ ତାହାକୁ ଭଗବାନଙ୍କ ଉପରେ ଛାଡ଼ିଦେବା ଶ୍ରେୟସ୍କର ।''

ଏହିପରି ଶ୍ରୀରାମଶଳାକା ପ୍ରଶ୍ନାବଳୀରୁ ଆଉ ଆଠଗୋଟି (ମୋଟ ନଅଗୋଟି) ଚୌପାଇ ବାହାରେ । ସେଗୁଡ଼ିକର ସ୍ଥଳ ଓ ଫଳ ନିମ୍ନରେ ପ୍ରଦତ୍ତ ହେଲା ।

(୧) **ସୁନୁ ସିୟ ସତ୍ୟ ଅସୀସ ହମାରୀ ।**
**ପୂଜିହି ମନ କାମନା ତୁହ୍ମାରୀ ॥**

**ସ୍ଥଳ**–ଏହି ଚୌପାଇ ବାଲକାଣ୍ଡସ୍ଥ ସୀତାଙ୍କ ଗୌରୀପୂଜନ ପ୍ରସଙ୍ଗରେ ଅଛି । ଗୌରୀ ସୀତାଙ୍କୁ ଆଶୀର୍ବାଦ ଦେଉଛନ୍ତି ।

**ଫଳ**– ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନ ଉତ୍ତମ; କାର୍ଯ୍ୟସିଦ୍ଧି ହେବ ।

(୨) **ପ୍ରବିସି ନଗର କୀଜେ ସବ କାଜା ।**
**ହୃଦୟଁ ରାଖି କୋସଲପୁର ରାଜା ॥**

**ସ୍ଥଳ**–ଏହି ଚୌପାଇ ସୁନ୍ଦରକାଣ୍ଡରେ ବର୍ଣ୍ଣିତ ହନୁମାନଙ୍କ ଲଙ୍କାପ୍ରବେଶ ସମୟର ବିଷୟ ।

**ଫଳ**–ଭଗବାନଙ୍କୁ ସ୍ମରଣ କରି କାର୍ଯ୍ୟାରମ୍ଭ କର । ସଫଳତା ମିଳିବ ।

(୩) **ଉଘରହିଁ ଅନ୍ତ ନ ହୋଇ ନିବାହୂ ।**
**କାଲନେମି ଜିମି ରାଓ୍ୱନ ରାହୂ ॥**

**ସ୍ଥଳ**–ଏହି ଚୌପାଇ ବାଲକାଣ୍ଡ ଆରମ୍ଭରେ ସତ୍‌ସଙ୍ଗ ବର୍ଣ୍ଣନା ପ୍ରସଙ୍ଗରେ ଅଛି ।

**ଫଳ**–ଏହି କାର୍ଯ୍ୟରେ ମଙ୍ଗଳ ନାହିଁ । କାର୍ଯ୍ୟସିଦ୍ଧିରେ ସନ୍ଦେହ ରହିଛି ।

(୪) **ବିଧି ବସ ସୁଜନ କୁସଂଗତ ପରହୀଁ ।**
**ଫନି ମନି ସମ ନିଜ ଗୁନ ଅନୁସରହୀଁ ॥**

**ସ୍ଥଳ**–ଏହି ଚୌପାଇ ମଧ୍ୟ ବାଲକାଣ୍ଡ ଆରମ୍ଭରେ ସତ୍‌ସଙ୍ଗ ବର୍ଣ୍ଣନା ପ୍ରସଙ୍ଗରେ ଅଛି ।

**ଫଳ**–ଦୁର୍ଜନଙ୍କ ସଙ୍ଗ ପରିହାର କର । କାର୍ଯ୍ୟ ପୂର୍ଣ୍ଣ ହେବାରେ ସନ୍ଦେହ ।

(୫) **ମୁଦ ମଗଂଲମୟ ସଂତ ସମାଜୂ ।**
**ଜୋ ଜଗ ଜଂଗମ ତୀରଥରାଜୂ ॥**

**ସ୍ଥଳ**–ଏହି ଚୌପାଇ ବାଲକାଣ୍ଡସ୍ଥ ସନ୍ତସମାଜରୂପୀ ତୀର୍ଥ ବର୍ଣ୍ଣନାରେ ଅଛି ।

**ଫଳ**–ପ୍ରଶ୍ନ ଉତ୍ତମ । କାର୍ଯ୍ୟ ସିଦ୍ଧ ହେବ ।

(୬) **ଗରଲ ସୁଧା ରିପୁ କରହିଁ ମିତାଈ ।**
**ଗୋପଦ ସିଂଧୁ ଅନଲ ସିତଲାଈ ॥**

**ସ୍ଥଳ**–ଏହି ଚୌପାଇ ସୁନ୍ଦରକାଣ୍ଡସ୍ଥ ହନୁମାନଙ୍କ ଲଙ୍କାପ୍ରବେଶ ସମୟର ବିଷୟ ।

**ଫଳ**–ପ୍ରଶ୍ନ ଅତି ଉତ୍ତମ । କାର୍ଯ୍ୟ ସଫଳ ହେବ ।

(୭) **ବରୁନ କୁବେର ସୁରେସ ସମୀରା ।**
**ରନସନ୍ମୁଖ ଧରି କାହୁଁ ନ ଧୀରା ॥**

**ସ୍ଥଳ**–ଏହି ଚୌପାଇ ଲଙ୍କାକାଣ୍ଡରେ ବର୍ଣ୍ଣିତ ରାବଣର ମୃତ୍ୟୁ-ପରବର୍ତ୍ତୀ ମନ୍ଦୋଦରୀ-ବିଳାପ ପ୍ରସଙ୍ଗରେ ଅଛି ।

**ଫଳ**–କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ସନ୍ଦେହ ଅଛି ।

(୮) **ସୁଫଲ ମନୋରଥ ହୋହୁଁ ତୁହ୍ମାରେ ।**
**ରାମୁ ଲଖନୁ ସୁନି ଭଏ ସୁଖାରେ ॥**


**ସ୍ଥଳ**–ଏହି ଚୌପାଇଟି ବାଲକାଣ୍ଡରେ ବର୍ଣ୍ଣିତ । ପୁଷ୍ପବାଟିକାରୁ ରାମଲକ୍ଷ୍ମଣଙ୍କ ପୁଷ୍ପ ଆନୟନ ପରେ ମୁନି ବିଶ୍ୱାମିତ୍ର ଦୁଇଭାଇଙ୍କୁ ଏହି ଆଶୀର୍ବାଦ ଦେଇଛନ୍ତି ।

**ଫଳ**–ପ୍ରଶ୍ନ ଅତି ଉତ୍ତମ । କାର୍ଯ୍ୟସିଦ୍ଧି ହେବ ।


ଏହିପରି ରାମଶଳାକା ପ୍ରଶ୍ନାବଳୀରୁ ସମୁଦାୟ ନଅଗୋଟି ଚୌପାଇ ବାହାରେ । ଏହି ନଅଟି ଚୌପାଇରେ ସମସ୍ତ ପ୍ରକାର ପ୍ରଶ୍ନର ଉତ୍ତରାଶୟ ରହିଛି ।

❖❖❖

## ଯୁଗଳଚରଣ ଚିହ୍ନ



ଭଗବାନ ଶ୍ରୀରାମଙ୍କ ଚରଣଚିହ୍ନ



ଶ୍ରୀଜାନକୀଙ୍କ ଚରଣଚିହ୍ନ

ଶ୍ରୀଗଣେଶାୟ ନମଃ
ଶ୍ରୀଜାନକୀବଲ୍ଲଭୋ ବିଜୟତେ

# ଶ୍ରୀରାମଚରିତମାନସ

## ପ୍ରଥମ ସୋପାନ

# ବାଲକାଣ୍ଡ

### ମଙ୍ଗଳାଚରଣ

**ବର୍ଣ୍ଣାନାମର୍ଥସଂଘାନାଂ ରସାନାଂ ଛନ୍ଦସାମପି ।**
**ମଙ୍ଗଳାନାଂ ଚ କର୍ତ୍ତାରୌ ବନ୍ଦେ ବାଣୀବିନାୟକୌ ॥ ୧ ॥**

ସମସ୍ତ ବର୍ଣ୍ଣ, ଅର୍ଥ, ରସ, ଛନ୍ଦ ଓ ମଙ୍ଗଳର ସୃଷ୍ଟିକାରିଣୀ ସରସ୍ୱତୀ ଓ ସୃଷ୍ଟିକର୍ତ୍ତା ଶ୍ରୀଗଣେଶଙ୍କୁ ମୁଁ ବନ୍ଦନା କରୁଛି ॥ ୧ ॥

**ଭବାନୀଶଙ୍କରୌ ବନ୍ଦେ ଶ୍ରଦ୍ଧାବିଶ୍ୱାସରୂପିଣୌ ।**
**ଯାଭ୍ୟାଂ ବିନା ନ ପଶ୍ୟନ୍ତି ସିଦ୍ଧାଃ ସ୍ୱାନ୍ତଃସ୍ଥମୀଶ୍ୱରମ୍ ॥ ୨ ॥**

ଯାହାଙ୍କ ବିନା ସିଦ୍ଧମାନେ ନିଜ ହୃଦୟସ୍ଥିତ ଈଶ୍ୱରଙ୍କୁ ଦେଖିପାରନ୍ତି ନାହିଁ, ଶ୍ରଦ୍ଧା ଓ ବିଶ୍ୱାସର ସ୍ୱରୂପ ସେହି ଭବାନୀଶଙ୍କରଙ୍କୁ ମୁଁ ବନ୍ଦନା କରୁଛି ॥ ୨ ॥

**ବନ୍ଦେ ବୋଧମୟଂ ନିତ୍ୟଂ ଗୁରୁଂ ଶଙ୍କରରୂପିଣମ୍ ।**
**ଯମାଶ୍ରିତୋ ହି ବକ୍ରୋଽପି ଚନ୍ଦ୍ରଃ ସର୍ବତ୍ର ବନ୍ଦ୍ୟତେ ॥ ୩ ॥**

ଯାହାଙ୍କ ଆଶ୍ରୟବଳରେ ଚନ୍ଦ୍ର ବକ୍ର ହୋଇ ମଧ୍ୟ ସର୍ବତ୍ର ବନ୍ଦିତ ହେଉଛି, ସେହି ଜ୍ଞାନମୟ, ନିତ୍ୟ, ଶଙ୍କରରୂପୀ ଗୁରୁଙ୍କୁ ମୁଁ ବନ୍ଦନା କରୁଛି ॥ ୩ ॥

**ସୀତାରାମଗୁଣଗ୍ରାମପୁଣ୍ୟାରଣ୍ୟବିହାରିଣୌ ।**
**ବନ୍ଦେ ବିଶୁଦ୍ଧବିଜ୍ଞାନୌ କବୀଶ୍ୱରକପୀଶ୍ୱରୌ ॥ ୪ ॥**

ଶ୍ରୀସୀତାରାମଙ୍କ ଗୁଣସମୂହରୂପକ ପବିତ୍ର ବନରେ ବିହାର କରୁଥିବା ବିଶୁଦ୍ଧ ବିଜ୍ଞାନସମ୍ପନ୍ନ କବୀଶ୍ୱର ଶ୍ରୀବାଲ୍ମୀକି ଓ କପୀଶ୍ୱର ଶ୍ରୀହନୁମାନଙ୍କୁ ମୁଁ ବନ୍ଦନା କରୁଛି ॥ ୪ ॥

**ଉଦ୍ଭବସ୍ଥିତିସଂହାରକାରିଣୀଂ କ୍ଲେଶହାରିଣୀମ୍ ।**
**ସର୍ବଶ୍ରେୟସ୍କରୀଂ ସୀତାଂ ନତୋଽହଂ ରାମବଲ୍ଲଭାମ୍ ॥ ୫ ॥**

ଉତ୍ପତ୍ତି, ସ୍ଥିତି (ପାଳନ) ଓ ସଂହାରକାରିଣୀ, ଅବିଦ୍ୟା ଆଦି ପଞ୍ଚକ୍ଲେଶହାରିଣୀ, ସକଳକଲ୍ୟାଣକାରିଣୀ ତଥା ଶ୍ରୀରାମଙ୍କ ପ୍ରିୟତମା ଶ୍ରୀସୀତାଙ୍କୁ ମୁଁ ନମସ୍କାର କରୁଛି ॥ ୫ ॥

**ଯନ୍ମାୟାବଶବର୍ତ୍ତି ବିଶ୍ୱମଖିଳଂ ବ୍ରହ୍ମାଦିଦେବାସୁରା**
**ଯତ୍‌ସତ୍ତ୍ୱାଦମୃଷୈବ ଭାତି ସକଳଂ ରଜ୍ଜୌ ଯଥାହେର୍ଭ୍ରମଃ ।**
**ଯତ୍‌ପାଦପ୍ଲବମେକମେବ ହି ଭବାମ୍ଭୋଧେସ୍ତିତୀର୍ଷାବତାଂ**
**ବନ୍ଦେଽହଂ ତମଶେଷକାରଣପରଂ ରାମାଖ୍ୟମୀଶଂ ହରିମ୍ ॥ ୬ ॥**

ଯାହାଙ୍କ ମାୟାରେ ସମସ୍ତ ବିଶ୍ୱ, ବ୍ରହ୍ମାଦି ଦେବତା ଏବଂ ଅସୁର ବଶୀଭୂତ, ଯାହାଙ୍କ ଅସ୍ତିତ୍ୱ ହେତୁ ରଜ୍ଜୁରେ ସର୍ପଭ୍ରମ ପରି ଏହି ସମଗ୍ର ଦୃଶ୍ୟଜଗତ୍ ସତ୍ୟରୂପେ ପ୍ରତୀୟମାନ ହୁଏ ଏବଂ ଭବସାଗର ତରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ପାଇଁ ଯାହାଙ୍କ ଚରଣହିଁ ଏକମାତ୍ର ନୌକାସଦୃଶ, ସକଳ କାରଣର ଊର୍ଦ୍ଧ୍ୱରେ ଅବସ୍ଥିତ (ସମସ୍ତ କାରଣର କାରଣ ଏବଂ ସର୍ବଶ୍ରେଷ୍ଠ) ସେହି ରାମନାମଧେୟ ଭଗବାନ୍ ଶ୍ରୀହରିଙ୍କୁ ମୁଁ ବନ୍ଦନା କରୁଛି ॥ ୬ ॥

**ନାନାପୁରାଣନିଗମାଗମସମ୍ମତଂ ଯଦ୍**
**ରାମାୟଣେ ନିଗଦିତଂ କ୍ୱଚିଦନ୍ୟତୋଽପି ।**
**ସ୍ୱାନ୍ତଃସୁଖାୟ ତୁଳସୀ ରଘୁନାଥଗାଥା-**
**ଭାଷାନିବନ୍ଧମତିମଞ୍ଜୁଳମାତନୋତି ॥ ୭ ॥**

ଅନେକ ପୁରାଣ, ବେଦ ଓ [ତନ୍ତ୍ର] ଶାସ୍ତ୍ରସମ୍ମତ ତଥା ରାମାୟଣରେ ବର୍ଣ୍ଣିତ ଏବଂ ଅନ୍ୟତ୍ର ଉପଲବ୍ଧ ହେଉଥିବା ଶ୍ରୀରଘୁନାଥଙ୍କ ଚରିତକୁ ତୁଳସୀଦାସ ନିଜର ଅନ୍ତଃକରଣର ସୁଖ ନିମନ୍ତେ ଅତ୍ୟନ୍ତ ମନୋହରଭାବରେ ଭାଷାବିନ୍ୟାସ କରି ବିସ୍ତାର କରୁଛି ॥ ୭ ॥

ସୋ:- **ଜୋ ସୁମିରତ ସିଧି ହୋଇ ଗନ ନାୟକ କରିବର ବଦନ ।**
**କରଉ ଅନୁଗ୍ରହ ସୋଇ ବୁଦ୍ଧି ରାସି ସୁଭ ଗୁନ ସଦନ ॥ ୧ ॥**

ଯାହାଙ୍କୁ ସ୍ମରଣ କଲେ ସିଦ୍ଧିପ୍ରାପ୍ତି ହୁଏ, ଯେ ଗଣମାନଙ୍କର ଅଧିପତି ଏବଂ ସୁନ୍ଦର ଗଜବଦନ, ସେହି ବୁଦ୍ଧିର ଭଣ୍ଡାର ଏବଂ ଶୁଭଗୁଣମାନଙ୍କର ନିକେତନ ଶ୍ରୀଗଣେଶ ମୋତେ କୃପା କରନ୍ତୁ ॥ ୧ ॥

**ମୂକ ହୋଇ ବାଚାଲ ପଂଗୁ ଚଢ଼ଇ ଗିରିବର ଗହନ ।**
**ଜାସୁ କୃପାଁ ସୋ ଦୟାଲ ଦ୍ରୱଉ ସକଲ କଲି ମଲ ଦହନ ॥ ୨ ॥**

ଯାହାଙ୍କ କୃପାରୁ ମୂକ ବାଗ୍ମୀ ହୋଇଯାଏ, ପଙ୍ଗୁ ଦୁର୍ଗମ ପର୍ବତ ଲଂଘନ କରିଯାଏ, ସେହି ସକଳ କଳିକଲ୍ମଷନାଶନ ଦୟାଳୁ ଭଗବାନ୍ ମୋ ପ୍ରତି ଦୟାର୍ଦ୍ର ହୁଅନ୍ତୁ (ମୋତେ ଦୟା କରନ୍ତୁ) ॥ ୨ ॥

**ନୀଲ ସରୋରୁହ ସ୍ୟାମ ତରୁନ ଅରୁନ ବାରିଜ ନୟନ ।**
**କରଉ ସୋ ମମ ଉର ଧାମ ସଦା ଛୀରସାଗର ସୟନ ॥ ୩ ॥**

ଯେ ନୀଳକମଳସମ ଶ୍ୟାମବର୍ଣ୍ଣ, ଯାହାଙ୍କ ନୟନ ତରୁଣ ଅରୁଣ(ବାଳସୂର୍ଯ୍ୟ)ଦ୍ୱାରା ପ୍ରସ୍ଫୁଟିତପଦ୍ମତୁଲ୍ୟ ଅରୁଣାଭ ଏବଂ ଯେ ସର୍ବଦା କ୍ଷୀରସାଗରରେ ଶୟନ କରନ୍ତି, ସେହି ଭଗବାନ୍ ନାରାୟଣ ମୋ ହୃଦୟରେ ନିବାସ କରନ୍ତୁ ॥ ୩ ॥

**କୁଂଦ ଇଂଦୁ ସମ ଦେହ ଉମା ରମନ କରୁନା ଅୟନ ।**
**ଜାହି ଦୀନ ପର ନେହ କରଉ କୃପା ମର୍ଦନ ମୟନ ॥ ୪ ॥**

ଯାହାଙ୍କ ଦେହର କାନ୍ତି କୁନ୍ଦପୁଷ୍ପ ତଥା ଚନ୍ଦ୍ରସମାନ ଗୌର, ଯେ ପାର୍ବତୀଙ୍କର ପ୍ରିୟତମ, ଦୟାର ଧାମ ଓ ଦୀନମାନଙ୍କ ପ୍ରତି ସ୍ନେହଶୀଳ, ସେହି କାମମର୍ଦକ ପ୍ରଭୁ ଶଙ୍କର ମୋତେ କୃପା କରନ୍ତୁ ॥ ୪ ॥

**ବଂଦଉଁ ଗୁରୁ ପଦ କଂଜ କୃପା ସିଂଧୁ ନରରୂପ ହରି ।**
**ମହାମୋହ ତମ ପୁଂଜ ଜାସୁ ବଚନ ରବି କର ନିକର ॥ ୫ ॥**

ଯେଉଁ ଗୁରୁଦେବ ହେଉଛନ୍ତି କୃପାର ସିନ୍ଧୁ ତଥା ନରରୂପଧାରୀ ଶ୍ରୀହରି ଏବଂ ଯାହାଙ୍କର ବଚନ ମହାମୋହରୂପୀ ଘନ ଅନ୍ଧକାରକୁ ନାଶ କରିଦେବାରେ ସୂର୍ଯ୍ୟକିରଣସ୍ୱରୂପ, ମୁଁ ସେହି ଗୁରୁଦେବଙ୍କ ଚରଣକମଳକୁ ବନ୍ଦନା କରୁଛି ॥ ୫ ॥

**ବଂଦଉଁ ଗୁରୁ ପଦ ପଦୁମ ପରାଗା । ସୁରୁଚି ସୁବାସ ସରସ ଅନୁରାଗା ॥**
**ଅମିଅ ମୂରିମୟ ଚୂରନ ଚାରୂ । ସମନ ସକଲ ଭଓ୍ୱ ରୁଜ ପରିଓ୍ୱାରୂ ॥ ୧ ॥**

ଗୁରୁଦେବଙ୍କ ପାଦପଦ୍ମର ଯେଉଁ ରେଣୁ ସୁରୁଚି (ସ୍ୱାଦିଷ୍ଟ), ସୁଗନ୍ଧମୟ ଓ ଅନୁରାଗରୂପୀ ରସରେ ପୂର୍ଣ୍ଣ ଏବଂ ଯାହା ଅମରମୂଳ (ସଂଜୀବନୀ ବୁଟି)ର ସୁନ୍ଦର ଚୂର୍ଣ୍ଣ ଓ ସକଳ ଭବରୋଗର ବିନାଶକ, ମୁଁ ସେହି ଚରଣରେଣୁକୁ ବନ୍ଦନା କରୁଛି ॥ ୧ ॥

**ସୁକୃତି ସଂଭୁ ତନ ବିମଲ ବିଭୂତୀ । ମଂଜୁଲ ମଂଗଲ ମୋଦ ପ୍ରସୂତୀ ॥**
**ଜନ ମନ ମଂଜୁ ମୁକୁର ମଲ ହରନୀ । କିଏଁ ତିଲକ ଗୁନ ଗନ ବସ କରନୀ ॥ ୨ ॥**

ସେହି ରେଣୁ ହେଉଛି ସୁକୃତୀ (ପୁଣ୍ୟବାନ୍) ପୁରୁଷରୂପୀ ଶିବଙ୍କ ଅଙ୍ଗର ନିର୍ମଳ ବିଭୂତି । ତାହା ହେଉଛି ସୁନ୍ଦର କଲ୍ୟାଣ ଓ ଆନନ୍ଦର ଜନନୀ; ତାହା ଭକ୍ତଜନଙ୍କ ସୁନ୍ଦର ମନମୁକୁରର ମଳିନତା ହରଣ କରେ ଏବଂ ସେହି ପଦରଜକୁ ତିଳକରୂପେ ଧାରଣ କଲେ ତାହା ସକଳଗୁଣର ବଶକାରିଣୀ ହୋଇଯାଏ ॥ ୨ ॥

**ଶ୍ରୀଗୁରୁ ପଦ ନଖ ମନି ଗନ ଜୋତୀ । ସୁମିରତ ଦିବ୍ୟ ଦୃଷ୍ଟି ହିୟଁ ହୋତୀ ॥**
**ଦଲନ ମୋହ ତମ ସୋ ସପ୍ରକାସୂ । ବଡ଼େ ଭାଗ ଉର ଆଓ୍ୱଇ ଜାସୂ ॥ ୩ ॥**

ଗୁରୁଦେବଙ୍କ ପାଦନଖରୂପକ ମଣିମାନଙ୍କର ଜ୍ୟୋତିକୁ ସ୍ମରଣ କରିବାମାତ୍ରେ ହୃଦୟରେ ଦିବ୍ୟଦୃଷ୍ଟି ଉଦ୍ରେକ ହୁଏ । ସେହି ସୁନ୍ଦର ଜ୍ୟୋତି ଅଜ୍ଞାନ-ଅନ୍ଧକାର ବିନାଶ କରେ । ଯାହାଙ୍କ ହୃଦୟରେ ତାହା ଉଦ୍‌ଭାସିତ ହୋଇଯାଏ, ସେ ବଡ଼ ଭାଗ୍ୟବାନ୍ ॥ ୩ ॥

**ଉଘରହିଁ ବିମଲ ବିଲୋଚନ ହୀ କେ । ମିଟହିଁ ଦୋଷ ଦୁଖ ଭଓ୍ୱ ରଜନୀ କେ ॥**
**ସୂଝହିଁ ରାମଚରିତ ମନି ମାନିକ । ଗୁପୁତ ପ୍ରଗଟ ଜହଁ ଜୋ ଜେହି ଖାନିକ ॥ ୪ ॥**

ସେହି ଜ୍ୟୋତି ହୃଦୟରେ ଉଦିତ ହେବାକ୍ଷଣି ହୃଦୟର ନିର୍ମଳ ନୟନ ଖୋଲିଯାଏ ତଥା ସଂସାରରୂପୀ ରାତ୍ରିର ଦୋଷ ଓ ଦୁଃଖ ଦୂର ହୋଇଯାଏ ଏବଂ ଶ୍ରୀରାମଚରିତରୂପୀ ମଣି ଓ ମାଣିକ୍ୟ ଯେକୌଣସି ଖଣିରେ ଗୁପ୍ତ ହୋଇ କିମ୍ବା ପ୍ରକାଶ୍ୟରେ ରହିଥାଉ ନା କାହିଁକି, ତାହା ସ୍ପଷ୍ଟ ଦେଖାଯାଏ, ॥ ୪ ॥

ଦୋ:- **ଜଥା ସୁଅଂଜନ ଅଂଜି ଦୃଗ ସାଧକ ସିଦ୍ଧ ସୁଜାନ ।**
**କୌତୁକ ଦେଖତ ସୈଲ ବନ ଭୂତଲ ଭୂରି ନିଧାନ ॥ ୧ ॥**

ଯେପରି କି, ନେତ୍ରରେ ସିଦ୍ଧାଞ୍ଜନ ଲଗାଇ ସାଧକ, ସିଦ୍ଧ ଓ ସୁଜ୍ଞାନୀମାନେ ବନ, ପର୍ବତ ତଥା ପୃଥିବୀ ମଧ୍ୟସ୍ଥ ବିଭିନ୍ନ ଖଣି ଅନାୟାସରେ ଦେଖିପାରନ୍ତି ॥ ୧ ॥

**ଗୁରୁ ପଦ ରଜ ମୃଦୁ ମଂଜୁଲ ଅଂଜନ । ନୟନ ଅମିଅ ଦୃଗ ଦୋଷ ବିଭଂଜନ ॥**
**ତେହିଁ କରିବିମଲ ବିବେକ ବିଲୋଚନ । ବରନଉଁ ରାମ ଚରିତ ଭଓ୍ୱ ମୋଚନ ॥ ୧ ॥**

ଗୁରୁଦେବଙ୍କର ଚରଣରଜ ହେଉଛି କୋମଳ ଓ ସୁନ୍ଦର ନୟନାମୃତ-ଅଞ୍ଜନ । ତାହା ନେତ୍ରର ଦୋଷ ନାଶ କରିଥାଏ । ସେହି ଅଞ୍ଜନଦ୍ୱାରା ବିବେକରୂପକ ନେତ୍ରକୁ ନିର୍ମଳ କରି ମୁଁ ସଂସାରବନ୍ଧନରୁ ମୁକ୍ତିପ୍ରଦାୟକ ଶ୍ରୀରାମଚରିତ ବର୍ଣ୍ଣନା କରୁଛି ॥ ୧ ॥

**ବଂଦଉଁ ପ୍ରଥମ ମହୀସୁର ଚରନା । ମୋହ ଜନିତ ସଂସୟ ସବ ହରନା ॥**
**ସୁଜନ ସମାଜ ସକଲ ଗୁନ ଖାନୀ । କରଉଁ ପ୍ରନାମ ସପ୍ରେମ ସୁବାନୀ ॥ ୨ ॥**

ଭୂଦେବ ବ୍ରାହ୍ମଣମାନେ ଅଜ୍ଞାନଜନିତ ସକଳ ସନ୍ଦେହ ମୋଚନ କରନ୍ତି । ତେଣୁ ମୁଁ ପ୍ରଥମେ ସେମାନଙ୍କର ଚରଣ ବନ୍ଦନା କରୁଛି । ପୁଣି ସକଳ ଗୁଣର ନିଧାନ ସନ୍ଥସମାଜକୁ ମୁଁ ବାଣୀଦ୍ୱାରା ସପ୍ରେମ ପ୍ରଣାମ କରୁଛି ॥ ୨ ॥

**ସାଧୁ ଚରିତ ସୁଭ ଚରିତ କପାସୂ । ନିରସ ବିସଦ ଗୁନମୟ ଫଲ ଜାସୂ ॥**
**ଜୋ ସହି ଦୁଖ ପରଛିଦ୍ର ଦୁରାଓ୍ୱା । ବଂଦନୀୟ ଜେହିଁ ଜଗ ଜସ ପାଓ୍ୱା ॥ ୩ ॥**

ସନ୍ଥମାନଙ୍କର ଚରିତ କପାର ଚରିତ (ଜୀବନ) ପରି ମଙ୍ଗଳମୟ । କପାଫଳ ନୀରସ, ବିଶଦ ଏବଂ ଗୁଣମୟ ହୋଇଥାଏ । (କପାଫଳରେ ରସ ନ ଥାଏ; ତାହା ନୀରସ । ସନ୍ଥଙ୍କ ହୃଦୟରେ ମଧ୍ୟ ବିଷୟାସକ୍ତି ନ ଥାଏ; ତେଣୁ ସନ୍ଥହୃଦୟ ମଧ୍ୟ ନୀରସ । କପାର ବର୍ଣ୍ଣ ଉଜ୍ଜ୍ୱଳ; ସନ୍ଥଙ୍କ ହୃଦୟ ମଧ୍ୟ ଅଜ୍ଞାନ ଓ ପାପରୂପୀ ଅନ୍ଧକାରରୁ ମୁକ୍ତ ହୋଇଥିବାରୁ ଉଜ୍ଜ୍ୱଳ; ତେଣୁ ତାହା ବିଶଦ । କପା ଗୁଣ(ତନ୍ତୁ)ରେ ପୂର୍ଣ୍ଣ; ତେଣୁ ଗୁଣମୟ । ସନ୍ଥଙ୍କ ଚରିତ ମଧ୍ୟ ସଦ୍‌ଗୁଣରେ ପୂର୍ଣ୍ଣ ହୋଇଥିବାରୁ ଗୁଣମୟ) [ପୁଣି କପାସୂତା ଛୁଞ୍ଚର ଛିଦ୍ରକୁ ନିଜର ଦେହଦ୍ୱାରା ରୁଦ୍ଧ କରିଦିଏ; ଆହୁରି ମଧ୍ୟ ପିଞ୍ଜା, ଭିଣା ଓ ଲୁଗାବୁଣା ସମୟରେ କପା ଓ କପାରୁ ତିଆରି ସୂତା ବିଭିନ୍ନ କଷ୍ଟ ସହି, ଶେଷରେ ବସ୍ତ୍ରରୂପ ଧରି ଅନ୍ୟର ଗୁପ୍ତଅଙ୍ଗକୁ ଆବରଣ କରିବାପୂର୍ବକ ଲଜ୍ଜା ନିବାରଣ କରେ;] ସନ୍ଥପୁରୁଷ ସେହିପରି ନିଜେ ଦୁଃଖକଷ୍ଟ ସହି ଅନ୍ୟମାନଙ୍କର ଛିଦ୍ର ବା ଦୋଷକୁ ଘୋଡ଼ାଇରଖନ୍ତି । ତେଣୁ ସନ୍ଥମାନେ ଜଗତରେ ବନ୍ଦନୀୟ ହୋଇ ଯଶ ଲାଭ କରନ୍ତି ॥ ୩ ॥

**ମୁଦ ମଂଗଲମୟ ସଂତ ସମାଜୂ । ଜୋ ଜଗ ଜଂଗମ ତୀରଥରାଜୂ ॥**
**ରାମ ଭକ୍ତି ଜହଁ ସୁରସରି ଧାରା । ସରସଇ ବ୍ରହ୍ମ ବିଚାର ପ୍ରଚାରା ॥ ୪ ॥**

ସନ୍ଥସମାଜ ଆନନ୍ଦ ଓ କଲ୍ୟାଣରେ ପୂର୍ଣ୍ଣ । ସେହି ସମାଜ ହେଉଛି ଜଗତରେ ଏକ ଚଳନ୍ତି ତୀର୍ଥରାଜ (ପ୍ରୟାଗ) ପରି । ସେହି ସନ୍ଥସମାଜରୂପକ ପ୍ରୟାଗରେ ରାମଭକ୍ତି ହେଉଛି ଗଙ୍ଗାର ଧାରା ଏବଂ ବ୍ରହ୍ମବିଷୟକ ଚିନ୍ତନ ହେଉଛି ସରସ୍ୱତୀ ॥ ୪ ॥

**ବିଧି ନିଷେଧମୟ କଲି ମଲ ହରନୀ । କରମ କଥା ରବିନଂଦନି ବରନୀ ॥**
**ହରି ହର କଥା ବିରାଜତି ବେନୀ । ସୁନତ ସକଲ ମୁଦ ମଂଗଲ ଦେନୀ ॥ ୫ ॥**

ସନ୍ଥସମାଜରୂପୀ ପ୍ରୟାଗରେ ବିଧି-ନିଷେଧ(ଏହା କର ଓ ଏହା କର ନାହିଁ)ରୂପୀ କର୍ମସମ୍ବନ୍ଧୀୟ କଥା କଳିଯୁଗର ପାପନାଶିନୀ ସୂର୍ଯ୍ୟସୁତା ଯମୁନାସମାନ ବିଦ୍ୟମାନ; ଏବଂ ଭଗବାନ୍ ବିଷ୍ଣୁ ଓ ଶଙ୍କରଙ୍କ ଚରିତଗାଥା ତ୍ରିବେଣୀରୂପେ ସୁଶୋଭିତା । ଶ୍ରବଣ କରିବାମାତ୍ରେ ତାହା ସକଳ ଆନନ୍ଦ ଓ କଲ୍ୟାଣ ପ୍ରଦାନ କରିଥାଏ ॥ ୫ ॥

**ବଟୁ ବିସ୍ୱାସ ଅଚଲ ନିଜ ଧରମା । ତୀରଥରାଜ ସମାଜ ସୁକରମା ॥**
**ସବହି ସୁଲଭ ସବ ଦିନ ସବ ଦେସା । ସେଓ୍ୱତ ସାଦର ସମନ କଲେସା ॥ ୬ ॥**

ସ୍ୱଧର୍ମରେ ଅଟଳ ବିଶ୍ୱାସ ହେଉଛି ସେହି ସନ୍ଥସମାଜରୂପୀ ପ୍ରୟାଗରେ ଥିବା ଅକ୍ଷୟବଟ ଏବଂ ଶୁଭକର୍ମହିଁ ସେହି ତୀର୍ଥରାଜର ପରିକର ବା ସମାଜ । ସେହି ସନ୍ଥସମାଜରୂପୀ ପ୍ରୟାଗ ସବୁ ସ୍ଥାନରେ, ସବୁ ସମୟରେ ସମସ୍ତଙ୍କ ନିମନ୍ତେ ସୁଲଭ ଏବଂ ଆଦରପୂର୍ବକ ସେବନ କଲେ ତାହା ସକଳ ଦୁଃଖକ୍ଳେଶ ବିନାଶ କରିଥାଏ ॥ ୬ ॥

**ଅକଥ ଅଲୌକିକ ତୀରଥରାଉ । ଦେଇ ସଦ୍ୟ ଫଲ ପ୍ରଗଟ ପ୍ରଭାଉ ॥ ୭ ॥**

ସେହି ତୀର୍ଥରାଜ ହେଉଛି ଅଲୌକିକ, ଅନିର୍ବଚନୀୟ ଏବଂ ତତ୍କାଳ-ଫଳପ୍ରଦାୟକ; ତାହାର ପ୍ରଭାବ ପ୍ରତ୍ୟକ୍ଷ ॥ ୭ ॥

ଦୋଃ- **ସୁନି ସମୁଝହିଁ ଜନ ମୁଦିତ ମନ ମଜ୍ଜହିଁ ଅତି ଅନୁରାଗ ।**
**ଲହହିଁ ଚ୍ୟାରି ଫଲ ଅଛତ ତନୁ ସାଧୁ ସମାଜ ପ୍ରୟାଗ ॥ ୨ ॥**

ଯେଉଁମାନେ ଏହି ସନ୍ଥସମାଜରୂପୀ ତୀର୍ଥରାଜର ପ୍ରଭାବ ପ୍ରସନ୍ନଚିତ୍ତରେ ଶୁଣନ୍ତି, ବୁଝନ୍ତି ଏବଂ ଅତ୍ୟନ୍ତ ପ୍ରେମପୂର୍ବକ ଏଥିରେ ବୁଡ଼ ପକାନ୍ତି, ସେମାନେ ଶରୀର ଥାଉ ଥାଉ ଇହଜନ୍ମରେହିଁ ଚତୁର୍ବର୍ଗଫଳ (ଧର୍ମ, ଅର୍ଥ, କାମ ଓ ମୋକ୍ଷ) ପାଇଯାଆନ୍ତି ॥ ୨ ॥

**ମଜ୍ଜନ ଫଲ ପେଖିଅ ତତକାଲା । କାକ ହୋହିଁ ପିକ ବକଉ ମରାଲା ॥**
**ସୁନି ଆଚରଜ କରୈ ଜନି କୋଈ । ସତସଂଗତି ମହିମା ନହିଁ ଗୋଈ ॥ ୧ ॥**

ଏହି ସନ୍ଥସମାଜରୂପୀ ତୀର୍ଥରାଜରେ ସ୍ନାନ କରିବାର ଫଳ ତତ୍କ୍ଷଣାତ୍ ମିଳିଯାଏ । ଏଥିରେ ସ୍ନାନ କରି କୁଆ କୋଇଲିରେ ଏବଂ ବଗ ହଂସରେ ପରିଣତ ହୋଇଯାଏ । ଏହା ଶୁଣି କେହି ବିସ୍ମିତ ନ ହୁଅନ୍ତୁ; କାରଣ ସତ୍‌ସଙ୍ଗର ମହିମା କିଛି ଲୁଗ୍ଛପା ବିଷୟ ନୁହେଁ ॥ ୧ ॥

**ବାଲମୀକ ନାରଦ ଘଟଜୋନୀ । ନିଜ ନିଜ ମୁଖନି କହୀ ନିଜ ହୋନୀ ॥**
**ଜଲଚର ଥଲଚର ନଭଚର ନାନା । ଜେ ଜଡ଼ ଚେତନ ଜୀଓ୍ୱ ଜହାନା ॥ ୨ ॥**
**ମତି କୀରତି ଗତି ଭୂତି ଭଲାଈ । ଜବ ଜେହିଁ ଜତନ ଜହାଁ ଜେହିଁ ପାଈ ॥**
**ସୋ ଜାନବ ସତସଂଗ ପ୍ରଭାଉ । ଲୋକହୁଁ ବେଦ ନ ଆନ ଉପାଉ ॥ ୩ ॥**

ବାଲ୍ମୀକି, ନାରଦ ଓ ଅଗସ୍ତ୍ୟ ଋଷି ନିଜ ନିଜ ମୁଖରେ ସତ୍‌ସଙ୍ଗ ପ୍ରଭାବରେ ପ୍ରଭାବିତ ହୋଇଥିବା ନିଜର ଜୀବନବୃତ୍ତାନ୍ତ କହିଯାଇଛନ୍ତି । ଏହି ଜଗତରେ ଜଳଚର, ସ୍ଥଳଚର ଓ ନଭଶ୍ଚର ଆଦି ଯେତେସବୁ ଚରାଚର ଜୀବ ଅଛନ୍ତି, ସେମାନଙ୍କ ମଧ୍ୟରୁ ଯେକେହି, ଯେତେବେଳେ, ଯେଉଁଠି ଯେକୌଣସି ଯତ୍ନଫଳରେ ବି ବୁଦ୍ଧି, କୀର୍ତ୍ତି, ସଦ୍‌ଗତି, ବିଭୂତି (ଐଶ୍ୱର୍ଯ୍ୟ) ଓ କଲ୍ୟାଣ ଆଦି ଯାହାକିଛି ଲାଭ କରିଛନ୍ତି, ସେସବୁ କେବଳ ସତ୍‌ସଙ୍ଗର ପ୍ରଭାବ ବୋଲି ବୁଝିବା ଉଚିତ । ଏସବୁ ପ୍ରାପ୍ତିପାଇଁ ବେଦରେ କିମ୍ବା ଲୋକରେ ଅନ୍ୟ କୌଣସି ଦ୍ୱିତୀୟ ଉପାୟ କୁହାଯାଇନାହିଁ ॥ ୨-୩ ॥

**ବିନୁ ସତସଂଗ ବିବେକ ନ ହୋଈ । ରାମ କୃପା ବିନୁ ସୁଲଭ ନ ସୋଈ ॥**
**ସତସଂଗତ ମୁଦ ମଂଗଲ ମୂଲା । ସୋଇ ଫଲ ସିଧି ସବ ସାଧନ ଫୂଲା ॥ ୪ ॥**

ସତ୍‌ସଙ୍ଗ ବିନା ବିବେକ ଉଦୟ ହୁଏ ନାହିଁ ଏବଂ ଶ୍ରୀରାମଙ୍କ କୃପା ବିନା ସେହି ସତ୍‌ସଙ୍ଗ ସହଜରେ ମିଳେ ନାହିଁ । ସତ୍‌ସଙ୍ଗ ହେଉଛି ଆନନ୍ଦ ଓ କଲ୍ୟାଣର ମୂଳ । ସତ୍‌ସଙ୍ଗ ପ୍ରାପ୍ତିହିଁ ଫଳସମାନ; ଅନ୍ୟସବୁ ସାଧନା ତ ଫୁଲ ପରି ॥ ୪ ॥

**ସଠ ସୁଧରହିଁ ସତସଂଗତି ପାଈ । ପାରସ ପରସ କୁଧାତୁ ସୁହାଈ ॥**
**ବିଧି ବସ ସୁଜନ କୁସଂଗତ ପରହୀଂ । ଫନି ମନି ସମ ନିଜ ଗୁନ ଅନୁସରହୀଂ ॥ ୫ ॥**

ପରଶମଣିର ସ୍ପର୍ଶରେ ଲୁହା ଯେପରି ସୁନା ପାଲଟିଯାଏ, ସତ୍‌ସଙ୍ଗ ପାଇଲେ ଦୁଷ୍ଟ ମଧ୍ୟ ସେହିପରି ସୁଧୁରିଯାଏ । କିନ୍ତୁ ଦୈବଯୋଗରୁ ଯଦି ସଜ୍ଜନ କେବେ କୁସଙ୍ଗତିରେ ପଡ଼ିଯା'ନ୍ତି, ତେବେ ବି ସେ ସାପର ମଣି ପରି ନିଜ ଗୁଣରହିଁ ଅନୁସରଣ କରନ୍ତି (ଅର୍ଥାତ୍ ସାପର ସଂସର୍ଗ ପାଇ ମଧ୍ୟ ମଣି ଯେପରି ତା'ର ବିଷ ଗ୍ରହଣ କରେ ନାହିଁ, କି ନିଜର ଆଲୋକ ଦେବାର ସ୍ୱାଭାବିକ ଗୁଣ ଛାଡ଼େ ନାହିଁ, ଦୁଷ୍ଟର ସଂସର୍ଗରେ ରହି ମଧ୍ୟ ସାଧୁପୁରୁଷ ସେହିପରି ଦୁଷ୍ଟଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ, କି ଅନ୍ୟମାନଙ୍କୁ ଜ୍ଞାନାଲୋକ ଦେବା ଛାଡ଼ନ୍ତି ନାହିଁ ।) ॥ ୫ ॥

**ବିଧି ହରି ହର କବି କୋବିଦ ବାନୀ । କହତ ସାଧୁ ମହିମା ସକୁଚ୍ଗନୀ ॥**
**ସୋ ମୋ ସନ କହି ଜାତ ନ କୈସେଁ । ସାକ ବନିକ ମନି ଗୁନ ଗନ ଜୈସେଁ ॥ ୬ ॥**

ବ୍ରହ୍ମା, ବିଷ୍ଣୁ, ଶିବ, କବି ଓ ପଣ୍ଡିତମାନଙ୍କର ବାଣୀ ମଧ୍ୟ ସନ୍ଥଙ୍କ ମହିମା ବର୍ଣ୍ଣନା କରିବାକୁ ଅସାମର୍ଥ୍ୟ ପ୍ରକାଶ କରି ସଂକୁଚିତ ହୋଇଯାଏ । ପରିବାବେପାରୀ ଯେପରି ଅମୂଲ୍ୟ ମଣି ମୂଲ କରିବାକୁ ଅଯୋଗ୍ୟ, ମୁଁ ସେହିପରି ସନ୍ଥଙ୍କ ମହିମା ବର୍ଣ୍ଣନା କରିବାକୁ କୌଣସିପ୍ରକାରେ ଯୋଗ୍ୟ ନୁହେଁ ॥ ୬ ॥

ଦୋଃ- **ବଂଦଉଁ ସଂତ ସମାନ ଚିତ ହିତ ଅନହିତ ନହିଁ କୋଇ ।**
**ଅଂଜଲି ଗତ ସୁଭ ସୁମନ ଜିମି ସମ ସୁଗଂଧ କର ଦୋଇ ॥ ୩(କ) ॥**

ମୁଁ ସନ୍ଥମାନଙ୍କୁ ପ୍ରଣାମ କରୁଛି । ସେମାନଙ୍କ ଚିତ୍ତରେ ସମତ୍ୱଭାବ ରହିଛି । ସେମାନଙ୍କର କେହି ମିତ୍ର ନୁହନ୍ତି, କି କେହି ଶତ୍ରୁ ନୁହନ୍ତି । ଅଞ୍ଜଳିରେ ଧରାଯାଇଥିବା ସୁଗନ୍ଧି ଫୁଲ ଯେପରି ଫୁଲ ଛିଣ୍ଡାଇଥିବା ଓ ଫୁଲ ଧରିଥିବା ଉଭୟ ହାତକୁ ସମାନଭାବରେ ସୁଗନ୍ଧିତ କରିଥାଏ, ସନ୍ଥ ସେହିପରି ଶତ୍ରୁ ଓ ମିତ୍ର ଉଭୟଙ୍କର ସମାନଭାବରେ କଲ୍ୟାଣ କରନ୍ତି ॥ ୩ (କ) ॥

**ସଂତ ସରଲ ଚିତ ଜଗତ ହିତ ଜାନି ସୁଭାଉ ସନେହୁ ।**
**ବାଲବିନୟ ସୁନି କରି କୃପା ରାମଚରନ ରତି ଦେହୁ ॥ ୩(ଖ) ॥**

ସନ୍ଥମାନେ ହେଉଛନ୍ତି ସରଳହୃଦୟ ଓ ଜଗତର ହିତକାରୀ । ସେମାନଙ୍କର ଏପରି ସ୍ୱଭାବ ଓ ସ୍ନେହ ଜାଣି ମୁଁ ସେମାନଙ୍କୁ ବିନତି କରୁଛି ଯେ, ମୋର ଏହି ବାଳସୁଲଭ ବିନୟ ଶୁଣି, କୃପା କରି ସେମାନେ ମୋତେ ଶ୍ରୀରାମଙ୍କ ପାଦପଦ୍ମରେ ପ୍ରୀତି ପ୍ରଦାନ କରନ୍ତୁ ॥ ୩ (ଖ) ॥

**ବହୁରି ବଂଦି ଖଲ ଗନ ସତିଭାଏଁ । ଜେ ବିନୁ କାଜ ଦାହିନେହୁ ବାଏଁ ॥**
**ପର ହିତ ହାନି ଲାଭ ଜିହ୍ନ କେରେଁ । ଉଜରେଁ ହରଷ ବିଷାଦ ବସେରେଁ ॥ ୧ ॥**

ବର୍ତ୍ତମାନ ମୁଁ ସେହି ଦୁଷ୍ଟମାନଙ୍କୁ ହୃଦୟସହକାରେ ପ୍ରଣାମ କରୁଛି, ଯେଉଁମାନେ କି ଅକାରଣରେ ସେମାନଙ୍କର ହିତକାରୀମାନଙ୍କ ପ୍ରତି ମଧ୍ୟ ପ୍ରତିକୂଳ ଆଚରଣ କରନ୍ତି । ପରର କ୍ଷତିହିଁ ସେମାନଙ୍କ ଦୃଷ୍ଟିରେ ଲାଭ । ଅନ୍ୟ ଲୋକ କ୍ଷତିଗ୍ରସ୍ତ ହେଲେ, ସେମାନେ ପ୍ରସନ୍ନ ହୁଅନ୍ତି ଏବଂ ଅନ୍ୟଲୋକେ ଶାନ୍ତିରେ ବସବାସ କଲେ ସେମାନେ ଦୁଃଖୀ ହୁଅନ୍ତି ॥ ୧ ॥

**ହରି ହର ଜସ ରାକେସ ରାହୁ ସେ । ପର ଅକାଜ ଭଟ ସହସବାହୁ ସେ ॥**
**ଜେ ପର ଦୋଷ ଲଖହିଁ ସହସାଖୀ । ପର ହିତ ଘୃତ ଜିହ୍ନ କେ ମନ ମାଖୀ ॥ ୨ ॥**

ଯେଉଁମାନେ ହରି ଏବଂ ହରଙ୍କ ଯଶରୂପୀ ପୂର୍ଣ୍ଣଚନ୍ଦ୍ର ନିମନ୍ତେ ରାହୁସମାନ (ଅର୍ଥାତ୍ ଭଗବାନ୍ ବିଷ୍ଣୁ କିମ୍ବା ଶିବଙ୍କର ଯଶବର୍ଣ୍ଣନାରେ ଯେଉଁମାନେ ବାଧା ଉପୁଜାନ୍ତି), ପୁଣି ଅନ୍ୟର ଅହିତ କରିବାରେ ଯେଉଁମାନେ ସହସ୍ରବାହୁସମ ବୀର, ଯେଉଁମାନେ ସହସ୍ରଚକ୍ଷୁ ହୋଇ ପରଦୋଷ ଦର୍ଶନ କରନ୍ତି ଏବଂ ଅନ୍ୟମାନଙ୍କର ମଙ୍ଗଳରୂପୀ ଘୃତରେ ଯେଉଁମାନଙ୍କର ମନ ମାଛି ପରି ପଡ଼ିଯାଏ (ମାଛି ଯେପରି ଘିଅରେ ପଡ଼ି ନିଜେ ପଚ୍ଛେ

ମରେ, କିନ୍ତୁ ଘିଅକୁ ନଷ୍ଟ କରିଦିଏ, ଦୁଷ୍ଟମାନେ ସେହିପରି ଆପଣାର କ୍ଷତି କରି ମଧ୍ୟ ଅନ୍ୟର ମହତ୍ କର୍ମକୁ ନଷ୍ଟ କରିଦିଅନ୍ତି), ॥ ୨ ॥

**ତେଜ କୃସାନୁ ରୋଷ ମହିଷେସା । ଅଘ ଅଓ୍ୱଗୁନ ଧନ ଧନୀ ଧନେସା ॥**
**ଉଦୟ୍ କେତ ସମ ହିତ ସବ ହୀ କେ । କୁଂଭକରନ ସମ ସୋଓ୍ୱତ ନୀକେ ॥ ୩ ॥**

ଯେଉଁମାନଙ୍କର ତେଜ (ଅନ୍ୟକୁ ସନ୍ତାପିତ କରୁଥିବା ତାପ) ଅଗ୍ନି ପରି ପ୍ରଚଣ୍ଡ ଓ କ୍ରୋଧ ଯମରାଜଙ୍କ ପରି ଉଗ୍ର, ଯେଉଁମାନେ ପାପ ଓ ଅବଗୁଣରୂପୀ ଧନରେ କୁବେର ପରି ଧନୀ, ଯେଉଁମାନଙ୍କର ଅଭିବୃଦ୍ଧି ସମସ୍ତଙ୍କର ହିତ ନାଶ କରିବାରେ ଧୂମକେତୁ ପରି ଏବଂ ଯେଉଁମାନେ କୁମ୍ଭକର୍ଣ୍ଣ ପରି ଶୋଇରହିଲେହିଁ ଜଗତର କଲ୍ୟାଣ ହୁଏ, ॥ ୩ ॥

**ପର ଅକାଜୁ ଲଗି ତନୁ ପରିହରହୀଁ । ଜିମି ହିମ ଉପଲ କୃଷୀ ଦଲି ଗରହୀଁ ॥**
**ବଂଦଉଁ ଖଲ ଜସ ସେଷ ସରୋଷା । ସହସ ବଦନ ବରନଇ ପର ଦୋଷା ॥ ୪ ॥**

କୁଆପଥର ଗୃଷୀର ଫସଲ ନଷ୍ଟ କରି ନିଜେ ନଷ୍ଟ ହୋଇଯିବା ପରି ଯେଉଁ ଦୁଷ୍ଟମାନେ ପରର ଅନିଷ୍ଟ କରିବା ନିମନ୍ତେ ଆପଣା ଶରୀର ବି ଛାଡ଼ିଦିଅନ୍ତି ଏବଂ ଯେଉଁ ଦୁଷ୍ଟମାନେ ରୁଷ୍ଟ ହୋଇ ପରଦୋଷକୁ ସହସ୍ରମୁଖରେ ବର୍ଣ୍ଣନା କରନ୍ତି, ମୁଁ ସେମାନଙ୍କୁ ସହସ୍ରଫଣାଯୁକ୍ତ ଶେଷଦେବ ମନେକରି ପ୍ରଣାମ କରୁଛି ॥ ୪ ॥

**ପୁନି ପ୍ରନଓ୍ୱଉଁ ପୃଥୁରାଜ ସମାନା । ପର ଅଘ ସୁନଇ ସହସ ଦସ କାନା ॥**
**ବହୁରି ସକ୍ର ସମ ବିନଓ୍ୱଉଁ ତେହୀ । ସଂତତ ସୁରାନୀକ ହିତ ଜେହୀ ॥ ୫ ॥**

ପୁଣି ଯେଉଁମାନେ ଦଶହଜାର କର୍ଣ୍ଣରେ ଅନ୍ୟମାନଙ୍କର ପାପ ଶୁଣନ୍ତି, ସେମାନଙ୍କୁ ମୁଁ ରାଜା ପୃଥୁ (ଯେ କି ଭଗବାନଙ୍କର ଯଶ ଶୁଣିବା ନିମନ୍ତେ ଦଶହଜାର କର୍ଣ୍ଣ ମାଗିଥିଲେ) ମନେକରି ପ୍ରଣାମ କରୁଛି । ପୁନଶ୍ଚ ସେହି ଦୁଷ୍ଟମାନଙ୍କୁ ଇନ୍ଦ୍ର ପରି ମାନି ମୁଁ ବିନତି କରୁଛି; କାରଣ ଇନ୍ଦ୍ରଙ୍କୁ 'ସୁରାନୀକ' ଅର୍ଥାତ୍ ଦେବସେନା ପ୍ରିୟ [ଏବଂ ଦୁଷ୍ଟମାନଙ୍କୁ ମଧ୍ୟ 'ସୁରା' ବା ମଦିରା 'ନୀକ' ଅର୍ଥାତ୍ ଭଲ ଲାଗେ] ॥ ୫ ॥

**ବଚନ ବଜ୍ର ଜେହି ସଦା ପିଆରା । ସହସ ନୟନ ପର ଦୋଷ ନିହାରା ॥ ୬ ॥**

କଠୋର ବଚନରୂପକ ବଜ୍ର ହେଉଛି ସେମାନଙ୍କର ନିତ୍ୟ ପ୍ରିୟବସ୍ତୁ ଓ ସେମାନେ ସହସ୍ର ନୟନରେ ଅନ୍ୟମାନଙ୍କର ଦୋଷ ଦର୍ଶନ କରନ୍ତି ॥ ୬ ॥

ଦୋଃ- **ଉଦାସୀନ ଅରି ମୀତ ହିତ ସୁନତ ଜରହିଁ ଖଲ ରୀତି ।**
**ଜାନି ପାନି ଜୁଗ ଜୋରି ଜନ ବିନତୀ କରଇ ସପ୍ରୀତି ॥ ୪ ॥**

ଦୁଷ୍ଟମାନଙ୍କର ଏହା ଏକ ରୀତି ଯେ, କି ଉଦାସୀନ, କି ଶତ୍ରୁ, କି ମିତ୍ର—ଯେକୌଣସି ଲୋକର ହିତ ଶୁଣିଲେ ବି ସେମାନଙ୍କର ହୃଦୟ ଜଳିଯାଏ । ଏହା ଜାଣି ମୁଁ ଦୁଇହାତ ଯୋଡ଼ି ସେମାନଙ୍କୁ ପ୍ରେମପୂର୍ବକ ବିନତି ଜଣାଉଛି ॥ ୪ ॥

**ମୈଁ ଅପନୀ ଦିସି କୀହ୍ନ ନିହୋରା । ତିହ୍ନ ନିଜ ଓର ନ ଲାଉବ ଭୋରା ॥**
**ବାୟସ ପଲିଅହିଁ ଅତି ଅନୁରାଗା । ହୋହିଁ ନିରାମିଷ କବହୁଁ କି କାଗା ॥ ୧ ॥**

ମୁଁ ସିନା ମୋ ପକ୍ଷରୁ ବିନତି କରୁଛି, କିନ୍ତୁ ସେମାନେ କଦାପି ସେମାନଙ୍କର ସ୍ୱଭାବ ଛାଡ଼ିବେ ନାହିଁ । କୁଆକୁ ଅତି ଅନୁରାଗରେ ପାଳିଲେ ମଧ୍ୟ, ସେ କ'ଣ କେବେ ନିରାମିଷାଶୀ ହୋଇପାରିବ ! ॥ ୧ ॥

**ବଂଦଉଁ ସଂତ ଅସଜ୍ଜନ ଚରନା । ଦୁଖପ୍ରଦ ଉଭୟ୍ ବୀଚ କଛୁ ବରନା ॥**
**ବିଛୁରତ ଏକ ପ୍ରାନ ହରି ଲେହୀଁ । ମିଲତ ଏକ ଦୁଖ ଦାରୁନ ଦେହୀଁ ॥ ୨ ॥**

ବର୍ତ୍ତମାନ ମୁଁ ସନ୍ଥ ଓ ଅସନ୍ଥ ଉଭୟଙ୍କ ଚରଣ ବନ୍ଦନା କରୁଛି । ଉଭୟେ ଦୁଃଖ ଦିଅନ୍ତି; କିନ୍ତୁ ସେମାନଙ୍କ ଦୁଃଖ ଦେବା ମଧ୍ୟରେ ପ୍ରଭେଦ ରହିଛି । ପ୍ରଭେଦ ଏହି ଯେ, ସନ୍ଥ ବିଦାୟ ନେଇ ଗ୍ଲିଯିବାବେଳେ ପ୍ରାଣ ନେଇଗଲାଭଳି ଦୁଃଖ ହୁଏ ଏବଂ ଅସନ୍ଥ (ଦୁଷ୍ଟ) ଆସି ପହଞ୍ଚିଗଲେ ଦାରୁଣ ଦୁଃଖ ଦିଏ । (ଅର୍ଥାତ୍ ସନ୍ଥଙ୍କ ପ୍ରସ୍ଥାନରେ ଏବଂ ଦୁଷ୍ଟର ଆଗମନରେ ଭୀଷଣ ଦୁଃଖ ହୁଏ) ॥ ୨ ॥

**ଉପଜହିଁ ଏକ ସଂଗ ଜଗ ମାହୀଁ । ଜଲଜ ଜୋଁକ ଜିମି ଗୁନ ବିଲଗାହୀଁ ॥**
**ସୁଧା ସୁରା ସମ ସାଧୂ ଅସାଧୂ । ଜନକ ଏକ ଜଗ ଜଲଧି ଅଗାଧୂ ॥ ୩ ॥**

ସନ୍ଥ ଓ ଅସନ୍ଥ ଉଭୟେ ଜଗତରେ ଏକସଙ୍ଗେ ଜାତ ହୁଅନ୍ତି; ମାତ୍ର ଏକସଙ୍ଗେ ଜାତ ହୋଇଥିବା ପଦ୍ମଫୁଲ ଓ ଜୋକ ପରି ସେମାନେ ଭିନ୍ନ ଭିନ୍ନ ଗୁଣର ହୋଇଥାନ୍ତି । (ପଦ୍ମଫୁଲର ଦର୍ଶନ ଓ ସ୍ପର୍ଶ ସୁଖ ଦିଏ; କିନ୍ତୁ ଶରୀରକୁ ସ୍ପର୍ଶ କରିବାମାତ୍ରେ ଜୋକ ରକ୍ତ ଶୋଷିନିଏ ।) ସାଧୁ ହେଉଛନ୍ତି ଅମୃତସମାନ (ମୃତ୍ୟୁରୂପୀ ସଂସାରରୁ ଉଦ୍ଧାରକାରୀ) ଏବଂ ଅସାଧୁ ହେଉଛି ମଦିରାସମାନ (ମୋହ, ପ୍ରମାଦ ଓ ଜଡତା-ଉତ୍ପନ୍ନକାରୀ) । ଉଭୟେ ଏକମାତ୍ର ଜଗତ୍‌ରୂପୀ ଅଗାଧ ସମୁଦ୍ରରୁ ଉତ୍ପନ୍ନ । [ଶାସ୍ତ୍ରରେ କୁହାଯାଇଛି ଯେ, ସମୁଦ୍ର ମନ୍ଥନରୁହିଁ ଉଭୟ ଅମୃତ ଓ ମଦିରା ଉତ୍ପନ୍ନ ହୋଇଥିଲା] ॥ ୩ ॥

**ଭଲ ଅନଭଲ ନିଜ ନିଜ କରତୂତୀ । ଲହତ ସୁଜସ ଅପଲୋକ ବିଭୂତୀ ॥**
**ସୁଧା ସୁଧାକର ସୁରସରି ସାଧୂ । ଗରଲ ଅନଲ କଲିମଲ ସରି ବ୍ୟାଧୂ ॥ ୪ ॥**
**ଗୁନ ଅଓ୍ୱଗୁନ ଜାନତ ସବ କୋଈ । ଜୋ ଜେହି ଭାଓ୍ୱ ନୀକ ତେହି ସୋଈ ॥ ୫ ॥**

ସାଧୁଙ୍କ ସ୍ୱଭାବ ଅମୃତ, ଚନ୍ଦ୍ରମା ଓ ଗଙ୍ଗାଙ୍କ ସମାନ ଏବଂ ଦୁଷ୍ଟର ସ୍ୱଭାବ ବିଷ, ଅଗ୍ନି ଓ କଳିଯୁଗର ପାପନଦୀ କର୍ମନାଶାସମାନ । ଏମାନଙ୍କର ଗୁଣ ଓ ଅବଗୁଣ ସମସ୍ତେ ଜାଣନ୍ତି; ଯାହାକୁ ଯାହା ରୁଚେ, ତାକୁ ତାହା ହିଁ ଭଲ ଲାଗେ ॥ ୪, ୫ ॥

ଦୋଃ- **ଭଲୋ ଭଲାଇହି ପୈ ଲହଇ ଲହଇ ନିଚ୍ଇହି ନୀଚୁ ।**
**ସୁଧା ସରାହିଅ ଅମରତାଁ ଗରଲ ସରାହିଅ ମୀଚୁ ॥ ୫ ॥**

ଯେ ଭଲ, ସେ ଭଲହିଁ ଗ୍ରହଣ କରେ । ଯେ ମନ୍ଦ, ସେ ନୀଚତାକୁହିଁ ଗ୍ରହଣ କରେ । ଅମୃତ ଅମରତ୍ୱ ପ୍ରଦାନ କରୁଥିବା ହେତୁ ପ୍ରଶଂସନୀୟ; ଗରଳ ମାରିଦେବା-କାର୍ଯ୍ୟପାଇଁ ପ୍ରଶଂସନୀୟ ॥ ୫ ॥

**ଖଲ ଅଘ ଅଗୁନ ସାଧୁ ଗୁନ ଗାହା । ଉଭୟ ଅପାର ଉଦଧି ଅଓ୍ୱଗାହା ॥**
**ତେହି ତେଁ କଛୁ ଗୁନ ଦୋଷ ବଖାନେ । ସଂଗ୍ରହ ତ୍ୟାଗ ନ ବିନୁ ପହିଚ୍ନେ ॥ ୧ ॥**

ଦୁଷ୍ଟମାନଙ୍କର ପାପ ଓ ଦୁର୍ଗୁଣର ଗାଥା ଏବଂ ସାଧୁମାନଙ୍କର ସଦ୍‌ଗୁଣସମୂହର ଗାଥା—ଉଭୟେ ସମୁଦ୍ର ପରି ଅପାର ଓ ଅଗାଧ । ସେଥିମଧ୍ୟରୁ ଏଠାରେ ଅଳ୍ପ କିଛି ଗୁଣ ଓ ଦୋଷ ବର୍ଣ୍ଣନ କରାଗଲା; କାରଣ, ନ ଚିହ୍ନିଲେ କାହାକୁ ଗ୍ରହଣ କରାଯିବ ଓ କାହାକୁ ତ୍ୟାଗ କରାଯିବ, ଜାଣିହେବ ନାହିଁ ॥ ୧ ॥

**ଭଲେଉ ପୋଚ ସବ ବିଧି ଉପଜାଏ । ଗନି ଗୁନ ଦୋଷ ବେଦ ବିଲଗାଏ ॥**
**କହହିଁ ବେଦ ଇତିହାସ ପୁରାନା । ବିଧି ପ୍ରପଂଚୁ ଗୁନ ଅଓ୍ୱଗୁନ ସାନା ॥ ୨ ॥**

କି ଭଲ, କି ମନ୍ଦ—ସବୁ ବ୍ରହ୍ମାଙ୍କର ରଚନା; କିନ୍ତୁ ଗୁଣ ଓ ଦୋଷ ବିଚାର କରି ବେଦମାନେ ସେହି ଦୁଇଟିକୁ ପୃଥକ୍ କରିଦେଇଛନ୍ତି । ବେଦ, ଇତିହାସ ଓ ପୁରାଣମାନେ କହନ୍ତି, ବ୍ରହ୍ମାଙ୍କର ଏହି ସୃଷ୍ଟି ହେଉଛି ଗୁଣ ଓ ଅବଗୁଣର ଏକ ମିଶ୍ରଣ ॥ ୨ ॥

ଦୁଖ ସୁଖ ପାପ ପୁନ୍ୟ ଦିନ ରାତୀ । ସାଧୁ ଅସାଧୁ ସୁଜାତି କୁଜାତୀ ॥
ଦାନୱ ଦେୱ ଊଁଚ ଅରୁ ନୀଚୂ । ଅମିଅ ସୁଜୀୱନୁ ମାହୁରୁ ମୀଚୂ ॥ ୩ ॥
ମାୟା ବ୍ରହ୍ମ ଜୀୱ ଜଗଦୀସା । ଲଚ୍ଛି ଅଲଚ୍ଛି ରଂକ ଅୱନୀସା ॥
କାସୀ ମଗ ସୁରସରି କ୍ରମନାସା । ମରୁ ମାରୱ ମହିଦେୱ ଗୱାସା ॥ ୪ ॥
ସରଗ ନରକ ଅନୁରାଗ ବିରାଗା । ନିଗମାଗମ ଗୁନ ଦୋଷ ବିଭାଗା ॥ ୫ ॥

ସୁଖ-ଦୁଃଖ, ପାପ-ପୁଣ୍ୟ, ଦିନ-ରାତି, ସାଧୁ-ଅସାଧୁ, ସୁଜାତି-କୁଜାତି, ଦେବ-ଦାନବ, ଉଚ୍ଚ-ନୀଚ, ଅମୃତ-ବିଷ, ସୁଜୀବନ (ସୁନ୍ଦର ଜୀବନ)-ମୃତ୍ୟୁ, ମାୟା-ବ୍ରହ୍ମ, ଜୀବ-ଈଶ୍ୱର, ଲକ୍ଷ୍ମୀ-ଅଲକ୍ଷ୍ମୀ (ସମ୍ପତ୍ତି-ଦାରିଦ୍ର୍ୟ), ରଙ୍କ-ରାଜା, କାଶୀ-ମଗଧ, ଗଙ୍ଗା-କର୍ମନାଶା, ମାରବାର-ମାଳବ (ମରୁଭୂମି-ଉର୍ବରଭୂମି) ବ୍ରାହ୍ମଣ-କଂସେଇ, ସ୍ୱର୍ଗ-ନରକ ଓ ଅନୁରାଗ-ବିରାଗ ଆଦି ସମସ୍ତ ପଦାର୍ଥ ବ୍ରହ୍ମାଙ୍କ ସୃଷ୍ଟିରେ ରହିଛି । ବେଦ ଓ ଶାସ୍ତ୍ରଗଣ ଗୁଣ ଓ ଦୋଷକୁ ପୃଥକ୍ ପୃଥକ୍ କରିଦେଇଛନ୍ତି ॥ ୩—୫ ॥

ଦୋଃ- ଜଡ଼ ଚେତନ ଗୁନ ଦୋଷମୟ ବିସ୍ୱ କୀହ୍ନ କରତାର ।
ସଂତ ହଂସ ଗୁନ ଗହହିଁ ପୟ ପରିହରି ବାରି ବିକାର ॥ ୬ ॥

ବିଧାତା ଏହି ଜଡ଼ଚେତନର ସମାହାର ବିଶ୍ୱକୁ ଦୋଷଗୁଣମୟ କରି ରଚନା କରିଛନ୍ତି; କିନ୍ତୁ ସନ୍ଥରୂପୀ ହଂସ ଦୋଷରୂପୀ ଜଳ ପରିତ୍ୟାଗ କରି ଗୁଣରୂପୀ ଦୁଗ୍ଧହିଁ ଗ୍ରହଣ କରେ ॥ ୬ ॥

ଅସ ବିବେକ ଜବ ଦେଇ ବିଧାତା । ତବ ତଜି ଦୋଷ ଗୁନହିଁ ମନୁ ରାତା ॥
କାଲ ସୁଭାଉ କରମ ବରିଆଈଁ । ଭଲେଉ ପ୍ରକୃତି ବସ ଚୁକଇ ଭଲାଈଁ ॥ ୧ ॥

ବିଧାତା ଏହିପରି (ହଂସର ବିବେକ ପରି) ବିବେକ ପ୍ରଦାନ କଲେ ମନ ଦୋଷ ପରିତ୍ୟାଗ କରି ଗୁଣରେ ଅନୁରକ୍ତ ହୁଏ; କିନ୍ତୁ କାଳ, କର୍ମ ଓ ସ୍ୱଭାବର ପ୍ରବଳତା ହେତୁ ଭଲଲୋକେ (ସାଧୁମାନେ) ମଧ୍ୟ ମାୟାର ବଶବର୍ତ୍ତୀ ହୋଇ ବେଳେ ବେଳେ ଭଲକୁ ଭୁଲିଯାଆନ୍ତି ଅର୍ଥାତ୍ ଭୁଲ୍ କରିପକାନ୍ତି ॥ ୧ ॥

ସୋ ସୁଧାରି ହରିଜନ ଜିମି ଲେହୀଁ । ଦଲି ଦୁଖ ଦୋଷ ବିମଲ ଜସୁ ଦେହୀଁ ॥
ଖଲଉ କରହିଁ ଭଲ ପାଇ ସୁସଂଗୂ । ମିଟଇ ନ ମଲିନ ସୁଭାଉ ଅଭଂଗୂ ॥ ୨ ॥

ଭଗବାନଙ୍କର ଭକ୍ତମାନେ ଯେପରି ଏହିସବୁ ଭୁଲ୍ ସୁଧାରି ଏବଂ ଦୁଃଖ-ଦୋଷ ପରିତ୍ୟାଗ କରି ନିର୍ମଳ ଯଶର ଅଧିକାରୀ ହୁଅନ୍ତି, ଦୁଷ୍ଟମାନେ ମଧ୍ୟ ସେହିପରି ବେଳେ ବେଳେ ସତ୍‌ସଙ୍ଗ ପାଇ ସତ୍‌କର୍ମ କରନ୍ତି; କିନ୍ତୁ ସେମାନଙ୍କର ଅତୁଟ ମଳିନସ୍ୱଭାବ ତୁଟେ ନାହିଁ ॥ ୨ ॥

ଲଖି ସୁବେଷ ଜଗ ବଂଚକ ଜେଉ । ବେଷ ପ୍ରତାପ ପୂଜିଅହିଁ ତେଉ ॥
ଉଘରହିଁ ଅଂତ ନ ହୋଇ ନିବାହୂ । କାଲନେମି ଜିମି ରାୱନ ରାହୂ ॥ ୩ ॥

ସାଧୁବେଶଧାରୀ ଠକମାନଙ୍କୁ ଦେଖିଲେ ସେମାନଙ୍କର ବେଶପ୍ରଭାବରୁ ଜଗତ୍ ସେମାନଙ୍କୁ ପୂଜା କରିଥାଏ; କିନ୍ତୁ ଦିନେ ନା ଦିନେ ସେମାନେ ଚିହ୍ନା ପଡ଼ିଯାଆନ୍ତି । କାଳନେମି, ରାବଣ ଓ ରାହୁର ଅବସ୍ଥା ଯେପରି ହେଲା, ସେମାନଙ୍କର କପଟବେଶ ବି ସେହିପରି ଶେଷରେ ଧରା ପଡ଼ିଯାଏ ॥ ୩ ॥

କିଏହୁଁ କୁବେଷୁ ସାଧୁ ସନମାନୂ । ଜିମି ଜଗ ଜାମୱଂତ ହନୁମାନୂ ॥
ହାନି କୁସଂଗ ସୁସଂଗତି ଲାହୂ । ଲୋକହୁଁ ବେଦ ବିଦିତ ସବ କାହୂ ॥ ୪ ॥

ଜାମ୍ବବାନ୍ ଓ ହନୁମାନଙ୍କର ବେଶ ଅସୁନ୍ଦର ହୋଇଥିଲେ ମଧ୍ୟ, ସେମାନେ ସାଧୁ ହୋଇଥିବାରୁ ସେମାନଙ୍କୁ ଯେପରି ସମସ୍ତେ ସମ୍ମାନ ଦିଅନ୍ତି, ଅସୁନ୍ଦର ବେଶ ଧରିଥିଲେ ବି ସାଧୁମାନଙ୍କୁ ସେହିପରି ସର୍ବଦା ସମ୍ମାନ ମିଳିଥାଏ । ଅସତ୍‌ସଙ୍ଗରୁ ଯେଉଁ କ୍ଷତି ଓ ସତ୍‌ସଙ୍ଗରୁ ଯେଉଁ ଲାଭ ମିଳେ, ତାହା ଲୋକରେ ଓ ବେଦରେ ପ୍ରସିଦ୍ଧ ଏବଂ ତାହା ସମସ୍ତେ ଜାଣନ୍ତି ॥ ୪ ॥

**ଗଗନ ଚଢ଼ଇ ରଜ ପୱନ ପ୍ରସଂଗା । କୀଚହିଁ ମିଲଇ ନୀଚ ଜଲ ସଂଗା ॥**
**ସାଧୁ ଅସାଧୁ ସଦନ ସୁକ ସାରୀଁ । ସୁମିରହିଁ ରାମ ଦେହିଁ ଗନି ଗାରୀଁ ॥ ୫ ॥**

ପବନର ସଙ୍ଗ ପାଇ ଧୂଳି ଆକାଶକୁ ଉଠିଯାଏ, ଅଥଚ ନୀଚ ଜଳର (ନିମ୍ନଗାମୀ ଜଳବିନ୍ଦୁର) ସଙ୍ଗ ପାଇ ସେହି ଧୂଳି କାଦୁଅରେ ମିଶିଯାଏ । ସାଧୁ ଘରର ଶୁଆସାରୀ 'ରାମ ରାମ' ରଟନ୍ତି; କିନ୍ତୁ ଅସାଧୁ ଘରର ଶୁଆସାରୀ ଗଣି ଗଣି ଗାଳି ଦେଇଥାନ୍ତି ॥ ୫ ॥

**ଧୂମ କୁସଂଗତି କାରିଖ ହୋଈ । ଲିଖିଅ ପୁରାନ ମଂଜୁ ମସି ସୋଈ ॥**
**ସୋଇ ଜଲ ଅନଲ ଅନିଲ ସଂଘାତା । ହୋଇ ଜଲଦ ଜଗ ଜୀୱନ ଦାତା ॥ ୬ ॥**

କୁସଙ୍ଗ ହେତୁ ଧୂଆଁ ଅଳନ୍ଧୁ ଆଖ୍ୟା ପାଏ ଏବଂ ସୁସଙ୍ଗର ସଂସ୍ପର୍ଶରେ ଆସି ସେହି ଧୂଆଁ ସୁନ୍ଦର ସ୍ୟାହି ହୋଇ ଶାସ୍ତ୍ର-ପୁରାଣ ଲେଖିବା କାମରେ ଲାଗିଥାଏ । ପୁଣି ସେହି ଧୂଆଁ ଜଳ, ଅଗ୍ନି ଓ ବାୟୁର ସଂସର୍ଗରେ ଆସି ମେଘରେ ପରିଣତ ହୋଇ ଜଗତର ଜୀବନଦାତା ହୋଇଯାଏ ॥ ୬ ॥

ଦୋଃ- **ଗ୍ରହ ଭେଷଜ ଜଲ ପୱନ ପଟ ପାଇ କୁଜୋଗ ସୁଜୋଗ ।**
**ହୋହିଁ କୁବସ୍ତୁ ସୁବସ୍ତୁ ଜଗ ଲଖହିଁ ସୁଲଚ୍ଛନ ଲୋଗ ॥ ୭(କ) ॥**

ଗ୍ରହ, ଔଷଧ, ଜଳ, ବାୟୁ ଏବଂ ବସ୍ତ୍ର ମଧ୍ୟ ଅସତ୍‌ସଙ୍ଗ ଓ ସତ୍‌ସଙ୍ଗ ହେତୁ ସଂସାରରେ ଯଥାକ୍ରମେ ମନ୍ଦ ଓ ଭଲ ପଦାର୍ଥରେ ପରିଣତ ହୋଇଯାଆନ୍ତି । କେବଳ ଚତୁର ଓ ବିବେକୀ ପୁରୁଷମାନେ ଏହିସବୁ ବିଷୟ ଜାଣିପାରନ୍ତି ॥ ୭ (କ) ॥

**ସମ ପ୍ରକାସ ତମ ପାଖ ଦୁହୁଁ ନାମ ଭେଦ ବିଧି କୀହ୍ନ ।**
**ସସି ସୋଷକ ପୋଷକ ସମୁଝି ଜଗ ଜସ ଅପଜସ ଦୀହ୍ନ ॥ ୭(ଖ) ॥**

ମାସର ଉଭୟ ପକ୍ଷରେ ଆଲୋକ ଓ ଅନ୍ଧାର ସମାନ ପରିମାଣରେ ରହିଥାଏ; କିନ୍ତୁ ବିଧାତା ଏହି ଦୁଇ ପକ୍ଷର ନାମରେ ଭିନ୍ନତା (ଗୋଟିକର ନାମ ଶୁକ୍ଳ ଓ ଅନ୍ୟଟିର ନାମ କୃଷ୍ଣ) ରଖିଦେଲେ । ଗୋଟିକୁ ଚନ୍ଦ୍ରର ବୃଦ୍ଧିକାରୀ ଓ ଅନ୍ୟଟିକୁ ଚନ୍ଦ୍ରର କ୍ଷୟକାରୀ ମନେକରି ଗୋଟିକୁ ସୁଯଶ ଓ ଅନ୍ୟଟିକୁ ଅପଯଶ ଦେଇଦେଲେ ॥ ୭(ଖ) ॥

**ଜଡ଼ ଚେତନ ଜଗ ଜୀୱ ଜତ ସକଲ ରାମମୟ ଜାନି ।**
**ବଂଦଉଁ ସବ କେ ପଦ କମଲ ସଦା ଜୋରି ଜୁଗ ପାନି ॥ ୭(ଗ) ॥**

ଜଗତରେ ଯେତେସବୁ ଜଡ଼ ଓ ଚେତନ ଜୀବ ଅଛନ୍ତି, ସେହି ସମସ୍ତଙ୍କୁ ରାମମୟ ଜାଣି ମୁଁ ଦୁଇ କର ଯୋଡ଼ି ସଦା ସେମାନଙ୍କ ଚରଣକମଳକୁ ବନ୍ଦନା କରୁଛି ॥ ୭ (ଗ) ॥

**ଦେୱ ଦନୁଜ ନର ନାଗ ଖଗ ପ୍ରେତ ପିତର ଗଂଧର୍ବ ।**
**ବଂଦଉଁ କିଂନର ରଜନିଚର କୃପା କରହୁ ଅବ ସର୍ବ ॥ ୭(ଘ) ॥**

ଦେବତା, ଦୈତ୍ୟ, ମନୁଷ୍ୟ, ନାଗ, ପକ୍ଷୀ, ପ୍ରେତ, ପିତୃପୁରୁଷ, ଗନ୍ଧର୍ବ, କିନ୍ନର ଓ ନିଶାଚର—ଏ ସମସ୍ତଙ୍କୁ ମୁଁ ପ୍ରଣାମ କରୁଛି । ସମସ୍ତେ ମୋତେ କୃପା କରନ୍ତୁ ॥ ୭ (ଘ) ॥

**ଆକର ଗ୍ୱରି ଲାଖ ଚୌରାସୀ । ଜାତି ଜୀଓ୍ୱ ଜଲ ଥଲ ନଭ ବାସୀ ॥**
**ସୀୟ୍ ରାମମୟ୍ ସବ ଜଗ ଜାନୀ । କରଉଁ ପ୍ରନାମ ଜୋରି ଜୁଗ ପାନୀ ॥ ୧ ॥**

ଚୌରାଅଶୀ ଲକ୍ଷ ଯୋନିରୁ ଜାତ ଗ୍ୱରିପ୍ରକାର (ସ୍ୱେଦଜ, ଅଣ୍ଡଜ, ଉଦ୍ଭିଜ୍ଜ ଓ ଜରାୟୁଜ) ଜୀବ ଜଳ, ସ୍ଥଳ ଓ ଆକାଶରେ ରହନ୍ତି । ସେମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଏହି ସମଗ୍ର ସଂସାରକୁ ସୀତାରାମମୟ ଜାଣି ମୁଁ ଦୁଇ କର ଯୋଡ଼ି ପ୍ରଣାମ କରୁଛି ॥ ୧ ॥

**ଜାନି କୃପାକର କିଂକର ମୋହୂ । ସବ ମିଲି କରହୁ ଛାଡ଼ି ଛଲ ଛୋହୂ ॥**
**ନିଜ ବୁଧି ବଲ ଭରୋସ ମୋହି ନାହୀଁ । ତାତେଁ ବିନୟ୍ କରଉଁ ସବ ପାହୀଁ ॥ ୨ ॥**

ହେ କୃପାଳୁଗଣ ! ନିଜର ବୁଦ୍ଧିବଳ ଉପରେ ମୋର ଭରସା ନ ଥିବାରୁ ମୁଁ ସମସ୍ତଙ୍କୁ ବିନତି କରୁଛି; ମୋତେ ନିଜର ଦାସ ବୋଲି ଜାଣି, ଆପଣମାନେ ସମସ୍ତେ ମିଶି, ଛନ୍ଦକପଟ ଛାଡ଼ି ମୋତେ କୃପା କରନ୍ତୁ ॥ ୨ ॥

**କରନ ଚହଉଁ ରଘୁପତି ଗୁନ ଗାହା । ଲଘୁ ମତି ମୋରି ଚରିତ ଅଓ୍ୱଗାହା ॥**
**ସୂଝ ନ ଏକଉ ଅଂଗ ଉପାଉ । ମନ ମତି ରଂକ ମନୋରଥ ରାଉ ॥ ୩ ॥**

ମୁଁ ଶ୍ରୀରଘୁନାଥଙ୍କର ଗୁଣ ବର୍ଣ୍ଣନା କରିବାକୁ ଗ୍ୱହୁଁଛି; କିନ୍ତୁ ମୋର ବୁଦ୍ଧି ଅଳ୍ପ ଏବଂ ଶ୍ରୀରଘୁନାଥଙ୍କର ଚରିତ ଅଗାଧ । ତାହା ବର୍ଣ୍ଣନା କରିବା ନିମନ୍ତେ ମୋତେ କୌଣସି ବି ଉପାୟ ଦିଶୁନାହିଁ । ମୋର ମନ ଓ ବୁଦ୍ଧି ସିନା କାଙ୍ଗାଳ, କିନ୍ତୁ ମୋର ମନୋରଥ ହେଉଛି ରାଜା ॥ ୩ ॥

**ମତି ଅତି ନୀଚ ଊଁଚି ରୁଚି ଆଛୀ । ଚହିଅ ଅମିଅ ଜଗ ଜୁରଇ ନ ଛାଛୀ ॥**
**ଛମିହହିଁ ସଜ୍ଜନ ମୋରି ଢିଠାଈ । ସୁନିହହିଁ ବାଲବଚନ ମନ ଲାଈ ॥ ୪ ॥**

ମୋର ବୁଦ୍ଧି ତ ଅତି ନୀଚ; କିନ୍ତୁ ଅଭିଳାଷ ଅତି ଉଚ୍ଚ । ଇଚ୍ଛା ହେଉଛି ଅମୃତ ପାନ କରିବାକୁ, ଅଥଚ ଜଗତରେ ଚହ୍ଲାପାଣି ମୁନ୍ଦାଏ ବି ମିଳୁନାହିଁ । [ତେଣୁ ମୋର ପ୍ରାର୍ଥନା ଏହି ଯେ,] ସଜ୍ଜନମାନେ ମୋର ଧୃଷ୍ଟତା କ୍ଷମା କରି, ଶ୍ରଦ୍ଧାର ସହିତ ମନ ଦେଇ ମୋର ପିଲାଳିଆ କଥା ଶୁଣନ୍ତୁ ॥ ୪ ॥

**ଜୌଁ ବାଲକ କହ ତୋତରି ବାତା । ସୁନହିଁ ମୁଦିତ ମନ ପିତୁ ଅରୁ ମାତା ॥**
**ହଁସିହହିଁ କୂର କୁଟିଲ କୁବିଗ୍ୱାରୀ । ଜେ ପର ଦୂଷନ ଭୂଷନଧାରୀ ॥ ୫ ॥**

ପିତାମାତା ଶିଶୁର ଦରୋଟି ବଚନ ଶୁଣି ପ୍ରସନ୍ନ ହୁଅନ୍ତି; କିନ୍ତୁ ଯେଉଁମାନେ ଅନ୍ୟର ଦୋଷକୁ ଅଳଙ୍କାର ପରି ଧାରଣ କରିଥାନ୍ତି (ଯେଉଁମାନଙ୍କୁ ପରଦୋଷ ଧରିବାକୁ ଭଲ ଲାଗେ), ସେପରି କ୍ରୂର, କୁଟିଳ ଓ ଅବିବେକୀ ଲୋକେ ତାହା ଶୁଣି ହସନ୍ତି ॥ ୫ ॥

**ନିଜ କବିତ୍ତ କେହି ଲାଗ ନ ନୀକା । ସରସ ହୋଉ ଅଥଓ୍ୱ ଅତି ଫୀକା ॥**
**ଜେ ପର ଭନିତି ସୁନତ ହରଷାହୀଁ । ତେ ବର ପୁରୁଷ ବହୁତ ଜଗ ନାହୀଁ ॥ ୬ ॥**

ସ୍ୱରଚିତ କବିତା ସରସ ହୋଇଥାଉ, କି ନିତାନ୍ତ ନୀରସ ହୋଇଥାଉ, ତାହା କାହାକୁ ବା ଭଲ ନ ଲାଗେ ? କିନ୍ତୁ ଅନ୍ୟର ରଚନା ଶୁଣି ପ୍ରସନ୍ନ ହେଉଥିବା ସତ୍‌ପୁରୁଷ ଜଗତରେ ବହୁତ କମ୍ ଦେଖାଯାନ୍ତି ॥ ୬ ॥

**ଜଗ ବହୁ ନର ସର ସରି ସମ ଭାଈ । ଜେ ନିଜ ବାଢ଼ି ବଢ଼ହିଁ ଜଲ ପାଈ ॥**
**ସଜ୍ଜନ ସକୃତ ସିଂଧୁ ସମ କୋଈ । ଦେଖି ପୂର ବିଧୁ ବାଢ଼ଇ ଜୋଈ ॥ ୭ ॥**

ହେ ଭାଇ ! ଜଗତରେ ନଦୀ ଓ ପୋଖରୀ ସଙ୍ଗେ ତୁଳନୀୟ ମନୁଷ୍ୟଙ୍କ ସଂଖ୍ୟା ଅଧିକ । ନଦୀ ଓ ପୋଖରୀ ଯେପରି ନିଜର ଜଳବୃଦ୍ଧିରେ ଫୁଲିଉଠନ୍ତି, ଅଧିକାଂଶ ଲୋକ ସେହିପରି ନିଜର ଉନ୍ନତିରେ ଫୁଲିଉଠନ୍ତି; କିନ୍ତୁ ପୂର୍ଣ୍ଣଚନ୍ଦ୍ରକୁ ଦେଖି ସମୁଦ୍ର ଫୁଲିଉଠିଲା ପରି ଅନ୍ୟର ଉତ୍କର୍ଷ ଦେଖି ଆନନ୍ଦରେ ଫୁଲିଉଠୁଥିବା ସଜ୍ଜନ ଅତି ବିରଳ ॥ ୭ ॥

ଦୋ:- **ଭାଗ ଛୋଟ ଅଭିଲାଷୁ ବଡ଼ କରଉଁ ଏକ ବିସ୍ୱାସ ।**
**ପୈହହିଁ ସୁଖ ସୁନି ସୁଜନ ସବ ଖଲ କରିହହିଁ ଉପହାସ ॥ ୮ ॥**

ମୋର ଭାଗ୍ୟ ଛୋଟ ଏବଂ ଅଭିଳାଷ ବଡ଼; କିନ୍ତୁ ମୋର ଏହି ବିଶ୍ୱାସ ରହିଛି ଯେ, ଏହା ଶୁଣି ସଜ୍ଜନମାନେ ଆନନ୍ଦିତ ହେବେ ଓ ଦୁଷ୍ଟମାନେ ଉପହାସ କରିବେ ॥ ୮ ॥

**ଖଲ ପରିହାସ ହୋଇ ହିତ ମୋରା । କାକ କହହିଁ କଲକଂଠ କଠୋରା ॥**
**ହଂସହିଁ ବକ ଦାଦୁର ଚାତକହୀ । ହଁସହିଁ ମଲିନ ଖଲ ବିମଲ ବତକହୀ ॥ ୧ ॥**

କିନ୍ତୁ ଦୁଷ୍ଟମାନଙ୍କର ଉପହାସରେ ମୋର ମଙ୍ଗଳହିଁ ହେବ । କଳକଣ୍ଠ କୋକିଳକୁ କୁଆ ତ କର୍କଶକଣ୍ଠ ବୋଲିହିଁ କହେ । ବଗ ହଂସକୁ ଓ ବେଙ୍ଗ ଚାତକକୁ ଉପହାସ କରିବାପରି ମଳିନମନା ଦୁଷ୍ଟମାନେ ଭଲକଥାକୁ ଉପହାସହିଁ କରନ୍ତି ॥ ୧ ॥

**କବିତ ରସିକ ନ ରାମ ପଦ ନେହୂ । ତିହ୍ନ କହଁ ସୁଖଦ ହାସ ରସ ଏହୂ ॥**
**ଭାଷା ଭନିତି ଭୋରି ମତି ମୋରୀ । ହଁସିବେ ଜୋଗ ହଁସେଁ ନହିଁ ଖୋରୀ ॥ ୨ ॥**

କବିତାରସିକ ହୋଇ ମଧ୍ୟ ଯାହାଙ୍କର ଶ୍ରୀରାମଙ୍କ ଚରଣରେ ପ୍ରେମ ନାହିଁ, ସେମାନଙ୍କୁ ତ ଏହି କବିତା ସୁଖଦ ହାସ୍ୟରସ ପରି ଲାଗିବ । ଏହାର ପ୍ରଥମ କାରଣ ହେଲା, ଏହା ହେଉଛି ଗ୍ରାମ୍ୟ ଭାଷାର ରଚନା ଏବଂ ଦ୍ୱିତୀୟତଃ, ମୋର ବୁଦ୍ଧି ବଡ଼ ଭୋଳା । ତେଣୁ ଏହି କବିତା ଉପହାସଯୋଗ୍ୟ । ହସିବାରେ ସେମାନଙ୍କର କୌଣସି ଦୋଷ ନାହିଁ ॥ ୨ ॥

**ପ୍ରଭୁ ପଦ ପ୍ରୀତି ନ ସାମୁଝି ନୀକୀ । ତିହ୍ନହି କଥା ସୁନି ଲାଗିହି ଫୀକୀ ॥**
**ହରି ହର ପଦ ରତି ମତି ନ କୁତରକୀ । ତିହ୍ନ କହୁଁ ମଧୁର କଥା ରଘୁବର କୀ ॥ ୩ ॥**

ଯେଉଁମାନଙ୍କର ପ୍ରଭୁଙ୍କ ପାଦପଦ୍ମରେ ପ୍ରେମ ନାହିଁ, କି ଉତ୍ତମରୂପେ ବୁଝିବାର ଶକ୍ତି ନାହିଁ, ସେମାନଙ୍କୁ ଏହି କଥା ଶୁଣିବାକୁ ଭଲ ଲାଗିବନି । ଯେଉଁମାନଙ୍କର ହରି ଓ ହରଙ୍କ ଚରଣରେ ପ୍ରୀତି ରହିଛି ଏବଂ ଯେଉଁମାନଙ୍କର ବୁଦ୍ଧି କୁତର୍କୀ ନୁହେଁ (ଯେଉଁମାନେ ହରି-ହରଙ୍କ ମଧ୍ୟରେ ପ୍ରଭେଦ ବା ଉଚ୍ଚ-ନୀଚ କଳ୍ପନା କରନ୍ତି ନାହିଁ), ସେମାନଙ୍କୁ ରଘୁନାଥଙ୍କର ଏହି କଥା ମଧୁର ଲାଗିବ ॥ ୩ ॥

**ରାମ ଭଗତି ଭୂଷିତ ଜିୟଁ ଜାନୀ । ସୁନିହହିଁ ସୁଜନ ସରାହି ସୁବାନୀ ॥**
**କବି ନ ହୋଉଁ ନହିଁ ବଚନ ପ୍ରବୀନୂ । ସକଲ କଲା ସବ ବିଦ୍ୟା ହୀନୂ ॥ ୪ ॥**

ଏହି କଥା ରାମଭକ୍ତିରେ ବିଭୂଷିତ ହୋଇଛି ବୋଲି ଅନ୍ତରର ସହିତ ଅନୁଭବ କରି ସଜ୍ଜନମାନେ ଏହାର ସୁନ୍ଦର ପ୍ରଶଂସା କରି ଏକଥା ଶୁଣିବେ । ମୁଁ କବି ନୁହେଁ, କି ବାକ୍ୟରଚନାରେ ନିପୁଣ ନୁହେଁ । ମୁଁ କଳାରେ ଓ ସକଳ ବିଦ୍ୟାରେ ହୀନ ॥ ୪ ॥

**ଆଖର ଅରଥ ଅଲଂକୃତି ନାନା । ଛଂଦ ପ୍ରବଂଧ ଅନେକ ବିଧାନା ॥**
**ଭାୱ ଭେଦ ରସ ଭେଦ ଅପାରା । କବିତ ଦୋଷ ଗୁନ ବିବିଧ ପ୍ରକାରା ॥ ୫ ॥**

କବିତାରେ ନାନାପ୍ରକାର ଅକ୍ଷର, ଅର୍ଥ ଓ ଅଳଙ୍କାର, ଅନେକପ୍ରକାର ଛନ୍ଦ, ପ୍ରବନ୍ଧ, ବହୁ ଭାବଭେଦ ଓ ରସଭେଦ ଏବଂ ବିଭିନ୍ନ ଗୁଣଦୋଷ ରହିଥାଏ ॥ ୫ ॥

**କବିତ ବିବେକ ଏକ ନହିଁ ମୋରେଁ । ସତ୍ୟ କହଉଁ ଲିଖି କାଗଦ କୋରେଁ ॥ ୬ ॥**

ଏଥିମଧ୍ୟରୁ କାବ୍ୟସମ୍ବନ୍ଧୀୟ କୌଣସି ଗୋଟିଏ ବିଷୟରେ ବି ମୋର ଜ୍ଞାନ ନାହିଁ । ଏକଥା ଯେ ସତ, ମୁଁ ତାହା ସାଦା କାଗଜରେ ଲେଖିଦେଇ (ଶପଥ କରି) କହୁଛି ॥ ୬ ॥

ଦୋ:- **ଭନିତି ମୋରି ସବ ଗୁନ ରହିତ ବିସ୍ୱ ବିଦିତ ଗୁନ ଏକ ।**
**ସୋ ବିଗ୍ଚରି ସୁନିହହିଁ ସୁମତି ଜିହ୍ନ କେଁ ବିମଲ ବିବେକ ॥ ୯ ॥**

ମୋର ରଚନା ସକଳଗୁଣରୁ ରହିତ; ତଥାପି ଏଥିରେ ଗୋଟିଏ ଜଗତ୍‌ପ୍ରସିଦ୍ଧ ଗୁଣ ରହିଛି । ମୋର ବିଶ୍ୱାସ, ଯେଉଁମାନେ ବୁଦ୍ଧିମାନ୍ ଏବଂ ଯାହାଙ୍କର ଜ୍ଞାନ ନିର୍ମଳ, ସେମାନେ ସେହି ଗୁଣଟି ବିଗ୍ଚର କରି ଏହା ଶ୍ରବଣ କରିବେ ॥ ୯ ॥

**ଏହି ମହଁ ରଘୁପତି ନାମ ଉଦାରା । ଅତି ପାୱନ ପୁରାନ ଶ୍ରୁତି ସାରା ॥**
**ମଂଗଲ ଭୱନ ଅମଂଗଲ ହାରୀ । ଉମା ସହିତ ଜେହି ଜପତ ପୁରାରୀ ॥ ୧ ॥**

ଏଥିରେ ଶ୍ରୀରଘୁନାଥଙ୍କର ଉଦାର ନାମ ରହିଛି । ସେହି ନାମଟି ହେଉଛି ଅତ୍ୟନ୍ତ ପବିତ୍ର; ତାହା ହେଉଛି ବେଦପୁରାଣର ସାର, କଲ୍ୟାଣର ଭବନ ଓ ଅମଙ୍ଗଳହାରୀ । ପାର୍ବତୀଙ୍କ ସହିତ ଭଗବାନ୍ ଶିବ ତାହା ସର୍ବଦା ଜପ କରନ୍ତି ॥ ୧ ॥

**ଭନିତି ବିଚିତ୍ର ସୁକବି କୃତ ଜୋଊ । ରାମ ନାମ ବିନୁ ସୋହ ନ ସୋଊ ॥**
**ବିଧୁବଦନୀ ସବ ଭାଁତି ସଁୱାରୀ । ସୋହ ନ ବସନ ବିନା ବର ନାରୀ ॥ ୨ ॥**

ଚନ୍ଦ୍ରବଦନୀ ସୁନ୍ଦରୀ ସ୍ତ୍ରୀ ଯେପରି ସକଳପ୍ରକାରେ ସୁସଜ୍ଜିତା ହୋଇ ମଧ୍ୟ ବସ୍ତ୍ର ବିନା ଶୋଭା ପାଏ ନାହିଁ, ଉତ୍ତମ କବିଙ୍କ ଦ୍ୱାରା ରଚିତ ଅତ୍ୟନ୍ତ ସୁନ୍ଦର କବିତା ମଧ୍ୟ ସେହିପରି ରାମନାମ ବିନା ଶୋଭା ପାଏ ନାହିଁ ॥ ୨ ॥

**ସବ ଗୁନ ରହିତ କୁକବି କୃତ ବାନୀ । ରାମ ନାମ ଜସ ଅଂକିତ ଜାନୀ ॥**
**ସାଦର କହହିଁ ସୁନହିଁ ବୁଧ ତାହୀ । ମଧୁକର ସରିସ ସଂତ ଗୁନଗ୍ରାହୀ ॥ ୩ ॥**

ଅନ୍ୟପକ୍ଷରେ ମନ୍ଦ କବିଙ୍କ ଦ୍ୱାରା ରଚିତ ଓ ସମସ୍ତଗୁଣରୁ ବିବର୍ଜିତ କବିତା ଯଦି ରାମଙ୍କ ନାମ ଓ ଯଶରେ ପୂର୍ଣ୍ଣ ହୋଇଥାଏ, ତେବେ ତାହା ଜାଣି ବୁଦ୍ଧିମାନ୍ ଲୋକେ ସେହି କବିତାକୁ ମଧ୍ୟ ଆଦରପୂର୍ବକ ପ୍ରଶଂସା କରନ୍ତି ଓ ଶୁଣନ୍ତି; କାରଣ ସାଧୁଜନମାନେ ଭ୍ରମର ପରି; ସେମାନେ କେବଳ ଗୁଣକୁହିଁ ଗ୍ରହଣ କରନ୍ତି ॥ ୩ ॥

**ଜଦପି କବିତ ରସ ଏକଉ ନାହୀଁ । ରାମ ପ୍ରତାପ ପ୍ରଗଟ ଏହି ମାହୀଁ ॥**
**ସୋଇ ଭରୋସ ମୋରେଁ ମନ ଆୱା । କେହିଁ ନ ସୁସଂଗ ବଡ଼ପ୍ପନୁ ପାୱା ॥ ୪ ॥**

ମୋର ଏହି କବିତାରେ ଯଦ୍ୟପି ଗୋଟିଏ ବି କବିତ୍ୱରସ ନାହିଁ, ତଥାପି ଏଥିରେ ଶ୍ରୀରାମଙ୍କର ପ୍ରତାପ ପ୍ରକାଶିତ ହୋଇଛି । ମୋ ମନରେ ସେହି ଗୋଟିଏମାତ୍ର ଭରସା । ଉତ୍ତମସଙ୍ଗ କରି ସଂସାରରେ କିଏ ଭଲା ଗୌରବ ଲାଭ ନ କରିଛି ? ॥ ୪ ॥

**ଧୂମଉ ତଜଇ ସହଜ କରୁଆଈ । ଅଗରୁ ପ୍ରସଂଗ ସୁଗଂଧ ବସାଈ ॥**
**ଭନିତି ଭଦେସ ବସ୍ତୁ ଭଲି ବରନୀ । ରାମ କଥା ଜଗ ମଂଗଲ କରନୀ ॥ ୫ ॥**

ଧୂଆଁ ବି ଅଗୁରୁର ସଙ୍ଗ ଲାଭ କରି, ସୁଗନ୍ଧିତ ହୋଇ ନିଜର ସ୍ୱାଭାବିକ କଟୁତା ଛାଡ଼ିଦିଏ । ମୋ କବିତା ଅସୁନ୍ଦର ନିଶ୍ଚୟ; କିନ୍ତୁ ଏଥିରେ ସଂସାରର କଲ୍ୟାଣକାରୀ ରାମକଥାରୂପୀ ଉତ୍ତମ ବିଷୟ ବର୍ଣ୍ଣନା କରାଯାଇଛି । ତେଣୁ ସମସ୍ତେ ଏହାକୁ ଉତ୍ତମ ବୋଲି ବିଗ୍ଚର କରିବେ ॥ ୫ ॥

ଛନ୍ଦଃ- ମଂଗଲ କରନି କଲିମଲହରନି ତୁଲସୀ କଥା ରଘୁନାଥ କୀ ।
ଗତି କୂର କବିତା ସରିତ କୀ ଜ୍ୟୋଁ ସରିତ ପାୱନ ପାଥ କୀ ॥
ପ୍ରଭୁ ସୁଜସ ସଂଗତି ଭନିତି ଭଲି ହୋଇହି ସୁଜନ ମନ ଭାୱନୀ ।
ଭୱ ଅଂଗ ଭୂତି ମସାନ କୀ ସୁମିରତ ସୁହାୱନି ପାୱନୀ ॥

ତୁଳସୀଦାସ କହୁଛନ୍ତି, ''ଶ୍ରୀରଘୁନାଥଙ୍କ ଚରିତ ହେଉଛି କଲ୍ୟାଣକାରିଣୀ ତଥା କଳିଯୁଗର ପାପନାଶିନୀ । ମୋର ଏହି ଅସୁନ୍ଦର କବିତାରୂପୀ ନଦୀର ପ୍ରବାହ ପୁଣ୍ୟତୋୟା ଗଙ୍ଗାର ପ୍ରବାହ ପରି ସରଳ ନ ହୋଇ ବକ୍ର; କିନ୍ତୁ ପ୍ରଭୁ ଶ୍ରୀରଘୁନାଥଙ୍କ ସୁଯଶର ସଙ୍ଗ ଲାଭ କରି ଏହି କବିତା ସୁନ୍ଦର ହେବା ସହିତ ସଜ୍ଜନମାନଙ୍କ ମନକୁ ରୁଚିକର ବୋଧ ହେବ । ଶ୍ମଶାନର ଅପବିତ୍ର ଭସ୍ମ ବି ମହାଦେବଙ୍କର ଅଙ୍ଗସଙ୍ଗ ଲାଭ କରି ସୁଶୋଭିତ ହୁଏ ଏବଂ ସ୍ମରଣମାତ୍ରେ ମନୁଷ୍ୟକୁ ପବିତ୍ର କରିଥାଏ ।

ଦୋଃ- ପ୍ରିୟ ଲାଗିହି ଅତି ସବହି ମମ ଭନିତି ରାମ ଜସ ସଂଗ ।
ଦାରୁ ବିଗ୍ଚରୁ କି କରଇ କୋଉ ବଂଦିଅ ମଲୟ ପ୍ରସଂଗ ॥୧୦(କ)॥

ଶ୍ରୀରାମଙ୍କ ଯଶର ସଙ୍ଗ ଲାଭ କରିଥିବାରୁ ମୋର କବିତା ସମସ୍ତଙ୍କୁ ଅତ୍ୟନ୍ତ ପ୍ରିୟ ବୋଧ ହେବ । ମଳୟପର୍ବତର ସଙ୍ଗ ଲାଭ କରି, ସାମାନ୍ୟ କାଠ ବି ଚନ୍ଦନ ପାଲଟିଯାଇ ସମସ୍ତଙ୍କର ବନ୍ଦନୀୟ ହୋଇଯାଏ; ତା'ପରେ କେହି କ'ଣ ତାକୁ ଆଉ ସାଧାରଣ କାଠ ବୋଲି ବିଗ୍ଚର କରେ ? ॥ ୧୦ (କ) ॥

ସ୍ୟାମ ସୁରଭି ପୟ ବିସଦ ଅତି ଗୁନଦ କରହିଁ ସବ ପାନ ।
ଗିରା ଗ୍ରାମ୍ୟ ସିୟ ରାମ ଜସ ଗାୱହିଁ ସୁନହିଁ ସୁଜାନ ॥୧୦(ଖ)॥

କାଳୀ ଗାଈର ବର୍ଣ୍ଣ କଳା ହେଲେ ମଧ୍ୟ ତା'ର କ୍ଷୀର ଧଳା ଓ ବିଶେଷ ଗୁଣକାରକ । ଏହା ଜାଣି ସମସ୍ତେ ତାହା ଆଗ୍ରହର ସହିତ ପାନ କରନ୍ତି । ଠିକ୍ ସେହିପରି ଗ୍ରାମ୍ୟଭାଷାରେ ରଚିତ ହୋଇଥିଲେ ମଧ୍ୟ ଶ୍ରୀସୀତାରାମଙ୍କ ଯଶଗାଥାକୁ ବୁଦ୍ଧିମାନ୍ ଲୋକେ ଆଗ୍ରହର ସହିତ ଗାନ ଓ ଶ୍ରବଣ କରନ୍ତି ॥ ୧୦ (ଖ) ॥

ମନି ମାନିକ ମୁକୁତା ଛବି ଜୈସୀ । ଅହି ଗିରି ଗଜ ସିର ସୋହ ନ ତୈସୀ ॥
ନୃପ କିରୀଟ ତରୁନୀ ତନୁ ପାଈ । ଲହହିଁ ସକଲ ସୋଭା ଅଧିକାଈ ॥ ୧ ॥

ମଣି, ମାଣିକ୍ୟ ଓ ମୋତିର ଯେଉଁ ସୌନ୍ଦର୍ଯ୍ୟ ରହିଛି, ତାହା ସର୍ପ, ପର୍ବତ ଓ ହସ୍ତୀର ମସ୍ତକରେ ଥାଇ ଶୋଭା ପାଏ ନାହିଁ ; ରାଜାଙ୍କ ମୁକୁଟରେ ଓ ନବଯୁବତୀର ଅଙ୍ଗରେହିଁ ସେଗୁଡ଼ିକ ଅଧିକ ଶୋଭା ପାଆନ୍ତି ॥ ୧ ॥

ତୈସେହିଁ ସୁକବି କବିତ ବୁଧ କହହୀଁ । ଉପଜହିଁ ଅନତ ଅନତ ଛବି ଲହହୀଁ ॥
ଭଗତି ହେତୁ ବିଧି ଭୱନ ବିହାଈ । ସୁମିରତ ସାରଦ ଆୱତି ଧାଈ ॥ ୨ ॥

ଠିକ୍ ସେହିପରି ବୁଦ୍ଧିମାନ୍ ଲୋକେ କହନ୍ତି, ''ଭଲ କବିଙ୍କର କବିତା ଉତ୍ପନ୍ନ ହୁଏ ଏକ ସ୍ଥାନରେ ଏବଂ ଶୋଭା ପାଏ ଅନ୍ୟ ସ୍ଥାନରେ (ଅର୍ଥାତ୍ କବିଙ୍କ ବାଣୀରୁ ଉତ୍ପନ୍ନ କବିତା ସେହିଠାରେ ଶୋଭାପାଏ, ଯେଉଁଠାରେ ତାହାର ବିଗ୍ଚର-ପ୍ରଗ୍ଚର ହୁଏ ତଥା ତାହାର ଆଦର୍ଶ ଗୃହୀତ ହୋଇ ଅନୁସରଣ କରାଯାଏ) । କବି ସ୍ମରଣ କରିବାମାତ୍ରେ ଭକ୍ତିର ପ୍ରାବଲ୍ୟ ହେତୁ ସରସ୍ୱତୀ ବ୍ରହ୍ମଲୋକ ଛାଡ଼ି ତାହାଙ୍କ ନିକଟକୁ ଧାଇଁଆସନ୍ତି ॥ ୨ ॥

ରାମ ଚରିତ ସର ବିନୁ ଅହ୍ନୱାଏଁ । ସୋ ଶ୍ରମ ଜାଇ ନ କୋଟି ଉପାଏଁ ॥
କବି କୋବିଦ ଅସ ହୃଦୟଁ ବିଗ୍ଚରୀ । ଗାୱହିଁ ହରି ଜସ କଲି ମଲ ହାରୀ ॥ ୩ ॥

ସରସ୍ୱତୀ ଧାଇଁଆସିବା ଫଳରେ ଯେଉଁ କ୍ଳାନ୍ତି ଅନୁଭବ କରନ୍ତି, ରାମଚରିତରୂପୀ ସରୋବରରେ ସ୍ନାନ କରିବା ବିନା, ଅନ୍ୟ ଅଗଣିତ ଉପାୟ କଲେ ବି ତାହା ଦୂର ହୁଏ ନାହିଁ । ଏହା ବିଚାର କରି କଳିଯୁଗର ପାପରାଶି ହରଣ ନିମନ୍ତେ କବି ଓ ପଣ୍ଡିତମାନେ ଶ୍ରୀହରିଙ୍କର ଯଶ ଗାନ କରନ୍ତି ॥ ୩ ॥

**କୀହ୍ନେଁ ପ୍ରାକୃତ ଜନ ଗୁନ ଗାନା । ସିର ଧୁନି ଗିରା ଲଗତ ପଛିତାନା ॥**
**ହୃଦୟ ସିଂଧୁ ମତି ସୀପ ସମାନା । ସ୍ୱାତି ସାରଦା କହହିଁ ସୁଜାନା ॥ ୪ ॥**

ଯଦି କବିମାନେ ସାଂସାରିକ ମନୁଷ୍ୟମାନଙ୍କର ଗୁଣ ଗାନ କରନ୍ତି, ତେବେ ସେମାନଙ୍କର ଡାକ ଶୁଣି, 'କାହିଁକି ଧାଇଁଆସିଲି !' ବୋଲି ଭାବି ସରସ୍ୱତୀ ମଥା ପିଟି ପଶ୍ଚାତ୍ତାପ କରନ୍ତି । ବୁଦ୍ଧିମାନ୍ ଲୋକେ ହୃଦୟକୁ ସମୁଦ୍ର, ବୁଦ୍ଧିକୁ ଶାମୁକା ଓ ସରସ୍ୱତୀଙ୍କୁ ସ୍ୱାତୀ ନକ୍ଷତ୍ର ସହିତ ସମାନ ବୋଲି କହିଥାନ୍ତି ॥ ୪ ॥

**ଜୌଁ ବରଷଇ ବର ବାରି ବିଚାରୂ । ହୋହିଁ କବିତ ମୁକୁତାମନି ଚାରୂ ॥ ୫ ॥**

ଯଦି ଏମାନଙ୍କର ସଂଯୋଗକାଳରେ ଶ୍ରେଷ୍ଠବିଚାରରୂପୀ ଜଳ ବୃଷ୍ଟି ହୁଏ, ତେବେ ମୁକ୍ତାମଣି ପରି ସୁନ୍ଦର କବିତା ରଚିତ ହୋଇଥାଏ ॥ ୫ ॥

ଦୋ:- **ଜୁଗୁତି ବେଧି ପୁନି ପୋହିଅହିଁ ରାମଚରିତ ବର ତାଗ ।**
**ପହିରହିଁ ସଜ୍ଜନ ବିମଲ ଉର ସୋଭା ଅତି ଅନୁରାଗ ॥ ୧୧ ॥**

ସେହି କବିତାରୂପୀ ମୁକ୍ତାମଣିଗୁଡ଼ିକୁ ଯୁକ୍ତିଦ୍ୱାରା ବିଦ୍ଧ କରି, ରାମଚରିତରୂପୀ ସୁନ୍ଦର ସୂତ୍ରରେ ଗୁନ୍ଥି ସଜ୍ଜନମାନେ ନିଜର ନିର୍ମଳ ହୃଦୟରେ ଧାରଣ କରନ୍ତି । ତା'ଫଳରେ ସେମାନେ ଅତ୍ୟନ୍ତ ଅନୁରାଗରୂପୀ ଶୋଭାରେ ମଣ୍ଡିତ ହୁଅନ୍ତି (ଅର୍ଥାତ୍ ସେମାନେ ଆତ୍ୟନ୍ତିକ ପ୍ରେମ ଲାଭ କରନ୍ତି) ॥ ୧୧ ॥

**ଜେ ଜନମେ କଲିକାଲ କରାଲା । କରତବ ବାୟସ ବେଷ ମରାଲା ॥**
**ଚଲତ କୁପଂଥ ବେଦ ମଗ ଛାଁଡ଼େ । କପଟ କଲେୱର କଲିମଲ ଭାଁଡ଼େ ॥ ୧ ॥**
**ବଂଚକ ଭଗତ କହାଇ ରାମ କେ । କିଂକର କଂଚନ କୋହ କାମ କେ ॥**
**ତିହ୍ନ ମହଁ ପ୍ରଥମ ରେଖ ଜଗ ମୋରୀ । ଧୀଁଗ ଧରମଧ୍ୱଜ ଧଂଧକ ଧୋରୀ ॥ ୨ ॥**

ଯେଉଁମାନେ କରାଳ କଳିକାଳରେ ଜନ୍ମ ହୋଇଛନ୍ତି, କୁଆ ପରି କାମ କରି ହଂସ ପରି ବେଶ ଧରିଛନ୍ତି, ବେଦମାର୍ଗ ଛାଡ଼ି କୁମାର୍ଗରେ ଚାଲିଛନ୍ତି; ଯେଉଁମାନେ କପଟର ପ୍ରତିମୂର୍ତ୍ତି ଓ କଳିଯୁଗର ପାପଭାଣ୍ଡ ଅଟନ୍ତି, ଯେଉଁମାନେ ନିଜକୁ ଶ୍ରୀରାମଙ୍କର ଭକ୍ତ ବୋଲାଇ ଲୋକଙ୍କୁ ଠକନ୍ତି, ଯେଉଁମାନେ ଧନ (ଲୋଭ), କାମ ଓ କ୍ରୋଧର ଦାସ, ଯେଉଁମାନେ ପାଷଣ୍ଡ ଓ ଧର୍ମଧ୍ୱଜୀ (ମିଥ୍ୟା ଧର୍ମଧ୍ୱଜା ଉଡ଼ାଉଥିବା ଦାମ୍ଭିକ) ଏବଂ କପଟାଚାରହିଁ ଯେଉଁମାନଙ୍କର ପେଷା, ସଂସାରର ସେହି ଲୋକମାନଙ୍କ ମଧ୍ୟରେ ମୁଁ ହେଉଛି ଅଗ୍ରଗଣ୍ୟ । (ଏଠାରେ କବି ନିଜର ଦୈନ୍ୟ ପ୍ରକାଶ କରିଛନ୍ତି) ॥ ୧, ୨ ॥

**ଜୌଁ ଅପନେ ଅୱଗୁନ ସବ କହଉଁ । ବାଢ଼ଇ କଥା ପାର ନହିଁ ଲହଉଁ ॥**
**ତାତେ ମୈଁ ଅତି ଅଲପ ବଖାନେ । ଥୋରେ ମହୁଁ ଜାନିହହିଁ ସୟାନେ ॥ ୩ ॥**

ମୁଁ ଯଦି ମୋର ଅବଗୁଣସବୁ ଏହିପରି କହିଚାଲିବି, ତେବେ କଥା ବହୁତ ବଢ଼ିଯିବ; ଆଉ ସରିବ ନାହିଁ । ତେଣୁ ମୁଁ ମୋର ଖୁବ୍ କମ୍ ଅବଗୁଣ ବର୍ଣ୍ଣନା କରୁଛି; ସେହି ଅଳ୍ପକରୁ ବୁଦ୍ଧିମାନ୍ ଲୋକେ ସବୁକଥା ବୁଝିଯିବେ ॥ ୩ ॥

**ସମୁଝି ବିବିଧି ବିଧି ବିନତୀ ମୋରୀ । କୋଉ ନ କଥା ସୁନି ଦେଇହି ଖୋରୀ ॥**
**ଏତେହୁ ପର କରିହହିଁ ଜେ ଅସଂକା । ମୋହି ତେ ଅଧିକ ତେ ଜଡ଼ ମତିରଂକା ॥ ୪ ॥**

ମୋର ବିଭିନ୍ନ ବିନତିର ମର୍ମ ଉପଲବ୍ଧି କଲେ କେହି ବି ଏହି ରାମଚରିତ ଶୁଣି ମୋତେ ଦୋଷ ଦେବେ ନାହିଁ । ଏହା ସତ୍ତ୍ୱେ ଯେଉଁମାନେ ସନ୍ଦେହ କରିବେ, ସେମାନେ ତ ମୋଠାରୁ ବି ଅଧିକ ମୂର୍ଖ ଓ ବୁଦ୍ଧିକାଙ୍ଗାଳ (ଅଳ୍ପବୁଦ୍ଧି) ହୋଇଥିବେ ॥ ୪ ॥

**କବି ନ ହୋଉଁ ନହିଁ ଚତୁର କହାୱଉଁ । ମତି ଅନୁରୂପ ରାମ ଗୁନ ଗାୱଉଁ ॥**
**କହଁ ରଘୁପତି କେ ଚରିତ ଅପାରା । କହଁ ମତି ମୋରି ନିରତ ସଂସାରା ॥ ୫ ॥**

ମୁଁ କବି ନୁହେଁ, କି ଚତୁର ନୁହେଁ । ମୁଁ ତ କେବଳ ନିଜ ବୁଦ୍ଧି ଅନୁସାରେ ଶ୍ରୀରାମଙ୍କର ଗୁଣ ଗାଉଛି । କାହିଁ ଶ୍ରୀରଘୁନାଥଙ୍କର ଅପାର ଚରିତ, କାହିଁ ମୋ ଭଳି ସଂସାରାସକ୍ତ ସାମାନ୍ୟ ମନୁଷ୍ୟର ବୁଦ୍ଧି ! ॥ ୫ ॥

**ଜେହିଁ ମାରୁତ ଗିରି ମେରୁ ଉଡ଼ାହୀଁ । କହହୁ ତୂଲ କେହି ଲେଖେ ମାହୀଁ ॥**
**ସମୁଝତ ଅମିତ ରାମ ପ୍ରଭୁତାଈ । କରତ କଥା ମନ ଅତି କଦରାଈ ॥ ୬ ॥**

ଯେଉଁ ପ୍ରଚଣ୍ଡ ପବନରେ ମେରୁପର୍ବତ ବି ଉଡ଼ିଯାଏ, ତା' ଆଗରେ, କହନ୍ତୁ ତ, ସାମାନ୍ୟ ତୂଳା ବା କେଉଁଥିରେ ଗଣା ! ଶ୍ରୀରାମଙ୍କ ପ୍ରଭୁତ୍ୱ ଅସୀମ ବୋଲି ଜାଣି ଏହିକଥା ରଚନା କରିବାକୁ ମୋର ସାହସ ପାଉନାହିଁ ॥ ୬ ॥

ଦୋଃ- **ସାରଦ ସେସ ମହେସ ବିଧି ଆଗମ ନିଗମ ପୁରାନ ।**
**ନେତି ନେତି କହି ଜାସୁ ଗୁନ କରହିଁ ନିରଂତର ଗାନ ॥ ୧୨ ॥**

ସରସ୍ୱତୀ, ଶେଷଦେବ, ଶିବ, ବ୍ରହ୍ମା, ଶାସ୍ତ୍ର, ବେଦ ତଥା ପୁରାଣ—ଏ ସମସ୍ତେ 'ନେତି' 'ନେତି' କହି (କଳ୍ପନା କରି ନ ପାରି 'ଏପରି ନୁହେଁ, ଏପରି ନୁହେଁ' କହି) ସର୍ବଦା ପ୍ରଭୁଙ୍କର ଗୁଣଗାନ କରନ୍ତି ॥ ୧୨ ॥

**ସବ ଜାନତ ପ୍ରଭୁ ପ୍ରଭୁତା ସୋଈ । ତଦପି କହେଁ ବିନୁ ରହା ନ କୋଈ ॥**
**ତହାଁ ବେଦ ଅସ କାରନ ରାଖା । ଭଜନ ପ୍ରଭାଉ ଭାଁତି ବହୁ ଭାଷା ॥ ୧ ॥**

ପ୍ରଭୁ ଶ୍ରୀରାମଙ୍କର ମହିମା ଏପରି ଅବର୍ଣ୍ଣନୀୟ ବୋଲି ସମସ୍ତେ ଜାଣନ୍ତି; ତଥାପି କେହି ନ କହି ରହନ୍ତି ନାହିଁ । ଏହାର କାରଣ ଦର୍ଶାଇ ବେଦ କହନ୍ତି ଯେ, ଭଜନର ବହୁବିଧ ପ୍ରଭାବ ରହିଛି । (ଅର୍ଥାତ୍ ଭଗବାନଙ୍କ ମହିମାର ପୂର୍ଣ୍ଣ ବର୍ଣ୍ଣନା କେହି ବି କରିପାରିବେ ନାହିଁ; ତଥାପି ଯେ ଯେତିକି ପାରିବେ, ସେ ଭଗବାନଙ୍କର ସେତିକି ଗୁଣଗାନ କରିବା ଉଚିତ । କାରଣ ଭଗବାନଙ୍କର ଗୁଣଗାନରୂପୀ ଭଜନର ପ୍ରଭାବ ଅପରିମେୟ; ଶାସ୍ତ୍ରରେ ଏହା ନାନାପ୍ରକାରେ ବର୍ଣ୍ଣିତ ହୋଇଛି । ଭଗବାନଙ୍କର ସାମାନ୍ୟମାତ୍ର ଭଜନ ବି ମନୁଷ୍ୟକୁ ଅନାୟାସରେ ଭବସାଗରରୁ ଉଦ୍ଧାର କରିଦିଏ) ॥ ୧ ॥

**ଏକ ଅନୀହ ଅରୂପ ଅନାମା । ଅଜ ସଚ୍ଚିଦାନଂଦ ପର ଧାମା ॥**
**ବ୍ୟାପକ ବିସ୍ୱରୂପ ଭଗୱାନା । ତେହିଁ ଧରି ଦେହ ଚରିତ କୃତ ନାନା ॥ ୨ ॥**

ଯେଉଁ ପରମେଶ୍ୱର ଅଦ୍ୱିତୀୟ, ଯାହାଙ୍କର କୌଣସି ଇଚ୍ଛା ନାହିଁ, ଯେ ଅରୂପ, ଅନାମ, ଅଜନ୍ମା, ସଚ୍ଚିଦାନନ୍ଦ ଓ ପରମଧାମ, ଯେ ସର୍ବତ୍ର ବ୍ୟାପି ରହିଛନ୍ତି ଓ ଯେ ବିଶ୍ୱରୂପ, ସେହି ଭଗବାନ୍ ଦିବ୍ୟଶରୀର ଧାରଣ କରି ନାନାପ୍ରକାର ଲୀଳା କରିଛନ୍ତି ॥ ୨ ॥

**ସୋ କେୱଲ ଭଗତନ ହିତ ଲାଗୀ । ପରମ କୃପାଲ ପ୍ରନତ ଅନୁରାଗୀ ॥**
**ଜେହି ଜନ ପର ମମତା ଅତି ଛୋହୂ । ଜେହିଁ କରୁନା କରି କୀହ୍ନ ନ କୋହୂ ॥ ୩ ॥**

ସେହିସବୁ ଲୀଳା ସେ ଭକ୍ତଜନଙ୍କ ହିତପାଇଁ କରିଛନ୍ତି; କାରଣ ଭଗବାନ୍ ହେଉଛନ୍ତି ପରମ କୃପାଳୁ ଓ ଅତ୍ୟନ୍ତ ଶରଣାଗତବତ୍ସଳ । ଭକ୍ତମାନଙ୍କ ପ୍ରତି ତାଙ୍କର ବିଶେଷ ମମତା ଓ କୃପା ରହିଥାଏ । ସେ ଯାହାଙ୍କୁ ଥରେ କୃପା କରନ୍ତି, ତାଙ୍କ ପ୍ରତି ଆଉ କେବେ କ୍ରୋଧ କରନ୍ତି ନାହିଁ ॥ ୩ ॥

**ଗଈ ବହୋର ଗରୀବ ନେୱାଜୂ । ସରଲ ସବଲ ସାହିବ ରଘୁରାଜୂ ॥**
**ବୁଧ ବରନହିଁ ହରି ଜସ ଅସ ଜାନୀ । କରହିଁ ପୁନୀତ ସୁଫଲ ନିଜ ବାନୀ ॥ ୪ ॥**

ସେହି ପ୍ରଭୁ ରଘୁନାଥ ହଜିଯାଇଥିବା ବସ୍ତୁକୁ ଖୋଜିଆଣି ଦେଇଦିଅନ୍ତି। ସେ ଦୀନମାନଙ୍କ ପ୍ରତି ଦୟାଶୀଳ, ସରଳସ୍ୱଭାବ, ସର୍ବଶକ୍ତିମାନ୍ ଓ ସମସ୍ତଙ୍କର ସ୍ୱାମୀ । ଏହା ଜାଣି ବୁଦ୍ଧିମାନ୍ ଲୋକେ ସେହି ଶ୍ରୀହରିଙ୍କର ଯଶ ଗାନ କରି ନିଜର ବାଣୀକୁ ପବିତ୍ର ଓ ଉତ୍ତମ ଫଳ(ମୋକ୍ଷ ଓ ଦୁର୍ଲଭ ଭଗବତ୍‌ପ୍ରେମ)ପ୍ରଦାୟକ କରିଥାନ୍ତି ॥ ୪ ॥

**ତେହିଁ ବଲ ମୈଁ ରଘୁପତି ଗୁନ ଗାଥା । କହିହଉଁ ନାଇ ରାମ ପଦ ମାଥା ॥**
**ମୁନିହ୍ନ ପ୍ରଥମ ହରି କୀରତି ଗାଈ । ତେହିଁ ମଗ ଚଲତ ସୁଗମ ମୋହି ଭାଈ ॥ ୫ ॥**

ସେହି ବଳରେ (ମହିମାର ଯଥାର୍ଥ ବର୍ଣ୍ଣନା କରିପାରିବି ବୋଲି ନୁହେଁ; ବରଂ ପ୍ରଭୁଙ୍କ ଭଜନ ଓ ଗୁଣଗାନ ମହାନ୍ ଫଳପ୍ରଦ ବୋଲି ଜାଣି, ଭଗବତ୍‌କୃପାର ବଳ ଉପରେ ଭରସା ରଖି) ମୁଁ ଶ୍ରୀରାମଙ୍କ ଚରଣରେ ନତମସ୍ତକ ହୋଇ ଶ୍ରୀରଘୁନାଥଙ୍କର ଗୁଣଗାଥା ଗାଇବି । ଏହି ବିଗ୍ରହ ଧରି ବାଲ୍ମୀକି, ବ୍ୟାସ ଆଦି ମୁନିଗଣ ପୂର୍ବେ ଶ୍ରୀହରିଙ୍କ କୀର୍ତ୍ତି ଗାନ କରିଛନ୍ତି; ତେଣୁ ସେମାନଙ୍କର ମାର୍ଗ ଧରି ଚାଲିବା ମୋ ପକ୍ଷରେ ସୁଗମ ହେବ ॥ ୫ ॥

ଦୋ:- **ଅତି ଅପାର ଜେ ସରିତ ବର ଜୌଁ ନୃପ ସେତୁ କରାହିଁ ।**
**ଚଢ଼ି ପିପୀଲିକଉ ପରମ ଲଘୁ ବିନୁ ଶ୍ରମ ପାରହି ଜାହିଁ ॥ ୧୩ ॥**

ନଦୀ ଯେତେ ବିରାଟ ହୋଇଥାଉ ନା କାହିଁକି, ଯଦି ରାଜା ତା'ଉପରେ ପୋଲ ବାନ୍ଧିଦେବେ, ତେବେ ସାମାନ୍ୟ ପିମ୍ପୁଡ଼ି ମଧ୍ୟ ସେହି ପୋଲ ଚଢ଼ି ବିନା-ପରିଶ୍ରମରେ ନଦୀ ପାରି ହୋଇଯିବ । [ଠିକ୍ ସେହିପରି ମୁନିମାନଙ୍କର ବର୍ଣ୍ଣନାକୁ ଆଧାର କରି ମୁଁ ମଧ୍ୟ ସହଜରେ ଶ୍ରୀରାମଙ୍କ ଚରିତ ବର୍ଣ୍ଣନା କରିପାରିବି ।] ॥ ୧୩ ॥

**ଏହି ପ୍ରକାର ବଲ ମନହି ଦେଖାଈ । କରିହଉଁ ରଘୁପତି କଥା ସୁହାଈ ॥**
**ବ୍ୟାସ ଆଦି କବି ପୁଂଗୱ ନାନା । ଜିହ୍ନ ସାଦର ହରି ସୁଜସ ବଖାନା ॥ ୧ ॥**

ଏହିପରି ମନୋବଳ ଧରି ମୁଁ ଶ୍ରୀରଘୁନାଥଙ୍କର ସୁନ୍ଦର ଗାଥା ରଚନା କରିବି । ବ୍ୟାସ ଆଦି ବହୁ ଶ୍ରେଷ୍ଠ କବି ଶ୍ରଦ୍ଧାର ସହିତ ଶ୍ରୀହରିଙ୍କର ସୁଯଶ ବର୍ଣ୍ଣନା କରିଯାଇଛନ୍ତି ॥ ୧ ॥

**ଚରନ କମଲ ବଂଦଉଁ ତିହ୍ନ କେରେ । ପୁରୱହୁଁ ସକଲ ମନୋରଥ ମେରେ ॥**
**କଲି କେ କବିହ୍ନ କରଉଁ ପରନାମା । ଜିହ୍ନ ବରନେ ରଘୁପତି ଗୁନ ଗ୍ରାମା ॥ ୨ ॥**

ମୁଁ ସେମାନଙ୍କର ଚରଣକମଳରେ ପ୍ରଣାମ କରୁଛି; ସେମାନେ ମୋର ସକଳ ମନୋରଥ ପୂର୍ଣ୍ଣ କରନ୍ତୁ । କଳିଯୁଗରେ ଶ୍ରୀରଘୁନାଥଙ୍କର ଗୁଣଗାଥା କୀର୍ତ୍ତନ କରିଥିବା କବିମାନଙ୍କୁ ମଧ୍ୟ ମୁଁ ବନ୍ଦନା କରୁଛି ॥ ୨ ॥

**ଜେ ପ୍ରାକୃତ କବି ପରମ ସୟାନେ । ଭାଷାଁ ଜିହ୍ନ ହରି ଚରିତ ବଖାନେ ॥**
**ଭଏ ଜେ ଅହହିଁ ଜେ ହୋଇହହିଁ ଆଗେଁ । ପ୍ରନୱଉଁ ସବହି କପଟ ସବ ତ୍ୟାଗେଁ ॥ ୩ ॥**

ହରିଚରିତକୁ ଭାଷାବଦ୍ଧ କରି ବର୍ଣ୍ଣନା କରିଥିବା ଯେଉଁସବୁ ବୁଦ୍ଧିମାନ୍ ପ୍ରାକୃତ କବି (ସ୍ଥାନୀୟ ଭାଷାର କବି) ଅତୀତରେ ଥିଲେ, ବର୍ତ୍ତମାନ ଅଛନ୍ତି ଏବଂ ଭବିଷ୍ୟତରେ ହେବେ, ସେହି ସମସ୍ତଙ୍କୁ ମୁଁ ନିଷ୍କପଟଭାବରେ ପ୍ରଣାମ କରୁଛି ॥ ୩ ॥

**ହୋହୁ ପ୍ରସନ୍ନ ଦେହୁ ବରଦାନୂ । ସାଧୁ ସମାଜ ଭନିତି ସନମାନୂ ॥**
**ଜୋ ପ୍ରବଂଧ ବୁଧ ନହିଁ ଆଦରହୀଁ । ସୋ ଶ୍ରମ ବାଦି ବାଲ କବି କରହୀଁ ॥ ୪ ॥**

ଆପଣମାନେ ସମସ୍ତେ ପ୍ରସନ୍ନ ହୋଇ ମୋତେ ଏହି ବର ଦିଅନ୍ତୁ ଯେ, ସାଧୁସମାଜରେ ମୋର କବିତାକୁ ସମ୍ମାନ ମିଳୁ; କାରଣ ବୁଦ୍ଧିମାନ୍ ଲୋକେ ଯେଉଁ କବିତାକୁ ଆଦର କରନ୍ତି ନାହିଁ, ମୂର୍ଖ କବିହିଁ ସେପରି କବିତାରଚନା କାର୍ଯ୍ୟରେ ବ୍ୟର୍ଥ ପରିଶ୍ରମ କରିଥାଏ ॥ ୪ ॥

**କୀରତି ଭନିତି ଭୂତି ଭଲି ସୋଈ । ସୁରସରି ସମ ସବ କହଁ ହିତ ହୋଈ ॥**
**ରାମ ସୁକୀରତି ଭନିତି ଭଦେସା । ଅସମଂଜସ ଅସ ମୋହି ଅଁଦେସା ॥ ୫ ॥**

ଯେଉଁ କୀର୍ତ୍ତି, କବିତା ଓ ସମ୍ପତ୍ତି ଗଙ୍ଗାଙ୍କ ପରି ସମସ୍ତଙ୍କର ହିତକାରୀ ହୋଇଥାଏ, ତାହାହିଁ ଉତ୍ତମ ବୋଲି ବିବେଚିତ ହୁଏ । ଶ୍ରୀରାମଙ୍କ କୀର୍ତ୍ତି ତ ଅତ୍ୟନ୍ତ ସୁନ୍ଦର (ସମସ୍ତଙ୍କର ହିତକାରୀ); କିନ୍ତୁ ମୋ କବିତା ଅତ୍ୟନ୍ତ ଅସୁନ୍ଦର । ଏପରି ଅସାମଞ୍ଜସ୍ୟ ହେତୁ ମୁଁ ଚିନ୍ତିତ ॥ ୫ ॥

**ତୁହ୍ମରୀ କୃପାଁ ସୁଲଭ ସୋଉ ମୋରେ । ସିଅନି ସୁହାୱନି ଟାଟ ପଟୋରେ ॥ ୬ ॥**

କିନ୍ତୁ ହେ କବିଗଣ ! ଆପଣମାନଙ୍କର କୃପା ହେଲେ ଏହି କାମଟି ମଧ୍ୟ ମୋପାଇଁ ସୁଲଭ ହୋଇଯିବ । ପାଟସୂତାର ସିଲେଇ ସାଧାରଣ ଅଖା ଉପରେ ମଧ୍ୟ ସୁନ୍ଦର ଦିଶେ ॥ ୬ ॥

ଦୋଃ- **ସରଲ କବିତ କୀରତି ବିମଲ ସୋଇ ଆଦରହିଁ ସୁଜାନ ।**
**ସହଜ ବୟର ବିସରାଇ ରିପୁ ଜୋ ସୁନି କରହିଁ ବଖାନ ॥୧୪(କ)॥**

ଯେଉଁ କବିତା ସରଳ, ଯେଉଁଥିରେ ନିର୍ମଳ ଚରିତ୍ରର ବର୍ଣ୍ଣନା ଥାଏ ଏବଂ ଯାହା ଶୁଣି ଶତ୍ରୁ ମଧ୍ୟ ସ୍ୱାଭାବିକ ବୈରଭାବ ଭୁଲିଯାଇ ପ୍ରଶଂସା କରିବାକୁ ଲାଗେ, ବିବେକୀ ପୁରୁଷମାନେ ସେହିପରି କବିତାକୁ ଆଦର କରନ୍ତି ॥ ୧୪(କ)॥

**ସୋ ନ ହୋଇ ବିନୁ ବିମଲ ମତି ମୋହି ମତି ବଲ ଅତି ଥୋର ।**
**କରହୁ କୃପା ହରି ଜସ କହଉଁ ପୁନି ପୁନି କରଉଁ ନିହୋର ॥୧୪(ଖ)॥**

ନିର୍ମଳ ବୁଦ୍ଧି ବିନା ଏପରି କବିତା ରଚନା କରାଯାଇ ପାରେନା; ଅଥଚ ମୋର ବୁଦ୍ଧିବଳ ଅତ୍ୟନ୍ତ ସ୍ୱଳ୍ପ । ତେଣୁ ମୁଁ ବାରମ୍ବାର ନେହୁରା ହୋଇ କହୁଛି, "ହେ କବିଗଣ !ମୁଁ ଯେପରି ଶ୍ରୀହରିଙ୍କ ଯଶ ବର୍ଣ୍ଣନା କରିପାରିବି, ଆପଣମାନେ ସେଥିପାଇଁ ମୋତେ କୃପା କରନ୍ତୁ ॥ ୧୪ (ଖ) ॥

**କବି କୋବିଦ ରଘୁବର ଚରିତ ମାନସ ମଂଜୁ ମରାଲ ।**
**ବାଲ ବିନୟ ସୁନି ସୁରୁଚି ଲଖି ମୋ ପର ହୋହୁ କୃପାଲ ॥୧୪(ଗ)॥**

ହେ କବି ଓ ପଣ୍ଡିତଗଣ ! ହେ ରାମଚରିତରୂପୀ ମାନସରୋବରର ସୁନ୍ଦର ହଂସଗଣ ! ମୋପରି ଜଣେ ବାଳକର (ଅଜ୍ଞର) ବିନତି ଶୁଣି ଓ ସୁନ୍ଦର ରୁଚି ଦେଖି, ଆପଣମାନେ ମୋ ଉପରେ କୃପା କରନ୍ତୁ ।" ॥ ୧୪ (ଗ) ॥

ସୋଃ- **ବଂଦଉଁ ମୁନିପଦ କଂଜୁ ରାମାୟନ ଜେହିଁ ନିରମୟଉ ।**
**ସଖର ସୁକୋମଲ ମଂଜୁ ଦୋଷ ରହିତ ଦୂଷନ ସହିତ ॥୧୪(ଘ)॥**

ମୁଁ ସେହି ବାଲ୍ମୀକି ମୁନିଙ୍କର ଚରଣ ବନ୍ଦନା କରୁଛି, ଯେ କି ରାମାୟଣ ରଚନା କରିଛନ୍ତି । ଉକ୍ତ ରାମାୟଣରେ ଖର (ରାକ୍ଷସ)ର ବର୍ଣ୍ଣନା ହୋଇଥିଲେ ବି, ତାହା ଖର(କଠୋର)ର ବିପରୀତ ଅତ୍ୟନ୍ତ କୋମଳ ଏବଂ ସୁନ୍ଦର ହୋଇଛି; ପୁଣି ଦୂଷଣ (ରାକ୍ଷସ)ର ବର୍ଣ୍ଣନା ହୋଇଥିଲେ ବି, ଦୂଷଣରୁ ଅର୍ଥାତ୍ ଦୋଷରୁ ମୁକ୍ତ ॥ ୧୪ (ଘ) ॥

**ବଂଦଉଁ ଚାରିଉ ବେଦ ଭୱ ବାରିଧି ବୋହିତ ସରିସ ।**
**ଜିହ୍ନହି ନ ସପନେହୁଁ ଖେଦ ବରନତ ରଘୁବର ବିସଦ ଜସୁ ॥୧୪(ଙ)॥**

ଯେଉଁ ଗ୍ରିବେଦ ସଂସାରସାଗରକୁ ପାରି ହେବା ନିମନ୍ତେ ବୋଇତ ସଦୃଶ, ତଥା ଯେଉଁ ଗ୍ରିବେଦ ଶ୍ରୀରଘୁନାଥଙ୍କର ନିର୍ମଳ ଯଶ ବର୍ଣ୍ଣନା କରିବାରେ ସ୍ୱପ୍ନରେ ସୁଦ୍ଧା ଖେଦ (କ୍ଳାନ୍ତି) ଅନୁଭବ କରନ୍ତି ନାହିଁ, ସେମାନଙ୍କୁ ମୁଁ ବନ୍ଦନା କରୁଛି ॥ ୧୪ (ଙ) ॥

**ବଂଦଉଁ ବିଧି ପଦ ରେନୁ ଭଵ ସାଗର ଜେହିଁ କୀହ୍ନ ଜହଁ ।**
**ସଂତ ସୁଧା ସସି ଧେନୁ ପ୍ରଗଟେ ଖଲ ବିଷ ବାରୁନୀ ॥୧୪(ଚ)॥**

ଏହି ଭବସାଗରରୁ ସନ୍ତରୂପୀ ଅମୃତ, ଚନ୍ଦ୍ର ଓ କାମଧେନୁ ବାହାରିଛନ୍ତି; ପୁଣି ଏଥିରୁ ଦୁଷ୍ଟମନୁଷ୍ୟରୂପୀ ବିଷ ଓ ମଦିରା ମଧ୍ୟ ଜାତ ହୋଇଛି । ଯେ ଏହି ଭବସାଗର ରଚନା କରିଛନ୍ତି, ମୁଁ ସେହି ବ୍ରହ୍ମାଙ୍କର ଚରଣରଜକୁ ବନ୍ଦନା କରୁଛି ॥ ୧୪ (ଚ) ॥

ଦୋ:- **ବିବୁଧ ବିପ୍ର ବୁଧ ଗ୍ରହ ଚରନ ବଂଦି କହଉଁ କର ଜୋରି ।**
**ହୋଇ ପ୍ରସନ୍ନ ପୁରଵହୁ ସକଲ ମଂଜୁ ମନୋରଥ ମୋରି ॥୧୪(ଛ)॥**

ଦେବତା, ବ୍ରାହ୍ମଣ, ପଣ୍ଡିତ ଓ ଗ୍ରହ—ଏ ସମସ୍ତଙ୍କର ଚରଣ ବନ୍ଦନା କରି, କର ଯୋଡ଼ି ମୁଁ ଜଣାଉଛି ଯେ, ଆପଣମାନେ ପ୍ରସନ୍ନ ହୋଇ ମୋର ସକଳ ସୁନ୍ଦର ମନୋରଥ ପୂର୍ଣ୍ଣ କରନ୍ତୁ ॥ ୧୪ (ଛ) ॥

**ପୁନି ବଂଦଉଁ ସାରଦ ସୁରସରିତା । ଜୁଗଲ ପୁନୀତ ମନୋହର ଚରିତା ॥**
**ମଜ୍ଜନ ପାନ ପାପ ହର ଏକା । କହତ ସୁନତ ଏକ ହର ଅବିବେକା ॥ ୧ ॥**

ପୁଣି ମୁଁ ସରସ୍ୱତୀ ଓ ଦେବନଦୀ ଗଙ୍ଗାଙ୍କୁ ବନ୍ଦନା କରୁଛି । ସେହି ଉଭୟେ ପବିତ୍ର ଓ ଉଭୟଙ୍କର ଚରିତ ଅତ୍ୟନ୍ତ ମନୋହର । ଜଣେ (ଗଙ୍ଗା) ତାହାଙ୍କ ଜଳରେ ସ୍ନାନ କଲେ ଓ ତାହା ପାନ କଲେ ପାପ ହରଣ କରନ୍ତି ଏବଂ ଅନ୍ୟ ଜଣେ (ସରସ୍ୱତୀ) ତାଙ୍କ ଗୁଣ ଓ ଯଶ ଗାନ କଲେ ଓ ଶ୍ରବଣ କଲେ ଅଜ୍ଞାନ ନାଶ କରିଦିଅନ୍ତି ॥ ୧ ॥

**ଗୁର ପିତୁ ମାତୁ ମହେସ ଭଵାନୀ । ପ୍ରନଵଉଁ ଦୀନବଂଧୁ ଦିନ ଦାନୀ ॥**
**ସେଵକ ସ୍ୱାମି ସଖା ସିୟ ପୀ କେ । ହିତ ନିରୁପଧି ସବ ବିଧି ତୁଲସୀ କେ ॥ ୨ ॥**

ଯେ ମୋର ଗୁରୁ ତଥା ପିତାମାତା, ଯେ ଦୀନବନ୍ଧୁ ଓ ନିତ୍ୟ ଦାନଶୀଳ, ଯେ ସୀତାପତି ଶ୍ରୀରାମଙ୍କର ସେବକ, ସ୍ୱାମୀ ଓ ସଖା ଏବଂ ଯେ ଏହି ତୁଳସୀଦାସର ସବୁମନ୍ତେ ନିଷ୍କପଟଭାବରେ ପ୍ରକୃତ ହିତକାରୀ, ସେହି ଶିବପାର୍ବତୀଙ୍କୁ ମୁଁ ପ୍ରଣାମ କରୁଛି ॥ ୨ ॥

**କଲି ବିଲୋକି ଜଗ ହିତ ହର ଗିରିଜା । ସାବର ମଂତ୍ର ଜାଲ ଜିହ୍ନ ସିରିଜା ॥**
**ଅନମିଲ ଆଖର ଅରଥ ନ ଜାପୂ । ପ୍ରଗଟ ପ୍ରଭାଉ ମହେସ ପ୍ରତାପୂ ॥ ୩ ॥**

ସେହି ହରପାର୍ବତୀ କଳିଯୁଗର ଗତି ଦେଖି ଜଗତର ମଙ୍ଗଳନିମନ୍ତେ ଶାବର-ମନ୍ତ୍ରାବଳୀ ରଚନା କରିଛନ୍ତି । ସେହି ମନ୍ତ୍ରାବଳୀର ଅକ୍ଷରଗୁଡ଼ିକ ଅମେଳ ଓ ସେସବୁର କୌଣସି ସଠିକ ଅର୍ଥ କିମ୍ବା ଜପ ହୋଇପାରେନା; ଅଥଚ ଶିବଙ୍କ ପ୍ରତାପରୁ ସେହି ମନ୍ତ୍ରଗୁଡ଼ିକର ପ୍ରତ୍ୟକ୍ଷ ପ୍ରଭାବ ରହିଛି ॥ ୩ ॥

**ସୋ ଉମେସ ମୋହି ପର ଅନୁକୂଲା । କରିହିଁ କଥା ମୁଦ ମଂଗଲ ମୂଲା ॥**
**ସୁମିରି ସିଵା ସିଵ ପାଇ ପସାଉ । ବରନଉଁ ରାମଚରିତ ଚିତ ଚାଉ ॥ ୪ ॥**

ସେହି ଉମାପତି ଶିବ ମୋ ଉପରେ ପ୍ରସନ୍ନ ହୋଇ ଶ୍ରୀରାମଙ୍କର ଏହି କଥା(ଚରିତ)କୁ ଆନନ୍ଦକାରିଣୀ ଓ ମଙ୍ଗଳଦାୟିନୀ କରାଇବେ । ଶିବ ଓ ପାର୍ବତୀ ଉଭୟଙ୍କୁ ଏହିପରି ସ୍ମରଣ କରି ଏବଂ ତାହାଙ୍କର ପ୍ରସାଦ ଲାଭ କରି ମୁଁ ଉତ୍ସାହର ସହିତ ଶ୍ରୀରାମଚରିତ ବର୍ଣ୍ଣନା କରୁଛି ॥ ୪ ॥

**ଭନିତି ମୋରି ସିଓ୍ୱ କୃପାଁ ବିଭାତୀ । ସସି ସମାଜ ମିଲି ମନହୁଁ ସୁରାତୀ ॥**
**ଜେ ଏହି କଥହି ସନେହ ସମେତା । କହିହହିଁ ସୁନିହହିଁ ସମୁଝି ସଚେତା ॥ ୫ ॥**
**ହୋଇହହିଁ ରାମ ଚରନ ଅନୁରାଗୀ । କଲି ମଲ ରହିତ ସୁମଂଗଲ ଭାଗୀ ॥ ୬ ॥**

ପ୍ରଭୁ ଶିବଙ୍କ କୃପାରୁ ମୋର କବିତା ତାରାବିମଣ୍ଡିତ ଚନ୍ଦ୍ରଙ୍କ ସହିତ ରାତ୍ରି ସୁଶୋଭିତ ହେଲାପରି ସୁଶୋଭିତ ହେବ । ଯେ ଏହି କଥାକୁ ଏକାଗ୍ରଚିତ୍ତରେ ଓ ପ୍ରେମର ସହିତ ବୁଝିବିଗ୍ଝି ବ୍ୟାଖ୍ୟାନ କରିବେ ବା ଶୁଣିବେ, ସେମାନେ କଳିଯୁଗର ପାପରୁ ମୁକ୍ତ ହୋଇଯିବେ ଓ ସୁନ୍ଦର କଲ୍ୟାଣପ୍ରାପ୍ତିର ଅଧିକାରୀ ହୋଇ ଶ୍ରୀରାମଙ୍କ ଚରଣରେ ପ୍ରେମୀ ହୋଇଯିବେ ॥ ୫, ୬ ॥

ଦୋଃ- **ସପନେହୁଁ ସାଚେହୁଁ ମୋହି ପର ଜୌଁ ହର ଗୌରି ପସାଉ ।**
**ତୌ ଫୁର ହୋଉ ଜୋ କହେଉଁ ସବ ଭାଷା ଭନିତି ପ୍ରଭାଉ ॥ ୧୫ ॥**

ଯଦି ଅନ୍ତତଃ ସ୍ୱପ୍ନରେ ବି ଶିବପାର୍ବତୀ ମୋ ଉପରେ ସତରେ ପ୍ରସନ୍ନ ହୋଇଛନ୍ତି, ତେବେ ମୁଁ ଏହି ଭାଷାକବିତାର ଯେଉଁ ପ୍ରଭାବ ବିଷୟ କହିଲି, ତାହା ସତ୍ୟ ହୋଇଯାଉ ॥ ୧୫ ॥

**ବଂଦଉଁ ଅଓ୍ୱଧ ପୁରୀ ଅତି ପାଓ୍ୱନି । ସରଜୂ ସରି କଲି କଲୁଷ ନସାଓ୍ୱନି ॥**
**ପ୍ରନଓ୍ୱଉଁ ପୁର ନର ନାରି ବହୋରୀ । ମମତା ଜିହ୍ନ ପର ପ୍ରଭୁହି ନ ଥୋରୀ ॥ ୧ ॥**

ମୁଁ ଅତି ପବିତ୍ର ଅଯୋଧ୍ୟାପୁରୀକୁ ଓ କଳିଯୁଗର ପାପନାଶନୀ ଶ୍ରୀସରଯୂ ନଦୀକୁ ବନ୍ଦନା କରୁଛି; ପୁଣି ଯେଉଁମାନଙ୍କ ଉପରେ ପ୍ରଭୁ ଶ୍ରୀରାମଙ୍କର ମମତା ଅତ୍ୟନ୍ତ ଅଧିକ, ଅଯୋଧ୍ୟାର ସେହି ନରନାରୀଙ୍କୁ ମୁଁ ପ୍ରଣାମ କରୁଛି ॥ ୧ ॥

**ସିୟ ନିଂଦକ ଅଘ ଓଘ ନସାଏ । ଲୋକ ବିସୋକ ବନାଇ ବସାଏ ॥**
**ବଂଦଉଁ କୌସଲ୍ୟା ଦିସି ପ୍ରାଚୀ । କୀରତି ଜାସୁ ସକଲ ଜଗ ମାଚୀ ॥ ୨ ॥**

ପ୍ରଭୁ ଶ୍ରୀରାମ ମାତା ସୀତାଙ୍କ ନିନ୍ଦୁକମାନଙ୍କର (ଧୋବା ଓ ତା'ର ସମର୍ଥକ ନରନାରୀମାନଙ୍କର) ମଧ୍ୟ ପାପରାଶି ନାଶ କରି, ସେମାନଙ୍କୁ ଶୋକମୁକ୍ତ କରିଦେଇ ନିଜ ଧାମରେ (ବୈକୁଣ୍ଠରେ) ବାସ ଦେଇଥିଲେ । ଯାହାର କୀର୍ତ୍ତି ସମଗ୍ର ସଂସାରରେ ପରିବ୍ୟାପ୍ତ, ସେହି କୌଶଲ୍ୟାରୂପୀ ପୂର୍ବଦିଗକୁ ମୁଁ ବନ୍ଦନା କରୁଛି ॥ ୨ ॥

**ପ୍ରଗଟେଉ ଜହଁ ରଘୁପତି ସସି ଚ୍ରୂ । ବିସ୍ୱ ସୁଖଦ ଖଲ କମଲ ତୁସାରୂ ॥**
**ଦସରଥ ରାଉ ସହିତ ସବ ରାନୀ । ସୁକୃତ ସୁମଂଗଲ ମୂରତି ମାନୀ ॥ ୩ ॥**
**କରଉଁ ପ୍ରନାମ କରମ ମନ ବାନୀ । କରହୁ କୃପା ସୁତ ସେଓ୍ୱକ ଜାନୀ ॥**
**ଜିହ୍ନହି ବିରଚି ବଡ଼ ଭୟଉ ବିଧାତା । ମହିମା ଅଓ୍ୱଧି ରାମ ପିତୁ ମାତା ॥ ୪ ॥**

ସେହି କୌଶଲ୍ୟାରୂପୀ ପୂର୍ବଦିଗରେ ବିଶ୍ୱର ସୁଖଦାତା ତଥା ଦୁଷ୍ଟରୂପୀ ପଦ୍ମମାନଙ୍କ ନିମନ୍ତେ ତୁଷାରସମ ହୋଇଥିବା ଶ୍ରୀରାମରୂପୀ ସୁନ୍ଦର ଚନ୍ଦ୍ର ପ୍ରକଟ ହୋଇଥିଲେ । ସମସ୍ତ ରାଣୀଙ୍କ ସମେତ ରାଜା ଦଶରଥଙ୍କୁ ପୁଣ୍ୟ ଏବଂ କଲ୍ୟାଣର ପ୍ରତିମୂର୍ତ୍ତି ମନେକରି ମୁଁ କାୟ-ମନ-ବାକ୍ୟରେ ପ୍ରଣାମ କରୁଛି । ନିଜ ପୁତ୍ରର ସେବକ ବୋଲି ଜାଣି ସେମାନେ ମୋତେ କୃପା କରନ୍ତୁ । ସେମାନଙ୍କୁ ସୃଷ୍ଟି କରି ବ୍ରହ୍ମା ମହାନ୍ ହୋଇଥିଲେ ଏବଂ ଶ୍ରୀରାମଙ୍କ ମାତା-ପିତା ହୋଇଥିବାରୁ ସେମାନେ ଥିଲେ ମହିମାର ଚରମସୀମା ॥ ୩, ୪ ॥

ସୋ:- ବଂଦଉଁ ଅୱ୍ଧ ଭୁଆଲ ସତ୍ୟ ପ୍ରେମ ଜେହି ରାମ ପଦ ।
ବିଛୁରତ ଦୀନଦୟାଲ ପ୍ରିୟ ତନୁ ତୃନ ଇୱ୍ ପରିହରେଉ ॥ ୧୬ ॥

ଶ୍ରୀରାମଙ୍କ ଚରଣରେ ଯାହାଙ୍କର ପ୍ରକୃତ ପ୍ରେମ ରହିଥିଲା ଏବଂ ଯେ ଦୀନଦୟାଳୁ ପ୍ରଭୁଙ୍କ ବିଚ୍ଛେଦରେ ନିଜର ପ୍ରିୟ ଶରୀରକୁ ତୃଣବତ୍ ପରିତ୍ୟାଗ କରିଦେଇଥିଲେ, ଅଯୋଧ୍ୟାର ସେହି ରାଜା ଦଶରଥଙ୍କୁ ମୁଁ ବନ୍ଦନା କରୁଛି ॥ ୧୬ ॥

ପ୍ରନୱ୍ଉଁ ପରିଜନ ସହିତ ବିଦେହୂ । ଜାହି ରାମ ପଦ ଗୂଢ଼ ସନେହୂ ॥
ଜୋଗ ଭୋଗ ମହଁ ରାଖେଉ ଗୋଈ । ରାମ ବିଲୋକତ ପ୍ରଗଟେଉ ସୋଈ ॥ ୧ ॥

ସପରିବାର ରାଜା ଜନକଙ୍କୁ ମୁଁ ପ୍ରଣାମ କରୁଛି; ଶ୍ରୀରାମଙ୍କ ଚରଣରେ ତାହାଙ୍କର ଗୂଢ଼ ପ୍ରେମ ରହିଥିଲା । ଉକ୍ତ ପ୍ରେମକୁ ସେ ଯୋଗ ଓ ଭୋଗରେ ଗୁପ୍ତ ରଖିଥିଲେ; କିନ୍ତୁ ଶ୍ରୀରାମଙ୍କୁ ଦେଖିଦେବାକ୍ଷଣି ତାହା ପ୍ରକଟ ହୋଇଯାଇଥିଲା ॥ ୧ ॥

ପ୍ରନୱ୍ଉଁ ପ୍ରଥମ ଭରତ କେ ଚରନା । ଜାସୁ ନେମ ବ୍ରତ ଜାଇ ନ ବରନା ॥
ରାମ ଚରନ ପଂକଜ ମନ ଜାସୂ । ଲୁବୁଧ ମଧୁପ ଇୱ୍ ତଜଇ ନ ପାସୂ ॥ ୨ ॥

[ଶ୍ରୀରାମଙ୍କ ଭାଇମାନଙ୍କ ମଧ୍ୟରୁ] ସର୍ବପ୍ରଥମେ ମୁଁ ସେହି ଶ୍ରୀଭରତଙ୍କ ଚରଣରେ ପ୍ରଣାମ କରୁଛି, ଯାହାଙ୍କର ନିୟମ ଓ ବ୍ରତ ବର୍ଣ୍ଣନାର ଅତୀତ ଏବଂ ଯାହାଙ୍କ ମନ ପ୍ରଲୁବ୍ଧ ଭ୍ରମର ପରି କେବେହେଲେ ଶ୍ରୀରାମଙ୍କ ପାଦପଦ୍ମର ପାଖ ଛାଡ଼େନାହିଁ ॥ ୨ ॥

ବଂଦଉଁ ଲଛିମନ ପଦ ଜଲଜାତା । ସୀତଲ ସୁଭଗ ଭଗତ ସୁଖଦାତା ॥
ରଘୁପତି କୀରତି ବିମଲ ପତାକା । ଦଂଡ ସମାନ ଭୟଉ ଜସ ଜାକା ॥ ୩ ॥

ଯେଉଁ ଲକ୍ଷ୍ମଣଙ୍କର ସୁନ୍ଦର ଶୀତଳ ଚରଣ ଭକ୍ତମାନଙ୍କ ପାଇଁ ସୁଖଦାୟୀ ଏବଂ ଯାହାଙ୍କର ଯଶ ଶ୍ରୀରଘୁନାଥଙ୍କର କୀର୍ତ୍ତିରୂପୀ ବିମଳ ପତାକାର ଦଣ୍ଡସ୍ୱରୂପ, ମୁଁ ତାହାଙ୍କ ଚରଣକମଳକୁ ବନ୍ଦନା କରୁଛି ॥ ୩ ॥

ସେଷ ସହସ୍ରସୀସ ଜଗ କାରନ । ଜୋ ଅୱ୍ତରେଉ ଭୂମି ଭୟ୍ ଟାରନ ॥
ସଦା ସୋ ସାନୁକୂଲ ରହ ମୋ ପର । କୃପାସିଂଧୁ ସୌମିତ୍ରି ଗୁନାକର ॥ ୪ ॥

ସେ ହେଉଛନ୍ତି ସହସ୍ରଶିରବିଶିଷ୍ଟ ଜଗଦାଧାର ଶେଷଦେବ; ସେ ପୃଥିବୀର ଭୟ ଦୂର କରିବା ନିମନ୍ତେ ଅବତାର ଗ୍ରହଣ କରିଥିଲେ । ସେହି ଗୁଣର ଆକର (ଖଣି) କୃପାସିନ୍ଧୁ ସୁମିତ୍ରାନନ୍ଦନ ଲକ୍ଷ୍ମଣ ମୋ ପ୍ରତି ସର୍ବଦା ପ୍ରସନ୍ନ ରହନ୍ତୁ ॥ ୪ ॥

ରିପୁସୂଦନ ପଦ କମଲ ନମାମୀ । ସୂର ସୁସୀଲ ଭରତ ଅନୁଗାମୀ ॥
ମହାବୀର ବିନୱ୍ଉଁ ହନୁମାନା । ରାମ ଜାସୁ ଜସ ଆପ ବଖାନା ॥ ୫ ॥

ମୁଁ ଶ୍ରୀଶତ୍ରୁଘ୍ନଙ୍କ ଚରଣକମଳରେ ପ୍ରଣାମ କରୁଛି । ସେ ବଡ଼ ବୀର, ସୁଶୀଳ ଓ ଶ୍ରୀଭରତଙ୍କର ଅନୁଗାମୀ ଥିଲେ । ପୁଣି ମୁଁ ସେହି ମହାବୀର ଶ୍ରୀହନୁମାନଙ୍କୁ ବିନତି ଜଣାଉଛି, ଯାହାଙ୍କର ଯଶ ସ୍ୱୟଂ ଶ୍ରୀରାମ ନିଜ ଶ୍ରୀମୁଖରେ ବର୍ଣ୍ଣନା କରିଛନ୍ତି ॥ ୫ ॥

ସୋ:- ପ୍ରନୱ୍ଉଁ ପୱ୍ନକୁମାର ଖଲ ବନ ପାୱ୍କ ଗ୍ୟାନଘନ ।
ଜାସୁ ହୃଦୟ ଆଗାର ବସହିଁ ରାମ ସର ଚ୍ାପ ଧର ॥ ୧୭ ॥

ଯେ ଦୁଷ୍ଟରୂପୀ ବନକୁ ଭସ୍ମ କରିଦେବା ନିମନ୍ତେ ଅଗ୍ନିସମାନ, ଯେ ଜ୍ଞାନର ଘନମୂର୍ତ୍ତି ଏବଂ ଯାହାଙ୍କର ହୃଦୟମନ୍ଦିରରେ ଧନୁର୍ଦ୍ଧାରୀ ଶ୍ରୀରାମ ନିବାସ କରନ୍ତି, ମୁଁ ସେହି ପବନକୁମାର ହନୁମାନଙ୍କୁ ପ୍ରଣାମ କରୁଛି ॥ ୧୭ ॥

**କପିପତି ରୀଛ ନିସାଚର ରାଜା । ଅଂଗଦାଦି ଜେ କୀସ ସମାଜା ॥**
**ବଂଦଉଁ ସବ କେ ଚରନ ସୁହାଏ । ଅଧମ ସରୀର ରାମ ଜିହ୍ନ ପାଏ ॥ ୧ ॥**

ବାନରରାଜ ସୁଗ୍ରୀବ, ଭଲ୍ଲୁକରାଜ ଜାମ୍ବବାନ୍, ରାକ୍ଷସରାଜ ବିଭୀଷଣ ଏବଂ ଅଙ୍ଗଦ ଆଦି ଯେତେସବୁ ବାନରସମାଜ ଅଛନ୍ତି, ମୁଁ ସେମାନଙ୍କର ସୁନ୍ଦର ଚରଣକୁ ବନ୍ଦନା କରୁଛି ; କାରଣ ସେମାନେ ପଶୁ, ରାକ୍ଷସ ଆଦି ଅଧମ ଶରୀରରେ ବି ଶ୍ରୀରାମଙ୍କୁ ପାଇପାରିଥିଲେ ॥ ୧ ॥

**ରଘୁପତି ଚରନ ଉପାସକ ଜେତେ । ଖଗ ମୃଗ ସୁର ନର ଅସୁର ସମେତେ ॥**
**ବଂଦଉଁ ପଦ ସରୋଜ ସବ କେରେ । ଜେ ବିନୁ କାମ ରାମ କେ ଚେରେ ॥ ୨ ॥**

ପଶୁ, ପକ୍ଷୀ, ଦେବତା, ମନୁଷ୍ୟ ଓ ଅସୁରସମେତ ଯେତେସବୁ ଶ୍ରୀରାମଚରଣର ଉପାସକ ଓ ଶ୍ରୀରାମଙ୍କର ନିଷ୍କାମ ସେବକ ଅଛନ୍ତି, ମୁଁ ସେହି ସମସ୍ତଙ୍କର ଚରଣକମଳକୁ ବନ୍ଦନା କରୁଛି ॥ ୨ ॥

**ସୁକ ସନକାଦି ଭଗତ ମୁନି ନାରଦ । ଜେ ମୁନିବର ବିଗ୍ୟାନ ବିସାରଦ ॥**
**ପ୍ରନଓ୍ୱଉଁ ସବହି ଧରନି ଧରି ସୀସା । କରହୁ କୃପା ଜନ ଜାନି ମୁନୀସା ॥ ୩ ॥**

ଶୁକଦେବ, ସନକାଦି ଋଷି, ନାରଦମୁନି ଆଦି ଯେତେସବୁ ଭକ୍ତ ଓ ପରମଜ୍ଞାନୀ ଶ୍ରେଷ୍ଠ ମୁନି ଅଛନ୍ତି, ମୁଁ ସେମାନଙ୍କୁ ଭୂମିଷ୍ଠ ପ୍ରଣାମ କରୁଛି । ହେ ମୁନୀଶ୍ୱରଗଣ ! ଆପଣମାନେ ସମସ୍ତେ ମୋତେ ନିଜର ଦାସ ବୋଲି ଜାଣି କୃପା କରନ୍ତୁ ॥ ୩ ॥

**ଜନକସୁତା ଜଗ ଜନନି ଜାନକୀ । ଅତିସୟ ପ୍ରିୟ କରୁନାନିଧାନ କୀ ॥**
**ତାକେ ଜୁଗ ପଦ କମଲ ମନାଓ୍ୱଉଁ । ଜାସୁ କୃପାଁ ନିରମଲ ମତି ପାଓ୍ୱଉଁ ॥ ୪ ॥**

ରାଜା ଜନକଙ୍କର ପୁତ୍ରୀ, ଜଗତ୍‌ଜନନୀ ତଥା କରୁଣାନିଧାନ ଶ୍ରୀରାମଙ୍କ ପ୍ରିୟତମା ଶ୍ରୀଜାନକୀଙ୍କର ଦୁଇ ପାଦପଦ୍ମରେ ମୋର ବିନତି ଏହି ଯେ, ତାଙ୍କ କୃପାବଳରେ ମୁଁ ଯେପରି ନିର୍ମଳ ବୁଦ୍ଧି ପାଏ ॥ ୪ ॥

**ପୁନି ମନ ବଚନ କର୍ମ ରଘୁନାୟକ । ଚରନ କମଲ ବଂଦଉଁ ସବ ଲାୟକ ॥**
**ରାଜିଓ୍ୱନୟନ ଧରେଁ ଧନୁ ସାୟକ । ଭଗତ ବିପତି ଭଂଜନ ସୁଖଦାୟକ ॥ ୫ ॥**

ପୁଣି କମଳନୟନ, ଧନୁର୍ବାଣଧାରୀ, ଭକ୍ତବିପତ୍ତିନାଶନ ତଥା ଭକ୍ତଜନଙ୍କର ସୁଖଦାତା ଭଗବାନ୍ ଶ୍ରୀରଘୁନାଥଙ୍କର ସର୍ବସମର୍ଥ ଚରଣକମଳକୁ ମୁଁ କାୟ-ମନ-ବାକ୍ୟରେ ବନ୍ଦନା କରୁଛି ॥ ୫ ॥

ଦୋ:- **ଗିରା ଅରଥ ଜଲ ବୀଚି ସମ କହିଅତ ଭିନ୍ନ ନ ଭିନ୍ନ ।**
**ବଂଦଉଁ ସୀତା ରାମ ପଦ ଜିହ୍ନହି ପରମ ପ୍ରିୟ ଖିନ୍ନ ॥ ୧୮ ॥**

ବାଣୀ ଓ ତାହାର ଅର୍ଥ ତଥା ଜଳ ଓ ତାହାର ଲହରୀ ଯେପରି କେବଳ ନାମରେ ଭିନ୍ନ ଭିନ୍ନ, କିନ୍ତୁ ବାସ୍ତବରେ ପରସ୍ପର ଅଭିନ୍ନ, ଠିକ୍ ସେହିପରି ଯେଉଁ ସୀତାରାମ ପରସ୍ପର ଅଭିନ୍ନ ଏବଂ ଦୀନଦୁଃଖୀମାନେ ଯାହାଙ୍କର ପରମପ୍ରିୟ, ମୁଁ ସେହି ଶ୍ରୀସୀତାରାମଙ୍କର ଚରଣକୁ ବନ୍ଦନା କରୁଛି ॥ ୧୮ ॥

**ବଂଦଉଁ ନାମ ରାମ ରଘୁବର କୋ । ହେତୁ କୃସାନୁ ଭାନୁ ହିମକର କୋ ॥**
**ବିଧି ହରି ହରମୟ ବେଦ ପ୍ରାନ ସୋ । ଅଗୁନ ଅନୂପମ ଗୁନ ନିଧାନ ସୋ ॥ ୧ ॥**

ମୁଁ ଶ୍ରୀରଘୁନାଥଙ୍କର 'ରାମ' ନାମକୁ ବନ୍ଦନା କରୁଛି । ସେହି ନାମ କୃଶାନୁ (ଅଗ୍ନି), ଭାନୁ (ସୂର୍ଯ୍ୟ) ଓ ହିମକର (ଚନ୍ଦ୍ର)ର ହେତୁ ଅର୍ଥାତ୍ 'ର', 'ଆ' ଓ 'ମ'—ରୂପରେ ସେମାନଙ୍କର ବୀଜ ଅଟେ । ସେହି ରାମନାମ ହେଉଛି ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ସ୍ୱରୂପ । ତାହା ହେଉଛି ବେଦମାନଙ୍କର ପ୍ରାଣ । ତାହା ନିର୍ଗୁଣ, ନିରୁପମ ଓ ଗୁଣମାନଙ୍କର ଭଣ୍ଡାର ॥ ୧ ॥

**ମହାମଂତ୍ର ଜୋଇ ଜପତ ମହେସୂ । କାସୀଁ ମୁକୁତି ହେତୁ ଉପଦେସୂ ॥**
**ମହିମା ଜାସୁ ଜାନ ଗନରାଉ । ପ୍ରଥମ ପୂଜିଅତ ନାମ ପ୍ରଭାଉ ॥ ୨ ॥**

ସେହି ରାମନାମ ହେଉଛି ମହାମନ୍ତ୍ର । ମହେଶ୍ୱର ଶିବ ତାହା ଜପ କରନ୍ତି । ସେହି ନାମ ଉପଦେଶ ହିଁ କାଶୀରେ ମୁକ୍ତିର କାରଣ ହୋଇଛି । ସେହି ନାମର ମହିମା ଶ୍ରୀଗଣେଶ ଜାଣନ୍ତି ଏବଂ ସେହି ରାମନାମର ପ୍ରଭାବରୁହିଁ ସେ ଅଗ୍ରପୂଜ୍ୟ ହୋଇଛନ୍ତି ॥ ୨ ॥

**ଜାନ ଆଦିକବି ନାମ ପ୍ରତାପୂ । ଭୟଉ ସୁଦ୍ଧ କରି ଉଲଟା ଜାପୂ ॥**
**ସହସ ନାମ ସମ ସୁନି ସିୱ ବାନୀ । ଜପି ଜେଇଁ ପିୟ ସଂଗ ଭୱାନୀ ॥ ୩ ॥**

ଆଦିକବି ବାଲ୍ମୀକି ରାମନାମର ପ୍ରତାପ ଜାଣନ୍ତି । ସେ ଓଲଟା ନାମ (ମରା, ମରା) ଜପି ପବିତ୍ର ହୋଇଯାଇଥିଲେ । ଗୋଟିଏ ରାମନାମ ଭଗବାନଙ୍କର ସହସ୍ର ନାମ ସହିତ ସମାନ ବୋଲି ଶିବଙ୍କ ଠାରୁ ଶୁଣି ପାର୍ବତୀ ସର୍ବଦା ନିଜ ପତି(ଶିବ)ଙ୍କ ସହିତ ରାମନାମ ଜପ କରୁଛନ୍ତି ॥ ୩ ॥

**ହରଷେ ହେତୁ ହେରି ହର ହୀ କୋ । କିୟ ଭୂଷନ ତିୟ ଭୂଷନ ତୀ କୋ ॥**
**ନାମ ପ୍ରଭାଉ ଜାନ ସିୱ ନୀକୋ । କାଲକୂଟ ଫଲୁ ଦୀହ୍ନ ଅମୀ କୋ ॥ ୪ ॥**

ପାର୍ବତୀଙ୍କ ହୃଦୟରେ ରାମନାମ ପ୍ରତି ଏପରି ପ୍ରୀତି ଦେଖି ଭଗବାନ୍ ଶିବ ଆନନ୍ଦିତ ହୋଇଗଲେ ଏବଂ ସ୍ତ୍ରୀଜାତିର ଭୂଷଣରୂପୀ (ପତିବ୍ରତାମାନଙ୍କର ଶିରୋମଣି) ପାର୍ବତୀଙ୍କୁ ନିଜର ଭୂଷଣ କରିନେଲେ (ଅର୍ଥାତ୍ ତାଙ୍କୁ ଅର୍ଦ୍ଧାଙ୍ଗିନୀରୂପେ ନିଜ ଅଙ୍ଗରେ ଧାରଣ କଲେ) । ଭଗବାନ୍ ଶିବ ନାମର ପ୍ରଭାବ ଭଲରୂପେ ଜାଣନ୍ତି । ନାମର ପ୍ରଭାବରୁ କାଳକୂଟ ବିଷ ମଧ୍ୟ ତାଙ୍କୁ ଅମୃତ ପରି ଫଳ ଦେଇଥିଲା ॥ ୪ ॥

ଦୋଃ- **ବରଷା ରିତୁ ରଘୁପତି ଭଗତି ତୁଲସୀ ସାଲି ସୁଦାସ ।**
**ରାମ ନାମ ବର ବରନ ଜୁଗ ସାୱନ ଭାଦୱ ମାସ ॥ ୧୯ ॥**

ଶ୍ରୀରଘୁନାଥଙ୍କ ପ୍ରତି ଭକ୍ତି ହେଉଛି ବର୍ଷାଋତୁ; ତୁଳସୀଦାସ କହୁଛନ୍ତି, ଉତ୍ତମ ସେବକମାନେ ହେଉଛନ୍ତି ଧାନଫସଲ ଏବଂ 'ରାମ' ନାମର ଅକ୍ଷର ଦୁଇଟି ହେଉଛି ଶ୍ରାବଣ ଓ ଭାଦ୍ରବ ମାସ ॥ ୧୯ ॥

**ଆଖର ମଧୁର ମନୋହର ଦୋଉ । ବରନ ବିଲୋଚନ ଜନ ଜିୟ ଜୋଉ ॥**
**ସୁମିରତ ସୁଲଭ ସୁଖଦ ସବ କାହୂ । ଲୋକ ଲାହୁ ପରଲୋକ ନିବାହୂ ॥ ୧ ॥**

'ରାମ' ନାମର ଅକ୍ଷର ଦୁଇଟି ବଡ଼ ମଧୁର ଓ ମନୋହର । ସେ ଦୁଇଟି ହେଉଛି ବର୍ଣ୍ଣମାଳାରୂପୀ ଶରୀରର ଦୁଇ ନେତ୍ର ଓ ଭକ୍ତମାନଙ୍କର ଜୀବନ । ସେ ଦୁଇଟିକୁ ସ୍ମରଣ କରିବା ଅତ୍ୟନ୍ତ ସୁଲଭ ଓ ସୁଖଦାୟୀ । ସେ ଦୁଇଟି ଅକ୍ଷର ଇହଲୋକରେ ଲାଭ ଦିଅନ୍ତି ଏବଂ ପରଲୋକରେ ନିର୍ବାହ (ପ୍ରତିପାଳନ) କରନ୍ତି । (ଅର୍ଥାତ୍ ଭଗବାନଙ୍କର ଦିବ୍ୟଧାମରେ ଦିବ୍ୟଦେହ ପ୍ରଦାନ କରି ସଦା ଭଗବତ୍‌ସେବାରେ ନିଯୁକ୍ତ ରଖନ୍ତି ।) ॥ ୧ ॥

**କହତ ସୁନତ ସୁମିରତ ସୁଠି ନୀକେ । ରାମ ଲଖନ ସମ ପ୍ରିୟ ତୁଲସୀ କେ ॥**
**ବରନତ ବରନ ପ୍ରୀତି ବିଲଗାତୀ । ବ୍ରହ୍ମ ଜୀୱ ସମ ସହଜ ସଁଘାତୀ ॥ ୨ ॥**

ସେହି ଅକ୍ଷରର ଦୁଇଟି କହିବା, ଶୁଣିବା ଓ ସ୍ମରଣ କରିବା ଅତି ସହଜ, ସୁନ୍ଦର ଓ ମଧୁର । ତୁଳସୀଦାସକୁ ତ ସେହି ଦୁଇଟି ଅକ୍ଷର ରାମ-ଲକ୍ଷ୍ମଣଙ୍କ ପରି ପ୍ରିୟ । ସେହି ଦୁଇ ଅକ୍ଷରକୁ ପୃଥକ୍ ପୃଥକ୍ ବର୍ଣ୍ଣନା କଲେ, ପ୍ରୀତିର ଭିନ୍ନତା ପରିଲକ୍ଷିତ ହୁଏ (ଅର୍ଥାତ୍ ବୀଜମନ୍ତ୍ରଦୃଷ୍ଟିରୁ ସେହି ଦୁଇଟିର ଉଚ୍ଚାରଣ, ଅର୍ଥ ଓ ଫଳରେ ଭିନ୍ନତା ଦେଖାଯାଏ); କିନ୍ତୁ ସେହି ଦୁଇଟି ବ୍ରହ୍ମ ଓ ଜୀବ ପରି ସ୍ୱଭାବତଃ ସହାବସ୍ଥାନ କରନ୍ତି (ସଦା ଏକରୂପ ଓ ଏକରସ ଅଟନ୍ତି) ॥ ୨ ॥

**ନର ନାରାୟନ ସରିସ ସୁଭ୍ରାତା । ଜଗ ପାଲକ ବିସେଷି ଜନ ତ୍ରାତା ॥**
**ଭଗତି ସୁତିଅ କଲ କରନ ବିଭୂଷନ । ଜଗ ହିତ ହେତୁ ବିମଲ ବିଧୁ ପୂଷନ ॥ ୩ ॥**

ସେହି ଦୁଇଟି ଅକ୍ଷର ହେଉଛନ୍ତି ନର-ନାରାୟଣସମାନ ଦୁଇ ସୁନ୍ଦର ଭାଇ; ସେଦୁହେଁ ଜଗତର ପାଳକ ଏବଂ ବିଶେଷତଃ ଭକ୍ତମାନଙ୍କର ରକ୍ଷାକର୍ତ୍ତା । ସେଦୁଇଟି ହେଉଛି ଭକ୍ତିରୂପିଣୀ ସୁନ୍ଦରୀର ସୁନ୍ଦର କର୍ଣ୍ଣଫୁଲ । ସେହି ଦୁଇ ଅକ୍ଷର ଜଗତର ହିତ ସାଧନ ନିମନ୍ତେ ନିର୍ମଳଚନ୍ଦ୍ର ଓ ସୂର୍ଯ୍ୟସମାନ ଅଟନ୍ତି ॥ ୩ ॥

**ସ୍ୱାଦ ତୋଷ ସମ ସୁଗତି ସୁଧା କେ । କମଠ ସେଷ ସମ ଧର ବସୁଧା କେ ॥**
**ଜନ ମନ ମଂଜୁ କଂଜ ମଧୁକର ସେ । ଜୀହ ଜସୋମତି ହରି ହଲଧର ସେ ॥ ୪ ॥**

ସେହି ଦୁଇ ଅକ୍ଷର ଉତ୍ତମ-ଗତି(ମୋକ୍ଷ)ରୂପୀ ଅମୃତର ସ୍ୱାଦ ଓ ତୃପ୍ତିସମାନ, ତଥା କଚ୍ଛପ ଓ ଶେଷଦେବଙ୍କ ପରି ପୃଥିବୀର ଧାରଣକାରୀ । ସେଦୁଇଟି ହେଉଛି ଭକ୍ତମାନଙ୍କର ମନରୂପୀ ସୁନ୍ଦର କମଳରେ ବିହାର କରୁଥିବା ଭ୍ରମରଯୁଗଳସମାନ ଏବଂ ଜିହ୍ୱାରୂପୀ ଯଶୋଦାଙ୍କ ନିମନ୍ତେ ଶ୍ରୀକୃଷ୍ଣ ଓ ବଳରାମଙ୍କ ସମାନ ଆନନ୍ଦଦାତା ॥ ୪ ॥

ଦୋ:- **ଏକୁ ଛତ୍ରୁ ଏକୁ ମୁକୁଟମନି ସବ ବରନନି ପର ଜୋଉ ।**
**ତୁଲସୀ ରଘୁବର ନାମ କେ ବରନ ବିରାଜତ ଦୋଉ ॥ ୨୦ ॥**

ତୁଳସୀଦାସ କହୁଛନ୍ତି, ଶ୍ରୀରଘୁନାଥଙ୍କ ନାମର ଅକ୍ଷର ଦୁଇଟି ବଡ଼ ଶୋଭାପ୍ରଦ । ସେଦୁଇଟି ମଧ୍ୟରୁ ଗୋଟିଏ (ର' କାର) ଛତ୍ର(ରେଫ୍)ରୂପ ହୋଇ ଏବଂ ଅନ୍ୟଟି (ମ' କାର) ମୁକୁଟମଣି(ଅନୁସ୍ୱାର)ରୂପ ହୋଇ ସବୁ ଅକ୍ଷର ଉପରେ ସୁଶୋଭିତ ହୁଅନ୍ତି ॥ ୨୦ ॥

**ସମୁଝତ ସରିସ ନାମ ଅରୁ ନାମୀ । ପ୍ରୀତି ପରସପର ପ୍ରଭୁ ଅନୁଗାମୀ ॥**
**ନାମ ରୂପ ଦୁଇ ଈସ ଉପାଧୀ । ଅକଥ ଅନାଦି ସୁସାମୁଝି ସାଧୀ ॥ ୧ ॥**

ବୁଝିବାକୁ ଗଲେ ନାମ ଓ ନାମୀ ଏକ; କିନ୍ତୁ ଦୁହିଁଙ୍କ ମଧ୍ୟରେ ପରସ୍ପର ସ୍ୱାମୀ ଓ ସେବକ ପରି ପ୍ରୀତି ରହିଛି (ଅର୍ଥାତ୍ ନାମ ଓ ନାମୀ ପୂର୍ଣ୍ଣତଃ ଏକ ହେଲେ ମଧ୍ୟ ସ୍ୱାମୀପଛରେ ଯେପରି ସେବକ ଗ୍ଲେ, ନାମପଛରେ ସେହିପରି ନାମୀ ଚାଲନ୍ତି । ପ୍ରଭୁ ଶ୍ରୀରାମ ନିଜର 'ରାମ' ନାମରହିଁ ଅନୁଗମନ କରନ୍ତି; ତାଙ୍କ ନାମ ସ୍ମରଣ କରୁ କରୁ ସେ ଆସିଯା'ନ୍ତି) । ନାମ ଓ ରୂପ ଉଭୟେ ଈଶ୍ୱରଙ୍କର ଉପାଧି; ଉଭୟେ ଅନିର୍ବଚନୀୟ ଓ ଅନାଦି । ସୁନ୍ଦର (ଶୁଦ୍ଧଭକ୍ତିଯୁକ୍ତ) ବୁଦ୍ଧିଦ୍ୱାରାହିଁ ନାମର ଦିବ୍ୟ ଅବିନାଶୀ ସ୍ୱରୂପ ହୃଦୟଙ୍ଗମ କରିହୁଏ ॥ ୧ ॥

**କୋ ବଡ଼ ଛୋଟ କହତ ଅପରାଧୂ । ସୁନି ଗୁନ ଭେଦୁ ସମୁଝିହହିଁ ସାଧୂ ॥**
**ଦେଖିଅହିଁ ରୂପ ନାମ ଆଧୀନା । ରୂପ ଗ୍ୟାନ ନହିଁ ନାମ ବିହୀନା ॥ ୨ ॥**

ନାମ ଓ ରୂପ ମଧ୍ୟରୁ କିଏ ବଡ଼, କିଏ ସାନ, ତାହା କହିବା ଏକ ଅପରାଧ । ଏ ଦୁଇଟି ମଧ୍ୟରେ ଗୁଣର ତାରତମ୍ୟ ଶୁଣି ସାଧୁପୁରୁଷ ଆପେ ଆପେ ତାହା ବୁଝିଯିବେ । ରୂପ ନାମର ଅଧୀନ ପରି ମନେହୁଏ; ନାମ ବିନା ରୂପ ସମ୍ବନ୍ଧରେ ଜ୍ଞାନ ହୋଇପାରେ ନାହିଁ ॥ ୨ ॥

**ରୂପ ବିସେଷ ନାମ ବିନୁ ଜାନେଁ । କରତଲ ଗତ ନ ପରହିଁ ପହିଚ୍ନେଁ ॥**
**ସୁମିରିଅ ନାମ ରୂପ ବିନୁ ଦେଖେଁ । ଆୱତ ହୃଦୟଁ ସନେହ ବିସେଷେଁ ॥ ୩ ॥**

ଯଦି କୌଣସି ରୂପ(ବସ୍ତୁ)ବିଶେଷର ନାମ ଜଣା ନ ଥିବ, ତେବେ ତାହା ହାତପାପୁଲିରେ ରହିଥିଲେ ବି, ଚିହ୍ନିହେବ ନାହିଁ; ଅଥଚ କୌଣସି ରୂପକୁ ଦେଖି ନ ଥିଲେ ମଧ୍ୟ, ଯଦି ତାର ନାମଟି ଜଣାଥିବ, ତେବେ ତାର ରୂପ ଅତ୍ୟନ୍ତ ପ୍ରେମର ସହିତ ହୃଦୟରେ ଝଲସିଉଠିବ ॥ ୩ ॥

**ନାମ ରୂପ ଗତି ଅକଥ କହାନୀ । ସମୁଝତ ସୁଖଦ ନ ପରତି ବଖାନୀ ॥**
**ଅଗୁନ ସଗୁନ ବିଚ ନାମ ସୁସାଖୀ । ଉଭୟ ପ୍ରବୋଧକ ଚତୁର ଦୁଭାଷୀ ॥ ୪ ॥**

ନାମ ଓ ରୂପର ମହିମା ଅବର୍ଣ୍ଣନୀୟ । ଏହି ମହିମା ହୃଦୟଙ୍ଗମ କରିବା ଅତ୍ୟନ୍ତ ଆନନ୍ଦଦାୟକ; କିନ୍ତୁ ଏହା ବିଷୟରେ ବର୍ଣ୍ଣନା କରିହେବ ନାହିଁ । ନିର୍ଗୁଣ ଓ ସଗୁଣ ମଧ୍ୟରେ ନାମ ଉତ୍ତମ ସାକ୍ଷୀରୂପେ ରହିଥାଏ ଏବଂ ଉଭୟଙ୍କ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ପ୍ରଦାନ କରୁଥିବା ଚତୁର ଦୋଭାଷୀ ପରି ହୋଇଥାଏ ॥ ୪ ॥

ଦୋ:- **ରାମ ନାମ ମନିଦୀପ ଧରୁ ଜୀହ ଦେହରୀଁ ଦ୍ୱାର ।**
**ତୁଲସୀ ଭୀତର ବାହେରହୁଁ ଜୌଁ ଚାହସି ଉଜିଆର ॥ ୨୧ ॥**

ତୁଳସୀଦାସ କହୁଛନ୍ତି, "ଯଦି ତୁମେ ଅନ୍ତର ଓ ବାହାର ଉଭୟକୁ ଆଲୋକିତ କରିବାକୁ ଚାହୁଁଛ, ତେବେ ମୁଖରୂପୀ ଦ୍ୱାରର ଜିହ୍ୱାରୂପୀ ଏରୁଣ୍ଡିବନ୍ଧରେ ରାମନାମରୂପୀ ମଣିଦୀପଟି ରଖ ।" ॥ ୨୧ ॥

**ନାମ ଜୀହଁ ଜପି ଜାଗହିଁ ଜୋଗୀ । ବିରତି ବିରଂଚି ପ୍ରପଂଚ ବିୟୋଗୀ ॥**
**ବ୍ରହ୍ମସୁଖହି ଅନୁଭୱହିଁ ଅନୂପା । ଅକଥ ଅନାମୟ ନାମ ନ ରୂପା ॥ ୧ ॥**

ବ୍ରହ୍ମାଙ୍କ ଦ୍ୱାରା ରଚିତ ଏହି ପ୍ରପଞ୍ଚ(ଦୃଶ୍ୟଜଗତ୍)ରୁ ଭଲରୂପେ ଓହରି ଆସିଥିବା ବୈରାଗ୍ୟବାନ୍ ମୁକ୍ତ ଯୋଗୀପୁରୁଷ ଏହି ନାମକୁହିଁ ଜିହ୍ୱାରେ ଜପ କରି କରି ତତ୍ତ୍ୱଜ୍ଞାନରୂପୀ ଦିବସରେ ଜାଗ୍ରତ ରହନ୍ତି ଏବଂ ଅନାମ, ଅରୂପ, ଅନିର୍ବଚନୀୟ, ଅନାମୟ ବ୍ରହ୍ମସୁଖ ଅନୁଭବ କରନ୍ତି ॥ ୧ ॥

**ଜାନା ଚହହିଁ ଗୂଢ଼ ଗତି ଜେଉ । ନାମ ଜୀହଁ ଜପି ଜାନହିଁ ତେଉ ॥**
**ସାଧକ ନାମ ଜପହିଁ ଲୟ ଲାଏଁ । ହୋହିଁ ସିଦ୍ଧ ଅନିମାଦିକ ପାଏଁ ॥ ୨ ॥**

ପରମାତ୍ମାଙ୍କର ଗୂଢ଼ ରହସ୍ୟ (ଯଥାର୍ଥ ମହିମା) ଜାଣିବାକୁ ଚାହୁଁଥିବା ଜିଜ୍ଞାସୁମାନେ ବି ଜିହ୍ୱାରେ ନାମ ଜପ କରି ତାହା ଜାଣିଯାଆନ୍ତି । ଲୌକିକ ସିଦ୍ଧି ଚାହୁଁଥିବା ଅର୍ଥାର୍ଥୀ ସାଧକମାନେ ଲୟ ଲଗାଇ ନାମ ଜପ କରନ୍ତି ଏବଂ ଅଣିମାଦି ଅଷ୍ଟ ସିଦ୍ଧି ଲାଭ କରି ସିଦ୍ଧ ହୋଇଯାଆନ୍ତି ॥ ୨ ॥

**ଜପହିଁ ନାମୁ ଜନ ଆରତ ଭାରୀ । ମିଟହିଁ କୁସଂକଟ ହୋହିଁ ସୁଖାରୀ ॥**
**ରାମ ଭଗତ ଜଗ ଚାରି ପ୍ରକାରା । ସୁକୃତୀ ଚାରିଉ ଅନଘ ଉଦାରା ॥ ୩ ॥**

ସଂକଟରେ ପଡ଼ିଥିବା ଆର୍ତ୍ତ ଭକ୍ତମାନେ ଯଦି ନାମ ଜପନ୍ତି, ତେବେ ସେମାନଙ୍କର ସକଳ ସଂକଟ ଦୂର ହୋଇଯାଏ ଓ ସେମାନେ ସୁଖ ପାଆନ୍ତି । ଜଗତରେ ଚାରିପ୍ରକାର (୧. ଅର୍ଥାର୍ଥୀ—ଧନାଦି ଲାଭପାଇଁ ଭଜନ କରୁଥିବା, ୨. ଆର୍ତ୍ତ—ସଂକଟନିବୃତ୍ତିପାଇଁ ଭଜନ କରୁଥିବା, ୩. ଜିଜ୍ଞାସୁ—ଭଗବାନଙ୍କୁ ଜାଣିବାର ଇଚ୍ଛା ରଖି ଭଜନ କରୁଥିବା ଓ ୪. ଜ୍ଞାନୀ—ଭଗବାନଙ୍କୁ ତତ୍ତ୍ୱତଃ ଜାଣି ସ୍ୱାଭାବିକ ପ୍ରେମରେ ଭଜନ କରୁଥିବା) ରାମଭକ୍ତ ଅଛନ୍ତି ଏବଂ ସେହି ଚାରିପ୍ରକାରଯାକ ଭକ୍ତ ହେଉଛନ୍ତି ପୁଣ୍ୟାତ୍ମା, ପାପରହିତ ଓ ଉଦାର ॥ ୩ ॥

**ଚହୂ ଚତୁର କହୁଁ ନାମ ଅଧାରା । ଗ୍ୟାନୀ ପ୍ରଭୁହି ବିସେଷି ପିଆରା ॥**
**ଚହୁଁ ଜୁଗ ଚହୁଁ ଶ୍ରୁତି ନାମ ପ୍ରଭାଉ । କଲି ବିସେଷି ନହିଁ ଆନ ଉପାଉ ॥ ୪ ॥**

ନାମହିଁ ଏହି ଚତୁର୍ବିଧ ଚତୁର ଭକ୍ତମାନଙ୍କର ଆଧାର । ଏମାନଙ୍କ ଭିତରୁ ଜ୍ଞାନୀ ଭକ୍ତମାନେ ପ୍ରଭୁଙ୍କର ବିଶେଷରୂପେ ପ୍ରିୟ । ଚାରିଯୁଗରେ ଏବଂ ଚାରିବେଦରେ ନାମର ପ୍ରଭାବ ରହିଥିଲେ ବି, ଏହି କଳିଯୁଗରେ ନାମର ବିଶେଷ ପ୍ରଭାବ ରହିଛି । ଏ ଯୁଗରେ ତ ନାମକୁ ଛାଡ଼ି ଅନ୍ୟ କୌଣସି ଉପାୟ ନାହିଁ ॥ ୪ ॥

ଦୋ:- **ସକଲ କାମନା ହୀନ ଜେ ରାମ ଭଗତି ରସ ଲୀନ ।**
**ନାମ ସୁପ୍ରେମ ପିୟୂଷ ହ୍ରଦ ତିହ୍ନହୁଁ କିଏ ମନ ମୀନ ॥ ୨୨ ॥**

ଯେଉଁମାନେ ସକଳପ୍ରକାର କାମନାରୁ ରହିତ (ଏପରି କି, ଯାହାଙ୍କର ମୋକ୍ଷ କାମନା ମଧ୍ୟ ନାହିଁ) ଏବଂ ଶ୍ରୀରାମଭକ୍ତି-ରସରେ ଲୀନ, ସେମାନେ ବି ନିଜ ମନକୁ ନାମର ସୁନ୍ଦର ପ୍ରେମରୂପୀ ଅମୃତ ସରୋବରରେ ମୀନ କରିଦେଇଥାନ୍ତି (ଅର୍ଥାତ୍ ସେମାନେ ନିରନ୍ତର ନାମରୂପୀ ସୁଧା ଆସ୍ୱାଦନ କରିଚାଲନ୍ତି; କ୍ଷଣକପାଇଁ ବି ସେଥିରୁ ବଞ୍ଚିତ ହେବାକୁ ଚାହାଁନ୍ତି ନାହିଁ) ॥ ୨୨ ॥

**ଅଗୁନ ସଗୁନ ଦୁଇ ବ୍ରହ୍ମ ସରୂପା । ଅକଥ ଅଗାଧ ଅନାଦି ଅନୂପା ॥**
**ମୋରେଁ ମତ ବଡ଼ ନାମୁ ଦୁହୂ ତେଁ । କିଏ ଜେହିଁ ଜୁଗ ନିଜ ବସ ନିଜ ବୂତେଁ ॥ ୧ ॥**

ବ୍ରହ୍ମର ନିର୍ଗୁଣ ଓ ସଗୁଣ ଦୁଇଟି ସ୍ୱରୂପ ରହିଛି । ଦୁଇଟିଯାକ ଅବର୍ଣ୍ଣନୀୟ, ଅଗାଧ, ଅନାଦି ଓ ଅନୁପମ । ନାମ ଏହି ଉଭୟକୁ ନିଜବଳରେ ବଶ କରି ରଖିଥିବାରୁ ମୋ ମତରେ ନାମ ଉଭୟଠାରୁ ଶ୍ରେଷ୍ଠ ॥ ୧ ॥

**ପ୍ରୌଢ଼ି ସୁଜନ ଜନି ଜାନହିଁ ଜନ କୀ । କହଉଁ ପ୍ରତୀତି ପ୍ରୀତି ରୁଚି ମନ କୀ ॥**
**ଏକୁ ଦାରୁଗତ ଦେଖିଅ ଏକୂ । ପାଵକ ସମ ଜୁଗ ବ୍ରହ୍ମ ବିବେକୂ ॥ ୨ ॥**
**ଉଭୟ ଅଗମ ଜୁଗ ସୁଗମ ନାମ ତେଁ । କହେଉଁ ନାମୁ ବଡ଼ ବ୍ରହ୍ମ ରାମ ତେଁ ॥**
**ବ୍ୟାପକୁ ଏକୁ ବ୍ରହ୍ମ ଅବିନାସୀ । ସତ ଚେତନ ଘନ ଆନଁଦ ରାସୀ ॥ ୩ ॥**

ସଜ୍ଜନଗଣ ଏହି କଥାଟିକୁ ମୋପରି ଜଣେ ଦାସର ଧୃଷ୍ଟତା ବା କେବଳ କାବ୍ୟୋକ୍ତି ବୋଲି ନ ଭାବନ୍ତୁ । ମୁଁ ମୋର ବିଶ୍ୱାସ, ପ୍ରେମ ଓ ରୁଚିସମ୍ମତ କଥା କହୁଛି । ନିର୍ଗୁଣ ଓ ସଗୁଣ ଉଭୟ ବ୍ରହ୍ମର ଜ୍ଞାନ ହେଉଛି ଅଗ୍ନିତୁଲ୍ୟ । କାଠ ଭିତରେ ଅଗ୍ନି ରହିଥାଏ; କିନ୍ତୁ ତାହା ଅପ୍ରକଟ ହୋଇ ରହିଥାଏ—ଦେଖାଯାଏ ନାହିଁ । ନିର୍ଗୁଣବ୍ରହ୍ମର ଜ୍ଞାନ ହେଉଛି ସେହି ଅପ୍ରକଟ ଅଗ୍ନିତୁଲ୍ୟ । ସଗୁଣବ୍ରହ୍ମର ଜ୍ଞାନ ହେଉଛି ପ୍ରତ୍ୟକ୍ଷ ବା ପ୍ରକଟ ଅଗ୍ନିତୁଲ୍ୟ । ଉଭୟ ଅଗ୍ନି ତତ୍ତ୍ୱତଃ ସମାନ; କେବଳ ପ୍ରକଟ-ଅପ୍ରକଟ ଭେଦରେ ସେମାନେ ଭିନ୍ନ ବୋଧ ହୁଅନ୍ତି । ଠିକ୍ ସେହିପରି ନିର୍ଗୁଣ ଓ ସଗୁଣ ବ୍ରହ୍ମ ତତ୍ତ୍ୱତଃ ଏକ । ଏହା ସତ୍ତ୍ୱେ ଉଭୟକୁ ଜାଣିବା ବଡ଼ କଠିନ; କିନ୍ତୁ ନାମଦ୍ୱାରା ଉଭୟେ ସୁଗମ ହୋଇଯାଆନ୍ତି । ତେଣୁ ମୁଁ ନାମକୁ ନିର୍ଗୁଣ ବ୍ରହ୍ମଠାରୁ ତଥା ସଗୁଣ ରାମଙ୍କ ଠାରୁ ଶ୍ରେଷ୍ଠ ବୋଲି କହୁଛି । ବ୍ରହ୍ମ ହେଉଛି ବ୍ୟାପକ, ଏକ (ଅଦ୍ୱିତୀୟ), ଅବିନାଶୀ ଏବଂ ସତ୍, ଚିତ୍ ଓ ଆନନ୍ଦର ଘନରାଶି ॥ ୨, ୩ ॥

**ଅସ ପ୍ରଭୁ ହୃଦୟଁ ଅଛତ ଅବିକାରୀ । ସକଲ ଜୀଵ ଜଗ ଦୀନ ଦୁଖାରୀ ॥**
**ନାମ ନିରୂପନ ନାମ ଜତନ ତେଁ । ସୋଉ ପ୍ରଗଟତ ଜିମି ମୋଲ ରତନ ତେଁ ॥ ୪ ॥**

ଏପରି ନିର୍ବିକାର ପ୍ରଭୁ ହୃଦୟରେ ରହିଥିଲେ ବି, ଜଗତର ସମସ୍ତ ଜୀବ ଦୀନ ଓ ଦୁଃଖୀ ହୋଇ ରହିଛନ୍ତି । ରତ୍ନକୁ ରତ୍ନ ବୋଲି ଜାଣିଗଲେ ଯେପରି ତା'ର ମୂଲ୍ୟ ଜଣା ପଡ଼ିଥାଏ, ନାମକୁ ନିରୂପଣ କରି

(ନାମର ଯଥାର୍ଥ ସ୍ୱରୂପ, ମହିମା, ରହସ୍ୟ ଓ ପ୍ରଭାବ ଜାଣି) ଶ୍ରଦ୍ଧାପୂର୍ବକ ନାମଜପରୂପୀ ସାଧନା କଲେ, ସେହି ବ୍ରହ୍ମ ସେହିପରି ପ୍ରକଟିତ ହୋଇଯାଆନ୍ତି ॥ ୪ ॥

ଦୋ:- **ନିରଗୁନ ତେଁ ଏହି ଭାଁତି ବଡ଼ ନାମ ପ୍ରଭାଉ ଅପାର ।**
**କହଉଁ ନାମୁ ବଡ଼ ରାମ ତେଁ ନିଜ ବିଗ୍ରର ଅନୁସାର ॥ ୨୩ ॥**

ଏହି ଦୃଷ୍ଟିରୁ ନାମର ପ୍ରଭାବ ନିର୍ଗୁଣବ୍ରହ୍ମଠାରୁ ବଡ଼ । ବର୍ତ୍ତମାନ ମୁଁ ମୋ ବିଗ୍ରର ଅନୁସାରେ କହୁଛି ଯେ, ନାମ ସଗୁଣବ୍ରହ୍ମ ରାମଙ୍କ ଠାରୁ ମଧ୍ୟ ବଡ଼ ॥ ୨୩ ॥

**ରାମ ଭଗତ ହିତ ନର ତନୁ ଧାରୀ । ସହି ସଂକଟ କିଏ ସାଧୁ ସୁଖାରୀ ॥**
**ନାମୁ ସପ୍ରେମ ଜପତ ଅନୟାସା । ଭଗତ ହୋହିଁ ମୁଦ ମଂଗଲ ବାସା ॥ ୧ ॥**

ଶ୍ରୀରାମ ଭକ୍ତମାନଙ୍କର କଲ୍ୟାଣନିମନ୍ତେ ମନୁଷ୍ୟଶରୀର ଧାରଣ କରି, ନିଜେ ଦୁଃଖକଷ୍ଟ ସହି ସାଧୁମାନଙ୍କୁ ସୁଖୀ କରାଇଥିଲେ; କିନ୍ତୁ ଭକ୍ତମାନେ ପ୍ରେମର ସହିତ ନାମ ଜପ କରି କରି ଅତି ସହଜରେ ଆନନ୍ଦ ଓ କଲ୍ୟାଣର ନିବାସୀ ହୋଇଯାଆନ୍ତି (ଆନନ୍ଦ ଓ କଲ୍ୟାଣରେ ପୂର୍ଣ୍ଣ ହୋଇଯାଆନ୍ତି) ॥ ୧ ॥

**ରାମ ଏକ ତାପସ ତିୟ ତାରୀ । ନାମ କୋଟି ଖଲ କୁମତି ସୁଧାରୀ ॥**
**ରିଷି ହିତ ରାମ ସୁକେତୁସୁତା କୀ । ସହିତ ସେନ ସୁତ କୀହ୍ନି ବିବାକୀ ॥ ୨ ॥**
**ସହିତ ଦୋଷ ଦୁଖ ଦାସ ଦୁରାସା । ଦଲଇ ନାମୁ ଜିମି ରବି ନିସି ନାସା ॥**
**ଭଂଜେଉ ରାମ ଆପୁ ଭଵ ଗ୍ରପୂ । ଭଵ ଭୟ ଭଂଜନ ନାମ ପ୍ରତାପୂ ॥ ୩ ॥**

ଶ୍ରୀରାମ ଜଣେମାତ୍ର ତପସ୍ୱୀଙ୍କର ସ୍ତ୍ରୀ(ଅହଲ୍ୟା)ଙ୍କୁ ଉଦ୍ଧାର କରିଥିଲେ, ଅଥଚ 'ନାମ' କୋଟି କୋଟି ଦୁଷ୍ଟମାନଙ୍କର ଭ୍ରଷ୍ଟବୁଦ୍ଧିକୁ ସଂଶୋଧନ କରିଦେଇଛି । ଶ୍ରୀରାମ ବିଶ୍ୱାମିତ୍ର ଋଷିଙ୍କର ହିତନିମନ୍ତେ ସୁକେତୁ ଯକ୍ଷର କନ୍ୟା ତାଡ଼କାକୁ ତା'ର ସୈନ୍ୟ ଓ ପୁତ୍ର ସୁବାହୁ ସହିତ ନିଃଶେଷ କରିଦେଇଥିଲେ, କିନ୍ତୁ ସୂର୍ଯ୍ୟ ରାତ୍ରିକୁ ନାଶ କରିଦେବାପରି ନାମ ଭକ୍ତମାନଙ୍କର ସମସ୍ତ ଦୋଷ, ଦୁଃଖ ଓ ଦୁରାଶାକୁ ନାଶ କରିଦିଏ । ଶ୍ରୀରାମ ତ ନିଜେ ଶିବଧନୁ ଭାଙ୍ଗିଥିଲେ, କିନ୍ତୁ ନାମର ପ୍ରତାପ ସଂସାରର ସର୍ବଭୟ ଭଞ୍ଜନ କରିଦିଏ ॥ ୨, ୩ ॥

**ଦଂଡକ ବନୁ ପ୍ରଭୁ କୀହ୍ନ ସୁହାଵନ । ଜନ ମନ ଅମିତ ନାମ କିଏ ପାଵନ ॥**
**ନିସିଚର ନିକର ଦଲେ ରଘୁନଂଦନ । ନାମୁ ସକଲ କଲି କଲୁଷ ନିକଂଦନ ॥ ୪ ॥**

ରାମ ସିନା ଭୟଙ୍କର ଦଣ୍ଡକବନକୁ ସୁଶୋଭିତ କରିଥିଲେ, କିନ୍ତୁ ନାମ ଅସଂଖ୍ୟ ମନୁଷ୍ୟଙ୍କର କଲୁଷିତ ମନକୁ ପବିତ୍ର କରିଦେଇଛି । ଶ୍ରୀରଘୁନାଥ ରାକ୍ଷସସମୁଦାୟକୁ ନିପାତ କଲେ; କିନ୍ତୁ ନାମ ତ କଳିଯୁଗର ସକଳ ପାପର ମୂଳୋତ୍ପାଟନ କରିଦିଏ ॥ ୪ ॥

ଦୋ:- **ସବରୀ ଗୀଧ ସୁସେଵକନି ସୁଗତି ଦୀହ୍ନି ରଘୁନାଥ ।**
**ନାମ ଉଧାରେ ଅମିତ ଖଲ ବେଦ ବିଦିତ ଗୁନ ଗାଥ ॥ ୨୪ ॥**

ପ୍ରଭୁ ଶ୍ରୀରଘୁନାଥ ଶବରୀ, ଜଟାୟୁ ଆଦି ଉତ୍ତମ ସେବକମାନଙ୍କୁହିଁ ମୁକ୍ତି ଦେଲେ; କିନ୍ତୁ ନାମ ଅଗଣିତ ଦୁଷ୍ଟଙ୍କୁ ଉଦ୍ଧାର କରିଦେଇଛି । ନାମର ଗୁଣଗାଥା ବେଦମାନଙ୍କରେ ପ୍ରସିଦ୍ଧ ॥ ୨୪ ॥

**ରାମ ସୁକଂଠ ବିଭୀଷନ ଦୋଉ । ରାଖେ ସରନ ଜାନ ସବୁ କୋଉ ॥**
**ନାମ ଗରୀବ ଅନେକ ନେଵାଜେ । ଲୋକ ବେଦ ବର ବିରିଦ ବିରାଜେ ॥ ୧ ॥**

ସମସ୍ତେ ଜାଣନ୍ତି ଯେ, ସୁଗ୍ରୀବ ଓ ବିଭୀଷଣ—ଏହି ଦୁଇଜଣଙ୍କୁହିଁ ଶ୍ରୀରାମ ଶରଣ ଦେଇଥିଲେ; କିନ୍ତୁ ନାମ ତ ଅଗଣିତ ଗରିବଙ୍କୁ କୃପା କରିଛି । ନାମର ଏହି ସୁନ୍ଦର ଯଶ ଲୋକରେ ଯେପରି ବିଦିତ, ବେଦରେ ସେହିପରି ପ୍ରସିଦ୍ଧ ॥ ୧ ॥

**ରାମ ଭାଲୁ କପି କଟକୁ ବଟୋରା । ସେତୁ ହେତୁ ଶ୍ରମୁ କୀହ୍ନ ନ ଥୋରା ॥**
**ନାମୁ ଲେତ ଭଓ୍ୱସିଂଧୁ ସୁଖାହୀଁ । କରହୁ ବିଗ୍ୱରୁ ସୁଜନ ମନ ମାହୀଁ ॥ ୨ ॥**

ଶ୍ରୀରାମ ଭଲ୍ଲୁକ ଓ ବାନରମାନଙ୍କୁ ସୈନ୍ୟରୂପେ ସଂଗଠିତ କରିଥିଲେ ଏବଂ ସମୁଦ୍ର ଉପରେ ସେତୁ ବାନ୍ଧିବାଲାଗି କିଛି କମ୍ ପରିଶ୍ରମ କରି ନ ଥିଲେ; କିନ୍ତୁ ନାମ ସ୍ମରଣ କରିବାମାତ୍ରେ ତ ସଂସାରସାଗର ଶୁଖିଯାଏ । ତେଣୁ ଏହି ଦୁହିଁଙ୍କ ମଧ୍ୟରୁ ବଡ଼ କିଏ, ତାହା ସଜ୍ଜନମାନେ ବିଗ୍ୱର କରନ୍ତୁ ॥ ୨ ॥

**ରାମ ସକୁଲ ରନ ରାଓ୍ୱନୁ ମାରା । ସୀୟ ସହିତ ନିଜ ପୁର ପଗୁ ଧାରା ॥**
**ରାଜା ରାମୁ ଅଓ୍ୱଧ ରଜଧାନୀ । ଗାଓ୍ୱତ ଗୁନ ସୁର ମୁନି ବର ବାନୀ ॥ ୩ ॥**
**ସେଓ୍ୱକ ସୁମିରତ ନାମୁ ସପ୍ରୀତୀ । ବିନୁ ଶ୍ରମ ପ୍ରବଲ ମୋହ ଦଲୁ ଜୀତୀ ॥**
**ଫିରତ ସନେହଁ ମଗନ ସୁଖ ଅପନେଁ । ନାମ ପ୍ରସାଦ ସୋଚ ନହିଁ ସପନେଁ ॥ ୪ ॥**

ଶ୍ରୀରାମ ରାବଣକୁ ସକୁଟୁମ୍ବେ ଯୁଦ୍ଧରେ ନିହତ କରିବା ପରେ ସୀତାଙ୍କ ସହିତ ନିଜ ନଗରକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ରାଜା ହେଲେ; ଅଯୋଧ୍ୟା ତାଙ୍କର ରାଜଧାନୀ ହେଲା । ତେଣୁ ଦେବତା ଓ ମୁନିଗଣ ସୁନ୍ଦରଭାବରେ ତାଙ୍କର ଗୁଣ ଗାନ କରନ୍ତି; କିନ୍ତୁ ରାମଙ୍କ ସେବକଗଣ ପ୍ରେମପୂର୍ବକ ରାମନାମ ସ୍ମରଣ କରିବାମାତ୍ରେ ବିନା ପରିଶ୍ରମରେ ମୋହରୂପକ ପ୍ରବଳ ସେନାକୁ ଜୟ କରି, ପ୍ରେମମଗ୍ନ ହୋଇ, ଆତ୍ମସୁଖରେ ବିଚରଣ କରନ୍ତି । ନାମପ୍ରସାଦରୁ ସେମାନଙ୍କୁ ସ୍ୱପ୍ନରେ ବି କୌଣସି ଚିନ୍ତା ଘାରିପାରେ ନାହିଁ ॥ ୩, ୪ ॥

ଦୋ:- **ବ୍ରହ୍ମ ରାମ ତେଁ ନାମୁ ବଡ଼ ବର ଦାୟକ ବର ଦାନି ।**
**ରାମଚରିତ ସତ କୋଟି ମହଁ ଲିୟ ମହେସ ଜିୟଁ ଜାନି ॥ ୨୫ ॥**

ଏପରିଭାବରେ ନାମ ନିର୍ଗୁଣ ବ୍ରହ୍ମ ଓ ସଗୁଣ ରାମ ଉଭୟଙ୍କ ଠାରୁ ବଡ଼ । ନାମ ବରଦାତାମାନଙ୍କୁ ବି ବର ଦାନ କରେ । ଏହା ହୃଦୟଙ୍ଗମ କରି ଭଗବାନ୍ ଶିବ ଶତକୋଟି ରାମଚରିତ ମଧ୍ୟରୁ ଏହି 'ରାମ'ନାମଟିକୁହିଁ ସାରରୂପେ ଗ୍ରହଣ କରିଛନ୍ତି ॥ ୨୫ ॥

## ମାସପାରାୟଣ, ପ୍ରଥମ ବିଶ୍ରାମ

**ନାମ ପ୍ରସାଦ ସଂଭୁ ଅବିନାସୀ । ସାଜୁ ଅମଂଗଲ ମଂଗଲ ରାସୀ ॥**
**ସୁକ ସନକାଦି ସିଦ୍ଧ ମୁନି ଜୋଗୀ । ନାମ ପ୍ରସାଦ ବ୍ରହ୍ମସୁଖ ଭୋଗୀ ॥ ୧ ॥**

ନାମର ପ୍ରସାଦରୁହିଁ ଶିବ ଅବିନାଶୀ (ମୃତ୍ୟୁଞ୍ଜୟ) ହୋଇଛନ୍ତି ଏବଂ ଅମଙ୍ଗଳ ବେଶ ଧରି ମଧ୍ୟ ମଙ୍ଗଳମୟ ହୋଇଛନ୍ତି । ଶୁକଦେବ ତଥା ସନକାଦି ସିଦ୍ଧ, ମୁନି ଓ ଯୋଗୀଗଣ ନାମପ୍ରସାଦରୁହିଁ ବ୍ରହ୍ମାନନ୍ଦରେ ମଗ୍ନ ହୋଇଛନ୍ତି ॥ ୧ ॥

**ନାରଦ ଜାନେଉ ନାମ ପ୍ରତାପୂ । ଜଗ ପ୍ରିୟ ହରି ହରି ହର ପ୍ରିୟ ଆପୂ ॥**
**ନାମୁ ଜପତ ପ୍ରଭୁ କୀହ୍ନ ପ୍ରସାଦୂ । ଭଗତ ସିରୋମନି ଭେ ପ୍ରହଲାଦୂ ॥ ୨ ॥**

ନାରଦ ନାମର ପ୍ରତାପ ଜାଣନ୍ତି । ସମଗ୍ର ସଂସାରର ପ୍ରିୟ ହେଉଛନ୍ତି ହରି; ହରିଙ୍କର ପ୍ରିୟ ହେଉଛନ୍ତି ହର; କିନ୍ତୁ ନାମର ପ୍ରତାପରୁ ହରି ଓ ହର ଉଭୟଙ୍କର ପ୍ରିୟ ହେଉଛନ୍ତି ନାରଦ । ନାମ ଜପିବାରୁହିଁ ପ୍ରଭୁ ପ୍ରହ୍ଲାଦଙ୍କୁ କୃପା କଲେ, ଯାହାଫଳରେ କି ପ୍ରହ୍ଲାଦ ଭକ୍ତଶିରୋମଣି ହୋଇଗଲେ ॥ ୨ ॥

**ଧ୍ରୁଓଁ ସଗଲାନି ଜପେଉ ହରି ନାଉଁ । ପାୟଉ ଅଚଲ ଅନୂପମ ଠାଉଁ ॥**
**ସୁମିରି ପୱନସୁତ ପାୱନ ନାମୂ । ଅପନେ ବସ କରି ରାଖେ ରାମୂ ॥ ୩ ॥**

ଧ୍ରୁବ ଗ୍ଲାନିରେ (ବିମାତାଙ୍କ ବଚନରେ ଦୁଃଖୀ ହୋଇ) ସକାମଭାବରେ ହରିନାମ ଜପ କଲେ ଏବଂ ହରିନାମପ୍ରଭାବରୁ ଅଚଳ ଅନୁପମ ସ୍ଥାନ (ଧ୍ରୁବଲୋକ) ପ୍ରାପ୍ତ ହେଲେ । ହନୁମାନ୍ ପବିତ୍ର ନାମ ସ୍ମରଣ କରି ପ୍ରଭୁ ଶ୍ରୀରାମଙ୍କୁ ନିଜ ବଶରେ ରଖିପାରିଛନ୍ତି ॥ ୩ ॥

**ଅପତୁ ଅଜାମିଲୁ ଗଜୁ ଗନିକାଉ । ଭଏ ମୁକୁତ ହରି ନାମ ପ୍ରଭାଉ ॥**
**କହୌଁ କହାଁ ଲଗି ନାମ ବଡ଼ାଈ । ରାମୁ ନ ସକହିଁ ନାମ ଗୁନ ଗାଈ ॥ ୪ ॥**

ପାପୀ ଅଜାମିଳ, ଗଜରାଜ ଓ ଗଣିକା (ପତିତା) ମଧ୍ୟ ଶ୍ରୀହରିଙ୍କ ନାମର ପ୍ରଭାବରେ ମୁକ୍ତ ହୋଇଯାଇଛନ୍ତି । ନାମର ବଡ଼ିମା ମୁଁ ଆଉ କେତେ ବା କହିବି ? ସ୍ୱୟଂ ରାମ ବି ନାମର ମହିମା ଗାଇପାରିବେ ନାହିଁ ॥ ୪ ॥

ଦୋଃ- **ନାମୁ ରାମ କୋ କଲପତରୁ କଲି କଲ୍ୟାନ ନିୱାସୁ ।**
**ଜୋ ସୁମିରତ ଭୟୋ ଭାଁଗ ତେଁ ତୁଲସୀ ତୁଲସୀଦାସୁ ॥ ୨୬ ॥**

କଳିଯୁଗରେ ରାମନାମ ହେଉଛି କଳ୍ପତରୁ ଓ କଲ୍ୟାଣର ନିବାସ (ମୁକ୍ତିର ଭବନ); ସେହି ନାମ ସ୍ମରଣ କରି କରି ଭାଙ୍ଗଗଛର ପତ୍ର ସଦୃଶ ତୁଚ୍ଛ ତୁଳସୀଦାସ ତୁଳସୀଦଳ ପରି ପବିତ୍ର ହୋଇଯାଇଛି ॥ ୨୬ ॥

**ଚହୁଁ ଜୁଗ ତୀନି କାଲ ତିହୁଁ ଲୋକା । ଭଏ ନାମ ଜପି ଜୀୱ ବିସୋକା ॥**
**ବେଦ ପୁରାନ ସଂତ ମତ ଏହୂ । ସକଲ ସୁକୃତ ଫଲ ରାମ ସନେହୂ ॥ ୧ ॥**

କେବଳ ଏହି କଳିଯୁଗରେ ନୁହେଁ, ଚାରିଯୁଗରେ, ତ୍ରିକାଳରେ ଓ ତ୍ରିଲୋକରେ ନାମ ଜପ କରି ଜୀବମାନେ ଶୋକମୁକ୍ତ ହୋଇଯାଇଛନ୍ତି । ବେଦ, ପୁରାଣ ଓ ସନ୍ଥମାନେ ମତ ଦିଅନ୍ତି ଯେ, ସକଳ ପୁଣ୍ୟର ଫଳସ୍ୱରୂପ ଶ୍ରୀରାମଙ୍କ ଠାରେ (ଅର୍ଥାତ୍ ରାମନାମରେ) ମନୁଷ୍ୟର ପ୍ରେମ ହୋଇଥାଏ ॥ ୧ ॥

**ଧ୍ୟାନୁ ପ୍ରଥମ ଜୁଗ ମଖବିଧି ଦୂଜେଁ । ଦ୍ୱାପର ପରିତୋଷତ ପ୍ରଭୁ ପୂଜେଁ ॥**
**କଲି କେୱଲ ମଲ ମୂଲ ମଲୀନା । ପାପ ପୟୋନିଧି ଜନ ମନ ମୀନା ॥ ୨ ॥**

ପ୍ରଥମ ଯୁଗରେ (ସତ୍ୟଯୁଗରେ) ଧ୍ୟାନଦ୍ୱାରା, ଦ୍ୱିତୀୟରେ (ତ୍ରେତାଯୁଗରେ) ଯଜ୍ଞଦ୍ୱାରା ଏବଂ ଦ୍ୱାପରଯୁଗରେ ପୂଜାଦ୍ୱାରା ଭଗବାନ୍ ପ୍ରସନ୍ନ ହୁଅନ୍ତି । କଳିଯୁଗ ହେଉଛି କେବଳ ପାପର ମୂଳ ଓ ଅତ୍ୟନ୍ତ ମଳିନ । ଏହି ଯୁଗରେ ମନୁଷ୍ୟର ମନ ପାପସାଗରରେ ମୀନ ପରି ହୋଇଯାଏ (ଅର୍ଥାତ୍ ପାପରୁ କେବେ ବି ଦୂରେଇ ରହିବାକୁ ଚାହେଁନାହିଁ; ଏପରି ଅବସ୍ଥାରେ ଧ୍ୟାନ, ଯଜ୍ଞ ଓ ଉପାସନା କରିବା ସମ୍ଭବ ନୁହେଁ) ॥ ୨ ॥

**ନାମ କାମତରୁ କାଲ କରାଲା । ସୁମିରତ ସମନ ସକଲ ଜଗ ଜାଲା ॥**
**ରାମ ନାମ କଲି ଅଭିମତ ଦାତା । ହିତ ପରଲୋକ ଲୋକ ପିତୁ ମାତା ॥ ୩ ॥**

ଏପରି କରାଳ କଳିକାଳରେ ନାମହିଁ କଳ୍ପବୃକ୍ଷ ସଦୃଶ । ସ୍ମରଣ କରିବାମାତ୍ରେ ତାହା ଜଗତର ସମସ୍ତ ଜଞ୍ଜାଳ ନାଶ କରିଦିଏ । ଏହି ରାମନାମ କଳିଯୁଗରେ ମନୋବାଞ୍ଛିତ ଫଳ ପ୍ରଦାନ କରେ । ଏହା ପରଲୋକରେ ପରମ ହିତୈଷୀ ଏବଂ ଇହଲୋକରେ ମାତାପିତାସଦୃଶ ଅଟେ (ଅର୍ଥାତ୍ ଏହା ପରଲୋକରେ ଭଗବାନଙ୍କ ପରମଧାମ ପ୍ରଦାନ କରେ ଏବଂ ଇହଲୋକରେ ମାତାପିତାଙ୍କ ପରି ସକଳପ୍ରକାରେ ପାଳନ-ପୋଷଣ ଓ ରକ୍ଷଣ କରେ) ॥ ୩ ॥

**ନହିଁ କଲି କରମ ନ ଭଗତି ବିବେକୂ । ରାମ ନାମ ଅୱଲଂବନ ଏକୂ ॥**
**କାଲନେମି କଲି କପଟ ନିଧାନୂ । ନାମ ସୁମତି ସମରଥ ହନୁମାନୂ ॥ ୪ ॥**

କଳିଯୁଗରେ କର୍ମ ନୁହେଁ, କି ଭକ୍ତି ନୁହେଁ, କି ଜ୍ଞାନ ନୁହେଁ—କେଉଁଥିରେ କିଛି ହେବ ନାହିଁ; ଏ ଯୁଗରେ ରାମନାମହିଁ ଏକମାତ୍ର ଆଧାର । କଳିଯୁଗ ହେଉଛି କପଟର ଖଣି ।ଏହି କଳିଯୁଗରୂପୀ କାଳନେମି(ଭୟଙ୍କର ରାକ୍ଷସ)କୁ ମାରିବା ନିମନ୍ତେ ରାମନାମହିଁ ବୁଦ୍ଧିମାନ୍ ତଥା ସମର୍ଥ ହନୁମାନ୍ ॥ ୪ ॥

**ଦୋः- ରାମ ନାମ ନରକେସରୀ କନକକସିପୁ କଲିକାଲ ।**
**ଜାପକ ଜନ ପ୍ରହଲାଦ ଜିମି ପାଲିହି ଦଲି ସୁରସାଲ ॥ ୨୭ ॥**

ରାମନାମ ହେଉଛି ନୃସିଂହ ଭଗବାନ୍; କଳିଯୁଗ ହେଉଛି ହିରଣ୍ୟକଶିପୁ ଓ ନାମଜପ କରୁଥିବା ଲୋକ ହେଉଛନ୍ତି ପ୍ରହ୍ଲାଦଙ୍କ ସମାନ । ଏହି ରାମନାମ ଦେବଶତ୍ରୁକୁ (କଳିଯୁଗରୂପୀ ଦୈତ୍ୟକୁ) ମାରି ନାମଜପ କରୁଥିବା ଲୋକଙ୍କୁ ପ୍ରହ୍ଲାଦଙ୍କ ଭଳି ରକ୍ଷା କରେ ॥ ୨୭ ॥

**ଭାୟଁ କୁଭାୟଁ ଅନଖ ଆଲସହୂଁ । ନାମ ଜପତ ମଂଗଲ ଦିସି ଦସହୂଁ ॥**
**ସୁମିରି ସୋ ନାମ ରାମ ଗୁନ ଗାଥା । କରଉଁ ନାଇ ରଘୁନାଥହି ମାଥା ॥ ୧ ॥**

ସଦ୍‌ଭାବରେ (ପ୍ରେମରେ) ହେଉ, କି ଅସଦ୍‌ଭାବରେ (ଅବଜ୍ଞାରେ) ହେଉ, କ୍ରୋଧବଶତଃ କିମ୍ବା ଆଳସ୍ୟବଶତଃ ହେଉ—ଯେକୌଣସିଭାବରେ ନାମ ଜପ କଲେ ମଧ୍ୟ ଦଶଦିଗ କଲ୍ୟାଣମୟ ହୋଇଯାଏ । ସେହି ପରମକଲ୍ୟାଣକାରୀ ରାମନାମ ସ୍ମରଣ କରି ଏବଂ ରଘୁନାଥଙ୍କୁ ପ୍ରଣାମ କରି ମୁଁ ଶ୍ରୀରାମଙ୍କର ଗୁଣ ବର୍ଣ୍ଣନା କରୁଛି ॥ ୧ ॥

**ମୋରି ସୁଧାରିହି ସୋ ସବ ଭାଁତୀ । ଜାସୁ କୃପା ନହିଁ କୃପାଁ ଅଘାତୀ ॥**
**ରାମ ସୁସ୍ୱାମି କୁସେୱକୁ ମୋସୋ । ନିଜ ଦିସି ଦେଖି ଦୟାନିଧି ପୋସୋ ॥ ୨ ॥**

ସେହି ଶ୍ରୀରାମ ମୋର ଯାବତୀୟ ଦୋଷ ମାର୍ଜନା କରିବେ । ଯାହାଙ୍କର କୃପା ଯେତେ କୃପା କଲେ ବି ତୃପ୍ତ ହୁଏ ନାହିଁ, ସେହି ରାମଙ୍କ ପରି ମହାପ୍ରଭୁ କେଉଁଠି ଓ ମୋପରି ଅଧମ ସେବକ ବା କେଉଁଠି ! ତଥାପି ସେହି ଦୟାନିଧି ମୋ ପ୍ରତି ସଦା କୃପାଦୃଷ୍ଟି ରଖି ମୋତେ ପାଳନ କରିଛନ୍ତି ॥ ୨ ॥

**ଲୋକହୁଁ ବେଦ ସୁସାହିବ ରୀତୀ । ବିନୟ ସୁନତ ପହିଚାନତ ପ୍ରୀତୀ ॥**
**ଗନୀ ଗରୀବ ଗ୍ରାମ ନର ନାଗର । ପଂଡିତ ମୂଢ଼ ମଲୀନ ଉଜାଗର ॥ ୩ ॥**
**ସୁକବି କୁକବି ନିଜ ମତି ଅନୁହାରୀ । ନୃପହି ସରାହତ ସବ ନର ନାରୀ ॥**
**ସାଧୁ ସୁଜାନ ସୁସୀଲ ନୃପାଲା । ଈସ ଅଂସ ଭୱ ପରମ କୃପାଲା ॥ ୪ ॥**
**ସୁନି ସନମାନହିଁ ସବହି ସୁବାନୀ । ଭନିତି ଭଗତି ନତି ଗତି ପହିଚାନୀ ॥**
**ୟହ ପ୍ରାକୃତ ମହୀପାଲ ସୁଭାଉ । ଜାନ ସିରୋମନି କୋସଲରାଉ ॥ ୫ ॥**

ଲୋକରେ ଏବଂ ବେଦରେ ମଧ୍ୟ ଏହି ରୀତି ପ୍ରସିଦ୍ଧ ଯେ, ଯେ ଉତ୍ତମ ସ୍ୱାମୀ, ସେ ଦାସର ବିନୟ ଶୁଣିବାମାତ୍ରେ ତାର ପ୍ରେମକୁ ଚିହ୍ନିପାରନ୍ତି ।ଧନୀ, ଦରିଦ୍ର, ଗାଉଁଲି, ସହରୀ, ପଣ୍ଡିତ, ମୂର୍ଖ, ଯଶସ୍ୱୀ, ଅପଯଶସ୍ୱୀ, ସୁକବି ଓ କୁକବି ପ୍ରଭୃତି ସକଳ ନରନାରୀ ନିଜ ନିଜର ବୁଦ୍ଧି ଅନୁସାରେ ରାଜାଙ୍କୁ ପ୍ରଶଂସା କରନ୍ତି ଏବଂ ସାଧୁ, ସୁବୁଦ୍ଧି, ସୁଶୀଳ ଓ ଈଶ୍ୱରଙ୍କ ଅଂଶରେ ଜାତ ଦୟାଳୁ ରାଜା ସମସ୍ତଙ୍କ ସ୍ତୁତି ଶୁଣି ଓ ସେମାନଙ୍କର ବାଣୀ, ଭକ୍ତି, ବିନୟ ଓ ଗତିବିଧି ଜାଣି ସୁନ୍ଦର ଓ ମଧୁର ବଚନରେ ସମସ୍ତଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦାନ କରନ୍ତି । ଏହା ସିନା ସାଧାରଣ ସଂସାରୀ ରାଜାମାନଙ୍କର ସ୍ୱଭାବ, କୋଶଳନାଥ ଶ୍ରୀରାମ ତ ଜ୍ଞାନୀଶିରୋମଣି ॥ ୩—୫ ॥

**ରୀଝତ ରାମ ସନେହ ନିସୋତେଁ । କୋ ଜଗ ମଂଦ ମଲିନମତି ମୋତେଁ ॥ ୬ ॥**

ପ୍ରଭୁ ଶ୍ରୀରାମ ବିଶୁଦ୍ଧ ପ୍ରେମଦ୍ୱାରାହିଁ ପ୍ରସନ୍ନ ହୋଇଥାଆନ୍ତି; କିନ୍ତୁ ଜଗତରେ ମୋଠାରୁ ବଳି ମୂର୍ଖ ଓ ମଳିନବୁଦ୍ଧି ମନୁଷ୍ୟ ଆଉ କିଏ ଥିବ ! ॥ ୬ ॥

ଦୋଃ- **ସଠ ସେୱକ କୀ ପ୍ରୀତି ରୁଚି ରଖିହହିଁ ରାମ କୃପାଲୁ ।**
**ଉପଲ କିଯେ ଜଲଜାନ ଜେହିଁ ସଚିୱ ସୁମତି କପି ଭାଲୁ ॥୨୮ (କ)॥**

ତଥାପି କୃପାଳୁ ପ୍ରଭୁ ଶ୍ରୀରାମ ମୋପରି ଦୁଷ୍ଟ ସେବକର ପ୍ରୀତି ଓ ରୁଚି ଅବଶ୍ୟ ସ୍ୱୀକାର କରିବେ । ସେ ତ ପୁଣି ପଥରକୁ ବୋଇତ ଏବଂ ଭାଲୁ-ବାନରମାନଙ୍କୁ ବୁଦ୍ଧିମାନ୍ ମନ୍ତ୍ରୀ କରିଦେଇଥିଲେ ॥ ୨୮ (କ) ॥

**ହୌଁହୁ କହାୱତ ସବୁ କହତ ରାମ ସହତ ଉପହାସ ।**
**ସାହିବ ସୀତାନାଥ ସୋ ସେୱକ ତୁଲସୀଦାସ ॥୨୮ (ଖ)॥**

ସମସ୍ତେ ମୋତେ ଶ୍ରୀରାମଙ୍କର ସେବକ ବୋଲି କହୁଛନ୍ତି ଏବଂ ମୁଁ ମଧ୍ୟ [ଅଲାଜୁକ ଭଳି କହିବା-ଲୋକଙ୍କୁ ବିରୋଧ ନ କରି] ସେପରି ବୋଲାଇହେଉଛି । କୃପାଳୁ ପ୍ରଭୁ ଶ୍ରୀରାମ ମୋରି ହେତୁ ଏତେ ନିନ୍ଦା ସହୁଛନ୍ତି ଯେ, 'ସୀତାପତିଙ୍କ ପରି ପ୍ରଭୁଙ୍କର ପୁଣି ତୁଳସୀଦାସ ପରି ସେବକ !' ॥ ୨୮ (ଖ) ॥

**ଅତି ବଡ଼ି ମୋରି ଢିଠାଈ ଖୋରୀ । ସୁନି ଅଘ ନରକହୁଁ ନାକ ସକୋରୀ ॥**
**ସମୁଝି ସହମ ମୋହି ଅପଡର ଅପନେଁ । ସୋ ସୁଧି ରାମ କୀହ୍ନି ନହିଁ ସପନେଁ ॥ ୧ ॥**

ଏହା ମୋର ବିରାଟ ଧୃଷ୍ଟତା ଓ ଦୋଷ । ମୋର ପାପ କଥା ଶୁଣି ନରକ ବି ନାକ ଟେକୁଛି (ଅର୍ଥାତ୍ ମୋପାଇଁ ନରକରେ ବି ସ୍ଥାନ ନାହିଁ) । ଏହା ହୃଦୟଙ୍ଗମ କରି ମୁଁ ମୋର କଳ୍ପିତ ଭୟରେ ଆତଙ୍କିତ । ଅଥଚ ଭଗବାନ୍ ଶ୍ରୀରାମ ତ ସ୍ୱପ୍ନରେ ସୁଦ୍ଧା ଏଥିପ୍ରତି (ମୋର ଧୃଷ୍ଟତା ଓ ଦୋଷ ପ୍ରତି) ଧ୍ୟାନ ଦେଇନାହାନ୍ତି ॥ ୧ ॥

**ସୁନି ଅୱଲୋକି ସୁଚିତ ଚଖ ଚ୍ରହୀ । ଭଗତି ମୋରି ମତି ସ୍ୱାମି ସରାହୀ ॥**
**କହତ ନସାଇ ହୋଇ ହିୟଁ ନୀକୀ । ରୀଝତ ରାମ ଜାନି ଜନ ଜୀ କୀ ॥ ୨ ॥**

ବରଂ ମୋର ପ୍ରଭୁ ଶ୍ରୀରାମ ସବୁକଥା ଶୁଣି, ଦେଖି ଓ ନିଜର ସୁଚିତ୍ତରୂପୀ ଚକ୍ଷୁରେ ନିରୀକ୍ଷଣ କରି ମୋର ଭକ୍ତି ଓ ବୁଦ୍ଧିକୁ ଓଲଟି ପ୍ରଶଂସା କରୁଛନ୍ତି । କାରଣ, ମୋ କହିବାରେ ବରଂ ଭୁଲ ଥାଇପାରେ, କିନ୍ତୁ ମୋ ହୃଦୟ ଶୁଦ୍ଧ (ଅର୍ଥାତ୍ ହୃଦୟରେ ତାଙ୍କ ସେବକ ହେବାକୁ ଯୋଗ୍ୟ ନୁହେଁ ଜାଣି, ମୁଁ ନିଜକୁ ପାପୀ ଓ ଦୀନ ବୋଲି ମାନୁଛି) । ପ୍ରଭୁ ଶ୍ରୀରାମ ମଧ୍ୟ ଦାସହୃଦୟର ଏହି ଉତ୍ତମ ସ୍ଥିତି (ନିର୍ମଳତା) ଜାଣି ପ୍ରସନ୍ନ ହେଉଛନ୍ତି ॥ ୨ ॥

**ରହତି ନ ପ୍ରଭୁ ଚିତ ଚୂକ କିଏ କୀ । କରତ ସୁରତି ସୟ ବାର ହିଏ କୀ ॥**
**ଜେହିଁ ଅଘ ବଧେଉ ବ୍ୟାଧ ଜିମି ବାଲୀ । ଫିରି ସୁକଂଠ ସୋଇ କୀହ୍ନି କୁଚାଲୀ ॥ ୩ ॥**

ଭକ୍ତମାନଙ୍କର ଭୁଲ୍‌ଭଟକା ପ୍ରଭୁଙ୍କର ମନେରହେ ନାହିଁ; କିନ୍ତୁ ସେ ଭକ୍ତମାନଙ୍କର ସଦ୍‌ଗୁଣକୁ ହୃଦୟରେ ଶତ ଶତ ବାର ସ୍ମରଣ କରୁଥାନ୍ତି । ଯେଉଁ ପାପ ହେତୁ ସେ ବାଳିକୁ ବ୍ୟାଧ ପରି ମାରିଥିଲେ, ସୁଗ୍ରୀବ ପୁଣି ସେହିପରି ଅସଦାଚରଣ କଲେ ॥ ୩ ॥

**ସୋଇ କରତୂତି ବିଭୀଷନ କେରୀ । ସପନେହୁଁ ସୋ ନ ରାମ ହିୟଁ ହେରୀ ॥**
**ତେ ଭରତହି ଭେଁଟତ ସନମାନେ । ରାଜସଭାଁ ରଘୁବୀର ବଖାନେ ॥ ୪ ॥**

ବିଭୀଷଣ ବି ସେହିପରି କର୍ମ କରିଥିଲେ। କିନ୍ତୁ ପ୍ରଭୁ ଶ୍ରୀରାମ ସ୍ୱପ୍ନରେ ବି ସେସବୁ ମନରେ ଆଣି ନ ଥିଲେ। ବରଂ ଭରତଙ୍କ ସହିତ ମିଳନବେଳେ ଶ୍ରୀରଘୁନାଥ ସେମାନଙ୍କୁ ସମ୍ମାନ ଦେଇଥିଲେ ଏବଂ ରାଜସଭାରେ ବି ସେମାନଙ୍କର ଗୁଣଗାନ କରିଥିଲେ ॥ ୪ ॥

**ଦୋ:- ପ୍ରଭୁ ତରୁ ତର କପି ଡାର ପର ତେ କିଏ ଆପୁ ସମାନ।**
**ତୁଲସୀ କହୂଁ ନ ରାମ ସେ ସାହିବ ସୀଲନିଧାନ ॥୨୯(କ)॥**

ପ୍ରଭୁ ଶ୍ରୀରାମ ଗଛତଳେ ତ, ବାନରମାନେ ଗଛଡାଳରେ (ଅର୍ଥାତ୍ ମର୍ଯ୍ୟାଦାପୁରୁଷୋତ୍ତମ ସଚ୍ଚିଦାନନ୍ଦଘନ ପରମାତ୍ମା ଶ୍ରୀରାମ କେଉଁଠି ଏବଂ ଗଛର ଏ ଡାଳରୁ ସେ ଡାଳକୁ ଡେଉଁଥିବା ବାନରମାନେ କେଉଁଠି !)। ତଥାପି ସେପରି ବାନରମାନଙ୍କୁ ବି ସେହି ପ୍ରଭୁ ଆପଣାସମାନ କରିଦେଇଥିଲେ। ତୁଳସୀଦାସ କହୁଛନ୍ତି, ଶ୍ରୀରାମଙ୍କ ପରି ସଦ୍‌ଗୁଣନିଧାନ ପ୍ରଭୁ ଅନ୍ୟ କେଉଁଠି ନାହାନ୍ତି ॥ ୨୯ (କ) ॥

**ରାମ ନିକାଇଁ ରାଓ୍ୱରୀ ହୈ ସବହୀ କୋ ନୀକ।**
**ଜୌଁ ୟହ ସାଁଚୀ ହୈ ସଦା ତୌ ନୀକୋ ତୁଲସୀକ ॥୨୯(ଖ)॥**

ହେ ପ୍ରଭୁ ଶ୍ରୀରାମ ! ଆପଣଙ୍କ ଦୃଷ୍ଟିରେ ଯେ ଉତ୍ତମ, ସମସ୍ତଙ୍କ ଦୃଷ୍ଟିରେ ମଧ୍ୟ ସେ ଉତ୍ତମ ବିବେଚିତ ହୁଅନ୍ତି। ଯଦି ଏହା ସତ୍ୟ ହୋଇଥାଏ, ତେବେ ତୁଳସୀଦାସର ମଧ୍ୟ ସର୍ବଦା କଲ୍ୟାଣ ହେବ ॥ ୨୯(ଖ) ॥

**ଏହି ବିଧି ନିଜ ଗୁନ ଦୋଷ କହି ସବହି ବହୁରି ସିରୁ ନାଇ।**
**ବରନଉଁ ରଘୁବର ବିସଦ ଜସୁ ସୁନି କଲି କଲୁଷ ନସାଇ ॥୨୯(ଗ)॥**

ଏପରିଭାବରେ ନିଜର ଦୋଷଗୁଣ କହିଦେଇ ଏବଂ ପୁଣିଥରେ ସମସ୍ତଙ୍କ ପାଖରେ ମୁଣ୍ଡ ନୁଆଁଇ ମୁଁ ଶ୍ରୀରଘୁନାଥଙ୍କର ସେହି ନିର୍ମଳ ଯଶ ବର୍ଣ୍ଣନା କରୁଛି, ଯାହା ଶୁଣିଲେ କି କଳିଯୁଗର ସମସ୍ତ ପାପ ନଷ୍ଟ ହୋଇଯାଏ ॥ ୨୯ (ଗ) ॥

**ଜାଗବଲିକ ଜୋ କଥା ସୁହାଈ। ଭରଦ୍ୱାଜ ମୁନିବରହି ସୁନାଈ ॥**
**କହିହଉଁ ସୋଇ ସଂବାଦ ବଖାନୀ। ସୁନହୁଁ ସକଲ ସଜ୍ଜନ ସୁଖୁ ମାନୀ ॥ ୧ ॥**

ମୁନି ଯାଜ୍ଞବଲ୍‌କ୍ୟ ମୁନିଶ୍ରେଷ୍ଠ ଭରଦ୍ୱାଜଙ୍କୁ ଯେଉଁ ସୁନ୍ଦର କଥା ଶୁଣାଇଥିଲେ, ସେହି କଥାଟି ମୁଁ ବୁଝାଇକହିବି ; ସଜ୍ଜନବୃନ୍ଦ ଆନନ୍ଦର ସହିତ ତାହା ଶୁଣିବା ହୁଅନ୍ତୁ ॥ ୧ ॥

**ସଂଭୁ କୀହ୍ନ ୟହ ଚରିତ ସୁହାଓ୍ୱା। ବହୁରି କୃପା କରି ଉମହି ସୁନାଓ୍ୱା ॥**
**ସୋଇ ସିଓ୍ୱ କାଗଭୁସୁଂଡିହି ଦୀହ୍ନା। ରାମ ଭଗତ ଅଧିକାରୀ ଚୀହ୍ନା ॥ ୨ ॥**

ଭଗବାନ୍ ଶିବ ପ୍ରଥମେ ଏହି ମନୋହର ଚରିତଟି ରଚନା କରିଥିଲେ; ତା'ପରେ କୃପା କରି ପାର୍ବତୀଙ୍କୁ ଶୁଣାଇଥିଲେ। କାକଭୁଶୁଣ୍ଡିଙ୍କୁ ରାମଭକ୍ତ ଓ ଶୁଣିବାର ଅଧିକାରୀ ବୋଲି ଜାଣି ଶିବ ଉକ୍ତ ଚରିତଟି ତାଙ୍କୁ ମଧ୍ୟ ପ୍ରଦାନ କରିଥିଲେ ॥ ୨ ॥

**ତେହି ସନ ଜାଗବଲିକ ପୁନି ପାଓ୍ୱା। ତିହ୍ନ ପୁନି ଭରଦ୍ୱାଜ ପ୍ରତି ଗାଓ୍ୱା ॥**
**ତେ ଶ୍ରୋତା ବକତା ସମସୀଲା। ସଓ୍ୱଁଦରସୀ ଜାନହିଁ ହରିଲୀଲା ॥ ୩ ॥**

କାକଭୁଶୁଣ୍ଡିଙ୍କ ଠାରୁ ତାହା ଯାଜ୍ଞବଲ୍‌କ୍ୟ ପାଇଥିଲେ; ଯାଜ୍ଞବଲ୍‌କ୍ୟ ତାହା ଗାନ କରି ଭରଦ୍ୱାଜଙ୍କୁ ଶୁଣାଇଥିଲେ। ସେହି ବକ୍ତା ଓ ଶ୍ରୋତା(ଯାଜ୍ଞବଲ୍‌କ୍ୟ ଓ ଭରଦ୍ୱାଜ) ହେଉଛନ୍ତି ସମାନ ଶୀଳବାନ୍ ଓ ସମଦର୍ଶୀ ; ସେ ଦୁହେଁ ଶ୍ରୀହରିଙ୍କର ଲୀଳା ଜାଣନ୍ତି ॥ ୩ ॥

**ଜାନହିଁ ତୀନି କାଲ ନିଜ ଗ୍ୟାନା । କରତଲ ଗତ ଆମଲକ ସମାନା ॥**
**ଔରଉ ଜେ ହରିଭଗତ ସୁଜାନା । କହହିଁ ସୁନହିଁ ସମୁଝହିଁ ବିଧି ନାନା ॥ ୪ ॥**

ନିଜ ନିଜର ଜ୍ଞାନବଳରେ ସେ ଦୁହେଁ ତ୍ରିକାଳର କଥା କରତଳଗତ ଆମଳକ ପରି ପ୍ରତ୍ୟକ୍ଷ ଜାଣନ୍ତି । ପୁଣି ଯେଉଁ ହରିଭକ୍ତଗଣ ସୁଜ୍ଞାନୀ (ଲୀଳାର ରହସ୍ୟ ଜାଣନ୍ତି), ସେମାନେ ଏହି ଚରିତ ନାନାପ୍ରକାରେ କହନ୍ତି, ଶୁଣନ୍ତି ଓ ବୁଝନ୍ତି ॥ ୪ ॥

ଦୋ:- **ମୈଁ ପୁନି ନିଜ ଗୁର ସନ ସୁନୀ କଥା ସୋ ସୂକରଖେତ ।**
**ସମୁଝୀ ନହିଁ ତସି ବାଲପନ ତବ ଅତି ରହେଉଁ ଅଚେତ ॥୩୦(କ)॥**

ପୁନଶ୍ଚ ମୁଁ ଏହି କଥା ବରାହକ୍ଷେତ୍ରରେ ମୋ ଗୁରୁମହାରାଜଙ୍କ ଠାରୁ ଶୁଣିଥିଲି ; କିନ୍ତୁ ସେତେବେଳେ ମୁଁ ଅଳ୍ପବୟସର ବାଳକ ଥିବାରୁ ଏହି ଚରିତକୁ ସେତେ ଭଲରୂପେ ବୁଝିପାରି ନ ଥିଲି ॥ ୩୦(କ) ॥

**ଶ୍ରୋତା ବକତା ଗ୍ୟାନନିଧି କଥା ରାମ କୈ ଗୂଢ଼ ।**
**କିମି ସମୁଝୌଁ ମୈଁ ଜୀୱ ଜଡ଼ କଲି ମଲ ଗ୍ରସିତ ବିମୂଢ଼ ॥୩୦(ଖ)॥**

ଶ୍ରୀରାମଙ୍କ ରହସ୍ୟମୟ କଥାର ବକ୍ତା ଓ ଶ୍ରୋତା ଉଭୟେ ଜ୍ଞାନର ଭଣ୍ଡାର ହୋଇଥାନ୍ତି । ମୋତେ ତ କଳିଯୁଗର ପାପରାଶି ଗ୍ରାସ କରିଛି; ମୋପରି ମହାମୂଢ଼ ଜୀବ ଭଲା ସେକଥା କିପରି ବୁଝିପାରନ୍ତା ! ॥ ୩୦ (ଖ) ॥

**ତଦପି କହୀ ଗୁର ବାରହିଁ ବାରା । ସମୁଝି ପରୀ କଛୁ ମତି ଅନୁସାରା ॥**
**ଭାଷାବଦ୍ଧ କରବି ମୈଁ ସୋଈ । ମୋରେଁ ମନ ପ୍ରବୋଧ ଜେହିଁ ହୋଈ ॥ ୧ ॥**

ତଥାପି ଗୁରୁଦେବ ବାରମ୍ବାର ସେହି କଥାଟି କହିବାରୁ, ମୁଁ ମୋର ବୁଦ୍ଧି ଅନୁସାରେ କିଛିଟା ବୁଝିଗଲି । ମୁଁ ବର୍ତ୍ତମାନ ତାହା ଲୌକିକଭାଷାରେ ରଚନା କରୁଛି, ଯାହାଫଳରେ କି ମୁଁ ମାନସିକ ସନ୍ତୋଷ ଲାଭ କରିବି ॥ ୧ ॥

**ଜସ କଛୁ ବୁଧି ବିବେକ ବଲ ମେରେଁ । ତସ କହିହଉଁ ହିୟଁ ହରିକେ ପ୍ରେରେଁ ॥**
**ନିଜ ସଂଦେହ ମୋହ ଭ୍ରମ ହରନୀ । କରଉଁ କଥା ଭୱ ସରିତା ତରନୀ ॥ ୨ ॥**

ମୋର ଯାହା କିଛି ବୁଦ୍ଧି ଓ ବିବେକବଳ ରହିଛି, ହୃଦୟରେ ହରିଙ୍କର ପ୍ରେରଣା ପାଇ, ମୁଁ ତଦନୁସାରେ ଏହି କଥା କହିବି । ଯାହା ମୋର ନିଜର ସନ୍ଦେହ, ଅଜ୍ଞାନ ଓ ଭ୍ରମ ନାଶକରିଛି ଏବଂ ଯାହା ସଂସାରସରିତକୁ ପାରି ହେବା ନିମନ୍ତେ ନୌକାସଦୃଶ ଅଟେ, ମୁଁ ସେହି କଥା ରଚନା କରୁଛି ॥ ୨ ॥

**ବୁଧ ବିଶ୍ରାମ ସକଲ ଜନ ରଂଜନି । ରାମକଥା କଲି କଲୁଷ ବିଭଂଜନି ॥**
**ରାମକଥା କଲି ପଂନଗ ଭରନୀ । ପୁନି ବିବେକ ପାୱକ କହୁଁ ଅରନୀ ॥ ୩ ॥**

ରାମକଥା ପଣ୍ଡିତମାନଙ୍କୁ ବିଶ୍ରାମ ପ୍ରଦାନ କରେ; ସକଳ ମନୁଷ୍ୟଙ୍କୁ ପ୍ରସନ୍ନ କରେ ଏବଂ କଳିଯୁଗର ପାପ ନାଶ କରେ । ରାମକଥା ହେଉଛି କଳିଯୁଗରୂପୀ ସର୍ପନିମନ୍ତେ ମୟୂରୀ ଏବଂ ବିବେକରୂପୀ ଅଗ୍ନି ପ୍ରକଟ କରିବାନିମନ୍ତେ ଏକ ଅରଣି (ଘର୍ଷଣଦ୍ୱାରା ଅଗ୍ନି ଉତ୍ପନ୍ନ କରୁଥିବା କାଠ) [ଅର୍ଥାତ୍ ଏହି କଥାଦ୍ୱାରା ଜ୍ଞାନପ୍ରାପ୍ତି ହୁଏ] ॥ ୩ ॥

**ରାମକଥା କଲି କାମଦ ଗାଈ । ସୁଜନ ସଜୀୱନି ମୂରି ସୁହାଈ ॥**
**ସୋଇ ବସୁଧାତଲ ସୁଧା ତରଂଗିନି । ଭୟ ଭଂଜନି ଭ୍ରମ ଭେକ ଭୁଅଂଗିନି ॥ ୪ ॥**

ରାମକଥା ହେଉଛି କଳିଯୁଗର ସକଳ ମନୋରଥ ପୂର୍ଣ୍ଣ କରୁଥିବା କାମଧେନୁ ଗାଈ; ସଜ୍ଜନମାନଙ୍କ ନିମନ୍ତେ ସୁନ୍ଦର ସଂଜୀବନୀ ମୂଳ ଏବଂ ଧରଣୀପୃଷ୍ଠରେ ପ୍ରବାହିତ ଅମୃତମୟୀ ନଦୀ । ଏହା ଜନ୍ମମରଣରୂପୀ ଭୟ ବିନାଶ କରେ ଏବଂ ଭ୍ରମରୂପକ ଭେକମାନଙ୍କ ନିମନ୍ତେ ସର୍ପିଣୀ ପରି ଅଟେ ॥ ୪ ॥

**ଅସୁର ସେନ ସମ ନରକ ନିକଂଦିନି । ସାଧୁ ବିବୁଧ କୁଲ ହିତ ଗିରିନଂଦିନି ॥**
**ସଂତ ସମାଜ ପୟୋଧି ରମା ସୀ । ବିସ୍ୱ ଭାର ଭର ଅଚଲ ଛମା ସୀ ॥ ୫ ॥**

ଏହି ରାମକଥା ହେଉଛି ଅସୁରସେନାତୁଲ୍ୟ ନରକମାନଙ୍କର ବିନାଶକାରିଣୀ ତଥା ସାଧୁରୂପକ ଦେବକୁଳର ହିତକାରିଣୀ ଦୁର୍ଗା । ଏହା ହେଉଛି ସନ୍ଥସମାଜରୂପୀ କ୍ଷୀରସମୁଦ୍ରରେ ଥିବା ଲକ୍ଷ୍ମୀଙ୍କ ସମାନ ଏବଂ ସମ୍ପୂର୍ଣ୍ଣ ବିଶ୍ୱର ଭାର ବହନ କରିବାରେ ଅଚଳା ପୃଥିବୀସମାନ ॥ ୫ ॥

**ଜମ ଗନ ମୁହଁ ମସି ଜଗ ଜମୁନା ସୀ । ଜୀୱନ ମୁକୁତି ହେତୁ ଜନୁ କାସୀ ॥**
**ରାମହି ପ୍ରିୟ ପାୱନି ତୁଲସୀ ସୀ । ତୁଲସିଦାସ ହିତ ହିୟଁ ହୁଲସୀ ସୀ ॥ ୬ ॥**

ଯମଦୂତଙ୍କ ମୁହଁରେ କାଳି ବୋଳିଦେବାନିମନ୍ତେ ଏହି କଥା ହେଉଛି ଜଗତରେ ଯମୁନାନଦୀସମାନ ଏବଂ ଜୀବମାନଙ୍କୁ ମୁକ୍ତି ଦେବାରେ ଏହା, ଜାଣନ୍ତୁ, କାଶୀକ୍ଷେତ୍ର । ଏହି କଥା ପ୍ରଭୁ ଶ୍ରୀରାମଙ୍କୁ ପବିତ୍ର ତୁଳସୀ ପରି ପ୍ରିୟ ଏବଂ ତୁଳସୀଦାସ ନିମନ୍ତେ ଏହା ହୁଳସୀ(ତୁଳସୀଦାସଙ୍କର ମାଆ)ଙ୍କ ପରି ସହୃଦୟା ହିତକାରିଣୀ ॥ ୬ ॥

**ସିୱପ୍ରିୟ ମେକଲ ସୈଲ ସୁତା ସୀ । ସକଲ ସିଦ୍ଧି ସୁଖ ସଂପତି ରାସୀ ॥**
**ସଦଗୁନ ସୁରଗନ ଅଂବ ଅଦିତି ସୀ । ରଘୁବର ଭଗତି ପ୍ରେମ ପରମିତି ସୀ ॥ ୭ ॥**

ଏହି ରାମକଥା ପ୍ରଭୁ ଶିବଙ୍କୁ ନର୍ମଦାଙ୍କ ପରି ପ୍ରିୟ ଲାଗେ; ଏହା ହେଉଛି ସକଳ ସିଦ୍ଧିର ତଥା ସମସ୍ତ ସୁଖସମ୍ପତ୍ତିର ରାଶି । ସଦ୍‌ଗୁଣରୂପୀ ଦେବତାମାନଙ୍କୁ ଉତ୍ପନ୍ନ କରି ପାଳନପୋଷଣ କରିବା କାର୍ଯ୍ୟରେ ଏହା ହେଉଛି ମାତା ଅଦିତିଙ୍କ ସମାନ । ଏହା ହେଉଛି ଶ୍ରୀରଘୁନାଥଙ୍କ ପ୍ରତି ଭକ୍ତି ଓ ପ୍ରେମର ପରମସୀମା ॥ ୭ ॥

ଦୋଃ- **ରାମକଥା ମଂଦାକିନୀ ଚିତ୍ରକୂଟ ଚିତ ଚାରୁ ।**
**ତୁଲସୀ ସୁଭଗ ସନେହ ବନ ସିୟ ରଘୁବୀର ବିହାରୁ ॥ ୩୧ ॥**

ତୁଳସୀଦାସ କହୁଛନ୍ତି, ରାମକଥା ହେଉଛି ମନ୍ଦାକିନୀ ନଦୀ ; ସୁନ୍ଦର(ନିର୍ମଳ)ଚିତ୍ତ ହେଉଛି ଚିତ୍ରକୂଟ ଏବଂ ସୁନ୍ଦର ସ୍ନେହ ହେଉଛି ସୀତାରାମ ବିହାର କରୁଥିବା ବନ ॥ ୩୧ ॥

**ରାମଚରିତ ଚିଂତାମନି ଚାରୂ । ସଂତ ସୁମତି ତିୟ ସୁଭଗ ସିଁଗାରୂ ॥**
**ଜଗ ମଂଗଲ ଗୁନଗ୍ରାମ ରାମ କେ । ଦାନି ମୁକୁତି ଧନ ଧରମ ଧାମ କେ ॥ ୧ ॥**

ଶ୍ରୀରାମଙ୍କ ଚରିତ ହେଉଛି ମନୋହର ଚିନ୍ତାମଣି ଏବଂ ସନ୍ଥମାନଙ୍କର ସୁବୁଦ୍ଧିରୂପୀ ନାରୀର ସୁନ୍ଦର ଶିଙ୍ଗାର । ଶ୍ରୀରାମଙ୍କ ଗୁଣସମୂହ ହେଉଛି ଜଗତର କଲ୍ୟାଣକାରକ ଏବଂ ମୁକ୍ତି, ଧନ, ଧର୍ମ ଓ ପରମଧାମ-ପ୍ରଦାୟକ ॥ ୧ ॥

**ସଦଗୁର ଗ୍ୟାନ ବିରାଗ ଜୋଗ କେ । ବିବୁଧ ବୈଦ ଭୱ ଭୀମ ରୋଗ କେ ॥**
**ଜନନି ଜନକ ସିୟ ରାମ ପ୍ରେମ କେ । ବୀଜ ସକଲ ବ୍ରତ ଧରମ ନେମ କେ ॥ ୨ ॥**

ଜ୍ଞାନ, ବୈରାଗ୍ୟ ଓ ଯୋଗ ଶିକ୍ଷା ଦେବାରେ ଏହା ସଦ୍‌ଗୁରୁସମାନ ଏବଂ ସଂସାରରୂପୀ ଭୟଙ୍କର ରୋଗ ନାଶ କରିବାରେ ଦେବବୈଦ୍ୟ(ଅଶ୍ୱିନୀକୁମାର)ସମାନ । ଏହା ହେଉଛି ଶ୍ରୀସୀତାରାମଙ୍କ ଠାରେ ଭକ୍ତି ଉତ୍ପନ୍ନ କରାଇବାରେ ପିତାମାତାଙ୍କ ସମାନ ଏବଂ ସକଳ ବ୍ରତ, ଧର୍ମ ଓ ନିୟମମାନଙ୍କର ବୀଜସମାନ ॥ ୨ ॥

**ସମନ ପାପ ସଂତାପ ସୋକ କେ । ପ୍ରିୟ ପାଲକ ପରଲୋକ ଲୋକ କେ ॥**
**ସଚିୱ ସୁଭଟ ଭୂପତି ବିଚାର କେ । କୁଂଭଜ ଲୋଭ ଉଦଧି ଅପାର କେ ॥ ୩ ॥**

**କାମ କୋହ କଲିମଲ କରିଗନ କେ । କେହରି ସାୱ୍କ ଜନ ମନ ବନ କେ ॥**
**ଅତିଥି ପୂଜ୍ୟ ପ୍ରିୟତମ ପୁରାରି କେ । କାମଦ ଘନ ଦାରିଦ ଦୱାରି କେ ॥ ୪ ॥**

ଶ୍ରୀରାମଙ୍କ ଗୁଣାବଳୀ ହେଉଛି ପାପ, ସନ୍ତାପ ଓ ଶୋକର ବିନାଶକାରୀ ଏବଂ ଇହଲୋକ ତଥା ପରଲୋକରେ ପ୍ରିୟ ପାଳନକର୍ତ୍ତା । ଏହା ହେଉଛି ବିଗ୍ରହ(ଜ୍ଞାନ) ରୂପକ ରାଜାଙ୍କର ମନ୍ତ୍ରୀ ଓ କୁଶଳ ଯୋଦ୍ଧା ଏବଂ ଲୋଭରୂପକ ଅଗାଧ ସମୁଦ୍ରକୁ ଶୁଖାଇଦେବାରେ ଅଗସ୍ତ୍ୟ ମୁନିଙ୍କ ସମାନ । ଭକ୍ତମାନଙ୍କର ମନରୂପୀ ବନରେ ବାସ କରୁଥିବା କାମ, କ୍ରୋଧ ଓ କଳିଯୁଗର ପାପରୂପୀ ହସ୍ତୀମାନଙ୍କୁ ନାଶ କରିଦେବାରେ ଏହା ହେଉଛି ସିଂହଶାବକ ପରି । ଏହା ହେଉଛି ପ୍ରଭୁ ଶିବଙ୍କର ପୂଜ୍ୟ ଓ ପ୍ରିୟତମ ଅତିଥି ଏବଂ ଦାରିଦ୍ର୍ୟଦାବାନଳକୁ ଲିଭାଇଦେବା ନିମନ୍ତେ କାମନାପୂର୍ଣ୍ଣକାରୀ ମେଘ ॥ ୩, ୪ ॥

**ମଂତ୍ର ମହାମନି ବିଷୟ ବ୍ୟାଲ କେ । ମେଟତ କଠିନ କୁଅଂକ ଭାଲ କେ ॥**
**ହରନ ମୋହ ତମ ଦିନକର କର ସେ । ସେୱ୍କ ସାଲି ପାଲ ଜଲଧର ସେ ॥ ୫ ॥**

ଏହା (ଶ୍ରୀରାମଙ୍କ ଗୁଣାବଳୀ) ହେଉଛି ବିଷୟରୂପୀ ସର୍ପର ବିଷ ଝଡ଼ାଇବା ମନ୍ତ୍ର ଓ ମହାମଣି । ସହଜରେ ଲିଭୁ ନ ଥିବା କପାଳଲିଖନ (ମନ୍ଦ ପ୍ରାରବ୍ଧ)କୁ ଏହା ଲିଭାଇଦିଏ । ଏହା ଅଜ୍ଞାନରୂପୀ ଅନ୍ଧକାରକୁ ହରଣ କରୁଥିବା ସୂର୍ଯ୍ୟକିରଣସମାନ ଏବଂ ସେବକ(ଭକ୍ତ)ରୂପୀ ଧାନକ୍ଷେତକୁ ପାଳନ କରୁଥିବା ମେଘସମାନ ॥ ୫ ॥

**ଅଭିମତ ଦାନି ଦେୱତରୁ ବର ସେ । ସେୱତ ସୁଲଭ ସୁଖଦ ହରି ହର ସେ ॥**
**ସୁକବି ସରଦ ନଭ ମନ ଉଡଗନ ସେ । ରାମଭଗତ ଜନ ଜୀୱନ ଧନ ସେ ॥ ୬ ॥**

ମନୋବାଞ୍ଛିତ ବସ୍ତୁ ଦେବାରେ ଏହା ଶ୍ରେଷ୍ଠ କଳ୍ପବୃକ୍ଷସମାନ ଏବଂ ସେବା କଲେ ଏହା ହରିହରଙ୍କ ପରି ସୁଲଭ ଓ ସୁଖଦାୟୀ ହୋଇଥାଏ । ସୁକବିରୂପୀ ଶରତଋତୁର ମନରୂପୀ ଆକାଶକୁ ସୁଶୋଭିତ କରିବାରେ ଏହା ହେଉଛି ତାରାଗଣଙ୍କ ସଦୃଶ ଏବଂ ଶ୍ରୀରାମଭକ୍ତଙ୍କ ନିମନ୍ତେ ତ ଏହା ସାକ୍ଷାତ୍ ଜୀବନଧନ ॥ ୬ ॥

**ସକଲ ସୁକୃତ ଫଲ ଭୂରି ଭୋଗ ସେ । ଜଗ ହିତ ନିରୁପଧି ସାଧୁ ଲୋଗ ସେ ॥**
**ସେୱ୍କ ମନ ମାନସ ମରାଲ ସେ । ପାୱନ ଗଂଗ ତରଂଗ ମାଲ ସେ ॥ ୭ ॥**

ଏହି ଗୁଣାବଳୀ ହେଉଛି ସକଳ ପୁଣ୍ୟର ଫଳସ୍ୱରୂପ ମିଳୁଥିବା ପରମାନନ୍ଦସମାନ । ଜଗତର ଯଥାର୍ଥ ହିତ କରିବାରେ ଏହା ହେଉଛି ସାଧୁସନ୍ଥଙ୍କ ସମାନ । ଏହା ସେବକମାନଙ୍କ ମନରୂପକ ମାନସରୋବରର ହଂସତୁଲ୍ୟ ତଥା ପବିତ୍ର କରିବାରେ ଗଙ୍ଗାର ତରଙ୍ଗମାଳା ସଦୃଶ ॥ ୭ ॥

ଦୋଃ- **କୁପଥ କୁତରକ କୁଚାଲି କଲି କପଟ ଦଂଭ ପାଷଂଡ ।**
**ଦହନ ରାମ ଗୁନ ଗ୍ରାମ ଜିମି ଇଂଧନ ଅନଲ ପ୍ରଚଂଡ ॥୩୨(କ)॥**

ଅଗ୍ନି ଯେପରି ଇନ୍ଧନକୁ ଜାଳିଦିଏ, ଶ୍ରୀରାମଙ୍କ ଗୁଣରାଶି ସେହିପରି କୁମାର୍ଗ, କୁତର୍କ, କଦାଗ୍ରହ ଏବଂ କଳିଯୁଗର କପଟ, ଦମ୍ଭ ଓ ପ୍ରତାରଣା ଆଦିକୁ ଜାଳିଦିଏ ॥ ୩୨ (କ) ॥

**ରାମଚରିତ ରାକେସ କର ସରିସ ସୁଖଦ ସବ କାହୁ ।**
**ସଜ୍ଜନ କୁମୁଦ ଚକୋର ଚିତ ହିତ ବିସେଷି ବଡ଼ ଲାହୁ ॥୩୨(ଖ)॥**

ରାମଚରିତ ପୂର୍ଣ୍ଣଚନ୍ଦ୍ରର କିରଣ ପରି ସମସ୍ତଙ୍କ ପାଇଁ ସୁଖପ୍ରଦ; କିନ୍ତୁ ସଜ୍ଜନରୂପୀ କୁମୁଦ (କଇଁଫୁଲ) ଓ ଚକୋରର ଚିତ୍ତ ପକ୍ଷରେ ଏହା ହେଉଛି ବିଶେଷ ହିତକାରୀ ଓ ଅତ୍ୟନ୍ତ ଲାଭପ୍ରଦ ॥ ୩୨ (ଖ) ॥

**କୀହ୍ନି ପ୍ରସ୍ନ ଜେହି ଭାଁତି ଭୱାନୀ । ଜେହି ବିଧି ସଂକର କହା ବଖାନୀ ॥**
**ସୋ ସବ ହେତୁ କହବ ମୈଁ ଗାଈ । କଥାପ୍ରବଂଧ ବିଚିତ୍ର ବନାଈ ॥ ୧ ॥**

ପାର୍ବତୀ ଯେପରି ଶିବଙ୍କୁ ପ୍ରଶ୍ନ କରିଥିଲେ ଏବଂ ଶିବ ଯେପରି ବିସ୍ତାରିତଭାବରେ ତାହାର ଉତ୍ତର ଦେଇଥିଲେ, ମୁଁ ଏହି ବିଚିତ୍ର କଥା ରଚନା ମାଧ୍ୟମରେ ସେସବୁର କାରଣ ଗାଇ ଶୁଣାଇବି ॥ ୧ ॥

**ଜେହିଁ ୟହ କଥା ସୁନୀ ନହିଁ ହୋଈ । ଜନି ଆଚରଜୁ କରୈ ସୁନି ସୋଈ ॥**
**କଥା ଅଲୌକିକ ସୁନହିଁ ଜେ ଗ୍ୟାନୀ । ନହିଁ ଆଚରଜୁ କରହିଁ ଅସ ଜାନୀ ॥ ୨ ॥**
**ରାମ କଥା କୈ ମିତି ଜଗ ନାହୀଁ । ଅସି ପ୍ରତୀତି ତିହ୍ନ କେ ମନ ମାହୀଁ ॥**
**ନାନା ଭାଁତି ରାମ ଅୱତାରା । ରାମାୟନ ସତ କୋଟି ଅପାରା ॥ ୩ ॥**

ଯେ ଏହି କଥା (ଚରିତ) ପୂର୍ବରୁ ଶୁଣିନାହାଁନ୍ତି, ସେ ଏହା ଶୁଣି ଆଶ୍ଚର୍ଯ୍ୟ ନ ହୁଅନ୍ତୁ । ଯେଉଁ ଜ୍ଞାନୀମାନେ ଏହି ଅଲୌକିକ କଥା ଶୁଣନ୍ତି, ସେମାନେ ଏହା ଜାଣି ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ ଯେ, ସଂସାରରେ ରାମକଥାର କୌଣସି ସୀମା ନାହିଁ । ସେମାନଙ୍କ ମନରେ ଦୃଢ଼ ବିଶ୍ୱାସ ରହିଥାଏ ଯେ, ଶ୍ରୀରାମ ନାନାରୂପରେ ଅବତରିତ ହୋଇଛନ୍ତି ଏବଂ ଶତକୋଟି ଅର୍ଥାତ୍ ଅପାର ରାମାୟଣ ରହିଛି ॥ ୨, ୩ ॥

**କଲପଭେଦ ହରିଚରିତ ସୁହାଏ । ଭାଁତି ଅନେକ ମୁନୀସହ୍ନ ଗାଏ ॥**
**କରିଅ ନ ସଂସୟ ଅସ ଉର ଆନୀ । ସୁନିଅ କଥା ସାଦର ରତି ମାନୀ ॥ ୪ ॥**

କଳ୍ପାନ୍ତର ଅନୁସାରେ ମୁନୀଶ୍ୱରମାନେ ଶ୍ରୀହରିଙ୍କ ସୁନ୍ଦର ଚରିତ ଅନେକପ୍ରକାରେ ଗାଇଛନ୍ତି । ଏହା ବିଗ୍ଚର କରି କୌଣସି ସନ୍ଦେହ କରନ୍ତୁ ନାହିଁ ଏବଂ ଆଦର ଓ ପ୍ରେମର ସହିତ ଏହି କଥା ଶୁଣନ୍ତୁ ॥ ୪ ॥

ଦୋ:- **ରାମ ଅନଂତ ଅନଂତ ଗୁନ ଅମିତ କଥା ବିସ୍ତାର ।**
**ସୁନି ଆଚରଜୁ ନ ମାନିହହିଁ ଜିହ୍ନ କେଁ ବିମଲ ବିଗ୍ଚର ॥ ୩୩ ॥**

ଶ୍ରୀରାମ ଅନନ୍ତ; ତାଙ୍କର ଗୁଣ ବି ଅନନ୍ତ ଏବଂ ତାଙ୍କ କଥାମାନଙ୍କର ବିସ୍ତାର ମଧ୍ୟ ଅସୀମ । ଅତଏବ ଯେଉଁମାନଙ୍କର ବିଗ୍ଚର ନିର୍ମଳ, ସେମାନେ ଏହି କଥା ଶୁଣି ଆଶ୍ଚର୍ଯ୍ୟ ହେବେ ନାହିଁ ॥ ୩୩ ॥

**ଏହି ବିଧି ସବ ସଂସୟ କରି ଦୂରୀ । ସିର ଧରି ଗୁରପଦ ପଂକଜ ଧୂରୀ ॥**
**ପୁନି ସବହୀ ବିନୱଉଁ କର ଜୋରୀ । କରତ କଥା ଜେହିଁ ଲାଗ ନ ଖୋରୀ ॥ ୧ ॥**

ଏପରିଭାବରେ ସକଳ ସନ୍ଦେହ ଦୂର କରି ଏବଂ ମସ୍ତକରେ ଗୁରୁଦେବଙ୍କ ଚରଣକମଳର ରଜ ଧାରଣ କରି ମୁଁ ପୁନର୍ବାର କର ଯୋଡ଼ି ସମସ୍ତଙ୍କୁ ବିନତି କରୁଛି । ଏହାଦ୍ୱାରା ରଚନାକୁ କୌଣସିପ୍ରକାର ଦୋଷ ସ୍ପର୍ଶ କରିପାରିବ ନାହିଁ ॥ ୧ ॥

**ସାଦର ସିୱହି ନାଇ ଅବ ମାଥା । ବରନଉଁ ବିସଦ ରାମ ଗୁନ ଗାଥା ॥**
**ସଂବତ ସୋରହ ସୈ ଏକତୀସା । କରଉଁ କଥା ହରି ପଦ ଧରି ସୀସା ॥ ୨ ॥**

ବର୍ତ୍ତମାନ ମୁଁ ଭକ୍ତିର ସହିତ ଶ୍ରୀଶିବଙ୍କ ନିକଟରେ ନତମସ୍ତକ ହୋଇ ଶ୍ରୀରାମଙ୍କ ଗୁଣର ନିର୍ମଳ ଗାଥା କହିବାକୁ ଯାଉଛି । ଶ୍ରୀହରିଙ୍କ ଚରଣରେ ଶିର ଲଗାଇ ସମ୍ବତ୍ ୧୬୩୧ରେ ଏହି କଥା ଆରମ୍ଭ କରୁଛି ॥ ୨ ॥

**ନୌମୀ ଭୌମ ବାର ମଧୁମାସା । ଅୱଧପୁରୀଁ ୟହ ଚରିତ ପ୍ରକାସା ॥**
**ଜେହି ଦିନ ରାମ ଜନମ ଶ୍ରୁତି ଗାୱହିଁ । ତୀରଥ ସକଲ ତହାଁ ଚଲି ଆୱହିଁ ॥ ୩ ॥**

ଚୈତ୍ରମାସର ଶୁକ୍ଳ ନବମୀ ତିଥି ମଙ୍ଗଳବାର ଦିନ ଅଯୋଧ୍ୟାଠାରେ ଏହି ଚରିତ ପ୍ରକାଶିତ ହୋଇଥିଲା । ଯେଉଁଦିନ ଅଯୋଧ୍ୟାରେ ଶ୍ରୀରାମଙ୍କ ଜନ୍ମ ମହୋତ୍ସବ ପାଳିତ ହୁଏ, ବେଦ କହନ୍ତି, ସେଦିନ ସକଳ ତୀର୍ଥ ସେଠାକୁ ଚାଲିଆସନ୍ତି ॥ ୩ ॥

**ଅସୁର ନାଗ ଖଗ ନର ମୁନି ଦେୱା । ଆଇ କରହିଁ ରଘୁନାୟକ ସେୱା ॥**
**ଜନ୍ମ ମହୋତ୍ସୱ ରଚହିଁ ସୁଜାନା । କରହିଁ ରାମ କଲ କୀରତି ଗାନା ॥ ୪ ॥**

ସେଦିନ ଅସୁର, ନାଗ, ପକ୍ଷୀ, ମନୁଷ୍ୟ, ମୁନି ଓ ଦେବଗଣ—ସମସ୍ତେ ଅଯୋଧ୍ୟା ଆସି ଶ୍ରୀରଘୁନାଥଙ୍କର ସେବା କରନ୍ତି । ବୁଦ୍ଧିମାନ୍ ଲୋକେ ଏହି ଜନ୍ମୋତ୍ସବ ପାଳନ କରନ୍ତି ଏବଂ ଶ୍ରୀରାମଙ୍କର ସୁନ୍ଦର କୀର୍ତ୍ତି ଗାନ କରନ୍ତି ॥ ୪ ॥

ଦୋ- **ମଜ୍ଜହିଁ ସଜ୍ଜନ ବୃଂଦ ବହୁ ପାୱନ ସରଜୂ ନୀର ।**
**ଜପହିଁ ରାମ ଧରି ଧ୍ୟାନ ଉର ସୁଂଦର ସ୍ୟାମ ସରୀର ॥ ୩୪ ॥**

ସଜ୍ଜନମାନେ ବହୁସଂଖ୍ୟାରେ ସେଦିନ ସରଯୂ ନଦୀର ପବିତ୍ରଜଳରେ ସ୍ନାନ କରନ୍ତି ଏବଂ ସୁନ୍ଦର ଶ୍ୟାମଶରୀର ଶ୍ରୀରଘୁନାଥଙ୍କୁ ହୃଦୟରେ ଧ୍ୟାନ କରି ତାହାଙ୍କର ନାମ ଜପ କରନ୍ତି ॥ ୩୪ ॥

**ଦରସ ପରସ ମଜ୍ଜନ ଅରୁ ପାନା । ହରଇ ପାପ କହ ବେଦ ପୁରାନା ॥**
**ନଦୀ ପୁନୀତ ଅମିତ ମହିମା ଅତି । କହି ନ ସକଇ ସାରଦା ବିମଲମତି ॥ ୧ ॥**

ବେଦ-ପୁରାଣ କହନ୍ତି ଯେ, ସରଯୂଙ୍କ ଦର୍ଶନ, ସ୍ପର୍ଶନ, ସ୍ନାନ ଓ ଜଳପାନ ସକଳ ପାପ ହରଣ କରେ । ଏହା ଏକ ଅତ୍ୟନ୍ତ ପବିତ୍ର ନଦୀ । ଏହାର ମହିମା ଏପରି ଅନନ୍ତ ଯେ, ବିମଳବୁଦ୍ଧିମତୀ ଶ୍ରୀସରସ୍ୱତୀ ମଧ୍ୟ ତାହା ବର୍ଣ୍ଣନା କରିପାରିବେ ନାହିଁ ॥ ୧ ॥

**ରାମ ଧାମଦା ପୁରୀ ସୁହାୱନି । ଲୋକ ସମସ୍ତ ବିଦିତ ଅତି ପାୱନି ॥**
**ଚାରି ଖାନି ଜଗ ଜୀୱ ଅପାରା । ଅୱଧ ତଜେଁ ତନୁ ନହିଁ ସଂସାରା ॥ ୨ ॥**

ଏହି ଶୋଭାମୟୀ ଅଯୋଧ୍ୟାପୁରୀ ହେଉଛି ଶ୍ରୀରାମଙ୍କର ପରମଧାମ-ପ୍ରଦାୟିନୀ । ଏହା ସର୍ବଲୋକରେ ପ୍ରସିଦ୍ଧ ଏବଂ ଅତ୍ୟନ୍ତ ପବିତ୍ର । ଜଗତରେ ଚାରିପ୍ରକାରର (ଅଣ୍ଡଜ, ସ୍ୱେଦଜ, ଉଦ୍ଭିଜ୍ଜ ଓ ଜରାୟୁଜ) ଅସଂଖ୍ୟ ଜୀବ ଅଛନ୍ତି । ସେମାନଙ୍କ ମଧ୍ୟରୁ ଯେଉଁ ଜୀବ ଅଯୋଧ୍ୟାରେ ଦେହ ତ୍ୟାଗ କରେ, ସେ ଆଉ ସଂସାରକୁ ଫେରେନାହିଁ (ଅର୍ଥାତ୍ ସେ ଜନ୍ମମୃତ୍ୟୁଚକ୍ରରୁ ମୁକ୍ତି ପାଇ ଭଗବାନଙ୍କ ପରମଧାମରେ ନିବାସ କରେ) ॥ ୨ ॥

**ସବ ବିଧି ପୁରୀ ମନୋହର ଜାନୀ । ସକଲ ସିଦ୍ଧିପ୍ରଦ ମଂଗଲ ଖାନୀ ॥**
**ବିମଲ କଥା କର କୀନ୍ହ ଅରଂଭା । ସୁନତ ନସାହିଁ କାମ ମଦ ଦଂଭା ॥ ୩ ॥**

ଏହି ଅଯୋଧ୍ୟାପୁରୀକୁ ସକଳପ୍ରକାରେ ମନୋହାରିଣୀ, ସର୍ବସିଦ୍ଧି-ପ୍ରଦାୟିନୀ ଏବଂ କଲ୍ୟାଣର ଭଣ୍ଡାର ବୋଲି ଜାଣି ମୁଁ ଏଠାରେ ଏହି ନିର୍ମଳ କଥା ଆରମ୍ଭ କଲି । ଏହା ଶୁଣିଲେ ମନୁଷ୍ୟର କାମ, ମଦ ଓ ଦମ୍ଭ ନଷ୍ଟ ହୋଇଯାଏ ॥ ୩ ॥

**ରାମଚରିତମାନସ ଏହି ନାମା । ସୁନତ ଶ୍ରୱନ ପାଇଅ ବିଶ୍ରାମା ॥**
**ମନ କରି ବିଷୟ ଅନଲ ବନ ଜରଈ । ହୋଇ ସୁଖୀ ଜୌଁ ଏହିଁ ସର ପରଈ ॥ ୪ ॥**

ଏହି କଥାର ନାମ ରାମଚରିତମାନସ । ଏହା କାନରେ ଶୁଣିଲେ ଶାନ୍ତି ମିଳେ । ମନରୂପୀ ହସ୍ତୀ ବିଷୟରୂପୀ ଦାବାନଳରେ ପଡ଼ି ଘୋର ଦୁଃଖରେ ଜଳୁଛି; ସେ ଯଦି ଏହି ରାମଚରିତମାନସରୂପୀ ସରୋବରରେ ପ୍ରବେଶ କରେ (ସ୍ନାନ କରେ), ତେବେ ଚିରନ୍ତନ ସୁଖ ଲାଭ କରିବ ॥ ୪ ॥

**ରାମଚରିତମାନସ ମୁନି ଭାଵ୍ନ । ବିରଚେଉ ସଂଭୁ ସୁହାଵ୍ନ ପାଵ୍ନ ॥**
**ତ୍ରିବିଧ ଦୋଷ ଦୁଖ ଦାରିଦ ଦାଵ୍ନ । କଲି କୁଚାଲି କୁଲି କଲୁଷ ନସାଵ୍ନ ॥ ୫ ॥**

ଏହି ରାମଚରିତମାନସ ହେଉଛି ମୁନିଜନଙ୍କର ଅତ୍ୟନ୍ତ ପ୍ରିୟ । ଏହି ସୁନ୍ଦର ଓ ପବିତ୍ର ମାନସକୁ ଶିବ ରଚନା କରିଥିଲେ । ଏହା ତ୍ରିବିଧ ଦୋଷ, ସକଳ ଦୁଃଖଦାରିଦ୍ର୍ୟ ତଥା କଳିଯୁଗର ସକଳ ଦୁରାଚାର ଓ ପାପ ନାଶ କରେ ॥ ୫ ॥

**ରଚି ମହେସ ନିଜ ମାନସ ରାଖା । ପାଇ ସୁସମଉ ସିଵା ସନ ଭାଷା ॥**
**ତାତେଁ ରାମଚରିତମାନସ ବର । ଧରେଉ ନାମ ହିଅଁ ହେରି ହରଷି ହର ॥ ୬ ॥**

ଶ୍ରୀମହାଦେବ ଏହା ରଚନା କରି ନିଜ ମନରେ ରଖିଥିଲେ ଓ ସୁଅବସର ପାଇ ପାର୍ବତୀଙ୍କୁ ଶୁଣାଇଥିଲେ । ତେଣୁ ଶିବ ନିଜ ମନରେ ଏହାର ମହିମା ଦର୍ଶନ କରି ଓ ପ୍ରସନ୍ନ ହୋଇ ଏହାର ନାମ '**ରାମଚରିତମାନସ**' ରଖିଲେ ॥ ୬ ॥

**କହଉଁ କଥା ସୋଇ ସୁଖଦ ସୁହାଈ । ସାଦର ସୁନହୁ ସୁଜନ ମନ ଲାଈ ॥ ୭ ॥**

ମୁଁ ସେହି ସୁଖଦ ସୁନ୍ଦର ରାମକଥା କହୁଛି । ହେ ସଜ୍ଜନଗଣ ! ଆପଣମାନେ ଆଦରର ସହିତ ମନଦେଇ ତାହା ଶୁଣନ୍ତୁ ॥ ୭ ॥

ଦୋଃ- **ଜସ ମାନସ ଜେହି ବିଧି ଭୟଉ ଜଗ ପ୍ରଚାର ଜେହି ହେତୁ ।**
**ଅବ ସୋଇ କହଉଁ ପ୍ରସଂଗ ସବ ସୁମିରି ଉମା ବୃଷକେତୁ ॥ ୩୫ ॥**

ଏହି ରାମଚରିତମାନସ କ'ଣ, ଏହା କିପରି ରଚିତ ହୋଇଛି ଏବଂ ଜଗତରେ କାହିଁକି ଏହାର ପ୍ରଚାର ହୋଇଛି, ଉମା-ମହେଶ୍ୱରଙ୍କୁ ସ୍ମରଣ କରି ମୁଁ ବର୍ତ୍ତମାନ ସେହିସବୁ କଥା କହୁଛି ॥ ୩୫ ॥

**ସଂଭୁ ପ୍ରସାଦ ସୁମତି ହିଯ଼ଁ ହୁଲସୀ । ରାମଚରିତମାନସ କବି ତୁଲସୀ ॥**
**କରଇ ମନୋହର ମତି ଅନୁହାରୀ । ସୁଜନ ସୁଚିତ ସୁନି ଲେହୁ ସୁଧାରୀ ॥ ୧ ॥**

ପ୍ରଭୁ ଶିବଙ୍କ କୃପାରୁ ଏହି ତୁଳସୀଦାସର ହୃଦୟରେ ସୁନ୍ଦର ବୁଦ୍ଧି ବିକଶିତ ହେଲା, ଯାହାଫଳରେ କି ସେ ଏହି ଶ୍ରୀରାମଚରିତମାନସର କବି ହୋଇପାରିଲା । ନିଜ ବୁଦ୍ଧି ଅନୁସାରେ ତ ସେ ଏହାକୁ ମନୋହର କରି ରଚନା କରୁଛି; ତଥାପି ହେ ସଜ୍ଜନଗଣ ! ନିର୍ମଳଚିତ୍ତରେ ଶ୍ରବଣ କରି ଆପଣମାନେ ଏହାକୁ ସୁଧାରିନିଅନ୍ତୁ ॥ ୧ ॥

**ସୁମତି ଭୂମି ଥଲ ହୃଦୟ ଅଗାଧୂ । ବେଦ ପୁରାନ ଉଦଧି ଘନ ସାଧୂ ॥**
**ବରଷହିଁ ରାମ ସୁଜସ ବର ବାରୀ । ମଧୁର ମନୋହର ମଂଗଲକାରୀ ॥ ୨ ॥**

ସୁନ୍ଦର ସାତ୍ତ୍ୱିକୀ ବୁଦ୍ଧି ହେଉଛି ଭୂମି; ସେହି ଭୂମିରେ ହୃଦୟ ହେଉଛି ଏକ ଗଭୀର ସ୍ଥାନ; ବେଦପୁରାଣ ହେଉଛନ୍ତି ସମୁଦ୍ର ଏବଂ ସାଧୁସନ୍ଥ ହେଉଛନ୍ତି ମେଘ । ସେହି ସାଧୁସନ୍ଥରୂପୀ ମେଘମାନେ ଶ୍ରୀରାମଙ୍କର ଯଶରୂପୀ ସୁନ୍ଦର, ମଧୁର, ମନୋହର ତଥା ମଙ୍ଗଳକର ଜଳ ବୃଷ୍ଟି କରନ୍ତି ॥ ୨ ॥

**ଲୀଲା ସଗୁନ ଜୋ କହହିଁ ବଖାନୀ । ସୋଇ ସ୍ୱଚ୍ଛତା କରଇ ମଲ ହାନୀ ॥**
**ପ୍ରେମ ଭଗତି ଜୋ ବରନି ନ ଜାଈ । ସୋଇ ମଧୁରତା ସୁସୀତଲତାଈ ॥ ୩ ॥**

ସେମାନେ ବିସ୍ତାରପୂର୍ବକ ଯେଉଁ ସଗୁଣଲୀଳା ବର୍ଣ୍ଣନା କରନ୍ତି, ତାହାହିଁ ରାମ-ସୁଯଶରୂପକ ଜଳର ନିର୍ମଳତା, ତାହା ମଳ ନାଶ କରିଥାଏ ଏବଂ ଯେଉଁ ପ୍ରେମଭକ୍ତିର ବର୍ଣ୍ଣନା କରାଯାଇପାରେନାହିଁ, ତାହାହିଁ ଏହି ଜଳର ମଧୁରତା ତଥା ସୁଶୀତଳତା ॥ ୩ ॥

**ସୋ ଜଲ ସୁକୃତ ସାଲି ହିତ ହୋଈ । ରାମ ଭଗତ ଜନ ଜୀୱନ ସୋଈ ॥**
**ମେଧା ମହି ଗତ ସୋ ଜଲ ପାୱନ । ସକିଲି ଶ୍ରୱନ ମଗ ଚଲେଉ ସୁହାୱନ ॥ ୪ ॥**
**ଭରେଉ ସୁମାନସ ସୁଥଲ ଥିରାନା । ସୁଖଦ ସୀତ ରୁଚି ଚାରୁ ଚିରାନା ॥ ୫ ॥**

ସେହି ରାମସୁଯଶରୂପୀ ଜଳ ସତ୍‌କର୍ମରୂପୀ ଶାରଦ ଧାନଗଛ ନିମନ୍ତେ ଅତ୍ୟନ୍ତ ହିତକର ଏବଂ ଶ୍ରୀରାମଙ୍କ ଭକ୍ତମାନଙ୍କ ନିମନ୍ତେ ତାହା ଜୀବନ ସଦୃଶ । ସେହି ସୁନ୍ଦର ଜଳ ଯେତେବେଳେ ବୁଦ୍ଧିରୂପୀ ପୃଥିବୀପୃଷ୍ଠରେ ପଡ଼ିଲା, ସେତେବେଳେ ତାହା ଏକତ୍ରିତ ହୋଇ ସୁନ୍ଦର କର୍ଣ୍ଣପଥ ମାଧ୍ୟମରେ ହୃଦୟରେ ପ୍ରବେଶ କଲା । ଶେଷରେ ତାହା ମାନସ(ହୃଦୟ)ରୂପୀ ଶ୍ରେଷ୍ଠ ସ୍ଥାନରେ ପୂର୍ଣ୍ଣ ହୋଇ ସ୍ଥିର ହୋଇଯାଇଛି । ସେଠାରେ ତାହା କିଛିଦିନ ରହି ପୁରୁଣା ହୋଇଯିବାରୁ ସୁନ୍ଦର, ରୁଚିକର, ଶୀତଳ ଓ ସୁଖଦାୟୀ ହୋଇଯାଇଛି ॥ ୪, ୫ ॥

ଦୋଃ- **ସୁଠି ସୁଂଦର ସଂବାଦ ବର ବିରଚେ ବୁଦ୍ଧି ବିଚାରି ।**
**ତେଇ ଏହି ପାୱନ ସୁଭଗ ସର ଘାଟ ମନୋହର ଚାରି ॥ ୩୬ ॥**

ବୁଦ୍ଧିବିଚାର ପ୍ରୟୋଗ କରି ଏହି ରାମଚରିତ ମାନସ ଭିତରେ ଯେଉଁ ଚାରିଗୋଟି ସୁନ୍ଦର ଓ ଉତ୍ତମ ସଂବାଦ (ଭୁଶୁଣ୍ଡି-ଗରୁଡ଼, ଶିବ-ପାର୍ବତୀ, ଯାଜ୍ଞବଲ୍କ୍ୟ-ଭରଦ୍ୱାଜ ଏବଂ ତୁଳସୀଦାସ-ସନ୍ଥ ସଂବାଦ) ରଚନା କରାଯାଇଛି, ସେହି ଚାରୋଟି ହେଉଛି ଏହି ପବିତ୍ର ସୁନ୍ଦର ସରୋବରର ଚାରିଗୋଟି ସୁନ୍ଦର ଘାଟ ॥ ୩୬ ॥

**ସପ୍ତ ପ୍ରବଂଧ ସୁଭଗ ସୋପାନା । ଗ୍ୟାନ ନୟନ ନିରଖତ ମନ ମାନା ॥**
**ରଘୁପତି ମହିମା ଅଗୁନ ଅବାଧା । ବରନବ ସୋଇ ବର ବାରି ଅଗାଧା ॥ ୧ ॥**

ସାତକାଣ୍ଡ ହେଉଛି ଏହି ମାନସ-ସରୋବରର ସାତୋଟି ସୁନ୍ଦର ପାହାଚ । ଏଗୁଡ଼ିକୁ ଜ୍ଞାନନେତ୍ରରେ ଦେଖିଦେଲାମାତ୍ରେ ମନ ପ୍ରସନ୍ନ ହୋଇଯାଏ । ଏଥିରେ ଶ୍ରୀରଘୁନାଥଙ୍କର ଯେଉଁ ନିର୍ଗୁଣ (ପ୍ରାକୃତିକ ଗୁଣର ଅତୀତ) ଓ ନିର୍ବାଧ (ଏକରସ) ମହିମା ବର୍ଣ୍ଣନା କରାଯାଇଛି, ତାହାହିଁ ଏହି ସୁନ୍ଦର ଜଳରାଶିର ଅଗାଧ ଗଭୀରତା ॥ ୧ ॥

**ରାମ ସୀୟ ଜସ ସଲିଲ ସୁଧାସମ । ଉପମା ବୀଚି ବିଲାସ ମନୋରମ ॥**
**ପୁରଇନି ସଘନ ଚାରୁ ଚୌପାଈ । ଜୁଗୁତି ମଂଜୁ ମନି ସୀପ ସୁହାଈ ॥ ୨ ॥**

ଶ୍ରୀରାମ-ସୀତାଙ୍କର ଯଶ ହେଉଛି ଏହାର ଅମୃତତୁଲ୍ୟ ଜଳ । ଏଥିରେ ଯେଉଁ ଉପମାଗୁଡ଼ିକ ଦିଆଯାଇଛି, ସେଗୁଡ଼ିକ ହେଉଛି ତରଙ୍ଗମାଳାର ମନୋହର ବିଳାସ । ଏହାର ସୁନ୍ଦର ଚୌପାଈ(ଚତୁଷ୍ପଦୀ)ଗୁଡ଼ିକ ହେଉଛି ଏହି ସରୋବରରେ ନିଘଞ୍ଚଭାବରେ ବ୍ୟାପିଥିବା କମଳିନୀ ଏବଂ କବିତାରେ ଥିବା ଯୁକ୍ତିଗୁଡ଼ିକ ହେଉଛି ମଞ୍ଜୁଳ ମଣି (ମୁକ୍ତା) ଉତ୍ପନ୍ନ କରୁଥିବା ସୁନ୍ଦର ଶାମୁକା ॥ ୨ ॥

**ଛଂଦ ସୋରଠା ସୁଂଦର ଦୋହା । ସୋଇ ବହୁରଂଗ କମଲ କୁଲ ସୋହା ॥**
**ଅରଥ ଅନୂପ ସୁଭାୱ ସୁଭାସା । ସୋଇ ପରାଗ ମକରଂଦ ସୁବାସା ॥ ୩ ॥**

ଏଥିରେ ଥିବା ସୁନ୍ଦର ଛନ୍ଦ, ସୋରଠା ଏବଂ ଦୋହାଗୁଡ଼ିକ ବହୁରଙ୍ଗୀ ପଦ୍ମଫୁଲ ପରି ସୁଶୋଭିତ । ଅନୁପମ ଅର୍ଥ, ଉନ୍ନତ ଭାବ ଓ ସୁନ୍ଦର ଭାଷା ହେଉଛି ସେହି ପଦ୍ମରାଜିର ପରାଗ, ମକରନ୍ଦ ଓ ସୁଗନ୍ଧ ॥ ୩ ॥

**ସୁକୃତ ପୁଂଜ ମଂଜୁଲ ଅଲି ମାଲା । ଗ୍ୟାନ ବିରାଗ ବିଚ୍ଚର ମରାଲା ॥**
**ଧୁନି ଅୱରେବ କବିତ ଗୁନ ଜାତୀ । ମୀନ ମନୋହର ତେ ବହୁଭାଁତୀ ॥ ୪ ॥**

ସତ୍‌କର୍ମ (ପୁଣ୍ୟ) ପୁଞ୍ଜ ହେଉଛି ଦଳ ଦଳ ସୁନ୍ଦର ଭ୍ରମର । ଜ୍ଞାନ, ବୈରାଗ୍ୟ ଓ ବିଚ୍ଚର ଏଠାରେ ହଂସ । କବିତାର ଧ୍ୱନି, ବକ୍ରୋକ୍ତି, ଗୁଣ ଓ ଜାତି ହେଉଛି ଏହି ସରୋବରର ନାନାପ୍ରକାର ମନୋହର ମତ୍ସ୍ୟ ॥ ୪ ॥

**ଅରଥ ଧରମ କାମାଦିକ ଚ୍ଚରୀ । କହବ ଗ୍ୟାନ ବିଗ୍ୟାନ ବିଚ୍ଚରୀ ॥**
**ନୱ ରସ ଜପ ତପ ଜୋଗ ବିରାଗା । ତେ ସବ ଜଲଚର ଚ୍ଚରୁ ତଡ଼ାଗା ॥ ୫ ॥**

ଧର୍ମ, ଅର୍ଥ, କାମ ଓ ମୋକ୍ଷ—ଏହି ଚତୁର୍ବର୍ଗ ଫଳ ତଥା ଜ୍ଞାନବିଜ୍ଞାନ ବିଷୟକ ବିଚ୍ଚରଯୁକ୍ତ ଉକ୍ତି, କାବ୍ୟର ନବରସ, ଜପ, ତପ, ଯୋଗ ଓ ବୈରାଗ୍ୟ ପ୍ରସଙ୍ଗ—ଏସବୁ ହେଉଛନ୍ତି ଏହି ସରୋବରର ବିବିଧ ସୁନ୍ଦର ଜଳଚର ଜୀବ ॥ ୫ ॥

**ସୁକୃତୀ ସାଧୁ ନାମ ଗୁନ ଗାନା । ତେ ବିଚିତ୍ର ଜଲ ବିହଗ ସମାନା ॥**
**ସଂତସଭା ଚହୁଁ ଦିସି ଅୱଁରାଈ । ଶ୍ରଦ୍ଧା ରିତୁ ବସଂତ ସମ ଗାଈ ॥ ୬ ॥**

ପୁଣ୍ୟାତ୍ମାମାନଙ୍କର, ସାଧୁସନ୍ଥଙ୍କର ଓ ଶ୍ରୀରାମନାମର ଗୁଣଗାନ ହେଉଛି ଏଥିରେ ବିଚିତ୍ର ଜଳଚର ପକ୍ଷୀସମାନ । ସନ୍ଥମାନଙ୍କର ସଭା ହେଉଛି ଏହି ସରୋବରର ଚତୁର୍ଦ୍ଦିଗରେ ଥିବା ଆମ୍ରବନ ଏବଂ ଶ୍ରଦ୍ଧା ବସନ୍ତଋତୁସମାନ ବୋଲି କୁହାଯାଇଛି ॥ ୬ ॥

**ଭଗତି ନିରୂପନ ବିବିଧ ବିଧାନା । ଛମା ଦୟା ଦମ ଲତା ବିତାନା ॥**
**ସମ ଜମ ନିୟମ ଫୂଲ ଫଲ ଗ୍ୟାନା । ହରିପଦ ରତି ରସ ବେଦ ବଖାନା ॥ ୭ ॥**

ନାନାବିଧ ଉପାୟରେ ଭକ୍ତିନିରୂପଣ ଏବଂ କ୍ଷମା, ଦୟା ତଥା ଦମ (ଇନ୍ଦ୍ରିୟନିଗ୍ରହ) ହେଉଛି ଏଠାରେ ଲତାବିତାନ । ମନୋନିଗ୍ରହ, ଯମ (ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ), ନିୟମ (ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ, ଈଶ୍ୱରପ୍ରଣିଧାନ) ହେଉଛି ସେହି ଲତାମାନଙ୍କର ପୁଷ୍ପ; ଜ୍ଞାନ ହେଉଛି ଫଳ ଏବଂ ଶ୍ରୀହରିଙ୍କ ଚରଣରେ ପ୍ରେମ ହେଉଛି ଉକ୍ତ ଜ୍ଞାନରୂପୀ ଫଳର ରସ । ଏହା ବେଦଗଣ କହିଛନ୍ତି ॥ ୭ ॥

**ଔରଉ କଥା ଅନେକ ପ୍ରସଂଗା । ତେଇ ସୁକ ପିକ ବହୁବରନ ବିହଂଗା ॥ ୮ ॥**

ଏହି ରାମଚରିତମାନସରେ ଅନ୍ୟ ଯେଉଁସବୁ ପ୍ରସଙ୍ଗ ରହିଛି, ସେସବୁ ହେଉଛି ଶୁଆ, କୋଇଲି ଆଦି ନାନା ରଙ୍ଗର ପକ୍ଷୀ ସଦୃଶ ॥ ୮ ॥

ଦୋଃ- **ପୁଲକ ବାଟିକା ବାଗ ବନ ସୁଖ ସୁବିହଂଗ ବିହାରୁ ।**
**ମାଲୀ ସୁମନ ସନେହ ଜଲ ସୀଁଚତ ଲୋଚନ ଚ୍ଚରୁ ॥ ୩୭ ॥**

କଥାରେ ଯେଉଁ ପୁଲକ (ରୋମାଞ୍ଚ) ଜାତ ହୁଏ, ତାହା ଉଦ୍ୟାନ, ଉପବନ ଓ ବନ ଏବଂ ଏଥିରୁ ଯେଉଁ ସୁଖ ମିଳେ, ତାହା ହେଉଛି ସୁନ୍ଦର ପକ୍ଷୀମାନଙ୍କର ବିହାର । ନିର୍ମଳ ମନ ଏଠାରେ ଉଦ୍ୟାନର ମାଳୀ ହୋଇ ସୁନ୍ଦର ନେତ୍ରଦ୍ୱାରା ସ୍ନେହବାରି ସିଞ୍ଚନ କରେ ॥ ୩୭ ॥

**ଜେ ଗାୱହିଁ ୟହ ଚରିତ ସଁଭାରେ । ତେଇ ଏହି ତାଲ ଚତୁର ରଖୱାରେ ॥**
**ସଦା ସୁନହିଁ ସାଦର ନର ନାରୀ । ତେଇ ସୁରବର ମାନସ ଅଧିକାରୀ ॥ ୧ ॥**

ଯେଉଁମାନେ ସାବଧାନ ହୋଇ ଏହି ଚରିତ ଗାନ କରନ୍ତି, ସେମାନେ ହେଉଛନ୍ତି ଏହି ପୁଷ୍କରିଣୀର ଚତୁର ରକ୍ଷକ ଏବଂ ଯେଉଁ ନରନାରୀ ସର୍ବଦା ଆଦରପୂର୍ବକ ଏହା ଶ୍ରବଣ କରନ୍ତି, ସେମାନେ ହେଉଛନ୍ତି ଏହି ସୁନ୍ଦର ମାନସର ଅଧିକାରୀ ଉତ୍ତମ ଦେବତା ॥ ୧ ॥

**ଅତି ଖଲ ଜେ ବିଷଈ ବଗ କାଗା । ଏହି ସର ନିକଟ ନ ଜାହିଁ ଅଭାଗା ॥**
**ସଂବୁକ ଭେକ ସେୱାର ସମାନା । ଇହାଁ ନ ବିଷୟ କଥା ରସ ନାନା ॥ ୨ ॥**

ଯେଉଁମାନେ ଅତ୍ୟନ୍ତ ଦୁଷ୍ଟ ଓ ବିଷୟାସକ୍ତ, ସେମାନେ ହେଉଛନ୍ତି କୁଆ ଓ ବଗ ପରି । ସେହି ଅଭାଗାମାନେ ଏହି ସରୋବର ନିକଟକୁ ଆସନ୍ତି ନାହିଁ; କାରଣ ଏଠାରେ (ଏହି ମାନସ-ସରୋବରରେ) ଗେଣ୍ଡା, ବେଙ୍ଗ ଓ ଶିଉଳୀ ପରି ବିଷୟରସପୂର୍ଣ୍ଣ ଏଣୁତେଣୁ ବାଜେକଥା ନାହିଁ ॥ ୨ ॥

**ତେହି କାରନ ଆୱତ ହିୟଁ ହାରେ । କାମୀ କାକ ବଲାକ ବିଚାରେ ॥**
**ଆୱତ ଏହିଁ ସର ଅତି କଠିନାଈ । ରାମ କୃପା ବିନୁ ଆଇ ନ ଜାଈ ॥ ୩ ॥**

ତେଣୁ କୁଆ ଓ ବଗତୁଲ୍ୟ ସେହି ବିଚରା ବିଷୟାସକ୍ତ ଲୋକମାନେ ଏଠାକୁ ଆସୁ ଆସୁ ବାଟରେ ହିଁ ହାର ମାନିଯାଆନ୍ତି (ଆସିପାରନ୍ତି ନାହିଁ) । ଏଠାକୁ ଆସିବାରେ ବହୁ ବାଧାବିଘ୍ନ ରହିଛି । ପ୍ରଭୁ ଶ୍ରୀରାମଙ୍କ କୃପା ବିନା ଏଠାକୁ ଆସିହେବ ନାହିଁ ॥ ୩ ॥

**କଠିନ କୁସଂଗ କୁପଂଥ କରାଲା । ତିନ୍ହ କେ ବଚନ ବାଘ ହରି ବ୍ୟାଲା ॥**
**ଗୃହ କାରଜ ନାନା ଜଂଜାଲା । ତେ ଅତି ଦୁର୍ଗମ ସୈଲ ବିସାଲା ॥ ୪ ॥**

କୁସଙ୍ଗହିଁ ଭୟଙ୍କର ଦୁର୍ଗମପଥ; କୁସଙ୍ଗୀମାନଙ୍କର ବଚନ ବ୍ୟାଘ୍ର, ସିଂହ ଓ ସର୍ପ ପରି । ଗୃହକର୍ମ ଓ ନାନାପ୍ରକାର ଗୃହଜଞ୍ଜାଳ ହେଉଛି ଏଠାକୁ ଆସିବା ପଥରେ ବଡ଼ ବଡ଼ ଦୁର୍ଗମ ପର୍ବତ ପରି ପ୍ରତିବନ୍ଧକ ॥ ୪ ॥

**ବନ ବହୁ ବିଷମ ମୋହ ମଦ ମାନା । ନଦୀଁ କୁତର୍କ ଭୟଂକର ନାନା ॥ ୫ ॥**

ଏହି ପଥରେ ମୋହ, ମଦ ଓ ମାନ ହେଉଛି ବହୁସଂଖ୍ୟକ ଘୋର ବନ ପରି ଏବଂ ନାନାପ୍ରକାର କୁତର୍କ ହେଉଛି ଭୟଙ୍କର ନଦୀ ପରି ॥ ୫ ॥

ଦୋଃ- **ଜେ ଶ୍ରଦ୍ଧା ସଂବଲ ରହିତ ନହିଁ ସଂତନ୍ହ କର ସାଥ ।**
**ତିନ୍ହ କହୁଁ ମାନସ ଅଗମ ଅତି ଜିନ୍ହହି ନ ପ୍ରିୟ ରଘୁନାଥ ॥ ୩୮ ॥**

ଯେଉଁମାନଙ୍କ ପାଖରେ ଶ୍ରଦ୍ଧାରୂପୀ ପାଥେୟ (ବାଟଖର୍ଚ୍ଚ) ନାହିଁ, ଯେଉଁମାନଙ୍କ ସଙ୍ଗରେ ସାଧୁସନ୍ଥ ନାହାନ୍ତି ଏବଂ ଶ୍ରୀରଘୁନାଥ ଯେଉଁମାନଙ୍କର ପ୍ରିୟ ନୁହନ୍ତି, ସେମାନଙ୍କ ନିମନ୍ତେ ଏହି ମାନସ ଅତ୍ୟନ୍ତ ଅଗମ୍ୟ (ଅର୍ଥାତ୍ ଶ୍ରଦ୍ଧା, ସତ୍‌ସଙ୍ଗ ଓ ଭଗବତ୍‌ପ୍ରେମ ବିନା କେହି ଏହାକୁ ପାଇପାରିବେ ନାହିଁ) ॥ ୩୮ ॥

**ଜୌଁ କରି କଷ୍ଟ ଜାଇ ପୁନି କୋଈ । ଜାତହିଁ ନୀଦ ଜୁଡ଼ାଈ ହୋଈ ॥**
**ଜଡ଼ତା ଜାଡ଼ ବିଷମ ଉର ଲାଗା । ଗଏହୁଁ ନ ମଜ୍ଜନ ପାୱ ଅଭାଗା ॥ ୧ ॥**

ଯଦି ବା କେହି କଷ୍ଟ କରି ଏଠାରେ ଆସି ପହଞ୍ଚିଯାଏ, ତେବେ ସେ ଏଠାକୁ ଆସୁ ଆସୁ ତାକୁ ନିଦ୍ରାରୂପୀ କମ୍ପଜ୍ୱର ମାଡ଼ିବସେ; ତା' ହୃଦୟରେ ମୂର୍ଖତାରୂପୀ ଭୀଷଣ କମ୍ପ ଉଠେ । ତେଣୁ ଏହି ସରୋବର ନିକଟରେ ପହଞ୍ଚି ମଧ୍ୟ ସେ ଅଭାଗା ଏଥିରେ ସ୍ନାନ କରିପାରେ ନାହିଁ ॥ ୧ ॥

**କରି ନ ଜାଇ ସର ମଜ୍ଜନ ପାନା । ଫିରି ଆୱଇ ସମେତ ଅଭିମାନା ॥**
**ଜୌଁ ବହୋରି କୋଉ ପୂଛନ ଆୱା । ସର ନିଂଦା କରି ତାହି ବୁଝାୱା ॥ ୨ ॥**

ସେ ତ ଏଠାରେ ସ୍ନାନ କରିପାରେ ନାହିଁ, କି ଜଳ ମୁନ୍ଦିଏ ପିଇପାରେ ନାହିଁ; ବରଂ ଅଭିମାନରେ ଏଠାରୁ ଫେରିଯାଏ । ତା'ପରେ ଯଦି କେହି ତାକୁ ଏଠାକାର ହାଲଚାଲ ବିଷୟରେ ପଚାରେ, ତେବେ ସେ ନିଜର ଦୁର୍ଭାଗ୍ୟ କଥା ନ କହି, ସରୋବରକୁ ନିନ୍ଦା କରିବାକୁ ଲାଗେ ॥ ୨ ॥

**ସକଲ ବିଘ୍ନ ବ୍ୟାପହିଁ ନହିଁ ତେହୀ । ରାମ ସୁକୃପାଁ ବିଲୋକହିଁ ଜେହୀ ॥**
**ସୋଇ ସାଦର ସର ମଜ୍ଜନୁ କରଈ । ମହା ଘୋର ତ୍ରୟତାପ ନ ଜରଈ ॥ ୩ ॥**

କିନ୍ତୁ ପ୍ରଭୁ ଶ୍ରୀରାମ ଯାହାଙ୍କୁ ଅତି କୃପାଦୃଷ୍ଟିରେ ଦେଖନ୍ତି, ତାଙ୍କ ଉପରେ ଏସବୁ ବାଧାବିଘ୍ନ ପଡ଼େ ନାହିଁ । ସେ ହିଁ ଏହି ସରୋବରରେ ଆଦରପୂର୍ବକ ସ୍ନାନ କରନ୍ତି ଏବଂ ତାଙ୍କୁ ଆଉ ମହାଭୟଙ୍କର ତ୍ରିତାପ(ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ)ର ଜ୍ୱାଳା ତ୍ରସ୍ତ କରେ ନାହିଁ ॥ ୩ ॥

**ତେ ନର ୟହ ସର ତଜହିଁ ନ କାଉ । ଜିହ୍ନ କେଁ ରାମ ଚରନ ଭଲ ଭାଉ ॥**
**ଜୋ ନହାଇ ଚହ ଏହିଁ ସର ଭାଈ । ସୋ ସତସଂଗ କରଉ ମନ ଲାଈ ॥ ୪ ॥**

ଯେଉଁମାନଙ୍କ ମନରେ ଶ୍ରୀରାମଙ୍କ ଚରଣରେ ଗଭୀର ପ୍ରେମ ଥାଏ, ସେମାନେ ଏହି ସରୋବରକୁ ଛାଡ଼ି ଯାଆନ୍ତି ନାହିଁ । ତେଣୁ ହେ ଭାଇ ! ଯେ ଏହି ସରୋବରରେ ସ୍ନାନ କରିବାକୁ ଚାହେଁ, ସେ ମନଧ୍ୟାନ ଦେଇ ସତ୍‌ସଙ୍ଗ କରୁ ॥ ୪ ॥

**ଅସ ମାନସ ମାନସ ଚଖ ଚାହୀ । ଭଇ କବି ବୁଦ୍ଧି ବିମଲ ଅୱଗାହୀ ॥**
**ଭୟଉ ହୃଦୟଁ ଆନଂଦ ଉଛାହୂ । ଉମଗେଉ ପ୍ରେମ ପ୍ରମୋଦ ପ୍ରବାହୂ ॥ ୫ ॥**

ଏପରି ମାନସ ସରୋବରକୁ ମାନସଚକ୍ଷୁରେ ଦର୍ଶନ କରି ଏବଂ ସେଥିରେ ସ୍ନାନ କରି କବିର ବୁଦ୍ଧି ନିର୍ମଳ ହୋଇଗଲା; ହୃଦୟରେ ଆନନ୍ଦ ଉତ୍ସାହ ଭରିଗଲା ଏବଂ ପ୍ରେମ ତଥା ଆନନ୍ଦର ପ୍ରବାହ ଉଛୁଳିପଡ଼ିଲା ॥ ୫ ॥

**ଚଲୀ ସୁଭଗ କବିତା ସରିତା ସୋ । ରାମ ବିମଲ ଜସ ଜଲ ଭରିତା ସୋ ॥**
**ସରଜୂ ନାମ ସୁମଂଗଲ ମୂଲା । ଲୋକ ବେଦ ମତ ମଂଜୁଲ କୂଲା ॥ ୬ ॥**

ସେହି ପ୍ରବାହରୁ ଏକ ସୁନ୍ଦର କବିତାରୂପୀ ନଦୀର ଧାରା ନିର୍ଗତ ହେଲା । ଏହି କବିତାରୂପୀ ନଦୀରେ ଶ୍ରୀରାମଙ୍କର ନିର୍ମଳ ଯଶରୂପୀ ଜଳ ପୂର୍ଣ୍ଣ ହୋଇରହିଛି । ଏହି କବିତା-ନଦୀର ନାମ ସରଯୂ । ଏହା ହେଉଛି ସୁନ୍ଦର ମଙ୍ଗଳରାଶିର ମୂଳକାରଣ । ଲୋକମତ ଓ ବେଦମତ ହେଉଛି ଏହି ନଦୀର ଦୁଇ ସୁନ୍ଦର ତଟ ॥ ୬ ॥

**ନଦୀ ପୁନୀତ ସୁମାନସ ନଂଦିନି । କଲିମଲ ତୃନ ତରୁ ମୂଲ ନିକଂଦିନି ॥ ୭ ॥**

ସୁନ୍ଦର ମାନସ-ସରୋବରର କନ୍ୟା ଏହି ସରଯୂନଦୀ ହେଉଛି ଅତି ପବିତ୍ର; କଳିଯୁଗରେ ପାପରୂପୀ ଯେତେସବୁ ତୃଣତରୁ ରହିଛି, ଏହି ନଦୀ ସେସବୁକୁ ସମୂଳେ ଉପାଡ଼ି ଭସାଇନେଇଥାଏ ॥ ୭ ॥

ଦୋଃ- **ଶ୍ରୋତା ତ୍ରିବିଧ ସମାଜ ପୁର ଗ୍ରାମ ନଗର ଦୁହୁଁ କୂଲ ।**
**ସଂତସଭା ଅନୁପମ ଅୱଧ ସକଲ ସୁମଂଗଲ ମୂଲ ॥ ୩୯ ॥**

ଏହି ନଦୀର ଦୁଇତଟରେ ଅବସ୍ଥିତ ପଲ୍ଲୀ, ଗ୍ରାମ ଓ ନଗରରେ ତିନିପ୍ରକାର ଶ୍ରୋତାଙ୍କର ସମାଜ ରହିଛି ଏବଂ ସନ୍ଥମାନଙ୍କର ସଭାରୂପେ ସମସ୍ତ ସୁମଙ୍ଗଳର ମୂଳଉତ୍ସ ଅନୁପମ ଅଯୋଧ୍ୟା ନଗରୀ ରହିଛି ॥ ୩୯ ॥

**ରାମଭଗତି ସୁରସରିତହି ଜାଈ । ମିଲୀ ସୁକୀରତି ସରଜୁ ସୁହାଈ ॥**
**ସାନୁଜ ରାମ ସମର ଜସୁ ପାୱନ । ମିଲେଉ ମହାନଦୁ ସୋନ ସୁହାୱନ ॥ ୧ ॥**

ସୁକୀର୍ତ୍ତିରୂପିଣୀ ଶୋଭାମୟୀ ସରଯୂ ଯାଇ ରାମଭକ୍ତିରୂପିଣୀ ଗଙ୍ଗାଙ୍କ ସହିତ ମିଳିତ ହୋଇଛି । ସାନଭାଇ ଲକ୍ଷ୍ମଣ ଓ ଶ୍ରୀରାମଙ୍କର ପବିତ୍ର ସମର-ଯଶରୂପୀ ସୁନ୍ଦର ମହାନଦ ସୋନଭଦ୍ର ଆସି ସେହି ଗଙ୍ଗାରେ ମିଶିଯାଇଛି ॥ ୧ ॥

**ଜୁଗ ବିଚ ଭଗତି ଦେଓ୍ୱଧୁନି ଧାରା । ସୋହତି ସହିତ ସୁବିରତି ବିଚାରା ॥**
**ତ୍ରିବିଧ ତାପ ତ୍ରାସକ ତିମୁହାନୀ । ରାମ ସରୂପ ସିଂଧୁ ସମୁହାନୀ ॥ ୨ ॥**

ସରଯୂ ଓ ସୋନଭଦ୍ରର ଦୁଇଧାରାମଧ୍ୟରେ ଗଙ୍ଗାର ଧାରା ଯେପରି ସୁଶୋଭିତ, ଏଠାରେ ଜ୍ଞାନ ଓ ବୈରାଗ୍ୟର ଦୁଇଧାରା ମଧ୍ୟରେ ଭକ୍ତିର ଧାରା ସେହିପରି ସୁଶୋଭିତ ହେଉଛି । ତ୍ରିତାପକୁ ନାଶ କରୁଥିବା ଏହି ତିନିମୁହାଣୀ ନଦୀ ରାମସ୍ୱରୂପ ସମୁଦ୍ର ଆଡ଼କୁ ପ୍ରବାହିତ ହେଉଛି ॥ ୨ ॥

**ମାନସ ମୂଲ ମିଲୀ ସୁରସରିହୀ । ସୁନତ ସୁଜନ ମନ ପାଓ୍ୱନ କରିହୀ ॥**
**ବିଚ ବିଚ କଥା ବିଚିତ୍ର ବିଭାଗା । ଜନୁ ସରି ତୀର ତୀର ବନ ବାଗା ॥ ୩ ॥**

ଏହି କୀର୍ତ୍ତିରୂପୀ ସରଯୂର ମୂଳଉତ୍ସ ହେଉଛି ମାନସ (ଶ୍ରୀରାମଚରିତ) ଏବଂ ଏହା ରାମଭକ୍ତିରୂପୀ ଗଙ୍ଗାରେ ମିଳିତ ହୋଇଛି; ତେଣୁ ଏହା ସଜ୍ଜନ ଶ୍ରୋତାମାନଙ୍କ ମନକୁ ପବିତ୍ର କରିଦେବ । ଏହାର ମଝି ମଝିରେ ଯେଉଁ ଭିନ୍ନ ଭିନ୍ନ ପ୍ରକାରର ବିଚିତ୍ର କଥାମାନ ରହିଛି, ଜାଣନ୍ତୁ, ସେସବୁ ହେଉଛି ନଦୀତଟର ଆଖପାଖରେ ଥିବା ବନ-ଉପବନ ॥ ୩ ॥

**ଉମା ମହେସ ବିବାହ ବରାତୀ । ତେ ଜଲଚର ଅଗନିତ ବହୁଭାଁତୀ ॥**
**ରଘୁବର ଜନମ ଅନଂଦ ବଧାଈ । ଭଓ୍ୱଁର ତରଂଗ ମନୋହରତାଈ ॥ ୪ ॥**

ଉମା-ମହେଶ୍ୱରଙ୍କ ବିବାହର ବରଯାତ୍ରୀ ହେଉଛନ୍ତି ଏହି ନଦୀରେ ଥିବା ବିଭିନ୍ନପ୍ରକାରର ଅସଂଖ୍ୟ ଜଳଚର ଜୀବ । ଶ୍ରୀରଘୁନାଥଙ୍କ ଜନ୍ମୋତ୍ସବର ଆନନ୍ଦ ଅଭିନନ୍ଦନ ହେଉଛି ଏହି ନଦୀର ଭଉଁରୀ ଓ ଲହରୀଗୁଡ଼ିକର ମନୋହରତା ॥ ୪ ॥

ଦୋଃ- **ବାଲଚରିତ ଚହୁ ବଂଧୁ କେ ବନଜ ବିପୁଲ ବହୁରଂଗ ।**
**ନୃପ ରାନୀ ପରିଜନ ସୁକୃତ ମଧୁକର ବାରି ବିହଂଗ ॥ ୪୦ ॥**

ରାମଲକ୍ଷ୍ମଣାଦି ଚାରିଭାଇଙ୍କର ବାଲ୍ୟଲୀଳା ହେଉଛି ଏହି ନଦୀରେ ଫୁଟିଥିବା ବିବିଧ ରଙ୍ଗର ବହୁସଂଖ୍ୟକ ପଦ୍ମ । ମହାରାଜ ଶ୍ରୀଦଶରଥଙ୍କର ତଥା ତାଙ୍କ ରାଣୀମାନଙ୍କର ଓ କୁଟୁମ୍ବଲୋକଙ୍କର ସତ୍‌କର୍ମ(ପୁଣ୍ୟ) ହେଉଛି ଏଠାରେ ଭ୍ରମର ଓ ଜଳଚର ପକ୍ଷୀ ॥ ୪୦ ॥

**ସୀୟ ସ୍ୱୟଂବର କଥା ସୁହାଈ । ସରିତ ସୁହାଓ୍ୱନି ସୋ ଛବି ଛାଈ ॥**
**ନଦୀ ନାଓ୍ୱ ପଟୁ ପ୍ରସ୍ନ ଅନେକା । କେଓ୍ୱଟ କୁସଲ ଉତର ସବିବେକା ॥ ୧ ॥**

ସୀତାଙ୍କ ସ୍ୱୟମ୍ବରସମ୍ବନ୍ଧୀୟ ଯେଉଁ ସୁନ୍ଦର କଥା ରହିଛି, ତାହାହିଁ ଏହି ନଦୀର ମନୋହର ଛବି ହୋଇ ଶୋଭା ପାଉଛି । ଏହି କଥାରେ ଆସୁଥିବା ବହୁ ସୁନ୍ଦର ବିଚାରପୂର୍ଣ୍ଣ ପ୍ରଶ୍ନ ହେଉଛି ଏହି ନଦୀର ନାବସ୍ୱରୂପ ଏବଂ ସେହି ପ୍ରଶ୍ନମାନଙ୍କର ବିବେକପୂର୍ଣ୍ଣ ଉତ୍ତର ହେଉଛି ଚତୁର ନାଉରୀସ୍ୱରୂପ ॥ ୧ ॥

**ସୁନି ଅନୁକଥନ ପରସ୍ପର ହୋଈ । ପଥିକ ସମାଜ ସୋହ ସରି ସୋଈ ॥**
**ଘୋର ଧାର ଭୃଗୁନାଥ ରିସାନୀ । ଘାଟ ସୁବନ୍ଧ ରାମ ବର ବାନୀ ॥ ୨ ॥**

ଏହି କଥା ଶୁଣିବା ପରେ ପରସ୍ପର ଆଲୋଚନାରତ ଶ୍ରୋତାମାନଙ୍କର ଚର୍ଚ୍ଚା ଏଠାରେ ନଦୀକୂଳେ କୂଳେ ଚାଲିଥିବା ପଥିକସମାଜରୂପେ ଶୋଭା ପାଉଛି । ପର୍ଶୁରାମଙ୍କର କ୍ରୋଧ ହେଉଛି ଏହି ନଦୀର ଭୟଙ୍କର ସ୍ରୋତ ଏବଂ ଶ୍ରୀରାମଙ୍କର ମନୋହର ବଚନ ହେଉଛି ଏଠାରେ ନଦୀବନ୍ଧର ସୁନ୍ଦର ଘାଟ ॥ ୨ ॥

**ସାନୁଜ ରାମ ବିବାହ ଉଛାହୂ । ସୋ ସୁଭ ଉମଗ ସୁଖଦ ସବ କାହୂ ॥**
**କହତ ସୁନତ ହରଷହିଁ ପୁଲକାହୀଁ । ତେ ସୁକୃତୀ ମନ ମୁଦିତ ନହାହୀଁ ॥ ୩ ॥**

ଭାଇମାନଙ୍କ ସମେତ ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବ ହେଉଛି ଏହି କଥାରୂପୀ ନଦୀର କଲ୍ୟାଣକାରୀ ତଥା ସମସ୍ତଙ୍କୁ ସୁଖ ପ୍ରଦାନ କରୁଥିବା ଉଚ୍ଛ୍ୱସିତ ପ୍ରବାହ । ଏହି କଥା କହିବାରେ ଓ ଶୁଣିବାରେ ଯେଉଁମାନେ ହର୍ଷିତ ଓ ପୁଲକିତ ହୁଅନ୍ତି, ସେହିମାନେହିଁ ଏହି ନଦୀରେ ପ୍ରସନ୍ନ ଚିତ୍ତରେ ସ୍ନାନ କରୁଥିବା ପୁଣ୍ୟାତ୍ମା ପୁରୁଷ ॥ ୩ ॥

**ରାମ ତିଲକ ହିତ ମଂଗଲ ସାଜା । ପରବ ଜୋଗ ଜନୁ ଜୁରେ ସମାଜା ॥**
**କାଈ କୁମତି କେକଈ କେରୀ । ପରୀ ଜାସୁ ଫଲ ବିପତି ଘନେରୀ ॥ ୪ ॥**

ଶ୍ରୀରାମଙ୍କ ରାଜ୍ୟାଭିଷେକ ନିମନ୍ତେ ଯେଉଁ ମାଙ୍ଗଳିକ ସାଜସଜ୍ଜା ହୋଇଥିଲା, ତାହା ଜାଣନ୍ତୁ, ପର୍ବସମୟରେ ଏହି ନଦୀତଟରେ ଏକତ୍ରିତ ହେଉଥିବା ଯାତ୍ରୀସମୁଦାୟ । କୈକେୟୀଙ୍କ ଦୁର୍ବୁଦ୍ଧି ହେଉଛି ଏହି ନଈକୂଳର ଶିଉଳି, ଯାହାଫଳରେ କି ଏଥିରେ ଭୀଷଣ ବିପତ୍ତି ଘଟିଯାଇଥିଲା ॥ ୪ ॥

ଦୋଃ- **ସମନ ଅମିତ ଉତପାତ ସବ ଭରତଚରିତ ଜପଜାଗ ।**
**କଲି ଅଘ ଖଲ ଅୱଗୁନ କଥନ ତେ ଜଲମଲ ବଗ କାଗ ॥ ୪୧ ॥**

ସକଳ ଅଗଣିତ ଉତ୍ପାତର ଉପଶମକାରୀ ଭରତଙ୍କ ଚରିତ ହେଉଛି ନଦୀତଟରେ ହେଉଥିବା ଜପଯଜ୍ଞ । କଳିଯୁଗର ବିଭିନ୍ନ ପାପର ଓ ଦୁଷ୍ଟମାନଙ୍କ ଅବଗୁଣର ଯେଉଁ ବର୍ଣ୍ଣନା ଏଥିରେ ସ୍ଥାନ ପାଇଛି, ତାହା ହେଉଛି ଏହି ନଦୀଜଳର କାଦୁଅ ଓ ବଗ-କୁଆମାନେ ॥ ୪୧ ॥

**କୀରତି ସରିତ ଛହୂଁ ରିତୁ ରୂରୀ । ସମୟ ସୁହାୱନି ପାୱନି ଭୂରୀ ॥**
**ହିମ ହିମସୈଲସୁତା ସିୱ ବ୍ୟାହୂ । ସିସିର ସୁଖଦ ପ୍ରଭୁ ଜନମ ଉଛାହୂ ॥ ୧ ॥**

ଏହି କୀର୍ତ୍ତିରୂପିଣୀ ନଦୀ ଛଅଋତୁଯାକରେ ସୁଶୋଭିତା । ସବୁ ସମୟରେ ଏହା ପରମ ମନୋହାରିଣୀ ଓ ଅତ୍ୟନ୍ତ ପବିତ୍ର ହୋଇରହିଥାଏ । ଏଥିରେ ଶିବପାର୍ବତୀଙ୍କର ବିବାହ ହେଉଛି ହେମନ୍ତ ଋତୁ । ଶ୍ରୀରାମଙ୍କର ଜନ୍ମୋତ୍ସବ ହେଉଛି ସୁଖଦାୟୀ ଶିଶିର ଋତୁ ॥ ୧ ॥

**ବରନବ ରାମ ବିବାହ ସମାଜୂ । ସୋ ମୁଦ ମଂଗଲମୟ ରିତୁରାଜୂ ॥**
**ଗ୍ରୀଷମ ଦୁସହ ରାମ ବନଗୱନୂ । ପଂଥକଥା ଖର ଆତପ ପୱନୂ ॥ ୨ ॥**

ଶ୍ରୀରାମଙ୍କ ବିବାହ ଉତ୍ସବର ବର୍ଣ୍ଣନା ହେଉଛି ଆନନ୍ଦମଙ୍ଗଳମୟ ଋତୁରାଜ ବସନ୍ତ । ଶ୍ରୀରାମଙ୍କ ବନଗମନ ପ୍ରସଙ୍ଗ ହେଉଛି ଦୁଃସହ ଗ୍ରୀଷ୍ମଋତୁ ଏବଂ ବନପଥଯାତ୍ରାର କଥା ହେଉଛି ପ୍ରଖର ସୂର୍ଯ୍ୟକିରଣ ଓ ଝାଞ୍ଜିପବନ ॥ ୨ ॥

**ବରଷା ଘୋର ନିସାଚର ରାରୀ । ସୁରକୁଲ ସାଲି ସୁମଂଗଲକାରୀ ॥**
**ରାମ ରାଜ ସୁଖ ବିନୟ ବଡ଼ାଈ । ବିସଦ ସୁଖଦ ସୋଇ ସରଦ ସୁହାଈ ॥ ୩ ॥**

ରାକ୍ଷସମାନଙ୍କ ସହିତ ଘୋର ଯୁଦ୍ଧ ହେଉଛି ସେହି ବର୍ଷାଋତୁ, ଯାହା କି ଦେବକୁଳରୂପୀ ଧାନଫସଲ ନିମନ୍ତେ ସୁମଙ୍ଗଳକାରୀ। ରାମରାଜ୍ୟର ସୁଖ, ବିନମ୍ରତା ଓ ବଡ଼ିମା ହେଉଛି ନିର୍ମଳ, ସୁଖଦ ମନୋହର ଶରତ୍ ଋତୁ ॥ ୩ ॥

**ସତୀ ସିରୋମନି ସିୟ ଗୁନଗାଥା । ସୋଇ ଗୁନ ଅମଲ ଅନୂପମ ପାଥା ॥**
**ଭରତ ସୁଭାଉ ସୁସୀତଲତାଈ । ସଦା ଏକରସ ବରନି ନ ଜାଈ ॥ ୪ ॥**

ସତୀଶିରୋମଣି ସୀତାଙ୍କ ଗୁଣାବଳୀର ଯେଉଁ କଥା ଏଥିରେ ରହିଛି, ତାହାହିଁ ହେଉଛି ଏହି ଜଳର ନିର୍ମଳ-ଅନୁପମ ଗୁଣ । ଭରତଙ୍କର ସ୍ୱଭାବ ହେଉଛି ଏହି ନଦୀର ସଦାସ୍ଥାୟୀ ଶୀତଳତା, ତାହାର ସମ୍ପୂର୍ଣ୍ଣ ବର୍ଣ୍ଣନା କରିବା ଅସମ୍ଭବ ॥ ୪ ॥

**ଦୋः- ଅୱଲୋକନି ବୋଲନି ମିଲନି ପ୍ରୀତି ପରସପର ହାସ ।**
**ଭାୟପ ଭଲି ଚହୁ ବଂଧୁ କୀ ଜଲ ମାଧୁରୀ ସୁବାସ ॥ ୪୨ ॥**

ଚାରିଭାଇଙ୍କର ପରସ୍ପର ଦର୍ଶନ, କଥୋପକଥନ, ମିଳନ, ପ୍ରୀତି ଓ ହାସବିନୋଦ ତଥା ମଧୁର ଭ୍ରାତୃପ୍ରେମ ହେଉଛି ଏହି ଜଳର ମଧୁରତା ଓ ସୁଗନ୍ଧ ॥ ୪୨ ॥

**ଆରତି ବିନୟ ଦୀନତା ମୋରୀ । ଲଘୁତା ଲଲିତ ସୁବାରି ନ ଥୋରୀ ॥**
**ଅଦଭୁତ ସଲିଲ ସୁନତ ଗୁନକାରୀ । ଆସ ପିଆସ ମନୋମଲ ହାରୀ ॥ ୧ ॥**

ମୋର (ତୁଳସୀଦାସଙ୍କର) ଆର୍ତ୍ତଭାବ, ବିନୟ ଏବଂ ଦୀନତା ଏହି ସୁନ୍ଦର-ନିର୍ମଳ ଜଳର କିଛି କମ୍ ମୃଦୁତା ନୁହେଁ । ଏହି ଜଳ (ଶ୍ରୀରାମଙ୍କ ଯଶ) ଅତ୍ୟନ୍ତ ଅସାଧାରଣ । ଶୁଣିବାମାତ୍ରେ ଏହା ଲାଭପ୍ରଦ ହୋଇଥାଏ ଏବଂ ଆଶା(କାମନା)ରୂପୀ ତୃଷ୍ଣା ତଥା ମନର ଆବିଳତା ଦୂର କରେ ॥ ୧ ॥

**ରାମ ସୁପ୍ରେମହି ପୋଷତ ପାନୀ । ହରତ ସକଲ କଲି କଲୁଷ ଗଲାନୀ ॥**
**ଭୱ ଶ୍ରମ ସୋଷକ ତୋଷକ ତୋଷା । ସମନ ଦୁରିତ ଦୁଖ ଦାରିଦ ଦୋଷା ॥ ୨ ॥**

ଏହି ଜଳ ଶ୍ରୀରାମଙ୍କର ସୁନ୍ଦର ପ୍ରେମକୁ ପୁଷ୍ଟ କରେ; ଏହା କଳିଯୁଗର ସମସ୍ତ ପାପ ଓ ତଜ୍ଜନିତ ଗ୍ଲାନି ହରଣ କରେ । ଏହା ସଂସାରର ଜନ୍ମମୃତ୍ୟୁରୂପକ ଶ୍ରମ ଶୋଷଣ କରେ ; ଏହା ସନ୍ତୋଷକୁ ମଧ୍ୟ ସନ୍ତୁଷ୍ଟ କରେ ଏବଂ ପାପ, ତାପ, ଦାରିଦ୍ର୍ୟ ଓ ଦୋଷ ନାଶ କରେ ॥ ୨ ॥

**କାମ କୋହ ମଦ ମୋହ ନସାୱନ । ବିମଲ ବିବେକ ବିରାଗ ବଢ଼ାୱନ ॥**
**ସାଦର ମଜ୍ଜନ ପାନ କିଏ ତେଁ । ମିଟହିଁ ପାପ ପରିତାପ ହିଏ ତେଁ ॥ ୩ ॥**

ଏହି ଜଳ କାମ, କ୍ରୋଧ, ମଦ ଓ ମୋହ ନାଶ କରେ ଏବଂ ନିର୍ମଳ ଜ୍ଞାନ ଓ ବୈରାଗ୍ୟ ବୃଦ୍ଧି କରେ । ଏଥିରେ ଆଦରପୂର୍ବକ ସ୍ନାନ କଲେ ଏବଂ ଏହା ପାନ କଲେ ହୃଦୟରୁ ସକଳ ପାପତାପ ଦୂର ହୋଇଯାଏ ॥ ୩ ॥

**ଜିହ୍ନ ଏହିଁ ବାରି ନ ମାନସ ଧୋଏ । ତେ କାୟର କଲିକାଲ ବିଗୋଏ ॥**
**ତୃଷିତ ନିରଖି ରବି କର ଭୱ ବାରୀ । ଫିରିହହିଁ ମୃଗ ଜିମି ଜୀୱ ଦୁଖାରୀ ॥ ୪ ॥**

ଯେ ଏହି ରାମସୁଯଶରୂପୀ ଜଳରେ ନିଜର ହୃଦୟକୁ ଧୋଇ ନ ଦେଇଛି, ସେହି କାପୁରୁଷ କଳିକାଳଦ୍ୱାରା ଠକିଯାଇଛି । ବାଲିରେ ପଡ଼ିଥିବା ସୂର୍ଯ୍ୟକିରଣଦ୍ୱାରା ଉତ୍ପନ୍ନ ମରୀଚିକାକୁ ପ୍ରକୃତ ଜଳ ଭାବି, ପିଇବାପାଇଁ ଦୌଡ଼ିଯାଇ ଜଳ ନ ପାଇଲେ ମୃଗ ଯେପରି ଦୁଃଖୀ ହୁଏ, କଳିଯୁଗଦ୍ୱାରା ଠକିଯାଇଥିବା ଜୀବମାନେ ସେହିପରି ବିଷୟପଛରେ ଧାଇଁ ଦୁଃଖୀ ହୁଅନ୍ତି ॥ ୪ ॥

**ଦୋः- ମତି ଅନୁହାରି ସୁବାରି ଗୁନ ଗନ ଗନି ମନ ଅହ୍ନୱାଇ ।**
**ସୁମିରି ଭୱାନୀ ସଂକରହି କହ କବି କଥା ସୁହାଇ ॥୪୩(କ)॥**

ନିଜ ବୁଦ୍ଧି ଅନୁସାରେ ଏହି ସୁନ୍ଦର ଜଳର ଗୁଣାବଳୀ ବିଗ୍ଭର କରି, ଏଥିରେ ନିଜ ମନକୁ ଅବଗାହନ କରାଇ ଏବଂ ଶ୍ରୀଭବାନୀଶଙ୍କରଙ୍କୁ ସ୍ମରଣ କରି ମୁଁ (କବି ତୁଳସୀଦାସ) ଏହି ସୁନ୍ଦର ଚରିତ କହିବାକୁ ଯାଉଛି ॥ ୪୩ (କ) ॥

**ଅବ ରଘୁପତି ପଦ ପଂକରୁହ ହିଯ଼ଁ ଧରି ପାଇ ପ୍ରସାଦ।**
**କହଉଁ ଜୁଗଲ ମୁନିବର୍ଜ କର ମିଲନ ସୁଭଗ ସଂବାଦ ॥୪୩(ଖ)॥**

ମୁଁ ବର୍ତ୍ତମାନ ହୃଦଯ଼ରେ ଶ୍ରୀରଘୁନାଥଙ୍କର ଚରଣକମଳ ଧାରଣ କରି ଏବଂ ତାହାଙ୍କର ପ୍ରସାଦ ଲାଭ କରି ଦୁଇ ମୁନି(ଯାଜ୍ଞବଲ୍‌କ୍ୟ ଓ ଭରଦ୍ୱାଜ)ଙ୍କ ମିଳନର ସୁନ୍ଦର ସଂବାଦ ବର୍ଣ୍ଣନା କରୁଛି ॥ ୪୩ (ଖ) ॥

**ଭରଦ୍ୱାଜ ମୁନି ବସହିଁ ପ୍ରଯ଼ାଗା । ତିହ୍ନହି ରାମ ପଦ ଅତି ଅନୁରାଗା ॥**
**ତାପସ ସମ ଦମ ଦଯ଼ା ନିଧାନା । ପରମାରଥ ପଥ ପରମ ସୁଜାନା ॥ ୧ ॥**

ଭରଦ୍ୱାଜ ମୁନି ପ୍ରଯ଼ାଗରେ ରହୁଥାନ୍ତି; ଶ୍ରୀରାମଙ୍କ ଚରଣରେ ତାହାଙ୍କର ଅତ୍ୟନ୍ତ ପ୍ରେମ ଥାଏ । ସେ ଥିଲେ ତପସ୍ୱୀ, ନିଗୃହୀତଚିତ୍ତ, ଜିତେନ୍ଦ୍ରିଯ଼, ଦଯ଼ାର ନିଧାନ ଏବଂ ପରମାର୍ଥ-ମାର୍ଗରେ ଅତ୍ୟନ୍ତ ନିପୁଣ ॥ ୧ ॥

**ମାଘ ମକରଗତ ରବି ଜବ ହୋଈ । ତୀରଥପତିହିଁ ଆୱ ସବ କୋଈ ॥**
**ଦେୱ ଦନୁଜ କିଂନର ନର ଶ୍ରେନୀଁ । ସାଦର ମଜ୍ଜହିଁ ସକଲ ତ୍ରିବେନୀଁ ॥ ୨ ॥**

ମାଘମାସରେ ସୂର୍ଯ୍ୟ ମକର ରାଶିକୁ ଗଲେ ବହୁଲୋକ ତୀର୍ଥରାଜ ପ୍ରଯ଼ାଗକୁ ଆସନ୍ତି । ଦେବତା, ଦୈତ୍ୟ, କିନ୍ନର ଓ ମନୁଷ୍ୟ—ସମସ୍ତେ ଆଦରପୂର୍ବକ ତ୍ରିବେଣୀରେ ସ୍ନାନ କରନ୍ତି ॥ ୨ ॥

**ପୂଜହିଁ ମାଧୱ ପଦ ଜଲଜାତା । ପରସି ଅଖଯ଼ ବଟୁ ହରଷହିଁ ଗାତା ॥**
**ଭରଦ୍ୱାଜ ଆଶ୍ରମ ଅତି ପାୱନ । ପରମ ରମ୍ୟ ମୁନିବର ମନ ଭାୱନ ॥ ୩ ॥**

ସେଠାରେ ସେମାନେ ଶ୍ରୀ ବେଣୀମାଧବଙ୍କର ପାଦପଦ୍ମ ପୂଜା କରନ୍ତି ଏବଂ ଅକ୍ଷଯ଼ବଟକୁ ସ୍ପର୍ଶ କରି ସେମାନଙ୍କର ଶରୀର ପୁଲକିତ ହୋଇଯାଏ । ଭରଦ୍ୱାଜଙ୍କ ଆଶ୍ରମଟି ଅତ୍ୟନ୍ତ ପବିତ୍ର, ପରମ ରମଣୀଯ଼ ହୋଇଥାଏ । ସେହି ଆଶ୍ରମ ଶ୍ରେଷ୍ଠମୁନିମାନଙ୍କ ମନକୁ ମଧ୍ୟ ଆନନ୍ଦିତ କରେ ॥ ୩ ॥

**ତହାଁ ହୋଇ ମୁନି ରିଷଯ଼ ସମାଜା । ଜାହିଁ ଜେ ମଜ୍ଜନ ତୀରଥରାଜା ॥**
**ମଜ୍ଜହିଁ ପ୍ରାତ ସମେତ ଉଛାହା । କହହିଁ ପରସପର ହରିଗୁନ ଗାହା ॥ ୪ ॥**

ତୀର୍ଥରାଜ ପ୍ରଯ଼ାଗରେ ସ୍ନାନନିମନ୍ତେ ଆସୁଥିବା ମୁନିରଷିମାନେ ଭରଦ୍ୱାଜଙ୍କର ସେହି ଆଶ୍ରମରେ ଆସି ରହନ୍ତି । ପ୍ରାତଃକାଳରେ ସମସ୍ତେ ଉତ୍ସାହପୂର୍ବକ ସ୍ନାନ କରି ସେଠାରେ ପରସ୍ପର ଭଗବାନଙ୍କର ଗୁଣାବଳୀ ଚର୍ଚ୍ଚା କରନ୍ତି ॥ ୪ ॥

ଦୋଃ- **ବ୍ରହ୍ମ ନିରୂପନ ଧରମ ବିଧି ବରନହିଁ ତତ୍ତ୍ୱ ବିଭାଗ ।**
**କହହିଁ ଭଗତି ଭଗୱଂତ କୈ ସଂଜୁତ ଗ୍ୟାନ ବିରାଗ ॥ ୪୪ ॥**

ସେମାନେ ବ୍ରହ୍ମନିରୂପଣ, ଧର୍ମର ବିଧାନ ଓ ତତ୍ତ୍ୱର ବିଭାଗ ସମ୍ବନ୍ଧରେ ଆଲୋଚନା କରନ୍ତି ତଥା ଜ୍ଞାନବୈରାଗ୍ୟଯୁକ୍ତ ଭଗବଦ୍‌ଭକ୍ତି କଥା ଚର୍ଚ୍ଚା କରନ୍ତି ॥ ୪୪ ॥

**ଏହି ପ୍ରକାର ଭରି ମାଘ ନହାହୀଁ । ପୁନି ସବ ନିଜ ନିଜ ଆଶ୍ରମ ଜାହୀଁ ॥**
**ପ୍ରତି ସଂବତ ଅତି ହୋଇ ଅନଂଦା । ମକର ମଜ୍ଜି ଗୱନହିଁ ମୁନିବୃଂଦା ॥ ୧ ॥**

ଏପରିଭାବରେ ମାଘମାସ ସାରା ସ୍ନାନ କରି ଶେଷରେ ସେମାନେ ନିଜ ନିଜର ଆଶ୍ରମକୁ ଫେରିଯାଆନ୍ତି । ପ୍ରତ୍ୟେକ ବର୍ଷ ଏପରିଭାବରେ ବଡ଼ ଆନନ୍ଦ ହୁଏ । ମକରସ୍ନାନ କରି ମୁନିମାନେ ଲେଉଟିଯାଆନ୍ତି ॥ ୧ ॥

**ଏକ ବାର ଭରି ମକର ନହାଏ । ସବ ମୁନୀସ ଆଶ୍ରମହ୍ନ ସିଧାଏ ॥**
**ଜାଗବଲିକ ମୁନି ପରମ ବିବେକୀ । ଭରଦ୍ୱାଜ ରାଖେ ପଦ ଟେକୀ ॥ ୨ ॥**

ଥରେ ମକରମାସ ସାରା ସ୍ନାନ କରିବା ପରେ ମୁନୀଶ୍ୱରମାନେ ନିଜ ନିଜ ଆଶ୍ରମକୁ ଫେରିଗଲେ; କିନ୍ତୁ ଭରଦ୍ୱାଜ ପରମଜ୍ଞାନୀ ମୁନି ଯାଜ୍ଞବଲ୍କ୍ୟଙ୍କ ପାଦ ଧରି ତାଙ୍କୁ ଆଶ୍ରମରେ ଅଟକାଇ ରଖିଲେ ॥ ୨ ॥

**ସାଦର ଚରନ ସରୋଜ ପଖାରେ । ଅତି ପୁନୀତ ଆସନ ବୈଠାରେ ॥**
**କରି ପୂଜା ମୁନି ସୁଜସୁ ବଖାନୀ । ବୋଲେ ଅତି ପୁନୀତ ମୃଦୁ ବାନୀ ॥ ୩ ॥**
**ନାଥ ଏକ ସଂସଉ ବଡ଼ ମୋରେଁ । କରଗତ ବେଦତତ୍ତ୍ୱ ସବୁ ତୋରେଁ ॥**
**କହତ ସୋ ମୋହି ଲାଗତ ଭୟ ଲାଜା । ଜୌଁ ନ କହଉଁ ବଡ଼ ହୋଇ ଅକାଜା ॥ ୪ ॥**

ଆଦରପୂର୍ବକ ତାଙ୍କର ପାଦପଦ୍ମ ଧୋଇଦେଇ, ସେ ତାଙ୍କୁ ଅତି ପବିତ୍ର ଆସନରେ ବସାଇଲେ । ଯାଜ୍ଞବଲ୍କ୍ୟଙ୍କୁ ପୂଜା କରି, ତାଙ୍କର ଯଶ ଗାନ କରି ଅତ୍ୟନ୍ତ ପବିତ୍ର ଓ କୋମଳଭାବରେ ସେ କହିଲେ, "ହେ ନାଥ ! ମୋ ମନରେ ଗୋଟିଏ ବଡ଼ ସନ୍ଦେହ ରହିଯାଇଛି । ଆପଣ ତ ବେଦତତ୍ତ୍ୱ କରଗତ କରିସାରିଛନ୍ତି; ତେଣୁ ଆପଣ ମୋର ସନ୍ଦେହ ନିବାରଣ କରିପାରିବେ; କିନ୍ତୁ ଏହି ସନ୍ଦେହଟି ପ୍ରକାଶ କରିବାକୁ ମୋତେ ଭୟ ଲାଗୁଛି; ଲଜ୍ଜା ବି ଲାଗୁଛି (ମୋ କଥା ଶୁଣି ଆପଣ କାଳେ ମୁଁ ଆପଣଙ୍କୁ ପରୀକ୍ଷା କରିବାକୁ ବସିଛି ବୋଲି ଭାବିଦେବେ, ସେଥିପାଇଁ ମୋତେ ଭୟ ଲାଗୁଛି ଏବଂ ଏତେ ବୟସ ହୋଇଯିବା ପରେ ବି ମୋର ଜ୍ଞାନ ହେଲା ନାହିଁ ବୋଲି ଲଜ୍ୟା ଲାଗୁଛି) । ତଥାପି ଯଦି ମନକଥା ପ୍ରକାଶ ନ କରେ, ତେବେ ବଡ଼ କ୍ଷତି ବି ହେବ; (କାରଣ ମୁଁ ଅଜ୍ଞାନ ହୋଇ ରହିଯିବି) ॥ ୩, ୪ ॥

ଦୋ:- **ସଂତ କହହିଁ ଅସି ନୀତି ପ୍ରଭୁ ଶ୍ରୁତି ପୁରାନ ମୁନି ଗାୱ ।**
**ହୋଇ ନ ବିମଲ ବିବେକ ଉର ଗୁର ସନ କିଏଁ ଦୁରାୱ ॥ ୪୫ ॥**

ହେ ପ୍ରଭୁ ! ସନ୍ଥଗଣ ଏହି ନୀତିବାଣୀ କହନ୍ତି ଏବଂ ବେଦ, ପୁରାଣ ତଥା ମୁନିଗଣ ମଧ୍ୟ କହନ୍ତି ଯେ, ଗୁରୁଙ୍କ ନିକଟରେ ମନକଥା ଲୁଗ୍ୱଇରଖିଲେ, ହୃଦୟରେ ନିର୍ମଳ ଜ୍ଞାନ ହୁଏ ନାହିଁ ॥ ୪୫ ॥

**ଅସ ବିଗ୍ୱରି ପ୍ରଗଟଉଁ ନିଜ ମୋହୂ । ହରହୁ ନାଥ କରି ଜନ ପର ଛୋହୂ ॥**
**ରାମ ନାମ କର ଅମିତ ପ୍ରଭାୱା । ସଂତ ପୁରାନ ଉପନିଷଦ ଗାୱା ॥ ୧ ॥**

ଏହା ବିଗ୍ୱର କରି ମୁଁ ମୋର ଅଜ୍ଞାନ ପ୍ରକାଶ କରୁଛି । ହେ ନାଥ ! କୃପା କରି ଏହି ସେବକର ଅଜ୍ଞାନ ନାଶ କରନ୍ତୁ । ସନ୍ଥଗଣ, ପୁରାଣଗଣ ଓ ଉପନିଷଦଗଣ ରାମନାମର ଅସୀମ ପ୍ରଭାବ କଥା ଗାନ କରିଛନ୍ତି ॥ ୧ ॥

**ସଂତତ ଜପତ ସଂଭୁ ଅବିନାସୀ । ସିୱ ଭଗୱାନ ଗ୍ୟାନ ଗୁନ ରାସୀ ॥**
**ଆକର ଗ୍ୱରି ଜୀୱ ଜଗ ଅହହୀଁ । କାସୀଁ ମରତ ପରମ ପଦ ଲହହୀଁ ॥ ୨ ॥**

କଲ୍ୟାଣସ୍ୱରୂପ, ଜ୍ଞାନ ଓ ଗୁଣର ରାଶି, ଅବିନାଶୀ ଭଗବାନ୍ ଶିବ ନିରନ୍ତର ରାମନାମ ଜପ କରନ୍ତି । କାଶୀରେ ମଲେ ସଂସାରର ସମସ୍ତ ଗ୍ୱରିଜାତିର ଜୀବ ପରମପଦ ପାଇଯାଆନ୍ତି ॥ ୨ ॥

**ସୋପି ରାମ ମହିମା ମୁନିରାୟା । ସିୱ ଉପଦେସୁ କରତ କରି ଦାୟା ॥**
**ରାମୁ କୱନ ପ୍ରଭୁ ପୂଛଉଁ ତୋହୀ । କହିଅ ବୁଝାଇ କୃପାନିଧି ମୋହୀ ॥ ୩ ॥**

ହେ ମୁନିରାଜ ! ତାହା (ସେହି ପରମପଦପ୍ରାପ୍ତି) ମଧ୍ୟ 'ରାମ' ନାମରହିଁ ମହିମା; କାରଣ ପ୍ରଭୁ ଶିବ କାଶୀରେ ମରୁଥିବା ଜୀବମାନଙ୍କୁ ଦୟା କରି ରାମନାମହିଁ ଉପଦେଶ କରନ୍ତି ଏବଂ ତା'ରି ଫଳରେ ସେମାନଙ୍କୁ ପରମପଦ ମିଳେ । ଅତଏବ ହେ ପ୍ରଭୁ ! ମୁଁ ଆପଣଙ୍କୁ ପଗ୍ୱରୁଛି, ସେହି ରାମ କିଏ ? ହେ କୃପାନିଧାନ ! ତାହା ମୋତେ ବୁଝାଇ କହନ୍ତୁ ॥ ୩ ॥

**ଏକ ରାମ ଅୱଧେସ କୁମାରା । ତିହ୍ନ କର ଚରି ବିଦିତ ସଂସାରା ॥**
**ନାରି ବିରହଁ ଦୁଖୁ ଲହେଉ ଅପାରା । ଭୟଉ ରୋଷୁ ରନ ରାୱନୁ ମାରା ॥ ୪ ॥**

ଜଣେ ରାମ ତ ଅଯୋଧ୍ୟା ନରେଶ ଦଶରଥଙ୍କ କୁମାର; ତାଙ୍କ ଚରିତ ସାରା ସଂସାର ଜାଣେ । ସେ ସ୍ତ୍ରୀବିରହରେ ଅପାର ଦୁଃଖ ପାଇଥିଲେ ଏବଂ କ୍ରୋଧିତ ହେବାରୁ ରାବଣକୁ ଯୁଦ୍ଧରେ ମାରିଦେଇଥିଲେ ॥ ୪ ॥

ଦୋ:- **ପ୍ରଭୁ ସୋଇ ରାମୁ କି ଅପର କୋଉ ଜାହି ଜପତ ତ୍ରିପୁରାରି ।**
**ସତ୍ୟଧାମ ସର୍ବଗ୍ୟ ତୁହ୍ମ କହହୁ ବିବେକୁ ବିଗ୍ୱରି ॥ ୪୬ ॥**

ହେ ପ୍ରଭୁ ! ଯାହାଙ୍କୁ ଶିବ ଜପ କରୁଛନ୍ତି, ସେ ସେହି ରାମ, ନା ଆଉ କିଏ ? ଆପଣ ତ ସତ୍ୟର ଧାମ ଓ ସର୍ବଜ୍ଞ ; ଭଲରୂପେ ବିଗ୍ୱର କରି ମୋତେ ତାହା କହନ୍ତୁ ॥ ୪୬ ॥

**ଜୈସେଁ ମିଟୈ ମୋର ଭ୍ରମ ଭାରୀ । କହହୁ ସୋ କଥା ନାଥ ବିସ୍ତାରୀ ॥**
**ଜାଗବଲିକ ବୋଲେ ମୁସୁକାଈ । ତୁହ୍ମହି ବିଦିତ ରଘୁପତି ପ୍ରଭୁତାଈ ॥ ୧ ॥**

ହେ ନାଥ ! ମୋର ଏହି ବିରାଟ ଭ୍ରମ ଯେପରି ତୁଟିଯିବ, ଆପଣ ତାହା ଭଲରୂପେ ବୁଝାଇ କହନ୍ତୁ ।'' ମୁନିଙ୍କ କଥା ଶୁଣି ଯାଜ୍ଞବଲ୍‌କ୍ୟ ସହାସ୍ୟବଦନରେ କହିଲେ : ଆପଣ ଶ୍ରୀରଘୁନାଥଙ୍କର ମହିମା ଜାଣନ୍ତି ॥ ୧ ॥

**ରାମଭଗତ ତୁହ୍ମ ମନ କ୍ରମ ବାନୀ । ଚତୁରାଈ ତୁହ୍ମାରି ମୈଁ ଜାନୀ ॥**
**ଗ୍ୱହହୁ ସୁନୈ ରାମ ଗୁନ ଗୂଢ଼ା । କୀହ୍ନିହୁ ପ୍ରସ୍ନ ମନହୁଁ ଅତି ମୂଢ଼ା ॥ ୨ ॥**

ଆପଣ ହେଉଛନ୍ତି ମନ, ବଚନ ଓ କର୍ମରେ ଶ୍ରୀରାମଙ୍କର ଭକ୍ତ । ମୁଁ ଆପଣଙ୍କ ଗ୍ୱତୁରୀ ଜାଣିଗଲି । ଆପଣ ଶ୍ରୀରାମଙ୍କ ରହସ୍ୟମୟ ଗୁଣାବଳୀ ଶୁଣିବାକୁ ଗ୍ୱହୁଁଛନ୍ତି; ତେଣୁ ଜଣେ ନିତାନ୍ତ ମୂଢ଼ ପ୍ରଶ୍ନ କଲାପରି ପ୍ରଶ୍ନ କଲେ ॥ ୨ ॥

**ତାତ ସୁନହୁ ସାଦର ମନୁ ଲାଈ । କହଉଁ ରାମ କୈ କଥା ସୁହାଈ ॥**
**ମହାମୋହୁ ମହିଷେସୁ ବିସାଲା । ରାମକଥା କାଲିକା କରାଲା ॥ ୩ ॥**

ହେ ପ୍ରିୟ ! ମୁଁ ଶ୍ରୀରାମଙ୍କର ସୁନ୍ଦର କଥା କହୁଛି; ଶ୍ରଦ୍ଧାର ସହିତ ମନ ଦେଇ ଶୁଣନ୍ତୁ । ମହା ଅଜ୍ଞାନ ହେଉଛି ମହିଷାସୁରସମାନ ଏବଂ ଶ୍ରୀରାମଙ୍କ କଥା ହେଉଛି ତା'ର ବିନାଶକାରିଣୀ ଭୟଙ୍କର କାଳୀ(ଦୁର୍ଗା)ସମାନ ॥ ୩ ॥

**ରାମକଥା ସସି କିରନ ସମାନା । ସଂତ ଚକୋର କରହିଁ ଜେହି ପାନା ॥**
**ଐସେଇ ସଂସୟ କୀହ୍ନ ଭୱାନୀ । ମହାଦେୱ ତବ କହା ବଖାନୀ ॥ ୪ ॥**

ଶ୍ରୀରାମଙ୍କ କଥା ଚନ୍ଦ୍ରକିରଣସମାନ ଏବଂ ସନ୍ଥରୂପୀ ଚକୋରମାନେ ତାହା ସଦା ପାନ କରନ୍ତି । ପାର୍ବତୀ ମଧ୍ୟ ଏହିପରି ସନ୍ଦେହ ପ୍ରକାଶ କରିଥିଲେ; ଶ୍ରୀମହାଦେବ ଶ୍ରୀରାମଙ୍କ କଥା ବୁଝାଇ ତାଙ୍କର ସଂଶୟ ଦୂର କରିଥିଲେ ॥ ୪ ॥

ଦୋ:- **କହଉଁ ସୋ ମତି ଅନୁହାରି ଅବ ଉମା ସଂଭୁ ସଂବାଦ ।**
**ଭୟଉ ସମୟ ଜେହି ହେତୁ ଜେହି ସୁନୁ ମୁନି ମିଟିହି ବିଷାଦ ॥ ୪୭ ॥**

ବର୍ତ୍ତମାନ ମୁଁ ମୋର ବୁଦ୍ଧି ଅନୁଯାୟୀ ସେହି ଉମା-ମହେଶ୍ୱର ସଂବାଦଟି କହୁଛି । କେତେବେଳେ ଓ କିପରି ସେହି ଘଟଣା ଘଟିଥିଲା, ହେ ମୁନି ! ତାହା ଶୁଣନ୍ତୁ; ଆପଣଙ୍କର ବିଷାଦ ଦୂର ହୋଇଯିବ ॥ ୪୭ ॥

**ଏକ ବାର ତ୍ରେତା ଜୁଗ ମାହୀଁ । ସଂଭୁ ଗଏ କୁଂଭଜ ରିଷି ପାହୀଁ ॥**
**ସଂଗ ସତୀ ଜଗଜନନି ଭୱାନୀ । ପୂଜେ ରିଷି ଅଖିଲେସ୍ୱର ଜାନୀ ॥ ୧ ॥**

ଥରେ ତ୍ରେତାଯୁଗରେ ଭଗବାନ୍ ଶିବ ଅଗସ୍ତ୍ୟ ଋଷିଙ୍କ ନିକଟକୁ ଯାଇଥିଲେ । ତାଙ୍କ ସହିତ ଜଗଜ୍ଜନନୀ ଭବାନୀ ସତୀ ମଧ୍ୟ ଆଥାନ୍ତି । ଶିବଙ୍କୁ ସମଗ୍ର ଜଗତର ଈଶ୍ୱର ବୋଲି ଜାଣି ଋଷି ତାଙ୍କୁ ପୂଜା କଲେ ॥ ୧ ॥

**ରାମକଥା ମୁନିବର୍ଜ ବଖାନୀ । ସୁନୀ ମହେସ ପରମ ସୁଖୁ ମାନୀ ॥**
**ରିଷି ପୂଛୀ ହରିଭଗତି ସୁହାଈ । କହୀ ସଂଭୁ ଅଧିକାରୀ ପାଈ ॥ ୨ ॥**

ମୁନିବର ଅଗସ୍ତ୍ୟ ବିସ୍ତାରିତଭାବରେ ରାମକଥା କହିଲେ ଏବଂ ତାହା ପରମସୁଖଦ ଜାଣି ମହେଶ୍ୱର ଶୁଣିଲେ । ପୁନଶ୍ଚ ଋଷି ଭଗବାନ୍ ଶିବଙ୍କୁ ସୁନ୍ଦର ହରିଭକ୍ତି ବିଷୟରେ ପଚ୍ଚାରିଲେ ଏବଂ ଋଷିଙ୍କୁ ଶୁଣିବାର ଅଧିକାରୀ ବୋଲି ଜାଣି ଭଗବାନ୍ ଶିବ ରହସ୍ୟସହିତ ଭକ୍ତି ନିରୂପଣ କଲେ ॥ ୨ ॥

**କହତ ସୁନତ ରଘୁପତି ଗୁନ ଗାଥା । କଛୁ ଦିନ ତହାଁ ରହେ ଗିରିନାଥା ॥**
**ମୁନି ସନ ବିଦା ମାଗି ତ୍ରିପୁରାରୀ । ଚଲେ ଭୱନ ସଁଗ ଦଚ୍ଛକୁମାରୀ ॥ ୩ ॥**

ଏପରିଭାବରେ ଶ୍ରୀରଘୁନାଥଙ୍କର ଗୁଣଗାଥା କହି ଓ ଶୁଣି ଭଗବାନ୍ ଶିବ ସେଠାରେ କିଛିଦିନ ରହିଗଲେ । ଶେଷରେ ମୁନିଙ୍କ ଠାରୁ ବିଦାୟ ନେଇ ଦକ୍ଷକୁମାରୀ ସତୀଙ୍କ ସହିତ ସେ ଘରକୁ (କୈଳାସକୁ) ଫେରିଲେ ॥ ୩ ॥

**ତେହି ଅୱସର ଭଂଜନ ମହିଭାରା । ହରି ରଘୁବଂସ ଲୀହ୍ନ ଅୱତାରା ॥**
**ପିତା ବଚନ ତଜି ରାଜୁ ଉଦାସୀ । ଦଂଡ଼କ ବନ ବିଚରତ ଅବିନାସୀ ॥ ୪ ॥**

ସେତେବେଳକୁ ପୃଥିବୀର ଭାର ଲାଘବ କରିବା ନିମନ୍ତେ ଶ୍ରୀହରି ରଘୁବଂଶରେ ଅବତାର ଗ୍ରହଣ କରିଥିଲେ । ସେହି ଅବିନାଶୀ ଭଗବାନ୍ ସେହି ସମୟରେ ପିତୃବାକ୍ୟ ପାଳନନିମନ୍ତେ ରାଜ୍ୟ ତ୍ୟାଗ କରି, ତପସ୍ୱୀବେଶ ଧରି ଦଣ୍ଡକାରଣ୍ୟରେ ବିଚରଣ କରୁଥାନ୍ତି ॥ ୪ ॥

ଦୋଃ- **ହୃଦୟଁ ବିଚାରତ ଜାତ ହର କେହି ବିଧି ଦରସନୁ ହୋଇ ।**
**ଗୁପ୍ତ ରୂପ ଅୱତରେଉ ପ୍ରଭୁ ଗଏଁ ଜାନ ସବୁ କୋଇ ॥୪୮ (କ)॥**

ଭଗବାନଙ୍କର ଦର୍ଶନ କିପରି ପାଇବେ ବୋଲି ଶିବ ମନେ ମନେ ବିଚାର କରୁଥାନ୍ତି । ସେ ଭାବୁଥାନ୍ତି, 'ପ୍ରଭୁ ଗୁପ୍ତରୂପରେ ଅବତୀର୍ଣ୍ଣ ହୋଇଛନ୍ତି; ମୁଁ ସେଠାକୁ ଗଲେ ତ ସମସ୍ତେ ଜାଣିଯିବେ ।' ॥ ୪୮ (କ)॥

ସୋଃ- **ସଂକର ଉର ଅତି ଛୋଭୁ ସତୀ ନ ଜାନହିଁ ମରମୁ ସୋଇ ।**
**ତୁଲସୀ ଦରସନ ଲୋଭୁ ମନ ଡରୁ ଲୋଚନ ଲାଲଚୀ ॥୪୮ (ଖ)॥**

ତେଣୁ ଶିବ ବଡ଼ ଦ୍ୱିଧାରେ ପଡ଼ିଥାନ୍ତି; କିନ୍ତୁ ସତୀ ଏହି ମର୍ମ ଜାଣି ନ ଥାନ୍ତି । ତୁଳସୀଦାସ କହୁଛନ୍ତି, ଏହି ମର୍ମ ଖୋଲି କହିବାକୁ ଭଗବାନ୍ ଶିବ ଡରୁଥାନ୍ତି ସତ, ହେଲେ ପ୍ରଭୁଙ୍କ ଦର୍ଶନଲୋଭରେ ତାଙ୍କ ନୟନ ଲାଳାୟିତ ହୋଇ ରହିଥାଏ ॥ ୪୮ (ଖ)॥

**ରାୱନ ମରନ ମନୁଜ କର ଜାଚା । ପ୍ରଭୁ ବିଧି ବଚନୁ କୀହ୍ନ ଚହ ସାଚା ॥**
**ଜୌଁ ନହିଁ ଜାଉଁ ରହଇ ପଛିତାୱା । କରତ ବିଚାରୁ ନ ବନତ ବନାୱା ॥ ୧ ॥**

'ରାବଣ [ପରୋକ୍ଷରେ] ମନୁଷ୍ୟ ହାତରେ ମରିବାପାଇଁ ବ୍ରହ୍ମାଙ୍କୁ ବର ମାଗିଥିଲା । [ବ୍ରହ୍ମା ତାକୁ ସେହି ବର ଦେଇଥିଲେ ।] ପ୍ରଭୁ ଏଥର ବ୍ରହ୍ମାଙ୍କ ବଚନକୁ ସତ୍ୟରେ ପରିଣତ କରିବାକୁ ଚାହିଁଛନ୍ତି; ମୁଁ ଯଦି ଏତିକିବେଳେ ତାଙ୍କ ପାଖକୁ ନ ଯିବି, ତେବେ ପଶ୍ଚାତ୍ତାପ କରିବାକୁ ପଡ଼ିବ ।'—ଶିବ ଏପରି ବିଚାରରେ ବୁଡ଼ିରହି କିଛି ସ୍ଥିର କରିପାରୁ ନ ଥାନ୍ତି ॥ ୧ ॥

**ଏହି ବିଧି ଭଏ ସୋଚବସ ଈସା । ତେହୀ ସମୟ ଜାଇ ଦସସୀସା ॥**
**ଲୀହ୍ନ ନୀଚ ମାରୀଚହି ସଂଗା । ଭୟଉ ତୁରତ ସୋଇ କପଟ କୁରଂଗା ॥ ୨ ॥**

ମହାଦେବ ଏହିପରି ଚିନ୍ତାଗ୍ରସ୍ତ ହୋଇପଡ଼ିଆନ୍ତି । ସେତିକିବେଳକୁ ନୀଚ ରାବଣ ଯାଇ ମାରୀଚକୁ ସାଥିରେ ନେଇଆସିଲା ଏବଂ ମାରୀଚ ତୁରନ୍ତ ମାୟାମୃଗ ହୋଇଗଲା ॥ ୨ ॥

**କରି ଛଲୁ ମୂଢ଼ ହରୀ ବୈଦେହୀ । ପ୍ରଭୁ ପ୍ରଭାଉ ତସ ବିଦିତ ନ ତେହୀ ॥**
**ମୃଗ ବଧି ବଂଧୁ ସହିତ ହରି ଆଏ । ଆଶ୍ରମୁ ଦେଖି ନୟନ ଜଲ ଛାଏ ॥ ୩ ॥**

ମୂର୍ଖ ରାବଣ ଛଳ କରି ସୀତାଙ୍କୁ ହରଣ କରିନେଲା । ତାକୁ ଶ୍ରୀରାମଙ୍କର ବାସ୍ତବିକ ପ୍ରଭାବ କିଛି ବି ଜଣା ନ ଥିଲା । ମୃଗ ମାରିସାରି ଭାଇ ଲକ୍ଷ୍ମଣଙ୍କ ସହିତ ଶ୍ରୀହରି ଆଶ୍ରମକୁ ଆସି ଦେଖନ୍ତି ତ, ଆଶ୍ରମ ଖାଲି ପଡ଼ିଛି । ସେଠାରେ ସୀତାଙ୍କୁ ନ ପାଇ ତାଙ୍କ ନୟନ ଲୁହରେ ଭରିଗଲା ॥ ୩ ॥

**ବିରହ ବିକଲ ନର ଇଵ ରଘୁରାଈ । ଖୋଜତ ବିପିନ ଫିରତ ଦୋଉ ଭାଈ ॥**
**କବହୂଁ ଜୋଗ ବିୟୋଗ ନ ଜାକେଁ । ଦେଖା ପ୍ରଗଟ ବିରହ ଦୁଖୁ ତାକେଁ ॥ ୪ ॥**

ଶ୍ରୀରଘୁନାଥ ମନୁଷ୍ୟଙ୍କ ପରି ବିରହରେ ବ୍ୟାକୁଳ ହେଲେ ଏବଂ ଦୁଇଭାଇ ବନରେ ବୁଲି ବୁଲି ସୀତାଙ୍କୁ ଖୋଜିଲେ । ଯାହାଙ୍କର ନିତ୍ୟସଂଯୋଗ ହେତୁ କୌଣସି କାଳରେ ବି ସଂଯୋଗବିୟୋଗ ହୁଏ ନାହିଁ, ତାଙ୍କ ଠାରେ ପ୍ରତ୍ୟକ୍ଷ ବିରହର ଦୁଃଖ ଦେଖାଗଲା ॥ ୪ ॥

ଦୋଃ- **ଅତି ବିଚିତ୍ର ରଘୁପତି ଚରିତ ଜାନହିଁ ପରମ ସୁଜାନ ।**
**ଜେ ମତିମଂଦ ବିମୋହ ବସ ହୃଦୟଁ ଧରହିଁ କଛୁ ଆନ ॥ ୪୯ ॥**

ଶ୍ରୀରଘୁନାଥଙ୍କ ଚରିତ ବଡ଼ ବିଚିତ୍ର; ସିଦ୍ଧିପ୍ରାପ୍ତ ଜ୍ଞାନୀଜନହିଁ ତାହାର ପ୍ରକୃତ ତାତ୍ପର୍ଯ୍ୟ ଜାଣିପାରନ୍ତି । ଯେଉଁମାନେ ମନ୍ଦବୁଦ୍ଧି, ସେମାନେ ଅତ୍ୟନ୍ତ ମୋହବଶ ହୋଇ ତାହାର ଅନ୍ୟ କିଛି ଅର୍ଥ କରିନିଅନ୍ତି ॥ ୪୯ ॥

**ସଂଭୁ ସମୟ ତେହି ରାମହି ଦେଖା । ଉପଜା ହିୟଁ ଅତି ହରଷୁ ବିସେଷା ॥**
**ଭରି ଲୋଚନ ଛବିସିଂଧୁ ନିହାରୀ । କୁସମୟ ଜାନି ନ କୀହ୍ନି ଚିହ୍ନାରୀ ॥ ୧ ॥**

ଏହିପରି ଅବସରରେ ଶ୍ରୀରାମଙ୍କ ଦର୍ଶନ ପାଇ ଶିବଙ୍କ ମନରେ ବଡ଼ ଆନନ୍ଦ ଜାତ ହେଲା । ଶୋଭାର ସମୁଦ୍ରରୂପୀ ଶ୍ରୀରାମଙ୍କୁ ଶିବ ନୟନ ପୂରାଇ ଦେଖିଲେ; କିନ୍ତୁ ତାହା ଉଚିତ ଅବସର ହୋଇ ନ ଥିବାରୁ ସେ ଚିହ୍ନା ଦେଲେ ନାହିଁ ॥ ୧ ॥

**ଜୟ ସଚ୍ଚିଦାନଂଦ ଜଗ ପାଵନ । ଅସ କହିଚଲେଉ ମନୋଜ ନସାଵନ ॥**
**ଚଲେ ଜାତ ସିଵ ସତୀ ସମେତା । ପୁନି ପୁନି ପୁଲକତ କୃପାନିକେତା ॥ ୨ ॥**

'ଜଗତର ପବିତ୍ରକାରକ ସଚ୍ଚିଦାନନ୍ଦଙ୍କର ଜୟ ହେଉ' କହି କାମବିନାଶକ ଭଗବାନ୍ ଶିବ ନିଜ ବାଟରେ ଚାଲିଲେ । ସତୀଙ୍କ ସହିତ ଚାଲୁଥିବାବେଳେ କୃପାନିଧି ଶିବଙ୍କର ଶରୀର ବାରମ୍ବାର ରୋମାଞ୍ଚିତ ହୋଇଯାଉଥାଏ ॥ ୨ ॥

**ସତୀଁ ସୋ ଦସା ସଂଭୁ କୈ ଦେଖୀ । ଉର ଉପଜା ସଂଦେହୁ ବିସେଷୀ ॥**
**ସଂକରୁ ଜଗତବଂଦ୍ୟ ଜଗଦୀସା । ସୁର ନର ମୁନି ସବ ନାଵତ ସୀସା ॥ ୩ ॥**

ଶଙ୍କରଙ୍କର ଏପରି ଅବସ୍ଥା ଦେଖି ସତୀଙ୍କ ମନରେ ବଡ଼ ସନ୍ଦେହ ଉପନ୍ନ ହୋଇଗଲା । ସେ ମନେ ମନେ କହିବାକୁ ଲାଗିଲେ, ''ଶଙ୍କରଙ୍କୁ ସମଗ୍ର ଜଗତ୍ ବନ୍ଦନା କରୁଛି; ସେ ହେଉଛନ୍ତି ଜଗତର ଈଶ୍ୱର । ଦେବତା, ମନୁଷ୍ୟ, ମୁନି–ସମସ୍ତେ ତାଙ୍କ ପାଖରେ ମଥା ନତ କରୁଛନ୍ତି; ॥ ୩ ॥

**ତିନ୍ହ ନୃପସୁତହି କୀନ୍ହ ପରନାମା । କହି ସଚ୍ଚିଦାନଂଦ ପରଧାମା ॥**
**ଭଏ ମଗନ ଛବି ତାସୁ ବିଲୋକୀ । ଅଜହୁଁ ପ୍ରୀତି ଉର ରହତି ନ ରୋକୀ ॥ ୪ ॥**

ଅଥଚ ସେ ଜଣେ ରାଜପୁତ୍ରଙ୍କୁ ସଚ୍ଚିଦାନନ୍ଦ-ପରମଧାମ କହି ପ୍ରଣାମ କଲେ ଓ ତାଙ୍କର ଶୋଭା ଦେଖି ଏତେ ପ୍ରେମମଗ୍ନ ହୋଇଗଲେ ଯେ, ତାଙ୍କ ହୃଦୟର ପ୍ରୀତିପ୍ରବାହ ଏପର୍ଯ୍ୟନ୍ତ ରୋକିହେଉନାହିଁ ! ॥ ୪ ॥

ଦୋः- **ବ୍ରହ୍ମ ଜୋ ବ୍ୟାପକ ବିରଜ ଅଜ ଅକଲ ଅନୀହ ଅଭେଦ ।**
**ସୋ କି ଦେହ ଧରି ହୋଇ ନର ଜାହି ନ ଜାନତ ବେଦ ॥ ୫୦ ॥**

ଯେଉଁ ବ୍ରହ୍ମ ସର୍ବବ୍ୟାପକ, ମାୟାରହିତ, ଅଜନ୍ମା, ଅଖଣ୍ଡ, ଇଚ୍ଛାରହିତ ଓ ଭେଦରହିତ ଏବଂ ଯାହାଙ୍କୁ ବେଦ ବି ଜାଣେ ନାହିଁ, ସେ କ'ଣ ଦେହ ଧାରଣ କରି ମନୁଷ୍ୟ ହୋଇପାରନ୍ତି !! ॥ ୫୦ ॥

**ବିଷ୍ଣୁ ଜୋ ସୁର ହିତ ନରତନୁ ଧାରୀ । ସୋଉ ସର୍ବଗ୍ୟ ଜଥା ତ୍ରିପୁରାରୀ ॥**
**ଖୋଜଇ ସୋ କି ଅଗ୍ୟ ଇଓ୍ୱ ନାରୀ । ଗ୍ୟାନଧାମ ଶ୍ରୀପତି ଅସୁରାରୀ ॥ ୧ ॥**

ଯେଉଁ ବିଷ୍ଣୁଭଗବାନ୍ ଦେବତାମାନଙ୍କର ମଙ୍ଗଳ ନିମନ୍ତେ ମନୁଷ୍ୟ ଶରୀର ଧାରଣ କରିଛନ୍ତି, ସେ ବି ଶିବଙ୍କ ପରି ସର୍ବଜ୍ଞ । ସେହି ଜ୍ଞାନଭଣ୍ଡାର, ଲକ୍ଷ୍ମୀପତି ଅସୁରାରି ଭଗବାନ୍ ବିଷ୍ଣୁ କ'ଣ ଅଜ୍ଞାନଙ୍କ ପରି ସ୍ତ୍ରୀକୁ ଖୋଜିବୁଲିବେ !! ॥ ୧ ॥

**ସଂଭୁଗିରା ପୁନି ମୃଷା ନ ହୋଈ । ସିଓ୍ୱ ସର୍ବଗ୍ୟ ଜାନ ସବୁ କୋଈ ॥**
**ଅସ ସଂସୟ ମନ ଭୟଉ ଅପାରା । ହୋଇ ନ ହୃଦୟଁ ପ୍ରବୋଧ ପ୍ରଚାରା ॥ ୨ ॥**

ପୁଣି ଶିବଙ୍କ ବଚନ ତ ମିଥ୍ୟା ହୋଇ ନ ପାରେ ! ସମସ୍ତେ ଜାଣନ୍ତି ଯେ, ଶିବ ସର୍ବଜ୍ଞ ।'' ସତୀଙ୍କ ମନରେ ଏହିପରି ନାନାଦି ସନ୍ଦେହ ଜାତ ହେଲା । ତାଙ୍କ ହୃଦୟରେ କୌଣସିପ୍ରକାର ଜ୍ଞାନ ଉଦୟ ହେଲା ନାହିଁ ॥ ୨ ॥

**ଜଦ୍ୟପି ପ୍ରଗଟ ନ କହେଉ ଭଓ୍ୱାନୀ । ହର ଅଂତରଜାମୀ ସବ ଜାନୀ ॥**
**ସୁନହି ସତୀ ତଓ୍ୱ ନାରି ସୁଭାଉ । ସଂସୟ ଅସ ନ ଧରିଅ ଉର କାଉ ॥ ୩ ॥**

ଯଦି ବା ଭବାନୀ ଶିବଙ୍କୁ ମୁହଁ ଖୋଲି କିଛି କହିଲେ ନାହିଁ, ତଥାପି ଅନ୍ତର୍ଯାମୀ ହୋଇଥିବାରୁ ଶିବ ସବୁକଥା ଜାଣିପାରିଲେ । ସେ କହିଲେ, ''ହେ ସତୀ ! ଶୁଣ, ତୁମର ନାରୀସ୍ୱଭାବ । ମନରେ କଦାପି ଏପରି ସନ୍ଦେହ ରଖିବା ଉଚିତ ନୁହେଁ ॥ ୩ ॥

**ଜାସୁ କଥା କୁଂଭଜ ରିଷି ଗାଈ । ଭଗତି ଜାସୁ ମୈଁ ମୁନିହି ସୁନାଈ ॥**
**ସୋଇ ମମ ଇଷ୍ଟଦେଓ୍ୱ ରଘୁବୀରା । ସେଓ୍ୱତ ଜାହି ସଦା ମୁନି ଧୀରା ॥ ୪ ॥**

ଯାହାଙ୍କ କଥା ଅଗସ୍ତ୍ୟ ଋଷି ଗାନ କଲେ ଏବଂ ଯାହାଙ୍କ ଭକ୍ତିତଓ୍ୱ ମୁଁ ମୁନିଙ୍କୁ ଶୁଣାଇଲି, ସେ ହେଉଛନ୍ତି ମୋର ସେହି ଇଷ୍ଟଦେବ ଶ୍ରୀରଘୁବୀର । ଜ୍ଞାନୀ ଓ ମୁନିମାନେ ସଦା ତାହାଙ୍କର ସେବା କରନ୍ତି ॥ ୪ ॥

ଛନ୍ଦ- **ମୁନି ଧୀର ଜୋଗୀ ସିଦ୍ଧ ସଂତତ ବିମଲ ମନ ଜେହି ଧ୍ୟାଓ୍ୱହୀଁ ।**
**କହି ନେତି ନିଗମ ପୁରାନ ଆଗମ ଜାସୁ କୀରତି ଗାଓ୍ୱହୀଁ ॥**

**ସୋଇ ରାମୁ ବ୍ୟାପକ ବ୍ରହ୍ମ ଭୁଅ୍ୱନ ନିକାୟ ପତି ମାୟା ଧନୀ ।**
**ଅଅ୍ୱତରେଉ ଅପନେ ଭଗତ ହିତ ନିଜତଂତ୍ର ନିତ ରଘୁକୁଲମନୀ ॥**

ଜ୍ଞାନୀ, ମୁନି, ଯୋଗୀ ଓ ସିଦ୍ଧଗଣ ଯାହାଙ୍କୁ ନିରନ୍ତର ନିର୍ମଳଚିତ୍ତରେ ଧ୍ୟାନ କରନ୍ତି ତଥା ବେଦ, ପୁରାଣ ଓ ଶାସ୍ତ୍ର 'ନେତି-ନେତି' କହି ଯାହାଙ୍କର କୀର୍ତ୍ତି ଗାୟନ କରନ୍ତି, ସେହି ସର୍ବବ୍ୟାପକ, ସକଳବ୍ରହ୍ମାଣ୍ଡର ସ୍ୱାମୀ, ମାୟାପତି, ନିତ୍ୟ ପରମସ୍ୱତନ୍ତ୍ର ବ୍ରହ୍ମରୂପ ଭଗବାନ୍ ଶ୍ରୀରାମ ନିଜ ଭକ୍ତମାନଙ୍କର ମଙ୍ଗଳନିମନ୍ତେ ନିଜ ଇଚ୍ଛାରେ ରଘୁକୁଳର ମଣିରୂପରେ ଅବତାର ଗ୍ରହଣ କରିଛନ୍ତି ।''

ସୋ:- **ଲାଗ ନ ଉର ଉପଦେସୁ ଜଦପି କହେଉ ସିଅ୍ୱଁ ବାର ବହୁ ।**
**ବୋଲେ ବିହସି ମହେସୁ ହରିମାୟା ବଲୁ ଜାନି ଜିୟଁ ॥ ୫୧ ॥**

ଶିବ ବହୁବାର ଏହିପରି ବୁଝାଇଲେ; ତଥାପି ସତୀଙ୍କ ହୃଦୟକୁ ସେହି ଉପଦେଶ ସ୍ପର୍ଶ କଲା ନାହିଁ । ଫଳରେ ଭଗବାନଙ୍କ ମାୟାର ବଳ ଜାଣିପାରି ମହାଦେବ ସହାସ୍ୟ ବଦନରେ କହିଲେ, ॥ ୫୧ ॥

**ଜୌଁ ତୁହ୍ମରେଁ ମନ ଅତି ସଂଦେହୂ । ତୌ କିନ ଜାଇ ପରୀଛା ଲେହୂ ॥**
**ତବ ଲଗି ବୈଠ ଅହଉଁ ବଟଛାହୀଁ । ଜବ ଲଗି ତୁହ୍ମ ଐହହୁ ମୋହି ପାହୀଁ ॥ ୧ ॥**

''ଯଦି ତୁମ ମନରେ ଏତେ ସନ୍ଦେହ ରହିଛି, ତେବେ ତୁମେ ନିଜେ ଯାଇ ପରୀକ୍ଷା କରୁନାହଁ କାହିଁକି ? ତୁମେ ଯାଇ ପରୀକ୍ଷା କରି ମୋ ପାଖକୁ ଫେରିବା ପର୍ଯ୍ୟନ୍ତ, ମୁଁ ଏହି ବରଗଛଛାଇରେ ବସୁଛି ॥ ୧ ॥

**ଜୈସେଁ ଜାଇ ମୋହ ଭ୍ରମ ଭାରୀ । କରେହୁ ସୋ ଜତନୁ ବିବେକ ବିଚାରୀ ॥**
**ଚଲୀଁ ସତୀ ସିଅ୍ୱ ଆୟସୁ ପାଈ । କରହିଁ ବିଚାରୁ କରୌଁ କା ଭାଈ ॥ ୨ ॥**

ଯେପରି କଲେ ତୁମର ଏହି ଅଜ୍ଞାନଜନିତ ବିରାଟ ଭ୍ରମ ଦୂର ହେବ, ଭଲରୂପେ ବିବେକପୂର୍ବକ ବୁଝିବିଚାରି ତୁମେ ସେହିପରି କର ।'' ଶିବଙ୍କ ଆଜ୍ଞା ପାଇ ସତୀ ବାହାରିପଡ଼ିଲେ ଏବଂ ମନେ ମନେ ବିଚାର କରିବାକୁ ଲାଗିଲେ, 'ଆଚ୍ଛା ! ଏଥର କ'ଣ କରିବି (କିପରି ପରୀକ୍ଷା କରିବି) ?' ॥ ୨ ॥

**ଇହାଁ ସଂଭୁ ଅସ ମନ ଅନୁମାନା । ଦଚ୍ଛସୁତା କହୁଁ ନହିଁ କଲ୍ୟାନା ॥**
**ମୋରେହୁ କହେଁ ନ ସଂସୟ ଜାହୀଁ । ବିଧି ବିପରୀତ ଭଲାଈ ନାହୀଁ ॥ ୩ ॥**
**ହୋଇହି ସୋଇ ଜୋ ରାମ ରଚି ରାଖା । କୋ କରି ତର୍କ ବଢ଼ାଅ୍ୱୈ ସାଖା ॥**
**ଅସ କହି ଲଗେ ଜପନ ହରିନାମା । ଗଈଁ ସତୀ ଜହଁ ପ୍ରଭୁ ସୁଖଧାମା ॥ ୪ ॥**

ଏପଟେ ଶିବ ମନେ ମନେ ଅନୁମାନ କଲେ, ''ଏଥିରେ ଦକ୍ଷକନ୍ୟା ସତୀଙ୍କର କିଛି ମଙ୍ଗଳ ହେବ ନାହିଁ । ଯଦି ମୁଁ ବୁଝାଇବା ସତ୍ତ୍ୱେ ସନ୍ଦେହ ଦୂର ହେଉନାହିଁ, ତେବେ ଜଣାପଡୁଛି, ବିଧାତାହିଁ ବିପରୀତ ହୋଇଛନ୍ତି । ସତୀଙ୍କର କିଛି ଭଲ ହେବ ନାହିଁ ; ଭଗବାନ୍ ଯାହା ବିଧାନ କରିଛନ୍ତି, ତାହାହିଁ ହେବ; ତର୍କ କରି କଥା ବଢ଼ାଇଲେ କ'ଣ ବା ମିଳିବ !'' ଏପରି କହି ଭଗବାନ୍ ଶିବ ଶ୍ରୀହରିଙ୍କ ନାମ ଜପିବାକୁ ଲାଗିଲେ ଏବଂ ସତୀ ସୁଖର ଧାମ ପ୍ରଭୁ ଶ୍ରୀରାମଙ୍କ ପାଖକୁ ଚାଲିଲେ ॥ ୩, ୪ ॥

ଦୋ:- **ପୁନି ପୁନି ହୃଦୟଁ ବିଚାରୁ କରି ଧରି ସୀତା କର ରୂପ ।**
**ଆଗେଁ ହୋଇ ଚଲି ପଂଥ ତେହିଁ ଜେହିଁ ଆଅ୍ୱତ ନରଭୂପ ॥ ୫୨ ॥**

ସତୀ ବାରମ୍ବାର ବିଚ୍ୟର କରିବା ପରେ ସୀତାଙ୍କ ରୂପ ଧାରଣ କଲେ ଏବଂ ତାଙ୍କର ବିଚ୍ୟର ଅନୁସାରେ ମନୁଷ୍ୟମାନଙ୍କର ରାଜା ରାମଚନ୍ଦ୍ର ଯେଉଁ ପଥଦେଇ ଆସୁଥିଲେ, ସେ ସେହି ପଥରେ ଆଗକୁ ଚ୍ୟଲିଲେ ॥ ୫୨ ॥

**ଲଛିମନ ଦୀଖ ଉମାକୃତ ବେଷା । ଚକିତ ଭଏ ଭ୍ରମ ହୃଦୟଁ ବିସେଷା ॥**
**କହି ନ ସକତ କଛୁ ଅତି ଗଂଭୀରା । ପ୍ରଭୁ ପ୍ରଭାଉ ଜାନତ ମତିଧୀରା ॥ ୧ ॥**

ସତୀଙ୍କ କୃତ୍ରିମ ବେଶ ଦେଖି ଲକ୍ଷ୍ମଣ ଚକିତ ହୋଇଗଲେ; ତାଙ୍କ ମନରେ ଅତ୍ୟନ୍ତ ଭ୍ରମ ଜାତ ହେଲା । ସେ ଅତି ଗମ୍ଭୀର ହୋଇଗଲେ; କିଛି କହିପାରିଲେ ନାହିଁ; କାରଣ ଧୀରବୁଦ୍ଧି ଲକ୍ଷ୍ମଣ ପ୍ରଭୁ ରଘୁନାଥଙ୍କର ପ୍ରଭାବ ଜାଣିଥିଲେ ॥ ୧ ॥

**ସତୀ କପଟୁ ଜାନେଉ ସୁରସ୍ୱାମୀ । ସବଦରସୀ ସବ ଅଂତରଜାମୀ ॥**
**ସୁମିରତ ଜାହି ମିଟଇ ଅଗ୍ୟାନା । ସୋଇ ସରବଗ୍ୟ ରାମୁ ଭଗୱାନା ॥ ୨ ॥**

ସର୍ବଦ୍ରଷ୍ଟା, ସର୍ବାନ୍ତର୍ଯାମୀ ତଥା ଦେବତାମାନଙ୍କ ସ୍ୱାମୀ ଶ୍ରୀରାମ ସତୀଙ୍କ କପଟ ଜାଣିଗଲେ । ଯାହାଙ୍କୁ ସ୍ମରଣ କରିବାମାତ୍ରେ ଅଜ୍ଞାନ ନାଶ ହୋଇଯାଏ, ଭଗବାନ୍ ଶ୍ରୀରାମ ହେଉଛନ୍ତି ସେହି ସର୍ବଜ୍ଞ ॥ ୨ ॥

**ସତୀ କୀହ୍ନ ଚହ ତହଁହୁଁ ଦୁରାଉ । ଦେଖହୁ ନାରି ସୁଭାୱ ପ୍ରଭାଉ ॥**
**ନିଜ ମାୟା ବଲୁ ହୃଦୟଁ ବଖାନୀ । ବୋଲେ ବିହସି ରାମୁ ମୃଦୁ ବାନୀ ॥ ୩ ॥**

ନାରୀସ୍ୱଭାବର ପ୍ରଭାବ ଦେଖ ! ସେଠାରେ (ସର୍ବଜ୍ଞ ଭଗବାନଙ୍କ ସମ୍ମୁଖରେ) ବି ସତୀ ଛଳନା କରିବାକୁ ଚ୍ୟହୁଁଛନ୍ତି ! ନିଜ ମାୟାର ପ୍ରଭାବକୁ ଶ୍ରୀରାମ ମନେ ମନେ ପ୍ରଶଂସା କଲେ ଓ ହସି ହସି କୋମଳ କଣ୍ଠରେ କହିବାକୁ ବସିଲେ ॥ ୩ ॥

**ଜୋରି ପାନି ପ୍ରଭୁ କୀହ୍ନ ପ୍ରନାମୂ । ପିତା ସମେତ ଲୀହ୍ନ ନିଜ ନାମୂ ॥**
**କହେଉ ବହୋରି କହାଁ ବୃଷକେତୂ । ବିପିନ ଅକେଲି ଫିରହୁ କେହି ହେତୂ ॥ ୪ ॥**

ପ୍ରଭୁ ନିଜ ପିତାଙ୍କର ନାମ ଓ ନିଜର ନାମ କହି, ହାତ ଯୋଡ଼ି ସତୀଙ୍କୁ ପ୍ରଣାମ କଲେ । ତା'ପରେ ପଚ୍ୟରିଲେ, "ବୃଷକେତୁ ଶିବ କେଉଁଠି ଅଛନ୍ତି ? ଆପଣ ଏ ବଣଭିତରେ ଏକାକିନୀ ବୁଲୁଛନ୍ତି କାହିଁକି ?" ॥ ୪ ॥

ଦୋଃ- **ରାମ ବଚନ ମୃଦୁ ଗୂଢ଼ ସୁନି ଉପଜା ଅତି ସଂକୋଚୁ ।**
**ସତୀ ସଭୀତ ମହେସ ପହିଁ ଚଲୀଁ ହୃଦୟଁ ବଡ଼ ସୋଚୁ ॥ ୫୩ ॥**

ଶ୍ରୀରାମଙ୍କର ରହସ୍ୟମୟ କୋମଳ ବଚନ ଶୁଣି ସତୀଙ୍କୁ ବଡ଼ ସଂକୋଚ ଲାଗିଲା । ସେ ଭୟଭୀତା ହୋଇ ନୀରବରେ ଶିବଙ୍କ ପାଖକୁ ଫେରିବାକୁ ବସିଲେ । ସେ ବଡ଼ ଚିନ୍ତାରେ ପଡ଼ିଗଲେ । ଭାବିଲେ, ॥ ୫୩ ॥

**ମୈଁ ସଂକର କର କହା ନ ମାନା । ନିଜ ଅଗ୍ୟାନୁ ରାମ ପର ଆନା ॥**
**ଜାଇ ଉତରୁ ଅବ ଦେହଉଁ କାହା । ଉର ଉପଜା ଅତି ଦାରୁନ ଦାହା ॥ ୧ ॥**

"ମୁଁ ଶଙ୍କରଙ୍କ କଥା ନ ମାନି ଶ୍ରୀରାମଙ୍କ ଉପରେ ନିଜର ଅଜ୍ଞାନ ଆରୋପ କରିଦେଲି । ଏବେ ଯାଇ ଶିବଙ୍କୁ କି ଉତ୍ତର ଦେବି !" ଏପରି ଭାବି ସତୀଙ୍କ ହୃଦୟରେ ଦାରୁଣ ଦୁଃଖ ଜାତ ହେଲା ॥ ୧ ॥

**ଜାନା ରାମ ସତୀଁ ଦୁଖୁ ପାୱା । ନିଜ ପ୍ରଭାଉ କଛୁ ପ୍ରଗଟି ଜନାୱା ॥**
**ସତୀଁ ଦୀଖ କୌତୁକୁ ମଗ ଜାତା । ଆଗେଁ ରାମୁ ସହିତ ଶ୍ରୀ ଭ୍ରାତା ॥ ୨ ॥**

ସତୀଙ୍କ ମନରେ ଦୁଃଖ ହେବା କଥା ଶ୍ରୀରାମ ଜାଣିଗଲେ । ତେଣୁ ସେ ନିଜର କିଛି ପ୍ରଭାବ ଦେଖାଇଦେଲେ । ସତୀ ତାଙ୍କ ଫେରିବାବାଟରେ ଦେଖିଲେ, ସୀତା ଓ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମ ଆଗରେ ଚାଲିଛନ୍ତି । ଏହା ଦେଖି ସେ ବିସ୍ମିତ ହୋଇଗଲେ । (ସତୀ ଶ୍ରୀରାମଙ୍କ ସଚ୍ଚିଦାନନ୍ଦମୟ ସ୍ୱରୂପ ଦେଖନ୍ତୁ ଏବଂ ସେ ଯେଉଁ ବିୟୋଗ ଓ ଦୁଃଖର କଳ୍ପନା କରିଥିଲେ, ତାହା ଦୂର ହୋଇଯାଉ; ସେ ପ୍ରକୃତିସ୍ଥ ହୋଇଯାଆନ୍ତୁ—ଏହି ଉଦ୍ଦେଶ୍ୟରେହିଁ ପ୍ରଭୁ ତାଙ୍କୁ ଏପରି ଅବସ୍ଥାରେ ସୀତାଙ୍କୁ ଦେଖାଇଥିଲେ) ॥ ୨ ॥

**ଫିରି ଚିତୱା ପାଛେଁ ପ୍ରଭୁ ଦେଖା । ସହିତ ବଂଧୁ ସିୟ ସୁଂଦର ବେଷା ॥**
**ଜହଁ ଚିତୱହିଁ ତହଁ ପ୍ରଭୁ ଆସୀନା । ସେୱହିଁ ସିଦ୍ଧ ମୁନୀସ ପ୍ରବୀନା ॥ ୩ ॥**

ପୁଣି ସେ ପଛକୁ ଚାହିଁଦିଅନ୍ତି ତ, ପଛରେ ବି ଭାଇ ଲକ୍ଷ୍ମଣ ଓ ସୀତାଙ୍କ ସହିତ ଅତି ସୁନ୍ଦର ବେଶ ଧରି ଶ୍ରୀରାମ ଦେଖାଯାଉଛନ୍ତି । ଏପରିଭାବରେ ସେ ଯେଉଁ ଆଡ଼କୁ ଚାହିଁଲେ, ସେଆଡ଼େ ଦେଖିଲେ, ଶ୍ରୀରାମ ବିରାଜମାନ ଅଛନ୍ତି ଏବଂ ବିଚକ୍ଷଣ ସିଦ୍ଧ ମୁନୀଶ୍ୱରଗଣ ତାଙ୍କର ସେବା କରୁଛନ୍ତି ॥ ୩ ॥

**ଦେଖେ ସିୱ ବିଧି ବିଷ୍ଣୁ ଅନେକା । ଅମିତ ପ୍ରଭାଉ ଏକ ତେଁ ଏକା ॥**
**ବଂଦତ ଚରନ କରତ ପ୍ରଭୁ ସେୱା । ବିବିଧ ବେଷ ଦେଖେ ସବ ଦେୱା ॥ ୪ ॥**

ସତୀଙ୍କୁ ଅନେକ ଶିବ, ଅନେକ ବ୍ରହ୍ମା ଓ ଅନେକ ବିଷ୍ଣୁ ଦେଖାଗଲେ । ସେମାନେ ଏକ ଆରେକକୁ ବଳି ଅସୀମ ପ୍ରଭାବଶାଳୀ ଥିଲେ । ସେ ଦେଖିଲେ, ଦେବତାମାନେ ବିଭିନ୍ନପ୍ରକାର ବେଶ ଧରି ଶ୍ରୀରାମଚନ୍ଦ୍ରଙ୍କ ଚରଣବନ୍ଦନା ଓ ସେବା କରୁଛନ୍ତି ॥ ୪ ॥

ଦୋଃ- **ସତୀ ବିଧାତ୍ରୀ ଇଂଦିରା ଦେଖୀଁ ଅମିତ ଅନୂପ ।**
**ଜେହିଁ ଜେହିଁ ବେଷ ଅଜାଦି ସୁର ତେହି ତେହି ତନ ଅନୁରୂପ ॥ ୫୪ ॥**

ସେ ଅଗଣିତ ଓ ଅନୁପମ ସତୀ, ବ୍ରହ୍ମାଣୀ ଓ ଲକ୍ଷ୍ମୀଙ୍କୁ ଦେଖିବାକୁ ପାଇଲେ । ଯେଉଁ ଯେଉଁ ରୂପରେ ବ୍ରହ୍ମା ଆଦି ଦେବତା ଥିଲେ, ସେମାନଙ୍କର ଶକ୍ତିମାନେ ମଧ୍ୟ ସେମାନଙ୍କର ଅନୁକୂଳ ରୂପରେ ଥିଲେ ॥ ୫୪ ॥

**ଦେଖେ ଜହଁ ତହଁ ରଘୁପତି ଜେତେ । ସକ୍ତିହ୍ନ ସହିତ ସକଲ ସୁର ତେତେ ॥**
**ଜୀୱ ଚରାଚର ଜୋ ସଂସାରା । ଦେଖେ ସକଲ ଅନେକ ପ୍ରକାରା ॥ ୧ ॥**

ସତୀ ଯେଉଁଠି ଯେତେ ରଘୁନାଥଙ୍କୁ ଦେଖିଲେ, ସେଠାରେ ସକଳ ଦେବତାଙ୍କୁ ସେମାନଙ୍କର ଶକ୍ତିମାନଙ୍କ ସହିତ ଦେଖିବାକୁ ପାଇଲେ । ସଂସାରର ଚରାଚର ଜୀବଙ୍କୁ ମଧ୍ୟ ଅନେକପ୍ରକାରେ ଦେଖିଲେ ॥ ୧ ॥

**ପୂଜହିଁ ପ୍ରଭୁହି ଦେୱ ବହୁ ବେଷା । ରାମ ରୂପ ଦୂସର ନହିଁ ଦେଖା ॥**
**ଅୱଲୋକେ ରଘୁପତି ବହୁତେରେ । ସୀତା ସହିତ ନ ବେଷ ଘନେରେ ॥ ୨ ॥**

ସେ ଦେଖିଲେ, ଦେବତାମାନେ ଅନେକ ବେଶ ଧରି ପ୍ରଭୁ ଶ୍ରୀରାମଙ୍କୁ ପୂଜା କରୁଛନ୍ତି ; କିନ୍ତୁ ରାମଙ୍କୁ ସେ କୌଣସିଠାରେ ବି ଭିନ୍ନରୂପରେ ଦେଖିବାକୁ ପାଇଲେ ନାହିଁ । ସୀତାଙ୍କ ସହିତ ଶ୍ରୀରାମ ଅନେକ ସ୍ଥାନରେ ଦେଖାଗଲେ; କିନ୍ତୁ ତାଙ୍କର ବେଶ ଅନେକ ନ ଥିଲା ॥ ୨ ॥

**ସୋଇ ରଘୁବର ସୋଇ ଲଛିମନୁ ସୀତା । ଦେଖି ସତୀ ଅତି ଭଈଁ ସଭୀତା ॥**
**ହୃଦୟ କଂପ ତନ ସୁଧି କଛୁ ନାହୀଁ । ନୟନ ମୂଦି ବୈଠୀଁ ମଗ ମାହୀଁ ॥ ୩ ॥**

ସର୍ବତ୍ର ସେହି ଏକା ରଘୁନାଥ, ଏକା ଲକ୍ଷ୍ମଣ ଓ ଏକା ସୀତାଙ୍କୁ ଦେଖି ସତୀଙ୍କୁ ବଡ଼ ଭୟ ଲାଗିଲା । ତାଙ୍କ ଛାତି ଥରିଲା; ବୁଦ୍ଧି ହଜିଗଲା; ସେ ଆଖି ବୁଜିଦେଇ ବାଟମଝିରେ ବସିପଡ଼ିଲେ ॥ ୩ ॥

**ବହୁରି ବିଲୋକେଉ ନୟନ ଉଘାରୀ । କଛୁ ନ ଦୀଖ ତହଁ ଦଚ୍ଛକୁମାରୀ ॥**
**ପୁନି ପୁନି ନାଇ ରାମ ପଦ ସୀସା । ଚଲୀଁ ତହାଁ ଜହଁ ରହେ ଗିରୀସା ॥ ୪ ॥**

କିଛି ସମୟ ପରେ ଦକ୍ଷକୁମାରୀ ଆଖି ଖୋଲି ଚାହିଁଦିଅନ୍ତି ତ, କେହି କେଉଁଠି ଦିଶିଲେ ନାହିଁ । ତେଣୁ ସେ ଶ୍ରୀରାମଙ୍କ ଚରଣରେ ବାରମ୍ବାର ମଥା ନତ କରି ଭଗବାନ୍ ଶିବ ଯେଉଁଠି ଥିଲେ, ସେଠାକୁ ଚାଲିଲେ ॥ ୪ ॥

ଦୋ:- **ଗଈ ସମୀପ ମହେସ ତବ ହଁସି ପୁଛୀ କୁସଲାତ ।**
**ଲୀହ୍ନି ପରୀଛା କଵନ ବିଧି କହହୁ ସତ୍ୟ ସବ ବାତ ॥ ୫୫ ॥**

ସେ ଯାଇ ଶିବଙ୍କ ନିକଟରେ ପହଞ୍ଚୁ ପହଞ୍ଚୁ ଶିବ ହସହସ ମୁଖରେ କୁଶଳପ୍ରଶ୍ନ କରି କହିଲେ, ''ତୁମେ ଶ୍ରୀରାମଙ୍କୁ କିପରି ପରୀକ୍ଷା କଲ, ସତ କୁହ ।'' ॥ ୫୫ ॥

## ମାସପାରାୟଣ, ଦ୍ୱିତୀୟ ବିଶ୍ରାମ

**ସତୀଁ ସମୁଝି ରଘୁବୀର ପ୍ରଭାଉ । ଭୟ ବସ ସିଵ ସନ କୀହ୍ନ ଦୁରାଉ ॥**
**କଛୁ ନ ପରୀଛା ଲୀହ୍ନି ଗୋସାଈଁ । କୀହ୍ନ ପ୍ରନାମୁ ତୁହ୍ମାରିହି ନାଈଁ ॥ ୧ ॥**
**ଜୋ ତୁହ୍ମ କହା ସୋ ମୃଷା ନ ହୋଈ । ମୋରେଁ ମନ ପ୍ରତୀତି ଅତି ସୋଈ ॥**
**ତବ ସଂକର ଦେଖେଉ ଧରି ଧ୍ୟାନା । ସତୀଁ ଜୋ କୀହ୍ନ ଚରିତ ସବୁ ଜାନା ॥ ୨ ॥**

ସତୀ ଶ୍ରୀରଘୁନାଥଙ୍କ ପ୍ରଭାବ ବୁଝିଯାଇଥିବାରୁ ଭୟଭୀତା ହୋଇ ସତ କଥାଟି ଲୁଚାଇଦେଲେ ଓ ଶିବଙ୍କୁ କହିଲେ, ''ହେ ନାଥ ! ମୁଁ କିଛି ବି ପରୀକ୍ଷା କରିନାହିଁ; କେବଳ ସେଠାକୁ ଯାଇ ଠିକ୍ ଆପଣଙ୍କ ପରି ତାଙ୍କୁ ପ୍ରଣାମ କଲି । ମୋର ଦୃଢ଼ ବିଶ୍ୱାସ ଯେ, ଆପଣ ଯାହା କହିଲେ, ତାହା ମିଥ୍ୟା ହୋଇ ନ ପାରେ ।'' ଶିବ ଧ୍ୟାନବଳରେ ସବୁ ଦେଖିପାରିଲେ ଏବଂ ସତୀ ଯାହା ଯାହା କରିଥିଲେ, ସବୁ ଜାଣିଗଲେ ॥ ୧, ୨ ॥

**ବହୁରି ରାମମାୟହି ସିରୁ ନାଵା । ପ୍ରେରି ସତିହି ଜେହିଁ ଝୂଁଠ କହାଵା ॥**
**ହରି ଇଚ୍ଛା ଭାଵୀ ବଲଵାନା । ହୃଦୟଁ ବିଚାରତ ସଂଭୁ ସୁଜାନା ॥ ୩ ॥**

ଯାହାଙ୍କ ମାୟାର ପ୍ରେରଣାରେ ସତୀଙ୍କ ମୁହଁରୁ ବି ମିଛ ବାହାରିପଡ଼ିଲା, ସେହି ଶ୍ରୀରାମଙ୍କ ମାୟାକୁ ସେ ନତମସ୍ତକ ହୋଇ ପ୍ରଣାମ କଲେ । ମହାଜ୍ଞାନୀ ଶିବ ମନେ ମନେ ବିଚାର କଲେ, 'ହରିଇଚ୍ଛାରୂପୀ ଅଦୃଷ୍ଟ ଅତି ବଳବାନ୍ ।' ॥ ୩ ॥

**ସତୀଁ କୀହ୍ନ ସୀତା କର ବେଷା । ସିଵ ଉର ଭୟଉ ବିଷାଦ ବିସେଷା ॥**
**ଜୌଁ ଅବ କରଉଁ ସତୀ ସନ ପ୍ରୀତୀ । ମିଟଇ ଭଗତି ପଥୁ ହୋଇ ଅନୀତୀ ॥ ୪ ॥**

ସତୀ ସୀତାଙ୍କ ବେଶ ଧାରଣ କରିଥିଲେ ଜାଣି ଶିବଙ୍କ ମନରେ ବଡ଼ ଦୁଃଖ ହେଲା । ସେ ଭାବିଲେ, ''ମୁଁ ଯଦି ଏଣିକି ସତୀଙ୍କ ସହିତ ପ୍ରୀତି କରିବି, ତେବେ ଭକ୍ତିମାର୍ଗରେ କଳଙ୍କ ଲାଗିଯିବ ଏବଂ ବଡ଼ ଅନ୍ୟାୟ ହୋଇଯିବ ॥ ୪ ॥

ଦୋ:- **ପରମ ପୁନୀତ ନ ଜାଇ ତଜି କିଏଁ ପ୍ରେମ ବଡ଼ ପାପୁ ।**
**ପ୍ରଗଟି ନ କହତ ମହେସୁ କଛୁ ହୃଦୟଁ ଅଧିକ ସଂତାପୁ ॥ ୫୬ ॥**

ସତୀ ତ ପରମ ପବିତ୍ର; ତେଣୁ ତାଙ୍କୁ ପରିତ୍ୟାଗ କରିବା ଠିକ୍ ହେବ ନାହିଁ; ପୁଣି ତାଙ୍କୁ ପ୍ରେମ କରିବା ବି ବଡ଼ ପାପ ହେବ ।'' ଶିବ ମୁହଁ ଖୋଲି କିଛି କହିଲେ ନାହିଁ ସତ, କିନ୍ତୁ ତାଙ୍କ ହୃଦୟରେ ବଡ଼ ସନ୍ତାପ ଜାତ ହେଲା ॥ ୫୬ ॥

**ତବ ସଂକର ପ୍ରଭୁ ପଦ ସିରୁ ନାୱା । ସୁମିରତ ରାମୁ ହୃଦୟଁ ଅସ ଆୱା ॥**
**ଏହିଁ ତନ ସତିହି ଭେଟ ମୋହି ନାହୀଁ । ସିୱ ସଂକଲ୍ପୁ କୀହ୍ନ ମନ ମାହୀଁ ॥ ୧ ॥**

ତେଣୁ ଶିବ ପ୍ରଭୁ ଶ୍ରୀରାମଙ୍କ ଚରଣକମଳ ଉଦ୍ଦେଶ୍ୟରେ ମଥା ନତ କଲେ ଏବଂ ଶ୍ରୀରାମଙ୍କୁ ସ୍ମରଣ କରୁ କରୁ ତାଙ୍କ ମନରେ ଭାବ ଆସିଗଲା ଯେ, ସତୀଙ୍କର ଇହଶରୀରରେ ସେ ଆଉ ତାଙ୍କ ସହିତ ପତିରୂପରେ ମିଳିତ ହେବେ ନାହିଁ । ସେ ମନେ ମନେ ଏହା ସଂକଳ୍ପ କରିନେଲେ ॥ ୧ ॥

**ଅସ ବିଗ୍ୱରି ସଂକରୁ ମତିଧୀରା । ଚଲେ ଭୱନ ସୁମିରତ ରଘୁବୀରା ॥**
**ଚଲତ ଗଗନ ଭୈ ଗିରା ସୁହାଈ । ଜୟ ମହେସ ଭଲି ଭଗତି ଦୃଢ଼ାଈ ॥ ୨ ॥**
**ଅସ ପନ ତୁହ୍ମ ବିନୁ କରଇ କୋ ଆନା । ରାମଭଗତ ସମରଥ ଭଗୱାନା ॥**
**ସୁନି ନଭଗିରା ସତୀ ଉର ସୋଗ୍ୱ । ପୂଛା ସିୱହି ସମେତ ସକୋଗ୍ୱ ॥ ୩ ॥**

ଏପରି ସଂକଳ୍ପ କରି, ସ୍ଥିରବୁଦ୍ଧି ଶଙ୍କର ଶ୍ରୀରଘୁନାଥଙ୍କୁ ସ୍ମରଣ କରି କରି ନିଜର ନିବାସ କୈଳାସ ଅଭିମୁଖେ ଗ୍ୱଲିଲେ । ସେ ଯିବାବେଳେ ସୁନ୍ଦର ଆକାଶବାଣୀ ହେଲା, ''ହେ ମହେଶ ! ଆପଣଙ୍କର ଜୟ ହେଉ ! ଆପଣ ଦୃଢ଼ଭକ୍ତିର ନିଦର୍ଶନ ଦେଖାଇଲେ; ଆପଣଙ୍କ ଛଡ଼ା ଆଉ କିଏ ଏପରି ପ୍ରତିଜ୍ଞା କରିପାରିବ ! ଆପଣ ଶ୍ରୀରାମଙ୍କର ଭକ୍ତ, ସମର୍ଥ ଏବଂ ଭଗବାନ୍ ।'' ଏହି ଆକାଶବାଣୀ ଶୁଣି ସତୀଙ୍କ ମନ ଚିନ୍ତିତ ହୋଇଗଲା । ସେ ସଂକୋଚର ସହିତ ଶିବଙ୍କୁ ପଗ୍ୱରିଲେ, ॥ ୨, ୩ ॥

**କୀହ୍ନ କୱନ ପନ କହହୁ କୃପାଲା । ସତ୍ୟଧାମ ପ୍ରଭୁ ଦୀନଦୟାଲା ॥**
**ଜଦପି ସତୀଁ ପୂଛା ବହୁ ଭାଁତୀ । ତଦପି ନ କହେଉ ତ୍ରିପୁର ଆରାତୀ ॥ ୪ ॥**

''ହେ କୃପାଳୁ ! ହେ ପ୍ରଭୁ ! ଆପଣ ତ ସତ୍ୟର ଧାମ ଏବଂ ଦୀନଦୟାଳୁ । ଆପଣ କି ପ୍ରତିଜ୍ଞା କଲେ, ଦୟା କରି କହନ୍ତୁ ।'' ସତୀ ବିନୀତ ହୋଇ ବାରମ୍ବାର ଏପରି ପଗ୍ୱରିଲେ ସତ, ତଥାପି ତ୍ରିପୁରାରି କିଛି କହିଲେ ନାହିଁ ॥ ୪ ॥

ଦୋ:- **ସତୀଁ ହୃଦୟଁ ଅନୁମାନ କିୟ ସବୁ ଜାନେଉ ସର୍ବଗ୍ୟ ।**
**କୀହ୍ନ କପଟୁ ମୈଁ ସଂଭୁ ସନ ନାରି ସହଜ ଜଡ଼ ଅଗ୍ୟ ॥୫୭(କ)॥**

ସତୀ ମନେ ମନେ ଅନୁମାନ କରିନେଲେ ଯେ, ସର୍ବଜ୍ଞ ଶିବ ସବୁକିଛି ଜାଣିଯାଇଛନ୍ତି । ସେ ମନେ ମନେ ଭାବିଲେ, ''ମୁଁ ଶିବଙ୍କ ନିକଟରେ କପଟ କଲି । ନାରୀ ସ୍ୱଭାବତଃ ମୂର୍ଖ ଓ ଅଳ୍ପବୁଦ୍ଧି ହୋଇଥାଏ ।'' ॥ ୫୭(କ) ॥

ସୋ:- **ଜଲୁ ପୟ ସରିସ ବିକାଇ ଦେଖହୁ ପ୍ରୀତି କି ରୀତି ଭଲି ।**
**ବିଲଗ ହୋଇ ରସୁ ଜାଇ କପଟ ଖଟାଈ ପରତ ପୁନି ॥୫୭(ଖ)॥**

ପ୍ରୀତିର ସୁନ୍ଦର ରୀତି ଦେଖ ! ପାଣି ମଧ୍ୟ ଦୁଧ ସହିତ ମିଶି ଦୁଧ ମୂଲ୍ୟରେ ବିକ୍ରି ହୁଏ; କିନ୍ତୁ ସେଥିରେ କପଟରୂପକ ଖଟା ଟିକିଏ ପଡ଼ିଗଲେ, ପାଣି ଅଲଗା ହୋଇଯାଏ ଏବଂ ସେଥିରୁ ସ୍ୱାଦ (ପ୍ରେମ) ଗ୍ୱଲିଯାଏ ॥ ୫୭(ଖ) ॥

**ହୃଦୟଁ ସୋଚୁ ସମୁଝତ ନିଜ କରନୀ । ଚିଂତା ଅମିତ ଜାଇ ନହିଁ ବରନୀ ॥**
**କୃପାସିଂଧୁ ସିଓ୍ୱ ପରମ ଅଗାଧା । ପ୍ରଗଟ ନ କହେଉ ମୋର ଅପରାଧା ॥ ୧ ॥**

ନିଜର କୃତକର୍ମ ମନେ ପକାଇ, ନିଜ ଭୁଲ ବୁଝିପାରି ସତୀଙ୍କ ମନରେ ଏତେ ଚିନ୍ତା ହେଲା ଯେ, ତାହା କହିହେବ ନାହିଁ । ସେ ବୁଝିଗଲେ, "ଶିବ ହେଉଛନ୍ତି କୃପାର ଅଗାଧ ସାଗର; ତେଣୁ ସେ ମୁହଁ ଖୋଲି ମୋର ଅପରାଧ କହିଲେ ନାହିଁ ।" ॥ ୧ ॥

**ସଂକର ରୁଖ ଅଓ୍ୱଲୋକି ଭଓ୍ୱାନୀ । ପ୍ରଭୁ ମୋହି ତଜେଉ ହୃଦୟଁ ଅକୁଲାନୀ ॥**
**ନିଜ ଅଘ ସମୁଝି ନ କଛୁ କହି ଜାଈ । ତପଇ ଅଓ୍ୱାଁ ଇଓ୍ୱ ଉର ଅଧିକାଈ ॥ ୨ ॥**

ଶିବଙ୍କ ଗମ୍ଭୀର ମୁଖ ଦେଖି ସତୀ ଜାଣିଗଲେ ଯେ, ସ୍ୱାମୀ ତାଙ୍କୁ ପରିତ୍ୟାଗ କରିଦେଲେ । ତାଙ୍କ ହୃଦୟ ବ୍ୟାକୁଳ ହୋଇଗଲା । ନିଜର ପାପ ବିଷୟରେ ଚିନ୍ତା କରି ସେ କିଛି କହିପାରିଲେ ନାହିଁ; କିନ୍ତୁ ତାଙ୍କ ହୃଦୟଭିତରଟା କୁମ୍ଭାରଉହା ପରି ସଂତାପିତ ହେବାକୁ ଲାଗିଲା ॥ ୨ ॥

**ସତିହି ସସୋଚ ଜାନି ବୃଷକେତୂ । କହୀଁ କଥା ସୁଂଦର ସୁଖହେତୂ ॥**
**ବରନତ ପଂଥ ବିବିଧ ଇତିହାସା । ବିସ୍ୱନାଥ ପହୁଁଚେ କୈଲାସା ॥ ୩ ॥**

ସତୀ ଚିନ୍ତିତ ଥିବା ଜାଣି ତାଙ୍କୁ ସୁଖୀ କରିବା ନିମନ୍ତେ ବୃଷକେତୁ ଶିବ କେତୋଟି ସୁନ୍ଦର କଥା କହିବାକୁ ଲାଗିଲେ । ବାଟସାରା ଏପରି ବିଭିନ୍ନ ଅତୀତଘଟଣା କହି କହି ବିଶ୍ୱନାଥ ଯାଇ କୈଳାସରେ ପହଞ୍ଚିଗଲେ ॥ ୩ ॥

**ତହଁ ପୁନି ସଂଭୁ ସମୁଝି ପନ ଆପନ । ବୈଠେ ବଟତର କରି କମଲାସନ ॥**
**ସଂକର ସହଜ ସରୂପୁ ସମ୍ହାରା । ଲାଗି ସମାଧି ଅଖଂଡ ଅପାରା ॥ ୪ ॥**

ସେଠାରେ ସେ ନିଜର ପ୍ରତିଜ୍ଞା ସ୍ମରଣ କରି ବଟବୃକ୍ଷତଳେ ପଦ୍ମାସନରେ ବସିଗଲେ । ସେ ନିଜର ସହଜ ସ୍ୱରୂପରେ ପ୍ରତିଷ୍ଠିତ ହୋଇ ଅଖଣ୍ଡ ଅପାର ସମାଧିରେ ଲୀନ ହୋଇଗଲେ ॥ ୪ ॥

ଦୋଃ- **ସତୀ ବସହିଁ କୈଲାସ ତବ ଅଧିକ ସୋଚୁ ମନ ମାହିଁ ।**
**ମରମୁ ନ କୋଉ ଜାନ କଛୁ ଜୁଗ ସମ ଦିଓ୍ୱସ ସିରାହିଁ ॥ ୫୮ ॥**

ସତୀ କୈଳାସରେ ରହିବାକୁ ଲାଗିଲେ; ମନରେ ବଡ଼ ଦୁଃଖ ରହିଥାଏ; କିନ୍ତୁ ଏହି ରହସ୍ୟ କେହି ଜାଣିପାରିଲେ ନାହିଁ । ତାଙ୍କର ଗୋଟିଏ ଗୋଟିଏ ଦିନ ଗୋଟିଏ ଗୋଟିଏ ଯୁଗ ପରି ବିତିବାକୁ ଲାଗିଲା ॥ ୫୮ ॥

**ନିତ ନଓ୍ୱ ସୋଚୁ ସତୀ ଉର ଭାରା । କବ ଜୈହଉଁ ଦୁଖ ସାଗର ପାରା ॥**
**ମୈଁ ଜୋ କୀହ୍ନ ରଘୁପତି ଅପମାନା । ପୁନି ପତିବଚନୁ ମୃଷା କରି ଜାନା ॥ ୧ ॥**
**ସୋ ଫଲୁ ମୋହି ବିଧାତାଁ ଦୀହ୍ନା । ଜୋ କଛୁ ଉଚିତ ରହା ସୋଇ କୀହ୍ନା ॥**
**ଅବ ବିଧି ଅସ ବୂଝିଅ ନହିଁ ତୋହୀ । ସଂକର ବିମୁଖ ଜିଆଓ୍ୱସି ମୋହୀ ॥ ୨ ॥**

ଏହି ଦୁଃଖସାଗରକୁ କିପରି ପାରିହେବେ ବୋଲି ସତୀଙ୍କ ଅନ୍ତରରେ ପ୍ରତିଦିନ ଅଧିକରୁ ଅଧିକ ମନସ୍ତାପ ହେବାକୁ ଲାଗିଲା । ସେ ଭାବିବାକୁ ଲାଗିଲେ, "ମୁଁ ରଘୁପତିଙ୍କୁ ଯେଉଁ ଅପମାନିତ କଲି ଏବଂ ପତିଙ୍କ ବଚନକୁ ଯେଉଁ ମିଥ୍ୟା ବୋଲି ଭାବିଦେଲି, ବିଧାତା ମୋତେ ତାହାରି ଫଳହିଁ ଦେଇଦେଲା; ମୋ ପ୍ରତି ଯାହା କରିବା ଉଚିତ, ତାହାହିଁ କଲା ।" ଏବଂ କହିବାକୁ ଲାଗିଲେ, "କିନ୍ତୁ ରେ ବିଧାତା ! ମୁଁ ଶଙ୍କରଙ୍କ ପ୍ରତି ବିମୁଖ ହେବା ସତ୍ତ୍ୱେ ମୋତେ ଯାହା ବଞ୍ଚାଇରଖିଛୁ, ତାହା ତୋ ପକ୍ଷରେ ଉଚିତ ହେଲା ନାହିଁ ।" ॥ ୧, ୨ ॥

**କହି ନ ଜାଇ କଛୁ ହୃଦୟ ଗଲାନୀ । ମନ ମହୁଁ ରାମହି ସୁମିର ସୟାନୀ ॥**
**ଜୌଁ ପ୍ରଭୁ ଦୀନଦୟାଲୁ କହାୱା । ଆରତି ହରନ ବେଦ ଜସୁ ଗାୱା ॥ ୩ ॥**
**ତୌ ମୈଁ ବିନୟ କରଉଁ କର ଜୋରୀ । ଛୂଟଉ ବେଗି ଦେହ ୟହ ମୋରୀ ॥**
**ଜୌଁ ମୋରେଁ ସିୱ ଚରନ ସନେହୂ । ମନ କ୍ରମ ବଚନ ସତ୍ୟ ବ୍ରତୁ ଏହୂ ॥ ୪ ॥**

ସତୀଙ୍କ ହୃଦୟର ଗ୍ଲାନି ଭାଷାରେ ପ୍ରକାଶ କରିହେବ ନାହିଁ । ବୁଦ୍ଧିମତୀ ସତୀ ମନେ ମନେ ଶ୍ରୀରାମଙ୍କୁ ସ୍ମରଣ କରି କହିଲେ, ‘‘ହେ ପ୍ରଭୁ ! ଆପଣ ଯଦି ସତରେ ଦୀନଦୟାଳୁ ବୋଲାଉଛନ୍ତି, ଯଦି ଦୁଃଖହାରୀ ବୋଲି କହି ବେଦମାନେ ଆପଣଙ୍କର ଯଶ ଗାଉଛନ୍ତି, ତେବେ ମୁଁ କରପତ୍ର ଯୋଡ଼ି ବିନତି କରୁଛି, ମୋର ଏହି ଦେହ ଶୀଘ୍ର ନାଶ ହୋଇଯାଉ; ଯଦି ପ୍ରଭୁ ଶିବଙ୍କ ଚରଣରେ ମୋର ପ୍ରେମ ଥାଏ ଏବଂ ମୋର ସେହି ପ୍ରେମବ୍ରତ କାୟ-ମନ-ବାକ୍ୟରେ ସତ୍ୟ ହୋଇଥାଏ, ॥ ୩, ୪ ॥

ଦୋଃ- **ତୌ ସବଦରସୀ ସୁନିଅ ପ୍ରଭୁ କରଉ ସୋ ବେଗି ଉପାଇ ।**
**ହୋଇ ମରନୁ ଜେହିଁ ବିନହିଁ ଶ୍ରମ ଦୁସହ ବିପତ୍ତି ବିହାଇ ॥ ୫୯ ॥**

ତେବେ ହେ ସର୍ବଦର୍ଶୀ ପ୍ରଭୁ ! ମୋ ବିନୟ ଶୁଣନ୍ତୁ ଏବଂ ଶୀଘ୍ର ସେହି ଉପାୟ କରନ୍ତୁ, ଯାହା ଫଳରେ କି ମୋର ମରଣ ହେବ ଏବଂ ପତିବିରହଜନିତ ଦୁଃସହ ବିପତ୍ତି ଅକ୍ଳେଶରେ ଦୂର ହୋଇଯିବ ।’’ ॥ ୫୯ ॥

**ଏହି ବିଧି ଦୁଖିତ ପ୍ରଜେସକୁମାରୀ । ଅକଥନୀୟ ଦାରୁନ ଦୁଖୁ ଭାରୀ ॥**
**ବୀତେଁ ସଂବତ ସହସ ସତାସୀ । ତଜୀ ସମାଧି ସଂଭୁ ଅବିନାସୀ ॥ ୧ ॥**

ଦକ୍ଷକନ୍ୟା ସତୀ ଏହିପରି ଅକଥନୀୟ ଦାରୁଣ ଦୁଃଖରେ ଅଭିଭୂତ ହୋଇ ଦିନ କଟାଇବାକୁ ଲାଗିଲେ । ସତାଅଶୀ ହଜାର ବର୍ଷ ଅତୀତ ହେବା ପରେ ଅବିନଶ୍ୱର ଶିବ ସମାଧି ଭାଙ୍ଗିଲେ ॥ ୧ ॥

**ରାମ ନାମ ସିୱ ସୁମିରନ ଲାଗେ । ଜାନେଉ ସତୀଁ ଜଗତପତି ଜାଗେ ॥**
**ଜାଇ ସଂଭୁ ପଦ ବଂଦନୁ କୀହ୍ନା । ସନମୁଖ ସଂକର ଆସନୁ ଦୀହ୍ନା ॥ ୨ ॥**

ଶିବ ରାମନାମ ସ୍ମରଣ କରିବାକୁ ଲାଗିଲେ । ସତୀ ବୁଝିଗଲେ ଯେ, ଜଗତ୍‌ପତି ଶିବ ସମାଧିରୁ ଉଠିଲେଣି । ସେ ଯାଇ ଶଙ୍କରଙ୍କ ପାଦରେ ପ୍ରଣାମ କରିବାରୁ, ଶିବ ତାଙ୍କୁ ସମ୍ମୁଖରେ ବସିବାକୁ ଆସନ ଦେଲେ॥ ୨ ॥

**ଲଗେ କହନ ହରିକଥା ରସାଲା । ଦଚ୍ଛ ପ୍ରଜେସ ଭଏ ତେହି କାଲା ॥**
**ଦେଖା ବିଧି ବିଚାରି ସବ ଲାୟକ । ଦଚ୍ଛହି କୀହ୍ନ ପ୍ରଜାପତି ନାୟକ ॥ ୩ ॥**

ଭଗବାନ୍ ଶଙ୍କର ଶ୍ରୀହରିଙ୍କର ରସମୟୀ କଥା କହିବାକୁ ଲାଗିଲେ । ସେତେବେଳକୁ ଦକ୍ଷ ‘ପ୍ରଜାପତି’ ହୋଇଥିଲେ । ଦକ୍ଷଙ୍କୁ ସକଳପ୍ରକାରେ ଯୋଗ୍ୟ ବିବେଚନା କରି ବ୍ରହ୍ମା ତାଙ୍କୁ ପ୍ରଜାପତିମାନଙ୍କର ରାଜା କରିଦେଇଥିଲେ ॥ ୩ ॥

**ବଡ଼ ଅଧିକାର ଦଚ୍ଛ ଜବ ପାୱା । ଅତି ଅଭିମାନୁ ହୃଦୟଁ ତବ ଆୱା ॥**
**ନହିଁ କୋଉ ଅସ ଜନମା ଜଗ ମାହୀଁ । ପ୍ରଭୁତା ପାଇ ଜାହି ମଦ ନାହୀଁ ॥ ୪ ॥**

କିନ୍ତୁ ଉଚ୍ଚ ଅଧିକାର ପାଇ ଦକ୍ଷଙ୍କ ମନରେ ଅତ୍ୟନ୍ତ ଅହଂକାର ଜାତ ହୋଇଯାଇଥିଲା । ପୃଥିବୀରେ ଏପରି କେହି ଜନ୍ମ ହୋଇ ନାହିଁ, ଯେ କି ପ୍ରଭୁତ୍ୱର ଅଧିକାରୀ ହୋଇ ମଧ୍ୟ ମଦଗର୍ବୀ ନ ହୋଇଛି ॥ ୪ ॥

ଦୋଃ- **ଦଛ୍ଛ ଲିଏ ମୁନି ବୋଲି ସବ କରନ ଲଗେ ବଡ଼ ଜାଗ ।**
**ନେଓ୍ୱତେ ସାଦର ସକଲ ସୁର ଜେ ପାଓ୍ୱତ ମଖ ଭାଗ ॥ ୬୦ ॥**

ସମସ୍ତ ମୁନିଋଷିଙ୍କୁ ଆମନ୍ତ୍ରଣ କରିଆଣି ଦକ୍ଷ ଗୋଟିଏ ବିଶାଳ ଯଜ୍ଞ ଆରମ୍ଭ କଲେ । ଯେଉଁ ଦେବତାମାନେ ଯଜ୍ଞଭାଗରେ ଅଧିକାରୀ, ସେମାନଙ୍କୁ ସେ ସମାଦରରେ ନିମନ୍ତ୍ରଣ କଲେ ॥ ୬୦ ॥

**କିଂନର ନାଗ ସିଦ୍ଧ ଗଂଧର୍ବା । ବଧୁନ୍ହ ସମେତ ଚଲେ ସୁର ସର୍ବା ॥**
**ବିଷ୍ଣୁ ବିରଂଚି ମହେସୁ ବିହାଈ । ଚଲେ ସକଲ ସୁର ଜାନ ବନାଈ ॥ ୧ ॥**

ନିମନ୍ତ୍ରଣ ପାଇ କିନ୍ନର, ନାଗ, ସିଦ୍ଧ, ଗନ୍ଧର୍ବ ଏବଂ ଅନ୍ୟାନ୍ୟ ଦେବତା ନିଜ ନିଜର ପତ୍ନୀମାନଙ୍କୁ ସଙ୍ଗରେ ନେଇ ସେଠାକୁ ଯାତ୍ରା କଲେ । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଛଡ଼ା ଅନ୍ୟ ସମସ୍ତ ଦେବତା ନିଜ ନିଜର ବାହନ ଚଢ଼ି ସେଠାକୁ ଗ୍ଲିଲେ ॥ ୧ ॥

**ସତୀଁ ବିଲୋକେ ବ୍ୟୋମ ବିମାନା । ଜାତ ଚଲେ ସୁଂଦର ବିଧି ନାନା ॥**
**ସୁର ସୁଂଦରୀ କରହିଁ କଲ ଗାନା । ସୁନତ ଶ୍ରଓ୍ୱନ ଛୂଟହିଁ ମୁନି ଧ୍ୟାନା ॥ ୨ ॥**

ସତୀ ଦେଖିଲେ, ଆକାଶରେ ଅନେକ ସୁନ୍ଦର ସୁନ୍ଦର ବିମାନ ଯାଉଛି । ଦେବାଙ୍ଗନାମାନେ ଏପରି ମଧୁର ସ୍ୱରରେ ଗୀତ ଗାଉଛନ୍ତି ଯେ, ଶୁଣିଲେ ମୁନିମାନଙ୍କର ଧ୍ୟାନ ମଧ୍ୟ ଭାଙ୍ଗିଯିବ ॥ ୨ ॥

**ପୂଛେଉ ତବ ସିଓ୍ୱଁ କହେଉ ବଖାନୀ । ପିତା ଜଗ୍ୟ ସୁନି କଛୁ ହରଷାନୀ ॥**
**ଜୌଁ ମହେସୁ ମୋହି ଆୟସୁ ଦେହୀଁ । କଛୁ ଦିନ ଜାଇ ରହୌଁ ମିସ ଏହୀଁ ॥ ୩ ॥**

ଦେବତାମାନେ କେଉଁଠିକି ଯାଉଛନ୍ତି ବୋଲି ପଗ୍ୱରିବାରୁ ଶିବ ସତୀଙ୍କୁ ସବୁକଥା ବୁଝାଇ କହିଲେ । ବାପା ଯଜ୍ଞ କରୁଛନ୍ତି ଶୁଣି ସତୀ ଟିକିଏ ଆନନ୍ଦିତା ହେଲେ ଏବଂ ଭାବିଲେ, ଯଦି ମହାଦେବ ଅନୁମତି ଦିଅନ୍ତେ, ତା'ହେଲେ ସେହି ଆଳରେ କିଛିଦିନ ଯାଇ ସେ ବାପାଙ୍କ ଘରେ ରହି ଆସନ୍ତେ ॥ ୩ ॥

**ପତି ପରିତ୍ୟାଗ ହୃଦୟଁ ଦୁଖୁ ଭାରୀ । କହଇ ନ ନିଜ ଅପରାଧ ବିଗ୍ୱରୀ ॥**
**ବୋଲୀ ସତୀ ମନୋହର ବାନୀ । ଭୟ ସଂକୋଚ ପ୍ରେମ ରସ ସାନୀ ॥ ୪ ॥**

ପତିପରିତ୍ୟକ୍ତା ହୋଇଥିବାରୁ ସତୀଙ୍କ ହୃଦୟ ଦୁଃଖରେ ଭାରାକ୍ରାନ୍ତ ହୋଇଯାଇଥିଲା; କିନ୍ତୁ ନିଜର ଅପରାଧ ହୃଦୟଙ୍ଗମ କରି ସେ କିଛି କହିପାରୁ ନ ଥିଲେ । ଶେଷରେ ସେ ପ୍ରେମ, ଭୟ ଓ ସଂକୋଚ-ମିଶ୍ରିତ ମଧୁର ବାଣୀରେ କହିଲେ, ॥ ୪ ॥

ଦୋଃ- **ପିତା ଭଓ୍ୱନ ଉତ୍ସଓ୍ୱ ପରମ ଜୌଁ ପ୍ରଭୁ ଆୟସୁ ହୋଇ ।**
**ତୌ ମୈଁ ଜାଉଁ କୃପାୟତନ ସାଦର ଦେଖନ ସୋଇ ॥ ୬୧ ॥**

''ହେ ପ୍ରଭୁ ! ମୋ ବାପାଙ୍କ ଘରେ ବିରାଟ ଉତ୍ସବ ହେଉଛି । ଆପଣ ଯଦି ଅନୁମତି ଦିଅନ୍ତେ, ତେବେ ହେ ଦୟାବତାର ! ମୁଁ ସେଠାକୁ ଯାଇ ଟିକିଏ ସେହି ଉତ୍ସବ ଦେଖିଆସନ୍ତି ।'' ॥ ୬୧ ॥

**କହେହୁ ନୀକ ମୋରେହୁଁ ମନ ଭାଓ୍ୱା । ୟହ ଅନୁଚିତ ନହିଁ ନେଓ୍ୱତ ପଠାଓ୍ୱା ॥**
**ଦଛ୍ଛ ସକଲ ନିଜ ସୁତା ବୋଲାଈଁ । ହମରେଁ ବୟର ତୁମ୍ହଉ ବିସରାଈଁ ॥ ୧ ॥**

ଶିବ କହିଲେ, ''ତୁମେ ଭଲ ପ୍ରସ୍ତାବଟିଏ ଦେଇଛ; ପ୍ରସ୍ତାବଟି ମୋ ମନକୁ ବି ପାଉଛି । କିନ୍ତୁ ସେ ତ ନିମନ୍ତ୍ରଣ କରିନାହାନ୍ତି; ତେଣୁ ତୁମକୁ ପଠାଇବା ଠିକ୍ ହେବ ନାହିଁ । ଦକ୍ଷ ତାଙ୍କର ସବୁଝିଅଙ୍କୁ ଡାକିଛନ୍ତି; କିନ୍ତୁ ମୋ ପ୍ରତି ବୈରଭାବ ରଖିଥିବାରୁ ତୁମକୁ ଡାକିବାରେ ଅବହେଳା କରିଛନ୍ତି ॥ ୧ ॥

**ବ୍ରହ୍ମସଭାଁ ହମ ସନ ଦୁଖୁ ମାନା । ତେହି ତେଁ ଅଜହୁଁ କରହିଁ ଅପମାନା ॥**
**ଜୌଁ ବିନୁ ବୋଲେଁ ଜାହୁ ଭୱାନୀ । ରହଇ ନ ସୀଲୁ ସନେହୁ ନ କାନୀ ॥ ୨ ॥**

ଥରେ ବ୍ରହ୍ମାଙ୍କ ସଭାରେ ମୋ ଉପରେ ସେ ଅପ୍ରସନ୍ନ ହୋଇଗଲେ; ସେହିଦିନୁ ସେ ମୋତେ ଅପମାନ ଦେଇଗ୍ଲିଛନ୍ତି । ହେ ଭବାନୀ ! ତୁମେ ଯଦି ସେଠାକୁ ବିନା ନିମନ୍ତ୍ରଣରେ ଯିବ, ତେବେ ସ୍ନେହ, ସଦ୍‌ଭାବ, ଶ୍ରଦ୍ଧା ଓ ମାନମର୍ଯ୍ୟାଦା ବୋଲି ଆଉ କିଛି ରହିବ ନାହିଁ ॥ ୨ ॥

**ଜଦପି ମିତ୍ର ପ୍ରଭୁ ପିତୁ ଗୁର ଗେହା । ଜାଇଅ ବିନୁ ବୋଲେହୁଁ ନ ସଁଦେହା ॥**
**ତଦପି ବିରୋଧ ମାନ ଜହଁ କୋଈ । ତହାଁ ଗଏଁ କଲ୍ୟାନୁ ନ ହୋଈ ॥ ୩ ॥**
**ଭାଁତି ଅନେକ ସଂଭୁ ସମୁଝାୱା । ଭାୱୀ ବସ ନ ଗ୍ୟାନୁ ଉର ଆୱା ॥**
**କହ ପ୍ରଭୁ ଜାହୁ ଜୋ ବିନହିଁ ବୋଲାଏଁ । ନହିଁ ଭଲି ବାତ ହମାରେ ଭାଏଁ ॥ ୪ ॥**

ଯଦ୍ୟପି ଏଥିରେ କୌଣସି ସନ୍ଦେହ ନାହିଁ ଯେ ମିତ୍ର, ସ୍ୱାମୀ, ପିତା ଓ ଗୁରୁଙ୍କ ଘରକୁ ବିନାନିମନ୍ତ୍ରଣରେ ମଧ୍ୟ ଯାଇହେବ, ତଥାପି ଯେଉଁଠି ମନୋମାଳିନ୍ୟ ରହିଛି, ସେଠାକୁ ବିନାନିମନ୍ତ୍ରଣରେ ଗଲେ କୌଣସି ମଙ୍ଗଳ ହୁଏ ନାହିଁ ।'' ଶିବ ଏପରି ନାନାପ୍ରକାରେ ସତୀଙ୍କୁ ବୁଝାଇଲେ, କିନ୍ତୁ ନିୟତିପରବଶ ହୋଇଯାଇଥିବାରୁ ସତୀଙ୍କ ହୃଦୟରେ ଜ୍ଞାନ ଉଦୟ ହେଲା ନାହିଁ । ତେଣୁ ଶିବ କହିଦେଲେ; ''ତୁମେ ଯଦି ବିନାନିମନ୍ତ୍ରଣରେ ଯିବ, ତେବେ ମୋ ବିଗ୍ଚାରରେ ଫଳ କିଛି ଭଲ ହେବ ନାହିଁ ।'' ॥ ୩, ୪॥

ଦୋଃ- **କହି ଦେଖା ହର ଜତନ ବହୁ ରହଇ ନ ଦଚ୍ଛକୁମାରି ।**
**ଦିଏ ମୁଖ୍ୟ ଗନ ସଂଗ ତବ ବିଦା କୀହ୍ନ ତ୍ରିପୁରାରି ॥ ୬୨ ॥**

ଏପରି ନାନାଭାବରେ ବହୁ ପ୍ରଯତ୍ନ କରି ହର ବୁଝାଇ କହିବା ପରେ ବି, ଦେଖିଲେ, ସତୀ ରହିବେ ନାହିଁ । ତେଣୁ ତ୍ରିପୁରାରି ଶିବ ନିଜର ମୁଖ୍ୟ ଅନୁଚରଗଣଙ୍କୁ ସଙ୍ଗରେ ଦେଇ ସତୀଙ୍କୁ ବିଦା କରିଦେଲେ ॥ ୬୨ ॥

**ପିତା ଭୱନ ଜବ ଗଈଁ ଭୱାନୀ । ଦଚ୍ଛ ତ୍ରାସ କାହୁଁ ନ ସନମାନୀ ॥**
**ସାଦର ଭଲେହିଁ ମିଲୀ ଏକ ମାତା । ଭଗିନୀଁ ମିଲୀଁ ବହୁତ ମୁସୁକାତା ॥ ୧ ॥**

ଭବାନୀ ଯାଇ ଯେତେବେଳେ ବାପାଙ୍କ ଘରେ ପହଞ୍ଚିଲେ, ଦକ୍ଷଙ୍କ ଭୟରେ କେହି ତାଙ୍କୁ ଆଦର-ସମ୍ମାନ ଦେଖାଇଲେ ନାହିଁ; କେବଳ ମାଆ ଯାହା ଟିକିଏ ଆଦର କଲେ; ଭଉଣୀମାନେ ପରିହାସ କରି କରିହିଁ ତାଙ୍କୁ ଭେଟିଲେ ॥ ୧॥

**ଦଚ୍ଛ ନ କଛୁ ପୂଛୀ କୁସଲାତା । ସତିହି ବିଲୋକି ଜରେ ସବ ଗାତା ॥**
**ସତୀଁ ଜାଇ ଦେଖେଉ ତବ ଜାଗା । କତହୁଁ ନ ଦୀଖ ସଂଭୁ କର ଭାଗା ॥ ୨ ॥**

ଦକ୍ଷ ତ ତାଙ୍କୁ କୌଣସି କୁଶଳ ପ୍ରଶ୍ନ ସୁଦ୍ଧା କଲେ ନାହିଁ; ବରଂ ସତୀଙ୍କୁ ଦେଖି ତାଙ୍କ ସର୍ବାଙ୍ଗ କ୍ରୋଧରେ ଜଳିଉଠିଲା । ଯଜ୍ଞ ଦେଖିବାକୁ ଯାଇ ସତୀ ଦେଖିଲେ ଯେ, ଯଜ୍ଞସ୍ଥଳରେ ଶିବଙ୍କ ପାଇଁ କୌଣସି ଯଜ୍ଞଭାଗ ରଖାଯାଇନାହିଁ ॥ ୨ ॥

**ତବ ଚିତ ଚଢ଼େଉ ଜୋ ସଂକର କହେଊ । ପ୍ରଭୁ ଅପମାନୁ ସମୁଝି ଉର ଦହେଊ ॥**
**ପାଛିଲ ଦୁଖୁ ନ ହୃଦୟଁ ଅସ ବ୍ୟାପା । ଜସ ଯହ ଭୟଉ ମହା ପରିତାପା ॥ ୩ ॥**

ସେତେବେଳେ ଯାଇ ସେ ଶଙ୍କରଙ୍କ ବଚନର ସତ୍ୟତା ଉପଲବ୍‌ଧି କଲେ । ସ୍ୱାମୀଙ୍କ ପ୍ରତି ଅପମାନ ହେଉଥିବା ବୁଝିପାରି ତାଙ୍କ ହୃଦୟ ଦୁଃଖରେ ଜଳିଉଠିଲା । ପତି ପରିତ୍ୟାଗ କରିଥିବାରୁ ତାଙ୍କୁ ଯେତେ ବାଧୁ ନ ଥିଲା, ପତିଙ୍କ ପ୍ରତି ହେଉଥିବା ଅପମାନ ଦେଖି ତାଙ୍କୁ ତା'ଠାରୁ ଅଧିକ ବାଧିଲା ॥ ୩ ॥

**ଜଦ୍ୟପି ଜଗ ଦାରୁନ ଦୁଖ ନାନା । ସବ ତେଁ କଠିନ ଜାତି ଅୱମାନା ॥**
**ସମୁଝି ସୋ ସତିହି ଭୟଉ ଅତି କ୍ରୋଧା । ବହୁ ବିଧି ଜନନୀଁ କୀହ୍ନ ପ୍ରବୋଧା ॥ ୪ ॥**

ଜଗତରେ ନାନାପ୍ରକାର ଦାରୁଣ ଦୁଃଖ ରହିଛି; କିନ୍ତୁ ନିଜ ବନ୍ଧୁବାନ୍ଧବଙ୍କ ଠାରୁ ଅପମାନ ପାଇଲେ ଯେଉଁ ଦୁଃଖ ହୁଏ, ତାହା ସବୁଠାରୁ ଅଧିକ ଦାରୁଣ । ତେଣୁ ସତୀଙ୍କ ମନରେ ଭୟଙ୍କର କ୍ରୋଧ ଜାତ ହେଲା । ତାଙ୍କ ମାଆ ତାଙ୍କୁ ନାନାଭାବରେ ବୁଝାଇବାକୁ ଚେଷ୍ଟା କଲେ ॥ ୪ ॥

ଦୋ:- **ସିୱ ଅପମାନୁ ନ ଜାଇ ସହି ହୃଦୟଁ ନ ହୋଇ ପ୍ରବୋଧ ।**
**ସକଲ ସଭହି ହଠି ହଟକି ତବ ବୋଲୀଁ ବଚନ ସକ୍ରୋଧ ॥ ୬୩ ॥**

ସତୀଙ୍କୁ ଶିବଙ୍କ ଅପମାନ ଅସହ୍ୟ ବୋଧ ହେଲା; ତାଙ୍କ ମନ କୌଣସିପ୍ରକାରେ ବୁଝିଲା ନାହିଁ । ତେଣୁ ସେ ଯଜ୍ଞସଭାର ସମସ୍ତଙ୍କୁ କ୍ରୋଧରେ ଧମକ ଦେଇ କହିଲେ, ॥ ୬୩ ॥

**ସୁନହୁ ସଭାସଦ ସକଲ ମୁନିଂଦା । କହୀ ସୁନୀ ଜିହ୍ନ ସଂକର ନିଂଦା ॥**
**ସୋ ଫଲୁ ତୁରତ ଲହବ ସବ କାହୂଁ । ଭଲୀ ଭାଁତି ପଛିତାବ ପିତାହୂଁ ॥ ୧ ॥**

''ହେ ସଭାସଦ୍‌ଗଣ ! ହେ ମୁନିଗଣ ! ଆପଣମାନେ ସମସ୍ତେ ଶୁଣନ୍ତୁ । ଏଠାରେ ଯେଉଁମାନେ ଶଙ୍କରଙ୍କୁ ନିନ୍ଦା କରିଛନ୍ତି ବା ତାଙ୍କ ନିନ୍ଦା ଶୁଣିଛନ୍ତି, ସେମାନେ ଅତି ଶୀଘ୍ର ତା'ର ଫଳ ପାଇଯିବେ ଏବଂ ମୋ ବାପାଙ୍କୁ ବି ଅନୁତାପରେ ଜର୍ଜରିତ ହେବାକୁ ପଡ଼ିବ ॥ ୧ ॥

**ସଂତ ସଂଭୁ ଶ୍ରୀପତି ଅପବାଦା । ସୁନିଅ ଜହାଁ ତହଁ ଅସି ମରଜାଦା ॥**
**କାଟିଅ ତାସୁ ଜୀଭ ଜୋ ବସାଈ । ଶ୍ରୱନ ମୂଦି ନ ତ ଚଲିଅ ପରାଈ ॥ ୨ ॥**

ଯେଉଁଠାରେ କୌଣସି ସାଧୁସନ୍ଥ, ଶିବ ବା ଶ୍ରୀପତି ବିଷ୍ଣୁଙ୍କର ନିନ୍ଦା (ଅସମ୍ମାନ) କାନରେ ପଡ଼ିବ, ସେଠାରେ ଏହା ମର୍ଯ୍ୟାଦାସଙ୍ଗତ ନିୟମ ଯେ, ସାମର୍ଥ୍ୟ ଥିଲେ, ଏ ଲୋକ ନିନ୍ଦୁକର ଜିଭ କାଟିଦେବ; ନଚେତ୍ କାନ ବନ୍ଦ କରିଦେଇ ସେଠାରୁ ଚାଲିଯିବ ॥ ୨ ॥

**ଜଗଦାତମା ମହେସୁ ପୁରାରୀ । ଜଗତ ଜନକ ସବ କେ ହିତକାରୀ ॥**
**ପିତା ମଂଦମତି ନିଂଦତ ତେହୀ । ଦଚ୍ଛ ସୁକ୍ର ସଂଭୱ ୟହ ଦେହୀ ॥ ୩ ॥**

ତ୍ରିପୁରାରି ଭଗବାନ୍ ଶିବ ହେଉଛନ୍ତି ସମଗ୍ର ଜଗତର ଆତ୍ମା; ସେ ଜଗତର ପିତା ଏବଂ ସମସ୍ତଙ୍କର ମଙ୍ଗଳକାରୀ । ଅଥଚ ମୋର ମନ୍ଦବୁଦ୍ଧି ପିତା ତାଙ୍କୁ ନିନ୍ଦା (ଅସମ୍ମାନ) କରିଛନ୍ତି । ମୋର ଏହି ଦେହ ସେହି ଦକ୍ଷଙ୍କର ବୀର୍ଯ୍ୟରୁ ଜାତ ହୋଇଛି ॥ ୩ ॥

**ତଜିହଉଁ ତୁରତ ଦେହ ତେହି ହେତୂ । ଉର ଧରି ଚଂଦ୍ରମୌଲି ବୃଷକେତୂ ॥**
**ଅସ କହି ଜୋଗ ଅଗିନି ତନୁ ଜାରା । ଭୟଉ ସକଲ ମଖ ହାହାକାରା ॥ ୪ ॥**

ତେଣୁ ଚନ୍ଦ୍ରମୌଳି ବୃଷକେତୁ ଶିବଙ୍କୁ ହୃଦୟରେ ଧାରଣ କରି ମୁଁ ଏହିକ୍ଷଣି ଏହି ଶରୀର ତ୍ୟାଗ କରିବି ।'' ଏତିକି କହି ସେ ଯୋଗାଗ୍ନିରେ ନିଜ ଦେହକୁ ଭସ୍ମ କରିଦେଲେ । ଏହା ଦେଖି ଯଜ୍ଞଶାଳାରେ ସର୍ବତ୍ର ହାହାକାର ଖେଳିଗଲା ॥ ୪ ॥

ଦୋः- **ସତୀମରନୁ ସୁନି ସଂଭୁ ଗନ ଲଗେ କରନ ମଖ ଖୀସ ।**
**ଜଗ୍ୟ ବିଧଂସ ବିଲୋକି ଭୃଗୁ ରଚ୍ଛା କୀହ୍ନି ମୁନୀସ ॥ ୬୪ ॥**

ସତୀଙ୍କ ମୃତ୍ୟୁସଂବାଦ ଶୁଣି ଶିବଙ୍କ ଅନୁଚରଗଣ ଯଜ୍ଞ ଧ୍ୱଂସ କରିବାକୁ ଲାଗିଲେ । ଯଜ୍ଞ ବିଧ୍ୱଂସ ହେଉଥିବାର ଦେଖି ମହାମୁନି ଭୃଗୁ ଯାଇ ଯଜ୍ଞ ରକ୍ଷା କଲେ ॥ ୬୪ ॥

**ସମାଚ୍ର ସବ ସଂକର ପାଏ । ବୀରଭଦ୍ରୁ କରି କୋପ ପଠାଏ ॥**
**ଜଗ୍ୟ ବିଧଂସ ଜାଇ ତିହ୍ନ କୀହ୍ନା । ସକଲ ସୁରହ୍ନ ବିଧିୱତ ଫଲୁ ଦୀହ୍ନା ॥ ୧ ॥**

ସମାଚ୍ର ପାଇ ଶଙ୍କର କ୍ରୁଦ୍ଧ ହୋଇଗଲେ । ସେ ସେଠାକୁ ବୀରଭଦ୍ରଙ୍କୁ ପଠାଇଦେଲେ । ବୀରଭଦ୍ର ଯାଇ, ଯଜ୍ଞ ଧ୍ୱଂସ କରିଦେଲେ ଓ ସମସ୍ତ ଦେବତାଙ୍କୁ ସମୁଚିତ ଦଣ୍ଡ ଦେଲେ ॥ ୧ ॥

**ଭୈ ଜଗବିଦିତ ଦଚ୍ଛ ଗତି ସୋଈ । ଜସି କଛୁ ସଂଭୁ ବିମୁଖ କୈ ହୋଈ ॥**
**ୟହ ଇତିହାସ ସକଲ ଜଗ ଜାନୀ । ତାତେ ମୈଁ ସଂଛେପ ବଖାନୀ ॥ ୨ ॥**

ଶିବନିନ୍ଦୁକମାନଙ୍କର ଯେଉଁ ଦଶା ହୁଏ ବୋଲି ଜଗତରେ ବିଦିତ, ଦକ୍ଷଙ୍କର ମଧ୍ୟ ସେହି ଦଶା ହେଲା । ଯାଜ୍ଞ୍ୟବଲ୍କ୍ୟ କହିଲେ, ଏସବୁ ଇତିହାସ ତ ସମସ୍ତେ ଜାଣନ୍ତି; ତେଣୁ ମୁଁ ଏହା ସଂକ୍ଷେପରେ ବର୍ଣ୍ଣନା କଲି ॥ ୨ ॥

**ସତୀଁ ମରତ ହରି ସନ ବରୁ ମାଗା । ଜନମ ଜନମ ସିୱ ପଦ ଅନୁରାଗା ॥**
**ତେହି କାରନ ହିମଗିରି ଗୃହ ଜାଈ । ଜନମୀଁ ପାରବତୀ ତନୁ ପାଈ ॥ ୩ ॥**

ଦେହତ୍ୟାଗ କରିବା ସମୟରେ ଶ୍ରୀହରିଙ୍କୁ ସତୀ ବର ମାଗିଥିଲେ, 'ମୋର ଜନ୍ମେ ଜନ୍ମେ ଶିବଙ୍କ ପାଦରେ ଅନୁରାଗ ରହୁ' । ତେଣୁ ସେ ପର୍ବତରାଜ ହିମାଳୟଙ୍କ ଘରେ ଜନ୍ମ ହୋଇ ପାର୍ବତୀରୂପରେ ଶରୀର ଧାରଣ କଲେ ॥ ୩ ॥

**ଜବ ତେଁ ଉମା ସୈଲ ଗୃହ ଜାଈଁ । ସକଲ ସିଦ୍ଧି ସଂପତି ତହଁ ଛାଈଁ ॥**
**ଜହଁ ତହଁ ମୁନିହ୍ନ ସୁଆଶ୍ରମ କୀହ୍ନେ । ଉଚିତ ବାସ ହିମ ଭୂଧର ଦୀହ୍ନେ ॥ ୪ ॥**

ଯେଉଁଦିନୁ ଉମା (ପାର୍ବତୀ) ଶୈଳରାଜଙ୍କ ଗୃହରେ ଜନ୍ମ ଲାଭ କଲେ, ସେହିଦିନୁ ସେଠାରେ ସକଳ ସିଦ୍ଧି ଓ ସମୃଦ୍ଧି ବଢ଼ିବାକୁ ଲାଗିଲା । ମୁନିଋଷିଗଣ ସେଠାରେ ସ୍ଥାନେ ସ୍ଥାନେ ସୁନ୍ଦର ଆଶ୍ରମମାନ ସ୍ଥାପନ କରିବାକୁ ଲାଗିଲେ ଏବଂ ସେମାନଙ୍କର ବସବାସ ନିମନ୍ତେ ଶୈଳରାଜ ହିମାଚଳ ଯଥାଯୋଗ୍ୟ ସ୍ଥାନ ଯୋଗାଇଦେଲେ ॥ ୪ ॥

ଦୋः- **ସଦା ସୁମନ ଫଲ ସହିତ ସବ ଦ୍ରୁମ ନୱ ନାନା ଜାତି ।**
**ପ୍ରଗଟୀଁ ସୁଂଦର ସୈଲ ପର ମନି ଆକର ବହୁ ଭାଁତି ॥ ୬୫ ॥**

ସେହି ସୁନ୍ଦର ପର୍ବତରେ ନାନାଜାତିର ନୂତନ ନୂତନ ବୃକ୍ଷ ସର୍ବଦା ଫୁଲଫଳରେ ପୂର୍ଣ୍ଣ ହୋଇ ରହିଲା । ସେଠାରେ ବିବିଧ ରତ୍ନର ଖଣିମାନ ଦେଖାଗଲା ॥ ୬୫ ॥

**ସରିତା ସବ ପୁନୀତ ଜଲୁ ବହହୀଁ । ଖଗ ମୃଗ ମଧୁପ ସୁଖୀ ସବ ରହହୀଁ ॥**
**ସହଜ ବୟରୁ ସବ ଜୀୱହ୍ନ ତ୍ୟାଗା । ଗିରି ପର ସକଲ କରହିଁ ଅନୁରାଗା ॥ ୧ ॥**

ସବୁ ନଦୀରେ ପବିତ୍ର ଜଳ ପ୍ରବାହିତ ହେବାକୁ ଲାଗିଲା । ପଶୁପକ୍ଷୀ ଓ ଭ୍ରମରମାନେ ସୁଖରେ ରହିଲେ । ସେହି ଜୀବମାନେ ନିଜ ନିଜର ସ୍ୱାଭାବିକ ଶତ୍ରୁତା ତ୍ୟାଗ କଲେ ଓ ସେହି ପର୍ବତରେ ରହୁଥିବା ସମସ୍ତେ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟର ସହିତ ଜୀବନ ଯାପନ କଲେ ॥ ୧ ॥

**ସୋହ ସୈଲ ଗିରିଜା ଗୃହ ଆଏଁ । ଜିମି ଜନୁ ରାମଭଗତି କେ ପାଏଁ ॥**
**ନିତ ନୂତନ ମଂଗଲ ଗୃହ ତାସୂ । ବ୍ରହ୍ମାଦିକ ଗାୱହିଁ ଜସୁ ଜାସୂ ॥ ୨ ॥**

ରାମଭକ୍ତି ଲାଭ କରି ଭକ୍ତ ଯେପରି ସୁଶୋଭିତ ହୁଏ, ପାର୍ବତୀଙ୍କ ଆଗମନରେ ପର୍ବତ ବି ସେହିପରି ସୁଶୋଭିତ ହେଲା । ଶୈଳରାଜଙ୍କ ଗୃହରେ ନିତ୍ୟନୂତନ ମଙ୍ଗଳ ଉତ୍ସବ ଅନୁଷ୍ଠିତ ହେଲା । ବ୍ରହ୍ମାଦି ଦେବତାମାନେ ବି ତାଙ୍କର ଯଶ ଗାଇବାକୁ ଲାଗିଲେ ॥ ୨ ॥

**ନାରଦ ସମାଗ୍ଚର ସବ ପାଏ । କୌତୁକହୀଁ ଗିରି ଗେହ ସିଧାଏ ॥**
**ସୈଲରାଜ ବଡ଼ ଆଦର କୀହ୍ନା । ପଦ ପଖାରି ବର ଆସନୁ ଦୀହ୍ନା ॥ ୩ ॥**

ଏହି ସମାଗ୍ଚର ପାଇ, ନାରଦ ମୁନି ଦିନେ କୌତୂହଳବଶତଃ ଶୈଳରାଜଙ୍କ ଘରକୁ ଆସିଲେ । ଶୈଳରାଜ ତାଙ୍କୁ ବଡ଼ ଆଦରଅଭ୍ୟର୍ଥନା ଜଣାଇଲେ; ତାଙ୍କ ପାଦ ଧୋଇଦେଇ ତାଙ୍କୁ ସୁନ୍ଦର ଆସନରେ ବସାଇଲେ ॥ ୩ ॥

**ନାରି ସହିତ ମୁନିପଦ ସିରୁ ନାୱା । ଚରନ ସଲିଲ ସବୁ ଭୱନୁ ସିଂଗ୍ଚୱା ॥**
**ନିଜ ସୌଭାଗ୍ୟ ବହୁତ ଗିରି ବରନା । ସୁତା ବୋଲି ମେଲୀ ମୁନି ଚରନା ॥ ୪ ॥**

ସେ ସପତ୍ନୀକ ମୁନିଙ୍କ ଚରଣରେ ପ୍ରଣାମ କଲେ । ମୁନିଙ୍କ ପାଦୋଦକ ଘରସାରା ସିଞ୍ଚନ କରି ଗିରିରାଜ ନିଜ ସୌଭାଗ୍ୟର ବହୁ ପ୍ରଶଂସା କଲେ ଏବଂ ପାର୍ବତୀଙ୍କୁ ଡାକିଆଣି ମୁନିଙ୍କ ପାଦତଳେ ଲୋଟାଇଦେଲେ ॥ ୪ ॥

ଦୋଃ- **ତ୍ରିକାଲଗ୍ୟ ସର୍ବଗ୍ୟ ତୁହ୍ମ ଗତି ସର୍ବତ୍ର ତୁହ୍ମାରି ।**
**କହହୁ ସୁତା କେ ଦୋଷ ଗୁନ ମୁନିବର ହୃଦୟଁ ବିଗ୍ଚରି ॥ ୬୬ ॥**

ଏବଂ କହିଲେ, ''ହେ ମୁନିବର ! ଆପଣ ତ୍ରିକାଳଜ୍ଞ, ସର୍ବଜ୍ଞ ଓ ଆପଣ ସବୁଆଡ଼େ ଯାଇପାରନ୍ତି । ତେଣୁ ଟିକିଏ ବିଗ୍ଚର କରି ମୋ ଝିଅର ଭଲମନ୍ଦ କଥା କହନ୍ତୁ ।'' ॥ ୬୬ ॥

**କହ ମୁନି ବିହସି ଗୂଢ଼ ମୃଦୁ ବାନୀ । ସୁତା ତୁହ୍ମାରି ସକଲ ଗୁନ ଖାନୀ ॥**
**ସୁଂଦର ସହଜ ସୁସୀଲ ସୟାନୀ । ନାମ ଉମା ଅଂବିକା ଭୱାନୀ ॥ ୧ ॥**

ମୁନିବର ସହାସ୍ୟବଦନରେ ମୃଦୁମଧୁର ଗୂଢ଼ବାଣୀ ଶୁଣାଇଦେଲେ, ''ତୁମ ଝିଅଟି ସର୍ବଗୁଣସମ୍ପନ୍ନା । ଏ ଝିଅଟି ସ୍ୱଭାବତଃ ସୁନ୍ଦରୀ, ସୁଶୀଳା ଓ ବୁଦ୍ଧିମତୀ । ଏହାର ନାମ ହେଉଛି ଉମା, ଅମ୍ବିକା ଓ ଭବାନୀ ॥ ୧ ॥

**ସବ ଲଚ୍ଛନ ସଂପନ୍ନ କୁମାରୀ । ହୋଇହି ସଂତତ ପିୟହି ପିଆରୀ ॥**
**ସଦା ଅଚଲ ଏହି କର ଅହିୱାତା । ଏହି ତେଁ ଜସୁ ପୈହହିଁ ପିତୁ ମାତା ॥ ୨ ॥**

ଏହି କନ୍ୟା ସର୍ବଲକ୍ଷଣସମ୍ପନ୍ନା । ଏ ଚିରକାଳ ପତିପ୍ରିୟା ହୋଇ ରହିବ । ଏହି କନ୍ୟା ସର୍ବଦା ସୌଭାଗ୍ୟବତୀ ହୋଇ ରହିବ ଏବଂ ଏହାହେତୁ ଏହାର ମାତାପିତା ଯଶସ୍ୱୀ ହେବେ ॥ ୨ ॥

**ହୋଇହି ପୂଜ୍ୟ ସକଲ ଜଗ ମାହୀଁ । ଏହି ସେୱତ କଛୁ ଦୁର୍ଲଭ ନାହୀଁ ॥**
**ଏହି କର ନାମୁ ସୁମିରି ସଂସାରା । ତ୍ରିୟ ଚଢ଼ିହହିଁ ପତିବ୍ରତ ଅସିଧାରା ॥ ୩ ॥**

ଏ ସକଳ ଜଗତର ପୂଜ୍ୟା ହେବ; ଏହାର ସେବା କଲେ କୌଣସି ପଦାର୍ଥ ଦୁର୍ଲଭ ହୋଇ ରହିବ ନାହିଁ । ଏହାର ନାମ ସ୍ମରଣ କଲେ ସଂସାରର ସ୍ତ୍ରୀମାନେ ଖଣ୍ଡାଧାର ପରି ତୀକ୍ଷ୍ଣ ପାତିବ୍ରତ୍ୟ ଧର୍ମ ପାଳନ କରିବାକୁ ସମର୍ଥ ହୋଇପାରିବେ ॥ ୩ ॥

**ସୈଲ ସୁଲଚ୍ଛନ ସୁତା ତୁହ୍ମାରୀ । ସୁନହୁ ଜେ ଅବ ଅଓ୍ୱଗୁନ ଦୁଇ ଚ୍ୱାରୀ ॥**
**ଅଗୁନ ଅମାନ ମାତୁ ପିତୁ ହୀନା । ଉଦାସୀନ ସବ ସଂସୟ ଛୀନା ॥ ୪ ॥**

ହେ ଶୈଳରାଜ ! ତୁମର ଏହି କନ୍ୟା ଅତି ସୁଲକ୍ଷଣୀ । ଏହାର ଯେଉଁ ଦୁଇଚ୍ୱାରିଟି ଅବଗୁଣ ରହିଛି, ମୁଁ ତାହା କହୁଛି, ଶୁଣ । ଜଣେ ଅଗୁଣ, ଅମାନୀ, ମାତୃପିତୃହୀନ, ଉଦାସୀନ, ସଂଶୟରହିତ, ॥ ୪ ॥

ଦୋ:- **ଜୋଗୀ ଜଟିଲ ଅକାମ ମନ ନଗନ ଅମଂଗଲ ବେଷ ।**
**ଅସ ସ୍ୱାମୀ ଏହି କହଁ ମିଲିହି ପରୀ ହସ୍ତ ଅସି ରେଖ ॥ ୬୭ ॥**

ଜଟାଧାରୀ, ନିଷ୍କାମ, ଦିଗମ୍ବର ତଥା ଅମଙ୍ଗଳବେଶଧାରୀ ଯୋଗୀ ଏହାର ସ୍ୱାମୀ ହେବେ । କନ୍ୟାର ହସ୍ତରେଖା ଏହାହିଁ କହୁଛି ।'' ॥ ୬୭ ॥

**ସୁନି ମୁନି ଗିରା ସତ୍ୟ ଜିୟଁ ଜାନୀ । ଦୁଖ ଦଂପତିହି ଉମା ହରଷାନୀ ॥**
**ନାରଦହୂଁ ୟହ ଭେଦୁ ନ ଜାନା । ଦସା ଏକ ସମୁଝବ ବିଲଗାନା ॥ ୧ ॥**

ମୁନିଙ୍କ କଥା ଶୁଣି ଏବଂ ତାହା ସତ୍ୟ ମନେକରି ପତିପତ୍ନୀ ଅତ୍ୟନ୍ତ ଦୁଃଖିତ ହୋଇଗଲେ; କିନ୍ତୁ ଉମା ମନେ ମନେ ପ୍ରସନ୍ନ ହେଲେ । ଏହି ପ୍ରଭେଦର ରହସ୍ୟ ନାରଦ ବି ଜାଣିପାରିଲେ ନାହିଁ; କାରଣ ଉପରକୁ ସମସ୍ତଙ୍କ ଅବସ୍ଥା ଏକା ପରି ଦେଖାଯାଉଥିଲେ ମଧ୍ୟ ସେମାନଙ୍କ ମନର ଉପଲବ୍ଧି ଭିନ୍ନ ଭିନ୍ନ ଥିଲା ॥ ୧ ॥

**ସକଲ ସଖୀଁ ଗିରିଜା ଗିରି ମୈନା । ପୁଲକ ସରୀର ଭରେ ଜଲ ନୈନା ॥**
**ହୋଇ ନ ମୃଷା ଦେଓ୍ୱରିଷି ଭାଷା । ଉମା ସୋ ବଚନୁ ହୃଦୟଁ ଧରି ରାଖା ॥ ୨ ॥**

ନାରଦଙ୍କ କଥା ଶୁଣି ସଖୀବୃନ୍ଦ, ପାର୍ବତୀ, ହିମାଳୟ ଓ ତାଙ୍କ ସ୍ତ୍ରୀ ମେନା– ଏ ସମସ୍ତଙ୍କର ଶରୀରରେ ରୋମାଞ୍ଚ ଜାତ ହୋଇଗଲା ଏବଂ ନୟନ ଅଶ୍ରୁରେ ଭରିଗଲା । ଦେବର୍ଷିଙ୍କ କଥା ମିଛ ହେବ ନାହିଁ ଜାଣି ପାର୍ବତୀ ତାହା ଦୃଢ଼ଭାବରେ ହୃଦୟରେ ଧରିରଖିଲେ ॥ ୨ ॥

**ଉପଜେଉ ସିଓ୍ୱପଦ କମଲ ସନେହୂ । ମିଲନ କଠିନ ମନ ଭା ସଂଦେହୂ ॥**
**ଜାନି କୁଅଓ୍ୱସରୁ ପ୍ରୀତି ଦୁରାଈ । ସଖୀ ଉଛଁଗ ବୈଠୀ ପୁନି ଜାଈ ॥ ୩ ॥**

ପାର୍ବତୀଙ୍କ ହୃଦୟରେ ଶିବଙ୍କ ଚରଣକମଳ ପ୍ରତି ପ୍ରେମ ଉପୁନ୍ନ ହୋଇଗଲା; କିନ୍ତୁ ଶିବଙ୍କ ସହିତ ମିଳନ ହେବା ତ ବଡ଼ କଠିନ; ତେଣୁ ତାଙ୍କ ମନରେ ସନ୍ଦେହ ଜାତ ହେଲା । ଏହା ଉଚିତ ଅବସର ନୁହେଁ ଜାଣି, ମନର ପ୍ରୀତି ମନରେ ଲୁଚ୍ୱାଇରଖି, ସେ ଯାଇ ଜଣେ ସଖୀଙ୍କ କୋଳରେ ବସିପଡ଼ିଲେ ॥ ୩ ॥

**ଝୁଠି ନ ହୋଇ ଦେଓ୍ୱରିଷି ବାନୀ । ସୋଚହିଁ ଦଂପତି ସଖୀଁ ସୟାନୀ ॥**
**ଉର ଧରି ଧୀର କହଇ ଗିରିରାଉ । କହହୁ ନାଥ କା କରିଅ ଉପାଉ ॥ ୪ ॥**

ଦେବର୍ଷିଙ୍କ ବାଣୀ ମିଥ୍ୟା ହୋଇ ନ ପାରେ ଜାଣି ହିମାଳୟ, ତାଙ୍କ ପତ୍ନୀ ଓ ବୁଦ୍ଧିମତୀ ସଖୀଗଣ ଚିନ୍ତିତ ହୋଇପଡ଼ିଲେ । ଯାହା ହେଉ, କୌଣସିପ୍ରକାରେ ଧୈର୍ଯ୍ୟ ଧରି ଗିରିରାଜ ହିମାଳୟ ମୁନିଙ୍କୁ ପଚ୍ୱାରିଲେ, ''ହେ ନାଥ ! ବର୍ତ୍ତମାନ କି ଉପାୟ କରାଯିବ, କହନ୍ତୁ ।'' ॥ ୪ ॥

ଦୋ:- **କହ ମୁନୀସ ହିମଓ୍ୱଂତ ସୁନୁ ଜୋ ବିଧି ଲିଖା ଲିଲାର ।**
**ଦେଓ୍ୱ ଦନୁଜ ନରନାଗ ମୁନି କୋଉ ନ ମେଟନିହାର ॥ ୬୮ ॥**

ମୁନିବର କହିଲେ, "ହେ ହିମବନ୍ତ ! ଶୁଣ । ବିଧାତା ଯାହା କପାଳରେ ଯାହା ଲେଖିଦେଇଛନ୍ତି, ତାହା ହିଁ ହେବ; ଦେବ, ଦାନବ, ନର, ନାଗ ତଥା ମୁନି–କେହି ବି ତାହା ବଦଳାଇପାରିବେ ନାହିଁ ॥ ୬୮ ॥

**ତଦପି ଏକ ମୈଁ କହଉଁ ଉପାଈ । ହୋଇ କରୈ ଜୌଁ ଦୈଉ ସହାଈ ॥**
**ଜସ ବରୁ ମୈଁ ବରନେଉଁ ତୁହ୍ମ ପାହାଁ । ମିଲିହି ଉମହି ତସ ସଂସୟ ନାହାଁ ॥ ୧ ॥**
**ଜେ ଜେ ବର କେ ଦୋଷ ବଖାନେ । ତେ ସବ ସିଓ୍ୱ ପହିଁ ମୈଁ ଅନୁମାନେ ॥**
**ଜୌଁ ବିବାହୁ ସଂକର ସନ ହୋଈ । ଦୋଷଉ ଗୁନ ସମ କହ ସବୁ କୋଈ ॥ ୨ ॥**

ତଥାପି ମୁଁ ଗୋଟିଏ ଉପାୟ କହୁଛି; ଶୁଣ । ଯଦି ଦୈବ ସହାୟ ହୁଏ, ତେବେ ସେହି ଉପାୟଟି ସଫଳ ହୋଇପାରେ । ମୁଁ ତୁମକୁ ଯେପରି କହିଲି, ଉମାଙ୍କ ବର ଯେ ଠିକ୍ ସେହିପରି ହେବେ, ସେଥିରେ କୌଣସି ସନ୍ଦେହ ନାହିଁ; ବରପାତ୍ରଙ୍କ ଠାରେ ଯେଉଁସବୁ ଦୋଷ ରହିବ ବୋଲି ମୁଁ କହିଲି, ମୋ ଅନୁମାନରେ ସେଗୁଡ଼ିକ ଶିବଙ୍କ ଠାରେ ହିଁ ରହିଛି । ପାର୍ବତୀଙ୍କ ବିବାହ ଯଦି ଶିବଙ୍କ ସାଥିରେ ହୋଇଯିବ, ତେବେ ସେହି ଦୋଷଗୁଡ଼ିକୁ ସମସ୍ତେ ଗୁଣ ବୋଲି କହିବେ ॥ ୧, ୨ ॥

**ଜୌଁ ଅହି ସେଜ ସୟନ ହରି କରହୀଁ । ବୁଧ କଛୁ ତିହ୍ନ କର ଦୋଷୁ ନ ଧରହୀଁ ॥**
**ଭାନୁ କୃସାନୁ ସର୍ବ ରସ ଖାହୀଁ । ତିହ୍ନ କହଁ ମଂଦ କହତ କୋଉ ନାହୀଁ ॥ ୩ ॥**
**ସୁଭ ଅରୁ ଅସୁଭ ସଲିଲ ସବ ବହଈ । ସୁରସରି କୋଉ ଅପୁନୀତ ନ କହଈ ॥**
**ସମରଥ କହୁଁ ନହିଁ ଦୋଷୁ ଗୋସାଇଁ । ରବି ପାଓ୍ୱକ ସୁରସରି କୀ ନାଇଁ ॥ ୪ ॥**

ଶ୍ରୀହରି ଶେଷନାଗଙ୍କୁ ନିଜର ଶଯ୍ୟା କରି ତାଙ୍କ ଉପରେ ଶୟନ କରୁଥିଲେ ବି, ଜ୍ଞାନୀମାନେ ତାଙ୍କୁ ସେଥିପାଇଁ ଦୋଷ ଦିଅନ୍ତି ନାହିଁ। ସୂର୍ଯ୍ୟ ଓ ଅଗ୍ନି ଭଲମନ୍ଦ ନିର୍ବିଶେଷରେ ସକଳ ରସ ଭକ୍ଷଣ କରୁଥିଲେ ବି, କେହି ତାଙ୍କୁ ସେଥିପାଇଁ ନିନ୍ଦା କରନ୍ତି ନାହିଁ । ଗଙ୍ଗାନଦୀ ଭଲମନ୍ଦ ନିର୍ବିଶେଷରେ ସବୁପ୍ରକାର ଜଳ ବହନ କରୁଥିଲେ ବି, କେହି ଗଙ୍ଗାଙ୍କୁ ଅପବିତ୍ର ବୋଲି କହନ୍ତି ନାହିଁ । ହୃଷୀକେଶ ଭଗବାନ୍, ସୂର୍ଯ୍ୟ, ଅଗ୍ନି ଓ ଗଙ୍ଗାଙ୍କ ପରି ସାମର୍ଥ୍ୟବାନ୍‌ମାନଙ୍କୁ କୌଣସି ଦୋଷ ଲାଗେ ନାହିଁ ॥ ୩, ୪ ॥

ଦୋଃ- **ଜୌଁ ଅସ ହିସିଷା କରହିଁ ନର ଜଡ଼ ବିବେକ ଅଭିମାନ ।**
**ପରହିଁ କଲପ ଭରି ନରକ ମହୁଁ ଜୀଓ୍ୱ କି ଈସ ସମାନ ॥ ୬୯ ॥**

ଯଦି କୌଣସି ନିର୍ବୋଧ ମନୁଷ୍ୟ ସ୍ପର୍ଦ୍ଧାବଶତଃ ଜ୍ଞାନର ଅଭିମାନରେ ମହତ୍‌ମାନଙ୍କ ସହିତ ନିଜକୁ ସମକକ୍ଷ କରିବସେ, ତେବେ ସେ ଏକକଳ୍ପ ପର୍ଯ୍ୟନ୍ତ ନରକରେ ପଡ଼େ । କ'ଣ ଜୀବ କେବେ ଈଶ୍ୱରଙ୍କ ସହିତ ସମାନ ହୋଇପାରିବ ! ॥ ୬୯ ॥

**ସୁରସରି ଜଲ କୃତ ବାରୁନି ଜାନା । କବହୁଁ ନ ସଂତ କରହିଁ ତେହି ପାନା ॥**
**ସୁରସରି ମିଲେଁ ସୋ ପାଓ୍ୱନ ଜୈସେଁ । ଈସ ଅନୀସହି ଅଂତରୁ ତୈସେଁ ॥ ୧ ॥**

ଗଙ୍ଗାଜଳ ଦେଇ ମଦ ରନ୍ଧା ଗଲେ ବି ସାଧୁମାନେ ତାହା ପାନ କରନ୍ତି ନାହିଁ; କିନ୍ତୁ ସେହି ମଦ ଗଙ୍ଗାର ପ୍ରବାହରେ ମିଶିଗଲେ, ପବିତ୍ର ହୋଇଯାଏ । ଈଶ୍ୱର ଓ ଜୀବ ମଧ୍ୟରେ ଠିକ୍ ଏହିପରି ପ୍ରଭେଦ ରହିଛି ॥ ୧ ॥

**ସଂଭୁ ସହଜ ସମରଥ ଭଗଓ୍ୱାନା । ଏହି ବିବାହଁ ସବ ବିଧି କଲ୍ୟାନା ॥**
**ଦୁରାରାଧ୍ୟ ପୈ ଅହହିଁ ମହେସୂ । ଆସୁତୋଷ ପୁନି କିଏଁ କଲେସୂ ॥ ୨ ॥**

ଶମ୍ଭୁ ସ୍ୱଭାବତଃ ସର୍ବସମର୍ଥ; କାରଣ ସେ ହେଉଛନ୍ତି ସ୍ୱୟଂ ଭଗବାନ୍ । ସୁତରାଂ ଏହି ବିବାହ ସକଳ ଦିଗରୁ କଲ୍ୟାଣପ୍ରଦ ହେବ; କିନ୍ତୁ ମହାଦେବଙ୍କୁ ଆରାଧନା କରି ପ୍ରସନ୍ନ କରିବା ଅତ୍ୟନ୍ତ କଷ୍ଟକର; ତଥାପି ତପସ୍ୟା କଲେ, ସେ ଖୁବ୍ ଶୀଘ୍ର ସନ୍ତୁଷ୍ଟ ହୋଇଯାଆନ୍ତି ॥ ୨ ॥

**ଜୌଁ ତପୁ କରୈ କୁମାରି ତୁହ୍ମାରୀ । ଭାୱିଉ ମେଟି ସକହିଁ ତ୍ରିପୁରାରୀ ॥**
**ଜଦ୍ୟପି ବର ଅନେକ ଜଗ ମାହୀଁ । ଏହି କହଁ ସିୱ ତଜି ଦୂସର ନାହୀଁ ॥ ୩ ॥**

ତୁମ ଝିଅ ଯଦି ତପସ୍ୟା କରିବ, ତେବେ ତ୍ରିପୁରାରି ମହାଦେବ କପାଳଲିଖନକୁ ବି ଖଣ୍ଡନ କରିଦେବେ । ଜଗତରେ ଅନେକ ବରପାତ୍ର ଅଛନ୍ତି; କିନ୍ତୁ ତୁମ କନ୍ୟାପାଇଁ ଶିବଙ୍କ ଛଡ଼ା କୌଣସି ଦ୍ୱିତୀୟ ବରପାତ୍ର ନାହିଁ ॥ ୩ ॥

**ବରଦାୟକ ପ୍ରନତାରତି ଭଂଜନ । କୃପାସିଂଧୁ ସେୱକ ମନ ରଂଜନ ॥**
**ଇଚ୍ଛିତ ଫଲ ବିନୁ ସିୱ ଅୱରାଧେଁ । ଲହିଅ ନ କୋଟି ଜୋଗ ଜପ ସାଧେଁ ॥ ୪ ॥**

ଶିବ ହେଉଛନ୍ତି ବରଦାତା, ଶରଣାଗତମାନଙ୍କର ଦୁଃଖହାରୀ, କୃପାସିନ୍ଧୁ ଏବଂ ଭକ୍ତମନୋରଞ୍ଜନ । ଶିବଙ୍କ ଆରାଧନା ନ କରି କୋଟିଏ ଯାଗଯଜ୍ଞ କଲେ ବି ବାଞ୍ଛିତଫଳ ମିଳେ ନାହିଁ ।'' ॥ ୪ ॥

ଦୋଃ- **ଅସ କହି ନାରଦ ସୁମିରି ହରି ଗିରିଜହି ଦୀହ୍ନି ଅସୀସ ।**
**ହୋଇହି ୟହ କଲ୍ୟାନ ଅବ ସଂସୟ ତଜହୁ ଗିରୀସ ॥ ୭୦ ॥**

ଏତିକି କହି, ନାରଦ ଶ୍ରୀହରିଙ୍କୁ ସ୍ମରଣ କରି ପାର୍ବତୀଙ୍କୁ ଆଶୀର୍ବାଦ ଦେଲେ ଏବଂ କହିଲେ, ''ହେ ଗିରିରାଜ ! ତୁମେ ସଂଶୟ ତ୍ୟାଗ କର । ଏଥର ସବୁ କଲ୍ୟାଣହିଁ ହେବ ।'' ॥ ୭୦ ॥

**କହି ଅସ ବ୍ରହ୍ମଭୱନ ମୁନି ଗୟଉ । ଆଗିଲ ଚରିତ ସୁନହୁ ଜସ ଭୟଉ ॥**
**ପତିହି ଏକାଂତ ପାଇ କହ ମୈନା । ନାଥ ନ ମୈଁ ସମୁଝେ ମୁନି ବୈନା ॥ ୧ ॥**

ଏହା କହି ମୁନିବର ବ୍ରହ୍ମଲୋକକୁ ଚାଲିଗଲେ । [ଯାଜ୍ଞବଲ୍କ୍ୟ କହୁଛନ୍ତି,] ତା'ପରେ ଯାହା ହେଲା, ଶୁଣ । ପତିଙ୍କୁ ଏକାନ୍ତରେ ପାଇ ମେନା କହିଲେ, ''ହେ ସ୍ୱାମୀ ! ମୁନିବର ଯାହା କହିଲେ, ମୁଁ ତା'ର ଅର୍ଥ ବୁଝିପାରିଲି ନାହିଁ ॥ ୧ ॥

**ଜୌଁ ଘରୁ ବରୁ କୁଲୁ ହୋଇ ଅନୂପା । କରିଅ ବିବାହୁ ସୁତା ଅନୁରୂପା ॥**
**ନ ତ କନ୍ୟା ବରୁ ରହଉ କୁଆରୀ । କଂତ ଉମା ମମ ପ୍ରାନ ପିଆରୀ ॥ ୨ ॥**
**ଜୌଁ ନ ମିଲିହି ବରୁ ଗିରିଜହି ଜୋଗୂ । ଗିରି ଜଡ଼ ସହଜ କହିହି ସବୁ ଲୋଗୂ ॥**
**ସୋଇ ବିଚାରି ପତି କରେହୁ ବିବାହୂ । ଜେହିଁ ନ ବହୋରି ହୋଇ ଉର ଦାହୂ ॥ ୩ ॥**

ମୋ ଝିଅକୁ ଉପଯୁକ୍ତ କୁଳ, ଘର ଓ ବର ମିଳିଲେହିଁ ବାହାଘର ହେବ; ତା' ନ ହେଲେ ମୋ ଝିଅ ବରଂ କୁମାରୀ ହୋଇ ରହିଯିବ, ମୁଁ ଅନୁପଯୁକ୍ତ ପାତ୍ର ହାତରେ ଝିଅ ଦେବି ନାହିଁ ; କାରଣ, ହେ ସ୍ୱାମୀ ! ଉମାକୁ ମୁଁ ମୋ ପ୍ରାଣ ପରି ଭଲ ପାଏ ; ଯଦି ପାର୍ବତୀପାଇଁ ଉପଯୁକ୍ତ ପାତ୍ରଟିଏ ନ ମିଳିବ, ତେବେ ଲୋକେ କହିବେ, ପର୍ବତ ତ ସହଜେ ଜଡ଼; ସେ ବା କ'ଣ କରିବ ! ତେଣୁ ଏ କଥାକୁ ଭଲରୂପେ ବିଚାର କରି ବାହାଘର କରାଇବ, ଯାହା ଫଳରେ କି ଆଉ ପଶ୍ଚାତ୍ତାପ କରିବାକୁ ପଡ଼ିବ ନାହିଁ ।'' ॥ ୨, ୩ ॥

**ଅସ କହି ପରୀ ଚରନ ଧରି ସୀସା । ବୋଲେ ସହିତ ସନେହ ଗିରୀସା ॥**
**ବରୁ ପାୱକ ପ୍ରଗଟୈ ସସି ମାହୀଁ । ନାରଦ ବଚନୁ ଅନ୍ୟଥା ନାହୀଁ ॥ ୪ ॥**

ଏହା କହି ମେନା ସ୍ୱାମୀଙ୍କ ଚରଣରେ ଲୋଟିପଡ଼ିଲେ । ସ୍ନେହସହକାରେ ପର୍ବତରାଜ ହିମାଳୟ କହିଲେ, "ଚନ୍ଦ୍ରରୁ ବରଂ ଅଗ୍ନି ଜାତ ହୋଇପାରେ; କିନ୍ତୁ ନାରଦଙ୍କ ବଚନ କଦାପି ଅନ୍ୟଥା ହେବ ନାହିଁ ॥ ୪ ॥

ଦୋ:- **ପ୍ରିୟା ସୋଚୁ ପରିହରହୁ ସବୁ ସୁମିରହୁ ଶ୍ରୀଭଗୱାନ ।**
**ପାରବତିହି ନିରମୟଉ ଜେହିଁ ସୋଇ କରିହି କଲ୍ୟାନ ॥ ୭୧ ॥**

ପ୍ରିୟେ ! ସକଳ ଦୁଶ୍ଚିନ୍ତା ଛାଡ଼ିଦେଇ ଭଗବାନଙ୍କୁ ସ୍ମରଣ କର । ଯେ ପାର୍ବତୀକୁ ସୃଷ୍ଟି କରିଛନ୍ତି, ସେହିଁ ତା'ର ମଙ୍ଗଳ କରିବେ ॥ ୭୧॥

**ଅବ ଜୌଂ ତୁମ୍ହହି ସୁତା ପର ନେହୂ । ତୌ ଅସ ଜାଇ ସିଖାୱନୁ ଦେହୂ ॥**
**କରୈ ସୋ ତପୁ ଜେହିଁ ମିଲହିଁ ମହେସୂ । ଆନ ଉପାୟଁ ନ ମିଟିହି କଲେସୂ ॥ ୧ ॥**
**ନାରଦ ବଚନ ସଗର୍ଭ ସହେତୂ । ସୁଂଦର ସବ ଗୁନ ନିଧି ବୃଷକେତୂ ॥**
**ଅସ ବିଚାରି ତୁମ୍ହ ତଜହୁ ଅସଂକା । ସବହି ଭାଁତି ସଂକରୁ ଅକଲଂକା ॥ ୨ ॥**

ଯଦି ଝିଅ ପ୍ରତି ତୁମର ସ୍ନେହ ଥାଏ, ତେବେ ତାକୁ ବୁଝାଇଦିଅ ଯେ, ସେ ଏପରି ତପସ୍ୟା କରୁ, ଯାହାଫଳରେ କି ସେ ଶିବଙ୍କୁ ପାଇପାରିବ । ଦୁଃଖ ଦୂର କରିବାକୁ ହେଲେ, ଏହା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ।ନାରଦଙ୍କ ବଚନ ବଡ଼ ରହସ୍ୟପୂର୍ଣ୍ଣ ଓ ସହେତୁକ। ଶିବ ହେଉଛନ୍ତି ଅତ୍ୟନ୍ତ ସୁନ୍ଦର ଓ ସକଳ ଗୁଣର ଭଣ୍ଡାର । ଏହା ବିବେଚନା କରି ତୁମେ ବୃଥା ଆଶଙ୍କା ଛାଡ଼ିଦିଅ । ଶଙ୍କର ସକଳ ଦୃଷ୍ଟିରୁ ନିଷ୍କଳଙ୍କ ।" ॥ ୧, ୨ ॥

**ସୁନି ପତି ବଚନ ହରଷି ମନ ମାହୀଁ । ଗଈ ତୁରତ ଉଠି ଗିରିଜା ପାହୀଁ ॥**
**ଉମହି ବିଲୋକି ନୟନ ଭରେ ବାରୀ । ସହିତ ସନେହ ଗୋଦ ବୈଠାରୀ ॥ ୩ ॥**

ସ୍ୱାମୀଙ୍କ କଥା ଶୁଣି, ମେନା ଆନନ୍ଦିତା ହୋଇ ସଙ୍ଗେ ସଙ୍ଗେ ପାର୍ବତୀଙ୍କ ନିକଟକୁ ଚାଲିଗଲେ । ପାର୍ବତୀଙ୍କୁ ଦେଖି ତାଙ୍କ ନୟନ ଲୋତକରେ ଭରିଗଲା । ସେ ଝିଅକୁ ଆଦରରେ ଟାଣିଆଣି କୋଳରେ ବସାଇଲେ ॥ ୩ ॥

**ବାରହିଁ ବାର ଲେତି ଉର ଲାଈ । ଗଦଗଦ କଂଠ ନ କଛୁ କହି ଜାଈ ॥**
**ଜଗତ ମାତୁ ସର୍ବଗ୍ୟ ଭୱାନୀ । ମାତୁ ସୁଖଦ ବୋଲୀଁ ମୃଦୁ ବାନୀ ॥ ୪ ॥**

ଝିଅକୁ ସେ ବାରମ୍ବାର ବୁକୁରେ ଜାବୋଡ଼ିଧରିଲେ; ତାଙ୍କ କଣ୍ଠ ଗଦ୍‌ଗଦ ହୋଇଗଲା; ସେ କିଛି କହିପାରିଲେ ନାହିଁ । ଜଗଜ୍ଜନନୀ ଭବାନୀ ତ ସର୍ବଜ୍ଞା । ମାଆଙ୍କ ମନର ଅବସ୍ଥା ବୁଝି ତାଙ୍କୁ ସାନ୍ତ୍ୱନା ଦେବାନିମନ୍ତେ ସେ କୋମଳ କଣ୍ଠରେ କହିଲେ, ॥ ୪ ॥

ଦୋ:- **ସୁନହି ମାତୁ ମୈଂ ଦୀଖ ଅସ ସପନ ସୁନାୱଉଁ ତୋହି ।**
**ସୁଂଦର ଗୌର ସୁବିପ୍ରବର ଅସ ଉପଦେସେଉ ମୋହି ॥ ୭୨ ॥**

"ମାଆ ! ମୁଁ ଗୋଟିଏ ସ୍ୱପ୍ନ ଦେଖିଲି; କହୁଛି, ଶୁଣ । ଜଣେ ଦିବ୍ୟକାନ୍ତି ଗୌରବର୍ଣ୍ଣ ବ୍ରାହ୍ମଣ ମୋତେ ଉପଦେଶ ଦେଇ କହୁଛନ୍ତି, ॥ ୭୨ ॥

**କରହି ଜାଇ ତପୁ ସୈଲକୁମାରୀ । ନାରଦ କହା ସୋ ସତ୍ୟ ବିଚାରୀ ॥**
**ମାତୁ ପିତହି ପୁନି ୟହ ମତ ଭାୱା । ତପୁ ସୁଖପ୍ରଦ ଦୁଖ ଦୋଷ ନସାୱା ॥ ୧ ॥**

**ତପବଲ ରଚଇ ପ୍ରପଂଚୁ ବିଧାତା । ତପବଲ ବିଷ୍ନୁ ସକଲ ଜଗ ତ୍ରାତା ॥**
**ତପବଲ ସଂଭୁ କରହିଁ ସଂଘାରା । ତପବଲ ସେଷୁ ଧରଇ ମହିଭାରା ॥ ୨ ॥**

'ହେ ଶୈଳସୁତା ! ନାରଦ ମୁନି ଯାହା କହିଛନ୍ତି, ତାହା ସତ୍ୟ ବୋଲି ମଣି, ତୁମେ ଯାଇ ତପସ୍ୟା କର । ତୁମ ପିତାମାତା ବି ଏଥିରେ ସନ୍ତୁଷ୍ଟ ହେବେ । ତପସ୍ୟା ହେଉଛି ସୁଖଦାୟକ ଓ ଦୁଃଖନାଶକ । ତପସ୍ୟା-ବଳରେହିଁ ବ୍ରହ୍ମା ଏହି ପ୍ରପଞ୍ଚ ରଚନା କରନ୍ତି । ତପୋବଳରେହିଁ ବିଷ୍ଣୁ ସକଳ ଜଗତ୍ ପାଳନ କରନ୍ତି। ତପୋବଳରେହିଁ ଶମ୍ଭୁ ଜଗତ୍ ସଂହାର କରନ୍ତି ଏବଂ ତପଃଶକ୍ତିରେହିଁ ଶେଷଦେବ ଧରଣୀ ଧାରଣ କରନ୍ତି; ॥ ୧, ୨ ॥

**ତପ ଅଧାର ସବ ସୃଷ୍ଟି ଭୱାନୀ । କରହି ଜାଇ ତପୁ ଅସ ଜିୟଁ ଜାନୀ ॥**
**ସୁନତ ବଚନ ବିସମିତ ମହତାରୀ । ସପନ ସୁନାୟଉ ଗିରିହି ହଁକାରୀ ॥ ୩ ॥**

ହେ ଭବାନୀ ! ସମଗ୍ର ସୃଷ୍ଟି ତପସ୍ୟାର ଆଧାର ଉପରେ ଅଧିଷ୍ଠିତ । ଏହି ସତ୍ୟ ହୃଦୟରେ ଧାରଣ କରି ତୁମେ ଯାଇ ତପସ୍ୟା କର ।' ଝିଅ ମୁହଁରୁ ଏକଥା ଶୁଣି ମାଆ ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ହିମାଳୟଙ୍କୁ ଡାକି ସ୍ୱପ୍ନବୃତ୍ତାନ୍ତ ଶୁଣାଇଦେଲେ ॥ ୩ ॥

**ମାତୁ ପିତହି ବହୁବିଧି ସମୁଝାଈ । ଚଲୀଁ ଉମା ତପ ହିତ ହରଷାଈ ॥**
**ପ୍ରିୟ ପରିୱାର ପିତା ଅରୁ ମାତା । ଭଏ ବିକଲ ମୁଖ ଆୱ ନ ବାତା ॥ ୪ ॥**

ପିତାମାତାଙ୍କୁ ନାନାଭାବରେ ବୁଝାଇ ଅତ୍ୟନ୍ତ ଆନନ୍ଦର ସହିତ ପାର୍ବତୀ ତପସ୍ୟା କରିବାକୁ ଗ୍ଲଲିଗଲେ । ପରିବାର, ପ୍ରିୟଜନ, ପିତା ଓ ମାତା—ସମସ୍ତେ ବ୍ୟାକୁଳ ହେଲେ; କାହାରି ମୁହଁରୁ କଥା ବାହାରିଲା ନାହିଁ ॥ ୪ ॥

ଦୋ:- **ବେଦସିରା ମୁନି ଆଇ ତବ ସବହି କହା ସମୁଝାଇ ।**
**ପାରବତୀ ମହିମା ସୁନତ ରହେ ପ୍ରବୋଧହି ପାଇ ॥ ୭୩ ॥**

ସେତିକିବେଳେ ବେଦଶିରା ମୁନି ଆସି ପାର୍ବତୀଙ୍କର ମହିମା ବୁଝାଇଦେଲେ । ତାହା ଶୁଣି ସମସ୍ତେ ଆଶ୍ୱସ୍ତ ହେଲେ ॥ ୭୩ ॥

**ଉର ଧରି ଉମା ପ୍ରାନପତି ଚରନା । ଜାଇ ବିପିନ ଲାଗୀଁ ତପୁ କରନା ॥**
**ଅତି ସୁକୁମାର ନ ତନୁ ତପ ଜୋଗୂ । ପତିପଦ ସୁମିରି ତଜେଉ ସବୁ ଭୋଗୂ ॥ ୧ ॥**

ହୃଦୟରେ ପ୍ରାଣପତି ଶିବଙ୍କର ଚରଣ ଧାରଣ କରି ପାର୍ବତୀ ଯାଇ ବନରେ ତପସ୍ୟା କରିବାକୁ ଲାଗିଲେ । ତାଙ୍କର ଅତ୍ୟନ୍ତ ସୁକୁମାର ଶରୀର ତପସ୍ୟାର ଅନୁପଯୁକ୍ତ ହୋଇଥିଲେ ବି, ମନେ ମନେ ପତିଚରଣ ସ୍ମରଣ କରି ସେ ସମସ୍ତ ଭୋଗ ତ୍ୟାଗ କରିଦେଲେ ॥ ୧ ॥

**ନିତ ନୱଚରନ ଉପଜ ଅନୁରାଗା । ବିସରୀ ଦେହ ତପହିଁ ମନୁ ଲାଗା ॥**
**ସଂବତ ସହସ ମୂଲ ଫଲ ଖାଏ । ସାଗୁ ଖାଇ ସତ ବରଷ ଗୱାଁଏ ॥ ୨ ॥**

ପତିଙ୍କ ଚରଣରେ ତାଙ୍କର ନିତ୍ୟନୂତନ ଅନୁରାଗ ଉପୁନ୍ନ ହେଲା । ସେ ତପସ୍ୟାରେ ଏପରି ନିମଗ୍ନ ହୋଇଗଲେ ଯେ , ତାଙ୍କର ଦେହଜ୍ଞାନ ରହିଲା ନାହିଁ । ତପସ୍ୟାର ପ୍ରଥମ ଏକହଜାର ବର୍ଷ ସେ ଫଳମୂଳ ଖାଇ ଜୀବନ ଧାରଣ କଲେ । ତା'ପରେ ଶହେ ବର୍ଷ ସେ କେବଳ ଶାଗପତ୍ର ଖାଇ ରହିଲେ ॥ ୨ ॥

**କଛୁ ଦିନ ଭୋଜନୁ ବାରି ବତାସା । କିଏ କଠିନ କଛୁ ଦିନ ଉପବାସା ॥**
**ବେଲ ପାତୀ ମହି ପରଇ ସୁଖାଈ । ତୀନି ସହସ ସଂବତ ସୋଇ ଖାଈ ॥ ୩ ॥**

ତା'ପରେ କିଛି କାଳ ସେ କେବଳ ଜଳ ଓ ବାୟୁ ସେବନ କରି ରହିଲେ । ପୁଣି କିଛିକାଳ କଠୋର ଉପବାସ କଲେ । ଗଛରୁ ଶୁଖି ତଳେ ଝଡ଼ିପଡ଼ିଥିବା ବେଲପତ୍ର ଖାଇ ତିନିହଜାର ବର୍ଷ ବିତାଇଲେ ॥ ୩ ॥

**ପୁନି ପରିହରେ ସୁଖାନେଉ ପରନା । ଉମହି ନାମୁ ତବ ଭୟଉ ଅପରନା ॥**
**ଦେଖି ଉମହି ତପ ଖୀନ ସରୀରା । ବ୍ରହ୍ମଗିରା ଭୈ ଗଗନ ଗଭୀରା ॥ ୪ ॥**

ଶେଷରେ ସେ ଶୁଖିଲାପତ୍ର ଖାଇବା ବି ଛାଡ଼ିଦେଲେ । ସେହିଦିନୁ ଉମାଙ୍କ ନାମ ଅପର୍ଣ୍ଣା (ଯେ ପର୍ଣ୍ଣ, ଅର୍ଥାତ୍ ପତ୍ର ଖାଇବା ମଧ୍ୟ ଛାଡ଼ିଦେଲେ) ହୋଇଗଲା । ତପସ୍ୟା କରି କରି ଉମାଙ୍କ ଶରୀର ଶୀର୍ଣ୍ଣ ହୋଇଗଲା । ତାହା ଦେଖି ଆକାଶରୁ ଗମ୍ଭୀର ବ୍ରହ୍ମବାଣୀ ହେଲା, ॥ ୪ ॥

ଦୋଃ- **ଭୟଉ ମନୋରଥ ସୁଫଲ ତଵ ସୁନୁ ଗିରିରାଜକୁମାରି ।**
**ପରିହରୁ ଦୁସହ କଲେସ ସବ ଅବ ମିଲିହହିଁ ତ୍ରିପୁରାରି ॥ ୭୪ ॥**

"ହେ ଗିରିଜା ! ଶୁଣ, ତୁମର ମନୋରଥ ପୂର୍ଣ୍ଣ ହୋଇଗଲା । ତୁମେ ଏଥର ଏହି କଠିନ ତପସ୍ୟା ତ୍ୟାଗ କର । ଏଥର ତୁମକୁ ତ୍ରିପୁରାରି ମିଳିଯିବେ ॥ ୭୪ ॥

**ଅସ ତପୁ କାହୁଁ ନ କୀହ୍ନ ଭଵାନୀ । ଭଏ ଅନେକ ଧୀର ମୁନି ଗ୍ୟାନୀ ॥**
**ଅବ ଉର ଧରହୁ ବ୍ରହ୍ମ ବର ବାନୀ । ସତ୍ୟ ସଦା ସଂତତ ସୁଚି ଜାନୀ ॥ ୧ ॥**

ହେ ଭବାନୀ ! ଧୀର, ମୁନି ଓ ଜ୍ଞାନୀ ଅନେକ ଥିଲେ ଓ ଅଛନ୍ତି ; କିନ୍ତୁ କେହି ଏପରି କଠୋର ତପସ୍ୟା କରିନାହାନ୍ତି । ବର୍ତ୍ତମାନ ଏହି ଶ୍ରେଷ୍ଠ ବ୍ରହ୍ମବାଣୀ ସର୍ବଦା ସତ୍ୟ ଓ ଅତି ପବିତ୍ର ବୋଲି ଜାଣି, ତୁମେ ଏହାକୁ ହୃଦୟରେ ଧାରଣ କର ॥ ୧ ॥

**ଆଵୈ ପିତା ବୋଲାଵନ ଜବହୀଁ । ହଠ ପରିହରି ଘର ଜାଏହୁ ତବହୀଁ ॥**
**ମିଲହିଁ ତୁହ୍ମହି ଜବ ସପ୍ତ ରିଷୀସା । ଜାନେହୁ ତବ ପ୍ରମାନ ବାଗୀସା ॥ ୨ ॥**

ତୁମର ପିତା ତୁମକୁ ଡାକିବାକୁ ଆସିଲେ ଜିଦି ନ କରି ଘରକୁ ଫେରିଯିବ । ଯେତେବେଳେ ସପ୍ତଋଷି ଆସି ତୁମ ସହିତ ସାକ୍ଷାତ୍ କରିବେ, ସେତେବେଳେ ଏହି ବ୍ରହ୍ମବାଣୀ ସତ୍ୟ ବୋଲି ପ୍ରମାଣ ପାଇଯିବ ।" ॥ ୨ ॥

**ସୁନତ ଗିରା ବିଧି ଗଗନ ବଖାନୀ । ପୁଲକ ଗାତ ଗିରିଜା ହରଷାନୀ ॥**
**ଉମା ଚରିତ ସୁଂଦର ମୈଁ ଗାଵା । ସୁନହୁ ସଂଭୁ କର ଚରିତ ସୁହାଵା ॥ ୩ ॥**

ଆକାଶରୁ ଏହିପରି ଦୈବବାଣୀ ଶୁଣି ପାର୍ବତୀଙ୍କ ମନ ପ୍ରଫୁଲ୍ଲ ହୋଇଗଲା; ଶରୀର ପୁଲକିତ ହୋଇଗଲା । [ଯାଜ୍ଞବଲ୍କ୍ୟ ମୁନି ଭରଦ୍ୱାଜଙ୍କୁ କହିଲେ,] ଏପର୍ଯ୍ୟନ୍ତ ମୁଁ ତୁମକୁ ପାର୍ବତୀଙ୍କ ସୁନ୍ଦର ଚରିତ ଶୁଣାଇଲି । ଏଥର ଶିବଙ୍କ ସୁନ୍ଦର ଚରିତ ଶୁଣ ॥ ୩ ॥

**ଜବ ତେଁ ସତୀଁ ଜାଇ ତନୁ ତ୍ୟାଗା । ତବ ତେଁ ସିଵ ମନ ଭୟଉ ବିରାଗା ॥**
**ଜପହିଁ ସଦା ରଘୁନାୟକ ନାମା । ଜହଁ ତହଁ ସୁନହିଁ ରାମ ଗୁନ ଗ୍ରାମା ॥ ୪ ॥**

ଯେଉଁଦିନ ସତୀ ଦେହତ୍ୟାଗ କରିଦେଲେ, ସେହିଦିନୁ ଶିବଙ୍କ ମନରେ ବୈରାଗ୍ୟ ଆସିଗଲା । ସେ ସର୍ବଦା ରଘୁନାଥଙ୍କ ନାମ ଜପ କରିବାକୁ ଲାଗିଲେ ଏବଂ ବିଭିନ୍ନ ଆଡ଼େ ବୁଲି ବୁଲି ଶ୍ରୀରାମଙ୍କ ଗୁଣଗାଥା ଶୁଣିଲେ ॥ ୪ ॥

ଦୋଃ- **ଚିଦାନଂଦ ସୁଖଧାମ ସିଓ୍ୱ ବିଗତ ମୋହ ମଦ କାମ ।**
**ବିଚରହିଁ ମହି ଧରି ହୃଦୟଁ ହରି ସକଲ ଲୋକ ଅଭିରାମ ॥ ୭୫ ॥**

ଚିଦାନନ୍ଦସ୍ୱରୂପ, ସକଳ ସୁଖର ନିଧାନ, ମୋହ-ମଦ-କାମଶୂନ୍ୟ ଶିବ ସକଳଲୋକର ଆନନ୍ଦଦାତା ଭଗବାନ୍ ଶ୍ରୀହରିଙ୍କୁ ହୃଦୟରେ ଧାରଣ କରି (ଭଗବାନଙ୍କ ଧ୍ୟାନରେ ମଗ୍ନ ହୋଇ) ପୃଥିବୀରେ ଭ୍ରମଣ କରିବାକୁ ଲାଗିଲେ ॥ ୭୫ ॥

**କତହୁଁ ମୁନିହ୍ନ ଉପଦେସହିଁ ଗ୍ୟାନା । କତହୁଁ ରାମଗୁନ କରହିଁ ବଖାନା ॥**
**ଜଦପି ଅକାମ ତଦପି ଭଗଓ୍ୱାନା । ଭଗତ ବିରହ ଦୁଖ ଦୁଖିତ ସୁଜାନା ॥ ୧ ॥**

ସେ କେଉଁଠି ମୁନିମାନଙ୍କୁ ଜ୍ଞାନୋପଦେଶ ଦେଲେ ତ, କେଉଁଠି ଶ୍ରୀରାମଙ୍କ ଗୁଣ କୀର୍ତ୍ତନ କଲେ । ପରମଜ୍ଞାନୀ ଶଙ୍କର ନିଷ୍କାମ; ତଥାପି ସେ ନିଜ ଭକ୍ତର (ସତୀଙ୍କର) ବିୟୋଗଜନିତ ଦୁଃଖରେ ଦୁଃଖିତ ହୋଇଗଲେ ॥ ୧ ॥

**ଏହି ବିଧି ଗୟଉ କାଲୁ ବହୁ ବୀତୀ । ନିତ ନୈ ହୋଇ ରାମ ପଦ ପ୍ରୀତୀ ॥**
**ନେମୁ ପ୍ରେମୁ ସଂକର କର ଦେଖା । ଅବିଚଲ ହୃଦୟଁ ଭଗତି କୈ ରେଖା ॥ ୨ ॥**

ଏପରିଭାବରେ ବହୁକାଳ ଅତିବାହିତ ହୋଇଗଲା । ଶ୍ରୀରାମଙ୍କ ଶ୍ରୀଚରଣରେ ତାଙ୍କର ନିତ୍ୟନୂତନ ପ୍ରୀତି ଜାତ ହେଲା । ଶ୍ରୀରାମ ଯେତେବେଳେ ଶିବଙ୍କର କଠୋର ନିୟମପାଳନ, ଅନନ୍ୟ ପ୍ରେମ ଏବଂ ତାଙ୍କ ହୃଦୟରେ ଭକ୍ତିର ଅଟଳ ନିଷ୍ଠା ଦେଖିବାକୁ ପାଇଲେ, ॥ ୨ ॥

**ପ୍ରଗଟେ ରାମୁ କୃତଗ୍ୟ କୃପାଲା । ରୂପ ସୀଲ ନିଧି ତେଜ ବିସାଲା ॥**
**ବହୁ ପ୍ରକାର ସଂକରହି ସରାହା । ତୁହ୍ମ ବିନୁ ଅସ ବ୍ରତୁ କୋ ନିରବାହା ॥ ୩ ॥**

ସେତେବେଳେ ସେହି କୃତଜ୍ଞ, ଦୟାଳୁ, ରୂପଗୁଣର ସାଗର, ମହାତେଜପୁଞ୍ଜ ଭଗବାନ୍ ଶ୍ରୀରାମ ପ୍ରକଟ ହୋଇ ଶିବଙ୍କୁ ଦର୍ଶନ ଦେଲେ । ସେ ମହାଦେବଙ୍କୁ ନାନାଭାବରେ ପ୍ରଶଂସା କରି କହିଲେ, ''ଏପରି କଠିନ ବ୍ରତପାଳନ କରିବା ଆପଣଙ୍କ ଛଡ଼ା ଆଉ କାହା ପକ୍ଷରେ ସମ୍ଭବ !'' ॥ ୩ ॥

**ବହୁବିଧି ରାମ ସିଓ୍ୱହି ସମୁଝାଓ୍ୱା । ପାରବତୀ କର ଜନ୍ମୁ ସୁନାଓ୍ୱା ॥**
**ଅତି ପୁନୀତ ଗିରିଜା କୈ କରନୀ । ବିସ୍ତର ସହିତ କୃପାନିଧି ବରନୀ ॥ ୪ ॥**

ଶ୍ରୀରାମ ଶିବଙ୍କୁ ଏପରି ନାନାଭାବରେ ବୁଝାଇଲେ ଏବଂ ପାର୍ବତୀଙ୍କ ଜନ୍ମବୃତ୍ତାନ୍ତ ଶୁଣାଇଲେ । କୃପାନିଧି ଶ୍ରୀରାମ ପାର୍ବତୀଙ୍କର ଅତି ପବିତ୍ର କୃତିତ୍ୱ (ତପସ୍ୟା ବିଷୟ) ବିସ୍ତାରିତଭାବରେ ବର୍ଣ୍ଣନା କଲେ ॥ ୪ ॥

ଦୋଃ- **ଅବ ବିନତୀ ମମ ସୁନହୁ ସିଓ୍ୱ ଜୌଁ ମୋ ପର ନିଜ ନେହୁ ।**
**ଜାଇ ବିବାହହୁ ସୈଲଜହି ୟହ ମୋହି ମାଗେଁ ଦେହୁ ॥ ୭୬ ॥**

ପୁଣି ସେ ଶିବଙ୍କୁ କହିଲେ, ''ହେ ଶିବ ! ଯଦି ମୋ ପ୍ରତି ଆପଣଙ୍କର ଅନୁରାଗ ଥାଏ, ତେବେ ମୋର ଅନୁରୋଧ ଶୁଣନ୍ତୁ; ମୋ ପ୍ରାର୍ଥନା ପୂର୍ଣ୍ଣ କରନ୍ତୁ । ଆପଣ ଯାଇ ପାର୍ବତୀଙ୍କୁ ବିବାହ କରନ୍ତୁ ।'' ॥ ୭୬ ॥

**କହ ସିଓ୍ୱ ଜଦପି ଉଚିତ ଅସ ନାହୀଁ । ନାଥ ବଚନ ପୁନି ମେଟି ନ ଜାହୀଁ ॥**
**ସିର ଧରି ଆୟସୁ କରିଅ ତୁହ୍ମାରା । ପରମ ଧରମୁ ୟହ ନାଥ ହମାରା ॥ ୧ ॥**

ଶିବ କହିଲେ, ''ଏହା ଉଚିତ ନୁହେଁ ସତ; ତଥାପି ପ୍ରଭୁଙ୍କ ବାକ୍ୟର ଅନ୍ୟଥାଚରଣ କରାଯାଇ ନ ପାରେ । ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ତାହା ପାଳନ କରିବା ହିଁ ମୋର ପରମ ଧର୍ମ ॥ ୧ ॥

**ମାତୁ ପିତା ଗୁର ପ୍ରଭୁ କୈଁ ବାନୀ । ବିନହିଁ ବିଗ୍ୱର କରିଅ ସୁଭ ଜାନୀ ॥**
**ତୁହ୍ମ ସବ ଭାଁତି ପରମ ହିତକାରୀ । ଅଗ୍ୟା ସିର ପର ନାଥ ତୁହ୍ମାରୀ ॥ ୨ ॥**

ମାତା, ପିତା, ଗୁରୁ ଓ ପ୍ରଭୁଙ୍କ ବଚନ ସର୍ବଦା ଶୁଭଙ୍କର ଜାଣି ବିନାବିଗ୍ୱରରେ ପାଳନ କରିବା ଉଚିତ । ଆପଣ ତ ସହଜେ ସକଳପ୍ରକାରେ ମୋର ପରମହିତୈଷୀ । ତେଣୁ ହେ ପ୍ରଭୁ ! ଆପଣଙ୍କର ଆଜ୍ଞା ମୋର ଶିରୋଧାର୍ଯ୍ୟ ।'' ॥ ୨ ॥

**ପ୍ରଭୁ ତୋଷେଉ ସୁନି ସଂକର ବଚନା । ଭକ୍ତି ବିବେକ ଧର୍ମ ଜୁତ ରଚନା ॥**
**କହ ପ୍ରଭୁ ହର ତୁହ୍ମାର ପନ ରହେଉ । ଅବ ଉର ରାଖେହୁ ଜୋ ହମ କହେଉ ॥ ୩ ॥**

ଶିବଙ୍କ ଭକ୍ତି, ଜ୍ଞାନ ଓ ଧର୍ମପୂର୍ଣ୍ଣ ବଚନ ଶୁଣି ପ୍ରଭୁ ଶ୍ରୀରାମ ସନ୍ତୁଷ୍ଟ ହେଲେ । କହିଲେ, ''ହେ ମହାଦେବ ! ଆପଣଙ୍କ ପ୍ରତିଜ୍ଞା ପୂର୍ଣ୍ଣ ହୋଇଛି । ଏଥର ମୁଁ ଯାହା କହିଲି, ତାହା ମନେରଖନ୍ତୁ ।'' ॥ ୩ ॥

**ଅଂତରଧାନ ଭଏ ଅସ ଭାଷୀ । ସଂକର ସୋଇ ମୂରତି ଉର ରାଖୀ ॥**
**ତବହିଁ ସପ୍ତରିଷି ସିଓ୍ୱ ପହିଁ ଆଏ । ବୋଲେ ପ୍ରଭୁ ଅତି ବଚନ ସୁହାଏ ॥ ୪ ॥**

ଏତିକି କହିଦେଇ ଶ୍ରୀରାମ ଅନ୍ତର୍ଦ୍ଧାନ ହୋଇଗଲେ । ଶ୍ରୀରାମଙ୍କର ସେହି ମୂର୍ତ୍ତିକୁ ଶିବ ଧ୍ୟାନ କରୁଛନ୍ତି, ଏତିକିବେଳେ ସପ୍ତର୍ଷି ଆସି ଶିବଙ୍କ ପାଖରେ ପହଞ୍ଚିଗଲେ । ଅତ୍ୟନ୍ତ ମଧୁର କଣ୍ଠରେ ଶିବ ସେମାନଙ୍କୁ କହିଲେ, ॥ ୪ ॥

ଦୋଃ- **ପାରବତୀ ପହିଁ ଜାଇ ତୁହ୍ମ ପ୍ରେମ ପରିଛା ଲେହୁ ।**
**ଗିରିହି ପ୍ରେରି ପଠଏହୁ ଭଓ୍ୱନ ଦୂରି କରେହୁ ସଂଦେହୁ ॥ ୭୭ ॥**

''ଆପଣମାନେ ପାର୍ବତୀଙ୍କ ନିକଟକୁ ଯାଇ ତାଙ୍କର ପ୍ରେମ ପରୀକ୍ଷା କରନ୍ତୁ । ତା'ପରେ ତାଙ୍କ ପିତା ହିମାଳୟଙ୍କୁ କହି ତାଙ୍କୁ ଘରକୁ ପଠାଇବାର ବ୍ୟବସ୍ଥା କରନ୍ତୁ ଏବଂ ସେମାନଙ୍କ ମନର ସଂଶୟ ଦୂର କରନ୍ତୁ ।''॥ ୭୭ ॥

**ରିଷିହ୍ନ ଗୌରି ଦେଖୀ ତହଁ କୈସୀ । ମୂରତିମଂତ ତପସ୍ୟା ଜୈସୀ ॥**
**ବୋଲେ ମୁନି ସୁନୁ ସୈଲକୁମାରୀ । କରହୁ କଓ୍ୱନ କାରନ ତପୁ ଭାରୀ ॥ ୧ ॥**

ଋଷିମାନେ ଯାଇ ଗୌରୀଙ୍କୁ କେଉଁ ରୂପରେ ଦେଖିଲେ, ଜାଣନ୍ତି ? ଦେଖିଲେ, ସେ ତପସ୍ୟାର ଏକ ପ୍ରତିମୂର୍ତ୍ତି ହୋଇଯାଇଛନ୍ତି । ସେମାନେ ପଗ୍ୱରିଲେ, ''ହେ ଶୈଳକୁମାରୀ ! ତୁମେ କାହିଁକି ଏପରି କଠିନ ତପସ୍ୟା କରୁଛ ? ॥ ୧ ॥

**କେହି ଅଓ୍ୱରାଧହୁ କା ତୁହ୍ମ ଚହହୂ । ହମ ସନ ସତ୍ୟ ମରମୁ କିନ କହହୂ ॥**
**କହତ ବଚନ ମନୁ ଅତି ସକୁଗ୍ୱଈ । ହଁସିହହୁ ସୁନି ହମାରି ଜଡ଼ତାଈ ॥ ୨ ॥**
**ମନୁ ହଠ ପରା ନ ସୁନଇ ସିଖାଓ୍ୱା । ଚହତ ବାରି ପର ଭୀତି ଉଠାଓ୍ୱା ॥**
**ନାରଦ କହା ସତ୍ୟ ସୋଇ ଜାନା । ବିନୁ ପଂଖହ୍ନ ହମ ଚହହିଁ ଉଡ଼ାନା ॥ ୩ ॥**

ତୁମେ କାହାକୁ ଆରାଧନା କରୁଛ ଏବଂ କ'ଣ ଗ୍ୱହୁଁଛ? ତୁମ ଅନ୍ତରର କଥା ଆମକୁ ଖୋଲି କହୁନା କାହିଁକି?'' ପାର୍ବତୀ କହିଲେ, ''କହିବାକୁ ମୋତେ ବଡ଼ ସଂକୋଚ ଲାଗୁଛି; ମୋର ମୂର୍ଖତା ଶୁଣିଲେ ଆପଣମାନେ ହସିବେ । ମୋ ମନ ଗୋଟିଏ ଜିଦ୍ ଧରିଛି; ସେ କାହାରି ଉପଦେଶ ଶୁଣୁନାହିଁ । ସେ ପାଣି ଉପରେ କାନ୍ଥ ଗଢ଼ିବାକୁ ଗ୍ୱହୁଁଛି । ନାରଦଙ୍କ କଥାକୁ ସତ୍ୟ ବୋଲି ଧରିନେଇ ମୁଁ ବିନାଡେଣାରେ ଉଡ଼ିବାକୁ ଗ୍ୱହୁଁଛି ॥ ୨, ୩ ॥

**ଦେଖହୁ ମୁନି ଅବିବେକୁ ହମାରା । ଚ୍ଛହିଅ ସଦା ସିଓ୍ୱହିଁ ଭରତାରା ॥ ୪ ॥**

ହେ ମୁନିଗଣ ! ମୋର କେଡ଼େ ମୂର୍ଖତା ଦେଖନ୍ତୁ ଯେ, ମୁଁ କେବଳ ଶିବଙ୍କୁହିଁ ଚିରକାଳ ପାଇଁ ସ୍ୱାମୀରୂପେ ବରଣ କରିବାକୁ ଚ୍ଛହୁଁଛି ।'' ॥ ୪ ॥

ଦୋଃ- **ସୁନତ ବଚନ ବିହସେ ରିଷୟ ଗିରିସଂଭଓ୍ୱ ତଓ୍ୱ ଦେହ ।**
**ନାରଦ କର ଉପଦେସୁ ସୁନି କହହୁ ବସେହୁ କିସୁ ଗେହ ॥ ୭୮ ॥**

ପାର୍ବତୀଙ୍କ କଥା ଶୁଣି ଋଷିମାନେ ହସିଉଠିଲେ, କହିଲେ, ''ତୁମ ଦେହଟା ତ ସହଜେ ପର୍ବତରୁ (ହିମାଳୟଙ୍କ ଠାରୁ) ଜାତ ହୋଇଛି; ସେଥିପାଇଁ ଏପରି ବୁଦ୍ଧି । ଆଚ୍ଛା, କହିଲ ଦେଖି, ନାରଦଙ୍କ ଉପଦେଶ ଶୁଣି ଏପର୍ଯ୍ୟନ୍ତ କିଏ ଭଲା ଘରସଂସାର କରିଛି ? ॥ ୭୮ ॥

**ଦଚ୍ଛ ସୁତହ୍ନ ଉପଦେସେହ୍ନି ଜାଈ । ତିହ୍ନ ଫିରି ଭଓ୍ୱନୁ ନ ଦେଖା ଆଈ ॥**
**ଚିତ୍ରକେତୁ କର ଘରୁ ଉନ ଘାଲା । କନକକସିପୁ କର ପୁନି ଅସ ହାଲା ॥ ୧ ॥**

ସେ ଯାଇ ଦକ୍ଷପୁତ୍ରମାନଙ୍କୁ ଏପରି ଉପଦେଶ ଦେଲେ ଯେ, ସେହି ଉପଦେଶ ପାଇ ସେମାନେ ଆଉ କେବେ ବି ଘରମୁହଁ ଦେଖିଲେ ନାହିଁ । ସେହି ନାରଦହିଁ ଚିତ୍ରକେତୁର ଘରଟାକୁ ଛାରଖାର କରିଦେଲେ । ପୁଣି ହିରଣ୍ୟକଶିପୁର ମଧ୍ୟ ସେହି ଦଶା ହେଲା ॥ ୧ ॥

**ନାରଦ ସିଖ ଜେ ସୁନହିଁ ନର ନାରୀ । ଅଓ୍ୱସି ହୋହିଁ ତଜି ଭଓ୍ୱନୁ ଭିଖାରୀ ॥**
**ମନ କପଟୀ ତନ ସଜ୍ଜନ ଚୀହ୍ନା । ଆପୁ ସରିସ ସବହୀ ଚହ କୀହ୍ନା ॥ ୨ ॥**

କି ସ୍ତ୍ରୀ, କି ପୁରୁଷ—ଯେ ନାରଦଙ୍କ ଉପଦେଶ ଶୁଣନ୍ତି, ସେ ନିଶ୍ଚୟ ଘରଦ୍ୱାର ଛାଡ଼ି ଭିକାରି ହୋଇଯାଆନ୍ତି । ତାଙ୍କ ଦେହରେ ସିନା ସଜ୍ଜନର ଚିହ୍ନ, କିନ୍ତୁ ମନଟା ବଡ଼ କପଟୀ । ସେ ସମସ୍ତଙ୍କୁ ନିଜ ପରି କରିଦେବାକୁ ଚ୍ଛହାଁନ୍ତି ॥ ୨ ॥

**ତେହି କେଁ ବଚନ ମାନି ବିସ୍ୱାସା । ତୁହ୍ମ ଚ୍ଛହହୁ ପତି ସହଜ ଉଦାସା ॥**
**ନିର୍ଗୁନ ନିଲଜ କୁବେଷ କପାଲୀ । ଅକୁଲ ଅଗେହ ଦିଗଂବର ବ୍ୟାଲୀ ॥ ୩ ॥**
**କହହୁ କଓ୍ୱନ ସୁଖୁ ଅସ ବରୁ ପାଏଁ । ଭଲ ଭୂଲିହୁ ଠଗ କେ ବୌରାଏଁ ॥**
**ପଂଚ କହେଁ ସିଓ୍ୱଁ ସତୀ ବିବାହୀ । ପୁନି ଅଓ୍ୱଡେରି ମରାଏହ୍ନି ତାହୀ ॥ ୪ ॥**

''ସେହି ନାରଦଙ୍କ କଥାକୁ ବିଶ୍ୱାସ କରି ତୁମେ ଏଭଳି ଜଣେ ଉଦାସୀନ, ନିର୍ଗୁଣ ଓ ନିର୍ଲଜ୍ଜକୁ ପତି କରିବାକୁ ଚ୍ଛହୁଁଛ ନା ! ଯାହାଙ୍କର ବେଶ ଅତି ଅପରିଷ୍କାର; ଯେ ଖପୁରିହାଡ଼ଗୁଡ଼ାଏ ମାଳ କରି ପିନ୍ଧିଥାନ୍ତି; ଯାହାଙ୍କର କୁଳ ନାହିଁ, କି ଘର ନାହିଁ; ଯେ ଲଙ୍ଗଳା ହୋଇ ବୁଲୁଥାନ୍ତି ଏବଂ ସାପଗୁଡ଼ାଏ ଅଳଙ୍କାର କରି ପିନ୍ଧିଥାନ୍ତି, ସେପରି ସ୍ୱାମୀଟିଏ ପାଇଲେ ତୁମେ କି ସୁଖ ପାଇବ କହିଲ ! ତୁମେ ସେହି ଠକ ନାରଦଙ୍କ ପ୍ରବଞ୍ଚନାରେ ପଡ଼ି ବଡ଼ ଭୁଲ କରିଛ । ଭଲଲୋକଙ୍କ କଥା ଶୁଣି ଶିବ ଆଗେ ସତୀଙ୍କୁ ବିବାହ କରିଥିଲେ ଯେ, କିଛିଦିନ ପରେ ତାଙ୍କୁ ଛାଡ଼ିଦେଲେ; ତାଙ୍କରି ହେତୁ ସେ ବିଚ୍ଛରୀ ମଲା ॥ ୩, ୪ ॥

ଦୋଃ- **ଅବ ସୁଖ ସୋଓ୍ୱତ ସୋଚୁ ନହିଁ ଭୀଖ ମାଗି ଭଓ୍ୱ ଖାହିଁ ।**
**ସହଜ ଏକାକିହ୍ନ କେ ଭଓ୍ୱନ କବହୁଁ କି ନାରି ଖଟାହିଁ ॥ ୭୯ ॥**

ଏଥର ଶିବ ନିଶ୍ଚିନ୍ତ । ଭିକ ମାଗି ଖାଉଛନ୍ତି; ଆରାମରେ ଶୋଇପଡୁଛନ୍ତି । ଯେ ସ୍ୱଭାବତଃ ଏକୁଟିଆ ରହିବାକୁ ଭଲ ପାଆନ୍ତି, ତାଙ୍କ ଘରେ କେଉଁ ସ୍ତ୍ରୀଲୋକ ରହିପାରିବ ଭଲା ! ॥ ୭୯ ॥

**ଅଜହୁଁ ମାନହୁ କହା ହମାରା । ହମ ତୁହ୍ମ କହୁଁ ବର ନୀକ ବିଚ୍ରା ॥**
**ଅତି ସୁଂଦର ସୁଚି ସୁଖଦ ସୁସୀଲା । ଗାଓ୍ୱହିଁ ବେଦ ଜାସୁ ଜସ ଲୀଲା ॥ ୧ ॥**

ଅନ୍ତତଃ ଏଥର ଆମ କଥା ମାନ ! ଆମେ ତୁମ ପାଇଁ ଗୋଟିଏ ଭଲ ପାତ୍ର ଠିକ୍ କରିଛୁ । ସେ ଭାରି ସୁନ୍ଦର, ସୁଖଦ, ପବିତ୍ର ଓ ସୁଶୀଳ; ବେଦଗଣ ମଧ୍ୟ ତାଙ୍କର ଯଶ ଓ ଲୀଳା ଗାନ କରନ୍ତି ॥ ୧ ॥

**ଦୂଷନ ରହିତ ସକଲ ଗୁନ ରାସୀ । ଶ୍ରୀପତି ପୁର ବୈକୁଂଠ ନିଓ୍ୱାସୀ ॥**
**ଅସ ବରୁ ତୁହ୍ମହି ମିଲାଉବ ଆନୀ । ସୁନତ ବିହସି କହ ବଚନ ଭଓ୍ୱାନୀ ॥ ୨ ॥**

ସେ ସକଳଦୋଷଶୂନ୍ୟ, ସର୍ବଗୁଣସମ୍ପନ୍ନ, ଲକ୍ଷ୍ମୀପତି ଓ ବୈକୁଣ୍ଠନିବାସୀ । ଏପରି ବରଙ୍କ ସହିତ ଆମେ ତୁମର ମିଳନ କରାଇଦେବୁ ।" ତାହା ଶୁଣି ଭବାନୀ ହସି ହସି କହିଲେ, ॥ ୨ ॥

**ସତ୍ୟ କହେହୁ ଗିରିଭଓ୍ୱ ତନୁ ଏହା । ହଠ ନ ଛୂଟ ଛୂଟୈ ବରୁ ଦେହା ॥**
**କନକଉ ପୁନି ପଷାନ ତେଁ ହୋଈ । ଜାରେହୁଁ ସହଜୁ ନ ପରିହର ସୋଈ ॥ ୩ ॥**
**ନାରଦ ବଚନ ନ ମୈଁ ପରିହରଊଁ । ବସଉ ଭଓ୍ୱନୁ ଉଜରଉ ନହିଁ ଡରଊଁ ॥**
**ଗୁର କେଁ ବଚନ ପ୍ରତୀତି ନ ଜେହୀ । ସପନେହୁଁ ସୁଗମ ନ ସୁଖ ସିଧି ତେହୀ ॥ ୪ ॥**

"ମୋର ଏହି ଦେହ ପର୍ବତରୁ ଜାତ ହୋଇଛି ବୋଲି ଆପଣମାନେ ଯାହା କହିଛନ୍ତି, ତାହା ସତ୍ୟ । ତେଣୁ ମୋର ଏ ଦେହଟା ବରଂ ମରିଯିବ, ହେଲେ ମୁଁ ଜିଦି ଛାଡ଼ିବି ନାହିଁ । ସୁନା ପଥରରୁ ଉତ୍ପନ୍ନ ହୁଏ, ତେଣୁ ନିଆଁରେ ଯେତେ ପୋଡ଼ିଲେ ବି ସେ ତା'ର ନିଜ ଗୁଣ ଛାଡ଼େ ନାହିଁ; ମୁଁ ନାରଦଙ୍କ ଉପଦେଶ ଏଡ଼ିଦେଇପାରିବି ନାହିଁ । ମୁଁ ଘରସଂସାର କରି ଭଲରେ ରହେ, କି ମୋର ଘରସଂସାର ଉଜୁଡ଼ିଯାଉ, ମୋର ସେଥିକି ଡର ନାହିଁ । ଯାହାର ଗୁରୁବାକ୍ୟରେ ବିଶ୍ୱାସ ନାହିଁ, ତାକୁ ସ୍ୱପ୍ନରେ ବି ସୁଖ ଓ ସିଦ୍ଧି ମିଳେନାହିଁ ॥ ୩, ୪ ॥

ଦୋ:- **ମହାଦେଓ୍ୱ ଅଓ୍ୱଗୁନ ଭଓ୍ୱନ ବିଷ୍ଣୁ ସକଲ ଗୁନ ଧାମ ।**
**ଜେହି କର ମନୁ ରମ ଜାହି ସନ ତେହି ତେହୀ ସନ କାମ ॥ ୮୦ ॥**

ମହାଦେବ ଅବଗୁଣର ଖଣି ହୋଇଥାଆନ୍ତୁ ପଛେ ଏବଂ ବିଷ୍ଣୁ ସକଳ ସଦ୍‌ଗୁଣର ଧାମ ହୋଇଥାଆନ୍ତୁ ପଛେ, ଯାହା ମନ ଯାହାକୁ ରସେ, ସେ ତାକୁହିଁ ଲୋଡ଼େ ॥ ୮୦ ॥

**ଜୌଁ ତୁହ୍ମ ମିଲତେହୁ ପ୍ରଥମ ମୁନୀସା । ସୁନତିଉଁ ସିଖ ତୁହ୍ମାରି ଧରି ସୀସା ॥**
**ଅବ ମୈଁ ଜନ୍ମୁ ସଂଭୁ ହିତ ହାରା । କୋ ଗୁନ ଦୂଷନ କରୈ ବିଚ୍ରା ॥ ୧ ॥**

ହେ ମହର୍ଷିଗଣ ! ଯଦି ମୋର ପ୍ରଥମେ ଆପଣମାନଙ୍କ ସହିତ ଦେଖା ହୋଇଥାନ୍ତା, ତେବେ ଆପଣମାନଙ୍କର ଉପଦେଶ ମୋର ଶିରୋଧାର୍ଯ୍ୟ ହୋଇଥାନ୍ତା । କିନ୍ତୁ ବର୍ତ୍ତମାନ ତ ମୁଁ ମୋ ଜୀବନ ଶିବଙ୍କୁ ସମର୍ପଣ କରିଦେଇସାରିଛି; ମୁଁ ଆଉ ତାଙ୍କ ଦୋଷଗୁଣ କାହିଁକି ବିଚ୍ରର କରିବି ? ॥ ୧ ॥

**ଜୌଁ ତୁହ୍ମରେ ହଠ ହୃଦୟଁ ବିସେଷୀ । ରହି ନ ଜାଇ ବିନୁ କିଏଁ ବରେଷୀ ॥**
**ତୌ କୌତୁକିଅହ୍ମ ଆଲସୁ ନାହୀଁ । ବର କନ୍ୟା ଅନେକ ଜଗ ମାହୀଁ ॥ ୨ ॥**

ଆପଣମାନଙ୍କ ମନରେ ଯଦି ପ୍ରବଳ ଜିଦ୍ ଥାଏ ଏବଂ ବିବାହକାର୍ଯ୍ୟରେ ମଧ୍ୟସ୍ଥି କରିବା ଛାଡ଼ି ଯଦି ଆପଣମାନେ ରହିପାରୁନାହାନ୍ତି, ତେବେ ଏ ଜଗତରେ ଅନେକ ବର-କନ୍ୟା ଅଛନ୍ତି; ଏଭଳି କୌତୁକରେ ଆଗ୍ରହ ରଖିଥିବା ଲୋକେ ତ ଆଳସ୍ୟ କ'ଣ, ଜାଣନ୍ତି ନାହିଁ ॥ ୨ ॥

**ଜନ୍ମ କୋଟି ଲଗି ରଗର ହମାରୀ । ବରଉଁ ସଂଭୁ ନ ତ ରହଉଁ କୁଆରୀ ॥**
**ତଜଉଁ ନ ନାରଦ କର ଉପଦେସୂ । ଆପୁ କହହିଁ ସତ ବାର ମହେସୂ ॥ ୩ ॥**

କୋଟି କୋଟି ଜନ୍ମ ଲାଗିଗଲେ ମଧ୍ୟ ମୁଁ ମୋ ଜିଦ୍ ଛାଡ଼ିବି ନାହିଁ—ହୁଏତ ଶିବଙ୍କୁ ବରଣ କରିବି, ନଚେତ୍ କୁମାରୀ ହୋଇ ରହିବି । ନିଜେ ଶିବ ଆସି ଶହେଥର କହିଲେ ମଧ୍ୟ ମୁଁ ନାରଦଙ୍କ ଉପଦେଶ ଛାଡ଼ିବି ନାହିଁ ।'' ॥ ୩ ॥

**ମୈଁ ପା ପରଉଁ କହଇ ଜଗଦଂବା । ତୁହ୍ମ ଗୃହ ଗୱନହୁ ଭୟଉ ବିଲଂବା ॥**
**ଦେଖି ପ୍ରେମୁ ବୋଲେ ମୁନି ଗ୍ୟାନୀ । ଜୟ ଜୟ ଜଗଦଂବିକେ ଭୱାନୀ ॥ ୪ ॥**

ଶେଷରେ ଜଗଜ୍ଜନନୀ ପାର୍ବତୀ କହିଲେ, ''ଆପଣମାନଙ୍କର ପାଦ ଧରୁଛି, ଏଥର ଆପଣମାନେ ନିଜ ନିଜ ଘରକୁ ଫେରିଯାଆନ୍ତୁ; ବହୁତ ବିଳମ୍ବ ହୋଇଗଲାଣି ।'' [ଶିବଙ୍କ ପ୍ରତି] ପାର୍ବତୀଙ୍କର ଏପରି ଅତୁଟ ପ୍ରେମ ଦେଖି, ଜ୍ଞାନୀମୁନିମାନେ କହିଲେ, ''ହେ ଜଗଦମ୍ବେ ! ହେ ଭବାନୀ ! ଆପଣଙ୍କର ଜୟ ହେଉ ! ଜୟ ହେଉ !! ॥ ୪ ॥

ଦୋଃ- **ତୁହ୍ମ ମାୟା ଭଗୱାନ ସିୱ ସକଲ ଜଗତ ପିତୁ ମାତୁ ।**
**ନାଇ ଚରନ ସିର ମୁନି ଚଲେ ପୁନି ପୁନି ହରଷତ ଗାତୁ ॥ ୮୧ ॥**

ଆପଣ ମହାମାୟା ଏବଂ ଶିବ ହେଉଛନ୍ତି ସାକ୍ଷାତ୍ ଭଗବାନ୍ । ଆପଣ ଦୁହେଁ ହେଉଛନ୍ତି ଜଗତର ମାତାପିତା ।'' ଏପରି କହି, ପାର୍ବତୀଙ୍କ ପାଦରେ ପ୍ରଣାମ କରି ମୁନିମାନେ ବିଦାୟ ନେଲେ । ସେମାନଙ୍କର ଦେହ ବାରମ୍ବାର ରୋମାଞ୍ଚିତ ହେବାକୁ ଲାଗିଲା ॥ ୮୧ ॥

**ଜାଇ ମୁନିହ୍ନ ହିମୱଂତୁ ପଠାଏ । କରି ବିନତୀ ଗିରିଜହିଁ ଗୃହ ଲ୍ୟାଏ ॥**
**ବହୁରି ସପ୍ତରିଷି ସିୱ ପହିଁ ଜାଈ । କଥା ଉମା କୈ ସକଲ ସୁନାଈ ॥ ୧ ॥**

ମୁନିମାନେ ଯାଇ ହିମବନ୍ତଙ୍କୁ ପାର୍ବତୀଙ୍କ ନିକଟକୁ ପଠାଇଲେ ଏବଂ ହିମବନ୍ତ ଆସି ଅନୁନୟବିନୟ କରି ଗିରିଜାଙ୍କୁ ଘରକୁ ଫେରାଇନେଲେ । ତା'ପରେ ସେହି ସପ୍ତର୍ଷି ଶିବଙ୍କ ନିକଟକୁ ଯାଇ ପାର୍ବତୀଙ୍କର ସକଳ ବୃତ୍ତାନ୍ତ ଶୁଣାଇଦେଲେ ॥ ୧ ॥

**ଭଏ ମଗନ ସିୱ ସୁନତ ସନେହା । ହରଷି ସପ୍ତରିଷି ଗୱନେ ଗେହା ॥**
**ମନୁ ଥିର କରି ତବ ସଂଭୁ ସୁଜାନା । ଲଗେ କରନ ରଘୁନାୟକ ଧ୍ୟାନା ॥ ୨ ॥**

ପାର୍ବତୀଙ୍କର ପ୍ରେମନିଷ୍ଠା ଶୁଣି ଶିବ ଆନନ୍ଦମଗ୍ନ ହୋଇଗଲେ । ସପ୍ତର୍ଷିଗଣ ପ୍ରସନ୍ନଚିତ୍ତରେ ନିଜ ଗୃହକୁ (ବ୍ରହ୍ମଲୋକକୁ) ଫେରିଗଲେ ।ଏଥର ଚିତ୍ତ ସ୍ଥିର କରି ମହାଜ୍ଞାନୀ ମହାଦେବ ରଘୁନାଥଙ୍କ ଧ୍ୟାନରେ ବସିଗଲେ ॥ ୨ ॥

**ତାରକୁ ଅସୁର ଭୟଉ ତେହି କାଲା । ଭୁଜ ପ୍ରତାପ ବଲ ତେଜ ବିସାଲା ॥**
**ତେହିଁ ସବ ଲୋକ ଲୋକପତି ଜୀତେ । ଭଏ ଦେୱ ସୁଖ ସଂପତି ରୀତେ ॥ ୩ ॥**

ସେହି ସମୟରେ ତାରକ ନାମକ ଏକ ଅସୁର ମାତିଥିଲା । ତା'ର ତେଜ, ପ୍ରତାପ ଓ ବାହୁବଳ ଥିଲା ଅତ୍ୟନ୍ତ ପ୍ରବଳ। ସେ ସମସ୍ତ ଲୋକ ଓ ଲୋକପାଳଙ୍କୁ ଜିଣିଗଲା । ଦେବତାମାନେ ନିଜର ସୁଖସମ୍ପଦ ହରାଇଲେ ॥ ୩ ॥

**ଅଜର ଅମର ସୋ ଜୀତି ନ ଜାଈ । ହାରେ ସୁର କରି ବିବିଧ ଲରାଈ ॥**
**ତବ ବିରଂଚି ସନ ଜାଇ ପୁକାରେ । ଦେଖେ ବିଧି ସବ ଦେୱ ଦୁଖାରେ ॥ ୪ ॥**

ସେହି ଅସୁର ଥିଲା ଅଜର-ଅମର; ତାକୁ କେହି ଜିଣିପାରୁ ନ ଥିଲେ । ଦେବତାମାନେ ତା'ସାଥିରେ ବହୁପ୍ରକାରେ ଯୁଦ୍ଧ କରି ମଧ୍ୟ ହାରିଗଲେ । ଶେଷରେ ସେମାନେ ବ୍ରହ୍ମାଙ୍କ ପାଖକୁ ଯାଇ ନିଜର ଦୁଃଖ ଜଣାଇଲେ । ବ୍ରହ୍ମା ଦେଖିଲେ, ସବୁଦେବତା ଦୁଃଖରେ ଅଛନ୍ତି ॥ ୪ ॥

ଦୋ:- **ସବ ସନ କହା ବୁଝାଇ ବିଧି ଦନୁଜ ନିଧନ ତବ ହୋଇ ।**
**ସଂଭୁ ସୁକ୍ର ସଂଭୂତ ସୁତ ଏହି ଜୀତଇ ରନ ସୋଇ ॥ ୮୨ ॥**

ସେମାନଙ୍କୁ ବୁଝାଇ ବ୍ରହ୍ମା କହିଲେ, ''ଶିବଙ୍କ ଔରସରୁ ପୁତ୍ରଟିଏ ଜନ୍ମ ହେଲେ ଯାଇ, ଏହି ଅସୁର ମରିବ; କାରଣ ସେହି ପୁତ୍ରହିଁ ଏହାକୁ ଜୟ କରିପାରିବ ॥ ୮୨ ॥

**ମୋର କହା ସୁନି କରହୁ ଉପାଈ । ହୋଇହି ଈସ୍ୱର କରିହି ସହାଈ ॥**
**ସତୀଁ ଜୋ ତଜୀ ଦଚ୍ଛ ମଖ ଦେହା । ଜନମୀ ଜାଇ ହିମାଚଲ ଗେହା ॥ ୧ ॥**

ମୁଁ ଯାହା କହିଲି, ତା'ର ଉପାୟ କରନ୍ତୁ । ଈଶ୍ୱର ସହାୟ ହେବେ ଏବଂ କାର୍ଯ୍ୟ ସିଦ୍ଧ ହେବ । ଯେଉଁ ସତୀ ଦକ୍ଷଯଜ୍ଞରେ ଦେହ ତ୍ୟାଗ କରିଥିଲେ, ବର୍ତ୍ତମାନ ସେ ହିଁ ହିମାଚଳଘରେ ଜନ୍ମ ନେଇଛନ୍ତି ॥ ୧ ॥

**ତେହିଁ ତପୁ କୀହ୍ନ ସଂଭୁ ପତି ଲାଗୀ । ସିଓ୍ୱ ସମାଧି ବୈଠେ ସବୁ ତ୍ୟାଗୀ ॥**
**ଜଦପି ଅହଇ ଅସମଂଜସ ଭାରୀ । ତଦପି ବାତ ଏକ ସୁନହୁ ହମାରୀ ॥ ୨ ॥**

ସେ ଶିବଙ୍କୁ ପତିରୂପେ ପାଇବାନିମନ୍ତେ ତପସ୍ୟା କରୁଛନ୍ତି । ଏଣେ ଶିବ ସବୁ ଛାଡ଼ିଦେଇ ସମାଧିରେ ମଗ୍ନ ହୋଇଯାଇଛନ୍ତି । ବର୍ତ୍ତମାନ ମୁଁ ଗୋଟିଏ ପ୍ରସ୍ତାବ ଦେଉଛି; କଥାଟା ତ ବଡ଼ ଅସଂଗତ ପରି ଲାଗୁଛି; ତଥାପି ମୋ କଥା ଟିକିଏ ଶୁଣନ୍ତୁ ॥ ୨ ॥

**ପଠଓ୍ୱହୁ କାମୁ ଜାଇ ସିଓ୍ୱ ପାହୀଁ । କରୈ ଛୋଭୁ ସଂକର ମନ ମାହୀଁ ॥**
**ତବ ହମ ଜାଇ ସିଓ୍ୱହି ସିର ନାଈ । କରଓ୍ୱାଉବ ବିବାହୁ ବରିଆଈ ॥ ୩ ॥**

ଆପଣମାନେ ଯାଇ କାମଦେବଙ୍କୁ ଶିବଙ୍କ ପାଖକୁ ପଠାନ୍ତୁ । ସେ ଯାଇ ଶିବଙ୍କ ମନରେ ବିକ୍ଷୋଭ ସୃଷ୍ଟି କରି ତାଙ୍କର ସମାଧି ଭଙ୍ଗ କରନ୍ତୁ । ତା'ପରେ ଆମେ ଯାଇ, ଶିବଙ୍କ ପାଦରେ ପ୍ରଣାମ କରି, ତାଙ୍କୁ ରାଜି କରାଇ ବିବାହ କରାଇଦେବା ॥ ୩ ॥

**ଏହି ବିଧି ଭଲେହିଁ ଦେଓ୍ୱହିତ ହୋଈ । ମତ ଅତି ନୀକ କହଇ ସବୁ କୋଈ ॥**
**ଅସ୍ତୁତି ସୁରହ୍ନ କୀହ୍ନି ଅତି ହେତୂ । ପ୍ରଗଟେଉ ବିଷମବାନ ଝଷକେତୂ ॥ ୪ ॥**

କେବଳ ଏହି ଗୋଟିଏ ଉପାୟରେହିଁ ଦେବତାମାନଙ୍କର ମଙ୍ଗଳ ହୋଇପାରେ ।'' ଏହା ଶୁଣି ସମସ୍ତେ କହିଲେ, ''ପ୍ରସ୍ତାବଟି ବଡ଼ ସୁନ୍ଦର ହୋଇଛି ।'' ସବୁଦେବତା ମିଶି ଅତି ଶ୍ରଦ୍ଧାର ସହିତ କାମଦେବଙ୍କୁ ସ୍ତୁତି କଲେ । ସ୍ତୁତି ଶୁଣି ପଞ୍ଚଶରଧାରୀ ମୀନକେତନ କାମଦେବ ପ୍ରକଟ ହୋଇଗଲେ ॥ ୪ ॥

ଦୋ:- **ସୁରହ୍ନ କହୀ ନିଜ ବିପତି ସବ ସୁନି ମନ କୀହ୍ନ ବିଗ୍ଚାର ।**
**ସଂଭୁ ବିରୋଧ ନ କୁସଲ ମୋହି ବିହସି କହେଉ ଅସ ମାର ॥ ୮୩ ॥**

ଦେବତାମାନେ କାମଦେବଙ୍କୁ ନିଜର ସକଳ ବିପତ୍ତି କଥା ଜଣାଇଲେ । ତାହା ଶୁଣି, କାମଦେବ ମନେ ମନେ ବିଗ୍ଚାର କରି, ମୃଦୁ ମୃଦୁ ହସି କହିଲେ, ''ଶିବଙ୍କର ବିରୋଧ କଲେ ମୋର ମଙ୍ଗଳ ହେବ ନାହିଁ; ॥ ୮୩ ॥

**ତଦପି କରବ ମୈଁ କାଜୁ ତୁହ୍ମାରା । ଶ୍ରୁତି କହ ପରମ ଧରମ ଉପକାରା ॥**
**ପର ହିତ ଲାଗି ତଜଇ ଜୋ ଦେହୀ । ସଂତତ ସଂତ ପ୍ରସଂସହିଁ ତେହୀ ॥ ୧ ॥**
**ଅସ କହି ଚଲେଉ ସବହି ସିରୁ ନାଈ । ସୁମନ ଧନୁଷ କର ସହିତ ସହାଈ ॥**
**ଚଲତ ମାର ଅସ ହୃଦୟଁ ବିଚ୍ୱରା । ସିଵ୍ ବିରୋଧ ଧ୍ରୁଵ୍ ମରନୁ ହମାରା ॥ ୨ ॥**

ତଥାପି ମୁଁ ଆପଣମାନଙ୍କର କାର୍ଯ୍ୟ କରିବି; କାରଣ ଶ୍ରୁତିଗଣ କହନ୍ତି, ପରୋପକାର ହେଉଛି ପରମ ଧର୍ମ । ଯେ ପରହିତଲାଗି ଦେହ ତ୍ୟାଗ କରେ, ସଜ୍ଜନମାନେ ଚିରକାଳ ତା'ର ପ୍ରଶଂସା କରନ୍ତି ।'' ଏହା କହି କାମଦେବ ସମସ୍ତଙ୍କୁ ପ୍ରଣାମ କଲେ ଏବଂ ହାତରେ ଫୁଲଧନୁ ଧରି ନିଜର ସହାୟକମାନଙ୍କ ସହିତ ବାହାରିପଡ଼ିଲେ । ଯାଉ ଯାଉ ସେ ମନେ ମନେ ଭାବିଲେ, ''ଶିବଙ୍କର ବିରୋଧ କଲେ, ମୋର ମୃତ୍ୟୁ ସୁନିଶ୍ଚିତ ।'' ॥ ୧, ୨ ॥

**ତବ ଆପନ ପ୍ରଭାଉ ବିସ୍ତାରା । ନିଜ ବସ କୀହ୍ନ ସକଲ ସଂସାରା ॥**
**କୋପେଉ ଜବହିଁ ବାରିଚର କେତୂ । ଛନ ମହୁଁ ମିଟେ ସକଲ ଶ୍ରୁତି ସେତୂ ॥ ୩ ॥**

ଯାହା ହେଉ, ସେ ନିଜର ପ୍ରଭାବ ବିସ୍ତାର କରି ସମଗ୍ର ସଂସାରକୁ ନିଜ ବଶକୁ ନେଇଆସିଲେ । ମୀନକେତନ ମନ୍ମଥ କ୍ରୋଧାନ୍ୱିତ ହେବାରୁ, କ୍ଷଣକ ମଧ୍ୟରେ ବେଦର ସକଳ ମର୍ଯ୍ୟାଦା ଭାଙ୍ଗିଗଲା ॥ ୩ ॥

**ବ୍ରହ୍ମଚର୍ଜ ବ୍ରତ ସଂଜମ ନାନା । ଧୀରଜ ଧରମ ଗ୍ୟାନ ବିଗ୍ୟାନା ॥**
**ସଦାଚ୍ୱର ଜପ ଜୋଗ ବିରାଗା । ସଭୟ୍ ବିବେକ କଟକୁ ସବୁ ଭାଗା ॥ ୪ ॥**

ବିବେକରୂପୀ ରାଜାର ବ୍ରହ୍ମଚର୍ଯ୍ୟ, ବ୍ରତ, ନାନାପ୍ରକାର ସଂଯମ, ଧୈର୍ଯ୍ୟ, ଧର୍ମ, ଜ୍ଞାନ-ବିଜ୍ଞାନ, ସଦାଚ୍ୱର, ଜପ, ଯୋଗ, ବୈରାଗ୍ୟ ଇତ୍ୟାଦି ସକଳ ସୈନ୍ୟ ଭୟରେ ପଳାୟନ କଲେ। ୪ ॥

ଛନ୍ଦ- **ଭାଗେଉ ବିବେକୁ ସହାୟ୍ ସହିତ ସୋ ସୁଭଟ ସଂଜୁଗ ମହି ମୁରେ ।**
**ସଦଗ୍ରଂଥ ପର୍ବତ କଂଦରହ୍ନି ମହୁଁ ଜାଇ ତେହି ଅଵ୍ସର ଦୁରେ ॥**
**ହୋନିହାର କା କରତାର କୋ ରଖଵ୍ାର ଜଗ ଖରଭରୁ ପରା ।**
**ଦୁଇ ମାଥ କେହି ରତିନାଥ ଜେହି କହୁଁ କୋପି କର ଧନୁ ସରୁ ଧରା ॥**

ବିବେକ ନିଜର ସହାୟକମାନଙ୍କ ସହିତ ପଳାଇଗଲା । ତା'ର ଯୋଦ୍ଧାମାନେ ରଣଭୂମିରେ ପୃଷ୍ଠଭଙ୍ଗ ଦେଇ ପଳାଇଗଲେ ଏବଂ ସମସ୍ତେ ଯାଇ ସଦ୍‌ଗ୍ରନ୍ଥରୂପୀ ପର୍ବତକନ୍ଦରରେ ଲୁଚିରହିଲେ (ଅର୍ଥାତ୍ ଜ୍ଞାନ, ବୈରାଗ୍ୟ, ସଂଯମ, ନିୟମ, ସଦାଚ୍ୱରାଦି କେବଳ ଗ୍ରନ୍ଥରେ ଲେଖା ହୋଇ ରହିଗଲା ସିନା, ହେଲେ ସେସବୁର ଆଚରଣ କୁଆଡ଼େ ଉଭେଇଗଲା) । ସମଗ୍ର ଜଗତରେ କୋଳାହଳ ଖେଳିଗଲା ଏବଂ ସମସ୍ତେ କହିବାକୁ ଲାଗିଲେ, ''ହେ ଦଇବ ! ଏଥର କ'ଣ ଘଟିବ, କିଏ ଜାଣେ ! ଆମକୁ କିଏ ରକ୍ଷା କରିବ ! କିଏ ଏପରି ଦ୍ୱିଶିରବିଶିଷ୍ଟ ଅତିମାନବ ଅଛି ଯେ, ତା ଉପରେ କ୍ରୋଧ କରି ରତିପତି କାମଦେବ ହାତରେ ଧନୁର୍ବାଣ ଧରିଲେଣି !!''

ଦୋ:- **ଜେ ସଜୀଵ୍ ଜଗ ଅଚର ଚର ନାରି ପୁରୁଷ ଅସ ନାମ ।**
**ତେ ନିଜ ନିଜ ମରଜାଦ ତଜି ଭଏ ସକଲ ବସ କାମ ॥ ୮୪ ॥**

ଜଗତରେ ସ୍ତ୍ରୀପୁରୁଷ-ସଂଜ୍ଞାଧାରୀ ଯେତେସବୁ ଚର-ଅଚର ପ୍ରାଣୀ ଥିଲେ, ସେମାନେ ସମସ୍ତେ ନିଜ ନିଜର ମର୍ଯ୍ୟାଦା ଛାଡ଼ି କାମବଶ ହୋଇଗଲେ ॥ ୮୪ ॥

**ସବ କେ ହୃଦୟଁ ମଦନ ଅଭିଲାଷା । ଲତା ନିହାରି ନୱହିଁ ତରୁ ସାଖା ॥**
**ନଦୀଁ ଉମଗି ଅଂବୁଧି କହୁଁ ଧାଈଁ । ସଂଗମ କରହିଁ ତଲାୱ ତଲାଈଁ ॥ ୧ ॥**

ସବୁରି ହୃଦୟରେ କାମଇଚ୍ଛା ଜାଗ୍ରତ ହୋଇଗଲା । ଲତାମାନଙ୍କୁ ଦେଖି ବୃକ୍ଷଶାଖାମାନେ ନଇଁପଡ଼ିଲେ । ନଦୀମାନେ ଉଚ୍ଛୁଳିଉଠି ସମୁଦ୍ର ଆଡ଼କୁ ଧାଇଁଲେ । ତଡ଼ାଗ ଓ ପୁଷ୍କରିଣୀମାନେ ମଧ୍ୟ ପରସ୍ପର ସଂଗମ କରିବାକୁ ମିଳିତ ହେଲେ ॥ ୧ ॥

**ଜହଁ ଅସି ଦସା ଜଡ଼ହ୍ନ କୈ ବରନୀ । କୋ କହି ସକଇ ସଚେତନ କରନୀ ॥**
**ପସୁ ପଚ୍ଛୀ ନଭ ଜଲ ଥଲ ଚାରୀ । ଭଏ କାମବସ ସମୟ ବିସାରୀ ॥ ୨ ॥**

ଯେଉଁଠି ଜଡ଼ମାନଙ୍କର (ବୃକ୍ଷ, ନଦୀ ଆଦିଙ୍କର) ଅବସ୍ଥା ଏପରି ହୋଇଗଲା, ସେଠାରେ ଚେତନଙ୍କ ଅବସ୍ଥା କଥା କିଏ ବା କହିପାରିବ ? ଜଳ, ସ୍ଥଳ ଓ ଆକାଶରେ ବିଚରଣ କରୁଥିବା ପଶୁପକ୍ଷୀ ନିଜ ନିଜର ମିଳନର ଉପଯୁକ୍ତ ସମୟ ଭୁଲି କାମପରବଶ ହୋଇଗଲେ ॥ ୨ ॥

**ମଦନ ଅଂଧ ବ୍ୟାକୁଲ ସବ ଲୋକା । ନିସି ଦିନୁ ନହିଁ ଅୱଲୋକହିଁ କୋକା ॥**
**ଦେୱ ଦନୁଜ ନର କିଂନର ବ୍ୟାଲା । ପ୍ରେତ ପିସାଚ ଭୂତ ବେତାଲା ॥ ୩ ॥**
**ଇହ୍ନ କୈ ଦସା ନ କହେଉଁ ବଖାନୀ । ସଦା କାମ କେ ଚେରେ ଜାନୀ ॥**
**ସିଦ୍ଧ ବିରକ୍ତ ମହାମୁନି ଜୋଗୀ । ତେପି କାମବସ ଭଏ ବିୟୋଗୀ ॥ ୪ ॥**

ସମସ୍ତେ କାମାନ୍ଧ ହୋଇ ବ୍ୟାକୁଳ ହୋଇଗଲେ । ଚକୁଆ-ଚକୋଇ ରାତି-ଦିନ ମାନିଲେ ନାହିଁ । ଦେବ, ଦୈତ୍ୟ, ମନୁଷ୍ୟ, କିନ୍ନର, ସର୍ପ, ପ୍ରେତ, ପିଶାଚ, ଭୂତ, ବେତାଳ—ଏମାନେ ତ ସବୁକାଳରେ କାମର ଦାସ; ଏହା ଜାଣି, ମୁଁ ଆଉ ଏମାନଙ୍କର ଅବସ୍ଥା ବର୍ଣ୍ଣନା କରୁନାହିଁ । ସିଦ୍ଧ, ବିରକ୍ତ, ମହାମୁନି ଓ ମହାଯୋଗୀମାନେ ମଧ୍ୟ କାମବଶ ହୋଇଗଲେ । ସେମାନଙ୍କର ଯୋଗ ଭାଙ୍ଗିଗଲା; ସେମାନେ ବିରହୀ ହୋଇଗଲେ ॥ ୩, ୪॥

ଛନ୍ଦ- **ଭଏ କାମବସ ଜୋଗୀସ ତାପସ ପାୱଁରହ୍ନି କୀ କୋ କହେ ।**
**ଦେଖହିଁ ଚରାଚର ନାରିମୟ ଜେ ବ୍ରହ୍ମମୟ ଦେଖତ ରହେ ॥**
**ଅବଲା ବିଲୋକହିଁ ପୁରୁଷମୟ ଜଗୁ ପୁରୁଷ ସବ ଅବଲାମୟଂ ।**
**ଦୁଇ ଦଂଡ ଭରି ବ୍ରହ୍ମାଂଡ ଭୀତର କାମକୃତ କୌତୁକ ଅୟଂ ॥**

ଯେଉଁଠି ଯୋଗୀଶ୍ୱର ଓ ତପସ୍ୱୀମାନେ ବି କାମବଶ ହୋଇଗଲେ, ସେଠାରେ ପାମର ମନୁଷ୍ୟମାନଙ୍କ କଥା ବା କ'ଣ କହିବା ! ଯେଉଁମାନେ ସମଗ୍ର ଜଗତକୁ ବ୍ରହ୍ମମୟ ଦେଖୁଥିଲେ, ସେମାନେ ବର୍ତ୍ତମାନ ଜଗତକୁ ସ୍ତ୍ରୀମୟ ଦେଖିବାକୁ ଲାଗିଲେ । ସ୍ତ୍ରୀମାନେ ସମଗ୍ର ସଂସାରକୁ ପୁରୁଷମୟ ଦେଖିଲେ ଏବଂ ପୁରୁଷମାନେ ସ୍ତ୍ରୀମୟ ଦେଖିଲେ । ଦୁଇଘଡ଼ି ପର୍ଯ୍ୟନ୍ତ ସମଗ୍ର ବ୍ରହ୍ମାଣ୍ଡରେ କାମଦେବଙ୍କ ରଚିତ ଏହି କୌତୁକ ଲାଗିରହିଲା ।

ସୋଃ- **ଧରୀ ନ କାହୂଁ ଧୀର ସବ କେ ମନ ମନସିଜ ହରେ ।**
**ଜେ ରାଖେ ରଘୁବୀର ତେ ଉବରେ ତେହି କାଲ ମହୁଁ ॥ ୮୫ ॥**

କେହି ବି ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । କାମଦେବ ସମସ୍ତଙ୍କର ମନ ହରଣ କରିନେଲେ । ଯେଉଁମାନଙ୍କୁ ଶ୍ରୀରଘୁନାଥ ରକ୍ଷା କଲେ, କେବଳ ସେହିମାନେହିଁ ସେତେବେଳେ ବର୍ତ୍ତିଗଲେ ॥ ୮୫ ॥

**ଉଭୟ ଘରୀ ଅସ କୌତୁକ ଭୟଉ । ଜୌ ଲଗି କାମୁ ସଂଭୁ ପହିଁ ଗୟଉ ॥**
**ସିୱହି ବିଲୋକି ସସଂକେଉ ମାରୂ । ଭୟଉ ଜଥାଥିତି ସବୁ ସଂସାରୂ ॥ ୧ ॥**

ଦୁଇଘଡ଼ି ପର୍ଯ୍ୟନ୍ତ ଏହିପରି କୌତୁକ ଚାଲିଲା । ଇତି ମଧ୍ୟରେ କାମଦେବ ଯାଇ ଶିବଙ୍କ ପାଖରେ ପହଞ୍ଚିଗଲେ । ଶିବଙ୍କୁ ଦେଖି କାମଦେବ ଡରିଗଲେ; ଫଳରେ ସଙ୍ଗେ ସଙ୍ଗେ ସମଗ୍ରସଂସାର ଆଗରୁ ଯେପରି ଥିଲା, ସେହିପରି ସ୍ଥିର ହୋଇଗଲା ॥ ୧ ॥

**ଭଏ ତୁରତ ସବ ଜୀୱ ସୁଖାରେ । ଜିମି ମଦ ଉତରି ଗଏଁ ମତୱାରେ ॥**
**ରୁଦ୍ରହି ଦେଖି ମଦନ ଭୟ ମାନା । ଦୁରାଧରଷ ଦୁର୍ଗମ ଭଗୱାନା ॥ ୨ ॥**

ନିଶା ପିଇଥିବା ଲୋକ ନିଶା ଛାଡ଼ିଗଲେ ଯେପରି ସୁଖରେ ଆଶ୍ୱସ୍ତ ହୁଏ, ସକଳ ଜୀବ ସେହିପରି ଅବିଳମ୍ବେ ସୁଖ ଲାଭ କଲେ । ଦୁରାଧର୍ଷ (ଯାହାଙ୍କୁ ପରାସ୍ତ କରିବା କଠିନ), ଦୁର୍ଗମ (ଯାହାଙ୍କର ପାର ପାଇବା କଠିନ) ଓ ମହାଭୟଙ୍କର ଭଗବାନ୍ (ଐଶ୍ୱର୍ଯ୍ୟ, ଧର୍ମ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟରୂପକ ଛଅଟି ଈଶ୍ୱରୀୟଗୁଣରେ ଯୁକ୍ତ) ରୁଦ୍ରଙ୍କୁ ଦେଖି କାମଦେବ ଭୟଭୀତ ହୋଇଗଲେ ॥ ୨ ॥

**ଫିରତ ଲାଜ କଛୁ କରି ନହିଁ ଜାଈ । ମରନୁ ଠାନି ମନ ରଚେସି ଉପାଈ ॥**
**ପ୍ରଗଟେସି ତୁରତ ରୁଚିର ରିତୁରାଜା । କୁସୁମିତ ନୱ ତରୁ ରାଜି ବିରାଜା ॥ ୩ ॥**

କିଛି କରିହେଉ ନ ଥାଏ ଅଥଚ ଫେରିଯିବାକୁ ଲାଜ ଲାଗୁଥାଏ—କାମଦେବ ଏହିପରି ଦ୍ୱିଧାରେ ପଡ଼ିଗଲେ । ଶେଷରେ ମରିବାକୁ ମନେ ମନେ ନିଶ୍ଚୟ କରିନେଇ ସେ ଏକ ଉପାୟ ପାଞ୍ଚିଲେ । ସେ ତୁରନ୍ତ ରମଣୀୟ ଋତୁରାଜ ବସନ୍ତକୁ ପ୍ରକଟ କରିଦେଲେ । ଫଳରେ ବନଭୂମିରେ ନବକୁସୁମିତ ବୃକ୍ଷରାଜି ବିରାଜିତ ହୋଇଗଲେ ॥ ୩ ॥

**ବନ ଉପବନ ବାପିକା ତଡ଼ାଗା । ପରମ ସୁଭଗ ସବ ଦିସା ବିଭାଗା ॥**
**ଜହଁ ତହଁ ଜନୁ ଉମଗତ ଅନୁରାଗା । ଦେଖି ମୁଏହୁଁ ମନ ମନସିଜ ଜାଗା ॥ ୪ ॥**

ବନ-ଉପବନ, ବାପୀ-ପୁଷ୍କରିଣୀ ଏବଂ ସବୁଦିଗର ସବୁସ୍ଥାନ ପରମସୁନ୍ଦର ହୋଇଗଲା । ଚାରିଆଡ଼େ ସତେ ଯେପରି କାମର ଜୁଆର ଖେଳିଗଲା; ତାହା ଦେଖି ମୃତଦେହରେ ମଧ୍ୟ କାମବାସନା ଜାଗିଉଠିଲା ॥ ୪ ॥

ଛନ୍ଦ- **ଜାଗଇ ମନୋଭୱ ମୁଏହୁଁ ମନ ବନ ସୁଭଗତା ନ ପରୈ କହୀ ।**
**ସୀତଲ ସୁଗଂଧ ସୁମଂଦ ମାରୁତ ମଦନ ଅନଲ ସଖା ସହୀ ॥**
**ବିକସେ ସରହ୍ନି ବହୁ କଂଜ ଗୁଂଜତ ପୁଂଜ ମଂଜୁଲ ମଧୁକରା ।**
**କଲହଂସ ପିକ ସୁକ ସରସ ରୱ କରି ଗାନ ନାଚହିଁ ଅପଛରା ॥**

ମୃତଦେହରେ ବି ବାସନା ଜାଗିଉଠିଲା । ବନର ସୌନ୍ଦର୍ଯ୍ୟ ତ ଭାଷାରେ କହିହେବ ନାହିଁ । କାମରୂପୀ ଅଗ୍ନିର ପ୍ରକୃତ ମିତ୍ର ଶୀତଳ-ମନ୍ଦ-ସୁଗନ୍ଧ ପବନ ବହିବାକୁ ଲାଗିଲା । ସରୋବରରେ ଅନେକ ପଦ୍ମ ଫୁଟିଉଠିଲେ; ସେମାନଙ୍କ ଉପରେ ସୁନ୍ଦର ଭ୍ରମରମାନେ ଗୁଞ୍ଜନ କରିବାକୁ ଲାଗିଲେ । ରାଜହଂସ, କୋକିଳ ଓ ଶୁକ ପ୍ରଭୃତି ପକ୍ଷୀମାନେ ସୁମଧୁର ସ୍ୱନରେ କଳରବ କଲେ ଏବଂ ଅପ୍‌ସରାମାନେ ସୁନ୍ଦର ଗୀତ ଗାଇ ଗାଇ ନୃତ୍ୟ କରିବାକୁ ଲାଗିଲେ ।

ଦୋ:- **ସକଲ କଲା କରି କୋଟି ବିଧି ହାରେଉ ସେନ ସମେତ ।**
**ଚଲୀ ନ ଅଚଲ ସମାଧି ସିୱ କୋପେଉ ହୃଦୟନିକେତ ॥ ୮୬ ॥**

କାମଦେବ ନିଜର ସେନା ଧରି କୋଟି କୋଟି ପ୍ରକାର ଉପାୟ କଲେ, ତଥାପି ଶିବଙ୍କର ସମାଧି ଭାଙ୍ଗିଲା ନାହିଁ । ତେଣୁ କାମଦେବ କ୍ରୁଦ୍ଧ ହୋଇଉଠିଲେ ॥ ୮୬ ॥

**ଦେଖି ରସାଲ ବିଟପ ବର ସାଖା । ତେହି ପର ଚଢ଼େଉ ମଦନୁ ମନ ମାଖା ॥**
**ସୁମନ ଚ୍ରାପ ନିଜ ସର ସଂଧାନେ । ଅତି ରିସ ତାକି ଶ୍ରଓ୍ୱନ ଲଗି ତାନେ ॥ ୧ ॥**
**ଛାଡ଼େ ବିଷମ ବିସିଖ ଉର ଲାଗେ । ଛୁଟି ସମାଧି ସଂଭୁ ତବ ଜାଗେ ॥**
**ଭୟଉ ଈସ ମନ ଛୋଭୁ ବିସେଷୀ । ନୟନ ଉଘାରି ସକଲ ଦିସି ଦେଖୀ ॥ ୨ ॥**

ସେ ମନେ ମନେ କ୍ରୁଦ୍ଧ ହୋଇ ଆମ୍ବଗଛର ଗୋଟିଏ ସୁନ୍ଦର ଶାଖାରେ ଚଢ଼ିଗଲେ ଏବଂ ନିଜ ପୁଷ୍ପଧନୁରେ ପଞ୍ଚଶର ଚଢ଼ାଇ, ଅତ୍ୟନ୍ତ କ୍ରୋଧର ସହିତ ଲକ୍ଷ୍ୟ ଆଡ଼କୁ ଚାହିଁଦେଲେ ଓ ଗୁଣକୁ କର୍ଣ୍ଣ ପର୍ଯ୍ୟନ୍ତ ଟାଣିଆଣି, ସେହି ତୀକ୍ଷ୍ଣ ପଞ୍ଚଶର ଛାଡ଼ିଦେଲେ । ତାହା ଯାଇ ଶିବଙ୍କ ହୃଦୟରେ ବାଜିବାରୁ ଶିବଙ୍କର ସମାଧି ଭାଙ୍ଗିଗଲା ଓ ସେ ଜାଗିଉଠିଲେ । ଶିବଙ୍କ ମନରେ ବିଶେଷ କ୍ଷୋଭ ଜାତ ହେଲା । ସେ ଆଖି ଖୋଲି ସବୁଆଡ଼କୁ ଚାହିଁଲେ ॥ ୧,୨॥

**ସୌରଭ ପଲ୍ଲଓ୍ୱ ମଦନୁ ବିଲୋକା । ଭୟଉ କୋପୁ କଂପେଉ ତ୍ରୈଲୋକା ॥**
**ତବ ସିଓ୍ୱଁ ତୀସର ନୟନ ଉଘାରା । ଚିତଓ୍ୱତ କାମୁ ଭୟଉ ଜରି ଛାରା ॥ ୩ ॥**

ଆମ୍ବପତ୍ର ଗହଳରେ ଲୁଚିଥିବା କାମଦେବଙ୍କୁ ଦେଖିଦେଇ ତାଙ୍କ ମନରେ ଭୀଷଣ କ୍ରୋଧ ଜାତ ହେଲା । ତାଙ୍କ କ୍ରୋଧ ଦେଖି ତିନିଲୋକ ଥରିଉଠିଲା । ଶିବ ସେତେବେଳେ ତାଙ୍କର ତୃତୀୟ ନୟନ ଖୋଲିଦେଲେ । ସେହି ନୟନରେ ଚାହିଁଦେବାମାତ୍ରେ କାମଦେବ ଜଳି ଭସ୍ମ ହୋଇଗଲେ ॥ ୩ ॥

**ହାହାକାର ଭୟଉ ଜଗ ଭାରୀ । ଡରପେ ସୁର ଭଏ ଅସୁର ସୁଖାରୀ ॥**
**ସମୁଝି କାମସୁଖୁ ସୋଚହିଁ ଭୋଗୀ । ଭଏ ଅକଂଟକ ସାଧକ ଜୋଗୀ ॥ ୪ ॥**

ଜଗତରେ ହାହାକାର ଖେଳିଗଲା । ଦେବତାମାନେ ଭୟଭୀତ ହୋଇଗଲେ । ଅସୁରମାନେ ସୁଖୀ ହୋଇଗଲେ । ଭୋଗୀମାନେ କାମସୁଖ ମନେ ପକାଇ ଚିନ୍ତାରେ ବୁଡ଼ିଗଲେ ଏବଂ ସାଧକ ଓ ଯୋଗୀମାନେ ନିଷ୍କଣ୍ଟକ ହୋଇଗଲେ ॥ ୪ ॥

ଛନ୍ଦ- **ଜୋଗୀ ଅକଂଟକ ଭଏ ପତି ଗତି ସୁନତ ରତି ମୁରୁଛିତ ଭଈ ।**
**ରୋଦତି ବଦତି ବହୁ ଭାଁତି କରୁନା କରତି ସଂକର ପହିଁ ଗଈ ॥**
**ଅତି ପ୍ରେମ କରି ବିନତୀ ବିବିଧ ବିଧି ଜୋରି କର ସନ୍ମୁଖ ରହୀ ।**
**ପ୍ରଭୁ ଆସୁତୋଷ କୃପାଲ ସିଓ୍ୱ ଅବଲା ନିରଖି ବୋଲେ ସହୀ ॥**

ଯୋଗୀମାନେ ନିଷ୍କଣ୍ଟକ ହୋଇଗଲେ ସତ; କିନ୍ତୁ କାମଦେବଙ୍କ ସ୍ତ୍ରୀ ରତି ନିଜ ପତିଙ୍କର ଏପରି ଦଶା ହେଲା ବୋଲି ଶୁଣୁ ଶୁଣୁ ମୂର୍ଚ୍ଛିତା ହୋଇଗଲେ । କାନ୍ଦିବୋବେଇ, ନାନାପ୍ରକାର କାରୁଣ୍ୟ ପ୍ରକାଶ କରି ସେ ଶିବଙ୍କ ପାଖକୁ ଚାଲିଆସିଲେ । ଅତ୍ୟନ୍ତ ଭକ୍ତିର ସହିତ ନାନାପ୍ରକାର ବିନତି କରି, ଦୁଇହାତ ଯୋଡ଼ି, ସେ ଯାଇ ପ୍ରଭୁଙ୍କ ଆଗରେ ଠିଆ ହେଲେ । ଆଶୁତୋଷ ଶିବ ଅବଳା(ଅସହାୟା ନାରୀ)କୁ ଦେଖି, ଦୟାର୍ଦ୍ର ହୋଇ ସୁନ୍ଦର-ମଧୁରଭାବରେ (ତାଙ୍କୁ ସାନ୍ତ୍ୱନା ଦେବାଭଳି) କହିଲେ,

ଦୋ:- **ଅବ ତେଁ ରତି ତଓ୍ୱ ନାଥ କର ହୋଇହି ନାମୁ ଅନଂଗୁ ।**
**ବିନୁ ବପୁ ବ୍ୟାପିହି ସବହି ପୁନି ସୁନୁ ନିଜ ମିଲନ ପ୍ରସଂଗୁ ॥ ୮୭ ॥**

''ହେ ରତି ! ଏଣିକି ତୁମ ସ୍ୱାମୀଙ୍କର ନାମ ଅନଙ୍ଗ ହେବ । ସେ ବିନାଶରୀରରେ ସମସ୍ତଙ୍କ ଠାରେ ବ୍ୟାପିବେ । ଏଥର ତୁମର ତୁମ ପତିଙ୍କ ସହିତ କିପରି ମିଳନ ହେବ, ତାହା ଶୁଣ : ॥ ୮୭ ॥

**ଜବ ଜଦୁବଂସ କୃଷ୍ନ ଅଓ୍ୱତାରା । ହୋଇହି ହରନ ମହା ମହିଭାରା ॥**
**କୃଷ୍ନ ତନଯ୍ ହୋଇହି ପତି ତୋରା । ବଚନୁ ଅନ୍ୟଥା ହୋଇ ନ ମୋରା ॥ ୧ ॥**

ଯେତେବେଳେ ପୃଥିବୀର ଗୁରୁଭାର ହରିବା ନିମନ୍ତେ ଯଦୁବଂଶରେ ଶ୍ରୀକୃଷ୍ଣ ଅବତାର ନେବେ, ସେତେବେଳେ ତୁମ ପତି ତାଙ୍କ ପୁତ୍ର(ପ୍ରଦ୍ୟୁମ୍ନ)ରୂପେ ଜନ୍ମ ନେବେ । ମୋର ଏହି ବଚନ ଅନ୍ୟଥା ହେବ ନାହିଁ ।'' ॥ ୧॥

**ରତି ଗଓ୍ୱନୀ ସୁନି ସଂକର ବାନୀ । କଥା ଅପର ଅବ କହଉଁ ବଖାନୀ ॥**
**ଦେଓ୍ୱହ୍ନ ସମାଚ୍ର ସବ ପାଏ । ବ୍ରହ୍ମାଦିକ ବୈକୁଂଠ ସିଧାଏ ॥ ୨ ॥**

ଶିବଙ୍କ ବଚନ ଶୁଣି ରତି ଫେରିଗଲେ । ଏବେ ଅନ୍ୟ ଏକ କଥା ବର୍ଣ୍ଣନା କରୁଛି; ଶୁଣନ୍ତୁ । ବ୍ରହ୍ମାଦି ଦେବତାମାନେ ଏସବୁ ସମାଚ୍ର ଶୁଣି ବୈକୁଣ୍ଠକୁ ଚ୍ଲିଲେ ॥ ୨ ॥

**ସବ ସୁର ବିଷ୍ନୁ ବିରଂଚି ସମେତା । ଗଏ ଜହାଁ ସିଓ୍ୱ କୃପାନିକେତା ॥**
**ପୃଥକ ପୃଥକ ତିହ୍ନ କୀହ୍ନି ପ୍ରସଂସା । ଭଏ ପ୍ରସନ୍ନ ଚଂଦ୍ର ଅଓ୍ୱତଂସା ॥ ୩ ॥**

ଯେଉଁଠାରେ କୃପାନିଧାନ ଶିବ ବସିଥିଲେ ବିଷ୍ଣୁ ଓ ବ୍ରହ୍ମାଙ୍କ ସହିତ ମିଶି ସକଳ ଦେବତା ସେହି ସ୍ଥାନକୁ ଚ୍ଲିଲେ । ସେମାନେ ପୃଥକ୍ ପୃଥକ୍‌ଭାବରେ ଶିବଙ୍କର ସ୍ତୁତି କଲେ । ସ୍ତୁତି ଶୁଣି ଶଶିଭୂଷଣ ଶିବ ପ୍ରସନ୍ନ ହୋଇଗଲେ ॥ ୩ ॥

**ବୋଲେ କୃପାସିଂଧୁ ବୃଷକେତୂ । କହହୁ ଅମର ଆଏ କେହି ହେତୂ ॥**
**କହ ବିଧି ତୁହ୍ମ ପ୍ରଭୁ ଅଂତରଜାମୀ । ତଦପି ଭଗତି ବସ ବିନଓ୍ୱଉଁ ସ୍ୱାମୀ ॥ ୪ ॥**

କୃପାସିନ୍ଧୁ ଶିବ କହିଲେ, ''ହେ ଦେବଗଣ ! ଆପଣମାନଙ୍କ ଆଗମନର ଅଭିପ୍ରାୟ ପ୍ରକାଶ କରନ୍ତୁ ।'' ବ୍ରହ୍ମା କହିଲେ, ''ହେ ପ୍ରଭୁ ! ଆପଣ ତ ଅନ୍ତର୍ଯାମୀ; ଆମେ ବା ଅଧିକ କଣ କହିବୁ ! ତଥାପି ହେ ସ୍ୱାମୀ ! ମୁଁ ଭକ୍ତିର ସହିତ ଆପଣଙ୍କୁ ବିନତି କରୁଛି, ॥ ୪ ॥

ଦୋଃ- **ସକଲ ସୁରହ୍ନ କେ ହୃଦୟଁ ଅସ ସଂକର ପରମ ଉଛାହୁ ।**
**ନିଜ ନୟନହ୍ନି ଦେଖା ଚହହିଁ ନାଥ ତୁହ୍ମାର ବିବାହୁ ॥ ୮୮ ॥**

ହେ ଶଙ୍କର ! ସକଳ ଦେବତାଙ୍କ ମନରେ ପରମ ଉତ୍ସାହ ଜାତ ହୋଇଛି ଯେ, ହେ ନାଥ ! ସମସ୍ତେ ସ୍ୱଚକ୍ଷୁରେ ଆପଣଙ୍କର ବିବାହ ଉତ୍ସବ ଦେଖିବେ ॥ ୮୮ ॥

**ଯ୍ହ ଉତ୍ସଓ୍ୱ ଦେଖିଅ ଭରି ଲୋଚନ । ସୋଇ କଛୁ କରହୁ ମଦନ ମଦ ମୋଚନ ॥**
**କାମୁ ଜାରି ରତି କହୁଁ ବରୁ ଦୀହ୍ନା । କୃପାସିଂଧୁ ଯ୍ହ ଅତି ଭଲ କୀହ୍ନା ॥ ୧ ॥**

ହେ କାମଦେବଙ୍କର ମଦଚୂର୍ଣ୍ଣକାରୀ ! ଆପଣ ଏପରି କିଛି କରନ୍ତୁ, ଯଦ୍ୱାରା ସମସ୍ତେ ନୟନ ଭରି ଏହି ଉତ୍ସବ ଦେଖିପାରିବେ । ହେ କୃପାସାଗର ! ଆପଣ କାମଦେବଙ୍କୁ ଭସ୍ମ କରି ରତିଙ୍କୁ ଯେଉଁ ବର ଦେଲେ, ଖୁବ୍ ଭଲ କଲେ ॥ ୧ ॥

**ସାସତି କରି ପୁନି କରହିଁ ପସାଉ । ନାଥ ପ୍ରଭୁହ୍ନ କର ସହଜ ସୁଭାଉ ॥**
**ପାରବତୀଁ ତପୁ କୀହ୍ନ ଅପାରା । କରହୁ ତାସୁ ଅବ ଅଂଗୀକାରା ॥ ୨ ॥**

ହେ ନାଥ ! ଶ୍ରେଷ୍ଠ ପ୍ରଭୁମାନଙ୍କର ଏହା ଏକ ସହଜାତ ସ୍ୱଭାବ ଯେ, ସେମାନେ ଦଣ୍ଡ ତ ଦିଅନ୍ତି, ତା'ସହିତ ବିଶେଷ କୃପା ବି କରନ୍ତି । ପାର୍ବତୀ ଅପାର ତପ କରିଛନ୍ତି; ବର୍ତ୍ତମାନ ଆପଣ ତାଙ୍କୁ ଗ୍ରହଣ କରନ୍ତୁ ।'' ॥ ୨ ॥

**ସୁନି ବିଧି ବିନୟ ସମୁଝି ପ୍ରଭୁ ବାନୀ । ଐସେଇ ହୋଉ କହା ସୁଖୁ ମାନୀ ॥**
**ତବ ଦେଓ୍ୱନ୍ହ ଦୁଂଦୁଭୀଁ ବଜାଈଁ । ବରଷି ସୁମନ ଜୟ ଜୟ ସୁର ସାଈଁ ॥ ୩ ॥**

ବ୍ରହ୍ମାଙ୍କର କଥା ଶୁଣି ଏବଂ ପ୍ରଭୁ ଶ୍ରୀରାମଙ୍କ କଥା ମନେପକାଇ, ଶିବ ପ୍ରସନ୍ନ ହୋଇ କହିଦେଲେ, 'ଏବମସ୍ତୁ' । ତାହା ଶୁଣି ଦେବତାମାନେ ଆନନ୍ଦରେ ଦୁନ୍ଦୁଭି (ନାଗରା) ବଜାଇଲେ ଏବଂ ପୁଷ୍ପ ବୃଷ୍ଟି କରି କରି, ''ଜୟ ହେଉ ! ଦେବସ୍ୱାମୀଙ୍କର ଜୟ ହେଉ !!'' ବୋଲି ଧ୍ୱନି କଲେ ॥ ୩ ॥

**ଅଓ୍ୱସରୁ ଜାନି ସପ୍ତରିଷି ଆଏ । ତୁରତହିଁ ବିଧି ଗିରିଭଓ୍ୱନ ପଠାଏ ॥**
**ପ୍ରଥମ ଗଏ ଜହଁ ରହୀଁ ଭଓ୍ୱାନୀ । ବୋଲେ ମଧୁର ବଚନ ଛଲ ସାନୀ ॥ ୪ ॥**

ଉଚିତ ଅବସର ଜାଣି ସପ୍ତର୍ଷିମାନେ ଆସି ପହଞ୍ଚିଗଲେ । ବ୍ରହ୍ମା ସେମାନଙ୍କୁ ତୁରନ୍ତ ପର୍ବତରାଜଙ୍କ ଘରକୁ ପଠାଇଦେଲେ । ସେମାନେ ପ୍ରଥମେ ପାର୍ବତୀଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ଛଳନାପୂର୍ଣ୍ଣ (ବିନୋଦଭରା) ମଧୁରବାଣୀରେ କହିଲେ, ॥ ୪ ॥

ଦୋ:- **କହା ହମାର ନ ସୁନେହୁ ତବ ନାରଦ କେଁ ଉପଦେସ ।**
**ଅବ ଭା ଝୂଠ ତୁହ୍ମାର ପନ ଜାରେଉ କାମୁ ମହେସ ॥ ୮୯ ॥**

''ନାରଦଙ୍କ ଉପଦେଶ ମାନି ସେତେବେଳେ ଆମ କଥା ଶୁଣିଲ ନାହିଁ । ଏବେ ଦେଖ, ତୁମ ପଣ ବୃଥା ହୋଇଗଲା; କାରଣ ମହାଦେବ ସ୍ୱୟଂ କାମଦେବଙ୍କୁ ଭସ୍ମ କରିଦେଲେ ।'' ॥ ୮୯ ॥

**ମାସପାରାୟଣ, ତୃତୀୟ ବିଶ୍ରାମ**

**ସୁନି ବୋଲୀଁ ମୁସୁକାଇ ଭଓ୍ୱାନୀ । ଉଚିତ କହେହୁ ମୁନିବର ବିଗ୍ୟାନୀ ॥**
**ତୁହ୍ମରେଁ ଜାନ କାମୁ ଅବ ଜାରା । ଅବ ଲଗି ସଂଭୁ ରହେ ସବିକାରା ॥ ୧ ॥**

ଏହା ଶୁଣି ପାର୍ବତୀ ମୃଦୁ ମୃଦୁ ହସି କହିଲେ, ''ହେ ବିଜ୍ଞାନୀ ମୁନିବରଗଣ ! ଆପଣମାନେ ଠିକ୍ କହିଛନ୍ତି । ଆପଣମାନଙ୍କ ବୁଝିବାରେ ସେ କାମଦେବଙ୍କୁ ବର୍ତ୍ତମାନହିଁ ଭସ୍ମ କଲେ; ସତେ ଯେପରି ସେ ଏପର୍ଯ୍ୟନ୍ତ ବିକାରଯୁକ୍ତ (କାମର ଅଧୀନ) ହୋଇ ରହିଥିଲେ ! ॥ ୧ ॥

**ହମରେଁ ଜାନ ସଦା ସିଓ୍ୱ ଜୋଗୀ । ଅଜ ଅନଓ୍ୱଦ୍ୟ ଅକାମ ଅଭୋଗୀ ॥**
**ଜୌଁ ମୈଁ ସିଓ୍ୱ ସେୟେ ଅସ ଜାନୀ । ପ୍ରୀତି ସମେତ କର୍ମ ମନ ବାନୀ ॥ ୨ ॥**

କିନ୍ତୁ ମୋ ବୁଝିବାରେ ଶିବ ହେଉଛନ୍ତି ସଦାଯୋଗୀ, ଅଜନ୍ମା, ଅନିନ୍ଦ୍ୟ, ଅକାମ ଓ ଅଭୋଗୀ । ମୁଁ ଯଦି ଶିବଙ୍କୁ ଏପରି ଭାବି ମନ, ବଚନ ଓ କର୍ମରେ ପ୍ରେମର ସହିତ ସେବା କରିଥିବି, ॥ ୨ ॥

**ତୌ ହମାର ପନ ସୁନହୁ ମୁନୀସା । କରିହହିଁ ସତ୍ୟ କୃପାନିଧି ଈସା ॥**
**ତୁହ୍ମ ଜୋ କହା ହର ଜାରେଉ ମାରା । ସୋଇ ଅତି ବଡ଼ ଅବିବେକୁ ତୁହ୍ମାରା ॥ ୩ ॥**

ତେବେ ହେ ମୁନୀଶ୍ୱରଗଣ ! ଶୁଣନ୍ତୁ, ସେହି କୃପାନିଧାନ ଭଗବାନ୍ ମୋର ପ୍ରତିଜ୍ଞାକୁ ସତ୍ୟରେ ପରିଣତ କରିଦେବେ । ଶିବ କାମଦେବଙ୍କୁ ଭସ୍ମ କରିଦେଲେ ବୋଲି ଆପଣମାନେ ଯାହା କହିଲେ, ତାହା ଏକ ବିରାଟ ଅବିବେକିତା ॥ ୩ ॥

**ତାତ ଅନଲ କର ସହଜ ସୁଭାଉ । ହିମ ତେହି ନିକଟ ଜାଇ ନହିଁ କାଉ ॥**
**ଗଏଁ ସମୀପ ସୋ ଅୱସି ନସାଈ । ଅସି ମନ୍ମଥ ମହେସ କୀ ନାଈ ॥ ୪ ॥**

ହେ ତାତ ! ଅଗ୍ନିର ଏହା ଏକ ସହଜ ସ୍ୱଭାବ ଯେ, ତା'ପାଖରେ ବରଫ କଦାପି ପଶିପାରିବ ନାହିଁ; ଯଦି ପଶିବ, ତେବେ ଅବଶ୍ୟ ନଷ୍ଟ ହୋଇଯିବ । ମହାଦେବ ଓ କାମଦେବଙ୍କ ସମ୍ବନ୍ଧ ମଧ୍ୟ ଠିକ୍ ସେହିପରି ବୋଲି ବୁଝିବାକୁ ପଡ଼ିବ ।'' ॥ ୪ ॥

ଦୋ:- **ହିଅଁ ହରଷେ ମୁନି ବଚନ ସୁନି ଦେଖି ପ୍ରୀତି ବିସ୍ୱାସ ।**
**ଚଲେ ଭୱାନିହି ନାଇ ସିର ଗଏ ହିମାଚଲ ପାସ ॥ ୯୦ ॥**

ପାର୍ବତୀଙ୍କ ବଚନ ଶୁଣି ଓ ତାଙ୍କର ପ୍ରେମ ତଥା ବିଶ୍ୱାସ ଦେଖି ମୁନିମାନେ ମନେ ମନେ ଅତ୍ୟନ୍ତ ପ୍ରସନ୍ନ ହେଲେ । ସେମାନେ ଭବାନୀଙ୍କ ନିକଟରେ ନତମସ୍ତକ ହୋଇ ସେଠାରୁ ଚାଲିଗଲେ ଓ ଯାଇ ହିମାଚଳଙ୍କ ପାଖରେ ପହଞ୍ଚିଲେ ॥ ୯୦ ॥

**ସବୁ ପ୍ରସଂଗୁ ଗିରିପତିହି ସୁନାୱା । ମଦନ ଦହନ ସୁନି ଅତି ଦୁଖୁ ପାୱା ॥**
**ବହୁରି କହେଉ ରତି କର ବରଦାନା । ସୁନି ହିମୱଂତ ବହୁତ ସୁଖୁ ମାନା ॥ ୧ ॥**

ସେମାନେ ପର୍ବତରାଜଙ୍କୁ ସବୁ ଘଟଣା ଶୁଣାଇଦେଲେ । କାମଦେବ ଭସ୍ମ ହୋଇଯିବା କଥା ଶୁଣି ହିମାଚଳ ବଡ଼ ଦୁଃଖିତ ହେଲେ; କିନ୍ତୁ ରତିଙ୍କୁ ବରଦାନ ମିଳିଥିବା କଥା ଶୁଣି ସେ ଅତ୍ୟନ୍ତ ଖୁସୀ ହେଲେ ॥ ୧ ॥

**ହୃଦୟଁ ବିଚାରି ସଂଭୁ ପ୍ରଭୁତାଈ । ସାଦର ମୁନିବର ଲିଏ ବୋଲାଈ ॥**
**ସୁଦିନୁ ସୁନଖତୁ ସୁଘରୀ ସୋଚାଈ । ବେଗି ବେଦବିଧି ଲଗନ ଧରାଈ ॥ ୨ ॥**

ମନେ ମନେ ଶିବଙ୍କ ପ୍ରଭାବ ବିଚାର କରି ହିମାଚଳ ସେଠାକାର ଶ୍ରେଷ୍ଠ ମୁନିମାନଙ୍କୁ ଆଦରପୂର୍ବକ ଡକାଇଲେ । ସେମାନଙ୍କର ପରାମର୍ଶ କ୍ରମେ ଶୁଭଦିନ, ଶୁଭନକ୍ଷତ୍ର ଓ ଶୁଭସମୟ ସ୍ଥିର କରାଇ ବେଦବିଧି ଅନୁଯାୟୀ ଶୀଘ୍ର ବିବାହଲଗ୍ନ ସ୍ଥିର କରିଦେଲେ ॥ ୨ ॥

**ପତ୍ରୀ ସପ୍ତରିଷିହ୍ନ ସୋଇ ଦୀହ୍ନୀ । ଗହି ପଦ ବିନୟ ହିମାଚଲ କୀହ୍ନୀ ॥**
**ଜାଇ ବିଧିହି ତିହ୍ନ ଦୀହ୍ନି ସୋ ପାତୀ । ବାଚତ ପ୍ରୀତି ନ ହୃଦୟଁ ସମାତୀ ॥ ୩ ॥**

ତା'ପରେ ଲଗ୍ନପତ୍ରିକାଟି ସପ୍ତର୍ଷିଙ୍କୁ ଦେଇ, ସେମାନଙ୍କ ଚରଣ ଧରି ସେ ବିନୟ ପ୍ରକାଶ କଲେ । ସେମାନେ ସେହି ଲଗ୍ନପତ୍ରିକାଟି ନେଇ ବ୍ରହ୍ମାଙ୍କୁ ଦେଲେ । ତାହା ପାଠ କରି ବ୍ରହ୍ମାଙ୍କ ଆନନ୍ଦର ସୀମା ରହିଲା ନାହିଁ ॥ ୩ ॥

**ଲଗନ ବାଚି ଅଜ ସବହି ସୁନାଈ । ହରଷେ ମୁନି ସବ ସୁର ସମୁଦାଈ ॥**
**ସୁମନ ବୃଷ୍ଟି ନଭ ବାଜନ ବାଜେ । ମଂଗଲ କଲସ ଦସହୁଁ ଦିସି ସାଜେ ॥ ୪ ॥**

ବ୍ରହ୍ମା ଲଗ୍ନପତ୍ରିକାଟି ପଢ଼ି ସମସ୍ତଙ୍କୁ ଶୁଣାଇଦେଲେ । ତାହା ଶୁଣି ସକଳ ମୁନି ଓ ଦେବସମୁଦାୟ ହର୍ଷିତ ହୋଇଗଲେ । ଆକାଶରୁ ପୁଷ୍ପବୃଷ୍ଟି ହେବାକୁ ଲାଗିଲା ; ବିବିଧ ବାଦ୍ୟ ବାଜିଉଠିଲା ଏବଂ ଦଶଦିଗରେ ମଙ୍ଗଳକଳସ ସଜାଇଦିଆଗଲା ॥ ୪ ॥

ଦୋ:- **ଲଗେ ସଁୱାରନ ସକଲ ସୁର ବାହନ ବିବିଧ ବିମାନ ।**
**ହୋହିଁ ସଗୁନ ମଂଗଲ ସୁଭଦ କରହିଁ ଅପଛରା ଗାନ ॥ ୯୧ ॥**

ଦେବତାମାନେ ନିଜ ନିଜର ବିଭିନ୍ନପ୍ରକାର ବାହନ ଓ ବିମାନ ସଜାଇବାକୁ ଲାଗିଲେ; ଶୁଭପ୍ରଦ ମଙ୍ଗଳ ଲକ୍ଷଣମାନ ଦେଖାଗଲା ଏବଂ ଅପ୍ସରାମାନେ ଗୀତ ଗାଇଲେ ॥ ୯୧ ॥

**ସିଓ୍ୱହି ସଂଭୁ ଗନ କରହିଁ ସିଁଗାରା । ଜଟା ମୁକୁଟ ଅହି ମୌରୁ ସଁଓ୍ୱାରା ॥**
**କୁଂଡଲ କଂକନ ପହିରେ ବ୍ୟାଲା । ତନ ବିଭୂତି ପଟ କେହରି ଛାଲା ॥ ୧ ॥**

ଶିବଙ୍କ ଗଣମାନେ ଶିବଙ୍କୁ ବେଶ କରିବାକୁ ଲାଗିଲେ । ଶିବଙ୍କ ଜଟାଗୁଡ଼ିକୁ ମୁକୁଟ କରି ତା'ଉପରେ ଗୋଟିଏ ସର୍ପକୁ ମଉଡ଼ ପରି ଖଞ୍ଜିଦେଲେ । ଶିବ ସର୍ପମାନଙ୍କୁ କୁଣ୍ଡଳ ଓ କଙ୍କଣ କରି ପିନ୍ଧିଲେ । ସେ ଦେହରେ ଭସ୍ମ ବୋଳିହେଲେ ଏବଂ ବସ୍ତ୍ରରୂପେ ବ୍ୟାଘ୍ରଚର୍ମ ପିନ୍ଧିଲେ ॥ ୧ ॥

**ସସି ଲଲାଟ ସୁଂଦର ସିର ଗଂଗା । ନୟନ ତୀନି ଉପବୀତ ଭୁଜଂଗା ॥**
**ଗରଲ କଂଠ ଉର ନର ସିର ମାଲା । ଅସିଓ୍ୱ ବେଷ ସିଓ୍ୱଧାମ କୃପାଲା ॥ ୨ ॥**

ତାଙ୍କର ସୁନ୍ଦର ଲଲାଟରେ ଚନ୍ଦ୍ରମା, ମସ୍ତକରେ ଗଙ୍ଗା, ତିନୋଟି ନେତ୍ର, ସ୍କନ୍ଧରେ ସର୍ପର ଉପବୀତ, କଣ୍ଠରେ ଗରଳ ଓ ବକ୍ଷରେ ନରମୁଣ୍ଡମାଳା ଶୋଭା ପାଇଲା । ଏପରିଭାବରେ ତାଙ୍କର ବେଶ ଅଶୁଭ ହେଲେ ମଧ୍ୟ ସେ ନିଜେ ଥିଲେ ମଙ୍ଗଳର ଧାମ ଓ କୃପାଳୁ ॥ ୨ ॥

**କର ତ୍ରିସୂଲ ଅରୁ ଡମରୁ ବିରାଜା । ଚଲେ ବସହଁ ଚଢ଼ି ବାଜହିଁ ବାଜା ॥**
**ଦେଖି ସିଓ୍ୱହିଁ ସୁରତ୍ରିୟ ମୁସୁକାହୀଁ । ବର ଲାୟକ ଦୁଲହିନି ଜଗ ନାହୀଁ ॥ ୩ ॥**

ତାଙ୍କର ଗୋଟିଏ ହସ୍ତରେ ତ୍ରିଶୂଳ ଓ ଅନ୍ୟ ହସ୍ତରେ ଡମ୍ବରୁ ବିରାଜିତ ହୋଇଥାଏ । ସେ ବୃଷଭରେ ଚଢ଼ି ବାହାରିଲେ । ବାଜା ବାଜୁଥାଏ । ତାଙ୍କୁ ଦେଖି ଦେବାଙ୍ଗନାମାନେ ମୁରୁକି ମୁରୁକି ହସି କୁହାକୁହି ହେଉଥାନ୍ତି, ''ଏପରି ବରକୁ ତ ସଂସାରରେ ଯୋଗ୍ୟା କନ୍ୟା ମିଳିବ ନାହିଁ ।'' ॥ ୩ ॥

**ବିଷ୍ଣୁ ବିରଂଚି ଆଦି ସୁରବ୍ରାତା । ଚଢ଼ି ଚଢ଼ି ବାହନ ଚଲେ ବରାତା ॥**
**ସୁର ସମାଜ ସବ ଭାଁତି ଅନୂପା । ନହି ବରାତ ଦୂଲହ ଅନୁରୂପା ॥ ୪ ॥**

ବିଷ୍ଣୁ ଓ ବ୍ରହ୍ମା ଆଦି ଦେବତାମାନେ ନିଜ ନିଜର ବାହନ ଚଢ଼ି ବରଯାତ୍ରୀଙ୍କ ଶୋଭାଯାତ୍ରାରେ ଚାଲିଲେ । ଦେବଗଣ ସବୁପ୍ରକାରେ ଅନୁପମ (ପରମ ସୁନ୍ଦର) ଦେଖାଯାଉଥିଲେ; କିନ୍ତୁ ସେହି ଶୋଭାଯାତ୍ରା ବରର ଅନୁରୂପ ହୋଇ ନ ଥିଲା ॥ ୪ ॥

ଦୋ:- **ବିଷ୍ଣୁ କହା ଅସ ବିହସି ତବ ବୋଲି ସକଲ ଦିସିରାଜ ।**
**ବିଲଗ ବିଲଗ ହୋଇ ଚଲହୁ ସବ ନିଜ ନିଜ ସହିତ ସମାଜ ॥ ୯୨ ॥**

ଏହା ଲକ୍ଷ୍ୟ କରି, ଭଗବାନ୍ ବିଷ୍ଣୁ ଦିଗପାଳମାନଙ୍କୁ ଡାକି, ହସି ହସି କହିଲେ, ''ଆପଣମାନେ ସମସ୍ତେ ନିଜ ନିଜର ଅଲଗା ଅଲଗା ଦଳ କରି ଚାଲନ୍ତୁ ॥ ୯୨ ॥

**ବର ଅନୁହାରି ବରାତ ନ ଭାଈ । ହଁସୀ କରୈହହୁ ପର ପୁର ଜାଈ ॥**
**ବିଷ୍ଣୁ ବଚନ ସୁନି ସୁର ମୁସୁକାନେ । ନିଜ ନିଜ ସେନ ସହିତ ବିଲଗାନେ ॥ ୧ ॥**

ଭାଇ ! ଆମର ଏ ଶୋଭାଯାତ୍ରା ବରଙ୍କ ଯୋଗ୍ୟ ନୁହେଁ । ଆମେ ଅନ୍ୟ ନଗରକୁ ଯାଇ ଉପହାସର ପାତ୍ର ହେବା ନା କ'ଣ !'' ଭଗବାନ୍ ବିଷ୍ଣୁଙ୍କ କଥା ଶୁଣି ଦେବତାମାନେ ମୁରୁକି ମୁରୁକି ହସିଲେ ଏବଂ ଆପଣା ଆପଣା ସେନା ସହିତ ଅଲଗା ଅଲଗା ଦଳ ହୋଇ ଚାଲିଲେ ॥ ୧ ॥

**ମନହୀଁ ମନ ମହେସୁ ମୁସୁକାହୀଁ । ହରି କେ ବିଂଗ୍ୟ ବଚନ ନହିଁ ଜାହୀଁ ॥**
**ଅତି ପ୍ରିୟବଚନ ସୁନତ ପ୍ରିୟ କେରେ । ଭୃଂଗିହି ପ୍ରେରି ସକଲ ଗନ ଟେରେ ॥ ୨ ॥**

ଏହା ଦେଖି ମହାଦେବ ମନେ ମନେ ହସିଲେ; କହିଲେ, 'ବିଷ୍ଣୁଭଗବାନଙ୍କର ଅଚ୍ଚାଳିଆ କଥା ଗଲା ନାହିଁ ।' ନିଜର ପ୍ରିୟ ବିଷ୍ଣୁଙ୍କର ଏପରି ଅତିପ୍ରିୟ କଥା ଶୁଣି ଶିବ ମଧ୍ୟ ଭୃଙ୍ଗୀଙ୍କୁ ପଠାଇ ନିଜର ସମସ୍ତ ଗଣଙ୍କୁ ଡକାଇଲେ ॥ ୨ ॥

**ସିଓ୍ୱ ଅନୁସାସନ ସୁନି ସବ ଆଏ । ପ୍ରଭୁ ପଦ ଜଲଜ ସୀସ ତିହ୍ନ ନାଏ ॥**
**ନାନା ବାହନ ନାନା ବେଷା । ବିହସେ ସିଓ୍ୱ ସମାଜ ନିଜ ଦେଖା ॥ ୩ ॥**

ଶିବଙ୍କ ଆଜ୍ଞା ଶୁଣିଲାକ୍ଷଣି ଗଣମାନେ ଚ୍ଚଲିଆସିଲେ ଏବଂ ଆସି ନିଜ ପ୍ରଭୁଙ୍କ ଚରଣକମଳରେ ମୁଣ୍ଡ ନୁଆଁଇଲେ । ବିଭିନ୍ନ ବେଶ ଧରି ବିଭିନ୍ନପ୍ରକାର ବାହନରେ ବସି ଆସିଥିବା ନିଜର ଗଣମାନଙ୍କୁ ଦେଖି ଶିବ ଆନନ୍ଦରେ ହସିଲେ ॥ ୩ ॥

**କୋଉ ମୁଖହୀନ ବିପୁଲ ମୁଖ କାହୂ । ବିନୁ ପଦ କର କୋଉ ବହୁ ପଦ ବାହୂ ॥**
**ବିପୁଲ ନୟନ କୋଉ ନୟନ ବିହୀନା । ରିଷ୍ଟପୁଷ୍ଟ କୋଉ ଅତି ତନଖୀନା ॥ ୪ ॥**

ସେମାନଙ୍କ ଭିତରୁ କାହାର ମୁଖ ନ ଥାଏ ତ, କାହାର ଅନେକ ମୁଖ; କାହାର ହାତଗୋଡ଼ ନ ଥାଏ ତ, କାହାର ଅନେକ ହାତଗୋଡ଼; କାହାର ବହୁତ ଆଖି ତ, କାହାର ଗୋଟିଏ ବି ଆଖି ନ ଥାଏ; କେହି ଖୁବ୍ ହୃଷ୍ଟପୁଷ୍ଟ ତ, କାହାର ଦେହ ନିତାନ୍ତ ପତଳା ହୋଇଥାଏ ॥ ୪ ॥

ଛନ୍ଦ- **ତନ ଖୀନ କୋଉ ଅତି ପୀନ ପାଓ୍ୱନ କୋଉ ଅପାଓ୍ୱନ ଗତି ଧରେଁ ।**
**ଭୂଷନ କରାଲ କପାଲ କର ସବ ସଦ୍ୟ ସୋନିତ ତନ ଭରେଁ ॥**
**ଖର ସ୍ୱାନ ସୁଅର ସୃକାଲ ମୁଖ ଗନ ବେଷ ଅଗନିତ କୋ ଗନୈ ।**
**ବହୁ ଜିନସ ପ୍ରେତ ପିସାଚ ଜୋଗି ଜମାତ ବରନତ ନହିଁ ବନୈ ॥**

କେହି ବହୁତ ପତଳା ତ, କେହି ବହୁତ ମୋଟା; କେହି ପବିତ୍ର ବେଶ ଧରିଥାଏ ତ, କେହି ଅପବିତ୍ର । ସେମାନେ ଭୟଙ୍କର ଗହଣାମାନ ପିନ୍ଧିଥାନ୍ତି; ହାତରେ ନର-କପାଳ ଧରିଥାନ୍ତି ଓ ଦେହସାରା ତଟକା ରକ୍ତ ବୋଳି ହୋଇଥାନ୍ତି । ସେମାନଙ୍କର ମୁହଁର ଆକୃତି ଗଧ, କୁକୁର, ଘୁଷୁରୀ ଓ ବିଲୁଆର ମୁହଁ ପରି ହୋଇଥାଏ । ସେହି ଗଣମାନଙ୍କର ଅଗଣିତ ପ୍ରକାର ବେଶଭୂଷା କିଏ ବା ଗଣିପାରିବ ? ବହୁପ୍ରକାର ପ୍ରେତ, ପିଶାଚ ଓ ଯୋଗିନୀ ଦଳ ଦଳ ହୋଇ ଆସିଥାନ୍ତି । ସେମାନଙ୍କର ବର୍ଣ୍ଣନା କରିବା ସମ୍ଭବପର ନୁହେଁ ।

ସୋଃ- **ନାଚହିଁ ଗାଓ୍ୱହିଁ ଗୀତ ପରମ ତରଂଗୀ ଭୂତ ସବ ।**
**ଦେଖତ ଅତି ବିପରୀତ ବୋଲହିଁ ବଚନ ବିଚିତ୍ର ବିଧି ॥ ୯୩ ॥**

ଭୂତପ୍ରେତମାନେ ନାଚି ନାଚି, ଗୀତ ଗାଇ ଗାଇ ଚ୍ଚଲିଆ'ନ୍ତି । ସେମାନେ ବେଶ୍ ମଉଜିଆ ହୋଇଥାନ୍ତି । ଦେଖିବାକୁ ଭାରି ବେଢଙ୍ଗ ଜଣାପଡୁଥାନ୍ତି ଏବଂ ବଡ଼ ବିଚିତ୍ର ଢଙ୍ଗରେ କଥାଭାଷା କରୁଥାନ୍ତି ॥ ୯୩ ॥

**ଜସ ଦୂଲହୁ ତସି ବନୀ ବରାତା । କୌତୁକ ବିବିଧ ହୋହିଁ ମଗଜାତା ॥**
**ଇହାଁ ହିମାଚଲ ରଚେଉ ବିତାନା । ଅତି ବିଚିତ୍ର ନହିଁ ଜାଇ ବଖାନା ॥ ୧ ॥**

ଯେପରି ବରକୁ ସେପରି ବରଯାତ୍ରୀ; ବାଟରେ ଯିବାବେଳେ ବିଭିନ୍ନପ୍ରକାର କୌତୁକ କରୁଥାନ୍ତି । ଏପଟେ ହିମାଳୟ ଯେଉଁ ବିଚିତ୍ର ମଣ୍ଡପ ଗଢ଼ିଥାନ୍ତି, ତାହାର ବର୍ଣ୍ଣନା କରିହେବ ନାହିଁ ॥ ୧ ॥

**ସୈଲ ସକଲ ଜହଁ ଲଗି ଜଗ ମାହୀଁ । ଲଘୁ ବିସାଲ ନହିଁ ବରନି ସିରାହୀଁ ॥**
**ବନ ସାଗର ସବ ନଦୀଁ ତଲାଓ୍ୱା । ହିମଗିରି ସବ କହୁଁ ନେଓ୍ୱତ ପଠାଓ୍ୱା ॥ ୨ ॥**

ଜଗତରେ ଯେତେ ସାନବଡ଼ ପର୍ବତ ଥିଲେ, ସେମାନଙ୍କର ବର୍ଣ୍ଣନା କରିବସିଲେ ସରିବ ନାହିଁ । ହିମାଚଳ ସେହି ସମସ୍ତଙ୍କ ପାଖକୁ ତଥା ସମସ୍ତ ବନ, ସମୁଦ୍ର, ନଦୀ ଓ ସରୋବର ପାଖକୁ ନିମନ୍ତ୍ରଣ ପଠାଇଥିଲେ ॥ ୨ ॥

**କାମରୂପ ସୁଂଦର ତନ ଧାରୀ । ସହିତ ସମାଜ ସହିତ ବର ନାରୀ ॥**
**ଗଏ ସକଲ ତୁହିନାଚଲ ଗେହା । ଗାଓ୍ୱହିଁ ମଂଗଲ ସହିତ ସନେହା ॥ ୩ ॥**

ସେମାନେ ସମସ୍ତେ ନିଜ ନିଜର ଇଚ୍ଛାନୁସାରେ ସୁନ୍ଦର ସୁନ୍ଦର ଶରୀର ଧାରଣ କରି, ସୁନ୍ଦରୀ ସ୍ତ୍ରୀମାନଙ୍କୁ ତଥା ଅନୁଚରବର୍ଗଙ୍କୁ ସଙ୍ଗରେ ଘେନି, ଶ୍ରଦ୍ଧାର ସହିତ ମଙ୍ଗଳ ଗୀତ ଗାଇ ଗାଇ ହିମାଚଳଙ୍କ ଘରକୁ ଆସିଗଲେ ॥ ୩ ॥

**ପ୍ରଥମହିଁ ଗିରି ବହୁ ଗୃହ ସଁୱରାଏ । ଜଥାଜୋଗୁ ତହଁ ତହଁ ସବ ଛାଏ ॥**
**ପୁର ସୋଭା ଅୱଲୋକି ସୁହାଈ । ଲାଗଇ ଲଘୁ ବିରଂଚି ନିପୁନାଈ ॥ ୪ ॥**

ହିମାଚଳ ସେମାନଙ୍କ ପାଇଁ ଆଗରୁ ବହୁତ ଘର ସଜାଇ ରଖିଥିଲେ । ସେମାନେ ସମସ୍ତେ ଆସି ଯଥାଯୋଗ୍ୟ ଘରମାନଙ୍କରେ ରହିଗଲେ । ନଗରର ସୁନ୍ଦର ଶୋଭା ଦେଖି ବ୍ରହ୍ମାଙ୍କର ରଚନାଚାତୁରୀ ବି ତୁଚ୍ଛ ମନେହେଉଥାଏ ॥ ୪ ॥

ଛନ୍ଦ- **ଲଘୁ ଲାଗ ବିଧି କୀ ନିପୁନତା ଅୱଲୋକି ପୁର ସୋଭା ସହୀ ।**
**ବନ ବାଗ କୂପ ତଡାଗ ସରିତା ସୁଭଗ ସବ ସକ କୋ କହୀ ॥**
**ମଂଗଲ ବିପୁଲ ତୋରନ ପତାକା କେତୁ ଗୃହ ଗୃହ ସୋହହୀଂ ।**
**ବନିତା ପୁରୁଷ ସୁଂଦର ଚତୁର ଛବି ଦେଖି ମୁନି ମନ ମୋହହୀଂ ॥**

ନଗରର ଶୋଭା ଦେଖି ବ୍ରହ୍ମାଙ୍କର ନିପୁଣତା ବି ତୁଚ୍ଛ ମନେହେଉଥାଏ । ବନ, ବଗିଚା, କୂଅ, ପୋଖରୀ, ନଦୀ—ସବୁ ସୁନ୍ଦର ଦେଖାଯାଉଥାଏ । ସେସବୁର ବର୍ଣ୍ଣନା କିଏ ବା କରିପାରିବ ! ଘରେ ଘରେ ବହୁସଂଖ୍ୟାରେ ମଙ୍ଗଳ ତୋରଣ ଓ ଧ୍ୱଜା-ପତାକା ସୁଶୋଭିତ ହୋଇଥାଏ । ସେଠାକାର ସୁନ୍ଦର ଓ ଚତୁର ସ୍ତ୍ରୀପୁରୁଷମାନଙ୍କର ଶୋଭା ଦେଖି ମୁନିମାନଙ୍କର ମନ ମଧ୍ୟ ମୋହିତ ହୋଇଯାଉଥାଏ ।

ଦୋ:- **ଜଗଦଂବା ଜହଁ ଅୱତରୀ ସୋ ପୁରୁ ବରନି କି ଜାଇ ।**
**ରିଦ୍ଧି ସିଦ୍ଧି ସଂପତ୍ତି ସୁଖ ନିତ ନୂତନ ଅଧିକାଇ ॥ ୯୪ ॥**

ଯେଉଁ ନଗରରେ ସ୍ୱୟଂ ଜଗଦମ୍ବା ଅବତାର ନେଇଥିଲେ, ତାହାର ବର୍ଣ୍ଣନା କ'ଣ କରିହେବ ! ସେଠାରେ ଋଦ୍ଧି, ସିଦ୍ଧି, ସମ୍ପତ୍ତି ଓ ସୁଖ ନିତ୍ୟନୂତନ ହୋଇ ବଢ଼ିଚାଲିଥାଏ ॥ ୯୪ ॥

**ନଗର ନିକଟ ବରାତ ସୁନି ଆଈ । ପୁର ଖରଭରୁ ସୋଭା ଅଧିକାଈ ॥**
**କରି ବନାୱ ସଜି ବାହନ ନାନା । ଚଲେ ଲେନ ସାଦର ଅଗୱାନା ॥ ୧ ॥**

ବିବାହ-ଶୋଭାଯାତ୍ରା ନଗର ନିକଟକୁ ଆସିଗଲାଣି ଶୁଣି ନଗରରେ ଆନନ୍ଦର କୋଳାହଳ ଖେଳିଗଲା । ତେଣୁ ନଗରର ଶୋଭା ଆହୁରି ବଢ଼ିଗଲା । ସ୍ୱାଗତକାରୀମାନେ ସଜବାଜ ହୋଇ, ନିଜ ନିଜର ଗାଡ଼ିଘୋଡ଼ା ନାନାପ୍ରକାରେ ସଜାଇ ବରଯାତ୍ରୀଙ୍କୁ ପାଛୋଟି ଆଣିବାକୁ ଚାଲିଲେ ॥ ୧ ॥

**ହିୟଁ ହରଷେ ସୁର ସେନ ନିହାରୀ । ହରିହି ଦେଖି ଅତି ଭଏ ସୁଖାରୀ ॥**
**ସିୱ ସମାଜ ଜବ ଦେଖନ ଲାଗେ । ବିଡରି ଚଲେ ବାହନ ସବ ଭାଗେ ॥ ୨ ॥**

ଦେବସମାଜକୁ ଦେଖି ସମସ୍ତେ ମନେ ମନେ ଖୁସୀ ହେଲେ । ଭଗବାନ୍ ବିଷ୍ଣୁଙ୍କୁ ଦେଖି ସେମାନେ ଅତ୍ୟନ୍ତ ଆନନ୍ଦିତ ହେଲେ; କିନ୍ତୁ ଶିବଙ୍କ ଦଳକୁ ଦେଖିବାମାତ୍ରେ ସେମାନଙ୍କର ବାହନମାନେ (ହାତୀ, ଘୋଡ଼ା ପ୍ରଭୃତି) ଛାନିଆ ହୋଇ ଦୌଡ଼ିପଳାଇଗଲେ ॥ ୨ ॥

**ଧରି ଧୀରଜୁ ତହଁ ରହେ ସୟାନେ । ବାଲକ ସବ ଲୈ ଜୀୱ ପରାନେ ॥**
**ଗଏଁ ଭୱନ ପୂଛହିଁ ପିତୁ ମାତା । କହହିଁ ବଚନ ଭୟ କଂପିତ ଗାତା ॥ ୩ ॥**

ତଥାପି କେତେଜଣ ବୟସ୍କ ଓ ବୁଦ୍ଧିମାନ୍ ଲୋକ ଧୈର୍ଯ୍ୟ ଧରି, ଠିଆ ହୋଇ ରହିଲେ । ଦେଖଣାହାରୀ ପିଲାଗୁଡ଼ାକ ତ ଆପଣା ପ୍ରାଣ ନେଇ ଦୌଡ଼ିପଳାଇଗଲେ । ଘରେ ପହଞ୍ଚୁ ପହଞ୍ଚୁ, କଥା କ'ଣ ବୋଲି ବାପାମାଆମାନେ ପଚ୍ଚାରିବାରୁ ସେମାନେ ଭୟରେ ଥରି ଥରି କହିଲେ, ॥ ୩ ॥

**କହିଅ କାହ କହି ଜାଇ ନ ବାତା । ଜମ କର ଧାର କିଧୌଁ ବରିଆତା ॥**
**ବରୁ ବୌରାହ ବସହଁ ଅସୱାରା । ବ୍ୟାଲ କପାଲ ବିଭୂଷନ ଛାରା ॥ ୪ ॥**

"କହିବାକୁ ପାଟିରୁ କଥା ବାହାରୁନାହିଁ; କ'ଣ ଆଉ କହିବୁ ! ଏଗୁଡ଼ାକ ବରଯାତ୍ରୀ, ନା ଯମଦୂତ !! ବରଟା ପାଗଳ; ପୁଣି ବସିଛି ଗୋଟେ ଷଣ୍ଢ ଉପରେ ! ସାପ, ମଣିଷମୁଣ୍ଡ ଓ ପାଉଁଶ—ଏଗୁଡ଼ାକ ଗହଣା କରି ପିନ୍ଧିଛି ॥ ୪ ॥

ଛନ୍ଦ- **ତନ ଛାର ବ୍ୟାଲ କପାଲ ଭୂଷନ ନଗନ ଜଟିଲ ଭୟଂକରା ।**
**ସଁଗ ଭୂତ ପ୍ରେତ ପିସାଚ ଜୋଗିନି ବିକଟ ମୁଖ ରଜନୀଚରା ॥**
**ଜୋ ଜିଅତ ରହିହି ବରାତ ଦେଖତ ପୁନ୍ୟ ବଡ଼ ତେହି କର ସହୀ ।**
**ଦେଖିହି ସୋ ଉମା ବିବାହୁ ଘର ଘର ବାତ ଅସି ଲରିକହ୍ନ କହୀ ॥**

ବରର ଦେହସାରା ପାଉଁଶ ବୋଳାହୋଇଛି । ସେ ସାପ ଓ ମଣିଷମୁଣ୍ଡକୁ ଗହଣା କରି ପିନ୍ଧିଛି । ଲଙ୍ଗଳାଟା ! ମୁଣ୍ଡଯାକ ଜଟ; ବଡ଼ ଭୟଙ୍କର ଦିଶୁଛି । ତା'ସାଥିରେ ଅଛନ୍ତି ଭୂତ, ପ୍ରେତ, ପିଶାଚ, ଯୋଗିନୀ ଓ ରାକ୍ଷସ । ସେଗୁଡ଼ାଙ୍କର ମୁହଁ ବଡ଼ ଭୟଙ୍କର । ସେହି ବରଯାତ୍ରୀଙ୍କୁ ଦେଖି ଯେ ବଞ୍ଚିଗଲା, ଜାଣ, ସେ ବଡ଼ ପୁଣ୍ୟ କରିଛି; ସେହି ଲୋକହିଁ ପାର୍ବତୀଙ୍କ ବାହାଘର ଦେଖିପାରିବ ।" ଘରେ ଘରେ ପିଲାଏ ଏପରି କହିହେଲେ ॥

ଦୋ:- **ସମୁଝି ମହେସ ସମାଜ ସବ ଜନନି ଜନକ ମୁସୁକାହିଁ ।**
**ବାଲ ବୁଝାଏ ବିବିଧ ବିଧି ନିଡର ହୋହୁ ଡରୁ ନାହିଁ ॥ ୯୫ ॥**

ଶିବଙ୍କ ଦଳ ବୋଲି ବୁଝିପାରି ବାପାମାଆମାନେ ମୁରୁକି ମୁରୁକି ହସିଲେ । ପିଲାଙ୍କୁ ନାନାପ୍ରକାରେ ବୁଝାଇ କହିଲେ, "ଆରେ ! ଡରନା । ଡରିବାର କିଛି ନାହିଁ ।" ॥ ୯୫ ॥

**ଲୈ ଅଗୱାନ ବରାତହି ଆଏ । ଦିଏ ସବହି ଜନୱାସ ସୁହାଏ ॥**
**ମୈନାଁ ସୁଭ ଆରତୀ ସଁୱାରୀ । ସଂଗ ସୁମଂଗଲ ଗାୱହିଁ ନାରୀ ॥ ୧ ॥**

ପାଛୋଟି ନେବାକୁ ଆସିଥିବା ଲୋକେ ବରଯାତ୍ରୀଙ୍କୁ ପାଛୋଟିନେଲେ; ରହିବାପାଇଁ ସମସ୍ତଙ୍କୁ ସୁନ୍ଦର ବସାଘର ଯୋଗାଇଦେଲେ । ମେନା (ପାର୍ବତୀଙ୍କ ମାଆ) ଶୁଭ ଆରତି (ସାତଦୀପ) ସଜାଇଲେ ଓ ସଙ୍ଗରେ ଥିବା ନାରୀମାନେ ମଙ୍ଗଳଗୀତ ଗାଇବାକୁ ଲାଗିଲେ ॥ ୧ ॥

**କଂଚନ ଥାର ସୋହ ବର ପାନୀ । ପରିଛନ ଚଲୀ ହରହି ହରଷାନୀ ॥**
**ବିକଟ ବେଷ ରୁଦ୍ରହି ଜବ ଦେଖା । ଅବଲହ୍ନ ଉର ଭୟ ଭୟଉ ବିସେଷା ॥ ୨ ॥**

ହାତରେ ସୁନାଥାଳି ଧରି ମେନା ଆନନ୍ଦିତା ହୋଇ ଶିବଙ୍କୁ ବନ୍ଦାଇବାକୁ ଗଲେ; କିନ୍ତୁ ମହାଦେବଙ୍କର ଭୟାନକ ବେଶ ଦେଖି ସ୍ତ୍ରୀମାନଙ୍କ ମନରେ ଅତ୍ୟନ୍ତ ଭୟ ଜାତ ହେଲା ॥ ୨ ॥

**ଭାଗି ଭୱନ ପୈଠୀଁ ଅତି ତ୍ରାସା । ଗଏ ମହେସୁ ଜହାଁ ଜନୱାସା ॥**
**ମୈନା ହୃଦୟଁ ଭୟଉ ଦୁଖୁ ଭାରୀ । ଲୀହ୍ନୀ ବୋଲି ଗିରୀସକୁମାରୀ ॥ ୩ ॥**

ଅତ୍ୟନ୍ତ ଭୟରେ ଛାନିଆ ହୋଇ, ସେମାନେ ପଳାଇଯାଇ ଘରେ ପଶିଗଲେ ଏବଂ ଶିବ ତାଙ୍କ ରହିବାପାଇଁ ସଜା ଯାଇଥିବା ବସାଘରକୁ ଚାଲିଗଲେ । ମେନାଙ୍କ ମନରେ ବଡ଼ ଦୁଃଖ ହେଲା । ସେ ପାର୍ବତୀଙ୍କୁ ନିଜ ପାଖକୁ ଡାକିଆଣିଲେ ॥ ୩ ॥

**ଅଧିକ ସନେହଁ ଗୋଦ ବୈଠାରୀ । ସ୍ୟାମ ସରୋଜ ନୟନ ଭରେ ବାରୀ ॥**
**ଜେହିଁ ବିଧି ତୁମ୍ହହି ରୂପୁ ଅସ ଦୀହ୍ନା । ତେହିଁ ଜଡ଼ ବରୁ ବାଉର କସ କୀହ୍ନା ॥ ୪ ॥**

ଅତି ଆଦରରେ ତାଙ୍କୁ କୋଳରେ ବସାଇ, ନିଜର ନୀଳକମଳସମ ନୟନରୁ ଲୁହ ଝରାଇ ଝରାଇ କହିଲେ, ‘‘ଯେଉଁ ବିଧାତା ତୋତେ ଏଡ଼େ ସୁନ୍ଦରରୂପ ଦେଲା, ସେ ମୂର୍ଖ ତୋ ବରକୁ ଏପରି ପାଗଳ କରି ଗଢ଼ିଲା କିପରି ? ॥ ୪ ॥

ଛନ୍ଦ- **କସ କୀହ୍ନ ବରୁ ବୌରାହ ବିଧି ଜେହିଁ ତୁମ୍ହହି ସୁଂଦରତା ଦଈ ।**
**ଜୋ ଫଲୁ ଚହିଅ ସୁରତରୁହିଁ ସୋ ବରବସ ବବୂରହିଁ ଲାଗଈ ॥**
**ତୁମ୍ହ ସହିତ ଗିରି ତେଁ ଗିରୌଁ ପାୱକ ଜରୌଁ ଜଲନିଧି ମହୁଁ ପରୌଁ ।**
**ଘରୁ ଜାଉ ଅପଜସୁ ହୋଉ ଜଗ ଜୀୱତ ବିବାହୁ ନ ହୌଁ କରୌଁ ॥**

ଯେଉଁ ବିଧାତା ତୋତେ ସୌନ୍ଦର୍ଯ୍ୟ ଦେଲା, ସେ ତୋ ବରକୁ ପାଗଳ କରି ଗଢ଼ିଲା କିପରି ? ଯେଉଁ ଫଳ କଳ୍ପବୃକ୍ଷରେ ଫଳିବା କଥା, ସେହି ଫଳକୁ ନେଇ ଜବରଦସ୍ତି ବାବୁଲ (କଣ୍ଟା) ଗଛରେ ଫଳାଇଲା କିପରି !! ମୁଁ ତତେ ଧରି ପାହାଡ଼ରୁ ଡେଇଁପଡ଼ିବି, ନହେଲେ ନିଆଁରେ ପଶିଯିବି ; ନାହିଁ ତ ସମୁଦ୍ରକୁ ଡେଇଁପଡ଼ିବି । ମୋ’ ଘର ଭାସିଯାଉ ପଛେ, ଲୋକନିନ୍ଦା ହେଉ ପଛେ, ମୁଁ ଜୀଇ ଥାଉ ଥାଉ ଏ ପାଗଳ ବର ସାଥିରେ ତୋ ବାହାଘର କରାଇଦେବି ନାହିଁ ॥

ଦୋଃ- **ଭଈଁ ବିକଲ ଅବଲା ସକଲ ଦୁଖିତ ଦେଖି ଗିରିନାରି ।**
**କରି ବିଲାପୁ ରୋଦତି ବଦତି ସୁତା ସନେହୁ ସଁଭାରି ॥ ୯୬ ॥**

ହିମାଚଳଙ୍କ ପତ୍ନୀ ମେନାଙ୍କର ଦୁଃଖ ଦେଖି ଅନ୍ୟ ନାରୀମାନେ ବ୍ୟାକୁଳ ହୋଇଉଠିଲେ । ମେନା ନିଜ ଝିଅର ସ୍ନେହ କଥା ମନେପକାଇ ବିଳାପ କଲେ । ସେ କାନ୍ଦି କାନ୍ଦି କହିହେଲେ, ॥ ୯୬ ॥

**ନାରଦ କର ମୈଁ କାହ ବିଗାରା । ଭୱନୁ ମୋର ଜିହ୍ନ ବସତ ଉଜାରା ॥**
**ଅସ ଉପଦେସୁ ଉମହି ଜିହ୍ନ ଦୀହ୍ନା । ବୌରେ ବରହି ଲାଗି ତପୁ କୀହ୍ନା ॥ ୧ ॥**

‘‘ମୁଁ ନାରଦଙ୍କର କଣ ବିଗାଡ଼ିଥିଲି ଯେ, ସେ ମୋର ଏଡ଼େ ସୁନ୍ଦର ଘରଟାକୁ ଉଜାଡ଼ିଦେଲେ ! ମୋ ପାର୍ବତୀକୁ ଏପରି ଉପଦେଶ ଦେଲେ ଯେ, ସେ ଗୋଟେ ପାଗଳକୁ ବର କରିବ ବୋଲି ତପ କଲା ! ॥ ୧ ॥

**ସାଚେହୁଁ ଉହ୍ନ କେଁ ମୋହ ନ ମାୟା । ଉଦାସୀନ ଧନୁ ଧାମୁ ନ ଜାୟା ॥**
**ପର ଘର ଘାଲକ ଲାଜ ନ ଭୀରା । ବାଁଝ କି ଜାନ ପ୍ରସୱ କୈ ପୀରା ॥ ୨ ॥**

ସତରେ ତାଙ୍କର ତ ମୋହ ନାହିଁ, କି ମାୟା ନାହିଁ; ତାଙ୍କର ତ ଧନ ନାହିଁ, ଘରଦ୍ୱାର ନାହିଁ, କି ସ୍ତ୍ରୀପିଲା ନାହାନ୍ତି; ସେ ସବୁଥିରେ ଉଦାସୀନ । ସେଇଥିପାଇଁ ସେ ପରଘର ଉଜାଡ଼ନ୍ତି । ତାଙ୍କର ନା ଲାଜସରମ ଅଛି, ନା ଡରଭୟ ଅଛି । ବାଁଝ କେମିତି ପ୍ରସବବେଦନା ଜାଣିବ !’’ ॥ ୨ ॥

**ଜନନିହି ବିକଲ ବିଲୋକି ଭୱାନୀ । ବୋଲୀ ଜୁତ ବିବେକ ମୃଦୁ ବାନୀ ॥**
**ଅସ ବିଗ୍ଚରି ସୋଚହି ମତି ମାତା । ସୋ ନ ଟରଇ ଜୋ ରଚଇ ବିଧାତା ॥ ୩ ॥**

ମାଆଙ୍କ ବିକଳ ଦେଖି ପାର୍ବତୀ କୋମଳଭାବରେ ବିବେକପୂର୍ଣ୍ଣ ବଚନ କହିଲେ, "ମାଆ ! ବିଧିର ବିଧାନ, କେ କରିବ ଆନ ! ଏହି କଥାକୁ ବିଗ୍ଚର କରି, ତୁମେ ଆଉ ଚିନ୍ତା କରନା ॥ ୩ ॥

**କରମ ଲିଖା ଜୌଁ ବାଉର ନାହୂ । ତୌ କତ ଦୋସୁ ଲଗାଇଅ କାହୂ ॥**
**ତୁହ୍ମ ସନ ମିଟହିଁ କି ବିଧି କେ ଅଂକା । ମାତୁ ବ୍ୟର୍ଥ ଜନି ଲେହୁ କଲଂକା ॥ ୪ ॥**

ମୋ ଭାଗ୍ୟରେ ଯଦି ପାଗଳ ବର ଲେଖାଥିବ, ସେଥିପାଇଁ ଅନ୍ୟକୁ ଦୋଷ ଦେଇ ଲାଭ କଣ ? ମାଆ ! କଣ ବିଧାତାର ଲିଖନ ତୁମେ ଲିଭାଇଦେଇପାରିବ ? ବୃଥାରେ ତୁମେ କଳଙ୍କର ଟିକା ଲଗାଇହୁଅନା !" ॥ ୪ ॥

ଛନ୍ଦ- **ଜନି ଲେହୁ ମାତୁ କଲଂକୁ କରୁନା ପରିହରହୁ ଅୱସର ନହୀଁ ।**
**ଦୁଖୁ ସୁଖୁ ଜୋ ଲିଖା ଲିଲାର ହମରେଁ ଜାବ ଜହଁ ପାଉବ ତହୀଁ ॥**
**ସୁନି ଉମା ବଚନ ବିନୀତ କୋମଲ ସକଲ ଅବଲା ସୋଚହୀଁ ।**
**ବହୁ ଭାଁତି ବିଧିହି ଲଗାଇ ଦୂଷନ ନୟନ ବାରି ବିମୋଚହୀଁ ॥**

ମାଆ ! କଳଙ୍କ ଲଗାଇହୁଅନା ; ଦୁଃଖ ପରିହାର କର ; ଏଇଟା ଦୁଃଖ କରିବାର ସମୟ ନୁହେଁ । ମୋ ଭାଗ୍ୟରେ ଯେତିକି ଦୁଃଖ-ସୁଖ ଲେଖା ହୋଇଛି, ମୁଁ ଯେଉଁଠିକି ଗଲେ ବି ସେତିକି ପାଇବି ।" ପାର୍ବତୀଙ୍କର ଏପରି ବିନୟଭରା କୋମଳବଚନ ଶୁଣି ସ୍ତ୍ରୀଲୋକମାନେ ବିଗ୍ଚର କରିବାକୁ ଲାଗିଲେ ଏବଂ ବିଧାତାକୁ ନାନାପ୍ରକାରେ ଦୋଷ ଦେଇ ଆଖିରୁ ଲୁହ ଝରାଇଲେ ।

ଦୋː- **ତେହି ଅୱସର ନାରଦ ସହିତ ଅରୁ ରିଷି ସପ୍ତ ସମେତ ।**
**ସମାଗ୍ଚର ସୁନି ତୁହିନଗିରି ଗୱନେ ତୁରତ ନିକେତ ॥ ୯୭ ॥**

ଏକଥା (କ୍ରନ୍ଦନ ସମାଗ୍ଚର) ଶୁଣିବାକ୍ଷଣି ହିମାଚଳ ନାରଦ ଓ ସପ୍ତର୍ଷିଙ୍କୁ ସାଥିରେ ନେଇ ତୁରନ୍ତ ଘରକୁ ଗ୍ଚଲି ଆସିଲେ ॥ ୯୭ ॥

**ତବ ନାରଦ ସବହୀ ସମୁଝାୱା । ପୂରୁବ କଥାପ୍ରସଂଗୁ ସୁନାୱା ॥**
**ମୟନା ସତ୍ୟ ସୁନହୁ ମମ ବାନୀ । ଜଗଦଂବା ତୱ ସୁତା ଭୱାନୀ ॥ ୧ ॥**

ସେଠାରେ ପହଞ୍ଚିବା ପରେ ନାରଦ ପୂର୍ବଜନ୍ମର କଥା ଶୁଣାଇ ସମସ୍ତଙ୍କୁ ବୁଝାଇଦେଲେ ଏବଂ କହିଲେ, "ମେନା ! ମୋ କଥା ଶୁଣ ! ମୁଁ ସତ କହୁଛି, ତୁମର ଏହି ଝିଅ ହେଉଛନ୍ତି ସାକ୍ଷାତ୍ ଜଗଜ୍ଜନନୀ ଭବାନୀ ॥ ୧ ॥

**ଅଜା ଅନାଦି ସକ୍ତି ଅବିନାସିନି । ସଦା ସଂଭୁ ଅରଧଂଗ ନିୱାସିନି ॥**
**ଜଗ ସଂଭୱ ପାଲନ ଲୟ କାରିନି । ନିଜ ଇଚ୍ଛା ଲୀଲା ବପୁ ଧାରିନି ॥ ୨ ॥**

ଏ ହେଉଛନ୍ତି ଅଜନ୍ମା, ଅନାଦି ଏବଂ ଅବିନାଶିନୀ ଶକ୍ତି । ଏ ସର୍ବଦା ଶିବଙ୍କ ଅର୍ଦ୍ଧାଙ୍ଗରେ ନିବାସ କରନ୍ତି । ଏ ଜଗତର ଉତ୍ପତ୍ତି, ପାଳନ ଓ ସଂହାର କରନ୍ତି ଏବଂ ନିଜ ଇଚ୍ଛାରେହିଁ ଲୀଳାଶରୀର ଧାରଣ କରନ୍ତି ॥ ୨ ॥

**ଜନମୀଁ ପ୍ରଥମ ଦଚ୍ଛ ଗୃହ ଜାଈ । ନାମୁ ସତୀ ସୁଂଦର ତନୁ ପାଈ ॥**
**ତହଁହୁଁ ସତୀ ସଂକରହି ବିବାହୀଁ । କଥା ପ୍ରସିଦ୍ଧ ସକଲ ଜଗ ମାହୀଁ ॥ ୩ ॥**

ପୂର୍ବେ ଏ ଦକ୍ଷଙ୍କ ଘରେ ଜନ୍ମ ହୋଇଥିଲେ; ସେତେବେଳେ ଏହାଙ୍କର ନାମ ଥିଲା ସତୀ । ସତୀ ବଡ଼ ସୁନ୍ଦରୀ ଥିଲେ । ସେଠାରେ ବି ଏ ଶଙ୍କରଙ୍କୁ ବିବାହ କରିଥିଲେ । ଏକଥା ସମଗ୍ର ଜଗତରେ ପ୍ରସିଦ୍ଧ ॥ ୩ ॥

**ଏକ ବାର ଆୱତ ସିୱ ସଂଗା । ଦେଖେଉ ରଘୁକୁଲ କମଲ ପତଂଗା ॥**
**ଭୟଉ ମୋହୁ ସିୱ କହା ନ କୀହ୍ନା । ଭ୍ରମ ବସ ବେଷୁ ସୀୟ କର ଲୀହ୍ନା ॥ ୪ ॥**

ଥରେ ଏ ଶିବଙ୍କ ସହିତ ଆସୁଥିବାବେଳେ ବାଟରେ ରଘୁକୁଳକମଳର ସୂର୍ଯ୍ୟ ଶ୍ରୀରାମଙ୍କୁ ଦେଖି ମୋହଗ୍ରସ୍ତ ହୋଇଗଲେ ଏବଂ ଶିବଙ୍କ କଥା ନ ମାନି ଭ୍ରମବଶତଃ ସୀତାଙ୍କ ବେଶ ଧାରଣ କରିନେଲେ ॥ ୪ ॥

ଛନ୍ଦ- **ସିୟ ବେଷୁ ସତୀଁ ଜୋ କୀହ୍ନ ତେହିଁ ଅପରାଧ ସଂକର ପରିହରୀଁ ।**
**ହର ବିରହଁ ଜାଇ ବହୋରି ପିତୁ କେଁ ଜଗ୍ୟ ଜୋଗାନଲ ଜରୀଁ ॥**
**ଅବ ଜନମି ତୁହ୍ମରେଁ ଭୱନ ନିଜ ପତି ଲାଗି ଦାରୁନ ତପୁ କିୟା ।**
**ଅସ ଜାନି ସଂସୟ ତଜହୁ ଗିରିଜା ସର୍ବଦା ସଂକରପ୍ରିୟା ॥**

ସତୀ ସୀତାଙ୍କ ବେଶ ଧାରଣ କରିଥିବା ଅପରାଧ ହେତୁ ଶଙ୍କର ତାଙ୍କୁ ପରିତ୍ୟାଗ କଲେ । ଶିବଙ୍କ ବିରହଦୁଃଖରେ ସେ ତାଙ୍କ ପିତାଙ୍କ ଯଜ୍ଞକୁ ଯାଇ ଯୋଗାଗ୍ନିରେ ଭସ୍ମ ହୋଇଗଲେ । ବର୍ତ୍ତମାନ ସେ ତୁମ ଘରେ ଜନ୍ମ ହୋଇଛନ୍ତି; ନିଜ ପତିଙ୍କୁ ପାଇବାଲାଗି ସେ କଠିନ ତପସ୍ୟା କରିଛନ୍ତି; ଏହା ଜାଣି ମନରୁ ସନ୍ଦେହ ଦୂର କର । ପାର୍ବତୀ ତ କାଳେ କାଳେ ଶିବଙ୍କର ପ୍ରିୟା (ଅର୍ଦ୍ଧାଙ୍ଗିନୀ) ।''

ଦୋ:- **ସୁନି ନାରଦ କେ ବଚନ ତବ ସବ କର ମିଟା ବିଷାଦ ।**
**ଛନ ମହୁଁ ବ୍ୟାପେଉ ସକଲ ପୁର ଘର ଘର ୟହ ସଂବାଦ ॥ ୯୮ ॥**

ନାରଦଙ୍କ କଥା ଶୁଣି ସମସ୍ତଙ୍କର ଦୁଃଖ ଦୂର ହୋଇଗଲା ଏବଂ କ୍ଷଣକଭିତରେ ଏହି ସଂବାଦ ସମଗ୍ର ନଗରର ଘରେ ଘରେ ପହଞ୍ଚିଗଲା ॥ ୯୮ ॥

**ତବ ମୟନା ହିମୱଂତୁ ଅନଂଦେ । ପୁନି ପୁନି ପାରବତୀ ପଦ ବଂଦେ ॥**
**ନାରି ପୁରୁଷ ସିସୁ ଜୁବା ସୟାନେ । ନଗର ଲୋଗ ସବ ଅତି ହରଷାନେ ॥ ୧ ॥**

ଏହା ଶୁଣି ମେନା ଓ ହିମବାନ୍ ଆନନ୍ଦରେ ମଗ୍ନ ହୋଇଗଲେ । ଦୁହେଁ ବାରମ୍ବାର ପାର୍ବତୀଙ୍କ ଚରଣବନ୍ଦନା କଲେ । ସ୍ତ୍ରୀ, ପୁରୁଷ, ବାଳକ, ବାଳିକା, ଯୁବକ, ବୃଦ୍ଧ ଆଦି ନଗରର ସବୁଲୋକ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ ॥ ୧ ॥

**ଲଗେ ହୋନ ପୁର ମଂଗଲ ଗାନା । ସଜେ ସବହିଁ ହାଟକ ଘଟ ନାନା ॥**
**ଭାଁତି ଅନେକ ଭଈ ଜେୱନାରା । ସୂପସାସ୍ତ୍ର ଜସ କଛୁ ବ୍ୟୱହାରା ॥ ୨ ॥**

ନଗରଲୋକେ ମଙ୍ଗଳଗୀତ ଗାଇବାକୁ ଲାଗିଲେ ଏବଂ ସମସ୍ତେ ନାନାପ୍ରକାର ସୁବର୍ଣ୍ଣ କଳସ ସଜାଇବାକୁ ଲାଗିଲେ । ରନ୍ଧନଶାସ୍ତ୍ରରେ ଯେତେସବୁ ଖାଦ୍ୟର ବର୍ଣ୍ଣନା ଅଛି, ସେହିସବୁ ରୀତି ଅନୁସାରେ ନାନାବିଧ ଭୋଜନସାମଗ୍ରୀ ପ୍ରସ୍ତୁତ ହେଲା ॥ ୨ ॥

**ସୋ ଜେୱନାର କି ଜାଇ ବଖାନୀ । ବସହିଁ ଭୱନ ଜେହିଁ ମାତୁ ଭୱାନୀ ॥**
**ସାଦର ବୋଲେ ସକଲ ବରାତୀ । ବିଷ୍ଣୁ ବିରଂଚି ଦେୱ ସବ ଜାତୀ ॥ ୩ ॥**

ଯେଉଁ ଘରେ ସ୍ୱୟଂ ମାତା ଭବାନୀ ରହିଥିଲେ, ସେ ଘରର ରନ୍ଧାବଢ଼ା କଥା କିପରି ବା ବର୍ଣ୍ଣହେବ ! ହିମାଚଳ ବଡ଼ ଆଦରରେ ବରଯାତ୍ରୀରୂପେ ଆସିଥିବା ବ୍ରହ୍ମା, ବିଷ୍ଣୁ ତଥା ସମସ୍ତ ଦେବତାଙ୍କୁ ଡକାଇନେଲେ ॥ ୩ ॥

**ବିବିଧି ପାଁତି ବୈଠୀ ଜେଓ୍ୱନାରା । ଲାଗେ ପରୁସନ ନିପୁନ ସୁଆରା ॥**
**ନାରିବୃଂଦ ସୁର ଜେଓ୍ୱଁତ ଜାନୀ । ଲଗାଁ ଦେନ ଗାରୀଁ ମୃଦୁ ବାନୀ ॥ ୪ ॥**

ଭୋଜନକାରୀମାନେ ଧାଡ଼ି ଧାଡ଼ି ହୋଇ ବସିଗଲେ । ପଙ୍କ୍ତି ଚାଲିଲା । ଚତୁର ରୋଷେୟାମାନେ ଖାଦ୍ୟ ପରଷିବାରେ ଲାଗିଗଲେ । ଦେବତାମାନେ ଭୋଜନ କରୁଥିବା ଜାଣି ନାରୀମାନେ ସେମାନଙ୍କୁ ପରିହାସ କରି କୋମଳ ଶବ୍ଦରେ ଗାଳି ଦେବାକୁ ଲାଗିଲେ ॥ ୪ ॥

ଛନ୍ଦ- **ଗାରୀଁ ମଧୁର ସ୍ୱର ଦେହିଁ ସୁଂଦରି ବିଂଗ୍ୟ ବଚନ ସୁନାଓ୍ୱହୀଁ ।**
**ଭୋଜନୁ କରହିଁ ସୁର ଅତି ବିଲଂବୁ ବିନୋଦୁ ସୁନି ସଚୁ ପାଓ୍ୱହୀଁ ॥**
**ଜେଓ୍ୱଁତ ଜୋ ବଢ଼୍ୟୋ ଅନଂଦୁ ସୋ ମୁଖ କୋଟିହୂଁ ନ ପରୈ କହ୍ୟୋ ।**
**ଅଚଓ୍ୱାଁଇ ଦୀହ୍ନେ ପାନ ଗଓ୍ୱନେ ବାସ ଜହଁ ଜାକୋ ରହ୍ୟୋ ॥**

ସୁନ୍ଦରୀ ସ୍ତ୍ରୀମାନେ କୋମଳ ଓ ମଧୁର କଣ୍ଠରେ ଗାଳି ଦେଇ ନାନା ବ୍ୟଙ୍ଗୋକ୍ତି ଶୁଣାଉଥାନ୍ତି । ସେହିସବୁ ବିନୋଦବାଣୀ ଶୁଣି ଦେବତାମାନେ ମନେ ମନେ ବଡ଼ ଖୁସୀ ହେଉଥାନ୍ତି; ତେଣୁ ଖାଇବାରେ ବହୁତ ବିଳମ୍ବ କରୁଥାନ୍ତି । ଭୋଜନସମୟରେ ଯେଉଁ ଆନନ୍ଦ-ଉଲ୍ଲାସ ଖେଳିଯାଇଥିଲା, ତାହା କୋଟିମୁଖରେ ବି ବର୍ଣ୍ଣିହେବ ନାହିଁ । ଭୋଜନଶେଷରେ ହାତମୁହଁ ଧୋଇବା ପରେ ସମସ୍ତଙ୍କୁ ପାନ ଦିଆଗଲା । ତା'ପରେ ବରଯାତ୍ରୀମାନେ ଯେ ଯାହା ନିବାସସ୍ଥାନକୁ ଚାଲିଗଲେ ।

ଦୋଃ- **ବହୁରି ମୁନିହ୍ନ ହିମଓ୍ୱଂତ କହୁଁ ଲଗନ ସୁନାଈ ଆଇ ।**
**ସମୟ ବିଲୋକି ବିବାହ କର ପଠଏ ଦେଓ୍ୱ ବୋଲାଇ ॥ ୯୯ ॥**

ତା'ପରେ ମୁନିମାନେ ଫେରି, ହିମବାନଙ୍କୁ ଲଗ୍ନପତ୍ରିକା ପଢ଼ି ଶୁଣାଇଲେ ଏବଂ ବିବାହସମୟ ହେଲାଣି ଦେଖି ଦେବତାମାନଙ୍କୁ ଡକାଇପଠାଇଲେ ॥ ୯୯ ॥

**ବୋଲି ସକଲ ସୁର ସାଦର ଲୀହ୍ନେ । ସବହି ଜଥୋଚିତ ଆସନ ଦୀହ୍ନେ ॥**
**ବେଦୀ ବେଦ ବିଧାନ ସଁଓ୍ୱାରୀ । ସୁଭଗ ସୁମଂଗଲ ଗାଓ୍ୱହିଁ ନାରୀ ॥ ୧ ॥**

ସବୁ ଦେବତାଙ୍କୁ ଆଦରସହକାରେ ଡକାଇଆଣି ହିମବାନ୍ ସମସ୍ତଙ୍କୁ ଯଥାଯୋଗ୍ୟ ଆସନ ଦେଲେ । ବୈଦିକରୀତିରେ ବେଦି ସଜାଗଲା ଏବଂ ନାରୀମାନେ ସୁନ୍ଦର ମଙ୍ଗଳଗୀତ ଗାଇବାକୁ ଲାଗିଲେ ॥ ୧ ॥

**ସିଂଘାସନୁ ଅତି ଦିବ୍ୟ ସୁହାଓ୍ୱା । ଜାଇ ନ ବରନି ବିରଂଚି ବନାଓ୍ୱା ॥**
**ବୈଠେ ସିଓ୍ୱ ବିପ୍ରହ୍ନ ସିରୁ ନାଈ । ହୃଦୟଁ ସୁମିରି ନିଜ ପ୍ରଭୁ ରଘୁରାଈ ॥ ୨ ॥**

ବେଦି ଉପରେ ଗୋଟିଏ ସୁନ୍ଦର ଦିବ୍ୟ ସିଂହାସନ ପଡ଼ିଥିଲା, ତାହାର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ତାହା ସ୍ୱୟଂ ବ୍ରହ୍ମାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ବ୍ରାହ୍ମଣମାନଙ୍କୁ ପ୍ରଣାମ କରିବା ପରେ ହୃଦୟରେ ନିଜ ପ୍ରଭୁ ଶ୍ରୀରଘୁନାଥଙ୍କୁ ସ୍ମରଣ କରି ଶିବ ଯାଇ ସେହି ସିଂହାସନରେ ବସିଲେ ॥ ୨ ॥

**ବହୁରି ମୁନୀସହ୍ନ ଉମା ବୋଲାଈଂ । କରି ସିଂଗାରୁ ସଖୀଁ ଲୈ ଆଈଂ ॥**
**ଦେଖତ ରୂପୁ ସକଲ ସୁର ମୋହେ । ବରନୈ ଛବି ଅସ ଜଗ କବି କୋ ହୈ ॥ ୩ ॥**

ତା'ପରେ ମୁନୀଶ୍ୱରମାନେ ପାର୍ବତୀଙ୍କୁ ଡକାଇଲେ । ସଖୀମାନେ ତାଙ୍କୁ ବେଶଭୂଷା କରି ସେଠାକୁ ଘେନିଆସିଲେ । ପାର୍ବତୀଙ୍କର ରୂପ ଦେଖିଦେଇ ସକଳ ଦେବତା ମୁଗ୍ଧ ହୋଇଗଲେ । ତାଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିପାରିବାଭଳି କବି ଏହି ସଂସାରରେ କିଏ ବା ଅଛି ! ॥ ୩ ॥

**ଜଗଦଂବିକା ଜାନି ଭଓ୍ୱ ଭାମା । ସୁରହ୍ନ ମନହିଁ ମନ କୀହ୍ନ ପ୍ରନାମା ॥**
**ସୁଂଦରତା ମରଜାଦ ଭଓ୍ୱାନୀ । ଜାଇ ନ କୋଟିହୁଁ ବଦନ ବଖାନୀ ॥ ୪ ॥**

ପାର୍ବତୀଙ୍କୁ ଜଗଦମ୍ବା ତଥା ଶିବଙ୍କର ପତ୍ନୀ ବୋଲି ଜାଣି ଦେବତାମାନେ ମନେ ମନେ ପ୍ରଣାମ କଲେ । ଭବାନୀ ତ ଥିଲେ ସୌନ୍ଦର୍ଯ୍ୟର ସୀମା; ତାଙ୍କ ଶୋଭା କୋଟିମୁଖରେ ବି ବର୍ଣ୍ଣନା କରିହେବ ନାହିଁ ॥ ୪ ॥

ଛନ୍ଦ- **କୋଟିହୁଁ ବଦନ ନହିଁ ବନୈ ବରନତ ଜଗ ଜନନି ସୋଭା ମହା ।**
**ସକୁଚହିଁ କହତ ଶ୍ରୁତି ସେଷ ସାରଦ ମଂଦମତି ତୁଲସୀ କହା ॥**
**ଛବିଖାନି ମାତୁ ଭଓ୍ୱାନି ଗଓ୍ୱନୀଁ ମଧ୍ୟ ମଂଡପ ସିଓ୍ୱ ଜହାଁ ।**
**ଅଓ୍ୱଲୋକି ସକହିଁ ନ ସକୁଚ ପତି ପଦ କମଲ ମନୁ ମଧୁକରୁ ତହାଁ ॥**

ଜଗଜ୍ଜନନୀ ପାର୍ବତୀଙ୍କର ମହାନ୍ ଶୋଭାକୁ କୋଟିମୁଖରେ ମଧ୍ୟ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଯେଉଁଠି ବେଦ, ଶେଷଦେବ ଓ ସରସ୍ୱତୀ ବି ତାହା କରିବାକୁ ସଂକୁଚିତ ହୋଇଯାଆନ୍ତି, ସେଠାରେ ଏହି ମନ୍ଦବୁଦ୍ଧି ତୁଳସୀ ବା କେତେ ! ମଣ୍ଡପମଝିରେ ଯେଉଁଠି ଶିବ ବସିଥିଲେ, ଶୋଭା ଓ ସୌନ୍ଦର୍ଯ୍ୟର ଭଣ୍ଡାର ମାତା ଭବାନୀ ସେଠାକୁ ଗଲେ । ସଂକୋଚ ହେତୁ ସେ ସିନା ପତିଙ୍କ (ଶିବଙ୍କ) ଚରଣକମଳକୁ ଚାହିଁପାରୁ ନ ଥାନ୍ତି, ହେଲେ ତାଙ୍କ ମନଭ୍ରମର ସେହି ଚରଣକମଳର ମକରନ୍ଦ ପାନରେ ଲାଗିରହିଥାଏ ।

ଦୋଃ- **ମୁନି ଅନୁସାସନ ଗନପତିହି ପୂଜେଉ ସଂଭୁ ଭଓ୍ୱାନି ।**
**କୋଉ ସୁନି ସଂସୟ କରୈ ଜନି ସୁର ଅନାଦି ଜିୟଁ ଜାନି ॥ ୧୦୦ ॥**

ମୁନିମାନଙ୍କର ଆଜ୍ଞାନୁସାରେ ଶିବ ଓ ପାର୍ବତୀ ଗଣେଶଙ୍କୁ ପୂଜା କଲେ । ଦେବତାମାନେ ଅନାଦି; ଏହା ଜାଣି କେହି ସନ୍ଦେହ କରନ୍ତୁ ନାହିଁ ଯେ, 'ଗଣେଶ ତ ଶିବପାର୍ବତୀଙ୍କର ସନ୍ତାନ; ବିବାହପୂର୍ବରୁ ସେ କେଉଁଠୁ ଆସିଲେ ?' ॥ ୧୦୦ ॥

**ଜସି ବିବାହ କୈ ବିଧି ଶ୍ରୁତି ଗାଈ । ମହାମୁନିହ୍ନ ସୋ ସବ କରଓ୍ୱାଈ ॥**
**ଗହି ଗିରୀସ କୁସ କନ୍ୟା ପାନୀ । ଭଓ୍ୱହି ସମରପୀଁ ଜାନି ଭଓ୍ୱାନୀ ॥ ୧ ॥**

ବେଦମାନଙ୍କରେ ବିବାହର ଯେଉଁସବୁ ରୀତିନୀତି କୁହାଯାଇଛି, ମହାମୁନିଗଣ ସେହିସବୁ ରୀତିରେ ବିବାହ କାର୍ଯ୍ୟ କରାଇଲେ । ପର୍ବତରାଜ ହିମାଚଳ ହାତରେ କୁଶ ନେଇ ତଥା କନ୍ୟାର ହାତ ଧରି, ତାଙ୍କୁ ଭବାନୀ (ଶିବପତ୍ନୀ) ଜାଣି ଶିବଙ୍କୁ ସମର୍ପଣ କଲେ ॥ ୧ ॥

**ପାନିଗ୍ରହନ ଜବ କୀହ୍ନ ମହେସା । ହିୟଁ ହରଷେ ତବ ସକଲ ସୁରେସା ॥**
**ବେଦମଂତ୍ର ମୁନିବର ଉଚ୍ଚରହୀଁ । ଜୟ ଜୟ ଜୟ ସଂକର ସୁର କରହୀଁ ॥ ୨ ॥**

ମହେଶ୍ୱର ପାର୍ବତୀଙ୍କ ପାଣିଗ୍ରହଣ କରିବାବେଳେ ଇନ୍ଦ୍ରାଦି ସକଳ ଦେବତା ହୃଦୟରେ ଅତ୍ୟନ୍ତ ହର୍ଷିତ ହେଲେ । ମୁନିଶ୍ରେଷ୍ଠମାନେ ବେଦମନ୍ତ୍ର ଉଚ୍ଚାରଣ କଲେ ଏବଂ ଦେବଗଣ ଶିବଙ୍କର ଜୟଧ୍ୱନି କଲେ ॥ ୨ ॥

**ବାଜହିଁ ବାଜନ ବିବିଧ ବିଧାନା । ସୁମନବୃଷ୍ଟି ନଭ ଭୈ ବିଧି ନାନା ॥**
**ହର ଗିରିଜା କର ଭୟଉ ବିବାହୂ । ସକଲ ଭୁଓ୍ୱନ ଭରି ରହା ଉଛାହୂ ॥ ୩ ॥**

ନାନାପ୍ରକାର ବାଦ୍ୟ ବାଜିଉଠିଲା । ଆକାଶରୁ ନାନାପ୍ରକାର ପୁଷ୍ପବୃଷ୍ଟି ହେଲା । ଶିବପାର୍ବତୀଙ୍କର ବିବାହ ହୋଇଗଲା । ସମଗ୍ର ବ୍ରହ୍ମାଣ୍ଡରେ ଆନନ୍ଦପୂର୍ଣ୍ଣ ହୋଇଗଲା ॥ ୩ ॥

**ଦାସୀଁ ଦାସ ତୁରଗ ରଥ ନାଗା । ଧେନୁ ବସନ ମନି ବସ୍ତୁ ବିଭାଗା ॥**
**ଅନ୍ନ କନକଭାଜନ ଭରି ଜାନା । ଦାଇଜ ଦୀହ୍ନ ନ ଜାଇ ବଖାନା ॥ ୪ ॥**

ଦାସ, ଦାସୀ, ରଥ, ଘୋଡ଼ା, ହାତୀ, ଗାଈ, ଲୁଗାପଟା, ମଣିମାଣିକ୍ୟ ଆଦି ଅନେକପ୍ରକାର ବସ୍ତୁ ତଥା ଖାଦ୍ୟାନ୍ନ ଏବଂ ସୁନାର ବାସନକୁସନ ଗାଡ଼ିରେ ଲଦି ଯୌତୁକରୂପେ ଦିଆଗଲା । ସେସବୁର ବର୍ଣ୍ଣନା କରିବା ଅସମ୍ଭବ ॥ ୪ ॥

ଛନ୍ଦ- **ଦାଇଜ ଦିୟୋ ବହୁ ଭାଁତି ପୁନି କର ଜୋରି ହିମଭୂଧର କହ୍ୟୋ ।**
**କା ଦେଉଁ ପୂରନକାମ ସଂକର ଚରନ ପଂକଜ ଗହି ରହ୍ୟୋ ॥**
**ସିୱଁ କୃପାସାଗର ସସୁର କର ସଂତୋଷୁ ସବ ଭାଁତିହି କିୟୋ ।**
**ପୁନି ଗହେ ପଦ ପାଥୋଜ ମୟନାଁ ପ୍ରେମ ପରିପୂରନ ହିୟୋ ॥**

ବହୁପ୍ରକାର ଯୌତୁକ ଦେଇ, ହିମାଚଳ କର ଯୋଡ଼ି କହିଲେ, ‘‘ହେ ଶଙ୍କର ! ଆପଣ ତ ପୂର୍ଣ୍ଣକାମ; ମୁଁ ବା ଆପଣଙ୍କୁ କଣ ଦେଇପାରିବି !’’ ଏତିକି କହି ସେ ଶିବଙ୍କ ଚରଣକମଳ ଧରି ରହିଯାଆନ୍ତେ, କୃପାସାଗର ଶିବ ନିଜ ଶ୍ୱଶୁରଙ୍କୁ ସକଳପ୍ରକାରେ ସନ୍ତୁଷ୍ଟ କଲେ । ପୁନଶ୍ଚ ପ୍ରେମପରିପୂର୍ଣ୍ଣ ହୃଦୟରେ ମେନା ଆସି ଶିବଙ୍କ ଚରଣକମଳ ଧରି କହିଲେ—

ଦୋ:- **ନାଥ ଉମା ମମ ପ୍ରାନ ସମ ଗୃହକିଂକରୀ କରେହୁ ।**
**ଛମେହୁ ସକଲ ଅପରାଧ ଅବ ହୋଇ ପ୍ରସନ୍ନ ବରୁ ଦେହୁ ॥ ୧୦୧ ॥**

‘‘ହେ ପ୍ରଭୁ ! ଉମା ମୋର ପ୍ରାଣସମାନ ପ୍ରିୟ । ଆପଣ ତାକୁ ନିଜ ଘରର ଦାସୀ କରି ରଖିବେ ଏବଂ ତା’ର ସକଳ ଅପରାଧ କ୍ଷମା କରିବେ; ପ୍ରସନ୍ନ ହୋଇ ମୋତେ ଏତିକି ବର ଦିଅନ୍ତୁ ।’’ ॥ ୧୦୧ ॥

**ବହୁ ବିଧି ସଂଭୁ ସାସୁ ସମୁଝାଈ । ଗୱନୀ ଭୱନ ଚରନ ସିରୁ ନାଈ ॥**
**ଜନନୀଁ ଉମା ବୋଲି ତବ ଲୀହ୍ନୀ । ଲୈ ଉଛଂଗ ସୁଂଦର ସିଖ ଦୀହ୍ନୀ ॥ ୧ ॥**

ଶିବ ଶାଶୁଙ୍କୁ ବିଭିନ୍ନପ୍ରକାରେ ବୁଝାଇଲେ । ଶିବଙ୍କ ଚରଣରେ ମୁଣ୍ଡ ନୁଆଁଇ ମେନା ଘରକୁ ଫେରିଲେ । ତା’ପରେ ମାଆ ମେନା ପାର୍ବତୀଙ୍କୁ ଡକାଇ, ନିଜ କୋଳରେ ବସାଇ, ସୁନ୍ଦର ଉପଦେଶ ଦେଇ କହିଲେ, ॥ ୧ ॥

**କରେହୁ ସଦା ସଂକର ପଦ ପୂଜା । ନାରିଧରମୁ ପତି ଦେଉ ନ ଦୂଜା ॥**
**ବଚନ କହତ ଭରେ ଲୋଚନ ବାରୀ । ବହୁରି ଲାଇ ଉର ଲୀହ୍ନି କୁମାରୀ ॥ ୨ ॥**

‘‘ମା ପାର୍ବତୀ ! ତୁ ସବୁଦିନ ଶିବଙ୍କ ପାଦପୂଜା କରୁଥିବୁ । ଏହା ହେଉଛି ନାରୀମାନଙ୍କର ଧର୍ମ । ନାରୀମାନଙ୍କ ପାଇଁ ପତି ହିଁ ଦେବତା; ପତିଙ୍କ ଛଡ଼ା ଅନ୍ୟ ଦେବତା ନାହାନ୍ତି ।’’ ଏପରି କହୁ କହୁ ତାଙ୍କ ଆଖି ଲୁହରେ ଛଳଛଳ ହୋଇଗଲା ଓ ସେ ଝିଅକୁ ବୁକୁରେ ଚାପିଧରିଲେ ॥ ୨ ॥

**କତ ବିଧି ସୃଜୀଁ ନାରି ଜଗ ମାହୀଁ । ପରାଧୀନ ସପନେହୁଁ ସୁଖୁ ନାହୀଁ ॥**
**ଭୈ ଅତି ପ୍ରେମ ବିକଲ ମହତାରୀ । ଧୀରଜୁ କୀହ୍ନ କୁସମୟ ବିଚାରୀ ॥ ୩ ॥**

[ପୁଣି କହିଲେ,] ‘‘ବିଧାତା ଏ ଜଗତରେ ନାରୀଜାତିକୁ କାହିଁକି ସୃଷ୍ଟି କଲା, କେଜାଣି ! ପରାଧୀନ ଲୋକକୁ ସ୍ୱପ୍ନରେ ବି ସୁଖ ମିଳେ ନାହିଁ ।’’ ଏଭଳି କହୁ କହୁ ମାଆ ମେନା ସ୍ନେହ ହେତୁ ଅତ୍ୟନ୍ତ ବିକଳ ହୋଇଉଠିଲେ; କିନ୍ତୁ ତାହା ଦୁଃଖ କରିବାର ଅବସର ନୁହେଁ ଜାଣି ସେ ଧୈର୍ଯ୍ୟ ଧରିଲେ ॥ ୩ ॥

**ପୁନି ପୁନି ମିଲତି ପରତି ଗହି ଚରନା । ପରମ ପ୍ରେମୁ କଛୁ ଜାଇ ନ ବରନା ॥**
**ସବ ନାରିହ୍ନ ମିଲି ଭେଟି ଭୱାନୀ । ଜାଇ ଜନନି ଉର ପୁନି ଲପଟାନୀ ॥ ୪ ॥**

ଏପରିଭାବରେ ମେନା ବାରମ୍ବାର ପାର୍ବତୀଙ୍କୁ ଭେଟୁଥାନ୍ତି ଏବଂ ତାଙ୍କ ପାଦ ଧରି ଲୋଟିପଡୁଥାନ୍ତି । ଏହି ସ୍ନେହର ବର୍ଣ୍ଣନା ଅସମ୍ଭବ । ଅନ୍ୟ ସ୍ତ୍ରୀଲୋକମାନଙ୍କୁ ଭେଟିବା ପରେ ଭବାନୀ ପୁଣି ଥରେ ଯାଇ ମାଆଙ୍କ ଛାତିରେ ଆଉଜିପଡ଼ିଲେ ॥ ୪ ॥

ଛନ୍ଦ- **ଜନନିହି ବହୁରି ମିଲି ଚଲୀଁ ଉଚିତ ଅସୀସ ସବ କାହୂଁ ଦଈଁ ।**
**ଫିରି ଫିରି ବିଲୋକତି ମାତୁ ତନ ତବ ସଖୀଁ ଲୈ ସିୱ ପହିଁ ଗଈଁ ॥**
**ଜାଚକ ସକଲ ସଂତୋଷି ସଂକରୁ ଉମା ସହିତ ଭୱନ ଚଲେ ।**
**ସବ ଅମର ହରଷେ ସୁମନ ବରଷି ନିସାନ ନଭ ବାଜେ ଭଲେ ॥**

ପାର୍ବତୀ ମାଆଙ୍କ ସହିତ ପୁନର୍ବାର ମିଳିତ ହୋଇ ତାଙ୍କ ଠାରୁ ବିଦାୟ ନେଲେ । ସମସ୍ତେ ତାଙ୍କୁ ଯଥାଯୋଗ୍ୟ ଆଶୀର୍ବାଦ ଦେଲେ । ସେ ପଛକୁ ବୁଲି ବୁଲି, ମାଆଙ୍କ ଆଡ଼କୁ ଗ୍ରହିଁ ଗ୍ରହିଁ ଯାଉଥାନ୍ତି । ସଖୀମାନେ ତାଙ୍କୁ ଶିବଙ୍କ ପାଖକୁ ନେଇଗଲେ । ଯାଚକମାନଙ୍କୁ ପାଉଣା ଦେଇ ସନ୍ତୁଷ୍ଟ କରି, ମହାଦେବ ପାର୍ବତୀଙ୍କୁ ନେଇ ନିଜ ଘରକୁ (କୈଳାସକୁ) ଗ୍ଲିଲେ । ଦେବତାମାନେ ପ୍ରସନ୍ନ ହୋଇ ପୁଷ୍ପବୃଷ୍ଟି କଲେ । ଆକାଶରେ ମଧୁରଭାବରେ ନାଗରା ବାଜିବାକୁ ଲାଗିଲା ॥

ଦୋଃ- **ଚଲେ ସଂଗ ହିମୱଂତୁ ତବ ପହୁଁଚ୍ୱନ ଅତି ହେତୁ ।**
**ବିବିଧ ଭାଁତି ପରିତୋଷୁ କରି ବିଦା କୀହ୍ନ ବୃଷକେତୁ ॥ ୧୦୨ ॥**

ଶିବଙ୍କୁ ବାଟେଇଦେବା ନିମନ୍ତେ ଅତ୍ୟନ୍ତ ପ୍ରେମର ସହିତ ହିମବାନ୍ ତାଙ୍କ ସାଥିରେ ଗ୍ଲିଲେ । ବୃଷକେତୁ (ଶିବ) ତାଙ୍କୁ ବିଭିନ୍ନପ୍ରକାରେ ଆଶ୍ୱାସନା ଦେଇ, ସନ୍ତୁଷ୍ଟ କରି ବିଦାୟ ଦେଲେ ॥ ୧୦୨ ॥

**ତୁରତ ଭୱନ ଆଏ ଗିରିରାଈ । ସକଲ ସୈଲ ସର ଲିଏ ବୋଲାଈ ॥**
**ଆଦର ଦାନ ବିନୟ ବହୁମାନା । ସବ କର ବିଦା କୀହ୍ନ ହିମୱାନା ॥ ୧ ॥**

ପର୍ବତରାଜ ହିମାଚଳ ତୁରନ୍ତ ଘରକୁ ଫେରିଆସିଲେ ଏବଂ ସମସ୍ତ ପର୍ବତ ଓ ସରୋବରଙ୍କୁ ପାଖକୁ ଡକାଇ ଆଦର, ଦାନ, ବିନୟ ଓ ବହୁମାନ (ଉପହାର) ଦେଇ ବିଦା କଲେ ॥ ୧ ॥

**ଜବହିଁ ସଂଭୁ କୈଲାସହିଁ ଆଏ । ସୁର ସବ ନିଜ ନିଜ ଲୋକ ସିଧାଏ ॥**
**ଜଗତ ମାତୁ ପିତୁ ସଂଭୁ ଭୱାନୀ । ତେହିଁ ସିଂଗାରୁ ନ କହଉଁ ବଖାନୀ ॥ ୨ ॥**

ଶିବ ଯାଇ କୈଳାସପର୍ବତରେ ପହଞ୍ଚିବା ପରେ ଦେବତାମାନେ ନିଜ ନିଜ ଲୋକକୁ ଗ୍ଲିଗଲେ । [ତୁଳସୀଦାସ କହୁଛନ୍ତି,] ପାର୍ବତୀ ଓ ଶିବ ହେଉଛନ୍ତି ଜଗତର ମାତାପିତା; ତେଣୁ ମୁଁ ସେମାନଙ୍କ ଶୃଙ୍ଗାର ବର୍ଣ୍ଣନା କରିବି ନାହିଁ ॥ ୨ ॥

**କରହିଁ ବିବିଧ ବିଧି ଭୋଗ ବିଲାସା । ଗନହ୍ନ ସମେତ ବସହିଁ କୈଲାସା ॥**
**ହର ଗିରିଜା ବିହାର ନିତ ନୟଉ । ଏହି ବିଧି ବିପୁଲ କାଲ ଚଲି ଗୟଉ ॥ ୩ ॥**

ଶିବପାର୍ବତୀ ବିଭିନ୍ନପ୍ରକାର ଭୋଗବିଳାସ କରି ନିଜ ଗଣମାନଙ୍କ ସହିତ କୈଳାସରେ ରହିଲେ । ସେମାନେ ନିତ୍ୟନୂତନ ବିହାର କରୁଥାନ୍ତି । ଏପରିଭାବରେ ବହୁକାଳ ବିତିଗଲା ॥ ୩ ॥

**ତବ ଜନମେଉ ଷଟବଦନ କୁମାରା । ତାରକୁ ଅସୁରୁ ସମର ଜେହିଁ ମାରା ॥**
**ଆଗମ ନିଗମ ପ୍ରସିଦ୍ଧ ପୁରାନା । ଷନ୍ମୁଖ ଜନ୍ମୁ ସକଲ ଜଗ ଜାନା ॥ ୪ ॥**

କିଛିଦିନ ପରେ ଷଡ଼ାନନ (କାର୍ତ୍ତିକେୟ) ଜନ୍ମ ହେଲେ; ସେ ଯୁଦ୍ଧରେ ତାରକାସୁରକୁ ବଧ କଲେ । ବେଦ, ଶାସ୍ତ୍ର ଓ ପୁରାଣରେ କାର୍ତ୍ତିକେୟଙ୍କ ଜନ୍ମଚରିତ ପ୍ରସିଦ୍ଧ; ସାରା ଜଗତ୍ ତାହା ଜାଣେ ॥ ୪ ॥

ଛନ୍ଦ- **ଜଗୁ ଜାନ ଷନ୍ମୁଖ ଜନ୍ମୁ କର୍ମୁ ପ୍ରତାପୁ ପୁରୁଷାରଥୁ ମହା ।**
**ତେହି ହେତୁ ମୈଁ ବୃଷକେତୁ ସୁତ କର ଚରିତ ସଂଛେପହିଁ କହା ॥**
**ୟହ ଉମା ସଂଭୁ ବିବାହୁ ଜେ ନର ନାରି କହହିଁ ଜେ ଗାୱହୀଁ ।**
**କଲ୍ୟାନ କାଜ ବିବାହ ମଂଗଲ ସର୍ବଦା ସୁଖୁ ପାୱହୀଁ ॥**

ଷଡ଼ାନନ କାର୍ତ୍ତିକେୟଙ୍କର ଜନ୍ମ, କର୍ମ, ପ୍ରତାପ ଓ ମହାନ୍ ପୁରୁଷାର୍ଥ ସମଗ୍ର ଜଗତ୍ ଜାଣେ । ତେଣୁ ମୁଁ ବୃଷକେତୁ ଶିବଙ୍କ ପୁତ୍ରଙ୍କର ଚରିତ ଅତି ସଂକ୍ଷେପରେ କହିଦେଲି । ଶିବପାର୍ବତୀଙ୍କର ଏହି ବିବାହପ୍ରସଙ୍ଗ ଯେଉଁ ନରନାରୀ ବର୍ଣ୍ଣନା କରି କହିବେ ବା ଗାଇ ଶୁଣାଇବେ, ସେମାନେ କଲ୍ୟାଣକର୍ମରେ ଓ ବିବାହାଦି ମାଙ୍ଗଳିକ କର୍ମରେ ସଦା ସୁଖ ଲାଭ କରିବେ ।

ଦୋ:- **ଚରିତ ସିଂଧୁ ଗିରିଜା ରମନ ବେଦ ନ ପାୱହିଁ ପାରୁ ।**
**ବରନୈ ତୁଲସୀଦାସୁ କିମି ଅତି ମତିମଂଦ ଗୱାଁରୁ ॥ ୧୦୩ ॥**

ଗିରିଜାପତି ମହାଦେବଙ୍କର ଚରିତ ସମୁଦ୍ର ପରି ଅପାର; ବେଦ ମଧ୍ୟ ତାହାର ପାର ପାଆନ୍ତି ନାହିଁ । ଏପରି ସ୍ଥଳେ ଅତ୍ୟନ୍ତ ମନ୍ଦବୁଦ୍ଧି ନିର୍ବୋଧ ତୁଳସୀଦାସ ବା ତାହା କିପରି ବର୍ଣ୍ଣିପାରିବ ! ॥ ୧୦୩ ॥

**ସଂଭୁ ଚରିତ ସୁନି ସରସ ସୁହାୱା । ଭରଦ୍ୱାଜ ମୁନି ଅତି ସୁଖୁ ପାୱା ॥**
**ବହୁ ଲାଲସା କଥା ପର ବାଢ଼ୀ । ନୟନହ୍ନି ନୀରୁ ରୋମାୱଲି ଠାଢ଼ୀ ॥ ୧ ॥**

ଶିବଙ୍କର ରସମୟ, ଶୋଭାମୟ ଚରିତ ଶୁଣି ମୁନି ଭରଦ୍ୱାଜ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । କଥା ଶୁଣିବାକୁ ତାଙ୍କର ଲାଳସା ଆହୁରି ବଢ଼ିଗଲା; ନେତ୍ରରେ ଆନନ୍ଦାଶ୍ରୁ ଭରିଗଲା ଓ ଲୋମ ଟାଙ୍କୁରିଉଠିଲା ॥ ୧ ॥

**ପ୍ରେମ ବିବସ ମୁଖ ଆୱ ନ ବାନୀ । ଦସା ଦେଖି ହରଷେ ମୁନି ଗ୍ୟାନୀ ॥**
**ଅହୋ ଧନ୍ୟ ତୱ ଜନ୍ମୁ ମୁନୀସା । ତୁହ୍ମହି ପ୍ରାନ ସମ ପ୍ରିୟ ଗୌରୀସା ॥ ୨ ॥**

ସେ ପ୍ରେମରେ ମୁଗ୍ଧ ହୋଇଗଲେ; ମୁଖରୁ କଥା ବାହାରିଲା ନାହିଁ । ତାଙ୍କର ଏହି ଅବସ୍ଥା ଦେଖି ଜ୍ଞାନୀମୁନି ଯାଜ୍ଞବଲ୍କ୍ୟ ଅତ୍ୟନ୍ତ ଆନନ୍ଦିତ ହେଲେ । [ କହିଲେ—] ଆହା ! ହେ ମୁନୀଶ ! ଆପଣଙ୍କ ଜୀବନ ଧନ୍ୟ । ଗୌରୀପତି ଶିବ ଆପଣଙ୍କୁ ପ୍ରାଣ ପରି ପ୍ରିୟ ॥ ୨ ॥

**ସିୱ ପଦ କମଲ ଜିହ୍ନହି ରତି ନାହୀଁ । ରାମହିଁ ତେ ସପନେହୁଁ ନ ସୋହାହୀଁ ॥**
**ବିନୁ ଛଲ ବିସ୍ୱନାଥ ପଦ ନେହୂ । ରାମ ଭଗତ କର ଲଛନ ଏହୂ ॥ ୩ ॥**

ଶିବଙ୍କ ଚରଣକମଳରେ ଯାହାର ପ୍ରୀତି ନାହିଁ, ସେ ଲୋକ ଶ୍ରୀରାମଙ୍କୁ ସ୍ୱପ୍ନରେ ସୁଦ୍ଧା ଭଲ ଲାଗିବ ନାହିଁ । ବିଶ୍ୱନାଥ ଶିବଙ୍କ ଚରଣରେ ନିଷ୍କପଟ ପ୍ରେମହିଁ ହେଉଛି ରାମଭକ୍ତଙ୍କର ଲକ୍ଷଣ ॥ ୩ ॥

**ସିୱ ସମ କୋ ରଘୁପତି ବ୍ରତଧାରୀ । ବିନୁ ଅଘ ତଜୀ ସତୀ ଅସି ନାରୀ ॥**
**ପନୁ କରି ରଘୁପତି ଭଗତି ଦେଖାଈ । କୋ ସିୱ ସମ ରାମହି ପ୍ରିୟ ଭାଈ ॥ ୪ ॥**

ଶିବଙ୍କ ପରି ରଘୁନାଥଙ୍କର ଭକ୍ତ ଆଉ କିଏ ଅଛି ! ସେ ପରା ସତୀଙ୍କ ପରି ନିଷ୍ପାପ ସ୍ତ୍ରୀଙ୍କୁ ତ୍ୟାଗ କରିଦେଲେ ଏବଂ ପ୍ରତିଜ୍ଞା କରି ରଘୁନାଥଙ୍କ ପ୍ରତି ତାଙ୍କର ଆଦର୍ଶ ଭକ୍ତିର ଦୃଢ଼ତା ଦେଖାଇଦେଲେ । ହେ ଭାଇ ! ଶ୍ରୀରାମଙ୍କର ଶିବଙ୍କ ସମାନ ପ୍ରିୟପାତ୍ର ଆଉ କିଏ ଅଛି ! ॥ ୪ ॥

ଦୋ:- **ପ୍ରଥମହିଁ ମୈଁ କହି ସିୱ୍ ଚରିତ ବୂଝା ମରମୁ ତୁହ୍ମାର ।**
**ସୁଚି ସେୱ୍‌କ ତୁହ୍ମ ରାମ କେ ରହିତ ସମସ୍ତ ବିକାର ॥ ୧୦୪ ॥**

ମୁଁ ପ୍ରଥମେ ଶିବଙ୍କ ଚରିତ କହି ଆପଣଙ୍କ ମରମ ଜାଣିଗଲି । ଆପଣ ହେଉଛନ୍ତି ଶ୍ରୀରାମଙ୍କର ପବିତ୍ର ସେବକ ଓ ସମସ୍ତ ଦୋଷରୁ ମୁକ୍ତ ॥ ୧୦୪ ॥

**ମୈଁ ଜାନା ତୁହ୍ମାର ଗୁନ ସୀଲା । କହଉଁ ସୁନହୁ ଅବ ରଘୁପତି ଲୀଲା ॥**
**ସୁନୁ ମୁନି ଆଜୁ ସମାଗମ ତୋରେଁ । କହି ନ ଜାଇ ଜସ ସୁଖୁ ମନ ମୋରେଁ ॥ ୧ ॥**

ମୁଁ ଆପଣଙ୍କ ଗୁଣ ଓ ସ୍ୱଭାବ ଜାଣିଗଲି । ବର୍ତ୍ତମାନ ଶ୍ରୀରଘୁନାଥଙ୍କର ଲୀଳା କହୁଛି; ଶୁଣନ୍ତୁ । ହେ ମୁନି ! ଆଜି ଆପଣଙ୍କର ସାନ୍ନିଧ୍ୟ ପାଇ ମୋ ମନରେ ଯେଉଁ ଆନନ୍ଦ ଜାତ ହୋଇଛି, ତାହା ଭାଷାରେ ବର୍ଣ୍ଣିହେବ ନାହିଁ ॥ ୧ ॥

**ରାମ ଚରିତ ଅତି ଅମିତ ମୁନୀସା । କହି ନ ସକହିଁ ସତ କୋଟି ଅହୀସା ॥**
**ତଦପି ଜଥାଶ୍ରୁତ କହଉଁ ବଖାନୀ । ସୁମିରି ଗିରାପତି ପ୍ରଭୁ ଧନୁପାନୀ ॥ ୨ ॥**

ହେ ମୁନୀଶ୍ୱର ! ରାମଚରିତ ଅତ୍ୟନ୍ତ ଅପାର । ଶତକୋଟି ଶେଷଦେବ ମଧ୍ୟ ତାହା କହି ଶେଷ କରିପାରିବେ ନାହିଁ । ତଥାପି ମୁଁ ଯେତିକି ଶୁଣିଛି, ବାଣୀର ସ୍ୱାମୀ (ପ୍ରେରକ) ତଥା ଧନୁର୍ଦ୍ଧାରୀ ପ୍ରଭୁ ଶ୍ରୀରାମଙ୍କୁ ସ୍ମରଣ କରି ତାହା କହୁଛି ॥ ୨ ॥

**ସାରଦ ଦାରୁନାରି ସମ ସ୍ୱାମୀ । ରାମୁ ସୂତ୍ରଧର ଅଂତରଜାମୀ ॥**
**ଜେହି ପର କୃପା କରହିଁ ଜନୁ ଜାନୀ । କବି ଉର ଅଜିର ନଚାୱହିଁ ବାନୀ ॥ ୩ ॥**

ସରସ୍ୱତୀ ହେଉଛନ୍ତି କାଠକଣ୍ଢେଇ ପରି ଏବଂ ଅନ୍ତର୍ଯାମୀ ସ୍ୱାମୀ ଶ୍ରୀରାମ ହେଉଛନ୍ତି ସୂତା ଧରି କଣ୍ଢେଇ ନଚାଉଥିବା ସୂତ୍ରଧର ପରି । ନିଜର ଭକ୍ତ ବୋଲି ଜାଣି ସେ ଯେଉଁ କବିଙ୍କ ଉପରେ କୃପା କରନ୍ତି, ତାଙ୍କରି ହୃଦୟପ୍ରାଙ୍ଗଣରେ ସେ ସରସ୍ୱତୀଙ୍କୁ ନଚାନ୍ତି ॥ ୩ ॥

**ପ୍ରନୱଉଁ ସୋଇ କୃପାଲ ରଘୁନାଥା । ବରନଉଁ ବିସଦ ତାସୁ ଗୁନ ଗାଥା ॥**
**ପରମ ରମ୍ୟ ଗିରିବରୁ କୈଲାସୂ । ସଦା ଜହାଁ ସିୱ୍ ଉମା ନିୱାସୂ ॥ ୪ ॥**

ସେହି କୃପାଳୁ ରଘୁନାଥଙ୍କୁ ମୁଁ ପ୍ରଣାମ କରୁଛି ଏବଂ ତାଙ୍କର ନିର୍ମଳ ଗୁଣାବଳୀ କହୁଛି । ଯେଉଁ କୈଳାସରେ ଶିବପାର୍ବତୀ ସଦା ନିବାସ କରନ୍ତି, ତାହା ହେଉଛି ପର୍ବତମାନଙ୍କ ମଧ୍ୟରେ ଶ୍ରେଷ୍ଠ ଓ ଅତ୍ୟନ୍ତ ରମଣୀୟ ॥ ୪ ॥

ଦୋ:- **ସିଦ୍ଧ ତପୋଧନ ଜୋଗିଜନ ସୁର କିଂନର ମୁନିବୃଂଦ ।**
**ବସହିଁ ତହାଁ ସୁକୃତୀ ସକଲ ସେୱହିଁ ସିୱ୍ ସୁଖକଂଦ ॥ ୧୦୫ ॥**

ସେହି ପର୍ବତ ଉପରେ ସିଦ୍ଧ, ତପସ୍ୱୀ ଓ ଯୋଗୀଗଣ ତଥା ଦେବତା, କିନ୍ନର ଓ ମୁନିଗଣ ରହନ୍ତି । ସେମାନେ ସମସ୍ତେ ବଡ଼ ପୁଣ୍ୟାତ୍ମା । ସେମାନେ ଆନନ୍ଦକନ୍ଦ ଶ୍ରୀମହାଦେବଙ୍କର ସେବା କରନ୍ତି ॥ ୧୦୫ ॥

**ହରି ହର ବିମୁଖ ଧର୍ମ ରତି ନାହୀଁ । ତେ ନର ତହଁ ସପନେହୁଁ ନହିଁ ଜାହୀଁ ॥**
**ତେହି ଗିରି ପର ବଟ ବିଟପ ବିସାଲା । ନିତ ନୂତନ ସୁଂଦର ସବ କାଲା ॥ ୧ ॥**

ଯେଉଁମାନେ ଭଗବାନ୍ ବିଷ୍ଣୁ ଓ ମହାଦେବଙ୍କ ପ୍ରତି ବିମୁଖ ଏବଂ ଯାହାଙ୍କର ଧର୍ମରେ ପ୍ରୀତି ନାହିଁ, ସେମାନେ ସ୍ୱପ୍ନରେ ବି ସେଠାକୁ ଯାଇପାରିବେ ନାହିଁ । ସେହି ପର୍ବତ ଉପରେ ଏକ ବିରାଟ ବଟବୃକ୍ଷ ରହିଛି । ସେହି ବୃକ୍ଷଟି ନିତ୍ୟନୂତନ ଓ ଚିରସୁନ୍ଦର ॥ ୧ ॥

**ତ୍ରିବିଧ ସମୀର ସୁସୀତଲି ଛାୟା । ସିଓ୍ୱ ବିଶ୍ରାମ ବିଟପ ଶ୍ରୁତି ଗାୟା ॥**
**ଏକ ବାର ତେହି ତର ପ୍ରଭୁ ଗୟଉ । ତରୁ ବିଲୋକି ଉର ଅତି ସୁଖୁ ଭୟଉ ॥ ୨ ॥**

ସେଠାରେ ତିନିପ୍ରକାର (ଶୀତଳ, ମନ୍ଦ ଓ ସୁଗନ୍ଧ) ବାୟୁ ପ୍ରବାହିତ ହେଉଥାଏ ଏବଂ ତାହାର ଛାୟା ବଡ଼ ଶୀତଳ ହୋଇଥାଏ । ସେହି ବୃକ୍ଷର ମୂଳଟି ହେଉଛି ଶିବଙ୍କର ବିଶ୍ରାମ-ନେବା ସ୍ଥାନ। ତା'ବିଷୟରେ ବେଦରେ ବି କୁହାଯାଇଛି । ଥରେ ଶିବ ସେହି ବୃକ୍ଷତଳକୁ ଗଲେ । ବୃକ୍ଷଟି ଦେଖି ତାଙ୍କ ହୃଦୟରେ ବଡ଼ ଆନନ୍ଦ ଜାତ ହେଲା ॥ ୨ ॥

**ନିଜ କର ଡାସି ନାଗରିପୁ ଛାଲା । ବୈଠେ ସହଜହିଁ ସଂଭୁ କୃପାଲା ॥**
**କୁଂଦ ଇଂଦୁ ଦର ଗୌର ସରୀରା । ଭୁଜ ପ୍ରଲଂବ ପରିଧନ ମୁନିଚୀରା ॥ ୩ ॥**

ସେ ନିଜହାତରେ ବୃକ୍ଷତଳେ ବ୍ୟାଘ୍ରଚର୍ମର ଆସନଟିଏ ବିଛାଇଦେଇ ତା'ରି ଉପରେ ସହଜ-ସ୍ୱାଭାବିକ ରୀତିରେ (କୌଣସି ବିଶେଷ ଉଦ୍ଦେଶ୍ୟ ନ ଥାଇ) ବସିପଡ଼ିଲେ । ତାଙ୍କର ଶରୀର ହୋଇଥାଏ କୁନ୍ଦପୁଷ୍ପ, ଚନ୍ଦ୍ରମା ଓ ଶଙ୍ଖସଦୃଶ ଗୌର । ଭୁଜ ଦୁଇଟି ବିଶାଳ; ସେ ମୁନିମାନଙ୍କ ପରି ବଳ୍କଳ ପିନ୍ଧିଥାନ୍ତି ॥ ୩ ॥

**ତରୁନ ଅରୁନ ଅଂବୁଜ ସମ ଚରନା । ନଖ ଦୁତି ଭଗତ ହୃଦୟ ତମ ହରନା ॥**
**ଭୁଜଗ ଭୂତି ଭୂଷନ ତ୍ରିପୁରାରୀ । ଆନନୁ ସରଦ ଚଂଦ ଛବି ହାରୀ ॥ ୪ ॥**

ପାଦଦୁଇଟି ହୋଇଥାଏ ସଦ୍ୟପ୍ରସ୍ଫୁଟିତ ରକ୍ତକମଳସମାନ। ନଖମାନଙ୍କର ଜ୍ୟୋତି ଭକ୍ତହୃଦୟର ଅନ୍ଧକାର ହରିନେଉଥାଏ । ସର୍ପ ଓ ଭସ୍ମ ହୋଇଥାଏ ତାଙ୍କର ଭୂଷଣ । ତ୍ରିପୁରାରି ଶିବଙ୍କର ମୁଖଶୋଭା ଶରତ୍ପୂର୍ଣ୍ଣିମା-ଚନ୍ଦ୍ରର ଶୋଭାକୁ ମଧ୍ୟ ହରିନେଉଥାଏ ॥ ୪ ॥

ଦୋ:- **ଜଟା ମୁକୁଟ ସୁରସରିତ ସିର ଲୋଚନ ନଲିନ ବିସାଲ ।**
**ନୀଲକଂଠ ଲାଓ୍ୱନ୍ୟନିଧି ସୋହ ବାଲବିଧୁ ଭାଲ ॥ ୧୦୬ ॥**

ଶିରରେ ଜଟାର ମୁକୁଟ; ତହିଁରେ ଗଙ୍ଗା ଶୋଭାୟମାନା । କମଳତୁଲ୍ୟ ବିଶାଳ ନେତ୍ର ଏବଂ କଣ୍ଠଦେଶ ନୀଳ । ସେ ଥିଲେ ଶୋଭାର ଭଣ୍ଡାର । ତାଙ୍କର ମସ୍ତକ ଉପରେ ଦ୍ୱିତୀୟାଚନ୍ଦ୍ର ଶୋଭା ପାଉଥିଲା ॥ ୧୦୬ ॥

**ବୈଠେ ସୋହ କାମରିପୁ କୈସେଁ । ଧରେଁ ସରୀରୁ ସାଂତରସୁ ଜୈସେଁ ॥**
**ପାରବତୀ ଭଲ ଅଓ୍ୱସରୁ ଜାନୀ । ଗଈଁ ସଂଭୁ ପହିଁ ମାତୁ ଭଓ୍ୱାନୀ ॥ ୧ ॥**

କାମଦେବଙ୍କ ଶତ୍ରୁ ପ୍ରଭୁ ଶିବ ସେଠାରେ ବସି ଏପରି ଶୋଭା ପାଉଥିଲେ ଯେ, ମନେ ହେଉଥିଲା, ଶାନ୍ତରସହିଁ ଶରୀର ଧାରଣ କରି ବସିଛି । ଏଭଳି ସୁଅବସର ଦେଖି ଜଗଜ୍ଜନନୀ ଭବାନୀ ତାଙ୍କ ନିକଟକୁ ଗ୍ଲଲିଗଲେ ॥ ୧ ॥

**ଜାନି ପ୍ରିୟା ଆଦରୁ ଅତି କୀହ୍ନା । ବାମ ଭାଗ ଆସନୁ ହର ଦୀହ୍ନା ॥**
**ବୈଠୀଁ ସିଓ୍ୱ ସମୀପ ହରଷାଈ । ପୂରୁବ ଜନ୍ମ କଥା ଚିତ ଆଈ ॥ ୨ ॥**

ନିଜର ପ୍ରିୟା ପତ୍ନୀ ଆସିଲେ ଜାଣି ଶିବ ଅତି ଆଦରରେ ତାଙ୍କୁ ନିଜ ବାମପାଖରେ ବସିବାପାଇଁ ଆସନ ଦେଲେ । ପାର୍ବତୀ ପ୍ରସନ୍ନ ହୋଇ ଶିବଙ୍କ ପାଖରେ ବସିଲେ । ତାଙ୍କର ପୂର୍ବଜନ୍ମର କଥା ମନେପଡ଼ିଗଲା ॥ ୨ ॥

**ପତି ହିୟଁ ହେତୁ ଅଧିକ ଅନୁମାନୀ । ବିହସି ଉମା ବୋଲୀଁ ପ୍ରିୟ ବାନୀ ॥**
**କଥା ଜୋ ସକଲ ଲୋକ ହିତକାରୀ । ସୋଇ ପୂଛନ ଚହ ସୈଲକୁମାରୀ ॥ ୩ ॥**

ସ୍ୱାମୀଙ୍କ ହୃଦୟରେ ତାଙ୍କ ପ୍ରତି ଆଗ ଅପେକ୍ଷା ଅଧିକ ପ୍ରେମ ଥିବା ଜାଣିପାରି, ପାର୍ବତୀ ପ୍ରସନ୍ନଚିତ୍ତ ହୋଇ କିଛି କହିବାକୁ ବସିଲେ । [ଯାଜ୍ଞବଲ୍କ୍ୟ କହୁଛନ୍ତି] ଯେଉଁ କଥା ସକଳଲୋକର ହିତକାରୀ, ଶୈଳକୁମାରୀ ସେହି ବିଷୟହିଁ ପଚାରିବାକୁ ଚାହୁଁଥିଲେ ॥ ୩ ॥

**ବିସ୍ୱନାଥ ମମ ନାଥ ପୁରାରୀ । ତ୍ରିଭୁଅ୍ୱନ ମହିମା ବିଦିତ ତୁହ୍ମାରୀ ॥**
**ଚର ଅରୁ ଅଚର ନାଗ ନର ଦେଅ୍ୱା । ସକଲ କରହିଁ ପଦ ପଂକଜ ସେଅ୍ୱା ॥ ୪ ॥**

[ପାର୍ବତୀ କହିଲେ,] "ହେ ବିଶ୍ୱନାଥ ! ହେ ମୋର ନାଥ ! ହେ ତ୍ରିପୁରାରି ! ଆପଣଙ୍କ ମହିମା ତ୍ରିଭୁବନବିଦିତ । ଚର, ଅଚର, ନାଗ, ମନୁଷ୍ୟ ଓ ଦେବତା–ସମସ୍ତେ ଆପଣଙ୍କ ପଦପଙ୍କଜର ସେବା କରନ୍ତି ॥ ୪ ॥

ଦୋଃ- **ପ୍ରଭୁ ସମରଥ ସର୍ବଗ୍ୟ ସିଅ୍ୱ ସକଲ କଲା ଗୁନ ଧାମ ।**
**ଜୋଗ ଗ୍ୟାନ ବୈରାଗ୍ୟ ନିଧି ପ୍ରନତ କଲପତରୁ ନାମ ॥ ୧୦୭ ॥**

ହେ ପ୍ରଭୁ ! ଆପଣ ସମର୍ଥ, ସର୍ବଜ୍ଞ ଓ କଲ୍ୟାଣସ୍ୱରୂପ । ଆପଣ ସବୁ କଳା ଓ ଗୁଣର ନିଧାନ ଏବଂ ଯୋଗ, ଜ୍ଞାନ ତଥା ବୈରାଗ୍ୟର ଭଣ୍ଡାର । ଆପଣଙ୍କ ନାମ ତ ଶରଣାଗତମାନଙ୍କ ନିମନ୍ତେ କଳ୍ପବୃକ୍ଷସମାନ ॥ ୧୦୭ ॥

**ଜୌଁ ମୋ ପର ପ୍ରସନ୍ନ ସୁଖରାସୀ । ଜାନିଅ ସତ୍ୟ ମୋହି ନିଜ ଦାସୀ ॥**
**ତୌ ପ୍ରଭୁ ହରହୁ ମୋର ଅଗ୍ୟାନା । କହି ରଘୁନାଥ କଥା ବିଧି ନାନା ॥ ୧ ॥**

ହେ ସୁଖନିଧାନ ! ଯଦି ଆପଣ ମୋ ପ୍ରତି ପ୍ରସନ୍ନ ଏବଂ ସତରେ ମୋତେ ନିଜର ଦାସୀ ବୋଲି ଭାବନ୍ତି, ତେବେ, ହେ ପ୍ରଭୁ ! ଶ୍ରୀରଘୁନାଥଙ୍କର ବିଭିନ୍ନ କଥା କହି ମୋର ଅଜ୍ଞାନ ଦୂର କରନ୍ତୁ ॥ ୧ ॥

**ଜାସୁ ଭଅ୍ୱନୁ ସୁରତରୁ ତର ହୋଈ । ସହି କି ଦରିଦ୍ର ଜନିତ ଦୁଖୁ ସୋଈ ॥**
**ସସିଭୂଷନ ଅସ ହୃଦୟଁ ବିଚାରୀ । ହରହୁ ନାଥ ମମ ମତି ଭ୍ରମ ଭାରୀ ॥ ୨ ॥**

କଳ୍ପବୃକ୍ଷତଳେ ଘର କରିଥିବା ଲୋକ କାହିଁକି ଦାରିଦ୍ର୍ୟଦୁଃଖ ସହିବ? ହେ ଶଶିଭୂଷଣ ! ହେ ନାଥ ! ହୃଦୟରେ ଏହା ବିଚାର କରି ମୋର ଏହି ବିରାଟ ମତିଭ୍ରମ ଦୂର କରନ୍ତୁ ॥ ୨ ॥

**ପ୍ରଭୁ ଜେ ମୁନି ପରମାରଥବାଦୀ । କହହିଁ ରାମ କହୁଁ ବ୍ରହ୍ମ ଅନାଦୀ ॥**
**ସେସ ସାରଦା ବେଦ ପୁରାନା । ସକଲ କରହିଁ ରଘୁପତି ଗୁନ ଗାନା ॥ ୩ ॥**

ହେ ପ୍ରଭୁ ! ଯେଉଁମାନେ ପରମାର୍ଥତତ୍ତ୍ୱ(ବ୍ରହ୍ମତତ୍ତ୍ୱ)ର ଜ୍ଞାତା ଓ ବକ୍ତା, ସେହି ମୁନିଗଣ ଶ୍ରୀରାମଙ୍କୁ ଅନାଦି ବ୍ରହ୍ମ ବୋଲି କହନ୍ତି; ପୁଣି ଶେଷଦେବ, ସରସ୍ୱତୀ, ବେଦ ଓ ପୁରାଣମାନେ ମଧ୍ୟ ଶ୍ରୀରଘୁନାଥଙ୍କର ଗୁଣ ଗାନ କରନ୍ତି ॥ ୩ ॥

**ତୁହ୍ମ ପୁନି ରାମ ରାମ ଦିନ ରାତୀ । ସାଦର ଜପହୁ ଅନଁଗ ଆରାତୀ ॥**
**ରାମୁ ସୋ ଅଅ୍ୱଧ ନୃପତି ସୁତ ସୋଈ । କୀ ଅଜ ଅଗୁନ ଅଲଖଗତି କୋଈ ॥ ୪ ॥**

ଏବଂ ହେ କାମଦେବଙ୍କ ଶତ୍ରୁ ! ଆପଣ ମଧ୍ୟ ଦିବାନିଶି ଆଦରପୂର୍ବକ ରାମ-ରାମ ଜପ କରନ୍ତି । ଏହି ରାମ କ'ଣ ସେହି ଅଯୋଧ୍ୟାର ରାଜପୁତ୍ର, ନା ଅନ୍ୟ କୌଣସି ଅଜନ୍ମା, ନିର୍ଗୁଣ ଓ ଅଗୋଚର ରାମ ? ॥ ୪ ॥

ଦୋଃ- **ଜୌଁ ନୃପ ତନୟ ତ ବ୍ରହ୍ମ କିମି ନାରି ବିରହଁ ମତି ଭୋରି ।**
**ଦେଖି ଚରିତ ମହିମା ସୁନତ ଭ୍ରମତି ବୁଦ୍ଧି ଅତି ମୋରି ॥ ୧୦୮ ॥**

ଯଦି ସେ ରାଜକୁମାର, ତେବେ ବ୍ରହ୍ମ ହେଲେ କିପରି ? ଏବଂ ଯଦି ବ୍ରହ୍ମ, ତେବେ ସ୍ତ୍ରୀବିରହରେ ତାଙ୍କର ମତି ଭ୍ରମ ହେଲା କିପରି ? ଏକପକ୍ଷରେ ତାଙ୍କର ଏପରି ଚରିତ ଦେଖି ଓ ଅପରପକ୍ଷରେ ତାଙ୍କର ମହିମା ଶୁଣି, ମୋର ବୁଦ୍ଧି ଅତ୍ୟନ୍ତ ଭ୍ରମିତ ହେଉଛି ॥ ୧୦୮ ॥

**ଜୌଁ ଅନୀହ ବ୍ୟାପକ ବିଭୁ କୋଉ । କହହୁ ବୁଝାଇ ନାଥ ମୋହି ସୋଉ ॥**
**ଅଗ୍ୟ ଜାନି ରିସ ଉର ଜନି ଧରହୂ । ଜେହି ବିଧି ମୋହ ମିଟୈ ସୋଇ କରହୂ ॥ ୧ ॥**

ଯଦି ଇଚ୍ଛାରହିତ, ବ୍ୟାପକ ଓ ସମର୍ଥ ବ୍ରହ୍ମ ହୋଇ ଅନ୍ୟ କେହି ଆଆନ୍ତି, ତେବେ ହେ ନାଥ ! ମୋତେ ତାହା ବୁଝାଇ କୁହନ୍ତୁ । ମୋତେ ନିର୍ବୋଧ ଜାଣି ମନରେ କ୍ରୋଧଭାବ ଆଣନ୍ତୁ ନାହିଁ । ମୋର ମୋହ ଯେପରି ଦୂର ହେବ, ତାହାହିଁ କରନ୍ତୁ ॥ ୧ ॥

**ମୈଁ ବନ ଦୀଖି ରାମ ପ୍ରଭୁତାଈ । ଅତି ଭୟ ବିକଲ ନ ତୁହ୍ମହି ସୁନାଈ ॥**
**ତଦପି ମଲିନ ମନ ବୋଧୁ ନ ଆଓ୍ୱା । ସୋ ଫଲୁ ଭଲୀ ଭାଁତି ହମ ପାଓ୍ୱା ॥ ୨ ॥**

ପୂର୍ବଜନ୍ମରେ ମୁଁ ବନରେ ଶ୍ରୀରାମଙ୍କ ପ୍ରଭାବ ଦେଖିଥିଲି; କିନ୍ତୁ ଅତ୍ୟନ୍ତ ଭୟଭୀତ ହୋଇଯାଇଥିବାରୁ ମୁଁ ତାହା ଆପଣଙ୍କୁ କହି ନ ଥିଲି । ତାଙ୍କର ପ୍ରଭାବ ଦେଖି ମଧ୍ୟ ମୋର ମଳିନ ମନ ବୋଧ ହେଲା ନାହିଁ ଏବଂ ତାହାର ଫଳ ମଧ୍ୟ ମୁଁ ଭଲରୂପେ ପାଇଗଲି ॥ ୨ ॥

**ଅଜହୂଁ କଛୁ ସଂସଉ ମନ ମୋରେଁ । କରହୁ କୃପା ବିନଓ୍ୱଉଁ କର ଜୋରେଁ ॥**
**ପ୍ରଭୁ ତବ ମୋହି ବହୁ ଭାଁତି ପ୍ରବୋଧା । ନାଥ ସୋ ସମୁଝି କରହୁ ଜନି କ୍ରୋଧା ॥ ୩ ॥**

ଏବେ ବି ମୋ ମନରେ କିଛି ସନ୍ଦେହ ରହିଯାଇଛି । ଆପଣ କୃପା କରନ୍ତୁ; ମୁଁ କର ଯୋଡ଼ି ପ୍ରାର୍ଥନା କରୁଛି । ହେ ପ୍ରଭୁ ! ଆପଣ ସେତେବେଳେ ମୋତେ ବହୁପ୍ରକାରେ ବୁଝାଇଥିଲେ, ତଥାପି ମୋର ସନ୍ଦେହ ତୁଟିଲା ନାହିଁ । ହେ ନାଥ ! ମୋ ଅବସ୍ଥା ବୁଝି ମୋ ଉପରେ କ୍ରୋଧ କରନ୍ତୁ ନାହିଁ ॥ ୩ ॥

**ତବ କର ଅସ ବିମୋହ ଅବ ନାହୀଁ । ରାମକଥା ପର ରୁଚି ମନ ମାହୀଁ ॥**
**କହହୁ ପୁନୀତ ରାମ ଗୁନ ଗାଥା । ଭୁଜଗରାଜ ଭୂଷନ ସୁରନାଥା ॥ ୪ ॥**

ମୋ ଭିତରେ ଆଉ ପୂର୍ବ ପରି ମୋହ ନାହିଁ; ବର୍ତ୍ତମାନ ରାମକଥା ଶୁଣିବାପାଇଁ ମୋ ମନରେ ବିଶେଷ ରୁଚି ରହିଛି । ହେ ଭୁଜଗରାଜଭୂଷଣ ! ହେ ସୁରନାଥ ! ଆପଣ ଶ୍ରୀରାମଙ୍କର ପବିତ୍ର ଗୁଣାବଳୀ କହନ୍ତୁ ॥ ୪ ॥

ଦୋ:- **ବଂଦଉଁ ପଦ ଧରି ଧରନି ସିରୁ ବିନୟ କରଉଁ କର ଜୋରି ।**
**ବରନହୁ ରଘୁବର ବିସଦ ଜସୁ ଶ୍ରୁତି ସିଦ୍ଧାଂତ ନିଚୋରି ॥ ୧୦୯ ॥**

ମୁଁ ଭୂମିରେ ଶିର ଲଗାଇ ଆପଣଙ୍କ ଚରଣ ବନ୍ଦନା କରୁଛି ଏବଂ କର ଯୋଡ଼ି ବିନତି କରୁଛି । ଆପଣ ବେଦମାନଙ୍କର ସିଦ୍ଧାନ୍ତରୁ ସାର ସଂଗ୍ରହ କରି ଶ୍ରୀରଘୁନାଥଙ୍କର ନିର୍ମଳ ଯଶ ବର୍ଣ୍ଣନା କରନ୍ତୁ ॥ ୧୦୯ ॥

**ଜଦପି ଜୋଷିତା ନହିଁ ଅଧିକାରୀ । ଦାସୀ ମନ କ୍ରମ ବଚନ ତୁହ୍ମାରୀ ॥**
**ଗୂଢ଼ଉ ତତ୍ତ୍ୱ ନ ସାଧୁ ଦୁରାଓ୍ୱହିଁ । ଆରତ ଅଧିକାରୀ ଜହଁ ପାଓ୍ୱହିଁ ॥ ୧ ॥**

ସ୍ତ୍ରୀ ହୋଇଥିବାରୁ ମୁଁ ତାହା ଶୁଣିବାର ଅଧିକାରିଣୀ ନୁହେଁ, ସତ; ତଥାପି ମୁଁ ମନ, ବଚନ ଓ କର୍ମରେ ଆପଣଙ୍କର ଦାସୀ । ସନ୍ଥମାନେ ଯେଉଁଠି ଆର୍ତ୍ତ ଅଧିକାରୀ ପାଆନ୍ତି, ସେଠାରେ କୌଣସି ଗୂଢ଼ତତ୍ତ୍ୱ ମଧ୍ୟ ଲୁଚାନ୍ତି ନାହିଁ ॥ ୧ ॥

**ଅତି ଆରତି ପୂଛଉଁ ସୁରରାୟା । ରଘୁପତି କଥା କହହୁ କରି ଦାୟା ॥**
**ପ୍ରଥମ ସୋ କାରନ କହହୁ ବିଗ୍ୱାରୀ । ନିର୍ଗୁନ ବ୍ରହ୍ମ ସଗୁନ ବପୁ ଧାରୀ ॥ ୨ ॥**

ହେ ମହାଦେବ ! ମୁଁ ଅତ୍ୟନ୍ତ ଆର୍ତ୍ତଭାବରେ ପଗ୍ୱରୁଛି, ଆପଣ ମୋ ପ୍ରତି ଦୟା କରି ଶ୍ରୀରଘୁନାଥଙ୍କ କଥା କହନ୍ତୁ । ପ୍ରଥମେ ନିର୍ଗୁଣ ବ୍ରହ୍ମ ଯେଉଁ କାରଣରୁ ସଗୁଣରୂପ ଧାରଣ କରେ, ତାହା ବୁଝାଇକହନ୍ତୁ ॥ ୨ ॥

**ପୁନି ପ୍ରଭୁ କହହୁ ରାମ ଅଓ୍ୱତାରା । ବାଲଚରିତ ପୁନି କହହୁ ଉଦାରା ॥**
**କହହୁ ଜଥା ଜାନକୀ ବିବାହୀଁ । ରାଜ ତଜା ସୋ ଦୂଷନ କାହୀଁ ॥ ୩ ॥**

ପୁଣି ହେ ପ୍ରଭୁ ! ଶ୍ରୀରାମଙ୍କର ଅବତାର (ଜନ୍ମ) କଥା ତଥା ତାଙ୍କର ଉଦାର ବାଲ୍ୟଲୀଳା କଥା କହନ୍ତୁ । ତା'ପରେ ସେ ଯେପରି ଶ୍ରୀଜାନକୀଙ୍କୁ ବିବାହ କଲେ, ତାହା କହନ୍ତୁ । ପୁନଶ୍ଚ ସେ କେଉଁ ଦୋଷରୁ ରାଜ୍ୟ ତ୍ୟାଗ କଲେ, ତାହା ବି କହନ୍ତୁ ॥ ୩ ॥

**ବନ ବସି କୀନ୍ହେ ଚରିତ ଅପାରା । କହହୁ ନାଥ ଜିମି ରାଓ୍ୱନ ମାରା ॥**
**ରାଜ ବୈଠି କୀନ୍ହୀଁ ବହୁ ଲୀଲା । ସକଲ କହହୁ ସଂକର ସୁଖସୀଲା ॥ ୪ ॥**

ହେ ନାଥ ! ସେ ବନବାସ କରି ଯେଉଁ ଅପାର ଲୀଳାସବୁ କରିଗଲେ ଏବଂ ରାବଣକୁ ଯେପରି ବଧ କଲେ, ସେହି ପ୍ରସଙ୍ଗ ମଧ୍ୟ କହନ୍ତୁ । ହେ ସୁଖସ୍ୱରୂପ ଶଙ୍କର ! ସେ ରାଜସିଂହାସନରେ ବସି ଯେଉଁସବୁ ଲୀଳା କରିଥିଲେ, ସେସବୁ ମଧ୍ୟ ମୋତେ ବୁଝାଇକହନ୍ତୁ ॥ ୪ ॥

ଦୋଃ- **ବହୁରି କହହୁ କରୁନାୟତନ କୀନ୍ହ ଜୋ ଅଚରଜ ରାମ ।**
**ପ୍ରଜା ସହିତ ରଘୁବଂସମନି କିମି ଗଓ୍ୱନେ ନିଜ ଧାମ ॥ ୧୧୦ ॥**

ହେ କୃପାନିଧି ! ପୁଣି ଶ୍ରୀରାମ ଯେଉଁ ଅଦ୍ଭୁତ ଲୀଳା କଲେ, ଯଥା–ସେହି ରଘୁକୁଳ ଶିରୋମଣି ପ୍ରଜାଙ୍କ ସହିତ ଯେପରି ନିଜ ଧାମକୁ ଗଲେ, ତାହା କହନ୍ତୁ ॥ ୧୧୦ ॥

**ପୁନି ପ୍ରଭୁ କହହୁ ସୋ ତତ୍ତ୍ୱ ବଖାନୀ । ଜେହିଁ ବିଗ୍ୟାନ ମଗନ ମୁନି ଗ୍ୟାନୀ ॥**
**ଭଗତି ଗ୍ୟାନ ବିଗ୍ୟାନ ବିରାଗା । ପୁନି ସବ ବରନହୁ ସହିତ ବିଭାଗା ॥ ୧ ॥**

ହେ ପ୍ରଭୁ ! ଆପଣ ମୋତେ ସେହି ତତ୍ତ୍ୱ ବୁଝାଇକହନ୍ତୁ, ଯାହା ଅନୁଭବ କରି ଜ୍ଞାନୀମୁନିଗଣ ସର୍ବଦା ସେଥିରେ ମଗ୍ନ ରହନ୍ତି । ପୁଣି ବିଭାଗସହିତ ଭକ୍ତି, ଜ୍ଞାନ, ବିଜ୍ଞାନ ଓ ବୈରାଗ୍ୟର ବିଷୟ ମଧ୍ୟ ବର୍ଣ୍ଣନା କରନ୍ତୁ ॥ ୧ ॥

**ଔରଉ ରାମ ରହସ୍ୟ ଅନେକା । କହହୁ ନାଥ ଅତି ବିମଲ ବିବେକା ॥**
**ଜୋ ପ୍ରଭୁ ମୈଁ ପୂଛା ନହିଁ ହୋଈ । ସୋଉ ଦୟାଲ ରାଖହୁ ଜନି ଗୋଈ ॥ ୨ ॥**

ଏହା ଛଡ଼ା ଶ୍ରୀରାମଙ୍କର ଅନ୍ୟ ଯାହାସବୁ ରହସ୍ୟ ରହିଛି, ତାହା ମଧ୍ୟ କହନ୍ତୁ । ହେ ନାଥ !ଆପଣଙ୍କର ଜ୍ଞାନ ଅତ୍ୟନ୍ତ ନିର୍ମଳ । ହେ ପ୍ରଭୁ !ମୁଁ ଯେଉଁ ବିଷୟ ପଗ୍ୱରିନାହିଁ, ହେ ଦୟାଳୁ ! ସେ ବିଷୟ ମଧ୍ୟ ମୋଠାରୁ ଲୁଗ୍ୱଇରଖନ୍ତୁ ନାହିଁ ॥ ୨ ॥

**ତୁମ୍ହ ତ୍ରିଭୁଓ୍ୱନ ଗୁର ବେଦ ବଖାନା । ଆନ ଜୀଓ୍ୱ ପାଁଓ୍ୱର କା ଜାନା ॥**
**ପ୍ରସ୍ନ ଉମା କୈ ସହଜ ସୁହାଈ । ଛଲ ବିହୀନ ସୁନି ସିଓ୍ୱ ମନ ଭାଈ ॥ ୩ ॥**

ବେଦଗଣ ଆପଣଙ୍କୁ ତିନିଲୋକର ଗୁରୁ ବୋଲି କହିଛନ୍ତି । ଅନ୍ୟ ପାମର ଜୀବମାନେ ଏହି ରହସ୍ୟକୁ କ'ଣ ବା ଜାଣିବେ !'' ପାର୍ବତୀଙ୍କର ସହଜ, ସୁନ୍ଦର ଓ ନିଷ୍କପଟ ପ୍ରଶ୍ନ ଶିବଙ୍କୁ ବଡ଼ ଭଲ ଲାଗିଲା ॥ ୩ ॥

**ହର ହିୟଁ ରାମଚରିତ ସବ ଆଏ । ପ୍ରେମ ପୁଲକ ଲୋଚନ ଜଲ ଛାଏ ॥**
**ଶ୍ରୀରଘୁନାଥ ରୂପ ଉର ଆୱା । ପରମାନଂଦ ଅମିତ ସୁଖ ପାୱା ॥ ୪ ॥**

ମହାଦେବଙ୍କ ହୃଦୟରେ ସମଗ୍ର ରାମଚରିତ ଝଲସିଉଠିଲା । ପ୍ରେମାଧିକ୍ୟ ହେତୁ ତାଙ୍କ ଶରୀର ପୁଲକିତ ହୋଇଗଲା ଏବଂ ନୟନରେ ଆନନ୍ଦାଶ୍ରୁ ଭରିଆସିଲା । ତାଙ୍କ ହୃଦୟରେ ଶ୍ରୀରଘୁନାଥଙ୍କର ରୂପ ଉଦ୍‌ଭାସିତ ହୋଇଗଲା, ଯାହାଫଳରେ କି ସ୍ୱୟଂ ପରମାନନ୍ଦସ୍ୱରୂପ ଶିବ ମଧ୍ୟ ଅପାର ଆନନ୍ଦ ଲାଭ କଲେ ॥ ୪ ॥

ଦୋ:- **ମଗନ ଧ୍ୟାନରସ ଦଂଡ ଜୁଗ ପୁନି ମନ ବାହେର କୀହ୍ନ ।**
**ରଘୁପତି ଚରିତ ମହେସ ତବ ହରଷିତ ବରନୈ ଲୀହ୍ନ ॥ ୧୧୧ ॥**

ଶିବ ଦୁଇଘଡ଼ି ପର୍ଯ୍ୟନ୍ତ ଧ୍ୟାନରସରେ (ଧ୍ୟାନାନନ୍ଦରେ) ବୁଡ଼ିରହିଲେ । ତା'ପରେ ମନକୁ ସେଥିରୁ କାଢ଼ିଆଣିଲେ । ଏଥର ସେ ପ୍ରସନ୍ନ ହୋଇ ଶ୍ରୀରଘୁନାଥଙ୍କ ଚରିତ ବର୍ଣ୍ଣନା କରିବାକୁ ଲାଗିଲେ ॥ ୧୧୧ ॥

**ଝୂଠେଉ ସତ୍ୟ ଜାହି ବିନୁ ଜାନେଁ । ଜିମି ଭୁଜଂଗ ବିନୁ ରଜୁ ପହିଚାନେଁ ॥**
**ଜେହି ଜାନେଁ ଜଗ ଜାଇ ହେରାଈ । ଜାଗେଁ ଜଥା ସପନ ଭ୍ରମ ଜାଈ ॥ ୧ ॥**
**ବଂଦଉଁ ବାଲରୂପ ସୋଇ ରାମୂ । ସବ ସିଧି ସୁଲଭ ଜପତ ଜିସୁ ନାମୂ ॥**
**ମଂଗଲ ଭୱନ ଅମଂଗଲ ହାରୀ । ଦ୍ରୱଉ ସୋ ଦସରଥ ଅଜିର ବିହାରୀ ॥ ୨ ॥**

ଚିହ୍ନି ନ ପାରିଲେ ଦଉଡ଼ି ସାପ ଭଳି ଦିଶିଲାପରି, ଯାହାଙ୍କୁ ଜାଣି ନ ପାରିଲେ ମିଛ ବି ସତ ପରି ଲାଗେ; ଏବଂ ଜାଗ୍ରତ ହୋଇଯିବାମାତ୍ରେ ସ୍ୱପ୍ନଭ୍ରମ ଚାଲିଗଲାପରି, ଯାହାଙ୍କୁ ଚିହ୍ନିଯିବାକ୍ଷଣି ସମଗ୍ର ଜଗତ୍ (ଦୃଶ୍ୟପ୍ରପଞ୍ଚ) ଲୋପ ପାଇଯାଏ ତଥା ଯାହାଙ୍କ ନାମ ଜପ କଲେ ସକଳ ସିଦ୍ଧି ସହଜରେ ମିଳିଯାଏ, ମୁଁ ସେହି ଶ୍ରୀରାମଙ୍କର ବାଳକରୂପକୁ ବନ୍ଦନା କରୁଛି । ମଙ୍ଗଳଧାମ ଓ ଅମଙ୍ଗଳହାରୀ ତଥା ଦଶରଥଙ୍କର ପ୍ରାଙ୍ଗଣବିହାରୀ ସେହି ବାଳକରୂପ ଶ୍ରୀରାମ ମୋ ପ୍ରତି କୃପା କରନ୍ତୁ ॥ ୧, ୨ ॥

**କରି ପ୍ରନାମ ରାମହି ତ୍ରିପୁରାରୀ । ହରଷି ସୁଧା ସମ ଗିରା ଉଚାରୀ ॥**
**ଧନ୍ୟ ଧନ୍ୟ ଗିରିରାଜକୁମାରୀ । ତୁହ୍ମ ସମାନ ନହିଁ କୋଉ ଉପକାରୀ ॥ ୩ ॥**

ତ୍ରିପୁରାରି ଶିବ ଶ୍ରୀରାମଙ୍କୁ ପ୍ରଣାମ କରି, ଆନନ୍ଦ ଗଦ୍‌ଗଦ ହୋଇ ଅମୃତସମ ବାଣୀରେ କହିଲେ : ହେ ଗିରିରାଜକୁମାରୀ ପାର୍ବତୀ ! ତୁମେ ଧନ୍ୟ ! ତୁମେ ଧନ୍ୟ !! ତୁମ ପରି ଉପକାରୀ ମୋର ଅନ୍ୟ କେହି ନାହିଁ ॥ ୩ ॥

**ପୂଁଛେହୁ ରଘୁପତି କଥା ପ୍ରସଂଗା । ସକଲ ଲୋକ ଜଗ ପାୱନି ଗଂଗା ॥**
**ତୁହ୍ମ ରଘୁବୀର ଚରନ ଅନୁରାଗୀ । କୀହ୍ନିହୁ ପ୍ରସ୍ନ ଜଗତ ହିତ ଲାଗୀ ॥ ୪ ॥**

ତୁମେ ଶ୍ରୀରଘୁନାଥଙ୍କର ଯେଉଁ କଥାପ୍ରସଙ୍ଗ ପଚାରିଲ, ତାହା ହେଉଛି ସର୍ବଲୋକପାବନୀ ଗଙ୍ଗାସମାନ । ତୁମେ ଜଗତର କଲ୍ୟାଣ ନିମନ୍ତେହିଁ ଏହି ପ୍ରଶ୍ନ କରିଛ । ରଘୁନାଥଙ୍କ ଚରଣରେ ତୁମର ପ୍ରଗାଢ଼ ପ୍ରେମ ରହିଛି ॥ ୪ ॥

ଦୋ:- **ରାମ କୃପା ତେଁ ପାରବତି ସପନେହୁଁ ତୱ ମନ ମାହିଁ ।**
**ସୋକ ମୋହ ସଂଦେହ ଭ୍ରମ ମମ ବିଚାର କଛୁ ନାହିଁ ॥ ୧୧୨ ॥**

ହେ ପାର୍ବତୀ ! ମୋ ବିଚାରରେ ଶ୍ରୀରାମଙ୍କ କୃପାରୁ ତୁମ ମନରେ ସ୍ୱପ୍ନରେ ସୁଦ୍ଧା ଶୋକ, ମୋହ, ସନ୍ଦେହ ଓ ଭ୍ରମ ବୋଲି କିଛି ନାହିଁ ॥ ୧୧୨ ॥

**ତଦପି ଅସଂକା କୀହ୍ନିହୁ ସୋଇ । କହତ ସୁନତ ସବ କର ହିତ ହୋଇ ॥**
**ଜିହ୍ନ ହରିକଥା ସୁନୀ ନହିଁ କାନା । ଶ୍ରୱ୍ନ ରଂଧ୍ର ଅହିଭୱ୍ନ ସମାନା ॥ ୧ ॥**

ତଥାପି ଏହି ପ୍ରସଙ୍ଗ କହିଲେ ଓ ଶୁଣିଲେ ସମସ୍ତଙ୍କର ମଙ୍ଗଳ ହେବ ଜାଣି, ତୁମେ ତୁମର ସେହି ପୁରୁଣା ସନ୍ଦେହ ପ୍ରକାଶ କରିଛ । ଯେଉଁମାନେ ନିଜ କାନରେ ଭଗବାନଙ୍କର କଥା ଶୁଣିନାହାନ୍ତି, ସେମାନଙ୍କର କର୍ଣ୍ଣରନ୍ଧ୍ର ସାପଗାତ ସହିତ ସମାନ ॥ ୧॥

**ନୟନନ୍ହି ସଂତ ଦରସ ନହିଁ ଦେଖା । ଲୋଚନ ମୋରପଂଖ କର ଲେଖା ॥**
**ତେ ସିର କଟୁ ତୁଂବରି ସମତୂଲା । ଜେ ନ ନମତ ହରି ଗୁର ପଦ ମୂଲା ॥ ୨ ॥**

ଯେଉଁମାନେ ନିଜ ଆଖିରେ ସନ୍ଥମାନଙ୍କୁ ଦର୍ଶନ କରିନାହାନ୍ତି, ସେମାନଙ୍କର ଆଖି ମୟୂରଚନ୍ଦ୍ରିକା ପରି ନାମକୁମାତ୍ର ଆଖିରେ ଗଣା । ଯେଉଁ ମଥା ଶ୍ରୀହରିଙ୍କର ଓ ଶ୍ରୀଗୁରୁଙ୍କର ଚରଣରେ ନତ ହୁଏ ନାହିଁ, ତାହା ପିତାଲାଉ ପରି ତୁଚ୍ଛ ॥ ୨ ॥

**ଜିହ୍ନ ହରିଭଗତି ହୃଦୟଁ ନହିଁ ଆନୀ । ଜୀୱତ ସୱ ସମାନ ତେଇ ପ୍ରାନୀ ॥**
**ଜୋ ନହିଁ କରଇ ରାମ ଗୁନ ଗାନା । ଜୀହ ସୋ ଦାଦୁର ଜୀହ ସମାନା ॥ ୩ ॥**

ଯେଉଁମାନେ ହୃଦୟରେ ଭଗବଦ୍‌ଭକ୍ତିକୁ ସ୍ଥାନ ଦେଇନାହାନ୍ତି, ସେମାନେ ଜୀଇଁ ଥାଉ ଥାଉ ମୃତସମାନ । ଯେଉଁ ଜିହ୍ୱା ଶ୍ରୀରାମଙ୍କର ଗୁଣଗାନ କରେ ନାହିଁ, ତାହା ବେଙ୍ଗର ଜିହ୍ୱା ସହିତ ସମାନ ॥ ୩ ॥

**କୁଲିସ କଠୋର ନିଠୁର ସୋଇ ଛାତୀ । ସୁନି ହରିଚରିତ ନ ଜୋ ହରଷାତୀ ॥**
**ଗିରିଜା ସୁନହୁ ରାମ କୈ ଲୀଲା । ସୁର ହିତ ଦନୁଜ ବିମୋହନସୀଲା ॥ ୪ ॥**

ଯେଉଁ ହୃଦୟ ଭଗବାନଙ୍କର ଚରିତ୍ର ଶୁଣି ମଧ୍ୟ ହର୍ଷିତ ହୁଏ ନାହିଁ, ତାହା ବଜ୍ର ପରି କଠୋର ଓ ନିଷ୍ଠୁର । ହେ ପାର୍ବତୀ ! ଶ୍ରୀରାମଙ୍କର ଲୀଳା ଶୁଣ । ଏହା ଦେବତାମାନଙ୍କ ପକ୍ଷରେ କଲ୍ୟାଣକାରୀ ଓ ଦୈତ୍ୟମାନଙ୍କ ପକ୍ଷରେ ବିଶେଷ ମୋହକାରକ ॥ ୪ ॥

ଦୋ:- **ରାମକଥା ସୁରଧେନୁ ସମ ସେୱତ ସବ ସୁଖ ଦାନି ।**
**ସତସମାଜ ସୁରଲୋକ ସବ କୋ ନ ସୁନୈ ଅସ ଜାନି ॥ ୧୧୩ ॥**

ଶ୍ରୀରାମଙ୍କ କଥା କାମଧେନୁସଦୃଶ । ସେବା କଲେ ତାହା ସକଳ ସୁଖ ପ୍ରଦାନ କରେ । ସାଧୁପୁରୁଷମାନଙ୍କର ସମାଜହିଁ ସକଳ ଦେବତାଙ୍କର ଭୁବନ । ଏହା ଜାଣିବା ପରେ କିଏ ବା ଏକଥା ନ ଶୁଣିବ ? ॥୧୧୩॥

**ରାମକଥା ସୁଂଦର କର ତାରୀ । ସଂସୟ ବିହଗ ଉଡ଼ାୱନିହାରୀ ॥**
**ରାମକଥା କଲି ବିଟପ କୁଠାରୀ । ସାଦର ସୁନୁ ଗିରିରାଜକୁମାରୀ ॥ ୧ ॥**

ଶ୍ରୀରାମଙ୍କ କଥା ହେଉଛି ସୁନ୍ଦର କରତାଳି ଧ୍ୱନି; ସେହି ତାଳିଧ୍ୱନି ସନ୍ଦେହରୂପୀ ପକ୍ଷୀକୁ ଉଡ଼ାଇଦିଏ । ପୁଣି ରାମକଥା ହେଉଛି କଳିଯୁଗରୂପୀ ବୃକ୍ଷକୁ କାଟିଦେବାର କୁରାଢ଼ିସମାନ । ତେଣୁ ହେ ଗିରିରାଜନନ୍ଦିନୀ ! ତୁମେ ଆଦରର ସହିତ ଏହି କଥା ଶୁଣ ॥ ୧ ॥

**ରାମ ନାମ ଗୁନ ଚରିତ ସୁହାଏ । ଜନମ କରମ ଅଗନିତ ଶ୍ରୁତି ଗାଏ ॥**
**ଜଥା ଅନଂତ ରାମ ଭଗୱାନା । ତଥା କଥା କୀରତି ଗୁନ ନାନା ॥ ୨ ॥**

ବେଦମାନେ କହନ୍ତି, ଶ୍ରୀରାମଙ୍କ ନାମ, ଗୁଣ, ଚରିତ୍ର, ଜନ୍ମ ଓ କର୍ମ—ସବୁ ସୁନ୍ଦର ଓ ଅଗଣିତ । ଭଗବାନ୍ ଶ୍ରୀରାମ ଯେପରି ଅନନ୍ତ, ତାଙ୍କର କଥା, କୀର୍ତ୍ତି ଓ ଗୁଣ ମଧ୍ୟ ସେହିପରି ଅନନ୍ତ ॥ ୨ ॥

**ତଦପି ଜଥା ଶ୍ରୁତ ଜସି ମତି ମୋରୀ । କହିହଉଁ ଦେଖି ପ୍ରୀତି ଅତି ତୋରୀ ॥**
**ଉମା ପ୍ରସ୍ନ ତଓ୍ୱ ସହଜ ସୁହାଈ । ସୁଖଦ ସଂତସଂମତ ମୋହି ଭାଈ ॥ ୩ ॥**

ତଥାପି ତୁମର ଅତ୍ୟନ୍ତ ପ୍ରୀତି ଦେଖି, ମୁଁ ଯାହାକିଛି ଶୁଣିଛି, ମୋର ଯେତିକି ବୁଦ୍ଧି, ସେହି ଅନୁସାରେ ମୁଁ ରାମକଥା କହିବି । ହେ ପାର୍ବତୀ ! ତୁମର ପ୍ରଶ୍ନ ସ୍ୱଭାବତଃ ସୁନ୍ଦର, ସୁଖଦାୟକ ଓ ସନ୍ଥସମ୍ମତ । ମୋତେ ତୁମ ପ୍ରଶ୍ନ ବିଶେଷ ଭଲ ଲାଗିଲା ॥ ୩ ॥

**ଏକ ବାତ ନହିଁ ମୋହି ସୋହାନୀ । ଜଦପି ମୋହ ବସ କହେହୁ ଭଓ୍ୱାନୀ ॥**
**ତୁମ୍ହ ଜୋ କହା ରାମ କୋଉ ଆନା । ଜେହି ଶ୍ରୁତି ଗାଓ୍ୱ ଧରହିଁ ମୁନି ଧ୍ୟାନା ॥ ୪ ॥**

କିନ୍ତୁ ହେ ପାର୍ବତୀ ! ତୁମର ଗୋଟିଏ କଥା ମୋତେ ଭଲ ଲାଗିଲା ନାହିଁ—ଯଦି ବା ତାହା ତୁମେ ମୋହବଶତଃ କହିଦେଇଛ । ତୁମେ କହିଲ, 'ଯାହାଙ୍କ କୀର୍ତ୍ତି ବେଦମାନେ ଗାନ କରନ୍ତି ଓ ଯାହାଙ୍କୁ ମୁନିଜନ ଧ୍ୟାନ କରନ୍ତି, ସେହି ରାମ ଅନ୍ୟ କେହି ଜଣେ କି ?' ॥ ୪ ॥

ଦୋଃ- **କହହିଁ ସୁନହିଁ ଅସ ଅଧମ ନର ଗ୍ରସେ ଜେ ମୋହ ପିସାଚ ।**
**ପାଷଂଡୀ ହରି ପଦ ବିମୁଖ ଜାନହିଁ ଝୂଠ ନ ସାଚ ॥ ୧୧୪ ॥**

ଯେଉଁମାନଙ୍କୁ ମୋହରୂପୀ ପିଶାଚ ଗ୍ରାସିଥାଏ, ଯେଉଁମାନେ ପାଷଣ୍ଡ, ଭଗବଦ୍‌ଚରଣ ପ୍ରତି ବିମୁଖ ଏବଂ ଯେଉଁମାନେ ମିଛ କ'ଣ, ସତ କ'ଣ ଜାଣନ୍ତି ନାହିଁ, ସେପରି ଅଧମ ମନୁଷ୍ୟମାନେହିଁ ଏପରି କହନ୍ତି ଓ ଶୁଣନ୍ତି ॥ ୧୧୪ ॥

**ଅଗ୍ୟ ଅକୋବିଦ ଅଂଧ ଅଭାଗୀ । କାଈ ବିଷୟ ମୁକୁର ମନ ଲାଗୀ ॥**
**ଲଂପଟ କପଟୀ କୁଟିଲ ବିସେଷୀ । ସପନେହୁଁ ସଂତସଭା ନହିଁ ଦେଖୀ ॥ ୧ ॥**

ଯେଉଁମାନେ ଅଜ୍ଞାନ, ମୂର୍ଖ, ଅନ୍ଧ ଓ ଭାଗ୍ୟହୀନ ଏବଂ ଯେଉଁମାନଙ୍କର ମନରୂପୀ ଦର୍ପଣ ଉପରେ ବିଷୟରୂପୀ ମଇଳା ଜମିଯାଇଥାଏ, ଯେଉଁମାନେ ବ୍ୟଭିଚାରୀ, କପଟୀ ଓ ଅତି କୁଟିଳ ଏବଂ କେବେ ସ୍ୱପ୍ନରେ ବି ସାଧୁସମାଜ ଦେଖିନାହାନ୍ତି, ॥ ୧ ॥

**କହହିଁ ତେ ବେଦ ଅସଂମତ ବାନୀ । ଜିନ୍ହ କେଁ ସୂଝ ଲାଭୁ ନହିଁ ହାନୀ ॥**
**ମୁକୁର ମଲିନ ଅରୁ ନୟନ ବିହୀନା । ରାମ ରୂପ ଦେଖହିଁ କିମି ଦୀନା ॥ ୨ ॥**

ପୁଣି ଯେଉଁମାନେ ନିଜର ଲାଭକ୍ଷତି ସ୍ଥିର କରିପାରନ୍ତି ନାହିଁ, ସେହିମାନେହିଁ ଏପରି ବେଦବିରୁଦ୍ଧ କଥା କହନ୍ତି । ଯେଉଁମାନଙ୍କର ହୃଦୟଦର୍ପଣ ମଳିନ ଓ ଯେଉଁମାନେ ନେତ୍ରହୀନ, ସେହି ବିଚରାମାନେ କିପରି ଶ୍ରୀରାମଙ୍କ ରୂପ ଦର୍ଶନ କରିପାରିବେ ! ॥ ୨ ॥

**ଜିନ୍ହ କେଁ ଅଗୁନ ନ ସଗୁନ ବିବେକା । ଜଲ୍ପହିଁ କଲ୍ପିତ ବଚନ ଅନେକା ॥**
**ହରିମାୟା ବସ ଜଗତ ଭ୍ରମାହୀଁ । ତିନ୍ହହି କହତ କଛୁ ଅଘଟିତ ନାହୀଁ ॥ ୩ ॥**

ଯେଉଁମାନଙ୍କର ନିର୍ଗୁଣ-ସଗୁଣ ସମ୍ବନ୍ଧରେ କୌଣସି ବିଚାରବିବେକ ନାହିଁ, ଯେଉଁମାନେ ନାନା ମନଗଢ଼ା କଥା କହନ୍ତି ଓ ଶ୍ରୀହରିଙ୍କ ମାୟାର ବଶ ହୋଇ ସଂସାର(ଜନ୍ମମୃତ୍ୟୁଚକ୍ର)ରେ ଘୂରୁଥାନ୍ତି, ସେମାନଙ୍କ ପକ୍ଷରେ ପାଟିକୁ ଯେପରି ଆସିଲା, ସେପରି କିଛି କହିଦେବା ଅସମ୍ଭବ ନୁହେଁ ॥ ୩ ॥

**ବାତୁଲ ଭୂତ ବିବସ ମତଓ୍ୱାରେ । ତେ ନହିଁ ବୋଲହିଁ ବଚନ ବିଚାରେ ॥**
**ଜିନ୍ହ କୃତ ମହାମୋହ ମଦ ପାନା । ତିନ୍ହ କର କହା କରିଅ ନହିଁ କାନା ॥ ୪ ॥**

ଯେଉଁମାନେ [ସନ୍ନିପାତ, ଉନ୍ମାଦ ଆଦି] ବାୟୁରୋଗରେ ପୀଡ଼ିତ, ଯେଉଁମାନଙ୍କୁ ଭୂତପ୍ରେତ ଲାଗିଥାନ୍ତି, ଯେଉଁମାନେ ନିଶା ଖାଇ ମାତାଲ, ସେମାନେ ବୁଝିବିଚାରି କଥା କହନ୍ତି ନାହିଁ । ଯେଉଁମାନେ ମହାମୋହରୂପୀ ମଦିରା ପାନ କରିଛନ୍ତି, ସେମାନଙ୍କ କଥାରେ କାନ ଦେବା ଉଚିତ ନୁହେଁ ॥ ୪ ॥

ସୋ:- **ଅସ ନିଜ ହୃଦୟଁ ବିଚାରି ତଜୁ ସଂସୟ ଭଜୁ ରାମ ପଦ।**
**ସୁନୁ ଗିରିରାଜ କୁମାରି ଭ୍ରମ ତମ ରବି କର ବଚନ ମମ ॥ ୧୧୫ ॥**

ହୃଦୟରେ ଏହା ବିଚାର କରି ସନ୍ଦେହ ଛାଡ଼ିଦିଅ ଏବଂ ଶ୍ରୀରାମଙ୍କ ଚରଣକୁ ଭଜନ କର । ହେ ପାର୍ବତୀ ! ଭ୍ରମରୂପୀ ଅନ୍ଧକାର ଦୂର କରିବା ନିମନ୍ତେ ମୋର ସୂର୍ଯ୍ୟକିରଣସମ ବଚନ ଶୁଣ ॥ ୧୧୫ ॥

**ସଗୁନହି ଅଗୁନହି ନହିଁ କଛୁ ଭେଦା । ଗାୱହିଁ ମୁନି ପୁରାନ ବୁଧ ବେଦା ॥**
**ଅଗୁନ ଅରୂପ ଅଲଖ ଅଜ ଜୋଈ । ଭଗତ ପ୍ରେମ ବସ ସଗୁନ ସୋ ହୋଈ ॥ ୧ ॥**

ସଗୁଣ ଓ ନିର୍ଗୁଣ ମଧ୍ୟରେ କୌଣସି ପ୍ରଭେଦ ନାହିଁ—ଏକଥା ମୁନି, ପୁରାଣ, ପଣ୍ଡିତ ଓ ବେଦମାନେ କହନ୍ତି । ଯେ ନିର୍ଗୁଣ, ଅରୂପ (ନିରାକାର), ଅବ୍ୟକ୍ତ ଓ ଅଜନ୍ମା, ସେ ହିଁ ଭକ୍ତମାନଙ୍କ ପ୍ରେମର ଅଧୀନ ହୋଇ ସଗୁଣ ହୋଇଯାଆନ୍ତି ॥ ୧ ॥

**ଜୋ ଗୁନ ରହିତ ସଗୁନ ସୋଇ କୈସେଁ । ଜଲୁ ହିମ ଉପଲ ବିଲଗ ନହିଁ ଜୈସେଁ ॥**
**ଜାସୁ ନାମ ଭ୍ରମ ତିମିର ପତଂଗା । ତେହି କିମି କହିଅ ବିମୋହ ପ୍ରସଂଗା ॥ ୨ ॥**

ଯେ ନିର୍ଗୁଣ, ସେ ସଗୁଣ ହୁଅନ୍ତି କିପରି ? ଯେପରି ଜଳ ଓ କୁଆପଥର ମଧ୍ୟରେ ପ୍ରଭେଦ ନ ଥାଏ— ଉଭୟେ ଜଳ, ଠିକ୍ ସେହିପରି ନିର୍ଗୁଣ ଓ ସଗୁଣ ଏକାତତ୍ତ୍ୱମାତ୍ର । ଭ୍ରମରୂପୀ ଅନ୍ଧକାରକୁ ଦୂର କରିବା ନିମନ୍ତେ ଯାହାଙ୍କର ନାମ ସୂର୍ଯ୍ୟସମାନ, ସେହି ଶ୍ରୀରାମଙ୍କୁ ମୋହ ଗ୍ରାସ କରିବାର ପ୍ରଶ୍ନ ଆସିଲା କେଉଁଠୁ ? ॥ ୨ ॥

**ରାମ ସଚ୍ଚିଦାନଂଦ ଦିନେସା । ନହିଁ ତହଁ ମୋହ ନିସା ଲୱଲେସା ॥**
**ସହଜ ପ୍ରକାସରୂପ ଭଗୱାନା । ନହିଁ ତହଁ ପୁନି ବିଗ୍ୟାନ ବିହାନା ॥ ୩ ॥**

ଶ୍ରୀରାମଚନ୍ଦ୍ର ହେଉଛନ୍ତି ସଚ୍ଚିଦାନନ୍ଦସ୍ୱରୂପ ସୂର୍ଯ୍ୟ; ତାଙ୍କ ଠାରେ ମୋହରୂପୀ ରାତ୍ରିର ଲେଶମାତ୍ର ସ୍ଥାନ ନାହିଁ । ସେ ସ୍ୱଭାବତଃ ପ୍ରକାଶରୂପ ଏବଂ [ଷଡ଼ୈଶ୍ୱର୍ଯ୍ୟଯୁକ୍ତ] ଭଗବାନ୍ । ତାଙ୍କ ପାଖରେ ତ ବିଜ୍ଞାନରୂପୀ ପ୍ରାତଃକାଳ ମଧ୍ୟ ହୁଏ ନାହିଁ । (ଅଜ୍ଞାନରୂପୀ ରାତ୍ରି ଥିଲେ ସିନା ବିଜ୍ଞାନରୂପୀ ପ୍ରାତଃକାଳ ହୁଅନ୍ତା; ଭଗବାନ୍ ତ ନିତ୍ୟ ଜ୍ଞାନସ୍ୱରୂପ। ) ॥ ୩ ॥

**ହରଷ ବିଷାଦ ଗ୍ୟାନ ଅଗ୍ୟାନା । ଜୀୱ ଧର୍ମ ଅହମିତି ଅଭିମାନା ॥**
**ରାମ ବ୍ରହ୍ମ ବ୍ୟାପକ ଜଗ ଜାନା । ପରମାନଂଦ ପରେସ ପୁରାନା ॥ ୪ ॥**

ହର୍ଷ, ଶୋକ, ଜ୍ଞାନ, ଅଜ୍ଞାନ, ଅହଂତ୍ୱ ଓ ଅଭିମାନ—ଏସବୁ ହେଉଛି ଜୀବର ଧର୍ମ । କିନ୍ତୁ ସାରା ଜଗତ୍ ଜାଣେ ଯେ, ଶ୍ରୀରାମ ହେଉଛନ୍ତି ବ୍ୟାପକବ୍ରହ୍ମ, ପରମାନନ୍ଦସ୍ୱରୂପ, ପରାତ୍ପର ପ୍ରଭୁ ଓ ପୁରାଣପୁରୁଷ ॥ ୪ ॥

ଦୋ:- **ପୁରୁଷ ପ୍ରସିଦ୍ଧ ପ୍ରକାସ ନିଧି ପ୍ରଗଟ ପରାୱର ନାଥ ।**
**ରଘୁକୁଲମନି ମମ ସ୍ୱାମି ସୋଇ କହି ସିୱଁ ନାୟଉ ମାଥ ॥ ୧୧୬ ॥**

ଯେ ପୁରାଣପୁରୁଷ, ଯେ ପ୍ରସିଦ୍ଧ, ଯେ ଜ୍ୟୋତିର ଭଣ୍ଡାର, ଯେ ସକଳରୂପରେ ପ୍ରକଟ ହୋଇଛନ୍ତି, ଯେ ଜୀବ, ମାୟା ଓ ଜଗତ୍—ସମସ୍ତଙ୍କର ସ୍ୱାମୀ, ସେହି ରଘୁକୁଳମଣି ଶ୍ରୀରାମ ହେଉଛନ୍ତି ମୋର ସ୍ୱାମୀ—ଏହା କହି ଶିବ [ଶ୍ରୀରାମଙ୍କ ଉଦ୍ଦେଶ୍ୟରେ] ନତମସ୍ତକ ହୋଇ ପ୍ରଣାମ କଲେ ॥ ୧୧୬ ॥

**ନିଜ ଭ୍ରମ ନହିଁ ସମୁଝହିଁ ଅଗ୍ୟାନୀ । ପ୍ରଭୁ ପର ମୋହ ଧରହିଁ ଜଡ଼ ପ୍ରାନୀ ॥**
**ଜଥା ଗଗନ ଘନ ପଟଲ ନିହାରୀ । ଝାଁପେଉ ଭାନୁ କହହିଁ କୁବିଗ୍ଚାରୀ ॥ ୧ ॥**

ଆକାଶରେ ମେଘର ଆବରଣ ଦେଖି ଅଜ୍ଞାନମାନେ ଯେପରି କହନ୍ତି ଯେ, ମେଘ ସୂର୍ଯ୍ୟଙ୍କୁ ଢାଙ୍କିଦେଲା । ଠିକ୍ ସେହିପରି ଅଜ୍ଞାନ ଲୋକେ ନିଜର ଭ୍ରମ ବୁଝିପାରନ୍ତି ନାହିଁ । ସେହି ମୂର୍ଖମାନେ ନିଜ ଅଜ୍ଞାନକୁ ପ୍ରଭୁ ଶ୍ରୀରାମଙ୍କ ଉପରେ ଆରୋପ କରନ୍ତି ॥ ୧ ॥

**ଚିତୱ ଜୋ ଲୋଚନ ଅଂଗୁଲି ଲାଏଁ । ପ୍ରଗଟ ଜୁଗଲ ସସି ତେହି କେ ଭାଏଁ ॥**
**ଉମା ରାମ ବିଷଇକ ଅସ ମୋହା । ନଭ ତମ ଧୂମ ଧୂରି ଜିମି ସୋହା ॥ ୨ ॥**

ଯେଉଁ ଲୋକ ଆଖିରେ ଆଙ୍ଗୁଠି ଦେଇ ଦେଖେ, ତାକୁ ଦୁଇଟି ଚନ୍ଦ୍ର ଦେଖାଯାଏ । ହେ ପାର୍ବତୀ ! ଆକାଶ ଉପରେ ଅନ୍ଧକାର, ଧୂଆଁ ଓ ଧୂଳି ଆରୋପ କରିବା ଯେପରି ମୂର୍ଖତା, ଶ୍ରୀରାମଙ୍କ ଉପରେ ମୋହ ଆରୋପ କରିବା ସେହିପରି ମୂର୍ଖତା । (ଆକାଶ ପ୍ରକୃତରେ ନିର୍ମଳ ଓ ନିର୍ଲେପ; ତାହାକୁ ମଳିନତା ସ୍ପର୍ଶ କରିପାରେନା । ଭଗବାନ୍ ଶ୍ରୀରାମଚନ୍ଦ୍ର ସେହିପରି ନିତ୍ୟ, ନିର୍ମଳ ଓ ନିର୍ଲେପ) ॥ ୨ ॥

**ବିଷୟ କରନ ସୁର ଜୀୱ ସମେତା । ସକଲ ଏକ ତେଁ ଏକ ସଚେତା ॥**
**ସବ କର ପରମ ପ୍ରକାସକ ଜୋଈ । ରାମ ଅନାଦି ଅୱଧପତି ସୋଈ ॥ ୩ ॥**

ବିଷୟ, ଇନ୍ଦ୍ରିୟ, ଇନ୍ଦ୍ରିୟମାନଙ୍କର ଦେବତା ଓ ଜୀବାତ୍ମା—ଏମାନେ ଏକ ଆରେକର ସାହାଯ୍ୟରେ ଚେତନ ହୋଇଥାନ୍ତି (ଅର୍ଥାତ୍ ବିଷୟଗୁଡ଼ିକ ଇନ୍ଦ୍ରିୟମାନଙ୍କ ଦ୍ୱାରା, ଇନ୍ଦ୍ରିୟମାନେ ଇନ୍ଦ୍ରିୟମାନଙ୍କର ଦେବତାମାନଙ୍କ ଦ୍ୱାରା ଏବଂ ଇନ୍ଦ୍ରିୟମାନଙ୍କର ଦେବତାମାନେ ଚେତନ ଜୀବାତ୍ମାଦ୍ୱାରା ପ୍ରକାଶିତ ହୁଅନ୍ତି ।) ଏସବୁର ଯେ ପରମ-ପ୍ରକାଶକ (ଅର୍ଥାତ୍ ଯାହାଙ୍କ ଦ୍ୱାରା ଏସବୁ ପ୍ରକାଶିତ ହୁଅନ୍ତି), ସେ ହେଉଛନ୍ତି ଅନାଦି ବ୍ରହ୍ମ ଅଯୋଧ୍ୟାନରେଶ ଶ୍ରୀରାମ ॥ ୩ ॥

**ଜଗତ ପ୍ରକାସ୍ୟ ପ୍ରକାସକ ରାମୂ । ମାୟାଧୀସ ଗ୍ୟାନ ଗୁନ ଧାମୂ ॥**
**ଜାସୁ ସତ୍ୟତା ତେଁ ଜଡ଼ ମାୟା । ଭାସ ସତ୍ୟ ଇୱ ମୋହ ସହାୟା ॥ ୪ ॥**

ଏହି ଜଗତ୍ ହେଉଛି ପ୍ରକାଶ୍ୟ ଏବଂ ଶ୍ରୀରାମ ହେଉଛନ୍ତି ଏହାର ପ୍ରକାଶକ । ସେ ହେଉଛନ୍ତି ମାୟାର ସ୍ୱାମୀ ଏବଂ ଜ୍ଞାନ ତଥା ଗୁଣର ଧାମ । ତାଙ୍କରି ସତ୍ତା ହେତୁ 'ମୋହ'ର ସାହାଯ୍ୟ ପାଇ ଜଡ଼ ମାୟା ମଧ୍ୟ ସତ୍ୟ ପରି ପ୍ରତୀୟମାନ ହୁଏ ॥ ୪ ॥

ଦୋ:- **ରଜତ ସୀପ ମହୁଁ ଭାସ ଜିମି ଜଥା ଭାନୁ କର ବାରି ।**
**ଜଦପି ମୃଷା ତିହୁଁ କାଲ ସୋଇ ଭ୍ରମ ନ ସକଇ କୋଉ ଟାରି ॥ ୧୧୭ ॥**

ଶିପ ରୂପା ପରି ଏବଂ ସୂର୍ଯ୍ୟକିରଣ (ମରୀଚିକା) ଜଳ ପରି ପ୍ରତୀତ ହୁଏ । ଯଦ୍ୟପି ଏହି ପ୍ରତୀତି ତ୍ରିକାଳରେ ମିଥ୍ୟା, ତଥାପି ଏହି ଭ୍ରମକୁ କେହି ଦୂର କରିପାରିବ ନାହିଁ ॥ ୧୧୭ ॥

**ଏହି ବିଧି ଜଗ ହରି ଆଶ୍ରିତ ରହଈ । ଜଦପି ଅସତ୍ୟ ଦେତ ଦୁଖ ଅହଈ ॥**
**ଜୌଁ ସପନେଁ ସିର କାଟୈ କୋଈ । ବିନୁ ଜାଗେଁ ନ ଦୂରି ଦୁଖ ହୋଈ ॥ ୧ ॥**

ମୁଣ୍ଡ କଟିଗଲା ବୋଲି ସ୍ୱପ୍ନ ଦେଖିଲେ ଯେଉଁ ଦୁଃଖ ହୁଏ, ନିଦ ନ ଭାଙ୍ଗିବା ପର୍ଯ୍ୟନ୍ତ ଯେପରି ସେହି ଦୁଃଖ ଦୂର ହୁଏ ନାହିଁ, ଠିକ୍ ସେହିପରି ଯଦ୍ୟପି ଏହି ଜଗତ୍ ଅସତ୍ୟ, ତଥାପି ଏହା (ଭ୍ରମଜନିତ) ଦୁଃଖ ଦେଇଥାଏ । ଏହି ମାୟାଜଗତ୍ ଭଗବାନଙ୍କ ଠାରେ ଆଶ୍ରିତ ॥ ୧ ॥

**ଜାସୁ କୃପାଁ ଅସ ଭ୍ରମ ମିଟି ଜାଈ । ଗିରିଜା ସୋଇ କୃପାଲ ରଘୁରାଈ ॥**
**ଆଦି ଅଂତ କୋଉ ଜାସୁ ନ ପାୱା । ମତି ଅନୁମାନି ନିଗମ ଅସ ଗାୱା ॥ ୨ ॥**

ହେ ପାର୍ବତୀ ! ଯାହାଙ୍କ କୃପା ହେଲେ ଏପରି ଭ୍ରମ ତୁଟିଯାଏ, ସେ ହେଉଛନ୍ତି ସେହି କୃପାଳୁ ଶ୍ରୀରଘୁନାଥ । କେହି ତାଙ୍କର ଆଦି କି ଅନ୍ତ ପାଇନାହାନ୍ତି । ବେଦଗଣ ନିଜ ବୁଦ୍ଧିରେ ଅନୁମାନ କରି ତାଙ୍କ ବିଷୟରେ ଯେଉଁ ଗାନ କରିଛନ୍ତି ତାହା ହେଲା–॥ ୨ ॥

**ବିନୁ ପଦ ଚଲଇ ସୁନଇ ବିନୁ କାନା । କର ବିନୁ କରମ କରଇ ବିଧି ନାନା ॥**
**ଆନନ ରହିତ ସକଲ ରସ ଭୋଗୀ । ବିନୁ ବାନୀ ବକତା ବଡ଼ ଜୋଗୀ ॥ ୩ ॥**

ସେହି ବ୍ରହ୍ମ ବିନା-ପାଦରେ ଚାଲନ୍ତି, ବିନା-କର୍ଣ୍ଣରେ ଶୁଣନ୍ତି, ବିନା-ହସ୍ତରେ ନାନାପ୍ରକାରେ କର୍ମ କରନ୍ତି । ସେ ବିନା-ମୁଖ(ଜିଭ)ରେହିଁ ସମସ୍ତ ରସ (ଷଡ଼ ରସ) ଆସ୍ୱାଦନ କରନ୍ତି; ଏବଂ ବିନା-ବାଣୀରେ ସେ ସୁଯୋଗ୍ୟ ବକ୍ତା ଅଟନ୍ତି ॥ ୩ ॥

**ତନ ବିନୁ ପରସ ନୟନ ବିନୁ ଦେଖା । ଗ୍ରହଇ ଘ୍ରାନ ବିନୁ ବାସ ଅସେଷା ॥**
**ଅସି ସବ ଭାଁତି ଅଲୌକିକ କରନୀ । ମହିମା ଜାସୁ ଜାଇ ନହିଁ ବରନୀ ॥ ୪ ॥**

ସେ ବିନା-ଶରୀର(ଚର୍ମ)ରେ ସ୍ପର୍ଶ କରନ୍ତି, ବିନା-ଚକ୍ଷୁରେ ଦର୍ଶନ କରନ୍ତି ଓ ବିନା-ନାସାରେ ସମସ୍ତ ଗନ୍ଧ ଗ୍ରହଣ (ଆଘ୍ରାଣ) କରନ୍ତି । ସେହି ବ୍ରହ୍ମଙ୍କର କାର୍ଯ୍ୟକଳାପ ସବୁଦୃଷ୍ଟିରୁ ଏତେ ଅଲୌକିକ ଯେ, ତାହାଙ୍କର ମହିମା ଭାଷାରେ କହିହେବ ନାହିଁ ॥ ୪ ॥

ଦୋଃ- **ଜେହି ଇମି ଗାୱହିଁ ବେଦ ବୁଧ ଜାହି ଧରହିଁ ମୁନି ଧ୍ୟାନ ।**
**ସୋଇ ଦସରଥ ସୁତ ଭଗତ ହିତ କୋସଲପତି ଭଗୱାନ ॥ ୧୧୮ ॥**

ବେଦ ଓ ପଣ୍ଡିତଗଣ ଯାହାଙ୍କର ଏହିପରି ବର୍ଣ୍ଣନା କରନ୍ତି ଓ ମୁନିଗଣ ଯାହାଙ୍କ ଧ୍ୟାନରେ ମଗ୍ନ ହୁଅନ୍ତି, ସେ ହେଉଛନ୍ତି ସେହି ଦଶରଥନନ୍ଦନ, ଭକ୍ତଜନହିତକାରୀ, ଅଯୋଧ୍ୟାର ସ୍ୱାମୀ ଭଗବାନ୍ ଶ୍ରୀରାମ ॥ ୧୧୮ ॥

**କାସୀଁ ମରତ ଜଂତୁ ଅୱଲୋକୀ । ଜାସୁ ନାମ ବଲ କରଉଁ ବିସୋକୀ ॥**
**ସୋଇ ପ୍ରଭୁ ମୋର ଚରାଚର ସ୍ୱାମୀ । ରଘୁବର ସବ ଉର ଅଂତରଜାମୀ ॥ ୧ ॥**

[ହେ ପାର୍ବତୀ !] କାଶୀରେ ମରୁଥିବା ପ୍ରାଣୀମାନଙ୍କୁ ଯାହାଙ୍କ ନାମବଳରେ ମୁଁ ଶୋକରହିତ କରିଦିଏ (ଅର୍ଥାତ୍ ଯାହାଙ୍କ ନାମରୂପୀ ମନ୍ତ୍ର ଶୁଣାଇ ମୁକ୍ତ କରିଦିଏ), ସେ ହେଉଛନ୍ତି ମୋର ସେହି ପ୍ରଭୁ ରଘୁଶ୍ରେଷ୍ଠ ଶ୍ରୀରାମ । ସେ ହେଉଛନ୍ତି ଜଡ଼ ଓ ଚେତନ ଉଭୟର ସ୍ୱାମୀ ଏବଂ ସମସ୍ତଙ୍କର ଅନ୍ତର୍ଯାମୀ ॥ ୧ ॥

**ବିବସହୁଁ ଜାସୁ ନାମ ନର କହହୀଁ । ଜନମ ଅନେକ ରଚିତ ଅଘ ଦହହୀଁ ॥**
**ସାଦର ସୁମିରନ ଜେ ନର କରହୀଁ । ଭୱ ବାରିଧି ଗୋପଦ ଇୱ ତରହୀଁ ॥ ୨ ॥**

ଯାହାଙ୍କର ନାମ ଅନିଚ୍ଛାସତ୍ତ୍ୱେ ଧରିଲେ ସୁଦ୍ଧା ମନୁଷ୍ୟମାନଙ୍କର ବହୁଜନ୍ମର କୃତ ପାପ ଜଳି ଭସ୍ମ ହୋଇଯାଏ, ଯାହାଙ୍କର ନାମ ଆଦରପୂର୍ବକ ସ୍ମରଣ କରୁଥିବା ଲୋକେ ସଂସାରରୂପୀ ଦୁସ୍ତର ସାଗରକୁ ଗୋଷ୍ପଦ ପରି ଲଂଘନ କରିଯାନ୍ତି, (ଅର୍ଥାତ୍ ଗୋରୁ ଖୋଜକୁ ପାରି ହେବା ପରି ଅକ୍ଳେଶରେ ପାରି ହୋଇଯାଆନ୍ତି), ॥ ୨ ॥

**ରାମ ସୋ ପରମାତମା ଭୱାନୀ । ତହଁ ଭ୍ରମ ଅତି ଅବିହିତ ତୱ ବାନୀ ॥**
**ଅସ ସଂସୟ ଆନତ ଉର ମାହୀଁ । ଗ୍ୟାନ ବିରାଗ ସକଲ ଗୁନ ଜାହୀଁ ॥ ୩ ॥**

ହେ ପାର୍ବତୀ ! ଶ୍ରୀରାମ ହେଉଛନ୍ତି ସେହି ପରମାତ୍ମା । ତାଙ୍କ ଠାରେ ବି ଭ୍ରମ ଦେଖିବାକୁ ମିଳେ ବୋଲି ତୁମେ ଯାହା କହିଲ, ସେପରି କହିବା ନିତାନ୍ତ ଅନୁଚିତ । ମନରେ ଏପରି ସନ୍ଦେହ ଆସିଯିବାକ୍ଷଣି ମନୁଷ୍ୟର ଜ୍ଞାନ, ବୈରାଗ୍ୟ ଆଦି ସମସ୍ତ ସଦ୍‌ଗୁଣ ଲୋପ ପାଇଯାଏ ।'' ॥ ୩ ॥

**ସୁନି ସିଓ୍ୱ କେ ଭ୍ରମ ଭଂଜନ ବଚନା । ମିଟି ଗୈ ସବ କୁତରକ କୈ ରଚନା ॥**
**ଭଇ ରଘୁପତି ପଦ ପ୍ରୀତି ପ୍ରତୀତୀ । ଦାରୁନ ଅସଂଭାଓ୍ୱନା ବୀତୀ ॥ ୪ ॥**

ଶିବଙ୍କର ଭ୍ରମନାଶକାରୀ ବଚନ ଶୁଣି ପାର୍ବତୀଙ୍କ ମନରୁ ସମସ୍ତ କୁତର୍କର ଭାବନା ନଷ୍ଟ ହୋଇଗଲା । ଶ୍ରୀରାମଙ୍କ ଚରଣରେ ତାଙ୍କର ପ୍ରେମ ଓ ବିଶ୍ୱାସ ହୋଇଗଲା ଏବଂ ତାଙ୍କ ମନରୁ ଦାରୁଣ ଅସମ୍ଭାବନା (ମିଥ୍ୟା କଳ୍ପନା) ଦୂର ହୋଇଗଲା ॥ ୪ ॥

ଦୋ:- **ପୁନି ପୁନି ପ୍ରଭୁ ପଦ କମଲ ଗହି ଜୋରି ପଂକରୁହ ପାନି ।**
**ବୋଲୀଁ ଗିରିଜା ବଚନ ବର ମନହୁଁ ପ୍ରେମ ରସ ସାନି ॥ ୧୧୯ ॥**

ବାରମ୍ବାର ସ୍ୱାମୀଙ୍କ ପାଦପଦ୍ମ ଧରି ଏବଂ ନିଜର କରକମଳ ଯୋଡ଼ି ପାର୍ବତୀ ପ୍ରେମରସରେ ସିକ୍ତ ମଧୁର ବଚନ କହିଲେ, ॥ ୧୧୯ ॥

**ସସି କର ସମ ସୁନି ଗିରା ତୁହ୍ମାରୀ । ମିଟା ମୋହ ସରଦାତପ ଭାରୀ ॥**
**ତୁହ୍ମ କୃପାଲ ସବୁ ସଂସଉ ହରେଉ । ରାମ ସ୍ୱରୂପ ଜାନି ମୋହି ପରେଉ ॥ ୧ ॥**

''ଆପଣଙ୍କ ଚନ୍ଦ୍ରକିରଣସମ ଶୀତଳବଚନ ଶୁଣି ମୋର ଅଜ୍ଞାନରୂପୀ ଶରତ୍ ଋତୁର ପ୍ରଖର ତାପ (ଅର୍ଥାତ୍ ଆଶ୍ୱିନମାସର ରୌଦ୍ରତାପ) ଦୂର ହୋଇଗଲା । ହେ କୃପାଳୁ ! ଆପଣ ମୋର ସକଳ ସନ୍ଦେହ ହରଣ କରିନେଲେ । ଶ୍ରୀରାମଙ୍କର ଯଥାର୍ଥସ୍ୱରୂପ ମୋତେ ଜଣା ପଡ଼ିଗଲା ॥ ୧ ॥

**ନାଥ କୃପାଁ ଅବ ଗୟଉ ବିଷାଦା । ସୁଖୀ ଭୟଉଁ ପ୍ରଭୁ ଚରନ ପ୍ରସାଦା ॥**
**ଅବ ମୋହି ଆପନି କିଂକରି ଜାନୀ । ଜଦପି ସହଜ ଜଡ଼ ନାରି ଅୟାନୀ ॥ ୨ ॥**
**ପ୍ରଥମ ଜୋ ମୈଁ ପୂଛା ସୋଇ କହହୂ । ଜୌଁ ମୋ ପର ପ୍ରସନ୍ନ ପ୍ରଭୁ ଅହହୂ ॥**
**ରାମ ବ୍ରହ୍ମ ଚିନମୟ ଅବିନାସୀ । ସର୍ବ ରହିତ ସବ ଉର ପୁର ବାସୀ ॥ ୩ ॥**
**ନାଥ ଧରେଉ ନରତନୁ କେହି ହେତୂ । ମୋହି ସମୁଝାଇ କହହୁ ବୃଷକେତୂ ॥**
**ଉମା ବଚନ ସୁନି ପରମ ବିନୀତା । ରାମକଥା ପର ପ୍ରୀତି ପୁନୀତା ॥ ୪ ॥**

ହେ ନାଥ ! ଆପଣଙ୍କ କୃପାରୁ ମୋର ସମସ୍ତ ବିଷାଦ ଦୂର ହୋଇଗଲା ଏବଂ ଆପଣଙ୍କ ଚରଣର ଅନୁଗ୍ରହରୁ ମୁଁ ସୁଖୀ ହୋଇଗଲି । ଯଦ୍ୟପି ନାରୀ ହୋଇଥିବାରୁ ମୁଁ ସ୍ୱଭାବତଃ ମୂର୍ଖ ଓ ଅଜ୍ଞାନ, ତଥାପି ଯଦି ଆପଣ ମୋତେ ନିଜର ଦାସୀ ବୋଲି ଜାଣି ମୋ ଉପରେ ପ୍ରସନ୍ନ ହୋଇଛନ୍ତି, ତେବେ ମୁଁ ପ୍ରଥମେ ଯାହା ପଚାରିଥିଲି, ତାହା କହନ୍ତୁ । ଏହା ସତ୍ୟ ଯେ, ଶ୍ରୀରାମ ବ୍ରହ୍ମ, ଚିନ୍ମୟ (ଜ୍ଞାନସ୍ୱରୂପ), ଅବିନାଶୀ, ସବୁଥିରୁ ରହିତ ଏବଂ ସମସ୍ତଙ୍କ ହୃଦୟରେ ନିବାସ କରନ୍ତି, ତଥାପି ହେ ନାଥ ! ସେ କାହିଁକି ମନୁଷ୍ୟଶରୀର ଧାରଣ କଲେ, ହେ ବୃଷକେତୁ ! ତାହା ମୋତେ ବୁଝାଇ କହନ୍ତୁ ।'' ପାର୍ବତୀଙ୍କର ଅତ୍ୟନ୍ତ ନମ୍ର ବଚନ ଶୁଣି ଏବଂ ଶ୍ରୀରାମଙ୍କ କଥାରେ ତାଙ୍କର ବିଶୁଦ୍ଧ ପ୍ରେମ ଥିବା ଦେଖି ॥ ୨—୪ ॥

ଦୋ:- **ହିୟଁ ହରଷେ କାମାରି ତବ ସଂକର ସହଜ ସୁଜାନ ।**
**ବହୁ ବିଧି ଉମହି ପ୍ରସଂସି ପୁନି ବୋଲେ କୃପାନିଧାନ ॥୧୨୦(କ)॥**

କାମଦେବଙ୍କର ଶତ୍ରୁ, ସ୍ୱଭାବତଃ ଜ୍ଞାନସ୍ୱରୂପ, କୃପାନିଧାନ ଶିବ ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ପାର୍ବତୀଙ୍କୁ ବହୁପ୍ରକାରେ ପ୍ରଶଂସା କରି କହିଲେ, ॥ ୧୨୦ (କ)॥

## ନବାହ୍ନପାରାୟଣ, ପ୍ରଥମ ବିଶ୍ରାମ

## ମାସପାରାୟଣ, ଚତୁର୍ଥ ବିଶ୍ରାମ

**ସୋ:- ସୁନୁ ସୁଭ କଥା ଭୱାନି ରାମଚରିତମାନସ ବିମଲ ।**
**କହା ଭୁସୁଂଡି ବଖାନି ସୁନା ବିହଗ ନାୟକ ଗରୁଡ଼ ॥୧୨୦(ଖ)॥**

ହେ ପାର୍ବତୀ ! ନିର୍ମଳ ରାମଚରିତମାନସର ସେହି ମଙ୍ଗଳମୟୀ କଥା ଶୁଣ, ଯାହା କି କାକଭୁଶୁଣ୍ଡି ବିସ୍ତାରିତଭାବରେ କହିଥିଲେ ଏବଂ ପକ୍ଷୀମାନଙ୍କର ରାଜା ଗରୁଡ଼ ଶୁଣିଥିଲେ ॥ ୧୨୦ (ଖ) ॥

**ସୋ ସଂବାଦ ଉଦାର ଜେହି ବିଧି ଭା ଆଗେଁ କହବ ।**
**ସୁନହୁ ରାମ ଅୱତାର ଚରିତ ପରମ ସୁଂଦର ଅନଘ ॥୧୨୦(ଗ)॥**

ସେହି ଶ୍ରେଷ୍ଠ ସଂବାଦ କିପରି ହୋଇଥିଲା, ତାହା ମୁଁ ପରେ କହିବି । ପ୍ରଥମେ ତୁମେ ଶ୍ରୀରାମଙ୍କ ଅବତାର ବିଷୟକ ପରମସୁନ୍ଦର ଏବଂ ପାପନାଶକ ପବିତ୍ର ଚରିତ ଶୁଣ ॥ ୧୨୦ (ଗ)॥

**ହରି ଗୁନ ନାମ ଅପାର କଥା ରୂପ ଅଗନିତ ଅମିତ ।**
**ମୈଁ ନିଜ ମତି ଅନୁସାର କହଉଁ ଉମା ସାଦର ସୁନହୁ ॥୧୨୦(ଘ)॥**

ଶ୍ରୀହରିଙ୍କର ଗୁଣ, ନାମ, କଥା ଓ ରୂପ—ସବୁ ଅପାର, ଅଗଣିତ ଓ ଅସୀମ । ତଥାପି ହେ ପାର୍ବତୀ ! ମୁଁ ନିଜ ବୁଦ୍ଧି ଅନୁସାରେ ତାହା କହୁଛି; ତୁମେ ଆଦରପୂର୍ବକ ଶୁଣ ॥ ୧୨୦ (ଘ) ॥

**ସୁନୁ ଗିରିଜା ହରିଚରିତ ସୁହାଏ । ବିପୁଲ ବିସଦ ନିଗମାଗମ ଗାଏ ॥**
**ହରି ଅୱତାର ହେତୁ ଜେହି ହୋଈ । ଇଦମିତ୍ଥଂ କହି ଜାଇ ନ ସୋଈ ॥ ୧ ॥**

ହେ ପାର୍ବତୀ ! ଶୁଣ; ବେଦ ଓ ଶାସ୍ତ୍ରଗଣ ଶ୍ରୀହରିଙ୍କର ସୁନ୍ଦର, ବିପୁଳ ଓ ନିର୍ମଳ ଚରିତ ଗାନ କରିଛନ୍ତି । ହରିଙ୍କ ଅବତାର ଯେଉଁ କାରଣରୁ ହୁଏ, ତାହା 'ଏହାହିଁ ଏତିକି' ବୋଲି କୁହାଯାଇ ନ ପାରେ । (ତାଙ୍କ ଅବତାରର ଅନେକ କାରଣ ଥାଇପାରେ ଏବଂ ଏପରି ବି କିଛି କାରଣ ଥାଇପାରେ, ଯାହା କି କେହି ବି ଆଦୌ ଜାଣିପାରିବେ ନାହିଁ) ॥ ୧ ॥

**ରାମ ଅତର୍କ୍ୟ ବୁଦ୍ଧି ମନ ବାନୀ । ମତ ହମାର ଅସ ସୁନହି ସୟାନୀ ॥**
**ତଦପି ସଂତ ମୁନି ବେଦ ପୁରାନା । ଜସ କଛୁ କହହିଁ ସ୍ୱମତି ଅନୁମାନା ॥ ୨ ॥**

ହେ ବୁଦ୍ଧିମତୀ ! ଶୁଣ; ମୋ ମତରେ ବୁଦ୍ଧି, ମନ ଓ ବାଣୀରେ ଶ୍ରୀରାମଙ୍କ ଉପରେ କିଛି ତର୍କ କରାଯାଇ ନ ପାରେ; ତଥାପି ସନ୍ଥ, ମୁନି, ବେଦ ଓ ପୁରାଣମାନେ ନିଜ ନିଜ ବୁଦ୍ଧି ଅନୁସାରେ ଯତ୍‌କିଞ୍ଚିତ୍ କହନ୍ତି ॥ ୨ ॥

**ତସ ମୈଁ ସୁମୁଖି ସୁନାୱଉଁ ତୋହୀ । ସମୁଝି ପରଇ ଜସ କାରନ ମୋହୀ ॥**
**ଜବ ଜବ ହୋଇ ଧରମ କୈ ହାନୀ । ବାଢ଼ହିଁ ଅସୁର ଅଧମ ଅଭିମାନୀ ॥ ୩ ॥**

ମୋ ବୁଦ୍ଧିରେ ଯାହା କିଛି କାରଣ ଜଣାପଡୁଛି, ହେ ସୁମୁଖୀ ! ସେହି କାରଣ ମୁଁ ତୁମକୁ ଶୁଣାଉଛି । ଯେଉଁ ଯେଉଁ ସମୟରେ ଧର୍ମର ହ୍ରାସ ଘଟେ ଏବଂ ଅଧମ ଅଭିମାନୀ ରାକ୍ଷସମାନେ ପ୍ରବଳ ହୋଇଯାଆନ୍ତି ॥ ୩ ॥

**କରହିଁ ଅନୀତି ଜାଇ ନହିଁ ବରନୀ । ସୀଦହିଁ ବିପ୍ର ଧେନୁ ସୁର ଧରନୀ ॥**
**ତବ ତବ ପ୍ରଭୁ ଧରି ବିବିଧ ସରୀରା । ହରହିଁ କୃପାନିଧି ସଜ୍ଜନ ପୀରା ॥ ୪ ॥**

ସେମାନେ ଏପରି ଅକଥନୀୟ ଅନ୍ୟାୟ କରନ୍ତି ଯେ, ପୃଥିବୀ, ଗୋ, ବ୍ରାହ୍ମଣ ତଥା ଦେବତାମାନେ ଅତ୍ୟନ୍ତ କଷ୍ଟ ପାଆନ୍ତି, ସେହି ସେହି ସମୟରେ ସେହି କୃପାନିଧାନ ପ୍ରଭୁ ନାନାପ୍ରକାର ଦିବ୍ୟ ଶରୀର ଧାରଣ କରି ସଜ୍ଜନମାନଙ୍କର କ୍ଳେଶ ହରଣ କରନ୍ତି ॥ ୪ ॥

ଦୋ:- **ଅସୁର ମାରି ଥାପହିଁ ସୁରହ୍ନ ରାଖହିଁ ନିଜ ଶ୍ରୁତି ସେତୁ ।**
**ଜଗ ବିସ୍ତାରହିଁ ବିସଦ ଜସ ରାମ ଜନ୍ମ କର ହେତୁ ॥ ୧୨୧ ॥**

ସେ ଅସୁରମାନଙ୍କୁ ବିନାଶ କରି ଦେବତାମାନଙ୍କୁ ପ୍ରତିଷ୍ଠିତ କରନ୍ତି; ନିଜର ଶ୍ୱାସସ୍ୱରୂପ ବେଦମାନଙ୍କର ମର୍ଯ୍ୟାଦା ରକ୍ଷା କରନ୍ତି ଏବଂ ଜଗତରେ ନିଜର ନିର୍ମଳ ଯଶ ବିସ୍ତାର କରନ୍ତି । ଏହା ହେଉଛି ଶ୍ରୀରାମଙ୍କ ଅବତାରର କାରଣ ॥ ୧୨୧॥

**ସୋଇ ଜସ ଗାଇ ଭଗତ ଭଵ୍ ତରହୀଁ । କୃପାସିଂଧୁ ଜନ ହିତ ତନୁ ଧରହୀଁ ॥**
**ରାମ ଜନମ କେ ହେତୁ ଅନେକା । ପରମ ବିଚିତ୍ର ଏକ ତେଁ ଏକା ॥ ୧ ॥**

ସେହି ଯଶ ଗାଇ ଗାଇ ଭକ୍ତଜନମାନେ ଭବସାଗର ତରିଯାଆନ୍ତି । କୃପାସାଗର ଭଗବାନ୍ ଭକ୍ତମାନଙ୍କର ହିତନିମନ୍ତେ ଶରୀର ଧାରଣ କରନ୍ତି । ଶ୍ରୀରାମଙ୍କର ଜନ୍ମ ନେବାର ଅନେକ କାରଣ ରହିଛି । ସେସବୁ ଏକକୁ ବଳି ଆରେକ ବିଚିତ୍ର ॥ ୧ ॥

**ଜନମ ଏକ ଦୁଇ କହଉଁ ବଖାନୀ । ସାଵ୍ଧାନ ସୁନୁ ସୁମତି ଭଵ୍ାନୀ ॥**
**ଦ୍ୱାରପାଲ ହରି କେ ପ୍ରିୟ ଦୋଉ । ଜୟ ଅରୁ ବିଜୟ ଜାନ ସବ କୋଉ ॥ ୨ ॥**

ହେ ସୁମତି ଭବାନୀ ! ମୁଁ ତାଙ୍କର ଗୋଟିଏ ଦୁଇଟି ଜନ୍ମ ବିଷୟରେ ବିସ୍ତାରପୂର୍ବକ ବର୍ଣ୍ଣନା କରୁଛି; ତୁମେ ସାବଧାନ ହୋଇ ଶୁଣ । ଶ୍ରୀହରିଙ୍କର ଜୟ ଓ ବିଜୟ ନାମକ ଦୁଇଜଣ ପ୍ରିୟ ଦ୍ୱାରପାଳ ଥିଲେ । ସେମାନଙ୍କୁ ସମସ୍ତେ ଜାଣନ୍ତି ॥ ୨ ॥

**ବିପ୍ର ଶ୍ରାପ ତେଁ ଦୂନଉ ଭାଈ । ତାମସ ଅସୁର ଦେହ ତିହ୍ନ ପାଈ ॥**
**କନକକସିପୁ ଅରୁ ହାଟକଲୋଚନ । ଜଗତ ବିଦିତ ସୁରପତି ମଦ ମୋଚନ ॥ ୩ ॥**

ସେହି ଦୁଇ ଭାଇ ସନକାଦି ବ୍ରାହ୍ମଣମାନଙ୍କ ଅଭିଶାପରେ ତାମସ ଅସୁରଶରୀର ପାଇଲେ । ସେମାନଙ୍କ ଭିତରୁ ଜଣକର ନାମ ହେଲା ହିରଣ୍ୟକଶିପୁ ଏବଂ ଅନ୍ୟ ଜଣକର ନାମ ହେଲା ହିରଣ୍ୟାକ୍ଷ । ସେ ଦୁହେଁ ଇନ୍ଦ୍ରଙ୍କ ଗର୍ବ ଖର୍ବ କରିଥିଲେ ବୋଲି ଜଗତ୍‌ପ୍ରସିଦ୍ଧ ॥ ୩ ॥

**ବିଜଈ ସମର ବୀର ବିଖ୍ୟାତା । ଧରି ବରାହ ବପୁ ଏକ ନିପାତା ॥**
**ହୋଇ ନରହରି ଦୂସର ପୁନି ମାରା । ଜନ ପ୍ରହଲାଦ ସୁଜସ ବିସ୍ତାରା ॥ ୪ ॥**

ସେହି ଦୁଇଜଣ ଥିଲେ ସମରବିଜୟୀ ବିଖ୍ୟାତ ବୀର । ସେ ଦୁହିଁଙ୍କ ମଧ୍ୟରୁ ଜଣକୁ (ହିରଣ୍ୟାକ୍ଷକୁ) ଭଗବାନ୍ ବରାହରୂପ ଧରି ମାରିଥିଲେ ଏବଂ ଅନ୍ୟ ଜଣକୁ (ହିରଣ୍ୟକଶିପୁକୁ) ନରସିଂହ ରୂପ ଧରି ବଧ କରିଥିଲେ ଓ ଭକ୍ତ ପ୍ରହ୍ଲାଦଙ୍କର ସୁଯଶ ବିସ୍ତାର କରିଥିଲେ ॥ ୪ ॥

ଦୋ:- **ଭଏ ନିସାଚର ଜାଇ ତେଇ ମହାବୀର ବଲଵ୍ାନ ।**
**କୁଂଭକରନ ରାଵ୍ନ ସୁଭଟ ସୁର ବିଜଈ ଜଗ ଜାନ ॥ ୧୨୨ ॥**

ସେହି ଦୁଇଜଣ ଅସୁର ଯାଇ ଦେବବିଜୟୀ ମହାଯୋଦ୍ଧା ରାବଣ ଓ କୁମ୍ଭକର୍ଣ୍ଣ ନାମକ ଦୁଇଜଣ ଅତି ବଳବାନ୍ ଓ ମହାବୀର ରାକ୍ଷସରୂପେ ଜାତ ହେଲେ । ତାହା ସାରା ଜଗତ୍ ଜାଣେ ॥ ୧୨୨ ॥

**ମୁକୁତ ନ ଭଏ ହତେ ଭଗୱାନା । ତୀନି ଜନମ ଦ୍ୱିଜ ବଚନ ପ୍ରୱାନା ॥**
**ଏକ ବାର ତିହ୍ନ କେ ହିତ ଲାଗୀ । ଧରେଉ ସରୀର ଭଗତ ଅନୁରାଗୀ ॥ ୧ ॥**

ଭଗବାନଙ୍କ ଦ୍ୱାରା ନିହତ ହୋଇ ମଧ୍ୟ ସେଦୁହେଁ (ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷ) ମୁକ୍ତ ହୋଇପାରିଲେ ନାହିଁ ; କାରଣ ସେହି ଦୁଇଜଣ ତିନିଜନ୍ମ ପରେ ମୁକ୍ତ ହେବେ ବୋଲି (ସନକାଦି) ବ୍ରାହ୍ମଣମାନେ ଅଭିଶାପ ଦେଇଥିଲେ । ତେଣୁ ସେମାନଙ୍କର ଉଦ୍ଧାର ନିମନ୍ତେ ଭକ୍ତପ୍ରିୟ ଭଗବାନ୍ ପୁଣି ଥରେ ଅବତାର ଗ୍ରହଣ କଲେ ॥ ୧ ॥

**କସ୍ୟପ ଅଦିତି ତହାଁ ପିତୁ ମାତା । ଦସରଥ କୌସଲ୍ୟା ବିଖ୍ୟାତା ॥**
**ଏକ କଲପ ଏହି ବିଧି ଅୱତାରା । ଚରିତ ପବିତ୍ର କିଏ ସଂସାରା ॥ ୨ ॥**

ଗୋଟିଏ ଅବତାରରେ କଶ୍ୟପ ଓ ଅଦିତି ତାହାଙ୍କର ପିତା-ମାତା ହେଲେ । ସେଦୁହେଁ ଦଶରଥ ଓ କୌଶଲ୍ୟା ନାମରେ ପ୍ରସିଦ୍ଧ ହେଲେ । ଏହିପରି ଏକ କଳ୍ପରେ ସେ ଅବତାର ଗ୍ରହଣ କରି ସଂସାରରେ ପବିତ୍ର ଲୀଳା କରିଗଲେ ॥ ୨ ॥

**ଏକ କଲପ ସୁର ଦେଖି ଦୁଖାରେ । ସମର ଜଲଂଧର ସନ ସବ ହାରେ ॥**
**ସଂଭୁ କୀହ୍ନ ସଂଗ୍ରାମ ଅପାରା । ଦନୁଜ ମହାବଲ ମରଇ ନ ମାରା ॥ ୩ ॥**

ଅନ୍ୟ ଏକ କଳ୍ପରେ ଦେବତାମାନେ ଜଳନ୍ଧରନାମକ ଏକ ଦୈତ୍ୟ ନିକଟରେ ପରାଜିତ ହୋଇ ବହୁଦୁଃଖ ଭୋଗିଲେ । ତାହା ଦେଖି, ଶିବ ତା'ସହିତ ଘୋର ଯୁଦ୍ଧ କଲେ; କିନ୍ତୁ ସେହି ମହାବଳୀ ଦୈତ୍ୟ ମଲା ନାହିଁ; ॥ ୩ ॥

**ପରମ ସତୀ ଅସୁରାଧିପ ନାରୀ । ତେହିଁ ବଲ ତାହି ନ ଜିତହିଁ ପୁରାରୀ ॥ ୪ ॥**

କାରଣ ସେହି ଦୈତ୍ୟରାଜର ସ୍ତ୍ରୀ (ବୃନ୍ଦା) ପରମ ସତୀ ଥିଲେ । ତାଙ୍କ ପ୍ରତାପ ହେତୁ ତ୍ରିପୁରାସୁର ପରି ଅଜେୟ ଶତ୍ରୁର ବିନାଶକାରୀ ଶିବ ମଧ୍ୟ ତାକୁ ଜୟ କରିପାରିଲେ ନାହିଁ ॥ ୪ ॥

ଦୋଃ- **ଛଲ କରି ଟାରେଉ ତାସୁ ବ୍ରତ ପ୍ରଭୁ ସୁର କାରଜ କୀହ୍ନ ।**
**ଜବ ତେହିଁ ଜାନେଉ ମରମ ତବ ଶ୍ରାପ କୋପ କରି ଦୀହ୍ନ ॥ ୧୨୩ ॥**

ପ୍ରଭୁ କପଟରେ, ତା'ସ୍ତ୍ରୀଙ୍କ ପତିବ୍ରତାବ୍ରତ ଭଙ୍ଗ କରି ଦେବତାମାନଙ୍କ କାର୍ଯ୍ୟସିଦ୍ଧି କରିଥିଲେ । ଯେତେବେଳେ ସେହି ସ୍ତ୍ରୀ ଏହି ରହସ୍ୟ ଜାଣିପାରିଲେ, ସେ କ୍ରୋଧରେ ଭଗବାନଙ୍କୁ ଅଭିଶାପ ଦେଇଦେଲେ ॥ ୧୨୩ ॥

**ତାସୁ ଶ୍ରାପ ହରି ଦୀହ୍ନ ପ୍ରମାନା । କୌତୁକନିଧି କୃପାଲ ଭଗୱାନା ॥**
**ତହାଁ ଜଲଂଧର ରାୱନ ଭୟଉ । ରନ ହତି ରାମ ପରମ ପଦ ଦୟଉ ॥ ୧ ॥**

ଲୀଳାନିଧି କୃପାଳୁ ଶ୍ରୀହରି ତାଙ୍କର ଅଭିଶାପ ସ୍ୱୀକାର କଲେ । ଜଳନ୍ଧର ସେହି କଳ୍ପରେ ରାବଣ ହୋଇ ଜନ୍ମ ହେଲା ଏବଂ ତାହାକୁ ମାରି ଶ୍ରୀରାମ ତାକୁ ପରମପଦ ଦେଲେ ॥ ୧ ॥

**ଏକ ଜନମ କର କାରନ ଏହା । ଜେହି ଲଗି ରାମ ଧରୀ ନରଦେହା ॥**
**ପ୍ରତି ଅୱତାର କଥା ପ୍ରଭୁ କେରୀ । ସୁନୁ ମୁନି ବରନୀ କବିହ୍ନ ଘନେରୀ ॥ ୨ ॥**

ଏହା ଥିଲା ଶ୍ରୀରାମଙ୍କର ଗୋଟିଏ ଜନ୍ମର କାରଣ, ଯେଉଁଥିପାଇଁ କି ସେ ମନୁଷ୍ୟ ଦେହ ଧାରଣ କରିଥିଲେ । [ଯାଜ୍ଞବଲ୍କ୍ୟ ମୁନି କହିଲେ] ହେ ଭରଦ୍ୱାଜ ମୁନି ! ଶୁଣନ୍ତୁ; ପ୍ରଭୁଙ୍କର ପ୍ରତ୍ୟେକ ଅବତାରର କଥା କବିମାନେ ନାନାପ୍ରକାରେ ବର୍ଣ୍ଣନା କରିଛନ୍ତି ॥ ୨ ॥

**ନାରଦ ଶ୍ରାପ ଦୀହ୍ନ ଏକ ବାରା । କଲପ ଏକ ତେହି ଲଗି ଅୱତାରା ॥**
**ଗିରିଜା ଚକିତ ଭଇଁ ସୁନି ବାନୀ । ନାରଦ ବିଷ୍ଣୁଭଗତ ପୁନି ଗ୍ୟାନୀ ॥ ୩ ॥**

[ଶିବ କହି ଚାଲିଲେ,] 'ଅରେ ନାରଦ ମୁନି ପ୍ରଭୁଙ୍କୁ ଅଭିଶାପ ଦେଲେ । ତେଣୁ ଗୋଟିଏ କଳ୍ପରେ ପ୍ରଭୁ ସେଥିପାଇଁ ଅବତାର ନେଲେ ।' ଏହା ଶୁଣି ପାର୍ବତୀ ଚକିତ ହୋଇଗଲେ । ସେ କହିଲେ, ''ନାରଦ ତ ବିଷ୍ଣୁଭକ୍ତ ଓ ଜ୍ଞାନୀ ॥ ୩ ॥

**କାରନ କଵନ ଶ୍ରାପ ମୁନି ଦୀହ୍ନା । କା ଅପରାଧ ରମାପତି କୀହ୍ନା ॥**
**ୟହ ପ୍ରସଂଗ ମୋହି କହହୁ ପୁରାରୀ । ମୁନି ମନ ମୋହ ଆଚରଜ ଭାରୀ ॥ ୪ ॥**

ସେପରି ମୁନି କାହିଁକି ଭଗବାନଙ୍କୁ ଅଭିଶାପ ଦେଲେ ? ଲକ୍ଷ୍ମୀପତି ଭଗବାନ୍ ତାଙ୍କର ବା କି ଅପରାଧ କରିଥିଲେ ? ହେ ପୁରାରି ! ସେହି ପ୍ରସଙ୍ଗଟି ମୋତେ କହନ୍ତୁ । ମୁନି ନାରଦଙ୍କ ମନରେ ମୋହ ହେବା ତ ବଡ଼ ଆଶ୍ଚର୍ଯ୍ୟର କଥା !''॥ ୪ ॥

ଦୋ:- **ବୋଲେ ବିହସି ମହେସ ତବ ଗ୍ୟାନୀ ମୂଢ଼ ନ କୋଇ ।**
**ଜେହି ଜସ ରଘୁପତି କରହିଁ ଜବ ସୋ ତସ ତେହି ଛନ ହୋଇ ॥୧୨୪(କ)॥**

ମହାଦେବ ହସି ହସି କହିଲେ, ''କେହି ଜ୍ଞାନୀ ନୁହେଁ, କି କେହି ମୂର୍ଖ ନୁହେଁ । ଶ୍ରୀରଘୁନାଥ ଯେତେବେଳେ ଯାହାକୁ ଯେପରି କରନ୍ତି, ସେତେବେଳେ ସେ ସେହିପରି ହୋଇଯାଏ ।'' ॥ ୧୨୪ (କ) ॥

ସୋ:- **କହଉଁ ରାମ ଗୁନ ଗାଥ ଭରଦ୍ୱାଜ ସାଦର ସୁନହୁ ।**
**ଭଵ ଭଂଜନ ରଘୁନାଥ ଭଜୁ ତୁଲସୀ ତଜି ମାନ ମଦ ॥୧୨୪(ଖ)॥**

[ଯାଜ୍ଞବଲ୍କ୍ୟ କହିଲେ,] ହେ ଭରଦ୍ୱାଜ ! ମୁଁ ଶ୍ରୀରାମଙ୍କର ଗୁଣଗାଥା କହୁଛି, ଆପଣ ଶ୍ରଦ୍ଧାର ସହିତ ଶୁଣନ୍ତୁ । ତୁଳସୀଦାସ କହୁଛନ୍ତି, ମାନ ଓ ମଦ ତ୍ୟାଗ କରି ଭବଭଞ୍ଜନ ରଘୁନାଥଙ୍କୁ ଭଜନ କର ॥ ୧୨୪ (ଖ)॥

**ହିମଗିରି ଗୁହା ଏକ ଅତି ପାଵନି । ବହ ସମୀପ ସୁରସରୀ ସୁହାଵନି ॥**
**ଆଶ୍ରମ ପରମ ପୁନୀତ ସୁହାଵା । ଦେଖି ଦେଵରିଷି ମନ ଅତି ଭାଵା ॥ ୧ ॥**

ହିମାଳୟ ପର୍ବତରେ ଗୋଟିଏ ଅତି ପବିତ୍ର ଗୁମ୍ଫା ଥିଲା । ତା'ପାଖଦେଇ ସୁନ୍ଦର ଗଙ୍ଗାନଦୀ ପ୍ରବାହିତ ହେଉଥିଲା । ସେହି ପରମ ପବିତ୍ର ସୁନ୍ଦର ଆଶ୍ରମ ଦେଖି ନାରଦଙ୍କ ମନ ଆକର୍ଷିତ ହୋଇଗଲା ॥ ୧ ॥

**ନିରଖି ସୈଲ ସରି ବିପିନ ବିଭାଗା । ଭୟଉ ରମାପତି ପଦ ଅନୁରାଗା ॥**
**ସୁମିରତ ହରିହି ଶ୍ରାପ ଗତି ବାଧୀ । ସହଜ ବିମଲ ମନ ଲାଗି ସମାଧୀ ॥ ୨ ॥**

ପର୍ବତ, ନଦୀ ଓ ବନର ବିଭିନ୍ନ ପ୍ରାନ୍ତ ଦେଖି ନାରଦଙ୍କ ମନରେ ଲକ୍ଷ୍ମୀକାନ୍ତ ଭଗବାନଙ୍କ ଚରଣରେ ପ୍ରେମ ବଢ଼ିଗଲା । ତାଙ୍କୁ ଦକ୍ଷ ପ୍ରଜାପତି ଅଭିଶାପ ଦେଇଥିଲେ ଯେ, ସେ କୌଣସି ସ୍ଥାନରେ ସ୍ଥିର ହୋଇ ରହିପାରିବେ ନାହିଁ; କିନ୍ତୁ ସେ ଭଗବାନଙ୍କୁ ସ୍ମରଣ କରିବାକ୍ଷଣି ସେହି ଅଭିଶାପର ଗତିରୋଧ ହୋଇଗଲା ଏବଂ ତାଙ୍କ ମନ ସ୍ୱାଭାବିକଭାବରେ ନିର୍ମଳ ହୋଇଯିବାରୁ ସେ ସେଠାରେ ସମାଧିସ୍ଥ ହୋଇଗଲେ ॥ ୨ ॥

**ମୁନି ଗତି ଦେଖି ସୁରେସ ଡେରାନା । କାମହି ବୋଲି କୀହ୍ନ ସନମାନା ॥**
**ସହିତ ସହାୟ ଜାହୁ ମମ ହେତୂ । ଚଲେଉ ହରଷି ହିୟଁ ଜଲଚରକେତୂ ॥ ୩ ॥**

ନାରଦମୁନିଙ୍କର ଏହି ତପୋମୟୀ ସ୍ଥିତି ଦେଖି ଇନ୍ଦ୍ର ଡରିଗଲେ । ସେ କାମଦେବଙ୍କୁ ଡକାଇ ତାଙ୍କୁ ଆଦରସତ୍କାର କଲେ ଏବଂ କହିଲେ, 'ମୋ ହିତପାଇଁ ତୁମେ ନିଜ ସହାୟକମାନଙ୍କ ସହିତ ଯାଇ ନାରଦଙ୍କ ସମାଧି ଭଙ୍ଗ କର ।' ତାହା ଶୁଣି ମୀନକେତନ କାମଦେବ ପ୍ରସନ୍ନଚିତ୍ତରେ ସେଠାକୁ ଚାଲିଲେ ॥ ୩ ॥

**ସୁନାସୀର ମନ ମହୁଁ ଅସି ତ୍ରାସା । ଚହତ ଦେୱରିଷି ମମ ପୁର ବାସା ॥**
**ଜେ କାମୀ ଲୋଲୁପ ଜଗ ମାହୀଁ । କୁଟିଲ କାକ ଇୱ ସବହି ଡେରାହୀଁ ॥ ୪ ॥**

ଇନ୍ଦ୍ରଙ୍କ ମନରେ ଭୟ ହୋଇଗଲା ଯେ, ଦେବର୍ଷି ନାରଦ ଇନ୍ଦ୍ରପୁରୀ ରାଜ୍ୟ (ଅର୍ଥାତ୍ ଇନ୍ଦ୍ରଙ୍କ ରାଜତ୍ୱ) ଛଡ଼ାଇ ନେବାକୁ ଚାହୁଁଛନ୍ତି । ଜଗତରେ ଯେଉଁମାନେ କାମୀ ଓ ଲୋଭୀ, ସେମାନେ କୁଟିଳ କୁଆ ପରି ସମସ୍ତଙ୍କୁ ଡରନ୍ତି ॥ ୪ ॥

ଦୋଃ- **ସୂଖ ହାଡ଼ ଲୈ ଭାଗ ସଠ ସ୍ୱାନ ନିରଖି ମୃଗରାଜ ।**
**ଛୀନି ଲେଇ ଜନି ଜାନ ଜଡ଼ ତିମି ସୁରପତିହି ନ ଲାଜ ॥ ୧୨୫ ॥**

ସିଂହକୁ ଦେଖିଦେଲେ ମୂର୍ଖ କୁକୁର ଯେପରି ତା'ର ଶୁଖିଲା ହାଡ଼ଖଣ୍ଡିକ ନେଇ ଦୌଡ଼ିପଳାଏ; ସିଂହ ତା'ର ସେହି ହାଡ଼ଖଣ୍ଡିକ କାଳେ ଛଡ଼ାଇନେବ ବୋଲି ସେ ଯେପରି ଭାବେ, ଇନ୍ଦ୍ରଙ୍କୁ ସେହିପରି 'ନାରଦ ମୋର ରାଜ୍ୟ ଛଡ଼ାଇନେଇଯିବେ' ବୋଲି ଭାବିବାକୁ ଲଜ୍ଜା ଲାଗିଲା ନାହିଁ ॥ ୧୨୫ ॥

**ତେହି ଆଶ୍ରମହିଁ ମଦନ ଜବ ଗୟଉ । ନିଜ ମାୟାଁ ବସଂତ ନିରମୟଉ ॥**
**କୁସୁମିତ ବିବିଧ ବିଟପ ବହୁରଂଗା । କୂଜହିଁ କୋକିଲ ଗୁଂଜହିଁ ଭୃଂଗା ॥ ୧ ॥**

କାମଦେବ ସେହି ଆଶ୍ରମକୁ ଯାଇ ନିଜ ମାୟାରେ ସେଠାରେ ବସନ୍ତଋତୁ ଉତ୍ପନ୍ନ କରିଦେଲେ । ବିଭିନ୍ନ ବୃକ୍ଷରେ ନାନାରଙ୍ଗର ଫୁଲ ଫୁଟିଲା; କୋଇଲିମାନେ ରାବିବାକୁ ଲାଗିଲେ ଓ ଭ୍ରମରମାନେ ଗୁଞ୍ଜନ ଆରମ୍ଭ କଲେ ॥ ୧ ॥

**ଚଲୀ ସୁହାୱନି ତ୍ରିବିଧ ବୟାରୀ । କାମ କୃସାନୁ ବଢ଼ାୱନିହାରୀ ॥**
**ରଂଭାଦିକ ସୁରନାରି ନବୀନା । ସକଲ ଅସମସର କଲା ପ୍ରବୀନା ॥ ୨ ॥**

କାମାଗ୍ନିକୁ ଆହୁରି ଜୋରରେ ଜଳାଇବାକୁ ତିନିପ୍ରକାର (ଶୀତଳ, ମନ୍ଦ ଓ ସୁଗନ୍ଧ) ମନୋହର ବାୟୁ ପ୍ରବାହିତ ହେବାକୁ ଲାଗିଲା । କାମକଳାରେ ନିପୁଣା ରମ୍ଭା ଆଦି ଯେତେ ନବଯୁବତୀ ଦେବାଙ୍ଗନା ଥିଲେ, ॥ ୨ ॥

**କରହିଁ ଗାନ ବହୁ ତାନ ତରଂଗା । ବହୁ ବିଧି କ୍ରୀଡ଼ହିଁ ପାନି ପତଂଗା ॥**
**ଦେଖି ସହାୟ ମଦନ ହରଷାନା । କୀହ୍ନେସି ପୁନି ପ୍ରପଂଚ ବିଧି ନାନା ॥ ୩ ॥**

ସେମାନେ ସମସ୍ତେ ବିବିଧପ୍ରକାର ତାନତରଙ୍ଗରେ ଗୀତ ଗାଇବାକୁ ଲାଗିଲେ ଏବଂ ହାତରେ କନ୍ଦୁକ (ପେଣ୍ଡୁ) ଧରି ନାନାପ୍ରକାର ଖେଳ ଖେଳିବାକୁ ଲାଗିଲେ । କାମଦେବ ନିଜର ଏହି ସଙ୍ଗୀମାନଙ୍କୁ ଦେଖି ବିଶେଷ ଆନନ୍ଦିତ ହେଲେ ଏବଂ ନିଜେ ନାନାପ୍ରକାର ମାୟାଜାଲ ବିସ୍ତାର କଲେ ॥ ୩ ॥

**କାମ କଲା କଛୁ ମୁନିହି ନ ବ୍ୟାପୀ । ନିଜ ଭୟଁ ଡରେଉ ମନୋଭୱ ପାପୀ ॥**
**ସୀମ କି ଚାଁପି ସକଇ କୋଉ ତାସୂ । ବଡ଼ ରଖୱାର ରମାପତି ଜାସୂ ॥ ୪ ॥**

କିନ୍ତୁ କାମଦେବଙ୍କର କୌଣସି କଳାକୌଶଳ ମୁନିଙ୍କ ଉପରେ କୌଣସି ପ୍ରଭାବ ପକାଇପାରିଲା ନାହିଁ । ତେଣୁ ପାପୀ କାମଦେବ ନିଜେ ନାଶ ହୋଇଯିବେ ବୋଲି ଭାବି ଡରିଗଲେ । ଲକ୍ଷ୍ମୀପତି ଭଗବାନ୍ ଯାହାର ସହାୟ, ତାହାର ସୀମାକୁ କିଏ ଭଲା ଲଂଘିପାରିବ !! ॥ ୪ ॥

ଦୋଃ- **ସହିତ ସହାୟ ସଭୀତ ଅତି ମାନି ହାରି ମନ ମୈନ ।**
**ଗହେସି ଜାଇ ମୁନି ଚରନ ତବ କହି ସୁଠି ଆରତ ବୈନ ॥ ୧୨୬ ॥**

ତେଣୁ ନିଜ ସହଚରମାନଙ୍କ ସମେତ କାମଦେବ ଅତ୍ୟନ୍ତ ଭୟଭୀତ ହୋଇଗଲେ ଓ ମନେ ମନେ ହାର ମାନି, ବହୁ ଆର୍ତ୍ତ ବଚନ କହି ମୁନିଙ୍କ ପାଦ ଧରିପକାଇଲେ ॥ ୧୨୬ ॥

**ଭୟଉ ନ ନାରଦ ମନ କଛୁ ରୋଷା । କହି ପ୍ରିୟ ବଚନ କାମ ପରିତୋଷା ॥**
**ନାଇ ଚରନ ସିରୁ ଆୟସୁ ପାଈ । ଗୟଉ ମଦନ ତବ ସହିତ ସହାଈ ॥ ୧ ॥**

ନାରଦଙ୍କ ମନରେ କୌଣସି କ୍ରୋଧ ହେଲା ନାହିଁ । ସେ ପ୍ରିୟବଚନ କହି କାମଦେବଙ୍କୁ ସାନ୍ତ୍ୱନା ଦେଲେ । ମୁନିଙ୍କ ଚରଣରେ ପ୍ରଣାମ କରି, ତାଙ୍କ ଅନୁମତି ପାଇ କାମଦେବ ନିଜ ସହଚରମାନଙ୍କ ସହିତ ଫେରିଗଲେ ॥ ୧ ॥

**ମୁନି ସୁସୀଲତା ଆପନି କରନୀ । ସୁରପତି ସଭାଁ ଜାଇ ସବ ବରନୀ ॥**
**ସୁନି ସବ କେଁ ମନ ଅଚରଜୁ ଆୱା । ମୁନିହି ପ୍ରସଂସି ହରିହି ସିରୁ ନାୱା ॥ ୨ ॥**

ସେ ଦେବରାଜ ଇନ୍ଦ୍ରଙ୍କ ସଭାକୁ ଯାଇ ସେଠାରେ ମୁନିଙ୍କର ସୁଶୀଳତା ଓ ଆପଣା କ୍ରିୟାକଳାପ ବିଷୟ କହିଲେ । ତାହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ସମସ୍ତେ ମୁନିଙ୍କୁ ପ୍ରଶଂସା କରି ଶ୍ରୀହରିଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲେ ॥ ୨ ॥

**ତବ ନାରଦ ଗୱନେ ସିୱ ପାହୀଁ । ଜିତା କାମ ଅହମିତି ମନ ମାହୀଁ ॥**
**ମାର ଚରିତ ସଂକରହି ସୁନାଏ । ଅତିପ୍ରିୟ ଜାନି ମହେସ ସିଖାଏ ॥ ୩ ॥**

ଏଣେ ନାରଦ ଶିବଙ୍କ ନିକଟକୁ ଗଲେ । ସେ କାମଦେବଙ୍କୁ ଜିତିଗଲେ ବୋଲି ତାଙ୍କ ମନରେ ଅହଂକାର ହୋଇଯାଇଥାଏ । ସେ କାମଦେବଙ୍କ କ୍ରିୟାକଳାପ ବିଷୟରେ ଶିବଙ୍କୁ ଶୁଣାଇଦେଲେ । କିନ୍ତୁ ନାରଦ ଥିଲେ ଶିବଙ୍କର ଅତ୍ୟନ୍ତ ପ୍ରିୟପାତ୍ର; ତାଙ୍କୁ ଉପଦେଶ ଦେଇ ମହାଦେବ କହିଲେ, ॥ ୩ ॥

**ବାର ବାର ବିନୱଉଁ ମୁନି ତୋହୀ । ଜିମି ୟହ କଥା ସୁନାୟହୁ ମୋହୀ ॥**
**ତିମି ଜନି ହରିହି ସୁନାୱହୁ କବହୂଁ । ଚଲେହୁଁ ପ୍ରସଂଗ ଦୁରାଏହୁ ତବହୂଁ ॥ ୪ ॥**

"ହେ ମୁନି ! ମୁଁ ଆପଣଙ୍କୁ ବାରମ୍ବାର ବିନତି କରୁଛି ଯେ, ଆପଣ ଏସବୁ କଥା ମୋତେ ଯେପରି ଶୁଣାଇଲେ, ଭଗବାନ୍ ଶ୍ରୀହରିଙ୍କୁ ସେପରି କେବେ ବି ଶୁଣାଇବେ ନାହିଁ । ତାଙ୍କ ସହିତ ଏ ବିଷୟରେ ଚର୍ଚ୍ଚା ହେଲେ ମଧ୍ୟ ଏ କଥା ଲୁଗ୍ୱଇରଖିବେ ।" ॥ ୪ ॥

ଦୋः- **ସଂଭୁ ଦୀହ୍ନ ଉପଦେସ ହିତ ନହିଁ ନାରଦହି ସୋହାନ ।**
**ଭରଦ୍ୱାଜ କୌତୁକ ସୁନହୁ ହରି ଇଚ୍ଛା ବଲୱାନ ॥ ୧୨୭ ॥**

ଶିବ ଏହିପରି ହିତୋପଦେଶ ଦେଲେ ସତ, କିନ୍ତୁ ନାରଦଙ୍କୁ ତାହା ଭଲ ଲାଗିଲା ନାହିଁ । ହେ ଭରଦ୍ୱାଜ ! ଏଥର କିପରି ମଜା ହେଲା, ଶୁଣନ୍ତୁ । ହରିଙ୍କ ଇଚ୍ଛା ସତରେ ବଡ଼ ବଳବାନ୍ ॥ ୧୨୭ ॥

**ରାମ କୀହ୍ନ ଚ୍ରହହିଁ ସୋଇ ହୋଈ । କରୈ ଅନ୍ୟଥା ଅସ ନହିଁ କୋଈ ॥**
**ସଂଭୁ ବଚନ ମୁନି ମନ ନହିଁ ଭାଏ । ତବ ବିରଂଚି କେ ଲୋକ ସିଧାଏ ॥ ୧ ॥**

ଶ୍ରୀରାମ ଯାହା କରିବାକୁ ଚ୍ରାହାନ୍ତି, ତାହାହିଁ ହୁଏ । ଏପରି କେହି ବି ନାହିଁ, ଯେ କି ତାଙ୍କ ଇଚ୍ଛା ବିରୁଦ୍ଧରେ କିଛି କରିପାରିବ । ଶିବଙ୍କ ବଚନ ନାରଦଙ୍କୁ ଭଲ ଲାଗିଲା ନାହିଁ; ତେଣୁ ସେ ବ୍ରହ୍ମଲୋକକୁ ଚ୍ରାଲିଗଲେ ॥ ୧ ॥

**ଏକ ବାର କରତଲ ବର ବୀନା । ଗାୱତ ହରିଗୁନ ଗାନ ପ୍ରବୀନା ॥**
**ଛୀରସିଂଧୁ ଗୱନେ ମୁନିନାଥା । ଜହଁ ବସ ଶ୍ରୀନିୱାସ ଶ୍ରୁତିମାଥା ॥ ୨ ॥**

ଥରେ ସଙ୍ଗୀତନିପୁଣ ମୁନିନାଥ ନାରଦ ହାତରେ ସୁନ୍ଦର ବୀଣା ଧରି, ହରିଗୁଣ ଗାଇ ଗାଇ ସେହି କ୍ଷୀରସାଗରକୁ ଗଲେ, ଯେଉଁଠି ବେଦମାନଙ୍କର ମସ୍ତକସ୍ୱରୂପ (ମୂର୍ତ୍ତିମାନ୍ ବେଦାନ୍ତତତ୍ତ୍ୱ) ଲକ୍ଷ୍ମୀନିବାସ ଭଗବାନ୍ ନାରାୟଣ ରହନ୍ତି ॥ ୨ ॥

**ହରଷି ମିଲେ ଉଠି ରମାନିକେତା । ବୈଠେ ଆସନ ରିଷିହି ସମେତା ॥**
**ବୋଲେ ବିହସି ଚରାଚର ରାୟା । ବହୁତେ ଦିନନ କୀହ୍ନି ମୁନି ଦାୟା ॥ ୩ ॥**

ରମାନିବାସ ଭଗବାନ୍ ଉଠିଆସି ବଡ଼ ଆନନ୍ଦର ସହିତ ନାରଦଙ୍କୁ ଭେଟିଲେ ଏବଂ ମୁନିଙ୍କ ସହିତ ଆସନରେ ବସିଗଲେ । ଚରାଚରର ସ୍ୱାମୀ ଭଗବାନ୍ ହସହସ ହୋଇ କହିଲେ, ‘‘ହେ ମୁନି ! ଆଜି ଆପଣ ବହୁଦିନ ପରେ ଦୟା କଲେ ।’’ ॥ ୩ ॥

**କାମ ଚରିତ ନାରଦ ସବ ଭାଷେ । ଜଦ୍ୟପି ପ୍ରଥମ ବରଜି ସିୱଁ ରାଖେ ॥**
**ଅତି ପ୍ରଚଂଡ ରଘୁପତି କୈ ମାୟା । ଜେହି ନ ମୋହ ଅସ କୋ ଜଗ ଜାୟା ॥ ୪ ॥**

ଶିବ ନାରଦଙ୍କୁ ପ୍ରଥମରୁ ମନା କରିଥିଲେ ମଧ୍ୟ, ନାରଦ କାମଦେବଙ୍କର ସମସ୍ତ ପ୍ରସଙ୍ଗ ଭଗବାନଙ୍କୁ କହିଦେଲେ । ଶ୍ରୀରଘୁନାଥଙ୍କର ମାୟା ତ ବଡ଼ ପ୍ରବଳ । ଜଗତରେ କିଏ ଏପରି ଜନ୍ମ ହୋଇଛି, ଯାହାକୁ କି ସେହି ମାୟା ମୋହିତ କରି ନ ପାରିବ !! ୪ ॥

ଦୋଃ- **ରୂଖ ବଦନ କରି ବଚନ ମୃଦୁ ବୋଲେ ଶ୍ରୀଭଗୱାନ ।**
**ତୁହ୍ମରେ ସୁମିରନ ତେଁ ମିଟହିଁ ମୋହ ମାର ମଦ ମାନ ॥ ୧୨୮ ॥**

ଭଗବାନ୍ ଟିକିଏ ଉଦାସୀନ ହୋଇଯାଇ କୋମଳଭାବରେ କହିଲେ, ‘‘ହେ ମୁନିରାଜ ! ଆପଣଙ୍କୁ ସ୍ମରଣ କରିବାମାତ୍ରକେ ଅନ୍ୟମାନଙ୍କର ମୋହ, ମଦ, କାମ ଓ ଅଭିମାନ ତୁଟିଯାଏ; [ତେଣୁ ଆପଣଙ୍କୁ ଏ ବିଷୟରେ କ’ଣ ବା କହିବା !] ॥ ୧୨୮ ॥

**ସୁନୁ ମୁନି ମୋହ ହୋଇ ମନ ତାକେଁ । ଗ୍ୟାନ ବିରାଗ ହୃଦୟ ନହିଁ ଜାକେଁ ॥**
**ବ୍ରହ୍ମଚରଜ ବ୍ରତ ରତ ମତିଧୀରା । ତୁହ୍ମହି କି କରଇ ମନୋଭୱ ପୀରା ॥ ୧ ॥**

ହେ ମୁନି ! ଶୁଣନ୍ତୁ, ଯାହାର ହୃଦୟରେ ଜ୍ଞାନବୈରାଗ୍ୟ ନାହିଁ, ତା’ମନରେହିଁ ମୋହ ଜାତ ହୁଏ । ଆପଣ ତ ବ୍ରହ୍ମଚର୍ଯ୍ୟବ୍ରତରେ ତତ୍ପର ଓ ଅତ୍ୟନ୍ତ ଧୀରବୁଦ୍ଧି । ଆପଣଙ୍କୁ ଭଲା କାମଦେବ କିପରି ପୀଡ଼ା ଦେଇପାରନ୍ତେ !’’ ॥ ୧ ॥

**ନାରଦ କହେଉ ସହିତ ଅଭିମାନା । କୃପା ତୁହ୍ମାରି ସକଲ ଭଗୱାନା ॥**
**କରୁନାନିଧି ମନ ଦୀଖ ବିଚାରୀ । ଉର ଅଂକୁରେଉ ଗରବ ତରୁ ଭାରୀ ॥ ୨ ॥**

ନାରଦ ଅଭିମାନର ସହିତ କହିଲେ, ‘‘ଭଗବାନ୍ ! ଏସବୁ ତ ଆପଣଙ୍କ କୃପା ।’’ କରୁଣାନିଧାନ ଭଗବାନ୍ ବିଚାର କରି ଦେଖିଲେ ଯେ, ନାରଦଙ୍କ ମନରେ ଏକ ବିରାଟ ଗର୍ବବୃକ୍ଷର ଅଙ୍କୁରୋଦ୍‌ଗମ ହେଲାଣି ॥ ୨ ॥

**ବେଗି ସୋ ମୈଁ ଡାରିହଉଁ ଉଖାରୀ । ପନ ହମାର ସେୱକ ହିତକାରୀ ॥**
**ମୁନି କର ହିତ ମମ କୌତୁକ ହୋଈ । ଅୱସି ଉପାୟ କରବି ମୈଁ ସୋଈ ॥ ୩ ॥**

ଭଗବାନ୍ ସ୍ଥିର କଲେ, ‘ମୁଁ ସେହି ଅଙ୍କୁରକୁ ତୁରନ୍ତ ଉପାଡ଼ି ଫୋପାଡ଼ିଦେବି; କାରଣ ସେବକର ହିତ କରିବାହିଁ ମୋର ସଂକଳ୍ପ । ଯେଉଁଥିରେ ମୁନିଙ୍କର କଲ୍ୟାଣ ହେବ ଏବଂ ମୋର ଲୀଳା ମଧ୍ୟ ହୋଇପାରିବ, ମୁଁ ନିଶ୍ଚୟ ସେହି ଉପାୟ କରିବି ।’ ॥ ୩ ॥

**ତବ ନାରଦ ହରି ପଦ ସିର ନାଈ । ଚଲେ ହୃଦୟଁ ଅହମିତି ଅଧିକାଈ ॥**
**ଶ୍ରୀପତି ନିଜ ମାୟା ତବ ପ୍ରେରୀ । ସୁନହୁ କଠିନ କରନୀ ତେହି କେରୀ ॥ ୪ ॥**

କିଛିସମୟ ପରେ ଭଗବାନଙ୍କ ଚରଣରେ ପ୍ରଣାମ କରି ନାରଦ ଚାଲିଗଲେ। ତାଙ୍କ ମନର ଗର୍ବ-ଅଭିମାନ ଆହୁରି ବଢ଼ିଗଲା। ଏତିକିବେଳେ ଲକ୍ଷ୍ମୀପତି ଭଗବାନ୍ ନିଜ ମାୟାକୁ ପ୍ରେରଣ କରିଦେଲେ। ଏଥର ସେହି ମାୟାର କରାମତି କେତେ ବଡ଼, ତାହା ଶୁଣନ୍ତୁ॥ ୪ ॥

**ଦୋଃ- ବିରଚେଉ ମଗ ମହୁଁ ନଗର ତେହିଁ ସତ ଜୋଜନ ବିସ୍ତାର।**
**ଶ୍ରୀନିୱାସପୁର ତେଁ ଅଧିକ ରଚନା ବିବିଧ ପ୍ରକାର॥ ୧୨୯ ॥**

ସେହି ହରିମାୟା ନାରଦଙ୍କ ଯିବାବାଟରେ ଶହେ ଯୋଜନବ୍ୟାପୀ ଗୋଟିଏ ବିରାଟ ନଗର ରଚନା କରିଦେଲା । ସେହି ନଗରର ବିଭିନ୍ନପ୍ରକାର ନିର୍ମାଣକଳା ଲକ୍ଷ୍ମୀନିବାସ ଭଗବାନ୍ ବିଷ୍ଣୁଙ୍କ ବୈକୁଣ୍ଠଠାରୁ ମଧ୍ୟ ଅଧିକ ସୁନ୍ଦର ହୋଇଥାଏ॥ ୧୨୯ ॥

**ବସହିଁ ନଗର ସୁଂଦର ନର ନାରୀ। ଜନୁ ବହୁ ମନସିଜ ରତି ତନୁଧାରୀ॥**
**ତେହିଁ ପୁର ବସଇ ସୀଲନିଧି ରାଜା। ଅଗନିତ ହୟ ଗୟ ସେନ ସମାଜା॥ ୧ ॥**

ସେହି ନଗରରେ ଏତେ ସୁନ୍ଦର ସୁନ୍ଦର ନରନାରୀ ବାସ କରୁଥିଲେ ଯେ, ସେମାନଙ୍କୁ ଦେଖିଲେ ମନେହେଉଥିଲା, ସତେ ଯେପରି ଅନେକ କାମଦେବ ଓ ରତି ସାକ୍ଷାତ୍ ମନୁଷ୍ୟଦେହ ଧାରଣ କରି ସେଠାରେ ରହିଛନ୍ତି । ସେହି ନଗରରେ ଶୀଳନିଧି ନାମକ ଜଣେ ରାଜା ରାଜୁତି କରୁଥିଲେ । ସେଠାରେ ତାଙ୍କର ଅସଂଖ୍ୟ ଘୋଡ଼ା, ହାତୀ ଓ ଅନେକ ସୈନ୍ୟ ଥିଲେ॥ ୧ ॥

**ସତ ସୁରେସ ସମ ବିଭୱ ବିଲାସା। ରୂପ ତେଜ ବଲ ନୀତି ନିୱାସା॥**
**ବିସ୍ୱମୋହନୀ ତାସୁ କୁମାରୀ। ଶ୍ରୀ ବିମୋହ ଜିସୁ ରୂପୁ ନିହାରୀ॥ ୨ ॥**

ତାଙ୍କର ଶହେ ଇନ୍ଦ୍ରଙ୍କ ସମାନ ବିଭବ ଓ ବିଳାସ ରହିଥିଲା । ସେ ରୂପ, ତେଜ, ବଳ ଓ ନୀତିର ଭଣ୍ଡାର ଥିଲେ । ତାଙ୍କର ବିଶ୍ୱମୋହିନୀ ନାମରେ ଏପରି ଗୋଟିଏ ରୂପବତୀ କନ୍ୟା ଥିଲା ଯେ, ତାକୁ ଦେଖିଦେଲେ ସ୍ୱୟଂ ଲକ୍ଷ୍ମୀ ମଧ୍ୟ ମୋହିତ ହୋଇଯିବେ॥ ୨ ॥

**ସୋଇ ହରିମାୟା ସବ ଗୁନ ଖାନୀ। ସୋଭା ତାସୁ କି ଜାଇ ବଖାନୀ॥**
**କରଇ ସ୍ୱୟଂବର ସୋ ନୃପବାଲା। ଆଏ ତହଁ ଅଗନିତ ମହିପାଲା॥ ୩ ॥**

ସେହି କନ୍ୟା ତ ସ୍ୱୟଂ ସକଳଗୁଣର ନିଧାନ ଭଗବାନଙ୍କର ମାୟାହିଁ ଥିଲା ; ତା' ସୌନ୍ଦର୍ଯ୍ୟର ବର୍ଣ୍ଣନା ବା କିପରି କରିହେବ ! ସେହି ରାଜକୁମାରୀ ସେତେବେଳକୁ ସ୍ୱୟଂବର କରିବାକୁ ବାହାରିଥିଲା; ତେଣୁ ସେଠାକୁ ବହୁ ରାଜା ଆସିଥିଲେ॥ ୩ ॥

**ମୁନି କୌତୁକୀ ନଗର ତେହିଁ ଗୟଊ। ପୁରବାସିହ୍ନ ସବ ପୂଛତ ଭୟଊ॥**
**ସୁନି ସବ ଚରିତ ଭୂପଗୃହଁ ଆଏ। କରି ପୂଜା ନୃପ ମୁନି ବୈଠାଏ॥ ୪ ॥**

କୌତୂହଳବଶତଃ ମୁନି ନାରଦ ଯାଇ ସେହି ନଗରରେ ପହଞ୍ଚିଗଲେ ଏବଂ ନାଗରିକମାନଙ୍କୁ ସେଠାକାର ସମାଚାର ପଚାରିଲେ । ସବୁକଥା ଶୁଣି ସେ ରାଜାଙ୍କ ନଅରକୁ ଚାଲିଗଲେ। ମୁନିଙ୍କୁ ପୂଜା କରି ରାଜା ଆସନରେ ବସାଇଲେ॥ ୪ ॥

**ଦୋଃ- ଆନି ଦେଖାଈ ନାରଦହି ଭୂପତି ରାଜକୁମାରି।**
**କହହୁ ନାଥ ଗୁନ ଦୋଷ ସବ ଏହି କେ ହୃଦୟଁ ବିଚାରି॥ ୧୩୦ ॥**

ତା'ପରେ ରାଜା ରାଜକୁମାରୀକୁ ଆଣି ନାରଦଙ୍କୁ ଦେଖାଇଲେ ଏବଂ ପଗ୍ଚରିଲେ, ''ହେ ନାଥ ! ଆପଣ ବିଗ୍ଚର କରି ଏହି କନ୍ୟାର ଦୋଷଗୁଣସବୁ କହନ୍ତୁ ।''॥ ୧୩୦ ॥

**ଦେଖି ରୂପ ମୁନି ବିରତି ବିସାରୀ । ବଢ଼ୀ ବାର ଲଗି ରହେ ନିହାରୀ ॥**
**ଲଚ୍ଛନ ତାସୁ ବିଲୋକି ଭୁଲାନେ । ହୃଦୟଁ ହରଷ ନହିଁ ପ୍ରଗଟ ବଖାନେ ॥ ୧ ॥**

କନ୍ୟାର ରୂପ ଦେଖି ମୁନି ନିଜର ବୈରାଗ୍ୟ ଭୁଲିଗଲେ । ସେ ତାକୁ ବହୁତ ସମୟଯାଏ ଗ୍ଚହିଁରହିଲେ । ତା'ର ଲକ୍ଷଣ ଦେଖି ମୁନି ନିଜକୁ ଭୁଲିଗଲେ । ସେ ମନେ ମନେ ହର୍ଷିତ ମଧ୍ୟ ହେଲେ; କିନ୍ତୁ ପ୍ରକାଶ୍ୟରେ କିଛି କହିଲେ ନାହିଁ ॥ ୧ ॥

**ଜୋ ଏହି ବରଇ ଅମର ସୋଇ ହୋଈ । ସମରଭୂମି ତେହି ଜୀତ ନ କୋଈ ॥**
**ସେୱହିଁ ସକଲ ଚରାଚର ତାହୀ । ବରଇ ସୀଲନିଧି କନ୍ୟା ଜାହୀ ॥ ୨ ॥**

[ଲକ୍ଷଣମାନ ଦେଖି ସେ ମନେ ମନେ କହିହେଲେ,] 'ଯେ ଏହାକୁ ବିବାହ କରିବ, ସେ ଅମର ହୋଇଯିବ; ରଣଭୂମିରେ ତାକୁ କେହି ବି ଜିଣିପାରିବେ ନାହିଁ । ଶୀଳନିଧିଙ୍କର ଏହି କନ୍ୟା ଯାହାକୁ ବରଣ କରିବ, ସକଳ ଚରାଚର ଜୀବ ତା'ର ସେବା କରିବେ ।' ॥ ୨ ॥

**ଲଚ୍ଛନ ସବ ବିଗ୍ଚରି ଉର ରାଖେ । କଛୁକ ବନାଇ ଭୂପ ସନ ଭାଷେ ॥**
**ସୁତା ସୁଲଚ୍ଛନ କହି ନୃପ ପାହୀଁ । ନାରଦ ଚଲେ ସୋଚ ମନ ମାହୀଁ ॥ ୩ ॥**

ସକଳ ଲକ୍ଷଣ ବିଗ୍ଚର କରି ମୁନି ତାହା ମନଭିତରେ ଲୁଗ୍ଚଇରଖିଲେ ଏବଂ ନିଜେ କିଛି ବନେଇଚୁନେଇ ରାଜାଙ୍କୁ କହିଦେଲେ । ରାଜାଙ୍କୁ ତାଙ୍କ କନ୍ୟାର ସୁଲକ୍ଷଣ କହିଦେଇ ନାରଦ ସେଠାରୁ ପ୍ରସ୍ଥାନ କଲେ; କିନ୍ତୁ ମନେ ମନେ ଚିନ୍ତା କଲେ, ॥ ୩ ॥

**କରୌଁ ଜାଇ ସୋଇ ଜତନ ବିଗ୍ଚରୀ । ଜେହି ପ୍ରକାର ମୋହି ବରୈ କୁମାରୀ ॥**
**ଜପ ତପ କଛୁ ନ ହୋଇ ତେହି କାଲା । ହେ ବିଧି ମିଲଇ କୱନ ବିଧି ବାଲା ॥ ୪ ॥**

''ମୁଁ ଯାଇ ଭାବିଚିନ୍ତି ଏପରି କିଛି ଗୋଟିଏ ଉପାୟ କରିବି, ଯାହାଫଳରେ କି ଏହି କନ୍ୟା ମୋତେହିଁ ବରଣ କରିବ । ଏତେବେଳେ ଆଉ ଜପତପରେ କିଛି ହୋଇପାରିବ ନାହିଁ । ହେ ବିଧାତା ! ଏହି କନ୍ୟା ମୋତେ କିପରି ମିଳୁ !! ॥ ୪ ॥

**ଦୋଃ- ଏହି ଅୱସର ଗ୍ଚହିଅ ପରମ ସୋଭା ରୂପ ବିସାଲ ।**
**ଜୋ ବିଲୋକି ରୀଝୈ କୁଅଁରି ତବ ମେଲୈ ଜୟମାଲ ॥ ୧୩୧ ॥**

ଏତିକିବେଳେ ତ ମୋର ପରମ ସୌନ୍ଦର୍ଯ୍ୟ ଓ ବିଶାଳରୂପ ହୋଇଯିବା ଦରକାର । ତାହା ଦେଖିଲେହିଁ, ରାଜକୁମାରୀ ମୋ ଉପରେ ଖୁସୀ ହୋଇ ମୋ ଗଳାରେ ବରଣମାଳା ଲମ୍ବାଇଦେବ ॥ ୧୩୧॥

**ହରି ସନ ମାଗୌଁ ସୁଂଦରତାଈ । ହୋଇହି ଜାତ ଗହରୁ ଅତି ଭାଈ ॥**
**ମୋରେଁ ହିତ ହରି ସମ ନହିଁ କୋଉ । ଏହି ଅୱସର ସହାୟ ସୋଇ ହୋଉ ॥ ୧ ॥**

[ଯାଉଛି ଗୋଟିଏ କାମ କରିବି;] ଭଗବାନଙ୍କୁ ସୌନ୍ଦର୍ଯ୍ୟ ମାଗିବି । କିନ୍ତୁ ଭାଇ ! ବର୍ତ୍ତମାନ ତାଙ୍କ ପାଖକୁ ଗଲେ ତ ବହୁତ ବିଳମ୍ବ ହୋଇଯିବ । [ଅନ୍ୟ ଦୃଷ୍ଟିରୁ ଦେଖିଲେ,] ମୋର ତ ଶ୍ରୀହରିଙ୍କ ପରି ଆଉ କେହି ହିତାକାଙ୍କ୍ଷୀ ନାହାନ୍ତି । ତେଣୁ ଏହି ସମୟରେ ସେ ହିଁ ମୋର ସାହା ହୁଅନ୍ତୁ !'' ॥ ୧ ॥

**ବହୁବିଧି ବିନୟ କୀହ୍ନି ତେହି କାଲା । ପ୍ରଗଟେଉ ପ୍ରଭୁ କୌତୁକୀ କୃପାଲା ॥**
**ପ୍ରଭୁ ବିଲୋକି ମୁନି ନୟନ ଜୁଡ଼ାନେ । ହୋଇହି କାଜୁ ହିଏଁ ହରଷାନେ ॥ ୨ ॥**

ଏପରି କହି ନାରଦ ଭଗବାନଙ୍କୁ ଅନେକପ୍ରକାରେ ପ୍ରାର୍ଥନା କଲେ । ଲୀଳାମୟ କୃପାଳୁ ପ୍ରଭୁ ସେଠାରେ ପ୍ରକଟ ହୋଇଗଲେ । ପ୍ରଭୁଙ୍କୁ ଦେଖି ନାରଦଙ୍କ ନେତ୍ର ଶୀତଳ ହୋଇଗଲା । ଏଥର କାମ ହୋଇଯିବ ଭାବି ସେ ମନେ ମନେ ଖୁସୀ ହୋଇଗଲେ ॥ ୨ ॥

**ଅତି ଆରତି କହି କଥା ସୁନାଈ । କରହୁ କୃପା କରି ହୋହୁ ସହାଈ ॥**
**ଆପନ ରୂପ ଦେହୁ ପ୍ରଭୁ ମୋହୀ । ଆନ ଭାଁତି ନହିଁ ପାୱୌଁ ଓହୀ ॥ ୩ ॥**

ନାରଦ ବହୁ ଦୈନ୍ୟ ପ୍ରକାଶ କରି ଭଗବାନଙ୍କୁ ସବୁକଥା ଶୁଣାଇଦେଲେ ଏବଂ ପ୍ରାର୍ଥନା କଲେ, ‘‘ହେ ପ୍ରଭୁ ! ମୋତେ କୃପା କରନ୍ତୁ ! ମୋର ସହାୟ ହୁଅନ୍ତୁ । ହେ ପ୍ରଭୁ ! ମୋତେ ଆପଣଙ୍କ ରୂପ ଦେଇଦିଅନ୍ତୁ । ଅନ୍ୟ କୌଣସି ଉପାୟରେ ମୁଁ ସେହି ରାଜକନ୍ୟାକୁ ପାଇପାରିବି ନାହିଁ ॥ ୩ ॥

**ଜେହି ବିଧି ନାଥ ହୋଇ ହିତ ମୋରା । କରହୁ ସୋ ବେଗି ଦାସ ମୈଁ ତୋରା ॥**
**ନିଜ ମାୟା ବଲ ଦେଖି ବିସାଲା । ହିୟଁ ହଁସି ବୋଲେ ଦୀନଦୟାଲା ॥ ୪ ॥**

ହେ ପ୍ରଭୁ ! ଯାହା କଲେ ମୋର ମଙ୍ଗଳ ହେବ, ଆପଣ ଶୀଘ୍ର ତାହା କରନ୍ତୁ । ମୁଁ ଆପଣଙ୍କର ଦାସ ।’’ ନିଜ ମାୟାର ବିରାଟ ଶକ୍ତି ଦେଖି, ଦୀନଦୟାଳୁ ଭଗବାନ୍ ମନେ ମନେ ହସିଲେ । କହିଲେ, ॥ ୪ ॥

ଦୋଃ- **ଜେହି ବିଧି ହୋଇହି ପରମ ହିତ ନାରଦ ସୁନହୁ ତୁହ୍ମାର ।**
**ସୋଇ ହମ କରବ ନ ଆନ କଛୁ ବଚନ ନ ମୃଷା ହମାର ॥ ୧୩୨ ॥**

‘‘ହେ ନାରଦ ! ଶୁଣନ୍ତୁ; ଯାହା କଲେ ଆପଣଙ୍କର ପରମ ମଙ୍ଗଳ ହେବ, ମୁଁ ତାହାହିଁ କରିବି; ଅନ୍ୟ କିଛି କରିବି ନାହିଁ। ମୋ କଥା କେବେ ମିଛ ହୁଏନା ॥ ୧୩୨ ॥

**କୁପଥ ମାଗ ରୁଜ ବ୍ୟାକୁଲ ରୋଗୀ । ବୈଦ ନ ଦେଇ ସୁନହୁ ମୁନି ଜୋଗୀ ॥**
**ଏହି ବିଧି ହିତ ତୁହ୍ମାର ମୈଁ ଠୟଉ । କହି ଅସ ଅଂତରହିତ ପ୍ରଭୁ ଭୟଉ ॥ ୧ ॥**

ହେ ଯୋଗୀମୁନି ! ଶୁଣନ୍ତୁ, ରୋଗରେ ବ୍ୟାକୁଳ ହେଉଥିବା ରୋଗୀ କୁପଥ୍ୟ ମାଗିଲେ, ବୈଦ୍ୟ ତାହା ଦିଏ ନାହିଁ । ମୁଁ ମଧ୍ୟ ଆପଣଙ୍କର ସେହିପରି ମଙ୍ଗଳ କରିବାକୁ ପଣ କରିଛି ।’’ ଏପରି କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ ॥ ୧ ॥

**ମାୟା ବିବସ ଭଏ ମୁନି ମୂଢ଼ା । ସମୁଝୀ ନହିଁ ହରି ଗିରା ନିଗୂଢ଼ା ॥**
**ଗୱନେ ତୁରତ ତହାଁ ରିଷିରାଈ । ଜହାଁ ସ୍ୱୟଂବର ଭୂମି ବନାଈ ॥ ୨ ॥**

ଭଗବାନଙ୍କ ମାୟାର ବଶୀଭୂତ ହୋଇ ମୁନି ଏପରି ମୂଢ଼ ହୋଇଯାଇଥିଲେ ଯେ, ସେ ଭଗବାନଙ୍କର ସ୍ପଷ୍ଟ କଥାକୁ ବି ବୁଝିପାରିଲେ ନାହିଁ । ଯେଉଁଠାରେ ସ୍ୱୟଂବର ସଭାର ଆୟୋଜନ ହୋଇଥିଲା, ଋଷିରାଜ ନାରଦ ତୁରନ୍ତ ସେଠାକୁ ଚାଲିଗଲେ ॥ ୨ ॥

**ନିଜ ନିଜ ଆସନ ବୈଠେ ରାଜା । ବହୁ ବନାୱ କରି ସହିତ ସମାଜା ॥**
**ମୁନି ମନ ହରଷ ରୂପ ଅତି ମୋରେଁ । ମୋହି ତଜି ଆନହି ବରିହି ନ ଭୋରେଁ ॥ ୩ ॥**

ରାଜାମାନେ ନାନାପ୍ରକାରେ ସଜବାଜ ହୋଇ, ଲୋକବାକ ଧରି ନିଜ ନିଜ ଆସନରେ ବସିଥାନ୍ତି । 'ମୋ ରୂପ ବଡ଼ ସୁନ୍ଦର ହୋଇଛି; ସେହି କନ୍ୟା ଭୁଲ୍‌ରେ ବି ମୋ ଛଡ଼ା ଅନ୍ୟ କାହାକୁ ବରିବ ନାହିଁ ।' ମନେ ମନେ ଏପରି ଭାବି ନାରଦ ବଡ଼ ଖୁସୀ ହେଉଥାନ୍ତି ॥ ୩ ॥

**ମୁନି ହିତ କାରନ କୃପାନିଧାନା । ଦୀହ୍ନ କୁରୂପ ନ ଜାଇ ବଖାନା ॥**
**ସୋ ଚରିତ୍ର ଲଖି କାହୁଁ ନ ପାୱା । ନାରଦ ଜାନି ସବହିଁ ସିର ନାୱା ॥ ୪ ॥**

କିନ୍ତୁ କୃପାନିଧାନ ଭଗବାନ୍ ମୁନିଙ୍କ ମଙ୍ଗଳନିମନ୍ତେ ତାଙ୍କୁ ଏପରି କୁରୂପ କରିଦେଇଥାନ୍ତି ଯେ, ତାହାର ବର୍ଣ୍ଣନା କରିହେବ ନାହିଁ । ଅବଶ୍ୟ ଏକଥା କେହି ବି ଜାଣିପାରିଲେ ନାହିଁ; ସମସ୍ତେ ତାଙ୍କୁ ନାରଦ ବୋଲି ଭାବି ପ୍ରଣାମ କଲେ ॥ ୪ ॥

ଦୋଃ- **ରହେ ତହାଁ ଦୁଇ ରୁଦ୍ର ଗନ ତେ ଜାନହିଁ ସବ ଭେଉ ।**
**ବିପ୍ରବେଷ ଦେଖତ ଫିରହିଁ ପରମ କୌତୁକୀ ତେଉ ॥ ୧୩୩ ॥**

ସେଠାରେ ଶିବଙ୍କର ଦୁଇଜଣ ଗଣ ମଧ୍ୟ ଥିଲେ । ସେ ଦୁହେଁ ସବୁ ରହସ୍ୟ ଜାଣିଥିଲେ; ତେଣୁ ସେମାନେ ବ୍ରାହ୍ମଣବେଶ ଧରି ବୁଲି ବୁଲି ଏସବୁ ଲୀଳା ଦେଖୁଥିଲେ । ସେ ଦୁହେଁ ବଡ଼ କୌତୁକପ୍ରିୟ ଥିଲେ ॥ ୧୩୩ ॥

**ଜେହିଁ ସମାଜ ବୈଠେ ମୁନି ଜାଈ । ହୃଦୟଁ ରୂପ ଅହମିତି ଅଧିକାଈ ॥**
**ତହଁ ବୈଠେ ମହେସ ଗନ ଦୋଉ । ବିପ୍ରବେଷ ଗତି ଲଖଇ ନ କୋଉ ॥ ୧ ॥**

ନାରଦ ମନେ ମନେ ନିଜ ରୂପର ଅଭିମାନରେ ଗର୍ବିତ ହୋଇ ଯେଉଁ ଧାଡ଼ିରେ ବସିଥିଲେ, ଶିବଗଣ ଦୁହେଁ ଯାଇ ସେହି ଧାଡ଼ିରେ ବସିଗଲେ । ବ୍ରାହ୍ମଣବେଶ ଧରିଥିବାରୁ ସେମାନଙ୍କର ଏହି ଗ୍ୱିଲ୍ କେହି ଜାଣିପାରିଲେ ନାହିଁ ॥ ୧ ॥

**କରହିଁ କୂଟି ନାରଦହି ସୁନାଈ । ନୀକି ଦୀହ୍ନି ହରି ସୁଂଦରତାଈ ॥**
**ରୀଝିହି ରାଜକୁଅଁରି ଛବି ଦେଖୀ । ଇହ୍ନହି ବରିହି ହରି ଜାନି ବିସେଷୀ ॥ ୨ ॥**

ସେ ଦୁହେଁ ନାରଦଙ୍କୁ ଶୁଣାଇ ଶୁଣାଇ ବିଦ୍ରୂପ କରିବାକୁ ଲାଗିଲେ, ''ହରି ଏହାଙ୍କୁ ବଢ଼ିଆ ରୂପସୌନ୍ଦର୍ଯ୍ୟ ଦେଇଛନ୍ତି ! ଏହାଙ୍କ ରୂପ ଦେଖି ରାଜକୁମାରୀ ପ୍ରସନ୍ନ ହୋଇଯିବ ଏବଂ ଏହାଙ୍କୁ 'ହରି' (ମାଙ୍କଡ଼) ଜାଣି ବିଶେଷରୂପେ ବରଣ କରିବ ।'' ॥ ୨ ॥

**ମୁନିହି ମୋହ ମନ ହାଥ ପରାଏଁ । ହଁସହିଁ ସଂଭୁ ଗନ ଅତି ସଚୁ ପାଏଁ ॥**
**ଜଦପି ସୁନହିଁ ମୁନି ଅଟପଟି ବାନୀ । ସମୁଝି ନ ପରଇ ବୁଦ୍ଧି ଭ୍ରମ ସାନୀ ॥ ୩ ॥**

ନାରଦ ମୁନିଙ୍କୁ ତ ମୋହ ଘୋଟିଥିଲା; କାରଣ ତାଙ୍କ ମନ ଅନ୍ୟ ହାତରେ ଥିଲା । ଶିବଙ୍କ ଗଣ ଦୁହେଁ କୌତୁକରେ ହସୁଥାନ୍ତି । ନାରଦ ସେ ଦୁହିଁଙ୍କ ବକ୍ରୋକ୍ତି ଶୁଣୁଥାନ୍ତି; ଅଥଚ ବୁଦ୍ଧି ଭ୍ରମିତ ହୋଇଯାଇଥିବାରୁ ସେମାନଙ୍କ କଥାର ଉଦ୍ଦେଶ୍ୟ ବୁଝିପାରୁ ନ ଥାନ୍ତି ॥ ୩ ॥

**କାହୁଁ ନ ଲଖା ସୋ ଚରିତ ବିସେଷା । ସୋ ସରୂପ ନୃପକନ୍ୟାଁ ଦେଖା ॥**
**ମର୍କଟ ବଦନ ଭୟଂକର ଦେହୀ । ଦେଖତ ହୃଦୟଁ କ୍ରୋଧ ଭା ତେହୀ ॥ ୪ ॥**

ଏହି ରହସ୍ୟ ଅନ୍ୟ କେହି ଜାଣିପାରିଲେ ନାହିଁ; କେବଳ ରାଜକନ୍ୟା ନାରଦଙ୍କର ସେହି ରୂପ ଦେଖିପାରିଲା । ତାଙ୍କର ମାଙ୍କଡ଼ମୁହଁ ଓ ଭୟଙ୍କର ରୂପ ଦେଖୁ ଦେଖୁ କନ୍ୟାର ମନରେ କ୍ରୋଧ ଆସିଗଲା ॥ ୪ ॥

ଦୋ:- **ସଖୀଁ ସଂଗ ଲୈ କୁଅଁରି ତବ ଚଲି ଜନୁ ରାଜମରାଲ ।**
**ଦେଖତ ଫିରଇ ମହୀପ ସବ କର ସରୋଜ ଜୟମାଲ ॥ ୧୩୪ ॥**

ତା'ପରେ ରାଜକୁମାରୀ କରକମଳରେ ବରଣମାଳା ଧରି, ରାଜହଂସୀ ଚାଲିଲାପରି କମନୀୟ ଗତିରେ ସଖୀମାନଙ୍କ ସହିତ ବୁଲି ବୁଲି ସବୁରାଜାଙ୍କୁ ଦେଖିବାକୁ ଲାଗିଲା ॥ ୧୩୪ ॥

**ଜେହି ଦିସି ବୈଠେ ନାରଦ ଫୂଲୀ । ସୋ ଦିସି ତେହିଁ ନ ବିଲୋକୀ ଭୂଲୀ ॥**
**ପୁନି ପୁନି ମୁନି ଉକସହିଁ ଅକୁଲାହୀଁ । ଦେଖି ଦସା ହର ଗନ ମୁସୁକାହୀଁ ॥ ୧ ॥**

[ନିଜ ରୂପଗର୍ବରେ] ଉତ୍‌ଫୁଲ୍ଲ ହୋଇ ନାରଦ ଯେଉଁଠାରେ ବସିଥାନ୍ତି, ସେଆଡ଼କୁ ରାଜକୁମାରୀ ଭୁଲ୍‌ରେ ବି ଅନାଇଲା ନାହିଁ । ନାରଦ ମୁନି ବାରମ୍ବାର ଉହୁଙ୍କି ଉଠୁଥାନ୍ତି ଓ ଛଟପଟ ହେଉଥାନ୍ତି । ତାଙ୍କ ଅବସ୍ଥା ଦେଖି ଶିବଗଣ ମୁରୁକି ମୁରୁକି ହସୁଥାନ୍ତି ॥ ୧ ॥

**ଧରି ନୃପତନୁ ତହଁ ଗୟଉ କୃପାଲା । କୁଅଁରି ହରଷି ମେଲେଉ ଜୟମାଲା ॥**
**ଦୁଲହିନି ଲୈ ଗେ ଲଚ୍ଛିନିବାସା । ନୃପସମାଜ ସବ ଭୟଉ ନିରାସା ॥ ୨ ॥**

ଏତିକିବେଳେ କୃପାଳୁ ଭଗବାନ୍ ମଧ୍ୟ ରାଜାରୂପ ଧରି ସେଠାରେ ଆସି ପହଞ୍ଚିଗଲେ ଏବଂ ରାଜକୁମାରୀ ଆନନ୍ଦିତା ହୋଇ ତାଙ୍କରି ଗଳାରେ ବରଣମାଳା ଲମ୍ବାଇଦେଲା । ଲକ୍ଷ୍ମୀନିବାସ ଭଗବାନ୍ କନ୍ୟାକୁ ନେଇ ଚାଲିଗଲେ । ଅନ୍ୟସବୁ ରାଜା ନିରାଶ ହୋଇଗଲେ ॥ ୨ ॥

**ମୁନି ଅତି ବିକଲ ମୋହଁ ମତି ନାଠୀ । ମନି ଗିରି ଗଈ ଛୂଟି ଜନୁ ଗାଁଠୀ ॥**
**ତବ ହର ଗନ ବୋଲେ ମୁସୁକାଈ । ନିଜ ମୁଖ ମୁକୁର ବିଲୋକହୁ ଜାଈ ॥ ୩ ॥**

ମୁନିଙ୍କ ବୁଦ୍ଧି ତ ମୋହ ହେତୁ ନଷ୍ଟ ହୋଇଯାଇଥିଲା; ତେଣୁ ରାଜକୁମାରୀ ଚାଲିଗଲା ଦେଖି ସେ ଏପରି ବିକଳ ହୋଇଉଠିଲେ ଯେ, ଲାଗିଲା, ସତେ ଯେପରି ତାଙ୍କ ଗଣ୍ଠିରୁ ଏକ ଅମୂଲ୍ୟ ମଣି ଖସିପଡ଼ିଛି । ସେତିକିବେଳେ ଶିବଙ୍କ ଗଣଦ୍ୱୟ ମୁରୁକିହସା ଦେଇ କହିଲେ, ''ଆପଣ ଯାଇ ଦର୍ପଣରେ ନିଜ ମୁହଁଟା ଟିକିଏ ଦେଖନ୍ତୁ ତ !'' ॥ ୩ ॥

**ଅସ କହି ଦୋଉ ଭାଗେ ଭୟଁ ଭାରୀ । ବଦନ ଦୀଖ ମୁନି ବାରି ନିହାରୀ ॥**
**ବେଷୁ ବିଲୋକି କ୍ରୋଧ ଅତି ବାଢ଼ା । ତିହ୍ନହି ସରାପ ଦୀହ୍ନ ଅତି ଗାଢ଼ା ॥ ୪ ॥**

ଏତିକି କହିଦେଇ ସେଦୁହେଁ ଭୟରେ ସେଠାରୁ ପଳାଇଗଲେ । ମୁନି ଯାଇ ପାଣିକୁ ଚାହିଁ ନିଜ ମୁହଁ ଦେଖି ଦେଉ ଦେଉ ତାଙ୍କ ମୁଣ୍ଡକୁ ରାଗ ଚଢ଼ିଗଲା । ସେ ଶିବଙ୍କର ସେହି ଗଣ ଦୁଇଜଣଙ୍କୁ ଅତ୍ୟନ୍ତ କଠୋର ଅଭିଶାପ ଦେଇ କହିଲେ, ॥ ୪ ॥

ଦୋ:- **ହୋହୁ ନିସାଚର ଜାଇ ତୁହ୍ମ କପଟୀ ପାପୀ ଦୋଉ ।**
**ହଁସେହୁ ହମହି ସୋ ଲେହୁ ଫଲ ବହୁରି ହଁସେହୁ ମୁନି କୋଉ ॥ ୧୩୫ ॥**

''ତୁମେ କପଟୀ ଓ ପାପୀ ଦୁଇଟା ଯାଇ ରାକ୍ଷସ ହୋଇଯାଅ । ତୁମେ ମୋତେ ଯେଉଁ ପରିହାସ କଲ, ତା'ର ଫଳ ପାଅ । ଆଉ କେବେ ଯେପରି କୌଣସି ମୁନିଙ୍କୁ ସେପରି ପରିହାସ ନ କର !'' ॥ ୧୩୫ ॥

**ପୁନି ଜଲ ଦୀଖ ରୂପ ନିଜ ପାୱା । ତଦପି ହୃଦୟଁ ସଂତୋଷ ନ ଆୱା ॥**
**ଫରକତ ଅଧର କୋପ ମନ ମାହୀଁ । ସପଦି ଚଲେ କମଲାପତି ପାହୀଁ ॥ ୧ ॥**

ମୁନି ଆଉଥରେ ପାଣିକୁ ଗ୍ରହିଁଦେଲାବେଳକୁ ତାଙ୍କୁ ତାଙ୍କ ନିଜ ରୂପ ମିଳିଯାଇଥିଲା । ତଥାପି ତାଙ୍କ ମନରେ ସନ୍ତୋଷ ଆସିଲା ନାହିଁ । ତାଙ୍କ ଓଠ ଥରୁଥାଏ; ମନରେ କ୍ରୋଧ ଜଳୁଥାଏ । ସେ ଅବିଳମ୍ବେ ଭଗବାନ୍ କମଳାପତିଙ୍କ ନିକଟକୁ ଚାଲିଲେ ॥ ୧ ॥

**ଦେହଉଁ ଶ୍ରାପ କି ମରିହଉଁ ଜାଈ । ଜଗତ ମୋରି ଉପହାସ କରାଈ ॥**
**ବୀଚହିଁ ପଂଥ ମିଲେ ଦନୁଜାରୀ । ସଂଗ ରମା ସୋଇ ରାଜକୁମାରୀ ॥ ୨ ॥**

[ସେ ମନେ ମନେ ଭାବୁଥାନ୍ତି,] ''ହୁଏତ ଅଭିଶାପ ଦେବି, ନଚେତ୍ ପ୍ରାଣ ହରାଇଦେବି । ସେ ମୋତେ ଆଜି ଲୋକହସା କରେଇଦେଲେ !'' ଦୈତ୍ୟାରି ଭଗବାନ୍ ହରି ମଝିବାଟରେହିଁ ତାଙ୍କ ହାବୁଡ଼ରେ ପଡ଼ିଗଲେ । ଭଗବାନଙ୍କ ସାଥିରେ ଲକ୍ଷ୍ମୀ ଓ ସେହି ରାଜକୁମାରୀ ଥାଆନ୍ତି ॥ ୨ ॥

**ବୋଲେ ମଧୁର ବଚନ ସୁରସାଇଁ । ମୁନି କହଁ ଚଲେ ବିକଲ କୀ ନାଈଁ ॥**
**ସୁନତ ବଚନ ଉପଜା ଅତି କ୍ରୋଧା । ମାୟା ବସ ନ ରହା ମନ ବୋଧା ॥ ୩ ॥**

ସୁରପତି ଭଗବାନ୍ ମଧୁରଭାବରେ ପଗ୍ରରିଲେ, ''ହେ ମୁନି ! ଏପରି ବ୍ୟାକୁଳ ହୋଇ ଆପଣ କୁଆଡ଼େ ଧାଇଁଛନ୍ତି ?'' ଏ କଥା ଶୁଣୁ ଶୁଣୁ ନାରଦ ଭୀଷଣ ରାଗିଗଲେ । ମାୟାର ବଶୀଭୂତ ହୋଇଯାଇଥିବାରୁ ତାଙ୍କର ଆଉ କାଣ୍ଡଜ୍ଞାନ ରହିଲା ନାହିଁ ॥ ୩ ॥

**ପର ସଂପଦା ସକହୁ ନହିଁ ଦେଖୀ । ତୁହ୍ମରେଁ ଇରିଷା କପଟ ବିସେଷୀ ॥**
**ମଥତ ସିଂଧୁ ରୁଦ୍ରହି ବୌରାୟହୁ । ସୁରହ୍ନ ପ୍ରେରି ବିଷ ପାନ କରାୟହୁ ॥ ୪ ॥**

ସେ କହିଲେ, ''ତୁମେ ଅନ୍ୟର ସୁଖସମ୍ପଦ ଦେଖିପାର ନାହିଁ । ତୁମ ଠାରେ ବହୁତ ଈର୍ଷା ଓ କପଟ ରହିଛି । ସମୁଦ୍ରମନ୍ଥନବେଳେ ତୁମେ ଶିବଙ୍କୁ ବାତୁଳ କରିଦେଲ ଏବଂ ଦେବତାମାନଙ୍କ ଦ୍ୱାରା ତାଙ୍କୁ ଟିହାଇଦେଇ ବିଷ ପିଆଇଦେଲ ॥ ୪ ॥

ଦୋ:- **ଅସୁର ସୁରା ବିଷ ସଂକରହି ଆପୁ ରମା ମନି ଗ୍ରରୁ ।**
**ସ୍ୱାରଥ ସାଧକ କୁଟିଲ ତୁହ୍ମ ସଦା କପଟ ବ୍ୟଓ୍ୱହାରୁ ॥ ୧୩୬ ॥**

ଅସୁରମାନଙ୍କୁ ମଦ୍ୟ ଦେଇ ଓ ଶିବଙ୍କୁ ବିଷ ଦେଇ ନିଜେ କୌସ୍ତୁଭମଣି ଓ ସୁନ୍ଦରୀ ଲକ୍ଷ୍ମୀଙ୍କୁ ନେଇଗଲ । ତୁମେ ବଡ଼ କୁଟିଳ ଓ ସ୍ୱାର୍ଥପର ; ତୁମେ ସବୁବେଳେ କପଟ ବ୍ୟବହାର କରୁଛ ॥ ୧୩୬ ॥

**ପରମ ସ୍ୱତଂତ୍ର ନ ସିର ପର କୋଈ । ଭାଓ୍ୱଇ ମନହି କରହୁ ତୁହ୍ମ ସୋଈ ॥**
**ଭଲେହି ମଂଦ ମଂଦେହି ଭଲ କରହୂ । ବିସମୟ ହରଷ ନ ହିୟଁ କଛୁ ଧରହୂ ॥ ୧ ॥**

ତୁମେ ବଡ଼ ସ୍ୱେଚ୍ଛାଗ୍ରରୀ। ତୁମ ଉପରେ ତ ଆଉ କେହି ନାହିଁ, ତେଣୁ ମନକୁ ଯେତେବେଳେ ଯାହା ପାଇଲା, ତାହା ଅବାଧରେ କରିଯାଉଛ; ଭଲକୁ ମନ୍ଦ କରିଦେଉଛ ଓ ମନ୍ଦକୁ ଭଲ କରିଦେଉଛ—ସେଥିପାଇଁ ଖୁସୀ ହେଉନାହଁ, କି ଦୁଃଖୀ ବି କରୁନାହଁ॥ ୧ ॥

**ଡହକି ଡହକି ପରିଚେହୁ ସବ କାହୂ । ଅତି ଅସଂକ ମନ ସଦା ଉଛାହୂ ॥**
**କରମ ସୁଭାସୁଭ ତୁହ୍ମହି ନ ବାଧା । ଅବ ଲଗି ତୁହ୍ମହି ନ କାହୂଁ ସାଧା ॥ ୨ ॥**

ସମସ୍ତଙ୍କୁ ଠକିବା ତୁମର ଅଭ୍ୟାସ ହୋଇଗଲାଣି । ତୁମେ ଅତି ନିର୍ଭୀକ ହୋଇଗଲଣି । ତେଣୁ ଠକିବା କାମରେ ତୁମ ମନରେ ସବୁବେଳେ ଉତ୍ସାହ ରହିଛି । ତୁମକୁ ଶୁଭ ଓ ଅଶୁଭ କର୍ମ ବାଧା ଦିଏ ନାହିଁ । ଏପର୍ଯ୍ୟନ୍ତ ତୁମକୁ କେହି ଉଚିତ ଶିକ୍ଷା ଦେଇପାରିନାହାନ୍ତି ॥ ୨ ॥

**ଭଲେ ଭଓ୍ୱନ ଅବ ବାୟନ ଦୀହ୍ନା । ପାଓ୍ୱହୁଗେ ଫଲ ଆପନ କୀହ୍ନା ॥**
**ବଂଚେହୁ ମୋହି ଜଓ୍ୱନି ଧରି ଦେହା । ସୋଇ ତନୁ ଧରହୁ ଶ୍ରାପ ମମ ଏହା ॥ ୩ ॥**

ଏଥର ତୁମେ ଭଲ ଯାଗାରେ ବଅଣା ଦେଇଛ; ଏହାର ଉପଯୁକ୍ତ ଫଳ ପାଇଯିବ (ଅର୍ଥାତ୍ ତୁମ କୃତକର୍ମର ଫଳ ପାଇବ) । ମୁଁ ଅଭିଶାପ ଦେଉଛି ଯେ, ତୁମେ ଯେଉଁ ଶରୀର (ରାଜାଦେହ) ଧରି ମୋତେ ଠକିଲ, ଏଥର ସେହି ଶରୀର ଧାରଣ କର ॥ ୩ ॥

**କପି ଆକୃତି ତୁହ୍ମ କୀହ୍ନି ହମାରୀ । କରିହହିଁ କୀସ ସହାୟ ତୁହ୍ମାରୀ ॥**
**ମମ ଅପକାର କୀହ୍ନ ତୁହ୍ମ ଭାରୀ । ନାରି ବିରହଁ ତୁହ୍ମ ହୋବ ଦୁଖାରୀ ॥ ୪ ॥**

ତୁମେ ମୋ ରୂପଟାକୁ ମାଙ୍କଡ଼ ପରି କରିଦେଇଥିଲ; ତେଣୁ ସେହି ମାଙ୍କଡ଼ମାନେହିଁ ତୁମକୁ ସାହାଯ୍ୟ କରିବେ । ମୁଁ ଯେଉଁ ସ୍ତ୍ରୀଟିକୁ ଚାହୁଁଥିଲି, ତାକୁ ମୋଠାରୁ ବିଚ୍ଛିନ୍ନ କରାଇ ତୁମେ ମୋର ଘୋର କ୍ଷତି କରିଛ; ତେଣୁ ତୁମେ ବି ସ୍ତ୍ରୀବିରହରେ ଦୁଃଖୀ ହେବ ।'' ॥ ୪ ॥

ଦୋଃ- **ଶ୍ରାପ ସୀସ ଧରି ହରଷି ହିୟଁ ପ୍ରଭୁ ବହୁ ବିନତୀ କୀହ୍ନି ।**
**ନିଜ ମାୟା କୈ ପ୍ରବଲତା କରଷି କୃପାନିଧି ଲୀହ୍ନି ॥ ୧୩୭ ॥**

ଅଭିଶାପକୁ ଶିରୋଧାର୍ଯ୍ୟ କରି ପ୍ରଭୁ ମନେ ମନେ ଆନନ୍ଦିତ ହେଲେ ଏବଂ ନାରଦଙ୍କୁ ବହୁ ବିନତି କରିବା ପରେ କୃପାନିଧାନ ଭଗବାନ୍ ନିଜମାୟାର ପ୍ରଭାବକୁ ଅପସାରଣ କରିନେଲେ ॥ ୧୩୭ ॥

**ଜବ ହରି ମାୟା ଦୂରି ନିଓ୍ୱାରୀ । ନହିଁ ତହଁ ରମା ନ ରାଜକୁମାରୀ ॥**
**ତବ ମୁନି ଅତି ସଭୀତ ହରି ଚରନା । ଗହେ ପାହି ପ୍ରନତାରତି ହରନା ॥ ୧ ॥**

ଭଗବାନ୍ ମାୟାକୁ ହଟାଇନେବାରୁ ଦେଖାଗଲା ଯେ, ସେଠାରେ ଲକ୍ଷ୍ମୀ ନାହାନ୍ତି, କି ରାଜକୁମାରୀ ନାହିଁ । ଫଳରେ ଅତ୍ୟନ୍ତ ଭୟଭୀତ ହୋଇ ମୁନି ଭଗବାନଙ୍କ ପାଦ ଧରିପକାଇଲେ । ସେ କହିଲେ, ''ହେ ଶରଣାଗତର ଦୁଃଖହାରୀ ! ମୋତେ ରକ୍ଷା କରନ୍ତୁ ! ॥ ୧ ॥

**ମୃଷା ହୋଉ ମମ ଶ୍ରାପ କୃପାଲା । ମମ ଇଚ୍ଛା କହ ଦୀନଦୟାଲା ॥**
**ମୈଁ ଦୁର୍ବଚନ କହେ ବହୁତେରେ । କହ ମୁନି ପାପ ମିଟିହିଁ କିମି ମେରେ ॥ ୨ ॥**

ହେ କୃପାଳୁ ! ମୋର ଅଭିଶାପ ମିଥ୍ୟା ହୋଇଯାଉ ।'' ତାହା ଶୁଣି ଦୀନଦୟାଳୁ ଭଗବାନ୍ କହିଲେ, ''ଏସବୁ ମୋରି ଇଚ୍ଛାରୁ ହେଲା ।'' ମୁନି କହିଲେ, ''ମୁଁ ତ ଆପଣଙ୍କୁ ବହୁ କଟୁବଚନ କହିଦେଲି; ମୋ ପାପ କିପରି କଟିବ ?'' ॥ ୨ ॥

**ଜପହୁ ଜାଇ ସଂକର ସତନାମା । ହୋଇହି ହୃଦୟଁ ତୁରତ ବିଶ୍ରାମା ॥**
**କୋଉ ନହିଁ ସିଓ୍ୱ ସମାନ ପ୍ରିୟ ମୋରେଁ । ଅସି ପରତୀତି ତଜହୁ ଜନି ଭୋରେଁ ॥ ୩ ॥**

ଭଗବାନ୍ କହିଲେ, ''ଆପଣ ଯାଇ ଶଙ୍କରଙ୍କର ଶତନାମ ସ୍ତୋତ୍ର ଜପ କରନ୍ତୁ; ତା'ହେଲେ ତୁରନ୍ତ ହୃଦୟରେ ଶାନ୍ତି ପାଇବେ । ମୋର ଶିବଙ୍କ ପରି ପ୍ରିୟ ହୋଇ ଅନ୍ୟ କେହି ନାହିଁ; ଏହି ବିଶ୍ୱାସଟି କେବେ ଭୁଲ୍‌ରେ ବି ଛାଡ଼ିବେ ନାହିଁ ॥ ୩ ॥

**ଜେହି ପର କୃପା ନ କରହିଁ ପୁରାରୀ । ସୋ ନ ପାଓ୍ୱ ମୁନି ଭଗତି ହମାରୀ ॥**
**ଅସ ଉର ଧରି ମହି ବିଚରହୁ ଜାଈ । ଅବ ନ ତୁହ୍ମହି ମାୟା ନିଅରାଈ ॥ ୪ ॥**

ହେ ମୁନି ! ପୁରାରି (ଭଗବାନ୍ ଶିବ) ଯାହାକୁ କୃପା ନ କରନ୍ତି, ସେ ମୋ'ଭକ୍ତି ପାଏ ନାହିଁ । ଏହା ମନେରଖି, ଯାଇ ପୃଥିବୀରେ ବିଚରଣ କରନ୍ତୁ । ଏଥର ମୋ ମାୟା ଆଉ ଆପଣଙ୍କ ନିକଟକୁ ଯିବ ନାହିଁ ।'' ॥ ୪ ॥

**ଦୋ:- ବହୁବିଧି ମୁନିହି ପ୍ରବୋଧି ପ୍ରଭୁ ତବ ଭଏ ଅଁତରଧାନ ।**
**ସତ୍ୟଲୋକ ନାରଦ ଚଲେ କରତ ରାମ ଗୁନ ଗାନ ॥ ୧୩୮ ॥**

ଏପରି ଭାବରେ ମୁନିଙ୍କୁ ବହୁପ୍ରକାରେ ବୁଝାଇସୁଝାଇ, ସାନ୍ତ୍ୱନା ଦେଇ ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ନାରଦ ଶ୍ରୀରାମଙ୍କ ଗୁଣ ଗାନ କରି କରି ସତ୍ୟଲୋକ(ବ୍ରହ୍ମଲୋକ)କୁ ଚାଲିଗଲେ ॥ ୧୩୮ ॥

**ହର ଗନ ମୁନିହି ଜାତ ପଥ ଦେଖୀ । ବିଗତ ମୋହ ମନ ହରଷ ବିସେଷୀ ॥**
**ଅତି ସଭୀତ ନାରଦ ପହିଁ ଆଏ । ଗହି ପଦ ଆରତ ବଚନ ସୁନାଏ ॥ ୧ ॥**

ଶିବଙ୍କର ସେହି ଦୁଇଜଣ ଗଣ ଦେଖିଲେ ଯେ, ନାରଦ ମୁନି ମୋହମୁକ୍ତ ଓ ପ୍ରସନ୍ନଚିତ୍ତ ହୋଇ ମାର୍ଗରେ ଯାଉଛନ୍ତି । ତାହା ଦେଖି ସେ ଦୁହେଁ ଅତି ଭୟଭୀତ ହୋଇ ତାଙ୍କ ନିକଟକୁ ଆସିଲେ ଓ ତାଙ୍କ ପାଦ ଧରି, ଦୈନ୍ୟ ପ୍ରକାଶ କରି କହିଲେ, ॥ ୧ ॥

**ହର ଗନ ହମ ନ ବିପ୍ର ମୁନିରାୟା । ବଡ଼ ଅପରାଧ କୀହ୍ନ ଫଲ ପାୟା ॥**
**ଶ୍ରାପ ଅନୁଗ୍ରହ କରହୁ କୃପାଲା । ବୋଲେ ନାରଦ ଦୀନଦୟାଲା ॥ ୨ ॥**

''ହେ ମୁନିବର ! ଆମେ ବ୍ରାହ୍ମଣ ନୋହୁଁ; ଆମେ ହେଉଛୁ ଶିବଙ୍କର ଗଣ । ଆମେ ବଡ଼ ଅପରାଧ କଲୁ ଓ ତା'ର ଫଳ ମଧ୍ୟ ପାଇଗଲୁ । ହେ କୃପାଳୁ ! ବର୍ତ୍ତମାନ କୃପା କରି ଆମ ଉପରୁ ଅଭିଶାପ ଦୂର କରନ୍ତୁ ।'' ଦୀନଦୟାଳୁ ନାରଦ କହିଲେ, ॥ ୨ ॥

**ନିସିଚର ଜାଇ ହୋହୁ ତୁହ୍ମ ଦୋଉ । ବୈଭଓ୍ୱ ବିପୁଲ ତେଜ ବଲ ହୋଉ ॥**
**ଭୁଜବଲ ବିସ୍ୱ ଜିତବ ତୁହ୍ମ ଜହିଆ । ଧରିହହିଁ ବିଷ୍ଣୁ ମନୁଜ ତନୁ ତହିଆ ॥ ୩ ॥**

''ତୁମେ ଦୁହେଁ ଯାଇ ରାକ୍ଷସ ହୋଇଯାଅ । ତୁମେ ମହାନ୍ ଐଶ୍ୱର୍ଯ୍ୟ, ତେଜ ଓ ବଳ ପ୍ରାପ୍ତ ହେବ । ତୁମେ ଆପଣା ଭୁଜବଳରେ ଯେତେବେଳେ ସକଳ ବିଶ୍ୱକୁ ଜୟ କରିଯିବ, ସେତେବେଳେ ଭଗବାନ୍ ବିଷ୍ଣୁ ମନୁଷ୍ୟଶରୀର ଧାରଣ କରିବେ ॥ ୩ ॥

**ସମର ମରନ ହରି ହାଥ ତୁହ୍ମାରା । ହୋଇହହୁ ମୁକୁତ ନ ପୁନି ସଂସାରା ॥**
**ଚଲେ ଜୁଗଲ ମୁନି ପଦ ସିର ନାଈ । ଭଏ ନିସାଚର କାଲହି ପାଈ ॥ ୪ ॥**

ଯୁଦ୍ଧରେ ଶ୍ରୀହରିଙ୍କ ହାତରେ ତୁମର ମୃତ୍ୟୁ ହେବ ଏବଂ ତାହା ଫଳରେ ତୁମେ ମୁକ୍ତ ହୋଇଯିବ; ତୁମକୁ ଆଉ ଏହି ସଂସାରରେ ଜନ୍ମ ନେବାକୁ ପଡ଼ିବ ନାହିଁ ।'' ଏହା ଶୁଣି ସେ ଦୁହେଁ ମୁନିଙ୍କ ଚରଣରେ ପ୍ରଣାମ କରି ଚାଲିଗଲେ ଏବଂ କାଳକ୍ରମେ ରାକ୍ଷସ ହୋଇଗଲେ ॥ ୪ ॥

**ଦୋ:- ଏକ କଲପ ଏହି ହେତୁ ପ୍ରଭୁ ଲୀହ୍ନ ମନୁଜ ଅଓ୍ୱତାର ।**
**ସୁର ରଂଜନ ସଜ୍ଜନ ସୁଖଦ ହରି ଭଂଜନ ଭୁବି ଭାର ॥ ୧୩୯ ॥**

ଏହି କାରଣରୁ ସୁରଗଣରଞ୍ଜନ, ଧରାଭାରଭଞ୍ଜନ ଓ ସାଧୁଜନଙ୍କର ସୁଖଦାତା ଭଗବାନ୍ ଗୋଟିଏ କଳ୍ପରେ ମନୁଷ୍ୟ ଅବତାର ନେଇଥିଲେ ॥ ୧୩୯ ॥

**ଏହି ବିଧି ଜନମ କରମ ହରି କେରେ । ସୁଂଦର ସୁଖଦ ବିଚିତ୍ର ଘନେରେ ॥**
**କଲପ କଲପ ପ୍ରତି ପ୍ରଭୁ ଅଵତରହୀଁ । ଚାରୁ ଚରିତ ନାନା ବିଧି କରହୀଁ ॥ ୧ ॥**

ଭଗବାନଙ୍କର ଏହିପରି ଅନେକ ସୁନ୍ଦର, ସୁଖଦ ଓ ଅଲୌକିକ ଜନ୍ମ ଓ କର୍ମ ରହିଛି । ପ୍ରତ୍ୟେକ କଳ୍ପରେ ଭଗବାନ୍ ଅବତାର ଗ୍ରହଣ କରନ୍ତି ଓ ନାନାପ୍ରକାର ସୁନ୍ଦର ଲୀଳା କରନ୍ତି ॥ ୧ ॥

**ତବ ତବ କଥା ମୁନୀସନ୍ହ ଗାଈ । ପରମ ପୁନୀତ ପ୍ରବଂଧ ବନାଈ ॥**
**ବିବିଧ ପ୍ରସଂଗ ଅନୂପ ବଖାନେ । କରହିଁ ନ ସୁନି ଆଚରଜୁ ସୟାନେ ॥ ୨ ॥**

ସେତେବେଳେ ମୁନୀଶ୍ୱରମାନେ ପରମପବିତ୍ର କାବ୍ୟ ରଚନା କରି ତାଙ୍କର ଲୀଳା କୀର୍ତ୍ତନ କରନ୍ତି ଏବଂ ବିଭିନ୍ନପ୍ରକାର ଅନୁପମ ପ୍ରସଙ୍ଗ ବର୍ଣ୍ଣନା କରନ୍ତି । ସେସବୁ ଶୁଣି ବିବେକୀ ଲୋକେ ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ ॥ ୨ ॥

**ହରି ଅନଂତ ହରିକଥା ଅନଂତା । କହହିଁ ସୁନହିଁ ବହୁବିଧି ସବ ସଂତା ॥**
**ରାମଚଂଦ୍ର କେ ଚରିତ ସୁହାଏ । କଲପ କୋଟି ଲଗି ଜାହିଁ ନ ଗାଏ ॥ ୩ ॥**

ଶ୍ରୀହରି ଅନନ୍ତ ଏବଂ ତାଙ୍କ କଥା ମଧ୍ୟ ଅନନ୍ତ । ସନ୍ଥମାନେ ତାହା ବହୁପ୍ରକାରେ କହନ୍ତି ଓ ଶୁଣନ୍ତି । ଶ୍ରୀରାମଚନ୍ଦ୍ରଙ୍କ ସୁନ୍ଦର ଚରିତ ଗାନ କରି କୋଟିକଳ୍ପରେ ସୁଦ୍ଧା ଶେଷ କରିହେବ ନାହିଁ ॥ ୩ ॥

**ୟହ ପ୍ରସଂଗ ମୈଁ କହା ଭଵାନି । ହରିମାୟାଁ ମୋହହିଁ ମୁନି ଗ୍ୟାନୀ ॥**
**ପ୍ରଭୁ କୌତୁକୀ ପ୍ରନତ ହିତକାରୀ । ସେଵତ ସୁଲଭ ସକଲ ଦୁଖହାରୀ ॥ ୪ ॥**

[ଶିବ କହିଲେ,] "ହେ ପାର୍ବତୀ, ମୁଁ ଏହି ପ୍ରସଙ୍ଗ କହିବାର କାରଣ ହେଲା, ଜ୍ଞାନୀମୁନିମାନେ ମଧ୍ୟ ଭଗବାନଙ୍କ ମାୟାରେ ମୋହିତ ହୋଇଯାଆନ୍ତି । ପ୍ରଭୁ ବଡ଼ କୌତୁକପ୍ରିୟ (ଲୀଳାମୟ) ଏବଂ ଶରଣାଗତବତ୍ସଳ । ସେ ସେବାଦ୍ୱାରା ସୁଲଭ ଏବଂ ସେ ସର୍ବଦୁଃଖ ହରଣ କରନ୍ତି ॥ ୪ ॥

ସୋ:- **ସୁର ନର ମୁନି କୋଉ ନାହିଁ ଜେହି ନ ମୋହ ମାୟା ପ୍ରବଲ ।**
**ଅସ ବିଚାରି ମନ ମାହିଁ ଭଜିଅ ମହାମାୟା ପତିହି ॥ ୧୪୦ ॥**

ଦେବତା, ମନୁଷ୍ୟ ଓ ମୁନିମାନଙ୍କ ମଧ୍ୟରେ ଏପରି କେହି ଜଣେ ହେଲେ ନାହିଁ, ଯାହାକୁ କି ଭଗବାନଙ୍କର ମହାବଳବତୀ ମାୟା ମୋହିତ ନ କରିଛି । ଏହା ବିଚାର କରି ସେହି ମହାମାୟାପତି ଶ୍ରୀଭଗବାନଙ୍କୁ ଭଜିବା ଉଚିତ ॥ ୧୪୦ ॥

**ଅପର ହେତୁ ସୁନୁ ସୈଲକୁମାରୀ । କହଉଁ ବିଚିତ୍ର କଥା ବିସ୍ତାରୀ ॥**
**ଜେହି କାରନ ଅଜ ଅଗୁନ ଅରୂପା । ବ୍ରହ୍ମ ଭୟଉ କୋସଲପୁର ଭୂପା ॥ ୧ ॥**

ହେ ଶୈଳସୁତା ! ବର୍ତ୍ତମାନ ଭଗବାନଙ୍କ ଅବତାର ନେବାର ସେହି ଦ୍ୱିତୀୟ କାରଣଟି ଶୁଣ, ଯେଉଁ କାରଣରୁ କି ଅଜନ୍ମା, ନିର୍ଗୁଣ ଓ ଅରୂପ (ଅବ୍ୟକ୍ତ ସଚ୍ଚିଦାନନ୍ଦ) ବ୍ରହ୍ମ ଅଯୋଧ୍ୟାପୁରୀର ରାଜା ହେଲେ । ମୁଁ ସେହି ବିଚିତ୍ର କଥାଟି ବିସ୍ତାରପୂର୍ବକ କହୁଛି ॥ ୧ ॥

**ଜୋ ପ୍ରଭୁ ବିପିନ ଫିରତ ତୁମ୍ହ ଦେଖା । ବଂଧୁ ସମେତ ଧରେଁ ମୁନିବେଷା ॥**
**ଜାସୁ ଚରିତ ଅଵଲୋକି ଭଵାନୀ । ସତୀ ସରୀର ରହିହୁ ବୌରାନୀ ॥ ୨ ॥**
**ଅଜହୁଁ ନ ଛାୟା ମିଟତି ତୁମ୍ହାରୀ । ତାସୁ ଚରିତ ସୁନୁ ଭ୍ରମ ରୁଜ ହାରୀ ॥**
**ଲୀଲା କୀନ୍ହି ଜୋ ତେହିଁ ଅଵତାରା । ସୋ ସବ କହିହଉଁ ମତି ଅନୁସାରା ॥ ୩ ॥**

ଯେଉଁ ପ୍ରଭୁ ଶ୍ରୀରାମଙ୍କୁ ତୁମେ ଭାଇ ଲକ୍ଷ୍ମଣଙ୍କ ସହିତ ମୁନିଙ୍କ ପରି ବେଶ ଧରି ବନରେ ବିଚରଣ କରୁଥିବାର ଦେଖିଥିଲ ଏବଂ ହେ ଭବାନୀ ! ଯାହାଙ୍କ ଚରିତ ଦେଖି ତୁମେ ସତୀ-ଶରୀରରେ ଏତେ ପାଗଳୀ ହୋଇ ଯାଇଥିଲ ଯେ, ଏପର୍ଯ୍ୟନ୍ତ ତୁମ ଉପରୁ ସେହି ପାଗଳପଣର ଛାୟା ଯାଇନାହିଁ, ସେହି ପ୍ରଭୁଙ୍କର ଭ୍ରମରୂପୀ ରୋଗହରଣକାରୀ ଚରିତ ଶୁଣ । ସେହି ଅବତାରରେ ଭଗବାନ୍ ଯେଉଁସବୁ ଲୀଳା କରିଥିଲେ, ସେସବୁ ମୁଁ ମୋ ନିଜ ବୁଦ୍ଧି ଅନୁସାରେ ତୁମକୁ କହିବି ।'' ॥ ୩ ॥

**ଭରଦ୍ୱାଜ ସୁନି ସଂକର ବାନୀ । ସକୁଚି ସପ୍ରେମ ଉମା ମୁସୁକାନୀ ॥**
**ଲଗେ ବହୁରି ବରନୈ ବୃଷକେତୂ । ସୋ ଅୱତାର ଭୟଉ ଜେହି ହେତୂ ॥ ୪ ॥**

[ଯାଜ୍ଞବଲ୍କ୍ୟ କହିଲେ,] ହେ ଭରଦ୍ୱାଜ ! ଶଙ୍କରଙ୍କ ବଚନ ଶୁଣି ପାର୍ବତୀ ସଂକୋଚ ଓ ପ୍ରେମରେ ମୁରୁକି ମୁରୁକି ହସିଲେ । ଏଥର ଯେଉଁ କାରଣରୁ ଭଗବାନ୍ ଅବତାର ଗ୍ରହଣ କଲେ, ବୃଷକେତୁ ଶିବ ତାହା ବର୍ଣ୍ଣନା କରିବାକୁ ଲାଗିଲେ ॥ ୪ ॥

ଦୋः- **ସୋ ମୈଁ ତୁହ୍ମ ସନ କହଉଁ ସବୁ ସୁନୁ ମୁନୀସ ମନ ଲାଇ ।**
**ରାମ କଥା କଲି ମଲ ହରନି ମଂଗଲ କରନି ସୁହାଇ ॥ ୧୪୧ ॥**

ହେ ମୁନୀଶ୍ୱର ଭରଦ୍ୱାଜ ! ମୁଁ ଆପଣଙ୍କୁ ସେସବୁ କହୁଛି; ମନ ଦେଇ ଶୁଣନ୍ତୁ । ଶ୍ରୀରାମଙ୍କ କଥା କଳିଯୁଗର ସକଳପାପହାରିଣୀ, କଲ୍ୟାଣକାରିଣୀ ଏବଂ ଅତ୍ୟନ୍ତ ମନୋହାରିଣୀ ॥ ୧୪୧ ॥

**ସ୍ୱାୟଂଭୂ ମନୁ ଅରୁ ସତରୂପା । ଜିହ୍ନ ତେଁ ଭୈ ନରସୃଷ୍ଟି ଅନୂପା ॥**
**ଦଂପତି ଧରମ ଆଚରନ ନୀକା । ଅଜହୁଁ ଗାୱଶ୍ରୁତି ଜିହ୍ନ କୈ ଲୀକା ॥ ୧ ॥**

ସ୍ୱାୟମ୍ଭୁବ ମନୁ ଏବଂ ତାଙ୍କ ପତ୍ନୀ ଶତରୂପାଙ୍କ ଠାରୁ ମନୁଷ୍ୟମାନଙ୍କର ଏହି ଅନୁପମ ସୃଷ୍ଟି ଆରମ୍ଭ ହୋଇଥିଲା । ସେହି ଦମ୍ପତି ଉତ୍ତମ ଆଚରଣସମ୍ପନ୍ନ ଓ ଧର୍ମପରାୟଣ ଥିଲେ। ଆଜି ମଧ୍ୟ ବେଦମାନେ ସେମାନଙ୍କର ମହିମା ଗାନ କରୁଛନ୍ତି ॥ ୧ ॥

**ନୃପ ଉତ୍ତାନପାଦ ସୁତ ତାସୂ । ଧ୍ରୁୱ ହରି ଭଗତ ଭୟଉ ସୁତ ଜାସୂ ॥**
**ଲଘୁ ସୁତ ନାମ ପ୍ରିୟବ୍ରତ ତାହୀ । ବେଦ ପୁରାନ ପ୍ରସଂସହିଁ ଜାହୀ ॥ ୨ ॥**

ରାଜା ଉତ୍ତାନପାଦ ସେହି ଦୁହିଁଙ୍କର ପୁତ୍ର ଥିଲେ । ପ୍ରସିଦ୍ଧ ହରିଭକ୍ତ ଧ୍ରୁବ ଥିଲେ ଉତ୍ତାନପାଦଙ୍କର ପୁତ୍ର । ସ୍ୱାୟମ୍ଭୁବ ମନୁଙ୍କ ସାନପୁଅଙ୍କ ନାମ ଥିଲା ପ୍ରିୟବ୍ରତ; ତାହାଙ୍କର ପ୍ରଶସ୍ତି ବେଦ ଓ ପୁରାଣମାନେ ଗାନ କରିଛନ୍ତି ॥ ୨ ॥

**ଦେୱହୂତି ପୁନି ତାସୁ କୁମାରୀ । ଜୋ ମୁନି କର୍ଦମ କୈ ପ୍ରିୟ ନାରୀ ॥**
**ଆଦିଦେୱ ପ୍ରଭୁ ଦୀନଦୟାଲା । ଜଠର ଧରେଉ ଜେହିଁ କପିଲ କୃପାଲା ॥ ୩ ॥**

ପୁଣି ତାଙ୍କ (ମନୁଙ୍କ) କନ୍ୟାଙ୍କ ନାମ ଥିଲା ଦେବହୂତି । ଦେବହୂତି ଥିଲେ କର୍ଦ୍ଦମ ମୁନିଙ୍କର ପ୍ରିୟା ପତ୍ନୀ । ସେ ଆଦିଦେବ ଦୀନଦୟାଳୁ କୃପାଳୁ ଭଗବାନ୍ କପିଳଙ୍କୁ ଗର୍ଭରେ ଧାରଣ କରିଥିଲେ ॥ ୩ ॥

**ସାଂଖ୍ୟ ସାସ୍ତ୍ର ଜିହ୍ନ ପ୍ରଗଟ ବଖାନା । ତତ୍ତ୍ୱ ବିଗ୍ଚର ନିପୁନ ଭଗୱାନା ॥**
**ତେହିଁ ମନୁ ରାଜ କୀହ୍ନ ବହୁ କାଲା । ପ୍ରଭୁ ଆୟସୁ ସବ ବିଧି ପ୍ରତିପାଲା ॥ ୪ ॥**

ଭଗବାନ୍ କପିଳ ତତ୍ତ୍ୱବିଗ୍ଚରରେ ଅତ୍ୟନ୍ତ ନିପୁଣ ଥିଲେ । ସେ ବିଶଦରୂପରେ ସାଂଖ୍ୟଶାସ୍ତ୍ର ବର୍ଣ୍ଣନା କରିଥିଲେ । ସ୍ୱାୟମ୍ଭୁବ ମନୁ ବହୁକାଳ ରାଜୁତି କରିଥିଲେ ଏବଂ ଭଗବାନଙ୍କ ଆଜ୍ଞାନୁସାରେ ସକଳପ୍ରକାରେ ଶାସ୍ତ୍ରମର୍ଯ୍ୟାଦା ପାଳନ କରିଥିଲେ ॥ ୪ ॥

ସୋଃ- **ହୋଇ ନ ବିଷୟ୍ ବିରାଗ ଭୱ୍ନ ବସତ ଭା ଚୌଥପନ ।**
**ହୃଦୟ୍ଁ ବହୁତ ଦୁଖ ଲାଗ ଜନମ ଗୟଉ ହରିଭଗତି ବିନୁ ॥ ୧୪୨ ॥**

ଘରେ ରହି ରହି ବାର୍ଦ୍ଧକ୍ୟ ଆସିଗଲା; ତଥାପି ବିଷୟ ପ୍ରତି ବୈରାଗ୍ୟ ଆସିଲା ନାହିଁ । ଏହା ଦେଖି ତାଙ୍କ ମନରେ ବଡ଼ ଦୁଃଖ ହେଲା ଯେ, ଶ୍ରୀହରିଙ୍କ ଭକ୍ତି ବିନା ଜନ୍ମଟା ଏପରି ବୃଥାରେ ଚାଲିଗଲା ॥ ୧୪୨ ॥

**ବରବସ ରାଜ ସୁତହି ତବ ଦୀହ୍ନା । ନାରି ସମେତ ଗୱ୍ନ ବନ କୀହ୍ନା ॥**
**ତୀରଥ ବର ନୈମିଷ ବିଖ୍ୟାତା । ଅତି ପୁନୀତ ସାଧକ ସିଧି ଦାତା ॥ ୧ ॥**

ଏପରି ବିଚାର କରି, ପୁତ୍ରକୁ ବାଧ୍ୟତାସହକାରେ ରାଜ୍ୟ ଦେଇ ମନୁ ସସ୍ତ୍ରୀକ ବନକୁ ଚାଲିଗଲେ । ନୈମିଷାରଣ୍ୟ ହେଉଛି ଅତ୍ୟନ୍ତ ପବିତ୍ର ତୀର୍ଥ ଏବଂ ସାଧକମାନଙ୍କୁ ସିଦ୍ଧି ଦେଉଥିବା ତୀର୍ଥମାନଙ୍କ ମଧ୍ୟରେ ପ୍ରସିଦ୍ଧ ॥ ୧ ॥

**ବସହିଁ ତହାଁ ମୁନି ସିଦ୍ଧ ସମାଜା । ତହଁ ହିୟ୍ଁ ହରଷି ଚଲେଉ ମନୁ ରାଜା ॥**
**ପଂଥ ଜାତ ସୋହହିଁ ମତିଧୀରା । ଗ୍ୟାନ ଭଗତି ଜନୁ ଧରେଁ ସରୀରା ॥ ୨ ॥**

ସେଠାରେ ମୁନି ଓ ସିଦ୍ଧଗଣ ବାସ କରନ୍ତି । ରାଜା ମନୁ ବଡ଼ ଆନନ୍ଦରେ ସେଠାକୁ ଗଲେ । ସେହି ଧୀରଚିତ୍ତ ରାଜା ଓ ରାଣୀ ମାର୍ଗରେ ଯାଉଥିବାବେଳେ ସାକ୍ଷାତ୍ ଜ୍ଞାନ ଓ ଭକ୍ତି ମୂର୍ତ୍ତିମାନ୍ ହୋଇ ଚାଲୁଥିବାପରି ଶୋଭା ପାଉଥିଲେ ॥ ୨ ॥

**ପହୁଁଚେ ଜାଇ ଧେନୁମତି ତୀରା । ହରଷି ନହାନେ ନିରମଲ ନୀରା ॥**
**ଆଏ ମିଲନ ସିଦ୍ଧ ମୁନି ଗ୍ୟାନୀ । ଧରମ ଧୁରଂଧର ନୃପରିଷି ଜାନୀ ॥ ୩ ॥**

ଚାଲୁ ଚାଲୁ ଦୁହେଁ ଯାଇ ଗୋମତୀକୂଳରେ ପହଞ୍ଚିଗଲେ । ସେମାନେ ଆନନ୍ଦରେ ନିର୍ମଳଜଳରେ ସ୍ନାନ କଲେ । ମନୁଙ୍କୁ ଧର୍ମଧୁରନ୍ଧର ରାଜର୍ଷି ବୋଲି ଜାଣି ସିଦ୍ଧ ଓ ଜ୍ଞାନୀମୁନିମାନେ ଆସି ତାଙ୍କୁ ସାକ୍ଷାତ୍ କଲେ ॥ ୩ ॥

**ଜହଁ ଜହଁ ତୀରଥ ରହେ ସୁହାଏ । ମୁନିହ୍ନ ସକଲ ସାଦର କରୱ୍ାଏ ॥**
**କୃସ ସରୀର ମୁନିପଟ ପରିଧାନା । ସତ ସମାଜ ନିତ ସୁନହିଁ ପୁରାନା ॥ ୪ ॥**

ସେଠାରେ ଯେଉଁଠି ଯେଉଁଠି ସୁନ୍ଦର ତୀର୍ଥ ଥିଲା, ମୁନିମାନେ ସେଦୁହିଁଙ୍କୁ ଆଦରପୂର୍ବକ ନେଇ ସେହିସବୁ ତୀର୍ଥ ଦର୍ଶନ କରାଇଦେଲେ । ସେଦୁହିଁଙ୍କ ଶରୀର ଦୁର୍ବଳ ହୋଇଯାଇଥିଲା; ଦୁହେଁ ମୁନିମାନଙ୍କ ପରି ବଲ୍କଳ (ବସ୍ତ୍ର) ପିନ୍ଧୁଥିଲେ; ସନ୍ଥମାନଙ୍କ ଗହଣରେ ରହି ପ୍ରତ୍ୟହ ପୁରାଣ ଶୁଣୁଥିଲେ ॥ ୪ ॥

ଦୋଃ- **ଦ୍ୱାଦସ ଅଚ୍ଛର ମଂତ୍ର ପୁନି ଜପହିଁ ସହିତ ଅନୁରାଗ ।**
**ବାସୁଦେୱ୍ ପଦ ପଂକରୁହ ଦଂପତି ମନ ଅତି ଲାଗ ॥ ୧୪୩ ॥**

ଏବଂ ପ୍ରେମପୂର୍ବକ ଦ୍ୱାଦଶାକ୍ଷର ମନ୍ତ୍ର ('ଓଁ ନମୋ ଭଗବତେ ବାସୁଦେବାୟ') ଜପ କରୁଥିଲେ । ଭଗବାନ୍ ବାସୁଦେବଙ୍କ ଚରଣକମଳରେ ସେହି ରାଜାରାଣୀଙ୍କର ମନ ତଲ୍ଲୀନ ହୋଇଯାଇଥିଲା ॥ ୧୪୩ ॥

**କରହିଁ ଅହାର ସାକ ଫଲ କଂଦା । ସୁମିରହିଁ ବ୍ରହ୍ମ ସଚ୍ଚିଦାନଂଦା ॥**
**ପୁନି ହରି ହେତୁ କରନ ତପ ଲାଗେ । ବାରି ଅଧାର ମୂଲ ଫଲ ତ୍ୟାଗେ ॥ ୧ ॥**

ସେମାନେ ଫଳମୂଳ, ପତ୍ର ଆଦି ଭୋଜନ କରୁଥିଲେ ଏବଂ ସଚ୍ଚିଦାନନ୍ଦ ବ୍ରହ୍ମଙ୍କୁ ସ୍ମରଣ କରୁଥିଲେ । ତା'ପରେ ସେମାନେ ଶ୍ରୀହରିଙ୍କ ଉଦ୍ଦେଶ୍ୟରେ ତପସ୍ୟା କରିବାକୁ ଲାଗିଲେ ଏବଂ ଫଳାହାର ଛାଡ଼ିଦେଇ କେବଳ ଜଳ ଉପରେ ନିର୍ଭର କରି ରହିଲେ ॥ ୧ ॥

**ଉର ଅଭିଲାଷ ନିରଂତର ହୋଈ । ଦେଖିଅ ନୟନ ପରମ ପ୍ରଭୁ ସୋଈ ॥**
**ଅଗୁନ ଅଖଂଡ ଅନଂତ ଅନାଦୀ । ଜେହି ଚିଂତହିଁ ପରମାରଥବାଦୀ ॥ ୨ ॥**
**ନେତି ନେତି ଜେହି ବେଦ ନିରୂପା । ନିଜାନଂଦ ନିରୁପାଧି ଅନୂପା ॥**
**ସଂଭୁ ବିରଂଚି ବିଷ୍ଣୁ ଭଗୱାନା । ଉପଜହିଁ ଜାସୁ ଅଂସ ତେଁ ନାନା ॥ ୩ ॥**
**ଐସେଉ ପ୍ରଭୁ ସେୱକ ବସ ଅହଈ । ଭଗତ ହେତୁ ଲୀଲାତନୁ ଗହଈ ॥**
**ଜୌଁ ୟହ ବଚନ ସତ୍ୟ ଶ୍ରୁତି ଭାଷା । ତୌ ହମାର ପୂଜିହି ଅଭିଲାଷା ॥ ୪ ॥**

ସେମାନଙ୍କ ହୃଦୟରେ ନିରନ୍ତର ତୀବ୍ର ଉତ୍କଣ୍ଠା ଜାଗୁଥାଏ, ‘‘ଆମେ କିପରି ସେହି ପରମ ପ୍ରଭୁଙ୍କୁ ସ୍ୱଚକ୍ଷୁରେ ଦେଖିପାରନ୍ତୁ କି! ଯେ ନିର୍ଗୁଣ, ଅଖଣ୍ଡ, ଅନନ୍ତ ଓ ଅନାଦି ଏବଂ ଯାହାଙ୍କୁ ପରମାର୍ଥବାଦୀ (ବ୍ରହ୍ମଜ୍ଞାନୀ, ତତ୍ତ୍ୱଜ୍ଞ) ଲୋକେ ଚିନ୍ତନ କରନ୍ତି , ଯାହାଙ୍କୁ ବେଦ ‘ନେତି-ନେତି’ (ଏହା ବି ନୁହେଁ, ଏହା ବି ନୁହେଁ) କହି ନିରୂପଣ କରନ୍ତି, ପୁଣି ଯେ ଆନନ୍ଦସ୍ୱରୂପ, ଉପାଧିରହିତ ଓ ଅନୁପମ, ଯାହାଙ୍କ ଅଂଶରୁ ଅନେକ ଶିବ, ବ୍ରହ୍ମା ଓ ବିଷ୍ଣୁ ଭଗବାନ୍ ପ୍ରକଟ ହୁଅନ୍ତି, ସେହି ମହାନ୍ ପ୍ରଭୁ ସେବକଙ୍କ ବଶରେ ରହନ୍ତି ଓ ଭକ୍ତମାନଙ୍କ ନିମନ୍ତେ ଦିବ୍ୟ ଲୀଳାବିଗ୍ରହ ଧାରଣ କରନ୍ତି । ଯଦି ବେଦମାନଙ୍କର ଏହି ବଚନ ସତ୍ୟ, ତେବେ ଆମ ଅଭିଳାଷ ମଧ୍ୟ ଅବଶ୍ୟ ପୂର୍ଣ୍ଣ ହେବ ।’’ ॥ ୨-୪ ॥

ଦୋଃ- **ଏହି ବିଧି ବୀତେ ବରଷ ଷଟ ସହସ ବାରି ଆହାର ।**
**ସଂବତ ସପ୍ତ ସହସ୍ର ପୁନି ରହେ ସମୀର ଅଧାର ॥ ୧୪୪ ॥**

ଏପରିଭାବରେ ଜଳ ଆହାର କରି ତପ କରୁ କରୁ ଛଅହଜାର ବର୍ଷ ବିତିଗଲା । ତା’ପରେ ସାତହଜାର ବର୍ଷ ସେଦୁହେଁ କେବଳ ବାୟୁ ଆହାର କରି ରହିଲେ ॥ ୧୪୪ ॥

**ବରଷ ସହସ ଦସ ତ୍ୟାଗେଉ ସୋଊ । ଠାଢ଼େ ରହେ ଏକ ପଦ ଦୋଊ ॥**
**ବିଧି ହରି ହର ତପ ଦେଖି ଅପାରା । ମନୁ ସମୀପ ଆଏ ବହୁ ବାରା ॥ ୧ ॥**

ପୁଣି ଦଶହଜାର ବର୍ଷ ପର୍ଯ୍ୟନ୍ତ ବାୟୁ ଆହାର ମଧ୍ୟ ଛାଡ଼ିଦେଲେ । ଗୋଟିଏ ପାଦରେ ଠିଆ ହୋଇ ଦୁହେଁ ତପସ୍ୟା କଲେ । ସେମାନଙ୍କର ଅପାର ତପ ଦେଖି ବ୍ରହ୍ମା, ବିଷ୍ଣୁ ଓ ଶିବ ଅନେକଥର ସେମାନଙ୍କ ନିକଟକୁ ଆସିଲେ ॥ ୧ ॥

**ମାଗହୁ ବର ବହୁ ଭାଁତି ଲୋଭାଏ । ପରମ ଧୀର ନହିଁ ଚଲହିଁ ଚଲାଏ ॥**
**ଅସ୍ଥିମାତ୍ର ହୋଇ ରହେ ସରୀରା । ତଦପି ମନାଗ ମନହିଁ ନହିଁ ପୀରା ॥ ୨ ॥**

ସେମାନେ ସେହି ରାଜାରାଣୀଙ୍କୁ ନାନାପ୍ରକାର ପ୍ରଲୋଭନ ଦେଖାଇଲେ ଏବଂ କିଛି ବର ମାଗିବାକୁ କହିଲେ । କିନ୍ତୁ ପରମ ଧୈର୍ଯ୍ୟବାନ୍ ରାଜା-ରାଣୀ ନିଜ ତପରୁ ଟିକିଏ ବି ବିଚଳିତ ହେଲେ ନାହିଁ । ଶରୀର ଅସ୍ଥିକଙ୍କାଳସାର ହୋଇଗଲା; ଅଥଚ ଦୁହିଁଙ୍କ ମନରେ କୌଣସି ପୀଡ଼ା ଜାତ ହେଲା ନାହିଁ ॥ ୨ ॥

**ପ୍ରଭୁ ସର୍ବଗ୍ୟ ଦାସ ନିଜ ଜାନୀ । ଗତି ଅନନ୍ୟ ତାପସ ନୃପ ରାନୀ ॥**
**ମାଗୁ ମାଗୁ ବରୁ ଭୈ ନଭ ବାନୀ । ପରମ ଗଭୀର କୃପାମୃତ ସାନୀ ॥ ୩ ॥**

ସର୍ବଜ୍ଞ ପ୍ରଭୁ ଜାଣିଗଲେ ଯେ, ତପସ୍ୱୀ ରାଜା-ରାଣୀ ହେଉଛନ୍ତି ତାଙ୍କର ଅନନ୍ୟ ଆଶ୍ରିତ ଓ ଦାସ । ସେତେବେଳେ କୃପା-ଅମୃତରେ ସିକ୍ତ ପରମଗମ୍ଭୀର ଆକାଶବାଣୀ ଶୁଭିଲା, ‘‘ବର ମାଗ ।’’ ॥ ୩ ॥

**ମୃତକ ଜିଆଓ୍ୱନି ଗିରା ସୁହାଈ । ଶ୍ରଓ୍ୱନ ରଂଧ୍ର ହୋଇ ଉର ଜବ ଆଈ ॥**
**ହୃଷ୍ଟପୁଷ୍ଟ ତନ ଭଏ ସୁହାଏ । ମାନହୁଁ ଅବହିଁ ଭଓ୍ୱନ ତେ ଆଏ ॥ ୪ ॥**

ସେହି ମୃତ୍ୟୁସଂଜୀବନୀତୁଲ୍ୟ ସୁନ୍ଦର ବାଣୀ ସେମାନଙ୍କ କର୍ଣ୍ଣକୁହର ଦେଇ ହୃଦୟରେ ପ୍ରବେଶ କରିବାମାତ୍ରେ ରାଜା-ରାଣୀଙ୍କ ଶରୀର ଏପରି ସୁନ୍ଦର ଓ ହୃଷ୍ଟପୁଷ୍ଟ ହୋଇଗଲା ଯେ, ଜଣାଗଲା, ସତେ ଯେପରି ସେମାନେ ଏହିକ୍ଷଣି ରାଜଭବନରୁ ଆସିଛନ୍ତି ॥ ୪ ॥

ଦୋଃ- **ଶ୍ରଓ୍ୱନ ସୁଧା ସମ ବଚନ ସୁନି ପୁଲକ ପ୍ରଫୁଲ୍ଲିତ ଗାତ ।**
**ବୋଲେ ମନୁ କରି ଦଂଡଓ୍ୱତ ପ୍ରେମ ନ ହୃଦୟଁ ସମାତ ॥ ୧୪୫ ॥**

କର୍ଣ୍ଣରେ ସେହି ଅମୃତତୁଲ୍ୟ ବଚନ ଶୁଣିଦେବାମାତ୍ରେ ଦୁହିଁଙ୍କ ଶରୀର ପ୍ରଫୁଲ୍ଲିତ ଓ ପୁଲକିତ ହୋଇଗଲା । ସେତେବେଳେ ମନୁମହାରାଜାଙ୍କ ହୃଦୟରେ ପ୍ରେମର ସୀମା ରହିଲା ନାହିଁ । ସେ ଦଣ୍ଡପ୍ରଣାମ କରି କହିଲେ, ॥ ୧୪୫ ॥

**ସୁନୁ ସେଓ୍ୱକ ସୁରତରୁ ସୁରଧେନୂ । ବିଧି ହରି ହର ବଂଦିତ ପଦ ରେନୂ ॥**
**ସେଓ୍ୱତ ସୁଲଭ ସକଲ ସୁଖଦାୟକ । ପ୍ରନତପାଲ ସଚରାଚର ନାୟକ ॥ ୧ ॥**

''ହେ ପ୍ରଭୁ ! ଶୁଣନ୍ତୁ, ଆପଣ ତ ସେବକମାନଙ୍କ ନିମନ୍ତେ କଳ୍ପବୃକ୍ଷ ଓ କାମଧେନୁସମାନ । ଆପଣଙ୍କ ଚରଣରଜକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମଧ୍ୟ ବନ୍ଦନା କରନ୍ତି । ଆପଣ ହେଉଛନ୍ତି ସେବାଦ୍ୱାରା ସୁଲଭ ଏବଂ ସକଳ ସୁଖର ଦାତା । ଆପଣ ହେଉଛନ୍ତି ଶରଣାଗତର ରକ୍ଷକ ଓ ସକଳ ଜଡ଼ଚେତନର ସ୍ୱାମୀ ॥ ୧ ॥

**ଜୌଁ ଅନାଥ ହିତ ହମ ପର ନେହୂ । ତୌ ପ୍ରସନ୍ନ ହୋଇ ୟହ ବର ଦେହୂ ॥**
**ଜୋ ସରୂପ ବସ ସିଓ୍ୱ ମନ ମାହୀଁ । ଜେହି କାରନ ମୁନି ଜତନ କରାହୀଁ ॥ ୨ ॥**

ହେ ଅନାଥର କଲ୍ୟାଣକାରୀ ! ଯଦି ଆମ ପ୍ରତି ଆପଣଙ୍କର ସ୍ନେହ ରହିଛି, ତେବେ ପ୍ରସନ୍ନ ହୋଇ ଏହି ବର ଦିଅନ୍ତୁ ଯେ, ଆପଣଙ୍କର ଯେଉଁ ସ୍ୱରୂପ ଶିବଙ୍କ ହୃଦୟରେ ବାସ କରେ ଏବଂ ଯାହାକୁ ପାଇବାପାଇଁ ମୁନିଜନମାନେ ଯତ୍ନ କରନ୍ତି, ॥ ୨ ॥

**ଜୋ ଭୁସୁଂଡି ମନ ମାନସ ହଂସା । ସଗୁନ ଅଗୁନ ଜେହି ନିଗମ ପ୍ରସଂସା ॥**
**ଦେଖହିଁ ହମ ସୋ ରୂପ ଭରି ଲୋଚନ । କୃପା କରହୁ ପ୍ରନତାରତି ମୋଚନ ॥ ୩ ॥**

ଯେଉଁ ସ୍ୱରୂପଟି ହେଉଛି କାକଭୁଶୁଣ୍ଡିଙ୍କ ମନରୂପୀ ମାନସରୋବରରେ ବିହାର କରୁଥିବା ହଂସସ୍ୱରୂପ, ବେଦ ଯାହାକୁ ସଗୁଣ ଓ ନିର୍ଗୁଣ କହି ପ୍ରଶଂସା କରନ୍ତି, ହେ ଶରଣାଗତର ଦୁଃଖନିବାରକ ପ୍ରଭୁ ! ଆମେ ଯେପରି ସେହି ରୂପକୁ ନୟନ ଭରି ଦର୍ଶନ କରିବୁ, ସେପରି କୃପା କରନ୍ତୁ ।'' ॥ ୩ ॥

**ଦଂପତି ବଚନ ପରମ ପ୍ରିୟ ଲାଗେ । ମୃଦୁଲ ବିନୀତ ପ୍ରେମ ରସ ପାଗେ ॥**
**ଭଗତ ବଛଲ ପ୍ରଭୁ କୃପାନିଧାନା । ବିସ୍ୱବାସ ପ୍ରଗଟେ ଭଗଓ୍ୱାନା ॥ ୪ ॥**

ରାଜା-ରାଣୀଙ୍କ କୋମଳ, ବିନୟ ଓ ପ୍ରେମରସାପ୍ଳୁତ ବଚନ ଭଗବାନଙ୍କୁ ବହୁତ ଭଲ ଲାଗିଲା । ଭକ୍ତବତ୍ସଳ କୃପାନିଧାନ ବିଶ୍ୱମୟ ସର୍ବସମର୍ଥ ଭଗବାନ୍ ପ୍ରକଟ ହୋଇଗଲେ ॥ ୪ ॥

ଦୋଃ- **ନୀଲ ସରୋରୁହ ନୀଲ ମନି ନୀଲ ନୀରଧର ସ୍ୟାମ ।**
**ଲାଜହିଁ ତନ ସୋଭା ନିରଖି କୋଟି କୋଟି ସତ କାମ ॥ ୧୪୬ ॥**

ଭଗବାନଙ୍କର ନୀଳୋତ୍ପଳ, ନୀଳମଣି ଓ ନୀଳମେଘସମାନ (କୋମଳ, ପ୍ରକାଶମୟ ଓ ସରସ) ଶ୍ୟାମଳ [ଚିନ୍ମୟ] ଶରୀରର ଶୋଭା ଦେଖି କୋଟି କୋଟି କାମଦେବ ମଧ୍ୟ ଲଜ୍ଜିତ ହେଉଥାନ୍ତି ॥ ୧୪୬ ॥

**ସରଦ ମୟଂକ ବଦନ ଛବି ସୀଁୱା । ଚ୍ରୁ କପୋଲ ଚିବୁକ ଦର ଗ୍ରୀୱା ॥**
**ଅଧର ଅରୁନ ରଦ ସୁଂଦର ନାସା । ବିଧୁକର ନିକର ବିନିଂଦକ ହାସା ॥ ୧ ॥**

ତାହାଙ୍କର ମୁଖ ହୋଇଥାଏ ଶରତ୍‌ପୂର୍ଣ୍ଣିମାଚନ୍ଦ୍ର ଛବିର ସୀମାସ୍ୱରୂପ; କପୋଳ ଓ ଚିବୁକ ଅତ୍ୟନ୍ତ ସୁନ୍ଦର; କଣ୍ଠ ଶଙ୍ଖ ପରି ତ୍ରିରେଖାଯୁକ୍ତ; ରଙ୍ଗ ଅଧର; ଦନ୍ତପଙ୍‌କ୍ତି ଓ ନାସିକା ଅତ୍ୟନ୍ତ ସୁନ୍ଦର ଏବଂ ହାସ୍ୟରେଖା ଚନ୍ଦ୍ରକିରଣକୁ ବି ନିନ୍ଦା କରୁଥାଏ ॥ ୧ ॥

**ନୱ ଅଂବୁଜ ଅଂବକ ଛବି ନୀକୀ । ଚିତୱନି ଲଲିତ ଭାୱଁତୀ ଜୀ କୀ ॥**
**ଭୃକୁଟି ମନୋଜ ଚ୍ପ ଛବି ହାରୀ । ତିଲକ ଲଲାଟ ପଟଲ ଦୁତିକାରୀ ॥ ୨ ॥**

ତାଙ୍କ ନେତ୍ରର ଛବି ନବପ୍ରସ୍ଫୁଟିତ ପଦ୍ମସମାନ ଅତି ମନୋହର ହୋଇଥାଏ; ସୁନ୍ଦର କଟାକ୍ଷ ଚିତ୍ତ ହରିନେଉଥାଏ । ବକ୍ରଭ୍ରୂଲତା କାମଦେବଙ୍କ ଧନୁର ଶୋଭାକୁ ବି ତୁଚ୍ଛ କରିଦେଉଥାଏ ଏବଂ ଲଲାଟପଟଳରେ ଉଜ୍ଜ୍ୱଳ ତିଳକ ଶୋଭା ପାଉଥାଏ ॥ ୨ ॥

**କୁଂଡଲ ମକର ମୁକୁଟ ସିର ଭ୍ରାଜା । କୁଟିଲ କେସ ଜନୁ ମଧୁପ ସମାଜା ॥**
**ଉର ଶ୍ରୀବସ୍ତ ରୁଚିର ବନମାଲା । ପଦିକ ହାର ଭୂଷନ ମନିଜାଲା ॥ ୩ ॥**

କର୍ଣ୍ଣରେ ମକରକୁଣ୍ଡଳ ଓ ଶିରରେ ମୁକୁଟ ଶୋଭା ପାଉଥାଏ; କୃଷ୍ଣକୁଞ୍ଚିତ କେଶ ଭ୍ରମରକୁଳସମାନ ଦିଶୁଥାଏ; ବକ୍ଷରେ ଶ୍ରୀବତ୍ସପଦ, ସୁନ୍ଦର ବନମାଳା, ରତ୍ନହାର ଓ ମଣିମାଳା ସୁଶୋଭିତ ହୋଇଥାଏ ॥ ୩ ॥

**କେହରି କଂଧର ଚ୍ରୁ ଜନେଉ । ବାହୁ ବିଭୂଷନ ସୁଂଦର ତେଉ ॥**
**କରି କର ସରିସ ସୁଭଗ ଭୁଜଦଂଡା । କଟି ନିଷଂଗ କର ସର କୋଦଂଡା ॥ ୪ ॥**

ସିଂହର ସ୍କନ୍ଧ ପରି ବଳିଷ୍ଠ ସ୍କନ୍ଧରେ ସୁନ୍ଦର ଉପବୀତ; ଭୁଜରେ ସୁନ୍ଦର ଆଭୂଷଣ; ହସ୍ତୀଶୁଣ୍ଢ ପରି ସୁନ୍ଦର ଭୁଜଦଣ୍ଡ; କଟିରେ ତୂଣୀର ଏବଂ ହସ୍ତରେ ଧନୁଶର ଶୋଭା ପାଉଥାଏ ॥ ୪ ॥

ଦୋଃ- **ତଡ଼ିତ ବିନିଂଦକ ପୀତ ପଟ ଉଦର ରେଖ ବର ତୀନି ।**
**ନାଭି ମନୋହର ଲେତି ଜନୁ ଜମୁନ ଭୱଁର ଛବି ଛୀନି ॥ ୧୪୭ ॥**

(ସେ ପିନ୍ଧିଥିବା) ହେମବର୍ଣ୍ଣର ପୀତାମ୍ବର ବିଜୁଳିକୁ ବି ନିନ୍ଦା କରୁଥାଏ । ଉଦରରେ ସୁନ୍ଦର ତ୍ରିବଳୀ (ତିନି ରେଖା) ଶୋଭା ପାଉଥାଏ । ନାଭି ଏପରି ମନୋହର ଦିଶୁଥାଏ ଯେ, ଲାଗୁଥାଏ, ସତେ ଯେପରି ତାହା ଯମୁନାର ଭଉଁରୀମାନଙ୍କର ଛବି ଛଡ଼ାଇଆଣିଛି ॥ ୧୪୭ ॥

**ପଦ ରାଜୀୱ ବରନି ନହିଁ ଜାହୀଁ । ମୁନି ମନ ମଧୁପ ବସହିଁ ଜେହ୍ନ ମାହୀଁ ॥**
**ବାମ ଭାଗ ସୋଭତି ଅନୁକୂଲା । ଆଦିସକ୍ତି ଛବିନିଧି ଜଗମୂଲା ॥ ୧ ॥**

ମୁନିମାନଙ୍କ ମନଭ୍ରମରମାନେ ଭଗବାନଙ୍କର ଯେଉଁ ଚରଣକମଳରେ ଯାଇ ବସନ୍ତି, ସେହି ଚରଣକମଳର ବର୍ଣ୍ଣନା କରିବା ପ୍ରକୃତରେ ଅସମ୍ଭବ । ଭଗବାନଙ୍କର ବାମପାର୍ଶ୍ୱରେ ସୁଶୋଭିତା ହେଉଥାନ୍ତି ସଦା-ଅନୁକୂଳା, ଶୋଭାର ଭଣ୍ଡାର ଓ ଜଗତର ମୂଳକାରଣରୂପା ଆଦିଶକ୍ତି ଜାନକୀ ॥ ୧ ॥

**ଜାସୁ ଅଂସ ଉପଜହିଁ ଗୁନଖାନୀ । ଅଗନିତ ଲଚ୍ଛି ଉମା ବ୍ରହ୍ମାନୀ ॥**
**ଭୃକୁଟି ବିଲାସ ଜାସୁ ଜଗ ହୋଈ । ରାମ ବାମ ଦିସି ସୀତା ସୋଈ ॥ ୨ ॥**

ଯାହାଙ୍କ ଅଂଶରୁ ଗୁଣର ନିଧାନ ଅଗଣିତ ଲକ୍ଷ୍ମୀ, ପାର୍ବତୀ ଓ ବ୍ରହ୍ମାଣୀ (ତ୍ରିଦେବଙ୍କ ଶକ୍ତି) ଜାତ ହୁଅନ୍ତି ଏବଂ ଯାହାଙ୍କ ଭ୍ରୂଭଙ୍ଗୀମାତ୍ରେହିଁ ଜଗତର ସର୍ଜନା ହୁଏ, ଭଗବାନଙ୍କର ସେହି ସ୍ୱରୂପାଶକ୍ତି ଶ୍ରୀସୀତା ଶ୍ରୀରାମଙ୍କ ବାମଭାଗରେ ବିରାଜିତା ହୋଇଥାନ୍ତି ॥ ୨ ॥

**ଛବିସମୁଦ୍ର ହରି ରୂପ ବିଲୋକୀ । ଏକଟକ ରହେ ନୟନ ପଟ ରୋକୀ ॥**
**ଚିତୱହିଁ ସାଦର ରୂପ ଅନୂପା । ତୃପ୍ତି ନ ମାନହିଁ ମନୁ ସତରୂପା ॥ ୩ ॥**

ଶୋଭାର ସାଗର ଶ୍ରୀହରିଙ୍କ ରୂପ ଦେଖି, ମନୁ ଓ ଶତରୂପା ସ୍ତବ୍ଧ ହୋଇ ନିର୍ନିମେଷ ନୟନରେ ଚାହିଁରହିଲେ । ସେହି ଅନୁପମ ରୂପକୁ ସେଦୁହେଁ ଶ୍ରଦ୍ଧାର ସହିତ ଯେତେ ଦେଖିଲେ ବି ତୃପ୍ତ ହେଉ ନ ଥାନ୍ତି ॥ ୩ ॥

**ହରଷ ବିବସ ତନ ଦସା ଭୁଲାନୀ । ପରେ ଦଂଡ ଇୱ ଗହି ପଦ ପାନୀ ॥**
**ସିର ପରସେ ପ୍ରଭୁ ନିଜ କର କଂଜା । ତୁରତ ଉଠାଏ କରୁନାପୁଂଜା ॥ ୪ ॥**

ଅତ୍ୟଧିକ ଆନନ୍ଦରେ ବିଭୋର ହୋଇ ସେଦୁହେଁ ନିଜର ଦେହଜ୍ଞାନ ଭୁଲିଗଲେ ଏବଂ ଭଗବାନଙ୍କ ଚରଣକମଳ ଧରି ଦଣ୍ଡ ପରି ଭୂମିରେ ଲୋଟିପଡ଼ିଲେ । କରୁଣାପୁଞ୍ଜ ପ୍ରଭୁ ନିଜ କରକମଳରେ ଦୁହିଁଙ୍କ ମସ୍ତକ ସ୍ପର୍ଶ କଲେ ଏବଂ ସେମାନଙ୍କୁ ତୁରନ୍ତ ତଳୁ ଉଠାଇଦେଲେ ॥ ୪ ॥

ଦୋ:- **ବୋଲେ କୃପାନିଧାନ ପୁନି ଅତି ପ୍ରସନ୍ନ ମୋହି ଜାନି ।**
**ମାଗହୁ ବର ଜୋଇ ଭାୱ ମନ ମହାଦାନି ଅନୁମାନି ॥ ୧୪୮ ॥**

ତା'ପରେ କୃପାନିଧି ଭଗବାନ୍ କହିଲେ, "ମୁଁ ଅତ୍ୟନ୍ତ ପ୍ରସନ୍ନ ହୋଇଛି ଜାଣି ଏବଂ ମୋତେ ମହାଦାନୀ ବୋଲି ଜାଣି, ତୁମ ମନକୁ ଯାହା ଭଲ ଲାଗୁଛି, ତାହା ମାଗ ।" ॥ ୧୪୮॥

**ସୁନି ପ୍ରଭୁ ବଚନ ଜୋରି ଜୁଗ ପାନୀ । ଧରି ଧୀରଜୁ ବୋଲୀ ମୃଦୁ ବାନୀ ॥**
**ନାଥ ଦେଖି ପଦ କମଲ ତୁହ୍ମାରେ । ଅବ ପୂରେ ସବ କାମ ହମାରେ ॥ ୧ ॥**

ପ୍ରଭୁଙ୍କ ବଚନ ଶୁଣି, ରାଜା ଦୁଇକର ଯୋଡ଼ି ଏବଂ ଧୈର୍ଯ୍ୟ ଧରି ସୁମଧୁର ବାଣୀରେ କହିଲେ, "ହେ ନାଥ ! ଆପଣଙ୍କ ଚରଣକମଳ ଦର୍ଶନ କରି ଆମର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଗଲା ॥ ୧ ॥

**ଏକ ଲାଲସା ବଡ଼ି ଉର ମାହୀଁ । ସୁଗମ ଅଗମ କହି ଜାତି ସୋ ନାହୀଁ ॥**
**ତୁହ୍ମହିଁ ଦେତ ଅତି ସୁଗମ ଗୋସାଈଁ । ଅଗମ ଲାଗ ମୋହି ନିଜ କୃପନାଈଁ ॥ ୨ ॥**

ତଥାପି ମନରେ ଗୋଟିଏ ବିଶେଷ ଲାଲସା ରହିଛି । ତାହା ପୂର୍ଣ୍ଣ ହେବା ଅତ୍ୟନ୍ତ ସହଜ ଏବଂ ଅତ୍ୟନ୍ତ କଠିନ ମଧ୍ୟ । ତେଣୁ ତାହା କହିହେଉ ନାହିଁ । ହେ ସ୍ୱାମୀ ! ତାହା ପୂର୍ଣ୍ଣ କରିବା ତ ଆପଣଙ୍କ ପକ୍ଷରେ ଅତ୍ୟନ୍ତ ସହଜ ; କିନ୍ତୁ ମୋର କୃପଣତା (ଦୀନତା) ହେତୁ, ମୋତେ ତାହା ଅତ୍ୟନ୍ତ କଠିନ ବୋଧ ହେଉଛି ॥ ୨ ॥

**ଜଥା ଦରିଦ୍ର ବିବୁଧତରୁ ପାଈ । ବହୁ ସଂପତି ମାଗତ ସକୁଚାଈ ॥**
**ତାସୁ ପ୍ରଭାଉ ଜାନ ନହିଁ ସୋଈ । ତଥା ହୃଦୟଁ ମମ ସଂସୟ ହୋଈ ॥ ୩ ॥**

ଯେପରି କୌଣସି ଦରିଦ୍ର କଳ୍ପବୃକ୍ଷ ପାଇଯିବା ପରେ ମଧ୍ୟ, ତାହାର ପ୍ରଭାବ ଜାଣି ନ ଥିବାରୁ ତାକୁ ବହୁତ ଧନସମ୍ପଦ ମାଗିବାକୁ ସଂକୋଚ ବୋଧ କରେ, ମୋ ହୃଦୟରେ ମଧ୍ୟ ସେହିପରି ସଂଶୟ ଜାତ ହେଉଛି ॥ ୩ ॥

**ସୋ ତୁହ୍ମ ଜାନହୁ ଅଂତରଜାମୀ । ପୁରୱହୁ ମୋର ମନୋରଥ ସ୍ୱାମୀ ॥**
**ସକୁଚ ବିହାଇ ମାଗୁ ନୃପ ମୋହୀ । ମୋରେଁ ନହିଁ ଅଦେୟ କଛୁ ତୋହୀ ॥ ୪ ॥**

ହେ ସ୍ୱାମୀ ! ଆପଣ ଅନ୍ତର୍ଯାମୀ; ତେଣୁ ମୋର ସେହି ମନୋରଥ ଜାଣନ୍ତି । ମୋର ସେହି ମନୋରଥ ପୂର୍ଣ୍ଣ କରନ୍ତୁ ।'' ଭଗବାନ୍ କହିଲେ, ''ହେ ରାଜନ୍ ! ସଂକୋଚ ଛାଡ଼ିଦେଇ ମୋତେ ମାଗ । ଏଭଳି କୌଣସି ପଦାର୍ଥ ନାହିଁ, ଯାହା କି ମୁଁ ତୁମକୁ ଦେଇ ନ ପାରିବି ।'' ॥ ୪ ॥

ଦୋः- **ଦାନି ସିରୋମନି କୃପାନିଧି ନାଥ କହଉଁ ସତିଭାଉ ।**
**ଚାହଉଁ ତୁହ୍ମହି ସମାନ ସୁତ ପ୍ରଭୁ ସନ କଵନ ଦୁରାଉ ॥ ୧୪୯ ॥**

ରାଜା କହିଲେ, ''ହେ ଦାତାଶିରୋମଣି ! ହେ କୃପାନିଧାନ ! ହେ ନାଥ ! ମୁଁ ମୋ ମନର ପ୍ରକୃତ ଭାବ ଖୋଲି କହୁଛି: ମୁଁ ଆପଣଙ୍କ ପରି ପୁତ୍ର ଚାହୁଁଛି । ପ୍ରଭୁଙ୍କ ନିକଟରେ କ'ଣ ବା ଲୁଚାଇବି !'' ॥ ୧୪୯ ॥

**ଦେଖି ପ୍ରୀତି ସୁନି ବଚନ ଅମୋଲେ । ଏଵମସ୍ତୁ କରୁନାନିଧି ବୋଲେ ॥**
**ଆପୁ ସରିସ ଖୋଜୌଁ କହଁ ଜାଈ । ନୃପ ତଵ ତନୟ ହୋବ ମୈଁ ଆଈ ॥ ୧ ॥**

ରାଜାଙ୍କ ପ୍ରୀତି ଦେଖି ଏବଂ ତାଙ୍କର ଅମୂଲ୍ୟ ବଚନ ଶୁଣି କରୁଣାନିଧାନ ଭଗବାନ୍ କହିଲେ, ''ଏବମସ୍ତୁ (ତାହାହିଁ ହେଉ) ! ହେ ରାଜନ୍ ! ମୁଁ ମୋ ସମାନ ଆଉ ଜଣେ କେଉଁଠି ବା ଖୋଜିବି ! ମୁଁ ସ୍ୱୟଂ ଆସି ତୁମର ପୁତ୍ର ହୋଇଯିବି ।'' ॥ ୧ ॥

**ସତରୂପହି ବିଲୋକି କର ଜୋରେଁ । ଦେବି ମାଗୁ ବରୁ ଜୋ ରୁଚି ତୋରେଁ ॥**
**ଜୋ ବରୁ ନାଥ ଚତୁର ନୃପ ମାଗା । ସୋଇ କୃପାଲ ମୋହି ଅତି ପ୍ରିୟ ଲାଗା ॥ ୨ ॥**

ଶତରୂପା ମଧ୍ୟ କରଯୋଡ଼ି ରହିଥିବା ଦେଖି, ଭଗବାନ୍ କହିଲେ, ''ହେ ଦେବୀ ! ତୁମର ଯାହା ଇଚ୍ଛା, ସେହି ବର ମାଗିନିଅ ।'' ଶତରୂପା କହିଲେ, ''ହେ ନାଥ ! ପରମ ବୁଦ୍ଧିମାନ୍ ରାଜା ଯେଉଁ ବର ମାଗିଲେ, ହେ କୃପାଳୁ ! ତାହା ମୋତେ ବହୁତ ଭଲ ଲାଗିଲା ॥ ୨ ॥

**ପ୍ରଭୁ ପରଂତୁ ସୁଠି ହୋତି ଢିଠାଈ । ଜଦପି ଭଗତ ହିତ ତୁହ୍ମହି ସୋହାଈ ॥**
**ତୁହ୍ମ ବ୍ରହ୍ମାଦି ଜନକ ଜଗ ସ୍ୱାମୀ । ବ୍ରହ୍ମ ସକଲ ଉର ଅଂତରଜାମୀ ॥ ୩ ॥**

କିନ୍ତୁ ହେ ପ୍ରଭୁ ! ହେ ଭକ୍ତହିତକାରୀ ! ଯଦିବା ଏହା ଆମର ଧୃଷ୍ଟତା ହୋଇଯାଉଛି, ତଥାପି ସେହି ଧୃଷ୍ଟତା ବି ଆପଣଙ୍କୁ ଭଲ ଲାଗୁଛି । ଆପଣ ବ୍ରହ୍ମା ଆଦିଙ୍କର ପିତା, ଜଗତର ସ୍ୱାମୀ ଓ ସମସ୍ତଙ୍କର ଅନ୍ତର୍ଯାମୀ ବ୍ରହ୍ମ ॥ ୩ ॥

**ଅସ ସମୁଝତ ମନ ସଂସୟ ହୋଈ । କହା ଜୋ ପ୍ରଭୁ ପ୍ରଵାନ ପୁନି ସୋଈ ॥**
**ଜେ ନିଜ ଭଗତ ନାଥ ତଵ ଅହହୀଁ । ଜୋ ସୁଖ ପାଵହିଁ ଜୋ ଗତି ଲହହୀଁ ॥ ୪ ॥**

ଏହା ଜାଣି ମୋ ମନରେ ସନ୍ଦେହ ଉପୁଜୁଛି; ତଥାପି ପ୍ରଭୁ ଯାହା କହିଲେ, ତାହା ଅବଶ୍ୟ ହେବ । ମୋର ମାଗୁଣି ଏହି ଯେ, ହେ ନାଥ ! ଆପଣଙ୍କର ନିଜର ଭକ୍ତମାନେ ଯେଉଁ ଅଖଣ୍ଡ ସୁଖ ଓ ପରମଗତି ପ୍ରାପ୍ତ ହୁଅନ୍ତି, ॥ ୪ ॥

ଦୋः- **ସୋଇ ସୁଖ ସୋଇ ଗତି ସୋଇ ଭଗତି ସୋଇ ନିଜ ଚରନ ସନେହୁ ।**
**ସୋଇ ବିବେକ ସୋଇ ରହନି ପ୍ରଭୁ ହମହି କୃପା କରି ଦେହୁ ॥ ୧୫୦ ॥**

ହେ ପ୍ରଭୁ ! କୃପା କରି ଆମକୁ ସେହି ସୁଖ, ସେହି ଗତି, ସେହି ଭକ୍ତି, ଆପଣଙ୍କ ଚରଣରେ ସେହି ପ୍ରେମ, ସେହି ବିବେକଜ୍ଞାନ ଓ ସେହି ଜୀବନ ପ୍ରଦାନ କରନ୍ତୁ ।'' ॥ ୧୫୦ ॥

**ସୁନି ମୃଦୁ ଗୂଢ଼ ରୁଚିର ବର ରଚନା । କୃପାସିଂଧୁ ବୋଲେ ମୃଦୁ ବଚନା ॥**
**ଜୋ କଛୁ ରୁଚି ତୁହ୍ମରେ ମନ ମାହୀଁ । ମୈଁ ସୋ ଦୀହ୍ନ ସବ ସଂସୟ ନାହୀଁ ॥ ୧ ॥**

ରାଣୀଙ୍କର କୋମଳ, ଗୂଢ଼ ଓ ଶ୍ରେଷ୍ଠ ମନୋହର ବାକ୍ୟ ଶୁଣି, କୃପାସାଗର ଭଗବାନ୍ କୋମଳ କଣ୍ଠରେ କହିଲେ, ''ତୁମ ମନରେ ଯାହାକିଛି ଇଚ୍ଛା ରହିଛି, ସେସବୁ ମୁଁ ତୁମକୁ ଦେଇଦେଲି ବୋଲି ଜାଣ; ଏଥିରେ କୌଣସି ସନ୍ଦେହ ରଖନାହିଁ ॥ ୧ ॥

**ମାତୁ ବିବେକ ଅଲୌକିକ ତୋରେଁ । କବହୁଁ ନ ମିଟିହି ଅନୁଗ୍ରହ ମୋରେଁ ॥**
**ବଂଦି ଚରନ ମନୁ କହେଉ ବହୋରୀ । ଅଓ୍ୱର ଏକ ବିନତୀ ପ୍ରଭୁ ମୋରୀ ॥ ୨ ॥**

''ହେ ମାତା ! ମୋ କୃପାରୁ ତୁମର ଅଲୌକିକ ଜ୍ଞାନ କଦାପି ନଷ୍ଟ ହେବ ନାହିଁ ।'' ଏହା ଶୁଣି ଭଗବାନଙ୍କର ଚରଣ ବନ୍ଦନା କରି ମନୁ କହିଲେ, ''ହେ ପ୍ରଭୁ ! ମୋର ଆଉ ଗୋଟିଏ ବିନତି ଯେ, ॥ ୨ ॥

**ସୁତ ବିଷଇକ ତଓ୍ୱ ପଦ ରତି ହୋଉ । ମୋହି ବଡ଼ ମୂଢ଼ କହୈ କିନ କୋଉ ॥**
**ମନି ବିନୁ ଫନି ଜିମି ଜଲ ବିନୁ ମୀନା । ମମ ଜୀଓ୍ୱନ ତିମି ତୁହ୍ମହି ଅଧୀନା ॥ ୩ ॥**
**ଅସ ବରୁ ମାଗି ଚରନ ଗହି ରହେଉ । ଏଓ୍ୱମସ୍ତୁ କରୁନାନିଧି କହେଉ ॥**
**ଅବ ତୁହ୍ମ ମମ ଅନୁସାସନ ମାନୀ । ବସହୁ ଜାଇ ସୁରପତି ରଜଧାନୀ ॥ ୪ ॥**

ଆପଣ ମୋତେ ଯେତେ ବଡ଼ ମୂର୍ଖ ବୋଲି କହନ୍ତୁ ନା କାହିଁକି, ପୁତ୍ର ପ୍ରତି ପିତାର ଯେପରି ପ୍ରୀତି ରହେ, ଆପଣଙ୍କ ଚରଣରେ ମୋର ସେହିପରି ପ୍ରୀତି ହେଉ । ମଣି ବିନା ସର୍ପ ଯେପରି ରହିପାରେ ନାହିଁ ଓ ଜଳ ବିନା ମତ୍ସ୍ୟ ଯେପରି ବଞ୍ଚିରହିପାରେ ନାହିଁ, ଠିକ୍ ସେହିପରି ମୋ ଜୀବନ ଆପଣଙ୍କ ଅଧୀନ ହୋଇଯାଉ । (ଆପଣଙ୍କ ବିନା ମୋର ପ୍ରାଣ ନ ରହୁ) ।'' ଏପରି ବର ମାଗି ରାଜା ଭଗବାନଙ୍କ ପାଦ ଧରି ରହିଯିବାରୁ ଦୟାନିଧାନ ଭଗବାନ୍ କହିଲେ, ''ଏବମସ୍ତୁ (ତାହାହିଁ ହେଉ)'' । ଏଥର ତୁମେମାନେ ମୋର ଆଜ୍ଞା ମାନି, ଯାଇ ଦେବରାଜ ଇନ୍ଦ୍ରଙ୍କ ରାଜଧାନୀ ଅମରାବତୀରେ ବାସ କର ॥ ୩, ୪ ॥

ସୋ:- **ତହଁ କରି ଭୋଗ ବିସାଲ ତାତ ଗଏଁ କଛୁ କାଲ ପୁନି ।**
**ହୋଇହହୁ ଅଓ୍ୱଧ ଭୁଆଲ ତବ ମୈଁ ହୋବ ତୁହ୍ମାର ସୁତ ॥ ୧୫୧ ॥**

ହେ ତାତ ! ସେଠାରେ ବହୁବିଧ ସୁଖଭୋଗ କରି କିଛିକାଳ କଟାଇବା ପରେ, ତୁମେ ଅଯୋଧ୍ୟାର ରାଜା ହେବ । ସେତେବେଳେ ମୁଁ ତୁମର ପୁତ୍ର ହେବି ॥ ୧୫୧ ॥

**ଇଚ୍ଛାମୟ ନରବେଷ ସଁଓ୍ୱାରେଁ । ହୋଇହଉଁ ପ୍ରଗଟ ନିକେତ ତୁହ୍ମାରେଁ ॥**
**ଅଂସହ୍ନ ସହିତ ଦେହ ଧରି ତାତା । କରିହଉଁ ଚରିତ ଭଗତ ସୁଖଦାତା ॥ ୧ ॥**
**ଜେ ସୁନି ସାଦର ନର ବଡ଼ଭାଗୀ । ଭଓ୍ୱ ତରିହହିଁ ମମତା ମଦ ତ୍ୟାଗୀ ॥**
**ଆଦିସକ୍ତି ଜେହିଁ ଜଗ ଉପଜାୟା । ସୋଉ ଅଓ୍ୱତରିହି ମୋରି ୟହ ମାୟା ॥ ୨ ॥**

ଇଚ୍ଛାମୟ ମନୁଷ୍ୟରୂପ ଧାରଣ କରି ମୁଁ ତୁମ ଘରେ ଆବିର୍ଭୂତ ହେବି । ହେ ତାତ ! ମୁଁ ମୋର ଅଂଶମାନଙ୍କ ସହିତ ଦେହ ଧାରଣ କରି ଭକ୍ତମାନଙ୍କୁ ସୁଖ ଦେବାପରି ଲୀଳା କରିବି; ଅତ୍ୟନ୍ତ ଭାଗ୍ୟବାନ୍ ମନୁଷ୍ୟମାନେ ଆଦରର ସହିତ ସେହି ଲୀଳାଚରିତ ଶ୍ରବଣ କରି, ମମତ୍ୱ ଓ ମଦ ତ୍ୟାଗ କରି ଭବସାଗର ତରିଯିବେ । ଯେଉଁ ଆଦିଶକ୍ତିଙ୍କ ଠାରୁ ଜଗତ୍ ଉତ୍ପନ୍ନ ହୋଇଛି, ମୋର ସ୍ୱରୂପଭୂତା ସେହି ମାୟା ମଧ୍ୟ ଅବତାର ଗ୍ରହଣ କରିବେ ॥୧,୨॥

**ପୁରଉବ ମୈଁ ଅଭିଲାଷ ତୁହ୍ମାରା । ସତ୍ୟ ସତ୍ୟ ପନ ସତ୍ୟ ହମାରା ॥**
**ପୁନି ପୁନି ଅସ କହି କୃପାନିଧାନା । ଅଂତରଧାନ ଭଏ ଭଗଓ୍ୱାନା ॥ ୩ ॥**

**ଦଂପତି ଉର ଧରି ଭଗତ କୃପାଲା । ତେହିଁ ଆଶ୍ରମ ନିୱସେ କଛୁ କାଲା ॥**
**ସମୟ ପାଇ ତନୁ ତଜି ଅନୟାସା । ଜାଇ କୀହ୍ନ ଅମରାୱତି ବାସା ॥ ୪ ॥**

ଏପରିଭାବରେ ମୁଁ ତୁମର ଅଭିଳାଷ ପୂର୍ଣ୍ଣ କରିବି । ମୋର ଏହି ପଣ ତ୍ରିବାର ସତ୍ୟ ।'' କୃପାନିଧାନ ଭଗବାନ୍ ବାରମ୍ବାର ଏପରି କହି ଅନ୍ତର୍ଦ୍ଧାନ ହୋଇଗଲେ; ସେହି ଦମ୍ପତି (ରାଜା-ରାଣୀ) ଭକ୍ତବତ୍ସଳ କୃପାଳୁ ଭଗବାନଙ୍କୁ ହୃଦୟରେ ଧାରଣ କରି କିଛିକାଳ ସେହି ଆଶ୍ରମରେ ରହିଲେ । ତା'ପରେ ଶେଷସମୟ ଆସିଯିବାରୁ ସେମାନେ ଅକ୍ଳେଶରେ ଶରୀର ତ୍ୟାଗ କରି ଯାଇ ଅମରାବତୀ(ଇନ୍ଦ୍ରପୁରୀ)ରେ ବାସ କଲେ ॥ ୩, ୪ ॥

ଦୋ:- **ୟହ ଇତିହାସ ପୁନୀତ ଅତି ଉମହି କହୀ ବୃଷକେତୁ ।**
**ଭରଦ୍ୱାଜ ସୁନୁ ଅପର ପୁନି ରାମ ଜନମ କର ହେତୁ ॥ ୧୫୨ ॥**

[ଯାଜ୍ଞବଲ୍କ୍ୟ କହୁଛନ୍ତି,] ହେ ଭରଦ୍ୱାଜ ! ଶିବ ଏହି ଅତ୍ୟନ୍ତ ପବିତ୍ର ଇତିହାସ (ଚରିତ) ପାର୍ବତୀଙ୍କୁ କହିଥିଲେ । ବର୍ତ୍ତମାନ ଶ୍ରୀରାମଙ୍କ ଅବତାର ଗ୍ରହଣର ଆଉ ଏକ କାରଣ ଶୁଣନ୍ତୁ ॥ ୧୫୨ ॥

## ମାସପାରାୟଣ, ପଞ୍ଚମ ବିଶ୍ରାମ

**ସୁନୁ ମୁନି କଥା ପୁନୀତ ପୁରାନୀ । ଜୋ ଗିରିଜା ପ୍ରତି ସଂଭୁ ବଖାନୀ ॥**
**ବିସ୍ୱବିଦିତ ଏକ କୈକୟ ଦେସୂ । ସତ୍ୟକେତୁ ତହଁ ବସଇ ନରେସୂ ॥ ୧ ॥**

ହେ ମୁନି ! ଶୁଣନ୍ତୁ ; ଏହା ଅତି ପବିତ୍ର ପ୍ରାଚୀନ କଥା; ଭଗବାନ୍ ଶିବ ଏହା ପାର୍ବତୀଙ୍କୁ ଶୁଣାଇଥିଲେ । କୈକୟ ନାମରେ ଏକ ପ୍ରସିଦ୍ଧ ରାଜ୍ୟ ଅଛି । ସେଠାରେ ସତ୍ୟକେତୁନାମକ ଜଣେ ରାଜା ରାଜୁତି କରୁଥିଲେ ॥ ୧ ॥

**ଧରମ ଧୁରଂଧର ନୀତି ନିଧାନା । ତେଜ ପ୍ରତାପ ସୀଲ ବଲୱାନା ॥**
**ତେହି କେଁ ଭଏ ଜୁଗଲ ସୁତ ବୀରା । ସବ ଗୁନ ଧାମ ମହା ରନଧୀରା ॥ ୨ ॥**

ସେହି ରାଜା ଧର୍ମଧୁରନ୍ଧର, ନୀତିନିପୁଣ, ଅତ୍ୟନ୍ତ ତେଜସ୍ୱୀ, ପ୍ରତାପୀ, ସୁଶୀଳ ଓ ବଳବାନ୍ ଥିଲେ । ତାଙ୍କର ଦୁଇ ପୁତ୍ର ଥିଲେ । ସେମାନେ ମଧ୍ୟ ବଳବାନ୍, ସର୍ବଗୁଣସମ୍ପନ୍ନ ଓ ଅତ୍ୟନ୍ତ ରଣଧୀର ଥିଲେ ॥ ୨ ॥

**ରାଜ ଧନୀ ଜୋ ଜେଠ ସୁତ ଆହୀ । ନାମ ପ୍ରତାପଭାନୁ ଅସ ତାହୀ ॥**
**ଅପର ସୁତହି ଅରିମର୍ଦନ ନାମା । ଭୁଜବଲ ଅତୁଲ ଅଚଲ ସଂଗ୍ରାମା ॥ ୩ ॥**

ରାଜ୍ୟର ଉତ୍ତରାଧିକାରୀ ବଡ଼ପୁଅଟିର ନାମ ଥିଲା ପ୍ରତାପଭାନୁ । ଦ୍ୱିତୀୟ ପୁତ୍ରର ନାମ ଅରିମର୍ଦ୍ଦନ । ଅରିମର୍ଦ୍ଦନର ଭୁଜରେ ଅପାର ବଳ ଥିଲା ଓ ସେ ଯୁଦ୍ଧରେ ପର୍ବତ ପରି ଅଟଳ ରହୁଥିଲା ॥ ୩ ॥

**ଭାଇହି ଭାଇହି ପରମ ସମୀତୀ । ସକଲ ଦୋଷ ଛଲ ବରଜିତ ପ୍ରୀତୀ ॥**
**ଜେଠେ ସୁତହି ରାଜ ନୃପ ଦୀହ୍ନା । ହରି ହିତ ଆପୁ ଗୱନ ବନ କୀହ୍ନା ॥ ୪ ॥**

ଦୁଇଭାଇଙ୍କ ମଧ୍ୟରେ ବଡ଼ ସଦ୍‌ଭାବ ତଥା ବିଶୁଦ୍ଧ ଓ ନିଷ୍କପଟ ପ୍ରୀତି ରହିଥିଲା । ରାଜା ବଡ଼ପୁଅକୁ ରାଜ୍ୟ ସମର୍ପିଦେଇ ଭଗବାନଙ୍କୁ ଭଜନ କରିବା ନିମନ୍ତେ ବନକୁ ଚାଲିଗଲେ ॥ ୪ ॥

ଦୋ:- **ଜବ ପ୍ରତାପରବି ଭୟଉ ନୃପ ଫିରୀ ଦୋହାଈ ଦେସ ।**
**ପ୍ରଜା ପାଲ ଅତି ବେଦବିଧି କତହୁଁ ନହୀଁ ଅଘ ଲେସ ॥ ୧୫୩ ॥**

ପ୍ରତାପଭାନୁ ରାଜା ହେଲେ । ସମଗ୍ର ଦେଶରେ ତାଙ୍କ ଖ୍ୟାତିର ଡିଣ୍ଡିମ ବାଜିଲା । ସେ ବେଦବିଦିତ ବିଧିରେ ଉତ୍ତମରୂପେ ପ୍ରଜାପାଳନ କରିବାକୁ ଲାଗିଲେ । ତାଙ୍କ ରାଜ୍ୟରେ କୌଣସିଠାରେ ବି ଲେଶମାତ୍ର ପାପ ରହିଲା ନାହିଁ ॥ ୧୫୩ ॥

**ନୃପ ହିତକାରକ ସଚିଓ୍ୱ ସୟାନା । ନାମ ଧରମରୁଚି ସୁକ୍ର ସମାନା ॥**
**ସଚିଓ୍ୱ ସୟାନ ବଂଧୁ ବଲବୀରା । ଆପୁ ପ୍ରତାପପୁଂଜ ରନଧୀରା ॥ ୧ ॥**

ସେହି ରାଜାଙ୍କର ଶୁକ୍ରାଚାର୍ଯ୍ୟଙ୍କ ସମାନ ବୁଦ୍ଧିମାନ୍ ଜଣେ ହିତକାମୀ ମନ୍ତ୍ରୀ ଥିଲେ । ତାଙ୍କ ନାମ ଧର୍ମରୁଚି । ଏହିପରି ବୁଦ୍ଧିମାନ୍ ମନ୍ତ୍ରୀ ଓ ବଳବାନ୍ ଭାଇ ସାଙ୍ଗକୁ ସ୍ୱୟଂ ରାଜା ମଧ୍ୟ ଅତି ପ୍ରତାପୀ ଓ ରଣଧୀର ଥିଲେ ॥ ୧ ॥

**ସେନ ସଂଗ ଚତୁରଂଗ ଅପାରା । ଅମିତ ସୁଭଟ ସବ ସମର ଜୁଝାରା ॥**
**ସେନ ବିଲୋକି ରାଉ ହରଷାନା । ଅରୁ ବାଜେ ଗହଗହେ ନିସାନା ॥ ୨ ॥**
**ବିଜୟ ହେତୁ କଟକଈ ବନାଈ । ସୁଦିନ ସାଧି ନୃପ ଚଲେଉ ବଜାଈ ॥**
**ଜହଁ ତହଁ ପରୀଁ ଅନେକ ଲରାଈଁ । ଜୀତେ ସକଲ ଭୂପ ବରିଆଈଁ ॥ ୩ ॥**
**ସପ୍ତ ଦୀପ ଭୁଜବଲ ବସ କୀହ୍ନେ । ଲୈ ଲୈ ଦଂଡ ଛାଡ଼ି ନୃପ ଦୀହ୍ନେ ॥**
**ସକଲ ଅଓ୍ୱନି ମଂଡଲ ତେହି କାଲା । ଏକ ପ୍ରତାପଭାନୁ ମହିପାଲା ॥ ୪ ॥**

ତା'ସହିତ ଅପାର ଚତୁରଙ୍ଗ ସେନା ମଧ୍ୟ ଥିଲା । ସେନାରେ ଅସଂଖ୍ୟ ଯୋଦ୍ଧା ଥିଲେ, ଯେଉଁମାନେ କି ସମସ୍ତେ ରଣଭୂମିରେ ଯୁଦ୍ଧ କରି ମରିବାକୁ ପ୍ରସ୍ତୁତ ଥିଲେ । ନିଜ ସେନାକୁ ଦେଖି ରାଜା ଅତି ହର୍ଷିତ ହେଲେ । ଧମାଧମ୍ ନାଗରା ବାଜିବାକୁ ଲାଗିଲା । ଦିଗ୍‌ବିଜୟ ନିମନ୍ତେ ସେନା ସଜାଇ ରାଜା ଶୁଭଦିନ ସ୍ଥିର କଲେ ଏବଂ ରଣଭେରୀ ବଜାଇ ବାହାରିପଡ଼ିଲେ । [ପଥରେ ବିଭିନ୍ନ ରାଜାଙ୍କ ସହିତ] ବିଭିନ୍ନ ସ୍ଥାନରେ ଯୁଦ୍ଧ ହେଲା । ସେ ନିଜର ଭୁଜବଳରେ ସବୁରାଜାଙ୍କୁ ଜିଣିଗଲେ । ନିଜର ବାହୁବଳରେ ସେ ସପ୍ତଦ୍ୱୀପକୁ (ଭୂଖଣ୍ଡକୁ) କରଗତ କରିନେଲେ ଏବଂ ସେହିସବୁ ରାଜ୍ୟର ରାଜାମାନଙ୍କ ଠାରୁ ଦଣ୍ଡସ୍ୱରୂପ କର ନେଇ ସେମାନଙ୍କୁ ଛାଡ଼ିଦେଲେ । ତା'ଫଳରେ ସମଗ୍ର ପୃଥ୍ୱୀମଣ୍ଡଳରେ ପ୍ରତାପଭାନୁହିଁ ଏକମାତ୍ର ଚକ୍ରବର୍ତ୍ତୀ ରାଜା ହୋଇଗଲେ ॥ ୨–୪ ॥

ଦୋଃ- **ସ୍ୱବସ ବିସ୍ୱ କରି ବାହୁବଲ ନିଜ ପୁର କୀହ୍ନ ପ୍ରବେସୁ ।**
**ଅରଥ ଧରମ କାମାଦି ସୁଖ ସେଓ୍ୱଇ ସମୟଁ ନରେସୁ ॥ ୧୫୪ ॥**

ନିଜ ଭୁଜବଳରେ ସାରା ବିଶ୍ୱକୁ ଅଧୀନ କରିସାରି ରାଜା ନିଜ ନଗରରେ ପ୍ରବେଶ କଲେ ଏବଂ ଯଥାସମୟରେ ଅର୍ଥ, ଧର୍ମ ଓ କାମ ଆଦି ସୁଖ ଭୋଗ କରିବାକୁ ଲାଗିଲେ ॥ ୧୫୪ ॥

**ଭୂପ ପ୍ରତାପଭାନୁ ବଲ ପାଈ । କାମଧେନୁ ଭୈ ଭୂମି ସୁହାଈ ॥**
**ସବ ଦୁଖ ବରଜିତ ପ୍ରଜା ସୁଖାରୀ । ଧରମସୀଲ ସୁଂଦର ନର ନାରୀ ॥ ୧ ॥**

ରାଜା ପ୍ରତାପଭାନୁଙ୍କର ବଳ ପାଇ ଭୂମି ସୁନ୍ଦର କାମଧେନୁ ପରି ଇଚ୍ଛିତବସ୍ତୁ-ପ୍ରଦାନକାରୀ ହୋଇଗଲା । ତାଙ୍କ ରାଜ୍ୟରେ ପ୍ରଜାମାନେ ସକଳପ୍ରକାର ଦୁଃଖରୁ ମୁକ୍ତ ହୋଇ ସୁଖରେ ବାସ କଲେ । ସେଠାର କି ସ୍ତ୍ରୀ, କି ପୁରୁଷ ସମସ୍ତେ ସୁନ୍ଦର ଓ ଧର୍ମାତ୍ମା ଥିଲେ ॥ ୧ ॥

**ସଚିଓ୍ୱ ଧରମରୁଚି ହରି ପଦ ପ୍ରୀତୀ । ନୃପ ହିତ ହେତୁ ସିଖଓ୍ୱ ନିତ ନୀତୀ ॥**
**ଗୁରସୁର ସଂତ ପିତର ମହିଦେଓ୍ୱା । କରଇ ସଦା ନୃପ ସବ କୈ ସେଓ୍ୱା ॥ ୨ ॥**

ମନ୍ତ୍ରୀ ଧର୍ମରୁଚିଙ୍କର ଶ୍ରୀହରିଙ୍କ ଚରଣରେ ପ୍ରେମ ଥିଲା । ରାଜାଙ୍କ ମଙ୍ଗଳ ନିମନ୍ତେ ସେ ସର୍ବଦା ରାଜାଙ୍କୁ ନୀତିଶିକ୍ଷା ଦେଉଥିଲେ । ରାଜା ଗୁରୁ, ଦେବତା, ସାଧୁସନ୍ଥ, ପିତୃପୁରୁଷ ଓ ବ୍ରାହ୍ମଣ ଆଦି ସମସ୍ତଙ୍କର ସେବା କରୁଥିଲେ ॥ ୨ ॥

**ଭୂପ ଧରମ ଜେ ବେଦ ବଖାନେ । ସକଲ କରଇ ସାଦର ସୁଖ ମାନେ ॥**
**ଦିନ ପ୍ରତି ଦେଇ ବିବିଧ ବିଧି ଦାନା । ସୁନଇ ସାସ୍ତ୍ର ବର ବେଦ ପୁରାନା ॥ ୩ ॥**

ବେଦରେ ରାଜାମାନଙ୍କ ନିମନ୍ତେ ଯେଉଁସବୁ ଧର୍ମ ନିର୍ଦ୍ଦେଶ କରାଯାଇଛି, ରାଜା ସେସବୁକୁ ଉତ୍ତମ ମନେକରି ସର୍ବଦା ଆଦରପୂର୍ବକ ପାଳନ କରୁଥିଲେ । ପ୍ରତ୍ୟହ ନାନାବିଧ ଦାନ ଦେଉଥିଲେ ଏବଂ ଉତ୍ତମ ଶାସ୍ତ୍ର, ବେଦ ଓ ପୁରାଣ ଶୁଣୁଥିଲେ ॥ ୩ ॥

**ନାନା ବାପୀଁ କୂପ ତଡ଼ାଗା । ସୁମନ ବାଟିକା ସୁଂଦର ବାଗା ॥**
**ବିପ୍ରଭୱନ ସୁରଭୱନ ସୁହାଏ । ସବ ତୀରଥହ୍ନ ବିଚିତ୍ର ବନାଏ ॥ ୪ ॥**

ସେ ବହୁସଂଖ୍ୟକ ବାପ୍ପୀ, କୂଅ, ପୋଖରୀ, ଫୁଲବଗିଚ୍ଚ ଓ ସୁନ୍ଦର ଉପବନ ତଥା ବ୍ରାହ୍ମଣମାନଙ୍କ ନିମନ୍ତେ ଘର ଓ ସବୁ ତୀର୍ଥରେ ଦେବତାମାନଙ୍କ ନିମନ୍ତେ ସୁନ୍ଦର ସୁନ୍ଦର ମନ୍ଦିରମାନ ନିର୍ମାଣ କରାଇଲେ ॥ ୪ ॥

ଦୋଃ- **ଜହଁ ଲଗି କହେ ପୁରାନ ଶ୍ରୁତି ଏକ ଏକ ସବ ଜାଗ ।**
**ବାର ସହସ୍ର ସହସ୍ର ନୃପ କିଏ ସହିତ ଅନୁରାଗ ॥ ୧୫୫ ॥**

ବେଦ ଓ ପୁରାଣମାନଙ୍କରେ ଯେତେପ୍ରକାର ଯଜ୍ଞର ବର୍ଣ୍ଣନା କରାଯାଇଛି, ରାଜା ଶ୍ରଦ୍ଧାର ସହିତ ସେହିସବୁ ଯଜ୍ଞ ଗୋଟି ଗୋଟି କରି ହଜାର ହଜାର ଥର ଅନୁଷ୍ଠାନ କଲେ ॥ ୧୫୫ ॥

**ହୃଦୟଁ ନ କଛୁ ଫଲ ଅନୁସଂଧାନା । ଭୂପ ବିବେକୀ ପରମ ସୁଜାନା ॥**
**କରଇ ଜେ ଧରମ କରମ ମନ ବାନୀ । ବାସୁଦେୱ ଅର୍ପିତ ନୃପ ଗ୍ୟାନୀ ॥ ୧ ॥**

ରାଜାଙ୍କ ହୃଦୟରେ କୌଣସିପ୍ରକାର ଫଳକାମନା ନ ଥିଲା । ସେ ବଡ଼ ବୁଦ୍ଧିମାନ ଓ ଜ୍ଞାନୀ ଥିଲେ । ସେହି ଜ୍ଞାନୀ ରାଜା ମନ, ବଚନ ଓ କର୍ମରେ ଯାହାକିଛି ଧର୍ମ କରୁଥିଲେ, ସବୁ ଭଗବାନ୍ ବାସୁଦେବଙ୍କୁ ଅର୍ପଣ କରୁଥିଲେ ॥ ୧ ॥

**ଚଢ଼ି ବର ବାଜି ବାର ଏକ ରାଜା । ମୃଗୟା କର ସବ ସାଜି ସମାଜା ॥**
**ବିଂଧ୍ୟାଚଲ ଗଭୀର ବନ ଗୟଉ । ମୃଗ ପୁନୀତ ବହୁ ମାରତ ଭୟଉ ॥ ୨ ॥**

ଥରେ ସେହି ରାଜା ଶିକାରର ସକଳ ସାମଗ୍ରୀ ଧରି ଗୋଟିଏ ଉତ୍ତମ ଅଶ୍ୱରେ ବସି ବିନ୍ଧ୍ୟାଚଳର ଘନଅରଣ୍ୟରେ ପ୍ରବେଶ କଲେ ଓ ସେଠାରେ ଅନେକ ଉତ୍ତମ ମୃଗ ଶିକାର କଲେ ॥ ୨ ॥

**ଫିରତ ବିପିନ ନୃପ ଦୀଖ ବରାହୂ । ଜନୁ ବନ ଦୁରେଉ ସସିହି ଗ୍ରସି ରାହୂ ॥**
**ବଡ଼ ବିଧୁ ନହିଁ ସମାତ ମୁଖ ମାହୀଁ । ମନହୁଁ କ୍ରୋଧ ବସ ଉଗିଲତ ନାହୀଁ ॥ ୩ ॥**

ଅରଣ୍ୟରେ ଭ୍ରମଣ କରୁ କରୁ ରାଜା ଗୋଟିଏ ବରାହ ଦେଖିବାକୁ ପାଇଲେ । ବଡ଼ ବଡ଼ ଦାନ୍ତ ଯୋଗୁଁ ବରାହଟି ଦେଖାଯାଉଥିଲା, ସତେ ଯେପରି ଚନ୍ଦ୍ରକୁ ପାଟିରେ ଧରି ରାହୁ ଆସି ଅରଣ୍ୟରେ ଲୁଚିଛି; ଚନ୍ଦ୍ରର ଆକାର ବଡ଼ ହୋଇଥିବାରୁ ତାହା ତା'ପାଟିରେ ଧରୁନାହିଁ ଏବଂ ସେ କ୍ରୋଧବଶତଃ ତାକୁ ପାଟିରୁ କାଢୁନାହିଁ ॥ ୩ ॥

**କୋଲ କରାଲ ଦସନ ଛବି ଗାଈ । ତନୁ ବିସାଲ ପୀୱର ଅଧିକାଈ ॥**
**ଘୁରୁଘୁରାତ ହୟ ଆରୌ ପାଏଁ । ଚକିତ ବିଲୋକତ କାନ ଉଠାଏଁ ॥ ୪ ॥**

ଏହା ତ ଗଲା ବରାହର ଭୟାନକ ଦାନ୍ତ କଥା; ତା'ର ଶରୀର ମଧ୍ୟ ଥିଲା ଅତ୍ୟନ୍ତ ବିଶାଳ ଓ ପୃଥୁଳ । ଘୋଡ଼ାଟାପୁର ଶବ୍ଦ ଶୁଣି ସେ ଘୁଡୁରୁ ଘୁଡୁରୁ ଶବ୍ଦ କରି କରି, କାନ ଟେକି, ଚକିତ ହୋଇ ଚାହୁଁଥାଏ ॥ ୪ ॥

ଦୋ:- **ନୀଲ ମହୀଧର ସିଖର ସମ ଦେଖି ବିସାଲ ବରାହୁ ।**
**ଚପରି ଚଲେଉ ହୟ ସୁଟୁକି ନୃପ ହାଁକି ନ ହୋଇ ନିବାହୁ ॥ ୧୫୬ ॥**

ନୀଳ ପର୍ବତର ଶିଖର ପରି ବିଶାଳକାୟ ସେହି ବରାହକୁ ଦେଖି, ରାଜା ଚାବୁକ ମାରି ତା'ଆଡ଼କୁ ଜୋର୍‌ରେ ଘୋଡ଼ା ଦୌଡ଼ାଇଲେ ଏବଂ ବରାହକୁ ଡାକ ଦେଇ କହିଲେ, ''ତୋର ଆଉ ରକ୍ଷା ନାହିଁ ।'' ॥ ୧୫୬ ॥

**ଆୱତ ଦେଖି ଅଧିକ ରୱ ବାଜୀ । ଚଲେଉ ବରାହ ମରୁତ ଗତି ଭାଜୀ ॥**
**ତୁରତ କୀହ୍ନ ନୃପ ସର ସଂଧାନା । ମହି ମିଲି ଗୟଉ ବିଲୋକତ ବାନା ॥ ୧ ॥**

ଘୋଡ଼ା ଭୀଷଣ ଶବ୍ଦ କରି ତା'ଆଡ଼କୁ ମାଡ଼ିଆସୁଥିବା ଦେଖି ବରାହ ପବନବେଗରେ ପଳାଇଗଲା । ଅବିଳମ୍ବେ ରାଜା ଶର ସନ୍ଧାନ କଲେ । ଶର ଦେଖିବାମାତ୍ରେ ବରାହ ଭୂମିରେ ଚାପିହୋଇ ରହିଗଲା ॥ ୧ ॥

**ତକି ତକି ତୀର ମହୀସ ଚଲାୱା । କରି ଛଲ ସୁଅର ସରୀର ବଚାୱା ॥**
**ପ୍ରଗଟତ ଦୁରତ ଜାଇ ମୃଗ ଭାଗା । ରିସ ବସ ଭୂପ ଚଲେଉ ସଁଗ ଲାଗା ॥ ୨ ॥**

ତାକୁ ଲକ୍ଷ୍ୟ କରି ରାଜା ତୀର ବିନ୍ଧୁଥାନ୍ତି; କିନ୍ତୁ ବରାହ ନାନା ଛଳନା କରି ନିଜ ଶରୀରକୁ ଲୁଚାଇଚାଲିଥାଏ । ପଶୁଟା କେତେବେଳେ ଦେଖାପଡୁଥାଏ ତ, କେତେବେଳେ ଛପି ଛପି ପଳାଇଯାଉଥାଏ ଏବଂ ରାଜା ମଧ୍ୟ କ୍ରୋଧବଶତଃ ତାକୁ ଗୋଡ଼ାଇଥାନ୍ତି ॥ ୨ ॥

**ଗୟଉ ଦୂରି ଘନ ଗହନ ବରାହୂ । ଜହଁ ନାହିନ ଗଜ ବାଜି ନିବାହୂ ॥**
**ଅତି ଅକେଲ ବନ ବିପୁଲ କଲେସୂ । ତଦପି ନ ମୃଗ ମଗ ତଜଇ ନରେସୂ ॥ ୩ ॥**

ଏପରି ଦୌଡୁ ଦୌଡୁ ବରାହ ଏତେ ଗହନ ବନ ଭିତରେ ପଶିଗଲା ଯେ, ତା'ଭିତରେ ହାତୀଘୋଡ଼ା ପଶିବା ମଧ୍ୟ କଷ୍ଟକର ଥିଲା । ରାଜା ଏକୁଟିଆ ଥିଲେ । ଅରଣ୍ୟ ଭିତରେ ପଶିବା ବି ଅତ୍ୟନ୍ତ କଷ୍ଟକର ଥିଲା । ତଥାପି ସେ ପଶୁର ପିଛା ଛାଡ଼ିଲେ ନାହିଁ ॥ ୩ ॥

**କୋଲ ବିଲୋକି ଭୂପ ବଡ଼ ଧୀରା । ଭାଗି ପୈଠ ଗିରିଗୁହାଁ ଗଭୀରା ॥**
**ଅଗମ ଦେଖି ନୃପ ଅତି ପଛିତାଈ । ଫିରେଉ ମହାବନ ପରେଉ ଭୁଲାଈ ॥ ୪ ॥**

ବରାହ ଦେଖିଲା, ରାଜା ଅତି ଧୈର୍ଯ୍ୟବାନ୍; ତେଣୁ ସେ ଧାଇଁଯାଇ ଗୋଟିଏ ପର୍ବତଗୁମ୍ଫା ଭିତରେ ପଶିଗଲା । ତା'ଭିତରେ ପଶିବା କଠିନ ଜାଣି, ରାଜା ବହୁ ଅନୁତାପ କରି ସେଠାରୁ ଫେରିଆସିଲେ; କିନ୍ତୁ ଆସୁ ଆସୁ ସେହି ଘୋର ବନଭିତରେ ସେ ବାଟବଣା ହୋଇଗଲେ ॥ ୪ ॥

ଦୋ:- **ଖେଦ ଖିନ୍ନ ଛୁଦ୍ଧିତ ତୃଷିତ ରାଜା ବାଜି ସମେତ ।**
**ଖୋଜତ ବ୍ୟାକୁଲ ସରିତ ସର ଜଲ ବିନୁ ଭୟଉ ଅଚେତ ॥ ୧୫୭ ॥**

ବହୁ ପରିଶ୍ରମ କରିଥିବାରୁ ରାଜା କ୍ଳାନ୍ତ ହୋଇପଡ଼ିଥିଲେ । ସେ ଓ ଘୋଡ଼ା ଉଭୟେ କ୍ଷୁଧାତୃଷାରେ ବ୍ୟାକୁଳ ହୋଇ, ନଦୀପୋଖରୀ ଖୋଜି ଖୋଜି ଜଳ ବିନା ବ୍ୟତିବ୍ୟସ୍ତ ହୋଇଗଲେ ॥ ୧୫୭ ॥

**ଫିରତ ବିପିନ ଆଶ୍ରମ ଏକ ଦେଖା । ତହଁ ବସ ନୃପତି କପଟ ମୁନିବେଷା ॥**
**ଜାସୁ ଦେସ ନୃପ ଲୀହ୍ନ ଛଡ଼ାଈ । ସମର ସେନ ତଜି ଗୟଉ ପରାଈ ॥ ୧ ॥**

ବଣ ଭିତରେ ବୁଲୁ ବୁଲୁ ସେ ଗୋଟିଏ ଆଶ୍ରମ ଦେଖିଲେ । ସେଠାରେ କପଟରେ ମୁନିବେଶ ଧରି ଜଣେ ରାଜା ରହୁଥିଲା । ରାଜା ପ୍ରତାପଭାନୁ ତା'ରାଜ୍ୟ ଛଡ଼ାଇନେଇଥିବାରୁ ସେ ସୈନ୍ୟସାମନ୍ତଙ୍କୁ ଛାଡ଼ି ଯୁଦ୍ଧରୁ ଖସି ପଳାଇଆସିଥିଲା ॥ ୧ ॥

**ସମୟ ପ୍ରତାପଭାନୁ କର ଜାନୀ । ଆପନ ଅତି ଅସମୟ ଅନୁମାନୀ ॥**
**ଗୟଉ ନ ଗୃହ ମନ ବହୁତ ଗଲାନୀ । ମିଲା ନ ରାଜହି ନୃପ ଅଭିମାନୀ ॥ ୨ ॥**

ପ୍ରତାପଭାନୁଙ୍କର ଭଲ ବେଳ ପଡ଼ିଛି ଓ ତାର ଖରାପ ବେଳ ପଡ଼ିଛି ବୋଲି ଅନୁମାନ କରି ତା'ମନରେ ବଡ଼ ଗ୍ଳାନି ଆସିଯାଇଥିଲା । ତେଣୁ ସେ ନିଜ ନଅରକୁ ଯାଇ ନ ଥିଲା; ଅଭିମାନୀ ହୋଇଥିବାରୁ ସେହି ରାଜା ପ୍ରତାପଭାନୁଙ୍କ ସହିତ ସନ୍ଧି ମଧ୍ୟ କରି ନ ଥିଲା ॥ ୨ ॥

**ରିସ ଉର ମାରି ରଂକ ଜିମି ରାଜା । ବିପିନ ବସଇ ତାପସ କେଁ ସାଜା ॥**
**ତାସୁ ସମୀପ ଗୱନ ନୃପ କୀହ୍ନା । ଯହ ପ୍ରତାପରବି ତେହିଁ ତବ ଚୀହ୍ନା ॥ ୩ ॥**

ମନର କ୍ରୋଧ ମନରେ ମାରି ସେହି ରାଜା ତପସ୍ୱୀବେଶରେ ଦରିଦ୍ରଙ୍କ ପରି ବଣରେ ରହୁଥିଲା । ବର୍ତ୍ତମାନ ରାଜା ପ୍ରତାପଭାନୁ ତା'ପାଖକୁ ଆସୁ ଆସୁ, ସେ ତୁରନ୍ତ ତାଙ୍କୁ ଚିହ୍ନିପକାଇଲା ॥ ୩ ॥

**ରାଉ ତୃଷିତ ନହିଁ ସୋ ପହିଚାନା । ଦେଖି ସୁବେଷ ମହାମୁନି ଜାନା ॥**
**ଉତରି ତୁରଗ ତେଁ କୀହ୍ନ ପ୍ରନାମା । ପରମ ଚତୁର ନ କହେଉ ନିଜ ନାମା ॥ ୪ ॥**

ପ୍ରତାପଭାନୁ ତୃଷାର୍ତ୍ତ ଅବସ୍ଥାରେ ଥିବାରୁ ତାକୁ ଚିହ୍ନିପାରିଲେ ନାହିଁ । ତା'ର ସୁନ୍ଦର ତପସ୍ୱୀବେଶ ଦେଖି ସେ ଭାବିଲେ, ସେ ଜଣେ ମହାମୁନି । ତେଣୁ ସେ ଘୋଡ଼ାରୁ ଓହ୍ଲାଇ ତାକୁ ପ୍ରଣାମ କଲେ; କିନ୍ତୁ ବଡ଼ ଚତୁର ହୋଇଥିବାରୁ ନିଜର ନାମ କହିଲେ ନାହିଁ ॥ ୪ ॥

ଦୋ:- **ଭୂପତି ତୃଷିତ ବିଲୋକି ତେହିଁ ସରବରୁ ଦୀହ୍ନ ଦେଖାଇ ।**
**ମଜ୍ଜନ ପାନ ସମେତ ହୟ କୀହ୍ନ ନୃପତି ହରଷାଇ ॥ ୧୫୮ ॥**

ରାଜା ତୃଷାର୍ତ୍ତ ଥିବା ଦେଖି ସେ ତାଙ୍କୁ ପୋଖରୀ ଦେଖାଇଦେଲା । ରାଜା ଘୋଡ଼ାକୁ ପୋଖରୀରେ ଗାଧୋଇଦେଇ ନିଜେ ଆନନ୍ଦରେ ଗାଧୋଇଲେ ଓ ପାଣି ମୁନ୍ଦିଏ ପିଇ ଆଶ୍ୱସ୍ତ ହେଲେ ॥ ୧୫୮ ॥

**ଗୈ ଶ୍ରମ ସକଲ ସୁଖୀ ନୃପ ଭୟଉ । ନିଜ ଆଶ୍ରମ ତାପସ ଲୈ ଗୟଉ ॥**
**ଆସନ ଦୀହ୍ନ ଅସ୍ତ ରବି ଜାନୀ । ପୁନି ତାପସ ବୋଲେଉ ମୃଦୁ ବାନୀ ॥ ୧ ॥**

କ୍ଳାନ୍ତି ଦୂର ହୋଇଯିବାରୁ ରାଜା ଖୁସୀ ହୋଇଗଲେ । ତପସ୍ୱୀ ତାଙ୍କୁ ନିଜ ଆଶ୍ରମକୁ ନେଇଗଲା ଏବଂ ସୂର୍ଯ୍ୟାସ୍ତ ସମୟ ହେଲାଣି ଜାଣି ରାଜାଙ୍କୁ ବସିବାପାଇଁ ଆସନ ଦେଲା । ତା'ପରେ ଭଦ୍ରଭାବରେ ପଚାରିଲା, ॥ ୧ ॥

**କୋ ତୁହ୍ମ କସ ବନ ଫିରହୁ ଅକେଲେଁ । ସୁଂଦର ଜୁବା ଜୀୱ ପରହେଲେଁ ॥**
**ଚକ୍ରବର୍ତ୍ତି କେ ଲଚ୍ଛନ ତୋରେଁ । ଦେଖତ ଦୟା ଲାଗି ଅତି ମୋରେଁ ॥ ୨ ॥**

"ତୁମେ କିଏ ? ସୁନ୍ଦର ଯୁବକ ହୋଇ, ଜୀବନକୁ ଖାତିରି ନ କରି ଏକୁଟିଆ ବଣରେ ବୁଲୁଛ କାହିଁକି ? ତୁମଠାରେ ଚକ୍ରବର୍ତ୍ତୀ ରାଜାଙ୍କ ଲକ୍ଷଣ ଦେଖି ତୁମ ପ୍ରତି ମୋ ମନରେ ବଡ଼ ଦୟା ଆସୁଛି ।" ॥ ୨ ॥

**ନାମ ପ୍ରତାପଭାନୁ ଅୱନୀସା । ତାସୁ ସଚିୱ ମୈଁ ସୁନହୁ ମୁନୀସା ॥**
**ଫିରତ ଅହେରେଁ ପରେଉଁ ଭୁଲାଈ । ବଡ଼େଁ ଭାଗ ଦେଖେଉଁ ପଦ ଆଈ ॥ ୩ ॥**

ରାଜା କହିଲେ, ''ହେ ମୁନୀଶ୍ୱର ! ଶୁଣନ୍ତୁ । ପ୍ରତାପଭାନୁ ବୋଲି ଜଣେ ରାଜା ଅଛନ୍ତି; ମୁଁ ହେଉଛି ତାଙ୍କ ମନ୍ତ୍ରୀ । ମୁଁ ଶିକାର କରୁ କରୁ ବାଟ ଭୁଲିଯାଇଥିଲି । ବଡ଼ ଭାଗ୍ୟବଶତଃ (ଏଠାକୁ ଆସି) ଆପଣଙ୍କ ଚରଣଦର୍ଶନ ପାଇଲି ॥ ୩ ॥

**ହମ କହଁ ଦୁର୍ଲଭ ଦରସ ତୁହ୍ମାରା । ଜାନତ ହୌଁ କଛୁ ଭଲ ହୋନିହାରା ॥**
**କହ ମୁନି ତାତ ଭୟଉ ଅଁଧିଆରା । ଜୋଜନ ସତ୍ତରି ନଗରୁ ତୁହ୍ମାରା ॥ ୪ ॥**

ମୋ ପାଇଁ ତ ଆପଣଙ୍କ ଦର୍ଶନ ଦୁର୍ଲଭ । ଏଥିରୁ ମୋତେ ଜଣାପଡୁଛି, କିଛି ଗୋଟିଏ ଭଲ ଯୋଗ ଅଛି ।'' ମୁନି କହିଲା, ''ବାପ ! ଅନ୍ଧାର ହୋଇଗଲାଣି । ତୁମ ନଗର ଏଠାରୁ ସତୁରି ଯୋଜନ ଦୂର ॥ ୪ ॥

ଦୋ:- **ନିସା ଘୋର ଗଂଭୀର ବନ ପଂଥ ନ ସୁନହୁ ସୁଜାନ ।**
**ବସହୁ ଆଜୁ ଅସ ଜାନି ତୁହ୍ମ ଜାଏହୁ ହୋତ ବିହାନ ॥୧୫୯(କ)॥**

ହେ ସୁଜ୍ଞ ! ଶୁଣ ; ଘୋର ଅନ୍ଧାର ରାତି । ଘନ ଅରଣ୍ୟ ; ରାସ୍ତାଘାଟ ନାହିଁ । ତେଣୁ ତୁମେ ଆଜି ଏଠାରେ ରହିଯାଅ; ସକାଳ ହେବାମାତ୍ରେ ଚାଲିଯିବ ।'' ॥ ୧୫୯ (କ) ॥

**ତୁଲସୀ ଜସି ଭୱିତବ୍ୟତା ତୈସୀ ମିଲଇ ସହାଇ ।**
**ଆପୁନୁ ଆୱଇ ତାହି ପହିଁ ତାହି ତହାଁ ଲୈ ଜାଇ ॥୧୫୯(ଖ)॥**

ତୁଲସୀଦାସ କହୁଛନ୍ତି, ଯାହା ଅଦୃଷ୍ଟରେ ଥାଏ, ତଦନୁରୂପ ସାହାଯ୍ୟ ଅବଶ୍ୟ ମିଳିଥାଏ । ହୁଏତ ତାହା ନିଜେ ମନୁଷ୍ୟ ପାଖକୁ ଆସିଯାଏ କିମ୍ବା ସେ ମନୁଷ୍ୟକୁ ତା'ନିଜ ପାଖକୁ ଟାଣିନେଇଯାଏ ॥ ୧୫୯ (ଖ) ॥

**ଭଲେହିଁ ନାଥ ଆୟସୁ ଧରି ସୀସା । ବାଁଧି ତୁରଗ ତରୁ ବୈଠ ମହୀସା ॥**
**ନୃପ ବହୁ ଭାଁତି ପ୍ରସଂସେଉ ତାହୀ । ଚରନ ବଂଦି ନିଜ ଭାଗ୍ୟ ସରାହୀ ॥ ୧ ॥**

''ଆପଣ ଠିକ୍ କହିଛନ୍ତି ।'' କହି ରାଜା ତପସ୍ୱୀର ଆଜ୍ଞା ଶିରୋଧାର୍ଯ୍ୟ କଲେ ଏବଂ ଘୋଡ଼ାକୁ ଗଛରେ ବାନ୍ଧିଦେଇ ଆସନରେ ବସିପଡ଼ିଲେ । ସେ ତାକୁ ବହୁ ପ୍ରଶଂସା କଲେ ଏବଂ ତାର ପାଦପୂଜା କରି ନିଜ ଭାଗ୍ୟକୁ ପ୍ରଶଂସା କଲେ ॥ ୧ ॥

**ପୁନି ବୋଲେଉ ମୃଦୁ ଗିରା ସୁହାଈ । ଜାନି ପିତା ପ୍ରଭୁ କରଉଁ ଢିଠାଈ ॥**
**ମୋହି ମୁନୀସ ସୁତ ସେୱକ ଜାନୀ । ନାଥ ନାମ ନିଜ କହହୁ ବଖାନୀ ॥ ୨ ॥**

ତା'ପରେ ଅତି ମଧୁର କଣ୍ଠରେ କହିଲେ, ''ହେ ପ୍ରଭୁ ! ଆପଣଙ୍କୁ ପିତାସମାନ ଜାଣି ମୁଁ ଟିକିଏ ଧୃଷ୍ଟତା ଦେଖାଉଛି । ହେ ମୁନୀଶ୍ୱର ! ମୋତେ ଆପଣଙ୍କର ପୁତ୍ର ଓ ସେବକ ମନେ କରି ନିଜର ନାମ ଖୋଲି କହନ୍ତୁ ।'' ॥ ୨ ॥

**ତେହି ନ ଜାନ ନୃପ ନୃପହି ସୋ ଜାନା । ଭୂପ ସୁହୃଦ ସୋ କପଟ ସୟାନା ॥**
**ବୈରୀ ପୁନି ଛତ୍ରୀ ପୁନି ରାଜା । ଛଲ ବଲ କୀହ୍ନ ଚହଇ ନିଜ କାଜା ॥ ୩ ॥**

ରାଜା ସିନା ତାକୁ ଚିହ୍ନିପାରିଲେ ନାହିଁ, କିନ୍ତୁ ସେ ତ ରାଜାଙ୍କୁ ଚିହ୍ନିସାରିଥିଲା । ରାଜାଙ୍କ ହୃଦୟ ନିର୍ମଳ; କିନ୍ତୁ ସେ ଥିଲା କପଟ କରିବାରେ ବଡ଼ ଚତୁର । ଏକେ ତ ବୈରୀ; ପୁଣି ଜାତିରେ କ୍ଷତ୍ରିୟ; ତା'ଉପରେ ପୁଣି ରାଜା । ସେ ଛଳେବଳେ କୌଶଳେ ନିଜର କାମ ହାସଲ କରିବାକୁ ଚାହୁଁଥିଲା ॥ ୩ ॥

**ସମୁଝି ରାଜସୁଖ ଦୁଖିତ ଅରାତୀ । ଅୱାଁ ଅନଲ ଇୱ ସୁଲଗଇ ଛାତୀ ॥**
**ସରଲ ବଚନ ନୃପ କେ ସୁନି କାନା । ବୟର ସଁଭାରି ହୃଦୟଁ ହରଷାନା ॥ ୪ ॥**

ସେହି ଶତ୍ରୁ ନିଜର ରାଜସୁଖ ସ୍ମରଣ କରି ବଡ଼ ଦୁଃଖ କରୁଥିଲା । ତା' ହୃଦୟ କୁମ୍ଭାର ଉହା ପରି ଭିତରେ ଭିତରେ କୁହୁଳୁଥିଲା । ରାଜାଙ୍କ ସରଳ ବଚନ ଶୁଣି, ଶତ୍ରୁତା ସ୍ମରଣ କରି ସେ ମନେ ମନେ ଖୁସୀ ହେଲା ॥ ୪ ॥

ଦୋ:- **କପଟ ବୋରି ବାନୀ ମୃଦୁଲ ବୋଲେଉ ଜୁଗୁତି ସମେତ ।**
**ନାମ ହମାର ଭିଖାରି ଅବ ନିର୍ଧନ ରହିତ ନିକେତ ॥ ୧୬୦ ॥**

ସେ ନାନା ଯୁକ୍ତି ଗଢ଼ି କପଟଭରା କୋମଳବଚନ କହିଲା, ''ବର୍ତ୍ତମାନ ଦୃଷ୍ଟିରୁ ମୋର ନାମ ଭିକାରି; କାରଣ ମୁଁ ନିର୍ଦ୍ଧନ ଏବଂ ଅନିକେତ (ଗୃହଶୂନ୍ୟ) ।'' ॥ ୧୬୦ ॥

**କହ ନୃପ ଜେ ବିଗ୍ୟାନ ନିଧାନା । ତୁହ୍ମ ସାରିଖେ ଗଲିତ ଅଭିମାନା ॥**
**ସଦା ରହହିଁ ଅପନପୌ ଦୁରାଏଁ । ସବ ବିଧି କୁସଲ କୁବେଷ ବନାଏଁ ॥ ୧ ॥**

ରାଜା କହିଲେ, ''ଯେଉଁମାନେ ଆପଣଙ୍କ ପରି ବିଜ୍ଞାନର ଗନ୍ତାଘର ଏବଂ ସର୍ବଥା ନିରଭିମାନ, ସେମାନେ ନିଜ ସ୍ୱରୂପକୁ ସର୍ବଦା ଲୁଗ୍ଇଇରଖନ୍ତି; କାରଣ ଦୀନବେଶ ଧରି ରହିଲେହିଁ ସକଳପ୍ରକାରେ କଲ୍ୟାଣ ହୁଏ (ପ୍ରକାଶ୍ୟ ସନ୍ଥବେଶରେ ଅଭିମାନର ସମ୍ଭାବନା ଥାଏ ଏବଂ ଅଭିମାନରୁ ପତନର ସମ୍ଭାବନା ଦେଖାଦିଏ ।) ॥ ୧ ॥

**ତେହି ତେଁ କହହିଁ ସଂତ ଶ୍ରୁତି ଟେରେଁ । ପରମ ଅକିଂଚନ ପ୍ରିୟ ହରି କେରେଁ ॥**
**ତୁହ୍ମ ସମ ଅଧନ ଭିଖାରି ଅଗେହା । ହୋତ ବିରଂଚି ସିଓ୍ୱହି ସଂଦେହା ॥ ୨ ॥**

ଏଇଥିପାଇଁ ତ ସନ୍ଥ ଓ ବେଦଗଣ ମୁକ୍ତକଣ୍ଠରେ କହନ୍ତି ଯେ, ପରମ ଅକିଞ୍ଚନ (ସର୍ବଥା ଅହଂକାର, ମମତ୍ୱ ଓ ମାନରହିତ) ବ୍ୟକ୍ତିହିଁ ଭଗବାନଙ୍କର ପ୍ରିୟ । ଆପଣଙ୍କ ପରି ନିର୍ଦ୍ଧନ, ଭିକାରି ଓ ଗୃହହୀନକୁ ଦେଖି [ଇଏ ସତରେ ସନ୍ଥ, ନା ଭିକାରି ବୋଲି] ବ୍ରହ୍ମା ଓ ଶିବଙ୍କର ମଧ୍ୟ ସନ୍ଦେହ ଜାତ ହେବ ॥ ୨ ॥

**ଜୋସି ସୋସି ତଓ୍ୱ ଚରନ ନମାମୀ । ମୋ ପର କୃପା କରିଅ ଅବ ସ୍ୱାମୀ ॥**
**ସହଜ ପ୍ରୀତି ଭୂପତି କୈ ଦେଖୀ । ଆପୁ ବିଷୟ ବିସ୍ୱାସ ବିସେଷୀ ॥ ୩ ॥**

ଆପଣ ଯାହା ହୋଇଥାନ୍ତୁ ନା କାହିଁକି, ମୁଁ ଆପଣଙ୍କ ଚରଣରେ ନମସ୍କାର କରୁଛି । ହେ ସ୍ୱାମୀ ! ମୋ ପ୍ରତି ଟିକିଏ କୃପା କରନ୍ତୁ ।'' ତା'ପ୍ରତି ରାଜାଙ୍କର ସ୍ୱାଭାବିକ ପ୍ରୀତି ହେଲାଣି ଦେଖି ଓ ତା' ବିଷୟରେ ତାଙ୍କର ଅଧିକ ବିଶ୍ୱାସ ଜନ୍ମିଥିବା ଲକ୍ଷ୍ୟ କରି, ॥ ୩ ॥

**ସବ ପ୍ରକାର ରାଜହି ଅପନାଈ । ବୋଲେଉ ଅଧିକ ସନେହ ଜନାଈ ॥**
**ସୁନୁ ସତିଭାଉ କହଉଁ ମହିପାଲା । ଇହାଁ ବସତ ବୀତେ ବହୁ କାଲା ॥ ୪ ॥**

ସେହି କପଟତପସ୍ୱୀ ରାଜାଙ୍କୁ ସକଳପ୍ରକାରେ ନିଜର କରିନେଇ ଓ ଅଧିକ ସ୍ନେହ ଦେଖାଇ କହିଲା, ''ହେ ରାଜନ୍ ! ଶୁଣ, ମୁଁ ତୁମକୁ ସତ କହୁଛି, ମୋର ଏଠାରେ ରହିବାର ଅନେକ ବର୍ଷ ହୋଇଗଲାଣି ॥ ୪ ॥

ଦୋ:- **ଅବ ଲଗି ମୋହି ନ ମିଲେଉ କୋଉ ମୈଁ ନ ଜନାଓ୍ୱଉଁ କାହୁ ।**
**ଲୋକମାନ୍ୟତା ଅନଲ ସମ କର ତପ କାନନ ଦାହୁ ॥ ୧୬୧ (କ) ॥**

ଆଜି ପର୍ଯ୍ୟନ୍ତ କେହି ମୋ ସହିତ ସାକ୍ଷାତ୍ କରିନାହିଁ, କି ମୁଁ କାହାକୁ ନିଜକଥା ଜଣାଇନାହିଁ; କାରଣ ଲୋକପ୍ରତିଷ୍ଠା ହେଉଛି ଅଗ୍ନି ପରି; ତାହା ତପରୂପୀ ବନକୁ ଜାଳିଦିଏ ।'' ॥ ୧୬୧ (କ) ॥

**ସୋ:- ତୁଲସୀ ଦେଖି ସୁବେଷୁ ଭୂଲହିଁ ମୂଢ଼ ନ ଚତୁର ନର ।**
**ସୁଂଦର କେକିହି ପେଖୁ ବଚନ ସୁଧା ସମ ଅସନ ଅହି ॥୧୬୧(ଖ)॥**

ତୁଲସୀଦାସ କହୁଛନ୍ତି, ସୁନ୍ଦର ବେଶ ଦେଖି କେବଳ ମୂଢ଼ ନୁହେଁ, ଚତୁର ମନୁଷ୍ୟ ମଧ୍ୟ ଠକିଯାଏ । ମୟୂର ବଡ଼ ସୁନ୍ଦର; ପୁଣି ତାହାର ବଚନ (ରବ) ଅମୃତସମାନ; କିନ୍ତୁ ସେ ଖାଏ ସାପ ॥ ୧୬୧ (ଖ) ॥

**ତାତେଁ ଗୁପୁତ ରହଉଁ ଜଗ ମାହୀଁ । ହରି ତଜି କିମପି ପ୍ରୟୋଜନ ନାହୀଁ ॥**
**ପ୍ରଭୁ ଜାନତ ସବ ବିନହିଁ ଜନାଏଁ । କହହୁ କଵ୍ନି ସିଧି ଲୋକ ରିଝାଏଁ ॥ ୧ ॥**

[କପଟତପସ୍ୱୀ କହିଲା,] ''ତେଣୁ ମୁଁ ଜଗତଠାରୁ ଲୁଚିରହେ । ଶ୍ରୀହରିଙ୍କ ଛଡ଼ା, କାହାଠାରେ ବି କୌଣସି ପ୍ରୟୋଜନ ରଖେ ନାହିଁ । ପ୍ରଭୁଙ୍କୁ ତ କିଛି ନ ଜଣାଇଲେ ବି ସେ ସବୁ ଜାଣନ୍ତି । ତା'ଛଡ଼ା ସଂସାରକୁ ପ୍ରସନ୍ନ କଲେ ବା କି ସିଦ୍ଧି ମିଳିବ, କହିଲ ? ॥ ୧ ॥

**ତୁହ୍ମ ସୁଚି ସୁମତି ପରମ ପ୍ରିୟ ମୋରେଁ । ପ୍ରୀତି ପ୍ରତୀତି ମୋହି ପର ତୋରେଁ ॥**
**ଅବ ଜୌଁ ତାତ ଦୁରାଵଉଁ ତୋହୀ । ଦାରୁନ ଦୋଷ ଘଟଇ ଅତି ମୋହୀ ॥ ୨ ॥**

ତୁମେ ଅତି ପବିତ୍ର ଓ ତୁମର ବୁଦ୍ଧି ବି ସୁନ୍ଦର । ତେଣୁ ତୁମେ ମୋର ଅତି ପ୍ରିୟ । ମୋ ଉପରେ ତୁମର ପ୍ରୀତି ଓ ବିଶ୍ୱାସ ମଧ୍ୟ ରହିଛି । ବାପ ! ତୁମପାଖରେ ମୁଁ ଯଦି କିଛି ଲୁଗ୍ଉଇରଖିବି, ତେବେ ମୋତେ ବଡ଼ ଦୋଷ ଲାଗିବ ।'' ॥ ୨ ॥

**ଜିମି ଜିମି ତାପସୁ କଥଇ ଉଦାସା । ତିମି ତିମି ନୃପହି ଉପଜ ବିସ୍ୱାସା ॥**
**ଦେଖା ସ୍ୱବସ କର୍ମ ମନ ବାନୀ । ତବ ବୋଲା ତାପସ ବଗଧ୍ୟାନୀ ॥ ୩ ॥**

ସେହି ତପସ୍ୱୀ ଯେତେ ଯେତେ ଉଦାସୀନଙ୍କ ପରି କଥା କହୁଥାଏ, ରାଜାଙ୍କ ମନରେ ସେତେ ସେତେ ଅଧିକ ବିଶ୍ୱାସ ଜନ୍ମୁଥାଏ । ସେ ଜାଣିଗଲା ଯେ, ମନ, ବଚନ ଓ କର୍ମରେ ରାଜା ତା'ର ବଶ ହୋଇଗଲେଣି । ତେଣୁ ବଗଙ୍କ ପରି ଧ୍ୟାନ କରୁଥିବା ସେହି କପଟତପସ୍ୱୀ କହିଲା, ॥ ୩ ॥

**ନାମ ହମାର ଏକତନୁ ଭାଈ । ସୁନି ନୃପ ବୋଲେଉ ପୁନି ସିରୁ ନାଈ ॥**
**କହହୁ ନାମ କର ଅରଥ ବଖାନୀ । ମୋହି ସେଵ୍କ ଅତି ଆପନ ଜାନୀ ॥ ୪ ॥**

''ହେ ଭାଇ ! ମୋ ନାଆଁ ହେଉଛି ଏକତନୁ ।'' ଏହା ଶୁଣି ରାଜା ପୁନର୍ବାର ନତମସ୍ତକ ହୋଇ କହିଲେ, ''ମୋତେ ନିଜର ଅତି ଅନୁରକ୍ତ ସେବକ ବୋଲି ଜାଣି, ଆପଣଙ୍କ ନାମର ଅର୍ଥ ବୁଝାଇକହନ୍ତୁ ।'' ॥ ୪ ॥

**ଦୋ:- ଆଦିସୃଷ୍ଟି ଉପଜୀ ଜବହିଁ ତବ ଉତପତି ଭୈ ମୋରି ।**
**ନାମ ଏକତନୁ ହେତୁ ତେହି ଦେହ ନ ଧରୀ ବହୋରି ॥ ୧୬୨ ॥**

କପଟତପସ୍ୱୀ କହିଲା, ''ଯେତେବେଳେ ସର୍ବପ୍ରଥମେ ସୃଷ୍ଟି ସର୍ଜନା ହେଲା, ସେତିକିବେଳେ ମୋର ଉତ୍ପତ୍ତି ହୋଇଥିଲା । ସେହିକାଳୁ ମୁଁ ଆଉ ଦ୍ୱିତୀୟ ଦେହ ଧରିନାହିଁ; ତେଣୁ ମୋର ନାମ ଏକତନୁ ହୋଇଛି ॥ ୧୬୨ ॥

**ଜନି ଆଚରଜୁ କରହୁ ମନ ମାହୀଁ । ସୁତ ତପ ତେଁ ଦୁର୍ଲଭ କଛୁ ନାହୀଁ ॥**
**ତପବଲ ତେଁ ଜଗ ସୃଜଇ ବିଧାତା । ତପବଲ ବିଷ୍ଣୁ ଭଏ ପରିତ୍ରାତା ॥ ୧ ॥**

ହେ ବତ୍ସ ! ଆଶ୍ଚର୍ଯ୍ୟ ହୁଅ ନାହିଁ; ତପଦ୍ୱାରା କିଛି ବି ଦୁର୍ଲଭ ନୁହେଁ । ତପୋବଳରେ ବ୍ରହ୍ମା ଜଗତ୍ ରଚନା କରିଛନ୍ତି; ତପୋବଳରେହିଁ ବିଷ୍ଣୁ ସଂସାରପାଳକ ହୋଇଛନ୍ତି ॥ ୧ ॥

**ତପବଲ ସଂଭୁ କରହିଁ ସଂଘାରା । ତପ ତେଁ ଅଗମ ନ କଛୁ ସଂସାରା ॥**
**ଭୟଉ ନୃପହି ସୁନି ଅତି ଅନୁରାଗା । କଥା ପୁରାତନ କହୈ ସୋ ଲାଗା ॥ ୨ ॥**

ତପୋବଳରେହିଁ ରୁଦ୍ର ସଂହାର କରନ୍ତି । ସଂସାରରେ ଏପରି କୌଣସି ବସ୍ତୁ ନାହିଁ, ଯାହା କି ତପୋବଳରେ ମିଳି ନ ପାରିବ ।'' ଏହା ଶୁଣି ରାଜାଙ୍କର ଅନୁରାଗ ଆହୁରି ବଢ଼ିଗଲା । ଏଥର ସେହି ତପସ୍ୱୀ ପ୍ରାଚୀନ କଥାସବୁ କହିବାକୁ ଆରମ୍ଭ କଲା ॥ ୨ ॥

**କରମ ଧରମ ଇତିହାସ ଅନେକା । କରଇ ନିରୂପନ ବିରତି ବିବେକା ॥**
**ଉଦଭଓ୍ୱ ପାଲନ ପ୍ରଲୟ କହାନୀ । କହେସି ଅମିତ ଆଚରଜ ବଖାନୀ ॥ ୩ ॥**

କର୍ମ, ଧର୍ମ ଏବଂ ଅନେକପ୍ରକାର ଇତିହାସ କହି ସେ ବୈରାଗ୍ୟ ଓ ଜ୍ଞାନ ନିରୂପଣ କରିବାକୁ ଲାଗିଲା । ସୃଷ୍ଟିର ଉତ୍ପତ୍ତି, ପାଳନ ଓ ସଂହାରର ଅପାର ଆଶ୍ଚର୍ଯ୍ୟକର କଥାସବୁ ସେ ବିସ୍ତାରିତଭାବରେ କହିଗଲା ॥ ୩ ॥

**ସୁନି ମହୀପ ତାପସ ବସ ଭୟଉ । ଆପନ ନାମ କହନ ତବ ଲୟଉ ॥**
**କହ ତାପସ ନୃପ ଜାନଉଁ ତୋହୀ । କୀହ୍ନେହୁ କପଟ ଲାଗ ଭଲ ମୋହୀ ॥ ୪ ॥**

ସେସବୁ ଶୁଣି ରାଜା ତପସ୍ୱୀର ବଶୀଭୂତ ହୋଇଗଲେ ଓ ତାକୁ ନିଜର ନାମ କହିଦେଲେ । ତପସ୍ୱୀ କହିଲା, ''ରାଜନ୍ ! ମୁଁ ତୁମକୁ ଜାଣେ । ତୁମେ ଯେଉଁ କପଟ କଲ, ତାହା ମୋତେ ଖୁବ୍ ଭଲ ଲାଗିଲା ॥ ୪ ॥

ସୋଃ- **ସୁନୁ ମହୀସ ଅସି ନୀତି ଜହଁ ତହଁ ନାମ ନ କହହିଁ ନୃପ ।**
**ମୋହି ତୋହି ପର ଅତି ପ୍ରୀତି ସୋଇ ଚତୁରତା ବିଚାରି ତଓ୍ୱ ॥ ୧୬୩ ॥**

ଶୁଣ ରାଜନ୍ ! ରାଜାମାନଙ୍କର ଏହା ଏକ ନୀତି ଯେ, ସେମାନେ ସବୁଠାରେ ନିଜର ନାମ କହନ୍ତି ନାହିଁ । ତୁମର ସେହି ଚତୁରତା ଥିବା ଜାଣି, ତୁମ ପ୍ରତି ମୋର ଅତିଶୟ ଶ୍ରଦ୍ଧା ଜାତ ହୋଇଛି ॥ ୧୬୩ ॥

**ନାମ ତୁହ୍ମାର ପ୍ରତାପ ଦିନେସା । ସତ୍ୟକେତୁ ତଓ୍ୱ ପିତା ନରେସା ॥**
**ଗୁର ପ୍ରସାଦ ସବ ଜାନିଅ ରାଜା । କହିଅ ନ ଆପନ ଜାନି ଅକାଜା ॥ ୧ ॥**

ତୁମ ନାମ ପ୍ରତାପଭାନୁ । ମହାରାଜ ସତ୍ୟକେତୁ ତୁମ ପିତା ଥିଲେ । ହେ ରାଜନ୍ ! ଗୁରୁଙ୍କ କୃପାରୁ ମୁଁ ସବୁ ଜାଣେ; କିନ୍ତୁ ଆପଣାର କ୍ଷତି ହେବ ଜାଣି କିଛି କହୁ ନାହିଁ ॥ ୧ ॥

**ଦେଖି ତାତ ତଓ୍ୱ ସହଜ ସୁଧାଈ । ପ୍ରୀତି ପ୍ରତୀତି ନୀତି ନିପୁନାଈ ॥**
**ଉପଜି ପରୀ ମମତା ମନ ମୋରେଁ । କହଉଁ କଥା ନିଜ ପୂଛେ ତୋରେଁ ॥ ୨ ॥**

ଆହେ ବାପ ! ତୁମର ସ୍ୱାଭାବିକ ସରଳତା, ପ୍ରେମ, ବିଶ୍ୱାସ ଓ ନୀତିନିପୁଣତା ଦେଖି ମୋ ମନରେ ତୁମ ପ୍ରତି ବିଶେଷ ମମତା ଉପନ୍ନ ହୋଇଛି । ତେଣୁ ତୁମେ ପଚାରିବାରୁ ମୁଁ ମୋ କଥା କହିଦେଲି ॥ ୨ ॥

**ଅବ ପ୍ରସନ୍ନ ମୈଁ ସଂସୟ ନାହୀଁ । ମାଗୁ ଜୋ ଭୂପ ଭାଓ୍ୱ ମନ ମାହୀଁ ॥**
**ସୁନି ସୁବଚନ ଭୂପତି ହରଷାନା । ଗହି ପଦ ବିନୟ କୀହ୍ନିବିଧି ନାନା ॥ ୩ ॥**

ମୁଁ ବର୍ତ୍ତମାନ ତୁମ ପ୍ରତି ପ୍ରସନ୍ନ; ଏଥିରେ କୌଣସି ସନ୍ଦେହ ନାହିଁ । ତୁମର ଯାହା ଇଚ୍ଛା, ତାହା ମାଗ ।'' ଏଭଳି ପ୍ରିୟ ବଚନ ଶୁଣି ରାଜା ହର୍ଷିତ ହୋଇଗଲେ ଏବଂ ମୁନିଙ୍କ ପାଦ ଧରି ବହୁପ୍ରକାରେ ବିନତି କଲେ, ॥ ୩ ॥

**କୃପାସିଂଧୁ ମୁନି ଦରସନ ତୋରେଁ । ଚାରି ପଦାରଥ କରତଲ ମୋରେଁ ॥**
**ପ୍ରଭୁହି ତଥାପି ପ୍ରସନ୍ନ ବିଲୋକୀ । ମାଗି ଅଗମ ବର ହୋଉଁ ଅସୋକୀ ॥ ୪ ॥**

''ହେ ଦୟାସାଗର ମୁନି ! କେବଳ ଆପଣଙ୍କ ଦର୍ଶନମାତ୍ରକେ ଧର୍ମ, ଅର୍ଥ, କାମ ଓ ମୋକ୍ଷ—ଚାରିଟିଯାକ ପଦାର୍ଥ ମୋର କରଗତ ହୋଇଗଲା । ତଥାପି ଦେଖୁଛି ଯେ, ସ୍ୱାମୀ (ଆପଣ) ପ୍ରସନ୍ନ ଅଛନ୍ତି; ତେଣୁ ଗୋଟିଏ ଦୁର୍ଲଭ ବର ମାଗିନେଇ ଶୋକରହିତ (ଚିରସୁଖୀ) ହୋଇ ନ ଯିବି କାହିଁକି ?'' ॥ ୪ ॥

ଦୋଃ- **ଜରା ମରନ ଦୁଖ ରହିତ ତନୁ ସମର ଜିତୈ ଜନି କୋଉ ।**
**ଏକଛତ୍ର ରିପୁହୀନ ମହି ରାଜ କଲପ ସତ ହୋଉ ॥ ୧୬୪ ॥**

ସେ କହିଲେ, ''ମୋର ଶରୀର ଜରା, ମୃତ୍ୟୁ ଓ ଦୁଃଖରୁ ମୁକ୍ତ ହୋଇଯାଉ; ମୋତେ କେହି ଯୁଦ୍ଧରେ ଜିଣି ନ ପାରନ୍ତୁ ଏବଂ ପୃଥିବୀରେ ମୋର ଏକଶହ କଳ୍ପପର୍ଯ୍ୟନ୍ତ ଏକଛତ୍ର ନିଷ୍କଣ୍ଟକ ରାଜୁତି ଚାଲୁ ।''॥ ୧୬୪ ॥

**କହ ତାପସ ନୃପ ଐସେଇ ହୋଉ । କାରନ ଏକ କଠିନ ସୁନୁ ସୋଉ ॥**
**କାଲଉ ତୁଅ ପଦ ନାଇହି ସୀସା । ଏକ ବିପ୍ରକୁଲ ଛାଡ଼ି ମହୀସା ॥ ୧ ॥**

ତପସ୍ୱୀ କହିଲା, ''ତଥାସ୍ତୁ—ତାହାହିଁ ହେଉ; କିନ୍ତୁ ଗୋଟିଏ ବଡ଼ କଠିନ କାର୍ଯ୍ୟ ରହିଛି; ତାହା ବି ଶୁଣ । ହେ ପୃଥିବୀପତି ! କେବଳ ବ୍ରାହ୍ମଣକୁଳକୁ ଛାଡ଼ିଦେଲେ, କାଳ ବି ଆସି ତୁମ ପାଦରେ ମୁଣ୍ଡିଆ ମାରିବ ॥ ୧ ॥

**ତପବଲ ବିପ୍ର ସଦା ବରିଆରା । ତିହ୍ନ କେ କୋପ ନ କୋଉ ରଖୱାରା ॥**
**ଜୌଁ ବିପ୍ରହ୍ନ ବସ କରହୁ ନରେସା । ତୌ ତୁଅ ବସ ବିଧି ବିଷ୍ଣୁ ମହେସା ॥ ୨ ॥**

ତପୋବଳରେ ବ୍ରାହ୍ମଣମାନେ ସର୍ବଦା ବଳବାନ୍ ହୋଇ ରହନ୍ତି । ସେମାନଙ୍କ କ୍ରୋଧରୁ ରକ୍ଷା କରିବା ଲୋକ କେହି ବି ନାହିଁ । ହେ ନରପତି ! ତୁମେ ଯଦି ବ୍ରାହ୍ମଣମାନଙ୍କୁ ବଶ କରିପାରିବ, ତେବେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବି ତୁମର ଅଧୀନ ହୋଇଯିବେ ॥ ୨ ॥

**ଚଲ ନ ବ୍ରହ୍ମକୁଲ ସନ ବରିଆଈ । ସତ୍ୟ କହଉଁ ଦୋଉ ଭୁଜା ଉଠାଈ ॥**
**ବିପ୍ର ଶ୍ରାପ ବିନୁ ସୁନୁ ମହିପାଲା । ତୋର ନାସ ନହିଁ କୱନେହୁଁ କାଲା ॥ ୩ ॥**

ମୁଁ ଦୁଇହାତ ଟେକି ସତ କହୁଛି, ବ୍ରାହ୍ମଣଙ୍କ ଉପରେ ଜୋର-ଜବରଦସ୍ତି ଚଳିପାରିବ ନାହିଁ । ହେ ରାଜନ୍ ! ଶୁଣ, ଯଦି ବ୍ରାହ୍ମଣ ଶାପ ନ ଦେବେ, ତେବେ କୌଣସି କାଳରେ ବି ତୁମର ବିନାଶ ହେବ ନାହିଁ ।'' ॥ ୩ ॥

**ହରଷେଉ ରାଉ ବଚନ ସୁନି ତାସୂ । ନାଥ ନ ହୋଇ ମୋର ଅବ ନାସୂ ॥**
**ତୱ ପ୍ରସାଦ ପ୍ରଭୁ କୃପାନିଧାନା । ମୋ କହୁଁ ସର୍ବ କାଲ କଲ୍ୟାନା ॥ ୪ ॥**

ତା'କଥା ଶୁଣି ରାଜା ଅତ୍ୟନ୍ତ ହର୍ଷିତ ହୋଇଗଲେ । କହିଲେ, ''ହେ ସ୍ୱାମୀ ! ତା'ହେଲେ ଏଥର ମୋର ଆଉ ବିନାଶ ହେବ ନାହିଁ । ହେ କୃପାନିଧାନ ପ୍ରଭୁ ! ଆପଣଙ୍କ କୃପାରୁ ସବୁବେଳେ ମୋର ମଙ୍ଗଳହିଁ ହେବ ।'' ॥ ୪ ॥

ଦୋଃ- **ଏୱମସ୍ତୁ କହି କପଟମୁନି ବୋଲା କୁଟିଲ ବହୋରି ।**
**ମିଲବ ହମାର ଭୁଲାବ ନିଜ କହହୁ ତ ହମହି ନ ଖୋରି ॥ ୧୬୫ ॥**

''ଏବମସ୍ତୁ''—(ତାହାହିଁ ହେଉ) କହି ସେହି କପଟୀ ମୁନି ପୁଣି କହିଲା, ''କିନ୍ତୁ ତୁମେ ମୋ ସହିତ ସାକ୍ଷାତ୍ କରିଥିବା ବିଷୟ କିମ୍ବା ବାଟ-ଭୁଲିଯାଇଥିବା ବିଷୟ କାହାକୁ କହିବ ନାହିଁ; ଯଦି କହିଦେବ, ତେବେ ମୋତେ ପରେ ଆଉ ଦୋଷ ଦେବ ନାହିଁ॥ ୧୬୫ ॥

**ତାତେଁ ମୈଁ ତୋହି ବରଜଉଁ ରାଜା । କହେଁ କଥା ତୱ ପରମ ଅକାଜା ॥**
**ଛଠେଁ ଶ୍ରୱନ ୟହ ପରତ କହାନୀ । ନାସ ତୁହ୍ମାର ସତ୍ୟ ମମ ବାନୀ ॥ ୧ ॥**

ହେ ରାଜନ୍ ! ମୁଁ ତୁମକୁ ମନା କରିବାର କାରଣ ଏହି ଯେ, ଏହି ପ୍ରସଙ୍ଗ କହିଦେଲେ, ତୁମର ବଡ଼ କ୍ଷତି ହେବ । ଏକଥା ଷଷ୍ଠ କାନରେ (ତୃତୀୟ ଲୋକ କାନରେ) ପଡ଼ିବାମାତ୍ରେ ତୁମେ ନାଶ ପାଇଯିବ । ମୋର ଏହି ବଚନ ସତ୍ୟ ବୋଲି ଜାଣ ॥ ୧ ॥

**ୟହ ପ୍ରଗଟେଁ ଅଥୱା ଦ୍ୱିଜଶ୍ରାପା । ନାସ ତୋର ସୁନୁ ଭାନୁପ୍ରତାପା ॥**
**ଆନ ଉପାୟଁ ନିଧନ ତୱ ନାହୀଁ । ଜୌଁ ହରିହର କୋପହିଁ ମନ ମାହୀଁ ॥ ୨ ॥**

ହେ ପ୍ରତାପଭାନୁ ! ଶୁଣ, ଏ କଥାଟି ପ୍ରକାଶ କରିଦେଲେ କିମ୍ବା ବ୍ରାହ୍ମଣମାନଙ୍କ ଅଭିଶାପ ପଡ଼ିଗଲେ, ତୁମର ବିନାଶ ଘଟିବ । ଅନ୍ୟ କୌଣସି ଉପାୟରେ, ଏପରି କି, ବ୍ରହ୍ମା ଓ ଶଙ୍କର କ୍ରୋଧ କଲେ ମଧ୍ୟ ତୁମର ମୃତ୍ୟୁ ହେବ ନାହିଁ ।'' ॥ ୨ ॥

**ସତ୍ୟ ନାଥ ପଦ ଗହି ନୃପ ଭାଷା । ଦ୍ୱିଜ ଗୁର କୋପ କହହୁ କୋ ରାଖା ॥**
**ରାଖଇ ଗୁର ଜୌଁ କୋପ ବିଧାତା । ଗୁର ବିରୋଧ ନହିଁ କୋଉ ଜଗ ତ୍ରାତା ॥ ୩ ॥**

ରାଜା ତପସ୍ୱୀର ପାଦ ଧରିପକାଇ କହିଲେ, ''ହେ ସ୍ୱାମୀ ! ଆପଣ ସତ କଥା କହିଲେ । ବ୍ରାହ୍ମଣ ଓ ଗୁରୁଙ୍କ କ୍ରୋଧରୁ କିଏ ଭଲା ରକ୍ଷା କରିପାରିବ, କହନ୍ତୁ ତ !! ବ୍ରହ୍ମା କ୍ରୋଧ କଲେ ସେଥିରୁ ଗୁରୁ ବଞ୍ଚାଇଦେଇପାରିବେ; କିନ୍ତୁ ଗୁରୁ କ୍ରୋଧ କଲେ ସେଥିରୁ ରକ୍ଷା କରିବା ଲୋକ ଜଗତରେ କେହି ବି ନାହିଁ ॥ ୩ ॥

**ଜୌଁ ନ ଚଲବ ହମ କହେ ତୁହ୍ମାରେଁ । ହୋଉ ନାସ ନହିଁ ସୋଚ ହମାରେଁ ॥**
**ଏକହିଁ ଡର ଡରପତ ମନ ମୋରା । ପ୍ରଭୁ ମହିଦେୱ ଶ୍ରାପ ଅତି ଘୋରା ॥ ୪ ॥**

ଯଦି ମୁଁ ଆପଣଙ୍କ କଥା ଅନୁସାରେ ନ ଚଳେ, ତେବେ ମୋର ମୃତ୍ୟୁ ହୋଇଯାଉ—ମୋର ସେଥିକି ଚିନ୍ତା ନାହିଁ । ହେ ପ୍ରଭୁ ! ବ୍ରାହ୍ମଣଙ୍କ ଅଭିଶାପ ଅତି ଭୟଙ୍କର; ମୁଁ ସେହି ଗୋଟିଏ କଥାକୁ ଡରୁଛି ॥ ୪ ॥

ଦୋ:- **ହୋହିଁ ବିପ୍ର ବସ କୱନ ବିଧି କହହୁ କୃପା କରି ସୋଉ ।**
**ତୁହ୍ମ ତଜି ଦୀନଦୟାଲ ନିଜ ହିତୂ ନ ଦେଖଉଁ କୋଉ ॥ ୧୬୬ ॥**

ସେହି ବ୍ରାହ୍ମଣମାନେ କିପରି ବଶ ହୋଇପାରିବେ, କୃପା କରି ତାହା ବି କହିଦିଅନ୍ତୁ । ହେ ଦୀନଦୟାଳୁ ! ଆପଣଙ୍କ ଛଡ଼ା ମୁଁ ଆଉ କାହାକୁ ନିଜର ହିତାକାଙ୍କ୍ଷୀ ବୋଲି ଦେଖିପାରୁନାହିଁ ।'' ॥ ୧୬୬ ॥

**ସୁନୁ ନୃପ ବିବିଧ ଜତନ ଜଗ ମାହୀଁ । କଷ୍ଟସାଧ୍ୟ ପୁନି ହୋହିଁ କି ନାହୀଁ ॥**
**ଅହଇ ଏକ ଅତି ସୁଗମ ଉପାଈ । ତହାଁ ପରଂତୁ ଏକ କଠିନାଈ ॥ ୧ ॥**

ତପସ୍ୱୀ କହିଲା, ''ହେ ରାଜନ୍ ! ସଂସାରରେ ତ ବହୁତ ଉପାୟ ରହିଛି, କିନ୍ତୁ ସେସବୁ ବଡ଼ କଷ୍ଟସାଧ୍ୟ; ପୁଣି ସେସବୁ କଲେ ଉଦ୍ଦେଶ୍ୟ ସିଦ୍ଧ ହେବ କି ନାହିଁ, ସନ୍ଦେହ । ଅବଶ୍ୟ, ଗୋଟିଏ ଅତି ସହଜ ଉପାୟ ଅଛି; ତଥାପି ସେଥିରେ ବି ଗୋଟିଏ ଅସୁବିଧା ରହିଛି ॥ ୧ ॥

**ମମ ଆଧୀନ ଜୁଗୁତି ନୃପ ସୋଈ । ମୋର ଜାବ ତୱ ନଗର ନ ହୋଈ ॥**
**ଆଜୁ ଲଗେଁ ଅରୁ ଜବ ତେଁ ଭୟଉଁ । କାହୂ କେ ଗୃହ ଗ୍ରାମ ନ ଗୟଉଁ ॥ ୨ ॥**

ତା'ର ଯୁକ୍ତିଯୁକ୍ତ ସମାଧାନ, ଅବଶ୍ୟ, ମୋ ହାତର କଥା; କିନ୍ତୁ ତୁମ ନଗରକୁ ମୋ ଯିବା ହୋଇପାରିବ ନାହିଁ । ଜନ୍ମ ହେବାଦିନୁ ଆଜିଯାଏ ମୁଁ କାହା ଘରକୁ ବା ଗ୍ରାମକୁ ଯାଇନାହିଁ ॥ ୨ ॥

**ଜୌଁ ନ ଜାଉଁ ତୱ ହୋଇ ଅକାଜୂ । ବନା ଆଇ ଅସମଂଜସ ଆଜୂ ॥**
**ସୁନି ମହୀସ ବୋଲେଉ ମୃଦୁ ବାନୀ । ନାଥ ନିଗମ ଅସି ନୀତି ବଖାନୀ ॥ ୩ ॥**

''ତଥାପି ଯଦି ନ ଯାଉଛି, ତେବେ ତୁମ କାମ ବିଗିଡ଼ିଯିବ । ଇଏ ଗୋଟିଏ ବଡ଼ ସମସ୍ୟା ଆସି ଆଜି ପହଞ୍ଚିଗଲା ।'' ଏହା ଶୁଣି ରାଜା କୋମଳ କଣ୍ଠରେ କହିଲେ, ''ହେ ନାଥ ! ବେଦରେ ନୀତିବାକ୍ୟ ଅଛି ଯେ, ॥ ୩ ॥

**ବଡ଼େ ସନେହ ଲଘୁହ୍ନ ପର କରହୀଁ । ଗିରି ନିଜ ସିରନି ସଦା ତୃନ ଧରହୀଁ ॥**
**ଜଲଧି ଅଗାଧ ମୌଲି ବହ ଫେନୂ । ସଂତତ ଧରନି ଧରତ ସିର ରେନୂ ॥ ୪ ॥**

ବଡ଼ମାନେ ସାନମାନଙ୍କୁ ସ୍ନେହ କରନ୍ତି । ପର୍ବତ ନିଜ ମସ୍ତକରେ ସର୍ବଦା ତୃଣ ଧାରଣ କରିଥାଏ । ଅଗାଧ ସମୁଦ୍ର ନିଜ ମସ୍ତକରେ ସର୍ବଦା ଫେଣ ବହନ କରିଥାଏ ଏବଂ ଧରଣୀ ନିଜ ମସ୍ତକରେ ସର୍ବଦା ଧୂଳି ଧାରଣ କରେ ।''॥ ୪॥

ଦୋ:- **ଅସ କହି ଗହେ ନରେସ ପଦ ସ୍ୱାମୀ ହୋହୁ କୃପାଲ ।**
**ମୋହି ଲାଗି ଦୁଖ ସହିଅ ପ୍ରଭୁ ସଜ୍ଜନ ଦୀନଦୟାଲ ॥ ୧୬୭ ॥**

ଏପରି କହି ରାଜା କପଟୀମୁନିର ପାଦ ଧରିପକାଇଲେ ଏବଂ କହିଲେ, ''ହେ ସ୍ୱାମୀ, କୃପା କରନ୍ତୁ । ଆପଣ ସନ୍ଥ, ଦୀନଦୟାଳୁ । ହେ ପ୍ରଭୁ ! ମୋ ପାଇଁ ଏତକ କଷ୍ଟ ନିଶ୍ଚୟ ସହନ୍ତୁ ।'' ॥ ୧୬୭ ॥

**ଜାନି ନୃପହି ଆପନ ଆଧୀନା । ବୋଲା ତାପସ କପଟ ପ୍ରବୀନା ॥**
**ସତ୍ୟ କହଉଁ ଭୂପତି ସୁନୁ ତୋହୀ । ଜଗ ନାହିନ ଦୁର୍ଲଭ କଛୁ ମୋହୀ ॥ ୧ ॥**

ରାଜା ତାର ଅଧୀନ ହୋଇଗଲେଣି ଜାଣି ସେହି କପଟପ୍ରବୀଣ ତପସ୍ୱୀ କହିଲା, ''ହେ ରାଜନ୍ ! ଶୁଣ, ମୁଁ ତୁମକୁ ସତ କହୁଛି, ଜଗତରେ ମୋ ପକ୍ଷରେ କିଛି ବି ଅସାଧ୍ୟ ନୁହେଁ ।॥ ୧ ॥

**ଅୱସି କାଜ ମୈଁ କରିହଉଁ ତୋରା । ମନ ତନ ବଚନ ଭଗତ ତୈଁ ମୋରା ॥**
**ଜୋଗ ଜୁଗୁତି ତପ ମଂତ୍ର ପ୍ରଭାଉ । ଫଲଇ ତବହିଁ ଜବ କରିଅ ଦୁରାଉ ॥ ୨ ॥**

ତୁମ କାମ ମୁଁ ଅବଶ୍ୟ କରିବି; କାରଣ ତୁମେ କାୟ, ମନ ଓ ବାକ୍ୟରେ ମୋର ଭକ୍ତ; କିନ୍ତୁ ଗୋପନରେ କରାଗଲେହିଁ ଯୋଗ, ଯୁକ୍ତି, ତପ ଓ ମନ୍ତ୍ରର ପ୍ରଭାବ ଫଳବତୀ ହୁଏ ॥ ୨ ॥

**ଜୌଁ ନରେସ ମୈଁ କରୌଁ ରସୋଈ । ତୁହ୍ମ ପରୁସହୁ ମୋହି ଜାନ ନ କୋଈ ॥**
**ଅନ୍ନ ସୋ ଜୋଇ ଜୋଇ ଭୋଜନ କରଈ । ସୋଇ ସୋଇ ତୱ ଆୟସୁ ଅନୁସରଈ ॥ ୩ ॥**

ହେ ନରପତି ! ମୁଁ ଯଦି ରୋଷେଇ କରିବି, ଆଉ ତୁମେ ଯଦି ସେହି ଅନ୍ନ ପରଷିବ ଏବଂ ମୋତେ ଯଦି କେହି ଜାଣିପାରିବେ ନାହିଁ, ତେବେ ଯେଉଁମାନେ ସେହି ଅନ୍ନ ଖାଇବେ, ସେମାନେ ସମସ୍ତେ ତୁମର ଆଜ୍ଞା ଅନୁସରଣ କରିବେ ॥ ୩ ॥

**ପୁନି ତିହ୍ନ କେ ଗୃହ ଜେୱଁଇ ଜୋଊ । ତୱ ବସ ହୋଇ ଭୂପ ସୁନୁ ସୋଊ ॥**
**ଜାଇ ଉପାୟ ରଚହୁ ନୃପ ଏହୂ । ସଂବତ ଭରି ସଂକଲପ କରେହୂ ॥ ୪ ॥**

କେବଳ ସେତିକି ନୁହେଁ; ସେହି ଅନ୍ନ ଖାଇଥିବା ଲୋକଙ୍କ ଘରେ ଯେକେହି ଭୋଜନ କରିବ, ସେ ମଧ୍ୟ ତୁମର ବଶ ହୋଇଯିବ । ହେ ରାଜନ୍ ! ଯାଇ ଏହି ଉପାୟ କର ଏବଂ ପୂରା ବର୍ଷଟିଏ ବ୍ରାହ୍ମଣଭୋଜନ କରାଇବାକୁ ସଂକଳ୍ପ କର ॥ ୪ ॥

ଦୋ:- **ନିତ ନୂତନ ଦ୍ୱିଜ ସହସ ସତ ବରେହୁ ସହିତ ପରିୱାର ।**
**ମୈଁ ତୁହ୍ମରେ ସଂକଲପ ଲଗି ଦିନହିଁ କରବି ଜେୱନାର ॥ ୧୬୮ ॥**

ପ୍ରତିଦିନ ଏକଲକ୍ଷ ବ୍ରାହ୍ମଣଙ୍କୁ ସକୁଟୁମ୍ବେ ନିମନ୍ତ୍ରଣ କରିବ । ମୁଁ ତୁମର ସଂକଳ୍ପକାଳ (ଅର୍ଥାତ୍ ଏକ ବର୍ଷ) ପୂରିବାଯାଏ ପ୍ରତିଦିନ ଅନ୍ନବ୍ୟଞ୍ଜନ ରାନ୍ଧିଦେଉଥିବି ॥ ୧୬୮ ॥

**ଏହି ବିଧି ଭୂପ କଷ୍ଟ ଅତି ଥୋରେଁ । ହୋଇହହିଁ ସକଲ ବିପ୍ର ବସ ତୋରେଁ ॥**
**କରିହହିଁ ବିପ୍ର ହୋମ ମଖ ସେୱା । ତେହିଁ ପ୍ରସଂଗ ସହଜେହିଁ ବସ ଦେୱା ॥ ୧ ॥**

ହେ ରାଜନ୍ ! ଏହି ଉପାୟରେ ଖୁବ୍ କମ୍ ପରିଶ୍ରମରେ ସବୁ ବ୍ରାହ୍ମଣ ତୁମର ବଶବର୍ତ୍ତୀ ହୋଇଯିବେ । ବ୍ରାହ୍ମଣମାନେ ଯଦି ହବନ, ଯଜ୍ଞ ଓ ସେବାପୂଜା କରିବେ, ତେବେ ସେହି ସମ୍ବନ୍ଧରୁ ଦେବତାମାନେ ବି ସହଜରେ ତୁମର ବଶବର୍ତ୍ତୀ ହୋଇଯିବେ ॥ ୧ ॥

**ଔର ଏକ ତୋହି କହଉଁ ଲଖାଉ । ମୈଁ ଏହି ବେଷ ନ ଆଉବ କାଉ ॥**
**ତୁହ୍ମରେ ଉପରୋହିତ କହୁଁ ରାୟା । ହରି ଆନବ ମୈଁ କରି ନିଜ ମାୟା ॥ ୨ ॥**

ମୁଁ ତୁମକୁ ଆଉ ଗୋଟିଏ କଥା ବି କହିଦେଉଛି; ମୁଁ ସେଠାକୁ କଦାପି ଏହି ବେଶରେ ଯିବି ନାହିଁ । ହେ ରାଜନ୍ ! ମୁଁ ନିଜ ମାୟାରେ ତୁମ ପୁରୋହିତଙ୍କୁ ହରଣ କରି ନେଇଆସିବି ॥ ୨ ॥

**ତପବଲ ତେହି କରି ଆପୁ ସମାନା । ରଖିହଉଁ ଇହାଁ ବରଷ ପରୱାନା ॥**
**ମୈଁ ଧରି ତାସୁ ବେଷୁ ସୁନୁ ରାଜା । ସବ ବିଧି ତୋର ସଁୱାରବ କାଜା ॥ ୩ ॥**

ତପୋବଳରେ ମୁଁ ତାଙ୍କୁ ମୋପରି କରିଦେଇ ବର୍ଷେଯାଏ ଏଠାରେ ରଖିଦେବି ଏବଂ ହେ ରାଜନ୍ ! ମୁଁ ତାଙ୍କ ବେଶ ଧରି ଯାଇ ସଂପୂର୍ଣ୍ଣଭାବରେ ତୁମର କାର୍ଯ୍ୟ ସିଦ୍ଧ କରାଇଦେବି ॥ ୩ ॥

**ଗୈ ନିସି ବହୁତ ସୟନ ଅବ କୀଜେ । ମୋହି ତୋହି ଭୂପ ଭେଁଟ ଦିନ ତୀଜେ ॥**
**ମୈଁ ତପବଲ ତୋହି ତୁରଗ ସମେତା । ପହୁଁଚୈହଉଁ ସୋୱତହି ନିକେତା ॥ ୪ ॥**

ହେ ରାଜନ୍ ! ରାତି ବହୁତ ହୋଇଗଲାଣି; ଏଥର ଯାଇ ଶୋଇପଡ଼ । ଆଜିଠାରୁ ତୃତୀୟଦିନରେ ମୋ ସହିତ ତୁମର ସାକ୍ଷାତ୍ ହେବ । ତପୋବଳରେ ମୁଁ ତୁମକୁ ଶୋଇଥିବା ଅବସ୍ଥାରେହିଁ ଘୋଡ଼ା ସହିତ ନେଇ ତୁମ ନଅରରେ ପହଞ୍ଚାଇଦେବି ॥ ୪ ॥

ଦୋଃ- **ମୈଁ ଆଉବ ସୋଇ ବେଷୁ ଧରି ପହିଚ୍ଚନେହୁ ତବ ମୋହି ।**
**ଜବ ଏକାଂତ ବୋଲାଇ ସବ କଥା ସୁନାୱୌଁ ତୋହି ॥ ୧୬୯ ॥**

ମୁଁ ସେହି ପୁରୋହିତର ବେଶ ଧରି ତୁମ ଘରକୁ ଯିବି । ଏକାନ୍ତରେ ଯାଇ, ମୁଁ ତୁମକୁ ଡକାଇ ସବୁ କଥା ଶୁଣାଇଦେଲେ, ତୁମେ ମୋତେ ଚିହ୍ନିପାରିବ ।'' ॥ ୧୬୯ ॥

**ସୟନ କୀହ୍ନ ନୃପ ଆୟସୁ ମାନୀ । ଆସନ ଜାଇ ବୈଠ ଛଲଗ୍ୟାନୀ ॥**
**ଶ୍ରମିତ ଭୂପ ନିଦ୍ରା ଅତି ଆଈ । ସୋ କିମି ସୋୱ ସୋଚ ଅଧିକାଈ ॥ ୧ ॥**

ରାଜା ତା'ର ଆଜ୍ଞା ମାନି ଶୋଇପଡ଼ିଲେ ଏବଂ ସେହି କପଟ-ତପସ୍ୱୀ ଯାଇ ଆସନରେ ବସିରହିଲା । ରାଜା କ୍ଳାନ୍ତ ହୋଇପଡ଼ିଥିବାରୁ ଗଭୀର ନିଦ୍ରାରେ ଶୋଇପଡ଼ିଲେ; କିନ୍ତୁ ସେହି କପଟୀ କିପରି ଶୁଅନ୍ତା ! ତାକୁ ତ ନାନା ଚିନ୍ତା ଘାରୁଥାଏ ॥ ୧ ॥

**କାଲକେତୁ ନିସିଚର ତହଁ ଆୱା । ଜେହିଁ ସୂକର ହୋଇ ନୃପହି ଭୁଲାୱା ॥**
**ପରମ ମିତ୍ର ତାପସ ନୃପ କେରା । ଜାନଇ ସୋ ଅତି କପଟ ଘନେରା ॥ ୨ ॥**

ଏହି ସମୟରେ କାଳକେତୁ ରାକ୍ଷସ ଆସି ସେଠାରେ ପହଞ୍ଚିଗଲା । ଏହି କାଳକେତୁହିଁ ବରାହରୂପ ଧରି ରାଜାଙ୍କୁ ବାଟବଣା କରିଦେଇଥିଲା । ସେ ଥିଲା ଏହି କପଟତପସ୍ୱୀ-ରାଜାର ମିତ୍ର । ସେହି ରାକ୍ଷସ ବହୁ ମାୟା ଜାଣିଥିଲା ॥ ୨ ॥

**ତେହି କେ ସତ ସୁତ ଅରୁ ଦସ ଭାଈ । ଖଲ ଅତି ଅଜୟ ଦେଓ୍ୱ ଦୁଖଦାଈ ॥**
**ପ୍ରଥମହିଁ ଭୂପ ସମର ସବ ମାରେ । ବିପ୍ର ସଂତ ସୁର ଦେଖି ଦୁଖାରେ ॥ ୩ ॥**

ତା'ର ଶହେ ପୁଅ ଓ ଦଶ ଭାଇ ଥିଲେ । ସେମାନେ ବଡ଼ ଦୁଷ୍ଟ ଓ ଅଜେୟ ଥିଲେ; ଦେବତାମାନଙ୍କୁ ବି ଦୁଃଖ ଦେଉଥିଲେ । ସେମାନେ ବ୍ରାହ୍ମଣ, ସନ୍ଥ ଓ ଦେବତାମାନଙ୍କୁ ଦୁଃଖ ଦେଉଛନ୍ତି ଜାଣି ରାଜା ପ୍ରତାପଭାନୁ ପୂର୍ବେ ସେମାନଙ୍କୁ ମାରିଦେଇଥିଲେ ॥ ୩ ॥

**ତେହିଁ ଖଲ ପାଛିଲ ବୟରୁ ସଁଭାରା । ତାପସ ନୃପ ମିଲି ମଂତ୍ର ବିଗ୍ୱରା ॥**
**ଜେହିଁ ରିପୁ ଛୟ ସୋଇ ରଚେହ୍ନି ଉପାଉ । ଭାଓ୍ୱୀ ବସ ନ ଜାନ କଛୁ ରାଉ ॥ ୪ ॥**

ସେହି ଦୁଷ୍ଟ ରାକ୍ଷସ ପୂର୍ବଶତ୍ରୁତା ମନେପକାଇ କପଟୀ ତପସ୍ୱୀ ସହିତ ମିଶି ଷଡ଼ଯନ୍ତ୍ର କରିଥିଲା; ଶତ୍ରୁ ଯେପରି ମରିବ, ସେ ସେହି ଉପାୟ ପାଞ୍ଚିଥିଲା । ଦୈବବଶତଃ ରାଜା ପ୍ରତାପଭାନୁ ଏସବୁ ବିଷୟରେ କିଛି ଜାଣିପାରିଲେ ନାହିଁ ॥ ୪॥

ଦୋ:- **ରିପୁ ତେଜସୀ ଅକେଲ ଅପି ଲଘୁ କରି ଗନିଅ ନ ତାହୁ ।**
**ଅଜହୁଁ ଦେତ ଦୁଖ ରବି ସସିହି ସିର ଅଓ୍ୱସେଷିତ ରାହୁ ॥ ୧୭୦ ॥**

ବଳବାନ୍ ଶତ୍ରୁ ଏକାକୀ ରହିଥିଲେ ବି ତାକୁ କ୍ଷୁଦ୍ର ବୋଲି ଭାବିବା ଉଚିତ ନୁହେଁ । ଯେଉଁ ରାହୁର କେବଳ ମୁଣ୍ଡଟାହିଁ ଅବଶିଷ୍ଟ ଥିଲା, ସେ ପରା ଆଜିଯାଏ ସୂର୍ଯ୍ୟଚନ୍ଦ୍ରଙ୍କୁ ଦୁଃଖ ଦେଉଛି ॥ ୧୭୦ ॥

**ତାପସ ନୃପ ନିଜ ସଖହି ନିହାରୀ । ହରଷି ମିଲେଉ ଉଠି ଭୟଉ ସୁଖାରୀ ॥**
**ମିତ୍ରହି କହି ସବ କଥା ସୁନାଈ । ଜାତୁଧାନ ବୋଲା ସୁଖ ପାଈ ॥ ୧ ॥**
**ଅବ ସାଧେଉଁ ରିପୁ ସୁନହୁ ନରେସା । ଜୌଁ ତୁହ୍ମ କୀହ୍ନ ମୋର ଉପଦେସା ॥**
**ପରିହରି ସୋଚ ରହହୁ ତୁହ୍ମ ସୋଈ । ବିନୁ ଔଷଧ ବିଆଧି ବିଧି ଖୋଈ ॥ ୨ ॥**
**କୁଲ ସମେତ ରିପୁ ମୂଲ ବହାଈ । ଚୌଥେଁ ଦିଓ୍ୱସ ମିଲବ ମୈଁ ଆଈ ॥**
**ତାପସ ନୃପହି ବହୁତ ପରିତୋଷୀ । ଚଲା ମହାକପଟୀ ଅତିରୋଷୀ ॥ ୩ ॥**

ତା'ର ମିତ୍ର ଆସିଥିବା ଦେଖି ତପସ୍ୱୀରାଜା ଆନନ୍ଦରେ ଯାଇ ତା'ସହିତ ସାକ୍ଷାତ୍ କଲା । ସେ ମିତ୍ରକୁ ସବୁ କଥା କହି ଶୁଣାଇଲା । ରାକ୍ଷସ ଆନନ୍ଦିତ ହୋଇ କହିଲା, "ଶୁଣ ରାଜନ୍ ! ତୁମେ ଯେହେତୁ ମୋ କହିବା ଅନୁସାରେ ଏତେ କାମ କରିଦେଲଣି, ଏଥର ଜାଣ ଯେ, ମୁଁ ଶତ୍ରୁକୁ କାବୁ କରିଦେଲି । ତୁମେ ଏଥର ନିଶ୍ଚିନ୍ତ ହୋଇ ଶୋଇପଡ଼ । ବିଧାତା ବିନା-ଔଷଧରେ ରୋଗ ଦୂର କରିଦେଲା । ଶତ୍ରୁକୁ ମୁଁ ସବଂଶେ ସମୂଳେ ଉତ୍ପାଟନ କରି ନିଶ୍ଚିହ୍ନ କରିଦେବି ଏବଂ ଆଜିଠାରୁ ଚତୁର୍ଥ ଦିନରେ ଆସି ତୁମକୁ ସାକ୍ଷାତ କରିବି ।" ତପସ୍ୱୀରାଜାକୁ ଏହିପରି ବହୁ ସାନ୍ତ୍ୱନା ଦେଇ ସେହି ମହାମାୟାବୀ ଅତିକ୍ରୋଧୀ ରାକ୍ଷସ ତା'କାମରେ ବାହାରିପଡ଼ିଲା ॥ ୧–୩ ॥

**ଭାନୁପ୍ରତାପହି ବାଜି ସମେତା । ପହୁଁଗ୍ୱଏସି ଛନ ମାଝ ନିକେତା ॥**
**ନୃପହି ନାରି ପହିଁ ସୟନ କରାଈ । ହୟଗୃହଁ ବାଁଧେସି ବାଜି ବନାଈ ॥ ୪ ॥**

ସେ ରାଜା ପ୍ରତାପଭାନୁଙ୍କୁ ଘୋଡ଼ା ସହିତ ନେଇ କ୍ଷଣକମଧ୍ୟରେ ତାଙ୍କ ନଅରରେ ପହଞ୍ଚାଇଦେଲା ଓ ତାଙ୍କୁ ରାଣୀଙ୍କ ପାଖରେ ଶୁଆଇଦେଇ ଘୋଡ଼ାକୁ ଭଲରୂପେ ଘୋଡ଼ାଶାଳରେ ବାନ୍ଧିଦେଲା ॥ ୪ ॥

ଦୋः- **ରାଜା କେ ଉପରୋହିତହି ହରି ଲୈ ଗୟଉ ବହୋରି ।**
**ଲୈ ରାଖେସି ଗିରି ଖୋହ ମହୁଁ ମାୟାଁ କରି ମତି ଭୋରି ॥ ୧୭୧ ॥**

ତା'ପରେ ସେ ରାଜାଙ୍କ ପୁରୋହିତଙ୍କୁ ଉଠାଇନେଲା ଏବଂ ମାୟାବଳରେ ତାଙ୍କ ବୁଦ୍ଧିକୁ ଭ୍ରମିତ କରାଇଦେଇ, ତାଙ୍କୁ ନେଇ ଗୋଟିଏ ପର୍ବତଗୁମ୍ଫାରେ ରଖିଦେଲା ॥ ୧୭୧ ॥

**ଆପୁ ବିରଚି ଉପରୋହିତ ରୂପା । ପରେଉ ଜାଇ ତେହି ସେଜ ଅନୂପା ॥**
**ଜାଗେଉ ନୃପ ଅନଭଏଁ ବିହାନା । ଦେଖି ଭୱନ ଅତି ଅଚରଜୁ ମାନା ॥ ୧ ॥**

ସେ ନିଜେ ପୁରୋହିତଙ୍କ ରୂପ ଧରି, ଯାଇ ତାଙ୍କ ସୁନ୍ଦର ଶେଯରେ ଶୋଇପଡ଼ିଲା । ରାଜା ପ୍ରତାପଭାନୁ ସକାଳ ନ ହେଉଣୁ ନିଦରୁ ଉଠିପଡ଼ିଲେ; ସେ ନିଜକୁ ନିଜ ଭବନରେ ଦେଖି ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ ॥ ୧ ॥

**ମୁନି ମହିମା ମନ ମହୁଁ ଅନୁମାନୀ । ଉଠେଉ ଗୱଁହିଁ ଜେହିଁ ଜାନ ନ ରାନୀ ॥**
**କାନନ ଗୟଉ ବାଜି ଚଢ଼ି ତେହୀଁ । ପୁର ନର ନାରି ନ ଜାନେଉ କେହୀଁ ॥ ୨ ॥**

ମନେ ମନେ ମୁନିଙ୍କ ମହିମା ଅନୁମାନ କରି, ରାଣୀ ଯେପରି କିଛି ଜାଣି ନ ପାରନ୍ତି, ସେହିପରି ଚୁପଚାପ୍ ଶେଯରୁ ଉଠିଗଲେ ଏବଂ ଘୋଡ଼ା ଚଢ଼ି ବଣକୁ ଚାଲିଗଲେ । ନଗରର କେହି ଏହା ଜାଣିପାରିଲେ ନାହିଁ ॥ ୨ ॥

**ଗଏଁ ଜାମ ଜୁଗ ଭୂପତି ଆୱା । ଘର ଘର ଉତ୍ସୱ ବାଜ ବଧାୱା ॥**
**ଉପରୋହିତହି ଦେଖ ଜବ ରାଜା । ଚକିତ ବିଲୋକ ସୁମିରି ସୋଇ କାଜା ॥ ୩ ॥**

ଦି'ପହର ଗଡ଼ିଯିବା ପରେ ସେ ଫେରିଲେ । ରାଜାଙ୍କୁ ଫେରିବାର ଦେଖି ଘରେ ଘରେ ଉତ୍ସବ ଆରମ୍ଭ ହୋଇଗଲା ଏବଂ ମଙ୍ଗଳବାଦ୍ୟ ବାଜିବାକୁ ଲାଗିଲା । ରାଜା ପୁରୋହିତଙ୍କୁ ଦେଖି ପୂର୍ବୋକ୍ତ ଘଟଣା ସ୍ମରଣ କଲେ ଓ ତାଙ୍କୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ॥ ୩ ॥

**ଜୁଗ ସମ ନୃପହି ଗଏ ଦିନ ତୀନୀ । କପଟୀ ମୁନି ପଦ ରହ ମତି ଲୀନୀ ॥**
**ସମୟ ଜାନି ଉପରୋହିତ ଆୱା । ନୃପହି ମତେ ସବ କହି ସମୁଝାୱା ॥ ୪ ॥**

ମାତ୍ର ତିନିଦିନ ରାଜାଙ୍କୁ ଏକ ଯୁଗ ପରି ଲାଗିଲା । ତାଙ୍କ ମନ ତ କପଟୀ ମୁନିର ପାଦରେ ଲାଗିଥାଏ । ରାଜାଙ୍କୁ ଦେଖା କରିବା ସମୟ ହୋଇଗଲା ଜାଣି ପୁରୋହିତ (ଛଦ୍ମବେଶୀ ରାକ୍ଷସ) ଚାଲିଆସିଲା ଏବଂ ରାଜାଙ୍କ ସହିତ ପୂର୍ବରୁ ହୋଇଥିବା ମନ୍ତ୍ରଣା ଅନୁସାରେ ସେ ତା'ର ସବୁ ଯୋଜନା ତାଙ୍କୁ ବୁଝାଇ କହିଦେଲା ॥ ୪ ॥

ଦୋः- **ନୃପ ହରଷେଉ ପହିଚାନି ଗୁରୁ ଭ୍ରମ ବସ ରହା ନ ଚେତ ।**
**ବରେ ତୁରତ ସତ ସହସ ବର ବିପ୍ର କୁଟୁଂବ ସମେତ ॥ ୧୭୨ ॥**

[କପଟୀ-ତପସ୍ୱୀର ସଂକେତ ଅନୁସାରେ] ତାକୁ ଗୁରୁ ବୋଲି ଚିହ୍ନି ରାଜା ଅତି ଖୁସୀ ହୋଇଗଲେ । ବୁଦ୍ଧି ମୋହିତ ହୋଇଯାଇଥିବାରୁ ସେ ମୁନି, ନା କାଳକେତୁ ରାକ୍ଷସ, ରାଜା ତାହା ଜାଣିପାରିଲେ ନାହିଁ । ସେ ସଙ୍ଗେ ସଙ୍ଗେ ଏକଲକ୍ଷ ବ୍ରାହ୍ମଣଙ୍କ ପାଖକୁ ସକୁଟୁମ୍ବେ ଆସିବାକୁ ନିମନ୍ତ୍ରଣ ପଠାଇଦେଲେ ॥ ୧୭୨ ॥

**ଉପରୋହିତ ଜେୱନାର ବନାଈ । ଛରସ ଚାରି ବିଧି ଜସି ଶ୍ରୁତି ଗାଈ ॥**
**ମାୟମୟ ତେହିଁ କୀହ୍ନି ରସୋଈ । ବିଂଜନ ବହୁ ଗନି ସକଇ ନ କୋଈ ॥ ୧ ॥**

ଛଦ୍ମବେଶୀ ପୁରୋହିତ ମାୟାମୟ ରୋଷେଇ କରି ବେଦୋକ୍ତ ଷଡ଼ରସଯୁକ୍ତ ଚାରିପ୍ରକାର ଖାଦ୍ୟ ପ୍ରସ୍ତୁତ କଲା ଓ ଅଗଣିତ ବ୍ୟଞ୍ଜନ ପ୍ରସ୍ତୁତ କଲା ॥ ୧ ॥

**ବିବିଧ ମୃଗନ୍ହ କର ଆମିଷ ରାଁଧା । ତେହି ମହୁଁ ବିପ୍ର ମାଁସୁ ଖଲ ସାଁଧା ॥**
**ଭୋଜନ କହୁଁ ସବ ବିପ୍ର ବୋଲାଏ । ପଦ ପଖାରି ସାଦର ବୈଠାଏ ॥ ୨ ॥**

ସେହି ଦୁଷ୍ଟ ଅନେକପ୍ରକାର ପଶୁମାଂସ ରାନ୍ଧିଲା ଏବଂ ସେଥିରେ ବ୍ରାହ୍ମଣମାଂସ ମିଶାଇଦେଲା । ତା'ପରେ ସବୁ ବ୍ରାହ୍ମଣଙ୍କୁ ଭୋଜନପାଇଁ ଡାକିଲା ଏବଂ ପାଦ ଧୋଇଦେଇ ସମସ୍ତଙ୍କୁ ସାଦରେ ଆସନରେ ବସାଇଲା ॥ ୨ ॥

**ପରୁସନ ଜବହିଁ ଲାଗ ମହିପାଲା । ଭୈ ଅକାସବାନୀ ତେହି କାଲା ॥**
**ବିପ୍ରବୃଂଦ ଉଠି ଉଠି ଗୃହ ଜାହୂ । ହୈ ବଡ଼ି ହାନି ଅନ୍ନ ଜନି ଖାହୂ ॥ ୩ ॥**

ରାଜା ଖାଦ୍ୟ ପରଷିବାକୁ ଆରମ୍ଭ କଲାବେଳେ [କାଳକେତୁଦ୍ୱାରା] ଆକାଶବାଣୀ ହେଲା, ''ହେ ବ୍ରାହ୍ମଣଗଣ ! ଏହି ଅନ୍ନ ନ ଖାଇ, ଶୀଘ୍ର ଉଠି ଘରକୁ ପଳାଅ; ଏହା ଖାଇଲେ ବଡ଼ ଅନିଷ୍ଟ ହେବ ॥ ୩ ॥

**ଭୟଉ ରସୋଇଁ ଭୂସୁର ମାଁସୂ । ସବ ଦ୍ୱିଜ ଉଠେ ମାନି ବିସ୍ୱାସୂ ॥**
**ଭୂପ ବିକଲ ମତି ମୋହଁ ଭୁଲାନୀ । ଭାୱୀ ବସ ନ ଆୱ ମୁଖ ବାନୀ ॥ ୪ ॥**

ଏଥିରେ ବ୍ରାହ୍ମଣମାନଙ୍କ ମାଂସ ରନ୍ଧା ହୋଇଛି ।'' ଆକାଶବାଣୀକୁ ବିଶ୍ୱାସ କରି ସବୁ ବ୍ରାହ୍ମଣ ଉଠି ଠିଆ ହୋଇଗଲେ । ଘଟଣା ଦେଖି ରାଜା ବ୍ୟାକୁଳ ହୋଇଗଲେ; କିନ୍ତୁ ତାଙ୍କ ବୁଦ୍ଧି ତ ଭ୍ରଷ୍ଟ ହୋଇଯାଇଥିଲା ; ଅଦୃଷ୍ଟବଶ ହୋଇଯାଇଥିବାରୁ ତାଙ୍କ ପାଟିରୁ ପଦେ ବି କଥା ବାହାରିଲା ନାହିଁ ॥ ୪ ॥

ଦୋଃ- **ବୋଲେ ବିପ୍ର ସକୋପ ତବ ନହିଁ କଛୁ କୀନ୍ହ ବିଗ୍ୱର ।**
**ଜାଇ ନିସାଚର ହୋହୁ ନୃପ ମୂଢ଼ ସହିତ ପରିୱାର ॥ ୧୭୩ ॥**

ସେତେବେଳେ ବ୍ରାହ୍ମଣମାନେ କୌଣସି ବିଗ୍ୱର ନ କରି କ୍ରୋଧରେ କହିଉଠିଲେ, ''ଆରେ ମୂର୍ଖ ରାଜା ! ତୁ ସପରିବାର ରାକ୍ଷସ ହୋଇଯାଆ ॥ ୧୭୩ ॥

**ଛତ୍ରବଂଧୁ ତୈଁ ବିପ୍ର ବୋଲାଈ । ଘାଲୈ ଲିଏ ସହିତ ସମୁଦାଈ ॥**
**ଈସ୍ୱର ରାଖା ଧରମ ହମାରା । ଜୈହସି ତୈଁ ସମେତ ପରିୱାରା ॥ ୧ ॥**
**ସଂବତ ମଧ୍ୟ ନାସ ତୱ ହୋଊ । ଜଲଦାତା ନ ରହିହି କୁଲ କୋଊ ॥**
**ନୃପ ସୁନି ଶ୍ରାପ ବିକଲ ଅତି ତ୍ରାସା । ଭୈ ବହୋରି ବର ଗିରା ଅକାସା ॥ ୨ ॥**
**ବିପ୍ରହୁ ଶ୍ରାପ ବିଗ୍ୱରି ନ ଦୀନ୍ହା । ନହିଁ ଅପରାଧ ଭୂପ କଛୁ କୀନ୍ହା ॥**
**ଚକିତ ବିପ୍ର ସବ ସୁନି ନଭବାନୀ । ଭୂପ ଗୟଉ ଜହଁ ଭୋଜନ ଖାନୀ ॥ ୩ ॥**

ରେ ନୀଚ କ୍ଷତ୍ରିୟ ! ତୁ ତ ପରିବାର ସହିତ ବ୍ରାହ୍ମଣମାନଙ୍କୁ ଡକାଇ ସେମାନଙ୍କୁ ନଷ୍ଟ କରିଦେବାକୁ ଗ୍ୱହୁଁଥିଲୁ । ଈଶ୍ୱର ଆମ ଧର୍ମ ରକ୍ଷା କଲେ । ଏଥର ତୁ ସପରିବାର ନଷ୍ଟ ହୋଇଯିବୁ । ଗୋଟିଏ ବର୍ଷ ଭିତରେ ତୋର ସର୍ବନାଶ ହୋଇଯାଉ; ତୋ କୁଳରେ ପାଣି ଦେବାକୁ ବି କେହି ନ ରହୁ ।'' ଅଭିଶାପ ଶୁଣି ରାଜା ଭୟରେ ଅତ୍ୟନ୍ତ ବ୍ୟାକୁଳ ହୋଇଗଲେ । ସେତିକିବେଳେ ପୁଣି ଥରେ ଶ୍ରେଷ୍ଠ (ପ୍ରକୃତ) ଆକାଶବାଣୀ ହେଲା, ''ହେ ବ୍ରାହ୍ମଣଗଣ ! ତୁମ୍ଭେମାନେ ବୁଝିବିଗ୍ୱରି ଅଭିଶାପ ଦେଇନାହଁ । ରାଜା କୌଣସି ଅପରାଧ କରିନାହାନ୍ତି ।'' ଆକାଶବାଣୀ ଶୁଣି ବ୍ରାହ୍ମଣମାନେ ଚକିତ ହୋଇଗଲେ । ତା'ପରେ ଯେଉଁଠି ଭୋଜନସାମଗ୍ରୀ ପ୍ରସ୍ତୁତ ହେଉଥିଲା, ରାଜା ସେହିସ୍ଥାନକୁ ଗଲେ ॥ ୧—୩ ॥

**ତହଁ ନ ଅସନ ନହିଁ ବିପ୍ର ସୁଆରା । ଫିରେଉ ରାଉ ମନ ସୋଚ ଅପାରା ॥**
**ସବ ପ୍ରସଂଗ ମହିସୁରହ୍ନ ସୁନାଈ । ତ୍ରସିତ ପରେଉ ଅଓ୍ୱନୀଁ ଅକୁଲାଈ ॥ ୪ ॥**

ସେ ଦେଖିଲେ, ସେଠାରେ ଭୋଜନସାମଗ୍ରୀ ନାହିଁ, କି ରୋଷେୟା ବ୍ରାହ୍ମଣ ବି ନାହିଁ । ଫଳରେ ରାଜା ଅତ୍ୟନ୍ତ ଚିନ୍ତିତ ହୋଇ ସେଠାରୁ ଫେରିଆସିଲେ । ସେ ବ୍ରାହ୍ମଣମାନଙ୍କୁ ସମସ୍ତ ବୃତ୍ତାନ୍ତ ଶୁଣାଇଦେଲେ ଏବଂ ଅତ୍ୟନ୍ତ ଭୟଭୀତ ଓ ବ୍ୟାକୁଳ ହୋଇ ସେମାନଙ୍କ ପାଦତଳେ ପଡ଼ିଗଲେ ॥ ୪ ॥

ଦୋଃ- **ଭୂପତି ଭାଓ୍ୱୀ ମିଟଇ ନହିଁ ଜଦପି ନ ଦୂଷନ ତୋର ।**
**କିଏଁ ଅନ୍ୟଥା ହୋଇ ନହିଁ ବିପ୍ରଶ୍ରାପ ଅତି ଘୋର ॥ ୧୭୪ ॥**

ସବୁ ଶୁଣି ବ୍ରାହ୍ମଣମାନେ କହିଲେ, ''ହେ ରାଜନ୍ ! ଯଦ୍ୟପି ତୁମର ଦୋଷ ନାହିଁ, ତଥାପି ନିୟତିର ଗତି ଅନ୍ୟଥା ହେବ ନାହିଁ । ବ୍ରାହ୍ମଣମାନଙ୍କ ଅଭିଶାପ ଅତ୍ୟନ୍ତ ଭୟାନକ; ତାହା କୌଣସିପ୍ରକାରେ ଅନ୍ୟଥା ହୁଏ ନାହିଁ ।'' ॥ ୧୭୪ ॥

**ଅସ କହି ସବ ମହିଦେଓ୍ୱ ସିଧାଏ । ସମାଚ୍ୟର ପୁରଲୋଗହ୍ନ ପାଏ ॥**
**ସୋଚହିଁ ଦୂଷନ ଦୈଓ୍ୱହି ଦେହୀଁ । ବିରଚତ ହଂସ କାଗ କିୟ ଜେହୀଁ ॥ ୧ ॥**

ଏପରି କହି ସବୁ ବ୍ରାହ୍ମଣ ଚାଲିଗଲେ । ଏହି ସମାଚାର ପାଇ ନଗରଲୋକେ ଚିନ୍ତିତ ହୋଇପଡ଼ିଲେ ଓ ଯେଉଁ ବିଧାତା ହଂସ ଗଢୁ ଗଢୁ କୁଆ ଗଢ଼ିଦେଲା ଏବଂ ପୁଣ୍ୟାତ୍ମା ରାଜାଙ୍କୁ ଦେବତା କରି ନ ଦେଇ ରାକ୍ଷସ କରିଦେଲା, ସେହି ବିଧାତାକୁ ଦୋଷ ଦେବାକୁ ଲାଗିଲେ ॥ ୧ ॥

**ଉପରୋହିତହି ଭଓ୍ୱନ ପହୁଁଚ୍ୟାଈ । ଅସୁର ତାପସହି ଖବରି ଜନାଈ ॥**
**ତେହିଁ ଖଲ ଜହଁ ତହଁ ପତ୍ର ପଠାଏ । ସଜି ସଜି ସେନ ଭୂପ ସବ ଧାଏ ॥ ୨ ॥**

ତେଣେ ପୁରୋହିତଙ୍କୁ ତାଙ୍କ ନିଜ ଘରେ ପହଞ୍ଚାଇଦେଇ ଅସୁର କାଳକେତୁ କପଟୀ ତପସ୍ୱୀକୁ ଖବର ଦେଇଦେଲା । ସେହି ଦୁଷ୍ଟ ଏହି ସମାଚାର ଲେଖି ଚାରିଆଡ଼େ ପତ୍ର ପଠାଇଦେଲା; ତା'ଫଳରେ ସବୁ ଶତ୍ରୁରାଜା ସୈନ୍ୟସାମନ୍ତ ଧରି ପ୍ରତାପଭାନୁଙ୍କ ରାଜ୍ୟ ଆକ୍ରମଣ କରିବାକୁ ଚାଲିଆସିଲେ ॥ ୨ ॥

**ଘେରେହ୍ନି ନଗର ନିସାନ ବଜାଈ । ବିବିଧ ଭାଁତି ନିତ ହୋଇ ଲରାଈ ॥**
**ଜୂଝେ ସକଲ ସୁଭଟ କରି କରନୀ । ବଂଧୁ ସମେତ ପରେଉ ନୃପ ଧରନୀ ॥ ୩ ॥**

ସେମାନେ ରଣଭେରୀ ବଜାଇ ନଗର ଘେରାଉ କରିଦେଲେ । କିଛି ଦିନ ଧରି ଅନେକପ୍ରକାରେ ଯୁଦ୍ଧ ହେବାକୁ ଲାଗିଲା । ପ୍ରତାପଭାନୁଙ୍କର ସମସ୍ତ ଶୂରବୀର ଯୁଦ୍ଧ କରି କରି ରଣକ୍ଷେତ୍ରରେ ପ୍ରାଣ ହରାଇଲେ । ରାଜା ମଧ୍ୟ ଭାଇ ସହିତ ଯୁଦ୍ଧରେ ନିହତ ହୋଇଗଲେ ॥ ୩ ॥

**ସତ୍ୟକେତୁ କୁଲ କୋଉ ନହିଁ ବାଁଚ୍ୟା । ବିପ୍ରଶ୍ରାପ କିମି ହୋଇ ଅସାଁଚ୍ୟା ॥**
**ରିପୁ ଜିତି ସବ ନୃପ ନଗର ବସାଈ । ନିଜ ପୁର ଗଓ୍ୱନେ ଜୟ ଜସୁ ପାଈ ॥ ୪ ॥**

ସତ୍ୟକେତୁଙ୍କ କୁଳରେ ଆଉ କେହି ରହିଲା ନାହିଁ । ବ୍ରାହ୍ମଣମାନଙ୍କ ଅଭିଶାପ କିପରି ବା ମିଥ୍ୟା ହୋଇପାରନ୍ତା ! ଶତ୍ରୁକୁ ଜୟ କରି, ପୁଣି ଥରେ ନଗର ବସାଇ, ସବୁ ରାଜା ବିଜୟ ଓ ଯଶ ପାଇ ନିଜ ନିଜ ନଗରକୁ ଫେରିଗଲେ ॥ ୪ ॥

ଦୋଃ- **ଭରଦ୍ୱାଜ ସୁନୁ ଜାହି ଜବ ହୋଇ ବିଧାତା ବାମ ।**
**ଧୂରି ମେରୁସମ ଜନକ ଜମ ତାହି ବ୍ୟାଲସମ ଦାମ ॥ ୧୭୫ ॥**

[ଯାଜ୍ଞବଲ୍କ୍ୟ କହିଲେ,] ହେ ଭରଦ୍ୱାଜ ! ଶୁଣନ୍ତୁ; ବିଧାତା ଯାହାର ବିପରୀତ ହୁଏ, ତା'ପାଇଁ ଧୂଳି ମଧ୍ୟ ସୁମେରୁ ପର୍ବତସମାନ ବିରାଟ, ପିତା ଯମସମାନ ଭୟଙ୍କର ଓ ଦଉଡ଼ି ମଧ୍ୟ ସର୍ପସମାନ ଦଂଶକ ହୋଇଯାଏ ॥ ୧୭୫ ॥

**କାଲ ପାଇ ମୁନି ସୁନୁ ସୋଇ ରାଜା । ଭୟଉ ନିସାଚର ସହିତ ସମାଜା ॥**
**ଦସ ସିର ତାହି ବୀସ ଭୁଜଦଂଡା । ରାୱନ ନାମ ବୀର ବରିବଂଡା ॥ ୧ ॥**

ହେ ମୁନି ! ଶୁଣନ୍ତୁ; କାଳକ୍ରମେ ସେହି ରାଜା ରାବଣନାମକ ରାକ୍ଷସ ହୋଇଗଲେ ଏବଂ ତାଙ୍କ ପରିବାର ମଧ୍ୟ ରାକ୍ଷସ ହୋଇଗଲେ । ରାବଣର ଦଶଶିର ଓ ବିଂଶ ଭୁଜ ଥିଲା ଏବଂ ସେ ଅତ୍ୟନ୍ତ ପ୍ରଚଣ୍ଡ ଶୂରବୀର ହୋଇଗଲା ॥ ୧ ॥

**ଭୂପ ଅନୁଜ ଅରିମର୍ଦନ ନାମା । ଭୟଉ ସୋ କୁଂଭକରନ ବଲଧାମା ॥**
**ସଚିୱ ଜୋ ରହା ଧରମରୁଚି ଜାସୂ । ଭୟଉ ବିମାତ୍ର ବଂଧୁ ଲଘୁ ତାସୂ ॥ ୨ ॥**

ରାଜାଙ୍କର ଅରିମର୍ଦ୍ଦନ ବୋଲି ଯେଉଁ ସାନଭାଇ ଥିଲେ, ସେ ମହାବଳୀ କୁମ୍ଭକର୍ଣ୍ଣ ହୋଇଗଲେ । ତାଙ୍କର ଯେଉଁ ଧର୍ମରୁଚି ନାମକ ମନ୍ତ୍ରୀ ଥିଲେ, ସେ ରାବଣର ସାନ ସାବତଭାଇ ହୋଇଗଲେ ॥ ୨ ॥

**ନାମ ବିଭୀଷନ ଜେହି ଜଗ ଜାନା । ବିଷ୍ନୁଭଗତ ବିଗ୍ୟାନ ନିଧାନା ॥**
**ରହେ ଜେ ସୁତ ସେୱକ ନୃପ କେରେ । ଭଏ ନିସାଚର ଘୋର ଘନେରେ ॥ ୩ ॥**

ତାଙ୍କ ନାମ ହେଲା ବିଭୀଷଣ; ତାଙ୍କୁ ତ ସମଗ୍ର ଜଗତ୍ ଜାଣେ । ସେ ଥିଲେ ବିଷ୍ଣୁଭକ୍ତ ଓ ଜ୍ଞାନବିଜ୍ଞାନର ଭଣ୍ଡାର । ରାଜାଙ୍କର ଯେଉଁମାନେ ପୁତ୍ର ଓ ସେବକ ଥିଲେ, ସେମାନେ ବଡ଼ ଭୟାନକ ରାକ୍ଷସ ହୋଇଗଲେ ॥ ୩ ॥

**କାମରୂପ ଖଲ ଜିନସ ଅନେକା । କୁଟିଲ ଭୟଂକର ବିଗତ ବିବେକା ॥**
**କୃପା ରହିତ ହିଂସକ ସବ ପାପୀ । ବରନି ନ ଜାହିଁ ବିସ୍ୱ ପରିତାପୀ ॥ ୪ ॥**

ସେମାନେ ଅନେକ ଜାତିର ଥିଲେ ତଥା ମନଇଚ୍ଛା ନାନାପ୍ରକାର ରୂପ ଧାରଣରେ ସକ୍ଷମ ଥିଲେ । ସେହି ଦୁଷ୍ଟ, କୁଟିଳ, ଭୟଙ୍କର, ଅବିବେକୀ, ନିର୍ଦ୍ଦୟ ହିଂସ୍ରକ ପାପୀମାନେ ସମଗ୍ର ସଂସାରର ଦୁଃଖର କାରଣ ହୋଇଗଲେ । ସେମାନଙ୍କର ବର୍ଣ୍ଣନା କରିହେବ ନାହିଁ ॥ ୪ ॥

ଦୋଃ- **ଉପଜେ ଜଦପି ପୁଲସ୍ତ୍ୟକୁଲ ପାୱନ ଅମଲ ଅନୂପ ।**
**ତଦପି ମହୀସୁର ଶ୍ରାପ ବସ ଭଏ ସକଲ ଅଘରୂପ ॥ ୧୭୬ ॥**

ସେମାନେ ପୁଲସ୍ତ୍ୟ ଋଷିଙ୍କ ପବିତ୍ର, ନିର୍ମଳ ଓ ଅନୁପମ କୁଳରେ ଉତ୍ପନ୍ନ ହେଲେ ସତ, ତଥାପି ବ୍ରାହ୍ମଣମାନଙ୍କ ଅଭିଶାପ ହେତୁ ସମସ୍ତେ ପାପୀ ହୋଇଗଲେ ॥ ୧୭୬ ॥

**କୀହ୍ନ ବିବିଧ ତପ ତୀନିହୁଁ ଭାଈ । ପରମ ଉଗ୍ର ନହିଁ ବରନି ସୋ ଜାଈ ॥**
**ଗୟଉ ନିକଟ ତପ ଦେଖି ବିଧାତା । ମାଗହୁ ବର ପ୍ରସନ୍ନ ମୈଁ ତାତା ॥ ୧ ॥**

ତିନିଭାଇଯାକ ଅନେକପ୍ରକାର କଠିନ ତପସ୍ୟା କଲେ; ତାହାର ବର୍ଣ୍ଣନା କରିହେବ ନାହିଁ । ସେମାନଙ୍କର ଉଗ୍ର ତପ ଦେଖି, ବ୍ରହ୍ମା ସେମାନଙ୍କ ନିକଟକୁ ଯାଇ କହିଲେ, ''ହେ ବତ୍ସ ! ମୁଁ ପ୍ରସନ୍ନ ହୋଇଛି । ବର ମାଗ ।'' ॥ ୧ ॥

**କରି ବିନତୀ ପଦ ଗହି ଦସସୀସା । ବୋଲେଉ ବଚନ ସୁନହୁ ଜଗଦୀସା ॥**
**ହମ କାହୂ କେ ମରହିଁ ନ ମାରେଁ । ବାନର ମନୁଜ ଜାତି ଦୁଇ ବାରେଁ ॥ ୨ ॥**

ରାବଣ ବିନୟ ପ୍ରକାଶ କରି, ପାଦ ଧରି କହିଲା, ''ହେ ଜଗଦୀଶ୍ୱର ! ମୋତେ ଏହି ବର ଦିଅନ୍ତୁ ଯେ, ନର ଓ ବାନର–ଏହି ଦୁଇ ଜାତିକୁ ଛାଡ଼ି ମୁଁ ଅନ୍ୟ କାହାରି ହାତରେ ମରିବି ନାହିଁ ।'' ॥ ୨ ॥

**ଏଓ୍ୱମସ୍ତୁ ତୁହ୍ମ ବଡ଼ ତପ କୀହ୍ନା । ମୈଁ ବ୍ରହ୍ମାଁ ମିଲି ତେହି ବର ଦୀହ୍ନା ॥**
**ପୁନି ପ୍ରଭୁ କୁଂଭକରନ ପହିଁ ଗୟଉ । ତେହି ବିଲୋକି ମନ ବିସମୟ ଭୟଉ ॥ ୩ ॥**

[ଶିବ ପାର୍ବତୀଙ୍କୁ କହିଲେ,] ମୁଁ ଓ ବ୍ରହ୍ମା ମିଶି ତାକୁ ବର ଦେଇ କହିଲୁ, ''ଏବମସ୍ତୁ ! ତୁମେ ବହୁତ ବଡ଼ ତପସ୍ୟା କରିଛ ।'' ତା'ପରେ ବ୍ରହ୍ମା କୁମ୍ଭକର୍ଣ୍ଣ ନିକଟକୁ ଗଲେ । ତାକୁ ଦେଖି ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା ॥ ୩ ॥

**ଜୌଁ ଏହିଁ ଖଲ ନିତ କରବ ଅହାରୂ । ହୋଇହି ସବ ଉଜାରି ସଂସାରୂ ॥**
**ସାରଦ ପ୍ରେରି ତାସୁ ମତି ଫେରୀ । ମାଗେସି ନୀଦ ମାସ ଷଟ କେରୀ ॥ ୪ ॥**

ସେ ଭାବିଲେ, ଏହି ଦୁଷ୍ଟ ଯଦି ପ୍ରତିଦିନ ଆହାର କରିବ (ଖାଇବ), ତା'ହେଲେ ସାରା ସଂସାର ଉଜୁଡ଼ିଯିବ । ତେଣୁ ସେ ସରସ୍ୱତୀଙ୍କୁ ପଠାଇ ତାହାର ବୁଦ୍ଧି ବଣା କରିଦେଲେ; ଫଳରେ ସେ ଦିନେ ଜାଗ୍ରତ ରହିଲେ ଛ'ମାସ ଶୋଇବ ବୋଲି ବର ମାଗିଲା ॥ ୪ ॥

ଦୋଃ- **ଗଏ ବିଭୀଷନ ପାସ ପୁନି କହେଉ ପୁତ୍ର ବର ମାଗୁ ।**
**ତେହିଁ ମାଗେଉ ଭଗଓ୍ୱଂତ ପଦ କମଲ ଅମଲ ଅନୁରାଗୁ ॥ ୧୭୭ ॥**

ତା'ପରେ ବ୍ରହ୍ମା ବିଭୀଷଣଙ୍କ ପାଖକୁ ଯାଇ କହିଲେ, ''ପୁଅ ! ବର ମାଗ ।'' ବିଭୀଷଣ ଭଗବାନଙ୍କ ଚରଣକମଳରେ ନିର୍ମଳ (ନିଷ୍କାମ ଓ ଅନନ୍ୟ) ପ୍ରେମ ମାଗିଲେ ॥ ୧୭୭ ॥

**ତିହ୍ନହି ଦେଇ ବର ବ୍ରହ୍ମ ସିଧାଏ । ହରଷିତ ତେ ଅପନେ ଗୃହ ଆଏ ॥**
**ମୟ ତନୁଜା ମଂଦୋଦରି ନାମା । ପରମ ସୁଂଦରୀ ନାରି ଲଲାମା ॥ ୧ ॥**

ତାଙ୍କୁ ବର ଦେଇ ବ୍ରହ୍ମା ଚାଲିଗଲେ ଓ ସେହି ତିନିଭାଇ ଆନନ୍ଦରେ ନିଜ ଘରକୁ ଫେରିଲେ । ମୟ ଦାନବର ମନ୍ଦୋଦରୀ ବୋଲି ଗୋଟିଏ ପରମସୁନ୍ଦରୀ ଓ ନାରୀଶିରୋମଣି କନ୍ୟା ଥିଲା ॥ ୧ ॥

**ସୋଇ ମୟଁ ଦୀହ୍ନି ରାଓ୍ୱନହି ଆନୀ । ହୋଇହି ଜାତୁଧାନପତି ଜାନୀ ॥**
**ହରଷିତ ଭୟଉ ନାରି ଭଲି ପାଈ । ପୁନି ଦୋଉ ବଂଧୁ ବିଆହେସି ଜାଈ ॥ ୨ ॥**

ରାବଣ ରାକ୍ଷସମାନଙ୍କର ରାଜା ହେବ ଜାଣି ମୟ ସେହି କନ୍ୟାଟି ଆଣି ରାବଣକୁ ପ୍ରଦାନ କଲା । ଉତ୍ତମ ସ୍ତ୍ରୀଟିଏ ପାଇ ରାବଣ ପ୍ରସନ୍ନ ହୋଇଗଲା ଏବଂ ତା'ପରେ ଯାଇ ଦୁଇଭାଇଙ୍କର ବିବାହ କରାଇଦେଲା ॥ ୨ ॥

**ଗିରି ତ୍ରିକୂଟ ଏକ ସିଂଧୁ ମଝାରୀ । ବିଧି ନିର୍ମିତ ଦୁର୍ଗମ ଅତି ଭାରୀ ॥**
**ସୋଇ ମୟ ଦାନଓ୍ୱଁ ବହୁରି ସଁଓ୍ୱାରା । କନକ ରଚିତ ମନିଭଓ୍ୱନ ଅପାରା ॥ ୩ ॥**

ସମୁଦ୍ରମଝିରେ ତ୍ରିକୂଟନାମକ ଏକ ପର୍ବତ ଉପରେ ବ୍ରହ୍ମାଙ୍କ ଦ୍ୱାରା ନିର୍ମିତ ଗୋଟିଏ ବିରାଟ ଦୁର୍ଗ ଥିଲା । [ମହାନ୍ ମାୟାବୀ ଓ ନିପୁଣ କାରିଗର] ମୟ ଦାନବ ତାହାକୁ ପୁଣିଥରେ ଉତ୍ତମରୂପେ ସଜାଡ଼ିଦେଇଥିଲା । ସେଥିରେ ମଣିମୁକ୍ତା ଖଞ୍ଜା ଯାଇଥିବା ଅଗଣିତ ସୁବର୍ଣ୍ଣମହଲ ଥିଲା ॥ ୩ ॥

**ଭୋଗାଓ୍ୱତି ଜସି ଅହିକୁଲ ବାସା । ଅମରାଓ୍ୱତି ଜସି ସକ୍ରନିଓ୍ୱାସା ॥**
**ତିହ୍ନ ତେଁ ଅଧିକ ରମ୍ୟ ଅତି ବଂକା । ଜଗ ବିଖ୍ୟାତ ନାମ ତେହି ଲଂକା ॥ ୪ ॥**

ନାଗକୁଳ ରହିବାପାଇଁ [ପାତାଳଲୋକରେ ] ଯେଉଁ ଭୋଗାବତୀ ପୁରୀ ରହିଛି, ଇନ୍ଦ୍ରଙ୍କ ରହିବାପାଇଁ [ସ୍ୱର୍ଗଲୋକରେ] ଯେଉଁ ଅମରାବତୀ ପୁରୀ ରହିଛି, ସେହି ଦୁର୍ଗଟି ସେହିସବୁ ପୁରୀଠାରୁ ମଧ୍ୟ ଅଧିକ ସୁନ୍ଦର ଓ ଅତି ଦୁର୍ଗମ ଥିଲା । ଜଗତରେ ତାହା ଲଙ୍କା ନାମରେ ପ୍ରସିଦ୍ଧ ହେଲା ॥ ୪ ॥

ଦୋ:- **ଖାଇଁ ସିଂଧୁ ଗଭୀର ଅତି ଚ୍ୟରିହୁଁ ଦିସି ଫିରି ଆୱ ।**
**କନକ କୋଟ ମନିଖଚିତ ଦୃଢ଼ ବରନି ନ ଜାଇ ବନାୱ ॥୧୭୮(କ)॥**

ତାହାର ଚତୁର୍ଦ୍ଦିଗରେ ଗଭୀର ସମୁଦ୍ର ଗଡ଼ଖାଇ ପରି ଘେରିରହିଥାଏ । ସେହି ଦୁର୍ଗର ଚ୍ୟରିପଟେ ମଣିଖଚିତ ଏକ ସୁଦୃଢ଼ ସୁବର୍ଣ୍ଣପ୍ରାଚୀର ଥାଏ । ତାହାର କାରିଗରି ଅବର୍ଣ୍ଣନୀୟ ॥ ୧୭୮(କ) ॥

**ହରି ପ୍ରେରିତ ଜେହିଁ କଲପ ଜୋଇ ଜାତୁଧାନପତି ହୋଇ ।**
**ସୂର ପ୍ରତାପୀ ଅତୁଲବଲ ଦଲ ସମେତ ବସ ସୋଇ ॥୧୭୮(ଖ)॥**

ଭଗବାନଙ୍କ ପ୍ରେରଣାନୁଯାୟୀ ଯେଉଁ କଳ୍ପରେ ଯେ ରାକ୍ଷସରାଜ [ରାବଣ] ହୁଏ, ସେହି ପ୍ରତାପୀ ଓ ଅତୁଳିତ ବଳବାନ୍ ବୀର ଆପଣା ସେନାସହିତ ସେହି ପୁରୀରେ ବାସ କରେ ॥ ୧୭୮ (ଖ) ॥

**ରହେ ତହାଁ ନିସିଚର ଭଟ ଭାରେ । ତେ ସବ ସୁରହ୍ନ ସମର ସଂଘାରେ ॥**
**ଅବ ତହଁ ରହହିଁ ସକ୍ର କେ ପ୍ରେରେ । ରଚ୍ଛକ କୋଟି ଜଚ୍ଛପତି କେରେ ॥ ୧ ॥**

ପୂର୍ବେ ସେଠାରେ ବଡ଼ ବଡ଼ ରାକ୍ଷସ ଯୋଦ୍ଧା ରହୁଥିଲେ । ସେମାନଙ୍କୁ ଦେବତାମାନେ ଯୁଦ୍ଧରେ ମାରିଦେବା ପରେ ଇନ୍ଦ୍ରଙ୍କ ପ୍ରେରଣା ପାଇ ସେଠାରେ କୁବେରଙ୍କର ଏକକୋଟି ଯକ୍ଷ ରକ୍ଷକରୂପେ ରହୁଥାନ୍ତି ॥ ୧ ॥

**ଦସମୁଖ କତହୁଁ ଖବରି ଅସି ପାଈ । ସେନ ସାଜି ଗଢ଼ ଘେରେସି ଜାଈ ॥**
**ଦେଖି ବିକଟ ଭଟ ବଡ଼ି କଟକାଈ । ଜଚ୍ଛ ଜୀୱ ଲୈ ଗଏ ପରାଈ ॥ ୨ ॥**

କୌଣସି ସୂତ୍ରରୁ ଏହି ସଂବାଦ ପାଇ, ରାବଣ ସୈନ୍ୟବଳ ନେଇ ସେହି ଦୁର୍ଗ ଅବରୋଧ କଲା । ତା'ପରି ବିରାଟ ଯୋଦ୍ଧା ଓ ତାର ବିରାଟ ସୈନ୍ୟବଳ ଦେଖି, ଯକ୍ଷମାନେ ପ୍ରାଣ ଘେନି ସେଠାରୁ ପଳାଇଗଲେ ॥ ୨ ॥

**ଫିରି ସବ ନଗର ଦସାନନ ଦେଖା । ଗୟଉ ସୋଚ ସୁଖ ଭୟଉ ବିସେଷା ॥**
**ସୁଂଦର ସହଜ ଅଗମ ଅନୁମାନୀ । କୀହ୍ନି ତହାଁ ରାୱନ ରଜଧାନୀ ॥ ୩ ॥**

ରାବଣ ନଗରର ଚ୍ୟରିଆଡ଼ ବୁଲି ଦେଖିଲା । ତା'ର ରାଜଧାନୀ ଗଢ଼ିବା (ସ୍ଥାନ ସମ୍ବନ୍ଧୀୟ) ଚିନ୍ତା ଦୂର ହୋଇଗଲା ଓ ସେ ବଡ଼ ଆନନ୍ଦିତ ହେଲା । ସେହି ପୁରୀଟି ସ୍ୱଭାବତଃ ସୁନ୍ଦର ଓ ବାହ୍ୟ ଶତ୍ରୁମାନଙ୍କ ନିମନ୍ତେ ଦୁର୍ଗମ ବୋଲି ଅନୁମାନ କରି ରାବଣ ସେଠାରେ ନିଜର ରାଜଧାନୀ ସ୍ଥାପନ କଲା ॥ ୩ ॥

**ଜେହି ଜସ ଜୋଗ ବାଁଟି ଗୃହ ଦୀହ୍ନେ । ସୁଖୀ ସକଲ ରଜନୀଚର କୀହ୍ନେ ॥**
**ଏକ ବାର କୁବେର ପର ଧାୱା । ପୁଷ୍ପକ ଜାନ ଜୀତି ଲୈ ଆୱା ॥ ୪ ॥**

ଯୋଗ୍ୟତାନୁସାରେ ବାସଗୃହ ଦେଇ ରାବଣ ସବୁ ରାକ୍ଷସଙ୍କୁ ଖୁସୀ କରାଇଲା । ଥରେ ସେ କୁବେରଙ୍କୁ ଆକ୍ରମଣ କରି ତାଙ୍କ ଠାରୁ ପୁଷ୍ପକବିମାନ ଛଡ଼ାଇଆଣିଲା ॥ ୪ ॥

ଦୋ:- **କୌତୁକହୀଁ କୈଲାସ ପୁନି ଲୀହ୍ନେସି ଜାଇ ଉଠାଇ ।**
**ମନହୁଁ ତୌଲି ନିଜ ବାହୁବଲ ଚଲା ବହୁତ ସୁଖ ପାଇ ॥ ୧୭୯ ॥**

ଆଉଥରେ ଯାଇ ଅବଲୀଳାକ୍ରମେ କୈଳାସପର୍ବତକୁ ଉଠାଇଲା; ଦେଖି ମନେ ହେଲା, ସତେ ଯେପରି ସେ ତା'ର ବାହୁବଳକୁ ତଉଲୁଛି । ସେଥିରେ ସଫଳ ହେବାରୁ ସେ ବଡ଼ ଖୁସୀ ହୋଇ ଫେରିଲା ॥ ୧୭୯ ॥

**ସୁଖ ସଂପତି ସୁତ ସେନ ସହାଈ । ଜୟ ପ୍ରତାପ ବଲ ବୁଦ୍ଧି ବଡ଼ାଈ ॥**
**ନିତ ନୂତନ ସବ ବାଢ଼ତ ଜାଈ । ଜିମି ପ୍ରତିଲାଭ ଲୋଭ ଅଧିକାଈ ॥ ୧ ॥**

ପ୍ରତ୍ୟେକ ଲାଭ ସହିତ ଯେପରି ଲୋଭ ବଢ଼ିଚାଲେ, ତା'ପାଖରେ ସୁଖ, ସମ୍ପତ୍ତି, ପୁତ୍ର, ସେନା, ସହାୟକ, ଜୟ, ପ୍ରତାପ, ବଳ, ବୁଦ୍ଧି ଓ ବଡ଼ିମା ସେହିପରି ଦିନକୁ ଦିନ ବଢ଼ିଚାଲିଲା ॥ ୧ ॥

**ଅତିବଲ କୁଂଭକରନ ଅସ ଭ୍ରାତା । ଜେହି କହୁଁ ନହିଁ ପ୍ରତିଭଟ ଜଗ ଜାତା ॥**
**କରଇ ପାନ ସୋୱଇ ଷଟ ମାସା । ଜାଗତ ହୋଇ ତିହୁଁ ପୁର ତ୍ରାସା ॥ ୨ ॥**

ରାବଣର କୁମ୍ଭକର୍ଣ୍ଣ ବୋଲି ଯେଉଁ ବଳବାନ୍ ଭାଇ ଥିଲା, ତାହାର ସମକକ୍ଷ ଯୋଦ୍ଧା ଜଗତରେ ଜନ୍ମ ହୋଇନାହିଁ । ସେ ମଦିରା ପିଇ ଛଅମାସ ଶୋଇରହୁଥିଲା । ସେ ନିଦରୁ ଉଠିପଡ଼ିଲେ ତ୍ରିଭୁବନରେ ହାହାକାର ପଡ଼ିଯାଉଥିଲା ॥ ୨ ॥

**ଜୌଁ ଦିନ ପ୍ରତି ଅହାର କର ସୋଈ । ବିସ୍ୱ ବେଗି ସବ ଚୌପଟ ହୋଈ ॥**
**ସମର ଧୀର ନହିଁ ଜାଇ ବଖାନା । ତେହି ସମ ଅମିତ ବୀର ବଲୱାନା ॥ ୩ ॥**

ସେ ଯଦି ପ୍ରତିଦିନ ଖାଉଥାନ୍ତା, ତେବେ ତ ସମଗ୍ରବିଶ୍ୱ ଖାଲି ହୋଇଯାଆନ୍ତା । ସେ ଏପରି ରଣଧୀର ଥିଲା ଯେ, ତାହା ବର୍ଣ୍ଣନାର ଅତୀତ । ରାବଣର ଲଙ୍କାରେ ଏହିପରି ଅସଂଖ୍ୟ ବଳବାନ୍ ବୀର ଥିଲେ ॥ ୩ ॥

**ବାରିଦନାଦ ଜେଠ ସୁତ ତାସୂ । ଭଟ ମହୁଁ ପ୍ରଥମ ଲୀକ ଜଗ ଜାସୂ ॥**
**ଜେହି ନ ହୋଇ ରନ ସନମୁଖ କୋଈ । ସୁରପୁର ନିତହିଁ ପରାୱନ ହୋଈ ॥ ୪ ॥**

ମେଘନାଦ ଥିଲା ରାବଣର ବଡ଼ ପୁଅ । ଜଗତର ଯୋଦ୍ଧାମାନଙ୍କ ମଧ୍ୟରେ ତା'ର ସ୍ଥାନ ଥିଲା ପ୍ରଥମ । ରଣଭୂମିରେ କେହି ବି ତା'ର ସମ୍ମୁଖୀନ ହୋଇପାରୁ ନ ଥିଲେ । ତା'ଭୟରେ ସ୍ୱର୍ଗରେ ପ୍ରତ୍ୟହ ଆତଙ୍କ ଖେଳିଯାଉଥିଲା ॥ ୪ ॥

ଦୋଃ- **କୁମୁଖ ଅକଂପନ କୁଲିସରଦ ଧୂମକେତୁ ଅତିକାୟ ।**
**ଏକ ଏକ ଜଗ ଜୀତି ସକ ଐସେ ସୁଭଟ ନିକାୟ ॥ ୧୮୦ ॥**

ସେମାନଙ୍କ ଛଡ଼ା ରାବଣର ଦୁର୍ମୁଖ, ଅକମ୍ପନ, ବଜ୍ରଦନ୍ତ, ଧୂମକେତୁ, ଅତିକାୟ ଆଦି ବହୁ ଯୋଦ୍ଧା ଥିଲେ, ଯେଉଁମାନେ କି ଏକା ଏକା ସମଗ୍ର ଜଗତ୍ ଜୟ କରିବାକୁ ସକ୍ଷମ ଥିଲେ ॥ ୧୮୦ ॥

**କାମରୂପ ଜାନହିଁ ସବ ମାୟା । ସପନେହୁଁ ଜିହ୍ନ କେଁ ଧରମ ନ ଦାୟା ॥**
**ଦସମୁଖ ବୈଠ ସଭାଁ ଏକ ବାରା । ଦେଖି ଅମିତ ଆପନ ପରିୱାରା ॥ ୧ ॥**

ସବୁ ଅସୁର ଇଚ୍ଛାନୁମତ ରୂପ ଧରିପାରୁଥିଲେ ଏବଂ ସମସ୍ତେ ଆସୁରୀ ମାୟା ଜାଣିଥିଲେ । ଦୟା, ଧର୍ମ ଆଦି ଯେ କ'ଣ, ତାହା ସେମାନେ ସ୍ୱପ୍ନରେ ସୁଦ୍ଧା ଜାଣି ନ ଥିଲେ । ଥରେ ସଭାରେ ବସି ରାବଣ ତା'ର ଅଗଣିତ ପରିବାର ଆଡ଼କୁ ଚାହିଁଲା ॥ ୧ ॥

**ସୁତ ସମୂହ ଜନ ପରିଜନ ନାତୀ । ଗନୈ କୋ ପାର ନିସାଚର ଜାତୀ ॥**
**ସେନ ବିଲୋକି ସହଜ ଅଭିମାନୀ । ବୋଲା ବଚନ କ୍ରୋଧ ମଦ ସାନୀ ॥ ୨ ॥**

ପୁତ୍ର-ପୌତ୍ର, କୁଟୁମ୍ବଲୋକ ଓ ସେବକ ତ ଅନେକ ବସିଥାନ୍ତି । କେତେଜାତିର ରାକ୍ଷସ ଯେ ଥିଲେ, କିଏ ବା ଗଣିପାରିବ ! ନିଜ ସେନାକୁ ଦେଖି ସ୍ୱଭାବତଃ ଅଭିମାନୀ ରାବଣ କ୍ରୋଧ ଓ ଗର୍ବରେ ଫୁଲିଉଠିଲା; କହିଲା, ॥ ୨ ॥

**ସୁନହୁ ସକଲ ରଜନୀଚର ଜୂଥା । ହମରେ ବୈରୀ ବିବୁଧ ବରୂଥା ॥**
**ତେ ସନମୁଖ ନହିଁ କରହିଁ ଲରାଈ । ଦେଖି ସବଲ ରିପୁ ଜାହିଁ ପରାଈ ॥ ୩ ॥**

"ହେ ରାକ୍ଷସଗଣ ! ଶୁଣ; ଦେବତାମାନେ ହେଉଛନ୍ତି ଆମର ଶତ୍ରୁ ; କିନ୍ତୁ ସେମାନେ ଆମ ସମ୍ମୁଖକୁ ଆସି ଯୁଦ୍ଧ କରୁନାହାନ୍ତି । ବଳବାନ୍ ଶତ୍ରୁକୁ ଦେଖି ସେମାନେ ପଳାଇଯାଉଛନ୍ତି ॥ ୩ ॥

**ତେହ୍ନ କର ମରନ ଏକ ବିଧି ହୋଈ । କହଉଁ ବୁଝାଇ ସୁନହୁ ଅବ ସୋଈ ॥**
**ଦ୍ୱିଜଭୋଜନ ମଖ ହୋମ ସରାଧା । ସବ କୈଁ ଜାଇ କରହୁ ତୁହ୍ମ ବାଧା ॥ ୪ ॥**

"ଗୋଟିଏ ଉପାୟ କଲେହିଁ ସେମାନଙ୍କୁ ମାରିହେବ । ମୁଁ ତାହା ବୁଝାଇଦେଉଛି; ଶୁଣ । ସେମାନଙ୍କର ବଳ ବଢ଼ାଇଦେଉଥିବା ବ୍ରାହ୍ମଣଭୋଜନ, ଯଜ୍ଞ, ହବନ ଓ ଶ୍ରାଦ୍ଧ ଆଦି କର୍ମରେ ତୁମେମାନେ ଯାଇ ବାଧା ସୃଷ୍ଟି କର ॥ ୪ ॥

ଦୋଃ- **ଛୁଧା ଛୀନ ବଲହୀନ ସୁର ସହଜେହିଁ ମିଲିହହିଁ ଆଇ ।**
**ତବ ମାରିହଉଁ କି ଛାଡ଼ିହଉଁ ଭଲୀ ଭାଁତି ଅପନାଇ ॥ ୧୮୧ ॥**

କ୍ଷୁଧାରେ କ୍ଷୀଣ ଓ ଦୁର୍ବଳ ହୋଇଗଲେ ଦେବତାମାନେ ବାଧ୍ୟ ହୋଇ ଆମ ପାଖକୁ ଆସିବେ । ସେତେବେଳେ ମୁଁ ସେମାନଙ୍କୁ ମାରିଦେବି; ନଚେତ୍ ସଂପୂର୍ଣ୍ଣରୂପେ ନିଜର ଅଧୀନ କରିଦେଇ ଛାଡ଼ିଦେବି ।" ॥ ୧୮୧ ॥

**ମେଘନାଦ କହୁଁ ପୁନି ହଁକରାୱା । ଦୀହ୍ନୀ ସିଖ ବଲୁ ବୟରୁ ବଢ଼ାୱା ॥**
**ଜେ ସୁର ସମର ଧୀର ବଲୱାନା । ଜିହ୍ନ କେଁ ଲରିବେ କର ଅଭିମାନା ॥ ୧ ॥**

ତା'ପରେ ସେ ମେଘନାଦକୁ ଡକାଇଲା । ତାକୁ ଶିଖାଇ-ବୁଝାଇ ତା'ର ବଳ ଓ ଦେବତାମାନଙ୍କ ପ୍ରତି ଥିବା ବୈରଭାବକୁ ସେ ଉତ୍ତେଜିତ କରିଦେଲା ଏବଂ କହିଲା, "ଯେଉଁସବୁ ଦେବତା ଯୁଦ୍ଧରେ ଧୈର୍ଯ୍ୟବାନ୍ ଓ ବଳବାନ୍ ଏବଂ ଯେଉଁମାନଙ୍କର ଯୁଦ୍ଧ କରିବାରେ ଅଭିମାନ ରହିଛି, ॥ ୧ ॥

**ତିହ୍ନହି ଜୀତି ରନ ଆନେସୁ ବାଁଧୀ । ଉଠି ସୁତ ପିତୁ ଅନୁସାସନ କାଁଧୀ ॥**
**ଏହି ବିଧି ସବହୀ ଅଗ୍ୟା ଦୀହ୍ନୀ । ଆପୁନୁ ଚଲେଉ ଗଦା କର ଲୀହ୍ନୀ ॥ ୨ ॥**

ସେମାନଙ୍କୁ ଯୁଦ୍ଧରେ ଜିଣି ବାନ୍ଧିଆଣ ।" ପୁଅ ଉଠି ବାପାର ଆଜ୍ଞାକୁ ଶିରୋଧାର୍ଯ୍ୟ କଲା । ଏପରିଭାବରେ ରାବଣ ସମସ୍ତଙ୍କୁ ଆଜ୍ଞା ଦେଲା ଏବଂ ନିଜେ ବି ଗଦା ଧରି ବାହାରିପଡ଼ିଲା ॥ ୨ ॥

**ଚଲତ ଦସାନନ ଡୋଲତି ଅୱନୀ । ଗର୍ଜତ ଗର୍ଭ ସ୍ରୱହିଁ ସୁର ରୱନୀ ॥**
**ରାୱନ ଆୱତ ସୁନେଉ ସକୋହା । ଦେୱହ୍ନ ତକେ ମେରୁ ଗିରି ଖୋହା ॥ ୩ ॥**

ରାବଣର ପଦଚାଳନାରେ ପୃଥିବୀ ଥରିବାକୁ ଲାଗିଲା । ତା'ର ଗର୍ଜନରେ ଦେବାଙ୍ଗନାମାନଙ୍କର ଗର୍ଭପାତ ହୋଇଗଲା । ରାବଣ କ୍ରୋଧଭରି ହୋଇ ଆସୁଥିବାର ଶୁଣି, ଦେବତାମାନେ ପଳାଇଯାଇ ସୁମେରୁ ପର୍ବତର ଗୁମ୍ଫାରେ ଆଶ୍ରୟ ନେଲେ ॥ ୩ ॥

**ଦିଗପାଲହ୍ନ କେ ଲୋକ ସୁହାଏ । ସୂନେ ସକଲ ଦସାନନ ପାଏ ॥**
**ପୁନି ପୁନି ସିଂଘନାଦ କରି ଭାରୀ । ଦେଇ ଦେୱତହ୍ନ ଗାରି ପଚାରୀ ॥ ୪ ॥**

ରାବଣ ଯାଇ ଦେଖେ ତ, ଦିଗପାଳମାନଙ୍କର ସୌନ୍ଦର୍ଯ୍ୟମୟ ଭୁବନ ଶୂନ୍ୟ ହୋଇ ପଡ଼ିଛି । ତେଣୁ ସେ ବାରମ୍ବାର ସିଂହ ପରି ଭୀଷଣ ଗର୍ଜନ କଲା ଓ ଦେବତାମାନଙ୍କୁ ଗାଳିଗୁଲଜ କରି ଆହ୍ୱାନ ଦେଲା ॥ ୪ ॥

**ରନ ମଦ ମତ୍ତ ଫିରଇ ଜଗ ଧାୱା । ପ୍ରତିଭଟ ଖୋଜତ କତହୁଁ ନ ପାୱା ॥**
**ରବି ସସି ପୱନ ବରୁନ ଧନଧାରୀ । ଅଗିନି କାଲ ଜମ ସବ ଅଧିକାରୀ ॥ ୫ ॥**
**କିଂନର ସିଦ୍ଧ ମନୁଜ ସୁର ନାଗା । ହଠି ସବହୀ କେ ପଂଥହିଁ ଲାଗା ॥**
**ବ୍ରହ୍ମସୃଷ୍ଟି ଜହଁ ଲଗି ତନୁଧାରୀ । ଦସମୁଖ ବସବର୍ତୀ ନର ନାରୀ ॥ ୬ ॥**
**ଆୟସୁ କରହିଁ ସକଲ ଭୟଭୀତା । ନୱହିଁ ଆଇ ନିତ ଚରନ ବିନୀତା ॥ ୭ ॥**

ରଣ-ମଦରେ ଉନ୍ମତ୍ତ ରାବଣ ସାରା ଜଗତରେ ବୁଲି ନିଜର ସମସ୍କନ୍ଧ ଯୋଦ୍ଧା ଖୋଜିଲା; କିନ୍ତୁ ତାକୁ କୌଣସିଠାରେ ସେପରି ଯୋଦ୍ଧା ମିଳିଲେ ନାହିଁ । ସେ ହଟ କରି ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ବରୁଣ, କୁବେର, ଅଗ୍ନି, କାଳ, ଯମ ଆଦି ସକଳ ଅଧିକାରୀ ତଥା କିନ୍ନର, ସିଦ୍ଧ, ମନୁଷ୍ୟ, ଦେବତା, ନାଗ ଆଦି ସମସ୍ତଙ୍କ ପଛରେ ଲାଗିଲା । [କାହାକୁ ବି ଶାନ୍ତିରେ ରଖାଇ ଦେଲା ନାହିଁ ।] ବ୍ରହ୍ମାଙ୍କ ସୃଷ୍ଟିରେ ଯେତେସବୁ ଶରୀରଧାରୀ ପ୍ରାଣୀ ବା ନରନାରୀ ଥିଲେ, ସମସ୍ତେ ରାବଣର ଅଧୀନ ହୋଇଗଲେ । ଭୟଭୀତ ହୋଇ ସମସ୍ତେ ତା'ଆଜ୍ଞା ପାଳନ କଲେ ଏବଂ ପ୍ରତିଦିନ ଆସି ବିନୟସହକାରେ ତା'ପାଦରେ ପ୍ରଣାମ କଲେ ॥ ୫–୭ ॥

ଦୋଃ- **ଭୁଜବଲ ବିସ୍ୱ ବସ୍ୟ କରି ରାଖେସି କୋଉ ନ ସୁତଂତ୍ର ।**
**ମଂଡଲୀକ ମନି ରାୱନ ରାଜ କରଇ ନିଜ ମଂତ୍ର ॥୧୮୨(କ)॥**
**ଦେୱ ଜଚ୍ଛ ଗଂଧର୍ବ ନର କିଂନର ନାଗ କୁମାରି ।**
**ଜୀତି ବରୀଁ ନିଜ ବାହୁବଲ ବହୁ ସୁଂଦର ବର ନାରି ॥୧୮୨(ଖ)॥**

ସେ ବାହୁବଳରେ ସମଗ୍ର ବିଶ୍ୱକୁ ବଶ କରିନେଲା; କାହାରିକୁ ବି ସ୍ୱାଧୀନ କରି ରଖାଇଦେଲା ନାହିଁ । ଏପରିଭାବରେ ସାମନ୍ତ ରାଜାମାନଙ୍କର ସାର୍ବଭୌମ ସମ୍ରାଟ ହୋଇ ରାବଣ ନିଜ ଇଚ୍ଛାନୁସାରେ ରାଜୁତି କରିବାକୁ ଲାଗିଲା ଏବଂ ବାହୁବଳରେ ଜିଣି ସେ ଦେବତା, ଯକ୍ଷ, ଗନ୍ଧର୍ବ, ମନୁଷ୍ୟ, କିନ୍ନର ଓ ନାଗଙ୍କର କନ୍ୟାମାନଙ୍କୁ ତଥା ବହୁ ଅନ୍ୟ ଉତ୍ତମ ସୁନ୍ଦରୀଙ୍କୁ ବିବାହ କଲା ॥ ୧୮୨ (କ,ଖ) ॥

**ଇଂଦ୍ରଜୀତ ସନ ଜୋ କଛୁ କହେଉ । ସୋ ସବ ଜନୁ ପହିଲେହିଁ କରି ରହେଉ ॥**
**ପ୍ରଥମହିଁ ଜିହ୍ନ କହୁଁ ଆୟସୁ ଦୀହ୍ନା । ତିହ୍ନ କର ଚରିତ ସୁନହୁ ଜୋ କୀହ୍ନା ॥ ୧ ॥**

ସେ ଇନ୍ଦ୍ରଜିତକୁ ଯାହା କିଛି କହେ, ଇନ୍ଦ୍ରଜିତ ସତେ ଯେପରି ତାହା ଆଗରୁହିଁ କରି ରଖିଥାଏ (ଅର୍ଥାତ୍ ରାବଣର ଆଦେଶ ଦେବାରେ ବରଂ ବିଳମ୍ବ ହୋଇପାରେ, କିନ୍ତୁ ଆଦେଶ ପାଳନ କରିବାରେ ଇନ୍ଦ୍ରଜିତର ଟିକିଏ ବି ବିଳମ୍ବ ହୁଏ ନାହିଁ) । ଇନ୍ଦ୍ରଜିତକୁ ଆଦେଶ ଦେବାପୂର୍ବରୁ ସେ ଯେଉଁମାନଙ୍କୁ ଆଦେଶ ଦେଇଥିଲା, ସେମାନେ କ'ଣ କରୁଥିଲେ, ଶୁଣ ॥ ୧ ॥

**ଦେଖତ ଭୀମରୂପ ସବ ପାପୀ । ନିସିଚର ନିକର ଦେୱ ପରିତାପୀ ॥**
**କରହିଁ ଉପଦ୍ରୱ ଅସୁର ନିକାୟା । ନାନା ରୂପ ଧରହିଁ କରି ମାୟା ॥ ୨ ॥**

ସବୁ ପାପୀ ରାକ୍ଷସ ଦେଖିବାକୁ ଅତି ଭୟଙ୍କର ଥିଲେ । ସେମାନେ ଦେବତାମାନଙ୍କୁ ଦୁଃଖ ଦେଉଥିଲେ; ନାନା ଉପଦ୍ରବ କରୁଥିଲେ ଏବଂ ମାୟାବଳରେ ଅନେକପ୍ରକାର ରୂପ ଧରିପାରୁଥିଲେ ॥ ୨ ॥

**ଜେହି ବିଧି ହୋଇ ଧର୍ମ ନିର୍ମୂଲା । ସୋ ସବ କରହିଁ ବେଦ ପ୍ରତିକୂଲା ॥**
**ଜେହିଁ ଜେହିଁ ଦେସ ଧେନୁ ଦ୍ୱିଜ ପାୱହିଁ । ନଗର ଗାଉଁ ପୁର ଆଗି ଲଗାୱହିଁ ॥ ୩ ॥**

ଯେଉଁ ଉପାୟ କଲେ ଧର୍ମ ନିର୍ମୂଳ ହୋଇଯିବ, ସେମାନେ ସେହି ବେଦବିରୁଦ୍ଧ କର୍ମ କରୁଥିଲେ । ଯେଉଁସବୁ ସ୍ଥାନରେ ଗାଈଗୋରୁ ଓ ବ୍ରାହ୍ମଣମାନଙ୍କୁ ଦେଖୁଥିଲେ, ସେହିସବୁ ନଗର, ଗ୍ରାମ ଓ ପୁରରେ ସେମାନେ ନିଆଁ ଲଗାଇଦେଉଥିଲେ ॥ ୩ ॥

**ସୁଭ ଆଚରନ କତହୁଁ ନହିଁ ହୋଈ । ଦେୱ ବିପ୍ର ଗୁରୁ ମାନ ନ କୋଈ ॥**
**ନହିଁ ହରିଭଗତି ଜଗ୍ୟ ତପ ଗ୍ୟାନା । ସପନେହୁଁ ସୁନିଅ ନ ବେଦ ପୁରାନା ॥ ୪ ॥**

ସେମାନଙ୍କ ଭୟରେ କେଉଁଠି ବି ବ୍ରାହ୍ମଣଭୋଜନ, ଯଜ୍ଞ, ଶ୍ରାଦ୍ଧ ଆଦି ଶୁଭକର୍ମ ହୋଇପାରୁ ନ ଥିଲା । କେହି ବି ଦେବତା, ବ୍ରାହ୍ମଣ ଓ ଗୁରୁଙ୍କୁ ମାନୁ ନ ଥିଲେ । ତେଣୁ ନା ହରିଭକ୍ତି ରହିଲା, ନା ଯଜ୍ଞ, ତପ ଓ ଜ୍ଞାନ ରହିଲା । ବେଦ ଓ ପୁରାଣ ତ ସ୍ୱପ୍ନରେ ବି ଶୁଣିବାକୁ ମିଳିଲା ନାହିଁ ॥ ୪ ॥

ଛନ୍ଦ- **ଜପ ଜୋଗ ବିରାଗା ତପ ମଖ ଭାଗା ଶ୍ରୱନ ସୁନଇ ଦସସୀସା ।**
**ଆପୁନୁ ଉଠି ଧାୱଇ ରହୈ ନ ପାୱଇ ଧରି ସବ ଘାଲଇ ଖୀସା ॥**
**ଅସ ଭ୍ରଷ୍ଟ ଅଚ୍ୱରା ଭା ସଂସାରା ଧର୍ମ ସୁନିଅ ନହିଁ କାନା ।**
**ତେହି ବହୁବିଧି ତ୍ରାସଇ ଦେସ ନିକାସଇ ଜୋ କହ ବେଦ ପୁରାନା ॥**

ଜପ, ଯୋଗ, ବୈରାଗ୍ୟ, ତପ ତଥା ଯଜ୍ଞରେ କେଉଁଠି ଦେବତାମାନଙ୍କୁ ଭାଗ ଦିଆଯାଉଛି ବୋଲି ଯଦି ରାବଣ କାନରେ ପଡୁଥିଲା, ତେବେ ସେ ସ୍ୱୟଂ ସଙ୍ଗେ ସଙ୍ଗେ ଉଠି ସେଠାକୁ ଧାଇଁଯାଉଥିଲା । ତା'କବଳରୁ ଯଜ୍ଞରେ କିଛି ବି ରକ୍ଷା ପାଇପାରୁ ନ ଥିଲା । ସେ ଯାହା ପାଉଥିଲା, ଧ୍ୱଂସ କରିଦେଉଥିଲା । ସଂସାରରେ ଏପରି ଭ୍ରଷ୍ଟ ଆଚରଣ ବ୍ୟାପିଗଲା ଯେ, ଧର୍ମ କଥା ଆଉ କାନରେ ବି ଶୁଣିବାକୁ ମିଳିଲା ନାହିଁ । ଯଦି କେହି ବେଦ ବା ପୁରାଣ କହୁଥିଲେ, ସେ ତାଙ୍କୁ ନାନାପ୍ରକାରେ ଯାତନା ଦେଇ ଦେଶରୁ ବାହାର କରିଦେଉଥିଲା ।

ସୋଃ- **ବରନି ନ ଜାଇ ଅନୀତି ଘୋର ନିସାଚର ଜୋ କରହିଁ ।**
**ହିଂସା ପର ଅତି ପ୍ରୀତି ତିହ୍ନ କେ ପାପହି କୱନି ମିତି ॥ ୧୮୩ ॥**

ରାକ୍ଷସମାନେ ଯେଉଁ ଘୋର ଅତ୍ୟାଚାର କରୁଥିଲେ, ତାହାର ବର୍ଣ୍ଣନା କରିହେବ ନାହିଁ । ହିଂସାରେହିଁ ଯେଉଁମାନଙ୍କର ପ୍ରୀତି ଥାଏ; ସେମାନଙ୍କର ପାପକୁ କିଏ ବା ମାପିପାରିବ ! ॥ ୧୮୩ ॥

## ମାସପାରାୟଣ, ଷଷ୍ଠ ବିଶ୍ରାମ

**ବାଢ଼େ ଖଲ ବହୁ ଚୋର ଜୁଆରା । ଜେ ଲଂପଟ ପରଧନ ପରଦାରା ॥**
**ମାନହିଁ ମାତୁ ପିତା ନହିଁ ଦେୱା । ସାଧୁହ୍ନ ସନ କରୱାୱହିଁ ସେୱା ॥ ୧ ॥**

ପରଧନ ଓ ପରସ୍ତ୍ରୀକୁ ଲୋଲୁପ ଦୃଷ୍ଟିରେ ଦେଖୁଥିବା ଲମ୍ପଟ, ଦୁଷ୍ଟ, ଚୋର ଓ ଜୁଆଡ଼ିଙ୍କ ସଂଖ୍ୟା ବଢ଼ିଗଲା । ଲୋକେ ମାତା, ପିତା ଓ ଦେବତାମାନଙ୍କୁ ମାନିଲେ ନାହିଁ; ସାଧୁମାନଙ୍କ ସେବା କରିବା ତ ଦୂରର କଥା, ବରଂ ସେମାନଙ୍କ ଦ୍ୱାରା ସେବା କାର୍ଯ୍ୟ କରାଇଲେ ॥ ୧ ॥

**ଜିହ୍ନ କେ ୟହ ଆଚରନ ଭୱାନୀ । ତେ ଜାନେହୁ ନିସିଚର ସବ ପ୍ରାନୀ ॥**
**ଅତିସୟ ଦେଖି ଧର୍ମ କୈ ଗ୍ଲାନୀ । ପରମ ସଭୀତ ଧରା ଅକୁଲାନୀ ॥ ୨ ॥**

[ଶିବ କହିଲେ,] ହେ ଭବାନୀ ! ଯେଉଁମାନଙ୍କର ଆଚରଣ ଏହିପରି, ସେମାନଙ୍କୁ ରାକ୍ଷସ ବୋଲି ଜାଣ । ଧର୍ମ ପ୍ରତି ଲୋକଙ୍କର ଏପରି ଅତିଶୟ ଅରୁଚି, ଅନାସ୍ଥା ଦେଖି ଧରଣୀ ଅତ୍ୟନ୍ତ ଭୟଭୀତ ଏବଂ ବ୍ୟାକୁଳ ହୋଇଗଲା ॥ ୨ ॥

**ଗିରି ସରି ସିଂଧୁ ଭାର ନହିଁ ମୋହୀ । ଜସ ମୋହି ଗରୁଅ ଏକ ପରଦ୍ରୋହୀ ॥**
**ସକଲ ଧର୍ମ ଦେଖଇ ବିପରୀତା । କହି ନ ସକଇ ରାୱନ ଭୟ ଭୀତା ॥ ୩ ॥**

ସେ ଭାବିଲା ''ଜଣେ ପରଦ୍ରୋହୀର ବୋଝ ମୋତେ ଯେତେ ଭାରୀ ଲାଗୁଛି, ପର୍ବତ, ନଦୀ ଓ ସମୁଦ୍ରମାନଙ୍କର ବୋଝ ମୋତେ ସେତେ ଭାରୀ ଲାଗୁନାହିଁ ।'' ସକଳ ଧର୍ମ ବିପରୀତ ହୋଇଗଲାଣି ବୋଲି ଦେଖୁଥିଲେ ମଧ୍ୟ ରାବଣଭୟରେ ସେ କିଛି କହିପାରୁ ନ ଥାଏ ॥ ୩ ॥

**ଧେନୁ ରୂପ ଧରି ହୃଦୟଁ ବିଗ୍ୱରୀ । ଗଈ ତହାଁ ଜହଁ ସୁର ମୁନି ଝାରୀ ॥**
**ନିଜ ସଂତାପ ସୁନାଏସି ରୋଈ । କାହୂ ତେଁ କଛୁ କାଜ ନ ହୋଈ ॥ ୪ ॥**

ଶେଷରେ ବହୁତ ଭାବିଚିନ୍ତି, ଯେଉଁଠାରେ ସବୁ ଦେବତା ଓ ମୁନି ଲୁଚିଥିଲେ, ଧରଣୀ ସେଠାକୁ ଗାଈରୂପ ଧରି ଗ୍ୱଲିଗଲା । କାନ୍ଦି କାନ୍ଦି ସେମାନଙ୍କୁ ନିଜର ଦୁଃଖ ଜଣାଇଲା; କିନ୍ତୁ କାହା ଦ୍ୱାରା କିଛି କାର୍ଯ୍ୟ ହୋଇପାରିଲା ନାହିଁ ॥ ୪ ॥

ଛନ୍ଦ- **ସୁର ମୁନି ଗଂଧର୍ବା ମିଲି କରି ସର୍ବା ଗେ ବିରଂଚି କେ ଲୋକା ।**
**ସଁଗ ଗୋତନୁଧାରୀ ଭୂମି ବିଗ୍ୱରୀ ପରମ ବିକଲ ଭୟ ସୋକା ॥**
**ବ୍ରହ୍ମାଁ ସବ ଜାନା ମନ ଅନୁମାନା ମୋର କଛୂ ନ ବସାଈ ।**
**ଜା କରି ତୈଁ ଦାସୀ ସୋ ଅବିନାସୀ ହମରେଉ ତୋର ସହାଈ ॥**

ସେତେବେଳେ ଦେବତା, ମୁନି ଓ ଗନ୍ଧର୍ବମାନେ ଏକତ୍ର ହୋଇ ବ୍ରହ୍ମାଙ୍କ ଲୋକ(ସତ୍ୟଲୋକ)କୁ ଗଲେ । ଭୟ ଓ ଶୋକରେ ଅତ୍ୟନ୍ତ ବ୍ୟାକୁଳ ହେଉଥିବା ବିଗ୍ୱରୀ ପୃଥିବୀ ମଧ୍ୟ ଗାଈରୂପ ଧରି ସେମାନଙ୍କ ସାଥିରେ ଗ୍ୱଲିଗଲା । ବ୍ରହ୍ମା ସବୁ ଜାଣିଗଲେ । ସେ ମନେ ମନେ ଅନୁମାନ କରିନେଲେ ଯେ, ଏଥିରେ କିଛି ବି କରିପାରିବା ତାଙ୍କପକ୍ଷରେ ସମ୍ଭବ ନୁହେଁ । ତେଣୁ ସେ ଧରଣୀକୁ କହିଲେ, ''ତୁମେ ଯାହାଙ୍କର ଦାସୀ, ସେହି ଅବିନାଶୀ ହରିହିଁ ମୋର ଓ ତୁମର—ଉଭୟଙ୍କର ସହାୟ ।''

ସୋ:- **ଧରନି ଧରହି ମନ ଧୀର କହ ବିରଂଚି ହରିପଦ ସୁମିରୁ ।**
**ଜାନତ ଜନ କୀ ପୀର ପ୍ରଭୁ ଭଂଜିହି ଦାରୁନ ବିପତି ॥ ୧୮୪ ॥**

ବ୍ରହ୍ମା କହିଲେ, ''ହେ ଧରଣୀ ! ମନରେ ଧୈର୍ଯ୍ୟ ଧରି ଶ୍ରୀହରିଙ୍କୁ ସ୍ମରଣ କର । ପ୍ରଭୁ ନିଜ ଦାସମାନଙ୍କର ଦୁଃଖ ଜାଣନ୍ତି । ସେ ତୁମର ଘୋର ବିପତ୍ତି ଦୂର କରିଦେବେ ।'' ॥ ୧୮୪ ॥

**ବୈଠେ ସୁର ସବ କରହିଁ ବିଗ୍ୱରା । କହଁ ପାଇଅ ପ୍ରଭୁ କରିଅ ପୁକାରା ॥**
**ପୁର ବୈକୁଂଠ ଜାନ କହ କୋଈ । କୋଉ କହ ପୟନିଧି ବସ ପ୍ରଭୁ ସୋଈ ॥ ୧ ॥**

ଦେବତାମାନେ ବସି ବିଗ୍ୱର କଲେ, ''ପ୍ରଭୁଙ୍କୁ କେଉଁଠି ପାଇବା ଯେ, ତାଙ୍କ ଆଗରେ ଦୁଃଖ ଜଣାଇବା ?'' କିଏ କହିଲେ, ''ଗ୍ୱଲ, ବୈକୁଣ୍ଠପୁରକୁ ଯିବା ।'' କିଏ କହିଲେ, ''ପ୍ରଭୁ କ୍ଷୀରସାଗରରେ ବାସ କରୁଛନ୍ତି ।''॥ ୧ ॥




ବ୍ରହ୍ମାଦି ଦେବତାଗଣ ଭଗବାନଙ୍କୁ ସ୍ତୁତି କରୁଛନ୍ତି

ଜାକେ ହୃଦୟଁ ଭଗତି ଜସି ପ୍ରୀତୀ । ପ୍ରଭୁ ତହଁ ପ୍ରଗଟ ସଦା ତେହିଁ ରୀତୀ ॥
ତେହିଁ ସମାଜ ଗିରିଜା ମୈଁ ରହେଉଁ । ଅୱସର ପାଇ ବଚନ ଏକ କହେଉଁ ॥ ୨ ॥
ହରି ବ୍ୟାପକ ସର୍ବତ୍ର ସମାନା । ପ୍ରେମ ତେଁ ପ୍ରଗଟ ହୋହିଁ ମୈଁ ଜାନା ॥
ଦେସ କାଲ ଦିସି ବିଦିସିହୁ ମାହୀଁ । କହହୁ ସୋ କହାଁ ଜହାଁ ପ୍ରଭୁ ନାହୀଁ ॥ ୩ ॥
ଅଗ ଜଗମୟ ସବ ରହିତ ବିରାଗୀ । ପ୍ରେମ ତେଁ ପ୍ରଭୁ ପ୍ରଗଟଇ ଜିମି ଆଗୀ ॥
ମୋର ବଚନ ସବ କେ ମନ ମାନା । ସାଧୁ ସାଧୁ କରି ବ୍ରହ୍ମ ବଖାନା ॥ ୪ ॥

ଯାହା ହୃଦୟରେ ଯେପରି ଭକ୍ତି ଓ ପ୍ରୀତି, ତା'ପାଇଁ ପ୍ରଭୁ ସର୍ବଦା ସେହି ରୀତିରେ ପ୍ରକଟ ହୁଅନ୍ତି । ହେ ପାର୍ବତୀ, ସେହି ସମାଜରେ ମୁଁ ବି ଥିଲି । ସୁଯୋଗ ପାଇ ମୁଁ କହିଲି, ''ମୋ ଜାଣିବାରେ, ଭଗବାନ୍ ସର୍ବତ୍ର ସମାନରୂପରେ ବ୍ୟାପି ରହିଛନ୍ତି । ସେ ହୃଦୟର ପ୍ରେମ ଦେଖି, ପ୍ରକଟ ହୋଇଯାଆନ୍ତି । ଦେଶ, କାଳ, ଦିଗ-ବିଦିଗରେ ଏପରି କେଉଁ ସ୍ଥାନ ଅଛି, କହନ୍ତୁ ଯେଉଁଠି ପ୍ରଭୁ ନାହାନ୍ତି ? ସେ ଚରାଚରମୟ ହୋଇ ମଧ୍ୟ ସବୁଥିରୁ ନିର୍ଲିପ୍ତ ଏବଂ ଅନାସକ୍ତ । ସେ ପ୍ରେମ ଦେଖିଲେ ଅଗ୍ନି ପରି ପ୍ରକଟ ହୋଇଥାନ୍ତି । (ଅଗ୍ନି ସର୍ବତ୍ର ଅବ୍ୟକ୍ତରୂପରେ ବ୍ୟାପ୍ତ; କିନ୍ତୁ ଯେଉଁଠାରେ ଅରଣି-ମନ୍ଥନ ପ୍ରଭୃତି ଉପାୟ କରାଯାଏ, ସେ ସେଠାରେ ପ୍ରକଟ ହୁଅନ୍ତି; ଠିକ୍ ସେହିପରି ସର୍ବତ୍ର ବ୍ୟାପ୍ତ ଭଗବାନ୍ ମଧ୍ୟ ପ୍ରେମଦ୍ୱାରା ପ୍ରକଟ ହୁଅନ୍ତି ।)'' ମୋ କଥା ସମସ୍ତଙ୍କ ମନକୁ ପାଇଲା । 'ସାଧୁ ! ସାଧୁ !' କହି ବ୍ରହ୍ମା ମୋତେ ପ୍ରଶଂସା କଲେ ॥ ୨, ୩, ୪ ॥

ଦୋ:- ସୁନି ବିରଂଚି ମନ ହରଷ ତନ ପୁଲକି ନୟନ ବହ ନୀର ।
ଅସ୍ତୁତି କରତ ଜୋରି କର ସାୱଧାନ ମତିଧୀର ॥ ୧୮୫ ॥

ମୋ କଥା ଶୁଣି ବ୍ରହ୍ମାଙ୍କ ମନରେ ବଡ଼ ଆନନ୍ଦ ଜାତ ହେଲା । ତାଙ୍କ ଶରୀର ପୁଲକିତ ହୋଇଗଲା ଏବଂ ନୟନରୁ ଆନନ୍ଦାଶ୍ରୁ ଝରିବାକୁ ଲାଗିଲା । ତହୁଁ ଧୀରବୁଦ୍ଧି ବ୍ରହ୍ମା କରପତ୍ର ଯୋଡ଼ି, ସାବଧାନ ହୋଇ ସ୍ତୁତି କରିବାକୁ ଲାଗିଲେ, ॥ ୧୮୫ ॥

ଛନ୍ଦ- ଜୟ ଜୟ ସୁରନାୟକ ଜନ ସୁଖଦାୟକ ପ୍ରନତପାଲ ଭଗୱଂତା ।
ଗୋ ଦ୍ୱିଜ ହିତକାରୀ ଜୟ ଅସୁରାରୀ ସିଂଧୁସୁତା ପ୍ରିୟ କଂତା ॥
ପାଲନ ସୁର ଧରନୀ ଅଦ୍ଭୁତ କରନୀ ମରମ ନ ଜାନଇ କୋଈ ।
ଜୋ ସହଜ କୃପାଲା ଦୀନଦୟାଲା କରଉ ଅନୁଗ୍ରହ ସୋଈ ॥ ୧ ॥

''ହେ ଦେବଗଣଙ୍କର ସ୍ୱାମୀ, ଭକ୍ତଜନଙ୍କର ସୁଖଦାତା, ଶରଣାଗତରକ୍ଷକ ଭଗବାନ୍ ! ଆପଣଙ୍କର ଜୟ ହେଉ । ଜୟ ହେଉ । ହେ ଗୋବ୍ରାହ୍ମଣଙ୍କ ହିତକାରୀ, ଅସୁରାରି, ସାଗରଦୁଲଣୀଙ୍କର ପ୍ରିୟ ସ୍ୱାମୀ ! ଆପଣଙ୍କର ଜୟ ହେଉ । ହେ ଦେବତା ଓ ଧରଣୀର ପାଳନକର୍ତ୍ତା ! ଆପଣଙ୍କ ଲୀଳା ଅଦ୍ଭୁତ; ତାହାର ରହସ୍ୟ କେହି ଜାଣିପାରେନା । ଯେ ଏହିପରି ସ୍ୱଭାବତଃ କୃପାଳୁ ଓ ଦୀନଦୟାଳୁ, ସେ ପ୍ରଭୁ ଆମ୍ଭମାନଙ୍କୁ କୃପା କରନ୍ତୁ ॥ ୧ ॥

ଜୟ ଜୟ ଅବିନାସୀ ସବ ଘଟ ବାସୀ ବ୍ୟାପକ ପରମାନଂଦା ।
ଅବିଗତ ଗୋତୀତଂ ଚରିତ ପୁନୀତଂ ମାୟାରହିତ ମୁକୁଂଦା ॥
ଜେହି ଲାଗି ବିରାଗୀ ଅତି ଅନୁରାଗୀ ବିଗତ ମୋହ ମୁନିବୃଂଦା ।
ନିସି ବାସର ଧ୍ୟାୱହିଁ ଗୁନ ଗନ ଗାୱହିଁ ଜୟତି ସଚ୍ଚିଦାନଂଦା ॥ ୨ ॥

ହେ ଅବିନାଶୀ ! ସମସ୍ତଙ୍କର ହୃଦୟନିବାସୀ (ଅନ୍ତର୍ଯାମୀ) ! ହେ ସର୍ବବ୍ୟାପକ ପରମ ଆନନ୍ଦସ୍ୱରୂପ ! ହେ ଅଜ୍ଞେୟ, ଇନ୍ଦ୍ରିୟାତୀତ, ପବିତ୍ରଚରିତ, ମାୟାରହିତ ମୁକୁନ୍ଦ (ମୋକ୍ଷଦାତା) ! ଆପଣଙ୍କର ଜୟ ହେଉ । ଜୟ ହେଉ । ଇହଲୋକର ଓ ପରଲୋକର ସକଳ ଭୋଗରୁ ବୀତସ୍ପୃହ ତଥା ମୋହରୁ ସର୍ବଥା ମୁକ୍ତ ଜ୍ଞାନୀ ମୁନିଗଣ ମଧ୍ୟ ଅତ୍ୟନ୍ତ ଅନୁରାଗୀ ହୋଇ ଦିବାରାତ୍ର ଯାହାଙ୍କୁ ଧ୍ୟାନ କରନ୍ତି ଏବଂ ଯାହାଙ୍କ ଗୁଣାବଳୀ ଗାନ କରନ୍ତି, ସେହି ସଚ୍ଚିଦାନନ୍ଦଙ୍କର ଜୟ ହେଉ ॥ ୨ ॥

**ଜେହିଁ ସୃଷ୍ଟି ଉପାଈ ତ୍ରିବିଧ ବନାଈ ସଂଗ ସହାୟ ନ ଦୂଜା ।**
**ସୋ କରଉ ଅଘାରୀ ଚିଂତ ହମାରୀ ଜାନିଅ ଭଗତି ନ ପୂଜା ॥**
**ଜୋ ଭଵ ଭୟ ଭଂଜନ ମୁନି ମନ ରଂଜନ ଗଂଜନ ବିପତି ବରୂଥା ।**
**ମନ ବଚ କ୍ରମ ବାନୀ ଛାଡ଼ି ସୟାନୀ ସରନ ସକଲ ସୁରଜୂଥା ॥ ୩ ॥**

ଯେ କୌଣସି ସାଥୀ ବା ସହାୟକଙ୍କ ସହାୟତା ବିନା ଏକାକୀହିଁ [ଅଥବା ସ୍ୱୟଂ ନିଜକୁ ତ୍ରିଗୁଣରୂପ—ବ୍ରହ୍ମା, ବିଷ୍ଣୁ ଓ ଶିବରୂପ କରି ଅଥବା ବିନା କୌଣସି ଉପାଦାନ-କାରଣରେ ଅର୍ଥାତ୍ ସ୍ୱୟଂ ସୃଷ୍ଟିର ଅଭିନ୍ନନିମିତ୍ତୋପାଦାନ କାରଣ ହୋଇଯାଇ] ତିନିପ୍ରକାର ସୃଷ୍ଟି ଉତ୍ପନ୍ନ କରିଛନ୍ତି, ସେହି ପାପନାଶକ ଭଗବାନ୍ ଆମ କଥା ବୁଝନ୍ତୁ । ଆମେ ଭକ୍ତି ଜାଣୁନା, କି ପୂଜା ଜାଣୁନା । ଯେଉଁ ପ୍ରଭୁ ଭବଭୟ (ଜନ୍ମମୃତ୍ୟୁଭୟ) ନାଶକାରୀ, ମୁନିମନରଞ୍ଜନ ଓ ବିପଦଭଞ୍ଜନ, ଆମେ ଦେବସମୂହ ନିଷ୍କପଟଭାବରେ ବଚନ ଓ କର୍ମରେ ସେହି ଭଗବାନଙ୍କ ଶରଣକୁ ଆସିଛୁ ॥ ୩ ॥

**ସାରଦ ଶ୍ରୁତି ସେଷା ରିଷୟ ଅସେଷା ଜା କହୁଁ କୋଉ ନହିଁ ଜାନା ।**
**ଜେହି ଦୀନ ପିଆରେ ବେଦ ପୁକାରେ ଦ୍ରଵଉ ସୋ ଶ୍ରୀଭଗଵାନା ॥**
**ଭଵ ବାରିଧି ମଂଦର ସବ ବିଧି ସୁଂଦର ଗୁନ ମଂଦିର ସୁଖପୁଂଜା ।**
**ମୁନି ସିଦ୍ଧ ସକଲ ସୁର ପରମ ଭୟାତୁର ନମତ ନାଥ ପଦ କଂଜା ॥ ୪ ॥**

ଯାହାଙ୍କୁ ସରସ୍ୱତୀ, ବେଦ, ଶେଷଦେବ, ଋଷିଗଣ—କେହି ବି ଜାଣନ୍ତି ନାହିଁ, ଯେ ଦୀନଜନପ୍ରିୟ ବୋଲି ବେଦମାନେ କହନ୍ତି, ସେହି ଭଗବାନ୍ ଆମ ପ୍ରତି ଦୟା କରନ୍ତୁ । ହେ ସଂସାରସାଗରକୁ ମନ୍ଥନ କରୁଥିବା ମନ୍ଦରାଚଳ ! ହେ ସର୍ବସୁନ୍ଦର ! ହେ ସର୍ବଗୁଣଧାମ ! ହେ ସର୍ବସୁଖରାଶି ! ହେ ନାଥ ! ମୁନି, ସିଦ୍ଧ ଓ ସକଳ ଦେବତା ଭୟରେ ଅତ୍ୟନ୍ତ ବ୍ୟାକୁଳ ହୋଇ ଆପଣଙ୍କ ଚରଣକମଳରେ ନମସ୍କାର କରୁଛନ୍ତି ।" ॥ ୪ ॥

ଦୋ:- **ଜାନି ସଭୟ ସୁର ଭୂମି ସୁନି ବଚନ ସମେତ ସନେହ ।**
**ଗଗନଗିରା ଗଂଭୀର ଭଇ ହରନି ସୋକ ସଂଦେହ ॥ ୧୮୬ ॥**

ଦେବଗଣ ଓ ଧରଣୀ ଭୟଭୀତ ହୋଇଥିବା ଜାଣି ଏବଂ ସେମାନଙ୍କର ସ୍ନେହସିକ୍ତ ବଚନ ଶୁଣି ଶୋକ-ସନ୍ଦେହହାରୀ ଗମ୍ଭୀର ଆକାଶବାଣୀ ହେଲା— ॥ ୧୮୬ ॥

**ଜନି ଡରପହୁ ମୁନି ସିଦ୍ଧ ସୁରେସା । ତୁମ୍ହହି ଲାଗି ଧରିହଉଁ ନର ବେସା ॥**
**ଅଂସନ୍ହ ସହିତ ମନୁଜ ଅଵତାରା । ଲେହଉଁ ଦିନକର ବଂସ ଉଦାରା ॥ ୧ ॥**

"ହେ ମୁନିଗଣ, ସିଦ୍ଧଗଣ ଓ ସୁରେଶ୍ୱରଗଣ ! ଭୟ କର ନାହିଁ । ତୁମ ପାଇଁ ମୁଁ ମନୁଷ୍ୟରୂପ ଧାରଣ କରିବି ଏବଂ ଉଦାର (ପବିତ୍ର) ସୂର୍ଯ୍ୟବଂଶରେ ନିଜ ଅଂଶମାନଙ୍କ ସହିତ ମନୁଷ୍ୟରୂପେ ଅବତାର ଗ୍ରହଣ କରିବି ॥ ୧ ॥

**କସ୍ୟପ ଅଦିତି ମହାତପ କୀହ୍ନା । ତିହ୍ନ କହୁଁ ମୈଁ ପୂରବ ବର ଦୀହ୍ନା ॥**
**ତେ ଦସରଥ କୌସଲ୍ୟା ରୂପା । କୋସଲପୁରୀଁ ପ୍ରଗଟ ନରଭୂପା ॥ ୨ ॥**

କଶ୍ୟପ ଓ ଅଦିତି ବହୁ ତପସ୍ୟା କରିଥିଲେ । ମୁଁ ଆଗରୁହିଁ ସେମାନଙ୍କୁ ବର ଦେଇସାରିଛି । ସେ ଦୁହେଁ ଦଶରଥ ଓ କୌଶଲ୍ୟାରୂପରେ ରାଜାରାଣୀ ହୋଇ ଅଯୋଧ୍ୟାପୁରୀରେ ଜାତ ହୋଇସାରିଲେଣି ॥ ୨ ॥

**ତିହ୍ନ କେଁ ଗୃହ ଅୱତରିହଉଁ ଜାଈ । ରଘୁକୁଲ ତିଲକ ସୋ ଚ୍ୱରିଉ ଭାଈ ॥**
**ନାରଦ ବଚନ ସତ୍ୟ ସବ କରିହଉଁ । ପରମ ସକ୍ତି ସମେତ ଅୱତରିହଉଁ ॥ ୩ ॥**

ମୁଁ ସେମାନଙ୍କ ଗୃହରେ ରଘୁକୁଳଶ୍ରେଷ୍ଠ ଚାରିଭାଇରୂପରେ ଅବତାର ନେବି । ନାରଦଙ୍କର ସମସ୍ତ ବଚନକୁ ମୁଁ ସତ୍ୟ ପ୍ରମାଣିତ କରିବି ଏବଂ ନିଜର ପରାଶକ୍ତିଙ୍କ ସହିତ ଅବତାର ଗ୍ରହଣ କରିବି ॥ ୩ ॥

**ହରିହଉଁ ସକଲ ଭୂମି ଗରୁଆଈ । ନିର୍ଭୟ ହୋହୁ ଦେୱ ସମୁଦାଈ ॥**
**ଗଗନ ବ୍ରହ୍ମବାନୀ ସୁନି କାନା । ତୁରତ ଫିରେ ସୁର ହୃଦୟ ଜୁଡ଼ାନା ॥ ୪ ॥**

ମୁଁ ପୃଥିବୀର ସକଳ ଭାର ହରଣ କରିବି । ହେ ଦେବଗଣ ! ତୁମେ ନିର୍ଭୟ ହୋଇଯାଅ ।'' ନିଜ କାନରେ ଆକାଶରୁ ବ୍ରହ୍ମବାଣୀ ଶୁଣି ଦେବତାମାନେ ତୁରନ୍ତ ଫେରିଗଲେ । ସେମାନଙ୍କର ହୃଦୟ ଶୀତଳ ହୋଇଗଲା ॥ ୪ ॥

**ତବ ବ୍ରହ୍ମାଁ ଧରନିହି ସମୁଝାୱା । ଅଭୟ ଭଈ ଭରୋସ ଜିୟଁ ଆୱା ॥ ୫ ॥**

ତା'ପରେ ବ୍ରହ୍ମା ଧରଣୀକୁ ସବୁକଥା ବୁଝାଇଦେଲେ । ସେ ବି ନିର୍ଭୟ ହୋଇଗଲା ଏବଂ ତା'ମନରେ ଭରସା ଆସିଗଲା ॥ ୫ ॥

ଦୋ:- **ନିଜ ଲୋକହି ବିରଂଚି ଗେ ଦେୱହ୍ନ ଇହଇ ସିଖାଇ ।**
**ବାନର ତନୁ ଧରି ଧରି ମହି ହରି ପଦ ସେୱହୁ ଜାଇ ॥ ୧୮୭ ॥**

''ତୁମ୍ଭେମାନେ ବାନରଶରୀର ଧାରଣ କରି, ପୃଥିବୀକୁ ଯାଇ ଭଗବାନଙ୍କର ଚରଣସେବା କର''– ଦେବତାମାନଙ୍କୁ ଏଭଳି କହିବା ପରେ ବ୍ରହ୍ମା ନିଜଲୋକକୁ ଚାଲିଗଲେ ॥ ୧୮୭ ॥

**ଗଏ ଦେୱ ସବ ନିଜ ନିଜ ଧାମା । ଭୂମି ସହିତ ମନ କହୁଁ ବିଶ୍ରାମା ॥**
**ଜୋ କଛୁ ଆୟସୁ ବ୍ରହ୍ମାଁ ଦୀହ୍ନା । ହରଷେ ଦେୱ ବିଲଂବ ନ କୀହ୍ନା ॥ ୧ ॥**

ଦେବତାମାନେ ନିଜ ନିଜ ଲୋକକୁ ଚାଲିଗଲେ । ଧରଣୀ ସମେତ ସମସ୍ତଙ୍କ ମନକୁ ଶାନ୍ତି ମିଳିଲା । ବ୍ରହ୍ମା ଯାହା କିଛି ଆଜ୍ଞା ଦେଲେ, ଦେବତାମାନେ ସେଥିରେ ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ ତାହା କରିବାକୁ ବିଳମ୍ବ କଲେ ନାହିଁ ॥ ୧ ॥

**ବନଚର ଦେହ ଧରୀ ଛିତି ମାହୀଁ । ଅତୁଲିତ ବଲ ପ୍ରତାପ ତିହ୍ନ ପାହୀଁ ॥**
**ଗିରି ତରୁ ନଖ ଆୟୁଧ ସବ ବୀରା । ହରି ମାରଗ ଚିତୱହିଁ ମତିଧୀରା ॥ ୨ ॥**

ସେମାନେ ପୃଥିବୀରେ ବାନରଦେହ ଧାରଣ କଲେ । ସେମାନଙ୍କ ଠାରେ ଅପାର ବଳ ଓ ପ୍ରତାପ ରହିଲା । ସମସ୍ତେ ପରାକ୍ରମୀ ବୀର ହୋଇଗଲେ । ପର୍ବତ, ବୃକ୍ଷ ଓ ନଖହିଁ ସେମାନଙ୍କର ଶସ୍ତ୍ର ଥିଲା । ସେହି ଧୀରବୁଦ୍ଧି ବାନରରୂପୀ ଦେବତାମାନେ ଭଗବାନଙ୍କ ଆଗମନକୁ ଅପେକ୍ଷା କରି ରହିଲେ ॥ ୨ ॥

**ଗିରି କାନନ ଜହଁ ତହଁ ଭରି ପୂରୀ । ରହେ ନିଜ ନିଜ ଅନୀକ ରଚି ରୂରୀ ॥**
**ୟହ ସବ ରୁଚିର ଚରିତ ମୈଁ ଭାଷା । ଅବ ସୋ ସୁନହୁ ଜୋ ବୀଚହିଁ ରାଖା ॥ ୩ ॥**

ସେମାନେ (ବାନରମାନେ) ବିଭିନ୍ନ ପର୍ବତ ଓ ବନରେ ନିଜର ସୁନ୍ଦର ସୈନ୍ୟଦଳ ଗଠନ କରି ଚତୁର୍ଦ୍ଦିଗରେ ଛାଇ ହୋଇ ରହିଗଲେ । [ଶିବ କହିଲେ,] ଏସବୁ ସୁନ୍ଦର ଚରିତ ତ ମୁଁ କହିଦେଲି । ଏଥର ମୋଠାରୁ ସେହି ଚରିତ ଶୁଣ, ଯାହା ମୁଁ ମଝିରେ ଛାଡ଼ିଦେଇଥିଲି ॥ ୩ ॥

**ଅଓ୍ୱଧପୁରୀଁ ରଘୁକୁଲମନି ରାଉ । ବେଦ ବିଦିତ ତେହି ଦସରଥ ନାଉଁ ॥**
**ଧରମ ଧୁରଂଧର ଗୁନନିଧି ଗ୍ୟାନୀ । ହୃଦୟଁ ଭଗତି ମତି ସାରଁଗପାନୀ ॥ ୪ ॥**

ଅଯୋଧ୍ୟାପୁରୀରେ ରଘୁକୁଳଶିରୋମଣି ଦଶରଥ ନାମକ ଜଣେ ରାଜା ରାଜୁତି କରୁଥିଲେ । ତାହାଙ୍କ ନାମ ବେଦରେ ମଧ୍ୟ ବିଖ୍ୟାତ । ସେ ଧର୍ମଧୁରନ୍ଧର, ସର୍ବଗୁଣର ଭଣ୍ଡାର ଓ ଜ୍ଞାନୀ ଥିଲେ । ତାହାଙ୍କ ହୃଦୟରେ ଶାର୍ଙ୍ଗଧନୁଧାରୀ ଭଗବାନଙ୍କ ପ୍ରତି ବିଶେଷ ଭକ୍ତି ଥିଲା ଏବଂ ତାଙ୍କର ବୁଦ୍ଧି ମଧ୍ୟ ସେହି ପ୍ରଭୁଙ୍କ ଠାରେ ନିବିଷ୍ଟ ରହୁଥିଲା ॥ ୪ ॥

ଦୋଃ- **କୌସଲ୍ୟାଦି ନାରି ପ୍ରିୟ ସବ ଆଚରନ ପୁନୀତ ।**
**ପତି ଅନୁକୂଲ ପ୍ରେମ ଦୃଢ଼ ହରି ପଦ କମଲ ବିନୀତ ॥ ୧୮୮ ॥**

ତାଙ୍କର କୌଶଲ୍ୟାଦି ପ୍ରିୟତମା ରାଣୀମାନେ ସମସ୍ତେ ପବିତ୍ର ଆଚରଣରେ ସମ୍ପନ୍ନା ଥିଲେ । ସେମାନେ ବିନୀତ ଓ ପତିଅନୁକୂଳ ହୋଇ ଚଳୁଥିଲେ । ଶ୍ରୀହରିଙ୍କ ଚରଣକମଳରେ ସେମାନଙ୍କର ଦୃଢ଼ ପ୍ରେମ ରହିଥିଲା ॥ ୧୮୮ ॥

**ଏକ ବାର ଭୂପତି ମନ ମାହୀଁ । ଭୈ ଗଲାନି ମୋରେଁ ସୁତ ନାହୀଁ ॥**
**ଗୁର ଗୃହ ଗୟଉ ତୁରତ ମହିପାଲା । ଚରନ ଲାଗି କରି ବିନୟ ବିସାଲା ॥ ୧ ॥**

ଏକଦା 'ମୋର ପୁତ୍ର ନାହିଁ' ଭାବି ଦଶରଥଙ୍କ ମନରେ ବଡ଼ ଦୁଃଖ ହେଲା । ସେ ଅବିଳମ୍ବେ ଗୁରୁଙ୍କ ଘରକୁ ଚାଲିଗଲେ ଏବଂ ତାଙ୍କ ଚରଣରେ ପ୍ରଣାମ କରି ବହୁ ଅନୁନୟ-ବିନୟ କଲେ ॥ ୧ ॥

**ନିଜ ଦୁଖ ସୁଖ ସବ ଗୁରହି ସୁନାୟଉ । କହି ବସିଷ୍ଠ ବହୁ ବିଧି ସମୁଝାୟଉ ॥**
**ଧରହୁ ଧୀର ହୋଇହହିଁ ସୁତ ଚାରୀ । ତ୍ରିଭୁଓ୍ୱନ ବିଦିତ ଭଗତ ଭୟ ହାରୀ ॥ ୨ ॥**

ରାଜା ନିଜର ସମସ୍ତ ଦୁଃଖ ଗୁରୁଙ୍କୁ ଶୁଣାଇଲେ । ଗୁରୁ ବଶିଷ୍ଠ ତାଙ୍କୁ ବହୁତପ୍ରକାରେ ବୁଝାଇଲେ ଏବଂ କହିଲେ, "ଧୈର୍ଯ୍ୟ ଧରନ୍ତୁ, ଆପଣଙ୍କର ଚାରିପୁତ୍ର ହେବେ । ସେମାନେ ତ୍ରିଲୋକରେ ପ୍ରସିଦ୍ଧ ତଥା ଭକ୍ତଭୟହାରୀ ହେବେ ।" ॥ ୨ ॥

**ସୃଂଗୀ ରିଷିହି ବସିଷ୍ଠ ବୋଲାଓ୍ୱା । ପୁତ୍ରକାମ ସୁଭ ଜଗ୍ୟ କରାଓ୍ୱା ॥**
**ଭଗତି ସହିତ ମୁନି ଆହୁତି ଦୀହ୍ନେଁ । ପ୍ରଗଟେ ଅଗିନି ଚରୂ କର ଲୀହ୍ନେଁ ॥ ୩ ॥**

ବଶିଷ୍ଠ ଶୃଙ୍ଗୀ (ଋଷ୍ୟଶୃଙ୍ଗ) ଋଷିଙ୍କୁ ଡକାଇ ତାଙ୍କରି ଦ୍ୱାରା ଶୁଭଦାୟକ ପୁତ୍ରେଷ୍ଟି ଯଜ୍ଞ କରାଇଲେ । ମୁନି ଭକ୍ତିର ସହିତ ଆହୁତି ଦେବାରୁ ହାତରେ ଚରୁ (ଖିରି) ଧରି ଅଗ୍ନିଦେବ ପ୍ରକଟ ହୋଇଗଲେ ॥ ୩ ॥

**ଜୋ ବସିଷ୍ଠ କଛୁ ହୃଦୟଁ ବିଚାରା । ସକଲ କାଜୁ ଭା ସିଦ୍ଧ ତୁହ୍ମାରା ॥**
**ୟହ ହବି ବାଁଟି ଦେହୁ ନୃପ ଜାଈ । ଜଥା ଜୋଗ ଜେହି ଭାଗ ବନାଈ ॥ ୪ ॥**

ସେ ଦଶରଥଙ୍କୁ କହିଲେ, "ତୁମପାଇଁ ବଶିଷ୍ଠ ଯାହାକିଛି ମନରେ ବିଚାର କରିଥିଲେ, ତୁମର ସେହିସବୁ କାର୍ଯ୍ୟ (ମନୋରଥ) ସିଦ୍ଧ ହୋଇଗଲା । ହେ ରାଜନ୍ ! ଏଥର ଯାଇ, ଯାହାଙ୍କୁ (ଯେଉଁ ରାଣୀଙ୍କୁ) ଯେପରି ଦେବା ଉଚିତ, ସେପରି ଭାଗ କରି ଏହି ଚରୁ ବାଣ୍ଟିଦିଅ ।" ॥ ୪ ॥

ଦୋ:- **ତବ ଅଦୃସ୍ୟ ଭଏ ପାଓ୍ୱକ ସକଲ ସଭହି ସମୁଝାଇ ।**
**ପରମାନଂଦ ମଗନ ନୃପ ହରଷ ନ ହୃଦୟଁ ସମାଇ ॥ ୧୮୯ ॥**

କ'ଣ କରିବାକୁ ହେବ, ତାହା ସମଗ୍ର ସଭା ସମକ୍ଷରେ ବୁଝାଇଦେଇ ଅଗ୍ନିଦେବ ଅନ୍ତର୍ଦ୍ଧାନ ହୋଇଗଲେ । ରାଜା ପରମାନନ୍ଦରେ ମଗ୍ନ ହୋଇଗଲେ; ତାଙ୍କ ଆନନ୍ଦର ସୀମା ରହିଲା ନାହିଁ ॥ ୧୮୯ ॥

**ତବହିଁ ରାୟଁ ପ୍ରିୟ ନାରି ବୋଲାଇଁ । କୌସଲ୍ୟାଦି ତହାଁ ଚଲି ଆଇଁ ॥**
**ଅର୍ଧ ଭାଗ କୌସଲ୍ୟହି ଦୀହ୍ନା । ଉଭୟ ଭାଗ ଆଧେ କର କୀହ୍ନା ॥ ୧ ॥**

ସଙ୍ଗେ ସଙ୍ଗେ ରାଜା ନିଜର ପ୍ରିୟତମା ପତ୍ନୀମାନଙ୍କୁ ଡକାଇଲେ । କୌଶଲ୍ୟା ଆଦି ରାଣୀମାନେ ସେଠାକୁ ଚାଲିଆସିଲେ । ରାଜା ଚରୁର ଅଧେ କୌଶଲ୍ୟାଙ୍କୁ ଦେଲେ ଏବଂ ଆର ଅଧକ ଦୁଇଭାଗ କରିଦେଲେ ॥ ୧ ॥

**କୈକେଇ କହଁ ନୃପ ସୋ ଦୟଉ । ରହ୍ୟୋ ସୋ ଉଭୟ ଭାଗ ପୁନି ଭୟଉ ॥**
**କୌସଲ୍ୟା କୈକେଇ ହାଥ ଧରି । ଦୀହ୍ନ ସୁମିତ୍ରହି ମନ ପ୍ରସନ୍ନ କରି ॥ ୨ ॥**

ସେଥିରୁ ଗୋଟିଏ ଭାଗ ରାଜା କୈକେୟୀଙ୍କୁ ଦେଲେ ଏବଂ ଅବଶିଷ୍ଟ ଭାଗକୁ ପୁଣିଥରେ ଦୁଇଭାଗ କରିଦେଲେ । ସେହି ଦୁଇଭାଗକୁ କୌଶଲ୍ୟା ଓ କୈକେୟୀ ଉଭୟଙ୍କ ହାତରେ ରଖି (ଅର୍ଥାତ୍ ସେମାନଙ୍କର ଅନୁମତି ନେଇ) ଓ ଏପରିଭାବରେ ସେମାନଙ୍କ ମନକୁ ପ୍ରସନ୍ନ କରାଇ ସୁମିତ୍ରାଙ୍କୁ ଦେଇଦେଲେ ॥ ୨ ॥

**ଏହି ବିଧି ଗର୍ଭସହିତ ସବ ନାରୀ । ଭଇଁ ହୃଦୟଁ ହରଷିତ ସୁଖ ଭାରୀ ॥**
**ଜା ଦିନ ତେଁ ହରି ଗର୍ଭହିଁ ଆଏ । ସକଲ ଲୋକ ସୁଖ ସଂପତି ଛାଏ ॥ ୩ ॥**

ଏପରିଭାବରେ ସବୁ ରାଣୀ ଗର୍ଭବତୀ ହେଲେ । ସେମାନେ ଅନ୍ତରରେ ଅତ୍ୟନ୍ତ ଆନନ୍ଦିତ ହେଲେ । ସେମାନଙ୍କୁ ବଡ଼ ସୁଖ ଲାଗିଲା । ଯେଉଁ ଦିନଠାରୁ ଶ୍ରୀହରି ଲୀଳାରେହିଁ ଗର୍ଭକୁ ଆସିଗଲେ, ସେହି ଦିନୁ ସମସ୍ତ ଭୁବନରେ ସୁଖ ଓ ସମୃଦ୍ଧି ଭରିଗଲା ॥ ୩ ॥

**ମଂଦିର ମହଁ ସବ ରାଜହିଁ ରାନୀଁ । ସୋଭା ସୀଲ ତେଜ କୀ ଖାନୀଁ ॥**
**ସୁଖ ଜୁତ କଛୁକ କାଲ ଚଲି ଗୟଉ । ଜେହିଁ ପ୍ରଭୁ ପ୍ରଗଟ ସୋ ଅଓ୍ୱସର ଭୟଉ ॥ ୪ ॥**

ଶୋଭା, ସଦ୍‌ଗୁଣ ଓ ତେଜର ନିଧାନ ହୋଇ ସବୁରାଣୀ ରାଜନବରରେ ସୁଶୋଭିତା ହେଲେ । ଏପରିଭାବରେ କିଛିକାଳ ସୁଖପୂର୍ବକ କଟିଗଲା ଏବଂ ପ୍ରଭୁଙ୍କ ଆବିର୍ଭାବ ହେବା ସମୟ ଆସିଗଲା ॥ ୪ ॥

ଦୋ:- **ଜୋଗ ଲଗନ ଗ୍ରହ ବାର ତିଥି ସକଲ ଭଏ ଅନୁକୂଲ ।**
**ଚର ଅରୁ ଅଚର ହର୍ଷଜୁତ ରାମ ଜନମ ସୁଖମୂଲ ॥ ୧୯୦ ॥**

ଯୋଗ, ଲଗ୍ନ, ଗ୍ରହ, ବାର ଓ ତିଥି—ସବୁ ଅନୁକୂଳ ହୋଇଗଲା । ଜଡ଼ ଓ ଚେତନ ସମସ୍ତେ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଉଠିଲେ; କାରଣ ଶ୍ରୀରାମଙ୍କ ଜନ୍ମ ହେଉଛି ସକଳ ସୁଖର ମୂଳ ॥ ୧୯୦ ॥

**ନୌମୀ ତିଥି ମଧୁ ମାସ ପୁନୀତା । ସୁକଲ ପଚ୍ଛ ଅଭିଜିତ ହରିପ୍ରୀତା ॥**
**ମଧ୍ୟଦିଓ୍ୱସ ଅତି ସୀତ ନ ଘାମା । ପାଓ୍ୱନ କାଲ ଲୋକ ବିଶ୍ରାମା ॥ ୧ ॥**

ପବିତ୍ର ଚୈତ୍ରମାସର ଶୁକ୍ଳପକ୍ଷ ନବମୀ ତିଥି । ଭଗବାନଙ୍କର ପ୍ରିୟ ଅଭିଜିତ୍ ମୁହୂର୍ତ୍ତ ହୋଇଥାଏ । ଦ୍ୱିପ୍ରହର ସମୟ । ବେଶୀ ଥଣ୍ଡା ନ ଥାଏ, କି ବେଶୀ ଗରମ ନ ଥାଏ । ସେହି ପବିତ୍ର ସମୟ ସମସ୍ତଲୋକପାଇଁ ଶାନ୍ତିପ୍ରଦାୟକ ହୋଇଥାଏ ॥ ୧ ॥

ସୀତଲ ମଂଦ ସୁରଭି ବହ ବାଉ । ହରଷିତ ସୁର ସଂତନ ମନ ଚ୍ଉ ॥
ବନ କୁସୁମିତ ଗିରିଗନ ମନିଆରା । ସ୍ରୱହିଁ ସକଲ ସରିତାଽମୃତଧାରା ॥ ୨ ॥
ସୋ ଅୱସର ବିରଂଚି ଜବ ଜାନା । ଚଲେ ସକଲ ସୁର ସାଜି ବିମାନା ॥
ଗଗନ ବିମଲ ସଂକୁଲ ସୁର ଜୂଥା । ଗାୱହିଁ ଗୁନ ଗଂଧର୍ବ ବରୂଥା ॥ ୩ ॥
ବରଷହିଁ ସୁମନ ସୁଅଂଜୁଲି ସାଜୀ । ଗହଗହି ଗଗନ ଦୁଂଦୁଭୀ ବାଜୀ ॥
ଅସ୍ତୁତି କରହିଁ ନାଗ ମୁନି ଦେୱା । ବହୁବିଧି ଲାୱହିଁ ନିଜ ନିଜ ସେୱା ॥ ୪ ॥

ମନ୍ଦ ମନ୍ଦ ଶୀତଳ ଓ ସୁଗନ୍ଧ ବାୟୁ ପ୍ରବାହିତ ହେଉଥାଏ । ଦେବତାମାନେ ଆନନ୍ଦିତ ହେଉଥାନ୍ତି; ସନ୍ଥମାନଙ୍କ ମନ ଉତ୍ସାହରେ ପୂର୍ଣ୍ଣ ହୋଇଥାଏ; ବନରାଜିରେ ପୁଷ୍ପିତଶୋଭା ଲାଗି ରହିଥାଏ ; ପର୍ବତସମୂହ ବିବିଧ ମଣିର ଝଲକରେ ଦୀପ୍ତିମନ୍ତ ହେଉଥାନ୍ତି ଏବଂ ସବୁ ନଦୀରେ ଅମୃତର ଧାରା ପ୍ରବାହିତ ହେଉଥାଏ । ବ୍ରହ୍ମା ଯେତେବେଳେ ଜାଣିଗଲେ ଯେ, ପ୍ରଭୁଙ୍କର ଆବିର୍ଭାବ ହେବା ସମୟ ଉପସ୍ଥିତ ହୋଇଗଲା, ସେତେବେଳେ ତାଙ୍କ ସମେତ ସକଳ ଦେବତା ସୁସଜ୍ଜିତ ବିମାନରେ ବସି ଚ୍ଲିଆସିଲେ । ଦେବଗଣଙ୍କ ଦ୍ୱାରା ନିର୍ମଳ ଆକାଶ ପୂର୍ଣ୍ଣ ହୋଇଗଲା । ଗନ୍ଧର୍ବମାନେ ଭଗବାନଙ୍କର ଗୁଣଗାନ କଲେ ଏବଂ ଅଞ୍ଜଳି ଭରି ପୁଷ୍ପବୃଷ୍ଟି କରିବାକୁ ଲାଗିଲେ । ଆକାଶରେ ଜୋରରେ ଦୁନ୍ଦୁଭି ବାଜିଉଠିଲା । ନାଗ, ମୁନି ଓ ଦେବଗଣ ସ୍ତୁତି କରିବାକୁ ଲାଗିଲେ ଏବଂ ନିଜ ନିଜର ବିବିଧ ସେବା (ଉପହାର) ପ୍ରଦାନ କଲେ ॥ ୨–୪ ॥

ଦୋଃ- ସୁର ସମୂହ ବିନତୀ କରି ପହୁଁଚେ ନିଜ ନିଜ ଧାମ ।
ଜଗନିୱାସ ପ୍ରଭୁ ପ୍ରଗଟେ ଅଖିଲ ଲୋକ ବିଶ୍ରାମ ॥ ୧୯୧ ॥

ସକଳଲୋକର ଶାନ୍ତିଦାୟକ ଜଗନ୍ନିବାସ ପ୍ରଭୁ ଆବିର୍ଭୂତ ହୋଇଗଲେ । ଦେବଗଣ ବିନୀତ ପ୍ରାର୍ଥନା କରିସାରି ନିଜ ନିଜ ଲୋକକୁ ଫେରିଗଲେ ॥ ୧୯୧ ॥

ଛନ୍ଦ- ଭଏ ପ୍ରଗଟ କୃପାଲା ଦୀନଦୟାଲା କୌସଲ୍ୟା ହିତକାରୀ ।
ହରଷିତ ମହତାରୀ ମୁନି ମନ ହାରୀ ଅଦ୍ଭୁତ ରୂପ ବିଚ୍ରୀ ॥
ଲୋଚନ ଅଭିରାମା ତନୁ ଘନସ୍ୟାମା ନିଜ ଆୟୁଧ ଭୁଜ ଚ୍ରୀ ।
ଭୂଷନ ବନମାଲା ନୟନ ବିସାଲା ସୋଭାସିଂଧୁ ଖରାରୀ ॥ ୧ ॥

ଦୀନଦୟାଳୁ କୌଶଲ୍ୟାହିତକାରୀ କୃପାଳୁ ପ୍ରଭୁ ପ୍ରକଟ ହୋଇଗଲେ । ତାଙ୍କର ମୁନିମନହାରୀ ଅଦ୍‌ଭୁତ ରୂପ ଅବଲୋକନ କରି ମାତା ଆନନ୍ଦବିଭୋର ହୋଇଗଲେ । ଘନ ମେଘ ପରି ନେତ୍ରାନନ୍ଦଦାୟୀ ଶ୍ୟାମ ଶରୀର । ଚତୁର୍ଭୁଜରେ ନିଜର ପ୍ରସିଦ୍ଧ ଆୟୁଧ । ଅଙ୍ଗରେ ଦିବ୍ୟ ଆଭୂଷଣ ଓ କଣ୍ଠରେ ବନମାଳା । ବିଶାଳ ନୟନ । ଏହିପରି ଶୋଭାର ସମୁଦ୍ର ଏବଂ ଖର ରାକ୍ଷସର ଶତ୍ରୁ ଭଗବାନ୍ ପ୍ରକଟିତ ହୋଇଗଲେ ॥ ୧ ॥

କହ ଦୁଇ କର ଜୋରୀ ଅସ୍ତୁତି ତୋରୀ କେହି ବିଧି କରୌଁ ଅନଂତା ।
ମାୟା ଗୁନ ଗ୍ୟାନାତୀତ ଅମାନା ବେଦ ପୁରାନ ଭନଂତା ॥
କରୁନା ସୁଖ ସାଗର ସବ ଗୁନ ଆଗର ଜେହି ଗାୱହିଁ ଶ୍ରୁତି ସଂତା ।
ସୋ ମମ ହିତ ଲାଗୀ ଜନ ଅନୁରାଗୀ ଭୟଉ ପ୍ରଗଟ ଶ୍ରୀକଂତା ॥ ୨ ॥

ଦୁଇକର ଯୋଡ଼ି ମାତା କହିବାକୁ ଲାଗିଲେ, ''ହେ ଅନନ୍ତ ! ମୁଁ କିପରି ତୁମର ସ୍ତୁତି କରିବି ! ବେଦ ଓ ପୁରାଣ ତ ତୁମକୁ ମାୟା, ଗୁଣ ଓ ଜ୍ଞାନର ଅତୀତ ଏବଂ ପରିମାଣରହିତ ବୋଲି କହନ୍ତି । ଶ୍ରୁତିଗଣ ଓ ସନ୍ଥଜନ ଦୟା ଓ ସୁଖର ସାଗର କହି ଏବଂ ସର୍ବଗୁଣର ଧାମ କହି ଯାହାଙ୍କ ଗୁଣଗାନ କରନ୍ତି, ତୁମେ ସେହି ଭକ୍ତଜନପ୍ରେମୀ ଲକ୍ଷ୍ମୀପତି ଭଗବାନ୍ ମୋର କଲ୍ୟାଣନିମନ୍ତେ ପ୍ରକଟ ହୋଇଛ ॥ ୨ ॥

**ବ୍ରହ୍ମାଂଡ ନିକାୟା ନିର୍ମିତ ମାୟା ରୋମ ରୋମ ପ୍ରତି ବେଦ କହୈ ।**
**ମମ ଉର ସୋ ବାସୀ ୟହ ଉପହାସୀ ସୁନତ ଧୀର ମତି ଥିର ନ ରହୈ ॥**
**ଉପଜା ଜବ ଗ୍ୟାନା ପ୍ରଭୁ ମୁସୁକାନା ଚରିତ ବହୁତ ବିଧି କୀହ୍ନ ଚହୈ ।**
**କହି କଥା ସୁହାଈ ମାତୁ ବୁଝାଈ ଜେହି ପ୍ରକାର ସୁତ ପ୍ରେମ ଲହୈ ॥**

ବେଦମାନେ କହନ୍ତି, ତୁମର ପ୍ରତିଟି ରୋମରେ ମାୟାଦ୍ୱାରା ରଚିତ ଅନେକ ବ୍ରହ୍ମାଣ୍ଡ ପୂର୍ଣ୍ଣ ହୋଇ ରହିଛି । ସେପରି ପ୍ରଭୁ ଆସି ମୋ ଗର୍ଭରେ ରହିଥିଲେ ବୋଲି କହିବା ଏକ ହାସ୍ୟାସ୍ପଦ କଥା ହେବ; ଏହା ଶୁଣି ଧୀର (ବିବେକୀ) ପୁରୁଷମାନଙ୍କର ବୁଦ୍ଧି ମଧ୍ୟ ସ୍ଥିର ହୋଇ ରହିବ ନାହିଁ ।'' ମାଆଙ୍କର ଏପରି ଜ୍ଞାନ ଉଦୟ ହେବା ଦେଖି, ଭଗବାନ୍ ଟିକିଏ ମୁରୁକି ହସିଦେଲେ । ସେ ବିବିଧ ଲୀଳା କରିବାକୁ ଚାହାନ୍ତି; ତେଣୁ ମାଆଙ୍କ ହୃଦୟରେ ବାତ୍ସଲ୍ୟପ୍ରେମ ଜାତ କରାଇବା ଉଦ୍ଦେଶ୍ୟରେ ଭଗବାନ୍ ପୂର୍ବଜନ୍ମର ସୁନ୍ଦର କଥାସବୁ ମାଆଙ୍କୁ ମନେପକାଇ ବୁଝାଇଦେଲେ ॥ ୩ ॥

**ମାତା ପୁନି ବୋଲୀ ସୋ ମତି ଡୋଲୀ ତଜହୁ ତାତ ୟହ ରୂପା ।**
**କୀଜୈ ସିସୁଲୀଲା ଅତି ପ୍ରିୟସୀଲା ୟହ ସୁଖ ପରମ ଅନୂପା ॥**
**ସୁନି ବଚନ ସୁଜାନା ରୋଦନ ଠାନା ହୋଇ ବାଲକ ସୁରଭୂପା ।**
**ୟହ ଚରିତ ଜେ ଗାୱହିଁ ହରିପଦ ପାୱହିଁ ତେ ନ ପରହିଁ ଭୱକୂପା ॥**

ମାଆଙ୍କର ପୂର୍ବବୁଦ୍ଧି ବଦଳିଗଲା । ମାଆ କହିଲେ, ''ବାପ ! ଏ ରୂପ ଛାଡ଼ି ତୁମେ ଏଥର ବାଲ୍ୟଲୀଳା କର । ମୁଁ ସେଥିରୁ ପରମ ଆନନ୍ଦ ଲାଭ କରିବି ।'' ମାଆଙ୍କ ବଚନ ଶୁଣି ଦେବତାମାନଙ୍କର ସ୍ୱାମୀ ସର୍ବଜ୍ଞ ଭଗବାନ୍ ବାଳକରୂପ ଧରି କାନ୍ଦିବାକୁ ଲାଗିଲେ । [ତୁଳସୀ ଦାସ କହୁଛନ୍ତି,] ଯେଉଁମାନେ ଏହି ଚରିତ ଗାନ କରନ୍ତି, ସେମାନେ ଶ୍ରୀହରିଙ୍କ ପଦ ଲାଭ କରନ୍ତି ଏବଂ ସଂସାରରୂପୀ କୂପରେ ପଡ଼ନ୍ତି ନାହିଁ ॥ ୪ ॥

ଦୋଃ- **ବିପ୍ର ଧେନୁ ସୁର ସଂତ ହିତ ଲୀହ୍ନ ମନୁଜ ଅୱତାର ।**
**ନିଜ ଇଚ୍ଛା ନିର୍ମିତ ତନୁ ମାୟା ଗୁନ ଗୋ ପାର ॥ ୧୯୨ ॥**

ଗୋ, ବ୍ରାହ୍ମଣ, ଦେବତା ଏବଂ ସନ୍ଥମାନଙ୍କ ହିତ ନିମନ୍ତେ ଭଗବାନ୍ ମନୁଷ୍ୟରୂପେ ଅବତାର ଗ୍ରହଣ କଲେ । ସେ ତ [ଅଜ୍ଞାନମୟୀ] ମାୟାର ଓ ତାର ଗୁଣ(ସତ୍ତ୍ୱ, ରଜ, ତମ)ମାନଙ୍କର ଉର୍ଦ୍ଧ୍ୱରେ ତଥା ଇନ୍ଦ୍ରିୟାତୀତ । ତାଙ୍କ ଦିବ୍ୟ ଶରୀର ତାଙ୍କରି ନିଜ ଇଚ୍ଛାରେହିଁ ଗଠିତ; (ତାହା କୌଣସି କର୍ମବନ୍ଧନର ପରବଶ ହୋଇ ତ୍ରିଗୁଣାତ୍ମକ ଭୌତିକ ପଦାର୍ଥଦ୍ୱାରା ଗଠିତ ନୁହେଁ) ॥ ୧୯୨ ॥

**ସୁନି ସିସୁ ରୁଦନ ପରମ ପ୍ରିୟ ବାନୀ । ସଂଭ୍ରମ ଚଲି ଆଈଁ ସବ ରାନୀ ॥**
**ହରଷିତ ଜହଁ ତହଁ ଧାଈଁ ଦାସୀ । ଆନଂଦ ମଗନ ସକଲ ପୁରବାସୀ ॥ ୧ ॥**

ଶିଶୁର ଅତୀବ ପ୍ରିୟ ରୋଦନଧ୍ୱନି ଶୁଣି, ସବୁ ରାଣୀ ଉଲ୍ଲସିତ ହୋଇ ଧାଇଁଆସିଲେ । ଦାସୀମାନେ ଶୁଭସମାଚାର ଦେବାକୁ ହର୍ଷିତ ହୋଇ ଚାରିଆଡ଼େ ଧାଇଁଲେ । ପୁରବାସୀମାନେ ଆନନ୍ଦରେ ମଗ୍ନ ହୋଇଗଲେ ॥ ୧ ॥

**ଦସରଥ ପୁତ୍ରଜନ୍ମ ସୁନି କାନା । ମାନହୁଁ ବ୍ରହ୍ମାନଂଦ ସମାନା ॥**
**ପରମ ପ୍ରେମ ମନ ପୁଲକ ସରୀରା । ଚ୍ହତ ଉଠନ କରତ ମତି ଧୀରା ॥ ୨ ॥**

ପୁତ୍ରଜନ୍ମ ହୋଇଛି ଶୁଣି ରାଜା ଦଶରଥ, ଜାଣନ୍ତୁ, ବ୍ରହ୍ମାନନ୍ଦରେ ମଜ୍ଜିଗଲେ । ମନରେ ପରମ ପ୍ରେମ । ଶରୀର ପୁଲକିତ ।ଆନନ୍ଦରେ ଅଧୀର ହେଉଥିବା ବୁଦ୍ଧିକୁ ଧୈର୍ଯ୍ୟ ଦେଇ ଏବଂ ପ୍ରେମରେ ଶିଥିଳ ହୋଇଯାଉଥିବା ଶରୀରକୁ ସମ୍ଭାଳି ସେ ଉଠିବାକୁ ଚାହିଁଲେ ॥ ୨ ॥

**ଜାକର ନାମ ସୁନତ ସୁଭ ହୋଈ । ମୋରେଁ ଗୃହ ଆୱା ପ୍ରଭୁ ସୋଈ ॥**
**ପରମାନଂଦ ପୂରି ମନ ରାଜା । କହା ବୋଲାଇ ବଜାୱହୁ ବାଜା ॥ ୩ ॥**

''ଯାହାଙ୍କର ନାମ ଶ୍ରବଣମାତ୍ରେ ଚତୁର୍ଦ୍ଦିଗରେ ମଙ୍ଗଳ ବ୍ୟାପିଯାଏ, ସେହି ପ୍ରଭୁ ମୋ ଘରକୁ ଆସିଛନ୍ତି ।''— ଏହା ଭାବି ରାଜାଙ୍କ ମନ ପରମାନନ୍ଦରେ ପୂରିଗଲା । ସେ ବାଦ୍ୟକାରମାନଙ୍କୁ ଡକାଇ ବାଜା ବଜାଇବାକୁ କହିଲେ ॥ ୩ ॥

**ଗୁର ବସିଷ୍ଠ କହଁ ଗୟଉ ହଁକାରା । ଆଏ ଦ୍ୱିଜନ ସହିତ ନୃପଦ୍ୱାରା ॥**
**ଅନୁପମ ବାଲକ ଦେଖେହ୍ନି ଜାଈ । ରୂପ ରାସି ଗୁନ କହି ନ ସିରାଈ ॥ ୪ ॥**

ବଶିଷ୍ଠଙ୍କ ପାଖକୁ ଡକରା ପଠାଗଲା । ସେ ବ୍ରାହ୍ମଣମାନଙ୍କୁ ସଙ୍ଗରେ ଧରି ରାଜନବରକୁ ଆସିଲେ । ଯେ ରୂପର ରାଶି ଏବଂ ଯାହାଙ୍କର ଗୁଣ କହିଲେ ସରିବ ନାହିଁ, ସେ ଯାଇ ସେହି ଅନୁପମ ବାଳକଙ୍କୁ ଦେଖିଲେ ॥ ୪ ॥

ଦୋ:- **ନଂଦୀମୁଖ ସରାଧ କରି ଜାତକରମ ସବ କୀହ୍ନ ।**
**ହାଟକ ଧେନୁ ବସନ ମନି ନୃପ ବିପ୍ରହ୍ନ କହଁ ଦୀହ୍ନ ॥ ୧୯୩ ॥**

ରାଜା ନାନ୍ଦୀମୁଖ ଶ୍ରାଦ୍ଧ ସମ୍ପାଦନପୂର୍ବକ ସମସ୍ତ ଜାତକର୍ମ ସଂସ୍କାର କଲେ ଏବଂ ବ୍ରାହ୍ମଣମାନଙ୍କୁ ସୁବର୍ଣ୍ଣ, ଗାଈ, ବସ୍ତ୍ର ଓ ମଣିମାଣିକ୍ୟ ପ୍ରଭୃତି ଦାନ କଲେ ॥ ୧୯୩ ॥

**ଧ୍ୱଜ ପତାକ ତୋରନ ପୁର ଛାୱା । କହି ନ ଜାଇ ଜେହି ଭାଁତି ବନାୱା ॥**
**ସୁମନବୃଷ୍ଟି ଅକାସ ତେଁ ହୋଈ । ବ୍ରହ୍ମାନଂଦ ମଗନ ସବ ଲୋଈ ॥ ୧ ॥**

ଧ୍ୱଜା, ପତାକା ଓ ତୋରଣରେ ନଗର ଛାଇ ହୋଇଗଲା । ନଗରର ସାଜସଜ୍ଜା ଯେପରି କରାଗଲା, ତାହା ବର୍ଣ୍ଣନାର ଅତୀତ ।ଆକାଶରୁ ପୁଷ୍ପବୃଷ୍ଟି ହେଉଥାଏ ।ଲୋକମାନେ ବ୍ରହ୍ମାନନ୍ଦରେ ମଗ୍ନ ହୋଇଯାଇଥାନ୍ତି ॥ ୧ ॥

**ବୃଂଦ ବୃଂଦ ମିଲି ଚଲୀଁ ଲୋଗାଈଁ । ସହଜ ସିଁଗାର କିଏଁ ଉଠି ଧାଈଁ ॥**
**କନକ କଲସ ମଂଗଲ ଭରି ଥାରା । ଗାୱତ ପୈଠହିଁ ଭୂପ ଦୁଆରା ॥ ୨ ॥**

ନାରୀମାନେ ଦଳ ଦଳ ହୋଇ ଚାଲିଲେ । ଯିଏ ଯେଉଁଭଳି ବେଶରେ ଥିଲେ, ସେ ସେହିଭଳି ଉଠି ଧାଇଁଲେ । ସୁନାକଳସ ଓ ଥାଳିମାନଙ୍କରେ ମଙ୍ଗଳଦ୍ରବ୍ୟ ପୂର୍ଣ୍ଣ କରି, ଗୀତ ଗାଇ ଗାଇ ସେମାନେ ରାଜଦ୍ୱାରରେ ପ୍ରବେଶ କଲେ ॥ ୨ ॥

**କରି ଆରତି ନେୱଛାୱରି କରହୀଁ । ବାର ବାର ସିସୁ ଚରନହ୍ନି ପରହୀଁ ॥**
**ମାଗଧ ସୂତ ବଂଦିଗନ ଗାୟକ । ପାୱନ ଗୁନ ଗାୱହିଁ ରଘୁନାୟକ ॥ ୩ ॥**

ଆରତି କରି ସେମାନେ ନମ୍ରଭାବରେ ନିଉଛାଣି କରୁଥାନ୍ତି ଏବଂ ବାରମ୍ବାର ଶିଶୁର ଚରଣରେ ପଡୁଥାନ୍ତି । ମାଗଧ, ସୂତ, ଭାଟ ଓ ଗାୟକମାନେ ରଘୁକୁଳସ୍ୱାମୀଙ୍କ ପବିତ୍ର ଗୁଣ ଗାଉଥାନ୍ତି ॥ ୩ ॥

**ସର୍ବସ ଦାନ ଦୀହ୍ନ ସବ କାହୂ । ଜେହିଁ ପାଓ୍ୱା ରାଖା ନହିଁ ତାହୂ ॥**
**ମୃଗମଦ ଚଂଦନ କୁଂକୁମ କୀଚ୍ଚ । ମଚୀ ସକଲ ବୀଥିହ୍ନ ବିଚ ବୀଚ୍ଚ ॥ ୪ ॥**

ସମସ୍ତେ ନିଜର ସବୁକିଛି ଦାନ କରିଦେଲେ । ଯେ ଦାନ ପାଇଲା, ସେ ମଧ୍ୟ ରଖିଲା ନାହିଁ (ସେ ମଧ୍ୟ ଅନ୍ୟକୁ ଦେଇଦେଲା) । ନଗରର ସମସ୍ତ ରାସ୍ତାଘାଟ କସ୍ତୁରୀ, ଚନ୍ଦନ ଓ କେଶରରେ କର୍ଦ୍ଦମାକ୍ତ ହୋଇଗଲା ॥ ୪ ॥

ଦୋଃ- **ଗୃହ ଗୃହ ବାଜ ବଧାଓ୍ୱ ସୁଭ ପ୍ରଗଟେ ସୁଷମା କଂଦ ।**
**ହରଷଓ୍ୱଂତ ସବ ଜହଁ ତହଁ ନଗର ନାରି ନର ବୃଂଦ ॥ ୧୯୪ ॥**

ସକଳ ଶୋଭାର ଭଣ୍ଡାର ଭଗବାନ୍ ଆବିର୍ଭୂତ ହୋଇଥିବାରୁ ଘରେ ଘରେ ମାଙ୍ଗଳିକ ବାଦ୍ୟ ବାଜିବାକୁ ଲାଗିଲା । ନଗରର ନରନାରୀମାନେ ଆନନ୍ଦମଗ୍ନ ଅବସ୍ଥାରେ ଦଳ ଦଳ ହୋଇ ଏଣେତେଣେ ବୁଲିଲେ ॥ ୧୯୪ ॥

**କୈକୟସୁତା ସୁମିତ୍ରା ଦୋଉ । ସୁଂଦର ସୁତ ଜନମତ ଭୈଁ ଓଉ ॥**
**ଓ୍ୱହ ସୁଖ ସଂପତି ସମୟ ସମାଜା । କହି ନ ସକଇ ସାରଦ ଅହିରାଜା ॥ ୧ ॥**

କୈକେୟୀ ଏବଂ ସୁମିତ୍ରା ମଧ୍ୟ ଅତି ସୁନ୍ଦର ସୁନ୍ଦର ପୁତ୍ର ଜନ୍ମ କଲେ । ସେହି ସୁଖ, ସମ୍ପତ୍ତି, ସମୟ ଓ ସମାଜର ବର୍ଣ୍ଣନା ସରସ୍ୱତୀ କିମ୍ବା ସର୍ପରାଜ ଶେଷଦେବ ମଧ୍ୟ କରିପାରିବେ ନାହିଁ ॥ ୧ ॥

**ଅଓ୍ୱଧପୁରୀ ସୋହଇ ଏହି ଭାଁତୀ । ପ୍ରଭୁହି ମିଲନ ଆଈ ଜନୁ ରାତୀ ॥**
**ଦେଖି ଭାନୁ ଜନୁ ମନ ସକୁଚ୍ଚାନୀ । ତଦପି ବନୀ ସଂଧ୍ୟା ଅନୁମାନୀ ॥ ୨ ॥**

ଅଯୋଧ୍ୟାପୁରୀ ଏପରି ଶୋଭା ପାଇଲା ଯେ, ଲାଗିଲା, ସତେ ଯେପରି ପ୍ରଭୁଙ୍କ ସହିତ ମିଳନ ନିମନ୍ତେ ରାତ୍ରି ଚ୍ଚାଲିଆସିଛି; କିନ୍ତୁ ସୂର୍ଯ୍ୟଙ୍କୁ ଦେଖି ସଙ୍କୋଚରେ ପଡ଼ିଯାଇଛି । ପୁଣି ମନରେ କିଛି ବିଚ୍ଚାର କରି ସେ ସତେ ଯେପରି ସନ୍ଧ୍ୟା ହୋଇ ରହିଯାଇଛି ॥ ୨ ॥

**ଅଗର ଧୂପ ବହୁ ଜନୁ ଅଁଧିଆରୀ । ଉଡ଼ଇ ଅବୀର ମନହୁଁ ଅରୁନାରୀ ॥**
**ମଂଦିର ମନି ସମୂହ ଜନୁ ତାରା । ନୃପ ଗୃହ କଲସ ସୋ ଇଂଦୁ ଉଦାରା ॥ ୩ ॥**

ଅଗୁରୁ ଧୂପର ଧୂଆଁ ହୋଇଥିଲା ସେହି ସନ୍ଧ୍ୟାର ଅନ୍ଧକାର ଏବଂ ଯେଉଁ ଅବିର ଉଡୁଥିଲା, ତାହା ହୋଇଯାଇଥିଲା ପ୍ରଦୋଷର ଅରୁଣିମା । ରାଜମହଲର ମଣିସମୂହ ତାରାଗଣତୁଲ୍ୟ ପ୍ରତୀତ ହେଉଥିଲେ ଏବଂ ସେଠାର କଳସ ହୋଇଥିଲା ସତେ ଯେପରି ସୁନ୍ଦର ଚନ୍ଦ୍ର ॥ ୩ ॥

**ଭଓ୍ୱନ ବେଦଧୁନି ଅତି ମୃଦୁ ବାନୀ । ଜନୁ ଖଗ ମୁଖର ସମୟଁ ଜନୁ ସାନୀ ॥**
**କୌତୁକ ଦେଖି ପତଂଗ ଭୁଲାନା । ଏକ ମାସ ତେଇଁ ଜାତ ନ ଜାନା ॥ ୪ ॥**

ରାଜଭବନରେ ଅତି କୋମଳ ସ୍ୱରରେ ଯେଉଁ ବେଦଧ୍ୱନି କରାଯାଉଥିଲା, ତାହା ଶୁଭୁଥିଲା ପକ୍ଷୀମାନଙ୍କର ସାୟଂକାଳୀନ କଳରବ ପରି । ଏହି କୌତୁକ ଦେଖି ସୂର୍ଯ୍ୟ ମଧ୍ୟ ତାଙ୍କର ଗତି ଭୁଲିଗଲେ । ମାସେକାଳ କିପରି ବିତିଗଲା, ସେ ଜାଣିପାରିଲେ ନାହିଁ (ଅର୍ଥାତ୍ ସେହିଠାରେ ତାଙ୍କର ଗୋଟିଏ ମାସ ଅତିବାହିତ ହୋଇଗଲା) ॥ ୪ ॥

ଦୋଃ- **ମାସ ଦିଓ୍ୱସ କର ଦିଓ୍ୱସ ଭା ମରମ ନ ଜାନଇ କୋଇ ।**
**ରଥ ସମେତ ରବି ଥାକେଉ ନିସା କଓ୍ୱନ ବିଧି ହୋଇ ॥ ୧୯୫ ॥**

ତାଙ୍କ ଆଲୋକ ଯୋଗୁଁ ଅଯୋଧ୍ୟାରେ ମାସେ ଯାଏ କେବଳ ଦିନ ହୋଇ ରହିଲା; ଏହାର ମର୍ମ କେହି ଜାଣିପାରିଲେ ନାହିଁ । ସୂର୍ଯ୍ୟ ତ ତାଙ୍କ ରଥ ସହିତ ସେହିଠାରେ ଅଟକିଗଲେ, ଆଉ ରାତି ହୁଅନ୍ତା କିପରି ? ॥ ୧୯୫ ॥

**ୟହ ରହସ୍ୟ କାହୂଁ ନହିଁ ଜାନା । ଦିନମନି ଚଲେ କରତ ଗୁନଗାନା ॥**

**ଦେଖି ମହୋତ୍ସୱ ସୁର ମୁନି ନାଗା । ଚଲେ ଭୱନ ବରନତ ନିଜ ଭାଗା ॥ ୧ ॥**

ଏହି ରହସ୍ୟ କେହି ଜାଣିପାରିଲେ ନାହିଁ । ସୂର୍ଯ୍ୟଦେବ ଭଗବାନ୍ ଶ୍ରୀରାମଙ୍କ ଗୁଣଗାନ କରିଗ୍ଲିଲେ । ଏହି ମହୋତ୍ସବ ଦେଖି ଦେବତା, ମୁନି ଓ ନାଗଗଣ ନିଜ ନିଜ ଭାଗ୍ୟକୁ ପ୍ରଶଂସା କରି ନିଜ ନିଜ ଭବନକୁ ଫେରିଗଲେ ॥ ୧ ॥

**ଔରଉ ଏକ କହଉଁ ନିଜ ଚ୍ରୋରୀ । ସୁନୁ ଗିରିଜା ଅତି ଦୃଢ଼ ମତି ତୋରୀ ॥**

**କାକଭୁସୁଂଡି ସଂଗ ହମ ଦୋଉ । ମନୁଜରୂପ ଜାନଇ ନହିଁ କୋଉ ॥ ୨ ॥**

ହେ ପାର୍ବତୀ ! ଶ୍ରୀରାମଙ୍କ ଚରଣରେ ତୁମର ଦୃଢ଼ ମତି ରହିଛି; ଏଣୁ ମୁଁ ତୁମକୁ ମୋର ଗୋଟିଏ ଚ୍ରେରି କଥା କହୁଛି; ଶୁଣ । କାକଭୁଶୁଣ୍ଡି ଓ ମୁଁ ଉଭୟେ ସାଥୀ ହୋଇ ସେହିଠାରେ ଥିଲୁ; କିନ୍ତୁ ମନୁଷ୍ୟରୂପରେ ଥିବାରୁ କେହି ଆମ ଦୁହିଙ୍କୁ ଚିହ୍ନିପାରି ନ ଥିଲେ ॥ ୨ ॥

**ପରମାନଂଦ ପ୍ରେମ ସୁଖ ଫୂଲେ । ବୀଥିହ୍ନ ଫିରହିଁ ମଗନ ମନ ଭୂଲେ ॥**

**ୟହ ସୁଭ ଚରିତ ଜାନ ପୈ ସୋଈ । କୃପା ରାମ କୈ ଜାପର ହୋଈ ॥ ୩ ॥**

ପରମ ଆନନ୍ଦ ଓ ପ୍ରେମର ସୁଖରେ ଉତ୍ଫୁଲ୍ଲ ହୋଇ ଆମେ ଦୁହେଁ ଆନନ୍ଦମଗ୍ନ ମନରେ ରାଜବୀଥିରେ ବୁଲୁଥିଲୁ । କିନ୍ତୁ ଯାହା ପ୍ରତି ଶ୍ରୀରାମଙ୍କ କୃପା ହୁଏ, ସେ ହିଁ ଏହି ଶୁଭ ଚରିତ ଜାଣିପାରେ ॥ ୩ ॥

**ତେହି ଅୱସର ଜୋ ଜେହି ବିଧି ଆୱା । ଦୀହ୍ନ ଭୂପ ଜୋ ଜେହି ମନ ଭାୱା ॥**

**ଗଜ ରଥ ତୁରଗ ହେମ ଗୋ ହୀରା । ଦୀହ୍ନେ ନୃପ ନାନାବିଧି ଚୀରା ॥ ୪ ॥**

ଏହି ସୁଅବସରରେ ଯେ ଯେପରି (ଯେଉଁ ଉଦ୍ଦେଶ୍ୟରେ) ଆସୁଥାନ୍ତି ଏବଂ ଯାହାକୁ ଯାହା ଭଲ ଲାଗୁଥାଏ, ରାଜା ତାହାକୁ ତାହା ଦେଉଥାନ୍ତି । ରାଜା ସେମାନଙ୍କୁ ହାତୀ, ରଥ, ଘୋଡ଼ା, ସୁନା, ଗାଈ, ହୀରା ଓ ବିବିଧପ୍ରକାର ବସ୍ତ୍ର ଦେଉଥାନ୍ତି ॥ ୪ ॥

ଦୋ:- **ମନ ସଂତୋଷେ ସବହ୍ନି କେ ଜହଁ ତହଁ ଦେହିଁ ଅସୀସ ।**

**ସକଲ ତନୟ ଚିର ଜୀୱହୁଁ ତୁଲସିଦାସ କେ ଈସ ॥ ୧୯୬ ॥**

ରାଜା ସମସ୍ତଙ୍କୁ ସନ୍ତୁଷ୍ଟ କରୁଥାନ୍ତି । ସମସ୍ତେ ଆଶୀର୍ବାଦ ଦେଉଥାନ୍ତି ଯେ, ତୁଳସୀଦାସଙ୍କ ସ୍ୱାମୀ ଗ୍ରିରାଜକୁମାର ଦୀର୍ଘାୟୁ ହୁଅନ୍ତୁ ॥ ୧୯୬ ॥

**କଛୁକ ଦିୱସ ବୀତେ ଏହି ଭାଁତୀ । ଜାତ ନ ଜାନିଅ ଦିନ ଅରୁ ରାତୀ ॥**

**ନାମକରନ କର ଅୱସରୁ ଜାନୀ । ଭୂପ ବୋଲି ପଠଏ ମୁନି ଗ୍ୟାନୀ ॥ ୧ ॥**

ଏପରିଭାବରେ କିଛିଦିନ ଅତିବାହିତ ହୋଇଗଲା । ଦିନ ଓ ରାତି କିପରି ଯାଉଛି ଏବଂ କିପରି ଆସୁଛି, ଜଣାପଡୁ ନ ଥାଏ । ତା'ପରେ ନାମକରଣ-ସଂସ୍କାରର ସମୟ ଉପସ୍ଥିତ ହେବାରୁ ରାଜା ଜ୍ଞାନୀମୁନି ବଶିଷ୍ଠଙ୍କୁ ଡକାଇପଠାଇଲେ ॥ ୧ ॥

**କରି ପୂଜା ଭୂପତି ଅସ ଭାଷା । ଧରିଅ ନାମ ଜୋ ମୁନି ଗୁନି ରାଖା ॥**

**ଇହ୍ନ କେ ନାମ ଅନେକ ଅନୂପା । ମୈଁ ନୃପ କହବ ସ୍ୱମତି ଅନୁରୂପା ॥ ୨ ॥**

ମୁନିଙ୍କୁ ପୂଜା କରି ରାଜା କହିଲେ, ''ହେ ମୁନି ! ଆପଣ ମନରେ ଯେପରି ଭାବିଛନ୍ତି, କୁମାରମାନଙ୍କୁ ସେହିପରି ନାମ ଦିଅନ୍ତୁ ।'' ମୁନି କହିଲେ, ''ହେ ରାଜନ୍ ! ଏମାନଙ୍କର ଅନେକ ଅନୁପମ ନାମ ରହିଛି । ତଥାପି ମୁଁ ମୋ ବୁଦ୍ଧି ଅନୁସାରେ କହିବି ॥ ୨ ॥

**ଜୋ ଆନଂଦ ସିଂଧୁ ସୁଖରାସୀ । ସୀକର ତେଁ ତ୍ରୈଲୋକ ସୁପାସୀ ॥**

**ସୋ ସୁଖ ଧାମ ରାମ ଅସ ନାମା । ଅଖିଲ ଲୋକ ଦାୟକ ବିଶ୍ରାମା ॥ ୩ ॥**

ଏ ଯେଉଁ ଆନନ୍ଦସିନ୍ଧୁ ଓ ସୁଖରାଶି, ଯାହାଙ୍କର ଗୋଟିଏ କୃପାବିନ୍ଦୁ ପାଇ ମଧ୍ୟ ତ୍ରିଭୁବନ ସୁଖୀ ହୋଇଯାଏ, ଆପଣଙ୍କର ଏହି ଜ୍ୟେଷ୍ଠପୁତ୍ରଙ୍କ ନାମ **'ରାମ'** । ଏ ହେଉଛନ୍ତି ସୁଖର ନିଧାନ ଓ ସକଳ ଜଗତର ଶାନ୍ତିଦାତା ॥ ୩ ॥

**ବିସ୍ୱ ଭରନ ପୋଷନ କର ଜୋଈ । ତାକର ନାମ ଭରତ ଅସ ହୋଈ ॥**

**ଜାକେ ସୁମିରନ ତେଁ ରିପୁ ନାସା । ନାମ ସତ୍ରୁହନ ବେଦ ପ୍ରକାସା ॥ ୪ ॥**

ଯେ ସଂସାରର ଭରଣପୋଷଣ କରନ୍ତି, ଆପଣଙ୍କର ସେହି ଦ୍ୱିତୀୟ ପୁତ୍ରଙ୍କ ନାମ **'ଭରତ'** ହେବ । ଯାହାଙ୍କ ସ୍ମରଣମାତ୍ରେ ଶତ୍ରୁନାଶ ହୁଏ, ତାଙ୍କର **'ଶତ୍ରୁଘ୍ନ'** ନାମ ବେଦରେ ପ୍ରସିଦ୍ଧ ॥ ୪ ॥

ଦୋଃ- **ଲଚ୍ଛନ ଧାମ ରାମ ପ୍ରିୟ ସକଲ ଜଗତ ଆଧାର ।**
**ଗୁରୁ ବସିଷ୍ଟ ତେହି ରାଖା ଲଛିମନ ନାମ ଉଦାର ॥ ୧୯୭ ॥**

ଯେ ଶୁଭଲକ୍ଷଣର ଧାମ, ଶ୍ରୀରାମଙ୍କର ପ୍ରିୟ ଓ ସମଗ୍ର ଜଗତର ଆଧାର, ଗୁରୁ ବଶିଷ୍ଠ ତାହାଙ୍କର ଅତି ଉତ୍ତମ ନାମ ରଖିଲେ **'ଲକ୍ଷ୍ମଣ'** ॥ ୧୯୭ ॥

**ଧରେ ନାମ ଗୁର ହୃଦୟଁ ବିଚାରୀ । ବେଦ ତତ୍ୱ ନୃପ ତଓ୍ୱ ସୁତ ଚାରୀ ॥**

**ମୁନି ଧନ ଜନ ସରବସ ସିଓ୍ୱ ପ୍ରାନା । ବାଲ କେଲି ରସ ତେହିଁ ସୁଖ ମାନା ॥ ୧ ॥**

ମନେ ମନେ ବିଚାର କରି ଗୁରୁଦେବ ଚାରିକୁମାରଙ୍କର ଏହିପରି ଚାରିନାମ ରଖିଲେ ଏବଂ କହିଲେ, ''ହେ ରାଜନ୍ ! ତୁମର ଏହି ଚାରିପୁଅ ହେଉଛନ୍ତି ବେଦର ତତ୍ତ୍ୱସ୍ୱରୂପ, ଅର୍ଥାତ୍ ସାକ୍ଷାତ୍ ପରାତ୍ପର ଭଗବାନ୍ । ଏମାନେ ହେଉଛନ୍ତି ମୁନିଜନଙ୍କର ଧନ, ଭକ୍ତଗଣଙ୍କର ସର୍ବସ୍ୱ ଓ ଶିବଙ୍କର ପ୍ରାଣସ୍ୱରୂପ । ଏମାନେ ବର୍ତ୍ତମାନ (ତୁମମାନଙ୍କର ପ୍ରେମର ଅଧୀନ ହୋଇ) ବାଲ୍ୟଲୀଳା-ରସର ସୁଖ ଆସ୍ୱାଦନ କରୁଛନ୍ତି ।'' ॥ ୧ ॥

**ବାରେହି ତେ ନିଜ ହିତ ପତି ଜାନୀ । ଲଛିମନ ରାମ ଚରନ ରତି ମାନୀ ॥**

**ଭରତ ସତ୍ରୁହନ ଦୂନଉ ଭାଈ । ପ୍ରଭୁ ସେଓ୍ୱକ ଜସି ପ୍ରୀତି ବଡ଼ାଈ ॥ ୨ ॥**

ରାମଙ୍କୁ ନିଜର ପରମହିତୈଷୀ ପ୍ରଭୁ ବୋଲି ଜାଣି ବାଲ୍ୟକାଳରୁହିଁ ଲକ୍ଷ୍ମଣ ତାଙ୍କ ଚରଣରେ ପ୍ରୀତି ରଖିଲେ । ସେହିପରି ଭରତ ଓ ଶତ୍ରୁଘ୍ନ ଦୁଇ ଭାଇଙ୍କ ମଧ୍ୟରେ ସ୍ୱାମୀ ଓ ସେବକର ପ୍ରଶଂସନୀୟ ପ୍ରେମ ସ୍ଥାପିତ ହୋଇଗଲା ॥ ୨ ॥

**ସ୍ୟାମ ଗୌର ସୁଂଦର ଦୋଉ ଜୋରୀ । ନିରଖହିଁ ଛବି ଜନନୀଁ ତୃନ ତୋରୀ ॥**

**ଚାରିଉ ସୀଲ ରୂପ ଗୁନ ଧାମା । ତଦପି ଅଧିକ ସୁଖସାଗର ରାମା ॥ ୩ ॥**

ଶ୍ୟାମ ଓ ଗୌରଶରୀରବିଶିଷ୍ଟ ଦୁଇ ସୁନ୍ଦର ଯୋଡ଼ିଙ୍କ ଶୋଭା ଦେଖି ମାଆମାନେ [ଦୃଷ୍ଟି ନ ପଡ଼ିବାଲାଗି] କୁଟା ଛିଣ୍ଡାଉଥା'ନ୍ତି । ଦେଖିବାକୁ ଗଲେ ତ, ଚାରିଭାଇଯାକ ଥିଲେ ମର୍ଯ୍ୟାଦା, ରୂପ ଓ ଗୁଣର ଧାମ; ତଥାପି ସମସ୍ତଙ୍କ ମଧ୍ୟରେ ସୁଖସାଗର ଶ୍ରୀରାମ ଥିଲେ ଶ୍ରେଷ୍ଠ ॥ ୩ ॥

**ହୃଦୟଁ ଅନୁଗ୍ରହ ଇଂଦୁ ପ୍ରକାସା । ସୂଚତ କିରନ ମନୋହର ହାସା ॥**

**କବହୁଁ ଉଛଂଗ କବହୁଁ ବର ପଲନା । ମାତୁ ଦୁଲାରଇ କହି ପ୍ରିୟ ଲଲନା ॥ ୪ ॥**

ତାହାଙ୍କ ହୃଦୟରେ କୃପାରୂପୀ ଚନ୍ଦ୍ରମା ପ୍ରକାଶିତ ହେଉଥିଲା ; ତାଙ୍କର ମନୋହର ସ୍ମିତହାସ୍ୟ ମାଧ୍ୟମରେ ସେହି ଚନ୍ଦ୍ରମାର କିରଣ ସୂଚିତ ହେଉଥିଲା । କେତେବେଳେ କୋଳରେ ତ, ଆଉ କେତେବେଳେ ସୁନ୍ଦର ଝୁଲଣାରେ ଶୁଆଇ ମାଆ ତାଙ୍କୁ [''ମୋ ସୁନାପୁଅ, ମୋ ଗଣ୍ଡିଧନ'' ଆଦି] ପ୍ରିୟବାଣୀ କହି ଗେଲ କରୁଥା'ନ୍ତି ॥ ୪ ॥

ଦୋ:- **ବ୍ୟାପକ ବ୍ରହ୍ମ ନିରଂଜନ ନିର୍ଗୁନ ବିଗତ ବିନୋଦ ।**
**ସୋ ଅଜ ପ୍ରେମ ଭଗତି ବସ କୌସଲ୍ୟା କେଁ ଗୋଦ ॥ ୧୯୮ ॥**

ଯେଉଁ ପ୍ରଭୁ ସର୍ବବ୍ୟାପକ, ନିରଞ୍ଜନ, ନିର୍ଗୁଣ, ହର୍ଷଶୋକରହିତ ଏବଂ ଅଜନ୍ମା ବ୍ରହ୍ମ, ସେ ଆଜି ପ୍ରେମ ଓ ଭକ୍ତିର ବଶବର୍ତ୍ତୀ ହୋଇ କୌଶଲ୍ୟାଙ୍କ କୋଳରେ ଖେଳୁଛନ୍ତି ॥ ୧୯୮॥

**କାମ କୋଟି ଛବି ସ୍ୟାମ ସରୀରା । ନୀଲ କଂଜ ବାରିଦ ଗଂଭୀରା ॥**
**ଅରୁନ ଚରନ ପଂକଜ ନଖ ଜୋତୀ । କମଲ ଦଲହ୍ନି ବୈଠେ ଜନୁ ମୋତୀ ॥ ୧ ॥**

ତାଙ୍କର ନୀଳକମଳସମ ତଥା ଘନମେଘତୁଲ୍ୟ ଶ୍ୟାମଳ ଶରୀରରେ କୋଟି କୋଟି କାମଦେବଙ୍କ ଶୋଭା ବିରାଜିତ ହୋଇଥାଏ । ଅରୁଣାଭ ଚରଣକମଳ ସହିତ ନଖର ଶୁଭ୍ର ଜ୍ୟୋତିର ଶୋଭା ରକ୍ତ-କମଳଦଳରେ ମୋତି ଜଡ଼ିତ ହୋଇଥିବାପରି ଦିଶୁଥାଏ ! ॥ ୧ ॥

**ରେଖ କୁଲିସ ଧ୍ୱଜ ଅଂକୁସ ସୋହେ । ନୂପୁର ଧୁନି ସୁନି ମୁନି ମନ ମୋହେ ॥**
**କଟି କିଂକିନୀ ଉଦର ତ୍ରୟ ରେଖା । ନାଭି ଗଭୀର ଜାନ ଜେହିଁ ଦେଖା ॥ ୨ ॥**

ତଳିପାରେ ବଜ୍ର, ଧ୍ୱଜା ଓ ଅଙ୍କୁଶ ଚିହ୍ନ ସୁଶୋଭିତ ହେଉଥାଏ । ନୂପୁର ଧ୍ୱନି ଶୁଣି ମୁନିଗଣଙ୍କ ମନ ମଧ୍ୟ ମୋହିତ ହୋଇଯାଉଥାଏ । କଟିରେ କିଙ୍କିଣୀ ଓ ଉଦରରେ ତିନିଗୋଟି ରେଖା (ତ୍ରିବଳୀ) ଶୋଭା ପାଉଥାଏ ଏବଂ ନାଭିର ଗଭୀରତା କେତେ, ତାହା ଯେ ଦେଖିଛି, ସେ ହିଁ ଜାଣେ ॥ ୨ ॥

**ଭୁଜ ବିସାଲ ଭୂଷନ ଜୁତ ଭୂରୀ । ହିୟଁ ହରି ନଖ ଅତି ସୋଭା ରୂରୀ ॥**
**ଉର ମନିହାର ପଦିକ କୀ ସୋଭା । ବିପ୍ର ଚରନ ଦେଖତ ମନ ଲୋଭା ॥ ୩ ॥**

ସୁବିଶାଳ ଭୁଜ ଅଳଂକାରରେ ସୁଶୋଭିତ । ହୃଦୟ ଉପରେ ବ୍ୟାଘ୍ରନଖ ଭୂଷଣର ଛଟା ଅତୀବ ସୁନ୍ଦର । ବକ୍ଷରେ ରତ୍ନଖଚିତ ମଣିହାରର ଶୋଭା ଓ ବ୍ରାହ୍ମଣ(ଭୃଗୁ)ଙ୍କ ପଦଚିହ୍ନ ଦେଖି ମନ ଲୋଭେଇଯାଉଥାଏ ॥ ୩ ॥

**କଂବୁ କଂଠ ଅତି ଚିବୁକ ସୁହାଈ । ଆନନ ଅମିତ ମଦନ ଛବି ଛାଈ ॥**
**ଦୁଇ ଦୁଇ ଦସନ ଅଧର ଅରୁନାରେ । ନାସା ତିଲକ କୋ ବରନୈ ପାରେ ॥ ୪ ॥**

କମ୍ବୁକଣ୍ଠ; ସୁନ୍ଦର ଚିବୁକ; ମୁଖରେ ଅସଂଖ୍ୟ କାମଦେବଙ୍କର ଛଟା; ଦୁଇଟି ଛୋଟ ଛୋଟ ଛାମୁ ଦାନ୍ତ; ରଙ୍ଗ ଅଧର; ନାସିକା ଓ ତିଳକର ସୌନ୍ଦର୍ଯ୍ୟ ତ କେହି ବର୍ଣ୍ଣନା କରିପାରିବ ନାହିଁ ॥ ୪ ॥

**ସୁଦଂର ଶ୍ରୱନ ସୁଚାରୁ କପୋଲା । ଅତି ପ୍ରିୟ ମଧୁର ତୋତରେ ବୋଲା ॥**
**ଚିକ୍କନ କଚ କୁଂଚିତ ଗଭୁଆରେ । ବହୁ ପ୍ରକାର ରଚି ମାତୁ ସଁୱାରେ ॥ ୫ ॥**

ସୁନ୍ଦର କର୍ଣ୍ଣ ଓ ଅତି ସୁନ୍ଦର କପୋଳ । ମଧୁର ଦରୋଟି ବଚନ ଅତ୍ୟନ୍ତ ପ୍ରୀତିପ୍ରଦ । ଜନ୍ମକାଳରୁ ରହିଥିବା ଚିକ୍କଣକୁଞ୍ଚିତ କେଶକୁ ମାଆ ବହୁପ୍ରକାରେ ବାନ୍ଧି ସଜାଇଦେଇଥାନ୍ତି ॥ ୫ ॥

**ପୀତ ଝଗୁଲିଆ ତନୁ ପହିରାଈ । ଜାନୁ ପାନି ବିଚରନି ମୋହି ଭାଈ ॥**
**ରୂପ ସକହିଁ ନହିଁ କହି ଶ୍ରୁତି ସେଷା । ସୋ ଜାନଇ ସପନେହୁଁ ଜେହିଁ ଦେଖା ॥ ୬ ॥**

ଅଙ୍ଗରେ ସୁନ୍ଦର ପୀତବର୍ଣ୍ଣର ଝୀନବସନ ପିନ୍ଧିଥାନ୍ତି । ସେ ଆଣ୍ଠୁ ଓ ହାତରେ ଭରା ଦେଇ ଯେପରି ଗୁରୁଣ୍ଡି ଗୁରୁଣ୍ଡି ଗ୍ଲୁଥାନ୍ତି, ତାହା ଦେଖିବାକୁ ମୋତେ ଭାରି ଭଲ ଲାଗେ । ବେଦ ଓ ଶେଷଦେବ ବି ତାଙ୍କ ରୂପର ବର୍ଣ୍ଣନା କରିପାରିବେ ନାହିଁ । ଯେ ଅନ୍ତତଃ ସ୍ୱପ୍ନରେ ହେଲେ ତାଙ୍କୁ ଥରେ ଦେଖିଛି, କେବଳ ସେ ହିଁ ସେହି ସୌନ୍ଦର୍ଯ୍ୟ ମାଧୁରୀ ଜାଣେ ॥ ୬ ॥

ଦୋଃ- **ସୁଖ ସଂଦୋହ ମୋହପର ଗ୍ୟାନ ଗିରା ଗୋତୀତ ।**
**ଦଂପତି ପରମ ପ୍ରେମ ବସ କର ସିସୁଚରିତ ପୁନୀତ ॥ ୧୯୯ ॥**

ଯେ ସୁଖର ପୁଞ୍ଜ, ଯେ ମୋହର ଉର୍ଦ୍ଧ୍ୱରେ, ଯେ ଜ୍ଞାନ, ବାଣୀ ଓ ଇନ୍ଦ୍ରିୟର ଅତୀତ, ସେହି ଭଗବାନ୍ ଦଶରଥ ଓ କୌଶଲ୍ୟାଙ୍କ ପରମ ପ୍ରେମର ବଶ ହୋଇ ପବିତ୍ର ବାଲ୍ୟଲୀଳା କରୁଥାନ୍ତି ॥ ୧୯୯ ॥

**ଏହି ବିଧି ରାମ ଜଗତ ପିତୁ ମାତା । କୋସଲପୁର ବାସିହ୍ନ ସୁଖଦାତା ॥**
**ଜିହ୍ନ ରଘୁନାଥ ଚରନ ରତି ମାନୀ । ତିହ୍ନ କୀ ୟହ ଗତି ପ୍ରଗଟ ଭୱାନୀ ॥ ୧ ॥**

ଏପରିଭାବରେ ସମଗ୍ର ଜଗତର ମାତା-ପିତା ଶ୍ରୀରାମ ଅଯୋଧ୍ୟାବାସୀଙ୍କୁ ସୁଖ ଦେଉଥାନ୍ତି । ହେ ଭବାନୀ ! ଯେଉଁମାନେ ଶ୍ରୀରାମଚନ୍ଦ୍ରଙ୍କ ଚରଣରେ ପ୍ରୀତି ରଖିଥାନ୍ତି, ସେହିମାନେ ଏହିପରି ପ୍ରତ୍ୟକ୍ଷ ଗତି ଲାଭ କରିଥାନ୍ତି । (ଅର୍ଥାତ୍ ଭଗବାନ୍ ସେମାନଙ୍କ ପ୍ରେମର ବଶ ହୋଇ ବାଲ୍ୟଲୀଳା କରି ସେମାନଙ୍କୁ ଆନନ୍ଦ ପ୍ରଦାନ କରନ୍ତି) ॥ ୧ ॥

**ରଘୁପତି ବିମୁଖ ଜତନ କର କୋରୀ । କୱନ ସକଇ ଭୱ ବଂଧନ ଛୋରୀ ॥**
**ଜୀୱ ଚରାଚର ବସ କୈ ରାଖେ । ସୋ ମାୟା ପ୍ରଭୁ ସୌଁ ଭୟ ଭାଖେ ॥ ୨ ॥**

ଯେଉଁ ମନୁଷ୍ୟ ଶ୍ରୀରଘୁନାଥଙ୍କ ପ୍ରତି ବିମୁଖ, ସେ କୋଟି କୋଟି ଉପାୟ କଲେ ବି, ତା'ର ସଂସାରବନ୍ଧନ କିଏ ଫିଟାଇପାରିବ ଭଲା ! ଯେଉଁ ମାୟା ସମସ୍ତ ଚରାଚର ଜୀବଙ୍କୁ ନିଜର ବଶ କରି ରଖିଛି, ସେ ମଧ୍ୟ ପ୍ରଭୁଙ୍କୁ ଭୟ କରେ ॥ ୨ ॥

**ଭୃକୁଟି ବିଲାସ ନଚାୱଇ ତାହୀ । ଅସ ପ୍ରଭୁ ଛାଡ଼ି ଭଜିଅ କହୁ କାହୀ ॥**
**ମନ କ୍ରମ ବଚନ ଛାଡ଼ି ଚତୁରାଈ । ଭଜତ କୃପା କରିହହିଁ ରଘୁରାଈ ॥ ୩ ॥**

ଭଗବାନ୍ ନିଜର ଭ୍ରୂକୁଟିବିଳାସଦ୍ୱାରା ମାୟାକୁ ନଚାନ୍ତି । ଏପରି ପ୍ରଭୁଙ୍କୁ ଛାଡ଼ି, ଆଉ କାହାକୁ ଭଜନ କରିବା କହିଲ ? ଛଳନା ପରିତ୍ୟାଗ କରି ମନ, ବଚନ ଓ କର୍ମରେ ଭଜିଲେହିଁ ଶ୍ରୀରଘୁନାଥ କୃପା କରିବେ ॥ ୩ ॥

**ଏହି ବିଧି ସିସୁବିନୋଦ ପ୍ରଭୁ କୀହ୍ନା । ସକଲ ନଗରବାସିହ୍ନ ସୁଖ ଦୀହ୍ନା ॥**
**ଲୈ ଉଛଂଗ କବହୁଁକ ହଲରାୱୈ । କବହୁଁ ପାଲନେଁ ଘାଲି ଝୁଲାୱୈ ॥ ୪ ॥**

ଏପରିଭାବରେ ପ୍ରଭୁ ଶ୍ରୀରାମ ବାଳକ୍ରୀଡ଼ା କଲେ ଓ ସମସ୍ତ ନଗରବାସୀଙ୍କୁ ସୁଖ ଦେଲେ । ମାତା କୌଶଲ୍ୟା ତାଙ୍କୁ କେତେବେଳେ କୋଳରେ ଧରି ହଲାଉଥାନ୍ତି ତ, କେତେବେଳେ ଦୋଳିରେ ଶୁଆଇଦେଇ ଝୁଲାଉଥାନ୍ତି ॥ ୪ ॥

ଦୋଃ- **ପ୍ରେମ ମଗନ କୌସଲ୍ୟା ନିସି ଦିନ ଜାତ ନ ଜାନ ।**
**ସୁତ ସନେହ ବସ ମାତା ବାଲଚରିତ କର ଗାନ ॥ ୨୦୦ ॥**

କୌଶଲ୍ୟା ପ୍ରେମରେ ମଗ୍ନ ଥିବାରୁ କେତେବେଳେ ଦିନ ଯାଇ, କେତେବେଳେ ରାତି ଆସେ, ଜାଣିପାରୁ ନ ଥାନ୍ତି । ପୁତ୍ରର ସ୍ନେହବଶ ହୋଇ ସେ ତା'ର ବାଳଚରିତ ଗାଉଥାନ୍ତି ॥ ୨୦୦ ॥

**ଏକ ବାର ଜନନୀଁ ଅହ୍ନୱାଏ । କରି ସିଁଗାର ପଲନାଁ ପୌଢ଼ାଏ ॥**
**ନିଜ କୁଲ ଇଷ୍ଟଦେୱ ଭଗୱାନା । ପୂଜା ହେତୁ କୀହ୍ନ ଅସ୍ନାନା ॥ ୧ ॥**

ଦିନକର କଥା । ମାଆ ଶ୍ରୀରାମଙ୍କୁ ଗାଧୋଇ ଦେଇ ବେଶଭୂଷା କରାଇ ଦୋଳିରେ ଶୁଆଇଦେଲେ ଏବଂ କୁଳର ଇଷ୍ଟଦେବଙ୍କୁ ପୂଜା କରିବେ ବୋଲି ନିଜେ ଗାଧୋଇବାକୁ ଚାଲିଗଲେ ॥ ୧ ॥

**କରି ପୂଜା ନୈବେଦ୍ୟ ଚଢ଼ାୱା । ଆପୁ ଗଈ ଜହଁ ପାକ ବନାୱା ॥**
**ବହୁରି ମାତୁ ତହୱାଁ ଚଲି ଆଈ । ଭୋଜନ କରତ ଦେଖ ସୁତ ଜାଈ ॥ ୨ ॥**

ଗାଧୋଇବା ପରେ ଇଷ୍ଟପୂଜା ସାରି ନୈବେଦ୍ୟ ବାଢ଼ିଦେଲେ ଓ ରୋଷେଇ ଘରକୁ ଗଲେ । ରୋଷେଇଘରୁ ପୂଜାଘରକୁ ଫେରିଆସି ଦେଖନ୍ତି ତ, ପୁଅ ବସି ଇଷ୍ଟଦେବଙ୍କ ପାଇଁ ବଢ଼ାଯାଇଥିବା ନୈବେଦ୍ୟ ଖାଉଛି ॥ ୨ ॥

**ଗୈ ଜନନୀ ସିସୁ ପହିଁ ଭୟଭୀତା । ଦେଖା ବାଲ ତହାଁ ପୁନି ସୂତା ॥**
**ବହୁରି ଆଇ ଦେଖା ସୁତ ସୋଈ । ହୃଦୟଁ କଂପ ମନ ଧୀର ନ ହୋଈ ॥ ୩ ॥**

[ଦୋଳିରେ ଶୋଇଥିବା ପୁଅକୁ ଏଠାରେ ଆଣି କିଏ ବସାଇଲା ବୋଲି] ମାଆ ଡରିଯାଇ, ଦୋଳି ପାଖକୁ ଯାଇ ଦେଖନ୍ତି ତ, ପୁଅ ଦୋଳିରେ ଶୋଇଛି । ପୁଣି ସେଠାରୁ ଆସି ପୂଜାଘରେ ଦେଖନ୍ତି ତ, ପୁଅ ସେଠାରେ ବସି ଖାଉଛି । ଘଟଣା ଦେଖି ତାଙ୍କ ଛାତି ଥରିଲା । ସେ ଆଉ ଧୈର୍ଯ୍ୟ ଧରିପାରିଲେ ନାହିଁ ॥ ୩ ॥

**ଇହାଁ ଉହାଁ ଦୁଇ ବାଲକ ଦେଖା । ମତିଭ୍ରମ ମୋର କି ଆନ ବିସେଷା ॥**
**ଦେଖି ରାମ ଜନନୀ ଅକୁଲାନୀ । ପ୍ରଭୁ ହଁସି ଦୀହ୍ନ ମଧୁର ମୁସୁକାନୀ ॥ ୪ ॥**

[ସେ ମନେ ମନେ ଭାବିଲେ,] ମୁଁ ଏଠାରେ ଓ ସେଠାରେ ଦୁଇଟି ସ୍ଥାନରେ ପୁଅକୁ ଦେଖିଲି । ଏହା ମୋର ବୁଦ୍ଧିଭ୍ରମ, ନା ଏଥିରେ ଅନ୍ୟ କିଛି ବିଶେଷ କାରଣ ରହିଛି ? ମାଆଙ୍କର ଏପରି ବ୍ୟସ୍ତତା ଦେଖି ପ୍ରଭୁ ଶ୍ରୀରାମ ମଧୁରଭାବରେ ଟିକିଏ ମୁରୁକି ହସିଦେଲେ ॥ ୪ ॥

ଦୋ:- **ଦେଖରାୱା ମାତହି ନିଜ ଅଦ୍ଭୁତ ରୂପ ଅଖଂଡ ।**
**ରୋମ ରୋମ ପ୍ରତି ଲାଗେ କୋଟି କୋଟି ବ୍ରହ୍ମଂଡ ॥ ୨୦୧ ॥**

ପୁଣି ସେ ମାଆଙ୍କୁ ନିଜର ଅଖଣ୍ଡ ଅଦ୍‌ଭୁତ ରୂପ ଦେଖାଇଲେ । ସେହି ରୂପର ପ୍ରତିଟି ରୋମରେ କୋଟି କୋଟି ବ୍ରହ୍ମାଣ୍ଡ ବିରାଜୁଥାଏ ॥ ୨୦୧ ॥

**ଅଗନିତ ରବି ସସି ସିୱ ଚତୁରାନନ । ବହୁ ଗିରି ସରିତ ସିଂଧୁ ମହି କାନନ ॥**
**କାଲ କର୍ମ ଗୁନ ଗ୍ୟାନ ସୁଭାଉ । ସୋଉ ଦେଖା ଜୋ ସୁନା ନ କାଉ ॥ ୧ ॥**

ସେହି ରୂପରେ ସେ ଅଗଣିତ ସୂର୍ଯ୍ୟ, ଚନ୍ଦ୍ର, ଶିବ, ବ୍ରହ୍ମା, ବହୁ ପର୍ବତ, ନଦୀ, ସମୁଦ୍ର, ପୃଥିବୀ, ବନ, କାଳ, କର୍ମ, ଗୁଣ, ଜ୍ଞାନ ଓ ସ୍ୱଭାବ ଦେଖିବାକୁ ପାଇଲେ । ପୁଣି ଏପରି ପଦାର୍ଥମାନ ଦେଖିବାକୁ ପାଇଲେ, ଯାହା ସେ କେବେ ଶୁଣି ନ ଥିଲେ କି, ଦେଖି ନ ଥିଲେ ॥ ୧ ॥

**ଦେଖୀ ମାୟା ସବ ବିଧି ଗାଢ଼ୀ । ଅତି ସଭୀତ ଜୋରେଁ କର ଠାଢ଼ୀ ॥**
**ଦେଖା ଜୀୱ ନଚାୱଇ ଜାହୀ । ଦେଖୀ ଭଗତି ଜୋ ଛୋରଇ ତାହୀ ॥ ୨ ॥**

ସେ ଦେଖିଲେ, ସକଳପ୍ରକାରେ ବଳବତୀ ମାୟା ମଧ୍ୟ ତାଙ୍କ (ଭଗବାନଙ୍କ) ସମ୍ମୁଖରେ ଅତ୍ୟନ୍ତ ଭୟଭୀତ ହୋଇ କରପତ୍ର ଯୋଡ଼ି ଠିଆ ହୋଇଛି । ଯେଉଁ ଜୀବକୁ ମାୟା ନଚ୍ୱାଏ, ସେ ସେହି ଜୀବକୁ ଦେଖିଲେ ଏବଂ ସେହି ଜୀବକୁ ମାୟାକବଳରୁ ମୁକ୍ତ କରୁଥିବା ଭକ୍ତିକୁ ବି ଦେଖିଲେ ॥ ୨ ॥

**ତନ ପୁଲକିତ ମୁଖ ବଚନ ନ ଆୱା । ନୟନ ମୂଦି ଚରନନି ସିରୁ ନାୱା ॥**
**ବିସମୟୱଂତ ଦେଖି ମହତାରୀ । ଭଏ ବହୁରି ସିସୁରୂପ ଖରାରୀ ॥ ୩ ॥**

ଏସବୁ ଦେଖି ମାଆଙ୍କ ଶରୀର ପୁଲକିତ ହୋଇଗଲା; ମୁଖରୁ ବଚନ ବାହାରିଲା ନାହିଁ । ତେଣୁ ସେ ଆଖି ବୁଜିଦେଇ ଶ୍ରୀରାମଙ୍କ ଚରଣରେ ନତମସ୍ତକ ହୋଇଗଲେ । ମାତା ଏପରି ଆଶ୍ଚର୍ଯ୍ୟ ହୋଇଯାଇଥିବାର ଦେଖି ଖର ଅସୁରର ଶତ୍ରୁ ଶ୍ରୀରାମ ପୁନର୍ବାର ବାଳକରୂପ ହୋଇଗଲେ ॥ ୩ ॥

**ଅସ୍ତୁତି କରି ନ ଜାଇ ଭୟ ମାନା । ଜଗତ ପିତା ମୈଁ ସୁତ କରି ଜାନା ॥**
**ହରି ଜନନୀ ବହୁବିଧି ସମୁଝାଈ । ୟହ ଜନି କତହୁଁ କହସି ସୁନୁ ମାଈ ॥ ୪ ॥**

ମାଆ ସ୍ତୁତି ବି କରିପାରୁ ନ ଥାନ୍ତି । ସେ ଜଗତ୍‌ପିତା ପରମାତ୍ମାଙ୍କୁ ପୁତ୍ରଜ୍ଞାନ କରୁଛନ୍ତି ବୋଲି ଭାବି ଡରିଗଲେ । ଶ୍ରୀହରି ମାଆଙ୍କୁ ବହୁପ୍ରକାରେ ବୁଝାଇଲେ ଏବଂ କହିଲେ, ''ଶୁଣ ମାଆ ! ଏକଥା କାହାକୁ କହିବ ନାହିଁ ।''॥ ୪ ॥

ଦୋଃ- **ବାର ବାର କୌସଲ୍ୟା ବିନୟ କରଇ କର ଜୋରି ।**
**ଅବ ଜନି କବହୂଁ ବ୍ୟାପୈ ପ୍ରଭୁ ମୋହି ମାୟା ତୋରି ॥ ୨୦୨ ॥**

କୌଶଲ୍ୟା କରପତ୍ର ଯୋଡ଼ି ବାରମ୍ବାର ବିନୟ କଲେ, ''ହେ ପ୍ରଭୁ ! ଆପଣଙ୍କ ମାୟା ମୋତେ ଆଉ କେବେ ବି ସ୍ପର୍ଶ ନ କରୁ !'' ॥ ୨୦୨ ॥

**ବାଲଚରିତ ହରି ବହୁବିଧି କୀହ୍ନା । ଅତି ଅନଂଦ ଦାସହ୍ନ କହଁ ଦୀହ୍ନା ॥**
**କଛୁକ କାଲ ବୀତେଁ ସବ ଭାଈ । ବଡ଼େ ଭଏ ପରିଜନ ସୁଖଦାଈ ॥ ୧ ॥**

ଭଗବାନ୍ ନାନାପ୍ରକାର ବାଲ୍ୟଲୀଳା କଲେ ଏବଂ ନିଜର ସେବକମାନଙ୍କୁ ଅତ୍ୟନ୍ତ ଆନନ୍ଦ ଦେଲେ । ଏପରିଭାବରେ ଦିନ ବିତିଗଲା । ଚାରିଭାଇ ବଡ଼ ହୋଇଗଲେ ଏବଂ ଆତ୍ମୀୟସ୍ୱଜନଙ୍କୁ ସୁଖ ପ୍ରଦାନ କଲେ ॥ ୧ ॥

**ଚୂଡ଼ାକରନ କୀହ୍ନ ଗୁରୁ ଜାଈ । ବିପ୍ରହ୍ନ ପୁନି ଦଛିନା ବହୁ ପାଈ ॥**
**ପରମ ମନୋହର ଚରିତ ଅପାରା । କରତ ଫିରତ ଚାରିଉ ସୁକୁମାରା ॥ ୨ ॥**

ଗୁରୁ ବଶିଷ୍ଠ ଆସି ସେମାନଙ୍କର ଚୂଡ଼ାକର୍ମ-ସଂସ୍କାର କଲେ । ବ୍ରାହ୍ମଣମାନେ ବହୁ ଦକ୍ଷିଣା ପାଇଲେ । ସୁନ୍ଦର ରାଜକୁମାର ଚାରିଜଣ ଅତି ମନୋହର ଅପାର ଲୀଳା କରୁଥାନ୍ତି ॥ ୨ ॥

**ମନ କ୍ରମ ବଚନ ଅଗୋଚର ଜୋଈ । ଦସରଥ ଅଜିର ବିଚର ପ୍ରଭୁ ସୋଈ ॥**
**ଭୋଜନ କରତ ବୋଲ ଜବ ରାଜା । ନହିଁ ଆୱତ ତଜି ବାଲ ସମାଜା ॥ ୩ ॥**

ଯେଉଁ ପ୍ରଭୁ ମନ, ବଚନ ଓ କର୍ମର ଅଗୋଚର, ସେ ପୁଣି ଦଶରଥଙ୍କ ପ୍ରାଙ୍ଗଣରେ ବିଚରଣ କରୁଥାନ୍ତି ! ଖାଇବାର ସମୟ ଅନୁସାରେ ରାଜା ପୁଅଙ୍କୁ ଖାଇବାକୁ ଡାକିଲେ ପ୍ରଭୁ ନିଜର ସାଙ୍ଗମାନଙ୍କୁ ଛାଡ଼ି ଆସୁ ନ ଥାନ୍ତି ॥ ୩ ॥

**କୌସଲ୍ୟା ଜବ ବୋଲନ ଜାଈ । ଠୁମୁକୁ ଠୁମୁକୁ ପ୍ରଭୁ ଚଲହିଁ ପରାଈ ॥**
**ନିଗମ ନେତି ସିୱ ଅଂତ ନ ପାୱା । ତାହି ଧରୈ ଜନନୀ ହଠି ଧାୱା ॥ ୪ ॥**

[ପୁଅକୁ] ଡାକିଆଣିବାକୁ କୌଶଲ୍ୟା ଗଲାବେଳେ ପ୍ରଭୁ ଠୁକୁଠୁକୁ ହୋଇ ଦୌଡ଼ି ପଳାଇଯାଉଥାନ୍ତି । ବେଦଗଣ ଯାହାଙ୍କୁ 'ନେତି' 'ନେତି' କହି ନିରୂପଣ କରନ୍ତି ଏବଂ ଶିବ ଯାହାଙ୍କର ଅନ୍ତ ପାଆନ୍ତି ନାହିଁ, ମାଆ ପୁଣି ତାଙ୍କୁ ଧରିଆଣିବାକୁ ଧାଉଁଥାନ୍ତି !! ॥ ୪ ॥

**ଧୂସର ଧୂରି ଭରେଁ ତନୁ ଆଏ । ଭୂପତି ବିହସି ଗୋଦ ବୈଠାଏ ॥ ୫ ॥**

ପୁଅ ଧୂଳିଧୂସରିତ ହୋଇ ଆସୁଥାନ୍ତି ଏବଂ ରାଜା ତାଙ୍କୁ ଆଣି ହସି ହସି କୋଳରେ ବସାଇଦେଉଥାନ୍ତି ॥ ୫ ॥

ଦୋ:- **ଭୋଜନ କରତ ଚପଲ ଚିତ ଇତ ଉତ ଅଓ୍ୱସରୁ ପାଇ ।**
**ଭାଜି ଚଲେ କିଲକତ ମୁଖ ଦଧି ଓଦନ ଲପଟାଇ ॥ ୨୦୩ ॥**

ଖାଉ ଖାଉ ଟିକିଏ ସୁବିଧା ପାଇଗଲେ, ମୁହଁରେ ଦହିଭାତ ଲାଗିଥିବା ଅବସ୍ଥାରେ ବି, ପ୍ରଭୁ ହସି ହସି କିଲିକିଲି ହୋଇ ଏଣେତେଣେ ଦୌଡ଼ିପଳାଇଯାଆନ୍ତି ॥ ୨୦୩ ॥

**ବାଲଚରିତ ଅତି ସରଲ ସୁହାଏ । ସାରଦ ସେଷ ସଂଭୁ ଶ୍ରୁତି ଗାଏ ॥**
**ଜିହ୍ନ କର ମନ ଇହ୍ନ ସନ ନହିଁ ରାତା । ତେ ଜନ ବଂଚିତ କିଏ ବିଧାତା ॥ ୧ ॥**

ଶ୍ରୀରାମଙ୍କର ଅତ୍ୟନ୍ତ ସରଳ ଓ ସୁନ୍ଦର ବାଳଲୀଳା ସରସ୍ୱତୀ, ଶେଷଦେବ, ଶିବ ଓ ବେଦଗଣ ଗାନ କରିଛନ୍ତି । ଯେଉଁମାନଙ୍କର ମନ ଏସବୁ ଲୀଳାରେ ଅନୁରକ୍ତ ହୋଇନାହିଁ, ବିଧାତା ସେମାନଙ୍କୁ ସୌଭାଗ୍ୟରୁ ବଞ୍ଚିତ କରିଦେଇଛନ୍ତି ॥ ୧ ॥

**ଭଏ କୁମାର ଜବହିଁ ସବ ଭ୍ରାତା । ଦୀହ୍ନ ଜନେଉ ଗୁରୁ ପିତୁ ମାତା ॥**
**ଗୁରଗୃହଁ ଗଏ ପଢ଼ନ ରଘୁରାଈ । ଅଲପ କାଲ ବିଦ୍ୟା ସବ ଆଈ ॥ ୨ ॥**

ସବୁଭାଇ କୁମାର ଅବସ୍ଥାରେ ଉପନୀତ ହେବାମାତ୍ରେ ଗୁରୁ ଓ ପିତାମାତା ସେମାନଙ୍କର ଯଜ୍ଞୋପବୀତ ସଂସ୍କାର କରିଦେଲେ । ଶ୍ରୀରଘୁନାଥ ଭାଇମାନଙ୍କ ସହିତ ବିଦ୍ୟା ପଢ଼ିବାକୁ ଗୁରୁଗୃହକୁ ଗଲେ ଏବଂ ଅଳ୍ପ କେତୋଟି ଦିନ ଭିତରେ ସେମାନଙ୍କୁ ସବୁ ବିଦ୍ୟା ଆସିଗଲା ॥ ୨ ॥

**ଜାକୀ ସହଜ ସ୍ୱାସ ଶ୍ରୁତି ଚ୍ୱାରୀ । ସୋ ହରି ପଢ଼ ୟହ କୌତୁକ ଭାରୀ ॥**
**ବିଦ୍ୟା ବିନୟ ନିପୁନ ଗୁନ ସୀଲା । ଖେଲହିଁ ଖେଲ ସକଲ ନୃପ ଲୀଲା ॥ ୩ ॥**

ଚ୍ୱାରିବେଦ ଯାହାଙ୍କର ସ୍ୱାଭାବିକ ଶ୍ୱାସ, ସେହି ହରି ପୁଣି ପାଠ ପଢୁଛନ୍ତି ! ଏହା ସତରେ ବଡ଼ କୌତୁକର କଥା । ଚ୍ୱାରିଭାଇଯାକ ବିଦ୍ୟା, ବିନୟ, ଗୁଣ ଓ ସୁଶୀଳତାରେ ଅତ୍ୟନ୍ତ ନିପୁଣ ହୋଇ ସବୁପ୍ରକାର ରାଜଜନୋଚିତ ଅଭିନୟ କରି ଖେଳୁଥାନ୍ତି ॥ ୩ ॥

**କରତଲ ବାନ ଧନୁଷ ଅତି ସୋହା । ଦେଖତ ରୂପ ଚରାଚର ମୋହା ॥**
**ଜିହ୍ନ ବୀଥିହ୍ନ ବିହରହିଁ ସବ ଭାଈ । ଥକିତ ହୋହିଁ ସବ ଲୋଗ ଲୁଗାଈ ॥ ୪ ॥**

ସେମାନଙ୍କ ହାତରେ ଧନୁଶର ବିଶେଷ ଶୋଭା ପାଉଥିଲା । ସେହି ରୂପ ଦେଖିବାମାତ୍ରେ ସଚରାଚର ଜଗତ୍ ମୋହିତ ହୋଇଯାଉଥିଲା । ସେହି ଭାଇମାନେ ଖେଳୁ ଖେଳୁ ଯେଉଁ ଗଳିମାନଙ୍କରେ ପଶିଯାଉଥିଲେ, ସେଠାକାର ନରନାରୀ ସେମାନଙ୍କୁ ଦେଖି ଆନନ୍ଦରେ ବିହ୍ୱଳ ହୋଇଯାଉଥିଲେ ॥ ୪ ॥

ଦୋ:- **କୋସଲପୁର ବାସୀ ନର ନାରି ବୃଦ୍ଧ ଅରୁ ବାଲ ।**
**ପ୍ରାନହୁ ତେ ପ୍ରିୟ ଲାଗତ ସବ କହୁଁ ରାମ କୃପାଲ ॥ ୨୦୪ ॥**

ଅଯୋଧ୍ୟାନିବାସୀ ଆବାଳବୃଦ୍ଧବନିତାଙ୍କୁ କୃପାଳୁ ଶ୍ରୀରାମ ପ୍ରାଣଠାରୁ ବି ଅଧିକ ପ୍ରିୟ ଲାଗୁଥାନ୍ତି ॥ ୨୦୪ ॥

**ବଂଧୁ ସଖା ସଁଗ ଲେହିଁ ବୋଲାଈ । ବନ ମୃଗୟା ନିତ ଖେଲହିଁ ଜାଈ ॥**
**ପାୱନ ମୃଗ ମାରହିଁ ଜିୟଁ ଜାନୀ । ଦିନ ପ୍ରତି ନୃପହି ଦେଖାୱହିଁ ଆନୀ ॥ ୧ ॥**

ଶ୍ରୀରାମ ଭାଇମାନଙ୍କୁ ଓ ସାଙ୍ଗସାଥୀମାନଙ୍କୁ ଡାକି ସାଥିରେ ନେଇଯାଉଥାନ୍ତି ଏବଂ ବଣରେ ଯାଇ ମୃଗୟା କରୁଥାନ୍ତି । ପବିତ୍ର ମୃଗମାନଙ୍କୁ ଚିହ୍ନି ସେମାନେ ମାରୁଥାନ୍ତି ଏବଂ ପ୍ରତିଦିନ ଆଣି ରାଜା ଦଶରଥଙ୍କୁ ଦେଖାଉଥାନ୍ତି ॥ ୧ ॥

**ଜେ ମୃଗ ରାମ ବାନ କେ ମାରେ । ତେ ତନୁ ତଜି ସୁରଲୋକ ସିଧାରେ ॥**
**ଅନୁଜ ସଖା ସଁଗ ଭୋଜନ କରହୀଁ । ମାତୁ ପିତା ଅଗ୍ୟା ଅନୁସରହୀଁ ॥ ୨ ॥**

ଯେଉଁ ମୃଗମାନେ ଶ୍ରୀରାମଙ୍କ ଶରାଘାତରେ ମରୁଥିଲେ, ସେମାନେ ଦେହ ତ୍ୟାଗ କରି ଦେବଲୋକକୁ ଚାଲିଯାଉଥିଲେ । ଶ୍ରୀରାମ ସାନଭାଇ ଓ ସଖାମାନଙ୍କ ସହିତ ବସି ଭୋଜନ କରୁଥିଲେ ଏବଂ ମାତାପିତାଙ୍କ ଆଜ୍ଞା ପାଳନ କରୁଥିଲେ ॥ ୨ ॥

**ଜେହି ବିଧି ସୁଖୀ ହୋହିଁ ପୁର ଲୋଗା । କରହିଁ କୃପାନିଧି ସୋଇ ସଂଜୋଗା ॥**
**ବେଦ ପୁରାନ ସୁନହିଁ ମନ ଲାଈ । ଆପୁ କହହିଁ ଅନୁଜହ୍ନ ସମୁଝାଈ ॥ ୩ ॥**

ନଗରଲୋକେ ଯେପରି ସୁଖୀ ହେବେ, ଶ୍ରୀରାମ ସେହିପରି ଲୀଳା କରୁଥିଲେ । ସେ ମନ ଦେଇ ବେଦ ଓ ପୁରାଣ ଶୁଣୁଥିଲେ ଏବଂ ସବୁ ବିଷୟ ସାନଭାଇମାନଙ୍କୁ ବୁଝାଇ କହୁଥିଲେ ॥ ୩ ॥

**ପ୍ରାତକାଲ ଉଠି କୈ ରଘୁନାଥା । ମାତୁ ପିତା ଗୁରୁ ନାୱହିଁ ମାଥା ॥**
**ଆୟସୁ ମାଗି କରହିଁ ପୁର କାଜା । ଦେଖି ଚରିତ ହରଷଈ ମନ ରାଜା ॥ ୪ ॥**

ଶ୍ରୀରଘୁନାଥ ପ୍ରାତଃକାଳରୁ ଉଠି, ମାତା, ପିତା ଓ ଗୁରୁଙ୍କୁ ପ୍ରଣାମ କରି, ସେମାନଙ୍କ ଆଜ୍ଞା ନେଇ ନଗରର କାର୍ଯ୍ୟ କରୁଥିଲେ । ତାଙ୍କ ଲୀଳା ଦେଖି ରାଜା ମନେ ମନେ ବିଶେଷ ଆନନ୍ଦିତ ହେଉଥିଲେ ॥ ୪ ॥

ଦୋଃ- **ବ୍ୟାପକ ଅକଲ ଅନୀହ ଅଜ ନିର୍ଗୁନ ନାମ ନ ରୂପ ।**
**ଭଗତ ହେତୁ ନାନା ବିଧି କରତ ଚରିତ୍ର ଅନୂପ ॥ ୨୦୫ ॥**

ଯେ ସର୍ବବ୍ୟାପକ, ଅଖଣ୍ଡ, ଇଚ୍ଛାରହିତ, ଅଜନ୍ମା ଓ ନିର୍ଗୁଣ ତଥା ଯାହାଙ୍କର ନାମରୂପ ନାହିଁ, ସେହି ଭଗବାନ୍ ଭକ୍ତମାନଙ୍କ ନିମନ୍ତେ ନାନାବିଧ ଅନୁପମ ଲୀଳା କରୁଥାନ୍ତି ॥ ୨୦୫ ॥

**ୟହ ସବ ଚରିତ କହା ମୈଁ ଗାଈ । ଆଗିଲି କଥା ସୁନହୁ ମନ ଲାଈ ॥**
**ବିସ୍ୱାମିତ୍ର ମହାମୁନି ଗ୍ୟାନୀ । ବସହିଁ ବିପିନ ସୁଭ ଆଶ୍ରମ ଜାନୀ ॥ ୧ ॥**

ଏହିସବୁ ଚରିତ ବର୍ଣ୍ଣନା କରି ମୁଁ ଶୁଣାଇଲି । ବର୍ତ୍ତମାନ ଏହାର ପରବର୍ତ୍ତୀ କଥା ମନଦେଇ ଶୁଣ । ଜ୍ଞାନୀ ମହାମୁନି ବିଶ୍ୱାମିତ୍ର ବନରେ ଗୋଟିଏ ପବିତ୍ର ଆଶ୍ରମ ସ୍ଥାପନ କରି ସେଠାରେ ରହୁଥିଲେ ॥ ୧ ॥

**ଜହଁ ଜପ ଜଗ୍ୟ ଜୋଗ ମୁନି କରହୀଁ । ଅତି ମାରୀଚ ସୁବାହୁହି ଡରହୀଁ ॥**
**ଦେଖତ ଜଗ୍ୟ ନିସାଚର ଧାୱହିଁ । କରହିଁ ଉପଦ୍ରୱ ମୁନି ଦୁଖ ପାୱହିଁ ॥ ୨ ॥**

ସେହି ମୁନି ସେଠାରେ ଜପ, ଯଜ୍ଞ ଓ ଯୋଗ କରୁଥିଲେ; କିନ୍ତୁ ସେ ମାରୀଚ ଓ ସୁବାହୁ ରାକ୍ଷସ ଦୁହିଁଙ୍କୁ ବିଶେଷ ଭୟ କରୁଥିଲେ । ଯଜ୍ଞ ହେଉଥିବା ଦେଖିଲେ, ସେହି ରାକ୍ଷସମାନେ ଧାଇଁଆସି ଉପଦ୍ରବ ଆରମ୍ଭ କରିଦେଉଥିଲେ । ତେଣୁ ମୁନି ବହୁତ ଦୁଃଖ ପାଉଥିଲେ ॥ ୨ ॥

**ଗାଧିତନୟ ମନ ଚିଂତା ବ୍ୟାପୀ । ହରି ବିନୁ ମରହିଁ ନ ନିସିଚର ପାପୀ ॥**
**ତବ ମୁନିବର ମନ କୀହ୍ନ ବିଚାରା । ପ୍ରଭୁ ଅୱତରେଉ ହରନ ମହି ଭାରା ॥ ୩ ॥**

ଗାଧିପୁତ୍ର ବିଶ୍ୱାମିତ୍ର ମନେ ମନେ ବଡ଼ ଚିନ୍ତିତ ହୋଇପଡ଼ିଲେ । ସେ ଦେଖିଲେ, ଭଗବାନଙ୍କ ବିନା ଏହି ପାପୀ ଅସୁରମାନେ ମରିବେ ନାହିଁ । ତେଣୁ ସେହି ମୁନିଶ୍ରେଷ୍ଠ ମନରେ ବିଚାର କଲେ, ''ପୃଥିବୀର ଭାରହରଣ କରିବା ନିମନ୍ତେ ତ ଭଗବାନ୍ ଅବତାର ନେଇସାରିଲେଣି; ॥ ୩ ॥

**ଏହୂଁ ମିସ ଦେଖୌଁ ପଦ ଜାଈ । କରି ବିନତୀ ଆନୌଁ ଦୋଉ ଭାଈ ॥**
**ଗ୍ୟାନ ବିରାଗ ସକଲ ଗୁନ ଅୟନା । ସୋ ପ୍ରଭୁ ମୈଁ ଦେଖବ ଭରି ନୟନା ॥ ୪ ॥**

ଏହି ରାକ୍ଷସବଧ ବାହାନାରେ ମୁଁ ଯାଇ ପ୍ରଭୁଙ୍କ ଚରଣଦର୍ଶନ କରିବି ଏବଂ ବିନତି କରି ଦୁଇଭାଇଙ୍କୁ ନେଇଆସିବି । ଆହା ! ଜ୍ଞାନ, ବୈରାଗ୍ୟ ଓ ସର୍ବଗୁଣର ଧାମ ପ୍ରଭୁଙ୍କୁ ଏଥର ମୁଁ ନୟନ ଭରି ଦେଖିବି !'' ॥ ୪ ॥

ଦୋ:- **ବହୁବିଧି କରତ ମନୋରଥ ଜାତ ଲାଗି ନହିଁ ବାର ।**
**କରି ମଜ୍ଜନ ସରଉ ଜଲ ଗଏ ଭୂପ ଦରବାର ॥ ୨୦୬ ॥**

ଏହିପରି ବହୁପ୍ରକାର ମନୋରଥ ନେଇ ସେ ଅବିଳମ୍ବେ ଅଯୋଧ୍ୟା ବାହାରିଲେ ଏବଂ ସରଯୂନଦୀରେ ସ୍ନାନ କରି ରାଜଦ୍ୱାରରେ ପହଞ୍ଚିଗଲେ ॥ ୨୦୬ ॥

**ମୁନି ଆଗମନ ସୁନା ଜବ ରାଜା । ମିଲନ ଗୟଉ ଲୈ ବିପ୍ର ସମାଜା ॥**
**କରି ଦଂଡୱତ ମୁନିହି ସନମାନୀ । ନିଜ ଆସନ ବୈଠାରେହ୍ନି ଆନୀ ॥ ୧ ॥**

ମୁନି ଆସିଥିବା କଥା ଶୁଣି, ତାଙ୍କୁ ଭେଟିବା ଲାଗି ରାଜା (ଦଶରଥ) ବ୍ରାହ୍ମଣମାନଙ୍କୁ ସାଥିରେ ଧରି ଚାଲିଆସିଲେ । ସେ ଦଣ୍ଡବତ୍ ପ୍ରଣାମ କରିବା ପରେ ମୁନିଙ୍କୁ ସସମ୍ମାନେ ପାଛୋଟି ଆଣି ଆସନରେ ବସାଇଲେ ॥ ୧ ॥

**ଚରନ ପଖାରି କୀହ୍ନି ଅତି ପୂଜା । ମୋ ସମ ଆଜୁ ଧନ୍ୟ ନହିଁ ଦୂଜା ॥**
**ବିବିଧ ଭାଁତି ଭୋଜନ କରୱାୱା । ମୁନିବର ହୃଦୟଁ ହରଷ ଅତି ପାୱା ॥ ୨ ॥**
**ପୁନି ଚରନନି ମେଲେ ସୁତ ଚାରୀ । ରାମ ଦେଖି ମୁନି ଦେହ ବିସାରୀ ॥**
**ଭଏ ମଗନ ଦେଖତ ମୁଖ ସୋଭା । ଜନୁ ଚକୋର ପୂରନ ସସି ଲୋଭା ॥ ୩ ॥**
**ତବ ମନ ହରଷି ବଚନ କହ ରାଉ । ମୁନି ଅସ କୃପା ନ କୀହ୍ନିହୁ କାଉ ॥**
**କେହି କାରନ ଆଗମନ ତୁହ୍ମାରା । କହହୁ ସୋ କରତ ନ ଲାୱଉଁ ବାରା ॥ ୪ ॥**

ସେ ତାଙ୍କ ଚରଣ ଧୋଇଦେଇ ଯଥାବିଧି ପୂଜା କଲେ ଏବଂ କହିଲେ, ''ମୋପରି ଧନ୍ୟ ହୋଇ ଆଜି ଅନ୍ୟ କେହି ନାହିଁ ।'' ସେ ମୁନିଙ୍କୁ ଅନେକପ୍ରକାର ସ୍ୱାଦିଷ୍ଟ ଭୋଜନ ବାଢ଼ିଦେଲେ । ସେଥିରେ ମୁନିବର ବିଶେଷ ଆନନ୍ଦ ଲାଭ କଲେ; ତା'ପରେ ରାଜା ଚାରିପୁଅଙ୍କୁ ଆଣି, ମୁନିଙ୍କ ପାଦରେ ଲୋଟାଇ ପ୍ରଣାମ କରାଇଲେ । ଶ୍ରୀରାମଙ୍କୁ ଦେଖି ମୁନି ନିଜର ଦେହଜ୍ଞାନ ଭୁଲିଗଲେ । ପୂର୍ଣ୍ଣଚନ୍ଦ୍ରକୁ ଦେଖି ଚକୋର ପ୍ରଲୁବ୍ଧ ହେବାପରି ସେ ଶ୍ରୀରାମଙ୍କ ମୁଖଶୋଭା ଦେଖି ମୁଗ୍ଧ ହୋଇଗଲେ; ତା'ପରେ ରାଜା ମନେ ମନେ ଆନନ୍ଦିତ ହୋଇ ପଚାରିଲେ, ''ହେ ମୁନି ! ଆପଣ ତ କେବେ ବି ଏପରି କୃପା କରି ନ ଥିଲେ; ଆଜି କେଉଁ କାରଣରୁ ଆପଣଙ୍କର ଏଭଳି ଶୁଭାଗମନ ହେଲା? ଦୟା କରି ପ୍ରକାଶ କରନ୍ତୁ; ତାହା ପୂର୍ଣ୍ଣ କରିବାକୁ ମୁଁ ବିଳମ୍ବ କରିବି ନାହିଁ ।'' ॥ ୨–୪ ॥

**ଅସୁର ସମୂହ ସତାୱହିଁ ମୋହୀ । ମୈଁ ଜାଚନ ଆୟଉଁ ନୃପ ତୋହୀ ॥**
**ଅନୁଜ ସମେତ ଦେହୁ ରଘୁନାଥା । ନିସିଚର ବଧ ମୈଁ ହୋବ ସନାଥା ॥ ୫ ॥**

ମୁନି କହିଲେ, ''ହେ ରାଜନ୍ ! ରାକ୍ଷସମାନେ ମୋ ଉପରେ ବହୁ ଅତ୍ୟାଗ୍ରହ କରୁଛନ୍ତି । ତେଣୁ ମୁଁ ଆପଣଙ୍କୁ କିଛି ମାଗିବାକୁ ଆସିଛି । ସାନଭାଇ ସହିତ ଶ୍ରୀରଘୁନାଥଙ୍କୁ ମୋତେ ପ୍ରଦାନ କରନ୍ତୁ; ସେମାନଙ୍କ ଦ୍ୱାରା ରାକ୍ଷସମାନେ ନିହତ ହେଲେ ମୁଁ ସନାଥ (ସୁରକ୍ଷିତ) ହୋଇଯିବି ॥ ୫ ॥

ଦୋ:- **ଦେହୁ ଭୂପ ମନ ହରଷିତ ତଜହୁ ମୋହ ଅଗ୍ୟାନ ।**
**ଧର୍ମ ସୁଜସ ପ୍ରଭୁ ତୁହ୍ମ କୌଁ ଇହ୍ନ କହଁ ଅତି କଲ୍ୟାନ ॥ ୨୦୭ ॥**

ହେ ରାଜନ୍ ! ପ୍ରସନ୍ନଚିତ୍ତରେ ତାଙ୍କୁ ମୋତେ ଦିଅନ୍ତୁ; ମୋହ ଓ ଅଜ୍ଞାନ ଛାଡ଼ିଦିଅନ୍ତୁ । ହେ ସ୍ୱାମୀ ! ଏହାଦ୍ୱାରା ଆପଣଙ୍କୁ ଧର୍ମ ଓ ସୁଯଶ ପ୍ରାପ୍ତି ହେବ ଏବଂ ସେମାନଙ୍କର ମଧ୍ୟ ପରମ କଲ୍ୟାଣ ହେବ ।'' ॥ ୨୦୭ ॥

**ସୁନି ରାଜା ଅତି ଅପ୍ରିୟ ବାନୀ । ହୃଦୟ କଂପ ମୁଖ ଦୁତି କୁମୁଲାନୀ ॥**
**ଚୌଥେଁପନ ପାୟଉଁ ସୁତ ଗ୍ୱରୀ । ବିପ୍ର ବଚନ ନହିଁ କହେହୁ ବିଗ୍ୱରୀ ॥ ୧ ॥**
**ମାଗହୁ ଭୂମି ଧେନୁ ଧନ କୋସା । ସର୍ବସ ଦେଉଁ ଆଜୁ ସହରୋସା ॥**
**ଦେହ ପ୍ରାନ ତେଁ ପ୍ରିୟ କଛୁ ନାହୀଁ । ସୋଉ ମୁନି ଦେଉଁ ନିମିଷ ଏକ ମାହୀଁ ॥ ୨ ॥**
**ସବ ସୁତ ପ୍ରିୟ ମୋହି ପ୍ରାନ କି ନାଇଁ । ରାମ ଦେତ ନହିଁ ବନଇ ଗୋସାଇଁ ॥**
**କହଁ ନିସିଚର ଅତି ଘୋର କଠୋରା । କହଁ ସୁଂଦର ସୁତ ପରମ କିସୋରା ॥ ୩ ॥**

ଏଭଳି ଅତ୍ୟନ୍ତ ଅପ୍ରିୟ ବଚନ ଶୁଣି ରାଜାଙ୍କ ହୃଦୟ ଭୟରେ ଥରିଉଠିଲା ଏବଂ ତାଙ୍କ ମୁଖକାନ୍ତି ମଉଳିଗଲା । ସେ କହିଲେ, ''ହେ ବ୍ରାହ୍ମଣ ! ମୁଁ ମୋ ଚତୁର୍ଥାବସ୍ଥାରେ ଏହି ଗ୍ୱରିଟି ପୁତ୍ର ପାଇଛି । ଆପଣ ଏ ଯେଉଁ କଥା କହିଲେ, ବିଗ୍ୱର କରି କହିଲେ ନାହିଁ ।'' ହେ ମୁନି ! ଆପଣ ଭୂମି, ଗାଈ, ଧନ ବା ସମ୍ପଦ— ଯାହା ଗ୍ୱହୁଁଛନ୍ତି, ତାହା ମାଗନ୍ତୁ; ମୁଁ ଆଜି ଅତ୍ୟନ୍ତ ଆନନ୍ଦର ସହିତ ଆପଣଙ୍କୁ ମୋର ସର୍ବସ୍ୱ ଦେଇଦେବି । ଦେହ ଓ ପ୍ରାଣଠାରୁ ଅଧିକ ପ୍ରିୟ ହୋଇ କିଛି ନାହିଁ; କିନ୍ତୁ ମୁଁ କ୍ଷଣକଭିତରେ ତାହା ବି ଦେଇଦେବାକୁ ପ୍ରସ୍ତୁତ । ମୋତେ ମୋର ସବୁପୁତ୍ର ପ୍ରାଣସମାନ ପ୍ରିୟ; ହେ ପ୍ରଭୁ ! ସେମାନଙ୍କ ମଧ୍ୟରୁ ପୁଣି ରାମକୁ ଦେବା ତ କୌଣସିପ୍ରକାରେ ଚଳିବ ନାହିଁ । ଅତ୍ୟନ୍ତ ଭୟଙ୍କର କ୍ରୂର ରାକ୍ଷସମାନେ କେଉଁଠି ଏବଂ ମୋର ନିତାନ୍ତ କିଶୋର (ଅତି ସୁକୁମାର) ସୁନ୍ଦର ପୁଅମାନେ କେଉଁଠି !!'' ॥ ୧-୩ ॥

**ସୁନି ନୃପ ଗିରା ପ୍ରେମ ରସ ସାନୀ । ହୃଦୟଁ ହରଷ ମାନା ମୁନି ଗ୍ୟାନୀ ॥**
**ତବ ବସିଷ୍ଠ ବହୁବିଧି ସମୁଝାୱା । ନୃପ ସଂଦେହ ନାସ କହଁ ପାୱା ॥ ୪ ॥**

ରାଜାଙ୍କ ପ୍ରେମରସସିକ୍ତ ବାଣୀ ଶୁଣି ଜ୍ଞାନୀମୁନି ବିଶ୍ୱାମିତ୍ର ମନେ ମନେ ବଡ଼ ଆନନ୍ଦିତ ହେଲେ । ଏତିକିବେଳେ ମୁନି ବଶିଷ୍ଠ ରାଜାଙ୍କୁ ବହୁତ ବୁଝାଇଲେ; ତେଣୁ ରାଜାଙ୍କ ସନ୍ଦେହ ତୁଟିଗଲା ॥ ୪ ॥

**ଅତି ଆଦର ଦୋଉ ତନୟ ବୋଲାଏ । ହୃଦୟଁ ଲାଇ ବହୁ ଭାଁତି ସିଖାଏ ॥**
**ମେରେ ପ୍ରାନ ନାଥ ସୁତ ଦୋଉ । ତୁହ୍ମ ମୁନି ପିତା ଆନ ନହିଁ କୋଉ ॥ ୫ ॥**

ରାଜା ବଡ଼ ଆଦରରେ ଦୁଇପୁଅଙ୍କୁ ଡକାଇଲେ ଏବଂ ସେମାନଙ୍କୁ ହୃଦୟରେ ଲଗାଇ ବହୁପ୍ରକାରେ ଉପଦେଶ ଦେଲେ । ତା'ପରେ ବିଶ୍ୱାମିତ୍ରଙ୍କୁ କହିଲେ, ''ହେ ନାଥ ! ଏହି ଦୁଇପୁତ୍ର ହେଉଛନ୍ତି ମୋର ପ୍ରାଣ ହେ ମୁନି, ବର୍ତ୍ତମାନ ଆପଣହିଁ ଏମାନଙ୍କର ପିତା; ଆପଣଙ୍କ ଛଡ଼ା ଏମାନଙ୍କର ଆଉ କେହି ନାହାନ୍ତି ।'' ॥ ୫ ॥

ଦୋଃ- **ସୌଁପେ ଭୂପ ରିଷିହି ସୁତ ବହୁବିଧି ଦେଇ ଅସୀସ ।**
**ଜନନୀ ଭୱନ ଗଏ ପ୍ରଭୁ ଚଲେ ନାଇ ପଦ ସୀସ ॥୨୦୮(କ)॥**

ରାଜା ବହୁପ୍ରକାରେ ଆଶୀର୍ବାଦ ଦେଇ ଦୁଇପୁତ୍ରଙ୍କୁ ଋଷିଙ୍କ ହାତରେ ସମର୍ପିଦେଲେ । ତା'ପରେ ପ୍ରଭୁ ମାଆଙ୍କ ମହଲକୁ ଗଲେ ଓ ତାଙ୍କ ଚରଣରେ ପ୍ରଣାମ କରି ବାହାରିପଡ଼ିଲେ ॥ ୨୦୮(କ) ॥

ସୋଃ- **ପୁରୁଷସିଂହ ଦୋଉ ବୀର ହରଷି ଚଲେ ମୁନି ଭୟ ହରନ ।**
**କୃପାସିଂଧୁ ମତିଧୀର ଅଖିଲ ବିସ୍ୱ କାରନ କରନ ॥୨୦୮(ଖ)॥**

ପୁରୁଷସିଂହ ଦୁଇଭାଇ ରାମ ଓ ଲକ୍ଷ୍ମଣ ମୁନିଙ୍କ ଭୟ ଦୂର କରିବାନିମନ୍ତେ ପ୍ରସନ୍ନ ହୋଇ ଚାଲିଲେ । ଦୁହେଁ ଥିଲେ କୃପାସାଗର, ଧୀରବୁଦ୍ଧି ଓ ସକଳ ବିଶ୍ୱର କାରଣର ବି କାରଣ ॥ ୨୦୮(ଖ) ॥

**ଅରୁନ ନୟନ ଉର ବାହୁ ବିସାଲା । ନୀଲ ଜଲଜ ତନୁ ସ୍ୟାମ ତମାଲା ॥**
**କଟି ପଟ ପୀତ କସେଁ ବର ଭାଥା । ରୁଚିର ଚାପ ସାୟକ ଦୁହୁଁ ହାଥା ॥ ୧ ॥**

ଭଗବାନଙ୍କର ଅରୁଣ ନୟନ, ବିଶାଳ ବକ୍ଷ, ବିଶାଳ ବାହୁ ଏବଂ ନୀଳକମଳ ତଥା ତମାଳସମ ଶ୍ୟାମଳ ଶରୀର । କଟିରେ ପୀତାମ୍ବର ପିନ୍ଧିଥାନ୍ତି ଓ ସୁନ୍ଦର ତୂଣୀର ବାନ୍ଧିଥାନ୍ତି । ଦୁଇ ହାତରେ ମନୋରମ ଧନୁ ଓ ଶର ଶୋଭା ପାଉଥାଏ ॥ ୧ ॥

**ସ୍ୟାମ ଗୌର ସୁଂଦର ଦୋଉ ଭାଈ । ବିସ୍ୱାମିତ୍ର ମହାନିଧି ପାଈ ॥**
**ପ୍ରଭୁ ବ୍ରହ୍ମନ୍ୟଦେୱ ମୈଁ ଜାନା । ମୋହି ନିତି ପିତା ତଜେଉ ଭଗୱାନା ॥ ୨ ॥**

ଶ୍ୟାମଳ ଓ ଗୌର ବର୍ଣ୍ଣର ଦୁଇଭାଇ ବଡ଼ ସୁନ୍ଦର ଦିଶୁଥାନ୍ତି । ବିଶ୍ୱାମିତ୍ରଙ୍କୁ ମହାନ୍ ନିଧି ମିଳିଗଲା । ସେ ଭାବିଲେ "ମୁଁ ଜାଣିଗଲି ଯେ, ପ୍ରଭୁ ପ୍ରକୃତରେ ବ୍ରହ୍ମଣ୍ୟଦେବ (ବ୍ରାହ୍ମଣଙ୍କର ହିତକାରୀ) । ମୋ ପାଇଁ ଭଗବାନ୍ ନିଜ ପିତାଙ୍କୁ ବି ଛାଡ଼ି ଚାଲିଆସିଲେ ।" ॥ ୨ ॥

**ଚଲେ ଜାତ ମୁନି ଦୀହ୍ନି ଦେଖାଈ । ସୁନି ତାଡ଼କା କ୍ରୋଧ କରି ଧାଈ ॥**
**ଏକହିଁ ବାନ ପ୍ରାନ ହରି ଲୀହ୍ନା । ଦୀନ ଜାନି ତେହି ନିଜ ପଦ ଦୀହ୍ନା ॥ ୩ ॥**

ବାଟରେ ଯାଉ ଯାଉ ମୁନି ତାଡ଼କାସୁରୀକୁ ଦେଖାଇଦେଲେ । ପାଟି ଶୁଣୁ ଶୁଣୁ ଅସୁରୁଣୀ କ୍ରୋଧରେ ମାଡ଼ିଆସିଲା । ଶ୍ରୀରାମ ଗୋଟିଏମାତ୍ର ଶରରେ ତାର ପ୍ରାଣ ହରିନେଲେ ଏବଂ ତାହାକୁ ଦୀନଜନ ଜାଣି ନିଜର ପଦ (ପରମପଦ) ପ୍ରଦାନ କଲେ ॥ ୩ ॥

**ତବ ରିଷି ନିଜ ନାଥହି ଜିୟଁ ଚୀହ୍ନୀ । ବିଦ୍ୟାନିଧି କହୁଁ ବିଦ୍ୟା ଦୀହ୍ନୀ ॥**
**ଜାତେ ଲାଗ ନ ଛୁଧା ପିପାସା । ଅତୁଲିତ ବଲ ତନୁ ତେଜ ପ୍ରକାସା ॥ ୪ ॥**

ଏଥିରୁ ଋଷି ବିଶ୍ୱାମିତ୍ର ପ୍ରଭୁଙ୍କର ପ୍ରକୃତ ସ୍ୱରୂପ ଜାଣିଗଲେ ଏବଂ ପ୍ରଭୁଙ୍କୁ ବିଦ୍ୟାର ଭଣ୍ଡାର ବୋଲି ଜାଣି ମଧ୍ୟ, [ଲୀଳାର ମର୍ଯ୍ୟାଦା ଦୃଷ୍ଟିରୁ] ଦୁଇଭାଇଙ୍କୁ ଏପରି ବିଦ୍ୟା ଦେଲେ, ଯଦ୍ଦ୍ୱାରା ଆଉ କ୍ଷୁଧାତୃଷା ଲାଗିବ ନାହିଁ ଏବଂ ଶରୀରରେ ଅତୁଳିତ ବଳ ଓ ତେଜ ପ୍ରକାଶ ପାଇବ ॥ ୪ ॥

ଦୋଃ- **ଆୟୁଧ ସର୍ବ ସମର୍ପି କୈ ପ୍ରଭୁ ନିଜ ଆଶ୍ରମ ଆନି ।**
**କଂଦ ମୂଲ ଫଲ ଭୋଜନ ଦୀହ୍ନ ଭଗତି ହିତ ଜାନି ॥ ୨୦୯ ॥**




ଯଜ୍ଞରକ୍ଷା ନିମନ୍ତେ ଶ୍ରୀରାମ-ଲକ୍ଷ୍ମଣ ମୁନି ବିଶ୍ୱାମିତ୍ରଙ୍କ ସହିତ ଯାଉଛନ୍ତି

ସମସ୍ତ ଅସ୍ତ୍ରଶସ୍ତ୍ର ଦେଇ ସେ ପ୍ରଭୁ ଶ୍ରୀରାମଙ୍କୁ ନିଜ ଆଶ୍ରମକୁ ନେଇଗଲେ ଏବଂ ତାହାଙ୍କୁ ପରମହିତୈଷୀ ଜାଣି ଭକ୍ତିପୂର୍ବକ କନ୍ଦ, ମୂଳ ଓ ଫଳ ଭୋଜନ କରାଇଲେ ॥ ୨୦୯ ॥

**ପ୍ରାତ କହା ମୁନି ସନ ରଘୁରାଈ । ନିର୍ଭୟ ଜଗ୍ୟ କରହୁ ତୁହ୍ମ ଜାଈ ॥**
**ହୋମ କରନ ଲାଗେ ମୁନି ଝାରୀ । ଆପୁ ରହେ ମଖ କାଁ ରଖୱାରୀ ॥ ୧ ॥**

ପ୍ରଭାତ ହେବାରୁ ଶ୍ରୀରଘୁନାଥ ମୁନିଙ୍କୁ କହିଲେ, "ଆପଣ ଯାଇ ନିର୍ଭୟରେ ଯଜ୍ଞ କରନ୍ତୁ ।" ଏହା ଶୁଣି ସେଠାର ସମସ୍ତ ମୁନି ହୋମ କରିବାକୁ ଲାଗିଲେ । ନିଜେ ଶ୍ରୀରାମ ଯଜ୍ଞରକ୍ଷା କର୍ମରେ ନିଯୁକ୍ତ ରହିଲେ ॥ ୧ ॥

**ସୁନି ମାରୀଚ ନିସାଚର କ୍ରୋହୀ । ଲୈ ସହାୟ ଧାୱା ମୁନିଦ୍ରୋହୀ ॥**
**ବିନୁ ଫର ବାନ ରାମ ତେହି ମାରା । ସତ ଯୋଜନ ଗା ସାଗର ପାରା ॥ ୨ ॥**

ଯଜ୍ଞର ମନ୍ତ୍ରପାଠ ଶୁଣିବାକୁ ପାଇ ମୁନିମାନଙ୍କର ଶତ୍ରୁ କ୍ରୋଧୀ ରାକ୍ଷସ ମାରୀଚ ନିଜ ସହାୟକମାନଙ୍କୁ ଧରି ଧାଇଁଆସିଲା । ଶ୍ରୀରାମ ତାକୁ ଗୋଟିଏ ଫଳକ(ମୁନ) ନ ଥିବା ଶର ମାରିଦେଲେ । ସେହି ଶରାଘାତରେ ସେ ଯାଇ ଶହେଯୋଜନ ସମୁଦ୍ରର ଆରପଟେ ପଡ଼ିଗଲା ॥ ୨ ॥

**ପାୱକ ସର ସୁବାହୁ ପୁନି ମାରା । ଅନୁଜ ନିସାଚର କଟକୁ ସଁଘାରା ॥**
**ମାରି ଅସୁର ଦ୍ୱିଜ ନିର୍ଭୟକାରୀ । ଅସ୍ତୁତି କରହିଁ ଦେୱ ମୁନି ଝାରୀ ॥ ୩ ॥**

ତା'ପରେ ପ୍ରଭୁ ସୁବାହୁ ରାକ୍ଷସକୁ ଅଗ୍ନିବାଣ ମାରିଲେ । ଏଣେ ସାନଭାଇ ଲକ୍ଷ୍ମଣ ରାକ୍ଷସମାନଙ୍କ ସେନାକୁ ସଂହାର କରିଦେଲେ । ଏପରିଭାବରେ ଶ୍ରୀରାମ ରାକ୍ଷସମାନଙ୍କୁ ମାରି ବ୍ରାହ୍ମଣମାନଙ୍କୁ ନିର୍ଭୟ କରିଦେଲେ । ଏହା ଦେଖି ସକଳ ଦେବତା ଓ ମୁନି ସ୍ତୁତି କରିବାକୁ ଲାଗିଲେ ॥ ୩ ॥

**ତହଁ ପୁନି କଛୁକ ଦିୱସ ରଘୁରାୟା । ରହେ କୀହ୍ନି ବିପ୍ରହ୍ନ ପର ଦାୟା ॥**
**ଭଗତି ହେତୁ ବହୁ କଥା ପୁରାନା । କହେ ବିପ୍ର ଜଦ୍ୟପି ପ୍ରଭୁ ଜାନା ॥ ୪ ॥**

ଶ୍ରୀରଘୁନାଥ ସେଠାରେ ଆହୁରି କିଛିଦିନ ରହି ବ୍ରାହ୍ମଣମାନଙ୍କ ପ୍ରତି ଦୟା କଲେ । ପ୍ରଭୁ ସବୁ ପୁରାଣ ଜାଣିଥିଲେ ବି ତାଙ୍କର ଭକ୍ତି ଦେଖି ବ୍ରାହ୍ମଣମାନେ ତାଙ୍କୁ ପୁରାଣର ବହୁ ପ୍ରାଚୀନ କଥା ଶୁଣାଇଲେ ॥ ୪ ॥

**ତବ ମୁନି ସାଦର କହା ବୁଝାଈ । ଚରିତ ଏକ ପ୍ରଭୁ ଦେଖିଅ ଜାଈ ॥**
**ଧନୁଷଜଗ୍ୟ ସୁନି ରଘୁକୁଲ ନାଥା । ହରଷି ଚଲେ ମୁନିବର କେ ସାଥା ॥ ୫ ॥**

"ହେ ପ୍ରଭୁ ! ଚାଲନ୍ତୁ, ଗୋଟିଏ ଉତ୍ସବ ଦେଖିବେ," କହି ମୁନିବର ଆଦରରେ ସେ ବିଷୟରେ କହିଲେ । ଧନୁର୍ଯଜ୍ଞ କଥା ଶୁଣି ଶ୍ରୀରାମ ମୁନିଶ୍ରେଷ୍ଠ ବିଶ୍ୱାମିତ୍ରଙ୍କ ସହିତ ଆନନ୍ଦରେ ଚାଲିଲେ ॥ ୫ ॥

**ଆଶ୍ରମ ଏକ ଦୀଖ ମଗ ମାହାଁ । ଖଗ ମୃଗ ଜୀୱ ଜଂତୁ ତହଁ ନାହାଁ ॥**
**ପୂଛା ମୁନିହି ସିଲା ପ୍ରଭୁ ଦେଖୀ । ସକଲ କଥା ମୁନି କହା ବିସେଷୀ ॥ ୬ ॥**

ବାଟରେ ଗୋଟିଏ ଆଶ୍ରମ ଦେଖିବାକୁ ମିଳିଲା । ସେଠାରେ ପଶୁପକ୍ଷୀ କିମ୍ବା ଅନ୍ୟ କୌଣସି ଜୀବଜନ୍ତୁ ନ ଥିଲେ । ତା' ଭିତରେ ଗୋଟିଏ ବଡ଼ ଶିଳାମୂର୍ତ୍ତି ଦେଖି, ପ୍ରଭୁ ତା' ବିଷୟରେ ମୁନିଙ୍କୁ ପଚାରିଲେ । ମୁନି ସବୁକଥା ବିସ୍ତାରପୂର୍ବକ କହିଦେଲେ ॥ ୬ ॥

ଦୋ- **ଗୌତମ ନାରି ଶ୍ରାପ ବସ ଉପଲ ଦେହ ଧରି ଧୀର ।**
**ଚରନ କମଲ ରଜ ଗ୍ରହତି କୃପା କରହୁ ରଘୁବୀର ॥ ୨୧୦ ॥**

[ମୁନି କହିଲେ,] ''ଗୌତମ ମୁନିଙ୍କ ପତ୍ନୀ ଅହଲ୍ୟା ଶାପବଶତଃ ପଥର ହୋଇଯାଇ ଧୈର୍ଯ୍ୟର ସହିତ ଆପଣଙ୍କ ଚରଣକମଳର ଧୂଳିଟିକିଏ ପାଇଁ ଗ୍ରହିଁରହିଛନ୍ତି । ହେ ରଘୁବୀର ! ତାଙ୍କୁ କୃପା କରନ୍ତୁ ।'' ॥ ୨୧୦ ॥

ଛନ୍ଦ- **ପରସତ ପଦ ପାୱନ ସୋକ ନସାୱନ ପ୍ରଗଟ ଭଈ ତପପୁଂଜ ସହୀ ।**
**ଦେଖତ ରଘୁନାୟକ ଜନ ସୁଖଦାୟକ ସନମୁଖ ହୋଇ କର ଜୋରି ରହୀ ॥**
**ଅତି ପ୍ରେମ ଅଧୀରା ପୁଲକ ସରୀରା ମୁଖ ନହିଁ ଆୱଇ ବଚନ କହୀ ।**
**ଅତିସୟ ବଡ଼ଭାଗୀ ଚରନହ୍ନି ଲାଗୀ ଜୁଗଲ ନୟନ ଜଲଧାର ବହୀ ॥ ୧ ॥**

ଶ୍ରୀରାମଙ୍କ ପବିତ୍ର ଓ ଶୋକନାଶକ ଚରଣର ସ୍ପର୍ଶ ପାଇବାମାତ୍ରେ ସତକୁ ସତ ସେହି ତପୋମୂର୍ତ୍ତି ଅହଲ୍ୟା ପ୍ରକଟିତ ହୋଇଉଠିଲେ । ଭକ୍ତଗଣଙ୍କ ସୁଖଦାୟକ ଶ୍ରୀରଘୁନାଥଙ୍କୁ ଦେଖି ସେ କରପତ୍ର ଯୋଡ଼ି ସମ୍ମୁଖରେ ଠିଆ ହୋଇ ରହିଲେ । ଅତ୍ୟନ୍ତ ପ୍ରେମ ହେତୁ ସେ ଅଧୀର ହୋଇପଡ଼ିଲେ । ତାଙ୍କ ଶରୀର ପୁଲକିତ ହୋଇଉଠିଲା । ମୁଖରୁ ବଚନ ସ୍ଫୁରିଲା ନାହିଁ । ଅତ୍ୟନ୍ତ ସୌଭାଗ୍ୟବତୀ ଅହଲ୍ୟା ପ୍ରଭୁଙ୍କ ଚରଣରେ ଲୋଟିପଡ଼ିଲେ । ତାଙ୍କ ନୟନଯୁଗଳରୁ ପ୍ରେମ ଓ ଆନନ୍ଦର ଅଶ୍ରୁଧାରା ବହିବାକୁ ଲାଗିଲା ॥ ୧ ॥

**ଧୀରଜୁ ମନ କୀହ୍ନା ପ୍ରଭୁ କହୁଁ ଚୀହ୍ନା ରଘୁପତି କୃପାଁ ଭଗତି ପାଈ ।**
**ଅତି ନିର୍ମଲ ବାନୀ ଅସ୍ତୁତି ଠାନୀ ଗ୍ୟାନଗମ୍ୟ ଜୟ ରଘୁରାଈ ॥**
**ମୈଁ ନାରି ଅପାୱନ ପ୍ରଭୁ ଜଗ ପାୱନ ରାୱନ ରିପୁ ଜନ ସୁଖଦାଈ ।**
**ରାଜୀୱ ବିଲୋଚନ ଭୱ ଭୟ ମୋଚନ ପାହି ପାହି ସରନହିଁ ଆଈ ॥ ୨ ॥**

ସେ ମନରେ ଧୈର୍ଯ୍ୟ ଧରି ପ୍ରଭୁଙ୍କୁ ଚିହ୍ନିଲେ ଏବଂ ଶ୍ରୀରଘୁନାଥଙ୍କ କୃପାରୁ ଭକ୍ତି ପାଇ ଅତ୍ୟନ୍ତ ନିର୍ମଳ ବାଣୀରେ ସ୍ତୁତି ଆରମ୍ଭ କଲେ—''ହେ ଜ୍ଞାନଗମ୍ୟ ଶ୍ରୀରଘୁନାଥ । ଆପଣଙ୍କର ଜୟ ହେଉ । ମୁଁ ତ ସହଜେ ଜଣେ ଅପବିତ୍ରା ସ୍ତ୍ରୀ ଏବଂ ହେ ପ୍ରଭୁ ! ଆପଣ ଜଗତ୍‌ପାବନ, ରାବଣର ଶତ୍ରୁ ଓ ଭକ୍ତଜନଙ୍କ ସୁଖଦାୟକ । ହେ କମଳନୟନ ! ହେ ଭବଭୟହାରୀ ! ମୁଁ ଆପଣଙ୍କର ଶରଣାଗତ । ମୋତେ ରକ୍ଷା କରନ୍ତୁ, ରକ୍ଷା କରନ୍ତୁ ॥ ୨ ॥

**ମୁନି ଶ୍ରାପ ଜୋ ଦୀହ୍ନା ଅତି ଭଲ କୀହ୍ନା ପରମ ଅନୁଗ୍ରହ ମୈଁ ମାନା ।**
**ଦେଖେଉଁ ଭରି ଲୋଚନ ହରି ଭୱମୋଚନ ଇହଇ ଲାଭ ସଂକର ଜାନା ॥**
**ବିନତୀ ପ୍ରଭୁ ମୋରୀ ମୈଁ ମତି ଭୋରୀ ନାଥ ନ ମାଗଉଁ ବର ଆନା ।**
**ପଦ କମଲ ପରାଗା ରସ ଅନୁରାଗା ମମ ମନ ମଧୁପ କରୈ ପାନା ॥ ୩ ॥**

ମୁନି ମୋତେ ଯେଉଁ ଅଭିଶାପ ଦେଇଥିଲେ, ବହୁତ ଭଲ କରିଥିଲେ । ମୁଁ ଭାବୁଛି, ତାହା ମୋ ପ୍ରତି ତାଙ୍କର ପରମ ଅନୁଗ୍ରହ ଥିଲା । ସେହି ଅଭିଶାପ ହେତୁ ସଂସାରର ଉଦ୍ଧାରକାରୀ ଶ୍ରୀହରିଙ୍କୁ ମୁଁ ଆଜି ନେତ୍ର ପୂରାଇ ଦେଖିପାରିଲି । ଆପଣଙ୍କ ଦର୍ଶନକୁ ଶଙ୍କର ଶ୍ରେଷ୍ଠତମ ଲାଭ ବୋଲି ବୁଝନ୍ତି । ହେ ପ୍ରଭୁ ! ମୁଁ ମୂଢ଼ମତି । ମୋର ଗୋଟିଏ ବିନତି ଅଛି । ହେ ନାଥ ! ମୁଁ ଅନ୍ୟ କୌଣସି ବର ମାଗୁନାହିଁ; କେବଳ ଏତିକି ଗ୍ରହୁଁଛି ଯେ, ମୋର ମନଭ୍ରମର ସଦାସର୍ବଦା ଆପଣଙ୍କ ଚରଣକମଳପରାଗର ପ୍ରେମରସ ପାନ କରୁ ॥ ୩ ॥

**ଜେହିଁ ପଦ ସୁରସରିତା ପରମ ପୁନୀତା ପ୍ରଗଟ ଭଈ ସିୱ ସୀସ ଧରୀ ।**
**ସୋଈ ପଦ ପଂକଜ ଜେହି ପୂଜତ ଅଜ ମମ ସିର ଧରେଉ କୃପାଲ ହରୀ ॥**
**ଏହି ଭାଁତି ସିଧାରୀ ଗୌତମ ନାରୀ ବାର ବାର ହରି ଚରନ ପରୀ ।**
**ଜୋ ଅତି ମନ ଭାୱା ସୋ ବରୁ ପାୱା ଗୈ ପତିଲୋକ ଅନଂଦ ଭରୀ ॥ ୪ ॥**

ଯେଉଁ ଚରଣରୁ ପରମପବିତ୍ର ଦେବନଦୀ (ଗଙ୍ଗା) ପ୍ରକଟ ହେଲେ, ଯାହାକୁ କି ଶିବ ନିଜ ମସ୍ତକରେ ଧାରଣ କଲେ ଏବଂ ଯେଉଁ ଚରଣକମଳକୁ ବ୍ରହ୍ମା ପୂଜା କରନ୍ତି, ଆଜି କୃପାଳୁ ହରି ମୋ ଶିର ଉପରେ ସେହି ଚରଣକମଳ ରଖିଦେଲେ ।'' ଏପରି ବିଚାରି କରି ବାରମ୍ବାର ଭଗବାନଙ୍କ ଚରଣତଳେ ପଡ଼ି, ମନୋବାଂଛିତ ବର ପାଇ, ଗୌତମପତ୍ନୀ ଅହଲ୍ୟା ଆନନ୍ଦମଗ୍ନ ହୋଇ ପତିଲୋକକୁ ଚାଲିଗଲେ ॥ ୪ ॥

ଦୋଃ- **ଅସ ପ୍ରଭୁ ଦୀନବଂଧୁ ହରି କାରନ ରହିତ ଦୟାଲ ।**
**ତୁଲସିଦାସ ସଠ ତେହି ଭଜୁ ଛାଡ଼ି କପଟ ଜଂଜାଲ ॥ ୨୧୧ ॥**

ପ୍ରଭୁ ଶ୍ରୀହରି ହେଉଛନ୍ତି ଏହିପରି ଦୀନବନ୍ଧୁ । ସେ ଅହେତୁକ ଦୟାଳୁ । ତୁଳସୀଦାସ କହୁଛନ୍ତି, 'ରେ ଶଠ ମନ ! ତୁ କପଟଜଞ୍ଜାଳ ଛାଡ଼ି ତାଙ୍କୁ ଭଜନ କର ।' ॥ ୨୧୧ ॥

### ମାସପାରାୟଣ, ସପ୍ତମ ବିଶ୍ରାମ

**ଚଲେ ରାମ ଲଛିମନ ମୁନି ସଂଗା । ଗଏ ଜହାଁ ଜଗ ପାୱନି ଗଂଗା ॥**
**ଗାଧିସୂନୁ ସବ କଥା ସୁନାଈ । ଜେହି ପ୍ରକାର ସୁରସରି ମହି ଆଈ ॥ ୧ ॥**

ଶ୍ରୀରାମ ଓ ଲକ୍ଷ୍ମଣ ମୁନିଙ୍କ ସାଥିରେ ଚାଲିଲେ । ଯେଉଁଠି ଜଗତ୍‌ପାବନୀ ଗଙ୍ଗା ପ୍ରବାହିତ ହେଉଥାନ୍ତି, ସେମାନେ ସେଠାକୁ ଗଲେ । ଦେବନଦୀ ଗଙ୍ଗା ଯେପରି ପୃଥିବୀକୁ ଆସିଥିଲେ, ଗାଧିପୁତ୍ର ବିଶ୍ୱାମିତ୍ର ରାମଲକ୍ଷ୍ମଣଙ୍କୁ ସେହିସବୁ କଥା ଶୁଣାଇଲେ ॥ ୧ ॥

**ତବ ପ୍ରଭୁ ରିଷିହ୍ନ ସମେତ ନହାଏ । ବିବିଧ ଦାନ ମହିଦେୱହ୍ନି ପାଏ ॥**
**ହରଷି ଚଲେ ମୁନି ବୃଂଦ ସହାୟା । ବେଗି ବିଦେହ ନଗର ନିଅରାୟା ॥ ୨ ॥**

ପ୍ରଭୁ ଋଷିମାନଙ୍କ ସହିତ ଗଙ୍ଗାରେ ସ୍ନାନ କଲେ । ବ୍ରାହ୍ମଣମାନେ ନାନାପ୍ରକାର ଦାନ ପାଇଲେ । ତା'ପରେ ସେ ପ୍ରସନ୍ନ ହୋଇ ମୁନିମାନଙ୍କ ସହିତ ଆଗକୁ ଚାଲିଲେ ଏବଂ ଶୀଘ୍ର ଜନକପୁର ନିକଟରେ ପହଞ୍ଚିଗଲେ ॥ ୨ ॥

**ପୁର ରମ୍ୟତା ରାମ ଜବ ଦେଖୀ । ହରଷେ ଅନୁଜ ସମେତ ବିସେଷୀ ॥**
**ବାପୀଁ କୂପ ସରିତ ସର ନାନା । ସଲିଲ ସୁଧାସମ ମନି ସୋପାନା ॥ ୩ ॥**
**ଗୁଂଜତ ମଂଜୁ ମତ୍ତ ରସ ଭୃଂଗା । କୂଜତ କଲ ବହୁବରନ ବିହଂଗା ॥**
**ବରନ ବରନ ବିକସେ ବନଜାତା । ତ୍ରିବିଧ ସମୀର ସଦା ସୁଖଦାତା ॥ ୪ ॥**

ଜନକପୁରର ଶୋଭା ଦେଖି ଅନୁଜ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମ ଅତ୍ୟନ୍ତ ହର୍ଷିତ ହୋଇଗଲେ । ସେଠାରେ ବହୁ ବାପୀ, କୂପ, ନଦୀ ଓ ପୁଷ୍କରିଣୀ ଅମୃତତୁଲ୍ୟ ଜଳରେ ପୂର୍ଣ୍ଣ ହୋଇ ରହିଥାଏ ଓ ସେସବୁରେ ମଣିମୟ ପାହାଚ ପଡ଼ିଥାଏ । ମକରନ୍ଦରସ ପାନ କରି ଉନ୍ମତ୍ତ ହୋଇଥିବା ଭ୍ରମରମାନେ ସୁନ୍ଦରଭାବରେ ଗୁଞ୍ଜନ କରୁଥାନ୍ତି । ନାନାରଙ୍ଗର ପକ୍ଷୀ କଳରବ କରୁଥାନ୍ତି । ବିବିଧରଙ୍ଗର ପଦ୍ମଫୁଲ ଫୁଟିଥାଏ । ସଦାସୁଖଦାୟୀ ସୁଗନ୍ଧ ଓ ଶୀତଳ ପବନ ମନ୍ଦ ମନ୍ଦ ପ୍ରବାହିତ ହେଉଥାଏ ॥ ୩, ୪ ॥

ଦୋଃ- **ସୁମନ ବାଟିକା ବାଗ ବନ ବିପୁଲ ବିହଂଗ ନିୱାସ ।**
**ଫୂଲତ ଫଲତ ସୁପଲ୍ଲୱିତ ସୋହତ ପୁର ଚହୁଁ ପାସ ॥ ୨୧୨ ॥**

ନଗରର ଚତୁର୍ଦ୍ଦିଗରେ ଫୁଲଫଳରେ ଭରା ସୁପଲ୍ଲବିତ ପୁଷ୍ପବାଟିକା ଓ ବନ-ଉପବନମାନ ଶୋଭା ପାଉଥାଏ । ସବୁଥିରେ ବହୁସଂଖ୍ୟକ ପକ୍ଷୀ ବାସ କରୁଥାନ୍ତି ॥ ୨୧୨ ॥

**ବନଇ ନ ବରନତ ନଗର ନିକାଈ । ଜହାଁ ଜାଇ ମନ ତହଁଇଁ ଲୋଭାଈ ॥**
**ଚାରୁ ବଜାରୁ ବିଚିତ୍ର ଅଁବାରୀ । ମନିମୟ ବିଧି ଜନୁ ସ୍ୱକର ସଁୱାରୀ ॥ ୧ ॥**

ନଗରର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ମନ ଯେଉଁଆଡ଼େ ଯାଉଥାଏ, ସେଠାରେ ପ୍ରଲୁବ୍ଧ ହୋଇଯାଉଥାଏ । ସୁନ୍ଦର ସୁନ୍ଦର ଦୋକାନବଜାର । ମଣିମୟ ବିଚିତ୍ର ଅଟ୍ଟାଳିକା । ମନେ ହେଉଥାଏ, ସେଗୁଡ଼ିକ ବ୍ରହ୍ମା ନିଜହାତରେ ଗଢ଼ିଛନ୍ତି କି ! ॥ ୧ ॥

**ଧନିକ ବନିକ ବର ଧନଦ ସମାନା । ବୈଠେ ସକଲ ବସ୍ତୁ ଲୈ ନାନା ॥**
**ଚୌହଟ ସୁଂଦର ଗଲୀଁ ସୁହାଈ । ସଂତତ ରହହିଁ ସୁଗଂଧ ସିଁଚାଈ ॥ ୨ ॥**

କୁବେରସମାନ ବିଶିଷ୍ଟ ଧନୀ ବ୍ୟବସାୟୀମାନେ ବିବିଧପ୍ରକାର ବିପୁଳ ସାମଗ୍ରୀ ଧରି ଦୋକାନମାନଙ୍କରେ ବସିଥାନ୍ତି । ସୁନ୍ଦର ଛକଜାଗା ଓ ସୁଶୋଭିତ ଗଳିମାନ ସଦା ସୁଗନ୍ଧଦ୍ରବ୍ୟରେ ସିଞ୍ଚିତ ହୋଇ ରହିଥାଏ ॥ ୨ ॥

**ମଂଗଲମୟ ମଂଦିର ସବ କେରେଁ । ଚିତ୍ରିତ ଜନୁ ରତିନାଥ ଚିତେରେଁ ॥**
**ପୁର ନର ନାରି ସୁଭଗ ସୁଚି ସଂତା । ଧରମସୀଲ ଗ୍ୟାନୀ ଗୁନୱଂତା ॥ ୩ ॥**

ସମସ୍ତଙ୍କ ଘର ଅତି ସୁନ୍ଦର ଓ ମଙ୍ଗଳମୟ ହୋଇଥାଏ । ସବୁଘରେ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କିତ ହୋଇଥାଏ ; ମନେ ହେଉଥାଏ, ସ୍ୱୟଂ କାମଦେବ ସେସବୁ ଅଙ୍କନ କରିଛନ୍ତି । ନଗରର ସବୁ ନରନାରୀ ସୁନ୍ଦର, ପବିତ୍ର, ଧର୍ମାତ୍ମା, ଜ୍ଞାନୀ, ସାଧୁସ୍ୱଭାବର ଓ ଗୁଣବାନ୍ ଥିଲେ ॥ ୩ ॥

**ଅତି ଅନୂପ ଜହଁ ଜନକ ନିୱାସୂ । ବିଥକହିଁ ବିବୁଧ ବିଲୋକି ବିଲାସୂ ॥**
**ହୋତ ଚକିତ ଚିତ କୋଟ ବିଲୋକୀ । ସକଲ ଭୁୱନ ସୋଭା ଜନୁ ରୋକୀ ॥ ୪ ॥**

ଯେଉଁଠି ଜନକଙ୍କର ଅତି ଅନୁପମ ନିବାସ (ରାଜନବର ) ଥାଏ, ସେଠାକାର ଐଶ୍ୱର୍ଯ୍ୟ ଦେଖି ମନୁଷ୍ୟମାନଙ୍କ କଥା ବା କ'ଣ କହିବା, ଦେବତାମାନେ ମଧ୍ୟ ସ୍ତମ୍ଭିତ ହୋଇଯାଉଥିଲେ । ରାଜନବରର ପ୍ରାଚୀର ଦେଖି ଚିତ୍ତ ଚକିତ ହୋଇଯାଉଥିଲା—ସତେ ଯେପରି ତାହା ନିଜ ଭିତରେ ସକଳଲୋକର ଶୋଭାକୁ ସମାବେଶ କରି ରଖିଥିଲା ॥ ୪ ॥

ଦୋଃ- **ଧୱଲ ଧାମ ମନି ପୁରଟ ପଟ ସୁଘଟିତ ନାନା ଭାଁତି ।**
**ସିୟ ନିୱାସ ସୁଂଦର ସଦନ ସୋଭା କିମି କହି ଜାତି ॥ ୨୧୩ ॥**

ଉଜ୍ଜ୍ୱଳ ନବରଗୁଡ଼ିକରେ ସୁନ୍ଦରଭାବରେ ନିର୍ମିତ ନାନାପ୍ରକାର ମଣିଖଚିତ ସୁବର୍ଣ୍ଣଜରିର ପରଦାମାନ ଲଗାଯାଇଥିଲା । ସୀତାଙ୍କ ନିବାସସ୍ଥଳୀ ଥିଲା ଏକ ଅତ୍ୟନ୍ତ ସୁନ୍ଦର ମହଲ । ତାହାର ଶୋଭା କିପରି ବର୍ଣ୍ଣନା କରାଯାଇ ପାରିବ ! ॥ ୨୧୩ ॥

**ସୁଭଗ ଦ୍ୱାର ସବ କୁଲିସ କପାଟା । ଭୂପ ଭୀର ନଟ ମାଗଧ ଭାଟା ॥**
**ବନୀ ବିସାଲ ବାଜି ଗଜ ସାଲା । ହୟ ଗୟ ରଥ ସଂକୁଲ ସବ କାଲା ॥ ୧ ॥**

ରାଜମହଲର ସବୁ ଦ୍ୱାର ଅତି ସୁନ୍ଦର ହୋଇଥାଏ । ସେଥିରେ ବଜ୍ରନିର୍ମିତ (ସୁଦୃଢ଼ ବା ହୀରାର ଉଜ୍ଜ୍ୱଳମୟ) କବାଟ ଲାଗିଥାଏ । ସେଠାରେ ସାମନ୍ତରାଜା, ନଟ, ମାଗଧ ଓ ଭାଟମାନଙ୍କର ଭିଡ଼ ଲାଗିରହିଥାଏ । ଘୋଡ଼ା ଓ ହାତୀମାନଙ୍କ ପାଇଁ ବଡ଼ ବଡ଼ ଘୋଡ଼ାଶାଳ ଓ ହାତୀଶାଳ ନିର୍ମିତ ହୋଇଥାଏ ଏବଂ ସେଗୁଡ଼ିକ ସବୁବେଳେ ହାତୀ, ଘୋଡ଼ା ଓ ରଥରେ ପୂର୍ଣ୍ଣ ହୋଇ ରହିଥାଏ ॥ ୧ ॥

**ସୂର ସଚିଓ୍ୱ ସେନପ ବହୁତେରେ । ନୃପଗୃହ ସରିସ ସଦନ ସବ କେରେ ॥**
**ପୁର ବାହେର ସର ସରିତ ସମୀପା । ଉତରେ ଜହଁ ତହଁ ବିପୁଲ ମହୀପା ॥ ୨ ॥**

ରାଜାଙ୍କର ବହୁ ସଂଖ୍ୟାରେ ଶୂରବୀର, ମନ୍ତ୍ରୀ ଓ ସେନାପତି ଥିଲେ । ସେମାନଙ୍କ ନିବାସଗୁଡ଼ିକ ମଧ୍ୟ ରାଜମହଲ ପରି ସୁନ୍ଦର ହୋଇଥାଏ । ବହୁ ରାଜା ଆସି ନଗରବାହାରେ ସରୋବର ଓ ନଦୀକୂଳ ପ୍ରଭୃତି ବିଭିନ୍ନ ସ୍ଥାନରେ ଡେରା ପକାଇ ରହିଥାନ୍ତି ॥ ୨ ॥

**ଦେଖି ଅନୂପ ଏକ ଅଁଓ୍ୱରାଈ । ସବ ସୁପାସ ସବ ଭାଁତି ସୁହାଈ ॥**
**କୌସିକ କହେଉ ମୋର ମନୁ ମାନା । ଇହାଁ ରହିଅ ରଘୁବୀର ସୁଜାନା ॥ ୩ ॥**

ଗୋଟିଏ ଅତି ଅନୁପମ ଶୋଭାମୟ ଆମ୍ବତୋଟା ନିକଟରେ ସକଳପ୍ରକାର ସୁବିଧା ଥିବା ଦେଖି ମୁନି ବିଶ୍ୱାମିତ୍ର କହିଲେ, "ହେ ବୁଦ୍ଧିମାନ୍ ରଘୁବୀର ! ମୋ ମନ ହେଉଛି, ଏହିଠାରେ ଟିକେ ରହିଯିବା ।" ॥ ୩ ॥

**ଭଲେହିଁ ନାଥ କହି କୃପାନିକେତା । ଉତରେ ତହଁ ମୁନିବୃଂଦ ସମେତା ॥**
**ବିସ୍ୱାମିତ୍ର ମହାମୁନି ଆଏ । ସମାଚ୍ୟର ମିଥିଲାପତି ପାଏ ॥ ୪ ॥**

କୃପାନିଧାନ ଶ୍ରୀରାମ "ବହୁତ ଭଲ ହେବ" କହି ମୁନିମାନଙ୍କ ସହିତ ସେଠାରେ ରହିଗଲେ । ସେପଟେ ମିଥିଳାପତି ଜନକ ମହାମୁନି ବିଶ୍ୱାମିତ୍ର ଆସିଥିବାର ସମାଚ୍ୟର ପାଇଗଲେ ॥ ୪ ॥

ଦୋଃ- **ସଂଗ ସଚିଓ୍ୱ ସୁଚି ଭୂରି ଭଟ ଭୂସୁର ବର ଗୁର ଗ୍ୟାତି ।**
**ଚଲେ ମିଲନ ମୁନିନାୟକହି ମୁଦିତ ରାଉ ଏହି ଭାଁତି ॥ ୨୧୪ ॥**

ସେ ବିଶ୍ୱସ୍ତ ମନ୍ତ୍ରୀ, ବହୁ ଯୋଦ୍ଧା, ଶ୍ରେଷ୍ଠ ବ୍ରାହ୍ମଣ, ଗୁରୁ ଶତାନନ୍ଦ ଏବଂ ନିଜ କୁଳର ଶ୍ରେଷ୍ଠ ପୁରୁଷମାନଙ୍କୁ ଧରି ଅତି ଆନନ୍ଦରେ ମୁନିବର ବିଶ୍ୱାମିତ୍ରଙ୍କୁ ଭେଟିବାକୁ ଚ୍ୟଲିଆସିଲେ ॥ ୨୧୪ ॥

**କୀହ୍ନ ପ୍ରନାମୁ ଚରନ ଧରି ମାଥା । ଦୀହ୍ନି ଅସୀସ ମୁଦିତ ମୁନିନାଥା ॥**
**ବିପ୍ରବୃଂଦ ସବ ସାଦର ବଂଦେ । ଜାନି ଭାଗ୍ୟ ବଡ଼ ରାଉ ଅନଂଦେ ॥ ୧ ॥**

ରାଜା ଯାଇ ମୁନିଙ୍କ ଚରଣରେ ମସ୍ତକ ରଖି ପ୍ରଣାମ କଲେ । ମୁନିବର ବିଶ୍ୱାମିତ୍ର ପ୍ରସନ୍ନ ହୋଇ ତାଙ୍କୁ ଆଶୀର୍ବାଦ ଦେଲେ । ରାଜା ସମସ୍ତ ବ୍ରାହ୍ମଣମଣ୍ଡଳୀକୁ ଆଦରରେ ପ୍ରଣାମ କଲେ ଏବଂ ମୁନିଙ୍କ ଆଗମନ ବଡ଼ ଭାଗ୍ୟର କଥା ଜାଣି ଆନନ୍ଦିତ ହେଲେ ॥ ୧ ॥

**କୁସଲ ପ୍ରସ୍ନ କହି ବାରହିଁ ବାରା । ବିସ୍ୱାମିତ୍ର ନୃପହି ବୈଠାରା ॥**
**ତେହି ଅଓ୍ୱସର ଆଏ ଦୋଉ ଭାଈ । ଗଏ ରହେ ଦେଖନ ଫୁଲଓ୍ୱାଈ ॥ ୨ ॥**

ବାରମ୍ବାର କୁଶଳ ପ୍ରଶ୍ନ କରି ବିଶ୍ୱାମିତ୍ର ରାଜାଙ୍କୁ ଆସନରେ ବସାଇଲେ । ରାମଲକ୍ଷ୍ମଣ ତ ପୁଷ୍ପଉଦ୍ୟାନ ଦେଖିବାକୁ ଚ୍ୟଲିଯାଇଥିଲେ; ସେତିକିବେଳେ ସେହି ଦୁଇଭାଇ ଆସି ପହଞ୍ଚିଗଲେ ॥ ୨ ॥

**ସ୍ୟାମ ଗୌର ମୃଦୁ ବୟସ କିସୋରା । ଲୋଚନ ସୁଖଦ ବିସ୍ୱ ଚିତ ଚୋରା ॥**
**ଉଠେ ସକଲ ଜବ ରଘୁପତି ଆଏ । ବିସ୍ୱାମିତ୍ର ନିକଟ ବୈଠାଏ ॥ ୩ ॥**

ସମଗ୍ର ବିଶ୍ୱର ଚିତ୍ତଚୋର ସେହି ଦୁଇଭାଇ ଆସି ପହଞ୍ଚିଯିବାରୁ ତାଙ୍କର ଶ୍ୟାମଳ ଓ ଗୌର ତନୁ, ସୁକୁମାର ନବକିଶୋର ଅବସ୍ଥା ଓ ନେତ୍ରସୁଖଦାୟୀ ରୂପ ଦେଖି–ସେମାନଙ୍କ ରୂପ ଓ ତେଜରେ ପ୍ରଭାବିତ ହୋଇ ସମସ୍ତେ ଉଠି ଠିଆ ହୋଇପଡ଼ିଲେ । ବିଶ୍ୱାମିତ୍ର ସେହି ଦୁଇଭାଇଙ୍କୁ ନେଇ ପାଖରେ ବସାଇଲେ ॥ ୩ ॥

**ଭଏ ସବ ସୁଖୀ ଦେଖି ଦୋଉ ଭ୍ରାତା । ବାରି ବିଲୋଚନ ପୁଲକିତ ଗାତା ॥**
**ମୂରତି ମଧୁର ମନୋହର ଦେଖୀ । ଭୟଉ ବିଦେହୁ ବିଦେହୁ ବିସେଷୀ ॥ ୪ ॥**

ଦୁଇଭାଇଙ୍କୁ ଦେଖି ସମସ୍ତେ ଖୁସୀ ହୋଇଗଲେ । ସମସ୍ତଙ୍କ ନେତ୍ରରେ ଆନନ୍ଦ ଓ ପ୍ରେମର ଅଶ୍ରୁ ଝରିଆସିବା ସଙ୍ଗେ ସଙ୍ଗେ ଶରୀର ରୋମାଞ୍ଚିତ ହୋଇଗଲା । ଶ୍ରୀରାମଙ୍କର ମଧୁର ମନୋହର ମୂର୍ତ୍ତି ଦେଖି ବିଦେହ (ଜନକ) ବିଶେଷରୂପେ ବିଦେହ (ଦେହଜ୍ଞାନରହିତ) ହୋଇଗଲେ ॥ ୪ ॥

ଦୋଃ- **ପ୍ରେମ ମଗନ ମନୁ ଜାନି ନୃପୁ କରି ବିବେକୁ ଧରି ଧୀର ।**
**ବୋଲେଉ ମୁନିପଦ ନାଇ ସିରୁ ଗଦଗଦ ଗିରା ଗଭୀର ॥ ୨୧୫ ॥**

ମନ ପ୍ରେମରେ ମଗ୍ନ ହୋଇଯାଇଥିବାର ଜାଣିପାରି, ରାଜା ଜନକ ବିବେକର ଆଶ୍ରୟ ନେଇ ଧୈର୍ଯ୍ୟ ଧରିଲେ ଏବଂ ମୁନିଙ୍କ ଚରଣରେ ପ୍ରଣାମ କରି, ଗଦ୍‌ଗଦ ହୋଇ ଗମ୍ଭୀର କଣ୍ଠରେ ପଚାରିଲେ, ॥ ୨୧୫ ॥

**କହହୁ ନାଥ ସୁଂଦର ଦୋଉ ବାଲକ । ମୁନିକୁଲ ତିଲକ କି ନୃପକୁଲ ପାଲକ ॥**
**ବ୍ରହ୍ମ ଜୋ ନିଗମ ନେତି କହି ଗାୱା । ଉଭୟ ବେଷ ଧରି କୀ ସୋଇ ଆୱା ॥ ୧ ॥**
**ସହଜ ବିରାଗରୂପ ମନୁ ମୋରା । ଥକିତ ହୋତ ଜିମି ଚଂଦ ଚକୋରା ॥**
**ତାତେ ପ୍ରଭୁ ପୂଛଉଁ ସତିଭାଉ । କହହୁ ନାଥ ଜନି କରହୁ ଦୁରାଉ ॥ ୨ ॥**
**ଇନ୍ହହି ବିଲୋକତ ଅତି ଅନୁରାଗା । ବରବସ ବ୍ରହ୍ମସୁଖହି ମନ ତ୍ୟାଗା ॥**
**କହ ମୁନି ବିହସି କହେହୁ ନୃପ ନୀକା । ବଚନ ତୁହ୍ମାର ନ ହୋଇ ଅଲୀକା ॥ ୩ ॥**
**ୟେ ପ୍ରିୟ ସବହି ଜହାଁ ଲଗି ପ୍ରାନୀ । ମନ ମୁସୁକାହିଁ ରାମୁ ସୁନି ବାନୀ ॥**
**ରଘୁକୁଲ ମନି ଦସରଥ କେ ଜାଏ । ମମ ହିତ ଲାଗି ନରେସ ପଠାଏ ॥ ୪ ॥**

"ହେ ନାଥ ! ଏହି ଦୁଇ ସୁନ୍ଦର ବାଳକ ମୁନିକୁଳର ଭୂଷଣ, ନା କୌଣସି ରାଜବଂଶର ପାଳକ ? ବେଦଗଣ 'ନେତି' 'ନେତି' କହି ଯାହାଙ୍କ ବିଷୟରେ ଗାନ କରନ୍ତି, ସେହି ବ୍ରହ୍ମ ସତେ କ'ଣ ଏଠାକୁ ଯୁଗଳରୂପ ଧରି ଚାଲିଆସିଛନ୍ତି ! ମୋ ମନ ତ ସ୍ୱଭାବତଃ ବୈରାଗ୍ୟମୟ; ତଥାପି ଚନ୍ଦ୍ରକୁ ଦେଖି ଚକୋର ମୁଗ୍ଧ ହେବାପରି, ଏଦୁହିଁଙ୍କୁ ଦେଖି ମୋର ମନ ମଧ୍ୟ ମୁଗ୍ଧ ହୋଇଯାଉଛି । ହେ ପ୍ରଭୁ ! ମୁଁ ଆପଣଙ୍କୁ ନିଷ୍କପଟଭାବରେ ପଚାରୁଛି, ହେ ନାଥ ! କିଛି ନ ଲୁଚାଇ ସତ କହନ୍ତୁ, ଏମାନେ କିଏ ? ଏମାନଙ୍କୁ ଦେଖୁ ଦେଖୁ, ଅତ୍ୟନ୍ତ ପ୍ରେମବଶ ହୋଇ ମୋ ମନ ବଳପୂର୍ବକ ବ୍ରହ୍ମସୁଖ ଛାଡ଼ିଦେଇଛି ।" ମୁନିବର ହସ ହସ ହୋଇ କହିଲେ, "ହେ ରାଜନ୍ ! ଆପଣ ଠିକ୍ କହିଛନ୍ତି ; ଆପଣଙ୍କ କଥା ମିଥ୍ୟା ହୁଏ ନାହିଁ । ଏ ଦୁହେଁ ଜଗତର ସମସ୍ତ ପ୍ରାଣୀଙ୍କର ପ୍ରିୟ ।" ମୁନିଙ୍କ ରହସ୍ୟଭରା କଥା ଶୁଣି ଶ୍ରୀରାମ ମନେ ମନେ ହସିଲେ (ହସି ହସି, ସତେ ଯେପରି ରହସ୍ୟ ନ ଖୋଲିବାକୁ ସଂକେତ ଦେଲେ) । ପୁନଶ୍ଚ ମୁନି କହିଲେ, "ଏ ଦୁହେଁ ହେଉଛନ୍ତି ରଘୁକୁଳମଣି ମହାରାଜ ଦଶରଥଙ୍କର ପୁତ୍ର । ମୋର ହିତ କରିବା ନିମନ୍ତେ ରାଜା ଏଦୁହିଁଙ୍କୁ ମୋ ସାଥିରେ ପଠାଇଛନ୍ତି ॥ ୧–୪ ॥

ଦୋः- **ରାମୁ ଲଖନୁ ଦୋଉ ବଂଧୁବର ରୂପ ସୀଲ ବଲ ଧାମ ।**
**ମଖ ରାଖେଉ ସବୁ ସାଖି ଜଗୁ ଜିତେ ଅସୁର ସଂଗ୍ରାମ ॥ ୨୧୬ ॥**

ଏହି ଦୁଇ ଶ୍ରେଷ୍ଠଭାଇ ରାମ ଓ ଲକ୍ଷ୍ମଣ ହେଉଛନ୍ତି ରୂପ, ଗୁଣ ଓ ବଳର ଧାମ । ଏମାନେ ଯୁଦ୍ଧରେ ଅସୁରମାନଙ୍କୁ ଜିଣି ମୋର ଯଜ୍ଞ ରକ୍ଷା କରିଛନ୍ତି; ସମଗ୍ର ଜଗତ୍ ଏହାର ସାକ୍ଷୀ ।'' ॥ ୨୧୬ ॥

**ମୁନି ତୱ ଚରନ ଦେଖି କହ ରାଉ । କହି ନ ସକଉଁ ନିଜ ପୁନ୍ୟ ପ୍ରଭାଉ ॥**
**ସୁଂଦର ସ୍ୟାମ ଗୌର ଦୋଉ ଭ୍ରାତା । ଆନଁଦହୂ କେ ଆନଁଦ ଦାତା ॥ ୧ ॥**

ରାଜା କହିଲେ, ''ହେ ମୁନି ! ଆପଣଙ୍କ ଚରଣ-ଦର୍ଶନ ପାଇଥିବାରୁ, ମୋ ପୁଣ୍ୟର ପ୍ରଭାବ ଯେ କେତେ, ତାହା ମୁଁ କହିପାରୁନାହିଁ । ଏହି ଶ୍ୟାମ ଓ ଗୌରବର୍ଣ୍ଣର ସୁନ୍ଦର ଦୁଇଭାଇ ଆନନ୍ଦକୁ ମଧ୍ୟ ଆନନ୍ଦ ଦେଉଛନ୍ତି ॥ ୧ ॥

**ଇନ୍ହ କୈ ପ୍ରୀତି ପରସପର ପାୱନି । କହି ନ ଜାଇ ମନ ଭାୱ ସୁହାୱନି ॥**
**ସୁନହୁ ନାଥ କହ ମୁଦିତ ବିଦେହୂ । ବ୍ରହ୍ମ ଜୀୱ ଇୱ ସହଜ ସନେହୂ ॥ ୨ ॥**

ଏ ଦୁହିଙ୍କ ମଧ୍ୟରେ ପରସ୍ପର ପ୍ରତି ଯେଉଁ ପବିତ୍ର ପ୍ରୀତି ରହିଛି, ତାହା ମନକୁ ମୁଗ୍ଧ କରିଦେଉଛି; କିନ୍ତୁ ତାହା ଭାଷାରେ କହିହେଉନାହିଁ ।'' ବିଦେହ (ଜନକ) ଆନନ୍ଦିତ ହୋଇ କହିଲେ, ''ହେ ନାଥ ! ଶୁଣନ୍ତୁ, ବ୍ରହ୍ମ ଓ ଜୀବ ମଧ୍ୟରେ ରହିଥିବା ପ୍ରେମ ପରି ଏ ଦୁହିଁଙ୍କ ମଧ୍ୟରେ ସ୍ୱାଭାବିକ ପ୍ରେମ ରହିଛି ।'' ॥ ୨ ॥

**ପୁନି ପୁନି ପ୍ରଭୁହି ଚିତୱ ନରନାହୂ । ପୁଲକ ଗାତ ଉର ଅଧିକ ଉଛାହୂ ॥**
**ମୁନିହି ପ୍ରସଂସି ନାଇ ପଦ ସୀସୂ । ଚଲେଉ ଲୱାଇ ନଗର ଅୱନୀସୂ ॥ ୩ ॥**

ରାଜା ବାରମ୍ବାର ପ୍ରଭୁଙ୍କୁ ଚାହୁଁଥାନ୍ତି (ତାଙ୍କ ଦୃଷ୍ଟି ସେଠାରୁ ଫେରିବାକୁ ଚାହୁଁ ନ ଥାଏ), ଶରୀର ପୁଲକିତ ହୋଇଯାଉଥାଏ ଏବଂ ହୃଦୟରେ ଉତ୍ସାହ ଅଧିକରୁ ଅଧିକ ବଢୁଥାଏ । ଶେଷରେ ସେ ମୁନିଙ୍କୁ ପ୍ରଶଂସା କରି ଏବଂ ତାଙ୍କ ଚରଣରେ ମଥା ନତ କରି ସେମାନଙ୍କୁ ନଗରକୁ ନେଇଗଲେ ॥ ୩ ॥

**ସୁଂଦର ସଦନୁ ସୁଖଦ ସବ କାଲା । ତହାଁ ବାସୁ ଲୈ ଦୀହ୍ନ ଭୁଆଲା ॥**
**କରି ପୂଜା ସବ ବିଧି ସେୱକାଈ । ଗୟଉ ରାଉ ଗୃହ ବିଦା କରାଈ ॥ ୪ ॥**

ରାଜାଙ୍କର ଯେଉଁ ସୁନ୍ଦର ମହଲଟି ସବୁ ସମୟରେ (ସବୁ ଋତୁରେ) ଅତି ସୁଖଦ ଥିଲା, ରାଜା ସେମାନଙ୍କୁ ନେଇ ସେଠାରେ ରଖାଇଲେ । ତା'ପରେ ସମୁଚିତ ପୂଜା ଓ ସେବା କରିସାରି, ରାଜା ସେଠାରୁ ବିଦାୟ ନେଇ ନିଜ ନିବାସକୁ ଚାଲିଗଲେ ॥ ୪ ॥

ଦୋः- **ରିଷୟ ସଂଗ ରଘୁବଂସ ମନି କରି ଭୋଜନୁ ବିଶ୍ରାମୁ ।**
**ବୈଠେ ପ୍ରଭୁ ଭ୍ରାତା ସହିତ ଦିୱସୁ ରହା ଭରି ଜାମୁ ॥ ୨୧୭ ॥**

ରଘୁକୁଳଶିରୋମଣି ପ୍ରଭୁ ଶ୍ରୀରାମ ଋଷିମାନଙ୍କ ସହିତ ଭୋଜନ ଓ ବିଶ୍ରାମ କରିସାରି ଭାଇ ଲକ୍ଷ୍ମଣଙ୍କ ସହିତ ବସିଲେ । ସେତେବେଳକୁ ଗୋଟିଏ ପ୍ରହରମାତ୍ର ଦିନ ବାକିଥାଏ ॥ ୨୧୭ ॥

**ଲଖନ ହୃଦୟଁ ଲାଲସା ବିସେଷୀ । ଜାଇ ଜନକପୁର ଆଇଅ ଦେଖୀ ॥**
**ପ୍ରଭୁ ଭୟ ବହୁରି ମୁନିହି ସକୁଚାହୀଁ । ପ୍ରଗଟ ନ କହହିଁ ମନହିଁ ମୁସୁକାହୀଁ ॥ ୧ ॥**

ଲକ୍ଷ୍ମଣଙ୍କ ମନରେ ବିଶେଷ ଉତ୍କଣ୍ଠା ଜାତ ହେଉଥାଏ ଯେ, ସେ ଯାଇ ଟିକିଏ ଜନକପୁର ଦେଖି ଆସନ୍ତେ । କିନ୍ତୁ ସେ ବଡ଼ଭାଇଙ୍କୁ ଡରୁଥାନ୍ତି; ପୁଣି ମୁନିଙ୍କୁ କହିବାକୁ ବି ସଂକୋଚ କରୁଥାନ୍ତି । ତେଣୁ ପାଟି ଖୋଲି କିଛି ନ କହି ମୁରୁକି ମୁରୁକି ହସୁଥାନ୍ତି ॥ ୧ ॥

**ରାମ ଅନୁଜ ମନ କୀ ଗତି ଜାନୀ । ଭଗତ ବଛଲତା ହିୟଁ ହୁଲସାନୀ ॥**
**ପରମ ବିନୀତ ସକୁଚି ମୁସୁକାଈ । ବୋଲେ ଗୁର ଅନୁସାସନ ପାଈ ॥ ୨ ॥**

ଅନ୍ତର୍ଯାମୀ ଶ୍ରୀରାମ ସାନଭାଇର ମନକଥା ଜାଣିପାରିଲେ । ତାଙ୍କ ହୃଦୟର ଭକ୍ତବତ୍ସଳତା ଉଚ୍ଛୁଳିପଡ଼ିଲା । ସେ ଗୁରୁଙ୍କ ଆଜ୍ଞା ନେଇ ବଡ଼ ବିନୟର ସହିତ, ସଂକୁଚିତ ହୋଇ, ମୃଦୁ ମୃଦୁ ହସି କହିଲେ, ॥ ୨ ॥

**ନାଥ ଲଖନୁ ପୁରୁ ଦେଖନ ଚହହୀଁ । ପ୍ରଭୁ ସକୋଚ ଡର ପ୍ରଗଟ ନ କହହୀଁ ॥**
**ଜୌଁ ରାଉର ଆୟସୁ ମୈଁ ପାୱୌଁ । ନଗର ଦେଖାଇ ତୁରତ ଲୈ ଆୱୌଁ ॥ ୩ ॥**

"ଗୁରୁଦେବ ! ଲକ୍ଷ୍ମଣ ନଗର ଦେଖିବାକୁ ଚାହୁଁଛି; କିନ୍ତୁ ଭୟ ଓ ସଂକୋଚ ହେତୁ ମୁହଁ ଖୋଲି କିଛି କହିପାରୁନି । ଆପଣଙ୍କ ଆଜ୍ଞା ମିଳିଲେ, ମୁଁ ତାକୁ ନେଇ ନଗର ଦେଖାଇଆଣନ୍ତି ।" ॥ ୩ ॥

**ସୁନି ମୁନୀସୁ କହ ବଚନ ସପ୍ରୀତୀ । କସ ନ ରାମ ତୁମ୍ହ ରାଖହୁ ନୀତୀ ॥**
**ଧରମ ସେତୁ ପାଲକ ତୁମ୍ହ ତାତା । ପ୍ରେମ ବିବସ ସେୱକ ସୁଖଦାତା ॥ ୪ ॥**

ଏହା ଶୁଣି ମୁନୀଶ୍ୱର ବିଶ୍ୱାମିତ୍ର ସ୍ନେହର ସହିତ କହିଲେ, "ହେ ରାମ ! ତୁମେ ତ ଧର୍ମ-ମର୍ଯ୍ୟାଦାର ରକ୍ଷକ ଏବଂ ପ୍ରେମର ବଶୀଭୂତ ହୋଇ ତୁମେ ସେବକମାନଙ୍କୁ ସୁଖ ପ୍ରଦାନ କର । ତୁମେ ବା କିପରି ନୀତି ରକ୍ଷା ନ କରନ୍ତ ॥ ୪ ॥

ଦୋଃ- **ଜାଇ ଦେଖି ଆୱହୁ ନଗରୁ ସୁଖ ନିଧାନ ଦୋଉ ଭାଇ ।**
**କରହୁ ସୁଫଲ ସବ କେ ନୟନ ସୁଂଦର ବଦନ ଦେଖାଇ ॥ ୨୧୮ ॥**

ତୁମେ ଦୁଇଭାଇ ତ ସୁଖର ନିଧାନ । ଯାଅ, ନଗର ଦେଖିଆସ । ନିଜର ସୁନ୍ଦର ବଦନ ଦେଖାଇ ସମସ୍ତ ନଗରବାସୀଙ୍କ ନେତ୍ରକୁ ସଫଳ କର ।" ॥ ୨୧୮ ॥

**ମୁନି ପଦ କମଲ ବଂଦି ଦୋଉ ଭ୍ରାତା । ଚଲେ ଲୋକ ଲୋଚନ ସୁଖ ଦାତା ॥**
**ବାଲକ ବୃଂଦ ଦେଖି ଅତି ସୋଭା । ଲଗେ ସଂଗ ଲୋଚନ ମନୁ ଲୋଭା ॥ ୧ ॥**

ସକଳଲୋକଲୋଚନର ସୁଖଦାତା ଦୁଇଭାଇ ମୁନିଙ୍କ ଚରଣକମଳ ବନ୍ଦନା କରି ବାହାରିପଡ଼ିଲେ । ତାଙ୍କ ରୂପଶୋଭା ଦେଖି ନଗରର ବାଳକମାନେ ମଧ୍ୟ ତାଙ୍କ ସହିତ ଚାଲିଲେ । ବାଳକମାନଙ୍କର ମନ ଓ ନୟନ ସେହି ଦୁଇଭାଇଙ୍କର ସୌନ୍ଦର୍ଯ୍ୟମାଧୁରୀରେ ପ୍ରଲୁବ୍ଧ ହୋଇଗଲା ॥ ୧ ॥

**ପୀତ ବସନ ପରିକର କଟି ଭାଥା । ଚାରୁ ଚାପ ସର ସୋହତ ହାଥା ॥**
**ତନ ଅନୁହରତ ସୁଚଂଦନ ଖୋରୀ । ସ୍ୟାମଲ ଗୌର ମନୋହର ଜୋରୀ ॥ ୨ ॥**

ଦୁଇଭାଇ ପିନ୍ଧିଥାନ୍ତି ପୀତରଙ୍ଗର ବସ୍ତ୍ର; କଟିରେ ବାନ୍ଧିଥାନ୍ତି ତୂଣୀର । ହାତରେ ଶୋଭା ପାଉଥାଏ ସୁନ୍ଦର ଧନୁଶର; ଶ୍ୟାମଳ ଓ ଗୌର ଦୁଇଶରୀରରେ ଶୋଭା ପାଉଥାଏ ବର୍ଣ୍ଣଅନୁକୂଳ (ଯେଉଁ ବର୍ଣ୍ଣକୁ ଯେଉଁ ଚନ୍ଦନ ମାନିବ, ସେହି ରକ୍ତ ବା ଶ୍ୱେତ) ଚନ୍ଦନର ତିଳକ । ଶ୍ୟାମଳ ଓ ଗୌରବର୍ଣ୍ଣ ଦୁଇମୂର୍ତ୍ତି ଅତୀବ ମନୋହର ଦେଖାଯାଉଥାନ୍ତି ॥ ୨ ॥

**କେହରି କଂଧର ବାହୁ ବିସାଲା । ଉର ଅତି ରୁଚିର ନାଗମନି ମାଲା ॥**
**ସୁଭଗ ସୋନ ସରସୀରୁହ ଲୋଚନ । ବଦନ ମୟଂକ ତାପତ୍ରୟ ମୋଚନ ॥ ୩ ॥**

ସିଂହସ୍କନ୍ଧ ପରି ପୁଷ୍ଟ ସ୍କନ୍ଧ; ଆଜାନୁଲମ୍ବିତ ବିଶାଳ ଭୁଜ; ଅତି ରୁଚିର ବକ୍ଷ ଉପରେ ଗଜମୁକ୍ତାର ମାଳା; ସୁନ୍ଦର ରକ୍ତପଦ୍ମ ପରି ଲୋଚନ ଏବଂ ତ୍ରିତାପହର ଚନ୍ଦ୍ରବଦନ ॥ ୩ ॥

**କାନନ୍ହି କନକ ଫୂଲ ଛବି ଦେହୀଁ । ଚିତୱତ ଚିତହି ଚୋରି ଜନୁ ଲେହୀଁ ॥**
**ଚିତୱନି ଚାରୁ ଭୃକୁଟି ବର ବାଁକୀ । ତିଲକ ରେଖ ସୋଭା ଜନୁ ଚାଁକୀ ॥ ୪ ॥**

କର୍ଣ୍ଣରେ ସୁବର୍ଣ୍ଣ କର୍ଣ୍ଣଫୁଲର ସୌନ୍ଦର୍ଯ୍ୟ ଦର୍ଶକର ଚିତ୍ତକୁ ଘେରାଇନେଉଥାଏ । ଗ୍ରୀବା ବଡ଼ ମନୋହର ହୋଇଥାଏ; ଭ୍ରୂଲତା ବଙ୍କିମ ଓ ସୁନ୍ଦର । ଲଲାଟରେ ତିଳକର ରେଖା ଅତ୍ୟନ୍ତ ସୁନ୍ଦର ଦିଶୁଥାଏ; ମନେ ହେଉଥାଏ, ସତେ ଯେପରି ମୂର୍ତ୍ତିମନ୍ତ ଶୋଭା ଉପରେ ମୋହର ମାରିଦିଆଯାଇଛି ॥ ୪ ॥

**ଦୋଃ- ରୁଚିର ଚୌତନୀଁ ସୁଭଗ ସିର ମେଚକ କୁଂଚିତ କେସ ।**
**ନଖ ସିଖ ସୁଂଦର ବଂଧୁ ଦୋଉ ସୋଭା ସକଲ ସୁଦେସ ॥ ୨୧୯ ॥**

ମସ୍ତକରେ ସୁନ୍ଦର ଚତୁଷ୍କୋଣୀ ଟୋପି ସୁଶୋଭିତ । ଘନକୃଷ୍ଣ କୁଞ୍ଚିତ କେଶ । ଦୁଇଭାଇ ନଖଠାରୁ ଶିଖା ପର୍ଯ୍ୟନ୍ତ ସୁନ୍ଦର ହୋଇଥାନ୍ତି । ଶରୀରର ଯେଉଁଠି ଯେପରି ଶୋଭା ମାନିବ, ସେଠାରେ ସେହିପରି ଶୋଭା ପୂର୍ଣ୍ଣ ହୋଇ ରହିଥାଏ ॥ ୨୧୯ ॥

**ଦେଖନ ନଗରୁ ଭୂପସୁତ ଆଏ । ସମାଚାର ପୁରବାସିହ୍ନ ପାଏ ॥**
**ଧାଏ ଧାମ କାମ ସବ ତ୍ୟାଗୀ । ମନହୁଁ ରଂକ ନିଧି ଲୂଟନ ଲାଗୀ ॥ ୧ ॥**

ଯେତେବେଳେ ନଗରଲୋକେ ଶୁଣିବାକୁ ପାଇଲେ ଯେ, ନଗର ବୁଲି ଦେଖିବାକୁ ଦୁଇଜଣ ରାଜକୁମାର ଆସିଛନ୍ତି, ସେତେବେଳେ ରଙ୍କ ଧନ ଲୁଟିବାକୁ ଧାଇଁଲାପରି ସେମାନେ ଘରଦ୍ୱାର, କାମଧନ୍ଦା ଛାଡ଼ି ଏଦୁହିଁଙ୍କୁ ଦେଖିବାକୁ ଧାଇଁଆସିଲେ ॥ ୧ ॥

**ନିରଖି ସହଜ ସୁଂଦର ଦୋଉ ଭାଈ । ହୋହିଁ ସୁଖୀ ଲୋଚନ ଫଲ ପାଈ ॥**
**ଜୁବତୀଁ ଭୱନ ଝରୋଖହ୍ନି ଲାଗୀଁ । ନିରଖହିଁ ରାମ ରୂପ ଅନୁରାଗୀଁ ॥ ୨ ॥**

ଦୁଇଭାଇଙ୍କୁ ଦେଖି, ସେମାନେ ନିଜର ନୟନ ସାର୍ଥକ କରି ଆନନ୍ଦିତ ହେଲେ । ଯୁବତୀସ୍ତ୍ରୀମାନେ ଝରକା ବାଟ ଦେଇ ପ୍ରେମବିହ୍ୱଳ ହୋଇ ଶ୍ରୀରାମଙ୍କ ରୂପକୁ ଦେଖୁଥାନ୍ତି ॥ ୨ ॥

**କହହିଁ ପରସପର ବଚନ ସପ୍ରୀତୀ । ସଖି ଇହ୍ନ କୋଟି କାମ ଛବି ଜୀତୀ ॥**
**ସୁର ନର ଅସୁର ନାଗ ମୁନି ମାହୀଁ । ସୋଭା ଅସି କହୁଁ ସୁନିଅତି ନାହୀଁ ॥ ୩ ॥**

ସେମାନେ ନିଜ ନିଜ ମଧ୍ୟରେ କୁହାକୁହି ହେଉଥାନ୍ତି, ''ସଖୀ ! ଏ ଦୁହେଁ କୋଟିଏ କାମଦେବଙ୍କ ଛବିକୁ ବି ଜିଣିଯାଇଛନ୍ତି । ଦେବତା, ମନୁଷ୍ୟ, ଅସୁର, ନାଗ ଓ ମୁନିଙ୍କ ମଧ୍ୟରେ କେଉଁଠି ବି ଏପରି ସୁନ୍ଦର ପୁରୁଷ ଥିବା କଥା ଶୁଣାନାହିଁ ॥ ୩ ॥

**ବିଷ୍ଣୁ ଚାରି ଭୁଜ ବିଧି ମୁଖ ଚାରୀ । ବିକଟ ବେଷ ମୁଖ ପଂଚ ପୁରାରୀ ॥**
**ଅପର ଦେଉ ଅସ କୋଉ ନ ଆହୀ । ଯହ ଛବି ସଖୀ ପଟତରିଅ ଜାହୀ ॥ ୪ ॥**

ବିଷ୍ଣୁଙ୍କର ତ ଚାରିଟା ହାତ; ବ୍ରହ୍ମାଙ୍କର ତ ଚାରିଟା ମୁହଁ; ଶିବଙ୍କ ବେଶ ତ ଭୟଙ୍କର ; ତା'ଉପରେ ପୁଣି ପାଞ୍ଚଟା ମୁହଁ । ଆଗୋ ସଖୀ ! ଅନ୍ୟ କୌଣସି ବି ଦେବତା ନାହାନ୍ତି, ଯାହାଙ୍କ ସହିତ ଏହାଙ୍କ ଛବିର ତୁଳନା ହୋଇପାରିବ ॥ ୪ ॥

**ଦୋଃ- ବୟ କିସୋର ସୁଷମା ସଦନ ସ୍ୟାମ ଗୌର ସୁଖ ଧାମ ।**
**ଅଂଗ ଅଂଗ ପର ୱାରିଅହିଁ କୋଟି କୋଟି ସତ କାମ ॥ ୨୨୦ ॥**

ଏ ଦୁହିଙ୍କର କିଶୋର ଅବସ୍ଥା; ଏମାନେ ସୌନ୍ଦର୍ଯ୍ୟର ନିଧାନ; ଶ୍ୟାମଳଗୌର ଏହି ଦୁଇଭାଇ ତ ସୁଖର ଧାମ ! ଏହାଙ୍କର ଗୋଟିଏ ଗୋଟିଏ ଅଙ୍ଗ ସହିତ ଶହେକୋଟି କାମଦେବ ବି ସରି ନୁହନ୍ତି ॥ ୨୨୦ ॥

**କହହୁ ସଖୀ ଅସ କୋ ତନୁଧାରୀ । ଜୋ ନ ମୋହ ୟହ ରୂପ ନିହାରୀ ॥**
**କୋଉ ସପ୍ରେମ ବୋଲୀ ମୃଦୁ ବାନୀ । ଜୋ ମୈଁ ସୁନା ସୋ ସୁନହୁ ସୟାନୀ ॥ ୧ ॥**

ହେ ସଖୀ ! କୁହ ତ, ଏପରି କେଉଁ ଦେହଧାରୀ ଅଛି, ଯେ କି ଏମାନଙ୍କୁ ଦେଖି ମୋହିତ ନ ହୋଇଯିବ !'' ଏତିକିବେଳେ ଅନ୍ୟ ଜଣେ ସଖୀ ପ୍ରେମରେ ମୁଗ୍ଧ ହୋଇ କୋମଳ କଣ୍ଠରେ କହିଲା, ''ହେ ଚତୁରୀ ! ମୁଁ ଯାହା ଶୁଣିଛି, କହୁଛି ଶୁଣ ॥ ୧ ॥

**ଏ ଦୋଉ ଦସରଥ କେ ଢୋଟା । ବାଲ ମରାଲହ୍ନି କେ କଲ ଜୋଟା ॥**
**ମୁନି କୌସିକ ମଖ କେ ରଖୱାରେ । ଜିହ୍ନ ରନ ଅଜିର ନିସାଚର ମାରେ ॥ ୨ ॥**

ଏ ଦୁଇଜଣ ହେଉଛନ୍ତି ମହାରାଜ ଦଶରଥଙ୍କ ପୁତ୍ର । ଆହା ! ବାଳମରାଳ ପରି କି ସୁନ୍ଦର ଯୋଡ଼ି ! ଏମାନେ ମୁନି ବିଶ୍ୱାମିତ୍ରଙ୍କ ଯଜ୍ଞ ରକ୍ଷା କରିଛନ୍ତି ଏବଂ ଏମାନେ ଯୁଦ୍ଧରେ ରାକ୍ଷସମାନଙ୍କୁ ବି ମାରିଦେଇଛନ୍ତି ଲୋ ! ॥ ୨ ॥

**ସ୍ୟାମ ଗାତ କଲ କଂଜ ବିଲୋଚନ । ଜୋ ମାରୀଚ ସୁଭୁଜ ମଦୁ ମୋଚନ ॥**
**କୌସଲ୍ୟା ସୁତ ସୋ ସୁଖ ଖାନୀ । ନାମୁ ରାମୁ ଧନୁ ସାୟକ ପାନୀ ॥ ୩ ॥**

ଏହି ଦୁହିଙ୍କ ଭିତରୁ ଯାହାଙ୍କ ଶରୀର ଶ୍ୟାମଳ, ନେତ୍ର ପଦ୍ମଫୁଲ ପରି, ଯେ ମାରୀଚ ଓ ସୁବାହୁ ରାକ୍ଷସଙ୍କ ଦର୍ପ ଚୂର୍ଣ୍ଣ କରିଛନ୍ତି, ଯେ ସୁଖର ନିଧାନ ଓ ହାତରେ ଧନୁଶର ଧରିଛନ୍ତି, ସେ ହେଉଛନ୍ତି କୌଶଲ୍ୟାଙ୍କ ପୁତ୍ର; ତାଙ୍କ ନାଆଁ ଶ୍ରୀରାମ ॥ ୩ ॥

**ଗୌର କିସୋର ବେଷୁ ବର କାଛେଁ । କର ସର ଚାପ ରାମ କେ ପାଛେଁ ॥**
**ଲଛିମନୁ ନାମୁ ରାମ ଲଘୁ ଭ୍ରାତା । ସୁନୁ ସଖି ତାସୁ ସୁମିତ୍ରା ମାତା ॥ ୪ ॥**

ଯାହାଙ୍କ ବର୍ଣ୍ଣ ଗୌର ଓ ଅବସ୍ଥା କିଶୋର ଏବଂ ଯେ ସୁନ୍ଦର ବେଶଭୂଷା ହୋଇ, ହାତରେ ଧନୁଶର ଧରି ଶ୍ରୀରାମଙ୍କ ପଛେ ପଛେ ଚାଲିଛନ୍ତି, ସେ ତାଙ୍କ ସାନଭାଇ । ତାଙ୍କ ନାଆଁ ଲକ୍ଷ୍ମଣ । ତାଙ୍କ ମାଆଙ୍କ ନାଆଁ ସୁମିତ୍ରା ॥ ୪ ॥

ଦୋଃ- **ବିପ୍ରକାଜୁ କରି ବଂଧୁ ଦୋଉ ମଗ ମୁନିବଧୂ ଉଧାରି ।**
**ଆଏ ଦେଖନ ଚାପମଖ ସୁନି ହରଷୀଁ ସବ ନାରି ॥ ୨୨୧ ॥**

ଦୁଇଭାଇ ମୁନିବର ବିଶ୍ୱାମିତ୍ରଙ୍କ କାର୍ଯ୍ୟ କରିସାରି ଓ ବାଟରେ ଗୌତମମୁନିଙ୍କ ପତ୍ନୀ ଅହଲ୍ୟାଙ୍କୁ ଉଦ୍ଧାର କରି ଧନୁର୍ଯଜ୍ଞ ଦେଖିବାକୁ ଆମର ଏଠାକୁ ଆସିଛନ୍ତି ।'' ଏହିସବୁ କଥା ଶୁଣି ସ୍ତ୍ରୀଲୋକମାନେ ଆନନ୍ଦିତା ହେଲେ ॥ ୨୨୧ ॥

**ଦେଖି ରାମ ଛବି କୋଉ ଏକ କହଈ । ଜୋଗୁ ଜାନକିହି ୟହ ବରୁ ଅହଈ ॥**
**ଜୌଁ ସଖି ଇହ୍ନହି ଦେଖ ନରନାହୂ । ପନ ପରିହରି ହଠି କରଇ ବିବାହୂ ॥ ୧ ॥**

ଶ୍ରୀରାମଙ୍କ ରୂପ ଦେଖି ଅନ୍ୟ କେହି ଜଣେ ସଖୀ କହିଲା, ''ଇଏ ଜାନକୀଙ୍କ ପାଇଁ ଉପଯୁକ୍ତ ବର ହେବେ । ସଖୀ ! ଯଦି ଆମ ରାଜା ଏହାଙ୍କୁ ଦେଖିବେ, ସେ ତାଙ୍କ ପଣ ଛାଡ଼ିଦେଇ ଏହାଙ୍କ ସାଥିରେ ନିଶ୍ଚୟ ଝିଅର ବାହାଘର କରାଇଦେବେ ।'' ॥ ୧ ॥

**କୋଉ କହ ଏ ଭୂପତି ପହିଚାନେ । ମୁନି ସମେତ ସାଦର ସନମାନେ ॥**
**ସଖି ପରଂତୁ ପନୁ ରାଉ ନ ତଜଈ । ବିଧି ବସ ହଠି ଅବିବେକହି ଭଜଈ ॥ ୨ ॥**

ଆଉ କେହି ଜଣେ କହିଲା, ''ଆଲୋ ! ରାଜା ଏହାଙ୍କୁ ଚିହ୍ନିସାରିଲେଣି । ସେ ମୁନିଙ୍କ ସହିତ ଏହାଙ୍କୁ ବି ସମ୍ମାନ ଦେଲେ । କିନ୍ତୁ ବୁଝିଛ, ସଖୀ ! ରାଜା ତାଙ୍କ ପଣ ଛାଡ଼ିପାରୁନାହାନ୍ତି । ସେ ନିୟତିବଶ ହୋଇ ଯେଉଁ ଜିଦ୍ ଧରିଛନ୍ତି, ଅବିବେକକୁହିଁ ଆଶ୍ରା କରିଛନ୍ତି । ପଣକୁ ଧରିବସି ମୂର୍ଖତା ଛାଡୁନାହାନ୍ତି ।'' ॥ ୨ ॥

**କୋଉ କହ ଜୌଁ ଭଲ ଅହଇ ବିଧାତା । ସବ କହଁ ସୁନିଅ ଉଚିତ ଫଲଦାତା ॥**
**ତୌ ଜାନକିହି ମିଲିହି ବରୁ ଏହୂ । ନାହିନ ଆଲି ଇହାଁ ସଂଦେହୂ ॥ ୩ ॥**

ଆଉ କିଏ କହିଲା, ''ଶୁଣାଯାଏ ଯେ, ବିଧାତା ସମସ୍ତଙ୍କୁ ଉଚିତ ଫଳ ଦିଏ; ଯଦି ବିଧାତା ମଙ୍ଗଳଦାୟକ ହୋଇଥିବେ, ତେବେ ଜାନକୀଙ୍କୁ ନିଶ୍ଚୟ ଏହି ବର ମିଳିବ । ଏଥିରେ କୌଣସି ସନ୍ଦେହ ନାହିଁ ॥ ୩ ॥

**ଜୌଁ ବିଧି ବସ ଅସ ବନୈ ସଁଜୋଗୂ । ତୌ କୃତକୃତ୍ୟ ହୋଇ ସବ ଲୋଗୂ ॥**
**ସଖି ହମରେଁ ଆରତି ଅତି ତାତେଁ । କବହୁଁକ ଏ ଆୱହିଁ ଏହି ନାତେଁ ॥ ୪ ॥**

ଯଦି ଦୈବଯୋଗକୁ ଏ ସମ୍ବନ୍ଧଟା ହୋଇଯାଆନ୍ତା, ତେବେ ଆମେ ସମସ୍ତେ କୃତାର୍ଥ ହୋଇଯାଆନ୍ତେ । ଆଗୋ ! ଏ ସମ୍ବନ୍ଧଟା ହୋଇଗଲେ, ସେ ବେଳେବେଳେ ଏଠାକୁ ଆସିବେ; (ଆମକୁ ତାଙ୍କ ଦର୍ଶନ ମିଳିବ) ॥ ୪ ॥

ଦୋ:- **ନାହିଁ ତ ହମ କହୁଁ ସୁନହୁ ସଖି ଇନ୍ହ କର ଦରସନୁ ଦୂରି ।**
**ୟହ ସଂଘଟୁ ତବ ହୋଇ ଜବ ପୁନ୍ୟ ପୁରାକୃତ ଭୂରି ॥ ୨୨୨ ॥**

ନଚେତ୍ (ବାହାଘର ନ ହେଲେ) ହେ ସଖୀ ! ଆମ ପାଇଁ ଏହାଙ୍କ ଦର୍ଶନ ଅତି ଦୁର୍ଲଭ । କେବଳ ଆମର ପୂର୍ବଜନ୍ମର ବହୁ ପୁଣ୍ୟ ଥିଲେହିଁ ଏ ସମ୍ବନ୍ଧଟା ହୋଇପାରିବ ।'' ॥ ୨୨୨ ॥

**ବୋଲୀ ଅପର କହେହୁ ସଖି ନୀକା । ଏହିଁ ବିଆହ ଅତି ହିତ ସବହୀ କା ॥**
**କୋଉ କହ ସଂକର ଚାପ କଠୋରା । ଏ ସ୍ୟାମଲ ମୃଦୁ ଗାତ କିସୋରା ॥ ୧ ॥**

ଅନ୍ୟ ଜଣେ କହିଲା, ''ହଁ ସଖୀ ! ତୁ ଠିକ୍ କଥା କହିଛୁ । ଏହି ବିବାହରେ ଆମ ସମସ୍ତଙ୍କର ପରମ ମଙ୍ଗଳ ହେବ ।'' ପୁଣି କିଏ କହିଲା, ''ଶଙ୍କରଙ୍କ ଧନୁ ଅତି ଟାଣ, କିନ୍ତୁ ଏହି ଶ୍ୟାମଳ ରାଜକୁମାରଙ୍କ ଶରୀର ତ କୋମଳ; ପୁଣି ଅବସ୍ଥା କିଶୋର; ॥ ୧ ॥

**ସବୁ ଅସମଂଜସ ଅହଇ ସୟାନୀ । ୟହ ସୁନି ଅପର କହଇ ମୃଦୁ ବାନୀ ॥**
**ସଖି ଇନ୍ହ କହଁ କୋଉ କୋଉ ଅସ କହହୀଁ । ବଡ଼ ପ୍ରଭାଉ ଦେଖତ ଲଘୁ ଅହହୀଁ ॥ ୨ ॥**

ତେଣୁ ହେ ବୁଦ୍ଧିମତୀ ! ସବୁ ଅସଂଗତ ଜଣାପଡୁଛି ।'' ଏହା ଶୁଣି ଆଉ ଜଣେ ସଖୀ କୋମଳ କଣ୍ଠରେ କହିବାକୁ ଲାଗିଲା, ''ଆଲୋ ସଖୀ ! ଲୋକେ କହୁଛନ୍ତି, ଦେଖିବାକୁ ସିନା ସାନ, ହେଲେ ବଡ଼ ପ୍ରଭାବଶାଳୀ ॥ ୨ ॥

**ପରସି ଜାସୁ ପଦ ପଂକଜ ଧୂରୀ । ତରୀ ଅହଲ୍ୟା କୃତ ଅଘ ଭୂରୀ ॥**
**ସୋ କି ରହିହି ବିନୁ ସିୱଧନୁ ତୋରେଁ । ୟହ ପ୍ରତୀତି ପରିହରିଅ ନ ଭୋରେଁ ॥ ୩ ॥**

ଯାହାଙ୍କ ପାଦଧୂଳି ବାଜୁ ବାଜୁ ଏତେ ବଡ଼ ପାପ କରିଥିବା ଅହଲ୍ୟା ତରିଗଲେ, ସେ କ'ଣ ଶିବଧନୁଟା ନ ଭାଙ୍ଗି ରହିବେ? ମୋ କଥାକୁ ଭୁଲ୍‌ରେ ବି ଅବିଶ୍ୱାସ କରିବୁ ନାହିଁ ॥ ୩ ॥

**ଜେହିଁ ବିରଂଚି ରଚି ସୀୟ ସଁୱାରୀ । ତେହିଁ ସ୍ୟାମଲ ବରୁ ରଚେଉ ବିଚାରୀ ॥**
**ତାସୁ ବଚନ ସୁନି ସବ ହରଷାନୀଁ । ଐସେଇ ହୋଉ କହହିଁ ମୃଦୁ ବାନୀଁ ॥ ୪ ॥**

ଯେଉଁ ବ୍ରହ୍ମା ଏଡ଼େ ଯତ୍ନର ସହିତ ସୀତାଙ୍କୁ ଗଢ଼ିଛନ୍ତି, ସେ ବୁଝିବିଗ୍ଭରି ତାଙ୍କ ପାଇଁ ଏହି ଶ୍ୟାମଳ ବରଟି ଗଢ଼ିଛନ୍ତି ।'' ଏହା ଶୁଣି ସମସ୍ତେ ଖୁସୀ ହୋଇଗଲେ ଏବଂ ମଧୁର କଣ୍ଠରେ କହିଲେ, ''ତାହାହିଁ ହେଉ ।'' ॥ ୪ ॥

ଦୋ:- **ହିୟଁ ହରଷହିଁ ବରଷହିଁ ସୁମନ ସୁମୁଖି ସୁଲୋଚନି ବୃଂଦ ।**
**ଜାହିଁ ଜହାଁ ଜହଁ ବଂଧୁ ଦୋଉ ତହଁ ତହଁ ପରମାନଂଦ ॥ ୨୨୩ ॥**

ସୁମୁଖୀ ସୁଲୋଚନାମାନେ ଆନନ୍ଦରେ ପୁଷ୍ପବୃଷ୍ଟି କଲେ । ଏ ଦୁଇଭାଇ ଯେଉଁଠାକୁ ଗଲେ, ସେଠାରେ ଆନନ୍ଦ ଖେଳିଗଲା ॥ ୨୨୩ ॥

**ପୁର ପୂରବ ଦିସି ଗେ ଦୋଉ ଭାଈ । ଜହଁ ଧନୁମଖ ହିତ ଭୂମି ବନାଈ ॥**
**ଅତି ବିସ୍ତାର ଗ୍ଭରୁ ଗଚ ଢାରୀ । ବିମଲ ବେଦିକା ରୁଚିର ସଁୱାରୀ ॥ ୧ ॥**
**ଚହୁଁ ଦିସି କଂଚନ ମଂଚ ବିସାଲା । ରଚେ ଜହାଁ ବୈଠହିଁ ମହିପାଲା ॥**
**ତେହି ପାଛେଁ ସମୀପ ଚହୁଁ ପାସା । ଅପର ମଂଚ ମଂଡଲୀ ବିଲାସା ॥ ୨ ॥**
**କଛୁକ ଊଁଚି ସବ ଭାଁତି ସୁହାଈ । ବୈଠହିଁ ନଗର ଲୋଗ ଜହଁ ଜାଈ ॥**
**ତିହ୍ନ କେଁ ନିକଟ ବିସାଲ ସୁହାଏ । ଧୱଲ ଧାମ ବହୁବରନ ବନାଏ ॥ ୩ ॥**
**ଜହଁ ବୈଠେଁ ଦେଖହିଁ ସବ ନାରୀ । ଜଥାଜୋଗୁ ନିଜ କୁଲ ଅନୁହାରୀ ॥**
**ପୁର ବାଲକ କହି କହି ମୃଦୁ ବଚନା । ସାଦର ପ୍ରଭୁହି ଦେଖାୱହିଁ ରଚନା ॥ ୪ ॥**

ଦୁଇଭାଇ ନଗରର ପୂର୍ବପଟେ, ଯେଉଁଠି ଧନୁର୍ଯଜ୍ଞ ପାଇଁ ରଙ୍ଗଭୂମି ନିର୍ମିତ ହୋଇଥିଲା, ସେହି ସ୍ଥାନକୁ ଗଲେ । ଅତି ପ୍ରଶସ୍ତ ସୁନ୍ଦର ପକ୍କା ଅଗଣାଟିଏ ହୋଇଥାଏ । ତା' ଉପରେ ସୁନ୍ଦର ଓ ନିର୍ମଳ ବେଦି ସଜାଯାଇଥାଏ । ରାଜାମାନେ ବସିବାପାଇଁ ଗ୍ଭରିଆଡ଼େ ସୁନାର ବଡ଼ ବଡ଼ ମଞ୍ଚ ଗଢ଼ା ହୋଇଥାଏ । ତା' ପଛକୁ ପୁଣି ଗୋଟିଏ ମଞ୍ଚ ମଣ୍ଡଳାକାରରେ ଘେରିରହିଥାଏ । ତାହା ଟିକିଏ ଉଚ୍ଚ ଓ ସବୁଦୃଷ୍ଟିରୁ ସୁନ୍ଦର ହୋଇଥାଏ ଏବଂ ସେଠାରେ ନଗରର ଲୋକେ ବସିବାପାଇଁ ବ୍ୟବସ୍ଥା କରାଯାଇଥାଏ । ନିକଟରେ ଅନେକ ରଙ୍ଗରେ ଚିତ୍ରିତ ବଡ଼ ବଡ଼ ସୁନ୍ଦର ଉଜ୍ଜ୍ୱଳ ମହଲମାନ ତୋଳା ଯାଇଥାଏ । ନାରୀମାନେ ନିଜ ନିଜର କୁଳମର୍ଯ୍ୟାଦା ଅନୁସାରେ ଯଥାଯୋଗ୍ୟ ଘରେ ବସି ଉତ୍ସବ ଦେଖିବେ ବୋଲି ସେହିସବୁ ଘର ତୋଳା ହୋଇଥିଲା । ନଗରର ବାଳକମାନେ ଶ୍ରୀରାମଙ୍କ ସାଥିରେ ବୁଲି ବୁଲି, ଏସବୁ ବିଷୟ ମଧୁରଭାବରେ ବର୍ଣ୍ଣନା କରି କରି ଯଜ୍ଞଶାଳାର ନିର୍ମାଣଗ୍ଭତୁରୀ ଦେଖାଉଥାନ୍ତି ॥ ୧–୪ ॥

ଦୋ:- **ସବ ସିସୁ ଏହି ମିସ ପ୍ରେମବସ ପରସି ମନୋହର ଗାତ ।**
**ତନ ପୁଲକହିଁ ଅତି ହରଷୁ ହିୟଁ ଦେଖି ଦେଖି ଦୋଉ ଭ୍ରାତ ॥ ୨୨୪ ॥**

ଯଜ୍ଞଶାଳା ଦେଖାଇବା ବାହାନାରେ ପ୍ରେମବଶ ହୋଇ ସମସ୍ତେ ଶ୍ରୀରାମଙ୍କର ମନୋହର ଅଙ୍ଗକୁ ଛୁଇଁ ଛୁଇଁ ପୁଲକିତ ହୋଇଯାଉଥାନ୍ତି ଏବଂ ଦୁଇଭାଇଙ୍କୁ ପାଖରୁ ଦେଖି ଦେଖି ବିଶେଷ ଆନନ୍ଦିତ ହେଉଥାନ୍ତି ॥ ୨୨୪ ॥

**ସିସୁ ସବ ରାମ ପ୍ରେମବସ ଜାନେ । ପ୍ରୀତି ସମେତ ନିକେତ ବଖାନେ ॥**
**ନିଜ ନିଜ ରୁଚି ସବ ଲେହିଁ ବୋଲାଈ । ସହିତ ସନେହ ଜାହିଁ ଦୋଉ ଭାଈ ॥ ୧ ॥**

ବାଳକମାନେ ପ୍ରେମବଶ ହୋଇଯାଇଛନ୍ତି ଜାଣି ଶ୍ରୀରାମ ଯଜ୍ଞସ୍ଥଳର ବହୁ ପ୍ରଶଂସା କରୁଥାନ୍ତି । [ଏହାଦ୍ୱାରା ବାଳକମାନଙ୍କର ଉତ୍ସାହ, ଆନନ୍ଦ ଓ ପ୍ରେମ ଆହୁରି ବଢ଼ିଯାଉଥାଏ;] ଫଳରେ ସେମାନେ ନିଜ ନିଜ ରୁଚି ଅନୁସାରେ ବିଭିନ୍ନ ଦୃଶ୍ୟ ଦେଖାଇବାକୁ ଦୁଇଭାଇଙ୍କୁ ଡାକିନେଉଥାନ୍ତି । ଏ ଦୁଇଭାଇ ପ୍ରେମର ସହିତ ସେମାନଙ୍କ ପାଖକୁ ଗ୍ଭଲିଯାଉଥାନ୍ତି ॥ ୧ ॥

**ରାମ ଦେଖାୱହିଁ ଅନୁଜହି ରଚନା । କହି ମୃଦୁ ମଧୁର ମନୋହର ବଚନା ॥**
**ଲୱ ନିମେଷ ମହୁଁ ଭୁୱନ ନିକାୟା । ରଚଇ ଜାସୁ ଅନୁସାସନ ମାୟା ॥ ୨ ॥**
**ଭଗତି ହେତୁ ସୋଇ ଦୀନଦୟାଲା । ଚିତୱତ ଚକିତ ଧନୁଷ ମଖସାଲା ॥**
**କୌତୁକ ଦେଖି ଚଲେ ଗୁରୁ ପାହୀଁ । ଜାନି ବିଲଂବୁ ତ୍ରାସ ମନ ମାହୀଁ ॥ ୩ ॥**
**ଜାସୁ ତ୍ରାସ ଡର କହୁଁ ଡର ହୋଈ । ଭଜନ ପ୍ରଭାଉ ଦେଖାୱତ ସୋଈ ॥**
**କହି ବାତେଁ ମୃଦୁ ମଧୁର ସୁହାଈଁ । କିଏ ବିଦା ବାଲକ ବରିଆଈଁ ॥ ୪ ॥**

[ପିଲାମାନଙ୍କ କଥାକୁ] ଶ୍ରୀରାମ ପୁଣି ଥରେ କୋମଳ, ମଧୁର ଓ ମନୋହରଭାବରେ କହି ସାନଭାଇ ଲକ୍ଷ୍ମଣଙ୍କୁ ଯଜ୍ଞଭୂମିର ରଚନାଶୈଳୀ ଦେଖାଉଥାନ୍ତି । ଯାହାଙ୍କ ଆଜ୍ଞା ପାଇ ଲବନିମେଷ ମଧ୍ୟରେ ମାୟା ସକଳ ବ୍ରହ୍ମାଣ୍ଡ ରଚିଦେଇଥାଏ, ସେହି ଦୀନଦୟାଳୁ ଶ୍ରୀରାମ ଭକ୍ତମାନଙ୍କ ଆନନ୍ଦପାଇଁ ଚକିତ ହୋଇ ଧନୁର୍ଯଜ୍ଞଶାଳା ଦେଖୁଥାନ୍ତି ! ଏପରିଭାବରେ ସବୁ ବିଚିତ୍ର ରଚନା ଦେଖିସାରି ଦୁହେଁ ଗୁରୁଙ୍କ ପାଖକୁ ଫେରିଆସିଲେ । ବିଳମ୍ବ ହୋଇଯାଇଥିବାରୁ ସେମାନେ ମନେ ମନେ ଭୟ କରୁଥାନ୍ତି । ଯାହାଙ୍କ ଭୟରେ ଡରକୁ ବି ଡର ଲାଗେ, ସେହି ପ୍ରଭୁ ଭଜନର ପ୍ରଭାବ ଦେଖାଉଛନ୍ତି (ଅର୍ଥାତ୍ ଭଜନର ପ୍ରଭାବ ଜଣାଇ ଭୟର ଅଭିନୟ କରୁଛନ୍ତି) ! ସେ କୋମଳ, ମଧୁର ଓ ସୁନ୍ଦରଭାବରେ ବୁଝାଇସୁଝାଇ ସାଙ୍ଗରେ ଆସିଥିବା ବାଳକମାନଙ୍କୁ ବାଧ୍ୟ କରି ବିଦା କଲେ ॥ ୨–୪ ॥

ଦୋ:- **ସଭୟ ସପ୍ରେମ ବିନୀତ ଅତି ସକୁଚ ସହିତ ଦୋଉ ଭାଇ ।**
**ଗୁର ପଦ ପଂକଜ ନାଇ ସିର ବୈଠେ ଆୟସୁ ପାଇ ॥ ୨୨୫ ॥**

ଦୁଇଭାଇ ଭୟ, ପ୍ରେମ ଓ ବିନୟର ସହିତ ଅତି ସଂକୋଚରେ ଯାଇ ଗୁରୁଙ୍କ ଚରଣକମଳରେ ପ୍ରଣାମ କଲେ ଏବଂ ଆଜ୍ଞା ପାଇ ପାଖରେ ବସିଲେ ॥ ୨୨୫ ॥

**ନିସି ପ୍ରବେସ ମୁନି ଆୟସୁ ଦୀହ୍ନା । ସବହୀଁ ସଂଧ୍ୟାବଂଦନୁ କୀହ୍ନା ॥**
**କହତ କଥା ଇତିହାସ ପୁରାନୀ । ରୁଚିର ରଜନି ଜୁଗ ଜାମ ସିରାନୀ ॥ ୧ ॥**

ସନ୍ଧ୍ୟା ହେବାରୁ ମୁନିଙ୍କ ଆଦେଶକ୍ରମେ ସମସ୍ତେ ସନ୍ଧ୍ୟାବନ୍ଦନା କଲେ । ତା'ପରେ ବିଭିନ୍ନ ପ୍ରାଚୀନ କଥା ତଥା ଇତିହାସ କହୁ କହୁ ରାତି ଦୁଇପହର ହୋଇଗଲା ॥ ୧ ॥

**ମୁନିବର ସୟନ କୀହ୍ନି ତବ ଜାଈ । ଲଗେ ଚରନ ଚ୍ପନ ଦୋଉ ଭାଈ ॥**
**ଜିହ୍ନ କେ ଚରନ ସରୋରୁହ ଲାଗୀ । କରତ ବିବିଧ ଜପ ଜୋଗ ବିରାଗୀ ॥ ୨ ॥**

ମୁନିବର ଶୟନ କଲେ ଏବଂ ଏ ଦୁଇଭାଇ ତାଙ୍କ ପାଦସେବା କଲେ । ଯାହାଙ୍କ ପାଦପଦ୍ମର ଦର୍ଶନ ଓ ସ୍ପର୍ଶ ନିମନ୍ତେ ବୈରାଗ୍ୟବାନ୍ ପୁରୁଷ ମଧ୍ୟ ନାନାପ୍ରକାର ଜପ ଓ ଯୋଗ କରିଥାନ୍ତି, ॥ ୨ ॥

**ତେଇ ଦୋଉ ବଂଧୁ ପ୍ରେମ ଜନୁ ଜୀତେ । ଗୁର ପଦ କମଲ ପଲୋଟତ ପ୍ରୀତେ ॥**
**ବାର ବାର ମୁନି ଅଗ୍ୟା ଦୀହ୍ନୀ । ରଘୁବର ଜାଇ ସୟନ ତବ କୀହ୍ନୀ ॥ ୩ ॥**

ସେହି ଦୁଇଭାଇ, ସତେ ଯେପରି, ପ୍ରେମଦ୍ୱାରା କିଣିହୋଇଯାଇ ଗୁରୁଙ୍କ ପାଦପଦ୍ମର ସେବା କରୁଛନ୍ତି ! ମୁନି ବାରମ୍ବାର କହିବା ପରେ ଶ୍ରୀରଘୁନାଥ ଯାଇ ଶୋଇଲେ ॥ ୩ ॥

**ଚ୍ପତ ଚରନ ଲଖନୁ ଉର ଲାଏଁ । ସଭୟ ସପ୍ରେମ ପରମ ସଚୁ ପାଏଁ ॥**
**ପୁନି ପୁନି ପ୍ରଭୁ କହ ସୋୱହୁ ତାତା । ପୌଢ଼େ ଧରି ଉର ପଦ ଜଲଜାତା ॥ ୪ ॥**

ଶ୍ରୀରାମଙ୍କ ଚରଣକୁ ଭୟ ଓ ପ୍ରେମର ସହିତ ହୃଦୟରେ ଲଗାଇ, ଲକ୍ଷ୍ମଣ ପରମ ଆନନ୍ଦରେ ମଞ୍ଜାଳିବାକୁ ଲାଗିଲେ । ପ୍ରଭୁ ଶ୍ରୀରାମ ବାରମ୍ବାର କହିଲେ, "ଭାଇ ! ଏଥର ଶୋଇପଡ଼ ।" ସେତେବେଳେ ଯାଇ ହୃଦୟରେ ଭାଇଙ୍କ ପାଦପଦ୍ମକୁ ସ୍ମରଣ କରି ଲକ୍ଷ୍ମଣ ଶୋଇଲେ ॥ ୪ ॥

ଦୋ:- **ଉଠେ ଲଖନୁ ନିସି ବିଗତ ସୁନି ଅରୁନସିଖା ଧୁନି କାନ ।**
**ଗୁର ତେଁ ପହିଲେହିଁ ଜଗତପତି ଜାଗେ ରାମୁ ସୁଜାନ ॥ ୨୨୬ ॥**

ରାତି ପାହିଲା । କାନରେ କୁକୁଡ଼ାରାବ ପଡୁ ପଡୁ ଲକ୍ଷ୍ମଣ ଉଠିପଡ଼ିଲେ । ଜଗତର ସ୍ୱାମୀ ସୁଜ୍ଞାନୀ ଶ୍ରୀରାମ ମଧ୍ୟ ଗୁରୁଦେବ ଉଠିବା ପୂର୍ବରୁହିଁ ଉଠିପଡ଼ିଲେ ॥ ୨୨୬ ॥

**ସକଲ ସୌଚ କରି ଜାଇ ନହାଏ । ନିତ୍ୟ ନିବାହି ମୁନିହି ସିର ନାଏ ॥**
**ସମୟ ଜାନି ଗୁର ଆୟସୁ ପାଈ । ଲେନ ପ୍ରସୂନ ଚଲେ ଦୋଉ ଭାଈ ॥ ୧ ॥**

ଶୌଚକ୍ରିୟା ସାରି ଦୁହେଁ ଯାଇ ସ୍ନାନ କଲେ । ତହୁଁ [ସନ୍ଧ୍ୟା, ଅଗ୍ନିହୋତ୍ରାଦି] ନିତ୍ୟକର୍ମ ଶେଷ କରି ମୁନିଙ୍କୁ ପ୍ରଣାମ କଲେ । ପୂଜାସମୟ ହୋଇଯିବାରୁ ଗୁରୁଙ୍କ ଆଜ୍ଞା ପାଇ ଦୁଇଭାଇ ଫୁଲ ତୋଳିବାକୁ ଚାଲିଗଲେ ॥ ୧ ॥

**ଭୂପ ବାଗୁ ବର ଦେଖେଉ ଜାଈ । ଜହଁ ବସଂତ ରିତୁ ରହୀ ଲୋଭାଈ ॥**
**ଲାଗେ ବିଟପ ମନୋହର ନାନା । ବରନ ବରନ ବର ବେଲି ବିତାନା ॥ ୨ ॥**
**ନଵ ପଲ୍ଲଵ ଫଲ ସୁମନ ସୁହାଏ । ନିଜ ସଂପତି ସୁର ରୂଖ ଲଜାଏ ॥**
**ଚାତକ କୋକିଲ କୀର ଚକୋରା । କୂଜତ ବିହଗ ନଟତ କଲ ମୋରା ॥ ୩ ॥**

ସେମାନେ ଯାଇ ରାଜାଙ୍କ ପୁଷ୍ପ-ଉଦ୍ୟାନ ଦେଖିଲେ । ସେଠାରେ ବସନ୍ତଋତୁ ସତେ ଯେପରି ପ୍ରଲୁବ୍ଧ ହୋଇ ସ୍ଥାୟୀଭାବରେ ରହିଯାଇଥାଏ । ଉଦ୍ୟାନରେ ବହୁ ମନୋହର ବୃକ୍ଷ ଶୋଭା ପାଉଥାଏ; ରଙ୍ଗବେରଙ୍ଗ ସୁନ୍ଦର ଲତାସବୁ ଚାନ୍ଦୁଆ ପରି ଛାଇ ହୋଇରହିଥାଏ । ନବପଲ୍ଲବ, ପୁଷ୍ପ ଓ ଫଳରେ ଭରପୂର ହୋଇ ସୁନ୍ଦର ବୃକ୍ଷଲତାମାନେ ନିଜ ନିଜର ସମ୍ପତ୍ତିରେ କଳ୍ପବୃକ୍ଷକୁ ବି ଲଜ୍ଜା ଦେଉଥାନ୍ତି । କୋଇଲି, ଶୁଆ, ଚାତକ ଓ ଚକୋର ଆଦି ପକ୍ଷୀମାନେ ମଧୁର କଳରବ କରୁଥାନ୍ତି। ମୟୂରମାନେ ସୁନ୍ଦର ନୃତ୍ୟ କରୁଥାନ୍ତି ॥ ୨–୩ ॥

**ମଧ୍ୟ ବାଗ ସରୁ ସୋହ ସୁହାଵା । ମନି ସୋପାନ ବିଚିତ୍ର ବନାଵା ॥**
**ବିମଲ ସଲିଲୁ ସରସିଜ ବହୁରଂଗା । ଜଲଖଗ କୂଜତ ଗୁଂଜତ ଭୃଂଗା ॥ ୪ ॥**

ଉଦ୍ୟାନର ମଝିରେ ଗୋଟିଏ ସୁନ୍ଦର ସରୋବର ଶୋଭା ପାଉଥାଏ। ସେଥିରେ ବିଚିତ୍ର ଢଙ୍ଗର ମନୋହର ମଣିମୟ ପାହାଚସବୁ ନିର୍ମିତ ହୋଇଥାଏ । ନିର୍ମଳ ଜଳରେ ନାନାରଙ୍ଗର ପଦ୍ମ ଫୁଟିଥାଏ । ଜଳଚର ପକ୍ଷୀମାନେ କଳରବ କରୁଥାନ୍ତି ଏବଂ ଦଳ ଦଳ ଭ୍ରମର ଗୁଞ୍ଜନ କରୁଥାନ୍ତି ॥ ୪ ॥

ଦୋ:- **ବାଗୁ ତଡ଼ାଗୁ ବିଲୋକି ପ୍ରଭୁ ହରଷେ ବଂଧୁ ସମେତ ।**
**ପରମ ରମ୍ୟ ଆରାମୁ ୟହୁ ଜୋ ରାମହି ସୁଖ ଦେତ ॥ ୨୨୭ ॥**

ପୁଷ୍ପଉଦ୍ୟାନ ଓ ସରୋବର ଦେଖି ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଅତି ଆନନ୍ଦିତ ହେଲେ । ଜଗତର ସୁଖଦାତାଙ୍କୁ ମଧ୍ୟ ଯେଉଁ ଉଦ୍ୟାନ ସୁଖ ଦେଉଥିଲା, ସେହି ଉଦ୍ୟାନର ରମଣୀୟତା କେତେ ଅଧିକ ହୋଇ ନ ଥିବ ! ॥ ୨୨୭ ॥

**ଚହୁଁ ଦିସି ଚିତଇ ପୂଁଛି ମାଲୀଗନ । ଲଗେ ଲେନ ଦଲ ଫୂଲ ମୁଦିତ ମନ ॥**
**ତେହି ଅଵସର ସୀତା ତହଁ ଆଈ । ଗିରିଜା ପୂଜନ ଜନନି ପଠାଈ ॥ ୧ ॥**

ଗ୍ୱରିଆଡ଼କୁ ଦୃଷ୍ଟି ଦେଇ, ମାଳୀମାନଙ୍କ ଅନୁମତି କ୍ରମେ ଦୁହେଁ ଆନନ୍ଦ ମନରେ ପତ୍ରପୁଷ୍ପ ତୋଳିବାକୁ ଲାଗିଲେ । ଏତିକିବେଳେ ସୀତା ଆସି ଉଦ୍ୟାନରେ ପହଞ୍ଚିଗଲେ । ମାଆ ତାଙ୍କୁ ଗୌରୀପୂଜା କରିବାକୁ ସେଠାକୁ ପଠାଇଥିଲେ ॥ ୧ ॥

**ସଂଗ ସଖୀଁ ସବ ସୁଭଗ ସୟାନୀଁ । ଗାୱହିଁ ଗୀତ ମନୋହର ବାନୀଁ ॥**
**ସର ସମୀପ ଗିରିଜା ଗୃହ ସୋହା । ବରନି ନ ଜାଇ ଦେଖି ମନୁ ମୋହା ॥ ୨ ॥**

ତାଙ୍କ ସହିତ ସୁନ୍ଦରୀ ଓ ଚତୁରୀ ସଖୀମାନେ ବି ଥାଆନ୍ତି । ସେମାନେ ମଧୁର ମନୋହର କଣ୍ଠରେ ଗୀତ ଗାଉଥାନ୍ତି । ସରୋବର ନିକଟରେ ପାର୍ବତୀଦେବୀଙ୍କ ମନ୍ଦିର ଥାଏ । ମନ୍ଦିରଟି ଦେଖିଦେଲେ ମନ ମୋହିତ ହୋଇଯାଉଥାଏ; ତାହା ଏଡ଼େ ସୁନ୍ଦର ହୋଇଥାଏ ଯେ, ତା'ର ବର୍ଣ୍ଣନା କରିହେବ ନାହିଁ ॥ ୨ ॥

**ମଜ୍ଜନୁ କରି ସର ସଖିହ୍ନ ସମେତା । ଗଈ ମୁଦିତ ମନ ଗୌରି ନିକେତା ॥**
**ପୂଜା କୀହ୍ନି ଅଧିକ ଅନୁରାଗା । ନିଜ ଅନୁରୂପ ସୁଭଗ ବରୁ ମାଗା ॥ ୩ ॥**

ସଖୀମାନଙ୍କ ସହିତ ସରୋବରରେ ସ୍ନାନ ସାରି ସୀତା ଆନନ୍ଦରେ ପାର୍ବତୀଙ୍କ ମନ୍ଦିରକୁ ଗଲେ । ସେ ଦେବୀଙ୍କୁ ଭକ୍ତିର ସହିତ ପୂଜା କଲେ ଏବଂ ନିଜପାଇଁ ଯୋଗ୍ୟ ସୁନ୍ଦର ବରଟିଏ ମାଗିଲେ ॥ ୩ ॥

**ଏକ ସଖୀ ସିୟ ସଂଗୁ ବିହାଈ । ଗଈ ରହୀ ଦେଖନ ଫୁଲୱାଈ ॥**
**ତେହିଁ ଦୋଉ ବଂଧୁ ବିଲୋକେ ଜାଈ । ପ୍ରେମ ବିବସ ସୀତା ପହିଁ ଆଈ ॥ ୪ ॥**

ଇତି ମଧ୍ୟରେ ଜଣେ ସଖୀ ସୀତାଙ୍କୁ ଛାଡ଼ି ପୁଷ୍ପଉଦ୍ୟାନ ଦେଖିବାକୁ ଗ୍ୱଲିଯାଇଥିଲା । ସେ ଫୁଲଗଛ ଦେଖୁ ଦେଖୁ ଏହି ଦୁଇଭାଇଙ୍କୁ ଦେଖି ପକାଇଲା ଏବଂ ପ୍ରେମରେ ବିହ୍ୱଳ ହୋଇ ଯାଇ ସୀତାଙ୍କ ପାଖରେ ପହଞ୍ଚିଗଲା ॥ ୪ ॥

ଦୋ:- **ତାସୁ ଦସା ଦେଖୀ ସଖିହ୍ନ ପୁଲକ ଗାତ ଜଲୁ ନୈନ ।**
**କହୁ କାରନୁ ନିଜ ହରଷ କର ପୂଛହିଁ ସବ ମୃଦୁ ବୈନ ॥ ୨୨୮ ॥**

ସଖୀମାନେ ତା' ଦଶା ଦେଖିଲେ । ତା'ର ସର୍ବାଙ୍ଗ ପୁଲକିତ; ନେତ୍ରରେ ଆନନ୍ଦାଶ୍ରୁ । ସମସ୍ତେ ତାକୁ କୋମଳ କଣ୍ଠରେ ତା'ର ଆନନ୍ଦର କାରଣ ପଗ୍ୱରିଲେ ॥ ୨୨୮॥

**ଦେଖନ ବାଗୁ କୁଅଁର ଦୁଇ ଆଏ । ବୟ କିସୋର ସବ ଭାଁତି ସୁହାଏ ॥**
**ସ୍ୟାମ ଗୌର କିମି କହୌଁ ବଖାନୀ । ଗିରା ଅନୟନ ନୟନ ବିନୁ ବାନୀ ॥ ୧ ॥**

ସେ କହିଲା, ‘‘ଫୁଲବଗିଗ୍ୱ ଦେଖିବାକୁ ଦୁଇଜଣ ରାଜକୁମାର ଆସିଛନ୍ତି। ଦୁହେଁ ନବକିଶୋର ଓ ଦେଖିବାକୁ ଅତ୍ୟନ୍ତ ସୁନ୍ଦର। ଜଣେ ଶ୍ୟାମଳ, ଆରଜଣକ ଗୌର । ଆଲୋ, ସେମାନେ କେଡ଼େ ସୁନ୍ଦର, ମୁଁ ତାହା କହିପାରୁନି—ନେତ୍ରର ତ ବାଣୀ ନାହିଁ, ଆଉ ବାଣୀର ବି ନେତ୍ର ନାହିଁ; ମୁଁ କିପରି ବା କହିପାରିବି, କହ !'' ॥ ୧ ॥

**ସୁନି ହରଷୀଁ ସବ ସଖୀଁ ସୟାନୀ । ସିୟ ହିୟଁ ଅତି ଉତକଂଠା ଜାନୀ ॥**
**ଏକ କହଇ ନୃପସୁତ ତେଇ ଆଲୀ । ସୁନେ ଜେ ମୁନି ସଁଗ ଆଏ କାଲୀ ॥ ୨ ॥**

ଏହା ଶୁଣି ଏବଂ ସୀତାଙ୍କ ମନର ପ୍ରବଳ ଉତ୍କଣ୍ଠା ଜାଣି ଚତୁରୀ ସଖୀମାନେ ଅତି ଆନନ୍ଦିତ ହେଲେ । ସେମାନଙ୍କ ଭିତରୁ ଜଣେ କହିଲା, ‘‘ସଖୀ ! ସେମାନେ ବୋଧହୁଏ ସେହି ରାଜକୁମାର ହେବେ, ଯେଉଁମାନେ କାଲି ବିଶ୍ୱାମିତ୍ରଙ୍କ ସାଥିରେ ଆସିଛନ୍ତି, ॥ ୨ ॥

**ଜିହ୍ନ ନିଜ ରୂପ ମୋହନୀ ଡାରୀ । କୀହ୍ନେ ସ୍ୱବସ ନଗର ନର ନାରୀ ॥**
**ବରନତ ଛବି ଜହଁ ତହଁ ସବ ଲୋଗୂ । ଅୱସି ଦେଖିଅହିଁ ଦେଖନ ଜୋଗୂ ॥ ୩ ॥**

ଏବଂ ନିଜ ରୂପରେ ମୋହିନୀଶକ୍ତି-ବଳରେ ନଗରର ସବୁ ନରନାରୀଙ୍କୁ ନିଜର ବଶ କରିନେଇଛନ୍ତି । ଯେଉଁଠି ଦେଖିବ, ସେଇଠି ପରା ଲୋକେ ତାଙ୍କରି ରୂପ ବର୍ଣ୍ଣନା କରୁଛନ୍ତି । ଆମେ ଯାଇ ସେମାନଙ୍କୁ ଅବଶ୍ୟ ଦେଖିବା ଉଚିତ; ପ୍ରକୃତରେ ସେହିମାନେହିଁ ଦେଖିବାର ଯୋଗ୍ୟ ।'' ॥ ୩ ॥

**ତାସୁ ବଚନ ଅତି ସିୟହି ସୋହାନେ । ଦରସ ଲାଗି ଲୋଚନ ଅକୁଲାନେ ॥**
**ଚଲୀ ଅଗ୍ର କରି ପ୍ରିୟ ସଖି ସୋଈ । ପ୍ରୀତି ପୁରାତନ ଲଖଇ ନ କୋଈ ॥ ୪ ॥**

ସଖୀଟିର କଥା ସୀତାଙ୍କୁ ବହୁତ ଭଲ ଲାଗିଲା ଏବଂ ସେହି ରାଜକୁମାରଙ୍କୁ ଦେଖିବାକୁ ତାଙ୍କ ନେତ୍ର ବ୍ୟାକୁଳ ହୋଇଉଠିଲା । ସେହି ପ୍ରିୟସଖୀକୁ ଆଗରେ ରଖି ପଛେ ପଛେ ସୀତା ଚାଲିଲେ । ତାଙ୍କର ଶାଶ୍ୱତ ପ୍ରୀତିକୁ କେହି ଲକ୍ଷ୍ୟ କରିପାରିଲେ ନାହିଁ ॥ ୪ ॥

ଦୋଃ- **ସୁମିରି ସୀୟ ନାରଦ ବଚନ ଉପଜୀ ପ୍ରୀତି ପୁନୀତ ।**
**ଚକିତ ବିଲୋକତି ସକଲ ଦିସି ଜନୁ ସିସୁ ମୃଗୀ ସଭୀତ ॥ ୨୨୯ ॥**

ନାରଦଙ୍କ ବଚନ ସ୍ମରଣ କରି ସୀତାଙ୍କ ମନରେ ପବିତ୍ର ପ୍ରୀତି ଉଦିତ ହୋଇଗଲା । ସେ ଚକିତ ହୋଇ ଡରିଯାଇଥିବା ମୃଗଶିଶୁ ପରି ଚାରିଆଡ଼କୁ ଚାହୁଁଥାନ୍ତି ॥ ୨୨୯ ॥

**କଂକନ କିଂକିନି ନୂପୁର ଧୁନି ସୁନି । କହତ ଲଖନ ସନ ରାମୁ ହୃଦୟଁ ଗୁନି ॥**
**ମାନହୁଁ ମଦନ ଦୁଂଦୁଭୀ ଦୀହ୍ନୀ । ମନସା ବିସ୍ୱ ବିଜୟ କହଁ କୀହ୍ନୀ ॥ ୧ ॥**

ହସ୍ତର କଙ୍କଣ, କଟିର କିଙ୍କିଣୀ ଓ ପାଦର ନୂପୁରର ଧ୍ୱନି ଶୁଣି, ଏ ଧ୍ୱନି କେଉଁଠୁ ଆସିଲା ବୋଲି ରାମ ମନେ ମନେ ଭାଳିହେଲେ ଏବଂ ଲକ୍ଷ୍ମଣଙ୍କୁ କହିଲେ, ''ଏହି ଧ୍ୱନି ଶୁଣି ମୋର ମନେହେଉଛି, ସତେ ଯେପରି ବିଶ୍ୱବିଜୟ କରିବାର ସଂକଳ୍ପ ଘେନି କାମଦେବ ଦୁନ୍ଦୁଭି ବଜାଉଛନ୍ତି ! ॥ ୧ ॥

**ଅସ କହି ଫିରି ଚିତଏ ତେହି ଓରା । ସିୟ ମୁଖ ସସି ଭଏ ନୟନ ଚକୋରା ॥**
**ଭଏ ବିଲୋଚନ ଚାରୁ ଅଚଂଚଲ । ମନହୁଁ ସକୁଚି ନିମି ତଜେ ଦିଗଂଚଲ ॥ ୨ ॥**

ଏପରି କହି, ଶ୍ରୀରାମ ଧ୍ୱନି ଆସୁଥିବା ଦିଗକୁ ଚାହିଁଦେବାମାତ୍ରେ ସୀତାଙ୍କ ଉପରେ ତାଙ୍କର ଦୃଷ୍ଟି ପଡ଼ିଗଲା । ସୀତାଙ୍କ ମୁଖଚନ୍ଦ୍ରକୁ ନିରେଖି ଚାହିଁବାଲାଗି ତାଙ୍କ ସୁନ୍ଦର ନୟନଯୁଗଳ ଚକୋର ପରି ଏକଲୟରେ ସ୍ଥିର ହୋଇ ରହିଗଲା; ବୋଧହୁଏ ସୀତାଙ୍କ ପୂର୍ବପୁରୁଷ ନିମି* ପଲକ ଛାଡ଼ି ପଳାଇଗଲେ ॥ ୨ ॥

**ଦେଖି ସୀୟ ସୋଭା ସୁଖୁ ପାୱା । ହୃଦୟଁ ସରାହତ ବଚନୁ ନ ଆୱା ॥**
**ଜନୁ ବିରଂଚି ସବ ନିଜ ନିପୁନାଈ । ବିରଚି ବିସ୍ୱ କହଁ ପ୍ରଗଟି ଦେଖାଈ ॥ ୩ ॥**

ସୀତାଙ୍କ ଶୋଭା ଦର୍ଶନ କରି ଶ୍ରୀରାମ ଅତ୍ୟନ୍ତ ସୁଖ ଅନୁଭବ କଲେ । ସେ ମନେ ମନେ ସେହି ସୌନ୍ଦର୍ଯ୍ୟର ପ୍ରଶଂସା କରୁଥାନ୍ତି; ଅଥଚ ମୁଖରୁ ବଚନ ବାହାରୁ ନ ଥାଏ । ସେହି ଶୋଭା ଏତେ ମନୋରମ ହୋଇଥିଲା ଯେ, ବୋଧ ହେଉଥିଲା, ସତେ ଯେପରି ବ୍ରହ୍ମା ନିଜର ସକଳ ନୈପୁଣ୍ୟକୁ ମୂର୍ତ୍ତିମନ୍ତ କରିଦେଇ ତାହାକୁ ଜଗତ୍ ସମ୍ମୁଖରେ ପ୍ରକଟ କରିଦେଇଛନ୍ତି ॥ ୩ ॥

---

* ନିମି ଥିଲେ ଜନକଙ୍କର ପୂର୍ବପୁରୁଷ । ଆଖିପତା ବା ପଲକ ତାଙ୍କର ନିବାସସ୍ଥାନ ବୋଲି କୁହାଯାଏ । ପିତୃସ୍ଥାନୀୟ ହୋଇଥିବାରୁ ରାମ ଓ ସୀତାଙ୍କର ପରସ୍ପର ପ୍ରେମାବଲୋକନ ଦର୍ଶନ କରିବା ଅଶାଳୀନ ହେବ ଭାବି ନିମି ପଲକ ଛାଡ଼ି ଚାଲିଗଲେ, ଅର୍ଥାତ୍ ରାମଙ୍କର ଆଉ ପଲକପାତ ହେଲା ନାହିଁ ।

**ସୁଂଦରତା କହୁଁ ସୁଂଦର କରଈ । ଛବିଗୃହଁ ଦୀପସିଖା ଜନୁ ବରଈ ॥**
**ସବ ଉପମା କବି ରହେ ଜୁଠାରୀ । କେହିଁ ପଟତରୌଁ ବିଦେହକୁମାରୀ ॥ ୪ ॥**

ସୀତାଙ୍କ ଶୋଭା ସୌନ୍ଦର୍ଯ୍ୟକୁ ମଧ୍ୟ ସୁନ୍ଦର କରିଦେଉଥାଏ । ଜଣାପଡୁଥାଏ, ସତେ ଯେପରି ସୌନ୍ଦର୍ଯ୍ୟରୂପୀ ଗୃହରେ ଏକ ଉଜ୍ଜ୍ୱଳ ଦୀପଶିଖା ଜଳୁଛି (ଏପର୍ଯ୍ୟନ୍ତ ସୌନ୍ଦର୍ଯ୍ୟରୂପୀ ଗୃହରେ ଅନ୍ଧକାର ରହିଥିଲା; ସେହି ଅନ୍ଧକାରଗୃହ ସୀତାଙ୍କ ସୌନ୍ଦର୍ଯ୍ୟରୂପୀ ଦୀପଶିଖା ଯୋଗୁଁ ଦେଦୀପ୍ୟମାନ ହୋଇଉଠିଛି) । ସମସ୍ତ ଉପମାକୁ ତ କବିମାନେ ଅଇଁଠା କରିଦେଇଛନ୍ତି । ବିଦେହ ରାଜକନ୍ୟା ସୀତାଙ୍କୁ ବା ମୁଁ କାହା ସହିତ ଉପମା ଦେବି !! ॥ ୪ ॥

ଦୋଃ- **ସିୟ ସୋଭା ହିୟଁ ବରନି ପ୍ରଭୁ ଆପନି ଦସା ବିଚାରି ।**
**ବୋଲେ ସୁଚି ମନ ଅନୁଜ ସନ ବଚନ ସମୟ ଅନୁହାରି ॥ ୨୩୦ ॥**

ଏହିରୂପେ ହୃଦୟରେ ସୀତାଙ୍କ ଶୋଭା ବର୍ଣ୍ଣନା କରି ଏବଂ ନିଜର ଅବସ୍ଥା ବିଚାର କରି ପ୍ରଭୁ ଶ୍ରୀରାମ ପବିତ୍ର ମନରେ ସାନଭାଇ ଲକ୍ଷ୍ମଣଙ୍କୁ ଦୁଇପଦ ସମୟାନୁକୂଳ କଥା କହିଦେଲେ, ॥ ୨୩୦ ॥

**ତାତ ଜନକତନୟା ୟହ ସୋଈ । ଧନୁଷଜଗ୍ୟ ଜେହି କାରନ ହୋଈ ॥**
**ପୂଜନ ଗୌରି ସଖୀଁ ଲୈ ଆଈଁ । କରତ ପ୍ରକାସୁ ଫିରଇ ଫୁଲୱାଈଁ ॥ ୧ ॥**

"ଆରେ ବାବୁ ! ଏ ହେଉଛନ୍ତି ସେହି ଜନକନନ୍ଦିନୀ, ଯାହାଙ୍କ ପାଇଁ ଧନୁର୍ଯଜ୍ଞ ଅନୁଷ୍ଠିତ ହେଉଛି । ଗୌରୀପୂଜା କରିବାପାଇଁ ସଖୀମାନେ ତାଙ୍କୁ ଏଠାକୁ ଆଣିଛନ୍ତି । ପୁଷ୍ପଉଦ୍ୟାନରେ ବିଚରଣ କରି ସେ ଉଦ୍ୟାନକୁ ଚମକାଇ ଦେଉଛନ୍ତି ॥ ୧ ॥

**ଜାସୁ ବିଲୋକି ଅଲୌକିକ ସୋଭା । ସହଜ ପୁନୀତ ମୋର ମନୁ ଛୋଭା ॥**
**ସୋ ସବୁ କାରନ ଜାନ ବିଧାତା । ଫରକହିଁ ସୁଭଦ ଅଂଗ ସୁନୁ ଭ୍ରାତା ॥ ୨ ॥**

ତାଙ୍କର ଅଲୌକିକ ସୌନ୍ଦର୍ଯ୍ୟ ଦେଖି ମୋର ସ୍ୱାଭାବତଃ ପବିତ୍ର ମନ ବିକ୍ଷୁବ୍ଧ ହୋଇଯାଉଛି । ଏସବୁର କାରଣ ବିଧାତାଙ୍କୁହିଁ ଜଣା; କିନ୍ତୁ ଭାଇ ! ଶୁଣ ! ମୋ ଦକ୍ଷିଣ ଅଙ୍ଗ ସ୍ଫୁରିତ ହେଉଛି; ଏହା ଶୁଭ ସୂଚନା ଦେଉଛି ॥ ୨ ॥

**ରଘୁବଂସିନ୍ହ କର ସହଜ ସୁଭାଊ । ମନୁ କୁପଂଥ ପଗୁ ଧରଇ ନ କାଊ ॥**
**ମୋହି ଅତିସୟ ପ୍ରତୀତି ମନ କେରୀ । ଜେହିଁ ସପନେହୁଁ ପରନାରି ନ ହେରୀ ॥ ୩ ॥**

ରଘୁବଂଶୀମାନଙ୍କର ଏହା ଏକ ଜନ୍ମଗତ ସ୍ୱଭାବ ଯେ, ସେମାନଙ୍କ ମନ କଦାପି କୁମାର୍ଗରେ ପାଦ ଦିଏ ନାହିଁ । ମୋ ମନ ଉପରେ ମୋର ଗଭୀର ବିଶ୍ୱାସ ରହିଛି; ମୋ ମନ, [ଜାଗ୍ରତ ଅବସ୍ଥା କଥା କ'ଣ କହିବା,] ସ୍ୱପ୍ନରେ ବି ପରସ୍ତ୍ରୀ ଆଡ଼କୁ ଦୃଷ୍ଟି ପକାଇନାହିଁ ॥ ୩ ॥

**ଜିନ୍ହ କୈ ଲହହିଁ ନ ରିପୁ ରନ ପୀଠୀ । ନହିଁ ପାୱହିଁ ପରତିୟ ମନୁ ଡୀଠୀ ॥**
**ମଂଗନ ଲହହିଁ ନ ଜିନ୍ହ କୈ ନାହୀଁ । ତେ ନରବର ଥୋରେ ଜଗ ମାହୀଁ ॥ ୪ ॥**

ରଣଭୂମିରେ ଶତ୍ରୁ ଯାହାର ପିଠି ଦେଖିପାରେ ନାହିଁ (ଅର୍ଥାତ୍ ଯେ ଯୁଦ୍ଧକ୍ଷେତ୍ରରୁ ପଳାୟନ କରେ ନାହିଁ,) ଯାହାର ମନ ଓ ଦୃଷ୍ଟିକୁ ପରସ୍ତ୍ରୀ ଆକର୍ଷିତ କରିପାରେ ନାହିଁ ଏବଂ ଯାହାଙ୍କ ଘରୁ ଭିକାରି 'ନାହିଁ' ଶବ୍ଦ ଶୁଣେ ନାହିଁ, ସେହିପରି ଶ୍ରେଷ୍ଠପୁରୁଷ ସଂସାରରେ ବହୁତ କମ୍ ଅଛନ୍ତି ।" ॥ ୪ ॥

ଦୋଃ- **କରତ ବତକହୀ ଅନୁଜ ସନ ମନ ସିୟ ରୂପ ଲୋଭାନ ।**
**ମୁଖ ସରୋଜ ମକରଂଦ ଛବି କରଇ ମଧୁପ ଇୱ ପାନ ॥ ୨୩୧ ॥**

ସାନଭାଇ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମ ଏପରି କଥାଭାଷା ହେଉଥାନ୍ତି ସତ, କିନ୍ତୁ ତାଙ୍କ ମନ ସୀତାଙ୍କ ରୂପରେ ପ୍ରଲୁବ୍ଧ ହୋଇ ତାଙ୍କ ମୁଖପଦ୍ମର ଶୋଭାରୂପୀ ମକରନ୍ଦରସକୁ ଭ୍ରମର ପରି ପାନ କରୁଥାଏ ॥ ୨୩୧ ॥

**ଚିତୱ୍ତି ଚକିତ ଚହୂଁ ଦିସି ସୀତା । କହଁ ଗଏ ନୃପକିସୋର ମନୁ ଚିଂତା ॥**
**ଜହଁ ବିଲୋକ ମୃଗ ସାୱ୍କ ନୈନୀ । ଜନୁ ତହଁ ବରିସ କମଲ ସିତ ଶ୍ରେନୀ ॥ ୧ ॥**

ସୀତା ଚକିତ ହୋଇ ଚାରିଆଡ଼କୁ ଚାହିଁ ଚାହିଁ ଆସୁଥାନ୍ତି; ରାଜକୁମାର କେଉଁଆଡ଼େ ଚାଲିଗଲେ ବୋଲି ସେ ମନେ ମନେ ଚିନ୍ତିତ ହେଉଥାନ୍ତି । ବାଳମୃଗନୟନୀ ସୀତା ଯେଉଁ ଆଡ଼କୁ ଚାହୁଁଥାନ୍ତି, ସେଆଡ଼େ ସତେ ଅବା ଶ୍ୱେତପଦ୍ମର ଧାରା ବର୍ଷା ହେଉଥାଏ (ଅର୍ଥାତ୍ ସୀତାଙ୍କ ମୁଖମଣ୍ଡଳର ଆଭାରେ ଚତୁର୍ଦ୍ଦିଗ ଝଲସି ଉଠୁଥାଏ) ॥ ୧ ॥

**ଲତା ଓଟ ତବ ସଖିହ୍ନ ଲଖାଏ । ସ୍ୟାମଲ ଗୌର କିସୋର ସୁହାଏ ॥**
**ଦେଖି ରୂପ ଲୋଚନ ଲଲଚାନେ । ହରଷେ ଜନୁ ନିଜ ନିଧି ପହିଚାନେ ॥ ୨ ॥**

ଏତିକିବେଳେ ସଖୀମାନେ ତାଙ୍କୁ ଟିକିଏ ଦୂରରେ ଲତା ଆଢୁଆଳରେ ଠିଆ ହୋଇଥିବା ଶ୍ୟାମଳ ଓ ଗୌର କୁମାରଦ୍ୱୟଙ୍କୁ ଦେଖାଇଦେଲେ । ଶ୍ରୀରାମଙ୍କ ରୂପ ଦେଖିଦେଇ ସୀତାଙ୍କର ନୟନ ଲୋଭେଇଗଲା । ମନେହେଲା, ସେ ବୋଧହୁଏ, ନିଜର ହଜିଯାଇଥିବା ଧନକୁ ଦେଖୁ ଦେଖୁ ଚିହ୍ନିପକାଇଲେ ॥ ୨ ॥

**ଥକେ ନୟନ ରଘୁପତି ଛବି ଦେଖେଁ । ପଲକହ୍ନିହୂଁ ପରିହରୀଁ ନିମିଷେଁ ॥**
**ଅଧିକ ସନେହଁ ଦେହ ଭୈ ଭୋରୀ । ସରଦ ସସିହି ଜନୁ ଚିତୱ୍ ଚକୋରୀ ॥ ୩ ॥**

ଶ୍ରୀରଘୁନାଥଙ୍କର ଛବି ଦେଖି ତାଙ୍କ ନୟନ ସ୍ଥିର ହୋଇଗଲା । ଆଖିର ପଲକପାତ ମଧ୍ୟ ବନ୍ଦ ହୋଇଗଲା । ଅଧିକ ପ୍ରେମ ହେତୁ ଶରୀର ବିହ୍ୱଳ ହୋଇଗଲା । ମନେ ହେଉଥାଏ, ଶରତଋତୁର ଚନ୍ଦ୍ରମାକୁ ସତେ ଯେପରି ଚକୋରୀ ଦେହଜ୍ଞାନ ଭୁଲି ନିର୍ନିମେଷ ନୟନରେ ଚାହିଁରହିଛି ॥ ୩ ॥

**ଲୋଚନ ମଗ ରାମହି ଉର ଆନୀ । ଦୀହ୍ନେ ପଲକ କପାଟ ସୟାନୀ ॥**
**ଜବ ସିୟ ସଖିହ୍ନ ପ୍ରେମବସ ଜାନୀ । କହି ନ ସକହିଁ କଛୁ ମନ ସକୁଚାନୀ ॥ ୪ ॥**

ନେତ୍ରପଥ ଦେଇ ଶ୍ରୀରାମଙ୍କୁ ହୃଦୟମନ୍ଦିରକୁ ନେଇଆସି ବୁଦ୍ଧିମତୀ ଜାନକୀ ପଲକ-କବାଟ ବନ୍ଦ କରିଦେଲେ (ଅର୍ଥାତ୍ ଆଖି ବନ୍ଦ କରି ସେହି ରୂପର ଧ୍ୟାନ କଲେ) । ସଖୀମାନେ ଜାଣିଗଲେ ଯେ, ସୀତା ପ୍ରେମରେ ବିହ୍ୱଳ ହୋଇଯାଇଛନ୍ତି; ତେଣୁ ସେମାନେ ମନେ ମନେ ସଂକୁଚିତ ହୋଇ (ଲଜ୍ୟା ହେତୁ) କିଛି କହିପାରିଲେ ନାହିଁ ॥ ୪ ॥

ଦୋ:- **ଲତାଭୱ୍ନ ତେଁ ପ୍ରଗଟ ଭେ ତେହି ଅୱ୍ସର ଦୋଉ ଭାଇ ।**
**ନିକସେ ଜନୁ ଜୁଗ ବିମଲ ବିଧୁ ଜଲଦ ପଟଲ ବିଲଗାଇ ॥ ୨୩୨ ॥**

ଏହି ସମୟରେ ମେଘର ପରଦା ହଟାଇ ଦୁଇଟି ନିର୍ମଳ ଚନ୍ଦ୍ରମା ବିକଶିତ ହୋଇଯିବାପରି ରାମ-ଲକ୍ଷ୍ମଣ ଦୁଇଭାଇ ଲତାଗହଳରୁ ବାହାରିଆସିଲେ ॥ ୨୩୨ ॥

**ସୋଭା ସୀୱଁ ସୁଭଗ ଦୋଉ ବୀରା । ନୀଲ ପୀତ ଜଲଜାଭ ସରୀରା ॥**
**ମୋରପଂଖ ସିର ସୋହତ ନୀକେ । ଗୁଚ୍ଛ ବୀଚ ବିଚ କୁସୁମ କଲୀ କେ ॥ ୧ ॥**

ଦୁଇଭାଇ ଅତି ସୁନ୍ଦର । ଉଭୟେ ଶୋଭାର ସୀମା । ଶରୀରର ଆଭା ନୀଳ ଓ ପୀତ କମଳର ଆଭା ପରି । ଶିରରେ ସୁନ୍ଦର ମୟୂରପୁଚ୍ଛ ସୁଶୋଭିତ; ମଝିରେ ମଝିରେ ଫୁଲକଢ଼ିର ଗୁଚ୍ଛ ॥ ୧ ॥

**ଭାଲ ତିଲକ ଶ୍ରମବିଂଦୁ ସୁହାଏ । ଶ୍ରଵ୍ନ ସୁଭଗ ଭୂଷନ ଛବି ଛାଏ ॥**
**ବିକଟ ଭୃକୁଟି କଚ ଘୂଘରଵ୍ୱାରେ । ନଵ୍ ସରୋଜ ଲୋଚନ ରତନାରେ ॥ ୨ ॥**

ଲଲାଟରେ ତିଲକ; ତା'ସହିତ ସ୍ୱେଦବିନ୍ଦୁ ମଧ୍ୟ ସୁଶୋଭିତ । କର୍ଣ୍ଣରେ ମନୋହର ଭୂଷଣର ଛଟା । ବକ୍ର ଭ୍ରୂଲତା ଓ କୁଞ୍ଚିତ କେଶ । ନୟନରେ ନବୀନ ପଦ୍ମକଳିକାର ଲାଲିମା ॥ ୨ ॥

**ଚ୍ବରୁ ଚିବୁକ ନାସିକା କପୋଲା । ହାସ ବିଲାସ ଲେତ ମନୁ ମୋଲା ॥**
**ମୁଖ ଛବି କହି ନ ଜାଇ ମୋହି ପାହୀଁ । ଜୋ ବିଲୋକି ବହୁ କାମ ଲଜାହୀଁ ॥ ୩ ॥**

ଓଠ, ନାକ, ଗାଲ ଅତି ସୁନ୍ଦର । ମୃଦୁ ହସର ଶୋଭା ମନକୁ କିଣିନେଉଥାଏ । ମୁଖର ସୌନ୍ଦର୍ଯ୍ୟ ତ ମୁଁ ଆଦୌ କହିପାରୁନାହିଁ । ତାହା ଦେଖି ବହୁ କାମଦେବ ମଧ୍ୟ ଲଜ୍ଜିତ ହେବେ ॥ ୩ ॥

**ଉର ମନି ମାଲ କଂବୁ କଲ ଗୀଵ୍ୱା । କାମ କଲଭ କର ଭୁଜ ବଲସୀଁଵ୍ୱା ॥**
**ସୁମନ ସମେତ ବାମ କର ଦୋନା । ସାଵ୍ଁର କୁଅଁର ସଖୀ ସୁଠି ଲୋନା ॥ ୪ ॥**

ବକ୍ଷସ୍ଥଳରେ ମଣିମାଳା ବିରାଜିତ । ଶଙ୍ଖସମାନ ସୁନ୍ଦର କଣ୍ଠଦେଶ । ଭୁଜ କନ୍ଦର୍ପରୂପୀ ହସ୍ତୀଶାବକର ଶୁଣ୍ଡସମାନ । ସେଥିରେ ଅସୀମ ବଳ । "ଯେ ବାଆଁ ହାତରେ ପତ୍ରଠୋଲାରେ ଫୁଲ ଧରିଛନ୍ତି, ହେ ସଖୀ ! ସେହି ଶ୍ୟାମଳ କୁମାର ତ ଅତି ସୁନ୍ଦର !"–[ସଖୀମାନେ ନିଜ ନିଜ ମଧ୍ୟରେ ଏପରି କୁହାକୁହି ହେଲେ] ॥ ୪ ॥

ଦୋଃ- **କେହରି କଟି ପଟ ପୀତ ଧର ସୁଷମା ସୀଲ ନିଧାନ ।**
**ଦେଖି ଭାନୁକୁଲଭୂଷନହି ବିସରା ସଖିହ୍ନ ଅପାନ ॥ ୨୩୩ ॥**

ସିଂହକଟି ପରି କ୍ଷୀଣ କଟିବିଶିଷ୍ଟ, ପୀତାମ୍ବରଧର, ଶୋଭା ଓ ସଦ୍‌ଗୁଣର ଭଣ୍ଡାର, ସୂର୍ଯ୍ୟକୁଳଭୂଷଣ ଶ୍ରୀରାମଙ୍କୁ ଦେଖି ସଖୀମାନେ ନିଜ ନିଜକୁ ଭୁଲିଗଲେ ॥ ୨୩୩ ॥

**ଧରି ଧୀରଜୁ ଏକ ଆଲି ସୟାନୀ । ସୀତା ସନ ବୋଲୀ ଗହି ପାନୀ ॥**
**ବହୁରି ଗୌରି କର ଧ୍ୟାନ କରେହୂ । ଭୂପକିସୋର ଦେଖି କିନ ଲେହୂ ॥ ୧ ॥**

ଜଣେ ଚତୁରୀ ସଖୀ ଧୈର୍ଯ୍ୟ ଧରି, ସୀତାଙ୍କ ହାତ ଧରିପକାଇ କହିଲା, "ଗିରିଜାଙ୍କ ଧ୍ୟାନ ପରେ କରିବ; ଏତିକିବେଳେ ରାଜକୁମାରଙ୍କୁ ଦେଖିନେଉନା କାହିଁକି ?" ॥ ୧ ॥

**ସକୁଚି ସୀୟଁ ତବ ନୟନ ଉଘାରେ । ସନମୁଖ ଦୋଉ ରଘୁସିଂଘ ନିହାରେ ॥**
**ନଖ ସିଖ ଦେଖି ରାମ କୈ ସୋଭା । ସୁମିରି ପିତା ପନୁ ମନୁ ଅତି ଛୋଭା ॥ ୨ ॥**

ତେଣୁ ସୀତା ସଂକୋଚର ସହିତ ନେତ୍ର ଖୋଲିଲେ ଏବଂ ରଘୁବଂଶର ଦୁଇ ସିଂହଙ୍କୁ ସମ୍ମୁଖରେ ଦେଖିବାକୁ ପାଇଲେ । ଏପଟେ ଆପାଦମସ୍ତକ ରାମଙ୍କ ଶୋଭା ଦେଖି ଏବଂ ସେପଟେ ପିତାଙ୍କ ପଣ ସ୍ମରଣ କରି ତାଙ୍କ ମନ ଅତ୍ୟନ୍ତ କ୍ଷୁବ୍ଧ ହୋଇଗଲା ॥ ୨ ॥

**ପରବସ ସଖିହ୍ନ ଲଖୀ ଜବ ସୀତା । ଭୟଉ ଗହରୁ ସବ କହହିଁ ସଭୀତା ॥**
**ପୁନି ଆଉବ ଏହି ବେରିଆଁ କାଲୀ । ଅସ କହି ମନ ବିହସୀ ଏକ ଆଲୀ ॥ ୩ ॥**

ସଖୀମାନେ ଦେଖିଲେ ଯେ, ସୀତା ପ୍ରେମପରବଶ ହୋଇଯାଇଛନ୍ତି; ତେଣୁ ସେମାନେ ସମସ୍ତେ ଭୟଭୀତ ହୋଇ କହିବାକୁ ଲାଗିଲେ, "ବହୁତ ଡେରି ହୋଇଗଲାଣି; ଏଥର ଚ୍ବଲ ଫେରିଯିବା।" ଜଣେ ସଖୀ "କାଲି ଏତିକିବେଳକୁ ଆଉ ଥରେ ଆସିବା" କହି ମନେ ମନେ ହସିଦେଲା ॥ ୩ ॥

**ଗୂଢ଼ ଗିରା ସୁନି ସିୟ ସକୁଚ୍ୟାନୀ । ଭୟଉ ବିଲଂବୁ ମାତୁ ଭୟ ମାନୀ ॥**
**ଧରି ବଡ଼ି ଧୀର ରାମୁ ଉର ଆନେ । ଫିରୀ ଅପନପଉ ପିତୁବସ ଜାନେ ॥ ୪ ॥**

ସଖୀର ଏପରି ରହସ୍ୟମୟୀ କଥା ଶୁଣି ସୀତା ଲାଜରେ ଶଢ଼ିଗଲେ । ବିଳମ୍ବ ହେଲାଣି; ମାଆ କ'ଣ କହିବେ ବୋଲି ଭାବି ସେ ଭୟ କଲେ । ବହୁ ଧୈର୍ଯ୍ୟର ସହିତ ଶ୍ରୀରାମଙ୍କ ଛବି ହୃଦୟରେ ଧାରଣ କରି ଏବଂ ନିଜକୁ ପିତାଙ୍କର ଅଧୀନ ବୋଲି ଜାଣି ସେ ସେଠାରୁ ଫେରିଆସିଲେ ॥ ୪ ॥

ଦୋ:- **ଦେଖନ ମିସ ମୃଗ ବିହଗ ତରୁ ଫିରଇ ବହୋରି ବହୋରି ।**
**ନିରଖି ନିରଖି ରଘୁବୀର ଛବି ବାଢ଼ଇ ପ୍ରୀତି ନ ଥୋରି ॥ ୨୩୪ ॥**

ମୃଗ, ପକ୍ଷୀ ଓ ବୃକ୍ଷ ଦେଖିବା ବାହାନାରେ ସେ ବାରମ୍ବାର ପଛକୁ ଲେଉଟି ଚାହୁଁଥାନ୍ତି । ଶ୍ରୀରାମଙ୍କ ରୂପକୁ ସେ ଯେତେ ଦେଖୁଥାନ୍ତି, ହୃଦୟର ପ୍ରେମ ସେତେ ବଢୁଥାଏ ॥ ୨୩୪ ॥

**ଜାନି କଠିନ ସିଵଚାପ ବିସୂରତି । ଚଲୀ ରାଖି ଉର ସ୍ୟାମଲ ମୂରତି ॥**
**ପ୍ରଭୁ ଜବ ଜାତ ଜାନକୀ ଜାନୀ । ସୁଖ ସନେହ ସୋଭା ଗୁନ ଖାନୀ ॥ ୧ ॥**

ଶିବଙ୍କ ଧନୁ ବଡ଼ କଠୋର ବୋଲି ଜାଣି ସେ ମନେ ମନେ ଚିନ୍ତିତ ହୋଇଗଲେ ଏବଂ ହୃଦୟରେ ରାମଙ୍କ ଶ୍ୟାମଳ ଛବି ଧାରଣ କରି ଫେରିଲେ । (ଶିବଙ୍କ ଧନୁର କଠୋରତା ମନେପଡ଼ିଯିବାରୁ, ସୁକୁମାର ରଘୁନାଥ ସେହି ଧନୁ କିପରି ଭାଙ୍ଗିବେ ବୋଲି ତାଙ୍କୁ ଚିନ୍ତା ଲାଗୁଥିଲା । ପିତାଙ୍କ ପଣ ମନେପଡ଼ି ତାଙ୍କ ମନରେ କ୍ଷୋଭ ଉଠୁଥିଲା; ତେଣୁ ସେ ମନେ ମନେ ବିଳାପ କଲେ । ପ୍ରେମବଶ ହୋଇ ପ୍ରଭୁଙ୍କ ଐଶ୍ୱର୍ଯ୍ୟକୁ ଭୁଲିଯିବାରୁହିଁ ସେ ଏପରି ହେଉଥିଲେ । ପୁଣି ଭଗବାନଙ୍କ ବଳର ପରାକ୍ରମ ମନେପଡ଼ିଯିବାମାତ୍ରେ ସେ ଆନନ୍ଦରେ ଶ୍ୟାମଳ ଛବିଟି ହୃଦୟରେ ଧରି ଚାଲିଲେ ।) ପ୍ରଭୁ ଶ୍ରୀରାମ ଜାଣିଗଲେ ଯେ, ସୁଖ, ସ୍ନେହ, ଶୋଭା ଓ ଗୁଣର ନିଧାନ ଜାନକୀ ଚାଲିଯାଉଛନ୍ତି ॥ ୧ ॥

**ପରମ ପ୍ରେମମୟ ମୃଦୁ ମସି କୀହ୍ନୀ । ଚାରୁ ଚିତ୍ତ ଭୀତାଁ ଲିଖି ଲୀହ୍ନୀ ॥**
**ଗଈ ଭଵାନୀ ଭଵନ ବହୋରୀ । ବଂଦି ଚରନ ବୋଲୀ କର ଜୋରୀ ॥ ୨ ॥**

ତେଣୁ ସେ ପରମପ୍ରେମକୁ କୋମଳ ସ୍ୟାହି କରି ସୀତାଙ୍କ ଛବିକୁ ନିଜର ସୁନ୍ଦର ଚିତ୍ତରୂପୀ ପଟରେ ଆଙ୍କିନେଲେ । ସୀତା ପୁନର୍ବାର ଭବାନୀଙ୍କ ମନ୍ଦିରକୁ ଗଲେ ଓ ତାଙ୍କ ଚରଣ ବନ୍ଦନା କରି, କର ଯୋଡ଼ି ଜଣାଇଲେ, ॥ ୨ ॥

**ଜୟ ଜୟ ଗିରିବରରାଜ କିସୋରୀ । ଜୟ ମହେସ ମୁଖ ଚଂଦ ଚକୋରୀ ॥**
**ଜୟ ଗଜବଦନ ଷଡ଼ାନନ ମାତା । ଜଗତ ଜନନି ଦାମିନି ଦୁତି ଗାତା ॥ ୩ ॥**

''ହେ ପର୍ବତରାଜ-ହିମାଳୟପୁତ୍ରୀ ପାର୍ବତୀ ! ଆପଣଙ୍କର ଜୟ ହେଉ, ଜୟ ହେଉ ! ହେ ମହାଦେବଙ୍କ ମୁଖରୂପୀ ଚନ୍ଦ୍ରର ( ମୁଖଚନ୍ଦ୍ରକୁ ନିର୍ନିମେଷ ନୟନରେ ଚାହିଁ ରହୁଥିବା) ଚକୋରୀ ! ଆପଣଙ୍କର ଜୟ ହେଉ । ହେ ଗଜାନନ ତଥା କାର୍ତ୍ତିକେୟଙ୍କର ଜନନୀ ! ହେ ଜଗଜ୍ଜନନୀ ! ହେ ବିଦ୍ୟୁତ୍‌ପ୍ରଭା ! ଆପଣଙ୍କର ଜୟ ହେଉ ! ॥ ୩ ॥

**ନହିଁ ତଵ ଆଦି ମଧ୍ୟ ଅଵସାନା । ଅମିତ ପ୍ରଭାଉ ବେଦୁ ନହିଁ ଜାନା ॥**
**ଭଵ ଭଵ ବିଭଵ ପରାଭଵ କାରିନି । ବିସ୍ୱ ବିମୋହନି ସ୍ୱବସ ବିହାରିନି ॥ ୪ ॥**

ଆପଣଙ୍କର ଆଦି ନାହିଁ, କି ମଧ୍ୟ ନାହିଁ, କି ଅନ୍ତ ନାହିଁ । ଆପଣଙ୍କର ଅସୀମ ପ୍ରଭାବ ତ ବେଦଗଣ ବି ଜାଣନ୍ତି ନାହିଁ । ଆପଣ ହେଉଛନ୍ତି ସଂସାରର ଉତ୍ପତ୍ତି, ପାଳନ ଓ ବିନାଶକାରିଣୀ । ଆପଣ ବିଶ୍ୱବିମୋହିନୀ ଓ ସ୍ୱତନ୍ତ୍ରବିହାରିଣୀ ॥ ୪ ॥

ଦୋ:- **ପତିଦେୱ୍ୱତା ସୁତୀୟ୍ ମହୁଁ ମାତୁ ପ୍ରଥମ ତଓ୍ୱ ରେଖ ।**
**ମହିମା ଅମିତ ନ ସକହିଁ କହି ସହସ ସାରଦା ସେଷ ॥ ୨୩୫ ॥**

ହେ ମାତା ! ପତିଙ୍କୁ ଦେବତା ମଣୁଥିବା ଶ୍ରେଷ୍ଠ ନାରୀମାନଙ୍କ ମଧ୍ୟରେ ଆପଣ ହେଉଛନ୍ତି ଅଗ୍ରଗଣ୍ୟା । ସହସ୍ର ସହସ୍ର ସରସ୍ୱତୀ ଓ ଶେଷଦେବ ମଧ୍ୟ ଆପଣଙ୍କର ଅପାର ମହିମା କହିପାରିବେ ନାହିଁ ॥ ୨୩୫ ॥

**ସେୱ୍ୱତ ତୋହି ସୁଲଭ ଫଲ ଚ୍ୱରୀ । ବରଦାୟ୍ନୀ ପୁରାରି ପିଆରୀ ॥**
**ଦେବି ପୂଜି ପଦ କମଲ ତୁହ୍ମାରେ । ସୁର ନର ମୁନି ସବ ହୋହିଁ ସୁଖାରେ ॥ ୧ ॥**
**ମୋର ମନୋରଥୁ ଜାନହୁ ନୀକେଁ । ବସହୁ ସଦା ଉର ପୁର ସବହୀ କେଁ ॥**
**କୀହ୍ନେଉଁ ପ୍ରଗଟ ନ କାରନ ତେହୀଁ । ଅସ କହି ଚରନ ଗହେ ବୈଦେହୀଁ ॥ ୨ ॥**

ହେ ବରଦାୟିନୀ ! ହେ ତ୍ରିପୁରାରି ଶିବଙ୍କର ପ୍ରିୟା ପତ୍ନୀ ! ଆପଣଙ୍କର ସେବା କଲେ ଚତୁର୍ବିଧ ଫଳ ସୁଲଭ ହୋଇଯାଏ । ହେ ଦେବୀ ! ଆପଣଙ୍କ ଚରଣକମଳ ସେବା କରି ଦେବତା-ମନୁଷ୍ୟ-ମୁନିଋଷି ଆଦି ସମସ୍ତେ ସୁଖୀ ହୁଅନ୍ତି । ମୋର ମନୋରଥ ତ ଆପଣ ଭଲରୂପେ ଜାଣନ୍ତି; କାରଣ ଆପଣ ସଦା ସମସ୍ତଙ୍କର ହୃଦୟନିବାସୀ । ତେଣୁ ମୁଁ ତାହା ଆପଣଙ୍କ ନିକଟରେ ପ୍ରକାଶ କରୁନାହିଁ ।'' ଏପରି କହି ସୀତା ପାର୍ବତୀଙ୍କର ପାଦ ଧରିପକାଇଲେ ॥ ୨ ॥

**ବିନୟ୍ ପ୍ରେମ ବସ ଭଈ ଭୱ୍ୱାନୀ । ଖସୀ ମାଲ ମୂରତି ମୁସୁକାନୀ ॥**
**ସାଦର ସିୟ୍ଁ ପ୍ରସାଦୁ ସିର ଧରେଉ । ବୋଲୀ ଗୌରି ହରଷୁ ହିୟ୍ଁ ଭରେଉ ॥ ୩ ॥**

ମାତା ପାର୍ବତୀ ସୀତାଙ୍କର ବିନୟ ଓ ପ୍ରେମରେ ବଶୀଭୂତ ହୋଇଗଲେ । ତାଙ୍କ ଗଳାରୁ ମାଳା ଖସିପଡ଼ିଲା ଏବଂ ଦେବୀମୂର୍ତ୍ତିଙ୍କ ମୁଖମଣ୍ଡଳରେ ମୃଦୁହାସ ଖେଳିଗଲା । ସୀତା ଅତ୍ୟନ୍ତ ଆଦରରେ ସେହି ପ୍ରସାଦମାଳା ଉଠାଇ ଆଣି ମୁଣ୍ଡରେ ଲଗାଇଲେ । ଗୌରୀଙ୍କ ହୃଦୟ ଆନନ୍ଦରେ ଭରିଗଲା । ସେ କହିଲେ, ॥ ୩ ॥

**ସୁନୁ ସିୟ୍ ସତ୍ୟ ଅସୀସ ହମାରୀ । ପୂଜିହି ମନ କାମନା ତୁହ୍ମାରୀ ॥**
**ନାରଦ ବଚନ ସଦା ସୁଚି ସାଚ୍ୱ । ସୋ ବରୁ ମିଲିହି ଜାହିଁ ମନୁ ରାଚ୍ୱ ॥ ୪ ॥**

''ସୀତେ ! ମୋର ହାର୍ଦ୍ଦିକ ଆଶୀର୍ବାଦ ଶୁଣ । ତୁମର ମନସ୍କାମନା ପୂର୍ଣ୍ଣ ହେବ । ନାରଦଙ୍କ ବଚନ ସଦା ପବିତ୍ର (ସଂଶୟ, ଭ୍ରମ ଆଦି ଦୋଷରୁ ମୁକ୍ତ) ଓ ସତ୍ୟ । ତୁମର ମନ ଯାହାଙ୍କ ପ୍ରତି ଅନୁରକ୍ତ ହୋଇଯାଇଛି, ସେହି ବର ତୁମକୁ ନିଶ୍ଚୟ ମିଳିବେ ॥ ୪ ॥

ଛନ୍ଦ- **ମନୁ ଜାହିଁ ରାଚେଉ ମିଲିହି ସୋ ବରୁ ସହଜ ସୁଂଦର ସାଁୱ୍ୱରୋ ।**
**କରୁନା ନିଧାନ ସୁଜାନ ସୀଲୁ ସନେହୁ ଜାନତ ରାୱ୍ୱରୋ ॥**
**ଏହି ଭାଁତି ଗୌରି ଅସୀସ ସୁନି ସିୟ୍ ସହିତ ହିୟ୍ଁ ହରଷୀଁ ଅଲୀ ।**
**ତୁଲସୀ ଭୱ୍ୱାନିହି ପୂଜି ପୁନି ପୁନି ମୁଦିତ ମନ ମଂଦିର ଚଲୀ ॥**

ଯାହାଙ୍କ ପ୍ରତି ତୁମର ମନ ଅନୁରକ୍ତ ହୋଇଯାଇଛି, ସେହି ସ୍ୱଭାବସୁନ୍ଦର ଶ୍ୟାମଳ ବର(ଶ୍ରୀରାମଚନ୍ଦ୍ର)ହିଁ ତୁମକୁ ମିଳିବେ । ସେ ହେଉଛନ୍ତି ଦୟାର ଭଣ୍ଡାର ଏବଂ ସର୍ବଜ୍ଞ । ସେ ତୁମର ସ୍ନେହ ଓ ଶୀଳ (ସ୍ୱଭାବ) ଜାଣନ୍ତି ।'' ଗୌରୀଙ୍କ ଠାରୁ ଏପରି ଆଶୀର୍ବାଣୀ ଶୁଣି ଜାନକୀ ତଥା ସଖୀବୃନ୍ଦ ହର୍ଷିତ ହୋଇଗଲେ । ତୁଳସୀଦାସ କହୁଛନ୍ତି, ଭବାନୀଙ୍କୁ ବାରମ୍ବାର ପୂଜା କରି ସୀତା ପ୍ରସନ୍ନଚିତ୍ତରେ ରାଜଭବନକୁ ଫେରିଗଲେ ।

ସୋଃ- **ଜାନି ଗୌରି ଅନୁକୂଲ ସିୟ ହିୟ ହରଷୁ ନ ଜାଇ କହି ।**
**ମଂଜୁଲ ମଂଗଲ ମୂଲ ବାମ ଅଂଗ ଫରକନ ଲଗେ ॥ ୨୩୬ ॥**

ମାତା ଗୌରୀ ଅନୁକୂଳ ହୋଇଛନ୍ତି ଜାଣି ସୀତାଙ୍କ ମନରେ ଯେଉଁ ଆନନ୍ଦ ଜାତ ହେଲା, ତାହା ଭାଷାରେ କହିହେବ ନାହିଁ । ସୁନ୍ଦର ମଙ୍ଗଳର ମୂଳ ତାଙ୍କର ବାମ ଅଙ୍ଗ ବାରମ୍ବାର ସ୍ଫୁରିତ ହେଲା ॥ ୨୩୬ ॥

**ହୃଦୟଁ ସରାହତ ସୀୟ ଲୋନାଈ । ଗୁର ସମୀପ ଗୱନେ ଦୋଉ ଭାଈ ॥**
**ରାମ କହା ସବୁ କୌସିକ ପାହୀଁ । ସରଲ ସୁଭାଉ ଛୁଅତ ଛଲ ନାହୀଁ ॥ ୧ ॥**

[ଶ୍ରୀରାମ] ହୃଦୟ ମଧ୍ୟରେ ସୀତାଙ୍କ ସୌନ୍ଦର୍ଯ୍ୟର ବହୁ ପ୍ରଶଂସା କଲେ ଏବଂ ଦୁଇଭାଇ ଗୁରୁଙ୍କ ନିକଟକୁ ଫେରିଗଲେ । ଶ୍ରୀରାମ ବିଶ୍ୱାମିତ୍ରଙ୍କୁ ସବୁ କଥା କହିଦେଲେ ; କାରଣ ତାଙ୍କର ସ୍ୱଭାବ ସରଳ; ଛନ୍ଦକପଟ ତାଙ୍କୁ ସ୍ପର୍ଶ କରେ ନାହିଁ ॥ ୧ ॥

**ସୁମନ ପାଇ ମୁନି ପୂଜା କୀହ୍ନୀ । ପୁନି ଅସୀସ ଦୁହୁ ଭାଇହ୍ନ ଦୀହ୍ନୀ ॥**
**ସୁଫଲ ମନୋରଥ ହୋହୁଁ ତୁହ୍ମାରେ । ରାମୁ ଲଖନୁ ସୁନି ଭଏ ସୁଖାରେ ॥ ୨ ॥**

[ଦୁଇଭାଇ ଆଣିଥିବା] ଫୁଲ ନେଇ ମୁନି ପୂଜା କଲେ । ତା'ପରେ ଦୁଇଭାଇଙ୍କୁ ଆଶୀର୍ବାଦ ଦେଲେ, "ତୁମର ମନୋରଥ ପୂର୍ଣ୍ଣ ହେଉ" । ତାହା ଶୁଣି ରାମ-ଲକ୍ଷ୍ମଣ ଆନନ୍ଦିତ ହୋଇଗଲେ ॥ ୨ ॥

**କରି ଭୋଜନୁ ମୁନିବର ବିଗ୍ୟାନୀ । ଲଗେ କହନ କଛୁ କଥା ପୁରାନୀ ॥**
**ବିଗତ ଦିୱସୁ ଗୁରୁ ଆୟସୁ ପାଈ । ସଂଧ୍ୟା କରନ ଚଲେ ଦୋଉ ଭାଈ ॥ ୩ ॥**

ଭୋଜନ ପରେ ବିଜ୍ଞାନୀ ମୁନିବର କେତେକ ପ୍ରାଚୀନ କାହାଣୀ କହିବସିଲେ । କଥା ଶୁଣୁ ଶୁଣୁ ଦିନ ଯାଇ ସନ୍ଧ୍ୟା ଆସିଗଲା । ଗୁରୁଙ୍କ ଆଜ୍ଞା ପାଇ ଦୁଇଭାଇ ସନ୍ଧ୍ୟା କରିବାକୁ ଚାଲିଗଲେ ॥ ୩ ॥

**ପ୍ରାଚୀ ଦିସି ସସି ଉୟଉ ସୁହାୱା । ସିୟ ମୁଖ ସରିସ ଦେଖି ସୁଖୁ ପାୱା ॥**
**ବହୁରି ବିଚାରୁ କୀହ୍ନ ମନ ମାହୀଁ । ସୀୟ ବଦନ ସମ ହିମକର ନାହୀଁ ॥ ୪ ॥**

ତେଣେ ପୂର୍ବଦିଗରେ ଅତି ମନୋହର ଚନ୍ଦ୍ର ଉଦିତ ହେଲେ । ଚନ୍ଦ୍ର ସୀତାଙ୍କ ମୁଖ ପରି ହୋଇଥିବାର ଦେଖି ଶ୍ରୀରାମ ଆନନ୍ଦିତ ହେଲେ; କିନ୍ତୁ ପରେ ସେ ବିଚାର କଲେ, 'ଏହି ଚନ୍ଦ୍ର ସୀତାଙ୍କ ମୁଖ ପରି ନୁହେଁ' ॥ ୪ ॥

ଦୋଃ- **ଜନମୁ ସିଂଧୁ ପୁନି ବଂଧୁ ବିଷୁ ଦିନ ମଲୀନ ସକଲଂକ ।**
**ସିୟ ମୁଖ ସମତା ପାୱ କିମି ଚଂଦୁ ବାପୁରୋ ରଂକ ॥ ୨୩୭ ॥**

ଚନ୍ଦ୍ରର ଜନ୍ମ ତ ସମୁଦ୍ରରୁ; [ସେହି ସମୁଦ୍ରରୁ ଜନ୍ମ ହୋଇଥିବାରୁ] ବିଷ ହେଉଛି ଏହାର ଭାଇ । ଏହା ଦିନବେଳେ ମଳିନ ରହେ; ପୁଣି ଏହାର ଦେହରେ କଳଙ୍କ ବି ରହିଛି ! ଏହି ଶୋଭାଦରିଦ୍ର ଚନ୍ଦ୍ର ବିଚରା କିପରି ସୀତାଙ୍କ ସମକକ୍ଷ ହୋଇପାରିବ ! ॥ ୨୩୭ ॥

**ଘଟଇ ବଢ଼ଇ ବିରହିନି ଦୁଖଦାଈ । ଗ୍ରସଇ ରାହୁ ନିଜ ସଂଧିହିଁ ପାଈ ॥**
**କୋକ ସୋକପ୍ରଦ ପଂକଜ ଦ୍ରୋହୀ । ଅୱଗୁନ ବହୁତ ଚନ୍ଦ୍ରମା ତୋହୀ ॥ ୧ ॥**

ଚନ୍ଦ୍ରର ତ ହ୍ରାସବୃଦ୍ଧି ରହିଛି; ସେ ତ ବିରହିଣୀ ସ୍ତ୍ରୀମାନଙ୍କୁ ଦୁଃଖ ଦିଏ । ରାହୁ ସୁଯୋଗ ପାଇ ଚନ୍ଦ୍ରକୁ ଗ୍ରାସ କରେ । [ଚକ୍ରବାକୀର ବିଚ୍ଛେଦ ଘଟାଇ] ଚନ୍ଦ୍ର ଚକ୍ରବାକକୁ ଦୁଃଖ ଦିଏ । ସେ ପଦ୍ମଫୁଲର ମଧ୍ୟ ଶତ୍ରୁ (ଚନ୍ଦ୍ର ତାକୁ ମଉଳାଇଦିଏ ) ।" ସେ କହିଲେ, "ରେ ଚନ୍ଦ୍ର ! ତୋଠାରେ ବହୁ ଅବଗୁଣ ରହିଛି, [ଜାନକୀଙ୍କ ଠାରେ ଏସବୁ ନାହିଁ] ॥ ୧ ॥

**ବୈଦେହୀ ମୁଖ ପଟତର ଦୀହ୍ନେ । ହୋଇ ଦୋଷୁ ବଡ଼ ଅନୁଚିତ କୀହ୍ନେ ॥**
**ସିୟ ମୁଖଛବି ବିଧୁ ବ୍ୟାଜ ବଖାନୀ । ଗୁର ପହିଁ ଚଲେ ନିସା ବଡ଼ି ଜାନୀ ॥ ୨ ॥**

ତେଣୁ ଜାନକୀଙ୍କ ମୁଖକୁ ତୋ ସହିତ ଉପମା ଦେଲେ ଅନୁଚିତ କର୍ମ କରିବାର ଦୋଷ ଲାଗିବ ।'' ଏପରିଭାବରେ ଚନ୍ଦ୍ରଙ୍କ ଆଳରେ ସୀତାଙ୍କ ମୁଖଛବି ବର୍ଣ୍ଣନା କରୁ କରୁ ବହୁତ ରାତି ହୋଇଗଲା; ତାହା ଜାଣି ଦୁଇଭାଇ ଗୁରୁଙ୍କ ନିକଟକୁ ଫେରିଗଲେ ॥ ୨ ॥

**କରି ମୁନି ଚରନ ସରୋଜ ପ୍ରନାମା । ଆୟସୁ ପାଇ କୀହ୍ନ ବିଶ୍ରାମା ॥**
**ବିଗତ ନିସା ରଘୁନାୟକ ଜାଗେ । ବଂଧୁ ବିଲୋକି କହନ ଅସ ଲାଗେ ॥ ୩ ॥**

ମୁନିଙ୍କ ଚରଣକମଳରେ ପ୍ରଣାମ କରି, ତାଙ୍କ ଆଜ୍ଞା ପାଇ ଦୁହେଁ ବିଶ୍ରାମ ନେଲେ । ରାତି ପାହୁ ପାହୁ ଶ୍ରୀରଘୁନାଥ ଶଯ୍ୟା ତ୍ୟାଗ କଲେ ଏବଂ ଭାଇକୁ ଦେଖି କହିଲେ, ॥ ୩ ॥

**ଉୟଉ ଅରୁନ ଅୱଲୋକହୁ ତାତା । ପଂକଜ କୋକ ଲୋକ ସୁଖଦାତା ॥**
**ବୋଲେ ଲଖନୁ ଜୋରି ଜୁଗ ପାନୀ । ପ୍ରଭୁ ପ୍ରଭାଉ ସୂଚକ ମୃଦୁ ବାନୀ ॥ ୪ ॥**

''ବାବୁ ! ଦେଖ; କମଳକୁ, ଚକ୍ରବାକକୁ ଓ ସମଗ୍ର ସଂସାରକୁ ସୁଖ ପ୍ରଦାନ କରୁଥିବା ଅରୁଣ ଉଇଁଲେଣି ।'' ଲକ୍ଷ୍ମଣ ଦୁଇକର ଯୋଡ଼ି, ପ୍ରଭୁଙ୍କ ପ୍ରଭାବ ସୂଚାଇ କୋମଳ କଣ୍ଠରେ କହିଲେ, ॥ ୪ ॥

ଦୋଃ- **ଅରୁନୋଦୟଁ ସକୁଚେ କୁମୁଦ ଉଡ଼ଗନ ଜୋତି ମଲୀନ ।**
**ଜିମି ତୁହ୍ମାର ଆଗମନ ସୁନି ଭଏ ନୃପତି ବଲହୀନ ॥ ୨୩୮ ॥**

''ଅରୁଣୋଦୟ ହେବାରୁ କଇଁଫୁଲ ଯେପରି ମଉଳିଯାଇଛି ଏବଂ ତାରାମାନଙ୍କର ଜ୍ୟୋତି ଯେପରି ମଳିନ ହୋଇଯାଇଛି, ଆପଣଙ୍କ ଆଗମନ କଥା ଶୁଣି ସବୁ ରାଜା ସେହିପରି ବଳହୀନ ହୋଇଯାଇଛନ୍ତି ॥ ୨୩୮ ॥

**ନୃପ ସବ ନଖତ କରହିଁ ଉଜିଆରୀ । ଟାରି ନ ସକହିଁ ଚ୍ରପ ତମ ଭାରୀ ॥**
**କମଲ କୋକ ମଧୁକର ଖଗ ନାନା । ହରଷେ ସକଲ ନିସା ଅୱସାନା ॥ ୧ ॥**

ରାଜାରୂପୀ ତାରାମାନେ ଆଲୋକ ଦିଅନ୍ତି ସତ, କିନ୍ତୁ ସେମାନେ ଶିବଧନୁରୂପୀ ବିରାଟ ଅନ୍ଧକାରକୁ ଟାଳିପାରିବେ ନାହିଁ । ରାତି ପାହିଯିବାରୁ ପଦ୍ମଫୁଲ, ଚକ୍ରବାକ, ଭ୍ରମର ଓ ବିଭିନ୍ନପ୍ରକାର ପକ୍ଷୀ ଯେପରି ହର୍ଷିତ ହେଉଛନ୍ତି, ॥ ୧ ॥

**ଐସେହିଁ ପ୍ରଭୁ ସବ ଭଗତ ତୁହ୍ମାରେ । ହୋଇହହିଁ ଟୂଟେଁ ଧନୁଷ ସୁଖାରେ ॥**
**ଉୟଉ ଭାନୁ ବିନୁ ଶ୍ରମ ତମ ନାସା । ଦୁରେ ନଖତ ଜଗ ତେଜୁ ପ୍ରକାସା ॥ ୨ ॥**

ହେ ପ୍ରଭୁ ! ଧନୁ ଭାଙ୍ଗିଯିବା ପରେ ଆପଣଙ୍କର ସମସ୍ତ ଭକ୍ତ ସେହିପରି ଆନନ୍ଦିତ ହୋଇଯିବେ । ଦେଖନ୍ତୁ, ସୂର୍ଯ୍ୟ ଉଦିତ ହେବା ସଙ୍ଗେ ସଙ୍ଗେ ବିନା-ଶ୍ରମରେ ଅନ୍ଧକାର ନଷ୍ଟ ହୋଇଗଲା; ତାରାମାନେ ଲୁଚିଗଲେ; ସଂସାରରେ ଉଜ୍ଜ୍ୱଳ ଆଲୋକ ଖେଳିଗଲା ॥ ୨ ॥

**ରବି ନିଜ ଉଦୟ ବ୍ୟାଜ ରଘୁରାୟା । ପ୍ରଭୁ ପ୍ରତାପୁ ସବ ନୃପହ୍ନ ଦିଖାୟା ॥**
**ତୱ ଭୁଜ ବଲ ମହିମା ଉଦଘାଟୀ । ପ୍ରଗଟୀ ଧନୁ ବିଘଟନ ପରିପାଟୀ ॥ ୩ ॥**

ହେ ରଘୁନାଥ ! ସୂର୍ଯ୍ୟ ତାଙ୍କ ଉଦୟ ଛଳରେ ସବୁ ରାଜାଙ୍କୁ ପ୍ରଭୁଙ୍କ (ଆପଣଙ୍କ) ପ୍ରତାପ ଦେଖାଇଦେଇଛନ୍ତି । ଆପଣଙ୍କ ବାହୁବଳର ମହିମା ଉଦ୍‌ଘାଟନ କରିବା ନିମନ୍ତେହିଁ ଧନୁର୍ଭଙ୍ଗର ଏହି ଆୟୋଜନ କରାଯାଇଛି ।'' ॥ ୩ ॥

**ବଂଧୁ ବଚନ ସୁନି ପ୍ରଭୁ ମୁସୁକାନେ । ହୋଇ ସୁଚି ସହଜ ପୁନୀତ ନହାନେ ॥**
**ନିତ୍ୟକ୍ରିୟା କରି ଗୁରୁ ପହିଁ ଆଏ । ଚରନ ସରୋଜ ସୁଭଗ ସିର ନାଏ ॥ ୪ ॥**

ଭାଇର କଥା ଶୁଣି ପ୍ରଭୁ ହସିଲେ । ତା'ପରେ ନିତ୍ୟପବିତ୍ର ଶ୍ରୀରାମ ଶୌଚସ୍ନାନ କଲେ ଏବଂ ନିତ୍ୟକର୍ମ ସାରି ଗୁରୁଙ୍କ ନିକଟକୁ ଆସି ଗୁରୁଙ୍କ ସୁନ୍ଦର ଚରଣକମଳରେ ପ୍ରଣାମ କଲେ ॥ ୪ ॥

**ସତାନଂଦୁ ତବ ଜନକ ବୋଲାଏ । କୌସିକ ମୁନି ପହିଁ ତୁରତ ପଠାଏ ॥**
**ଜନକ ବିନୟ ତିନ୍ହ ଆଇ ସୁନାଈ । ହରଷେ ବୋଲି ଲିଏ ଦୋଉ ଭାଈ ॥ ୫ ॥**

ତେଣେ ମହାରାଜ ଜନକ [ତାଙ୍କ ଗୁରୁ] ଶତାନନ୍ଦଙ୍କୁ ଡକାଇଲେ ଏବଂ ସେ ପହଞ୍ଚିବାମାତ୍ରେ ତାଙ୍କୁ ତୁରନ୍ତ ବିଶ୍ୱାମିତ୍ରଙ୍କ ନିକଟକୁ ପଠାଇଦେଲେ । ସେ ଆସି ବିଶ୍ୱାମିତ୍ରଙ୍କୁ ଜନକଙ୍କ ବିନତି ଜଣାଇଲେ । ବିଶ୍ୱାମିତ୍ର ଆନନ୍ଦିତ ହୋଇ ରାମଲକ୍ଷ୍ମଣ ଦୁଇଭାଇଙ୍କୁ ଡକାଇଲେ ॥ ୫ ॥

ଦୋ:- **ସତାନଂଦ ପଦ ବଂଦି ପ୍ରଭୁ ବୈଠେ ଗୁର ପହିଁ ଜାଇ ।**
**ଚଲହୁ ତାତ ମୁନି କହେଉ ତବ ପଠୱା ଜନକ ବୋଲାଇ ॥ ୨୩୯ ॥**

ଶତାନନ୍ଦଙ୍କ ଚରଣବନ୍ଦନା କରିସାରି ପ୍ରଭୁ ଶ୍ରୀରାମ ଯାଇ ଗୁରୁଙ୍କ ପାଖରେ ବସିଲେ । ମୁନି କହିଲେ, ''ବାପା ! ଚାଲ ଯିବା; ମହାରାଜ ଜନକ ଡକାଇଛନ୍ତି ॥ ୨୩୯ ॥

## ମାସପାରାୟଣ, ଅଷ୍ଟମ ବିଶ୍ରାମ

## ନବାହ୍ନପାରାୟଣ, ଦ୍ୱିତୀୟ ବିଶ୍ରାମ

**ସୀୟ ସ୍ୱୟଂବରୁ ଦେଖିଅ ଜାଈ । ଈସୁ କାହି ଧୌଁ ଦେଇ ବଡ଼ାଈ ॥**
**ଲଖନ କହା ଜସ ଭାଜନୁ ସୋଈ । ନାଥ କୃପା ତୱ ଜା ପର ହୋଈ ॥ ୧ ॥**

[ବିଶ୍ୱାମିତ୍ର କହିଲେ,] ସେଠାକୁ ଯାଇ ସୀତାସ୍ୱୟଂବର ଦେଖିବା । ଦେଖାଯାଉ, ଈଶ୍ୱର କାହାକୁ ଯଶ ଦେଉଛନ୍ତି ।'' ଲକ୍ଷ୍ମଣ କହିଲେ, ''ପ୍ରଭୁ ! ଆପଣଙ୍କର ଯାହା ଉପରେ କୃପା ହେବ, ସେ ହିଁ ଯଶ ପାଇବାର ପାତ୍ର ହେବ (ଧନୁ ଭାଙ୍ଗିବାର ଗୌରବ ଲାଭ କରିବ) ।'' ॥ ୧ ॥

**ହରଷେ ମୁନି ସବ ସୁନି ବର ବାନୀ । ଦୀହ୍ନି ଅସୀସ ସବହିଁ ସୁଖୁ ମାନୀ ॥**
**ପୁନି ମୁନିବୃଂଦ ସମେତ କୃପାଲା । ଦେଖନ ଚଲେ ଧନୁଷମଖ ସାଲା ॥ ୨ ॥**

ଏହି ସୁନ୍ଦର ବଚନ ଶୁଣି ସବୁ ମୁନି ଆନନ୍ଦିତ ହୋଇଗଲେ । ସମସ୍ତେ ଦୁଇଭାଇଙ୍କୁ ଆଶୀର୍ବାଦ ଦେଲେ । ତା'ପରେ ମୁନିମାନଙ୍କ ସହିତ କୃପାଳୁ ଶ୍ରୀରାମ ଧନୁର୍ଯଜ୍ଞଶାଳା ଦେଖିବାକୁ ଚାଲିଲେ ॥ ୨ ॥

**ରଂଗଭୂମି ଆଏ ଦୋଉ ଭାଈ । ଅସି ସୁଧି ସବ ପୁରବାସିନ୍ହ ପାଈ ॥**
**ଚଲେ ସକଲ ଗୃହ କାଜ ବିସାରୀ । ବାଲ ଜୁବାନ ଜରଠ ନର ନାରୀ ॥ ୩ ॥**

ଦୁଇଭାଇ ରଙ୍ଗଭୂମିକୁ ଆସୁଥିବାର ସମାଚାର ପାଇବାକ୍ଷଣି, ଘରର କାମଧନ୍ଦା ଭୁଲି ନଗରର ବାଳକ-ବୃଦ୍ଧ, ଯୁବକ-ଯୁବତୀ, ସ୍ତ୍ରୀ-ପୁରୁଷ—ସମସ୍ତେ ସେଠାକୁ ଚାଲିଲେ ॥ ୩ ॥

**ଦେଖୀ ଜନକ ଭୀର ଭୈ ଭାରୀ । ସୁଚି ସେୱକ ସବ ଲିଏ ହଁକାରୀ ॥**
**ତୁରତ ସକଲ ଲୋଗହ୍ନ ପହିଁ ଜାହୂ । ଆସନ ଉଚିତ ଦେହୁ ସବ କାହୂ ॥ ୪ ॥**

ଲୋକଭିଡ଼ ବଢୁଥିବା ଦେଖି, ଜନକ ନିଜର ବିଶ୍ୱସ୍ତ ସେବକମାନଙ୍କୁ ଡାକି କହିଲେ, ''ତୁମେ ଯାଇ ଲୋକଙ୍କୁ ଯଥାଯୋଗ୍ୟ ଆସନ ଦେବାର ବ୍ୟବସ୍ଥା କର ।'' ॥ ୪ ॥

ଦୋ:- **କହି ମୃଦୁ ବଚନ ବିନୀତ ତିହ୍ନ ବୈଠାରେ ନର ନାରି ।**
**ଉତ୍ତମ ମଧ୍ୟମ ନୀଚ ଲଘୁ ନିଜ ନିଜ ଥଲ ଅନୁହାରି ॥ ୨୪୦ ॥**

ସେହି ସେବକମାନେ ସମସ୍ତଙ୍କୁ କୋମଳ ଓ ନମ୍ର ବାଣୀରେ ଅନୁରୋଧ କରି ଉତ୍ତମ, ମଧ୍ୟମ, ନିମ୍ନ ଓ ଲଘୁ—ସବୁ ଶ୍ରେଣୀର ନରନାରୀଙ୍କୁ ଯଥାଯୋଗ୍ୟ ସ୍ଥାନରେ ବସାଇଦେଲେ ॥ ୨୪୦ ॥

**ରାଜକୁଅଁର ତେହି ଅୱସର ଆଏ । ମନହୁଁ ମନୋହରତା ତନ ଛାଏ ॥**
**ଗୁନ ସାଗର ନାଗର ବର ବୀରା । ସୁଂଦର ସ୍ୟାମଲ ଗୌର ସରୀରା ॥ ୧ ॥**

ଏହି ସମୟରେ ରାଜକୁମାରଦ୍ୱୟ (ରାମଲକ୍ଷ୍ମଣ) ଯାଇ ସେଠାରେ ପହଞ୍ଚିଗଲେ । ସେ ଦୁହେଁ ଏତେ ସୁନ୍ଦର ହୋଇଥାନ୍ତି ଯେ, ଲାଗୁଥିଲା, ସତେ ଯେପରି ମନୋହରତାହିଁ ସେମାନଙ୍କ ଦେହରେ ଛାଇହୋଇ ରହିଛି । ଉଭୟେ ଅତି ସୁନ୍ଦର । ଜଣେ ଶ୍ୟାମଳ ଓ ଆରଜଣକ ଗୌର । ଦୁହେଁ ଥିଲେ ଗୁଣର ସାଗର, ବିଚକ୍ଷଣ ଏବଂ ଶ୍ରେଷ୍ଠ ବୀର ॥ ୧ ॥

**ରାଜ ସମାଜ ବିରାଜତ ରୂରେ । ଉଡ଼ଗନ ମହୁଁ ଜନୁ ଜୁଗ ବିଧୁ ପୂରେ ॥**
**ଜିହ୍ନ କେଁ ରହୀ ଭାୱନା ଜୈସୀ । ପ୍ରଭୁ ମୂରତି ତିହ୍ନ ଦେଖୀ ତୈସୀ ॥ ୨ ॥**

ରାଜାଗଣଙ୍କ ମଧ୍ୟରେ ସେହି ଦୁଇଭାଇ ତାରାଗଣଙ୍କ ମଧ୍ୟରେ ଦୁଇଟି ପୂର୍ଣ୍ଣଚନ୍ଦ୍ର ପରି ଶୋଭା ପାଉଥାନ୍ତି । ଯେଉଁମାନଙ୍କ ମନରେ ଯେପରି ଭାବନା ଥିଲା, ପ୍ରଭୁଙ୍କ ମୂର୍ତ୍ତିକୁ ସେମାନେ ସେହିପରି ଦେଖିବାକୁ ପାଇଲେ ॥ ୨ ॥

**ଦେଖହିଁ ରୂପ ମହା ରନଧୀରା । ମନହୁଁ ବୀର ରସୁ ଧରେଁ ସରୀରା ॥**
**ଡରେ କୁଟିଲ ନୃପ ପ୍ରଭୁହି ନିହାରୀ । ମନହୁଁ ଭୟାନକ ମୂରତି ଭାରୀ ॥ ୩ ॥**

ମହାରଣଧୀର ରାଜାମାନେ ଶ୍ରୀରାମଙ୍କ ରୂପ ଦେଖିଦେଇ ଭାବିଲେ, ସତେ କ'ଣ ସାକ୍ଷାତ୍ ବୀରରସହିଁ ଦେହ ଧରି ଚାଲିଆସିଛି କି ! କୁଟିଳ ରାଜାମାନେ ପ୍ରଭୁଙ୍କୁ ଦେଖି ଡରିଗଲେ । ପ୍ରଭୁ ସେମାନଙ୍କୁ ଭୟଙ୍କର ମୂର୍ତ୍ତି ପରି ଦେଖାଗଲେ ॥ ୩ ॥

**ରହେ ଅସୁର ଛଲ ଛୋନିପ ବେଷା । ତିହ୍ନ ପ୍ରଭୁ ପ୍ରଗଟ କାଲ ସମ ଦେଖା ॥**
**ପୁରବାସିହ୍ନ ଦେଖେ ଦୋଉ ଭାଈ । ନରଭୂଷନ ଲୋଚନ ସୁଖଦାଈ ॥ ୪ ॥**

ଯେଉଁ ରାକ୍ଷସମାନେ ଛଦ୍ମରୂପରେ ଆସି ସେଠାରେ ରାଜବେଶ ଧରି ବସିଥିଲେ, ସେମାନଙ୍କୁ ପ୍ରଭୁ ସାକ୍ଷାତ୍ କାଳ ପରି ଦେଖାଗଲେ । ନଗରବାସୀମାନେ ସେହି ଦୁଇଭାଇଙ୍କୁ ମନୁଷ୍ୟମାନଙ୍କ ଭୂଷଣରୂପେ ଏବଂ ନୟନସୁଖଦାୟୀରୂପେ ଦେଖିବାକୁ ପାଇଲେ ॥ ୪ ॥

ଦୋ:- **ନାରି ବିଲୋକହିଁ ହରଷି ହିୟଁ ନିଜ ନିଜ ରୁଚି ଅନୁରୂପ ।**
**ଜନୁ ସୋହତ ସିଂଗାର ଧରି ମୂରତି ପରମ ଅନୂପ ॥ ୨୪୧ ॥**

ନାରୀମାନେ ମନେ ମନେ ଆନନ୍ଦିତା ହୋଇ ସେହି ଦୁଇଭାଇଙ୍କୁ ନିଜ ନିଜର ରୁଚି ଅନୁସାରେ ଦେଖିବାକୁ ପାଇଲେ । ସେମାନଙ୍କୁ ଲାଗିଲା, ସତେ ଯେପରି, ସାକ୍ଷାତ୍ ଶୃଙ୍ଗାରରସ ପରମ ଅନୁପମ ମୂର୍ତ୍ତି ଧାରଣ କରି ସୁଶୋଭିତ ହୋଇଛି ॥ ୨୪୧ ॥

**ବିଦୁଷହ୍ନ ପ୍ରଭୁ ବିରାଟମୟ ଦୀସା । ବହୁ ମୁଖ କର ପଗ ଲୋଚନ ସୀସା ॥**
**ଜନକ ଜାତି ଅଓ୍ୱଲୋକହିଁ କୈସେଁ । ସଜନ ସଗେ ପ୍ରିୟ ଲାଗହିଁ ଜୈସେଁ ॥ ୧ ॥**

ବିଦ୍ୱାନ୍‌ମାନଙ୍କୁ ପ୍ରଭୁ ବହୁ ମୁଖ, ହସ୍ତ, ପାଦ, ନେତ୍ର ଓ ଶିରବିଶିଷ୍ଟ ବିରାଟରୂପ ଦେଖାଗଲେ । ଜନକଙ୍କ ଆତ୍ମୀୟ-ସ୍ୱଜନମାନଙ୍କୁ ପ୍ରଭୁ ପ୍ରିୟବନ୍ଧୁ ପରି ଦେଖାଯାଉଥାନ୍ତି ॥ ୧ ॥

**ସହିତ ବିଦେହ ବିଲୋକହିଁ ରାନୀ । ସିସୁ ସମ ପ୍ରୀତି ନ ଜାତି ବଖାନୀ ॥**
**ଜୋଗିହ୍ନ ପରମ ତତ୍ତ୍ୱମୟ ଭାସା । ସାଂତ ସୁଦ୍ଧ ସମ ସହଜ ପ୍ରକାସା ॥ ୨ ॥**

ଜନକଙ୍କ ସମେତ ରାଣୀମାନଙ୍କୁ ପ୍ରଭୁ ନିଜ ପୁତ୍ର ପରି ଦେଖାଯାଉଥାନ୍ତି । ସେମାନଙ୍କ ପ୍ରୀତି ବର୍ଣ୍ଣନା କରିହେବ ନାହିଁ । ଯୋଗୀମାନଙ୍କୁ ସେ ଶାନ୍ତ, ଶୁଦ୍ଧ, ସମ ଓ ସ୍ୱୟଂପ୍ରକାଶ ପରମତତ୍ତ୍ୱରୂପରେ ଦେଖାଯାଉଥାନ୍ତି ॥ ୨ ॥

**ହରିଭଗତହ୍ନ ଦେଖେ ଦୋଉ ଭ୍ରାତା । ଇଷ୍ଟଦେଓ୍ୱ ଇଓ୍ୱ ସବ ସୁଖ ଦାତା ॥**
**ରାମହି ଚିତଓ୍ୱ ଭାୟଁ ଜେହି ସୀୟା । ସୋ ସନେହୁ ସୁଖୁ ନହିଁ କଥନୀୟା ॥ ୩ ॥**

ହରିଭକ୍ତମାନଙ୍କୁ ସେହି ଦୁଇଭାଇ ସର୍ବସୁଖଦାତା ଇଷ୍ଟଦେବଙ୍କ ସମାନ ଦେଖାଯାଉଥାନ୍ତି । ସୀତା ଶ୍ରୀରାମଙ୍କୁ ଯେଉଁଭାବରେ ଦେଖୁଥାନ୍ତି, ସେହି ସ୍ନେହ ଓ ସୁଖ ପ୍ରକୃତରେ ଭାଷାରେ କହି ହେବ ନାହିଁ ॥ ୩ ॥

**ଉର ଅନୁଭଓ୍ୱତି ନ କହି ସକ ସୋଉ । କଓ୍ୱନ ପ୍ରକାର କହୈ କବି କୋଉ ॥**
**ଏହି ବିଧି ରହା ଜାହି ଜସ ଭାଉ । ତେହିଁ ତସ ଦେଖେଉ କୋସଲରାଉ ॥ ୪ ॥**

ସେହି ସ୍ନେହ ଓ ସୁଖକୁ ସେ ଯେ କିପରି ଅନୁଭବ କରୁଥିଲେ, ତାହା ତ ସେ ନିଜେ କହି ପାରିବେ ନାହିଁ; ପୁଣି କେଉଁ କବି ବା କିପରି କହିପାରିବ ! ଏହିରୂପେ ଯାହାର ଯେପରି ଭାବ ଥିଲା, ସେ କୋଶଳାଧୀଶ ଶ୍ରୀରାମଙ୍କୁ ସେହିପରିଭାବରେ ଦେଖିବାକୁ ପାଇଲା ॥ ୪ ॥

ଦୋଃ- **ରାଜତ ରାଜ ସମାଜ ମହୁଁ କୋସଲରାଜ କିସୋର ।**
**ସୁଂଦର ସ୍ୟାମଲ ଗୌର ତନ ବିସ୍ୱ ବିଲୋଚନ ଚୋର ॥ ୨୪୨ ॥**

ଶ୍ୟାମଳ ଓ ଗୌରତନୁଧାରୀ ତଥା ସମଗ୍ର ବିଶ୍ୱର ନୟନକୁ ଚୋରାଇ ନେଉଥିବା କୋଶଳାଧୀଶଙ୍କ ସୁନ୍ଦର କୁମାରଦ୍ୱୟ ରାଜସମାଜରେ ଏପରିଭାବରେ ସୁଶୋଭିତ ହେଉଥାନ୍ତି ॥ ୨୪୨ ॥

**ସହଜ ମନୋହର ମୂରତି ଦୋଉ । କୋଟି କାମ ଉପମା ଲଘୁ ସୋଉ ॥**
**ସରଦ ଚଂଦ ନିଂଦକ ମୁଖ ନୀକେ । ନୀରଜ ନୟନ ଭାଓ୍ୱତେ ଜୀ କେ ॥ ୧ ॥**

ସେହି ଦୁଇ ମୂର୍ତ୍ତି ଥିଲେ ସ୍ୱଭାବତଃ ମନୋହର । କୋଟି କୋଟି କାମଦେବଙ୍କ ଉପମା ମଧ୍ୟ ସେମାନଙ୍କ ଆଗରେ ତୁଚ୍ଛ ଲାଗୁଥାଏ । ସୁନ୍ଦର ମୁଖ ଶରତପୂର୍ଣ୍ଣିମାର ଚନ୍ଦ୍ରମାକୁ ବି ନିନ୍ଦା କରୁଥାଏ ଏବଂ କମଳତୁଲ୍ୟ ନୟନ ବଡ଼ ମନଲୋଭା ହୋଇଥାଏ ॥ ୧ ॥

**ଚିତଓ୍ୱନି ଚାରୁ ମାର ମନୁ ହରନୀ । ଭାଓ୍ୱତି ହୃଦୟ ଜାତି ନହିଁ ବରନୀ ॥**
**କଲ କପୋଲ ଶ୍ରୁତି କୁଂଡଲ ଲୋଲା । ଚିବୁକ ଅଧର ସୁଂଦର ମୃଦୁ ବୋଲା ॥ ୨ ॥**

ସୁନ୍ଦର ଚାହାଣି ସମଗ୍ର ସଂସାରର ମନୋହରଣକାରୀ କାମଦେବଙ୍କ ମନକୁ ମଧ୍ୟ ହରଣ କରୁଥାଏ । ତାହା ହୃଦୟକୁ ଅତି ପ୍ରୀତିକର ବୋଧ ହେଉଥାଏ ସତ, ମାତ୍ର ତାହା ବର୍ଣ୍ଣନା କରିହେବ ନାହିଁ । ତାଙ୍କ କର୍ଣ୍ଣରେ କୁଣ୍ଡଳ ଝୁଲୁଥାଏ । ଗଣ୍ଡସ୍ଥଳ, ଚିବୁକ ଓ ଅଧର ଅତ୍ୟନ୍ତ ସୁନ୍ଦର ଦିଶୁଥାଏ । ବାଣୀ ଅତି ମଧୁର ହୋଇଥାଏ ॥ ୨ ॥

**କୁମୁଦବଂଧୁ କର ନିଂଦକ ହାଁସା । ଭୃକୁଟୀ ବିକଟ ମନୋହର ନାସା ॥**
**ଭାଲ ବିସାଲ ତିଲକ ଝଲକାହୀଁ । କଚ ବିଲୋକି ଅଲି ଅୱଲି ଲଜାହୀଁ ॥ ୩ ॥**

ତାଙ୍କ ହସ ଚନ୍ଦ୍ରକିରଣକୁ ବି ତିରସ୍କାର କରୁଥାଏ । ବକ୍ର ଭ୍ରୂଲତା ଓ ନାସିକା ମନୋହର ହୋଇଥାଏ । ପ୍ରଶସ୍ତ ଲଲାଟରେ ତିଳକ ଝଲକୁଥାଏ ।ଘନକୃଷ୍ଣ ଓ କୁଞ୍ଚିତ ଅଳକାବଳୀ ଦେଖି ଭ୍ରମରପୁଞ୍ଜ ମଧ୍ୟ ଲଜ୍ଜିତ ହେଉଥାନ୍ତି ॥ ୩ ॥

**ପୀତ ଚୌତନୀଁ ସିରହ୍ନି ସୁହାଈଁ । କୁସୁମ କଲୀଁ ବିଚ ବୀଚ ବନାଈଁ ॥**
**ରେଖେଁ ରୁଚିର କଂବୁ କଲ ଗୀୱାଁ । ଜନୁ ତ୍ରିଭୁୱନ ସୁଷମା କୀ ସୀୱାଁ ॥ ୪ ॥**

ମସ୍ତକରେ ପୀତବର୍ଣ୍ଣର ଚ୍ରିକୋଣିଆ ଟୋପି ଶୋଭା ପାଉଥାଏ; ଟୋପିର ମଝିରେ ମଝିରେ ଫୁଲକଢ଼ିମାନ ଚିତ୍ରିତ ହୋଇଥାଏ । ଶଙ୍ଖସମାନ ସୁନ୍ଦର କଣ୍ଠର ତ୍ରିବଳି ରେଖା ତ୍ରିଲୋକର ସୌନ୍ଦର୍ଯ୍ୟର ସୀମା ସୂଚାଉଥାଏ ॥ ୪ ॥

ଦୋ:- **କୁଂଜର ମନି କଂଠା କଲିତ ଉରହ୍ନି ତୁଲସିକା ମାଲ ।**
**ବୃଷଭ କଂଧ କେହରି ଠୱନି ବଲ ନିଧି ବାହୁ ବିସାଲ ॥ ୨୪୩ ॥**

ଗଳାରେ ଗଜମୁକ୍ତାର ସୁନ୍ଦର କଣ୍ଠମାଳା ଓ ବକ୍ଷରେ ତୁଳସୀମାଳା ସୁଶୋଭିତ ହୋଇଥାଏ । ସ୍କନ୍ଧ ବୃଷସ୍କନ୍ଧସମାନ ଉଚ୍ଚ ଓ ପୁଷ୍ଟ, ଭୁଜ ବିଶାଳ-ବଳିଷ୍ଠ ଓ ଠିଆ ହେବାର ଠାଣି ସିଂହଠାଣି ପରି ହୋଇଥାଏ ॥ ୨୪୩ ॥

**କଟି ତୂନୀର ପୀତ ପଟ ବାଁଧେଁ । କର ସର ଧନୁଷ ବାମ ବର କାଁଧେଁ ॥**
**ପୀତ ଜଗ୍ୟ ଉପବୀତ ସୁହାଏ । ନଖ ସିଖ ମଂଜୁ ମହାଛବି ଛାଏ ॥ ୧ ॥**

କଟିରେ ତୂଣୀର ଓ ପୀତାମ୍ବର ବାନ୍ଧିଥାନ୍ତି; ଦକ୍ଷିଣହସ୍ତରେ ଶର ଏବଂ ବାମ ସ୍କନ୍ଧରେ ସୁନ୍ଦର ଧନୁ ଓ ପୀତବର୍ଣ୍ଣର ଉପବୀତ ଶୋଭା ପାଉଥାଏ । ଏପରିଭାବରେ ନଖଠାରୁ ଶିଖା ପର୍ଯ୍ୟନ୍ତ ସର୍ବାଙ୍ଗରେ ମହାନ୍ ଶୋଭା ଛାଇ ହୋଇରହିଥାଏ ॥ ୧ ॥

**ଦେଖି ଲୋଗ ସବ ଭଏ ସୁଖାରେ । ଏକଟକ ଲୋଚନ ଚଲତ ନ ତାରେ ॥**
**ହରଷେ ଜନକୁ ଦେଖି ଦୋଉ ଭାଈ । ମୁନି ପଦ କମଲ ଗହେ ତବ ଜାଈ ॥ ୨ ॥**

ତାଙ୍କୁ ଦେଖି ଲୋକମାନେ ଆନନ୍ଦିତ ହୋଇଗଲେ । ନେତ୍ର ନିର୍ନିମେଷ ହୋଇଗଲା । ଆଖିର ତାରା ବି ନିଶ୍ଚଳ ହୋଇଗଲା । ଦୁଇଭାଇଙ୍କୁ ଦେଖି ଜନକ ଅତି ହର୍ଷିତ ହୋଇଗଲେ ଏବଂ ମୁନି ବିଶ୍ୱାମିତ୍ରଙ୍କ ଚରଣକମଳ ଛୁଇଁ ପ୍ରଣାମ ଜଣାଇଲେ ॥ ୨ ॥

**କରି ବିନତୀ ନିଜ କଥା ସୁନାଈ । ରଂଗ ଅୱନି ସବ ମୁନିହି ଦେଖାଈ ॥**
**ଜହଁ ଜହଁ ଜାହିଁ କୁଅଁର ବର ଦୋଉ । ତହଁ ତହଁ ଚକିତ ଚିତୱ ସବୁ କୋଉ ॥ ୩ ॥**

ତାଙ୍କ ପାଖରେ ବିନତି କରି ଜନକ ନିଜ ମନକଥା ଶୁଣାଇଦେଲେ ଏବଂ ତାଙ୍କୁ ସମସ୍ତ ରଙ୍ଗଭୂମି (ଯଜ୍ଞଶାଳା) ବୁଲାଇ ଦେଖାଇଲେ । ମୁନିଙ୍କ ସହିତ ଦୁଇ ଶ୍ରେଷ୍ଠ ରାଜକୁମାର (ଶ୍ରୀରାମଲକ୍ଷ୍ମଣ) ବି ବୁଲିଥାନ୍ତି । ସେମାନେ ଯେଉଁଆଡ଼େ ଯାଉଥାନ୍ତି, ସେଠାକାର ଲୋକମାନେ ଆଶ୍ଚର୍ଯ୍ୟ ହୋଇ ସେ ଦୁହିଁଙ୍କୁ ଚାହିଁରହୁଥାନ୍ତି ॥ ୩ ॥

**ନିଜ ନିଜ ରୁଖ ରାମହି ସବୁ ଦେଖା । କୋଉ ନ ଜାନ କଛୁ ମରମୁ ବିସେଷା ॥**
**ଭଲି ରଚନା ମୁନି ନୃପ ସନ କହେଉ । ରାଜାଁ ମୁଦିତ ମହାସୁଖ ଲହେଉ ॥ ୪ ॥**

ସମସ୍ତେ ଦେଖିଲେ, ରାମ ସେମାନଙ୍କୁହିଁ ଗ୍ରହିଁଛନ୍ତି; କିନ୍ତୁ ତା' ଭିତରେ ଯେ କି ବିଶେଷ ରହସ୍ୟ ଥିଲା, ତାହା କେହି ଜାଣିପାରିଲେ ନାହିଁ । ଯଜ୍ଞଶାଳା ବୁଲି ଦେଖିସାରି ମୁନିବର ରାଜାଙ୍କୁ କହିଲେ, "ରଙ୍ଗଭୂମିର ରଚନା ବଡ଼ ସୁନ୍ଦର ହୋଇଛି ।" ବିଶ୍ୱାମିତ୍ରଙ୍କ ପରି ନିଃସ୍ପୃହ-ବିରକ୍ତ ଜ୍ଞାନୀ ମୁନିଙ୍କ ମୁଖରୁ ଏପରି ପ୍ରଶଂସା ଶୁଣି ରାଜା ଅତି ପ୍ରସନ୍ନ ହୋଇଗଲେ; ତାଙ୍କୁ ଅତ୍ୟନ୍ତ ଆନନ୍ଦ ଲାଗିଲା ॥ ୪ ॥

ଦୋଃ- **ସବ ମଂଚହ୍ନ ତେଁ ମଂଚୁ ଏକ ସୁଂଦର ବିସଦ ବିସାଲ ।**
**ମୁନି ସମେତ ଦୋଉ ବଂଧୁ ତହଁ ବୈଠାରେ ମହିପାଲ ॥ ୨୪୪ ॥**

ରାଜାମାନେ ବସିବାପାଇଁ ଯେତେ ମଞ୍ଚ ଥିଲା, ସେଭିତରୁ ଗୋଟିଏ ମଞ୍ଚ ସବୁଠାରୁ ଅଧିକ ସୁନ୍ଦର, ଉଜ୍ଜ୍ୱଳ ଓ ବିଶାଳ ହୋଇଥାଏ ।ରାଜା ନିଜେ ମୁନିଙ୍କ ସହିତ ଦୁଇ ଭାଇଙ୍କୁ ନେଇ ସେହି ମଞ୍ଚରେ ବସାଇଦେଲେ ॥ ୨୪୪ ॥

**ପ୍ରଭୁହି ଦେଖି ସବ ନୃପ ହିଅଁ ହାରେ ।ଜନୁ ରାକେସ ଉଦୟ ଭଏଁ ତାରେ ॥**
**ଅସି ପ୍ରତୀତି ସବ କେ ମନ ମାହୀଁ ।ରାମ ଗ୍ରପ ତୋରବ ସକ ନାହୀଁ ॥ ୧ ॥**

ପୂର୍ଣ୍ଣଚନ୍ଦ୍ର ଉଇଁଲେ ତାରାଗଣ ଯେପରି ନିଷ୍ପ୍ରଭ ହୋଇଯାଆନ୍ତି, ପ୍ରଭୁଙ୍କୁ (ଶ୍ରୀରାମଙ୍କୁ) ଦେଖିଦେଇ ଅନ୍ୟ ରାଜାମାନେ ସେହିପରି ନିରାଶ ଓ ହତୋତ୍ସାହ ହୋଇଗଲେ । ପ୍ରଭୁଙ୍କ ତେଜ ଦେଖି ସମସ୍ତଙ୍କ ମନରେ ବିଶ୍ୱାସ ହୋଇଗଲା ଯେ, ଶ୍ରୀରାମ ନିଶ୍ଚୟ ଧନୁ ଭାଙ୍ଗିଦେବେ; ଏଥିରେ କୌଣସି ସନ୍ଦେହ ନାହିଁ ॥ ୧ ॥

**ବିନୁ ଭଂଜେହୁଁ ଭଓ୍ୱ ଧନୁଷୁ ବିସାଲା ।ମେଲିହି ସୀୟ ରାମ ଉର ମାଲା ॥**
**ଅସ ବିଗ୍ରରି ଗଓ୍ୱନହୁ ଘର ଭାଈ ।ଜସୁ ପ୍ରତାପୁ ବଲୁ ତେଜୁ ଗଓ୍ୱାଁଈ ॥ ୨ ॥**

[ସେମାନେ ଭାବିଲେ,] ଶିବଙ୍କ ବିଶାଳଧନୁ ନ ଭାଙ୍ଗିପାରିଲେ ବି, ସୀତା ଶ୍ରୀରାମଙ୍କୁହିଁ ବରଣମାଳା ପିନ୍ଧାଇଦେବେ (ଅର୍ଥାତ୍ ଉଭୟ ଦିଗରୁ ସେମାନଙ୍କର ପରାଜୟ ହେବ; ରାମଙ୍କରହିଁ ବିଜୟ ହେବ) [ଏପରି ଭାବି] ସେମାନେ କୁହାକୁହି ହେଲେ, "ହେ ଭାଇ ! ଏକଥା ବିଗ୍ରର କରି, ନିଜ ନିଜର ଯଶ, ପ୍ରତାପ, ବଳ ଓ ତେଜ ହରାଇଦେଇ ଗ୍ଲ, ଯେ ଯାହା ଘରକୁ ପଳାଇଯିବା ।" ॥ ୨ ॥

**ବିହସେ ଅପର ଭୂପ ସୁନି ବାନୀ ।ଜେ ଅବିବେକ ଅଂଧ ଅଭିମାନୀ ॥**
**ତୋରେହୁଁ ଧନୁଷୁ ବ୍ୟାହୁ ଅଓ୍ୱଗାହା ।ବିନୁ ତୋରେଁ କୋ କୁଅଁରି ବିଆହା ॥ ୩ ॥**

ଏହା ଶୁଣି ଅବିବେକ ହେତୁ ଅନ୍ଧ ହୋଇଯାଇଥିବା ଅନ୍ୟ ଅଭିମାନୀ ରାଜାମାନେ ହସିଲେ । ସେମାନେ କହିଲେ, "ଧନୁ ଭାଙ୍ଗିଦେଲେ ବି ସୀତାଙ୍କ ସହିତ ରାମଙ୍କର ବାହାଘର ହେବା ସହଜ କଥା ନୁହେଁ (ଅର୍ଥାତ୍ ସହଜରେ ଆମେ ଜାନକୀଙ୍କୁ ଅନ୍ୟ ହାତକୁ ଯିବାକୁ ଦେବୁ ନାହିଁ); ଆଉ, ଧନୁ ନ ଭାଙ୍ଗୁଣୁ କିଏ ବାହା ହୋଇଯିବ, ଦେଖିବା ॥ ୩ ॥

**ଏକ ବାର କାଲଉ କିନ ହୋଊ ।ସିୟ ହିତ ସମର ଜିତବ ହମ ସୋଊ ॥**
**ୟହ ସୁନି ଅଓ୍ୱର ମହିପ ମୁସୁକାନେ ।ଧରମସୀଲ ହରିଭଗତ ସୟାନେ ॥ ୪ ॥**

ସେ କାଳ ହୋଇଥିଲେ ମଧ୍ୟ ସୀତାଙ୍କୁ ପାଇବା ନିମନ୍ତେ ଆମେ ତାକୁ ଥରେ ହେଲେ ଯୁଦ୍ଧରେ ଜିଣିବୁ ତ !" ଏପରି ଗର୍ବିତ ବଚନ ଶୁଣି ଅନ୍ୟାନ୍ୟ ଧର୍ମାତ୍ମା, ହରିଭକ୍ତ ଓ ଚତୁର ରାଜାମାନେ ମୁରୁକି ମୁରୁକି ହସିଲେ ॥ ୪ ॥

ସୋଃ- **ସୀୟ ବିଆହବି ରାମ ଗରବ ଦୂରି କରି ନୃପହ୍ନ କେ ।**
**ଜୀତି କୋ ସକ ସଂଗ୍ରାମ ଦସରଥ କେ ରନ ବାଁକୁରେ ॥ ୨୪୫ ॥**

[ସେମାନେ କହିଲେ,] "ଏହି ରାଜାମାନଙ୍କର ଗର୍ବ ଖର୍ବ କରି, ଧନୁକୁ ଭାଙ୍ଗି ଶ୍ରୀରାମ ନିଶ୍ଚୟ ସୀତାଙ୍କୁ ବିବାହ କରିବେ ।[ବାକି ରହିଲା ଯୁଦ୍ଧ କଥା;] ମହାରାଜ ଦଶରଥଙ୍କ ରଣବୀର ପୁତ୍ରଙ୍କୁ ଯୁଦ୍ଧରେ କିଏ ବା ଜିଣିପାରିବ ! ॥୨୪୫॥

**ବ୍ୟର୍ଥ ମରହୁ ଜନି ଗାଲ ବଜାଈ । ମନ ମୋଦକନ୍ହି କି ଭୂଖ ବୁତାଈ ॥**
**ସିଖ ହମାରି ସୁନି ପରମ ପୁନୀତା । ଜଗଦଂବା ଜାନହୁ ଜିୟଁ ସୀତା ॥ ୧ ॥**

ବୃଥାଟାରେ ଗାଲୁ ମାରନି । ମନେ ମନେ ମିଠେଇ ଖାଇଦେଲେ କେଉଁଠି ଭୋକ ମଲାଣି ! ଆମର ପରମ ପବିତ୍ର ଉପଦେଶ ଶୁଣି ସୀତାଙ୍କୁ ନିଜ ହୃଦୟରେ ସାକ୍ଷାତ୍ ଜଗଜ୍ଜନନୀ ବୋଲି ବିଶ୍ୱାସ କର (ତାଙ୍କୁ ପତ୍ନୀରୂପରେ ପାଇବାର ଆଶା ଓ ଲାଳସା ପରିତ୍ୟାଗ କର) ॥ ୧ ॥

**ଜଗତ ପିତା ରଘୁପତିହି ବିଚାରୀ । ଭରି ଲୋଚନ ଛବି ଲେହୁ ନିହାରୀ ॥**
**ସୁଂଦର ସୁଖଦ ସକଲ ଗୁନ ରାସୀ । ଏ ଦୋଉ ବଂଧୁ ସଂଭୁ ଉର ବାସୀ ॥ ୨ ॥**

ଏବଂ ରଘୁନାଥଙ୍କୁ ଜଗତର ପିତା (ପରମେଶ୍ୱର) ବୋଲି ବିଚାର କରି, ନେତ୍ର ପୂରାଇ ତାଙ୍କର ମନୋହର ମୂର୍ତ୍ତିକୁ ଦର୍ଶନ କର । [ଏପରି ସୁଯୋଗ ବାରମ୍ବାର ମିଳିବ ନାହିଁ ।] ସୁନ୍ଦର, ସୁଖ ଓ ସର୍ବଗୁଣର ରାଶି ଏହି ଦୁଇଭାଇ ଶିବଙ୍କ ହୃଦୟରେ ନିବାସ କରନ୍ତି (ଅର୍ଥାତ୍ ସ୍ୱୟଂ ଶିବ ଯାହାଙ୍କୁ ନିଜ ହୃଦୟରେ ଲୁଚାଇରଖନ୍ତି, ସେ ଆଜି ତୁମ ଆଖି ଆଗକୁ ଚାଲିଆସିଛନ୍ତି ।) ॥ ୨ ॥

**ସୁଧା ସମୁଦ୍ର ସମୀପ ବିହାଈ । ମୃଗଜଲୁ ନିରଖି ମରହୁ କତ ଧାଈ ॥**
**କରହୁ ଜାଇ ଜା କହୁଁ ଜୋଇ ଭାୱା । ହମ ତୌ ଆଜୁ ଜନମ ଫଲୁ ପାୱା ॥ ୩ ॥**

ନିକଟକୁ ଚାଲିଆସିଥିବା [ଭଗବତ୍‌ଦର୍ଶନରୂପୀ] ଅମୃତର ସାଗରକୁ ଛାଡ଼ି, [ଜଗଜ୍ଜନନୀ ଜାନକୀଙ୍କୁ ପତ୍ନୀରୂପରେ ପାଇବାର ଦୁରାଶାରୂପକ ମିଥ୍ୟା] ମୃଗତୃଷ୍ଣା ପଛରେ ଧାଇଁ ତୁମେସବୁ କାହିଁକି ଏପରି ମରୁଛ ? ହେଉ ଭାଇ ! ଯାହାର ଯାହା ଇଚ୍ଛା, ତାହା କର । ଆମେ ତ ଆଜି ଶ୍ରୀରାମଙ୍କୁ ଦର୍ଶନ କରି ମନୁଷ୍ୟଜନ୍ମର ଫଳ ପାଇଗଲୁ; (ଆମେ ଆମ ଜୀବନ ଓ ଜନ୍ମକୁ ସାର୍ଥକ କରିଦେଲୁ ।)'' ॥ ୩ ॥

**ଅସ କହି ଭଲେ ଭୂପ ଅନୁରାଗେ । ରୂପ ଅନୂପ ବିଲୋକନ ଲାଗେ ॥**
**ଦେଖହିଁ ସୁର ନଭ ଚଢ଼େ ବିମାନା । ବରଷହିଁ ସୁମନ କରହିଁ କଲ ଗାନା ॥ ୪ ॥**

ଏପରି କହି, ଭଲ ଭଲ ରାଜାମାନେ ପ୍ରେମମଗ୍ନ ହୋଇ ଶ୍ରୀରାମଙ୍କ ଅନୁପମ ରୂପ ଦେଖୁଥାନ୍ତି । [ମନୁଷ୍ୟମାନଙ୍କ କଥା ଛାଡ଼,] ଦେବତାମାନେ ମଧ୍ୟ ବିମାନରେ ବସି ଆକାଶମାର୍ଗରୁ ଶ୍ରୀରାମଙ୍କୁ ଦର୍ଶନ କରୁଥାନ୍ତି ଓ ସୁନ୍ଦର ସଙ୍ଗୀତ ଗାନ କରି ପୁଷ୍ପବୃଷ୍ଟି କରୁଥାନ୍ତି ॥ ୪ ॥

ଦୋ:- **ଜାନି ସୁଅୱସରୁ ସୀୟ ତବ ପଠଈ ଜନକ ବୋଲାଇ ।**
**ଚତୁର ସଖୀଁ ସୁଂଦର ସକଲ ସାଦର ଚଲୀଁ ଲୱାଇ ॥ ୨୪୬ ॥**

ଏହି ସୁଅବସରରେ ରାଜା ଜନକ ସୀତାଙ୍କୁ ଡକାଇ ପଠାଇଲେ । ତାଙ୍କୁ ଆଦରପୂର୍ବକ ଡାକି ଆଣିବାକୁ ଚତୁରୀ ଓ ସୁନ୍ଦରୀ ସଖୀମାନେ ଚାଲିଗଲେ ॥ ୨୪୬ ॥

**ସିୟ ସୋଭା ନହିଁ ଜାଇ ବଖାନୀ । ଜଗଦଂବିକା ରୂପ ଗୁନ ଖାନୀ ॥**
**ଉପମା ସକଲ ମୋହି ଲଘୁ ଲାଗୀଁ । ପ୍ରାକୃତ ନାରି ଅଂଗ ଅନୁରାଗୀଁ ॥ ୧ ॥**

ରୂପ ଓ ଗୁଣର ନିଧାନ ଜଗଜ୍ଜନନୀ ଜାନକୀଙ୍କ ଶୋଭା ତ ଅବର୍ଣ୍ଣନୀୟ । ତାଙ୍କ ଶୋଭାର ଉପମା ଦେବାକୁ ମୁଁ କିଛି ପାଉନାହିଁ; ମୋତେ [କାବ୍ୟର] ସବୁ ଉପମା ତୁଚ୍ଛ ଲାଗୁଛି; କାରଣ ସେସବୁ ଉପମା ଲୌକିକ ସ୍ତ୍ରୀମାନଙ୍କ ଅଙ୍ଗରେ ଅନୁରାଗ ରଖନ୍ତି (ଅର୍ଥାତ୍ ସେସବୁ ସଂସାରର ସ୍ତ୍ରୀମାନଙ୍କ ଅଙ୍ଗ ପ୍ରତି ପ୍ରଯୁଜ୍ୟ) । [କାବ୍ୟର ଉପମାସବୁ ତ୍ରିଗୁଣାତ୍ମକ ମାୟିକ ଜଗତରୁ ନିଆଯାଇଥାଏ । ଭଗବାନଙ୍କର ସ୍ୱରୂପାଶକ୍ତି ଜାନକୀଙ୍କ ଅପ୍ରାକୃତ ଚିନ୍ମୟ ଅଙ୍ଗମାନଙ୍କ ନିମନ୍ତେ ସେସବୁ ଉପମା ପ୍ରୟୋଗ କରିବା ଅର୍ଥ ତାଙ୍କୁ ଅପମାନ ଦେବା ଏବଂ ନିଜକୁ ହାସ୍ୟାସ୍ପଦ କରିଦେବା] ॥ ୧ ॥

**ସିୟ ବରନିଅ ତେଇ ଉପମା ଦେଈ । କୁକବି କହାଇ ଅଜସୁ କୋ ଲେଈ ॥**
**ଜୌଁ ପଟତରିଅ ତୀୟ ସମ ସୀୟା । ଜଗ ଅସି ଜୁବତି କହାଁ କମନୀୟା ॥ ୨ ॥**

ସୀତାଙ୍କ ବର୍ଣ୍ଣନାରେ ସେସବୁ ଉପମା ଦେଇ କିଏ ବା କୁକବି ବୋଲାଇବାକୁ ଓ ଅପଯଶରେ ଭାଗୀଦାର ହେବାକୁ ପସନ୍ଦ କରିବ ? ସୀତାଙ୍କ ସହିତ ଉପମା ଦେବାଭଳି ସୁନ୍ଦରୀ ସ୍ତ୍ରୀ ଜଗତରେ କାହାନ୍ତି ?॥ ୨ ॥

**ଗିରା ମୁଖର ତନ ଅରଧ ଭୱାନୀ । ରତି ଅତି ଦୁଖିତ ଅତନୁ ପତି ଜାନୀ ॥**
**ବିଷ ବାରୁନୀ ବଂଧୁ ପ୍ରିୟ ଜେହୀ । କହିଅ ରମାସମ କିମି ବୈଦେହୀ ॥ ୩ ॥**

[ଯେଉଁ ଦେବାଙ୍ଗନାମାନେ ମର୍ତ୍ତ୍ୟର ନାରୀମାନଙ୍କ ଅପେକ୍ଷା ଅଧିକ ସୁନ୍ଦରୀ, ସେମାନଙ୍କ ଭିତରେ ଖୋଜିଗଲେ ମଧ୍ୟ] ସରସ୍ୱତୀ ତ ବଡ଼ ମୁଖରା; ପାର୍ବତୀ ତ ଅର୍ଦ୍ଧାଙ୍ଗିନୀ (ଅର୍ଥାତ୍ ଅର୍ଦ୍ଧ-ନାରୀଶ୍ୱରରୂପରେ ତାଙ୍କ ଅଙ୍ଗର ଅଧା ହେଉଛି ନାରୀ, ଆର ଅଧାକ ପୁରୁଷର—ଶିବଙ୍କର); କାମଦେବଙ୍କ ସ୍ତ୍ରୀ ରତି ତ ପତିଙ୍କୁ ଅନଙ୍ଗ (ଅଙ୍ଗହୀନ) ବୋଲି ଜାଣି ସବୁବେଳେ ଦୁଃଖୀ ଏବଂ ବିଷ ଓ ମଦ୍ୟ ଲକ୍ଷ୍ମୀଙ୍କର ପ୍ରିୟ ଭାଇ ହୋଇଥିବାରୁ (ସମସ୍ତେ ଏକା ସମୁଦ୍ରରୁ ଉତ୍ପନ୍ନ ହୋଇଥିବାରୁ) ତାଙ୍କୁ ବା ସୀତାଙ୍କ ସମାନ ବୋଲି କହିବା କିପରି ! ॥ ୩ ॥

**ଜୌଁ ଛବି ସୁଧା ପୟୋନିଧି ହୋଈ । ପରମ ରୂପମୟ କଚ୍ଛପୁ ସୋଈ ॥**
**ସୋଭା ରଜୁ ମଂଦରୁ ସିଂଗାରୂ । ମଥୈ ପାନି ପଂକଜ ନିଜ ମାରୂ ॥ ୪ ॥**

[ଉପରେ ଯେଉଁ ଲକ୍ଷ୍ମୀଙ୍କ ବିଷୟ କୁହାଗଲା, ସେ ଉତ୍ପନ୍ନ ହୋଇଥିଲେ ଲବଣାକ୍ତସମୁଦ୍ରରୁ । ସେହି ସମୁଦ୍ରର ମନ୍ଥନନିମନ୍ତେ ଭଗବାନ୍ ଧାରଣ କରିଥିଲେ ଅତି କଠୋରପୃଷ୍ଠ ଥିବା କଚ୍ଛପରୂପ; ଦଉଡ଼ି ହୋଇଥିଲା ମହାବିଷଧର ବାସୁକି ନାଗ; ଖୁଆଦଣ୍ଡ କରାଯାଇଥିଲା ଅତି କଠୋର ମନ୍ଦରଗିରିକୁ ଏବଂ ସକଳ ଦେବତା ଓ ଦୈତ୍ୟ ମିଶି ତାହାକୁ ମନ୍ଥନ କରିଥିଲେ । ଯେଉଁ ଲକ୍ଷ୍ମୀଙ୍କୁ ଅତିଶୟ ଶୋଭାର ନିଧାନ ଓ ଅନୁପମ ସୁନ୍ଦରୀ ବୋଲି କୁହାଯାଏ, ଏହିସବୁ ଅସୁନ୍ଦର ଓ ସ୍ୱଭାବତଃ କଠୋର ଉପକରଣଦ୍ୱାରାହିଁ ତାଙ୍କୁ ପ୍ରକଟ କରାଯାଇଥିଲା । ଏହିପରି ଉପକରଣଦ୍ୱାରା ଆବିର୍ଭୂତା ଲକ୍ଷ୍ମୀ କିପରି ବା ଜାନକୀଙ୍କ ସମକକ୍ଷ ହୋଇପାରିବେ !!] ଯଦି ସୌନ୍ଦର୍ଯ୍ୟରୂପକ ଅମୃତର ଗୋଟିଏ ସମୁଦ୍ର ଥାଆନ୍ତା, ତାହାର ମନ୍ଥନପାଇଁ ପରମରୂପମୟ କଚ୍ଛପ ହୁଅନ୍ତା, ଶୋଭା ରଜ୍ଜୁ ହୁଅନ୍ତା, ଶୃଙ୍ଗାରରସ ପର୍ବତ ହୁଅନ୍ତା [ଏବଂ ସେହି ସୌନ୍ଦର୍ଯ୍ୟ ସାଗରକୁ] ସ୍ୱୟଂ କାମଦେବ ନିଜହାତରେ ମନ୍ଥନ କରନ୍ତେ, ॥ ୪ ॥

ଦୋ:- **ଏହି ବିଧି ଉପଜୈ ଲଚ୍ଛି ଜବ ସୁଂଦରତା ସୁଖ ମୂଲ ।**
**ତଦପି ସକୋଚ ସମେତ କବି କହହିଁ ସୀୟ ସମତୂଲ ॥ ୨୪୭ ॥**

ତେବେ ଯଦିବା ସୌନ୍ଦର୍ଯ୍ୟ ଓ ସୁଖର ମୂଳ ଲକ୍ଷ୍ମୀ ଉତ୍ପନ୍ନ ହୁଅନ୍ତେ; ତଥାପି ସେହି ଲକ୍ଷ୍ମୀଙ୍କ ସହିତ ସୀତା ସମାନ ବୋଲି କବିମାନେ ବଡ଼ ସଂକୋଚର ସହିତହିଁ କହନ୍ତେ ॥ ୨୪୭ ॥

[ଯେଉଁ ସୌନ୍ଦର୍ଯ୍ୟସାଗରକୁ କାମଦେବ ମନ୍ଥନ କରିବେ, ସେହି ସୌନ୍ଦର୍ଯ୍ୟ ମଧ୍ୟ ଲୌକିକ ସୌନ୍ଦର୍ଯ୍ୟ ହୋଇଥିବ; କାରଣ ସ୍ୱୟଂ କାମଦେବ ହେଉଛନ୍ତି ତ୍ରିଗୁଣମୟୀ ପ୍ରକୃତିରହିଁ ବିକାର । ତେଣୁ ସେହି ସୌନ୍ଦର୍ଯ୍ୟସାଗରମନ୍ଥନରୁ ଉତ୍ପନ୍ନ ହେବା ଲକ୍ଷ୍ମୀ ଉଲ୍ଲିଖିତ ଲକ୍ଷ୍ମୀଙ୍କ ଠାରୁ ଅଧିକ ସୁନ୍ଦର ଓ ଦିବ୍ୟ ହୋଇପାରିଲେ ମଧ୍ୟ ନିଶ୍ଚୟ ପ୍ରାକୃତ ଲକ୍ଷ୍ମୀ ହେବେ । ତେଣୁ ତାଙ୍କ ସହିତ ଜାନକୀଙ୍କୁ ତୁଳନା କରିବାକୁ କବିମାନେ କୁଣ୍ଠିତ ହେବେ । କିନ୍ତୁ ଯେଉଁ ସୌନ୍ଦର୍ଯ୍ୟରୁ ଜାନକୀଙ୍କର ଦିବ୍ୟାତିଦିବ୍ୟ ପରମଦିବ୍ୟ ବିଗ୍ରହ ନିର୍ମିତ ହୋଇଛି, ସେହି ସୌନ୍ଦର୍ଯ୍ୟ ହେଉଛି ଉପର୍ଯୁକ୍ତ ସୌନ୍ଦର୍ଯ୍ୟଠାରୁ ଭିନ୍ନ ଅପ୍ରାକୃତ ସୌନ୍ଦର୍ଯ୍ୟ । ପ୍ରକୃତରେ ଲକ୍ଷ୍ମୀଙ୍କର ରୂପ ମଧ୍ୟ ଅପ୍ରାକୃତ । ସେ କାମଦେବଙ୍କ ମନ୍ଥନରୁ ପ୍ରକଟ ହେବା ସମ୍ଭବ ନୁହେଁ ଏବଂ ସେ ଜାନକୀଙ୍କରହିଁ ସ୍ୱରୂପ ହୋଇଥିବାରୁ ତାଙ୍କ ଠାରୁ ଭିନ୍ନ ନୁହନ୍ତି; ଅଥଚ ଉପମା ଦିଆଯାଏ ଭିନ୍ନ ବସ୍ତୁ ସହିତ । ଏହା ଛଡ଼ା ଜାନକୀ ପ୍ରକଟ ହୋଇଥିଲେ ଆପଣା ମହିମାରେ; ତାଙ୍କୁ ପ୍ରକଟ କରିବାରେ କୌଣସି

ଭିନ୍ନ ଉପକରଣ ଆବଶ୍ୟକ ହୋଇ ନ ଥିଲା । ଅର୍ଥାତ୍ ଶକ୍ତି ଶକ୍ତିମାନ୍‌ଠାରୁ ଅଭିନ୍ନ । ଏହା ଅଦ୍ୱୈତତତ୍ତ୍ୱ ହୋଇଥିବାରୁ ଅନୁପମେୟ । ଭକ୍ତଶିରୋମଣି କବି ଏହି ଗୂଢ଼ ଦାର୍ଶନିକ ତତ୍ତ୍ୱକୁ ଏହି ଅଭୂତ ଉପମାଳଙ୍କାରଦ୍ୱାରା ବଡ଼ ସୁନ୍ଦରଭାବରେ ବ୍ୟକ୍ତ କରିଛନ୍ତି ।]

**ଚଲୀଁ ସଂଗ ଲୈ ସଖୀଁ ସୟାନୀ । ଗାୱତ ଗୀତ ମନୋହର ବାନୀ ॥**
**ସୋହ ନୱଲ ତନୁ ସୁଂଦର ସାରୀ । ଜଗତ ଜନନି ଅତୁଲିତ ଛବି ଭାରୀ ॥ ୧ ॥**

ଚତୁରୀ ସଖୀମାନେ ସୀତାଙ୍କୁ ସଙ୍ଗରେ ଧରି ମଧୁର ସ୍ୱରରେ ଗୀତ ଗାଇ ଗାଇ ଚାଲିଥାନ୍ତି । ଜଗଜ୍ଜନନୀ ସୀତାଙ୍କର କୋମଳ ଶରୀର ସୁନ୍ଦର ଶାଢ଼ୀରେ ସୁଶୋଭିତ ହୋଇଥାଏ । ତାଙ୍କର ସୌନ୍ଦର୍ଯ୍ୟ ବାସ୍ତବରେ ଅତୁଳନୀୟ ॥ ୧ ॥

**ଭୂଷନ ସକଲ ସୁଦେସ ସୁହାଏ । ଅଂଗ ଅଂଗ ରଚି ସଖିନ୍ହ ବନାଏ ॥**
**ରଂଗଭୂମି ଜବ ସିୟ ପଗୁ ଧାରୀ । ଦେଖି ରୂପ ମୋହେ ନର ନାରୀ ॥ ୨ ॥**

ତାଙ୍କ ଅଙ୍ଗପ୍ରତ୍ୟଙ୍ଗରେ ସକଳପ୍ରକାର ଭୂଷଣ ସୁଶୋଭିତ ହୋଇଥାଏ । ସଖୀମାନେ ସେସବୁକୁ ଯଥାସ୍ଥାନରେ ସୁଚାରୁରୂପେ ସଜାଇଥାନ୍ତି । ସୀତା ରଙ୍ଗଭୂମିରେ ପଦାର୍ପଣ କରିବାମାତ୍ରେ, ତାଙ୍କର ଦିବ୍ୟରୂପ ଦେଖି ସମସ୍ତ ନରନାରୀ ମୋହିତ ହୋଇଗଲେ ॥ ୨ ॥

**ହରଷି ସୁରନ୍ହ ଦୁଂଦୁଭୀଁ ବଜାଈଁ । ବରଷି ପ୍ରସୂନ ଅପଛରା ଗାଈଁ ॥**
**ପାନି ସରୋଜ ସୋହ ଜୟମାଲା । ଅୱଚଟ ଚିତଏ ସକଲ ଭୁଆଲା ॥ ୩ ॥**

ଦେବତାମାନେ ଆନନ୍ଦିତ ହୋଇ ଦୁନ୍ଦୁଭି ବଜାଇଲେ ଏବଂ ଅପ୍‌ସରାମାନେ ପୁଷ୍ପବୃଷ୍ଟି କରି ଗୀତ ଗାଇବାକୁ ଲାଗିଲେ । ସୀତାଙ୍କ କରକମଳରେ ବରଣମାଳା ସୁଶୋଭିତ ହେଉଥାଏ । ସମସ୍ତ ରାଜା ଚକିତ ହୋଇ ଏକଲୟରେ ତାଙ୍କ ଆଡ଼କୁ ଚାହିଁବାକୁ ଲାଗିଲେ ॥ ୩ ॥

**ସୀୟ ଚକିତ ଚିତ ରାମହି ଚାହା । ଭଏ ମୋହବସ ସବ ନରନାହା ॥**
**ମୁନି ସମୀପ ଦେଖେ ଦୋଉ ଭାଈ । ଲଗେ ଲଲକି ଲୋଚନ ନିଧି ପାଈ ॥ ୪ ॥**

ସୀତା ଚକିତ ଚିତ୍ତରେ ଶ୍ରୀରାମଙ୍କୁ ଖୋଜିବାକୁ ଲାଗିଲେ । ତାଙ୍କୁ ଦେଖି ସବୁ ରାଜା ମୋହିତ ହୋଇଗଲେ । ମୁନିଙ୍କ ନିକଟରେ ବସିଥିବା ଦୁଇଭାଇଙ୍କୁ ଦେଖିଦେବାମାତ୍ରେ, ସୀତାଙ୍କ ନେତ୍ରଯୁଗଳ ଆପଣାର ନିଧି ପାଇଯାଇ ତହିଁରେ ଲାଖିରହିଗଲା ॥ ୪ ॥

ଦୋ:- **ଗୁରୁଜନ ଲାଜ ସମାଜୁ ବଡ଼ ଦେଖି ସୀୟ ସକୁଚାନି ।**
**ଲାଗି ବିଲୋକନ ସଖିନ୍ହ ତନ ରଘୁବୀରହି ଉର ଆନି ॥ ୨୪୮ ॥**

କିନ୍ତୁ ଗୁରୁଜନଙ୍କ ଉପସ୍ଥିତି ହେତୁ ତଥା ଏତେ ଲୋକ ଚାହିଁଥିବା ହେତୁ, ସେ ଲାଜରେ ସଂକୁଚିତ ହୋଇଗଲେ । ସେ ଶ୍ରୀରାମଙ୍କ [ମନୋହର] ମୂର୍ତ୍ତିକୁ ହୃଦୟ ମଧ୍ୟକୁ ନେଇଆସି ସଖୀଙ୍କ ଆଡ଼କୁ ଚାହିଁଲେ ॥ ୨୪୮ ॥

**ରାମ ରୂପୁ ଅରୁ ସିୟ ଛବି ଦେଖେଁ । ନର ନାରିନ୍ହ ପରିହରୀଁ ନିମେଷେଁ ॥**
**ସୋଚହିଁ ସକଲ କହତ ସକୁଚାହୀଁ । ବିଧି ସନ ବିନୟ କରହିଁ ମନ ମାହୀଁ ॥ ୧ ॥**

ଶ୍ରୀରାମଙ୍କ ରୂପ ଓ ସୀତାଙ୍କର ଛବି ଦେଖି କି ସ୍ତ୍ରୀ, କି ପୁରୁଷ ସମସ୍ତେ ଆଖିର ପଲକ ପକାଇବା ଛାଡ଼ିଦେଲେ । ସମସ୍ତେ ମନେ ମନେ ଭାବିଲେ; କିନ୍ତୁ ପାଟି ଖୋଲି କିଛି କହିବାକୁ ସଂକୋଚ ବୋଧ କଲେ । ସେମାନେ ମନେ ମନେ ବିଧାତାଙ୍କୁ ବିନତି ଜଣାଇଲେ, ॥ ୧ ॥

**ହରୁ ବିଧି ବେଗି ଜନକ ଜଡ଼ତାଈ । ମତି ହମାରି ଅସି ଦେହି ସୁହାଈ ॥**
**ବିନୁ ବିଚ୍ୱର ପନୁ ତଜି ନରନାହୂ । ସୀୟ ରାମ କର କରୈ ବିବାହୂ ॥ ୨ ॥**

''ହେ ବିଧାତା ! ଜନକଙ୍କ ମୂଢ଼ତା ଶୀଘ୍ର ହରିନିଅନ୍ତୁ ଏବଂ ତାଙ୍କୁ ଆମ ବୁଦ୍ଧି ପରି ସୁନ୍ଦର ବୁଦ୍ଧି ଦେଇଦିଅନ୍ତୁ, ଯାହା ଫଳରେ କି ସେ ବିନା-ବିଚ୍ୱରରେ ନିଜର ପଣ ଛାଡ଼ିଦେଇ ରାମଙ୍କ ସହିତ ସୀତାଙ୍କ ବିବାହ କରାଇଦେବେ ॥ ୨ ॥

**ଜଗୁ ଭଲ କହିହି ଭାୱ ସବ କାହୂ । ହଠ କୀନ୍ହେଁ ଅଂତହୁଁ ଉର ଦାହୂ ॥**
**ଏହିଁ ଲାଲସାଁ ମଗନ ସବ ଲୋଗୂ । ବରୁ ସାଁୱରୋ ଜାନକୀ ଜୋଗୂ ॥ ୩ ॥**

ସେପରି କଲେ ସଂସାର ତାଙ୍କୁ ଭଲ ବୋଲି କହିବ; କାରଣ ସମସ୍ତଙ୍କୁ ତାହା ଭଲ ଲାଗିବ । ଯଦି ସେ ହଟ କରି ବସିବେ, ତେବେ ପରିଣାମରେ କେବଳ ତାଙ୍କ ହୃଦୟ ସନ୍ତାପିତ ହେବ ।'' 'ଏହି ଶ୍ୟାମଳସୁନ୍ଦର ରାମହିଁ ଜାନକୀଙ୍କର ଯୋଗ୍ୟ ବର ହୁଅନ୍ତୁ'—ସମସ୍ତେ ଏହି ଗୋଟିଏ ଆକାଙ୍‌କ୍ଷାରେ ମଗ୍ନ ହୋଇ ରହିଆନ୍ତି, ॥ ୩ ॥

**ତବ ବଂଦୀଜନ ଜନକ ବୋଲାଏ । ବିରିଦାୱଲୀ କହତ ଚଲି ଆଏ ॥**
**କହ ନୃପୁ ଜାଇ କହହୁ ପନ ମୋରା । ଚଲେ ଭାଟ ହିୟଁ ହରଷୁ ନ ଥୋରା ॥ ୪ ॥**

ଇତି ମଧ୍ୟରେ ରାଜା ଭାଟମାନଙ୍କୁ ଡକାଇଲେ । ସେମାନେ ବିରୁଦାବଳୀ (ବଂଶର କୀର୍ତ୍ତି) ଗାଇ ଗାଇ ଚ୍ୱଲି ଆସିଲେ । ରାଜା କହିଲେ, ''ଯାଇ ସମସ୍ତଙ୍କୁ ମୋର ପଣ ଶୁଣାଇଦିଅ ।'' ଭାଟମାନେ ଅତି ଆନନ୍ଦରେ ଚ୍ୱଲିଲେ ॥ ୪ ॥

ଦୋ:- **ବୋଲେ ବଂଦୀ ବଚନ ବର ସୁନହୁ ସକଲ ମହିପାଲ ।**
**ପନ ବିଦେହ କର କହହିଁ ହମ ଭୁଜା ଉଠାଇ ବିସାଲ ॥ ୨୪୯ ॥**

ଭାଟମାନେ ଘୋଷଣା କରିଚ୍ୱଲିଲେ, ''ହେ ରାଜାଗଣ ! ଶୁଣନ୍ତୁ ; ଆମେ ଭୁଜ ଉତ୍ତୋଳନ କରି ମହାରାଜ ଜନକଙ୍କର ଦୃଢ଼ ପଣ ଘୋଷଣା କରିଦେଉଛୁ : ॥ ୨୪୯ ॥

**ନୃପ ଭୁଜବଲୁ ବିଧୁ ସିୱଧନୁ ରାହୂ । ଗରୁଅ କଠୋର ବିଦିତ ସବ କାହୂ ॥**
**ରାୱନୁ ବାନୁ ମହାଭଟ ଭାରେ । ଦେଖି ସରାସନ ଗୱଁହିଁ ସିଧାରେ ॥ ୧ ॥**

ରାଜାମାନଙ୍କର ଭୁଜବଳ ଚନ୍ଦ୍ରସମାନ ହେଲେ, ଶିବଧନୁ ହେଉଛି ରାହୁସମାନ । ସେହି ଧନୁର ଗୁରୁତା ଓ କଠୋରତା ସର୍ବଜନବିଦିତ । ବିରାଟ ଯୋଦ୍ଧା ରାବଣ ଓ ବାଣାସୁର ମଧ୍ୟ ସେହି ଧନୁକୁ ଦେଖି ଚୁପ୍‌ଚ୍ୱପ ପଳାଇଯାଇଛନ୍ତି (ଉଠାଇବା ତ ଦୂରର କଥା, ତାକୁ ଛୁଇଁବାକୁ ବି ସେମାନେ ସାହସ କଲେ ନାହିଁ ।) ॥ ୧ ॥

**ସୋଇ ପୁରାରି କୋଦଂଡୁ କଠୋରା । ରାଜ ସମାଜ ଆଜୁ ଜୋଇ ତୋରା ॥**
**ତ୍ରିଭୁୱନ ଜୟ ସମେତ ବୈଦେହୀ । ବିନହିଁ ବିଚ୍ୱର ବରଇ ହଠି ତେହୀ ॥ ୨ ॥**

ଶିବଙ୍କର ସେହି କଠୋର ଧନୁକୁ ଆଜି ଏହି ରାଜସଭାରେ ଯେ ଭାଙ୍ଗିଦେଇପାରିବେ, ସେ ତ୍ରିଲୋକବିଜୟୀ ହେବା ସହିତ ବିଦେହକୁମାରୀ ଜାନକୀ ତାଙ୍କୁ ଅକୁଣ୍ଠିତ ଚିତ୍ତରେ ଅବଶ୍ୟ ବରଣ କରିବେ ।'' ॥ ୨ ॥

**ସୁନି ପନ ସକଲ ଭୂପ ଅଭିଲାଷେ । ଭଟମାନୀ ଅତିସୟ ମନ ମାଖେ ॥**
**ପରିକର ବାଁଧି ଉଠେ ଅକୁଲାଈ । ଚଲେ ଇଷ୍ଟଦେୱନ୍ହ ସିର ନାଈ ॥ ୩ ॥**

ଜନକଙ୍କ ପଣ ଶୁଣି ସବୁ ରାଜା ଲାଳାୟିତ ହୋଇଉଠିଲେ । ଯେଉଁମାନଙ୍କର ବୀରତ୍ୱ-ଅଭିମାନ ରହିଥିଲା, ସେମାନେ ଅଧୀର ହୋଇଗଲେ । ସେମାନେ ଅଣ୍ଟା ଭିଡ଼ି ବ୍ୟାକୁଳ ହୋଇଉଠିଲେ ଏବଂ ନିଜ ନିଜର ଇଷ୍ଟଦେବଙ୍କୁ ପ୍ରଣାମ କରି ଧନୁ ପାଖକୁ ଚ୍ୱଲିଲେ ॥ ୩ ॥

**ତମକି ତାକି ତକି ସିଵ୍‌ଧନୁ ଧରହୀଁ । ଉଠଇ ନ କୋଟି ଭାଁତି ବଲୁ କରହୀଁ ॥**
**ଜିହ୍ନ କେ କଛୁ ବିଚ୍ଚରୁ ମନ ମାହୀଁ । ଚ୍ଚପ ସମୀପ ମହୀପ ନ ଜାହୀଁ ॥ ୪ ॥**

ସେମାନେ ବଡ଼ ଗର୍ବର ସହିତ ଶିବଧନୁକୁ ଚ୍ଚହୁଁଆନ୍ତି ଏବଂ ତା'ଉପରେ ଦୃଷ୍ଟି ନିବଦ୍ଧ କରି ତାହାକୁ ଧରୁଆନ୍ତି; ଧନୁ ଉଠାଇବାକୁ ନାନା ଉପାୟ କରି ବଳ ଖଟାଉଥାନ୍ତି; କିନ୍ତୁ ଧନୁ ହୁଙ୍କୁ ନ ଥାଏ, କି ଚଙ୍କୁ ନ ଥାଏ । ଯେଉଁ ରାଜାମାନଙ୍କର ସାମାନ୍ୟ ବିବେକ ଥିଲା, ସେମାନେ ଧନୁ ପାଖକୁ ଆଦୌ ଗଲେ ନାହିଁ ॥ ୪ ॥

ଦୋଃ- **ତମକି ଧରହିଁ ଧନୁ ମୂଢ଼ ନୃପ ଉଠଇ ନ ଚଲହିଁ ଲଜାଇ ।**
**ମନହୁଁ ପାଇ ଭଟ ବାହୁବଲୁ ଅଧିକୁ ଅଧିକୁ ଗରୁଆଇ ॥ ୨୫୦ ॥**

ମୂର୍ଖରାଜାମାନେ ବୀରଦର୍ପରେ [ଦାନ୍ତ କଡ଼ମଡ଼ କରି] ଧନୁକୁ ଧରୁଆନ୍ତି ; କିନ୍ତୁ ତାହାକୁ ଉଠାଇ ନ ପାରି ଲଜ୍ଜିତ ହୋଇ ଫେରିଯାଉଥାନ୍ତି । ମନେହେଉଥାଏ, ସତେ ଯେପରି ବୀରମାନଙ୍କ ଭୁଜର ବଳ ପାଇ ସେହି ଧନୁ ବେଳକୁ ବେଳ ଅଧିକରୁ ଅଧିକ ଓଜନିଆ ହୋଇଯାଉଛି ॥ ୨୫୦ ॥

**ଭୂପ ସହସ ଦସ ଏକହି ବାରା । ଲଗେ ଉଠାଵ୍‌ନ ଟରଇ ନ ଟାରା ॥**
**ଡଗଇ ନ ସଂଭୁ ସରାସନୁ କୈସେଁ । କାମୀ ବଚନ ସତୀ ମନୁ ଜୈସେଁ ॥ ୧ ॥**

ଶେଷରେ ଦଶହଜାର ରାଜା ମିଶି ଏକାବେଳକେ ଧନୁଟିକୁ ଉଠାଇବାକୁ ଚେଷ୍ଟା କଲେ । ତଥାପି ତାହା ଚଙ୍କିଲା ନାହିଁ । କାମୁକପୁରୁଷର ଚ୍ଚଟୁବଚନରେ ସତୀ ସ୍ତ୍ରୀର ମନ ଯେପରି ଟଳେ ନାହିଁ, ସେହି ଶିବଧନୁ ସେହିପରି ଟଳିଲା ନାହିଁ ॥ ୧ ॥

**ସବ ନୃପ ଭଏ ଜୋଗୁ ଉପହାସୀ । ଜୈସେଁ ବିନୁ ବିରାଗ ସଂନ୍ୟାସୀ ॥**
**କୀରତି ବିଜୟ ବୀରତା ଭାରୀ । ଚଲେ ଚ୍ଚପ କର ବରବସ ହାରୀ ॥ ୨ ॥**

ବୈରାଗ୍ୟ ନ ଥିଲେ ସନ୍ନ୍ୟାସୀ ଯେପରି ଉପହାସର ପାତ୍ର ହୋଇଥାଏ, ସବୁ ରାଜା ସେହିପରି ଉପହାସର ପାତ୍ର ହୋଇଗଲେ । ଧନୁ ଆଗରେ ନିଜର କୀର୍ତ୍ତି, ବିଜୟ, ପ୍ରବଳ ବୀରତ୍ୱ ଆଦି ସବୁକିଛି ହରାଇଦେଇ ସେମାନେ ଫେରିଆସିଲେ ॥ ୨ ॥

**ଶ୍ରୀହତ ଭଏ ହାରି ହିୟଁ ରାଜା । ବୈଠେ ନିଜ ନିଜ ଜାଇ ସମାଜା ॥**
**ନୃପହ୍ନ ବିଲୋକି ଜନକୁ ଅକୁଲାନେ । ବୋଲେ ବଚନ ରୋଷ ଜନୁ ସାନେ ॥ ୩ ॥**

ନିରାଶ ହୋଇ ରାଜାମାନେ ଶ୍ରୀହୀନ (ହତପ୍ରଭ) ହୋଇଗଲେ ଏବଂ ଫେରିଯାଇ ନିଜ ନିଜ ସ୍ଥାନରେ ବସିପଡ଼ିଲେ । ରାଜାମାନଙ୍କୁ ଅସଫଳ ଦେଖି ଜନକ ବ୍ୟାକୁଳ ହୋଇଗଲେ ଏବଂ ସାମାନ୍ୟ ରାଗିଲାଭଳି କହିଲେ, ॥ ୩ ॥

**ଦୀପ ଦୀପ କେ ଭୂପତି ନାନା । ଆଏ ସୁନି ହମ ଜୋ ପନୁ ଠାନା ॥**
**ଦେଵ୍ ଦନୁଜ ଧରି ମନୁଜ ସରୀରା । ବିପୁଲ ବୀର ଆଏ ରନଧୀରା ॥ ୪ ॥**

''ମୁଁ ଯେଉଁ ପଣ କରିଥିଲି, ତାହା ଶୁଣି ଦ୍ୱୀପ-ଦ୍ୱୀପାନ୍ତରରୁ ଅନେକ ରାଜା ଆସିଲେ । ମନୁଷ୍ୟଶରୀର ଧରି ଦେବତା ଓ ଦୈତ୍ୟମାନେ ମଧ୍ୟ ଆସିଲେ । ତା'ଛଡ଼ା ବହୁ ରଣଧୀର ବୀର ମଧ୍ୟ ଆସିଲେ; ॥ ୪ ॥

ଦୋଃ- **କୁଅଁରି ମନୋହର ବିଜୟ ବଡ଼ି କୀରତି ଅତି କମନୀୟ ।**
**ପାଵ୍‌ନିହାର ବିରଂଚି ଜନୁ ରଚେଉ ନ ଧନୁ ଦମନୀୟ ॥ ୨୫୧ ॥**

କିନ୍ତୁ ମନେହେଉଛି ଧନୁ ଭାଙ୍ଗି ଏଭଳି ମନୋହର କନ୍ୟା, ବିରାଟ ବିଜୟ ଓ ଅତ୍ୟନ୍ତ ସୁନ୍ଦର କୀର୍ତ୍ତି ଅର୍ଜନ କରିବାର ଯୋଗ୍ୟ ବ୍ୟକ୍ତି ବ୍ରହ୍ମା ଆଦୌ ଗଢ଼ିନାହାନ୍ତି ॥ ୨୫୧ ॥

**କହହୁ କାହି ଯ୍ହୁ ଲାଭୁ ନ ଭାୱା । କାହୁଁ ନ ସଂକର ଚ୍ପ ଚଢ଼ାୱା ॥**
**ରହଉ ଚଢ଼ାଉବ ତୋରବ ଭାଈ । ତିଲୁ ଭରି ଭୂମି ନ ସକେ ଛଡ଼ାଈ ॥ ୧ ॥**

ଏହି ଲାଭ କାହାକୁ ଭଲ ନ ଲାଗେ, କହନ୍ତୁ ? କିନ୍ତୁ କେହି ବି ଶଙ୍କରଙ୍କ ଧନୁରେ ଗୁଣ ଚଢ଼ାଇପାରିଲେ ନାହିଁ । ଆରେ ଭାଇ ! ଗୁଣ ଚଢ଼ାଇବା ଓ ଧନୁ ଭାଙ୍ଗିବା କଥା ଦୂରେ ଥାଉ, କେହି ଜଣେ ହେଲେ ଧନୁଟିକୁ ଭୂମିରୁ ତିଳପ୍ରମାଣେ ବି ଘୁଞ୍ଚାଇପାରିଲେ ନାହିଁ ॥ ୧ ॥

**ଅବ ଜନି କୋଉ ମାଖୈ ଭଟ ମାନୀ । ବୀର ବିହୀନ ମହୀ ମୈଁ ଜାନୀ ॥**
**ତଜହୁ ଆସ ନିଜ ନିଜ ଗୃହ ଜାହୂ । ଲିଖା ନ ବିଧି ବୈଦେହି ବିବାହୂ ॥ ୨ ॥**

କେହି ବୀରତ୍ୱ-ଅଭିମାନୀ ଏ କଥା ଶୁଣି ଖରାପ ନ ଭାବନ୍ତୁ । ମୁଁ ଜାଣିଗଲି ଯେ, ପୃଥିବୀ ବୀରଶୂନ୍ୟା ହୋଇଗଲା । ଏଥର ସବୁ ଆଶା ଛାଡ଼ିଦେଇ ଆପଣମାନେ ନିଜ ନିଜ ଘରକୁ ଫେରିଯାଆନ୍ତୁ । ବ୍ରହ୍ମା ମୋ ସୀତାର କପାଳରେ ବାହାଘର ଲେଖିନାହାନ୍ତି ॥ ୨ ॥

**ସୁକୃତୁ ଜାଇ ଜୌଁ ପନୁ ପରିହରଉଁ । କୁଅଁରି କୁଆରି ରହଉ କା କରଉଁ ॥**
**ଜୌଁ ଜନତେଉଁ ବିନୁ ଭଟ ଭୁବି ଭାଈ । ତୌ ପନୁ କରି ହୋତେଉଁ ନ ହଁସାଈ ॥ ୩ ॥**

ଯଦି ପଣ ଛାଡ଼ିଦେବି, ତେବେ ପୁଣ୍ୟ ଚାଲିଯିବ । ତେଣୁ ଆଉ କ'ଣ ବା କରିବି ! ଝିଅ ମୋର କୁମାରୀ ହୋଇରହିଯିବ । ମୁଁ ଯଦି ଜାଣିଥାନ୍ତି ଯେ, ପୃଥିବୀ ବୀରଶୂନ୍ୟା ହୋଇଗଲାଣି, ତେବେ ମୁଁ ଏଭଳି ପଣ କରି ଉପହାସର ପାତ୍ର ହୋଇ ନ ଥାନ୍ତି ।'' ॥ ୩ ॥

**ଜନକ ବଚନ ସୁନି ସବ ନର ନାରୀ । ଦେଖି ଜାନକିହି ଭଏ ଦୁଖାରୀ ॥**
**ମାଖେ ଲଖନୁ କୁଟିଲ ଭଇଁ ଭୌଁହେଂ । ରଦପଟ ଫରକତ ନୟନ ରିସୌଁହେଂ ॥ ୪ ॥**

ଜନକଙ୍କ କଥା ଶୁଣି ଓ ଜାନକୀଙ୍କ ମୁହଁକୁ ଚାହିଁ ସକଳ ନରନାରୀ ଦୁଃଖିତ ହୋଇଗଲେ; କିନ୍ତୁ ଲକ୍ଷ୍ମଣ ଉତ୍ତେଜିତ ହୋଇଉଠିଲେ । ତାଙ୍କ ଭ୍ରୂଲତା କୁଟିଳ ଦେଖାଗଲା; ଓଠ ଥରିଉଠିଲା ଏବଂ ଆଖି କ୍ରୋଧରେ ଲାଲ ପଡ଼ିଗଲା ॥ ୪ ॥

ଦୋ:- **କହି ନ ସକତ ରଘୁବୀର ଡର ଲଗେ ବଚନ ଜନୁ ବାନ ।**
**ନାଇ ରାମ ପଦ କମଲ ସିରୁ ବୋଲେ ଗିରା ପ୍ରମାନ ॥ ୨୫୨ ॥**

ସେ ରଘୁବୀରଙ୍କ ଭୟରେ କିଛି କହିପାରୁ ନ ଥାନ୍ତି; କିନ୍ତୁ ଜନକଙ୍କ ବଚନ ତାଙ୍କ ହୃଦୟରେ ବାଣ ପରି ବିଦ୍ଧ ହୋଇଗଲା । [ଶେଷରେ ସେ ଆଉ ସହି ନ ପାରିବାରୁ] ଶ୍ରୀରାମଙ୍କ ଚରଣକମଳରେ ଶିର ନତ କରି ଏକ ଯଥାର୍ଥ କଥା କହିଦେଲେ– ॥ ୨୫୨ ॥

**ରଘୁବଂସିହ୍ନ ମହୁଁ ଜହଁ କୋଉ ହୋଈ । ତେହିଁ ସମାଜ ଅସ କହଇ ନ କୋଈ ॥**
**କହୀ ଜନକ ଜସି ଅନୁଚିତ ବାନୀ । ବିଦ୍ୟମାନ ରଘୁକୁଲମନି ଜାନୀ ॥ ୧ ॥**

''ରଘୁକୁଳମଣି ଶ୍ରୀରାମ ଉପସ୍ଥିତ ଥିବା ଜାଣି ମଧ୍ୟ, ରାଜା ଜନକ ଯେଉଁ ଅନୁଚିତ କଥା କହିଦେଲେ, ରଘୁବଂଶର କୌଣସି ଜଣେ ବି ଉପସ୍ଥିତ ଥିବା ସମାଜରେ କେହି ବି ସେପରି କହନ୍ତି ନାହିଁ ॥ ୧ ॥

**ସୁନହୁ ଭାନୁକୁଲ ପଂକଜ ଭାନୂ । କହଉଁ ସୁଭାଉ ନ କଛୁ ଅଭିମାନୂ ॥**
**ଜୌଁ ତୁହ୍ମାରି ଅନୁସାସନ ପାୱୌଁ । କଂଦୁକ ଇୱ ବ୍ରହ୍ମାଂଡ ଉଠାୱୌଁ ॥ ୨ ॥**

ହେ ସୂର୍ଯ୍ୟବଂଶରୂପୀ କମଳର ସୂର୍ଯ୍ୟ ! ଶୁଣନ୍ତୁ, ମୁଁ କିଛି ଅଭିମାନ କରି କହୁନାହିଁ; ସହଜସ୍ୱଭାବରେହିଁ କହୁଛି । ଯଦି ଆପଣଙ୍କର ଆଜ୍ଞା ମିଳିଯିବ, ତେବେ ମୁଁ ଏହି ବ୍ରହ୍ମାଣ୍ଡକୁ ପେଣ୍ଡୁ ପରି ଉଠାଇନେବି ॥ ୨ ॥

**କାଚେ ଘଟ ଜିମି ଡାରୌଁ ଫୋରୀ । ସକଉଁ ମେରୁ ମୂଲକ ଜିମି ତୋରୀ ॥**
**ତୱ ପ୍ରତାପ ମହିମା ଭଗୱାନା । କୋ ବାପୁରୋ ପିନାକ ପୁରାନା ॥ ୩ ॥**

ଏବଂ କଞ୍ଚାମାଟିର କଳସ ପରି ଭାଙ୍ଗିଦେଇପାରିବି । ମୁଁ ସୁମେରୁ ପର୍ବତକୁ ମୂଳା ପରି ଭାଙ୍ଗିଦେଇପାରେ । ହେ ଭଗବନ୍ ! ଆପଣଙ୍କ ପ୍ରତାପର ମହିମା ସମ୍ମୁଖରେ ଏହି ଛାର ପୁରୁଣା ଧନୁଟା ବା କେତେ ! ॥ ୩ ॥

**ନାଥ ଜାନି ଅସ ଆୟସୁ ହୋଉ । କୌତୁକୁ କରୌଁ ବିଲୋକିଅ ସୋଉ ॥**
**କମଲ ନାଲ ଜିମି ଚାପ ଚଢ଼ାୱୌଁ । ଜୋଜନ ସତ ପ୍ରମାନ ଲୈ ଧାୱୌଁ ॥ ୪ ॥**

ହେ ନାଥ ! ଏହା ଜାଣି, ଯଦି ଆଜ୍ଞା ଦିଅନ୍ତେ, ମୁଁ ଟିକିଏ ଖେଳ ଦେଖାଇଦିଅନ୍ତି; ଆପଣମାନେ ସେହି ଖେଳ ଦେଖନ୍ତେ । ଧନୁକୁ ପଦ୍ମନାଡ଼ ପରି ବଙ୍କାଇ, ସେଥିରେ ଗୁଣ ଚଢ଼ାଇ, ତାକୁ ଧରି ଶହେ ଯୋଜନପର୍ଯ୍ୟନ୍ତ ଦୌଡ଼ିଗ୍ଲିଯାଆନ୍ତି ॥ ୪ ॥

ଦୋː- **ତୋରୌଁ ଛତ୍ରକ ଦଂଡ ଜିମି ତୱ ପ୍ରତାପ ବଲ ନାଥ ।**
**ଜୌଁ ନ କରୌଁ ପ୍ରଭୁ ପଦ ସପଥ କର ନ ଧରୌଁ ଧନୁ ଭାଥ ॥ ୨୫୩ ॥**

ହେ ନାଥ ! ଆପଣଙ୍କ ପ୍ରତାପବଳରେ ଏ ଧନୁକୁ ମୁଁ ଛତୁ ପରି ଭାଙ୍ଗିଦେଇପାରିବି । ଯଦି ଏହା ନ କରିପାରିବି, ତେବେ ପ୍ରଭୁଙ୍କ ଚରଣ ଛୁଇଁ ଶପଥ କରୁଛି, ମୁଁ ଆଉ କେବେ ବି ହାତରେ ଧନୁ ଓ ତୂଣୀର ଧରିବି ନାହିଁ ।'' ॥ ୨୫୩ ॥

**ଲଖନ ସକୋପ ବଚନ ଜେ ବୋଲେ । ଡଗମଗାନି ମହି ଦିଗ୍‌ଗଜ ଡୋଲେ ॥**
**ସକଲ ଲୋଗ ସବ ଭୂପ ଡେରାନେ । ସିୟ ହିୟଁ ହରଷୁ ଜନକୁ ସକୁଚାନେ ॥ ୧ ॥**
**ଗୁର ରଘୁପତି ସବ ମୁନି ମନ ମାହୀଁ । ମୁଦିତ ଭଏ ପୁନି ପୁନି ପୁଲକାହୀଁ ॥**
**ସୟନହିଁ ରଘୁପତି ଲଖନୁ ନେୱାରେ । ପ୍ରେମ ସମେତ ନିକଟ ବୈଠାରେ ॥ ୨ ॥**
**ବିସ୍ୱାମିତ୍ର ସମୟ ସୁଭ ଜାନୀ । ବୋଲେ ଅତି ସନେହମୟ ବାନୀ ॥**
**ଉଠହୁ ରାମ ଭଂଜହୁ ଭୱଚାପା । ମେଟହୁ ତାତ ଜନକ ପରିତାପା ॥ ୩ ॥**

ଲକ୍ଷ୍ମଣ ଏପରି କ୍ରୁଦ୍ଧ ବଚନ କହୁ କହୁ ପୃଥିବୀ ଟଳମଳ ହେଲା ଓ ଦିଗ୍‌ଗଜମାନେ ଭୟରେ କମ୍ପିଉଠିଲେ । ଉପସ୍ଥିତ ଜନସମାଜ ଓ ରାଜାବୃନ୍ଦ ଭୟଭୀତ ହୋଇଗଲେ । ସୀତାଙ୍କ ମନରେ ହର୍ଷ ଉତ୍ପନ୍ନ ହୋଇଗଲା ଏବଂ ଜନକ ସଂକୁଚିତ ହୋଇଗଲେ । ଗୁରୁ ବିଶ୍ୱାମିତ୍ର, ଶ୍ରୀରଘୁନାଥ ଏବଂ ମୁନିଗଣ ମନେ ମନେ ଆନନ୍ଦିତ ହେଲେ । ସମସ୍ତେ ବାରମ୍ବାର ପୁଲକିତ ହୋଇଉଠିଲେ । ଶ୍ରୀରାମ ସଂକେତଦ୍ୱାରା ଲକ୍ଷ୍ମଣଙ୍କୁ ସେପରି କରିବାରୁ ବାରଣ କଲେ ଓ ଆଦରରେ ଡାକି ନିଜ ପାଖରେ ବସାଇଲେ । ଏହା ଶୁଭସମୟ ଜାଣି ବିଶ୍ୱାମିତ୍ର ଅତି ସ୍ନେହରେ କହିଲେ, ''ହେ ରାମ ! ଉଠ ; ଯାଇ ଶିବଧନୁ ଭାଙ୍ଗି ଜନକଙ୍କ ସନ୍ତାପ ଦୂର କର ।'' ॥ ୩ ॥

**ସୁନି ଗୁରୁ ବଚନ ଚରନ ସିରୁ ନାୱା । ହରଷୁ ବିଷାଦୁ ନ କଛୁ ଉର ଆୱା ॥**
**ଠାଢ଼େ ଭଏ ଉଠି ସହଜ ସୁଭାଏଁ । ଠୱନି ଜୁବା ମୃଗରାଜୁ ଲଜାଏଁ ॥ ୪ ॥**

ଗୁରୁଙ୍କ ବଚନ ଶୁଣି ଶ୍ରୀରାମ ତାଙ୍କ ପାଦରେ ପ୍ରଣାମ କଲେ । ତାଙ୍କ ମନରେ ହର୍ଷ ହେଲା ନାହିଁ, କି ବିଷାଦ ହେଲା ନାହିଁ । ସେ ସହଜ ସ୍ୱାଭାବିକଭାବରେ ଠିଆ ହୋଇପଡ଼ିଲେ । ତାଙ୍କର ଠିଆହେବାର ଠାଣି ଯୁବକସିଂହର ଠିଆହେବା ଠାଣିକୁ ମଧ୍ୟ ଲଜ୍ଜିତ କରିଦେଲା ॥ ୪ ॥

**ଦୋ:- ଉଦିତ ଉଦୟଗିରି ମଂଚ ପର ରଘୁବର ବାଲପତଂଗ ।**
**ବିକସେ ସଂତ ସରୋଜ ସବ ହରଷେ ଲୋଚନ ଭୃଂଗ ॥ ୨୫୪ ॥**

ମଞ୍ଚରୂପୀ ଉଦୟାଚଳରେ ରଘୁନାଥରୂପୀ ବାଳସୂର୍ଯ୍ୟ ଉଦିତ ହେବା ସଙ୍ଗେ ସଙ୍ଗେ ସନ୍ଥରୂପୀ ପଦ୍ମସବୁ ପ୍ରସ୍ଫୁଟିତ ହୋଇଗଲେ ଏବଂ ନେତ୍ରରୂପୀ ଭ୍ରମରମାନେ ହର୍ଷିତ ହୋଇଗଲେ ॥ ୨୫୪ ॥

**ନୃପହ୍ନ କେରି ଆସା ନିସି ନାସୀ । ବଚନ ନଖତ ଅୱଲୀ ନ ପ୍ରକାସୀ ॥**
**ମାନୀ ମହିପ କୁମୁଦ ସକୁଚ୍ୱନେ । କପଟୀ ଭୂପ ଉଲୂକ ଲୁକାନେ ॥ ୧ ॥**

ରାଜାମାନଙ୍କର ଆଶାରୂପୀ ରାତ୍ରି ନଷ୍ଟ ହୋଇଗଲା । ସେମାନଙ୍କର ବଚନରୂପୀ ତାରାଗଣଙ୍କର ଜ୍ୟୋତି ଲିଭିଗଲା (ସେମାନେ ମୌନ ହୋଇଗଲେ) । ଅଭିମାନୀ ରାଜାରୂପୀ କୁମୁଦ (କଇଁଫୁଲ)ମାନେ ମଉଳିଗଲେ ଏବଂ କପଟୀ-ରାଜାରୂପୀ ପେଚ୍ୱମାନେ ଲୁଚିଗଲେ ॥ ୧ ॥

**ଭଏ ବିସୋକ କୋକ ମୁନି ଦେୱା । ବରିସହିଁ ସୁମନ ଜନାୱହିଁ ସେୱା ॥**
**ଗୁର ପଦ ବଂଦି ସହିତ ଅନୁରାଗା । ରାମ ମୁନିହ୍ନ ସନ ଆୟସୁ ମାଗା ॥ ୨ ॥**

ମୁନି ଓ ଦେବତାରୂପୀ ଚକ୍ରବାକମାନେ ଶୋକରହିତ ହୋଇଗଲେ । ସେମାନେ ପୁଷ୍ପବୃଷ୍ଟି ମାଧ୍ୟମରେ ନିଜ ନିଜର ସେବା ଅର୍ପଣ କଲେ । ପ୍ରେମର ସହିତ ଗୁରୁଙ୍କ ଚରଣ ବନ୍ଦନା କରି ଶ୍ରୀରାମ ମୁନିମାନଙ୍କୁ ଆଦେଶ ମାଗିଲେ ॥ ୨ ॥

**ସହଜହିଁ ଚଲେ ସକଲ ଜଗ ସ୍ୱାମୀ । ମତ୍ତ ମଂଜୁ ବର କୁଂଜର ଗାମୀ ॥**
**ଚଲତ ରାମ ସବ ପୁର ନର ନାରୀ । ପୁଲକ ପୂରି ତନ ଭଏ ସୁଖାରୀ ॥ ୩ ॥**

ନିଖିଳ ଜଗତର ସ୍ୱାମୀ ଶ୍ରୀରାମ ଶ୍ରେଷ୍ଠସୁନ୍ଦର ମତ୍ତହସ୍ତୀ ପରି ସ୍ୱାଭାବିକ ଭଙ୍ଗୀରେ ଚ୍ୱଲିଲେ । ଶ୍ରୀରାମ ଚ୍ୱଲିବାମାତ୍ରେ ନଗରର ସ୍ତ୍ରୀପୁରୁଷମାନେ ଆନନ୍ଦିତ ହୋଇଗଲେ ଏବଂ ସେମାନଙ୍କର ଶରୀର ରୋମାଞ୍ଚିତ ହୋଇଗଲା ॥ ୩ ॥

**ବଂଦି ପିତର ସୁର ସୁକୃତ ସଁଭାରେ । ଜୌଁ କଛୁ ପୁନ୍ୟ ପ୍ରଭାଉ ହମାରେ ॥**
**ତୌ ସିୱଧନୁ ମୃନାଲ କୀ ନାଇଁ । ତୋରହୁଁ ରାମୁ ଗନେସ ଗୋସାଇଁ ॥ ୪ ॥**

ସେମାନେ ପିତୃପୁରୁଷ ଏବଂ ଦେବତାମାନଙ୍କୁ ବନ୍ଦନା କରି ନିଜର ପୁଣ୍ୟରାଶି ସ୍ମରଣ କଲେ । କହିଲେ, "ଯଦି ଆମ ପୁଣ୍ୟର କିଛି ବି ପ୍ରଭାବ ଥାଏ, ତେବେ ହେ ଗଣେଶ ଗୋସାଇଁ ! ଶ୍ରୀରାମ ଶିବଧନୁକୁ ପଦ୍ମନାଡ଼ ପରି ଭାଙ୍ଗିଦିଅନ୍ତୁ ।" ॥ ୪ ॥

**ଦୋ:- ରାମହି ପ୍ରେମ ସମେତ ଲଖି ସଖିହ୍ନ ସମୀପ ବୋଲାଇ ।**
**ସୀତା ମାତୁ ସନେହ ବସ ବଚନ କହଇ ବିଲଖାଇ ॥ ୨୫୫ ॥**

ଶ୍ରୀରାମଙ୍କୁ ବାତ୍ସଲ୍ୟସ୍ନେହର ସହିତ ଚ୍ୱହିଁରହି ଏବଂ ସଖୀମାନଙ୍କୁ ପାଖକୁ ଡାକି ସୀତାଙ୍କ ମାତା ସ୍ନେହବଶତଃ ବିକଳ ହୋଇ କହିଲେ, ॥ ୨୫୫ ॥

**ସଖି ସବ କୌତୁକୁ ଦେଖନିହାରେ । ଜେଉ କହାୱତ ହିତୂ ହମାରେ ॥**
**କୋଉ ନ ବୁଝାଇ କହଇ ଗୁର ପାହୀଁ । ଏ ବାଲକ ଅସି ହଠ ଭଲି ନାହୀଁ ॥ ୧ ॥**

‘‘ସଖୀ ! ଆମର ଏ ଯେଉଁମାନେ ହିତାକାଙ୍କ୍ଷୀ ବୋଲାଉଛନ୍ତି, ଏମାନେ ବି ସମସ୍ତେ ତାମସା ଦେଖୁଛନ୍ତି । କେହି ଜଣେ ବି ସେମାନଙ୍କ ଗୁରୁ ବିଶ୍ୱାମିତ୍ରଙ୍କୁ ବୁଝାଇସୁଝାଇ କହୁନାହାନ୍ତି ଯେ, ଇଏ ତ ବାଳକଟିଏ, ଏହାଙ୍କ ପକ୍ଷରେ ଏପରି ଜିଦ୍ ଧରିବା ଉଚିତ ନୁହେଁ । (ଯେଉଁ ଧନୁକୁ ରାବଣ ଓ ବାଣାସୁର ପରି ଜଗତ୍‌ବିଜୟୀ ବୀରମାନେ ହଲାଇ ବି ପାରିଲେ ନାହିଁ, ସେହି ଧନୁ ଭାଙ୍ଗିବାଲାଗି ବିଶ୍ୱାମିତ୍ରଙ୍କ ପକ୍ଷରେ ରାମଙ୍କୁ ଆଜ୍ଞା ଦେବା ଏବଂ ଧନୁ ଭାଙ୍ଗିବାପାଇଁ ରାମଙ୍କ ଚ୍ୱଲିଆସିବାଟା ରାଣୀଙ୍କୁ ଏକପ୍ରକାର ଜିଦି ବୋଲି ମନେହେଲା । ଏକଥା କେହି ବିଶ୍ୱାମିତ୍ରଙ୍କୁ କାହିଁକି ବୁଝାଉନାହାନ୍ତି ବୋଲି ସେ ଏପରି କହିଲେ ।) ॥ ୧ ॥

**ରାଓ୍ୱନ ବାନ ଛୁଆ ନହିଁ ଚ୍ୱପା । ହାରେ ସକଲ ଭୂପ କରି ଦାପା ॥**
**ସୋ ଧନୁ ରାଜକୁଅଁର କର ଦେହୀଁ । ବାଲ ମରାଲ କି ମଂଦର ଲେହୀଁ ॥ ୨ ॥**

ରାବଣ ଓ ବାଣାସୁର ଯେଉଁ ଧନୁକୁ ଛୁଇଁ ବି ପାରିଲେ ନାହିଁ; ଯାହା ନିକଟରେ ରାଜାମାନଙ୍କର ଗର୍ବ ଖର୍ବ ହୋଇଗଲା ଓ ସେମାନେ ପରାସ୍ତ ହୋଇଗଲେ, ସେହି ଧନୁ ଭାଙ୍ଗିବା କାର୍ଯ୍ୟ ଏବେ ସୁକୁମାର ରାଜକୁମାରଙ୍କ ହାତରେ ଦେଉଛନ୍ତି ! ହଂସଛୁଆ କଣ କେବେ ମନ୍ଦରାଚଳକୁ ଉଠାଇପାରିବ ! ॥ ୨ ॥

**ଭୂପ ସୟାନପ ସକଲ ସିରାନୀ । ସଖି ବିଧି ଗତି କଛୁ ଜାତି ନ ଜାନୀ ॥**
**ବୋଲୀ ଚତୁର ସଖୀ ମୃଦୁ ବାନୀ । ତେଜଓ୍ୱଂତ ଲଘୁ ଗନିଅ ନ ରାନୀ ॥ ୩ ॥**

[ଆଉ କେହି ଯାଇ ତାଙ୍କୁ ବୁଝାଇ କହୁ, କି ନ କହୁ, ରାଜା ତ ଜାଣିବାର ଲୋକ; ଅନ୍ତତଃ ସେ ତ ଯାଇ ଗୁରୁଙ୍କୁ ବୁଝାଇବାକୁ ଚେଷ୍ଟା କରିପାରିଥାନ୍ତେ; କିନ୍ତୁ ଲାଗୁଛି,] ରାଜାଙ୍କ ବୁଦ୍ଧିମତ୍ତା ବି ସରିଗଲାଣି । ହେ ସଖୀ ! ବିଧାତାର ଗତି କିଛି ଜାଣିହେଉ ନାହିଁ !’’ [ଏତିକି କହି ରାଣୀ ଚୁପ୍ ହୋଇଗଲେ ।] ତା’ପରେ ରାମଙ୍କ ମହତ୍ତ୍ୱ ଜାଣିଥିବା ଜଣେ ଚତୁରୀ ସଖୀ କୋମଳ କଣ୍ଠରେ କହିଲା, ‘‘ହେ ରାଣୀମାଆ ! ତେଜସ୍ୱୀ ଲୋକଙ୍କୁ [ସେ ଦେଖିବାକୁ ସାନ ହୋଇଥିଲେ ମଧ୍ୟ] ସାନ ବୋଲି ଭାବିବା ଠିକ୍ ନୁହେଁ ॥ ୩ ॥

**କହଁ କୁଂଭଜ କହଁ ସିଂଧୁ ଅପାରା । ସୋଷେଉ ସୁଜସୁ ସକଲ ସଂସାରା ॥**
**ରବି ମଂଡଲ ଦେଖତ ଲଘୁ ଲାଗା । ଉଦୟଁ ତାସୁ ତିଭୁଓ୍ୱନ ତମ ଭାଗା ॥ ୪ ॥**

କାହାନ୍ତି କୁମ୍ଭରୁ ଜାତ ହୋଇଥିବା ଅଗସ୍ତି ମୁନି, ଆଉ କାହିଁ ଅପାର ସମୁଦ୍ର ! କିନ୍ତୁ ସେ ତ ପୁଣି ତାକୁ ଶୁଖାଇଦେଲେ ଓ ତାଙ୍କ ସୁଯଶ ସଂସାରରେ ଖେଳିଗଲା । ସୂର୍ଯ୍ୟମଣ୍ଡଳ ଦେଖିବାକୁ କେଡ଼େ ଛୋଟ ଜଣା ନ ପଡୁଛି ! କିନ୍ତୁ ସେ ଉଦିତ ହେଲାମାତ୍ରେ ତ୍ରିଲୋକର ଅନ୍ଧକାର କୁଆଡ଼େ ପଳାଇଯାଉଛି ॥ ୪ ॥

ଦୋ:- **ମଂତ୍ର ପରମ ଲଘୁ ଜାସୁ ବସ ବିଧି ହରି ହର ସୁର ସର୍ବ ।**
**ମହାମତ୍ତ ଗଜରାଜ କହୁଁ ବସ କର ଅଂକୁସ ଖର୍ବ ॥ ୨୫୬ ॥**

ନିତାନ୍ତ ଛୋଟିଆ ମନ୍ତ୍ରଟିଏ ତ ପୁଣି ବ୍ରହ୍ମା, ବିଷ୍ଣୁ, ଶିବ ଓ ସକଳ ଦେବତାଙ୍କୁ ବଶ କରିଦେଉଛି ! ମହାମତ୍ତ ଗଜରାଜକୁ ତ ଏଡ଼ିକି ଟିକିଏ ଅଙ୍କୁଶ ଆୟତ୍ତ କରିଦେଉଛି ॥ ୨୫୬ ॥

**କାମ କୁସୁମ ଧନୁ ସାୟକ ଲୀହ୍ନେ । ସକଲ ଭୁଓ୍ୱନ ଅପନେଁ ବସ କୀହ୍ନେ ॥**
**ଦେବି ତଜିଅ ସଂସଉ ଅସ ଜାନୀ । ଭଂଜବ ଧନୁଷୁ ରାମ ସୁନୁ ରାନୀ ॥ ୧ ॥**

କାମଦେବ ଧରିଥାନ୍ତି ଫୁଲର ଧନୁଶର; କିନ୍ତୁ ତାହାରି ଦ୍ୱାରା ସେ ସମଗ୍ର ଲୋକକୁ ଆପଣା ବଶରେ ରଖିଛନ୍ତି । ହେ ଦେବୀ ! ଏପରି ଜାଣି, ମନରୁ ସନ୍ଦେହ ଦୂର କରନ୍ତୁ । ହେ ରାଣୀମାଆ ! ଶୁଣନ୍ତୁ, ଶ୍ରୀରାମ ଅବଶ୍ୟ ଧନୁ ଭାଙ୍ଗିଦେବେ ।’’ ॥ ୧ ॥

**ସଖୀ ବଚନ ସୁନି ଭୈ ପରତୀତୀ । ମିଟା ବିଷାଦୁ ବଢ଼ୀ ଅତି ପ୍ରୀତୀ ॥**
**ତବ ରାମହି ବିଲୋକି ବୈଦେହୀ । ସଭୟ ହୃଦୟଁ ବିନଓ୍ୱତି ଜେହି ତେହୀ ॥ ୨ ॥**

ସଖୀର ବଚନ ଶୁଣି [ଶ୍ରୀରାମଙ୍କ ସାମର୍ଥ୍ୟ ପ୍ରତି] ରାଣୀଙ୍କର ବିଶ୍ୱାସ ଆସିଗଲା । ତାଙ୍କ ମନରୁ ବିଷାଦ ଦୂର ହୋଇଗଲା ଏବଂ ଶ୍ରୀରାମଙ୍କ ପ୍ରତି ସ୍ନେହ ବିଶେଷରୂପେ ବଢ଼ିଗଲା । ସେତେବେଳକୁ ଶ୍ରୀରାମଙ୍କୁ ଦେଖି ବୈଦେହୀ ଯେଉଁ ଦେବତାଙ୍କୁ ପାରୁଥାନ୍ତି, ସେହି ଦେବତାଙ୍କୁ ଭୟଭୀତ ହୃଦୟରେ ବିନତି କରୁଥାନ୍ତି ॥ ୨ ॥

**ମନହୀଁ ମନ ମନାଓ୍ୱ ଅକୁଲାନୀ । ହୋହୁ ପ୍ରସନ୍ନ ମହେସ ଭଓ୍ୱାନୀ ॥**
**କରହୁ ସଫଲ ଆପନି ସେଓ୍ୱକାଈ । କରି ହିତୁ ହରହୁ ଚ୍ପ ଗରୁଆଈ ॥ ୩ ॥**

ସେ ବ୍ୟାକୁଳ ହୋଇ ମନେ ମନେ ମନାସୁଥାନ୍ତି, "ହେ ଶିବ-ପାର୍ବତୀ ! ମୋ ପ୍ରତି ପ୍ରସନ୍ନ ହୁଅନ୍ତୁ । ମୁଁ ଆପଣଙ୍କର ଯେଉଁ ସେବା କରିଛି, ତାହା ଆଜି ସଫଳ କରନ୍ତୁ ଓ ଦୟା କରି ଧନୁର ଓଜନକୁ ହରିନିଅନ୍ତୁ ॥ ୩ ॥

**ଗନନାୟକ ବରଦାୟକ ଦେଓ୍ୱ । ଆଜୁ ଲଗେଁ କୀହ୍ନିଉଁ ତୁଅ ସେଓ୍ୱ ॥**
**ବାର ବାର ବିନତୀ ସୁନି ମୋରୀ । କରହୁ ଚ୍ପ ଗୁରୁତା ଅତି ଥୋରୀ ॥ ୪ ॥**

ହେ ଗଣନାୟକ ! ହେ ବରଦାୟକ ଗଣେଶ ! ମୁଁ ଆଜି ଦିନଟି ନିମନ୍ତେହିଁ ଆପଣଙ୍କର ସେବା କରିଆସିଥିଲି । ମୋର ବାରମ୍ବାର ବିନତି ଶୁଣି, ଆପଣ ଧନୁର ଓଜନକୁ ଅତି କମ୍ କରିଦିଅନ୍ତୁ ।" ॥ ୪ ॥

ଦୋଃ- **ଦେଖି ଦେଖି ରଘୁବୀର ତନ ସୁର ମନାଓ୍ୱ ଧରି ଧୀର ।**
**ଭରେ ବିଲୋଚନ ପ୍ରେମ ଜଲ ପୁଲକାଓ୍ୱଲୀ ସରୀର ॥୨୫୭ ॥**

ରଘୁନାଥଙ୍କ ଆଡ଼କୁ ଚ୍ହିଁ ଚ୍ହିଁ ସୀତା ଧୈର୍ଯ୍ୟର ସହିତ ସୂର୍ଯ୍ୟଙ୍କୁ ମନାସୁଥାନ୍ତି । ତାଙ୍କ ନେତ୍ରରେ ପ୍ରେମର ଅଶ୍ରୁ ଭରିଯାଇଥାଏ ଏବଂ ଶରୀରରେ ରୋମାଞ୍ଚ ଖେଳିଯାଉଥାଏ ॥ ୨୫୭ ॥

**ନୀକେଁ ନିରଖି ନୟନ ଭରି ସୋଭା । ପିତୁ ପନୁ ସୁମିରି ବହୁରି ମନୁ ଛୋଭା ॥**
**ଅହହ ତାତ ଦାରୁନି ହଠ ଠାନୀ । ସମୁଝତ ନହିଁ କଛୁ ଲାଭୁ ନ ହାନୀ ॥ ୧ ॥**
**ସଚିଓ୍ୱ ସଭୟ ସିଖ ଦେଇ ନ କୋଈ । ବୁଧ ସମାଜ ବଡ଼ ଅନୁଚିତ ହୋଈ ॥**
**କହଁ ଧନୁ କୁଲିସହୁ ଚ୍ହି କଠୋରା । କହଁ ସ୍ୟାମଲ ମୃଦୁଗାତ କିସୋରା ॥ ୨ ॥**
**ବିଧି କେହି ଭାଁତି ଧରୌଁ ଉର ଧୀରା । ସିରସ ସୁମନ କନ ବେଧିଅ ହୀରା ॥**
**ସକଲ ସଭା କୈ ମତି ଭୈ ଭୋରୀ । ଅବ ମୋହି ସଂଭୁ ଚ୍ପ ଗତି ତୋରୀ ॥ ୩ ॥**

ଶ୍ରୀରାମଙ୍କ ଶୋଭାକୁ ନୟନ ପୂରାଇ ଭଲରୂପେ ଦେଖି ଏବଂ ପିତାଙ୍କ ପଣ ସ୍ମରଣ କରି ସୀତାଙ୍କର ମନ କ୍ଷୁବ୍ଧ ହୋଇଗଲା । [ସେ ମନେ ମନେ କହିବାକୁ ଲାଗିଲେ,] "ହାୟ ! ବାପା ଏତେ ବଡ଼ କଠିନ ପଣ କରି-ପକାଇଲେ ! ସେ ଲାଭ କ'ଣ, କ୍ଷତି କ'ଣ, କିଛି ବୁଝୁନାହାନ୍ତି । ମନ୍ତ୍ରୀମାନେ ଡରୁଛନ୍ତି; ତେଣୁ ତାଙ୍କୁ କିଛି ବୁଝାଇକହିବାକୁ ସାହସ କରୁନାହାନ୍ତି । ପଣ୍ଡିତମାନଙ୍କ ସଭାରେ ଏହା ବଡ଼ ଅନ୍ୟାୟ ହୋଇଯାଉଛି । ବଜ୍ରଠାରୁ କଠିନ ସେହି ଧନୁ କେଉଁଠି ଏବଂ ଏହି କୋମଳାଙ୍ଗ କିଶୋର ଶ୍ୟାମସୁନ୍ଦର କେଉଁଠି ! ହେ ବିଧାତା ! ମୁଁ କିପରି ଧୈର୍ଯ୍ୟ ଧରିବି ! ଶିରୀଷ ଫୁଲର କେଶରଦ୍ୱାରା କେଉଁଠି ଭଲା ହୀରାରେ ଛିଦ୍ର କରିହେଲାଣି ! ଏ ସଭାର ସମସ୍ତଙ୍କ ବୁଦ୍ଧି ବାଉଳା ହୋଇଯାଇଛି । ତେଣୁ ହେ ଶିବଧନୁ ! ଏବେ ତୁମେହିଁ ମୋର ଏକମାତ୍ର ଭରସା ॥ ୩ ॥

**ନିଜ ଜଡ଼ତା ଲୋଗହ୍ନ ପର ଡାରୀ । ହୋହି ହରୁଅ ରଘୁପତିହି ନିହାରୀ ॥**
**ଅତି ପରିତାପ ସୀୟ ମନ ମାହୀଁ । ଲୱ ନିମେଷ ଜୁଗ ସୟ ସମ ଜାହୀଁ ॥ ୪ ॥**

ତୁମେ ତୁମ ଜଡତାକୁ ଲୋକଙ୍କ ଉପରେ ପକାଇଦେଇ, ଶ୍ରୀରଘୁନାଥଙ୍କ କୋମଳ ଶରୀରକୁ ଦେଖି, [ସେ ଯେପରି ଟେକିପାରିବେ ସେପରି] ହାଲୁକା ହୋଇଯାଅ ।'' ଏପରିଭାବରେ ସୀତାଙ୍କ ମନରେ ବଡ଼ ସନ୍ତାପ ହେଉଥାଏ । ନିମିଷକର ଗୋଟିଏ ଲବ (ଅଂଶ) ବି ତାଙ୍କୁ ଶହେଯୁଗ ପରି ଲାଗୁଥାଏ ॥ ୪ ॥

ଦୋ:- **ପ୍ରଭୁହି ଚିତଇ ପୁନି ଚିତୱ ମହି ରାଜତ ଲୋଚନ ଲୋଲ ।**
**ଖେଲତ ମନସିଜ ମୀନ ଜୁଗ ଜନୁ ବିଧୁ ମଂଡଲ ଡୋଲ ॥ ୨୫୮ ॥**

ପ୍ରଭୁ ଶ୍ରୀରାମଙ୍କୁ ଚାହିଁ, ପୁଣି ଥରେ ତଳକୁ ଚାହୁଁଥିବାବେଳେ ତାଙ୍କ ଚଞ୍ଚଳ ନୟନ ଏପରି ଶୋଭା ପାଉଥାଏ ଯେ, ଦେଖିଲେ ମନେହେଉଥାଏ, ଚନ୍ଦ୍ରମଣ୍ଡଳରୂପୀ କୁଣ୍ଡରେ କାମଦେବଙ୍କର ଦୁଇଟି ମୀନ ଖେଳୁଛନ୍ତି କି ! ॥ ୨୫୮ ॥

**ଗିରା ଅଲିନି ମୁଖ ପଂକଜ ରୋକୀ । ପ୍ରଗଟ ନ ଲାଜ ନିସା ଅୱଲୋକୀ ॥**
**ଲୋଚନ ଜଲୁ ରହ ଲୋଚନ କୋନା । ଜୈସେଁ ପରମ କୃପନ କର ସୋନା ॥ ୧ ॥**

ସୀତାଙ୍କ ବାଣୀରୂପୀ ଭ୍ରମରୀକୁ ତାଙ୍କ ମୁଖକମଳ ଆବଦ୍ଧ କରି ରଖିଥାଏ । ଲଜ୍ଜାରୂପୀ ରାତ୍ରିକୁ ଦେଖି ତାହା ବାହାରିପାରୁ ନ ଥାଏ । ଅତି କୃପଣର ସୁନା [ଘରକୋଣରେ ମାଟିତଳେ ପୋତି ହୋଇ ରହିଯିବା] ପରି ତାଙ୍କ ନେତ୍ରଜଳ ନେତ୍ରକୋଣରେହିଁ ରହିଯାଇଥାଏ ॥ ୧ ॥

**ସକୁଚୀ ବ୍ୟାକୁଲତା ବଡ଼ି ଜାନୀ । ଧରି ଧୀରଜୁ ପ୍ରତୀତି ଉର ଆନୀ ॥**
**ତନ ମନ ବଚନ ମୋର ପନୁ ସାଚା । ରଘୁପତି ପଦ ସରୋଜ ଚିତୁ ରାଚା ॥ ୨ ॥**

ନିଜର ବ୍ୟାକୁଳତା ବଢ଼ିଯାଉଛି ଜାଣି ସୀତା ସଂକୁଚିତ ହୋଇଗଲେ ଏବଂ ଧୈର୍ଯ୍ୟ ଧରି ହୃଦୟରେ ବିଶ୍ୱାସ ଜନ୍ମାଇଲେ, ''ଯଦି ମୋର ପ୍ରତିଜ୍ଞା କାୟ, ମନ ଓ ବାକ୍ୟରେ ସତ୍ୟ ହୋଇଥିବ ଏବଂ ଯଦି ମୋର ଚିତ୍ତ ଶ୍ରୀରଘୁନାଥଙ୍କ ଚରଣକମଳରେ ସତରେ ଅନୁରକ୍ତ ହୋଇଥିବ, ॥ ୨ ॥

**ତୌ ଭଗୱାନୁ ସକଲ ଉର ବାସୀ । କରିହି ମୋହି ରଘୁବର କୈ ଦାସୀ ॥**
**ଜେହି କେଁ ଜେହି ପର ସତ୍ୟ ସନେହୂ । ସୋ ତେହି ମିଲଇ ନ କଛୁ ସଂଦେହୂ ॥ ୩ ॥**

ତେବେ ଯେଉଁ ଭଗବାନ୍ ସମସ୍ତଙ୍କ ହୃଦୟରେ ନିବାସ କରନ୍ତି, ସେ ମୋତେ ନିଶ୍ଚୟ ରଘୁଶ୍ରେଷ୍ଠ ଶ୍ରୀରାମଙ୍କ ଦାସୀ କରିଦେବେ । ଯାହାର ଯାହା ପ୍ରତି ପ୍ରକୃତ ସ୍ନେହ ଥାଏ, ସେ ତାକୁ ନିଶ୍ଚୟ ମିଳେ; ଏଥିରେ କୌଣସି ସନ୍ଦେହ ନାହିଁ ।'' ॥ ୩ ॥

**ପ୍ରଭୁ ତନ ଚିତଇ ପ୍ରେମ ତନ ଠାନା । କୃପାନିଧାନ ରାମ ସବୁ ଜାନା ॥**
**ସିୟହି ବିଲୋକି ତକେଉ ଧନୁ କୈସେଁ । ଚିତୱ ଗରୁରୁ ଲଘୁ ବ୍ୟାଲହି ଜୈସେଁ ॥ ୪ ॥**

ପ୍ରଭୁଙ୍କ ଆଡ଼କୁ ଚାହିଁ ସୀତା ଶରୀରକୁ ପଣ କରି ନିଶ୍ଚୟ କରିନେଲେ [ଯେ, ତାଙ୍କ ଶରୀର ହୁଏତ ପ୍ରଭୁଙ୍କର ହୋଇ ରହିବ, ନଚେତ୍ ଆଦୌ ରହିବ ନାହିଁ ।] କୃପାନିଧାନ ଶ୍ରୀରାମ ସବୁ ଜାଣିଗଲେ । ସେ ସୀତାଙ୍କୁ ଦେଖି ଧନୁ ଆଡ଼କୁ କିପରି ଚାହିଁଲେ, ଜାଣନ୍ତି ? ଚାହିଁଲେ, ଛୋଟ ସାପଟିଏ ଦେଖି ତା' ଆଡ଼କୁ ଗରୁଡ଼ ଚାହିଁବାପରି ॥ ୪ ॥

ଦୋ:- **ଲଖନ ଲଖେଉ ରଘୁବଂସମନି ତାକେଉ ହର କୋଦଂଡୁ ।**
**ପୁଲକି ଗାତ ବୋଲେ ବଚନ ଚରନ ଚାପି ବ୍ରହ୍ମାଂଡୁ ॥ ୨୫୯ ॥**

ଏଣେ ଲକ୍ଷ୍ମଣ ଦେଖିଦେଲେ ଯେ, ଶ୍ରୀରାମ ଶିବଧନୁକୁ ଚାହିଁଲେଣି, ତହୁଁ ସେ ପୁଲକିତଶରୀର ହୋଇ ବ୍ରହ୍ମାଣ୍ଡ ଉପରେ ଚରଣ ଚାପି କହିଉଠିଲେ, ॥ ୨୫୯ ॥

**ଦିସିକୁଂଜରହୁ କମଠ ଅହି କୋଲା । ଧରହୁ ଧରନି ଧରି ଧୀର ନ ଡୋଲା ॥**
**ରାମୁ ଚହହିଁ ସଂକର ଧନୁ ତୋରା । ହୋହୁ ସଜଗ ସୁନି ଆୟସୁ ମୋରା ॥ ୧ ॥**

"ହେ ଦିଗ୍‌ଗଜଗଣ ! ହେ କଚ୍ଛପ ! ହେ ଶେଷ ! ହେ ବରାହ ! ଧୈର୍ଯ୍ୟର ସହିତ ପୃଥିବୀକୁ ସମ୍ଭାଳି ଧର, ଯେପରି କି ପୃଥିବୀ ଦୋହଲି ନ ଯାଏ । ଶ୍ରୀରାମ ଶିବଧନୁ ଭାଙ୍ଗିବାକୁ ଚାହାଁନ୍ତି; ମୋ ଆଜ୍ଞା ଶୁଣି ସମସ୍ତେ ସାବଧାନ ହୋଇଯାଅ ।" ॥ ୧ ॥

**ଚାପ ସମୀପ ରାମୁ ଜବ ଆଏ । ନର ନାରିହ୍ନ ସୁର ସୁକୃତ ମନାଏ ॥**
**ସବ କର ସଂସଉ ଅରୁ ଅଗ୍ୟାନୂ । ମଂଦ ମହୀପହ୍ନ କର ଅଭିମାନୂ ॥ ୨ ॥**
**ଭୃଗୁପତି କେରି ଗରବ ଗରୁଆଈ । ସୁର ମୁନିବରହ୍ନ କେରି କଦରାଈ ॥**
**ସିୟ କର ସୋଚୁ ଜନକ ପଛିତାୱା । ରାନିହ୍ନ କର ଦାରୁନ ଦୁଖ ଦାୱା ॥ ୩ ॥**
**ସଂଭୁଚାପ ବଡ଼ ବୋହିତୁ ପାଈ । ଚଢ଼େ ଜାଇ ସବ ସଂଗୁ ବନାଈ ॥**
**ରାମ ବାହୁବଲ ସିଂଧୁ ଅପାରୂ । ଚହତ ପାରୁ ନହିଁ କୋଉ କଡ଼ହାରୂ ॥ ୪ ॥**

ଶ୍ରୀରାମ ଧନୁ ନିକଟକୁ ଆସିବାରୁ ସବୁ ନରନାରୀ ଦେବତାମାନଙ୍କୁ ମନାସିବା ସଙ୍ଗେ ସଙ୍ଗେ ନିଜ ନିଜର ପୁଣ୍ୟକୁ ସ୍ମରଣ କଲେ । ସମସ୍ତଙ୍କର ସନ୍ଦେହ ଓ ଅଜ୍ଞାନ, ନୀଚ ରାଜାମାନଙ୍କର ଅଭିମାନ, ପର୍ଶୁରାମଙ୍କ ଗର୍ବର ଗୁରୁତ୍ୱ, ଦେବତା ଓ ଶ୍ରେଷ୍ଠମୁନିମାନଙ୍କର ଭୟ, ସୀତାଙ୍କର ଚିନ୍ତା, ଜନକଙ୍କର ପଶ୍ଚାତ୍ତାପ ଏବଂ ରାଣୀଙ୍କର ଦାରୁଣ ଦୁଃଖଦାବାନଳ—ଏ ସମସ୍ତେ [ସତେ ଯେପରି] ଗୋଟିଏ ଦଳ ଗଢ଼ି, ଶିବଙ୍କ ଧନୁରୂପୀ ବିରାଟ ବୋଇତଟି ପାଇ ସେଥିରେ ଚଢ଼ିଥିଲେ । ସେମାନେ ଚାହୁଁଥିଲେ, ସେହି ବୋଇତରେ ବସି ଶ୍ରୀରାମଙ୍କ ଭୁଜବଳରୂପୀ ସମୁଦ୍ରକୁ ପାର ହୋଇଯିବେ; କିନ୍ତୁ ବୋଇତ ଚଳାଇବାପାଇଁ ସେମାନେ କୌଣସି ନାବିକ ପାଇଲେ ନାହିଁ ॥ ୪ ॥

ଦୋଃ- **ରାମ ବିଲୋକେ ଲୋଗ ସବ ଚିତ୍ର ଲିଖେ ସେ ଦେଖି ।**
**ଚିତଈ ସୀୟ କୃପାୟତନ ଜାନୀ ବିକଲ ବିସେଷି ॥ ୨୬୦ ॥**

ଶ୍ରୀରାମ ଲୋକମାନଙ୍କ ଆଡ଼କୁ ଚାହିଁଲେ । ତାଙ୍କୁ ସମସ୍ତେ ଚିତ୍ରାଙ୍କିତ ମୂର୍ତ୍ତି ପରି ଦେଖାଗଲେ । ତା'ପରେ କୃପାନିଧାନ ରାମ ସୀତାଙ୍କ ଆଡ଼କୁ ଚାହିଁଲେ । ସେ ଅନୁଭବ କଲେ, ସୀତା ବିଶେଷ ବ୍ୟାକୁଳ ହୋଇପଡ଼ିଛନ୍ତି ॥ ୨୬୦ ॥

**ଦେଖୀ ବିପୁଲ ବିକଲ ବୈଦେହୀ । ନିମିଷ ବିହାତ କଲପ ସମ ତେହୀ ॥**
**ତୃଷିତ ବାରି ବିନୁ ଜୋ ତନୁ ତ୍ୟାଗା । ମୁଏଁ କରଇ କା ସୁଧା ତଡ଼ାଗା ॥ ୧ ॥**

ସେ ଦେଖିଲେ, ଜାନକୀ ଅତ୍ୟନ୍ତ ବିକଳ ହେଉଛନ୍ତି । ତାଙ୍କର ଗୋଟିଏ ଗୋଟିଏ କ୍ଷଣ ଗୋଟିଏ ଗୋଟିଏ କଳ୍ପ ପରି ବିତୁଛି । ତୃଷାର୍ତ୍ତ ବ୍ୟକ୍ତି ଯଦି ଜଳବିନା ମରିଯାଏ, ତେବେ ତାର ମୃତଦେହ ଯାଇ ଅମୃତପୁଷ୍କରିଣୀରେ ପଡ଼ିଲେ ମଧ୍ୟ, ଲାଭ କ'ଣ ? ॥ ୧ ॥

**କା ବରଷା ସବ କୃଷୀ ସୁଖାନେଁ । ସମୟ ଚୁକେଁ ପୁନି କା ପଛିତାନେଁ ॥**
**ଅସ ଜିୟଁ ଜାନି ଜାନକୀ ଦେଖୀ । ପ୍ରଭୁ ପୁଲକେ ଲଖି ପ୍ରୀତି ବିସେଷୀ ॥ ୨ ॥**

କ୍ଷେତ ପୂରାପୂରି ଶୁଖିଯିବା ପରେ ବର୍ଷା ହେଲେ, ସେଥିରୁ କି ଲାଭ ମିଳିବ ! ସମୟ ବିତିଯିବା ପରେ ପଶ୍ଚାତ୍ତାପ କଲେ ଲାଭ କ'ଣ ! ହୃଦୟରେ ଏହା ଉପଲବ୍‌ଧି କରି ଶ୍ରୀରାମ ଜାନକୀଙ୍କୁ ଚାହିଁଲେ ଏବଂ ତାଙ୍କ ଠାରେ ବିଶେଷ ପ୍ରେମ ଲକ୍ଷ୍ୟ କରି ପୁଲକିତ ହୋଇଗଲେ ॥ ୨ ॥

**ଗୁରହି ପ୍ରନାମୁ ମନହିଁ ମନ କୀହ୍ନା । ଅତି ଲାଘଵଁ ଉଠାଇ ଧନୁ ଲୀହ୍ନା ॥**
**ଦମକେଉ ଦାମିନି ଜିମି ଜବ ଲୟଉ । ପୁନି ନଭ ଧନୁ ମଂଡଲ ସମ ଭୟଉ ॥ ୩ ॥**

ସେ ମନେ ମନେ ଗୁରୁଙ୍କୁ ପ୍ରଣାମ କଲେ ଏବଂ ଅବଲୀଳାକ୍ରମେ ଶିବଧନୁକୁ ଉଠାଇନେଲେ । ସେ ଧନୁକୁ ଟେକିଦେଉ ଦେଉ ତାହା ବିଜୁଳି ପରି ଚମକିଉଠିଲା ଏବଂ ଆକାଶରେ ମଣ୍ଡଳ ପରି (ମଣ୍ଡଳାକାର) ହୋଇଗଲା ॥ ୩ ॥

**ଲେତ ଚଢ଼ାଵତ ଖୈଁଚତ ଗାଢ଼େଁ । କାହୁଁ ନ ଲଖା ଦେଖ ସବୁ ଠାଢ଼େଁ ॥**
**ତେହିଁ ଛନ ରାମ ମଧ୍ୟ ଧନୁ ତୋରା । ଭରେ ଭୁଵନ ଧୁନି ଘୋର କଠୋରା ॥ ୪ ॥**

ତାଙ୍କ ଧନୁ ଉଠାଇବା, ଗୁଣ ଚଢ଼ାଇବା ଓ ଜୋରରେ ଗୁଣ ଟାଣିବା କାର୍ଯ୍ୟ କେହି ଲକ୍ଷ୍ୟ କରିପାରିଲେ ନାହିଁ (ଅର୍ଥାତ୍ ଏହି ତିନିଟିଯାକ କାର୍ଯ୍ୟ ସେ ଏତେ ଶୀଘ୍ର କରିଦେଲେ ଯେ, କେତେବେଳେ ଧନୁ ଉଠାଇଲେ, କେତେବେଳେ ସେଥିରେ ଗୁଣ ଚଢ଼ାଇଲେ ଓ କେତେବେଳେ ଜୋରରେ ଗୁଣ ଟାଣିଲେ, ତାହା କେହି ଦେଖିପାରିଲେ ନାହିଁ) ସମସ୍ତେ ଦେଖିଲେ, ଶ୍ରୀରାମ ଧନୁର ଗୁଣ ଟାଣିଧରି ଠିଆ ହୋଇଛନ୍ତି । ସେହିକ୍ଷଣି ଶ୍ରୀରାମ ଧନୁକୁ ମଝିରୁ ଦୁଇଖଣ୍ଡ କରି ଭାଙ୍ଗିଦେଲେ । ଧନୁ ଭାଙ୍ଗିବାର ଘୋର କଠୋର ନିନାଦରେ ସକଳ ଲୋକ ପୂରିଗଲା ॥ ୪ ॥

ଛନ୍ଦ- **ଭରେ ଭୁଵନ ଘୋର କଠୋର ରଵ ରବି ବାଜି ତଜି ମାରଗୁ ଚଲେ ।**
**ଚିକ୍‌କରହିଁ ଦିଗ୍‌ଗଜ ଡୋଲ ମହି ଅହି କୋଲ କୂରୁମ କଲମଲେ ॥**
**ସୁର ଅସୁର ମୁନି କର କାନ ଦୀହ୍ନେଁ ସକଲ ବିକଲ ବିଚାରହୀଁ ।**
**କୋଦଂଡ ଖଂଡେଉ ରାମ ତୁଲସୀ ଜୟତି ବଚନ ଉଚାରହୀଁ ॥**

ଘୋର କଠୋର ନିନାଦରେ ସକଳ ଲୋକ ପରିପୂର୍ଣ୍ଣ ହୋଇଗଲା । ସେହି ଶବ୍ଦରେ ସୂର୍ଯ୍ୟଙ୍କ ରଥର ଅଶ୍ୱମାନେ ପଥ ଛାଡ଼ି ଅନ୍ୟ ଆଡ଼େ ଧାଇଁଲେ; ଦିଗ୍‌ଗଜମାନେ ଗର୍ଜନ କଲେ; ପୃଥିବୀ ଥରିବାକୁ ଲାଗିଲା ; ଶେଷ, ବରାହ ଓ କଚ୍ଛପ ଅସ୍ତବ୍ୟସ୍ତ ହୋଇଗଲେ । ଦେବତା, ରାକ୍ଷସ ଓ ମୁନିମାନେ କାନରେ ହାତ ଦେଇ, ବିକଳ ହୋଇ, [ଘଟଣା କ'ଣ ବୋଲି ] ଚିନ୍ତିତ ହୋଇପଡ଼ିଲେ । ତୁଳସୀଦାସ କହୁଛନ୍ତି, ଯେତେବେଳେ ସମସ୍ତେ ଜାଣିଗଲେ ଯେ, ଶ୍ରୀରାମ ଧନୁ ଭାଙ୍ଗିଦେଲେ, ସେତେବେଳେ ସମସ୍ତେ ଶ୍ରୀରାମଙ୍କର ଜୟଧ୍ୱନି କରିବାକୁ ଲାଗିଲେ ॥

ସୋଃ- **ସଂକର ଚାପୁ ଜହାଜୁ ସାଗରୁ ରଘୁବର ବାହୁବଲୁ ।**
**ବୂଡ଼ ସୋ ସକଲ ସମାଜୁ ଚଢ଼ା ଜୋ ପ୍ରଥମହିଁ ମୋହ ବସ ॥ ୨୬୧ ॥**

ଶିବଙ୍କ ଧନୁ ହୋଇଥିଲା ବୋଇତ ଓ ଶ୍ରୀରାମଙ୍କ ଅପାର ଭୁଜବଳ ହୋଇଥିଲା ସମୁଦ୍ର । ମୋହବଶତଃ ଯେଉଁ ଲୋକେ (ଏହି ଲୋକଙ୍କ ବର୍ଣ୍ଣନା ୨୬୦ ଦୋହା ପରେ ରହିଛି) ସେହି ବୋଇତରେ ଚଢ଼ିଥିଲେ, [ଧନୁ ଭାଙ୍ଗିଯିବାରୁ] ସେହି ଲୋକେ ପୂରାପୂରି ସେହି ସମୁଦ୍ରରେ ବୁଡ଼ିଗଲେ ॥ ୨୬୧॥

**ପ୍ରଭୁ ଦୋଉ ଚାପଖଂଡ ମହି ଡାରେ । ଦେଖି ଲୋଗ ସବ ଭଏ ସୁଖାରେ ॥**
**କୌସିକରୂପ ପୟୋନିଧି ପାଵନ । ପ୍ରେମ ବାରି ଅଵଗାହୁ ସୁହାଵନ ॥ ୧ ॥**
**ରାମରୂପ ରାକେସୁ ନିହାରୀ । ବଢ଼ତ ବୀଚି ପୁଲକାଵଲି ଭାରୀ ॥**
**ବାଜେ ନଭ ଗହଗହେ ନିସାନା । ଦେଵବଧୂ ନାଚହିଁ କରି ଗାନା ॥ ୨ ॥**

ଧନୁକୁ ଦୁଇଖଣ୍ଡ କରିଦେଇ ପ୍ରଭୁ ତଳେ ପକାଇଦେବାରୁ ତାହା ଦେଖି ସମସ୍ତେ ଉଲ୍ଲସିତ ହୋଇଗଲେ । ରାମରୂପୀ ପୂର୍ଣ୍ଣଚନ୍ଦ୍ରଙ୍କୁ ଦର୍ଶନ କରି ପ୍ରେମରୂପୀ ସୁନ୍ଦର ଅଗାଧ ଜଳରେ ପରିପୂର୍ଣ୍ଣ ବିଶ୍ୱାମିତ୍ରରୂପୀ ପବିତ୍ର ସମୁଦ୍ରରେ ପୁଲକାବଳୀରୂପୀ ବଡ଼ ବଡ଼ ଲହରୀ ଉଠିବାକୁ ଲାଗିଲା । ଆକାଶରେ ଘୋର ନିନାଦରେ ନାଗରା ବାଜିବାକୁ ଲାଗିଲା ଓ ଦେବାଙ୍ଗନାମାନେ ଗୀତ ଗାଇ ନୃତ୍ୟ କରିବାକୁ ଲାଗିଲେ ॥ ୧-୨ ॥

**ବ୍ରହ୍ମାଦିକ ସୁର ସିଦ୍ଧ ମୁନୀସା । ପ୍ରଭୁହି ପ୍ରସଂସହିଁ ଦେହିଁ ଅସୀସା ॥**
**ବରିସହିଁ ସୁମନ ରଂଗ ବହୁ ମାଲା । ଗାୱହିଁ କିଂନର ଗୀତ ରସାଲା ॥ ୩ ॥**

ବ୍ରହ୍ମା ଆଦି ଦେବତା, ସିଦ୍ଧ ଓ ମୁନୀଶ୍ୱରଗଣ ପ୍ରଭୁଙ୍କୁ ପ୍ରଶଂସା କରି କରି ଆଶୀର୍ବାଦ ଦେବାକୁ ଲାଗିଲେ । ସେମାନେ ନାନାରଙ୍ଗର ପୁଷ୍ପ ଓ ପୁଷ୍ପମାଳା ବୃଷ୍ଟି କଲେ । କିନ୍ନରମାନେ ରସମୟ ସଙ୍ଗୀତ ଗାନ କଲେ ॥ ୩ ॥

**ରହୀ ଭୁୱନ ଭରି ଜୟ ଜୟ ବାନୀ । ଧନୁଷଭଂଗ ଧୁନି ଜାତ ନ ଜାନୀ ॥**
**ମୁଦିତ କହହିଁ ଜହଁ ତହଁ ନର ନାରୀ । ଭଂଜେଉ ରାମ ସଂଭୁଧନୁ ଭାରୀ ॥ ୪ ॥**

ସମଗ୍ର ବ୍ରହ୍ମାଣ୍ଡରେ ଜୟ-ଜୟକାର ଧ୍ୱନି ବ୍ୟାପିଗଲା । ତା'ଫଳରେ ଧନୁ ଭାଙ୍ଗିବାର ଧ୍ୱନି ତାହା ଭିତରେ କେତେବେଳେ ଯେ ବିଲୀନ ହୋଇଗଲା, ତାହା ଆଦୌ ଜଣା ପଡ଼ିଲା ନାହିଁ । ସ୍ତ୍ରୀପୁରୁଷମାନେ ସର୍ବତ୍ର ଆନନ୍ଦରେ କହିବୁଲିଲେ, "ଶ୍ରୀରାମ ବିଶାଳ ଶିବଧନୁ ଭାଙ୍ଗିଦେଲେ ।" ॥ ୪ ॥

ଦୋଃ- **ବଂଦୀ ମାଗଧ ସୂତଗନ ବିରୁଦ ବଦହିଁ ମତିଧୀର ।**
**କରହିଁ ନିଛାୱରି ଲୋଗ ସବ ହୟ ଗୟ ଧନ ମନି ଚୀର ॥ ୨୬୨ ॥**

ଧୀରବୁଦ୍ଧି ଭାଟ, ମାଗଧ ଓ ସୂତମାନେ ବିରୁଦାବଳୀ (କୀର୍ତ୍ତି) ଗାନ କଲେ । ଲୋକେ ଘୋଡ଼ା, ହାତୀ, ଧନ, ବସ୍ତ୍ର ଓ ମଣିମାଣିକ୍ୟ ଆଦି ଉତ୍ସର୍ଗ କଲେ ॥ ୨୬୨ ॥

**ଝାଁଝି ମୃଦଂଗ ସଂଖ ସହନାଈ । ଭେରି ଢୋଲ ଦୁଂଦୁଭୀ ସୁହାଈ ॥**
**ବାଜହିଁ ବହୁ ବାଜନେ ସୁହାଏ । ଜହଁ ତହଁ ଜୁବତିହ୍ନ ମଂଗଲ ଗାଏ ॥ ୧ ॥**


ଝାଞ୍ଜ, ମୃଦଙ୍ଗ, ଶଙ୍ଖ, ଭେରୀ, ମହୁରୀ, ଢୋଲ ଓ ନାଗରା ଆଦି ନାନାପ୍ରକାର ସୁନ୍ଦର ବାଦ୍ୟ ବାଜିବାକୁ ଲାଗିଲା । ଯୁବତୀମାନେ ସର୍ବତ୍ର ମଙ୍ଗଳ ଗୀତ ଗାନ କଲେ ॥ ୧ ॥

**ସଖିହ୍ନ ସହିତ ହରଷୀ ଅତି ରାନୀ । ସୂଖତ ଧାନ ପରା ଜନୁ ପାନୀ ॥**
**ଜନକ ଲହେଉ ସୁଖୁ ସୋଚୁ ବିହାଈ । ପୈରତ ଥକେଁ ଥାହ ଜନୁ ପାଈ ॥ ୨ ॥**

ସଖୀମାନଙ୍କ ସହିତ ରାଣୀ ଅତ୍ୟନ୍ତ ଆନନ୍ଦିତା ହୋଇଗଲେ; ତାହା ଦେଖି ମନେହେଲା, ସତେ ଯେପରି ଶୁଖିଆସୁଥିବା ଧାନକ୍ଷେତରେ ଜଳ ବୃଷ୍ଟି ହେଲା । ଜନକ ଚିନ୍ତା ତ୍ୟାଗ କରି ସୁଖ ପାଇଲେ । ତାଙ୍କୁ ଦେଖି ମନେହେଲା, ପହଁରି ପହଁରି ଥକିଯାଉଥିବାବେଳେ ସେ ଯେପରି ଥଳକୂଳ ପାଇଯାଇଛନ୍ତି ॥ ୨ ॥

**ଶ୍ରୀହତ ଭଏ ଭୂପ ଧନୁ ଟୂଟେ । ଜୈସେଁ ଦିୱସ ଦୀପ ଛବି ଛୂଟେ ॥**
**ସୀୟ ସୁଖହି ବରନିଅ କେହି ଭାଁତୀ । ଜନୁ ଚାତକୀ ପାଇ ଜଲୁ ସ୍ୱାତୀ ॥ ୩ ॥**

ଦିନବେଳେ ଦୀପର ଶୋଭା ଯେପରି ମଉଳିଯାଏ, ଧନୁ ଭାଙ୍ଗିଯିବା ପରେ ରାଜାମାନେ ସେହିପରି ହତପ୍ରଭ ହୋଇଗଲେ । ସୀତାଙ୍କ ସୁଖ ବା କିପରି ବର୍ଣ୍ଣନା କରାଯିବ ! ତାଙ୍କୁ ଦେଖି ମନେହେଲା, ସତେ ଯେପରି ଚାତକୀ ସ୍ୱାତୀନକ୍ଷତ୍ରର ଜଳ ପାଇଗଲା ॥ ୩ ॥




ଶ୍ରୀରାମଙ୍କୁ ସୀତାଙ୍କର ବରଣମାଳା ପ୍ରଦାନ

**ରାମହି ଲଖନୁ ବିଲୋକତ କୈସେଁ । ସସିହି ଚକୋର କିସୋରକୁ ଜୈସେଁ ॥**
**ସତାନଂଦ ତବ ଆୟସୁ ଦୀହ୍ନା । ସୀତାଁ ଗମନୁ ରାମ ପହିଁ କୀହ୍ନା ॥ ୪ ॥**

ଲକ୍ଷ୍ମଣ ଶ୍ରୀରାମଙ୍କୁ କିପରି ଚାହିଁ ରହିଲେ, ଜାଣନ୍ତି ? ଚାହିଁ ରହିଲେ, ଚକୋରଶାବକ ଯେପରି ଚନ୍ଦ୍ରମାକୁ ଚାହିଁରହେ, ସେହିପରି । ଶତାନନ୍ଦଙ୍କ ଆଜ୍ଞା ପାଇ ସୀତା ଶ୍ରୀରାମଙ୍କ ନିକଟକୁ ଗମନ କଲେ ॥ ୪ ॥

ଦୋଃ- **ସଂଗ ସଖୀଁ ସୁଂଦର ଚତୁର ଗାୱହିଁ ମଂଗଲଚାର ।**
**ଗୱନୀ ବାଲ ମରାଲ ଗତି ସୁଷମା ଅଂଗ ଅପାର ॥ ୨୬୩ ॥**

ମଙ୍ଗଳଗୀତ ଗାଇ ଗାଇ ସୁନ୍ଦରୀ ଚତୁରୀ ସଖୀମାନେ ତାଙ୍କ ସହିତ ଚାଲିଲେ । ସୀତା ବାଳହଂସୀଗତିରେ ଚାଲିଥାନ୍ତି; ତାଙ୍କ ଅଙ୍ଗରେ ଅପାର ଶୋଭା ଝଟକୁଥାଏ ॥ ୨୬୩ ॥

**ସଖିହ୍ନ ମଧ୍ୟ ସିୟ ସୋହତି କୈସେଁ । ଛବିଗନ ମଧ୍ୟ ମହାଛବି ଜୈସେଁ ॥**
**କର ସରୋଜ ଜୟମାଲ ସୁହାଈ । ବିସ୍ୱ ବିଜୟ ସୋଭା ଜେହିଁ ଛାଈ ॥ ୧ ॥**

ସଖୀମାନଙ୍କ ମଧ୍ୟରେ ସୀତା କିପରି ଶୋଭା ପାଉଥାନ୍ତି ?—ଶୋଭା ପାଉଥାନ୍ତି, ବହୁ ଛବିର ସମାବେଶ ମଧ୍ୟରେ ଶ୍ରେଷ୍ଠ ଛବିଟିଏ ପରି । କରକମଳରେ ଯେଉଁ ସୁନ୍ଦର ଜୟମାଳା (ବରଣମାଳା) ଧରିଥାନ୍ତି, ସେଥିରେ ବିଶ୍ୱବିଜୟୀ ଶୋଭା ଠୁଳ ହୋଇ ରହିଥାଏ ॥ ୧ ॥

**ତନ ସକୋଚୁ ମନ ପରମ ଉଛାହୂ । ଗୂଢ଼ ପ୍ରେମୁ ଲଖି ପରଇ ନ କାହୂ ॥**
**ଜାଇ ସମୀପ ରାମ ଛବି ଦେଖୀ । ରହି ଜନୁ କୁଅଁରି ଚିତ୍ର ଅୱରେଖୀ ॥ ୨ ॥**

ସୀତାଙ୍କ ଅଙ୍ଗଭଙ୍ଗୀରେ ଥାଏ ସଂକୋଚ (ଲଜ୍ଜା); କିନ୍ତୁ ମନରେ ଥାଏ ପରମ ଉତ୍ସାହ । ତାଙ୍କ ମନର ଏହି ଗୁପ୍ତପ୍ରେମ କାହାରିକୁ ଜଣାପଡୁ ନ ଥାଏ । ନିକଟକୁ ଯାଇ, ଶ୍ରୀରାମଙ୍କ ଶୋଭା ଦର୍ଶନ କରି ରାଜକୁମାରୀ ସୀତା ଚିତ୍ରପ୍ରତିମା ପରି ସ୍ତବ୍ଧ ହୋଇ ରହିଗଲେ ॥ ୨ ॥

**ଚତୁର ସଖୀଁ ଲଖି କହା ବୁଝାଈ । ପହିରାୱହୁ ଜୟମାଲ ସୁହାଈ ॥**
**ସୁନତ ଜୁଗଲ କର ମାଲ ଉଠାଈ । ପ୍ରେମ ବିବସ ପହିରାଇ ନ ଜାଈ ॥ ୩ ॥**

ତାଙ୍କର ଏହି ସ୍ଥିତି ଲକ୍ଷ୍ୟ କରି, ଜଣେ ଚତୁରୀ ସଖୀ ଯାଇ ବୁଝାଇ କହିଦେଲା, "ତାଙ୍କୁ ସୁନ୍ଦର ବରଣମାଳାଟି ପିନ୍ଧାଇଦିଅ ।" [ସଖୀକଥା ଶୁଣି] ସୀତା ଦୁଇ ହାତରେ ମାଳା ଉଠାଇଲେ; କିନ୍ତୁ ପ୍ରେମରେ ବିହ୍ୱଳ ହୋଇ ସେ ମାଳା ପିନ୍ଧାଇପାରୁ ନ ଥାନ୍ତି ॥ ୩ ॥

**ସୋହତ ଜନୁ ଜୁଗ ଜଲଜ ସନାଲା । ସସିହି ସଭୀତ ଦେତ ଜୟମାଲା ॥**
**ଗାୱହିଁ ଛବି ଅୱଲୋକି ସହେଲୀ । ସିୟଁ ଜୟମାଲ ରାମ ଉର ମେଲୀ ॥ ୪ ॥**

ତାଙ୍କର ଦୁଇ ହାତ ଏପରି ସୁଶୋଭିତ ହୋଇଥାଏ ଯେ, ଦେଖି ମନେ ହେଉଥାଏ, ସତେ ଯେପରି ବୃନ୍ତସମେତ ଦୁଇଟି ପଦ୍ମଫୁଲ ଉଠି ଭୟସହକାରେ ଚନ୍ଦ୍ରମାକୁ ଜୟମାଳା ଦେବାକୁ ବସିଛି । ସେହି ସୁନ୍ଦର ଦୃଶ୍ୟ ଦେଖି ସଖୀମାନେ ଗୀତ ଗାଇବାକୁ ଲାଗିଲେ । ଇତିମଧ୍ୟରେ ସୀତା ଶ୍ରୀରାମଙ୍କ ଗଳାରେ ବରଣମାଳା ପିନ୍ଧାଇଦେଲେ ॥ ୪ ॥

ସୋଃ- **ରଘୁବର ଉର ଜୟମାଲ ଦେଖି ଦେୱ ବରିସହିଁ ସୁମନ ।**
**ସକୁଚେ ସକଲ ଭୁଆଲ ଜନୁ ବିଲୋକି ରବି କୁମୁଦଗନ ॥ ୨୬୪ ॥**

ଶ୍ରୀରଘୁନାଥଙ୍କ ବକ୍ଷରେ ବରଣମାଳା ଦେଖି ଦେବତାମାନେ ପୁଷ୍ପବୃଷ୍ଟି କଲେ । ସୂର୍ଯ୍ୟଙ୍କୁ ଦେଖି କଇଁଫୁଲ ମଉଳିଯିବା ପରି ସମସ୍ତ ରାଜା ହତପ୍ରଭ ହୋଇଗଲେ, ॥ ୨୬୪ ॥

**ପୁର ଅରୁ ବ୍ୟୋମ ବାଜନେ ବାଜେ । ଖଲ ଭଏ ମଲିନ ସାଧୁ ସବ ରାଜେ ॥**
**ସୁର କିଂନର ନର ନାଗ ମୁନୀସା । ଜୟ ଜୟ ଜୟ କହି ଦେହିଁ ଅସୀସା ॥ ୧ ॥**

ନଗରରେ ଓ ଆକାଶରେ ବିଭିନ୍ନ ବାଦ୍ୟ ବାଜିଉଠିଲା । ଦୁଷ୍ଟମାନେ ବିଷଣ୍ଣ ଜଣାପଡ଼ିଲେ ଏବଂ ସଜ୍ଜନମାନେ ପ୍ରସନ୍ନ ହେଲେ । ଦେବତା, କିନ୍ନର, ମନୁଷ୍ୟ, ନାଗ ଓ ମୁନୀଶ୍ୱରଗଣ ଜୟ ଜୟକାର କରି ଆଶୀର୍ବାଦ ଦେବାକୁ ଲାଗିଲେ ॥ ୧ ॥

**ନାଚହିଁ ଗାୱହିଁ ବିବୁଧ ବଧୂଟୀଁ । ବାର ବାର କୁସୁମାଂଜଲି ଛୂଟୀଁ ॥**
**ଜହଁ ତହଁ ବିପ୍ର ବେଦଧୁନି କରହୀଁ । ବଂଦୀ ବିରିଦାୱଲି ଉଚ୍ଚରହୀଁ ॥ ୨ ॥**

ଦେବାଙ୍ଗନାମାନେ ନୃତ୍ୟଗୀତରେ ମାତିଲେ । ବାରମ୍ବାର ପୁଷ୍ପାଞ୍ଜଳି ବୃଷ୍ଟି ହେଲା । ଚତୁର୍ଦ୍ଦିଗରେ ବ୍ରାହ୍ମଣମାନେ ବେଦଧ୍ୱନି କଲେ ଏବଂ ଭାଟମାନେ ବିରୁଦାବଳି ଗାନ କଲେ ॥ ୨ ॥

**ମହି ପାତାଲ ନାକ ଜସୁ ବ୍ୟାପା । ରାମ ବରୀ ସିୟ ଭଂଜେଉ ଚାପା ॥**
**କରହିଁ ଆରତୀ ପୁର ନର ନାରୀ । ଦେହିଁ ନିଛାୱରି ବିତ୍ତ ବିସାରୀ ॥ ୩ ॥**

ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ–ତିନିଲୋକରେ ଯଶ ବ୍ୟାପିଗଲା ଯେ, ଶ୍ରୀରାମ ଶିବଧନୁ ଭାଙ୍ଗିଦେଲେ ଏବଂ ସୀତାଙ୍କୁ ବରଣ କଲେ । ନଗରର ନରନାରୀ ସୀତା-ରାମଙ୍କୁ ଆରତି କରିବାକୁ ଲାଗିଲେ ଏବଂ ନିଜର ସାମର୍ଥ୍ୟ ଭୁଲିଯାଇ ପ୍ରଚୁର ଧନ ଉତ୍ସର୍ଗ କଲେ (ବନ୍ଦାଣ ଦେଲେ) ॥ ୩ ॥

**ସୋହତି ସୀୟ ରାମ କୈ ଜୋରୀ । ଛବି ସିଂଗାରୁ ମନହୁଁ ଏକ ଠୋରୀ ॥**
**ସଖୀଁ କହହିଁ ପ୍ରଭୁପଦ ଗହୁ ସୀତା । କରତି ନ ଚରନ ପରସ ଅତି ଭୀତା ॥ ୪ ॥**

ସୀତାରାମଙ୍କ ଯୋଡ଼ି ଏପରି ଶୋଭା ପାଉଥାଏ ଯେ, ମନେହେଉଥାଏ, ସତେ ଯେପରି ସୌନ୍ଦର୍ଯ୍ୟ ଓ ଶୃଙ୍ଗାରରସ ଆସି ଏକତ୍ର ହୋଇଯାଇଛନ୍ତି । ସଖୀମାନେ କହୁଥାନ୍ତି, "ସୀତେ ! ସ୍ୱାମୀଙ୍କ ଚରଣ ଛୁଅଁ;" କିନ୍ତୁ ସୀତା ଅତ୍ୟନ୍ତ ଭୟଭୀତା ହୋଇ ତାଙ୍କ ଚରଣ ଛୁଉଁ ନ ଥାନ୍ତି ॥ ୪ ॥

ଦୋ:- **ଗୌତମ ତିୟ ଗତି ସୁରତି କରି ନହିଁ ପରସତି ପଗ ପାନି ।**
**ମନ ବିହସେ ରଘୁବଂସମନି ପ୍ରୀତି ଅଲୌକିକ ଜାନି ॥ ୨୬୫ ॥**

ଗୌତମପତ୍ନୀ ଅହଲ୍ୟାଙ୍କ ଗତି ସ୍ମରଣ କରି ସୀତା ଶ୍ରୀରାମଙ୍କ ଚରଣକୁ ହାତରେ ସ୍ପର୍ଶ କରୁ ନ ଥାନ୍ତି । ସୀତାଙ୍କର ଅଲୌକିକ ପ୍ରୀତି ଜାଣି ରଘୁକୁଳମଣି ଶ୍ରୀରାମ ମନେ ମନେ ହସିଲେ ॥ ୨୬୫ ॥

**ତବ ସିୟ ଦେଖି ଭୂପ ଅଭିଲାଷେ । କୂର କପୂତ ମୂଢ଼ ମନ ମାଖେ ॥**
**ଉଠି ଉଠି ପହିରି ସନାହ ଅଭାଗେ । ଜହଁ ତହଁ ଗାଲ ବଜାୱନ ଲାଗେ ॥ ୧ ॥**

ସେତେବେଳେ ସୀତାଙ୍କୁ ଦେଖି କେତେକ ରାଜା ଲାଳାୟିତ ହୋଇଗଲେ । ସେହି ଦୁଷ୍ଟ କୁପୁତ୍ର ମୂଢ଼ମାନେ ମନେ ମନେ ଈର୍ଷାନ୍ୱିତ ହୋଇଗଲେ । ସେହି ଅଭାଗାମାନେ କବଚ ପିନ୍ଧି ଜଣ ଜଣ କରି ଉଠିପଡ଼ି [ଯାହା' ତା' ଆଗରେ] ନିଜର ବଡ଼ିମା ଦେଖାଇହେଲେ ॥ ୧ ॥

**ଲେହୁ ଛଡ଼ାଇ ସୀୟ କହ କୋଊ । ଧରି ବାଁଧହୁ ନୃପ ବାଲକ ଦୋଊ ॥**
**ତୋରେଁ ଧନୁଷୁ ଚାଡ଼ ନହିଁ ସରଈ । ଜୀୱତ ହମହି କୁଅଁରି କୋ ବରଈ ॥ ୨ ॥**

କିଏ କହିଲା, "ସୀତାକୁ ଛଡାଇଆଣି, ସେହି ଦୁଇ ରାଜକୁମାରଙ୍କୁ ଧରି ବାନ୍ଧିପକାଅ ! ଖାଲି ଧନୁ ଭାଙ୍ଗିଦେଲେ ଚଳିବ ନାହିଁ । ଆମେ ବଞ୍ଚିଥାଉ ଥାଉ, ରାଜକୁମାରୀକୁ କିଏ ବାହା ହୋଇଯିବ, ଦେଖିବା ॥ ୨ ॥

**ଜୌଁ ବିଦେହୁ କଛୁ କରୈ ସହାଈ । ଜୀତହୁ ସମର ସହିତ ଦୋଉ ଭାଈ ॥**
**ସାଧୁ ଭୂପ ବୋଲେ ସୁନି ବାନୀ । ରାଜସମାଜହି ଲାଜ ଲଜାନୀ ॥ ୩ ॥**

ଯଦି ଜନକ ଆସି ସେମାନଙ୍କୁ ସାହା ହେବେ, ତେବେ ଯୁଦ୍ଧ କରି ଦୁଇଭାଇଙ୍କ ସହିତ ତାଙ୍କୁ ବି ପରାସ୍ତ କରିଦେବା ।" ଏସବୁ କଥା ଶୁଣି ଭଲ ଭଲ ରାଜାମାନେ କହିଲେ, "ଏହି ନିର୍ଲଜ୍ଜ ରାଜସମାଜକୁ ଦେଖି ଲଜ୍ଜାକୁ ବି ଲାଜ ଲାଗୁଥିବ ॥ ୩ ॥

**ବଲୁ ପ୍ରତାପୁ ବୀରତା ବଡ଼ାଈ । ନାକ ପିନାକହି ସଂଗ ସିଧାଈ ॥**
**ସୋଇ ସୂରତା କି ଅବ କହୁଁ ପାଈ । ଅସି ବୁଧି ତୌ ବିଧି ମୁହଁ ମସି ଲାଈ ॥ ୪ ॥**

ଆରେ ! ତୁମ ବଳ, ପ୍ରତାପ, ବୀରତ୍ୱ, ବଡ଼ିମା ଓ ପ୍ରତିଷ୍ଠା ତ ଧନୁ ଭାଙ୍ଗିବା ସହିତ ଚାଲିଗଲା । ତୁମର ବୀରତ୍ୱ ସେତିକି, ନା ଏବେ ଆଉ କିଛି କେଉଁଠୁ ମିଳିଗଲା ? ଏହିପରି ଦୁଷ୍ଟବୁଦ୍ଧି ହେତୁ ତ ବିଧାତା ତୁମ ମୁହଁରେ କାଳି ବୋଳିଦେଲା ॥ ୪ ॥

ଦୋଃ- **ଦେଖହୁ ରାମହି ନୟନ ଭରି ତଜି ଇରିଷା ମଦୁ କୋହୁ ।**
**ଲଖନ ରୋଷୁ ପାୱକୁ ପ୍ରବଲ ଜାନି ସଲଭ ଜନି ହୋହୁ ॥ ୨୬୬ ॥**

ଈର୍ଷା, ଅହଂକାର ଓ କ୍ରୋଧ ଛାଡ଼ିଦେଇ ଆଖି ପୂରାଇ ଶ୍ରୀରାମଙ୍କ ଛବିକୁ ଦେଖ । ଲକ୍ଷ୍ମଣଙ୍କ କ୍ରୋଧକୁ ପ୍ରବଳ ଅଗ୍ନି ବୋଲି ଜାଣ; ସେଥିରେ ତୁମେମାନେ ପତଙ୍ଗ ହୋଇଯାଅନା ॥ ୨୬୬ ॥

**ବୈନତେୟ ବଲି ଜିମି ଚହ କାଗୂ । ଜିମି ସସୁ ଚହୈ ନାଗ ଅରି ଭାଗୂ ॥**
**ଜିମି ଚହ କୁସଲ ଅକାରନ କୋହୀ । ସବ ସଂପଦା ଚହୈ ସିୱଦ୍ରୋହୀ ॥ ୧ ॥**
**ଲୋଭୀ ଲୋଲୁପ କଲ କୀରତି ଚହଈ । ଅକଲଂକତା କି କାମୀ ଲହଈ ॥**
**ହରି ପଦ ବିମୁଖ ପରମ ଗତି ଚାହା । ତସ ତୁହ୍ମାର ଲାଲଚୁ ନରନାହା ॥ ୨ ॥**

କୁଆ ଗରୁଡ଼ର ଖାଦ୍ୟରୁ ଭାଗ ଚାହିଁବା, ଠେକୁଆ ସିଂହଠାରୁ ଭାଗ ଚାହିଁବା, ଅକାରଣ କ୍ରୋଧ କରୁଥିବା ଲୋକ ନିଜର ମଙ୍ଗଳ ଚାହିଁବା, ଶିବଦ୍ରୋହୀ ସକଳ ସମ୍ପଦ ଚାହିଁବା, ଲୋଭୀ ଓ ଲୋଲୁପ ବ୍ୟକ୍ତି ସୁନ୍ଦର କୀର୍ତ୍ତି ଚାହିଁବା, କାମୁକ ପୁରୁଷ ନିଷ୍କଳଙ୍କତା ଚାହିଁବା, ଶ୍ରୀହରିଙ୍କ ଚରଣରେ ବିମୁଖ ପୁରୁଷ ପରମଗତି (ମୋକ୍ଷ) ଚାହିଁବା– ଏସବୁ ଯେପରି ବ୍ୟର୍ଥ, ହେ ରାଜାଗଣ ! ତୁମମାନଙ୍କର ସୀତାଙ୍କୁ ପାଇବା ଲାଳସା ମଧ୍ୟ ସେହିପରି ବ୍ୟର୍ଥ ।"॥୧, ୨॥

**କୋଲାହଲୁ ସୁନି ସୀୟ ସକାନୀ । ସଖୀଁ ଲୱାଇ ଗଈଁ ଜହଁ ରାନୀ ॥**
**ରାମୁ ସୁଭାୟଁ ଚଲେ ଗୁରୁ ପାହୀଁ । ସିୟ ସନେହୁ ବରନତ ମନ ମାହୀଁ ॥ ୩ ॥**

ଏପରି କୋଳାହଳ ଶୁଣି ସୀତା ଶଙ୍କିତା ହୋଇଗଲେ । ତେଣୁ ସଖୀମାନେ ତାଙ୍କୁ ରାଣୀ ସୁନୟନାଙ୍କ ପାଖକୁ ନେଇଗଲେ । ମନଭିତରେ ସୀତାଙ୍କ ପ୍ରେମ ଗୁଣି ଗୁଣି ଶ୍ରୀରାମ ସ୍ୱାଭାବିକଗତିରେ ଗୁରୁଙ୍କ ନିକଟକୁ ଚାଲିଲେ ॥ ୩ ॥

**ରାନିହ୍ନ ସହିତ ସୋଚବସ ସୀୟା । ଅବ ଧୌଁ ବିଧିହି କାହ କରନୀୟା ॥**
**ଭୂପ ବଚନ ସୁନି ଇତ ଉତ ତକହୀଁ । ଲଖନୁ ରାମ ଡର ବୋଲି ନ ସକହୀଁ ॥ ୪ ॥**

[ଦୁଷ୍ଟ ରାଜାମାନଙ୍କ ଦୁର୍ବଚନ] ଶୁଣି ରାଣୀ ଓ ସୀତା ଉଭୟ 'ଏବେ ବିଧାତା କ'ଣ କରିବ ଟି !' ବୋଲି ଚିନ୍ତାରେ ପଡ଼ିଗଲେ । ରାଜାମାନଙ୍କ କଥା ଶୁଣି ଲକ୍ଷ୍ମଣ ଆଖି ତରାଟି ଚାରିଆଡ଼କୁ ଚାହୁଁଥାନ୍ତି; କିନ୍ତୁ ରାମଙ୍କ ଭୟରେ କିଛି କହିପାରୁ ନ ଥାନ୍ତି ॥ ୪ ॥

ଦୋ:- **ଅରୁନ ନୟନ ଭୃକୁଟୀ କୁଟିଲ ଚିତୱତ ନୃପହ୍ନ ସକୋପ ।**
**ମନହୁଁ ମତ୍ତ ଗଜଗନ ନିରଖି ସିଂଘକିସୋରହି ଚୋପ ॥ ୨୬୭ ॥**

ତାଙ୍କ ନେତ୍ର ରକ୍ତବର୍ଣ୍ଣ ହୋଇଗଲା; ଭ୍ରୂଲତା ବକ୍ର ଦିଶିଲା; ସେ କ୍ରୋଧିତ ହୋଇ ରାଜାମାନଙ୍କୁ ଚାହିଁଲେ । ମନେହେଲା, ମଦମତ୍ତ ହସ୍ତୀମାନଙ୍କ ପଲକୁ ଦେଖି ସିଂହଶିଶୁମନରେ ବିପୁଳ ଉତ୍ସାହ ଆସିଗଲା କି ! ॥ ୨୬୭ ॥

**ଖରଭରୁ ଦେଖି ବିକଲ ପୁର ନାରୀଁ । ସବ ମିଲି ଦେହିଁ ମହୀପହ୍ନ ଗାରୀଁ ॥**
**ତେହିଁ ଅୱସର ସୁନି ସିୱଧନୁ ଭଂଗା । ଆୟଉ ଭୃଗୁକୁଲ କମଲ ପତଂଗା ॥ ୧ ॥**

କୋଳାହଳ ଦେଖି ଜନକପୁରୀର ନାରୀମାନେ ବ୍ୟାକୁଳ ହୋଇଗଲେ; ସମସ୍ତେ ମିଶି ଖଳରାଜାମାନଙ୍କୁ ଗାଳି ଦେବାକୁ ଲାଗିଲେ । ଠିକ୍ ଏତିକିବେଳେ ଶିବଧନୁ ଭାଙ୍ଗିବାର ଶବ୍ଦ ଶୁଣି ଭୃଗୁକୁଳକମଳର ସୂର୍ଯ୍ୟ ପର୍ଶୁରାମ ଆସି ସେଠାରେ ପହଞ୍ଚିଗଲେ ॥ ୧ ॥

**ଦେଖି ମହୀପ ସକଲ ସକୁଚାନେ । ବାଜ ଝପଟ ଜନୁ ଲୱା ଲୁକାନେ ॥**
**ଗୌରି ସରୀର ଭୂତି ଭଲ ଭ୍ରାଜା । ଭାଲ ବିସାଲ ତ୍ରିପୁଂଡ ବିରାଜା ॥ ୨ ॥**

ବାଜପକ୍ଷୀ ଝାମ୍ପ ମାରିଲେ ଗୁଣ୍ଡୁରୀ ଚଢ଼େଇ ଯେପରି ଭୟରେ ଲୁଚିଯାଏ, ତାଙ୍କୁ ଦେଖୁ ଦେଖୁ ସବୁ ରାଜା ସେହିପରି ଭୟଭୀତ ହୋଇଗଲେ । ତାଙ୍କର ଗୌରଶରୀର ଉପରେ ମନୋହର ବିଭୂତି ଭୂଷିତ ହୋଇଥାଏ ଏବଂ ବିଶାଳ ଲଲାଟରେ ତ୍ରିପୁଣ୍ଡ୍ର ଶୋଭା ପାଉଥାଏ ॥ ୨ ॥

**ସୀସ ଜଟା ସସିବଦନୁ ସୁହାୱା । ରିସ ବସ କଛୁକ ଅରୁନ ହୋଇ ଆୱା ॥**
**ଭୃକୁଟୀ କୁଟିଲ ନୟନ ରିସ ରାତେ । ସହଜହୁଁ ଚିତୱତ ମନହୁଁ ରିସାତେ ॥ ୩ ॥**

ଶିରରେ ଜଟା । ସୁନ୍ଦର ମୁଖଚନ୍ଦ୍ର କ୍ରୋଧ ହେତୁ ଈଷତ୍ ରକ୍ତବର୍ଣ୍ଣ ହୋଇଆସିଥାଏ । ଭ୍ରୂଲତା କୁଟିଳ ଏବଂ ନୟନ ରୋଷ ହେତୁ ଲାଲ୍ ହୋଇଯାଇଥାଏ । ସେ ସହଜସ୍ୱାଭାବିକ ଭଙ୍ଗୀରେ ଚାହୁଁଥିଲେ ମଧ୍ୟ ସେଥିରୁ କ୍ରୋଧର ସୂଚନା ମିଳିଯାଉଥାଏ ॥ ୩ ॥

**ବୃଷଭ କଂଧ ଉର ବାହୁ ବିସାଲା । ଚାରୁ ଜନେଉ ମାଲ ମୃଗଛାଲା ॥**
**କଟି ମୁନିବସନ ତୂନ ଦୁଇ ବାଁଧେଁ । ଧନୁ ସର କର କୁଠାରୁ କଲ କାଁଧେଁ ॥ ୪ ॥**

ବୃଷସ୍କନ୍ଧସମାନ ଉନ୍ନତ ଓ ପୁଷ୍ଟ ସ୍କନ୍ଧ । ବିଶାଳ ବକ୍ଷ ଓ ଭୁଜ । ସୁନ୍ଦର ଯଜ୍ଞୋପବୀତ, ରୁଦ୍ରାକ୍ଷମାଳା ଓ ମୃଗଚର୍ମ ପିନ୍ଧିଥାନ୍ତି । କଟିରେ ମୁନିସୁଲଭ ବସ୍ତ୍ର (ବଲ୍‌କଲ) ଏବଂ ଦୁଇଟି ତୂଣୀର ବନ୍ଧା ଯାଇଥାଏ । ହସ୍ତରେ ଧନୁର୍ବାଣ ଓ ସୁନ୍ଦର ସ୍କନ୍ଧରେ ବିରାଟ ଫାର୍ଶା ଧାରଣ କରିଥାନ୍ତି ॥ ୪ ॥

ଦୋ:- **ସାଂତ ବେଷୁ କରନୀ କଠିନ ବରନି ନ ଜାଇ ସରୂପ ।**
**ଧରି ମୁନି ତନୁ ଜନୁ ବୀର ରସୁ ଆୟଉ ଜହଁ ସବ ଭୂପ ॥ ୨୬୮ ॥**

ଶାନ୍ତ ବେଶ; କିନ୍ତୁ କାର୍ଯ୍ୟ ବଡ଼ କଠୋର । ତାଙ୍କ ସ୍ୱରୂପର ବର୍ଣ୍ଣନା କରି ହେବ ନାହିଁ । ସତେ ଯେପରି, ସାକ୍ଷାତ୍ ବୀରରସହିଁ ମୁନିଶରୀର ଧାରଣ କରିଥାଏ । ଯେଉଁଠି ରାଜାମାନେ ଠୁଳ ହୋଇଥିଲେ, ସେ ଠିକ୍ ସେଇଠିକି ଚାଲିଆସିଲେ ॥ ୨୬୮ ॥

**ଦେଖତ ଭୃଗୁପତି ବେଷୁ କରାଲା । ଉଠେ ସକଲ ଭୟ ବିକଲ ଭୁଆଲା ॥**
**ପିତୁ ସମେତ କହି କହି ନିଜ ନାମା । ଲଗେ କରନ ସବ ଦଂଡ ପ୍ରନାମା ॥ ୧ ॥**

ପର୍ଶୁରାମଙ୍କ ଭୀଷଣ ରୂପ ଦେଖି ରାଜାମାନେ ଭୟରେ କାତର ହୋଇ ଠିଆ ହୋଇଗଲେ ଏବଂ ପିତାଙ୍କ ନାମ ସହିତ ନିଜ ନିଜର ନାମ କହି (ନିଜ ନିଜର ପରିଚୟ ଦେଇ) ସମସ୍ତେ ତାଙ୍କୁ ଦଣ୍ଡବତ୍ ପ୍ରଣାମ କଲେ ॥ ୧ ॥

**ଜେହି ସୁଭାୟଁ ଚିତଓ୍ୱହିଁ ହିତୁ ଜାନୀ । ସୋ ଜାନଇ ଜନୁ ଆଇ ଖୁଟାନୀ ॥**
**ଜନକ ବହୋରି ଆଇ ସିରୁ ନାଓ୍ୱା । ସୀୟ ବୋଲାଇ ପ୍ରନାମୁ କରାଓ୍ୱା ॥ ୨ ॥**

ପର୍ଶୁରାମ ହିତ ଇଚ୍ଛାରେ ବା ସ୍ୱାଭାବିକ ରୀତିରେ ଯାହାକୁ ଚାହିଁଦେଲେ, ସେ ବି ଭାବିଲା, 'ମୋ ଆୟୁଷ ପୂରିଗଲା ।' ଜନକ ଆସି ତାଙ୍କୁ ପ୍ରଣାମ କଲେ ଏବଂ ସୀତାଙ୍କୁ ଆଣି ପ୍ରଣାମ କରାଇଲେ ॥ ୨ ॥

**ଆସିଷ ଦୀହ୍ନି ସଖୀଁ ହରଷାନୀଁ । ନିଜ ସମାଜ ଲୈ ଗଈଁ ସୟାନୀଁ ॥**
**ବିସ୍ୱାମିତ୍ରୁ ମିଲେ ପୁନି ଆଈ । ପଦ ସରୋଜ ମେଲେ ଦୋଉ ଭାଈ ॥ ୩ ॥**

ପର୍ଶୁରାମ ସୀତାଙ୍କୁ ଆଶୀର୍ବାଦ ଦେଲେ । ସଖୀମାନେ ଖୁସୀ ହେଲେ ଏବଂ ସେଠାରେ ବେଶୀ ସମୟ ରହିବା ଠିକ୍ ହେବ ନାହିଁ ଜାଣି ସେହି ଚତୁରୀ ସଖୀମାନେ ସୀତାଙ୍କୁ ଧରି ଆପଣା ମଣ୍ଡଳୀକୁ ଚାଲିଗଲେ । ତା'ପରେ ବିଶ୍ୱାମିତ୍ର ଆସି ସାକ୍ଷାତ୍ କଲେ ଏବଂ ରାମଲକ୍ଷ୍ମଣ ଦୁଇଭାଇଙ୍କୁ ଆଣି ତାଙ୍କ ଚରଣକମଳରେ ଲୋଟାଇଦେଲେ ॥ ୩ ॥

**ରାମୁ ଲଖନୁ ଦସରଥ କେ ଢୋଟା । ଦୀହ୍ନି ଅସୀସ ଦେଖି ଭଲ ଜୋଟା ॥**
**ରାମହି ଚିତଇ ରହେ ଥକି ଲୋଚନ । ରୂପ ଅପାର ମାର ମଦ ମୋଚନ ॥ ୪ ॥**

ବିଶ୍ୱାମିତ୍ର କହିଲେ, "ଏହି ରାମ ଓ ଲକ୍ଷ୍ମଣ ହେଉଛନ୍ତି ରାଜା ଦଶରଥଙ୍କର ପୁତ୍ର ।" ଅତି ସୁନ୍ଦର ଦିଶୁଥିବା ସେହି ଦୁଇଭାଇଙ୍କୁ ପର୍ଶୁରାମ ଆଶୀର୍ବାଦ କଲେ । କାମଦେବଙ୍କ ମଦକୁ ବି ମର୍ଦନ କରୁଥିବା ଶ୍ରୀରାମଙ୍କର ଅପାରରୂପ ଦେଖି ତାଙ୍କ ନେତ୍ର ସ୍ତମ୍ଭିତ ହୋଇଗଲା ॥ ୪ ॥

ଦୋ:- **ବହୁରି ବିଲୋକି ବିଦେହ ସନ କହହୁ କାହ ଅତି ଭୀର ।**
**ପୂଛତ ଜାନି ଅଜାନ ଜିମି ବ୍ୟାପେଉ କୋପୁ ସରୀର ॥ ୨୬୯ ॥**

ତା'ପରେ ସବୁ ଆୟୋଜନ ଦେଖି, ଜାଣିଥିଲେ ବି ନ ଜାଣିଥିବାପରି ହୋଇ ସେ ଜନକଙ୍କୁ ପଚାରିଲେ, "ଏଠାରେ ଏତେ ଭିଡ଼ କାହିଁକି ହୋଇଛି ?" ଏତିକି କହୁ କହୁ ତାଙ୍କ ଶରୀରରେ କ୍ରୋଧର ଛାୟା ଖେଳିଗଲା ॥ ୨୬୯ ॥

**ସମାଚାର କହି ଜନକ ସୁନାଏ । ଜେହି କାରନ ମହୀପ ସବ ଆଏ ॥**
**ସୁନତ ବଚନ ଫିରି ଅନତ ନିହାରେ । ଦେଖେ ଚାପଖଂଡ ମହି ଡାରେ ॥ ୧ ॥**

ରାଜାମାନଙ୍କ ଆଗମନର କାରଣ କହି ରାଜା ଜନକ ସକଳ ସମାଚାର ଶୁଣାଇଦେଲେ । ଜନକଙ୍କ କଥା ଶୁଣି ପର୍ଶୁରାମ ଅନ୍ୟ ଆଡ଼େ ଚାହିଁଦିଅନ୍ତି ତ, ଦେଖିଲେ, ଶିବଧନୁ ଦୁଇଖଣ୍ଡ ହୋଇ ତଳେ ପଡ଼ିଛି ॥ ୧ ॥

**ଅତି ରିସ ବୋଲେ ବଚନ କଠୋରା । କହୁ ଜଡ଼ ଜନକ ଧନୁଷ କୈ ତୋରା ॥**
**ବେଗି ଦେଖାଉ ମୂଢ଼ ନ ତ ଆଜୂ । ଉଲଟଉଁ ମହି ଜହଁ ଲହି ତଓ୍ୱ ରାଜୂ ॥ ୨ ॥**

ଅତ୍ୟନ୍ତ କ୍ରୋଧଭରେ ହୋଇ ସେ କଠୋର ଶବ୍ଦରେ କହିଲେ, "ରେ ମୂର୍ଖ ଜନକ ! ଏ ଧନୁ କିଏ ଭାଙ୍ଗିଲା, କହ । ତାକୁ ମୋତେ ଶୀଘ୍ର ଦେଖାଅ; ନାହିଁ ତ, ରେ ମୂଢ଼ ! ଯେଉଁପର୍ଯ୍ୟନ୍ତ ତୋ ରାଜ୍ୟ ବିସ୍ତୃତ ହୋଇଛି, ସେଠାପର୍ଯ୍ୟନ୍ତ ମୁଁ ପୃଥିବୀକୁ ଓଲଟାଇଦେବି ।" ॥ ୨ ॥

**ଅତି ଡରୁ ଉତରୁ ଦେତ ନୃପୁ ନାହିଁ । କୁଟିଲ ଭୂପ ହରଷେ ମନ ମାହିଁ ॥**
**ସୁର ମୁନି ନାଗ ନଗର ନର ନାରୀ । ସୋଚହିଁ ସକଲ ତ୍ରାସ ଉର ଭାରୀ ॥ ୩ ॥**

ରାଜା ଅତ୍ୟନ୍ତ ଡରିଗଲେ; ସେ କିଛି ଉତ୍ତର ଦେଇପାରିଲେ ନାହିଁ । ଏହା ଦେଖି ଖଳରାଜାମାନେ ଖୁସୀ ହୋଇଗଲେ । ଦେବତା, ମୁନି, ନାଗ ଓ ନଗରବାସୀ ନରନାରୀ ସମସ୍ତେ ଚିନ୍ତାରେ ପଡ଼ିଗଲେ; ସମସ୍ତଙ୍କ ହୃଦୟରେ ଛାନିଆଁ ପଶିଗଲା ॥ ୩ ॥

**ମନ ପଛିତାତି ସୀୟ ମହତାରୀ । ବିଧି ଅବ ସଁୱରୀ ବାତ ବିଗାରୀ ॥**
**ଭୃଗୁପତି କର ସୁଭାଉ ସୁନି ସୀତା । ଅରଧ ନିମେଷ କଲପ ସମ ବୀତା ॥ ୪ ॥**

ସୀତାଙ୍କ ମାତା ମନେ ମନେ ପଶ୍ଚାତ୍ତାପ କରୁଥାନ୍ତି, ‘‘ହାୟ ! ହୋଇଯାଇଥିବା କାମଟାକୁ ବିଧାତା ଏବେ ବିଗାଡ଼ିଦେଲା !’’ ପର୍ଶୁରାମଙ୍କ ସ୍ୱଭାବ ଶୁଣି ସୀତାଙ୍କୁ ଅର୍ଦ୍ଧନିମେଷ ବି କଳ୍ପ ପରି ଲାଗିଲା ॥ ୪ ॥

ଦୋ:- **ସଭୟ ବିଲୋକେ ଲୋଗ ସବ ଜାନି ଜାନକୀ ଭୀରୁ ।**
**ହୃଦୟଁ ନ ହରଷୁ ବିଷାଦୁ କଛୁ ବୋଲେ ଶ୍ରୀରଘୁବୀରୁ ॥ ୨୭୦ ॥**

ସମସ୍ତେ ଭୟଭୀତ ହୋଇଗଲେଣି ଦେଖି ଏବଂ ସୀତା ମଧ୍ୟ ଡରିଗଲେଣି ଜାଣି, ହୃଦୟରେ କୌଣସି ହର୍ଷ ବା ବିଷାଦ ନ ରଖି ଶ୍ରୀରାମ କହିଲେ, ॥ ୨୭୦ ॥

### ମାସପାରାୟଣ, ନବମ ବିଶ୍ରାମ

**ନାଥ ସଂଭୁଧନୁ ଭଂଜନିହାରା । ହୋଇହି କେଉ ଏକ ଦାସ ତୁହ୍ମାରା ॥**
**ଆୟସୁ କାହ କହିଅ କିନ ମୋହୀ । ସୁନି ରିସାଇ ବୋଲେ ମୁନି କୋହୀ ॥ ୧ ॥**

‘‘ହେ ନାଥ ! ଆପଣଙ୍କର କେହି ଜଣେ ସେବକହିଁ ଶିବଧନୁ ଭାଙ୍ଗିଥିବ । ଆପଣଙ୍କର କଣ ଆଜ୍ଞା, ମୋତେ କହୁନାହାନ୍ତି କାହିଁକି ?’’ ଏହା ଶୁଣି କ୍ରୋଧୀ ପର୍ଶୁରାମ ଅଧିକ କ୍ରୁଦ୍ଧ ହୋଇ କହିଲେ, ॥ ୧ ॥

**ସେୱକୁ ସୋ ଜୋ କରୈ ସେୱକାଈ । ଅରି କରନୀ କରି କରିଅ ଲରାଈ ॥**
**ସୁନହୁ ରାମ ଜେହିଁ ସିୱଧନୁ ତୋରା । ସହସବାହୁ ସମ ସୋ ରିପୁ ମୋରା ॥ ୨ ॥**

‘‘ଯେ ସେବାକାର୍ଯ୍ୟ କରେ, ସେ ସେବକ । ଶତ୍ରୁର କର୍ମ କରିବା ଅର୍ଥ ତ ଯୁଦ୍ଧ ଗ୍ରହିଁବା । ତେଣୁ ହେ ରାମ ! ଶୁଣ, ଯେଉଁ ଲୋକ ଶିବଧନୁ ଭାଙ୍ଗିଛି, ସେ ହେଉଛି ମୋର ସହସ୍ରବାହୁ ଅର୍ଜୁନସମାନ ଶତ୍ରୁ ॥ ୨ ॥

**ସୋ ବିଲଗାଉ ବିହାଇ ସମାଜା । ନ ତ ମାରେ ଜୈହହିଁ ସବ ରାଜା ॥**
**ସୁନି ମୁନି ବଚନ ଲଖନ ମୁସୁକାନେ । ବୋଲେ ପରସୁଧରହି ଅପମାନେ ॥ ୩ ॥**

ସେ ଲୋକ ଏହି ଜନସମାବେଶରୁ ଆସି ଅଲଗା ଠିଆ ହେଉ; ନଚେତ୍ ଏସବୁ ରାଜାଙ୍କ ମୃତ୍ୟୁ ସୁନିଶ୍ଚିତ ।’’ ମୁନିଙ୍କ ବଚନ ଶୁଣି ଲକ୍ଷ୍ମଣ ଟିକିଏ ମୁରୁକି ହସିଦେଇ ପର୍ଶୁରାମଙ୍କୁ ଅପମାନ ଦେଲାପରି କହିଲେ, ॥ ୩ ॥

**ବହୁ ଧନୁହୀଁ ତୋରୀଁ ଲରିକାଈଁ । କବହୁଁ ନ ଅସି ରିସ କୀହ୍ନି ଗୋସାଈଁ ॥**
**ଏହି ଧନୁ ପର ମମତା କେହି ହେତୂ । ସୁନି ରିସାଇ କହ ଭୃଗୁକୁଲକେତୂ ॥ ୪ ॥**

‘‘ହେ ଗୋସେଇଁ ! ପିଲାଦିନେ ଆମେ ଏପରି ବହୁତ ଧନୁ ଭାଙ୍ଗିଛୁ; କିନ୍ତୁ ଆପଣ ତ କେବେ ବି କ୍ରୋଧ କରିନାହାନ୍ତି । ଏହି ଧନୁଟାପାଇଁ ଆପଣଙ୍କର ଏତେ ମମତା କାହିଁକି ?’’ ଏହା ଶୁଣି ଭୃଗୁବଂଶର ଧ୍ୱଜରୂପୀ ପର୍ଶୁରାମ କ୍ରୁଦ୍ଧ ହୋଇ କହିଲେ, ॥ ୪ ॥

ଦୋଃ- **ରେ ନୃପ ବାଲକ କାଲ ବସ ବୋଲତ ତୋହି ନ ସଁଭାର ।**
**ଧନୁହୀ ସମ ତ୍ରିପୁରାରି ଧନୁ ବିଦିତ ସକଲ ସଂସାର ॥ ୨୭୧ ॥**

''ଆରେ ରାଜପୁତ୍ର ! କାଳର ବଶବର୍ତ୍ତୀ ହୋଇଥିବାରୁ ତୁ ମୁହଁ ସମ୍ଭାଳି କଥା କହୁନାହୁଁ । ଯେଉଁ ଶିବଧନୁ ସମଗ୍ର ସଂସାରରେ ବିଖ୍ୟାତ, ତାହା କ'ଣ ସାଧାରଣ ଧନୁ ସହିତ ସମାନ ?'' ॥ ୨୭୧ ॥

**ଲଖନ କହା ହଁସି ହମରେଁ ଜାନା । ସୁନହୁ ଦେୱ ସବ ଧନୁଷ ସମାନା ॥**
**କା ଛତି ଲାଭୁ ଜୂନ ଧନୁ ତୋରେଁ । ଦେଖା ରାମ ନୟନ କେ ଭୋରେଁ ॥ ୧ ॥**

ଲକ୍ଷ୍ମଣ ହସି ହସି କହିଲେ, ''ହେ ଦେବ ! ଶୁଣନ୍ତୁ; ଆମ ଜାଣିବାରେ ସବୁ ଧନୁ ସମାନ । ପୁରୁଣା ଧନୁଟାକୁ ଭାଙ୍ଗିବାରେ ଲାଭକ୍ଷତି ହିସାବ କରୁଛି କିଏ ? ଶ୍ରୀରାମ ତ ଭୁଲରେ ଏହାକୁ ନୂଆ ଧନୁଟାଏ ବୋଲି ଭାବିଥିଲେ ; ॥ ୧ ॥

**ଛୁଅତ ଟୂଟ ରଘୁପତିହୁ ନ ଦୋସୂ । ମୁନି ବିନୁ କାଜ କରିଅ କତ ରୋସୂ ॥**
**ବୋଲେ ଚିତଇ ପରସୁ କୀ ଓରା । ରେ ସଠ ସୁନେହି ସୁଭାଉ ନ ମୋରା ॥ ୨ ॥**

କିନ୍ତୁ ଏହା ତ ଛୁଉଁ ଛୁଉଁ ଭାଙ୍ଗିଗଲା ! ତେଣୁ ଏଥିରେ ରଘୁନାଥଙ୍କର ବି କୌଣସି ଦୋଷ ନାହିଁ । ହେ ମୁନି ! ଆପଣ ଅକାରଣରେ ଏପରି କ୍ରୋଧ କରୁଛନ୍ତି କାହିଁକି ?'' ପର୍ଶୁରାମ ନିଜ ଫାର୍ଶା ଆଡ଼କୁ ଚାହିଁଦେଇ କହିଲେ, ''ରେ ଦୁଷ୍ଟ ! ତୁ କ'ଣ ମୋ ସ୍ୱଭାବ ବିଷୟରେ ଶୁଣିନାହୁଁ ? ॥ ୨ ॥

**ବାଲକୁ ବୋଲି ବଧଉଁ ନହିଁ ତୋହୀ । କେୱଲ ମୁନି ଜଡ ଜାନହି ମୋହୀ ॥**
**ବାଲ ବ୍ରହ୍ମଚାରୀ ଅତି କୋହୀ । ବିସ୍ୱ ବିଦିତ ଛତ୍ରିୟକୁଲ ଦ୍ରୋହୀ ॥ ୩ ॥**

ମୁଁ ତତେ ପିଲାଟାଏ ଜାଣି ମାରୁନାହିଁ । ଆରେ ମୂର୍ଖ ! ତୁ କ'ଣ ମୋତେ ସାମାନ୍ୟ ମୁନିଟାଏ ବୋଲି ଭାବିଛୁ? ଜାଣିଥାଆ, ମୁଁ ହେଉଛି ବାଳବ୍ରହ୍ମଚାରୀ; ମୁଁ ଅତ୍ୟନ୍ତ କ୍ରୋଧୀ । ମୁଁ କ୍ଷତ୍ରିୟକୁଳର ଶତ୍ରୁରୂପେ ବିଶ୍ୱବିଖ୍ୟାତ ॥ ୩ ॥

**ଭୁଜବଲ ଭୂମି ଭୂପ ବିନୁ କୀହ୍ନୀ । ବିପୁଲ ବାର ମହିଦେୱହ୍ନ ଦୀହ୍ନୀ ॥**
**ସହସବାହୁ ଭୁଜ ଛେଦନିହାରା । ପରସୁ ବିଲୋକୁ ମହୀପକୁମାରା ॥ ୪ ॥**

ନିଜ ଭୁଜବଳରେ ମୁଁ ପୃଥିବୀକୁ କ୍ଷତ୍ରିୟଶୂନ୍ୟ କରିଦେଇଛି ଏବଂ ବହୁତ ଥର ମୁଁ ଏହି ପୃଥିବୀକୁ ବ୍ରାହ୍ମଣମାନଙ୍କୁ ସମର୍ପିଦେଇଛି । ରେ ରାଜକୁମାର ! ସହସ୍ରବାହୁର ଭୁଜଗୁଡ଼ାକ କାଟିଦେଇଥିବା ମୋର ଏହି ଫାର୍ଶାକୁ ଦେଖୁଛୁ ତ ?॥ ୪ ॥

ଦୋ- **ମାତୁ ପିତହି ଜନି ସୋଚବସ କରସି ମହୀସକିସୋର ।**
**ଗର୍ଭହ୍ନ କେ ଅର୍ଭକ ଦଲନ ପରସୁ ମୋର ଅତି ଘୋର ॥ ୨୭୨ ॥**

ରେ ରାଜପୁତ୍ର ! ତୁ ତୋ ବାପାମାଆଙ୍କୁ ଚିନ୍ତାରେ ପକାଇଦିଅନା । ମୋ ଫାର୍ଶା ବଡ଼ ଭୟାନକ । ଏ ଫାର୍ଶା ମାଆପେଟର ଛୁଆକୁ ବି ଶେଷ କରିଦେଇପାରେ ।'' ॥ ୨୭୨ ॥

**ବିହସି ଲଖନୁ ବୋଲେ ମୃଦୁ ବାନୀ । ଅହୋ ମୁନୀସୁ ମହା ଭଟମାନୀ ॥**
**ପୁନି ପୁନି ମୋହି ଦେଖାୱ କୁଠାରୂ । ଚହତ ଉଡ଼ାୱନ ଫୂଁକି ପହାରୂ ॥ ୧ ॥**

ଲକ୍ଷ୍ମଣ ହସିଦେଇ କୋମଳ କଣ୍ଠରେ କହିଲେ, ''ଓହୋ ! ଏ ମୁନୀଶ୍ୱର ତ ନିଜକୁ ବିରାଟ ଯୋଦ୍ଧା ମନେକରୁଛନ୍ତି ! କ'ଣ ଥରକୁ ଥର କୁରାଢ଼ି (ଫାର୍ଶା) ଦେଖାଉଛନ୍ତି !! ବୋଧେ ପାଟିରେ ଫୁଙ୍କି ପାହାଡ଼ ଉଡ଼େଇଦେବାକୁ ଚାହୁଁଛନ୍ତି; ॥ ୧ ॥

**ଇହାଁ କୁହ୍ମଡ଼ବତିଆ କୋଉ ନାହୀଁ । ଜେ ତରଜନୀ ଦେଖି ମରି ଜାହୀଁ ॥**
**ଦେଖି କୁଠାରୁ ସରାସନ ବାନା । ମୈଁ କଛୁ କହା ସହିତ ଅଭିମାନା ॥ ୨ ॥**

ଏଠାରେ କେହି କଷିକଖାରୁ ନାହିଁ ଯେ, ଆପଣଙ୍କ ବିଷିଆଙ୍ଗୁଠି ଦେଖି ଡରି ମରିଯିବ । ଆପଣଙ୍କ ହାତରେ ଫାର୍ଶା ଓ ଧନୁର୍ବାଣ ଦେଖି ମୁଁ ଟିକିଏ ଆତ୍ମାଭିମାନରେ କହିଦେଇଥିଲି ॥ ୨ ॥

**ଭୃଗୁସୁତ ସମୁଝି ଜନେଉ ବିଲୋକୀ । ଜୋ କଛୁ କହହୁ ସହଉଁ ରିସ ରୋକୀ ॥**
**ସୁର ମହିସୁର ହରିଜନ ଅରୁ ଗାଈ । ହମରେଁ କୁଲ ଇହ୍ନ ପର ନ ସୁରାଈ ॥ ୩ ॥**

ଆପଣ ଯାହାକିଛି କହିଯାଉଛନ୍ତି, କେବଳ ଭୃଗୁବଂଶୀ ବୋଲି ଜାଣି ଓ ଆପଣଙ୍କ ପଇତା ଦେଖି, ମୁଁ ଆପଣା କ୍ରୋଧ ଗ୍ରୀପି ସହିଯାଉଛି । ଦେବତା, ବ୍ରାହ୍ମଣ, ଭଗବତ୍ ଭକ୍ତ ଓ ଗୋଜାତି—ଏମାନଙ୍କ ଉପରେ ଆମ ବଂଶରେ କେହି ବୀରତ୍ୱ ଦେଖାନ୍ତି ନାହିଁ ॥ ୩ ॥

**ବଧେଁ ପାପୁ ଅପକୀରତି ହାରେଁ । ମାରତହୂଁ ପା ପରିଅ ତୁହ୍ମାରେଁ ॥**
**କୋଟି କୁଲିସ ସମ ବଚନୁ ତୁହ୍ମାରା । ବ୍ୟର୍ଥ ଧରହୁ ଧନୁ ବାନ କୁଠାରା ॥ ୪ ॥**

କାରଣ, ଏମାନଙ୍କୁ ମାରିଲେ ପାପ ଲାଗେ ଏବଂ ଏମାନଙ୍କ ପାଖରେ ହାରିଗଲେ ଅପକୀର୍ତ୍ତି ହୁଏ । ତେଣୁ ଆପଣ ମାରିଲେ ବି ଆପଣଙ୍କ ପାଦହିଁ ଧରିବାକୁ ପଡ଼ିବ । ଆପଣଙ୍କର ଗୋଟିଏ ଗୋଟିଏ ବାକ୍ୟ ପ୍ରକୃତରେ କୋଟିଏ କୋଟିଏ ବଜ୍ରସମାନ; ଏ ଧନୁର୍ବାଣ ଓ ଫାର୍ଶା ତ ଆପଣ ଅଯଥା ଧରିଛନ୍ତି ॥ ୪ ॥

ଦୋଃ- **ଜୋ ବିଲୋକି ଅନୁଚିତ କହେଉଁ ଛମହୁ ମହାମୁନି ଧୀର ।**
**ସୁନି ସରୋଷ ଭୃଗୁବଂସମନି ବୋଲେ ଗିରା ଗଭୀର ॥ ୨୭୩ ॥**

ଏହି ଧନୁର୍ବାଣ ଓ ଫାର୍ଶା ଦେଖି ମୁଁ ଯଦି କିଛି ଅନୁଚିତ କଥା କହିଦେଇଥିବି, ତେବେ ହେ ଧୀର ମହାମୁନି ! ମୋତେ କ୍ଷମା କରିବେ।'' ଏକଥା ଶୁଣି ଭୃଗୁବଂଶମଣି ପର୍ଶୁରାମ କ୍ରୋଧର ସହିତ ଗମ୍ଭୀରବଚନ ଶୁଣାଇଦେଲେ, ॥ ୨୭୩ ॥

**କୌସିକ ସୁନହୁ ମଂଦ ୟହୁ ବାଲକୁ । କୁଟିଲ କାଲବସ ନିଜ କୁଲ ଘାଲକୁ ॥**
**ଭାନୁ ବଂସ ରାକେସ କଲଂକୂ । ନିପଟ ନିରଂକୁସ ଅବୁଧ ଅସଂକୂ ॥ ୧ ॥**

''ହେ ବିଶ୍ୱାମିତ୍ର ! ଏ ଟୋକାଟା ବଡ଼ କୁବୁଦ୍ଧି ଓ କୁଟିଳ । କାଳର ବଶ ହୋଇ ଏ ନିଜକୁଳପାଇଁ ଘାତକ ହୋଇଯାଉଛି । ଏଇଟା ସୂର୍ଯ୍ୟବଂଶରୂପୀ ପୂର୍ଣ୍ଣଚନ୍ଦ୍ରର କଳଙ୍କ । ଏ ଟୋକା ନିତାନ୍ତ ଉଦ୍ଦଣ୍ଡ, ମୂର୍ଖ ଓ ନିର୍ଭୟ ହୋଇଯାଇଛି ॥ ୧ ॥

**କାଲ କଵ୍ଲୁ ହୋଇହି ଛନ ମାହୀଁ । କହଉଁ ପୁକାରି ଖୋରି ମୋହି ନାହୀଁ ॥**
**ତୁହ୍ମ ହଟକହୁ ଜୌଁ ଚହହୁ ଉବାରା । କହି ପ୍ରତାପୁ ବଲୁ ରୋଷୁ ହମାରା ॥ ୨ ॥**

ଏହିକ୍ଷଣି ଏ କାଳକବଳରେ ପଡ଼ିଯିବ । ମୁଁ ସମସ୍ତଙ୍କୁ ଶୁଣାଇ କହିଦେଉଛି; ମୋତେ ଆଉ ଦୋଷ ଦେବ ନାହିଁ । ଯଦି ତୁମେ ଏହାକୁ ବଞ୍ଚାଇବାକୁ ଚାହୁଁଥାଅ, ତେବେ ଏହାକୁ ମୋର ପ୍ରତାପ, ବଳ ଓ କ୍ରୋଧ ବୁଝାଇଦେଇ ଆକଟ କର ।'' ॥ ୨ ॥

**ଲଖନ କହେଉ ମୁନି ସୁଜସୁ ତୁହ୍ମାରା । ତୁହ୍ମହି ଅଛତ କୋ ବରନୈ ପାରା ॥**
**ଅପନେ ମୁଁହ ତୁହ୍ମ ଆପନି କରନୀ । ବାର ଅନେକ ଭାଁତି ବହୁ ବରନୀ ॥ ୩ ॥**

ଏହା ଶୁଣି ଲକ୍ଷ୍ମଣ କହିଲେ, ''ହେ ମୁନି ! ଆପଣ ନିଜେ ଆଉ ଆଉ, ଆପଣଙ୍କ ସୁଯଶ ଅନ୍ୟ କିଏ ବର୍ଣ୍ଣନା କରିପାରିବ ? ଆପଣ ତ ନିଜ ମୁହଁରେ ନିଜ କଲାକର୍ମଗୁଡ଼ାକ ଅନେକ ଥର ବହୁପ୍ରକାରେ କହିସାରିଲେଣି ॥ ୩ ॥

**ନହିଁ ସଂତୋଷୁ ତ ପୁନି କଛୁ କହହୂ । ଜନି ରିସ ରୋକି ଦୁସହ ଦୁଖ ସହହୂ ॥**
**ବୀରବ୍ରତୀ ତୁହ୍ମ ଧୀର ଅଛୋଭା । ଗାରୀ ଦେତ ନ ପାୱହୁ ସୋଭା ॥ ୪ ॥**

ଏତେ କହିସାରିବା ପରେ ବି ଯଦି ସନ୍ତୁଷ୍ଟ ହୋଇନାହାନ୍ତି, ତେବେ ଆଉ ଯାହା ଅଛି, କହିପକାନ୍ତୁ; କ୍ରୋଧ ସମ୍ଭାଳି ଅସହ୍ୟ ଦୁଃଖ ସହନ୍ତୁ ନାହିଁ । ଆପଣ ବୀରବ୍ରତଧାରୀ, ଧୈର୍ଯ୍ୟବାନ୍ ଓ କ୍ଷୋଭରହିତ ପୁରୁଷ । ଗାଳି ଦେବାଟା ଆପଣଙ୍କ ପକ୍ଷରେ ଶୋଭନୀୟ ନୁହେଁ ॥ ୪ ॥

ଦୋଃ- **ସୂର ସମର କରନୀ କରହିଁ କହି ନ ଜନାୱହିଁ ଆପୁ ।**
**ବିଦ୍ୟମାନ ରନ ପାଇ ରିପୁ କାୟର କଥହିଁ ପ୍ରତାପୁ ॥ ୨୭୪ ॥**

ଶୂରବୀରମାନେ ଯୁଦ୍ଧ କରିହିଁ ନିଜ ଶକ୍ତିର ପରିଚୟ ଦିଅନ୍ତି; ସେମାନେ କଥାରେ କହିହୁଅନ୍ତି ନାହିଁ । ଯୁଦ୍ଧକ୍ଷେତ୍ରରେ ଶତ୍ରୁକୁ ଦେଖି ଭୀରୁ କାପୁରୁଷମାନେହିଁ ନିଜ ପ୍ରତାପର ଫୁଟାଣି ମାରିହୁଅନ୍ତି ॥ ୨୭୪ ॥

**ତୁହ୍ମ ତୌ କାଲୁ ହାଁକ ଜନୁ ଲାୱା । ବାର ବାର ମୋହି ଲାଗି ବୋଲାୱା ॥**
**ସୁନତ ଲଖନ କେ ବଚନ କଠୋରା । ପରସୁ ସୁଧାରି ଧରେଉ କର ଘୋରା ॥ ୧ ॥**

ଦେଖୁଛି, ଆପଣ ତ ଖାଲି ବାରମ୍ବାର ହାଙ୍କ ପକାଇ ମୋ ପାଇଁ କାଳକୁ ଡାକିଗ୍ଲିଛନ୍ତି ।'' ଲକ୍ଷ୍ମଣଙ୍କର ଏହି କଠୋର ବଚନ ଶୁଣିଦେଲାକ୍ଷଣି ପର୍ଶୁରାମ ତାଙ୍କର ଭୟଙ୍କର ଫାର୍ଶାଟିକୁ ହାତରେ ସଜାଡ଼ି ଧରିନେଲେ ॥ ୧ ॥

**ଅବ ଜନି ଦେଇ ଦୋସୁ ମୋହି ଲୋଗୂ । କଟୁବାଦୀ ବାଲକୁ ବଧଜୋଗୂ ॥**
**ବାଲ ବିଲୋକି ବହୁତ ମୈଁ ବାଁଚ୍ । ଅବ ୟହୁ ମରନିହାର ଭା ସାଁଚ୍ ॥ ୨ ॥**

[ଏବଂ କହିଦେଲେ,] ''ଏଥର ଆଉ ମୋତେ ଲୋକେ ଦୋଷ ନ ଦିଅନ୍ତୁ । ଏ କଡ଼ା କଡ଼ା କଥା କହୁଥିବା ଟୋକାଟା ବଧରହିଁ ଯୋଗ୍ୟ । ଏଇଟାକୁ ଛୁଆ ଦେଖି ମୁଁ ବହୁତ ସମୟଯାଏ ବଞ୍ଚାଇଲିଣି । କିନ୍ତୁ ବର୍ତ୍ତମାନ ସତରେ ଏହାର ମରଣକାଳ ଆସିଗଲା ।'' ॥ ୨ ॥

**କୌସିକ କହା ଛମିଅ ଅପରାଧୂ । ବାଲ ଦୋଷ ଗୁନ ଗନହିଁ ନ ସାଧୂ ॥**
**ଖର କୁଠାର ମୈଁ ଅକରୁନ କୋହୀ । ଆଗେଁ ଅପରାଧୀ ଗୁରୁଦ୍ରୋହୀ ॥ ୩ ॥**
**ଉତର ଦେତ ଛୋଡ଼ଉଁ ବିନୁ ମାରେଁ । କେୱଲ କୌସିକ ସୀଲ ତୁହ୍ମାରେଁ ॥**
**ନ ତ ଏହି କାଟି କୁଠାର କଠୋରେଁ । ଗୁରହି ଉରିନ ହୋତେଉଁ ଶ୍ରମ ଥୋରେଁ ॥ ୪ ॥**

ବିଶ୍ୱାମିତ୍ର କହିଲେ, ''ଅପରାଧ କ୍ଷମା କରନ୍ତୁ । ସାଧୁମାନେ ପିଲାଙ୍କ ଦୋଷଗୁଣ ଧରନ୍ତି ନାହିଁ ।'' [ପର୍ଶୁରାମ କହିଲେ,] ''ହାତରେ ମୋର ଧାରୁଆ ଫାର୍ଶା; ପୁଣି ମୁଁ ନିର୍ଦ୍ଦୟ ଓ କ୍ରୋଧୀ; ତଥାପି ଏ ଗୁରୁଦ୍ରୋହୀ ଅପରାଧୀଟା ମୋ ମୁହଁ ଉପରେ ଜବାବ ଦେଉଛି । ଏହା ସତ୍ତ୍ୱେ ମୁଁ ତାକୁ ନ ମାରି ଛାଡ଼ିଦେଉଛି । ହେ ବିଶ୍ୱାମିତ୍ର ! ଛାଡ଼ିଦେଉଛି କେବଳ ତୁମରି ସୌହାର୍ଦ୍ଦ୍ୟ ହେତୁ । ନ ହେଲେ ଏହି ଭୟଙ୍କର କୁଠାରରେ ଏଇଟାକୁ କାଟିଦେଇ ସାମାନ୍ୟ ପରିଶ୍ରମରେ ମୁଁ ଗୁରୁଋଣରୁ ମୁକ୍ତ ହୋଇଯାଆନ୍ତି ।'' ॥ ୩-୪ ॥

ଦୋଃ- **ଗାଧିସୂନୁ କହ ହୃଦୟଁ ହଁସି ମୁନିହି ହରିଅରଇ ସୂଝ ।**
**ଅୟମୟ ଖାଁଡ଼ ନ ଊଖମୟ ଅଜହୁଁ ନ ବୂଝ ଅବୂଝ ॥ ୨୭୫ ॥**

ବିଶ୍ୱାମିତ୍ର ମନେ ମନେ ହସି ଭାବୁଥାନ୍ତି, ''ମୁନିଙ୍କୁ ଗ୍ରିଆଡ଼େ ଖାଲି ସବୁଜ ଦେଖାଯାଉଛି ! (ଅର୍ଥାତ୍ ସବୁଠାରେ ବିଜୟ ଲାଭ କରିଥିବାରୁ ଶ୍ରୀରାମଲକ୍ଷ୍ମଣଙ୍କୁ ମଧ୍ୟ ସାଧାରଣ କ୍ଷତ୍ରିୟ ବୋଲି ଭାବୁଛନ୍ତି) । କିନ୍ତୁ ଏ ଦୁହେଁ ହେଉଛନ୍ତି ଲୁହାର ଖଣ୍ଡ* (ଖଣ୍ଡା)–ଆଖୁରସରୁ ତିଆରି ଖଣ୍ଡ ନୁହନ୍ତି [ଯେ, ପାଟିରେ ପକାଇଦେଲେ ମିଳେଇଯିବେ । ଦୁଃଖର ବିଷୟ ଯେ,] ମୁନି ଏପର୍ଯ୍ୟନ୍ତ ଅବୁଝା ହୋଇ ରହିଛନ୍ତି; ସେ ଏମାନଙ୍କର ପ୍ରଭାବ ବୁଝିପାରିନାହାନ୍ତି ।'' ॥ ୨୭୫ ॥

**କହେଉ ଲଖନ ମୁନି ସୀଲୁ ତୁମ୍ହାରା । କୋ ନହିଁ ଜାନ ବିଦିତ ସଂସାରା ॥**
**ମାତା ପିତହି ଉରିନ ଭଏ ନୀକେଁ । ଗୁର ରିନୁ ରହା ସୋଚୁ ବଡ଼ ଜୀ କେଁ ॥ ୧ ॥**

ଲକ୍ଷ୍ମଣ କହିଲେ, ''ହେ ମୁନି ! ଆପଣଙ୍କ ଗୁଣ କିଏ ନ ଜାଣେ ! ଆପଣଙ୍କ ଚରିତ ତ ସାରା ସଂସାରରେ ପ୍ରସିଦ୍ଧ । ଆପଣ ତ ପିତାମାତାଙ୍କ ଋଣରୁ ପୂରା ମୁକ୍ତ ହୋଇଯାଇଛନ୍ତି । ବାକି ରହିଛି ଗୁରୁଋଣ; ସେଥିପାଇଁ ଆପଣଙ୍କ ମନରେ ଭାରି ଚିନ୍ତା ॥ ୧ ॥

**ସୋ ଜନୁ ହମରେହି ମାଥେ କାଢ଼ା । ଦିନ ଚଲି ଗଏ ବ୍ୟାଜ ବଡ଼ ବାଢ଼ା ॥**
**ଅବ ଆନିଅ ବ୍ୟୱହରିଆ ବୋଲୀ । ତୁରତ ଦେଉଁ ମୈଁ ଥୈଲୀ ଖୋଲୀ ॥ ୨ ॥**

ତାହା ଶୁଝିବାର ଦାୟିତ୍ୱ ସତେ ଯେପରି ଆମରି ମୁଣ୍ଡ ଉପରେ ଥିଲା । ବହୁତ ଦିନ ହୋଇଗଲାଣି; ଫଳରେ ସୁଧ ମଧ୍ୟ ବହୁତ ବଢ଼ିଯାଇଥିବ । ବର୍ତ୍ତମାନ କୌଣସି ହିସାବ କରିବା ଲୋକକୁ ଡାକିଆଣନ୍ତୁ । ମୁଁ ତୁରନ୍ତ ଥଳି ଖୋଲି ଋଣ ଶୁଝିଦେବି ।'' ॥ ୨ ॥

**ସୁନି କଟୁ ବଚନ କୁଠାର ସୁଧାରା । ହାୟ ହାୟ ସବ ସଭା ପୁକାରା ॥**
**ଭୃଗୁବର ପରସୁ ଦେଖାୱହୁ ମୋହୀ । ବିପ୍ର ବିଗ୍ୱରି ବଚଉଁ ନୃପଦ୍ରୋହୀ ॥ ୩ ॥**

ଲକ୍ଷ୍ମଣଙ୍କ କଟୁବଚନ ଶୁଣି ପର୍ଶୁରାମ ଫାର୍ଶା ଉଠାଇଲେ । ସଭାସଦ୍‌ମାନେ ହାହାକାର କରିବାକୁ ଲାଗିଲେ । [ଲକ୍ଷ୍ମଣ କହିଲେ,] ''ହେ ଭୃଗୁଶ୍ରେଷ୍ଠ ! ଆପଣ ମୋତେ ଫାର୍ଶା ଦେଖାଉଛନ୍ତି !! ହେ କ୍ଷତ୍ରିୟଦ୍ରୋହୀ ! ବ୍ରାହ୍ମଣ ବିଗ୍ୱର କରି ମୁଁ ଆପଣଙ୍କୁ ନ ମାରି ବଞ୍ଚାଇରଖିଛି ॥ ୩ ॥

**ମିଲେ ନ କବହୁଁ ସୁଭଟ ରନ ଗାଢ଼େ । ଦ୍ୱିଜ ଦେୱତା ଘରହି କେ ବାଢ଼େ ॥**
**ଅନୁଚିତ କହି ସବ ଲୋଗ ପୁକାରେ । ରଘୁପତି ସୟନହିଁ ଲଖନୁ ନେୱାରେ ॥ ୪ ॥**

ଯୁଦ୍ଧରେ ଆପଣ କେବେ କୌଣସି ରଣଧୀର ବଳବାନ୍ ବୀରଙ୍କ ସମ୍ମୁଖୀନ ହୋଇନାହାନ୍ତି । ହେ ବ୍ରାହ୍ମଣଦେବତା ! ଆପଣଙ୍କ ନିଜ ଘରେହିଁ ଆପଣ ବଡ଼ ।'' ଏହା ଶୁଣି ସମସ୍ତେ 'ଏପରି କହିବା ଅନୁଚିତ,' ବୋଲି ପାଟି କଲେ । ତେଣୁ ଶ୍ରୀରଘୁନାଥ ଲକ୍ଷ୍ମଣଙ୍କୁ ଚୁପ୍ ରହିବାକୁ ସଂକେତ ଦେଲେ ॥ ୪ ॥

ଦୋ:- **ଲଖନ ଉତର ଆହୁତି ସରିସ ଭୃଗୁବର କୋପୁ କୃସାନୁ ।**
**ବଢ଼ତ ଦେଖି ଜଲ ସମ ବଚନ ବୋଲେ ରଘୁକୁଲଭାନୁ ॥ ୨୭୬ ॥**

ଲକ୍ଷ୍ମଣଙ୍କ ଉତ୍ତର ପର୍ଶୁରାମଙ୍କ କ୍ରୋଧାଗ୍ନି ଉପରେ ଆହୁତି ଦେବାପରି ହୋଇଗଲା । କ୍ରୋଧାଗ୍ନି ବଢୁଥିବାର ଦେଖି ରଘୁକୁଳସୂର୍ଯ୍ୟ ଶ୍ରୀରାମ ସେହି ଅଗ୍ନି ଉପରେ ଶାନ୍ତି ଉଦକ ପକାଇବାପରି କୋମଳ ଭାବରେ କହିଲେ, ॥ ୨୭୬ ॥

* ଖଣ୍ଡ=ଖଣ୍ଡା; ଏବଂ ଆଖୁରସରୁ ପ୍ରସ୍ତୁତ ହାତତିଆରି ଚିନି (କନ୍ଦ)କୁ ମଧ୍ୟ ହିନ୍ଦୀରେ ଖାଣ୍ଡ କହନ୍ତି । ଏଠାରେ ଖାଣ୍ଡ ଶବ୍ଦର ଶ୍ଳେଷ ପ୍ରୟୋଗ ହୋଇଛି ।

**ନାଥ କରହୁ ବାଲକ ପର ଛୋହୂ । ସୂଧ ଦୂଧମୁଖ କରିଅ ନ କୋହୂ ॥**
**ଜୌଁ ପୈ ପ୍ରଭୁ ପ୍ରଭାଉ କଛୁ ଜାନା । ତୌ କି ବରାବରି କରତ ଅୟାନା ॥ ୧ ॥**

"ହେ ନାଥ ! ଛୁଆଟା ଉପରେ କୃପା କରନ୍ତୁ । ଜାଣନ୍ତୁ, ସେ ଗୋଟିଏ ଦୁଗ୍ଧପୋଷ୍ୟ ସରଳ ଶିଶୁ; ତା'ପ୍ରତି କ୍ରୋଧ ପ୍ରକାଶ କରନ୍ତୁ ନାହିଁ । ସେ ଯଦି ଆପଣଙ୍କ ପ୍ରଭାବ ଟିକିଏ ବି ଜାଣିଥାଆନ୍ତା, ତେବେ କ'ଣ ସେ ନିର୍ବୋଧ ଆପଣଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରନ୍ତା ! ॥ ୧ ॥

**ଜୌଁ ଲରିକା କଛୁ ଅଚଗରି କରହୀଁ । ଗୁର ପିତୁ ମାତୁ ମୋଦ ମନ ଭରହୀଁ ॥**
**କରିଅ କୃପା ସିସୁ ସେୱକ ଜାନୀ । ତୁହ୍ମ ସମ ସୀଲ ଧୀର ମୁନି ଗ୍ୟାନୀ ॥ ୨ ॥**

ଯଦି ପିଲାମାନେ କିଛି ଚଗଲାମି କରନ୍ତି, ତେବେ ଗୁରୁ ଓ ପିତାମାତାଙ୍କ ମନରେ ଆନନ୍ଦ ଭରିଯାଏ । ତେଣୁ ତାକୁ ଛୋଟ ଛୁଆଟିଏ ମନେକରି, ଆପଣଙ୍କ ସେବକ ଜାଣି କୃପା କରନ୍ତୁ । ଆପଣ ତ ସମଦର୍ଶୀ, ସୁଶୀଳ, ଧୀର ଓ ଜ୍ଞାନୀମୁନି ।" ॥ ୨ ॥

**ରାମ ବଚନ ସୁନି କଛୁକ ଜୁଡ଼ାନେ । କହି କଛୁ ଲଖନୁ ବହୁରି ମୁସୁକାନେ ॥**
**ହଁସତ ଦେଖି ନଖ ସିଖ ରିସ ବ୍ୟାପୀ । ରାମ ତୋର ଭ୍ରାତା ବଡ଼ ପାପୀ ॥ ୩ ॥**

ଶ୍ରୀରାମଙ୍କ ବଚନ ଶୁଣି ପର୍ଶୁରାମ ଟିକିଏ ଥଣ୍ଡା ପଡ଼ିଲେ । ଏତିକିବେଳେ ଲକ୍ଷ୍ମଣ କିଛି କହି ପୁଣି ଥରେ ମୁରୁକି ହସିଦେଲେ । ତାଙ୍କ ହସ ଦେଖି ପର୍ଶୁରାମ ତାଳୁରୁ ତଳିପା ଯାଏ କ୍ରୋଧାନଳ ହୋଇଗଲେ । ସେ କହିଲେ, "ହେ ରାମ ! ତୁମ ଭାଇଟା ନିତାନ୍ତ ପାପୀଟାଏ ॥ ୩ ॥

**ଗୌର ସରୀର ସ୍ୟାମ ମନ ମାହୀଁ । କାଲକୂଟମୁଖ ପୟମୁଖ ନାହୀଁ ॥**
**ସହଜ ଟେଢ଼ ଅନୁହରଇ ନ ତୋହୀ । ନୀଚୁ ମୀଚୁ ସମ ଦେଖ ନ ମୋହୀ ॥ ୪ ॥**

ଏହାର ଦେହଟା ସିନା ଗୋରା, ହେଲେ ହୃଦୟଟା କଳା । ଏଇଟା ଗୋଟେ ବିଷମୁଖ; ଏ ଦୁଧଖିଆ ଶିଶୁ ନୁହେଁ । ଏଇଟା ସ୍ୱଭାବତଃ କୁଟିଳ । ଏ ତୁମପରି ଆଚରଣ କରୁନାହିଁ (ତୁମପରି ସୁଶୀଳ ନୁହେଁ) । ଏ ନୀଚଟା ମୋତେ କାଳସମାନ ଦେଖୁନାହିଁ ।" ॥ ୪ ॥

ଦୋଃ- **ଲଖନ କହେଉ ହଁସି ସୁନହୁ ମୁନି କ୍ରୋଧୁ ପାପ କର ମୂଲ ।**
**ଜେହି ବସ ଜନ ଅନୁଚିତ କରହିଁ ଚରହିଁ ବିସ୍ୱ ପ୍ରତିକୂଲ ॥ ୨୭୭ ॥**

ଲକ୍ଷ୍ମଣ ହସିଦେଇ କହିଲେ, "ହେ ମୁନି ! ଶୁଣନ୍ତୁ, କ୍ରୋଧ ହେଉଛି ପାପର ମୂଳ । କ୍ରୋଧବଶ ହୋଇ ଲୋକେ ଅନୁଚିତ କର୍ମ କରିପକାନ୍ତି ଏବଂ ସାରାବିଶ୍ୱର ପ୍ରତିକୂଳ ଆଚରଣ କରନ୍ତି (ସମସ୍ତଙ୍କର ଅହିତ କରନ୍ତି) ॥ ୨୭୭ ॥

**ମୈଁ ତୁହ୍ମାର ଅନୁଚର ମୁନିରାୟା । ପରିହରି କୋପୁ କରିଅ ଅବ ଦାୟା ॥**
**ଟୂଟ ଚାପ ନହିଁ ଜୁରିହି ରିସାନେ । ବୈଠିଅ ହୋଇହିଁ ପାୟ ପିରାନେ ॥ ୧ ॥**

ହେ ମୁନିରାଜ ! ମୁଁ ହେଉଛି ଆପଣଙ୍କର ଦାସ । ଏଥର କ୍ରୋଧ ତ୍ୟାଗ କରି ଦୟା କରନ୍ତୁ । ଭାଙ୍ଗିଯାଇଥିବା ଧନୁ ତ କ୍ରୋଧ କଲେ ଆଉ ଯୋଡ଼ିହୋଇଯିବନି । ଠିଆ ହୋଇ ହୋଇ ଗୋଡ଼ ବିନ୍ଧିବଣି; ଟିକିଏ ବସିପଡ଼ନ୍ତୁ ॥୧॥

**ଜୌଁ ଅତି ପ୍ରିୟ ତୌ କରିଅ ଉପାଈ । ଜୋରିଅ କୋଉ ବଡ଼ ଗୁନୀ ବୋଲାଈ ॥**
**ବୋଲତ ଲଖନହିଁ ଜନକୁ ଡେରାହୀଁ । ମଷ୍ଟ କରହୁ ଅନୁଚିତ ଭଲ ନାହୀଁ ॥ ୨ ॥**

ଯଦି ଧନୁଟା ଆପଣଙ୍କୁ ଅତି ପ୍ରିୟ ଲାଗୁଛି, ତେବେ କିଛି ଗୋଟାଏ ଉପାୟ କରାଯାଉ ଓ ଜଣେ ଭଲ ଜାଣିଥିବା ଲୋକକୁ (କାରିଗରକୁ) ଡକାଇଆଣି ଯୋଡ଼ିଦିଆଯାଉ ।'' ଲକ୍ଷ୍ମଣଙ୍କ କଥା ଶୁଣି ଜନକ ଡରିଗଲେ; କହିଲେ, ''ଥାଉ; ସେତିକି ଥାଉ । ଏଥର ଚୁପ୍ ହୋଇଯାଆନ୍ତୁ । ଅନୁଚିତ କଥା କହିବା ଠିକ୍ ନୁହେଁ ।'' ॥ ୨ ॥

**ଥର ଥର କାଁପହିଁ ପୁର ନର ନାରୀ । ଛୋଟ କୁମାର ଖୋଟ ବଡ଼ ଭାରୀ ॥**
**ଭୃଗୁପତି ସୁନି ସୁନି ନିରଭୟ ବାନୀ । ରିସ ତନ ଜରଇ ହୋଇ ବଲ ହାନୀ ॥ ୩ ॥**

ଜନକପୁରର କି ନାରୀ, କି ପୁରୁଷ, ସମସ୍ତେ ଭୟରେ ଥରହର ହୋଇ କମ୍ପୁଥାନ୍ତି; ମନେ ମନେ କହୁଥାନ୍ତି, ''ସାନ କୁମାର ତ ବଡ଼ ଚଗଲା ।'' ଲକ୍ଷ୍ମଣଙ୍କ ନିର୍ଭୟ ବାଣୀ ଶୁଣି ଶୁଣି ପର୍ଶୁରାମଙ୍କ ସର୍ବାଙ୍ଗ କ୍ରୋଧରେ ଜଳୁଥାଏ ଏବଂ ତା'ସହିତ ତାଙ୍କ ଶକ୍ତି କ୍ଷୀଣ ହୋଇ ଚାଲିଥାଏ ॥ ୩ ॥

**ବୋଲେ ରାମହି ଦେଇ ନିହୋରା । ବଚଉଁ ବିଚାରି ବଂଧୁ ଲଘୁ ତୋରା ॥**
**ମନୁ ମଲୀନ ତନୁ ସୁଂଦର କୈସେଁ । ବିଷ ରସ ଭରା କନକ ଘଟୁ ଜୈସେଁ ॥ ୪ ॥**

ଏଥର ସେ ଶ୍ରୀରାମଙ୍କ ପ୍ରତି ଅନୁଗ୍ରହ ପ୍ରକାଶପୂର୍ବକ କହିଲେ, ''ତୁମ ସାନଭାଇ ବୋଲି ବିଚାରି ମୁଁ ଏହାକୁ ଛାଡ଼ିଦେଉଛି । ଏଇଟାର ଦେହ ସିନା ସୁନ୍ଦର, ହେଲେ ମନଟା ମଇଳା । ଜାଣ, ଇଏ ହେଉଛି ଗୋଟାଏ ବିଷପୂର୍ଣ୍ଣ ସ୍ୱର୍ଣ୍ଣକଳସ ।''॥ ୪ ॥

ଦୋ:- **ସୁନି ଲଛିମନ ବିହସେ ବହୁରି ନୟନ ତରେରେ ରାମ ।**
**ଗୁର ସମୀପ ଗୱନେ ସକୁଚି ପରିହରି ବାନୀ ବାମ ॥ ୨୭୮ ॥**

ଏହା ଶୁଣି ଲକ୍ଷ୍ମଣ ପୁଣି ଥରେ ହସିଦେଲେ । ସଙ୍ଗେ ସଙ୍ଗେ ଶ୍ରୀରାମ ତାଙ୍କୁ ଆଖି ତରାଟି ଚାହିଁଲେ । ତାହା ଦେଖି ଲକ୍ଷ୍ମଣ କୌଣସି ପ୍ରତିବାଦ ନ କରି ସଂକୁଚିତ ହୋଇ ଗୁରୁଙ୍କ ପାଖକୁ ଚାଲିଗଲେ ॥ ୨୭୮ ॥

**ଅତି ବିନୀତ ମୃଦୁ ସୀତଲ ବାନୀ । ବୋଲେ ରାମୁ ଜୋରି ଜୁଗ ପାନୀ ॥**
**ସୁନହୁ ନାଥ ତୁମ୍ହ ସହଜ ସୁଜାନା । ବାଲକ ବଚନୁ କରିଅ ନହିଁ କାନା ॥ ୧ ॥**

ଶ୍ରୀରାମ ଦୁଇହାତ ଯୋଡ଼ି, ଅତ୍ୟନ୍ତ ବିନୀତ ହୋଇ, କୋମଳଶୀତଳ ବଚନ କହିଲେ, ''ହେ ନାଥ ! ଶୁଣନ୍ତୁ, ଆପଣ ତ ସହଜେ ସୁଜ୍ଞାନୀ ପଣ୍ଡିତ । ଆପଣ ଛୋଟପିଲାଙ୍କ କଥାରେ କାନ ଦିଅନ୍ତୁ ନାହିଁ (ଶୁଣି ନ ଶୁଣିଲା ପରି ରହିଯାଆନ୍ତୁ) ॥ ୧ ॥

**ବରରୈ ବାଲକୁ ଏକୁ ସୁଭାଉ । ଇନ୍ହହି ନ ସଂତ ବିଦୂଷହିଁ କାଉ ॥**
**ତେହିଁ ନାହୀଁ କଛୁ କାଜ ବିଗାରା । ଅପରାଧୀ ମୈଁ ନାଥ ତୁମ୍ହାରା ॥ ୨ ॥**

ବିରୁଡ଼ି ଓ ବାଳକ ଏକାସ୍ୱଭାବର ହୋଇଥାନ୍ତି । ସଜ୍ଜନମାନେ ଏମାନଙ୍କୁ କଦାପି ଦୋଷ ଦିଅନ୍ତି ନାହିଁ । ପୁଣି ଲକ୍ଷ୍ମଣ ତ ଆପଣଙ୍କ ପାଖରେ କୌଣସି ଅପରାଧ କରି ନାହିଁ; ଆପଣଙ୍କ ପାଖରେ ମୁଁ ହିଁ ଅପରାଧୀ (ଅର୍ଥାତ୍ ମୁଁ ଧନୁ ଭାଙ୍ଗିଛି) ॥ ୨ ॥

**କୃପା କୋପୁ ବଧୁ ବଁଧବ ଗୋସାଈଁ । ମୋ ପର କରିଅ ଦାସ କୀ ନାଈଁ ॥**
**କହିଅ ବେଗି ଜେହି ବିଧି ରିସ ଜାଈ । ମୁନିନାୟକ ସୋଇ କରୌଁ ଉପାଈ ॥ ୩ ॥**

ତେଣୁ ହେ ସ୍ୱାମୀ ! କୃପା, କ୍ରୋଧ, ବଧ ଓ ବନ୍ଧନ–ଏ ଭିତରୁ ଯାହା ବି କରିବାକୁ ଚାହୁଁଛନ୍ତି, ମୋତେ ଦାସ ମନେକରି ମୋ ପ୍ରତି ତାହା କରନ୍ତୁ । ଯାହା କଲେ ଆପଣଙ୍କର କ୍ରୋଧ ଶୀଘ୍ର ଦୂର ହୋଇଯିବ, କହନ୍ତୁ, ମୁଁ ସେହି ଉପାୟ କରିବି ।'' ॥ ୩ ॥

**କହ ମୁନି ରାମ ଜାଇ ରିସ କୈସେଁ । ଅଜହୁଁ ଅନୁଜ ତଵ୍ ଚିତଵ୍ ଅନୈସେଁ ॥**
**ଏହି କେଁ କଂଠ କୁଠାରୁ ନ ଦୀହ୍ନା । ତୌ ମୈଁ କାହ କୋପୁ କରି କୀହ୍ନା ॥ ୪ ॥**

ମୁନି କହିଲେ, "ହେ ରାମ ! କ୍ରୋଧ କିପରି ଦୂର ହେବ ? ଏବେ ବି ତୁମ ଭାଇ ମୋତେ ଆଖି ତରାଟି ଚାହୁଁଛି । ମୁଁ ଯଦି ତା' ବେକରେ ଫାର୍ଶା ଚୋଟ ନ ମାରିଛି, ତେବେ କ୍ରୋଧ କରି କ'ଣ ବା କଲି ! ॥ ୪ ॥

ଦୋଃ- **ଗର୍ଭ ସ୍ରଵହିଁ ଅଵନିପ ରଵନି ସୁନି କୁଠାର ଗତି ଘୋର ।**
**ପରସୁ ଅଛତ ଦେଖଉଁ ଜିଅତ ବୈରୀ ଭୂପକିସୋର ॥ ୨୭୯ ॥**

ମୋର ଯେଉଁ କୁଠାରର ଘୋର କର୍ମ କଥା ଶୁଣିଦେଲାକ୍ଷଣି କ୍ଷତ୍ରିୟ ରମଣୀମାନଙ୍କର ଗର୍ଭ ଖସିପଡ଼େ, ମୋ ହାତରେ ସେହି କୁଠାର ଥାଉ ଥାଉ, ଏହି ଶତ୍ରୁ ରାଜପୁତ୍ରଟା ମୋ ଆଖି ଆଗରେ ଜୀବିତ ରହିଛି !! ॥ ୨୭୯ ॥

**ବହଇ ନ ହାଥୁ ଦହଇ ରିସ ଛାତୀ । ଭା କୁଠାରୁ କୁଂଠିତ ନୃପଘାତୀ ॥**
**ଭୟଉ ବାମ ବିଧି ଫିରେଉ ସୁଭାଉ । ମୋରେ ହୃଦୟଁ କୃପା କସି କାଉ ॥ ୧ ॥**

ହାତ ଚାଲୁ ନାହିଁ; କ୍ରୋଧରେ ଛାତି ଜଳୁଛି । [ହାୟ !] ରାଜାମାନଙ୍କୁ ସଂହାର କରୁଥିବା ଏହି କୁଠାର ବି କୁଣ୍ଠିତ ହୋଇଗଲା ! ବିଧାତା ବିପରୀତ ହୋଇଗଲା; ସେଥିପାଇଁ ମୋ ସ୍ୱଭାବ ବି ବଦଳିଗଲା ! ନ ହେଲେ ମୋ ହୃଦୟରେ ଭଲା କେବେ କେଉଁଠି କୃପା ଥିଲା ! ॥ ୧ ॥

**ଆଜୁ ଦୟା ଦୁଖୁ ଦୁସହ ସହାଵା । ସୁନି ସୌମିତ୍ରି ବିହସି ସିରୁ ନାଵା ॥**
**ବାଉ କୃପା ମୂରତି ଅନୁକୂଲା । ବୋଲତ ବଚନ ଝରତ ଜନୁ ଫୂଲା ॥ ୨ ॥**

ଆଜି ଦୟା ମୋତେ ଏହି ଦୁଃସହ ଦୁଃଖ ସହିବାକୁ ବାଧ୍ୟ କରିଛି !!" ଏହା ଶୁଣି ଲକ୍ଷ୍ମଣ ମୁରୁକି ହସି, ମୁଣ୍ଡ ନୁଆଁଇଦେଇ କହିଲେ, "ଆପଣଙ୍କ କୃପାରୂପୀ ବାୟୁ ଆପଣଙ୍କ ମୂର୍ତ୍ତିର ଅନୁକୂଳ ! କଥା କହୁଛନ୍ତି, ସତେ ଯେପରି ଗଛରୁ ଫୁଲ ଝଡ଼ିପଡୁଛି ॥ ୨ ॥

**ଜୌଁ ପୈ କୃପାଁ ଜରିହିଁ ମୁନି ଗାତା । କ୍ରୋଧ ଭଏଁ ତନୁ ରାଖ ବିଧାତା ॥**
**ଦେଖୁ ଜନକ ହଠି ବାଲକୁ ଏହୂ । କୀହ୍ନ ଚହତ ଜଡ଼ ଜମପୁର ଗେହୂ ॥ ୩ ॥**

ହେ ମୁନି ! ଯଦି କୃପା କଲେ ଶରୀର ଜଳିଯାଉଛି, ତେବେ କ୍ରୋଧ କଲେ ତ ଶରୀରକୁ ବିଧାତାହିଁ ରକ୍ଷା କରିବେ ।" [ପର୍ଶୁରାମ କହିଲେ,] " ହେ ଜନକ ! ଦେଖ, ଏ ମୂର୍ଖ ବାଳକ ହଟ କରି ଯମପୁରୀରେ ଘର କରିବାକୁ ଚାହୁଁଛି ॥ ୩ ॥

**ବେଗି କରହୁ କିନ ଆଁଖିହ୍ନ ଓଟା । ଦେଖତ ଛୋଟ ଖୋଟ ନୃପ ଢୋଟା ॥**
**ବିହସେ ଲଖନୁ କହା ମନ ମାହୀଁ । ମୂଦେଁ ଆଁଖି କତହୁଁ କୋଉ ନାହୀଁ ॥ ୪ ॥**

ଏଇଟାକୁ ଶୀଘ୍ର ମୋ ଆଖି ଆଗରୁ ନେଇଯାଉନା କାହିଁକି? ଏ ରଜାଟୋକା ଦେଖିବାକୁ ଛୋଟ ହେଲେ ବି ନିତାନ୍ତ ଦୁଷ୍ଟ ।" ଲକ୍ଷ୍ମଣ ହସିଦେଇ ମନେ ମନେ କହିଲେ, "ଆଖି ବୁଜି ଦେଲେ ଆଉ କେହି ରହିବେ ନାହିଁ ।" ॥ ୪ ॥

ଦୋଃ- **ପରସୁରାମୁ ତବ ରାମ ପ୍ରତି ବୋଲେ ଉର ଅତି କ୍ରୋଧୁ ।**
**ସଂଭୁ ସରାସନୁ ତୋରି ସଠ କରସି ହମାର ପ୍ରବୋଧୁ ॥ ୨୮୦ ॥**

ଏଥର ପର୍ଶୁରାମ ମନେ ମନେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ଶ୍ରୀରାମଙ୍କୁ କହିଲେ, "ଆରେ ଶଠ ! ତୁ ଶିବଙ୍କ ଧନୁ ଭାଙ୍ଗି ମୋତେ ପୁଣି ପାଠ ଶିଖାଉଛୁ, ॥ ୨୮୦ ॥

**ବଂଧୁ କହଇ କଟୁ ସଂମତ ତୋରେଁ । ତୂ ଛଲ ବିନୟ କରସି କର ଜୋରେଁ ॥**
**କରୁ ପରିତୋଷୁ ମୋର ସଂଗ୍ରାମା । ନାହିଁ ତ ଛାଡ଼ୁ କହାଉବ ରାମା ॥ ୧ ॥**

ତେଣେ ତୋ ଭାଇ ତୋରି ସହମତିରେ କଟୁବଚନ କହୁଛି, ଆଉ ତୁ ଛଳନା କରି, ହାତ ଯୋଡ଼ି ବିନୟ କରୁଛୁ ! ପାରିବୁ ଯଦି, ଯୁଦ୍ଧ କରି ମୋତେ ସନ୍ତୁଷ୍ଟ କର; ନଚେତ୍ 'ରାମ' କହିହେବା ଛାଡ଼ିଦେ ॥ ୧ ॥

**ଛଲୁ ତଜି କରହି ସମରୁ ସିଵଦ୍ରୋହୀ । ବଂଧୁ ସହିତ ନ ତ ମାରଉଁ ତୋହୀ ॥**
**ଭୃଗୁପତି ବକହିଁ କୁଠାର ଉଠାଏଁ । ମନ ମୁସୁକାହିଁ ରାମୁ ସିର ନାଏଁ ॥ ୨ ॥**

ଆରେ ଶିବଦ୍ରୋହୀ ! ଛଳ ତ୍ୟାଗ କରି ମୋ ସହିତ ଯୁଦ୍ଧ କର; ନ ହେଲେ ତୋ ଭାଇ ସହିତ ତୋତେ ବି ମାରିଦେବି ।'' କୁଠାର ଉଠାଇ ପର୍ଶୁରାମ ଏଣେ ଏପରି ଆସ୍ଫାଳନ କରିଚାଲିଥାନ୍ତି, ତେଣେ ଶ୍ରୀରାମ ମୁଣ୍ଡ ନୁଆଁଇ ମନେ ମନେ ହସୁଥାନ୍ତି ॥ ୨ ॥

**ଗୁନହ ଲଖନ କର ହମ ପର ରୋଷୂ । କତହୁଁ ସୁଧାଇହୁ ତେ ବଡ଼ ଦୋଷୂ ॥**
**ଟେଢ଼ ଜାନି ସବ ବଂଦଇ କାହୂ । ବକ୍ର ଚଂଦ୍ରମହି ଗ୍ରସଇ ନ ରାହୂ ॥ ୩ ॥**

[ଶ୍ରୀରାମ ମନେ ମନେ ଭାବୁଥାନ୍ତି,] ''ଦୋଷ କଲା ଲକ୍ଷ୍ମଣ, ଅଥଚ ଏ କ୍ରୋଧ ଦେଖାଉଛନ୍ତି ମୋ ଉପରେ ! କେବେ କେବେ ସରଳତା ମଧ୍ୟ ବଡ଼ ଦୋଷ ହୋଇଯାଏ । ଟେଢ଼ା ଲୋକକୁ ସମସ୍ତେ ପୂଜା କରନ୍ତି; କୁଟିଳ(ବକ୍ର)ଚନ୍ଦ୍ରକୁ ରାହୁ ବି ଗ୍ରାସ କରେ ନାହିଁ ॥ ୩ ॥

**ରାମ କହେଉ ରିସ ତଜିଅ ମୁନୀସା । କର କୁଠାରୁ ଆଗେଁ ୟହ ସୀସା ॥**
**ଜେହିଁ ରିସ ଜାଇ କରିଅ ସୋଇ ସ୍ୱାମୀ । ମୋହି ଜାନିଅ ଆପନ ଅନୁଗାମୀ ॥ ୪ ॥**

ତା'ପରେ ଶ୍ରୀରାମ ସ୍ପଷ୍ଟରୂପେ କହିଲେ, ''ହେ ମୁନୀଶ୍ୱର ! ଆପଣ କ୍ରୋଧ ସମ୍ବରଣ କରନ୍ତୁ । ଆପଣଙ୍କ ହାତରେ ଫାର୍ଶା ରହିଛି ଏବଂ ଆପଣଙ୍କ ଆଗରେ ମୋ ମୁଣ୍ଡ ମଧ୍ୟ ରହିଛି । ହେ ସ୍ୱାମୀ ! ଯାହା କଲେ ଆପଣଙ୍କର କ୍ରୋଧ ଶାନ୍ତ ହେବ, ତାହାହିଁ କରନ୍ତୁ । ମୋତେ ଆପଣଙ୍କ ସେବକ–ଦାସ ବୋଲି ଜାଣନ୍ତୁ ॥ ୪ ॥

ଦୋः- **ପ୍ରଭୁହି ସେଵକହି ସମରୁ କସ ତଜହୁ ବିପ୍ରବର ରୋସୁ ।**
**ବେଷୁ ବିଲୋକେଁ କହେସି କଛୁ ବାଲକହୂ ନହିଁ ଦୋସୁ ॥ ୨୮୧ ॥**

ସ୍ୱାମୀ ଓ ସେବକ ଭିତରେ ଯୁଦ୍ଧର କି ଆବଶ୍ୟକତା ? ହେ ବ୍ରାହ୍ମଣଶ୍ରେଷ୍ଠ ! କ୍ରୋଧ ତ୍ୟାଗ କରନ୍ତୁ । ଆପଣଙ୍କର ବୀରବେଶ ଦେଖି ଏ ବାଳକ କିଛି କହିଦେଇଛି; ବାସ୍ତବରେ ତାହାର ବି କୌଣସି ଦୋଷ ନାହିଁ ॥ ୨୮୧ ॥

**ଦେଖି କୁଠାର ବାନ ଧନୁ ଧାରୀ । ଭୈ ଲରିକହି ରିସ ବୀରୁ ବିଚାରୀ ॥**
**ନାମୁ ଜାନ ପୈ ତୁମ୍ହହି ନ ଚୀହ୍ନା । ବଂସ ସୁଭାୟଁ ଉତରୁ ତେହିଁ ଦୀହ୍ନା ॥ ୧ ॥**

ଆପଣ କୁଠାର, ଶର ଓ ଧନୁ ଧରିଥିବା ଦେଖି ପିଲାଟା ଆପଣଙ୍କୁ ବୀର ବୋଲି ଭାବିଦେଲା; ତେଣୁ ତା'ମନରେ କ୍ରୋଧ ଆସିଗଲା । ସେ ଆପଣଙ୍କ ନାମ ଜାଣିଥିଲା ସତ, କିନ୍ତୁ ଆପଣଙ୍କୁ ଚିହ୍ନି ନ ଥିଲା । ନିଜ ବଂଶର (ରଘୁବଂଶର) ସ୍ୱଭାବ ଅନୁସାରେ ସେ ଉତ୍ତର ଦେଲା ॥ ୧ ॥

**ଜୌଁ ତୁମ୍ହ ଔତେହୁ ମୁନି କୀ ନାଈଁ । ପଦ ରଜ ସିର ସିସୁ ଧରତ ଗୋସାଈଁ ॥**
**ଛମହୁ ଚୂକ ଅନଜାନତ କେରୀ । ଚହିଅ ବିପ୍ର ଉର କୃପା ଘନେରୀ ॥ ୨ ॥**

ହେ ଗୋସାଇଁ ! ଆପଣ ଯଦି ମୁନି ଭଳି ଆସିଥାନ୍ତେ, ସେହି ବାଳକ ତ ଆପଣଙ୍କ ଚରଣଧୂଳି ନେଇ ମୁଣ୍ଡରେ ଲଗାଇଥାନ୍ତା । ଅଜାଣତରେ ହୋଇଯାଇଥିବା ଭୁଲ୍‌କୁ କ୍ଷମା କରିଦିଅନ୍ତୁ । ବ୍ରାହ୍ମଣମାନଙ୍କ ହୃଦୟରେ ଅତ୍ୟଧିକ ଦୟା ରହିବା ଆବଶ୍ୟକ ॥ ୨ ॥

**ହମହି ତୁହ୍ମହି ସରିବରି କସି ନାଥା । କହହୁ ନ କହାଁ ଚରନ କହଁ ମାଥା ॥**
**ରାମ ମାତ୍ର ଲଘୁ ନାମ ହମାରା । ପରସୁ ସହିତ ବଡ଼ ନାମ ତୋହାରା ॥ ୩ ॥**

ହେ ନାଥ ! ଆମେ ଆପଣଙ୍କ ସହ ସମାନ ହେବା କ'ଣ ସମ୍ଭବ ! କହନ୍ତୁ ନା; କାହିଁ ମସ୍ତକ, ଆଉ କାହିଁ ଚରଣ ! କାହିଁ ମୋର କେବଳ 'ରାମ' ପରି ଛୋଟିଆ ନାଆଁଟିଏ, ଆଉ କାହିଁ ଆପଣଙ୍କର ପର୍ଶୁ ସହିତ ଯୋଡ଼ା ଯାଇଥିବା ବଡ଼ ନାମ (ପର୍ଶୁରାମ) ! ॥ ୩ ॥

**ଦେଓ୍ୱ ଏକୁ ଗୁନୁ ଧନୁଷ ହମାରେଁ । ନଓ୍ୱ ଗୁନ ପରମ ପୁନୀତ ତୁହ୍ମାରେ ॥**
**ସବ ପ୍ରକାର ହମ ତୁହ୍ମ ସନ ହାରେ । ଛମହୁ ବିପ୍ର ଅପରାଧ ହମାରେ ॥ ୪ ॥**

ହେ ଦେବ ! ଆମର ଏହି ଧନୁରେ ତ ଗୋଟିଏମାତ୍ର ଗୁଣ ରହିଛି; କିନ୍ତୁ ଆପଣଙ୍କର ରହିଛି ନଅଟି ପରମ ପବିତ୍ରଗୁଣ (ଶମ, ଦମ, ତପ, ଶୌଚ, କ୍ଷମା, ସରଳତା, ଜ୍ଞାନ, ବିଜ୍ଞାନ ଓ ଆସ୍ତିକତା) । ଆମେ ତ ଆପଣଙ୍କ ପାଖରେ ସକଳପ୍ରକାରେ ହାର ମାନୁଛୁ । ହେ ବିପ୍ରବର ! ଆମ ଅପରାଧ କ୍ଷମା କରନ୍ତୁ ।'' ॥ ୪ ॥

ଦୋ:- **ବାର ବାର ମୁନି ବିପ୍ରବର କହା ରାମ ସନ ରାମ ।**
**ବୋଲେ ଭୃଗୁପତି ସରୁଷ ହସି ତହୂଁ ବଂଧୁ ସମ ବାମ ॥ ୨୮୨ ॥**

ଶ୍ରୀରାମ ପର୍ଶୁରାମଙ୍କୁ ବାରମ୍ବାର 'ମୁନି' ଓ 'ବିପ୍ରବର' ବୋଲି ସମ୍ବୋଧନ କଲେ । ଏହା ଶୁଣି ଭୃଗୁପତି କ୍ରୁଦ୍ଧ ହୋଇ କହିଲେ, ''ତୁ ବି ତୋ ଭାଇ ପରି କୁଟିଳ ॥ ୨୮୨ ॥

**ନିପଟହିଁ ଦ୍ୱିଜ କରି ଜାନହି ମୋହୀ । ମୈଁ ଜସ ବିପ୍ର ସୁନାଓ୍ୱଉଁ ତୋହୀ ॥**
**ଚ୍ପ ସ୍ରୁଓ୍ୱା ସର ଆହୁତି ଜାନୂ । କୋପୁ ମୋର ଅତି ଘୋର କୃସାନୂ ॥ ୧ ॥**

ତୁ ମୋତେ ସାମାନ୍ୟ ବିପ୍ରଟାଏ ବୋଲି ଭାବିଛୁ ନା କ'ଣ ? ମୁଁ କିପରି ବିପ୍ର, ଶୁଣ । ମୋ ଧନୁକୁ ସ୍ରୁବ, ମୋ ଶରକୁ ଆହୁତି ଓ ମୋ କ୍ରୋଧକୁ ଅତ୍ୟନ୍ତ ଭୟଙ୍କର ଅଗ୍ନି ବୋଲି ଜାଣ ॥ ୧ ॥

**ସମିଧି ସେନ ଚତୁରଂଗ ସୁହାଈ । ମହା ମହୀପ ଭଏ ପସୁ ଆଈ ॥**
**ମୈଁ ଏହିଁ ପରସୁ କାଟି ବଲି ଦୀହ୍ନେ । ସମର ଜଗ୍ୟ ଜପ କୋଟିହ୍ନ କୀହ୍ନେ ॥ ୨ ॥**

ଚତୁରଙ୍ଗ ସେନା ହେଉଛି ସୁନ୍ଦର ସମିଧ (ଯଜ୍ଞରେ ଜଳା ଯାଉଥିବା କାଠ) । ବଡ଼ ବଡ଼ ରାଜାମାନେ ଆସି ମୋ ପାଖରେ ଯଜ୍ଞର ବଳି-ପଶୁ ହୋଇଛନ୍ତି । ସେମାନଙ୍କୁ ମୋର ଏହି ଫାର୍ଶାରେ ହାଣି ମୁଁ ବଳି ଦେଇଛି । ମୁଁ ଏପରି କୋଟି କୋଟି ଜପଯୁକ୍ତ ରଣଯଜ୍ଞ କରିଛି (ଅର୍ଥାତ୍ ଯେପରି ମନ୍ତ୍ରୋଚ୍ଚାରଣପୂର୍ବକ ସ୍ୱାହା ଶବ୍ଦସହିତ ଆହୁତି ଦିଆଯାଏ, ମୁଁ ସେହିପରି ରାଜାମାନଙ୍କୁ ଡାକି ଡାକି ବଳି ଦେଇଛି) ॥ ୨ ॥

**ମୋର ପ୍ରଭାଉ ବିଦିତ ନହିଁ ତୋରେଁ । ବୋଲସି ନିଦରି ବିପ୍ର କେ ଭୋରେଁ ॥**
**ଭଂଜେଉ ଚ୍ପୁ ଦାପୁ ବଡ଼ ବାଢ଼ା । ଅହମିତି ମନହୁଁ ଜୀତି ଜଗୁ ଠାଢ଼ା ॥ ୩ ॥**

ମୋ ପ୍ରଭାବ ତୋତେ ଜଣା ନାହିଁ । ତେଣୁ ତୁ ମୋତେ 'ବ୍ରାହ୍ମଣ' ବୋଲି କହି ଅପମାନିତ କରୁଛୁ । ଧନୁ ଭାଙ୍ଗିଦେଲୁ ବୋଲି ତୋର ଗର୍ବ ବଢ଼ିଯାଇଛି । ତୋର ଏତେ ଅହଂକାର ଯେ, ତୁ ଜଗତ୍ ଜୟ କଲାପରି ଠିଆ ହୋଇଛୁ ?'' ॥ ୩ ॥

**ରାମ କହା ମୁନି କହହୁ ବିଗ୍ରରୀ । ରିସ ଅତି ବଡ଼ି ଲଘୁ ଚୂକ ହମାରୀ ॥**
**ଛୁଅତହିଁ ଟୂଟ ପିନାକ ପୁରାନା । ମୈଁ କେହି ହେତୁ କରୌଁ ଅଭିମାନା ॥ ୪ ॥**

ଶ୍ରୀରାମ କହିଲେ, ''ହେ ମୁନି ! ଟିକିଏ ବିଗ୍ରର କରି କଥା କହନ୍ତୁ । ଆପଣଙ୍କ କ୍ରୋଧ ବହୁତ ବଡ଼; ମୋ ଭୁଲ୍ କିନ୍ତୁ ବହୁତ ଛୋଟ । ପୁରୁଣା ଧନୁଟା; ଛୁଉଁ ଛୁଉଁ ଭାଙ୍ଗିଗଲା । ଏଥିରେ ମୁଁ କାହିଁକି ଅଭିମାନ କରିବି? ॥ ୪ ॥

ଦୋ:- **ଜୌଁ ହମ ନିଦରହିଁ ବିପ୍ର ବଦି ସତ୍ୟ ସୁନହୁ ଭୃଗୁନାଥ ।**
**ତୌ ଅସ କୋ ଜଗ ସୁଭଟୁ ଜେହି ଭୟ ବସ ନାୱହିଁ ମାଥ ॥ ୨୮୩ ॥**

ହେ ଭାର୍ଗବ ! ମୁଁ ଯଦି ବ୍ରାହ୍ମଣ ବୋଲି କହି ସତରେ ନିରାଦର କରୁଛି, ତେବେ ଏ ନିରାଟ ସତ୍ୟବାଣୀ ଶୁଣନ୍ତୁ : ସଂସାରରେ କିଏ ଏପରି ଯୋଦ୍ଧା ଅଛି, ଯାହା ପାଖରେ ମୁଁ ଭୟରେ ମୁଣ୍ଡ ନୁଆଁଇଦେବି ? ॥ ୨୮୩ ॥

**ଦେୱ ଦନୁଜ ଭୂପତି ଭଟ ନାନା । ସମବଲ ଅଧିକ ହୋଉ ବଲୱାନା ॥**
**ଜୌଁ ରନ ହମହି ପଗ୍ରରୈ କୋଉ । ଲରହିଁ ସୁଖେନ କାଲୁ କିନ ହୋଉ ॥ ୧ ॥**

ଦେବତା ହୁଅନ୍ତୁ, କି ଦୈତ୍ୟ ହୁଅନ୍ତୁ, କି ରାଜା ହୁଅନ୍ତୁ, କି ଅନ୍ୟ ଯେ କେହି ମହାବୀର ହୁଅନ୍ତୁ,–ସେ ବଳରେ ଆମର ସମକକ୍ଷ ହୁଅନ୍ତୁ, କି ଆମଠାରୁ ଅଧିକ ବଳବାନ୍ ହୁଅନ୍ତୁ, ଆମକୁ ଯଦି ସେ ଯୁଦ୍ଧପାଇଁ ଆହ୍ୱାନ ଦେବେ, ସେ ସ୍ୱୟଂ କାଳ ହୋଇଥାନ୍ତୁ ନା କାହିଁକି, ଆମେ ତାଙ୍କ ସହିତ ଖୁସିରେ ଲଢ଼ିବୁ ॥ ୧ ॥

**ଛତ୍ରିୟ ତନୁ ଧରି ସମର ସକାନା । କୁଲ କଲଂକୁ ତେହି ପାୱଁର ଆନା ॥**
**କହଉଁ ସୁଭାଉ ନ କୁଲହି ପ୍ରସଂସୀ । କାଲହୁ ଡରହିଁ ନ ରନ ରଘୁବଂସୀ ॥ ୨ ॥**

କ୍ଷତ୍ରିୟଶରୀର ଧରି ଯେ ଯୁଦ୍ଧକୁ ଡରିଲା, ସେ ତା କୁଳରେ କଳଙ୍କ ବୋଳିଦେଲା । ମୁଁ ଆମ କୁଳର ପ୍ରଶଂସା କରି କହୁନାହିଁ; ମୁଁ ଆମ ବଂଶର ସ୍ୱଭାବ କଥା କହୁଛି ଯେ, ରଘୁବଂଶୀମାନେ ଯୁଦ୍ଧରେ କାଳକୁ ବି ଭୟ କରନ୍ତି ନାହିଁ ॥ ୨ ॥

**ବିପ୍ରବଂସ କୈ ଅସି ପ୍ରଭୁତାଈ । ଅଭୟ ହୋଇ ଜୋ ତୁମ୍ହହି ଡେରାଈ ॥**
**ସୁନି ମୃଦୁ ଗୂଢ଼ ବଚନ ରଘୁପତି କେ । ଉଘରେ ପଟଲ ପରସୁଧର ମତି କେ ॥ ୩ ॥**

ବ୍ରାହ୍ମଣକୁଳର ଏହା ମହିମା ଯେ, ଯେଉଁମାନେ ଆପଣଙ୍କୁ (ବ୍ରାହ୍ମଣମାନଙ୍କୁ) ଭୟ କରନ୍ତି, ସେମାନେ ଅନ୍ୟ ସମସ୍ତଙ୍କ ପାଖରେ ନିର୍ଭୟ ହୋଇଯାଆନ୍ତି [ଅଥବା ଯେ ପୂରାପୂରି ନିର୍ଭୟ, ସେ ବି ଆପଣଙ୍କୁ ଭୟ କରନ୍ତି] ।'' ଶ୍ରୀରଘୁନାଥଙ୍କର କୋମଳ ଓ ରହସ୍ୟପୂର୍ଣ୍ଣ ବଚନ ଶୁଣି ପର୍ଶୁରାମଙ୍କ ବୁଦ୍ଧିର ଆବରଣ ଖୋଲିଗଲା ॥ ୩ ॥

**ରାମ ରମାପତି କର ଧନୁ ଲେହୂ । ଖୈଂଚହୁ ମିଟୈ ମୋର ସଂଦେହୂ ॥**
**ଦେତ ଗ୍ରପୁ ଆପୁହିଁ ଚଲି ଗୟଉ । ପରସୁରାମ ମନ ବିସମୟ ଭୟଉ ॥ ୪ ॥**

ପର୍ଶୁରାମ କହିଲେ, ''ହେ ରାମ ! ଲକ୍ଷ୍ମୀପତି ବିଷ୍ଣୁଙ୍କର ଏହି ଧନୁଟି ହାତରେ ଧରି ଗୁଣ ଚଢ଼ାନ୍ତୁ; ତାହା ଦେଖିଦେଲେ ମୋର ସନ୍ଦେହ ତୁଟିଯିବ ।'' ଏପରି କହି ପର୍ଶୁରାମ ଧନୁଟି ଶ୍ରୀରାମଙ୍କ ହାତକୁ ବଢ଼ାଇଦେବାକୁ ଯାଆନ୍ତେ, ତାହା ସ୍ୱତଃ ତାଙ୍କ ହାତରୁ ଶ୍ରୀରାମଙ୍କ ହାତକୁ ଗ୍ରଲିଗଲା । ଧନୁ ସହିତ ବୈଷ୍ଣବ ତେଜ ମଧ୍ୟ ପର୍ଶୁରାମଙ୍କଠାରୁ ଶ୍ରୀରାମଙ୍କ ପାଖକୁ ଗ୍ରଲିଗଲା । ଏହା ଦେଖି ପର୍ଶୁରାମଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା ॥ ୪ ॥

ଦୋ:- **ଜାନା ରାମ ପ୍ରଭାଉ ତବ ପୁଲକ ପ୍ରଫୁଲ୍ଲିତ ଗାତ ।**
**ଜୋରି ପାନି ବୋଲେ ବଚନ ହୃଦୟଁ ନ ପ୍ରେମୁ ଅମାତ ॥ ୨୮୪ ॥**

ସେତେବେଳେ ଯାଇ ସେ ଶ୍ରୀରାମଙ୍କ ପ୍ରଭାବ ଜାଣିପାରିଲେ । ତାଙ୍କ ଶରୀର ପୁଲକିତ ଓ ପ୍ରଫୁଲ୍ଲିତ ହୋଇଗଲା । ହୃଦୟରୁ ପ୍ରେମ ଉଛୁଳିପଡ଼ିଲା । ସେ ଦୁଇ କର ଯୋଡ଼ି ସ୍ତୁତି କଲେ, ॥ ୨୮୪ ॥

**ଜୟ ରଘୁବଂସ ବନଜ ବନ ଭାନୂ । ଗହନ ଦନୁଜ କୁଲ ଦହନ କୃସାନୂ ॥**
**ଜୟ ସୁର ବିପ୍ର ଧେନୁ ହିତକାରୀ । ଜୟ ମଦ ମୋହ କୋହ ଭ୍ରମ ହାରୀ ॥ ୧ ॥**

"ହେ ରଘୁକୁଳରୂପୀ କମଳବନର ସୂର୍ଯ୍ୟ ! ହେ ରାକ୍ଷସକୁଳରୂପୀ ଘନ ଅରଣ୍ୟର ଦାହକ ଅଗ୍ନି ! ଆପଣଙ୍କର ଜୟ ହେଉ । ହେ ଦେବ-ବ୍ରାହ୍ମଣ-ଗୋ-କୁଳର ହିତକାରୀ ! ଆପଣଙ୍କର ଜୟ ହେଉ । ହେ ମଦ-ମୋହ-କ୍ରୋଧ-ଭ୍ରାନ୍ତିର ହରଣକାରୀ ! ଆପଣଙ୍କର ଜୟ ହେଉ ॥ ୧ ॥

**ବିନୟ ସୀଲ କରୁନା ଗୁନ ସାଗର । ଜୟତି ବଚନ ରଚନା ଅତି ନାଗର ॥**
**ସେଓ୍ୱକ ସୁଖଦ ସୁଭଗ ସବ ଅଂଗା । ଜୟ ସରୀର ଛବି କୋଟି ଅନଂଗା ॥ ୨ ॥**

ହେ ବିନୟ, ସୁଶୀଳତା, କୃପା ଆଦି ଗୁଣର ସାଗର ! ହେ ବାକ୍‌କୁଶଳୀ ! ଆପଣଙ୍କର ଜୟ ହେଉ ! ହେ ସେବକସୁଖଦାୟୀ ! ହେ ସର୍ବାଙ୍ଗସୁନ୍ଦର ! ହେ କୋଟିକାମଦେବ-ଛବିଧାରୀ ! ଆପଣଙ୍କର ଜୟ ହେଉ ! ॥ ୨ ॥

**କରୌଁ କାହ ମୁଖ ଏକ ପ୍ରସଂସା । ଜୟ ମହେସ ମନ ମାନସ ହଂସା ॥**
**ଅନୁଚିତ ବହୁତ କହେଉଁ ଅଗ୍ୟାତା । ଛମହୁ ଛମାମଂଦିର ଦୋଉ ଭ୍ରାତା ॥ ୩ ॥**

ମୁଁ ଗୋଟିଏ ମୁଖରେ ଆପଣଙ୍କର ବା କି ପ୍ରଶଂସା କରିବି ! ହେ ମହାଦେବଙ୍କ ମନରୂପୀ ମାନସରୋବରର ହଂସ ! ଆପଣଙ୍କର ଜୟ ହେଉ । ମୁଁ ଅଜାଣତରେ ଆପଣଙ୍କୁ ବହୁ ଅନୁଚିତ କଥା କହିଦେଲି । ହେ କ୍ଷମାନିଳୟ ଦୁଇଭାଇ ! ମୋତେ କ୍ଷମା କରନ୍ତୁ ॥ ୩ ॥

**କହି ଜୟ ଜୟ ଜୟ ରଘୁକୁଲ କେତୂ । ଭୃଗୁପତି ଗଏ ବନହି ତପ ହେତୂ ॥**
**ଅପଭୟଁ କୁଟିଲ ମହୀପ ଡେରାନେ । ଜହଁ ତହଁ କାୟର ଗୱଁହିଁ ପରାନେ ॥ ୪ ॥**

ହେ ରଘୁକୁଳର ଧ୍ୱଜା ଶ୍ରୀରାମ ! ଆପଣଙ୍କର ଜୟ ହେଉ ! ଜୟ ହେଉ ! ଜୟ ହେଉ !" ଏପରି କହି କହି ପର୍ଶୁରାମ ତପ କରିବା ନିମନ୍ତେ ବନକୁ ଚ୍ଚାଲିଗଲେ । ଏହା ଦେଖି ଦୁଷ୍ଟ ରାଜାମାନେ ବୃଥା ଭୟରେ (ରାମଙ୍କ ପାଖରେ ତ ପର୍ଶୁରାମ ବି ହାରିଗଲେ; ଆମେ ତ ଏହାଙ୍କୁ ଅପମାନ ଦେଇଛୁ; ଏ ଆମ ଉପରେ ପ୍ରତିଶୋଧ ନେଇପାରନ୍ତି, ଏହି ଭୟରେ) ଡରିଗଲେ । ସେହି କାପୁରୁଷମାନେ ଯେ ଯେଉଁ ବାଟ ପାଇଲେ, ସେହି ବାଟରେ ଚୁପଚାପ ଖସି ପଳାଇଗଲେ ॥ ୪ ॥

ଦୋ:- **ଦେଓ୍ୱନ୍ହ ଦୀନ୍ହୀ ଦୁଂଦୁଭୀଁ ପ୍ରଭୁ ପର ବରଷହିଁ ଫୂଲ ।**
**ହରଷେ ପୁର ନର ନାରି ସବ ମିଟୀ ମୋହମୟ ସୂଲ ॥ ୨୮୫ ॥**

ଦେବତାମାନେ ଦୁନ୍ଦୁଭି ବଜାଇଲେ । ସେମାନେ ପ୍ରଭୁଙ୍କ ଉପରେ ପୁଷ୍ପବୃଷ୍ଟି କଲେ । ଜନକପୁରର ସମସ୍ତ ନରନାରୀ ଆନନ୍ଦିତ ହୋଇଗଲେ । ସେମାନଙ୍କର ମୋହମୟ [ଅଜ୍ଞାନରୁ ଉତ୍ପନ୍ନ] ବ୍ୟଥା ଦୂର ହୋଇଗଲା ॥ ୨୮୫ ॥

**ଅତି ଗହଗହେ ବାଜନେ ବାଜେ । ସବହିଁ ମନୋହର ମଂଗଲ ସାଜେ ॥**
**ଜୂଥ ଜୂଥ ମିଲି ସୁମୁଖି ସୁନୟନୀଁ । କରହିଁ ଗାନ କଲ କୋକିଲବୟନୀଁ ॥ ୧ ॥**

ଘୋର ନାଦରେ ବିଭିନ୍ନ ବାଦ୍ୟ ବାଜିଲା । ସମସ୍ତେ ସର୍ବତ୍ର ବିଭିନ୍ନ ମନୋହର ମଙ୍ଗଳମୟ ବସ୍ତୁ ସଜାଇଲେ । ସୁମୁଖୀ, ସୁନୟନା ଓ କୋକିଳଭାଷିଣୀ ନାରୀମାନେ ଦଳ ଦଳ ହୋଇ ସୁମଧୁର ଗୀତ ଗାଇବାକୁ ଲାଗିଲେ ॥ ୧ ॥

**ସୁଖୁ ବିଦେହ କର ବରନି ନ ଜାଈ । ଜନ୍ମଦରିଦ୍ର ମନହୁଁ ନିଧି ପାଈ ॥**
**ବିଗତ ତ୍ରାସ ଭଇ ସୀୟ ସୁଖାରୀ । ଜନୁ ବିଧୁ ଉଦୟଁ ଚକୋରକୁମାରୀ ॥ ୨ ॥**

ଜନକଙ୍କର ଆନନ୍ଦ ତ କହିଲେ ନ ସରେ ; ତାଙ୍କୁ ଦେଖି ମନେହେଲା, ସତେ ଯେପରି ଜଣେ ଆଜନ୍ମଦରିଦ୍ର ଏକ ବିରାଟ ଧନଭଣ୍ଡାର ପାଇଯାଇଛି । ସୀତାଙ୍କର ଭୟ ଦୂର ହୋଇଗଲା । ଚନ୍ଦ୍ର ଉଦିତ ହେଲେ ଚକୋରୀ ଯେପରି ଆନନ୍ଦିତା ହୁଏ, ସେ ସେହିପରି ଆନନ୍ଦିତା ହେଲେ ॥ ୨ ॥

**ଜନକ କୀହ୍ନ କୌସିକହି ପ୍ରନାମା । ପ୍ରଭୁ ପ୍ରସାଦ ଧନୁ ଭଂଜେଉ ରାମା ॥**
**ମୋହି କୃତକୃତ୍ୟ କୀହ୍ନ ଦୁହୁଁ ଭାଈଁ । ଅବ ଜୋ ଉଚିତ ସୋ କହିଅ ଗୋସାଈଁ ॥ ୩ ॥**

ଜନକ ବିଶ୍ୱାମିତ୍ରଙ୍କୁ ପ୍ରଣାମ କଲେ । କହିଲେ, ''ପ୍ରଭୁଙ୍କ (ଆପଣଙ୍କ) କୃପାରୁହିଁ ଶ୍ରୀରାମ ଧନୁ ଭାଙ୍ଗିଦେଲେ । ଦୁଇଭାଇ ମୋତେ କୃତାର୍ଥ କରିଦେଲେ । ହେ ପ୍ରଭୁ ! ଏଥର କଣ କରିବା ଉଚିତ, ତାହା କହନ୍ତୁ ।'' ॥ ୩ ॥

**କହ ମୁନି ସୁନୁ ନରନାଥ ପ୍ରବୀନା । ରହା ବିବାହୁ ଚାପ ଆଧୀନା ॥**
**ଟୂଟତହୀଁ ଧନୁ ଭୟଉ ବିବାହୂ । ସୁର ନର ନାଗ ବିଦିତ ସବ କାହୂ ॥ ୪ ॥**

ମୁନିବର କହିଲେ, ''ହେ ଚତୁର ନରେଶ ! ଶୁଣ । ଏ ବିବାହ ତ ଧନୁ ଉପରେ ନିର୍ଭର କରୁଥିଲା; ଧନୁ ଭାଙ୍ଗିଯିବାମାତ୍ରେ ଜାଣ ବିବାହ ହୋଇଗଲା । ଦେବତା, ମନୁଷ୍ୟ, ନାଗ–ସମସ୍ତେ ଏହା ଜାଣନ୍ତି ॥ ୪ ॥

ଦୋଃ- **ତଦପି ଜାଇ ତୁହ୍ମ କରହୁ ଅବ ଜଥା ବଂସ ବ୍ୟୱହାରୁ ।**
**ବୂଝି ବିପ୍ର କୁଲବୃଦ୍ଧ ଗୁର ବେଦ ବିଦିତ ଆଚାରୁ ॥ ୨୮୬ ॥**

ତଥାପି ତୁମେ ଯାଇ ତୁମ କୁଳର ଆଚାର ଅନୁଯାୟୀ ବ୍ରାହ୍ମଣ, କୁଳବୃଦ୍ଧ ଓ ଗୁରୁମାନଙ୍କୁ ପଚାରି ତଥା ବେଦବିଧି ଅନୁସାରେ ଯାହା କରିବା କଥା, ତାହା କର ॥ ୨୮୬ ॥

**ଦୂତ ଅୱଧପୁର ପଠୱହୁ ଜାଈ । ଆନହିଁ ନୃପ ଦସରଥହି ବୋଲାଈ ॥**
**ମୁଦିତ ରାଉ କହି ଭଲେହିଁ କୃପାଲା । ପଠଏ ଦୂତ ବୋଲି ତେହି କାଲା ॥ ୧ ॥**

ଅଯୋଧ୍ୟାକୁ ଦୂତ ପଠାଅ । ସେମାନେ ରାଜା ଦଶରଥଙ୍କୁ ନିମନ୍ତ୍ରଣ କରି ଆଣନ୍ତୁ ।'' ରାଜା କହିଲେ, ''ହେ କୃପାଳୁ ! ବଡ଼ ଆନନ୍ଦର କଥା ।'' ସେ ସଙ୍ଗେ ସଙ୍ଗେ ଦୂତଙ୍କୁ ଡକାଇ ଦଶରଥଙ୍କୁ ଆଣିବାକୁ ପଠାଇଦେଲେ ॥ ୧ ॥

**ବହୁରି ମହାଜନ ସକଲ ବୋଲାଏ । ଆଇ ସବହ୍ନି ସାଦର ସିର ନାଏ ॥**
**ହାଟ ବାଟ ମଂଦିର ସୁରବାସା । ନଗରୁ ସଁୱାରହୁ ଚାରିହୁଁ ପାସା ॥ ୨ ॥**

ତା'ପରେ ସେ ସବୁ ମୁଖ୍ୟ ମୁଖ୍ୟ ଲୋକଙ୍କୁ ଡକାଇଲେ । ସେମାନେ ଆସି ରାଜାଙ୍କ ପାଖରେ ଭକ୍ତିପୂର୍ବକ ନତମସ୍ତକ ହେଲେ । ରାଜା କହିଲେ, ''ନଗରର ଚାରିଆଡ଼େ ରାସ୍ତାଘାଟ, ଘରଦ୍ୱାର, ଦୋକାନବଜାର, ମନ୍ଦିର, ଦେବାଳୟ ଆଦିକୁ ସୁନ୍ଦରଭାବରେ ସଜାଇବାର ବ୍ୟବସ୍ଥା କର ।'' ॥ ୨ ॥

**ହରଷି ଚଲେ ନିଜ ନିଜ ଗୃହ ଆଏ । ପୁନି ପରିଚାରକ ବୋଲି ପଠାଏ ॥**
**ରଚହୁ ବିଚିତ୍ର ବିତାନ ବନାଈ । ସିର ଧରି ବଚନ ଚଲେ ସଚୁ ପାଈ ॥ ୩ ॥**

ସେମାନେ ପ୍ରସନ୍ନ ହୋଇ ନିଜ ନିଜ ଘରକୁ ଗଲେ । ପୁଣି ରାଜା କର୍ମଚାରୀମାନଙ୍କୁ ଡକାଇ ଆଜ୍ଞା ଦେଲେ, ''ସୁନ୍ଦର ବିବାହ ମଣ୍ଡପ ତିଆରି କରି ସଜାଇଦିଅ ।'' ରାଜାଙ୍କ ଆଦେଶ ଶିରୋଧାର୍ଯ୍ୟ କରି ସେମାନେ ଆନନ୍ଦର ସହିତ କାମକୁ ଚାଲିଲେ ॥ ୩ ॥

**ପଠଏ ବୋଲି ଗୁନୀ ଚିହ୍ନ ନାନା । ଜେ ବିତାନ ବିଧି କୁସଲ ସୁଜାନା ॥**
**ବିଧିହି ବଂଦି ତିହ୍ନ କୀହ୍ନ ଅରଂଭା । ବିରଚେ କନକ କଦଲି କେ ଖଂଭା ॥ ୪ ॥**

ସେ ବିବାହ ମଣ୍ଡପ ଗଢ଼ିବାରେ କୁଶଳ ଶିଳ୍ପୀମାନଙ୍କୁ ଡକାଇଲେ । ସେମାନେ ବ୍ରହ୍ମାଙ୍କୁ ବନ୍ଦନା କରି କାର୍ଯ୍ୟ ଆରମ୍ଭ କରିଦେଲେ । ପ୍ରଥମେ ସୁନାରେ କଦଳୀଗଛମାନ ତିଆରି କଲେ ॥ ୪ ॥

ଦୋ:- **ହରିତ ମନିହ୍ନ କେ ପତ୍ର ଫଲ ପଦୁମରାଗ କେ ଫୂଲ ।**
**ରଚନା ଦେଖି ବିଚିତ୍ର ଅତି ମନୁ ବିରଂଚି କର ଭୂଲ ॥ ୨୮୭ ॥**

ଶିଳ୍ପୀମାନେ ସବୁଜରଙ୍ଗର ମଣିରେ ପତ୍ର ଓ ଫଳ ଏବଂ ପଦ୍ମରାଗ ମଣିରେ ଫୁଲ ଗଢ଼ିଲେ । ମଣ୍ଡପର ବିଚିତ୍ର ରଚନାଶୈଳୀ ଦେଖି ବ୍ରହ୍ମା ମଧ୍ୟ ବିମୋହିତ ହୋଇଗଲେ ॥ ୨୮୭ ॥

**ବେନୁ ହରିତ ମନିମୟ ସବ କୀହ୍ନେ । ସରଲ ସପରବ ପରହିଁ ନହିଁ ଚୀହ୍ନେ ॥**
**କନକ କଲିତ ଅହିବେଲି ବନାଈ । ଲଖି ନହିଁ ପରଇ ସପରନ ସୁହାଈ ॥ ୧ ॥**

ସବୁଜରଙ୍ଗର ମଣି ଖଞ୍ଜି ଏପରି ସଳଖ ଓ ଗଣ୍ଠିଗଣ୍ଠିଆ ବାଉଁଶ ଗଢ଼ିଦେଲେ ଯେ, ତାହା ପ୍ରକୃତ ବାଉଁଶ, ନା ମଣିରେ ତିଆରି ବାଉଁଶ, ଚିହ୍ନିହେଲା ନାହିଁ । ସୁବର୍ଣ୍ଣର ସୁନ୍ଦର ପାନଲତା ସବୁ ଗଢ଼ାଗଲା; ତାହା ପତ୍ରମାନଙ୍କ ସହିତ ଏତେ ସୁନ୍ଦର ଦେଖାଗଲା ଯେ, ସୁନାରେ ତିଆରି ବୋଲି ଜାଣିହେଲା ନାହିଁ ॥ ୧ ॥

**ତେହି କେ ରଚି ପଚି ବଂଧ ବନାଏ । ବିଚ ବିଚ ମୁକୁତା ଦାମ ସୁହାଏ ॥**
**ମାନିକ ମରକତ କୁଲିସ ପିରୋଜା । ଚୀରି କୋରି ପଚି ରଚେ ସରୋଜା ॥ ୨ ॥**

ସେହି ଲତାଗୁଡ଼ିକ ପ୍ରସ୍ତୁତ କରି ସେଗୁଡ଼ିକୁ କାରୁକାର୍ଯ୍ୟପୂର୍ଣ୍ଣ ଶୈଳୀରେ ଦଉଡ଼ିରୂପେ ବନ୍ଧାଗଲା । ମଝି ମଝିରେ ମୋତିମାଳା ଲାଗିଥିବା ସୁନ୍ଦର ଝାଲର ଝୁଲୁଥାଏ । ମାଣିକ୍ୟ, ମରକତମଣି, ହୀରା, ନୀଳା ଖୋଦେଇ କରି କାରୁକାର୍ଯ୍ୟର ସହିତ ଲାଲ, ସବୁଜ, ଧଳା ଇତ୍ୟାଦି ବିଭିନ୍ନ ରଙ୍ଗର ପଦ୍ମସବୁ ତିଆରି କରାଗଲା ॥ ୨ ॥

**କିଏ ଭୃଂଗ ବହୁରଂଗ ବିହଂଗା । ଗୁଂଜହିଁ କୂଜହିଁ ପଵନ ପ୍ରସଂଗା ॥**
**ସୁର ପ୍ରତିମା ଖଂଭନ ଗଢ଼ି କାଢ଼ୀଁ । ମଂଗଲ ଦ୍ରବ୍ୟ ଲିଏଁ ସବ ଠାଢ଼ୀଁ ॥ ୩ ॥**

ଭ୍ରମର ଓ ବହୁ ରଙ୍ଗବେରଙ୍ଗ ପକ୍ଷୀ ଗଢ଼ି ସେହି ଲତାମାନଙ୍କରେ ଏଭଳି ଖଞ୍ଜାଗଲା ଯେ, ସେମାନେ ପବନର ସଂସ୍ପର୍ଶରେ ଗୁଞ୍ଜନ ଓ କୂଜନ କରୁଥାନ୍ତି । ସ୍ତମ୍ଭମାନଙ୍କରେ ବିଭିନ୍ନ ଦେବତାଙ୍କର ପ୍ରତିମୂର୍ତ୍ତି ଖୋଦେଇ କରାଗଲା; ସେହି ମୂର୍ତ୍ତିମାନେ ନାନାପ୍ରକାର ମଙ୍ଗଳଦ୍ରବ୍ୟ ଧରି ଠିଆ ହୋଇଥାନ୍ତି ॥ ୩ ॥

**ଚୌକେଁ ଭାତି ଅନେକ ପୁରାଈଁ । ସିଂଧୁର ମନିମୟ ସହଜ ସୁହାଈଁ ॥ ୪ ॥**

ଚଟାଣରେ ନାନାବିଧ ଝୋଟି ପକାଗଲା ଓ ସେଥିରେ ସହଜସୁନ୍ଦରଭାବରେ ଗଜମୁକ୍ତାସବୁ ଖଞ୍ଜାଗଲା ॥ ୪ ॥

ଦୋ:- **ସୌରଭ ପଲ୍ଲଵ ସୁଭଗ ସୁଠି କିଏ ନୀଲମନି କୋରି ।**
**ହେମ ବୌର ମରକତ ଘଵରି ଲସତ ପାଟମୟ ଡୋରି ॥ ୨୮୮ ॥**

ନୀଲମଣି ଖୋଦେଇ କରି ସେଥିରେ ସୁନ୍ଦର ଆମ୍ରପତ୍ର ତିଆରି କରାଗଲା । ସୁନାର ବଉଳ ଏବଂ ମରକତମଣିର ଫଳପେଣ୍ଡା ରେଶମ ସୂତାରେ ବନ୍ଧା ହୋଇ ଅତି ସୁନ୍ଦରଭାବରେ ଝୁଲାଗଲା ॥ ୨୮୮ ॥

**ରଚେ ରୁଚିର ବର ବଂଦନିଓ୍ୱାରେ । ମନହୁ ମନୋଭଓ୍ୱଁ ଫଂଦ ସଁଓ୍ୱାରେ ॥**
**ମଂଗଲ କଲସ ଅନେକ ବନାଏ । ଧ୍ୱଜ ପତାକ ପଟ ଚମର ସୁହାଏ ॥ ୧ ॥**

ସେହି ଆମ୍ବପତ୍ର ପ୍ରଭୃତିର ସୁନ୍ଦର ମାଳ କରାଯାଇ ସେଗୁଡ଼ିକୁ ଏପରି ଛନ୍ଦାଛନ୍ଦି କରି ବନ୍ଧାଗଲା ଯେ, ମନେହେଲା, ସତେ ଯେପରି କାମଦେବ ଏକ ଜାଲ ତିଆରିକରିଛନ୍ତି । [ବିଭିନ୍ନ ସ୍ଥାନରେ] ଅନେକ ମଙ୍ଗଳକଳସ ଓ ସୁନ୍ଦର ଧ୍ୱଜା, ପତାକା, ପରଦା ଓ ଚାମରମାନ ସଜାଗଲା ॥ ୧ ॥

**ଦୀପ ମନୋହର ମନିମୟ ନାନା । ଜାଇ ନ ବରନି ବିଚିତ୍ର ବିତାନା ॥**
**ଜେହିଁ ମଂଡପ ଦୁଲହିନି ବୈଦେହୀ । ସୋ ବରନୈ ଅସି ମତି କବି କେହୀ ॥ ୨ ॥**

ଯେଉଁ ବିଚିତ୍ର ମଣ୍ଡପରେ ମଣିମାଣିକ୍ୟ ଦୀପ ପରି ଚମକୁଥାଏ, ତାହାର ବର୍ଣ୍ଣନା ତ କରିହେବ ନାହିଁ । ଯେଉଁ ମଣ୍ଡପରେ ଜାନକୀ ବୋହୂ ହୋଇ ବସିବେ, ତା'ର ବର୍ଣ୍ଣନା କରିବାକୁ କେଉଁ କବିର ବା ବୁଦ୍ଧି ପାଇବ !! ॥ ୨ ॥

**ଦୂଲହୁ ରାମୁ ରୂପ ଗୁନ ସାଗର । ସୋ ବିତାନୁ ତିହୁଁ ଲୋକ ଉଜାଗର ॥**
**ଜନକ ଭଓ୍ୱନ କୈ ସୋଭା ଜୈସୀ । ଗୃହ ଗୃହ ପ୍ରତି ପୁର ଦେଖିଅ ତୈସୀ ॥ ୩ ॥**

ଯେଉଁ ମଣ୍ଡପରେ ରୂପ ଓ ଗୁଣର ସାଗର ଶ୍ରୀରାମ ବର ହୋଇ ବସିବେ, ସେହି ମଣ୍ଡପ ତ ତ୍ରିଲୋକରେ ପ୍ରସିଦ୍ଧ ହେବା ସ୍ୱାଭାବିକ । ଜନକଙ୍କ ନଅର ଯେପରି ଶୋଭା ପାଇଲା, ନଗରର ପ୍ରତ୍ୟେକ ଘର ସେହିପରି ଶୋଭା ପାଇଲା ॥ ୩ ॥

**ଜେହିଁ ତେରହୁତି ତେହି ସମୟ ନିହାରୀ । ତେହି ଲଘୁ ଲଗହିଁ ଭୁଓ୍ୱନ ଦସ ଚାରୀ ॥**
**ଜୋ ସଂପଦା ନୀଚ ଗୃହ ସୋହା । ସୋ ବିଲୋକି ସୁରନାୟକ ମୋହା ॥ ୪ ॥**

ସେତେବେଳକାର ମିଥିଳାନଗରୀକୁ ଯେ ଦେଖିଲା, ତାକୁ ତ ଚଉଦଭୁବନ ମଧ୍ୟ ତୁଚ୍ଛ ଲାଗିଲା । ସେତେବେଳେ ଜନକପୁରରେ ଜଣେ ସାଧାରଣଲୋକର ଘରକୁ ବି ଯେଉଁ ସମ୍ପଦ ସୁଶୋଭିତ କରୁଥିଲା, ତାହା ଦେଖି ଇନ୍ଦ୍ର ମଧ୍ୟ ମୋହିତ ହୋଇଯାଉଥିଲେ ॥ ୪ ॥

ଦୋଃ- **ବସଇ ନଗର ଜେହିଁ ଲଚ୍ଛି କରି କପଟ ନାରି ବର ବେଷୁ ।**
**ତେହି ପୁର କୈ ସୋଭା କହତ ସକୁଚହିଁ ସାରଦ ସେଷୁ ॥ ୨୮୯ ॥**

ଯେଉଁ ନଗରରେ ସ୍ୱୟଂ ଲକ୍ଷ୍ମୀ ଗୁପ୍ତଭାବରେ ନାରୀ ଶିରୋମଣି ବେଶ ଧରି ବାସ କରୁଥିଲେ, ସେହି ନଗରର ଶୋଭା ବର୍ଣ୍ଣନା କରିବାକୁ ତ ସ୍ୱୟଂ ସରସ୍ୱତୀ ଓ ଶେଷଦେବ ମଧ୍ୟ ନିଜକୁ ଅଯୋଗ୍ୟ ମନେକରିବେ ॥ ୨୮୯ ॥

**ପହୁଁଚେ ଦୂତ ରାମ ପୁର ପାଓ୍ୱନ । ହରଷେ ନଗର ବିଲୋକି ସୁହାଓ୍ୱନ ॥**
**ଭୂପ ଦ୍ୱାର ତିହ୍ନ ଖବରି ଜନାଈ । ଦସରଥ ନୃପ ସୁନି ଲିଏ ବୋଲାଈ ॥ ୧ ॥**

ଜନକଙ୍କ ଦୂତମାନେ ଯାଇ ଶ୍ରୀରାମଙ୍କ ପବିତ୍ର ନଗରୀ ଅଯୋଧ୍ୟାରେ ପହଞ୍ଚିଗଲେ । ସୁନ୍ଦର ନଗର ଦେଖି ସେମାନେ ଅତ୍ୟନ୍ତ ଆନନ୍ଦିତ ହେଲେ । ରାଜଦ୍ୱାରକୁ ଯାଇ ସେମାନେ ଭିତରକୁ ସମାଚାର ପଠାଇଲେ । ସମାଚାର ପାଇ ରାଜା ଦଶରଥ ସେମାନଙ୍କୁ ଭିତରକୁ ଡକାଇଲେ ॥ ୧ ॥

**କରି ପ୍ରନାମୁ ତିହ୍ନ ପାତୀ ଦୀହ୍ନୀ । ମୁଦିତ ମହୀପ ଆପୁ ଉଠି ଲୀହ୍ନୀ ॥**
**ବାରି ବିଲୋଚନ ବାଁଚତ ପାତୀ । ପୁଲକ ଗାତ ଆଈ ଭରି ଛାତୀ ॥ ୨ ॥**

ଦୂତମାନେ ତାଙ୍କୁ ପ୍ରଣାମ କରି ତାଙ୍କ ହାତକୁ ଜନକଙ୍କ ପତ୍ର ବଢ଼ାଇଦେଲେ । ରାଜା ପ୍ରସନ୍ନ ହୋଇ ସ୍ୱୟଂ ଉଠିଆସି ତାହା ଗ୍ରହଣ କଲେ । ପତ୍ରଟି ପଢୁ ପଢୁ ତାଙ୍କ ନେତ୍ର ପ୍ରେମ ଓ ଆନନ୍ଦର ଅଶ୍ରୁରେ ପୂର୍ଣ୍ଣ ହୋଇଗଲା; ଶରୀର ପୁଲକିତ ହୋଇଗଲା ଓ ହୃଦୟ ଆନନ୍ଦରେ ପୂରିଉଠିଲା ॥ ୨ ॥

**ରାମୁ ଲଖନୁ ଉର କର ବର ଚୀଠୀ । ରହି ଗଏ କହତ ନ ଖାଟୀ ମୀଠୀ ॥**
**ପୁନି ଧରି ଧୀର ପତ୍ରିକା ବାଁଚୀ । ହରଷୀ ସଭା ବାତ ସୁନି ସାଁଚୀ ॥ ୩ ॥**

ହୃଦୟରେ ରାମ ଓ ଲକ୍ଷ୍ମଣ; ହାତରେ ସୁନ୍ଦର ପତ୍ରିକା । ରାଜା ପତ୍ରିକାଟି ଧରି ସ୍ତବ୍ଧ ହୋଇ ରହିଗଲେ । ପାଟିରୁ ଭଲ, କି ମନ୍ଦ, କିଛି ବଚନ ବାହାରିଲା ନାହିଁ । କିଛି ସମୟ ପରେ ସେ ଧୈର୍ଯ୍ୟ ଧରି ପୁଣି ଥରେ ପତ୍ରଟି ପଢ଼ିଲେ । ପ୍ରକୃତ ସମ୍ବାଦଟି ଶୁଣି ସମଗ୍ର ରାଜସଭା ହର୍ଷିତ ହୋଇଗଲା ॥ ୩ ॥

**ଖେଲତ ରହେ ତହାଁ ସୁଧି ପାଈ । ଆଏ ଭରତୁ ସହିତ ହିତ ଭାଈ ॥**
**ପୂଛତ ଅତି ସନେହଁ ସକୁଚାଈ । ତାତ କହାଁ ତେଁ ପାତୀ ଆଈ ॥ ୪ ॥**

ଭରତ ସେତେବେଳକୁ ଭାଇ ଶତ୍ରୁଘ୍ନ ଓ ଅନ୍ୟ ସାଙ୍ଗସାଥୀଙ୍କ ସହିତ ଖେଳୁଥିଲେ । ସମାଚାର ପାଇ ସେମାନେ ଖେଳପାଖରୁ ଧାଇଁଆସିଲେ । ଆସୁ ଆସୁ ଅତ୍ୟନ୍ତ ସ୍ନେହର ସହିତ ନମ୍ର ହୋଇ ପଚାରିଲେ, ''ପିତାଶ୍ରୀ ! ପତ୍ର କେଉଁଠୁ ଆସିଛି ? ॥ ୪ ॥

ଦୋ:- **କୁସଲ ପ୍ରାନପ୍ରିୟ ବଂଧୁ ଦୋଉ ଅହହିଁ କହହୁ କେହିଁ ଦେସ ।**
**ସୁନି ସନେହ ସାନେ ବଚନ ବାଚୀ ବହୁରି ନରେସ ॥ ୨୯୦ ॥**

ଆମର ପ୍ରାଣପ୍ରିୟ ଦୁଇଭାଇ କୁଶଳରେ ଅଛନ୍ତି ତ ? ସେମାନେ ଏବେ କେଉଁ ଦେଶରେ ଅଛନ୍ତି ?'' ଏଭଳି ସ୍ନେହପୂର୍ଣ୍ଣ ବଚନ ଶୁଣି ରାଜା ପୁଣି ଥରେ ପତ୍ର ପଢ଼ି ଶୁଣାଇଦେଲେ ॥ ୨୯୦ ॥

**ସୁନି ପାତୀ ପୁଲକେ ଦୋଉ ଭ୍ରାତା । ଅଧିକ ସନେହୁ ସମାତ ନ ଗାତା ॥**
**ପ୍ରୀତି ପୁନୀତ ଭରତ କୈ ଦେଖୀ । ସକଲ ସଭାଁ ସୁଖୁ ଲହେଉ ବିସେଷୀ ॥ ୧ ॥**

ପତ୍ର ଶୁଣି ଦୁଇଭାଇ ଆନନ୍ଦରେ ରୋମାଞ୍ଚିତ ହୋଇଗଲେ; ଏତେ ଅଧିକ ଆନନ୍ଦ ହେଲା ଯେ, ଦେହ ତାହା ସମ୍ଭାଳିପାରିଲା ନାହିଁ । ଭରତଙ୍କର ପ୍ରଗାଢ଼ ପ୍ରେମ ଦେଖି ସଭାର ସମସ୍ତେ ବିଶେଷ ଆନନ୍ଦିତ ହୋଇଗଲେ ॥ ୧ ॥

**ତବ ନୃପ ଦୂତ ନିକଟ ବୈଠାରେ । ମଧୁର ମନୋହର ବଚନ ଉଚାରେ ॥**
**ଭୈୟା କହହୁ କୁସଲ ଦୋଉ ବାରେ । ତୁମ୍ହ ନୀକେଁ ନିଜ ନୟନ ନିହାରେ ॥ ୨ ॥**

ରାଜା ସେହି ଦୂତମାନଙ୍କୁ ଡାକି ପାଖରେ ବସାଇଲେ ଏବଂ କୋମଳ ମଧୁର କଣ୍ଠରେ ପଚାରିଲେ, ''କୁହ ଭାଇ ! ଆମ ଦୁଇପୁଅ କୁଶଳରେ ଅଛନ୍ତି ତ ? ତୁମେ ନିଜେ ତାଙ୍କୁ ଭଲ କରି ଦେଖିଛ ତ ? ॥ ୨ ॥

**ସ୍ୟାମଲ ଗୌର ଧରେଁ ଧନୁ ଭାଥା । ବୟ କିସୋର କୌସିକ ମୁନି ସାଥା ॥**
**ପହିଚାନହୁ ତୁମ୍ହ କହହୁ ସୁଭାଉ । ପ୍ରେମ ବିବସ ପୁନି ପୁନି କହ ରାଉ ॥ ୩ ॥**

ଜଣେ ଶ୍ୟାମଳ, ଆର ଜଣକ ଗୌରବର୍ଣ୍ଣ । ହାତରେ ଧନୁଶର ଧରିଆନ୍ତି; କିଶୋର ବୟସ; ବିଶ୍ୱାମିତ୍ର ମୁନିଙ୍କ ସାଥିରେ ରହିଥିବେ । ତୁମେ ଯଦି ତାଙ୍କୁ ଚିହ୍ନିଛ, ତେବେ ତାଙ୍କ ସ୍ୱଭାବ କିପରି, କହିଲ ?'' ରାଜା ପ୍ରେମାବିଷ୍ଟ ହୋଇ ବାରମ୍ବାର ଏପରି ପଚାରିଲେ ॥ ୩ ॥

ଜା ଦିନ ତେଁ ମୁନି ଗଏ ଲୱାଇ । ତବ ତେଁ ଆଜୁ ସାଁଚି ସୁଧି ପାଇ ॥
କହହୁ ବିଦେହ କୱନ ବିଧି ଜାନେ । ସୁନି ପ୍ରିୟ ବଚନ ଦୂତ ମୁସୁକାନେ ॥ ୪ ॥

"ଆରେ ଭାଇ ! ସେମାନେ ମୁନିଙ୍କ ସହିତ ଗଲାଦିନୁ, ଆଜିଯାଏ ମୁଁ ସେମାନଙ୍କର କୌଣସି ଖବର ପାଇ ନ ଥିଲି; ଆଜିହିଁ ପ୍ରକୃତ ଖବର ପାଇଲି । ଆଚ୍ଛା, କହିଲ, ରାଜା ଜନକ ତାଙ୍କୁ ଚିହ୍ନିଲେ କିପରି ?" ଏପରି ପ୍ରେମପୂର୍ଣ୍ଣ ବଚନ ଶୁଣି ଦୂତମାନେ ମୁରୁକି ମୁରୁକି ହସିଲେ ॥ ୪ ॥

ଦୋ:- ସୁନହୁ ମହୀପତି ମୁକୁଟ ମନି ତୁମ୍ହ ସମ ଧନ୍ୟ ନ କୋଉ ।
ରାମୁ ଲଖନୁ ଜିହ୍ନ କେ ତନୟ ବିସ୍ୱ ବିଭୂଷନ ଦୋଉ ॥ ୨୯୧ ॥

[ସେମାନେ କହିଲେ,] "ହେ ରାଜଶିରୋମଣି ! ଆପଣ ଧନ୍ୟ ! ଯାହାଙ୍କର ରାମଲକ୍ଷ୍ମଣଙ୍କ ପରି ବିଶ୍ୱବିଭୂଷଣ ପୁତ୍ର ଅଛନ୍ତି, ତାଙ୍କ ଠାରୁ ବଳି ଭାଗ୍ୟବାନ୍ ଆଉ କିଏ ହୋଇପାରେ ! ॥ ୨୯୧ ॥

ପୂଛନ ଜୋଗୁ ନ ତନୟ ତୁମ୍ହାରେ । ପୁରୁଷସିଂଘ ତିହୁ ପୁର ଉଜିଆରେ ॥
ଜିହ୍ନ କେ ଜସ ପ୍ରତାପ କେଁ ଆଗେ । ସସି ମଲୀନ ରବି ସୀତଲ ଲାଗେ ॥ ୧ ॥

ମଣିମାଙ୍କ ପୁତ୍ରମାନେ କିପରି ଅଛନ୍ତି ବୋଲି ପଚାରିବାର କୌଣସି ଆବଶ୍ୟକତା ନାହିଁ । ପୁରୁଷସିଂହ ଦୁହେଁ ତ୍ରିଲୋକର ପ୍ରକାଶସ୍ୱରୂପ । ଯାହାଙ୍କର ଯଶ ଆଗରେ ଚନ୍ଦ୍ର ବି କାନ୍ତିହୀନ ଏବଂ ଯାହାଙ୍କ ପ୍ରତାପ ଆଗରେ ସୂର୍ଯ୍ୟ ବି ଶୀତଳ, ॥ ୧ ॥

ତିହ୍ନ କହଁ କହିଅ ନାଥ କିମି ଚୀହ୍ନେ । ଦେଖିଅ ରବି କି ଦୀପ କର ଲୀହ୍ନେ ॥
ସୀୟ ସ୍ୱୟଂବର ଭୂପ ଅନେକା । ସମିଟେ ସୁଭଟ ଏକ ତେଁ ଏକା ॥ ୨ ॥

ହେ ମହାରାଜ ! ତାଙ୍କ ପାଇଁ ପୁଣି ମଣିମା ପଚାରୁଛନ୍ତି, 'ତାଙ୍କୁ କିପରି ଚିହ୍ନିଲ' !! ସୂର୍ଯ୍ୟଙ୍କୁ କ'ଣ ଦୀପ ଧରି ଦେଖିବାକୁ ହୁଏ ? ସୀତାଙ୍କ ସ୍ୱୟଂବରରେ ଅନେକ ରାଜା ଓ ଏକୁ ଆରେକ ବଳିଆର ଯୋଦ୍ଧା ଏକତ୍ର ହୋଇଥିଲେ, ॥ ୨ ॥

ସଂଭୁ ସରାସନୁ କାହୁଁ ନ ଟାରା । ହାରେ ସକଲ ବୀର ବରିଆରା ॥
ତୀନି ଲୋକ ମହଁ ଜେ ଭଟମାନୀ । ସଭ କୈ ସକତି ସଂଭୁ ଧନୁ ଭାନୀ ॥ ୩ ॥

କିନ୍ତୁ ଶିବଙ୍କ ଧନୁକୁ କେହି ଜଣେ ବି ଘୁଞ୍ଚାଇପାରିଲେ ନାହିଁ । ସବୁ ବଳବାନ୍ ରାଜା ହାରିଗଲେ । ତ୍ରିଲୋକରେ ଯେତେ ଅଭିମାନୀ ବୀର ଥିଲେ, ଶିବଙ୍କ ଧନୁ ସେ ସମସ୍ତଙ୍କ ଶକ୍ତି ଭାଙ୍ଗିଦେଲା ॥ ୩ ॥

ସକଇ ଉଠାଇ ସରାସୁର ମେରୂ । ସୋଉ ହିୟଁ ହାରି ଗୟଉ କରି ଫେରୂ ॥
ଜେହିଁ କୌତୁକ ସିୱସୈଲୁ ଉଠାୱା । ସୋଉ ତେହିଁ ସଭାଁ ପରାଭଉ ପାୱା ॥ ୪ ॥

ଯେଉଁ ବାଣାସୁର ସୁମେରୁକୁ ବି ଟେକିପାରୁଥିଲା, ସେ ବି ମନେ ମନେ ହାରିଯାଇ ସେହି ଧନୁକୁ ପରିକ୍ରମା କରି ଚାଲିଗଲା । ପୁଣି ଯେଉଁ ରାବଣ ଅବଲୀଳାକ୍ରମେ କୈଳାସକୁ ଉଠାଇନେଇଥିଲା, ସେ ବି ସେହି ସଭାରେ ପରାଜିତ ହୋଇଗଲା ॥ ୪ ॥

ଦୋ:- ତହାଁ ରାମ ରଘୁବଂସମନି ସୁନିଅ ମହା ମହିପାଲ ।
ଭଂଜେଉ ଚାପ ପ୍ରୟାସ ବିନୁ ଜିମି ଗଜ ପଂକଜ ନାଲ ॥ ୨୯୨ ॥

ହେ ମହାରାଜ ! ଶୁଣନ୍ତୁ, ଯେଉଁଠି ଏଡ଼େ ଏଡ଼େ ଯୋଦ୍ଧା ହାର ମାନିଗଲେ, ସେଠାରେ ରଘୁବଂଶମଣି ଶ୍ରୀରାମ ବିନା-ପ୍ରୟାସରେ, ହାତୀ ପଦ୍ମନାଡ଼ ଭାଙ୍ଗିଦେଲାପରି ଶିବଧନୁକୁ ଭାଙ୍ଗିଦେଲେ ॥ ୨୯୨ ॥

**ସୁନି ସରୋଷ ଭୃଗୁନାୟକୁ ଆଏ । ବହୁତ ଭାଁତି ତିହ୍ନ ଆଁଖି ଦେଖାଏ ॥**
**ଦେଖି ରାମ ବଲୁ ନିଜ ଧନୁ ଦୀହ୍ନା । କରି ବହୁ ବିନୟ ଗଓ୍ୱନୁ ବନ କୀହ୍ନା ॥ ୧ ॥**

ଧନୁ ଭାଙ୍ଗିବା ଶୁଣି ପର୍ଶୁରାମ କ୍ରୋଧଜର୍ଜର ହୋଇ ସେଠାକୁ ଚାଲିଆସିଲେ ଏବଂ ନାନାପ୍ରକାରେ ଆଖି ଦେଖାଇଲେ । ଶେଷରେ ସେ ମଧ୍ୟ ଶ୍ରୀରାମଙ୍କ ବଳ ଦେଖି ତାଙ୍କୁ ନିଜର ବୈଷ୍ଣବଧନୁ ଦେଇଦେଲେ ଏବଂ ବହୁପ୍ରକାର ବିନତି କରି ବନକୁ ଚାଲିଗଲେ ॥ ୧ ॥

**ରାଜନ ରାମୁ ଅତୁଲବଲ ଜୈସେଁ । ତେଜ ନିଧାନ ଲଖନୁ ପୁନି ତୈସେଁ ॥**
**କଂପହିଁ ଭୂପ ବିଲୋକତ ଜାକେଁ । ଜିମି ଗଜ ହରି କିସୋର କେ ତାକେଁ ॥ ୨ ॥**

ହେ ରାଜନ୍ ! ଶ୍ରୀରାମ ଯେପରି ଅତୁଳନୀୟ ବଳବାନ୍, ଲକ୍ଷ୍ମଣ ବି ସେହିପରି ତେଜୀୟାନ୍ । ତାଙ୍କୁ ଦେଖିଲାମାତ୍ରେ ସିଂହଛୁଆକୁ ଦେଖି ହାତୀମାନେ କମ୍ପିଲାପରି ରାଜାମାନେ ଭୟରେ କମ୍ପୁଥିଲେ ॥ ୨ ॥

**ଦେଓ୍ୱ ଦେଖି ତଓ୍ୱ ବାଲକ ଦୋଉ । ଅବ ନ ଆଁଖି ତର ଆଓ୍ୱତ କୋଉ ॥**
**ଦୂତ ବଚନ ରଚନା ପ୍ରିୟ ଲାଗୀ । ପ୍ରେମ ପ୍ରତାପ ବୀର ରସ ପାଗୀ ॥ ୩ ॥**

ହେ ଦେବ ! ଆପଣଙ୍କ ଦୁଇ କୁମାରଙ୍କୁ ଦେଖିବା ପରେ, ଆଉ କେହି ଆମ ଦୃଷ୍ଟିକୁ (ପସନ୍ଦକୁ) ଆସୁନାହାନ୍ତି ।'' ଦୂତମାନଙ୍କର ସେହି ପ୍ରେମ, ପ୍ରତାପ ତଥା ବୀରରସରେ ପୂର୍ଣ୍ଣ ବଚନ ସମସ୍ତଙ୍କୁ ଅତ୍ୟନ୍ତ ପ୍ରୀତିକର ବୋଧ ହେଲା ॥ ୩ ॥

**ସଭା ସମେତ ରାଉ ଅନୁରାଗେ । ଦୂତହ୍ନ ଦେନ ନିଛାଓ୍ୱରି ଲାଗେ ॥**
**କହି ଅନୀତି ତେ ମୂଦହିଁ କାନା । ଧରମୁ ବିଚାରି ସବହିଁ ସୁଖୁ ମାନା ॥ ୪ ॥**

ସଭାସଦ୍‌ମାନଙ୍କ ସମେତ ରାଜା ପ୍ରେମରେ ମଗ୍ନ ହୋଇଗଲେ ଏବଂ ସେମାନଙ୍କୁ ପୁରସ୍କାର ଦେବାକୁ ଯିବାରୁ ''ଏହା ନୀତିବିରୁଦ୍ଧ'' ବୋଲି କହି ସେହି ଦୂତମାନେ ନିଜ କାନରେ ହାତ ଦେଇଦେଲେ । ସେମାନଙ୍କର ସେହି ଧର୍ମନିଷ୍ଠା ଦେଖି ସମସ୍ତେ ଆନନ୍ଦିତ ହେଲେ ॥ ୪ ॥

ଦୋଃ- **ତବ ଉଠି ଭୂପ ବସିଷ୍ଟ କହୁଁ ଦୀହ୍ନି ପତ୍ରିକା ଜାଇ ।**
**କଥା ସୁନାଈ ଗୁରହି ସବ ସାଦର ଦୂତ ବୋଲାଇ ॥ ୨୯୩ ॥**

ତହୁଁ ରାଜା ସଭାରୁ ଉଠି ବଶିଷ୍ଠଙ୍କ ନିକଟକୁ ଗଲେ । ସେ ତାଙ୍କୁ ଜନକଙ୍କ ପତ୍ରିକାଟି ଧରାଇଦେଲେ ଏବଂ ଦୂତମାନଙ୍କୁ ଆଦର ସହକାରେ ଡକାଇ ସେମାନଙ୍କ ଦ୍ୱାରା ଗୁରୁଙ୍କୁ ସକଳ ବୃତ୍ତାନ୍ତ ଶୁଣାଇଦେଲେ ॥ ୨୯୩ ॥

**ସୁନି ବୋଲେ ଗୁର ଅତି ସୁଖୁ ପାଈ । ପୁନ୍ୟ ପୁରୁଷ କହୁଁ ମହି ସୁଖ ଛାଈ ॥**
**ଜିମି ସରିତା ସାଗର ମହୁଁ ଜାହୀଁ । ଜଦ୍ୟପି ତାହି କାମନା ନାହୀଁ ॥ ୧ ॥**

ସକଳ ସମାଚାର ଶୁଣି ଗୁରୁ ଅତ୍ୟନ୍ତ ଆନନ୍ଦରେ କହିଲେ, ''ପୁଣ୍ୟାତ୍ମା ପୁରୁଷମାନଙ୍କ ନିମନ୍ତେ ପୃଥିବୀ ସୁଖରେ ପରିପୂର୍ଣ୍ଣ ହୋଇଥାଏ । ସମୁଦ୍ରର ନଦୀପାଇଁ କୌଣସି କାମନା ନ ଥିଲେ ବି, ନଦୀମାନେ ଯେପରି ସମୁଦ୍ର ଆଡ଼କୁ ଧାଆଁନ୍ତି, ॥ ୧ ॥

**ତିମି ସୁଖ ସଂପତି ବିନହିଁ ବୋଲାଏଁ । ଧରମସୀଲ ପହିଁ ଜାହିଁ ସୁଭାଏଁ ॥**
**ତୁହ୍ମ ଗୁର ବିପ୍ର ଧେନୁ ସୁର ସେବୀ । ତସି ପୁନୀତ କୌସଲ୍ୟା ଦେବୀ ॥ ୨ ॥**

ଧର୍ମାତ୍ମା ପୁରୁଷ କୌଣସି ସୁଖସମ୍ପଦ ଗ୍ରହୁଁ ନ ଥିଲେ ବି, ତାଙ୍କ ପାଖକୁ ସୁଖସମ୍ପଦ ଠିକ୍ ସେହିପରି ମାଡ଼ିଆସେ । ଆପଣ ଯେପରି ଗୁରୁ, ବ୍ରାହ୍ମଣ, ଗୋମାତା ଓ ଦେବତାମାନଙ୍କର ସେବା କରନ୍ତି, କୌଶଲ୍ୟା ଦେବୀ ମଧ୍ୟ ସେହିପରି ପୁଣ୍ୟବତୀ ॥ ୨ ॥

**ସୁକୃତୀ ତୁହ୍ମ ସମାନ ଜଗ ମାହୀଁ । ଭୟଉ ନ ହୈ କୋଉ ହୋନେଉ ନାହୀଁ ॥**
**ତୁହ୍ମ ତେ ଅଧିକ ପୁନ୍ୟ ବଡ଼ କାକେଁ । ରାଜନ ରାମ ସରିସ ସୁତ ଜାକେଁ ॥ ୩ ॥**

ଆପଣଙ୍କ ପରି ପୁଣ୍ୟାତ୍ମା ଜଗତରେ କେବେ କେହି ନ ଥିଲେ, କି ନାହାନ୍ତି, କି କେବେ ହେବେ ନାହିଁ । ହେ ରାଜନ୍ ! ଯାହାଙ୍କର ରାମଙ୍କ ପରି ପୁତ୍ର, ତାଙ୍କ ଠାରୁ ଅଧିକ ପୁଣ୍ୟବାନ୍ ଆଉ କିଏ ଅଛି ? ॥ ୩ ॥

**ବୀର ବିନୀତ ଧରମ ବ୍ରତ ଧାରୀ । ଗୁନ ସାଗର ବର ବାଲକ ଚ୍ୟାରୀ ॥**
**ତୁହ୍ମ କହୁଁ ସର୍ବ କାଲ କଲ୍ୟାନା । ସଜହୁ ବରାତ ବଜାଇ ନିସାନା ॥ ୪ ॥**

ଏଭଳି ବୀର, ବିନମ୍ର, ଧର୍ମବ୍ରତୀ ଓ ଗୁଣର ସୁନ୍ଦର ସାଗର ହୋଇ କାହାର ବା ଏପରି ଶ୍ରେଷ୍ଠ ଚାରିପୁତ୍ର ଅଛନ୍ତି ? ଆପଣଙ୍କ ପାଇଁ ସବୁସମୟ କଲ୍ୟାଣପ୍ରଦ । ତେଣୁ ନାଗରା ବଜାଇ ବରଯାତ୍ରୀ ସଜାନ୍ତୁ ॥ ୪ ॥

ଦୋ:- **ଚଲହୁ ବେଗି ସୁନି ଗୁର ବଚନ ଭଲେହିଁ ନାଥ ସିରୁ ନାଇ ।**
**ଭୂପତି ଗଓ୍ଵନେ ଭଓ୍ଵନ ତବ ଦୂତହ୍ନ ବାସୁ ଦେଓ୍ଵାଇ ॥ ୨୯୪ ॥**

ଶୀଘ୍ର ବାହାରି ପଡ଼ନ୍ତୁ ।'' ଗୁରୁଙ୍କ ବଚନ ଶୁଣି, ''ହେ ନାଥ ! ଯଥା ଆଜ୍ଞା'' କହି ରାଜା ନତମସ୍ତକ ହେଲେ ଏବଂ ଦୂତମାନଙ୍କ ପାଇଁ ବିଶ୍ରାମସ୍ଥାନର ବ୍ୟବସ୍ଥା କରିଦେଇ ନିଜ ନବରକୁ ଫେରିଲେ ॥ ୨୯୪ ॥

**ରାଜା ସବୁ ରନିଓ୍ଵାସ ବୋଲାଈ । ଜନକ ପତ୍ରିକା ବାଚି ସୁନାଈ ॥**
**ସୁନି ସଂଦେସୁ ସକଲ ହରଷାନୀଁ । ଅପର କଥା ସବ ଭୂପ ବଖାନୀଁ ॥ ୧ ॥**

ରାଜା ସବୁରାଣୀଙ୍କୁ ଡକାଇ, ଜନକଙ୍କ ପତ୍ରିକାଟି ପଢ଼ି ଶୁଣାଇଦେଲେ । ଶୁଭ ସମାଚାର ଶୁଣି ସବୁ ରାଣୀ ଆନନ୍ଦରେ ଫୁଲିଉଠିଲେ । ପୁଣି ରାଜା ଦୂତମାନଙ୍କ ମୁଖରୁ ଶୁଣିଥିବା ଅନ୍ୟସବୁ କଥା ମଧ୍ୟ ବର୍ଣ୍ଣନା କରିଗଲେ ॥ ୧ ॥

**ପ୍ରେମ ପ୍ରଫୁଲ୍ଲିତ ରାଜହିଁ ରାନୀ । ମନହୁଁ ସିଖିନି ସୁନି ବାରିଦ ବାନୀ ॥**
**ମୁଦିତ ଅସୀସ ଦେହିଁ ଗୁର ନାରୀଁ । ଅତି ଆନଂଦ ମଗନ ମହତାରୀଁ ॥ ୨ ॥**

ମେଘଗର୍ଜନ ଶୁଣି ମୟୂରୀ ଯେପରି ପ୍ରଫୁଲ୍ଲ ହୁଏ, ପ୍ରେମରେ ପୁଲକିତ ରାଣୀମାନେ ସେହିପରି ସୁଶୋଭିତା ହେଲେ । ବୟସ୍କା [ବୃଦ୍ଧା ଅଥବା ଗୁରୁଜନସ୍ଥାନୀୟା] ନାରୀମାନେ ପ୍ରସନ୍ନ ହୋଇ ଆଶୀର୍ବାଦ ଦେଲେ । ମାତାମାନେ ଅତ୍ୟନ୍ତ ଆନନ୍ଦରେ ମଗ୍ନ ହୋଇଗଲେ ॥ ୨ ॥

**ଲେହିଁ ପରସ୍ପର ଅତି ପ୍ରିୟ ପାତୀ । ହୃଦୟଁ ଲଗାଇ ଜୁଡ଼ାଓ୍ଵହିଁ ଛାତୀ ॥**
**ରାମ ଲଖନ କୈ କୀରତି କରନୀ । ବାରହିଁ ବାର ଭୂପବର ବରନୀ ॥ ୩ ॥**

ସେହି ଅତ୍ୟନ୍ତ ପ୍ରିୟ ପତ୍ରିକାଟି ନେଇ, ସେମାନେ ନିଜ ନିଜ ବକ୍ଷରେ ଲଗାଇ ହୃଦୟ ଶୀତଳ କଲେ । ରାଜଶ୍ରେଷ୍ଠ ଦଶରଥ ଶ୍ରୀରାମ-ଲକ୍ଷ୍ମଣଙ୍କ କୀର୍ତ୍ତି ଓ ଚରିତ ବାରମ୍ବାର ବର୍ଣ୍ଣନା କରିବାକୁ ଲାଗିଲେ ॥ ୩ ॥

**ମୁନି ପ୍ରସାଦୁ କହି ଦ୍ଵାର ସିଧାଏ । ରାନିହ୍ନ ତବ ମହିଦେଓ୍ଵ ବୋଲାଏ ॥**
**ଦିଏ ଦାନ ଆନଂଦ ସମେତା । ଚଲେ ବିପ୍ରବର ଆସିଷ ଦେତା ॥ ୪ ॥**

''ଏସବୁ ହେଉଛି ମୁନିଙ୍କ କୃପା''—ଏପରି କହି ସେ ବାହାରକୁ ଚ୍ଚାଲିଆସିଲେ । ରାଣୀମାନେ ବ୍ରାହ୍ମଣମାନଙ୍କୁ ଡକାଇ ଆନନ୍ଦସହକାରେ ବିବିଧ ଦାନ ଦେଲେ । ଶ୍ରେଷ୍ଠ ବ୍ରାହ୍ମଣମାନେ ଆଶୀର୍ବାଦ ଦେଇ ଫେରିଲେ ॥ ୪ ॥

**ସୋଃ- ଜାଚକ ଲିଏ ହଁକାରି ଦୀହ୍ନି ନିଛାୱରି କୋଟି ବିଧି ।**
**ଚିରୁ ଜୀୱହୁଁ ସୁତ ଚ୍ଚାରି ଚକ୍ରବର୍ତ୍ତି ଦସରତ୍ଥ କେ ॥ ୨୯୫ ॥**

ତହୁଁ ଭିକ୍ଷୁକମାନଙ୍କୁ ଡକାଇ ସେମାନେ କୋଟି କୋଟିପ୍ରକାରେ ନାନାବିଧ ବସ୍ତୁ ଦାନ କଲେ । ''ଚକ୍ରବର୍ତ୍ତୀ ମହାରାଜ ଦଶରଥଙ୍କର ଚ୍ଚାରିପୁତ୍ର ଚିରଞ୍ଜୀବୀ ହୁଅନ୍ତୁ !''– ॥ ୨୯୫ ॥

**କହତ ଚଲେ ପହିରେଁ ପଟ ନାନା । ହରଷି ହନେ ଗହଗହେ ନିସାନା ॥**
**ସମାଚ୍ଚାର ସବ ଲୋଗହ୍ନ ପାଏ । ଲାଗେ ଘର ଘର ହୋନ ବଧାଏ ॥ ୧ ॥**

ଏପରି କହି, ଯାଚକମାନେ ବିଭିନ୍ନପ୍ରକାର ସୁନ୍ଦର ଲୁଗାପଟା ପିନ୍ଧି ଫେରିଲେ । ନାଗରା ବଜାଳିମାନେ ହରଷିତ ହୋଇ ଖୁବ୍ ଜୋରରେ ନାଗରା ପିଟିଲେ । ଏହି ସମାଚ୍ଚାର ଲୋକଙ୍କ ନିକଟରେ ପହଞ୍ଚିବାରୁ ଘରେ ଘରେ ଆନନ୍ଦ ଉତ୍ସବ ହେବାକୁ ଲାଗିଲା ॥ ୧ ॥

**ଭୁୱନ ଚ୍ଚାରି ଦସ ଭରା ଉଛାହୂ । ଜନକସୁତା ରଘୁବୀର ବିଆହୂ ॥**
**ସୁନି ସୁଭ କଥା ଲୋଗ ଅନୁରାଗେ । ମଗ ଗୃହ ଗଲୀଁ ସଁୱାରନ ଲାଗେ ॥ ୨ ॥**

ଜାନକୀଙ୍କ ସହିତ ଶ୍ରୀରଘୁନାଥଙ୍କର ବିବାହ ହେବ ଶୁଣି ଚଉଦଭୁବନରେ ଉତ୍ସାହ ଖେଳିଗଲା । ଏହି ଶୁଭସମାଚ୍ଚାର ପାଇ ଲୋକେ ପ୍ରେମମଗ୍ନ ହୋଇଗଲେ ଏବଂ ଘରଦ୍ୱାର, ରାସ୍ତାଘାଟ, ଗଳିକନ୍ଦିସବୁ ସଜାଇବାରେ ଲାଗିଗଲେ ॥ ୨ ॥

**ଜଦ୍ୟପି ଅୱଧ ସଦୈୱ ସୁହାୱନି । ରାମ ପୁରୀ ମଂଗଲମୟ ପାୱନି ॥**
**ତଦପି ପ୍ରୀତି କୈ ପ୍ରୀତି ସୁହାଈ । ମଂଗଲ ରଚନା ରଚୀ ବନାଈ ॥ ୩ ॥**

ଶ୍ରୀରାମଙ୍କର ମଙ୍ଗଳମୟୀ ପବିତ୍ରପୁରୀ ହୋଇଥିବାରୁ ଅଯୋଧ୍ୟା ସର୍ବଦା ଶୋଭାମୟୀ ଥିଲା ସତ, ତଥାପି ପ୍ରୀତି ସହିତ ପ୍ରୀତିର ସଂଯୋଗ ହେଉଥିବାରୁ ସମସ୍ତେ ତାହାକୁ ଆହୁରି ଅଧିକ ଶୋଭାମୟୀ ଓ ମଙ୍ଗଳମୟୀ କରି ସଜାଇଲେ ॥ ୩ ॥

**ଧ୍ୱଜ ପତାକ ପଟ ଚ୍ଚାମର ଚ୍ଚାରୂ । ଛାୱା ପରମ ବିଚିତ୍ର ବଜାରୂ ॥**
**କନକ କଲସ ତୋରନ ମନି ଜାଲା । ହରଦ ଦୂବ ଦଧି ଅଛତ ମାଲା ॥ ୪ ॥**

ଧ୍ୱଜା, ପତାକା, ପରଦା ଓ ସୁନ୍ଦର ଚ୍ଚାମରଦ୍ୱାରା ସମସ୍ତ ବଜାର ବଡ଼ ବିଚିତ୍ରଭାବରେ ସଜାଗଲା । ସୁବର୍ଣ୍ଣକଳସ, ତୋରଣ, ମଣିଝାଲର, ହଳଦୀ, ଦୂବ, ଦଧି, ଅକ୍ଷତ ଓ ଫୁଲମାଳାରେ—॥ ୪ ॥

**ଦୋଃ- ମଂଗଲମୟ ନିଜ ନିଜ ଭୱନ ଲୋଗହ୍ନ ରଚେ ବନାଇ ।**
**ବୀଥୀଁ ସୀଁଚୀଁ ଚତୁରସମ ଚୌକେଁ ଚ୍ଚାରୁ ପୁରାଇ ॥ ୨୯୬ ॥**

ଲୋକମାନେ ନିଜ ନିଜ ଘର ସଜାଇ ମଙ୍ଗଳମୟ କରିଦେଲେ । ଗଳିକନ୍ଦିରେ ଚତୁଃସମ (ଚନ୍ଦନ, କେଶର, କସ୍ତୁରୀ ଓ କର୍ପୂର ମିଶ୍ରିତ ସୁଗନ୍ଧ ଦ୍ରବ୍ୟ) ଛିଞ୍ଚାଗଲା ଏବଂ ସେସବୁରେ ବହୁ ସୁନ୍ଦର ଝୋଟି ଦେଇ ସଜାଇଲେ ॥ ୨୯୬ ॥

**ଜହଁ ତହଁ ଜୂଥ ଜୂଥ ମିଲି ଭାମିନି । ସଜି ନୱସପ୍ତ ସକଲ ଦୁତି ଦାମିନି ॥**
**ବିଧୁବଦନୀଁ ମୃଗ ସାୱକ ଲୋଚନି । ନିଜ ସରୂପ ରତି ମାନୁ ବିମୋଚନି ॥ ୧ ॥**

ବିଦ୍ୟୁତ୍‌ବର୍ଣ୍ଣା, ଚନ୍ଦ୍ରବଦନା, ମୃଗଶାବକନୟନା ଓ ରତିଗର୍ବଗଞ୍ଜନା ସଧବା ସ୍ତ୍ରୀମାନେ ଷୋଳଶିଙ୍ଗାର ହୋଇ ନିଜ ନିଜକୁ ସଜାଇଲେ ॥ ୧ ॥

**ଗାଓ୍ୱହିଁ ମଂଗଲ ମଂଜୁଲ ବାନୀଁ । ସୁନି କଲରଓ୍ୱ କଲକଂଠି ଲଜାନୀଁ ॥**
**ଭୂପ ଭଓ୍ୱନ କିମି ଜାଇ ବଖାନା । ବିସ୍ୱ ବିମୋହନ ରଚେଉ ବିତାନା ॥ ୨ ॥**

ସେମାନେ ଦଳ ଦଳ ହୋଇ ମନୋହର କଣ୍ଠରେ ମଙ୍ଗଳଗୀତ ଗାଇବାକୁ ଲାଗିଲେ । ସେମାନଙ୍କର ସୁନ୍ଦର ସ୍ୱର ଶୁଣି କୋଇଲିମାନେ ବି ଲଜ୍ଜିତ ହୋଇଯାଉଥାନ୍ତି । ଯେଉଁ ରାଜମହଲରେ ବିଶ୍ୱକୁ ବିମୋହିତ କରୁଥିବା ମଣ୍ଡପ ନିର୍ମାଣ କରାଯାଇଥାଏ, ସେହି ରାଜମହଲର ବର୍ଣ୍ଣନା ବା କିପରି କରିବା ! ॥ ୨ ॥

**ମଂଗଲ ଦ୍ରବ୍ୟ ମନୋହର ନାନା । ରାଜତ ବାଜତ ବିପୁଲ ନିସାନା ॥**
**କତହୁଁ ବିରିଦ ବଂଦୀ ଉଚ୍ଚରହୀଁ । କତହୁଁ ବେଦ ଧୁନି ଭୂସୁର କରହୀଁ ॥ ୩ ॥**

ବିବିଧ ମାଙ୍ଗଳିକ ଦ୍ରବ୍ୟ ଶୋଭା ପାଉଥାଏ । ବିବିଧ ନାଗରା ଓ ବାଦ୍ୟ ବାଜୁଥାଏ । କେଉଁଠି ଭାଟମାନେ ବିରୁଦାବଳୀ ଗାଉଥାନ୍ତି ତ, କେଉଁଠି ବ୍ରାହ୍ମଣମାନେ ବେଦଧ୍ୱନି କରୁଥାନ୍ତି ॥ ୩ ॥

**ଗାଓ୍ୱହିଁ ସୁଂଦରି ମଂଗଲ ଗୀତା । ଲୈ ଲୈ ନାମୁ ରାମୁ ଅରୁ ସୀତା ॥**
**ବହୁତ ଉଛାହୁ ଭଓ୍ୱନୁ ଅତି ଥୋରା । ମାନହୁଁ ଉମଗି ଚଲା ଚହୁ ଓରା ॥ ୪ ॥**

ସୁନ୍ଦରୀ ଅଙ୍ଗନାମାନେ ଶ୍ରୀରାମ ଓ ସୀତାଙ୍କ ନାମ ଧରି ଧରି ମଙ୍ଗଳଗୀତ ଗାଉଥାନ୍ତି । ଜଣାପଡୁଥାଏ, ନଅରର ଆକାର ତୁଳନାରେ ଲୋକଙ୍କ ଉତ୍ସାହ ଅଧିକ ହୋଇଯାଇଥିବାରୁ, ସେହି ଆନନ୍ଦ-ଉତ୍ସାହ ନଅର ଭିତରେ ରହି ନ ପାରି, ସତେ ଯେପରି ଚତୁର୍ଦ୍ଦିଗକୁ ଉଚ୍ଛୁଳିପଡୁଛି ॥ ୪ ॥

ଦୋ- **ସୋଭା ଦସରଥ ଭଓ୍ୱନ କଇ କୋ କବି ବରନୈ ପାର ।**
**ଜହାଁ ସକଲ ସୁର ସୀସ ମନି ରାମ ଲୀହ୍ନ ଅଓ୍ୱତାର ॥ ୨୯୭ ॥**

ଯେଉଁ ନଅରରେ ସମସ୍ତ ଦେବତାଙ୍କର ଶିରୋମଣି ଶ୍ରୀରାମ ଅବତାର ନେଇଛନ୍ତି, ଦଶରଥଙ୍କର ସେହି ନଅରର ଶୋଭା କେଉଁ କବି ବା ବର୍ଣ୍ଣନା କରିପାରିବ ! ॥ ୨୯୭ ॥

**ଭୂପ ଭରତ ପୁନି ଲିଏ ବୋଲାଈ । ହୟ ଗୟ ସ୍ୟଂଦନ ସାଜହୁ ଜାଈ ॥**
**ଚଲହୁ ବେଗି ରଘୁବୀର ବରାତା । ସୁନତ ପୁଲକ ପୂରେ ଦୋଉ ଭ୍ରାତା ॥ ୧ ॥**

ତା'ପରେ ରାଜା ଭରତଙ୍କୁ ଡକାଇ କହିଲେ, ''ଯାଅ, ହାତୀ, ଘୋଡ଼ା ଓ ରଥମାନଙ୍କୁ ସଜାଇ ଯଥାଶୀଘ୍ର ରଘୁବୀରଙ୍କ ବରଯାତ୍ରାପାଇଁ ବାହାରିପଡ଼ ।'' ଏହା ଶୁଣିବାକ୍ଷଣି ଭରତଶତ୍ରୁଘ୍ନ ଦୁଇଭାଇଙ୍କ ଶରୀର ରୋମାଞ୍ଚରେ ପୂରିଗଲା ॥ ୧ ॥

**ଭରତ ସକଲ ସାହନୀ ବୋଲାଏ । ଆୟସୁ ଦୀହ୍ନ ମୁଦିତ ଉଠି ଧାଏ ॥**
**ରଚି ରୁଚି ଜୀନ ତୁରଗ ତିହ୍ନ ସାଜେ । ବରନ ବରନ ବର ବାଜି ବିରାଜେ ॥ ୨ ॥**

ଭରତ ସଇସମାନଙ୍କୁ ଡକାଇ ଘୋଡ଼ା ସଜାଇବାକୁ ଆଦେଶ ଦେଲେ । ସେମାନେ ଆନନ୍ଦରେ ଘୋଡ଼ାମାନଙ୍କୁ ସଜାଇବାକୁ ଧାଇଁଲେ । ଘୋଡ଼ାଙ୍କ ପିଠିରେ ସୁନ୍ଦର ସୁନ୍ଦର ଜିନ୍ ବାନ୍ଧି ସେମାନଙ୍କୁ ସଜାଗଲା । ରଙ୍ଗବେରଙ୍ଗର ଘୋଡ଼ାମାନେ ଅତି ସୁନ୍ଦର ଦିଶିଲେ ॥ ୨ ॥

**ସୁଭଗ ସକଲ ସୁଠି ଚଂଚଲ କରନୀ । ଅୟ୍ ଇଵ୍ ଜରତ ଧରତ ପଗ ଧରନୀ ॥**
**ନାନା ଜାତି ନ ଜାହିଁ ବଖାନେ । ନିଦରି ପଵ୍ନୁ ଜନୁ ଚହତ ଉଡ଼ାନେ ॥ ୩ ॥**

ସବୁ ଘୋଡ଼ା ଥିଲେ ସୁନ୍ଦର ଓ ବେଗବାନ୍ । ସେମାନେ ତାତିଲା ଲୁହା ଉପରେ ପାଦ ପକାଇଲାପରି ଟାପୁ ପକାଉଥାନ୍ତି । ସେ ଭିତରେ ଏତେ ଜାତିର ଘୋଡ଼ା ଥାଆନ୍ତି ଯେ, ତାହା ବର୍ଣ୍ଣନା କରିହେବ ନାହିଁ । ସେମାନଙ୍କର ଦୌଡ଼ ଏଡ଼େ ପ୍ରଖର ଯେ, ଦେଖିଲେ ଲାଗିବ ସେମାନେ ପବନଠାରୁ ବି ଅଧିକ ବେଗରେ ଉଡ଼ିଯିବାକୁ ଚାହୁଁଛନ୍ତି ॥ ୩ ॥

**ତିହ୍ନ ସବ ଛୟ୍ଲ ଭଏ ଅସଵ୍ାରା । ଭରତ ସରିସ ବୟ୍ ରାଜକୁମାରା ॥**
**ସବ ସୁଂଦର ସବ ଭୂଷନଧାରୀ । କର ସର ଚାପ ତୂନ କଟି ଭାରୀ ॥ ୪ ॥**

ସେହି ଘୋଡ଼ାମାନଙ୍କ ଉପରେ ଭରତଙ୍କ ବୟସର ସୁନ୍ଦର ରାଜକୁମାରମାନେ ବସିଗଲେ । ସେମାନେ ସମସ୍ତେ ଥିଲେ ବୀର ଓ ସମସ୍ତେ ପିନ୍ଧିଥିଲେ ବିଭିନ୍ନ ଆଭୂଷଣ । ସମସ୍ତଙ୍କ ହାତରେ ଧନୁର୍ବାଣ ଓ ଅଣ୍ଟାରେ ଶରପୂର୍ଣ୍ଣ ତୂଣୀର ରହିଥିଲା ॥ ୪ ॥

ଦୋ:- **ଛରେ ଛବୀଲେ ଛୟ୍ଲ ସବ ସୂର ସୁଜାନ ନବୀନ ।**
**ଜୁଗ ପଦଚର ଅସଵ୍ାର ପ୍ରତି ଜେ ଅସିକଲା ପ୍ରବୀନ ॥ ୨୯୮ ॥**

ସମସ୍ତେ ଥିଲେ ବଛା ବଛା ଶୂରବୀର ଓ ଚତୁର ସୁନ୍ଦର ଛବିଳ ନବଯୁବକ । ପ୍ରତ୍ୟେକ ଅଶ୍ୱାରୋହୀ ସହିତ ତରବାରୀଚାଳନ-କଳାରେ ନିପୁଣ ଦୁଇ ଦୁଇ ଜଣ ପଦାତିକ ସିପାହୀ ଥାଆନ୍ତି ॥ ୨୯୮ ॥

**ବାଁଧେଁ ବିରଦ ବୀର ରନ ଗାଢ଼େ । ନିକସି ଭଏ ପୁର ବାହେର ଠାଢ଼େ ॥**
**ଫେରହିଁ ଚତୁର ତୁରଗ ଗତି ନାନା । ହରଷହିଁ ସୁନି ସୁନି ପନଵ୍ ନିସାନା ॥ ୧ ॥**

ବୀରବେଶ ଧରି ସେହି ରଣଧୀର ବୀରଗଣ ଆସି ନଗର ବାହାରେ ଠିଆ ହୋଇଗଲେ । ସେହି ବିଚକ୍ଷଣ ବୀରମାନେ ନିଜ ନିଜର ଘୋଡ଼ାଙ୍କୁ ବିବିଧ କୌଶଳରେ ଏପଟସେପଟ କରୁଥାନ୍ତି ଏବଂ ଭେରୀ ଓ ନାଗରାର ଧ୍ୱନି ଶୁଣି ଶୁଣି ଆନନ୍ଦିତ ହେଉଥାନ୍ତି ॥ ୧ ॥

**ରଥ ସାରଥିହ୍ନ ବିଚିତ୍ର ବନାଏ । ଧ୍ୱଜ ପତାକ ମନି ଭୂଷନ ଲାଏ ॥**
**ଚଵ୍ର ଚାରୁ କିଂକିନି ଧୁନି କରହୀଁ । ଭାନୁ ଜାନ ସୋଭା ଅପହରହୀଁ ॥ ୨ ॥**

ସାରଥିମାନେ ଧ୍ୱଜା, ପତାକା, ମଣି ଓ ବିଭିନ୍ନ ଆଭୂଷଣଦ୍ୱାରା ରଥଗୁଡ଼ିକୁ ବଡ଼ ସୁନ୍ଦରଭାବରେ ସଜାଇଥାନ୍ତି । ରଥମାନଙ୍କରେ ସୁନ୍ଦର ସୁନ୍ଦର ଚାମର ଲଗାଯାଇଥାଏ । ରଥରେ ବନ୍ଧା ଯାଇଥିବା ଘଣ୍ଟିଗୁଡ଼ିକ ସୁମଧୁର ଧ୍ୱନିରେ ବାଜୁଥାନ୍ତି । ରଥଗୁଡ଼ିକ ଏଡ଼େ ସୁନ୍ଦର ଦିଶୁଥାଏ ଯେ, ତାହା ଦେଖି ସୂର୍ଯ୍ୟଙ୍କ ରଥର ଶୋଭା ମଧ୍ୟ ଲଜ୍ଜିତ ହେଉଥାଏ ॥ ୨ ॥

**ସାଵ୍କରନ ଅଗନିତ ହୟ୍ ହୋତେ । ତେ ତିହ୍ନ ରଥହ୍ନ ସାରଥିହ୍ନ ଜୋତେ ॥**
**ସୁଂଦର ସକଲ ଅଲଂକୃତ ସୋହେ । ଜିହ୍ନହି ବିଲୋକତ ମୁନି ମନ ମୋହେ ॥ ୩ ॥**

ସାରଥିମାନେ ସେହି ରଥମାନଙ୍କରେ ଅସଂଖ୍ୟ କଳାକାନ ଥିବା ଘୋଡ଼ା ଯୋଚିଥିଲେ । ସେହି ଘୋଡ଼ାଗୁଡ଼ିକ ହୋମକୁଣ୍ଡରୁ (ଅଗ୍ନିହୋତ୍ରରୁ) ଜାତ ହୋଇଥିଲେ । ସେଗୁଡ଼ିକ ଅଳଂକୃତ ହୋଇ ଏପରି ସୁନ୍ଦର ଦିଶୁଥାନ୍ତି ଯେ, ସେମାନଙ୍କୁ ଦେଖି ମୁନିମାନଙ୍କର ମନ ମଧ୍ୟ ମୁଗ୍ଧ ହୋଇଯାଉଥାଏ ॥ ୩ ॥

**ଜେ ଜଲ ଚଲହିଁ ଥଲହି କୀ ନାଈଁ । ଟାପ ନ ବୂଡ଼ ବେଗ ଅଧିକାଈଁ ॥**
**ଅସ୍ତ୍ର ସସ୍ତ୍ର ସବୁ ସାଜୁ ବନାଈ । ରଥୀ ସାରଥିହ୍ନ ଲିଏ ବୋଲାଈ ॥ ୪ ॥**

ସେହି ଘୋଡ଼ାମାନେ ସ୍ଥଳରେ ଯେପରି ଧାଇଁପାରୁଥିଲେ, ଜଳରେ ମଧ୍ୟ ସେହିପରି ଧାଇଁପାରୁଥିଲେ । ସେମାନେ ଏଡ଼େ ବେଗରେ ଧାଉଁଥିଲେ ଯେ, ସେମାନଙ୍କ ଟାପୁ ପାଣିରେ ବୁଡ୍ତୁ ନ ଥିଲାପରି ଲାଗୁଥିଲା । ସାଜସଜ୍ଜା ସାରି, ଅସ୍ତ୍ରଶସ୍ତ୍ର ଖଞ୍ଜି, ସାରଥିମାନେ ରଥୀମାନଙ୍କୁ ଡାକିଆଣିଲେ ॥ ୪ ॥

ଦୋ:- **ଚଢ଼ି ଚଢ଼ି ରଥ ବାହେର ନଗର ଲାଗୀ ଜୁରନ ବରାତ ।**
**ହୋତ ସଗୁନ ସୁଂଦର ସବହି ଜୋ ଜେହି କାରଜ ଜାତ ॥ ୨୯୯ ॥**

ରଥରେ ଚଢ଼ି ବରଯାତ୍ରୀମାନେ ଆସି ନଗରବାହାରେ ଏକତ୍ରିତ ହେଲେ । ଯେଉଁମାନେ ଯେଉଁ କାମରେ ଯାଉଥାନ୍ତି, ସେମାନଙ୍କୁ ସେଥିରେ ଶୁଭଲକ୍ଷଣ ଦିଶୁଥାଏ ॥ ୨୯୯ ॥

**କଲିତ କରିବରହ୍ନି ପରାଁ ଅଁବାରାଁ । କହି ନ ଜାହିଁ ଜେହି ଭାଁତି ସଁୱାରାଁ ॥**
**ଚଲେ ମତ୍ତ ଗଜ ଘଂଟ ବିରାଜୀ । ମନହୁଁ ସୁଭଗ ସାୱନ ଘନ ରାଜୀ ॥ ୧ ॥**

ବଡ଼ ବଡ଼ ହାତୀମାନଙ୍କ ଉପରେ ସୁନ୍ଦର ସୁନ୍ଦର ହାଉଦା (ଆସନ) ପଡ଼ିଥାଏ । ସେସବୁ ଏପରି ସୁନ୍ଦରଭାବରେ ସଜା ଯାଇଥାଏ ଯେ, ସତରେ ତାହା ବର୍ଣ୍ଣନାର ଅତୀତ । ସେହି ମତୁଆଲା ହାତୀମାନେ ଚ୍ଛିଲାବେଳେ ସେମାନଙ୍କ ବେକରେ ବନ୍ଧା ଯାଇଥିବା ଘଣ୍ଟିଘାଗୁଡ଼ିସବୁ ଏଭଳି ଶବ୍ଦ କରୁଥାଏ ଯେ, ଜଣାପଡୁଥାଏ ସତେ ଯେପରି, ଶ୍ରାବଣର ସୁନ୍ଦର ମେଘମାଳା [ଗର୍ଜନ କରି କରି] ଚ୍ଛିଲିଛନ୍ତି ! ॥ ୧ ॥

**ବାହନ ଅପର ଅନେକ ବିଧାନା । ସିବିକା ସୁଭଗ ସୁଖାସନ ଜାନା ॥**
**ତିହ୍ନ ଚଢ଼ି ଚଲେ ବିପ୍ରବର ବୃଂଦା । ଜନୁ ତନୁ ଧରେଁ ସକଲ ଶ୍ରୁତି ଛଂଦା ॥ ୨ ॥**

ରଥାଦି ସୁନ୍ଦର ଯାନବାହନ, ସୁନ୍ଦର ସୁନ୍ଦର ପାଲିଙ୍କି, ସୁଖାସନ ଯାନ ତଥା ବିଭିନ୍ନ ସବାରି ଉପରେ ଶ୍ରେଷ୍ଠ ବ୍ରାହ୍ମଣମାନେ ବସିଥାନ୍ତି । ସେମାନଙ୍କୁ ଦେଖି ମନେହେଉଥାଏ, ସତେ ଯେପରି ସକଳ ବେଦର ଛନ୍ଦମାନେ ଶରୀର ଧାରଣ କରି ଚ୍ଛିଲିଆସୁଛନ୍ତି ॥ ୨ ॥

**ମାଗଧ ସୂତ ବଂଦି ଗୁନଗାୟକ । ଚଲେ ଜାନ ଚଢ଼ି ଜୋ ଜେହି ଲାୟକ ॥**
**ବେସର ଊଁଟ ବୃଷଭ ବହୁ ଜାତୀ । ଚଲେ ବସ୍ତୁ ଭରି ଅଗନିତ ଭାଁତୀ ॥ ୩ ॥**

ମାଗଧ, ସୂତ, ଭାଟ ଓ ଗୁଣଗାୟକମାନେ ଯଥାଯୋଗ୍ୟ ଯାନବାହନରେ ବସିଗଲେ । ପିଠିରେ ବିଭିନ୍ନପ୍ରକାର ବସ୍ତୁ ବୋହି ଖଚର, ଓଟ ଓ ବଳଦ ଆଦି ନାନାଜାତିର ଭାରବାହୀ ପଶୁ ଚ୍ଛିଲିଲେ ॥ ୩ ॥

**କୋଟିହ୍ନ କାଁୱରି ଚଲେ କହାରା । ବିବିଧ ବସ୍ତୁ କୋ ବରନୈ ପାରା ॥**
**ଚଲେ ସକଲ ସେୱକ ସମୁଦାଈ । ନିଜ ନିଜ ସାଜୁ ସମାଜୁ ବନାଈ ॥ ୪ ॥**

ଭାର କାନ୍ଧେଇ କୋଟି କୋଟି ଭାରୁଆ ଚ୍ଛିଲିଲେ । ସେମାନେ ନିଜ ନିଜ ଭାରରେ ଯେତେପ୍ରକାର ବସ୍ତୁ ବୋହି ଚ୍ଛିଲୁଥାନ୍ତି, ସେସବୁର ବର୍ଣ୍ଣନା କିଏ କରିପାରିବ ? ସବୁପ୍ରକାର ସେବକ ନିଜ ନିଜର ଆବଶ୍ୟକ ସରଞ୍ଜାମ ଧରି ଚ୍ଛିଲିଲେ ॥ ୪ ॥

ଦୋ:- **ସବ କେଁ ଉର ନିର୍ଭର ହରଷୁ ପୂରିତ ପୁଲକ ସରୀର ।**
**କବହିଁ ଦେଖିବେ ନୟନ ଭରି ରାମୁ ଲଖନୁ ଦୋଉ ବୀର ॥ ୩୦୦ ॥**

ସବୁରି ହୃଦୟରେ ପୂର୍ଣ୍ଣ ହୋଇଥାଏ ଅପାର ଆନନ୍ଦ, ସବୁରି ଶରୀରରେ ଅପୂର୍ବ ପୁଲକ । 'ରାମଲକ୍ଷ୍ମଣ ଦୁଇଭାଇଙ୍କୁ କେବେ ଆଖି ପୂରାଇ ଦେଖିବା' [ସବୁରି ହୃଦୟରେ ରହିଥାଏ ଏହି ଗୋଟିଏ ଲାଳସା] ॥ ୩୦୦ ॥

**ଗରଜହିଁ ଗଜ ଘଂଟା ଧୁନି ଘୋରା । ରଥ ରଓ୍ୱ ବାଜି ହିଂସ ଚହୁ ଓରା ॥**
**ନିଦରି ଘନହି ଘୁର୍ମ୍ମରହିଁ ନିସାନା । ନିଜ ପରାଇ କଛୁ ସୁନିଅ ନ କାନା ॥ ୧ ॥**

ହାତୀମାନେ ଗର୍ଜୁଥାନ୍ତି । ସେମାନଙ୍କ ଦେହରେ ବନ୍ଧା ଯାଇଥିବା ଘଣ୍ଟିଗୁଡ଼ିକ ବି ଜୋର୍‌ରେ ବାଜୁଥାଏ । ଚତୁର୍ଦ୍ଦିଗରେ ରଥମାନଙ୍କର ଘର୍ଘର ନାଦ ଓ ଅଶ୍ୱମାନଙ୍କର ହ୍ରେଷାରବ ଶୁଭୁଥାଏ । ମେଘଗର୍ଜନକୁ ନିନ୍ଦା କରି ନାଗରାମାନ ବାଜୁଥାଏ । ସେହିସବୁ ଶବ୍ଦ ହେତୁ ଲୋକଙ୍କୁ [ଅନ୍ୟମାନଙ୍କ କଥା ଶୁଭିବା ଦୂରେ ଥାଉ,] ନିଜ କଥା ବି ଶୁଭୁ ନ ଥାଏ ॥ ୧ ॥

**ମହା ଭୀର ଭୂପତି କେ ଦ୍ୱାରେଁ । ରଜ ହୋଇ ଜାଇ ପଷାନ ପବାରେଁ ॥**
**ଚଢ଼ୀ ଅଟାରିହ୍ନ ଦେଖହିଁ ନାରୀଁ । ଲିଏଁ ଆରତୀ ମଂଗଲ ଥାରୀଁ ॥ ୨ ॥**

ରାଜା ଦଶରଥଙ୍କ ନବରଦ୍ୱାରରେ ଏପରି ଭିଡ଼ ଜମିଥାଏ ଯେ, ଲାଗୁଥାଏ, ସେଠାରେ ଲୋକଙ୍କ ପାଦତଳେ ପଥର ମଧ୍ୟ ପେଷିହୋଇ ଧୂଳି ହୋଇଯିବ। ନାରୀମାନେ ମଙ୍ଗଳ ଥାଳିମାନଙ୍କରେ ଆରତି ସଜାଇ, ଘରଛାତ ଉପରେ ଠିଆ ହୋଇ ଏହି ଦୃଶ୍ୟ ଦେଖୁଥାନ୍ତି ॥ ୨ ॥

**ଗାଓ୍ୱହିଁ ଗୀତ ମନୋହର ନାନା । ଅତି ଆନଂଦୁ ନ ଜାଇ ବଖାନା ॥**
**ତବ ସୁମଂନ୍ତ୍ର ଦୁଇ ସ୍ୟଂଦନ ସାଜୀ । ଜୋତେ ରବି ହୟ ନିଂଦକ ବାଜୀ ॥ ୩ ॥**

ସେମାନେ ଅବର୍ଣ୍ଣନୀୟ ଆନନ୍ଦରେ ମଗ୍ନ ହୋଇ ନାନାପ୍ରକାର ମଙ୍ଗଳଗୀତ ଗାଉଥାନ୍ତି । ସେତିକିବେଳେ ସୁମନ୍ତ୍ର ଦୁଇଟି ରଥ ସଜାଇ ସେଥିରେ ସୂର୍ଯ୍ୟଙ୍କ ଘୋଡ଼ାଙ୍କୁ ଜିତିଯିବାଭଳି ସୁନ୍ଦର ଘୋଡ଼ା ଆଣି ଯୋଚିଦେଲେ ॥ ୩ ॥

**ଦୋଉ ରଥ ରୁଚିର ଭୂପ ପହିଁ ଆନେ । ନହିଁ ସାରଦ ପହିଁ ଜାହିଁ ବଖାନେ ॥**
**ରାଜ ସମାଜୁ ଏକ ରଥ ସାଜା । ଦୂସର ତେଜ ପୁଂଜ ଅତି ଭ୍ରାଜା ॥ ୪ ॥**

ରଥଦୁଇଟିକୁ ସେ ସୁନ୍ଦରଭାବରେ ସଜାଇ ରାଜା ଦଶରଥଙ୍କ ନିକଟକୁ ନେଇଆସିଲେ । ସେହି ଦୁଇଟିର ସୌନ୍ଦର୍ଯ୍ୟ ସ୍ୱୟଂ ସରସ୍ୱତୀ ମଧ୍ୟ ବର୍ଣ୍ଣନା କରିପାରିବେ ନାହିଁ । ସେଥିରୁ ଗୋଟିକରେ ରାଜକୀୟ ସାମଗ୍ରୀ ସଜା ଯାଇଥିଲା ଏବଂ ଅନ୍ୟ ଯେଉଁ ତେଜପୁଞ୍ଜସ୍ୱରୂପ ଅତ୍ୟନ୍ତ ଶୋଭାୟମାନ ରଥଟି ଥିଲା, ॥ ୪ ॥

ଦୋଃ- **ତେହିଁ ରଥ ରୁଚିର ବସିଷ୍ଠ କହୁଁ ହରଷି ଚଢ଼ାଇ ନରେସୁ ।**
**ଆପୁ ଚଢ଼େଉ ସ୍ୟଂଦନ ସୁମିରି ହର ଗୁର ଗୌରି ଗନେସୁ ॥ ୩୦୧ ॥**

ସେହି ସୁନ୍ଦର ରଥଟିରେ ରାଜା ଦଶରଥ ଗୁରୁ ବଶିଷ୍ଠଙ୍କୁ ନେଇ ଆନନ୍ଦସହକାରେ ବସାଇଦେଲେ ଏବଂ ଶିବ, ଗୁରୁ, ଗୌରୀ ତଥା ଗଣେଶଙ୍କୁ ସ୍ମରଣ କରି ନିଜେ ଅନ୍ୟ ରଥଟିରେ ବସିଗଲେ ॥ ୩୦୧ ॥

**ସହିତ ବସିଷ୍ଠ ସୋହ ନୃପ କୈସେଁ । ସୁର ଗୁର ସଂଗ ପୁରଂଦର ଜୈସେଁ ॥**
**କରି କୁଲ ରୀତି ବେଦ ବିଧି ରାଉ । ଦେଖି ସବହି ସବ ଭାଁତି ବନାଉ ॥ ୧ ॥**
**ସୁମିରି ରାମୁ ଗୁର ଆୟସୁ ପାଈ । ଚଲେ ମହୀପତି ସଂଖ ବଜାଈ ॥**
**ହରଷେ ବିବୁଧ ବିଲୋକି ବରାତା । ବରଷହିଁ ସୁମନ ସୁମଂଗଲ ଦାତା ॥ ୨ ॥**

ବଶିଷ୍ଠଙ୍କ ସହିତ ଯିବାବେଳେ ରାଜା ଦଶରଥ ଦେବଗୁରୁ ବୃହସ୍ପତିଙ୍କ ସହିତ ଇନ୍ଦ୍ରଙ୍କ ଭଳି ଶୋଭା ପାଉଥିଲେ । ବେଦବିଧି ତଥା କୁଳରୀତି ଅନୁଯାୟୀ ସକଳ କାର୍ଯ୍ୟ ଶେଷ କରି ଏବଂ ସମସ୍ତେ ଯାତ୍ରାପାଇଁ ସବୁଦୃଷ୍ଟିରୁ ସଜ୍ଜିତ ହୋଇଥିବାର ଦେଖି, ଗୁରୁଙ୍କ ଅନୁମତି ନେଇ ତଥା ଶ୍ରୀରାମଙ୍କୁ ସ୍ମରଣ କରି, ପୃଥ୍ୱୀପତି ଦଶରଥ ଶଙ୍ଖ ବଜାଇ ବାହାରିପଡ଼ିଲେ । ବରଯାତ୍ରୀମାନଙ୍କୁ ଦେଖି ଦେବତାମାନେ ହର୍ଷିତ ମନରେ ସୁନ୍ଦର ମଙ୍ଗଳଦାୟକ ପୁଷ୍ପବୃଷ୍ଟି କରିବାକୁ ଲାଗିଲେ ॥ ୧, ୨ ॥

**ଭୟଉ କୋଲାହଲ ହୟ ଗୟ ଗାଜେ । ବ୍ୟୋମ ବରାତ ବାଜନେ ବାଜେ ॥**
**ସୁର ନର ନାରି ସୁମଂଗଲ ଗାଈଁ । ସରସ ରାଗ ବାଜହିଁ ସହନାଈଁ ॥ ୩ ॥**

ଚତୁର୍ଦ୍ଦିଗରେ କୋଲାହଲ ବ୍ୟାପିଗଲା; ଘୋଡ଼ା ଓ ହାତୀମାନେ ଗର୍ଜନ କଲେ । ଆକାଶରେ ଏବଂ ବରଯାତ୍ରାରେ–ଉଭୟ ସ୍ଥାନରେ ବାଦ୍ୟ ବାଜିବାକୁ ଲାଗିଲା । ଉପରେ ଦେବାଙ୍ଗନାମାନେ ଓ ତଳେ ନାରୀମାନେ ସୁନ୍ଦର ମଙ୍ଗଳଗୀତ ଗାଇବାକୁ ଲାଗିଲେ ଏବଂ ମଧୁର ରାଗରାଗିଣୀରେ ମହୁରୀ ବାଜିବାକୁ ଲାଗିଲା ॥ ୩ ॥

**ଘଂଟ ଘଂଟି ଧୁନି ବରନି ନ ଜାହୀଁ । ସରୱ କରହିଁ ପାଇକ ଫହରାହୀଁ ॥**
**କରହିଁ ବିଦୂଷକ କୌତୁକ ନାନା । ହାସ କୁସଲ କଲ ଗାନ ସୁଜାନା ॥ ୪ ॥**

ଘଣ୍ଟ-ଘଣ୍ଟିମାନଙ୍କର ଧ୍ୱନି ତ ଅବର୍ଣ୍ଣନୀୟ ।ପଦଗ୍ୱରୀ ସେବକଗଣ ବା ପାଇକମାନେ ଡେଇଁକୁଦି, ନାନାପ୍ରକାର କୁସ୍ତିକସରତ ଓ ଖେଳ ଦେଖାଇ ଦେଖାଇ ଗ୍ୱଲିଲେ । ହାସ୍ୟକୁଶଳ ଓ ଗାନନିପୁଣ ଚତୁର ବିଦୂଷକମାନେ ନାନାପ୍ରକାର କୌତୁକ ଦେଖାଇ ଗ୍ୱଲିଲେ ॥ ୪ ॥

ଦୋଃ- **ତୁରଗ ନଗ୍ୱୱହିଁ କୁଅଁର ବର ଅକନି ମୃଦଂଗ ନିସାନ ।**
**ନାଗର ନଟ ଚିତୱହିଁ ଚକିତ ଡଗହିଁ ନ ତାଲ ବଁଧାନ ॥ ୩୦୨ ॥**

ସୁନ୍ଦର ରାଜକୁମାରମାନେ ମୃଦଙ୍ଗ ଓ ନାଗରାର ତାଳେ ତାଳେ ନିଜ ନିଜର ଘୋଡ଼ାଙ୍କୁ ଏପରି ନଗ୍ୱଇଲେ ଯେ, ସେଥିରେ ଟିକିଏ ବି ତାଳଭଙ୍ଗ ହେଲା ନାହିଁ । ତାହା ଦେଖି ନିପୁଣ ନଟମାନେ ବି ଚକିତ ହୋଇଗଲେ ॥ ୩୦୨ ॥

**ବନଇ ନ ବରନତ ବନୀ ବରାତା । ହୋହିଁ ସଗୁନ ସୁଂଦର ସୁଭଦାତା ॥**
**ଗ୍ୱରା ଗ୍ୱଷୁ ବାମ ଦିସି ଲେଈ । ମନହୁଁ ସକଲ ମଂଗଲ କହି ଦେଈ ॥ ୧ ॥**

ବରଯାତ୍ରୀମାନଙ୍କ ଶୋଭାଯାତ୍ରା ତ ବର୍ଣ୍ଣନା କରିହେବ ନାହିଁ । ଯାତ୍ରାକାଳରେ ସୁନ୍ଦର ଶୁଭଦାୟକ ଲକ୍ଷଣସବୁ ଦେଖାଯାଉଥାଏ । ବାମପାର୍ଶ୍ୱରେ ନୀଳକଣ୍ଠ ପକ୍ଷୀ ତା'ର ଅଧାର (ଖାଦ୍ୟ) ନେଇ ଉଡ଼ିଯାଉଥାଏ; ତାହା ସକଳମଙ୍ଗଳର ସୂଚନା ଦେଉଥାଏ ॥ ୧ ॥

**ଦାହିନ କାଗ ସୁଖେତ ସୁହାୱା । ନକୁଲ ଦରସୁ ସବ କାହୂଁ ପାୱା ॥**
**ସାନୁକୂଲ ବହ ତ୍ରିବିଧ ବୟାରୀ । ସଘଟ ସବାଲ ଆୱ ବର ନାରୀ ॥ ୨ ॥**

ଡାହାଣପଟେ ସୁନ୍ଦର ଖେତରେ କୁଆମାନେ ବି ଶୋଭା ପାଉଥାନ୍ତି । ନେଉଳ ମଧ୍ୟ ସମସ୍ତଙ୍କ ଦୃଷ୍ଟିରେ ପଡ଼ିଲା । ମନ୍ଦ ମନ୍ଦ ଶୀତଳ-ସୁଗନ୍ଧ ଅନୁକୂଳବାୟୁ ପ୍ରବାହିତ ହେଉଥାଏ । ମୁଣ୍ଡରେ ଜଳପୂର୍ଣ୍ଣ ମାଠିଆ ଓ କାଖରେ ପୁଅଟିଏ ଧରି ଜଣେ ସୁନ୍ଦରୀ ସଧବା ନାରୀ ଆସୁଥିବାର ମଧ୍ୟ ଦେଖାଗଲା ॥ ୨ ॥

**ଲୋୱା ଫିରି ଫିରି ଦରସୁ ଦେଖାୱା । ସୁରଭୀ ସନମୁଖ ସିସୁହି ପିଆୱା ॥**
**ମୃଗମାଲା ଫିରି ଦାହିନି ଆଈ । ମଂଗଲ ଗନ ଜନୁ ଦୀହ୍ନି ଦେଖାଈ ॥ ୩ ॥**

କୋକିଶିଆଳିଟିଏ ପଛକୁ ଫେରି ଫେରି ବାରମ୍ବାର ଗ୍ୱହୁଁଥିବାର ଦେଖାଗଲା । ପୁଣି ଦେଖାଗଲା, ଆଗରେ ଗାଈଟିଏ ବାଛୁରୀକୁ ଦୁଧ ପିଆଉଛି ଏବଂ ଦଳ ଦଳ ମୃଗ ବାଆଁପଟରୁ ଡାହାଣପଟକୁ ଯାଉଛନ୍ତି । ଏପରି ବିଭିନ୍ନ ଶୁଭଲକ୍ଷଣ ଦେଖିବାକୁ ମିଳିଲା ॥ ୩ ॥

**ଛେମକରୀ କହ ଛେମ ବିସେଷୀ । ସ୍ୟାମା ବାମ ସୁତରୁ ପର ଦେଖୀ ॥**
**ସନମୁଖ ଆୟଉ ଦଧି ଅରୁ ମୀନା । କର ପୁସ୍ତକ ଦୁଇ ବିପ୍ର ପ୍ରବୀନା ॥ ୪ ॥**

ଶଙ୍ଖଚିଲ ବିଶେଷରୂପେ କଲ୍ୟାଣସୂଚନା ଦେଇଯାଉଥାଏ । ବାଆଁପଟେ ସୁନ୍ଦର ବୃକ୍ଷ ଉପରେ ଶ୍ୟାମା ପକ୍ଷୀ ବସିଥାଏ । ଜଣେ ଲୋକ ଦହି ଆଣୁଥିବାର ଦେଖାଗଲା; ଜୀଅନ୍ତା ମାଛ ବି ଦେଖାଗଲା । ପୁଣି ଦୁଇଜଣ ବିଦ୍ୱାନ୍ ବ୍ରାହ୍ମଣ ହାତରେ ପୁସ୍ତକ ଧରି ସମ୍ମୁଖରୁ ଆସୁଥିବାର ଦେଖାଗଲା ॥ ୪ ॥

ଦୋ:- **ମଂଗଲମୟ କଲ୍ୟାନମୟ ଅଭିମତ ଫଲ ଦାତାର ।**
**ଜନୁ ସବ ସାଚେ ହୋନ ହିତ ଭଏ ସଗୁନ ଏକ ବାର ॥ ୩୦୩ ॥**

ସକଳପ୍ରକାର ମଙ୍ଗଳମୟ, କଲ୍ୟାଣକର ତଥା ମନୋବାଞ୍ଛିତ ଫଳ ଦେଉଥିବା ଏହିସବୁ ଶୁଭଶକୁନ ସତେ ଯେପରି ନିଜ ନିଜକୁ ସତ୍ୟ ଓ ବାସ୍ତବ କରିଦେବା ନିମନ୍ତେ ଏକସଙ୍ଗେ ଘଟୁଥାଏ ॥ ୩୦୩ ॥

**ମଂଗଲ ସଗୁନ ସୁଗମ ସବ ତାକେଁ । ସଗୁନ ବ୍ରହ୍ମ ସୁଂଦର ସୁତ ଜାକେଁ ॥**
**ରାମ ସରିସ ବରୁ ଦୁଲହିନି ସୀତା । ସମଧୀ ଦସରଥୁ ଜନକୁ ପୁନୀତା ॥ ୧ ॥**
**ସୁନି ଅସ ବ୍ୟାହୁ ସଗୁନ ସବ ନାଚେ । ଅବ କୀହ୍ନେ ବିରଂଚି ହମ ସାଁଚେ ॥**
**ଏହି ବିଧି କୀହ୍ନ ବରାତ ପୟାନା । ହୟ ଗୟ ଗାଜହିଁ ହନେ ନିସାନା ॥ ୨ ॥**

ସ୍ୱୟଂ ସଗୁଣବ୍ରହ୍ମ ଯାହାଙ୍କର ସୁନ୍ଦର ପୁତ୍ର ହୋଇଛନ୍ତି, ତାଙ୍କ ପାଇଁ ତ ଶୁଭଶକୁନ ଅତ୍ୟନ୍ତ ସୁଲଭ । ଯେଉଁ ବିବାହରେ ସ୍ୱୟଂ ଶ୍ରୀରାମ ବର ଏବଂ ସୀତା କନ୍ୟା ତଥା ପବିତ୍ରହୃଦୟ ଦଶରଥ ଓ ଜନକ ହେଉଛନ୍ତି ଦୁଇ ସମ୍ବନ୍ଧୀ, ସେହି ବିବାହ ହେଉଛି ଶୁଣି ସବୁ ଶୁଭଶକୁନ, ସତେ ଯେପରି, ଆନନ୍ଦରେ ନାଚିଉଠିଲେ [ଏବଂ କହିବାକୁ ଲାଗିଲେ,] ''ଏତେ ଦିନକେ ବ୍ରହ୍ମା ଆମକୁ ସତରେ ଶୁଭଙ୍କର କରିଦେଲେ ।'' ଏପରିଭାବରେ ହାତୀଘୋଡ଼ାମାନଙ୍କର ଗର୍ଜନ ଓ ନାଗରାମାନଙ୍କର ନିନାଦ ମଧ୍ୟରେ ବରଯାତ୍ରୀମାନେ ଯାତ୍ରା ଆରମ୍ଭ କରିଦେଲେ ॥ ୧, ୨ ॥

**ଆୱତ ଜାନି ଭାନୁକୁଲ କେତୂ । ସରିତହ୍ନି ଜନକ ବଁଧାଏ ସେତୂ ॥**
**ବୀଚ ବୀଚ ବର ବାସ ବନାଏ । ସୁରପୁର ସରିସ ସଂପଦା ଛାଏ ॥ ୩ ॥**

ସୂର୍ଯ୍ୟବଂଶର ଧ୍ୱଜା ଦଶରଥ ମହାରାଜାଙ୍କ ଆଗମନ କଥା ଜାଣି, ଜନକ ବିଭିନ୍ନ ନଦୀ ଉପରେ ପୋଲ ତିଆରି କରାଇଦେଇଥିଲେ । ବରଯାତ୍ରୀମାନେ ବାଟରେ ବିଶ୍ରାମ ନେବେ ବୋଲି ସ୍ଥାନେ ସ୍ଥାନେ ବିଶ୍ରାମଗୃହମାନ ନିର୍ମାଣ କରାଇଦେଇଥିଲେ । ସେହିସବୁ ଗୃହମାନଙ୍କରେ ଦେବଲୋକର ସାମଗ୍ରୀ ପରି ପ୍ରଚୁର ପରିମାଣରେ ସାମଗ୍ରୀ ପରିପୂର୍ଣ୍ଣ ହୋଇରହିଥାଏ ॥ ୩ ॥

**ଅସନ ସୟନ ବର ବସନ ସୁହାଏ । ପାୱହିଁ ସବ ନିଜ ନିଜ ମନ ଭାଏ ॥**
**ନିତ ନୂତନ ସୁଖ ଲଖି ଅନୁକୂଲେ । ସକଲ ବରାତିହ୍ନ ମଂଦିର ଭୂଲେ ॥ ୪ ॥**

ବିଶ୍ରାମଭବନମାନଙ୍କରେ ବରଯାତ୍ରୀମାନଙ୍କୁ ସେମାନଙ୍କର ରୁଚି ଅନୁକୂଳ ସୁନ୍ଦର ଓ ଉତ୍ତମ ଭୋଜନ, ବସ୍ତ୍ର ଓ ଶଯ୍ୟା ଯୋଗାଇଦିଆଯାଇଥାଏ । ମନ-ଅନୁକୂଳ ନିତ୍ୟନୂତନ ସୁଖ ପାଇ ବରଯାତ୍ରୀମାନେ ନିଜ ନିଜର ଘରକଥା ମଧ୍ୟ ଭୁଲିଗଲେ ॥ ୪ ॥

ଦୋଃ- **ଆୱ୍ତ ଜାନି ବରାତ ବର ସୁନି ଗହଗହେ ନିସାନ ।**
**ସଜି ଗଜ ରଥ ପଦଚର ତୁରଗ ଲେନ ଚଲେ ଅଗୱାନ ॥ ୩୦୪ ॥**

ନାଗରାମାନଙ୍କର ଘୋର ନାଦ ଶୁଣି ବରଯାତ୍ରୀମାନଙ୍କ ଶୋଭାଯାତ୍ରା ପାଖେଇଆସିଲା ବୋଲି ଜଣାପଡ଼ିଗଲା । ତେଣୁ ସେମାନଙ୍କୁ ଅଭ୍ୟର୍ଥନା ଜଣାଇବା ନିମନ୍ତେ ସୁସଜ୍ଜିତ ହସ୍ତୀ, ରଥ, ପଦାତିକ ସୈନ୍ୟ ଓ ଅଶ୍ୱାରୋହୀମାନଙ୍କୁ ଧରି କନ୍ୟାପକ୍ଷର ଲୋକେ ଗ୍ଲିଲେ ॥ ୩୦୪ ॥

## ମାସପାରାୟଣ, ଦଶମ ବିଶ୍ରାମ

**କନକ କଲସ ଭରି କୋପର ଥାରା । ଭାଜନ ଲଲିତ ଅନେକ ପ୍ରକାରା ॥**
**ଭରେ ସୁଧାସମ ସବ ପକୱାନେ । ନାନା ଭାଁତି ନ ଜାହିଁ ବଖାନେ ॥ ୧ ॥**

ସୁବର୍ଣ୍ଣ କଳସମାନଙ୍କରେ [ଦୁଧ, ସରବତ୍, ଫଳରସ ଓ ଜଳ ଆଦି] ପାନୀୟ ପଦାର୍ଥ ପୂର୍ଣ୍ଣ କରି ଏବଂ ନାନା ଆକାରପ୍ରକାରର ଥାଳି, ପରାତ ପ୍ରଭୃତି ପାତ୍ରମାନଙ୍କରେ ଅମୃତସମାନ ସ୍ୱାଦିଷ୍ଟ ବିଭିନ୍ନ ଅବର୍ଣ୍ଣନୀୟ ପକ୍ୱାନ୍ନ, ॥ ୧ ॥

**ଫଲ ଅନେକ ବର ବସ୍ତୁ ସୁହାଇଁ । ହରଷି ଭେଁଟ ହିତ ଭୂପ ପଠାଇଁ ॥**
**ଭୂଷନ ବସନ ମହାମନି ନାନା । ଖଗ ମୃଗ ହୟ ଗୟ ବହୁ ବିଧି ଜାନା ॥ ୨ ॥**
**ମଂଗଲ ସଗୁନ ସୁଗଂଧ ସୁହାଏ । ବହୁତ ଭାଁତି ମହିପାଲ ପଠାଏ ॥**
**ଦଧି ଚିଉରା ଉପହାର ଅପାରା । ଭରି ଭରି କାଁୱ୍ରି ଚଲେ କହାରା ॥ ୩ ॥**

ଭଲ ଭଲ ଫଳ ଓ ଭେଟିସ୍ୱରୂପ ଅନ୍ୟାନ୍ୟ ବିଭିନ୍ନ ସୁନ୍ଦର ବସ୍ତୁ ପୂର୍ଣ୍ଣ କରି ରାଜା ଜନକ ଆନନ୍ଦରେ ବରଯାତ୍ରୀମାନଙ୍କ ନିକଟକୁ ପଠାଇଲେ । ତାହା ସହିତ ବିଭିନ୍ନ ବସ୍ତ୍ର, ଆଭୂଷଣ, ନାନାବିଧ ମଣି ଓ ବିଭିନ୍ନ ପଶୁପକ୍ଷୀ, ଘୋଡ଼ା, ହାତୀ ଓ ବିଭିନ୍ନପ୍ରକାର ଯାନବାହନ ତଥା ପ୍ରେମପୂର୍ବକ ବହୁପ୍ରକାର ଶୁଭ, ସୁଗନ୍ଧିତ ଓ ସୁନ୍ଦର ମାଙ୍ଗଳିକ ଦ୍ରବ୍ୟ ମଧ୍ୟ ପଠାଇଲେ । ଭାର ଭାର ଦହି, ଚୁଡ଼ା ଆଦି ବିଭିନ୍ନ ଉପାହାର (ଜଳଖିଆ) ପଦାର୍ଥ ବୋହିନେଇ ଧାଡ଼ି ଧାଡ଼ି ଭାରୁଆ ଗ୍ଲିଲେ ॥ ୨, ୩ ॥

**ଅଗୱାନହ୍ନ ଜବ ଦୀଖି ବରାତା । ଉର ଆନଂଦୁ ପୁଲକ ଭର ଗାତା ॥**
**ଦେଖି ବନାୱ ସହିତ ଅଗୱାନା । ମୁଦିତ ବରାତିହ୍ନ ହନେ ନିସାନା ॥ ୪ ॥**

ଅଭ୍ୟର୍ଥନା ଜଣାଇବାଲାଗି ଯାଇଥିବା ଲୋକେ ବରଯାତ୍ରୀମାନଙ୍କୁ ଦେଖିଦେଲାକ୍ଷଣି ଆନନ୍ଦବିଭୋର ହୋଇଗଲେ । ସେମାନଙ୍କର ଶରୀର ରୋମାଞ୍ଚିତ ହୋଇଗଲା । ଅଭ୍ୟର୍ଥନାକାରୀମାନେ ପଟୁଆର ଧରି ଆସୁଥିବା ଦେଖି ବରଯାତ୍ରୀମାନେ ପ୍ରସନ୍ନ ହୋଇ ଆହୁରି ଜୋର୍‌ରେ ନାଗରା ଆଦି ବାଦ୍ୟ ବଜାଇବାକୁ ଲାଗିଲେ ॥ ୪ ॥

ଦୋଃ- **ହରଷି ପରସପର ମିଲନ ହିତ କଛୁକ ଚଲେ ବଗମେଲ ।**
**ଜନୁ ଆନଂଦ ସମୁଦ୍ର ଦୁଇ ମିଲତ ବିହାଇ ସୁବେଲ ॥ ୩୦୫ ॥**

[ଅଭ୍ୟର୍ଥନାକାରୀ ତଥା ବରଯାତ୍ରୀ–ଉଭୟ ଦଳର] କେତେକ ମୁଖିଆ ଲୋକ ପରସ୍ପର ସହିତ ମିଳିତ ହେବାପାଇଁ ଏପରି ଉତ୍ସୁକ ହୋଇ ଧାଇଁଲେ ଏବଂ ଏପରି କୋଳାକୋଳି ହୋଇ ମିଳିତ ହେଲେ ଯେ, ମନେହେଲା, ସତେ ଯେପରି ଦୁଇଟି ଆନନ୍ଦସାଗର ନିଜ ନିଜର ମର୍ଯ୍ୟାଦା ଲଂଘନ କରି ପରସ୍ପର ସହିତ ମିଶିଯାଉଛନ୍ତି ॥ ୩୦୫ ॥

**ବରଷି ସୁମନ ସୁର ସୁଂଦରି ଗାୱ୍‌ହିଁ । ମୁଦିତ ଦେୱ୍ ଦୁଂଦୁଭୀଁ ବଜାୱ୍‌ହିଁ ॥**
**ବସ୍ତୁ ସକଲ ରାଖୀଁ ନୃପ ଆଗେଁ । ବିନୟ୍ କୀହ୍ନି ତିହ୍ନ ଅତି ଅନୁରାଗେଁ ॥ ୧ ॥**

ଦେବାଙ୍ଗନାମାନେ ପୁଷ୍ପବୃଷ୍ଟି କରି ଗୀତ ଗାଇଲେ ଏବଂ ଦେବତାମାନେ ଆନନ୍ଦରେ ଦୁନ୍ଦୁଭି ବଜାଇଲେ । ଅଭ୍ୟର୍ଥନା ଜଣାଇବାକୁ ଆସିଥିବା ଲୋକେ ଦଶରଥଙ୍କ ସମ୍ମୁଖରେ ସକଳ ଦ୍ରବ୍ୟ ଥୋଇଦେଇ ପ୍ରେମର ସହିତ ବିନତି ଜଣାଇଲେ ॥ ୧ ॥

**ପ୍ରେମ ସମେତ ରାୟ୍ଁ ସବୁ ଲୀହ୍ନା । ଭୈ ବକସୀସ ଜାଚକହ୍ନି ଦୀହ୍ନା ॥**
**କରି ପୂଜା ମାନ୍ୟତା ବଡ଼ାଈ । ଜନୱ୍ୱାସେ କହୁଁ ଚଲେ ଲୱ୍ୱାଈ ॥ ୨ ॥**

ରାଜା ଦଶରଥ ପ୍ରେମସହକାରେ ସେସବୁ ଗ୍ରହଣ କଲେ ଏବଂ ଯାଚକମାନଙ୍କୁ ଡକାଇ ସେମାନଙ୍କ ମଧ୍ୟରେ ଉପହାରସ୍ୱରୂପ ବାଣ୍ଟିଦେଲେ । ତହୁଁ ଅଭ୍ୟର୍ଥନାକାରୀମାନେ ପୂଜା, ଆଦର, ସତ୍‌କାର ଓ ସମ୍ବର୍ଦ୍ଧନା କରି ବରଯାତ୍ରୀମାନଙ୍କୁ ବରବାସ(ବର ଓ ବରଯାତ୍ରୀ ରହିବା ବସାଘର)କୁ ନେଇଗଲେ ॥ ୨ ॥

**ବସନ ବିଚିତ୍ର ପାଁୱ୍‌ଡ଼େ ପରହୀଁ । ଦେଖି ଧନଦୁ ଧନ ମଦୁ ପରିହରହୀଁ ॥**
**ଅତି ସୁଂଦର ଦୀହ୍ନେଉ ଜନୱ୍ୱାସା । ଜହଁ ସବ କହୁଁ ସବ ଭାଁତି ସୁପାସା ॥ ୩ ॥**

ବରଯାତ୍ରୀମାନଙ୍କର ଯିବାବାଟରେ ଚିତ୍ରବିଚିତ୍ର ଗାଲିଚ୍ଚ ବିଛାଯାଇଥାଏ । ସେସବୁ ଏତେ ସୁନ୍ଦର ହୋଇଥିଲା ଯେ, ତାହା ଦେଖି କୁବେର ମଧ୍ୟ ନିଜର ଧନଗର୍ବ ଛାଡ଼ିଦେବେ ବୋଲି ମନେହେଉଥାଏ । ସେମାନେ ରହିବାଲାଗି ଅତି ସୁନ୍ଦର ସୁନ୍ଦର ଘର ଯୋଗାଇଦିଆଗଲା । ସେଥିରେ ସକଳପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଥିଲା ॥ ୩ ॥

**ଜାନୀ ସିୟ୍ଁ ବରାତ ପୁର ଆଈ । କଛୁ ନିଜ ମହିମା ପ୍ରଗଟି ଜନାଈ ॥**
**ହୃଦୟ୍ଁ ସୁମିରି ସବ ସିଦ୍ଧି ବୋଲାଈଁ । ଭୂପ ପହୁନଈ କରନ ପଠାଈଁ ॥ ୪ ॥**

ବରଯାତ୍ରୀମାନେ ନଗରକୁ ଆସିଗଲେଣି ଜାଣି ସୀତା ନିଜର କିଛି ମହିମା ପ୍ରକଟ କରିଦେଲେ । ସେ ନିଜେ ହୃଦୟରେ ସ୍ମରଣ କରି ସକଳ ସିଦ୍ଧିଙ୍କୁ ଡକାଇ ଆଣିଲେ ଏବଂ ରାଜା ଦଶରଥ ଓ ତାଙ୍କ ଗହଣରେ ଆସିଥିବା ଲୋକଙ୍କ ସେବାରେ ଲାଗିବା ନିମନ୍ତେ ସେମାନଙ୍କୁ ପଠାଇଦେଲେ ॥ ୪ ॥

ଦୋଃ- **ସିଧି ସବ ସିୟ ଆୟସୁ ଅକନି ଗଈଁ ଜହାଁ ଜନୱ୍ୱାସ ।**
**ଲିଏଁ ସଂପଦା ସକଲ ସୁଖ ସୁରପୁର ଭୋଗ ବିଲାସ ॥ ୩୦୬ ॥**

ସୀତାଙ୍କ ଆଦେଶ ପାଇ ସିଦ୍ଧିଗଣ ବରଯାତ୍ରୀମାନଙ୍କ ବାସସ୍ଥାନରେ ସକଳପ୍ରକାର ସୁଖସମ୍ପଦ ଓ ଇନ୍ଦ୍ରପୁରର ଭୋଗବିଳାସ ସାମଗ୍ରୀ ପହଞ୍ଚାଇଦେଲେ ॥ ୩୦୬ ॥

**ନିଜ ନିଜ ବାସ ବିଲୋକି ବରାତୀ । ସୁର ସୁଖ ସକଲ ସୁଲଭ ସବ ଭାଁତୀ ॥**
**ବିଭୱ୍ ଭେଦ କଛୁ କୋଉ ନ ଜାନା । ସକଲ ଜନକ କର କରହିଁ ବଖାନା ॥ ୧ ॥**

ବରଯାତ୍ରୀମାନେ ନିଜ ନିଜର ବସାକୁ ଯାଇ ଦେଖନ୍ତି ତ, ସେଠାରେ ସମସ୍ତପ୍ରକାର ଦେବଭୋଗ୍ୟ ସୁଖସାମଗ୍ରୀ ପୂର୍ଣ୍ଣ ହୋଇ ରହିଛି । କେହି ବି ଏପରି ଐଶ୍ୱର୍ଯ୍ୟର ରହସ୍ୟ ବୁଝିପାରିଲେ ନାହିଁ । ସମସ୍ତେ ଜନକଙ୍କର ପ୍ରଶଂସା କଲେ ॥ ୧ ॥

**ସିୟ ମହିମା ରଘୁନାୟକ ଜାନୀ । ହରଷେ ହୃଦୟ୍ଁ ହେତୁ ପହିଚାନୀ ॥**
**ପିତୁ ଆଗମନୁ ସୁନତ ଦୋଉ ଭାଈ । ହୃଦୟ୍ ନ ଅତି ଆନଂଦୁ ଅମାଈ ॥ ୨ ॥**

ଏହା ସୀତାଙ୍କ ମହିମା ବୋଲି ଜାଣିପାରି ଏବଂ ତାଙ୍କ ପ୍ରେମର ପରିଚୟ ପାଇ ଶ୍ରୀରାମ ମନେ ମନେ ହର୍ଷିତ ହେଲେ । ପିତା ଦଶରଥ ଆସିଲେଣି ବୋଲି ସମାଗ୍ଭର ପାଇ ଦୁଇଭାଇଙ୍କର ହୃଦୟ ଆନନ୍ଦରେ ଉଚ୍ଛୁଳିଉଠିଲା ॥ ୨ ॥

**ସକୁଚହ୍ନ କହି ନ ସକତ ଗୁରୁ ପାହୀଁ । ପିତୁ ଦରସନ ଲାଲଚୁ ମନ ମାହୀଁ ॥**
**ବିସ୍ୱାମିତ୍ର ବିନୟ ବଡ଼ି ଦେଖୀ । ଉପଜା ଉର ସଂତୋଷୁ ବିସେଷୀ ॥ ୩ ॥**

ସଂକୋଚ ହେତୁ ଦୁହେଁ ପିତାଙ୍କୁ ଦେଖିବାର ଇଚ୍ଛା ଗୁରୁ ବିଶ୍ୱାମିତ୍ରଙ୍କ ନିକଟରେ ସିନା ପ୍ରକାଶ କରିପାରୁ ନ ଥାନ୍ତି, ତଥାପି ପିତାଙ୍କୁ ଦେଖିବାକୁ ମନରେ ପ୍ରବଳ ଲାଳସା ଜାଗିଥାଏ । ସେମାନଙ୍କର ନମ୍ରତା ଦେଖି ବିଶ୍ୱାମିତ୍ରଙ୍କ ମନରେ ବିଶେଷ ସନ୍ତୋଷ ଜାତ ହେଲା ॥ ୩ ॥

**ହରଷି ବଂଧୁ ଦୋଉ ହୃଦୟଁ ଲଗାଏ । ପୁଲକ ଅଂଗ ଅଂବକ ଜଲ ଛାଏ ॥**
**ଚଲେ ଜହାଁ ଦସରଥୁ ଜନୱାସେ । ମନହୁଁ ସରୋବର ତକେଉ ପିଆସେ ॥ ୪ ॥**

ପ୍ରସନ୍ନ ହୋଇ ସେ ଦୁଇଭାଇଙ୍କୁ ଛାତିରେ ଜାବୋଡ଼ି ଧରିଲେ । ଦୁଇଭାଇଙ୍କ ଶରୀର ପୁଲକିତ ହୋଇଉଠିଲା ଓ ନୟନରେ ପ୍ରେମାଶ୍ରୁ ପୂର୍ଣ୍ଣ ହୋଇଗଲା । ଯେଉଁ ବସାଘରେ ଦଶରଥ ରହୁଥିଲେ, ସେମାନେ ସମସ୍ତେ ସେଠାକୁ ଗ୍ଭଲିଲେ । ତାହା ଦେଖି ଜଣାଯାଉଥାଏ, ସତେ ଯେପରି ତୃଷାର୍ତ୍ତ ଆଡ଼କୁ ସରୋବର ଗ୍ଭଲିଛି ॥ ୪ ॥

ଦୋଃ- **ଭୂପ ବିଲୋକେ ଜବହିଁ ମୁନି ଆୱତ ସୁତହ୍ନ ସମେତ ।**
**ଉଠେ ହରଷି ସୁଖସିଂଧୁ ମହୁଁ ଚଲେ ଥାହ ସୀ ଲେତ ॥ ୩୦୭ ॥**

ଦୁଇପୁଅଙ୍କୁ ଧରି ମୁନିବର ଆସୁଥିବାର ଦେଖି ରାଜା ଦଶରଥ ହର୍ଷିତ ହୋଇଗଲେ ଏବଂ ସୁଖସାଗର ଭିତରେ ଥଳ ପାଇଯିବାପରି ସେ ସେମାନଙ୍କ ଆଡ଼କୁ ଗ୍ଭଲିଲେ ॥ ୩୦୭ ॥

**ମୁନିହି ଦଂଡୱତ କୀହ୍ନ ମହୀସା । ବାର ବାର ପଦ ରଜ ଧରି ସୀସା ॥**
**କୌସିକ ରାଉ ଲିଏ ଉର ଲାଈ । କହି ଅସୀସ ପୂଛୀ କୁସଲାଈ ॥ ୧ ॥**

ପୃଥ୍ୱୀପତି ଦଶରଥ ଯାଇ ବାରମ୍ବାର ମୁନିଙ୍କ ଚରଣରଜ ମସ୍ତକରେ ଲଗାଇଲେ ଏବଂ ତାଙ୍କୁ ଦଣ୍ଡବତ୍ ପ୍ରଣାମ କଲେ । ବିଶ୍ୱାମିତ୍ର ରାଜାଙ୍କୁ ଉଠାଇ ହୃଦୟରେ ଲଗାଇଲେ ଏବଂ ଆଶୀର୍ବାଦ ଦେଇ କୁଶଳ ସମାଗ୍ଭର ପଗ୍ଭରିଲେ ॥ ୧ ॥

**ପୁନି ଦଂଡୱତ କରତ ଦୋଉ ଭାଈ । ଦେଖି ନୃପତି ଉର ସୁଖୁ ନ ସମାଈ ॥**
**ସୁତ ହିୟଁ ଲାଇ ଦୁସହ ଦୁଖ ମେଟେ । ମୃତକ ସରୀର ପ୍ରାନ ଜନୁ ଭେଁଟେ ॥ ୨ ॥**

ଏତିକିବେଳେ ରାମଲକ୍ଷ୍ମଣ ଦୁଇଭାଇ ଦଣ୍ଡବତ୍ ପ୍ରଣାମ କରୁଛନ୍ତି ଦେଖି, ରାଜାଙ୍କ ହୃଦୟରେ ଆନନ୍ଦ ଉଚ୍ଛୁଳିପଡ଼ିଲା । ଦୁଇ ପୁଅଙ୍କୁ ଉଠାଇ ହୃଦୟରେ ଲଗାଇବା ପରେ ଯାଇ ତାଙ୍କ ମନରୁ ଦୁଃସହ ବିଚ୍ଛେଦଦୁଃଖ ଦୂର ହେଲା । ମନେହେଲା, ସତେ ଯେପରି ମରିଯାଇଥିବା ଲୋକକୁ ପ୍ରାଣ ମିଳିଗଲା ॥ ୨ ॥

**ପୁନି ବସିଷ୍ଠ ପଦ ସିର ତିହ୍ନ ନାଏ । ପ୍ରେମ ମୁଦିତ ମୁନିବର ଉର ଲାଏ ॥**
**ବିପ୍ରବୃଂଦ ବଂଦେ ଦୁହୁଁ ଭାଈଁ । ମନଭାୱତୀ ଅସୀସେଁ ପାଈଁ ॥ ୩ ॥**

ତା'ପରେ ଦୁଇଭାଇ ଯାଇ ବଶିଷ୍ଠଙ୍କ ଚରଣରେ ପ୍ରଣାମ କଲେ । ମୁନିଶ୍ରେଷ୍ଠ ତାଙ୍କୁ ପ୍ରେମାନନ୍ଦରେ ହୃଦୟରେ ଲଗାଇଲେ । ଦୁଇଭାଇ ସମସ୍ତ ବ୍ରାହ୍ମଣଙ୍କୁ ବନ୍ଦନା କଲେ ଏବଂ ଅଭୀଷ୍ଟ ଆଶୀର୍ବାଦ ଲାଭ କଲେ ॥ ୩ ॥

**ଭରତ ସହାନୁଜ କୀହ୍ନ ପ୍ରନାମା । ଲିଏ ଉଠାଇ ଲାଇ ଉର ରାମା ॥**
**ହରଷେ ଲଖନ ଦେଖି ଦୋଉ ଭ୍ରାତା । ମିଲେ ପ୍ରେମ ପରିପୂରିତ ଗାତା ॥ ୪ ॥**

ସାନଭାଇ ଶତ୍ରୁଘ୍ନ ସହିତ ଭରତ ଯାଇ ଶ୍ରୀରାମଙ୍କ ଚରଣରେ ପ୍ରଣାମ କଲେ । ଶ୍ରୀରାମ ସେହୁହିଁଙ୍କୁ ଉଠାଇ ହୃଦୟରେ ଲଗାଇଲେ । ସେହି ଦୁଇଭାଇଙ୍କୁ ଦେଖି ଲକ୍ଷ୍ମଣ ଆନନ୍ଦିତ ହୋଇଗଲେ ଓ ପ୍ରେମପରିପୂର୍ଣ୍ଣ ହୃଦୟରେ ସେମାନଙ୍କୁ ଆଲିଙ୍ଗନ କଲେ ॥ ୪ ॥

ଦୋ:- **ପୁରଜନ ପରିଜନ ଜାତିଜନ ଜାଚକ ମଂତ୍ରୀ ମୀତ ।**
**ମିଲେ ଜଥାବିଧି ସବହି ପ୍ରଭୁ ପରମ କୃପାଲ ବିନୀତ ॥ ୩୦୮ ॥**

ତା'ପରେ ପରମ କୃପାଳୁ ବିନୟୀ ଶ୍ରୀରାମ ଅଯୋଧ୍ୟାର ପୁରବାସୀ, ଆତ୍ମୀୟସ୍ୱଜନ, ସ୍ୱଜାତିର ଲୋକ, ଯାଚକ, ମନ୍ତ୍ରୀ ଓ ମିତ୍ରମାନଙ୍କୁ ଯଥାବିଧି ସାକ୍ଷାତ୍ କଲେ ॥ ୩୦୮॥

**ରାମହି ଦେଖି ବରାତ ଜୁଡ଼ାନୀ । ପ୍ରୀତି କି ରୀତି ନ ଜାତି ବଖାନୀ ॥**
**ନୃପ ସମୀପ ସୋହହିଁ ସୁତ ଚ୍ୱାରୀ । ଜନୁ ଧନ ଧରମାଦିକ ତନୁଧାରୀ ॥ ୧ ॥**

ଶ୍ରୀରାମଙ୍କୁ ଦେଖି ବରଯାତ୍ରୀମାନେ ସଂତୃପ୍ତ ହେଲେ । ପ୍ରୀତିର ରୀତିକୁ କେହି ବର୍ଣ୍ଣନା କରିପାରିବ ନାହିଁ । ରାଜାଙ୍କ ନିକଟରେ ତାଙ୍କ ଚାରିପୁଅ ଏପରି ଶୋଭା ପାଇଲେ ଯେ, ଦେଖି ମନେହେଲା, ସତେ ଯେପରି ସ୍ୱୟଂ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଶରୀର ଧାରଣ କରିଛନ୍ତି ॥ ୧ ॥

**ସୁତହ୍ନ ସମେତ ଦସରଥହି ଦେଖୀ । ମୁଦିତ ନଗର ନର ନାରି ବିସେଷୀ ॥**
**ସୁମନ ବରିସି ସୁର ହନହିଁ ନିସାନା । ନାକନଟୀଂ ନାଚହିଁ କରି ଗାନା ॥ ୨ ॥**

ପୁତ୍ରମାନଙ୍କ ସହିତ ରାଜା ଦଶରଥଙ୍କୁ ଦର୍ଶନ କରି ନଗରର ନରନାରୀ ଅତ୍ୟନ୍ତ ପ୍ରସନ୍ନ ହେଲେ । ଦେବତାମାନେ ଆକାଶରୁ ପୁଷ୍ପବୃଷ୍ଟି କରି ଦୁନ୍ଦୁଭି ବଜାଇଲେ ଏବଂ ଅପ୍ସରାମାନେ ଗୀତ ଗାଇ ଗାଇ ନାଚିବାକୁ ଲାଗିଲେ ॥ ୨ ॥

**ସତାନଂଦ ଅରୁ ବିପ୍ର ସଚିୱ ଗନ । ମାଗଧ ସୂତ ବିଦୁଷ ବଂଦୀଜନ ॥**
**ସହିତ ବରାତ ରାଉ ସନମାନା । ଆୟସୁ ମାଗି ଫିରେ ଅଗୱାନା ॥ ୩ ॥**

ଅଭ୍ୟର୍ଥନା ଜଣାଇବାକୁ ଆସିଥିବା ମୁନି ଶତାନନ୍ଦ ଏବଂ ବ୍ରାହ୍ମଣ, ମନ୍ତ୍ରୀ, ମାଗଧ, ସୂତ, ବିଦ୍ୱାନ୍ ଓ ଭାଟମାନେ ବରଯାତ୍ରୀଙ୍କ ସମେତ ରାଜା ଦଶରଥଙ୍କୁ ବିଶେଷ ଆଦରସତ୍କାର କଲେ । ଶେଷରେ ଆଜ୍ଞା ନେଇ ସେମାନେ ବାହୁଡ଼ିଲେ ॥ ୩ ॥

**ପ୍ରଥମ ବରାତ ଲଗନ ତେଁ ଆଈ । ତାତେଁ ପୁର ପ୍ରମୋଦୁ ଅଧିକାଈ ॥**
**ବ୍ରହ୍ମାନଂଦୁ ଲୋଗ ସବ ଲହହୀଁ । ବଢ଼ହୁଁ ଦିୱସ ନିସି ବିଧି ସନ କହହୀଁ ॥ ୪ ॥**

ବରଯାତ୍ରୀମାନେ ବିବାହଲଗ୍ନର ପୂର୍ବରୁ ଆସିଯାଇଥିଲେ; ତେଣୁ ଜନକପୁରରେ ଅଧିକ ଆନନ୍ଦ କୋଳାହଳ ଲାଗିରହିଲା । ସମସ୍ତେ ବ୍ରହ୍ମାନନ୍ଦ ଉପଲବ୍ଧି କରୁଥିଲେ ଏବଂ ଦିନରାତି କିପରି ବଡ଼ ହୋଇଯାଉ ବୋଲି ବିଧାତାଙ୍କୁ ଜଣାଉଥିଲେ ॥ ୪ ॥

ଦୋ:- **ରାମୁ ସୀୟ ସୋଭା ଅୱଧି ସୁକୃତ ଅୱଧି ଦୋଉ ରାଜ ।**
**ଜହଁ ତହଁ ପୁରଜନ କହହିଁ ଅସ ମିଲି ନର ନାରି ସମାଜ ॥ ୩୦୯ ॥**

'ଶ୍ରୀରାମ ଓ ସୀତା ହେଉଛନ୍ତି ସୌନ୍ଦର୍ଯ୍ୟର ସୀମା ଏବଂ ଦୁଇରାଜା ହେଉଛନ୍ତି ପୁଣ୍ୟର ସୀମା'—ନଗରର ନରନାରୀ ଦଳ ଦଳ ହୋଇ ଚାରିଆଡ଼େ ନିଜ ନିଜ ମଧ୍ୟରେ କେବଳ ଏହି କଥା କୁହାକୁହି ହେଉଥାନ୍ତି ॥ ୩୦୯ ॥

**ଜନକ ସୁକୃତ ମୂରତି ବୈଦେହୀ । ଦସରଥ ସୁକୃତ ରାମୁ ଧରେଁ ଦେହୀ ॥**
**ଇନ୍ହ ସମ କାହୁଁ ନ ସିଓ୍ୱ ଅଓ୍ୱରାଧେ । କାହୁଁ ନ ଇନ୍ହ ସମାନ ଫଲ ଲାଧେ ॥ ୧ ॥**

[ସେମାନେ ଭାବୁଥାନ୍ତି] ‘‘ଜାନକୀ ହେଉଛନ୍ତି ରାଜା ଜନକଙ୍କ ସୁକୃତ(ପୁଣ୍ୟ)ର ପ୍ରତିମୂର୍ତ୍ତି ଏବଂ ଶ୍ରୀରାମ ହେଉଛନ୍ତି ମହାରାଜା ଦଶରଥଙ୍କ ସୁକୃତର ମୂର୍ତ୍ତିମନ୍ତ ବିଗ୍ରହ । ଏହି ଦୁଇରାଜା ଶିବଙ୍କୁ ଯେତେ ଆରାଧନା କରିଛନ୍ତି, ଅନ୍ୟ କେହି ସେପରି କରିନାହାନ୍ତି କିମ୍ବା ଅନ୍ୟ କେହି ଏଦୁହିଁଙ୍କ ପରି ଫଳ ମଧ୍ୟ ପାଇନାହାନ୍ତି ॥ ୧ ॥

**ଇନ୍ହ ସମ କୋଉ ନ ଭୟଉ ଜଗ ମାହୀଁ । ହୈ ନହିଁ କତହୂଁ ହୋନେଉ ନାହୀଁ ॥**
**ହମ ସବ ସକଲ ସୁକୃତ କୈ ରାସୀ । ଭଏ ଜଗ ଜନମି ଜନକପୁର ବାସୀ ॥ ୨ ॥**

ଏମାନଙ୍କ ପରି ଭାଗ୍ୟବାନ୍ ଜଗତରେ କେବେ କେହି ହୋଇ ନ ଥିଲେ, କି କେହି ନାହାନ୍ତି, କି ଭବିଷ୍ୟତରେ କେହି ହେବେ ନାହିଁ ମଧ୍ୟ । ଆମେ ମଧ୍ୟ ସକଳପୁଣ୍ୟର ରାଶି; କାରଣ ଆମେ ଜଗତରେ ଜନ୍ମ ହୋଇ ମିଥିଳାପୁରନିବାସୀ ହୋଇପାରିଛୁ ॥ ୨ ॥

**ଜିନ୍ହ ଜାନକୀ ରାମ ଛବି ଦେଖୀ । କୋ ସୁକୃତୀ ହମ ସରିସ ବିସେଷୀ ॥**
**ପୁନି ଦେଖବ ରଘୁବୀର ବିଆହୂ । ଲେବ ଭଲୀ ବିଧି ଲୋଚନ ଲାହୂ ॥ ୩ ॥**

ଏବଂ ଜାନକୀ ଓ ଶ୍ରୀରଘୁନାଥଙ୍କ ରୂପ ସ୍ୱଚକ୍ଷୁରେ ଦେଖିବାକୁ ପାଇଛୁ । ତେଣୁ ଆମପରି ଅତ୍ୟନ୍ତ ପୁଣ୍ୟବାନ୍ ଆଉ କିଏ ବା ହୋଇପାରିବ ? ପୁଣି ଆମେ ଏବେ ଶ୍ରୀରଘୁନାଥଙ୍କ ବିବାହଉତ୍ସବ ଦେଖିବାକୁ ପାଇବୁ ଏବଂ ନିଜ ନିଜର ନେତ୍ରର ସମ୍ପୂର୍ଣ୍ଣ ଲାଭ ପାଇପାରିବୁ (ନୟନ ସାର୍ଥକ କରିବୁ) ।’’ ॥ ୩ ॥

**କହହିଁ ପରସପର କୋକିଲବୟନୀଁ । ଏହି ବିଆହଁ ବଡ଼ ଲାଭୁ ସୁନୟନୀଁ ॥**
**ବଡ଼େଁ ଭାଗ ବିଧି ବାତ ବନାଈ । ନୟନ ଅତିଥି ହୋଇହହିଁ ଦୋଉ ଭାଈ ॥ ୪ ॥**

କୋକିଳକଣ୍ଠୀ ମଧୁରଭାଷିଣୀ ନାରୀମାନେ ପରସ୍ପର କୁହାକୁହି ହେଉଥାନ୍ତି, ‘‘ଆଗୋ ସୁନୟନା ସଖୀମାନେ ! ଏହି ବାହାଘରୁ ଆମକୁ ବହୁତ ଲାଭ ମିଳିବ । ଆମ ସୌଭାଗ୍ୟକୁ ବିଧାତା ସବୁ ସୁଯୋଗ ଆଣିଦେଇଛି । ଏହି ଦୁଇଭାଇ ଆମ ନୟନର ଅତିଥି ହୋଇ ରହିବେ (ଆମକୁ ଦର୍ଶନର ଆନନ୍ଦ ଦେଉଥିବେ ।); ॥ ୪ ॥

ଦୋ:- **ବାରହିଁ ବାର ସନେହ ବସ ଜନକ ବୋଲାଉବ ସୀୟ ।**
**ଲେନ ଆଇହହିଁ ବଂଧୁ ଦୋଉ କୋଟି କାମ କମନୀୟ ॥ ୩୧୦ ॥**

କାରଣ ଜନକ ମହାରାଜ ସ୍ନେହବଶତଃ ସୀତାଙ୍କୁ ବାରମ୍ବାର ଡକାଇ ଆଣିବେ ଏବଂ କୋଟିକାମଦେବଙ୍କ ସମାନ ସୁନ୍ଦର ଏହି ଦୁଇଭାଇ ସୀତାକୁ ନେବାପାଇଁ ବାରମ୍ବାର ଏଠାକୁ ଆସିବେ ॥ ୩୧୦ ॥

**ବିବିଧ ଭାଁତି ହୋଇହି ପହୁନାଈ । ପ୍ରିୟ ନ କାହି ଅସ ସାସୁର ମାଈ ॥**
**ତବ ତବ ରାମ ଲଖନହି ନିହାରୀ । ହୋଇହହିଁ ସବ ପୁର ଲୋଗ ସୁଖାରୀ ॥ ୧ ॥**

ଏପରି ଯିବା ଆସିବା ଲାଗିରହିଲେ ଏହାଙ୍କୁ ଅନେକପ୍ରକାରେ ଆଦରସତ୍କାର କରାଯିବ । ଆଗୋ ସଖୀ ! ଏପରି ଶ୍ୱଶୁରଘର କାହାକୁ ବା ଭଲ ନ ଲାଗିବ ? ସେତେବେଳେ ଆମେ ନଗରଲୋକେ ଶ୍ରୀରାମଲକ୍ଷ୍ମଣଙ୍କୁ ବାରମ୍ବାର ନିରେଖି ଦେଖିବାର ସୁଖ ପାଇପାରିବା ॥ ୧ ॥

**ସଖି ଜସ ରାମ ଲଖନ କର ଜୋଟା । ତୈସେଇ ଭୂପ ସଂଗ ଦୁଇ ଢୋଟା ॥**
**ସ୍ୟାମ ଗୌର ସବ ଅଂଗ ସୁହାଏ । ତେ ସବ କହହିଁ ଦେଖି ଜେ ଆଏ ॥ ୨ ॥**

''ସଖୀ ! ଏହି ରାମଲକ୍ଷ୍ମଣଙ୍କ ସୁନ୍ଦର ଯୋଡ଼ି ପରି, ଆଉ ଗୋଟିଏ ସୁନ୍ଦର କୁମାରଯୋଡ଼ି ମଧ୍ୟ ଅଯୋଧ୍ୟା ରାଜାଙ୍କ ସାଥିରେ ଆସିଛନ୍ତି । ସେଦୁହିଁଙ୍କ ଭିତରୁ ବି ଜଣେ ଶ୍ୟାମଳ ଓ ଆରଜଣକ ଗୌର । ସେ ଦୁଇଜଣ ସର୍ବାଙ୍ଗ ସୁନ୍ଦର । ତାଙ୍କୁ ଦେଖିଆସିଥିବା ସମସ୍ତେ ଏ କଥା କହୁଛନ୍ତି ।'' ॥ ୨ ॥

**କହା ଏକ ମୈଁ ଆଜୁ ନିହାରେ । ଜନୁ ବିରଂଚି ନିଜ ହାଥ ସଁୱାରେ ॥**
**ଭରତୁ ରାମହୀ କୀ ଅନୁହାରୀ । ସହସା ଲଖି ନ ସକହିଁ ନର ନାରୀ ॥ ୩ ॥**

ଏହା ଶୁଣି ଆଉ ଜଣେ ସଖୀ କହିଲା, ''ମୁଁ ପରା ସେ ଦିଜଣଙ୍କୁ ଆଜି ଦେଖିଛି । ଏଡ଼େ ସୁନ୍ଦର ଯେ, ଲାଗୁଛି, ତାଙ୍କୁ ବ୍ରହ୍ମା ନିଜହାତରେ ଗଢ଼ିଛନ୍ତି ! ତାଙ୍କ ଭିତରୁ ଭରତ ତ ଠିକ୍ ଶ୍ରୀରାମଙ୍କ ପରି ସୁନ୍ଦର । ସେହି ଦୁଇଜଣଙ୍କୁ ଦେଖିଦେଲେ, ସେଭିତରୁ କିଏ ରାମ, କିଏ ଭରତ, ତାହା ହଠାତ୍ କେହି ବାରିପାରିବେ ନାହିଁ ॥ ୩ ॥

**ଲଖନୁ ସତ୍ରୁସୂଦନୁ ଏକରୂପା । ନଖ ସିଖ ତେ ସବ ଅଂଗ ଅନୂପା ॥**
**ମନ ଭାୱହିଁ ମୁଖ ବରନି ନ ଜାହୀଁ । ଉପମା କହୁଁ ତ୍ରିଭୁୱନ କୋଉ ନାହୀଁ ॥ ୪ ॥**

ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ରୂପ ଏକା ପରି । ଦୁହିଁଙ୍କର ନଖଠାରୁ ଶିଖା ଯାଏ ସବୁ ଅଙ୍ଗ ଅନୁପମ । ଭାରି ମନମୋହନ ରୂପ; ତାହାକୁ ଭାଷାରେ ବର୍ଣ୍ଣି ହେବ ନାହିଁ । ତାଙ୍କ ସହିତ ଉପମାଯୋଗ୍ୟ ହେବାକୁ ତିନିଲୋକରେ କେହି ବି ନାହିଁ ।'' ॥ ୪ ॥

ଛନ୍ଦ- **ଉପମା ନ କୋଉ କହ ଦାସ ତୁଲସୀ କତହୁଁ କବି କୋବିଦ କହେଁ ।**
**ବଲ ବିନୟ ବିଦ୍ୟା ସୀଲ ସୋଭା ସିଂଧୁ ଇନ୍ହ ସେ ଏଇ ଅହେଁ ॥**
**ପୁର ନାରି ସକଲ ପସାରି ଅଂଚଲ ବିଧିହି ବଚନ ସୁନାୱହୀଁ ।**
**ବ୍ୟାହିଅହୁଁ ଚ୍ୟରିଉ ଭାଇ ଏହିଁ ପୁର ହମ ସୁମଂଗଲ ଗାୱହୀଁ ॥**

ତୁଳସୀଦାସ କହୁଛନ୍ତି, କବି ଓ କୋବିଦମାନେ କହନ୍ତି ଯେ, ଏମାନଙ୍କ ଉପମାର ଯୋଗ୍ୟ ହୋଇ କେଉଁଠି ବି କେହି ନାହିଁ । ଏମାନେ ହେଉଛନ୍ତି ବଳ, ବିନୟ, ବିଦ୍ୟା, ସୁଶୀଳତା ଓ ଶୋଭାର ସାଗର । ଏହିମାନେହିଁ ଏମାନଙ୍କ ପରି । ଜନକପୁରୀର ସବୁ ନାରୀ ପଣତ ପସାରି ବିଧାତାକୁ ନିବେଦନ କରୁଛନ୍ତି, ''ଏହି ଚ୍ୟରିଭାଇଙ୍କ ବିବାହ ଏହି ନଗରରେହିଁ ହୋଇଯାଉ ଯେ, ଆମେ ସମସ୍ତେ ସେହି ବିବାହ ଉତ୍ସବରେ ମଙ୍ଗଳଗୀତ ଗାଇପାରିବୁ ।''

ସୋଃ- **କହହିଁ ପରସ୍ପର ନାରି ବାରି ବିଲୋଚନ ପୁଲକ ତନ ।**
**ସଖି ସବୁ କରବ ପୁରାରି ପୁନ୍ୟ ପୟୋନିଧି ଭୂପ ଦୋଉ ॥ ୩୧୧ ॥**

ନୟନରେ ପ୍ରେମାଶ୍ରୁ ପୂର୍ଣ୍ଣ କରି ପୁଲକିତ ଶରୀରରେ ନାରୀମାନେ ନିଜ ନିଜ ମଧ୍ୟରେ ଆଲୋଚନା କରୁଥାନ୍ତି, ''ହେ ସଖୀ ! ଏ ଦୁଇଜଣଯାକ ରାଜା ପୁଣ୍ୟର ସାଗର । ତ୍ରିପୁରାରି ଶିବ ଆମର ସକଳ ମନୋରଥ ପୂର୍ଣ୍ଣ କରିଦେବେ (ଅର୍ଥାତ୍ ଚ୍ୟରିଭାଇଙ୍କ ବିବାହ ଏଠାରେ ଅବଶ୍ୟ କରାଇଦେବେ) ॥ ୩୧୧ ॥

**ଏହି ବିଧି ସକଲ ମନୋରଥ କରହୀଁ । ଆନଁଦ ଉମଗି ଉମଗି ଉର ଭରହୀଁ ॥**
**ଜେ ନୃପ ସୀୟ ସ୍ୱୟଂବର ଆଏ । ଦେଖି ବଂଧୁ ସବ ତିନ୍ହ ସୁଖ ପାଏ ॥ ୧ ॥**

ସମସ୍ତେ ଏହିପରି ମନସ୍କାମନା କରୁଥାନ୍ତି ଏବଂ ଉତ୍ସାହପୂର୍ବକ ନିଜ ନିଜର ହୃଦୟକୁ ଆନନ୍ଦରେ ପରିପୂର୍ଣ୍ଣ କରୁଥାନ୍ତି । ସୀତାଙ୍କ ସ୍ୱୟଂବରକୁ ଆସିଥିବା ରାଜାମାନେ ମଧ୍ୟ ଏହି ଚ୍ୟରିଭାଇଙ୍କୁ ଦେଖି ଆନନ୍ଦ ଲାଭ କଲେ ॥ ୧ ॥

**କହତ ରାମ ଜସୁ ବିସଦ ବିସାଲା । ନିଜ ନିଜ ଭୱନ ଗଏ ମହିପାଲା ॥**
**ଗଏ ବୀତି କଛୁ ଦିନ ଏହି ଭାଁତୀ । ପ୍ରମୁଦିତ ପୁରଜନ ସକଲ ବରାତୀ ॥ ୨ ॥**

ଶ୍ରୀରାମଙ୍କ ମହାନ୍ ନିର୍ମଳ ଯଶ କହି କହି ରାଜାମାନେ ନିଜ ନିଜ ଭବନକୁ ଫେରିଗଲେ । ଏପରି କିଛିଦିନ ବିତିଗଲା । ଜନକପୁରବାସୀ ଓ ବରଯାତ୍ରୀଗଣ ସମସ୍ତେ ଆନନ୍ଦରେ ରହିଲେ ॥ ୨ ॥

**ମଂଗଲ ମୂଲ ଲଗନ ଦିନୁ ଆୱା । ହିମ ରିତୁ ଅଗହନୁ ମାସୁ ସୁହାୱା ॥**
**ଗ୍ରହ ତିଥି ନଖତୁ ଜୋଗୁ ବର ବାରୂ । ଲଗନ ସୋଧି ବିଧି କୀହ୍ନ ବିଚାରୂ ॥ ୩ ॥**

ମଙ୍ଗଳର ମୂଳ ବିବାହଦିବସ ଆସି ଉପସ୍ଥିତ ହୋଇଗଲା । ହେମନ୍ତଋତୁ ଓ ସୁନ୍ଦର ମାର୍ଗଶିର ମାସ ହୋଇଥାଏ । ଗ୍ରହ, ତିଥି, ନକ୍ଷତ୍ର, ଯୋଗ ଓ ବାରର ଶ୍ରେଷ୍ଠ ସ୍ଥିତି ବିଚାର କରିବା ପରେ ବ୍ରହ୍ମା ଲଗ୍ନ ମୁହୂର୍ତ୍ତ ଗଣନା କଲେ ॥ ୩ ॥

**ପଠୈ ଦୀହ୍ନି ନାରଦ ସନ ସୋଈ । ଗନୀ ଜନକ କେ ଗନକହ୍ନ ଜୋଈ ॥**
**ସୁନୀ ସକଲ ଲୋଗହ୍ନ ୟହ ବାତା । କହହିଁ ଜୋତିଷୀ ଆହିଁ ବିଧାତା ॥ ୪ ॥**

ଏବଂ ସେହି ଲଗ୍ନପତ୍ରିକାଟି ନାରଦଙ୍କ ହାତରେ ଜନକଙ୍କ ନିକଟକୁ ପଠାଇଦେଲେ । ଜନକଙ୍କ ଜ୍ୟୋତିଷୀମାନେ ମଧ୍ୟ ସେହି ଲଗ୍ନ ଗଣନା କରିଥିଲେ । ଲୋକେ ଏହି ସମାଚାର ପାଇଯିବାରୁ କହିଲେ, ''ଆମ ଏଠିକାର ଜ୍ୟୋତିଷୀମାନେ ମଧ୍ୟ ବ୍ରହ୍ମା ।'' ॥ ୪ ॥

ଦୋଃ- **ଧେନୁଧୂରି ବେଲା ବିମଲ ସକଲ ସୁମଂଗଲ ମୂଲ ।**
**ବିପ୍ରହ୍ନ କହେଉ ବିଦେହ ସନ ଜାନି ସଗୁନ ଅନୁକୂଲ ॥ ୩୧୨ ॥**

ସବୁ ସୁମଙ୍ଗଳର ମୂଳ ପବିତ୍ର ଗୋଧୂଳି ସମୟ ଆସିଗଲାଣି ଏବଂ ଅନୁକୂଳ ଶୁଭଲକ୍ଷଣ ଦେଖାଗଲାଣି ବୋଲି ବ୍ରାହ୍ମଣମାନେ ଆସି ଜନକଙ୍କୁ ସମାଚାର ଦେଇଦେଲେ ॥ ୩୧୨ ॥

**ଉପରୋହିତହି କହେଉ ନରନାହା । ଅବ ବିଲଂବ କର କାରନୁ କାହା ॥**
**ସତାନଂଦ ତବ ସଚିୱ ବୋଲାଏ । ମଂଗଲ ସକଲ ସାଜି ସବ ଲ୍ୟାଏ ॥ ୧ ॥**

ତହୁଁ ଜନକ ଶତାନନ୍ଦଙ୍କୁ କହିଲେ, ''ଆଉ ବିଳମ୍ବ କାହିଁକି ?'' ଏହା ଶୁଣି ଶତାନନ୍ଦ ମନ୍ତ୍ରୀମାନଙ୍କୁ ଡକାଇଲେ । ସେମାନେ ସମସ୍ତ ମାଙ୍ଗଳିକ ସାମଗ୍ରୀ ସଜାଇ ନେଇଆସିଲେ ॥ ୧ ॥

**ସଂଖ ନିସାନ ପନୱ ବହୁ ବାଜେ । ମଂଗଲ କଲସ ସଗୁନ ସୁଭ ସାଜେ ॥**
**ସୁଭଗ ସୁଆସିନି ଗାୱହିଁ ଗୀତା । କରହିଁ ବେଦ ଧୁନି ବିପ୍ର ପୁନୀତା ॥ ୨ ॥**

ଶଙ୍ଖ, ନାଗରା, ଢୋଲ ତଥା ବହୁପ୍ରକାର ବାଦ୍ୟ ବାଜିବାକୁ ଲାଗିଲା । ମଙ୍ଗଳକଳସ ଓ ଶୁଭସୂଚକ ଦ୍ରବ୍ୟ (ଦହି, ଦୂବ, ହଳଦୀ ଇତ୍ୟାଦି) ସଜାଇଦିଆଗଲା । ସୁନ୍ଦରୀ ସଧବାନାରୀମାନେ ଗୀତ ଗାଇଲେ ଓ ପବିତ୍ର ବ୍ରାହ୍ମଣମାନେ ବେଦଧ୍ୱନି କଲେ ॥ ୨ ॥

**ଲେନ ଚଲେ ସାଦର ଏହି ଭାଁତୀ । ଗଏ ଜହାଁ ଜନୱାସ ବରାତୀ ॥**
**କୋସଲପତି କର ଦେଖି ସମାଜୂ । ଅତି ଲଘୁ ଲାଗ ତିହ୍ନହି ସୁରରାଜୂ ॥ ୩ ॥**

ଏପରିଭାବରେ ବରଯାତ୍ରୀମାନଙ୍କୁ ଆଦରସମ୍ମାନପୂର୍ବକ ଡାକିଆଣିବାକୁ ସମସ୍ତେ ବରଯାତ୍ରୀ-ନିବାସକୁ ଗଲେ । ଅଯୋଧ୍ୟାପତି ଦଶରଥଙ୍କ ବୈଭବ ଦେଖି ସେମାନଙ୍କୁ ଇନ୍ଦ୍ରଙ୍କ ବୈଭବ ମଧ୍ୟ ତୁଚ୍ଛ ମନେହେଲା ॥ ୩ ॥

**ଭଯ୍ଉ ସମଉ ଅବ ଧାରିଅ ପାଉ । ୟହ ସୁନି ପରା ନିସାନହିଁ ଘାଉ ॥**
**ଗୁରହି ପୂଛି କରି କୁଲ ବିଧି ରାଜା । ଚଲେ ସଂଗ ମୁନି ସାଧୁ ସମାଜା ॥ ୪ ॥**

ସେମାନେ ଯାଇ ବିନତି ଜଣାଇଲେ, ''ସମୟ ହୋଇଗଲା । ଦୟା କରି ଆଗମନ କରନ୍ତୁ ।'' ଏହା ଶୁଣି ଘନ ଘନ ନାଗରା ବାଜିଲା । ବଶିଷ୍ଠଙ୍କୁ ପଚ୍ଚାରି, ରାଜା ଦଶରଥ ନିଜ କୁଳର ସମସ୍ତ ରୀତି ଯଥାବିଧି ପାଳନ କରିବା ପରେ ମୁନି ଓ ସାଧୁଜନଙ୍କୁ ନେଇ ବିବାହସ୍ଥଳକୁ ଯିବାକୁ ଅଗ୍ରସର ହେଲେ ॥ ୪ ॥

ଦୋ- **ଭାଗ୍ୟ ବିଭଓ୍ୱ ଅଓ୍ୱଧେସ କର ଦେଖି ଦେଓ୍ୱ ବ୍ରହ୍ମାଦି ।**
**ଲଗେ ସରାହନ ସହସ ମୁଖ ଜାନି ଜନମ ନିଜ ବାଦି ॥ ୩୧୩ ॥**

ଅଯୋଧ୍ୟା ନରେଶ ଦଶରଥଙ୍କ ଭାଗ୍ୟ ଓ ବୈଭବ ଦେଖି ଏବଂ ନିଜ ଜନ୍ମକୁ ବ୍ୟର୍ଥ ବୋଲି ଜାଣି ବ୍ରହ୍ମାଦି ଦେବଗଣ ସହସ୍ର ମୁଖରେ ତାଙ୍କର ପ୍ରଶଂସା କରିବାକୁ ଲାଗିଲେ ॥ ୩୧୩ ॥

**ସୁରହ୍ନ ସୁମଂଗଲ ଅଓ୍ୱସରୁ ଜାନା । ବରଷହିଁ ସୁମନ ବଜାଇ ନିସାନା ॥**
**ସିଓ୍ୱ ବ୍ରହ୍ମାଦିକ ବିବୁଧ ବରୂଥା । ଚଢ଼େ ବିମାନହ୍ନି ନାନା ଜୂଥା ॥ ୧ ॥**

ଏହା ଏକ ସୁନ୍ଦର ମାଙ୍ଗଳିକ ଅବସର ଜାଣି, ଦେବଗଣ ଦୁନ୍ଦୁଭି ବଜାଇ ପୁଷ୍ପବୃଷ୍ଟି କଲେ । ଶିବ, ବ୍ରହ୍ମା ଆଦି ଦେବଗଣ ବିଭିନ୍ନ ଦଳରେ ବିଭକ୍ତ ହୋଇ ବିମାନରେ ଆରୋହଣ କଲେ ॥ ୧ ॥

**ପ୍ରେମ ପୁଲକ ତନ ହୃଦୟଁ ଉଛାହୂ । ଚଲେ ବିଲୋକନ ରାମ ବିଆହୂ ॥**
**ଦେଖି ଜନକପୁରୁ ସୁର ଅନୁରାଗେ । ନିଜ ନିଜ ଲୋକ ସବହିଁ ଲଘୁ ଲାଗେ ॥ ୨ ॥**

ସମସ୍ତେ ପ୍ରେମପୁଲକିତଶରୀର ହୋଇ ଉତ୍ସାହସହକାରେ ଶ୍ରୀରାମଙ୍କ ବିବାହ ଉତ୍ସବ ଦେଖିବାକୁ ଚାଲିଲେ । ଜନକପୁର ଦେଖି ସେମାନେ ଏତେ ଅଭିଭୂତ ହୋଇଗଲେ ଯେ, ସେମାନଙ୍କୁ ନିଜ ନିଜର ଦେବଲୋକ ମଧ୍ୟ ତୁଚ୍ଛ ବୋଧ ହେଲା ॥ ୨ ॥

**ଚିତଓ୍ୱହିଁ ଚକିତ ବିଚିତ୍ର ବିତାନା । ରଚନା ସକଲ ଅଲୌକିକ ନାନା ॥**
**ନଗର ନାରି ନର ରୂପ ନିଧାନା । ସୁଘର ସୁଧରମ ସୁସୀଲ ସୁଜାନା ॥ ୩ ॥**

ବିଚିତ୍ର ମଣ୍ଡପଗୁଡ଼ିକୁ ତଥା ବିଭିନ୍ନ ଅଲୌକିକ ସାଜସଜ୍ଜାକୁ ସେମାନେ ଚକିତ ନୟନରେ ଚାହିଁରହିଲେ । ଦେଖିଲେ, ସେଠାକାର କି ସ୍ତ୍ରୀ, କି ପୁରୁଷ—ସମସ୍ତେ ହେଉଛନ୍ତି ରୂପର ଭଣ୍ଡାର; ସମସ୍ତଙ୍କର ଅଙ୍ଗସୌଷ୍ଠବ ଅତି ସୁନ୍ଦର; ସମସ୍ତେ ସୁଗଠିତଶରୀର, ପବିତ୍ର, ଧର୍ମାତ୍ମା, ସୁଶୀଳ ଓ ସୁଜ୍ଞ ॥ ୩ ॥

**ତିହ୍ନହି ଦେଖି ସବ ସୁର ସୁରନାରୀଁ । ଭଏ ନଖତ ଜନୁ ବିଧୁ ଉଜିଆରୀଁ ॥**
**ବିଧିହି ଭୟଉ ଆଚରଜୁ ବିସେଷୀ । ନିଜ କରନୀ କଛୁ କତହୁଁ ନ ଦେଖୀ ॥ ୪ ॥**

ଚନ୍ଦ୍ରର ଆଲୋକ ଦେଖି ତାରାମାନେ ଯେପରି ନିଷ୍ପ୍ରଭ ହୋଇଯାଆନ୍ତି, ଜନକପୁରର ଅଧିବାସୀଙ୍କୁ ଦେଖି ଦେବତା ଓ ଦେବାଙ୍ଗନାମାନେ ସେହିପରି ନିଷ୍ପ୍ରଭ ହୋଇଗଲେ । ବିଶେଷ କରି ବ୍ରହ୍ମାଙ୍କୁ ଏସବୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା; କାରଣ ସେ ସେଠାରେ ନିଜର କୌଣସି ଗୋଟିଏ ବି କୃତିତ୍ୱ ଦେଖିବାକୁ ପାଇଲେ ନାହିଁ ॥ ୪ ॥

ଦୋଃ- **ସିଓ୍ୱଁ ସମୁଝାଏ ଦେଓ୍ୱ ସବ ଜନି ଆଚରଜ ଭୁଲାହୁ ।**
**ହୃଦୟଁ ବିଚାରହୁ ଧୀର ଧରି ସିୟ ରଘୁବୀର ବିଆହୁ ॥ ୩୧୪ ॥**

ତାହା ଦେଖି ଶିବ ସବୁଦେବତାଙ୍କୁ ବୁଝାଇଦେଲେ, "ତୁମ୍ଭେମାନେ ଆଶ୍ଚର୍ଯ୍ୟରେ ମୋହିତ ହୁଅ ନାହିଁ । ହୃଦୟରେ ଧୈର୍ଯ୍ୟ ଧରି ବିଗ୍ୱର କର ଯେ, ଏହା ହେଉଛି [ଭଗବାନଙ୍କ ମହାମହିମାମୟୀ ଶକ୍ତିସ୍ୱରୂପିଣୀ] ସୀତାଙ୍କର ଓ [ଅଖିଳ ବ୍ରହ୍ମାଣ୍ଡେଶ୍ୱର ସାକ୍ଷାତ୍ ଭଗବାନ୍] ଶ୍ରୀରାମଙ୍କର ବିବାହ ଉତ୍ସବ ।" ॥ ୩୧୪ ॥

**ଜିହ୍ନ କର ନାମୁ ଲେତ ଜଗ ମାହୀଁ । ସକଲ ଅମଂଗଲ ମୂଲ ନସାହୀଁ ॥**
**କରତଲ ହୋହିଁ ପଦାରଥ ଗ୍ୱରୀ । ତେଇ ସିୟ ରାମୁ କହେଉ କାମାରୀ ॥ ୧ ॥**

କାମାରି ଶିବ ପୁଣି କହିଲେ, "ଯାହାଙ୍କ ନାମ ଉଚ୍ଚାରଣ କରିବାମାତ୍ରେ ଜଗତରେ ସମସ୍ତ ଅମଙ୍ଗଳର ମୂଳ କଟିଯାଏ ଏବଂ ଧର୍ମ, ଅର୍ଥ, କାମ ଓ ମୋକ୍ଷ କରଗତ ହୋଇଯାଏ, ଏ ହେଉଛନ୍ତି ଜଗତର ମାତାପିତା ସେହି ସୀତାରାମ ।" ॥ ୧ ॥

**ଏହି ବିଧି ସଂଭୁ ସୁରହ୍ନ ସମୁଝାୱା । ପୁନି ଆଗେଁ ବର ବସହ ଚଲାୱା ॥**
**ଦେବହ୍ନ ଦେଖେ ଦସରଥୁ ଜାତା । ମହାମୋଦ ମନ ପୁଲକିତ ଗାତା ॥ ୨ ॥**

ଦେବତାମାନଙ୍କୁ ଏହିପରି ବୁଝାଇ, ଶିବ ନିଜର ଶ୍ରେଷ୍ଠବାହନ ବୃଷଭରେ ବସି ଆଗକୁ ଗ୍ୱଲିଲେ । ଦେବତାମାନେ ଦେଖିଲେ ଯେ, ଦଶରଥ ମନେ ମନେ ଅତ୍ୟନ୍ତ ପ୍ରସନ୍ନ ହୋଇ ପୁଲକିତ ଶରୀରରେ ଗ୍ୱଲିଛନ୍ତି; ॥ ୨ ॥

**ସାଧୁ ସମାଜ ସଂଗ ମହିଦେୱା । ଜନୁ ତନୁ ଧରେଁ କରହିଁ ସୁଖ ସେୱା ॥**
**ସୋହତ ସାଥ ସୁଭଗ ସୁତ ଗ୍ୱରୀ । ଜନୁ ଅପବରଗ ସକଲ ତନୁଧାରୀ ॥ ୩ ॥**

ତାଙ୍କ ସହିତ ସାଧୁ ଓ ବ୍ରାହ୍ମଣମଣ୍ଡଳୀ ଶୋଭା ପାଉଛନ୍ତି । ଦେଖି ମନେହେଲା, ସମସ୍ତ ସୁଖ ମୂର୍ତ୍ତିମନ୍ତ ହୋଇ ତାଙ୍କର ସେବା କରୁଛନ୍ତି ଏବଂ ସମସ୍ତ ମୋକ୍ଷ (ସାଲୋକ୍ୟ, ସାମୀପ୍ୟ, ସାରୂପ୍ୟ ଓ ସାଯୁଜ୍ୟ) ଗ୍ୱରି ସୁନ୍ଦର ପୁତ୍ରରୂପେ ଶରୀର ଧରି ଶୋଭା ପାଉଛନ୍ତି ॥ ୩ ॥

**ମରକତ କନକ ବରନ ବର ଜୋରୀ । ଦେଖି ସୁରହ୍ନ ଭୈ ପ୍ରୀତି ନ ଥୋରୀ ॥**
**ପୁନି ରାମହି ବିଲୋକି ହିୟଁ ହରଷେ । ନୃପହି ସରାହି ସୁମନ ତିହ୍ନ ବରଷେ ॥ ୪ ॥**

ମର୍କତମଣି ଓ ହେମ ବର୍ଣ୍ଣର ଶ୍ରେଷ୍ଠ ଦୁଇ ଯୁଗଳ ରାଜକୁମାରଙ୍କୁ ଦେଖି ଦେବତାମାନେ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । ରାମଙ୍କୁ ଦେଖି ତ ସେମାନେ ଅତିଶୟ ହର୍ଷିତ ହୋଇଗଲେ । ରାଜାଙ୍କୁ ପ୍ରଶଂସା କରି କରି ସେମାନେ ପୁଷ୍ପବୃଷ୍ଟି କଲେ ॥ ୪ ॥

ଦୋଃ- **ରାମ ରୂପୁ ନଖ ସିଖ ସୁଭଗ ବାରହିଁ ବାର ନିହାରି ।**
**ପୁଲକ ଗାତ ଲୋଚନ ସଜଲ ଉମା ସମେତ ପୁରାରି ॥ ୩୧୫ ॥**

ଶ୍ରୀରାମଙ୍କର ନଖଠାରୁ ଶିଖା ପର୍ଯ୍ୟନ୍ତ ସୁନ୍ଦର ରୂପକୁ ବାରମ୍ବାର ଦର୍ଶନ କରି ଶିବପାର୍ବତୀଙ୍କର ସର୍ବାଙ୍ଗ ପୁଲକିତ ହୋଇଗଲା; ସେମାନଙ୍କର ନେତ୍ର ପ୍ରେମାଶ୍ରୁରେ ପୂର୍ଣ୍ଣ ହୋଇଗଲା ॥ ୩୧୫ ॥

**କେକି କଂଠ ଦୁତି ସ୍ୟାମଲ ଅଂଗା । ତଡ଼ିତ ବିନିଂଦକ ବସନ ସୁରଂଗା ॥**
**ବ୍ୟାହ ବିଭୂଷନ ବିବିଧ ବନାଏ । ମଂଗଲ ସବ ସବ ଭାଁତି ସୁହାଏ ॥ ୧ ॥**

ଶ୍ରୀରାମଙ୍କର ଶ୍ୟାମଳ ଶରୀର ମୟୂରକଣ୍ଠ ପରି କାନ୍ତିଯୁକ୍ତ ହୋଇଥାଏ । ସେ ପିନ୍ଧିଥାନ୍ତି ବିଦ୍ୟୁତ୍‌ପ୍ରଭାକୁ ନିନ୍ଦା କରୁଥିବା ଉଜ୍ଜ୍ୱଳ ପୀତାମ୍ବର । ତାଙ୍କ ଶରୀର ସଜ୍ଜିତ ହୋଇଥାଏ ସକଳ ମଙ୍ଗଳମୟ ନାନାଦି ସୁନ୍ଦର ବିବାହ-ଭୂଷଣରେ ॥ ୧ ॥

**ସରଦ ବିମଲ ବିଧୁ ବଦନୁ ସୁହାୱ୍ନ । ନୟ୍ନ ନୱ୍ଲ ରାଜୀୱ୍ ଲଜାୱ୍ନ ॥**
**ସକଲ ଅଲୌକିକ ସୁଂଦରତାଈ । କହି ନ ଜାଇ ମନହୀଁ ମନ ଭାଈ ॥ ୨ ॥**

ଶରତ୍‌ପୂର୍ଣ୍ଣିମାର ନିର୍ମଳ ପୂର୍ଣ୍ଣଚନ୍ଦ୍ର ପରି ସୁନ୍ଦର ମୁଖ । ନବୀନ କମଳକୁ ଲଜ୍ଜିତ କରୁଥିବା ମନୋହର ନେତ୍ର । ସକଳ ସୌନ୍ଦର୍ଯ୍ୟ ଥିଲା ଅଲୌକିକ (ଦିବ୍ୟ ସଚ୍ଚିଦାନନ୍ଦମୟ; ମାୟାରଚିତ ନୁହେଁ) । ସେହି ସୌନ୍ଦର୍ଯ୍ୟ ଭାଷାରେ ବର୍ଣ୍ଣି ହେବ ନାହିଁ; ତାହା କେବଳ ମନହିଁ ଅନୁଭବ କରିପାରିବ ॥ ୨ ॥

**ବଂଧୁ ମନୋହର ସୋହହିଁ ସଂଗା । ଜାତ ନଗ୍ୱତ ଚପଲ ତୁରଂଗା ॥**
**ରାଜକୁଅଁର ବର ବାଜି ଦେଖାୱ୍ହିଁ । ବଂସ ପ୍ରସଂସକ ବିରିଦ ସୁନାୱ୍ହିଁ ॥ ୩ ॥**

ସାଥିରେ ଶୋଭା ପାଉଥାନ୍ତି ମନୋହର ଭ୍ରାତୃଗଣ । ସେମାନେ ନିଜ ନିଜର ଚଞ୍ଚଳ ଅଶ୍ୱମାନଙ୍କୁ ନଗ୍ଇ ନଗ୍ଇ ଗ୍ଲିଥାନ୍ତି । ଅନ୍ୟାନ୍ୟ ରାଜକୁମାରମାନେ ମଧ୍ୟ ଅଶ୍ୱଗ୍ଲନା ଦେଖାଉଥାନ୍ତି ଏବଂ ମାଗଧ ଓ ଭାଟମାନେ ସୂର୍ଯ୍ୟବଂଶର ପ୍ରଶଂସା କରି କରି ବିରୁଦାବଳୀ ଗାଇ ଗ୍ଲିଥାନ୍ତି ॥ ୩ ॥

**ଜେହି ତୁରଂଗ ପର ରାମୁ ବିରାଜେ । ଗତି ବିଲୋକି ଖଗନାୟ୍କୁ ଲାଜେ ॥**
**କହି ନ ଜାଇ ସବ ଭାଁତି ସୁହାୱ୍ । ବାଜି ବେଷୁ ଜନୁ କାମ ବନାୱ୍ ॥ ୪ ॥**

ଯେଉଁ ଅଶ୍ୱଟି ଉପରେ ଶ୍ରୀରାମ ବସିଥାନ୍ତି, ତାହାର ଗ୍ଲି ଦେଖି ଗରୁଡ଼ ବି ଲଜ୍ଜିତ ହୋଇଯାଉଥାନ୍ତି । ସେହି ଅଶ୍ୱଟିର ବର୍ଣ୍ଣନା କରାଯାଇ ନ ପାରେ । ସେଇଟି ସବୁଦୃଷ୍ଟିରୁ ସୁନ୍ଦର ହୋଇଥାଏ, ଲାଗୁଥାଏ, ସତେ ଯେପରି କାମଦେବହିଁ ସେହି ଅଶ୍ୱବେଶ ଧାରଣ କରିଛନ୍ତି ॥ ୪ ॥

ଛନ୍ଦ- **ଜନୁ ବାଜି ବେଷୁ ବନାଇ ମନସିଜୁ ରାମ ହିତ ଅତି ସୋହଈ ।**
**ଆପନେଁ ବୟ୍ ବଲ ରୂପ ଗୁନ ଗତି ସକଲ ଭୁୱ୍ନ ବିମୋହଈ ॥**
**ଜଗମଗତ ଜୀନୁ ଜରାୱ୍ ଜୋତି ସୁମୋତି ମନି ମାନିକ ଲଗେ ।**
**କିଂକିନି ଲଲାମ ଲଗାମୁ ଲଲିତ ବିଲୋକି ସୁର ନର ମୁନି ଠଗେ ॥**

ସତେ ଅବା ଶ୍ରୀରାମଙ୍କ ନିମନ୍ତେ କାମଦେବହିଁ ଅଶ୍ୱରୂପ ଧରି ଅତ୍ୟନ୍ତ ସୁନ୍ଦର ଦେଖାଯାଉଥାନ୍ତି । ସେହି ଅଶ୍ୱଟି ନିଜର ଅବସ୍ଥା, ବଳ, ରୂପ, ଗୁଣ ଓ ଗ୍ଲିଦ୍ୱାରା ସମସ୍ତଙ୍କୁ ମୋହିତ କରିଦେଉଥାଏ । ତା'ପିଠିରେ ପଡ଼ିଥିବା ଜିନ୍‌ଟି ସୁନ୍ଦର ମୋତିମାଣିକ୍ୟରେ ଜଡ଼ିତ ହୋଇ ଝଟକୁଥାଏ । ତା'ର ଘୁଙ୍ଘୁରଲଗା ସୁନ୍ଦର ଲଗାମ ଦେଖି ଦେବତା, ମୁନି, ମନୁଷ୍ୟ–ସମସ୍ତେ ମୁଗ୍ଧ ହୋଇଯାଉଥାନ୍ତି ॥

ଦୋ:- **ପ୍ରଭୁ ମନସହିଁ ଲୟ୍ଲୀନ ମନୁ ଚଲତ ବାଜି ଛବି ପାୱ୍ ।**
**ଭୂଷିତ ଉଡ଼ଗନ ତଡ଼ିତ ଘନୁ ଜନୁ ବର ବରହି ନଗ୍ୱ ॥ ୩୧୬ ॥**

ନିଜ ମନକୁ ପ୍ରଭୁଙ୍କ ଇଚ୍ଛାରେ ଲୀନ କରିଦେଇ ଗ୍ଲୁଥିବା ସେହି ଅଶ୍ୱଟି ବଡ଼ ସୁନ୍ଦର ଦେଖାଯାଉଥାଏ । ଦେଖି ମନେହେଉଥାଏ, ସତେ ଯେପରି ବିଜୁଳୀ ଓ ନକ୍ଷତ୍ରରେ ମଣ୍ଡିତ ମେଘ ଗୋଟିଏ ସୁନ୍ଦର ମୟୂରକୁ ଧରି ନଗ୍ଉଛି ॥ ୩୧୬ ॥

**ଜେହିଁ ବର ବାଜି ରାମୁ ଅସୱ୍ାରା । ତେହି ସାରଦଉ ନ ବରନୈ ପାରା ॥**
**ସଂକରୁ ରାମ ରୂପ ଅନୁରାଗେ । ନୟ୍ନ ପଂଚଦସ ଅତି ପ୍ରିୟ୍ ଲାଗେ ॥ ୧ ॥**

ଶ୍ରୀରାମ ବସିଥିବା ସେହି ସୁନ୍ଦର ଅଶ୍ୱଟିର ବର୍ଣ୍ଣନା ସ୍ୱୟଂ ସରସ୍ୱତୀ ବି କରିପାରିବେ ନାହିଁ । ଶ୍ରୀରାମଙ୍କ ରୂପ ଦେଖି ଶଙ୍କର ଏତେ ଅଭିଭୂତ ହୋଇଗଲେ ଯେ, ତାଙ୍କୁ ତାଙ୍କର ପଞ୍ଚଦଶ ନୟନ ଥିବାରୁ ବହୁତ ଭଲ ଲାଗିଲା ॥ ୧ ॥

**ହରି ହିତ ସହିତ ରାମୁ ଜବ ଜୋହେ । ରମା ସମେତ ରମାପତି ମୋହେ ॥**
**ନିରଖି ରାମ ଛବି ବିଧି ହରଷାନେ । ଆଠଇ ନୟନ ଜାନି ପଛିତାନେ ॥ ୨ ॥**

ଭଗବାନ୍ ବିଷ୍ଣୁ ଯେତେବେଳେ ପ୍ରେମପୂର୍ବକ ଶ୍ରୀରାମଙ୍କୁ ଚ୍ହିଁଦେଲେ, ସେତେବେଳେ ସ୍ୱୟଂ ସେହି [ରମଣୀୟତାର ମୂର୍ତ୍ତି] ଲକ୍ଷ୍ମୀପତି ମଧ୍ୟ ଲକ୍ଷ୍ମୀଙ୍କ ସମେତ ମୁଗ୍ଧ ହୋଇଗଲେ । ଶ୍ରୀରାମଙ୍କର ଶୋଭା ଦେଖି ବ୍ରହ୍ମା ବଡ଼ ପ୍ରସନ୍ନ ହେଲେ; କିନ୍ତୁ ନିଜର ମାତ୍ର ଆଠଟି ନେତ୍ର ଅଛି ଜାଣି ସେ ପଶ୍ଚାତ୍ତାପ କଲେ ॥ ୨ ॥

**ସୁର ସେନପ ଉର ବହୁତ ଉଛାହୂ । ବିଧି ତେ ଡେଓ୍ୱଢ଼ ଲୋଚନ ଲାହୂ ॥**
**ରାମହି ଚିତଓ୍ୱ ସୁରେସ ସୁଜାନା । ଗୌତମ ଶ୍ରାପୁ ପରମ ହିତ ମାନା ॥ ୩ ॥**

ଦେବ ସେନାପତି କାର୍ତ୍ତିକେୟ ମନେ ମନେ ଖୁସୀ ହେଲେ; କାରଣ ସେ ବ୍ରହ୍ମାଙ୍କର ଦେଢ଼ଗୁଣ ସଂଖ୍ୟକ ନୟନରେ ଅର୍ଥାତ୍ ଦ୍ୱାଦଶନୟନରେ ଶ୍ରୀରାମଙ୍କ ଶୋଭା ଦର୍ଶନର ଲାଭ ପାଇପାରୁଥିଲେ । ସୁବିଜ୍ଞ ଇନ୍ଦ୍ର ନିଜର ସହସ୍ର ନେତ୍ରରେ ଶ୍ରୀରାମଙ୍କ ସୌନ୍ଦର୍ଯ୍ୟ ଦର୍ଶନ କରିପାରି ଗୌତମଙ୍କ ଅଭିଶାପ ତାଙ୍କ ପ୍ରତି ହିତକର ହୋଇଗଲା ବୋଲି ମନେକଲେ ॥ ୩ ॥

**ଦେଓ୍ୱ ସକଲ ସୁରପତିହି ସିହାହୀଁ । ଆଜୁ ପୁରଂଦର ସମ କୋଉ ନାହୀଁ ॥**
**ମୁଦିତ ଦେଓ୍ୱଗନ ରାମହି ଦେଖୀ । ନୃପସମାଜ ଦୁହୁଁ ହରଷୁ ବିସେଷୀ ॥ ୪ ॥**

ସବୁ ଦେବତା ଦେବରାଜ ଇନ୍ଦ୍ରଙ୍କୁ ଈର୍ଷା କରି କହିଲେ, ''ଆଜି ଇନ୍ଦ୍ରଙ୍କ ପରି ଭାଗ୍ୟବାନ୍ ହୋଇ ଅନ୍ୟ କେହି ନାହିଁ ।'' ଶ୍ରୀରାମଙ୍କୁ ଦେଖି ଦେବଗଣ ଅତି ପ୍ରସନ୍ନ ହେଲେ ଏବଂ ରାଜା ଜନକ ଓ ଦଶରଥଙ୍କ ଗହଣରେ ଆନନ୍ଦର ଲହରୀ ଖେଳିଗଲା ॥ ୪ ॥

ଛନ୍ଦ- **ଅତି ହରଷୁ ରାଜସମାଜ ଦୁହୁ ଦିସି ଦୁଂଦୁଭୀଁ ବାଜହିଁ ଘନୀ ।**
**ବରଷହିଁ ସୁମନ ସୁର ହରଷି କହି ଜୟ ଜୟତି ଜୟ ରଘୁକୁଲମନୀ ॥**
**ଏହି ଭାଁତି ଜାନି ବରାତ ଆଓ୍ୱତ ବାଜନେ ବହୁ ବାଜହୀଁ ।**
**ରାନୀ ସୁଆସିନି ବୋଲି ପରିଛନି ହେତୁ ମଂଗଲ ସାଜହୀଁ ॥**

ଉଭୟ ପକ୍ଷର ରାଜସମାଜରେ ହର୍ଷର ଲହରୀ ଖେଳୁଥାଏ ଏବଂ ଖୁବ୍ ଜୋରରେ ଦୁନ୍ଦୁଭି ବାଜୁଥାଏ । ଦେବତାମାନେ ପ୍ରସନ୍ନ ହୋଇ 'ରଘୁକୁଳମଣି ଶ୍ରୀରାମଙ୍କର ଜୟ ହେଉ ! ଜୟ ହେଉ !' ବୋଲି କହି ପୁଷ୍ପବୃଷ୍ଟି କରୁଥାନ୍ତି । ଏପରିଭାବରେ ବରଯାତ୍ରୀମାନେ ଆସୁଥିବାର ଜାଣି ବିଭିନ୍ନପ୍ରକାର ବାଦ୍ୟ ବାଜିଲା ଏବଂ ରାଣୀ ଜ୍ୱାଇଁ-ବନ୍ଦାପନାପାଇଁ ସଧବା ସ୍ତ୍ରୀମାନଙ୍କୁ ଡାକି ମଙ୍ଗଳଦ୍ରବ୍ୟ ସଜାଡ଼ିବାକୁ ଲାଗିଲେ ।

ଦୋଃ- **ସଜି ଆରତୀ ଅନେକ ବିଧି ମଂଗଲ ସକଲ ସଁଓ୍ୱାରି ।**
**ଚଲୀଁ ମୁଦିତ ପରିଛନି କରନ ଗଜଗାମିନି ବର ନାରି ॥ ୩୧୭ ॥**

ଅନେକପ୍ରକାରେ ଆରତି ସଜାଇ ଏବଂ ମଙ୍ଗଳଦ୍ରବ୍ୟସବୁ ଯଥାଯୋଗ୍ୟ ସୁସଜ୍ଜିତ କରି ଗଜଗମନୀ ସୁନ୍ଦରୀ ସ୍ତ୍ରୀମାନେ ଆନନ୍ଦ ମନରେ ବନ୍ଦାପନା କରିବା ନିମନ୍ତେ ଚ୍ଳିଲେ ॥ ୩୧୭ ॥

**ବିଧୁବଦନୀଁ ସବ ସବ ମୃଗଲୋଚନି । ସବ ନିଜ ତନ ଛବି ରତି ମଦୁ ମୋଚନି ॥**
**ପହିରେଁ ବରନ ବରନ ବର ଚୀରା । ସକଲ ବିଭୂଷନ ସଜେଁ ସରୀରା ॥ ୧ ॥**

ସମସ୍ତେ ଥିଲେ ଚନ୍ଦ୍ରବଦନୀ ଓ ମୃଗନୟନୀ ଏବଂ ସମସ୍ତେ ନିଜ ନିଜର ସୌନ୍ଦର୍ଯ୍ୟରେ ରତିଙ୍କ ଗର୍ବକୁ ମଧ୍ୟ ଖର୍ବ କରୁଥିଲେ । ସେମାନେ ବିବିଧ ରଙ୍ଗର ସୁନ୍ଦର ଶାଢ଼ୀ ପିନ୍ଧିଥାନ୍ତି ଏବଂ ଅଙ୍ଗପ୍ରତ୍ୟଙ୍ଗରେ ନାନାପ୍ରକାର ଅଳଂକାର ପିନ୍ଧିଥାନ୍ତି ॥ ୧ ॥

**ସକଲ ସୁମଂଗଲ ଅଂଗ ବନାଏଁ । କରହିଁ ଗାନ କଲକଂଠି ଲଜାଏଁ ॥**
**କଂକନ କିଂକିନି ନୂପୁର ବାଜହିଁ । ଚାଲି ବିଲୋକି କାମ ଗଜ ଲାଜହିଁ ॥ ୨ ॥**

ସକଳପ୍ରକାର ମଙ୍ଗଳଦ୍ରବ୍ୟରେ ସର୍ବାଙ୍ଗ ସଜାଇ ସେମାନେ କୋକିଳଠାରୁ ବି ଅଧିକ ମଧୁର ସ୍ୱରରେ ମଙ୍ଗଳଗୀତ ଗାଉଥାନ୍ତି । ସେମାନଙ୍କର କଙ୍କଣ, କିଙ୍କିଣୀ ଓ ନୂପୁର ରୁଣୁଝୁଣୁ ହୋଇ ବାଜୁଥାଏ । ସେହି ସ୍ତ୍ରୀମାନଙ୍କର ଚାଲି ଦେଖି କାମଦେବଙ୍କ ହସ୍ତୀ ମଧ୍ୟ ଲଜ୍ଜିତ ହେଉଥାଏ ॥ ୨ ॥

**ବାଜହିଁ ବାଜନେ ବିବିଧ ପ୍ରକାରା । ନଭ ଅରୁ ନଗର ସୁମଂଗଲଚାରା ॥**
**ସଚୀ ସାରଦା ରମା ଭଓ୍ୱାନୀ । ଜେ ସୁରତିୟ ସୁଚି ସହଜ ସୟାନୀ ॥ ୩ ॥**

ଅନେକପ୍ରକାର ବାଦ୍ୟ ବାଜୁଥାଏ । ଆକାଶ ଓ ନଗର ଉଭୟ ସ୍ଥାନରେ ସୁନ୍ଦର ମଙ୍ଗଳାଚାର ହେଉଥାଏ । ଇନ୍ଦ୍ରାଣୀ, ସରସ୍ୱତୀ, ଲକ୍ଷ୍ମୀ, ପାର୍ବତୀ ଆଦି ନିତ୍ୟପବିତ୍ର ତଥା ବୁଦ୍ଧିମତୀ ଦେବାଙ୍ଗନାମାନେ ମଧ୍ୟ ସେଠାକୁ ଯାଇଥାଆନ୍ତି ॥ ୩ ॥

**କପଟ ନାରି ବର ବେଷ ବନାଈ । ମିଲୀଁ ସକଲ ରନିଓ୍ୱାସହିଁ ଜାଈ ॥**
**କରହିଁ ଗାନ କଲ ମଂଗଲ ବାନୀଁ । ହରଷ ବିବସ ସବ କାହୁଁ ନ ଜାନୀଁ ॥ ୪ ॥**

ସେମାନେ ସମସ୍ତେ ସୁନ୍ଦରୀ ନାରୀର ଛଦ୍ମବେଶ ଧରି ଯାଇ ରାଣୀମହଲରେ ପହଞ୍ଚିଗଲେ ଏବଂ [ଅନ୍ୟମାନଙ୍କ ସହିତ ମିଶି] ମନୋହର କଣ୍ଠରେ ମଙ୍ଗଳଗୀତ ଗାନ କରିବାକୁ ଲାଗିଲେ । ସମସ୍ତେ ଆନନ୍ଦରେ ଅତ୍ୟନ୍ତ ତନ୍ମୟ ହୋଇଯାଇଥିବାରୁ କେହି କାହାକୁ ଚିହ୍ନିପାରିଲେ ନାହିଁ ॥ ୪ ॥

ଛନ୍ଦ-
**କୋ ଜାନ କେହି ଆନଂଦ ବସ ସବ ବ୍ରହ୍ମୁ ବର ପରିଛନ ଚଲୀ ।**
**କଲ ଗାନ ମଧୁର ନିସାନ ବରଷହିଁ ସୁମନ ସୁର ସୋଭା ଭଲୀ ॥**
**ଆନଂଦକଂଦୁ ବିଲୋକି ଦୂଲହୁ ସକଲ ହିୟଁ ହରଷିତ ଭଈ ।**
**ଅଂଭୋଜ ଅଂବକ ଅଂବୁ ଉମଗି ସୁଅଂଗ ପୁଲକାଓ୍ୱଲି ଛଈ ॥**

କିଏ ବା କାହାକୁ ଚିହ୍ନିବ ! ଆନନ୍ଦପରବଶ ହୋଇ ସମସ୍ତେ ବରବେଶରେ ଆସିଥିବା ବ୍ରହ୍ମଙ୍କୁ ବନ୍ଦାପନା କରିବାକୁ ବାହାରିପଡ଼ିଲେ । ସମସ୍ତେ ମନୋହର ଗୀତ ଗାଉଥାନ୍ତି । ମଧୁର ନାଦରେ ନାଗରା ବାଜୁଥାଏ । ଦେବତାମାନେ ପୁଷ୍ପବୃଷ୍ଟି କରୁଥାନ୍ତି । ମନୋହର ଶୋଭା ବିରାଜୁଥାଏ । ଆନନ୍ଦକନ୍ଦ ବରକୁ ଦେଖି ସକଳ ନାରୀ ଅପାର ଆନନ୍ଦ ଲାଭ କଲେ । ସେମାନଙ୍କ କମଳନୟନରୁ ପ୍ରେମାଶ୍ରୁର ଜଳଧାରା ବହିଆସିଲା ଏବଂ ସୁନ୍ଦର ଅଙ୍ଗପ୍ରତ୍ୟଙ୍ଗରେ ପୁଲକ ଖେଳିଗଲା ॥

**ଦୋଃ- ଜୋ ସୁଖୁ ଭା ସିୟ ମାତୁ ମନ ଦେଖି ରାମ ବର ବେଷୁ ।**
**ସୋ ନ ସକହିଁ କହି କଲପ ସତ ସହସ ସାରଦା ସେଷୁ ॥ ୩୧୮ ॥**

ଶ୍ରୀରାମଙ୍କ ବରବେଶ ଦେଖି ସୀତାଙ୍କ ମାତା ସୁନୟନା ଦେବୀଙ୍କ ମନରେ ଯେଉଁ ଆନନ୍ଦ ଜାତ ହେଲା, ତାହା ହଜାରେ ସରସ୍ୱତୀ ଓ ଶେଷଦେବ ଶହେ କଳ୍ପ ପର୍ଯ୍ୟନ୍ତ କହିଲେ ବି ସରିବ ନାହିଁ ॥ ୩୧୮ ॥

**ନୟନ ନୀରୁ ହଟି ମଂଗଲ ଜାନୀ । ପରିଛନି କରହିଁ ମୁଦିତ ମନ ରାନୀ ॥**
**ବେଦ ବିହିତ ଅରୁ କୁଲ ଆଚରୂ । କୀହ୍ନ ଭଲୀ ବିଧି ସବ ବ୍ୟୱହାରୂ ॥ ୧ ॥**

ମଙ୍ଗଳ ଅବସର ଜାଣି, ନେତ୍ରଜଳକୁ ରୋକି ରାଣୀ ପ୍ରସନ୍ନଚିତ୍ତରେ ବନ୍ଦାପନା ବିଧାନ କଲେ । ବିଧିବିଧାନ ତଥା କୁଳାଚାର ଅନୁସାରେ ସେ ସମସ୍ତ କର୍ମ ସୁଚାରୁରୂପେ ସମ୍ପାଦନ କଲେ ॥ ୧ ॥

**ପଂଚ ସବଦ ଧୁନି ମଂଗଲ ଗାନା । ପଟ ପାଁୱଡ଼େ ପରହିଁ ବିଧି ନାନା ॥**
**କରି ଆରତୀ ଅରଘୁ ତିହ୍ନ ଦୀହ୍ନା । ରାମ ଗମନୁ ମଂଡ଼ପ ତବ କୀହ୍ନା ॥ ୨ ॥**

ପଞ୍ଚଶବ୍ଦ (ତନ୍ତ୍ରୀ, ତାଳ, ଝାଞ୍ଜ, ନାଗରା ଓ ମହୁରୀ—ଏହି ପାଞ୍ଚପ୍ରକାର ବାଦ୍ୟର ଶବ୍ଦ), ପଞ୍ଚଧ୍ୱନି (ବେଦଧ୍ୱନି, ଭାଟଧ୍ୱନି, ଜୟଧ୍ୱନି, ଶଙ୍ଖଧ୍ୱନି ଓ ହୁଳହୁଳି ଧ୍ୱନି) ଏବଂ ମଙ୍ଗଳଗାନ ହେଉଥାଏ । ନାନାପ୍ରକାର ବସ୍ତ୍ରର ପାହାଡ଼ା ପଡ଼ିଥାଏ । ରାଣୀ ଆରତି କରି ଅର୍ଘ୍ୟ ଦେବା ପରେ ଶ୍ରୀରାମ ବେଦିକୁ ଗଲେ ॥ ୨ ॥

**ଦସରଥୁ ସହିତ ସମାଜ ବିରାଜେ । ବିଭୱ ବିଲୋକି ଲୋକପତି ଲାଜେ ॥**
**ସମୟଁ ସମୟଁ ସୁର ବରଷହିଁ ଫୂଲା । ସାଂତି ପଢ଼ହିଁ ମହିସୁର ଅନୁକୂଲା ॥ ୩ ॥**

ଦଶରଥ ନିଜ ମଣ୍ଡଳୀ ସହିତ ବିରାଜମାନ ହେଲେ । ତାଙ୍କ ବୈଭବ ଦେଖି ଲୋକପାଳମାନେ ମଧ୍ୟ ଲଜ୍ଜିତ ହୋଇଗଲେ । ମଝିରେ ମଝିରେ ଦେବତାମାନେ ପୁଷ୍ପବୃଷ୍ଟି କରୁଥାନ୍ତି ଏବଂ ବ୍ରାହ୍ମଣମାନେ ସମୟାନୁକୂଳ ଶାନ୍ତିପାଠ କରୁଥାନ୍ତି ॥ ୩ ॥

**ନଭ ଅରୁ ନଗର କୋଲାହଲ ହୋଈ । ଆପନି ପର କଛୁ ସୁନଇ ନ କୋଈ ॥**
**ଏହି ବିଧି ରାମୁ ମଂଡପହିଁ ଆଏ । ଅରଘୁ ଦେଇ ଆସନ ବୈଠାଏ ॥ ୪ ॥**

ଆକାଶରେ ଯେପରି, ନଗରରେ ମଧ୍ୟ ସେହିପରି କୋଳାହଳ ଲାଗିରହିଥାଏ; ଫଳରେ ପରକଥା ଶୁଭୁ ନ ଥାଏ, କି ନିଜକଥା ମଧ୍ୟ ଶୁଭୁ ନ ଥାଏ । ଏପରିଭାବରେ ଶ୍ରୀରାମ ବେଦିକୁ ଆସିଲେ । ତାଙ୍କୁ ଅର୍ଘ୍ୟ ଦେଇ ଆସନ ଉପରେ ବସାଗଲା ॥ ୪ ॥

ଛନ୍ଦ- **ବୈଠାରି ଆସନ ଆରତୀ କରି ନିରଖି ବରୁ ସୁଖୁ ପାୱହୀଁ ।**
**ମନି ବସନ ଭୂଷନ ଭୂରି ୱାରହିଁ ନାରି ମଂଗଲ ଗାୱହୀଁ ॥**
**ବ୍ରହ୍ମାଦି ସୁରବର ବିପ୍ର ବେଷ ବନାଇ କୌତୁକ ଦେଖହୀଁ ।**
**ଅୱଲୋକି ରଘୁକୁଲ କମଲ ରବି ଛବି ସୁଫଲ ଜୀୱନ ଲେଖହୀଁ ॥**

ଆସନରେ ବସାଇ, ଆରତି କରି, ବରକୁ ଦେଖି ନାରୀମାନେ ଆନନ୍ଦ ଅନୁଭବ କରୁଥାନ୍ତି । ସେମାନେ ବହୁ ପରିମାଣରେ ମଣି ଓ ବସନଭୂଷଣ ଉତ୍ସର୍ଗ କରି ମଙ୍ଗଳଗୀତ ଗାଉଥାନ୍ତି । ବ୍ରହ୍ମାଦି ଶ୍ରେଷ୍ଠ ଦେବତାମାନେ ବ୍ରାହ୍ମଣବେଶରେ ଆସି ସେଠାକାର କୌତୁକ ଦେଖୁଥାନ୍ତି । ସେମାନେ ରଘୁକୁଳ-କମଳର ସୂର୍ଯ୍ୟ ଶ୍ରୀରାମଙ୍କ ରୂପ ଦେଖି ନିଜ ନିଜର ଜୀବନ ସାର୍ଥକ ହୋଇଗଲା ବୋଲି ଅନୁଭବ କରୁଥାନ୍ତି ।

ଦୋ:- **ନାଉ ବାରୀ ଭାଟ ନଟ ରାମ ନିଛାୱରି ପାଇ ।**
**ମୁଦିତ ଅସୀସହିଁ ନାଇ ସିର ହରଷୁ ନ ହୃଦୟଁ ସମାଇ ॥ ୩୧୯ ॥**

ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିବା ବିବିଧ ସାମଗ୍ରୀ ଭାଗ କରି ନେବାବେଳେ ବାରିକ, ଦିହୁଡ଼ିଆ, ଭାଟ ଓ ନଟମାନେ ଖୁସୀ ହେଉଥାନ୍ତି ଏବଂ ଆନନ୍ଦ ଉଦ୍‌ବେଳିତ ହୃଦୟରେ ମଥା ନୁଆଁଇବା ଛଳରେ ପ୍ରଭୁଙ୍କୁ ଆଶିଷ ଦେଇ ମଙ୍ଗଳ କାମନା କରୁଥାନ୍ତି ॥ ୩୧୯ ॥

**ମିଲେ ଜନକୁ ଦସରଥୁ ଅତି ପ୍ରୀତୀଁ । କରି ବୈଦିକ ଲୌକିକ ସବ ରୀତୀଁ ॥**
**ମିଲତ ମହା ଦୋଉ ରାଜ ବିରାଜେ । ଉପମା ଖୋଜି ଖୋଜି କବି ଲାଜେ ॥ ୧ ॥**

ବୈଦିକ ଏବଂ ଲୌକିକ ସମସ୍ତ ରୀତି ପାଳନ କରି ଜନକ ଓ ଦଶରଥ ଅତ୍ୟନ୍ତ ପ୍ରେମର ସହିତ ପରସ୍ପର ମିଳିତ ହେଲେ । ମିଳନ ସମୟରେ ଉଭୟ ରାଜା ଏପରି ଶୋଭା ପାଇଲେ ଯେ, କବିମାନେ ତାହାର ଉପମା ଖୋଜି ଖୋଜି ଲଜ୍ଜିତ ହୋଇଗଲେ ॥ ୧ ॥

**ଲହୀ ନ କତହୁଁ ହାରି ହିୟଁ ମାନୀ । ଇହ୍ନ ସମ ଏଇ ଉପମା ଉର ଆନୀ ॥**
**ସାମଧ ଦେଖି ଦେଓ୍ୱ ଅନୁରାଗେ । ସୁମନ ବରଷି ଜସୁ ଗାଓ୍ୱନ ଲାଗେ ॥ ୨ ॥**

ଖୋଜି ଖୋଜି କୌଣସି ଉପମା ନ ପାଇବାରୁ ମନେ ମନେ ହାର ମାନି ସେମାନେ ଏହି ଉପମା ନିଶ୍ଚିତ କଲେ ଯେ, ସେହିମାନେ କେବଳ ସେମାନଙ୍କ ସମାନ। ଦୁଇ ସମ୍ବନ୍ଧୀଙ୍କର ମିଳନ ବା ପରସ୍ପର ସମ୍ବନ୍ଧ ଦେଖି ଦେବତାମାନେ ଅଭିଭୂତ ହୋଇଗଲେ ଏବଂ ସେମାନଙ୍କ ଉପରେ ପୁଷ୍ପବୃଷ୍ଟି କରି ସେମାନଙ୍କର ଯଶ ଗାଇବାକୁ ଲାଗିଲେ ॥ ୨ ॥

**ଜଗୁ ବିରଂଚି ଉପଜାଓ୍ୱା ଜବ ତେଁ । ଦେଖେ ସୁନେ ବ୍ୟାହ ବହୁ ତବ ତେଁ ॥**
**ସକଲ ଭାଁତି ସମ ସାଜୁ ସମାଜୂ । ସମ ସମଧୀ ଦେଖେ ହମ ଆଜୂ ॥ ୩ ॥**

ସେମାନେ କହିଲେ, "ବ୍ରହ୍ମା ସୃଷ୍ଟି ସର୍ଜନା କରିବା ଦିନଠାରୁ ଆମେ ଅନେକ ବିବାହ ଦେଖିଲୁଣି ଏବଂ ବହୁ ବିବାହ ବିଷୟରେ ଶୁଣିଲୁଣି ମଧ୍ୟ; କିନ୍ତୁ ସକଳଦୃଷ୍ଟିରୁ ଉଭୟ ପକ୍ଷର ସମାନ ସାଜସଜ୍ଜା ଓ ସମାନ ବନ୍ଧୁବର୍ଗ ତଥା ସମସ୍କନ୍ଧ ସମ୍ବନ୍ଧୀ ଆମେ ଆଜି ପ୍ରଥମେ ଦେଖିଲୁ ।" ॥ ୩ ॥

**ଦେଓ୍ୱ ଗିରା ସୁନି ସୁଂଦର ସାଁଚୀ । ପ୍ରୀତି ଅଲୌକିକ ଦୁହୁ ଦିସି ମାଚୀ ॥**
**ଦେତ ପାଁଓ୍ୱଡ଼େ ଅରଘୁ ସୁହାଏ । ସାଦର ଜନକୁ ମଂଡପହିଁ ଲ୍ୟାଏ ॥ ୪ ॥**

ଦେବତାମାନଙ୍କର ସୁନ୍ଦର ସତ୍ୟବାଣୀ ଶୁଣି ଉଭୟ ପକ୍ଷରେ ଅଲୌକିକ ପ୍ରୀତି ଖେଳିଗଲା । ହାତରେ ଅର୍ଘ୍ୟ ଦେଇ ଏବଂ ଚାଲିବା ବାଟରେ ସୁନ୍ଦର ପାହାଡ଼ା ବିଛାଇ ଜନକ ଦଶରଥଙ୍କୁ ଆଦରପୂର୍ବକ ମଣ୍ଡପକୁ ପାଛୋଟି ନେଲେ ॥ ୪ ॥

ଛନ୍ଦ- **ମଂଡପୁ ବିଲୋକି ବିଚିତ୍ର ରଚନାଁ ରୁଚିରତାଁ ମୁନି ମନ ହରେ ।**
**ନିଜ ପାନି ଜନକ ସୁଜାନ ସବ କହୁଁ ଆନି ସିଂଘାସନ ଧରେ ॥**
**କୁଲ ଇଷ୍ଟ ସରିସ ବସିଷ୍ଟ ପୂଜେ ବିନୟ କରି ଆସିଷ ଲହୀ ।**
**କୌସିକହି ପୂଜତ ପରମ ପ୍ରୀତି କି ରୀତି ତୌ ନ ପରୈ କହୀ ॥**

ମଣ୍ଡପ ଦେଖି ଏବଂ ତା'ର ବିଚିତ୍ର ଶିଳ୍ପନୈପୁଣ୍ୟ ଓ ସୌନ୍ଦର୍ଯ୍ୟ ଦେଖି ମୁନିମାନଙ୍କର ମନ ବିମୋହିତ ହୋଇଗଲା । ସଜ୍ଜନ ଶିରୋମଣି ଜନକ ନିଜହାତରେ ବୋହିଆଣି ସମସ୍ତଙ୍କ ପାଇଁ ସିଂହାସନ ରଖିଦେଲେ । ସେ ବଶିଷ୍ଠଙ୍କୁ ନିଜକୁଳର ଇଷ୍ଟଦେବତୁଲ୍ୟ ପୂଜା କଲେ ଏବଂ ବିନୟ ପ୍ରକାଶ କରି ତାଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କଲେ । ତାଙ୍କର ବିଶ୍ୱାମିତ୍ରଙ୍କୁ ପୂଜା କରିବାବେଳର ପରମ ପ୍ରୀତିର ରୀତି ତ ଭାଷାରେ କହିହେବ ନାହିଁ ॥

ଦୋ:- **ବାମଦେଓ୍ୱ ଆଦିକ ରିଷୟ୍ ପୂଜେ ମୁଦିତ ମହୀସ ।**
**ଦିଏ ଦିବ୍ୟ ଆସନ ସବହି ସବ ସନ ଲହୀ ଅସୀସ ॥ ୩୨୦ ॥**

ବାମଦେବ ଆଦି ଋଷିଙ୍କୁ ରାଜା ପ୍ରସନ୍ନ ଚିତ୍ତରେ ପୂଜା କଲେ । ସମସ୍ତଙ୍କୁ ଦିବ୍ୟ ଆସନ ଦେଲେ ଏବଂ ସମସ୍ତଙ୍କ ଠାରୁ ଆଶୀର୍ବାଦ ପାଇଲେ ॥ ୩୨୦ ॥

**ବହୁରି କୀହ୍ନି କୋସଲପତି ପୂଜା । ଜାନି ଈସ ସମ ଭାଉ ନ ଦୂଜା ॥**
**କୀହ୍ନି ଜୋରି କର ବିନୟ୍ ବଡ଼ାଈ । କହି ନିଜ ଭାଗ୍ୟ ବିଭଓ୍ୱ ବହୁତାଈ ॥ ୧ ॥**

ପୁଣି ସେ କୋଶଳାଧୀଶ ରାଜା ଦଶରଥଙ୍କୁ ମହାଦେବଙ୍କ ସଦୃଶ ମଣି ପୂଜା କଲେ; ତାଙ୍କ ମନରେ ଅନ୍ୟ ଭାବ ନ ଥିଲା । [ଦଶରଥଙ୍କ ସହିତ ସମ୍ବନ୍ଧ ହେବାରୁ] ନିଜର ଭାଗ୍ୟ ଓ ବୈଭବ କିପରି ବଢ଼ିଗଲା, ସେ ତାହା ବର୍ଣ୍ଣନା କରି, ହାତ ଯୋଡ଼ି ବିନତି ଜଣାଇଲେ ଓ ତାଙ୍କୁ ବହୁ ପ୍ରଶଂସା କଲେ ॥ ୧ ॥

**ପୂଜେ ଭୂପତି ସକଲ ବରାତୀ । ସମଧୀ ସମ ସାଦର ସବ ଭାଁତୀ ॥**
**ଆସନ ଉଚିତ ଦିଏ ସବ କାହୂ । କହୌଁ କାହ ମୁଖ ଏକ ଉଛାହୂ ॥ ୨ ॥**

ରାଜା ଜନକ ସମ୍ବନ୍ଧୀ ଦଶରଥଙ୍କୁ ପୂଜା କଲାପରି ଅନ୍ୟାନ୍ୟ ବରଯାତ୍ରୀମାନଙ୍କୁ ମଧ୍ୟ ପୂଜା କଲେ ଏବଂ ପ୍ରତ୍ୟେକଙ୍କୁ ଉଚିତ ଆସନ ଦେଲେ । ମୁଁ ମୋର ଗୋଟିଏ ମୁହଁରେ ସେହି ଆନନ୍ଦ ଉତ୍ସବ କିପରି ବା ବର୍ଣ୍ଣନା କରିବି ! ॥ ୨ ॥

**ସକଲ ବରାତ ଜନକ ସନମାନୀ । ଦାନ ମାନ ବିନତୀ ବର ବାନୀ ॥**
**ବିଧି ହରି ହରୁ ଦିସିପତି ଦିନରାଊ । ଜେ ଜାନହିଁ ରଘୁବୀର ପ୍ରଭାଊ ॥ ୩ ॥**

ରାଜା ଜନକ ଦାନ, ମାନ-ସମ୍ମାନ, ବିନୟ ଓ ମଧୁରବଚନରେ ସମସ୍ତ ବରଯାତ୍ରୀଙ୍କୁ ସମ୍ମାନିତ କଲେ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଦିଗପାଳ ଓ ସୂର୍ଯ୍ୟ ତ ଶ୍ରୀରଘୁନାଥଙ୍କ ପ୍ରଭାବ ଜାଣିଥିଲେ, ॥ ୩ ॥

**କପଟ ବିପ୍ର ବର ବେଷ ବନାଏଁ । କୌତୁକ ଦେଖହିଁ ଅତି ସଚୁ ପାଏଁ ॥**
**ପୂଜେ ଜନକ ଦେଓ୍ୱ ସମ ଜାନେଁ । ଦିଏ ସୁଆସନ ବିନୁ ପହିଚାନେଁ ॥ ୪ ॥**

ସେମାନେ ବ୍ରାହ୍ମଣଙ୍କ ଛଦ୍ମବେଶରେ ସୁନ୍ଦରରୂପେ ସଜ୍ଜିତ ହୋଇ, ସେଠାରେ ରହି ବଡ଼ ଆନନ୍ଦରେ ସମସ୍ତ ଲୀଳା ଦେଖୁଥାନ୍ତି । ଜନକ ସେମାନଙ୍କୁ ଦେବତାସମାନ ଜାଣି ପୂଜା କଲେ ଏବଂ ଚିହ୍ନି ନ ଥିଲେ ବି ବସିବା ନିମନ୍ତେ ସୁନ୍ଦର ଆସନ ପ୍ରଦାନ କଲେ ॥ ୪ ॥

ଛନ୍ଦ- **ପହିଚାନ କୋ କେହି ଜାନ ସବହି ଅପାନ ସୁଧି ଭୋରୀ ଭଈ ।**
**ଆନଂଦ କଂଦୁ ବିଲୋକି ଦୂଲହୁ ଉଭୟ୍ ଦିସି ଆନଁଦମଈ ॥**
**ସୁର ଲଖେ ରାମ ସୁଜାନ ପୂଜେ ମାନସିକ ଆସନ ଦଏ ।**
**ଅଓ୍ୱଲୋକି ସୀଲୁ ସୁଭାଉ ପ୍ରଭୁ କୋ ବିବୁଧ ମନ ପ୍ରମୁଦିତ ଭଏ ॥**

ସେଠାରେ କିଏ ବା କାହାକୁ ଚିହ୍ନିବ ! କିଏ ବା କାହାକୁ ଜାଣିବ ! ସମସ୍ତେ ତ ଆତ୍ମବିସ୍ମୃତ ହୋଇପଡ଼ିଥାନ୍ତି । ଆନନ୍ଦକନ୍ଦ ବରକୁ ଦେଖି ଉଭୟ ପକ୍ଷରେ ଆନନ୍ଦମୟ ସ୍ଥିତି ବିରାଜୁଥାଏ । ସର୍ବଜ୍ଞ ଶ୍ରୀରାମ ଦେବତାମାନଙ୍କୁ ଚିହ୍ନିପକାଇଲେ ଏବଂ ସେମାନଙ୍କୁ ମାନସିକ ପୂଜା କରି ମାନସିକ ଆସନ ଦେଲେ । ପ୍ରଭୁଙ୍କ ସୁଶୀଳତା ଓ ସ୍ୱଭାବ ଦେଖି ଦେବତାମାନେ ମନେ ମନେ ଆନନ୍ଦିତ ହେଲେ ॥

ଦୋः- **ରାମଚଂଦ୍ର ମୁଖ ଚଂଦ୍ର ଛବି ଲୋଚନ ଗ୍ୱରୁ ଚକୋର ।**
**କରତ ପାନ ସାଦର ସକଲ ପ୍ରେମୁ ପ୍ରମୋଦୁ ନ ଥୋର ॥ ୩୨୧ ॥**

ଶ୍ରୀରାମଚନ୍ଦ୍ରଙ୍କ ମୁଖରୂପୀ ଚନ୍ଦ୍ରମାର ରୂପକୁ ସମସ୍ତଙ୍କର ନେତ୍ରରୂପୀ ଚକୋର ଆଦରପୂର୍ବକ ପାନ କରୁଥାଏ । ପ୍ରେମ ଓ ଆନନ୍ଦ କିଛି କମ୍ ନ ଥାଏ (ଅର୍ଥାତ୍ ବହୁପରିମାଣରେ ଥାଏ) ॥ ୩୨୧ ॥

**ସମଉ ବିଲୋକି ବସିଷ୍ଠ ବୋଲାଏ । ସାଦର ସତାନଂଦୁ ସୁନି ଆଏ ॥**
**ବେଗି କୁଅଁରି ଅବ ଆନହୁ ଜାଇ । ଚଲେ ମୁଦିତ ମୁନି ଆୟସୁ ପାଇ ॥ ୧ ॥**

ବିବାହସମୟ ହୋଇଯିବା ଦେଖି ବଶିଷ୍ଠ ଆଦରପୂର୍ବକ ଶତାନନ୍ଦଙ୍କୁ ଡକାଇଲେ । ଡାକରା ପାଇ ସେ ଆସି ପହଞ୍ଚିଗଲେ । [ବଶିଷ୍ଠ କହିଲେ,] 'ଏଥର ଯାଇ ରାଜକୁମାରୀଙ୍କୁ ଶୀଘ୍ର ନେଇଆସନ୍ତୁ ।' ମୁନିଙ୍କ ଆଜ୍ଞା ପାଇ ସେ ପ୍ରସନ୍ନ ହୋଇ ସୀତାଙ୍କୁ ଆଣିବାକୁ ଗ୍ୱଲିଗଲେ ॥ ୧ ॥

**ରାନୀ ସୁନି ଉପରୋହିତ ବାନୀ । ପ୍ରମୁଦିତ ସଖିହ୍ନ ସମେତ ସୟାନୀ ॥**
**ବିପ୍ର ବଧୂ କୁଲବୃଦ୍ଧ ବୋଲାଇଁ । କରି କୁଲରୀତି ସୁମଂଗଲ ଗାଇଁ ॥ ୨ ॥**

ପୁରୋହିତଙ୍କ କଥା ଶୁଣି ସଖୀମାନଙ୍କ ସହିତ ବୁଦ୍ଧିମତୀ ରାଣୀ ବଡ଼ ଆନନ୍ଦିତ ହେଲେ । ସେ ବ୍ରାହ୍ମଣପତ୍ନୀମାନଙ୍କୁ ତଥା କୁଳବୃଦ୍ଧାମାନଙ୍କୁ ଡକାଇଲେ । କୁଳରୀତି ଅନୁଯାୟୀ ସେମାନେ ସୁନ୍ଦର ମଙ୍ଗଳଗୀତ ଗାଇଲେ ॥ ୨ ॥

**ନାରି ବେଷ ଜେ ସୁର ବର ବାମା । ସକଲ ସୁଭାୟଁ ସୁଂଦରୀ ସ୍ୟାମା ॥**
**ତିହ୍ନହି ଦେଖି ସୁଖୁ ପାୱହିଁ ନାରୀଁ । ବିନୁ ପହିଗ୍ୱନି ପ୍ରାନହୁ ତେ ପ୍ୟାରୀଁ ॥ ୩ ॥**

ସୁନ୍ଦର ନାରୀବେଶ ଧରି ନଅରକୁ ଗ୍ୱଲିଆସିଥିବା ଶ୍ରେଷ୍ଠ ଦେବାଙ୍ଗନାମାନେ ମଧ୍ୟ ସେଠାରେ ଥିଲେ । ସେମାନେ ସମସ୍ତେ ଥିଲେ ସହଜେ ସୁନ୍ଦରୀ ଓ ଶ୍ୟାମା (ଷୋଳବୟସୀ) । ସେମାନଙ୍କୁ ଦେଖି ରାଣୀନିବାସର ସ୍ତ୍ରୀମାନେ ଖୁସୀ ହେଉଥାନ୍ତି । ତେଣୁ ବିନା-ପରିଚୟରେ ମଧ୍ୟ ସେମାନେ ସମସ୍ତଙ୍କର ପ୍ରାଣଠାରୁ ବି ଅଧିକ ପ୍ରିୟ ହୋଇଯାଇଥାନ୍ତି ॥ ୩ ॥

**ବାର ବାର ସନମାନହିଁ ରାନୀ । ଉମା ରମା ସାରଦ ସମ ଜାନୀ ॥**
**ସୀୟ ସଁୱାରି ସମାଜୁ ବନାଈ । ମୁଦିତ ମଂଡପହିଁ ଚଲୀଁ ଲୱାଈ ॥ ୪ ॥**

ରାଣୀ ସେମାନଙ୍କୁ ପାର୍ବତୀ, ଲକ୍ଷ୍ମୀ ଓ ସରସ୍ୱତୀସମାନ ମନେକରି ବାରମ୍ବାର ସମ୍ମାନିତ କରୁଥାନ୍ତି । ଉଆସର ନାରୀମାନେ ସୀତାଙ୍କୁ ବେଶଭୂଷା କରାଇ ପ୍ରସନ୍ନ ଚିତ୍ତରେ ନିଜ ଗହଣରେ ବେଦି ଉପରକୁ ନେଇଗଲେ ॥ ୪ ॥

ଛନ୍ଦ- **ଚଲି ଲ୍ୟାଇ ସୀତହି ସଖୀଁ ସାଦର ସଜି ସୁମଂଗଲ ଭାମିନୀଁ ।**
**ନୱସପ୍ତ ସାଜେ ସୁଂଦରୀଁ ସବ ମତ୍ତ କୁଂଜର ଗାମିନୀଁ ॥**
**କଲ ଗାନ ସୁନି ମୁନି ଧ୍ୟାନ ତ୍ୟାଗହିଁ କାମ କୋକିଲ ଲାଜହୀଁ ।**
**ମଂଜୀର ନୂପୁର କଲିତ କଂକନ ତାଲ ଗତି ବର ବାଜହୀଁ ॥**

ରାଣୀଉଆସର ନାରୀ ଓ ସଖୀମାନେ ମଙ୍ଗଳ ସାଜ ସଜାଇ ସୀତାଙ୍କୁ ଆଦରରେ ବେଦି ଆଡ଼କୁ ନେଇଗ୍ୱଲିଲେ । ସବୁ ସୁନ୍ଦରୀ ଷୋଳଶିଙ୍ଗାର ହୋଇ ମତ୍ତହସ୍ତୀ ପରି ଗ୍ୱଲିଥାନ୍ତି । ସେମାନଙ୍କର ମଧୁରଗୀତ ଏତେ ସୁନ୍ଦର ଶୁଭୁଥାଏ ଯେ, ତାହା ଶୁଣିଲେ ମୁନିମାନେ ବି ଧ୍ୟାନ ଛାଡ଼ିଦେବେ ଏବଂ କାମଦେବଙ୍କର କୋକିଳମାନେ ମଧ୍ୟ ଲଜ୍ଜିତ ହୋଇଯିବେ । ସେମାନଙ୍କର କିଙ୍କିଣୀ, ପାଦର ପାଉଁଜି ଓ ହାତର ସୁନ୍ଦର କଙ୍କଣ ଗୀତର ତାଳେ ତାଳେ ସୁନ୍ଦରଭାବରେ ବାଜୁଥାଏ ।

ଦୋଃ- **ସୋହତି ବନିତା ବୃଂଦ ମହୁଁ ସହଜ ସୁହାୱନି ସୀୟ ।**
**ଛବି ଲଲନା ଗନ ମଧ୍ୟ ଜନୁ ସୁଷମା ତିୟ କମନୀୟ ॥ ୩୨୨ ॥**

ସୁନ୍ଦରୀମାନଙ୍କ ଗହଣରେ ଶାଶ୍ୱତସୁନ୍ଦରୀ ସୀତା ଏଭଳି ଶୋଭାପାଉଥାନ୍ତି ଯେ, ମନେ ହେଉଥାଏ, ଛବିରୂପୀ ଲଳନାମାନଙ୍କ ଗହଣରେ ସାକ୍ଷାତ୍ ସୁଷମାହିଁ ପରମରୂପସୀ ନାରୀରୂପ ଧାରଣ କରିଛି ॥ ୩୨୨ ॥

**ସିୟ ସୁଂଦରତା ବରନି ନ ଜାଈ । ଲଘୁ ମତି ବହୁତ ମନୋହରତାଈ ॥**
**ଆୱତ ଦୀଖି ବରାତିହ୍ନ ସୀତା । ରୂପ ରାସି ସବ ଭାଁତି ପୁନୀତା ॥ ୧ ॥**

ସୀତାଙ୍କ ସୌନ୍ଦର୍ଯ୍ୟ ତ ଅବର୍ଣ୍ଣନୀୟ; କାରଣ ବୁଦ୍ଧି ଅତ୍ୟନ୍ତ କ୍ଷୁଦ୍ର ଓ ସୌନ୍ଦର୍ଯ୍ୟ ଅତ୍ୟନ୍ତ ବିଶାଳ । ବରଯାତ୍ରୀମାନେ ଦେଖିଲେ, ରୂପରାଶି ଓ ସକଳ ଦୃଷ୍ଟିରୁ ପବିତ୍ର ସୀତା ଆସୁଛନ୍ତି ॥ ୧ ॥

**ସବହି ମନହିଁ ମନ କିଏ ପ୍ରନାମା । ଦେଖି ରାମ ଭଏ ପୂରନକାମା ॥**
**ହରଷେ ଦସରଥ ସୁତହ୍ନ ସମେତା । କହି ନ ଜାଇ ଉର ଆନଁଦୁ ଜେତା ॥ ୨ ॥**

ସମସ୍ତେ ତାଙ୍କୁ ମନେ ମନେ ପ୍ରଣାମ କଲେ ଏବଂ ଶ୍ରୀରାମଙ୍କୁ ଦେଖି ସମସ୍ତେ ପୂର୍ଣ୍ଣକାମ (କୃତକୃତ୍ୟ) ହୋଇଗଲେ । ପୁତ୍ରମାନଙ୍କ ସମେତ ରାଜା ଦଶରଥ ଆନନ୍ଦିତ ହୋଇଗଲେ । ସେମାନେ କେତେ ଯେ ଆନନ୍ଦିତ ହେଲେ, ତାହା କୁହାଯାଇପାରିବ ନାହିଁ ॥ ୨ ॥

**ସୁର ପ୍ରନାମୁ କରି ବରିସହିଁ ଫୂଲା । ମୁନି ଅସୀସ ଧୁନି ମଂଗଲ ମୂଲା ॥**
**ଗାନ ନିସାନ କୋଲାହଲୁ ଭାରୀ । ପ୍ରେମ ପ୍ରମୋଦ ମଗନ ନର ନାରୀ ॥ ୩ ॥**

ଦେବଗଣ ପ୍ରଣାମ କରି ପୁଷ୍ପବୃଷ୍ଟି କଲେ । ସର୍ବମଙ୍ଗଳର ମୂଳ ମୁନିମାନେ ଆଶୀର୍ବାଦ ଧ୍ୱନି କଲେ । ଗୀତସଙ୍ଗୀତର ଧ୍ୱନି ଓ ନାଗରାନାଦରେ ଖଣ୍ଡମଣ୍ଡଳ କମ୍ପିଲା । ସମସ୍ତ ନରନାରୀ ପ୍ରେମ ଓ ଆନନ୍ଦରେ ମଗ୍ନ ହୋଇଗଲେ ॥ ୩ ॥

**ଏହି ବିଧି ସୀୟ ମଂଡପହିଁ ଆଈ । ପ୍ରମୁଦିତ ସାଂତି ପଢ଼ହିଁ ମୁନିରାଈ ॥**
**ତେହି ଅୱସର କର ବିଧି ବ୍ୟୱହାରୂ । ଦୁହୁଁ କୁଲଗୁର ସବ କୀହ୍ନ ଅଗ୍ୱାରୂ ॥ ୪ ॥**

ଏପରିଭାବରେ ସୀତା ଆସି ମଣ୍ଡପରେ ପହଞ୍ଚିଲେ । ମୁନିରାଜ ଅତିଶୟ ଆନନ୍ଦିତ ହୋଇ ଶାନ୍ତିପାଠ କଲେ । ଦୁଇପକ୍ଷର କୁଳଗୁରୁ ମିଶି ସେହି ଅବସରର ସକଳ ବିଧାନ, ବ୍ୟାବହାରିକ ରୀତି ଓ କୁଳାଗ୍ରର ସମ୍ପନ୍ନ କଲେ ॥ ୪ ॥

ଛନ୍ଦ- **ଆଗ୍ୱରୁ କରି ଗୁର ଗୌରି ଗନପତି ମୁଦିତ ବିପ୍ର ପୁଜାୱହୀଁ ।**
**ସୁର ପ୍ରଗଟି ପୂଜା ଲେହିଁ ଦେହିଁ ଅସୀସ ଅତି ସୁଖୁ ପାୱହୀଁ ॥**
**ମଧୁପର୍କ ମଂଗଲ ଦ୍ରବ୍ୟ ଜୋ ଜେହି ସମୟ ମୁନି ମନ ମହୁଁ ଚହେଁ ।**
**ଭରେ କନକ କୋପର କଲସ ସୋ ତବ ଲିଏହିଁ ପରିଗ୍ୱରକ ରହେଁ ॥ ୧ ॥**

କୁଳାଗ୍ରର ସମ୍ପାଦନପୂର୍ବକ ଗୁରୁ ପ୍ରସନ୍ନ ହୋଇ ବ୍ରାହ୍ମଣମାନଙ୍କ ଦ୍ୱାରା ଗୌରୀ ଓ ଗଣେଶଙ୍କ ପୂଜା କରାଇଲେ । ଦେବତା ପ୍ରକଟ ହୋଇ ପୂଜା ଗ୍ରହଣ କଲେ ଓ ଅତ୍ୟନ୍ତ ଆନନ୍ଦରେ ଆଶୀର୍ବାଦ ଦେଲେ । ମଧୁପର୍କ ଆଦି ମାଙ୍ଗଳିକ ଦ୍ରବ୍ୟ ଆବଶ୍ୟକ ବୋଲି ମୁନି ମନରେ ଭାବିବାମାତ୍ରେ, ତାହା ତାଙ୍କୁ ଯୋଗାଇଦେବା ନିମନ୍ତେ ସେସବୁ ଦ୍ରବ୍ୟ ସୁନାଥାଳିରେ ଓ ସୁନାକଳସମାନଙ୍କରେସଜାଇ ସେବକମାନେ ପ୍ରସ୍ତୁତ ହୋଇ ରହିଥାନ୍ତି ॥ ୧ ॥

**କୁଲ ରୀତି ପ୍ରୀତି ସମେତ ରବି କହି ଦେତ ସବୁ ସାଦର କିୟୋ ।**
**ଏହି ଭାଁତି ଦେଓ୍ୱ ପୁଜାଇ ସୀତହି ସୁଭଗ ସିଂଘାସନୁ ଦିୟୋ ॥**
**ସିୟ ରାମ ଅଓ୍ୱଲୋକନି ପରସପର ପ୍ରେମୁ କାହୁ ନ ଲଖି ପରୈ ।**
**ମନ ବୁଦ୍ଧି ବର ବାନୀ ଅଗୋଚର ପ୍ରଗଟ କବି କୈସେଁ କରୈ ॥ ୨ ॥**

ସ୍ୱୟଂ ସୂର୍ଯ୍ୟଦେବ ନିଜ କୁଳର ସମସ୍ତ ରୀତି ପ୍ରେମର ସହିତ କହିଦେଉଥାନ୍ତି; ତାହା ଆଦରପୂର୍ବକ ପାଳନ କରାଯାଉଥାଏ । ଏପରିଭାବରେ [ଶ୍ରୀରାମଙ୍କ ଦ୍ୱାରା] ଦେବତାମାନଙ୍କର ପୂଜା କରାଇ ମୁନିମାନେ ସୀତାଙ୍କୁ ଏକ ସୁନ୍ଦର ସିଂହାସନରେ ବସାଇଲେ । ସୀତା ଓ ରାମଙ୍କର ପାରସ୍ପରିକ ଚାହାଣି ଓ ଶାଶ୍ୱତ ପ୍ରେମକୁ କେହି ଲକ୍ଷ୍ୟ କରିପାରୁ ନ ଥାନ୍ତି। ଯେଉଁ ବିଷୟ ମନ, ବୁଦ୍ଧି ଓ ବାଣୀର ବି ଅତୀତ, କବି ବା ତାହା କିପରି ପ୍ରକାଶ କରିପାରିବ ! ॥ ୨ ॥

ଦୋଃ- **ହୋମ ସମୟ ତନୁ ଧରି ଅନଲୁ ଅତି ସୁଖ ଆହୁତି ଲେହିଁ ।**
**ବିପ୍ର ବେଷ ଧରି ବେଦ ସବ କହି ବିବାହ ବିଧି ଦେହିଁ ॥ ୩୨୩ ॥**

ହୋମସମୟରେ ଅଗ୍ନିଦେବ ଶରୀର ଧାରଣ କରି ବଡ଼ ଆନନ୍ଦରେ ଆହୁତି ଗ୍ରହଣ କରୁଥାନ୍ତି ଏବଂ ବେଦଗଣ ବ୍ରାହ୍ମଣବେଶ ଧରି ବିବାହବିଧି କହିଦେଉଥାନ୍ତି ॥ ୩୨୩ ॥

**ଜନକ ପାଟମହିଷୀ ଜଗ ଜାନୀ । ସୀୟ ମାତୁ କିମି ଜାଇ ବଖାନୀ ॥**
**ସୁଜସୁ ସୁକୃତ ସୁଖ ସୁଂଦରତାଈ । ସବ ସମେଟି ବିଧି ରଚୀ ବନାଈ ॥ ୧ ॥**

ଜନକଙ୍କ ଜଗଦ୍‌ବିଖ୍ୟାତ ପାଟରାଣୀ ଅର୍ଥାତ୍ ସୀତାଙ୍କ ମାତାଙ୍କ ସମ୍ବନ୍ଧରେ କିପରି ବା ବର୍ଣ୍ଣନା କରାଯାଇପାରିବ ! ବିଧାତା ତ ସୁଯଶ, ସୁକୃତି, ସୁଖ ଓ ସୌନ୍ଦର୍ଯ୍ୟ–ଏସବୁ ଏକତ୍ର କରି ଅତି ଯତ୍ନର ସହିତ ତାଙ୍କୁ ଗଢ଼ିଥିଲା ॥ ୧ ॥

**ସମଉ ଜାନି ମୁନିବରହ୍ନ ବୋଲାଇଁ । ସୁନତ ସୁଆସିନି ସାଦର ଲ୍ୟାଇଁ ॥**
**ଜନକ ବାମ ଦିସି ସୋହ ସୁନୟନା । ହିମଗିରି ସଂଗ ବନୀ ଜନୁ ମୟନା ॥ ୨ ॥**

ଉପଯୁକ୍ତ ଅବସର ଆସିଲା ଜାଣି ଶ୍ରେଷ୍ଠ ମୁନିମାନେ ସୁନୟନାଙ୍କୁ ଡକାଇଲେ । ଏହା ଜାଣିବାମାତ୍ରେ ସଧବାସ୍ତ୍ରୀମାନେ ଯାଇ ତାଙ୍କୁ ଆଦର ସହକାରେ ନେଇଆସିଲେ । ଜନକଙ୍କର ପାଟରାଣୀ ସୁନୟନା ତାଙ୍କ ବାମଭାଗରେ ଶୋଭା ପାଇଲେ । ଦେଖି ମନେହେଲା, ହିମାଳୟଙ୍କ ସହିତ ମେନା ଶୋଭା ପାଉଛନ୍ତି କି ! ॥ ୨ ॥

**କନକ କଲସ ମନି କୋପର ରୂରେ । ସୁଚି ସୁଗଂଧ ମଂଗଲ ଜଲ ପୂରେ ॥**
**ନିଜ କର ମୁଦିତ ରାୟଁ ଅରୁ ରାନୀ । ଧରେ ରାମ କେ ଆଗେଁ ଆନୀ ॥ ୩ ॥**

ପବିତ୍ର, ସୁଗନ୍ଧିତ ଓ ମଙ୍ଗଳ ଜଳରେ ପରିପୂର୍ଣ୍ଣ ସୁବର୍ଣ୍ଣକଳସ ଓ ମଣିନିର୍ମିତ ଗୋଟିଏ ସୁନ୍ଦର ଥାଳି ଆଣି ଅତି ଆନନ୍ଦରେ ରାଜା ଓ ରାଣୀ ଶ୍ରୀରାମଙ୍କ ସମ୍ମୁଖରେ ରଖିଲେ ॥ ୩ ॥

**ପଢ଼ହିଁ ବେଦ ମୁନି ମଂଗଲ ବାନୀ । ଗଗନ ସୁମନ ଝରି ଅଓ୍ୱସରୁ ଜାନୀ ॥**
**ବରୁ ବିଲୋକି ଦଂପତି ଅନୁରାଗେ । ପାୟ ପୁନୀତ ପଖାରନ ଲାଗେ ॥ ୪ ॥**

ମୁନିଗଣ ମଙ୍ଗଳଧ୍ୱନିରେ ବେଦ ପାଠ କରୁଥାନ୍ତି । ଏହା ସୁଅବସର ଜାଣି ଆକାଶରୁ ପୁଷ୍ପବୃଷ୍ଟି ଲାଗି ରହିଥାଏ । ବ୍ରାଇଁଙ୍କୁ ଦେଖି ରାଜାରାଣୀ ପ୍ରେମରେ ନିମଗ୍ନ ହୋଇଗଲେ ଓ ତାଙ୍କର ପବିତ୍ର ଚରଣ ଧୋଇବାକୁ ଲାଗିଲେ ॥ ୪ ॥

ଛନ୍ଦ- ଲାଗେ ପଖାରନ ପାୟ ପଂକଜ ପ୍ରେମ ତନ ପୁଲକାୱଲୀ ।
ନଭ ନଗର ଗାନ ନିସାନ ଜୟ ଧୁନି ଉମଗି ଜନୁ ଚହୁଁ ଦିସି ଚଲୀ ॥
ଜେ ପଦ ସରୋଜ ମନୋଜ ଅରି ଉର ସର ସଦୈୱ ବିରାଜହୀଁ ।
ଜେ ସକୃତ ସୁମିରତ ବିମଲତା ମନ ସକଲ କଲି ମଲ ଭାଜହୀଁ ॥ ୧ ॥

ସେମାନେ ଶ୍ରୀରାମଙ୍କର ଚରଣକମଳ ଧୋଇବାକୁ ଲାଗିଲେ । ପ୍ରେମରେ ସେମାନଙ୍କର ଅଙ୍ଗ ପୁଲକିତ ହୋଇଗଲା । ଆକାଶରେ ତଥା ନଗରରେ ହେଉଥିବା ଗୀତବାଦ୍ୟ ଓ ଜୟ ଜୟକାର ଧ୍ୱନି ଚତୁର୍ଦ୍ଦିଗରେ ପ୍ରସାରିତ ହୋଇଗଲା । ଯେଉଁ ଚରଣକମଳ କାମଦେବଙ୍କ ଶତ୍ରୁ ଶିବଙ୍କର ହୃଦୟସରୋବରରେ ସର୍ବଦା ବିରାଜିତ, ଯାହାକୁ ଥରେମାତ୍ର ସ୍ମରଣ କଲେ ମନ ନିର୍ମଳ ହୋଇଯାଏ ଓ କଳିଯୁଗର ସକଳ ପାପ ଦୂର ହୋଇଯାଏ, ॥ ୧ ॥

ଜେ ପରସି ମୁନିବନିତା ଲହୀ ଗତି ରହୀ ଜୋ ପାତକମଈ ।
ମକରଂଦୁ ଜିହ୍ନ କୋ ସଂଭୁ ସିର ସୁଚିତା ଅୱଧି ସୁର ବରନଈ ॥
କରି ମଧୁପ ମନ ମୁନି ଜୋଗି ଜନ ଜେ ସେଇ ଅଭିମତ ଗତି ଲହେଁ ।
ତେ ପଦ ପଖାରତ ଭାଗ୍ୟଭାଜନୁ ଜନକୁ ଜୟ ଜୟ ସବ କହେଁ ॥ ୨ ॥

ଯାହାର ସ୍ପର୍ଶ ଲାଭ କରି ଗୌତମଙ୍କ ପତ୍ନୀ ଅହଲ୍ୟା ପାପମୁକ୍ତ ହୋଇ ପରମଗତି ପାଇଗଲେ, ଯେଉଁ ଚରଣକମଳର ମକରନ୍ଦରସ (ଗଙ୍ଗା) ଶିବଙ୍କ ମସ୍ତକରେ ବିରାଜମାନ, ଯାହାକୁ ଦେବଗଣ ପବିତ୍ରତାର ସୀମା ବୋଲି କହନ୍ତି, ମୁନି ଓ ଯୋଗୀଗଣ ନିଜ ନିଜର ମନକୁ ଭ୍ରମର କରିଦେଇ, ଯେଉଁ ଚରଣକମଳର ସେବା କରି ଅଭୀଷ୍ଟଗତି ପାଆନ୍ତି, ସେହି ଚରଣକମଳକୁ ସୌଭାଗ୍ୟବାନ୍ ଜନକ ମହାରାଜ ଧୋଉଛନ୍ତି ! ଏହା ଦେଖି ସମସ୍ତେ ତାଙ୍କର ଜୟ ଜୟକାର କରିବାକୁ ଲାଗିଲେ ॥ ୨ ॥

ବର କୁଅଁରି କରତଲ ଜୋରି ସାଖୋଚ୍ଚରୁ ଦୋଉ କୁଲଗୁର କରେଁ ।
ଭୟୋ ପାନିଗହନୁ ବିଲୋକି ବିଧି ସୁର ମନୁଜ ମୁନି ଆନଁଦ ଭରେଁ ॥
ସୁଖମୂଲ ଦୂଲହୁ ଦେଖି ଦଂପତି ପୁଲକ ତନ ହୁଲସ୍ୟୋ ହିୟୋ ।
କରି ଲୋକ ବେଦ ବିଧାନୁ କନ୍ୟାଦାନୁ ନୃପଭୂଷନ କିୟୋ ॥ ୩ ॥

ଉଭୟକୁଳର ଗୁରୁ ବର ଓ କନ୍ୟାଙ୍କ ହାତ ମିଳାଇ ଦୁହିଁଙ୍କ ଶାଖାବଂଶାବଳୀ ଉଚ୍ଚାରଣ କଲେ । ପାଣିଗ୍ରହଣ ହେବାର ଦେଖି ବ୍ରହ୍ମାଦି ଦେବତା, ମନୁଷ୍ୟ ଓ ମୁନିମାନେ ଆନନ୍ଦରେ ପୂର୍ଣ୍ଣ ହୋଇଗଲେ । ସୁଖର କାରଣସ୍ୱରୂପ ବରଙ୍କୁ ଦେଖି ରାଜାରାଣୀଙ୍କର ଶରୀର ପୁଲକିତ ହୋଇଗଲା ଏବଂ ହୃଦୟ ଆନନ୍ଦରେ ନାଚିଉଠିଲା । ନୃପଭୂଷଣ ମହାରାଜ ଜନକ ଲୌକିକ ଓ ବୈଦିକ ରୀତି ପାଳନପୂର୍ବକ କନ୍ୟାଦାନ କଲେ ॥ ୩ ॥

ହିମୱଂତ ଜିମି ଗିରିଜା ମହେସହି ହରିହି ଶ୍ରୀ ସାଗର ଦଈ ।
ତିମି ଜନକ ରାମହି ସିୟ ସମରପୀ ବିସ୍ୱ କଲ କୀରତି ନଈ ॥
କ୍ୟୋଁ କରୈ ବିନୟ ବିଦେହୁ କିୟୋ ବିଦେହୁ ମୂରତି ସାୱଁରୀଁ ।
କରି ହୋମୁ ବିଧିୱତ ଗାଁଠି ଜୋରୀ ହୋନ ଲାଗୀଁ ଭାୱଁରୀଁ ॥ ୪ ॥

ହିମବାନ୍ ଯେପରି ଶିବଙ୍କ ହାତରେ ପାର୍ବତୀଙ୍କୁ ଦେଇଥିଲେ, ସାଗର ଯେପରି ଭଗବାନ୍ ବିଷ୍ଣୁଙ୍କ ହାତରେ ଲକ୍ଷ୍ମୀଙ୍କୁ ଦେଇଥିଲେ, ଜନକ ସେହିପରି ଶ୍ରୀରାମଙ୍କ ହାତରେ ଜାନକୀଙ୍କୁ ସମର୍ପିଦେଲେ । ଏହା ଫଳରେ ବିଶ୍ୱରେ

ସୁନ୍ଦର ନବୀନ କୀର୍ତ୍ତି ପରିବ୍ୟାପ୍ତ ହୋଇଗଲା । ବିଦେହ (ଜନକ) କିପରି ବା ବିନୟ ପ୍ରକାଶ କରିପାରନ୍ତେ ! ସେହି ଶ୍ୟାମଳ ମୂର୍ତ୍ତି ଶ୍ରୀରାମ ତ ତାଙ୍କୁ ଯଥାର୍ଥରେ ବିଦେହ (ଦେହଜ୍ଞାନଶୂନ୍ୟ) କରିଦେଇଥିଲେ । ଯଥାବିଧି ହୋମ କରି ଗଇଁଠାଳ ବନ୍ଧାଗଲା ଏବଂ ବରକନ୍ୟା ହୋମାଗ୍ନିକୁ ପରିକ୍ରମା କରିବାକୁ ଲାଗିଲେ ॥ ୪ ॥

**ଦୋଃ- ଜୟ ଧୁନି ବଂଦୀ ବେଦ ଧୁନି ମଂଗଲ ଗାନ ନିସାନ ।**
**ସୁନି ହରଷହିଁ ବରଷହିଁ ବିବୁଧ ସୁରତରୁ ସୁମନ ସୁଜାନ ॥ ୩୨୪ ॥**

ଜୟଧ୍ୱନି, ଭାଟଧ୍ୱନି, ବେଦଧ୍ୱନି, ମଙ୍ଗଳଗାନଧ୍ୱନି ଓ ନାଗରାବାଦ୍ୟର ଧ୍ୱନି ଶୁଣି ଚତୁର ଦେବଗଣ ହର୍ଷିତ ହେଲେ ଓ କଳ୍ପବୃକ୍ଷର ପୁଷ୍ପ ବର୍ଷଣ କଲେ ॥ ୩୨୪ ॥

**କୁଅଁରୁ କୁଅଁରି କଲ ଭାଓଁରି ଦେହୀଁ । ନୟନ ଲାଭୁ ସବ ସାଦର ଲେହୀଁ ॥**
**ଜାଇ ନ ବରନି ମନୋହର ଜୋରୀ । ଜୋ ଉପମା କଛୁ କହୌଁ ସୋ ଥୋରୀ ॥ ୧ ॥**

ବରକନ୍ୟା ଅଗ୍ନିପରିକ୍ରମା କରିବାବେଳେ ବଡ଼ ସୁନ୍ଦର ଦେଖାଗଲେ । ତାଙ୍କୁ ଆଦରପୂର୍ବକ ଦର୍ଶନ କରି ସମସ୍ତେ ନେତ୍ରର ପରମ ଲାଭ ପାଇଗଲେ । ସେହି ମନୋହର ଯୁଗଳମୂର୍ତ୍ତିର ବର୍ଣ୍ଣନା କରିହେବ ନାହିଁ; ତାଙ୍କୁ ଯେକୌଣସି ଉପମା ଦେଲେ ବି ତାହା ନିଶ୍ଚୟ ଅଳ୍ପ ହେବ ॥ ୧ ॥

**ରାମ ସୀୟ ସୁଂଦର ପ୍ରତିଛାହୀଁ । ଜଗମଗାତ ମନି ଖଂଭନ ମାହୀଁ ॥**
**ମନହୁଁ ମଦନ ରତି ଧରି ବହୁ ରୂପା । ଦେଖତ ରାମ ବିଆହୁ ଅନୂପା ॥ ୨ ॥**

ଶ୍ରୀରାମ ଓ ସୀତାଙ୍କର ପ୍ରତିବିମ୍ବ ମଣିସ୍ତମ୍ଭରେ ପଡ଼ି ଝଲମଲ ହେଉଥାଏ । ତାହା ଦେଖି ଲାଗୁଥାଏ, ସତେ ଅବା କାମଦେବ ଓ ରତି ବହୁ ରୂପ ଧାରଣ କରି ଶ୍ରୀରାମଙ୍କର ଅନୁପମ ବିବାହ ଉତ୍ସବ ଦେଖୁଛନ୍ତି !॥ ୨ ॥

**ଦରସ ଲାଲସା ସକୁଚ ନ ଥୋରୀ । ପ୍ରଗଟତ ଦୁରତ ବହୋରି ବହୋରୀ ॥**
**ଭଏ ମଗନ ସବ ଦେଖନିହାରେ । ଜନକ ସମାନ ଅପାନ ବିସାରେ ॥ ୩ ॥**

ସେମାନଙ୍କର (କାମଦେବ ଓ ରତିଙ୍କର) ଦର୍ଶନଲାଳସା କମ୍ ନ ଥିଲା, କି ସଂକୋଚ ବି କମ୍ ନ ଥିଲା । ସେହି କାରଣରୁ ସେମାନେ ବାରମ୍ବାର ଦେଖାଦେଉଥାନ୍ତି ଓ ଲୁଚିଯାଉଥାନ୍ତି । ଏପରି ଦୃଶ୍ୟ ଦେଖି ସମସ୍ତେ ଆନନ୍ଦମଗ୍ନ ହୋଇଗଲେ ଏବଂ ସମସ୍ତେ ଜନକଙ୍କ ପରି ଆତ୍ମବିସ୍ମୃତ ହୋଇଗଲେ ॥ ୩ ॥

**ପ୍ରମୁଦିତ ମୁନିହ୍ନ ଭାଓଁରୀଁ ଫେରୀଁ । ନେଗସହିତ ସବ ରୀତି ନିବେରୀଁ ॥**
**ରାମ ସୀୟ ସିର ସେଁଦୁର ଦେହୀଁ । ସୋଭା କହି ନ ଜାତି ବିଧି କେହୀଁ ॥ ୪ ॥**

ମୁନିମାନେ ବରକନ୍ୟାଙ୍କୁ ଆନନ୍ଦପୂର୍ବକ ଅଗ୍ନିପରିକ୍ରମା କରାଇଲେ ଏବଂ ବିଧିବିଧାନପୂର୍ବକ ସମସ୍ତଙ୍କର ପ୍ରାପ୍ୟ ପ୍ରଦାନ କଲେ । ଏଥର ଶ୍ରୀରାମ ସୀତାଙ୍କ ମଥାରେ ସିନ୍ଦୂର ପିନ୍ଧାଇଦେଲେ । ସେହି ସମୟର ଶୋଭା କୌଣସିପ୍ରକାରେ ବର୍ଣ୍ଣିହେବ ନାହିଁ ॥ ୪ ॥

**ଅରୁନ ପରାଗ ଜଲଜୁ ଭରି ନୀକେଁ । ସସିହି ଭୂଷ ଅହି ଲୋଭ ଅମୀ କେଁ ॥**
**ବହୁରି ବସିଷ୍ଠ ଦୀହ୍ନି ଅନୁସାସନ । ବରୁ ଦୁଲହିନି ବୈଠେ ଏକ ଆସନ ॥ ୫ ॥**

ମନେହେଉଥାଏ, ସତେ ଯେପରି ପଦ୍ମଫୁଲଭିତରେ ଲାଲ ବର୍ଣ୍ଣର ପରାଗରେଣୁ ପୂର୍ଣ୍ଣ କରି ତାହାକୁ ନେଇ ସର୍ପ ଅମୃତଲୋଭରେ ଚନ୍ଦ୍ରଙ୍କୁ ଭୂଷିତ କରୁଛି । (ଏଠାରେ ଶ୍ରୀରାମଙ୍କ ହାତକୁ ପଦ୍ମ ସହିତ, ସିନ୍ଦୂରକୁ ଲାଲ ପରାଗରେଣୁ ସହିତ, ଶ୍ରୀରାମଙ୍କ ଶ୍ୟାମଳ ଭୁଜକୁ ସର୍ପ ସହିତ ଏବଂ ସୀତାଙ୍କ ମୁଖକୁ ଚନ୍ଦ୍ର ସହିତ ଉପମା ଦିଆଯାଇଛି ।) ତାପରେ ବଶିଷ୍ଠ ଆଜ୍ଞା ଦେବାରୁ ବରକନ୍ୟା ଗୋଟିଏ ଆସନରେ ବସିଲେ ॥ ୫ ॥

ଛନ୍ଦ- ବୈଠେ ବରାସନ ରାମୁ ଜାନକି ମୁଦିତ ମନ ଦସରଥୁ ଭଏ ।
ତନୁ ପୁଲକ ପୁନି ପୁନି ଦେଖି ଅପନେଁ ସୁକୃତ ସୁରତରୁ ଫଲ ନଏ ॥
ଭରି ଭୁଅ୍ୱନ ରହା ଉଛାହୁ ରାମ ବିବାହୁ ଭା ସବହୀଁ କହା ।
କେହି ଭାଁତି ବରନି ସିରାତ ରସନା ଏକ ୟହୁ ମଂଗଲୁ ମହା ॥ ୧ ॥

ଶ୍ରୀରାମ ଓ ଜାନକୀ ଗୋଟିଏ ସୁନ୍ଦର ଆସନରେ ବସିଲେ । ଦୁହିଁଙ୍କୁ ଦେଖି ଦଶରଥ ମନେ ମନେ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । ନିଜର ସୁକୃତରୂପୀ କଳ୍ପବୃକ୍ଷରେ ନୂଆ ଫଳ ଫଳିବାର ଦେଖି ତାଙ୍କ ଶରୀର ବାରମ୍ବାର ପୁଲକିତ ହୋଇଉଠିଲା । ଚଉଦଭୁବନରେ ଉତ୍ସାହ ଭରିଗଲା । ସମସ୍ତେ କହି କହି ଆନନ୍ଦିତ ହେଲେ ଯେ, ଶ୍ରୀରାମଙ୍କର ବିବାହ ହୋଇଗଲା । କିନ୍ତୁ ଜିଭ ତ ଗୋଟିଏ ଏବଂ ଏହି ମଙ୍ଗଳମୟ ଆନନ୍ଦ ତ ମହାନ୍; ତେଣୁ ବର୍ଣ୍ଣନା କରି ଏହା କିପରି ସାରିହେବ ! ॥ ୧ ॥

ତବ ଜନକ ପାଇ ବସିଷ୍ଠ ଆୟସୁ ବ୍ୟାହ ସାଜ ସଁଓ୍ୱାରି କୈ ।
ମାଂଡଓ୍ୱୀ ଶ୍ରୁତକୀରତି ଉରମିଲା କୁଅଁରି ଲଈଁ ହଁକାରି କୈ ॥
କୁସକେତୁ କନ୍ୟା ପ୍ରଥମ ଜୋ ଗୁନ ସୀଲ ସୁଖ ସୋଭାମଈ ।
ସବ ରୀତି ପ୍ରୀତି ସମେତ କରି ସୋ ବ୍ୟାହି ନୃପ ଭରତହି ଦଈ ॥ ୨ ॥

ତା'ପରେ ବଶିଷ୍ଠଙ୍କ ଆଜ୍ଞା ପାଇ ଜନକ ମାଣ୍ଡବୀ, ଶ୍ରୁତକୀର୍ତ୍ତି ଓ ଉର୍ମିଳା—ଏହି ତିନି ରାଜକୁମାରୀଙ୍କୁ ବଧୂବେଶରେ ସଜାଇ ବେଦିକୁ ଅଣାଇଲେ । ମାଣ୍ଡବୀ ଥିଲେ ଜନକଙ୍କ ସାନଭାଇ କୁଶଧ୍ୱଜଙ୍କ ବଡ଼ଝିଅ । ସେ ଗୁଣ, ଶୀଳ, ସୁଖ ଓ ଶୋଭାର ପ୍ରତିମୂର୍ତ୍ତି ଥିଲେ ! ରାଜା ଜନକ ପ୍ରେମପୂର୍ବକ ସକଳ ରୀତି ସମ୍ପାଦନ କରି ଭରତଙ୍କ ସହିତ ମାଣ୍ଡବୀଙ୍କର ବିବାହ କରାଇଦେଲେ ॥ ୨ ॥

ଜାନକୀ ଲଘୁ ଭଗିନୀ ସକଲ ସୁଂଦରି ସିରୋମନି ଜାନି କୈ ।
ସୋ ତନୟ ଦୀହ୍ନୀ ବ୍ୟାହି ଲଖନହି ସକଲ ବିଧି ସନମାନି କୈ ॥
ଜେହି ନାମୁ ଶ୍ରୁତକୀରତି ସୁଲୋଚନି ସୁମୁଖି ସବ ଗୁନ ଆଗରୀ ।
ସୋ ଦଈ ରିପୁସୂଦନହି ଭୂପତି ରୂପ ସୀଲ ଉଜାଗରୀ ॥ ୩ ॥

ଉର୍ମିଳା ଥିଲେ ଜାନକୀଙ୍କର ସାନ ଭଉଣୀ । ରାଜା ସେହି ସୁନ୍ଦରୀଶିରୋମଣି କନ୍ୟାଟିକୁ ସକଳପ୍ରକାର ସମ୍ମାନ ସହକାରେ ଲକ୍ଷ୍ମଣଙ୍କ ସହିତ ବିବାହ କରାଇଦେଲେ ଏବଂ ରୂପବତୀ ଶ୍ରୁତକୀର୍ତ୍ତିଙ୍କୁ ଶତ୍ରୁଘ୍ନଙ୍କ ସହିତ ବିବାହ କରାଇଦେଲେ । ଶ୍ରୁତକୀର୍ତ୍ତି ସୁଲୋଚନୀ, ସୁମୁଖୀ, ସର୍ବଗୁଣର ନିଧାନ ଓ ଶୀଳବତୀ ଥିଲେ ॥ ୩ ॥

ଅନୁରୂପ ବର ଦୁଲହିନି ପରସ୍ପର ଲଖି ସକୁଚ ହିୟଁ ହରଷହୀଁ ।
ସବ ମୁଦିତ ସୁଂଦରତା ସରାହହିଁ ସୁମନ ସୁର ଗନ ବରଷହୀଁ ॥
ସୁଂଦରୀଁ ସୁଂଦର ବରହ୍ନ ସହ ସବ ଏକ ମଂଡପ ରାଜହୀଁ ।
ଜନୁ ଜୀଓ୍ୱ ଉର ଚ୍ରାରିଉ ଅବସ୍ଥା ବିଭୁନ ସହିତ ବିରାଜହୀଁ ॥ ୪ ॥

ବର ଓ କନ୍ୟାମାନେ ନିଜ ନିଜର ଅନୁରୂପ ଯୋଡ଼ିଙ୍କୁ ଦେଖି ଅନ୍ତରରେ ସଂକୋଚର ସହିତ ଆନନ୍ଦ ଅନୁଭବ କରୁଆନ୍ତି । ଅନ୍ୟମାନେ ପ୍ରସନ୍ନ ହୋଇ ସେମାନଙ୍କ ସୌନ୍ଦର୍ଯ୍ୟକୁ ପ୍ରଶଂସା କରୁଆନ୍ତି ଏବଂ ଦେବଗଣ

ପୁଷ୍ପବୃଷ୍ଟି କରୁଥାନ୍ତି । ସୁନ୍ଦରୀ ବଧୂମାନେ ସୁନ୍ଦର ବରମାନଙ୍କ ସହିତ ଗୋଟିଏ ମଣ୍ଡପରେ ବସି ଏପରି ଶୋଭା ପାଉଥାନ୍ତି ଯେ, ମନେହେଉଥାଏ, ସତେ ଯେପରି ଜୀବର ହୃଦୟରେ ଚାରି ଅବସ୍ଥା (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ) ସେମାନଙ୍କ ଚାରି ସ୍ୱାମୀ (ବିଶ୍ୱ, ତୈଜସ, ପ୍ରାଜ୍ଞ ଓ ବ୍ରହ୍ମ)ଙ୍କ ସହିତ ବିରାଜମାନ ହୋଇଛନ୍ତି ॥ ୪ ॥

ଦୋଃ- **ମୁଦିତ ଅୱଧପତି ସକଲ ସୁତ ବଧୁହ୍ନ ସମେତ ନିହାରି ।**
**ଜନୁ ପାଏ ମହିପାଲ ମନି କ୍ରିୟହ୍ନ ସହିତ ଫଲ ଚାରି ॥ ୩୨୫ ॥**

ଚାରି ପୁଅଙ୍କ ସହିତ ଚାରି ବୋହୂଙ୍କୁ ଦେଖି ଅଯୋଧ୍ୟାନରେଶ ଦଶରଥ ଏପରି ଆନନ୍ଦିତ ହେଲେ ଯେ, ମନେହେଲା, ସତେ ଯେପରି ସେହି ରାଜଶିରୋମଣି ଚତୁର୍ବିଧ କ୍ରିୟା (ଯଜ୍ଞକ୍ରିୟା, ଶ୍ରଦ୍ଧାକ୍ରିୟା, ଯୋଗକ୍ରିୟା ଓ ଜ୍ଞାନକ୍ରିୟା) ସହିତ ଚତୁର୍ବିଧ ଫଳ (ଅର୍ଥ, ଧର୍ମ, କାମ ଓ ମୋକ୍ଷ) ପାଇଗଲେ ॥ ୩୨୫ ॥

**ଜସି ରଘୁବୀର ବ୍ୟାହ ବିଧି ବରନୀ । ସକଲ କୁଅଁର ବ୍ୟାହେ ତେହିଁ କରନୀ ॥**
**କହି ନ ଜାଇ କଛୁ ଦାଇଜ ଭୂରୀ । ରହା କନକ ମନି ମଂଡପୁ ପୂରୀ ॥ ୧ ॥**

ଶ୍ରୀରାମଙ୍କର ବିବାହ ଯେଉଁ ରୀତିରେ ହେଲା ବୋଲି କୁହାଗଲା, ଅନ୍ୟ ରାଜକୁମାରମାନଙ୍କର ବିବାହ ମଧ୍ୟ ସେହି ରୀତିରେ ସମ୍ପନ୍ନ ହେଲା । ଯୌତୁକ ବିଷୟ ବର୍ଣ୍ଣନା କରିହେଉ ନାହିଁ; ବେଦିସାରା ସୁନା ଓ ମଣିରେ ପୂର୍ଣ୍ଣ ହୋଇଗଲା ॥ ୧ ॥

**କଂବଲ ବସନ ବିଚିତ୍ର ପଟୋରେ । ଭାଁତି ଭାଁତି ବହୁ ମୋଲ ନ ଥୋରେ ॥**
**ଗଜ ରଥ ତୁରଗ ଦାସ ଅରୁ ଦାସୀ । ଧେନୁ ଅଲଂକୃତ କାମଦୁହା ସୀ ॥ ୨ ॥**

ବହୁ ପରିମାଣରେ କମ୍ବଳ, ବସ୍ତ୍ର ଓ ବିବିଧପ୍ରକାର ବହୁମୂଲ୍ୟ ବିଚିତ୍ର ରେଶମ ବସ୍ତ୍ର ତଥା ହାତୀ, ଘୋଡ଼ା, ରଥ ଓ ଦାସଦାସୀ ଏବଂ ବିଭିନ୍ନ ଗହଣାରେ ବିମଣ୍ଡିତ କାମଧେନୁତୁଲ୍ୟ ଅନେକ ଗାଈ ପ୍ରଭୃତି ॥ ୨ ॥

**ବସ୍ତୁ ଅନେକ କରିଅ କିମି ଲେଖା । କହି ନ ଜାଇ ଜାନହିଁ ଜିହ୍ନ ଦେଖା ॥**
**ଲୋକପାଲ ଅୱଲୋକି ସିହାନେ । ଲୀହ୍ନ ଅୱଧପତି ସବୁ ସୁଖୁ ମାନେ ॥ ୩ ॥**

ଅନେକ ବସ୍ତୁ ପ୍ରଦାନ କରାଗଲା । ସେସବୁର ଗଣନା କିପରି ବା କରିହେବ ! ତାହାର ବର୍ଣ୍ଣନା କରିହେବ ନାହିଁ; ଯେଉଁମାନେ ଦେଖିଥିଲେ, ସେମାନେହିଁ ତାହା ଜାଣନ୍ତି । ସେସବୁକୁ ଦେଖି ଲୋକପାଳମାନେ ବି ଈର୍ଷାନ୍ୱିତ ହୋଇଗଲେ । ଅଯୋଧ୍ୟାପତି ଦଶରଥ ସେହି ସୁଖସମ୍ଭାର ପ୍ରସନ୍ନଚିତ୍ତରେ ଗ୍ରହଣ କଲେ ॥ ୩ ॥

**ଦୀହ୍ନ ଜାଚକହ୍ନି ଜୋ ଜେହି ଭାୱା । ଉବରା ସୋ ଜନୱାସେହିଁ ଆୱା ॥**
**ତବ କର ଜୋରି ଜନକୁ ମୃଦୁ ବାନୀ । ବୋଲେ ସବ ବରାତ ସନମାନୀ ॥ ୪ ॥**

ସେହି ଯୌତୁକ ପଦାର୍ଥଗୁଡ଼ିକ ସେ ଯାଚକମାନଙ୍କୁ ସେମାନଙ୍କ ଇଚ୍ଛାନୁସାରେ ଦେଇଦେଲେ । ଯାହା ବଳିଲା, ତାହା ବରଯାତ୍ରୀଙ୍କ ବସାଘରକୁ ଅଣାଗଲା । ଶେଷରେ ରାଜା ଜନକ କରପତ୍ର ଯୋଡ଼ି ସମସ୍ତ ବରଯାତ୍ରୀଙ୍କୁ ସମ୍ମାନ ଜଣାଇ ମଧୁର ବଚନ କହିଲେ ॥ ୪ ॥

ଛନ୍ଦ- **ସନମାନି ସକଲ ବରାତ ଆଦର ଦାନ ବିନୟ ବଢ଼ାଇ କୈ ।**
**ପ୍ରମୁଦିତ ମହା ମୁନି ବୃଂଦ ବଂଦେ ପୂଜି ପ୍ରେମ ଲଡ଼ାଇ କୈ ॥**
**ସିରୁ ନାଇ ଦେୱ ମନାଇ ସବ ସନ କହତ କର ସଂପୁଟ କିଏଁ ।**
**ସୁର ସାଧୁ ଚାହତ ଭାଉ ସିଂଧୁ କି ତୋଷ ଜଲ ଅଂଜଲି ଦିଏଁ ॥ ୧ ॥**

ଆଦର, ଦାନ, ବିନୟ ଏବଂ ପ୍ରଶଂସାଦ୍ୱାରା ସମସ୍ତ ବରଯାତ୍ରୀଙ୍କୁ ସମ୍ମାନିତ କରି ରାଜା ଜନକ ବିପୁଳ ଆନନ୍ଦ ଓ ପ୍ରେମସହକାରେ ମୁନିମାନଙ୍କୁ ପୂଜା ଓ ବନ୍ଦନା କଲେ । ମୁଣ୍ଡ ନୁଆଁଇ, ଦେବତାମାନଙ୍କୁ ମନାସି, କରପତ୍ର ଯୋଡ଼ି ରାଜା ସମସ୍ତଙ୍କୁ ମଧୁରଭାବରେ କହିଲେ, ''ଦେବତା ଓ ସାଧୁଜନମାନେ ଭାବ ଗ୍ରହାନ୍ତି । (ଅର୍ଥାତ୍ ସେମାନେ ପ୍ରେମରେହିଁ ପ୍ରସନ୍ନ ହୁଅନ୍ତି । ସେହି ପୂର୍ଣ୍ଣକାମ ମହାନୁଭାବଙ୍କୁ କେହି କିଛି ଦେଇ କିପରି ସନ୍ତୁଷ୍ଟ କରିପାରିବ ?) କ'ଣ ଆଞ୍ଜୁଳିଏ ଜଳ ଦେଇଦେଲେ ସମୁଦ୍ର କେବେ ସନ୍ତୁଷ୍ଟ ହୋଇପାରିବ !''॥ ୧ ॥

**କର ଜୋରି ଜନକୁ ବହୋରି ବଂଧୁ ସମେତ କୋସଲରାଯ୍ ସୋଁ ।**
**ବୋଲେ ମନୋହର ବୟନ ସାନି ସନେହ ସୀଲ ସୁଭାଯ୍ ସୋଁ ॥**
**ସଂବଂଧ ରାଜନ ରାଓ୍ୱରେଁ ହମ ବଡ଼େ ଅବ ସବ ବିଧି ଭଏ ।**
**ଏହି ରାଜ ସାଜ ସମେତ ସେଓ୍ୱକ ଜାନିବେ ବିନୁ ଗଥ ଲଏ ॥ ୨ ॥**

ତା'ପରେ ଜନକ ନିଜ ଭାଇ ସହିତ କରପତ୍ର ଯୋଡ଼ି କୋଶଳାଧୀଶ ଦଶରଥଙ୍କୁ ସ୍ନେହ, ବିନୟ ଓ ସୁନ୍ଦର ପ୍ରେମରେ ରସାଣିତ ମନୋହର ବଚନ କହିଲେ, ''ହେ ରାଜନ୍ ! ଆପଣଙ୍କ ସହିତ ସମ୍ବନ୍ଧ ହେବାରେ ଆମ୍ଭେମାନେ ସବୁପ୍ରକାରେ ବଡ଼ ହୋଇଗଲୁ । ଆମର ସମଗ୍ର ରାଜ୍ୟାଧିକାର ସହିତ ଆମ ଦୁହିଁଙ୍କୁ ଆପଣ ବିନାମୂଲ୍ୟରେ କିଣି ନେଇଥିବା ସେବକ ବୋଲି ଜାଣିବେ ॥ ୨ ॥

**ଏ ଦାରିକା ପରିଚାରିକା କରି ପାଲିବୀଁ କରୁନା ନଈ ।**
**ଅପରାଧୁ ଛମିବୋ ବୋଲି ପଠଏ ବହୁତ ହୌଁ ଢୀଟ୍ୟୋ କଈ ॥**
**ପୁନି ଭାନୁକୁଲଭୂଷନ ସକଲ ସନମାନ ନିଧି ସମଧୀ କିଏ ।**
**କହି ଜାତି ନହିଁ ବିନତୀ ପରସ୍ପର ପ୍ରେମ ପରିପୂରନ ହିଏ ॥ ୩ ॥**

ଆମର ଏହି କନ୍ୟାମାନଙ୍କୁ ଆପଣ ପରିଚାରିକା ମନେକରି ନିତ୍ୟନୂତନ ଦୟାର ସହିତ ପାଳନ କରିବେ । ମୁଁ ବିବାହ ନିମନ୍ତେ ଆପଣମାନଙ୍କୁ ଏଠାକୁ ଡକାଇଆଣି ବହୁ କଷ୍ଟ ଦେଇଛି ; ମୋ ଅପରାଧ କ୍ଷମା କରିବେ ।'' ଏହା ପରେ ସୂର୍ଯ୍ୟବଂଶର ଭୂଷଣ ଦଶରଥ ସମ୍ବନ୍ଧୀ ଜନକଙ୍କୁ ସକଳ ସମ୍ମାନର ନିଧି କରିଦେଲେ (ଏତେ ସମ୍ମାନ ଦେଲେ ଯେ, ସେ ସମ୍ମାନର ଭଣ୍ଡାର ହୋଇଗଲେ) ।ଉଭୟେ ପରସ୍ପର ପ୍ରତି ଯେଉଁପରି ବିନୟ ପ୍ରକାଶ କଲେ, ତାହା କହିହେବ ନାହିଁ ।ସେତେବେଳେ ଦୁହିଁଙ୍କ ହୃଦୟ ପ୍ରେମରେ ପରିପୂର୍ଣ୍ଣ ହୋଇଯାଇଥାଏ ॥ ୩ ॥

**ବୃଂଦାରକା ଗନ ସୁମନ ବରିସହିଁ ରାଉ ଜନଓ୍ୱାସେହି ଚଲେ ।**
**ଦୁଂଦୁଭୀ ଜୟ ଧୁନି ବେଦ ଧୁନି ନଭ ନଗର କୌତୂହଲ ଭଲେ ॥**
**ତବ ସଖୀଁ ମଂଗଲ ଗାନ କରତ ମୁନୀସ ଆୟସୁ ପାଇ କୈ ।**
**ଦୂଲହ ଦୁଲହିନିହ୍ନ ସହିତ ସୁଂଦରି ଚଲୀଁ କୋହବର ଲ୍ୟାଇ କୈ ॥ ୪ ॥**

ଦେବଗଣଙ୍କ ପୁଷ୍ପବୃଷ୍ଟିଭିତରେ ରାଜା ବରଯାତ୍ରୀଙ୍କ ବସାକୁ ଫେରିଲେ। ଦୁନ୍ଦୁଭିଧ୍ୱନି, ଜୟଧ୍ୱନି ଓ ବେଦଧ୍ୱନି ହେଉଥାଏ। ଆକାଶ ଓ ନଗର ଉଭୟ ସ୍ଥାନରେ ଆନନ୍ଦ ପୂରିରହିଥାଏ । ଏତିକିବେଳେ ମୁନୀଶ୍ୱରଙ୍କ ଆଜ୍ଞା ପାଇ ସୁନ୍ଦରୀ ସଖୀମାନେ ମଙ୍ଗଳଗୀତ ଗାଇ ଗାଇ କନ୍ୟାମାନଙ୍କ ସହିତ ବରମାନଙ୍କୁ କୁଳଦେବତାଙ୍କ ପୂଜାଘରକୁ ନେଇଗଲେ ॥ ୪ ॥

ଦୋ:- **ପୁନି ପୁନି ରାମହି ଚିତଓ୍ୱ ସିୟ ସକୁଚତି ମନୁ ସକୁଚୈ ନ ।**
**ହରତ ମନୋହର ମୀନ ଛବି ପ୍ରେମ ପିଆସେ ନୈନ ॥ ୩୨୬ ॥**

ସୀତା ବାରମ୍ବାର ଶ୍ରୀରାମଙ୍କ ମୁଖକୁ ଚାହିଁ ଲାଜରେ ଝାଉଁଳିପଡୁଥାନ୍ତି; କିନ୍ତୁ ତାଙ୍କ ମନ ଝାଉଁଳିଯାଇ ନ ଥାଏ । ତାଙ୍କ ସୁନ୍ଦର ପ୍ରେମପିପାସୁ ନୟନ ମୀନମାନଙ୍କ ଛବିକୁ ହରିନେଉଥାଏ ॥ ୩୨୬ ॥

## ମାସପାରାୟଣ, ଏକାଦଶ ବିଶ୍ରାମ

**ସ୍ୟାମ ସରୀରୁ ସୁଭାୟଁ ସୁହାୱନ । ସୋଭା କୋଟି ମନୋଜ ଲଜାୱନ ॥**
**ଜାୱକ ଜୁତ ପଦ କମଲ ସୁହାଏ । ମୁନି ମନ ମଧୁପ ରହତ ଜିହ୍ନ ଛାଏ ॥ ୧ ॥**

ଶ୍ରୀରାମଙ୍କ ଶ୍ୟାମଳ ଶରୀର ସ୍ୱଭାବତଃ ସୁନ୍ଦର । ତାଙ୍କ ଶରୀରର ଶୋଭା କୋଟି କନ୍ଦର୍ପଙ୍କୁ ଲଜ୍ଜିତ କରୁଥାଏ । ତାଙ୍କର ଯେଉଁ ଅଳତାରଞ୍ଜିତ ଚରଣକମଳ, ତାହା ପ୍ରତି ମୁନିମାନଙ୍କର ମନଭ୍ରମର ସଦା ଆକର୍ଷିତ ହେଉଥାଏ । ତାହା ଅତ୍ୟନ୍ତ ସୁନ୍ଦର ଦିଶୁଥାଏ ॥ ୧ ॥

**ପୀତ ପୁନୀତ ମନୋହର ଧୋତୀ । ହରତି ବାଲ ରବି ଦାମିନି ଜୋତୀ ॥**
**କଲ କିଂକିନି କଟି ସୂତ୍ର ମନୋହର । ବାହୁ ବିସାଲ ବିଭୂଷନ ସୁଂଦର ॥ ୨ ॥**
**ପୀତ ଜନେଉ ମହାଛବି ଦେଈ । କର ମୁଦ୍ରିକା ଚୋରି ଚିତୁ ଲେଈ ॥**
**ସୋହତ ବ୍ୟାହ ସାଜ ସବ ସାଜେ । ଉର ଆୟତ ଉରଭୂଷନ ରାଜେ ॥ ୩ ॥**

ସେ ପିନ୍ଧିଥିବା ମନୋହର ପୀତାମ୍ବର ପ୍ରାତଃକାଳୀନ ବାଳସୂର୍ଯ୍ୟର ଓ ବିଜୁଳିର ଜ୍ୟୋତିକୁ ବି ହରଣ କରିନେଉଥାଏ। ତାଙ୍କର କଟିରେ ମନୋହର କିଙ୍କିଣୀ ଓ କଟିସୂତ୍ର ତଥା ବିଶାଳ ଭୁଜଦ୍ୱୟରେ ସୁନ୍ଦର ଭୂଷଣ ଶୋଭା ପାଉଥାଏ ; ପୀତବର୍ଣ୍ଣର ଯଜ୍ଞୋପବୀତ ଅତ୍ୟନ୍ତ ସୁନ୍ଦର ଦିଶୁଥାଏ। ହାତର ଅଙ୍ଗୁରୀୟ(ମୁଦି) ଚିତ୍ତକୁ ହରଣ କରିନେଉଥାଏ । ବିବାହକାଳୀନ ବେଶଭୂଷା ପିନ୍ଧି ସେ ଶୋଭା ପାଉଥାନ୍ତି । ପ୍ରଶସ୍ତ ବକ୍ଷରେ ଭୂଷଣସବୁ ସୁଶୋଭିତ ହେଉଥାଏ ॥ ୨, ୩ ॥

**ପିଅର ଉପରନା କାଖାସୋତୀ । ଦୁହୁଁ ଆଁଚରହ୍ନି ଲଗେ ମନି ମୋତୀ ॥**
**ନୟନ କମଲ କଲ କୁଂଡଲ କାନା । ବଦନୁ ସକଲ ସୌଂଦର୍ଜ ନିଧାନା ॥ ୪ ॥**

ପୀତବର୍ଣ୍ଣର ଉତ୍ତରୀୟ ଉପବୀତ ପରି ସୁଶୋଭିତ ହେଉଥାଏ । ତାହାର ଦୁଇ କାନିରେ ମଣି ଓ ମୁକ୍ତାମାନ ଝୁଲୁଥାଏ । କମଳସମାନ ନେତ୍ର; କର୍ଣ୍ଣରେ ସୁନ୍ଦର କୁଣ୍ଡଳ ଏବଂ ମୁଖ ହୋଇଥାଏ ସକଳ ସୌନ୍ଦର୍ଯ୍ୟର ଭଣ୍ଡାର ॥ ୪ ॥

**ସୁଂଦର ଭୃକୁଟି ମନୋହର ନାସା । ଭାଲ ତିଲକୁ ରୁଚିରତା ନିୱାସା ॥**
**ସୋହତ ମୌରୁ ମନୋହର ମାଥେ । ମଂଗଲମୟ ମୁକୁତା ମନି ଗାଥେ ॥ ୫ ॥**

ସୁନ୍ଦର ଭ୍ରୂଲତା ଓ ମନୋହର ନାସିକା । ଲଲାଟପଟର ତିଳକ ତ ସୌନ୍ଦର୍ଯ୍ୟର ନିବାସ ହୋଇଥାଏ । ମଥା ଉପରେ ଶୋଭା ପାଉଥାଏ ମଙ୍ଗଳମୟ ମୋତି ଓ ମଣି ଖଞ୍ଜା ଯାଇଥିବା ମନୋହର ମୁକୁଟ ॥ ୫ ॥

ଛନ୍ଦ- **ଗାଥେ ମହାମନି ମୌର ମଂଜୁଲ ଅଂଗ ସବ ଚିତ ଚୋରହୀଁ ।**
**ପୁର ନାରି ସୁର ସୁଂଦରୀଂ ବରହି ବିଲୋକି ସବ ତିନ ତୋରହୀଁ ॥**
**ମନି ବସନ ଭୂଷନ ୱାରି ଆରତି କରହିଁ ମଂଗଲ ଗାୱହୀଁ ।**
**ସୁର ସୁମନ ବରିସହିଁ ସୂତ ମାଗଧ ବଂଦି ସୁଜସୁ ସୁନାୱହୀଁ ॥ ୧ ॥**

ମନୋହର ମୁକୁଟରେ ବହୁମୂଲ୍ୟ ମଣିମାନ ଖଞ୍ଜାଯାଇଥାଏ । ଶ୍ରୀରାମଙ୍କ ସକଳ ଅଙ୍ଗ ଚିତ୍ତକୁ ହରଣ କରିନେଉଥାଏ । ନଗରର ସମସ୍ତ ନାରୀ ଓ ଦେବାଙ୍ଗନାମାନେ ବରଙ୍କୁ ଦେଖି [ତାଙ୍କ ଉପରେ ଦୃଷ୍ଟି ନ ପଡୁ ବୋଲି] କୁଟା ଛିଣ୍ଡାଉଥାନ୍ତି ଏବଂ ମଣି, ବସ୍ତ୍ର ତଥା ଆଭୂଷଣ ଆଦି ଉତ୍ସର୍ଗ କରି ଆରତି କରିବା ସହିତ ମଙ୍ଗଳଗୀତ ଗାଉଥାନ୍ତି । ଦେବତାମାନେ ପୁଷ୍ପବୃଷ୍ଟି କରୁଥାନ୍ତି ଏବଂ ସୂତ, ମାଗଧ ତଥା ଭାଟମାନେ ସୁଯଶ ଶୁଣାଉଥାନ୍ତି ॥ ୧ ॥

**କୋହବରହିଁ ଆନେ କୁଅଁର କୁଅଁରି ସୁଆସିନିହ୍ନ ସୁଖ ପାଇ କୈ ।**
**ଅତି ପ୍ରୀତି ଲୌକିକ ରୀତି ଲାଗୀଁ କରନ ମଂଗଲ ଗାଇ କୈ ॥**
**ଲହକୌରି ଗୌରି ସିଖାଓ୍ୱ ରାମହି ସୀୟ ସନ ସାରଦ କହୈଁ ।**
**ରନିଓ୍ୱାସୁ ହାସ ବିଲାସ ରସ ବସ ଜନ୍ମ କୋ ଫଲୁ ସବ ଲହୈଁ ॥ ୨ ॥**

ସୀମନ୍ତିନୀ ନାରୀମାନେ ନବବିବାହିତ ବର ଓ କନ୍ୟାମାନଙ୍କୁ କୁଳଦେବତାଙ୍କ ପୀଠକୁ ନେଇଆସିଲେ ଏବଂ ଅତ୍ୟନ୍ତ ପ୍ରେମର ସହିତ ମଙ୍ଗଳଗୀତ ଗାଇ ଗାଇ ବିଭିନ୍ନ ଲୌକିକ ରୀତି ପାଳନ କଲେ । [ବରକନ୍ୟା ପରସ୍ପରକୁ କିପରି ଖୁଆଇଦେବେ,] ତାହା ପାର୍ବତୀ ଶ୍ରୀରାମଙ୍କୁ ଓ ସରସ୍ୱତୀ ସୀତାଙ୍କୁ ଶିଖାଇଲେ । ରାଣୀନିବାସ ହାସ-ବିଳାସରେ ପୂର୍ଣ୍ଣ ହୋଇଗଲା । [ଶ୍ରୀରାମ ଓ ସୀତାଙ୍କୁ ଦେଖି ଦେଖି] ସମସ୍ତେ ନିଜ ନିଜ ଜନ୍ମର ପରମ ଫଳ ଲାଭ କରୁଥାନ୍ତି ॥ ୨ ॥

**ନିଜ ପାନି ମନି ମହୁଁ ଦେଖିଅତି ମୂରତି ସୁରୂପନିଧାନ କୀ ।**
**ଚାଲତି ନ ଭୁଜବଲ୍ଲୀ ବିଲୋକନି ବିରହ ଭୟ ବସ ଜାନକୀ ॥**
**କୌତୁକ ବିନୋଦ ପ୍ରମୋଦୁ ପ୍ରେମୁ ନ ଜାଇ କହି ଜାନହିଁ ଅଲୀଁ ।**
**ବର କୁଅଁରି ସୁଂଦର ସକଲ ସଖୀଁ ଲଓ୍ୱାଇ ଜନଓ୍ୱାସେହି ଚଲୀଁ ॥ ୩ ॥**

ସୀତାଙ୍କୁ ତାଙ୍କ ହାତର ମଣିରେ ସୌନ୍ଦର୍ଯ୍ୟନିଧାନ ଶ୍ରୀରାମଙ୍କ ପ୍ରତିବିମ୍ବ ଦିଶୁଥାଏ । ସେହି ଦର୍ଶନସୁଖରୁ ବଞ୍ଚିତ ହୋଇଯିବା ଭୟରେ ସେ ନିଜର ବାହୁଲତାକୁ ଓ ନୟନଯୁଗଳକୁ ଟିକିଏ ବି ହଲଚଲ କରୁ ନ ଥାନ୍ତି । ସେହି ସମୟର ହସଖେଳ, ବିନୋଦ-ଆନନ୍ଦ ଓ ପ୍ରେମ ତ ଅବର୍ଣ୍ଣନୀୟ; ସେସବୁକୁ ସଖୀମାନେହିଁ ଜାଣନ୍ତି । ପରେ ବରକନ୍ୟାମାନଙ୍କୁ ସୁନ୍ଦରୀ ସଖୀମାନେ ବରଯାତ୍ରୀଙ୍କ ବସାକୁ ନେଇଗଲେ ॥ ୩ ॥

**ତେହି ସମୟ ସୁନିଅ ଅସୀସ ଜହଁ ତହଁ ନଗର ନଭ ଆନଁଦୁ ମହା ।**
**ଚିରୁ ଜିଅହୁଁ ଜୋରୀଁ ଚାରୁ ଚାର୍ୟୋ ମୁଦିତ ମନ ସବହୀଁ କହା ॥**
**ଯୋଗୀଂଦ୍ର ସିଦ୍ଧ ମୁନୀସ ଦେଓ୍ୱ ବିଲୋକି ପ୍ରଭୁ ଦୁଂଦୁଭି ହନୀ ।**
**ଚଲେ ହରଷି ବରଷି ପ୍ରସୂନ ନିଜ ନିଜ ଲୋକ ଜୟ ଜୟ ଜୟ ଭନୀ ॥ ୪ ॥**

ସେତେବେଳେ କି ନଗର, କି ଆକାଶ ଚାରିଆଡ଼େ କେବଳ ଆଶୀର୍ବାଦ ଧ୍ୱନି ଶୁଭୁଥାଏ; ସର୍ବତ୍ର ମହାନ୍ ଆନନ୍ଦ ବ୍ୟାପିଯାଇଥାଏ । ସମସ୍ତେ ପ୍ରସନ୍ନ ଚିତ୍ତରେ କହୁଥାନ୍ତି, ''ଏହି ସୁନ୍ଦର ଚାରିଯୋଡ଼ି ବରକନ୍ୟା ଚିରଞ୍ଜୀବୀ ହୁଅନ୍ତୁ ।'' ଯୋଗୀରାଜ, ସିଦ୍ଧ, ମୁନୀଶ୍ୱର ଓ ଦେବଗଣ ପ୍ରଭୁ ଶ୍ରୀରାମଙ୍କୁ ଦେଖି ଦୁନ୍ଦୁଭି ବଜାଇଲେ ଓ ହର୍ଷିତ ମନରେ ପୁଷ୍ପବୃଷ୍ଟି କରିବାପୂର୍ବକ ଜୟ ଧ୍ୱନି କରି କରି ନିଜ ନିଜ ଲୋକକୁ ଫେରିଗଲେ ॥ ୪ ॥

ଦୋ:- **ସହିତ ବଧୂଟିହ୍ନ କୁଅଁର ସବ ତବ ଆଏ ପିତୁ ପାସ ।**
**ସୋଭା ମଂଗଲ ମୋଦ ଭରି ଉମଗେଉ ଜନୁ ଜନଓ୍ୱାସ ॥ ୩୨୭ ॥**

ତା'ପରେ ଚାରିକୁମାର ନିଜ ନିଜ ବଧୂମାନଙ୍କ ସହିତ ପିତାଙ୍କ ନିକଟକୁ ଗଲେ । ବରଯାତ୍ରୀଙ୍କ ବସାଘର ଜାଣନ୍ତୁ ସୌନ୍ଦର୍ଯ୍ୟ, ଶୋଭା, ମଙ୍ଗଳ ଓ ଆନନ୍ଦରେ ଉଚ୍ଛୁଳିଉଠିଲା ॥ ୩୨୭॥

**ପୁନି ଜେଓ୍ୱନାର ଭଈ ବହୁ ଭାଁତୀ । ପଠଏ ଜନକ ବୋଲାଇ ବରାତୀ ॥**
**ପରତ ପାଁଓ୍ୱଡ଼େ ବସନ ଅନୂପା । ସୁତହ୍ନ ସମେତ ଗଓ୍ୱନ କିୟୋ ଭୂପା ॥ ୧ ॥**

ଏଣେ ବିଭିନ୍ନପ୍ରକାର ଖାଦ୍ୟ ପ୍ରସ୍ତୁତ ହେଲା । ଜନକ ବରଯାତ୍ରୀମାନଙ୍କୁ ଭୋଜନ ପାଇଁ ଡକାଇପଠାଇଲେ । ରାଜା ଦଶରଥ ପୁତ୍ରମାନଙ୍କ ସହିତ ଆସିଲେ। ଅନୁପମ ବସ୍ତ୍ରରେ ନିର୍ମିତ ଗାଲିଚା ପଡ଼ିଥାଏ ॥ ୧ ॥

**ସାଦର ସବ କେ ପାୟ ପଖାରେ । ଜଥାଜୋଗୁ ପୀଢ଼ହ୍ନ ବୈଠାରେ ॥**
**ଧୋଏ ଜନକ ଅଓ୍ୱଧପତି ଚରନା । ସୀଲୁ ସନେହୁ ଜାଇ ନହିଁ ବରନା ॥ ୨ ॥**

ଆଦର ସହିତ ସମସ୍ତଙ୍କର ପାଦ ଧୋଇଦେଇ ସେମାନଙ୍କୁ ଯଥାଯୋଗ୍ୟ ଆସନରେ ବସାଗଲା । ତା'ପରେ ଜନକ ମହାରାଜ ଦଶରଥଙ୍କ ଚରଣ ଧୋଇଦେଲେ । ତାଙ୍କର ସ୍ନେହ ଓ ପ୍ରୀତି ଥିଲା ଅବର୍ଣ୍ଣନୀୟ ॥ ୨ ॥

**ବହୁରି ରାମ ପଦ ପଂକଜ ଧୋଏ । ଜେ ହର ହୃଦୟ କମଲ ମହୁଁ ଗୋଏ ॥**
**ତୀନିଉ ଭାଇ ରାମ ସମ ଜାନୀ । ଧୋଏ ଚରନ ଜନକ ନିଜ ପାନୀ ॥ ୩ ॥**

ତା'ପରେ ଜନକ ମହାରାଜ ଶ୍ରୀରାମଙ୍କ ଚରଣକମଳ ଧୋଇଦେଲେ, ଯାହା କି ଶିବଙ୍କ ହୃଦୟକମଳରେ ଲୁକ୍କାୟିତ ଥାଏ । ଅନ୍ୟ ତିନିଭାଇଙ୍କୁ ବି ଶ୍ରୀରାମଙ୍କ ସହ ସମାନ ମଣି ସେମାନଙ୍କ ଚରଣ ମଧ୍ୟ ସେ ନିଜହାତରେ ଧୋଇଦେଲେ ॥ ୩ ॥

**ଆସନ ଉଚିତ ସବହି ନୃପ ଦୀହ୍ନେ । ବୋଲି ସୂପକାରୀ ସବ ଲୀହ୍ନେ ॥**
**ସାଦର ଲଗେ ପରନ ପନଓ୍ୱାରେ । କନକ କୀଲ ମନି ପାନ ସଁଓ୍ୱାରେ ॥ ୪ ॥**

ରାଜା ସମସ୍ତଙ୍କୁ ଉଚିତ ଆସନରେ ବସାଇଲେ ଏବଂ ପରିବେଷଣକାରୀଙ୍କୁ ଡକାଇଲେ । ବଡ଼ ଆଦର ସହକାରେ ପତ୍ର ଲାଗିଲା । ମଣିପତ୍ରକୁ ସୁନାଖଡ଼ିକାରେ ସିଇଁ ଖଲି ତିଆରି କରାଯାଇଥିଲା ॥ ୪ ॥

ଦୋଃ- **ସୂପୋଦନ ସୁରଭୀ ସରପି ସୁଂଦର ସ୍ୱାଦୁ ପୁନୀତ ।**
**ଛନ ମହୁଁ ସବ କେଁ ପରୁସି ଗେ ଚତୁର ସୁଆର ବିନୀତ ॥ ୩୨୮ ॥**

ଚତୁର ଓ ବିନୟୀ ସୁଆରମାନେ କ୍ଷଣକମଧ୍ୟରେ ସମସ୍ତଙ୍କୁ ସୁନ୍ଦର, ସ୍ୱାଦିଷ୍ଟ ଓ ପବିତ୍ର ଅନ୍ନ, ଡାଲି, ଗୁଆଘିଅ ଇତ୍ୟାଦି ପରଷିଦେଲେ ॥ ୩୨୮॥

**ପଂଚ କଓ୍ୱଲ କରି ଜେଓ୍ୱନ ଲାଗେ । ଗାରି ଗାନ ସୁନି ଅତି ଅନୁରାଗେ ॥**
**ଭାଁତି ଅନେକ ପରେ ପକଓ୍ୱାନେ । ସୁଧା ସରିସ ନହିଁ ଜାହିଁ ବଖାନେ ॥ ୧ ॥**

ସମସ୍ତେ ପଞ୍ଚଗ୍ରାସ କରି (ଅର୍ଥାତ୍ ପ୍ରାଣାୟ ସ୍ୱାହା, ଅପାନାୟ ସ୍ୱାହା, ବ୍ୟାନାୟ ସ୍ୱାହା, ଉଦାନାୟ ସ୍ୱାହା ଓ ସମାନାୟ ସ୍ୱାହା—ଏହି ମନ୍ତ୍ର ଉଚ୍ଚାରଣପୂର୍ବକ ପ୍ରଥମ ପଞ୍ଚଗ୍ରାସ ନେଇ) ଭୋଜନ ଆରମ୍ଭ କଲେ । ଥଟ୍ଟାପରିହାସବ୍ୟଞ୍ଜକ ଗୀତ ଶୁଣି ଶୁଣି ସମସ୍ତେ ଅତ୍ୟନ୍ତ ପ୍ରେମମଗ୍ନ ହୋଇଗଲେ । ଏତେପ୍ରକାର ଅମୃତସମାନ ପଦାର୍ଥ ପରଷାଗଲା ଯେ, ତାହା ବର୍ଣ୍ଣନା କରିହେବ ନାହିଁ ॥ ୧ ॥

**ପରୁସନ ଲଗେ ସୁଆର ସୁଜାନା । ବିଂଜନ ବିବିଧ ନାମ କୋ ଜାନା ॥**
**ଚାରି ଭାଁତି ଭୋଜନ ବିଧି ଗାଈ । ଏକ ଏକ ବିଧି ବରନି ନ ଜାଈ ॥ ୨ ॥**

ଚତୁର ସୁଆରମାନେ ନାନାପ୍ରକାର ବ୍ୟଞ୍ଜନ ପରଷିବାକୁ ଲାଗିଲେ; ସେସବୁର ନାମ କିଏ ବା ଜାଣେ ! ଖାଦ୍ୟ ଚାରିପ୍ରକାର ବୋଲି କୁହାଯାଇଛି; (ଯଥା–ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ ଅର୍ଥାତ୍ ଚୋବେଇ ଖାଇବା, ଚୁଚୁମି ଖାଇବା, ଚାଟି ଖାଇବା ଓ ପିଇବା ।) ପ୍ରତ୍ୟେକପ୍ରକାର ଖାଦ୍ୟରୁ କେତେପ୍ରକାର ଖାଦ୍ୟଦ୍ରବ୍ୟ ଯେ ତିଆରି ହୋଇଥାଏ, ତାହାର ବର୍ଣ୍ଣନା କରିହେବ ନାହିଁ ॥ ୨ ॥

**ଛରସ ରୁଚିର ବିଂଜନ ବହୁ ଜାତୀ । ଏକ ଏକ ରସ ଅଗନିତ ଭାଁତୀ ॥**
**ଜେଓଁତ ଦେହିଁ ମଧୁର ଧୁନି ଗାରୀ । ଲୈ ଲୈ ନାମ ପୁରୁଷ ଅରୁ ନାରୀ ॥ ୩ ॥**

ଷଡ଼ରସର ବିଭିନ୍ନପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ । ଗୋଟିଏ ଗୋଟିଏ ରସର ଅଗଣିତପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ । ଭୋଜନ ଚାଲିଥିବା ସମୟରେ ପୁରୁଷ ଓ ସ୍ତ୍ରୀମାନଙ୍କ ନାମ ଧରି ନାରୀମାନେ ମଧୁର ଧ୍ୱନିରେ ଗାଳିଗୀତ (ପରିହାସ ବ୍ୟଞ୍ଜକ ଢଗଢମାଳି) ଗାଉଥାନ୍ତି ॥ ୩ ॥

**ସମୟ ସୁହାଵନି ଗାରି ବିରାଜା । ହଁସତ ରାଉ ସୁନି ସହିତ ସମାଜା ॥**
**ଏହି ବିଧି ସବହୀଁ ଭୋଜନୁ କୀହ୍ନା । ଆଦର ସହିତ ଆଚମନୁ ଦୀହ୍ନା ॥ ୪ ॥**

ସମୟାନୁକୂଳ ହୋଇଥିବାରୁ ଗାଳି ମଧ୍ୟ ଭଲ ଲାଗୁଥାଏ । ତାହା ଶୁଣି ଅନ୍ୟମାନଙ୍କ ସହିତ ଦଶରଥ ମହାରାଜ ବି ହସୁଥାନ୍ତି । ଏପରିଭାବରେ ସମସ୍ତେ ଭୋଜନ କରିସାରିବା ପରେ ଆଚମନପାଇଁ (ମୁହଁହାତ ଧୋଇବାପାଇଁ) ଜଳ ଦିଆଗଲା ॥ ୪ ॥

ଦୋଃ- **ଦେଇ ପାନ ପୂଜେ ଜନକ ଦସରଥୁ ସହିତ ସମାଜ ।**
**ଜନଵାସେହି ଗଵନେ ମୁଦିତ ସକଲ ଭୂପ ସିରତାଜ ॥ ୩୨୯ ॥**

ତା'ପରେ ତାମ୍ବୁଳ (ପାନ, ଗୁଆ ଆଦି ମୁଖବାସ) ଦେଇ ଜନକ ମହାରାଜ ସମସ୍ତ ବରଯାତ୍ରୀଙ୍କ ସମେତ ଦଶରଥଙ୍କୁ ସମ୍ମାନିତ କଲେ । ସକଳ ରାଜାଙ୍କ ମଉଡ଼ମଣି ଦଶରଥ ମହାରାଜ ପ୍ରସନ୍ନ ହୋଇ ବରନିବାସକୁ ଫେରିଲେ ॥ ୩୨୯ ॥

**ନିତ ନୂତନ ମଂଗଲ ପୁର ମାହୀଁ । ନିମିଷ ସରିସ ଦିନ ଜାମିନି ଜାହୀଁ ॥**
**ବଡ଼େ ଭୋର ଭୂପତିମନି ଜାଗେ । ଜାଚକ ଗୁନ ଗନ ଗାଵନ ଲାଗେ ॥ ୧ ॥**

ଜନକପୁରରେ ନିତ୍ୟନୂତନ ମଙ୍ଗଳୋତ୍ସବ ଅନୁଷ୍ଠିତ ହେଉଥାଏ । ପଲକପାତ ପରି (ଆନନ୍ଦ ଉଲ୍ଲାସ ମଧ୍ୟରେ) ଦିନରାତି ବିତି ଯାଉଥାଏ । ଦିନେ ରାଜଶିରୋମଣି ଦଶରଥ ପ୍ରାତଃକାଳରେ ଶେଯରୁ ଉଠିପଡ଼ିଲେ । ଯାଚକମାନେ ତାଙ୍କର ଗୁଣ ଓ କୀର୍ତ୍ତିଗାଥା ଗାଇବାକୁ ଲାଗିଲେ ॥ ୧ ॥

**ଦେଖି କୁଅଁର ବର ବଧୁହ୍ନ ସମେତା । କିମି କହି ଜାତ ମୋଦୁ ମନ ଜେତା ॥**
**ପ୍ରାତକ୍ରିୟା କରି ଗେ ଗୁରୁ ପାହୀଁ । ମହା ପ୍ରମୋଦୁ ପ୍ରେମୁ ମନ ମାହୀଁ ॥ ୨ ॥**

ଚାରିପୁଅଙ୍କୁ ସୁନ୍ଦରୀ ବୋହୂମାନଙ୍କ ସହିତ ଦେଖି ରାଜାଙ୍କ ମନରେ ଯେଉଁ ଆନନ୍ଦ ଜାତ ହେଲା, ତାହା କିପରି ବା ବର୍ଣ୍ଣନା କରିହେବ ! ସେ ପ୍ରାତଃକ୍ରିୟା ଶେଷ କରି ଗୁରୁ ବଶିଷ୍ଠଙ୍କ ନିକଟକୁ ଗଲେ । ତାଙ୍କ ମନ ପରମ ଆନନ୍ଦ ଓ ପ୍ରେମରେ ପୂର୍ଣ୍ଣ ହୋଇ ରହିଥାଏ ॥ ୨ ॥

**କରି ପ୍ରନାମୁ ପୂଜା କର ଜୋରୀ । ବୋଲେ ଗିରା ଅମିଅଁ ଜନୁ ବୋରୀ ॥**
**ତୁହ୍ମରୀ କୃପାଁ ସୁନହୁ ମୁନିରାଜା । ଭୟଉଁ ଆଜୁ ମୈଁ ପୂରନକାଜା ॥ ୩ ॥**

ଗୁରୁଙ୍କୁ ପ୍ରଣାମ ଓ ପୂଜା କରି, କରପତ୍ର ଯୋଡ଼ି ରାଜା ଅମୃତସିକ୍ତ ବାଣୀ କହିଲେ, ''ହେ ମୁନିରାଜ ! ଶୁଣନ୍ତୁ, ଆପଣଙ୍କ କୃପାରୁ ଏଥର ମୁଁ ପୂର୍ଣ୍ଣକାମ ହୋଇଗଲି ॥ ୩ ॥

**ଅବ ସବ ବିପ୍ର ବୋଲାଇ ଗୋସାଇଁ । ଦେହୁ ଧେନୁ ସବ ଭାଁତି ବନାଇଁ ॥**
**ସୁନି ଗୁର କରି ମହିପାଲ ବଡ଼ାଈ । ପୁନି ପଠଏ ମୁନିବୃଂଦ ବୋଲାଈ ॥ ୪ ॥**

ହେ ସ୍ୱାମିନ୍ ! ଏଥର ସବୁ ବ୍ରାହ୍ମଣଙ୍କୁ ଡକାଇ ସେମାନଙ୍କୁ ସକଳପ୍ରକାରେ [ବସ୍ତ୍ରାଳଂକାରରେ] ସଜ୍ଜିତ ଗୋ-ଦାନ କରାନ୍ତୁ (ଅର୍ଥାତ୍ ଗୋ-ଦାନପାଇଁ ଆଦେଶ ଦିଅନ୍ତୁ) ।'' ଏହା ଶୁଣି, ଗୁରୁ ରାଜାଙ୍କୁ ପ୍ରଶଂସା କରି ମୁନିମାନଙ୍କୁ ଡକାଇଲେ ॥ ୪ ॥

ଦୋଃ- **ବାମଦେଉ ଅରୁ ଦେଓ୍ୱରିଷି ବାଲମୀକି ଜାବାଲି ।**
**ଆଏ ମୁନିବର ନିକର ତବ କୌସିକାଦି ତପସାଲି ॥ ୩୩୦ ॥**

ଡାକରା ପାଇ ଗୁରୁ ବାମଦେବ, ଦେବର୍ଷି ନାରଦ, ବାଲ୍ମୀକି, ଜାବାଲି ଏବଂ ବିଶ୍ୱାମିତ୍ର ଆଦି ତପୋନିଷ୍ଠ ମୁନିମାନେ ଦଳ ଦଳ ହୋଇ ଆସି ପହଞ୍ଚିଗଲେ ॥ ୩୩୦ ॥

**ଦଂଡ଼ ପ୍ରନାମ ସବହି ନୃପ କୀହ୍ନେ । ପୂଜି ସପ୍ରେମ ବରାସନ ଦୀହ୍ନେ ॥**
**ଚ୍ୱରି ଲଚ୍ଛ ବର ଧେନୁ ମଗାଇଁ । କାମ ସୁରଭି ସମ ସୀଲ ସୁହାଇଁ ॥ ୧ ॥**

ରାଜା ସମସ୍ତଙ୍କୁ ଦଣ୍ଡବତ୍ ପ୍ରଣାମ କଲେ ଏବଂ ଶ୍ରଦ୍ଧାର ସହିତ ସମସ୍ତଙ୍କୁ ପୂଜା କରି ଉତ୍ତମ ଆସନ ପ୍ରଦାନ କଲେ । ତା'ପରେ କାମଧେନୁସମାନ ଚ୍ୱରିଲକ୍ଷ ଶାନ୍ତଶିଷ୍ଟ ଉତ୍ତମ ଗାଈ ମଗାଇଲେ ॥ ୧ ॥

**ସବ ବିଧି ସକଲ ଅଲଂକୃତ କୀହ୍ନୀ । ମୁଦିତ ମହିପ ମହିଦେଓ୍ୱହ୍ନ ଦୀହ୍ନୀ ॥**
**କରତ ବିନୟ ବହୁ ବିଧି ନରନାହୂ । ଲହେଉଁ ଆଜୁ ଜଗ ଜୀଓ୍ୱନ ଲାହୂ ॥ ୨ ॥**

ସେହି ଗାଈମାନଙ୍କୁ ଆଭୂଷଣ ଓ ବସ୍ତ୍ରଦ୍ୱାରା ଭଲରୂପେ ସଜାଇ ରାଜା ପ୍ରସନ୍ନଚିତ୍ତରେ ବ୍ରାହ୍ମଣମାନଙ୍କୁ ଦାନ କଲେ । ରାଜା ବହୁପ୍ରକାରେ ବିନୟ ପ୍ରକାଶ କରି କହିଲେ, ''ମୁଁ ଆଜି ମନୁଷ୍ୟଜନ୍ମର ଲାଭ ପାଇଗଲି ।'' ॥ ୨ ॥

**ପାଇ ଅସୀସ ମହୀସୁ ଅନଂଦା । ଲିଏ ବୋଲି ପୁନି ଜାଚକ ବୃଂଦା ॥**
**କନକ ବସନ ମନି ହୟ ଗୟ ସ୍ୟଂଦନ । ଦିଏ ବୂଝି ରୁଚି ରବିକୁଲନଂଦନ ॥ ୩ ॥**

ବ୍ରାହ୍ମଣମାନଙ୍କର ଆଶୀର୍ବାଦ ଲାଭ କରି ରାଜା ଆନନ୍ଦିତ ହୋଇଗଲେ । ତହୁଁ ସେ ଯାଚକମାନଙ୍କୁ ଡକାଇଲେ । ଜଣ ଜଣ କରି ସେମାନଙ୍କୁ ସେମାନଙ୍କର ରୁଚି ପଚ୍ୱରିଲେ ଏବଂ ପ୍ରତ୍ୟେକଙ୍କ ରୁଚି-ଅନୁରୂପ ସୁବର୍ଣ୍ଣ, ବସ୍ତ୍ର, ମଣି, ଅଶ୍ୱ, ହସ୍ତୀ, ରଥ ଆଦି ଯେ ଯାହା ଚ୍ୱହିଁଲା, ସୂର୍ଯ୍ୟବଂଶର ଆନନ୍ଦକାରୀ ଦଶରଥ ତାକୁ ତାହା ଦେଲେ ॥ ୩ ॥

**ଚଲେ ପଢ଼ତ ଗାଓ୍ୱତ ଗୁନ ଗାଥା । ଜୟ ଜୟ ଜୟ ଦିନକର କୁଲ ନାଥା ॥**
**ଏହି ବିଧି ରାମ ବିଆହ ଉଛାହୂ । ସକଇ ନ ବରନି ସହସ ମୁଖ ଜାହୂ ॥ ୪ ॥**

ସେମାନେ 'ସୂର୍ଯ୍ୟବଂଶର ସ୍ୱାମୀଙ୍କର ଜୟ ହେଉ, ଜୟ ହେଉ, ଜୟ ହେଉ', ଏଭଳି ଗୁଣଗାନ କରି ଚ୍ୱଲିଲେ । ଏପରିଭାବରେ ଶ୍ରୀରାମଙ୍କର ବିବାହ ଉତ୍ସବ ସମ୍ପନ୍ନ ହେଲା । ସେହି ଉତ୍ସବର ରୀତିକୁ ଶେଷଦେବ ତାଙ୍କ ସହସ୍ର ମୁଖରେ ବି ବର୍ଣ୍ଣନା କରିପାରିବେ ନାହିଁ ॥ ୪ ॥

ଦୋଃ- **ବାର ବାର କୌସିକ ଚରନ ସୀସୁ ନାଇ କହ ରାଉ ।**
**ୟହ ସବୁ ସୁଖୁ ମୁନିରାଜ ତଓ୍ୱ କୃପା କଟାଚ୍ଛ ପସାଉ ॥ ୩୩୧ ॥**

ବିଶ୍ୱାମିତ୍ରଙ୍କ ଚରଣରେ ବାରମ୍ବାର ଶିର ନତ କରି ରାଜା କହିବାକୁ ଲାଗିଲେ, ''ହେ ମୁନିରାଜ ! ଏହିସବୁ ସୁଖ କେବଳ ଆପଣଙ୍କ କୃପାକଟାକ୍ଷର ପ୍ରସାଦ ।'' ॥ ୩୩୧ ॥

**ଜନକ ସନେହୁ ସୀଲୁ କରତୂତୀ । ନୃପୁ ସବ ଭାଁତି ସରାହ ବିଭୂତୀ ॥**
**ଦିନ ଉଠି ବିଦା ଅୱ୍‌ଧପତି ମାଗା । ରାଖହିଁ ଜନକୁ ସହିତ ଅନୁରାଗା ॥ ୧ ॥**

ରାଜା ଦଶରଥ ସବୁବେଳେ ଜନକଙ୍କ ସ୍ନେହ, ଶୀଳ, କୃତିତ୍ୱ ଓ ଐଶ୍ୱର୍ଯ୍ୟକୁ ସବୁଦୃଷ୍ଟିରୁ ପ୍ରଶଂସା କରୁଥାନ୍ତି । ପ୍ରତିଦିନ ପ୍ରଭାତରୁ ଉଠି ଅଯୋଧ୍ୟାନରେଶ ବିଦାୟ ମାଗୁଥାନ୍ତି; କିନ୍ତୁ ଜନକ ତାଙ୍କୁ ନିଜର ପ୍ରେମବଳରେ ଅଟକାଇ ରଖିଥାଆନ୍ତି ॥ ୧ ॥

**ନିତ ନୂତନ ଆଦରୁ ଅଧିକାଈ । ଦିନ ପ୍ରତି ସହସ ଭାଁତି ପହୁନାଈ ॥**
**ନିତ ନୱ ନଗର ଅନଂଦ ଉଛାହୂ । ଦସରଥ ଗୱନୁ ସୋହାଇ ନ କାହୂ ॥ ୨ ॥**

ନିତ୍ୟନୂତନଭାବରେ ଆଦର ବଢ଼ିଚାଲିଲା । ପ୍ରତିଦିନ ସହସ୍ରପ୍ରକାରେ ଆତିଥ୍ୟ ହେଉଥାଏ । ନଗରରେ ପ୍ରତିଦିନ ନୂତନ ଆନନ୍ଦ ଉତ୍ସାହ ପ୍ରକାଶ ପାଉଥାଏ । ଦଶରଥ ଚାଲିଯାଆନ୍ତୁ ବୋଲି କେହି ଚାହୁଁ ନ ଥାନ୍ତି ॥ ୨ ॥

**ବହୁତ ଦିୱସ ବୀତେ ଏହି ଭାଁତି । ଜନୁ ସନେହ ରଜୁ ବଁଧେ ବରାତୀ ॥**
**କୌସିକ ସତାନଂଦ ତବ ଜାଈ । କହା ବିଦେହ ନୃପହି ସମୁଝାଈ ॥ ୩ ॥**

ଏପରିଭାବରେ ବହୁତଦିନ ବିତିଗଲା ; ଜାଣନ୍ତୁ, ବରଯାତ୍ରୀମାନେ ସ୍ନେହଡୋରିରେ ବାନ୍ଧିହୋଇଗଲେ । ଶେଷରେ ବିଶ୍ୱାମିତ୍ର ଓ ଶତାନନ୍ଦ ଯାଇ ରାଜା ଜନକଙ୍କୁ ବୁଝାଇ କହିଲେ, ॥ ୩ ॥

**ଅବ ଦସରଥ କହଁ ଆୟସୁ ଦେହୂ । ଜଦ୍ୟପି ଛାଡ଼ି ନ ସକହୁ ସନେହୂ ॥**
**ଭଲେହିଁ ନାଥ କହି ସଚିୱ ବୋଲାଏ । କହି ଜୟ ଜୀୱ ସୀସ ତିନ୍ହ ନାଏ ॥ ୪ ॥**

''ଯଦ୍ୟପି ଆପଣ ସ୍ନେହବଶତଃ ତାଙ୍କୁ ଛାଡ଼ିପାରୁନାହାନ୍ତି, ତଥାପି ଏଥର ଦଶରଥଙ୍କୁ ଯିବାପାଇଁ ଆଜ୍ଞା ଦିଅନ୍ତୁ ।'' ''ହେଉ ପ୍ରଭୁ ; ଭଲ କଥା କହିଲେ ।'' ବୋଲି କହି ଜନକ ମନ୍ତ୍ରୀମାନଙ୍କୁ ଡକାଇଲେ । ସେମାନେ ଆସି ''ମହାରାଜଙ୍କର ଜୟ ହେଉ !'' କହି ମସ୍ତକ ଅବନତ କଲେ ॥ ୪ ॥

ଦୋ:- **ଅୱଧନାଥୁ ଚହତ ଚଲନ ଭୀତର କରହୁ ଜନାଉ ।**
**ଭଏ ପ୍ରେମବସ ସଚିୱ ସୁନି ବିପ୍ର ସଭାସଦ ରାଉ ॥ ୩୩୨ ॥**

[ଜନକ କହିଲେ,] ''ଅଯୋଧ୍ୟାନାଥ ଚାଲିଯିବାକୁ ଚାହୁଁଛନ୍ତି; ଆପଣମାନେ ଭିତରକୁ (ରାଣୀ ଉଆସକୁ) ଖବର ଦେଇଦିଅନ୍ତୁ ।'' ଏହା ଶୁଣି ମନ୍ତ୍ରୀ, ବ୍ରାହ୍ମଣ, ସଭାସଦ୍ ଓ ନିଜେ ରାଜା ଜନକ ମଧ୍ୟ ଭାବାବିଷ୍ଟ ହୋଇପଡ଼ିଲେ ॥ ୩୩୨॥

**ପୁରବାସୀ ସୁନି ଚଲିହି ବରାତା । ବୂଝତ ବିକଲ ପରସ୍ପର ବାତା ॥**
**ସତ୍ୟ ଗୱନୁ ସୁନି ସବ ବିଲଖାନେ । ମନହୁଁ ସାଁଝ ସରସିଜ ସକୁଚାନେ ॥ ୧ ॥**

ବରଯାତ୍ରୀମାନେ ଏଥର ଫେରିଯିବେ ଶୁଣି, ଜନକପୁରବାସୀ ବ୍ୟାକୁଳ ହୋଇଗଲେ । ସତ କଥାଟା କ'ଣ ବୋଲି ଲୋକେ ପଚରାପଚରି ହେଲେ । ଫେରିବା କଥାଟା ସତ୍ୟ ବୋଲି ଶୁଣି, ସମସ୍ତେ ସନ୍ଧ୍ୟା ଆଗମନରେ ପଦ୍ମ ମଉଳିଯିବାପରି ବିଷଣ୍ଣ ହୋଇଗଲେ ॥ ୧ ॥

**ଜହଁ ଜହଁ ଆୱ୍ୱତ ବସେ ବରାତୀ । ତହଁ ତହଁ ସିଦ୍ଧ ଚଲା ବହୁ ଭାଁତୀ ॥**
**ବିବିଧ ଭାଁତି ମେୱ୍ୱା ପକୱ୍ୱାନା । ଭୋଜନ ସାଜୁ ନ ଜାଇ ବଖାନା ॥ ୨ ॥**

ଆସିବାବେଳେ ବରଯାତ୍ରୀମାନେ ଯେଉଁ ଯେଉଁ ସ୍ଥାନରେ ରହି ବିଶ୍ରାମ ନେଇଥିଲେ, ସେହି ସେହି ସ୍ଥାନକୁ ବିଭିନ୍ନପ୍ରକାର ସଞ୍ଚା (ରନ୍ଧନସାମଗ୍ରୀ) ପଠାଗଲା । ଅନେକପ୍ରକାର ମେବା (ଖଜୁରୀ, କିସ୍‌ମିସ୍, ବାଦାମ, ଅଖରୋଟ୍ ପ୍ରଭୃତି ଶୁଖିଲା ଫଳ) ଓ ପକ୍ୱାନ୍ନ ଜାତୀୟ ଖାଦ୍ୟଦ୍ରବ୍ୟ ମଧ୍ୟ ପଠାଗଲା; ସେସବୁର ବର୍ଣ୍ଣନା ଅସମ୍ଭବ ॥ ୨ ॥

**ଭରି ଭରି ବସହଁ ଅପାର କହାରା । ପଠଇଁ ଜନକ ଅନେକ ସୁସାରା ॥**
**ତୁରଗ ଲାଖ ରଥ ସହସ ପଚୀସା । ସକଲ ସଁୱ୍ୱାରେ ନଖ ଅରୁ ସୀସା ॥ ୩ ॥**

ଅସଂଖ୍ୟ ବଳଦଙ୍କ ପିଠିରେ ଓ ଭାରୁଆମାନଙ୍କ ଦ୍ୱାରା ଏସବୁ ସାମଗ୍ରୀ ପଠାଗଲା । ତାହା ସହିତ ଜନକ ମହାରାଜ ଅନେକ ସୁନ୍ଦର ଶଯ୍ୟାସାମଗ୍ରୀ ମଧ୍ୟ ପଠାଇଲେ । ପଚିଶ ହଜାର ସୁସଜ୍ଜିତ ରଥ ଓ ଲକ୍ଷେ ଘୋଡ଼ା ମଧ୍ୟ ପଠାଇଲେ ॥ ୩ ॥

**ମତ୍ତ ସହସ ଦସ ସିଂଧୁର ସାଜେ । ଜିହ୍ନହି ଦେଖି ଦିସିକୁଂଜର ଲାଜେ ॥**
**କନକ ବସନ ମନି ଭରି ଭରି ଜାନା । ମହିଷୀଁ ଧେନୁ ବସ୍ତୁ ବିଧି ନାନା ॥ ୪ ॥**

ଯେଉଁ ହାତୀଙ୍କୁ ଦେଖିଲେ ଦିଗ୍‌ଗଜମାନେ ବି ଦେଖି ଲଜ୍ଜିତ ହୋଇଯିବେ, ସେପରି ଦଶହଜାର ସୁସଜ୍ଜିତ ମତ୍ତହସ୍ତୀ, ଗାଡ଼ି ଗାଡ଼ି ସୁନା, ଲୁଗାପଟା ଓ ରତ୍ନ, ଗାଈ, ମଇଁଷୀ ଏବଂ ନାନାପ୍ରକାର ପଦାର୍ଥ ମଧ୍ୟ ପଠାଇଲେ ॥ ୪ ॥

ଦୋ:- **ଦାଇଜ ଅମିତ ନ ସକିଅ କହି ଦୀହ୍ନ ବିଦେହଁ ବହୋରି ।**
**ଜୋ ଅୱ୍ୱଲୋକତ ଲୋକପତି ଲୋକ ସଂପଦା ଥୋରି ॥ ୩୩୩ ॥**

[ଏହାଛଡ଼ା] ଜନକ ପୁଣି ଯେଉଁ ଅପରିମିତ ଯୌତୁକ ଦେଲେ, ତାହା କଥାରେ କହିହେବ ନାହିଁ ; ତାହା ଦେଖିଲେ ଲୋକପାଳମାନଙ୍କର ବିଭିନ୍ନ ଲୋକର ସମ୍ପତ୍ତି ମଧ୍ୟ ତା'ଠାରୁ କମ୍ ମନେହେବ ॥ ୩୩୩ ॥

**ସବୁ ସମାଜୁ ଏହି ଭାଁତି ବନାଈ । ଜନକ ଅୱ୍ୱଧପୁର ଦୀହ୍ନ ପଠାଈ ॥**
**ଚଲିହି ବରାତ ସୁନତ ସବ ରାନୀ । ବିକଲ ମୀନଗନ ଜନୁ ଲଘୁ ପାନୀ ॥ ୧ ॥**

ଏହିପରି ସମସ୍ତ ପଦାର୍ଥ ସଜାଇ ରାଜା ଜନକ ତାହା ଅଯୋଧ୍ୟାପୁରୀକୁ ପଠାଇଦେଲେ । ବରଯାତ୍ରୀମାନେ ଫେରିଯିବେ ବୋଲି ଶୁଣିଦେବାକ୍ଷଣି ସବୁରାଣୀ ପାଣି ଶୁଖିଆସିଲେ ମାଛମାନେ ଛଟପଟ ହେଲାପରି ବିକଳ ହୋଇଉଠିଲେ ॥ ୧ ॥

**ପୁନି ପୁନି ସୀୟ ଗୋଦ କରି ଲେହୀଁ । ଦେଇ ଅସୀସ ସିଖାୱ୍ୱନୁ ଦେହୀଁ ॥**
**ହୋଏହୁ ସଂତତ ପିୟହି ପିଆରୀ । ଚିରୁ ଅହିବାତ ଅସୀସ ହମାରୀ ॥ ୨ ॥**

ସେମାନେ ବାରମ୍ବାର ସୀତାଙ୍କୁ କୋଳ କରି, ଆଶୀର୍ବାଦ ଦେଇ ବୁଝାଇଲେ, "ମାଆ ଲୋ, ତୁ ସବୁବେଳେ ପତିଙ୍କର ପ୍ରିୟା ହୁଅ ! ତୁ ଅହ୍ୟସୁଲକ୍ଷଣୀ ହୁଅ ! ତୋତେ ଆମର ଏହାହିଁ ଆଶୀର୍ବାଦ ॥ ୨ ॥

**ସାସୁ ସସୁର ଗୁର ସେୱ୍ୱା କରେହୂ । ପତି ରୁଖ ଲଖି ଆୟସୁ ଅନୁସରେହୂ ॥**
**ଅତି ସନେହ ବସ ସଖୀଁ ସୟାନୀ । ନାରି ଧରମ ସିଖୱ୍ୱହିଁ ମୃଦୁ ବାନୀ ॥ ୩ ॥**

ଶାଶୁ, ଶ୍ୱଶୁର ଓ ଗୁରୁଜନଙ୍କ ସେବା କରିବୁ । ପତିଙ୍କ ମନ ଜାଣି ତାଙ୍କ ଆଦେଶ ପାଳନ କରୁଥିବୁ ।" ଚତୁରୀ ସଖୀମାନେ ଅତ୍ୟନ୍ତ ସ୍ନେହବଶ ହୋଇ ତାଙ୍କୁ ବିନମ୍ରଭାବରେ ସ୍ତ୍ରୀଧର୍ମ ସମ୍ବନ୍ଧରେ ଶିକ୍ଷା ଦେଲେ ॥ ୩ ॥

**ସାଦର ସକଲ କୁଅଁରି ସମୁଝାଈଁ । ରାନିହ୍ନ ବାର ବାର ଉର ଲାଈଁ ॥**
**ବହୁରି ବହୁରି ଭେଟହିଁ ମହତାରୀଁ । କହହିଁ ବିରଂଚି ରଚୀଁ କତ ନାରୀଁ ॥ ୪ ॥**

ରାଣୀମାନେ ଝିଅଙ୍କୁ ଆଦରର ସହିତ [ସ୍ତ୍ରୀମାନଙ୍କର ଧର୍ମ] ଶିଖାଇ ବାରମ୍ବାର ଆଲିଙ୍ଗନ କଲେ । ମାଆମାନେ ବାରମ୍ବାର ଝିଅଙ୍କୁ ଧରି କହିବାକୁ ଲାଗିଲେ, ''ବିଧାତା କାହିଁକି ଏ ସ୍ତ୍ରୀଜାତି ଗଢ଼ିଲା ଭଲା !'' ॥ ୪ ॥

ଦୋ:- **ତେହି ଅଓ୍ୱସର ଭାଇହ୍ନ ସହିତ ରାମୁ ଭାନୁ କୁଲ କେତୁ ।**
**ଚଲେ ଜନକ ମଂଦିର ମୁଦିତ ବିଦା କରାଓ୍ୱନ ହେତୁ ॥ ୩୩୪ ॥**

ଏତିକିବେଳେ ଭାନୁକୁଳକେତୁ ଶ୍ରୀରାମ ବିଦାୟ ନେବାପାଇଁ ଭାଇମାନଙ୍କ ସହିତ ପ୍ରସନ୍ନଚିତ୍ତରେ ଜନକଙ୍କ ନଅରକୁ ଚାଲିଲେ ॥ ୩୩୪ ॥

**ଚାରିଉ ଭାଇ ସୁଭାୟଁ ସୁହାଏ । ନଗର ନାରି ନର ଦେଖନ ଧାଏ ॥**
**କୋଉ କହ ଚଲନ ଚହତ ହହିଁ ଆଜୂ । କୀହ୍ନ ବିଦେହ ବିଦା କର ସାଜୂ ॥ ୧ ॥**

ସ୍ୱଭାବସୁନ୍ଦର ସେହି ଚାରିଭାଇଙ୍କୁ ଦେଖିବା ନିମନ୍ତେ ନଗରର ନରନାରୀ ଧାଇଁ ଆସିଲେ । କିଏ କହିଲା, ''ଏମାନେ ଆଜି ଚାଲିଯିବାକୁ ସ୍ଥିର କରିଛନ୍ତି । ବିଦେହରାଜ ବିଦା କରିବାର ସକଳପଦାର୍ଥ ସଜାଇ-ସାରିଲେଣି ॥ ୧ ॥

**ଲେହୁ ନୟନ ଭରି ରୂପ ନିହାରୀ । ପ୍ରିୟ ପାହୁନେ ଭୂପ ସୁତ ଚାରୀ ॥**
**କୋ ଜାନୈ କେହିଁ ସୁକୃତ ସୟାନୀ । ନୟନ ଅତିଥି କୀହ୍ନେ ବିଧି ଆନୀ ॥ ୨ ॥**

ଏଥର ଏହି ପ୍ରାଣପ୍ରିୟ ଅତିଥି ଚାରିରାଜକୁମାରଙ୍କ ସୁନ୍ଦରରୂପକୁ ଆଖି ପୂରାଇ ଦେଖିନିଅ । କେଉଁ ପୁଣ୍ୟବଳରେ ବିଧାତା ଏମାନଙ୍କୁ ଏଠାକୁ ଆଣି ଆମ ନେତ୍ରପଥର ଅତିଥି କରିଛି, କିଏ ଜାଣେ ! ॥ ୨ ॥

**ମରନସୀଲୁ ଜିମି ପାଓ୍ୱ ପିଊଷା । ସୁରତରୁ ଲହୈ ଜନମ କର ଭୂଖା ॥**
**ପାଓ୍ୱ ନାରକୀ ହରିପଦୁ ଜୈସେଁ । ଇହ୍ନ କର ଦରସନୁ ହମ କହଁ ତୈସେଁ ॥ ୩ ॥**

ମୁମୂର୍ଷୁ ମଣିଷ ଅମୃତ ପାଇଗଲେ, ଆଜନ୍ମ-ଭୋକିଲା ମଣିଷ କଳ୍ପବୃକ୍ଷ ପାଇଗଲେ, ନରକର ମଣିଷ ଭଗବାନଙ୍କର ପରମ ପଦ ପାଇଗଲେ ଯେପରି ଧନ୍ୟ ହୋଇଯାଏ, ଏମାନଙ୍କ ଦର୍ଶନ ପାଇ ଆମେ ସେହିପରି ଧନ୍ୟ ହୋଇଯାଇଛୁ ॥ ୩ ॥

**ନିରଖି ରାମ ସୋଭା ଉର ଧରହୂ । ନିଜ ମନ ଫନି ମୂରତି ମନି କରହୂ ॥**
**ଏହି ବିଧି ସବହି ନୟନ ଫଲୁ ଦେତା । ଗଏ କୁଅଁର ସବ ରାଜ ନିକେତା ॥ ୪ ॥**

ଶ୍ରୀରାମଙ୍କ ଶୋଭାକୁ ଆଖିଭରି ଦେଖି ତାହାକୁ ହୃଦୟରେ ଧରିରଖ ! ଆପଣା ମନକୁ ସାପ କରିଦେଇ ଏମାନଙ୍କ ମୂର୍ତ୍ତିକୁ ତା'ର ମଣି କରିଦିଅ ।'' ଏପରିଭାବରେ ସମସ୍ତଙ୍କର ନେତ୍ର ସାର୍ଥକ କରି ସବୁରାଜକୁମାର ରାଜମହଲକୁ ଗଲେ ॥ ୪ ॥

ଦୋ:- **ରୂପ ସିଂଧୁ ସବ ବଂଧୁ ଲଖି ହରଷି ଉଠା ରନିଓ୍ୱାସୁ ।**
**କରହିଁ ନିଛାଓ୍ୱରି ଆରତୀ ମହା ମୁଦିତ ମନ ସାସୁ ॥ ୩୩୫ ॥**

ରୂପର ସାଗର ଚାରିଭାଇଙ୍କୁ ଦେଖି ସମଗ୍ର ରାଣୀମହଲ ହର୍ଷିତ ହୋଇଉଠିଲା । ଶାଶୁମାନେ ଅତ୍ୟନ୍ତ ଆନନ୍ଦରେ ବନ୍ଦାପନା ଓ ଆରତି କଲେ ॥ ୩୩୫॥

**ଦେଖି ରାମ ଛବି ଅତି ଅନୁରାଗୀଁ । ପ୍ରେମବିବସ ପୁନି ପୁନି ପଦ ଲାଗୀଁ ॥**
**ରହୀ ନ ଲାଜ ପ୍ରୀତି ଉର ଛାଈ । ସହଜ ସନେହୁ ବରନି କିମି ଜାଈ ॥ ୧ ॥**

ଶ୍ରୀରାମଙ୍କ ରୂପ ଦେଖି ସେମାନେ ପ୍ରେମରେ ନିମଗ୍ନ ହୋଇଯାଇଥାନ୍ତି ଏବଂ ଅତ୍ୟନ୍ତ ପ୍ରେମାବିଷ୍ଟ ହୋଇ ବାରମ୍ବାର ତାଙ୍କ ଚରଣତଳେ ପଡୁଥାନ୍ତି । ହୃଦୟ ପ୍ରୀତିମୟ ହୋଇଯାଇଥାଏ; ତେଣୁ ଆଉ ଲଜ୍ଜା ରହି ନ ଥାଏ । ସେମାନଙ୍କର ସ୍ୱାଭାବିକ ସ୍ନେହର ବର୍ଣ୍ଣନା କିପରି ବା କରାଯିବ ! ॥ ୧ ॥

**ଭାଇନ୍ହ ସହିତ ଉବଟି ଅହ୍ନୱାଏ । ଛରସ ଅସନ ଅତି ହେତୁ ଜେୱାଁଏ ॥**
**ବୋଲେ ରାମୁ ସୁଅୱସରୁ ଜାନୀ । ସୀଲ ସନେହ ସକୁଚମୟ ବାନୀ ॥ ୨ ॥**

ଭାଇମାନଙ୍କ ସହିତ ଶ୍ରୀରାମଙ୍କ ଅଙ୍ଗରେ ସୁଗନ୍ଧିତ ସାମଗ୍ରୀ (ତେଲ, ହଳଦୀ ପ୍ରଭୃତି) ଲେପନ କରି ସେମାନେ ସ୍ନାନ କରାଇଲେ ଏବଂ ଅତ୍ୟନ୍ତ ପ୍ରେମର ସହିତ ଷଡ଼ରସଯୁକ୍ତ ନାନାବିଧ ଖାଦ୍ୟ ଖୁଆଇଲେ । ସୁଅବସର ଦେଖି ଶ୍ରୀରାମ ସଂକୋଚର ସହିତ ସୁଶୀଳ ଓ ସ୍ନେହପୂର୍ଣ୍ଣ ବାଣୀରେ କହିଲେ, ॥ ୨ ॥

**ରାଉ ଅୱଧପୁର ଚହତ ସିଧାଏ । ବିଦା ହୋନ ହମ ଇହାଁ ପଠାଏ ॥**
**ମାତୁ ମୁଦିତ ମନ ଆୟସୁ ଦେହୂ । ବାଲକ ଜାନି କରବ ନିତ ନେହୂ ॥ ୩ ॥**

''ମହାରାଜ ଅଯୋଧ୍ୟା ଫେରିଯିବାକୁ ଚାହୁଁଛନ୍ତି; ଆପଣମାନଙ୍କ ଠାରୁ ବିଦାୟ ନେବା ନିମନ୍ତେ ସେମାନେ ଆମକୁ ପଠାଇଛନ୍ତି । ହେ ମାଆ ! ଆମକୁ ପ୍ରସନ୍ନଚିତ୍ତରେ ଆଜ୍ଞା ଦିଅନ୍ତୁ ଏବଂ ଆମକୁ ନିଜର ପୁତ୍ର ମନେକରି ଆମ ପ୍ରତି ସବୁବେଳେ ସ୍ନେହ ରଖିଥାନ୍ତୁ ।'' ॥ ୩ ॥

**ସୁନତ ବଚନ ବିଲଖେଉ ରନିୱାସୂ । ବୋଲି ନ ସକହିଁ ପ୍ରେମବସ ସାସୂ ॥**
**ହୃଦୟଁ ଲଗାଇ କୁଅଁରି ସବ ଲୀହ୍ନୀ । ପତିହ୍ନ ସୌଁପି ବିନତୀ ଅତି କୀହ୍ନୀ ॥ ୪ ॥**

ଏହିତକ କଥା ଶୁଣିବାକ୍ଷଣି ରାଣୀନିବାସରେ ବିଷଣ୍ଣତାର ଛାୟା ଖେଳିଗଲା । ଶାଶୁମାନେ ସ୍ନେହବଶତଃ କିଛି କହିପାରିଲେ ନାହିଁ । ସେମାନେ ଝିଅମାନଙ୍କୁ ଆଲିଙ୍ଗନ କଲେ ଓ ସେମାନଙ୍କୁ ସେମାନଙ୍କର ପତିମାନଙ୍କ ହାତରେ ସମର୍ପିଦେଇ ବହୁ ବିନତି କଲେ ॥ ୪ ॥

ଛନ୍ଦ- **କରି ବିନୟ ସିୟ ରାମହି ସମରପୀ ଜୋରି କର ପୁନି ପୁନି କହୈ ।**
**ବଲି ଜାଉଁ ତାତ ସୁଜାନ ତୁହ୍ମ କହୁଁ ବିଦିତ ଗତି ସବ କୀ ଅହୈ ॥**
**ପରିୱାର ପୁରଜନ ମୋହି ରାଜହି ପ୍ରାନପ୍ରିୟ ସିୟ ଜାନିବୀ ।**
**ତୁଲସୀସ ସୀଲୁ ସନେହୁ ଲଖି ନିଜ କିଂକରୀ କରି ମାନିବୀ ॥**

ସୀତାଙ୍କର ମାଆ ବିନୟପୂର୍ବକ ରାମଙ୍କ ହାତରେ ସୀତାଙ୍କୁ ସମର୍ପଣ କଲେ ଏବଂ ହାତ ଯୋଡ଼ି ବାରମ୍ବାର କହିଲେ, ''ହେ ବାପ ! ତୁମେ ତ ସୁଜ୍ଞ ; ତୁମେ ତ ସମସ୍ତଙ୍କ ମନକଥା ଜାଣିପାର ; ମୋ ରାଣ ଅଛି, ଏତିକି ଜାଣ ଯେ, ମୋ ସୀତା ସମଗ୍ର ପରିବାରର, ସବୁ ପୁରବାସୀଙ୍କର, ମୋର ଓ ରାଜାଙ୍କର ପ୍ରାଣସମ ପ୍ରିୟ । ହେ ତୁଳସୀଙ୍କ ସ୍ୱାମୀ ! ମୋ ଝିଅର ପ୍ରେମ ଓ ଭାବ ଦେଖି ତାକୁ ନିଜର ଦାସୀ ବୋଲି ଭାବିବ ॥

ସୋ:- **ତୁହ୍ମ ପରିପୂରନ କାମ ଜାନ ସିରୋମନି ଭାୱପ୍ରିୟ ।**
**ଜନ ଗୁନ ଗାହକ ରାମ ଦୋଷ ଦଲନ କରୁନାୟତନ ॥ ୩୩୬ ॥**

ତୁମେ ପୂର୍ଣ୍ଣକାମ ଓ ସୁଜ୍ଞଶିରୋମଣି । ତୁମେ ଭାବପ୍ରିୟ (ତୁମକୁ ପ୍ରେମ ଭଲ ଲାଗେ) । ହେ ରାମ ! ତୁମେ ଭକ୍ତମାନଙ୍କ ଗୁଣକୁ ଗ୍ରହଣ କରିଥାଅ । ତୁମେ ଦୋଷବିନାଶକ ଓ ଦୟାର ଧାମ ।'' ॥ ୩୩୬ ॥

**ଅସ କହି ରହୀ ଚରନ ଗହି ରାନୀ । ପ୍ରେମ ପଂକ ଜନୁ ଗିରା ସମାନୀ ॥**
**ସୁନି ସନେହସାନୀ ବର ବାନୀ । ବହୁବିଧି ରାମ ସାସୁ ସନମାନୀ ॥ ୧ ॥**

ଏପରି କହି ରାଣୀ ରାମଙ୍କ ଚରଣ ଧରି ନୀରବ ହୋଇ ରହିଗଲେ–ସତେ ଯେପରି ତାଙ୍କ ବାଣୀ ପ୍ରେମରୂପୀ ପଙ୍କରେ ଅଟକିଗଲା । ସେହି ସ୍ନେହପୂର୍ଣ୍ଣ ବାଣୀ ଶୁଣି ଶ୍ରୀରାମ ଶାଶୁଙ୍କୁ ବହୁପ୍ରକାରେ ସମ୍ମାନ ଦେଲେ ॥ ୧ ॥

**ରାମ ବିଦା ମାଗତ କର ଜୋରୀ । କୀହ୍ନ ପ୍ରନାମୁ ବହୋରି ବହୋରୀ ॥**
**ପାଇ ଅସୀସ ବହୁରି ସିରୁ ନାଈ । ଭାଇହ୍ନ ସହିତ ଚଲେ ରଘୁରାଈ ॥ ୨ ॥**

ଶେଷରେ ଶ୍ରୀରାମ କର ଯୋଡ଼ି ବିଦାୟ ମାଗିବାବେଳେ ବାରମ୍ବାର ପ୍ରଣାମ କଲେ । ଆଶୀର୍ବାଦ ନେଇ ଏବଂ ଭାଇମାନଙ୍କ ସହିତ ମିଶି ସମସ୍ତଙ୍କୁ ପ୍ରଣାମ କରି ଶ୍ରୀରଘୁନାଥ ସେଠାରୁ ଫେରିଲେ ॥ ୨ ॥

**ମଂଜୁ ମଧୁର ମୂରତି ଉର ଆନୀ । ଭଈଁ ସନେହ ସିଥିଲ ସବ ରାନୀ ॥**
**ପୁନି ଧୀରଜୁ ଧରି କୁଅଁରି ହଁକାରୀଁ । ବାର ବାର ଭେଟହିଁ ମହତାରୀଁ ॥ ୩ ॥**

ଶ୍ରୀରାମଙ୍କର ମଧୁର ମନୋହର ମୂର୍ତ୍ତିକୁ ହୃଦୟରେ ଧାରଣ କରି ସବୁରାଣୀ ସ୍ନେହରେ ବିବଶ ହୋଇଗଲେ । କିଛି ସମୟ ପରେ ମାଆମାନେ ଧୈର୍ଯ୍ୟ ଧରି ଝିଅମାନଙ୍କୁ ଡାକି ବାରମ୍ବାର ଛାତିରେ ଜାବୋଡ଼ିଧରିଲେ ॥ ୩ ॥

**ପହୁଁଚାୱହିଁ ଫିରି ମିଲହିଁ ବହୋରୀ । ବଢ଼ୀ ପରସ୍ପର ପ୍ରୀତି ନ ଥୋରୀ ॥**
**ପୁନି ପୁନି ମିଲତ ସଖିହ୍ନ ବିଲଗାଈ । ବାଲ ବଚ୍ଛ ଜିମି ଧେନୁ ଲୱାଈ ॥ ୪ ॥**

ଝିଅମାନଙ୍କୁ ବିଦାୟ ଦେଇସାରିବା ପରେ ମାଆମାନେ ପୁଣିଥରେ ଫେରିଆସି, ସେମାନଙ୍କୁ କୋଳେଇ ନେଉଥାନ୍ତି । ଏହାଦ୍ୱାରା ପରସ୍ପର ମଧ୍ୟରେ ପ୍ରୀତି କମ୍ ବଢ଼ିଲା ନାହିଁ (ଅର୍ଥାତ୍ ବହୁତ ପ୍ରୀତି ବଢ଼ିଗଲା) । ପୋଖତୀ ଗାଈକୁ ଯେପରି ତା'ର ବାଛୁରୀଠାରୁ ଦୂରକୁ ତଡ଼ି ଅଲଗା କରାଯାଏ, ଝିଅମାନଙ୍କୁ ନ ଛାଡ଼ି ବାରମ୍ବାର ଛାତିରେ ଭିଡ଼ିଧରୁଥିବା ମାଆମାନଙ୍କୁ ସଖୀମାନେ ସେହିପରି ଅଲଗା କରୁଥାନ୍ତି ॥ ୪ ॥

ଦୋଃ- **ପ୍ରେମବିବସ ନର ନାରି ସବ ସଖିହ୍ନ ସହିତ ରନିୱାସୁ ।**
**ମାନହୁଁ କୀହ୍ନ ବିଦେହପୁର କରୁନାଁ ବିରହଁ ନିୱାସୁ ॥ ୩୩୭ ॥**

ସବୁ ସ୍ତ୍ରୀ, ପୁରୁଷ ଓ ସଖୀମାନଙ୍କ ସହିତ ସମଗ୍ର ରାଣୀନିବାସ ପ୍ରେମରେ ଅତ୍ୟନ୍ତ ବିବଶ ହୋଇଗଲା । ଜଣାଯାଉଥାଏ, ସତେ ଯେପରି ଜନକପୁରରେ କରୁଣରସ ଓ ବିରହ ଘର କରି ରହିଯାଇଛି ॥ ୩୩୭ ॥

**ସୁକ ସାରିକା ଜାନକୀ ଜ୍ୟାଏ । କନକ ପିଂଜରହ୍ନି ରାଖି ପଢ଼ାଏ ॥**
**ବ୍ୟାକୁଲ କହହିଁ କହାଁ ବୈଦେହୀ । ସୁନି ଧୀରଜୁ ପରିହରଇ ନ କେହୀ ॥ ୧ ॥**

ଜାନକୀ ଯେଉଁ ଶୁଆସାରୀଙ୍କୁ ପାଳିପୋଷି ବଡ଼ କରିଥିଲେ ଏବଂ ସୁନାପଞ୍ଜୁରୀରେ ରଖି କଥା କହିବା ଶିଖାଇଥିଲେ, ସେମାନେ ବ୍ୟାକୁଳ ହୋଇ କହିବାକୁ ଲାଗିଲେ, ''ବୈଦେହୀ କୁଆଡ଼େ ଗଲେ ? ବୈଦେହୀ କୁଆଡ଼େ ଗଲେ ?'' ସେମାନଙ୍କର ଏପରି ବଚନ ଶୁଣି ସମସ୍ତଙ୍କର ଧୈର୍ଯ୍ୟ ଭାଙ୍ଗିପଡ଼ିଲା ॥ ୧ ॥

**ଭଏ ବିକଲ ଖଗ ମୃଗ ଏହି ଭାଁତୀ । ମନୁଜ ଦସା କୈସେଁ କହି ଜାତୀ ॥**
**ବଂଧୁ ସମେତ ଜନକୁ ତବ ଆଏ । ପ୍ରେମ ଉମଗି ଲୋଚନ ଜଲ ଛାଏ ॥ ୨ ॥**

ଯେଉଁଠି ପଶୁପକ୍ଷୀମାନେ ମଧ୍ୟ ଏପରି ବିକଳ ହୋଇଗଲେ, ସେଠାରେ ମନୁଷ୍ୟମାନଙ୍କ ଦଶା ଯେ କ'ଣ ହୋଇଥିବ, ତାହା ବା କିପରି କହିବା ! ଏତିକିବେଳେ ଭାଇଙ୍କୁ ଧରି ଜନକ ସେଠାକୁ ଆସିଲେ । ପ୍ରେମବଶତଃ ତାଙ୍କର ନୟନ ଅଶ୍ରୁଜଳରେ ପୂର୍ଣ୍ଣ ହୋଇଗଲା ॥ ୨ ॥

**ସୀୟ ବିଲୋକି ଧୀରତା ଭାଗୀ । ରହେ କହାୱତ ପରମ ବିରାଗୀ ॥**
**ଲୀହ୍ନି ରାୟଁ ଉର ଲାଇ ଜାନକୀ । ମିଟୀ ମହା ମରଜାଦ ଗ୍ୟାନ କୀ ॥ ୩ ॥**

ତାଙ୍କୁ ପରମ ବୈରାଗ୍ୟବାନ କୁହାଯାଉଥିଲା; କିନ୍ତୁ ସୀତାଙ୍କୁ ଦେଖିଦେଇ ତାଙ୍କର ବି ଧୈର୍ଯ୍ୟ ଭାଙ୍ଗିଗଲା । ରାଜା ଜାନକୀଙ୍କୁ ବକ୍ଷରେ ଭିଡ଼ିଧରିଲେ । ସ୍ନେହର ପ୍ରବାହରେ ଜ୍ଞାନର ମର୍ଯ୍ୟାଦା ତୁଟିଗଲା ॥ ୩ ॥

**ସମୁଝାୱତ ସବ ସଚିୱ ସୟାନେ । କୀହ୍ନ ବିଚୃରୁ ନ ଅୱସର ଜାନେ ॥**
**ବାରହିଁ ବାର ସୁତା ଉର ଲାଈଁ । ସଜି ସୁଂଦର ପାଲକୀଁ ମଗାଈଁ ॥ ୪ ॥**

ବୁଦ୍ଧିମାନ୍ ମନ୍ତ୍ରୀମାନେ ତାଙ୍କୁ ବୁଝାଇବାକୁ ଲାଗିଲେ । କିଛି ସମୟ ପରେ ସେ ଜାଣିପାରିଲେ ଯେ, ଏହା ଦୁଃଖ କରିବାର ସମୟ ନୁହେଁ । ତେଣୁ ସେ କନ୍ୟାମାନଙ୍କୁ ବାରମ୍ବାର କୋଳାଗ୍ରତ କରି ସୁନ୍ଦର ସୁସଜ୍ଜିତ ପାଲିଙ୍କି ଆଣିବାକୁ ସେବକମାନଙ୍କୁ ଆଦେଶ ଦେଲେ ॥ ୪ ॥

ଦୋः- **ପ୍ରେମବିବସ ପରିୱାରୁ ସବୁ ଜାନି ସୁଲଗନ ନରେସ ।**
**କୁଅଁରି ଚଢ଼ାଈଁ ପାଲକିହ୍ନ ସୁମିରେ ସିଦ୍ଧି ଗନେସ ॥ ୩୩୮ ॥**

ପରିବାର ସାରା ପ୍ରେମରେ ବିବଶ ହୋଇପଡ଼ିଥାନ୍ତି । ଶୁଭମୁହୂର୍ତ୍ତ ହେବାର ଜାଣି ରାଜା ସିଦ୍ଧି ଓ ଗଣେଶଙ୍କୁ ସ୍ମରଣ କରି କନ୍ୟାମାନଙ୍କୁ ନେଇ ପାଲିଙ୍କିରେ ବସାଇଲେ ॥ ୩୩୮ ॥

**ବହୁବିଧି ଭୂପ ସୁତା ସମୁଝାଈଁ । ନାରିଧରମୁ କୁଲରୀତି ସିଖାଈଁ ॥**
**ଦାସୀଁ ଦାସ ଦିଏ ବହୁତେରେ । ସୁଚି ସେୱକ ଜେ ପ୍ରିୟ ସିୟ କେରେ ॥ ୧ ॥**

ରାଜା କନ୍ୟାମାନଙ୍କୁ ବହୁପ୍ରକାରେ ବୁଝାଇଲେ ଏବଂ ସେମାନଙ୍କୁ ନାରୀଧର୍ମ ଓ କୁଳରୀତି ଶିଖାଇଲେ । ସେ ସୀତାଙ୍କୁ ବହୁସଂଖ୍ୟକ ଦାସଦାସୀ ଦେଲେ । ସେହି ଦାସଦାସୀମାନେ ସୀତାଙ୍କର ପ୍ରିୟ ଓ ବିଶ୍ୱାସୀ ସେବକ-ସେବିକା ଥିଲେ ॥ ୧ ॥

**ସୀୟ ଚଲତ ବ୍ୟାକୁଲ ପୁରବାସୀ । ହୋହିଁ ସଗୁନ ସୁଭ ମଂଗଲ ରାସୀ ॥**
**ଭୂସୁର ସଚିୱ ସମେତ ସମାଜା । ସଂଗ ଚଲେ ପହୁଁଚୃୱନ ରାଜା ॥ ୨ ॥**

ସୀତା ଚ଼ାଲିଯିବାବେଳେ ଜନକପୁରବାସୀ ବ୍ୟାକୁଳ ହୋଇଉଠିଲେ । ଅନେକ ମଙ୍ଗଳସୂଚକ ଶୁଭଶକୁନ ଦେଖାଗଲା । ସେମାନଙ୍କୁ ବିଦାୟ ଦେବା ନିମନ୍ତେ ରାଜା ଜନକ ମନ୍ତ୍ରୀ, ବ୍ରାହ୍ମଣ ଓ ଅନ୍ୟମାନଙ୍କୁ ସଙ୍ଗରେ ଘେନି ଚ଼ାଲିଲେ ॥ ୨ ॥

**ସମୟ ବିଲୋକି ବାଜନେ ବାଜେ । ରଥ ଗଜ ବାଜି ବରାତିହ୍ନ ସାଜେ ॥**
**ଦସରଥ ବିପ୍ର ବୋଲି ସବ ଲୀହ୍ନେ । ଦାନ ମାନ ପରିପୂରନ କୀହ୍ନେ ॥ ୩ ॥**

ସମୟ ହେଲା ଜାଣି ବିଭିନ୍ନ ବାଦ୍ୟ ବାଜିଉଠିଲା । ବରଯାତ୍ରୀମାନେ ରଥ, ହାତୀ ଓ ଘୋଡ଼ାଙ୍କୁ ସଜ କଲେ । ଦଶରଥ ବ୍ରାହ୍ମଣମାନଙ୍କୁ ଡକାଇ ସେମାନଙ୍କୁ ଦାନ ଓ ସମ୍ମାନରେ ତୃପ୍ତ କରିଦେଲେ ॥ ୩ ॥

**ଚରନ ସରୋଜ ଧୂରି ଧରି ସୀସା । ମୁଦିତ ମହୀପତି ପାଇ ଅସୀସା ॥**
**ସୁମିରି ଗଜାନନୁ କୀହ୍ନ ପୟାନା । ମଂଗଲମୂଲ ସଗୁନ ଭଏ ନାନା ॥ ୪ ॥**

ସେମାନଙ୍କର ଚରଣଧୂଳି ମଥାରେ ଲଗାଇ ଓ ଆଶୀର୍ବାଦ ପାଇ ରାଜା ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଗଣେଶଙ୍କୁ ସ୍ମରଣ କରି ସେଠାରୁ ପ୍ରସ୍ଥାନ କଲେ । ଅନେକ ମଙ୍ଗଳସୂଚକ ଶକୁନ ଦେଖାଗଲା ॥ ୪ ॥

ଦୋଃ- **ସୁର ପ୍ରସୂନ ବରଷହିଁ ହରଷି କରହିଁ ଅପଛରା ଗାନ ।**
**ଚଲେ ଅୱଧପତି ଅୱଧପୁର ମୁଦିତ ବଜାଇ ନିସାନ ॥ ୩୩୯ ॥**

ଦେବତାମାନେ ହର୍ଷିତ ହୋଇ ପୁଷ୍ପବୃଷ୍ଟି କଲେ ଏବଂ ଅପ୍ସରାମାନେ ଗୀତ ଗାନ କଲେ । ଅଯୋଧ୍ୟାପତି ଦଶରଥ ନାଗରା ବଜାଇ ବଜାଇ ଆନନ୍ଦପୂର୍ବକ ଅଯୋଧ୍ୟାପୁର ଅଭିମୁଖେ ବାହାରିପଡ଼ିଲେ ॥ ୩୩୯ ॥

**ନୃପ କରି ବିନୟ ମହାଜନ ଫେରେ । ସାଦର ସକଲ ମାଗନେ ଟେରେ ॥**
**ଭୂଷନ ବସନ ବାଜି ଗଜ ଦୀହ୍ନେ । ପ୍ରେମ ପୋଷି ଠାଢ଼େ ସବ କୀହ୍ନେ ॥ ୧ ॥**

ରାଜା ଦଶରଥ ବିନତି କରି ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ଫେରାଇଲେ । ସେ ଆଦର ସହିତ ଯାଚକ ଓ ଭିକ୍ଷୁକମାନଙ୍କୁ ଡକାଇଲେ । ସେମାନଙ୍କୁ ପ୍ରେମର ସହିତ ଏତେ ଗହଣା, ଲୁଗାପଟା, ଘୋଡ଼ା, ହାତୀ ଇତ୍ୟାଦି ପ୍ରଦାନ କଲେ ଯେ, ସେମାନେ ସେଥିରେ ଧନୀ ହୋଇଗଲେ ॥ ୧ ॥

**ବାର ବାର ବିରିଦାବଲି ଭାଷୀ । ଫିରେ ସକଲ ରାମହି ଉର ରାଖୀ ॥**
**ବହୁରି ବହୁରି କୋସଲପତି କହହୀଁ । ଜନକୁ ପ୍ରେମବସ ଫିରୈ ନ ଚହହୀଁ ॥ ୨ ॥**

ସେମାନେ ସମସ୍ତେ ବାରମ୍ବାର ବିରୁଦାବଳୀ (କୁଳକୀର୍ତ୍ତି) ଗାଇ ଗାଇ ତଥା ହୃଦୟରେ ଶ୍ରୀରାମଙ୍କୁ ଧାରଣ କରି ଫେରିଲେ । କୋଶଳାଧୀଶ ଦଶରଥ ଜନକଙ୍କୁ ଫେରିଯିବାକୁ ବାରମ୍ବାର ଅନୁରୋଧ କଲେ; କିନ୍ତୁ ଜନକ ପ୍ରେମପରବଶ ହୋଇ ଫେରିବାକୁ ଗ୍ରହୁଁ ନ ଥାନ୍ତି ॥ ୨ ॥

**ପୁନି କହ ଭୂପତି ବଚନ ସୁହାଏ । ଫିରିଅ ମହୀସ ଦୂରି ବଡ଼ି ଆଏ ॥**
**ରାଉ ବହୋରି ଉତରି ଭଏ ଠାଢ଼େ । ପ୍ରେମ ପ୍ରବାହ ବିଲୋଚନ ବାଢ଼େ ॥ ୩ ॥**

ଶେଷରେ ଦଶରଥ ପୁଣି ଥରେ ମଧୁରଭାବରେ କହିଲେ, ''ହେ ରାଜନ୍ ! ଆପଣ ବହୁତ ଦୂର ଚ୍ଚଲିଆସିଲେଣି; ଏଥର ଫେରିଯାଆନ୍ତୁ ।'' ଏପରି କହି ଦଶରଥ ରଥରୁ ଓହ୍ଲାଇ ତଳେ ଠିଆ ହେଲେ । ତାଙ୍କ ନୟନରେ ପ୍ରେମାଶ୍ରୁର ବନ୍ୟା ଆସିଗଲା ॥ ୩ ॥

**ତବ ବିଦେହ ବୋଲେ କର ଜୋରୀ । ବଚନ ସନେହ ସୁଧାଁ ଜନୁ ବୋରୀ ॥**
**କରୌଁ କୱନ ବିଧି ବିନୟ ବନାଈ । ମହାରାଜ ମୋହି ଦୀହ୍ନି ବଡ଼ାଈ ॥ ୪ ॥**

ତେଣୁ ବିଦେହରାଜ ଜନକ ଦୁଇକର ଯୋଡ଼ି, ସ୍ନେହାମୃତସିକ୍ତ ବଚନରେ କହିଲେ, ''ମୁଁ ଆପଣଙ୍କୁ କେଉଁ ଭାଷାରେ ବିନତି ଜଣାଇବି, ବୁଝିପାରୁନି । ମହାରାଜ ! ଆପଣ ମୋତେ ଅତ୍ୟନ୍ତ ଗୌରବାନ୍ୱିତ କରିଦେଇଛନ୍ତି ।'' ॥ ୪ ॥

ଦୋଃ- **କୋସଲପତି ସମଧୀ ସଜନ ସନମାନେ ସବ ଭାଁତି ।**
**ମିଲନି ପରସପର ବିନୟ ଅତି ପ୍ରୀତି ନ ହୃଦୟଁ ସମାତି ॥ ୩୪୦ ॥**

ରାଜା ଦଶରଥ ନିଜ ସ୍ୱଜନ ଓ ସମ୍ବନ୍ଧୀଙ୍କୁ ସକଳପ୍ରକାର ସମ୍ମାନ ଜଣାଇଲେ । ସେମାନଙ୍କର ପରସ୍ପର ମିଳନରେ ଅତ୍ୟନ୍ତ ବିନୟ ରହିଥିଲା ଏବଂ ଏତେ ପ୍ରୀତି ରହିଥିଲା ଯେ, ତାହା ହୃଦୟରୁ ଉଛୁଳିପଡୁଥିଲା ॥ ୩୪୦ ॥

**ମୁନି ମଂଡଲିହି ଜନକ ସିରୁ ନାୱା । ଆସିରବାଦୁ ସବହି ସନ ପାୱା ॥**
**ସାଦର ପୁନି ଭେଁଟେ ଜାମାତା । ରୂପ ସୀଲ ଗୁନ ନିଧି ସବ ଭ୍ରାତା ॥ ୧ ॥**

ମୁନିମଣ୍ଡଳୀ ନିକଟରେ ନତମସ୍ତକ ହୋଇ ଜନକ ସମସ୍ତଙ୍କ ଠାରୁ ଆଶୀର୍ବାଦ ନେଲେ । ତା'ପରେ ସେ ଆଦରସହିତ ନିଜର ଗ୍ରିଜ୍ଵାଇଁଙ୍କ ନିକଟକୁ ଗଲେ । ସେହି ଗ୍ରିଭାଇ ଥିଲେ ରୂପ, ଗୁଣ ତଥା ଶୀଳର (ସତ୍‌ସ୍ଵଭାବର) ଭଣ୍ଡାର ॥ ୧ ॥

**ଜୋରି ପଂକରୁହ ପାନି ସୁହାଏ । ବୋଲେ ବଚନ ପ୍ରେମ ଜନୁ ଜାଏ ॥**
**ରାମ କରୌଁ କେହି ଭାଁତି ପ୍ରସଂସା । ମୁନି ମହେସ ମନ ମାନସ ହଂସା ॥ ୨ ॥**

କମଳସମାନ ଦୁଇକର ଯୋଡ଼ି ସେ ଏପରି ସୁନ୍ଦର ବଚନ କହିଲେ, ଯାହା ସତେ ଅବା ପ୍ରେମରୁହିଁ ଜାତ ହୋଇଥିଲା । ସେ କହିଲେ, "ହେ ରାମ ! ମୁଁ ବା ଆପଣଙ୍କୁ କି ପ୍ରଶଂସା କରିବି ! ଆପଣ ତ ମୁନିମାନଙ୍କର ଓ ମହାଦେବଙ୍କର ମନରୂପୀ ମାନସରୋବରରର ହଂସ ॥ ୨ ॥

**କରହିଁ ଜୋଗ ଜୋଗୀ ଜେହି ଲାଗୀ । କୋହୁ ମୋହୁ ମମତା ମଦୁ ତ୍ୟାଗୀ ॥**
**ବ୍ୟାପକୁ ବ୍ରହ୍ମୁ ଅଲଖୁ ଅବିନାସୀ । ଚିଦାନଂଦୁ ନିରଗୁନ ଗୁନରାସୀ ॥ ୩ ॥**

ଯୋଗୀଗଣ ଯାହାଙ୍କୁ ପାଇବା ନିମନ୍ତେ କାମ, କ୍ରୋଧ, ମୋହ, ମମତା ଓ ମଦ ତ୍ୟାଗ କରି ଯୋଗ ସାଧନା କରନ୍ତି, ଯେ ସର୍ବବ୍ୟାପକ, ବ୍ରହ୍ମ, ଅବ୍ୟକ୍ତ, ଅବିନାଶୀ, ଚିଦାନନ୍ଦ, ନିର୍ଗୁଣ ଓ ଗୁଣମାନଙ୍କର ରାଶି, ॥ ୩ ॥

**ମନ ସମେତ ଜେହି ଜାନ ନ ବାନୀ । ତରକି ନ ସକହିଁ ସକଲ ଅନୁମାନୀ ॥**
**ମହିମା ନିଗମୁ ନେତି କହି କହଈ । ଜୋ ତିହୁଁ କାଲ ଏକରସ ରହଈ ॥ ୪ ॥**

ଯେ ମନ ଓ ବାଣୀର ଅତୀତ ଏବଂ ସମସ୍ତେ ଯାହାଙ୍କୁ କେବଳ ଅନୁମାନହିଁ କରନ୍ତି, ଯାହାଙ୍କ ବିଷୟରେ କେହି ତର୍କ କରିପାରନ୍ତି ନାହିଁ, ଯାହାଙ୍କ ମହିମାକୁ ବେଦ 'ନେତି' 'ନେତି' କହି ବର୍ଣ୍ଣନା କରନ୍ତି ଏବଂ ଯେଉଁ [ସଚ୍ଚିଦାନନ୍ଦ] ତ୍ରିକାଳରେ ଏକରସ (ସର୍ବଦା ଓ ସର୍ବଥା ନିର୍ବିକାର) ହୋଇ ରହନ୍ତି, ॥ ୪ ॥

ଦୋଃ- **ନୟନ ବିଷୟ ମୋ କହୁଁ ଭୟଉ ସୋ ସମସ୍ତ ସୁଖ ମୂଲ ।**
**ସବଇ ଲାଭୁ ଜଗ ଜୀଵ କହଁ ଭଏଁ ଈସୁ ଅନୁକୂଲ ॥ ୩୪୧ ॥**

ସେହି ସକଳସୁଖର ମୂଳଉତ୍ସ ଆପଣ ମୋର ନେତ୍ରପସରା ହୋଇଗଲେ । ଈଶ୍ଵର ଅନୁକୂଳ ହୋଇଗଲେ, ଜଗତରେ ଜୀବପାଇଁ ସକଳ ଲାଭ ସୁଲଭ ହୋଇଯାଏ ॥ ୩୪୧ ॥

**ସବହି ଭାଁତି ମୋହି ଦୀହ୍ନି ବଡ଼ାଈ । ନିଜ ଜନ ଜାନି ଲୀହ୍ନ ଅପନାଈ ॥**
**ହୋହିଁ ସହସ ଦସ ସାରଦ ସେଷା । କରହିଁ କଲପ କୋଟିକ ଭରି ଲେଖା ॥ ୧ ॥**

ଆପଣ ମୋତେ ସକଳପ୍ରକାରେ ଗୌରବ ଦେଇଛନ୍ତି ଏବଂ ନିଜର ଲୋକ ମଣି ମୋତେ ଆପଣାର କରିନେଇଛନ୍ତି । ଯଦି ଦଶହଜାର ସରସ୍ଵତୀ ଓ ଶେଷଦେବ ମିଶି କୋଟି କୋଟି କଳ୍ପ ଧରି କହି ଚ୍ଲିବେ, ॥ ୧ ॥

**ମୋର ଭାଗ୍ୟ ରାଉର ଗୁନ ଗାଥା । କହି ନ ସିରାହିଁ ସୁନହୁ ରଘୁନାଥା ॥**
**ମୈଁ କଛୁ କହଉଁ ଏକ ବଲ ମୋରେଁ । ତୁହ୍ମ ରୀଝହୁ ସନେହ ସୁଠି ଥୋରେଁ ॥ ୨ ॥**

ତେବେ ବି, ହେ ରଘୁନାଥ ! ଶୁଣନ୍ତୁ, ମୋର ସୌଭାଗ୍ୟ ଏବଂ ଆପଣଙ୍କ ଗୁଣରାଶି କଥା କହି ଶେଷ କରିପାରିବେ ନାହିଁ । ମୁଁ ଯାହା କିଛି କହୁଛି, କହୁଛି ମୋର ଏହି ବିଶ୍ଵାସର ବଳରେ ଯେ, ଆପଣ ସାମାନ୍ୟ ଟିକିଏ ପ୍ରେମରେ ପ୍ରସନ୍ନ ହୋଇଯାଆନ୍ତି ॥ ୨ ॥

**ବାର ବାର ମାଗଉଁ କର ଜୋରେଁ । ମନୁ ପରିହରୈ ଚରନ ଜନି ଭୋରେଁ ॥**
**ସୁନି ବର ବଚନ ପ୍ରେମ ଜନୁ ପୋଷେ । ପୂରନକାମ ରାମୁ ପରିତୋଷେ ॥ ୩ ॥**

ମୁଁ ବାରମ୍ବାର କର ଯୋଡ଼ି ଏତିକିମାତ୍ର ମାଗୁଛି ଯେ, ମୋର ମନ ଭୁଲ୍‌ରେ ସୁଦ୍ଧା ଆପଣଙ୍କ ଚରଣକମଳକୁ ନ ଛାଡ଼ୁ ।'' ଜନକଙ୍କର ପ୍ରେମପୂର୍ଣ୍ଣ ଅମୂଲ୍ୟ ବଚନ ଶୁଣି ପୂର୍ଣ୍ଣକାମ ଶ୍ରୀରାମ ଅତ୍ୟନ୍ତ ପ୍ରସନ୍ନ ହୋଇଗଲେ ॥ ୩ ॥

**କରି ବର ବିନୟ ସସୁର ସନମାନେ । ପିତୁ କୌସିକ ବସିଷ୍ଟ ସମ ଜାନେ ॥**
**ବିନତୀ ବହୁରି ଭରତ ସନ କୀହ୍ନୀ । ମିଲି ସପ୍ରେମ ପୁନି ଆସିଷ ଦୀହ୍ନୀ ॥ ୪ ॥**

ଶ୍ୱଶୁର ଜନକଙ୍କୁ ପିତା ଦଶରଥ, ଗୁରୁ ବିଶ୍ୱାମିତ୍ର ଏବଂ କୁଳଗୁରୁ ବଶିଷ୍ଠଙ୍କ ସହିତ ସମାନ ବୋଲି ଜାଣି ସେ ବିନୟର ସହିତ ସମୁଚିତ ସମ୍ମାନ ଦେଲେ । ତହୁଁ ଜନକ ଭରତଙ୍କ ନିକଟରେ ବିନୟ ପ୍ରକାଶ କଲେ ଏବଂ ତାଙ୍କ ସହିତ ପ୍ରେମସହକାରେ ମିଳିତ ହୋଇ ତାଙ୍କୁ ଆଶୀର୍ବାଦ ଦେଲେ ॥ ୪ ॥

ଦୋ:- **ମିଲେ ଲଖନ ରିପୁସୂଦନହି ଦୀହ୍ନି ଅସୀସ ମହୀସ ।**
**ଭଏ ପରସପର ପ୍ରେମବସ ଫିରି ଫିରି ନାୱହିଁ ସୀସ ॥ ୩୪୨ ॥**

ତା'ପରେ ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଆଲିଙ୍ଗନ କରି ରାଜା ଜନକ ଆଶୀର୍ବାଦ ଦେଲେ । ପ୍ରେମ ଓ ଆଦରର ଆଧିକ୍ୟ ହେତୁ ଶ୍ୱଶୁର ଓ ଜ୍ୱାଇଁମାନେ ବାରମ୍ବାର ପରସ୍ପରକୁ ନମସ୍କାର କଲେ ॥ ୩୪୨ ॥

**ବାର ବାର କରି ବିନୟ ବଡ଼ାଈ । ରଘୁପତି ଚଲେ ସଂଗ ସବ ଭାଈ ॥**
**ଜନକ ଗହେ କୌସିକ ପଦ ଜାଈ । ଚରନ ରେନୁ ସିର ନୟନନ୍ହ ଲାଈ ॥ ୧ ॥**

ବାରମ୍ବାର ଜନକଙ୍କର ପ୍ରଶଂସା କରି, ତାଙ୍କୁ ବିନତି ଜଣାଇ ଶ୍ରୀରଘୁନାଥ ଭାଇମାନଙ୍କ ସହିତ ଆଗକୁ ଚାଲିଲେ । ପୁଣି ଜନକ ଯାଇ ବିଶ୍ୱାମିତ୍ରଙ୍କ ପାଦ ଧରିପକାଇଲେ ଏବଂ ମସ୍ତକରେ ଓ ନେତ୍ରରେ ତାଙ୍କର ପାଦଧୂଳି ବୋଳିହେଲେ ॥ ୧ ॥

**ସୁନୁ ମୁନୀସ ବର ଦରସନ ତୋରେଁ । ଅଗମୁ ନ କଛୁ ପ୍ରତୀତି ମନ ମୋରେଁ ॥**
**ଜୋ ସୁଖୁ ସୁଜସୁ ଲୋକପତି ଚହହୀଁ । କରତ ମନୋରଥ ସକୁଚତ ଅହହୀଁ ॥ ୨ ॥**

[ତାଙ୍କୁ କହିଲେ,] ''ହେ ମୁନୀଶ୍ୱର ! ମୋର ବିଶ୍ୱାସ ରହିଛି ଯେ, ଆପଣଙ୍କ ପରମଦର୍ଶନ ପାଇଲେ ସବୁକିଛି ସୁଲଭ ହୋଇଯାଏ । ଲୋକପାଳମାନେ ଯେଉଁ ସୁଖ ଓ ସୁଯଶ ଚାହାନ୍ତି, କିନ୍ତୁ ଅସମ୍ଭବ ବୋଲି ବୁଝି ମନୋରଥ କରି ମଧ୍ୟ ସଂକୁଚିତ ହୋଇ ରହିଯାଆନ୍ତି, ॥ ୨ ॥

**ସୋ ସୁଖୁ ସୁଜସୁ ସୁଲଭ ମୋହି ସ୍ୱାମୀ । ସବ ସିଧି ତୱ ଦରସନ ଅନୁଗାମୀ ॥**
**କୀହ୍ନି ବିନୟ ପୁନି ପୁନି ସିରୁ ନାଈ । ଫିରେ ମହୀସୁ ଆସିଷା ପାଈ ॥ ୩ ॥**

ହେ ସ୍ୱାମୀ ! ସେହି ସୁଖ ଓ ସୁଯଶ ମୋ ପାଇଁ ସୁଲଭ ହୋଇଗଲା । ସକଳ ସିଦ୍ଧି ଆପଣଙ୍କ ଦର୍ଶନର ଅନୁଗମନ କରନ୍ତି (ଅର୍ଥାତ୍ ତା'ପରେ ପରେ ମିଳିଯାନ୍ତି) ।'' ଏପରିଭାବରେ ସେ ବାରମ୍ବାର କୃତଜ୍ଞତା ଜଣାଇଲେ ଏବଂ ତାଙ୍କ ଚରଣରେ ମଥା ନତ କରି, ତାଙ୍କ ଆଶୀର୍ବାଦ ପାଇ ନିଜପୁରକୁ ଫେରିଲେ ॥ ୩ ॥

**ଚଲୀ ବରାତ ନିସାନ ବଜାଈ । ମୁଦିତ ଛୋଟ ବଡ଼ ସବ ସମୁଦାଈ ॥**
**ରାମହି ନିରଖି ଗ୍ରାମ ନର ନାରୀ । ପାଇ ନୟନ ଫଲୁ ହୋହିଁ ସୁଖାରୀ ॥ ୪ ॥**

ନାଗରା ବଜାଇ ବଜାଇ ବରଯାତ୍ରୀଦଳ ଅଯୋଧ୍ୟା ପଥରେ ଗ୍ଲିଲେ । ଛୋଟ, ବଡ଼ ସମସ୍ତେ ପ୍ରସନ୍ନ ଥାଆନ୍ତି । [ବାଟରେ] ବିଭିନ୍ନ ଗ୍ରାମର ସ୍ତ୍ରୀପୁରୁଷମାନେ ଶ୍ରୀରାମଙ୍କୁ ଦର୍ଶନ କରି ଓ ନିଜ ନିଜର ନୟନ ସଫଳ କରି ଖୁସୀ ହେଉଥାନ୍ତି ॥ ୪ ॥

ଦୋ:- **ବୀଚ ବୀଚ ବର ବାସ କରି ମଗ ଲୋଗହ୍ନ ସୁଖ ଦେତ ।**
**ଅଓ୍ୱଧ ସମୀପ ପୁନୀତ ଦିନ ପହୁଁଚୀ ଆଇ ଜନେତ ॥ ୩୪୩ ॥**

ବାଟରେ, ମଝିରେ ମଝିରେ ସୁନ୍ଦର ଅସ୍ଥାୟୀ ଡେରାମାନଙ୍କରେ ବିଶ୍ରାମ କରି ତଥା ପାଖଆଖର ଲୋକଙ୍କୁ ସୁଖୀ ଦେଇ, ବରଯାତ୍ରୀଦଳ ଯାଇ ଏକ ଶୁଭଦିବସରେ ଅଯୋଧ୍ୟାପୁରୀ ନିକଟରେ ପହଞ୍ଚିଗଲେ ॥ ୩୪୩ ॥

**ହନେ ନିସାନ ପନଓ୍ୱ ବର ବାଜେ । ଭେରି ସଂଖ ଧୁନି ହୟ ଗୟ ଗାଜେ ॥**
**ଝାଁଝି ବିରଓ୍ୱ ଡିଂଡିମୀ ସୁହାଈ । ସରସ ରାଗ ବାଜହିଁ ସହନାଈ ॥ ୧ ॥**

ଖୁବ୍ ଜୋର୍‌ରେ ନାଗରା ବାଜୁଥାଏ; ସୁନ୍ଦର ଢୋଲ ବାଜୁଥାଏ । ଭେରୀତୂରୀ ଓ ଶଙ୍ଖନାଦ ହେଉଥାଏ । ହାତୀ ଓ ଘୋଡ଼ାମାନେ ଗର୍ଜନ କରୁଥାନ୍ତି । ବିଶେଷ ଶବ୍ଦ କରୁଥିବା ଝାଞ୍ଜ, ମୃଦଙ୍ଗ ସହିତ ସରସ ଓ ମଧୁର ସ୍ୱରରେ ସାହାନାଇ ବାଜୁଥାଏ ॥ ୧ ॥

**ପୁର ଜନ ଆଓ୍ୱତ ଅକନି ବରାତା । ମୁଦିତ ସକଲ ପୁଲକାଓ୍ୱଲି ଗାତା ॥**
**ନିଜ ନିଜ ସୁଂଦର ସଦନ ସଁଓ୍ୱାରେ । ହାଟ ବାଟ ଚୌହଟ ପୁର ଦ୍ୱାରେ ॥ ୨ ॥**

ବରଯାତ୍ରୀମାନେ ଆସୁଥିବାର ଶବ୍ଦ ଶୁଣି ନଗରବାସୀ ପ୍ରସନ୍ନ ହୋଇଗଲେ । ସମସ୍ତଙ୍କର ଶରୀର ରୋମାଞ୍ଚିତ ହୋଇଗଲା । ସମସ୍ତେ ନିଜ ନିଜର ଘର, ବଜାର, ସାହି, ଗଳି, ଛକସ୍ଥାନ ତଥା ନଗରଦ୍ୱାର ସୁନ୍ଦରଭାବରେ ସଜାଇଲେ ॥ ୨ ॥

**ଗଲୀଁ ସକଲ ଅରଗଜାଁ ସିଁଗ୍ୱାଈଁ । ଜହଁ ତହଁ ଚୌକେଁ ଗ୍ୱରୁ ପୁରାଈଁ ॥**
**ବନା ବଜାରୁ ନ ଜାଇ ବଖାନା । ତୋରନ କେତୁ ପତାକ ବିତାନା ॥ ୩ ॥**

ସବୁ ଗଳିକନ୍ଦିରେ ସୁଗନ୍ଧିତ ଜଳ ଛିଞ୍ଚାଗଲା । ନାନା ରଙ୍ଗର ସୁନ୍ଦର ସୁନ୍ଦର ଝୋଟି ପକାଇ ବିଭିନ୍ନ ସ୍ଥାନ ସଜାଇଦିଆଗଲା । ଧ୍ୱଜା-ପତାକା, ତୋରଣ ଏବଂ ଗ୍ୱନ୍ଦୁଆରେ ଦୋକାନବଜାର ଏପରି ସଜାଇଦିଆଗଲା ଯେ, ତାହା ବର୍ଣ୍ଣନାର ଅତୀତ ହୋଇଗଲା ॥ ୩ ॥

**ସଫଲ ପୂଗଫଲ କଦଲି ରସାଲା । ରୋପେ ବକୁଲ କଦଂବ ତମାଲା ॥**
**ଲଗେ ସୁଭଗ ତରୁ ପରସତ ଧରନୀ । ମନିମୟ ଆଲବାଲ କଲ କରନୀ ॥ ୪ ॥**

ରାଜପଥର ଦୁଇପାଖରେ ଫୁଲଫଳ ଧରିଥିବା ଗୁଆଗଛ, କଦଳୀଗଛ ଏବଂ ଆମ୍ବ, ବଉଳ, କଦମ୍ବ ଓ ତମାଳ ଗଛ ଆଣି ପୋତାଗଲା । ସେହି ସୁନ୍ଦର ଗଛଗୁଡ଼ିକ ଫୁଲଫଳ-ଭାରରେ ତଳକୁ ନଇଁପଡ଼ି ଭୂଇଁକୁ ଛୁଉଁଥା'ନ୍ତି । ସେହିସବୁ ଗଛର ମୂଳରେ ସୁନ୍ଦର ମଣିମୟ କୁଣ୍ଡ ତିଆରି କରାଗଲା ॥ ୪ ॥

ଦୋ:- **ବିବିଧ ଭାଁତି ମଂଗଲ କଲସ ଗୃହ ଗୃହ ରଚେ ସଁଓ୍ୱାରି ।**
**ସୁର ବ୍ରହ୍ମାଦି ସିହାହିଁ ସବ ରଘୁବର ପୁରୀ ନିହାରି ॥ ୩୪୪ ॥**

ପ୍ରତ୍ୟେକ ଘର ଆଗରେ ନାନାପ୍ରକାର ସୁଶୋଭିତ ମଙ୍ଗଳକଳସ ସଜାଇ ରଖାଗଲା । ରଘୁନାଥଙ୍କର ନଗରୀ ଦେଖି ବ୍ରହ୍ମାଦି ଦେବତାମାନେ ବିଶେଷ ପ୍ରଶଂସା କରିବାକୁ ଲାଗିଲେ ॥ ୩୪୪ ॥

**ଭୂପ ଭୱନୁ ତେହି ଅୱସର ସୋହା । ରଚନା ଦେଖି ମଦନ ମନୁ ମୋହା ॥**
**ମଂଗଲ ସଗୁନ ମନୋହରତାଈ । ରିଧି ସିଧି ସୁଖ ସଂପଦା ସୁହାଈ ॥ ୧ ॥**
**ଜନୁ ଉଛାହ ସବ ସହଜ ସୁହାଏ । ତନୁ ଧରି ଧରି ଦସରଥ ଗୃହଁ ଛାଏ ॥**
**ଦେଖନ ହେତୁ ରାମ ବୈଦେହୀ । କହହୁ ଲାଲସା ହୋହି ନ କେହୀ ॥ ୨ ॥**

ସେତେବେଳେ ରାଜପ୍ରାସାଦ ଏପରି ସୁଶୋଭିତ ହୋଇଥିଲା ଯେ, ତା'ର ରଚନାଶୈଳୀ ଦେଖି କାମଦେବ ମଧ୍ୟ ମୋହିତ ହୋଇଯାଉଥାନ୍ତି । ଋଦ୍ଧି, ସିଦ୍ଧି ଏବଂ ସୁନ୍ଦର ସୁଖସମ୍ପଦ ସହିତ ଶୁଭଲକ୍ଷଣ ଓ ମନୋହର ଦୃଶ୍ୟ; ତଥା ସକଳପ୍ରକାର ଉତ୍ସାହ ଆନନ୍ଦ ସତେ ଯେପରି ସୁନ୍ଦର ଶରୀର ଧାରଣ କରି ଦଶରଥଙ୍କ ନବରରେ ରୁଣ୍ଡ ହୋଇଥାନ୍ତି । ଶ୍ରୀରାମ ଓ ସୀତାଙ୍କ ଦର୍ଶନ ନିମନ୍ତେ କାହାର ବା ଲାଲସା ନ ହେବ, କହିଲ ଭଲା ! ॥ ୧, ୨ ॥

**ଜୂଥ ଜୂଥ ମିଲି ଚଲୀଁ ସୁଆସିନି । ନିଜ ଛବି ନିଦରହିଁ ମଦନ ବିଲାସିନି ॥**
**ସକଲ ସୁମଂଗଲ ସଜେଁ ଆରତୀ । ଗାୱହିଁ ଜନୁ ବହୁ ବେଷ ଭାରତୀ ॥ ୩ ॥**

ନିଜ ନିଜର ସୁନ୍ଦର ରୂପରେ କାମଦେବଙ୍କ ପତ୍ନୀ ରତିଦେବୀଙ୍କୁ ମଧ୍ୟ ନିରାଦର କରୁଥିବା ସୁନ୍ଦରୀ ସଧବା ସ୍ତ୍ରୀମାନେ ମିଶି ଦଳ ଦଳ ହୋଇ ଗ୍ଲିଲେ । ସମସ୍ତେ ମାଙ୍ଗଳିକ ଦ୍ରବ୍ୟ ଏବଂ ଆରତି ସଜାଇ ଏଭଳି ଗୀତ ଗାଉଥାନ୍ତି ଯେ, ମନେହେଉଥାଏ, ସ୍ୱୟଂ ସରସ୍ୱତୀହିଁ ବିଭିନ୍ନ ବେଶ ଧରି ଗାଉଛନ୍ତି ॥ ୩ ॥

**ଭୂପତି ଭୱନ କୋଲାହଲୁ ହୋଈ । ଜାଇ ନ ବରନି ସମଉ ସୁଖୁ ସୋଈ ॥**
**କୌସଲ୍ୟାଦି ରାମ ମହତାରୀଁ । ପ୍ରେମବିବସ ତନ ଦସା ବିସାରୀଁ ॥ ୪ ॥**

ରାଜମହଲ ଆନନ୍ଦ କୋଳାହଳରେ ପୂରିଯାଇଥାଏ । ସେହି ସମୟର ଓ ସେହି ଆନନ୍ଦର ବର୍ଣ୍ଣନା କରିହେବ ନାହିଁ । ଶ୍ରୀରାମଙ୍କର କୌଶଲ୍ୟାଦି ମାତାମାନେ ବିଶେଷ ପ୍ରେମବଶତଃ ଦେହଜ୍ଞାନ ଭୁଲିଗଲେ ॥ ୪ ॥

ଦୋଃ- **ଦିଏ ଦାନ ବିପ୍ରହ୍ନ ବିପୁଲ ପୂଜି ଗନେସ ପୁରାରି ।**
**ପ୍ରମୁଦିତ ପରମ ଦରିଦ୍ର ଜନୁ ପାଇ ପଦାରଥ ଗ୍ୱରି ॥ ୩୪୫ ॥**

ସେମାନେ ଗଣେଶ ଓ ଶିବଙ୍କୁ ପୂଜା କରି ବ୍ରାହ୍ମଣମାନଙ୍କୁ ବହୁ ପରିମାଣରେ ଦାନ ଦେଲେ । ଅତି ଦରିଦ୍ରଲୋକ ଚତୁର୍ବର୍ଗ ଫଳ ପାଇଗଲେ ଯେପରି ଆନନ୍ଦିତ ହୁଏ, ସେମାନେ ସେହିପରି ପରମାନନ୍ଦ ଲାଭ କଲେ ॥ ୩୪୫ ॥

**ମୋଦ ପ୍ରମୋଦ ବିବସ ସବ ମାତା । ଚଲହିଁ ନ ଚରନ ସିଥିଲ ଭଏ ଗାତା ॥**
**ରାମ ଦରସ ହିତ ଅତି ଅନୁରାଗୀଁ । ପରିଛନି ସାଜୁ ସଜନ ସବ ଲାଗୀଁ ॥ ୧ ॥**

ସୁଖ ଓ ମହାନନ୍ଦରେ ବିହ୍ୱଳ ହୋଇଯିବାରୁ ସବୁ ମାଆଙ୍କର ଦେହ ଶିଥିଳ ହୋଇଗଲା; ପାଦ ଆଉ ଗ୍ଲୁ ନ ଥାଏ । ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ଅତ୍ୟନ୍ତ ସରାଗରେ ସେମାନେ ବନ୍ଦାପନାର ସମସ୍ତ ସାମଗ୍ରୀ ସଜାଇବାକୁ ଲାଗିଗଲେ ॥ ୧ ॥

**ବିବିଧ ବିଧାନ ବାଜନେ ବାଜେ । ମଂଗଲ ମୁଦିତ ସୁମିତ୍ରାଁ ସାଜେ ॥**
**ହରଦ ଦୂବ ଦଧି ପଲ୍ଲୱ ଫୂଲା । ପାନ ପୂଗଫଲ ମଂଗଲ ମୂଲା ॥ ୨ ॥**

ନାନାପ୍ରକାର ବାଦ୍ୟ ବାଜୁଥାଏ । ସୁମିତ୍ରା ଆନନ୍ଦପୂର୍ବକ ମଙ୍ଗଳଥାଳି ସଜାଇଲେ । ହଳଦୀ, ଦୂବ, ଦହି, ପତ୍ର, ଫୁଲ, ପାନ, ଗୁଆ ଆଦି ସମସ୍ତପ୍ରକାର ମୁଖ୍ୟ ମାଙ୍ଗଳିକ ଦ୍ରବ୍ୟ, ॥ ୨ ॥

**ଅଚ୍ଛତ ଅଂକୁର ଲୋଚନ ଲାଜା । ମଂଜୁଲ ମଂଜରି ତୁଲସି ବିରାଜା ॥**
**ଛୁହେ ପୁରଟ ଘଟ ସହଜ ସୁହାଏ । ମଦନ ସକୁନ ଜନୁ ନୀଡ଼ ବନାଏ ॥ ୩ ॥**

ତଥା ଅକ୍ଷତ, ଅଙ୍କୁର, ଗୋରୋଚନା, ଖଇ, ସୁନ୍ଦର ତୁଳସୀମଞ୍ଜରୀ ପ୍ରଭୃତି ପଦାର୍ଥ ସୁନ୍ଦରଭାବରେ ସଜାଗଲା । ନାନା ରଙ୍ଗରେ ରଞ୍ଜିତ ସ୍ୱାଭାବିକଭାବେ ସୁନ୍ଦର ସୁବର୍ଣ୍ଣକଳସ ବି ରଖାଗଲା । ସେସବୁ ଏପରି ଦେଖାଯାଉଥାଏ ଯେ, ମନେହେଉଥାଏ, କାମଦେବଙ୍କ ପକ୍ଷୀମାନେ ବସା ତିଆରି କରିଛନ୍ତି କି ! ॥ ୩ ॥

**ସଗୁନ ସୁଗଂଧ ନ ଜାହିଁ ବଖାନୀ । ମଂଗଲ ସକଲ ସଜହିଁ ସବ ରାନୀ ॥**
**ରଚୀଁ ଆରତୀଁ ବହୁତ ବିଧାନା । ମୁଦିତ କରହିଁ କଲ ମଂଗଲ ଗାନା ॥ ୪ ॥**

ମଙ୍ଗଳସୂଚକ ସୁଗନ୍ଧଦ୍ରବ୍ୟମାନଙ୍କର ବର୍ଣ୍ଣନା ପ୍ରକୃତରେ କରିହେବ ନାହିଁ । ସବୁ ରାଣୀ ମିଶି ସକଳ ମଙ୍ଗଳଦ୍ରବ୍ୟ ସଜାଉଥାନ୍ତି । ବିଭିନ୍ନପ୍ରକାରେ ଆରତି ସଜାଇ ସେମାନେ ଆନନ୍ଦମନରେ ମଙ୍ଗଳଗୀତ ଗାଉଥାନ୍ତି ॥ ୪ ॥

ଦୋଃ- **କନକ ଥାର ଭରି ମଂଗଲହ୍ନି କମଲ କରହ୍ନି ଲିଏଁ ମାତ ।**
**ଚଲୀଁ ମୁଦିତ ପରିଛନି କରନ ପୁଲକ ପଲ୍ଲୱିତ ଗାତ ॥ ୩୪୬ ॥**

ମାଆମାନେ ସୁବର୍ଣ୍ଣଥାଳିରେ ମଙ୍ଗଳ ଦ୍ରବ୍ୟ ସଜାଇଲେ ଏବଂ ନିଜ ନିଜ କରକମଳରେ ଥାଳି ଧରି ଆନନ୍ଦମନରେ ବନ୍ଦାପନା ନିମନ୍ତେ ଚାଲିଲେ ।ଆନନ୍ଦରେ ସେମାନଙ୍କର ଶରୀର ପୁଲକିତ ହୋଇଯାଉଥାଏ ॥ ୩୪୬ ॥

**ଧୂପ ଧୂମ ନଭୁ ମେଚକ ଭୟଉ । ସାୱନ ଘନ ଘମଂଡୁ ଜନୁ ଠୟଉ ॥**
**ସୁରତରୁ ସୁମନ ମାଲ ସୁର ବରଷହିଁ । ମନହୁଁ ବଲାକ ଅୱଲି ମନୁ କରଷହିଁ ॥ ୧ ॥**

ଧୂପଧୂଆଁରେ ଆକାଶ ଏପରି କଳା ହୋଇଗଲା ଯେ, ଶ୍ରାବଣମେଘ ଗର୍ଜନ କରି କରି ଘୋଟି ଆସିଲାପରି ଲାଗିଲା । ଦେବତାମାନେ କଳ୍ପବୃକ୍ଷ ଫୁଲର ମାଳା ବର୍ଷା କରୁଥାନ୍ତି । ଜଣାପଡୁଥାଏ, ସତେ ଯେପରି ଦଳଦଳ ବଗ ଉଡ଼ି ଆସି ମନକୁ ସେମାନଙ୍କ ଆଡ଼କୁ ଆକୃଷ୍ଟ କରୁଛନ୍ତି ॥ ୧ ॥

**ମଂଜୁଲ ମନିମୟ ବଂଦନିୱାରେ । ମନହୁଁ ପାକରିପୁ ଚାପ ସଁୱାରେ ॥**
**ପ୍ରଗଟହିଁ ଦୁରହିଁ ଅଟହ୍ନ ପର ଭାମିନି । ଚାରୁ ଚପଲ ଜନୁ ଦମକହିଁ ଦାମିନି ॥ ୨ ॥**

ସୁନ୍ଦର ମଣିରେ ନିର୍ମିତ ତୋରଣ ଦେଖି ମନେହେଉଥାଏ, ସତେ ଯେପରି ଇନ୍ଦ୍ରଧନୁ ପଡ଼ିଛି । ଅଟ୍ଟାଳିକା ଉପରେ ସୁନ୍ଦରୀ ଓ ଚପଳା ସ୍ତ୍ରୀମାନେ ଦେଖାଯାଉଥାନ୍ତି; ପୁଣି ଲୁଚିଯାଉଥାନ୍ତି (ଯିବା ଆସିବା କରୁଥାନ୍ତି) । ସେମାନଙ୍କୁ ଦେଖିଲେ ଲାଗୁଥାଏ, ମଝି ମଝିରେ ବିଜୁଳି ଚମକୁଛି କି ! ॥ ୨ ॥

**ଦୁଂଦୁଭି ଧୁନି ଘନ ଗରଜନି ଘୋରା । ଜାଚକ ଚାତକ ଦାଦୁର ମୋରା ॥**
**ସୁର ସୁଗଂଧ ସୁଚି ବରଷହିଁ ବାରୀ । ସୁଖୀ ସକଲ ସସି ପୁର ନର ନାରୀ ॥ ୩ ॥**

ନାଗରାମାନଙ୍କର ଧ୍ୱନି ତ ମେଘଗର୍ଜନ ପରି ଶୁଭୁଥାଏ । ଯାଚକମାନେ ଚାତକ, ବେଙ୍ଗ ଓ ମୟୂର ପରି ଧ୍ୱନି କରୁଥାନ୍ତି । ଦେବତାମାନେ ପବିତ୍ର ସୁଗନ୍ଧରୂପୀ ଜଳ ବର୍ଷା କରୁଥା'ନ୍ତି; ତଦ୍ଦ୍ୱାରା ଶସ୍ୟକ୍ଷେତ୍ରରୂପୀ ସମସ୍ତ ନରନାରୀ ସୁଖ ଅନୁଭବ କରୁଥା'ନ୍ତି ॥ ୩ ॥

**ସମଉ ଜାନି ଗୁର ଆୟସୁ ଦୀହ୍ନା । ପୁର ପ୍ରବେସୁ ରଘୁକୁଲମନି କୀହ୍ନା ॥**
**ସୁମିରି ସଂଭୁ ଗିରିଜା ଗନରାଜା । ମୁଦିତ ମହୀପତି ସହିତ ସମାଜା ॥ ୪ ॥**

ସମୟ ହେଲା ଜାଣି ଗୁରୁ ବଶିଷ୍ଠ ନଗରରେ ପ୍ରବେଶ କରିବାକୁ ଆଜ୍ଞା ଦେଲେ । ତେଣୁ ରଘୁକୁଳମଣି ମହାରାଜ ଦଶରଥ ଶିବ, ପାର୍ବତୀ ଓ ଗଣେଶଙ୍କୁ ସ୍ମରଣ କରି ସମସ୍ତଙ୍କ ସହିତ ମହାଆନନ୍ଦରେ ନଗରରେ ପ୍ରବେଶ କଲେ ॥ ୪ ॥

ଦୋଃ- **ହୋହିଁ ସଗୁନ ବରଷହିଁ ସୁମନ ସୁର ଦୁଂଦୁଭୀଁ ବଜାଇ ।**
**ବିବୁଧ ବଧୂ ନାଚହିଁ ମୁଦିତ ମଂଜୁଲ ମଂଗଲ ଗାଇ ॥ ୩୪୭ ॥**

ଶୁଭଶକୁନ ଦେଖାଯାଉଥାଏ । ଦେବତାମାନେ ଦୁନ୍ଦୁଭି ବଜାଇ ବଜାଇ ପୁଷ୍ପବୃଷ୍ଟି କରୁଥାନ୍ତି । ଦେବାଙ୍ଗନାମାନେ ଆନନ୍ଦିତ ହୋଇ, ମଞ୍ଜୁଳ ସଙ୍ଗୀତ ଗାଇ ଗାଇ ନାଚୁଥାନ୍ତି ॥ ୩୪୭ ॥

**ମାଗଧ ସୂତ ବଂଦି ନଟ ନାଗର । ଗାୱହିଁ ଜସୁ ତିହୁ ଲୋକ ଉଜାଗର ॥**
**ଜୟ ଧୁନି ବିମଲ ବେଦ ବର ବାନୀ । ଦସ ଦିସି ସୁନିଅ ସୁମଂଗଲ ସାନୀ ॥ ୧ ॥**

ଚତୁର ମାଗଧ, ସୂତ, ଭାଟ ଓ ନଟମାନେ ରାଜା ଦଶରଥ ଓ ଶ୍ରୀରାମଙ୍କର ତ୍ରିଲୋକପ୍ରସିଦ୍ଧ ଯଶ ଗାନ କରୁଥାନ୍ତି । ଜୟଧ୍ୱନି ତଥା ମଙ୍ଗଳମୟ ନିର୍ମଳ ବେଦଧ୍ୱନି ଦଶଦିଗରେ ପ୍ରତିଧ୍ୱନିତ ହେଉଥାଏ ॥ ୧ ॥

**ବିପୁଲ ବାଜନେ ବାଜନ ଲାଗେ । ନଭ ସୁର ନଗର ଲୋଗ ଅନୁରାଗେ ॥**
**ବନେ ବରାତୀ ବରନି ନ ଜାହୀଁ । ମହା ମୁଦିତ ମନ ସୁଖ ନ ସମାହୀଁ ॥ ୨ ॥**

ବହୁ ସଂଖ୍ୟକ ବାଦ୍ୟ ବାଜିଲା । ଆକାଶରେ ଦେବତା ଓ ନଗରରେ ମନୁଷ୍ୟ–ସମସ୍ତେ ପ୍ରେମରେ ମଗ୍ନ ଥାଆନ୍ତି । ବରଯାତ୍ରୀମାନେ ଏପରି ସୁନ୍ଦରବେଶ ହୋଇଥାନ୍ତି ଯେ, ତାହା ବର୍ଣ୍ଣନାର ଅତୀତ । ସେମାନେ ପରମ ଆନନ୍ଦ ପାଉଥାନ୍ତି; ସେମାନଙ୍କ ମନର ଆନନ୍ଦ ଉଚ୍ଛୁଳିପଡୁଥାଏ ॥ ୨ ॥

**ପୁରବାସିହ୍ନ ତବ ରାୟ ଜୋହାରେ । ଦେଖତ ରାମହି ଭଏ ସୁଖାରେ ॥**
**କରହିଁ ନିଛାୱରି ମନିଗନ ଚୀରା । ବାରି ବିଲୋଚନ ପୁଲକ ସରୀରା ॥ ୩ ॥**

ଅଯୋଧ୍ୟାବାସୀମାନେ ରାଜାଙ୍କୁ ଜୁହାର କଲେ । ଶ୍ରୀରାମଙ୍କୁ ଦେଖୁ ଦେଖୁ ସେମାନେ ଆନନ୍ଦିତ ହୋଇଗଲେ । ସମସ୍ତେ ମଣିମାଣିକ୍ୟ ଓ ବସ୍ତ୍ର ଭେଟି ଦେଲେ । ସବୁରି ନେତ୍ର ପ୍ରେମାଶ୍ରୁଜଳରେ ପୂର୍ଣ୍ଣ ଓ ଶରୀର ପୁଲକିତ ହୋଇଗଲା ॥ ୩ ॥

**ଆରତି କରହିଁ ମୁଦିତ ପୁର ନାରୀ । ହରଷହିଁ ନିରଖି କୁଅଁର ବର ଚ୍ୱାରୀ ॥**
**ସିବିକା ସୁଭଗ ଓହାର ଉଘାରୀ । ଦେଖି ଦୁଲହିନିହ୍ନ ହୋହିଁ ସୁଖାରୀ ॥ ୪ ॥**

ନଗରର ନାରୀମାନେ ଆନନ୍ଦରେ ଆରତି କରୁଥାନ୍ତି । ସୁନ୍ଦର ଚ୍ୱରିକୁମାରଙ୍କୁ ଦେଖି ସମସ୍ତେ ହର୍ଷିତ ହେଉଥାନ୍ତି । ପାଲିଙ୍କିମାନଙ୍କରୁ ସୁନ୍ଦର ପରଦା ଟିକିଏ ଆଡ଼େଇଦେଇ, ନୂଆବୋହୂମାନଙ୍କୁ ଦେଖି ଦେଖି ସମସ୍ତେ ଖୁସୀ ହେଉଥାନ୍ତି ॥ ୪ ॥

ଦୋଃ- **ଏହି ବିଧି ସବହୀ ଦେତ ସୁଖୁ ଆଏ ରାଜଦୁଆର ।**
**ମୁଦିତ ମାତୁ ପରିଛନି କରହିଁ ବଧୁହ୍ନ ସମେତ କୁମାର ॥ ୩୪୮ ॥**

ଏପରିଭାବରେ ସମସ୍ତଙ୍କୁ ସୁଖ ଦେଇ ସେମାନେ ରାଜଦ୍ୱାର ପାଖକୁ ଚ୍ୱଲିଆସିଲେ । ମାଆମାନେ ଆନନ୍ଦରେ ବୋହୂମାନଙ୍କ ସହିତ ପୁଅମାନଙ୍କୁ ବନ୍ଦାପନା କଲେ ॥ ୩୪୮ ॥

**କରହିଁ ଆରତୀ ବାରହିଁ ବାରା । ପ୍ରେମୁ ପ୍ରମୋଦୁ କହୈ କୋ ପାରା ॥**
**ଭୂଷନ ମନି ପଟ ନାନା ଜାତୀ । କରହିଁ ନିଛାୱରି ଅଗନିତ ଭାଁତୀ ॥ ୧ ॥**

ସେମାନେ ବାରମ୍ବାର ଆରତି କଲେ । ସେମାନଙ୍କ ପ୍ରେମ ଓ ମହାନ୍ ଆନନ୍ଦ କିଏ ବା ବର୍ଣ୍ଣିପାରିବ ! ସେମାନେ ଅନେକପ୍ରକାର ଆଭୂଷଣ, ରତ୍ନ ଓ ବସ୍ତ୍ର ତଥା ଅଗଣିତପ୍ରକାରର ଅନ୍ୟ ବସ୍ତୁ ବନ୍ଦାଇଲେ ॥ ୧ ॥

**ବଧୁନ୍ହ ସମେତ ଦେଖି ସୁତ ଚ୍ୟାରୀ । ପରମାନଂଦ ମଗନ ମହତାରୀ ॥**
**ପୁନି ପୁନି ସୀୟ ରାମ ଛବି ଦେଖୀ । ମୁଦିତ ସଫଲ ଜଗ ଜୀୱନ ଲେଖୀ ॥ ୨ ॥**

ବୋହୂମାନଙ୍କ ସହିତ ପୁଅମାନଙ୍କୁ ଦେଖି ମାଆମାନେ ପରମାନନ୍ଦରେ ମଗ୍ନ ହୋଇଗଲେ । ସୀତା ଓ ରାମଙ୍କର ରୂପକୁ ବାରମ୍ବାର ନିରେଖି, ସେମାନେ ଆନନ୍ଦିତ ହେଲେ ଓ ନିଜ ନିଜ ଜୀବନକୁ ଧନ୍ୟ ମନେକଲେ ॥ ୨ ॥

**ସଖୀଁ ସୀୟ ମୁଖ ପୁନି ପୁନି ଚ୍ୟାହୀ । ଗାନ କରହିଁ ନିଜ ସୁକୃତ ସରାହୀ ॥**
**ବରଷହିଁ ସୁମନ ଛନହିଁ ଛନ ଦେୱା । ନାଚହିଁ ଗାୱହିଁ ଲାୱହିଁ ସେୱା ॥ ୩ ॥**

ସଖୀମାନେ ବାରମ୍ବାର ସୀତାଙ୍କ ମୁହଁ ଦେଖି, ନିଜ ପୁଣ୍ୟକୁ ପ୍ରଶଂସା କରି କରି ଗୀତ ଗାଇବାକୁ ଲାଗିଲେ । ଦେବତାମାନେ ଅନୁକ୍ଷଣ ପୁଷ୍ପବୃଷ୍ଟି କଲେ ଏବଂ ନୃତ୍ୟଗୀତ କରି ନିଜ ନିଜର ସେବା ସମର୍ପଣ କଲେ ॥ ୩ ॥

**ଦେଖି ମନୋହର ଚ୍ୟାରିଉ ଜୋରୀଁ । ସାରଦ ଉପମା ସକଲ ଢଁଢୋରୀଁ ॥**
**ଦେତ ନ ବନହିଁ ନିପଟ ଲଘୁ ଲାଗୀଁ । ଏକଟକ ରହୀଁ ରୂପ ଅନୁରାଗୀଁ ॥ ୪ ॥**

ଚ୍ୟାରି ମନୋହର ଯୋଡ଼ିଙ୍କୁ ଦେଖି ସରସ୍ୱତୀ ସକଳ ଉପମା ଖୋଜିଗଲେ; କିନ୍ତୁ କୌଣସି ଉପମା ପ୍ରଯୁଜ୍ୟ ହେଲା ନାହିଁ; କାରଣ ତାଙ୍କୁ ସବୁ ଉପମା ତୁଚ୍ଛ ମନେହେଲା । ଶେଷରେ ସେ ପରାସ୍ତ ହୋଇ, ଶ୍ରୀରାମଙ୍କ ରୂପରେ ଅନୁରକ୍ତ ହୋଇଯାଇ ତାଙ୍କୁ ନିର୍ନିମେଷ ନୟନରେ ଚ୍ୟହିଁରହିଲେ ॥ ୪ ॥

ଦୋः- **ନିଗମ ନୀତି କୁଲ ରୀତି କରି ଅରଘ ପାଁୱଡ଼େ ଦେତ ।**
**ବଧୁନ୍ହ ସହିତ ସୁତ ପରିଛି ସବ ଚଲୀଁ ଲୱାଇ ନିକେତ ॥ ୩୪୯ ॥**

ମାଆମାନେ ବେଦବିଧି ଓ କୁଳରୀତି ଅନୁଯାୟୀ ସକଳ କାର୍ଯ୍ୟ କରି, ଅର୍ଘ୍ୟ ଦେଇ ଓ ଗାଲିଚ୍ଚ ବିଛାଇ, ବୋହୂ ଓ ପୁଅମାନଙ୍କୁ ବନ୍ଦାପନା କରିବା ପରେ ନଅର ଭିତରକୁ ନେଇଗଲେ ॥ ୩୪୯ ॥

**ଚ୍ୟାରି ସିଁଘାସନ ସହଜ ସୁହାଏ । ଜନୁ ମନୋଜ ନିଜ ହାଥ ବନାଏ ॥**
**ତିନ୍ହ ପର କୁଅଁରି କୁଅଁର ବୈଠାରେ । ସାଦର ପାୟ ପୁନୀତ ପଖାରେ ॥ ୧ ॥**

ନଅରରେ ଚ୍ୟାରିଗୋଟି ସୁନ୍ଦର ସିଂହାସନ ଥିଲା; ମନେହେଉଥିଲା, ସେଗୁଡ଼ିକ ସ୍ୱୟଂ କାମଦେବହିଁ ନିଜ ହାତରେ ଗଢ଼ିଥିଲେ । ମାଆମାନେ ରାଜକୁମାରୀ ଓ ରାଜକୁମାରମାନଙ୍କୁ ସେହି ସିଂହାସନମାନଙ୍କରେ ବସାଇଲେ ଏବଂ ଆଦରପୂର୍ବକ ସେମାନଙ୍କର ପବିତ୍ରପାଦ ଧୋଇଦେଲେ ॥ ୧ ॥

**ଧୂପ ଦୀପ ନୈବେଦ ବେଦ ବିଧି । ପୂଜେ ବର ଦୁଲହିନି ମଂଗଲନିଧି ॥**
**ବାରହିଁ ବାର ଆରତୀ କରହୀଁ । ବ୍ୟଜନ ଚ୍ୟାରୁ ଚ୍ୟାମର ସିର ଢରହୀଁ ॥ ୨ ॥**

ପୁଣି ବେଦବିଧି ଅନୁସାରେ ମଙ୍ଗଳର ନିଧାନ ବରକନ୍ୟାମାନଙ୍କୁ ଧୂପ, ଦୀପ, ନୈବେଦ୍ୟ ଆଦିଦ୍ୱାରା ପୂଜା କଲେ । ମାଆମାନେ ବାରମ୍ବାର ଆରତି କଲେ ଏବଂ ସେମାନଙ୍କୁ ପଙ୍ଖାରେ ବିଞ୍ଚିଲେ ଓ ସୁନ୍ଦର ଚ୍ୟାମର ପକାଇଲେ ॥ ୨ ॥

**ବସ୍ତୁ ଅନେକ ନିଛାୱରି ହୋହୀଁ । ଭରୀଁ ପ୍ରମୋଦ ମାତୁ ସବ ସୋହୀଁ ॥**
**ପାୱା ପରମ ତତ୍ତ୍ୱ ଜନୁ ଜୋଗୀଁ । ଅମୃତୁ ଲହେଉ ଜନୁ ସଂତତ ରୋଗୀଁ ॥ ୩ ॥**

ଅନେକପ୍ରକାର ଦ୍ରବ୍ୟ ବନ୍ଦାଣ ଦିଆଗଲା । ଯୋଗୀମାନେ ପରମତତ୍ତ୍ୱ ପାଇଗଲେ ଓ ଚିରରୋଗୀମାନେ ଅମୃତ ପାଇଗଲେ ଯେପରି ଆନନ୍ଦିତ ହୁଅନ୍ତି, ମାଆମାନେ ସେହିପରି ଆନନ୍ଦମଗ୍ନ ଅବସ୍ଥାରେ ସୁଶୋଭିତ ହେଲେ ॥ ୩ ॥

**ଜନମ ରଂକୁ ଜନୁ ପାରସ ପାୱା । ଅଂଧହି ଲୋଚନ ଲାଭୁ ସୁହାୱା ॥**
**ମୂକ ବଦନ ଜନୁ ସାରଦ ଛାଈ । ମାନହୁଁ ସମର ସୂର ଜୟ ପାଈ ॥ ୪ ॥**

[ସେମାନଙ୍କୁ ଦେଖି ମନେହେଲା,] ସତେ ଯେପରି ଆଜନ୍ମ ଦରିଦ୍ର ପରଶମଣି ପାଇଗଲା; ଅନ୍ଧକୁ ସୁନ୍ଦର ନୟନ ମିଳିଗଲା; ମୂକ ମୁଖରେ ସରସ୍ୱତୀ ବିଜେ ହୋଇଗଲେ ଏବଂ ଶୂରବୀର ଯୁଦ୍ଧରେ ବିଜୟ ଲାଭ କଲେ ॥ ୪ ॥

ଦୋଃ-**ଏହି ସୁଖ ତେ ସତ କୋଟି ଗୁନ ପାୱହିଁ ମାତୁ ଅନଂଦୁ ।**
**ଭାଇନ୍ହ ସହିତ ବିଆହି ଘର ଆଏ ରଘୁକୁଲଚଂଦୁ ॥୩୫୦(କ)॥**

କିନ୍ତୁ ମାଆମାନେ ଏସବୁ ସୁଖଠାରୁ ମଧ୍ୟ ଶହେକୋଟି ଗୁଣ ଅଧିକ ସୁଖ, ଅଧିକ ଆନନ୍ଦ ପାଉଥିଲେ; କାରଣ ରଘୁକୁଳର ଚନ୍ଦ୍ର ଶ୍ରୀରାମ ବିବାହ କରି ଭାଇମାନଙ୍କ ସହିତ ଘରକୁ ଫେରିଆସିଥିଲେ ॥ ୩୫୦(କ) ॥

**ଲୋକ ରୀତି ଜନନୀଁ କରହିଁ ବର ଦୁଲହିନି ସକୁଚାହିଁ ।**
**ମୋଦୁ ବିନୋଦୁ ବିଲୋକି ବଡ଼ ରାମୁ ମନହିଁ ମୁସୁକାହିଁ ॥୩୫୦(ଖ)॥**

ମାଆମାନେ ଲୋକରୀତି ପାଳନ କରୁଥିବାବେଳେ ବରକନ୍ୟାମାନେ ଲଜ୍ଜା ପ୍ରକାଶ କରୁଥିଲେ । ଏହି ମହାନନ୍ଦ ଓ ବିନୋଦ ଦେଖି ଶ୍ରୀରାମ ମନେ ମନେ ମୁରୁକି ମୁରୁକି ହସୁଥାନ୍ତି ॥ ୩୫୦(ଖ) ॥

**ଦେୱ ପିତର ପୂଜେ ବିଧି ନୀକୀ । ପୂଜୀଁ ସକଲ ବାସନା ଜୀ କୀ ॥**
**ସବହି ବଂଦି ମାଗହିଁ ବରଦାନା । ଭାଇନ୍ହ ସହିତ ରାମ କଲ୍ୟାନା ॥ ୧ ॥**

ମନର ସବୁ ବାସନା ପୂର୍ଣ୍ଣ ହୋଇଯାଇଥିବାରୁ ସେମାନେ ସୁରୁଚିରୂପେ ଦେବତା ଓ ପିତୃପୁରୁଷଙ୍କୁ ପୂଜା କଲେ । ସମସ୍ତଙ୍କୁ ବନ୍ଦନା କରି ମାଆମାନେ ବର ମାଗିଲେ ଯେ, ଭାଇମାନଙ୍କ ସହିତ ଶ୍ରୀରାମଙ୍କର କଲ୍ୟାଣ ହେଉ ॥ ୧ ॥

**ଅଂତରହିତ ସୁର ଆସିଷ ଦେହୀଁ । ମୁଦିତ ମାତୁ ଅଂଚଲ ଭରି ଲେହୀଁ ॥**
**ଭୂପତି ବୋଲି ବରାତୀ ଲୀନ୍ହେ । ଜାନ ବସନ ମନି ଭୂଷନ ଦୀନ୍ହେ ॥ ୨ ॥**

ଦେବତାମାନେ ଅନ୍ତରୀକ୍ଷରେ ଅଦୃଶ୍ୟ ରହି ଆଶୀର୍ବାଦ ଦେଉଥାନ୍ତି ଏବଂ ମାଆମାନେ ଆନନ୍ଦିତ ହୋଇ ତାହା ପଣତ ପସାରି ଗ୍ରହଣ କରୁଥାନ୍ତି । ଏହାପରେ ରାଜା ବରଯାତ୍ରୀମାନଙ୍କୁ ଡକାଇଲେ ଏବଂ ସେମାନଙ୍କୁ ବିବିଧ ଯାନ, ବସ୍ତ୍ର, ମଣିମାଣିକ୍ୟ ଓ ଆଭୂଷଣାଦି ପ୍ରଦାନ କଲେ ॥ ୨ ॥

**ଆୟସୁ ପାଇ ରାଖି ଉର ରାମହି । ମୁଦିତ ଗଏ ସବ ନିଜ ନିଜ ଧାମହି ॥**
**ପୁର ନର ନାରି ସକଲ ପହିରାଏ । ଘର ଘର ବାଜନ ଲଗେ ବଧାଏ ॥ ୩ ॥**

ଆଜ୍ଞା ପାଇ ଓ ଶ୍ରୀରାମଙ୍କୁ ହୃଦୟରେ ରଖି ସେମାନେ ସମସ୍ତେ ଆନନ୍ଦମନରେ ନିଜ ନିଜ ଘରକୁ ଫେରିଲେ । ନଗରର ସବୁ ନରନାରୀଙ୍କୁ ରାଜା ଲୁଗାପଟା ଓ ଗହଣାଗାଣ୍ଠି ପିନ୍ଧାଇଲେ । ଘରେ ଘରେ ମଙ୍ଗଳ ବାଦ୍ୟ ବାଜିବାକୁ ଲାଗିଲା ॥ ୩ ॥

**ଜାଚକ ଜନ ଜାଚହିଁ ଜୋଇ ଜୋଈ । ପ୍ରମୁଦିତ ରାଉ ଦେହିଁ ସୋଇ ସୋଈ ॥**
**ସେୱକ ସକଲ ବଜନିଆ ନାନା । ପୂରନ କିଏ ଦାନ ସନମାନା ॥ ୪ ॥**

ଯେଉଁ ଯାଚକମାନେ ଯାହା ମାଗିଲେ, ରାଜା ଅତି ପ୍ରସନ୍ନ ହୋଇ ସେମାନଙ୍କୁ ତାହା ଦେଲେ । ସେବକମାନଙ୍କୁ ଓ ବାଦ୍ୟକାରମାନଙ୍କୁ ରାଜା ନାନାପ୍ରକାର ଦାନ ଓ ସମ୍ମାନରେ ସନ୍ତୁଷ୍ଟ କରିଗଲିଲେ ॥ ୪ ॥

ଦୋଃ- **ଦେହିଁ ଅସୀସ ଜୋହାରି ସବ ଗାଓ୍ୱହିଁ ଗୁନ ଗନ ଗାଥ ।**
**ତବ ଗୁର ଭୂସୁର ସହିତ ଗୃହଁ ଗଓ୍ୱନୁ କୀହ୍ନ ନରନାଥ ॥ ୩୫୧ ॥**

ସେମାନେ ସମସ୍ତେ ରାଜାଙ୍କୁ ଜୁହାର କରି ଶୁଭେଚ୍ଛା ଜ୍ଞାପନ କରୁଥାନ୍ତି ଏବଂ ତାଙ୍କ ଗୁଣଗାନ କରୁଥାନ୍ତି । ତା'ପରେ ଗୁରୁ ଓ ବ୍ରାହ୍ମଣମାନଙ୍କ ସହିତ ରାଜା ଦଶରଥ ନଅର ଭିତରକୁ ଗଲେ ॥ ୩୫୧॥

**ଜୋ ବସିଷ୍ଟ ଅନୁସାସନ ଦୀହ୍ନୀ । ଲୋକ ବେଦ ବିଧି ସାଦର କୀହ୍ନୀ ॥**
**ଭୂସୁର ଭୀର ଦେଖି ସବ ରାନୀ । ସାଦର ଉଠୀଁ ଭାଗ୍ୟ ବଡ଼ ଜାନୀ ॥ ୧ ॥**

ବଶିଷ୍ଠ ଯାହା ଆଜ୍ଞା ଦେଲେ, ଲୌକିକ ଓ ବୈଦିକ ବିଧି ଅନୁସାରେ ରାଜା ତାହା ଆଦରପୂର୍ବକ କଲେ । ବ୍ରାହ୍ମଣଙ୍କ ଭିଡ଼ ଦେଖି ରାଣୀମାନେ ତାହା ବଡ଼ ଭାଗ୍ୟର କଥା ବୋଲି ଭାବିଲେ ଓ ସାଦରେ ଉଠି ଠିଆ ହେଲେ ॥ ୧ ॥

**ପାୟ ପଖାରି ସକଲ ଅହ୍ନଓ୍ୱାଏ । ପୂଜି ଭଲୀ ବିଧି ଭୂପ ଜେଓ୍ୱାଁଏ ॥**
**ଆଦର ଦାନ ପ୍ରେମ ପରିପୋଷେ । ଦେତ ଅସୀସ ଚଲେ ମନ ତୋଷେ ॥ ୨ ॥**

ରାଜା ବ୍ରାହ୍ମଣମାନଙ୍କ ପାଦ ଧୋଇଦେଇ ସେମାନଙ୍କ ପାଇଁ ସ୍ନାନର ବ୍ୟବସ୍ଥା କରାଇଲେ । ସେ ସେମାନଙ୍କୁ ଭଲଭାବରେ ପୂଜା କରି ଭୋଜନ ଦେଲେ । ସେମାନେ ଆଦର, ଦାନ ଓ ପ୍ରେମରେ ପୁଷ୍ଟ ହୋଇଗଲେ ଏବଂ ସନ୍ତୁଷ୍ଟ ମନରେ ଆଶୀର୍ବାଦ ଦେଇ ନଅରରୁ ଫେରିଲେ ॥ ୨ ॥

**ବହୁ ବିଧି କୀହ୍ନି ଗାଧିସୁତ ପୂଜା । ନାଥ ମୋହି ସମ ଧନ୍ୟ ନ ଦୂଜା ॥**
**କୀହ୍ନି ପ୍ରସଂସା ଭୂପତି ଭୂରୀ । ରାନିହ୍ନ ସହିତ ଲୀହ୍ନି ପଗ ଧୂରୀ ॥ ୩ ॥**

ଗାଧିପୁତ୍ର ବିଶ୍ୱାମିତ୍ରଙ୍କୁ ବହୁପ୍ରକାରେ ପୂଜା କରି ରାଜା କହିଲେ, "ହେ ନାଥ ! ମୋପରି ଧନ୍ୟ ହୋଇ ଅନ୍ୟ କେହି ନାହିଁ ।" ରାଜା ତାଙ୍କୁ ବହୁ ପ୍ରଶଂସା କଲେ ଓ ରାଣୀମାନଙ୍କ ସହିତ ତାଙ୍କର ଚରଣଧୂଳି ଗ୍ରହଣ କଲେ ॥ ୩ ॥

**ଭୀତର ଭଓ୍ୱନ ଦୀହ୍ନ ବର ବାସୂ । ମନ ଜୋଗଓ୍ୱତ ରହ ନୃପୁ ରନିଓ୍ୱାସୂ ॥**
**ପୂଜେ ଗୁର ପଦ କମଲ ବହୋରୀ । କୀହ୍ନି ବିନୟ ଉର ପ୍ରୀତି ନ ଥୋରୀ ॥ ୪ ॥**

ନଅରଭିତରେ ରହିବାପାଇଁ ତାଙ୍କୁ ଏପରି ଉତ୍ତମ ସ୍ଥାନଟିଏ ଦେଲେ, ଯେଉଁଠାରେ କି ସ୍ୱୟଂ ରାଜା ଓ ସବୁରାଣୀ ମୁନିଙ୍କର ଇଚ୍ଛାନୁସାରେ ତାଙ୍କର ସୌଖ୍ୟ ପ୍ରତି ଦୃଷ୍ଟି ଦେଇପାରିବେ । ପୁଣି ରାଜା ଗୁରୁ ବଶିଷ୍ଠଙ୍କ ଚରଣକମଳ ପୂଜା କରି ବିନତି ଜଣାଇଲେ । ତାଙ୍କ ଅନ୍ତରରେ ସ୍ନେହସୌହାର୍ଦ୍ଦ୍ୟ କିଛି କମ୍ ନ ଥିଲା ॥ ୪ ॥

ଦୋଃ- **ବଧୁହ୍ନ ସମେତ କୁମାର ସବ ରାନିହ୍ନ ସହିତ ମହୀସୁ ।**
**ପୁନି ପୁନି ବଂଦତ ଗୁର ଚରନ ଦେତ ଅସୀସ ମୁନୀସୁ ॥ ୩୫୨ ॥**

ବୋହୂମାନଙ୍କ ସହିତ ସବୁ ରାଜକୁମାର ଏବଂ ରାଣୀମାନଙ୍କ ସହିତ ସ୍ୱୟଂ ରାଜା ମିଶି ବାରମ୍ବାର ଗୁରୁଙ୍କ ଚରଣ ବନ୍ଦନା କଲେ ଏବଂ ମୁନୀଶ୍ୱର ବଶିଷ୍ଠ ସମସ୍ତଙ୍କୁ ଆଶୀର୍ବାଦ ଦେଲେ ॥ ୩୫୨ ॥

**ବିନୟ କୀହ୍ନି ଉର ଅତି ଅନୁରାଗେଁ । ସୁତ ସଂପଦା ରାଖି ସବ ଆଗେଁ ॥**
**ନେଗୁ ମାଗି ମୁନିନାୟକ ଲୀହ୍ନା । ଆସିରବାଦୁ ବହୁତ ବିଧି ଦୀହ୍ନା ॥ ୧ ॥**

ରାଜା ଅତ୍ୟନ୍ତ ପ୍ରେମପୂର୍ଣ୍ଣ ହୃଦୟରେ ପୁଅମାନଙ୍କ ସମେତ ନିଜର ସକଳ ସମ୍ପଦ ମୁନିଙ୍କ ଆଗରେ ଥୋଇଦେଲେ ଓ ତାହା ଗ୍ରହଣ କରିବାକୁ ତାଙ୍କୁ ଅନୁରୋଧ କଲେ; କିନ୍ତୁ ମୁନିରାଜ ବଶିଷ୍ଠ, [ପୁରୋହିତ ହୋଇଥିବାରୁ] କେବଳ ନିଜର ପ୍ରାପ୍ୟ ମାଗିନେଇ ବହୁପ୍ରକାରେ ଆଶୀର୍ବାଦ ଦେଲେ ॥ ୧ ॥

**ଉର ଧରି ରାମହି ସୀୟ ସମେତା । ହରଷି କୀହ୍ନ ଗୁର ଗଓ୍ୱନୁ ନିକେତା ॥**
**ବିପ୍ରବଧୂ ସବ ଭୂପ ବୋଲାଈଁ । ଚୈଲ ଚ୍ୱରୁ ଭୂଷନ ପହିରାଈଁ ॥ ୨ ॥**

ତା'ପରେ ସୀତାଙ୍କ ସହିତ ଶ୍ରୀରାମଙ୍କୁ ହୃଦୟରେ ଧାରଣ କରି ଗୁରୁ ବଶିଷ୍ଠ ଆନନ୍ଦ ମନରେ ସ୍ୱସ୍ଥାନକୁ ଗମନ କଲେ । ରାଜା ସବୁବ୍ରାହ୍ମଣପତ୍ନୀଙ୍କୁ ଡକାଇ ସେମାନଙ୍କୁ ସୁନ୍ଦର ବସ୍ତ୍ର ଓ ଭୂଷଣ ପିନ୍ଧାଇଲେ (ଦେଲେ) ॥ ୨ ॥

**ବହୁରି ବୋଲାଇ ସୁଆସିନି ଲୀହ୍ନୀଁ । ରୁଚି ବିଚ୍ୱରି ପହିରାଓ୍ୱନି ଦୀହ୍ନୀଁ ॥**
**ନେଗୀ ନେଗ ଜୋଗ ସବ ଲେହୀଁ । ରୁଚି ଅନୁରୂପ ଭୂପମନି ଦେହୀଁ ॥ ୩ ॥**

ପୁଣି ସେ ସମସ୍ତ ସଧବାନାରୀଙ୍କୁ ଡକାଇଲେ ଓ ସେମାନଙ୍କ ରୁଚି ଅନୁସାରେ ସେମାନଙ୍କୁ ବସନଭୂଷଣ ଦାନ କଲେ । ସେବାୟତମାନେ ନିଜ ନିଜର ଯଥାଯୋଗ୍ୟ ପାଉଣା ନେଲେ ଏବଂ ଭୂପଶିରୋମଣି ଦଶରଥ ସେମାନଙ୍କୁ ସେମାନଙ୍କର ଇଚ୍ଛାନୁମତ ଦାନ ଦେଲେ ॥ ୩ ॥

**ପ୍ରିୟ ପାହୁନେ ପୂଜ୍ୟ ଜେ ଜାନେ । ଭୂପତି ଭଲୀ ଭାଁତି ସନମାନେ ॥**
**ଦେଓ୍ୱ ଦେଖି ରଘୁବୀର ବିବାହୂ । ବରଷି ପ୍ରସୂନ ପ୍ରସଂସି ଉଛାହୂ ॥ ୪ ॥**

ଯେଉଁ ଅତିଥିମାନଙ୍କୁ ରାଜା ପ୍ରିୟ ଓ ପୂଜନୀୟ ବୋଲି ମନେକଲେ, ସେମାନଙ୍କୁ ସେ ଭଲଭାବରେ ସମ୍ମାନିତ କଲେ । ଦେବଗଣ ଶ୍ରୀରଘୁନାଥଙ୍କର ବିବାହ ଉତ୍ସବ ଦେଖି, ପ୍ରଶଂସା କରିବା ସହିତ ପୁଷ୍ପବୃଷ୍ଟି କଲେ ॥ ୪ ॥

ଦୋ:- **ଚଲେ ନିସାନ ବଜାଇ ସୁର ନିଜ ନିଜ ପୁର ସୁଖ ପାଇ ।**
**କହତ ପରସପର ରାମ ଜସୁ ପ୍ରେମ ନ ହୃଦୟଁ ସମାଇ ॥ ୩୫୩ ॥**

ଦେବତାମାନେ ଆନନ୍ଦିତ ହୋଇ ଦୁନ୍ଦୁଭି ବଜାଇଲେ ଏବଂ ପରମ ସୁଖ ପାଇ ନିଜ ନିଜର ଲୋକକୁ ଫେରିଲେ । ସେମାନେ ନିଜ ନିଜ ମଧ୍ୟରେ ଶ୍ରୀରାମଙ୍କର ଯଶୋଗାନ କଲେ । ସେମାନଙ୍କ ହୃଦୟରୁ ପ୍ରେମ ଉଛୁଳିପଡ଼ିଲା ॥ ୩୫୩ ॥

**ସବ ବିଧି ସବହି ସମଦି ନରନାହୂ । ରହା ହୃଦୟଁ ଭରି ପୂରି ଉଛାହୂ ॥**
**ଜହଁ ରନିଓ୍ୱାସୁ ତହାଁ ପଗୁ ଧାରେ । ସହିତ ବହୂଟିହ୍ନ କୁଅଁର ନିହାରେ ॥ ୧ ॥**

ସମସ୍ତଙ୍କୁ ସକଳପ୍ରକାରେ ପ୍ରେମପୂର୍ବକ ଆଦରସତ୍କାର କରି ରାଜାଙ୍କ ହୃଦୟରେ ପୂର୍ଣ୍ଣ ଉତ୍ସାହ ଭରିଗଲା । ସେ ରାଣୀ ଉଆସକୁ ଯାଇ ବୋହୂମାନଙ୍କ ସହିତ ପୁଅମାନଙ୍କୁ ଦେଖିଲେ ॥ ୧ ॥

**ଲିଏ ଗୋଦ କରି ମୋଦ ସମେତା । କୋ କହି ସକଇ ଭୟଉ ସୁଖୁ ଜେତା ॥**
**ବଧୂ ସପ୍ରେମ ଗୋଦ ବୈଠାରୀଁ । ବାର ବାର ହିୟଁ ହରଷି ଦୁଲାରୀଁ ॥ ୨ ॥**

ରାଜା ଆନନ୍ଦର ସହିତ ପୁଅମାନଙ୍କୁ କୋଳକୁ ଟାଣିନେଲେ, ରାଜାଙ୍କୁ ସେତେବେଳେ ଯେତେ ଆନନ୍ଦ ଲାଗିଲା, ତାହା କିଏ କଳିପାରିବ ! ସେ ବୋହୂମାନଙ୍କୁ ପ୍ରେମର ସହିତ କୋଳରେ ବସାଇଲେ ଏବଂ ବାରମ୍ବାର ହର୍ଷିତ ହୋଇ ସେମାନଙ୍କୁ ସ୍ନେହ-ଆଦର କଲେ ॥ ୨ ॥

**ଦେଖି ସମାଜୁ ମୁଦିତ ରନିୱାସୂ । ସବ କେଁ ଉର ଅନଂଦ କିୟୋ ବାସୂ ॥**
**କହେଉ ଭୂପ ଜିମି ଭୟଉ ବିବାହୂ । ସୁନି ସୁନି ହରଷୁ ହୋତ ସବ କାହୂ ॥ ୩ ॥**

ଏହି ସମାରୋହ ଦେଖି ରାଣୀ ଉଆସର ସମସ୍ତେ ପ୍ରସନ୍ନ ହୋଇଗଲେ; ସମସ୍ତଙ୍କ ହୃଦୟ ଆନନ୍ଦର ନିବାସରେ ପରିଣତ ହୋଇଗଲା । ତା'ପରେ ବିବାହ ଉତ୍ସବ ଯେପରି ହୋଇଥିଲା, ରାଜା ତାହା ବର୍ଣ୍ଣନା କଲେ । ତାହା ଶୁଣି ଶୁଣି ସମସ୍ତେ ଆନନ୍ଦିତ ହେଲେ ॥ ୩ ॥

**ଜନକ ରାଜ ଗୁନ ସୀଲୁ ବଡ଼ାଈ । ପ୍ରୀତି ରୀତି ସଂପଦା ସୁହାଈ ॥**
**ବହୁବିଧି ଭୂପ ଭାଟ ଜିମି ବରନୀ । ରାନୀ ସବ ପ୍ରମୁଦିତ ସୁନି କରନୀ ॥ ୪ ॥**

ରାଜା ଦଶରଥ ଭାଟଙ୍କ ପରି ରାଜା ଜନକଙ୍କର ଗୁଣ, ଆଗ୍ରହ, ବ୍ୟବହାର, ମହତ୍ତ୍ୱ, ପ୍ରୀତିର ରୀତି ଓ ସୁଖସମ୍ପଦ ବିଷୟରେ ବହୁପ୍ରକାରେ ବର୍ଣ୍ଣନା କଲେ । ଜନକଙ୍କ କୃତିତ୍ୱ ଶୁଣି ସବୁରାଣୀ ଆନନ୍ଦିତ ହୋଇଗଲେ ॥ ୪ ॥

ଦୋଃ- **ସୁତହ୍ନ ସମେତ ନହାଇ ନୃପ ବୋଲି ବିପ୍ର ଗୁର ଗ୍ୟାତି ।**
**ଭୋଜନ କୀହ୍ନ ଅନେକ ବିଧି ଘରୀ ପଂଚ ଗଇ ରାତି ॥ ୩୫୪ ॥**

ପୁଅମାନଙ୍କ ସମେତ ରାଜା ସ୍ନାନ ସାରି ବ୍ରାହ୍ମଣ, ଗୁରୁ ଓ କୁଟୁମ୍ବଲୋକଙ୍କୁ ଡକାଇଲେ ଏବଂ ସମସ୍ତେ ମିଶି ନାନାବିଧ ଦ୍ରବ୍ୟ ଭୋଜନ କଲେ । ଏସବୁ କରୁ କରୁ ରାତି ପାଞ୍ଚଘଡ଼ି ବିତିଗଲା ॥ ୩୫୪ ॥

**ମଂଗଲଗାନ କରହିଁ ବର ଭାମିନି । ଭୈ ସୁଖମୂଲ ମନୋହର ଜାମିନି ॥**
**ଅଁଚଇ ପାନ ସବ କାହୂଁ ପାଏ । ସ୍ରଗ ସୁଗଂଧ ଭୂଷିତ ଛବି ଛାଏ ॥ ୧ ॥**

ସୁନ୍ଦରୀ ସ୍ତ୍ରୀମାନେ ମଙ୍ଗଳଗୀତ ଗାଉଥାନ୍ତି । ସେହି ରାତିଟି ସୁଖର ଉତ୍ସ ଓ ମନୋହାରିଣୀ ହୋଇଗଲା । ସମସ୍ତେ ମୁହଁହାତ ଧୋଇ ପାନ ଖାଇଲେ ଏବଂ ଫୁଲମାଳା ଓ ସୁଗନ୍ଧ ଦ୍ରବ୍ୟଦ୍ୱାରା ବିଭୂଷିତ ହୋଇ ସମସ୍ତେ ଶୋଭା ପାଇଲେ ॥ ୧ ॥

**ରାମହି ଦେଖି ରଜାୟସୁ ପାଈ । ନିଜ ନିଜ ଭୱନ ଚଲେ ସିର ନାଈ ॥**
**ପ୍ରେମୁ ପ୍ରମୋଦୁ ବିନୋଦୁ ବଡ଼ାଈ । ସମଉ ସମାଜୁ ମନୋହରତାଈ ॥ ୨ ॥**
**କହି ନ ସକହିଁ ସତ ସାରଦ ସେସୂ । ବେଦ ବିରଂଚି ମହେସ ଗନେସୂ ॥**
**ସୋ ମୈଁ କହୌଁ କୱନ ବିଧି ବରନୀ । ଭୂମିନାଗୁ ସିର ଧରଇ କି ଧରନୀ ॥ ୩ ॥**

ଶ୍ରୀରାମଙ୍କୁ ଦେଖିସାରି ଏବଂ ଆଜ୍ଞା ପାଇ ସମସ୍ତେ ନତଶିର ହୋଇ ନିଜ ନିଜ ନିବାସକୁ ଫେରିଲେ । ସେଠାକାର ପ୍ରେମ, ଆନନ୍ଦ, ପ୍ରମୋଦ, ବିନୋଦ, ମହତ୍ତ୍ୱ, ସମୟ, ସମାରୋହ ଓ ମନୋହରତାକୁ ଶହେ ସରସ୍ୱତୀ, ଶେଷଦେବ, ବେଦ, ବ୍ରହ୍ମା, ମହାଦେବ ଓ ଗଣେଶ ମଧ୍ୟ କହିପାରିବେ ନାହିଁ; ମୁଁ ଭଲା ତାହା କିପରି ବଖାଣିପାରିବି ! କଣ ଭୂମିନାଗ (ଜିଆ) କେବେ ପୃଥିବୀକୁ ମୁଣ୍ଡରେ ଟେକିପାରେ ? ॥ ୨-୩ ॥

**ନୃପ ସବ ଭାଁତି ସବହି ସନମାନୀ । କହି ମୃଦୁ ବଚନ ବୋଲାଈଁ ରାନୀ ॥**
**ବଧୂ ଲରିକନୀଁ ପର ଘର ଆଈଁ । ରାଖେହୁ ନୟନ ପଲକ କୀ ନାଈଁ ॥ ୪ ॥**

ସମସ୍ତଙ୍କୁ ସକଳପ୍ରକାରେ ସମ୍ମାନ ଦେଇ, ରାଜା କୋମଳ ବଚନରେ ରାଣୀମାନଙ୍କୁ ଡାକି, ବୁଝାଇ କହିଲେ, ''ବୋହୂମାନେ ଏବେ ପିଲା; ପରଘରକୁ ଆସିଛନ୍ତି । ଆଖିପତା ଆଖିକୁ ରକ୍ଷା କରିବାପରି ସେମାନଙ୍କୁ ଭଲରେ ରଖିବ (ଅର୍ଥାତ୍ ତୁମ୍ଭେମାନେ ଉତ୍ତମରୂପେ ସେମାନଙ୍କର ଯତ୍ନ ନେବ) ॥ ୪ ॥

ଦୋଃ- **ଲରିକା ଶ୍ରମିତ ଉନୀଦ ବସ ସୟନ କରାୱହୁ ଜାଇ ।**
**ଅସ କହି ଗେ ବିଶ୍ରାମଗୃହଁ ରାମ ଚରନ ଚିତୁ ଲାଇ ॥ ୩୫୫ ॥**

"ପୁଅମାନେ ଥକି ପଡ଼ିଛନ୍ତି; ସେମାନଙ୍କୁ ନିଦ ଲାଗିଲାଣି; ନେଇ ଶୁଆଇଦିଅ । ଏପରି କହି ରାଜା ଶ୍ରୀରାମଙ୍କ ଚରଣରେ ଚିତ୍ତ ଲଗାଇ ବିଶ୍ରାମ ଭବନକୁ ଚାଲିଗଲେ ॥ ୩୫୫ ॥

**ଭୂପ ବଚନ ସୁନି ସହଜ ସୁହାଏ । ଜରିତ କନକ ମନି ପଲଁଗ ଡସାଏ ॥**
**ସୁଭଗ ସୁରଭି ପୟ ଫେନ ସମାନା । କୋମଲ କଲିତ ସୁପେତୀଁ ନାନା ॥ ୧ ॥**

ରାଜାଙ୍କ ସ୍ୱଭାବସୁନ୍ଦର ବଚନ ଶୁଣି, ରାଣୀମାନେ ମଣିଜଟିତ ସୁବର୍ଣ୍ଣପଲଙ୍କ ପକାଇଦେଲେ । ଶେଯ ଉପରେ ଅନେକ ଦୁଗ୍ଧଫେଣ ପରି ସୁନ୍ଦର କୋମଳ ଧଳା ଚଦର ବିଛାଇଦେଲେ ॥ ୧ ॥

**ଉପବରହନ ବର ବରନି ନ ଜାହୀଁ । ସ୍ରଗ ସୁଗଂଧ ମନିମଂଦିର ମାହୀଁ ॥**
**ରତନଦୀପ ସୁଠି ଚାରୁ ଚଁଦୋୱା । କହତ ନ ବନଇ ଜାନ ଜେହିଁ ଜୋୱା ॥ ୨ ॥**

ଯେଉଁସବୁ ସୁନ୍ଦର ତକିଆ ପଡ଼ିଲା, ସେଗୁଡ଼ିକର ବର୍ଣ୍ଣନା କରିହେବ ନାହିଁ । ମଣିମୟ ଭବନରେ ଫୁଲମାଳ ଓ ସୁଗନ୍ଧ ଦ୍ରବ୍ୟ ସଜା ଯାଇଥିଲା । ରତ୍ନଦୀପର ସୌନ୍ଦର୍ଯ୍ୟ ଓ ସୁନ୍ଦର ଚାନ୍ଦୁଆର ଶୋଭା ତ ଅବର୍ଣ୍ଣନୀୟ । ସେସବୁ ଯେ ଦେଖିଛି, ସେ ହିଁ ତାହା ଜାଣେ ॥ ୨ ॥

**ସେଜ ରୁଚିର ରଚି ରାମୁ ଉଠାଏ । ପ୍ରେମ ସମେତ ପଲଁଗ ପୌଢ଼ାଏ ॥**
**ଅଗ୍ୟା ପୁନି ପୁନି ଭାଇନ୍ହ ଦୀନ୍ହୀ । ନିଜ ନିଜ ସେଜ ସୟନ ତିନ୍ହ କୀନ୍ହୀ ॥ ୩ ॥**

ଏପରି ସୁନ୍ଦର ଶଯ୍ୟା ସଜାଇ, ଶ୍ରୀରାମଙ୍କୁ ଉଠାଇ ମାଆମାନେ ପ୍ରେମର ସହିତ ନେଇ ପଲଙ୍କରେ ପହୁଡ଼ାଇଦେଲେ । ଶ୍ରୀରାମ ଭାଇମାନଙ୍କୁ ଯାଇ ଶୋଇପଡ଼ ବୋଲି ବାରମ୍ବାର ଆଜ୍ଞା ଦେଲେ । ତେଣୁ ସେମାନେ ବି ଯାଇ ନିଜ ନିଜ ଶେଯରେ ଶୋଇପଡ଼ିଲେ ॥ ୩ ॥

**ଦେଖି ସ୍ୟାମ ମୃଦୁ ମଂଜୁଲ ଗାତା । କହହିଁ ସପ୍ରେମ ବଚନ ସବ ମାତା ॥**
**ମାରଗ ଜାତ ଭୟାୱନି ଭାରୀ । କେହି ବିଧି ତାତ ତାଡ଼କା ମାରୀ ॥ ୪ ॥**

ଶ୍ରୀରାମଙ୍କ ଶ୍ୟାମଳ ସୁନ୍ଦର କୋମଳ ଅଙ୍ଗକୁ ଦେଖି ମାଆମାନେ ସ୍ନେହରେ ପଚାରିଲେ, "ବାପା ! ବାଟରେ ଯାଉ ଯାଉ ତୁମେ ସେହି ଭୟଙ୍କର ତାଡ଼କା ରାକ୍ଷସୀଟାକୁ କିପରି ମାରିଦେଲ ସତେ ! ॥ ୪ ॥

ଦୋଃ- **ଘୋର ନିସାଚର ବିକଟ ଭଟ ସମର ଗନହିଁ ନହିଁ କାହୁ ।**
**ମାରେ ସହିତ ସହାୟ କିମି ଖଲ ମାରୀଚ ସୁବାହୁ ॥ ୩୫୬ ॥**

ମାରୀଚ ଓ ସୁବାହୁ ବୋଲି ଯେଉଁ ଭୟଙ୍କର ଦୁଷ୍ଟ ରାକ୍ଷସ ଦୁଇଟା ଥିଲେ, ସେମାନେ ତ ଭାରି ବଡ଼ ଯୋଦ୍ଧା; ସେମାନେ ଯୁଦ୍ଧରେ କାହାକୁ ବି ଭୟ କରୁ ନ ଥିଲେ; ତୁମେ ସେମାନଙ୍କୁ ସେମାନଙ୍କ ସହାୟକମାନଙ୍କ ସହିତ କିପରି ମାରିଲ ! ॥ ୩୫୬ ॥

**ମୁନି ପ୍ରସାଦ ବଲି ତାତ ତୁହ୍ମାରୀ । ଈସ ଅନେକ କରବରେଁ ଟାରୀ ॥**
**ମଖ ରଖୱାରୀ କରି ଦୁହୁଁ ଭାଈଁ । ଗୁରୁ ପ୍ରସାଦ ସବ ବିଦ୍ୟା ପାଈଁ ॥ ୧ ॥**

ବାପ ! ମୁଁ ମରିଯାଏ ଲୋ ! କେବଳ ମୁନିଙ୍କ କୃପାରୁ ଈଶ୍ୱର ତୁମର ବହୁତ ଆପଦବିପଦ ଟାଳିଦେଲେ । ତୁମେ ଦୁଇଭାଇ ଯଜ୍ଞରକ୍ଷା କରି ଗୁରୁଙ୍କ କୃପାରୁ ସବୁବିଦ୍ୟା ପାଇଗଲ ॥ ୧ ॥

**ମୁନିତିୟ ତରୀ ଲଗତ ପଗ ଧୂରୀ । କୀରତି ରହୀ ଭୁଅ୍ୱନ ଭରି ପୂରୀ ॥**
**କମଠ ପୀଠି ପବି କୂଟ କଠୋରା । ନୃପ ସମାଜ ମହୁଁ ସିଅ୍ୱ ଧନୁ ତୋରା ॥ ୨ ॥**

ତୁମ ପାଦଧୂଳି ଲାଗୁ ଲାଗୁ ମୁନିପତ୍ନୀ ଅହଲ୍ୟା ତରିଗଲେ । ତୁମର ସେହି କୀର୍ତ୍ତି ସାରା ଜଗତରେ ବ୍ୟାପିଗଲା । ପୁଣି କଇଁଛପିଠିଠାରୁ, ଏପରି କି ବଜ୍ର ଓ ପର୍ବତଠାରୁ ବି ଅଧିକ ଟାଣ ଶିବଧନୁକୁ ସବୁରାଜାଙ୍କ ଆଗରେ ତୁମେ ଭାଙ୍ଗିଦେଲ ! ॥ ୨ ॥

**ବିସ୍ୱ ବିଜୟ ଜସୁ ଜାନକି ପାଈ । ଆଏ ଭଅ୍ୱନ ବ୍ୟାହି ସବ ଭାଈ ॥**
**ସକଲ ଅମାନୁଷ କରମ ତୁହ୍ମାରେ । କେଅ୍ୱଲ କୌସିକ କୃପାଁ ସୁଧାରେ ॥ ୩ ॥**

ତୁମେ ବିଶ୍ୱ ଜୟ କରିବାର ଯଶ ପାଇଲ; ଜାନକୀଙ୍କୁ ପାଇଲ; ପୁଣି ସବୁଭାଇଙ୍କୁ ବାହା କରାଇଦେଇ ଗ୍ଲିଆସିଲ ! ସତରେ ତୁମର ସବୁ କର୍ମ ମଣିଷଶକ୍ତିରୁ ବାହାରେ, ଯାହାକୁ କେବଳ ବିଶ୍ୱାମିତ୍ରଙ୍କ କୃପାହିଁ ସଂପନ୍ନ କରିଦେଲା ॥ ୩ ॥

**ଆଜୁ ସୁଫଲ ଜଗ ଜନମୁ ହମାରା । ଦେଖି ତାତ ବିଧୁବଦନ ତୁହ୍ମାରା ॥**
**ଜେ ଦିନ ଗଏ ତୁହ୍ମହି ବିନୁ ଦେଖେଁ । ତେ ବିରଂଚି ଜନି ପାରହିଁ ଲେଖେଁ ॥ ୪ ॥**

ବାପା ! ତୁମ ଚନ୍ଦ୍ରମୁଖ ଦେଖି ଆଜି ଆମର ଏହି ଜଗତରେ ମନୁଷ୍ୟଜନ୍ମ ସାର୍ଥକ ହୋଇଗଲା । ତୁମକୁ ନ ଦେଖି ଆମର ଏ ଯେଉଁ କିଛିଦିନ କଟିଗଲା, ସେତକ ବ୍ରହ୍ମା ଆମ ଆୟୁରେ ନ ଗଣନ୍ତୁ ।'' ॥ ୪ ॥

ଦୋଃ- **ରାମ ପ୍ରତୋଷୀଁ ମାତୁ ସବ କହି ବିନୀତ ବର ବୈନ ।**
**ସୁମିରି ସଂଭୁ ଗୁର ବିପ୍ର ପଦ କିଏ ନୀଦବସ ନୈନ ॥ ୩୫୭ ॥**

ଶ୍ରୀରାମ ବିନୟପୂର୍ଣ୍ଣ ଉତ୍ତମ ବଚନ କହି ମାଆମାନଙ୍କୁ ସନ୍ତୁଷ୍ଟ କଲେ । ତା'ପରେ ଶିବ, ଗୁରୁ ଓ ବ୍ରାହ୍ମଣମାନଙ୍କ ଚରଣ ସ୍ମରଣ କରି ସେ ନିଦ୍ରା ଗଲେ ॥ ୩୫୭ ॥

**ନୀଦଉଁ ବଦନ ସୋହ ସୁଠି ଲୋନା । ମନହୁଁ ସାଁଝ ସରସୀରୁହ ସୋନା ॥**
**ଘର ଘର କରହିଁ ଜାଗରନ ନାରୀଁ । ଦେହିଁ ପରସପର ମଂଗଲ ଗାରୀଁ ॥ ୧ ॥**

ନିଦ୍ରାବସ୍ଥାରେ ବି ତାଙ୍କର ଅତ୍ୟନ୍ତ ଲାବଣ୍ୟମୟ ବଦନ ସାୟଂକାଳୀନ ରକ୍ତକମଳ ପରି ଶୋଭା ପାଉଥାଏ । ଘରେ ଘରେ ସ୍ତ୍ରୀମାନେ ଜାଗରଣ କରି ପରସ୍ପରକୁ ଥଟ୍ଟାପରିହାସ କରୁଥାନ୍ତି ॥ ୧ ॥

**ପୁରୀ ବିରାଜତି ରାଜତି ରଜନୀ । ରାନୀଁ କହହିଁ ବିଲୋକହୁ ସଜନୀ ॥**
**ସୁଂଦର ବଧୁହ୍ନ ସାସୁ ଲୈ ସୋଈଁ । ଫନିକହ୍ନ ଜନୁ ସିରମନି ଉର ଗୋଈଁ ॥ ୨ ॥**

ରାଣୀମାନେ କହୁଥାନ୍ତି, ''ହେ ସଜନୀ ! ଆଜି ରାତିଟି କେଡ଼େ ସୁନ୍ଦର ହୋଇଛି, ଦେଖ ! ଏପରି ରାତି ହେତୁ ଅଯୋଧ୍ୟାପୁରୀ ବଡ଼ ଶୋଭା ପାଉଛି !'' ଏପରି କହି କହି ସର୍ପମାନେ ଯେପରି ନିଜ ନିଜ ମଥାର ମଣିକୁ ହୃଦୟରେ ଲୁଗ୍ଇରଖନ୍ତି ଶାଶୁମାନେ ସୁନ୍ଦର ବୋହୂମାନଙ୍କୁ ଧରି ସେହିପରି ଶୋଇପଡ଼ିଲେ; ॥ ୨ ॥

**ପ୍ରାତ ପୁନୀତ କାଲ ପ୍ରଭୁ ଜାଗେ । ଅରୁନଚୂଡ଼ ବର ବୋଲନ ଲାଗେ ॥**
**ବଂଦି ମାଗଧହ୍ନି ଗୁନଗନ ଗାଏ । ପୁରଜନ ଦ୍ୱାର ଜୋହାରନ ଆଏ ॥ ୩ ॥**

ପ୍ରାତଃକାଳର ପବିତ୍ର ବ୍ରାହ୍ମମୁହୂର୍ତ୍ତରେ ପ୍ରଭୁ ଶଯ୍ୟାରୁ ଉଠିଲେ । କୁକୁଡ଼ାମାନେ ସୁନ୍ଦରଭାବରେ ରାବିଲେ । ଭାଟ ଓ ମାଗଧମାନେ ଗୁଣଗାନ କଲେ ଏବଂ ନଗରଲୋକେ ରାଜାଙ୍କୁ ଜୁହାର କରିବାକୁ ରାଜଦ୍ୱାରକୁ ଆସିଲେ ॥ ୩ ॥

**ବଂଦି ବିପ୍ର ସୁର ଗୁର ପିତୁ ମାତା । ପାଇ ଅସୀସ ମୁଦିତ ସବ ଭ୍ରାତା ॥**
**ଜନନିହ୍ନ ସାଦର ବଦନ ନିହାରେ । ଭୂପତି ସଂଗ ଦ୍ୱାର ପଗୁ ଧାରେ ॥ ୪ ॥**

ବ୍ରାହ୍ମଣ, ଦେବତା, ଗୁରୁ ଓ ପିତାମାତାଙ୍କୁ ବନ୍ଦନା କରି, ସମସ୍ତଙ୍କର ଆଶୀର୍ବାଦ ପାଇ ସବୁଭାଇ ଖୁସୀ ହେଲେ । ମାଆମାନେ ଆଦରର ସହିତ ସେମାନଙ୍କ ମୁହଁକୁ ଚାହିଁଲେ । ତା'ପରେ ଚାରିଭାଇ ରାଜାଙ୍କ ସହିତ ବାହାରକୁ ଆସିଲେ ॥ ୪ ॥

ଦୋ:- **କୀହ୍ନି ସୌଚ ସବ ସହଜ ସୁଚି ସରିତ ପୁନୀତ ନହାଇ ।**
**ପ୍ରାତକ୍ରିୟା କରି ତାତ ପହିଁ ଆଏ ଚାରିଉ ଭାଇ ॥ ୩୫୮ ॥**

ସ୍ୱଭାବତଃ ପବିତ୍ର ସବୁଭାଇ ଶୌଚାଦି ଶେଷ କରି ପବିତ୍ର ସରଯୂ ନଦୀରେ ସ୍ନାନ କଲେ ଏବଂ ପ୍ରାତଃକ୍ରିୟା (ସନ୍ଧ୍ୟା-ବନ୍ଦନାଦି) ସାରି ସେମାନେ ପିତାଙ୍କ ନିକଟକୁ ଆସିଲେ ॥ ୩୫୮ ॥

## ନବାହ୍ନପାରାୟଣ, ତୃତୀୟ ବିଶ୍ରାମ

**ଭୂପ ବିଲୋକି ଲିଏ ଉର ଲାଈ । ବୈଠେ ହରଷି ରଜାୟସୁ ପାଈ ॥**
**ଦେଖି ରାମୁ ସବ ସଭା ଜୁଡ଼ାନୀ । ଲୋଚନ ଲାଭ ଅୱଧି ଅନୁମାନୀ ॥ ୧ ॥**

ରାଜା ସେମାନଙ୍କୁ ଦେଖି କୁଣ୍ଢାଇପକାଇଲେ । ତା'ପରେ ପିତାଙ୍କ ଆଜ୍ଞା ପାଇ ସେମାନେ ଆନନ୍ଦରେ ଆସନରେ ବସିଲେ । ଶ୍ରୀରାମଙ୍କୁ ଦର୍ଶନ କରି ଏବଂ ଏହି ଦର୍ଶନହିଁ ନେତ୍ରଲାଭର ଶେଷସୀମା ବୋଲି ଅନୁମାନ କରି ସମଗ୍ର ସଭା ଆଶ୍ୱସ୍ତ ହେଲା (ଅର୍ଥାତ୍ ସମସ୍ତଙ୍କର ତ୍ରିତାପ ସବୁଦିନପାଇଁ ଦୂର ହୋଇଗଲା) ॥ ୧ ॥

**ପୁନି ବସିଷ୍ଟୁ ମୁନି କୌସିକୁ ଆଏ । ସୁଭଗ ଆସନହ୍ନି ମୁନି ବୈଠାଏ ॥**
**ସୁତହ୍ନ ସମେତ ପୂଜି ପଦ ଲାଗେ । ନିରଖି ରାମୁ ଦୋଉ ଗୁର ଅନୁରାଗେ ॥ ୨ ॥**

ମୁନି ବଶିଷ୍ଠ ଓ ବିଶ୍ୱାମିତ୍ର ଆସି ପହଞ୍ଚିଲେ । ରାଜା ଦୁହିଁଙ୍କୁ ସୁନ୍ଦର ଆସନରେ ବସାଇଲେ ଏବଂ ପୁତ୍ରମାନଙ୍କ ସହିତ ମିଶି, ସେମାନଙ୍କୁ ପୂଜା କରି ପ୍ରଣାମ କଲେ । ଶ୍ରୀରାମଙ୍କୁ ଦେଖି ଦୁଇଗୁରୁ ପ୍ରେମମୁଗ୍ଧ ହୋଇଗଲେ ॥ ୨ ॥

**କହହିଁ ବସିଷ୍ଟୁ ଧରମ ଇତିହାସା । ସୁନହିଁ ମହୀସୁ ସହିତ ରନିୱାସା ॥**
**ମୁନି ମନ ଅଗମ ଗାଧିସୁତ କରନୀ । ମୁଦିତ ବସିଷ୍ଟ ବିପୁଲ ବିଧି ବରନୀ ॥ ୩ ॥**

ବଶିଷ୍ଠ ଧର୍ମର ଇତିହାସ କହିବା ଆରମ୍ଭ କଲେ । ରାଣୀମାନଙ୍କ ସହିତ ରାଜା ତାହା ଶୁଣିଲେ । ବିଶ୍ୱାମିତ୍ରଙ୍କର ଯେଉଁ କୀର୍ତ୍ତି ମୁନିମାନଙ୍କୁ ମଧ୍ୟ ଅଗମ୍ୟ, ବଶିଷ୍ଠ ଅତ୍ୟନ୍ତ ଆନନ୍ଦିତ ହୋଇ ତାହା ବହୁପ୍ରକାରେ ବର୍ଣ୍ଣନା କଲେ ॥ ୩ ॥

**ବୋଲେ ବାମଦେଉ ସବ ସାଁଚୀ । କୀରତି କଲିତ ଲୋକ ତିହୁଁ ମାଚୀ ॥**
**ସୁନି ଆନଂଦୁ ଭୟଉ ସବ କାହୂ । ରାମ ଲଖନ ଉର ଅଧିକ ଉଛାହୂ ॥ ୪ ॥**

ବାମଦେବ କହିଲେ, ''ଏସବୁ ସମ୍ପୂର୍ଣ୍ଣ ସତ୍ୟ । ବିଶ୍ୱାମିତ୍ରଙ୍କ ସୁନ୍ଦର କୀର୍ତ୍ତି ତ୍ରିଲୋକରେ ବିଖ୍ୟାତ ।'' । ଏହା ଶୁଣି ସମସ୍ତେ ଆନନ୍ଦିତ ହେଲେ । ଶ୍ରୀରାମ ଓ ଲକ୍ଷ୍ମଣଙ୍କ ହୃଦୟରେ ବିଶେଷ ଆନନ୍ଦ ଭରିଗଲା ॥ ୪ ॥

ଦୋ:- **ମଂଗଲ ମୋଦ ଉଛାହ ନିତ ଜାହିଁ ଦିୱସ ଏହି ଭାଁତି ।**
**ଉମଗୀ ଅୱଧ ଅନଂଦ ଭରି ଅଧିକ ଅଧିକ ଅଧିକାତି ॥ ୩୫୯ ॥**

ପ୍ରତିଦିନ ନୂଆ ନୂଆ ମଙ୍ଗଳ ଓ ଆନନ୍ଦମୟ ଉତ୍ସବ ହେଉଥାଏ । ଏହିପରି ଆନନ୍ଦ ଭିତରେ ଦିନ କଟୁଥାଏ । ଅଯୋଧ୍ୟାନଗରୀ ଆନନ୍ଦରେ ଉଚ୍ଛୁଳୁଥାଏ । ଆନନ୍ଦର ଆଧିକ୍ୟ ଅଧିକରୁ ଅଧିକ ବଢ଼ିଚାଲିଥାଏ ॥ ୩୫୯ ॥

**ସୁଦିନ ସୋଧି କଲ କଂକନ ଛୋରେ । ମଂଗଲ ମୋଦ ବିନୋଦ ନ ଥୋରେ ॥**
**ନିତ ନଓ୍ୱ ସୁଖୁ ସୁର ଦେଖି ସିହାହୀଁ । ଅଓ୍ୱଧ ଜନ୍ମ ଜାଚହିଁ ବିଧି ପାହୀଁ ॥ ୧ ॥**

ଭଲଦିନ (ଶୁଭ ମୁହୂର୍ତ୍ତ) ଦେଖି ଗଣନା କରି ବରମାନଙ୍କ ହାତରୁ ସୁନ୍ଦର କଙ୍କଣ ଖୋଲିଦିଆଗଲା । ସେଦିନ ମଧ୍ୟ ମଙ୍ଗଳ ଓ ଆନନ୍ଦ ବିନୋଦ କିଛି କମ୍ ହେଲା ନାହିଁ । ଏପରିଭାବରେ ନିତ୍ୟନୂତନ ସୁଖ ଦେଖି ଦେବତାମାନେ ମଧ୍ୟ ସେଥିପ୍ରତି ଲାଳାୟିତ ହେଉଥାନ୍ତି ଏବଂ ଅଯୋଧ୍ୟାରେ ଜନ୍ମ ପାଇବାପାଇଁ ବ୍ରହ୍ମାଙ୍କୁ ପ୍ରାର୍ଥନା କରୁଥାନ୍ତି ॥ ୧ ॥

**ବିସ୍ୱାମିତ୍ରୁ ଚଲନ ନିତ ଚହହୀଁ । ରାମ ସପ୍ରେମ ବିନୟ ବସ ରହହୀଁ ॥**
**ଦିନ ଦିନ ସୟଗୁନ ଭୂପତି ଭାଉ । ଦେଖି ସରାହ ମହାମୁନିରାଉ ॥ ୨ ॥**

ବିଶ୍ୱାମିତ୍ର ପ୍ରତିଦିନ ନିଜ ଆଶ୍ରମକୁ ଯିବାକୁ ଚାହୁଁଥାଆନ୍ତି; କିନ୍ତୁ ଶ୍ରୀରାମଙ୍କ ସ୍ନେହ ଓ ବିନୟର ବଶ ହୋଇଥିବାରୁ ଯାଇପାରୁ ନ ଥାନ୍ତି । ଦିନୁଦିନ ରାଜାଙ୍କର ଶହେଗୁଣ ପ୍ରେମଭାବ ଦେଖି ମହାମୁନିରାଜ ବିଶ୍ୱାମିତ୍ର ତାଙ୍କୁ ପ୍ରଶଂସା କରୁଥାନ୍ତି ॥ ୨ ॥

**ମାଗତ ବିଦା ରାଉ ଅନୁରାଗେ । ସୁତହ୍ନ ସମେତ ଠାଢ଼ ଭେ ଆଗେ ॥**
**ନାଥ ସକଲ ସଂପଦା ତୁହ୍ମାରୀ । ମୈଁ ସେଓ୍ୱକୁ ସମେତ ସୁତ ନାରୀ ॥ ୩ ॥**

ଶେଷରେ ବିଶ୍ୱାମିତ୍ର ବିଦାୟ ମାଗିବାକୁ ଆସନ୍ତେ, ରାଜା ପ୍ରେମମଗ୍ନ ହୋଇଗଲେ ଓ ପୁଅମାନଙ୍କ ସହିତ ତାଙ୍କ ଆଗରେ ଠିଆ ହୋଇ କହିଲେ, ‘‘ହେ ନାଥ ! ଏହି ସକଳ ସମ୍ପଦ ଆପଣଙ୍କର । ମୁଁ ତ ସ୍ତ୍ରୀ-ପୁତ୍ରଙ୍କ ସମେତ ଆପଣଙ୍କର ସେବକମାତ୍ର ॥ ୩ ॥

**କରବ ସଦା ଲରିକହ୍ନ ପର ଛୋହୂ । ଦରସନୁ ଦେତ ରହବ ମୁନି ମୋହୂ ॥**
**ଅସ କହି ରାଉ ସହିତ ସୁତ ରାନୀ । ପରେଉ ଚରନ ମୁଖ ଆଓ୍ୱ ନ ବାନୀ ॥ ୪ ॥**

ହେ ମୁନିବର ! ମୋ ପିଲାଙ୍କ ଉପରେ ଆପଣ ସବୁବେଳେ ସ୍ନେହ ରଖିଥିବେ ଏବଂ ମୋତେ ବି ଦର୍ଶନ ଦେଉଥିବେ ।’’ ଏପରି କହି ପୁତ୍ର ଓ ରାଣୀମାନଙ୍କ ସହିତ ସେ ମୁନିଙ୍କ ପାଦତଳେ ପଡ଼ିଗଲେ । ପ୍ରେମବିହ୍ୱଳ ହୋଇଯିବାରୁ ତାଙ୍କ ମୁଖରୁ ବଚନ ବାହାରିଲା ନାହିଁ ॥ ୪ ॥

**ଦୀହ୍ନି ଅସୀସ ବିପ୍ର ବହୁ ଭାଁତୀ । ଚଲେ ନ ପ୍ରୀତି ରୀତି କହି ଜାତୀ ॥**
**ରାମୁ ସପ୍ରେମ ସଂଗ ସବ ଭାଈ । ଆୟସୁ ପାଇ ଫିରେ ପହୁଁଚାଈ ॥ ୫ ॥**

ବିପ୍ରବର ବିଶ୍ୱାମିତ୍ର ବହୁପ୍ରକାରେ ଆଶୀର୍ବାଦ ଦେଇ ବିଦାୟ ନେଲେ । ପ୍ରୀତିର ରୀତି ସତରେ ଭାଷାରେ କହିହେବ ନାହିଁ । ଶ୍ରୀରାମ ସବୁଭାଇଙ୍କୁ ସଙ୍ଗରେ ଧରି ପ୍ରେମର ସହିତ ତାଙ୍କୁ ବାଟେଇଦେବାପାଇଁ କିଛିଦୂର ଗଲେ ଏବଂ ମୁନିଙ୍କ ଆଜ୍ଞା ପାଇ ଫେରିଲେ ॥ ୫ ॥

ଦୋଃ- **ରାମ ରୂପୁ ଭୂପତି ଭଗତି ବ୍ୟାହୁ ଉଛାହୁ ଅନଂଦୁ ।**
**ଜାତ ସରାହତ ମନହିଁ ମନ ମୁଦିତ ଗାଧିକୁଲଚଂଦୁ ॥ ୩୬୦ ॥**

ଗାଧିକୁଳର ଚନ୍ଦ୍ର ମୁନି ବିଶ୍ୱାମିତ୍ର ବଡ଼ ଆନନ୍ଦର ସହିତ ଶ୍ରୀରାମଙ୍କର ରୂପ, ରାଜା ଦଶରଥଙ୍କର ଭକ୍ତି, [ଚାରିଭାଇଙ୍କର] ବିବାହ ଏବଂ [ସମସ୍ତଙ୍କର] ଉତ୍ସାହ ଓ ଆନନ୍ଦକୁ ମନେ ମନେ ପ୍ରଶଂସା କରି କରି ଚାଲିଗଲେ ॥ ୩୬୦ ॥

**ବାମଦେଓ୍ୱ ରଘୁକୁଲ ଗୁର ଗ୍ୟାନୀ । ବହୁରି ଗାଧିସୁତ କଥା ବଖାନୀ ॥**
**ସୁନି ମୁନି ସୁଜସୁ ମନହିଁ ମନ ରାଉ । ବରନତ ଆପନ ପୁନ୍ୟ ପ୍ରଭାଉ ॥ ୧ ॥**

ବାମଦେବ ଏବଂ ରଘୁକୁଳର ଗୁରୁ ଜ୍ଞାନୀ ବଶିଷ୍ଠ ପୁଣି ଥରେ ବିଶ୍ୱାମିତ୍ରଙ୍କ କଥା ବର୍ଣ୍ଣନା କଲେ । ମୁନିଙ୍କର ସୁନ୍ଦର ଯଶ ଶୁଣି ରାଜା ମନେ ମନେ ନିଜ ପୁଣ୍ୟର ପ୍ରଭାବ କହିହେଲେ ॥ ୧ ॥

**ବହୁରେ ଲୋଗ ରଜାୟସୁ ଭୟଉ । ସୁତନ୍ହ ସମେତ ନୃପତି ଗୃହଁ ଗୟଉ ॥**
**ଜହଁ ତହଁ ରାମ ବ୍ୟାହୁ ସବୁ ଗାୱା । ସୁଜସୁ ପୁନୀତ ଲୋକ ତିହୁଁ ଛାୱା ॥ ୨ ॥**

ଆଜ୍ଞା ପାଇ ସମସ୍ତେ ନିଜ ନିଜ ଘରକୁ ଫେରିଲେ । ରାଜା ଦଶରଥ ପୁଅମାନଙ୍କୁ ଧରି ନିବାସକୁ ଗଲେ । ସବୁଆଡ଼େ ଲୋକେ ଶ୍ରୀରାମଙ୍କର ବିବାହ-ଉତ୍ସବ ଗାଥା ଗାଇବୁଲିଲେ । ଶ୍ରୀରାମଙ୍କର ପବିତ୍ର ସୁଯଶ ତ୍ରିଲୋକରେ ବ୍ୟାପିଗଲା ॥ ୨ ॥

**ଆଏ ବ୍ୟାହି ରାମୁ ଘର ଜବ ତେଁ । ବସଇ ଅନଂଦ ଅୱଧ ସବ ତବ ତେଁ ॥**
**ପ୍ରଭୁ ବିବାହଁ ଜସ ଭୟଉ ଉଛାହୂ । ସକହିଁ ନ ବରନି ଗିରା ଅହିନାହୂ ॥ ୩ ॥**

ଶ୍ରୀରାମ ଯେଉଁଦିନ ବିବାହ କରି ଘରକୁ ଆସିଲେ, ସେହିଦିନୁ ସକଳ ଆନନ୍ଦ ଆସି ଅଯୋଧ୍ୟାରେ ନିବାସ କଲା । ପ୍ରଭୁଙ୍କ ବିବାହରେ ଯେଉଁ ଆନନ୍ଦ ହେଲା, ସରସ୍ୱତୀ ଏବଂ ସର୍ପରାଜ ଶେଷଦେବ ମଧ୍ୟ ତାହା ବର୍ଣ୍ଣନା କରିପାରିବେ ନାହିଁ ॥ ୩ ॥

**କବିକୁଲ ଜୀୱନୁ ପାୱନ ଜାନୀ । ରାମ ସୀୟ ଜସୁ ମଂଗଲ ଖାନୀ ॥**
**ତେହି ତେ ମୈଁ କଛୁ କହା ବଖାନୀ । କରନ ପୁନୀତ ହେତୁ ନିଜ ବାନୀ ॥ ୪ ॥**

ଶ୍ରୀ ସୀତାରାମଙ୍କ ଯଶ କବିକୁଳର ଜୀବନକୁ ପବିତ୍ର କରେ ଏବଂ ଏହା ମଙ୍ଗଳନିଧାନ ବୋଲି ଜାଣି, ଏହାଦ୍ୱାରା ମୁଁ ନିଜ ବାଣୀକୁ ପବିତ୍ର କରିବା ନିମନ୍ତେ ଏଥିରୁ ସାମାନ୍ୟ କିଛି ବଖାଣି କହିଲି ॥ ୪ ॥

ଛନ୍ଦ- **ନିଜ ଗିରା ପାୱନି କରନ କାରନ ରାମ ଜସୁ ତୁଲସୀଁ କହ୍ୟୋ ।**
**ରଘୁବୀର ଚରିତ ଅପାର ବାରିଧି ପାରୁ କବି କୌନେଁ ଲହ୍ୟୋ ॥**
**ଉପବୀତ ବ୍ୟାହ ଉଛାହ ମଂଗଲ ସୁନି ଜେ ସାଦର ଗାୱହୀଁ ।**
**ବୈଦେହି ରାମ ପ୍ରସାଦ ତେ ଜନ ସର୍ବଦା ସୁଖୁ ପାୱହୀଁ ॥**

ନିଜ ବାଣୀକୁ ପବିତ୍ର କରିବା ନିମନ୍ତେହିଁ ତୁଳସୀଦାସ ଶ୍ରୀରାମଙ୍କ ଯଶ ଗାନ କରିଛି । ଶ୍ରୀ ରଘୁନାଥଙ୍କ ଚରିତ ତ ଅପାର ସମୁଦ୍ର; କେଉଁ କବି ବା ଏହାର ଅଳକୂଳ ପାଇବ ! ଯେଉଁମାନେ ଶ୍ରୀରାମଙ୍କ ଯଜ୍ଞୋପବୀତ ସଂସ୍କାର ଓ ବିବାହର ମଙ୍ଗଳମୟ ଉତ୍ସବ ବିଷୟକ ବର୍ଣ୍ଣନା ଆଦର ସହିତ ଶୁଣିବେ—ଗାଇବେ, ସେମାନେ ଶ୍ରୀଜାନକୀ ଓ ଶ୍ରୀରାମଙ୍କ କୃପାରୁ ସଦା ସୁଖ ଲାଭ କରିବେ ॥

ସୋ:- **ସିୟ ରଘୁବୀର ବିବାହୁ ଜେ ସପ୍ରେମ ଗାୱହିଁ ସୁନହିଁ ।**
**ତିନ୍ହ କହୁଁ ସଦା ଉଛାହୁ ମଂଗଲାୟତନ ରାମ ଜସୁ ॥ ୩୬୧ ॥**

ଶ୍ରୀସୀତା ଓ ଶ୍ରୀରଘୁନାଥଙ୍କର ବିବାହ ପ୍ରସଙ୍ଗ ଯେଉଁମାନେ ପ୍ରେମପୂର୍ବକ ଗାଇବେ ଓ ଶୁଣିବେ, ସେମାନଙ୍କୁ ସର୍ବଦା ଉତ୍ସାହ ଓ ଆନନ୍ଦ ମିଳିବ; କାରଣ ଶ୍ରୀରାମଙ୍କ ଯଶ ହେଉଛି ମଙ୍ଗଳର ଧାମ ॥ ୩୬୧ ॥

**ମାସପାରାୟଣ, ଦ୍ୱାଦଶ ବିଶ୍ରାମ**

*ଇତି ଶ୍ରୀମଦ୍ରାମଚରିତମାନସେ ସକଳକଳିକଲୁଷବିଧ୍ୱଂସନେ ପ୍ରଥମଃ ସୋପାନଃ ସମାପ୍ତଃ ॥*

*କଳିଯୁଗର ସକଳପାପବିଧ୍ୱଂସନକାରୀ ଶ୍ରୀରାମଚରିତମାନସର*
*ଏହି ପ୍ରଥମ ସୋପାନ ସମାପ୍ତ ହେଲା ।*

**— ବାଲକାଣ୍ଡ ସମାପ୍ତ —**

◆◆◆

ଶ୍ରୀଗଣେଶାୟ ନମଃ

ଶ୍ରୀଜାନକୀବଲ୍ଲଭୋ ବିଜୟତେ

# ଶ୍ରୀରାମଚରିତମାନସ

## ଦ୍ୱିତୀୟ ସୋପାନ

# ଅଯୋଧ୍ୟାକାଣ୍ଡ

### ମଙ୍ଗଳାଚରଣ

**ଯସ୍ୟାଙ୍କେ ଚ ବିଭାତି ଭୂଧରସୁତା ଦେବାପଗା ମସ୍ତକେ**
**ଭାଲେ ବାଲବିଧୁର୍ଗଳେ ଚ ଗରଳଂ ଯସ୍ୟୋରସି ବ୍ୟାଳରାଟ୍ ।**
**ସୋଽୟଂ ଭୂତିବିଭୂଷଣଃ ସୁରବରଃ ସର୍ବାଧିପଃ ସର୍ବଦା**
**ଶର୍ବଃ ସର୍ବଗତଃ ଶିବଃ ଶଶିନିଭଃ ଶ୍ରୀଶଙ୍କରଃ ପାତୁ ମାମ୍ ॥ ୧ ॥**

ଯାହାଙ୍କର କୋଳରେ ହିମାଚଳସୁତା ପାର୍ବତୀ, ମସ୍ତକରେ ଗଙ୍ଗା, ଲଲାଟରେ ଦ୍ୱିତୀୟା ଚନ୍ଦ୍ରମା, କଣ୍ଠରେ ହଳାହଳ ବିଷ ଓ ବକ୍ଷସ୍ଥଳରେ ସର୍ପରାଜ ଅନନ୍ତ ସୁଶୋଭିତ, ସେହି ଭସ୍ମବିଭୂଷିତ, ଦେବଶ୍ରେଷ୍ଠ, ସର୍ବେଶ୍ୱର, ସଂହାରକର୍ତ୍ତା [ଅଥବା ଭକ୍ତପାପନାଶକ], ସର୍ବବ୍ୟାପକ, କଲ୍ୟାଣରୂପ, ଚନ୍ଦ୍ରସମ ଶୁଭ୍ରବର୍ଣ୍ଣ ଶ୍ରୀଶଙ୍କର ମୋତେ ସର୍ବଦା ରକ୍ଷା କରନ୍ତୁ ॥ ୧ ॥

**ପ୍ରସନ୍ନତାଂ ଯା ନ ଗତାଭିଷେକତସ୍ତଥା ନ ମମ୍ଳେ ବନବାସଦୁଃଖତଃ ।**
**ମୁଖାମ୍ବୁଜଶ୍ରୀ ରଘୁନନ୍ଦନସ୍ୟ ମେ ସଦାସ୍ତୁ ସା ମଞ୍ଜୁଲମଙ୍ଗଳପ୍ରଦା ॥ ୨ ॥**

ରଘୁକୁଳର ଆନନ୍ଦଦାତା ଶ୍ରୀରାମଚନ୍ଦ୍ରଙ୍କ ମୁଖାରବିନ୍ଦର ଯେଉଁ ଶୋଭା ରାଜ୍ୟାଭିଷେକ ହେବା କଥା ଶୁଣି ପ୍ରସନ୍ନ ହେଲା ନାହିଁ, କି ବନବାସ-ଦୁଃଖରେ ମଳିନ ହେଲା ନାହିଁ, ସେହି ମୁଖକମଳର ଛବି ମୋ ପାଇଁ ସର୍ବଦା ସୁମଙ୍ଗଳପ୍ରଦ ହେଉ ॥ ୨ ॥

**ନୀଲାମ୍ବୁଜଶ୍ୟାମଳକୋମଳାଙ୍ଗଂ ସୀତାସମାରୋପିତବାମଭାଗମ୍ ।**
**ପାଣୌ ମହାସାୟକଚାରୁଚାପଂ ନମାମି ରାମଂ ରଘୁବଂଶନାଥମ୍ ॥ ୩ ॥**

ଯାହାଙ୍କର ଅଙ୍ଗ ନୀଳକମଳସମ ଶ୍ୟାମଳ ଓ କୋମଳ, ଯାହାଙ୍କ ବାମଭାଗରେ ଶ୍ରୀସୀତା ବିରାଜିତା ଏବଂ ଯାହାଙ୍କ ହସ୍ତରେ ଅମୋଘ ବାଣ ଓ ସୁନ୍ଦର ଧନୁ ବିଦ୍ୟମାନ, ସେହି ରଘୁବଂଶନାଥ ଶ୍ରୀରାମଚନ୍ଦ୍ରଙ୍କୁ ମୁଁ ନମସ୍କାର କରୁଛି ॥ ୩ ॥

ଦୋ:- **ଶ୍ରୀଗୁରୁ ଚରନ ସରୋଜ ରଜ ନିଜ ମନୁ ମୁକୁରୁ ସୁଧାରି ।**
**ବରନଉଁ ରଘୁବର ବିମଲ ଜସୁ ଜୋ ଦାୟକୁ ଫଲ ଚାରି ॥**

ଶ୍ରୀଗୁରୁଙ୍କ ଚରଣକମଳରଜରେ ନିଜର ମନରୂପୀ ଦର୍ପଣକୁ ପରିଷ୍କାର କରି ମୁଁ ଶ୍ରୀରଘୁନାଥଙ୍କର ସେହି ନିର୍ମଳ ଯଶ ଗାନ କରୁଛି, ଯାହା କି ଚତୁର୍ବର୍ଗ (ଧର୍ମ, ଅର୍ଥ, କାମ, ମୋକ୍ଷ) ଫଳ ପ୍ରଦାନ କରିଥାଏ ॥

**ଜବ ତେँ ରାମୁ ବ୍ୟାହି ଘର ଆଏ । ନିତ ନଓ୍ୱ ମଂଗଲ ମୋଦ ବଧାଏ ॥**
**ଭୁଓ୍ୱନ ଚ୍ରିଦସ ଭୂଧର ଭାରୀ । ସୁକୃତ ମେଘ ବରଷହିଁ ସୁଖ ବାରୀ ॥ ୧ ॥**

ବିବାହ କରିସାରି ଯେଉଁଦିନୁ ଶ୍ରୀରାମ ଘରକୁ ଆସିଲେ, ସେହିଦିନୁ ଅଯୋଧ୍ୟାରେ ନିତ୍ୟନୂତନ ମଙ୍ଗଳ ହେବାକୁ ଲାଗିଲା ଏବଂ ଆନନ୍ଦସୂଚକ ବାଦ୍ୟ ବାଜିଲା । ଚଉଦଭୁବନରୂପୀ ବିଶାଳ ପର୍ବତରେ ପୁଣ୍ୟରୂପୀ ମେଘମାନେ ସୁଖରୂପୀ ଜଳ ବୃଷ୍ଟି କଲେ ॥ ୧ ॥

**ରିଧି ସିଧି ସଂପତି ନଦୀँ ସୁହାଈ । ଉମଗି ଅଓ୍ୱଧ ଅଂବୁଧି କହୁँ ଆଈ ॥**
**ମନିଗନ ପୁର ନର ନାରି ସୁଜାତୀ । ସୁଚି ଅମୋଲ ସୁଂଦର ସବ ଭାଁତୀ ॥ ୨ ॥**

ସେହି ବୃଷ୍ଟିଜଳ ପାଇ ଋଦ୍ଧି, ସିଦ୍ଧି ଓ ସମ୍ପତ୍ତିରୂପୀ ସୁନ୍ଦର ନଦୀମାନେ ଉଦ୍‌ବେଳିତ ହୋଇ ଆସି ଅଯୋଧ୍ୟାରୂପୀ ସମୁଦ୍ରରେ ମିଳିତ ହେଲେ । ନଗରର ନରନାରୀ ସକଳପ୍ରକାରେ ପବିତ୍ର, ଅମୂଲ୍ୟ ଓ ଉଚ୍ଚକୋଟୀର ସୁନ୍ଦର ମଣିମାଣିକ୍ୟ ପରି ଶୋଭା ପାଇଲେ ॥ ୨ ॥

**କହି ନ ଜାଇ କଛୁ ନଗର ବିଭୂତୀ । ଜନୁ ଏତନିଅ ବିରଂଚି କରତୂତୀ ॥**
**ସବ ବିଧି ସବ ପୁର ଲୋଗ ସୁଖାରୀ । ରାମଚଂଦ ମୁଖ ଚଂଦୁ ନିହାରୀ ॥ ୩ ॥**

ନଗରର ଐଶ୍ୱର୍ଯ୍ୟ ତ ଭାଷାରେ କହିହେବ ନାହିଁ । ଜାଣନ୍ତୁ, ବ୍ରହ୍ମାଙ୍କର ସମସ୍ତ କାରିଗରି ସେହିଠାରେ ସମାବିଷ୍ଟ ହୋଇଥାଏ । ସମସ୍ତ ନଗରବାସୀ ଶ୍ରୀରାମଙ୍କ ମୁଖଚନ୍ଦ୍ର ଦେଖି ସକଳପ୍ରକାରେ ସୁଖରେ ଥିଲେ ॥ ୩ ॥

**ମୁଦିତ ମାତୁ ସବ ସଖୀँ ସହେଲୀ । ଫଲିତ ବିଲୋକି ମନୋରଥ ବେଲୀ ॥**
**ରାମ ରୂପୁ ଗୁନ ସୀଲୁ ସୁଭାଉ । ପ୍ରମୁଦିତ ହୋଇ ଦେଖି ସୁନି ରାଉ ॥ ୪ ॥**

ମାଆମାନେ ଓ ସେମାନଙ୍କର ସମସ୍ତ ସଖୀସହଚରୀ ନିଜ ନିଜର ମନୋରଥରୂପୀ ଲତାରେ ଫଳ ଧରିବା ଦେଖି ଖୁସୀ ହେଉଥାନ୍ତି । ଶ୍ରୀରାମଙ୍କ ରୂପ, ଗୁଣ, ଶୀଳ ଓ ସ୍ୱଭାବ ଦେଖି ଏବଂ ସେ ବିଷୟରେ ଶୁଣି ରାଜା ଦଶରଥ ଅତ୍ୟନ୍ତ ଆନନ୍ଦିତ ହେଉଥାନ୍ତି ॥ ୪ ॥

ଦୋଃ- **ସବ କେଁ ଉର ଅଭିଲାଷୁ ଅସ କହହିଁ ମନାଇ ମହେସୁ ।**
**ଆପୁ ଅଛତ ଜୁବରାଜ ପଦ ରାମହି ଦେଉ ନରେସୁ ॥ ୧ ॥**

ସମସ୍ତେ ମହାଦେବଙ୍କୁ ପ୍ରାର୍ଥନା କରି ନିଜ ନିଜ ଅନ୍ତରର ଏହି ଅଭିଳାଷ ଜଣାଉଥାନ୍ତି ଯେ, ରାଜା ଜୀବିତ ଥାଉ ଥାଉ ଶ୍ରୀରାମଙ୍କୁ ଯୁବରାଜ ପଦ ଦେଇଦିଅନ୍ତୁ ॥ ୧ ॥

**ଏକ ସମୟ ସବ ସହିତ ସମାଜା । ରାଜସଭାँ ରଘୁରାଜୁ ବିରାଜା ॥**
**ସକଲ ସୁକୃତ ମୂରତି ନରନାହୂ । ରାମ ସୁଜସୁ ସୁନି ଅତିହି ଉଛାହୂ ॥ ୧ ॥**

ଥରେ ସକଳ ସୁକୃତିର ମୂର୍ତ୍ତି ରଘୁକୁଳରାଜ ଦଶରଥ ନିଜର ସମସ୍ତ ସଭାସଦ୍‌ମାନଙ୍କ ଗହଣରେ ରାଜସଭାରେ ବସିଥାନ୍ତି । ଶ୍ରୀରାମଙ୍କର ସୁନ୍ଦର କୀର୍ତ୍ତି ଶୁଣି ତାଙ୍କୁ ଅତ୍ୟନ୍ତ ଆନନ୍ଦ ଲାଗୁଥାଏ ॥ ୧ ॥

**ନୃପ ସବ ରହହିଁ କୃପା ଅଭିଲାଷେଁ । ଲୋକପ କରହିଁ ପ୍ରୀତି ରୁଖ ରାଖେଁ ॥**
**ତିଭୁଓ୍ୱନ ତୀନି କାଲ ଜଗ ମାହୀँ । ଭୂରି ଭାଗ ଦସରଥ ସମ ନାହୀँ ॥ ୨ ॥**

ସବୁ ରାଜା ତାଙ୍କର କୃପା ଚାହୁଁଥାନ୍ତି; ଲୋକପାଳମାନେ ତାଙ୍କର ଇଚ୍ଛାନୁକୂଳ ହୋଇ ପ୍ରୀତିପୂର୍ଣ୍ଣ ବ୍ୟବହାର କରୁଥାନ୍ତି । ତ୍ରିଲୋକରେ ଓ ତ୍ରିକାଳରେ ଦଶରଥଙ୍କ ସମାନ ଭାଗ୍ୟବାନ୍ ଅନ୍ୟ କେହି ନ ଥାନ୍ତି ॥ ୨ ॥

**ମଂଗଲମୂଲ ରାମୁ ସୁତ ଜାସୂ । ଜୋ କଛୁ କହିଅ ଥୋର ସବୁ ତାସୂ ॥**
**ରାୟଁ ସୁଭାୟଁ ମୁକୁରୁ କର ଲୀହ୍ନା । ବଦନୁ ବିଲୋକି ମୁକୁଟୁ ସମ କୀହ୍ନା ॥ ୩ ॥**

ସକଳ ମଙ୍ଗଳର ମୂଳ ଶ୍ରୀରାମ ଯାହାଙ୍କର ପୁତ୍ର, ତାଙ୍କ ବିଷୟରେ ଯେତେ କହିଲେ ବି ତାହା ସ୍ୱଳ୍ପ ହେବ । ରାଜା ସ୍ୱାଭାବିକଭାବେ ହାତରେ ଦର୍ପଣଟିଏ ଧରି, ନିଜର ମୁହଁ ଦେଖି ମସ୍ତକର ମୁକୁଟ ସଳଖୁଛନ୍ତି ॥ ୩ ॥

**ଶ୍ରୱନ ସମୀପ ଭଏ ସିତ କେସା । ମନହୁଁ ଜରଠପନୁ ଅସ ଉପଦେସା ॥**
**ନୃପ ଜୁବରାଜୁ ରାମୁ କହୁଁ ଦେହୂ । ଜୀୱନ ଜନମ ଲାହୁ କିନ ଲେହୂ ॥ ୪ ॥**

ସେତିକିବେଳେ ସେ ଦେଖିବାକୁ ପାଇଲେ ଯେ, ତାଙ୍କ କାନପାଖର ବାଳ ପାଚିଆସିଲାଣି । ତାଙ୍କୁ ଲାଗିଲା, ସତେ ଯେପରି ବାର୍ଦ୍ଧକ୍ୟ ତାଙ୍କୁ ଉପଦେଶ ଦେଇ କହୁଛି, 'ହେ ରାଜନ୍ ! ଶ୍ରୀରାମଙ୍କୁ ଯୁବରାଜ ପଦ ଦେଇ ନିଜ ଜନ୍ମ ଓ ଜୀବନର ଲାଭ ଉଠାଉନାହାନ୍ତି କାହିଁକି ?' ॥ ୪ ॥

ଦୋଃ- **ୟହ ବିଚ୍ଚାରୁ ଉର ଆନି ନୃପ ସୁଦିନୁ ସୁଅୱସରୁ ପାଇ ।**
**ପ୍ରେମ ପୁଲକି ତନ ମୁଦିତ ମନ ଗୁରହି ସୁନାୟଉ ଜାଇ ॥ ୨ ॥**

ସେହି ବିଷୟ ମନେ ମନେ ବିଚ୍ଚାର କରି (ଶ୍ରୀରାମଙ୍କୁ ଯୁବରାଜ ପଦ ଦେବାକୁ ନିଶ୍ଚୟ କରି), ରାଜା ଦଶରଥ ଶୁଭଦିନ ଓ ଶୁଭବେଳା ଦେଖି ଗୁରୁ ବଶିଷ୍ଠଙ୍କ ନିକଟକୁ ଗଲେ ଏବଂ ପ୍ରେମପୁଲକିତ ଶରୀର ଓ ଆନନ୍ଦନିମଗ୍ନ ଚିତ୍ତରେ ଉକ୍ତ ବିଷୟ ତାଙ୍କୁ ଜଣାଇଲେ ॥ ୨ ॥

**କହଇ ଭୁଆଲୁ ସୁନିଅ ମୁନିନାୟକ । ଭଏ ରାମ ସବ ବିଧି ସବ ଲାୟକ ॥**
**ସେୱକ ସଚିୱ ସକଲ ପୁରବାସୀ । ଜେ ହମାରେ ଅରି ମିତ୍ର ଉଦାସୀ ॥ ୧ ॥**
**ସବହି ରାମୁ ପ୍ରିୟ ଜେହି ବିଧି ମୋହୀ । ପ୍ରଭୁ ଅସୀସ ଜନୁ ତନୁ ଧରି ସୋହୀ ॥**
**ବିପ୍ର ସହିତ ପରିୱାର ଗୋସାଈଁ । କରହିଁ ଛୋହୁ ସବ ରୌରିହି ନାଈଁ ॥ ୨ ॥**

ରାଜା କହିଲେ, "ହେ ମୁନିରାଜ ! [ କୃପା କରି ମୋ ନିବେଦନ] ଶୁଣନ୍ତୁ । ଶ୍ରୀରାମ ଏଥର ସକଳପ୍ରକାରେ ଯୋଗ୍ୟ ହୋଇଗଲେଣି । ସେବକଗଣଙ୍କୁ, ମନ୍ତ୍ରୀଗଣଙ୍କୁ , ନଗରବାସୀଙ୍କୁ ଏବଂ ମୋର ମିତ୍ରଗଣଙ୍କୁ ଓ ଉଦାସୀନମାନଙ୍କୁ, ଏପରି କି, ମୋର ଶତ୍ରୁମାନଙ୍କୁ ମଧ୍ୟ ଶ୍ରୀରାମ ଅତ୍ୟନ୍ତ ପ୍ରିୟ—ମୁଁ ରାମଙ୍କୁ ଯେପରି ଭଲପାଏ, ସେମାନେ ସେହିପରି ଭଲ ପାଉଛନ୍ତି । ଆପଣଙ୍କର ଆଶୀର୍ବାଦହିଁ ସତେ ଯେପରି ଶରୀର ଧାରଣ କରି ଶ୍ରୀରାମରୂପରେ ଶୋଭିତ ହେଉଛି । ହେ ପ୍ରଭୁ ! ଆପଣ ଶ୍ରୀରାମଙ୍କୁ ଯେତିକି ସ୍ନେହ କରନ୍ତି, ବ୍ରାହ୍ମଣମାନେ ମଧ୍ୟ ସପରିବାର ତାଙ୍କୁ ସେତିକି ସ୍ନେହ କରନ୍ତି ॥ ୧, ୨ ॥

**ଜେ ଗୁର ଚରନ ରେନୁ ସିର ଧରହୀଁ । ତେ ଜନୁ ସକଲ ବିଭୱ ବସ କରହୀଁ ॥**
**ମୋହି ସମ ୟହୁ ଅନୁଭୟଉ ନ ଦୂଜେଁ । ସବୁ ପାୟଉଁ ରଜ ପାୱନି ପୂଜେଁ ॥ ୩ ॥**

ଯେଉଁମାନେ ଗୁରୁଙ୍କ ପଦଧୂଳି ଶିରରେ ଧାରଣ କରନ୍ତି, ସେମାନେ, ଜାଣନ୍ତୁ, ସମସ୍ତ ଐଶ୍ୱର୍ଯ୍ୟକୁ ବଶ କରିନିଅନ୍ତି । ଏହି କଥାଟି ମୁଁ ଯେତିକି ଅନୁଭବ କରିଛି, ଅନ୍ୟ କେହି ସେତିକି ଅନୁଭବ କରି ନ ଥିବେ । ଆପଣଙ୍କ ପବିତ୍ର ଚରଣରଜ ପୂଜା କରି ମୁଁ ସବୁକିଛି ପାଇଯାଇଛି ॥ ୩ ॥

**ଅବ ଅଭିଲାଷୁ ଏକୁ ମନ ମୋରେଁ । ପୂଜିହି ନାଥ ଅନୁଗ୍ରହ ତୋରେଁ ॥**
**ମୁନି ପ୍ରସନ୍ନ ଲଖି ସହଜ ସନେହୂ । କହେଉ ନରେସ ରଜାୟସୁ ଦେହୂ ॥ ୪ ॥**

ବର୍ତ୍ତମାନ ମୋ ମନରେ କେବଳ ଗୋଟିଏ ଅଭିଳାଷ ରହିଛି । ସେହି ଅଭିଳାଷଟି ମଧ୍ୟ ଆପଣଙ୍କ ଅନୁଗ୍ରହ ହେଲେ ପୂର୍ଣ୍ଣ ହୋଇଯିବ ।'' ରାଜାଙ୍କର ସ୍ୱାଭାବିକ ପ୍ରେମ ଦେଖି ମୁନି ପ୍ରସନ୍ନ ହୋଇଗଲେ । କହିଲେ, ''ହେ ରାଜା ! ଆଜ୍ଞା ଦିଅନ୍ତୁ (ଆପଣଙ୍କର ଅଭିଳାଷ ପ୍ରକାଶ କରନ୍ତୁ) ॥ ୪ ॥

**ଦୋ:- ରାଜନ ରାଉର ନାମୁ ଜସୁ ସବ ଅଭିମତ ଦାତାର ।**
**ଫଲ ଅନୁଗାମୀ ମହିପ ମନି ମନ ଅଭିଲାଷୁ ତୁହ୍ମାର ॥ ୩ ॥**

ହେ ରାଜନ୍ ! ଆପଣଙ୍କର ନାମ ଓ ଯଶ ହିଁ ଆପଣଙ୍କ ମନୋବାଞ୍ଛିତ ବସ୍ତୁ ପ୍ରଦାନ କରେ । ହେ ରାଜଶିରୋମଣି ! ଆପଣଙ୍କ ମନର ଅଭିଳାଷ ପ୍ରକୃତରେ ଫଳର ଅନୁଗମନ କରେ (ଅର୍ଥାତ୍ ଆପଣ ଅଭିଳାଷ କରିବା ପୂର୍ବରୁ ହିଁ ଫଳ ଉତ୍ପନ୍ନ ହୋଇଯାଇଥାଏ) ।'' ॥ ୩ ॥

**ସବ ବିଧି ଗୁରୁ ପ୍ରସନ୍ନ ଜିୟଁ ଜାନୀ । ବୋଲେଉ ରାଉ ରହଁସି ମୃଦୁ ବାନୀ ॥**
**ନାଥ ରାମୁ କରିଅହିଁ ଜୁବରାଜୂ । କହିଅ କୃପା କରି କରିଅ ସମାଜୂ ॥ ୧ ॥**

ଗୁରୁ ସବୁପ୍ରକାରେ ପ୍ରସନ୍ନ ଅଛନ୍ତି ଜାଣି ରାଜା ମନେ ମନେ ଆନନ୍ଦିତ ହେଲେ ଓ କୋମଳଭାବରେ କହିଲେ, ''ହେ ନାଥ ! ଶ୍ରୀରାମଙ୍କୁ ଯୁବରାଜ କରିଦିଅନ୍ତୁ । ଆପଣ କୃପା କରି ଆଜ୍ଞା ଦେଲେ, ସବୁ ଆୟୋଜନ ଆରମ୍ଭ ହୋଇଯିବ ॥ ୧ ॥

**ମୋହି ଅଛତ ୟହୁ ହୋଇ ଉଛାହୂ । ଲହହିଁ ଲୋଗ ସବ ଲୋଚନ ଲାହୂ ॥**
**ପ୍ରଭୁ ପ୍ରସାଦ ସିଵ ସବଇ ନିବାହୀଁ । ୟହ ଲାଲସା ଏକ ମନ ମାହୀଁ ॥ ୨ ॥**

ମୁଁ ଥାଉ ଥାଉ ଏହି ଆନନ୍ଦ ଉତ୍ସବ ହୋଇଯାଉ; ଏହା ଫଳରେ ସମସ୍ତେ ନିଜ ନିଜର ନୟନ ସାର୍ଥକ କରିପାରିବେ । ପ୍ରଭୁ ! ଆପଣଙ୍କ ପ୍ରସାଦରୁ ଭଗବାନ୍ ଶିବ ମୋର ସବୁକିଛି ପୂର୍ଣ୍ଣ କରିଦେଇଛନ୍ତି, ମୋ ମନରେ କେବଳ ଏହି ଗୋଟିଏ ଅଭିଳାଷ ରହିଯାଇଛି ॥ ୨ ॥

**ପୁନି ନ ସୋଚ ତନୁ ରହଉ କି ଜାଉ । ଜେହିଁ ନ ହୋଇ ପାଛେଁ ପଛିତାଉ ॥**
**ସୁନି ମୁନି ଦସରଥ ବଚନ ସୁହାଏ । ମଂଗଲ ମୋଦ ମୂଲ ମନ ଭାଏ ॥ ୩ ॥**

ଏତିକି ପୂର୍ଣ୍ଣ ହୋଇଗଲେ ମୋର ଆଉ କୌଣସି ଚିନ୍ତା ରହିବ ନାହିଁ; ଶରୀର ରହୁ, କି ଯାଉ, ପରେ ମୋତେ ଆଉ ପଶ୍ଚାତ୍ତାପ କରିବାକୁ ପଡ଼ିବ ନାହିଁ ।'' ଦଶରଥଙ୍କର ଏହି ମଙ୍ଗଳ ଓ ଆନନ୍ଦଦାୟକ ବଚନ ଶୁଣି ମୁନି ଅତିଶୟ ଆନନ୍ଦିତ ହୋଇଗଲେ ॥ ୩ ॥

**ସୁନୁ ନୃପ ଜାସୁ ବିମୁଖ ପଛିତାହୀଁ । ଜାସୁ ଭଜନ ବିନୁ ଜରନି ନ ଜାହୀଁ ॥**
**ଭୟଉ ତୁହ୍ମାର ତନୟ ସୋଇ ସ୍ୱାମୀ । ରାମୁ ପୁନୀତ ପ୍ରେମ ଅନୁଗାମୀ ॥ ୪ ॥**

[ବଶିଷ୍ଠ କହିଲେ,] ''ହେ ରାଜନ୍ ! ଶୁଣନ୍ତୁ; ଯାହାଙ୍କ ପ୍ରତି ବିମୁଖ ହୋଇ ଲୋକମାନଙ୍କୁ ପରେ ଅନୁତାପ କରିବାକୁ ପଡ଼େ, ଯାହାଙ୍କର ଭଜନ ବିନା ହୃଦୟର ଜ୍ୱାଳା ଦୂର ହୁଏ ନାହିଁ, ସେହି ପ୍ରଭୁ ସର୍ବଲୋକମହେଶ୍ୱର ଶ୍ରୀରାମ ଆପଣଙ୍କର ପୁତ୍ର ହୋଇଛନ୍ତି ; କାରଣ ସେ ପବିତ୍ର ପ୍ରେମର ଅନୁଗାମୀ (ସେ ପବିତ୍ର ପ୍ରେମ ପଛେ ପଛେ ଗ୍ୱଲନ୍ତି ; ତେଣୁ ସେ ପ୍ରେମବଶ ହୋଇ ଆପଣଙ୍କର ପୁତ୍ର ହୋଇଛନ୍ତି) ॥ ୪ ॥

**ଦୋ:- ବେଗି ବିଲଂବୁ ନ କରିଅ ନୃପ ସାଜିଅ ସବୁଇ ସମାଜୁ ।**
**ସୁଦିନ ସୁମଂଗଲୁ ତବହିଁ ଜବ ରାମୁ ହୋହିଁ ଜୁବରାଜୁ ॥ ୪ ॥**

ହେ ରାଜନ୍ ! ଆଉ ବିଳମ୍ବ କରନ୍ତୁ ନାହିଁ । ଶୀଘ୍ର ସବୁ ସାମଗ୍ରୀ ଯୋଗାଡ଼ କରନ୍ତୁ । ଯେଉଁ ଦିନ ଶ୍ରୀରାମ ଯୁବରାଜ ହେବେ, ଜାଣନ୍ତୁ, ସେହି ଦିନ ହିଁ ଶୁଭଦିନ ଓ ମଙ୍ଗଳକର ଦିବସ । (ଅର୍ଥାତ୍ ତାଙ୍କର ଅଭିଷେକ ନିମନ୍ତେ ସବୁ ଦିନ ଶୁଭ; ସବୁ ଦିନ ମଙ୍ଗଳମୟ) ।'' ॥ ୪ ॥

**ମୁଦିତ ମହୀପତି ମଂଦିର ଆଏ । ସେୱ୍କ ସଚିୱ୍ ସୁମଂତ୍ରୁ ବୋଲାଏ ॥**
**କହି ଜୟଜୀୱ୍ ସୀସ ତିହ୍ନ ନାଏ । ଭୂପ ସୁମଂଗଲ ବଚନ ସୁନାଏ ॥ ୧ ॥**

ରାଜା ଆନନ୍ଦିତ ହୋଇ ନଅରକୁ ଚାଲିଆସିଲେ ଏବଂ ସେବକମାନଙ୍କ ଦ୍ୱାରା ସୁମନ୍ତ୍ର ପ୍ରଭୃତି ମନ୍ତ୍ରୀମାନଙ୍କୁ ଡକାଇଲେ । ସେମାନେ ଆସି ''ଜୟ ମହାରାଜ !'' କହି ପ୍ରଣାମ କଲେ । ରାଜା ସେମାନଙ୍କୁ ଶ୍ରୀରାମଙ୍କୁ ଯୁବରାଜ ପଦ ଦେବାର ମଙ୍ଗଳସୂଚକ ପ୍ରସ୍ତାବ ଶୁଣାଇଦେଲେ ॥ ୧ ॥

**ଜୌଁ ପାଁଚହି ମତ ଲାଗୈ ନୀକା । କରହୁ ହରଷି ହିୟଁ ରାମହି ଟୀକା ॥ ୨ ॥**

[ଏବଂ କହିଲେ,] ''ଯଦି ପାଞ୍ଚଜଣଙ୍କୁ (ଆପଣମାନଙ୍କୁ) ଏହି ପ୍ରସ୍ତାବ ଭଲ ଲାଗୁଛି, ତେବେ ଆପଣମାନେ ଆନନ୍ଦରେ ଶ୍ରୀରାମଙ୍କର ରାଜତିଳକ କରନ୍ତୁ ।'' ॥ ୨ ॥

**ମଂତ୍ରୀ ମୁଦିତ ସୁନତ ପ୍ରିୟ ବାନୀ । ଅଭିମତ ବିରୱ୍ଁ ପରେଉ ଜନୁ ପାନୀ ॥**
**ବିନତୀ ସଚିୱ୍ କରହିଁ କର ଜୋରୀ । ଜିଅହୁ ଜଗତପତି ବରିସ କରୋରୀ ॥ ୩ ॥**

ଏହି ପ୍ରିୟ ବାଣୀ ଶୁଣିବାକ୍ଷଣି ମନ୍ତ୍ରୀମାନେ ଏପରି ଆନନ୍ଦିତ ହୋଇଗଲେ ଯେ, ମନେହେଲା ସତେ ଯେପରି ସେମାନଙ୍କର ମନୋରଥରୂପୀ ଚାରାଗଛ ଉପରେ ଜଳସିଞ୍ଚନ ହୋଇଗଲା । ମନ୍ତ୍ରୀମାନେ କର ଯୋଡ଼ି ବିନତି ଜଣାଇଲେ, ''ହେ ଜଗତ୍‌ପତି ! ଆପଣ କୋଟି ପରମାୟୁ ପାଆନ୍ତୁ ॥ ୩ ॥

**ଜଗ ମଂଗଲ ଭଲ କାଜୁ ବିଚାରା । ବେଗିଅ ନାଥ ନ ଲାଇଅ ବାରା ॥**
**ନୃପହି ମୋଦୁ ସୁନି ସଚିୱ୍ ସୁଭାଷା । ବଢ଼ତ ବୌଡ଼ ଜନୁ ଲହୀ ସୁସାଖା ॥ ୪ ॥**

ଆପଣ ଭଲ କଥାଟିଏ ଚିନ୍ତା କଲେ; ଏହା ସମଗ୍ର ଜଗତ୍‌ପାଇଁ ମଙ୍ଗଳକର ହେବ । ହେ ନାଥ ! ଶୀଘ୍ର ଏହି କାର୍ଯ୍ୟ ସାରିଦିଅନ୍ତୁ ; ଆଉ ବିଳମ୍ବ କରନ୍ତୁ ନାହିଁ ।'' ମନ୍ତ୍ରୀମାନଙ୍କର ସୁନ୍ଦର ପରାମର୍ଶ ଶୁଣି ରାଜା ଏତେ ଆନନ୍ଦିତ ହୋଇଗଲେ ଯେ, ମନେହେଲା ବଢ଼ିଆସୁଥିବା ଲତାଟିଏ ମାଡ଼ିବାପାଇଁ ସୁନ୍ଦର ଡାଳ(ରଞ୍ଜା)ଟିଏ ପାଇଗଲା ॥ ୪ ॥

ଦୋଃ- **କହେଉ ଭୂପ ମୁନିରାଜ କର ଜୋଇ ଜୋଇ ଆୟସୁ ହୋଇ ।**
**ରାମ ରାଜ ଅଭିଷେକ ହିତ ବେଗି କରହୁ ସୋଇ ସୋଇ ॥ ୫ ॥**

ରାଜା କହିଲେ, ''ଶ୍ରୀରାମଙ୍କ ରାଜ୍ୟାଭିଷେକ ନିମନ୍ତେ ମୁନିରାଜ ବଶିଷ୍ଠ ଯାହା ଯାହା କରିବାକୁ ଆଜ୍ଞା ଦେବେ, ଆପଣମାନେ ତାହା ଅତି ଶୀଘ୍ର କରନ୍ତୁ ।'' ॥ ୫ ॥

**ହରଷି ମୁନୀସ କହେଉ ମୃଦୁ ବାନୀ । ଆନହୁ ସକଲ ସୁତୀରଥ ପାନୀ ॥**
**ଔଷଧ ମୂଲ ଫୂଲ ଫଲ ପାନା । କହେ ନାମ ଗନି ମଂଗଲ ନାନା ॥ ୧ ॥**

ମୁନିରାଜ ଆନନ୍ଦିତ ହୋଇ କହିଲେ, ''ଯାଇ ସବୁ ବଡ଼ ବଡ଼ ତୀର୍ଥରୁ ଜଳ ଆଣନ୍ତୁ'' । ତା'ପରେ ସେ ସର୍ବମହୌଷଧି, ବିଭିନ୍ନ ପତ୍ର, ପୁଷ୍ପ, ଫଳ, ମୂଳ ପ୍ରଭୃତି ମାଙ୍ଗଳିକ ଦ୍ରବ୍ୟର ନାମ ଗଣି ଗଣି କହିଦେଲେ ॥ ୧ ॥

**ଚାମର ଚରମ ବସନ ବହୁ ଭାଁତୀ । ରୋମ ପାଟ ପଟ ଅଗନିତ ଜାତୀ ॥**
**ମନିଗନ ମଂଗଲ ବସ୍ତୁ ଅନେକା । ଜୋ ଜଗ ଜୋଗୁ ଭୂପ ଅଭିଷେକା ॥ ୨ ॥**

ଚ୍ୱମର, ମୃଗଚର୍ମ, ବିଭିନ୍ନପ୍ରକାର ବସ୍ତ୍ର, ନାନାବିଧ ପାଟ ଓ ପଶମ କପଡ଼ା, ବିବିଧ ମଣି (ରତ୍ନ) ତଥା ରାଜ୍ୟାଭିଷେକ ଉପଯୋଗୀ ସକଳପ୍ରକାର ମାଙ୍ଗଳିକ ଦ୍ରବ୍ୟ ମଗାଇବାକୁ ମଧ୍ୟ ସେ ଆଦେଶ ଦେଲେ ॥ ୨ ॥

**ବେଦ ବିଦିତ କହି ସକଲ ବିଧାନା । କହେଉ ରଚହୁ ପୁର ବିବିଧ ବିତାନା ॥**
**ସଫଲ ରସାଲ ପୂଗଫଲ କେରା । ରୋପହୁ ବୀଥିହ୍ନ ପୁର ଚହୁଁ ଫେରା ॥ ୩ ॥**

ସମସ୍ତ ବେଦବିହିତ ବିଧାନ ବିଷୟ ବୁଝାଇଦେଇ ସେ କହିଲେ, "ନଗରର ବିଭିନ୍ନ ସ୍ଥାନରେ ଚ୍ୟାନ୍ଦୁଆମାନ ଟାଣନ୍ତୁ । ଫଳ-ଧରିଥିବା ଆମ୍ବ, ଗୁଆ ଓ କଦଳୀଗଛମାନ ଆଣି ନଗରର ରାସ୍ତାମାନଙ୍କ ପାର୍ଶ୍ୱରେ ରୋପଣ କରନ୍ତୁ ॥ ୩ ॥

**ରଚହୁ ମଂଜୁ ମନି ଚୌକେଁ ଚ୍ୱାରୂ । କହହୁ ବନାଓ୍ୱନ ବେଗି ବଜାରୂ ॥**
**ପୂଜହୁ ଗନପତି ଗୁର କୁଲଦେଓ୍ୱା । ସବ ବିଧି କରହୁ ଭୂମିସୁର ସେଓ୍ୱା ॥ ୪ ॥**

ଘର ଦୁଆରମୁହଁରେ ସୁନ୍ଦର ଝୋଟି ଦେଇ ସେସବୁକୁ ମଣିମୁକ୍ତାରେ ସଜାନ୍ତୁ । ଦୋକାନ ବଜାରସବୁ ସୁନ୍ଦରଭାବରେ ସଜାଇବାକୁ ନିର୍ଦ୍ଦେଶ ଦିଅନ୍ତୁ । ଶ୍ରୀଗଣେଶ, ଗୁରୁ ଓ କୁଳଦେବତାମାନଙ୍କୁ ପୂଜା କରିବାର ବ୍ୟବସ୍ଥା କରନ୍ତୁ । ବ୍ରାହ୍ମଣମାନଙ୍କର ସକଳପ୍ରକାରେ ସେବା କରନ୍ତୁ ॥ ୪ ॥

ଦୋ:- **ଧ୍ୱଜ ପତାକ ତୋରନ କଲସ ସଜହୁ ତୁରଗ ରଥ ନାଗ ।**
**ସିର ଧରି ମୁନିବର ବଚନ ସବୁ ନିଜ ନିଜ କାଜହିଁ ଲାଗ ॥ ୬ ॥**

ଧ୍ୱଜା, ପତାକା ଓ ତୋରଣ ଦେଇ ଏବଂ କଳସ ବସାଇ ଚ୍ୱରିଆଡ଼ ସଜାନ୍ତୁ । ହାତୀ, ଘୋଡ଼ା, ରଥ ପ୍ରଭୃତିକୁ ମଧ୍ୟ ସୁନ୍ଦରଭାବରେ ସଜାନ୍ତୁ ।" ମୁନିବର ବଶିଷ୍ଠଙ୍କ ବଚନ ଶିରୋଧାର୍ଯ୍ୟ କରି ଲୋକେ ଯେ ଯାହା କାର୍ଯ୍ୟରେ ଲାଗିଗଲେ ॥ ୬ ॥

**ଜୋ ମୁନୀସ ଜେହି ଆୟସୁ ଦୀହ୍ନା । ସୋ ତେହିଁ କାଜୁ ପ୍ରଥମ ଜନୁ କୀହ୍ନା ॥**
**ବିପ୍ର ସାଧୁ ସୁର ପୂଜତ ରାଜା । କରତ ରାମ ହିତ ମଂଗଲ କାଜା ॥ ୧ ॥**

ମୁନିବର ଯାହାକୁ ଯେଉଁ କାର୍ଯ୍ୟ କରିବାକୁ ଆଜ୍ଞା ଦେଲେ, ସେ ସେହି କାର୍ଯ୍ୟ ଏତେ ଶୀଘ୍ର ଶେଷ କରିଦେଲା ଯେ, ମନେହେଲା ସେ ତାହା ଆଗରୁହିଁ କରିସାରିଥିଲା । ବ୍ରାହ୍ମଣ, ସାଧୁସନ୍ଥ ଓ ଦେବତାମାନଙ୍କୁ ପୂଜା କରିବାରେ ଏବଂ ଶ୍ରୀରାମଙ୍କ ନିମନ୍ତେ ସମସ୍ତପ୍ରକାର ମଙ୍ଗଳକାର୍ଯ୍ୟ କରିବାରେ ରାଜା ତତ୍ପର ରହିଲେ ॥ ୧ ॥

**ସୁନତ ରାମ ଅଭିଷେକ ସୁହାଓ୍ୱା । ବାଜ ଗହାଗହ ଅଓ୍ୱଧ ବଧାଓ୍ୱା ॥**
**ରାମ ସୀୟ ତନ ସଗୁନ ଜନାଏ । ଫରକହିଁ ମଂଗଲ ଅଂଗ ସୁହାଏ ॥ ୨ ॥**

ଶ୍ରୀରାମଙ୍କ ରାଜ୍ୟାଭିଷେକର ଶୁଭସଂବାଦ ଶୁଣିବାମାତ୍ରେ ଅଯୋଧ୍ୟା ସାରା ମହାସମାରୋହରେ ଅଭିନନ୍ଦନ ବାଦ୍ୟ ବାଜିବାକୁ ଲାଗିଲା । ଶ୍ରୀରାମ ଏବଂ ସୀତାଙ୍କ ଶ୍ରୀଅଙ୍ଗରେ ମଧ୍ୟ ଶୁଭଲକ୍ଷଣମାନ ଦେଖାଗଲା । ସେମାନଙ୍କର ସୁନ୍ଦର ଶୁଭ ଅଙ୍ଗ ସ୍ଫୁରିତ ହେଲା ॥ ୨ ॥

**ପୁଲକି ସପ୍ରେମ ପରସପର କହହୀଁ । ଭରତ ଆଗମନୁ ସୂଚକ ଅହହୀଁ ॥**
**ଭଏ ବହୁତ ଦିନ ଅତି ଅଓ୍ୱସେରୀ । ସଗୁନ ପ୍ରତୀତି ଭେଁଟ ପ୍ରିୟ କେରୀ ॥ ୩ ॥**

ପୁଲକିତ ହୋଇ ସେମାନେ ପରସ୍ପରକୁ କହିଲେ, "ଏସବୁ ଶୁଭଲକ୍ଷଣରୁ ମନେହେଉଛି, ଭରତ ଅତି ଶୀଘ୍ର ଫେରିଆସିବ । ସେ ବହୁତ ଦିନ ହେଲା ମାମୁଁଘରକୁ ଗଲାଣି ; ତାକୁ ଦେଖିବାକୁ ମନ ଆତୁର ହେଉଛି । ଶୁଭଲକ୍ଷଣରୁ ବିଶ୍ୱାସ ହେଉଛି, ଭରତ ସହିତ ମିଳନର ଅବସର ଆସିଗଲା ॥ ୩ ॥

**ଭରତ ସରିସ ପ୍ରିୟ କୋ ଜଗ ମାହୀଁ । ଇହଇ ସଗୁନ ଫଲୁ ଦୂସର ନାହୀଁ ॥**
**ରାମହି ବଂଧୁ ସୋଚ ଦିନ ରାତୀ । ଅଂଡହ୍ନି କମଠ ହୃଦଉ ଜେହି ଭାଁତୀ ॥ ୪ ॥**

''ଭରତ ପରି ପ୍ରିୟ ଆଉ କିଏ ଅଛି ଯେ ? ଶୁଭଲକ୍ଷଣରୁ ଜଣାପଡୁଛି, ଭରତ ସହିତ ମିଳନ ହେବ ।'' କଇଁଛର ମନ ଯେପରି ତା'ଅଣ୍ଡା ପାଖରେ ଲାଗି ରହିଥାଏ, ଶ୍ରୀରାମଙ୍କ ମନ ସେହିପରି ଭାଇ ଭରତଙ୍କ ପାଖରେହିଁ ଦିନରାତି ଲାଗିରହିଲା ॥ ୪ ॥

ଦୋଃ- **ଏହି ଅୱସର ମଂଗଲୁ ପରମ ସୁନି ରହଁସେଉ ରନିୱାସୁ ।**
**ସୋଭତ ଲଖି ବିଧୁ ବଢ଼ତ ଜନୁ ବାରିଧି ବୀଚି ବିଲାସୁ ॥ ୭ ॥**

ବର୍ଦ୍ଧିଷ୍ଣୁ ଚନ୍ଦ୍ରକୁ ଦେଖି ସମୁଦ୍ରରେ ଉଠୁଥିବା ଲହରୀ ଶୋଭା-ପାଇବାପରି, ଏହି ପରମମଙ୍ଗଳକର ସଂବାଦ ଶୁଣି ସମଗ୍ର ରାଣୀହଂସପୁର ହର୍ଷିତ ହୋଇଉଠିଲା ॥ ୭ ॥

**ପ୍ରଥମ ଜାଇ ଜିହ୍ନ ବଚନ ସୁନାଏ । ଭୂଷନ ବସନ ଭୂରି ତିହ୍ନ ପାଏ ॥**
**ପ୍ରେମ ପୁଲକି ତନ ମନ ଅନୁରାଗୀଁ । ମଂଗଲ କଲସ ସଜନ ସବ ଲାଗୀଁ ॥ ୧ ॥**

ଯେଉଁମାନେ ରାଣୀହଂସପୁରରେ ସର୍ବପ୍ରଥମେ ଏହି ସମାଚାର ଶୁଣାଇଲେ, ସେମାନେ ବହୁ ଆଭୂଷଣ ଓ ବସ୍ତ୍ର ପୁରସ୍କାର ପାଇଲେ । ରାଣୀମାନଙ୍କର ଶରୀର ପ୍ରେମରେ ପୁଲକିତ ହୋଇଉଠିଲା ଏବଂ ମନ ଅନୁରାଗରେ ମଗ୍ନ ହୋଇଗଲା । ସେମାନେ ସମସ୍ତେ ମଙ୍ଗଳକଳସ ସଜାଇବାକୁ ଲାଗିଲେ ॥ ୧ ॥

**ଚୌକେଁ ଚାରୁ ସୁମିତ୍ରାଁ ପୂରୀ । ମନିମୟ ବିବିଧ ଭାଁତି ଅତି ରୂରୀ ॥**
**ଆନଁଦ ମଗନ ରାମ ମହତାରୀ । ଦିଏ ଦାନ ବହୁ ବିପ୍ର ହଁକାରୀ ॥ ୨ ॥**

ସୁମିତ୍ରା ବିଭିନ୍ନ ମଣି(ରତ୍ନ)ରେ ସଜାଇ ବହୁପ୍ରକାର ସୁନ୍ଦର ଓ ମନୋହର ଝୋଟି ପକାଇଲେ । ଶ୍ରୀରାମଙ୍କ ମାତା କୌଶଲ୍ୟା ଆନନ୍ଦରେ ମଗ୍ନ ହୋଇ, ବ୍ରାହ୍ମଣମାନଙ୍କୁ ଡକାଇ ବହୁବିଧ ଦାନ ଦେଲେ ॥ ୨ ॥

**ପୂଜୀଁ ଗ୍ରାମଦେବି ସୁର ନାଗା । କହେଉ ବହୋରି ଦେନ ବଲିଭାଗା ॥**
**ଜେହି ବିଧି ହୋଇ ରାମ କଲ୍ୟାନୂ । ଦେହୁ ଦୟା କରି ସୋ ବରଦାନୂ ॥ ୩ ॥**

ସେ ଗ୍ରାମଦେବୀ, ଦେବତା ଓ ନାଗମାନଙ୍କୁ ପୂଜା କଲେ ଏବଂ ବିଭିନ୍ନ ପ୍ରକାର ବଳିଭୋଗ ଦେବାକୁ ମାନସିକ କଲେ ; ସମସ୍ତଙ୍କୁ ପ୍ରାର୍ଥନା କଲେ ଯେ, ଯେଉଁପ୍ରକାରେ ଶ୍ରୀରାମଙ୍କର ମଙ୍ଗଳ ହେବ, ଦୟା କରି ସେମାନେ ସେହିପରି ବର ଦିଅନ୍ତୁ ॥ ୩ ॥

**ଗାୱହିଁ ମଂଗଲ କୋକିଲବୟନୀଁ । ବିଧୁବଦନୀଁ ମୃଗସାୱକନୟନୀଁ ॥ ୪ ॥**

କୋକିଳଭାଷିଣୀ, ଚନ୍ଦ୍ରବଦନୀ ଓ ଶିଶୁମୃଗନୟନୀ ନାରୀମାନେ ମଙ୍ଗଳଗୀତ ଗାନ କଲେ ॥ ୪ ॥

ଦୋଃ- **ରାମ ରାଜ ଅଭିଷେକୁ ସୁନି ହିୟଁ ହରଷେ ନର ନାରୀ ।**
**ଲଗେ ସୁମଂଗଲ ସଜନ ସବ ବିଧି ଅନୁକୂଲ ବିଚାରି ॥ ୮ ॥**

ଶ୍ରୀରାମଙ୍କ ରାଜ୍ୟାଭିଷେକ ହେବା କଥା ଶୁଣି ସବୁ ନରନାରୀ ଆନନ୍ଦିତ ହୋଇଉଠିଲେ ଏବଂ ବିଧାତାଙ୍କୁ ଅନୁକୂଳ ଜାଣି ସମସ୍ତେ ମାଙ୍ଗଳିକ-କର୍ମର ସାଜସଜ୍ଜାରେ ଲାଗିଗଲେ ॥ ୮ ॥

**ତବ ନରନାହଁ ବସିଷ୍ଠୁ ବୋଲାଏ । ରାମଧାମ ସିଖ ଦେନ ପଠାଏ ॥**
**ଗୁର ଆଗମନୁ ସୁନତ ରଘୁନାଥା । ଦ୍ୱାର ଆଇ ପଦ ନାୟଉ ମାଥା ॥ ୧ ॥**

ରାଜା ବଶିଷ୍ଠଙ୍କୁ ଡକାଇଲେ ଓ ଶ୍ରୀରାମଚନ୍ଦ୍ରଙ୍କୁ ସମୟୋଚିତ ଉପଦେଶ ଦେବାଲାଗି ତାଙ୍କ ମହଲକୁ ପଠାଇଦେଲେ । ଗୁରୁଙ୍କ ଆଗମନ ସମାଗ୍ଚର ପାଇବାକ୍ଷଣି ଶ୍ରୀରାମ ଦ୍ୱାରପାଖକୁ ଆସି ତାଙ୍କ ଚରଣରେ ପ୍ରଣାମ କଲେ ॥ ୧ ॥

**ସାଦର ଅରଘ ଦେଇ ଘର ଆନେ । ସୋରହ ଭାଁତି ପୂଜି ସନମାନେ ॥**
**ଗହେ ଚରନ ସିୟ ସହିତ ବହୋରୀ । ବୋଲେ ରାମୁ କମଲ କର ଜୋରୀ ॥ ୨ ॥**

ତାଙ୍କୁ ଆଦରପୂର୍ବକ ଅର୍ଘ୍ୟ ଦେଇ ଘରଭିତରକୁ ଡାକିନେଲେ ଏବଂ ଷୋଡ଼ଶୋପଗ୍ଚରରେ ପୂଜା କରି ସମ୍ମାନ ଦେଲେ । ପୁନଶ୍ଚ ଶ୍ରୀରାମ ଓ ସୀତା ଉଭୟେ, ତାଙ୍କ ଚରଣ ସ୍ପର୍ଶ କଲେ । ତା'ପରେ ଦୁଇକରକମଳ ଯୋଡ଼ି ଶ୍ରୀରାମ କହିଲେ ॥ ୨ ॥

**ସେୱକ ସଦନ ସ୍ୱାମି ଆଗମନୂ । ମଂଗଲ ମୂଲ ଅମଂଗଲ ଦମନୂ ॥**
**ତଦପି ଉଚିତ ଜନୁ ବୋଲି ସପ୍ରୀତୀ । ପଠଇଅ କାଜ ନାଥ ଅସି ନୀତୀ ॥ ୩ ॥**

''ଯଦିବା ସେବକର ଘରକୁ ସ୍ୱାମୀଙ୍କ ଆଗମନ ମଙ୍ଗଳର ବିଷୟ ଏବଂ ଅମଙ୍ଗଳନାଶକ; ତଥାପି ହେ ନାଥ ! ଏହି ଦାସକୁ ପ୍ରେମପୂର୍ବକ ଆପଣଙ୍କ ପାଖକୁ ଡକାଇନେବାହିଁ ଉଚିତ ହୋଇଥାନ୍ତା ; ଏହାହିଁ ତ ନୀତି ॥ ୩ ॥

**ପ୍ରଭୁତା ତଜି ପ୍ରଭୁ କୀହ୍ନ ସନେହୂ । ଭୟଉ ପୁନୀତ ଆଜୁ ୟହୁ ଗେହୂ ॥**
**ଆୟସୁ ହୋଇ ସୋ କରୌଁ ଗୋସାଈଁ । ସେୱକୁ ଲହଇ ସ୍ୱାମି ସେୱକାଈଁ ॥ ୪ ॥**

କିନ୍ତୁ ପ୍ରଭୁ ! ଆପଣ ନିଜର ପ୍ରଭୁପଣ ତ୍ୟାଗ କରି (ସ୍ୱୟଂ ଏଠାକୁ ଆସି) ଯେଉଁ ସ୍ନେହ ପ୍ରକାଶ କଲେ, ତା'ଫଳରେ ଆଜି ଏହି ଗୃହ ପବିତ୍ର ହୋଇଗଲା । ହେ ଗୋସାଇଁ ! ଆପଣଙ୍କର ଯାହା ଆଜ୍ଞା ହେବ, ମୁଁ ତାହା ପାଳନ କରିବି । ସ୍ୱାମୀଙ୍କ ସେବାରେ ହିଁ ସେବକର ଲାଭ ହୁଏ ।'' ॥ ୪ ॥

ଦୋः- **ସୁନି ସନେହ ସାନେ ବଚନ ମୁନି ରଘୁବରହି ପ୍ରସଂସ ।**
**ରାମ କସ ନ ତୁହ୍ମ କହହୂ ଅସ ହଂସ ବଂସ ଅୱତଂସ ॥ ୯ ॥**

ଏପରି ପ୍ରେମମୟ ବଚନ ଶୁଣି, ମୁନି ବଶିଷ୍ଠ ଶ୍ରୀରଘୁନାଥଙ୍କର ପ୍ରଶଂସା କରି କହିଲେ, ''ହେ ରାମ ! ଆପଣ ଭଲା ଏପରି କାହିଁକି ନ କହିବେ ! ଆପଣ ତ ସୂର୍ଯ୍ୟବଂଶର ଭୂଷଣ ।'' ॥ ୯ ॥

**ବରନି ରାମ ଗୁନ ସୀଲୁ ସୁଭାଉ । ବୋଲେ ପ୍ରେମ ପୁଲକି ମୁନିରାଉ ॥**
**ଭୂପ ସଜେଉ ଅଭିଷେକ ସମାଜୂ । ଗ୍ଚହତ ଦେନ ତୁହ୍ମହିଁ ଜୁବରାଜୂ ॥ ୧ ॥**

ଶ୍ରୀରାମଙ୍କର ଗୁଣ, ଶୀଳ ଓ ସ୍ୱଭାବ ବର୍ଣ୍ଣନା କରିବାପରେ ମୁନିରାଜ ପ୍ରେମରେ ପୁଲକିତ ହୋଇ କହିଲେ, ''ହେ ରାମ ! ରାଜା ଦଶରଥ ଆପଣଙ୍କ ରାଜ୍ୟାଭିଷେକପାଇଁ ପ୍ରସ୍ତୁତ ହେଉଛନ୍ତି । ସେ ଆପଣଙ୍କୁ ଯୁବରାଜ ପଦ ଦେବାକୁ ଗ୍ଚହୁଁଛନ୍ତି ॥ ୧ ॥

**ରାମ କରହୁ ସବ ସଂଜମ ଆଜୂ । ଜୌଁ ବିଧି କୁସଲ ନିବାହୈ କାଜୂ ॥**
**ଗୁରୁ ସିଖ ଦେଇ ରାୟ ପହିଁ ଗୟଉ । ରାମ ହୃଦୟଁ ଅସ ବିସମଉ ଭୟଉ ॥ ୨ ॥**

ହେ ରାମ ! ତେଣୁ ଆଜି ଆପଣ [ ବିଧିପୂର୍ବକ ଉପବାସ, ହବନ ଆଦି କରି ] ସକଳ ସଂଯମ ପାଳନ କରନ୍ତୁ, ଯଦ୍ଦ୍ୱାରା କି ବିଧାତା କୁଶଳପୂର୍ବକ ଏହି କାର୍ଯ୍ୟ ନିର୍ବାହ କରିବେ ।'' ଏପରି ଉପଦେଶ ଦେଇ ଗୁରୁଦେବ ରାଜା ଦଶରଥଙ୍କ ପାଖକୁ ଗ୍ଚଲିଗଲେ ; କିନ୍ତୁ ଏହା ଶୁଣି ଶ୍ରୀରାମ ଆଶ୍ଚର୍ଯ୍ୟ ହୋଇ ଭାବିଲେ, ॥ ୨ ॥

**ଜନମେ ଏକ ସଂଗ ସବ ଭାଈ । ଭୋଜନ ସୟନ କେଲି ଲରିକାଈ ॥**
**କରନବେଧ ଉପବୀତ ବିଆହା । ସଂଗ ସଂଗ ସବ ଭଏ ଉଛାହା ॥ ୩ ॥**

''ଆମେ ସବୁଭାଇ ଏକ ସମୟରେ ଜନ୍ମ ହୋଇଛୁ; ଖିଆ, ପିଆ, ଶୁଆ, ବସା, ପିଲାଦିନର ଖେଳକୁଦ, ଆମର କର୍ଣ୍ଣବେଧ, ଯଜ୍ଞୋପବୀତ ଏବଂ ବିବାହ ଆଦି ଉତ୍ସବ—ସବୁ ଏକ ସମୟରେ ହେଲା; ॥ ୩ ॥

**ବିମଲ ବଂସ ୟହୁ ଅନୁଚିତ ଏକୂ । ବଂଧୁ ବିହାଇ ବଡ଼େହି ଅଭିଷେକୂ ॥**
**ପ୍ରଭୁ ସପ୍ରେମ ପଛିତାନି ସୁହାଈ । ହରଉ ଭଗତ ମନ କୈ କୁଟିଲାଈ ॥ ୪ ॥**

କିନ୍ତୁ ଏହି ନିଷ୍କଳଙ୍କ ରାଜବଂଶରେ ଏହା ଏକ ଅନୁଚିତ କର୍ମ ହେଉଛି ଯେ, ଅନ୍ୟସବୁ ଭାଇମାନଙ୍କୁ ଛାଡ଼ିଦେଇ କେବଳ ବଡ଼ଭାଇର(ମୋର)ହିଁ ରାଜ୍ୟାଭିଷେକ ହେଉଛି !'' [ ତୁଳସୀଦାସ କହୁଛନ୍ତି, ] ପ୍ରଭୁ ଶ୍ରୀରାମଙ୍କର ଏହି ସୁନ୍ଦର ପ୍ରେମପୂର୍ଣ୍ଣ ଅନୁତାପ ଭକ୍ତମାନଙ୍କ ମନର କୁଟିଳତା ହରଣ କରୁ ॥ ୪ ॥

ଦୋ:- **ତେହି ଅଓ୍ୱସର ଆଏ ଲଖନ ମଗନ ପ୍ରେମ ଆନଂଦ ।**
**ସନମାନେ ପ୍ରିୟ ବଚନ କହି ରଘୁକୁଲ କୈରଓ୍ୱ ଚଂଦ ॥ ୧୦ ॥**

ସେତିକିବେଳେ ପ୍ରେମ ଓ ଆନନ୍ଦରେ ମଗ୍ନ ଲକ୍ଷ୍ମଣ ଆସି ସେଠାରେ ପହଞ୍ଚିଗଲେ । ରଘୁକୁଳରୂପୀ କୁମୁଦର ଚନ୍ଦ୍ରମା ଶ୍ରୀରାମ ତାଙ୍କୁ ପ୍ରିୟ ବଚନ କହି ସମ୍ମାନିତ କଲେ ॥ ୧୦ ॥

**ବାଜହିଁ ବାଜନେ ବିବିଧ ବିଧାନା । ପୁର ପ୍ରମୋଦୁ ନହିଁ ଜାଇ ବଖାନା ॥**
**ଭରତ ଆଗମନୁ ସକଲ ମନାଓ୍ୱହିଁ । ଆଓ୍ୱହୁଁ ବେଗି ନୟନ ଫଲୁ ପାଓ୍ୱହିଁ ॥ ୧ ॥**

ଅଯୋଧ୍ୟା ନଗରରେ ବିଭିନ୍ନପ୍ରକାର ବାଦ୍ୟ ବାଜୁଥାଏ । ସେଠାକାର ଆନନ୍ଦ ଅବର୍ଣ୍ଣନୀୟ । ସମସ୍ତେ ଭରତଙ୍କ ଆଗମନ କାମନା କରି କହୁଥାନ୍ତି, ''ସେ ଶୀଘ୍ର ଆସିଯାଆନ୍ତେ କି, ରାଜ୍ୟାଭିଷେକ ଉତ୍ସବ ଦେଖି ନିଜର ନେତ୍ର ସାର୍ଥକ କରନ୍ତେ ।'' ॥ ୧ ॥

**ହାଟ ବାଟ ଘର ଗଲୀଁ ଅଥାଈଁ । କହହିଁ ପରସପର ଲୋଗ ଲୋଗାଈଁ ॥**
**କାଲି ଲଗନ ଭଲି କେତିକ ବାରା । ପୂଜିହି ବିଧି ଅଭିଲାଷୁ ହମାରା ॥ ୨ ॥**
**କନକ ସିଂଘାସନ ସୀୟ ସମେତା । ବୈଠହିଁ ରାମୁ ହୋଇ ଚିତ ଚେତା ॥**
**ସକଲ କହହିଁ କବ ହୋଇହି କାଲୀ । ବିଘନ ମନାଓ୍ୱହିଁ ଦେଓ୍ୱ କୁଚାଲୀ ॥ ୩ ॥**

ହାଟବାଟ, ଗଳିକନ୍ଦି, ଘରବଜାର ଓ ଚଉତରାମାନଙ୍କରେ ନରନାରୀ ସମସ୍ତେ ନିଜ ନିଜ ଭିତରେ କଥାବାର୍ତ୍ତା ହେଉଥାନ୍ତି, ''ସେହି ଶୁଭଲଗ୍ନ କାଲି କେତେବେଳେ ଆସିବ, ଯେତେବେଳେ କି ବିଧାତା ଆମର ଅଭିଳାଷ ପୂର୍ଣ୍ଣ କରିଦେବେ ! ସୀତାଙ୍କ ସହିତ ଶ୍ରୀରାମ ସୁବର୍ଣ୍ଣ ସିଂହାସନରେ ବିରାଜିତ ହେଲେ ଆମ ମନସ୍କାମନା ପୂର୍ଣ୍ଣ ହୋଇଯିବ !'' ସମସ୍ତେ 'କାଲି କେତେବେଳେ ହେବ' ବୋଲି କୁହାକୁହି ହେଉଥିବାବେଳେ, କୁଚକ୍ରୀ ଦେବତାମାନେ କିପରି ବିଘ୍ନ ଘଟିବ, ତାହା ପାଞ୍ଚୁଥାନ୍ତି ॥ ୨-୩ ॥

**ତିନ୍ହହି ସୋହାଇ ନ ଅଓ୍ୱଧ ବଧାଓ୍ୱା । ଚୋରହି ଚଂଦିନି ରାତି ନ ଭାଓ୍ୱା ॥**
**ସାରଦ ବୋଲି ବିନୟ ସୁର କରହୀଁ । ବାରହିଁ ବାର ପାୟ ଲୈ ପରହୀଁ ॥ ୪ ॥**

ଚୋରକୁ ଯେପରି ଜ୍ୟୋତ୍ସ୍ନାରାତି ସୁହାଏ ନାହିଁ, ଦେବତାମାନଙ୍କୁ ସେହିପରି ଅଯୋଧ୍ୟାର ଆନନ୍ଦଉତ୍ସବ ଭଲ ଲାଗୁ ନ ଥାଏ । ସରସ୍ୱତୀଙ୍କୁ ଆବାହନ କରି ଦେବତାମାନେ ତାଙ୍କ ପାଖରେ ବିନତି ଜଣାଉଥାନ୍ତି ଏବଂ ବାରମ୍ବାର ତାଙ୍କ ପାଦତଳେ ପଡୁଥାନ୍ତି ॥ ୪ ॥

ଦୋଃ- **ବିପତି ହମାରି ବିଲୋକି ବଡ଼ି ମାତୁ କରିଅ ସୋଇ ଆଜୁ ।**
**ରାମୁ ଜାହିଁ ବନ ରାଜୁ ତଜି ହୋଇ ସକଲ ସୁରକାଜୁ ॥ ୧୧ ॥**

କହୁଥାନ୍ତି, ‘‘ହେ ମାତା ! ଆମର ଏ ଯେଉଁ ବଡ଼ ବିପତ୍ତି ପଡ଼ିଛି, ତାହାକୁ ଦେଖି ଆପଣ ସେହି ଉପାୟ କରନ୍ତୁ, ଯାହା ଫଳରେ କି ଶ୍ରୀରାମ ରାଜ୍ୟ ତ୍ୟାଗ କରି ବନକୁ ଚାଲିଯିବେ ଏବଂ ଦେବତାମାନଙ୍କର ସକଳ କାର୍ଯ୍ୟ ସିଦ୍ଧ ହୋଇଯିବ ।’’ ॥ ୧୧ ॥

**ସୁନି ସୁର ବିନୟ ଠାଢ଼ି ପଛିତାତୀ । ଭଇଉଁ ସରୋଜ ବିପିନ ହିମରାତୀ ॥**
**ଦେଖି ଦେଓ୍ୱ ପୁନି କହହିଁ ନିହୋରୀ । ମାତୁ ତୋହି ନହିଁ ଥୋରିଉ ଖୋରୀ ॥ ୧ ॥**

ଦେବତାମାନଙ୍କର ବିନତି ଶୁଣି ସରସ୍ୱତୀ ଠିଆ ହୋଇପଡ଼ି ଚିନ୍ତା କରିବାକୁ ଲାଗିଲେ, ‘‘ହାୟ ! କମଳବନ ନିମନ୍ତେ ମୁଁ ତା’ହେଲେ ଆଜି ହେମନ୍ତ ଋତୁର ରାତି ହୋଇଯିବ ନା !!’’ ତାଙ୍କର ଏପରି ପଶ୍ଚାତ୍ତାପ ଦେଖି, ଦେବତାମାନେ ପୁନର୍ବାର ବିନତି କରି କହିଲେ, ‘‘ହେ ମାତା ! ଏଥିରେ ଆପଣଙ୍କୁ କୌଣସିପ୍ରକାର ଦୋଷ ଲାଗିବ ନାହିଁ; ॥ ୧ ॥

**ବିସମୟ ହରଷ ରହିତ ରଘୁରାଉ । ତୁହ୍ମ ଜାନହୁ ସବ ରାମ ପ୍ରଭାଉ ॥**
**ଜୀଓ୍ୱ କରମ ବସ ସୁଖ ଦୁଖ ଭାଗୀ । ଜାଇଅ ଅଓ୍ୱଧ ଦେଓ୍ୱହିତ ଲାଗୀ ॥ ୨ ॥**

‘‘ଶ୍ରୀରଘୁନାଥ ହର୍ଷ ଓ ବିଷାଦରୁ ରହିତ । ଆପଣ ତ ଶ୍ରୀରାମଙ୍କର ସକଳ ପ୍ରଭାବ ଜାଣନ୍ତି । ଜୀବ ନିଜର କର୍ମବଶତଃ ସୁଖଦୁଃଖରେ ଭାଗୀ ହୁଏ; ତେଣୁ ଆପଣ ଦେବତାମାନଙ୍କର ହିତପାଇଁ ଅଯୋଧ୍ୟା ଯାଆନ୍ତୁ ।’’ ॥ ୨ ॥

**ବାର ବାର ଗହି ଚରନ ସଁକୋଚୀ । ଚଲୀ ବିଚାରି ବିବୁଧ ମତି ପୋଚୀ ॥**
**ଊଁଚ ନିଓ୍ୱାସୁ ନୀଚି କରତୂତୀ । ଦେଖି ନ ସକହିଁ ପରାଇ ବିଭୂତୀ ॥ ୩ ॥**

ଦେବତାମାନେ ବାରମ୍ବାର ପାଦ ଧରି ସରସ୍ୱତୀଙ୍କୁ ଅଡୁଆରେ ପକାଇଦେଲେ । ତା’ଫଳରେ ସେ ବାଧ୍ୟ ହୋଇ ଅଯୋଧ୍ୟା ଯିବାକୁ ସ୍ଥିର କଲେ । ସେ ଜାଣିଗଲେ, ଦେବତାମାନେ ବଡ଼ ନୀଚମନା; ସେମାନେ ରହୁଛନ୍ତି ସିନା ଉଚ୍ଚରେ, କିନ୍ତୁ ସେମାନଙ୍କର କାର୍ଯ୍ୟକଳାପ ବଡ଼ ନୀଚ; ସେମାନେ ଅନ୍ୟର ଐଶ୍ୱର୍ଯ୍ୟ ଦେଖିପାରନ୍ତି ନାହିଁ ॥ ୩ ॥

**ଆଗିଲ କାଜୁ ବିଚାରି ବହୋରୀ । କରିହହିଁ ଚାହ କୁସଲ କବି ମୋରୀ ॥**
**ହରଷି ହୃଦୟଁ ଦସରଥ ପୁର ଆଈ । ଜନୁ ଗ୍ରହ ଦସା ଦୁସହ ଦୁଖଦାଈ ॥ ୪ ॥**

କିନ୍ତୁ ଭବିଷ୍ୟତ ଫଳାଫଳ ବିଚାର କରି ସରସ୍ୱତୀ ଦେଖିଲେ ଯେ, ଶ୍ରୀରାମ ବନଗମନ କଲେ ରାକ୍ଷସମାନଙ୍କର ବଧ ହେବ ଏବଂ ସମଗ୍ର ଜଗତର ମଙ୍ଗଳ ହେବ । ସେ ପୁଣି ଦେଖିଲେ ଯେ, ଚତୁର କବିମାନେ [ଶ୍ରୀରାମଙ୍କ ବନବାସ ପ୍ରସଙ୍ଗ ବର୍ଣ୍ଣନା କରିବା ନିମନ୍ତେ] ମଧ୍ୟ ତାଙ୍କୁ ଲୋଡ଼ିବେ । ଏପରି ବିଚାର କରି, ସେ ମନେ ମନେ ହର୍ଷିତା ହୋଇ ଦଶରଥଙ୍କ ପୁରୀ ଅଯୋଧ୍ୟାକୁ ଚାଲିଆସିଲେ, ଜାଣନ୍ତୁ ଦୁଃସହ ଦୁଃଖଦାୟୀ କୌଣସି ଗ୍ରହଦଶାହିଁ ଅଯୋଧ୍ୟାକୁ ଚାଲିଆସିଲା ॥ ୪ ॥

ଦୋଃ- **ନାମୁ ମଂଥରା ମଂଦମତି ଚେରୀ କୈକଇ କେରି ।**
**ଅଜସ ପେଟାରୀ ତାହି କରି ଗଈ ଗିରା ମତି ଫେରି ॥ ୧୨ ॥**

କୈକେୟୀଙ୍କର ମନ୍ଥରା ବୋଲି ଗୋଟିଏ ମନ୍ଦବୁଦ୍ଧି ଦାସୀ ଥିଲା । ସରସ୍ୱତୀ ଆସି ତା’ ବୁଦ୍ଧି ଭ୍ରଂଶ କରିଦେଲେ ଓ ତାକୁ ଅପଯଶର ପେଡ଼ି କରିଦେଇ ଚାଲିଗଲେ ॥ ୧୨ ॥

**ଦୀଖ ମଂଥରା ନଗରୁ ବନାଓ୍ୱା । ମଂଜୁଲ ମଂଗଲ ବାଜ ବଧାଓ୍ୱା ॥**
**ପୂଛେସି ଲୋଗହ୍ନ କାହ ଉଛାହୂ । ରାମ ତିଲକୁ ସୁନି ଭା ଉର ଦାହୂ ॥ ୧ ॥**

ମନ୍ଥରା ଦେଖିଲା, ନଗର ସଜାଯାଇଛି ଓ ସୁନ୍ଦର ମଙ୍ଗଳବାଦ୍ୟ ବାଜୁଛି । ସେ ଲୋକଙ୍କୁ ପଚାରିଲା, "ଇଏ କି ଉତ୍ସବ ?" ଶ୍ରୀରାମଙ୍କ ଅଭିଷେକ କଥା ଶୁଣିଦେଲାକ୍ଷଣି ତା'ର ହୃଦୟ ଜଳିଉଠିଲା ॥ ୧ ॥

**କରଇ ବିଚାରୁ କୁବୁଦ୍ଧି କୁଜାତୀ । ହୋଇ ଅକାଜୁ କୱନି ବିଧି ରାତୀ ॥**
**ଦେଖି ଲାଗି ମଧୁ କୁଟିଲ କିରାତୀ । ଜିମି ଗୱଁ ତକଇ ଲେଉଁ କେହି ଭାଁତୀ ॥ ୨ ॥**

ମହୁଫେଣା ଦେଖି କୁଟିଳା ଶବରୁଣୀ ଯେପରି ତାହା କିପରି ଭାଙ୍ଗିନେବ ବୋଲି ପାଞ୍ଚୁଥାଏ, ସେହିପରି ସେହି ନୀଚଜାତିର ଦୁର୍ବୁଦ୍ଧି ଦାସୀ କ'ଣ କଲେ ଶ୍ରୀରାମଙ୍କ ଅଭିଷେକ ରାତାରାତି ପଣ୍ଡ ହୋଇଯିବ, ସେହି କଥା ଚିନ୍ତା କରିବାକୁ ଲାଗିଲା ॥ ୨ ॥

**ଭରତ ମାତୁ ପହିଁ ଗଇ ବିଲଖାନୀ । କା ଅନମନି ହସି କହ ହଁସି ରାନୀ ॥**
**ଉତରୁ ଦେଇ ନ ଲେଇ ଉସାସୂ । ନାରି ଚରିତ କରି ଢାରଇ ଆଁସୂ ॥ ୩ ॥**

ସେ ମୁହଁ ଶୁଖାଇ, ବିରସ ବଦନରେ ଭରତଙ୍କ ମାଆ କୈକେୟୀଙ୍କ ନିକଟକୁ ଚାଲିଗଲା । ରାଣୀ ହସି ହସି ପଚାରିଲେ, "କିଲୋ ! ତୁ ଏତେ ଉଦାସ ଦେଖାଯାଉଛୁ, କାହିଁକି ?" ମନ୍ଥରା କିଛି ଉତ୍ତର ନ ଦେଇ ଖାଲି ଦୀର୍ଘନିଃଶ୍ୱାସ ମାରିଲା ଏବଂ ନାରୀସୁଲଭ ଅଭିନୟ କରି ଆଖିରୁ ଲୁହ ଝରାଇଚାଲିଲା ॥ ୩ ॥

**ହଁସି କହ ରାନି ଗାଲୁ ବଡ଼ ତୋରେଁ । ଦୀହ୍ନ ଲଖନ ସିଖ ଅସ ମନ ମୋରେଁ ॥**
**ତବହୁଁ ନ ବୋଲ ଚେରି ବଡ଼ି ପାପିନି । ଛାଡ଼ଇ ସ୍ୱାସ କାରି ଜନୁ ସାଁପିନି ॥ ୪ ॥**

ରାଣୀ ହସି ହସି କହିଲେ, "ତୁ'ଟା ଭାରି ଗାଲେଇ ! ମୋତେ ଲାଗୁଛି, ସେଇଥିପାଇଁ ଲକ୍ଷ୍ମଣ ବୋଧହୁଏ ତତେ କିଛି ଦଣ୍ଡ ଦେଇଛନ୍ତି ।" ତଥାପି ସେହି ମହାପାପିନୀ ଦାସୀ କିଛି କହିଲା ନାହିଁ; ଖାଲି କଳାନାଗୁଣୀ ପରି ଫଁ ଫଁ ହୋଇ ନିଃଶ୍ୱାସ ଛାଡ଼ିଲା ॥ ୪ ॥

ଦୋଃ- **ସଭୟ ରାନି କହ କହସି କିନ କୁସଲ ରାମୁ ମହିପାଲୁ ।**
**ଲଖନୁ ଭରତୁ ରିପୁଦମନୁ ସୁନି ଭା କୁବରୀ ଉର ସାଲୁ ॥ ୧୩ ॥**

ରାଣୀ ଡରିଯାଇ କହିଲେ, "ଆଲୋ ! କହୁନୁ କାହିଁକି ? ଶ୍ରୀରାମ, ମହାରାଜା, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ– ସମସ୍ତେ କୁଶଳରେ ଅଛନ୍ତି ତ ?" ଏହା ଶୁଣି କୁଜୀ ମନ୍ଥରାର ମନରେ ବଡ଼ କଷ୍ଟ ହେଲା ॥ ୧୩ ॥

**କତ ସିଖ ଦେଇ ହମହି କୋଉ ମାଈ । ଗାଲୁ କରବ କେହି କର ବଲୁ ପାଈ ॥**
**ରାମହି ଛାଡ଼ି କୁସଲ କେହି ଆଜୂ । ଜେହି ଜନେସୁ ଦେଇ ଜୁବରାଜୂ ॥ ୧ ॥**

ସେ କହିଲା, "ହେ ମାଆ ! ମତେ କାହିଁକି କିଏ ଦଣ୍ଡ ଦେବ ? ମୁଁ ବା କାହା ବଳରେ ଗାଲୁ କରିବି ? ଯାହାଙ୍କୁ ରାଜା ଯୁବରାଜ ପଦ ଦେଉଛନ୍ତି, ସେହି ରାମଙ୍କୁ ଛାଡ଼ିଦେଲେ ଆଜି ଆଉ କିଏ ଭଲରେ ଅଛି ଯେ ? ॥ ୧ ॥

**ଭୟଉ କୌସିଲହି ବିଧି ଅତି ଦାହିନ । ଦେଖତ ଗରବ ରହତ ଉର ନାହିନ ॥**
**ଦେଖହୁ କସ ନ ଜାଇ ସବ ସୋଭା । ଜୋ ଅୱଲୋକି ମୋର ମନୁ ଛୋଭା ॥ ୨ ॥**

ଆଜି କୌଶଲ୍ୟାଙ୍କ ପ୍ରତି ବିଧାତା ଖୁବ୍ ଅନୁକୂଳ ହୋଇଛି । ଏତିକି ଦେଖୁ ଦେଖୁ ସେ ଗର୍ବରେ ଫାଟି ପଡ଼ିଲେଣି । ସେଇଆ ଦେଖି ମୋ ମନରେ କ୍ଷୋଭ ହେଉଛି; ତୁମେ ନିଜେ ଯାଇ ସେହି ଆଡ଼ମ୍ବର ଦେଖୁନା କାହିଁକି ? ॥ ୨ ॥

**ପୂତୁ ବିଦେସ ନ ସୋଚୁ ତୁହ୍ମାରେଁ । ଜାନତି ହହୁ ବସ ନାହୁ ହମାରେଁ ॥**
**ନୀଦ ବହୁତ ପ୍ରିୟ ସେଜ ତୁରାଈ । ଲଖହୁ ନ ଭୂପ କପଟ ଚତୁରାଈ ॥ ୩ ॥**

ତୁମ ପୁଅ ଯାଇ ପରଦେଶରେ ! ହେଲେ ତୁମର ଚିନ୍ତା ବୋଲି ଟିକିଏ ବି ନାହିଁ !! ଭାବୁଛ, 'ସ୍ୱାମୀ ତ ମୋ ବଶରେ ।' ତୁମକୁ ତ ଗଦିପଲଙ୍କରେ ପଡ଼ି ଶୋଇରହିବାକୁ ଭଲ ଲାଗୁଛି; ସେଇଥିପାଇଁ ତୁମେ ରାଜାଙ୍କ କପଟଗ୍ରତୁରୀ ଜାଣିପାରୁନାହଁ ।'' ॥ ୩ ॥

**ସୁନି ପ୍ରିୟ ବଚନ ମଲିନ ମନୁ ଜାନୀ । ଝୁକୀ ରାନି ଅବ ରହୁ ଅରଗାନୀ ॥**
**ପୁନି ଅସ କବହୁଁ କହସି ଘରଫୋରୀ । ତବ ଧରି ଜୀଭ କଢ଼ାୱଉଁ ତୋରୀ ॥ ୪ ॥**

ମନ୍ଥରା ତ ପ୍ରିୟ ଲୋକଙ୍କ ଭଳି କହୁଥିଲା, ହେଲେ ତା'ମନରେ ମଇଳା ପଶିଛି ଜାଣି (ଅଭିସନ୍ଧିର ସୂଚନା ପାଇ) ରାଣୀ ତାକୁ ଧମକେଇଦେଲେ, ''ରଖ୍ ରଖ୍ ! ଚୁପ୍ କର୍ !! ଘରଭଙ୍ଗେଇ ! ଆଉ ଦିନେ ଏଭଳି କଥା କହିଛୁ ତ, ତୋ ଜିଭ ଉପାଡ଼ିଦେବି, ଜାଣିଥା ! ॥ ୪ ॥

ଦୋଃ- **କାନେ ଖୋରେ କୂବରେ କୁଟିଲ କୁଗ୍ରଲୀ ଜାନି ।**
**ତିୟ ବିସେଷି ପୁନି ଚେରି କହି ଭରତମାତୁ ମୁସୁକାନି ॥ ୧୪ ॥**

କଣା, ଛୋଟା, କୁଜା—ଏଗୁଡ଼ାଙ୍କୁ କୁଟିଳ ଓ କୁଚକ୍ରୀ ବୋଲି ଜାଣିବା କଥା । ସେଥିରେ ପୁଣି ମାଇପିଜାତି, ତା'ଭିତରେ ପୁଣି ଦାସୀ ! ଏମାନେ ଅତି ଭୟଙ୍କର ।'' ଏତିକି କହି ଭରତଜନନୀ କୈକେୟୀ ଟିକିଏ ମୁରୁକି ହସିଦେଲେ ॥ ୧୪ ॥

**ପ୍ରିୟବାଦିନି ସିଖ ଦୀହ୍ନିଉଁ ତୋହୀ । ସପନେହୁଁ ତୋ ପର କୋପୁ ନ ମୋହୀ ॥**
**ସୁଦିନୁ ସୁମଂଗଲ ଦାୟକୁ ସୋଈ । ତୋର କହା ଫୁର ଜେହି ଦିନ ହୋଈ ॥ ୧ ॥**

[ସେ ପୁଣି କହିଲେ,] ''ଆଲୋ ଭଲେଇ କହି ! ତତେ ଶିକ୍ଷା ଦେବାପାଇଁହିଁ ମୁଁ ଏତକ କହିଲି; ତୋ ଉପରେ ମୋର ସ୍ୱପ୍ନରେ ବି ରାଗ ନାହିଁ । ସୁନ୍ଦର ମଙ୍ଗଳମୟ ଶୁଭଦିନ ସେହିଦିନ ହେବ, ଯେଉଁଦିନ ତୋ କଥା ସତ ହେବ (ଶ୍ରୀରାମଙ୍କ ରାଜତିଳକ ହେବ) ॥ ୧ ॥

**ଜେଠ ସ୍ୱାମି ସେୱକ ଲଘୁ ଭାଈ । ୟହ ଦିନକର କୁଲ ରୀତି ସୁହାଈ ॥**
**ରାମ ତିଲକୁ ଜୌଁ ସାଁଚେହୁଁ କାଲୀ । ଦେଉଁ ମାଗୁ ମନ ଭାୱତ ଆଲୀ ॥ ୨ ॥**

ବଡ଼ ଭାଇ ରାଜା ହୁଏ ଓ ସାନଭାଇ ତା'ର ସେବକ ହୁଏ—ଏହାହିଁ ଆମ ସୂର୍ଯ୍ୟବଂଶର ସୁନ୍ଦର ରୀତି । ଯଦି ସତରେ କାଲିହିଁ ଶ୍ରୀରାମଙ୍କ ଅଭିଷେକ ହେବ, ତେବେ ସଖୀ ! ତତେ ଯାହା ଭଲ ଲାଗୁଛି, ମାଗ; ମୁଁ ନିଶ୍ଚୟ ଦେବି ॥ ୨ ॥

**କୌସଲ୍ୟା ସମ ସବ ମହତାରୀ । ରାମହି ସହଜ ସୁଭାୟଁ ପିଆରୀ ॥**
**ମୋ ପର କରହିଁ ସନେହୁ ବିସେଷୀ । ମୈଁ କରି ପ୍ରୀତି ପରୀଛା ଦେଖୀ ॥ ୩ ॥**

ରାମଙ୍କର ସ୍ୱଭାବ ଏପରି ଯେ, ସେ ସବୁମାଆଙ୍କୁ କୌଶଲ୍ୟାଙ୍କ ପରି ପ୍ରିୟ ମଣନ୍ତି । ମତେ ତ ସେ ବେଶୀ ଶ୍ରଦ୍ଧା କରନ୍ତି । ମୁଁ ତାଙ୍କର ପ୍ରେମ ପରୀକ୍ଷା କରି ଦେଖିଛି ॥ ୩ ॥

**ଜୌଁ ବିଧି ଜନମୁ ଦେଇ କରି ଛୋହୂ । ହୋହୁଁ ରାମ ସିୟ ପୂତ ପୁତୋହୂ ॥**
**ପ୍ରାନ ତେଁ ଅଧିକ ରାମୁ ପ୍ରିୟ ମୋରେଁ । ତିହ୍ନ କେଁ ତିଲକ ଛୋଭୁ କସ ତୋରେଁ ॥ ୪ ॥**

ଯଦି ବିଧାତା କୃପା କରି ଆଉ ଥରେ ଆମକୁ ମନୁଷ୍ୟ ଜନ୍ମ ଦେବେ, ତେବେ ପୁଣିଥରେ ରାମଙ୍କ ପରି ପୁଅ ଓ ସୀତାଙ୍କ ପରି ବୋହୂ ଦିଅନ୍ତୁ । ଶ୍ରୀରାମ ତ ମୋର ପ୍ରାଣଠାରୁ ବି ଅଧିକ ପ୍ରିୟ । ତାଙ୍କର ଅଭିଷେକ ହେଉଛି ଶୁଣି ତୋ ମନରେ କାହିଁକି ରାଗ ହେଉଛି ? ॥ ୪ ॥

ଦୋଃ- **ଭରତ ସପଥ ତୋହି ସତ୍ୟ କହୁ ପରିହରି କପଟ ଦୁରାଉ ।**
**ହରଷ ସମୟ୍ ବିସମଉ କରସି କାରନ ମୋହି ସୁନାଉ ॥ ୧୫ ॥**

ତତେ ମୋ ଭରତ ରାଣ । ତୁ ଛନ୍ଦକପଟ ଛାଡ଼ି ସତ କଥାଟା କ'ଣ, କହ । ଏପରି ଖୁସିବାସି ବେଳରେ ତୋ'ମନରେ ଦୁଃଖ ହେବାର କାରଣ କ'ଣ, କହିଲୁ ?''॥ ୧୫ ॥

**ଏକହିଁ ବାର ଆସ ସବ ପୂଜୀ । ଅବ କଛୁ କହବ ଜୀଭ କରି ଦୂଜୀ ॥**
**ଫୋରୈ ଜୋଗୁ କପାରୁ ଅଭାଗା । ଭଲେଉ କହତ ଦୁଖ ରଉରେହି ଲାଗା ॥ ୧ ॥**

[ମନ୍ଥରା କହିଲା,] ମୋର ସବୁ ଆଶା ତ ଏକାଥରକେ ପୂରିଗଲା । ଯଦି ଆଉ କିଛି କହିବି, ତେବେ ତ ଗୋଟିଏ ନୂଆ ଜିଭ ଲଗାଇବା ଦରକାର । ମୋ କପାଳ ତ ଫଟା, ସେଥିପାଇଁ ସିନା ମୁଁ ଭଲ କହିଲେ, ତୁମକୁ ଭେଲ ଲାଗୁଛି ! ॥ ୧ ॥

**କହହିଁ ଝୂଠି ଫୁରି ବାତ ବନାଈ । ତେ ପ୍ରିୟ୍ ତୁହ୍ମହି କରୁଇ ମୈଁ ମାଈ ॥**
**ହମହୁଁ କହବି ଅବ ଠକୁରସୋହାତୀ । ନାହିଁ ତ ମୌନ ରହବ ଦିନୁ ରାତୀ ॥ ୨ ॥**

ଆଗୋ ମାଆ ! ଯେ କଥାକୁ ବନେଇଚୁନେଇ ମିଛସତ କରି କହିବ, ତା'କଥାହିଁ ତୁମକୁ ଭଲ ଲାଗିବ । ମୋ କଥା ତୁମକୁ ପିତା ଲାଗୁଛି । ଏଥର ମୁଁ ବି ଖୁସାମୋଦିଆ କଥା କହିବି । ନାହିଁ ତ, ଦିନରାତି ମୁହଁ ମାରି ଚୁପ୍ ରହିବି ॥ ୨ ॥

**କରି କୁରୂପ ବିଧି ପରବସ କୀହ୍ନା । ବୱା ସୋ ଲୁନିଅ ଲହିଅ ଜୋ ଦୀହ୍ନା ॥**
**କୋଉ ନୃପ ହୋଉ ହମହି କା ହାନୀ । ଚେରି ଛାଡ଼ି ଅବ ହୋବ କି ରାନୀ ॥ ୩ ॥**

ବିଧାତା ତ ମୋତେ କୁରୂପ କରି ପରାଧୀନ କରିଦେଇଛି; [ଆନର କି ଦୋଷ ?] ଯିମିତି ରୋଇଛି, ସିମିତି ଦାଉଛି । ଯିମିତି ଦେଇଛି, ସିମିତି ପାଉଛି । ଯିଏ ରଜା ହେଉଛି, ହେଉ, ମୋର ସେଥିରେ ହାନି କ'ଣ ? ମୁଁ କ'ଣ ଆଉ ଗୃହକରାଣୀରୁ ମହାରାଣୀ ହୋଇଯିବି କି ? ॥ ୩ ॥

**ଜାରୈ ଜୋଗୁ ସୁଭାଉ ହମାରା । ଅନଭଲ ଦେଖି ନ ଜାଇ ତୁହ୍ମାରା ॥**
**ତାତେଁ କଛୁକ ବାତ ଅନୁସାରୀ । ଛମିଅ ଦେବି ବଡ଼ି ଚୂକ ହମାରୀ ॥ ୪ ॥**

ମୋ ସ୍ୱଭାବଟା ପରା ପୋଡ଼ା; କାରଣ ତୁମ ଅହିତ ମୋ ଆଖିରେ ଯାଉନି । ସେଇଥିପାଇଁ ଦି'ପଦ କହିଦେଇଥିଲି । ହେ ଦେବୀ ! ମୋର ବଡ଼ ଭୁଲ୍ ହୋଇଯାଇଛି; ମୋତେ କ୍ଷମା କରିବ ।'' ॥ ୪ ॥

ଦୋଃ- **ଗୂଢ଼ କପଟ ପ୍ରିୟ୍ ବଚନ ସୁନି ତୀୟ୍ ଅଧରବୁଧି ରାନି ।**
**ସୁରମାୟା ବସ ବୈରିନିହି ସୁହୃଦ ଜାନି ପତିଆନି ॥ ୧୬ ॥**

କୈକେୟୀଙ୍କ ବୁଦ୍ଧି ଥିଲା ଅତି ଅବ୍ୟବସ୍ଥିତ । ତା'ଛଡ଼ା ସେ ଦେବମାୟାର ବଶ ହୋଇଯାଇଥିଲେ । ତେଣୁ ଏଭଳି ରହସ୍ୟମୟ କପଟଭରା ପ୍ରିୟକଥା ଶୁଣି ସେ ଘରଭଙ୍ଗେଇ ମନ୍ଥରାକୁ ନିଜର ଅତ୍ୟନ୍ତ ହିତକାରିଣୀ ବୋଲି ଭାବିନେଲେ ଏବଂ ତା' କଥାକୁ ସତ ବୋଲି ବିଶ୍ୱାସ କଲେ ॥ ୧୬ ॥

**ସାଦର ପୁନି ପୁନି ପୂଁଛତି ଓହୀ । ସବରୀ ଗାନ ମୃଗୀ ଜନୁ ମୋହୀ ॥**
**ତସି ମତି ଫିରୀ ଅହଇ ଜସି ଭାବୀ । ରହସୀ ଚେରି ଘାତ ଜନୁ ଫାବୀ ॥ ୧ ॥**

ଶବରୁଣୀର ଗୀତ ଶୁଣି ହରିଣୀ ମୋହିତ ହୋଇଯିବାପରି ମନ୍ଥରା କଥାରେ ରାଣୀ ମୋହିତ ହୋଇଗଲେ । ସେ ତାଙ୍କୁ ବଡ଼ ଆଦରରେ ବାରମ୍ବାର ସେହି ବିଷୟ ପଗ୍ଚରିଲେ । ଅଦୃଷ୍ଟ ଯେପରି, ବୁଦ୍ଧି ମଧ୍ୟ ସେହିପରି ବଦଳିଗଲା । ନିଜ ଚକ୍ରାନ୍ତ ସଫଳ ହେଲା ଜାଣି ମନ୍ଥରା ଖୁସୀ ହୋଇଗଲା ॥ ୧ ॥

**ତୁହ୍ମ ପୂଁଛହୁ ମୈଁ କହତ ଡେରାଉଁ । ଧରେହୁ ମୋର ଘରଫୋରୀ ନାଉଁ ॥**
**ସଜି ପ୍ରତୀତି ବହୁବିଧି ଗଢ଼ି ଛୋଲୀ । ଅୱଧ ସାଢ଼ସାତୀ ତବ ବୋଲୀ ॥ ୨ ॥**

ମନ୍ଥରା କହିଲା, ''ତୁମେ ସିନା ପଗ୍ଚରୁଛ, ହେଲେ ମୋତେ କହିବାକୁ ଡର ମାଡୁଛି; କାରଣ ତୁମେ ପ୍ରଥମରୁ ହିଁ ମୋତେ ଘରଭଙ୍ଗେଇ ବୋଲି ନାଆଁ ଦେଇସାରିଲଣି ।'' ଏପରି ବହୁତପ୍ରକାରେ ବନେଇଚୁନେଇ, ବିଶ୍ୱାସ ଜନ୍ମାଇ ଶେଷରେ ଅଯୋଧ୍ୟାପାଇଁ ସାଢ଼େସାତ-ବର୍ଷିଆ ଶନିଦଶା ସାଜିଥିବା ମନ୍ଥରା କହିଲା, ॥ ୨ ॥

**ପ୍ରିୟ ସିୟ ରାମୁ କହା ତୁହ୍ମ ରାନୀ । ରାମହି ତୁହ୍ମ ପ୍ରିୟ ସୋ ଫୁରି ବାନୀ ॥**
**ରହା ପ୍ରଥମ ଅୱ ତେ ଦିନ ବୀତେ । ସମଉ ଫିରେଁ ରିପୁ ହୋହିଁ ପିରୀତେ ॥ ୩ ॥**
**ଭାନୁ କମଲ କୁଲ ପୋଷନିହାରା । ବିନୁ ଜଲ ଜାରି କରଇ ସୋଇ ଛାରା ॥**
**ଜରି ତୁହ୍ମାରି ଚହ ସୱତି ଉଖାରୀ । ରୂଁଧହୁ କରି ଉପାଉ ବର ବାରୀ ॥ ୪ ॥**

'ହେ ରାଣୀମାଆ ! ତୁମେ ଯେଉଁ କହିଲ ଯେ, ସୀତାରାମ ତୁମର ପ୍ରିୟ ଏବଂ ତୁମେ ରାମଙ୍କର ପ୍ରିୟ, ସେ କଥା ସତ । କିନ୍ତୁ ସେସବୁ ଗଲାଦିନର କଥା । ଏବେ ଦିନ ବଦଳିଗଲାଣି । ସମୟ ବଦଳିଗଲେ ମିତ୍ର ବି ଶତ୍ରୁ ହୋଇଯାଏ । ସୂର୍ଯ୍ୟ ପଦ୍ମବନକୁ ପାଳନ କରେ ସତ, କିନ୍ତୁ ପାଣି ଛାଡ଼ିଗଲେ ସେହି ସୂର୍ଯ୍ୟ ତ ପୁଣି ସେହି ପଦ୍ମବନକୁ ଜାଳିପୋଡ଼ିଦିଏ ! ତୁମ ସଉତୁଣୀ କୌଶଲ୍ୟା ତୁମର ମୂଳ ଉପାଡ଼ିଦେବାକୁ ବାହାରିଲେଣି । ତେଣୁ ଶୀଘ୍ର ଉପାୟର ବାଡ଼ ବାନ୍ଧି ତାଙ୍କ ବାଟ ବନ୍ଦ କରିଦିଅ ଓ ନିଜକୁ ରକ୍ଷା କର ॥ ୩-୪ ॥

ଦୋଃ- **ତୁହ୍ମହି ନ ସୋଚୁ ସୋହାଗ ବଲ ନିଜ ବସ ଜାନହୁ ରାଉ ।**
**ମନ ମଲୀନ ମୁହ ମୀଠ ନୃପୁ ରାଉର ସରଲ ସୁଭାଉ ॥ ୧୭ ॥**

ରାଜାଙ୍କ ପ୍ରେମ ଦେଖି ତୁମେ ପୂରା ନିଶ୍ଚିନ୍ତ ଅଛ । ତୁମେ ଭାବୁଛ, ରାଜା ତୁମ ବଶରେ ଅଛନ୍ତି ; କିନ୍ତୁ ରାଜାଙ୍କ ମୁହଁଟା ସିନା ମିଠା, ହେଲେ ମନ ଭିତରଟା ମଇଳା । ତୁମର ସରଳ ସ୍ୱଭାବ, [ତୁମେ ଛନ୍ଦକପଟ କିଛି ଜାଣିନା] ॥ ୧୭ ॥

**ଚତୁର ଗଁଭୀର ରାମ ମହତାରୀ । ବୀଚୁ ପାଇ ନିଜ ବାତ ସଁୱାରୀ ॥**
**ପଠଏ ଭରତୁ ଭୂପ ନନିଅଉରେଁ । ରାମ ମାତୁ ମତ ଜାନବ ରଉରେଁ ॥ ୧ ॥**

ରାମଙ୍କ ମାଆ କୌଶଲ୍ୟା ଭାରି ଚତୁରୀ, ଭାରି ମଉନମୁହାଁ । ତାଙ୍କ ମନକଥା କେହି ଜାଣିପାରିବ ନାହିଁ । ସେ ସୁଯୋଗ ଦେଖି ନିଜ କାମ କରିଦେଇଛନ୍ତି । ରାଜା ଭରତଙ୍କୁ ମାମୁଁଘରକୁ ଯେଉଁ ପଠାଇଦେଲେ, ତାହା ରାମମାଆ କୌଶଲ୍ୟାଙ୍କ କୂଟକପଟ ବୋଲି ଜାଣ ॥ ୧ ॥

**ସେୱହିଁ ସକଲ ସୱତି ମୋହି ନୀକେଁ । ଗରବିତ ଭରତ ମାତୁ ବଲ ପୀ କେଁ ॥**
**ସାଲୁ ତୁହ୍ମାର କୌସିଲହି ମାଈ । କପଟ ଚତୁର ନହିଁ ହୋଇ ଜନାଈ ॥ ୨ ॥**

କୌଶଲ୍ୟା ଭାବୁଛନ୍ତି, ଅନ୍ୟସବୁ ସଉତୁଣୀ ତ ମୋର ଭଲ ସେବା କରନ୍ତି; ଖାଲି ଭରତମାଆଟା ପତିଙ୍କ ବଳରେ ଗର୍ବ କରୁଛି ।' ସେଥିପାଇଁ, ହେ ମାଆ ! ତୁମେ କୌଶଲ୍ୟାଙ୍କର ଚକ୍ଷୁଶୂଳ ହୋଇଛ । କିନ୍ତୁ ସେ ତ କପଟ କରିବାରେ ଚତୁରୀ; ତେଣୁ ତାଙ୍କ ମନକଥା ଜାଣିହୁଏନି ॥ ୨ ॥

**ରାଜହି ତୁହ୍ମ ପର ପ୍ରେମୁ ବିସେଷୀ । ସୱ୍ତି ସୁଭାଉ ସକଇ ନହିଁ ଦେଖୀ ॥**
**ରଚି ପ୍ରପଂଚୁ ଭୂପହି ଅପନାଈ । ରାମ ତିଲକ ହିତ ଲଗନ ଧରାଈ ॥ ୩ ॥**

ରାଜା ତୁମକୁ ଅଧିକ ପ୍ରେମ କରୁଥିବା ଦେଖି ତୁମ ସଉତୁଣୀ କୌଶଲ୍ୟା ସହିପାରନ୍ତି ନାହିଁ । ତେଣୁ ସେ ଚକ୍ରାନ୍ତ କରି ରାଜାଙ୍କୁ ନିଜର ବଶ କରିନେଲେ ଏବଂ ଭରତ ନ ଥିବାବେଳେ ରାମଙ୍କ ରାଜତିଳକ ନିମନ୍ତେ ଲଗ୍ନ ସ୍ଥିର କରାଇନେଲେ ॥ ୩ ॥

**ୟହ କୁଲ ଉଚିତ ରାମ କହୁଁ ଟୀକା । ସବହି ସୋହାଇ ମୋହି ସୁଠି ନୀକା ॥**
**ଆଗିଲି ବାତ ସମୁଝି ଡରୁ ମୋହୀ । ଦେଉ ଦୈଉ ଫିରି ସୋ ଫଲୁ ଓହୀ ॥ ୪ ॥**

ରାମଙ୍କ ଅଭିଷେକ ହେବ–ଏହା ତ ରଘୁକୁଳର ରୀତି ଏବଂ ଏହା ସମସ୍ତେ ପସନ୍ଦ କରିବେ । ଏକଥା ମୋତେ ବି ଖୁବ୍ ଭଲ ଲାଗୁଛି, କିନ୍ତୁ ଭବିଷ୍ୟତ କଥା ବିଚ୍ୱାର କଲେ ମୋତେ ଭାରି ଡର ଲାଗୁଛି । ଦଇବ ଓଲଟି ପଡ଼ି ଏହାର ଫଳଟା ସେହି କୌଶଲ୍ୟାଙ୍କୁ ହେଲେ ଦେଇଦିଅନ୍ତା କି !'' ॥ ୪ ॥

ଦୋଃ- **ରଚି ପଚି କୋଟିକ କୁଟିଲପନ କୀହ୍ନେସି କପଟ ପ୍ରବୋଧୁ ।**
**କହିସି କଥା ସତ ସୱ୍ତି କୈ ଜେହି ବିଧି ବାଢ଼ ବିରୋଧୁ ॥ ୧୮ ॥**

ମନ୍ଥରା ଏପରି ଛନ୍ଦିଫାନ୍ଦି, ନାନା କୁଟିଳ କଥା କହି କୈକେୟୀଙ୍କ ବୁଦ୍ଧିକୁ ବିପରୀତ କରିଦେଲା । ତାଙ୍କ ମନରେ ଶତ୍ରୁତା ବଢ଼ାଇବା ଉଦ୍ଦେଶ୍ୟରେ ସଉତୁଣୀମାନଙ୍କ ନାମରେ ଶହ ଶହ ମନଗଢ଼ା କଥା ଗପିଲା ॥ ୧୮ ॥

**ଭାୱୀ ବସ ପ୍ରତୀତି ଉର ଆଈ । ପୂଁଛ ରାନି ପୁନି ସପଥ ଦେୱାଈ ॥**
**କା ପୂଁଛହୁ ତୁହ୍ମ ଅବହୁଁ ନ ଜାନା । ନିଜ ହିତ ଅନହିତ ପସୁ ପହିଚ୍ୱନା ॥ ୧ ॥**

ଦୈବବଶ ହୋଇଯାଇଥିବା କୈକେୟୀ ମନ୍ଥରା କଥାକୁ ବିଶ୍ୱାସ କରିଗଲେ । ତେଣୁ ସେ ରାଣ ପକାଇ ତାକୁ ବାରମ୍ବାର ପଚ୍ୱରିଲେ । ମନ୍ଥରା କହିଲା, ''ପଚ୍ୱରୁଛ କ'ଣ ମ ! ନିଜର ଭଲ କ'ଣ, ମନ୍ଦ କ'ଣ, ଶତ୍ରୁ କିଏ, ମିତ୍ର କିଏ, ପଶୁ ସୁଦ୍ଧା ଜାଣିପାରୁଛି; ଅଥଚ ତୁମେ ଏତେ ଶୁଣି ବି ବୁଝିପାରୁନା !! ॥ ୧ ॥

**ଭୟଉ ପାଖୁ ଦିନ ସଜତ ସମାଜୂ । ତୁହ୍ମ ପାଈ ସୁଧି ମୋହି ସନ ଆଜୂ ॥**
**ଖାଇଅ ପହିରିଅ ରାଜ ତୁହ୍ମାରେଁ । ସତ୍ୟ କହେଁ ନହିଁ ଦୋଷୁ ହମାରେଁ ॥ ୨ ॥**

ଅଭିଷେକପାଇଁ ଆୟୋଜନ ହେବାର ଆଜିକି ପନ୍ଦରଦିନ ପୂରିଗଲାଣି; କିନ୍ତୁ ତୁମେ ଖବର ପାଉଛ ଏବେ ! ପୁଣି ମୋଠାରୁ !! ଆଗୋ ! ମୁଁ ତୁମର ଅନ୍ନ ଖାଇପିଇ ବଢ଼ିଛି ; ତେଣୁ ସତ କହିଦେଲେ ମୋର ଦୋଷ ହୋଇଯିବନି ॥ ୨ ॥

**ଜୌଁ ଅସତ୍ୟ କଛୁ କହବ ବନାଈ । ତୌ ବିଧି ଦେଇହି ହମହି ସଜାଈ ॥**
**ରାମହି ତିଲକ କାଲି ଜୌଁ ଭୟଉ । ତୁହ୍ମ କହୁଁ ବିପତି ବୀଜୁ ବିଧି ବୟଉ ॥ ୩ ॥**

ମୁଁ ଯଦି ଲଗେଇଯୁଟେଇ ମିଛ କହୁଥିବି, ତେବେ ବିଧାତା ମୋତେ ଦଣ୍ଡ ଦେବ । ଯଦି କାଲି ରାମଙ୍କ ରାଜତିଳକ ହୋଇଗଲା, ତେବେ ଜାଣିରଖ, ତୁମପାଇଁ ବିଧାତା ବିପତ୍ତିର ବୀଜ ବୁଣିଦେଲା ॥ ୩ ॥

**ରେଖ ଖଁଚ୍ୱଇ କହଉଁ ବଲୁ ଭାଷୀ । ଭାମିନି ଭଇହୁ ଦୂଧ କଇ ମାଖୀ ॥**
**ଜୌଁ ସୁତ ସହିତ କରହୁ ସେୱକାଈ । ତୌ ଘର ରହହୁ ନ ଆନ ଉପାଈ ॥ ୪ ॥**

ମୁଁ ଗାର କାଟି ଜୋର୍ ଦେଇ କହୁଛି, ତୁମେ ଏଥର ଦୁଧର ମାଛି ହୋଇଯିବ । (ଦୁଧରେ ପଡ଼ିଥିବା ମାଛିକୁ ଯେପରି ଲୋକେ କାଢ଼ି ଫୋପାଡ଼ିଦିଅନ୍ତି, ତୁମକୁ ଏଥର ଠିକ୍ ସେହିପରି ଘରୁ ବାହାର କରିଦେବେ ।) ତେଣିକି ତୁମେ ଯଦି ପୁଅଙ୍କୁ ସଙ୍ଗରେ ଧରି କୌଶଲ୍ୟାଙ୍କ ପାଖରେ ଗ୍ୱିକିରି କରିବ, ତେବେ ହୁଏତ ଘରେ ରହିପାରିବ; [ନ ହେଲେ ଘରେ ରହିବାର] ଅନ୍ୟ ଉପାୟ ନାହିଁ ॥ ୪ ॥

ଦୋ:- **କଦ୍ରୂଁ ବିନତହି ଦୀହ୍ନ ଦୁଖୁ ତୁହ୍ମହି କୌସିଲାଁ ଦେବ ।**
**ଭରତୁ ବଂଦିଗୃହ ସେଇହହିଁ ଲଖନୁ ରାମ କେ ନେବ ॥ ୧୯ ॥**

"କଦ୍ରୂ ଯେପରି ବିନତାଙ୍କୁ ଦୁଃଖ ଦେଇଥିଲେ, କୌଶଲ୍ୟା ସେହିପରି ତୁମକୁ ଦୁଃଖ ଦେବେ । ଭରତ ବନ୍ଦୀଶାଳାରେ ଖଟିବେ ଏବଂ ଲକ୍ଷ୍ମଣ ରାମଙ୍କ ନାଏବ (ସହକାରୀ) ହେବେ ।" ॥ ୧୯ ॥

**କୈକୟସୁତା ସୁନତ କଟୁ ବାନୀ । କହି ନ ସକଇ କଛୁ ସହମି ସୁଖାନୀ ॥**
**ତନ ପସେଉ କଦଲୀ ଜିମି କାଁପୀ । କୁବରୀଁ ଦସନ ଜୀଭ ତବ ଚାଁପୀ ॥ ୧ ॥**

ମନ୍ଥରାର କଠୋର ବାଣୀ ଶୁଣିଦେଲାକ୍ଷଣି କୈକେୟୀ ଭୟରେ ଝାଉଁଳିପଡ଼ିଲେ । ତାଙ୍କ ତୁଣ୍ଡରୁ କଥା ବାହାରିଲା ନାହିଁ । ଦେହରୁ ଝାଳ ବହିଆସିଲା । ସେ ଗୋଟାପଣେ କଦଳୀପତ୍ର ପରି ଥରିଲେ । ଏହା ଦେଖି କୁଜୀ ମନ୍ଥରା ଜିଭ କାମୁଡ଼ିପକାଇଲା । (ତା'ର ଭୟ ହେଲା ଯେ, ଭବିଷ୍ୟତର ଭୟଙ୍କର ଅବସ୍ଥା ଅନୁମାନ କରି କୈକେୟୀଙ୍କର ଯଦି ଛାତି ଫାଟିଯିବ, ତେବେ ସବୁ ଓଲଟପାଲଟ ହୋଇଯିବ ।) ॥ ୧ ॥

**କହି କହି କୋଟିକ କପଟ କହାନୀ । ଧୀରଜୁ ଧରହୁ ପ୍ରବୋଧିସି ରାନୀ ॥**
**ଫିରା କରମୁ ପ୍ରିୟ ଲାଗି କୁଚାଲୀ । ବକିହି ସରାହଇ ମାନି ମରାଲୀ ॥ ୨ ॥**

ତେଣୁ ସେ ନାନାପ୍ରକାର କପଟପୂର୍ଣ୍ଣ ଗପ କହି ରାଣୀଙ୍କୁ ଧୈର୍ଯ୍ୟ ଧରିବାପାଇଁ ବହୁତ ବୁଝାଇଲା । କୈକେୟୀଙ୍କ ବୁଦ୍ଧି ପୂରାପୂରି ଓଲଟିଗଲା । ତାଙ୍କୁ ଷଡ଼ଯନ୍ତ୍ର ଭଲ ଲାଗିଲା । ସେ ବଗୁଲୀକୁ ହଂସୀ ମନେକରି (ବୈରିଣୀକୁ ହିତକାରିଣୀ ଭାବି) ମନେ ମନେ ମନ୍ଥରାକୁ ପ୍ରଶଂସା କଲେ ॥ ୨ ॥

**ସୁନୁ ମଂଥରା ବାତ ଫୁରି ତୋରୀ । ଦହିନି ଆଁଖି ନିତ ଫରକଇ ମୋରୀ ॥**
**ଦିନ ପ୍ରତି ଦେଖଉଁ ରାତି କୁସପନେ । କହଉଁ ନ ତୋହି ମୋହ ବସ ଅପନେ ॥ ୩ ॥**

କୈକେୟୀ କହିଲେ, "ସତେ ଲୋ ମନ୍ଥରା ! ତୁ ଠିକ୍ କହୁଛୁ । ମୋ ଡାହାଣ ଆଖିଟା ପରା ଖାଲି ତେଉଁଛି । ସବୁଦିନ ରାତିରେ ମୁଁ ଅଶୁଭ ସ୍ୱପ୍ନ ଦେଖୁଛି । ମୁଁ ତତେ ଏସବୁ କେବେ କହିନି ॥ ୩ ॥

**କାହ କରୌଁ ସଖି ସୂଧ ସୁଭାଊ । ଦାହିନ ବାମ ନ ଜାନଉଁ କାଊ ॥ ୪ ॥**

"କ'ଣ କରିବି ସଖୀ ! ? ମୋର ତ ସରଳ ସ୍ୱଭାବ । ମୁଁ ଛନ୍ଦକପଟ କିଛି ଜାଣେନି ॥ ୪ ॥

ଦୋ:- **ଅପନେଁ ଚଲତ ନ ଆଜୁ ଲଗି ଅନଭଲ କାହୁକ କୀହ୍ନ ।**
**କେହିଁ ଅଘ ଏକହି ବାର ମୋହି ଦୈଅଁ ଦୁସହ ଦୁଖୁ ଦୀହ୍ନ ॥ ୨୦ ॥**

"ମୁଁ ତ କେବେ କାହାର କିଛି କ୍ଷତି କରିନାହିଁ; ତଥାପି ମୁଁ ଜାଣିପାରୁନି, କେଉଁ ପାପରୁ ଦଇବ ମୋତେ ଏକାବେଳେକେ ଏତେ ବଡ଼ ଦାରୁଣ ଦୁଃଖ ଦେଇଦେଲା !! ॥ ୨୦ ॥

**ନୈହର ଜନମୁ ଭରବ ବରୁ ଜାଇ । ଜିଅତ ନ କରବି ସଵତି ସେଵକାଈ ॥**
**ଅରି ବସ ଦୈଉ ଜିଆଵତ ଜାହୀ । ମରନୁ ନୀକ ତେହି ଜୀଵନ ଚାହୀ ॥ ୧ ॥**

ମୁଁ ବରଂ ମୋ ବାପଘରକୁ ପଳାଇଯାଇ ସେଠାରେ ଦିନ କାଟିବି, କିନ୍ତୁ ସଉତୁଣୀର ଗୃହକରାଣୀ ହେବି ନାହିଁ । ଦୈବ ଯାହାକୁ ଶତ୍ରୁଅଧୀନ କରି ବଞ୍ଚାଇରଖେ, ତା'ପାଇଁ ତ ବଞ୍ଚିରହିବାଠାରୁ ମରିଯିବାଟା ବରଂ ଭଲ ।'' ॥ ୧ ॥

**ଦୀନ ବଚନ କହ ବହୁବିଧି ରାନୀ । ସୁନି କୁବରୀଁ ତିୟମାୟା ଠାନୀ ॥**
**ଅସ କସ କହହୁ ମାନି ମନ ଉନା । ସୁଖୁ ସୋହାଗୁ ତୁହ୍ମ କହୁଁ ଦିନ ଦୂନା ॥ ୨ ॥**

ରାଣୀ ଏହିପରି ବହୁପ୍ରକାର ଦୁଃଖର କଥା କହିଲେ । ସେସବୁ ଶୁଣି କୁଜୀ ଏଥର ନିଜର ମାୟା ବିସ୍ତାର କଲା । କହିଲା, ''ତୁମେ ମନ ଉଣା କରି ଏଭଳି କାହିଁକି କହୁଛ ? ଦେଖିବ, ତୁମ ସୁଖସୌଭାଗ୍ୟ ଦିନୁଦିନ ଦିଗୁଣା ହୋଇ ବଢ଼ିବ ॥ ୨ ॥

**ଜେହିଁ ରାଉର ଅତି ଅନଭଲ ତାକା । ସୋଇ ପାଇହି ୟହୁ ଫଲୁ ପରିପାକା ॥**
**ଜବ ତେଁ କୁମତ ସୁନା ମୈଁ ସ୍ୱାମିନି । ଭୂଖ ନ ବାସର ନୀଦ ନ ଜାମିନି ॥ ୩ ॥**

ଯେ ତୁମ ଅମଙ୍ଗଳ ଚାହୁଁଛି, ତା'ରହିଁ ଶେଷରେ ଅମଙ୍ଗଳ ହେବ । ହେ ରାଣୀ ମାଆ ! ମୁଁ ଯେଉଁଦିନୁ ଏ ଖରାପ କଥା ଶୁଣିଲିଣି, ସେହି ଦିନୁ ମତେ ଦିନରେ ଭୋକ ଲାଗୁନି, କି ରାତିରେ ନିଦ ଲାଗୁନି ॥ ୩ ॥

**ପୂଁଛେଉଁ ଗୁନିହ୍ନ ରେଖ ତିହ୍ନ ଖାଁଚୀ । ଭରତ ଭୁଆଲ ହୋହିଁ ୟହ ସାଁଚୀ ॥**
**ଭାମିନି କରହୁ ତ କହୌଁ ଉପାଉ । ହୈ ତୁହ୍ମରୀଁ ସେୱାଁ ବସ ରାଉ ॥ ୪ ॥**

ମୁଁ ଯାଇ ଜଉତିଷମାନଙ୍କୁ ପଚାରିଛି; ସେମାନେ ଗାର କାଟି (ଗଣନା କରି) କହିଛନ୍ତି ଯେ, ଭରତ ରାଜା ହେବେ । ସତ କହୁଛି, ରାଣୀ ମାଆ ! ତୁମେ ଯଦି କରିବ, ତେବେ ମୁଁ ଉପାୟ ବତେଇଦେବି । ରାଜା ତୁମ ସେବାର ବଶ ହୋଇ ରହିଛନ୍ତି ।'' ॥ ୪ ॥

ଦୋଃ- **ପରଉଁ କୂପ ତୁଅ ବଚନ ପର ସକଉଁ ପୂତ ପତି ତ୍ୟାଗି ।**
**କହସି ମୋର ଦୁଖୁ ଦେଖି ବଡ଼ କସ ନ କରବ ହିତ ଲାଗି ॥ ୨୧ ॥**

କୈକେୟୀ କହିଲେ, ''ତୁ କହିଲେ ମୁଁ କୂଅକୁ ବି ଡେଇଁପଡ଼ିବି; ପୁଅପତିଙ୍କୁ ବି ଛାଡ଼ିଦେଇପାରିବି । ମୋର ଏହି ଘୋର ଦୁଃଖ ଦେଖି ତୁ ମୋ ଭଲପାଇଁ କହୁଛୁ; ମୁଁ ଭଲା ମୋ ହିତଲାଗି ତାହା ନ କରିବି କାହିଁକି ?'' ॥ ୨୧ ॥

**କୁବରୀଁ କରି କବୁଲୀ କୈକେଈ । କପଟ ଛୁରୀ ଉର ପାହନ ଟେଈ ॥**
**ଲଖଇ ନ ରାନି ନିକଟ ଦୁଖୁ କୈସେଁ । ଚରଇ ହରିତ ତିନ ବଲିପସୁ ଜୈସେଁ ॥ ୧ ॥**

କୈକେୟୀଙ୍କୁ ସକଳପ୍ରକାରେ ନିଜର ବଶ କରିଦେଇ (ଅର୍ଥାତ୍ ବଳିପଶୁ କରିଦେଇ) କୁଜୀ ତା'ର କପଟରୂପୀ ଛୁରୀକୁ ନିଜର କଠୋର ହୃଦୟରୂପୀ ପଥରରେ ଘଷି ଶାଣ ଦେଲା । ବଳି ପଡ଼ିବାକୁ ଯାଉଥିବା ପଶୁ ଯେପରି ସବୁଜ ଘାସ ଦେଖି ଚରିବାକୁ ଲାଗେ, [କିନ୍ତୁ ଜାଣିପାରେନା ଯେ, ମୃତ୍ୟୁ ତା'ର ମୁଣ୍ଡ ଉପରେ ହେଲାଣି], ରାଣୀ କୈକେୟୀ ସେହିପରି ନିଜର ନିକଟଭବିଷ୍ୟତର ଦୁଃଖକୁ ଦେଖିପାରିଲେ ନାହିଁ ॥ ୧ ॥

**ସୁନତ ବାତ ମୃଦୁ ଅଂତ କଠୋରୀ । ଦେତି ମନହୁଁ ମଧୁ ମାହୁର ଘୋରୀ ॥**
**କହଇ ଚେରି ସୁଧି ଅହଇ କି ନାହୀଁ । ସ୍ୱାମିନି କହିହୁ କଥା ମୋହି ପାହୀଁ ॥ ୨ ॥**

ମନ୍ଥରାର କଥା ଶୁଣିବାକୁ ତ କୋମଳ ମଧୁର ଲାଗୁଥିଲା; କିନ୍ତୁ ତା'ର ପରିଣାମ ଥିଲା କଠୋର (ଭୟାନକ) । ଜାଣନ୍ତୁ, ସେ ମହୁରେ ମହୁରା ମିଶାଇ ତାଙ୍କୁ ପିଆଉଥିଲା । ସେ କହିଲା, ''ହେ ରାଣୀ ମା' ! ଥରେ ତୁମେ ମୋତେ ଗୋଟିଏ କଥା କହିଥିଲ; ମନେ ପଡୁଛି ଟି ? ॥ ୨ ॥

**ଦୁଇ ବରଦାନ ଭୂପ ସନ ଥାତୀ । ମାଗହୁ ଆଜୁ ଜୁଡ଼ାୱହୁ ଛାତୀ ॥**
**ସୁତହି ରାଜୁ ରାମହି ବନବାସୂ । ଦେହୁ ଲେହୁ ସବ ସୱତି ହୁଲାସୂ ॥ ୩ ॥**

ରାଜାଙ୍କ ପାଖରେ ତୁମର ଦୁଇଟି ବରଦାନ ଆଡି ହୋଇ (ଗଚ୍ଛିତ ହୋଇ) ରହିଛି । ଆଜି ସେହି ବର ଦୁଇଟି ମାଗିନେଇ ହୃଦୟ ଶୀତଳ କରିଦିଅ । ନିଜ ପୁଅକୁ ରାଜ୍ୟ ଦେଇ ରାମଙ୍କୁ ବନବାସ ଦେଇଦିଅ ଏବଂ ସବୁ ସଉତୁଣୀଙ୍କର ସକଳ ସୁଖ ତୁମେ ଏକୁଟିଆ ଭୋଗ କର ॥ ୩ ॥

**ଭୂପତି ରାମ ସପଥ ଜବ କରଈ । ତବ ମାଗେହୁ ଜେହିଁ ବଚନୁ ନ ଟରଈ ॥**
**ହୋଇ ଅକାଜୁ ଆଜୁ ନିସି ବୀତେଁ । ବଚନୁ ମୋର ପ୍ରିୟ ମାନେହୁ ଜୀ ତେଁ ॥ ୪ ॥**

‘‘ରାଜା ଯେତେବେଳେ ରାମଙ୍କ ରାଣ ଖାଇ ଶପଥ କରିବେ, ସେତିକିବେଳେ ବର ଦୁଇଟି ମାଗିବ । ତା’ଫଳରେ ରାଜାଙ୍କ ବଚନ ଆଉ ଟଳିବ ନାହିଁ । ଆଜି ରାତିଟା ପାହିଗଲେ, କାଲିକି କାମ ବିଗିଡ଼ିଯିବ । ରାଣୀ ମାଆ ! ମୋ କଥାକୁ ପ୍ରାଣଠାରୁ ବି ପ୍ରିୟ ବୋଲି ଜାଣ ।’’ ॥ ୪ ॥

ଦୋ:- **ବଡ଼ କୁଘାତୁ କରି ପାତକିନି କହେସି କୋପଗୃହଁ ଜାହୁ ।**
**କାଜୁ ସଁୱାରେହୁ ସଜଗ ସବୁ ସହସା ଜନି ପତିଆହୁ ॥ ୨୨ ॥**

ଏହିପରି ଘୋର ଆଘାତ ଦେଇ ପାପିନୀ ମନ୍ଥରା କହିଲା, ‘‘କୋପଭବନକୁ ଯାଅ । ସବୁ କାମ ସାବଧାନରେ କରିବ । ରାଜାଙ୍କୁ ସହଜରେ ବିଶ୍ୱାସ କରିବନି; ତାଙ୍କ କଥାରେ ଭୁଲିଯିବନି ।’’ ॥ ୨୨ ॥

**କୁବରିହି ରାନି ପ୍ରାନପ୍ରିୟ ଜାନୀ । ବାର ବାର ବଡ଼ି ବୁଦ୍ଧି ବଖାନୀ ॥**
**ତୋହି ସମ ହିତ ନ ମୋର ସଂସାରା । ବହେ ଜାତ କଇ ଭଇସି ଅଧାରା ॥ ୧ ॥**

କୁଜୀକୁ ନିଜର ପ୍ରାଣପ୍ରିୟ ବୋଲି ବୁଝି ରାଣୀ ତା’ବୁଦ୍ଧିକୁ ବାରମ୍ବାର ପ୍ରଶଂସା କରିବାକୁ ଲାଗିଲେ । କହିଲେ, ‘‘ଏ ସଂସାରରେ ମୋର ତୋ’ପରି ହିତକାରିଣୀ ଅନ୍ୟ କେହି ନାହିଁ । ମୋ’ପରି ଭାସିଯାଉଥିବା ଲୋକର ତୁ ହିଁ ସାହା ହୋଇଛୁ ॥ ୧ ॥

**ଜୌଁ ବିଧି ପୁରବ ମନୋରଥୁ କାଲୀ । କରୌଁ ତୋହି ଚଖ ପୂତରି ଆଲୀ ॥**
**ବହୁବିଧି ଚେରିହି ଆଦରୁ ଦେଈ । କୋପଭୱନ ଗୱନୀ କୈକେଈ ॥ ୨ ॥**

ଯଦି ବିଧାତା କାଲି ମୋ ମନୋରଥ ପୂର୍ଣ୍ଣ କରିଦେବେ, ତେବେ ସଖୀ ! ମୁଁ ତୋତେ ମୋ ନୟନପିତୁଳା କରିଦେବି ।’’ ଏପରିଭାବରେ ଦାସୀକୁ ନାନାପ୍ରକାରେ ଆଦର କରି କୈକେୟୀ କୋପଭବନକୁ ଚାଲିଗଲେ ॥ ୨ ॥

**ବିପତି ବୀଜୁ ବରଷା ରିତୁ ଚେରୀ । ଭୁଇଁ ଭଇ କୁମତି କୈକଈ କେରୀ ॥**
**ପାଇ କପଟ ଜଲୁ ଅଂକୁର ଜାମା । ବର ଦୋଉ ଦଲ ଦୁଖ ଫଲ ପରିନାମା ॥ ୩ ॥**

[ଏଠାରେ] କଳହ ହୋଇଗଲା ବୀଜ; ଦାସୀ ହେଲା ବର୍ଷାଋତୁ; କୈକେୟୀଙ୍କ କୁବୁଦ୍ଧି ହେଲା ଭୂମି; କପଟରୂପୀ ଜଳ ପାଇ ବୀଜରୁ ଅଙ୍କୁର ଉଦ୍‌ଗମ ହୋଇଗଲା । ଦୁଇ ବରଦାନ ହେବ ସେହି ଅଙ୍କୁରର ଦୁଇଟି ବୀଜପତ୍ର ଏବଂ ପରିଣାମରେ ସେଥିରୁ ଦୁଃଖରୂପୀ ଫଳହିଁ ଫଳିଯିବ ॥ ୩ ॥

**କୋପ ସମାଜୁ ସାଜି ସବୁ ସୋଈ । ରାଜୁ କରତ ନିଜ କୁମତି ବିଗୋଈ ॥**
**ରାଉର ନଗର କୋଲାହଲୁ ହୋଈ । ଯହ କୁଚାଲି କଛୁ ଜାନ ନ କୋଈ ॥ ୪ ॥**

କୈକେୟୀ କୋପର ସକଳ ବେଶଭୂଷା ଧରି ଯାଇ କୋପଭବନରେ ଶୋଇପଡ଼ିଲେ । ରାଜଭୋଗ କରୁଥିବା କୈକେୟୀ ନିଜ ଦୁଷ୍ଟବୁଦ୍ଧି ହେତୁ ନଷ୍ଟ ହୋଇଗଲେ । ଏଣେ ରାଜମହଲରେ ଓ ନଗରରେ ଆନନ୍ଦର କୋଳାହଳ ଚାଲିଥାଏ । ଏହି ଷଡ଼ଯନ୍ତ୍ର ବିଷୟରେ କେହି କିଛି ଜାଣିପାରିଲେ ନାହିଁ ॥ ୪ ॥

**ଦୋ:- ପ୍ରମୁଦିତ ପୁର ନର ନାରି ସବ ସଜହିଁ ସୁମଂଗଲଚାର ।**
**ଏକ ପ୍ରବିସହିଁ ଏକ ନିର୍ଗମହିଁ ଭୀର ଭୂପ ଦରବାର ॥ ୨୩ ॥**

ଅତ୍ୟନ୍ତ ଆନନ୍ଦିତ ହୋଇ ନଗରର ନରନାରୀ ଶୁଭଂକର ମଙ୍ଗଳ ଉତ୍ସବର ଆୟୋଜନ କରୁଥାନ୍ତି । କିଏ ଭିତରକୁ ଯାଉଥାଏ ତ, କିଏ ବାହାରକୁ ଆସୁଥାଏ । ରାଜଦ୍ୱାରରେ ଭିଡ଼ ଲାଗିଥାଏ ॥ ୨୩ ॥

**ବାଲ ସଖା ସୁନି ହିୟଁ ହରଷାହୀଁ । ମିଲି ଦସ ପାଁଚ ରାମ ପହିଁ ଜାହୀଁ ॥**
**ପ୍ରଭୁ ଆଦରହିଁ ପ୍ରେମୁ ପହିଚାନୀ । ପୂଁଛହିଁ କୁସଲ ଖେମ ମୃଦୁ ବାନୀ ॥ ୧ ॥**

ଶ୍ରୀରାମଙ୍କର ବାଲ୍ୟସଖାମାନେ ରାଜତିଳକ ସମାଚାର ଶୁଣି ଅପାର ଆନନ୍ଦ ଲାଭ କରୁଥାନ୍ତି । ସେମାନେ ଦଳ ଦଳ ହୋଇ ଆସି ଶ୍ରୀରାମଙ୍କୁ ଭେଟୁଥାନ୍ତି । ସେମାନଙ୍କର ପ୍ରେମ ଜାଣି ପ୍ରଭୁ ସେମାନଙ୍କୁ ଆଦର କରି କୋମଳ କଣ୍ଠରେ କୁଶଳ ସମାଚାର ପଚାରୁଥାନ୍ତି ॥ ୧ ॥

**ଫିରହିଁ ଭୱନ ପ୍ରିୟ ଆୟସୁ ପାଈ । କରତ ପରସପର ରାମ ବଡ଼ାଈ ॥**
**କୋ ରଘୁବୀର ସରିସ ସଂସାରା । ସୀଲୁ ସନେହୁ ନିବାହନିହାରା ॥ ୨ ॥**

ପ୍ରିୟସଖା ଶ୍ରୀରାମଙ୍କ ଆଜ୍ଞା ପାଇ ସେମାନେ ପରସ୍ପର ମଧ୍ୟରେ ପ୍ରଭୁଙ୍କର ମହିମା କୁହାକୁହି ହୋଇ ଫେରୁଥାନ୍ତି ଏବଂ କହୁଥାନ୍ତି, "ସଂସାରରେ ଶ୍ରୀରଘୁନାଥଙ୍କ ପରି ଉଦାରଚରିତ ଓ ସ୍ନେହଶୀଳ ଆଉ କିଏ ଅଛି ? ॥ ୨ ॥

**ଜେହିଁ ଜେହିଁ ଜୋନି କରମ ବସ ଭ୍ରମହୀଁ । ତହଁ ତହଁ ଈସୁ ଦେଉ ୟହ ହମହୀଁ ॥**
**ସେୱକ ହମ ସ୍ୱାମୀ ସିୟନାହୂ । ହୋଉ ନାତ ୟହ ଓର ନିବାହୂ ॥ ୩ ॥**

ଭଗବାନ୍ ଆମର ଏତିକି କରନ୍ତୁ ଯେ, ଆପଣା କର୍ମବଶ ହୋଇ ଆମେ ଯେକୌଣସି ଯୋନିରେ ଜନ୍ମ ନେଉ ନା କାହିଁକି, ସେହି ଯୋନିରେ ଆମେ ସେବକ ହେଉ ଓ ସୀତାପତି ଶ୍ରୀରାମ ଆମର ସ୍ୱାମୀ ହୁଅନ୍ତୁ ଏବଂ ଶେଷକାଳ ପର୍ଯ୍ୟନ୍ତ ଆମର ଏହି ସମ୍ବନ୍ଧ ଅତୁଟ ରହୁ ।" ॥ ୩ ॥

**ଅସ ଅଭିଲାଷୁ ନଗର ସବ କାହୂ । କୈକୟସୁତା ହୃଦୟଁ ଅତି ଦାହୂ ॥**
**କୋ ନ କୁସଂଗତି ପାଇ ନସାଈ । ରହଇ ନ ନୀଚ ମତେଁ ଚତୁରାଈ ॥ ୪ ॥**

ନଗରରେ ସମସ୍ତଙ୍କର ଏହି ଗୋଟିଏ ଅଭିଳାଷ ଥାଏ ; କିନ୍ତୁ କୈକେୟୀଙ୍କ ହୃଦୟ ପ୍ରଚଣ୍ଡଭାବରେ ଜଳୁଥାଏ । କୁସଙ୍ଗତି ପାଇ କିଏ ବା ନଷ୍ଟ ନ ହୁଏ ? ନୀଚ ଲୋକର କଥାରେ ଚଳିଲେ ମନୁଷ୍ୟର କୌଣସି ବିବେକଜ୍ଞାନ ରହେ ନାହିଁ ॥ ୪ ॥

**ଦୋ:- ସାଁଝ ସମୟ ସାନଂଦ ନୃପୁ ଗୟଉ କୈକଈ ଗେହଁ ।**
**ଗୱନୁ ନିଠୁରତା ନିକଟ କିୟ ଜନୁ ଧରି ଦେହ ସନେହଁ ॥ ୨୪ ॥**

ସନ୍ଧ୍ୟା ସମୟରେ ରାଜା ଦଶରଥ ଅତ୍ୟନ୍ତ ଆନନ୍ଦର ସହିତ କୈକେୟୀଙ୍କ ପୁରକୁ ଚାଲିଲେ । ଜାଣନ୍ତୁ, ସାକ୍ଷାତ୍ ସ୍ନେହହିଁ ଶରୀର ଧାରଣ କରି ନିଷ୍ଠୁରତା ପାଖକୁ ଚାଲିଲା ॥ ୨୪ ॥

**କୋପଭୱନ ସୁନି ସକୁଚେଉ ରାଉ । ଭୟ ବସ ଅଗହୁଡ଼ ପରଇ ନ ପାଉ ॥**
**ସୁରପତି ବସଇ ବାଁହବଲ ଜାକେଁ । ନରପତି ସକଲ ରହହିଁ ରୁଖ ତାକେଁ ॥ ୧ ॥**

କୋପଭବନର ନାଆଁ ଶୁଣିଦେବାମାତ୍ରେ ରାଜା ଶଙ୍କିତ ହୋଇଗଲେ । ଭୟ ହେତୁ ତାଙ୍କ ପାଦ ଆଗକୁ ବଢ଼ିଲା ନାହିଁ । ସ୍ୱୟଂ ଦେବରାଜ ଇନ୍ଦ୍ର ଯାହାଙ୍କ ବାହୁବଳ ଆଶ୍ରୟରେ (ରାକ୍ଷସମାନଙ୍କୁ ଭୟ ନ କରି) ନିବାସ କରନ୍ତି ଏବଂ ସକଳ ରାଜା ଯାହାଙ୍କର ମନୋଭାବକୁ (ଇଚ୍ଛା କ'ଣ, ଜାଣିବାକୁ) ଅପେକ୍ଷା କରି ରହିଥାନ୍ତି, ॥ ୧ ॥

**ସୋ ସୁନି ତିୟ ରିସ ଗୟଉ ସୁଖାଈ । ଦେଖହୁ କାମ ପ୍ରତାପ ବଡ଼ାଈ ॥**
**ସୂଲ କୁଲିସ ଅସି ଅଁଗୱନିହାରେ । ତେ ରତିନାଥ ସୁମନ ସର ମାରେ ॥ ୨ ॥**

ସେହି ରାଜା ଦଶରଥ ସ୍ତ୍ରୀର କ୍ରୋଧ ଶୁଣି ଭୟରେ ମ୍ଳାନ ହୋଇଗଲେ । କାମଦେବଙ୍କର ପ୍ରତାପ ଓ ମହିମା କି ପ୍ରବଳ, ଦେଖନ୍ତୁ । ଯେଉଁ ରାଜା ନିଜ ଅଙ୍ଗରେ ତ୍ରିଶୂଳ, ବଜ୍ର ଓ ଖଡ଼୍ଗ ଆଦିର ଆଘାତ ସହିପାରନ୍ତି, ସେ ଆଜି ରତିନାଥ କାମଦେବଙ୍କ ପୁଷ୍ପବାଣରେ ବିଦ୍ଧ ହୋଇଗଲେ ॥ ୨ ॥

**ସଭୟ ନରେସୁ ପ୍ରିୟା ପହିଁ ଗୟଉ । ଦେଖି ଦସା ଦୁଖୁ ଦାରୁନ ଭୟଉ ॥**
**ଭୂମି ସୟନ ପଟୁ ମୋଟ ପୁରାନା । ଦିଏ ଡାରି ତନ ଭୂଷନ ନାନା ॥ ୩ ॥**

ରାଜା ଡରି ଡରି ପ୍ରାଣପ୍ରିୟା କୈକେୟୀଙ୍କ ନିକଟକୁ ଗଲେ । ରାଣୀଙ୍କ ଦଶା ଦେଖି ତାଙ୍କୁ ବଡ଼ ଦୁଃଖ ଲାଗିଲା । କୈକେୟୀ ଭୂଇଁରେ ଶୋଇଥାନ୍ତି ଏବଂ ପିନ୍ଧିଥାନ୍ତି ଖଣ୍ଡିଏ ପୁରୁଣା ମୋଟା ଲୁଗା । ଦେହରୁ ବିଭିନ୍ନ ଅଳଙ୍କାର କାଢ଼ିଦେଇ ତଳେ ଫିଙ୍ଗିଦେଇଥାନ୍ତି ॥ ୩ ॥

**କୁମତିହି କସି କୁବେଷତା ଫାବୀ । ଅନ ଅହିୱାତୁ ସୂଚ ଜନୁ ଭାବୀ ॥**
**ଜାଇ ନିକଟ ନୃପୁ କହ ମୃଦୁ ବାନୀ । ପ୍ରାନପ୍ରିୟା କେହି ହେତୁ ରିସାନୀ ॥ ୪ ॥**

ଦୁର୍ବୁଦ୍ଧି କୈକେୟୀଙ୍କୁ ସେହି କୁବେଶ କିପରି ଶୋଭା ପାଉଥାଏ ଜାଣନ୍ତି ?—ଜାଣନ୍ତୁ, ତାହା ତାଙ୍କ ଭାବୀବୈଧବ୍ୟର ସୂଚନା ଦେଉଥାଏ । ରାଜା ତାଙ୍କ ପାଖକୁ ଯାଇ କୋମଳକଣ୍ଠରେ କହିଲେ, ''ହେ ପ୍ରାଣପ୍ରିୟେ ! ରୁଷିଛ କାହିଁକି ?'' ॥ ୪ ॥

ଛନ୍ଦ- **କେହି ହେତୁ ରାନି ରିସାନି ପରସତ ପାନି ପତିହି ନେୱାରଈ ।**
**ମାନହୁଁ ସରୋଷ ଭୁଅଂଗ ଭାମିନି ବିଷମ ଭାଁତି ନିହାରଈ ॥**
**ଦୋଉ ବାସନା ରସନା ଦସନ ବର ମରମ ଠାହରୁ ଦେଖଈ ।**
**ତୁଲସୀ ନୃପତି ଭୱତବ୍ୟତା ବସ କାମ କୌତୁକ ଲେଖଈ ॥**

''ରାଣୀ ! ରୁଷିଛ କାହିଁକି ?'' ଏହା କହି ରାଜା ତାଙ୍କ ଦେହରେ ହାତ ମାରିଦେବାମାତ୍ରେ, ସେ ତାଙ୍କ ହାତକୁ ଛାଟିଦେଉଥାନ୍ତି ଏବଂ ଗ୍ରହୁଁଥାନ୍ତି, ସତେ ଯେପରି କ୍ରୋଧଭରା ହୋଇ କ୍ରୂରଦୃଷ୍ଟିରେ ନାଗୁଣୀ ଗ୍ରହୁଁଛି । ଦୁଇଟି ବରଦାନର ବାସନା ଥିଲା ସେହି ନାଗୁଣୀର ଦୁଇଟି ଜିଭ ଏବଂ ଦୁଇଟି ବରଦାନ ଥିଲା ଦୁଇଟି ବିଷଦାନ୍ତ । ସେହି ନାଗୁଣୀ ଚୋଟ ମାରିବାକୁ ମର୍ମସ୍ଥାନ ଖୋଜୁଥିଲା । ତୁଳସୀଦାସ କହୁଛନ୍ତି, ଅଦୃଷ୍ଟର ବଶ ହୋଇ ରାଜା ଦଶରଥ ଭାବୁଥାନ୍ତି, ଏହା ହେଉଛି କନ୍ଦର୍ପର କ୍ରୀଡ଼ା ॥

ସୋ:- **ବାର ବାର କହ ରାଉ ସୁମୁଖି ସୁଲୋଚନି ପିକବଚନି ।**
**କାରନ ମୋହି ସୁନାଉ ଗଜଗାମିନି ନିଜ କୋପ କର ॥ ୨୫ ॥**

ରାଜା ବାରମ୍ବାର କହୁଥାନ୍ତି, ''ହେ ସୁମୁଖୀ ! ହେ ସୁଲୋଚନା ! ହେ କୋକିଳଭାଷିଣୀ ! ହେ ଗଜଗାମିନୀ ! ମୋତେ ତୁମ କ୍ରୋଧର କାରଣ କ'ଣ, କୁହ ॥ ୨୫ ॥

**ଅନହିତ ତୋର ପ୍ରିୟା କେଇଁ କୀହ୍ନା । କେହି ଦୁଇ ସିର କେହି ଜମୁ ଚହ ଲୀହ୍ନା ॥**
**କହୁ କେହି ରଂକହି କରୌଁ ନରେସୂ । କହୁ କେହି ନୃପହି ନିକାସୌଁ ଦେସୂ ॥ ୧ ॥**

ହେ ପ୍ରିୟେ ! କିଏ ତୁମର ଅନିଷ୍ଟ କଲା ? କାହାର ଏପରି ଦୁଇଟା ମୁଣ୍ଡ ଅଛି ଯେ, ସେ ମୋ କବଳରୁ ବର୍ଞ୍ଚିଯିବ ?? ଯମରାଜ କାହାକୁ ନେବାକୁ ଚ୍ରହିଁଲେଣି ??? କୁହ ରାଣୀ, ମୁଁ କେଉଁ କାଙ୍ଗାଳକୁ ରାଜା କରିଦେବି, ଅଥବା କେଉଁ ରାଜାକୁ ଦେଶାନ୍ତର କରିଦେବି, [ଯାହାଫଳରେ କି ତୁମେ ସନ୍ତୁଷ୍ଟ ହେବ] ? ॥ ୧ ॥

**ସକଉଁ ତୋର ଅରି ଅମରଉ ମାରୀ । କାହ କୀଟ ବପୁରେ ନର ନାରୀ ॥**
**ଜାନସି ମୋର ସୁଭାଉ ବରୋରୂ । ମନୁ ତଵ୍ ଆନନ ଚଂଦ ଚକୋରୂ ॥ ୨ ॥**

ଛାର ନର-ନାରୀମାନେ ତ ପୋକମାଛି ପରି; [ସେମାନେ ବା କେଉଁ ଚିଜରେ ଗଣା !] ତୁମର ଶତ୍ରୁ ଯଦି କୌଣସି ଦେବତା ହୋଇଥାଏ, ତେବେ ମୁଁ ତାକୁ ବି ମାରିଦେଇପାରେ । ହେ ସୁନ୍ଦରୀ ! ତୁମେ ତ ମୋର ସ୍ୱଭାବ ଜାଣିଛ; ମୋ ମନ ସର୍ବଦା ତୁମ ମୁଖଚନ୍ଦ୍ରମା ପାଖରେ ଚକୋର ହୋଇ ଲାଗିରହିଛି ॥ ୨ ॥

**ପ୍ରିୟା ପ୍ରାନ ସୁତ ସରବସୁ ମୋରେଁ । ପରିଜନ ପ୍ରଜା ସକଲ ବସ ତୋରେଁ ॥**
**ଜୌଁ କଛୁ କହୌଁ କପଟୁ କରି ତୋହୀ । ଭାମିନି ରାମ ସପଥ ସତ ମୋହୀ ॥ ୩ ॥**
**ବିହସି ମାଗୁ ମନଭାଵତି ବାତା । ଭୂଷନ ସଜହି ମନୋହର ଗାତା ॥**
**ଘରୀ କୁଘରୀ ସମୁଝି ଜିୟଁ ଦେଖୂ । ବେଗି ପ୍ରିୟା ପରିହରହି କୁବେଷୂ ॥ ୪ ॥**

ହେ ପ୍ରିୟେ ! ମୋର ପ୍ରଜା, ମୋର କୁଟୁମ୍ବଜନ, ମୋର ଧନ, ମୋ ପୁତ୍ର—ଏପରି କି ମୋ ପ୍ରାଣ ମଧ୍ୟ ତୁମର ଅଧୀନ । ଯଦି ମୁଁ ତୁମଠାରେ କିଛି କପଟ ରଖି କହୁଥିବି ବୋଲି ଭାବୁଛ, ତେବେ ହେ ଭାମିନୀ ! ମୁଁ ଶହେ ଥର ରାମଙ୍କ ରାଣ ପକାଇ କହୁଛି, ତୁମେ ଯାହା ଚ୍ରହୁଁଛ, ତାହା ଖୁସିରେ ମାଗିନିଅ ; ହେଲେ ତୁମର ଏହି ମନୋହର ଅଙ୍ଗକୁ ଅଳଙ୍କାରରେ ସଜାଇଦିଅ । ଏଇଟା ସମୟ, କି ଅସମୟ, ତାହା ଟିକିଏ ବିଚ୍ରର କରି ଦେଖ । ହେ ପ୍ରିୟେ ! ଏହି ଅଲକ୍ଷଣୀ ବେଶ ଶୀଘ୍ର ପରିତ୍ୟାଗ କର ।'' ॥ ୩-୪ ॥

ଦୋ:- **ୟହ ସୁନି ମନ ଗୁନି ସପଥ ବଡ଼ି ବିହସି ଉଠୀ ମତିମଂଦ ।**
**ଭୂଷନ ସଜତି ବିଲୋକି ମୃଗୁ ମନହୁଁ କିରାତିନି ଫଂଦ ॥ ୨୬ ॥**

ଏହା ଶୁଣି ଏବଂ ରାଜା ଏତେ ବଡ଼ ରାଣ ପକାଇଲେଣି ଦେଖି ମନ୍ଦବୁଦ୍ଧି କୈକେୟୀ ହସି ଉଠିଲେ ଏବଂ ଗହଣାଗାଣ୍ଠି ପିନ୍ଧିବାକୁ ଲାଗିଲେ; ଜାଣନ୍ତୁ, ମୃଗକୁ ଦେଖି ଶବରୁଣୀ ଫାନ୍ଦ ତିଆରି କଲା ॥ ୨୬ ॥

**ପୁନି କହ ରାଉ ସୁହୃଦ ଜିୟଁ ଜାନୀ । ପ୍ରେମ ପୁଲକି ମୃଦୁ ମଂଜୁଲ ବାନୀ ॥**
**ଭାମିନି ଭୟଉ ତୋର ମନଭାଵା । ଘର ଘର ନଗର ଅନଂଦ ବଧାଵା ॥ ୧ ॥**

କୈକେୟୀଙ୍କୁ ସୁହୃଦ ବୋଲି ଭାବି ରାଜା ଦଶରଥ ମନେ ମନେ ପ୍ରେମପୁଲକିତ ହୋଇ କୋମଳ ଓ ମଧୁର କଣ୍ଠରେ କହିଲେ, ''ହେ ଭାମିନୀ ! ଏଥର ତୁମ ମନସ୍କାମନା ପୂର୍ଣ୍ଣ ହେଲା । ନଗରର ଘରେ ଘରେ ଆନନ୍ଦ ବାଦ୍ୟ ବାଜିଲାଣି ॥ ୧ ॥

**ରାମହି ଦେଉଁ କାଲି ଜୁବରାଜୂ । ସଜହି ସୁଲୋଚନି ମଂଗଲ ସାଜୂ ॥**
**ଦଲକି ଉଠେଉ ସୁନି ହୃଦୟ କଠୋରୂ । ଜନୁ ଛୁଇ ଗୟଉ ପାକ ବରତୋରୂ ॥ ୨ ॥**

କାଲି ମୁଁ ରାମଙ୍କୁ ଯୁବରାଜ ପଦ ଦେଇଦେଉଛି । ତେଣୁ ହେ ସୁନୟନେ ! ତୁମେ ମଙ୍ଗଳସାଜରେ ନିଜକୁ ସଜାଅ ।'' ଏତିକି ଶୁଣିଦେବାମାତ୍ରେ କୈକେୟୀଙ୍କ କଠୋର ହୃଦୟ ଚମକି ଉଠିଲା; ସତେ ଯେପରି କେହି ତାଙ୍କର ପାଚିଲା ବଥରେ ହାତ ମାରିଦେଲା ॥ ୨ ॥

**ଐସିଉ ପୀର ବିହସି ତେହିଁ ଗୋଈ । ଚୋର ନାରି ଜିମି ପ୍ରଗଟି ନ ରୋଈ ॥**
**ଲଖହିଁ ନ ଭୂପ କପଟ ଚତୁରାଈ । କୋଟି କୁଟିଲ ମନି ଗୁରୂ ପଢ଼ାଈ ॥ ୩ ॥**

ଚୋରର ସ୍ତ୍ରୀ ଯେପରି ପ୍ରକାଶ୍ୟରେ କାନ୍ଦେ ନାହିଁ, କୈକେୟୀ ସେହିପରି ମନର ସେହି ଦାରୁଣ ବ୍ୟଥାକୁ ଲୁଚାଇରଖିଦେଲେ । ଯେହେତୁ କୋଟି କୁଟିଳାଙ୍କ ଶିରୋମଣି ଗୁରୁ ମନ୍ଥରା ତାଙ୍କୁ ଚାତୁରୀ ଶିଖାଇଥିଲା, ତେଣୁ ରାଜା ତାଙ୍କର ସେହି କପଟଚାତୁରୀକୁ ଲକ୍ଷ୍ୟ କରିପାରିଲେ ନାହିଁ ॥ ୩ ॥

**ଜଦ୍ୟପି ନୀତି ନିପୁନ ନରନାହୂ । ନାରିଚରିତ ଜଲନିଧି ଅଓ୍ୱଗାହୂ ॥**
**କପଟ ସନେହୁ ବଢ଼ାଇ ବହୋରୀ । ବୋଲୀ ବିହସି ନୟନ ମୁହୁ ମୋରୀ ॥ ୪ ॥**

ଯଦ୍ୟପି ରାଜା ନୀତିରେ ନିପୁଣ, ତଥାପି ସ୍ତ୍ରୀଚରିତ୍ର ହେଉଛି ଏକ ଅଗାଧ ସମୁଦ୍ର । କୈକେୟୀ କପଟପ୍ରେମ ବଢ଼ାଇ (ଉପରକୁ ପ୍ରେମ ଦେଖାଇ) ଆଖି ଓ ମୁହଁ ମୋଡ଼ି ବାଙ୍କ ଚାହାଣିରେ ହସି ହସି କହିଲେ, ॥ ୪॥

ଦୋ:- **ମାଗୁ ମାଗୁ ପୈ କହହୁ ପିୟ କବହୁଁ ନ ଦେହୁ ନ ଲେହୁ ।**
**ଦେନ କହେହୁ ବରଦାନ ଦୁଇ ତେଉ ପାଓ୍ୱତ ସଂଦେହୁ ॥ ୨୭ ॥**

ହେ ପ୍ରିୟତମ ! ଆପଣ ମାଗ, ମାଗ ବୋଲି ତ କହିହେଉଛନ୍ତି; କିନ୍ତୁ ଦିଆନିଆ ବେଳକୁ କିଛି ନାହିଁ । ଆପଣ ମୋତେ ଦୁଇଟି ବର ଦେବେ ବୋଲି ଯାହା କହିଥିଲେ, ସେତକ ମିଳିବା ବି ସନ୍ଦେହ ॥ ୨୭ ॥

**ଜାନେଉଁ ମରମୁ ରାଉ ହଁସି କହଈ । ତୁମ୍ହହି କୋହାବ ପରମ ପ୍ରିୟ ଅହଈ ॥**
**ଥାତୀ ରାଖି ନ ମାଗିହୁ କାଉ । ବିସରି ଗୟଉ ମୋହି ଭୋର ସୁଭାଉ ॥ ୧ ॥**

ରାଜା ହସିଦେଇ କହିଲେ, ''ଓହୋ ! ଏତେବେଳେ ଯାଇ ମୁଁ ତୁମ ଉଦ୍ଦେଶ୍ୟ ବୁଝିପାରିଲି । ତେଣୁ ତୁମର ଏହି ଅଭିମାନ କରିବାଟା ମୋତେ ଖୁବ୍ ଭଲ ଲାଗିଲା । [ପ୍ରକୃତରେ ଦେଖିବାକୁ ଗଲେ] ତୁମେ ସେହି ବର ଦୁଇଟି ମୋ ପାଖରେ ସାଇତି ରଖିଦେଇ ଆଜିଯାଏ କେବେହେଲେ ମାଗିଲ ନାହିଁ; ମୋର ଭୋଳା ସ୍ୱଭାବ ହୋଇଥିବାରୁ, ମୁଁ ବି ତାହା ଭୁଲିଗଲି ॥ ୧ ॥

**ଝୂଠେହୁଁ ହମହି ଦୋସୁ ଜନି ଦେହୂ । ଦୁଇ କୈ ଚାରି ମାଗି ମକୁ ଲେହୂ ॥**
**ରଘୁକୁଲ ରୀତି ସଦା ଚଲି ଆଈ । ପ୍ରାନ ଜାହୁଁ ବରୁ ବଚନୁ ନ ଜାଈ ॥ ୨ ॥**

ମିଛଟାରେ ମୋତେ ଦୋଷ ଦିଅ ନାହିଁ । ଚାହିଁଲେ, ଦି'ଟା ବଦଳରେ ଚାରିଟା ବର ମାଗିନିଅ । ପ୍ରାଣ ବରଂ ଚାଲିଯିବ, ବଚନ ଯିବ ନାହିଁ; ଆମ ରଘୁକୁଳରେ ସର୍ବଦା ଏହି ରୀତି ଚଳିଆସିଛି ॥ ୨ ॥

**ନହିଁ ଅସତ୍ୟ ସମ ପାତକ ପୁଂଜା । ଗିରି ସମ ହୋହିଁ କି କୋଟିକ ଗୁଂଜା ॥**
**ସତ୍ୟମୂଲ ସବ ସୁକୃତ ସୁହାଏ । ବେଦ ପୁରାନ ବିଦିତ ମନୁ ଗାଏ ॥ ୩ ॥**

ଅସତ୍ୟ ପରି ପାପରାଶି ଆଉ ନାହିଁ । କୋଟି କୋଟି କାଇଁଚ ମିଶିଗଲେ ସୁଦ୍ଧା କ'ଣ କେବେହେଲେ ପର୍ବତ ସମାନ ହୋଇପାରିବେ ? ସତ୍ୟହିଁ ସକଳ ପୁଣ୍ୟର ମୂଳ । ଏ କଥା ବେଦ ଓ ପୁରାଣରେ ବି ପ୍ରସିଦ୍ଧ ଏବଂ ମନୁ ମଧ୍ୟ ଏହା କହିଛନ୍ତି ॥ ୩ ॥

**ତେହି ପର ରାମ ସପଥ କରି ଆଈ । ସୁକୃତ ସନେହ ଅୱଧି ରଘୁରାଈ ॥**
**ବାତ ଦୃଢ଼ାଇ କୁମତି ହଁସି ବୋଲୀ । କୁମତ କୁବିହଗ କୁଲହ ଜନୁ ଖୋଲୀ ॥ ୪ ॥**

ତା' ଛଡ଼ା ମୁଁ ପୁଣି ଶ୍ରୀରାମଙ୍କ ରାଣ ପକାଇଦେଇଛି । ଶ୍ରୀରଘୁନାଥ ହେଉଛନ୍ତି ମୋର ପୁଣ୍ୟ ଓ ସ୍ନେହର ଚରମ ସୀମା ।'' ଏପରିଭାବରେ ରାଜାଙ୍କ ଦ୍ୱାରା କଥାଟିକୁ ପକ୍କା କରାଇଦେଇ ଦୁର୍ବୁଦ୍ଧି କୈକେୟୀ ହସି ହସି କହିବାକୁ ବସିଲେ; ମନେହେଲା, ସତେ ଯେପରି ସେ ନିଜର କୁବିଚାରରୂପୀ ଦୁଷ୍ଟ ବାଜପକ୍ଷୀର ଆଖିରୁ ଅନ୍ଧପୁଟୁଳି ଖୋଲିଦେଲେ ॥ ୪ ॥

ଦୋ- **ଭୂପ ମନୋରଥ ସୁଭଗ ବନୁ ସୁଖ ସୁବିହଂଗ ସମାଜୁ ।**
**ଭିଲ୍ଲନି ଜିମି ଛାଡ଼ନ ଚହତି ବଚନୁ ଭୟଂକରୁ ବାଜୁ ॥ ୨୮ ॥**

ରାଜାଙ୍କ ମନୋରଥ ଥିଲା ସୁନ୍ଦର ବନଟିଏ ପରି; ସେଥିରେ ସୁଖ ଥିଲା ସୁନ୍ଦର ପକ୍ଷୀମାନଙ୍କ ସମାଜ । କୈକେୟୀ ଥିଲେ ଜଣେ ଶବରୀ ପରି, ଯେ କି ପକ୍ଷୀମାନଙ୍କୁ ଆକ୍ରମଣ କରିବାକୁ ନିଜର ବଚନରୂପୀ ଭୟଙ୍କର ବାଜପକ୍ଷୀକୁ ଛାଡିଦେବାକୁ ଚାହୁଁଥିଲେ ॥ ୨୮ ॥

### ମାସପାରାୟଣ, ତ୍ରୟୋଦଶ ବିଶ୍ରାମ

**ସୁନହୁ ପ୍ରାନପ୍ରିୟ ଭାୱତ ଜୀ କା । ଦେହୁ ଏକ ବର ଭରତହି ଟୀକା ॥**
**ମାଗଉଁ ଦୂସର ବର କର ଜୋରୀ । ପୁରୱହୁ ନାଥ ମନୋରଥ ମୋରୀ ॥ ୧ ॥**

[କୈକେୟୀ କହିଲେ,] ''ହେ ପ୍ରାଣପ୍ରିୟ ! ଶୁଣନ୍ତୁ, ମୋ ମନ ମୁତାବକ ପ୍ରଥମେ ଏହି ବରଟି ଦିଅନ୍ତୁ ଯେ, ଭରତର ରାଜତିଳକ ହେବ ଏବଂ ହେ ନାଥ ! ଦ୍ୱିତୀୟ ବରଟି ବି ମୁଁ ହାତଯୋଡ଼ି ମାଗୁଛି, ମୋ ମନୋରଥ ପୂର୍ଣ୍ଣ କରନ୍ତୁ—॥ ୧ ॥

**ତାପସ ବେଷ ବିସେଷି ଉଦାସୀ । ଚୌଦହ ବରିସ ରାମୁ ବନବାସୀ ॥**
**ସୁନି ମୃଦୁ ବଚନ ଭୂପ ହିୟଁ ସୋକୂ । ସସି କର ଛୁଅତ ବିକଲ ଜିମି କୋକୂ ॥ ୨ ॥**

ରାମ ତପସ୍ୱୀବେଶରେ, ଅତ୍ୟନ୍ତ ଉଦାସୀନଭାବରେ (ରାଜ୍ୟ ଓ କୁଟୁମ୍ବ ପ୍ରତି ସମ୍ପୂର୍ଣ୍ଣ ଅନାସକ୍ତ ହୋଇ ମୁନିଙ୍କ ପରି) ଚଉଦ ବର୍ଷ ପର୍ଯ୍ୟନ୍ତ ବନରେ ନିବାସ କରିବେ ।'' କୋମଳ ଚନ୍ଦ୍ରକିରଣର ସ୍ପର୍ଶରେ ଚକ୍ରବାକ ବିକଳ ହୋଇଗଲାପରି କୈକେୟୀଙ୍କ କୋମଳ ବଚନ ଶୁଣି ରାଜାଙ୍କ ହୃଦୟ ଶୋକାକୁଳ ହୋଇଗଲା ॥ ୨ ॥

**ଗୟଉ ସହମି ନହିଁ କଛୁ କହି ଆୱା । ଜନୁ ସଚାନ ବନ ଝପଟେଉ ଲାୱା ॥**
**ବିବରନ ଭୟଉ ନିପଟ ନରପାଲୂ । ଦାମିନି ହନେଉ ମନହୁଁ ତରୁ ତାଲୂ ॥ ୩ ॥**

ରାଜା ହଠାତ୍ ଛାନିଆଁ ହୋଇଗଲେ । ତାଙ୍କ ପାଟିରୁ କଥା ବାହାରିଲା ନାହିଁ । ଜାଣନ୍ତୁ, ଗୁଣ୍ଡୁରୀ ଚଢ଼େଇ ଉପରେ ଛଞ୍ଚାଣ ଝାମ୍ପ ମାରିଦେଲା । ରାଜା ଏକାବେଳକେ ବିବର୍ଣ୍ଣ ହୋଇଗଲେ । ଦେଖି ମନେହେଲା, ସତେ ଯେପରି ତାଳଗଛ ଉପରେ ବଜ୍ରପାତ ହୋଇଗଲା ॥ ୩ ॥

**ମାଥେଁ ହାଥ ମୂଦି ଦୋଉ ଲୋଚନ । ତନୁ ଧରି ସୋଚୁ ଲାଗ ଜନୁ ସୋଚନ ॥**
**ମୋର ମନୋରଥୁ ସୁରତରୁ ଫୂଲା । ଫରତ କରିନି ଜିମି ହତେଉ ସମୂଲା ॥ ୪ ॥**

ମୁଣ୍ଡରେ ହାତ ଦେଇ, ଦୁଇ ଆଖି ବୁଜିଦେଇ ରାଜା ଏପରି ଚିନ୍ତାରେ ବୁଡ଼ିଗଲେ ଯେ, ମନେହେଲା, ସତେ ଯେପରି ଚିନ୍ତାହିଁ ସାକ୍ଷାତ୍ ମୂର୍ତ୍ତିମାନ୍ ହୋଇ ଶୋକ କରୁଛି । ସେ ଭାବିବାକୁ ଲାଗିଲେ, ‘‘ହାୟ ! ମୋର ମନୋରଥରୂପୀ କଳ୍ପବୃକ୍ଷରେ ଫୁଲ ଫୁଟିସାରିଥିଲା; କିନ୍ତୁ ଫଳ ଧରୁ ଧରୁ କୈକେୟୀ ହସ୍ତିନୀ ପରି ହୋଇ ସେହି କଳ୍ପବୃକ୍ଷକୁ ସମୂଳେ ଉପାଡ଼ି ନଷ୍ଟ କରିଦେଲା ! ॥ ୪ ॥

**ଅୱଧ ଉଜାରି କୀହ୍ନି କୈକେଈଁ । ଦୀହ୍ନସି ଅଚଲ ବିପତି କୈ ନେଈଁ ॥ ୫ ॥**

କୈକେୟୀ ଅଯୋଧ୍ୟାକୁ ଉଜାଡ଼ିଦେଇ ବିପତ୍ତିର ଦୃଢ଼ ମୂଳଦୁଆ ପକାଇଦେଲା ! ॥ ୫ ॥

ଦୋଃ- **କୱନେଁ ଅୱସର କା ଭୟଉ ଗୟଉଁ ନାରି ବିସ୍ୱାସ ।**
**ଜୋଗ ସିଦ୍ଧି ଫଲ ସମୟ ଜିମି ଜତିହି ଅବିଦ୍ୟା ନାସ ॥ ୨୯ ॥**

କିଭଳି ବେଳାରେ କ’ଣ ଘଟି ନ ଗଲା !! ଯୋଗସାଧନାର ସିଦ୍ଧିରୂପକ ଫଳ ମିଳିବା ସମୟ ଆସିଲାବେଳକୁ ଅବିଦ୍ୟା ଯେପରି ଯୋଗୀକୁ ନଷ୍ଟ କରିଦିଏ, ସ୍ତ୍ରୀକୁ ବିଶ୍ୱାସ କରି ମୁଁ ସେହିପରି ନଷ୍ଟ ହୋଇଗଲି !!’’ ॥ ୨୯ ॥

**ଏହି ବିଧି ରାଉ ମନହିଁ ମନ ଝାଁଖା । ଦେଖି କୁଭାଁତି କୁମତି ମନ ମାଖା ॥**
**ଭରତୁ କି ରାଉର ପୂତ ନ ହୋଁହୀ । ଆନେହୁ ମୋଲ ବେସାହି କି ମୋହୀ ॥ ୧ ॥**

ରାଜା ମନେ ମନେ ଏହିପରି ପଶ୍ଚାତ୍ତାପ କରିବାକୁ ଲାଗିଲେ । ତାଙ୍କ ଦଶା ଦେଖି ଦୁର୍ବୁଦ୍ଧି କୈକେୟୀ ମନେ ମନେ ଭୀଷଣ କ୍ରୋଧିତ ହୋଇଗଲେ ଏବଂ କହିଲେ, ‘‘କ’ଣ ଭରତ ଆପଣଙ୍କ ପୁଅ ନୁହେଁ କି? ମତେ କ’ଣ ଆପଣ କିଣି ଆଣିଥିଲେ କି ? (ମୁଁ କ’ଣ ବିବାହିତା ପତ୍ନୀ ନୁହେଁ ?) ॥ ୧ ॥

**ଜୋ ସୁନି ସରୁ ଅସ ଲାଗ ତୁହ୍ମରେଁ । କାହେ ନ ବୋଲହୁ ବଚନୁ ସଁଭାରେଁ ॥**
**ଦେହୁ ଉତରୁ ଅନୁ କରହୁ କି ନାହୀଁ । ସତ୍ୟସଂଧ ତୁହ୍ମ ରଘୁକୁଲ ମାହୀଁ ॥ ୨ ॥**

ଯଦି ମୋ କଥା ଶୁଣୁ ଶୁଣୁ ଆପଣଙ୍କୁ ବାଣ ବାଜିଗଲାପରି ଲାଗୁଛି, ଭଲ କରି ବୁଝିବିଗ୍ଚରି କହିଲେନି କାହିଁକି ? ଯାହା କହିଛନ୍ତି, ତାହା କରିବେ, ନା ନାହିଁ ? ଉତ୍ତର ଦିଅନ୍ତୁ । ଆପଣ ସତ୍ୟସନ୍ଧରୂପେ ରଘୁବଂଶରେ ପ୍ରସିଦ୍ଧ ॥ ୨ ॥

**ଦେନ କହେହୁ ଅବ ଜନି ବରୁ ଦେହୂ । ତଜହୁ ସତ୍ୟ ଜଗ ଅପଜସୁ ଲେହୂ ॥**
**ସତ୍ୟ ସରାହି କହେହୁ ବରୁ ଦେନା । ଜାନେହୁ ଲେଇହି ମାଗି ଚବେନା ॥ ୩ ॥**

ଆପଣହିଁ ତ ବର ଦେବାକୁ କହିଥିଲେ ? ନ ଦେବାକୁ ଭାବୁଛନ୍ତି ତ, ମନା କରିଦିଅନ୍ତୁ । ସତ୍ୟକୁ ଛାଡ଼ି ଜଗତରେ ଅପଯଶ କିଣି ନିଅନ୍ତୁ । ସତ୍ୟର ତ ଭାରି ପ୍ରଶଂସା କରି ବର ଦେବାକୁ କହିଥିଲେ । ବୋଧ ହୁଏ ଭାବିଥିଲେ, ଇଏ ଚଣାଭଜା ଦି’ଟା ମାଗିବ ॥ ୩ ॥

**ସିବି ଦଧୀଚି ବଲି ଜୋ କଛୁ ଭାଷା । ତନୁ ଧନୁ ତଜେଉ ବଚନ ପନୁ ରାଖା ॥**
**ଅତି କଟୁ ବଚନ କହତି କୈକେଈ । ମାନହୁଁ ଲୋନ ଜରେ ପର ଦେଈ ॥ ୪ ॥**

ରାଜା ଶିବି, ଦଧୀଚି ଓ ବଳି ଯାହା କିଛି କହିଥିଲେ, ତନ ଓ ଧନ ତ୍ୟାଗ କରିଦେଇ (ସର୍ବସ୍ୱ ବିନିମୟରେ) ମଧ୍ୟ ସେମାନେ ନିଜର ସେହି ବଚନରୂପୀ ପ୍ରତିଜ୍ଞା ରକ୍ଷା କରିଥିଲେ ।’’ —ପୋଡ଼ାଘାଆରେ ଲୁଣ ଛିଟା ଦେଲାପରି କୈକେୟୀ ଏହିପରି ବହୁ କଠୋର ବଚନ କହିଗଲେ ॥ ୪ ॥

ଦୋ:- **ଧରମ ଧୁରଂଧର ଧୀର ଧରି ନୟନ ଉଘାରେ ରାୟଁ ।**
**ସିରୁ ଧୁନି ଲୀହ୍ନି ଉସାସ ଅସି ମାରେସି ମୋହି କୁଠାୟଁ ॥ ୩୦ ॥**

ଧର୍ମ-ଧୁରନ୍ଧର ରାଜା ଦଶରଥ ଧୈର୍ଯ୍ୟ ଧରି ଆଖି ଖୋଲିଲେ ଏବଂ ମୁଣ୍ଡରେ ହାତ ଦେଇ, ଦୀର୍ଘଶ୍ୱାସ ମାରି ମନେ ମନେ କହିଲେ, 'ଇଏ ଆଜି ମୋର ମର୍ମସ୍ଥାନରେ ଆଘାତ କରିଦେଲା (ଏପରି କଠିନ ପରିସ୍ଥିତି ଉପନ୍ନ କରିଦେଲା ଯେ, ଏଥିରୁ ତ୍ରାହି ପାଇବା କଷ୍ଟକର)' ॥ ୩୦ ॥

**ଆଗେଁ ଦୀଖି ଜରତ ରିସ ଭାରୀ । ମନହୁଁ ରୋଷ ତରୱାରି ଉଘାରୀ ॥**
**ମୂଠି କୁବୁଦ୍ଧି ଧାର ନିଠୁରାଈ । ଧରୀ କୂବରୀଁ ସାନ ବନାଈ ॥ ୧ ॥**

ପ୍ରଚଣ୍ଡ କ୍ରୋଧରେ ଜଳୁଥିବା କୈକେୟୀ ଦେଖାଯାଉଥାନ୍ତି କ୍ରୋଧରୂପୀ କୋଷମୁକ୍ତ ତରବାରି ପରି । କୁବୁଦ୍ଧି ଥିଲା ସେହି ତରବାରିର ମୁଠି; ନିଷ୍ଠୁରତା ଥିଲା ତା'ର ଧାର ଏବଂ କୁଜୀ ମନ୍ଥରାରୂପୀ ଶାଣ ପଥରରେ ଶାଣ ଦେଇ ସେହି ଧାରକୁ ତୀକ୍ଷ୍ଣ କରାଯାଇଥିଲା ॥ ୧ ॥

**ଲଖୀ ମହୀପ କରାଲ କଠୋରା । ସତ୍ୟ କି ଜୀୱନୁ ଲେଇହି ମୋରା ॥**
**ବୋଲେ ରାଉ କଠିନ କରି ଛାତୀ । ବାନୀ ସବିନୟ ତାସୁ ସୋହାତୀ ॥ ୨ ॥**
**ପ୍ରିୟା ବଚନ କସ କହସି କୁଭାଁତୀ । ଭୀର ପ୍ରତୀତି ପ୍ରୀତି କରି ହାଁତୀ ॥**
**ମୋରେଁ ଭରତୁ ରାମୁ ଦୁଇ ଆଁଖୀ । ସତ୍ୟ କହଉଁ କରି ସଂକରୁ ସାଖୀ ॥ ୩ ॥**

ରାଜା ଦେଖିଲେ, ସେହି ତରବାରି ବଡ଼ ଭୟାନକ ଓ କଠୋର ହୋଇଛି । ସେ ଭାବିଲେ, ସତେ କ'ଣ ଏହି ତରବାରି ମୋର ପ୍ରାଣ ନେଇଯିବ ! ରାଜା ବଡ଼ କଷ୍ଟରେ ଛାତିକୁ ପଥର କରି ଧୈର୍ଯ୍ୟ ଧରିଲେ ଏବଂ ଅତ୍ୟନ୍ତ ନମ୍ରତାର ସହିତ କୈକେୟୀଙ୍କୁ ଭଲ ଲାଗିବାଭଳି ଭାଷାରେ କହିଲେ, "ହେ ପ୍ରିୟେ ! ହେ ଭୀରୁ ! ବିଶ୍ୱାସ ଓ ପ୍ରେମ ନଷ୍ଟ କରିଦେଇ ତୁମେ ଏଭଳି ମନ୍ଦ କଥାମାନ କହୁଛ କିପରି ? ମୁଁ ଭଗବାନ୍ ଶଙ୍କରଙ୍କୁ ସାକ୍ଷୀ ରଖି ସତ କହୁଛି, ଭରତ ଓ ରାମ ହେଉଛନ୍ତି ମୋର ଦୁଇଟି ଆଖି (ଦୁହେଁ ସମାନ) ॥ ୨, ୩ ॥

**ଅୱସି ଦୂତୁ ମୈଁ ପଠଇବ ପ୍ରାତା । ଐହହିଁ ବେଗି ସୁନତ ଦୋଉ ଭ୍ରାତା ॥**
**ସୁଦିନ ସୋଧି ସବୁ ସାଜୁ ସଜାଈ । ଦେଉଁ ଭରତ କହୁଁ ରାଜୁ ବଜାଈ ॥ ୪ ॥**

କାଲି ସକାଳୁ ମୁଁ ଅବଶ୍ୟ ଦୂତ ପଠାଇବି । ଶୁଣିବାମାତ୍ରେ ଭରତ ଓ ଶତ୍ରୁଘ୍ନ ଏଠାକୁ ଚ୍ଚଲିଆସିବେ । ଶୁଭଦିନ ଓ ଶୁଭବେଳା ନିରୂପଣ କରି, ସକଳ ଆୟୋଜନ କରି, ଦୁନ୍ଦୁଭି ଆଦି ବାଦ୍ୟ ବଜାଇ ମୁଁ ଅବଶ୍ୟ ଭରତକୁ ରାଜ୍ୟ ଅର୍ପଣ କରିଦେବି ॥ ୪ ॥

ଦୋ:- **ଲୋଭୁ ନ ରାମହି ରାଜୁ କର ବହୁତ ଭରତ ପର ପ୍ରୀତି ।**
**ମୈଁ ବଡ଼ ଛୋଟ ବିଚ୍ଚରି ଜିୟଁ କରତ ରହେଉଁ ନୃପନୀତି ॥ ୩୧ ॥**

ରାମର ରାଜ୍ୟଲୋଭ ନାହିଁ; ସେ ଭରତକୁ ବହୁତ ଭଲପାଏ । ମୁଁ ନିଜେହିଁ ବଡ଼ସାନ ବିଚାର କରି ରାଜରୀତି ପାଳନ କରିବାକୁ ଯାଉଥିଲି । (ବଡ଼ ପୁଅକୁ ରାଜତିଳକ ଦେବାକୁ ଯାଉଥିଲି) ॥ ୩୧ ॥

**ରାମ ସପଥ ସତ କହଉଁ ସୁଭାଊ । ରାମମାତୁ କଛୁ କହେଉ ନ କାଊ ॥**
**ମୈଁ ସବୁ କୀହ୍ନ ତୋହି ବିନୁ ପୂଁଛେଁ । ତେହି ତେଁ ପରେଉ ମନୋରଥୁ ଛୂଛେଁ ॥ ୧ ॥**

ମୁଁ ଶହେ ଥର ରାମଙ୍କ ରାଣ ପକାଇ ସତ କହୁଛି, ରାମଜନନୀ କୌଶଲ୍ୟା ଏ ବିଷୟରେ ମୋତେ କେବେ କିଛି କହିନାହାନ୍ତି । ହଁ, ଏକଥା ସତ ଯେ, ତୁମକୁ ନ ପଗ୍ଭରି ମୁଁ ଏସବୁ କରିଛି । ସେଇଥିପାଇଁ ମୋ ମନୋରଥ ବିଫଳ ହୋଇଗଲା ॥ ୧ ॥

**ରିସ ପରିହରୁ ଅବ ମଂଗଲ ସାଜୂ । କଛୁ ଦିନ ଗଏଁ ଭରତ ଜୁବରାଜୂ ॥**
**ଏକହି ବାତ ମୋହି ଦୁଖୁ ଲାଗା । ବର ଦୂସର ଅସମଂଜସ ମାଗା ॥ ୨ ॥**

ଏଥର କ୍ରୋଧ ଛାଡ଼ିଦିଅ; ଶୁଭକାର୍ଯ୍ୟପାଇଁ ମଙ୍ଗଳ ସାଜ ସଜାଅ । ଦିନ କେତେଟା ଭିତରେ ଭରତ ଯୁବରାଜ ହୋଇଯିବ । କିନ୍ତୁ ଗୋଟିଏ କଥା ମୋତେ ବଡ଼ ଦୁଃଖ ଲାଗୁଛି; ଯେଉଁ ଦ୍ୱିତୀୟ ବରଟି ମାଗିଲ, ତାହା ବଡ଼ ଅସଂଗତ ହୋଇଗଲା ॥ ୨ ॥

**ଅଜହୂଁ ହୃଦଉ ଜରତ ତେହି ଆଁଚ୍ଚ । ରିସ ପରିହାସ କି ସାଁଚେହୁଁ ସାଁଚ୍ଚ ॥**
**କହୁ ତଜି ରୋଷୁ ରାମ ଅପରାଧୂ । ସବୁ କୋଉ କହଇ ରାମୁ ସୁଠି ସାଧୂ ॥ ୩ ॥**

ତାହାରି ଜ୍ୱାଳାରେ ମୋ ହୃଦୟଟା ଏବେ ବି ଜଳିଯାଉଛି । ଏପରି କଥା ତୁମେ ପରିହାସରେ କହିଲ, ନା କ୍ରୋଧରେ, ନା ସତରେ ? କ୍ରୋଧ ତ୍ୟାଗ କରି, ରାମର ଅପରାଧ କ'ଣ, କୁହ । ସମସ୍ତେ କହନ୍ତି, ରାମ ଅତ୍ୟନ୍ତ ସାଧୁ ॥ ୩ ॥

**ତୁହୂଁ ସରାହସି କରସି ସନେହୂ । ଅବ ସୁନି ମୋହି ଭୟଉ ସଂଦେହୂ ॥**
**ଜାସୁ ସୁଭାଉ ଅରିହି ଅନୁକୂଲା । ସୋ କିମି କରିହି ମାତୁ ପ୍ରତିକୂଲା ॥ ୪ ॥**

ତୁମେ ନିଜେ ମଧ୍ୟ ରାମକୁ ପ୍ରଶଂସା କରୁଥିଲ ଏବଂ ତାକୁ ସ୍ନେହ କରୁଥିଲ । ବର୍ତ୍ତମାନ ତୁମ ମୁହଁରୁ ଏପରି କଥା ଶୁଣି ମୋ ମନରେ ସନ୍ଦେହ ଉପୁଜୁଛି [ଯେ, ସେହି ପ୍ରଶଂସା ଓ ସ୍ନେହ ମିଛରେ କରୁ ନ ଥିଲ ତ ?] । ଯାହାର ସ୍ୱଭାବ ଶତ୍ରୁ ପ୍ରତି ମଧ୍ୟ ଅନୁକୂଳ, ସେ କାହିଁକି ମାଆର ପ୍ରତିକୂଳ ଆଚରଣ କରିବ ? ॥ ୪ ॥

ଦୋଃ- **ପ୍ରିୟା ହାସ ରିସ ପରିହରହି ମାଗୁ ବିଚ୍ଚରି ବିବେକୁ ।**
**ଜେହିଁ ଦେଖୌଁ ଅବ ନୟନ ଭରି ଭରତ ରାଜ ଅଭିଷେକୁ ॥ ୩୨ ॥**

ହେ ପ୍ରିୟେ ! ପରିହାସ ଓ କ୍ରୋଧ ଛାଡ଼ିଦିଅ; ବିବେକ-ବିଗ୍ଭର ପ୍ରୟୋଗ କରି ବର ମାଗ, ଯାହା ଫଳରେ କି ମୁଁ ଆଖି ପୂରାଇ ଭରତର ରାଜ୍ୟାଭିଷେକ ଦେଖିପାରିବି ॥ ୩୨ ॥

**ଜିଐ ମୀନ ବରୁ ବାରି ବିହୀନା । ମନି ବିନୁ ଫନିକୁ ଜିଐ ଦୁଖ ଦୀନା ॥**
**କହଉଁ ସୁଭାଉ ନ ଛଲୁ ମନ ମାହୀଁ । ଜୀୱନୁ ମୋର ରାମ ବିନୁ ନାହୀଁ ॥ ୧ ॥**

ପାଣି ବିନା ହୁଏତ ମାଛ ବଞ୍ଚିରହିପାରେ, ମଣି ବିନା ଦୀନଦୁଃଖୀ ହୋଇ ହୁଏତ ସାପ ବଞ୍ଚିରହିପାରେ, କିନ୍ତୁ ମୁଁ ନିଶ୍ଚିତ ଓ ନିଷ୍କପଟଭାବରେ କହୁଛି, ରାମ ବିନା ମୋ ଜୀବନ ରହିବ ନାହିଁ ॥ ୧ ॥

**ସମୁଝି ଦେଖୁ ଜିୟଁ ପ୍ରିୟା ପ୍ରବୀନା । ଜୀୱନୁ ରାମ ଦରସ ଆଧୀନା ॥**
**ସୁନି ମୃଦୁ ବଚନ କୁମତି ଅତି ଜରଈ । ମନହୁଁ ଅନଲ ଆହୁତି ଘୃତ ପରଈ ॥ ୨ ॥**

ହେ ବୁଦ୍ଧିମତୀ ପ୍ରିୟେ ! ଏକଥା ନିଶ୍ଚିତ ବୋଲି ଜାଣିନିଅ ଯେ, ମୋ ଜୀବନ ଶ୍ରୀରାମଙ୍କ ଦର୍ଶନର ଅଧୀନ ।'' ରାଜାଙ୍କ କୋମଳ ବଚନ ଶୁଣି ଦୁର୍ବୁଦ୍ଧି କୈକେୟୀ ଅଗ୍ନିରେ ଘୃତାହୁତି ପଡ଼ିଗଲାପରି ଜଳିଉଠିଲେ ॥ ୨ ॥

**କହଇ କରହୁ କିନ କୋଟି ଉପାୟା । ଇହାଁ ନ ଲାଗିହି ରାଉରି ମାୟା ॥**
**ଦେହୁ କି ଲେହୁ ଅଜସୁ କରି ନାହୀଁ । ମୋହି ନ ବହୁତ ପ୍ରପଂଚ ସୋହାହୀଁ ॥ ୩ ॥**

[କୈକେୟୀ କହିଲେ,] ‘‘ଆପଣ କୋଟିଏ ଉପାୟ କଲେ ବି ଏଠାରେ ଆପଣଙ୍କ ମାୟା (ଚତୁରତା) ଚଳିବ ନାହିଁ । ମୁଁ ଯାହା ମାଗିଲି, ତାହା ଦେଇଦିଅନ୍ତୁ; ନଚେତ୍ ମନା କରିଦେଇ ଅପଯଶ କିଣିନିଅନ୍ତୁ । ମୋତେ ଏତେ ଛଳ-ପ୍ରପଞ୍ଚ ଭଲ ଲାଗେନି ॥ ୩ ॥

**ରାମୁ ସାଧୁ ତୁମ୍ହ ସାଧୁ ସୟାନେ । ରାମମାତୁ ଭଲି ସବ ପହିଚାନେ ॥**
**ଜସ କୌସିଲାଁ ମୋର ଭଲ ତାକା । ତସ ଫଲୁ ଉନ୍ହହି ଦେଉଁ କରି ସାକା ॥ ୪ ॥**

ରାମ ସାଧୁ; ଆପଣ ତ ତାଠାରୁ ବି ଅଧିକ ସାଧୁ; ରାମଙ୍କ ମାଆ ବି ଆହୁରି ସାଧୁ ! ମୁଁ ସମସ୍ତଙ୍କୁ ଚିହ୍ନିସାରିଲିଣି । କୌଶଲ୍ୟା ଯେପରି ମୋର ଭଲ ଚାହିଁଛନ୍ତି, ମୁଁ ବି ତାଙ୍କୁ ସେହିପରି ପ୍ରତିଫଳ ଦେଇଦେବି (ଯାହା କି ସେ କାଳ କାଳ ମନେରଖିଥିବେ) ॥ ୪ ॥

ଦୋः- **ହୋତ ପ୍ରାତୁ ମୁନିବେଷ ଧରି ଜୌଁ ନ ରାମୁ ବନ ଜାହିଁ ।**
**ମୋର ମରନୁ ରାଉର ଅଜସ ନୃପ ସମୁଝିଅ ମନ ମାହିଁ ॥ ୩୩ ॥**

ରାତି ପାହୁ ପାହୁ ରାମ ଯଦି ମୁନିବେଶ ଧରି ବଣକୁ ଚାଲି ନ ଯାଆନ୍ତି, ତା’ହେଲେ ହେ ରାଜନ୍ ! ଏକଥା ନିଶ୍ଚିତ ବୋଲି ଜାଣିରଖନ୍ତୁ ଯେ, ମୋର ମୃତ୍ୟୁ ସୁନିଶ୍ଚିତ ଏବଂ ଆପଣଙ୍କର ଅପଯଶ ମଧ୍ୟ ସୁନିଶ୍ଚିତ ।’’ ॥ ୩୩ ॥

**ଅସ କହି କୁଟିଲ ଭଈ ଉଠି ଠାଢ଼ୀ । ମାନହୁଁ ରୋଷ ତରଂଗିନି ବାଢ଼ୀ ॥**
**ପାପ ପହାର ପ୍ରଗଟ ଭଇ ସୋଈ । ଭରୀ କ୍ରୋଧ ଜଲ ଜାଇ ନ ଜୋଈ ॥ ୧ ॥**

ଏପରି କହିଦେଇ କୁଟିଳା କୈକେୟୀ ଉଠି ଠିଆ ହୋଇପଡ଼ିଲେ; ମନେହେଲା, ସତେ ଯେପରି କ୍ରୋଧର ନଦୀରେ ବନ୍ୟା ଆସିଗଲା । ପାପରୂପୀ ପର୍ବତରୁ ବାହାରିଥିବା ସେହି ନଦୀରେ କ୍ରୋଧରୂପୀ ଜଳ ପୂର୍ଣ୍ଣ ହୋଇ ରହିଥିଲା; ତା’ର ରୂପ ଏଡ଼େ ଭୟଙ୍କର ହୋଇଥିଲା ଯେ, ତାକୁ ଚାହିଁହେଉ ନ ଥାଏ ॥ ୧ ॥

**ଦୋଉ ବର କୂଲ କଠିନ ହଠ ଧାରା । ଭଵଁର କୂବରୀ ବଚନ ପ୍ରଚାରା ॥**
**ଢାହତ ଭୂପରୂପ ତରୁ ମୂଲା । ଚଲୀ ବିପତି ବାରିଧି ଅନୁକୂଲା ॥ ୨ ॥**

କୈକେୟୀ ମାଗିଥିବା ବର ଦୁଇଟି ଥିଲା ସେହି ନଦୀର ଦୁଇ କୂଳ; ତାଙ୍କର ଜିଦି ହୋଇଥିଲା ସେହି ନଦୀର ପ୍ରଖର ସ୍ରୋତ ଏବଂ କୁଜୀ ମନ୍ଥରାର କୁମନ୍ତ୍ରଣା ହୋଇଥିଲା ସେହି ନଦୀସ୍ରୋତର ଭଉଁରି । ସେହି କ୍ରୋଧନଦୀ ରାଜା ଦଶରଥରୂପୀ ବୃକ୍ଷକୁ ସମୂଳେ ଉତ୍ପାଟନ କରି, ଧାଇଁଚାଲିଥିଲା ସିଧା ବିପତ୍ତିରୂପକ ସମୁଦ୍ର ଆଡ଼କୁ ॥ ୨ ॥

**ଲଖୀ ନରେସ ବାତ ଫୁରି ସାଁଚୀ । ତିୟ ମିସ ମୀଚୁ ସୀସ ପର ନାଚୀ ॥**
**ଗହି ପଦ ବିନୟ କୀନ୍ହ ବୈଠାରୀ । ଜନି ଦିନକର କୁଲ ହୋସି କୁଠାରୀ ॥ ୩ ॥**

ରାଜା ବୁଝିଗଲେ ଯେ, କଥାଟା ପ୍ରକୃତରେ ସତ । ସ୍ତ୍ରୀର ଛଦ୍ମବେଶ ଧରି ତାଙ୍କର ମୃତ୍ୟୁ ତାଙ୍କ ମୁଣ୍ଡ ଉପରେ ନାଚୁଛି । ତେଣୁ ରାଜା କୈକେୟୀଙ୍କ ପାଦ ଧରି ବସାଇଲେ ଓ ବିନତି କରି କହିଲେ, ‘‘ତୁମେ ସୂର୍ଯ୍ୟବଂଶ ରୂପୀ ବୃକ୍ଷପାଇଁ କୁରାଢ଼ି ହୋଇଯାଅନା ॥ ୩ ॥

**ମାଗୁ ମାଥ ଅବହୀଁ ଦେଉଁ ତୋହୀ । ରାମ ବିରହଁ ଜନି ମାରସି ମୋହୀ ॥**
**ରାଖୁ ରାମ କହୁଁ ଜେହି ତେହି ଭାଁତୀ । ନାହିଁ ତ ଜରିହି ଜନମ ଭରି ଛାତୀ ॥ ୪ ॥**

ତୁମେ ମୋ ମୁଣ୍ଡଟା ମାଗ, ମୁଁ ଏହିକ୍ଷଣି ଦେଇଦେବି; କିନ୍ତୁ ରାମଙ୍କ ବିରହରେ ମୋତେ ମାରିଦିଅନା । ଯେକୌଣସିମତେ ହେଉ ନା କାହିଁକି, ତୁମେ ରାମକୁ ରଖାଅ । ନଚେତ୍, ତୁମ ହୃଦୟ ଜୀବନସାରା ଅନୁତାପରେ ଜଳିବ ।'' ॥ ୪ ॥

ଦୋ:- **ଦେଖୀ ବ୍ୟାଧି ଅସାଧ ନୃପୁ ପରେଉ ଧରନି ଧୁନି ମାଥ ।**
**କହତ ପରମ ଆରତ ବଚନ ରାମ ରାମ ରଘୁନାଥ ॥ ୩୪ ॥**

ରାଜା ଦେଖିଲେ, ରୋଗଟା ଅସାଧ୍ୟ; ତେଣୁ ଅତ୍ୟନ୍ତ ଶୋକାର୍ତ୍ତ ହୋଇ ସେ ''ହା ରାମ ! ହା ରାମ ! ହା ରଘୁନାଥ !'' କହି କହି ମୁଣ୍ଡ ପିଟି ପିଟି ତଳେ ପଡ଼ିଗଲେ ॥ ୩୪ ॥

**ବ୍ୟାକୁଲ ରାଉ ସିଥିଲ ସବ ଗାତା । କରିନି କଲପତରୁ ମନହୁଁ ନିପାତା ॥**
**କଂଠୁ ସୂଖ ମୁଖ ଆୱ ନ ବାନୀ । ଜନୁ ପାଠୀନୁ ଦୀନ ବିନୁ ପାନୀ ॥ ୧ ॥**

ରାଜା ଶୋକାକୁଳ ହୋଇଗଲେ । ତାଙ୍କର ସମଗ୍ର ଶରୀର ଶିଥିଳ ହୋଇଗଲା । ତାଙ୍କୁ ଦେଖି ମନେହେଲା, ସତେ ଯେପରି ହସ୍ତିନୀ କଳ୍ପବୃକ୍ଷକୁ ଉପାଡ଼ି ଫୋପାଡ଼ିଦେଇଛି ! ତାଙ୍କ କଣ୍ଠ ଶୁଖିଯାଉଥାଏ । ମୁଖରୁ କଥା ବାହାରୁ ନ ଥାଏ । ଲାଗୁଥାଏ, ସତେ ଯେପରି ପାଣି ବିନା ଭାକୁର ମାଛ ଛଟପଟ ହେଉଛି ॥ ୧ ॥

**ପୁନି କହ କଟୁ କଠୋର କୈକେଈ । ମନହୁଁ ଘାୟ ମହୁଁ ମାହୁର ଦେଈ ॥**
**ଜୌଁ ଅଂତହୁଁ ଅସ କରତବୁ ରହେଉ । ମାଗୁ ମାଗୁ ତୁହ୍ମ କେହିଁ ବଲ କହେଉ ॥ ୨ ॥**

କୈକେୟୀ ପୁଣି ଥରେ କଟୁ ଓ କଠୋର ବଚନ କହି କଟାଘାଆରେ ବିଷ ବୋଳିଦେଲେ । କହିଲେ, ''ଯଦି ଶେଷରେ ଏଇଆ କରିବାର ଥିଲା, ତେବେ କେଉଁ ବଳରେ ଆପଣ 'ମାଗ, ମାଗ' ବୋଲି କହିହେଉଥିଲେ ? ॥ ୨ ॥

**ଦୁଇ କି ହୋଇ ଏକ ସମୟ ଭୁଆଲା । ହଁସବ ଠଠାଇ ଫୁଲାଉବ ଗାଲା ॥**
**ଦାନି କହାଉବ ଅରୁ କୃପନାଈ । ହୋଇ କି ଖେମ କୁସଲ ରୌତାଈ ॥ ୩ ॥**

ହେ ରାଜା ! ଠୋ ଠୋ ହୋଇ ହସିବା ଏବଂ ମୁହଁ ଫୁଲେଇ ବସିବା—ଏ ଦିଇଟାଯାକ କାମ କ'ଣ ଏକା ସାଥିରେ ହୋଇପାରେ ? ଏଣେ ଦାନୀ ବୋଲି କହିହେବେ, ତେଣେ କୃପଣତା ବି ରଖିବେ ! କ୍ଷେମ ଓ କୁଶଳ (ଅର୍ଥାତ୍ ଯୁଦ୍ଧରେ କ୍ଷତ୍ରିୟ ବୋଲି ଦେଖେଇହେବେ; କିନ୍ତୁ ଦେହରେ ଖଣ୍ଡିଆ ଟିକିଏ ବି ହେବନି) ଉଭୟ କ'ଣ ଏକାସଙ୍ଗେ ହୋଇପାରିବ ? ॥ ୩ ॥

**ଛାଡ଼ହୁ ବଚନୁ କି ଧୀରଜୁ ଧରହୂ । ଜନି ଅବଲା ଜିମି କରୁନା କରହୂ ॥**
**ତନୁ ତିୟ ତନୟ ଧାମୁ ଧନୁ ଧରନୀ । ସତ୍ୟସଂଧ କହୁଁ ତୃନ ସମ ବରନୀ ॥ ୪ ॥**

ହୁଏତ ପ୍ରତିଜ୍ଞା ଛାଡ଼ିଦିଅନ୍ତୁ; ନଚେତ୍ ଧୈର୍ଯ୍ୟ ଧରନ୍ତୁ । ଏଭଳି ଅସହାୟ ଅବଳା ପରି କନ୍ଦାକଟା କରନ୍ତୁ ନାହିଁ । ସତ୍ୟବ୍ରତ ବ୍ୟକ୍ତି ସମ୍ମୁଖରେ ତ ଶରୀର, ସ୍ତ୍ରୀ, ପୁତ୍ର, ଘର, ଧନ ଓ ପୃଥିବୀ ତୃଣସମାନ ବୋଲି କୁହାଯାଇଛି ।'' ॥ ୪ ॥

ଦୋ:- **ମରମ ବଚନ ସୁନି ରାଉ କହ କହୁ କଛୁ ଦୋଷୁ ନ ତୋର ।**
**ଲାଗେଉ ତୋହି ପିସାଚ ଜିମି କାଲୁ କହାୱତ ମୋର ॥ ୩୫ ॥**

କୈକେୟୀଙ୍କ ମର୍ମଭେଦୀ ବଚନ ଶୁଣି ରାଜା କହିଲେ, ''ତୁ ଯାହା ଗ୍ରହୁଁଛୁ, କହିଯା । ତୋର କିଛି ଦୋଷ ନାହିଁ । ମୋ କାଳହିଁ ତୋ ଦେହରେ ପିଶାଚ ହୋଇ ଲାଗିଯାଇଛି; ସେ ହିଁ ତୋ ମୁହଁରେ ଏସବୁ କଥା କୁହାଉଛି ॥ ୩୫ ॥

**ଚହତ ନ ଭରତ ଭୂପତହି ଭୋରେଁ । ବିଧି ବସ କୁମତି ବସୀ ଜିଅ ତୋରେଁ ॥**
**ସୋ ସବୁ ମୋର ପାପ ପରିନାମୂ । ଭୟଉ କୁଠାହର ଜେହିଁ ବିଧି ବାମୂ ॥ ୧ ॥**

ଭରତ ତ ଭୁଲ୍‌ରେ ବି ରାଜପଦ ଗ୍ରହେଁନି; ଦୈବବଶରୁହିଁ ତୋ ଭିତରେ ଏହି ଦୁର୍ବୁଦ୍ଧି ଆସି ପଶିଯାଇଛି । ଏସବୁ ମୋରି ପାପର ପରିଣାମ । ମୋରି ପାପ ହେତୁହିଁ ଏହି ଅସମୟରେ ବିଧାତା ବାମ ହୋଇଗଲା ॥ ୧ ॥

**ସୁବସ ବସିହି ଫିରି ଅୱଧ ସୁହାଈ । ସବ ଗୁନ ଧାମ ରାମ ପ୍ରଭୁତାଈ ॥**
**କରିହହିଁ ଭାଇ ସକଲ ସେୱକାଈ । ହୋଇହି ତିହୁଁ ପୁର ରାମ ବଡ଼ାଈ ॥ ୨ ॥**

"[ ତୋ ଦ୍ୱାରା ନଷ୍ଟଭ୍ରଷ୍ଟ ହୋଇଯାଇଥିବା ] ଏହି ଅଯୋଧ୍ୟା ପୁର୍ନବାର ଶୋଭାସୌନ୍ଦର୍ଯ୍ୟରେ ଝଲସିବ ଓ ଏଠାରେ ସର୍ବଗୁଣର ଧାମ ଶ୍ରୀରାମଙ୍କ ରାଜୁତି ବି ହେବ । ସବୁଭାଇ ତାଙ୍କର ସେବା କରିବେ ଏବଂ ତ୍ରିଲୋକରେ ଶ୍ରୀରାମଙ୍କର ମହିମା ବ୍ୟାପିବ ॥ ୨ ॥

**ତୋର କଲଂକୁ ମୋର ପଛିତାଊ । ମୁଏହୁଁ ନ ମିଟିହି ନ ଜାଇହି କାଊ ॥**
**ଅବ ତୋହି ନୀକ ଲାଗ କରୁ ସୋଈ । ଲୋଚନ ଓଟ ବୈଠୁ ମୁହୁ ଗୋଈ ॥ ୩ ॥**

କେବଳ ତୋର କଳଙ୍କ ଓ ମୋର ପଶ୍ଚାତ୍ତାପହିଁ ମଲା ପରେ ବି ଲିଭିବ ନାହିଁ । ଏହି କଳଙ୍କ କୌଣସିପ୍ରକାରେ ଯିବ ନାହିଁ । ତୋର ଯାହା ଇଚ୍ଛା, ତାହା କର । ଯାଆ; ମୋ ଆଗରୁ ହଟିଯାଆ; ମତେ ତୋ ମୁହଁ ଦେଖାନା ॥ ୩ ॥

**ଜବ ଲଗି ଜିଓଁ କହଉଁ କର ଜୋରୀ । ତବ ଲଗି ଜନି କଛୁ କହସି ବହୋରୀ ॥**
**ଫିରି ପଛିତୈହସି ଅଂତ ଅଭାଗୀ । ମାରସି ଗାଇ ନହାରୂ ଲାଗୀ ॥ ୪ ॥**

ତୋତେ ମୁଁ ହାତ ଯୋଡ଼ି କହୁଛି, ମୋ ପିଣ୍ଡରେ ପ୍ରାଣ ଥିବା ଯାଏ, ତୁ ଆଉ ମୋତେ କିଛି କହନା । ଆଲୋ ଅଭାଗିନୀ ! ତୁ ସାମାନ୍ୟ ଚମଡ଼ା ଫିତା ଖଣ୍ଡେପାଇଁ ଏ ଯେଉଁ ଗୋରୁ ମାରୁଛୁ, ଏଥିପାଇଁ ତୋତେ ଶେଷରେ ପଶ୍ଚାତ୍ତାପ କରିବାକୁ ପଡ଼ିବ ।" ॥ ୪ ॥

ଦୋଃ- **ପରେଉ ରାଉ କହି କୋଟି ବିଧି କାହେ କରସି ନିଦାନୁ ।**
**କପଟ ସୟାନି ନ କହତି କଛୁ ଜାଗତି ମନହୁଁ ମସାନୁ ॥ ୩୬ ॥**

ରାଜା ବହୁପ୍ରକାର ବୁଝାଇଲେ ଏବଂ 'ତୁ ସର୍ବନାଶ କରିବାକୁ କାହିଁକି ବାହାରିଛୁ ?' ବୋଲି କହି ତଳେ ପଡ଼ିଗଲେ । କିନ୍ତୁ କପଟ କରିବାରେ ଚତୁରୀ କୈକେୟୀ ପଦେ ବି କଥା କହିଲେ ନାହିଁ । ମନେହେଲା, ସତେ ଯେପରି ସେ ମୌନ ହୋଇ ଶ୍ମଶାନରେ ବସି ପ୍ରେତମନ୍ତ୍ର ସିଦ୍ଧ କରୁଛନ୍ତି ॥ ୩୬ ॥

**ରାମ ରାମ ରଟ ବିକଲ ଭୁଆଲୂ । ଜନୁ ବିନୁ ପଂଖ ବିହଂଗ ବେହାଲୂ ॥**
**ହୃଦୟଁ ମନାୱ ଭୋରୁ ଜନି ହୋଈ । ରାମହି ଜାଇ କହୈ ଜନି କୋଈ ॥ ୧ ॥**

ରାଜା 'ରାମ, ରାମ' ରଟୁଥାନ୍ତି ଏବଂ ଡେଣା କଟିଯାଇଥିବା ପକ୍ଷୀ ପରି ଛଟପଟ ହେଉଥାନ୍ତି । ମନେ ମନେ ମନାସୁଥାନ୍ତି, "କୌଣସିମତେ ସକାଳ ନ ହୁଅନ୍ତା କି ! କେହି ଯାଇ ଶ୍ରୀରାମଙ୍କୁ ଏକଥା ନ କହନ୍ତା କି ! ॥ ୧ ॥

**ଉଦଉ କରହୁ ଜନି ରବି ରଘୁକୁଲ ଗୁର । ଅୱଧ ବିଲୋକି ସୂଲ ହୋଇହି ଉର ॥**
**ଭୂପ ପ୍ରୀତି କୈକଇ କଠିନାଈ । ଉଭୟ ଅୱଧି ବିଧି ରଚୀ ବନାଈ ॥ ୨ ॥**

ହେ ରଘୁକୁଳର ଗୁରୁ ସୂର୍ଯ୍ୟ ଭଗବାନ୍ ! ତୁମେ ଆଉ ଉଦିତ ହୁଅ ନାହିଁ । ଅଯୋଧ୍ୟାର ଏହି ଦୁର୍ଦ୍ଦଶା ଦେଖିଲେ ତୁମ ମନରେ ବଡ଼ କଷ୍ଟ ହେବ ।'' ବିଧାତା ରାଜାଙ୍କ ପ୍ରେମକୁ ପ୍ରେମର ଚରମସୀମା ଓ କୈକେୟୀଙ୍କ ନିଷ୍ଠୁରତାକୁ ନିଷ୍ଠୁରତାର ଚରମସୀମା କରି ଗଢ଼ିଦେଇଥିଲେ ॥ ୨ ॥

**ବିଲପତ ନୃପହି ଭୟଉ ଭିନୁସାରା । ବୀନା ବେନୁ ସଂଖ ଧୁନି ଦ୍ୱାରା ॥**
**ପଢ଼ହିଁ ଭାଟ ଗୁନ ଗାୱହିଁ ଗାୟକ । ସୁନତ ନୃପହି ଜନୁ ଲାଗହିଁ ସାୟକ ॥ ୩ ॥**

ରାଜା ଏପରି ବିଳାପ କରୁ କରୁ ସକାଳ ହୋଇଗଲା । ରାଜଦ୍ୱାରରେ ବୀଣା, ବଂଶୀ ଓ ଶଙ୍ଖଧ୍ୱନି ହେବାକୁ ଲାଗିଲା । ଭାଟମାନେ ରାଜବଂଶର ଯଶ ଓ କୀର୍ତ୍ତି ଗାଇଲେ । ଗାୟକମାନେ ଗୁଣଗାନ କଲେ । ଏସବୁ କାନରେ ପଡ଼ିବାରୁ ରାଜାଙ୍କୁ ହୃଦୟରେ ଶରବିଦ୍ଧ ହେଲାପରି ବୋଧ ହେଲା ॥ ୩ ॥

**ମଂଗଲ ସକଲ ସୋହାହିଁ ନ କୈସେଁ । ସହଗାମିନିହି ବିଭୂଷନ ଜୈସେଁ ॥**
**ତେହିଁ ନିସି ନୀଦ ପରୀ ନହିଁ କାହୂ । ରାମ ଦରସ ଲାଲସା ଉଛାହୂ ॥ ୪ ॥**

'ସତୀ' ହେବାଲାଗି ମୃତ ପତିଙ୍କ ସହଗମନ କରୁଥିବା ସ୍ତ୍ରୀକୁ ଯେପରି ଅଳଂକାର ସୁହାଏ ନାହିଁ, ରାଜାଙ୍କୁ ସେହିପରି ଏସବୁ ମାଙ୍ଗଳିକ ଆୟୋଜନ ସହନୀୟ ବୋଧ ହେଲା ନାହିଁ । ଶ୍ରୀରାମଙ୍କ ଦର୍ଶନ ଲାଳସା ଓ ଉତ୍ସାହ ହେତୁ ସେଦିନ ରାତିରେ କାହାରି ଆଖିକୁ ନିଦ ଆସି ନ ଥାଏ ॥ ୪ ॥

ଦୋଃ- **ଦ୍ୱାର ଭୀର ସେୱକ ସଚିୱ କହହିଁ ଉଦିତ ରବି ଦେଖି ।**
**ଜାଗେଉ ଅଜହୁଁ ନ ଅୱଧପତି କାରନୁ କୱନୁ ବିସେଷି ॥ ୩୭ ॥**

ରାଜଦ୍ୱାରରେ ମନ୍ତ୍ରୀ ଓ ସେବକମାନଙ୍କର ଭିଡ଼ ଲାଗିଗଲା । ସୂର୍ଯ୍ୟୋଦୟ ହୋଇଯିବାର ଦେଖି ସେମାନେ ପରସ୍ପର କଥାବାର୍ତ୍ତା ଆରମ୍ଭ କରିଦେଲେ, ''ଆରେ ଭାଇ ! ଅଯୋଧ୍ୟାପତି ଦଶରଥ କ'ଣ ଏଯାଏ ଉଠିନାହାନ୍ତି !! କାରଣ କ'ଣ ? ॥ ୩୭ ॥

**ପଛିଲେ ପହର ଭୂପୁ ନିତ ଜାଗା । ଆଜୁ ହମହି ବଡ଼ ଅଚରଜୁ ଲାଗା ॥**
**ଜାହୁ ସୁମଂତ୍ର ଜଗାୱହୁ ଜାଈ । କୀଜିଅ କାଜୁ ରଜାୟସୁ ପାଈ ॥ ୧ ॥**

ମଣିମା ତ ରାତି ନ ପାହୁଣୁ ଉଠିପଡ଼ନ୍ତି ! ଆଜିପରା ଦିନରେ ଛାମୁଙ୍କର ବିଳମ୍ବ ଦେଖି ବଡ଼ ଆଶ୍ଚର୍ଯ୍ୟ ଲାଗୁଛି । ହେ ସୁମନ୍ତ୍ର ! ଆପଣ ଯାଇ ମଣିମାଙ୍କୁ ଉଠାନ୍ତୁ; ଛାମୁଙ୍କ ଆଦେଶ ପାଇଲେ ସିନା କାମ ଆରମ୍ଭ କରିବା !'' ॥ ୧ ॥

**ଗଏ ସୁମଂତ୍ରୁ ତବ ରାଉର ମାହୀଁ । ଦେଖି ଭୟାୱନ ଜାତ ଡେରାହୀଁ ॥**
**ଧାଇ ଖାଇ ଜନୁ ଜାଇ ନ ହେରା । ମାନହୁଁ ବିପତି ବିଷାଦ ବସେରା ॥ ୨ ॥**

ସୁମନ୍ତ୍ର ରାଜମହଲ ଭିତରକୁ ଗଲେ । କିନ୍ତୁ ନଅର ଭିତରଟା ତାଙ୍କୁ ଭୟଙ୍କର ବୋଧ ହେଲା । ଆଗକୁ ପାଦ କାଢ଼ିବାକୁ ଡର ମାଡିଲା । ଘର ଭିତରଟା ତାଙ୍କୁ ଖାଇ ଗୋଡ଼େଇଲା ପରି ଲାଗିଲା । ସେ ସ୍ଥାନଟା ଏତେ ଭୟଙ୍କର ଲାଗିଲା ଯେ, ମନେହେଲା, ତା' ଭିତରେ ବିପତ୍ତି ଓ ବିଷାଦ ଯେପରି ଘର କରି ରହିଛି ॥ ୨ ॥

**ପୂଛେଁ କୋଉ ନ ଉତରୁ ଦେଈ । ଗଏ ଜେହିଁ ଭୱନ ଭୂପ କୈକେଈ ॥**
**କହି ଜୟଜୀୱ ବୈଠ ସିରୁ ନାଈ । ଦେଖି ଭୂପ ଗତି ଗୟଉ ସୁଖାଈ ॥ ୩ ॥**

ପଚ୍ଚରିଲେ କେହି କିଛି ଜବାବ ଦେଉ ନ ଥାନ୍ତି । ସେ କୈକେୟୀଙ୍କ ନିବାସ ଭିତରେ ପଶିଲେ । 'ଛାମୁଙ୍କର ଜୟ ହେଉ' କହି ସେ ମୁଣ୍ଡ ନୁଆଁଇ ବସିପଡ଼ିଲେ । ସେଠାରେ ରାଜାଙ୍କ ଅବସ୍ଥା ଦେଖିଦେଇ ସେ ଚିନ୍ତାଗ୍ରସ୍ତ ହୋଇଗଲେ ॥ ୩ ॥

**ସୋଚ ବିକଲ ବିବରନ ମହି ପରେଉ । ମାନହୁଁ କମଲ ମୂଲୁ ପରିହରେଉ ॥**
**ସଚିଉ ସଭୀତ ସକଇ ନହିଁ ପୂଁଛୀ । ବୋଲୀ ଅସୁଭ ଭରୀ ସୁଭ ଛୂଁଛୀ ॥ ୪ ॥**

[ଦେଖିଲେ,] ରାଜା ଚିନ୍ତାରେ ବ୍ୟାକୁଳ; ଶରୀର ବିବର୍ଣ୍ଣ । ଏପରିଭାବରେ ତଳେ ପଡ଼ିଆଛନ୍ତି ଯେ, ମନେହେଉଥାଏ, ସତେ ଅବା ପଦ୍ମଟିଏ ମୂଳରୁ ଉପୁଡ଼ିଯିବାରୁ ମଉଳିଯାଇ ତଳେ ପଡ଼ିଛି । ଭୟ ହେତୁ ମନ୍ତ୍ରୀ କିଛି ପଚାରିପାରୁ ନ ଥାନ୍ତି । ଏତିକିବେଳେ କୈକେୟୀ ତାଙ୍କ ଅଶୁଭ ଅମଙ୍ଗଳକର ବଚନ ଶୁଣାଇଦେଲେ, ॥ ୪ ॥

ଦୋ:- **ପରୀ ନ ରାଜହି ନୀଦ ନିସି ହେତୁ ଜାନ ଜଗଦୀସୁ ।**
**ରାମୁ ରାମୁ ରଟି ଭୋରୁ କିୟ କହଇ ନ ମରମୁ ମହୀସୁ ॥ ୩୮ ॥**

''ରାଜାଙ୍କୁ ରାତିସାରା ନିଦ ହୋଇନି । ତା' କାରଣ ଜଗଦୀଶ୍ୱରହିଁ ଜାଣନ୍ତି । ସେ ତ 'ରାମ, ରାମ' କହି କହି ରାତି ପୁହାଇଦେଲେ; କିନ୍ତୁ ଭିତର ରହସ୍ୟ କିଛି ବି କହୁନାହାନ୍ତି ॥ ୩୮ ॥

**ଆନହୁ ରାମହି ବେଗି ବୋଲାଈ । ସମାଚାର ତବ ପୂଁଛେହୁ ଆଈ ॥**
**ଚଲେଉ ସୁମଂତ୍ରୁ ରାୟ ରୁଖ ଜାନୀ । ଲଖୀ କୁଚାଲି କୀହ୍ନି କଛୁ ରାନୀ ॥ ୧ ॥**

ତୁମେ ଯାଇ ଶୀଘ୍ର ରାମଙ୍କୁ ଡାକିଆଣ; ଆସିଲେ ଅନ୍ୟ କଥା ପଚାରିବ ।'' ରାଜାଙ୍କ ମୁଖମଣ୍ଡଳରୁ ତାଙ୍କ ମନୋବ୍ୟଥା ଜାଣିପାରି, ସୁମନ୍ତ୍ର ସେଠାରୁ ଚାଲିଆସିଲେ । ସେ ବୁଝିଗଲେ ଯେ, ରାଣୀ ନିଶ୍ଚୟ କିଛି ଚକ୍ରାନ୍ତ କରିଛନ୍ତି ॥ ୧ ॥

**ସୋଚ ବିକଲ ମଗ ପରଇ ନ ପାଉ । ରାମହି ବୋଲି କହିହି କା ରାଉ ॥**
**ଉର ଧରି ଧୀରଜୁ ଗୟଉ ଦୁଆରେଁ । ପୂଁଛହିଁ ସକଲ ଦେଖି ମନୁ ମାରେଁ ॥ ୨ ॥**

ସୁମନ୍ତ୍ର ଚିନ୍ତାରେ ବ୍ୟାକୁଳ । ପାଦ ଠିକ୍‌ଭାବରେ ପଡୁ ନ ଥାଏ (ଆଗକୁ ଯାଇପାରୁ ନ ଥାନ୍ତି) । ଭାବୁଥାନ୍ତି, ''ରାମଙ୍କୁ ଡାକି ରାଜା କ'ଣ କହିବେ ?'' କୌଣସିପ୍ରକାରେ ଧୈର୍ଯ୍ୟ ଧରି ସେ ସିଂହଦ୍ୱାର ପାଖକୁ ଚାଲିଆସିଲେ । ତାଙ୍କ ବିଷଣ୍ଣ ମୁଖ ଦେଖି ସମସ୍ତେ 'କଥା କ'ଣ' ବୋଲି ପଚାରିଲେ ॥ ୨ ॥

**ସମାଧାନୁ କରି ସୋ ସବହୀ କା । ଗୟଉ ଜହାଁ ଦିନକର କୁଲ ଟୀକା ॥**
**ରାମ ସୁମଂତ୍ରହି ଆୱତ ଦେଖା । ଆଦରୁ କୀହ୍ନ ପିତା ସମ ଲେଖା ॥ ୩ ॥**

ଲୋକଙ୍କୁ କୌଣସିପ୍ରକାରେ ବୁଝାଇସୁଝାଇ ସେ ସେହି ମହଲକୁ ଚାଲିଲେ, ଯେଉଁଠି ସୂର୍ଯ୍ୟବଂଶର ତିଳକ ଶ୍ରୀରାମ ରହୁଥିଲେ । ସୁମନ୍ତ୍ର ଆସିଲେଣି ଦେଖି, ଶ୍ରୀରାମ ତାଙ୍କୁ ପିତୃତୁଲ୍ୟ ଆଦର କଲେ ॥ ୩ ॥

**ନିରଖି ବଦନୁ କହି ଭୂପ ରଜାଈ । ରଘୁକୁଲଦୀପହି ଚଲେଉ ଲେୱାଈ ॥**
**ରାମୁ କୁଭାଁତି ସଚିୱ ସଁଗ ଜାହୀଁ । ଦେଖି ଲୋଗ ଜହଁ ତହଁ ବିଲଖାହୀଁ ॥ ୪ ॥**

ସୁମନ୍ତ୍ର ଶ୍ରୀରାମଙ୍କର ମୁଖ ଦର୍ଶନ କରି ତାଙ୍କୁ ରାଜାଙ୍କ ଆଜ୍ଞା ଶୁଣାଇଲେ ଏବଂ ରଘୁକୁଳପ୍ରଦୀପ ଶ୍ରୀରାମଙ୍କୁ ସଙ୍ଗରେ ଘେନି ଚାଲିଲେ । ଶ୍ରୀରାମ ମନ୍ତ୍ରୀଙ୍କ ସହିତ ବିନା ରାଜପୋଷାକରେ ଯାଉଛନ୍ତି ଦେଖି ସମସ୍ତେ ବିଷଣ୍ଣ ହୋଇଗଲେ ॥ ୪ ॥

ଦୋ:- **ଜାଇ ଦୀଖ ରଘୁବଂସମନି ନରପତି ନିପଟ କୁସାଜୁ ।**
**ସହମି ପରେଉ ଲଖି ସିଂଘିନିହି ମନହୁଁ ବୃଦ୍ଧ ଗଜରାଜୁ ॥ ୩୯ ॥**

ରଘୁକୁଳମଣି ଶ୍ରୀରାମ ଯାଇ ଦେଖନ୍ତି ତ, ରାଜାଙ୍କ ଅବସ୍ଥା ଅତ୍ୟନ୍ତ ଖରାପ; ମନେହେଲା, ସତେ ଯେପରି ସିଂହୀକୁ ଦେଖି ବୃଦ୍ଧ ଗଜରାଜ ଭୟଭୀତ ହୋଇ ତଳେ ପଡ଼ିଯାଇଛି ॥ ୩୯ ॥

**ସୂଖହିଁ ଅଧର ଜରଇ ସବୁ ଅଂଗୂ । ମନହୁଁ ଦୀନ ମନିହୀନ ଭୂଅଂଗୂ ॥**
**ସରୁଷ ସମୀପ ଦୀଖି କୈକେଈ । ମାନହୁଁ ମୀଚୁ ଘରୀଁ ଗନି ଲେଈ ॥ ୧ ॥**

ରାଜାଙ୍କ ଓଠ ଶୁଖିଯାଇଛି; ସମଗ୍ର ଶରୀରରେ ଭୀଷଣଜ୍ୱାଳା । ମଣି ହରାଇଦେଇ ସର୍ପ ଯେପରି ଦୁଃଖୀ ହୋଇଯାଏ, ସେ ସେହିପରି ଦୁଃଖୀ ହୋଇ ପଡ଼ିଛନ୍ତି । ସେ ଦେଖିଲେ, ତାଙ୍କ ପାଖରେ ବସିଛନ୍ତି କ୍ରୁଦ୍ଧା କୈକେୟୀ; ସାକ୍ଷାତ୍ ମୃତ୍ୟୁହିଁ ବସି ସତେ ଯେପରି ରାଜାଙ୍କ ଜୀବନ ନେଇଯିବାଲାଗି ଅନ୍ତିମ ଘଡ଼ି ଗଣୁଛି ॥ ୧ ॥

**କରୁନାମୟ ମୃଦୁ ରାମ ସୁଭାଉ । ପ୍ରଥମ ଦୀଖ ଦୁଖୁ ସୁନା ନ କାଉ ॥**
**ତଦପି ଧୀର ଧରି ସମଉ ବିଚାରୀ । ପୂଁଛୀ ମଧୁର ବଚନ ମହତାରୀ ॥ ୨ ॥**

ଶ୍ରୀରାମଙ୍କ ସ୍ୱଭାବ ଥିଲା ଅତି କୋମଳ ଓ କରୁଣାମୟ । ଜୀବନରେ ସେ ଏହି ପ୍ରଥମଥର ପାଇଁ ଏପରି ଦୁଃଖ ଦେଖିବାକୁ ପାଇଲେ । ଏହା ପୂର୍ବରୁ ସେ କେବେ ଦୁଃଖ ବିଷୟ ଆଦୌ ଶୁଣିହିଁ ନ ଥିଲେ । ତଥାପି ସମୟକୁ ଦେଖି ହୃଦୟରେ ଧୈର୍ଯ୍ୟ ଧରି ସେ ମଧୁରଭାବରେ ମାତା କୈକେୟୀଙ୍କୁ ପଚାରିଲେ, ॥ ୨ ॥

**ମୋହି କହୁ ମାତୁ ତାତ ଦୁଖ କାରନ । କରିଅ ଜତନ ଜେହିଁ ହୋଇ ନିବାରନ ॥**
**ସୁନହୁ ରାମ ସବୁ କାରନୁ ଏହୂ । ରାଜହି ତୁହ୍ମ ପର ବହୁତ ସନେହୂ ॥ ୩ ॥**

''ମାଆ ! ପିତାଙ୍କ ଦୁଃଖ କ'ଣ, ମୋତେ ଟିକିଏ କହନ୍ତୁ; ତା'ହେଲେ ସେହି ଦୁଃଖର ନିବାରଣପାଇଁ ଯତ୍ନ କରାଯିବ ।'' କୈକେୟୀ କହିଲେ, ''ହେ ରାମ ! ଶୁଣ; ମୁଖ୍ୟ କାରଣ ଏହି ଯେ, ରାଜାଙ୍କର ତୁମ ଉପରେ ଅତ୍ୟଧିକ ସ୍ନେହ ରହିଛି ॥ ୩ ॥

**ଦେନ କହେହ୍ନି ମୋହି ଦୁଇ ବରଦାନା । ମାଗେଉଁ ଜୋ କଛୁ ମୋହି ସୋହାନା ॥**
**ସୋ ସୁନି ଭୟଉ ଭୂପ ଉର ସୋଚୂ । ଛାଡ଼ି ନ ସକହିଁ ତୁହ୍ମାର ସଁକୋଚୂ ॥ ୪ ॥**

ସେ ମୋତେ ଦୁଇଟି ବର ଦେବେ ବୋଲି କହିଥିଲେ । ମୋତେ ଯାହା ଭଲ ଲାଗିଲା, ମୁଁ ତାହା ମାଗିଲି । ତାହା ଶୁଣି ରାଜା ଚିନ୍ତାରେ ପଡ଼ିଯାଇଛନ୍ତି; କାରଣ ସେ ତୁମ ପ୍ରତି ସ୍ନେହମମତା ଛାଡ଼ିପାରୁନାହାନ୍ତି ॥ ୪ ॥

ଦୋ:- **ସୁତ ସନେହୁ ଇତ ବଚନୁ ଉତ ସଂକଟ ପରେଉ ନରେସୁ ।**
**ସକହୁ ତ ଆୟସୁ ଧରହୁ ସିର ମେଟହୁ କଠିନ କଲେସୁ ॥ ୪୦ ॥**

ଏପଟେ ପୁତ୍ରସ୍ନେହ, ସେପଟେ ବଚନରକ୍ଷା—ରାଜା ଏପରି ଧର୍ମସଂକଟରେ ପଡ଼ିଯାଇଛନ୍ତି । ଯଦି ତୁମେ ପାରିବ, ତେବେ ରାଜାଙ୍କ ଆଜ୍ଞା ପାଳନ କର ଓ ତାଙ୍କ ଦୁଃଖ ଦୂର କର ।'' ॥ ୪୦ ॥

**ନିଧରକ ବୈଠି କହଇ କଟୁ ବାନୀ । ସୁନତ କଠିନତା ଅତି ଅକୁଲାନୀ ॥**
**ଜୀଭ କମାନ ବଚନ ସର ନାନା । ମନହୁଁ ମହିପ ମୃଦୁ ଲଚ୍ଛ ସମାନା ॥ ୧ ॥**

କୈକେୟୀ ନିଶ୍ଚିନ୍ତ ହୋଇ ବସି ଏ ଯେଉଁ କଠୋର ବାଣୀ କହିଦେଲେ, ଏହା ଶୁଣି ସ୍ୱୟଂ କଠୋରତା ବି ଅତ୍ୟନ୍ତ ବ୍ୟାକୁଳ ହୋଇଉଠିଲା । କୈକେୟୀଙ୍କର ଜିଭଟା ହୋଇଥିଲା ଧନୁ, ବଚନ ହୋଇଥିଲା ବିଭିନ୍ନ ଶର ଏବଂ ରାଜାହିଁ ହୋଇଥିଲେ ସେହି ଶରର ସତେ ଯେପରି କୋମଳ ଲକ୍ଷ୍ୟସ୍ଥଳ ॥ ୧ ॥

**ଜନୁ କଠୋରପନୁ ଧରେଁ ସରୀରୂ । ସିଖଇ ଧନୁଷବିଦ୍ୟା ବର ବୀରୂ ॥**
**ସବୁ ପ୍ରସଂଗୁ ରଘୁପତିହି ସୁନାଈ । ବୈଠି ମନହୁଁ ତନୁ ଧରି ନିଠୁରାଈ ॥ ୨ ॥**

[ଏହିସବୁ ସାଜସରଞ୍ଜାମ ଧରି,] ସ୍ୱୟଂ କଠୋରତାହିଁ ସତେ ଯେପରି ଶ୍ରେଷ୍ଠ ବୀରଶରୀର ଧରି ଧନୁର୍ବିଦ୍ୟା ଶିଖୁଥିଲା । ଶ୍ରୀରଘୁନାଥଙ୍କୁ ସମସ୍ତ ଘଟଣା ଶୁଣାଇଦେଇ କୈକେୟୀ ଏପରି ବସିଥାନ୍ତି ଯେ, ଲାଗୁଥାଏ, ସତେ ଯେପରି ନିଷ୍ଠୁରତାହିଁ ପ୍ରତ୍ୟକ୍ଷ ଦେହ ଧାରଣ କରି ବସିଛି ॥ ୨ ॥

**ମନ ମୁସୁକାଇ ଭାନୁକୁଲ ଭାନୂ । ରାମୁ ସହଜ ଆନଂଦ ନିଧାନୂ ॥**
**ବୋଲେ ବଚନ ବିଗତ ସବ ଦୂଷନ । ମୃଦୁ ମଂଜୁଲ ଜନୁ ବାଗ ବିଭୂଷନ ॥ ୩ ॥**

ସୂର୍ଯ୍ୟବଂଶର ସୂର୍ଯ୍ୟ, ସ୍ୱଭାବତଃ ଆନନ୍ଦନିଧାନ ଶ୍ରୀରାମ ମନେ ମନେ ମୁରୁକି ମୁରୁକି ହସି ସକଳ ଦୋଷରୁ ବର୍ଜିତ ଏପରି କୋମଳ ଓ ସୁନ୍ଦର ବଚନ କହିଲେ, ଯାହା କି ସତେ ଅବା ଥିଲା ବାଣୀର ଭୂଷଣ ॥ ୩ ॥

**ସୁନୁ ଜନନୀ ସୋଇ ସୁତୁ ବଡ଼ଭାଗୀ । ଜୋ ପିତୁ ମାତୁ ବଚନ ଅନୁରାଗୀ ॥**
**ତନୟ ମାତୁ ପିତୁ ତୋଷନିହାରା । ଦୁର୍ଲଭ ଜନନି ସକଲ ସଂସାରା ॥ ୪ ॥**

ସେ କହିଲେ, ''ଶୁଣ ମାତା ! ଯେଉଁ ପୁତ୍ର ମାତାପିତାଙ୍କ ବଚନ ପ୍ରତି ଅନୁରକ୍ତ, ସେହି ପୁତ୍ର ଅତ୍ୟନ୍ତ ଭାଗ୍ୟବାନ୍ । ହେ ଜନନୀ ! ମାତାପିତାଙ୍କୁ ସନ୍ତୋଷ ପ୍ରଦାନ କରୁଥିବା ପୁତ୍ର ସଂସାରରେ ଦୁର୍ଲଭ ॥ ୪ ॥

ଦୋः- **ମୁନିଗନ ମିଲନୁ ବିସେଷି ବନ ସବହି ଭାଁତି ହିତ ମୋର ।**
**ତେହି ମହଁ ପିତୁ ଆୟସୁ ବହୁରି ସଂମତ ଜନନୀ ତୋର ॥ ୪୧ ॥**

ବନରେ ବିଶେଷରୂପେ ମୁନିମାନଙ୍କ ସହିତ ସାକ୍ଷାତ ହେବ; ତା'ଫଳରେ ମୋର ସକଳପ୍ରକାର ମଙ୍ଗଳ ହେବ । ତା'ଛଡ଼ା ଏହା ହେଉଛି ପିତାଙ୍କ ଆଜ୍ଞା ଏବଂ ହେ ମାଆ ! ଏଥିରେ ତୁମର ସମ୍ମତି ମଧ୍ୟ ରହିଛି ॥ ୪୧ ॥

**ଭରତୁ ପ୍ରାନପ୍ରିୟ ପାୱହିଁ ରାଜୂ । ବିଧି ସବ ବିଧି ମୋହି ସନମୁଖ ଆଜୂ ॥**
**ଜୌଁ ନ ଜାଉଁ ବନ ଐସେହୁ କାଜା । ପ୍ରଥମ ଗନିଅ ମୋହି ମୂଢ଼ ସମାଜା ॥ ୧ ॥**

ପୁଣି ପ୍ରାଣପ୍ରିୟ ଭାଇ ଭରତ ରାଜ୍ୟ ପାଇବ । ଏସବୁ ଦେଖି ମୋତେ ଲାଗୁଛି, ଆଜି ବିଧାତା ମୋ ପ୍ରତି ସକଳପ୍ରକାରେ ଅନୁକୂଳ । ଯଦି ଏପରି କାର୍ଯ୍ୟରେ ବି ମୁଁ ବନକୁ ନ ଯିବି, ତେବେ ତ ମୂର୍ଖଙ୍କ ସମାଜରେ ମୋତେ ପ୍ରଥମେ ଗଣାଯିବା ଉଚିତ ହେବ ॥ ୧ ॥

**ସେୱହିଁ ଅରଁଡୁ କଲପତରୁ ତ୍ୟାଗୀ । ପରିହରି ଅମୃତ ଲେହିଁ ବିଷୁ ମାଗୀ ॥**
**ତେଉ ନ ପାଇ ଅସ ସମଉ ଚୁକାହୀଁ । ଦେଖୁ ବିଚାରି ମାତୁ ମନ ମାହୀଁ ॥ ୨ ॥**

ଯେ କଳ୍ପବୃକ୍ଷକୁ ତ୍ୟାଗ କରି ଗବଗଛର ସେବା କରେ, ଅମୃତ ତ୍ୟାଗ କରି ବିଷ ମାଗିବୁଲେ, ହେ ମାତା ! ବିଚାର କରି ଦେଖନ୍ତୁ, ସେହି ମହାମୂର୍ଖ ମଧ୍ୟ ଏପରି ସୁଯୋଗ ପାଇଲେ କଦାପି ହରାଇବ ନାହିଁ ॥ ୨ ॥

**ଅଂବ ଏକ ଦୁଖୁ ମୋହି ବିସେଷୀ । ନିପଟ ବିକଲ ନରନାୟକୁ ଦେଖୀ ॥**
**ଥୋରିହିଁ ବାତ ପିତହି ଦୁଖ ଭାରୀ । ହୋତି ପ୍ରତୀତି ନ ମୋହି ମହତାରୀ ॥ ୩ ॥**

ମାଆ ! ମହାରାଜା ଏପରି ବ୍ୟାକୁଳ ହେବାର ଦେଖି ମୋତେ ବିଶେଷ ଦୁଃଖ ଲାଗୁଛି । ଏପରି ସାମାନ୍ୟ କଥାପାଇଁ ଯେ ପିତାଙ୍କର ଏତେ ଦୁଃଖ ହେଉଛି, ହେ ମାତା ! ମୁଁ ତାହା ବିଶ୍ୱାସ କରିପାରୁନି; ॥ ୩ ॥

**ରାଉ ଧୀର ଗୁନ ଉଦଧି ଅଗାଧୂ । ଭା ମୋହି ତେଁ କଛୁ ବଡ଼ ଅପରାଧୂ ॥**
**ଜାତେଁ ମୋହି ନ କହତ କଛୁ ରାଉ । ମୋରି ସପଥ ତୋହି କହୁ ସତି ଭାଉ ॥ ୪ ॥**

କାରଣ ମହାରାଜା ଅତ୍ୟନ୍ତ ଧୈର୍ଯ୍ୟବାନ୍; ସେ ତ ଗୁଣର ଅଗାଧ ସମୁଦ୍ର । ନିଶ୍ଚୟ ମୋ ପକ୍ଷରୁହିଁ କିଛି ବଡ଼ ଅପରାଧ ହୋଇଯାଇଛି, ଯେଉଁ କାରଣରୁ କି ସେ ମୋତେ କିଛି କହୁନାହାନ୍ତି । ତୁମକୁ ମୋ ରାଣ, ମାଆ ! ପ୍ରକୃତ କଥାଟି କ'ଣ, କୁହ ।'' ॥ ୪ ॥

ଦୋଃ- **ସହଜ ସରଲ ରଘୁବର ବଚନ କୁମତି କୁଟିଲ କରି ଜାନ ।**
**ଚଲଇ ଜୋଁକ ଜଲ ବକ୍ରଗତି ଜଦ୍ୟପି ସଲିଲୁ ସମାନ ॥ ୪୨ ॥**

ଜଳ ସର୍ବତ୍ର ସମାନ ହେଲେ ମଧ୍ୟ ଜୋକ ଯେପରି ସେଥିରେ ବଙ୍କେଇ ବଙ୍କେଇ ଗ୍ଭଲେ, ରଘୁକୁଳଶ୍ରେଷ୍ଠ ଶ୍ରୀରାମଙ୍କର ସ୍ୱଭାବସରଳ ବଚନକୁ ଦୁର୍ବୁଦ୍ଧି କୈକେୟୀ ସେହିପରି ଓଲଟା ବୁଝିଲେ ॥ ୪୨ ॥

**ରହସୀ ରାନି ରାମ ରୁଖ ପାଈ । ବୋଲୀ କପଟ ସନେହୁ ଜନାଈ ॥**
**ସପଥ ତୁହ୍ମାର ଭରତ କୈଁ ଆନା । ହେତୁ ନ ଦୂସର ମୈଁ କଛୁ ଜାନା ॥ ୧ ॥**

ରାଣୀ କୈକେୟୀ ଶ୍ରୀରାମଙ୍କ ସ୍ୱୀକୃତିର ଆଭାସ ପାଇଯାଇ ଆନନ୍ଦିତା ହେଲେ ଏବଂ କପଟପୂର୍ଣ୍ଣ ସ୍ନେହ ଦେଖାଇ କହିଲେ, ''ଭରତର ରାଣ ଖାଇ ଶପଥ କରି କହୁଛି, ମହାରାଜାଙ୍କ ଦୁଃଖର ଅନ୍ୟ କୌଣସି କାରଣ ମୁଁ ଜାଣିନାହିଁ ॥ ୧ ॥

**ତୁହ୍ମ ଅପରାଧ ଜୋଗୁ ନହିଁ ତାତା । ଜନନୀ ଜନକ ବଂଧୁ ସୁଖଦାତା ॥**
**ରାମ ସତ୍ୟ ସବୁ ଜୋ କଛୁ କହହୂ । ତୁହ୍ମ ପିତୁ ମାତୁ ବଚନ ରତ ଅହହୂ ॥ ୨ ॥**

''ଆହେ ବାପ ! ତୁମଦ୍ୱାରା ଅପରାଧ ହେବା ସମ୍ଭବ ନୁହେଁ । ତୁମେ ତ ମାତାପିତାଙ୍କୁ ଓ ଭାଇମାନଙ୍କୁ ଆନନ୍ଦ ଦେଇଥାଅ । ହେ ରାମ ! ତୁମେ ଯାହା କିଛି କହୁଛ, ସବୁ ସତ । ତୁମେ ପିତାମାତାଙ୍କ ବଚନପାଳନରେ ତତ୍ପର ॥ ୨ ॥

**ପିତହି ବୁଝାଇ କହହୁ ବଲି ସୋଈ । ଚୌଥେଁପନ ଜେହିଁ ଅଜସୁ ନ ହୋଈ ॥**
**ତୁହ୍ମ ସମ ସୁଅନ ସୁକୃତ ଜେହିଁ ଦୀହ୍ନେ । ଉଚିତ ନ ତାସୁ ନିରାଦରୁ କୀହ୍ନେ ॥ ୩ ॥**

ମୁଁ ତୁମକୁ ରାଣ ପକାଇ ଅନୁରୋଧ କରୁଛି, ତୁମେ ଟିକିଏ ମହାରାଜାଙ୍କୁ ବୁଝାଇ କୁହ । ଜୀବନର ଏହି ଚତୁର୍ଥାବସ୍ଥାରେ ତାଙ୍କର ଅପଯଶ ନ ହେଉ । ଯେଉଁ ପୁଣ୍ୟ ତାଙ୍କୁ ତୁମ ପରି ପୁଅ ଦେଇଛି, ସେହି ପୁଣ୍ୟକୁ ସେ ଅନାଦର କରିବା ଉଚିତ ନୁହେଁ ।'' ॥ ୩ ॥

**ଲାଗହିଁ କୁମୁଖ ବଚନ ସୁଭ କୈସେ । ମଗହଁ ଗୟାଦିକ ତୀରଥ ଜୈସେ ॥**
**ରାମହି ମାତୁ ବଚନ ସବ ଭାଏ । ଜିମି ସୁରସରି ଗତ ସଲିଲ ସୁହାଏ ॥ ୪ ॥**

ମଗଧଦେଶରେ ଗୟା ଆଦି ତୀର୍ଥ ପ୍ରକଟ ହୋଇଥିବାପରି କୈକେୟୀଙ୍କ କୁମୁଖରୁ ଏସବୁ ସାଧୁବଚନ ବାହାରିଲା । କିନ୍ତୁ ଗଙ୍ଗାରେ ପଡ଼ିଗଲେ ଭଲମନ୍ଦ ସବୁପ୍ରକାର ଜଳ ଯେପରି ଶୁଭ ଓ ସୁନ୍ଦର ହୋଇଯାଏ, ଶ୍ରୀରାମଙ୍କୁ ମାତା କୈକେୟୀଙ୍କର ଏହିସବୁ ବଚନ ମଧ୍ୟ ସେହିପରି ବଡ଼ ସୁନ୍ଦର ଲାଗିଲା ॥ ୪ ॥

ଦୋଃ- **ଗଇ ମୁରୁଛା ରାମହି ସୁମିରି ନୃପ ଫିରି କରୱଟ ଲୀହ୍ନ ।**
**ସଚିୱ ରାମ ଆଗମନ କହି ବିନୟ ସମୟ ସମ କୀହ୍ନ ॥ ୪୩ ॥**

ଇତିମଧ୍ୟରେ ରାଜାଙ୍କ ମୂର୍ଚ୍ଛା ଭାଙ୍ଗିଗଲା । ସେ 'ରାମ, ରାମ' କହି କଡ଼ ଲେଉଟାଇଲେ । ଶ୍ରୀରାମ ଆସିଛନ୍ତି ବୋଲି କହି ମନ୍ତ୍ରୀ ମହାଶୟ ସମୟାନୁକୂଳ ବିନତି ଜଣାଇଲେ ॥ ୪୩ ॥

**ଅୱ୍ନିପ ଅକନି ରାମୁ ପଗୁ ଧାରେ । ଧରି ଧୀରଜୁ ତବ ନୟନ ଉଘାରେ ॥**
**ସଚିୱ୍ଁ ସଁଭାରି ରାଉ ବୈଠାରେ । ଚରନ ପରତ ନୃପ ରାମୁ ନିହାରେ ॥ ୧ ॥**

ଶ୍ରୀରାମ ଆସିଛନ୍ତି ବୋଲି ଶୁଣି, ରାଜା ଧୈର୍ଯ୍ୟ ଧରି ଆଖି ଖୋଲିଲେ । ମନ୍ତ୍ରୀ ରାଜାଙ୍କୁ ସମ୍ଭାଳି ବସାଇଲେ । ରାଜା ଦେଖିଲେ, ଶ୍ରୀରାମ ତାଙ୍କ ଚରଣରେ ପ୍ରଣାମ କରୁଛନ୍ତି ॥ ୧ ॥

**ଲିଏ ସନେହ ବିକଲ ଉର ଲାଈ । ଗୈ ମନି ମନହୁଁ ଫନିକ ଫିରି ପାଈ ॥**
**ରାମହି ଚିତଇ ରହେଉ ନରନାହୂ । ଚଲା ବିଲୋଚନ ବାରି ପ୍ରବାହୂ ॥ ୨ ॥**

ହଜିଯାଇଥିବା ମଣି ପାଇଗଲେ ସର୍ପ ଯେପରି ଆନନ୍ଦବିହ୍ୱଳ ହୋଇଯାଏ, ରାମଙ୍କୁ ପାଇ ରାଜା ସେହିପରି ସ୍ନେହବିହ୍ୱଳ ହୋଇଗଲେ । ସେ ଶ୍ରୀରାମଙ୍କୁ ଜାବୋଡ଼ିଧରି ତାଙ୍କୁ ଅପଲକ ନୟନରେ ଚାହିଁରହିଲେ । ତାଙ୍କ ନୟନରୁ ଅଶ୍ରୁର ଧାରା ପ୍ରବାହିତ ହେଲା ॥ ୨ ॥

**ସୋକ ବିବସ କଛୁ କହୈ ନ ପାରା । ହୃଦୟଁ ଲଗାୱତ ବାରହି ବାରା ॥**
**ବିଧିହି ମନାୱ ରାଉ ମନ ମାହୀଁ । ଜେହିଁ ରଘୁନାଥ ନ କାନନ ଜାହୀଁ ॥ ୩ ॥**

ଅତ୍ୟନ୍ତ ଶୋକାବିଷ୍ଟ ହୋଇପଡ଼ିଥିବାରୁ ରାଜା କିଛି କହିପାରୁ ନ ଥାନ୍ତି । ସେ ଶ୍ରୀରାମଙ୍କୁ ବାରମ୍ବାର ଜାବୋଡ଼ି-ଧରୁଥାନ୍ତି ଏବଂ ମନେ ମନେ ବିଧାତାଙ୍କୁ ପ୍ରାର୍ଥନା କରୁଥାନ୍ତି ଯେ, ଶ୍ରୀରାମ କିପରି ବନକୁ ନ ଯାଆନ୍ତୁ ॥ ୩ ॥

**ସୁମିରି ମହେସହି କହଇ ନିହୋରୀ । ବିନତୀ ସୁନହୁଁ ସଦାସିୱ ମୋରୀ ॥**
**ଆସୁତୋଷ ତୁହ୍ମ ଅୱଢର ଦାନୀ । ଆରତି ହରହୁ ଦୀନ ଜନୁ ଜାନୀ ॥ ୪ ॥**

ପୁଣି ମହାଦେବଙ୍କୁ ସ୍ମରଣ କରି ଅତି ନେହୁରା ହୋଇ ଜଣାଉଥାନ୍ତି, "ହେ ସଦାଶିବ ! ମୋର ବିନତି ଶୁଣନ୍ତୁ । ଆପଣ ଆଶୁତୋଷ; ଆପଣଙ୍କୁ ଯେ ଯାହା ମାଗେ, ଆପଣ ତାକୁ ତାହା ନିର୍ବିଘ୍ନରେ ଦାନ କରନ୍ତି । ତେଣୁ ମୋତେ ଆପଣଙ୍କ ଦୀନ ସେବକ ବୋଲି ମନେକରି ମୋ ଦୁଃଖ ଦୂର କରନ୍ତୁ ॥ ୪ ॥

ଦୋଃ- **ତୁହ୍ମ ପ୍ରେରକ ସବ କେ ହୃଦୟଁ ସୋ ମତି ରାମହି ଦେହୁ ।**
**ବଚନୁ ମୋର ତଜି ରହହିଁ ଘର ପରିହରି ସୀଲୁ ସନେହୁ ॥ ୪୪ ॥**

ଆପଣ ତ ପ୍ରେରଣାଦାତାରୂପରେ ସମସ୍ତଙ୍କ ହୃଦୟରେ ବିଦ୍ୟମାନ ଅଛନ୍ତି । ଆପଣ ଶ୍ରୀରାମଙ୍କୁ ଏପରି ବୁଦ୍ଧି ଦିଅନ୍ତୁ, ଯାହାଫଳରେ କି ସେ ମୋ ବଚନ ଅମାନ୍ୟ କରି, ଶୀଳ ଓ ସ୍ନେହ ତ୍ୟାଗ କରି ଘରେ ରହିଯିବ ॥ ୪୪ ॥

**ଅଜସୁ ହୋଉ ଜଗ ସୁଜସୁ ନସାଉ । ନରକ ପରୌଁ ବରୁ ସୁରପୁରୁ ଜାଉ ॥**
**ସବ ଦୁଖ ଦୁସହ ସହାୱହୁ ମୋହୀ । ଲୋଚନ ଓଟ ରାମୁ ଜନି ହୋଁହୀ ॥ ୧ ॥**

ଜଗତରେ ମୋର ବରଂ ସୁଯଶ ନଷ୍ଟ ହୋଇ ଅପଯଶ ବ୍ୟାପିଯାଉ, [ଏହି ନୂଆ ପାପ ହେତୁ] ମୋତେ ବରଂ ନରକ ଭୋଗିବାକୁ ପଡୁ, ଅଥବା ମୋତେ ସ୍ୱର୍ଗ (ପୂର୍ବପୁଣ୍ୟର ଫଳସ୍ୱରୂପ ମିଳିବାକୁ ଥିବା ସ୍ୱର୍ଗ) ବରଂ ନ ମିଳୁ, ଆପଣ ମୋତେ ବରଂ ଆହୁରି ଅସହ୍ୟ ଦୁଃଖ ଦିଅନ୍ତୁ; କିନ୍ତୁ ମୋ ରାମ ମୋ ନେତ୍ରପଥରୁ ଅନ୍ତର ନ ହେଉ ।" ॥ ୧ ॥

**ଅସ ମନ ଗୁନଇ ରାଉ ନହିଁ ବୋଲା । ପୀପର ପାତ ସରିସ ମନୁ ଡୋଲା ॥**
**ରଘୁପତି ପିତହି ପ୍ରେମବସ ଜାନୀ । ପୁନି କଛୁ କହିହି ମାତୁ ଅନୁମାନୀ ॥ ୨ ॥**
**ଦେସ କାଲ ଅୱସର ଅନୁସାରୀ । ବୋଲେ ବଚନ ବିନୀତ ବିଚାରୀ ॥**
**ତାତ କହଉଁ କଛୁ କରଉଁ ଢିଠାଈ । ଅନୁଚିତୁ ଛମବ ଜାନି ଲରିକାଈ ॥ ୩ ॥**

**ଅତି ଲଘୁ ବାତ ଲାଗି ଦୁଖୁ ପାୱା । କାହୁଁ ନ ମୋହି କହି ପ୍ରଥମ ଜନାୱା ॥**
**ଦେଖି ଗୋସାଇଁହି ପୂଁଛିଉଁ ମାତା । ସୁନି ପ୍ରସଂଗୁ ଭଏ ସୀତଲ ଗାତା ॥ ୪ ॥**

ରାଜା ମନେ ମନେ ଏହିପରି ବିଚାର କରୁଥାନ୍ତି; ପାଟି ଖୋଲି କିଛି କହିପାରୁ ନ ଥାନ୍ତି । ତାଙ୍କ ମନ ଅଶ୍ୱତ୍ଥ ପତ୍ର ପରି ଆନ୍ଦୋଳିତ ହେଉଥାଏ । ଶ୍ରୀରଘୁନାଥ ପିତାଙ୍କୁ ପ୍ରେମାବିଷ୍ଟ ହୋଇପଡ଼ିଥିବା ଜାଣିପାରି ଏବଂ ମାଆ ଆହୁରି କିଛି କହି ପିତାଙ୍କୁ ଦୁଃଖ ଦେବେ ବୋଲି ଅନୁମାନ କରି ତଥା ଦେଶ, କାଳ ଓ ଅବସ୍ଥାକୁ ବିଚାର କରି ବିନୀତଭାବରେ କହିଲେ, ''ହେ ପିତା ! ଧୃଷ୍ଟତା କରି ମୁଁ କିଛି କହିବାକୁ ଯାଉଛି; ମୋର ଏହି ଅନୁଚିତ ବଚନକୁ ବାଳସୁଲଭ ବଚନ ଭାବି ମୋତେ କ୍ଷମା କରିବେ । ଏପରି ଏକ ନିତାନ୍ତ ତୁଚ୍ଛ କଥାପାଇଁ ଆପଣ ଏତେ ଦୁଃଖ ପାଉଛନ୍ତି ! ମୋତେ ଏକଥା କେହି ଆଗରୁ ଜଣାଇ ନ ଥିଲେ । ଆପଣଙ୍କର ଏହି ଦଶା ଦେଖି ମୁଁ ମାଆଙ୍କୁ ପଚାରିଲି । ତାଙ୍କ ଠାରୁ ସବୁକଥା ଶୁଣି ମୁଁ ଅତ୍ୟନ୍ତ ଖୁସୀ ହେଲି ॥ ୨–୪ ॥

ଦୋଃ- **ମଂଗଲ ସମୟ ସନେହ ବସ ସୋଚ ପରିହରିଅ ତାତ ।**
**ଆୟସୁ ଦେଇଅ ହରଷି ହିୟଁ କହି ପୁଲକେ ପ୍ରଭୁ ଗାତ ॥ ୪୫ ॥**

ହେ ପିତା ! ଏପରି ଶୁଭସମୟରେ ଆପଣ ସ୍ନେହବିବଶ ହୋଇ ଚିନ୍ତା କରିବା ପରିହାର କରନ୍ତୁ । ପ୍ରସନ୍ନଚିତ୍ତ ହୋଇ ମୋତେ (ବନଗମନ ପାଇଁ) ଆଜ୍ଞା ଦିଅନ୍ତୁ ।'' ଏହା କହୁ କହୁ ଶ୍ରୀରାମଙ୍କର ସର୍ବାଙ୍ଗ ପୁଲକିତ ହୋଇଉଠିଲା ॥ ୪୫ ॥

**ଧନ୍ୟ ଜନମୁ ଜଗତୀତଲ ତାସୂ । ପିତହି ପ୍ରମୋଦୁ ଚରିତ ସୁନି ଜାସୂ ॥**
**ଚାରି ପଦାରଥ କରତଲ ତାକେଁ । ପ୍ରିୟ ପିତୁ ମାତୁ ପ୍ରାନ ସମ ଜାକେଁ ॥ ୧ ॥**

ସେ ପୁଣି କହିଲେ, ''ଯେଉଁ ପୁତ୍ରର ଚରିତ ଶୁଣି ପିତା ପରମ ଆନନ୍ଦ ଲାଭ କରନ୍ତି, ଏହି ଜଗତରେ ତାହାର ଜନ୍ମ ଧନ୍ୟ । ମାତା-ପିତା ଯାହାର ପ୍ରାଣସମ ପ୍ରିୟ, ଚତୁର୍ବର୍ଗ ଫଳ (ଧର୍ମ, ଅର୍ଥ, କାମ ଓ ମୋକ୍ଷ) ସହଜରେ ତାହାର ହସ୍ତଗତ ହୋଇଯାଏ ॥ ୧ ॥

**ଆୟସୁ ପାଲି ଜନମ ଫଲୁ ପାଈ । ଐହଉଁ ବେଗିହିଁ ହୋଉ ରଜାଈ ॥**
**ବିଦା ମାତୁ ସନ ଆୱଉଁ ମାଗୀ । ଚଲିହଉଁ ବନହି ବହୁରି ପଗ ଲାଗୀ ॥ ୨ ॥**

ଆପଣଙ୍କର ଆଜ୍ଞା ପାଳନପୂର୍ବକ ଇହଜନ୍ମର ସୁଫଳ ଲାଭ କରି ମୁଁ ଶୀଘ୍ର ଫେରିଆସିବି । ତେଣୁ କୃପା କରି ମୋତେ ଆଜ୍ଞା ଦିଅନ୍ତୁ । ଯାଉଛି, ମାଆଙ୍କ ଠାରୁ ବିଦାୟ ମାଗି ଆସିବି । ତା'ପରେ ଆପଣଙ୍କ ପାଦରେ ପ୍ରଣାମ କରି ମୁଁ ବନଗମନ କରିବି ।'' ॥ ୨ ॥

**ଅସ କହି ରାମ ଗୱନୁ ତବ କୀହ୍ନା । ଭୂପ ସୋକ ବସ ଉତରୁ ନ ଦୀହ୍ନା ॥**
**ନଗର ବ୍ୟାପି ଗଇ ବାତ ସୁତୀଛୀ । ଛୁଅତ ଚଢ଼ୀ ଜନୁ ସବ ତନ ବୀଛୀ ॥ ୩ ॥**

ଏହିପରି କହି ଶ୍ରୀରାମ ସେଠାରୁ ଚାଲିଆସିଲେ । ଶୋକବଶତଃ ରାଜା କିଛି କହିପାରିଲେ ନାହିଁ । ବିଛା ଦଂଶନ କରିବାମାତ୍ରେ ତା'ର ବିଷ ଯେପରି ସମଗ୍ର ଶରୀରରେ ଚଢ଼ିଯାଏ, ଏହି ଦାରୁଣ ସମାଚାର ମଧ୍ୟ ଠିକ୍ ସେହିପରି ଅତି ଶୀଘ୍ର ସମଗ୍ର ନଗରରେ ବ୍ୟାପିଗଲା ॥ ୩ ॥

**ସୁନି ଭଏ ବିକଲ ସକଲ ନର ନାରୀ । ବେଲି ବିଟପ ଜିମି ଦେଖି ଦୱାରୀ ॥**
**ଜୋ ଜହଁ ସୁନଇ ଧୁନଇ ସିରୁ ସୋଈ । ବଡ଼ ବିଷାଦୁ ନହିଁ ଧୀରଜୁ ହୋଈ ॥ ୪ ॥**

ଦାବାନଳ ଦେଖି ବନର ବୃକ୍ଷଲତା ମଉଳିଗଲାପରି, ଏହି ସମାଚାର ପାଇ ସମସ୍ତ ନରନାରୀ ବ୍ୟାକୁଳ ହୋଇଗଲେ । ଏ କଥା ଶୁଣିଦେଲାକ୍ଷଣି, ଯେ ଯେଉଁଠି ଥିଲା, ସେ ସେଠାରେ ମୁଣ୍ଡ ପିଟିହେଲା । ଏହି ଭୀଷଣ ଦୁଃଖରେ କେହି ଧୈର୍ଯ୍ୟ ଧରି ରହିପାରିଲେ ନାହିଁ ॥ ୪ ॥

ଦୋ:- **ମୁଖ ସୁଖାହିଁ ଲୋଚନ ସ୍ରୱହିଁ ସୋକୁ ନ ହୃଦୟଁ ସମାଇ ।**
**ମନହୁଁ କରୁନ ରସ କଟକଈ ଉତରୀ ଅୱଧ ବଜାଇ ॥ ୪୬ ॥**

ସମସ୍ତଙ୍କର ମୁହଁ ଶୁଖିଗଲା; ନୟନରୁ ଅଶ୍ରୁ ଝରିଲା; ହୃଦୟରୁ ଶୋକ ଉଚ୍ଛୁଳିପଡ଼ିଲା । ସତେ ଯେପରି, ସୈନ୍ୟସାମନ୍ତ ସହିତ ବୀରବାଦ୍ୟ ବଜାଇ, ସାକ୍ଷାତ୍ କରୁଣରସ ଆସି ଅଯୋଧ୍ୟାରେ ଓହ୍ଲାଇପଡ଼ିଲା ॥ ୪୬ ॥

**ମିଲେହି ମାଝ ବିଧି ବାତ ବେଗାରୀ । ଜହଁ ତହଁ ଦେହିଁ କୈକଇହି ଗାରୀ ॥**
**ଏହି ପାପିନିହି ବୂଝି କା ପରେଉ । ଛାଇ ଭୱନ ପର ପାୱକୁ ଧରେଉ ॥ ୧ ॥**

ସବୁ ସୁଖସୁଯୋଗର ସୁନ୍ଦର ସଂଯୋଗ ହୋଇଆସିଗଲାବେଳକୁ ବିଧାତା ସବୁ ଭଣ୍ଡୁର କରିଦେଲା । ଯେଉଁଠି ଦେଖିବ, ଲୋକେ କୈକେୟୀଙ୍କୁ ଗାଳି ଦେଉଥାନ୍ତି, ‘‘ଏ ପାପିନୀ ମୁଣ୍ଡରେ କ’ଣ ଏମିତି ଜୁଟିଗଲା ଯେ, ନୂଆ ଛପର ହୋଇଥିବା ଘରଟାରେ ଇଏ ନିଆଁ ଲଗାଇଦେଲା !! ॥ ୧ ॥

**ନିଜ କର ନୟନ କାଢ଼ି ଚହ ଦୀଖା । ଡାରି ସୁଧା ବିଷୁ ଚ୍ରହତ ଚାଖା ॥**
**କୁଟିଲ କଠୋର କୁବୁଦ୍ଧି ଅଭାଗୀ । ଭଇ ରଘୁବଂସ ବେନୁ ବନ ଆଗୀ ॥ ୨ ॥**

ଏ ପାପିନୀ ଆପଣା ହାତରେ ଆଖି ତାଡ଼ିଦେଇ ବିନା ଆଖିରେ ଦେଖିବାକୁ ଚାହୁଁଛି ! ଅମୃତ ଫୋପାଡ଼ିଦେଇ ଏ ବିଷ ଚାଖିବାକୁ ଚାହୁଁଛି !! ଏହି କୁଟିଳା କଠୋରହୃଦୟା ଦୁର୍ବୁଦ୍ଧି ଅଭାଗୀ କୈକେୟୀ ରଘୁବଂଶରୂପୀ ବାଉଁଶବଣ ପାଇଁ ନିଆଁ ହୋଇଗଲା ॥ ୨ ॥

**ପାଲୱ ବୈଠି ପେଡୁ ଏହିଁ କାଟା । ସୁଖ ମହୁଁ ସୋକ ଠାଟୁ ଧରି ଠାଟା ॥**
**ସଦା ରାମୁ ଏହି ପ୍ରାନ ସମାନା । କାରନ କୱନ କୁଟିଲପନୁ ଠାନା ॥ ୩ ॥**

ଏ ତ ଡାଳରେ ବସି ଗଛର ମୂଳ କାଟିଦେଲା ! ସୁଖ ସମୟରେ ଆଣି ବିରାଟ ଦୁଃଖ ପୂରାଇଦେଲା । ଶ୍ରୀରାମ ତ ଏହାର ପ୍ରାଣ ପରି ପ୍ରିୟ ଥିଲେ; ଏ ଏପରି କୁଟିଳତା କରିବାକୁ କାହିଁକି ବା ମନ କଲା, କେଜାଣି ! ॥ ୩ ॥

**ସତ୍ୟ କହହିଁ କବି ନାରି ସୁଭାଉ । ସବ ବିଧି ଅଗହୁ ଅଗାଧ ଦୁରାଉ ॥**
**ନିଜ ପ୍ରତିବିଂବୁ ବରୁକୁ ଗହି ଜାଈ । ଜାନି ନ ଜାଇ ନାରି ଗତି ଭାଈ ॥ ୪ ॥**

କବିମାନେ ସତ କହିଛନ୍ତି ଯେ, ସ୍ତ୍ରୀସ୍ୱଭାବ ସବୁଦୃଷ୍ଟିରୁ ବଡ଼ ଦୁର୍ବୋଧ୍ୟ, ଅଗାଧ ଓ ରହସ୍ୟମୟ । ନିଜ ଛାଇକୁ ବରଂ ଧରିହୋଇପାରେ; କିନ୍ତୁ ଭାଇ ! ନାରୀର ଗତି ଜାଣିହେବ ନାହିଁ ॥ ୪ ॥

ଦୋ:- **କାହ ନ ପାୱକୁ ଜାରି ସକ କା ନ ସମୁଦ୍ର ସମାଇ ।**
**କା ନ କରୈ ଅବଲା ପ୍ରବଲ କେହି ଜଗ କାଲୁ ନ ଖାଇ ॥ ୪୭ ॥**

ନିଆଁ କାହାକୁ ବା ଜାଳିଦେଇ ନ ପାରେ ! ସମୁଦ୍ରରେ କ’ଣ ବା ଧରି ନ ପାରେ ! ଅବଳା ବୋଲାଉଥିବା ସ୍ତ୍ରୀ ପ୍ରବଳା ହୋଇଗଲେ କ’ଣ ବା କରିଦେଇ ନ ପାରେ ! ଏବଂ ଜଗତରେ କାହାକୁ ବା କାଳ କବଳିତ ନ କରିପାରେ ! ॥ ୪୭ ॥

**କା ସୁନାଇ ବିଧି କାହ ସୁନାୱା । କା ଦେଖାଇ ଚହ କାହ ଦେଖାୱା ॥**
**ଏକ କହହିଁ ଭଲ ଭୂପ ନ କୀହ୍ନା । ବରୁ ବିଚ୍ରରି ନହିଁ କୁମତିହି ଦୀହ୍ନା ॥ ୧ ॥**

ବିଧାତା କ’ଣ ଶୁଣାଇଦେଇ ଏବେ ପୁଣି କ’ଣ ବା ଶୁଣାଇ ନ ଦେଲା ! କ’ଣ ଦେଖାଇଦେଇ, ଏବେ କ’ଣ ଦେଖାଇବାକୁ ଚାହୁଁଛି ଟି !’’ କେହି କେହି କହୁଥାନ୍ତି, ‘‘ରାଜା କିଛି ଭଲ କଲେ ନାହିଁ; କୁଟିଳା କୈକେୟୀକୁ ବୁଝିବିଚାରି ବର ଦେଲେ ନାହିଁ ॥ ୧ ॥

**ଜୋ ହଠି ଭୟଉ ସକଲ ଦୁଖ ଭାଜନୁ । ଅବଲା ବିବସ ଗ୍ୟାନୁ ଗୁନୁ ଗା ଜନୁ ॥**
**ଏକ ଧରମ ପରମିତି ପହିଚ୍ଛନେ । ନୃପହି ଦୋସୁ ନହିଁ ଦେହିଁ ସୟାନେ ॥ ୨ ॥**

ସେ ଜିଦି କରି (କୈକେୟୀଙ୍କ କଥାକୁ ପୂରା କରିବାରେ ଦୃଢ଼ ରହି) ନିଜେ ସକଳ ଦୁଃଖର ପାତ୍ର ହୋଇଗଲେ । ବୋଧହୁଏ ସ୍ତ୍ରୀବଶ ହୋଇଯିବାରୁ ତାଙ୍କର ଜ୍ଞାନଗୁଣସବୁ ଲୋପ ପାଇଗଲା ।'' ଧର୍ମମର୍ଯ୍ୟାଦା ଜାଣିଥିବା କେହି କେହି ବୁଦ୍ଧିମାନ୍ ଲୋକ ରାଜାଙ୍କୁ ଦୋଷ ଦେଲେ ନାହିଁ ॥ ୨ ॥

**ସିବି ଦଧୀଚି ହରିଚଂଦ କହାନୀ । ଏକ ଏକ ସନ କହହିଁ ବଖାନୀ ॥**
**ଏକ ଭରତ କର ସଂମତ କହହୀଂ । ଏକ ଉଦାସ ଭାୟଁ ସୁନି ରହହୀଂ ॥ ୩ ॥**

ସେମାନେ ପରସ୍ପର ଶିବି, ଦଧୀଚି ଏବଂ ହରିଶ୍ଚନ୍ଦ୍ରଙ୍କ ଚରିତ ଚର୍ଚ୍ଚା କରିବାକୁ ଲାଗିଲେ । କେହି କେହି ଏଥିରେ ଭରତଙ୍କ ସମ୍ମତି ଅଛି ବୋଲି କହିଲେ । କେହି କେହି ଏସବୁ ଶୁଣି ଉଦାସୀନଭାବରେ କିଛି ନ କହି ରହିଗଲେ ॥ ୩ ॥

**କାନ ମୂଦି କର ରଦ ଗହି ଜୀହା । ଏକ କହହିଁ ୟହ ବାତ ଅଲୀହା ॥**
**ସୁକୃତ ଜାହିଁ ଅସ କହତ ତୁହ୍ମାରେ । ରାମୁ ଭରତ କହୁଁ ପ୍ରାନପିଆରେ ॥ ୪ ॥**

ଆଉ କେହି କେହି କାନରେ ଆଙ୍ଗୁଠି ଦେଇ, ଜିଭ କାମୁଡ଼ି କହୁଥାନ୍ତି, ''ଏସବୁ ମିଛ କଥା ! ଏପରି କଥା କହିଲେ ମଣିଷର ପୁଣ୍ୟ ନଷ୍ଟ ହୋଇଯିବ । ଭରତ ତ ଶ୍ରୀରାମଙ୍କର ପ୍ରାଣ ପରି ପ୍ରିୟ ॥ ୪ ॥

ଦୋଃ- **ଚଂଦୁ ଚୱୈ ବରୁ ଅନଲ କନ ସୁଧା ହୋଇ ବିଷତୂଲ ।**
**ସପନେହୁଁ କବହୁଁ ନ କରହିଁ କିଛୁ ଭରତୁ ରାମ ପ୍ରତିକୂଲ ॥ ୪୮ ॥**

ଚନ୍ଦ୍ର ଅଗ୍ନି ବର୍ଷା କରିପାରେ ; ଅମୃତ ବିଷ ପରି ହୋଇଯାଇପାରେ; କିନ୍ତୁ ଭରତ ସ୍ୱପ୍ନରେ ସୁଦ୍ଧା ଶ୍ରୀରାମଙ୍କ ବିରୁଦ୍ଧରେ କିଛି କରିବେ ନାହିଁ ।'' ॥ ୪୮ ॥

**ଏକ ବିଧାତହି ଦୂଷନୁ ଦେହୀଂ । ସୁଧା ଦେଖାଇ ଦୀହ୍ନ ବିଷୁ ଜେହୀଂ ॥**
**ଖରଭରୁ ନଗର ସୋଚୁ ସବ କାହୂ । ଦୁସହ ଦାହୁ ଉର ମିଟା ଉଛାହୂ ॥ ୧ ॥**

ଯେଉଁ ବିଧାତା ଅମୃତ ଦେଖାଇ ବିଷ ଦେଇଦେଲା, କେହି କେହି ସେହି ବିଧାତାକୁ ଦୋଷ ଦେଉଥାନ୍ତି । ନଗରରେ ଚହଳ ପଡ଼ିଗଲା । ସମସ୍ତେ ଚିନ୍ତିତ ହୋଇପଡ଼ିଲେ । ଲୋକଙ୍କ ହୃଦୟରେ ଦୁଃସହ ଜ୍ୱାଳା ଜାତ ହେଲା; ସବୁ ଆନନ୍ଦ-ଉତ୍ସାହ ଭାଙ୍ଗିଗଲା ॥ ୧ ॥

**ବିପ୍ରବଧୂ କୁଲମାନ୍ୟ ଜଠେରୀ । ଜେ ପ୍ରିୟ ପରମ କୈକଈ କେରୀ ॥**
**ଲଗୀଂ ଦେନ ସିଖ ସୀଲୁ ସରାହୀ । ବଚନ ବାନସମ ଲାଗହିଁ ତାହୀ ॥ ୨ ॥**

ବ୍ରାହ୍ମଣସ୍ତ୍ରୀମାନେ, କୁଳର ମାନନୀୟା ବୃଦ୍ଧାମାନେ, ଯେଉଁମାନେ କୈକେୟୀଙ୍କର ଅତ୍ୟନ୍ତ ପ୍ରିୟ ଥିଲେ, ସେମାନେ ତାଙ୍କ ସ୍ୱଭାବକୁ ପ୍ରଶଂସା କରିବା ଛଳରେ ତାଙ୍କୁ ବହୁତ ବୁଝାଇଲେ; କିନ୍ତୁ କୈକେୟୀଙ୍କୁ ସେସବୁ ଶର ବିନ୍ଧିଲାପରି ଲାଗିଲା ॥ ୨ ॥

**ଭରତୁ ନ ମୋହି ପ୍ରିୟ ରାମ ସମାନା । ସଦା କହହୁ ୟହୁ ସବୁ ଜଗୁ ଜାନା ॥**
**କରହୁ ରାମ ପର ସହଜ ସନେହୂ । କେହିଁ ଅପରାଧ ଆଜୁ ବନୁ ଦେହୂ ॥ ୩ ॥**

[ସେମାନେ ବୁଝାଇ କହିଲେ,] "ତୁମେ ତ ସବୁବେଳେ କୁହ ଯେ, ଶ୍ରୀରାମଚନ୍ଦ୍ର ତୁମର ଭରତଠାରୁ ବି ଅଧିକ ପ୍ରିୟ । ଖାଲି ଆମେ କାହିଁକି, ଏକଥା ସାରାଜଗତ ଜାଣେ । ଶ୍ରୀରାମଙ୍କୁ ତ ତୁମେ ଏତେ ସ୍ନେହଶ୍ରଦ୍ଧା କରୁଥିଲ; ସେ ଏପରି କି ଅପରାଧ କରିଦେଲେ ଯେ, ଆଜି ତୁମେ ତାଙ୍କୁ ବଣକୁ ପଠାଇଦେଉଛ ? ॥ ୩ ॥

**କବହୁଁ ନ କିୟହୁ ସୱ୍ତି ଆରେସୂ । ପ୍ରୀତି ପ୍ରତୀତି ଜାନ ସବୁ ଦେସୂ ॥**
**କୌସଲ୍ୟାଁ ଅବ କାହ ବିଗାରା । ତୁମ୍ହ ଜେହି ଲାଗି ବଜ୍ର ପୁର ପାରା ॥ ୪ ॥**

ତୁମେ ତ କେବେ ଦିନେ ବି ସଉତୁଣୀଙ୍କ ସଙ୍ଗେ ବାଦ କରିନାହଁ; ସାରାଦେଶ ତୁମର ପ୍ରେମ ଓ ବିଶ୍ୱାସ କଥା ଜାଣେ । ଆଜି କୌଶଲ୍ୟା ତୁମର କ'ଣ ଏପରି ବିଗାଡ଼ିଦେଲେ ଯେ, ସେଥିପାଇଁ ତୁମେ ସାରା ନଗରଟା ଉପରେ ବଜ୍ର ପକାଇଦେଲ ? ॥ ୪ ॥

ଦୋ:- **ସୀୟ କି ପିୟ ସଁଗୁ ପରିହରିହି ଲଖନୁ କି ରହିହହିଁ ଧାମ ।**
**ରାଜୁ କି ଭୂଁଜବ ଭରତ ପୁର ନୃପୁ କି ଜିଇହି ବିନୁ ରାମ ॥ ୪୯ ॥**

କ'ଣ ସୀତା ତାଙ୍କ ପତିଙ୍କ ଠାରୁ (ଶ୍ରୀରାମଚନ୍ଦ୍ରଙ୍କ ଠାରୁ) ଅଲଗା ହୋଇ ରହିପାରିବେ ? ଲକ୍ଷ୍ମଣ କ'ଣ ଶ୍ରୀରାମଙ୍କୁ ଛାଡ଼ି ଘରେ ରହିପାରିବେ ? କ'ଣ ଶ୍ରୀରାମଙ୍କ ବିନା ଭରତ ରାଜ୍ୟ ଭୋଗ କରିପାରିବେ ? ରାଜା କ'ଣ ଶ୍ରୀରାମଙ୍କ ବିନା ଜୀବନ ଧରି ରହିପାରିବେ ? (ଅର୍ଥାତ୍ ଆଉ ସୀତା ରହିବେ ନାହିଁ, କି ଲକ୍ଷ୍ମଣ ରହିବେ ନାହିଁ, କି ଭରତ ରାଜୁତି କରିବେ ନାହିଁ, କି ରାଜା ବି ବଞ୍ôିବେ ନାହିଁ; ସବୁ ନଷ୍ଟଭ୍ରଷ୍ଟ ହୋଇଯିବ ।) ॥ ୪୯ ॥

**ଅସ ବିଚାରି ଉର ଛାଡ଼ହୁ କୋହୂ । ସୋକ କଲଂକ କୋଠି ଜନି ହୋହୂ ॥**
**ଭରତହି ଅୱସି ଦେହୁ ଜୁବରାଜୂ । କାନନ କାହ ରାମ କର କାଜୂ ॥ ୧ ॥**

ଏସବୁ କଥା ବିଚାର କରି ତୁମେ କ୍ରୋଧ ଛାଡ଼ିଦିଅ । ତୁମେ ଶୋକ ଓ କଳଙ୍କର ପସରା ହୋଇଯାଅନା । ଚାହୁଁଛ ତ, ଭରତଙ୍କୁ ଅବଶ୍ୟ ଯୁବରାଜ ପଦ ଦେଇଦିଅ; କିନ୍ତୁ ଶ୍ରୀରାମଙ୍କର ବଣରେ କି କାମ ? ॥ ୧ ॥

**ନାହିନ ରାମୁ ରାଜ କେ ଭୂଖେ । ଧରମ ଧୁରୀନ ବିଷୟ ରସ ରୂଖେ ॥**
**ଗୁର ଗୃହ ବସହୁଁ ରାମୁ ତଜି ଗେହୂ । ନୃପ ସନ ଅସ ବରୁ ଦୂସର ଲେହୂ ॥ ୨ ॥**

ଶ୍ରୀରାମଙ୍କର ରାଜ୍ୟପ୍ରାପ୍ତି ଲାଳସା ନାହିଁ । ସେ ଧର୍ମର ଟେକ ରଖନ୍ତି । ସେ ବିଷୟ ପ୍ରତି ନିଃସ୍ପୃହ । [ତେଣୁ ତୁମେ ଭୟ କର ନାହିଁ ଯେ, ଶ୍ରୀରାମ ବଣକୁ ନ ଯାଇ ଅଯୋଧ୍ୟାରେ ରହିଗଲେ ଭରତଙ୍କ ରାଜୁତିରେ ବିଘ୍ନ ଘଟାଇବେ । ଏଥିରେ ଯଦି ସନ୍ତୁଷ୍ଟ ନୁହଁ, ତେବେ] ତୁମେ ରାଜାଙ୍କୁ ଆଉ ଗୋଟିଏ ବର ମାଗ ଯେ, ଶ୍ରୀରାମ ଘର ଛାଡ଼ିଦେଇ ଗୁରୁଙ୍କ ଘରେ ରହନ୍ତୁ ॥ ୨ ॥

**ଜୌଁ ନହିଁ ଲଗିହହୁ କହେଁ ହମାରେ । ନହିଁ ଲାଗିହି କଛୁ ହାଥ ତୁମ୍ହାରେ ॥**
**ଜୌଁ ପରିହାସ କୀନ୍ହି କଛୁ ହୋଈ । ତୌ କହି ପ୍ରଗଟ ଜନାୱହୁ ସୋଈ ॥ ୩ ॥**

ଯଦି ତୁମେ ଆମ କହିବା ଅନୁସାରେ ନ ଚଳିବ, ତେବେ ଜାଣିରଖ, ଏଥିରେ ତୁମର କୌଣସି ଲାଭ ହେବ ନାହିଁ । ଯଦି ପରିହାସ ବା ଥଟ୍ଟାରେ ଏପରି କରିଛ, ତେବେ ତାହା ଖୋଲି କହିଦିଅ ॥ ୩ ॥

**ରାମ ସରିସ ସୁତ କାନନ ଜୋଗୂ । କାହ କହିହି ସୁନି ତୁମ୍ହ କହୁଁ ଲୋଗୂ ॥**
**ଉଠହୁ ବେଗି ସୋଇ କରହୁ ଉପାଈ । ଜେହି ବିଧି ସୋକୁ କଲଂକୁ ନସାଈ ॥ ୪ ॥**

ରାମଙ୍କ ପରି ପୁଅ କ'ଣ ବଣକୁ ଯିବାର ଯୋଗ୍ୟ ? ଏହା ଶୁଣି ଲୋକେ ତୁମକୁ କ'ଣ ନ କହିବେ ! ତେଣୁ ଶୀଘ୍ର ଉଠ; ଯେଉଁ ଉପାୟ କଲେ ଏହି ଶୋକ ଓ କଳଙ୍କ ନାଶ ହେବ, ଶୀଘ୍ର ସେହି ଉପାୟ କର ॥ ୪ ॥

ଛନ୍ଦ- **ଜେହି ଭାଁତି ସୋକୁ କଲଂକୁ ଜାଇ ଉପାୟ କରି କୁଲ ପାଲହୀ ।**
**ହଠି ଫେରୁ ରାମହି ଜାତ ବନ ଜନି ବାତ ଦୂସରି ଚ୍ଚଲହୀ ॥**
**ଜିମି ଭାନୁ ବିନୁ ଦିନୁ ପ୍ରାନ ବିନୁ ତନୁ ଚଂଦ ବିନୁ ଜିମି ଜାମିନୀ ।**
**ତିମି ଅୱଧ ତୁଲସୀଦାସ ପ୍ରଭୁ ବିନୁ ସମୁଝି ଧୌଁ ଜିୟଁ ଭାମିନୀ ॥**

ଯାହା କଲେ ସମଗ୍ର ନଗରର ଶୋକ ଦୂର ହେବ ଓ ତୁମ କଳଙ୍କ ବି ଦୂର ହେବ, ସେହି ଉପାୟ କରି କୁଳ ରକ୍ଷା କର । ବଣକୁ ଯିବାକୁ ବାହାରିଥିବା ଶ୍ରୀରାମଙ୍କୁ ଚେଷ୍ଟା କରି ଫେରାଇଆଣ (ଅଟକାଇ ଦିଅ) । ଆଉ କୌଣସି କଥା ଉଠାଅ ନାହିଁ ।'' ତୁଳସୀଦାସ କହୁଛନ୍ତି, ସୂର୍ଯ୍ୟ ବିନା ଦିବସ, ପ୍ରାଣ ବିନା ଶରୀର ଓ ଚନ୍ଦ୍ର ବିନା ରାତ୍ରି ଯେପରି ଶୋଭା ପାଏ ନାହିଁ, ଶ୍ରୀରାମଙ୍କ ବିନା ଅଯୋଧ୍ୟା ସେହିପରି ଶୋଭା ପାଇବ ନାହିଁ; ଅଯୋଧ୍ୟା ଅସୁନ୍ଦର ଓ ହତଶ୍ରୀ ହୋଇଯିବ । ହେ ଭାମିନୀ ! ତୁମେ ଏକଥା ଟିକିଏ ଭାବିଦେଖ !

ସୋଃ- **ସଖିହ୍ନ ସିଖାୱନୁ ଦୀହ୍ନ ସୁନତ ମଧୁର ପରିନାମ ହିତ ।**
**ତେଇଁ କଛୁ କାନ ନ କୀହ୍ନ କୁଟିଲ ପ୍ରବୋଧୀ କୂବରୀ ॥ ୫୦ ॥**

ସଖୀମାନେ ଏହିପରି ଶିକ୍ଷା ଦେଲେ । ଏହା ଶୁଣିବାକୁ ଯେପରି ମଧୁର ଥିଲା, ପରିଣାମରେ ମଧ୍ୟ ସେହିପରି ହିତକାରୀ ହୋଇଥାନ୍ତା । କିନ୍ତୁ କୁଟିଳା କୁଜୀ ଏପରି ଶିକ୍ଷା ଦେଇଥିଲା ଯେ, କୈକେୟୀ ଏସବୁ ପ୍ରତି ଟିକିଏ ବି କାନ ଦେଲେ ନାହିଁ ॥ ୫୦ ॥

**ଉତରୁ ନ ଦେଇ ଦୁସହ ରିସ ରୂଖୀ । ମୃଗିହ୍ନ ଚିତୱ ଜନୁ ବାଘିନି ଭୂଖୀ ॥**
**ବ୍ୟାଧି ଅସାଧି ଜାନି ତିହ୍ନ ତ୍ୟାଗୀ । ଚଲୀଁ କହତ ମତିମଂଦ ଅଭାଗୀ ॥ ୧ ॥**

କୈକେୟୀ କୌଣସି ଉତ୍ତର ଦେଉ ନ ଥାନ୍ତି । ଅତ୍ୟନ୍ତ କ୍ରୋଧ ହେତୁ ସେ ବେଶୀ ବେଶୀ କଠୋର ହେଉଥାନ୍ତି । ହରିଣୀ ଆଡ଼କୁ ଭୋକିଲା ବାଘୁଣୀ ଚାହିଁଲାପରି, ସେ ସଖୀମାନଙ୍କ ଆଡ଼କୁ ଚାହୁଁଥାନ୍ତି । ଫଳରେ ରୋଗ ଅସାଧ୍ୟ ଜାଣି ସଖୀମାନେ କହିବା ଛାଡ଼ିଦେଲେ । ସମସ୍ତେ ତାଙ୍କୁ ମନ୍ଦମତି ଓ ଅଭାଗିନୀ ବୋଲି କହି ସେଠାରୁ ଚାଲିଗଲେ ॥ ୧ ॥

**ରାଜୁ କରତ ୟହ ଦୈଅଁ ବିଗୋଈ । କୀହ୍ନେସି ଅସ ଜସ କରଇ ନ କୋଈ ॥**
**ଏହି ବିଧି ବିଲପହିଁ ପୁର ନର ନାରୀଁ । ଦେହିଁ କୁଚାଲିହି କୋଟିକ ଗାରୀଁ ॥ ୨ ॥**

''ରାଜସୁଖ ଭୋଗ କରୁଥିବା ଅବସ୍ଥାରେ କୈକେୟୀଙ୍କୁ ଦୈବ ନଷ୍ଟ କରିଦେଲା । ଇଏ ଯାହା କରିଦେଲେ, ଆଉ କେହି ସେପରି କରିବ ନାହିଁ ।'' ନଗରର ସମସ୍ତେ ଏପରି ବିଳାପ କରୁଥାନ୍ତି ଏବଂ କୁଟିଳା କୈକେୟୀଙ୍କୁ ନାନାଦି ଗାଳି ଦେଉଥାନ୍ତି ॥ ୨ ॥

**ଜରହିଁ ବିଷମ ଜର ଲେହିଁ ଉସାସା । କୱନି ରାମ ବିନୁ ଜୀୱନ ଆସା ॥**
**ବିପୁଲ ବିୟୋଗ ପ୍ରଜା ଅକୁଲାନୀ । ଜନୁ ଜଲଚର ଗନ ସୂଖତ ପାନୀ ॥ ୩ ॥**

ଲୋକେ ବିଷମଜ୍ୱରରେ (ଭୟାନକ ଦୁଃଖର ଅଗ୍ନିରେ) ଜଳୁଥାନ୍ତି ଓ ଦୀର୍ଘ ନିଃଶ୍ୱାସ ପକାଇ କହୁଥାନ୍ତି, ''ଶ୍ରୀରାମଙ୍କ ବିନା ଆମ ଜୀବନ ରହିବାର ଆଉ କି ଆଶା ଅଛି ?'' ପାଣି ଶୁଖିଗଲେ ଜଳଚର ଜୀବଗଣ ଯେପରି ବ୍ୟାକୁଳ ହୁଅନ୍ତି, ଦାରୁଣ ବିଚ୍ଛେଦର ଆଶଙ୍କାରେ ପ୍ରଜାମାନେ ସେହିପରି ବ୍ୟାକୁଳ ହେଉଥାନ୍ତି ॥ ୩ ॥

**ଅତି ବିଷାଦ ବସ ଲୋଗ ଲୋଗାଈଁ । ଗଏ ମାତୁ ପହିଁ ରାମୁ ଗୋସାଈଁ ॥**
**ମୁଖ ପ୍ରସନ୍ନ ଚିତ ଚୌଗୁନ ଚାଉ । ମିଟା ସୋଚୁ ଜନି ରାଖୈ ରାଉ ॥ ୪ ॥**

କି ପୁରୁଷ, କି ସ୍ତ୍ରୀ ସମସ୍ତେ ଅତ୍ୟନ୍ତ ବିଷାଦଗ୍ରସ୍ତ ହୋଇପଡ଼ିଥାନ୍ତି । ପ୍ରଭୁ ଶ୍ରୀରାମ ମାତା କୌଶଲ୍ୟାଙ୍କ ପାଖକୁ ଗଲେ । ତାଙ୍କର ମୁଖ ପ୍ରସନ୍ନ । ଚିତ୍ତରେ ଅତ୍ୟନ୍ତ ଉତ୍ସାହ । ରାଜା କାଳେ ଅଟକାଇଦେବେ ବୋଲି ଯେଉଁ ଚିନ୍ତା ଥିଲା, ତାହା ଆଉ ନ ଥାଏ । (ରାଜ୍ୟାଭିଷେକ କଥା ଶୁଣି, ଅନ୍ୟ ଭାଇମାନଙ୍କୁ ଛାଡ଼ି ଖାଲି ବଡ଼ଭାଇର ଅଭିଷେକ କାହିଁକି କରାଯାଉଛି ବୋଲି ରାମଙ୍କ ମନରେ ଯେଉଁ ଦୁଃଖ ହୋଇଥିଲା, ବର୍ତ୍ତମାନ ମାତା କୈକେୟୀଙ୍କ ଆଦେଶ ଓ ପିତାଙ୍କ ମୌନସମ୍ମତି ପାଇ ତାଙ୍କର ସେହି ଚିନ୍ତା ଦୂର ହୋଇଯାଇଥାଏ) ॥ ୪ ॥

ଦୋଃ- **ନଵ ଗୟଂଦୁ ରଘୁବୀର ମନୁ ରାଜୁ ଅଲାନ ସମାନ ।**
**ଛୂଟ ଜାନି ବନ ଗଵନୁ ସୁନି ଉର ଅନଂଦୁ ଅଧିକାନ ॥ ୫୧ ॥**

ଶ୍ରୀରାମଙ୍କ ମନ ଥିଲା ନୂଆ ଧରା ହୋଇଥିବା ହାତୀ ପରି ଏବଂ ରାଜତିଳକ ଥିଲା ସେହି ହାତୀର ଲୁହା ଜଞ୍ଜିର (ଶିକୁଳି) ପରି । ବନଗମନ କରିବାକୁ ହେବ ବୋଲି ଶୁଣିବାରୁ, ନିଜକୁ ବନ୍ଧନମୁକ୍ତ ବୋଲି ଜାଣିଦେଇ ତାଙ୍କ ମନରେ ଆନନ୍ଦ ବଢ଼ିଯାଇଥାଏ ॥ ୫୧ ॥

**ରଘୁକୁଲତିଲକ ଜୋରି ଦୋଉ ହାଥା । ମୁଦିତ ମାତୁ ପଦ ନାୟଉ ମାଥା ॥**
**ଦୀହ୍ନି ଅସୀସ ଲାଇ ଉର ଲୀହ୍ନେ । ଭୂଷନ ବସନ ନିଛାଵରି କୀହ୍ନେ ॥ ୧ ॥**

ରଘୁକୁଳତିଳକ ଶ୍ରୀରାମ ଦୁଇକର ଯୋଡ଼ି ଆନନ୍ଦସହକାରେ ମାଆଙ୍କ ଚରଣରେ ପ୍ରଣାମ କଲେ । ମାଆ ତାଙ୍କୁ ଆଶୀର୍ବାଦ ଦେଲେ ଓ ତାଙ୍କୁ ବକ୍ଷରେ ଲଗାଇ ଆନନ୍ଦରେ ଅଳଙ୍କାର ଓ ନବବସ୍ତ୍ର ଉତ୍ସର୍ଗ କଲେ ॥ ୧ ॥

**ବାର ବାର ମୁଖ ଚୁଂବତି ମାତା । ନୟନ ନେହ ଜଲୁ ପୁଲକିତ ଗାତା ॥**
**ଗୋଦ ରାଖି ପୁନି ହୃଦୟଁ ଲଗାଏ । ସ୍ରଵତ ପ୍ରେମରସ ପୟଦ ସୁହାଏ ॥ ୨ ॥**

ମାଆ ବାରମ୍ବାର ଶ୍ରୀରାମଙ୍କ ମୁଖରେ ଚୁମ୍ବନ ଦେଲେ । ନୟନରୁ ସ୍ନେହ ବାରି ଝରିଆସୁଥାଏ ଏବଂ ଅଙ୍ଗପ୍ରତ୍ୟଙ୍ଗ ପୁଲକିତ ହୋଇଯାଉଥାଏ । ଶ୍ରୀରାମଙ୍କୁ ନିଜ କୋଳରେ ବସାଇ ସେ ପୁଣିଥରେ ବକ୍ଷରେ ଲଗାଇଲେ । ତାଙ୍କ ସ୍ତନରୁ ପ୍ରେମରସ (କ୍ଷୀର) ସ୍ରବିବାକୁ ଲାଗିଲା ॥ ୨ ॥

**ପ୍ରେମୁ ପ୍ରମୋଦୁ ନ କଛୁ କହି ଜାଈ । ରଂକ ଧନଦ ପଦବୀ ଜନୁ ପାଈ ॥**
**ସାଦର ସୁଂଦର ବଦନୁ ନିହାରୀ । ବୋଲୀ ମଧୁର ବଚନ ମହତାରୀ ॥ ୩ ॥**

ତାଙ୍କ ସ୍ନେହ ଓ ପରମ ଆନନ୍ଦ ଥିଲା ଅବର୍ଣ୍ଣନୀୟ । ଦେଖି ମନେହେଉଥିଲା, ସତେ ଯେପରି କାଙ୍ଗାଳ କୁବେରପଦ ପାଇଯାଇଛି ବଡ଼ ଆଦରରେ ଶ୍ରୀରାମଙ୍କ ସୁନ୍ଦର ବଦନକୁ ଚାହିଁ ମାତା ମଧୁରକଣ୍ଠରେ କହିଲେ, ॥ ୩ ॥

**କହହୁ ତାତ ଜନନୀ ବଲିହାରୀ । କବହିଁ ଲଗନ ମୁଦ ମଂଗଲକାରୀ ॥**
**ସୁକୃତ ସୀଲ ସୁଖ ସୀଵଁ ସୁହାଈ । ଜନମ ଲାଭ କଇ ଅଵଧି ଅଘାଈ ॥ ୪ ॥**

ଆରେ ମୋ ଧନ ! ତୋତେ ମୋର ଏତିକି ମାଗୁଣି; କହିଲୁ ଧନ ! ସେହି ଆନନ୍ଦମୟ ଓ ମଙ୍ଗଳକର ଶୁଭଲଗ୍ନ କେବେ ଆସିବ, ଯେତେବେଳେ କି ମୋର ସମସ୍ତ ପୁଣ୍ୟ, ସବୁ ସୁଖ ଓ ଜୀବନର ସକଳ ସାର୍ଥକତା ପୂର୍ଣ୍ଣ ହୋଇଯିବ ॥ ୪ ॥

ଦୋଃ- **ଜେହି ଚାହତ ନର ନାରି ସବ ଅତି ଆରତ ଏହି ଭାଁତି ।**
**ଜିମି ଚାତକ ଚାତକି ତୃଷିତ ବୃଷ୍ଟି ସରଦ ରିତୁ ସ୍ଵାତି ॥ ୫୨ ॥**

ଶରତ୍ ଋତୁରେ ସୂର୍ଯ୍ୟ ସ୍ୱାତିନକ୍ଷତ୍ରରେ ଥିବାବେଳେ ହେଉଥିବା ବର୍ଷାକୁ ତୃଷାର୍ତ୍ତ ଚାତକଚାତକୀମାନେ ଯେପରି ଚାହିଁରହିଥାନ୍ତି, ଅଯୋଧ୍ୟାର ସକଳ ନରନାରୀ ସେହିପରି ଅତ୍ୟନ୍ତ ବ୍ୟାକୁଳ ହୋଇ ସେହି ଶୁଭଲଗ୍ନକୁ ଚାହିଁରହିଛନ୍ତି ॥ ୫୨ ॥

**ତାତ ଜାଉଁ ବଲି ବେଗି ନହାହୂ । ଜୋ ମନ ଭାୱ ମଧୁର କଛୁ ଖାହୂ ॥**
**ପିତୁ ସମୀପ ତବ ଜାଏହୁ ଭୈଆ । ଭଇ ବଡ଼ି ବାର ଜାଇ ବଲି ମୈଆ ॥ ୧ ॥**

ମୋ ଧନଟା ପରା ! ତୁ ଯା, ଚଞ୍ଚଳ ଗାଧୋଇପଡ଼, ତତେ ଯେଉଁ ମିଠେଇ ଭଲ ଲାଗିବ, ସେଥିରୁ ଦି'ଟା ଖାଇଦେବୁ । ତା'ପରେ ବାପାଙ୍କ ପାଖକୁ ଯିବୁ । ଯା' ବାପ !ବହୁତ ଡେରି ହୋଇଗଲାଣି !'' ॥ ୧ ॥

**ମାତୁ ବଚନ ସୁନି ଅତି ଅନୁକୂଲା । ଜନୁ ସନେହ ସୁରତରୁ କେ ଫୂଲା ॥**
**ସୁଖ ମକରଂଦ ଭରେ ଶ୍ରିୟମୂଲା । ନିରଖି ରାମ ମନୁ ଭୱଁରୁ ନ ଭୂଲା ॥ ୨ ॥**

ମାଆଙ୍କର ସେହି ଅନୁକୂଳ ବଚନ ଥିଲା ସ୍ନେହରୂପୀ କଳ୍ପବୃକ୍ଷର ପୁଷ୍ପ, ଯାହା କି ଆନନ୍ଦରୂପୀ ମକରନ୍ଦରେ ପରିପୂର୍ଣ୍ଣ ହୋଇ ରହିଥିଲା ତଥା ସେହି ବଚନ ଥିଲା ସକଳ ଶ୍ରୀ (ସମୃଦ୍ଧି)ର ମୂଳ ।ଏପରି ସ୍ନେହବଚନରୂପୀ ପୁଷ୍ପକୁ ଦେଖି ମଧ୍ୟ ଶ୍ରୀରାମଙ୍କର ମନରୂପୀ ଭ୍ରମର ସେଥିରେ ଭୁଲିଲା ନାହିଁ ॥ ୨ ॥

**ଧରମ ଧୁରୀନ ଧରମ ଗତି ଜାନୀ । କହେଉ ମାତୁ ସନ ଅତି ମୃଦୁ ବାନୀ ॥**
**ପିତାଁ ଦୀହ୍ନ ମୋହି କାନନ ରାଜୂ । ଜହଁ ସବ ଭାଁତି ମୋର ବଡ଼ କାଜୂ ॥ ୩ ॥**

ଧର୍ମଧୁରନ୍ଧର ରାମଚନ୍ଦ୍ର ଧର୍ମର ଗତି ଜାଣି ମାତାଙ୍କୁ ଅତ୍ୟନ୍ତ କୋମଳ ଭାବରେ କହିଲେ, ''ମାଆ !ପିତା ମୋତେ ବନରାଜ୍ୟ ଦେଇଛନ୍ତି; ସେଠାରେ ସବୁଦୃଷ୍ଟିରୁ ମୋର ବଡ଼ କାର୍ଯ୍ୟ ସାଧିତ ହୋଇପାରିବ ॥ ୩ ॥

**ଆୟସୁ ଦେହି ମୁଦିତ ମନ ମାତା । ଜେହିଁ ମୁଦ ମଂଗଲ କାନନ ଜାତା ॥**
**ଜନି ସନେହ ବସ ଡରପସି ଭୋରେଁ । ଆନଁଦୁ ଅଂବ ଅନୁଗ୍ରହ ତୋରେଁ ॥ ୪ ॥**

''ମାଆ ! ତୁମେ ମୋତେ ଆନନ୍ଦମନରେ ଆଦେଶ ଦିଅ, ଯାହା ଫଳରେ କି ମୋର ବନଯାତ୍ରା ଆନନ୍ଦମୟ ଓ ମଙ୍ଗଳମୟ ହୋଇପାରିବ । ତୁମେ ସ୍ନେହବଶତଃ ଭୁଲ୍‌ରେ ମୋ ପାଇଁ ଭୟ କରିବ ନାହିଁ । ହେ ମାଆ ! ତୁମ କୃପାରୁ ମୋର ସବୁ ଭଲହିଁ ହେବ ॥ ୪ ॥

ଦୋଃ- **ବରଷ ଚାରିଦସ ବିପିନ ବସି କରି ପିତୁ ବଚନ ପ୍ରମାନ ।**
**ଆଇ ପାୟ ପୁନି ଦେଖିହଉଁ ମନୁ ଜନି କରସି ମଲାନ ॥ ୫୩ ॥**

ଚଉଦବର୍ଷ ବନବାସ କରି, ପିତାଙ୍କ ବଚନକୁ ସତ୍ୟ ପ୍ରମାଣିତ କରି, ମୁଁ ଫେରିଆସି ତୁମର ଚରଣ ଦର୍ଶନ କରିବି । ତୁମେ ମନରେ ଦୁଃଖ କର ନାହିଁ ।'' ॥ ୫୩ ॥

**ବଚନ ବିନୀତ ମଧୁର ରଘୁବର କେ । ସର ସମ ଲଗେ ମାତୁ ଉର କରକେ ॥**
**ସହମି ସୂଖି ସୁନି ସୀତଲି ବାନୀ । ଜିମି ଜୱାସ ପରେଁ ପାୱସ ପାନୀ ॥ ୧ ॥**

ରଘୁକୁଳଶ୍ରେଷ୍ଠ ଶ୍ରୀରାମଙ୍କର ଏହି ଅତି ନମ୍ର ଓ ମଧୁର ବଚନ ମାତାଙ୍କ ହୃଦୟରେ ବାଣ ପରି ବିନ୍ଧି-ହୋଇଯାଇ ତାଙ୍କୁ ଅତ୍ୟନ୍ତ କଷ୍ଟ ଦେଲା । ବର୍ଷାପାଣି ପଡ଼ିଗଲେ ଜବାସ ଘାସ ଯେପରି ମ୍ଳାନ ହୋଇଯାଏ, ସେହି ଶୀତଳ ବଚନ ଶୁଣି କୌଶଲ୍ୟା ସେହିପରି ଭୟରେ ମ୍ଳାନ ପଡ଼ିଗଲେ ॥ ୧ ॥

**କହି ନ ଜାଇ କଛୁ ହୃଦୟ ବିଷାଦୂ । ମନହୁଁ ମୃଗୀ ସୁନି କେହରି ନାଦୂ ॥**
**ନୟନ ସଜଲ ତନ ଥର ଥର କାଁପୀ । ମାଜହି ଖାଇ ମୀନ ଜନୁ ମାପୀ ॥ ୨ ॥**

ହୃଦୟର ବିଷାଦ ଭାଷାରେ କହିହେବ ନାହିଁ । ସିଂହର ଗର୍ଜନ ଶୁଣି ହରିଣୀ ଛାନିଆ ହୋଇଗଲାପରି ସେ ଛାନିଆ ହୋଇଗଲେ । ତାଙ୍କ ନେତ୍ର ଅଶ୍ରୁଜଳରେ ଭରିଗଲା । ଶରୀର ଥର ଥର ହୋଇ କମ୍ପିଲା । ପ୍ରଥମ ବର୍ଷାର ଫେଣ ଖାଇ ମାଛ ଯେପରି ବେହୋସ ହୋଇଯାଏ, ତାଙ୍କ ଅବସ୍ଥା ଠିକ୍ ସେହିପରି ହୋଇଗଲା ॥ ୨ ॥

**ଧରି ଧୀରଜୁ ସୁତ ବଦନୁ ନିହାରୀ । ଗଦଗଦ ବଚନ କହତି ମହତାରୀ ॥**
**ତାତ ପିତହି ତୁହ୍ମ ପ୍ରାନ ପିଆରେ । ଦେଖି ମୁଦିତ ନିତ ଚରିତ ତୁହ୍ମାରେ ॥ ୩ ॥**
**ରାଜୁ ଦେନ କହୁଁ ସୁଭ ଦିନ ସାଧା । କହେଉ ଜାନ ବନ କେହିଁ ଅପରାଧା ॥**
**ତାତ ସୁନାଓ୍ୱହୁ ମୋହି ନିଦାନୂ । କୋ ଦିନକର କୁଲ ଭୟଉ କୃସାନୂ ॥ ୪ ॥**

କୌଣସିପ୍ରକାରେ ଧୈର୍ଯ୍ୟ ଧରି, ପୁତ୍ରର ମୁହଁକୁ ଚ୍ହାହିଁ ମାତା ଗଦ୍‌ଗଦ କଣ୍ଠରେ କହିଲେ, ‘‘ରେ ଧନ ! ତୁ ତ ପିତାଙ୍କର ପ୍ରାଣ ସମାନ ପ୍ରିୟ ! ତୋ ଚରିତ ଦେଖି ସେ ତ ସବୁବେଳେ ଆନନ୍ଦିତ ହେଉଥିଲେ । ସେ ହିଁ ରାଜ୍ୟ ଦେବାପାଇଁ ଶୁଭଦିନ ଗଣାଇଥିଲେ । ପୁଣି ଏବେ କେଉଁ ଅପରାଧ ହେତୁ ତୋତେ ବଣକୁ ଚାଲିଯିବାକୁ କହିଲେ ? ମୋ ବାପାଟା ପରା, ମୋତେ ଟିକିଏ ଏସବୁର କାରଣ ଶୁଣାଅ । ସୂର୍ଯ୍ୟବଂଶରୂପୀ ବନକୁ ଜାଳିଦେବା ନିମନ୍ତେ କିଏ ଏପରି ଅଗ୍ନି ହୋଇଗଲା ?’’ ॥ ୩-୪ ॥

ଦୋଃ- **ନିରଖି ରାମ ରୁଖ ସଚିଓ୍ୱସୁତ କାରନୁ କହେଉ ବୁଝାଇ ।**
**ସୁନି ପ୍ରସଂଗୁ ରହି ମୂକ ଜିମି ଦସା ବରନି ନହିଁ ଜାଇ ॥ ୫୪ ॥**

ସେତେବେଳେ ରାମଙ୍କ ମନୋଭାବ ଲକ୍ଷ୍ୟ କରି ମନ୍ତ୍ରୀପୁତ୍ର ସମସ୍ତ କାରଣ କହିଦେଲେ । ସକଳ ପ୍ରସଙ୍ଗ ଶୁଣି, ରାଣୀ ମୂକ ପରି ହତବାକ୍ ହୋଇଗଲେ । ତାଙ୍କର ସେହି ଅବସ୍ଥା ବର୍ଣ୍ଣନା କରିହେବ ନାହିଁ ॥ ୫୪ ॥

**ରାଖି ନ ସକଇ ନ କହି ସକ ଜାହୂ । ଦୁହୂଁ ଭାଁତି ଉର ଦାରୁନ ଦାହୂ ॥**
**ଲିଖତ ସୁଧାକର ଗା ଲିଖି ରାହୂ । ବିଧି ଗତି ବାମ ସଦା ସବ କାହୂ ॥ ୧ ॥**

ସେ ପୁଅକୁ ରଖାଇପାରୁ ନ ଥାନ୍ତି, କି ‘ବନକୁ ଚାଲିଯା’ ବୋଲି କହିପାରୁ ନ ଥାନ୍ତି । ଉଭୟଦିଗରୁ ହୃଦୟରେ ଭୀଷଣ ସନ୍ତାପ ହେଉଥାଏ । ଭାବୁଥାନ୍ତି, ବିଧାତାର ଗତି ସମସ୍ତଙ୍କ ନିମନ୍ତେ ସର୍ବଦା ବାମ । ସେ ଚନ୍ଦ୍ର ଲେଖିବାକୁ ବସିଥିଲେ; କିନ୍ତୁ ଲେଖିହୋଇଗଲା ରାହୁ ! ॥ ୧ ॥

**ଧରମ ସନେହ ଉଭୟଁ ମତି ଘେରୀ । ଭଇ ଗତି ସାଁପ ଛୁଛୁଂଦରି କେରୀ ॥**
**ରାଖଉଁ ସୁତହି କରଉଁ ଅନୁରୋଧୂ । ଧରମୁ ଜାଇ ଅରୁ ବଂଧୁ ବିରୋଧୂ ॥ ୨ ॥**

କୌଶଲ୍ୟାଙ୍କ ବୁଦ୍ଧିକୁ ଧର୍ମ ଓ ସ୍ନେହ ଉଭୟେ ଆବୋରିବସିଲେ । ତାଙ୍କ ଦଶା ‘ନାଗ ଚୁଚୁନ୍ଦ୍ରା ଧରିବା’ ପରି ହୋଇଗଲା (ମୂଷା ବୋଲି ଭାବି ଚୁଚୁନ୍ଦ୍ରାକୁ ଧରିବା ପରେ ତା’ର ଦୁର୍ଗନ୍ଧ ହେତୁ ନାଗ ତାକୁ ଖାଇପାରେ ନାହିଁ, କି ଅନ୍ଧ ହୋଇଯିବା ଭୟରେ ଛାଡ଼ିପାରେ ନାହିଁ ) । ସେ ଭାବିଲେ, ‘‘ଯଦି ଅନୁରୋଧ କରି ପୁଅକୁ ଘରେ ରଖିନେବି, ତେବେ ଧର୍ମନାଶ ହେବା ସଙ୍ଗେ ସଙ୍ଗେ ଭାଇ ଭାଇ ଭିତରେ ବିରୋଧ ଉପୁଜିଯିବ; ॥ ୨ ॥

**କହଉଁ ଜାନ ବନ ତୌ ବଡ଼ି ହାନୀ । ସଂକଟ ସୋଚ ବିବସ ଭଇ ରାନୀ ॥**
**ବହୁରି ସମୁଝି ତିୟ ଧରମୁ ସୟାନୀ । ରାମୁ ଭରତୁ ଦୋଉ ସୁତ ସମ ଜାନୀ ॥ ୩ ॥**
**ସରଲ ସୁଭାଉ ରାମ ମହତାରୀ । ବୋଲୀ ବଚନ ଧୀର ଧରି ଭାରୀ ॥**
**ତାତ ଜାଉଁ ବଲି କୀହ୍ନେହୁ ନୀକା । ପିତୁ ଆୟସୁ ସବ ଧରମକ ଟୀକା ॥ ୪ ॥**

ଏବଂ ଯଦି ବଣକୁ ଯାଆ ବୋଲି କହିଦେବି, ତେବେ ଘୋର କ୍ଷତି ହୋଇଯିବ ।'' ଏପରି ଧର୍ମସଂକଟରେ ପଡ଼ି ରାଣୀ ଘୋର ଚିନ୍ତାରେ ବୁଡ଼ିଗଲେ । ଶେଷରେ ପତିବ୍ରତା ଧର୍ମକୁ ସମ୍ମାନ ଦେଇ ଏବଂ ରାମ ଓ ଭରତ ଉଭୟ ପୁତ୍ରଙ୍କୁ ସମାନ ମଣି, ସେହି ବୁଦ୍ଧିମତୀ ସରଳସ୍ୱଭାବା ଶ୍ରୀରାମଜନନୀ ଧୈର୍ଯ୍ୟ ଧରି କହିଲେ, ''ଧନରେ ! ତୁ ଠିକ୍ କରିଛୁ । ତୋର ଧର୍ମନିଷ୍ଠାକୁ ମୁଁ ଜୁହାର କରୁଛି । ପିତୃଆଜ୍ଞା ପାଳନ କରିବାହିଁ ସବୁଠାରୁ ଶ୍ରେଷ୍ଠ ଧର୍ମ ॥ ୩-୪ ॥

**ଦୋ:- ରାଜୁ ଦେନ କହି ଦୀହ୍ନ ବନୁ ମୋହି ନ ସୋ ଦୁଖ ଲେସୁ ।**
**ତୁହ୍ମ ବିନୁ ଭରତହି ଭୂପତିହି ପ୍ରଜହି ପ୍ରଚଂଡ କଲେସୁ ॥ ୫୫ ॥**

ରାଜ୍ୟ ଦେବାକୁ କହି ମହାରାଜ ବନବାସ ଦେଇଦେଲେ ବୋଲି ମୋର ଲେଶମାତ୍ର ଦୁଃଖ ନାହିଁ । [ଦୁଃଖ ଏଇଥିପାଇଁ ଯେ,] ତୋ ବିନା ଭରତକୁ, ମହାରାଜାଙ୍କୁ ଏବଂ ପ୍ରଜାଗଣଙ୍କୁ ବଡ଼ କଷ୍ଟ ହେବ ॥ ୫୫ ॥

**ଜୌଁ କେୱଲ ପିତୁ ଆୟସୁ ତାତା । ତୌ ଜନି ଜାହୁ ଜାନି ବଡ଼ି ମାତା ॥**
**ଜୌଁ ପିତୁ ମାତୁ କହେଉ ବନ ଜାନା । ତୌ କାନନ ସତ ଅୱଧ ସମାନା ॥ ୧ ॥**

ବାପ ! ଯଦି କେବଳ ପିତାଙ୍କ ଆଜ୍ଞା ହୋଇଥିବ, ତେବେ ମାତାଙ୍କୁ (ମୋତେ) ପିତାଙ୍କ ଠାରୁ ବଡ଼ ବୋଲି ଜାଣି, ତୁ ବନକୁ ଯାଆନା । କିନ୍ତୁ ଯଦି ପିତା-ମାତା (ଦଶରଥ ଓ କୈକେୟୀ) ଉଭୟେ ତୋତେ ବନକୁ ଚାଲିଯାଆ ବୋଲି କହିଛନ୍ତି, ତେବେ ତୋ ପାଇଁ ସେହି ବନହିଁ ଶହେ ଅଯୋଧ୍ୟା ସହ ସମାନ ॥ ୧ ॥

**ପିତୁ ବନଦେୱ ମାତୁ ବନଦେୱୀ । ଖଗ ମୃଗ ଚରନ ସରୋରୁହ ସେୱୀ ॥**
**ଅଂତହୁଁ ଉଚିତ ନୃପହି ବନବାସୂ । ବୟ ବିଲୋକି ହିୟଁ ହୋଇ ହରାଁସୂ ॥ ୨ ॥**

ବନର ଦେବତାମାନେ ହେବେ ତୋ ପାଇଁ ପିତା; ବନଦେବୀମାନେ ହେବେ ମାତା । ବଣର ପଶୁପକ୍ଷୀ ହେବେ ତୋ' ଚରଣକମଳର ସେବକ। ରାଜାପକ୍ଷରେ ତ ଶେଷଜୀବନରେ ବନବାସ କରିବାହିଁ ଉଚିତ; କିନ୍ତୁ ତୋର ସୁକୁମାର ଅବସ୍ଥା ଦେଖି ମୋ ମନରେ ଦୁଃଖ ହେଉଛି ॥ ୨ ॥

**ବଡ଼ଭାଗୀ ବନୁ ଅୱଧ ଅଭାଗୀ । ଜୋ ରଘୁବଂସତିଲକ ତୁହ୍ମ ତ୍ୟାଗୀ ॥**
**ଜୌଁ ସୁତ କହୌଁ ସଂଗ ମୋହି ଲେହୂ । ତୁହ୍ମରେ ହୃଦୟଁ ହୋଇ ସଂଦେହୂ ॥ ୩ ॥**

ରେ ରଘୁବଂଶତିଳକ ! ସେହି ବନ ବଡ଼ ଭାଗ୍ୟବାନ୍; ଆଉ ଏହି ଅଯୋଧ୍ୟା, ଯାହାକୁ ତୁ ତ୍ୟାଗ କରିଦେଲୁ, ବଡ଼ ଅଭାଗୀ । ଆରେ ବାପ ! ଯଦି ମୁଁ କହିବି ଯେ, ମୋତେ ବି ତୁ ସାଥିରେ ନେଇଯାଆ, ତେବେ ତୋ ମନରେ ସନ୍ଦେହ ହେବ [ଯେ ମାଆ ମୋତେ ଏହି ଛଳରେ ଅଟକାଇ ଦେଉଛନ୍ତି] ॥ ୩ ॥

**ପୂତ ପରମ ପ୍ରିୟ ତୁହ୍ମ ସବହୀ କେ । ପ୍ରାନ ପ୍ରାନ କେ ଜୀୱନ ଜୀ କେ ॥**
**ତେ ତୁହ୍ମ କହହୁ ମାତୁ ବନ ଜାଉଁ । ମୈଁ ସୁନି ବଚନ ବୈଠି ପଛିତାଉଁ ॥ ୪ ॥**

ରେ ପୁଅ !ତୁ ସମସ୍ତଙ୍କର ପରମ ପ୍ରିୟ । ତୁ ସମସ୍ତଙ୍କର ପ୍ରାଣର ପ୍ରାଣ; ସବୁରି ଜୀବର ଜୀବନ । ଏଭଳି ପ୍ରାଣାଧାର ହୋଇ ତୁ କହୁଛୁ, 'ମାଆ ! ମୁଁ ବନକୁ ଯାଉଛି;' ଆଉ ମୁଁ ତୋ କଥା ଶୁଣି, ଏଠି ବସି ଦୁଃଖ କରୁଛି ! ॥ ୪॥

**ଦୋ:- ୟହ ବିଚାରି ନହିଁ କରଉଁ ହଠ ଝୂଠ ସନେହୁ ବଢ଼ାଇ ।**
**ମାନି ମାତୁ କର ନାତ ବଲି ସୁରତି ବିସରି ଜନି ଜାଇ ॥ ୫୬ ॥**

ଏଇଆ ଚିନ୍ତା କରି, ମିଛରେ ସ୍ନେହ ବଢ଼ାଇ ମୁଁ ଆଉ ଜିଦି କରୁନାହିଁ । ବାପ ! ମୁଁ ନେହୁରା ହୋଇ କହୁଛି ! ମୁଁ ତୋର ମାଆ—ଏ କଥା ତୁ ଭୁଲିଯିବୁନି ॥ ୫୬ ॥

ଦେଓ୍ୱ ପିତର ସବ ତୁହ୍ମହି ଗୋସାଇଁ । ରାଖହୁଁ ପଲକ ନୟନ କୀ ନାଇଁ ॥
ଅଓ୍ୱଧି ଅଁବୁ ପ୍ରିୟ ପରିଜନ ମୀନା । ତୁହ୍ମ କରୁନାକର ଧରମ ଧୁରୀନା ॥ ୧ ॥

ହେ ମୋର ରାଜା ! ଆଖିପତା ଯେପରି ଆଖିକୁ ରକ୍ଷା କରେ, ସବୁ ଦେବତା ଓ ପିତୃପୁରୁଷ ଠିକ୍ ସେହିପରି ତୋତେ ରକ୍ଷା କରନ୍ତୁ । ତୋର ବନବାସର ଅବଧି (ଚଉଦବର୍ଷ) ହେଉଛି ଜଳ ଏବଂ ପ୍ରିୟଜନ ଓ କୁଟୁମ୍ବଲୋକେ ହେଉଛନ୍ତି ମୀନ । ତୁ ତ ଦୟାର ନିଧାନ; ତୁ ତ ଧର୍ମଧୁରନ୍ଧର ॥ ୧ ॥

ଅସ ବିଚାରି ସୋଇ କରହୁ ଉପାଈ । ସବହି ଜିଅତ ଜେହିଁ ଭେଁଟହୁ ଆଈ ॥
ଜାହୁ ସୁଖେନ ବନହି ବଲି ଜାଉଁ । କରି ଅନାଥ ଜନ ପରିଜନ ଗାଉଁ ॥ ୨ ॥

ତେଣୁ ଏହା ବିଚାର କରି ସେହି ଉପାୟ କରିବୁ, ଯାହାଫଳରେ କି ସମସ୍ତେ ବଞ୍ଚିଥାଉଁ ଥାଉଁ ତୁ ଆସି ସମସ୍ତଙ୍କୁ ଭେଟିବୁ । ମୁଁ କୌଣସି ଦ୍ୱିଧା ନ ରଖି କହୁଛି, ତୁ ସବୁ ସେବକ, ଆତ୍ମୀୟସ୍ୱଜନ ଓ ନଗରବାସୀଙ୍କୁ ଅନାଥ କରିଦେଇ ଆନନ୍ଦରେ ବନକୁ ଚାଲିଯାଆ ॥ ୨ ॥

ସବ କର ଆଜୁ ସୁକୃତ ଫଲ ବୀତା । ଭୟଉ କରାଲ କାଲୁ ବିପରୀତା ॥
ବହୁବିଧି ବିଲପି ଚରନ ଲପଟାନୀ । ପରମ ଅଭାଗିନି ଆପୁହି ଜାନୀ ॥ ୩ ॥

ଆଜି ସମସ୍ତଙ୍କର ପୁଣ୍ୟର ଫଳ ଶେଷ ହୋଇଗଲା । କରାଳ କାଳ ଆମର ବିପରୀତ ହୋଇଗଲା ।" ଏହିପରି ବିଳାପ କରି କରି ଏବଂ ନିଜକୁ ନିତାନ୍ତ ଅଭାଗିନୀ ବୋଲି ଜାଣି ମାତା କୌଶଲ୍ୟା ଶ୍ରୀରାମଙ୍କ ଚରଣରେ ଲୋଟିପଡ଼ିଲେ ॥ ୩ ॥

ଦାରୁନ ଦୁସହ ଦାହୁ ଉର ବ୍ୟାପା । ବରନି ନ ଜାହିଁ ବିଲାପ କଲାପା ॥
ରାମ ଉଠାଇ ମାତୁ ଉର ଲାଈ । କହି ମୃଦୁ ବଚନ ବହୁରି ସମୁଝାଈ ॥ ୪ ॥

ହୃଦୟରେ ଦାରୁଣ ଦୁଃସହ ସନ୍ତାପ ଛାଇହୋଇଗଲା । ସେହି ସମୟର କରୁଣ ବିଳାପ ଅବର୍ଣ୍ଣନୀୟ । ଶ୍ରୀରାମ ମାତାଙ୍କୁ ଉଠାଇ ବକ୍ଷରେ ଧରିଲେ ଏବଂ କୋମଳ ବଚନ କହି ତାଙ୍କୁ ବୁଝାଇବାକୁ ଲାଗିଲେ ॥ ୪ ॥

ଦୋଃ- ସମାଚାର ତେହି ସମୟ ସୁନି ସୀୟ ଉଠୀ ଅକୁଲାଇ ।
ଜାଇ ସାସୁ ପଦ କମଲ ଜୁଗ ବଂଦି ବୈଠି ସିରୁ ନାଇ ॥ ୫୭ ॥

ସେତିକିବେଳେ, ଏହି ସମାଚାର ଶୁଣି, ସୀତା ବ୍ୟାକୁଳ ହୋଇ ଶାଶୁଙ୍କ ପାଖକୁ ଧାଇଁଆସିଲେ । ସେ ତାଙ୍କର ଚରଣଯୁଗଳକୁ ବନ୍ଦନା କରି, ନତମସ୍ତକ ହୋଇ ବସିପଡ଼ିଲେ ॥ ୫୭ ॥

ଦୀହ୍ନି ଅସୀସ ସାସୁ ମୃଦୁ ବାନୀ । ଅତି ସୁକୁମାରି ଦେଖି ଅକୁଲାନୀ ॥
ବୈଠି ନମିତମୁଖ ସୋଚତି ସୀତା । ରୂପ ରାସି ପତି ପ୍ରେମ ପୁନୀତା ॥ ୧ ॥

ଶାଶୁ କୋମଳ ଓ ମଧୁରଭାବରେ ଆଶୀର୍ବାଦ ଦେଲେ । ସୀତାଙ୍କୁ ଅତ୍ୟନ୍ତ ସୁକୁମାରୀ ଦେଖି ସେ ବ୍ୟାକୁଳ ହୋଇଉଠିଲେ । ରୂପର ରାଶି ଓ ପତିପ୍ରେମରେ ପବିତ୍ରା ସୀତା ମଥା ପୋତି ବସି ଚିନ୍ତା କରୁଥାନ୍ତି ॥ ୧ ॥

ଚଲନ ଚହତ ବନ ଜୀଓ୍ୱନନାଥୂ । କେହି ସୁକୃତୀ ସନ ହୋଇହି ସାଥୂ ॥
କୀ ତନୁ ପ୍ରାନ କି କେଓ୍ୱଲ ପ୍ରାନା । ବିଧି କରତବୁ କଛୁ ଜାଇ ନ ଜାନା ॥ ୨ ॥

''ପ୍ରାଣନାଥ ବନକୁ ଚାଲିଯିବାକୁ ଚାହୁଁଛନ୍ତି । ଦେଖାଯାଉ, ମୋର ଶରୀର ଓ ପ୍ରାଣ ଉଭୟେ ତାଙ୍କ ସହିତ ଯିବେ, ନା କେବଳ ପ୍ରାଣଟା ଯିବ ?–ଏ ଦୁହିଁଙ୍କ ଭିତରୁ କେଉଁ ପୁଣ୍ୟବାନ୍ ତାଙ୍କର ସାଥିରେ ଯିବ, ବିଧାତା କ'ଣ କରିବ, କିଛି ଜାଣିହେଉନି ।'' ॥ ୨ ॥

**ଚାରୁ ଚରନ ନଖ ଲେଖତି ଧରନୀ । ନୂପୁର ମୁଖର ମଧୁର କବି ବରନୀ ॥**
**ମନହୁଁ ପ୍ରେମ ବସ ବିନତୀ କରହୀଁ । ହମହି ସୀୟ ପଦ ଜନି ପରିହରହୀଁ ॥ ୩ ॥**

ସୀତା ତାଙ୍କର ସୁନ୍ଦର ପାଦନଖରେ ଭୂଇଁ ଉଖାରୁଥାନ୍ତି । ତାଙ୍କ ପାଦନୂପୁରରୁ ଯେଉଁ ମଧୁର ଧ୍ୱନି ହେଉଥିଲା, ତାହା ବର୍ଣ୍ଣନା କରି କବି କହନ୍ତି, ସତେ ଅବା ପ୍ରେମବଶ ହୋଇ ନୂପୁରଗୁଡ଼ିକ ବିନତି କରୁଥିଲେ, 'ସୀତାଙ୍କ ଚରଣ ଆମକୁ କେବେ ବି ତ୍ୟାଗ ନ କରୁ ।' ॥ ୩ ॥

**ମଂଜୁ ବିଲୋଚନ ମୋଚତି ବାରୀ । ବୋଲୀ ଦେଖି ରାମ ମହତାରୀ ॥**
**ତାତ ସୁନହୁ ସିୟ ଅତି ସୁକୁମାରୀ । ସାସୁ ସସୁର ପରିଜନହି ପିଆରୀ ॥ ୪ ॥**

ସୀତାଙ୍କର କମନୀୟ ନୟନରୁ ଅଶ୍ରୁଧାରା ବହୁଥାଏ । ତାଙ୍କର ଏଭଳି ଅବସ୍ଥା ଦେଖି ମାତା କୌଶଲ୍ୟା ଶ୍ରୀରାମଙ୍କୁ କହିଲେ, ''ବାପ ! ଶୁଣ, ସୀତା ବଡ଼ ସୁକୁମାରୀ । ସେ ପୁଣି ଶାଶୁ, ଶ୍ୱଶୁର ଓ କୁଟୁମ୍ବଲୋକ–ସମସ୍ତଙ୍କର ପ୍ରିୟ ॥ ୪ ॥

ଦୋ:- **ପିତା ଜନକ ଭୂପାଲ ମନି ସସୁର ଭାନୁକୁଲ ଭାନୁ ।**
**ପତି ରବିକୁଲ କୈରଵ ବିପିନ ବିଧୁ ଗୁନ ରୂପ ନିଧାନୁ ॥ ୫୮ ॥**

ତାହାର ପିତା ଜନକ ହେଉଛନ୍ତି ରାଜାମାନଙ୍କର ମଉଡ଼ମଣି; ଶ୍ୱଶୁର ସୂର୍ଯ୍ୟବଂଶର ସୂର୍ଯ୍ୟ ଏବଂ ପତି ସୂର୍ଯ୍ୟବଂଶରୂପୀ କୁମୁଦବନର ଆନନ୍ଦକର ଚନ୍ଦ୍ର ତଥା ଗୁଣ ଓ ରୂପର ଭଣ୍ଡାର ॥ ୫୮ ॥

**ମୈଁ ପୁନି ପୁତ୍ରବଧୂ ପ୍ରିୟ ପାଈ । ରୂପ ରାସି ଗୁନ ସୀଲ ସୁହାଈ ॥**
**ନୟନ ପୁତରି କରି ପ୍ରୀତି ବଢ଼ାଈ । ରାଖେଉଁ ପ୍ରାନ ଜାନକିହିଁ ଲାଈ ॥ ୧ ॥**

ମୁଁ ଏଭଳି ରୂପରାଶି, ସୁନ୍ଦରୀ, ଗୁଣବତୀ, ଶୀଳବତୀ ଓ ଆଦରର ବୋହୂଟିଏ ପାଇଛି । ମୁଁ ଏହାକୁ ମୋର ନୟନପିତୁଳା କରି, ଏହାରି ଉପରେ ପ୍ରେମ ଢାଳିଦେଇ, ଏହାରି ସହିତ ଏକପ୍ରାଣ ହୋଇ ରହିଛି ॥ ୧ ॥

**କଲପବେଲି ଜିମି ବହୁବିଧି ଲାଲୀ । ସୀଁଚି ସନେହ ସଲିଲ ପ୍ରତିପାଲୀ ॥**
**ଫୂଲତ ଫଲତ ଭୟଉ ବିଧି ବାମା । ଜାନି ନ ଜାଇ କାହ ପରିନାମା ॥ ୨ ॥**

ବହୁ ଆଦରଯତ୍ନ କରି ଓ ସ୍ନେହରୂପୀ ଜଳ ଦେଇ ମୁଁ ଏହାକୁ କଳ୍ପଲତା ପରି ପାଳିଛି । ଏବେ ଏହି ଲତାଟିରେ ଫୁଲଫଳ ଧରିବାବେଳକୁ ବିଧାତା ବାମ ହୋଇଗଲା । ଏହାର ପରିଣାମ ଯେ କ'ଣ ହେବ, ମୁଁ ତାହା ଜାଣିପାରୁନି ॥ ୨ ॥

**ପଲଁଗ ପୀଠ ତଜି ଗୋଦ ହିଁଡୋରା । ସିୟଁ ନ ଦୀହ୍ନ ପଗୁ ଅଵନି କଠୋରା ॥**
**ଜିଅନମୂରି ଜିମି ଜୋଗଵତ ରହଉଁ । ଦୀପ ବାତି ନହିଁ ଟାରନ କହଉଁ ॥ ୩ ॥**

ମୋ ସୀତା ତ ପଲଙ୍କ, କୋଳ ଓ ଝୁଲଣା ଛାଡ଼ି ଦିନେ ହେଲେ କଠୋର ଭୂଇଁରେ ପାଦ ରଖିନାହିଁ । ମୁଁ ତ ଦିନରାତି ସଂଜୀବନୀ ଓଷଧି ପରି [ବଡ଼ ସାବଧାନ ହୋଇ] ଏହାର ଯତ୍ନ ନେଇଆସିଛି । ଟିକିଏ ଦୀପ ତେଜିଦେବାକୁ ବି ଦିନେ କହିନି ॥ ୩ ॥

**ସୋଇ ସିୟ୍ ଚଲନ ଚହତି ବନ ସାଥା । ଆୟସୁ କାହ ହୋଇ ରଘୁନାଥା ॥**
**ଚଂଦ କିରନ ରସ ରସିକ ଚକୋରୀ । ରବି ରୁଖ ନୟନ ସକଇ କିମି ଜୋରୀ ॥ ୪ ॥**

ସେହି ସୀତା ଏବେ ତୋ ସାଥିରେ ବଣକୁ ଯିବ ବୋଲି କହୁଛି । ରଘୁନାଥ ! ତୁ ତାକୁ କି ଆଜ୍ଞା ଦେଉଛୁ ? ଚନ୍ଦ୍ରକିରଣର ରସ ଗ୍ରହୁଁଥିବା ଚକୋରୀ ସୂର୍ଯ୍ୟଙ୍କ ଆଡ଼କୁ କିପରି ଗ୍ରହିଁବ ? ॥ ୪ ॥

ଦୋ:- **କରି କେହରି ନିସିଚର ଚରହିଁ ଦୁଷ୍ଟ ଜଂତୁ ବନ ଭୂରି ।**
**ବିଷ ବାଟିକାଁ କି ସୋହ ସୁତ ସୁଭଗ ସଜୀୱନି ମୂରି ॥ ୫୯ ॥**

ବଣରେ ହାତୀ, ସିଂହ, ରାକ୍ଷସ ଆଦି ଅନେକ ଦୁଷ୍ଟ ଜନ୍ତୁ ବୁଲୁଛନ୍ତି । ଆରେ ବାପ ! କ'ଣ ବିଷବଗିଚ୍ଛ ଭିତରେ ସୁନ୍ଦର ସଂଜୀବନୀ ଲତା ଶୋଭା ପାଇବ? ॥ ୫୯ ॥

**ବନ ହିତ କୋଲ କିରାତ କିସୋରୀ । ରଚୀଁ ବିରଂଚି ବିଷୟ ସୁଖ ଭୋରୀ ॥**
**ପାହନକୃମି ଜିମି କଠିନ ସୁଭାଊ । ତିନ୍ହହି କଲେସୁ ନ କାନନ କାଊ ॥ ୧ ॥**

ବଣରେ ରହିବାପାଇଁ ତ ବ୍ରହ୍ମା ବିଷୟସୁଖ ଜାଣି ନ ଥିବା କୋଲ୍ଲକିରାତ ଝିଅଙ୍କୁ ଗଢ଼ିଛନ୍ତି । ସେମାନଙ୍କ ସ୍ୱଭାବ (ଚଳଣି) ପଥରପୋକ ପରି କଠୋର; ସେମାନଙ୍କୁ ବଣରେ କେବେ କଷ୍ଟ ବୋଧ ହୁଏନି ॥ ୧ ॥

**କୈ ତାପସ ତିୟ୍ କାନନ ଜୋଗୂ । ଜିନ୍ହ ତପ ହେତୁ ତଜା ସବ ଭୋଗୂ ॥**
**ସିୟ୍ ବନ ବସିହି ତାତ କେହି ଭାଁତୀ । ଚିତ୍ରଲିଖିତ କପି ଦେଖି ଡେରାତୀ ॥ ୨ ॥**

[ସେମାନଙ୍କ ଛଡ଼ା] ତପସ୍ୱୀମାନଙ୍କ ସ୍ତ୍ରୀମାନେ ମଧ୍ୟ ବଣରେ ରହିବାକୁ ଯୋଗ୍ୟ; ସେମାନେ ତପସ୍ୟା ନିମନ୍ତେ ସବୁଭୋଗ ଛାଡ଼ିଦେଇଥାନ୍ତି । କିନ୍ତୁ ବାପ ! ଯେ ମାଙ୍କଡ଼ର ଛବିଟିଏ ଦେଖିଦେଲେ ଡରିଯାଏ, ସେହି ସୀତା କିପରି ବଣରେ ରହିପାରିବ? ॥ ୨ ॥

**ସୁରସର ସୁଭଗ ବନଜ ବନ ଚାରୀ । ଡାବର ଜୋଗୁ କି ହଂସକୁମାରୀ ॥**
**ଅସ ବିଚାରି ଜସ ଆୟସୁ ହୋଈ । ମୈଁ ସିଖ ଦେଉଁ ଜାନକିହି ସୋଈ ॥ ୩ ॥**

ଦେବସରୋବରର ରମଣୀୟ କମଳବନରେ ବିଚରଣ କରୁଥିବା ହଂସୀ କ'ଣ ପଙ୍କଗାଡ଼ିଆରେ ରହିବାକୁ ଯୋଗ୍ୟ ? ଏ କଥାକୁ ବିଚାର କରି ତୁ ଯେପରି ଆଜ୍ଞା ଦେବୁ, ମୁଁ ଜାନକୀକୁ ସେହିପରି ବୁଝାଇଦେବି ।'' ॥ ୩ ॥

**ଜୌଁ ସିୟ୍ ଭୱନ ରହୈ କହ ଅଂବା । ମୋହି କହଁ ହୋଇ ବହୁତ ଅୱଲଂବା ॥**
**ସୁନି ରଘୁବୀର ମାତୁ ପ୍ରିୟ ବାନୀ । ସୀଲ ସନେହ ସୁଧାଁ ଜନୁ ସାନୀ ॥ ୪ ॥**

ମାଆ ଆହୁରି କହିଲେ, ''ସୀତା ଯଦି ଘରେ ରହନ୍ତା, ମୋତେ ବହୁତ କିଛି ସାହା ମିଳିଯାଆନ୍ତା ।'' ମାଆଙ୍କର ସଦ୍‌ଭାବ ଓ ସ୍ନେହରୂପୀ ଅମୃତମୟ ପ୍ରିୟବଚନ ଶୁଣିବା ପରେ ଶ୍ରୀରାମ—॥ ୪ ॥

ଦୋ:- **କହି ପ୍ରିୟ ବଚନ ବିବେକମୟ କୀନ୍ହି ମାତୁ ପରିତୋଷ ।**
**ଲଗେ ପ୍ରବୋଧନ ଜାନକିହି ପ୍ରଗଟି ବିପିନ ଗୁନ ଦୋଷ ॥ ୬୦ ॥**

ବିବେକପୂର୍ଣ୍ଣ ପ୍ରିୟ ବଚନ କହି ମାଆଙ୍କୁ ସନ୍ତୁଷ୍ଟ କଲେ । ତା'ପରେ ବନର ଗୁଣଦୋଷ ପ୍ରକାଶ କରି ଜାନକୀଙ୍କୁ ବୁଝାଇବାକୁ ଲାଗିଲେ ॥ ୬୦॥

**ମାସପାରାୟଣ ଚତୁର୍ଦ୍ଦଶ ବିଶ୍ରାମ**

**ମାତୁ ସମୀପ କହତ ସକୁଚ୍ାହୀଁ । ବୋଲେ ସମଉ ସମୁଝି ମନ ମାହୀଁ ॥**
**ରାଜକୁମାରି ସିଖାୱନୁ ସୁନହୂ । ଆନ ଭାଁତି ଜିୟଁ ଜନି କଛୁ ଗୁନହୂ ॥ ୧ ॥**

ଶ୍ରୀରାମ ମାଆଙ୍କ ସମ୍ମୁଖରେ ସୀତାଙ୍କୁ କିଛି କହିବାକୁ ସଂକୋଚ ବୋଧ କରୁଥାନ୍ତି; କିନ୍ତୁ ସମୟ ଦୃଷ୍ଟିରୁ ବିଚାର କରି ସେ କହିଲେ, ''ହେ ରାଜକୁମାରୀ ! ମୋ କଥା ଶୁଣ । ମୋତେ ଭୁଲ୍ ବୁଝ ନାହିଁ ॥ ୧ ॥

**ଆପନ ମୋର ନୀକ ଜୌଁ ଚହହୂ । ବଚନୁ ହମାର ମାନି ଗୃହ ରହହୂ ॥**
**ଆୟସୁ ମୋର ସାସୁ ସେୱକାଈ । ସବ ବିଧି ଭାମିନି ଭୱନ ଭଲାଈ ॥ ୨ ॥**

ଯଦି ତୁମେ ନିଜର ଓ ମୋର—ଆମ ଉଭୟଙ୍କର ମଙ୍ଗଳ ଚାହୁଁଥାଅ, ତେବେ ମୋ କଥା ମାନି ଘରେ ରହିଯାଅ । ହେ ଭାମିନୀ ! ଏହାଦ୍ୱାରା ମୋର ଆଜ୍ଞାପାଳନ ହେବ; ଶାଶୁଙ୍କର ସେବା ମଧ୍ୟ ହୋଇପାରିବ । ଘରେ ରହିଲେ ସବୁଦୃଷ୍ଟିରୁ ମଙ୍ଗଳ ହେବ ॥ ୨ ॥

**ଏହି ତେ ଅଧିକ ଧରମୁ ନହିଁ ଦୂଜା । ସାଦର ସାସୁ ସସୁର ପଦ ପୂଜା ॥**
**ଜବ ଜବ ମାତୁ କରିହି ସୁଧି ମୋରୀ । ହୋଇହି ପ୍ରେମ ବିକଲ ମତି ଭୋରୀ ॥ ୩ ॥**

ଆଦରର ସହିତ ଶାଶୁଶ୍ୱଶୁରଙ୍କ ପାଦସେବା କରିବାଠାରୁ ବଳି ଅନ୍ୟ କୌଣସି ଧର୍ମ ନାହିଁ । ଯଦି କେତେବେଳେ ମୋ ମାଆ ମୋତେ ମନେପକାଇ, ପ୍ରେମାବେଶରେ ବ୍ୟାକୁଳ ହୋଇ ବାହ୍ୟଜ୍ଞାନ ହରାଇବାକୁ ବସିବେ, ॥ ୩ ॥

**ତବ ତବ ତୁହ୍ମ କହି କଥା ପୁରାନୀ । ସୁଂଦରି ସମୁଝାଏହୁ ମୃଦୁ ବାନୀ ॥**
**କହଉଁ ସୁଭାୟଁ ସପଥ ସତ ମୋହୀ । ସୁମୁଖି ମାତୁ ହିତ ରାଖଉଁ ତୋହୀ ॥ ୪ ॥**

ସେତେବେଳେ ହେ ସୁନ୍ଦରୀ ! ତୁମେ କୋମଳଭାବରେ ପୁରାଣର କଥା କହି କହି ମାଆଙ୍କୁ ବୁଝାଇବ । ହେ ସୁମୁଖୀ ! ବାରମ୍ବାର ରାଣ ପକାଇ ମୁଁ ସତ କହୁଛି, କେବଳ ମାଆଙ୍କ ନିମନ୍ତେହିଁ ମୁଁ ତୁମକୁ ଘରେ ଛାଡ଼ିଯିବାକୁ ଚାହୁଁଛି ॥ ୪ ॥

ଦୋ:- **ଗୁର ଶ୍ରୁତି ସଂମତ ଧରମ ଫଲୁ ପାଇଅ ବିନହିଁ କଲେସ ।**
**ହଠ ବସ ସବ ସଂକଟ ସହେ ଗାଲୱ ନହୁଷ ନରେସ ॥ ୬୧ ॥**

ମୋ କଥା ମାନି ଘରେ ରହିଲେ, ତୁମକୁ ଗୁରୁ ଓ ବେଦମାନଙ୍କ ଦ୍ୱାରା ଉପଦିଷ୍ଟ ଧର୍ମ-ଆଚରଣର ଫଳ ଅନାୟାସରେ ମିଳିଯିବ । ଏକଜିଦିଆ ସ୍ୱଭାବର ବଶବର୍ତ୍ତୀ ହୋଇ ଗାଲବ ମୁନି ଓ ରାଜା ନହୁଷ ଆଦି ପୁରୁଷମାନେ ବହୁ ସଂକଟରେ ପଡ଼ିଛନ୍ତି; ଦୁଃଖ ଭୋଗିଛନ୍ତି ॥ ୬୧ ॥

**ମୈଁ ପୁନି କରି ପ୍ରୱାନ ପିତୁ ବାନୀ । ବେଗି ଫିରବ ସୁନୁ ସୁମୁଖି ସୟାନୀ ॥**
**ଦିୱସ ଜାତ ନହିଁ ଲାଗିହି ବାରା । ସୁଂଦରି ସିଖୱନୁ ସୁନହୁ ହମାରା ॥ ୧ ॥**

ହେ ସୁମୁଖୀ ! ହେ ବୁଦ୍ଧିମତୀ ! ମୁଁ ପିତାଙ୍କ ବଚନ ସତ୍ୟ କରି ଶୀଘ୍ର ଫେରିଆସିବି । ଦିନ ଗଡ଼ିଯିବାକୁ ବିଳମ୍ବ ଘଟେ ନାହିଁ । ହେ ସୁନ୍ଦରୀ ! ମୋର ଉପଦେଶ ଶୁଣ ॥ ୧ ॥

**ଜୌଁ ହଠ କରହୁ ପ୍ରେମ ବସ ବାମା । ତୌ ତୁହ୍ମ ଦୁଖୁ ପାଉବ ପରିନାମା ॥**
**କାନନୁ କଠିନ ଭୟଂକରୁ ଭାରୀ । ଘୋର ଘାମୁ ହିମ ବାରି ବୟାରୀ ॥ ୨ ॥**

ହେ ବାମା ! ଯଦି ପ୍ରେମର ପରବଶ ହୋଇ ଜିଦ୍ ଧରିବସିବ, ତେବେ ପରିଣାମରେ ଦୁଃଖହିଁ ପାଇବ । ବନ ବଡ଼ କ୍ଲେଶଦାୟକ ଓ ଭୟଙ୍କର ସ୍ଥାନ । ବଣରେ ଶୀତ ଯେପରି ପ୍ରଚଣ୍ଡ, ଗ୍ରୀଷ୍ମ, ବର୍ଷା ଓ ପବନ ସେହିପରି ଭୟଙ୍କର ॥ ୨ ॥

**କୁସ କଂଟକ ମଗ କାଁକର ନାନା । ଚଲବ ପୟାଦେହିଁ ବିନୁ ପଦତ୍ରାନା ॥**
**ଚରନ କମଲ ମୃଦୁ ମଂଜୁ ତୁହ୍ମାରେ । ମାରଗ ଅଗମ ଭୂମିଧର ଭାରେ ॥ ୩ ॥**

ବନପଥ ଅତ୍ୟନ୍ତ କଙ୍କରିତ; କୁଶ ଓ କଣ୍ଟକମୟ । ସେହି ପଥରେ ଖାଲିପାଦରେ ଚାଲିବାକୁ ପଡ଼ିବ । ତୁମ ପାଦ ତ ପଦ୍ମଫୁଲ ପରି କୋମଳ ଓ ସୁନ୍ଦର, ଅଥଚ ପଥ ଅତି ଦୁର୍ଗମ ଓ ପର୍ବତମୟ ॥ ୩ ॥

**କଂଦର ଖୋହ ନଦୀଁ ନଦ ନାରେ । ଅଗମ ଅଗାଧ ନ ଜାହିଁ ନିହାରେ ॥**
**ଭାଲୁ ବାଘ ବୃକ କେହରି ନାଗା । କରହିଁ ନାଦ ସୁନି ଧୀରଜୁ ଭାଗା ॥ ୪ ॥**

ପାହାଡ଼ର ଗୁମ୍ଫା, ନାଳ, ନଦ, ନଦୀ ପ୍ରଭୃତି ଏତେ ଅଗମ୍ୟ ଓ ଗଭୀର ଯେ, ସେସବୁ ଆଡ଼କୁ ଚାହିଁ ସୁଦ୍ଧା ହେବ ନାହିଁ । ବଣରେ ବାଘ, ଭାଲୁ, ହେଟା, ସିଂହ, ହାତୀ ଆଦି ଭୟଙ୍କର ପ୍ରାଣୀମାନେ ଏଭଳି ଗର୍ଜନ କରନ୍ତି ଯେ, ସେମାନଙ୍କର ଗର୍ଜନ ଶୁଣି ମନୁଷ୍ୟର ଧୈର୍ଯ୍ୟଚ୍ୟୁତି ଘଟେ ॥ ୪ ॥

ଦୋଃ- **ଭୂମି ସୟନ ବଲକଲ ବସନ ଅସନୁ କଂଦ ଫଲ ମୂଲ ।**
**ତେ କି ସଦା ସବ ଦିନ ମିଲହିଁ ସବୁଇ ସମୟ ଅନୁକୂଲ ॥ ୬୨ ॥**

ଭୂଇଁରେ ଶୋଇବାକୁ ପଡ଼ିବ; ଗଛର ବକଳ ପିନ୍ଧିବାକୁ ପଡ଼ିବ ଏବଂ ବଣର କନ୍ଦ, ମୂଳ ଓ ଫଳ ଖାଇ ରହିବାକୁ ପଡ଼ିବ–ତା'ପୁଣି କ'ଣ ଇଚ୍ଛାନୁସାରେ ସବୁଦିନେ ଓ ସବୁବେଳେ ମିଳିବ ? ସବୁ କିଛି ତା' ସମୟରେହିଁ ମିଳିବ ॥ ୬୨ ॥

**ନର ଅହାର ରଜନୀଚର ଚରହୀଁ । କପଟ ବେଷ ବିଧି କୋଟିକ କରହୀଁ ॥**
**ଲାଗଇ ଅତି ପହାର କର ପାନୀ । ବିପିନ ବିପତି ନହିଁ ଜାଇ ବଖାନୀ ॥ ୧ ॥**

ବଣରେ ମଣିଷଖିଆ ରାକ୍ଷସମାନେ ବୁଲୁଥାନ୍ତି । ସେମାନେ ପୁଣି ବିଭିନ୍ନପ୍ରକାର କପଟରୂପ ଧରନ୍ତି । ବଣପର୍ବତର ପାଣି ଦେହରେ ଯାଏ ନାହିଁ । ବଣର ବିପତ୍ତିଗୁଡ଼ାକ କଥାରେ କହିହେବ ନାହିଁ ॥ ୧ ॥

**ବ୍ୟାଲ କରାଲ ବିହଗ ବନ ଘୋରା । ନିସିଚର ନିକର ନାରି ନର ଚୋରା ॥**
**ଡରପହିଁ ଧୀର ଗହନ ସୁଧି ଆଏଁ । ମୃଗଲୋଚନି ତୁହ୍ମ ଭୀରୁ ସୁଭାଏଁ ॥ ୨ ॥**

ବଣରେ ଭୟଙ୍କର ସାପ, ପକ୍ଷୀ ଓ ନରନାରୀଙ୍କୁ ଚୋରାଇନେଇଯାଉଥିବା ଦଳ ଦଳ ରାକ୍ଷସ ରହନ୍ତି । ବଣର ଭୟଙ୍କରତା ମନେପଡ଼ିଯିବାମାତ୍ରେ ଧୈର୍ଯ୍ୟବାନ୍ ପୁରୁଷମାନେ ସୁଦ୍ଧା ଡରିଯାଆନ୍ତି; ପୁଣି ହେ ମୃଗନୟନୀ ! ତୁମେ ତ ସହଜେ ଡରକୁଳୀ ॥ ୨ ॥

**ହଂସଗୱନି ତୁହ୍ମ ନହିଁ ବନ ଜୋଗୂ । ସୁନି ଅପଜସୁ ମୋହି ଦେଇହି ଲୋଗୂ ॥**
**ମାନସ ସଲିଲ ସୁଧାଁ ପ୍ରତିପାଲୀ । ଜିଅଇ କି ଲୱନ ପୟୋଧି ମରାଲୀ ॥ ୩ ॥**

ହେ ମରାଳଗାମିନୀ ! ତୁମେ ବନପାଇଁ ଯୋଗ୍ୟା ନୁହଁ । ତୁମେ ବନକୁ ଯାଉଛ ବୋଲି ଶୁଣିଲେ, ଲୋକେ ମୋତେ ନିନ୍ଦା କରିବେ । ମାନସରୋବରର ଅମୃତସମ ଜଳରେ ପାଳିତା ହଂସୀ କ'ଣ କେବେ ଲବଣସମୁଦ୍ରରେ ବଞ୍ଚିପାରିବ ? ॥ ୩ ॥

**ନଓ୍ୱ ରସାଲ ବନ ବିହରନସୀଲା । ସୋହ କି କୋକିଲ ବିପିନ କରୀଲା ॥**
**ରହହୁ ଭଓ୍ୱନ ଅସ ହୃଦୟଁ ବିଗ୍ୱରୀ । ଚଂଦବଦନି ଦୁଖୁ କାନନ ଭାରୀ ॥ ୪ ॥**

ନବୀନ ଆମ୍ରବନରେ ବିହାର କରୁଥିବା କୋଇଲି କ'ଣ ପତ୍ରହୀନ କଣ୍ଟାବଣରେ ଶୋଭା ପାଇବ ? ହେ ଚନ୍ଦ୍ରମୁଖୀ ! ଏସବୁ କଥା ବିଗ୍ୱର କରି ତୁମେ ଘରେ ରହିଯାଅ; ବଣରେ ଚଳିବା ବଡ଼ କଷ୍ଟ ॥ ୪ ॥

ଦୋ:- **ସହଜ ସୁହୃଦ ଗୁର ସ୍ୱାମି ସିଖ ଜୋ ନ କରଇ ସିର ମାନି ।**
**ସୋ ପଛିତାଇ ଅଘାଇ ଉର ଅଓ୍ୱସି ହୋଇ ହିତ ହାନି ॥ ୬୩ ॥**

ହିତକାମୀ ଗୁରୁ ଓ ସ୍ୱାମୀଙ୍କ ଉପଦେଶକୁ ଯେ ଶିରୋଧାର୍ଯ୍ୟ କରି ନ ମାନେ, ତାକୁ ବହୁ ଅନୁତାପ କରିବାକୁ ପଡ଼େ ଓ ତା'ର ଅବଶ୍ୟ ଅମଙ୍ଗଳ ହୁଏ ॥ ୬୩ ॥

**ସୁନି ମୃଦୁ ବଚନ ମନୋହର ପିୟ କେ । ଲୋଚନ ଲଲିତ ଭରେ ଜଲ ସିୟ କେ ॥**
**ସୀତଲ ସିଖ ଦାହକ ଭଇ କୈସେଁ । ଚକଇହି ସରଦ ଚଂଦ ନିସି ଜୈସେଁ ॥ ୧ ॥**

ପ୍ରିୟତମଙ୍କର କୋମଳ ମନୋହର ବଚନ ଶୁଣି ସୀତାଙ୍କର କମନୀୟ ନୟନ ଅଶ୍ରୁଜଳରେ ଭରିଗଲା । ଶରତ ଋତୁର ଜ୍ୟୋତ୍ସ୍ନାମୟୀ ଗ୍ୟନ୍ଦିନୀ ରାତିରେ ଚକ୍ରବାକୀର ହୃଦୟ ଯେପରି ବିଦଗ୍ଧ ହୋଇଯାଏ, ଶ୍ରୀରାମଙ୍କର ଶୀତଳ ଉପଦେଶବାଣୀ ସୀତାଙ୍କୁ ଠିକ୍ ସେହିପରି ବିଦଗ୍ଧ କରିଦେଲା ॥ ୧ ॥

**ଉତରୁ ନ ଆଓ୍ୱ ବିକଲ ବୈଦେହୀ । ତଜନ ଚହତ ସୁଚି ସ୍ୱାମି ସନେହୀ ॥**
**ବରବସ ରୋକି ବିଲୋଚନ ବାରୀ । ଧରି ଧୀରଜୁ ଉର ଅଓ୍ୱନିକୁମାରୀ ॥ ୨ ॥**

ଜାନକୀ କିଛି ଉତ୍ତର ଦେଇପାରୁ ନ ଥାନ୍ତି । ସେ କେବଳ ଏହି ଚିନ୍ତାରେ ପଡ଼ି ବ୍ୟାକୁଳ ହେଉଥାନ୍ତି ଯେ, ପବିତ୍ରହୃଦୟ ପ୍ରିୟ ସ୍ୱାମୀ ତାଙ୍କୁ ଛାଡ଼ି ଗ୍ୱଲିଯିବାକୁ ଗ୍ୱହୁଁଛନ୍ତି । ଆଖିର ଲୁହକୁ ବାଧ୍ୟ କରି ଅଟକାଇ, ଭୂମିସୁତା ସୀତା ହୃଦୟରେ ଧୈର୍ଯ୍ୟ ଧରିଲେ, ॥ ୨ ॥

**ଲାଗି ସାସୁ ପଗ କହ କର ଜୋରୀ । ଛମବି ଦେବି ବଡ଼ି ଅବିନୟ ମୋରୀ ॥**
**ଦୀହ୍ନି ପ୍ରାନପତି ମୋହି ସିଖ ସୋଈ । ଜେହି ବିଧି ମୋର ପରମ ହିତ ହୋଈ ॥ ୩ ॥**
**ମୈଁ ପୁନି ସମୁଝି ଦୀଖି ମନ ମାହୀଁ । ପିୟ ବିୟୋଗ ସମ ଦୁଖୁ ଜଗ ନାହୀଁ ॥ ୪ ॥**

ଏବଂ ଶାଶୁଙ୍କ ପାଦ ତଳେ ପଡ଼ି, କର ଯୋଡ଼ି କହିବାକୁ ଲାଗିଲେ, ''ହେ ଦେବୀ ! ମୋର ଗୋଟିଏ ବଡ଼ ଧୃଷ୍ଟତା କ୍ଷମା କରିବେ । ମୋର ଯେଉଁଥିରେ ପରମହିତ ହେବ, ମୋର ପ୍ରାଣପତି ଯଦିବା ମୋତେ ତାହାହିଁ କହୁଛନ୍ତି, ତଥାପି ମୁଁ ମନେ ମନେ ଭଲରୂପେ ବିଗ୍ୱର କରି ଦେଖିସାରିଛି ଯେ, ଜଗତରେ ପତିବିଚ୍ଛେଦସମାନ ଦୁଃଖ ଆଉ କିଛି ନାହିଁ ।'' ॥ ୩, ୪ ॥

ଦୋ:- **ପ୍ରାନନାଥ କରୁନାୟତନ ସୁଂଦର ସୁଖଦ ସୁଜାନ ।**
**ତୁହ୍ମ ବିନୁ ରଘୁକୁଲ କୁମୁଦ ବିଧୁ ସୁରପୁର ନରକ ସମାନ ॥ ୬୪ ॥**

''ହେ ପ୍ରାଣନାଥ ! ହେ କୃପାଧାମ ! ହେ ସୁନ୍ଦର ! ହେ ସୁଖଦାତା ! ହେ ସୁଜ୍ଞ ! ହେ ରଘୁକୁଳ-କୁମୁଦ-ବିଧୁ !ଆପଣଙ୍କ ବିନା ସ୍ୱର୍ଗ ମଧ୍ୟ ମୋ ନିମନ୍ତେ ନରକତୁଲ୍ୟ ॥ ୬୪ ॥

ମାତୁ ପିତା ଭଗିନୀ ପ୍ରିୟ ଭାଈ । ପ୍ରିୟ ପରିୱାରୁ ସୁହୃଦ ସମୁଦାଈ ॥
ସାସୁ ସସୁର ଗୁର ସଜନ ସହାଈ । ସୁତ ସୁଂଦର ସୁସୀଲ ସୁଖଦାଈ ॥ ୧ ॥
ଜହଁ ଲଗି ନାଥ ନେହ ଅରୁ ନାତେ । ପିୟ ବିନୁ ତିୟହି ତରନିହୁ ତେ ତାତେ ॥
ତନୁ ଧନୁ ଧାମୁ ଧରନି ପୁର ରାଜୂ । ପତି ବିହୀନ ସବୁ ସୋକ ସମାଜୂ ॥ ୨ ॥

ମାତା, ପିତା, ଭଗିନୀ, ପ୍ରିୟ ଭାଇ, ପ୍ରିୟ ପରିବାର, ମିତ୍ରସମୁଦାୟ, ଶାଶୁ, ଶ୍ୱଶୁର, ଗୁରୁ, ଆପ୍ତଜନ, ସହାୟକ ଏବଂ ସୁଖ ପ୍ରଦାନକାରୀ ସୁନ୍ଦର ସୁଶୀଳ ପୁତ୍ର ଆଦି ଯେତେସବୁ ସ୍ନେହ ଓ ସମ୍ବନ୍ଧଜନିତ ସ୍ୱଜନ ଅଛନ୍ତି, ହେ ନାଥ ! ପତି ବିନା ସେ ସମସ୍ତେ ସ୍ତ୍ରୀପାଇଁ ସୂର୍ଯ୍ୟଙ୍କ ଠାରୁ ବି ଅଧିକ ସନ୍ତାପଦାୟକ । ପତିବିହୀନା ସ୍ତ୍ରୀ ନିମନ୍ତେ ଶରୀର, ଧନ, ଗୃହ, ନଗର, ରାଜ୍ୟ ଓ ପୃଥିବୀ ଆଦି ସବୁକିଛି କେବଳ ଶୋକର ସମାଜ ॥ ୧-୨ ॥

ଭୋଗ ରୋଗସମ ଭୂଷନ ଭାରୂ । ଜମ ଜାତନା ସରିସ ସଂସାରୂ ॥
ପ୍ରାନନାଥ ତୁହ୍ମ ବିନୁ ଜଗ ମାହୀଁ । ମୋ କହୁଁ ସୁଖଦ କତହୁଁ କଛୁ ନାହୀଁ ॥ ୩ ॥

ତା'ପାଇଁ ଭୋଗ ରୋଗସମାନ; ଭୂଷଣ ଭାରସମାନ ଏବଂ ସଂସାର ଯମ-ଯାତନା ସମାନ । ହେ ପ୍ରାଣନାଥ ! ଆପଣଙ୍କ ବିନା ଜଗତରେ ମୋ ନିମନ୍ତେ କୌଣସିଠାରେ ବି, କୌଣସି ବି ବସ୍ତୁ ସୁଖଦାୟକ ନୁହେଁ ॥ ୩ ॥

ଜିୟ ବିନୁ ଦେହ ନଦୀ ବିନୁ ବାରୀ । ତୈସିଅ ନାଥ ପୁରୁଷ ବିନୁ ନାରୀ ॥
ନାଥ ସକଲ ସୁଖ ସାଥ ତୁହ୍ମାରେଁ । ସରଦ ବିମଲ ବିଧୁ ବଦନୁ ନିହାରେଁ ॥ ୪ ॥

ପ୍ରାଣ ବିନା ଦେହ ଯେପରି ଶୋଭା ପାଏ ନାହିଁ, ଜଳ ବିନା ନଦୀ ଯେପରି ଶୋଭା ପାଏ ନାହିଁ, ହେ ନାଥ ! ପୁରୁଷ ବିନା ସ୍ତ୍ରୀ ମଧ୍ୟ ସେହିପରି ଶୋଭା ପାଏ ନାହିଁ । ହେ ନାଥ !ଆପଣଙ୍କ ସହିତ ରହି ଆପଣଙ୍କର ନିର୍ମଳ ଶରତଚନ୍ଦ୍ରସମ ମୁଖ ଦର୍ଶନ କଲେ ମୋତେ ସମସ୍ତ ସୁଖ ମିଳିଯିବ ॥ ୪ ॥

ଦୋ:- ଖଗ ମୃଗ ପରିଜନ ନଗରୁ ବନୁ ବଲକଲ ବିମଲ ଦୁକୂଲ ।
ନାଥ ସାଥ ସୁରସଦନ ସମ ପରନସାଲ ସୁଖ ମୂଲ ॥ ୬୫ ॥

ହେ ନାଥ ! ମୁଁ ଆପଣଙ୍କ ସହିତ ରହିଲେ, ବନର ପଶୁପକ୍ଷୀ ମୋର ସ୍ୱଜନ ହୋଇଯିବେ । ବନହିଁ ନଗର ହୋଇଯିବ; ବୃକ୍ଷର ବଲ୍‌କଳ ନିର୍ମଳବସ୍ତ୍ର ହୋଇଯିବ ଏବଂ ପର୍ଣ୍ଣକୁଟୀର ହୋଇଯିବ ସ୍ୱର୍ଗସମ ସୁଖର ଉତ୍ସ ॥ ୬୫ ॥

ବନଦେବୀଁ ବନଦେୱ ଉଦାରା । କରିହହିଁ ସାସୁ ସସୁର ସମ ସାରା ॥
କୁସ କିସଲୟ ସାଥରୀ ସୁହାଈ । ପ୍ରଭୁ ସଁଗ ମଂଜୁ ମନୋଜ ତୁରାଈ ॥ ୧ ॥

ବନର ଉଦାର ଦେବୀ ଓ ଦେବତାମାନେ ଶାଶୁଶ୍ୱଶୁରଙ୍କ ପରି ମୋର ଯତ୍ନ ନେବେ; ମୋତେ ରକ୍ଷା କରିବେ । ପ୍ରଭୁଙ୍କ ସହିତ ଥିବାବେଳେ, କୁଶ ଓ ପତ୍ରର ସୁନ୍ଦର ଆସ୍ତରଣହିଁ ମୋ ନିମନ୍ତେ ହୋଇଯିବ କନ୍ଦର୍ପର ମନୋହର ସୁକୋମଳ ଶଯ୍ୟା ॥ ୧ ॥

କଂଦ ମୂଲ ଫଲ ଅମିଅ ଅହାରୂ । ଅୱଧ ସୌଧ ସତ ସରିସ ପହାରୂ ॥
ଛିନୁ ଛିନୁ ପ୍ରଭୁ ପଦ କମଲ ବିଲୋକୀ । ରହିହଉଁ ମୁଦିତ ଦିୱସ ଜିମି କୋକୀ ॥ ୨ ॥

କନ୍ଦ, ମୂଳ ଓ ଫଳ ଆଦି ହୋଇଯିବ ମୋର ଅମୃତତୁଲ୍ୟ ଆହାର ଏବଂ ବନର ପାହାଡ଼ପର୍ବତ ମୋତେ ଲାଗିବ ଅଯୋଧ୍ୟାର ଶତ ଶତ ରାଜନବର ପରି । ଅନୁକ୍ଷଣ ପ୍ରଭୁଙ୍କ ଚରଣକମଳ ଦର୍ଶନ କରି, ଦିନବେଳେ ଚକ୍ରବାକୀ ଆନନ୍ଦରେ ରହିବାପରି, ମୁଁ ଆନନ୍ଦରେ ରହିବି ॥ ୨ ॥

**ବନ ଦୁଖ ନାଥ କହେ ବହୁତେରେ । ଭୟ୍ ବିଷାଦ ପରିତାପ ଘନେରେ ॥**
**ପ୍ରଭୁ ବିୟୋଗ ଲୱଲେସ ସମାନା । ସବ ମିଲି ହୋହିଁ ନ କୃପାନିଧାନା ॥ ୩ ॥**

ହେ ନାଥ ! ଆପଣ କହିଲେ, ବନରେ ବହୁପ୍ରକାର ଦୁଃଖ, ବହୁ ଭୟ, ବିଷାଦ ଓ ସନ୍ତାପ ରହିଛି । କିନ୍ତୁ ହେ କୃପାନିଧାନ ! ସେସବୁ ମିଶିଗଲେ ବି ତାହା ପ୍ରଭୁଙ୍କ ବିଚ୍ଛେଦଜନିତ ଦୁଃଖର ଏକ ସାମାନ୍ୟ ଅଂଶ ସହିତ ସୁଦ୍ଧା ସମାନ ହୋଇପାରିବ ନାହିଁ ॥ ୩ ॥

**ଅସ ଜିୟଁ ଜାନି ସୁଜାନ ସିରୋମନି । ଲେଇଅ ସଂଗ ମୋହି ଛାଡ଼ିଅ ଜନି ॥**
**ବିନତୀ ବହୁତ କରୌଁ କା ସ୍ୱାମୀ । କରୁନାମୟ୍ ଉର ଅଂତରଜାମୀ ॥ ୪ ॥**

ହେ ସୁଜ୍ଞଶିରୋମଣି ! ଏହା ଅନୁଭବ କରି ଆପଣ ମୋତେ ସଙ୍ଗରେ ନେଇଯାଆନ୍ତୁ । ମୋତେ ଏଠାରେ ଛାଡ଼ିଯାଆନ୍ତୁ ନାହିଁ । ହେ ସ୍ୱାମୀ ! ଆପଣ ତ କରୁଣାମୟ; ଆପଣ ତ ସମସ୍ତଙ୍କର ଅନ୍ତର ଭିତରର କଥା ଜାଣନ୍ତି; ମୁଁ ଅଧିକ ବା କି ବିନତି କରିବି ? ॥ ୪ ॥

ଦୋ:- **ରାଖିଅ ଅୱଧ ଜୋ ଅୱଧି ଲଗି ରହତ ନ ଜନିଅହିଁ ପ୍ରାନ ।**
**ଦୀନବଂଧୁ ସୁଂଦର ସୁଖଦ ସୀଲ ସନେହ ନିଧାନ ॥ ୬୬ ॥**

ହେ ଦୀନବନ୍ଧୁ ! ହେ ସୁନ୍ଦର ! ହେ ସୁଖଦାତା ! ହେ ଶୀଳ ଓ ପ୍ରେମର ନିଧାନ ! ଯଦି ଚଉଦବର୍ଷ ପର୍ଯ୍ୟନ୍ତ ମୋତେ ଅଯୋଧ୍ୟାରେ ଛାଡ଼ିଯିବେ, ତେବେ ଜାଣିରଖନ୍ତୁ, ମୋର ପ୍ରାଣ ରହିବ ନାହିଁ ॥ ୬୬ ॥

**ମୋହି ମଗ ଚଲତ ନ ହୋଇହି ହାରୀ । ଛିନୁ ଛିନୁ ଚରନ ସରୋଜ ନିହାରୀ ॥**
**ସବହି ଭାଁତି ପିୟ୍ ସେୱା କରିହୌଁ । ମାରଗ ଜନିତ ସକଲ ଶ୍ରମ ହରିହୌଁ ॥ ୧ ॥**

ଅନୁକ୍ଷଣ ଆପଣଙ୍କର ଚରଣକମଳ ଦେଖିବାକୁ ପାଇଲେ ମୋତେ ପଥ ଚାଲିବାର କ୍ଳାନ୍ତି ଜଣାପଡ଼ିବ ନାହିଁ । ହେ ପ୍ରିୟତମ ! ମୁଁ ସବୁପ୍ରକାରେ ଆପଣଙ୍କର ସେବା କରିବି ଏବଂ ପଥ ଚାଲିବାରେ ହେଉଥିବା ସମସ୍ତ କ୍ଳାନ୍ତି ଦୂର କରିଦେବି ॥ ୧ ॥

**ପାୟ୍ ପଖାରି ବୈଠି ତରୁ ଛାହାଁ । କରିହଉଁ ବାଉ ମୁଦିତ ମନ ମାହାଁ ॥**
**ଶ୍ରମ କନ ସହିତ ସ୍ୟାମ ତନୁ ଦେଖେଁ । କହଁ ଦୁଖ ସମଉ ପ୍ରାନପତି ପେଖେଁ ॥ ୨ ॥**

ଆପଣଙ୍କ ପାଦ ଧୋଇ ଦେଇ, ଗଛଛାଇରେ ବସି ମୁଁ ଆନନ୍ଦରେ ପଙ୍ଖା କରିବି । ଆପଣଙ୍କର ସ୍ୱେଦସିକ୍ତ ଶ୍ୟାମଳଶରୀର ଦର୍ଶନ କରୁଥିଲେ–ମୋର ପ୍ରାଣପତିଙ୍କୁ ଦର୍ଶନ କରୁଥିଲେ, ମୋ ପାଖକୁ ଦୁଃଖ ଆସିବାର ଅବକାଶ ବା ରହିବ କେଉଁଠି ? ॥ ୨ ॥

**ସମ ମହି ତୃନ ତରୁପଲ୍ଲୱ ଡାସୀ । ପାୟ୍ ପଲୋଟିହି ସବ ନିସି ଦାସୀ ॥**
**ବାର ବାର ମୃଦୁ ମୂରତି ଜୋହୀ । ଲାଗିହି ତାତ ବୟାରି ନ ମୋହୀ ॥ ୩ ॥**

ସମତଳ ଭୂମିରେ ତୃଣ ଓ ତରୁଲତାର ପତ୍ର ବିଛାଇ ଏହି ଦାସୀ ରାତିସାରା ଆପଣଙ୍କ ଚରଣସେବା କରିବ । ବାରମ୍ବାର ଆପଣଙ୍କର କୋମଳମୂର୍ତ୍ତିକୁ ଦର୍ଶନ କରୁଥିଲେ, ମୋତେ ଝାଞ୍ଜିପବନ ବି ଛୁଇଁପାରିବ ନାହିଁ ॥ ୩ ॥

**କୋ ପ୍ରଭୁ ସଁଗ ମୋହି ଚିତୱନିହାରା । ସିଂଘବଧୁହି ଜିମି ସସକ ସିଆରା ॥**
**ମୈଁ ସୁକୁମାରି ନାଥ ବନ ଜୋଗୂ । ତୁମ୍ହହି ଉଚିତ ତପ ମୋ କହୁଁ ଭୋଗୂ ॥ ୪ ॥**

ସିଂହର ସ୍ତ୍ରୀକୁ ଯେପରି ଠେକୁଆ ଓ ଶୃଗାଳ ଗ୍ରହିଁପାରନ୍ତି ନାହିଁ, ପ୍ରଭୁଙ୍କ ସହିତ ରହିଥିଲେ ମୋତେ ସେହିପରି କିଏ ଭଲା ଆଖି ଉଠାଇ ଗ୍ରହିଁପାରିବ ? ଆପଣ କିପରି କହୁଛନ୍ତି ଯେ, ମୁଁ ସୁକୁମାରୀ ଏବଂ ଆପଣ ବନକୁ ଯୋଗ୍ୟ ?—ଏବଂ ଆପଣ ତପସ୍ୟା କରିବା ଉଚିତ ଓ ମୁଁ ବିଷୟଭୋଗ କରିବା ଉଚିତ ? ॥ ୪ ॥

ଦୋଃ- **ଐସେଉ ବଚନ କଠୋର ସୁନି ଜୌଁ ନ ହୃଦଉ ବିଲଗାନ ।**
**ତୌ ପ୍ରଭୁ ବିଷମ ବିୟୋଗ ଦୁଖ ସହିହହିଁ ପାଓଁର ପ୍ରାନ ॥ ୬୭ ॥**

ଏପରି କଠୋର ବଚନ ଶୁଣି ମଧ୍ୟ ଯଦି ମୋର ହୃଦୟ ଫାଟି ନ ଯାଉଛି, ତେବେ ହେ ପ୍ରଭୁ ! ଜଣାପଡୁଛି, ଏହି ପାମର ପ୍ରାଣ ଆପଣଙ୍କ ବିରହଜନିତ ଭୀଷଣ ଦୁଃଖସବୁ ସହିବ ।'' ॥ ୬୭ ॥

**ଅସ କହି ସୀୟ ବିକଲ ଭଇ ଭାରୀ । ବଚନ ବିୟୋଗୁ ନ ସକୀ ସଁଭାରୀ ॥**
**ଦେଖି ଦସା ରଘୁପତି ଜିୟଁ ଜାନା । ହଠି ରାଖେଁ ନହିଁ ରାଖିହି ପ୍ରାନା ॥ ୧ ॥**

ଏହିପରି କହି ସୀତା ଅତ୍ୟନ୍ତ ବ୍ୟାକୁଳ ହୋଇଗଲେ । ବଚନରେ ପ୍ରକାଶିତ ବିଚ୍ଛେଦକୁ ବି ସେ ସହିପାରିଲେ ନାହିଁ । (ଅର୍ଥାତ୍ ଶାରୀରିକ ବିଚ୍ଛେଦ ତ ଦୂରର କଥା, ବିଚ୍ଛେଦ ହେବ ବୋଲି କେବଳ କଥାରେ ଶୁଣି ମଧ୍ୟ ସେ ତାହା ସହିପାରିଲେ ନାହିଁ ।) ତାଙ୍କର ଏପରି ସ୍ଥିତି ଦେଖି ଶ୍ରୀରଘୁନାଥ ଜାଣିଗଲେ ଯେ, ବାଧ୍ୟ କରି ସୀତାଙ୍କୁ ଛାଡ଼ିଦେଇଗଲେ, ସେ ପ୍ରାଣ ରଖିବେ ନାହିଁ ॥ ୧ ॥

**କହେଉ କୃପାଲ ଭାନୁକୁଲନାଥା । ପରିହରି ସୋଚୁ ଚଲହୁ ବନ ସାଥା ॥**
**ନହିଁ ବିଷାଦ କର ଅଓସରୁ ଆଜୂ । ବେଗି କରହୁ ବନ ଗଓନ ସମାଜୂ ॥ ୨ ॥**

ତେଣୁ ସୂର୍ଯ୍ୟବଂଶନାଥ କୃପାଳୁ ଶ୍ରୀରାମଚନ୍ଦ୍ର କହିଲେ, ''ଠିକ୍ ଅଛି; ସବୁ ଚିନ୍ତା ଛାଡ଼ିଦେଇ ମୋ ସାଥିରେ ବଣକୁ ଗ୍ଲଲ । ଆଜି ଦୁଃଖ କରିବାର ସମୟ ନୁହେଁ; ବନଗମନପାଇଁ ଶୀଘ୍ର ପ୍ରସ୍ତୁତ ହୋଇଯାଅ ।'' ॥ ୨ ॥

**କହି ପ୍ରିୟ ବଚନ ପ୍ରିୟା ସମୁଝାଈ । ଲଗେ ମାତୁ ପଦ ଆସିଷ ପାଈ ॥**
**ବେଗି ପ୍ରଜା ଦୁଖ ମେଟବ ଆଈ । ଜନନୀ ନିଠୁର ବିସରି ଜନି ଜାଈ ॥ ୩ ॥**

ଏପରି ପ୍ରିୟବଚନ କହି ପ୍ରିୟତମା ସୀତାଙ୍କୁ ବୁଝାଇବା ପରେ ଶ୍ରୀରାମ ମାତାଙ୍କ ପାଦରେ ପ୍ରଣାମ କରି ଆଶୀର୍ବାଦ ଗ୍ରହଣ କଲେ । ମାତା କହିଲେ, ''ବାପ ! ଶୀଘ୍ର ଫେରିଆସି ପ୍ରଜାଙ୍କ ଦୁଃଖ ଦୂର କରିବୁ ଏବଂ ଏହି ନିଷ୍ଠୁରା ମାଆକୁ ଭୁଲିଯିବୁନାହିଁ ॥ ୩ ॥

**ଫିରିହି ଦସା ବିଧି ବହୁରି କି ମୋରୀ । ଦେଖିହଉଁ ନୟନ ମନୋହର ଜୋରୀ ॥**
**ସୁଦିନ ସୁଘରୀ ତାତ କବ ହୋଇହି । ଜନନୀ ଜିଅତ ବଦନ ବିଧୁ ଜୋଇହି ॥ ୪ ॥**

''ହେ ଦଇବ ! ଦଶା କ'ଣ ଆଉ ବଦଳିବ ? ନିଜ ଆଖିରେ କ'ଣ ମୁଁ ଆଉ ଏପରି ସୁନ୍ଦର ଯୁଗଳମୂର୍ତ୍ତିଙ୍କୁ (ପୁଅବୋହୂଙ୍କୁ) ଦେଖିବି ? ମୋ ଧନ ! ସେହି ସୁନ୍ଦର ଦିନ ଓ ଶୁଭମୁହୂର୍ତ୍ତ ସତେ ଆଉ କେବେ ଆସିବ, ଯେତେବେଳେ କି ତୋର ଏହି ମାଆ ବଞ୍ଚିଥାଉ ଥାଉ ତୋ ଚନ୍ଦ୍ରବଦନ ପୁଣି ଥରେ ଦେଖିପାରିବ ! ॥ ୪ ॥

ଦୋଃ- **ବହୁରି ବଚ୍ଛ କହି ଲାଲୁ କହି ରଘୁପତି ରଘୁବର ତାତ ।**
**କବହିଁ ବୋଲାଇ ଲଗାଇ ହିୟଁ ହରଷି ନିରଖିହଉଁ ଗାତ ॥ ୬୮ ॥**

ଆରେ ବାପ ! 'ବତ୍ସ' ବୋଲି କହି, 'ମୋ ଧନ' ବୋଲି କହି, 'ରଘୁପତି' ବୋଲି କହି, 'ରଘୁବର' ବୋଲି କହି ମୁଁ କେବେ ଆଉ ତୋତେ ଡାକି ଛାତିରେ ଧରି ଆନନ୍ଦରେ ତୋର ସୁନ୍ଦର ବଦନ ଦେଖିପାରିବି !'' ॥ ୬୮ ॥

**ଲଖି ସନେହ କାତରି ମହତାରୀ । ବଚନୁ ନ ଆୱ ବିକଲ ଭଇ ଭାରୀ ॥**
**ରାମ ପ୍ରବୋଧୁ କୀହ୍ନ ବିଧି ନାନା । ସମଉ ସନେହୁ ନ ଜାଇ ବଖାନା ॥ ୧ ॥**

ଶ୍ରୀରାମ ଦେଖିଲେ ଯେ, ମାଆ ସ୍ନେହବଶରେ ଅଧୀର ହୋଇଗଲେଣି; ପୁଣି ଏତେ ଅଧିକ ବ୍ୟାକୁଳ ହୋଇଗଲେଣି ଯେ, ମୁହଁରୁ କଥା ବାହାରିପାରୁ ନାହିଁ । ଏହା ଦେଖି ସେ ତାଙ୍କୁ ଅନେକ ବୁଝାଇଲେ । ସେହି ସମୟର ଦୃଶ୍ୟ ଓ ସ୍ନେହ ତ ବର୍ଣ୍ଣନା କରାଯାଇପାରିବ ନାହିଁ ॥ ୧ ॥

**ତବ ଜାନକୀ ସାସୁ ପଗ ଲାଗୀ । ସୁନିଅ ମାୟ ମୈଁ ପରମ ଅଭାଗୀ ॥**
**ସେୱା ସମୟ ଦୈଅଁ ବନୁ ଦୀହ୍ନା । ମୋର ମନୋରଥୁ ସଫଲ ନ କୀହ୍ନା ॥ ୨ ॥**

ଶେଷରେ ଜାନକୀ ଶାଶୁଙ୍କ ପାଦ ଧରିପକାଇ କହିଲେ, ''ହେ ମାଆ ! ମୁଁ ବଡ଼ ଅଭାଗିନୀ । ମୁଁ ଯେତେବେଳେ ଆପଣଙ୍କର ସେବା କରିବା କଥା, ଦୈବ ସେତେବେଳେ ମୋତେ ବଣକୁ ପଠାଇଦେଲା । ମୋ ମନୋରଥ ସଫଳ କରାଇଦେଲା ନାହିଁ ॥ ୨ ॥

**ତଜବ ଛୋଭୁ ଜନି ଛାଡ଼ିଅ ଛୋହୂ । କରମୁ କଠିନ କଛୁ ଦୋସୁ ନ ମୋହୂ ॥**
**ସୁନି ସିୟ ବଚନ ସାସୁ ଅକୁଲାନୀ । ଦସା କୱନି ବିଧି କହୌଁ ବଖାନୀ ॥ ୩ ॥**

ଆପଣ ଦୁଃଖ ଛାଡ଼ିଦିଅନ୍ତୁ; କିନ୍ତୁ କୃପା ଛାଡ଼ନ୍ତୁ ନାହିଁ । କର୍ମର ଗତି ବଡ଼ ନିଷ୍ଠୁର । ଏଥିରେ ମୋର ବି କିଛି ଦୋଷ ନାହିଁ ।'' ସୀତାଙ୍କ ବଚନ ଶୁଣି ଶାଶୁ ବିକଳ ହୋଇଗଲେ । ତାଙ୍କର ସେହି ଅବସ୍ଥା ମୁଁ ବା କିପରି ବର୍ଣ୍ଣନା କରିପାରିବି ! ॥ ୩ ॥

**ବାରହିଁ ବାର ଲାଇ ଉର ଲୀହ୍ନୀ । ଧରି ଧୀରଜୁ ସିଖ ଆସିଷ ଦୀହ୍ନୀ ॥**
**ଅଚଲ ହୋଉ ଅହିୱାତୁ ତୁହ୍ମାରା । ଜବ ଲଗି ଗଂଗ ଜମୁନ ଜଲ ଧାରା ॥ ୪ ॥**

ସେ ସୀତାଙ୍କୁ ବାରମ୍ବାର ହୃଦୟରେ ଲଗାଇଲେ ଏବଂ ଧୈର୍ଯ୍ୟ ଧରି ଅନେକ ବିଷୟ ବୁଝାଇକହିଲେ । ସେ ଆଶୀର୍ବାଦ ଦେଇ କହିଲେ, ''ଯେତେଦିନ ଯାଏ ଗଙ୍ଗାଯମୁନାରେ ଜଳ ପ୍ରବାହିତ ହେଉଥିବ, ସେତେଦିନ ଯାଏ ତୁ ଅହ୍ୟସୁଲକ୍ଷଣୀ ହୋଇ ରହିଥାଆ ।'' ॥ ୪ ॥

ଦୋ:- **ସୀତହି ସାସୁ ଅସୀସ ସିଖ ଦୀହ୍ନି ଅନେକ ପ୍ରକାର ।**
**ଚଲୀ ନାଇ ପଦ ପଦୁମ ସିରୁ ଅତି ହିତ ବାରହିଁ ବାର ॥ ୬୯ ॥**

ସୀତାଙ୍କୁ ଶାଶୁ ଅନେକପ୍ରକାର ଆଶୀର୍ବାଦ ଓ ଉପଦେଶ ଦେଲେ । ସୀତା ଭକ୍ତିର ସହିତ ଶାଶୁଙ୍କ ଚରଣକମଳରେ ବାରମ୍ବାର ପ୍ରଣାମ କରି ବନକୁ ଯିବାକୁ ବାହାରିପଡ଼ିଲେ ॥ ୬୯ ॥

**ସମାଚାର ଜବ ଲଛିମନ ପାଏ । ବ୍ୟାକୁଲ ବିଲଖ ବଦନ ଉଠି ଧାଏ ॥**
**କଂପ ପୁଲକ ତନ ନୟନ ସନୀରା । ଗହେ ଚରନ ଅତି ପ୍ରେମ ଅଧୀରା ॥ ୧ ॥**

ଏହି ସମାଚାର ପାଇଲାକ୍ଷଣି ଲକ୍ଷ୍ମଣ ବ୍ୟାକୁଳ ହୋଇ ଧାଇଁଆସିଲେ । ତାଙ୍କ ଶରୀର କମ୍ପୁଥାଏ; ସର୍ବାଙ୍ଗ ରୋମାଞ୍ଚିତ ହୋଇଯାଇଥାଏ; ନେତ୍ରରେ ଅଶ୍ରୁଜଳ ପୂର୍ଣ୍ଣ ହୋଇଯାଇଥାଏ । ପ୍ରେମରେ ଅତ୍ୟନ୍ତ ଅଧୀର ହୋଇ ସେ ଆସି ଶ୍ରୀରାମଙ୍କ ପାଦ ଧରିପକାଇଲେ ॥ ୧ ॥

**କହି ନ ସକତ କଛୁ ଚିତୱତ ଠାଢ଼େ । ମୀନୁ ଦୀନ ଜନୁ ଜଲ ତେଁ କାଢ଼େ ॥**
**ସୋଚୁ ହୃଦୟଁ ବିଧି କା ହୋନିହାରା । ସବୁ ସୁଖୁ ସୁକୃତୁ ସିରାନ ହମାରା ॥ ୨ ॥**

ସେ କିଛି କହିପାରିଲେ ନାହିଁ । ସ୍ତମ୍ଭୀଭୂତ ହୋଇ ଖାଲି ଗୃହିଁରହିଲେ । ମାଛକୁ ପାଣିରୁ ବାହାର କରିଦେଲେ ବିଚରା ମାଛର ଦଶା ଯେପରି ହୋଇଯାଏ, ସେ ସେହିପରି ହୋଇଯାଇଥିଲେ । ମନେ ମନେ ଭାବୁଥାନ୍ତି, "ହେ ବିଧାତା ! ଏଥର କ'ଣ ହେବ ? କ'ଣ ଆମର ସବୁ ସୁଖ, ସକଳ ପୁଣ୍ୟ ଶେଷ ହୋଇଗଲା ? ॥ ୨ ॥

**ମୋ କହୁଁ କାହ କହବ ରଘୁନାଥା । ରଖିହହିଁ ଭୱନ କି ଲେହହିଁ ସାଥା ॥**
**ରାମ ବିଲୋକି ବଂଧୁ କର ଜୋରେଁ । ଦେହ ଗେହ ସବ ସନ ତୃନୁ ତୋରେଁ ॥ ୩ ॥**

ମୋତେ ରଘୁନାଥ କ'ଣ କହିବେ ? ଘରେ ଛାଡ଼ିଯିବେ, ନା ସାଥିରେ ନେଇଯିବେ ?" ଶ୍ରୀରାମ ଦେଖିଲେ, ଲକ୍ଷ୍ମଣ ଦେହ ତଥା ଗୃହର ସକଳ ସମ୍ବନ୍ଧ ତୁଟାଇଦେଇ କର ଯୋଡ଼ି ଠିଆ ହୋଇଛନ୍ତି ॥ ୩ ॥

**ବୋଲେ ବଚନୁ ରାମ ନୟ ନାଗର । ସୀଲ ସନେହ ସରଲ ସୁଖ ସାଗର ॥**
**ତାତ ପ୍ରେମ ବସ ଜନି କଦରାହୂ । ସମୁଝି ହୃଦୟଁ ପରିନାମ ଉଛାହୂ ॥ ୪ ॥**

ଏହା ଦେଖି ନୀତିନିପୁଣ ତଥା ଶୀଳ, ସ୍ନେହ, ସରଳତା ଓ ସୁଖର ସାଗର ଶ୍ରୀରାମ କହିଲେ, "ଆରେ ଭାଇ ! ଏଠାରେ ରହିଲେ ଯେଉଁ ଲାଭ ହେବ, ତାହା ବିଗ୍ଚର କରି ବୁଝିବାକୁ ଚେଷ୍ଟା କର; ପ୍ରେମବଶତଃ ଏପରି ଅଧୀର ହୁଅ ନାହିଁ ॥ ୪ ॥

ଦୋଃ- **ମାତୁ ପିତା ଗୁରୁ ସ୍ୱାମି ସିଖ ସିର ଧରି କରହିଁ ସୁଭାୟଁ ।**
**ଲହେଉ ଲାଭୁ ତିହ୍ନ ଜନମ କର ନତରୁ ଜନମୁ ଜଗ ଜାୟଁ ॥ ୭୦ ॥**

ଯେଉଁମାନେ ମାତା, ପିତା, ଗୁରୁ ଓ ସ୍ୱାମୀଙ୍କ ଉପଦେଶକୁ ଶ୍ରଦ୍ଧାର ସହିତ ଶିରୋଧାର୍ଯ୍ୟ କରନ୍ତି, ସେମାନେ ହିଁ ନରଜନ୍ମର ଲାଭ ପାଇଥାଆନ୍ତି; ଅନ୍ୟଥା ଜଗତରେ ଜନ୍ମ ହେବା ବୃଥା ॥ ୭୦ ॥

**ଅସ ଜିୟଁ ଜାନି ସୁନହୁ ସିଖ ଭାଈ । କରହୁ ମାତୁ ପିତୁ ପଦ ସେୱକାଈ ॥**
**ଭୱନ ଭରତୁ ରିପୁସୂଦନୁ ନାହୀଁ । ରାଉ ବୃଦ୍ଧ ମମ ଦୁଖୁ ମନ ମାହୀଁ ॥ ୧ ॥**

ଭାଇ ! ଏହା ହୃଦୟଙ୍ଗମ କରି ମୋ କଥା ଶୁଣ ଏବଂ ମାତାପିତାଙ୍କ ଚରଣରେ ସେବା କର । ଭରତ ଓ ଶତ୍ରୁଘ୍ନ ନଅରରେ ନାହାନ୍ତି । ମହାରାଜା (ପିତା) ବୃଦ୍ଧ; ମୋ ପାଇଁ ତାଙ୍କ ମନରେ ଘୋର ଦୁଃଖ ॥ ୧ ॥

**ମୈଁ ବନ ଜାଉଁ ତୁହ୍ମହି ଲେଇ ସାଥା । ହୋଇ ସବହି ବିଧି ଅୱଧ ଅନାଥା ॥**
**ଗୁରୁ ପିତୁ ମାତୁ ପ୍ରଜା ପରିୱାରୂ । ସବ କହୁଁ ପରଇ ଦୁସହ ଦୁଖ ଭାରୂ ॥ ୨ ॥**

ଏପରି ଅବସ୍ଥାରେ ମୁଁ ଯଦି ତୋତେ ମୋ ସାଥିରେ ବନକୁ ନେଇଯାଏ, ତେବେ ଅଯୋଧ୍ୟା ସବୁପ୍ରକାରେ ଅନାଥ ହୋଇଯିବ । ଗୁରୁ, ପିତା, ମାତା, ପ୍ରଜା ଓ ପରିବାର—ସମସ୍ତଙ୍କ ଉପରେ ଦୁଃଖର ଦୁଃସହ ଭାର ଆସି ପଡ଼ିଯିବ ॥ ୨॥

**ରହହୁ କରହୁ ସବ କର ପରିତୋଷୂ । ନତରୁ ତାତ ହୋଇହି ବଡ଼ ଦୋଷୂ ॥**
**ଜାସୁ ରାଜ ପ୍ରିୟ ପ୍ରଜା ଦୁଖାରୀ । ସୋ ନୃପୁ ଅୱସି ନରକ ଅଧିକାରୀ ॥ ୩ ॥**

ତେଣୁ ତୁ ଏହିଠାରେ ରହ ଏବଂ ସମସ୍ତଙ୍କର ସନ୍ତୋଷ ବିଧାନ କର । ଅନ୍ୟଥା, ସତରେ ଭାଇ ! ବଡ଼ ଦୋଷ ହୋଇଯିବ । ଯେଉଁ ରାଜ୍ୟରେ ପ୍ରିୟ ପ୍ରଜାଗଣ ଦୁଃଖରେ ରହନ୍ତି, ସେଠାର ରାଜା ନିଶ୍ଚୟ ନରକଗାମୀ ହୁଏ ॥ ୩ ॥

**ରହହୁ ତାତ ଅସି ନୀତି ବିଗ୍ଚରୀ । ସୁନତ ଲଖନୁ ଭଏ ବ୍ୟାକୁଲ ଭାରୀ ॥**
**ସିଅରେଁ ବଚନ ସୂଖି ଗଏ କୈସେଁ । ପରସତ ତୁହିନ ତାମରସୁ ଜୈସେଁ ॥ ୪ ॥**

ଆରେ ବାବୁ ! ଏହି ନୀତି ହୃଦୟଙ୍ଗମ କରି, ତୁ ଘରେ ରହ ।'' ଏହା ଶୁଣିବାମାତ୍ରେ ଲକ୍ଷ୍ମଣ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଲେ । ଶିଶିରସ୍ପର୍ଶରେ ପଦ୍ମଫୁଲ ଶୀର୍ଣ୍ଣ ହୋଇଗଲାପରି ଶ୍ରୀରାମଙ୍କର ଶୀତଳ ବଚନ ଶୁଣି ଲକ୍ଷ୍ମଣ ଶୀର୍ଣ୍ଣ ହୋଇଗଲେ ॥ ୪ ॥

ଦୋଃ- **ଉତରୁ ନ ଆୱତ ପ୍ରେମ ବସ ଗହେ ଚରନ ଅକୁଲାଇ ।**
**ନାଥ ଦାସୁ ମୈଁ ସ୍ୱାମି ତୁହ୍ମ ତଜହୁ ତ କାହ ବସାଇ ॥ ୭୧ ॥**

ପ୍ରେମବଶତଃ ଲକ୍ଷ୍ମଣଙ୍କ ମୁଖରୁ କିଛି ଉତ୍ତର ବାହାରୁ ନ ଥାଏ । ସେ ବ୍ୟାକୁଳ ହୋଇ ଶ୍ରୀରାମଙ୍କ ପାଦ ଧରିପକାଇଲେ ଏବଂ କହିଲେ, ''ହେ ନାଥ ! ମୁଁ ହେଉଛି ଦାସ; ଆପଣ ମୋର ପ୍ରଭୁ । ତେଣୁ ଆପଣ ଯଦି ମୋତେ ଛାଡ଼ି ଗ୍ଲିଯିବେ, ତେବେ ମୋର ବା  କି ଗ୍ରା ! ॥ ୭୧ ॥

**ଦୀହ୍ନି ମୋହି ସିଖ ନୀକି ଗୋସାଇଁ । ଲାଗି ଅଗମ ଅପନୀ କଦରାଇଁ ॥**
**ନରବର ଧୀର ଧରମ ଧୁର ଧାରୀ । ନିଗମ ନୀତି କହୁଁ ତେ ଅଧିକାରୀ ॥ ୧ ॥**

ହେ ସ୍ୱାମୀ ! ଆପଣ ମୋତେ ସୁନ୍ଦର ଉପଦେଶ ଦେଲେ ସତ; କିନ୍ତୁ ମୋର ଦୁର୍ବଳତା ହେତୁ ମୁଁ ତାହା ପାଳନ କରିବାକୁ ଅକ୍ଷମ । ଯେଉଁମାନେ ଧର୍ମଧୁରନ୍ଧର, ଯେଉଁମାନେ ଧୀର, ସେହି ଶ୍ରେଷ୍ଠ ପୁରୁଷମାନେହିଁ ନିଗମ ଓ ନୀତିଶାସ୍ତ୍ରର ଅଧିକାରୀ ॥ ୧ ॥

**ମୈଁ ସିସୁ ପ୍ରଭୁ ସନେହଁ ପ୍ରତିପାଲା । ମଂଦରୁ ମେରୁ କି ଲେହିଁ ମରାଲା ॥**
**ଗୁର ପିତୁ ମାତୁ ନ ଜାନଉଁ କାହୂ । କହଉଁ ସୁଭାଉ ନାଥ ପତିଆହୂ ॥ ୨ ॥**

ମୁଁ ତ ପ୍ରଭୁଙ୍କ ସ୍ନେହରେ ପାଳିତ ବାଳକଟିଏମାତ୍ର । ହଂସଟିଏ କିପରି ମେରୁପର୍ବତକୁ ଉଠାଇପାରିବ ? ହେ ନାଥ ! ମୁଁ ନିଷ୍କପଟଭାବରେ କହୁଛି, ଆପଣ ବିଶ୍ୱାସ କରନ୍ତୁ, ମୁଁ ଆପଣଙ୍କ ଛଡ଼ା ଗୁରୁ, ପିତା, ମାତା– କାହାକୁ ବି ଜାଣେ ନାହିଁ ॥ ୨ ॥

**ଜହଁ ଲଗି ଜଗତ ସନେହ ସଗାଈ । ପ୍ରୀତି ପ୍ରତୀତି ନିଗମ ନିଜୁ ଗାଈ ॥**
**ମୋରେଁ ସବଇ ଏକ ତୁହ୍ମ ସ୍ୱାମୀ । ଦୀନବଂଧୁ ଉର ଅଂତରଜାମୀ ॥ ୩ ॥**

ହେ ସ୍ୱାମୀ ! ହେ ଦୀନବନ୍ଧୁ ! ହେ ସବୁରି ହୃଦୟର ଅନ୍ତର୍ଯାମୀ ! ଜଗତରେ ଯେତେ ବେଦବିଦିତ ସ୍ନେହସମ୍ବନ୍ଧ, ପ୍ରେମ ଓ ବିଶ୍ୱାସ ରହିଛି, ମୋ ନିମନ୍ତେ କେବଳ ଆପଣହିଁ ସେହି ସବୁକିଛି ॥ ୩ ॥

**ଧରମ ନୀତି ଉପଦେସିଅ ତାହୀ । କୀରତି ଭୂତି ସୁଗତି ପ୍ରିୟ ଜାହୀ ॥**
**ମନ କ୍ରମ ବଚନ ଚରନ ରତ ହୋଈ । କୃପାସିଂଧୁ ପରିହରିଅ କି ସୋଈ ॥ ୪ ॥**

ଧର୍ମ ଓ ନୈତିକ ଉପଦେଶ ତ ତା'ପାଇଁ ଆବଶ୍ୟକ, ଯାହାକୁ କୀର୍ତ୍ତି, ବିଭୂତି ବା ସଦ୍‌ଗତି ପ୍ରିୟ ଲାଗେ; (କିନ୍ତୁ ମୋର ସେସବୁ ଲୋଡ଼ା ନାହିଁ ।) ଯେ କାୟମନୋବାକ୍ୟରେ ପ୍ରଭୁଙ୍କ ଚରଣରେହିଁ ପ୍ରେମ ରଖେ, ହେ କୃପାସିନ୍ଧୁ ! ସେ କ'ଣ ତ୍ୟାଗର ଯୋଗ୍ୟ ?'' ॥ ୪ ॥

ଦୋଃ- **କରୁନାସିଂଧୁ ସୁବଂଧୁ କେ ସୁନି ମୃଦୁ ବଚନ ବିନୀତ ।**
**ସମୁଝାଏ ଉର ଲାଇ ପ୍ରଭୁ ଜାନି ସନେହଁ ସଭୀତ ॥ ୭୨ ॥**

କରୁଣାସାଗର ଶ୍ରୀରାମ ପ୍ରିୟ ଭାଇର କୋମଳ ଓ ନମ୍ର ବଚନ ଶୁଣିଲେ । ସ୍ନେହ ହେତୁ ଭାଇ ଭୀତତ୍ରସ୍ତ ହୋଇଯାଇଛି ଜାଣି, ତାକୁ ବକ୍ଷରେ ଲଗାଇ ବୁଝାଇଲେ ॥ ୭୨ ॥

**ମାଗହୁ ବିଦା ମାତୁ ସନ ଜାଈ । ଆୱହୁ ବେଗି ଚଲହୁ ବନ ଭାଈ ॥**
**ମୁଦିତ ଭଏ ସୁନି ରଘୁବର ବାନୀ । ଭୟଉ ଲାଭ ବଡ଼ ଗଇ ବଡ଼ି ହାନୀ ॥ ୧ ॥**

[ଏବଂ କହିଲେ,] "ଭାଇ ! ମାଆଙ୍କ ଠାରୁ ବିଦାୟ ମାଗି ଆସ; ବନକୁ ଯିବାଲାଗି ଶୀଘ୍ର ବାହାରିପଡ଼ ।" ରଘୁକୁଳଶ୍ରେଷ୍ଠ ଶ୍ରୀରାମଙ୍କ ବାଣୀ ଶୁଣି ଲକ୍ଷ୍ମଣ ଆନନ୍ଦିତ ହୋଇଗଲେ । ତାଙ୍କ ମନରେ ବିରାଟ କ୍ଷତି ହୋଇଯିବାର ଯେଉଁ ଭୟ ଥିଲା, ତାହା ଦୂର ହୋଇଯାଇ ତାଙ୍କୁ ବହୁତ ବଡ଼ ଲାଭ ମିଳିଗଲା ॥ ୧ ॥

**ହରଷିତ ହୃଦୟଁ ମାତୁ ପହିଁ ଆଏ । ମନହୁଁ ଅଂଧ ଫିରି ଲୋଚନ ପାଏ ॥**
**ଜାଇ ଜନନି ପଗ ନାୟଉ ମାଥା । ମନୁ ରଘୁନଂଦନ ଜାନକି ସାଥା ॥ ୨ ॥**

ଅନ୍ଧ ନେତ୍ର ପାଇଗଲାପରି ସେ ହର୍ଷିତ ହୃଦୟରେ ମାତା ସୁମିତ୍ରାଙ୍କ ନିକଟକୁ ଚାଲିଗଲେ । ମାତାଙ୍କ ଚରଣରେ ସେ ମସ୍ତକ ଅବନତ କଲେ; କିନ୍ତୁ ତାଙ୍କର ମନ ଯାଇ ରହିଥିଲା ରଘୁକୁଳର ଆନନ୍ଦଦାତା ଶ୍ରୀରାମ ଓ ଜାନକୀଙ୍କ ପାଖରେ ॥ ୨ ॥

**ପୂଁଛେ ମାତୁ ମଲିନ ମନ ଦେଖୀ । ଲଖନ କହୀ ସବ କଥା ବିସେଷୀ ॥**
**ଗଈ ସହମି ସୁନି ବଚନ କଠୋରା । ମୃଗୀ ଦେଖି ଦୱ ଜନୁ ଚହୁ ଓରା ॥ ୩ ॥**

ତାଙ୍କର ବିଷର୍ଣ୍ଣ ବଦନ ଦେଖି ମାତା କାରଣ ପଚାରିଲେ । ଲକ୍ଷ୍ମଣ ସବୁକଥା ବୁଝାଇ କହିଦେଲେ । ବଣର ଚତୁର୍ଦ୍ଦିଗରେ ନିଆଁ ଲାଗିଯିବା ଦେଖି ହରିଣୀ ଯେପରି ତ୍ରସ୍ତ ହୋଇଯାଏ, ସେହି କଠୋର ବଚନ ଶୁଣି ସୁମିତ୍ରା ସେହିପରି ତ୍ରସ୍ତ ହୋଇଗଲେ ॥ ୩ ॥

**ଲଖନ ଲଖେଉ ଭା ଅନରଥ ଆଜୂ । ଏହିଁ ସନେହ ବସ କରବ ଅକାଜୂ ॥**
**ମାଗତ ବିଦା ସଭୟ ସକୁଚାହୀଁ । ଜାଇ ସଂଗ ବିଧି କହିହି କି ନାହୀଁ ॥ ୪ ॥**

ଲକ୍ଷ୍ମଣ ଦେଖିଲେ, ବଡ଼ ଅନର୍ଥ ଆସି ପହଞ୍ଚିଗଲା । ମାତା ସ୍ନେହବଶତଃ ସବୁକାମ ଭ୍ରଷ୍ଟ କରିଦେବେ । ତେଣୁ ସେ ବିଦାୟ ମାଗିବାବେଳେ ଭୟରେ ସଂକୁଚିତ ହୋଇ ମନେ ମନେ ଭାବିଲେ, "ରେ ଦଇବ ! ମାଆ ଏବେ ଭାଇଙ୍କ ସାଥିରେ ଯିବାକୁ ହଁ କରିବେ, କି ନାହିଁ, କିଏ ଜାଣେ !" ॥ ୪ ॥

ଦୋଃ- **ସମୁଝି ସୁମିତ୍ରାଁ ରାମ ସିୟ ରୂପୁ ସୁସୀଲୁ ସୁଭାଉ ।**
**ନୃପ ସନେହୁ ଲଖି ଧୁନେଉ ସିରୁ ପାପିନି ଦୀହ୍ନ କୁଦାଉ ॥ ୭୩ ॥**

ସୁମିତ୍ରା ଶ୍ରୀରାମ ଓ ଶ୍ରୀସୀତାଙ୍କ ରୂପ, ଗୁଣ ଓ ସୁନ୍ଦର ସ୍ୱଭାବ ହୃଦୟଙ୍ଗମ କରି ଏବଂ ସେ ଦୁହିଁଙ୍କ ଉପରେ ରାଜାଙ୍କର ବିଶେଷ ପ୍ରେମ ଥିବା ବିଷୟ ବିଚାର କରି ମୁଣ୍ଡ ପିଟିହେଲେ ଏବଂ କହିଲେ, 'ପାପିନୀ କୈକେୟୀ ମର୍ମସ୍ଥାନରେ ବଡ଼ ନିଷ୍ଠୁର ଆଘାତ ଦେଲା ।' ॥ ୭୩ ॥

**ଧୀରଜୁ ଧରେଉ କୁଅୱସର ଜାନୀ । ସହଜ ସୁହୃଦ ବୋଲୀ ମୃଦୁ ବାନୀ ॥**
**ତାତ ତୁହ୍ମାରି ମାତୁ ବୈଦେହୀ । ପିତା ରାମୁ ସବ ଭାଁତି ସନେହୀ ॥ ୧ ॥**

କିନ୍ତୁ ତାହା ଶୋକ କରିବାର ଉଚିତ ଅବସର ନୁହେଁ ଜାଣି ସେ ଧୈର୍ଯ୍ୟ ଧରିଲେ ଏବଂ ସ୍ୱଭାବତଃ ହିତାକାଙ୍କ୍ଷୀ ସୁମିତ୍ରା କୋମଳକଣ୍ଠରେ କହିଲେ, "ଆରେ ବାବୁ ! ଜାନକୀ ତୋର ମାତା ଏବଂ ଯେଉଁ ଶ୍ରୀରାମ ତୋତେ ସବୁପ୍ରକାରେ ସ୍ନେହ କରନ୍ତି, ସେ ହିଁ ତୋର ପିତା ॥ ୧ ॥

**ଅୱ୍‌ଧ ତହାଁ ଜହଁ ରାମ ନିୱ୍‌ାସୂ । ତହଁଇଁ ଦିୱ୍‌ସୁ ଜହଁ ଭାନୁ ପ୍ରକାସୂ ॥**
**ଜୌଁ ପୈ ସୀୟ୍ ରାମୁ ବନ ଜାହୀଁ । ଅୱ୍‌ଧ ତୁହ୍ମାର କାଜୁ କଛୁ ନାହୀଁ ॥ ୨ ॥**

ଯେଉଁଠି ଶ୍ରୀରାମଙ୍କର ନିବାସ, ତାହାହିଁ ଅଯୋଧ୍ୟା । ସୂର୍ଯ୍ୟକିରଣ ଯେଉଁଠି, ଦିନ ସେଇଠି । ଯଦି ସୀତା-ରାମ ନିଶ୍ଚିତରୂପେ ବନକୁ ଯାଉଛନ୍ତି, ତେବେ ଏ ଅଯୋଧ୍ୟାରେ ତୋର କିଛି କାର୍ଯ୍ୟ ନାହିଁ ॥ ୨ ॥

**ଗୁର ପିତୁ ମାତୁ ବଂଧୁ ସୁର ସାଈଁ । ସେଇଅହିଁ ସକଲ ପ୍ରାନ କୀ ନାଈଁ ॥**
**ରାମୁ ପ୍ରାନପ୍ରିୟ୍ ଜୀୱ୍‌ନ ଜୀ କେ । ସ୍ୱାରଥ ରହିତ ସଖା ସବହୀ କେ ॥ ୩ ॥**

ଗୁରୁ, ପିତା, ମାତା, ଭାଇ, ଦେବତା ଓ ସ୍ୱାମୀ—ଏମାନଙ୍କର ସେବା ମନପ୍ରାଣ ଦେଇ କରିବା ଉଚିତ । ପୁଣି ଶ୍ରୀରାମ ତ ସବୁରି ପ୍ରାଣପ୍ରିୟ, ସମସ୍ତଙ୍କ ହୃଦୟର ଜୀବନ ଏବଂ ସମସ୍ତଙ୍କର ନିଃସ୍ୱାର୍ଥ ସଖା ॥ ୩ ॥

**ପୂଜନୀୟ୍ ପ୍ରିୟ୍ ପରମ ଜହାଁ ତେଁ । ସବ ମାନିଅହିଁ ରାମ କେ ନାତେଁ ॥**
**ଅସ ଜିୟ୍‌ଁ ଜାନି ସଂଗ ବନ ଜାହୂ । ଲେହୁ ତାତ ଜଗ ଜୀୱ୍‌ନ ଲାହୂ ॥ ୪ ॥**

ଜଗତରେ ଯେତେସବୁ ପୂଜ୍ୟ ଓ ପରମପ୍ରିୟ ବ୍ୟକ୍ତି ଅଛନ୍ତି, ସେ ସମସ୍ତେ ଶ୍ରୀରାମଙ୍କ ସମ୍ପର୍କରୁହିଁ ପୂଜ୍ୟ ଓ ପରମପ୍ରିୟରୂପେ ମାନ୍ୟ । ହୃଦୟରେ ଏହା ଅନୁଭବ କରି, ବାପ ! ତାଙ୍କ ସହିତ ତୁ ବନକୁ ଯାଆ ଏବଂ ଜଗତରେ ଜୀବନ ଧରିବାର ଉଦ୍ଦେଶ୍ୟ ସାର୍ଥକ କର ॥ ୪ ॥

ଦୋः- **ଭୂରି ଭାଗ ଭାଜନୁ ଭୟ୍‌ହୁ ମୋହି ସମେତ ବଲି ଜାଉଁ ।**
**ଜୌଁ ତୁହ୍ମରେଁ ମନ ଛାଡ଼ି ଛଲୁ କୀହ୍ନ ରାମ ପଦ ଠାଉଁ ॥ ୭୪ ॥**

ମୁଁ ତୋର ରାମଭକ୍ତିକୁ ଆଦର କରୁଛି । ତୁ ଅତ୍ୟନ୍ତ ଭାଗ୍ୟବାନ୍; କାରଣ ତୋର ମନ ଛନ୍ଦକପଟ ଛାଡ଼ି ଶ୍ରୀରାମଙ୍କ ଚରଣରେ ଲାଗିସାରିଛି। ତୋ ଯୋଗୁଁ ମୁଁ ବି ଭାଗ୍ୟବାନ୍ ॥ ୭୪ ॥

**ପୁତ୍ରୱ୍‌ତୀ ଜୁବତୀ ଜଗ ସୋଈ । ରଘୁପତି ଭଗତୁ ଜାସୁ ସୁତୁ ହୋଈ ॥**
**ନତରୁ ବାଁଝ ଭଲି ବାଦି ବିଆନୀ । ରାମ ବିମୁଖ ସୁତ ତେଁ ହିତ ଜାନୀ ॥ ୧ ॥**

ସଂସାରରେ ରାମଭକ୍ତ-ପୁତ୍ର ଜନ୍ମ କରିଥିବା ସ୍ତ୍ରୀହିଁ ପ୍ରକୃତ ପୁତ୍ରବତୀ । ଯେ ରାମବିମୁଖ-ପୁତ୍ର ଜନ୍ମ କରି ନିଜକୁ ଭାଗ୍ୟବତୀ ବୋଲି ଭାବେ, ସେ ତ ବାଂଝ ହୋଇ ରହିଯାଇଥିଲେହିଁ ଭଲ ହୋଇଥାନ୍ତା; ତା'ର ପ୍ରସବ କରିବା ବୃଥା ॥ ୧ ॥

**ତୁହ୍ମରେହିଁ ଭାଗ ରାମୁ ବନ ଜାହୀଁ । ଦୂସର ହେତୁ ତାତ କଛୁ ନାହୀଁ ॥**
**ସକଲ ସୁକୃତ କର ବଡ଼ ଫଲୁ ଏହୂ । ରାମ ସୀୟ୍ ପଦ ସହଜ ସନେହୂ ॥ ୨ ॥**

ରେ ବାପ ! ତୋହରି ଭାଗ୍ୟରୁହିଁ ଶ୍ରୀରାମ ବନକୁ ଯାଉଛନ୍ତି; ଏଥିରେ ଅନ୍ୟ କୌଣସି କାରଣ ନାହିଁ । ସୀତାରାମଙ୍କ ଚରଣରେ ସ୍ୱାଭାବିକ ପ୍ରେମ ହୋଇଯିବାହିଁ ସକଳ ପୁଣ୍ୟର ଶ୍ରେଷ୍ଠତମ ଫଳ ॥ ୨ ॥

**ରାଗୁ ରୋଷୁ ଇରିଷା ମଦୁ ମୋହୂ । ଜନି ସପନେହୁଁ ଇହ୍ନ କେଁ ବସ ହୋହୂ ॥**
**ସକଲ ପ୍ରକାର ବିକାର ବିହାଈ । ମନ କ୍ରମ ବଚନ କରେହୁ ସେୱ୍‌କାଈ ॥ ୩ ॥**

ତୁ ସ୍ୱପ୍ନରେ ବି କାମ, କ୍ରୋଧ, ମଦ, ମୋହ ଓ ମାତ୍ସର୍ଯ୍ୟର ବଶ ହେବୁ ନାହିଁ । ସକଳପ୍ରକାର ବିକାର ତ୍ୟାଗ କରି କାୟମନୋବାକ୍ୟରେ ଶ୍ରୀସୀତାରାମଙ୍କର ସେବା କରିବୁ ॥ ୩ ॥

**ତୁହ୍ମ କହୁଁ ବନ ସବ ଭାଁତି ସୁପାସୂ । ସଁଗ ପିତୁ ମାତୁ ରାମୁ ସିୟ ଜାସୂ ॥**
**ଜେହିଁ ନ ରାମୁ ବନ ଲହହିଁ କଲେସୂ । ସୁତ ସୋଇ କରେହୁ ଇହଇ ଉପଦେସୂ ॥ ୪ ॥**

ରାମସୀତାଙ୍କ ପରି ପିତାମାତା ତୋ ସଙ୍ଗରେ ଥିବାରୁ ବନରେ ତୁ ସବୁଦୃଷ୍ଟିରୁ ସୁଖରେ ରହିବୁ । ଯାହା କଲେ ଶ୍ରୀରାମ ବନରେ କୌଣସି କ୍ଳେଶ ପାଇବେ ନାହିଁ, ତୁ ତାହାହିଁ କରିବୁ । ତୋତେ ମୋର ଏହାହିଁ ଉପଦେଶ ॥ ୪ ॥

ଛନ୍ଦ- **ଉପଦେସୁ ୟହୁ ଜେହିଁ ତାତ ତୁହ୍ମରେ ରାମ ସିୟ ସୁଖ ପାୱହୀଁ ।**
**ପିତୁ ମାତୁ ପ୍ରିୟ ପରିୱାର ପୁର ସୁଖ ସୁରତି ବନ ବିସରାୱହୀଁ ॥**
**ତୁଲସୀ ପ୍ରଭୁହି ସିଖ ଦେଇ ଆୟସୁ ଦୀହ୍ନ ପୁନି ଆସିଷ ଦଈ ।**
**ରତି ହୋଉ ଅବିରଲ ଅମଲ ସିୟ ରଘୁବୀର ପଦ ନିତ ନିତ ନଈ ॥**

''ରେ ପୁତ୍ର ! ମୋର ଉପଦେଶ ଏହି ଯେ, ତୁ ବନରେ ଶ୍ରୀରାମ ଓ ସୀତାଙ୍କର ଏପରି ସେବା କରିବୁ, ଯାହାଫଳରେ କି ସେମାନେ ସୁଖ ପାଇବେ ଏବଂ ପିତା, ମାତା, ପ୍ରିୟପରିବାର ତଥା ନଗରର ସୁଖକୁ ଭୁଲିଯିବେ ।'' ତୁଳସୀଦାସ କହୁଛନ୍ତି, ମୋ ପ୍ରଭୁ ଲକ୍ଷ୍ମଣଙ୍କୁ ଏହିପରି ଶିକ୍ଷା ଦେଇ ମାତା ବନଗମନପାଇଁ ଆଜ୍ଞା ଦେଇଦେଲେ ଏବଂ ସୀତାରାମଙ୍କ ଚରଣରେ ନିତ୍ୟନୂତନ ପ୍ରଗାଢ଼ ନିର୍ମଳ (ନିଷ୍କାମ ଓ ଅନନ୍ୟ) ପ୍ରେମ ହେଉ ବୋଲି ଆଶୀର୍ବାଦ ଦେଲେ ।

ସୋ:- **ମାତୁ ଚରନ ସିରୁ ନାଇ ଚଲେ ତୁରତ ସଂକିତ ହୃଦୟଁ ।**
**ବାଗୁର ବିଷମ ତୋରାଇ ମନହୁଁ ଭାଗ ମୃଗୁ ଭାଗ ବସ ॥ ୭୫ ॥**

ମାଆଙ୍କ ଚରଣରେ ପ୍ରଣାମ କରି ଏବଂ ସବୁ ହୋଇଯିବା ପରେ ବି କାଳେ କିଛି ବିଘ୍ନ ଘଟିଯିବ କି ବୋଲି ମନରେ ଭୟ ରଖି ଲକ୍ଷ୍ମଣ ସେଠାରୁ ଶୀଘ୍ର ପଳାଇଗଲେ । ତାଙ୍କୁ ଦେଖି ମନେହେଲା, ସତେ ଯେପରି ହରିଣଟିଏ କୌଣସି ଏକ ଟାଣୁଆ ଜାଲ ଛିଣ୍ଡାଇଦେଇ ଖସିପଳାଇଗଲା ॥ ୭୫ ॥

**ଗଏ ଲଖନୁ ଜହଁ ଜାନକିନାଥୂ । ଭେ ମନ ମୁଦିତ ପାଇ ପ୍ରିୟ ସାଥୂ ॥**
**ବଂଦି ରାମ ସିୟ ଚରନ ସୁହାଏ । ଚଲେ ସଂଗ ନୃପମଂଦିର ଆଏ ॥ ୧ ॥**

ଲକ୍ଷ୍ମଣ ଯାଇ ଶ୍ରୀରାମଙ୍କ ନିକଟରେ ପହଞ୍ଚିଗଲେ ଏବଂ ପ୍ରିୟ ଭାଇଙ୍କର ସଙ୍ଗ ପାଇ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । ତା'ପରେ ରାମସୀତାଙ୍କର ସୁନ୍ଦର ଚରଣ ବନ୍ଦନା କରି ସେଦୁହିଁଙ୍କ ସହିତ ସେ ରାଜଭବନକୁ ଗ୍ଲଲିଲେ ॥ ୧ ॥

**କହହିଁ ପରସପର ପୁର ନର ନାରୀ । ଭଲି ବନାଇ ବିଧି ବାତ ବିଗାରୀ ॥**
**ତନ କୃସ ମନ ଦୁଖୁ ବଦନ ମଲୀନେ । ବିକଲ ମନହୁଁ ମାଖୀ ମଧୁ ଛୀନେ ॥ ୨ ॥**

ନଗରର ନରନାରୀମାନେ ନିଜ ନିଜ ମଧ୍ୟରେ କୁହାକୁହି ହେଉଥାନ୍ତି, ସବୁ ଠିକ୍‌ଠାକ୍ ହୋଇଯାଇଥିବା କାର୍ଯ୍ୟଟିକୁ ବିଧାତା ବିଗାଡ଼ିଦେଲା । ସେମାନଙ୍କ ଶରୀର ଦୁର୍ବଳ, ମନ ଦୁଃଖୀ ଓ ମୁଖ ବିରସ ହୋଇଯାଇଥାଏ । କେହି ଫେଣାରୁ ମହୁ ନେଇଗଲେ ମହୁମାଛିମାନେ ଯେପରି ବ୍ୟାକୁଳ ହୁଅନ୍ତି, ସେମାନେ ସେହିପରି ବ୍ୟାକୁଳ ହେଉଥାନ୍ତି ॥ ୨ ॥

**କର ମୀଜହିଁ ସିରୁ ଧୁନି ପଛିତାହୀଁ । ଜନୁ ବିନୁ ପଂଖ ବିହଗ ଅକୁଲାହୀଁ ॥**
**ଭଇ ବଡ଼ି ଭୀର ଭୂପ ଦରବାରା । ବରନି ନ ଜାଇ ବିଷାଦୁ ଅପାରା ॥ ୩ ॥**

ଡେଣା ହରାଇଦେଇ ପକ୍ଷୀମାନେ ଛଟପଟ ହେବାପରି ସମସ୍ତେ ହାତ ମକଚି, ମୁଣ୍ଡ ପିଟି 'ହାୟ ! ହାୟ !' ହେଉଥାନ୍ତି । ରାଜଦ୍ୱାରରେ ଭୀଷଣ ଭିଡ଼ ଲାଗିଥାଏ । ସେହି ଅପାର ବିଷାଦ ବିଷୟରେ ବର୍ଣ୍ଣନା କରାଯାଇ ନ ପାରେ ॥ ୩ ॥

**ସଚିଓଁ ଉଠାଇ ରାଉ ବୈଠାରେ । କହି ପ୍ରିୟ ବଚନ ରାମୁ ପଗୁ ଧାରେ ॥**
**ସିୟ ସମେତ ଦୋଉ ତନୟ ନିହାରୀ । ବ୍ୟାକୁଲ ଭୟଉ ଭୂମିପତି ଭାରୀ ॥ ୪ ॥**

''ଶ୍ରୀରାମ ଆସିଛନ୍ତି''—ଏହି ପ୍ରିୟ ବଚନ କହି ମନ୍ତ୍ରୀ ମହାଶୟ ରାଜାଙ୍କୁ ଉଠାଇ ବସାଇଲେ । ସୀତାଙ୍କ ସହିତ ଦୁଇପୁତ୍ର ବନକୁ ଯିବାପାଇଁ ପ୍ରସ୍ତୁତ ହୋଇଛନ୍ତି ଦେଖି ରାଜା ଅତ୍ୟନ୍ତ ବ୍ୟାକୁଳ ହୋଇଗଲେ ॥ ୪ ॥

ଦୋ:- **ସୀୟ ସହିତ ସୁତ ସୁଭଗ ଦୋଉ ଦେଖି ଦେଖି ଅକୁଲାଇ ।**
**ବାରହିଁ ବାର ସନେହ ବସ ରାଉ ଲେଇ ଉର ଲାଇ ॥ ୭୬ ॥**

ସୀତାଙ୍କ ସହିତ ସୁନ୍ଦରଗୁଣସମ୍ପନ୍ନ ପୁତ୍ରଦ୍ୱୟଙ୍କୁ ଦେଖି, ରାଜା ବ୍ୟାକୁଳ ହୋଇ ସ୍ନେହବଶତଃ ଦୁହିଁଙ୍କୁ ବାରମ୍ବାର ହୃଦୟରେ ଜାବୁଡ଼ିଧରିଲେ ॥ ୭୬ ॥

**ସକଇ ନ ବୋଲି ବିକଲ ନରନାହୂ । ସୋକ ଜନିତ ଉର ଦାରୁନ ଦାହୂ ॥**
**ନାଇ ସୀସୁ ପଦ ଅତି ଅନୁରାଗା । ଉଠି ରଘୁବୀର ବିଦା ତବ ମାଗା ॥ ୧ ॥**

ରାଜା ବ୍ୟାକୁଳ ହୋଇଯାଇଥାନ୍ତି । କିଛି କହିପାରୁ ନ ଥାନ୍ତି । ହୃଦୟରେ ଶୋକଜନିତ ଭୟାନକ ସନ୍ତାପ । ଏହି ସମୟରେ ରଘୁବୀର ଶ୍ରୀରାମ ଅତ୍ୟନ୍ତ ଭକ୍ତିର ସହିତ ପିତାଙ୍କ ଚରଣରେ ପ୍ରଣାମ କରି ବିଦାୟ ମାଗିଲେ, ॥ ୧ ॥

**ପିତୁ ଅସୀସ ଆୟସୁ ମୋହି ଦୀଜୈ । ହରଷ ସମୟ ବିସମଉ କତ କୀଜୈ ॥**
**ତାତ କିଏଁ ପ୍ରିୟ ପ୍ରେମ ପ୍ରମାଦୂ । ଜସୁ ଜଗ ଜାଇ ହୋଇ ଅପବାଦୂ ॥ ୨ ॥**

''ହେ ପିତା ! ମୋତେ ଆଶୀର୍ବାଦ ଓ ଆଜ୍ଞା ଦିଅନ୍ତୁ । ଆନନ୍ଦ ସମୟରେ ଆପଣ ଶୋକ କରୁଛନ୍ତି କାହିଁକି ? ପ୍ରିୟଜନଙ୍କ ସ୍ନେହରେ ବାନ୍ଧିହୋଇ କର୍ତ୍ତବ୍ୟକର୍ମରେ ତ୍ରୁଟି କଲେ, ଜଗତରେ ଯଶ କ୍ଷୟ ହେବା ସଙ୍ଗେ ସଙ୍ଗେ ଲୋକନିନ୍ଦା ହେବ ।'' ॥ ୨ ॥

**ସୁନି ସନେହ ବସ ଉଠି ନରନାହାଁ । ବୈଠାରେ ରଘୁପତି ଗହି ବାହାଁ ॥**
**ସୁନହୁ ତାତ ତୁହ୍ମ କହୁଁ ମୁନି କହହାଁ । ରାମୁ ଚରାଚର ନାୟକ ଅହହାଁ ॥ ୩ ॥**

ଏହା ଶୁଣି ରାଜା ଉଠିପଡ଼ିଲେ ଏବଂ ଶ୍ରୀରଘୁନାଥଙ୍କ ବାହୁ ଧରି, ସ୍ନେହର ସହିତ ପାଖରେ ବସାଇ କହିଲେ, ''ବାପ ! ଶୁଣ, ତୁମକୁ ଦେଖି ମୁନିମାନେ କହନ୍ତି ଯେ, ଶ୍ରୀରାମ ହେଉଛନ୍ତି ଚରାଚର ଜଗତର ସ୍ୱାମୀ ॥ ୩ ॥

**ସୁଭ ଅରୁ ଅସୁଭ କରମ ଅନୁହାରୀ । ଈସୁ ଦେଇ ଫଲୁ ହୃଦୟଁ ବିଚାରୀ ॥**
**କରଇ ଜୋ କରମ ପାୱ ଫଲ ସୋଈ । ନିଗମ ନୀତି ଅସି କହ ସବୁ କୋଈ ॥ ୪ ॥**

ଈଶ୍ୱର ବିଚାର କରି ଶୁଭ ଓ ଅଶୁଭ କର୍ମ ଅନୁସାରେ ଫଳ ଦିଅନ୍ତି । ଯେ କର୍ମ କରିଥାଏ, ତାକୁହିଁ ତାର ଫଳ ଭୋଗିବାକୁ ପଡ଼େ । ଏହା ବେଦର ନୀତି, ଏକଥା ସମସ୍ତେ କହନ୍ତି ॥ ୪ ॥

ଦୋ:- **ଔରୁ କରୈ ଅପରାଧୁ କୋଉ ଔର ପାୱ ଫଲ ଭୋଗୁ ।**
**ଅତି ବିଚିତ୍ର ଭଗୱଂତ ଗତି କୋ ଜଗ ଜାନୈ ଜୋଗୁ ॥ ୭୭ ॥**

''[କିନ୍ତୁ ଏ ସ୍ଥଳରେ ତ ଏହାର ବିପରୀତ ଘଟିଗଲା ।] ଅପରାଧ କଲା ଜଣେ ଏବଂ ତା'ର ଫଳ ଭୋଗ କରିବ ଆଉ ଜଣେ ! ଭଗବାନଙ୍କର ଲୀଳା ବଡ଼ ବିଚିତ୍ର । ସେହି ଲୀଳାର ରହସ୍ୟ କିଏ ବା ବୁଝିପାରିବ !'' ॥ ୭୭ ॥

**ରାୟଁ ରାମ ରାଖନ ହିତ ଲାଗୀ । ବହୁତ ଉପାୟ କିଏ ଛଲୁ ତ୍ୟାଗୀ ॥**
**ଲଖୀ ରାମ ରୁଖ ରହତ ନ ଜାନେ । ଧରମ ଧୁରଂଧର ଧୀର ସୟାନେ ॥ ୧ ॥**

ଶ୍ରୀରାମଙ୍କୁ ଅଟକାଇ ରଖିବାଲାଗି ରାଜା ନିଷ୍କପଟଭାବରେ ଏହିପରି ବହୁ ଉପାୟ କଲେ; କିନ୍ତୁ ସେ ଯେତେବେଳେ ଧର୍ମଧୁରନ୍ଧର, ଧୀର ଓ ବୁଦ୍ଧିମାନ୍ ଶ୍ରୀରାମଙ୍କ ମୁଖ ଦେଖି ଜାଣିଦେଲେ ଯେ, ସେ ରହିବାର ନୁହନ୍ତି, ॥ ୧ ॥

**ତବ ନୃପ ସୀୟ ଲାଇ ଉର ଲୀହ୍ନୀ । ଅତି ହିତ ବହୁତ ଭାଁତି ସିଖ ଦୀହ୍ନୀ ॥**
**କହି ବନ କେ ଦୁଖ ଦୁସହ ସୁନାଏ । ସାସୁ ସସୁର ପିତୁ ସୁଖ ସମୁଝାଏ ॥ ୨ ॥**

ସେତେବେଳେ ସେ ସୀତାଙ୍କୁ ସ୍ନେହରେ କୋଳେଇ ନେଇ ବହୁପ୍ରକାର ଶିକ୍ଷା ଦେଲେ ଏବଂ ବନର ଦୁଃସହ ଦୁଃଖ ବର୍ଣ୍ଣନା କରି ଶୁଣାଇଲେ । ଶାଶୁ, ଶ୍ୱଶୁର ତଥା ପିତାଙ୍କ ନିକଟରେ ରହିବାର ସୁଖ ମଧ୍ୟ ବର୍ଣ୍ଣନା କରି ବୁଝାଇଲେ ॥ ୨ ॥

**ସିୟ ମନୁ ରାମ ଚରନ ଅନୁରାଗା । ଘରୁ ନ ସୁଗମୁ ବନୁ ବିଷମୁ ନ ଲାଗା ॥**
**ଔରଉ ସବହିଁ ସୀୟ ସମୁଝାଈ । କହି କହି ବିପିନ ବିପତି ଅଧିକାଈ ॥ ୩ ॥**

କିନ୍ତୁ ସୀତାଙ୍କର ମନ ଶ୍ରୀରାମଚନ୍ଦ୍ରଙ୍କ ଚରଣରେ ଅନୁରକ୍ତ ଥିଲା । ତେଣୁ ତାଙ୍କୁ ଘର ଭଲ ଲାଗିଲା ନାହିଁ; କି ବନବାସ ଭୟାନକ ବୋଧ ହେଲା ନାହିଁ । ସେତିକିବେଳେ ବନର ବିପତ୍ତି ଯେ କି ଭୀଷଣ, ତାହା କହି କହି ଅନ୍ୟମାନେ ବି ସୀତାଙ୍କୁ ବୁଝାଇଲେ ॥ ୩ ॥

**ସଚିଓ୍ୱ ନାରି ଗୁର ନାରି ସୟାନୀ । ସହିତ ସନେହ କହହିଁ ମୃଦୁ ବାନୀ ॥**
**ତୁହ୍ମ କହୁଁ ତୌ ନ ଦୀହ୍ନ ବନବାସୂ । କରହୁ ଜୋ କହହିଁ ସସୁର ଗୁର ସାସୂ ॥ ୪ ॥**

ମନ୍ତ୍ରୀ ସୁମନ୍ତ୍ରଙ୍କ ପତ୍ନୀ ଓ ଗୁରୁ ବଶିଷ୍ଠଙ୍କ ସ୍ତ୍ରୀ ଅରୁନ୍ଧତୀ ତଥା ଅନ୍ୟାନ୍ୟ ବୁଦ୍ଧିମତୀ ସ୍ତ୍ରୀମାନେ ସ୍ନେହର ସହିତ କୋମଳଭାବରେ କହିଲେ, ''ରାଜା ତ ତୁମକୁ ବନବାସ ଦେଇନାହାନ୍ତି । ତେଣୁ ଶାଶୁଶ୍ୱଶୁର ଓ ଗୁରୁ ଯାହା କହୁଛନ୍ତି, ତୁମେ ସେଇଆ କର ।'' ॥ ୪ ॥

ଦୋଃ- **ସିଖ ସୀତଲି ହିତ ମଧୁର ମୃଦୁ ସୁନି ସୀତହି ନ ସୋହାନି ।**
**ସରଦ ଚଂଦ ଚଂଦିନି ଲଗତ ଜନୁ ଚକଈ ଅକୁଲାନି ॥ ୭୮ ॥**

ସେମାନଙ୍କର ସେହି ଉପଦେଶ ଶୀତଳ, ମଧୁର, କୋମଳ ଓ ହିତକର ହୋଇଥିଲେ ବି, ସୀତାଙ୍କୁ ତାହା ଭଲ ଲାଗିଲା ନାହିଁ । ଶରତ୍ ଋତୁର ଚନ୍ଦ୍ରକିରଣ ସ୍ପର୍ଶରେ ଚକ୍ରବାକୀ ବ୍ୟାକୁଳ ହୋଇଯିବାପରି ସୀତା ବ୍ୟାକୁଳ ହୋଇଉଠିଲେ ॥ ୭୮ ॥

**ସୀୟ ସକୁଚ ବସ ଉତରୁ ନ ଦେଈ । ସୋ ସୁନି ତମକି ଉଠୀ କୈକେଈ ॥**
**ମୁନି ପଟ ଭୂଷନ ଭାଜନ ଆନୀ । ଆଗେଁ ଧରି ବୋଲୀ ମୃଦୁ ବାନୀ ॥ ୧ ॥**

ସୀତା ସଂକୋଚବଶତଃ ଉତ୍ତର ଦେଲେ ନାହିଁ ; କିନ୍ତୁ ଏସବୁ କଥା ଶୁଣି କୈକେୟୀ ହଠାତ୍ ଉଠିପଡ଼ିଲେ ଏବଂ ମୁନିମାନେ ପିନ୍ଧୁଥିବା ବସ୍ତ୍ର, ମାଳା, ମେଖଳା, କମଣ୍ଡଳୁ ଆଦି ଆଣି ଶ୍ରୀରାମଙ୍କ ଆଗରେ ଥୋଇଦେଲେ ଓ କୋମଳ କଣ୍ଠରେ କହିଲେ, ॥ ୧ ॥

**ନୃପହି ପ୍ରାନପ୍ରିୟ ତୁହ୍ମ ରଘୁବୀରା । ସୀଲ ସନେହ ନ ଛାଡ଼ିହି ଭୀରା ॥**
**ସୁକୃତୁ ସୁଜସୁ ପରଲୋକୁ ନସାଉ । ତୁହ୍ମହି ଜାନ ବନ କହିହି ନ କାଉ ॥ ୨ ॥**

''ହେ ରଘୁବୀର ! ତୁମେ ରାଜାଙ୍କର ପ୍ରାଣସମାନ ପ୍ରିୟ । ପ୍ରେମାବେଶ ହେତୁ ଦୁର୍ବଳହୃଦୟ ହୋଇଯାଇଥିବା ରାଜା ଶୀଳ ଓ ସ୍ନେହ ଛାଡ଼ିବେ ନାହିଁ । ତାଙ୍କର ପୁଣ୍ୟ, ସୁନ୍ଦରଯଶ ଓ ପରଲୋକ ନଷ୍ଟ ହୋଇଗଲେ ବି, ସେ ତୁମକୁ କଦାପି ବନକୁ ଯିବାକୁ କହିବେ ନାହିଁ ॥ ୨ ॥

**ଅସ ବିଚାରି ସୋଇ କରହୁ ଜୋ ଭାଓ୍ୱା । ରାମ ଜନନି ସିଖ ସୁନି ସୁଖୁ ପାଓ୍ୱା ॥**
**ଭୂପହି ବଚନ ବାନସମ ଲାଗେ । କରହିଁ ନ ପ୍ରାନ ପୟାନ ଅଭାଗେ ॥ ୩ ॥**

ତେଣୁ ତୁମେ ନିଜେ ବିଚାର କର ଏବଂ ତୁମକୁ ଯାହା ଠିକ୍ ଲାଗୁଛି, ସେଇଆ କର ।'' ମାତାଙ୍କ ଉପଦେଶ ଶ୍ରୀରାମଙ୍କୁ ବହୁତ ଭଲ ଲାଗିଲା; କିନ୍ତୁ ସେହି ବଚନ ରାଜାଙ୍କ ହୃଦୟରେ ଶର ପରି ବିନ୍ଧିହୋଇଗଲା । ରାଜା ଭାବିଲେ, 'ହାୟ ! ଏବେ ବି ଏ ଅଭାଗା ପ୍ରାଣଟା ବାହାରିଯାଉନାହିଁ ।' ॥ ୩ ॥

**ଲୋଗ ବିକଲ ମୁରୁଛିତ ନରନାହୂ । କାହ କରିଅ କଛୁ ସୂଝ ନ କାହୂ ॥**
**ରାମୁ ତୁରତ ମୁନି ବେଷୁ ବନାଈ । ଚଲେ ଜନକ ଜନନିହି ସିରୁ ନାଈ ॥ ୪ ॥**

ରାଜା ମୂର୍ଚ୍ଛିତ ହୋଇ ପଡ଼ିଗଲେ । ଲୋକେ ବିକଳ ହୋଇଉଠିଲେ । କ'ଣ କରାଯିବ, କାହାରିକୁ ବୁଦ୍ଧି ଦିଶିଲା ନାହିଁ । ଶ୍ରୀରାମ ତୁରନ୍ତ ମୁନିବେଶ ଧରି ଏବଂ ମାତାପିତାଙ୍କୁ ପ୍ରଣାମ କରି ସେଠାରୁ ବାହାରି-ପଡ଼ିଲେ ॥ ୪ ॥

ଦୋः- **ସଜି ବନ ସାଜୁ ସମାଜୁ ସବୁ ବନିତା ବଂଧୁ ସମେତ ।**
**ବଂଦି ବିପ୍ର ଗୁର ଚରନ ପ୍ରଭୁ ଚଲେ କରି ସବହି ଅଚେତ ॥ ୭୯ ॥**

ବନବାସର ସକଳ ସାଜସରଞ୍ଜାମ ଧରି, ସ୍ତ୍ରୀ ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମ ଗୁରୁ ଓ ବ୍ରାହ୍ମଣମାନଙ୍କ ଚରଣ ବନ୍ଦନା କଲେ ଏବଂ ସମସ୍ତଙ୍କୁ ହତବାକ୍ କରିଦେଇ ସେଠାରୁ ଚାଲିଗଲେ ॥ ୭୯ ॥

**ନିକସି ବସିଷ୍ଠ ଦ୍ୱାର ଭଏ ଠାଢ଼େ । ଦେଖେ ଲୋଗ ବିରହ ଦଓ୍ୱ ଦାଢ଼େ ॥**
**କହି ପ୍ରିୟ ବଚନ ସକଲ ସମୁଝାଏ । ବିପ୍ର ବୃଂଦ ରଘୁବୀର ବୋଲାଏ ॥ ୧ ॥**

ରାଜମହଲରୁ ବାହାରି ଶ୍ରୀରାମ ଯାଇ ବଶିଷ୍ଠଙ୍କ ଦ୍ୱାରଦେଶରେ ଠିଆ ହେଲେ । ସେ ଦେଖିଲେ, ସମସ୍ତେ ବିରହ-ଅଗ୍ନିରେ ଜଳୁଛନ୍ତି । ତେଣୁ ସେ ପ୍ରିୟବଚନ କହି ସମସ୍ତଙ୍କୁ ବୁଝାଇଲେ । ତା'ପରେ ଶ୍ରୀରାମ ବ୍ରାହ୍ମଣମଣ୍ଡଳୀକୁ ଡକାଇଲେ ॥ ୧ ॥

**ଗୁର ସନ କହି ବରଷାସନ ଦୀନ୍ହେ । ଆଦର ଦାନ ବିନୟ ବସ କୀନ୍ହେ ॥**
**ଜାଚକ ଦାନ ମାନ ସଂତୋଷେ । ମୀତ ପୁନୀତ ପ୍ରେମ ପରିତୋଷେ ॥ ୨ ॥**

ଗୁରୁଙ୍କୁ ଜଣାଇ ସେମାନଙ୍କୁ ସେ ବର୍ଷାଶନ (ପୂରା ଏକବର୍ଷର ଖାଦ୍ୟସାମଗ୍ରୀ) ପ୍ରଦାନ କଲେ ଏବଂ ଆଦର, ଦାନ ତଥା ବିନୟରେ ସେମାନଙ୍କୁ ବଶ କରିନେଲେ । ତା'ପରେ ଯାଚକମାନଙ୍କୁ ଦାନ ଓ ସମ୍ମାନ ଦେଇ ସନ୍ତୁଷ୍ଟ କଲେ ଏବଂ ମିତ୍ରମାନଙ୍କୁ ପବିତ୍ର ପ୍ରେମରେ ପ୍ରସନ୍ନ କରିଦେଲେ ॥ ୨ ॥

**ଦାସୀଁ ଦାସ ବୋଲାଇ ବହୋରୀ । ଗୁରହି ସୌଁପି ବୋଲେ କର ଜୋରୀ ॥**
**ସବ କୈ ସାର ସଁଭାର ଗୋସାଇଁ । କରବି ଜନକ ଜନନୀ କୀ ନାଇଁ ॥ ୩ ॥**

ତା'ପରେ ଦାସଦାସୀମାନଙ୍କୁ ଡକାଇ ସେମାନଙ୍କର ଦାୟିତ୍ୱ ଗୁରୁଙ୍କୁ ସମର୍ପିଦେଲେ ଏବଂ ଦୁଇ କର ଯୋଡ଼ି କହିଲେ, ''ପ୍ରଭୁ ! ଆପଣ ମାତାପିତା ପରି ଏ ସମସ୍ତଙ୍କର ଦେଖାଶୁଣା କରୁଥିବେ ।'' ॥ ୩ ॥

**ବାରହିଁ ବାର ଜୋରି ଜୁଗ ପାନୀ । କହତ ରାମୁ ସବ ସନ ମୃଦୁ ବାନୀ ॥**
**ସୋଇ ସବ ଭାଁତି ମୋର ହିତକାରୀ । ଜେହି ତେଁ ରହୈ ଭୁଆଲ ସୁଖାରୀ ॥ ୪ ॥**

ଶ୍ରୀରାମ ବାରମ୍ବାର ଦୁଇ କର ଯୋଡ଼ି, ସମସ୍ତଙ୍କୁ କୋମଳ ବଚନ ଶୁଣାଇ କହିଲେ, ‘‘ଯେଉଁମାନଙ୍କ ଚେଷ୍ଟାରେ ମହାରାଜା ସୁଖରେ ରହିପାରିବେ, ମୁଁ ଜାଣିବି ଯେ, ସେହିମାନେହିଁ ମୋର ହିତକାରୀ ମିତ୍ର ॥ ୪ ॥

ଦୋ:- **ମାତୁ ସକଲ ମୋରେ ବିରହଁ ଜେହିଁ ନ ହୋହିଁ ଦୁଖ ଦୀନ ।**
**ସୋଇ ଉପାଉ ତୁହ୍ମ କରେହୁ ସବ ପୁର ଜନ ପରମ ପ୍ରବୀନ ॥ ୮୦ ॥**

‘‘ହେ ପ୍ରବୀଣ ପୁରବାସୀବୃନ୍ଦ । ଆପଣମାନେ ସମସ୍ତେ ସେହି ଉପାୟ କରନ୍ତୁ, ଯାହାଦ୍ୱାରା କି ମୋ’ର ମାଆମାନେ ମୋ’ର ବିରହଦୁଃଖରେ ବ୍ୟାକୁଳ ହେବେ ନାହିଁ ।’’ ॥ ୮୦ ॥

**ଏହି ବିଧି ରାମ ସବହି ସମୁଝାୱା । ଗୁର ପଦ ପଦୁମ ହରଷି ସିରୁ ନାୱା ॥**
**ଗନପତି ଗୌରି ଗିରୀସୁ ମନାଈ । ଚଲେ ଅସୀସ ପାଇ ରଘୁରାଈ ॥ ୧ ॥**

ଏପରିଭାବରେ ଶ୍ରୀରାମ ସମସ୍ତଙ୍କୁ ବୁଝାଇଲେ ଏବଂ ଆନନ୍ଦିତ ହୋଇ ଗୁରୁଙ୍କ ଚରଣକମଳରେ ମସ୍ତକ ଅବନତ କଲେ । ତା’ପରେ ଶ୍ରୀଗଣେଶ, ଶ୍ରୀପାର୍ବତୀ ଓ କୈଳାସପତି ଶ୍ରୀମହାଦେବଙ୍କୁ ସ୍ମରଣ କରି ତଥା ଗୁରୁଙ୍କର ଆଶୀର୍ବାଦ ଗ୍ରହଣ କରି ଶ୍ରୀରଘୁନାଥ ବନପଥରେ ଚାଲିଗଲେ ॥ ୧ ॥

**ରାମ ଚଲତ ଅତି ଭୟଉ ବିଷାଦୂ । ସୁନି ନ ଜାଇ ପୁର ଆରତ ନାଦୂ ॥**
**କୁସଗୁନ ଲଂକ ଅୱଧ ଅତି ସୋକୂ । ହରଷ ବିଷାଦ ବିବସ ସୁରଲୋକୂ ॥ ୨ ॥**

ଶ୍ରୀରାମ ପାଦ କାଢ଼ିବାମାତ୍ରେ ଲୋକମାନଙ୍କ ମଧ୍ୟରେ ଘୋର ବିଷାଦ ଖେଳିଗଲା । ନଗରର ଆର୍ତ୍ତନାଦ କାନରେ ଶୁଣିହେଲା ନାହିଁ । ଲଙ୍କାରେ ଅଶୁଭ ଲକ୍ଷଣମାନ ଦେଖାଗଲା । ଅଯୋଧ୍ୟାରେ ଘୋର ଶୋକ ଖେଳିଗଲା ଏବଂ ଦେବଲୋକରେ ସମସ୍ତେ ହର୍ଷ ଓ ବିଷାଦ—ଉଭୟରେ ମଗ୍ନ ହୋଇଗଲେ (ଏଥର ଅସୁରମାନେ ନିପାତ ହେବେ ବୋଲି ସେମାନେ ହର୍ଷିତ ହେଲେ ଏବଂ ଅଯୋଧ୍ୟାବାସୀଙ୍କ ଶୋକ ଦେଖି ବିଷାଦଗ୍ରସ୍ତ ହେଲେ) ॥ ୨ ॥

**ଗଇ ମୁରୁଛା ତବ ଭୂପତି ଜାଗେ । ବୋଲି ସୁମଂତ୍ରୁ କହନ ଅସ ଲାଗେ ॥**
**ରାମୁ ଚଲେ ବନ ପ୍ରାନ ନ ଜାହୀଁ । କେହି ସୁଖ ଲାଗି ରହତ ତନ ମାହୀଁ ॥ ୩ ॥**

ରାଜାଙ୍କ ମୂର୍ଚ୍ଛା ଭାଙ୍ଗିଲା । ରାଜା ଜାଗ୍ରତ ହୋଇ ସୁମନ୍ତ୍ରଙ୍କୁ କହିଲେ, ‘‘ଶ୍ରୀରାମ ବନକୁ ଚାଲିଗଲେ, ଅଥଚ ମୋ ପ୍ରାଣ ଗଲା ନାହିଁ । ଆଉ କେଉଁ ସୁଖପାଇଁ ଏ ପ୍ରାଣ ନ ଯାଇ ପିଣ୍ଡରେ ରହିଛି, ମୁଁ ଜାଣିପାରୁନାହିଁ ॥ ୩ ॥

**ଏହି ତେଁ କୱନ ବ୍ୟଥା ବଲୱାନା । ଜୋ ଦୁଖୁ ପାଇ ତଜହିଁ ତନୁ ପ୍ରାନା ॥**
**ପୁନି ଧରି ଧୀର କହଇ ନରନାହୂ । ଲୈ ରଥୁ ସଂଗ ସଖା ତୁହ୍ମ ଜାହୂ ॥ ୪ ॥**

ଏହାଠାରୁ ଆଉ କେଉଁ ବ୍ୟଥା ଅଧିକ ହେବ ଯେ, ସେହି ଦୁଃଖରେ ପଡ଼ି ଏ ପ୍ରାଣ ପିଣ୍ଡ ଛାଡ଼ିବ !’’ ପୁଣି ରାଜା ଧୈର୍ଯ୍ୟ ଧରି ସୁମନ୍ତ୍ରଙ୍କୁ କହିଲେ, ‘‘ହେ ବନ୍ଧୁ ! ତୁମେ ରଥ ନେଇ ଶ୍ରୀରାମଙ୍କ ସହିତ ଯାଅ ॥ ୪ ॥

ଦୋ:- **ସୁଠି ସୁକୁମାର କୁମାର ଦୋଉ ଜନକସୁତା ସୁକୁମାରି ।**
**ରଥ ଚଢ଼ାଇ ଦେଖରାଇ ବନୁ ଫିରେହୁ ଗଏଁ ଦିନ ଚାରି ॥ ୮୧ ॥**

ସେହି ଦୁଇ ସୁକୁମାର ଭାଇଙ୍କୁ ଏବଂ ସୁକୁମାରୀ ଜାନକୀଙ୍କୁ ରଥରେ ବସାଇ, ବନ ଦେଖାଇଦେଇ ଦୁଇଚାରି ଦିନ ପରେ ଫେରାଇଆଣିବ ॥ ୮୧ ॥

**ଜୌଁ ନହିଁ ଫିରହିଁ ଧୀର ଦୋଉ ଭାଈ । ସତ୍ୟସଂଧ ଦୃଢ଼ବ୍ରତ ରଘୁରାଈ ॥**
**ତୌ ତୁହ୍ମ ବିନୟ କରେହୁ କର ଜୋରୀ । ଫେରିଅ ପ୍ରଭୁ ମିଥିଲେସକିସୋରୀ ॥ ୧ ॥**

ସେହି ଦୁଇଭାଇ ହେଉଛନ୍ତି ଧୈର୍ଯ୍ୟବାନ୍ ; ପୁଣି ରଘୁନାଥ ହେଉଛନ୍ତି ସତ୍ୟପ୍ରତିଜ୍ଞ ଓ ଦୃଢ଼ବ୍ରତ । ଏହି କାରଣରୁ ଯଦି ସେମାନେ ଫେରି ନ ଆସନ୍ତି, ତେବେ ତୁମେ ହାତ ଯୋଡ଼ି ବିନତି କରି କହିବ, 'ହେ ପ୍ରଭୁ ! ଅନ୍ତତଃ ଜନକକୁମାରୀ ସୀତାଙ୍କୁ ହେଲେ ଫେରାଇଦିଅନ୍ତୁ ।' ॥ ୧ ॥

**ଜବ ସିୟ କାନନ ଦେଖି ଡେରାଈ । କହେହୁ ମୋରି ସିଖ ଅୱସରୁ ପାଈ ॥**
**ସାସୁ ସସୁର ଅସ କହେଉ ସଁଦେସୂ । ପୁତ୍ରି ଫିରିଅ ବନ ବହୁତ କଲେସୂ ॥ ୨ ॥**

ଯଦି ସୀତା ବଣ ଦେଖି ଡରନ୍ତି, ତେବେ ସେହି ସୁଯୋଗ ନେଇ ମୁଁ କହିଛି ବୋଲି ଜଣାଇବ : 'ଆପଣଙ୍କ ଶାଶୁ ଓ ଶ୍ୱଶୁର ସନ୍ଦେଶ ଦେଇଛନ୍ତି, ହେ ମାଆ ! ତୁମେ ଫେରିଚାଲ; ବଣରେ ରହିବା ଅତ୍ୟନ୍ତ କଷ୍ଟକର ॥ ୨ ॥

**ପିତୁଗୃହ କବହୁଁ କବହୁଁ ସସୁରାରୀ । ରହେହୁ ଜହାଁ ରୁଚି ହୋଇ ତୁହ୍ମାରୀ ॥**
**ଏହି ବିଧି କରେହୁ ଉପାୟ କଦଂବା । ଫିରଇ ତ ହୋଇ ପ୍ରାନ ଅୱଲଂବା ॥ ୩ ॥**

କେବେ ବାପାଙ୍କ ଘରେ ତ, କେବେ ଶ୍ୱଶୁରଙ୍କ ଘରେ—ଯେବେ ଯେଉଁଠି ଇଚ୍ଛା ହେବ, ସେଠାରେ ରହୁଥିବ ।' ଏହିପ୍ରକାରେ ତାଙ୍କୁ ଫେରାଇଆଣିବାକୁ ତୁମେ ବିଭିନ୍ନ ଉପାୟ କରିବ । ଅନ୍ତତଃ ଯଦି ସୀତା ଫେରିଆସନ୍ତି, ତେବେ ସେ ମୋ ପ୍ରାଣର ଅବଲମ୍ବନ ହୋଇଯିବେ ॥ ୩ ॥

**ନାହିଁ ତ ମୋର ମରନୁ ପରିନାମା । କଛୁ ନ ବସାଇ ଭଏଁ ବିଧି ବାମା ॥**
**ଅସ କହି ମୁରୁଛି ପରା ମହି ରାଉ । ରାମୁ ଲଖନୁ ସିୟ ଆନି ଦେଖାଉ ॥ ୪ ॥**

ନଚେତ୍ ପରିଣାମରେ ମୋର ମୃତ୍ୟୁ ସୁନିଶ୍ଚିତ । ବିଧାତା ବାମ ହେଲେ କୌଣସି ଉପାୟ କାମ ଦିଏ ନାହିଁ । ହାୟ ! ମୋ ରାମ, ଲକ୍ଷ୍ମଣ, ସୀତା କାହିଁ ଗଲେ ! ସେମାନଙ୍କୁ ଆଣି ଦେଖାଅ ।'' ଏପରି କହୁ କହୁ ରାଜା ମୂର୍ଚ୍ଛା ହୋଇ ତଳେ ଢଳିପଡ଼ିଲେ ॥ ୪ ॥

ଦୋ:- **ପାଇ ରଜାୟସୁ ନାଇ ସିରୁ ରଥୁ ଅତି ବେଗ ବନାଇ ।**
**ଗୟଉ ଜହାଁ ବାହେର ନଗର ସୀୟ ସହିତ ଦୋଉ ଭାଇ ॥ ୮୨ ॥**

ରାଜାଙ୍କ ଆଜ୍ଞା ପାଇବାମାତ୍ରେ ନତଶିର ହୋଇ ସୁମନ୍ତ୍ର ଯଥାଶୀଘ୍ର ଗୋଟିଏ ବେଗଗାମୀ ରଥ ସଜାଇଦେଲେ ଓ ନଗରବାହାରେ ଯେଉଁଠି ସୀତାଙ୍କ ସହିତ ରାମଲକ୍ଷ୍ମଣ ଦୁଇଭାଇ ଥିଲେ, ରଥଟି ସେଠାକୁ ବାହିନେଲେ ॥ ୮୨ ॥

**ତବ ସୁମଂତ୍ର ନୃପ ବଚନ ସୁନାଏ । କରି ବିନତୀ ରଥ ରାମୁ ଚଢ଼ାଏ ॥**
**ଚଢ଼ି ରଥ ସୀୟ ସହିତ ଦୋଉ ଭାଈ । ଚଲେ ହୃଦୟଁ ଅୱଧହି ସିରୁ ନାଈ ॥ ୧ ॥**

[ସେଠାରେ ପହଞ୍ଚି] ସେ ଶ୍ରୀରାମଙ୍କୁ ରାଜାଙ୍କ କଥା କହିଲେ ଏବଂ ବହୁ ଅନୁନୟ-ବିନୟ କରି ସେମାନଙ୍କୁ ରଥରେ ବସାଇଲେ । ମନେ ମନେ ଅଯୋଧ୍ୟାକୁ ପ୍ରଣାମ କରି, ଶ୍ରୀରାମ-ଲକ୍ଷ୍ମଣ ଦୁଇଭାଇ ସୀତାଙ୍କ ସହିତ ରଥରେ ବସି ବନପଥରେ ଯାତ୍ରା ଆରମ୍ଭ କଲେ ॥ ୧ ॥

**ଚଲତ ରାମୁ ଲଖି ଅୱଧ ଅନାଥା । ବିକଲ ଲୋଗ ସବ ଲାଗେ ସାଥା ॥**
**କୃପାସିଂଧୁ ବହୁବିଧି ସମୁଝାୱହିଁ । ଫିରହିଁ ପ୍ରେମ ବସ ପୁନି ଫିରି ଆୱହିଁ ॥ ୨ ॥**

ଶ୍ରୀରାମ ଚାଲିଯାଉଛନ୍ତି, ଅଯୋଧ୍ୟା ଅନାଥ ହୋଇଯାଉଛି—ଏହା ଦେଖି, ନଗରର ସମସ୍ତେ ବ୍ୟାକୁଳ ହୋଇ ସେମାନଙ୍କ ପଛରେ ଚାଲିଲେ । କୃପାସାଗର ଶ୍ରୀରାମ ସେମାନଙ୍କୁ ଫେରିଯିବାଲାଗି ଅନେକପ୍ରକାରେ ବୁଝାଇଲେ । ତାଙ୍କ କଥା ଶୁଣି ଲୋକେ ଅଯୋଧ୍ୟା ଆଡ଼କୁ ଫେରୁଥାନ୍ତି; କିନ୍ତୁ କିଛିକ୍ଷଣ ପରେ ପ୍ରେମବଶତଃ ପୁଣି ତାଙ୍କ ପଛରେ ଚାଲୁଥାନ୍ତି ॥ ୨ ॥

**ଲାଗତି ଅୱଧ ଭୟାୱନି ଭାରୀ । ମାନହୁଁ କାଲରାତି ଅଁଧିଆରୀ ॥**
**ଘୋର ଜଂତୁ ସମ ପୁର ନର ନାରୀ । ଡରପହିଁ ଏକହି ଏକ ନିହାରୀ ॥ ୩ ॥**

ଅଯୋଧ୍ୟାପୁରୀ ବଡ଼ ଭୟଙ୍କର ଲାଗୁଥାଏ । ସାରା ନଗରୀଟା ଅନ୍ଧକାରମୟୀ କାଳରାତ୍ରିସମାନ ହୋଇଯାଇଥାଏ । ନରନାରୀ ଏକ ଆରେକକୁ ଦେଖି ଭୟଙ୍କର ଜନ୍ତୁ ଦେଖିଦେଲାପରି ଡରିଯାଉଥାନ୍ତି ॥ ୩ ॥

**ଘର ମସାନ ପରିଜନ ଜନୁ ଭୂତା । ସୁତ ହିତ ମୀତ ମନହୁଁ ଜମଦୂତା ॥**
**ବାଗହ୍ନ ବିଟପ ବେଲି କୁହ୍ମିଲାହୀଂ । ସରିତ ସରୋବର ଦେଖି ନ ଜାହୀଂ ॥ ୪ ॥**

ଘର ଲାଗୁଥାଏ ଶ୍ମଶାନ ପରି । କୁଟୁମ୍ବଲୋକେ ଭୂତପ୍ରେତ ପରି ବୋଧ ହେଉଥାନ୍ତି । ପୁଅଝିଅ, ସାଙ୍ଗସାଥୀ ଓ ମଙ୍ଗଳାକାଙ୍କ୍ଷୀମାନେ ଯମଦୂତ ପରି ଲାଗୁଥାନ୍ତି । ବାଡ଼ିବଗିଚାରେ ଗଛଲତାସବୁ ଝାଉଁଳିପଡ଼ିଥାନ୍ତି । ନଦୀ-ପୁଷ୍କରିଣୀଗୁଡ଼ିକର ଅବସ୍ଥା ଏପରି ହୋଇଥାଏ ଯେ, ସେଆଡ଼କୁ ଚାହିଁ ହେଉ ନ ଥାଏ ॥ ୪ ॥

ଦୋ:- **ହୟ ଗୟ କୋଟିହ୍ନ କେଲିମୃଗ ପୁରପସୁ ଚାତକ ମୋର ।**
**ପିକ ରଥାଂଗ ସୁକ ସାରିକା ସାରସ ହଂସ ଚକୋର ॥ ୮୩ ॥**

କୋଟି କୋଟି ହାତୀ, ଘୋଡ଼ା, ପୋଷାହରିଣ, ନଗରର [ଗାଈ, ବଳଦ, ଆଦି ଗୃହପାଳିତ] ପଶୁ ତଥା ଶୁଆ, ଶାରୀ, କୋଇଲି, ଚାତକ, ମୟୂର, ସାରସ, ହଂସ ଓ ଚକୋର ଆଦି ପକ୍ଷୀ—ଏ ସମସ୍ତେ— ॥ ୮୩ ॥

**ରାମ ବିୟୋଗ ବିକଲ ସବ ଠାଢ଼େ । ଜହଁ ତହଁ ମନହୁଁ ଚିତ୍ର ଲିଖି କାଢ଼େ ॥**
**ନଗରୁ ସଫଲ ବନୁ ଗହବର ଭାରୀ । ଖଗ ମୃଗ ବିପୁଲ ସକଲ ନର ନାରୀ ॥ ୧ ॥**
**ବିଧି କୈକଈ କିରାତିନି କୀହ୍ନୀ । ଜେହିଁ ଦୱ ଦୁସହ ଦସହୁଁ ଦିସି ଦୀହ୍ନୀ ॥**
**ସହି ନ ସକେ ରଘୁବର ବିରହାଗୀ । ଚଲେ ଲୋଗ ସବ ବ୍ୟାକୁଲ ଭାଗୀ ॥ ୨ ॥**

ଶ୍ରୀରାମଙ୍କ ବିରହରେ ଦୁଃଖୀ ହୋଇ ଯେ ଯେଉଁଠି ଥିଲେ, ସେଇଠି ଚିତ୍ର-ପ୍ରତିମା ପରି [ଅବାକ୍ ହୋଇ] ଠିଆ ହୋଇଥାନ୍ତି । ଆଗେ ଅଯୋଧ୍ୟାନଗରୀ ଥିଲା ଏକ ଫୁଲଫଳଭରା ସୁନ୍ଦର ଘନ ଅରଣ୍ୟ ପରି; ସେଭିତରେ ନଗରବାସୀ ନରନାରୀ ଆନନ୍ଦରେ ରହିଥିଲେ ବିବିଧ ପଶୁପକ୍ଷୀ ପରି (ଅର୍ଥାତ୍ ଅଯୋଧ୍ୟାପୁରୀ ଥିଲା ଅର୍ଥ, ଧର୍ମ, କାମ, ମୋକ୍ଷରୂପୀ ଚତୁର୍ବର୍ଗ-ଫଳଦାୟିନୀ ନଗରୀ ଏବଂ ନରନାରୀ ସେସବୁ ଫଳକୁ ଅତ୍ୟନ୍ତ ସୁଖରେ, ଅନାୟାସରେ ପାଇଯାଉଥିଲେ) କିନ୍ତୁ ଇତିମଧ୍ୟରେ ବିଧାତା କୈକେୟୀଙ୍କୁ କରିଦେଲା ଏକ ନିଷ୍ଠୁରା ଶବରୀ, ଯେ କି ସେହି ସୁନ୍ଦର ଅରଣ୍ୟର ଚତୁର୍ଦ୍ଦିଗରେ ଜାଳିଦେଲା ଭୟାନକ ଦୁଃସହ ଅଗ୍ନି । ସେହି ଶ୍ରୀରାମବିରହରୂପୀ ଅଗ୍ନିର ଜ୍ୱାଳା ସହି ନ ପାରି ସବୁପ୍ରାଣୀ ବ୍ୟାକୁଳ ହୋଇ ପଳାୟନ କଲେ ॥ ୨ ॥

**ସବହିଁ ବିଚାରୁ କୀହ୍ନ ମନ ମାହୀଂ । ରାମ ଲଖନ ସିୟ ବିନୁ ସୁଖୁ ନାହୀଂ ॥**
**ଜହାଁ ରାମୁ ତହଁ ସବୁଇ ସମାଜୂ । ବିନୁ ରଘୁବୀର ଅୱଧ ନହିଁ କାଜୂ ॥ ୩ ॥**

ସମସ୍ତେ ମନେ ମନେ ବିଚାର କଲେ, ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବିନା ସୁଖ ନାହିଁ । ଯେଉଁଠି ଶ୍ରୀରାମ ରହିବେ, ସେହିଠାରେହିଁ ସାରା ସମାଜ ରହିବ । 'ତେଣୁ ଶ୍ରୀରାମଙ୍କ ବିନା ଆମର ଅଯୋଧ୍ୟାପୁରୀରେ କୌଣସି ପ୍ରୟୋଜନ ନାହିଁ ।' ॥ ୩ ॥

**ଚଲେ ସାଥ ଅସ ମଂତ୍ରୁ ଦୃଢ଼ାଈ । ସୁର ଦୁର୍ଲଭ ସୁଖ ସଦନ ବିହାଈ ॥**
**ରାମ ଚରନ ପଂକଜ ପ୍ରିୟ ଜିହ୍ନହୀ । ବିଷୟ ଭୋଗ ବସ କରହିଁ କି ତିହ୍ନହୀ ॥ ୪ ॥**

ଏପରି ଦୃଢ଼ ବିଚାର କରି, ଦେବଦୁର୍ଲଭ ସୁଖରେ ପରିପୂର୍ଣ୍ଣ ଘରଦ୍ୱାର ଛାଡ଼ି ସମସ୍ତେ ଚାଲିଲେ ଶ୍ରୀରାମଙ୍କ ପଛରେ । ଯେଉଁମାନେ ଶ୍ରୀରାମଙ୍କ ଚରଣକମଳରେ ପ୍ରୀତି ରଖିଛନ୍ତି, ସେମାନଙ୍କୁ କ'ଣ କେବେ ବି ବିଷୟଭୋଗ ବଶ କରିପାରିବ ? ॥ ୪ ॥

ଦୋ:- **ବାଲକ ବୃଦ୍ଧ ବିହାଇ ଗୃହଁ ଲଗେ ଲୋଗ ସବ ସାଥ ।**
**ତମସା ତୀର ନିୱାସୁ କିୟ ପ୍ରଥମ ଦିୱସ ରଘୁନାଥ ॥ ୮୪ ॥**

ଶିଶୁ ଓ ବୃଦ୍ଧମାନଙ୍କୁ ଘରେ ଛାଡ଼ିଦେଇ ସମସ୍ତେ ଏକାଠି ହୋଇ ଶ୍ରୀରାମଙ୍କ ସାଥିରେ ଚାଲିଲେ । ପ୍ରଥମ ଦିନ ଶ୍ରୀରଘୁନାଥ ତମସା ନଦୀତୀରରେ ନିବାସ କଲେ ॥ ୮୪॥

**ରଘୁପତି ପ୍ରଜା ପ୍ରେମବସ ଦେଖୀ । ସଦୟ ହୃଦୟଁ ଦୁଖୁ ଭୟଉ ବିସେଷୀ ॥**
**କରୁନାମୟ ରଘୁନାଥ ଗୋସାଁଈ । ବେଗି ପାଇଅହିଁ ପୀର ପରାଈ ॥ ୧ ॥**

ପ୍ରଜାଙ୍କର ଏପରି ପ୍ରେମାବିଷ୍ଟ ଅବସ୍ଥା ଦେଖି ଶ୍ରୀରଘୁନାଥଙ୍କ ଦୟାଳୁ ହୃଦୟରେ ବଡ଼ ଦୁଃଖ ହେଲା । ପ୍ରଭୁ ରଘୁନାଥ ଦୟାମୟ ।ଅନ୍ୟର ଦୁଃଖ ଦେଖି ସେ ତୁରନ୍ତ ତରଳିଯାଆନ୍ତି ॥ ୧ ॥

**କହି ସପ୍ରେମ ମୃଦୁ ବଚନ ସୁହାଏ । ବହୁବିଧି ରାମ ଲୋଗ ସମୁଝାଏ ॥**
**କିଏ ଧରମ ଉପଦେସ ଘନେରେ । ଲୋଗ ପ୍ରେମ ବସ ଫିରହିଁ ନ ଫେରେ ॥ ୨ ॥**

ପ୍ରେମପୂର୍ଣ୍ଣ, କୋମଳ ଓ ସୁନ୍ଦର ବଚନ କହି ଶ୍ରୀରାମ ଲୋକଙ୍କୁ ବହୁପ୍ରକାରେ ବୁଝାଇଲେ ଏବଂ ବିଭିନ୍ନ ଧର୍ମସମ୍ବନ୍ଧୀୟ ଉପଦେଶ ଦେଲେ; କିନ୍ତୁ ସେମାନଙ୍କୁ ଫେରିଯିବାକୁ ଯେତେ କହିଲେ ବି, ସେମାନେ ଫେରୁ ନ ଥାନ୍ତି; ॥ ୨ ॥

**ସୀଲୁ ସନେହୁ ଛାଡ଼ି ନହିଁ ଜାଈ । ଅସମଂଜସ ବସ ଭେ ରଘୁରାଈ ॥**
**ଲୋଗ ସୋଗ ଶ୍ରମ ବସ ଗଏ ସୋଈ । କଛୁକ ଦେୱମାୟାଁ ମତି ମୋଈ ॥ ୩ ॥**

ସ୍ନେହ ଓ ସ୍ୱଭାବ ଛାଡ଼ିହୁଏ ନାହିଁ ।ଶ୍ରୀରଘୁନାଥ ବଡ଼ ଦ୍ୱିଧାରେ ପଡ଼ିଗଲେ ।ଯାହାହେଉ, ଶୋକ ଓ ପରିଶ୍ରମ ହେତୁ ଲୋକେ ଶୋଇପଡ଼ିଲେ ।ସେମାନଙ୍କର ବୁଦ୍ଧି ଦେବମାୟାରୁ ବି କେତେକାଂଶରେ ମୋହିତ ହୋଇଗଲା ॥ ୩ ॥

**ଜବହିଁ ଜାମ ଜୁଗ ଜାମିନି ବୀତୀ । ରାମ ସଚିୱ ସନ କହେଉ ସପ୍ରୀତୀ ॥**
**ଖୋଜ ମାରି ରଥୁ ହାଁକହୁ ତାତା । ଆନ ଉପାୟଁ ବନିହି ନହିଁ ବାତା ॥ ୪ ॥**

ରାତି ଦୁଇଘଡ଼ି ବିତିଯିବା ପରେ ଶ୍ରୀରାମ ପ୍ରେମପୂର୍ବକ ମନ୍ତ୍ରୀ ସୁମନ୍ତ୍ରଙ୍କୁ ଡାକି କହିଲେ, ''ହେ ତାତ ! ଚକର ଗୁଳା ମାରି (ଚକ ଚିହ୍ନ ନ ଦିଶିବା ପରି) ରଥ ଚଳାଇନିଅନ୍ତୁ । ଏହା ଛଡ଼ା ଆଉ କୌଣସି ଉପାୟ ନାହିଁ ।'' ॥ ୪ ॥

ଦୋ:- **ରାମ ଲଖନ ସିୟ ଜାନ ଚଢ଼ି ସଂଭୁ ଚରନ ସିରୁ ନାଇ ।**
**ସଚିୱଁ ଚଲାୟଉ ତୁରତ ରଥୁ ଇତ ଉତ ଖୋଜ ଦୁରାଇ ॥ ୮୫ ॥**

ଶିବଙ୍କ ଚରଣରେ ପ୍ରଣାମ କରି ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ରଥରେ ବସିଗଲେ । ମନ୍ତ୍ରୀ ରଥକୁ ଏପଟ ସେପଟ କରି, ଖୋଜ (ଚକ ଚିହ୍ନ) ମାରି ମାରି, ତୁରନ୍ତ ସେଠାରୁ ବାହିନେଇଗଲେ ॥ ୮୫ ॥

**ଜାଗେ ସକଲ ଲୋଗ ଭଏଁ ଭୋରୂ । ଗେ ରଘୁନାଥ ଭୟଉ ଅତି ସୋରୂ ॥**
**ରଥ କର ଖୋଜ କତହୁଁ ନହିଁ ପାୱହିଁ । ରାମ ରାମ କହି ଚହୁଁ ଦିସି ଧାୱହିଁ ॥ ୧ ॥**

ରାତି ପାହିଲାରୁ ଲୋକେ ନିଦରୁ ଉଠିପଡ଼ିଲେ ଏବଂ ରଘୁନାଥ ଚାଲିଯାଇଛନ୍ତି ଜାଣି କୋଳାହଳ କଲେ । ରଥଚକର ଚିହ୍ନ କେଉଁଠି ବି ନ ପାଇବାରୁ ସମସ୍ତେ 'ହା ରାମ ! ହା ରାମ !!' ଚିତ୍କାର କରି ଏଣେତେଣେ ଧାଇଁଲେ ॥ ୧ ॥

**ମନହୁଁ ବାରିନିଧି ବୂଡ଼ ଜହାଜୂ । ଭୟଉ ବିକଲ ବଡ଼ ବନିକ ସମାଜୂ ॥**
**ଏକହି ଏକ ଦେହିଁ ଉପଦେସୂ । ତଜେ ରାମ ହମ ଜାନି କଲେସୂ ॥ ୨ ॥**

ସମୁଦ୍ରରେ ବୋଇତ ବୁଡ଼ିଗଲେ ସାଧବମାନେ ଯେପରି ବ୍ୟାକୁଳ ହୁଅନ୍ତି, ସେମାନେ ସେହିପରି ବ୍ୟାକୁଳ ହେଲେ । ଲୋକେ ଏକ ଆରେକକୁ ଉପଦେଶ ଦେଇ କହିଲେ, ''ଆମକୁ ଅଯଥା କ୍ଳେଶ ହେବ ଜାଣି, ଶ୍ରୀରାମ ଆମକୁ ଛାଡ଼ିଦେଇ ଚାଲିଗଲେ ।'' ॥ ୨ ॥

**ନିଂଦହିଁ ଆପୁ ସରାହହିଁ ମୀନା । ଧିଗ ଜୀୱନୁ ରଘୁବୀର ବିହୀନା ॥**
**ଜୌଁ ପୈ ପ୍ରିୟ ବିୟୋଗୁ ବିଧି କୀହ୍ନା । ତୌ କସ ମରନୁ ନ ମାଗେଁ ଦୀହ୍ନା ॥ ୩ ॥**

ସେମାନେ ନିଜକୁ ନିନ୍ଦା କରି ଏବଂ ମୀନକୁ ପ୍ରଶଂସା କରି କହିଲେ, ''ମୀନକୁ ଜଳରୁ କାଢ଼ିନେବାମାତ୍ରେ ସେ ମରିଯାଏ, ଅଥଚ ଶ୍ରୀରାମଙ୍କ ବିନା ମଧ୍ୟ ଆମେ ବଞ୍ଚିରହିଛୁ ! ରାମଙ୍କ ବିହୁନେ ଏ ଜୀବନ ରହିବା ଧିକ୍ ! ଯଦି ବିଧାତାର ମନରେ ପ୍ରିୟଙ୍କ ଠାରୁ ବିଚ୍ଛେଦ ଘଟାଇବାର ଥିଲା, ତେବେ ସେ ମାଗିଲାମାତ୍ରେ ମୃତ୍ୟୁ କାହିଁକି ନ ଦେଲା !'' ॥ ୩ ॥

**ଏହି ବିଧି କରତ ପ୍ରଲାପ କଲାପା । ଆଏ ଅୱଧ ଭରେ ପରିତାପା ॥**
**ବିଷମ ବିୟୋଗୁ ନ ଜାଇ ବଖାନା । ଅୱଧି ଆସ ସବ ରାଖହିଁ ପ୍ରାନା ॥ ୪ ॥**

ଏହିପରି ବହୁପ୍ରକାରେ ବିଳାପ କରି କରି ସେମାନେ ସନ୍ତପ୍ତ ହୃଦୟରେ ଅଯୋଧ୍ୟାକୁ ଫେରିଆସିଲେ । ସେମାନଙ୍କର ବିଷମ ବିରହଦଶା ବର୍ଣ୍ଣନା କରାଯାଇ ନ ପାରେ । ଚଉଦ ବର୍ଷର ଅବଧି ଉପରେ ଆଶା ରଖି ସେମାନେ ଜୀବନ ଧରି ରହିଲେ ॥ ୪ ॥

ଦୋ:- **ରାମ ଦରସ ହିତ ନେମ ବ୍ରତ ଲଗେ କରନ ନର ନାରି ।**
**ମନହୁଁ କୋକ କୋକୀ କମଲ ଦୀନ ବିହୀନ ତମାରି ॥ ୮୬ ॥**

ନର-ନାରୀ ସମସ୍ତେ ଶ୍ରୀରାମଙ୍କୁ ଦର୍ଶନ କରିବେ ବୋଲି ନିୟମ ଓ ବ୍ରତ ପାଳନ କଲେ । ସୂର୍ଯ୍ୟଙ୍କ ବିନା ଚକ୍ରବାକ, ଚକ୍ରବାକୀ ଓ ପଦ୍ମଫୁଲ ଯେପରି ଦୀନ ଓ ମଳିନ ହୋଇଯାଆନ୍ତି, ସେମାନେ ସମସ୍ତେ ସେହିପରି ଅତ୍ୟନ୍ତ ଦୁଃଖୀ ହୋଇଗଲେ ॥ ୮୬ ॥

**ସୀତା ସଚିୱ ସହିତ ଦୋଉ ଭାଈ । ସୃଂଗବେରପୁର ପହୁଁଚେ ଜାଈ ॥**
**ଉତରେ ରାମ ଦେୱସରି ଦେଖୀ । କୀହ୍ନ ଦଂଡୱତ ହରଷୁ ବିସେଷୀ ॥ ୧ ॥**

ସୀତା ଓ ମନ୍ତ୍ରୀଙ୍କ ସହିତ ଦୁଇଭାଇ ଯାଇ ଶୃଙ୍ଗବେରପୁରରେ ପହଞ୍ଚିଲେ । ସେଠାରେ ପବିତ୍ର ଗଙ୍ଗାନଦୀ ପ୍ରବାହିତ ହେଉଥାଏ । ଗଙ୍ଗାଙ୍କୁ ଦେଖି ଶ୍ରୀରାମ ରଥରୁ ଓହ୍ଲାଇପଡ଼ିଲେ ଏବଂ ଅତ୍ୟନ୍ତ ଆନନ୍ଦରେ ଗଙ୍ଗାଙ୍କୁ ଦଣ୍ଡବତ ପ୍ରଣାମ କଲେ ॥ ୧ ॥

**ଲଖନ ସଚିଵ଼ଁ ସିୟଁ କିଏ ପ୍ରନାମା । ସବହି ସହିତ ସୁଖୁ ପାୟଉ ରାମା ॥**
**ଗଂଗ ସକଲ ମୁଦ ମଂଗଲ ମୂଲା । ସବ ସୁଖ କରନି ହରନି ସବ ସୂଲା ॥ ୨ ॥**

ଲକ୍ଷ୍ମଣ, ସୁମନ୍ତ୍ର ଓ ସୀତା ଗଙ୍ଗାଙ୍କୁ ପ୍ରଣାମ କଲେ । ଶ୍ରୀରାମଙ୍କ ସମେତ ସମସ୍ତେ ଆନନ୍ଦିତ ହେଲେ । ଗଙ୍ଗା ହେଉଛନ୍ତି ସମସ୍ତ ଆନନ୍ଦ ଓ ମଙ୍ଗଳର ମୂଳ । ସେ ହେଉଛନ୍ତି ସର୍ବସୁଖପ୍ରଦାୟିନୀ ଓ ସର୍ବକ୍ଲେଶବିନାଶିନୀ ॥ ୨ ॥

**କହି କହି କୋଟିକ କଥା ପ୍ରସଂଗା । ରାମୁ ବିଲୋକହିଁ ଗଂଗ ତରଂଗା ॥**
**ସଚିଵ଼ହି ଅନୁଜହି ପ୍ରିୟହି ସୁନାଈ । ବିବୁଧ ନଦୀ ମହିମା ଅଧିକାଈ ॥ ୩ ॥**

ଗଙ୍ଗାଙ୍କ ବିଷୟରେ ଅନେକ କଥା ଓ ପ୍ରସଙ୍ଗ କହି ଶ୍ରୀରାମ ଗଙ୍ଗାଙ୍କ ତରଙ୍ଗମାଳାକୁ ଚାହିଁରହିଲେ । ସେ ମନ୍ତ୍ରୀଙ୍କୁ, ଭାଇ ଲକ୍ଷ୍ମଣଙ୍କୁ ଓ ପ୍ରିୟତମା ସୀତାଙ୍କୁ ଦେବନଦୀ ଗଙ୍ଗାଙ୍କର ମହିମା ଶୁଣାଇଲେ ॥ ୩ ॥

**ମଜ୍ଜନୁ କୀହ୍ନ ପଂଥ ଶ୍ରମ ଗୟଉ । ସୁଚି ଜଲୁ ପିଅତ ମୁଦିତ ମନ ଭୟଉ ॥**
**ସୁମିରତ ଜାହି ମିଟଇ ଶ୍ରମ ଭାରୂ । ତେହି ଶ୍ରମ ୟହ ଲୌକିକ ବ୍ୟଵ଼ହାରୂ ॥ ୪ ॥**

ତାପରେ ସମସ୍ତେ ଗଙ୍ଗାରେ ସ୍ନାନ କଲେ; ତା'ଫଳରେ ପଥଶ୍ରମ ଦୂର ହୋଇଗଲା ଏବଂ ଗଙ୍ଗାର ପବିତ୍ରଜଳ ପାନ କରି ମନ ପ୍ରସନ୍ନ ହୋଇଗଲା । ଯାହାଙ୍କୁ ସ୍ମରଣ କଲେ ବାରମ୍ବାର ଜନ୍ମ-ମୃତ୍ୟୁରୂପୀ ଭୟଙ୍କର ଶ୍ରମ ଦୂରୀଭୂତ ହୁଏ, ତାଙ୍କୁ ଶ୍ରମ (କ୍ଲାନ୍ତି) ଅନୁଭୂତ ହେବା କେବଳ ନରଲୀଳାମାତ୍ର ॥ ୪ ॥

ଦୋଃ- **ସୁଦ୍ଧ ସଚ୍ଚିଦାନଂଦମୟ କଂଦ ଭାନୁକୁଲ କେତୁ ।**
**ଚରିତ କରତ ନର ଅନୁହରତ ସଂସୃତି ସାଗର ସେତୁ ॥ ୮୭ ॥**

ଶୁଦ୍ଧ (ପ୍ରକୃତିଜନ୍ୟ ତ୍ରିଗୁଣରୁ ରହିତ, ମାୟାତୀତ ଦିବ୍ୟ ମଙ୍ଗଳବିଗ୍ରହ) ସଚ୍ଚିଦାନନ୍ଦକନ୍ଦସ୍ୱରୂପ, ସୂର୍ଯ୍ୟବଂଶର ଧ୍ୱଜା ଭଗବାନ୍ ଶ୍ରୀରାମ ମନୁଷ୍ୟମାନଙ୍କ ଭଳି ଏପରି ଲୀଳା କରନ୍ତି, ଯାହା କି ସଂସାରସାଗରକୁ ପାର ହୋଇଯିବା ନିମନ୍ତେ ସେତୁସଦୃଶ ॥ ୮୭ ॥

**ୟହ ସୁଧି ଗୁହଁ ନିଷାଦ ଜବ ପାଈ । ମୁଦିତ ଲିଏ ପ୍ରିୟ ବଂଧୁ ବୋଲାଈ ॥**
**ଲିଏ ଫଲ ମୂଲ ଭେଁଟ ଭରି ଭାରା । ମିଲନ ଚଲେଉ ହିୟଁ ହରଷୁ ଅପାରା ॥ ୧ ॥**

ନିଷାଦରାଜ ଗୁହ ଏହି ସଂବାଦ ପାଇବାମାତ୍ରେ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । ସେ ନିଜର ଭାଇବନ୍ଧୁ ଓ ପ୍ରିୟଜନଙ୍କୁ ଡକାଇଲେ ଏବଂ ଭେଟି ଦେବାପାଇଁ ଭାର ଭାର ଫଳ, କନ୍ଦ ଓ ମୂଳ ଧରି ଶ୍ରୀରାମଙ୍କୁ ଦର୍ଶନ କରିବା ନିମନ୍ତେ ଚାଲିଲେ । ତାଙ୍କ ଆନନ୍ଦର ସୀମା ରହିଲା ନାହିଁ ॥ ୧ ॥

**କରି ଦଂଡଵ଼ତ ଭେଁଟ ଧରି ଆଗେଁ । ପ୍ରଭୁହି ବିଲୋକତ ଅତି ଅନୁରାଗେଁ ॥**
**ସହଜ ସନେହ ବିବସ ରଘୁରାଈ । ପୂଁଛୀ କୁସଲ ନିକଟ ବୈଠାଈ ॥ ୨ ॥**

ଦଣ୍ଡବତ୍ ପ୍ରଣାମ କରି, ଭେଟି ସାମଗ୍ରୀସବୁ ସମ୍ମୁଖରେ ରଖିଦେଇ ସେ ପ୍ରଭୁଙ୍କୁ ପ୍ରେମର ସହିତ ଚାହିଁରହିଲେ । ସ୍ୱାଭାବିକ ସ୍ନେହରେ ଶ୍ରୀରଘୁନାଥ ତାଙ୍କୁ ପାଖରେ ବସାଇ କୁଶଳ ସମାଚାର ପଚାରିଲେ ॥ ୨ ॥

**ନାଥ କୁସଲ ପଦ ପଂକଜ ଦେଖେଁ । ଭୟଉଁ ଭାଗଭାଜନ ଜନ ଲେଖେଁ ॥**
**ଦେଵ଼ ଧରନି ଧନୁ ଧାମୁ ତୁମ୍ହାରା । ମୈଁ ଜନୁ ନୀଚୁ ସହିତ ପରିଵ଼ାରା ॥ ୩ ॥**

ନିଷାଦରାଜ ଉତ୍ତର ଦେଲେ, "ହେ ନାଥ ! ଆପଣଙ୍କ ଚରଣକମଳ ଦର୍ଶନରେ ହିଁ ଆମର ସକଳ କୁଶଳ । ଆଜି ମୁଁ ଭାଗ୍ୟବାନ୍ ପୁରୁଷମାନଙ୍କ ମଧ୍ୟରେ ଗଣ୍ୟ ହେଲି । ହେ ପ୍ରଭୁ ! ଏ ରାଜ୍ୟ, ଏହି ଧନସମ୍ପଦ, ଏହି ଘରଦ୍ୱାର ସବୁ ଆପଣଙ୍କର । ମୁଁ ତ ସପରିବାର ଆପଣଙ୍କର ସାମାନ୍ୟ ସେବକମାତ୍ର ॥ ୩ ॥

**କୃପା କରିଅ ପୁର ଧାରିଅ ପାଉ । ଥାପିଅ ଜନୁ ସବୁ ଲୋଗୁ ସିହାଉ ॥**
**କହେହୁ ସତ୍ୟ ସବୁ ସଖା ସୁଜାନା । ମୋହି ଦୀହ୍ନ ପିତୁ ଆୟସୁ ଆନା ॥ ୪ ॥**

କୃପା କରି, ଆମ ପୁରରେ (ଶୃଙ୍ଗବେରପୁରରେ) ପଦାର୍ପଣ କରିବାପୂର୍ବକ ଏହି ଦାସର ପ୍ରତିଷ୍ଠା ବଢ଼ାନ୍ତୁ; ତା'ଫଳରେ ସମସ୍ତେ ମୋ ଭାଗ୍ୟକୁ ପ୍ରଶଂସା କରିବେ ।'' ଶ୍ରୀରାମ କହିଲେ, ''ହେ ସୁଜ୍ଞ ସଖା ! ତୁମେ ଯାହା କହିଲ, ତାହା ସତ୍ୟ; କିନ୍ତୁ ପିତା ମୋତେ ଏକ ଅନ୍ୟପ୍ରକାର ଆଜ୍ଞା ଦେଇଛନ୍ତି ॥ ୪ ॥

ଦୋ:- **ବରଷ ଚ୍ରିଦସ ବାସୁ ବନ ମୁନି ବ୍ରତ ବେଷୁ ଅହାରୁ ।**
**ଗ୍ରାମ ବାସୁ ନହିଁ ଉଚିତ ସୁନି ଗୁହହି ଭୟଉ ଦୁଖୁ ଭାରୁ ॥ ୮୮ ॥**

'[ତାଙ୍କ ଆଜ୍ଞାନୁସାରେ] ମୋତେ ଚଉଦ ବର୍ଷ ପର୍ଯ୍ୟନ୍ତ ମୁନିମାନଙ୍କ ବ୍ରତ ଓ ବେଶ ଧାରଣ କରି ଏବଂ ମୁନିମାନଙ୍କ ଯୋଗ୍ୟ ଆହାର କରି ବନରେହିଁ ରହିବାକୁ ପଡ଼ିବ । ଗ୍ରାମଭିତରେ ନିବାସ କରିବା ମୋ ପକ୍ଷରେ ଉଚିତ ହେବ ନାହିଁ ।'' ଏହା ଶୁଣି ନିଷାଦରାଜଙ୍କୁ ବଡ଼ ଦୁଃଖ ଲାଗିଲା ॥ ୮୮ ॥

**ରାମ ଲଖନ ସିୟ ରୂପ ନିହାରୀ । କହହିଁ ସପ୍ରେମ ଗ୍ରାମ ନର ନାରୀ ॥**
**ତେ ପିତୁ ମାତୁ କହହୁ ସଖି କୈସେ । ଜିହ୍ନ ପଠଏ ବନ ବାଲକ ଐସେ ॥ ୧ ॥**

ରାମ, ଲକ୍ଷ୍ମଣ ଓ ସୀତାଙ୍କ ସୁନ୍ଦର ରୂପ ଦେଖି ଗ୍ରାମର ନରନାରୀ ପରସ୍ପର ପ୍ରେମର ସହିତ ଆଲୋଚନା କରିବାକୁ ଲାଗିଲେ । [ଜଣେ ନାରୀ କହିଲା,] ''ହେ ସଖୀ ! ଯେଉଁ ବାପମାଆ ଏଡ଼େ ସୁନ୍ଦର ସୁକୁମାର ପିଲାମାନଙ୍କୁ ବଣକୁ ପଠାଇଦେଲେ, ସେମାନେ କେଡ଼େ ନିଷ୍ଠୁର ହୋଇ ନ ଥିବେ ସତେ !'' ॥ ୧ ॥

**ଏକ କହହିଁ ଭଲ ଭୂପତି କୀହ୍ନା । ଲୋୟନ ଲାହୁ ହମହି ବିଧି ଦୀହ୍ନା ॥**
**ତବ ନିଷାଦପତି ଉର ଅନୁମାନା । ତରୁ ସିଂସୁପା ମନୋହର ଜାନା ॥ ୨ ॥**

ଅନ୍ୟ କେହି ଜଣେ କହିଲା, ''ରାଜା ଭଲ କଲେ; ଏହି ଆଳରେ ଦଇବ ଆମର ନେତ୍ର ସାର୍ଥକ କରିଦେଲା ।'' ସେତେବେଳକୁ ନିଷାଦରାଜ ଅନୁମାନ କରିସାରିଥିଲେ ଯେ, ଅଶୋକଗଛ ତଳଟିହିଁ ପ୍ରଭୁଙ୍କ ବାସସ୍ଥାନ ନିମନ୍ତେ ସୁନ୍ଦର ହେବ ॥ ୨ ॥

**ଲୈ ରଘୁନାଥହି ଠାଉଁ ଦେଖାଓ୍ୱା । କହେଉ ରାମ ସବ ଭାଁତି ସୁହାଓ୍ୱା ॥**
**ପୁରଜନ କରି ଜୋହାରୁ ଘର ଆଏ । ରଘୁବର ସଂଧ୍ୟା କରନ ସିଧାଏ ॥ ୩ ॥**

ସେ ଶ୍ରୀରାମଙ୍କୁ ଡାକିନେଇ ସେହି ସ୍ଥାନଟି ଦେଖାଇଲେ । ଶ୍ରୀରାମ କହିଲେ, ''ଏ ସ୍ଥାନଟି ସବୁଦୃଷ୍ଟିରୁ ସୁନ୍ଦର ।'' ଗ୍ରାମବାସୀମାନେ ଜୁହାର ହୋଇ ଯେ ଯାହା ଘରକୁ ଫେରିଲେ ଏବଂ ଶ୍ରୀରାମ ସନ୍ଧ୍ୟାବନ୍ଦନା କରିବାକୁ ଚାଲିଗଲେ ॥ ୩ ॥

**ଗୁହଁ ସଁଓ୍ୱାରି ସାଁଥରୀ ଡସାଈ । କୁସ କିସଲୟମୟ ମୃଦୁଲ ସୁହାଈ ॥**
**ସୁଚି ଫଲ ମୂଲ ମଧୁର ମୃଦୁ ଜାନୀ । ଦୋନା ଭରି ଭରି ରାଖେସି ପାନୀ ॥ ୪ ॥**

ଇତି ମଧ୍ୟରେ ନିଷାଦରାଜ ଅଶୋକ ଗଛ ତଳେ କୁଶ ଓ କୋମଳ ପତ୍ରରେ ଶେଯ ସଜାଇଦେଲେ । ବାଛି ବାଛି ଭଲ ଭଲ ମଧୁର କୋମଳ ଫଳମୂଳ ଓ ପାଣି ଆଣି ପତ୍ରଠୋଲାମାନଙ୍କରେ ରଖିଦେଲେ; ॥ ୪ ॥

ଦୋ:- **ସିୟ ସୁମଂତ୍ର ଭ୍ରାତା ସହିତ କଂଦ ମୂଲ ଫଲ ଖାଇ ।**
**ସୟନ କୀହ୍ନ ରଘୁବଂସମନି ପାୟ ପଲୋଟତ ଭାଇ ॥ ୮୯ ॥**

ସୀତା, ସୁମନ୍ତ୍ର ଓ ଭାଇ ଲକ୍ଷ୍ମଣଙ୍କ ସହିତ ବିଭିନ୍ନ କନ୍ଦ ଓ ଫଳମୂଳ ଆହାର କରି ରଘୁକୁଳମଣି ଶ୍ରୀରାମ ଶୟନ କଲେ । ଅନୁଜ ଲକ୍ଷ୍ମଣ ତାଙ୍କ ପାଦସେବା କରିବାକୁ ଲାଗିଲେ ॥ ୮୯ ॥

**ଉଠେ ଲଖନୁ ପ୍ରଭୁ ସୋଓ୍ୱତ ଜାନୀ । କହି ସଚିଓ୍ୱହି ସୋଓ୍ୱନ ମୃଦୁ ବାନୀ ॥**
**କଛୁକ ଦୂରି ସଜି ବାନ ସରାସନ । ଜାଗନ ଲଗେ ବୈଠି ବୀରାସନ ॥ ୧ ॥**

[କିଛି ସମୟ ପରେ] ପ୍ରଭୁ ଶ୍ରୀରାମ ଶୋଇପଡ଼ିଲେଣି ଜାଣି ଲକ୍ଷ୍ମଣ ଉଠିଲେ ଏବଂ ମନ୍ତ୍ରୀ ସୁମନ୍ତ୍ରଙ୍କୁ 'ଶୋଇ ପଡ଼ନ୍ତୁ' ବୋଲି ଧୀର କଣ୍ଠରେ କହିଦେଇ ନିଜେ କିଛି ଦୂରରେ ବୀରାସନରେ ବସିଗଲେ ଓ ଧନୁର୍ବାଣ ଧରି ପହରା ଦେବାକୁ ଲାଗିଲେ ॥ ୧ ॥

**ଗୁହଁ ବୋଲାଇ ପାହରୂ ପ୍ରତୀତୀ । ଠାଓ୍ୱଁ ଠାଓ୍ୱଁ ରାଖେ ଅତି ପ୍ରୀତୀ ॥**
**ଆପୁ ଲଖନ ପହିଁ ବୈଠେଉ ଜାଈ । କଟି ଭାଥୀ ସର ଚାପ ଚଢ଼ାଈ ॥ ୨ ॥**

ନିଷାଦରାଜ ବିଶ୍ୱସ୍ତ ପହରାଦାରମାନଙ୍କୁ ଡକାଇ ଅତ୍ୟନ୍ତ ପ୍ରେମର ସହିତ ସେମାନଙ୍କୁ ସ୍ଥାନେ ସ୍ଥାନେ ଜଗାଇଦେଲେ ଏବଂ ନିଜେ କମରରେ ତୂଣୀର ବାନ୍ଧି, ଧନୁରେ ବାଣ ଚଢ଼ାଇ, ଯାଇ ଲକ୍ଷ୍ମଣଙ୍କ ନିକଟରେ ବସିପଡ଼ିଲେ ॥ ୨ ॥

**ସୋଓ୍ୱତ ପ୍ରଭୁହି ନିହାରି ନିଷାଦୂ । ଭୟଉ ପ୍ରେମ ବସ ହୃଦୟଁ ବିଷାଦୂ ॥**
**ତନୁ ପୁଲକିତ ଜଲୁ ଲୋଚନ ବହଈ । ବଚନ ସପ୍ରେମ ଲଖନ ସନ କହଈ ॥ ୩ ॥**

ପ୍ରଭୁ ଭୂଇଁରେ ଶୋଇଥିବାର ଦେଖି ନିଷାଦରାଜଙ୍କୁ ପ୍ରେମବଶତଃ ବଡ଼ ଦୁଃଖ ଲାଗିଲା । ତାଙ୍କ ଶରୀର ପୁଲକିତ ହୋଇଗଲା ଏବଂ ନୟନରୁ ପ୍ରେମାଶ୍ରୁ ଝରିପଡ଼ିଲା । ସେ ପ୍ରେମର ସହିତ ଲକ୍ଷ୍ମଣଙ୍କୁ କହିଲେ, ॥ ୩ ॥

**ଭୂପତି ଭଓ୍ୱନ ସୁଭାୟଁ ସୁହାଓ୍ୱା । ସୁରପତି ସଦନୁ ନ ପଟତର ପାଓ୍ୱା ॥**
**ମନିମୟ ରଚିତ ଚାରୁ ଚୌବାରେ । ଜନୁ ରତିପତି ନିଜ ହାଥ ସଁଓ୍ୱାରେ ॥ ୪ ॥**

''ମହାରାଜ ଦଶରଥଙ୍କ ନଅର ତ ସହଜେ ସୁନ୍ଦର; ଇନ୍ଦ୍ରଭୁବନ ମଧ୍ୟ ତା'ସହିତ ସମାନ ହେବ ନାହିଁ । ସେଠାରେ ଛାତ ଉପରେ ମଣିରେ ଗଢ଼ା ଚନ୍ଦ୍ରଶାଳାମାନ ରହିଛି । ଦେଖିଲେ ଲାଗେ, ସତେ ଯେପରି ସେସବୁକୁ ରତିପତି କାମଦେବହିଁ ନିଜ ହାତରେ ସଜାଇଛନ୍ତି ॥ ୪ ॥

ଦୋଃ- **ସୁଚି ସୁବିଚିତ୍ର ସୁଭୋଗମୟ ସୁମନ ସୁଗଂଧ ସୁବାସ ।**
**ପଲଁଗ ମଂଜୁ ମନିଦୀପ ଜହଁ ସବ ବିଧି ସକଲ ସୁପାସ ॥ ୯୦ ॥**

ସେହିସବୁ ଚନ୍ଦ୍ରଶାଳା ବଡ଼ ପବିତ୍ର, ବିଚିତ୍ର ଓ ସୁନ୍ଦର ଭୋଗ୍ୟବସ୍ତୁରେ ପୂର୍ଣ୍ଣ ଏବଂ ପୁଷ୍ପସୁଗନ୍ଧରେ ସୁବାସିତ ହେଉଥିବ। ସେଠାରେ ସୁନ୍ଦର ପଲଙ୍କ ପଡ଼ିଥିବ ତଥା ମଣିଗୁଡ଼ିକ ଦୀପ ପରି ଆଲୋକ ପ୍ରଦାନ କରୁଥିବ । ସେହି ସ୍ଥାନ ସକଳପ୍ରକାରେ ଆରାମଦାୟକ ହୋଇଥିବ ॥ ୯୦ ॥

**ବିବିଧ ବସନ ଉପଧାନ ତୁରାଈଁ । ଛୀର ଫେନ ମୃଦୁ ବିସଦ ସୁହାଈଁ ॥**
**ତହଁ ସିୟ ରାମୁ ସୟନ ନିସି କରହୀଁ । ନିଜ ଛବି ରତି ମନୋଜ ମଦୁ ହରହୀଁ ॥ ୧ ॥**

ସେଠାରେ [ ଶେଯରେ ବିଛାଇବା ପାଇଁ ଓ ଘୋଡ଼ାଇହେବା ପାଇଁ ] ଅନେକପ୍ରକାର ଚଦର ଓ ଦୁଧଫେଣ ପରି ଯେଉଁ ଧଳା-କୋମଳ ଗଦି, ତକିଆ ପ୍ରଭୃତି ପଡ଼ିଥିବ, ସେସବୁ ଅତି ନିର୍ମଳ ଓ ସୁନ୍ଦର ହୋଇଥିବ। ମାତା ସୀତା ଓ ଶ୍ରୀରାମ ରାତିରେ ସେହିପରି ଚନ୍ଦ୍ରଶାଳାରେ ଶୋଉଥିଲେ ଏବଂ ନିଜର ଶୋଭାରେ ରତି ଓ କାମଦେବଙ୍କ ଗର୍ବକୁ ହରଣ କରୁଥିଲେ॥ ୧ ॥

ତେ ସିୟ ରାମୁ ସାଥରାଁ ସୋଏ । ଶ୍ରମିତ ବସନ ବିନୁ ଜାହିଁ ନ ଜୋଏ ॥
ମାତୁ ପିତା ପରିଜନ ପୁରବାସୀ । ସଖା ସୁସୀଲ ଦାସ ଅରୁ ଦାସୀ ॥ ୨ ॥
ଜୋଗୱହିଁ ଜିହ୍ନହି ପ୍ରାନ କୀ ନାଈଁ । ମହି ସୋୱତ ତେଇ ରାମ ଗୋସାଈଁ ॥
ପିତା ଜନକ ଜଗ ବିଦିତ ପ୍ରଭାଊ । ସସୁର ସୁରେସ ସଖା ରଘୁରାଊ ॥ ୩ ॥
ରାମଚଂଦୁ ପତି ସୋ ବୈଦେହୀ । ସୋୱତ ମହି ବିଧି ବାମ ନ କେହୀ ॥
ସିୟ ରଘୁବୀର କି କାନନ ଜୋଗୂ । କରମ ପ୍ରଧାନ ସତ୍ୟ କହ ଲୋଗୂ ॥ ୪ ॥

ଆଜି ସେହି ସୀତା ଓ ଶ୍ରୀରାମ କ୍ଳାନ୍ତ ହୋଇ, ଚଦର ଖଣ୍ଡିଏ ମଧ୍ୟ ନ ବିଛାଇ, ଘାସପତ୍ରର ଶେଯରେ ଶୋଇଛନ୍ତି ! ଏପରି ଅବସ୍ଥାରେ ତାଙ୍କୁ ଗ୍ରହିଁହେଉନାହିଁ । ମାତା, ପିତା, କୁଟୁମ୍ବଜନ, ପୁରବାସୀ (ପ୍ରଜା), ମିତ୍ର, ଉତ୍ତମ ସ୍ୱଭାବର ଦାସଦାସୀ ଆଦି ସମସ୍ତେ ପ୍ରାଣସମାନ ଆଦର କରି ଯାହାଙ୍କର ଯତ୍ନ ନେଉଥିଲେ, ସେହି ପ୍ରଭୁ ଶ୍ରୀରାମ ଆଜି ଭୂମିରେ ଶୟନ କରିଛନ୍ତି । ଯାହାଙ୍କ ପିତା ଜଗତ୍‌ପ୍ରସିଦ୍ଧ ପ୍ରଭାବଶାଳୀ ଜନକ, ଯାହାଙ୍କ ଶ୍ୱଶୁର ଇନ୍ଦ୍ରସଖା ରଘୁରାଜ ଦଶରଥ ଏବଂ ଯାହାଙ୍କ ପତି ଶ୍ରୀରାମଚନ୍ଦ୍ର, ସେ ଆଜି ଭୂମିରେ ଶୟନ କରିଛନ୍ତି ! ବିଧାତା କାହାର ବା ପ୍ରତିକୂଳ ନ ହୁଏ ! ସୀତା ଓ ଶ୍ରୀରାମ କ'ଣ ବନବାସ କରିବାକୁ ଯୋଗ୍ୟ ? ଲୋକେ ସତରେ କହନ୍ତି, ଭାଗ୍ୟହିଁ ପ୍ରଧାନ ॥ ୨-୪ ॥

ଦୋଃ- କୈକୟନଂଦିନି ମଂଦମତି କଠିନ କୁଟିଲପନୁ କୀହ୍ନ ।
ଜେହିଁ ରଘୁନଂଦନ ଜାନକିହି ସୁଖ ଅୱସର ଦୁଖୁ ଦୀହ୍ନ ॥ ୯୧ ॥

କୈୟନନ୍ଦିନୀ ନୀଚବୁଦ୍ଧି କୈକେୟୀ ବଡ଼ କୁଟିଳତା କରି ରଘୁନନ୍ଦନ ଶ୍ରୀରାମ ଓ ଜାନକୀଙ୍କୁ ସୁଖ ସମୟରେ ଦୁଃଖ ଦେଇଦେଲେ ॥ ୯୧ ॥

ଭଇ ଦିନକର କୁଲ ବିଟପ କୁଠାରୀ । କୁମତି କୀହ୍ନ ସବ ବିସ୍ୱ ଦୁଖାରୀ ॥
ଭୟଉ ବିଷାଦୁ ନିଷାଦହି ଭାରୀ । ରାମ ସୀୟ ମହି ସୟନ ନିହାରୀ ॥ ୧ ॥

ସେ ସୂର୍ଯ୍ୟବଂଶରୂପୀ ବୃକ୍ଷନିମନ୍ତେ କୁଠାର ହୋଇଗଲେ । ସେହି ମନ୍ଦବୁଦ୍ଧି କୈକେୟୀ ସାରା ଜଗତକୁ ଦୁଃଖୀ କରାଇଦେଲେ । ରାମ-ସୀତା ଭୂମିରେ ଶୟନ କରିଥିବା ଦେଖି ନିଷାଦରାଜଙ୍କୁ ବଡ଼ ଦୁଃଖ ଲାଗିଲା ॥ ୧ ॥

ବୋଲେ ଲଖନ ମଧୁର ମୃଦୁ ବାନୀ । ଗ୍ୟାନ ବିରାଗ ଭଗତି ରସ ସାନୀ ॥
କାହୁ ନ କୋଉ ସୁଖ ଦୁଖ କର ଦାତା । ନିଜ କୃତ କରମ ଭୋଗ ସବୁ ଭ୍ରାତା ॥ ୨ ॥

[ତାଙ୍କ କଥା ଶୁଣି] ଲକ୍ଷ୍ମଣ ଜ୍ଞାନ, ବୈରାଗ୍ୟ ଓ ଭକ୍ତିରସରେ ପୂର୍ଣ୍ଣ କୋମଳ ଓ ମଧୁର କଣ୍ଠରେ କହିଲେ, "ହେ ଭାଇ ! କେହି କାହାକୁ ସୁଖଦୁଃଖ ଦିଅନ୍ତି ନାହିଁ । ସମସ୍ତେ ଆପଣା କଲା କର୍ମର ଫଳହିଁ ଭୋଗ କରନ୍ତି ॥ ୨ ॥

ଜୋଗ ବିୟୋଗ ଭୋଗ ଭଲ ମଂଦା । ହିତ ଅନହିତ ମଧ୍ୟମ ଭ୍ରମ ଫଂଦା ॥
ଜନମୁ ମରନୁ ଜହଁ ଲଗି ଜଗ ଜାଲୂ । ସଂପତି ବିପତି କରମୁ ଅରୁ କାଲୂ ॥ ୩ ॥

ସଂଯୋଗ, ବିୟୋଗ, ଭଲ-ମନ୍ଦ ଭୋଗ, ଶତ୍ରୁ, ମିତ୍ର ଓ ଉଦାସୀନ—ଏସବୁ ହେଉଛି ମୋହର ଜାଲମାତ୍ର । ଜନ୍ମ-ମୃତ୍ୟୁ, ସମ୍ପତ୍ତି-ବିପତ୍ତି, କର୍ମ ଓ କାଳ ଆଦି ଜଗତର ଯେତେସବୁ ଜଞ୍ଜାଳ ରହିଛି, ॥ ୩ ॥

**ଧରନି ଧାମୁ ଧନୁ ପୁର ପରିୱାରୂ । ସରଗୁ ନରକୁ ଜହଁ ଲଗି ବ୍ୟୱହାରୂ ॥**
**ଦେଖିଅ ସୁନିଅ ଗୁନିଅ ମନ ମାହୀଁ । ମୋହ ମୂଲ ପରମାରଥୁ ନାହୀଁ ॥ ୪ ॥**

ଏବଂ ଜମିବାଡ଼ି, ଘରଦ୍ୱାର, ଧନସମ୍ପଦ, ନଗର-ପରିବାର, ସ୍ୱର୍ଗ-ନରକ ଆଦି ଯେତେସବୁ ବ୍ୟବହାର-ସ୍ଥଳ ରହିଛି, ଏହା ଛଡ଼ା ଦର୍ଶନ, ଶ୍ରବଣ ଓ ମନ ମଧ୍ୟରେ ଯାହାସବୁ ରହିଛି, ସେସବୁର ମୂଳ କାରଣ ହେଉଛି ମୋହ ବା ଅଜ୍ଞାନ । ପାରମାର୍ଥିକ ଦୃଷ୍ଟିକୋଣରୁ ଦେଖିଲେ, ସେସବୁର କୌଣସି ଅସ୍ତିତ୍ୱ ନାହିଁ; ସେସବୁ ମିଥ୍ୟା ॥ ୪ ॥

ଦୋ:- **ସପନେଁ ହୋଇ ଭିଖାରି ନୃପୁ ରଂକୁ ନାକପତି ହୋଇ ।**
**ଜାଗେଁ ଲାଭୁ ନ ହାନି କଛୁ ତିମି ପ୍ରପଂଚ ଜିୟଁ ଜୋଇ ॥ ୯୨ ॥**

ସ୍ୱପ୍ନରେ ରାଜା ଭିକାରି ହୋଇଯାଏ; କାଙ୍ଗାଳ ସ୍ୱର୍ଗପତି ଇନ୍ଦ୍ର ହୋଇଯାଏ; କିନ୍ତୁ ଜାଗ୍ରତ ହେଲା ପରେ କ୍ଷତି କି ଲାଭ କିଛି ରହେ ନାହିଁ । ଏହି ଦୃଶ୍ୟପ୍ରପଞ୍ଚକୁ ମଧ୍ୟ ଠିକ୍ ସେହିପରି ବୁଝିବାକୁ ହେବ ॥ ୯୨ ॥

**ଅସ ବିଚ୍ରରି ନହିଁ କୀଜିଅ ରୋସୂ । କାହୁହି ବାଦି ନ ଦେଇଅ ଦୋସୂ ॥**
**ମୋହ ନିସାଁ ସବୁ ସୋୱନିହାରା । ଦେଖିଅ ସପନ ଅନେକ ପ୍ରକାରା ॥ ୧ ॥**

ଏପରି ବିଚ୍ର କରି କ୍ରୋଧ କରିବା ଉଚିତ ନୁହେଁ, କି କାହାକୁ ବୃଥା ଦୋଷ ଦେବା ଉଚିତ ନୁହେଁ । ସମସ୍ତେ ମୋହରୂପୀ ରାତ୍ରିରେ ଶୋଇଛନ୍ତି ଏବଂ ସେହି ଶୟନ ଅବସ୍ଥାରେ ନାନାପ୍ରକାର ସ୍ୱପ୍ନ ଦେଖାଯାଉଛି ॥ ୧ ॥

**ଏହିଁ ଜଗ ଜାମିନି ଜାଗହିଁ ଜୋଗୀ । ପରମାରଥୀ ପ୍ରପଂଚ ବିୟୋଗୀ ॥**
**ଜାନିଅ ତବହିଁ ଜୀୱ ଜଗ ଜାଗା । ଜବ ସବ ବିଷୟ ବିଲାସ ବିରାଗା ॥ ୨ ॥**

ପରମାର୍ଥବାଦୀ ଓ ମାୟାପ୍ରପଞ୍ଚରୁ ମୁକ୍ତ ଯୋଗୀମାନେ ଏହି ଜଗତ୍‌ରୂପୀ ରାତ୍ରିରେ ଜାଗ୍ରତ ରହନ୍ତି । ଯେତେବେଳେ ଜୀବ ମନରେ ସକଳ ଭୋଗ-ବିଳାସ ପ୍ରତି ବୈରାଗ୍ୟ ଆସିଯାଏ, ସେତେବେଳେ ସେ ଜାଗ୍ରତ ରହିଛି ବୋଲି ବୁଝିବାକୁ ହେବ ॥ ୨ ॥

**ହୋଇ ବିବେକୁ ମୋହ ଭ୍ରମ ଭାଗା । ତବ ରଘୁନାଥ ଚରନ ଅନୁରାଗା ॥**
**ସଖା ପରମ ପରମାରଥୁ ଏହୂ । ମନ କ୍ରମ ବଚନ ରାମ ପଦ ନେହୂ ॥ ୩ ॥**

ବିବେକ ଉଦୟ ହୋଇଗଲେ ମୋହରୂପୀ ଭ୍ରମ ଦୂର ହୋଇଯାଏ । ସେତେବେଳେ [ଅଜ୍ଞାନ ନାଶ ପାଇଯିବାରୁ] ଶ୍ରୀରଘୁନାଥଙ୍କ ଚରଣରେ ପ୍ରେମ ଜାଗ୍ରତ ହୁଏ । ହେ ବନ୍ଧୁ ! ମନ, ବଚନ ଓ କର୍ମରେ ଶ୍ରୀରାମଙ୍କ ଚରଣରେ ପ୍ରେମ ଜାଗ୍ରତ ହେବାହିଁ ସର୍ବଶ୍ରେଷ୍ଠ ପରମାର୍ଥ (ପୁରୁଷାର୍ଥ) ॥ ୩ ॥

**ରାମ ବ୍ରହ୍ମ ପରମାରଥ ରୂପା । ଅବିଗତ ଅଲଖ ଅନାଦି ଅନୂପା ॥**
**ସକଲ ବିକାର ରହିତ ଗତଭେଦା । କହି ନିତ ନେତି ନିରୂପହିଁ ବେଦା ॥ ୪ ॥**

ଶ୍ରୀରାମ ହେଉଛନ୍ତି ପରମାର୍ଥସ୍ୱରୂପ ପରଂବ୍ରହ୍ମ; ସେ ଅବିଗତ (ଜ୍ଞାନର ଅଗୋଚର), ଅଲକ୍ଷ୍ୟ (ସ୍ଥୂଳଦୃଷ୍ଟିର ଅଗୋଚର), ଅନାଦି, ଅନୁପମ, ଅବିକାର (ସକଳ ବିକାରରୁ ରହିତ) ଏବଂ ଗତଭେଦ (ଭେଦଶୂନ୍ୟ) । ବେଦଗଣ ନିତ୍ୟ 'ନେତି', 'ନେତି' କହି ତାଙ୍କୁ ନିରୂପଣ କରନ୍ତି ॥ ୪ ॥

ଦୋ:- **ଭଗତ ଭୂମି ଭୂସୁର ସୁରଭି ସୁର ହିତ ଲାଗି କୃପାଲ ।**
**କରତ ଚରିତ ଧରି ମନୁଜ ତନୁ ସୁନତ ମିଟହିଁ ଜଗ ଜାଲ ॥ ୯୩ ॥**

ସେହି କୃପାଳୁ ଶ୍ରୀରାମ ଭକ୍ତ, ପୃଥିବୀ, ବ୍ରାହ୍ମଣ, ଗୋଜାତି ଓ ଦେବତାମାନଙ୍କର ହିତନିମନ୍ତେ ମନୁଷ୍ୟଶରୀର ଧାରଣ କରି ବିଭିନ୍ନ ଲୀଳା କରନ୍ତି । ସେହିସବୁ ଲୀଳା ଶ୍ରବଣ କଲେ ଜଗତର ବନ୍ଧନ ତୁଟିଯାଏ ॥ ୯୩ ॥

## ମାସପାରାୟଣ, ପଞ୍ଚଦଶ ବିଶ୍ରାମ

**ସଖା ସମୁଝି ଅସ ପରିହରି ମୋହୂ । ସିୟ ରଘୁବୀର ଚରନ ରତ ହୋହୂ ॥**
**କହତ ରାମ ଗୁନ ଭା ଭିନୁସାରା । ଜାଗେ ଜଗ ମଂଗଲ ସୁଖଦାରା ॥ ୧ ॥**

ହେ ସଖା ! ଏହା ହୃଦୟଙ୍ଗମ କରି ଏବଂ ମୋହ ତ୍ୟାଗ କରି ଶ୍ରୀସୀତାରାମଙ୍କ ଚରଣରେ ପ୍ରେମ ରଖ ।'' ଏପରିଭାବରେ ଶ୍ରୀରାମଙ୍କ ଗୁଣ କହୁ କହୁ ପ୍ରଭାତ ହୋଇଗଲା । ଜଗତର ମଙ୍ଗଳକାରୀ ଓ ସୁଖଦାତା ଶ୍ରୀରାମ ଜାଗ୍ରତ ହେଲେ ॥ ୧ ॥

**ସକଲ ସୌଚ କରି ରାମ ନହାୱା । ସୁଚି ସୁଜାନ ବଟ ଛୀର ମଗାୱା ॥**
**ଅନୁଜ ସହିତ ସିର ଜଟା ବନାଏ । ଦେଖି ସୁମଂତ୍ର ନୟନ ଜଲ ଛାଏ ॥ ୨ ॥**

ଶୌଚ୍ୟାଦି ନିତ୍ୟକର୍ମ ଶେଷ କରି ନିତ୍ୟପବିତ୍ର ଓ ସୁଜ୍ଞ ଶ୍ରୀରାମ ସ୍ନାନ କଲେ । ତା'ପରେ ସେ ବରଗଛର କ୍ଷୀର ମଗାଇଲେ । ସେହି କ୍ଷୀରରେ ସାନଭାଇ ଲକ୍ଷ୍ମଣ ଓ ଶ୍ରୀରାମ ନିଜ ନିଜ ମସ୍ତକରେ ଜଟା ସଜାଇଲେ । ଏହା ଦେଖି ସୁମନ୍ତ୍ରଙ୍କ ନେତ୍ର ଅଶ୍ରୁଛଳଛଳ ହୋଇଗଲା ॥ ୨ ॥

**ହୃଦୟଁ ଦାହୁ ଅତି ବଦନ ମଲୀନା । କହ କର ଜୋରି ବଚନ ଅତି ଦୀନା ॥**
**ନାଥ କହେଉ ଅସ କୋସଲନାଥା । ଲୈ ରଥୁ ଜାହୁ ରାମ କେଁ ସାଥା ॥ ୩ ॥**

ତାଙ୍କ ହୃଦୟ ଅତ୍ୟନ୍ତ ଶୋକସନ୍ତପ୍ତ ହୋଇଗଲା; ମୁଖ ମଳିନ ପଡ଼ିଗଲା । ସେ ହାତ ଯୋଡ଼ି ଅତ୍ୟନ୍ତ ଦୀନଭାବରେ କହିଲେ, ''ହେ ନାଥ ! ମୋତେ କୋଶଳନାଥ ଦଶରଥ ଆଜ୍ଞା ଦେଇଥିଲେ, 'ତୁମେ ରଥ ନେଇ ଶ୍ରୀରାମଙ୍କ ସାଥିରେ ଯାଅ; ॥ ୩ ॥

**ବନୁ ଦେଖାଇ ସୁରସରି ଅହ୍ନୱାଈ । ଆନେହୁ ଫେରି ବେଗି ଦୋଉ ଭାଈ ॥**
**ଲଖନୁ ରାମୁ ସିୟ ଆନେହୁ ଫେରୀ । ସଂସୟ ସକଲ ସଁକୋଚ ନିବେରୀ ॥ ୪ ॥**

ବନ ଦେଖାଇଦେଇ, ଗଙ୍ଗାସ୍ନାନ କରାଇବା ପରେ ଦୁଇଭାଇଙ୍କୁ ଫେରାଇଆଣିବ । ସକଳ ସଂଶୟ ଓ ସଂକୋଚ ଦୂର କରି ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଫେରାଇଆଣିବ ।' ॥ ୪ ॥

ଦୋଃ- **ନୃପ ଅସ କହେଉ ଗୋସାଇଁ ଜସ କହଇ କରୌଁ ବଲି ସୋଇ ।**
**କରି ବିନତୀ ପାୟହ୍ନ ପରେଉ ଦୀହ୍ନ ବାଲ ଜିମି ରୋଇ ॥ ୯୪ ॥**

ମୁଁ ରାଣ ପକାଇ ସତ କହୁଛି, ମହାରାଜା ଏହିପରି କହିଥିଲେ । ବର୍ତ୍ତମାନ ପ୍ରଭୁ ଯେପରି କହିବେ, ମୁଁ ସେହିପରି କରିବି ।'' ଏପରି ବିନତି କରି, ସେ ଶ୍ରୀରାମଙ୍କ ଚରଣରେ ଲୋଟି ଶିଶୁ ପରି କାନ୍ଦିପକାଇଲେ ॥ ୯୪ ॥

**ତାତ କୃପା କରି କୀଜିଅ ସୋଈ । ଜାତେଁ ଅୱଧ ଅନାଥ ନ ହୋଈ ॥**
**ମଂତ୍ରିହି ରାମ ଉଠାଇ ପ୍ରବୋଧା । ତାତ ଧରମ ମତୁ ତୁହ୍ମ ସବୁ ସୋଧା ॥ ୧ ॥**

ସେ ଆହୁରି କହିଲେ,—''ହେ ପ୍ରଭୁ ! ଅଯୋଧ୍ୟା ଯେପରି ଅନାଥ ହୋଇ ନ ଯିବ, କୃପା କରି ତାହାହିଁ କରନ୍ତୁ ।'' ଶ୍ରୀରାମ ମନ୍ତ୍ରୀଙ୍କୁ ଉଠାଇ, ଧୈର୍ଯ୍ୟର ସହିତ ବୁଝାଇ କହିଲେ, ''ହେ ତାତ ! ଆପଣ ତ ଧର୍ମର ସକଳ ସିଦ୍ଧାନ୍ତ ସୁନ୍ଦରଭାବରେ ଜାଣିଛନ୍ତି ॥ ୧ ॥

**ସିବି ଦଧୀଚ ହରିଚଂଦ ନରେସା । ସହେ ଧରମ ହିତ କୋଟି କଲେସା ॥**
**ରଂତିଦେଓ୍ୱ ବଲି ଭୂପ ସୁଜାନା । ଧରମୁ ଧରେଉ ସହି ସଂକଟ ନାନା ॥ ୨ ॥**

ରାଜା ଶିବି, ଦଧୀଚି ଓ ରାଜା ହରିଶ୍ଚନ୍ଦ୍ର ଧର୍ମନିମନ୍ତେ ବହୁ କଷ୍ଟ ସହିଥିଲେ । ବୁଦ୍ଧିମାନ୍ ରାଜା ରନ୍ତିଦେବ ଓ ବଳି ବହୁ ସଂକଟ ସହ୍ୟ କରି ମଧ୍ୟ ଧର୍ମରେ ଦୃଢ଼ ରହିଥିଲେ ॥ ୨ ॥

**ଧରମୁ ନ ଦୂସର ସତ୍ୟ ସମାନା । ଆଗମ ନିଗମ ପୁରାନ ବଖାନା ॥**
**ମୈଁ ସୋଇ ଧରମୁ ସୁଲଭ କରି ପାଓ୍ୱା । ତଜେଁ ତିହୂଁ ପୁର ଅପଜସୁ ଛାଓ୍ୱା ॥ ୩ ॥**

ବେଦ, ଶାସ୍ତ୍ର ଓ ପୁରାଣରେ କୁହାଯାଇଛି ଯେ, ସତ୍ୟ ପରି ଆଉ ଧର୍ମ ନାହିଁ । ମୁଁ ସେହି ଧର୍ମକୁ ସହଜରେ ଲାଭ କରିଛି । ମୁଁ ଯଦି ଏହି ସତ୍ୟରୂପୀ ଧର୍ମ ତ୍ୟାଗ କରିଦେବି, ତେବେ ତିନିଲୋକରେ ଅପଯଶ ବ୍ୟାପିଯିବ ॥ ୩ ॥

**ସଂଭାଓ୍ୱିତ କହୁଁ ଅପଜସ ଲାହୂ । ମରନ କୋଟି ସମ ଦାରୁନ ଦାହୂ ॥**
**ତୁହ୍ମ ସନ ତାତ ବହୁତ କା କହଉଁ । ଦିଏଁ ଉତରୁ ଫିରି ପାତକୁ ଲହଉଁ ॥ ୪ ॥**

ପ୍ରତିଷ୍ଠିତ ପୁରୁଷଙ୍କ ନିମନ୍ତେ ଅପଯଶ ହେଉଛି କୋଟି ମୃତ୍ୟୁତୁଲ୍ୟ ଭୀଷଣ ସନ୍ତାପଦାୟକ । ହେ ତାତ ! ମୁଁ ଆପଣଙ୍କୁ ଆଉ ଅଧିକ କ'ଣ କହିବି ! ବୟୋଜ୍ୟେଷ୍ଠଙ୍କ ସମ୍ମୁଖରେ ଅଧିକ ଉତ୍ତର ଦେଲେ ପାପ ହୋଇଯିବ ॥ ୪ ॥

ଦୋ:- **ପିତୁ ପଦ ଗହି କହି କୋଟି ନତି ବିନୟ କରବ କର ଜୋରି ।**
**ଚିଂତା କଓ୍ୱନିହୁ ବାତ କୈ ତାତ କରିଅ ଜନି ମୋରି ॥ ୯୫ ॥**

ଆପଣ ଯାଇ ପିତାଙ୍କ ପାଦ ଧରି, କୋଟି ନମସ୍କାର କରି, କର ଯୋଡ଼ି ବିନତି କରିବେ ଯେ, ସେ ମୋ ବିଷୟରେ କୌଣସି ଚିନ୍ତା କରନ୍ତୁ ନାହିଁ ॥ ୯୫ ॥

**ତୁହ୍ମ ପୁନି ପିତୁ ସମ ଅତି ହିତ ମୋରେଁ । ବିନତୀ କରଉଁ ତାତ କର ଜୋରେଁ ॥**
**ସବ ବିଧି ସୋଇ କରତବ୍ୟ ତୁହ୍ମାରେଁ । ଦୁଖ ନ ପାଓ୍ୱ ପିତୁ ସୋଚ ହମାରେଁ ॥ ୧ ॥**

ଆପଣ ମଧ୍ୟ ମୋ ପିତାଙ୍କ ପରି ମୋର ପରମ ହିତୈଷୀ । ମୁଁ କର ଯୋଡ଼ି ଆପଣଙ୍କୁ ବିନତି କରୁଛି ଯେ, ପିତା ଯେପରି ଆମ୍ଭମାନଙ୍କ ଚିନ୍ତାରେ ଦୁଃଖ ନ ପାଆନ୍ତି, ସେଭଳି ବ୍ୟବସ୍ଥା କରିବା ଆପଣଙ୍କର ବି କର୍ତ୍ତବ୍ୟ ।'' ॥ ୧ ॥

**ସୁନି ରଘୁନାଥ ସଚିଓ୍ୱ ସଂବାଦୂ । ଭୟଉ ସପରିଜନ ବିକଲ ନିଷାଦୂ ॥**
**ପୁନି କଛୁ ଲଖନ କହୀ କଟୁ ବାନୀ । ପ୍ରଭୁ ବରଜେ ବଡ଼ ଅନୁଚିତ ଜାନୀ ॥ ୨ ॥**

ଶ୍ରୀରଘୁନାଥ ଓ ସୁମନ୍ତ୍ରଙ୍କର ଏହି ସଂବାଦ ଶୁଣି ନିଷାଦରାଜ ସକୁଟୁମ୍ବେ ବ୍ୟାକୁଳ ହୋଇଉଠିଲେ । ତା'ପରେ ପରେ ଲକ୍ଷ୍ମଣ କିଛି କଟୁକଥା କହିଦେଲେ । ସେପରି କହିବା ଅନୁଚିତ ବୋଲି ଅନୁଭବ କରି ଶ୍ରୀରାମ ତାଙ୍କୁ ବାରଣ କଲେ ॥ ୨ ॥

**ସକୁଚି ରାମ ନିଜ ସପଥ ଦେଓ୍ୱାଈ । ଲଖନ ସଁଦେସୁ କହିଅ ଜନି ଜାଈ ॥**
**କହ ସୁମଂତ୍ରୁ ପୁନି ଭୂପ ସଁଦେସୂ । ସହି ନ ସକିହି ସିୟ ବିପିନ କଲେସୂ ॥ ୩ ॥**

ଶ୍ରୀରାମ ନମ୍ର ହୋଇ, ନିଜର ରାଣ ପକାଇ ସୁମନ୍ତ୍ରଙ୍କୁ କହିଲେ, ''ଆପଣ ଗଲେ ଲକ୍ଷ୍ମଣଙ୍କର ଏସବୁ କଥା ସେଠାରେ ଆଦୌ କହିବେ ନାହିଁ ।'' ଏଥର ସୁମନ୍ତ୍ର ରାଜାଙ୍କ ସନ୍ଦେଶ ଜଣାଇ କହିଲେ, ''ମହାରାଜ କହିଛନ୍ତି, 'ସୀତା ବନକ୍ଲେଶ ସହିପାରିବେ ନାହିଁ; ॥ ୩ ॥

**ଜେହି ବିଧି ଅୱଧ ଆୱ ଫିରି ସୀୟା । ସୋଇ ରଘୁବରହି ତୁହ୍ମହି କରନୀୟା ॥**
**ନତରୁ ନିପଟ ଅୱଲଂବ ବିହୀନା । ମୈଁ ନ ଜିଅବ ଜିମି ଜଲ ବିନୁ ମୀନା ॥ ୪ ॥**

ଅତଏବ ସୀତା ଯେପରି ଅଯୋଧ୍ୟାକୁ ଫେରିଆସିବେ, ତୁମକୁ ଓ ଶ୍ରୀରାମଙ୍କୁ ସେହି ଉପାୟ କରିବାକୁ ପଡ଼ିବ । ନଚେତ୍ ଜଳ ବିନା ମାଛ ଯେପରି ବଞ୍ଚିରହିପାରେନାହିଁ, ମୁଁ ସେହିପରି ସହାୟ ବିନା ବଞ୍ଚିରହିପାରିବି ନାହିଁ ॥ ୪ ॥

ଦୋ:- **ମଇକେଁ ସସୁରେଁ ସକଲ ସୁଖ ଜବହିଁ ଜହାଁ ମନୁ ମାନ ।**
**ତହଁ ତବ ରହିହି ସୁଖେନ ସିୟ ଜବ ଲଗି ବିପତି ବିହାନ ॥ ୯୬ ॥**

ସୀତାଙ୍କ ପାଇଁ ତ ପିତ୍ରାଳୟ ଏବଂ ଶ୍ୱଶୁରାଳୟ ଉଭୟ ସ୍ଥାନ ସବୁଦୃଷ୍ଟିରୁ ସୁଖପ୍ରଦ । ଏହି ବିପତ୍ତି ଦୂର ନ ହେଲା ପର୍ଯ୍ୟନ୍ତ, ଏହି ଦୁଇସ୍ଥାନ ମଧ୍ୟରୁ ସେ ଯେତେବେଳେ ଯେଉଁଠି ଇଚ୍ଛା କରିବେ, ସେଠାରେ ରହିପାରିବେ ॥ ୯୬ ॥

**ବିନତୀ ଭୂପ କୀହ୍ନ ଜେହି ଭାଁତୀ । ଆରତି ପ୍ରୀତି ନ ସୋ କହି ଜାତୀ ॥**
**ପିତୁ ସଁଦେସୁ ସୁନି କୃପାନିଧାନା । ସିୟହି ଦୀହ୍ନ ସିଖ କୋଟି ବିଧାନା ॥ ୧ ॥**

ରାଜା ଯେପରି ଦୈନ୍ୟ ଓ ପ୍ରେମର ସହିତ ବିନତି କରିଛନ୍ତି, ତାହା ମୁଁ ଭାଷାରେ କହିପାରିବି ନାହିଁ ।'' କୃପାନିଧାନ ଶ୍ରୀରାମ ପିତାଙ୍କର ଏହି ସନ୍ଦେଶ ଶୁଣି ସୀତାଙ୍କୁ ଅନେକପ୍ରକାରେ ବୁଝାଇ କହିଲେ, ॥ ୧ ॥

**ସାସୁ ସସୁର ଗୁର ପ୍ରିୟ ପରିୱାରୂ । ଫିରହୁ ତ ସବ କର ମିଟୈ ଖଭାରୂ ॥**
**ସୁନି ପତି ବଚନ କହତି ବୈଦେହୀ । ସୁନହୁ ପ୍ରାନପତି ପରମ ସନେହୀ ॥ ୨ ॥**

''ତୁମେ ଯଦି ଘରକୁ ଫେରିଯିବ, ତେବେ ଶାଶୁ, ଶ୍ୱଶୁର, ଗୁରୁଜନ ଏବଂ କୁଟୁମ୍ବ ଲୋକ—ସମସ୍ତଙ୍କର ଚିନ୍ତା ଦୂର ହୋଇଯିବ ।'' ପତିଙ୍କ ବଚନ ଶୁଣି ଜାନକୀ କହିଲେ, ''ହେ ପ୍ରାଣପତି ! ହେ ପରମସ୍ନେହୀ ! ଶୁଣନ୍ତୁ : ॥ ୨ ॥

**ପ୍ରଭୁ କରୁନାମୟ ପରମ ବିବେକୀ । ତନୁ ତଜି ରହତି ଛାଁହ କିମି ଛେଁକୀ ॥**
**ପ୍ରଭା ଜାଇ କହଁ ଭାନୁ ବିହାଈ । କହଁ ଚଂଦ୍ରିକା ଚଂଦୁ ତଜି ଜାଈ ॥ ୩ ॥**

ହେ ପ୍ରଭୁ ! ଆପଣ କରୁଣାମୟ ଏବଂ ପରମଜ୍ଞାନୀ । [କୃପା କରି ବିଗ୍ଚର କରନ୍ତୁ ତ,] ଛାୟା କେବେ କାୟାକୁ ଛାଡ଼ି ରହିପାରିବ କି ? ସୂର୍ଯ୍ୟଙ୍କ ପ୍ରଭା ସୂର୍ଯ୍ୟଙ୍କୁ ଛାଡ଼ି ଅନ୍ୟ କେଉଁଠିକି ଯାଇପାରିବ କି ? ଚନ୍ଦ୍ରକିରଣ ଚନ୍ଦ୍ରକୁ ଛାଡ଼ି ଯାଇପାରିବ କି ?'' ॥ ୩ ॥

**ପତିହି ପ୍ରେମମୟ ବିନୟ ସୁନାଈ । କହତି ସଚିୱ ସନ ଗିରା ସୁହାଈ ॥**
**ତୁହ୍ମ ପିତୁ ସସୁର ସରିସ ହିତକାରୀ । ଉତରୁ ଦେଉଁ ଫିରି ଅନୁଚିତ ଭାରୀ ॥ ୪ ॥**

ପତିଙ୍କୁ ଏହିପରି ପ୍ରେମମୟୀ ବିନତି ଶୁଣାଇସାରି ସୀତା ମନ୍ତ୍ରୀଙ୍କୁ ସୁନ୍ଦରଭାବରେ ବୁଝାଇ କହିଲେ, ''ମୋ ପିତା ଓ ଶ୍ୱଶୁରଙ୍କ ପରି ଆପଣ ମଧ୍ୟ ମୋର ହିତାକାଙ୍‌କ୍ଷୀ । ଆପଣଙ୍କ କଥା ଉପରେ ପାଲଟା ଉତ୍ତର ଦେବା ମୋ ପକ୍ଷରେ ଅତ୍ୟନ୍ତ ଅନୁଚିତ ॥ ୪ ॥

ଦୋ:- **ଆରତି ବସ ସନମୁଖ ଭଇଉଁ ବିଲଗୁ ନ ମାନବ ତାତ ।**
**ଆରଜସୁତ ପଦ କମଲ ବିନୁ ବାଦି ଜହାଁ ଲଗି ନାତ ॥ ୯୭ ॥**

କିନ୍ତୁ ହେ ତାତ ! ମୁଁ ଆର୍ତ୍ତ ହୋଇ ଆଜି ଆପଣଙ୍କ ସମ୍ମୁଖରେ ଭରସି କହୁଛି; ଆପଣ କିଛି ଖରାପ ଭାବିବେ ନାହିଁ । ଜଗତରେ ମୋର ଅନ୍ୟ ଯେତେସବୁ ସମ୍ବନ୍ଧ ରହିଛି, ମୋ ସ୍ୱାମୀଙ୍କ ଚରଣକମଳ ବିନା ସେସବୁ ମୋ ପାଇଁ ଅର୍ଥହୀନ ॥ ୯୭ ॥

**ପିତୁ ବୈଭୱ୍ ବିଲାସ ମୈଁ ଡୀଠା । ନୃପ ମନି ମୁକୁଟ ମିଲିତ ପଦ ପୀଠା ॥**
**ସୁଖନିଧାନ ଅସ ପିତୁ ଗୃହ ମୋରେଁ । ପିୟ୍ ବିହୀନ ମନ ଭାୱ୍ ନ ଭୋରେଁ ॥ ୧ ॥**

ମୁଁ ମୋ ପିତାଙ୍କ ଐଶ୍ୱର୍ଯ୍ୟ ଦେଖିଛି । ତାଙ୍କ ପାଦପୀଠରେ ନୃପମଣିମାନଙ୍କର ମୁକୁଟ ଆନତ ହୁଏ (ସେମାନେ ତାଙ୍କୁ ପ୍ରଣାମ କରନ୍ତି) । ମୋର ସେହି ପିତୃଗୃହ ସକଳପ୍ରକାର ସୁଖର ଭଣ୍ଡାର ହୋଇଥିଲେ ବି, ମୋ ପତିଙ୍କ ବିନା ମୋତେ ତାହା ଭୁଲ୍‌ରେ ବି ଭଲ ଲାଗେ ନାହିଁ ॥ ୧ ॥

**ସସୁର ଚକ୍କୱଇ କୋସଲରାଉ । ଭୁୱନ ତ୍ରିଦସ ପ୍ରଗଟ ପ୍ରଭାଉ ॥**
**ଆଗେଁ ହୋଇ ଜେହି ସୁରପତି ଲେଈ । ଅରଧ ସିଁଘାସନ ଆସନୁ ଦେଈ ॥ ୨ ॥**

ମୋର ଶ୍ୱଶୁର କୋଶଳରାଜ ହେଉଛନ୍ତି ଚକ୍ରବର୍ତ୍ତୀ ସମ୍ରାଟ । ତାଙ୍କର ପ୍ରଭାବ ଚଉଦଭୁବନରେ ବିଖ୍ୟାତ । ଇନ୍ଦ୍ର ମଧ୍ୟ ଆଗେଇଆସି ତାଙ୍କୁ ସ୍ୱାଗତ କରନ୍ତି ଏବଂ ତାଙ୍କ ବସିବା ପାଇଁ ନିଜ ସିଂହାସନର ଅଧେ ଛାଡ଼ିଦିଅନ୍ତି ॥ ୨ ॥

**ସସୁରୁ ଏତାଦୃସ ଅୱଧ ନିୱାସୂ । ପ୍ରିୟ୍ ପରିୱାରୁ ମାତୁ ସମ ସାସୂ ॥**
**ବିନୁ ରଘୁପତି ପଦ ପଦୁମ ପରାଗା । ମୋହି କେଉ ସପନେହୁଁ ସୁଖଦ ନ ଲାଗା ॥ ୩ ॥**

ଏପରି ଐଶ୍ୱର୍ଯ୍ୟ ଓ ପ୍ରଭାବଶାଳୀ ଶ୍ୱଶୁର, ତାଙ୍କ ରାଜଧାନୀ ଅଯୋଧ୍ୟାର ନିବାସ, ପ୍ରିୟ୍ କୁଟୁମ୍ବଜନ ଓ ମାଆ ସମାନ ଶାଶୁମାନେ—ଏମାନେ କେହି ମଧ୍ୟ, ଶ୍ରୀରଘୁନାଥଙ୍କ ଚରଣକମଳର ରଜ ବିନା, ମୋତେ ସ୍ୱପ୍ନରେ ବି ସୁଖଦାୟକ ବୋଧ ହୁଅନ୍ତି ନାହିଁ ॥ ୩ ॥

**ଅଗମ ପଂଥ ବନଭୂମି ପହାରା । କରି କେହରି ସର ସରିତ ଅପାରା ॥**
**କୋଲ କିରାତ କୁରଂଗ ବିହଂଗା । ମୋହି ସବ ସୁଖଦ ପ୍ରାନପତି ସଂଗା ॥ ୪ ॥**

ପ୍ରାଣପତିଙ୍କ ସାଥିରେ ରହିଥିଲେ ଦୁର୍ଗମପଥ, ବନଭୂମି, ପାହାଡ଼, ଅଗାଧ ଜଳପୂର୍ଣ୍ଣ ନଦୀ ଓ ପୁଷ୍କରିଣୀ, କୋହ୍ଲ, ଭୀଲ, ହାତୀ, ସିଂହ, ହରିଣ ଓ ପକ୍ଷୀ—ସବୁକିଛି ମୋ ପାଇଁ ସୁଖପ୍ରଦ ହେବ ॥ ୪ ॥

ଦୋ:- **ସାସୁ ସସୁର ସନ ମୋରି ହୁଁତି ବିନୟ୍ କରବି ପରି ପାୟ୍ଁ ।**
**ମୋର ସୋଚୁ ଜନି କରିଅ କଛୁ ମୈଁ ବନ ସୁଖୀ ସୁଭାୟ୍ଁ ॥ ୯୮ ॥**

ତେଣୁ ଶାଶୁଶ୍ୱଶୁରଙ୍କ ପାଦରେ ପଡ଼ି ମୋ ପକ୍ଷରୁ ବିନତି ଜଣାଇବେ ଯେ, ମୋ ପାଇଁ ସେମାନେ କିଛି ଚିନ୍ତା କରିବେ ନାହିଁ; ମୁଁ ବନରେ ସ୍ୱାଭାବିକଭାବରେ ସୁଖରେ ରହିଛି ବୋଲି ଜାଣିବେ ॥ ୯୮ ॥

**ପ୍ରାନନାଥ ପ୍ରିୟ୍ ଦେୱର ସାଥା । ବୀର ଧୁରୀନ ଧରେଁ ଧନୁ ଭାଥା ॥**
**ନହିଁ ମଗ ଶ୍ରମୁ ଭ୍ରମୁ ଦୁଖ ମନ ମୋରେଁ । ମୋହି ଲଗି ସୋଚୁ କରିଅ ଜନି ଭୋରେଁ ॥ ୧ ॥**

ବୀରମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ତଥା ଧନୁ ଓ ବାଣପୂର୍ଣ୍ଣ-ତୂଣୀର ଧାରଣ କରିଥିବା ମୋର ପ୍ରାଣନାଥ ଏବଂ ପ୍ରିୟ୍ ଦିଅର ମୋ ସାଥିରେ ଅଛନ୍ତି । ତେଣୁ ମୁଁ ପଥକ୍ଳାନ୍ତି ଅନୁଭବ କରୁ ନାହିଁ, କି ମୋ ମନରେ କୌଣସି ଭ୍ରମ ନାହିଁ, କି ମୋର କୌଣସି ଦୁଃଖ ମଧ୍ୟ ନାହିଁ । ମୋ ପାଇଁ ଭୁଲ୍‌ରେ ବି ଚିନ୍ତା କରିବେ ନାହିଁ ।" ॥ ୧ ॥

**ସୁନି ସୁମଂତ୍ରୁ ସିୟ ସୀତଲି ବାନୀ । ଭୟଉ ବିକଲ ଜନୁ ଫନି ମନି ହାନୀ ॥**
**ନୟନ ସୂଝ ନହିଁ ସୁନଇ ନ କାନା । କହି ନ ସକଇ କଛୁ ଅତି ଅକୁଲାନା ॥ ୨ ॥**

ସୀତାଙ୍କର ଏହି ଶାନ୍ତଶୀତଳ ବଚନ ଶୁଣି, ସୁମନ୍ତ୍ର ମଣି-ହରାଇଥିବା ସର୍ପ ପରି ବ୍ୟାକୁଳ ହୋଇଉଠିଲେ । ତାଙ୍କ ଆଖିକୁ କିଛି ଦିଶିଲା ନାହିଁ, କି କାନକୁ କିଛି ଶୁଭିଲା ନାହିଁ । ଅତ୍ୟନ୍ତ ବ୍ୟାକୁଳ ହୋଇଯିବାରୁ ସେ କିଛି କହିପାରିଲେ ନାହିଁ ॥ ୨ ॥

**ରାମ ପ୍ରବୋଧୁ କୀହ୍ନ ବହୁ ଭାଁତୀ । ତଦପି ହୋତି ନହିଁ ସୀତଲି ଛାତୀ ॥**
**ଜତନ ଅନେକ ସାଥ ହିତ କୀହ୍ନେ । ଉଚିତ ଉତର ରଘୁନଂଦନ ଦୀହ୍ନେ ॥ ୩ ॥**

ଶ୍ରୀରାମ ତାଙ୍କୁ ବହୁପ୍ରକାରେ ଆଶ୍ୱାସନା ଦେଲେ । ତଥାପି ତାଙ୍କର ହୃଦୟ ଶୀତଳ ହେଲା ନାହିଁ । ସେ ସେମାନଙ୍କୁ ନିଜ ସହିତ ଅଯୋଧ୍ୟା ନେଇଯିବାକୁ ବହୁ ପ୍ରଯତ୍ନ କଲେ; କିନ୍ତୁ ରଘୁନନ୍ଦନ ଶ୍ରୀରାମ ସେହିସବୁର ଯଥୋଚିତ ଉତ୍ତର ଦେଇଦେଲେ ॥ ୩ ॥

**ମେଟି ଜାଇ ନହିଁ ରାମ ରଜାଈ । କଠିନ କରମଗତି କଛୁ ନ ବସାଈ ॥**
**ରାମ ଲଖନ ସିୟ ପଦ ସିରୁ ନାଈ । ଫିରେଉ ବନିକ ଜିମି ମୂର ଗୱାଁଈ ॥ ୪ ॥**

ସୁମନ୍ତ୍ର ଦେଖିଲେ, ଶ୍ରୀରାମଙ୍କ ଆଜ୍ଞା ଟାଳିଦିଆଯାଇ ନ ପାରେ । କର୍ମର ଗତି ବଡ଼ କଠିନ; ତା' ଉପରେ କାହାର ବି ହାତ ନାହିଁ । ତେଣୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ଚରଣରେ ମଥା ଅବନତ କରି ସୁମନ୍ତ୍ର ଏପରିଭାବରେ ଫେରିଆସିଲେ, ଯେପରି କୌଣସି ବେପାରୀ ତା'ର ମୂଳଧନତକ ହରାଇଦେଇ ଫେରିଯାଏ ॥ ୪ ॥

ଦୋଃ- **ରଥୁ ହାଁକେଉ ହୟ ରାମ ତନ ହେରି ହେରି ହିହିନାହିଁ ।**
**ଦେଖି ନିଷାଦ ବିଷାଦବସ ଧୁନହିଁ ସୀସ ପଛିତାହିଁ ॥ ୯୯ ॥**

ସୁମନ୍ତ୍ର ରଥ ହାଙ୍କିଲାବେଳକୁ ଘୋଡ଼ାମାନେ ଶ୍ରୀରାମଙ୍କ ଆଡ଼କୁ ମୁହଁ ଫେରାଇ, ଆକୁଳ ହୋଇ ହ୍ରେଷାରବ କରୁଥାନ୍ତି । ଏହା ଦେଖି ନିଷାଦମାନେ ବିଷାଦବଶତଃ ମୁଣ୍ଡ ପିଟି ପିଟି ପଶ୍ଚାତ୍ତାପ କଲେ, ॥ ୯୯ ॥

**ଜାସୁ ବିୟୋଗ ବିକଲ ପସୁ ଐସେଁ । ପ୍ରଜା ମାତୁ ପିତୁ ଜିଇହହିଁ କୈସେଁ ॥**
**ବରବସ ରାମ ସୁମଂତ୍ରୁ ପଠାଏ । ସୁରସରି ତୀର ଆପୁ ତବ ଆଏ ॥ ୧ ॥**

ଯାହାଙ୍କ ବିଚ୍ଛେଦରେ ପଶୁମାନେ ବି ଏପରି ବ୍ୟାକୁଳ, ତାଙ୍କ ବିଚ୍ଛେଦରେ ପ୍ରଜା, ମାତା ଓ ପିତା ବା କିପରି ଜୀବନ ଧରିବେ ! ଶ୍ରୀରାମ ସୁମନ୍ତ୍ରଙ୍କୁ ବାଧ୍ୟ କରି ଫେରାଇଦେଇ ଗଙ୍ଗାତଟକୁ ଚ୍ଳିଆସିଲେ ॥ ୧ ॥

**ମାଗୀ ନାୱ ନ କେୱଟୁ ଆନା । କହଇ ତୁହ୍ମାର ମରମୁ ମୈଁ ଜାନା ॥**
**ଚରନ କମଲ ରଜ କହୁଁ ସବୁ କହଈ । ମାନୁଷ କରନି ମୂରି କଛୁ ଅହଈ ॥ ୨ ॥**

ସେ କେଉଟକୁ (ନାଉରୀକୁ) ଡଙ୍ଗା ଆଣିବାକୁ ଡାକ ପକାଇଲେ; କିନ୍ତୁ ନାଉରୀ ଡଙ୍ଗା ଆଣିଲା ନାହିଁ । ସେ କହିଲା, "ମୁଁ ତୁମ ମରମ ଭଲ କରି ଜାଣେ । ସମସ୍ତେ କହୁଛନ୍ତି, ତୁମ ପାଦଧୂଳିରେ ମଣିଷ ଗଢ଼ିଦେବାଭଳି କିଛି ଜଡ଼ିବୁଟି ରହିଛି ॥ ୨ ॥

**ଛୁଅତ ସିଲା ଭଇ ନାରି ସୁହାଈ । ପାହନ ତେଁ ନ କାଠ କଠିନାଈ ॥**
**ତରନିଉ ମୁନି ଘରିନୀ ହୋଇ ଜାଈ । ବାଟ ପରଇ ମୋରି ନାୱ ଉଡ଼ାଈ ॥ ୩ ॥**

ତୁମର ପାଦ ଲାଗିବାକ୍ଷଣି (ପାଦର ବାଲି ପଡ଼ି) ପଥରଟାଏ ସୁନ୍ଦରୀ ସ୍ତ୍ରୀ ପାଲଟିଗଲା । ମୋ ନାଆଖଣ୍ଡିକ ତ କାଠର । କାଠ ତ ପଥରଠାରୁ ଟାଣ ନୁହେଁ ; ତେଣୁ ମୋ ନାଆ ବି ମୁନିଙ୍କ ସ୍ତ୍ରୀ ପାଲଟିଯିବ । ନାଆ ଖଣ୍ଡିକ ଉଭେଇ ଗଲେ ମୋ ଜୀବିକା-ଉପାର୍ଜନର ରାସ୍ତା ବନ୍ଦ ହୋଇଯିବ ॥ ୩ ॥

**ଏହିଁ ପ୍ରତିପାଲଉଁ ସବୁ ପରିୱାରୂ । ନହିଁ ଜାନଉଁ କଛୁ ଅଉର କବାରୂ ॥**
**ଜୌଁ ପ୍ରଭୁ ପାର ଅୱସି ଗା ଚହହୂ । ମୋହି ପଦ ପଦୁମ ପଖାରନ କହହୂ ॥ ୪ ॥**

ମୁଁ ଏହି ନାଆ ଖଣ୍ଡିକ ସାହାଯ୍ୟରେ ମୋ ପରିବାର ପୋଷୁଛି । ମୋତେ ଆଉ କିଛି ଧନ୍ଦା ଜଣା ନାହିଁ । ହେ ପ୍ରଭୁ ! ଯଦି ତୁମେ ନିଶ୍ଚୟ ନଈ ପାରିହେବାକୁ ଚାହୁଁଛ, ତେବେ ପ୍ରଥମେ ମୋତେ ତୁମ ପାଦପଦ୍ମ ଧୋଇଦେବାକୁ ଅନୁମତି ଦିଅ ।'' ॥ ୪ ॥

ଛନ୍ଦ- **ପଦ କମଲ ଧୋଇ ଚଢ଼ାଇ ନାୱ ନ ନାଥ ଉତରାଈ ଚହୌଁ ।**
**ମୋହି ରାମ ରାଉରି ଆନ ଦସରଥ ସପଥ ସବ ସାଚୀ କହୌଁ ॥**
**ବରୁ ତୀର ମାରହୁଁ ଲଖନୁ ପୈ ଜବ ଲଗି ନ ପାୟ ପଖାରିହୌଁ ।**
**ତବ ଲଗି ନ ତୁଲସୀଦାସ ନାଥ କୃପାଲ ପାରୁ ଉତାରିହୌଁ ॥**

ହେ ନାଥ ! ମୁଁ ତୁମ ପାଦପଦ୍ମକୁ (ପାଦର ବାଲିମାଟି) ଧୋଇଦେବା ପରେହିଁ ତୁମକୁ ନାଆରେ ଚଢ଼ାଇବି । ମୁଁ ତୁମଠାରୁ କିଛି ମାହାସୁଲ ଚାହୁଁନାହିଁ । ହେ ରାମ ! ତୁମ ରାଣ ଓ ରାଜା ଦଶରଥଙ୍କ ରାଣ ପକାଇ ସବୁ ସତ କହୁଛି । ଲକ୍ଷ୍ମଣ ମୋତେ ତୀର ବିନ୍ଧିଦିଅନ୍ତୁ ପଛେ, ମୁଁ ପାଦ ଧୋଇ ନ ଦେଲା ଯାଏ, ହେ ତୁଲସୀଦାସଙ୍କ ନାଥ ! ହେ କୃପାଳୁ ! ତୁମକୁ ନଈ ପାରିକରାଇଦେବି ନାହିଁ ।''

ସୋଃ- **ସୁନି କେୱଟ କେ ବୈନ ପ୍ରେମ ଲପେଟେ ଅଟପଟେ ।**
**ବିହସେ କରୁନାଐନ ଚିତଇ ଜାନକୀ ଲଖନ ତନ ॥ ୧୦୦ ॥**

ନାଉରୀର ପ୍ରେମସିକ୍ତ ରହସ୍ୟଭରା କଥା ଶୁଣି କରୁଣାଧାମ ଶ୍ରୀରାମ ଜାନକୀ ଓ ଲକ୍ଷ୍ମଣଙ୍କୁ ଚାହିଁ ହସିଲେ ॥ ୧୦୦ ॥

**କୃପାସିଂଧୁ ବୋଲେ ମୁସୁକାଈ । ସୋଇ କରୁ ଜେହିଁ ତୱ ନାୱ ନ ଜାଈ ॥**
**ବେଗି ଆନୁ ଜଲ ପାୟ ପଖାରୂ । ହୋତ ବିଲଂବୁ ଉତାରହି ପାରୂ ॥ ୧ ॥**

କୃପାସାଗର ଶ୍ରୀରାମ ମୃଦୁ ମୃଦୁ ହସି ତାକୁ କହିଲେ, ''ଭାଇ, ଯାହା କଲେ ତୁମ ନାଆ ଖଣ୍ଡିକ ଉଭେଇ ନ ଯିବ, ତାହାହିଁ କର । ଶୀଘ୍ର ପାଣି ଆଣି ପାଦ ଧୋଇଦିଅ । ଡେରି ହେଲାଣି; ଆମକୁ ନଈ ପାରିକରାଇଦିଅ ।'' ॥ ୧ ॥

**ଜାସୁ ନାମ ସୁମିରତ ଏକ ବାରା । ଉତରହିଁ ନର ଭୱସିଂଧୁ ଅପାରା ॥**
**ସୋଇ କୃପାଲୁ କେୱଟହି ନିହୋରା । ଜେହିଁ ଜଗୁ କିୟ ତିହୁ ପଗହୁ ତେ ଥୋରା ॥ ୨ ॥**

ଯାହାଙ୍କର ନାମ ଥରଟିଏ ଉଚ୍ଚାରଣ କରିଦେଲେ ମନୁଷ୍ୟ ଅପାର ଭବସାଗର ପାରିହୋଇଯାଏ ଏବଂ ଯେ [ବାମନାବତାରରେ] ଜଗତଟାକୁ ନିଜର ତିନିପାଦଠାରୁ ବି ଛୋଟ କରିଦେଇଥିଲେ (ଦୁଇ ପାଦରେ ତ୍ରିଲୋକ ଆବୋରି ଦେଇଥିଲେ; ତୃତୀୟପାଦପାଇଁ ସ୍ଥାନ ନ ଥିଲା), ସେହି କୃପାଳୁ ଶ୍ରୀରାମ [ଗଙ୍ଗା ପାରିକରିଦିଅ ବୋଲି କହି] କେଉଟ (ନାଉରୀ) ପାଖରେ ନେହୁରା ହେଉଛନ୍ତି ! ॥ ୨ ॥

**ପଦ ନଖ ନିରଖି ଦେୱସରି ହରଷୀ । ସୁନି ପ୍ରଭୁ ବଚନ ମୋହଁ ମତି କରଷୀ ।**
**କେୱଟ ରାମ ରଜାୟସୁ ପାୱା । ପାନି କଠୱତା ଭରି ଲେଇ ଆୱା ॥ ୩ ॥**

ପ୍ରଭୁଙ୍କର ଏହି ବଚନ ଶୁଣି ଗଙ୍ଗାଙ୍କର ବୁଦ୍ଧି ମୋହଗ୍ରସ୍ତ ହୋଇଯାଇଥିଲା । (ସେ ଭାବୁଥିଲେ, 'ଇଏ ସାକ୍ଷାତ୍ ଭଗବାନ୍ ହୋଇ ମଧ୍ୟ ଆରପାରିକୁ ନେଇଯିବାକୁ କେଉଟଟାକୁ କିପରି ନେହୁରା ହେଉଛନ୍ତି ?) କିନ୍ତୁ ଏ ଭିତରେ ଶ୍ରୀରାମଙ୍କ ଆଜ୍ଞା ପାଇ ନାଉରୀ କାଠୁଆରେ ଗଙ୍ଗାରୁ ଜଳ ନେଇଆସିଲା । ପାଖକୁ ଆସି ପ୍ରଭୁଙ୍କ ପାଦନଖ ଦେଖିଦେଲାକ୍ଷଣି [ନିଜର ଉତ୍ପତ୍ତିସ୍ଥଳକୁ ପାଖରୁ ଦେଖିଦେଇ,] ଗଙ୍ଗା ପ୍ରଭୁଙ୍କୁ ଚିହ୍ନି ହର୍ଷିତା ହୋଇଗଲେ । (ସେ ବୁଝିଗଲେ ଯେ, ଭଗବାନ୍ ନରଲୀଳା କରୁଛନ୍ତି; ତେଣୁ ତାଙ୍କର ମୋହ ତୁଟିଗଲା ଏବଂ ସେହି ଚରଣଦ୍ୱୟର ସ୍ପର୍ଶ ପାଇ, ସେ ଧନ୍ୟ ହୋଇଯିବେ ବୋଲି ବିଗ୍ଚର କରି ହର୍ଷିତା ହୋଇଗଲେ ।) ॥ ୩ ॥

**ଅତି ଆନଂଦ ଉମଗି ଅନୁରାଗା । ଚରନ ସରୋଜ ପଖାରନ ଲାଗା ॥**
**ବରଷି ସୁମନ ସୁର ସକଲ ସିହାହୀଁ । ଏହି ସମ ପୁନ୍ୟପୁଂଜ କୋଉ ନାହୀଁ ॥ ୪ ॥**

ଅତ୍ୟନ୍ତ ଆନନ୍ଦ ଓ ପ୍ରେମରେ ଉତ୍‌ଫୁଲ୍ଲ ହୋଇ ସେହି ନାଉରୀ ଗଙ୍ଗାଜଳରେ ଭଗବାନଙ୍କର ପାଦପଦ୍ମ ଧୋଇବାକୁ ଲାଗିଲା । ଦେବତାମାନେ ପୁଷ୍ପବୃଷ୍ଟି କଲେ ଓ ତା'ଭାଗ୍ୟକୁ ପ୍ରଶଂସା କରି କହିଲେ, ''ଏହାପରି ପୁଣ୍ୟବାନ୍ ଆଉ କେହି ନାହିଁ ।'' ॥ ୪ ॥

ଦୋଃ- **ପଦ ପଖାରି ଜଲୁ ପାନ କରି ଆପୁ ସହିତ ପରିୱାର ।**
**ପିତର ପାରୁ କରି ପ୍ରଭୁହି ପୁନି ମୁଦିତ ଗୟଉ ଲେଇ ପାର ॥ ୧୦୧ ॥**

ପ୍ରଭୁଙ୍କ ପଦ ପ୍ରକ୍ଷାଳନ କରି ଏବଂ ପରିବାର ସହିତ ନିଜେ ସେହି ଚରଣାମୃତ ପାନ କରି ସେ ପ୍ରଥମେ ନିଜ ପିତୃପୁରୁଷଙ୍କୁ ଭବସାଗର ପାରିକରାଇଲା (ଅର୍ଥାତ୍ ନାଉରୀର ପରମପୁଣ୍ୟବଳରେ ତା'ପିତୃଲୋକ ଉଦ୍ଧାର ପାଇଗଲେ) ଏବଂ ଆନନ୍ଦର ସହିତ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଗଙ୍ଗା ପାରିକରାଇଦେଲା ॥ ୧୦୧ ॥

**ଉତରି ଠାଢ଼ ଭଏ ସୁରସରି ରେତା । ସୀୟ ରାମୁ ଗୁହ ଲଖନ ସମେତା ॥**
**କେୱଟ ଉତରି ଦଂଡୱତ କୀହ୍ନା । ପ୍ରଭୁହି ସକୁଚ ଏହି ନହିଁ କଛୁ ଦୀହ୍ନା ॥ ୧ ॥**

ନିଷାଦରାଜ ଓ ଲକ୍ଷ୍ମଣଙ୍କ ସହିତ ସୀତା ଓ ଶ୍ରୀରାମ ନାଆରୁ ଓହ୍ଲାଇ ଗଙ୍ଗାକୂଳ ବାଲିରେ ଠିଆ ହେଲେ । ତା'ପରେ ନାଉରୀ ନାଆରୁ ଓହ୍ଲାଇ ପ୍ରଭୁଙ୍କୁ ଦଣ୍ଡବତ ହେଲା । ତାକୁ ପାଉଣା ଦେଇ ନ ଥିବାରୁ ପ୍ରଭୁଙ୍କୁ ସଂକୋଚ ଲାଗିଲା ॥ ୧ ॥

**ପିୟ ହିୟ କୀ ସିୟ ଜାନନିହାରୀ । ମନି ମୁଦରୀ ମନ ମୁଦିତ ଉତାରୀ ॥**
**କହେଉ କୃପାଲ ଲେହି ଉତରାଈ । କେୱଟ ଚରନ ଗହେ ଅକୁଲାଈ ॥ ୨ ॥**

ପତିଙ୍କ ହୃଦୟକଥା ଜାଣିପାରି ସୀତା ବଡ଼ ଆନନ୍ଦରେ ନିଜ ଆଙ୍ଗୁଠିରୁ ରତ୍ନମୁଦିଟି କାଢ଼ି ପ୍ରଭୁଙ୍କୁ ଧରାଇଦେଲେ । କୃପାଳୁ ଶ୍ରୀରାମଚନ୍ଦ୍ର କେଉଟକୁ କହିଲେ, ''ନାଆ ମାହାସୁଲ ନିଅ ।'' ଏହା ଶୁଣି କେଉଟ ବ୍ୟାକୁଳ ହୋଇ ପ୍ରଭୁଙ୍କ ପାଦ ଧରିପକାଇଲା ॥ ୨ ॥

**ନାଥ ଆଜୁ ମୈଁ କାହ ନ ପାୱା । ମିଟେ ଦୋଷ ଦୁଖ ଦାରିଦ ଦାୱା ॥**
**ବହୁତ କାଲ ମୈଁ କୀହ୍ନି ମଜୂରୀ । ଆଜୁ ଦୀହ୍ନ ବିଧି ବନି ଭଲି ଭୂରୀ ॥ ୩ ॥**

କହିଲା, ''ହେ ନାଥ ! ମୁଁ ଆଜି କ'ଣ ବା ନ ପାଇଛି ! ମୋର ଦୋଷ, ଦୁଃଖ ଓ ଦାରିଦ୍ର୍ୟର ଅଗ୍ନି ଆଜି ଲିଭିଗଲା । ମୁଁ ବହୁକାଳ ମୂଲ ଲାଗିଲିଣି; ହେଲେ ବିଧାତା ଆଜି ମୋତେ ମୋ ଜୀବନର ପୂରାମୂଲ ଦେଇଦେଇଛନ୍ତି ॥ ୩ ॥

**ଅବ କଛୁ ନାଥ ନ ଚାହିଅ ମୋରେଁ । ଦୀନଦୟାଲ ଅନୁଗ୍ରହ ତୋରେଁ ॥**
**ଫିରତୀ ବାର ମୋହି ଜୋ ଦେବା । ସୋ ପ୍ରସାଦୁ ମୈଁ ସିର ଧରି ଲେବା ॥ ୪ ॥**

ହେ ନାଥ ! ହେ ଦୀନଦୟାଳୁ ! ଆପଣଙ୍କ କୃପାରୁ ମୋର ଆଉ କୌଣସି ବସ୍ତୁ ଲୋଡ଼ା ନାହିଁ । ଫେରିବାବେଳେ ଆପଣ ମୋତେ ଯାହା କିଛି ଦେବେ, ସେହି ପ୍ରସାଦକୁ ମୁଁ ଶିରୋଧାର୍ଯ୍ୟ କରି ଗ୍ରହଣ କରିବି ।'' ॥ ୪ ॥

ଦୋ:- **ବହୁତ କୀହ୍ନ ପ୍ରଭୁ ଲଖନ ସିୟଁ ନହିଁ କଛୁ କେୱଟୁ ଲେଇ ।**
**ବିଦା କୀହ୍ନ କରୁନାୟତନ ଭଗତି ବିମଲ ବରୁ ଦେଇ ॥ ୧୦୨ ॥**

ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ତାକୁ ମୂଲ ନିଅ ବୋଲି ବହୁତ ଯାଚିଲେ, କିନ୍ତୁ କେଉଟ କିଛି ନେଲା ନାହିଁ । ଶେଷରେ କରୁଣାଧାମ ପ୍ରଭୁ ଶ୍ରୀରାମ ତାକୁ 'ନିର୍ମଳଭକ୍ତି ପାଅ' ବୋଲି ବର ଦେଇ ବିଦା କଲେ ॥ ୧୦୨ ॥

**ତବ ମଜ୍ଜନୁ କରି ରଘୁକୁଲନାଥା । ପୂଜି ପାରଥିୱ ନାୟଉ ମାଥା ॥**
**ସିୟଁ ସୁରସରିହି କହେଉ କର ଜୋରୀ । ମାତୁ ମନୋରଥ ପୁରଉବି ମୋରୀ ॥ ୧ ॥**

ତା'ପରେ ରଘୁକୁଳନାଥ ଶ୍ରୀରାମ ସ୍ନାନ କଲେ ଓ ପାର୍ଥିବ (ମୃଣ୍ମୟ) ଶିବଲିଙ୍ଗ ସ୍ଥାପନ କରି ପୂଜା କଲେ ଏବଂ ପ୍ରଣାମ କଲେ । ସୀତା କର ଯୋଡ଼ି ଗଙ୍ଗାଙ୍କୁ ପ୍ରାର୍ଥନା କଲେ, ''ହେ ମାତା ! ମୋର ମନୋରଥ ପୂର୍ଣ୍ଣ କର, ॥ ୧ ॥

**ପତି ଦେୱର ସଁଗ କୁସଲ ବହୋରୀ । ଆଇ କରୌଁ ଜେହିଁ ପୂଜା ତୋରୀ ॥**
**ସୁନି ସିୟ ବିନୟ ପ୍ରେମ ରସ ସାନୀ । ଭଇ ତବ ବିମଲ ବାରି ବର ବାନୀ ॥ ୨ ॥**

ଯାହାଫଳରେ କି ମୁଁ ମୋର ପତିଦେବତା ଓ ଦିଅରଙ୍କ ସହିତ ସର୍ବକୁଶଳରେ ଫେରି ତୁମର ପୂଜା କରିପାରିବି ।'' ସୀତାଙ୍କର ପ୍ରେମରସସିକ୍ତ ବିନତି ଶୁଣି ଗଙ୍ଗାଙ୍କର ନିର୍ମଳ ଜଳଭିତରୁ ଦିବ୍ୟ ବାଣୀ ଶୁଣାଗଲା, ॥ ୨ ॥

**ସୁନୁ ରଘୁବୀର ପ୍ରିୟା ବୈଦେହୀ । ତୱ ପ୍ରଭାଉ ଜଗ ବିଦିତ ନ କେହୀ ॥**
**ଲୋକପ ହୋହିଁ ବିଲୋକତ ତୋରେଁ । ତୋହି ସେୱହିଁ ସବ ସିଧି କର ଜୋରେଁ ॥ ୩ ॥**

''ହେ ରଘୁବୀରଙ୍କର ପ୍ରିୟତମା ଜାନକୀ ! ଶୁଣ, ତୁମର ପ୍ରଭାବ ଜଗତରେ କାହାକୁ ବା ଜଣା ନାହିଁ ? ତୁମ କୃପାଦୃଷ୍ଟି ପାଇ ଲୋକେ ଲୋକପାଳ ହୋଇଯାଆନ୍ତି । ସକଳ ସିଦ୍ଧି କର ଯୋଡ଼ି ତୁମର ସେବା କରନ୍ତି ॥ ୩ ॥

**ତୁହ୍ମ ଜୋ ହମହି ବଡ଼ି ବିନୟ ସୁନାଈ । କୃପା କୀହ୍ନି ମୋହି ଦୀହ୍ନି ବଡ଼ାଈ ॥**
**ତଦପି ଦେବି ମୈଁ ଦେବି ଅସୀସା । ସଫଲ ହୋନ ହିତ ନିଜ ବାଗୀସା ॥ ୪ ॥**

ତୁମେ ମୋତେ ଯେଉଁ ସୁନ୍ଦର ବିନତି ଶୁଣାଇଲ, ତା'ଦ୍ୱାରା ତ ତୁମେ ମୋତେ କୃପା କରି ସମ୍ମାନ ଦେଲ । ତଥାପି ହେ ଦେବୀ ! ମୋ ବାଣୀକୁ (ବାଗିନ୍ଦ୍ରିୟକୁ) ସାର୍ଥକ କରିବା ନିମନ୍ତେ ମୁଁ ତୁମକୁ ଆଶୀର୍ବାଦ ଦେଉଛି, ॥ ୪ ॥

ଦୋ:- **ପ୍ରାନନାଥ ଦେୱର ସହିତ କୁସଲ କୋସଲା ଆଇ ।**
**ପୂଜିହି ସବ ମନକାମନା ସୁଜସୁ ରହିହି ଜଗ ଛାଇ ॥ ୧୦୩ ॥**

''ତୁମେ ତୁମ ପ୍ରାଣନାଥ ଓ ଦିଅରଙ୍କ ସହିତ କୁଶଳରେ ଅଯୋଧ୍ୟା ଫେରିବ । ତୁମର ସକଳ ମନସ୍କାମନା ପୂର୍ଣ୍ଣ ହେବ ଓ ତୁମ ସୁଯଶ ସମଗ୍ର ଜଗତରେ ପରିବ୍ୟାପ୍ତ ହେବ ।'' ॥ ୧୦୩ ॥

**ଗଂଗ ବଚନ ସୁନି ମଂଗଲ ମୂଲା । ମୁଦିତ ସୀୟ ସୁରସରି ଅନୁକୂଲା ॥**
**ତବ ପ୍ରଭୁ ଗୁହହି କହେଉ ଘର ଜାହୂ । ସୁନତ ସୂଖ ମୁଖୁ ଭା ଉର ଦାହୂ ॥ ୧ ॥**

ଦେବନଦୀ ତଥା ସର୍ବମଙ୍ଗଳର ଆଧାର ଗଙ୍ଗାଙ୍କର ଅନୁକୂଳ ବଚନ ଶୁଣି ସୀତା ହର୍ଷିତା ହୋଇଗଲେ । ଏହାପରେ ପ୍ରଭୁ ଶ୍ରୀରାମ ନିଷାଦରାଜଙ୍କୁ କହିଲେ, ''ଭାଇ ! ଏଥର ତୁମେ ଘରକୁ ଯାଅ ।'' ଏକଥା ଶୁଣିଦେଇ ନିଷାଦରାଜଙ୍କର ମୁହଁ ଶୁଖିଗଲା । ତାଙ୍କର ହୃଦୟ ବ୍ୟଥିତ ହୋଇଗଲା ॥ ୧ ॥

**ଦୀନ ବଚନ ଗୁହ କହ କର ଜୋରୀ । ବିନୟ ସୁନହୁ ରଘୁକୁଲମନି ମୋରୀ ॥**
**ନାଥ ସାଥ ରହି ପଂଥୁ ଦେଖାଈ । କରି ଦିନ ଚ୍ରରି ଚରନ ସେଵକାଈ ॥ ୨ ॥**
**ଜେହିଁ ବନ ଜାଇ ରହବ ରଘୁରାଈ । ପରନକୁଟୀ ମୈଁ କରବି ସୁହାଈ ॥**
**ତବ ମୋହି କହଁ ଜସି ଦେବ ରଜାଈ । ସୋଇ କରିହଉଁ ରଘୁବୀର ଦୋହାଈ ॥ ୩ ॥**

ସେ ହାତ ଯୋଡ଼ି ଦୀନଭାବରେ କହିଲେ, ''ହେ ରଘୁକୁଳଶିରୋମଣି ! ମୋ ବିନତି ଶୁଣନ୍ତୁ । ମୁଁ ଆପଣଙ୍କ ସାଥିରେ ରହି, ବାଟ ଦେଖାଇଦେଇ, ଚ୍ରରିଛଅ ଦିନ ଚରଣସେବା କରି, ହେ ରଘୁରାଜ ! ଆପଣ ଯାଇ ଯେଉଁ ବନରେ ରହିବେ, ସେଠାରେ ସୁନ୍ଦର ପତ୍ରକୁଡ଼ିଆଟିଏ ତୋଳିଦେବି । ତା'ପରେ ଆପଣ ଯେପରି ଆଜ୍ଞା ଦେବେ, ଆପଣଙ୍କ ରାଣ ପକାଇ କହୁଛି, ମୁଁ ସେହିପରି କରିବି ।'' ॥ ୨-୩ ॥

**ସହଜ ସନେହ ରାମ ଲଖି ତାସୂ । ସଂଗ ଲୀହ୍ନ ଗୁହ ହୃଦୟଁ ହୁଲାସୂ ॥**
**ପୁନି ଗୁହଁ ଗ୍ୟାତି ବୋଲି ସବ ଲୀହ୍ନେ । କରି ପରିତୋଷୁ ବିଦା ତବ କୀହ୍ନେ ॥ ୪ ॥**

ତାଙ୍କର ସ୍ୱାଭାବିକ ପ୍ରେମ ଦେଖି ଶ୍ରୀରାମ ତାଙ୍କୁ ସାଥିରେ ନେଲେ । ତେଣୁ ନିଷାଦରାଜ ଅତ୍ୟନ୍ତ ଆନନ୍ଦିତ ହେଲେ । ତା'ପରେ ସେ ନିଜ ଜାତିଲୋକଙ୍କୁ ଡକାଇ, ସେମାନଙ୍କୁ ସନ୍ତୁଷ୍ଟ କରି ବିଦାୟ ଦେଲେ ॥ ୪ ॥

ଦୋ:- **ତବ ଗନପତି ସିଵ ସୁମିରି ପ୍ରଭୁ ନାଇ ସୁରସରିହି ମାଥ ।**
**ସଖା ଅନୁଜ ସିୟ ସହିତ ବନ ଗଵନୁ କୀହ୍ନ ରଘୁନାଥ ॥ ୧୦୪ ॥**

ତା'ପରେ ପ୍ରଭୁ ଶ୍ରୀରଘୁନାଥ ଗଣେଶ ଓ ଶିବଙ୍କୁ ସ୍ମରଣ କରି ତଥା ଗଙ୍ଗାଙ୍କୁ ପ୍ରଣାମ କରି ସଖା ନିଷାଦରାଜ, ଅନୁଜ ଲକ୍ଷ୍ମଣ ଓ ସୀତାଙ୍କ ସହିତ ବନକୁ ଚ୍ଚଳିଲେ ॥ ୧୦୪ ॥

**ତେହି ଦିନ ଭୟଉ ବିଟପ ତର ବାସୂ । ଲଖନ ସଖାଁ ସବ କୀହ୍ନ ସୁପାସୂ ॥**
**ପ୍ରାତ ପ୍ରାତକୃତ କରି ରଘୁରାଈ । ତୀରଥରାଜୁ ଦୀଖ ପ୍ରଭୁ ଜାଈ ॥ ୧ ॥**

ସେଦିନ ସେମାନେ ବୃକ୍ଷତଳେହିଁ ନିବାସ କଲେ । ଲକ୍ଷ୍ମଣ ଓ ସଖା ନିଷାଦରାଜ ବିଶ୍ରାମର ସକଳ ସୁବ୍ୟବସ୍ଥା କରିଦେଲେ । ପ୍ରଭୁ ଶ୍ରୀରାମ ପ୍ରାତଃକାଳୀନ ନିତ୍ୟକର୍ମ ଆଦି ସମାପ୍ତ କରି ତୀର୍ଥରାଜ ପ୍ରୟାଗଙ୍କୁ ଦର୍ଶନ କଲେ ॥ ୧ ॥

**ସଚିଵ ସତ୍ୟ ଶ୍ରଦ୍ଧା ପ୍ରିୟ ନାରୀ । ମାଧଵ ସରିସ ମୀତୁ ହିତକାରୀ ॥**
**ଚ୍ରରି ପଦାରଥ ଭରା ଭଁଡାରୂ । ପୁନ୍ୟ ପ୍ରଦେସ ଦେସ ଅତି ଚ୍ରରୂ ॥ ୨ ॥**

ସତ୍ୟ ଥିଲେ ସେହି ତୀର୍ଥରାଜଙ୍କର ମନ୍ତ୍ରୀ; ଶ୍ରଦ୍ଧା ଥିଲେ ପ୍ରିୟତମା ସ୍ତ୍ରୀ ଓ ଶ୍ରୀବେଣୀମାଧବ ଥିଲେ ହିତକାରୀ ମିତ୍ର । ତାଙ୍କର ଭଣ୍ଡାର ଧର୍ମ, ଅର୍ଥ, କାମ ଓ ମୋକ୍ଷ—ଏହି ଚତୁର୍ବିଧ ସମ୍ପଦରେ ପୂର୍ଣ୍ଣ ହୋଇ ରହିଥିଲା ଏବଂ ସେହି ପୁଣ୍ୟମୟ ପ୍ରାନ୍ତ ଥିଲା ସେହି ରାଜାଙ୍କର ସୁନ୍ଦର ପ୍ରଦେଶ ॥ ୨ ॥

**ଛେତ୍ରୁ ଅଗମ ଗଢ୍ରୁ ଗାଢ଼୍ ସୁହାଓ୍ୱା । ସପନେହୁଁ ନହିଁ ପ୍ରତିପଚ୍ଛିହ୍ନ ପାଓ୍ୱା ॥**
**ସେନ ସକଲ ତୀରଥ ବର ବୀରା । କଲୁଷ ଅନୀକ ଦଲନ ରନଧୀରା ॥ ୩ ॥**

ପ୍ରୟାଗ କ୍ଷେତ୍ର ହେଉଛି ଏକ ଦୁର୍ଗମ, ସୁଦୃଢ଼ ଓ ସୁନ୍ଦର ଦୁର୍ଗ, ଯେଉଁଠି ପାପରୂପୀ ଶତ୍ରୁମାନେ ସ୍ୱପ୍ନରେ ବି ପଶିପାରନ୍ତି ନାହିଁ । ଅନ୍ୟ ସମସ୍ତ ତୀର୍ଥ ହେଉଛନ୍ତି ସେହି ତୀର୍ଥରାଜଙ୍କର ଶ୍ରେଷ୍ଠ ବୀରସୈନିକ । ସେହି ସୈନିକମାନେ ହେଉଛନ୍ତି ପାପର ସେନାକୁ ଦଳିଦେଇପାରିବାଭଳି ରଣଧୀର ବୀର ॥ ୩ ॥

**ସଂଗମୁ ସିଂହାସନୁ ସୁଠି ସୋହା । ଛତ୍ରୁ ଅଖୟବଟୁ ମୁନି ମନୁ ମୋହା ॥**
**ଚଓ୍ୱଁର ଜମୁନ ଅରୁ ଗଂଗ ତରଂଗା । ଦେଖି ହୋହିଁ ଦୁଖ ଦାରିଦ ଭଂଗା ॥ ୪ ॥**

[ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର] ସଙ୍ଗମସ୍ଥଳ ହେଉଛି ସେହି ତୀର୍ଥରାଜାଙ୍କର ସୁଶୋଭିତ ସିଂହାସନ । ଅକ୍ଷୟବଟ ହେଉଛି ତାହାଙ୍କର ଛତ୍ର; ତାହା ମୁନିମାନଙ୍କର ମନକୁ ବି ମୋହିତ କରିଦିଏ । ଗଙ୍ଗା ଓ ଯମୁନାର ତରଙ୍ଗମାଳା ହେଉଛି ତାହାଙ୍କର ଶ୍ୟାମଳ ଓ ଶ୍ୱେତ ଚ୍ୱମର । ସେହି ତରଙ୍ଗାବଳୀ ଦର୍ଶନ କଲେ ଦୁଃଖ ଓ ଦାରିଦ୍ର୍ୟ ନଷ୍ଟ ହୋଇଯାଏ ॥ ୪ ॥

ଦୋଃ- **ସେଓ୍ୱହିଁ ସୁକୃତୀ ସାଧୁ ସୁଚି ପାଓ୍ୱହିଁ ସବ ମନକାମ ।**
**ବଂଦୀ ବେଦ ପୁରାନ ଗନ କହହିଁ ବିମଲ ଗୁନ ଗ୍ରାମ ॥ ୧୦୫ ॥**

ପୁଣ୍ୟାତ୍ମା ଓ ପବିତ୍ରହୃଦୟ ସାଧୁଗଣ ତାଙ୍କର ସେବା କରନ୍ତି ଓ ସକଳ ମନୋରଥ ପ୍ରାପ୍ତ ହୁଅନ୍ତି । ବେଦ ଓ ପୁରାଣମାନେ ସେହି ତୀର୍ଥରାଜଙ୍କ ଭାଟ ହୋଇ ତାଙ୍କର ନିର୍ମଳ ଗୁଣାବଳୀ ଗାନ କରନ୍ତି ॥ ୧୦୫ ॥

**କୋ କହି ସକଇ ପ୍ରୟାଗ ପ୍ରଭାଉ । କଲୁଷ ପୁଂଜ କୁଂଜର ମୃଗରାଉ ॥**
**ଅସ ତୀରଥପତି ଦେଖି ସୁହାଓ୍ୱା । ସୁଖ ସାଗର ରଘୁବର ସୁଖୁ ପାଓ୍ୱା ॥ ୧ ॥**

ପାପସମୂହରୂପୀ ହସ୍ତୀକୁ ବଧ କରିଦେବାକୁ ପ୍ରୟାଗରାଜ ହେଉଛନ୍ତି ସିଂହ ସଦୃଶ । ତାଙ୍କର ପ୍ରଭାବ (ମାହାତ୍ମ୍ୟ) କିଏ ବା କହିପାରିବ ! ଏପରି ସୁନ୍ଦର ତୀର୍ଥରାଜଙ୍କୁ ଦର୍ଶନ କରି ସୁଖସାଗର ରଘୁକୁଳଶ୍ରେଷ୍ଠ ଶ୍ରୀରାମ ମଧ୍ୟ ସୁଖ ଲାଭ କଲେ ॥ ୧ ॥

**କହି ସିୟ ଲଖନହି ସଖହି ସୁନାଇ । ଶ୍ରୀମୁଖ ତୀରଥରାଜ ବଡ଼ାଇ ॥**
**କରି ପ୍ରନାମୁ ଦେଖତ ବନ ବାଗା । କହତ ମହାତମ ଅତି ଅନୁରାଗା ॥ ୨ ॥**

ସେ ନିଜ ଶ୍ରୀମୁଖରେ ସୀତା, ଲକ୍ଷ୍ମଣ ଓ ସଖା ନିଷାଦରାଜଙ୍କୁ ତୀର୍ଥରାଜଙ୍କର ମହିମା କହି ଶୁଣାଇଲେ । ତା'ପରେ ପ୍ରଣାମ କରି, ବନ ଉପବନ ଦେଖି ଦେଖି ଏବଂ ପ୍ରେମର ସହିତ ସେହି ସ୍ଥାନର ମାହାତ୍ମ୍ୟ ବର୍ଣ୍ଣନା କରି କରି ଚ୍ୱଲିଲେ ॥ ୨ ॥

**ଏହି ବିଧି ଆଇ ବିଲୋକୀ ବେନୀ । ସୁମିରତ ସକଲ ସୁମଂଗଲ ଦେନୀ ॥**
**ମୁଦିତ ନହାଇ କୀହ୍ନି ସିଓ୍ୱ ସେଓ୍ୱା । ପୂଜି ଜଥାବିଧି ତୀରଥ ଦେଓ୍ୱା ॥ ୩ ॥**

ଏପରିଭାବରେ ଶ୍ରୀରାମ ଆସି ତ୍ରିବେଣୀ ଦର୍ଶନ କଲେ, ଯାହା କି ସ୍ମରଣମାତ୍ରେ ମଙ୍ଗଳପ୍ରଦ ହୋଇଥାଏ । ତା'ପରେ ପ୍ରଭୁ ଆନନ୍ଦ ମନରେ ତ୍ରିବେଣୀରେ ସ୍ନାନ କରି ଶିବଙ୍କର ପୂଜା କଲେ ଓ ବିଧିପୂର୍ବକ ତୀର୍ଥଦେବତାମାନଙ୍କୁ ପୂଜା କଲେ ॥ ୩ ॥

**ତବ ପ୍ରଭୁ ଭରଦ୍ୱାଜ ପହିଁ ଆଏ । କରତ ଦଂଡଓ୍ୱତ ମୁନି ଉର ଲାଏ ॥**
**ମୁନି ମନ ମୋଦ ନ କଛୁ କହି ଜାଇ । ବ୍ରହ୍ମାନଂଦ ରାସି ଜନୁ ପାଇ ॥ ୪ ॥**

[ସ୍ନାନ-ପୂଜନ ଆଦି ସାରି] ପ୍ରଭୁ ଶ୍ରୀରାମ ଭରଦ୍ୱାଜଙ୍କ ନିକଟକୁ ଗଲେ । ସେ ଦଣ୍ଡବତ୍ ପ୍ରଣାମ କରୁ କରୁ ମୁନି ତାଙ୍କୁ ଉଠାଇ ହୃଦୟରେ ଜାବୋଡ଼ିଧରିଲେ । ମୁନିବର ମନରେ ଯେଉଁ ଆନନ୍ଦ ଅନୁଭବ କଲେ, ତାହା ଦେଖି ମନେହେଲା, ତାଙ୍କୁ ବ୍ରହ୍ମାନନ୍ଦରାଶି ମିଳିଗଲା ॥ ୪ ॥

ଦୋ:- **ଦୀହ୍ନି ଅସୀସ ମୁନୀସ ଉର ଅତି ଅନଂଦୁ ଅସ ଜାନି ।**
**ଲୋଚନ ଗୋଚର ସୁକୃତ ଫଲ ମନହୁଁ କିଏ ବିଧି ଆନି ॥ ୧୦୬ ॥**

ମୁନୀଶ୍ୱର ଭରଦ୍ୱାଜ ପ୍ରଭୁଙ୍କୁ ଆଶୀର୍ବାଦ ଦେଲେ । 'ଆଜି ବିଧାତା [ସୀତା ଓ ଲକ୍ଷ୍ମଣଙ୍କ ସମେତ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରାଇଦେଇ,] ମୋର ସକଳ ପୁଣ୍ୟଫଳ ଆଣି ମୋ ଚକ୍ଷୁ ସମ୍ମୁଖରେ ରଖିଦେଲେ ।'—ଏପରି ଉପଲବ୍ଧି କରି ସେ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ ॥ ୧୦୬ ॥

**କୁସଲ ପ୍ରସ୍ନ କରି ଆସନ ଦୀହ୍ନେ । ପୂଜି ପ୍ରେମ ପରିପୂରନ କୀହ୍ନେ ॥**
**କଂଦ ମୂଲ ଫଲ ଅଂକୁର ନୀକେ । ଦିଏ ଆନି ମୁନି ମନହୁଁ ଅମୀ କେ ॥ ୧ ॥**

କୁଶଳ ସମାଚାର ପଚାରି ମୁନିରାଜ ତାହାଙ୍କୁ ଆସନ ଦେଲେ ଏବଂ ପ୍ରେମର ସହିତ ପୂଜା କରି ତାଙ୍କୁ ସନ୍ତୁଷ୍ଟ କଲେ । ତା'ପରେ ଅମୃତତୁଲ୍ୟ କନ୍ଦ, ମୂଳ, ଫଳ ଏବଂ ଅଙ୍କୁର ଆଦି ଆଣି ନୈବେଦ୍ୟାର୍ଥେ ଅର୍ପଣ କଲେ ॥ ୧ ॥

**ସୀୟ ଲଖନ ଜନ ସହିତ ସୁହାଏ । ଅତି ରୁଚି ରାମ ମୂଲ ଫଲ ଖାଏ ॥**
**ଭଏ ବିଗତଶ୍ରମ ରାମୁ ସୁଖାରେ । ଭରଦ୍ୱାଜ ମୃଦୁ ବଚନ ଉଚାରେ ॥ ୨ ॥**

ସୀତା, ଲକ୍ଷ୍ମଣ ଏବଂ ସେବକ ନିଷାଦରାଜଙ୍କ ସହିତ ଶ୍ରୀରାମ ଅତି ଆନନ୍ଦରେ ସେହିସବୁ ସୁନ୍ଦର ଫଳମୂଳ ଭୋଜନ କଲେ । ପଥକ୍ଳାନ୍ତି ଦୂର ହେବାରୁ ଶ୍ରୀରାମ ଆନନ୍ଦ ଅନୁଭବ କଲେ । ମହର୍ଷି ଭରଦ୍ୱାଜ ତାଙ୍କୁ କୋମଳଭାବରେ କହିଲେ, ॥ ୨ ॥

**ଆଜୁ ସୁଫଲ ତପୁ ତୀରଥ ତ୍ୟାଗୂ । ଆଜୁ ସୁଫଲ ଜପ ଜୋଗ ବିରାଗୂ ॥**
**ସଫଲ ସକଲ ସୁଭ ସାଧନ ସାଜୂ । ରାମ ତୁହ୍ମହି ଅୱଲୋକତ ଆଜୂ ॥ ୩ ॥**

"ହେ ରାମ ! ଆପଣଙ୍କର ଦର୍ଶନ ଲାଭ କରି ଆଜି ମୋର ତପସ୍ୟା, ତୀର୍ଥବାସ, ଉପାସନା ଏବଂ ତ୍ୟାଗ ସଫଳ ହୋଇଗଲା । ଆଜି ମୋର ଜପ, ଯୋଗ ଓ ବୈରାଗ୍ୟ ସଫଳ ହୋଇଗଲା ଏବଂ ଆଜିହିଁ ମୋର ସକଳ ସାଧନା ସଫଳ ହୋଇଗଲା ॥ ୩ ॥

**ଲାଭ ଅୱଧି ସୁଖ ଅୱଧି ନ ଦୂଜୀ । ତୁହ୍ମରେଁ ଦରସ ଆସ ସବ ପୂଜୀ ॥**
**ଅବ କରି କୃପା ଦେହୁ ବର ଏହୂ । ନିଜ ପଦ ସରସିଜ ସହଜ ସନେହୂ ॥ ୪ ॥**

ଲାଭର ସୀମା ଓ ଆନନ୍ଦର ସୀମା କହିଲେ ପ୍ରଭୁଙ୍କ ଦର୍ଶନ ଭିନ୍ନ ଅନ୍ୟ କିଛି ନୁହେଁ । ଆପଣଙ୍କ ଦର୍ଶନ ପାଇ ମୋର ସକଳ ଆଶା ପୂର୍ଣ୍ଣ ହୋଇଗଲା । ବର୍ତ୍ତମାନ କୃପା କରି ଏହି ବର ଦିଅନ୍ତୁ ଯେ, ଆପଣଙ୍କ ଚରଣକମଳରେ ମୋର ନିଷ୍କପଟ ପ୍ରେମ ହୋଇଯାଉ ॥ ୪ ॥

ଦୋ:- **କରମ ବଚନ ମନ ଛାଡ଼ି ଛଲୁ ଜବ ଲଗି ଜନୁ ନ ତୁହ୍ମାର ।**
**ତବ ଲଗି ସୁଖୁ ସପନେହୁଁ ନହୀଁ କିଏଁ କୋଟି ଉପଚାର ॥ ୧୦୭ ॥**

ଯେପର୍ଯ୍ୟନ୍ତ କର୍ମ, ମନ ଓ ବଚନରେ ଛଳ ଛାଡ଼ିଦେଇ ମନୁଷ୍ୟ ଆପଣଙ୍କର ଦାସ ହୋଇ ନ ଯାଇଛି, ସେପର୍ଯ୍ୟନ୍ତ କୋଟିଏ ଉପାୟ କଲେ ସୁଦ୍ଧା, ସ୍ୱପ୍ନରେ ବି ସେ ସୁଖ ପାଇପାରିବ ନାହିଁ ।" ॥ ୧୦୭ ॥

**ସୁନି ମୁନି ବଚନ ରାମୁ ସକୁଚ୍ଚାନେ । ଭାଓ୍ୱ ଭଗତି ଆନଂଦ ଅଘାନେ ॥**
**ତବ ରଘୁବର ମୁନି ସୁଜସୁ ସୁହାଓ୍ୱା । କୋଟି ଭାଁତି କହି ସବହି ସୁନାଓ୍ୱା ॥ ୧ ॥**

ମୁନିଙ୍କର ବଚନ ଶୁଣି, ତାଙ୍କର ଭାବଭକ୍ତିପୂର୍ଣ୍ଣ ଆନନ୍ଦରେ ତୃପ୍ତ ହୋଇ ଭଗବାନ୍ ଶ୍ରୀରାମ [ଲୀଳା ଦୃଷ୍ଟିରୁ] ସଂକୋଚ ବୋଧ କଲେ । [ନିଜର ଐଶ୍ୱର୍ଯ୍ୟ ଲୁଚ୍ଚାଇରଖି,] ଶ୍ରୀରାମ ଭରଦ୍ୱାଜ ମୁନିଙ୍କର ସୁନ୍ଦର ସୁଯଶ ନାନାପ୍ରକାରେ ବର୍ଣ୍ଣନା କରି ସମସ୍ତଙ୍କୁ ଶୁଣାଇଲେ ॥ ୧ ॥

**ସୋ ବଡ଼ ସୋ ସବ ଗୁନ ଗନ ଗେହୂ । ଜେହି ମୁନୀସ ତୁହ୍ମ ଆଦର ଦେହୂ ॥**
**ମୁନି ରଘୁବୀର ପରସପର ନଓ୍ୱହୀଁ । ବଚନ ଅଗୋଚର ସୁଖୁ ଅନୁଭଓ୍ୱହୀଁ ॥ ୨ ॥**

[ସେ କହିଲେ,] ''ହେ ମୁନୀଶ୍ୱର ! ଆପଣ ଯାହାଙ୍କୁ ଆଦରସମ୍ମାନ ଦିଅନ୍ତି, ସେ ହିଁ ବଡ଼ ଏବଂ ସେ ହିଁ ସର୍ବଗୁଣର ନିଧାନ ।'' ଏପରିଭାବରେ ଶ୍ରୀରାମ ଓ ଭରଦ୍ୱାଜ ମୁନି ଉଭୟେ ପରସ୍ପର ପ୍ରତି ବିନୟ ପ୍ରକାଶ କରି ଅନିର୍ବଚନୀୟ ଆନନ୍ଦ ଅନୁଭବ କଲେ ॥ ୨ ॥

**ୟହ ସୁଧି ପାଇ ପ୍ରୟାଗ ନିଓ୍ୱାସୀ । ବଟୁ ତାପସ ମୁନି ସିଦ୍ଧ ଉଦାସୀ ॥**
**ଭରଦ୍ୱାଜ ଆଶ୍ରମ ସବ ଆଏ । ଦେଖନ ଦସରଥ ସୁଅନ ସୁହାଏ ॥ ୩ ॥**

ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଆସିଥିବା ସମାଚ୍ଚର ପାଇ ପ୍ରୟାଗନିବାସୀ ବ୍ରହ୍ମଚ୍ଚରୀ, ତପସ୍ୱୀ, ମୁନି, ସିଦ୍ଧ ଓ ସନ୍ନ୍ୟାସୀ—ସମସ୍ତେ ଦଶରଥଙ୍କର ସୁନ୍ଦର ପୁତ୍ରଦ୍ୱୟଙ୍କୁ ଦର୍ଶନ କରିବା ନିମନ୍ତେ ଭରଦ୍ୱାଜଙ୍କ ଆଶ୍ରମକୁ ଚ୍ଚଲିଆସିଲେ ॥ ୩ ॥

**ରାମ ପ୍ରନାମ କୀହ୍ନ ସବ କାହୂ । ମୁଦିତ ଭଏ ଲହି ଲୋୟନ ଲାହୂ ॥**
**ଦେହିଁ ଅସୀସ ପରମ ସୁଖୁ ପାଈ । ଫିରେ ସରାହତ ସୁଂଦରତାଈ ॥ ୪ ॥**

ଶ୍ରୀରାମ ସମସ୍ତଙ୍କୁ ପ୍ରଣାମ କଲେ । ନୟନର ଲାଭ ପାଇ ସମସ୍ତେ ଆନନ୍ଦିତ ହୋଇଗଲେ ଏବଂ ପରମ ସୁଖ ଲାଭ କରି ଆଶୀର୍ବାଦ ଦେବାକୁ ଲାଗିଲେ । ଶ୍ରୀରାମଙ୍କ ସୌନ୍ଦର୍ଯ୍ୟର ପ୍ରଶଂସା କରି କରି ସେମାନେ ବିଦାୟ ନେଲେ ॥ ୪ ॥

ଦୋଃ- **ରାମ କୀହ୍ନ ବିଶ୍ରାମ ନିସି ପ୍ରାତ ପ୍ରୟାଗ ନହାଇ ।**
**ଚଲେଁ ସହିତ ସିୟ ଲଖନ ଜନ ମୁଦିତ ମୁନିହି ସିରୁ ନାଇ ॥ ୧୦୮ ॥**

ଶ୍ରୀରାମ ସେଠାରେ ରାତ୍ରିବିଶ୍ରାମ କଲେ ଏବଂ ପ୍ରାତଃକାଳରେ ପ୍ରୟାଗରେ ସ୍ନାନ କରି ପ୍ରସନ୍ନ ମନରେ ମୁନିଙ୍କୁ ପ୍ରଣାମ କରିବା ପରେ ସୀତା, ଲକ୍ଷ୍ମଣ ଓ ସେବକ (ନିଷାଦରାଜ) ସହିତ ସେଠାରୁ ବିଦାୟ ନେଲେ ॥ ୧୦୮ ॥

**ରାମ ସପ୍ରେମ କହେଉ ମୁନି ପାହୀଁ । ନାଥ କହିଅ ହମ କେହି ମଗ ଜାହୀଁ ॥**
**ମୁନି ମନ ବିହସି ରାମ ସନ କହହୀଁ । ସୁଗମ ସକଲ ମଗ ତୁହ୍ମ କହୁଁ ଅହହୀଁ ॥ ୧ ॥**

ଯିବା ସମୟରେ ବଡ଼ ପ୍ରେମର ସହିତ ସେ ମୁନିଙ୍କୁ କହିଲେ, ''ହେ ନାଥ ! ଆମେ କେଉଁ ମାର୍ଗରେ ଯିବୁ, ଦୟା କରି କହିଦିଅନ୍ତୁ ।'' ମୁନି ମନେ ମନେ ହସି ଶ୍ରୀରାମଙ୍କୁ କହିଲେ, ''ଆପଣଙ୍କ ନିମନ୍ତେ ତ ସମସ୍ତ ମାର୍ଗ ସୁଗମ ।'' ॥ ୧ ॥

**ସାଥ ଲାଗି ମୁନି ସିଷ୍ୟ ବୋଲାଏ । ସୁନି ମନ ମୁଦିତ ପଚ୍ଚସକ ଆଏ ॥**
**ସବହ୍ନି ରାମ ପର ପ୍ରେମ ଅପାରା । ସକଲ କହହିଁ ମଗୁ ଦୀଖ ହମାରା ॥ ୨ ॥**

ତଥାପି ତାଙ୍କ ସାଥିରେ ଯିବାପାଇଁ ମୁନି ନିଜ ଶିଷ୍ୟମାନଙ୍କୁ ଡାକିଲେ । ଶ୍ରୀରାମଙ୍କ ସାଥିରେ ଯିବାକଥା

ଶୁଣିବାମାତ୍ରେ ଆନନ୍ଦିତ ହୋଇ ପ୍ରାୟ ପଚାଶଜଣ ଶିଷ୍ୟ ଚାଲିଆସିଲେ । ଶ୍ରୀରାମଙ୍କ ପ୍ରତି ସମସ୍ତଙ୍କର ଅପାର ପ୍ରେମ ଥିଲା । ସମସ୍ତେ କହିଲେ, 'ହଁ, ଆମେ ବାଟ ଦେଖିଛୁ ।' ॥ ୨ ॥

**ମୁନି ବଟୁ ଚାରି ସଂଗ ତବ ଦୀନ୍ହେ । ଜିନ୍ହ ବହୁ ଜନମ ସୁକୃତ ସବ କୀନ୍ହେ ॥**
**କରି ପ୍ରନାମୁ ରିଷି ଆୟସୁ ପାଈ । ପ୍ରମୁଦିତ ହୃଦୟଁ ଚଲେ ରଘୁରାଈ ॥ ୩ ॥**

ଭରଦ୍ୱାଜ ସେମାନଙ୍କ ମଧ୍ୟରୁ ଚାରିଜଣ ବ୍ରହ୍ମଚାରୀଙ୍କୁ ଶ୍ରୀରାମଙ୍କ ସାଥିରେ ପଠାଇଲେ । ସେମାନେ ସତରେ ବହୁଜନ୍ମ ଧରି ପୁଣ୍ୟ ଅର୍ଜନ କରିଥିଲେ ! ମୁନିଙ୍କୁ ପ୍ରଣାମ କରି ଏବଂ ତାଙ୍କର ଆଜ୍ଞା ନେଇ ଶ୍ରୀରଘୁନାଥ ଆନନ୍ଦ ମନରେ ଆଗକୁ ଚାଲିଲେ ॥ ୩ ॥

**ଗ୍ରାମ ନିକଟ ଜବ ନିକସହିଁ ଜାଈ । ଦେଖହିଁ ଦରସୁ ନାରି ନର ଧାଈ ॥**
**ହୋହିଁ ସନାଥ ଜନମ ଫଲୁ ପାଈ । ଫିରହିଁ ଦୁଖିତ ମନୁ ସଂଗ ପଠାଈ ॥ ୪ ॥**

ବାଟରେ ସେମାନେ ଯେତେବେଳେ କୌଣସି ଗାଆଁପାଖଦେଇ ଯାଉଥିଲେ ସେତେବେଳେ ସେହି ଗାଆଁର ନରନାରୀ ଧାଇଁଆସି ସେମାନଙ୍କର ଅପୂର୍ବ ଶୋଭା ଦର୍ଶନ କରୁଥିଲେ ଏବଂ ତଦ୍ଦ୍ୱାରା ମନୁଷ୍ୟଜନ୍ମ ସାର୍ଥକ କରି ସନାଥ ହୋଇଯାଉଥିଲେ । ମନକୁ ନାଥଙ୍କ ସହିତ ପଠାଇଦେଇ [ନିଜେ ତାଙ୍କ ସହିତ ଯାଇ ନ ପାରିବାରୁ] ସେମାନେ ଦୁଃଖରେ ଫେରିଆସୁଥିଲେ ॥ ୪ ॥

ଦୋଃ- **ବିଦା କିଏ ବଟୁ ବିନୟ କରି ଫିରେ ପାଇ ମନ କାମ ।**
**ଉତରି ନହାଏ ଜମୁନ ଜଲ ଜୋ ସରୀର ସମ ସ୍ୟାମ ॥ ୧୦୯ ॥**

କିଛି ବାଟ ଗଲା ପରେ ଶ୍ରୀରାମ ବିନୟସହକାରେ ଚାରି ବ୍ରହ୍ମଚାରୀଙ୍କୁ ବିଦାୟ ଦେଲେ । ସେମାନେ ନିଜ ନିଜର ମନୋବାଞ୍ଛିତ ପଦାର୍ଥ (ଅନନ୍ୟଭକ୍ତି) ପାଇ ଫେରିଆସିଲେ । ତା'ପରେ ଯମୁନାନଦୀ ପାର ହୋଇସାରି ସମସ୍ତେ ଯମୁନା ଜଳରେ ସ୍ନାନ କଲେ । ସେହି ଜଳ ଶ୍ରୀରାମଙ୍କ ଶରୀରସମାନ ଶ୍ୟାମଳ ହୋଇଥିଲା ॥ ୧୦୯ ॥

**ସୁନତ ତୀରବାସୀ ନର ନାରୀ । ଧାଏ ନିଜ ନିଜ କାଜ ବିସାରୀ ॥**
**ଲଖନ ରାମ ସିୟ ସୁଂଦରତାଈ । ଦେଖି କରହିଁ ନିଜ ଭାଗ୍ୟ ବଡ଼ାଈ ॥ ୧ ॥**

ଯମୁନାକୂଳରେ ନିବାସ କରୁଥିବା ଲୋକମାନେ [ନିଷାଦ ସହିତ ଦୁଇଜଣ ସୁନ୍ଦର ସୁକୁମାର ନବଯୁବକ ଓ ଜଣେ ପରମସୁନ୍ଦରୀ ସ୍ତ୍ରୀ ଆସିଛନ୍ତି ଶୁଣି] ସେମାନଙ୍କୁ ଦେଖିବା ନିମନ୍ତେ ନିଜ ନିଜର କାମଧନ୍ଦା ଛାଡ଼ି ଧାଇଁଆସିଲେ ଏବଂ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ସୌନ୍ଦର୍ଯ୍ୟ ଦେଖି ନିଜ ନିଜ ଭାଗ୍ୟର ପ୍ରଶଂସା କରିବାକୁ ଲାଗିଲେ ॥ ୧ ॥

**ଅତି ଲାଲସା ବସହିଁ ମନ ମାହୀଁ । ନାଉଁ ଗାଉଁ ବୂଝତ ସକୁଚାହୀଁ ॥**
**ଜେ ତିନ୍ହ ମହୁଁ ବୟବିରିଧ ସୟାନେ । ତିନ୍ହ କରି ଜୁଗୁତି ରାମୁ ପହିଚାନେ ॥ ୨ ॥**

[ଏମାନଙ୍କର ପରିଚୟ ଜାଣିବା ନିମନ୍ତେ] ସେମାନଙ୍କ ମନରେ ବିଶେଷ ଲାଳସା ଜାଗ୍ରତ ହେଲା; କିନ୍ତୁ ନାଆଁଗାଆଁ ପଚାରିବାକୁ ସେମାନେ ସଂକୋଚ ବୋଧ କଲେ । ତଥାପି ସେମାନଙ୍କ ଭିତରୁ ବୟୋବୃଦ୍ଧ ଓ ଚତୁର ବ୍ୟକ୍ତିମାନେ ନିଜ ବୁଦ୍ଧିବଳରେ ଶ୍ରୀରାମଙ୍କୁ ଚିହ୍ନିପାରିଲେ ॥ ୨ ॥

**ସକଲ କଥା ତିନ୍ହ ସବହି ସୁନାଈ । ବନହି ଚଲେ ପିତୁ ଆୟସୁ ପାଈ ॥**
**ସୁନି ସବିଷାଦ ସକଲ ପଛିତାହୀଁ । ରାନୀ ରାୟଁ କୀନ୍ହ ଭଲ ନାହୀଁ ॥ ୩ ॥**

ସବୁକଥା ବର୍ଣ୍ଣନା କରି ସେମାନେ ଲୋକମାନଙ୍କୁ କହିଲେ, ''ପିତୃଆଜ୍ଞା ପାଳନ କରି ଏମାନେ ବନକୁ

ଆସିଛନ୍ତି ।'' ଏହା ଶୁଣି ସମସ୍ତେ ଦୁଃଖିତ ହେଲେ ଏବଂ ନିଜ ନିଜର ମତ ପ୍ରକାଶ କରି କହିଲେ, ''ପ୍ରକୃତରେ ରାଜା-ରାଣୀ କିଛି ଭଲ କଲେ ନାହିଁ ।'' ॥ ୩ ॥

**ତେହି ଅୱସର ଏକ ତାପସୁ ଆୱା । ତେଜପୁଂଜ ଲଘୁବୟସ ସୁହାୱା ॥**
**କବି ଅଲଖିତ ଗତି ବେଷୁ ବିରାଗୀ । ମନ କ୍ରମ ବଚନ ରାମ ଅନୁରାଗୀ ॥ ୪ ॥**

ସେତିକିବେଳେ ଜଣେ ତପସ୍ୱୀ ଆସି ସେଠାରେ ପହଞ୍ଚିଲେ । ବୟସ ଅଳ୍ପ, କିନ୍ତୁ ବଡ଼ ତେଜୀୟାନ୍ ଓ ଦେଖିବାକୁ ସୁନ୍ଦର । ତାହାଙ୍କ ଗତି କବି ଜାଣନ୍ତି ନାହିଁ [ଅଥବା ସେ ନିଜେ କବି ଥିଲେ, ଯେ କି ନିଜର ପରିଚୟ ଦେବାକୁ ଚାହାଁନ୍ତି ନାହିଁ] । ସେ ବୈରାଗୀବେଶ ଧରିଥିଲେ ଏବଂ ମନ, ବଚନ ଓ କର୍ମରେ ଶ୍ରୀରାମଙ୍କର ପ୍ରେମୀ ଥିଲେ ॥ ୪ ॥

*(ଏହି ତେଜୀୟାନ୍ ତପସ୍ୱୀଙ୍କ ପ୍ରସଙ୍ଗକୁ କେତେକ ଟୀକାକାର କ୍ଷେପକ ବୋଲି କହନ୍ତି । କେତେକ ଲୋକଙ୍କ ମତରେ, ଏହା ଅପ୍ରାସଙ୍ଗିକ ଏବଂ ପରବର୍ତ୍ତୀକାଳରେ ଯୋଡ଼ାଯାଇଛି । କିନ୍ତୁ ସବୁ ପ୍ରାଚୀନ ମୂଳପାଠରେ ଏହା ଦେଖିବାକୁ ମିଳେ । ଗୋସ୍ୱାମୀ ତୁଳସୀଦାସ ଅଲୌକିକ ଅନୁଭବୀ ମହାପୁରୁଷ ଥିଲେ । ସେ ଏହି ପ୍ରସଙ୍ଗଟି ଏଠାରେ ରଖିବାର ରହସ୍ୟ କ'ଣ, ଯଦ୍ୟପି ତାହା ଜଣାପଡୁନାହିଁ, ତଥାପି ଏହା କ୍ଷେପକ ନୁହେଁ । ଏହି ତପସ୍ୱୀଙ୍କୁ ଯେତେବେଳେ 'କବି ଅଲଖିତ ଗତି' ବୋଲି କୁହାଯାଇଛି, ଏ ବିଷୟରେ ନିଶ୍ଚୟ କରି କିଏ ବା କ'ଣ କହିବ ! ମୋ ବୁଝିବାରେ ଏହି ତପସ୍ୱୀ ଶ୍ରୀହନୁମାନ୍ ହୋଇପାରନ୍ତି କିମ୍ବା ଧ୍ୟାନସ୍ଥ ତୁଳସୀଦାସ ହୋଇପାରନ୍ତି ।—**ଟୀକାକାର**)*

ଦୋଃ- **ସଜଲ ନୟନ ତନ ପୁଲକି ନିଜ ଇଷ୍ଟଦେଉ ପହିଚାନି ।**
**ପରେଉ ଦଂଡ ଜିମି ଧରନିତଲ ଦସା ନ ଜାଇ ବଖାନି ॥ ୧୧୦ ॥**

ନିଜର ଇଷ୍ଟଦେବଙ୍କୁ ଚିହ୍ନିପାରି ତାଙ୍କ ନେତ୍ର ଅଶ୍ରୁରେ ପୂର୍ଣ୍ଣ ହୋଇଗଲା ଏବଂ ଶରୀର ପୁଲକିତ ହୋଇଗଲା । ସେ ଦଣ୍ଡ ପରି ଲମ୍ବ ହୋଇ ତଳେ ପଡ଼ିଗଲେ । ତାଙ୍କର [ପ୍ରେମବିହ୍ୱଳ] ଅବସ୍ଥା ଅବର୍ଣ୍ଣନୀୟ ॥ ୧୧୦ ॥

**ରାମ ସପ୍ରେମ ପୁଲକି ଉର ଲାୱା । ପରମ ରଂକ ଜନୁ ପାରସୁ ପାୱା ॥**
**ମନହୁଁ ପ୍ରେମୁ ପରମାରଥୁ ଦୋଉ । ମିଲତ ଧରେଁ ତନ କହ ସବୁ କୋଉ ॥ ୧ ॥**

ଶ୍ରୀରାମ ପୁଲକିତ ହୋଇ ତାଙ୍କୁ ପ୍ରେମପୂର୍ବକ ହୃଦୟରେ ଜାବୋଡ଼ିଧରିଲେ । ପରଶମଣି ପାଇ ମହାଦରିଦ୍ର ଯେପରି ଆନନ୍ଦିତ ହୋଇଯାଏ, ସେହି ତପସ୍ୱୀ ସେହିପରି ଆନନ୍ଦିତ ହୋଇଗଲେ । ସମସ୍ତେ କହିବାକୁ ଲାଗିଲେ, ''ଆହା ! ପ୍ରେମ ଓ ପରମାର୍ଥ (ପରମତତ୍ତ୍ୱ) ଉଭୟେ ଶରୀର ଧାରଣ କରି ଏକତ୍ର ହୋଇଗଲେ କି !'' ॥ ୧ ॥

**ବହୁରି ଲଖନ ପାୟନ୍ହ ସୋଇ ଲାଗା । ଲୀନ୍ହ ଉଠାଇ ଉମଗି ଅନୁରାଗା ॥**
**ପୁନି ସିୟ ଚରନ ଧୂରି ଧରି ସୀସା । ଜନନି ଜାନି ସିସୁ ଦୀନ୍ହି ଅସୀସା ॥ ୨ ॥**

ତା'ପରେ ସେହି ତପସ୍ୱୀ ଲକ୍ଷ୍ମଣଙ୍କ ଚରଣରେ ପ୍ରଣାମ କଲେ । ଲକ୍ଷ୍ମଣ ପ୍ରେମରେ ଉଲ୍ଲସିତ ହୋଇ ତାଙ୍କୁ ଉଠାଇନେଲେ । ତା'ପରେ ତପସ୍ୱୀ ନିଜ ମସ୍ତକରେ ସୀତାଙ୍କ ପଦରଜ ଧାରଣ କଲେ । ମାତା ସୀତା ମଧ୍ୟ ତାହାଙ୍କୁ ନିଜ ଶିଶୁପୁତ୍ର ମନେକରି ଆଶୀର୍ବାଦ ଦେଲେ ॥ ୨ ॥

**କୀନ୍ହ ନିଷାଦ ଦଂଡୱତ ତେହୀ । ମିଲେଉ ମୁଦିତ ଲଖି ରାମ ସନେହୀ ॥**
**ପିଅତ ନୟନ ପୁଟ ରୂପୁ ପିୟୂଷା । ମୁଦିତ ସୁଅସନୁ ପାଇ ଜିମି ଭୂଖା ॥ ୩ ॥**

ଏହାପରେ ନିଷାଦରାଜ ତାଙ୍କୁ ଦଣ୍ଡବତ କଲେ । ତାଙ୍କୁ ଶ୍ରୀରାମପ୍ରେମୀ ଜାଣି ସେ ନିଷାଦରାଜଙ୍କ ସହିତ ଆନନ୍ଦରେ ମିଳିତ ହେଲେ । ସେହି ତପସ୍ୱୀ ନିଜ ନୟନପୁଟରେ ଶ୍ରୀରାମଙ୍କ ସୌନ୍ଦର୍ଯ୍ୟସୁଧା ପାନ କରିବାକୁ ଲାଗିଲେ ଏବଂ କ୍ଷୁଧାର୍ତ୍ତ ମଣିଷ ସୁନ୍ଦର ଭୋଜନ ପାଇ ଆନନ୍ଦିତ ହେବାପରି ଅତ୍ୟନ୍ତ ଆନନ୍ଦିତ ହୋଇଗଲେ ॥ ୩ ॥

ତେ ପିତୁ ମାତୁ କହହୁ ସଖି କୈସେ । ଜିହ୍ନ ପଠଏ ବନ ବାଲକ ଐସେ ॥
ରାମ ଲଖନ ସିୟ ରୂପୁ ନିହାରୀ । ହୋହିଁ ସନେହ ବିକଲ ନର ନାରୀ ॥ ୪ ॥

[ଏଣେ ଗାଆଁର ନାରୀମାନେ କହୁଥାନ୍ତି,] ''ହେ ସଖୀ ! ଯେଉଁ ବାପମାଆ ଏଭଳି [ସୁନ୍ଦର ସୁକୁମାର] କୁମାରମାନଙ୍କୁ ବଣକୁ ପଠେଇଦେଲେ, ସେମାନେ କେମିତିକା ବାପମାଆ, କହ ତ !'' ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ରୂପ ଦେଖି ସବୁ ନରନାରୀ ଏହିପରି ସ୍ନେହରେ ବ୍ୟାକୁଳ ହେଉଥାନ୍ତି ॥ ୪ ॥

ଦୋ:- ତବ ରଘୁବୀର ଅନେକ ବିଧି ସଖହି ସିଖାୱନୁ ଦୀହ୍ନ ।
ରାମ ରଜାୟସୁ ସୀସ ଧରି ଭୱନ ଗୱନୁ ତେଇଁ କୀହ୍ନ ॥ ୧୧୧ ॥

କିଛି ସମୟପରେ ଶ୍ରୀରାମ ସଖା ନିଷାଦରାଜଙ୍କୁ ଘରକୁ ଫେରିବାନିମନ୍ତେ ଅନେକପ୍ରକାରେ ବୁଝାଇଲେ । ଶ୍ରୀରାମଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ସେ ନିଜ ଘରକୁ ଫେରିଗଲେ ॥ ୧୧୧ ॥

ପୁନି ସିୟଁ ରାମ ଲଖନ କର ଜୋରୀ । ଜମୁନହି କୀହ୍ନ ପ୍ରନାମୁ ବହୋରୀ ॥
ଚଲେ ସସୀୟ ମୁଦିତ ଦୋଉ ଭାଈ । ରବିତନୁଜା କଇ କରତ ବଡ଼ାଈ ॥ ୧ ॥

ସୀତା, ଶ୍ରୀରାମ ଓ ଲକ୍ଷ୍ମଣ କର ଯୋଡ଼ି ଯମୁନାଙ୍କୁ ପୁନର୍ବାର ପ୍ରଣାମ କଲେ ଏବଂ ସୂର୍ଯ୍ୟସୁତା ଯମୁନାଙ୍କୁ ପ୍ରଶଂସା କରି କରି ସୀତାଙ୍କ ସହିତ ଦୁଇଭାଇ ଆନନ୍ଦମନରେ ଆଗକୁ ଚାଲିଲେ ॥ ୧ ॥

ପଥିକ ଅନେକ ମିଲହିଁ ମଗ ଜାତା । କହହିଁ ସପ୍ରେମ ଦେଖି ଦୋଉ ଭ୍ରାତା ॥
ରାଜ ଲଖନ ସବ ଅଂଗ ତୁହ୍ମାରେଂ । ଦେଖି ସୋଚୁ ଅତି ହୃଦୟ ହମାରେଂ ॥ ୨ ॥

ବାଟରେ ଅନେକ ଯାତ୍ରୀଙ୍କ ସହିତ ଦେଖା ହୁଏ । ଏହି ଦୁଇଭାଇଙ୍କୁ ଦେଖି ସେମାନେ ପ୍ରେମପୂର୍ବକ କହୁଥାନ୍ତି, ''ଆପଣମାନଙ୍କ ଦେହରେ ରାଜଲକ୍ଷଣ ଦେଖି ଆମେ ଅତି ଚିନ୍ତାରେ ପଡ଼ିଯାଉଛୁ ॥ ୨ ॥

ମାରଗ ଚଲହୁ ପୟାଦେହି ପାଏଁ । ଜ୍ୟୋତିଷୁ ଝୂଠ ହମାରେଂ ଭାଏଁ ॥
ଅଗମୁ ପଂଥୁ ଗିରି କାନନ ଭାରୀ । ତେହି ମହଁ ସାଥ ନାରି ସୁକୁମାରୀ ॥ ୩ ॥

ଏପରି ରାଜଲକ୍ଷଣ ଥାଇ ମଧ୍ୟ ଆପଣମାନେ ପାଦରେ ଚାଲିଛନ୍ତି ! ଏଥିରୁ ଆମକୁ ଲାଗୁଛି, ଜ୍ୟୋତିଷଶାସ୍ତ୍ର ମିଛ । ଘନଅରଣ୍ୟ; ଦୁର୍ଗମ ଗିରିପଥ; ସେଥିରେ ପୁଣି ସାଥିରେ ସୁକୁମାରୀ ସ୍ତ୍ରୀ ! ॥ ୩ ॥

କରି କେହରି ବନ ଜାଇ ନ ଜୋଈ । ହମ ସଁଗ ଚଲହିଁ ଜୋ ଆୟସୁ ହୋଈ ॥
ଜାବ ଜହାଁ ଲଗି ତହଁ ପହୁଁଚାଈ । ଫିରବ ବହୋରି ତୁହ୍ମହି ସିରୁ ନାଈ ॥ ୪ ॥

ହସ୍ତୀ ଓ ସିଂହସଂକୁଳ ଏହି ଭୟାନକ ବନକୁ ଚାହିଁ ହେଉନାହିଁ । ଯଦି ଆଜ୍ଞା ହେବ, ଆମେ ବି ସାଥିରେ ଚାଲିବୁ; ଯେଉଁଠିକି ଯାଉଛନ୍ତି, ସେଇଠି ପହଞ୍ଚାଇଦେଇ, ଆପଣମାନଙ୍କୁ ପ୍ରଣାମ କରି ଫେରିଆସିବୁ ।'' ॥ ୪ ॥

ଦୋ:- ଏହି ବିଧି ପୂଁଛହିଁ ପ୍ରେମ ବସ ପୁଲକ ଗାତ ଜଲୁ ନୈନ ।
କୃପାସିଂଧୁ ଫେରହିଁ ତିହ୍ନହି କହି ବିନୀତ ମୃଦୁ ବୈନ ॥ ୧୧୨ ॥

ସେହି ଯାତ୍ରୀମାନେ ପ୍ରେମରେ ପୁଲକିତ ହୋଇ, ସଜଳ ନୟନରେ ଏପରି ପଚାରୁଥାନ୍ତି; କିନ୍ତୁ କୃପାସାଗର ଶ୍ରୀରାମ କୋମଳବିନୟ ବଚନ କହି, ସେମାନଙ୍କୁ ମନା କରି ଫେରାଇଦେଉଥାନ୍ତି ॥ ୧୧୨ ॥

**ଜେ ପୁର ଗାଁଓ୍ୱ ବସହିଁ ମଗ ମାହୀଁ । ତିହ୍ନହି ନାଗ ସୁର ନଗର ସିହାହୀଁ ॥**
**କେହି ସୁକୃତୀଁ କେହି ଘରୀଁ ବସାଏ । ଧନ୍ୟ ପୁନ୍ୟମୟ୍ ପରମ ସୁହାଏ ॥ ୧ ॥**

ଶ୍ରୀରାମ ଗ୍ଲୁଲିଥିବା ପଥପାର୍ଶ୍ୱରେ ଯେଉଁସବୁ ଗ୍ରାମ ଓ ପଲ୍ଲୀ ପଡ଼ିଲା ସେସବୁକୁ ଦେଖି ମନେହେଲା, ନାଗ ଓ ଦେବତାମାନଙ୍କର ନଗରମାନେ ସେସବୁକୁ ପ୍ରଶଂସା କଲେ କିନ୍ତୁ ଈର୍ଷାରେ କହିବାକୁ ଲାଗିଲେ, ‘‘କେଉଁ ପୁଣ୍ୟବାନ୍ ପୁରୁଷ କେଉଁ ଶୁଭମୁହୂର୍ତ୍ତରେ ଏ ଗ୍ରାମସବୁ ବସାଇଥିଲେ ଯେ, ଆଜି ଏଗୁଡ଼ିକ ଏପରି ଧନ୍ୟ, ପୁଣ୍ୟମୟ ଓ ପରମସୁନ୍ଦର ହୋଇପାରିଲେ !’’ ॥ ୧ ॥

**ଜହଁ ଜହଁ ରାମ ଚରନ ଚଲି ଜାହୀଁ । ତିହ୍ନ ସମାନ ଅମରାଓ୍ୱତି ନାହୀଁ ॥**
**ପୁନ୍ୟପୁଂଜ ମଗ ନିକଟ ନିଓ୍ୱାସୀ । ତିହ୍ନହି ସରାହହିଁ ସୁରପୁରବାସୀ ॥ ୨ ॥**

ଶ୍ରୀରାମଙ୍କ ଚରଣଦ୍ୱୟ ଯେଉଁ ଯେଉଁ ପଥଦେଇ ଗ୍ଲୁଲିଯାଉଥାନ୍ତି, ସେସବୁ ସ୍ଥାନ ସହିତ ଇନ୍ଦ୍ରପୁରୀ ଅମରାବତୀ ମଧ୍ୟ ସମାନ ହେବ ନାହିଁ । ପଥପାର୍ଶ୍ୱରେ ବାସ କରୁଥିବା ଲୋକମାନେ ସତରେ ବଡ଼ ପୁଣ୍ୟାତ୍ମା ଥିଲେ । ସ୍ୱର୍ଗବାସୀ ଦେବତାମାନେ ମଧ୍ୟ ସେମାନଙ୍କୁ ପ୍ରଶଂସା କରୁଥାନ୍ତି ॥ ୨॥

**ଜେ ଭରି ନୟନ ବିଲୋକହିଁ ରାମହି । ସୀତା ଲଖନ ସହିତ ଘନସ୍ୟାମହି ॥**
**ଜେ ସର ସରିତ ରାମ ଅଓ୍ୱଗାହହିଁ । ତିହ୍ନହି ଦେଓ୍ୱ ସର ସରିତ ସରାହହିଁ ॥ ୩ ॥**

ଯେଉଁମାନେ ନୟନ ଭରି ସୀତା ଓ ଲକ୍ଷ୍ମଣଙ୍କ ସମେତ ଘନଶ୍ୟାମ ଶ୍ରୀରାମଙ୍କ ଦର୍ଶନ ପାଉଥାନ୍ତି, ସେମାନଙ୍କୁ ଦେବତାମାନେ ପ୍ରଶଂସା କରୁଥାନ୍ତି ଏବଂ ଯେଉଁ ନଦୀ ଓ ସରୋବରମାନଙ୍କରେ ଶ୍ରୀରାମ ସ୍ନାନ କରୁଥାନ୍ତି, ସେଗୁଡ଼ିକୁ ଦେବନଦୀ ଓ ଦେବସରୋବରମାନେ ପ୍ରଶଂସା କରୁଥାନ୍ତି ॥ ୩ ॥

**ଜେହି ତରୁ ତର ପ୍ରଭୁ ବୈଠହିଁ ଜାଈ । କରହିଁ କଲପତରୁ ତାସୁ ବଡ଼ାଈ ॥**
**ପରସି ରାମ ପଦ ପଦୁମ ପରାଗା । ମାନତି ଭୂମି ଭୂରି ନିଜ ଭାଗା ॥ ୪ ॥**

ଯେଉଁ ବୃକ୍ଷତଳେ ପ୍ରଭୁ ବସୁଥାନ୍ତି, କଳ୍ପବୃକ୍ଷ ମଧ୍ୟ ତା'ର ପ୍ରଶଂସା କରୁଥାଏ । ଶ୍ରୀରାମଙ୍କ ଚରଣକମଳ-ରଜର ସ୍ପର୍ଶ ପାଇ ପୃଥିବୀ ନିଜକୁ ଅତି ଭାଗ୍ୟବତୀ ମନେକରୁଥାଏ ॥ ୪ ॥

ଦୋ:- **ଛାଁହ କରହିଁ ଘନ ବିବୁଧଗନ ବରଷହିଁ ସୁମନ ସିହାହିଁ ।**
**ଦେଖତ ଗିରି ବନ ବିହଗ ମୃଗ ରାମୁ ଚଲେ ମଗ ଜାହିଁ ॥ ୧୧୩ ॥**

ବାଟସାରା ମେଘମାନେ ଛାୟା ଦେଉଥାନ୍ତି ଏବଂ ଦେବତାମାନେ ପୁଷ୍ପବୃଷ୍ଟି କରି ମୁଗ୍ଧ ହେଉଥାନ୍ତି । ବାଟରେ ପର୍ବତ, ବନ ଓ ବନ୍ୟପଶୁପକ୍ଷୀଙ୍କୁ ଦେଖି ଦେଖି ଶ୍ରୀରାମ ଆଗକୁ ଗ୍ଲୁଲିଥାନ୍ତି ॥ ୧୧୩ ॥

**ସୀତା ଲଖନ ସହିତ ରଘୁରାଈ । ଗାଁଓ୍ୱ ନିକଟ ଜବ ନିକସହିଁ ଜାଈ ॥**
**ସୁନି ସବ ବାଲ ବୃଦ୍ଧ ନର ନାରୀ । ଚଲହିଁ ତୁରତ ଗୃହ କାଜୁ ବିସାରୀ ॥ ୧ ॥**

ସୀତା ଓ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମ ଯେତେବେଳେ କୌଣସି ଗ୍ରାମ ନିକଟରେ ପହଞ୍ଚୁଥାନ୍ତି, ସେମାନଙ୍କ ଆଗମନ-ବାର୍ତ୍ତା ଶୁଣିବାମାତ୍ରେ ସେଠାକାର ଆବାଳବୃଦ୍ଧବନିତା ନିଜ ନିଜ କାମଧନ୍ଦା ଛାଡ଼ି ସେମାନଙ୍କୁ ଦେଖିବାକୁ ଧାଇଁଆସୁଥାନ୍ତି ॥ ୧ ॥

**ରାମ ଲଖନ ସିୟ ରୂପ ନିହାରୀ । ପାଇ ନୟନ ଫଲୁ ହୋହିଁ ସୁଖାରୀ ॥**
**ସଜଲ ବିଲୋଚନ ପୁଲକ ସରୀରା । ସବ ଭଏ ମଗନ ଦେଖି ଦୋଉ ବୀରା ॥ ୨ ॥**

ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଦର୍ଶନ କରି, ସେମାନେ ନୟନ ସାର୍ଥକ ହେଲା ବୋଲି ଖୁସୀ ହେଉଥାନ୍ତି । ଦୁଇବୀରଭାଇଙ୍କୁ ଦେଖି ସମସ୍ତେ ପ୍ରେମାନନ୍ଦରେ ବୁଡ଼ିଯାଉଥାନ୍ତି । ସେମାନଙ୍କ ନେତ୍ର ଅଶ୍ରୁଜଳରେ ଭରିଯାଉଥାଏ ଓ ଶରୀରରେ ଶିହରଣ ଖେଳିଯାଉଥାଏ ॥ ୨ ॥

**ବରନି ନ ଜାଇ ଦସା ତିହ୍ନ କେରୀ । ଲହି ଜନୁ ରଂକହ୍ନ ସୁରମନି ଢେରୀ ॥**
**ଏକହ୍ନ ଏକ ବୋଲି ସିଖ ଦେହୀଁ । ଲୋଚନ ଲାହୁ ଲେହୁ ଛନ ଏହୀଁ ॥ ୩ ॥**

ସେମାନଙ୍କ ଅବସ୍ଥା ବର୍ଣ୍ଣନା କରିବା ଅସମ୍ଭବ; ଦେଖି ମନେହେଉଥିଲା, ସତେ ଯେପରି ଦରିଦ୍ରମାନେ ପୁଳାଏ ଚିନ୍ତାମଣି ପାଇଯାଇଛନ୍ତି । ସେମାନେ ଏକ ଆରେକକୁ ଡାକି କହୁଥାନ୍ତି, ''ଏତିକିବେଳେ ନେତ୍ର ମିଳିବାର ପରମ ଲାଭ ଉଠାଇନିଅ ।'' ॥ ୩ ॥

**ରାମହି ଦେଖି ଏକ ଅନୁରାଗେ । ଚିତଓ୍ୱତ ଚଲେ ଜାହିଁ ସଁଗ ଲାଗେ ॥**
**ଏକ ନୟନ ମଗ ଛବି ଉର ଆନୀ । ହୋହିଁ ସିଥିଲ ତନ ମନ ବର ବାନୀ ॥ ୪ ॥**

କେହି କେହି ଶ୍ରୀରାମଙ୍କୁ ଦେଖି ଏପରି ଅନୁରକ୍ତ ହୋଇଯାଉଥାନ୍ତି ଯେ, ତାଙ୍କୁ ଚ୍ହିଁ ଚ୍ହିଁ [ଦେହଜ୍ଞାନ ଭୁଲି] ତାଙ୍କ ସଙ୍ଗରେ ଚ୍ଳିଯାଉଥାନ୍ତି । କେହି କେହି ଶ୍ରୀରାମଙ୍କ ଛବିକୁ ନେତ୍ରପଥ ମାଧ୍ୟମରେ ହୃଦୟକୁ ଆଣିବା ଯୋଗୁଁ ତାଙ୍କର ଶରୀର, ମନ ଓ ବାଣୀ ଶିଥିଳ ହୋଇଯାଉଥାଏ (ଅର୍ଥାତ୍ ଶରୀର, ମନ ଓ ବାଣୀର କ୍ରିୟା ବନ୍ଦ ହୋଇଯାଉଥାଏ) ॥ ୪ ॥

ଦୋ:- **ଏକ ଦେଖି ବଟ ଛାଁହ ଭଲି ଡାସି ମୃଦୁଲ ତୃନ ପାତ ।**
**କହହିଁ ଗଓ୍ୱାଁଇଅ ଛିନୁକୁ ଶ୍ରମୁ ଗଓ୍ୱନବ ଅବହିଁ କି ପ୍ରାତ ॥ ୧୧୪ ॥**

କେହି କେହି ବରଗଛର ସୁନ୍ଦର ଛାଇ ଦେଖି, ସେଠାରେ କୋମଳ ଘାସ ଓ ପତ୍ର ବିଛାଇ [ଶ୍ରୀରାମଙ୍କୁ] କହୁଥାନ୍ତି, ''ଏଠାରେ ଟିକିଏ ବସିପଡ଼ି ପଥକ୍ଲାନ୍ତି ଦୂର କରନ୍ତୁ; ଇଚ୍ଛା ହେଲେ ଟିକିଏ ପରେ ଚ୍ଳିଯିବେ, ନଚେତ୍ କାଲି ସକାଳେ ଯିବେ ।'' ॥ ୧୧୪ ॥

**ଏକ କଲସ ଭରି ଆନହିଁ ପାନୀ । ଅଁଚଇଅ ନାଥ କହହିଁ ମୃଦୁ ବାନୀ ॥**
**ସୁନି ପ୍ରିୟ ବଚନ ପ୍ରୀତି ଅତି ଦେଖୀ । ରାମ କୃପାଲ ସୁସୀଲ ବିସେଷୀ ॥ ୧ ॥**
**ଜାନୀ ଶ୍ରମିତ ସୀୟ ମନ ମାହୀଁ । ଘରିକ ବିଲଂବୁ କୀହ୍ନ ବଟ ଛାହୀଁ ॥**
**ମୁଦିତ ନାରି ନର ଦେଖହିଁ ସୋଭା । ରୂପ ଅନୂପ ନୟନ ମନୁ ଲୋଭା ॥ ୨ ॥**

କେହି କେହି କଳସରେ ପାଣି ଆଣି ମଧୁରକଣ୍ଠରେ କହୁଥାନ୍ତି, ''ହେ ନାଥ ! ପାଣିମୁନ୍ଦିଏ ପିଅନ୍ତୁ !'' ସେମାନଙ୍କ ସ୍ନେହଭରା ବଚନ ଶୁଣି ଏବଂ ଅତ୍ୟନ୍ତ ଶ୍ରଦ୍ଧା ଦେଖି, ପରମସୁଶୀଳ ଦୟାଳୁ ଶ୍ରୀରାମ ସୀତା କ୍ଲାନ୍ତ ହୋଇଯିବେଣି ଭାବି ଗୋଟିଏ ବରଗଛ ଛାଇରେ ଘଡ଼ିଏ ବିଶ୍ରାମ ନେଲେ । ନରନାରୀ ଆନନ୍ଦିତ ହୋଇ ସେମାନଙ୍କର ଶୋଭା ଦର୍ଶନ କଲେ । ଶ୍ରୀରାମ-ଲକ୍ଷ୍ମଣ-ସୀତାଙ୍କର ଅନୁପମ ରୂପ ସେମାନଙ୍କର ନେତ୍ର ଓ ମନକୁ ଗ୍ରେ୍ରାଇନେଲା ॥ ୧-୨ ॥

**ଏକଟକ ସବ ସୋହହିଁ ଚହୁଁ ଓରା । ରାମଚଂଦ୍ର ମୁଖ ଚଂଦ ଚକୋରା ॥**
**ତରୁନ ତମାଲ ବରନ ତନୁ ସୋହା । ଦେଖତ କୋଟି ମଦନ ମନୁ ମୋହା ॥ ୩ ॥**

ସେମାନେ ଶ୍ରୀରାମ, ଲକ୍ଷ୍ମଣ ସୀତାଙ୍କୁ ଚାରିପଟୁ ଘେରିଗଲେ ଓ ଅପଲକ ନୟନରେ ରାମଚନ୍ଦ୍ରଙ୍କର ମୁଖଚନ୍ଦ୍ରକୁ ଚକୋର ପରି (ତନ୍ମୟ ହୋଇ) ଚ୍ହିଁରହିଲେ । ଶ୍ରୀରାମଚନ୍ଦ୍ରଙ୍କ ନବୀନ ତମାଲସମ ଶ୍ୟାମ ଶରୀର ଏପରି ସୁନ୍ଦର ହୋଇଥାଏ ଯେ, ତାହା ଦେଖି କୋଟି କାମଦେବଙ୍କ ମନ ବି ମୋହିତ ହୋଇଯିବ ॥ ୩ ॥

**ଦାମିନି ବରନ ଲଖନ ସୁଠି ନୀକେ । ନଖ ସିଖ ସୁଭଗ ଭାଓ୍ୱତେ ଜୀ କେ ॥**
**ମୁନିପଟ କଟିହ୍ନ କସେଁ ତୂନୀରା । ସୋହହିଁ କର କମଲନି ଧନୁ ତୀରା ॥ ୪ ॥**

ବିଜୁଳି ପରି ଉଜ୍ଜ୍ୱଳ କାନ୍ତିଯୁକ୍ତ ଲକ୍ଷ୍ମଣ ଅତି ସୁନ୍ଦର ଦିଶୁଥାନ୍ତି । ସେ ତ ନଖଠାରୁ ଶିଖା ପର୍ଯ୍ୟନ୍ତ ସୁନ୍ଦର; ତେଣୁ ଦେଖିବାକୁ ବହୁତ ଭଲ ଲାଗୁଥାନ୍ତି । ଦୁହେଁ ମୁନିସୁଲଭ ବସ୍ତ୍ର ପିନ୍ଧିଥାନ୍ତି ଏବଂ ଅଣ୍ଟାରେ ତୂଣୀର ବାନ୍ଧିଥାନ୍ତି । ସେମାନଙ୍କର କରକମଳରେ ଧନୁଶର ଶୋଭା ପାଉଥାଏ ॥ ୪ ॥

ଦୋ:- **ଜଟା ମୁକୁଟ ସୀସନି ସୁଭଗ ଉର ଭୁଜ ନୟନ ବିସାଲ ।**
**ସରଦ ପରବ ବିଧୁ ବଦନ ବର ଲସତ ସ୍ୱେଦ କନ ଜାଲ ॥ ୧୧୫ ॥**

ଶିରରେ ସୁନ୍ଦର ଜଟାମୁକୁଟ; ବକ୍ଷସ୍ଥଳ, ଭୁଜ ଓ ନେତ୍ର ବିଶାଳ; ଶରତ୍‌ପୂର୍ଣ୍ଣିମାର ଚନ୍ଦ୍ରସମ ସୁନ୍ଦର ମୁଖରେ ସ୍ୱେଦବିନ୍ଦୁ ଶୋଭା ପାଉଥାଏ ॥ ୧୧୫ ॥

**ବରନି ନ ଜାଇ ମନୋହର ଜୋରୀ । ସୋଭା ବହୁତ ଥୋରି ମତି ମୋରୀ ॥**
**ରାମ ଲଖନ ସିୟ ସୁଂଦରତାଈ । ସବ ଚିତଓ୍ୱହିଁ ଚିତ ମନ ମତି ଲାଈ ॥ ୧ ॥**

ସେହି ମନୋହର ଯୋଡ଼ିଙ୍କର ବର୍ଣ୍ଣନା କରିବା ସମ୍ଭବ ନୁହେଁ; କାରଣ ଦୁହିଁଙ୍କ ଶୋଭା ଅତ୍ୟନ୍ତ ଅଧିକ ଏବଂ ମୋର ବୁଦ୍ଧି ନିତାନ୍ତ ସ୍ୱଳ୍ପ । ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ସୌନ୍ଦର୍ଯ୍ୟକୁ ସମସ୍ତେ ତଲ୍ଲୀନ ହୋଇ ଦେଖୁଥାନ୍ତି ॥ ୧ ॥

**ଥକେ ନାରି ନର ପ୍ରେମ ପିଆସେ । ମନହୁଁ ମୃଗୀ ମୃଗ ଦେଖି ଦିଆ ସେ ॥**
**ସୀୟ ସମୀପ ଗ୍ରାମତିୟ ଜାହୀଁ । ପୂଁଛତ ଅତି ସନେହଁ ସକୁଚାହୀଁ ॥ ୨ ॥**

ଦୀପଶିଖା ଦେଖି, ହରିଣହରିଣୀ ଯେପରି ନିସ୍ତବ୍‌ଧ ହୋଇ ଠିଆ ହୋଇଯାଆନ୍ତି, ପ୍ରେମପିପାସୁ [ଗ୍ରାମବାସୀ] ନରନାରୀ ସେହିପରି ସେମାନଙ୍କ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟର ଛଟା ଦେଖି ନିସ୍ତବ୍‌ଧ ହୋଇଯାଉଥାନ୍ତି । ଗ୍ରାମର ସ୍ତ୍ରୀଲୋକମାନେ ସୀତାଙ୍କ ନିକଟକୁ ଯାଉଥାନ୍ତି; କିନ୍ତୁ ଅତ୍ୟନ୍ତ ସ୍ନେହ ହେତୁ କିଛି ପଚାରିବାକୁ ସଂକୋଚ ବୋଧ କରୁଥାନ୍ତି ॥ ୨ ॥

**ବାର ବାର ସବ ଲାଗହିଁ ପାଏଁ । କହହିଁ ବଚନ ମୃଦୁ ସରଲ ସୁଭାଏଁ ॥**
**ରାଜକୁମାରି ବିନୟ ହମ କରହୀଁ । ତିୟ ସୁଭାୟଁ କଛୁ ପୂଁଛତ ଡରହୀଁ ॥ ୩ ॥**

ସେମାନେ ସମସ୍ତେ ବାରମ୍ବାର ତାଙ୍କ ପାଦ ଛୁଇଁ ସହଜସରଳ ମଧୁରକଣ୍ଠରେ କହୁଥାନ୍ତି, ‘‘ହେ ରାଜକୁମାରୀ, ଆମେ କିଛି କଥା ପଚାରିବାକୁ ଭାବୁଛୁ; ହେଲେ ସ୍ତ୍ରୀସ୍ୱଭାବ ହେତୁ କିଛି ପଚାରିବାକୁ ଡର ମାଡୁଛି ॥ ୩ ॥

**ସ୍ୱାମିନି ଅବିନୟ ଛମବି ହମାରୀ । ବିଲଗୁ ନ ମାନବ ଜାନି ଗଓ୍ୱାଁରୀ ॥**
**ରାଜକୁଅଁର ଦୋଉ ସହଜ ସଲୋନେ । ଇନ୍ହ ତେଁ ଲହୀ ଦୁତି ମରକତ ସୋନେ ॥ ୪ ॥**

‘‘ହେ ସ୍ୱାମିନୀ ! ଆମ ଧୃଷ୍ଟତା କ୍ଷମା କରିବ; ଆମକୁ ଗାଉଁଲୀ ଲୋକ ଜାଣି ଖରାପ ଭାବିବ ନାହିଁ । ଏହି ଦୁଇ ରାଜକୁମାର ତ ସହଜେ ପରମସୁନ୍ଦର । ମରକତମଣି ଓ ସୁବର୍ଣ୍ଣ ବୋଧ ହୁଏ ଏହି ଦୁହିଁଙ୍କ ଠାରୁ ନିଜର କାନ୍ତି ପାଇଛନ୍ତି (ଅର୍ଥାତ୍ ମରକତମଣି ଓ ସୁନାର ଯେଉଁ ଶ୍ୟାମଳ ଓ ସ୍ୱର୍ଣ୍ଣାଭ କାନ୍ତି ରହିଛି, ତାହା ଏଦୁହିଁଙ୍କ ଅଙ୍ଗକାନ୍ତିର ଗୋଟିଏ ଅଣୁ ସହିତ ବି ସମାନ ହେବ ନାହିଁ) ॥ ୪ ॥

ଦୋ:- **ସ୍ୟାମଲ ଗୌର କିସୋର ବର ସୁଂଦର ସୁଷମା ଐନ ।**
**ସରଦ ସର୍ବରୀନାଥ ମୁଖୁ ସରଦ ସରୋରୁହ ନୈନ ॥ ୧୧୬ ॥**

ଜଣେ ଶ୍ୟାମଳ, ଆଉ ଜଣକ ଗୌର । ସୁନ୍ଦର କିଶୋର ଅବସ୍ଥା; ଦୁହିଙ୍କୁ ଦୁହେଁ ପରମସୁନ୍ଦର ଓ ଶୋଭାର ଧାମ । ମୁଖ ତ ଶରତ୍ ପୂର୍ଣ୍ଣିମାର ଚନ୍ଦ୍ରସମାନ; ପୁଣି ନେତ୍ର ଶରତ୍ ଋତୁର ପଦ୍ମସମାନ ॥ ୧୧୬ ॥

## ମାସପାରାୟଣ, ଷୋଡ଼ଶ ବିଶ୍ରାମ

## ନବାହ୍ନପାରାୟଣ, ଚତୁର୍ଥ ବିଶ୍ରାମ

**କୋଟି ମନୋଜ ଲଜାୱନିହାରେ । ସୁମୁଖି କହହୁ କୋ ଆହିଁ ତୁହ୍ମାରେ ॥**
**ସୁନି ସନେହମୟ ମଂଜୁଲ ବାନୀ । ସକୁଚୀ ସିୟ ମନ ମହୁଁ ମୁସୁକାନୀ ॥ ୧ ॥**

"ହେ ସୁମୁଖୀ ! ଟିକିଏ କହିବ କି ? ନିଜର ସୌନ୍ଦର୍ଯ୍ୟରେ କୋଟି କାମଦେବଙ୍କୁ ଲଜ୍ଜିତ କରୁଥିବା ଏ ଦୁହେଁ ତୁମର କ'ଣ ହୁଅନ୍ତି ?"—ଏପରି ପ୍ରେମପୂର୍ଣ୍ଣ ସୁନ୍ଦର ବଚନ ଶୁଣି ସୀତାଙ୍କୁ ଲାଜ ଲାଗିଲା; ସେ ମୁରୁକି ମୁରୁକି ହସିଲେ ॥ ୧ ॥

**ତିହ୍ନହି ବିଲୋକି ବିଲୋକତି ଧରନୀ । ଦୁହୁଁ ସକୋଚ ସକୁଚତି ବରବରନୀ ॥**
**ସକୁଚି ସପ୍ରେମ ବାଲ ମୃଗ ନୟନୀ । ବୋଲୀ ମଧୁର ବଚନ ପିକବୟନୀ ॥ ୨ ॥**

ଶୁଭ୍ରବର୍ଣ୍ଣା ସୀତା ସେମାନଙ୍କ ଆଡ଼କୁ ଗ୍ଚହିଁଦେଇ କରି ପୁଣି ସଂକୋଚବଶତଃ ମଥା ପୋତି ତଳକୁ ଗ୍ଚହୁଁଥାନ୍ତି । ନ କହିଲେ, ସେହି ସ୍ତ୍ରୀଲୋକମାନେ ଦୁଃଖୀ କରିବେ ଏବଂ କହିଦେବାକୁ ଲାଜ ଲାଗୁଛି—ଏପରି ଦୁଇଟି କାରଣରୁ ସେ ସଂକୋଚ ବୋଧ କରୁଥିଲେ । ବାଳମୃଗନୟନା କୋକିଳଭାଷିଣୀ ସୀତା ସଂକୋଚପୂର୍ବକ ପ୍ରେମର ସହିତ ମଧୁର କଣ୍ଠରେ କହିଲେ, ॥ ୨ ॥

**ସହଜ ସୁଭାୟ ସୁଭଗ ତନ ଗୋରେ । ନାମୁ ଲଖନୁ ଲଘୁ ଦେୱର ମୋରେ ॥**
**ବହୁରି ବଦନୁ ବିଧୁ ଅଂଚଲ ଢାଁକୀ । ପିଅ ତନ ଚିତଇ ଭୌଁହ କରି ବାଁକୀ ॥ ୩ ॥**
**ଖଂଜନ ମଂଜୁ ତିରୀଛେ ନୟନନି । ନିଜ ପତି କହେଉ ତିହ୍ନହି ସିୟଁ ସୟନନି ॥**
**ଭଈଁ ମୁଦିତ ସବ ଗ୍ରାମବଧୂଟୀଁ । ରଂକହ୍ନ ରାୟ ରାସି ଜନୁ ଲୂଟୀଁ ॥ ୪ ॥**

"ଏ ଦୁହିଁଙ୍କ ଭିତରୁ ଯେ ସରଳ, ସୁନ୍ଦର ଓ ଗୌର, ତାଙ୍କ ନାଆଁ ଲକ୍ଷ୍ମଣ; ସେ ହେଉଛନ୍ତି ମୋର ସାନ ଦିଅର ।" ତା'ପରେ ଲଜ୍ଜାବଶତଃ ନିଜର ଚନ୍ଦ୍ରବଦନକୁ ପଣତକାନିର ଆଢୁଆଳରେ ରଖି ପ୍ରିୟତମଙ୍କ ଆଡ଼କୁ ଭ୍ରୂଲତା ବଙ୍କାଇ, ଖଞ୍ଜନନୟନର ବକ୍ରଗ୍ଚହାଣିରେ ସଙ୍କେତ କରିଦେଲେ, 'ସେ ମୋର ପତିଦେବ ।' ଏହା ଜାଣିପାରି ଗ୍ରାମର ସବୁ ଯୁବତୀ ରଙ୍କୁଣୀ ଧନରାଶି ଲୁଟିଆଣିଲାପରି ଆନନ୍ଦିତ ହୋଇଗଲେ ॥ ୩, ୪ ॥

ଦୋଃ- **ଅତି ସପ୍ରେମ ସିୟ ପାୟଁ ପରି ବହୁବିଧି ଦେହିଁ ଅସୀସ ।**
**ସଦା ସୋହାଗିନି ହୋହୁ ତୁହ୍ମ ଜବ ଲଗି ମହି ଅହି ସୀସ ॥ ୧୧୭ ॥**

ସେମାନେ ଅତ୍ୟନ୍ତ ପ୍ରେମରେ ସୀତାଙ୍କ ପାଦରେ ପଡ଼ି, ଅନେକ ଶୁଭ ଆଶୀର୍ବାଦ ଦେଇ କହିଲେ, "ଶେଷଦେବଙ୍କ ମସ୍ତକରେ ପୃଥିବୀ ରହିଥିବା ପର୍ଯ୍ୟନ୍ତ ତୁମେ ସଦା ସୌଭାଗ୍ୟବତୀ ହୋଇ ରହ, ॥ ୧୧୭ ॥

**ପାରବତୀ ସମ ପତିପ୍ରିୟ ହୋହୂ । ଦେବି ନ ହମ ପର ଛାଡ଼ବ ଛୋହୂ ॥**
**ପୁନି ପୁନି ବିନୟ କରିଅ କର ଜୋରୀ । ଜୌଁ ଏହି ମାରଗ ଫିରିଅ ବହୋରୀ ॥ ୧ ॥**

ଏବଂ ପାର୍ବତୀଙ୍କ ପରି ସଦା ନିଜ ପତିଙ୍କର ପ୍ରିୟା ହୁଅ । ହେ ଦେବୀ ! ଆମ ଉପରେ କୃପା ରଖିଥିବ । ଆମେ ବାରମ୍ବାର ହାତ ଯୋଡ଼ି ବିନତି କରୁଛୁ, ତୁମେ ଏହି ବାଟଦେଇ ଫେରିବ, ॥ ୧ ॥

**ଦରସନୁ ଦେବ ଜାନି ନିଜ ଦାସୀ । ଲଖୀଁ ସୀୟଁ ସବ ପ୍ରେମ ପିଆସୀ ॥**
**ମଧୁର ବଚନ କହି କହି ପରିତୋଷୀଁ । ଜନୁ କୁମୁଦିନୀଁ କୌମୁଦୀଁ ପୋଷୀଁ ॥ ୨ ॥**

ଏବଂ ଆମକୁ ତୁମ ଦାସୀ ମନେକରି ଆଉ ଥରେ ଦର୍ଶନ ଦେବ ।'' ସୀତା ଦେଖିଲେ, ସେମାନେ ସମସ୍ତେ ପ୍ରେମପିପାସୁ । ତେଣୁ ସେ ସେମାନଙ୍କୁ ମଧୁର ବଚନ କହି, ଚନ୍ଦ୍ରକିରଣ କୁମୁଦିନୀକୁ ପ୍ରସ୍ଫୁଟିତ କରିବା ପରି ସନ୍ତୁଷ୍ଟ କରିଦେଲେ ॥ ୨ ॥

**ତବହିଁ ଲଖନ ରଘୁବର ରୁଖ ଜାନୀ । ପୂଁଛେଉ ମଗୁ ଲୋଗନ୍ହି ମୃଦୁ ବାନୀ ॥**
**ସୁନତ ନାରି ନର ଭଏ ଦୁଖାରୀ । ପୁଲକିତ ଗାତ ବିଲୋଚନ ବାରୀ ॥ ୩ ॥**

ସେତିକିବେଳେ ଶ୍ରୀରାମଙ୍କ ଅଭିପ୍ରାୟ ଜାଣିପାରି ଲକ୍ଷ୍ମଣ କୋମଳ ବଚନରେ ଲୋକଙ୍କୁ ବାଟ ପଗ୍ଚରିଲେ । ଏହା ଶୁଣିବାମାତ୍ରେ ଲୋକେ ଦୁଃଖରେ ମ୍ରିୟମାଣ ହୋଇଗଲେ । ସେମାନଙ୍କ ଶରୀର ରୋମାଞ୍ଚିତ ହୋଇଗଲା; [ବିଚ୍ଛେଦର ସମ୍ଭାବନା ହେତୁ] ନେତ୍ରରେ ଅଶ୍ରୁ ପୂର୍ଣ୍ଣ ହୋଇଆସିଲା ॥ ୩ ॥

**ମିଟା ମୋଦୁ ମନ ଭଏ ମଲୀନେ । ବିଧି ନିଧି ଦୀନ୍ହ ଲେତ ଜନୁ ଛୀନେ ॥**
**ସମୁଝି କରମ ଗତି ଧୀରଜୁ କୀନ୍ହା । ସୋଧି ସୁଗମ ମଗୁ ତିନ୍ହ କହି ଦୀନ୍ହା ॥ ୪ ॥**

ସେମାନଙ୍କର ଆନନ୍ଦ ସରିଗଲା । ମନ ଏପରି ବିରସ ହୋଇଗଲା ଯେ, ଲାଗିଲା, ସତେ ଯେପରି ସେମାନଙ୍କୁ ମିଳିଥିବା ସୁଖସମ୍ପଦ ବିଧାତା ଛଡ଼ାଇନେଇଗଲା । ଶେଷରେ ଏହାହିଁ କର୍ମର ଗତି ଜାଣି ସେମାନେ ଧୈର୍ଯ୍ୟ ଧରିଲେ ଏବଂ ଭଲଭାବରେ ବିଗ୍ଚର କରି ସୁଗମମାର୍ଗ ବତାଇଦେଲେ ॥ ୪ ॥

ଦୋଃ- **ଲଖନ ଜାନକୀ ସହିତ ତବ ଗୱନୁ କୀନ୍ହ ରଘୁନାଥ ।**
**ଫେରେ ସବ ପ୍ରିୟ ବଚନ କହି ଲିଏ ଲାଇ ମନ ସାଥ ॥ ୧୧୮ ॥**

ତହୁଁ ଲକ୍ଷ୍ମଣ ଓ ସୀତାଙ୍କ ସହିତ ଶ୍ରୀରାମ ସେଠାରୁ ପ୍ରସ୍ଥାନ କଲେ । ସେ ଲୋକମାନଙ୍କୁ ପ୍ରିୟବଚନ କହି ଗାଆଁକୁ ଫେରାଇଦେଲେ ସତ, ହେଲେ ସେମାନଙ୍କ ମନକୁ ନିଜ ସାଥିରେ ନେଇଗଲେ ॥ ୧୧୮ ॥

**ଫିରତ ନାରି ନର ଅତି ପଛିତାହୀଁ । ଦୈଅହି ଦୋଷୁ ଦେହିଁ ମନ ମାହୀଁ ॥**
**ସହିତ ବିଷାଦ ପରସପର କହହୀଁ । ବିଧି କରତବ ଉଲଟେ ସବ ଅହହୀଁ ॥ ୧ ॥**

ଲୋକେ ଫେରିଆସି ବହୁତ ଦୁଃଖ କଲେ ଏବଂ ମନେ ମନେ ଦୈବକୁ ଦୋଷ ଦେଲେ । ସେମାନେ ନିଜ ନିଜ ମଧ୍ୟରେ ଦୁଃଖରେ କୁହାକୁହି ହେଲେ, ''ବିଧାତାର ସବୁ କାମ ଏହିପରି ଓଲଟା ! ॥ ୧ ॥

**ନିପଟ ନିରଂକୁସ ନିଠୁର ନିସଂକୂ । ଜେହିଁ ସସି କୀନ୍ହ ସରୁଜ ସକଲଂକୂ ॥**
**ରୂଖ କଲପତରୁ ସାଗରୁ ଖାରା । ତେହିଁ ପଠଏ ବନ ରାଜକୁମାରା ॥ ୨ ॥**

ଯେଉଁ ବିଧାତା [ ସୁଧା ବର୍ଷଣକାରୀ ] ଚନ୍ଦ୍ରକୁ ରୋଗୀ (କ୍ଷୟବୃଦ୍ଧିଶୀଳ) ଓ କଳଙ୍କିତ କରିଛି, କଳ୍ପବୃକ୍ଷକୁ ଗଛ ଓ ସମୁଦ୍ରକୁ ଲୁଣିଆ କରିଛି, ସେ ଅତି ସ୍ୱେଚ୍ଛାଗ୍ଚରୀ, ନିର୍ଦୟ ଓ ନିର୍ଭୟ । ସେ ହିଁ ରାଜକୁମାର ଦୁହିଁଙ୍କୁ ବଣକୁ ପଠାଇଦେଇଛି ॥ ୨ ॥

**ଜୌଁ ପୈ ଇନ୍ହହି ଦୀନ୍ହ ବନବାସୂ । କୀନ୍ହ ବାଦି ବିଧି ଭୋଗ ବିଲାସୂ ॥**
**ଏ ବିଚରହିଁ ମଗ ବିନୁ ପଦତ୍ରାନା । ରଚେ ବାଦି ବିଧି ବାହନ ନାନା ॥ ୩ ॥**

ବିଧାତା ଯଦି ଏମାନଙ୍କୁ ବନବାସୀ କରିଦେଲା, ତେବେ ତା'ର ଭୋଗବିଳାସସାମଗ୍ରୀ ସୃଷ୍ଟି କରିବା ବୃଥା ।

ଯଦି ଏମାନଙ୍କୁ ବିନା ଜୋତାରେ (ଖାଲି ପାଦରେ) ଚଲାଇଲା, ତେବେ ତା'ର ଯାନବାହନ ସୃଷ୍ଟି କରିବା ବୃଥା ॥ ୩ ॥

**ଏ ମହି ପରହିଁ ଡାସି କୁସ ପାତା । ସୁଭଗ ସେଜ କତ ସୃଜତ ବିଧାତା ॥**
**ତରୁବର ବାସ ଇହ୍ନହି ବିଧି ଦୀହ୍ନା । ଧଓ୍ୱଲ ଧାମ ରଚି ରଚି ଶ୍ରମୁ କୀହ୍ନା ॥ ୪ ॥**

ଏମାନେ ଯଦି କୁଶ ଓ ପତ୍ର ବିଛାଇ ଭୂମି ଉପରେ ପଡ଼ିରହୁଛନ୍ତି, ତେବେ ବିଧାତା ଏତେ ସୁନ୍ଦର ସୁନ୍ଦର ଶେଯ (ଖଟପଲଙ୍କ ଓ ବିଛଣା ଆଦି) କାହିଁକି ଗଢ଼ିଛି ? ବିଧାତା ଯଦି ଏମାନଙ୍କୁ ଗଛତଳେ ନିବାସ ଦେଲା, ତେବେ ବଡ଼ ବଡ଼ ପ୍ରାସାଦମାନ ଗଢ଼ି ବୃଥାରେ ପରିଶ୍ରମ କଲା ସିନା ! ॥ ୪ ॥

ଦୋ:- **ଜୌଁ ଏ ମୁନି ପଟ ଧର ଜଟିଲ ସୁଂଦର ସୁଠି ସୁକୁମାର ।**
**ବିବିଧ ଭାଁତି ଭୂଷନ ବସନ ବାଦି କିଏ କରତାର ॥ ୧୧୯ ॥**

ଯଦି ଏମାନେ ଏଡ଼େ ସୁନ୍ଦର ଓ ସୁକୁମାର ହୋଇ ମଧ୍ୟ ମୁନିମାନଙ୍କ ପରି ବଳ୍କଳ ପିନ୍ଧିଲେ, ଜଟା ବାନ୍ଧିଲେ, ତା'ହେଲେ ବିଧାତା ଭଳିକି ଭଳି ବସନଭୂଷଣ ବୃଥାରେହିଁ ତିଆରି କଲା ନା ! ॥ ୧୧୯ ॥

**ଜୌଁ ଏ କଂଦ ମୂଲ ଫଲ ଖାହୀଁ । ବାଦି ସୁଧାଦି ଅସନ ଜଗ ମାହୀଁ ॥**
**ଏକ କହହିଁ ଏ ସହଜ ସୁହାଏ । ଆପୁ ପ୍ରଗଟ ଭଏ ବିଧି ନ ବନାଏ ॥ ୧ ॥**

ଏମାନେ ଯଦି ଫଳ, ମୂଳ ଓ କନ୍ଦ ଖାଇ ରହୁଛନ୍ତି, ତେବେ ଜଗତରେ ଅମୃତ ଆଦି ମଧୁର ପଦାର୍ଥ ରହିବା ବୃଥା । କେହି କେହି କହୁଥାନ୍ତି, ''ଏମାନେ ସ୍ୱଭାବସୁନ୍ଦର (ଅର୍ଥାତ୍ ଏମାନଙ୍କ ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟ ନିତ୍ୟ ଓ ସ୍ୱାଭାବିକ) ।ଏମାନେ ସ୍ୱୟଂ ପ୍ରକଟ ହୋଇଛନ୍ତି; ଏମାନଙ୍କୁ ବ୍ରହ୍ମା ଗଢ଼ିନାହାନ୍ତି ॥ ୧ ॥

**ଜହଁ ଲଗି ବେଦ କହୀ ବିଧି କରନୀ । ଶ୍ରଓ୍ୱନ ନୟନ ମନ ଗୋଚର ବରନୀ ॥**
**ଦେଖହୁ ଖୋଜି ଭୁଅନ ଦସ ଚ୍ୱାରୀ । କହଁ ଅସ ପୁରୁଷ କହାଁ ଅସି ନାରୀ ॥ ୨ ॥**

ବିଧାତାଙ୍କର ଯେଉଁସବୁ କାର୍ଯ୍ୟକଳାପ ବିଷୟରେ ବେଦରେ ବର୍ଣ୍ଣିତ ହୋଇଛି ଏବଂ ଚକ୍ଷୁ, କର୍ଣ୍ଣ ଓ ମନଦ୍ୱାରା ଯାହାକିଛି ଗ୍ରହଣ କରାଯାଇପାରେ, ସେସବୁକୁ ଖୋଜିଗଲେ—ଏପରି କି ସମ୍ପୂର୍ଣ୍ଣ ଚଉଦଭୁବନରେ ଖୋଜିଗଲେ, ଏପରି ସ୍ତ୍ରୀ-ପୁରୁଷ କେଉଁଠି ବି ମିଳିବେ ନାହିଁ । ଏଥିରୁ ସିଦ୍ଧ ହୋଇଗଲା ଯେ, ଏମାନେ ବିଧାତାଙ୍କ ଗଢ଼ା ଚଉଦଭୁବନରୁ ଅଲଗା; ଏମାନେ ଆପଣା ମହିମାରେ ଆପେ ଆପେ ପ୍ରକଟ ହୋଇଛନ୍ତି ॥ ୨ ॥

**ଇହ୍ନହି ଦେଖି ବିଧି ମନୁ ଅନୁରାଗା । ପଟତର ଜୋଗ ବନାଓ୍ୱେ ଲାଗା ॥**
**କୀହ୍ନ ବହୁତ ଶ୍ରମ ଐକ ନ ଆଏ । ତେହିଁ ଇରିଷା ବନ ଆନି ଦୁରାଏ ॥ ୩ ॥**

ଏମାନଙ୍କୁ ଦେଖି ବିଧାତାଙ୍କ ମନ ମୁଗ୍ଧ ହୋଇଗଲା । ତେଣୁ ସେ ଏମାନଙ୍କ ଉପମାଯୋଗ୍ୟ ଅନ୍ୟ ସ୍ତ୍ରୀ-ପୁରୁଷ ଗଢ଼ିବାକୁ ଚେଷ୍ଟା କଲେ । ବହୁତ ପରିଶ୍ରମ କଲେ; କିନ୍ତୁ ତାଙ୍କ ବୁଦ୍ଧି ପାଇଲା ନାହିଁ । ସେହି ଈର୍ଷାରେ ବିଧାତା ଏମାନଙ୍କୁ ଆଣି ବଣରେ ଲୁଚ୍ଚାଇଦେଲେ ।'' ॥ ୩ ॥

**ଏକ କହହିଁ ହମ ବହୁତ ନ ଜାନହିଁ । ଆପୁହି ପରମ ଧନ୍ୟ କରି ମାନହିଁ ॥**
**ତେ ପୁନି ପୁନ୍ୟପୁଂଜ ହମ ଲେଖେ । ଜେ ଦେଖହିଁ ଦେଖିହହିଁ ଜିହ୍ନ ଦେଖେ ॥ ୪ ॥**

ଆଉ କେହି କେହି କହୁଥାନ୍ତି, ଆମେ ତ ବେଶୀ କିଛି ଜାଣିନାହୁଁ । ଏକଥା ସତ ଯେ, ଏମାନଙ୍କୁ ଦର୍ଶନ କରି ଆମେ ଧନ୍ୟ ହୋଇଗଲୁ ଏବଂ ଆମକୁ ଲାଗୁଛି, ଯେଉଁମାନେ ଏବେ ଏମାନଙ୍କୁ ଦର୍ଶନ କରିଛନ୍ତି, କରୁଛନ୍ତି ଓ ଭବିଷ୍ୟତରେ ଦର୍ଶନ କରିବେ, ସେମାନେ ବି ବଡ଼ ପୁଣ୍ୟବାନ୍ ।'' ॥ ୪ ॥

ଦୋ:- **ଏହି ବିଧି କହି କହି ବଚନ ପ୍ରିୟ ଲେହିଁ ନୟନ ଭରି ନୀର ।**
**କିମି ଚଲିହହିଁ ମାରଗ ଅଗମ ସୁଠି ସୁକୁମାର ସରୀର ॥ ୧୨୦ ॥**

ଏହିପରି ପ୍ରିୟ ବଚନ କହୁ କହୁ ସମସ୍ତଙ୍କ ନୟନରେ ପ୍ରେମାଶ୍ରୁ ଭରିଯାଉଥାଏ । ସମସ୍ତେ କହୁଥାନ୍ତି, ‘‘ଏପରି ସୁକୁମାର ହୋଇ, ଏମାନେ ଏହି ଦୁର୍ଗମ ପଥରେ ଯିବେ କିପରି ?’’ ॥ ୧୨୦ ॥

**ନାରି ସନେହ ବିକଲ ବସ ହୋହୀଁ । ଚକଈଁ ସାଁଝ ସମୟ ଜନୁ ସୋହୀଁ ॥**
**ମୃଦୁ ପଦ କମଲ କଠିନ ମଗୁ ଜାନୀ । ଗହବରି ହୃଦୟଁ କହହିଁ ବର ବାନୀ ॥ ୧ ॥**

ନାରୀମାନେ ସ୍ନେହବଶତଃ ବିକଳ ହେଉଥାନ୍ତି । ଦେଖିଲେ ଲାଗୁଥାଏ, ସନ୍ଧ୍ୟା ହୋଇଆସିବାରୁ [ଭାବୀ ବିଚ୍ଛେଦର ପୀଡ଼ାରେ] ଚକ୍ରବାକୀମାନେ ବ୍ୟଥିତ ହେଉଛନ୍ତି । ରାମ-ଲକ୍ଷ୍ମଣ-ସୀତାଙ୍କ ପାଦପଦ୍ମ କୋମଳ ଏବଂ ମାର୍ଗ କଠୋର; ଏହା ଜାଣି ସେମାନେ ବ୍ୟଥିତ ହୃଦୟରେ କହୁଥାନ୍ତି, ॥ ୧ ॥

**ପରସତ ମୃଦୁଲ ଚରନ ଅରୁନାରେ । ସକୁଚତି ମହି ଜିମି ହୃଦୟ ହମାରେ ॥**
**ଜୌଁ ଜଗଦୀସ ଇହ୍ନହି ବନୁ ଦୀହ୍ନା । କସ ନ ସୁମନମୟ ମାରଗୁ କୀହ୍ନା ॥ ୨ ॥**

‘‘ଏମାନଙ୍କ କୋମଳପାଦ ଓ ରଙ୍ଗତଳିପା ଭୂମି ସ୍ପର୍ଶ କରିବାମାତ୍ରେ ଆମ ଛାତି ଯେପରି ଫାଟିଯାଉଛି, ପୃଥିବୀ ମଧ୍ୟ ସେପରି ସଂକୁଚିଯାଉଛି । ଜଗତର ନାଥ ଯଦି ଏମାନଙ୍କୁ ବନବାସ ଦେଲେ, ତେବେ ବାଟସାରା ଫୁଲ ବିଛି ନ ଦେଲେ କାହିଁକି ? ॥ ୨ ॥

**ଜୌଁ ମାଗା ପାଇଅ ବିଧି ପାହୀଁ । ଏ ରଖିଅହିଁ ସଖି ଆଁଖିହ୍ନ ମାହୀଁ ॥**
**ଜେ ନର ନାରି ନ ଅୱସର ଆଏ । ତିହ୍ନ ସିୟ ରାମୁ ନ ଦେଖନ ପାଏ ॥ ୩ ॥**

ଯଦି ବ୍ରହ୍ମାଙ୍କୁ କିଛି ମାଗିବାର ସୁଯୋଗ ମିଳିବ, ତେବେ ଆମେ ତାଙ୍କୁ ମାଗି ଏମାନଙ୍କୁ ଆମ ଆଖିରେହିଁ ରଖିନେବା ।’’ ଯେଉଁମାନେ ଏହି ଅବସରରେ ଆସିପାରି ନ ଥିଲେ, ସେମାନେ ସୀତାରାମଙ୍କୁ ଦେଖିପାରି ନ ଥିଲେ ॥ ୩ ॥

**ସୁନି ସୁରୂପୁ ବୂଝହିଁ ଅକୁଲାଈ । ଅବ ଲଗି ଗଏ କହାଁ ଲଗି ଭାଈ ॥**
**ସମରଥ ଧାଇ ବିଲୋକହିଁ ଜାଈ । ପ୍ରମୁଦିତ ଫିରହିଁ ଜନମଫଲୁ ପାଈ ॥ ୪ ॥**

ତେଣୁ ପ୍ରଭୁଙ୍କ ସୌନ୍ଦର୍ଯ୍ୟ ବିଷୟରେ ଶୁଣି ସେମାନେ ବ୍ୟାକୁଳ ହୋଇ ପଚାରୁଥାନ୍ତି, ‘‘ଭାଇ ! ବର୍ତ୍ତମାନ ସୁଦ୍ଧା ସେମାନେ କେତେ ବାଟ ଯାଇଥିବେ ?’’ ଯେଉଁମାନେ ପାରୁଥାନ୍ତି, ଧାଇଁଯାଇ ତାଙ୍କୁ ଦର୍ଶନ କରୁଥାନ୍ତି ଏବଂ ମନୁଷ୍ୟଜନ୍ମର ପରମଫଳ ଲାଭ କରି, ଅତ୍ୟନ୍ତ ଆନନ୍ଦିତ ହୋଇ ଫେରୁଥାନ୍ତି ॥ ୪ ॥

ଦୋ:- **ଅବଲା ବାଲକ ବୃଦ୍ଧ ଜନ କର ମୀଜହିଁ ପଛିତାହିଁ ।**
**ହୋହିଁ ପ୍ରେମବସ ଲୋଗ ଇମି ରାମୁ ଜହାଁ ଜହଁ ଜାହିଁ ॥ ୧୨୧ ॥**

[ଗର୍ଭବତୀ, ପ୍ରସୂତୀ ଆଦି] ଅବଳା, ଶିଶୁ ଓ ବୃଦ୍ଧମାନେ [ପ୍ରଭୁଙ୍କ ଦର୍ଶନ ନ ପାଇ] ହାତ ମକଚି ମକଚି ପଶ୍ଚାତ୍ତାପ କରୁଥାନ୍ତି । ଏପରିଭାବରେ ଯେଉଁଠିକି ଶ୍ରୀରାମ ଯାଉଥାନ୍ତି, ସେଠାର ଲୋକେ ପ୍ରେମାବିଷ୍ଟ ହୋଇଯାଉଥାନ୍ତି ॥ ୧୨୧ ॥

**ଗାୱଁ ଗାୱଁ ଅସ ହୋଇ ଅନଂଦୂ । ଦେଖି ଭାନୁକୁଲ କୈରୱ ଚଂଦୂ ॥**
**ଜେ କଛୁ ସମାଚାର ସୁନି ପାୱହିଁ । ତେ ନୃପ ରାନିହି ଦୋସୁ ଲଗାୱହିଁ ॥ ୧ ॥**

ସୂର୍ଯ୍ୟବଂଶରୂପୀ କୁମୁଦର ଆନନ୍ଦବର୍ଦ୍ଧକ ଚନ୍ଦ୍ର ଶ୍ରୀରାମଙ୍କୁ ଦର୍ଶନ କରି ପ୍ରତି ଗାଆଁରେ ଏହିପରି ଆନନ୍ଦର ଲହରୀ ଖେଳିଯାଉଥାଏ । ଏମାନେ ବନବାସ ଆଜ୍ଞା ପାଇଛନ୍ତି ବୋଲି ଯେଉଁମାନେ ଟିକିଏ ବି ସମାଗ୍ର ପାଇଯାଉଥିଲେ, ସେମାନେ ରାଜାରାଣୀଙ୍କୁ (ଦଶରଥ-କୈକେୟୀଙ୍କୁ) ଦୋଷ ଦେଉଥିଲେ ॥ ୧ ॥

**କହହିଁ ଏକ ଅତି ଭଲ ନରନାହୂ । ଦୀହ୍ନ ହମହି ଜୋଇ ଲୋଚନ ଲାହୂ ॥**
**କହହିଁ ପରସପର ଲୋଗ ଲୋଗାଈଁ । ବାତେଁ ସରଲ ସନେହ ସୁହାଈଁ ॥ ୨ ॥**

କେହି କେହି କହୁଥିଲେ, ''ରାଜା ବହୁତ ଭଲ କଲେ; ଆମକୁ ନେତ୍ରର ପରମ ଲାଭ ପ୍ରଦାନ କଲେ (ଅର୍ଥାତ୍ ଆମ ନେତ୍ର ସାର୍ଥକ ହେଲା) ।'' କି ପୁରୁଷ, କି ସ୍ତ୍ରୀ, ସମସ୍ତେ ନିଜ ନିଜ ମଧ୍ୟରେ ଏହି ବିଷୟରେ ସରଳସୁନ୍ଦର ଓ ସ୍ନେହଭରା ଆଳାପ-ଆଲୋଚନା କରୁଥାନ୍ତି ॥ ୨ ॥

**ତେ ପିତୁ ମାତୁ ଧନ୍ୟ ଜିହ୍ନ ଜାଏ । ଧନ୍ୟ ସୋ ନଗରୁ ଜହାଁ ତେଁ ଆଏ ॥**
**ଧନ୍ୟ ସୋ ଦେସୁ ସୈଲୁ ବନ ଗାଉଁ । ଜହଁ ଜହଁ ଜାହିଁ ଧନ୍ୟ ସୋଇ ଠାଉଁ ॥ ୩ ॥**

[କହୁଥାନ୍ତି,] ''ଯେଉଁ ମାତାପିତା ଏମାନଙ୍କୁ ଜନ୍ମ ଦେଇଛନ୍ତି, ସେମାନେ ଧନ୍ୟ ! ଏମାନେ ଯେଉଁଠାରୁ ଆସିଛନ୍ତି, ସେହି ନଗର ଧନ୍ୟ ! ଏମାନେ ଯେଉଁ ଯେଉଁ ସ୍ଥାନକୁ ଯାଉଛନ୍ତି, ସେହି ଦେଶ, ଗ୍ରାମ, ବନ ଓ ପର୍ବତ ମଧ୍ୟ ଧନ୍ୟ ! ॥ ୩ ॥

**ସୁଖୁ ପାୟଉ ବିରଂଚି ରଚି ତେହୀ । ଏ ଜେହି କେ ସବ ଭାଁତି ସନେହୀ ॥**
**ରାମ ଲଖନ ପଥି କଥା ସୁହାଈ । ରହୀ ସକଲ ମଗ କାନନ ଛାଈ ॥ ୪ ॥**

ଯେ ଶ୍ରୀରାମଙ୍କୁ ସକଳପ୍ରକାରେ ଭକ୍ତି କରେ, ତାକୁ ସୃଷ୍ଟି କରିଥିବାରୁ ବ୍ରହ୍ମା ମଧ୍ୟ ଧନ୍ୟ !'' ପଥିକରୂପୀ ଶ୍ରୀରାମଲକ୍ଷ୍ମଣଙ୍କ ସୁନ୍ଦରଗାଥା ସମଗ୍ର ମାର୍ଗ ଓ ବନରେ ବ୍ୟାପିଗଲା ॥ ୪ ॥

ଦୋ:- **ଏହି ବିଧି ରଘୁକୁଲ କମଲ ରବି ମଗ ଲୋଗହ୍ନ ସୁଖ ଦେତ ।**
**ଜାହିଁ ଚଲେ ଦେଖତ ବିପିନ ସିୟ ସୌମିତ୍ରି ସମେତ ॥ ୧୨୨ ॥**

ରଘୁକୁଳରୂପୀ କମଳର ସୂର୍ଯ୍ୟ ଶ୍ରୀରାମ ମାର୍ଗର ଲୋକମାନଙ୍କୁ ଏପରିଭାବରେ ସୁଖପ୍ରଦାନ କରି କରି, ସୀତା ଓ ଲକ୍ଷ୍ମଣଙ୍କ ସହିତ ବନଭୂମି ଦେଖି ଦେଖି ଆଗକୁ ଆଗକୁ ଚାଲିଥାନ୍ତି ॥ ୧୨୨ ॥

**ଆଗେଁ ରାମୁ ଲଖନୁ ବନେ ପାଛେଁ । ତାପସ ବେଷ ବିରାଜତ କାଛେଁ ॥**
**ଉଭୟ ବୀଚ ସିୟ ସୋହତି କୈସେଁ । ବ୍ରହ୍ମ ଜୀଓ୍ୱ ବିଚ ମାୟା ଜୈସେଁ ॥ ୧ ॥**

ଆଗରେ ଶ୍ରୀରାମ; ପଛରେ ଶୋଭା ପାଉଥାନ୍ତି ଲକ୍ଷ୍ମଣ । ତପସ୍ୱୀବେଶରେ ଦୁହେଁ ଅତି ସୁନ୍ଦର ଦେଖାଯାଉଥାନ୍ତି । ଦୁହିଁଙ୍କ ମଝିରେ ଚାଲୁଥିବା ସୀତା ଦେଖାଯାଉଥାନ୍ତି ଠିକ୍ ବ୍ରହ୍ମ ଓ ଜୀବ ମଧ୍ୟରେ ରହିଥିବା ମାୟା ପରି ॥ ୧ ॥

**ବହୁରି କହଉଁ ଛବି ଜସି ମନ ବସଈ । ଜନୁ ମଧୁ ମଦନ ମଧ୍ୟ ରତି ଲସଈ ॥**
**ଉପମା ବହୁରି କହଉଁ ଜିୟଁ ଜୋହୀ । ଜନୁ ବୁଧ ବିଧୁ ବିଚ ରୋହିନି ସୋହୀ ॥ ୨ ॥**

ପୁଣି ମୋର ମାନସପଟରେ ଯେଉଁ ଛବି ଖେଳିଯାଉଛି, ତାହା କହୁଛି : ସୀତା ଦେଖାଯାଉଥାନ୍ତି ବସନ୍ତଋତୁ ଓ କାମଦେବଙ୍କ ମଝିରେ ଶୋଭା ପାଉଥିବା ରତି (କାମଦେବଙ୍କ ସ୍ତ୍ରୀ)ଙ୍କ ପରି ! ପୁଣି ନିଜ ହୃଦୟଭିତରର ଉପମାଟିଏ କହୁଛି : ସୀତା ଦେଖାଯାଉଥାନ୍ତି ବୁଧ (ଚନ୍ଦ୍ରଙ୍କ ପୁତ୍ର) ଓ ଚନ୍ଦ୍ରଙ୍କ ମଧ୍ୟରେ ଶୋଭା ପାଉଥିବା ରୋହିଣୀ (ଚନ୍ଦ୍ରଙ୍କ ପତ୍ନୀ)ଙ୍କ ପରି ! ॥ ୨ ॥

**ପ୍ରଭୁ ପଦ ରେଖ ବୀଚ ବିଚ ସୀତା । ଧରତି ଚରନ ମଗ ଚଲତି ସଭୀତା ॥**
**ସୀୟ ରାମ ପଦ ଅଂକ ବରାଏଁ । ଲଖନ ଚଲହିଁ ମଗୁ ଦାହିନ ଲାଏଁ ॥ ୩ ॥**

ଶ୍ରୀରାମଙ୍କ ଚରଣଚିହ୍ନକୁ ନ ମାଡ଼ି, ପ୍ରତି ଦୁଇ ଚରଣ ଚିହ୍ନର ମଧ୍ୟବର୍ତ୍ତୀ ସ୍ଥାନମାନଙ୍କରେ ହିଁ ପାଦ ପକାଇ ପକାଇ ସୀତା ଚାଲିଥାନ୍ତି । [କାଳେ ପ୍ରଭୁଙ୍କ ଚରଣଚିହ୍ନ ଉପରେ ପାଦ ପଡ଼ିଯିବ ବୋଲି] ସେ ଡରି ଡରି ଚାଲିଥାନ୍ତି । ସୀତା ଓ ରାମ ଉଭୟଙ୍କ ଚରଣଚିହ୍ନ ଉପରେ ପାଦ ନ ପକାଇ, [ମର୍ଯ୍ୟାଦା ରକ୍ଷା ଦୃଷ୍ଟିରୁ] ଲକ୍ଷ୍ମଣ ସେଦୁହିଁଙ୍କୁ ଡାହାଣରେ ରଖି ଚାଲିଥାନ୍ତି ॥ ୩ ॥

**ରାମ ଲଖନ ସିୟ ପ୍ରୀତି ସୁହାଈ । ବଚନ ଅଗୋଚର କିମି କହି ଜାଈ ॥**
**ଖଗ ମୃଗ ମଗନ ଦେଖି ଛବି ହୋହୀଁ । ଲିଏ ଚୋରି ଚିତ ରାମ ବଟୋହୀଁ ॥ ୪ ॥**

ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ମଧ୍ୟରେ ଥିବା ସୁନ୍ଦର ପ୍ରୀତି ତ ଅନିର୍ବଚନୀୟ; ତେଣୁ ତାହା କିପରି କହିହେବ ! ପଶୁପକ୍ଷୀମାନେ ମଧ୍ୟ ସେହି ଛବିକୁ ଦେଖି ପ୍ରେମାନନ୍ଦରେ ମଗ୍ନ ହୋଇଯାଉଥାନ୍ତି । ପଥିକରୂପୀ ଶ୍ରୀରାମ ସେମାନଙ୍କ ଚିତ୍ତକୁ ମଧ୍ୟ ହରଣ କରିନେଉଥାନ୍ତି ॥ ୪ ॥

ଦୋଃ- **ଜିନ୍ହ ଜିନ୍ହ ଦେଖେ ପଥିକ ପ୍ରିୟ ସିୟ ସମେତ ଦୋଉ ଭାଇ ।**
**ଭଵ ମଗୁ ଅଗମୁ ଅନଂଦୁ ତେଇ ବିନୁ ଶ୍ରମ ରହେ ସିରାଇ ॥ ୧୨୩ ॥**

ଯେଉଁମାନେ ପ୍ରିୟପଥଚାରୀଭାବରେ ସୀତାଙ୍କ ସହିତ ଦୁଇଭାଇଙ୍କୁ ଦର୍ଶନ କଲେ, ସେମାନେ ଅନାୟାସରେ, ତଥା ଆନନ୍ଦରେ ଅଗମ୍ୟ ସଂସାରପଥ ପାରିହୋଇଗଲେ, (ଜନ୍ମମରଣଚକ୍ରରୁ ଅନାୟାସରେ ମୁକ୍ତି ପାଇଗଲେ) ॥ ୧୨୩ ॥

**ଅଜହୁଁ ଜାସୁ ଉର ସପନେହୁଁ କାଉ । ବସହୁଁ ଲଖନୁ ସିୟ ରାମୁ ବଟାଉ ॥**
**ରାମ ଧାମ ପଥ ପାଇହି ସୋଈ । ଜୋ ପଥ ପାଵ କବହୁଁ ମୁନି କୋଈ ॥ ୧ ॥**

ଆଜି ମଧ୍ୟ ଯଦି କାହାର ହୃଦୟରେ, ଅନ୍ତତଃ ସ୍ୱପ୍ନରେ ହେଲେ ବି, କେବେ ଲକ୍ଷ୍ମଣ, ସୀତା ଓ ଶ୍ରୀରାମ– ଏହି ତିନି ପଥିକ ଆସି ବସିଯିବେ, ତେବେ ସେ ମଧ୍ୟ ଶ୍ରୀରାମଙ୍କ ମୁନିଜନଦୁର୍ଲଭ ପରମଧାମର ମାର୍ଗ ପାଇଯିବ ॥ ୧ ॥

**ତବ ରଘୁବୀର ଶ୍ରମିତ ସିୟ ଜାନୀ । ଦେଖି ନିକଟ ବଟୁ ସୀତଲ ପାନୀ ॥**
**ତହଁ ବସି କଂଦ ମୂଲ ଫଲ ଖାଈ । ପ୍ରାତ ନହାଇ ଚଲେ ରଘୁରାଈ ॥ ୨ ॥**

ଏହିପରି ଚାଲୁ ଚାଲୁ ଶ୍ରୀରାମ ଅନୁଭବ କଲେ ଯେ, ସୀତା କ୍ଳାନ୍ତ ହୋଇଗଲେଣି । ଅଳ୍ପ କିଛି ଦୂରରେ ଗୋଟିଏ ବରଗଛ ଓ ଶୀତଳ ଜଳ ଥିବା ଦେଖି, ସେମାନେ ସେଠାକୁ ଯାଇ ବିଶ୍ରାମ ନେଲେ । କନ୍ଦ, ମୂଳ ଓ ଫଳ ଖାଇ ସେମାନେ ସେହିଠାରେ ରାତିଟି କଟାଇଦେଲେ ଏବଂ ପରଦିନ ପ୍ରାତଃସ୍ନାନ ସାରି ଶ୍ରୀରଘୁନାଥ ଆଗକୁ ଚାଲିଲେ ॥ ୨ ॥

**ଦେଖତ ବନ ସର ସୈଲ ସୁହାଏ । ବାଲମୀକି ଆଶ୍ରମ ପ୍ରଭୁ ଆଏ ॥**
**ରାମ ଦୀଖ ମୁନି ବାସୁ ସୁହାଵନ । ସୁଂଦର ଗିରି କାନନୁ ଜଲୁ ପାଵନ ॥ ୩ ॥**

ସୁନ୍ଦର ବନ, ପର୍ବତ ଓ ସରୋବର ଦେଖି ଦେଖି ଚାଲୁ ଚାଲୁ ପ୍ରଭୁ ଶ୍ରୀରାମ ଆସି ବାଲ୍ମୀକିଙ୍କ ଆଶ୍ରମରେ ପହଞ୍ଚିଗଲେ । ସେ ଦେଖିଲେ, ମୁନିଙ୍କ ନିବାସସ୍ଥାନଟି ଅତି ସୁନ୍ଦର ହୋଇଛି । ସେଠାକାର ବନ ଓ ପର୍ବତ ଅତି ସୁନ୍ଦର ଏବଂ ଜଳ ପବିତ୍ର ॥ ୩ ॥

**ସରନି ସରୋଜ ବିଟପ ବନ ଫୂଲେ । ଗୁଂଜତ ମଂଜୁ ମଧୁପ ରସ ଭୂଲେ ॥**
**ଖଗ ମୃଗ ବିପୁଲ କୋଲାହଲ କରହୀଁ । ବିରହିତ ବୈର ମୁଦିତ ମନ ଚରହୀଁ ॥ ୪ ॥**

ସରୋବରମାନଙ୍କରେ ପଦ୍ମ ଫୁଟିଛି; ବନର ବୃକ୍ଷମାନଙ୍କରେ ଫୁଲର ସମ୍ଭାର; ମକରନ୍ଦ ରସ ପାନ କରି ପ୍ରମତ୍ତ ଭ୍ରମରମାନେ ସୁନ୍ଦର ଗୁଞ୍ଜନ କରୁଛନ୍ତି । ବହୁସଂଖ୍ୟକ ପକ୍ଷୀ କଳରବ କରୁଛନ୍ତି ଏବଂ ବିଭିନ୍ନ ପଶୁ ବୈରଭାବ ଛାଡ଼ି ପ୍ରସନ୍ନ ଚିତ୍ତରେ ବିଚରଣ କରୁଛନ୍ତି ॥ ୪ ॥

ଦୋ:- **ସୁଚି ସୁଂଦର ଆଶ୍ରମୁ ନିରଖି ହରଷେ ରାଜିଓ୍ୱନେନ ।**
**ସୁନି ରଘୁବର ଆଗମନୁ ମୁନି ଆଗେଁ ଆୟଉ ଲେନ ॥ ୧୨୪ ॥**

ସେହି ପବିତ୍ର-ସୁନ୍ଦର ଆଶ୍ରମଟି ଦେଖି କମଳନୟନ ଶ୍ରୀରାମ ଆନନ୍ଦିତ ହୋଇଗଲେ । ରଘୁବର ଶ୍ରୀରାମଙ୍କ ଆଗମନ ବାର୍ତ୍ତା ଶୁଣି ମୁନି ବାଲ୍ମୀକି ତାଙ୍କୁ ପାଛୋଟି ନେବାକୁ ଆଗେଇଆସିଲେ ॥ ୧୨୪ ॥

**ମୁନି କହୁଁ ରାମ ଦଂଡଓ୍ୱତ କୀହ୍ନା । ଆସିରବାଦୁ ବିପ୍ରବର ଦୀହ୍ନା ॥**
**ଦେଖି ରାମ ଛବି ନୟନ ଜୁଡ଼ାନେ । କରି ସନମାନୁ ଆଶ୍ରମହିଁ ଆନେ ॥ ୧ ॥**

ଶ୍ରୀରାମ ମୁନିଙ୍କୁ ଦଣ୍ଡବତ କଲେ । ବିପ୍ରଶ୍ରେଷ୍ଠ ମୁନି ତାଙ୍କୁ ଆଶୀର୍ବାଦ ଦେଲେ । ଶ୍ରୀରାମଙ୍କ ରୂପ ଦେଖି ମୁନିଙ୍କ ନେତ୍ର ଶୀତଳ ହୋଇଗଲା । ମୁନି ସେମାନଙ୍କୁ ସମ୍ମାନପୂର୍ବକ ଆଶ୍ରମକୁ ନେଇଗଲେ ॥ ୧ ॥

**ମୁନିବର ଅତିଥି ପ୍ରାନପ୍ରିୟ ପାଏ । କଂଦ ମୂଲ ଫଲ ମଧୁର ମଗାଏ ॥**
**ସିୟ ସୌମିତ୍ରି ରାମ ଫଲ ଖାଏ । ତବ ମୁନି ଆଶ୍ରମ ଦିଏ ସୁହାଏ ॥ ୨ ॥**

ମୁନିବର ବାଲ୍ମୀକି ପ୍ରାଣପ୍ରିୟ ଅତିଥିମାନଙ୍କୁ ପାଇ ସେମାନଙ୍କ ନିମନ୍ତେ ମଧୁର କନ୍ଦ, ମୂଳ ଓ ଫଳ ମଗାଇଲେ । ସୀତା, ଲକ୍ଷ୍ମଣ ଓ ଶ୍ରୀରାମ ଫଳମୂଳ ଖାଇଲେ । ତା'ପରେ ମୁନି ସେମାନଙ୍କୁ ବିଶ୍ରାମ କରିବାର ସ୍ଥାନ ଦେଖାଇଦେଲେ ॥ ୨ ॥

**ବାଲମୀକି ମନ ଆନଁଦୁ ଭାରୀ । ମଂଗଲ ମୂରତି ନୟନ ନିହାରୀ ॥**
**ତବ କର କମଲ ଜୋରି ରଘୁରାଈ । ବୋଲେ ବଚନ ଶ୍ରଓ୍ୱନ ସୁଖଦାଈ ॥ ୩ ॥**

ଶ୍ରୀରାମଙ୍କ ନିକଟରେ ବସି ଏବଂ ତାଙ୍କର ମଙ୍ଗଳମୟ ମୂର୍ତ୍ତିକୁ ନୟନ ଭରି ଦର୍ଶନ କରି ବାଲ୍ମୀକିଙ୍କ ମନରେ ବିଶେଷ ଆନନ୍ଦ ଜାତ ହେଲା । ଶ୍ରୀରଘୁନାଥ ନିଜର କରକମଳ ଯୋଡ଼ି ମଧୁର କଣ୍ଠରେ କହିଲେ,॥ ୩॥

**ତୁହ୍ମ ତ୍ରିକାଲ ଦରସୀ ମୁନିନାଥା । ବିସ୍ୱ ବଦର ଜିମି ତୁହ୍ମରେଁ ହାଥା ॥**
**ଅସ କହି ପ୍ରଭୁ ସବ କଥା ବଖାନୀ । ଜେହି ଜେହି ଭାଁତି ଦୀହ୍ନ ବନୁ ରାନୀ ॥ ୪ ॥**

''ହେ ମୁନିନାଥ ! ଆପଣ ତ୍ରିକାଳଦର୍ଶୀ । ସମ୍ପୂର୍ଣ୍ଣ ବିଶ୍ୱ ଆପଣଙ୍କ ନିମନ୍ତେ କରତଳଗତ ବରକୋଳି ପରି ।'' ଏପରି କହିବା ପରେ ରାଣୀ କୈକେୟୀ କିପରି ବନବାସ ଦେଲେ, ପ୍ରଭୁ ଶ୍ରୀରାମ ତାହା ବିସ୍ତାରିତଭାବରେ କହିଲେ ॥ ୪ ॥

ଦୋ:- **ତାତ ବଚନ ପୁନି ମାତୁ ହିତ ଭାଇ ଭରତ ଅସ ରାଉ ।**
**ମୋ କହୁଁ ଦରସ ତୁହ୍ମାର ପ୍ରଭୁ ସବୁ ମମ ପୁନ୍ୟ ପ୍ରଭାଉ ॥ ୧୨୫ ॥**

[ଏବଂ କହିଲେ,] ''ହେ ପ୍ରଭୁ ! ପିତାଙ୍କ ଆଜ୍ଞାପାଳନ, ମାତାଙ୍କର ହିତସାଧନ, ଭରତ ପରି [ସ୍ନେହୀ ଓ ଧର୍ମପରାୟଣ] ଭାଇର ରାଜପଦଲାଭ ଏବଂ ଆପଣଙ୍କ ଦର୍ଶନ—ଏସବୁ ହେଉଛି ମୋର ପୁଣ୍ୟରହିଁ ପ୍ରଭାବ ॥ ୧୨୫ ॥

**ଦେଖି ପାୟ ମୁନିରାୟ ତୁହ୍ମାରେ । ଭଏ ସୁକୃତ ସବ ସୁଫଲ ହମାରେ ॥**
**ଅବ ଜହଁ ରାଉର ଆୟସୁ ହୋଈ । ମୁନି ଉଦବେଗୁ ନ ପାୱୈ କୋଈ ॥ ୧ ॥**

ହେ ମୁନିରାଜ ! ଆପଣଙ୍କ ଚରଣଦର୍ଶନ କରି ଆଜି ଆମକୁ ସକଳ ପୁଣ୍ୟର ଫଳ ମିଳିଗଲା । ବର୍ତ୍ତମାନ ଯେଉଁଠି ଆପଣଙ୍କ ଆଜ୍ଞା ହେବ ଏବଂ ଯେଉଁଠି ଆମେ କୌଣସି ମୁନିଙ୍କର ଉଦ୍‌ବେଗର କାରଣ ନ ହେବୁ, ସେଠାକୁ ଗ୍ଭଲିଯିବୁ ॥ ୧ ॥

**ମୁନି ତାପସ ଜିହ୍ନ ତେଁ ଦୁଖୁ ଲହହୀଁ । ତେ ନରେସ ବିନୁ ପାୱକ ଦହହୀଁ ॥**
**ମଂଗଲ ମୂଲ ବିପ୍ର ପରିତୋଷୂ । ଦହଇ କୋଟି କୁଲ ଭୂସୁର ରୋଷୂ ॥ ୨ ॥**

କାରଣ, ଯେଉଁ ରାଜା ହେତୁ ମୁନି ଓ ତପସ୍ୱୀ ଦୁଃଖ ପାଆନ୍ତି, ସେ ବିନାଅଗ୍ନିରେ ହିଁ [ନିଜର ଦୁଷ୍ଟ କର୍ମଦ୍ୱାରା] ଜଳି ଭସ୍ମ ହୋଇଯାଏ । ବ୍ରାହ୍ମଣମାନଙ୍କର ସନ୍ତୋଷହିଁ ସକଳ ମଙ୍ଗଳର ମୂଳ ଏବଂ ବ୍ରାହ୍ମଣମାନଙ୍କର କ୍ରୋଧ କୋଟି କୋଟି (ଅଗଣିତ) ବଂଶକୁ ଭସ୍ମ କରିଦିଏ; ॥ ୨ ॥

**ଅସ ଜିୟଁ ଜାନି କହିଅ ସୋଇ ଠାଉଁ । ସିୟ ସୌମିତ୍ରି ସହିତ ଜହଁ ଜାଉଁ ॥**
**ତହଁ ରଚି ରୁଚିର ପରନ ତୃନ ସାଲା । ବାସୁ କରୌଁ କଛୁ କାଲ କୃପାଲା ॥ ୩ ॥**

ଏହା ହୃଦୟଙ୍ଗମ କରି, ମୋତେ ସେହିପରି ଗୋଟିଏ ସ୍ଥାନ କହିଦିଅନ୍ତୁ ଯେଉଁଠିକୁ ଲକ୍ଷ୍ମଣ ଓ ସୀତାଙ୍କ ସହିତ ମୁଁ ଗ୍ଭଲିଯିବି ଏବଂ ପତ୍ର ଓ ତୃଣର କୁଟୀରଟିଏ ନିର୍ମାଣ କରି, କିଛିକାଳ ନିବାସ କରିବି ॥ ୩ ॥

**ସହଜ ସରଲ ସୁନି ରଘୁବର ବାନୀ । ସାଧୁ ସାଧୁ ବୋଲେ ମୁନି ଗ୍ୟାନୀ ॥**
**କସ ନ କହହୁ ଅସ ରଘୁକୁଲକେତୂ । ତୁହ୍ମ ପାଲକ ସଂତତ ଶ୍ରୁତି ସେତୂ ॥ ୪ ॥**

ଶ୍ରୀରାମଙ୍କର ସହଜସରଳ ବାଣୀ ଶୁଣି ଜ୍ଞାନୀମୁନି ବାଲ୍ମୀକି କହିଲେ, ‘‘ଧନ୍ୟ ! ଧନ୍ୟ ! ହେ ରଘୁକୁଳର ଧ୍ୱଜା ! ଆପଣ ବା ଏପରି ନ କହିବେ କାହିଁକି ! ଆପଣ ତ ସର୍ବଦା ବେଦର ମର୍ଯ୍ୟାଦା ପାଳନ କରନ୍ତି ॥ ୪ ॥

ଛନ୍ଦ- **ଶ୍ରୁତି ସେତୁ ପାଲକ ରାମ ତୁହ୍ମ ଜଗଦୀସ ମାୟା ଜାନକୀ ।**
**ଜୋ ସୃଜତି ଜଗୁ ପାଲତି ହରତି ରୁଖ ପାଇ କୃପାନିଧାନ କୀ ॥**
**ଜୋ ସହସସୀସୁ ଅହୀସୁ ମହିଧରୁ ଲଖନୁ ସଚରାଚର ଧନୀ ।**
**ସୁର କାଜ ଧରି ନରରାଜ ତନୁ ଚଲେ ଦଲନ ଖଲ ନିସିଚର ଅନୀ ॥**

ହେ ରାମ ! ଆପଣ ତ ବେଦମର୍ଯ୍ୟାଦାର ରକ୍ଷକ ଜଗଦୀଶ୍ୱର ଏବଂ ଜାନକୀ ହେଉଛନ୍ତି ଆପଣଙ୍କ ସ୍ୱରୂପଭୂତା ମାୟା । ସେ କୃପାନିଧିଙ୍କର (ଆପଣଙ୍କର) ଇଙ୍ଗିତ ପାଇ ଜଗତର ସୃଜନ, ପାଳନ ଓ ସଂହାର କରନ୍ତି । ଯେଉଁ ସହସ୍ରଶିରଧାରୀ ସର୍ପରାଜ ପୃଥିବୀକୁ ଆପଣା ମସ୍ତକରେ ଧାରଣ କରନ୍ତି, ସେହି ଚରାଚରର ସ୍ୱାମୀ ଶେଷଦେବହିଁ ଲକ୍ଷ୍ମଣ । ଦେବତାମାନଙ୍କର କାର୍ଯ୍ୟ ସମ୍ପାଦନ ନିମନ୍ତେ ଆପଣ ରାଜଶରୀର ଧାରଣ କରି ଦୁଷ୍ଟ ରାକ୍ଷସମାନଙ୍କ ସେନାକୁ ବିନାଶ କରିବା ଉଦ୍ଦେଶ୍ୟରେ ବାହାରିଛନ୍ତି ।

ସୋଃ- **ରାମ ସରୂପ ତୁହ୍ମାର ବଚନ ଅଗୋଚର ବୁଦ୍ଧିପର ।**
**ଅବିଗତ ଅକଥ ଅପାର ନେତି ନେତି ନିତ ନିଗମ କହ ॥ ୧୨୬ ॥**

ହେ ରାମ ! ଆପଣଙ୍କ ସ୍ୱରୂପ ବାଣୀର ଅଗୋଚର, ବୁଦ୍ଧିର ଅତୀତ, ଅବ୍ୟକ୍ତ, ଅବର୍ଣ୍ଣନୀୟ ଓ ଅପାର । ବେଦଗଣ ନିରନ୍ତର ‘ନେତି-ନେତି’ କହି ତାହା ବର୍ଣ୍ଣନା କରନ୍ତି ॥ ୧୨୬ ॥

**ଜଗୁ ପେଖନ ତୁହ୍ମ ଦେଖନିହାରେ । ବିଧି ହରି ସଂଭୁ ନଚାୱନିହାରେ ॥**
**ତେଉ ନ ଜାନହିଁ ମରମୁ ତୁହ୍ମାରା । ଔରୁ ତୁହ୍ମହି କୋ ଜାନନିହାରା ॥ ୧ ॥**

ହେ ରାମ ! ଜଗତ୍ ହେଉଛି ଦୃଶ୍ୟ ଏବଂ ଆପଣ ହେଉଛନ୍ତି ତା'ର ଦ୍ରଷ୍ଟା । ଆପଣ ବ୍ରହ୍ମା, ବିଷ୍ଣୁ ଓ ଶଙ୍କରଙ୍କୁ ସୁଦ୍ଧା ନଚାଇଥାନ୍ତି । ଯେଉଁଠି ସେମାନେ ବି ଆପଣଙ୍କ ମର୍ମ (ରହସ୍ୟ) ଜାଣିପାରନ୍ତି ନାହିଁ, ସେ ସ୍ଥଳରେ ଆପଣଙ୍କୁ ଆଉ କିଏ ବା ଜାଣିପାରିବ ? ॥ ୧ ॥

**ସୋଇ ଜାନଇ ଜେହି ଦେହୁ ଜନାଈ । ଜାନତ ତୁହ୍ମହି ତୁହ୍ମଇ ହୋଇ ଜାଈ ॥**
**ତୁହ୍ମରିହି କୃପାଁ ତୁହ୍ମହି ରଘୁନଂଦନ । ଜାନହିଁ ଭଗତ ଭଗତ ଉର ଚଂଦନ ॥ ୨ ॥**

ଆପଣ ଯାହାକୁ ଜଣାଇଦିଅନ୍ତି, କେବଳ ସେ ହିଁ ଆପଣଙ୍କୁ ଜାଣିପାରେ ଏବଂ ଜାଣିଯିବାମାତ୍ରେ ସେ ଆପଣଙ୍କ ସ୍ୱରୂପ ହୋଇଯାଏ । ହେ ରଘୁନନ୍ଦନ ! ହେ ଭକ୍ତମାନଙ୍କ ହୃଦୟର ଚନ୍ଦନ ! ଆପଣଙ୍କ କୃପାରୁହିଁ ଭକ୍ତମାନେ ଆପଣଙ୍କୁ ଜାଣିପାରନ୍ତି ॥ ୨ ॥

**ଚିଦାନଂଦମୟ ଦେହ ତୁହ୍ମାରୀ । ବିଗତ ବିକାର ଜାନ ଅଧିକାରୀ ॥**
**ନର ତନୁ ଧରେହୁ ସଂତ ସୁର କାଜା । କହହୁ କରହୁ ଜସ ପ୍ରାକୃତ ରାଜା ॥ ୩ ॥**

ଆପଣଙ୍କ ଦେହ ଚିଦାନନ୍ଦମୟ (ତାହା ପ୍ରକୃତିଜ ପଞ୍ଚମହାଭୂତରେ ଗଢ଼ା, କର୍ମବନ୍ଧନଯୁକ୍ତ, ତ୍ରିଦେହବିଶିଷ୍ଟ ମାୟିକ ନୁହେଁ) ଏବଂ [ଉତ୍ପତ୍ତି-ବିନାଶ, ବୃଦ୍ଧି-କ୍ଷୟ ଆଦି] ଷଡ୍‌ବିକାରରୁ ରହିତ । ଏହି ରହସ୍ୟ ଅଧିକାରୀ (ଭଗବତ୍ ଜ୍ଞାନସମ୍ପନ୍ନ) ପୁରୁଷହିଁ ଜାଣନ୍ତି । ଆପଣ ଦେବତା ଓ ସାଧୁସନ୍ଥଙ୍କ କାର୍ଯ୍ୟ କରିବା ନିମନ୍ତେ ଦିବ୍ୟ ନରଶରୀରର ଧାରଣ କରିଛନ୍ତି ଏବଂ ପ୍ରାକୃତ (ଭୌତିକ ଦେହଧାରୀ, ସାଧାରଣ) ରାଜାଙ୍କ ପରି କଥା କହୁଛନ୍ତି ଓ କାର୍ଯ୍ୟ କରୁଛନ୍ତି ॥ ୩ ॥

**ରାମ ଦେଖି ସୁନି ଚରିତ ତୁହ୍ମାରେ । ଜଡ଼ ମୋହହିଁ ବୁଧ ହୋହିଁ ସୁଖାରେ ॥**
**ତୁହ୍ମ ଜୋ କହହୁ କରହୁ ସବୁ ସାଁଚା । ଜସ କାଛିଅ ତସ ଚାହିଅ ନାଚା ॥ ୪ ॥**

ହେ ରାମ ! ଆପଣଙ୍କ ଚରିତ ଦେଖି ଓ ଶୁଣି ମୂର୍ଖମାନେ ମୋହଗ୍ରସ୍ତ ହୁଅନ୍ତି; କିନ୍ତୁ ଜ୍ଞାନୀମାନେ ଆନନ୍ଦିତ ହୁଅନ୍ତି । ଆପଣ ଯାହାକିଛି କହନ୍ତି ଓ କରନ୍ତି, ସେସବୁ ନିଶ୍ଚିତଭାବରେ ସତ୍ୟ (ଯଥାର୍ଥ); କାରଣ ଯେ ଯେପରି ବେଶ ଧରେ, ସେ ସେହିପରି ନାଚିବା ଉଚିତ । (ଅର୍ଥାତ୍ ବର୍ତ୍ତମାନ ଆପଣ ମନୁଷ୍ୟରୂପ ଧରିଛନ୍ତି, ତେଣୁ ମନୁଷ୍ୟୋଚିତ ବ୍ୟବହାର କରିବା ଯଥାର୍ଥ ।) ॥ ୪ ॥

ଦୋଃ- **ପୂଁଛେହୁ ମୋହି କି ରହୌଁ କହଁ ମୈଁ ପୂଁଛତ ସକୁଚାଉଁ ।**
**ଜହଁ ନ ହୋହୁ ତହଁ ଦେହୁ କହି ତୁହ୍ମହି ଦେଖାୱୌଁ ଠାଉଁ ॥ ୧୨୭ ॥**

ଆପଣ ମୋତେ ପଚାରୁଛନ୍ତି, 'ମୁଁ କେଉଁଠି ରହିବି?' କିନ୍ତୁ ମୋତେ ପଚାରିବାକୁ ସଂକୋଚ ଲାଗୁଛି ଯେ, ଆପଣ କେଉଁଠି ନାହାନ୍ତି, ସେହି ସ୍ଥାନଟି ଆଗ ଦେଖାନ୍ତୁ। ତା'ପରେ ମୁଁ ଆପଣଙ୍କୁ ରହିବାପାଇଁ ସ୍ଥାନ ଦେଖାଇଦେବି ।'' ॥ ୧୨୭ ॥

**ସୁନି ମୁନି ବଚନ ପ୍ରେମ ରସସାନେ । ସକୁଚି ରାମ ମନ ମହୁଁ ମୁସୁକାନେ ॥**
**ବାଲମୀକି ହଁସି କହହିଁ ବହୋରୀ । ବାନୀ ମଧୁର ଅମିଅ ରସ ବୋରୀ ॥ ୧ ॥**

ମୁନିଙ୍କ ପ୍ରେମରସସିକ୍ତ ବଚନ ଶୁଣି ଶ୍ରୀରାମ [ରହସ୍ୟ ଜଣାପଡ଼ିଯିବା ଭୟରେ] ସଂକୋଚପୂର୍ବକ ମନେ ମନେ ମୁରୁକି ମୁରୁକି ହସିଲେ । ବାଲ୍ମୀକି ପୁଣି ଥରେ ହସି ହସି ଅମୃତରସସିକ୍ତ ମଧୁର ବଚନ କହିଲେ, ॥ ୧ ॥

**ସୁନହୁ ରାମ ଅବ କହଉଁ ନିକେତା । ଜହାଁ ବସହୁ ସିୟ ଲଖନ ସମେତା ॥**
**ଜିନ୍ହ କେ ଶ୍ରୱନ ସମୁଦ୍ର ସମାନା । କଥା ତୁହ୍ମାରି ସୁଭଗ ସରି ନାନା ॥ ୨ ॥**
**ଭରହିଁ ନିରଂତର ହୋହିଁ ନ ପୂରେ । ତିନ୍ହ କେ ହିୟ ତୁହ୍ମ କହୁଁ ଗୃହ ରୂରେ ॥**
**ଲୋଚନ ଚାତକ ଜିନ୍ହ କରି ରାଖେ । ରହହିଁ ଦରସ ଜଲଧର ଅଭିଲାଷେ ॥ ୩ ॥**

"ହେ ଶ୍ରୀରାମ ! ଯେଉଁଠି ଆପଣ, ସୀତା ଓ ଲକ୍ଷ୍ମଣ ବାସ କରିବେ, ମୁଁ ସେହି ସ୍ଥାନ ବିଷୟରେ କହୁଛି, ଶୁଣନ୍ତୁ । ଯାହାଙ୍କର କର୍ଣ୍ଣରୂପୀ ସମୁଦ୍ରରେ ଆପଣଙ୍କର ବିଭିନ୍ନ ସୁନ୍ଦର ଚରିତରୂପୀ ନଦୀମାନେ ନିରନ୍ତର ପ୍ରବେଶ କରୁଛନ୍ତି; କିନ୍ତୁ ସେହି ସମୁଦ୍ର କେବେ ବି ପୂର୍ଣ୍ଣ (ତୃପ୍ତ) ହେଉ ନାହିଁ (ଅର୍ଥାତ୍ ଯେଉଁମାନେ ଆପଣଙ୍କ ଚରିତ ଶୁଣିବାକୁ ସଦା ଲାଳାୟିତ), ସେହିମାନଙ୍କର ହୃଦୟ ହେଉଛି ଆପଣଙ୍କର ସୁନ୍ଦର ନିବାସ ଏବଂ ଯେଉଁମାନଙ୍କ ନେତ୍ର ଆପଣଙ୍କ ଦର୍ଶନରୂପୀ ମେଘନିମନ୍ତେ ଚାତକ ପରି ସଦା ଲାଳାୟିତ, ॥ ୨-୩ ॥

**ନିଦରହିଁ ସରିତ ସିଂଧୁ ସର ଭାରୀ । ରୂପ ବିଂଦୁ ଜଲ ହୋହିଁ ସୁଖାରୀ ॥**
**ତିନ୍ହ କେଁ ହୃଦୟ ସଦନ ସୁଖଦାୟକ । ବସହୁ ବଂଧୁ ସିୟ ସହ ରଘୁନାୟକ ॥ ୪ ॥**

ଯେଉଁମାନେ ବଡ଼ ବଡ଼ ନଦୀ, ସମୁଦ୍ର ଓ ହ୍ରଦମାନଙ୍କୁ ନିରାଦର କରି ଆପଣଙ୍କ ସୌନ୍ଦର୍ଯ୍ୟରୂପୀ ମେଘର ଗୋଟିଏମାତ୍ର ଜଳବିନ୍ଦୁରେ ସୁଖୀ ହୋଇଯାଆନ୍ତି (ଅର୍ଥାତ୍ ମର୍ତ୍ତ୍ୟ, ସ୍ୱର୍ଗ ଓ ବ୍ରହ୍ମଲୋକର ସୌନ୍ଦର୍ଯ୍ୟାବଳୀକୁ ତିରସ୍କାର କରି ଆପଣଙ୍କ ସଚ୍ଚିଦାନନ୍ଦମୟ ସ୍ୱରୂପର କୌଣସି ଗୋଟିଏ ଅଙ୍ଗର ଯତ୍କିଞ୍ଚିତ୍ ଦୃଶ୍ୟରେ ବିମୁଗ୍ଧ ହୋଇଯାଆନ୍ତି), ହେ ରଘୁନାଥ ! ସେହିମାନଙ୍କର ସୁଖଦାୟକ ହୃଦୟମନ୍ଦିରମାନଙ୍କରେ ଆପଣ ଅନୁଜ ଲକ୍ଷ୍ମଣ ଓ ସୀତାଙ୍କ ସହିତ ନିବାସ କରନ୍ତୁ ॥ ୪ ॥

ଦୋ:- **ଜସୁ ତୁହ୍ମାର ମାନସ ବିମଲ ହଂସିନି ଜୀହା ଜାସୁ ।**
**ମୁକତାହଲ ଗୁନ ଗନ ଚୁନଇ ରାମ ବସହୁ ହିୟଁ ତାସୁ ॥ ୧୨୮ ॥**

ଆପଣଙ୍କର ଯଶରୂପୀ ନିର୍ମଳ ମାନସରୋବରରେ ଯାହାଙ୍କର ଜିହ୍ୱା ରାଜହଂସୀ ହୋଇ ଆପଣଙ୍କର ଗୁଣସମୂହରୂପୀ ମୋତିମାନଙ୍କୁ ଚୟନ କରୁଥାଏ, ହେ ଶ୍ରୀରାମ ! ଆପଣ ତାହାଙ୍କ ହୃଦୟରେ ନିବାସ କରନ୍ତୁ ॥ ୧୨୮ ॥

**ପ୍ରଭୁ ପ୍ରସାଦ ସୁଚି ସୁଭଗ ସୁବାସା । ସାଦର ଜାସୁ ଲହଇ ନିତ ନାସା ॥**
**ତୁହ୍ମହି ନିବେଦିତ ଭୋଜନ କରହୀଁ । ପ୍ରଭୁ ପ୍ରସାଦ ପଟ ଭୂଷନ ଧରହୀଁ ॥ ୧ ॥**

"ଯାହାଙ୍କର ନାସିକା ପ୍ରଭୁଙ୍କ(ଆପଣଙ୍କ)ର ପବିତ୍ର ଓ ସୁଗନ୍ଧିତ ପୁଷ୍ପାଦି ସୁନ୍ଦର ପ୍ରସାଦ ନିତ୍ୟ ଆଦରର ସହିତ ଆଘ୍ରାଣ କରେ ଏବଂ ଯେ ଆପଣଙ୍କୁ ନୈବେଦ୍ୟ ଅର୍ପଣ କରି ଭୋଜନ କରନ୍ତି ଏବଂ ଆପଣଙ୍କ ପ୍ରସାଦରୂପରେହିଁ ବସ୍ତ୍ରାଭୂଷଣ ଧାରଣ କରନ୍ତି, ଆପଣ ତାଙ୍କରି ହୃଦୟରେ ନିବାସ କରନ୍ତୁ ॥ ୧ ॥

**ସୀସ ନୱହିଁ ସୁର ଗୁରୁ ଦ୍ୱିଜ ଦେଖୀ । ପ୍ରୀତି ସହିତ କରି ବିନୟ ବିସେଷୀ ॥**
**କର ନିତ କରହିଁ ରାମ ପଦ ପୂଜା । ରାମ ଭରୋସ ହୃଦୟଁ ନହିଁ ଦୂଜା ॥ ୨ ॥**

ଯାହାଙ୍କର ମସ୍ତକ ଦେବତା, ଗୁରୁ ଓ ବ୍ରାହ୍ମଣମାନଙ୍କୁ ଦେଖି ବଡ଼ ନମ୍ରତାର ସହିତ ପ୍ରେମରେ ଆନତ ହୋଇଯାଏ, ଯାହାଙ୍କର ହସ୍ତ ନିତ୍ୟ ଶ୍ରୀରାମଙ୍କ (ଆପଣଙ୍କ) ଚରଣ ପୂଜା କରେ ଏବଂ ଯାହାଙ୍କ ହୃଦୟରେ ଶ୍ରୀରାମ(ଆପଣ)ହିଁ ଭରସା, ଅନ୍ୟ କେହି ନୁହେଁ, ॥ ୨ ॥

**ଚରନ ରାମ ତୀରଥ ଚଲି ଜାହୀଁ । ରାମ ବସହୁ ତିନ୍ହ କେ ମନ ମାହୀଁ ॥**
**ମଂତ୍ରରାଜୁ ନିତ ଜପହିଁ ତୁହ୍ମାରା । ପୂଜହିଁ ତୁହ୍ମହି ସହିତ ପରିୱାରା ॥ ୩ ॥**

ଯାହାଙ୍କ ଚରଣ ଶ୍ରୀରାମ (ଆପଣ)ଙ୍କ ତୀର୍ଥକୁ ଚାଲିଯାଏ, ହେ ଶ୍ରୀରାମ ! ଆପଣ ସେହିମାନଙ୍କ ମନରେ ନିବାସ କରନ୍ତୁ । ଯେଉଁମାନେ ଆପଣଙ୍କ ମନ୍ତ୍ରରାଜ ନିତ୍ୟ ଜପ କରନ୍ତି ଓ ସପରିବାର ଆପଣଙ୍କର ପୂଜା କରନ୍ତି, ॥ ୩ ॥

**ତରପନ ହୋମ କରହିଁ ବିଧି ନାନା । ବିପ୍ର ଜେୱାଁଇ ଦେହିଁ ବହୁ ଦାନା ॥**
**ତୁହ୍ମ ତେଁ ଅଧିକ ଗୁରହି ଜିୟଁ ଜାନୀ । ସକଲ ଭାୟଁ ସେୱହିଁ ସନମାନୀ ॥ ୪ ॥**

ଯେଉଁମାନେ ବିବିଧ ତର୍ପଣ ଓ ହବନ କରନ୍ତି ତଥା ବ୍ରାହ୍ମଣମାନଙ୍କୁ ଭୋଜନ କରାଇ ବହୁ ଦାନ ଦିଅନ୍ତି ଏବଂ ଯେଉଁମାନେ ଗୁରୁଙ୍କୁ ଆପଣଙ୍କ ଠାରୁ ମଧ୍ୟ ବଡ଼ ବୋଲି ଜାଣି, ହୃଦୟରେ ସର୍ବତୋଭାବେ ସମ୍ମାନ ଦେଇ ତାଙ୍କର ସେବା କରନ୍ତି—॥ ୪ ॥

ଦୋ:- **ସବୁ କରି ମାଗହିଁ ଏକ ଫଲୁ ରାମ ଚରନ ରତି ହୋଉ ।**
**ତିହ୍ନ କେଁ ମନ ମଂଦିର ବସହୁ ସିୟ ରଘୁନଂଦନ ଦୋଉ ॥ ୧୨୯ ॥**

ଏବଂ ଏହିସବୁ କର୍ମ କରି ଫଳସ୍ୱରୂପ କେବଳ ଆପଣଙ୍କ ଚରଣରେ ପ୍ରୀତି ପ୍ରାର୍ଥନା କରନ୍ତି, ହେ ସୀତା-ରଘୁନନ୍ଦନ !ସେହିମାନଙ୍କ ମନମନ୍ଦିରରେ, ଆପଣ ଦୁହେଁ ନିବାସ କରନ୍ତୁ ॥ ୧୨୯ ॥

**କାମ କୋହ ମଦ ମାନ ନ ମୋହା । ଲୋଭ ନ ଛୋଭ ନ ରାଗ ନ ଦ୍ରୋହା ॥**
**ଜିହ୍ନ କେଁ କପଟ ଦଂଭ ନହିଁ ମାୟା । ତିହ୍ନ କେଁ ହୃଦୟ ବସହୁ ରଘୁରାୟା ॥ ୧ ॥**

ଯେଉଁମାନଙ୍କର କାମ, କ୍ରୋଧ, ମଦ, ମୋହ ଓ ଅଭିମାନ ନାହିଁ, ଲୋଭ, କ୍ଷୋଭ, ରାଗ-ଦ୍ୱେଷ ନାହିଁ, ଏବଂ ଯେଉଁମାନଙ୍କର କପଟ, ଦମ୍ଭ ଓ ମାୟା ନାହିଁ, ହେ ରଘୁରାଜ ! ଆପଣ ସେହିମାନଙ୍କ ହୃଦୟରେ ନିବାସ କରନ୍ତୁ ॥ ୧ ॥

**ସବ କେ ପ୍ରିୟ ସବ କେ ହିତକାରୀ । ଦୁଖ ସୁଖ ସରିସ ପ୍ରସଂସା ଗାରୀ ॥**
**କହହିଁ ସତ୍ୟ ପ୍ରିୟ ବଚନ ବିଚାରୀ । ଜାଗତ ସୋୱତ ସରନ ତୁହ୍ମାରୀ ॥ ୨ ॥**

ଯେଉଁମାନେ ସମସ୍ତଙ୍କର ପ୍ରିୟ ଓ ସମସ୍ତଙ୍କର ହିତକାରୀ, ଯେଉଁମାନେ ଦୁଃଖ ଓ ସୁଖକୁ, ନିନ୍ଦା ଓ ପ୍ରଶଂସାକୁ ସମାନ ବୁଝନ୍ତି, ଯେଉଁମାନେ ବୁଝିବିଚାରି ସତ୍ୟ ଓ ପ୍ରିୟ ବଚନ କହନ୍ତି ତଥା କି ଜାଗ୍ରତ, କି ନିଦ୍ରା ସର୍ବଦା ଆପଣଙ୍କରହିଁ ଶରଣାପନ୍ନ ହୋଇ ରହନ୍ତି; ॥ ୨ ॥

**ତୁହ୍ମହି ଛାଡ଼ି ଗତି ଦୂସରି ନାହୀଁ । ରାମ ବସହୁ ତିହ୍ନ କେ ମନ ମାହୀଁ ॥**
**ଜନନୀ ସମ ଜାନହିଁ ପରନାରୀ । ଧନୁ ପରାୱ ବିଷ ତେଁ ବିଷ ଭାରୀ ॥ ୩ ॥**

ଆପଣଙ୍କୁ ଛାଡ଼ି ଯେଉଁମାନଙ୍କର ଅନ୍ୟ କୌଣସି ଗତି (ଆଶ୍ରୟ) ନାହିଁ, ହେ ଶ୍ରୀରାମ ! ଆପଣ ସେହିମାନଙ୍କ ମନରେ ନିବାସ କରନ୍ତୁ । ଯେଉଁମାନେ ପରସ୍ତ୍ରୀକୁ ଜନ୍ମଦାତ୍ରୀ ମାତାସମାନ ମଣନ୍ତି ଏବଂ ପରଧନ ଯାହାଙ୍କୁ ବିଷଠାରୁ ବି ଅଧିକ ବିଷାକ୍ତ ଲାଗେ, ॥ ୩ ॥

**ଜେ ହରଷହିଁ ପର ସଂପତି ଦେଖୀ । ଦୁଖିତ ହୋହିଁ ପର ବିପତି ବିସେଷୀ ॥**
**ଜିହ୍ନହି ରାମ ତୁହ୍ମ ପ୍ରାନପିଆରେ । ତିହ୍ନ କେ ମନ ସୁଭ ସଦନ ତୁହ୍ମାରେ ॥ ୪ ॥**

ଯେଉଁମାନେ ଅନ୍ୟର ସମ୍ପତ୍ତି ଦେଖି ହର୍ଷିତ ହୁଅନ୍ତି ଏବଂ ଅନ୍ୟର ବିପତ୍ତି ଦେଖି ଅତ୍ୟନ୍ତ ଦୁଃଖିତ ହୁଅନ୍ତି ଏବଂ ହେ ସ୍ୱାମୀ ! ଯେଉଁମାନେ ଆପଣଙ୍କୁ ପ୍ରାଣସମାନ ପ୍ରିୟ ମଣନ୍ତି, ସେହିମାନଙ୍କର ମନ ହେଉଛି ଆପଣଙ୍କର ନିବାସଯୋଗ୍ୟ ଶୁଭଦ ଭବନ ॥ ୪ ॥

ଦୋ:- **ସ୍ୱାମି ସଖା ପିତୁ ମାତୁ ଗୁର ଜିନ୍ହ କେ ସବ ତୁମ୍ହ ତାତ ।**
**ମନ ମଂଦିର ତିନ୍ହ କେଁ ବସହୁ ସୀୟ ସହିତ ଦୋଉ ଭ୍ରାତ ॥ ୧୩୦ ॥**

ହେ ତାତ ! ଆପଣହିଁ ଯେଉଁମାନଙ୍କର ସ୍ୱାମୀ, ସଖା, ପିତା, ମାତା ଓ ଗୁରୁ—ସବୁକିଛି, ସୀତାଙ୍କ ସହିତ ଆପଣ ଦୁଇଭାଇ ସେହିମାନଙ୍କ ମନମନ୍ଦିରରେ ନିବାସ କରନ୍ତୁ ॥ ୧୩୦ ॥

**ଅୱଗୁନ ତଜି ସବ କେ ଗୁନ ଗହହୀଁ । ବିପ୍ର ଧେନୁ ହିତ ସଂକଟ ସହହୀଁ ॥**
**ନୀତି ନିପୁନ ଜିନ୍ହ କଇ ଜଗ ଲୀକା । ଘର ତୁମ୍ହାର ତିନ୍ହ କର ମନୁ ନୀକା ॥ ୧ ॥**

ଯେଉଁମାନେ ଅବଗୁଣକୁ ଛାଡ଼ି ସମସ୍ତଙ୍କର କେବଳ ସୁଗୁଣ ଗ୍ରହଣ କରନ୍ତି, ବ୍ରାହ୍ମଣ ଓ ଗୋଜାତିର ରକ୍ଷା ନିମନ୍ତେ ବିପଦ ସହ୍ୟ କରନ୍ତି, ନିଜର ନୀତିନିପୁଣତାବଳରେ ଜଗତରେ ମର୍ଯ୍ୟାଦା ସ୍ଥାପନ କରନ୍ତି, ସେହିମାନଙ୍କର ସୁନ୍ଦର ମନ ହେଉଛି ଆପଣଙ୍କର ଗୃହ ॥ ୧ ॥

**ଗୁନ ତୁମ୍ହାର ସମୁଝଇ ନିଜ ଦୋସା । ଜେହି ସବ ଭାଁତି ତୁମ୍ହାର ଭରୋସା ॥**
**ରାମ ଭଗତ ପ୍ରିୟ ଲାଗହିଁ ଜେହୀ । ତେହି ଉର ବସହୁ ସହିତ ବୈଦେହୀ ॥ ୨ ॥**

ଯେ ଗୁଣକୁ ଆପଣଙ୍କର ଓ ଦୋଷକୁ ନିଜର ବୋଲି ବୁଝେ, ସବୁପ୍ରକାରେ ଆପଣଙ୍କୁହିଁ ଭରସା କରିଥାଏ ଏବଂ ଯାହାକୁ ରାମଭକ୍ତମାନେ ପ୍ରିୟ ଲାଗନ୍ତି, ଆପଣ ଶ୍ରୀସୀତାଙ୍କ ସହିତ ତା'ରି ହୃଦୟରେ ନିବାସ କରନ୍ତୁ ॥ ୨ ॥

**ଜାତି ପାଁତି ଧନୁ ଧରମୁ ବଡ଼ାଈ । ପ୍ରିୟ ପରିୱାର ସଦନ ସୁଖଦାଈ ॥**
**ସବ ତଜି ତୁମ୍ହହି ରହଇ ଉର ଲାଈ । ତେହି କେ ହୃଦୟଁ ରହହୁ ରଘୁରାଈ ॥ ୩ ॥**

ଯେ ଜାତି, ପଙ୍‌କ୍ତି, ଧନ, ଧର୍ମ, ବଡ଼ିମା, ପ୍ରିୟପରିବାର ଓ ସୁଖପ୍ରଦ-ଗୃହ—ସବୁକିଛି ଛାଡ଼ିଦେଇ କେବଳ ଆପଣଙ୍କୁ ହୃଦୟରେ ଧାରଣ କରିଥାଏ, ହେ ରଘୁନାଥ ! ଆପଣ ତାହାରି ହୃଦୟରେ ରହନ୍ତୁ ॥ ୩ ॥

**ସରଗୁ ନରକୁ ଅପବରଗୁ ସମାନା । ଜହଁ ତହଁ ଦେଖ ଧରେଁ ଧନୁ ବାନା ॥**
**କରମ ବଚନ ମନ ରାଉର ଚେରା । ରାମ କରହୁ ତେହି କେଁ ଉର ଡେରା ॥ ୪ ॥**

ଯାହା ଦୃଷ୍ଟିରେ ସ୍ୱର୍ଗ, ନରକ, ମୋକ୍ଷ—ସବୁ ସମାନ, କାରଣ ସେ ସର୍ବତ୍ର କେବଳ ଧନୁର୍ବାଣଧାରୀ ଆପଣଙ୍କୁହିଁ ଦେଖେ ଏବଂ ଯେ ବଚନ, ମନ ଓ କର୍ମରେ କେବଳ ଆପଣଙ୍କର ଦାସ, ହେ ଶ୍ରୀରାମ ! ଆପଣ ତାହାରି ହୃଦୟରେ ନିବାସ କରନ୍ତୁ ॥ ୪ ॥

ଦୋ:- **ଜାହି ନ ଚ୍ୟାହିଅ କବହୁଁ କଛୁ ତୁମ୍ହ ସନ ସହଜ ସନେହୁ ।**
**ବସହୁ ନିରଂତର ତାସୁ ମନ ସୋ ରାଉର ନିଜ ଗେହୁ ॥ ୧୩୧ ॥**

ଯେ କେବେ କିଛି ଚାହେଁ ନାହିଁ ଓ ଯାହାର ଆପଣଙ୍କ ଠାରେ ଅନାବିଳ ପ୍ରେମ ରହିଛି, ଆପଣ ନିରନ୍ତର ତାହାରି ମନରେ ନିବାସ କରନ୍ତୁ; ତାହା ଆପଣଙ୍କ ନିଜର ଘର ।'' ॥ ୧୩୧ ॥

**ଏହି ବିଧି ମୁନିବର ଭୱନ ଦେଖାଏ । ବଚନ ସପ୍ରେମ ରାମ ମନ ଭାଏ ॥**
**କହ ମୁନି ସୁନହୁ ଭାନୁକୁଲନାୟକ । ଆଶ୍ରମ କହଉଁ ସମୟ ସୁଖଦାୟକ ॥ ୧ ॥**

ମୁନିଶ୍ରେଷ୍ଠ ବାଲ୍ମୀକି ଏହିପରି ଭାବରେ ଶ୍ରୀରାମଙ୍କୁ ନିବାସସ୍ଥାନ ଦେଖାଇଦେଲେ । ଶ୍ରୀରାମଙ୍କ ମନକୁ ତାଙ୍କ ପ୍ରେମପୂର୍ଣ୍ଣ ବଚନ ବିଶେଷ ଭଲ ଲାଗିଲା । ତା'ପରେ ମୁନି କହିଲେ, ''ହେ ସୂର୍ଯ୍ୟବଂଶର ସ୍ୱାମୀ ! ଶୁଣନ୍ତୁ, ଏଥର ମୁଁ ଆପଣଙ୍କୁ ସମୟୋଚିତ ସୁଖପ୍ରଦ ଆଶ୍ରମଟିଏ (ନିବାସସ୍ଥାନ) କହିଦେଉଛି ॥ ୧ ॥

**ଚିତ୍ରକୂଟ ଗିରି କରହୁ ନିୱାସୂ । ତହଁ ତୁହ୍ମାର ସବ ଭାଁତି ସୁପାସୂ ॥**
**ସୈଲୁ ସୁହାୱନ କାନନ ଚ୍ୱରୂ । କରି କେହରି ମୃଗ ବିହଗ ବିହାରୂ ॥ ୨ ॥**

ଆପଣ ଚିତ୍ରକୂଟ ପର୍ବତରେ ନିବାସ କରନ୍ତୁ; ସେଠାରେ ଆପଣଙ୍କ ନିମନ୍ତେ ସକଳପ୍ରକାର ସୁବିଧା ରହିଛି । ସେଠାରେ ସୁରମ୍ୟ ପର୍ବତ ଓ ସୁନ୍ଦର ବନ ରହିଛି । ତାହା ହେଉଛି ହସ୍ତୀ, ସିଂହ, ମୃଗ ଓ ପକ୍ଷୀମାନଙ୍କର ବିହାରସ୍ଥଳ ॥ ୨ ॥

**ନଦୀ ପୁନୀତ ପୁରାନ ବଖାନୀ । ଅତ୍ରିପ୍ରିୟା ନିଜ ତପ ବଲ ଆନୀ ॥**
**ସୁରସରି ଧାର ନାଉଁ ମଂଦାକିନି । ଜୋ ସବ ପାତକ ପୋତକ ଡାକିନି ॥ ୩ ॥**

ସେଠାରେ ଗୋଟିଏ ପୁରାଣପ୍ରସିଦ୍ଧ ପବିତ୍ର ନଦୀ ଅଛି । ସେହି ନଦୀଟିକୁ ଅତ୍ରି ଋଷିଙ୍କର ପତ୍ନୀ ଅନସୂୟା ନିଜ ତପୋବଳରେ ସେଠାକୁ ଆଣିଥିଲେ । ତା'ର ନାମ ମନ୍ଦାକିନୀ । ତାହା ହେଉଛି ଦେବନଦୀ ଗଙ୍ଗାର ଗୋଟିଏ ଧାରା । ସେହି ନଦୀ ସକଳପାପରୂପୀ ବାଳକମାନଙ୍କୁ ଡାକିନୀ ପରି ଖାଇଯାଏ ॥ ୩ ॥

**ଅତ୍ରି ଆଦି ମୁନିବର ବହୁ ବସହୀଁ । କରହିଁ ଜୋଗ ଜପ ତପ ତନ କସହୀଁ ॥**
**ଚଲହୁ ସଫଲ ଶ୍ରମ ସବ କର କରହୂ । ରାମ ଦେହୁ ଗୌରୱ ଗିରିବରହୂ ॥ ୪ ॥**

ସେଠାରେ ଅତ୍ରି ଆଦି ବହୁ ଶ୍ରେଷ୍ଠ ମୁନି ବାସ କରନ୍ତି । ସେମାନେ ତପସ୍ୟା କରି ଯୋଗ, ଜପ ଆଦି ଅଭ୍ୟାସ କରନ୍ତି । ହେ ଶ୍ରୀରାମ ! ଆପଣ ସେଠାକୁ ଯାଆନ୍ତୁ ଏବଂ ସମସ୍ତଙ୍କର ପରିଶ୍ରମକୁ (ସାଧନାକୁ) ସଫଳ କରନ୍ତୁ ତଥା ପର୍ବତଶ୍ରେଷ୍ଠ ଚିତ୍ରକୂଟକୁ ବି ଗୌରବ ପ୍ରଦାନ କରନ୍ତୁ ।'' ॥ ୪ ॥

ଦୋ:- **ଚିତ୍ରକୂଟ ମହିମା ଅମିତ କହୀ ମହାମୁନି ଗାଇ ।**
**ଆଇ ନହାଏ ସରିତ ବର ସିୟ ସମେତ ଦୋଉ ଭାଇ ॥ ୧୩୨ ॥**

ମହାମୁନି ବାଲ୍ମୀକି ଏପରିଭାବରେ ଚିତ୍ରକୂଟର ଅପାର ମହିମା ବୁଝାଇ କହିଦେଲେ । ତା'ପରେ ସୀତାଙ୍କ ସହିତ ରାମଲକ୍ଷ୍ମଣ ଦୁଇଭାଇ ସେଠାକୁ ଯାଇ ସେହି ପବିତ୍ର ନଦୀରେ ସ୍ନାନ କଲେ ॥ ୧୩୨ ॥

**ରଘୁବର କହେଉ ଲଖନ ଭଲ ଘାଟୂ । କରହୁ କତହୁଁ ଅବ ଠାହର ଠାଟୂ ॥**
**ଲଖନ ଦୀଖ ପୟ ଉତର କରାରା । ଚହୁଁ ଦିସି ଫିରେଉ ଧନୁଷ ଜିମି ନାରା ॥ ୧ ॥**

ଶ୍ରୀରାମ କହିଲେ, ''ଲକ୍ଷ୍ମଣ ! ଏଠାରେ ନଦୀ ଘାଟଟି ବଡ଼ ସୁନ୍ଦର ହୋଇଛି; ଏହି ନିକଟରେ କେଉଁଠି ରହିବାର ବ୍ୟବସ୍ଥା କର ।'' ଲକ୍ଷ୍ମଣ ସେହି ପୟସ୍ୱିନୀ ନଦୀର ଉତ୍ତରକୂଳର ଉଚ୍ଚସ୍ଥାନକୁ ନିରୀକ୍ଷଣ କରି କହିଲେ, ''ସେହି ଉଚ୍ଚସ୍ଥାନଟିର ଚତୁର୍ଦିଗରେ ଗୋଟିଏ ନାଳ ଧନୁ ପରି କୁଟିଳ ଗତିରେ ବହିଯାଉଛି ॥ ୧ ॥

**ନଦୀ ପନଚ ସର ସମ ଦମ ଦାନା । ସକଲ କଲୁଷ କଲି ସାଉଜ ନାନା ॥**
**ଚିତ୍ରକୂଟ ଜନୁ ଅଚଲ ଅହେରୀ । ଚୁକଇ ନ ଘାତ ମାର ମୁଠଭେରୀ ॥ ୨ ॥**

ମନ୍ଦାକିନୀ ନଦୀଟି ହେଉଛି ସେହି ଧନୁର ଗୁଣ ଏବଂ ଶମ, ଦମ ଓ ଦାନ ହେଉଛି ବାଣ । କଳିଯୁଗର ସମସ୍ତ ପାପ ହେଉଛି ବିଭିନ୍ନ ଲକ୍ଷ୍ୟସ୍ଥଳରୂପୀ ହିଂସ୍ରପଶୁ ଓ ଚିତ୍ରକୂଟହିଁ ହେଉଛି ସେହି ନିପୁଣ ଶିକାରୀ, ଯାହାର ଲକ୍ଷ୍ୟ ଅବ୍ୟର୍ଥ ଓ ଯେ ସମ୍ମୁଖରୁହିଁ ବାଣ ମାରି ପାପତାପକୁ ଦୂର କରିଦିଏ ।'' ॥ ୨ ॥

**ଅସ କହି ଲଖନ ଠାଉଁ ଦେଖରାୱା । ଥଲୁ ବିଲୋକି ରଘୁବର ସୁଖୁ ପାୱା ॥**
**ରମେଉ ରାମ ମନୁ ଦେୱହ୍ନ ଜାନା । ଚଲେ ସହିତ ସୁର ଥପତି ପ୍ରଧାନା ॥ ୩ ॥**

ଏପରି କହି ଲକ୍ଷ୍ମଣ ସେହି ସ୍ଥାନଟି ଦେଖାଇଦେଲେ । ସ୍ଥାନଟି ଦେଖି ଶ୍ରୀରାମଚନ୍ଦ୍ର ଅତ୍ୟନ୍ତ ଆନନ୍ଦିତ ହେଲେ । ଶ୍ରୀରାମଙ୍କ ମନ ସେଠାରେ ଲାଗିଯିବା କଥା ଜାଣି ଦେବତାମାନେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ସାଥିରେ ନେଇ ସେଠାକୁ ଚାଲିଗଲେ ॥ ୩ ॥

**କୋଲ କିରାତ ବେଷ ସବ ଆଏ । ରଚେ ପରନ ତୃନ ସଦନ ସୁହାଏ ॥**
**ବରନି ନ ଜାହିଁ ମଂଜୁ ଦୁଇ ସାଲା । ଏକ ଲଲିତ ଲଘୁ ଏକ ବିସାଲା ॥ ୪ ॥**

ଦେବତାମାନେ କୋହ୍ଲକିରାତ ବେଶରେ ଆସି ସେଠାରେ ପତ୍ର ଓ ଘାସରେ ଦୁଇଟି ସୁନ୍ଦର କୁଟୀର ତୋଳିଦେଲେ । ସେଥିରୁ ଗୋଟିଏ ଛୋଟ ଏବଂ ଅନ୍ୟଟି ବଡ଼ । ଦୁଇଟିଯାକ ଏଡ଼େ ସୁନ୍ଦର ହୋଇଥିଲା ଯେ, ତାହାର ବର୍ଣ୍ଣନା କରିହେବ ନାହିଁ ॥ ୪ ॥

ଦୋଃ- **ଲଖନ ଜାନକୀ ସହିତ ପ୍ରଭୁ ରାଜତ ରୁଚିର ନିକେତ ।**
**ସୋହ ମଦନୁ ମୁନି ବେଷ ଜନୁ ରତି ରିତୁରାଜ ସମେତ ॥ ୧୩୩ ॥**

ଲକ୍ଷ୍ମଣ ଏବଂ ଜାନକୀଙ୍କ ସହିତ ଶ୍ରୀରାମ ସେହି ସୁନ୍ଦର ପର୍ଣ୍ଣକୁଟୀରରେ ଏପରି ଶୋଭା ପାଇଲେ ଯେ, ଦେଖି ମନେହେଲା, କାମଦେବହିଁ ମୁନିବେଶ ଧାରଣ କରି ରତି ଓ ବସନ୍ତଋତୁ ସହିତ ସେଠାରେ ଶୋଭା ପାଇଲେ ॥ ୧୩୩ ॥

## ମାସପାରାୟଣ, ସପ୍ତଦଶ ବିଶ୍ରାମ

**ଅମର ନାଗ କିଂନର ଦିସିପାଲା । ଚିତ୍ରକୂଟ ଆଏ ତେହି କାଲା ॥**
**ରାମ ପ୍ରନାମୁ କୀହ୍ନ ସବ କାହୂ । ମୁଦିତ ଦେଓ୍ୱ ଲହି ଲୋଚନ ଲାହୂ ॥ ୧ ॥**

ସେହି (ବନବାସ) ସମୟରେ ଦେବତା, ନାଗ, କିନ୍ନର ଓ ଦିଗପାଳମାନେ ଚିତ୍ରକୂଟ ଆସିଲେ; ଶ୍ରୀରାମ ସେମାନଙ୍କୁ ପ୍ରଣାମ କଲେ । ଦେବତାମାନେ ନୟନ ସାର୍ଥକ କରି ଆନନ୍ଦିତ ହୋଇଗଲେ ॥ ୧ ॥

**ବରଷି ସୁମନ କହ ଦେଓ୍ୱ ସମାଜୂ । ନାଥ ସନାଥ ଭଏ ହମ ଆଜୂ ॥**
**କରି ବିନତୀ ଦୁଖ ଦୁସହ ସୁନାଏ । ହରଷିତ ନିଜ ନିଜ ସଦନ ସିଧାଏ ॥ ୨ ॥**

ପୁଷ୍ପବୃଷ୍ଟି କରି ଦେବତାମାନେ କହିଲେ, ''ହେ ନାଥ ! ଆଜି ଆପଣଙ୍କୁ ଦର୍ଶନ କରି ଆମେ ସନାଥ ହୋଇଗଲୁ ।'' ତହୁଁ ସେମାନେ ବିନୟସହକାରେ ନିଜର ଦୁଃଖ ଜଣାଇଲେ ଏବଂ ପ୍ରଭୁଙ୍କ ଠାରୁ ଦୁଃଖନାଶର ଆଶ୍ୱାସନା ପାଇ ଆନନ୍ଦ ମନରେ ନିଜ ନିଜ ସ୍ଥାନକୁ ଫେରିଗଲେ ॥ ୨ ॥

**ଚିତ୍ରକୂଟ ରଘୁନଂଦନୁ ଛାଏ । ସମାଚାର ସୁନି ସୁନି ମୁନି ଆଏ ॥**
**ଆଓ୍ୱତ ଦେଖି ମୁଦିତ ମୁନିବୃଂଦା । କୀହ୍ନ ଦଂଡଓ୍ୱତ ରଘୁକୁଲ ଚଂଦା ॥ ୩ ॥**

ଚିତ୍ରକୂଟରେ ରଘୁନାଥଙ୍କର ଅବସ୍ଥାନ ସମ୍ବନ୍ଧରେ ସଂବାଦ ପାଇ ବହୁ ମୁନି ସେଠାକୁ ଆସିଲେ । ମୁନିମଣ୍ଡଳୀ ଆନନ୍ଦିତ ହୋଇ ଆସୁଥିବାର ଦେଖି ରଘୁକୁଳର ଚନ୍ଦ୍ର ଶ୍ରୀରାମ ସେମାନଙ୍କୁ ଦଣ୍ଡବତ୍ ପ୍ରଣାମ କଲେ ॥ ୩ ॥

**ମୁନି ରଘୁବରହି ଲାଇ ଉର ଲେହୀଁ । ସୁଫଲ ହୋନ ହିତ ଆସିଷ ଦେହୀଁ ॥**
**ସିୟ ସୌମିତ୍ରି ରାମ ଛବି ଦେଖହିଁ । ସାଧନ ସକଲ ସଫଲ କରି ଲେଖହିଁ ॥ ୪ ॥**

ମୁନିଗଣ ଶ୍ରୀରାମଙ୍କୁ ହୃଦୟରେ ଲଗାଇ 'ସାଫଲ୍ୟମଣ୍ଡିତ ହୁଅନ୍ତୁ' ବୋଲି ଆଶୀର୍ବାଦ ଦେଲେ ଏବଂ ସୀତା, ଲକ୍ଷ୍ମଣ ଓ ଶ୍ରୀରାମଙ୍କ ରୂପ ଦେଖି ନିଜ ନିଜର ସକଳ ସାଧନା ସଫଳ ହୋଇଗଲା ବୋଲି ହୃଦୟଙ୍ଗମ କଲେ ॥ ୪ ॥

ଦୋଃ- **ଜଥାଜୋଗ ସନମାନି ପ୍ରଭୁ ବିଦା କିଏ ମୁନିବୃଂଦ ।**
**କରହିଁ ଜୋଗ ଜପ ଜାଗ ତପ ନିଜ ଆଶ୍ରମହ୍ନି ସୁଛଂଦ ॥ ୧୩୪ ॥**

ପ୍ରଭୁ ଶ୍ରୀରାମ ଯଥାଯୋଗ୍ୟ ସମ୍ମାନସହକାରେ ମୁନିମାନଙ୍କୁ ବିଦାୟ ଦେଲେ । [ଶ୍ରୀରାମ ଆସି ସେଠାରେ ରହିଯିବାରୁ] ମୁନିମାନେ ଏଥର ସ୍ୱଚ୍ଛନ୍ଦରେ ନିଜ ନିଜ ଆଶ୍ରମରେ ଯୋଗ, ଯଜ୍ଞ ଓ ଜପତପ କରିବାକୁ ଲାଗିଲେ ॥ ୧୩୪ ॥

**ୟହ ସୁଧି କୋଲ କିରାତହ୍ନ ପାଈ । ହରଷେ ଜନୁ ନଓ୍ୱ ନିଧି ଘର ଆଈ ॥**
**କଂଦ ମୂଲ ଫଲ ଭରି ଭରି ଦୋନା । ଚଲେ ରଂକ ଜନୁ ଲୂଟନ ସୋନା ॥ ୧ ॥**

ଶ୍ରୀରାମଙ୍କ ଆଗମନ ସମାଚାର ପାଇ ବନବାସୀ କୋଲ୍ଲ-କିରାତ ଆଦି ଲୋକେ ଏପରି ଆନନ୍ଦିତ ହୋଇଗଲେ ଯେ, ମନେହେଲା, ସତେ ଯେପରି ସେମାନଙ୍କ ଘରେ ଆସି ନବନିଧି ପହଞ୍ଚିଗଲା । ସେମାନେ ପତ୍ରଠୋଲାମାନଙ୍କରେ ପୂର୍ଣ୍ଣ କରି କନ୍ଦ ଓ ଫଳମୂଳ ଆଦି ଧରି ଏପରି ଚାଲିଆସିଲେ ଯେ, ମନେହେଲା, ଦରିଦ୍ରମାନେ ସୁନା ଲୁଟିବାକୁ ଆସିଗଲେ କି ! ॥ ୧ ॥

**ତିହ୍ନ ମହଁ ଜିହ୍ନ ଦେଖେ ଦୋଉ ଭ୍ରାତା । ଅପର ତିହ୍ନହିଁ ପୂଁଛହିଁ ମଗୁ ଜାତା ॥**
**କହତ ସୁନତ ରଘୁବୀର ନିକାଈ । ଆଇ ସବହ୍ନି ଦେଖେ ରଘୁରାଈ ॥ ୨ ॥**

ସେମାନଙ୍କ ମଧ୍ୟରୁ ଯେଉଁ କେତେ ଜଣ ଏହି ଦୁଇଭାଇଙ୍କୁ ଆଗରୁ ଦେଖିଥିଲେ, ବାଟରେ ଅନ୍ୟମାନେ ସେମାନଙ୍କୁ ଏହାଙ୍କ ବିଷୟରେ ପଚାରି ବୁଝିଲେ । ଏପରିଭାବରେ ଶ୍ରୀରାମଙ୍କ ରୂପମାଧୁରୀ ବିଷୟରେ କୁହାକୁହି ହୋଇ ସମସ୍ତେ ଆସି ପ୍ରଭୁଙ୍କୁ ଦର୍ଶନ କଲେ ॥ ୨ ॥

**କରହିଁ ଜୋହାରୁ ଭେଁଟ ଧରି ଆଗେ । ପ୍ରଭୁହି ବିଲୋକହିଁ ଅତି ଅନୁରାଗେ ॥**
**ଚିତ୍ର ଲିଖେ ଜନୁ ଜହଁ ତହଁ ଠାଢ଼େ । ପୁଲକ ସରୀର ନୟନ ଜଲ ବାଢ଼େ ॥ ୩ ॥**

ଭେଟି ସାମଗ୍ରୀସବୁ ପ୍ରଭୁଙ୍କ ଆଗରେ ଥୋଇ, ଜୁହାର ହୋଇ ଲୋକେ ଅତି ଅନୁରାଗସହକାରେ ପ୍ରଭୁଙ୍କୁ ଦର୍ଶନ କଲେ । ଦର୍ଶନରେ ମୁଗ୍ଧ ହୋଇ ସେମାନେ ଚିତ୍ରପ୍ରତିମା ପରି ଠିଆ ହୋଇ ରହିଗଲେ । ସେମାନଙ୍କ ଶରୀର ପୁଲକିତ ହୋଇଯାଉଥାଏ; ନେତ୍ରରେ ପ୍ରେମାଶ୍ରୁର ବନ୍ୟା ଆସିଯାଉଥାଏ ॥ ୩ ॥

**ରାମ ସନେହ ମଗନ ସବ ଜାନେ । କହି ପ୍ରିୟ ବଚନ ସକଲ ସନମାନେ ॥**
**ପ୍ରଭୁହି ଜୋହାରି ବହୋରି ବହୋରୀ । ବଚନ ବିନୀତ କହହିଁ କର ଜୋରୀ ॥ ୪ ॥**

ଶ୍ରୀରାମ ଦେଖିଲେ, ସେମାନେ ସମସ୍ତେ ପ୍ରେମରେ ମଗ୍ନ । ସେ ପ୍ରିୟ ବଚନ କହି ସମସ୍ତଙ୍କୁ ସମ୍ମାନ ଦେଲେ । ସେମାନେ ପ୍ରଭୁଙ୍କୁ ବାରମ୍ବାର ଜୁହାର କରି, କର ଯୋଡ଼ି ବିନୟସହକାରେ କହିଲେ, ॥ ୪ ॥

ଦୋଃ- **ଅବ ହମ ନାଥ ସନାଥ ସବ ଭଏ ଦେଖି ପ୍ରଭୁ ପାୟ ।**
**ଭାଗ ହମାରେଁ ଆଗମନୁ ରାଉର କୋସଲରାୟ ॥ ୧୩୫ ॥**

''ହେ ନାଥ ! ପ୍ରଭୁଙ୍କ (ଆପଣଙ୍କ) ଚରଣ ଦର୍ଶନ କରି ଆମେ ସମସ୍ତେ ସନାଥ ହୋଇଗଲୁ । ହେ କୋଶଳରାଜ ! ଆମ ଭାଗ୍ୟରେ ଥିଲା ବୋଲି ଆପଣଙ୍କର ଏଠାକୁ ଶୁଭାଗମନ ହେଲା ॥ ୧୩୫ ॥

**ଧନ୍ୟ ଭୂମି ବନ ପଂଥ ପହାରା । ଜହଁ ଜହଁ ନାଥ ପାଉ ତୁହ୍ମ ଧାରା ॥**
**ଧନ୍ୟ ବିହଗ ମୃଗ କାନନଚାରୀ । ସଫଲ ଜନମ ଭଏ ତୁହ୍ମହି ନିହାରୀ ॥ ୧ ॥**

ହେ ନାଥ ! ଯେଉଁଠି ଯେଉଁଠି ଆପଣଙ୍କ ପାଦ ପଡ଼ିଛି, ସେହି ମାଟି, ସେହି ଭୂମି, ସେହି ବଣପାହାଡ଼ ଧନ୍ୟ ! ସେହି ବଣର ପଶୁପକ୍ଷୀ ଧନ୍ୟ ! ଆପଣଙ୍କୁ ଦର୍ଶନ କରି ସେମାନେ ଧନ୍ୟ ହୋଇଗଲେ ॥ ୧ ॥

**ହମ ସବ ଧନ୍ୟ ସହିତ ପରିୱାରା । ଦୀଖ ଦରସୁ ଭରି ନୟନ ତୁହ୍ମାରା ॥**
**କୀହ୍ନ ବାସୁ ଭଲ ଠାଉଁ ବିଚାରୀ । ଇହାଁ ସକଲ ରିତୁ ରହବ ସୁଖାରୀ ॥ ୨ ॥**

ଆମେ ମଧ୍ୟ ଆଖି ପୂରାଇ ଆପଣଙ୍କୁ ଦର୍ଶନ କରି ଧନ୍ୟ ହୋଇଗଲୁ ଓ ଆମ ପରିବାରର ଲୋକେ ମଧ୍ୟ ଧନ୍ୟ ହୋଇଗଲେ । ଆପଣ ବଡ଼ ସୁନ୍ଦର ସ୍ଥାନଟିଏ ବାଛି ନିବାସ କରିଛନ୍ତି । ଆପଣ ଏଠାରେ ସବୁଋତୁରେ ସୁଖରେ ରହିପାରିବେ ॥ ୨ ॥

**ହମ ସବ ଭାଁତି କରବ ସେୱକାଈ । କରି କେହରି ଅହି ବାଘ ବରାଈ ॥**
**ବନ ବେହଡ଼ ଗିରି କଂଦର ଖୋହା । ସବ ହମାର ପ୍ରଭୁ ପଗ ପଗ ଜୋହା ॥ ୩ ॥**

ଆମେ ଆପଣମାନଙ୍କୁ ହାତୀ, ସିଂହ, ବାଘ ଓ ସାପମାନଙ୍କ ମୁହଁରୁ ବଞ୍ଚାଇ ସକଳପ୍ରକାରେ ସେବା କରିବୁ । ହେ ପ୍ରଭୁ ! ଆମେ ଏଠାକାର ଦୁର୍ଗମ ବଣ, ପର୍ବତ, ଗୁମ୍ଫା ଆଦି ସବୁସ୍ଥାନ ଦେଖିଛୁ ॥ ୩ ॥

**ତହଁ ତହଁ ତୁହ୍ମହି ଅହେର ଖେଲାଉବ । ସର ନିରଝର ଜଲଠାଉଁ ଦେଖାଉବ ॥**
**ହମ ସେୱକ ପରିୱାର ସମେତା । ନାଥ ନ ସକୁଚବ ଆୟସୁ ଦେତା ॥ ୪ ॥**

ଆମେ ଆପଣଙ୍କୁ ସେସବୁ ସ୍ଥାନରେ ଶିକାର କରିବାକୁ ନେଇଯିବୁ ଓ ପୋଖରୀ, ଝରଣା ଆଦି ଜଳାଶୟ ଦେଖାଇଦେବୁ । ଆମେ ସକୁଟୁମ୍ବେ ଆପଣଙ୍କର ସେବକ; ତେଣୁ ହେ ନାଥ ! ଆମକୁ ଆଜ୍ଞା ଦେବାରେ ସଂକୋଚ କରିବେ ନାହିଁ ।'' ॥ ୪ ॥

ଦୋ:- **ବେଦ ବଚନ ମୁନି ମନ ଅଗମ ତେ ପ୍ରଭୁ କରୁନା ଐନ ।**
**ବଚନ କିରାତହ୍ନ କେ ସୁନତ ଜିମି ପିତୁ ବାଲକ ବୈନ ॥ ୧୩୬ ॥**

ଯେଉଁ ପ୍ରଭୁ ବେଦବଚନର ତଥା ମୁନିମାନଙ୍କ ମନର ମଧ୍ୟ ଅଗମ୍ୟ, ସେହି କରୁଣାଧାମ ଶ୍ରୀରାମ ପିତା କୁନିପୁଅର କଥା ଶୁଣିଲାପରି ଶବରମାନଙ୍କର କଥା ଶୁଣିଲେ ॥ ୧୩୬ ॥

**ରାମହି କେୱଲ ପ୍ରେମୁ ପିଆରା । ଜାନି ଲେଉ ଜୋ ଜାନନିହାରା ॥**
**ରାମ ସକଲ ବନଚର ତବ ତୋଷେ । କହି ମୃଦୁ ବଚନ ପ୍ରେମ ପରିପୋଷେ ॥ ୧ ॥**
**ବିଦା କିଏ ସିର ନାଇ ସିଧାଏ । ପ୍ରଭୁ ଗୁନ କହତ ସୁନତ ଘର ଆଏ ॥**
**ଏହି ବିଧି ସିୟ ସମେତ ଦୋଉ ଭାଈ । ବସହିଁ ବିପିନ ସୁର ମୁନି ସୁଖଦାଈ ॥ ୨ ॥**

ଜାଣିବାକୁ ଚାହୁଁଥିବା ଲୋକେ ଜାଣନ୍ତୁ ଯେ, ଶ୍ରୀରାମ କେବଳ ପ୍ରେମକୁ ଭଲ ପାଆନ୍ତି । ଶ୍ରୀରାମ ପ୍ରେମପୂର୍ଣ୍ଣ କୋମଳ ବଚନ କହି, ବନବାସୀ ଲୋକମାନଙ୍କୁ ସନ୍ତୁଷ୍ଟ କରି ବିଦାୟ ଦେଲେ । ସେମାନେ ନତମସ୍ତକ ହୋଇ ବିଦାୟ ନେଲେ ଏବଂ ପରସ୍ପର ପ୍ରଭୁଙ୍କ ଗୁଣାନୁବାଦ କରି କରି ଘରକୁ ଫେରିଲେ । ଏପରିଭାବରେ ଦେବତା ଓ ମୁନିମାନଙ୍କର ସୁଖଦାତା ସେହି ଦୁଇଭାଇ ସୀତାଙ୍କ ସହିତ ବନରେ ନିବାସ କଲେ ॥ ୧-୨ ॥

**ଜବ ତେଁ ଆଇ ରହେ ରଘୁନାୟକୁ । ତବ ତେଁ ଭୟଉ ବନୁ ମଂଗଲଦାୟକୁ ॥**
**ଫୂଲହିଁ ଫଲହିଁ ବିଟପ ବିଧି ନାନା । ମଂଜୁ ବଲିତ ବର ବେଲି ବିତାନା ॥ ୩ ॥**

ଯେଉଁଦିନୁ ଶ୍ରୀରଘୁନାଥ ଆସି ବନରେ ରହିଗଲେ, ସେହିଦିନୁ ବନଭୂମି ମଙ୍ଗଳଦାୟକ ହୋଇଗଲା । ନାନା ଜାତିର ବୃକ୍ଷ ଫୁଲଫଳରେ ଭରିଗଲା । ସେମାନଙ୍କ ଉପରେ ମାଡ଼ିଥିବା ଲତାଗୁଡ଼ିକ ଘଞ୍ଚ ହୋଇ ସୁନ୍ଦର ଚାନ୍ଦୁଆ ପରି ଶୋଭାପାଇଲା ॥ ୩ ॥

**ସୁରତରୁ ସରିସ ସୁଭାୟଁ ସୁହାଏ । ମନହୁଁ ବିବୁଧ ବନ ପରିହରି ଆଏ ॥**
**ଗୁଂଜ ମଂଜୁତର ମଧୁକର ଶ୍ରେନୀ । ତ୍ରିବିଧ ବୟାରି ବହଇ ସୁଖ ଦେନୀ ॥ ୪ ॥**

ବୃକ୍ଷସବୁ ସ୍ୱାଭାବିକଭାବରେ କଳ୍ପବୃକ୍ଷ ପରି ସୁନ୍ଦର ହୋଇଥାନ୍ତି ; ଦେଖି ମନେହେଉଥାଏ, ସତେ ଯେପରି ସେମାନେ ଦେବତାମାନଙ୍କ ବନ (ନନ୍ଦନକାନନ) ଛାଡ଼ି ସେଠାକୁ ପଳାଇଆସିଥାନ୍ତି । ଦଳ ଦଳ ଭ୍ରମର ଅତି ସୁନ୍ଦରଭାବରେ ଗୁଞ୍ଜନ କରୁଥାନ୍ତି । ଶୀତଳ ସୁଖପ୍ରଦ ସୁଗନ୍ଧ ପବନ ମନ୍ଦ ମନ୍ଦ ପ୍ରବାହିତ ହେଉଥାଏ ॥ ୪ ॥

ଦୋଃ- **ନୀଲକଂଠ କଲକଂଠ ସୁକ ଚ୍ତକ ଚକ୍କ ଚକୋର ।**
**ଭାଁତି ଭାଁତି ବୋଲହିଁ ବିହଗ ଶ୍ରୱନ ସୁଖଦ ଚିତ ଚ୍ରୋର ॥ ୧୩୭ ॥**

ମୟୂର, କୋଇଲି, ଶୁଆ, ଚ୍ତକ, ଚକୋର ଓ ଚକ୍ରବାକ ଆଦି ପକ୍ଷୀମାନଙ୍କର ବିବିଧ କଳରବ କର୍ଣ୍ଣକୁ ଯେପରି ମଧୁର ଲାଗୁଥାଏ, ଚିତ୍ତକୁ ସେହିପରି ହରଣ କରିନେଉଥାଏ ॥ ୧୩୭ ॥

**କରି କେହରି କପି କୋଲ କୁରଂଗା । ବିଗତବୈର ବିଚରହିଁ ସବ ସଂଗା ॥**
**ଫିରତ ଅହେର ରାମ ଛବି ଦେଖୀ । ହୋହିଁ ମୁଦିତ ମୃଗବୃଂଦ ବିସେଷୀ ॥ ୧ ॥**

ହସ୍ତୀ, ସିଂହ, ବାନର, ବରାହ, ହରିଣ ଆଦି ବିଭିନ୍ନ ପଶୁ ପରସ୍ପର ବୈରଭାବ ଛାଡ଼ିଦେଇ ଏକତ୍ର ବିଚରଣ କରୁଥାନ୍ତି । ବଣରେ ବୁଲୁଥିବା ସମୟରେ ଶ୍ରୀରାମଙ୍କ ରୂପ ଦେଖି ପଶୁମାନେ ବିଶେଷ ଆନନ୍ଦିତ ହେଉଥାନ୍ତି ॥ ୧ ॥

**ବିବୁଧ ବିପିନ ଜହଁ ଲଗି ଜଗ ମାହାଁ । ଦେଖି ରାମବନୁ ସକଲ ସିହାହାଁ ॥**
**ସୁରସରି ସରସଇ ଦିନକର କନ୍ୟା । ମେକଲସୁତା ଗୋଦାୱରି ଧନ୍ୟା ॥ ୨ ॥**

ଜଗତରେ ଥିବା ସମସ୍ତ ଦେବବନ ଶ୍ରୀରାମଙ୍କ ବନକୁ ଦେଖି ପ୍ରଶଂସା କରୁଥାନ୍ତି । ଗଙ୍ଗା, ସରସ୍ୱତୀ, ସୂର୍ଯ୍ୟତନୟା ଯମୁନା, ନର୍ମଦା, ଗୋଦାବରୀ ଆଦି ପୁଣ୍ୟତୋୟା ନଦୀମାନେ– ॥ ୨ ॥

**ସବ ସର ସିଂଧୁ ନଦୀଁ ନଦ ନାନା । ମଂଦାକିନି କର କରହିଁ ବଖାନା ॥**
**ଉଦୟ ଅସ୍ତ ଗିରି ଅରୁ କୈଲାସୂ । ମଂଦର ମେରୁ ସକଲ ସୁରବାସୂ ॥ ୩ ॥**

ଏବଂ ବିଭିନ୍ନ ସରୋବର, ସମୁଦ୍ର ତଥା ନଦନଦୀ–ସମସ୍ତେ ମନ୍ଦାକିନୀ ନଦୀକୁ ପ୍ରଶଂସା କରୁଥାନ୍ତି । ଉଦୟାଚଳ, ଅସ୍ତାଚଳ, କୈଳାସ, ମନ୍ଦରାଚଳ ଓ ସୁମେରୁ ଆଦି ସବୁ ଦେବନିବାସ ॥ ୩ ॥

**ସୈଲ ହିମାଚଲ ଆଦିକ ଜେତେ । ଚିତ୍ରକୂଟ ଜସୁ ଗାୱହିଁ ତେତେ ॥**
**ବିଂଧି ମୁଦିତ ମନ ସୁଖୁ ନ ସମାଈ । ଶ୍ରମ ବିନୁ ବିପୁଲ ବଡ଼ାଈ ପାଈ ॥ ୪ ॥**

ତଥା ହିମାଳୟ ଆଦି ପର୍ବତମାନେ ଚିତ୍ରକୂଟର ଯଶ ଗାନ କରୁଥାନ୍ତି । ବିନ୍ଧ୍ୟାଚଳ ବଡ଼ ଆନନ୍ଦିତ ହେଉଥାଏ । ସେ ବିନାପରିଶ୍ରମରେ ବିପୁଳ ସମ୍ମାନ ପାଇଯାଇଥିବାରୁ ତା' ମନ ଆନନ୍ଦରେ ଉଦ୍‌ବେଳିତ ହେଉଥାଏ; ॥ ୪ ॥

ଦୋଃ- **ଚିତ୍ରକୂଟ କେ ବିହଗ ମୃଗ ବେଲି ବିଟପ ତୃନ ଜାତି ।**
**ପୁନ୍ୟ ପୁଂଜ ସବ ଧନ୍ୟ ଅସ କହହିଁ ଦେୱ ଦିନ ରାତି ॥ ୧୩୮ ॥**

ଦେବତାମାନେ କହୁଥାନ୍ତି, ଚିତ୍ରକୂଟର ପଶୁପକ୍ଷୀ, ବୃକ୍ଷଲତା, ତୃଣ-ଅଙ୍କୁର ଆଦି ସମସ୍ତେ ପୁଣ୍ୟବାନ୍ ଓ ଧନ୍ୟ ॥ ୧୩୮ ॥

**ନୟନୱଂତ ରଘୁବରହି ବିଲୋକୀ । ପାଇ ଜନମ ଫଲ ହୋହିଁ ବିସୋକୀ ॥**
**ପରସି ଚରନ ରଜ ଅଚର ସୁଖାରୀ । ଭଏ ପରମ ପଦ କେ ଅଧିକାରୀ ॥ ୧ ॥**

ଚକ୍ଷୁ ଥିବା ଜୀବମାନେ ଶ୍ରୀରାମଙ୍କ ଦର୍ଶନ ହେତୁ ନିଜ ଜୀବନକୁ ସାର୍ଥକ ଅନୁଭବ କରି ଶୋକଶୂନ୍ୟ ହେଉଥାନ୍ତି ଏବଂ ପର୍ବତ, ବୃକ୍ଷ, ଭୂମି, ନଦୀ ଆଦି ସ୍ଥାବରମାନେ ଭଗବାନଙ୍କ ଚରଣରଜର ସ୍ପର୍ଶ ପାଇ ସୁଖୀ ହେଉଥାନ୍ତି । ଏପରିଭାବରେ ସମସ୍ତେ ପରମପଦର ଅଧିକାରୀ ହୋଇଗଲେ ॥ ୧ ॥

**ସୋ ବନୁ ସୈଲୁ ସୁଭାୟଁ ସୁହାୱନ । ମଂଗଲମୟ ଅତି ପାୱନ ପାୱନ ॥**
**ମହିମା କହିଅ କୱନି ବିଧି ତାସୂ । ସୁଖସାଗର ଜହଁ କୀହ୍ନ ନିୱାସୂ ॥ ୨ ॥**

ସେହିସବୁ ବନପର୍ବତ ଥିଲେ ସ୍ୱଭାବତଃ ସୁନ୍ଦର, ମଙ୍ଗଳମୟ ତଥା ଅତି ପବିତ୍ରକୁ ମଧ୍ୟ ପବିତ୍ର କରିବାରେ ସମର୍ଥ । ଯେଉଁଠି ସୁଖର ସାଗର ଶ୍ରୀରାମ ନିବାସ କଲେ, ସେଠାକାର ମହିମା ବା କିପରି କହିହେବ ! ॥ ୨ ॥

**ପୟ ପୟୋଧି ତଜି ଅୱଧ ବିହାଈ । ଜହଁ ସିୟ ଲଖନୁ ରାମୁ ରହେ ଆଈ ॥**
**କହି ନ ସକହିଁ ସୁଷମା ଜସି କାନନ । ଜୌଁ ସତ ସହସ ହୋହିଁ ସହସାନନ ॥ ୩ ॥**

କ୍ଷୀରସାଗର ତ୍ୟାଗ କରି ଏବଂ ଅଯୋଧ୍ୟା ଛାଡ଼ିଦେଇ ସୀତା, ଲକ୍ଷ୍ମଣ ଓ ଶ୍ରୀରାମ ଆସି ଯେଉଁ ବନରେ ନିବାସ କଲେ, ସେହି ବନର ପରମ ଶୋଭାକୁ ସହସ୍ର ମୁଖ ଥିବା ଲକ୍ଷେ ଶେଷଦେବ କହିଲେ ମଧ୍ୟ ଶେଷ କରିପାରିବେ ନାହିଁ ॥ ୩ ॥

**ସୋ ମୈଁ ବରନି କହୌଁ ବିଧି କେହୀଁ । ଡାବର କମଠ କି ମଂଦର ଲେହୀଁ ॥**
**ସେୱହିଁ ଲଖନୁ କରମ ମନ ବାନୀ । ଜାଇ ନ ସୀଲୁ ସନେହୁ ବଖାନୀ ॥ ୪ ॥**

ମୁଁ ବା ସେହି ଶୋଭାକୁ କିପରି ବର୍ଣ୍ଣନା କରି କହିପାରିବି ! କ'ଣ ଗାଡ଼ିଆ ଭିତରର କଇଁଛ ମନ୍ଦରାଚଳକୁ ଟେକିପାରିବ ? ଲକ୍ଷ୍ମଣ କାୟମନୋବାକ୍ୟରେ ଶ୍ରୀରାମଙ୍କ ସେବାରେ ଲାଗିଥାନ୍ତି । ତାଙ୍କର ସ୍ନେହ ଓ ସ୍ୱଭାବ ବର୍ଣ୍ଣନା କରିହେବ ନାହିଁ ॥ ୪ ॥

ଦୋଃ- **ଛିନୁ ଛିନୁ ଲଖି ସିୟ ରାମ ପଦ ଜାନି ଆପୁ ପର ନେହୁ ।**
**କରତ ନ ସପନେହୁଁ ଲଖନୁ ଚିତୁ ବଂଧୁ ମାତୁ ପିତୁ ଗେହୁ ॥ ୧୩୯ ॥**

ଅନୁକ୍ଷଣ ଶ୍ରୀସୀତାରାମଙ୍କ ଚରଣ ଦର୍ଶନ କରି ଏବଂ ନିଜ ପ୍ରତି ଦୁହିଁଙ୍କର ସ୍ନେହ ଅନୁଭବ କରି ଲକ୍ଷ୍ମଣ ସ୍ୱପ୍ନରେ ମଧ୍ୟ ପିତାମାତା, ଭାଇ ତଥା ଘରକଥା ମନେପକାଉ ନ ଥାନ୍ତି ॥ ୧୩୯ ॥

**ରାମ ସଂଗ ସିୟ ରହତି ସୁଖାରୀ । ପୁର ପରିଜନ ଗୃହ ସୁରତି ବିସାରୀ ॥**
**ଛିନୁ ଛିନୁ ପିୟ ବିଧୁ ବଦନୁ ନିହାରୀ । ପ୍ରମୁଦିତ ମନହୁଁ ଚକୋରକୁମାରୀ ॥ ୧ ॥**

ଅଯୋଧ୍ୟାପୁରୀ, କୁଟୁମ୍ବ ଓ ଘର ଭୁଲିଯାଇ ଶ୍ରୀରାମଙ୍କ ସହିତ ସୀତା ଅତ୍ୟନ୍ତ ସୁଖରେ ଥାଆନ୍ତି । ଅନୁକ୍ଷଣ ପ୍ରିୟତମଙ୍କ ଚନ୍ଦ୍ରବଦନ ଦର୍ଶନ କରି, ସେ ଚକୋରୀପରି ପ୍ରମୁଦିତ ହୋଇ ରହିଥାନ୍ତି ॥ ୧ ॥

**ନାହ ନେହୁ ନିତ ବଢ଼ତ ବିଲୋକୀ । ହରଷିତ ରହତି ଦିୱସ ଜିମି କୋକୀ ॥**
**ସିୟ ମନୁ ରାମ ଚରନ ଅନୁରାଗା । ଅୱଧ ସହସ ସମ ବନୁ ପ୍ରିୟ ଲାଗା ॥ ୨ ॥**

ତାଙ୍କ ପ୍ରତି ସ୍ୱାମୀଙ୍କର ପ୍ରେମ ପ୍ରତିଦିନ ବଢ଼ୁଥିବା ଦେଖି, ଦିନରେ ଚକ୍ରବାକୀ ଆନନ୍ଦିତା ହେଲାପରି ସୀତା ଆନନ୍ଦିତା ହୋଇ ରହିଥାନ୍ତି । ସୀତାଙ୍କର ମନ ଶ୍ରୀରାମଙ୍କ ଚରଣରେ ଅନୁରକ୍ତ ହୋଇଥିବାରୁ, ବନଭୂମି ତାଙ୍କୁ ସହସ୍ର ଅଯୋଧ୍ୟା ପରି ପ୍ରିୟ ଲାଗୁଥାଏ ॥ ୨ ॥

**ପରନକୁଟୀ ପ୍ରିୟ ପ୍ରିୟତମ ସଂଗା । ପ୍ରିୟ ପରିୱାରୁ କୁରଂଗ ବିହଂଗା ॥**
**ସାସୁ ସସୁର ସମ ମୁନିତିୟ ମୁନିବର । ଅସନୁ ଅମିଅ ସମ କଂଦ ମୂଲ ଫର ॥ ୩ ॥**

ପ୍ରିୟତମ ଶ୍ରୀରାମଙ୍କ ସଙ୍ଗରେ ରହିଥିବାରୁ ସୀତାଙ୍କୁ ପର୍ଣ୍ଣକୁଟୀର ବି ପ୍ରିୟ ଲାଗୁଥାଏ । ମୃଗ ଓ ପକ୍ଷୀମାନେ ପ୍ରିୟ କୁଟୁମ୍ବଲୋକଙ୍କ ପରି ଲାଗୁଥାନ୍ତି । ତାଙ୍କୁ ଋଷିପତ୍ନୀମାନେ ଶାଶୁଙ୍କ ପରି, ଶ୍ରେଷ୍ଠ ମୁନିମାନେ ଶ୍ୱଶୁରଙ୍କ ପରି ଏବଂ କନ୍ଦ, ମୂଳ ଓ ଫଳ ଆହାର ଅମୃତ ପରି ଲାଗୁଥାଏ ॥ ୩ ॥

**ନାଥ ସାଥ ସାଁଥରୀ ସୁହାଈ । ମୟନ ସୟନ ସୟ ସମ ସୁଖଦାଈ ॥**
**ଲୋକପ ହୋହିଁ ବିଲୋକତ ଜାସୂ । ତେହି କି ମୋହି ସକ ବିଷୟ ବିଲାସୂ ॥ ୪ ॥**

ସ୍ୱାମୀଙ୍କ ସହିତ ଥିବାରୁ ଘାସପତ୍ରର ଶଯ୍ୟା ତାଙ୍କୁ ଶତକାମଦେବଙ୍କ ଶଯ୍ୟାସମାନ ସୁଖପ୍ରଦ ବୋଧ ହେଉଥାଏ । ଯାହାଙ୍କର କୃପାଦୃଷ୍ଟି ପାଇଗଲେ ଜୀବ ଲୋକାଧିପତି ହୋଇଯାଏ, ତାଙ୍କୁ କେଉଁ ଭୋଗବିଳାସ ବା ମୋହିତ କରିପାରିବ ? ॥ ୪ ॥

ଦୋ:- **ସୁମିରତ ରାମହି ତଜହିଁ ଜନ ତୃନ ସମ ବିଷୟ ବିଲାସୁ ।**
**ରାମପ୍ରିୟା ଜଗ ଜନନି ସିୟ କଛୁ ନ ଆଚରଜୁ ତାସୁ ॥ ୧୪୦ ॥**

ଯେଉଁ ଶ୍ରୀରାମଙ୍କୁ ସ୍ମରଣ କରିବାମାତ୍ରକେ ଭକ୍ତଜନ ଭୋଗବିଳାସକୁ ତୃଣସମାନ ଭାବି ତ୍ୟାଗ କରିଦିଅନ୍ତି, ସେହି ଶ୍ରୀରାମଙ୍କର ପ୍ରିୟାପତ୍ନୀ ଏବଂ ଜଗତର ମାତା ସୀତାଙ୍କ ପକ୍ଷରେ ଏହି ଭୋଗବିଳାସତ୍ୟାଗ କିଛି ବି ଆଶ୍ଚର୍ଯ୍ୟର ବିଷୟ ନୁହେଁ ॥ ୧୪୦ ॥

**ସୀୟ ଲଖନ ଜେହି ବିଧି ସୁଖୁ ଲହହୀଁ । ସୋଇ ରଘୁନାଥ କରହିଁ ସୋଇ କହହୀଁ ॥**
**କହହିଁ ପୁରାତନ କଥା କହାନୀ । ସୁନହିଁ ଲଖନୁ ସିୟ ଅତି ସୁଖୁ ମାନୀ ॥ ୧ ॥**

ସୀତା ଓ ଲକ୍ଷ୍ମଣଙ୍କୁ ଯେପରି ସୁଖ ମିଳିବ, ଶ୍ରୀରଘୁନାଥ ସେହିପରି କରୁଥିଲେ ଓ କହୁଥିଲେ । ସେ ବିଭିନ୍ନ ପ୍ରାଚୀନ କଥା ଓ ଆଖ୍ୟାନ କହୁଥାନ୍ତି ଏବଂ ଲକ୍ଷ୍ମଣ ଓ ସୀତା ସେସବୁକୁ ଅତ୍ୟନ୍ତ ଆନନ୍ଦରେ ଶୁଣୁଥାନ୍ତି ॥ ୧ ॥

**ଜବ ଜବ ରାମୁ ଅୱଧ ସୁଧି କରହୀଁ । ତବ ତବ ବାରି ବିଲୋଚନ ଭରହୀଁ ॥**
**ସୁମିରି ମାତୁ ପିତୁ ପରିଜନ ଭାଈ । ଭରତ ସନେହୁ ସୀଲୁ ସେୱକାଈ ॥ ୨ ॥**
**କୃପାସିଂଧୁ ପ୍ରଭୁ ହୋହିଁ ଦୁଖାରୀ । ଧୀରଜୁ ଧରହିଁ କୁସମଉ ବିଚାରୀ ॥**
**ଲଖି ସିୟ ଲଖନୁ ବିକଲ ହୋଇ ଜାହୀଁ । ଜିମି ପୁରୁଷହି ଅନୁସର ପରିଛାହୀଁ ॥ ୩ ॥**

ଶ୍ରୀରାମଙ୍କର ଅଯୋଧ୍ୟା କଥା ମନେପଡ଼ିଗଲେ ତାଙ୍କ ନୟନ ଅଶ୍ରୁଜଳରେ ଛଳ ଛଳ ହୋଇଯାଉଥାଏ । ମାତା-ପିତା, ପରିବାରର ଲୋକ, ଭାଇମାନଙ୍କ କଥା—ବିଶେଷ କରି ଭରତଙ୍କ ସ୍ନେହ, ସ୍ୱଭାବ ଓ ସେବାଭାବ ସ୍ମରଣ କରି, କୃପାସାଗର ପ୍ରଭୁ ଦୁଃଖୀ ହୋଇଯାଉଥାନ୍ତି; ତଥାପି ତାହା ଉପଯୁକ୍ତ ସମୟ ନୁହେଁ ଜାଣି, ସେ ଧୈର୍ଯ୍ୟ ଧରି ରହୁଥାନ୍ତି । ମଣିଷର ପ୍ରତିବିମ୍ବ ଯେପରି ସେହି ମଣିଷର କ୍ରିୟାକଳାପକୁ ଅନୁସରଣ କରେ, ପ୍ରଭୁଙ୍କ ଦୁଃଖ ଦେଖି ସୀତା ଓ ଲକ୍ଷ୍ମଣ ମଧ୍ୟ ସେହିପରି ବ୍ୟାକୁଳ ହେଉଥାନ୍ତି ॥ ୨-୩ ॥

**ପ୍ରିୟା ବଂଧୁ ଗତି ଲଖି ରଘୁନଂଦନୁ । ଧୀର କୃପାଲ ଭଗତ ଉର ଚଂଦନୁ ॥**
**ଲଗେ କହନ କଛୁ କଥା ପୁନୀତା । ସୁନି ସୁଖୁ ଲହହିଁ ଲଖନୁ ଅରୁ ସୀତା ॥ ୪ ॥**

ସେତେବେଳେ ଧୀର, କୃପାଳୁ ଭକ୍ତହୃଦଚନ୍ଦନ ଓ ରଘୁକୁଳର ଆନନ୍ଦଦାତା ଶ୍ରୀରାମ ପ୍ରିୟା ପତ୍ନୀ ଓ ଅନୁଜ ଲକ୍ଷ୍ମଣଙ୍କ ଅବସ୍ଥା ଦେଖି କିଛି ସୁନ୍ଦର କଥା କହନ୍ତି ଏବଂ ତାହା ଶୁଣି ଲକ୍ଷ୍ମଣ ଓ ସୀତା ଆନନ୍ଦିତ ହୁଅନ୍ତି ॥ ୪ ॥

ଦୋଃ- **ରାମୁ ଲଖନ ସୀତା ସହିତ ସୋହତ ପରନ ନିକେତ ।**
**ଜିମି ବାସଓ୍ୱ ବସ ଅମରପୁର ସଚୀ ଜୟଂତ ସମେତ ॥ ୧୪୧ ॥**

ଅମରାବତୀରେ ଇନ୍ଦ୍ର ଯେପରି ପତ୍ନୀ ଶଚୀ ଓ ପୁତ୍ର ଜୟନ୍ତ ସହିତ ଆନନ୍ଦରେ ବାସ କରନ୍ତି, ପୂର୍ଣ୍ଣକୁଟୀରରେ ଶ୍ରୀରାମ ସେହିପରି ଲକ୍ଷ୍ମଣ ଓ ସୀତାଙ୍କ ସହିତ ସୁଶୋଭିତ ହେଉଥାନ୍ତି ॥ ୧୪୧ ॥

**ଜୋଗଓ୍ୱହିଁ ପ୍ରଭୁ ସିୟ ଲଖନହିଁ କୈସେଁ । ପଲକ ବିଲୋଚନ ଗୋଲକ ଜୈସେଁ ॥**
**ସେଓ୍ୱହିଁ ଲଖନୁ ସୀୟ ରଘୁବୀରହି । ଜିମି ଅବିବେକୀ ପୁରୁଷ ସରୀରହି ॥ ୧ ॥**

ଆଖିପତା ଯେପରି ଆଖିର ଡୋଳାକୁ ରକ୍ଷା କରେ, ଶ୍ରୀରାମ ସେହିପରି ସୀତା ଓ ଲକ୍ଷ୍ମଣଙ୍କୁ [ଯତ୍ନର ସହିତ] ରଖିଥାନ୍ତି । ଅଜ୍ଞାନୀ ମନୁଷ୍ୟ ଯେପରି ଶରୀରର ସେବା କରେ, ଲକ୍ଷ୍ମଣ ସେହିପରି ସୀତା ଓ ରାମଚନ୍ଦ୍ରଙ୍କର ସେବା କରୁଥାନ୍ତି ॥ ୧ ॥

**ଏହି ବିଧି ପ୍ରଭୁ ବନ ବସହିଁ ସୁଖାରୀ । ଖଗ ମୃଗ ସୁର ତାପସ ହିତକାରୀ ॥**
**କହେଉଁ ରାମ ବନ ଗଓ୍ୱନୁ ସୁହାଓ୍ୱା । ସୁନହୁ ସୁମଂତ୍ର ଅଓ୍ୱଧ ଜିମି ଆଓ୍ୱା ॥ ୨ ॥**

ପଶୁ, ପକ୍ଷୀ, ଦେବତା ଓ ତପସ୍ୱୀମାନଙ୍କର ହିତକାରୀ ପ୍ରଭୁ ଏହିପରି ସୁଖପୂର୍ବକ ବନବାସ କରୁଥାନ୍ତି । [ତୁଳସୀଦାସ କହୁଛନ୍ତି,] ମୁଁ ଶ୍ରୀରାମଙ୍କର ସୁନ୍ଦର ବନଗମନ କଥା କହିଲି । ବର୍ତ୍ତମାନ ସୁମନ୍ତ୍ର କିପରି ଅଯୋଧ୍ୟାକୁ ଆସିଲେ, ସେହି କଥା ଶୁଣନ୍ତୁ ॥ ୨ ॥

**ଫିରେଉ ନିଷାଦୁ ପ୍ରଭୁହି ପହୁଁଚାଈ । ସଚିଓ୍ୱ ସହିତ ରଥ ଦେଖେସି ଆଈ ॥**
**ମଂତ୍ରୀ ବିକଲ ବିଲୋକି ନିଷାଦୂ । କହି ନ ଜାଇ ଜସ ଭୟଉ ବିଷାଦୂ ॥ ୩ ॥**

ପ୍ରଭୁ ଶ୍ରୀରାମଙ୍କୁ ବନରେ ପହଞ୍ଚାଇଦେଇ ଗ୍ରାମକୁ ଫେରି ନିଷାଦରାଜ ଦେଖିଲେ ଯେ, ରଥ ଠିଆ ହୋଇଛି; ମନ୍ତ୍ରୀ ସୁମନ୍ତ୍ର ସେହିଠାରେହିଁ ଅଛନ୍ତି । ମନ୍ତ୍ରୀ ବ୍ୟାକୁଳ ହେଉଥିବା ଦେଖି ନିଷାଦରାଜଙ୍କୁ ଯେତେ ଦୁଃଖ ଲାଗିଲା, ତାହା ବର୍ଣ୍ଣନା କରାଯାଇ ନ ପାରେ ॥ ୩ ॥

**ରାମ ରାମ ସିୟ ଲଖନ ପୁକାରୀ । ପରେଉ ଧରନିତଲ ବ୍ୟାକୁଲ ଭାରୀ ॥**
**ଦେଖି ଦଖିନ ଦିସି ହୟ ହିହିନାହୀଁ । ଜନୁ ବିନୁ ପଂଖ ବିହଗ ଅକୁଲାହୀଁ ॥ ୪ ॥**

ନିଷାଦରାଜଙ୍କୁ ଏକୁଟିଆ ଫେରିବାର ଦେଖି ସୁମନ୍ତ୍ର ଅତ୍ୟନ୍ତ ବ୍ୟାକୁଳ ହୋଇଗଲେ । ସେ 'ହା ରାମ ! ହା ରାମ ! ହା ସୀତେ ! ହା ଲକ୍ଷ୍ମଣ !' ଡାକି ଡାକି, ତଳେ ପଡ଼ିଗଲେ । ରଥର ଘୋଡ଼ାମାନେ ଦକ୍ଷିଣଦିଗକୁ (ଯେଉଁ ଦିଗକୁ ଶ୍ରୀରାମ ଯାଇଥିଲେ) ଗ୍ରହିଁ ଗ୍ରହିଁ ରଡ଼ି ଛାଡୁଥାନ୍ତି ! ଦେଖି ମନେ ହେଉଥାଏ, ସତେ ଯେପରି ଡେଣା ହରାଇ ପକ୍ଷୀମାନେ ବ୍ୟାକୁଳ ହେଉଛନ୍ତି ॥ ୪ ॥

ଦୋଃ- **ନହିଁ ତୃନ ଚରହିଁ ନ ପିଅହିଁ ଜଲୁ ମୋଚହିଁ ଲୋଚନ ବାରି ।**
**ବ୍ୟାକୁଲ ଭଏ ନିଷାଦ ସବ ରଘୁବର ବାଜି ନିହାରି ॥ ୧୪୨ ॥**

ସେମାନେ ଘାସ ଚରୁ ନ ଥାନ୍ତି, କି ପାଣି ପିଉ ନ ଥାନ୍ତି । ଆଖିରୁ କେବଳ ଲୁହ ଗଡ଼ାଉଥାନ୍ତି । ଶ୍ରୀରାମଙ୍କ ଘୋଡ଼ାମାନଙ୍କର ଅବସ୍ଥା ଦେଖି ନିଷାଦମାନେ ଅଧୀର ହୋଇଗଲେ ॥ ୧୪୨ ॥

**ଧରି ଧୀରଜୁ ତବ କହଇ ନିଷାଦୂ । ଅବ ସୁମଂତ୍ର ପରିହରହୁ ବିଷାଦୂ ॥**
**ତୁହ୍ମ ପଂଡିତ ପରମାରଥ ଗ୍ୟାତା । ଧରହୁ ଧୀର ଲଖି ବିମୁଖ ବିଧାତା ॥ ୧ ॥**

ଧୈର୍ଯ୍ୟ ଧରି ନିଷାଦରାଜ କହିଲେ, ''ମନ୍ତ୍ରୀ ସୁମନ୍ତ୍ର ! ଦୁଃଖ ଛାଡ଼ନ୍ତୁ । ଆପଣ ପଣ୍ଡିତ ଓ ପରମାର୍ଥତତ୍ତ୍ୱର ଜ୍ଞାତା । ବର୍ତ୍ତମାନ ବିଧାତା ପ୍ରତିକୂଳ ହୋଇଥିବା ଜାଣି ଧୈର୍ଯ୍ୟ ଧରନ୍ତୁ ।'' ॥ ୧ ॥

**ବିବିଧି କଥା କହି କହି ମୃଦୁ ବାନୀ । ରଥ ବୈଠାରେଉ ବରବସ ଆନୀ ॥**
**ସୋକ ସିଥିଲ ରଥୁ ସକଇ ନ ହାଁକୀ । ରଘୁବର ବିରହ ପୀର ଉର ବାଁକୀ ॥ ୨ ॥**

ଏହିପରି ବିଭିନ୍ନପ୍ରକାର କୋମଳ ବଚନ କହି କହି ସେ ସୁମନ୍ତ୍ରଙ୍କୁ ନେଇ ବଡ଼ କଷ୍ଟରେ ରଥରେ ବସାଇଲେ । କିନ୍ତୁ ଶୋକଗ୍ରସ୍ତ ହୋଇ ସୁମନ୍ତ୍ର ଏପରି ଅବଶ ହୋଇଯାଇଥିଲେ ଯେ, ସେ ରଥ ଚଳାଇପାରିଲେ ନାହିଁ । ତାଙ୍କ ହୃଦୟ ଶ୍ରୀରାମଙ୍କ ବିରହଜନିତ ତୀବ୍ର ବେଦନାରେ ବ୍ୟଥିତ ହେଉଥାଏ ॥ ୨ ॥

**ଚରଫରାହିଁ ମଗ ଚଲହିଁ ନ ଘୋରେ । ବନ ମୃଗ ମନହୁଁ ଆନି ରଥ ଜୋରେ ॥**
**ଅଢୁକି ପରହିଁ ଫିରି ହେରହିଁ ପୀଛେଁ । ରାମ ବିୟୋଗି ବିକଲ ଦୁଖ ତୀଛେଁ ॥ ୩ ॥**

ଘୋଡ଼ାମାନେ ବିବ୍ରତ ହୋଇଯାଇଥାନ୍ତି ; ସେମାନେ ଠିକ୍ ରାସ୍ତାରେ ଚାଲୁ ନ ଥାନ୍ତି; ମନେହେଲା, ସତେ ଯେପରି ବନ୍ୟପଶୁଙ୍କୁ ଧରି ଆଣି ରଥରେ ଯୋଚିଦିଆଯାଇଛି । ରାମଚନ୍ଦ୍ରଙ୍କ ବିରହରେ ଅଧୀର ସେହି ଘୋଡ଼ାମାନେ କେଉଁଠି ଝୁଣ୍ଟିପଡୁଥାନ୍ତି ତ, କେଉଁଠି ପଛକୁ ବୁଲି ଚାହୁଁଥାନ୍ତି । ସେମାନେ ଅତ୍ୟନ୍ତ ଦୁଃଖରେ ବ୍ୟଥିତ ହେଉଥାନ୍ତି ॥ ୩ ॥

**ଜୋ କହ ରାମୁ ଲଖନୁ ବୈଦେହୀ । ହିଁକରି ହିଁକରି ହିତ ହେରହିଁ ତେହୀ ॥**
**ବାଜି ବିରହ ଗତି କହି କିମି ଜାତୀ । ବିନୁ ମନି ଫନିକ ବିକଲ ଜେହି ଭାଁତୀ ॥ ୪ ॥**

ଯଦି କେହି ରାମ, ଲକ୍ଷ୍ମଣ ବା ଜାନକୀଙ୍କ ନାମ ଉଚ୍ଚାରଣ କରିଦେଉଥିଲା, ତେବେ ସେମାନେ ହେଁ ହେଁ (ହ୍ରେଷାରବ) କରି ତା'ଆଡ଼କୁ ପ୍ରେମରେ ଚାହିଁରହୁଥାନ୍ତି । ବିଚରା ଘୋଡ଼ାଙ୍କ ବିରହଦଶା କିପରି ବା କହିହେବ ! ସାପ ତା'ର ମଣି ହରାଇଦେଇ ଯେପରି ବିକଳ ହୁଏ, ସେମାନେ ସେହିପରି ବ୍ୟାକୁଳ ହେଉଥାନ୍ତି ॥ ୪ ॥

ଦୋଃ- **ଭୟଉ ନିଷାଦୁ ବିଷାଦବସ ଦେଖତ ସଚିୱ ତୁରଂଗ ।**
**ବୋଲି ସୁସେୱକ ଚାରି ତବ ଦିଏ ସାରଥୀ ସଂଗ ॥ ୧୪୩ ॥**

ମନ୍ତ୍ରୀ ଓ ଘୋଡ଼ାମାନଙ୍କର ଏହି ଅବସ୍ଥା ଦେଖି ନିଷାଦରାଜ ବିଷାଦଗ୍ରସ୍ତ ହୋଇଗଲେ । ଶେଷରେ ସେ ନିଜର ଚାରିଜଣ ଭଲ ସେବକଙ୍କୁ ଡକାଇ ସାରଥିଙ୍କ (ମନ୍ତ୍ରୀଙ୍କ) ସଙ୍ଗରେ ପଠାଇଲେ ॥ ୧୪୩ ॥

**ଗୁହ ସାରଥିହି ଫିରେଉ ପହୁଁଚାଇ । ବିରହୁ ବିଷାଦୁ ବରନି ନହିଁ ଜାଇ ॥**
**ଚଲେ ଅୱଧ ଲେଇ ରଥହି ନିଷାଦା । ହୋହିଁ ଛନହିଁ ଛନ ମଗନ ବିଷାଦା ॥ ୧ ॥**

ନିଜେ ନିଷାଦରାଜ ଗୁହ ମନ୍ତ୍ରୀଙ୍କୁ କିଛି ବାଟ ବାଟେଇଦେଇ ଫେରିଆସିଲେ । ତାଙ୍କ ବିରହ ଓ ଦୁଃଖ ତ ଅବର୍ଣ୍ଣନୀୟ । ସେ ପଠାଇଥିବା ଚାରିଜଣ ନିଷାଦ ରଥ ନେଇ ଅଯୋଧ୍ୟାକୁ ଚାଲିଲେ । ସୁମନ୍ତ୍ରଙ୍କର ଓ ଘୋଡ଼ାମାନଙ୍କର ଅବସ୍ଥା ଦେଖି ସେମାନେ ବି କ୍ଷଣକୁ କ୍ଷଣ ଦୁଃଖରେ ବୁଡ଼ିଯାଉଥାନ୍ତି ॥ ୧ ॥

**ସୋଚ ସୁମଂତ୍ର ବିକଲ ଦୁଖ ଦୀନା । ଧୃଗ ଜୀୱନ ରଘୁବୀର ବିହୀନା ॥**
**ରହିହି ନ ଅଂତହୁଁ ଅଧମ ସରୀରୂ । ଜସୁ ନ ଲହେଉ ବିଛୁରତ ରଘୁବୀରୂ ॥ ୨ ॥**

ବ୍ୟାକୁଳତା ଓ ଦୁଃଖରେ ଅଭିଭୂତ ହୋଇ ସୁମନ୍ତ୍ର ଭାବୁଥାନ୍ତି, ''ରଘୁବୀରଙ୍କ ବିନା ଜୀବନଧାରଣ କରିବା ଧିକ୍ ! ଏହି ଅଧମ ଶରୀର ତ ରହିବ ନାହିଁ; ଏବେ ଶ୍ରୀରାମଙ୍କ ବିଚ୍ଛେଦରେ ଏ ଜୀବନ ଚ୍ଚାଲିଯାଇ ଯଶ ନ ପାଇଲା କାହିଁକି ! ॥ ୨ ॥

**ଭଏ ଅଜସ ଅଘ ଭାଜନ ପ୍ରାନା । କୱନ ହେତୁ ନହିଁ କରତ ପୟାନା ॥**
**ଅହହ ମଂଦ ମନୁ ଅୱସର ଚୂକା । ଅଜହୁଁ ନ ହୃଦୟ ହୋତ ଦୁଇ ଟୂକା ॥ ୩ ॥**

ଏହି ଜୀବନ ଅପଯଶ ଓ ପାପର ଭାଣ୍ଡ ହୋଇଗଲା ! ଏବେ ଏ ପ୍ରାଣ ଚ୍ଚାଲି ନ ଯାଉଛି କାହିଁକି !! ହାୟ ରେ ନୀଚ ମନ ! ତୁ ଗୋଟିଏ ସୁନ୍ଦର ସୁଯୋଗ ହରାଇଦେଲୁ । ଅନ୍ତତଃ ଏବେ ମଧ୍ୟ ହୃଦୟ ଫାଟି ଦୁଇଖଣ୍ଡ ନ ହୋଇଯାଉଛି କାହିଁକି !'' ॥ ୩ ॥

**ମୀଜି ହାଥ ସିରୁ ଧୁନି ପଛିତାଈ । ମନହୁଁ କୃପନ ଧନ ରାସି ଗୱାଁଈ ॥**
**ବିରିଦ ବାଁଧି ବର ବୀରୁ କହାଈ । ଚଲେଉ ସମର ଜନୁ ସୁଭଟ ପରାଈ ॥ ୪ ॥**

କୃପଣ ଧନଭଣ୍ଡାର ହରାଇଦେଲାପରି, ସୁମନ୍ତ୍ର ହାତ ମକଚି ମକଚି, ମୁଣ୍ଡ ପିଟି ପିଟି ପଶ୍ଚାତ୍ତାପ କରୁଥାନ୍ତି । ସେ ରଥରେ ବସି ଏପରି ଯାଉଥାନ୍ତି ଯେ, ଲାଗୁଥାଏ ସତେ ଯେପରି ବୀରବାନା ବାନ୍ଧି ଶ୍ରେଷ୍ଠ ଶୂରବୀର ବୋଲାଇହେଉଥିବା, କୌଣସି ବଡ଼ ଯୋଦ୍ଧା ଯୁଦ୍ଧରେ ସବୁକିଛି ହରାଇଦେଇ ପଳାଇଆସୁଛି ॥ ୪ ॥

ଦୋଃ- **ବିପ୍ର ବିବେକୀ ବେଦବିଦ ସଂମତ ସାଧୁ ସୁଜାତି ।**
**ଜିମି ଧୋଖେଁ ମଦପାନ କର ସଚିୱ ସୋଚ ତେହି ଭାଁତି ॥ ୧୪୪ ॥**

କୌଣସି ବିବେକଶୀଳ, ବେଦଜ୍ଞ, ସାଧୁ-ଆଚରଣସମ୍ପନ୍ନ କୁଳୀନ ବ୍ରାହ୍ମଣ ଭୁଲ୍‌ବଶତଃ ମଦ ଖାଇଦେଲା ପରେ ଯେପରି ପଶ୍ଚାତ୍ତାପ କରେ, ମନ୍ତ୍ରୀ ସୁମନ୍ତ୍ର ସେହିପରି ପଶ୍ଚାତ୍ତାପ କରୁଥାନ୍ତି ॥ ୧୪୪ ॥

**ଜିମି କୁଲୀନ ତିୟ ସାଧୁ ସୟାନୀ । ପତିଦେୱତା କରମ ମନ ବାନୀ ॥**
**ରହୈ କରମ ବସ ପରିହରି ନାହୂ । ସଚିୱ ହୃଦୟଁ ତିମି ଦାରୁନ ଦାହୂ ॥ ୧ ॥**

କୌଣସି କୁଳୀନା, ସାଧ୍ୱୀ, ବୁଦ୍ଧିମତୀ ଏବଂ କାୟମନୋବାକ୍ୟରେ ପତିପରାୟଣା ସ୍ତ୍ରୀକୁ ଦୁର୍ଭାଗ୍ୟବଶତଃ ପତିଠାରୁ ପୃଥକ୍ ହୋଇ ରହିବାକୁ ପଡ଼ିଲେ, ତା' ହୃଦୟ ଯେପରି ଭୟାନକଭାବରେ ସନ୍ତାପିତ ହୁଏ, ମନ୍ତ୍ରୀଙ୍କ ହୃଦୟ ସେହିପରି ସନ୍ତାପିତ ହେଉଥାଏ ॥ ୧ ॥

**ଲୋଚନ ସଜଲ ଡୀଠି ଭଇ ଥୋରୀ । ସୁନଇ ନ ଶ୍ରୱନ ବିକଲ ମତି ଭୋରୀ ॥**
**ସୂଖହିଁ ଅଧର ଲାଗି ମୁହଁ ଲାଟୀ । ଜିଉ ନ ଜାଇ ଉର ଅୱଧି କପାଟୀ ॥ ୨ ॥**

ତାଙ୍କର ନେତ୍ର ଅଶ୍ରୁଜଳରେ ପୂର୍ଣ୍ଣ; ଦୃଷ୍ଟି କ୍ଷୀଣ; କର୍ଣ୍ଣ ବଧିରପ୍ରାୟ; ବୁଦ୍ଧି ବ୍ୟାକୁଳ ଓ ବିଭ୍ରାନ୍ତ; ଓଷ୍ଠ ଶୁଷ୍କ; ପାଟି ଅଠା ମାରିଯାଉଥାଏ; କିନ୍ତୁ ମୃତ୍ୟୁର ଏହିସବୁ ଲକ୍ଷଣ ଫୁଟିଉଠୁଥିଲେ ବି ପ୍ରାଣ ଯାଉ ନ ଥାଏ; କାରଣ ହୃଦୟରେ ଚଉଦବର୍ଷର ଅବଧିରୂପୀ କବାଟ ଲାଗିରହିଥାଏ । (ଚଉଦବର୍ଷ ପରେ ପ୍ରଭୁ ଫେରିଆସିଲେ ଦର୍ଶନ ମିଳିବ, ଏହି ଆଶାହିଁ ପ୍ରାଣକୁ ଅଟକାଇ ରଖିଥାଏ ।) ॥ ୨ ॥

**ବିବରନ ଭୟଉ ନ ଜାଇ ନିହାରୀ । ମାରେସି ମନହୁଁ ପିତା ମହତାରୀ ॥**
**ହାନି ଗଲାନି ବିପୁଲ ମନ ବ୍ୟାପୀ । ଜମପୁର ପଂଥ ସୋଚ ଜିମି ପାପୀ ॥ ୩ ॥**

ସୁମନ୍ତ୍ରଙ୍କ ମୁଖର ରଙ୍ଗ ଏପରି ବଦଳିଯାଇଥାଏ ଯେ, ତାଙ୍କୁ ଚାହିଁହେଉ ନ ଥାଏ; ସତେ ଯେପରି ସେ ମାତାପିତାଙ୍କୁ ମାରିଦେଇଛନ୍ତି । ପାପୀ ମନୁଷ୍ୟ ନରକକୁ ଯିବା ପଥରେ ଯେପରି ଚିନ୍ତାଗ୍ରସ୍ତ ହୋଇଯାଏ, ରାମବିଚ୍ଛେଦରୂପୀ କ୍ଷତିର ବିରାଟ ଗ୍ଲାନି ସେହିପରି ତାଙ୍କ ମନକୁ ଆଚ୍ଛାଦିତ କରିଦେଇଥାଏ ॥ ୩ ॥

**ବଚନୁ ନ ଆୱ ହୃଦୟଁ ପଛିତାଈ । ଅୱଧ କାହ ମୈଁ ଦେଖବ ଜାଈ ॥**
**ରାମ ରହିତ ରଥ ଦେଖିହି ଜୋଈ । ସକୁଚିହି ମୋହି ବିଲୋକତ ସୋଈ ॥ ୪ ॥**

ମୁଖରୁ କଥା ବାହାରୁ ନ ଥାଏ । ସେ ହୃଦୟରେ ପଶ୍ଚାତ୍ତାପ କରି ଭାବୁଥାନ୍ତି, ‘‘ଅଯୋଧ୍ୟାକୁ ଯାଇ ମୁଁ କ’ଣ ଦେଖିବି ! ଯେ ଶୂନ୍ୟରଥଟା ଦେଖିବ, ସେ ମୋ ମୁହଁ ଚାହିଁବାକୁ ବି ସଂକୋଚ ବୋଧ କରିବ ॥ ୪ ॥

ଦୋ:- **ଧାଇ ପୂଁଛିହହିଁ ମୋହି ଜବ ବିକଲ ନଗର ନର ନାରି ।**
**ଉତରୁ ଦେବ ମୈଁ ସବହି ତବ ହୃଦୟଁ ବଜ୍ରୁ ବୈଠାରି ॥ ୧୪୫ ॥**

ଯେତେବେଳେ ନଗରର ସମସ୍ତ ବ୍ୟାକୁଳ ନରନାରୀ ଧାଇଁଆସି ମୋତେ ରାମଙ୍କ କଥା ପଚାରିବେ, ସେତେବେଳେ ମୋତେ ହୃଦୟକୁ ବଜ୍ର କରିଦେଇ ସେମାନଙ୍କୁ ଉତ୍ତର ଦେବାକୁ ପଡ଼ିବ ! ॥ ୧୪୫ ॥

**ପୁଛିହହିଁ ଦୀନ ଦୁଖିତ ସବ ମାତା । କହବ କାହ ମୈଁ ତିନ୍ହହି ବିଧାତା ॥**
**ପୂଛିହି ଜବହିଁ ଲଖନ ମହତାରୀ । କହିହଉଁ କୱନ ସଁଦେସ ସୁଖାରୀ ॥ ୧ ॥**

ଦୀନଦୁଃଖୀ ମାତାମାନେ ଯେତେବେଳେ ମୋତେ ପଚାରିବେ, ହେ ବିଧାତା ! ସେତେବେଳେ ମୁଁ କ’ଣ କହିବି ! ଲକ୍ଷ୍ମଣଙ୍କ ମାତା ମୋତେ ପଚାରିଲେ, ମୁଁ ତାଙ୍କୁ କି ସୁଖସନ୍ଦେଶ ଦେବି !! ॥ ୧ ॥

**ରାମ ଜନନି ଜବ ଆଇହି ଧାଈ । ସୁମିରି ବଚ୍ଛୁ ଜିମି ଧେନୁ ଲୱାଈ ॥**
**ପୂଁଛତ ଉତରୁ ଦେବ ମୈଁ ତେହୀ । ଗେ ବନୁ ରାମ ଲଖନୁ ବୈଦେହୀ ॥ ୨ ॥**

ନବପ୍ରସୂତା ଗାଈ ତା ବାଛୁରିକୁ ମନେପକାଇ ଧାଇଁଆସିଲାପରି ଶ୍ରୀରାମଙ୍କ ଜନନୀ ଧାଇଁଆସି ମୋତେ ‘ପୁଅ କାହିଁ’ ବୋଲି ପଚାରିଲେ ମୁଁ କ’ଣ ତାଙ୍କୁ ‘ଶ୍ରୀରାମ, ଲକ୍ଷ୍ମଣ, ସୀତା ବଣକୁ ଚାଲିଗଲେ’ ବୋଲି ଉତ୍ତର ଦେଇପାରିବି ! ॥ ୨ ॥

**ଜୋଇ ପୂଁଛିହି ତେହି ଉତରୁ ଦେବା । ଜାଇ ଅୱଧ ଅବ ୟହୁ ସୁଖୁ ଲେବା ॥**
**ପୂଁଛିହି ଜବହିଁ ରାଉ ଦୁଖ ଦୀନା । ଜିୱନୁ ଜାସୁ ରଘୁନାଥ ଅଧୀନା ॥ ୩ ॥**
**ଦେହଉଁ ଉତରୁ କୌନୁ ମୁହୁ ଲାଈ । ଆୟଉଁ କୁସଲ କୁଅଁର ପହୁଁଚାଈ ॥**
**ସୁନତ ଲଖନ ସିୟ ରାମ ସଁଦେସୂ । ତୃନ ଜିମି ତନୁ ପରିହରିହି ନରେସୂ ॥ ୪ ॥**

ଯେ କେହି ପଚାରିଲେ ମୋତେ ଏହି ଉତ୍ତରହିଁ ଦେବାକୁ ପଡ଼ିବ । ହାୟ !ଅଯୋଧ୍ୟା ଯାଇ ମୁଁ କ’ଣ ଏହି ସୁଖ ପାଇବି ? ଯାହାଙ୍କ ଜୀବନ ଶ୍ରୀରଘୁନାଥଙ୍କରହିଁ ଅଧୀନ, ଦୁଃଖରେ ଦୀନ ହୋଇ ରହିଥିବା ସେହି ମହାରାଜ ମୋତେ ପଚାରିଲେ, ମୁଁ କେଉଁ ମୁହଁରେ ତାଙ୍କୁ ଉତ୍ତର ଦେବି ଯେ, ମୁଁ ରାଜକୁମାରଙ୍କୁ କୁଶଳରେ ବନରେ ପହଞ୍ଚାଇଦେଇ ଫେରିଆସିଲି ! ଲକ୍ଷ୍ମଣ, ସୀତା ଓ ଶ୍ରୀରାମଙ୍କ ସମାଚାର ଶୁଣିଦେଲାମାତ୍ରେ ମହାରାଜ ତ ଶରୀରକୁ ତୃଣତୁଲ୍ୟ ପରିତ୍ୟାଗ କରିଦେବେ ! ॥ ୩, ୪ ॥

ଦୋ:- **ହୃଦଉ ନ ବିଦରେଉ ପଂକ ଜିମି ବିଛୁରତ ପ୍ରୀତମୁ ନୀରୁ ।**
**ଜାନତ ହୌଁ ମୋହି ଦୀହ୍ନ ବିଧି ୟହୁ ଜାତନା ସରୀରୁ ॥ ୧୪୬ ॥**

ଶ୍ରୀରାମରୂପୀ ଜଳର ବିଚ୍ଛେଦ ଘଟିବାମାତ୍ରେ ମୋ ହୃଦୟ ଯାହା ପଙ୍କ ପରି ଫାଟିଗଲା ନାହିଁ; ଏଥିରୁ ମୁଁ ଜାଣୁଛି, ବିଧାତା ମୋତେ ଏହି ଯାତନାଶରୀରହିଁ ଦେଇଛି, [ଯାହା କି ପାପୀମାନଙ୍କୁ ନରକ ଭୋଗନିମନ୍ତେ ମିଳେ] ।" ॥ ୧୪୬ ॥

**ଏହି ବିଧି କରତ ପଂଥ ପଛିତାୱା । ତମସା ତୀର ତୁରତ ରଥୁ ଆୱା ॥**
**ବିଦା କିଏ କରି ବିନୟ ନିଷାଦା । ଫିରେ ପାୟଁ ପରି ବିକଲ ବିଷାଦା ॥ ୧ ॥**

ସୁମନ୍ତ୍ର ବାଟସାରା ଏହିପରି ଅନୁତାପ କରି କରି ଚାଲିଥାନ୍ତି । ଇତିମଧ୍ୟରେ ରଥ ଆସି ତମସା ନଦୀତଟରେ ପହଞ୍ଚିଗଲା । ମନ୍ତ୍ରୀବର ବିନୟସହକାରେ ଚାରିନିଷାଦଙ୍କୁ ବିଦାୟ ଦେଲେ । ସେମାନେ ବିଷାଦରେ ବ୍ୟାକୁଳ ହୋଇ, ମନ୍ତ୍ରୀଙ୍କ ପାଦରେ ପ୍ରଣାମ କରି ଫେରିଲେ ॥ ୧ ॥

**ପୈଠତ ନଗର ସଚିୱ ସକୁଚାଈ । ଜନୁ ମାରେସି ଗୁର ବାଁଭନ ଗାଈ ॥**
**ବୈଠି ବିଟପ ତର ଦିୱସୁ ଗୱାଁୱା । ସାଁଝ ସମୟ ତବ ଅୱସରୁ ପାୱା ॥ ୨ ॥**

ନଗର ମଧ୍ୟରେ ପ୍ରବେଶ କରିବାକୁ ମନ୍ତ୍ରୀ ଏତେ ସଙ୍କୋଚବୋଧ କରୁଥାନ୍ତି ଯେ, ଦେଖିଲେ ମନେହେଉଥାଏ, ସେ ଯେପରି ଗୁରୁ, ବ୍ରାହ୍ମଣ କିମ୍ବା ଗୋ-ହତ୍ୟା କରି ପଳାଇଆସିଛନ୍ତି । ଦିନସାରା ସେ ଗୋଟିଏ ଗଛତଳେ ବସି କଟାଇଦେଲେ ; ସନ୍ଧ୍ୟା ହେବାରୁ ତାଙ୍କ ପକ୍ଷରେ ନଗରରେ ପ୍ରବେଶ କରିବା ସୁବିଧାଜନକ ହେଲା ॥ ୨ ॥

**ଅୱଧ ପ୍ରବେସୁ କୀହ୍ନ ଅଁଧିଆରେଁ । ପୈଠ ଭୱନ ରଥୁ ରାଖି ଦୁଆରେଁ ॥**
**ଜିହ୍ନ ଜିହ୍ନ ସମାଚାର ସୁନି ପାଏ । ଭୂପ ଦ୍ୱାର ରଥୁ ଦେଖନ ଆଏ ॥ ୩ ॥**

ଅନ୍ଧାର ହୋଇଯିବା ପରେ ସେ ଅଯୋଧ୍ୟାରେ ପ୍ରବେଶ କଲେ ଓ ରଥକୁ ରାଜଦ୍ୱାରରେ ଠିଆ କରାଇଦେଇ ଚୁପ୍‌ଚାପ ନଅରଭିତରେ ପଶିଗଲେ । ଯେଉଁମାନେ ଏହି ସମାଚାର ପାଇଗଲେ, ସେମାନେ ରଥ ଦେଖିବାକୁ ରାଜଦ୍ୱାରକୁ ଧାଇଁଆସିଲେ ॥ ୩ ॥

**ରଥୁ ପହିଚାନି ବିକଲ ଲଖି ଘୋରେ । ଗରହିଁ ଗାତ ଜିମି ଆତପ ଓରେ ॥**
**ନଗର ନାରି ନର ବ୍ୟାକୁଲ କୈସେଁ । ନିଘଟତ ନୀର ମୀନଗନ ଜୈସେଁ ॥ ୪ ॥**

ସେମାନେ ରଥକୁ ଚିହ୍ନିଲେ ଏବଂ ଦେଖିଲେ ଯେ, କୁଆପଥର ଯେପରି ଖରାରେ ତରଳିଯାଏ, ଘୋଡ଼ାମାନେ ସେହିପରି ବିକଳ ଓ ଶୀର୍ଣ୍ଣ ହୋଇଯାଇଛନ୍ତି । ଏସବୁ ଦେଖି ପୋଖରୀରୁ ଜଳ ଶୁଖିଆସିଲେ ମାଛମାନେ ଯେପରି ବିକଳ ହୁଅନ୍ତି, ନଗରର ନରନାରୀ ସେହିପରି ବିକଳ ହୋଇଉଠିଲେ ॥ ୪ ॥

ଦୋ:- **ସଚିୱ ଆଗମନୁ ସୁନତ ସବୁ ବିକଲ ଭୟଉ ରନିୱାସୁ ।**
**ଭୱନୁ ଭୟଂକରୁ ଲାଗ ତେହି ମାନହୁଁ ପ୍ରେତ ନିୱାସୁ ॥ ୧୪୭ ॥**

ମନ୍ତ୍ରୀ ଏକାକୀ ଫେରିଆସିଥିବା କଥା ଶୁଣି, ସାରା ରାଣୀନିବାସ ବ୍ୟାକୁଳ ହୋଇଉଠିଲା । ନଅରଟା ସେମାନଙ୍କୁ ଶ୍ମଶାନ ପରି ଭୟଙ୍କର ଲାଗିଲା ॥ ୧୪୭ ॥

**ଅତି ଆରତି ସବ ପୂଛହିଁ ରାନୀ । ଉତରୁ ନ ଆୱ ବିକଲ ଭଇ ବାନୀ ॥**
**ସୁନଇ ନ ଶ୍ରୱନ ନୟନ ନହିଁ ସୂଝା । କହହୁ କହାଁ ନୃପୁ ତେହି ତେହି ବୂଝା ॥ ୧ ॥**

ରାଣୀମାନେ ଅତ୍ୟନ୍ତ ଆର୍ତ୍ତ ହୋଇ ସୁମନ୍ତ୍ରଙ୍କୁ ପଚ୍ଚାରୁଥାନ୍ତି; କିନ୍ତୁ ସୁମନ୍ତ୍ରଙ୍କ ପାଟିରୁ କିଛି ଉତ୍ତର ବାହାରୁ ନ ଥାଏ । ତାଙ୍କ ବାଣୀ ରୁଦ୍ଧ ହୋଇଯାଉଥାଏ ; କାନକୁ କିଛି ଶୁଭ ନ ଥାଏ, କି ଆଖିକୁ କିଛି ଦିଶୁ ନ ଥାଏ । ଯେ ତାଙ୍କ ଆଗକୁ ଆସୁଥାନ୍ତି, ସୁମନ୍ତ୍ର ତାଙ୍କୁ ପଚ୍ଚାରୁଥାନ୍ତି, "ମହାରାଜା କାହାନ୍ତି ?" ॥ ୧ ॥

**ଦାସିହ୍ନ ଦୀଖ ସଚିଓ୍ୱ ବିକଲାଈ । କୌସଲ୍ୟା ଗୃହଁ ଗଈଁ ଲୱାଈ ॥**
**ଜାଇ ସୁମଂତ୍ର ଦୀଖ କସ ରାଜା । ଅମିଅ ରହିତ ଜନୁ ଚଂଦୁ ବିରାଜା ॥ ୨ ॥**

ମନ୍ତ୍ରୀ ଏପରି ବିକଳ ହେଉଥିବା ଦେଖି ଦାସୀମାନେ ତାଙ୍କୁ କୌଶଲ୍ୟାଙ୍କ ପୁରକୁ ନେଇଗଲେ । ସେଠାରେ ରାଜାଙ୍କୁ ଦେଖି ସୁମନ୍ତ୍ର ଅନୁଭବ କଲେ, ସେ ବୋଧହୁଏ ଅମୃତବିହୀନ (କାନ୍ତିବିହୀନ) ଚନ୍ଦ୍ରଙ୍କୁ ଦେଖୁଛନ୍ତି ॥ ୨ ॥

**ଆସନ ସୟନ ବିଭୂଷନ ହୀନା । ପରେଉ ଭୂମିତଲ ନିପଟ ମଲୀନା ॥**
**ଲେଇ ଉସାସୁ ସୋଚ ଏହି ଭାଁତୀ । ସୁରପୁର ତେଁ ଜନୁ ଖଁସେଉ ଜଜାତୀ ॥ ୩ ॥**

ରାଜା ଆସନ, ଶଯ୍ୟା ଓ ଆଭୂଷଣ ଛାଡ଼ିଦେଇ ଅପରିଷ୍କାର ଚଟାଣରେ ପଡ଼ିଥାନ୍ତି । ସେ ଦୀର୍ଘନିଃଶ୍ୱାସ ପକାଇ ଏପରିଭାବରେ ଚିନ୍ତାରେ ବୁଡ଼ିରହିଥାନ୍ତି ଯେ, ଦେଖିଲେ ମନେହେଉଥାଏ, ସତେ ଯେପରି ଯଯାତି ସ୍ୱର୍ଗରୁ ଖସିପଡ଼ି ଚିନ୍ତାଗ୍ରସ୍ତ ହୋଇଯାଇଛନ୍ତି ॥ ୩॥

**ଲେତ ସୋଚ ଭରି ଛିନୁ ଛିନୁ ଛାତୀ । ଜନୁ ଜରି ପଂଖ ପରେଉ ସଂପାତୀ ॥**
**ରାମ ରାମ କହ ରାମ ସନେହୀ । ପୁନି କହ ରାମ ଲଖନ ବୈଦେହୀ ॥ ୪ ॥**

ଗଭୀର ଚିନ୍ତାରେ ରାଜାଙ୍କ ହୃଦୟ କ୍ଷଣକୁ କ୍ଷଣ ଫାଟିଯାଉଥାଏ । ଅବସ୍ଥା ଏପରି ଦୟନୀୟ ହୋଇଯାଇଥାଏ ଯେ, ମନେ ହେଉଥାଏ, ସତେ ଯେପରି ଡେଣା ପୋଡ଼ିଯିବାରୁ ସମ୍ପାତି ତଳେ ପଡ଼ିଯାଇଛି । ରାଜା ବାରମ୍ବାର 'ରାମ ! ରାମ !', 'ଆହା ! ମୋ ପ୍ରିୟ ରାମ !' ବୋଲି କହୁଥାନ୍ତି; ପୁଣି କହୁଥାନ୍ତି, "ହା ରାମ !ହା ଲକ୍ଷ୍ମଣ ! ହା ଜାନକୀ ! [ମୋତେ ଛାଡ଼ି ତୁମେ କୁଆଡ଼େ ଚାଲିଗଲ !]" ॥ ୪ ॥

ଦୋଃ- **ଦେଖି ସଚିଓ୍ୱଁ ଜୟ ଜୀଓ୍ୱ କହି କୀହ୍ନେଉ ଦଂଡ ପ୍ରନାମୁ ।**
**ସୁନତ ଉଠେଉ ବ୍ୟାକୁଲ ନୃପତି କହୁ ସୁମଂତ୍ର କହଁ ରାମୁ ॥ ୧୪୮ ॥**

ତାଙ୍କୁ ଦେଖି ମନ୍ତ୍ରୀ 'ଜୟ ଜୀବ' କହି ଦଣ୍ଡବତ୍ ପ୍ରଣାମ କଲେ । ତାଙ୍କ ପାଟି ଶୁଣୁ ଶୁଣୁ ରାଜା ବ୍ୟାକୁଳ ହୋଇ ପଚ୍ଚାରିଉଠିଲେ, "ସୁମନ୍ତ୍ର ! କାହିଁ ? ରାମ କାହିଁ ?" ॥ ୧୪୮ ॥

**ଭୂପ ସୁମଂତ୍ରୁ ଲୀହ୍ନ ଉର ଲାଈ । ବୂଡ଼ତ କଛୁ ଅଧାର ଜନୁ ପାଈ ॥**
**ସହିତ ସନେହ ନିକଟ ବୈଠାରୀ । ପୂଁଛତ ରାଉ ନୟନ ଭରି ବାରୀ ॥ ୧ ॥**

ରାଜା ସୁମନ୍ତ୍ରଙ୍କୁ ଛାତିରେ ଭିଡ଼ିଧରିଲେ ; ସତେ ଅବା ବୁଡ଼ିଯାଉଥିବା ଲୋକକୁ କିଛି ଗୋଟିଏ ଆଶ୍ରୟ ମିଳିଗଲା । ମନ୍ତ୍ରୀଙ୍କୁ ସ୍ନେହର ସହିତ ପାଖରେ ବସାଇ ଅଶ୍ରୁଭରା ନୟନରେ ରାଜା ପଚ୍ଚାରିଲେ, ॥ ୧ ॥

**ରାମ କୁସଲ କହୁ ସଖା ସନେହୀ । କହଁ ରଘୁନାଥୁ ଲଖନୁ ବୈଦେହୀ ॥**
**ଆନେ ଫେରି କି ବନହି ସିଧାଏ । ସୁନତ ସଚିଓ୍ୱ ଲୋଚନ ଜଲ ଛାଏ ॥ ୨ ॥**

ହେ ମୋର ପ୍ରିୟ ସଖା ! ଶ୍ରୀରାମଙ୍କ କୁଶଳ ସମାଚାର ଶୁଣାଅ । ଶ୍ରୀରାମ, ଲକ୍ଷ୍ମଣ ଓ ଜାନକୀ କେଉଁଠି ଅଛନ୍ତି ? ସେମାନଙ୍କୁ ଫେରାଇଆଣିଲ, ନା ସେମାନେ ବନକୁ ଚାଲିଗଲେ ?" ଏହା ଶୁଣିଦେବାକ୍ଷଣି ମନ୍ତ୍ରୀଙ୍କ ନୟନ ଅଶ୍ରୁଜଳରେ ଭରିଗଲା ॥ ୨ ॥

**ସୋକ ବିକଲ ପୁନି ପୂଁଛ ନରେସୂ । କହୁ ସିୟ ରାମ ଲଖନ ସଂଦେସୂ ॥**
**ରାମ ରୂପ ଗୁନ ସୀଲ ସୁଭାଉ । ସୁମିରି ସୁମିରି ଉର ସୋଚତ ରାଉ ॥ ୩ ॥**

ଶୋକରେ ବ୍ୟାକୁଳ ହୋଇ ରାଜା ପୁଣି ଥରେ ପଚ୍ଚାରିଲେ, ''ସୀତା, ରାମ ଓ ଲକ୍ଷ୍ମଣଙ୍କ ସମାଚ୍ଚାର କ'ଣ, କୁହ !'' ଶ୍ରୀରାମଙ୍କ ରୂପ, ଗୁଣ, ସ୍ୱଭାବ ମନେପକାଇ ପକାଇ ରାଜା ଶୋକରେ ବୁଡ଼ିଗଲେ ॥ ୩ ॥

**ରାଉ ସୁନାଇ ଦୀହ୍ନ ବନବାସୂ । ସୁନି ମନ ଭୟଉ ନ ହରଷୁ ହରାଁସୂ ॥**
**ସୋ ସୁତ ବିଛୁରତ ଗଏ ନ ପ୍ରାନା । କୋ ପାପୀ ବଡ଼ ମୋହି ସମାନା ॥ ୪ ॥**

ଏବଂ କହିଲେ, ''ମୁଁ ରାଜା କରିଦେବା କଥା କହି ବନବାସ ଦେଇଦେଲି । ତାହା ଶୁଣି ମଧ୍ୟ ଯାହାର ମନରେ ହର୍ଷ ହେଲା ନାହିଁ, କି ବିଷାଦ ହେଲା ନାହିଁ, ସେପରି ପୁତ୍ରର ବିଚ୍ଛେଦ ପରେ ବି ଯଦି ମୋ ପ୍ରାଣ ଚ୍ଚାଲି ନ ଗଲା, ତେବେ ମୋ ପରି ବଡ଼ ପାପୀ ଆଉ କିଏ ଅଛି ! ॥ ୪ ॥

ଦୋ:- **ସଖା ରାମୁ ସିୟ ଲଖନୁ ଜହଁ ତହାଁ ମୋହି ପହୁଁଚ୍ଚାଉ ।**
**ନାହିଁ ତ ଚ୍ଚାହତ ଚଲନ ଅବ ପ୍ରାନ କହଉଁ ସତିଭାଉ ॥ ୧୪୯ ॥**

ହେ ସଖା ! ଶ୍ରୀରାମ, ଲକ୍ଷ୍ମଣ, ଜାନକୀ ଯେଉଁଠି ଅଛନ୍ତି, ମୋତେ ନେଇ ସେଇଠି ପହଞ୍ଚାଇଦିଅ । ନଚେତ୍, ମୁଁ ସତ କହୁଛି, ମୋ ପ୍ରାଣ ଏବେ ଚ୍ଚାଲିଯିବ ।'' ॥ ୧୪୯ ॥

**ପୁନି ପୁନି ପୂଁଛତ ମଂତ୍ରିହି ରାଉ । ପ୍ରିୟତମ ସୁଅନ ସଁଦେସ ସୁନାଉ ॥**
**କରହି ସଖା ସୋଇ ବେଗି ଉପାଉ । ରାମୁ ଲଖନୁ ସିୟ ନୟନ ଦେଖାଉ ॥ ୧ ॥**

ରାଜା ବାରମ୍ବାର ମନ୍ତ୍ରୀଙ୍କୁ ପଚ୍ଚାରୁଥାନ୍ତି, ''ମୋର ପ୍ରିୟତମ ପୁତ୍ର ରାମର ସଂଦେଶ କୁହ । ହେ ସଖା ! ତୁମେ ତୁରନ୍ତ ଉପାୟ କରି ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ମୋତେ ଦେଖାଇଦିଅ ।'' ॥ ୧॥

**ସଚିୱ ଧୀର ଧରି କହ ମୃଦୁ ବାନୀ । ମହାରାଜ ତୁହ୍ମ ପଂଡିତ ଗ୍ୟାନୀ ॥**
**ବୀର ସୁଧୀର ଧୁରଂଧର ଦେୱା । ସାଧୁ ସମାଜୁ ସଦା ତୁହ୍ମ ସେୱା ॥ ୨ ॥**

ମନ୍ତ୍ରୀ ଧୈର୍ଯ୍ୟ ଧରି କୋମଳକଣ୍ଠରେ କହିଲେ, ''ମହାରାଜ ! ଆପଣ ପଣ୍ଡିତ ଓ ଜ୍ଞାନୀ । ହେ ଦେବ ! ଆପଣ ଶୂରବୀର ଏବଂ ଅତି ଧୈର୍ଯ୍ୟବାନ୍ ପୁରୁଷମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଆପଣ ସଦା ସାଧୁମାନଙ୍କର ସଙ୍ଗତି କରିଛନ୍ତି ॥ ୨ ॥

**ଜନମ ମରନ ସବ ଦୁଖ ସୁଖ ଭୋଗା । ହାନି ଲାଭୁ ପ୍ରିୟ ମିଲନ ବିୟୋଗା ॥**
**କାଲ କରମ ବସ ହୋହିଁ ଗୋସାଇଁ । ବରବସ ରାତି ଦିୱସ କୀ ନାଇଁ ॥ ୩ ॥**

ଜନ୍ମ-ମରଣ, ସୁଖ-ଦୁଃଖ, ଲାଭ-କ୍ଷତି, ପ୍ରିୟଜନଙ୍କର ମିଳନ-ବିଚ୍ଛେଦ—ଏସବୁ, ହେ ସ୍ୱାମୀ ! କାଳ ଓ କର୍ମର ଅଧୀନ ଏବଂ ଦିନରାତି ପରି ଅବଶ୍ୟମ୍ଭାବୀ ॥ ୩ ॥

**ସୁଖ ହରଷହିଁ ଜଡ଼ ଦୁଖ ବିଲଖାହୀଁ । ଦୋଉ ସମ ଧୀର ଧରହିଁ ମନ ମାହୀଁ ॥**
**ଧୀରଜ ଧରହୁ ବିବେକୁ ବିଚ୍ଚାରୀ । ଛାଡ଼ିଅ ସୋଚ ସକଲ ହିତକାରୀ ॥ ୪ ॥**

ମୂର୍ଖମାନେ ସୁଖରେ ପ୍ରସନ୍ନ ହୁଅନ୍ତି ଓ ଦୁଃଖରେ ବିଷଣ୍ଣ ହୁଅନ୍ତି; କିନ୍ତୁ ଧୀରପୁରୁଷ ଉଭୟକୁ ସମାନ ମନେ କରନ୍ତି । ହେ ସର୍ବଜନହିତକାରୀ ! ଆପଣ ବିବେକ ବିଚ୍ଚାରବଳରେ ଧୈର୍ଯ୍ୟ ଧରନ୍ତୁ; ଶୋକ ପରିତ୍ୟାଗ କରନ୍ତୁ ॥ ୪ ॥

ଦୋଃ- ପ୍ରଥମ ବାସୁ ତମସା ଭୟଉ ଦୂସର ସୁରସରି ତୀର ।
ହ୍ନାଇ ରହେ ଜଲପାନୁ କରି ସିୟ ସମେତ ଦୋଉ ବୀର ॥ ୧୫୦ ॥

ଶ୍ରୀରାମ ପ୍ରଥମେ ତମସାତଟରେ ନିବାସ କଲେ; ତା'ପରେ ଗଙ୍ଗାତୀରରେ ରହିଲେ । ସୀତାଙ୍କ ସହିତ ଦୁଇଭାଇ ସେଦିନ ସ୍ନାନ କରି, କେବଳ ପାଣି ପିଇ ରହିଗଲେ ॥ ୧୫୦ ॥

କେଓ୍ୱଟ କୀହ୍ନି ବହୁତ ସେଓ୍ୱକାଈ । ସୋ ଜାମିନି ସିଂଗରୌର ଗୱାଁଈ ॥
ହୋତ ପ୍ରାତ ବଟ ଛୀରୁ ମଗାଓ୍ୱା । ଜଟା ମୁକୁଟ ନିଜ ସୀସ ବନାଓ୍ୱା ॥ ୧ ॥

ନିଷାଦରାଜ ବହୁପ୍ରକାର ସେବା କଲେ । ସେହି ରାତିଟି ସେମାନେ ଶୃଙ୍ଗବେରପୁରରେହିଁ କଟାଇଦେଲେ । ପରଦିନ ସକାଳ ହେଉ ହେଉ ବଟକ୍ଷୀର ମଗାଇ ଶ୍ରୀରାମ-ଲକ୍ଷ୍ମଣ ମସ୍ତକରେ ଜଟାମୁକୁଟ ବାନ୍ଧିଲେ ॥ ୧ ॥

ରାମ ସଖାଁ ତବ ନାଓ୍ୱ ମଗାଈ । ପ୍ରିୟା ଚଢ଼ାଇ ଚଢ଼େ ରଘୁରାଈ ॥
ଲଖନ ବାନ ଧନୁ ଧରେ ବନାଈ । ଆପୁ ଚଢ଼େ ପ୍ରଭୁ ଆୟସୁ ପାଈ ॥ ୨ ॥

ତା'ପରେ ଶ୍ରୀରାମଙ୍କ ସଖା ନିଷାଦରାଜ ନୌକା ମଗାଇଲେ । ପ୍ରଥମେ ସୀତାଙ୍କୁ ନୌକାରେ ବସାଇ, ପରେ ଶ୍ରୀରଘୁନାଥ ନିଜେ ବସିଲେ । ତା'ପରେ ଲକ୍ଷ୍ମଣ ଧନୁଶର ସଜାଇଧରି, ଶ୍ରୀରାମଙ୍କ ଆଜ୍ଞା ନେଇ ନୌକାରେ ଚଢ଼ିଲେ ॥ ୨ ॥

ବିକଲ ବିଲୋକି ମୋହି ରଘୁବୀରା । ବୋଲେ ମଧୁର ବଚନ ଧରି ଧୀରା ॥
ତାତ ପ୍ରନାମୁ ତାତ ସନ କହେହୂ । ବାର ବାର ପଦ ପଂକଜ ଗହେହୂ ॥ ୩ ॥

[ସୁମନ୍ତ୍ର କହିଲେ,] ମୋର ବ୍ୟାକୁଳ ଅବସ୍ଥା ଦେଖି ଶ୍ରୀରାମ ଧୈର୍ଯ୍ୟର ସହିତ ମଧୁରକଣ୍ଠରେ ମୋତେ କହିଲେ, ''ହେ ତାତ ! ପିତାଙ୍କୁ ମୋର ପ୍ରଣାମ ଜଣାଇଦେବ ଏବଂ ମୋ ପକ୍ଷରୁ ବାରମ୍ବାର ତାଙ୍କର ପାଦପଦ୍ମ ଧରିବ ॥ ୩ ॥

କରବି ପାୟଁ ପରି ବିନୟ ବହୋରୀ । ତାତ କରିଅ ଜନି ଚିଂତା ମୋରୀ ॥
ବନ ମଗ ମଂଗଲ କୁସଲ ହମାରେଁ । କୃପା ଅନୁଗ୍ରହ ପୁନ୍ୟ ତୁହ୍ମାରେଁ ॥ ୪ ॥

ପୁଣି ପାଦ ତଳେ ପଡ଼ି ମୋର ବିନତି ଜଣାଇବ 'ହେ ପିତା ! ଆପଣ ମୋ ଚିନ୍ତା କରିବେ ନାହିଁ । ଆପଣଙ୍କ କୃପା, ଅନୁଗ୍ରହ ଓ ପୁଣ୍ୟରୁ ବନରେ ଓ ପଥରେ ଆମର ସବୁ କୁଶଳ ଓ ମଙ୍ଗଳ ହେବ ॥ ୪ ॥

ଛନ୍ଦ- ତୁହ୍ମରେଁ ଅନୁଗ୍ରହ ତାତ କାନନ ଜାତ ସବ ସୁଖୁ ପାଇହୌଁ ।
ପ୍ରତିପାଲି ଆୟସୁ କୁସଲ ଦେଖନ ପାୟ ପୁନି ଫିରି ଆଇହୌଁ ॥
ଜନନୀଁ ସକଲ ପରିତୋଷି ପରି ପରି ପାୟଁ କରି ବିନତୀ ଘନୀ ।
ତୁଲସୀ କରେହୁ ସୋଇ ଜତନୁ ଜେହିଁ କୁସଲୀ ରହହିଁ କୋସଲଧନୀ ॥

ହେ ପିତା ! ଆପଣଙ୍କ ଅନୁଗ୍ରହରୁ ମୁଁ ବନରେ ସକଳପ୍ରକାର ସୁଖ ପାଇବି । ଆପଣଙ୍କ ଆଜ୍ଞା ଯଥାବିଧି ପାଳନ କରି ଆପଣଙ୍କ ଚରଣ ଦର୍ଶନ କରିବାକୁ ମୁଁ ଭଲରେ ଭଲରେ ଫେରିଆସିବି ।' ସବୁମାତାଙ୍କ ପାଦତଳେ ପଡ଼ି ବିନତି କରି ବୁଝାଇବ; ତା'ଛଡ଼ା, (ତୁଳସୀଦାସ କହୁଛନ୍ତି) ସେହିସବୁ ପ୍ରଯତ୍ନ କରିବ, ଯାହାଦ୍ୱାରା କି ମୋର ପିତା କୋଶଳପତି କୁଶଳରେ ରହିବେ ॥

ସୋ:- **ଗୁର ସନ କହବ ସଁଦେସୁ ବାର ବାର ପଦ ପଦୁମ ଗହି ।**
**କରବ ସୋଇ ଉପଦେସୁ ଜେହିଁ ନ ସୋଚ ମୋହି ଅୱଧପତି ॥ ୧୫୧ ॥**

ବାରମ୍ବାର ଚରଣକମଳ ଧରି ଗୁରୁ ବଶିଷ୍ଠଙ୍କୁ ମୋର ପ୍ରାର୍ଥନା ଜଣାଇବ ଯେ, ସେ ଏପରି ଉପଦେଶ ଦେବେ, ଯାହା ଫଳରେ କି ପିତା ଅଯୋଧ୍ୟାପତି, ମୋ' ଚିନ୍ତା କରିବେ ନାହିଁ ॥ ୧୫୧ ॥

**ପୁରଜନ ପରିଜନ ସକଲ ନିହୋରୀ । ତାତ ସୁନାଏହୁ ବିନତୀ ମୋରୀ ॥**
**ସୋଇ ସବ ଭାଁତି ମୋର ହିତକାରୀ । ଜାତେଁ ରହ ନରନାହୁ ସୁଖାରୀ ॥ ୧ ॥**

ହେ ତାତ ! ସକଳ ପୁରବାସୀଙ୍କୁ ତଥା ଆମ କୁଟୁମ୍ବଲୋକଙ୍କୁ ନେହୁରା ହୋଇ ମୋର ବିନତି ଶୁଣାଇଦେବ ଯେ, ଯାହାଙ୍କ ଚେଷ୍ଟାରେ ମହାରାଜ ସୁଖରେ ରହିବେ, ସେ ମୋର ସବୁଦୃଷ୍ଟିରୁ ହିତକାରୀ ବୋଲି ମୁଁ ସ୍ୱୀକାର କରିବି ॥ ୧ ॥

**କହବ ସଁଦେସୁ ଭରତ କେ ଆଏଁ । ନୀତି ନ ତଜିଅ ରାଜପଦୁ ପାଏଁ ॥**
**ପାଲେହୁ ପ୍ରଜହି କରମ ମନ ବାନୀ । ସେଏହୁ ମାତୁ ସକଲ ସମ ଜାନୀ ॥ ୨ ॥**

ଭରତ ଆସିଲେ, ତାକୁ ମୋର ଏହି ସନ୍ଦେଶ ଜଣାଇଦେବ : ''ରାଜପଦ ପାଇ ନୀତି ଛାଡ଼ିଦେବ ନାହିଁ । ତୁମେ କାୟମନୋବାକ୍ୟରେ ପ୍ରଜାପାଳନ କରିବ ଏବଂ ସବୁମାଆଙ୍କୁ ସମାନ ଜାଣି ସେମାନଙ୍କର ସେବା କରିବ ॥ ୨ ॥

**ଓର ନିବାହେହୁ ଭାୟପ ଭାଈ । କରି ପିତୁ ମାତୁ ସୁଜନ ସେୱକାଈ ॥**
**ତାତ ଭାଁତି ତେହି ରାଖବ ରାଉ । ସୋଚ ମୋର ଜେହିଁ କରୈ ନ କାଉ ॥ ୩ ॥**

ହେ ଭାଇ ! ପିତା, ମାତା ଓ ସ୍ୱଜନଙ୍କର ସେବା କରି ଶେଷ ପର୍ଯ୍ୟନ୍ତ ଭ୍ରାତୃତ୍ୱର ମର୍ଯ୍ୟାଦା ରକ୍ଷା କରିବ ।' ହେ ତାତ ! ମହାରାଜାଙ୍କୁ ଏପରିଭାବରେ ରଖିବ ଯେ, ସେ କେବେ କୌଣସିପ୍ରକାରେ ବି ମୋ ଚିନ୍ତା କରିବେ ନାହିଁ ।'' ॥ ୩ ॥

**ଲଖନ କହେ କଛୁ ବଚନ କଠୋରା । ବରଜି ରାମ ପୁନି ମୋହି ନିହୋରା ॥**
**ବାର ବାର ନିଜ ସପଥ ଦେୱାଈ । କହବି ନ ତାତ ଲଖନ ଲରିକାଈ ॥ ୪ ॥**

ଲକ୍ଷ୍ମଣ କିଛି କଠୋର ବଚନ କହିଦେଇଥିଲେ; କିନ୍ତୁ ଶ୍ରୀରାମ ତାଙ୍କୁ ବୁଝାଇ ବାରଣ କରିବା ସହିତ ମୋତେ ବାରମ୍ବାର ନିଜ ରାଣ ପକାଇ ନେହୁରା ହୋଇ କହିଲେ, 'ହେ ତାତ ! ଲକ୍ଷ୍ମଣର ପିଲାଳିଆ ଆଚରଣ ନଅରରେ ପ୍ରକାଶ କରିବ ନାହିଁ ॥ ୪ ॥

ଦୋ:- **କହି ପ୍ରନାମୁ କଛୁ କହନ ଲିୟ ସିୟ ଭଇ ସିଥିଲ ସନେହ ।**
**ଥକିତ ବଚନ ଲୋଚନ ସଜଲ ପୁଲକ ପଲ୍ଲୱିତ ଦେହ ॥ ୧୫୨ ॥**

ସୀତା ମଧ୍ୟ ପ୍ରଣାମ କରି କିଛି କହିବାକୁ ଯାଉଥିଲେ; କିନ୍ତୁ ଭାବାବେଶ ହେତୁ କିଛି କହିପାରିଲେ ନାହିଁ । ତାଙ୍କ କଣ୍ଠ ରୁଦ୍ଧ ହୋଇଗଲା; ଆଖିରେ ଅଶ୍ରୁ ଭରିଗଲା ଏବଂ ଶରୀରରେ ରୋମାଞ୍ଚ ଖେଳିଗଲା ॥ ୧୫୨ ॥

**ତେହି ଅୱସର ରଘୁବର ରୁଖ ପାଈ । କେୱଟ ପାରହି ନାୱ ଚଲାଈ ॥**
**ରଘୁକୁଲ ତିଲକ ଚଲେ ଏହି ଭାଁତୀ । ଦେଖଉଁ ଠାଢ଼ କୁଲିସ ଧରି ଛାତୀ ॥ ୧ ॥**

ସେତିକିବେଳେ ଶ୍ରୀରାମଙ୍କ ସଂକେତ ପାଇ କେଉଟ ନଈ ପାରିକରାଇବାକୁ ନାଆ ଛାଡ଼ିଦେଲା । ଏହିପରିଭାବରେ ରଘୁବଂଶତିଳକ ରଘୁନାଥ ଚାଲିଗଲେ । ମୁଁ ଛାତିକୁ ବଜ୍ର କରି, ଠିଆ ହୋଇ ଖାଲି ଚାହିଁରହିଲି ॥ ୧ ॥

**ମୌଁ ଆପନ କିମି କହୌଁ କଲେସୂ । ଜିଅତ ଫିରେଉଁ ଲେଇ ରାମ ସଁଦେସୂ ॥**
**ଅସ କହି ସଚିୱ ବଚନ ରହି ଗୟଉ । ହାନି ଗଲାନି ସୋଚ ବସ ଭୟଉ ॥ ୨ ॥**

ମୁଁ ନିଜ ଦୁଃଖକଥା କିପରି ବା କହିବି ! ଯାହା ହେଉ ଶ୍ରୀରାମଙ୍କର ଏହି ସନ୍ଦେଶ ନେଇ, ମୁଁ ପ୍ରାଣ ଧରି ଫେରିଆସିଛି । ଏପରି କହୁ କହୁ ମନ୍ତ୍ରୀଙ୍କର କଣ୍ଠ ରୁଦ୍ଧ ହୋଇଆସିଲା । ସେ ରାମବିରହଜନିତ ଦୁଃଖ ଓ ଗ୍ଳାନିରେ ଅଭିଭୂତ ହୋଇଗଲେ ॥ ୨ ॥

**ସୂତ ବଚନ ସୁନତହିଁ ନରନାହୂ । ପରେଉ ଧରନି ଉର ଦାରୁନ ଦାହୂ ॥**
**ତଲଫତ ବିଷମ ମୋହ ମନ ମାପା । ମାଜା ମନହୁଁ ମୀନ କହୁଁ ବ୍ୟାପା ॥ ୩ ॥**

ସାରଥି ସୁମନ୍ତ୍ରଙ୍କ ବଚନ ଶୁଣିବାମାତ୍ରେ ରାଜା ଭୂମିରେ ଟଳିପଡ଼ିଲେ । ତାଙ୍କ ହୃଦୟରେ ଭୟାନକ ଜ୍ୱାଳା ଉତ୍ପନ୍ନ ହେଲା । ସେ ଛଟପଟ ହେବାକୁ ଲାଗିଲେ । ଭୀଷଣ ମୋହ ହେତୁ ତାଙ୍କ ମନ ଏପରି ବ୍ୟାକୁଳ ହୋଇଉଠିଲା ଯେ, ମନେହେଲା, ମାଛଦେହରେ ପହିଲିବର୍ଷାର ଫେଣ ଲାଗିଗଲା । (*ପହିଲି ବର୍ଷାର ଫେଣ ମାଛକୁ ବେହୋସ କରିଦିଏ*) ॥ ୩ ॥

**କରି ବିଲାପ ସବ ରୋୱହିଁ ରାନୀ । ମହା ବିପତି କିମି ଜାଇ ବଖାନୀ ॥**
**ସୁନି ବିଲାପ ଦୁଖହୂ ଦୁଖୁ ଲାଗା । ଧୀରଜହୂ କର ଧୀରଜୁ ଭାଗା ॥ ୪ ॥**

ସବୁରାଣୀ ବିଳାପ କରି କାନ୍ଦିବାକୁ ଲାଗିଲେ । ସେହି ମହାବିପତ୍ତିର ବର୍ଣ୍ଣନା କିପରି ବା କରିହେବ ? ସେହି ସମୟର ବିଳାପ ଶୁଣି ତ ଦୁଃଖକୁ ବି ଦୁଃଖ ଲାଗିଲା ଏବଂ ଧୈର୍ଯ୍ୟର ବି ଧୈର୍ଯ୍ୟ ତୁଟିଗଲା ॥ ୪ ॥

ଦୋଃ- **ଭୟଉ କୋଲାହଲୁ ଅୱଧ ଅତି ସୁନି ନୃପ ରାଉର ସୋରୁ ।**
**ବିପୁଲ ବିହଗ ବନ ପରେଉ ନିସି ମାନହୁ କୁଲିସ କଠୋରୁ ॥ ୧୫୩ ॥**

ରାଣୀନିବାସର କ୍ରନ୍ଦନରୋଳ ଶୁଣି ସମଗ୍ର ଅଯୋଧ୍ୟାରେ କୋଳାହଳ ପଡ଼ିଗଲା । ମନେହେଲା, ସତେ ଯେପରି ରାତିରେ ପକ୍ଷୀମାନଙ୍କର ବିଶାଳବନରେ ଦାରୁଣ ବଜ୍ରପାତ ହୋଇଗଲା ॥ ୧୫୩ ॥

**ପ୍ରାନ କଂଠଗତ ଭୟଉ ଭୁଆଲୂ । ମନି ବିହୀନ ଜନୁ ବ୍ୟାକୁଲ ବ୍ୟାଲୂ ॥**
**ଇଂଦ୍ରୀଁ ସକଲ ବିକଲ ଭଇଁ ଭାରୀ । ଜନୁ ସର ସରସିଜ ବନୁ ବିନୁ ବାରୀ ॥ ୧ ॥**

ରାଜାଙ୍କ ପ୍ରାଣ କଣ୍ଠାଗ୍ରତ ହୋଇଗଲା । ମଣି ବିନା ସର୍ପ ପରି ସେ ବ୍ୟାକୁଳ ହୋଇଗଲେ । ସବୁ ଇନ୍ଦ୍ରିୟ ଏଭଳି ଶିଥିଳ ହୋଇଗଲା ଯେ, ମନେହେଲା, ଜଳ ବିନା ପୁଷ୍କରିଣୀରେ ପଦ୍ମସମୂହ ଝାଉଁଳିପଡ଼ିଛି କି ! ॥ ୧ ॥

**କୌସଲ୍ୟାଁ ନୃପୁ ଦୀଖ ମଲାନା । ରବିକୁଲ ରବି ଅଁଥୟଉ ଜିୟଁ ଜାନା ॥**
**ଉର ଧରି ଧୀର ରାମ ମହତାରୀ । ବୋଲୀ ବଚନ ସମୟ ଅନୁସାରୀ ॥ ୨ ॥**

ରାଜା ଦୁଃଖରେ ଅତ୍ୟନ୍ତ ମ୍ଳାନ ହୋଇଗଲେଣି ଦେଖି କୌଶଲ୍ୟା ଜାଣିଗଲେ ଯେ, ଏଥର ସୂର୍ଯ୍ୟବଂଶର ସୂର୍ଯ୍ୟ ଅସ୍ତ ହେବାକୁ ବସିଲେ । ତେଣୁ ଶ୍ରୀରାମଙ୍କ ଜନନୀ ହୃଦୟରେ ଧୈର୍ଯ୍ୟ ଧରି ସମୟୋପଯୋଗୀ ବଚନ କହିଲେ, ॥ ୨ ॥

**ନାଥ ସମୁଝି ମନ କରିଅ ବିଚାରୂ । ରାମ ବିୟୋଗ ପୟୋଧି ଅପାରୂ ॥**
**କରନଧାର ତୁମ୍ହ ଅୱଧ ଜହାଜୂ । ଚଢ଼େଉ ସକଲ ପ୍ରିୟ ପଥିକ ସମାଜୂ ॥ ୩ ॥**

''ହେ ନାଥ ! ଆପଣ ଭଲଭାବରେ ବୁଝି ମନରେ ବିଚାର କରନ୍ତୁ । ଦେଖନ୍ତୁ, ରାମଙ୍କ ବିଚ୍ଛେଦ ହେଉଛି ଏକ ଅପାର ସାଗର । ଅଯୋଧ୍ୟା ହେଉଛି ଏକ ଜାହାଜ ଏବଂ ଆପଣ ହେଉଛନ୍ତି ସେହି ଜାହାଜର କର୍ଣ୍ଣଧାର । ଆତ୍ମୀୟ, ସ୍ୱଜନ, ପ୍ରଜାଗଣ—ଏସମସ୍ତେ ହେଉଛନ୍ତି ସେହି ଜାହାଜରେ ଚଢ଼ିଥିବା ଯାତ୍ରୀ ॥ ୩ ॥

**ଧୀରଜୁ ଧରିଅ ତ ପାଇଅ ପାରୂ । ନାହିଁ ତ ବୂଡ଼ିହି ସବୁ ପରିୱାରୂ ॥**
**ଜୌଁ ଜିୟଁ ଧରିଅ ବିନୟ ପିୟ ମୋରୀ । ରାମୁ ଲଖନୁ ସିୟ ମିଲହିଁ ବହୋରୀ ॥ ୪ ॥**

ଆପଣ ଯଦି ଧୈର୍ଯ୍ୟ ଧରିବେ, ତେବେ ଏ ସମସ୍ତେ ସେହି ଅପାର ସାଗର ପାରପାଇଯିବେ; ନଚେତ୍ ସମଗ୍ର ପରିବାର ବୁଡ଼ିଯିବ । ଧୈର୍ଯ୍ୟ ଧରି, କୃପା କରି ଯଦି ମୋ ମିନତି ଶୁଣିବେ, ତେବେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ସହିତ ଆଉ ଥରେ ଦେଖା ହୋଇପାରିବ ।'' ॥ ୪ ॥

ଦୋ:- **ପ୍ରିୟା ବଚନ ମୃଦୁ ସୁନତ ନୃପୁ ଚିତୟଉ ଆଁଖି ଉଘାରି ।**
**ତଲଫତ ମୀନ ମଲୀନ ଜନୁ ସୀଁଚତ ସୀତଲ ବାରି ॥ ୧୫୪ ॥**

ପ୍ରିୟା ପତ୍ନୀ କୌଶଲ୍ୟାଙ୍କର କୋମଳ ବଚନ ଶୁଣି, ରାଜା ଆଖି ଖୋଲି ଚାହିଁଲେ । ଲାଗିଲା, ସତେ ଅବା ଛଟପଟ ହେଉଥିବା ମାଛଟିଏ ଉପରେ କେହି ଶୀତଳଜଳ ଛିଞ୍ଚିଦେଲା ॥ ୧୫୪ ॥

**ଧରି ଧୀରଜୁ ଉଠି ବୈଠ ଭୁଆଲୂ । କହୁ ସୁମଂତ୍ର କହଁ ରାମ କୃପାଲୂ ॥**
**କହାଁ ଲଖନୁ କହଁ ରାମୁ ସନେହୀ । କହଁ ପ୍ରିୟ ପୁତ୍ରବଧୂ ବୈଦେହୀ ॥ ୧ ॥**

ରାଜା ଧୈର୍ଯ୍ୟ ଧରି, ଉଠି ବସିଲେ । କହିଲେ, ''ସୁମନ୍ତ୍ର ! କହ, କୃପାଳୁ ରାମ କେଉଁଠି ଅଛନ୍ତି ? ଲକ୍ଷ୍ମଣ କେଉଁଠି ଅଛି ? ମୋ ସ୍ନେହର ରାମ କେଉଁଠି ଅଛି ? ମୋ ଆଦରର ବୋହୂ ବୈଦେହୀ କେଉଁଠି ଅଛି ?'' ॥ ୧ ॥

**ବିଲପତ ରାଉ ବିକଲ ବହୁ ଭାଁତୀ । ଭଇ ଜୁଗ ସରିସ ସିରାତି ନ ରାତୀ ॥**
**ତାପସ ଅଂଧ ସାପ ସୁଧି ଆଈ । କୌସଲ୍ୟହି ସବ କଥା ସୁନାଈ ॥ ୨ ॥**

ରାଜା ବ୍ୟାକୁଳ ହୋଇ ନାନାପ୍ରକାର ବିଳାପ କଲେ । ରାତିଟା ଯୁଗ ପରି ଦୀର୍ଘ ହୋଇଗଲା; ରାତି ଆଉ ପାହିଲା ନାହିଁ । ରାଜାଙ୍କୁ ଅନ୍ଧମୁନି (ଶ୍ରବଣକୁମାରଙ୍କ ପିତା) ଦେଇଥିବା ଅଭିଶାପ ମନେପଡ଼ିଗଲା । ସେ କୌଶଲ୍ୟାଙ୍କୁ ସବୁକଥା କହି ଶୁଣାଇଦେଲେ ॥ ୨ ॥

**ଭୟଉ ବିକଲ ବରନତ ଇତିହାସା । ରାମ ରହିତ ଧିଗ ଜୀୱନ ଆସା ॥**
**ସୋ ତନୁ ରାଖି କରବ ମୈଁ କାହା । ଜେହିଁ ନ ପ୍ରେମ ପନୁ ମୋର ନିବାହା ॥ ୩ ॥**

ସେହି ଘଟଣା ବର୍ଣ୍ଣନା କରୁ କରୁ, ରାଜା ବ୍ୟାକୁଳ ହୋଇଗଲେ ଏବଂ କହିଲେ, ''ରାମଙ୍କ ବିନା ବଞ୍ଚିରହିବାର ଆଶାକୁ ଧିକ୍ ! ଯେଉଁ ଶରୀର ମୋର ପ୍ରେମର ପଣକୁ ଚରିତାର୍ଥ କରିପାରିଲା ନାହିଁ, ସେହି ଶରୀର ରଖି ମୁଁ କ'ଣ କରିବି ? ॥ ୩ ॥

**ହା ରଘୁନଂଦନ ପ୍ରାନ ପିରୀତେ । ତୁମ୍ହ ବିନୁ ଜିଅତ ବହୁତ ଦିନ ବୀତେ ॥**
**ହା ଜାନକୀ ଲଖନ ହା ରଘୁବର । ହା ପିତୁ ହିତ ଚିତ ଚାତକ ଜଲଧର ॥ ୪ ॥**

''ହା ରଘୁକୁଳର ଆନନ୍ଦଦାତା ପ୍ରାଣପ୍ରିୟ ରାମ ! ତୁମ ବିନା ବଞ୍ଚିରହିବାର ବହୁତ ଦିନ ହୋଇଗଲା । ହା ଜାନକୀ ! ହା ଲକ୍ଷ୍ମଣ ! ହା ରଘୁବର ! ହା ପିତାଙ୍କ ଚିତ୍ତରୂପୀ ଚାତକର ହିତକାରୀ ମେଘ !'' ॥ ୪ ॥

ଦୋଃ- **ରାମ ରାମ କହି ରାମ କହି ରାମ ରାମ କହି ରାମ ।**
**ତନୁ ପରିହରି ରଘୁବର ବିରହଁ ରାଉ ଗୟଉ ସୁରଧାମ ॥ ୧୫୫ ॥**

'ରାମ ରାମ' କହି, ପୁଣି 'ରାମ' କହି, ପୁଣି 'ରାମ ରାମ' କହି ଏବଂ ପୁଣି 'ରାମ' କହି ରାଜା ଶ୍ରୀରାମଙ୍କ ବିରହରେ ଶରୀର ଛାଡ଼ି ସୁରଲୋକକୁ ଚାଲିଗଲେ ॥ ୧୫୫ ॥

**ଜିଅନ ମରନ ଫଲୁ ଦସରଥ ପାୱା । ଅଂଡ ଅନେକ ଅମଲ ଜସୁ ଛାୱା ॥**
**ଜିଅତ ରାମ ବିଧୁ ବଦନୁ ନିହାରା । ରାମ ବିରହ କରି ମରନୁ ସଁୱାରା ॥ ୧ ॥**

ଜନ୍ମ ଓ ମରଣର ଫଳ ଏକମାତ୍ର ଦଶରଥଙ୍କୁହିଁ ମିଳିଲା । ତାଙ୍କର ନିର୍ମଳ ଯଶ ଅନେକ ବ୍ରହ୍ମାଣ୍ଡରେ ବ୍ୟାପିଗଲା । ଜୀବନ ଥିବା ଅବସ୍ଥାରେ ସେ ଶ୍ରୀରାମଙ୍କର ଚନ୍ଦ୍ରବଦନ ଦର୍ଶନ କରିଥିଲେ ଏବଂ ଶ୍ରୀରାମଙ୍କ ବିରହକୁ ନିମିତ୍ତ କରି ସେ ନିଜର ମରଣପଥ ମଧ୍ୟ ସୁଗମ କରିଦେଲେ ॥ ୧ ॥

**ସୋକ ବିକଲ ସବ ରୋୱହିଁ ରାନୀ । ରୂପୁ ସୀଲୁ ବଲୁ ତେଜୁ ବଖାନୀ ॥**
**କରହିଁ ବିଲାପ ଅନେକ ପ୍ରକାରା । ପରହିଁ ଭୂମିତଲ ବାରହିଁ ବାରା ॥ ୨ ॥**

ସବୁ ରାଣୀ ଶୋକରେ ବ୍ୟାକୁଳ ହୋଇ ରୋଦନ କରିବାକୁ ଲାଗିଲେ । ସେମାନେ ରାଜାଙ୍କ ରୂପ, ଗୁଣ, ବଳ ଓ ତେଜକୁ ବାଖୁନି ବାଖୁନି ନାନାପ୍ରକାରେ ବିଳାପ କଲେ ଏବଂ ଥରକୁ ଥର ଭୂଇଁରେ ଲୋଟିପଡ଼ିଲେ ॥ ୨ ॥

**ବିଲପହିଁ ବିକଲ ଦାସ ଅରୁ ଦାସୀ । ଘର ଘର ରୁଦନୁ କରହିଁ ପୁରବାସୀ ॥**
**ଅଁଥୟଉ ଆଜୁ ଭାନୁକୁଲ ଭାନୂ । ଧରମ ଅୱଧି ଗୁନ ରୂପ ନିଧାନୂ ॥ ୩ ॥**

ଦାସଦାସୀଗଣ ବିକଳ ହୋଇ ବିଳାପ କଲେ ଏବଂ ଘରେ ଘରେ ନଗରଲୋକେ ରୋଦନ କଲେ । କହିଲେ, "ଧର୍ମର ନିଧାନ, ରୂପ ଓ ଗୁଣର ଭଣ୍ଡାର ସୂର୍ଯ୍ୟବଂଶର ସୂର୍ଯ୍ୟ ଆଜି ଅସ୍ତ ହୋଇଗଲେ ॥ ୩ ॥

**ଗାରୀଁ ସକଲ କୈକଇହି ଦେହୀଁ । ନୟନ ବିହୀନ କୀହ୍ନ ଜଗ ଜେହୀଁ ॥**
**ଏହି ବିଧି ବିଲପତ ରୈନି ବିହାନୀ । ଆଏ ସକଲ ମହାମୁନି ଗ୍ୟାନୀ ॥ ୪ ॥**

ସମଗ୍ର ସଂସାରକୁ କୈକେୟୀ ନେତ୍ରହୀନ (ଅନ୍ଧ) କରିଦେଲେ ।" ଏପରି କହି ସମସ୍ତେ ତାଙ୍କୁ ଗାଳି ଦେବାକୁ ଲାଗିଲେ । ଏପରି ବିଳାପ କରୁ କରୁ ରାତି ପାହିଗଲା । ସକାଳ ହେଲାରୁ ବଡ଼ ବଡ଼ ଜ୍ଞାନୀ ମୁନିମାନେ ଆସି ପହଞ୍ଚିଗଲେ ॥ ୪ ॥

ଦୋଃ- **ତବ ବସିଷ୍ଠ ମୁନି ସମୟ ସମ କହି ଅନେକ ଇତିହାସ ।**
**ସୋକ ନେୱାରେଉ ସବହି କର ନିଜ ବିଗ୍ୟାନ ପ୍ରକାସ ॥ ୧୫୬ ॥**

ବଶିଷ୍ଠ ମୁନି ଅନେକ ସମୟାନୁକୂଳ ଉପାଖ୍ୟାନ କହି ନିଜର ବିଶେଷ ଜ୍ଞାନାଲୋକଦ୍ୱାରା ସମସ୍ତଙ୍କର ଶୋକ ଦୂର କଲେ ॥ ୧୫୬ ॥

**ତେଲ ନାୱଁ ଭରି ନୃପ ତନୁ ରାଖା । ଦୂତ ବୋଲାଇ ବହୁରି ଅସ ଭାଷା ॥**
**ଧାୱହୁ ବେଗି ଭରତ ପହିଁ ଜାହୂ । ନୃପ ସୁଧି କତହୁଁ କହହୁ ଜନି କାହୂ ॥ ୧ ॥**

ବଶିଷ୍ଠ ଗୋଟିଏ ଡଙ୍ଗାରେ ତେଲ ଭରି ରାଜାଙ୍କ ଶରୀରକୁ ସେଥିରେ ଭଲଭାବରେ ବୁଡ଼ାଇରଖାଇଲେ । ତା'ପରେ ଦୂତମାନଙ୍କୁ ଡକାଇ କହିଲେ, "ତୁମେ ଶୀଘ୍ର ଭରତଙ୍କ ପାଖକୁ ଧାଅଁ; କିନ୍ତୁ କାହାକୁ କେଉଁଠି ରାଜାଙ୍କ ମୃତ୍ୟୁ ସଂବାଦ ଜଣାଇବ ନାହିଁ ॥ ୧ ॥

**ଏତନେଇ କହେହୁ ଭରତ ସନ ଜାଈ । ଗୁର ବୋଲାଇ ପଠୟଉ ଦୋଉ ଭାଈ ॥**
**ସୁନି ମୁନି ଆୟସୁ ଧାୱନ ଧାଏ । ଚଲେ ବେଗ ବର ବାଜି ଲଜାଏ ॥ ୨ ॥**

ଭରତଙ୍କୁ କେବଳ ଏତିକି କହିବ ଯେ, ଦୁଇଭାଇଙ୍କୁ ଗୁରୁ ଡକାଇଛନ୍ତି ।'' ମୁନିଙ୍କ ଆଜ୍ଞା ଶୁଣି ଦ୍ରୁତଗାମୀ ଦୂତମାନେ ଧାଇଁଲେ । ସେମାନେ ଭଲ ଭଲ ଘୋଡ଼ାଙ୍କୁ ବି ହରାଇଦେବାପରି ଦ୍ରୁତଗତିରେ ଧାଇଁଲେ ॥ ୨ ॥

**ଅନରଥୁ ଅୱଧ ଅରଂଭେଉ ଜବ ତେଁ । କୁସଗୁନ ହୋହିଁ ଭରତ କହୁଁ ତବ ତେଁ ॥**
**ଦେଖହିଁ ରାତି ଭୟାନକ ସପନା । ଜାଗି କରହିଁ କଟୁ କୋଟି କଲପନା ॥ ୩ ॥**

ଅଯୋଧ୍ୟାରେ ଅନର୍ଥ ଆରମ୍ଭ ହେବାଦିନୁ ଭରତ ବହୁ ଅଶୁଭ ସଙ୍କେତ ଦେଖିବାକୁ ପାଉଥିଲେ । ସେ ରାତିରେ ଭୟଙ୍କର ଦୁଃସ୍ୱପ୍ନ ଦେଖୁଥିଲେ ଏବଂ ନିଦରୁ ଉଠି ସେହି ଦୁଃସ୍ୱପ୍ନ ହେତୁ ନାନାପ୍ରକାର ଦୁଶ୍ଚିନ୍ତା କରୁଥିଲେ ॥ ୩ ॥

**ବିପ୍ର ଜେୱାଁଇ ଦେହିଁ ଦିନ ଦାନା । ସିୱ ଅଭିଷେକ କରହିଁ ବିଧି ନାନା ॥**
**ମାଗହିଁ ହୃଦୟଁ ମହେସ ମନାଈ । କୁସଲ ମାତୁ ପିତୁ ପରିଜନ ଭାଈ ॥ ୪ ॥**

[ଅରିଷ୍ଟଶାନ୍ତି ନିମନ୍ତେ] ସେ ପ୍ରତିଦିନ ବ୍ରାହ୍ମଣଭୋଜନ କରାଇ ଦାନ ଦେଉଥିଲେ । ନାନାବିଧିରେ ରୁଦ୍ରାଭିଷେକ କରାଉଥିଲେ । ମହାଦେବଙ୍କୁ ମନାସି ମାତା, ପିତା, କୁଟୁମ୍ବଲୋକ ଓ ଭାଇମାନଙ୍କ କୁଶଳ-ମଙ୍ଗଳ ଭିକ୍ଷା କରୁଥିଲେ ॥ ୪ ॥

ଦୋଃ- **ଏହି ବିଧି ସୋଚତ ଭରତ ମନ ଧାୱନ ପହୁଁଚେ ଆଇ ।**
**ଗୁର ଅନୁସାସନ ଶ୍ରୱନ ସୁନି ଚଲେ ଗନେସୁ ମନାଇ ॥ ୧୫୭ ॥**

ଭରତ ଏହିପରି ଚିନ୍ତାଗ୍ରସ୍ତ ଥିଲାବେଳେ ଦୂତମାନେ ଯାଇ ତାଙ୍କ ପାଖରେ ପହଞ୍ଚିଗଲେ । ଗୁରୁଙ୍କ ଆଜ୍ଞା ଶୁଣିଦେବାକ୍ଷଣି ଦୁଇଭାଇ ଗଣେଶଙ୍କୁ ସ୍ମରଣ କରି ବାହାରିପଡ଼ିଲେ ॥ ୧୫୭ ॥

**ଚଲେ ସମୀର ବେଗ ହୟ ହାଁକେ । ନାଘତ ସରିତ ସୈଲ ବନ ବାଁକେ ॥**
**ହୃଦୟଁ ସୋଚୁ ବଡ଼ କଛୁ ନ ସୋହାଈ । ଅସ ଜାନହିଁ ଜିୟଁ ଜାଉଁ ଉଡ଼ାଈ ॥ ୧ ॥**

ସେମାନେ ପବନବେଗରେ ଘୋଡ଼ା ଛୁଟାଇ ନଦୀ, ପର୍ବତ ଓ ବନପଥ ଲଂଘନ କରିଗଲିଲେ । ମନକୁ ଦୁଶ୍ଚିନ୍ତା ଘାରିରଖିଥାଏ; କିଛି ଭଲ ଲାଗୁ ନ ଥାଏ । ସେମାନେ ଭାବୁଥିଲେ, କୌଣସିପ୍ରକାରେ ଉଡ଼ି ଉଡ଼ି ଶୀଘ୍ର ଯାଇ ଅଯୋଧ୍ୟାରେ ପହଞ୍ଚିଯାଆନ୍ତେ କି ! ॥ ୧ ॥

**ଏକ ନିମେଷ ବରଷ ସମ ଜାଈ । ଏହି ବିଧି ଭରତ ନଗର ନିଅରାଈ ॥**
**ଅସଗୁନ ହୋହିଁ ନଗର ପୈଠାରା । ରଟହିଁ କୁଭାଁତି କୁଖେତ କରାରା ॥ ୨ ॥**

ଗୋଟିଏ ଗୋଟିଏ ନିମିଷ ଗୋଟିଏ ଗୋଟିଏ ବର୍ଷ ପରି ଅତିକ୍ରାନ୍ତ ହେଉଥାଏ । ଏପରିଭାବରେ ଭରତ ଆସି ନଗର ନିକଟରେ ପହଞ୍ଚିଗଲେ । ନଗରରେ ପ୍ରବେଶ କରୁ କରୁ ବିଭିନ୍ନ ଅଶୁଭ ଲକ୍ଷଣ ଦେଖାଗଲା । କୁଆମାନେ ଅଶୁଭ ସ୍ଥାନରେ ବସି ଅଶୁଭ ରୀତିରେ କା କା କରୁଥାନ୍ତି ॥ ୨ ॥

**ଖର ସିଆର ବୋଲହିଁ ପ୍ରତିକୂଲା । ସୁନି ସୁନି ହୋଇ ଭରତ ମନ ସୂଲା ॥**
**ଶ୍ରୀହତ ସର ସରିତା ବନ ବାଗା । ନଗରୁ ବିସେଷି ଭୟାୱନୁ ଲାଗା ॥ ୩ ॥**

ଗଧ ଓ ବିଲୁଆମାନେ ବିକୃତସ୍ୱରରେ ବୋବାଉଥା'ନ୍ତି । ଏସବୁ ଦେଖି ଓ ଶୁଣି ଭରତଙ୍କ ମନରେ ବଡ଼ ବ୍ୟଥା ହେଲା । ସରୋବର, ନଦୀ, ବନ, ଉପବନ ପ୍ରଭୃତି ଶ୍ରୀହୀନ ବୋଧ ହେଉଥାଏ । ନଗରଟା ଅତି ଭୟାନକ ବୋଧ ହେଉଥାଏ ॥ ୩ ॥

**ଖଗ ମୃଗ ହୟ ଗୟ ଜାହିଁ ନ ଜୋଏ । ରାମ ବିୟୋଗ କୁରୋଗ ବିଗୋଏ ॥**
**ନଗର ନାରି ନର ନିପଟ ଦୁଖାରୀ । ମନହୁଁ ସବହ୍ନି ସବ ସଂପତି ହାରୀ ॥ ୪ ॥**

ଶ୍ରୀରାମବିରହରୂପୀ ଅସାଧ୍ୟ ରୋଗରେ ପୀଡ଼ିତ ବିଭିନ୍ନ ପଶୁପକ୍ଷୀ ଓ ନଗରର ହାତୀଘୋଡ଼ାଙ୍କ ବ୍ୟଥା-ବେଦନା ଦେଖିହେଉ ନ ଥାଏ । ନଗରର ନରନାରୀ ଅତ୍ୟନ୍ତ ଦୁଃଖିତ ଦେଖାଯାଉଥାନ୍ତି । ମନେ ହେଉଥାଏ, ସତେ ଯେପରି ସମସ୍ତେ ନିଜ ନିଜର ସକଳ ସମ୍ପତ୍ତି ହରାଇବସିଛନ୍ତି ॥ ୪ ॥

ଦୋः- **ପୁରଜନ ମିଲହିଁ ନ କହହିଁ କଛୁ ଗୱଁହିଁ ଜୋହାରହିଁ ଜାହିଁ ।**
**ଭରତ କୁସଲ ପୂଁଛି ନ ସକହିଁ ଭୟ ବିଷାଦ ମନ ମାହିଁ ॥ ୧୫୮ ॥**

ନଗରର ଲୋକେ ଆସି ତାଙ୍କୁ ଭେଟୁଥାନ୍ତି, କିନ୍ତୁ କେହି କିଛି କହୁ ନ ଥାନ୍ତି; ମୂକ ଭଳି ଜୁହାର ହୋଇ ଚାଲିଯାଉଥାନ୍ତି । ମନରେ ଭୟ ଓ ବିଷାଦ ପୂରିରହିଥିବାରୁ ଭରତ ମଧ୍ୟ କାହାରିକୁ କୁଶଳ ସମାଚାର ପଚାରିପାରୁ ନ ଥାନ୍ତି ॥ ୧୫୮ ॥

**ହାଟ ବାଟ ନହିଁ ଜାଇ ନିହାରୀ । ଜନୁ ପୁର ଦହଁ ଦିସି ଲାଗି ଦୱାରୀ ॥**
**ଆୱତ ସୁତ ସୁନି କୈକୟନଂଦିନି । ହରଷୀ ରବିକୁଲ ଜଲରୁହ ଚଂଦିନି ॥ ୧ ॥**

ହାଟବାଟସବୁକୁ ଚାହିଁ ହେଉ ନ ଥାଏ; ଲାଗୁଥାଏ, ସତେ ଯେପରି ନଗରର ଦଶଦିଗରେ ଦାବାଗ୍ନି ଲାଗିଯାଇଛି । କିନ୍ତୁ ପୁଅ ଆସିଗଲା ବୋଲି ଶୁଣିଦେଇ ସୂର୍ଯ୍ୟବଂଶରୂପୀ ପଦ୍ମନିମନ୍ତେ ଚନ୍ଦ୍ରକିରଣରୂପୀ କୈକେୟୀ ବଡ଼ ଖୁସୀ ହୋଇଗଲେ ॥ ୧ ॥

**ସଜି ଆରତୀ ମୁଦିତ ଉଠି ଧାଈ । ଦ୍ୱାରେହିଁ ଭେଁଟି ଭୱନ ଲେଇ ଆଈ ॥**
**ଭରତ ଦୁଖିତ ପରିୱାରୁ ନିହାରା । ମାନହୁଁ ତୁହିନ ବନଜ ବନୁ ମାରା ॥ ୨ ॥**

ସେ ଆନନ୍ଦରେ ଫୁଲିଉଠି ଆରତି ସଜାଇ ଧାଇଁଆସିଲେ । ରାଜଦ୍ୱାରପାଖରେ ଭରତଙ୍କୁ ଭେଟି ସେ ତାଙ୍କୁ ନଅର ଭିତରକୁ ନେଇଗଲେ । ଭରତ ଦେଖିଲେ, ପରିବାରର ସମସ୍ତେ ତୁଷାରପାତରେ ଆହତ ପଦ୍ମବନ ପରି ଦୁଃଖରେ ମଉଳିପଡ଼ିଛନ୍ତି; ॥ ୨ ॥

**କୈକେଈ ହରଷିତ ଏହି ଭାଁତୀ । ମନହୁଁ ମୁଦିତ ଦୱ ଲାଇ କିରାତୀ ॥**
**ସୁତହି ସସୋଚ ଦେଖି ମନୁ ମାରେଁ । ପୂଁଛତି ନୈହର କୁସଲ ହମାରେଁ ॥ ୩ ॥**

କିନ୍ତୁ ବଣରେ ନିଆଁ ଲଗାଇଦେଇ ଶବରୁଣୀ ଯେପରି ଆନନ୍ଦ ଅନୁଭବ କରେ, ଏକମାତ୍ର କୈକେୟୀହିଁ ଆନନ୍ଦିତ ଦେଖାଯାଉଛନ୍ତି । ପୁଅକୁ ଚିନ୍ତିତ ଓ ଅତ୍ୟନ୍ତ ବିରସ ଦେଖି କୈକେୟୀ ପଚାରିବସିଲେ, ''ଆମ ଘରେ (ମୋ ବାପଘରେ) ସବୁ କୁଶଳ ତ ?'' ॥ ୩ ॥

**ସକଲ କୁସଲ କହି ଭରତ ସୁନାଈ । ପୂଁଛୀ ନିଜ କୁଲ କୁସଲ ଭଲାଈ ॥**
**କହୁ କହଁ ତାତ କହାଁ ସବ ମାତା । କହଁ ସିୟ ରାମ ଲଖନ ପ୍ରିୟ ଭ୍ରାତା ॥ ୪ ॥**

ଭରତ ସବୁ କୁଶଳ ବୋଲି କହି ନିଜକୁଳର କୁଶଳ-ମଙ୍ଗଳ କଥା ପଚାରିଲେ । ଭରତ ପଚାରିଲେ, ''ବାପା କାହାନ୍ତି ? ମାଆମାନେ ସବୁ କେଉଁଠି ଅଛନ୍ତି ? ସୀତା ଦେବୀ ଓ ମୋର ପ୍ରିୟଭାଇ ରାମଲକ୍ଷ୍ମଣ କାହାନ୍ତି ?'' ॥ ୪ ॥

ଦୋ:- **ସୁନି ସୁତ ବଚନ ସନେହମୟ କପଟ ନୀର ଭରି ନୈନ ।**
**ଭରତ ଶ୍ରୱନ ମନ ସୂଲ ସମ ପାପିନି ବୋଲୀ ବୈନ ॥ ୧୫୯ ॥**

ପୁତ୍ରର ସ୍ନେହମୟ ବଚନ ଶୁଣି, ନୟନରେ କପଟ ଅଶ୍ରୁ ଭରି ପାପିନୀ କୈକେୟୀ ଭରତଙ୍କ କର୍ଣ୍ଣ ଓ ମନକୁ ଶୂଳରେ ବିନ୍ଧିବାଭଳି ବଚନ କହିଦେଲେ– ॥ ୧୫୯ ॥

**ତାତ ବାତ ମୈଁ ସକଲ ସଁୱାରୀ । ଭୈ ମଂଥରା ସହାୟ ବିଗ୍ୱରୀ ॥**
**କଛୁକ କାଜ ବିଧି ବୀଚ ବିଗାରେଉ । ଭୂପତି ସୁରପତି ପୁର ପଗୁ ଧାରେଉ ॥ ୧ ॥**

"ଆରେ ବାପ ! ମୁଁ ତୋ ପାଇଁ ସବୁ ଯୋଗାଡ଼ କରିଦେଇଥିଲି । ବିଗ୍ୱରୀ ମନ୍ଥରାଟି ମୋତେ ବଡ଼ ସାହା ହୋଇଥିଲା । କିନ୍ତୁ କ'ଣ କରିବି, ବିଧାତା କାମଟାକୁ ମଝିରେ ଟିକିଏ ବିଗାଡ଼ିଦେଲା; ମହାରାଜଙ୍କର ସ୍ୱର୍ଗବାସ ହୋଇଗଲା ।" ॥ ୧ ॥

**ସୁନତ ଭରତୁ ଭଏ ବିବସ ବିଷାଦା । ଜନୁ ସହମେଉ କରି କେହରି ନାଦା ॥**
**ତାତ ତାତ ହା ତାତ ପୁକାରୀ । ପରେ ଭୂମିତଲ ବ୍ୟାକୁଲ ଭାରୀ ॥ ୨ ॥**

ଏହା ଶୁଣିଦେବାମାତ୍ରେ ଭରତ ଦୁଃଖରେ ବିବଶ ହୋଇଗଲେ—ସତେ ଯେପରି ସିଂହଗର୍ଜନ ଶୁଣି ହାତୀ ତ୍ରସ୍ତ ହୋଇଗଲା । ସେ 'ବାପା ! ବାପା !' ଚିତ୍କାର କରି, ବ୍ୟାକୁଳ ହୋଇ ତଳେ ପଡ଼ିଗଲେ ॥ ୨ ॥

**ଚଲତ ନ ଦେଖନ ପାୟଉଁ ତୋହୀ । ତାତ ନ ରାମହି ସୌଁପେହୁ ମୋହୀ ॥**
**ବହୁରି ଧୀର ଧରି ଉଠେ ସଁଭାରୀ । କହୁ ପିତୁ ମରନ ହେତୁ ମହତାରୀ ॥ ୩ ॥**

[ସେ ବିଳାପ କରିବାକୁ ଲାଗିଲେ,] "ହେ ପିତା ! ମୁଁ ଆପଣଙ୍କ ଦେହାନ୍ତବେଳେ ଟିକିଏ ଦେଖି ବି ପାରିଲି ନାହିଁ । ହାୟ ! ଆପଣ ମୋତେ ଶ୍ରୀରାମଙ୍କ ହାତରେ ବି ସମର୍ପିଦେଇ ଗଲେ ନାହିଁ !" ଏପରି ବିଳାପ କରି ଶେଷରେ ସେ ଧୈର୍ଯ୍ୟ ଧରି, ନିଜକୁ ସମ୍ଭାଳି, ଉଠି ବସିଲେ ଏବଂ ପଚାରିଲେ, "ମାଆ ! ବାପାଙ୍କର କ'ଣ ହୋଇଥିଲା ଯେ, ମରିଗଲେ ?" ॥ ୩ ॥

**ସୁନି ସୁତ ବଚନ କହତି କୈକେଈ । ମରମୁ ପାଁଛି ଜନୁ ମାହୁର ଦେଈ ॥**
**ଆଦିହୁ ତେଁ ସବ ଆପନି କରନୀ । କୁଟିଲ କଠୋର ମୁଦିତ ମନ ବରନୀ ॥ ୪ ॥**

ପୁତ୍ରର ବଚନ ଶୁଣି କୈକେୟୀ ଯାହା କହିଲେ, ତାହା ମର୍ମସ୍ଥାନକୁ ଛୁରୀରେ କାଟି ସେଥିରେ ଜହର ଭରିଦେବାପରି ହୋଇଗଲା । କୁଟିଳା କଠୋରହୃଦୟା କୈକେୟୀ ବଡ଼ ପ୍ରସନ୍ନଚିତ୍ତରେ ଆଦ୍ୟରୁ ପ୍ରାନ୍ତ ଯାଏ ନିଜର ସକଳ କୀର୍ତ୍ତିକଳାପ କହିଗଲେ ॥ ୪ ॥

ଦୋ:- **ଭରତହି ବିସରେଉ ପିତୁ ମରନ ସୁନତ ରାମ ବନ ଗୌନୁ ।**
**ହେତୁ ଅପନପଉ ଜାନି ଜିୟଁ ଥକିତ ରହେ ଧରି ମୌନୁ ॥ ୧୬୦ ॥**

ଶ୍ରୀରାମଙ୍କ ବନଗମନ କଥା ଶୁଣି ଭରତ ପିତାଙ୍କ ମରଣକଥା ଭୁଲିଗଲେ ଏବଂ ସେ ନିଜେହିଁ ଏହି ସମସ୍ତ ଅନର୍ଥର କାରଣ ବୋଲି ଜାଣି ନିର୍ବାକ ଓ ସ୍ତମ୍ଭିତ ହୋଇଗଲେ ॥ ୧୬୦ ॥

**ବିକଲ ବିଲୋକି ସୁତହି ସମୁଝାୱତି । ମନହୁଁ ଜରେ ପର ଲୋନୁ ଲଗାୱତି ॥**
**ତାତ ରାଉ ନହିଁ ସୋଚୈ ଜୋଗୂ । ବିଢ଼ଇ ସୁକୃତ ଜସୁ କୀନ୍ହେଉ ଭୋଗୂ ॥ ୧ ॥**

ପୁଅର ବ୍ୟାକୁଳ ଅବସ୍ଥା ଦେଖି କୈକେୟୀ ପୋଡ଼ାଘାଆରେ ଲୁଣଛିଟା ଦେଲାପରି ତାକୁ ବୁଝାଇ କହିଲେ– "ଆରେ ବାପ ! ରାଜାଙ୍କ ବିଷୟରେ କିଛି ଚିନ୍ତା କରିବା ଦରକାର ନାହିଁ । ସେ ପୁଣ୍ୟ ଓ ଯଶ ଅର୍ଜନ କରି ପର୍ଯ୍ୟାପ୍ତ ମାତ୍ରାରେ ତାହା ଭୋଗ କରିଗଲେ ॥ ୧ ॥

**ଜୀଓ୍ୱତ ସକଲ ଜନମ ଫଲ ପାଏ । ଅଂତ ଅମରପତି ସଦନ ସିଧାଏ ॥**
**ଅସ ଅନୁମାନି ସୋଚ ପରିହରହୂ । ସହିତ ସମାଜ ରାଜ ପୁର କରହୂ ॥ ୨ ॥**

ତାଙ୍କ ଜୀବନକାଳ ମଧ୍ୟରେ ସେ ଜନ୍ମଲାଭର ସକଳ ଫଳ ପାଇଗଲେ ଏବଂ ଶେଷରେ ସେ ଇନ୍ଦ୍ରଲୋକକୁ ଚାଲିଗଲେ । ଏପରି ବିଚାର କରି ତୁ ଚିନ୍ତା ପରିହାର କର ଏବଂ ସମାଜ ସହିତ (ରାଜ୍ୟର ସମସ୍ତ ଅଙ୍ଗ ସହିତ) ନଗରରେ ରାଜତ୍ୱ କର ।" ॥ ୨ ॥

**ସୁନି ସୁଠି ସହମେଉ ରାଜକୁମାରୂ । ପାକେଁ ଛତ ଜନୁ ଲାଗ ଅଁଗାରୂ ॥**
**ଧୀରଜ ଧରି ଭରି ଲେହିଁ ଉସାସା । ପାପିନି ସବହି ଭାଁତି କୁଲ ନାସା ॥ ୩ ॥**

ଏହା ଶୁଣି ରାଜକୁମାର ଭରତ ଅତ୍ୟନ୍ତ ବିବ୍ରତ ହୋଇପଡ଼ିଲେ । ତାଙ୍କୁ ସଢ଼ାଘାଆ ଉପରେ ରଡ଼ନିଆଁ ପଡ଼ିଗଲାପରି ଲାଗିଲା । ସେ ଧୈର୍ଯ୍ୟ ଧରି ଦୀର୍ଘଶ୍ୱାସ ପକାଇ କହିଲେ, "ଲୋ ପାପିନୀ ! ତୁ ସବୁଦିଗରୁ କୁଳନାଶ କରିଦେଲୁ ॥ ୩ ॥

**ଜୌଁ ପୈ କୁରୁଚି ରହୀ ଅତି ତୋହୀ । ଜନମତ କାହେ ନ ମାରେ ମୋହୀ ॥**
**ପେଡ଼ କାଟି ତୈଁ ପାଲଉ ସାଁଚା । ମୀନ ଜିଅନ ନିତି ବାରି ଉଲୀଚା ॥ ୪ ॥**

ହାୟ ! ତୋର ଯଦି ଏପରି କୁତ୍ସିତ ଉଦ୍ଦେଶ୍ୟ ଥିଲା, ତେବେ ତୁ ମୋତେ ଜନ୍ମ ହେଉ ହେଉ ମାରି ନ ଦେଲୁ କାହିଁକି ? ତୁ ଗଛର ମୂଳ କାଟିଦେଇ ପତ୍ରରେ ପାଣି ଛିଞ୍ଚିଲୁ ! ମାଛକୁ ବଞ୍ଚାଇବାକୁ ଯାଇ ପାଣିତକ ବାହିଦେଲୁ ! (ଅର୍ଥାତ୍ ତୁ ମୋ ହିତପାଇଁ ଓଲଟା ମୋର ଅହିତ କରିଦେଲୁ ।) ॥ ୪ ॥

ଦୋଃ- **ହଂସବଂସୁ ଦସରଥୁ ଜନକୁ ରାମ ଲଖନ ସେ ଭାଇ ।**
**ଜନନୀ ତୂଁ ଜନନୀ ଭଈ ବିଧି ସନ କଛୁ ନ ବସାଇ ॥ ୧୬୧ ॥**

ମୋତେ ସୂର୍ଯ୍ୟବଂଶ ପରି ବଂଶ, ଦଶରଥଙ୍କ ପରି ପିତା, ପୁଣି ରାମଲକ୍ଷ୍ମଣଙ୍କ ପରି ଭାଇ ମିଳିଥିଲେ; କିନ୍ତୁ ତୁଟା ମୋର ଜନ୍ମଦାତ୍ରୀ ମାଆ ହୋଇଗଲୁ ! [ହାୟ ! କ'ଣ କରାଯିବ !] ବିଧିର ବିଧାନ, କେ କରିବ ଆନ !! ॥ ୧୬୧ ॥

**ଜବ ତୈଁ କୁମତି କୁମତ ଜିୟଁ ଠୟଉ । ଖଂଡ ଖଂଡ ହୋଇ ହୃଦଉ ନ ଗୟଉ ॥**
**ବର ମାଗତ ମନ ଭଇ ନହିଁ ପୀରା । ଗରି ନ ଜୀହ ମୁହଁ ପରେଉ ନ କୀରା ॥ ୧ ॥**

ଆଲୋ ମନ୍ଦମତି ! ତୋ ମୁଣ୍ଡରେ ଏଭଳି ଦୁଷ୍ଟବୁଦ୍ଧି ପଶିଲାବେଳେ, ତୋ ଛାତି ଖଣ୍ଡ ଖଣ୍ଡ ହୋଇ ଫାଟି ନ ଗଲା କିପରି ? ବରଦାନ ମାଗିବାବେଳେ ତୋ ମନରେ ଟିକିଏ ହେଲେ କଷ୍ଟ ହେଲା ନାହିଁ ? ତୋ ଜିଭ ଗଡ଼ ଗଡ଼ ହୋଇ ଛିଣ୍ଡିପଡ଼ିଲା ନାହିଁ ? ତୋ ପାଟିରେ ପୋକ ପଡ଼ିଗଲା ନାହିଁ ? ॥ ୧ ॥

**ଭୂପଁ ପ୍ରତୀତି ତୋରି କିମି କୀହ୍ନୀ । ମରନ କାଲ ବିଧି ମତି ହରି ଲୀହ୍ନୀ ॥**
**ବିଧିହୁଁ ନ ନାରି ହୃଦୟ ଗତି ଜାନୀ । ସକଲ କପଟ ଅଘ ଅଓ୍ୱଗୁନ ଖାନୀ ॥ ୨ ॥**

"ମହାରାଜ ତୋତେ ବିଶ୍ୱାସ କଲେ କିମିତି ? [ଜଣାପଡୁଛି,] ମରଣବେଳକୁ ବିଧାତା ତାଙ୍କ ବୁଦ୍ଧି ବି ହରଣ

କରିନେଲା । ନାରୀମାନଙ୍କ ଅନ୍ତରର କଥା ବିଧାତା ବି ଜାଣିପାରେନା । ତାହା ହେଉଛି ସବୁପ୍ରକାର କପଟ, ପାପ ଓ ଅବଗୁଣର ଖଣି ॥ ୨ ॥

**ସରଲ ସୁସୀଲ ଧରମ ରତ ରାଉ । ସୋ କିମି ଜାନୈ ତୀୟ ସୁଭାଉ ॥**
**ଅସ କୋ ଜୀଓ୍ୱ ଜଂତୁ ଜଗ ମାହୀଁ । ଜେହି ରଘୁନାଥ ପ୍ରାନପ୍ରିୟ ନାହୀଁ ॥ ୩ ॥**

ମହାରାଜା ତ ସରଳ-ସୁଶୀଳ-ଧର୍ମପରାୟଣ ଲୋକ ଥିଲେ; ସେ ବା କିପରି ନାରୀସ୍ୱଭାବ ଜାଣନ୍ତେ ! ଜଗତର ଜୀବଜନ୍ତୁଙ୍କ ଭିତରେ ଏପରି କିଏ ଅଛି କହିଲୁ, ଶ୍ରୀରଘୁନାଥ ଯାହାଙ୍କର ପ୍ରାଣସମାନ ପ୍ରିୟ ନୁହନ୍ତି ? ॥ ୩ ॥

**ଭେ ଅତି ଅହିତ ରାମୁ ତେଉ ତୋହୀ । କୋ ତୂ ଅହସି ସତ୍ୟ କହୁ ମୋହୀ ॥**
**ଜୋ ହସି ସୋ ହସି ମୁହଁ ମସି ଲାଈ । ଆଁଖି ଓଟ ଉଠି ବୈଠହି ଜାଈ ॥ ୪ ॥**

ସେହି ଶ୍ରୀରାମ ମଧ୍ୟ ତୋତେ ଅହିତ ଲାଗିଲେ ! ତୁ କିଏ ? ମତେ ସତ ସତ କହିଦେ । ତୁ ଯିଏ ହୋଇଥାଆ ନା କାହିଁକି, ମୁହଁରେ କାଳି ବୋଳିହୋଇ ଏଠୁ ହଟିଯାଆ ! ମୋ ଆଖି ଆଗରୁ ଚାଲିଯାଆ, କହୁଛି !! ॥ ୪ ॥

ଦୋ:- **ରାମ ବିରୋଧୀ ହୃଦୟ ତେଁ ପ୍ରଗଟ କୀହ୍ନ ବିଧି ମୋହି ।**
**ମୋ ସମାନ କୋ ପାତକୀ ବାଦି କହଉଁ କଛୁ ତୋହି ॥ ୧୬୨ ॥**

ବିଧାତା ମୋତେ ତୋର ରାମବିରୋଧୀ ହୃଦୟରୁ (ଗର୍ଭରୁ) ଜନ୍ମ ଦେଇଛି; ତେଣୁ ମୋ ପରି ପାପୀ ଆଉ କିଏ ଅଛି ? ମୁଁ ବୃଥାଟାରେ ତୋତେ ଏସବୁ କହୁଛି ।'' ॥ ୧୬୨ ॥

**ସୁନି ସତ୍ରୁଘୁନ ମାତୁ କୁଟିଲାଈ । ଜରହିଁ ଗାତ ରିସ କଛୁ ନ ବସାଈ ॥**
**ତେହି ଅଓ୍ୱସର କୁବରୀ ତହଁ ଆଈ । ବସନ ବିଭୂଷନ ବିବିଧ ବନାଈ ॥ ୧ ॥**

ମାଆର କୁଟିଳତା ଶୁଣି ଶତ୍ରୁଘ୍ନଙ୍କ ସର୍ବାଙ୍ଗ କ୍ରୋଧରେ ଜଳୁଥାଏ । କିନ୍ତୁ ତାଙ୍କର କିଛି କର୍ତ୍ତୃତ୍ୱ ନ ଥାଏ । ଏତିକିବେଳେ ଭଳି କି ଭଳି ଗହଣାଗାଣ୍ଠି ପିନ୍ଧି କୁଜୀ ମନ୍ଥରା ସେଠାକୁ ଚାଲିଆସିଲା ॥ ୧ ॥

**ଲଖି ରିସ ଭରେଉ ଲଖନ ଲଘୁ ଭାଈ । ବରତ ଅନଲ ଘୃତ ଆହୁତି ପାଈ ॥**
**ହୁମଗି ଲାତ ତକି କୂବର ମାରା । ପରି ମୁହଁ ଭର ମହି କରତ ପୁକାରା ॥ ୨ ॥**

ତା'ର ସେହି ବେଶଭୂଷା ଦେଖି ଲକ୍ଷ୍ମଣଙ୍କ ସାନଭାଇ ଶତ୍ରୁଘ୍ନ କ୍ରୋଧରେ ଜଳିଉଠିଲେ; ତାଙ୍କୁ ଦେଖି ଲାଗିଲା, ସତେ ଯେପରି ଜଳନ୍ତା ନିଆଁରେ ଘୃତାହୁତି ପଡ଼ିଗଲା । ସେ ତା କୁଜ ଉପରେ ଏପରି ଗୋଇଠାଟାଏ ଦେଲେ ଯେ, ସେ ଚିତ୍କାର କରି, ମୁହଁ ମାଡ଼ି ତଳେ ପଡ଼ିଗଲା ॥ ୨ ॥

**କୂବର ଟୂଟେଉ ଫୂଟ କପାରୂ । ଦଲିତ ଦସନ ମୁଖ ରୁଧିର ପ୍ରଚାରୂ ॥**
**ଆହ ଦଇଅ ମୈଁ କାହ ନସାଓ୍ୱା । କରତ ନୀକ ଫଲୁ ଅନଇସ ପାଓ୍ୱା ॥ ୩ ॥**

ତା' କୁଜ ହାଡ଼ ଭାଙ୍ଗିଗଲା; ମୁଣ୍ଡ ଫାଟିଗଲା; ଦାନ୍ତ ଝଡ଼ିପଡ଼ିଲା ଓ ମୁହଁରୁ ଧାର ଧାର ହୋଇ ରକ୍ତ ବହିଲା । ସେ ଚିତ୍କାର କରି କହିଲା, ''ହା'ରେ ଦଇବ ! ମୁଁ କ'ଣ ବିଗାଡ଼ିଲି ? ମୁଁ ଭଲ କରିବାକୁ ଯାଇ ଭେଲ ପାଇଲି !!'' ॥ ୩ ॥

**ସୁନି ରିପୁହନ ଲଖି ନଖ ସିଖ ଖୋଟୀ । ଲଗେ ଘସୀଟନ ଧରି ଧରି ଝୋଁଟୀ ॥**
**ଭରତ ଦୟାନିଧି ଦୀହ୍ନି ଛଡ଼ାଈ । କୌସଲ୍ୟା ପହିଁ ଗେ ଦୋଉ ଭାଈ ॥ ୪ ॥**

ତା' କଥା ଶୁଣି, ତଥା ତା'ର ନଖରୁ ଶିଖା ଯାଏ ସର୍ବାଙ୍ଗରେ ଦୁଷ୍ଟବୁଦ୍ଧି ପୂର୍ଣ୍ଣ ହୋଇ ରହିଛି ଜାଣି, ଶତ୍ରୁଘ୍ନ

ତା'ର ତ୍ରୁଟି ଧରି ଘୋଷାରିବାକୁ ଲାଗିଲେ । [ଏହା ଦେଖି] ଦୟାନିଧି ଭରତ ତାକୁ ଶତ୍ରୁଘ୍ନଙ୍କ ଠାରୁ ମୁକୁଳାଇଦେଲେ । ତା'ପରେ ଦୁଇଭାଇ ତୁରନ୍ତ କୌଶଲ୍ୟାଙ୍କ ନିକଟକୁ ଗ୍ଲେଲେ ॥ ୪ ॥

ଦୋଃ- **ମଲିନ ବସନ ବିବରନ ବିକଲ କୃସ ସରୀର ଦୁଖ ଭାର ।**
**କନକ କଲପ ବର ବେଲି ବନ ମାନହୁଁ ହନୀ ତୁସାର ॥ ୧୬୩ ॥**

କୌଶଲ୍ୟା ବ୍ୟାକୁଳ ହେଉଥାନ୍ତି; ସେ ମଳିନ ବସ୍ତ୍ର ପିନ୍ଧିଥାନ୍ତି; ଦେହର ରଙ୍ଗ ବିବର୍ଣ୍ଣ; ଦୁଃଖଭାରରେ ଶରୀର କୃଶ ହୋଇଯାଇଥାଏ । ସେ ଦିଶୁଥାନ୍ତି ସୁନାର ସୁନ୍ଦର କଳ୍ପଲତାବନରେ ତୁଷାରପାତ ହୋଇଯାଇଥିବାପରି ॥ ୧୬୩ ॥

**ଭରତହି ଦେଖି ମାତୁ ଉଠି ଧାଈ । ମୁରୁଛିତ ଅୱନି ପରୀ ଝଇଁ ଆଈ ॥**
**ଦେଖତ ଭରତୁ ବିକଲ ଭଏ ଭାରୀ । ପରେ ଚରନ ତନ ଦସା ବିସାରୀ ॥ ୧ ॥**

ଭରତଙ୍କୁ ଦେଖୁ ଦେଖୁ ମାତା କୌଶଲ୍ୟା ବସିଥିବା-ସ୍ଥାନରୁ ଉଠି ଧାଇଁଆସିଲେ । କିନ୍ତୁ ମୁଣ୍ଡ ଘୂରେଇଦେବାରୁ ସେ ମୂର୍ଚ୍ଛିତା ହୋଇ ତଳେ ପଡ଼ିଗଲେ । ଏହା ଦେଖି ଭରତ ନିଜର ଦେହଜ୍ଞାନ ଭୁଲି, ବ୍ୟାକୁଳ ହୋଇ ତାଙ୍କ ଚରଣରେ ଲୋଟିପଡ଼ିଲେ ॥ ୧ ॥

**ମାତୁ ତାତ କହଁ ଦେହି ଦେଖାଈ । କହଁ ସିୟ ରାମୁ ଲଖନୁ ଦୋଉ ଭାଈ ॥**
**କୈକଇ କତ ଜନମୀ ଜଗ ମାଝା । ଜୌଁ ଜନମି ତ ଭଇ କାହେ ନ ବାଁଝା ॥ ୨ ॥**

[ଏବଂ କହିଲେ,] "ମାଆ ! ବାପା କୁଆଡ଼େ ଗ୍ଲେଗଲେ ? ତାଙ୍କୁ ଟିକିଏ ଦେଖାଇଦିଅ । ସୀତା ଦେବୀ ଓ ମୋର ଦୁଇଭାଇ ଶ୍ରୀରାମ-ଲକ୍ଷ୍ମଣ କାହାନ୍ତି ? ତାଙ୍କୁ ଦେଖାଇଦିଅ । କୈକେୟୀ କାହିଁକି ଏ ଜଗତରେ ଜନ୍ମ ହେଲା ? ଯଦିବା ଜନ୍ମ ହେଲା, ବାଂଝ ନ ହୋଇଗଲା କାହିଁକି ? ॥ ୨ ॥

**କୁଲ କଲଂକୁ ଜେହିଁ ଜନମେଉ ମୋହୀ । ଅପଜସ ଭାଜନ ପ୍ରିୟଜନ ଦ୍ରୋହୀ ॥**
**କୋ ତିଭୁୱନ ମୋହି ସରିସ ଅଭାଗୀ । ଗତି ଅସି ତୋରି ମାତୁ ଜେହି ଲାଗୀ ॥ ୩ ॥**

ସେହି କୈକେୟୀ ମୋ'ପରି କୁଳକଳଙ୍କ, ଅପଯଶଭାଜନ, କୁଳଜନଦ୍ରୋହୀ ପୁଅକୁ ଜନ୍ମ ଦେଇଛି । ମୋ ପରି ଅଭାଗା ତ୍ରିଭୁବନରେ ଆଉ କିଏ ଅଛି ! ମାଆ ! କେବଳ ମୋରି ପାଇଁ ତୁମ ଅବସ୍ଥା ଆଜି ଏପରି ହୋଇଛି ॥ ୩ ॥

**ପିତୁ ସୁରପୁର ବନ ରଘୁବର କେତୂ । ମୈଁ କେୱଲ ସବ ଅନରଥ ହେତୂ ॥**
**ଧିଗ ମୋହି ଭୟଉଁ ବେନୁ ବନ ଆଗୀ । ଦୁସହ ଦାହ ଦୁଖ ଦୂଷନ ଭାଗୀ ॥ ୪ ॥**

ଆଜି ବାପା ସ୍ୱର୍ଗରେ ଏବଂ ଶ୍ରୀରାମ ବନବାସରେ । ମୁଁ ହିଁ କେତୁ ଭଳି ସବୁ ଅନର୍ଥର ହେତୁ ହୋଇଛି । ମୋତେ ଧିକ୍ ! ମୁଁ ବାଉଁଶବଣପାଇଁ ନିଆଁ ହୋଇ ଜନ୍ମ ହୋଇଛି; ତେଣୁ ମୁଁ ଦୁଃସହ ଜ୍ୱାଳା, ଦୁଃଖ ଓ ଦୋଷର ଭାଗୀଦାର ହୋଇଗଲି ।" ॥ ୪ ॥

ଦୋଃ- **ମାତୁ ଭରତ କେ ବଚନ ମୃଦୁ ସୁନି ପୁନି ଉଠୀ ସଁଭାରି ।**
**ଲିଏ ଉଠାଇ ଲଗାଇ ଉର ଲୋଚନ ମୋଚତି ବାରି ॥ ୧୬୪ ॥**

ଭରତଙ୍କର କୋମଳ ବଚନ ଶୁଣି, ମାତା କୌଶଲ୍ୟା ନିଜକୁ ସମ୍ଭାଳି, ଉଠି ବସିଲେ । ସେ ଭରତଙ୍କୁ ଉଠାଇ ବକ୍ଷରେ ଲଗାଇଲେ । ତାଙ୍କ ନେତ୍ରରୁ ଧାର ଧାର ଅଶ୍ରୁ ବହିଗ୍ଲିଲା ॥ ୧୬୪ ॥

**ସରଲ ସୁଭାଯ଼ ମାଯ଼ଁ ହିଯ଼ଁ ଲାଏ । ଅତି ହିତ ମନହୁଁ ରାମ ଫିରି ଆଏ ॥**
**ଭେଁଟେଉ ବହୁରି ଲଖନ ଲଘୁ ଭାଈ । ସୋକୁ ସନେହୁ ନ ହୃଦଯ଼ଁ ସମାଈ ॥ ୧ ॥**

ସରଳସ୍ୱଭାବା ମାତା ଆଦର ସହିତ ଭରତଙ୍କୁ କୋଳାଗ୍ରତ କଲେ । ତାଙ୍କୁ ଲାଗିଲା, ସତେ ଯେପରି ଶ୍ରୀରାମ ଲେଉଟିଆସିଛନ୍ତି । ତା'ପରେ ସେ ଲକ୍ଷ୍ମଣଙ୍କ ସାନଭାଇ ଶତ୍ରୁଘ୍ନଙ୍କୁ ଆଲିଙ୍ଗନ କଲେ । ତାଙ୍କ ହୃଦୟରୁ ଶୋକ ଓ ସ୍ନେହ ଉଚ୍ଛୁଳିପଡ଼ିଲା ॥ ୧ ॥

**ଦେଖି ସୁଭାଉ କହତ ସବୁ କୋଈ । ରାମ ମାତୁ ଅସ କାହେ ନ ହୋଈ ॥**
**ମାତାଁ ଭରତୁ ଗୋଦ ବୈଠାରେ । ଆଁସୁ ପୋଁଛି ମୃଦୁ ବଚନ ଉଚ୍ଚରେ ॥ ୨ ॥**

କୌଶଲ୍ୟାଙ୍କର ସ୍ୱଭାବ ଦେଖି ସମସ୍ତେ କହୁଥାନ୍ତି, ''ଶ୍ରୀରାମଙ୍କ ମାଆଙ୍କର ବା ଏପରି ସ୍ୱଭାବ ନ ହେବ କାହିଁକି !'' ମାତା କୌଶଲ୍ୟା ଭରତଙ୍କୁ କୋଳରେ ବସାଇଲେ । ତାଙ୍କର ଲୁହ ପୋଛିଦେଇ କୋମଳ କଣ୍ଠରେ କହିଲେ : ॥ ୨ ॥

**ଅଜହୁଁ ବଚ୍ଛ ବଲି ଧୀରଜ ଧରହୂ । କୁସମଉ ସମୁଝି ସୋକ ପରିହରହୂ ॥**
**ଜନି ମାନହୁ ହିଯ଼ଁ ହାନି ଗଲାନୀ । କାଲ କରମ ଗତି ଅଘଟିତ ଜାନୀ ॥ ୩ ॥**

ବାପା ! ତୁମକୁ ମୋ ରାଣ; ତୁମେ ଧୈର୍ଯ୍ୟ ଧର । ଏ ସମୟଟା ଭଲ ନୁହେଁ ଜାଣି ଶୋକ ପରିତ୍ୟାଗ କର । କାଳ ଓ କର୍ମର ଗତି ଅନିବାର୍ଯ୍ୟ ! ଏହା ଜାଣି ହୃଦୟରେ କ୍ଳେଶ ଓ ଗ୍ଲାନି ଆଣ ନାହିଁ ॥ ୩ ॥

**କାହୁହି ଦୋସୁ ଦେହୁ ଜନି ତାତା । ଭା ମୋହି ସବ ବିଧି ବାମ ବିଧାତା ॥**
**ଜୋ ଏତେହୁଁ ଦୁଖ ମୋହି ଜିଆୱା । ଅଜହୁଁ କୋ ଜାନଇ କା ତେହି ଭାୱା ॥ ୪ ॥**

ବାପ ! କାହାକୁ ଦୋଷ ଦିଅ ନାହିଁ । ବିଧାତା ସବୁଦୃଷ୍ଟିରୁ ମୋର ବାମ ହୋଇଗଲା । ଏତେ ଦୁଃଖ ଦେବା ସତ୍ତ୍ୱେ ସେ ମୋତେ ବଞ୍ଚାଇରଖିଛି । ଏବେ ବି ତା'ର ଇଚ୍ଛା କ'ଣ, କିଏ କହିବ !! ॥ ୪ ॥

ଦୋ:- **ପିତୁ ଆଯ଼ସ ଭୂଷନ ବସନ ତାତ ତଜେ ରଘୁବୀର ।**
**ବିସମଉ ହରଷୁ ନ ହୃଦଯ଼ଁ କଛୁ ପହିରେ ବଲକଲ ଚୀର ॥ ୧୬୫ ॥**

ବାପ ! ପିତାଙ୍କ ଆଜ୍ଞାରେ ରଘୁବୀର ବସ୍ତ୍ରଭୂଷଣ ତ୍ୟାଗ କରିଦେଇ ବଳ୍କଳବସ୍ତ୍ର ପିନ୍ଧିଲା । ତା' ମନରେ ହର୍ଷ କି ବିଷାଦ, କିଛି ବି ନ ଥିଲା ॥ ୧୬୫ ॥

**ମୁଖ ପ୍ରସନ୍ନ ମନ ରଂଗ ନ ରୋଷୂ । ସବ କର ସବ ବିଧି କରି ପରିତୋଷୂ ॥**
**ଚଲେ ବିପିନ ସୁନି ସିଯ଼ ସଁଗ ଲାଗୀ । ରହଇ ନ ରାମ ଚରନ ଅନୁରାଗୀ ॥ ୧ ॥**

ତା' ମୁହଁ ଅତି ପ୍ରସନ୍ନ ଥିଲା; ମନରେ ଟିକିଏ ବି ଆସକ୍ତି ନ ଥିଲା, କି ରୋଷ ନ ଥିଲା । ସମସ୍ତଙ୍କୁ ସବୁପ୍ରକାରେ ସନ୍ତୁଷ୍ଟ କରିଦେଇ ସେ ବନକୁ ଚାଲିଗଲା । ଏହା ଦେଖି ସୀତା ମଧ୍ୟ ତା' ସାଥିରେ ଚାଲିଗଲା । ସେ ତ ଶ୍ରୀରାମଚରଣର ଅନୁରାଗିଣୀ; ସେ ବା କିପରି ରହିଥାନ୍ତା ! ॥ ୧ ॥

**ସୁନତହିଁ ଲଖନୁ ଚଲେ ଉଠି ସାଥା । ରହହିଁ ନ ଜତନ କିଏ ରଘୁନାଥା ॥**
**ତବ ରଘୁପତି ସବହୀ ସିରୁ ନାଈ । ଚଲେ ସଂଗ ସିଯ଼ ଅରୁ ଲଘୁ ଭାଈ ॥ ୨ ॥**

ଏ ଘଟଣା ଶୁଣିଦେଲାକ୍ଷଣି ଲକ୍ଷ୍ମଣ ବି ତା'ସାଥିରେ ବାହାରିଲା । ତାକୁ ଅଟକାଇବା ନିମନ୍ତେ ରଘୁନାଥ ବହୁତ ଯତ୍ନ କଲା; କିନ୍ତୁ ସେ ରହିଲା ନାହିଁ । ତା'ପରେ ମୋ ରଘୁନାଥ ସମସ୍ତଙ୍କ ପାଖରେ ମୁଣ୍ଡ ନୁଆଁଇ, ସୀତା ଓ ସାନଭାଇ ଲକ୍ଷ୍ମଣକୁ ସାଥିରେ ନେଇ ବଣକୁ ଚାଲିଗଲା ॥ ୨ ॥

**ରାମୁ ଲଖନୁ ସିୟ ବନହି ସିଧାଏ । ଗଇଉଁ ନ ସଂଗ ନ ପ୍ରାନ ପଠାଏ ॥**
**ୟହୁ ସବୁ ଭା ଇନ୍ହ ଆଁଖିନ୍ହ ଆଗେଁ । ତଉ ନ ତଜା ତନୁ ଜୀଓ୍ୱ ଅଭାଗେଁ ॥ ୩ ॥**

ଶ୍ରୀରାମ, ଲକ୍ଷ୍ମଣ, ସୀତା—ସମସ୍ତେ ବନକୁ ଚ୍ଛାଲିଗଲେ । ମୁଁ ସେମାନଙ୍କ ସାଥିରେ ଯାଇପାରିଲି ନାହିଁ, କି ମୋ ପ୍ରାଣଟାକୁ ସେମାନଙ୍କ ସାଥିରେ ପଠାଇଦେଇପାରିଲି ନାହିଁ । ସବୁକଥା ଏହି ଆଖି ଆଗରେ ଘଟିଗଲା; ତଥାପି ଏ ଅଭାଗା ଜୀବନଟା ଶରୀର ଛାଡ଼ି ଚ୍ଛାଲିଗଲା ନାହିଁ ॥ ୩ ॥

**ମୋହି ନ ଲାଜ ନିଜ ନେହୁ ନିହାରୀ । ରାମ ସରିସ ସୁତ ମୈଁ ମହତାରୀ ॥**
**ଜିଐ ମରୈ ଭଲ ଭୂପତି ଜାନା । ମୋର ହୃଦୟ ସତ କୁଲିସ ସମାନା ॥ ୪ ॥**

ରାମ ପରି ପୁଅର ମୁଁ ମାଆ । ନିଜ ସ୍ନେହ ଆଡ଼କୁ ଚ୍ଛାହିଁ ମୋତେ ଟିକିଏ ଲାଜ ବି ଲାଗୁନାହିଁ ! ବଞ୍ଚିବା ଓ ମରିବା ତ ମହାରାଜ ଖୁବ୍ ଜାଣିଲେ; କିନ୍ତୁ ମୋ ଛାତିଟା ଶହେବଜ୍ର ପରି କଠୋର ହୋଇଗଲା ।'' ॥ ୪ ॥

ଦୋ:- **କୌସଲ୍ୟା କେ ବଚନ ସୁନି ଭରତ ସହିତ ରନିଓ୍ୱାସୁ ।**
**ବ୍ୟାକୁଲ ବିଲପତ ରାଜଗୃହ ମାନହୁଁ ସୋକ ନେଓ୍ୱାସୁ ॥ ୧୬୬ ॥**

କୌଶଲ୍ୟାଙ୍କ ବଚନ ଶୁଣି ଭରତଙ୍କ ସମେତ ସମଗ୍ର ରାଣୀନିବାସ ବ୍ୟାକୁଳ ହୋଇ ବିଳାପ କରିବାକୁ ଲାଗିଲା । ରାଜନବରଟା ସତେ ଅବା ଶୋକର ନିବାସରେ ପରିଣତ ହୋଇଗଲା ॥ ୧୬୬ ॥

**ବିଲପହିଁ ବିକଲ ଭରତ ଦୋଉ ଭାଈ । କୌସଲ୍ୟାଁ ଲିଏ ହୃଦୟଁ ଲଗାଈ ॥**
**ଭାଁତି ଅନେକ ଭରତୁ ସମୁଝାଏ । କହି ବିବେକମୟ ବଚନ ସୁନାଏ ॥ ୧ ॥**

ଭରତ-ଶତ୍ରୁଘ୍ନ ଦୁଇଭାଇ ବିକଳ ହୋଇ ବିଳାପ କରିବାକୁ ଲାଗିଲେ । କୌଶଲ୍ୟା ଦୁହିଁଙ୍କୁ କୋଳ କରିନେଲେ । ସେ ଭରତଙ୍କୁ ଅନେକପ୍ରକାରେ ବୁଝାଇଲେ ଏବଂ ବହୁ ବିବେକବିଚ୍ଛାରପୂର୍ଣ୍ଣ କଥା ଶୁଣାଇଲେ ॥ ୧ ॥

**ଭରତହୁଁ ମାତୁ ସକଲ ସମୁଝାଈଁ । କହି ପୁରାନ ଶ୍ରୁତି କଥା ସୁହାଈଁ ॥**
**ଛଲ ବିହୀନ ସୁଚି ସରଲ ସୁବାନୀ । ବୋଲେ ଭରତ ଜୋରି ଜୁଗ ପାନୀ ॥ ୨ ॥**

ଭରତ ମଧ୍ୟ ମାଆମାନଙ୍କୁ ବେଦ ଓ ପୁରାଣର ସୁନ୍ଦର ସୁନ୍ଦର କଥାମାନ କହି ବୁଝାଇଲେ । ସେ ଦୁଇକର ଯୋଡ଼ି ପବିତ୍ର, ନିଷ୍କପଟ ତଥା ସରଳଭାବରେ କହିଲେ, ॥ ୨ ॥

**ଜେ ଅଘ ମାତୁ ପିତା ସୁତ ମାରେଁ । ଗାଇ ଗୋଠ ମହିସୁର ପୁର ଜାରେଁ ॥**
**ଜେ ଅଘ ତିୟ ବାଲକ ବଧ କୀନ୍ହେଁ । ମୀତ ମହୀପତି ମାହୁର ଦୀନ୍ହେଁ ॥ ୩ ॥**

ମାତା, ପିତା ବା ପୁତ୍ରଙ୍କୁ ମାରିଲେ, ଗୋଶାଳାରେ ଓ ବ୍ରାହ୍ମଣପୁରରେ ନିଆଁ ଲଗାଇଲେ, ସ୍ତ୍ରୀ ଓ ଶିଶୁ ହତ୍ୟା କଲେ, ମିତ୍ର ଓ ରାଜାଙ୍କୁ ବିଷ ଦେଲେ ଯେଉଁ ସବୁ ପାପ ହୁଏ ॥ ୩ ॥

**ଜେ ପାତକ ଉପପାତକ ଅହହୀଁ । କରମ ବଚନ ମନ ଭଓ୍ୱ କବି କହହୀଁ ॥**
**ତେ ପାତକ ମୋହି ହୋହୁଁ ବିଧାତା । ଜୌଁ ୟହୁ ହୋଇ ମୋର ମତ ମାତା ॥ ୪ ॥**

ଏବଂ ମନ, ବଚନ ଓ କର୍ମରେ ଯେଉଁସବୁ ପାପ ଓ ଉପପାପ (ଛୋଟବଡ଼ ପାପ) ହୁଏ ବୋଲି ଜ୍ଞାନୀମାନେ କହନ୍ତି, ହେ ବିଧାତା ! ତୁମେ ସାକ୍ଷୀ, ଏହି କାମରେ ଯଦି ମୋର ସମ୍ମତି ଥିବ, ତେବେ ମୋତେ ସେହିସବୁ ପାପ ଲାଗୁ ॥ ୪ ॥

ଦୋ:- ଜେ ପରିହରି ହରି ହର ଚରନ ଭଜହିଁ ଭୂତଗନ ଘୋର ।
ତେହି କଇ ଗତି ମୋହି ଦେଉ ବିଧି ଜୌଁ ଜନନୀ ମତ ମୋର ॥ ୧୬୭ ॥

ମାଆ ! ମୁଁ ଯଦି ଏହି କାମରେ ଏକମତ ହୋଇଥିବି, ତେବେ ଶ୍ରୀହରି ଓ ଶ୍ରୀହର(ଶିବ)ଙ୍କ ଚରଣ ଛାଡ଼ି ଭୟାନକ ଭୂତପ୍ରେତଙ୍କୁ ଭଜୁଥିବା ଲୋକମାନଙ୍କୁ ଯେଉଁ ଗତି ମିଳେ, ବିଧାତା ମୋତେ ସେହିମାନଙ୍କ ଗତି ଦେଉ ॥ ୧୬୭ ॥

ବେଚହିଁ ବେଦୁ ଧରମୁ ଦୁହି ଲେହୀଁ । ପିସୁନ ପରାୟ ପାପ କହି ଦେହୀଁ ॥
କପଟୀ କୁଟିଲ କଲହପ୍ରିୟ କ୍ରୋଧୀ । ବେଦ ବିଦୂଷକ ବିସ୍ୱ ବିରୋଧୀ ॥ ୧ ॥
ଲୋଭୀ ଲଂପଟ ଲୋଲୁପଚ୍ୱାରା । ଜେ ତାକହିଁ ପରଧନୁ ପରଦାରା ॥
ପାଓ୍ୱୌଁ ମୈଁ ତିନ୍ହ କୈ ଗତି ଘୋରା । ଜୌଁ ଜନନୀ ୟହୁ ସଂମତ ମୋରା ॥ ୨ ॥

ଯେଉଁମାନେ ବେଦବିକ୍ରୟ କରନ୍ତି (ଟଙ୍କାପଇସା ବିନିମୟରେ ବେଦ-ଶାସ୍ତ୍ର ଶୁଣାନ୍ତି), ଯେଉଁମାନେ ଧର୍ମଦୋହନ କରନ୍ତି (ଧର୍ମର ଦ୍ୱାହି ଦେଇ ଜୀବିକା ଅର୍ଜନ କରନ୍ତି), ଯେଉଁମାନେ ଚୁଗୁଲିଖୋର, ଯେଉଁମାନେ ଅନ୍ୟର ପାପ କହିବୁଲନ୍ତି, ଯେଉଁମାନେ କପଟୀ, କୁଟିଳ, କଳହପ୍ରିୟ ଓ କ୍ରୋଧୀ, ତଥା ଯେଉଁମାନେ ବେଦନିନ୍ଦୁକ ଓ ଲୋକବିରୋଧୀ, ଯେଉଁମାନେ ଲୋଭୀ, ଲମ୍ପଟ ଓ ଲାଳସାପରାୟଣ, ଯେଉଁମାନେ ପରଧନ ଓ ପରସ୍ତ୍ରୀ ପ୍ରତି ଲୋଲୁପ ଦୃଷ୍ଟି ପକାନ୍ତି, ହେ ଜନନୀ ! ଯଦି ଏହି କାମରେ ମୋର ସମ୍ମତି ଥିବ, ତେବେ ସେମାନଙ୍କୁ ଯେଉଁ ଗତି ମିଳେ, ମୁଁ ମଧ୍ୟ ସେହିପରି ଭୟାନକ ଗତି ପାଇବି ॥ ୧, ୨ ॥

ଜେ ନହିଁ ସାଧୁସଂଗ ଅନୁରାଗେ । ପରମାରଥ ପଥ ବିମୁଖ ଅଭାଗେ ॥
ଜେ ନ ଭଜହିଁ ହରି ନର ତନୁ ପାଈ । ଜିନ୍ହହି ନ ହରି ହର ସୁଜସୁ ସୋହାଈ ॥ ୩ ॥
ତଜି ଶ୍ରୁତିପଂଥୁ ବାମ ପଥ ଚଲହୀଁ । ବଂଚକ ବିରଚି ବେଷ ଜଗୁ ଛଲହୀଁ ॥
ତିନ୍ହ କୈ ଗତି ମୋହି ସଂକର ଦେଉ । ଜନନୀ ଜୌଁ ୟହୁ ଜାନୌଁ ଭେଉ ॥ ୪ ॥

ଯାହାର ସତ୍‌ସଙ୍ଗରେ ପ୍ରେମ ନାହିଁ, ଯେଉଁ ଅଭାଗାମାନେ ପରମାର୍ଥମାର୍ଗ ପ୍ରତି ବିମୁଖ, ଯେଉଁମାନେ ମନୁଷ୍ୟଶରୀର ପାଇ ମଧ୍ୟ ଶ୍ରୀହରିଙ୍କୁ ଭଜନ୍ତି ନାହିଁ, ଯେଉଁମାନଙ୍କୁ ହରି-ହରଙ୍କ (ଭଗବାନ୍ ବିଷ୍ଣୁ ଓ ଶିବଙ୍କ) ସୁଯଶ ଶୁଣିବାକୁ ଭଲ ଲାଗେ ନାହିଁ, ଯେଉଁମାନେ ବେଦମାର୍ଗ ଛାଡ଼ି ବାମ(ବେଦବିରୁଦ୍ଧ)ମାର୍ଗରେ ଚାଲନ୍ତି, ଯେଉଁମାନେ ଠକ ତଥା ଯେଉଁମାନେ ଭେକ ଧରି ଜଗତକୁ ଭଣ୍ଡନ୍ତି, ହେ ମାତା ! ଯଦି ମୁଁ ଏହି ଷଡ଼ଯନ୍ତ୍ରର ରହସ୍ୟ କିଛି ବି ଜାଣିଥିବି, ତେବେ ଶିବ ମୋତେ ସେହିମାନଙ୍କର ଦୁର୍ଗତି ଦିଅନ୍ତୁ ॥ ୩, ୪ ॥

ଦୋ:- ମାତୁ ଭରତ କେ ବଚନ ସୁନି ସାଁଚେ ସରଲ ସୁଭାୟଁ ।
କହତି ରାମ ପ୍ରିୟ ତାତ ତୁମ୍ହ ସଦା ବଚନ ମନ କାୟଁ ॥ ୧୬୮ ॥

ଭରତଙ୍କର ଏହି ସ୍ୱାଭାବିକ, ସତ୍ୟ ଓ ସରଳ ବଚନ ଶୁଣି ମାତା କୌଶଲ୍ୟା କହିଲେ, ''ହେ ବାପ ! ତୁମେ ତ କାୟମନୋବାକ୍ୟରେ ସର୍ବଦା ଶ୍ରୀରାମଙ୍କର ପ୍ରେମୀ ॥ ୧୬୮ ॥

ରାମ ପ୍ରାନହୁ ତେଁ ପ୍ରାନ ତୁମ୍ହାରେ । ତୁମ୍ହ ରଘୁପତିହି ପ୍ରାନହୁ ତେଁ ପ୍ୟାରେ ॥
ବିଧୁ ବିଷ ଚୱୈ ସ୍ରୱୈ ହିମୁ ଆଗୀ । ହୋଇ ବାରିଚର ବାରି ବିରାଗୀ ॥ ୧ ॥
ଭଏଁ ଗ୍ୟାନୁ ବରୁ ମିଟୈ ନ ମୋହୂ । ତୁମ୍ହ ରାମହି ପ୍ରତିକୂଲ ନ ହୋହୂ ॥
ମତ ତୁମ୍ହାର ୟହୁ ଜୋ ଜଗ କହହୀଁ । ସୋ ସପନେହୁଁ ସୁଖ ସୁଗତି ନ ଲହହୀଁ ॥ ୨ ॥

ତୁମ ପାଇଁ ଶ୍ରୀରାମ ପ୍ରାଣଠାରୁ ବି ଅଧିକ ପ୍ରିୟ ଏବଂ ତୁମେ ବି ଶ୍ରୀରଘୁନାଥଙ୍କର ପ୍ରାଣଠାରୁ ଅଧିକ ପ୍ରିୟ । ଚନ୍ଦ୍ର ବିଷ ଝରାଇପାରେ, ତୁଷାର ଅଗ୍ନି ବୃଷ୍ଟି କରିପାରେ, ଜଳଚର-ଜୀବମାନେ ଜଳ ପ୍ରତି ବିମୁଖ ହୋଇପାରନ୍ତି ଏବଂ ଜ୍ଞାନ ହୋଇଯିବା ପରେ ବି ମୋହ ନ ତୁଟିପାରେ; କିନ୍ତୁ ତୁମେ କଦାପି ଶ୍ରୀରାମଙ୍କ ପ୍ରତିକୂଳ (ବିରୋଧୀ) ହୋଇପାରିବ ନାହିଁ । ତେଣୁ ତୁମର ଏଥିରେ ସହମତି ଅଛି ବୋଲି ଯଦି ଜଗତରେ କେହି କହିବ, ତେବେ ସେ ଯେ କେହି ହୋଇଥାଉ ନା କାହିଁକି, ତାକୁ ସ୍ୱପ୍ନରେ ସୁଦ୍ଧା ସୁଖ ଓ ଶୁଭଗତି ମିଳିବ ନାହିଁ ।'' ॥ ୧-୨ ॥

**ଅସ କହି ମାତୁ ଭରତୁ ହିୟଁ ଲାଏ । ଥନ ପୟ ସ୍ରୱହିଁ ନୟନ ଜଲ ଛାଏ ॥**
**କରତ ବିଲାପ ବହୁତ ଏହି ଭାଁତୀ । ବୈଠେହିଁ ବୀତି ଗଈ ସବ ରାତୀ ॥ ୩ ॥**

ଏପରି କହି ମାତା କୌଶଲ୍ୟା ଭରତଙ୍କୁ ହୃଦୟରେ ଜୁପିଧରିଲେ । ତାଙ୍କ ସ୍ତନରୁ ଦୁଗ୍ଧ ସ୍ରବିଗଲା; ନେତ୍ର ପ୍ରେମାଶ୍ରୁଜଳରେ ଭରିଗଲା । ଏପରିଭାବରେ ବସି ବିଳାପ କରୁ କରୁ ରାତି ପାହିଗଲା ॥ ୩ ॥

**ବାମଦେଉ ବସିଷ୍ଠ ତବ ଆଏ । ସଚିୱ ମହାଜନ ସକଲ ବୋଲାଏ ॥**
**ମୁନି ବହୁ ଭାଁତି ଭରତ ଉପଦେସେ । କହି ପରମାରଥ ବଚନ ସୁଦେସେ ॥ ୪ ॥**

ସକାଳୁ ସକାଳୁ ବାମଦେବ ଓ ବଶିଷ୍ଠ ଆସି ପହଞ୍ଚିଗଲେ । ସେ ଦୁହେଁ ସବୁମନ୍ତ୍ରୀ ତଥା ମୁଖ୍ୟ ବ୍ୟକ୍ତିମାନଙ୍କୁ ଡକାଇଲେ । ମୁନି ବଶିଷ୍ଠ ପରମାର୍ଥବିଷୟରେ ସୁନ୍ଦର ସମୟାନୁକୂଳ ବାଣୀରେ ଭରତଙ୍କୁ ବହୁ ଉପଦେଶ ଦେଲେ ॥ ୪ ॥

ଦୋ:- **ତାତ ହୃଦୟଁ ଧୀରଜୁ ଧରହୁ କରହୁ ଜୋ ଅୱସର ଆଜୁ ।**
**ଉଠେ ଭରତ ଗୁର ବଚନ ସୁନି କରନ କହେଉ ସବୁ ସାଜୁ ॥ ୧୬୯ ॥**

ବଶିଷ୍ଠ କହିଲେ, ''ବତ୍ସ ! ହୃଦୟରେ ଧୈର୍ଯ୍ୟ ଧର ଓ ଆଜି ଯେଉଁ କାର୍ଯ୍ୟ କରିବାର ଅବସର ଆସି ପହଞ୍ଚିଛି, ତାହା ପାଳନ କର ।'' ଗୁରୁଙ୍କ ବଚନ ଶୁଣି ଭରତ ଉଠିଲେ ଏବଂ ସମସ୍ତ ଆୟୋଜନ କରିବା ନିମନ୍ତେ କହିଲେ ॥ ୧୬୯ ॥

**ନୃପ ତନୁ ବେଦ ବିଦିତ ଅହ୍ନୱାୱା । ପରମ ବିଚିତ୍ର ବିମାନୁ ବନାୱା ॥**
**ଗହି ପଦ ଭରତ ମାତୁ ସବ ରାଖୀ । ରହୀଁ ରାନି ଦରସନ ଅଭିଲାଷୀ ॥ ୧ ॥**

ବେଦୋକ୍ତ ବିଧି ଅନୁସାରେ ରାଜାଙ୍କ ଶରୀରକୁ ସ୍ନାନ କରାଇଦିଆଗଲା । ଗୋଟିଏ ସୁନ୍ଦର ବିଚିତ୍ର ବିମାନ ତିଆରି କରାଗଲା । ଭରତ ମାଆମାନଙ୍କ ପାଦ ଧରି ସେମାନଙ୍କୁ ଅଟକାଇ ରଖିଲେ (ଅର୍ଥାତ୍ ପ୍ରାର୍ଥନା କରି 'ସତୀ' ହେବାରୁ ନିବୃତ୍ତ କଲେ) । ସେହି ରାଣୀମାନେ ବି ଶ୍ରୀରାମଙ୍କ ଦର୍ଶନ ଅଭିଳାଷରେ ରହିଗଲେ ॥ ୧ ॥

**ଚଂଦନ ଅଗର ଭାର ବହୁ ଆଏ । ଅମିତ ଅନେକ ସୁଗଂଧ ସୁହାଏ ॥**
**ସରଜୁ ତୀର ରଚି ଚିତା ବନାଈ । ଜନୁ ସୁରପୁର ସୋପାନ ସୁହାଈ ॥ ୨ ॥**

ଭାର ଭାର ଚନ୍ଦନ କାଠ, ଅଗୁରୁ ଓ ଅନେକପ୍ରକାର [କର୍ପୂର, ଗୁଗ୍‌ଗୁଳ, କେସର ଆଦି] ସୁଗନ୍ଧଦ୍ରବ୍ୟ ଅଣାଗଲା । ସରଯୂନଦୀ ତଟରେ ସୁନ୍ଦର ଚିତା ସଜାଗଲା; ତାହା ସ୍ୱର୍ଗକୁ ସୁନ୍ଦର ଶିଢ଼ି ପରି ଶୋଭା ପାଇଲା ॥ ୨ ॥

**ଏହି ବିଧି ଦାହକ୍ରିୟା ସବ କୀହ୍ନୀ । ବିଧିୱତ ହ୍ନାଇ ତିଲାଂଜୁଲି ଦୀହ୍ନୀ ॥**
**ସୋଧି ସୁମୃତି ସବ ବେଦ ପୁରାନା । କୀହ୍ନ ଭରତ ଦସଗାତ ବିଧାନା ॥ ୩ ॥**

ଏପରିଭାବରେ ସେ ଦାହ ପ୍ରଭୃତି ସମସ୍ତ କ୍ରିୟା କଲେ ଏବଂ ସମସ୍ତେ ବିଧିପୂର୍ବକ ସ୍ନାନ କରି ତିଳାଞ୍ଜଳି ଦେଲେ । ତା'ପରେ ବେଦ, ସ୍ମୃତି ଓ ପୁରାଣ—ସବୁ ଶାସ୍ତ୍ରାନୁମୋଦିତ ବିଧିରେ ଭରତ ପିତାଙ୍କର ଦଶଗାତ୍ର ବିଧାନ (ଦଶଦିନର କୃତ୍ୟ) ସମ୍ପନ୍ନ କଲେ ॥ ୩ ॥

**ଜହଁ ଜସ ମୁନିବର ଆୟସୁ ଦୀହ୍ନା । ତହଁ ତସ ସହସ ଭାଁତି ସବୁ କୀହ୍ନା ॥**
**ଭଏ ବିସୁଦ୍ଧ ଦିଏ ସବ ଦାନା । ଧେନୁ ବାଜି ଗଜ ବାହନ ନାନା ॥ ୪ ॥**

ମୁନିଶ୍ରେଷ୍ଠ ବଶିଷ୍ଠ ଯେଉଁଠି ଯେପରି ଆଜ୍ଞା ଦେଲେ, ଭରତ ସେଇଠି ଉତ୍ତମରୂପେ ସେହିପରି କଲେ । ଶୁଦ୍ଧି ହେବା ପରେ ସେ ବିଧିପୂର୍ବକ ସକଳପ୍ରକାର ଦାନ କଲେ । ସେ ଗାଈ, ଘୋଡ଼ା, ହାତୀ, ଅନେକପ୍ରକାର ବାହନ, ॥ ୪ ॥

ଦୋ:- **ସିଂଘାସନ ଭୂଷନ ବସନ ଅନ୍ନ ଧରନି ଧନ ଧାମ ।**
**ଦିଏ ଭରତ ଲହି ଭୂମିସୁର ଭେ ପରିପୂରନ କାମ ॥ ୧୭୦ ॥**

ସିଂହାସନ, ବସନଭୂଷଣ, ଅନ୍ନ, ଭୂମି, ଧନ ଓ ଗୃହ ଆଦି ଦାନ କଲେ । ବ୍ରାହ୍ମଣମାନେ ଦାନ ପାଇ ପରିପୂର୍ଣ୍ଣ-କାମ ହୋଇଗଲେ (ଅର୍ଥାତ୍ ସେମାନଙ୍କର ସକଳ କାମନା ଯଥେଷ୍ଟ ପରିମାଣରେ ପୂର୍ଣ୍ଣ ହୋଇଗଲା) ॥ ୧୭୦ ॥

**ପିତୁ ହିତ ଭରତ କୀହ୍ନି ଜସି କରନୀ । ସୋ ମୁଖ ଲାଖ ଜାଇ ନହିଁ ବରନୀ ॥**
**ସୁଦିନୁ ସୋଧି ମୁନିବର ତବ ଆଏ । ସଚିଵ ମହାଜନ ସକଲ ବୋଲାଏ ॥ ୧ ॥**

ପିତାଙ୍କ ନିମନ୍ତେ ଭରତ ଯେପରି କଲେ, ତାହା ଲକ୍ଷେମୁଖରେ ବି କୁହା ଯାଇ ନ ପାରେ । ତା'ପରେ ଶୁଭଦିନ ଗଣନା କରି ଦିନେ ବଶିଷ୍ଠ ଆସି ସବୁମନ୍ତ୍ରୀ ଓ ମୁଖ୍ୟବ୍ୟକ୍ତିମାନଙ୍କୁ ଡକାଇଲେ ॥ ୧ ॥

**ବୈଠେ ରାଜସଭାଁ ସବ ଜାଈ । ପଠଏ ବୋଲି ଭରତ ଦୋଉ ଭାଈ ॥**
**ଭରତୁ ବସିଷ୍ଟ ନିକଟ ବୈଠାରେ । ନୀତି ଧରମମୟ ବଚନ ଉଚ୍ଚରେ ॥ ୨ ॥**

ସମସ୍ତେ ଯାଇ ରାଜସଭାରେ ବସିବାରୁ ମୁନିବର ଭରତ ଓ ଶତ୍ରୁଘ୍ନ ଦୁଇଭାଇଙ୍କୁ ଡକାଇଲେ । ଭରତଙ୍କୁ ନିଜ ପାଖରେ ବସାଇ ସେ ନୀତିସଙ୍ଗତ ଓ ଧର୍ମପୂର୍ଣ୍ଣ କଥା କହିଲେ ॥ ୨ ॥

**ପ୍ରଥମ କଥା ସବ ମୁନିବର ବରନୀ । କୈକଇ କୁଟିଲ କୀହ୍ନି ଜସି କରନୀ ॥**
**ଭୂପ ଧରମବ୍ରତୁ ସତ୍ୟ ସରାହା । ଜେହିଁ ତନୁ ପରିହରି ପ୍ରେମୁ ନିବାହା ॥ ୩ ॥**

କୈକେୟୀ ଯେଉଁ କୁଟିଳ କର୍ମ କଲେ, ମୁନିବର ପ୍ରଥମେ ତାହା କହିଲେ । ତା'ପରେ ସେ ରାଜାଙ୍କର ଧର୍ମବ୍ରତ ଓ ସତ୍ୟନିଷ୍ଠାର ପ୍ରଶଂସା କରିବା ସଙ୍ଗେ ସଙ୍ଗେ କହିଲେ ଯେ, ସେ ପ୍ରେମର ମର୍ଯ୍ୟାଦା ରକ୍ଷାପାଇଁ ଶରୀର ମଧ୍ୟ ତ୍ୟାଗ କରିଦେଲେ (ଅର୍ଥାତ୍ ସେ ସତ୍ୟ ଓ ଧର୍ମ ରକ୍ଷାପାଇଁ ରାମଙ୍କୁ ତ୍ୟାଗ କରିଦେଲେ ଏବଂ ପ୍ରେମର ମର୍ଯ୍ୟାଦା ରକ୍ଷାପାଇଁ ଶରୀର ତ୍ୟାଗ କରିଦେଲେ ।) ॥ ୩ ॥

**କହତ ରାମ ଗୁନ ସୀଲ ସୁଭାଉ । ସଜଲ ନୟନ ପୁଲକେଉ ମୁନିରାଉ ॥**
**ବହୁରି ଲଖନ ସିୟ ପ୍ରୀତି ବଖାନୀ । ସୋକ ସନେହ ମଗନ ମୁନି ଗ୍ୟାନୀ ॥ ୪ ॥**

ଶ୍ରୀରାମଙ୍କ ଗୁଣ, ସ୍ୱଭାବ ଓ ଚରିତ୍ର କହୁ କହୁ ମୁନୀଶ୍ୱରଙ୍କ ନୟନ ଅଶ୍ରୁ ଛଳଛଳ ହୋଇଗଲା; ତାଙ୍କ ଦେହ ରୋମାଞ୍ଚିତ ହୋଇଗଲା । ତା'ପରେ ଶ୍ରୀରାମଙ୍କ ପ୍ରତି ଲକ୍ଷ୍ମଣ ଓ ସୀତାଙ୍କ ପ୍ରୀତିର ପ୍ରଶଂସା କରି କରି ଜ୍ଞାନୀ ମୁନି ଶୋକ ଓ ସ୍ନେହରେ ମଗ୍ନ ହୋଇଗଲେ ॥ ୪ ॥

ଦୋ:- **ସୁନହୁ ଭରତ ଭାଵୀ ପ୍ରବଲ ବିଲଖି କହେଉ ମୁନିନାଥ ।**
**ହାନି ଲାଭୁ ଜୀଵନୁ ମରନୁ ଜସୁ ଅପଜସୁ ବିଧି ହାଥ ॥ ୧୭୧ ॥**

ମୁନିବର ଦୁଃଖର ସହିତ କହିଲେ, ''ଶୁଣ ଭରତ ! ନିୟତି ବଡ଼ ବଳବତୀ । ଲାଭ-କ୍ଷତି, ଜୀବନ-ମରଣ ଓ ଯଶ-ଅପଯଶ—ଏସବୁ ବିଧାତାଙ୍କ ହାତରେ ॥ ୧୭୧ ॥

**ଅସ ବିଗ୍ୱରି କେହି ଦେଇଅ ଦୋସୂ । ବ୍ୟରଥ କାହି ପର କୀଜିଅ ରୋସୂ ॥**
**ତାତ ବିଗ୍ୱରୁ କରହୁ ମନ ମାହାଁ । ସୋଚ ଜୋଗୁ ଦସରଥୁ ନୃପୁ ନାହାଁ ॥ ୧ ॥**

ଏଥିରେ କାହାକୁ ଦୋଷ ଦେବା ? ବୃଥାଟାରେ କାହା ଉପରେ କ୍ରୋଧ କରିବା ? ବାପ ! ବିଗ୍ୱର କରି ଦେଖ । ଦଶରଥଙ୍କ ପାଇଁ ଶୋକ ବା ଦୁଃଖ କରିବା ବୃଥା ॥ ୧ ॥

**ସୋଚିଅ ବିପ୍ର ଜୋ ବେଦ ବିହୀନା । ତଜି ନିଜ ଧରମୁ ବିଷୟ୍ ଲୟ୍ଲୀନା ॥**
**ସୋଚିଅ ନୃପତି ଜୋ ନୀତି ନ ଜାନା । ଜେହି ନ ପ୍ରଜା ପ୍ରିୟ୍ ପ୍ରାନ ସମାନା ॥ ୨ ॥**

ଦୁଃଖ ସେହି ବ୍ରାହ୍ମଣପାଇଁ କରିବା କଥା, ଯେ ବେଦ ଜାଣେ ନାହିଁ ଏବଂ ନିଜ ଧର୍ମ ଛାଡ଼ି ବିଷୟଭୋଗରେହିଁ ବୁଡ଼ିରହେ । ସେହି ରାଜାପାଇଁ ଦୁଃଖ କରିବା ଉଚିତ, ଯେ ନୀତି ଜାଣେ ନାହିଁ ଏବଂ ପ୍ରଜାମାନଙ୍କୁ ପ୍ରାଣସମ ପ୍ରିୟ ମଣେ ନାହିଁ ॥ ୨ ॥

**ସୋଚିଅ ବୟ୍ସୁ କୃପନ ଧନୱାନୂ । ଜୋ ନ ଅତିଥି ସିୱ ଭଗତି ସୁଜାନୂ ॥**
**ସୋଚିଅ ସୂଦ୍ରୁ ବିପ୍ର ଅୱମାନୀ । ମୁଖର ମାନପ୍ରିୟ୍ ଗ୍ୟାନ ଗୁମାନୀ ॥ ୩ ॥**

ସେହି ବୈଶ୍ୟପାଇଁ ଦୁଃଖ କରିବା କଥା, ଯେ ଧନବାନ୍ ହୋଇ ମଧ୍ୟ କୃପଣ ଏବଂ ଅତିଥିସତ୍କାର କରିବାରେ ଓ ଶିବପୂଜା କରିବାରେ କୁଶଳ ନୁହେଁ । ଦୁଃଖ ସେହି ଶୂଦ୍ରପାଇଁ କରିବା ଉଚିତ, ଯେ ବ୍ରାହ୍ମଣମାନଙ୍କୁ ଅବମାନନା କରେ, ବେଶୀ କହିହୁଏ, ମାନସମ୍ମାନ ଗ୍ୱହେଁ ଏବଂ ଜ୍ଞାନୀ ବୋଲି ଗର୍ବ କରେ ॥ ୩ ॥

**ସୋଚିଅ ପୁନି ପତି ବଂଚକ ନାରୀ । କୁଟିଲ କଲହପ୍ରିୟ୍ ଇଚ୍ଛାଗ୍ୱରୀ ॥**
**ସୋଚିଅ ବଟୁ ନିଜ ବ୍ରତୁ ପରିହରଈ । ଜୋ ନହିଁ ଗୁର ଆୟ୍ସୁ ଅନୁସରଈ ॥ ୪ ॥**

ପୁଣି ସେହି ସ୍ତ୍ରୀପାଇଁ ଦୁଃଖ କରିବା ଉଚିତ, ଯେ ପତିପାଖରେ ଛଳନା କରେ ଓ କୁଟିଳା, କଳହପ୍ରିୟା ତଥା ସ୍ୱେଚ୍ଛାଗ୍ୱରିଣୀ ହୁଏ । ଦୁଃଖ ସେହି ବ୍ରହ୍ମଗ୍ୱରୀପାଇଁ କରିବା ଆବଶ୍ୟକ, ଯେ ନିଜର ବ୍ରହ୍ମଚର୍ଯ୍ୟ ବ୍ରତ ଛାଡ଼ିଦିଏ ଏବଂ ଗୁରୁ ଆଜ୍ଞା ଅନୁସାରେ ଚଳେ ନାହିଁ ॥ ୪ ॥

ଦୋଃ- **ସୋଚିଅ ଗୃହୀ ଜୋ ମୋହ ବସ କରଇ କରମ ପଥ ତ୍ୟାଗ ।**
**ସୋଚିଅ ଜତୀ ପ୍ରପଂଚ ରତ ବିଗତ ବିବେକ ବିରାଗ ॥ ୧୭୨ ॥**

ସେହି ଗୃହସ୍ଥପାଇଁ ଦୁଃଖ କରିବା ଆବଶ୍ୟକ, ଯେ ମୋହବଶତଃ କର୍ମମାର୍ଗ ତ୍ୟାଗ କରିଦିଏ । ସେହି ସନ୍ନ୍ୟାସୀପାଇଁ ଦୁଃଖ କରିବା କଥା, ଯେ ଜ୍ଞାନବୈରାଗ୍ୟହୀନ ହୋଇ ସଂସାର ପ୍ରପଞ୍ଚରେ ଆବଦ୍ଧ ହୁଏ ॥ ୧୭୨ ॥

**ବୈଖାନସ ସୋଇ ସୋଚୈ ଜୋଗୂ । ତପୁ ବିହାଇ ଜେହି ଭାୱଇ ଭୋଗୂ ॥**
**ସୋଚିଅ ପିସୁନ ଅକାରନ କ୍ରୋଧୀ । ଜନନି ଜନକ ଗୁର ବଂଧୁ ବିରୋଧୀ ॥ ୧ ॥**

ସେହି ବାନପ୍ରସ୍ଥ ପାଇଁ ଦୁଃଖ କରିବା ଆବଶ୍ୟକ, ଯେ ତପସ୍ୟା ଛାଡ଼ି ଭୋଗରେ ଲିପ୍ତ ହେବାକୁ ଲାଳାୟିତ । ଯେ ଚୁଗୁଲିଖୋର, ଯେ ଅକାରଣରେ କ୍ରୋଧ କରେ ତଥା ମାତା, ପିତା, ଗୁରୁ ଏବଂ ଭାଇବନ୍ଧୁଙ୍କୁ ବିରୋଧ କରେ, ତା'ପାଇଁ ଦୁଃଖ କରିବା ଆବଶ୍ୟକ ॥ ୧ ॥

**ସବ ବିଧି ସୋଚିଅ ପର ଅପକାରୀ । ନିଜ ତନୁ ପୋଷକ ନିରଦୟ୍ ଭାରୀ ॥**
**ସୋଚନୀୟ୍ ସବହୀଁ ବିଧି ସୋଈ । ଜୋ ନ ଛାଡ଼ି ଛଲୁ ହରି ଜନ ହୋଈ ॥ ୨ ॥**

ଯେ ଅନ୍ୟର ଅନିଷ୍ଟ କରେ, କେବଳ ସ୍ୱ-ଉଦର-ପରାୟଣ ହୁଏ ଓ ନିତାନ୍ତ ନିର୍ଦୟ ହୋଇଯାଏ, ତା'ପାଇଁ ତଥା ଯେ ଛନ୍ଦକପଟ ଛାଡ଼ି ହରିଭଜନ କରେ ନାହିଁ, ତା'ପାଇଁ ସକଳପ୍ରକାରେ ଶୋକ କରିବା ଉଚିତ ॥ ୨ ॥

**ସୋଚନୀୟ ନହିଁ କୋସଲରାଉ । ଭୁଓ୍ୱନ ଚ୍ରିଦସ ପ୍ରଗଟ ପ୍ରଭାଉ ॥**
**ଭୟଉ ନ ଅହଇ ନ ଅବ ହୋନିହାରା । ଭୂପ ଭରତ ଜସ ପିତା ତୁହ୍ମାରା ॥ ୩ ॥**

କିନ୍ତୁ କୋଶଳରାଜ ଦଶରଥଙ୍କ ପ୍ରଭାବ ତ ଚଉଦଭୁବନରେ ବ୍ୟାପିଥିଲା; ତେଣୁ ତାଙ୍କ ପାଇଁ ଦୁଃଖ କରିବା ଉଚିତ ନୁହେଁ । ହେ ଭରତ ! ତୁମ ପିତାଙ୍କ ପରି ରାଜା କେହି ନ ଥିଲେ, ନାହାନ୍ତି, କି ହେବେ ନାହିଁ ॥ ୩ ॥

**ବିଧି ହରି ହରୁ ସୁରପତି ଦିସିନାଥା । ବରନହିଁ ସବ ଦସରଥ ଗୁନ ଗାଥା ॥ ୪ ॥**

ବ୍ରହ୍ମା, ବିଷ୍ଣୁ, ଶିବ, ଇନ୍ଦ୍ର ଓ ଦିଗପାଳ—ସମସ୍ତେ ଦଶରଥଙ୍କ ଗୁଣ ଗାନ କରନ୍ତି ॥ ୪ ॥

ଦୋ:- **କହହୁ ତାତ କେହି ଭାଁତି କୋଉ କରିହି ବଡ଼ାଈ ତାସୁ ।**
**ରାମ ଲଖନ ତୁହ୍ମ ସତ୍ରୁହନ ସରିସ ସୁଅନ ସୁଚି ଜାସୁ ॥ ୧୭୩ ॥**

ଆହେ ବାପ ! ତୁମେ କୁହ, ଯାହାଙ୍କର ଶ୍ରୀରାମ, ଲକ୍ଷ୍ମଣ, ଶତ୍ରୁଘ୍ନ ଓ ତୁମ ପରି ପବିତ୍ର ପୁତ୍ର ଜନ୍ମ ହୋଇଛନ୍ତି, ତାଙ୍କର ପ୍ରଶଂସା କିଏ ବା କେଉଁ ଭାଷାରେ କରିପାରିବ ! ॥ ୧୭୩ ॥

**ସବ ପ୍ରକାର ଭୂପତି ବଡ଼ଭାଗୀ । ବାଦି ବିଷାଦୁ କରିଅ ତେହି ଲାଗୀ ॥**
**ୟହ ସୁନି ସମୁଝି ସୋଚୁ ପରିହରହୂ । ସିର ଧରି ରାଜ ରଜାୟସୁ କରହୂ ॥ ୧ ॥**

ମହାରାଜା ସକଳପ୍ରକାରେ ବଡ଼ ଭାଗ୍ୟବାନ୍ ଥିଲେ । ତାଙ୍କ ପାଇଁ ବିଷାଦ କରିବା ବୃଥା । ଏହା ଶୁଣି, ବିଚ୍ଚାର କରି ଚିନ୍ତା ଛାଡ଼ିଦିଅ ଏବଂ ରାଜାଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ତଦନୁସାରେ କାର୍ଯ୍ୟ କର ॥ ୧ ॥

**ରାୟଁ ରାଜପଦୁ ତୁହ୍ମ କହୁଁ ଦୀହ୍ନା । ପିତା ବଚନୁ ଫୁର ଚାହିଅ କୀହ୍ନା ॥**
**ତଜେ ରାମୁ ଜେହିଁ ବଚନହି ଲାଗୀ । ତନୁ ପରିହରେଉ ରାମ ବିରହାଗୀ ॥ ୨ ॥**

ମହାରାଜା ତୁମକୁ ରାଜପଦ ଦେଇଛନ୍ତି । ଯେ ନିଜର ବଚନରକ୍ଷାପାଇଁ ଶ୍ରୀରାମଙ୍କ ପରି ପୁତ୍ରକୁ ତେଜିଦେଲେ ଏବଂ ଯେ ରାମବିରହର ଅଗ୍ନିରେ ନିଜ ଶରୀରକୁ ଆହୁତି ଦେଇଦେଲେ, ତୁମକୁ ସେହି ପିତାଙ୍କର ବଚନକୁ ସତ୍ୟରେ ପରିଣତ କରିବାକୁ ପଡ଼ିବ ॥ ୨ ॥

**ନୃପହି ବଚନ ପ୍ରିୟ ନହିଁ ପ୍ରିୟ ପ୍ରାନା । କରହୁ ତାତ ପିତୁ ବଚନ ପ୍ରୱାନା ॥**
**କରହୁ ସୀସ ଧରି ଭୂପ ରଜାଈ । ହଇ ତୁହ୍ମ କହଁ ସବ ଭାଁତି ଭଲାଈ ॥ ୩ ॥**

ମହାରାଜାଙ୍କ ପକ୍ଷରେ ବଚନ ରକ୍ଷାହିଁ ପ୍ରିୟ ଥିଲା; ତାଙ୍କୁ ନିଜର ପ୍ରାଣ ମଧ୍ୟ ପ୍ରିୟ ନ ଥିଲା । ତେଣୁ ବାପା ! ପିତାଙ୍କ ବଚନକୁ ସତ୍ୟରେ ପରିଣତ କର । ରାଜାଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ପାଳନ କର; ଏଥିରେ ତୁମର ସର୍ବବିଧ ମଙ୍ଗଳ ନିହିତ ॥ ୩ ॥

**ପରସୁରାମ ପିତୁ ଅଗ୍ୟା ରାଖୀ । ମାରୀ ମାତୁ ଲୋକ ସବ ସାଖୀ ॥**
**ତନୟ ଜଜାତିହି ଜୌବନୁ ଦୟଉ । ପିତୁ ଅଗ୍ୟାଁ ଅଘ ଅଜସୁ ନ ଭୟଉ ॥ ୪ ॥**

ପର୍ଶୁରାମ ପିତାଙ୍କ ଆଜ୍ଞା ମାନି ମାତାଙ୍କୁ ମାରିଦେଲେ; ସମସ୍ତେ ଏହାର ସାକ୍ଷୀ । ରାଜା ଯଯାତିଙ୍କ ପୁତ୍ର ପିତାଙ୍କୁ ନିଜର ଯୌବନ ଦେଇଦେଲେ । ପିତୃ ଆଜ୍ଞା ପାଳନ କରିଥିବାରୁ ସେମାନଙ୍କୁ ପାପ କିଂବା ଅପଯଶ ଲାଗିଲା ନାହିଁ ॥ ୪ ॥

ଦୋ:- **ଅନୁଚିତ ଉଚିତ ବିଚ୍ରୁ ତଜି ଜେ ପାଲହିଁ ପିତୁ ବୈନ ।**
**ତେ ଭାଜନ ସୁଖ ସୁଜସ କେ ବସହିଁ ଅମରପତି ଐନ ॥ ୧୭୪ ॥**

ଯେଉଁମାନେ ଉଚିତ-ଅନୁଚିତ ବିଚ୍ର ଛାଡ଼ିଦେଇ ପିତାଙ୍କ ବଚନ ପାଳନ କରନ୍ତି, ସେମାନେ ସୁଖ ଓ ସୁଯଶର ପାତ୍ର ହୋଇ ଶେଷରେ ଇନ୍ଦ୍ରପୁରୀ ସ୍ୱର୍ଗରେ ନିବାସ କରନ୍ତି ॥ ୧୭୪ ॥

**ଅୱସି ନରେସ ବଚନ ଫୁର କରହୂ । ପାଲହୁ ପ୍ରଜା ସୋକୁ ପରିହରହୂ ॥**
**ସୁରପୁର ନୃପୁ ପାଇହି ପରିତୋଷୂ । ତୁହ୍ମ କହୁଁ ସୁକୃତୁ ସୁଜସୁ ନହିଁ ଦୋଷୂ ॥ ୧ ॥**

ରାଜାଙ୍କ ବଚନକୁ ଅବଶ୍ୟ ସତ୍ୟ କର । ଶୋକ ପରିତ୍ୟାଗ କରି ପ୍ରଜାପାଳନ କର । ଏପରି କଲେ, ସ୍ୱର୍ଗରେ ଥାଇ ତୁମ ପିତା ସନ୍ତୋଷ ଲାଭ କରିବେ, ତୁମକୁ ସୁନ୍ଦର ଯଶ ଓ ପୁଣ୍ୟ ମିଳିବ ଏବଂ କୌଣସି ଦୋଷ ମଧ୍ୟ ଲାଗିବ ନାହିଁ ॥ ୧ ॥

**ବେଦ ବିଦିତ ସଂମତ ସବହୀ କା । ଜେହି ପିତୁ ଦେଇ ସୋ ପାୱଇ ଟୀକା ॥**
**କରହୁ ରାଜୁ ପରିହରହୁ ଗଲାନୀ । ମାନହୁ ମୋର ବଚନ ହିତ ଜାନୀ ॥ ୨ ॥**

ଏହା ବେଦସମ୍ମତ ଏବଂ ସ୍ମୃତିପୁରାଣାଦି ସକଳ ଶାସ୍ତ୍ରଦ୍ୱାରା ସମ୍ମତ ଯେ, ପିତା ଯାହାକୁ ରାଜ୍ୟ ଦିଅନ୍ତି, ସେ ହିଁ ରାଜତିଳକ ଧାରଣ କରି ରାଜା ହୁଅନ୍ତି । ତେଣୁ ତୁମେ ରାଜ୍ୟ ଶାସନ କର । ଗ୍ଲାନି ତ୍ୟାଗ କର । ମୋ କଥାକୁ ହିତ ବୋଲି ମାନ ॥ ୨ ॥

**ସୁନି ସୁଖୁ ଲହବ ରାମ ବୈଦେହୀଁ । ଅନୁଚିତ କହବ ନ ପଂଡିତ କେହୀଁ ॥**
**କୌସଲ୍ୟାଦି ସକଲ ମହତାରୀଁ । ତେଉ ପ୍ରଜା ସୁଖ ହୋହିଁ ସୁଖାରୀଁ ॥ ୩ ॥**

ତୁମେ ଏପରି କଲ ବୋଲି ଶୁଣିଲେ ଶ୍ରୀରାମ ଓ ସୀତା ସୁଖୀ ହେବେ ଏବଂ କୌଣସି ପଣ୍ଡିତ ଏହା ଅନୁଚିତ ବୋଲି କହିବେ ନାହିଁ । କୌଶଲ୍ୟାଦି ତୁମର ସବୁମାଆ ମଧ୍ୟ ପ୍ରଜାଙ୍କ ସୁଖରେ ସୁଖୀ ହେବେ ॥ ୩ ॥

**ପରମ ତୁହ୍ମାର ରାମ କର ଜାନିହି । ସୋ ସବ ବିଧି ତୁହ୍ମ ସନ ଭଲ ମାନିହି ॥**
**ସୌଁପେହୁ ରାଜୁ ରାମ କେ ଆଏଁ । ସେୱା କରେହୁ ସନେହ ସୁହାଏଁ ॥ ୪ ॥**

ଶ୍ରୀରାମ ଓ ତୁମ ଭିତରେ ଯେଉଁ ଉତ୍ତମ ସମ୍ବନ୍ଧ ରହିଛି, ତାହା ସେ ଜାଣିବ, ସେ ତୁମକୁ ସବୁଦୃଷ୍ଟିରୁ ଭଲ ବୋଲି ମାନିବ । ଶ୍ରୀରାମ ଫେରିଆସିବା ପରେ ତୁମେ ତାଙ୍କୁ ରାଜ୍ୟ ସମର୍ପି ଦେବ ଓ ସୁନ୍ଦରଭାବରେ ଶ୍ରଦ୍ଧାର ସହିତ ତାଙ୍କର ସେବା କରିବ ।'' ॥ ୪ ॥

ଦୋ- **କୀଜିଅ ଗୁର ଆୟସୁ ଅୱସି କହହିଁ ସଚିୱ କର ଜୋରି ।**
**ରଘୁପତି ଆଏଁ ଉଚିତ ଜସ ତସ ତବ କରବ ବହୋରି ॥ ୧୭୫ ॥**

ମନ୍ତ୍ରୀମାନେ କର ଯୋଡ଼ି କହିଲେ, ''ଗୁରୁଙ୍କ ଆଜ୍ଞା ଅବଶ୍ୟ ପାଳନ କରନ୍ତୁ । ଶ୍ରୀରଘୁନାଥ ଫେରିଆସିଲେ, ଯାହା ଉଚିତ ମଣିବେ, ତାହା କରିବେ ।'' ॥ ୧୭୫ ॥

**କୌସଲ୍ୟା ଧରି ଧୀରଜୁ କହଈ । ପୂତ ପଥ୍ୟ ଗୁର ଆୟସୁ ଅହଈ ॥**
**ସୋ ଆଦରିଅ କରିଅ ହିତ ମାନୀ । ତଜିଅ ବିଷାଦୁ କାଲ ଗତି ଜାନୀ ॥ ୧ ॥**

କୌଶଲ୍ୟା ମଧ୍ୟ ଧୈର୍ଯ୍ୟ ଧରି କହିଲେ, ''ହେ ପୁତ୍ର ! ଗୁରୁଦେବଙ୍କ ଆଜ୍ଞା ପଥ୍ୟ ପରି । ସେହି ଆଜ୍ଞାକୁ ସମାଦର କରିବା ଉଚିତ ଏବଂ ହିତକର ମନେକରି ତାହା ପାଳନ କରିବା ଆବଶ୍ୟକ । ଏସବୁ କାଳର ଗତି ବୋଲି ଜାଣି ବିଷାଦ ତ୍ୟାଗ କର ॥ ୧ ॥

**ବନ ରଘୁପତି ସୁରପୁର ନରନାହୂ । ତୁହ୍ମ ଏହି ଭାଁତି ତାତ କଦରାହୂ ॥**
**ପରିଜନ ପ୍ରଜା ସଚିଓ୍ୱ ସବ ଅଂବା । ତୁହ୍ମହୀ ସୁତ ସବ କହଁ ଅଓ୍ୱଲଂବା ॥ ୨ ॥**

ଶ୍ରୀରଘୁନାଥ ବନବାସରେ ଅଛନ୍ତି ; ପିତା ତ ସ୍ୱର୍ଗକୁ ଗ୍ଭଲିଗଲେ, ହେ ବାପ ! ଏବେ ତୁମେ ଏପରି କାତର ହେଲେ କ'ଣ ଚଳିବ ? ହେ ପୁତ୍ର ! ତୁମେହିଁ ତ କୁଟୁମ୍ବ, ପ୍ରଜା, ମନ୍ତ୍ରୀଗଣ, ମାତାଗଣ—ସମସ୍ତଙ୍କର ଏକମାତ୍ର ସାହା ॥ ୨ ॥

**ଲଖି ବିଧି ବାମ କାଲୁ କଠିନାଈ । ଧୀରଜୁ ଧରହୁ ମାତୁ ବଲି ଜାଈ ॥**
**ସିର ଧରି ଗୁର ଆୟସୁ ଅନୁସରହୂ । ପ୍ରଜା ପାଲି ପରିଜନ ଦୁଖୁ ହରହୂ ॥ ୩ ॥**

ବିଧାତା ପ୍ରତିକୂଳ; କାଳ ମଧ୍ୟ ନିଷ୍ଠୁର; ଏସବୁ ଦେଖି ତୁମେ ଧୈର୍ଯ୍ୟ ଧର । ତୁମକୁ ଏ ମାଆର ରାଣ, ତୁମେ ଗୁରୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି, ତାଙ୍କ କହିବା ଅନୁସାରେ କାର୍ଯ୍ୟ କର ଏବଂ ପ୍ରଜାମାନଙ୍କୁ ପାଳନ କରି କୁଟୁମ୍ବଲୋକଙ୍କ ଦୁଃଖ ଦୂର କର ।'' ॥ ୩ ॥

**ଗୁର କେ ବଚନ ସଚିଓ୍ୱ ଅଭିନଂଦନୁ । ସୁନେ ଭରତ ହିୟ ହିତ ଜନୁ ଚଂଦନୁ ॥**
**ସୁନୀ ବହୋରି ମାତୁ ମୃଦୁ ବାନୀ । ସୀଲ ସନେହ ସରଲ ରସ ସାନୀ ॥ ୪ ॥**

ଭରତ ଗୁରୁଙ୍କ ବଚନ ଓ ସେଥିପ୍ରତି ମନ୍ତ୍ରୀମାନଙ୍କ ଅନୁମୋଦନ ଶୁଣିଲେ; ଏସବୁ ତାଙ୍କ ହୃଦୟକୁ ଚନ୍ଦନ ପରି ଶୀତଳ ବୋଧ ହେଲା । ପୁଣି ସେ ମାତା କୌଶଲ୍ୟାଙ୍କର ଶୀଳ, ସ୍ନେହ ଓ ସରଳତା-ରସରେ ସିକ୍ତ କୋମଳ ବଚନ ମଧ୍ୟ ଶୁଣିଲେ ॥ ୪ ॥

ଛନ୍ଦ- **ସାନୀ ସରଲ ରସ ମାତୁ ବାନୀ ସୁନି ଭରତୁ ବ୍ୟାକୁଲ ଭଏ ।**
**ଲୋଚନ ସରୋରୁହ ସ୍ରଓ୍ୱତ ସାଁଚତ ବିରହ ଉର ଅଂକୁର ନଏ ॥**
**ସୋ ଦସା ଦେଖତ ସମୟ ତେହି ବିସରୀ ସବହି ସୁଧି ଦେହ କୀ ।**
**ତୁଲସୀ ସରାହତ ସକଲ ସାଦର ସୀଓ୍ୱଁ ସହଜ ସନେହ କୀ ॥**

ସରଳତା-ରସରେ ସିକ୍ତ ସେହି ବାଣୀ ଶୁଣି ଭରତ ବ୍ୟାକୁଳ ହୋଇଗଲେ । ତାଙ୍କ ନେତ୍ରକମଳରୁ ଅଶ୍ରୁଜଳ ପ୍ରବାହିତ ହୋଇ ହୃଦୟର ବିରହରୂପୀ ନବୀନ ଅଙ୍କୁରରେ ସିଞ୍ଚିତ ହେବାକୁ ଲାଗିଲା (ଅର୍ଥାତ୍ ନେତ୍ରର ଅଶ୍ରୁ ତାଙ୍କ ବିରହଦୁଃଖକୁ ବହୁଗୁଣରେ ବଢ଼ାଇଦେଇ ତାଙ୍କୁ ଅତ୍ୟନ୍ତ ବ୍ୟାକୁଳ କରିଦେଲା ) । ତାଙ୍କର ସେହି ଅବସ୍ଥା ଦେଖି ସମସ୍ତେ ନିଜ ନିଜର ଦେହଜ୍ଞାନ ଭୁଲିଗଲେ । ତୁଳସୀଦାସ କହୁଛନ୍ତି, ଭରତ ଥିଲେ ସ୍ୱାଭାବିକ ପ୍ରେମର ଉତ୍କୃଷ୍ଟ ନିଦର୍ଶନ; ତାଙ୍କୁ ସମସ୍ତେ ସାଦରେ ପ୍ରଶଂସା କରିବାକୁ ଲାଗିଲେ ।

ସୋଃ- **ଭରତୁ କମଲ କର ଜୋରି ଧୀର ଧୁରଂଧର ଧୀର ଧରି ।**
**ବଚନ ଅମିଅଁ ଜନୁ ବୋରି ଦେତ ଉଚିତ ଉତ୍ତର ସବହି ॥ ୧୭୬ ॥**

ଧୀର ଧୁରନ୍ଧର ଭରତ ଧୈର୍ଯ୍ୟ ଧରି, କରକମଳ ଯୋଡ଼ି ଅମୃତସିକ୍ତ ବଚନରେ ସମସ୍ତଙ୍କୁ ଉଚିତ ଉତ୍ତର ଦେବାକୁ ଆରମ୍ଭ କଲେ, ॥ ୧୭୬ ॥

### ମାସପାରାୟଣ, ଅଷ୍ଟାଦଶ ବିଶ୍ରାମ

**ମୋହି ଉପଦେସୁ ଦୀହ୍ନ ଗୁର ନୀକା । ପ୍ରଜା ସଚିଓ୍ୱ ସଂମତ ସବହୀ କା ॥**
**ମାତୁ ଉଚିତ ଧରି ଆୟସୁ ଦୀହ୍ନା । ଅଓ୍ୱସି ସୀସ ଧରି ଗ୍ରହଉଁ କୀହ୍ନା ॥ ୧ ॥**

"ଗୁରୁ ମୋତେ ସୁନ୍ଦର ଉପଦେଶ ଦେଲେ । ପୁଣି ପ୍ରଜା, ମନ୍ତ୍ରୀ ଆଦି ସମସ୍ତେ ସେଥିରେ ସମ୍ମତ ହେଲେ । ମାଆ ମଧ୍ୟ ଏହା ଉଚିତ ବୋଲି ବୁଝି ଆଜ୍ଞା ଦେଲେ ଏବଂ ମୁଁ ମଧ୍ୟ ତାହା ଶିରୋଧାର୍ଯ୍ୟ କରି ସେହିପରି କରିବାକୁ ଚାହୁଁଛି ॥ ୧ ॥

**ଗୁର ପିତୁ ମାତୁ ସ୍ୱାମି ହିତ ବାନୀ । ସୁନି ମନ ମୁଦିତ କରିଅ ଭଲି ଜାନୀ ॥**
**ଉଚିତ କି ଅନୁଚିତ କିଏଁ ବିଚାରୂ । ଧରମୁ ଜାଇ ସିର ପାତକ ଭାରୂ ॥ ୨ ॥**

[କାରଣ] ଗୁରୁ, ପିତା, ମାତା, ସ୍ୱାମୀ ଓ ସୁହୃଦ୍ (ମିତ୍ର)ଙ୍କ ବଚନ ପ୍ରସନ୍ନଚିତ୍ତରେ ଶୁଣି, ତାହା ଉତ୍ତମ ବୋଲି ବୁଝି ପାଳନ କରିବା ଉଚିତ । ଉଚିତ-ଅନୁଚିତ ବିଚାର କରିବସିଲେ ଧର୍ମ ନଷ୍ଟ ହୁଏ ଏବଂ ମୁଣ୍ଡରେ ପାପଭାର ପଡ଼େ ॥ ୨ ॥

**ତୁହ୍ମ ତୌ ଦେହୁ ସରଲ ସିଖ ସୋଈ । ଜୋ ଆଚରତ ମୋର ଭଲ ହୋଈ ॥**
**ଜଦ୍ୟପି ୟହ ସମୁଝତ ହଉଁ ନୀକେଁ । ତଦପି ହୋତ ପରିତୋଷୁ ନ ଜୀ କେଁ ॥ ୩ ॥**

ଯାହା କଲେ ମୋର ମଙ୍ଗଳ ହେବ, ଆପଣମାନେ ମୋତେ ସେହି ସରଳ ଶିକ୍ଷା ଦେଉଛନ୍ତି । ଏହା ଅବଶ୍ୟ ମୁଁ ଭଲରୂପେ ବୁଝିପାରୁଛି; ତଥାପି ମୋ ହୃଦୟକୁ ସନ୍ତୋଷ ମିଳୁନାହିଁ ॥ ୩ ॥

**ଅବ ତୁହ୍ମ ବିନୟ ମୋରି ସୁନି ଲେହୂ । ମୋହି ଅନୁହରତ ସିଖାଓ୍ୱନୁ ଦେହୂ ॥**
**ଉତରୁ ଦେଉଁ ଛମବ ଅପରାଧୂ । ଦୁଖିତ ଦୋଷ ଗୁନ ଗନହିଁ ନ ସାଧୂ ॥ ୪ ॥**

ତେଣୁ ଆପଣମାନେ ମୋର ବିନତି ଶୁଣନ୍ତୁ ଏବଂ ମୋର ଯୋଗ୍ୟତା ଅନୁସାରେ ମୋତେ ଶିକ୍ଷା ଦିଅନ୍ତୁ । ମୁଁ ଆପଣମାନଙ୍କୁ ଉତ୍ତର ଦେଉଛି; ମୋର ଏହି ଅପରାଧ କ୍ଷମା କରିବେ । ସାଧୁପୁରୁଷ ଦୁଃଖୀଲୋକର ଦୋଷ-ଗୁଣ ଧରନ୍ତି ନାହିଁ ॥ ୪ ॥

ଦୋଃ- **ପିତୁ ସୁରପୁର ସିୟ ରାମୁ ବନ କରନ କହହୁ ମୋହି ରାଜୁ ।**
**ଏହି ତେଁ ଜାନହୁ ମୋର ହିତ କୈ ଆପନ ବଡ଼ କାଜୁ ॥ ୧୭୭ ॥**

ପିତା ଯାଇ ସ୍ୱର୍ଗରେ ରହିଲେଣି; ଶ୍ରୀ ସୀତାରାମ ଯାଇ ବନରେ ଅଛନ୍ତି ଏବଂ ଆପଣମାନେ ମୋତେ ରାଜତ୍ୱ କରିବାକୁ କହୁଛନ୍ତି । ଏହାଦ୍ୱାରା ଆପଣମାନେ ମୋର କଲ୍ୟାଣ ହେବ ବୋଲି ଭାବୁଛନ୍ତି, ନା ନିଜର କିଛି ଏକ ବିଶେଷ କାର୍ଯ୍ୟ ସମ୍ପନ୍ନ ହୋଇଯିବାର ଆଶା ରଖିଛନ୍ତି ? ॥ ୧୭୭ ॥

**ହିତ ହମାର ସିୟପତି ସେଓ୍ୱକାଈଁ । ସୋ ହରି ଲୀହ୍ନ ମାତୁ କୁଟିଲାଈଁ ॥**
**ମୈଁ ଅନୁମାନି ଦୀଖ ମନ ମାହୀଁ । ଆନ ଉପାୟଁ ମୋର ହିତ ନାହୀଁ ॥ ୧ ॥**

ମୋ କଲ୍ୟାଣ ତ ଏକମାତ୍ର ସୀତାପତି ଶ୍ରୀରାମଙ୍କ ସେବାରେ ନିହିତ; କିନ୍ତୁ ମୋ ମାଆଙ୍କର କୁଟିଳତା ମୋର ସେହି ସୁଯୋଗ ଛଡ଼ାଇନେଲା । ମୁଁ ମନେ ମନେ ଭଲରୂପେ ବିଚାର କରି ଦେଖିସାରିଛି ଯେ, ଶ୍ରୀରାମଙ୍କ ସେବା ବିନା ଅନ୍ୟ କୌଣସି ଉପାୟରେ ମୋର କଲ୍ୟାଣ ହୋଇପାରିବ ନାହିଁ ॥ ୧ ॥

**ସୋକ ସମାଜୁ ରାଜୁ କେହି ଲେଖେଁ । ଲଖନ ରାମ ସିୟ ବିନୁ ପଦ ଦେଖେଁ ॥**
**ବାଦି ବସନ ବିନୁ ଭୂଷନ ଭାରୂ । ବାଦି ବିରତି ବିନୁ ବ୍ରହ୍ମବିଚାରୂ ॥ ୨ ॥**
**ସରୁଜ ସରୀର ବାଦି ବହୁ ଭୋଗା । ବିନୁ ହରିଭଗତି ଜାୟଁ ଜପ ଜୋଗା ॥**
**ଜାୟଁ ଜୀଓ୍ୱ ବିନୁ ଦେହ ସୁହାଈ । ବାଦି ମୋର ସବୁ ବିନୁ ରଘୁରାଈ ॥ ୩ ॥**

ଲକ୍ଷ୍ମଣ, ଶ୍ରୀରାମ ଓ ସୀତାଦେବୀଙ୍କ ଚରଣଦର୍ଶନ ବିନା ଏହି ରାଜତ୍ୱର କି ମୂଲ୍ୟ ଅଛି ? ଏହା ତ ଶୋକର ସମାଜମାତ୍ର । ଦେହରେ ଲୁଗା ନ ଥାଇ ବୋଝେ ଗହଣା ପିନ୍ଧିବା ଯେପରି ବ୍ୟର୍ଥ, ବୈରାଗ୍ୟ ବିନା ବ୍ରହ୍ମବିଗ୍ରହ ଯେପରି ବ୍ୟର୍ଥ, ରୁଗ୍ଣ ଶରୀରପାଇଁ ବିଭିନ୍ନ ଭୋଗ୍ୟପଦାର୍ଥ ଯେପରି ବ୍ୟର୍ଥ, ଶ୍ରୀହରିଙ୍କ ଭକ୍ତି ବିନା ଜପ ଓ ଯୋଗ ଯେପରି ବ୍ୟର୍ଥ, ଜୀବନ ବିନା ସୁନ୍ଦର ଶରୀର ଯେପରି ବ୍ୟର୍ଥ, ଠିକ୍ ସେହିପରି ଶ୍ରୀରଘୁନାଥଙ୍କ ବିନା ମୋ ପାଇଁ ସବୁକିଛି ବ୍ୟର୍ଥ ॥ ୨-୩ ॥

**ଜାଉଁ ରାମ ପହିଁ ଆୟସୁ ଦେହୂ । ଏକହିଁ ଆଁକ ମୋର ହିତ ଏହୂ ॥**
**ମୋହି ନୃପ କରି ଭଲ ଆପନ ଚହହୂ । ସୋଉ ସନେହ ଜଡ଼ତା ବସ କହହୂ ॥ ୪ ॥**

ମୋତେ ଆଜ୍ଞା ଦିଅନ୍ତୁ; ମୁଁ ଶ୍ରୀରାମଙ୍କ ପାଖକୁ ଯିବି । ମୋର ହିତସାଧନର ତାହାହିଁ ଏକମାତ୍ର ପନ୍ଥା । ଆପଣମାନେ ଯଦି ନିଜର ହିତ ହେବ ବୋଲି ଭାବି ମୋତେ ରାଜା ହେବାକୁ କହୁଥାନ୍ତି, ତେବେ କେବଳ ଜଡ଼ତାରୂପୀ ସ୍ନେହ(ମୋହ)ର ବଶ ହୋଇ ତାହା କହୁଛନ୍ତି ॥ ୪ ॥

ଦୋଃ- **କୈକେଈ ସୁଅ କୁଟିଲମତି ରାମ ବିମୁଖ ଗତଲାଜ ।**
**ତୁହ୍ମ ଚାହତ ସୁଖୁ ମୋହବସ ମୋହି ସେ ଅଧମ କେଁ ରାଜ ॥ ୧୭୮ ॥**

ଆପଣମାନେ କେବଳ ମୋହବଶ ହୋଇହିଁ ମୋପରି କୈକେୟୀପୁତ୍ର, କୁଟିଳବୁଦ୍ଧି, ରାମବିମୁଖ ଓ ନିର୍ଲଜ୍ଜ ଅଧମର ରାଜତ୍ୱରୁ ସୁଖ ଆଶା କରୁଛନ୍ତି ॥ ୧୭୮ ॥

**କହଉଁ ସାଁଚୁ ସବ ସୁନି ପତିଆହୂ । ଚାହିଅ ଧରମସୀଲ ନରନାହୂ ॥**
**ମୋହି ରାଜୁ ହଠି ଦେଇହହୁ ଜବହୀଁ । ରସା ରସାତଲ ଜାଇହି ତବହୀଁ ॥ ୧ ॥**

ମୁଁ ସତ କହୁଛି, ଆପଣମାନେ ବିଶ୍ୱାସ କରନ୍ତୁ, ଧର୍ମଶୀଳ ବ୍ୟକ୍ତିହିଁ ରାଜା ହେବା ଉଚିତ । ଆପଣମାନେ ବଳପୂର୍ବକ, ବାଧ୍ୟ କରି ମୋତେ ଯେଉଁଦିନ ରାଜ୍ୟ ଦେଇଦେବେ, ସେହିଦିନହିଁ ପୃଥିବୀ ରସାତଳରେ ପଶିଯିବ ॥ ୧ ॥

**ମୋହି ସମାନ କୋ ପାପନିୱାସୂ । ଜେହି ଲଗି ସୀୟ ରାମ ବନବାସୂ ॥**
**ରାୟଁ ରାମ କହୁଁ କାନନୁ ଦୀହ୍ନା । ବିଛୁରତ ଗମନୁ ଅମରପୁର କୀହ୍ନା ॥ ୨ ॥**

ମୋପରି ପାପର ଖଣି ଆଉ କିଏ ଅଛି ? ମୋରି ହେତୁ ସୀତାଦେବୀ ଓ ଶ୍ରୀରାମଙ୍କୁ ବନବାସ ମିଳିଲା । ମହାରାଜ ଶ୍ରୀରାମଙ୍କୁ ବନବାସ ଦେଇଦେଲେ ଏବଂ ତାଙ୍କରି ବିଚ୍ଛେଦରେ ସେ ସ୍ୱୟଂ ସ୍ୱର୍ଗକୁ ଚାଲିଗଲେ ॥ ୨ ॥

**ମେଁ ସଠୁ ସବ ଅନରଥ କର ହେତୂ । ବୈଠ ବାତ ସବ ସୁନଉଁ ସଚେତୂ ॥**
**ବିନୁ ରଘୁବୀର ବିଲୋକି ଅବାସୂ । ରହେ ପ୍ରାନ ସହି ଜଗ ଉପହାସୂ ॥ ୩ ॥**

ଅଥଚ ମୁଁ ଶଠ, ଯେ କି ସକଳ ଅନର୍ଥର କାରଣ, ପୂର୍ଣ୍ଣ ସଚେତ ଥାଉ ଥାଉ ଏଠାରେ ବସି ସବୁକଥା ଶୁଣୁଛି । ଶ୍ରୀରଘୁନାଥବିହୀନ ଘର ଦେଖି ଓ ଜଗତର ପରିହାସ ସହି ମଧ୍ୟ, ଏ ପିଣ୍ଡରେ ପ୍ରାଣ ରହିଛି ॥ ୩ ॥

**ରାମ ପୁନୀତ ବିଷୟ ରସ ରୂଖେ । ଲୋଲୁପ ଭୂମି ଭୋଗ କେ ଭୂଖେ ॥**
**କହଁ ଲଗି କହୌଁ ହୃଦୟ କଠିନାଈ । ନିଦରି କୁଲିସୁ ଜେହିଁ ଲହୀ ବଡ଼ାଈ ॥ ୪ ॥**

ଏଥିରୁ ଜଣାଯାଉଛି ଯେ, ଏହି ପାମର ପ୍ରାଣ ଶ୍ରୀରାମରୂପୀ ପବିତ୍ର ପ୍ରେମରସରେ ଆସକ୍ତ ନୁହେଁ । ଏହି ଲୋଭୀଟାର ଭୂମି ଓ ଭୋଗରେହିଁ ଲାଳସା ରହିଛି । ମୋ ହୃଦୟଟା କେଡ଼େ ଯେ କଠୋର, ତାହା ମୁଁ ଆଉ କେତେ କହିବି ! ଏ ହୃଦୟଟା ବଜ୍ରଠାରୁ ବି ଅଧିକ କଠୋର ବୋଲି ବଡ଼ିମା ଅର୍ଜନ କରୁଛି ॥ ୪ ॥

ଦୋଃ- **କାରନ ତେଁ କାରଜୁ କଠିନ ହୋଇ ଦୋସୁ ନହିଁ ମୋର ।**
**କୁଲିସ ଅସ୍ଥି ତେଁ ଉପଲ ତେଁ ଲୋହ କରାଲ କଠୋର ॥ ୧୭୯ ॥**

କାରଣଠାରୁ କାର୍ଯ୍ୟ ଅବଶ୍ୟ କଠିନ ହୋଇଥାଏ; ଏଥିରେ ମୋର କିଛି ଦୋଷ ନାହିଁ । ଅସ୍ଥିଠାରୁ ବଜ୍ର କଠିନ ଏବଂ ଲୁହାପଥରଠାରୁ ଲୁହା ଅତ୍ୟଧିକ କଠିନ ॥ ୧୭୯ ॥

**କୈକେଈ ଭଓ୍ୱ ତନୁ ଅନୁରାଗେ । ପାଓ୍ୱଁର ପ୍ରାନ ଅଘାଇ ଅଭାଗେ ॥**
**ଜୌଁ ପ୍ରିୟ ବିରହଁ ପ୍ରାନ ପ୍ରିୟ ଲାଗେ । ଦେଖବ ସୁନବ ବହୁତ ଅବ ଆଗେ ॥ ୧ ॥**

କୈକେୟୀ ଗର୍ଭରୁ ଜାତ ଏହି ଦେହ ପ୍ରତି ଅନୁରାଗ ରଖିଥିବା ମୋର ଏହି ପାମର ପ୍ରାଣ ଅତ୍ୟନ୍ତ ଅଭାଗା । ଯଦି ପ୍ରିୟତମଙ୍କର ବିଚ୍ଛେଦରେ ବି ଏ ଦେହକୁ ପ୍ରାଣଟା ପ୍ରିୟ ଲାଗୁଛି, ତେବେ ଭବିଷ୍ୟତରେ ଆହୁରି କେତେ କ'ଣ ଯେ ଦେଖିବି, ଶୁଣିବି, ତା'ର ଠିକଣା କ'ଣ ! ॥ ୧ ॥

**ଲଖନ ରାମ ସିୟ କହୁଁ ବନୁ ଦୀହ୍ନା । ପଠଇ ଅମରପୁର ପତି ହିତ କୀହ୍ନା ॥**
**ଲୀହ୍ନ ବିଧଓ୍ୱପନ ଅପଜସୁ ଆପୂ । ଦୀହ୍ନେଉ ପ୍ରଜହି ସୋକୁ ସଂତାପୂ ॥ ୨ ॥**

କୈକେୟୀ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କୁ ବନବାସ ଦେଇଦେଲା; ପତିଙ୍କୁ ସ୍ୱର୍ଗକୁ ପଠାଇଦେଇ ତାଙ୍କର ମଙ୍ଗଳ କରିଦେଲା; ନିଜେ ବୈଧବ୍ୟ ଓ ଅପଯଶ ବରିନେଲା; ପ୍ରଜାଙ୍କୁ ଶୋକ-ସନ୍ତାପ ଦେଇଦେଲା; ॥ ୨ ॥

**ମୋହି ଦୀହ୍ନ ସୁଖୁ ସୁଜସୁ ସୁରାଜୂ । କୀହ୍ନ କୈକଈଁ ସବ କର କାଜୂ ॥**
**ଏହି ତେଁ ମୋର କାହ ଅବ ନୀକା । ତେହି ପର ଦେନ କହହୁ ତୁହ୍ମ ଟୀକା ॥ ୩ ॥**

ଏବଂ ମୋତେ ବି ସୁଖ, ସୁଯଶ ଓ ସୁନ୍ଦର ରାଜ୍ୟ ଦେଇଦେଲା । ଏପରିଭାବରେ କୈକେୟୀ ସମସ୍ତଙ୍କର କାମ କରିଦେଇଛି । ଏହାଠାରୁ ବଳି ଭଲ ମୋର ଆଉ କ'ଣ ବା ହୋଇପାରେ ! ଏହା ସତ୍ତ୍ୱେ ପୁଣି ଆପଣମାନେ ମୋତେ ରାଜତିଳକ ଦେବାକୁ କହୁଛନ୍ତି ! ॥ ୩ ॥

**କୈକଇ ଜଠର ଜନମି ଜଗ ମାହୀଁ । ୟହ ମୋହି କହଁ କଛୁ ଅନୁଚିତ ନାହୀଁ ॥**
**ମୋରି ବାତ ସବ ବିଧିହିଁ ବନାଈ । ପ୍ରଜା ପାଁଚ କତ କରହୁ ସହାଈ ॥ ୪ ॥**

ଏହି ଜଗତରେ କୈକେୟୀଗର୍ଭରୁ ଜନ୍ମ ନେଇଥିବାରୁ, ଏଥିରୁ କୌଣସିଟା ବି ମୋପାଇଁ ଅନୁଚିତ ହୋଇ ନାହିଁ । ମୋପାଇଁ ସବୁକିଛି ବିଧାତାହିଁ ଗଢ଼ିଦେଇଛନ୍ତି । ସେଥିରେ ପ୍ରଜା ଓ ପଞ୍ଚ (ଆପଣମାନେ) ପୁଣି କାହିଁକି ଆଉ ସହାୟତା କରୁଛନ୍ତି ? ॥ ୪ ॥

ଦୋଃ- **ଗ୍ରହ ଗ୍ରହୀତ ପୁନି ବାତ ବସ ତେହି ପୁନି ବୀଛୀ ମାର ।**
**ତେହି ପିଆଇଅ ବାରୁନୀ କହହୁ କାହ ଉପଚାର ॥ ୧୮୦ ॥**

ଯେ ମନ୍ଦଗ୍ରହଦ୍ୱାରା କବଳିତ [ଅଥବା ପ୍ରେତଗ୍ରସ୍ତ,] ପୁଣି ବାୟୁରୋଗରେ ପୀଡ଼ିତ, ଆହୁରି ମଧ୍ୟ ତାକୁ କଙ୍କଡ଼ାବିଛା ଦଂଶନ କରିଛି, ସେ ଲୋକକୁ ଯଦି ମଦ ପିଆଇଦିଆଯିବ, ତେବେ ତାହା ତା' ପାଇଁ କିପ୍ରକାର ଚିକିତ୍ସା ହେବ, କୁହନ୍ତୁ ତ ? ॥ ୧୮୦ ॥

**କୈକଇ ସୁଅନ ଜୋଗୁ ଜଗ ଜୋଈ । ଚତୁର ବିରଂଚି ଦୀହ୍ନ ମୋହି ସୋଈ ॥**
**ଦସରଥ ତନୟ ରାମ ଲଘୁ ଭାଈ । ଦୀହ୍ନି ମୋହି ବିଧି ବାଦି ବଡ଼ାଈ ॥ ୧ ॥**

କୈକେୟୀର ପୁତ୍ର ଏହି ସଂସାରରେ ଯାହାକିଛି ପାଇବାକୁ ଯୋଗ୍ୟ, ଚତୁର ବିଧାତା ମୋତେ ସେସବୁ ଦେଇଦେଲା । କିନ୍ତୁ 'ଶ୍ରୀଦଶରଥଙ୍କର ପୁତ୍ର' ଓ 'ଶ୍ରୀରାମଙ୍କର ସାନଭାଇ' ହେବାର ଗୌରବ ବିଧାତା ମୋତେ ଅଯଥାରେହିଁ ଦେଇଦେଇଛି ॥ ୧ ॥

**ତୁହ୍ମ ସବ କହହୁ କଢ଼ାଓ୍ୱନ ଟୀକା । ରାଯ୍ ରଜାୟସୁ ସବ କହଁ ନୀକା ॥**
**ଉତରୁ ଦେଉଁ କେହି ବିଧି କେହି କେହୀ । କହହୁ ସୁଖେନ ଜଥା ରୁଚି ଜେହୀ ॥ ୨ ॥**

ଆପଣମାନେ ସମସ୍ତେ ମୋତେ ରାଜତିଳକ ଘେନିବାକୁ କହୁଛନ୍ତି । ମହାରାଜାଙ୍କ ଆଜ୍ଞା ତ ସମସ୍ତଙ୍କୁ ଭଲ ଲାଗିବ । ତେଣୁ ମୁଁ କାହାକୁ ବା କି ଉତ୍ତର ଦେବି ! ଯାହାଙ୍କର ଯେପରି ରୁଚି, ସେ ତାଙ୍କ ଖୁସିରେ ସେପରି କହନ୍ତୁ ॥ ୨ ॥

**ମୋହି କୁମାତୁ ସମେତ ବିହାଈ । କହହୁ କହିହି କେ କୀହ୍ନ ଭଲାଈ ॥**
**ମୋ ବିନୁ କୋ ସଚରାଚର ମାହୀଁ । ଜେହି ସିଯ୍ ରାମୁ ପ୍ରାନପ୍ରିଯ୍ ନାହୀଁ ॥ ୩ ॥**

ମୋର କୁମାତା କୈକେୟୀକୁ ଓ ମୋତେ ଛାଡ଼ିଦେଲେ, ଆଉ କିଏ କହିବ ଯେ, ଏ ଯାହାସବୁ ହୋଇଗଲା, ଭଲ ହେଲା ? କି ଜଡ଼, କି ଚେତନ—ଏ ଜଗତରେ ଏପରି କିଏ ଅଛି ଯେ, ଶ୍ରୀସୀତାରାମ ତାହାଙ୍କର ପ୍ରାଣସମାନ ପ୍ରିୟ ନୁହନ୍ତି ? ॥ ୩ ॥

**ପରମ ହାନି ସବ କହଁ ବଡ଼ ଲାହୂ । ଅଦିନୁ ମୋର ନହିଁ ଦୂଷନ କାହୂ ॥**
**ସଂସଯ୍ ସୀଲ ପ୍ରେମ ବସ ଅହହୂ । ସବୁଇ ଉଚିତ ସବ ଜୋ କଛୁ କହହୂ ॥ ୪ ॥**

ଯାହା ପରମ କ୍ଷତିକର, ତାହା ସମସ୍ତଙ୍କୁ ବଡ଼ ଲାଭକର ବୋଲି ବୋଧ ହେଉଛି । ମୋର ଦୁର୍ଦ୍ଦିନ ଆସି ପହଞ୍ଚିଯାଇଛି; ଏଥିରେ ଆପଣମାନଙ୍କର କାହାର କୌଣସି ଦୋଷ ନାହିଁ । ଆପଣମାନେ ଯାହା କହିଲେ, ସେସବୁ ଠିକ୍; କାରଣ ଆପଣମାନେ ସମସ୍ତେ ସଂଶୟ, ସ୍ନେହ ଓ ପ୍ରେମରେ ଅଭିଭୂତ ହୋଇ ରହିଛନ୍ତି ॥ ୪ ॥

ଦୋ:- **ରାମ ମାତୁ ସୁଠି ସରଲଚିତ ମୋ ପର ପ୍ରେମୁ ବିସେଷି ।**
**କହଇ ସୁଭାଯ୍ ସନେହ ବସ ମୋରି ଦୀନତା ଦେଖି ॥ ୧୮୧ ॥**

ଶ୍ରୀରାମଙ୍କର ଜନନୀ ଅତ୍ୟନ୍ତ ସରଳସ୍ୱଭାବା ଏବଂ ମୋ ଉପରେ ତାଙ୍କର ବିଶେଷ ସ୍ନେହ ରହିଛି; ତେଣୁ ସେ ଯାହା କହିଲେ, ତାହା ମୋର ଦୀନତା ଦେଖି ସ୍ୱାଭାବିକ ସ୍ନେହବଶତଃ କହିଲେ ॥ ୧୮୧ ॥

**ଗୁର ବିବେକ ସାଗର ଜଗୁ ଜାନା । ଜିହ୍ନହି ବିସ୍ୱ କର ବଦର ସମାନା ॥**
**ମୋ କହଁ ତିଲକ ସାଜ ସଜ ସୋଊ । ଭଏଁ ବିଧି ବିମୁଖ ବିମୁଖ ସବୁ କୋଊ ॥ ୧ ॥**

ଗୁରୁ ଯେ ଜ୍ଞାନର ସାଗର, ଏକଥା ସାରା ସଂସାର ଜାଣେ । ତାଙ୍କ ନିମନ୍ତେ ଏହି ଜଗତଟା ହାତପାପୁଲିରେ ଧରିଥିବା ବରକୋଳି ପରି । ସେ ମଧ୍ୟ ମୋ ପାଇଁ ରାଜତିଳକ ସଜାଡ଼ିରଖିଛନ୍ତି । ସତ କଥା; ବିଧାତା ବିପରୀତ ହୋଇଗଲେ, ସମସ୍ତେ ବିପରୀତ ହୋଇଯାଆନ୍ତି ॥ ୧ ॥

**ପରିହରି ରାମୁ ସୀଯ୍ ଜଗ ମାହୀଁ । କୋଉ ନ କହିହି ମୋର ମତ ନାହୀଁ ॥**
**ସୋ ମୈଁ ସୁନବ ସହବ ସୁଖୁ ମାନୀ । ଅଂତହୁଁ କୀଚ ତହାଁ ଜହଁ ପାନୀ ॥ ୨ ॥**

ଶ୍ରୀରାମ ଓ ଦେବୀ ସୀତାଙ୍କ ବ୍ୟତୀତ ଜଗତରେ ଅନ୍ୟ କେହି କହିବେ ନାହିଁ ଯେ, ଏହି ଅନର୍ଥରେ ମୋର ସମ୍ମତି ନାହିଁ । ମୋତେ ସେସବୁ ଭଲ ମନେକରି ଶୁଣିବାକୁ ପଡ଼ିବ ଏବଂ ସହିବାକୁ ବି ପଡ଼ିବ; କାରଣ ଯେଉଁଠି ପାଣି ଥାଏ, ସେଠାରେ କାଦୁଅ ହେବା ସୁନିଶ୍ଚିତ ॥ ୨ ॥

**ଡରୁ ନ ମୋହି ଜଗ କହିହି କି ପୋଚୂ । ପରଲୋକହୁ କର ନାହିନ ସୋଚୂ ॥**
**ଏକଇ ଉର ବସ ଦୁସହ ଦଵାରୀ । ମୋହି ଲଗି ଭେ ସିୟ ରାମୁ ଦୁଖାରୀ ॥ ୩ ॥**

ସଂସାର ମୋତେ ଖରାପ କହିଲେ କହିବ; ସେଥିକି ମୁଁ ଭୟ କରେ ନାହିଁ, କି ପରଲୋକପାଇଁ ମଧ୍ୟ ମୋର ଚିନ୍ତା ନାହିଁ । ମୋ ହୃଦୟରେ ତ କେବଳ ଗୋଟିଏ ଦାବାନଳ ଧୂ ଧୂ ହୋଇ ଜଳୁଛି ଯେ, ମୋରି ହେତୁ ଶ୍ରୀସୀତାରାମ ଦୁଃଖ ପାଇଲେ ॥ ୩ ॥

**ଜୀଵନ ଲାହୁ ଲଖନ ଭଲ ପାଵା । ସବୁ ତଜି ରାମ ଚରନ ମନୁ ଲାଵା ॥**
**ମୋର ଜନମ ରଘୁବର ବନ ଲାଗୀ । ଝୂଠ କାହ ପଛିତାଉଁ ଅଭାଗୀ ॥ ୪ ॥**

ଜୀବନର ଶ୍ରେଷ୍ଠତମ ପୁରସ୍କାର ଲକ୍ଷ୍ମଣହିଁ ପାଇଲା । ସବୁକିଛି ତ୍ୟାଗ କରିଦେଇ ସେ ଶ୍ରୀରାମଙ୍କ ଚରଣଯୁଗଳରେ ମନ ଲଗାଇଦେଲା । ମୋର ଜନ୍ମ କେବଳ ଶ୍ରୀରାମଙ୍କ ବନବାସପାଇଁ ହୋଇଥିଲା । ମୁଁ ହତଭାଗା ମିଛଟାରେ ଅନୁତାପ କରୁଛି ॥ ୪ ॥

ଦୋଃ- **ଆପନି ଦାରୁନ ଦୀନତା କହଉଁ ସବହି ସିରୁ ନାଇ ।**
**ଦେଖେଁ ବିନୁ ରଘୁନାଥ ପଦ ଜିଅ କୈ ଜରନି ନ ଜାଇ ॥ ୧୮୨ ॥**

ନତମସ୍ତକ ହୋଇ ମୁଁ ସମସ୍ତଙ୍କ ନିକଟରେ ଏହି ନିବେଦନ ରଖୁଛି ଯେ, ଶ୍ରୀରଘୁନାଥଙ୍କର ଚରଣଦର୍ଶନ ନ ପାଇଲେ, ମୋ ଅନ୍ତରର ଜ୍ୱାଳା ଶାନ୍ତ ହେବ ନାହିଁ ॥ ୧୮୨ ॥

**ଆନ ଉପାଉ ମୋହି ନହିଁ ସୂଝା । କୋ ଜିଅ କୈ ରଘୁବର ବିନୁ ବୂଝା ॥**
**ଏକହିଁ ଆଁକ ଇହଇ ମନ ମାହୀଁ । ପ୍ରାତକାଲ ଚଲିହଉଁ ପ୍ରଭୁ ପାହୀଁ ॥ ୧ ॥**

ମୋତେ ଆଉ କୌଣସି ଉପାୟ ଦିଶୁ ନାହିଁ । ଶ୍ରୀରାମଙ୍କ ବିନା ମୋ ଅନ୍ତରର କଥା ଆଉ କିଏ ବୁଝିପାରିବ ? ମୁଁ ଗୋଟିଏ ସିଦ୍ଧାନ୍ତ ନେଇଛି—ମୁଁ କାଲି ସକାଳୁ ସକାଳୁ ଶ୍ରୀରାମଙ୍କ ନିକଟକୁ ଯିବାକୁ ବାହାରିପଡ଼ିବି ॥ ୧ ॥

**ଜଦ୍ୟପି ମୈଁ ଅନଭଲ ଅପରାଧୀ । ଭୈ ମୋହି କାରନ ସକଲ ଉପାଧୀ ॥**
**ତଦପି ସରନ ସନମୁଖ ମୋହି ଦେଖୀ । ଛମି ସବ କରିହହିଁ କୃପା ବିସେଷୀ ॥ ୨ ॥**

ଯଦ୍ୟପି ମୁଁ ନୀଚ ଓ ଅପରାଧୀ ଏବଂ ମୋରି ଯୋଗୁହିଁ ସବୁ ଅନର୍ଥ ଘଟିଗଲା, ତଥାପି ମୁଁ ଶରଣ ନେବାପାଇଁ ପାଖକୁ ଆସିଛି ବୋଲି ଦେଖିଦେଲେ, ଶ୍ରୀରାମ ମୋର ସବୁ ଅପରାଧ କ୍ଷମା କରିଦେବେ ଓ ମୋ ପ୍ରତି ବିଶେଷ କୃପା କରିବେ ॥ ୨ ॥

**ସୀଲ ସକୁଚ ସୁଠି ସରଲ ସୁଭାଉ । କୃପା ସନେହ ସଦନ ରଘୁରାଉ ॥**
**ଅରିହୁକ ଅନଭଲ କୀହ୍ନ ନ ରାମା । ମୈଁ ସିସୁ ସେଵକ ଜଦ୍ୟପି ବାମା ॥ ୩ ॥**

ଶ୍ରୀରଘୁନାଥ ହେଉଛନ୍ତି ଉଦାରତା, ନମ୍ରତା, ସରଳତା, କୃପା ଓ ସ୍ନେହର ନିଧାନ । ସେ କେବେ ଶତ୍ରୁର ସୁଦ୍ଧା ଅନିଷ୍ଟ କରନ୍ତି ନାହିଁ । ମୁଁ ତାଙ୍କ ପ୍ରତି ଯେତେ ବାମ ହୋଇଥିଲେ ବି, ତାଙ୍କର ସେବକମାତ୍ର; ଶିଶୁମାତ୍ର ॥ ୩ ॥

**ତୁହ୍ମ ପୈ ପାଁଚ ମୋର ଭଲ ମାନୀ । ଆୟସୁ ଆସିଷ ଦେହୁ ସୁବାନୀ ॥**
**ଜେହିଁ ସୁନି ବିନୟ ମୋହି ଜନୁ ଜାନୀ । ଆଵହିଁ ବହୁରି ରାମୁ ରଜଧାନୀ ॥ ୪ ॥**

ଏହି କାର୍ଯ୍ୟରେ ମୋର ମଙ୍ଗଳ ହେବ ବୋଲି ଅନୁଭବ କରି ଆପଣ ପାଞ୍ଚଜଣ (ସମସ୍ତେ) ଆନନ୍ଦସହକାରେ ମୋତେ ଆଜ୍ଞା ଓ ଆଶୀର୍ବାଦ ଦିଅନ୍ତୁ, ଯାହା ଫଳରେ କି ମୋର ମିନତି ଶୁଣି ଏବଂ ମୋତେ ତାଙ୍କର ଦାସ ବୋଲି ଜାଣି ଶ୍ରୀରାମ ରାଜଧାନୀକୁ ଫେରିଆସିବେ ॥ ୪ ॥

**ଦୋ:- ଜଦ୍ୟପି ଜନମୁ କୁମାତୁ ତେଁ ମୈଁ ସଠୁ ସଦା ସଦୋସ ।**
**ଆପନ ଜାନି ନ ତ୍ୟାଗିହହିଁ ମୋହି ରଘୁବୀର ଭରୋସ ॥ ୧୮୩ ॥**

ଯଦ୍ୟପି କୁମାତାଗର୍ଭରୁ ମୋର ଜନ୍ମ ହୋଇଛି ଏବଂ ମୁଁ ଦୁଷ୍ଟ ତଥା ସଦା ଦୋଷଯୁକ୍ତ, ତଥାପି ଶ୍ରୀରାମଙ୍କ ଉପରେ ମୋର ଭରସା ରହିଛି ଯେ, ସେ ମୋତେ ନିଜର ବୋଲି ଜାଣି, ପରିତ୍ୟାଗ କରିବେ ନାହିଁ ।'' ॥ ୧୮୩ ॥

**ଭରତ ବଚନ ସବ କହଁ ପ୍ରିୟ ଲାଗେ । ରାମ ସନେହ ସୁଧାଁ ଜନୁ ପାଗେ ॥**
**ଲୋଗ ବିୟୋଗ ବିଷମ ବିଷ ଦାଗେ । ମଂତ୍ର ସବୀଜ ସୁନତ ଜନୁ ଜାଗେ ॥ ୧ ॥**

ଭରତଙ୍କ କଥା ସମସ୍ତଙ୍କୁ ଭଲ ଲାଗିଲା । ତାଙ୍କ କଥାଗୁଡ଼ିକ ସତେ ଯେପରି ଶ୍ରୀରାମପ୍ରେମାମୃତରେ ପରିସିକ୍ତ ହୋଇ ରହିଥିଲା । ଶ୍ରୀରାମବିରହରୂପୀ ଭୟାନକ ବିଷରେ ସମସ୍ତେ ଜଳୁଥିଲେ; ବର୍ତ୍ତମାନ କାନରେ ବୀଜମନ୍ତ୍ର ପଡ଼ିଯିବାମାତ୍ରେ ସମସ୍ତେ, ଜାଣନ୍ତୁ, ଜାଗିଉଠିଲେ ॥ ୧ ॥

**ମାତୁ ସଚିୱ ଗୁର ପୁର ନର ନାରୀ । ସକଲ ସନେହଁ ବିକଲ ଭଏ ଭାରୀ ॥**
**ଭରତହି କହହିଁ ସରାହି ସରାହୀ । ରାମ ପ୍ରେମ ମୂରତି ତନୁ ଆହୀ ॥ ୨ ॥**

ମାତା, ମନ୍ତ୍ରୀ, ଗୁରୁ, ନଗରର ନରନାରୀ ଆଦି ସମସ୍ତେ ସ୍ନେହବଶତଃ ଅତ୍ୟନ୍ତ ବିହ୍ୱଳ ହୋଇଗଲେ । ଭରତଙ୍କୁ ପ୍ରଶଂସା କରି ସେମାନେ କହିଲେ, ''ଆପଣ ହେଉଛନ୍ତି ଶ୍ରୀରାମପ୍ରେମର ସାକ୍ଷାତ୍ ପ୍ରତିମୂର୍ତ୍ତି ॥ ୨ ॥

**ତାତ ଭରତ ଅସ କାହେ ନ କହହୂ । ପ୍ରାନ ସମାନ ରାମ ପ୍ରିୟ ଅହହୂ ॥**
**ଜୋ ପାୱଁରୁ ଅପନୀ ଜଡ଼ତାଇଁ । ତୁମ୍ହହି ସୁଗାଇ ମାତୁ କୁଟିଲାଇଁ ॥ ୩ ॥**

ହେ ବତ୍ସ ଭରତ ! ଆପଣ ବା ଏପରି କାହିଁକି ନ କହିବେ ! ଆପଣ ତ ଶ୍ରୀରାମଙ୍କର ପ୍ରାଣସମ ପ୍ରିୟ । ଯେଉଁ ନୀଚ ନିଜର ମୂର୍ଖତା ହେତୁ ଆପଣଙ୍କ ମାତା କୈକେୟୀଙ୍କ କୁଟିଳତାକୁ ନେଇ ଆପଣଙ୍କୁ ସନ୍ଦେହ କରିବ, ॥ ୩ ॥

**ସୋ ସଠୁ କୋଟିକ ପୁରୁଷ ସମେତା । ବସିହି କଲପ ସତ ନରକ ନିକେତା ॥**
**ଅହି ଅଘ ଅୱଗୁନ ନହିଁ ମନି ଗହଈ । ହରଇ ଗରଲ ଦୁଖ ଦାରିଦ ଦହଈ ॥ ୪ ॥**

ସେହି ଦୁଷ୍ଟ କୋଟି କୋଟି ପୂର୍ବପୁରୁଷଙ୍କ ସହିତ ଶତକଳ୍ପ ଯାଏ ନରକରେ ପଡ଼ିବ । ସାପର ପାପ ଓ ଅବଗୁଣ, ତାହାର ମଣି ଗ୍ରହଣ କରେ ନାହିଁ, ବରଂ ସେହି ମଣି ବିଷ ହରଣ କରେ ଓ ଦୁଃଖ ତଥା ଦାରିଦ୍ର୍ୟକୁ ଭସ୍ମ କରିଦିଏ ॥ ୪ ॥

**ଦୋ:- ଅୱସି ଚଲିଅ ବନ ରାମୁ ଜହଁ ଭରତ ମଂତ୍ରୁ ଭଲ କୀହ୍ନ ।**
**ସୋକ ସିଂଧୁ ବୂଡ଼ତ ସବହି ତୁମ୍ହ ଅୱଲଂବନୁ ଦୀହ୍ନ ॥ ୧୮୪ ॥**

ହେ ଭରତ ! ଯେଉଁଠି ଶ୍ରୀରାମ ଅଛନ୍ତି, ସେହି ବନକୁ ଅବଶ୍ୟ ଚାଲନ୍ତୁ । ଆପଣ ଅତି ସୁନ୍ଦର ପରାମର୍ଶ ଦେଲେ । ଶୋକସାଗରରେ ବୁଡ଼ିଯାଉଥିବା ଆମ ସମସ୍ତଙ୍କୁ ଆପଣ ଗୋଟିଏ ଉତ୍ତମ ଅବଲମ୍ବନ ଦେଇଦେଲେ ।' ॥ ୧୮୪ ॥

**ଭା ସବ କେଁ ମନ ମୋଦୁ ନ ଥୋରା । ଜନୁ ଘନ ଧୁନି ସୁନି ଚାତକ ମୋରା ॥**
**ଚଲତ ପ୍ରାତ ଲଖି ନିରନଉ ନୀକେ । ଭରତୁ ପ୍ରାନପ୍ରିୟ ଭେ ସବହୀ କେ ॥ ୧ ॥**

ମେଘଗର୍ଜନ ଶୁଣି ଚାତକ ଓ ମୟୂରମାନେ ଆନନ୍ଦିତ ହେବାପରି ସମସ୍ତଙ୍କ ହୃଦୟ ଆନନ୍ଦରେ ଉଚ୍ଛୁଳି ଉଠିଲା । କାଲି ସକାଳୁ ଯାତ୍ରାରମ୍ଭ କରିବାର ସୁନ୍ଦର ପ୍ରସ୍ତାବ ଦେଇ ଭରତ ସମସ୍ତଙ୍କର ପ୍ରାଣପ୍ରିୟ ହୋଇଗଲେ ॥ ୧ ॥

**ମୁନିହି ବଂଦି ଭରତହି ସିରୁ ନାଈ । ଚଲେ ସକଲ ଘର ବିଦା କରାଈ ॥**
**ଧନ୍ୟ ଭରତ ଜୀୱନୁ ଜଗ ମାହୀଁ । ସୀଲୁ ସନେହୁ ସରାହତ ଜାହୀଁ ॥ ୨ ॥**

ମୁନି ବଶିଷ୍ଠଙ୍କୁ ବନ୍ଦନା କରି ଏବଂ ଭରତଙ୍କ ନିକଟରେ ନତମସ୍ତକ ହୋଇ, ସମସ୍ତେ ବିଦାୟ ନେଲେ ଓ ଯେ ଯାହା ଘରକୁ ଚାଲିଗଲେ । ''ଜଗତରେ ଭରତଙ୍କର ଜୀବନ ଧନ୍ୟ !''—ଏପରି କହି କହି ସମସ୍ତେ ତାଙ୍କର ଭ୍ରାତୃଭକ୍ତି ଓ ସ୍ୱଭାବର ପ୍ରଶଂସା କଲେ ॥ ୨ ॥

**କହହିଁ ପରସପର ଭା ବଡ଼ କାଜୂ । ସକଲ ଚଲୈ କର ସାଜହିଁ ସାଜୂ ॥**
**ଜେହି ରାଖହିଁ ରହୁ ଘର ରଖୱାରୀ । ସୋ ଜାନଇ ଜନୁ ଗରଦନି ମାରୀ ॥ ୩ ॥**

ଲୋକେ ପରସ୍ପର କୁହାକୁହି ହେଲେ, ''ଭଲ କାମଟିଏ ହୋଇଗଲା ।'' ସମସ୍ତେ ଭରତଙ୍କ ସହିତ ଯିବାକୁ ପ୍ରସ୍ତୁତି ଆରମ୍ଭ କରିଦେଲେ । ଘରକାମ ଦେଖିବାକୁ ଯାହାକୁ ଘରେ ଛାଡ଼ିଦେଇଗଲେ, ତାକୁ ତା'ର ବେକ କଟିଗଲାପରି ଲାଗିଲା ॥ ୩ ॥

**କୋଉ କହ ରହନ କହିଅ ନହିଁ କାହୂ । କୋ ନ ଚହଇ ଜଗ ଜୀୱନ ଲାହୂ ॥ ୪ ॥**

କେହି କେହି ତ କହିଲେ, ''ଆହେ ! ରହିବା କଥା କାହାକୁ ବି କୁହ ନାହିଁ; ଜଗତରେ ଜୀବନର ସାର୍ଥକତା କିଏ ବା ନ ଚାହେଁ ! ॥ ୪ ॥

ଦୋ:- **ଜରଉ ସୋ ସଂପତି ସଦନ ସୁଖୁ ସୁହୃଦ ମାତୁ ପିତୁ ଭାଇ ।**
**ସନମୁଖ ହୋତ ଜୋ ରାମ ପଦ କରୈ ନ ସହସ ସହାଇ ॥ ୧୮୫ ॥**

ଯେଉଁ ଧନସମ୍ପଦ, ଘରବାଡ଼ି, ସୁଖଶାନ୍ତି, ବାପାମାଆ, ଭାଇବନ୍ଧୁ ଶ୍ରୀରାମଙ୍କ ଚରଣଦର୍ଶନ କରିବାକୁ ଯିବାରେ ଖୁସିରେ ସାହାଯ୍ୟ ନ କରିବେ, ସେସବୁ ପୋଡ଼ିଯାଆନ୍ତୁ ।'' ॥ ୧୮୫ ॥

**ଘର ଘର ସାଜହିଁ ବାହନ ନାନା । ହରଷୁ ହୃଦୟଁ ପରଭାତ ପୟାନା ॥**
**ଭରତ ଜାଇ ଘର କୀହ୍ନ ବିଚାରୂ । ନଗରୁ ବାଜି ଗଜ ଭୱନ ଭଁଡାରୂ ॥ ୧ ॥**
**ସଂପତି ସବ ରଘୁପତି କୈ ଆହୀ । ଜୌଁ ବିନୁ ଜତନ ଚଲୌଁ ତଜି ତାହୀ ॥**
**ତୌ ପରିନାମ ନ ମୋରି ଭଲାଈ । ପାପ ସିରୋମନି ସାଇଁ ଦୋହାଈ ॥ ୨ ॥**

ଘରେ ଘରେ ଲୋକେ ନାନାପ୍ରକାର ବାହନ ସଜାଡ଼ିବାରେ ଲାଗିଗଲେ । କାଲି ସକାଳୁ ସକାଳୁ ବାହାରିବାକୁ ହେବ ଜାଣି ସମସ୍ତଙ୍କ ମନରେ ଆନନ୍ଦ ଉଚ୍ଛୁଳୁଥାଏ । ନିଜ ନିବାସକୁ ଯାଇ ଭରତ ଭାବିଲେ, ''ଏ ନଗର, ଏ ହାତୀଘୋଡ଼ା, ଏହି ପ୍ରାସାଦ, ରାଜକୋଷ ଆଦି ସକଳ ସମ୍ପତ୍ତି ହେଉଛି ଶ୍ରୀରଘୁନାଥଙ୍କର । ଯଦି ଏସବୁକୁ ରକ୍ଷା କରିବାର ବ୍ୟବସ୍ଥା ନ କରି, ମୁଁ ଏହିପରି ଛାଡିଦେଇ ଚାଲିଯିବି, ତେବେ ପରିଣାମରେ ମୋର ଭଲ ହେବ ନାହିଁ; କାରଣ ପ୍ରଭୁଦ୍ରୋହ ହେଉଛି ସକଳ ପାପ ମଧ୍ୟରେ ଘୋରତମ ପାପ ॥ ୧-୨ ॥

**କରଇ ସ୍ୱାମି ହିତ ସେୱକୁ ସୋଈ । ଦୂଷନ କୋଟି ଦେଇ କିନ କୋଈ ॥**
**ଅସ ବିଚାରି ସୁଚି ସେୱକ ବୋଲେ । ଜେ ସପନେହୁଁ ନିଜ ଧରମ ନ ଡୋଲେ ॥ ୩ ॥**

ଅନ୍ୟମାନେ ଯେତେ ଦୋଷ ଦିଅନ୍ତୁ ନା କାହିଁକି, ଯେ ପ୍ରଭୁଙ୍କ ହିତସାଧନ କରେ, ସେ ହିଁ ପ୍ରକୃତ ସେବକ । ଏପରି ବିଗ୍ଚର କରି ଭରତ ସେହିସବୁ ବିଶ୍ୱାସପାତ୍ର ସେବକମାନଙ୍କୁ ଡକାଇଲେ, ଯେଉଁମାନେ କି ସ୍ୱପ୍ନରେ ସୁଦ୍ଧା କେବେ ବି ନିଜ କର୍ତ୍ତବ୍ୟରୁ ଚ୍ୟୁତ ହୋଇ ନ ଥିଲେ ॥ ୩ ॥

**କହି ସବୁ ମରମୁ ଧରମୁ ଭଲ ଭାଷା । ଜୋ ଜେହି ଲାୟକ ସୋ ତେହିଁ ରାଖା ॥**
**କରି ସବୁ ଜତନୁ ରାଖି ରଖୱାରେ । ରାମ ମାତୁ ପହିଁ ଭରତୁ ସିଧାରେ ॥ ୪ ॥**

ସେମାନଙ୍କୁ ସକଳ ରହସ୍ୟ ବୁଝାଇଦେବା ପରେ ଭରତ ଉତ୍ତମଧର୍ମ କ'ଣ, ତାହା ବି ବୁଝାଇଦେଲେ ଏବଂ ଯେ ଯେଉଁଥିପାଇଁ ଯୋଗ୍ୟ, ତାକୁ ସେହି କର୍ମରେ ନିଯୁକ୍ତ କରିଦେଲେ । ଏପରିଭାବରେ ସକଳ ବ୍ୟବସ୍ଥା କରିଦେଇ, ରକ୍ଷକଦଳକୁ ଜଗାଇଦେଇ ଭରତ ଶ୍ରୀରାମଜନନୀ କୌଶଲ୍ୟାଙ୍କ ନିକଟକୁ ଗଲେ ॥ ୪ ॥

ଦୋଃ- **ଆରତ ଜନନୀ ଜାନି ସବ ଭରତ ସନେହ ସୁଜାନ ।**
**କହେଉ ବନାୱନ ପାଲକୀଁ ସଜନ ସୁଖାସନ ଜାନ ॥ ୧୮୬ ॥**

ସ୍ନେହର ତତ୍ତ୍ୱ ଜାଣିଥିବା ଭରତ ଦେଖିଲେ, ସବୁମାତା ଦୁଃଖୀ; [ସେମାନେ ବି ଯିବାକୁ ଆତୁର] । ତେଣୁ ସେ ସେମାନଙ୍କ ପାଇଁ ପାଲିଙ୍କି ବ୍ୟବସ୍ଥା କରାଇଦେଲେ ଓ ସୁଖାସନ-ଯାନ ସଜାଇବାକୁ ଆଜ୍ଞା ଦେଲେ ॥ ୧୮୬ ॥

**ଚକ୍କ ଚକ୍କି ଜିମି ପୁର ନର ନାରୀ । ଚହତ ପ୍ରାତ ଉର ଆରତ ଭାରୀ ॥**
**ଜାଗତ ସବ ନିସି ଭୟଉ ବିହାନା । ଭରତ ବୋଲାଏ ସଚିୱ ସୁଜାନା ॥ ୧ ॥**

ନଗରର ନରନାରୀ ଚକ୍ରବାକ-ଚକ୍ରବାକୀ ପରି ମନେ ମନେ ଅତ୍ୟନ୍ତ ଆତୁରତାର ସହିତ ସକାଳର ପ୍ରତୀକ୍ଷାରେ ରାତିସାରା ଜାଗ୍ରତ ରହିଲେ । ପ୍ରଭାତ ହୋଇଯିବାରୁ ଭରତ ଚତୁର ମନ୍ତ୍ରୀମାନଙ୍କୁ ଡକାଇଲେ ॥ ୧ ॥

**କହେଉ ଲେହୁ ସବ ତିଲକ ସମାଜୂ । ବନହିଁ ଦେବ ମୁନି ରାମହିଁ ରାଜୂ ॥**
**ବେଗି ଚଲହୁ ସୁନି ସଚିୱ ଜୋହାରେ । ତୁରତ ତୁରଗ ରଥ ନାଗ ସଁୱାରେ ॥ ୨ ॥**

ଏବଂ କହିଲେ, "ରାଜତିଳକର ସମସ୍ତ ସାମଗ୍ରୀ ସାଙ୍ଗରେ ନେଇ ଗ୍ଲନ୍ତୁ । ମୁନି ବଶିଷ୍ଠ ବନରେହିଁ ଶ୍ରୀରାମଚନ୍ଦ୍ରଙ୍କୁ ରାଜ୍ୟଭାର ଦେଇଦେବେ । ଶୀଘ୍ର ବାହାରିପଡ଼ନ୍ତୁ ।" ଏହା ଶୁଣି, ମନ୍ତ୍ରୀମାନେ ଆଜ୍ଞା ଶିରୋଧାର୍ଯ୍ୟ କରି ତୁରନ୍ତ ଘୋଡ଼ା, ରଥ, ହାତୀ ଆଦି ସଜାଇଦେଲେ ॥ ୨ ॥

**ଅରୁଂଧତୀ ଅରୁ ଅଗିନି ସମାଉ । ରଥ ଚଢ଼ି ଚଲେ ପ୍ରଥମ ମୁନିରାଉ ॥**
**ବିପ୍ରବୃଂଦ ଚଢ଼ି ବାହନ ନାନା । ଚଲେ ସକଲ ତପ ତେଜ ନିଧାନା ॥ ୩ ॥**

ମୁନିରାଜ ବଶିଷ୍ଠ ପତ୍ନୀ ଅରୁନ୍ଧତୀଙ୍କ ସହିତ ଅଗ୍ନିହୋତ୍ରର ସକଳ ସାମଗ୍ରୀ ଧରି, ରଥରେ ବସି ସମସ୍ତଙ୍କ ଆଗରେ ଗ୍ଲିଲେ । ତାଙ୍କ ପଛରେ ତପସ୍ୟା ଓ ତେଜର ଭଣ୍ଡାର ତପୋନିଷ୍ଠ ଓ ତେଜପୁଞ୍ଜ ବ୍ରାହ୍ମଣମାନେ ନାନାବିଧ ଯାନବାହନରେ ବସି ଗ୍ଲିଲେ ॥ ୩ ॥

**ନଗର ଲୋଗ ସବ ସଜି ସଜି ଜାନା । ଚିତ୍ରକୂଟ କହଁ କୀହ୍ନ ପୟାନା ॥**
**ସିବିକା ସୁଭଗ ନ ଜାହିଁ ବଖାନୀ । ଚଢ଼ି ଚଢ଼ି ଚଲତ ଭଈଁ ସବ ରାନୀ ॥ ୪ ॥**

ନଗରର ସବୁଲୋକ ନିଜ ନିଜର ରଥ ସଜାଇ ଚିତ୍ରକୂଟ ଅଭିମୁଖରେ ଯାତ୍ରା କଲେ । ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟରେ ଶୋଭାୟମାନ ବିଭିନ୍ନ ପାଲିଙ୍କିରେ ବସି ରାଣୀମାନେ ଗ୍ଲିଲେ ॥ ୪ ॥

ଦୋ:- **ସୌଁପି ନଗର ସୁଚି ସେୱ୍କନି ସାଦର ସକଲ ଚଲାଇ ।**
**ସୁମିରି ରାମ ସିୟ୍ ଚରନ ତବ ଚଲେ ଭରତ ଦୋଉ ଭାଇ ॥ ୧୮୭ ॥**

ବିଶ୍ୱାସୀ ସେବକମାନଙ୍କ ହାତରେ ନଗରର ସୁରକ୍ଷାଭାର ସମର୍ପିଦେଇ ଏବଂ ସମସ୍ତଙ୍କୁ ଆଦରପୂର୍ବକ ଆଗରେ ପଠାଇଦେଇ ସମସ୍ତଙ୍କ ପଛରେ ଶ୍ରୀସୀତାରାମଙ୍କ ଚରଣ ସ୍ମରଣ କରି କରି ଭରତ-ଶତ୍ରୁଘ୍ନ ଦୁଇଭାଇ ଗ୍ଲିଲେ ॥ ୧୮୭ ॥

**ରାମ ଦରସ ବସ ସବ ନର ନାରୀ । ଜନୁ କରି କରିନି ଚଲେ ତକି ବାରୀ ॥**
**ବନ ସିୟ୍ ରାମୁ ସମୁଝି ମନ ମାହୀଁ । ସାନୁଜ ଭରତ ପୟାଦେହିଁ ଜାହୀଁ ॥ ୧ ॥**

ତୃଷାର୍ତ୍ତ ହସ୍ତୀ ଓ ହସ୍ତିନୀ ଜଳର ସନ୍ଧାନ ପାଇଗଲେ, ବାତୁଳ ପ୍ରାୟ ହୋଇ ସେଠାକୁ ଧାଇଁବାପରି ଶ୍ରୀରାମଙ୍କ ଦର୍ଶନର ଅନନ୍ୟ ଲାଳସା ରଖି ସବୁ ନରନାରୀ ଗ୍ଲିଥାନ୍ତି । 'ସବୁସୁଖ ଛାଡ଼ି ଶ୍ରୀସୀତାରାମ ବନରେ ଅଛନ୍ତି'– ମନରେ ଏହିପରି ବିଗ୍ଚର କରି ଭରତ ସାନଭାଇ ଶତ୍ରୁଘ୍ନ ସହିତ ଖାଲିପାଦରେ ଗ୍ଲିଥାନ୍ତି ॥ ୧ ॥

**ଦେଖି ସନେହୁ ଲୋଗ ଅନୁରାଗେ । ଉତରି ଚଲେ ହୟ୍ ଗୟ୍ ରଥ ତ୍ୟାଗେ ॥**
**ଜାଇ ସମୀପ ରାଖି ନିଜ ଡୋଲୀ । ରାମ ମାତୁ ମୃଦୁ ବାନୀ ବୋଲୀ ॥ ୨ ॥**

ସେ ଦୁହିଁଙ୍କ ରାମସ୍ନେହ ଦେଖି ଲୋକେ ପ୍ରେମମଗ୍ନ ହୋଇଗଲେ ଏବଂ ସମସ୍ତେ ଘୋଡ଼ା, ହାତୀ, ରଥ ଆଦିରୁ ଓହ୍ଲାଇ ପାଦରେ ଗ୍ଲିବାକୁ ଲାଗିଲେ । ତା'ପରେ ଶ୍ରୀରାମଜନନୀ ମାତା କୌଶଲ୍ୟା ଭରତଙ୍କ ପାଖକୁ ଗଲେ ଏବଂ ତାଙ୍କ ଆଗରେ ନିଜ ପାଲିଙ୍କି ଅଟକାଇ କୋମଳ କଣ୍ଠରେ କହିଲେ, ॥ ୨ ॥

**ତାତ ଚଢ଼ହୁ ରଥ ବଲି ମହତାରୀ । ହୋଇହି ପ୍ରିୟ୍ ପରିୱାରୁ ଦୁଖାରୀ ॥**
**ତୁହ୍ମରେଁ ଚଲତ ଚଲିହି ସବୁ ଲୋଗୂ । ସକଲ ସୋକ କୃସ ନହିଁ ମଗ ଜୋଗୂ ॥ ୩ ॥**

"ହେ ବାପ ! ତୁମକୁ ମୋ ରାଣ, ତୁମେ ରଥରେ ବସିଯାଅ; ନ ହେଲେ ପ୍ରିୟ ପରିବାରର ସମସ୍ତେ ଦୁଃଖ ପାଇବେ । ତୁମେ ଗ୍ଲି ଗ୍ଲି ଗଲେ, ସମସ୍ତେ ଗ୍ଲି ଗ୍ଲି ଯିବେ । ଶୋକାକୁଳ ହୋଇ ସମସ୍ତେ ଦୁର୍ବଳ ହୋଇଯାଇଥିବାରୁ ଗ୍ଲି ଗ୍ଲି ଯିବାକୁ ସମର୍ଥ ନୁହନ୍ତି ।" ॥ ୩ ॥

**ସିର ଧରି ବଚନ ଚରନ ସିରୁ ନାଇ । ରଥ ଚଢ଼ି ଚଲତ ଭଏ ଦୋଉ ଭାଇ ॥**
**ତମସା ପ୍ରଥମ ଦିୱସ କରି ବାସୂ । ଦୂସର ଗୋମତି ତୀର ନିୱାସୂ ॥ ୪ ॥**

ମାଆଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଏବଂ ତାଙ୍କ ଚରଣରେ ପ୍ରଣାମ କରି ଦୁଇଭାଇ ରଥରେ ବସି ଗ୍ଲିଲେ । ସେମାନେ ପ୍ରଥମଦିନ ତମସା ନଦୀତଟରେ ରହଣି କରି ଦ୍ୱିତୀୟ ଦିନ ଗୋମତୀତୀରରେ ବିଶ୍ରାମ ନେଲେ ॥ ୪ ॥

ଦୋ:- **ପୟ୍ ଅହାର ଫଲ ଅସନ ଏକ ନିସି ଭୋଜନ ଏକ ଲୋଗ ।**
**କରତ ରାମ ହିତ ନେମ ବ୍ରତ ପରିହରି ଭୂଷନ ଭୋଗ ॥ ୧୮୮ ॥**

ଲୋକଙ୍କ ଭିତରୁ କେହି କେହି ଖାଲି ଦୁଧ ପିଇ ରହିଥାନ୍ତି; କେହି କେହି କିଛି ଫଳାହାର କରି ରହିଥାନ୍ତି । କିଛିଲୋକ କେବଳ ରାତିବେଳା ବକତେ ଖାଉଥାନ୍ତି । ଆଭୂଷଣ ଓ ଭୋଗବିଳାସ ଛାଡ଼ି ସମସ୍ତେ ଶ୍ରୀରାମଙ୍କ ନିମନ୍ତେ ଏପରି ନିୟମ ଓ ବ୍ରତ ପାଳନ କରୁଥାନ୍ତି ॥ ୧୮୮ ॥

**ସଈ ତୀର ବସି ଚଲେ ବିହାନେ । ସୃଂଗବେରପୁର ସବ ନିଅରାନେ ॥**
**ସମାଗ୍ଚର ସବ ସୁନେ ନିଷାଦା । ହୃଦୟ୍ଁ ବିଗ୍ଚର କରଈ ସବିଷାଦା ॥ ୧ ॥**

ରାତିଟି ସଇ ନଦୀତୀରରେ କଟାଇ ସକାଳେ ସମସ୍ତେ ସେଠାରୁ ବାହାରିପଡ଼ିଲେ ଏବଂ ସମସ୍ତେ ଯାଇ ଶୃଙ୍ଗବେରପୁର ପାଖରେ ପହଞ୍ଚିଗଲେ । ନିଷାଦରାଜ ସବୁ ସମାଚାର ଶୁଣିଲେ । ସେ ଅତ୍ୟନ୍ତ ଦୁଃଖିତ ହୋଇ ମନେ ମନେ ବିଚାର କଲେ, ॥ ୧ ॥

**କାରନ କଵନ ଭରତୁ ବନ ଜାହୀଁ । ହୈ କଛୁ କପଟ ଭାଉ ମନ ମାହୀଁ ॥**
**ଜୌଁ ପୈ ଜିୟଁ ନ ହୋତି କୁଟିଲାଈ । ତୌ କତ ଲୀହ୍ନ ସଂଗ କଟକାଈ ॥ ୨ ॥**

"ଭରତ ବଣକୁ ଯିବାର କାରଣ କ'ଣ ? ମନରେ ଅବଶ୍ୟ କିଛି କପଟଭାବ ରହିଛି । ଯଦି ମନରେ କୁଟିଳତା ନ ଥାଆନ୍ତା, ତେବେ ସାଥିରେ ସୈନ୍ୟସାମନ୍ତଙ୍କୁ କାହିଁକି ନେଉଥାନ୍ତେ ? ॥ ୨ ॥

**ଜାନହିଁ ସାନୁଜ ରାମହି ମାରୀ । କରଉଁ ଅକଂଟକ ରାଜୁ ସୁଖାରୀ ॥**
**ଭରତ ନ ରାଜନୀତି ଉର ଆନୀ । ତବ କଲଂକୁ ଅବ ଜୀଵନ ହାନୀ ॥ ୩ ॥**

ବୋଧ ହୁଏ ଭାବିଛନ୍ତି, ସାନଭାଇ ଲକ୍ଷ୍ମଣ ଓ ଶ୍ରୀରାମଙ୍କୁ ମାରି ସୁଖରେ ନିଷ୍କଣ୍ଟକ ରାଜ୍ୟ ଭୋଗ କରିବେ । ଭରତ ପ୍ରକୃତ ରାଜନୀତିକୁ ହୃଦୟରେ ସ୍ଥାନ ଦେଇନାହାନ୍ତି । ତାଙ୍କ ଉପରେ ପ୍ରଥମେ ତ କେବଳ କଳଙ୍କ ଲାଗିଥିଲା; ଏଥର ତାଙ୍କର ଜୀବନହାନି ବି ଘଟିବ ॥ ୩ ॥

**ସକଲ ସୁରାସୁର ଜୁରହିଁ ଜୁଝାରା । ରାମହି ସମର ନ ଜୀତନିହାରା ॥**
**କା ଆଚରଜୁ ଭରତୁ ଅସ କରହୀଁ । ନହିଁ ବିଷ ବେଲି ଅମିଅ ଫଲ ଫରହୀଁ ॥ ୪ ॥**

(କାରଣ) ସକଳ ଦେବତା ଓ ଦୈତ୍ୟବୀର ଏକଜୁଟ ହୋଇଗଲେ ବି ଶ୍ରୀରାମଙ୍କୁ ଯୁଦ୍ଧରେ ଜିଣିପାରିବେ ନାହିଁ । ହଁ; ଭରତ ଏସବୁ ଯାହା କରୁଛନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର ମଧ୍ୟ କିଛି ନାହିଁ । ବିଷଲତାରେ କ'ଣ ଅମୃତଫଳ ଫଳନ୍ତା !" ॥ ୪ ॥

ଦୋ:- **ଅସ ବିଚାରି ଗୁହଁ ଗ୍ୟାତି ସନ କହେଉ ସଜଗ ସବ ହୋହୁ ।**
**ହଥୱାଁସହୁ ବୋରହୁ ତରନି କୀଜିଅ ଘାଟାରୋହୁ ॥ ୧୮୯ ॥**

ଏପରି ବିଚାର କରି ନିଷାଦରାଜ ଗୁହ ନିଜ ଜାତିଭାଇଙ୍କୁ ଜଣାଇଦେଲେ, "ସମସ୍ତେ ସାବଧାନ ହୋଇଯାଅ । ସବୁ ନାଆ ନିଜ ଅକ୍ତିଆରକୁ ଆଣି ପାଣିରେ ବୁଡ଼ାଇଦିଅ ଏବଂ ସବୁ ଘାଟ ଅବରୋଧ କରିଦିଅ ॥ ୧୮୯ ॥

**ହୋହୁ ସଁଜୋଇଲ ରୋକହୁ ଘାଟା । ଠାଟହୁ ସକଲ ମରୈ କେ ଠାଟା ॥**
**ସନମୁଖ ଲୋହ ଭରତ ସନ ଲେଉଁ । ଜିଅତ ନ ସୁରସରି ଉତରନ ଦେଉଁ ॥ ୧ ॥**

ସୁସଜ୍ଜିତ ହୋଇ ଘାଟ ଅଟକ କରିଦିଅ ଏବଂ ସମସ୍ତେ [ଭରତଙ୍କ ସଙ୍ଗେ ଲଢ଼ି] ମରିବାକୁ ପ୍ରସ୍ତୁତ ହୋଇଯାଅ । ମୁଁ ଆଗରେ ରହି ଭରତଙ୍କର ମୁକାବିଲା କରିବି ଏବଂ ପ୍ରାଣ ଥାଉ ଥାଉ ତାଙ୍କୁ ଗଙ୍ଗା ପାରିକରାଇଦେବି ନାହିଁ ॥ ୧ ॥

**ସମର ମରନୁ ପୁନି ସୁରସରି ତୀରା । ରାମ କାଜୁ ଛନଭଂଗୁ ସରୀରା ॥**
**ଭରତ ଭାଇ ନୃପୁ ମୈଁ ଜନ ନୀଚୂ । ବଡ଼େଁ ଭାଗ ଅସି ପାଇଅ ମୀଚୂ ॥ ୨ ॥**

ଯୁଦ୍ଧରେ ମରଣ, ତା'ପୁଣି ଗଙ୍ଗାତଟରେ ଏବଂ ଶ୍ରୀରାମଙ୍କ କାମରେ ! ଏ ଦେହଟା ତ କ୍ଷଣଭଙ୍ଗୁର [କେତେବେଳେ ଯେ ଚାଲିଯିବ, କିଛି ଠିକଣା ନାହିଁ]; ତା'ଛଡ଼ା ଭରତ ହେଉଛନ୍ତି ଶ୍ରୀରାମଙ୍କ ଭାଇ ଓ ରାଜା ଏବଂ ମୁଁ ଜଣେ ନୀଚ ସେବକ । ବଡ଼ ଭାଗ୍ୟ ଥିଲେହିଁ ଏପରି ମୃତ୍ୟୁ ମିଳେ ॥ ୨ ॥

**ସ୍ୱାମି କାଜ କରିହଉଁ ରନ ରାରୀ । ଜସ ଧୱ୍ଲିହଉଁ ଭୁୱ୍ନ ଦସ ଗ୍ୱରୀ ॥**
**ତଜଉଁ ପ୍ରାନ ରଘୁନାଥ ନିହୋରେଁ । ଦୁହୂଁ ହାଥ ମୁଦ ମୋଦକ ମୋରେଁ ॥ ୩ ॥**

ମୁଁ ମୋ ପ୍ରଭୁଙ୍କ କାର୍ଯ୍ୟରେ ଲଢ଼ିବି ଏବଂ ନିଜ ଯଶଦ୍ୱାରା ଚଉଦଦଭୁବନ ଉଜ୍ଜ୍ୱଳ କରିଦେବି । ମୁଁ ଶ୍ରୀରଘୁନାଥଙ୍କ ନିମନ୍ତେ ପ୍ରାଣତ୍ୟାଗ କରିଦେବି । ମୋର ଉଭୟ ହାତରେ ଆନନ୍ଦର ଲଡ଼୍ଡୁ; ଉଭୟ ଦିଗରୁ ଲାଭ (ଜିଣିଲେ ରାମସେବକରୂପେ ଯଶ ପାଇବି; ଯୁଦ୍ଧରେ ମରିଗଲେ ଶ୍ରୀରାମଙ୍କର ନିତ୍ୟସେବା ପାଇବି) ॥ ୩ ॥

**ସାଧୁ ସମାଜ ନ ଜାକର ଲେଖା । ରାମ ଭଗତ ମହୁଁ ଜାସୁ ନ ରେଖା ॥**
**ଜାୟଁ ଜିଅତ ଜଗ ସୋ ମହିଭାରୂ । ଜନନୀ ଜୌବନ ବିଟପ କୁଠାରୂ ॥ ୪ ॥**

ସାଧୁଙ୍କ ସମାଜରେ ଯାହାକୁ ଗଣାଯାଏ ନାହିଁ ଏବଂ ଶ୍ରୀରାମଙ୍କ ଭକ୍ତଙ୍କ ମଧ୍ୟରେ ଯାହାର ସ୍ଥାନ ନାହିଁ, ସେ ଲୋକ ପୃଥିବୀର ଭାର ହୋଇ ବଞ୍ଚେ (ତା' ବଞ୍ଚିବାଟା ବ୍ୟର୍ଥ) । ସେ ତ ମାଆଙ୍କର ଯୌବନରୂପୀ ବୃକ୍ଷକୁ କାଟିଦେବାର କୁରାଢ଼ିଟାଏମାତ୍ର !'' ॥ ୪ ॥

ଦୋ:- **ବିଗତ ବିଷାଦ ନିଷାଦପତି ସବହି ବଢ଼ାଇ ଉଛାହୁ ।**
**ସୁମିରି ରାମ ମାଗେଉ ତୁରତ ତରକସ ଧନୁଷ ସନାହୁ ॥ ୧୯୦ ॥**

[ ଏପରିଭାବରେ ଶ୍ରୀରାମଙ୍କ ନିମନ୍ତେ ପ୍ରାଣ ସମର୍ପିଦେବାକୁ ନିଶ୍ଚୟ କରି ] ନିଷାଦରାଜ ବିଷାଦରହିତ ହୋଇଗଲେ ଏବଂ ସମସ୍ତଙ୍କ ଉତ୍ସାହ ବର୍ଦ୍ଧନ କରି ତଥା ଶ୍ରୀରାମଙ୍କୁ ସ୍ମରଣ କରି ସେ ଅବିଳମ୍ବେ ତୂଣୀର, ଧନୁ ଓ କବଚ ମଗାଇଲେ ॥ ୧୯୦ ॥

**ବେଗହୁ ଭାଇହୁ ସଜହୁ ସଁଜୋଊ । ସୁନି ରଜାଇ କଦରାଇ ନ କୋଊ ॥**
**ଭଲେହିଁ ନାଥ ସବ କହହିଁ ସହରଷା । ଏକହିଁ ଏକ ବଢ଼ାୱ୍ଇ କରଷା ॥ ୧ ॥**

[ସେ କହିଲେ,] ''ଭାଇମାନେ ! ସମସ୍ତେ ଯୁଦ୍ଧପାଇଁ ଶୀଘ୍ର ସଜବାଜ ହୋଇଯାଅ । ମୋ ଆଜ୍ଞା ଶୁଣି କେହି ଡରିଯାଅ ନାହିଁ ।'' ଏହା ଶୁଣି ସମସ୍ତେ ଆନନ୍ଦରେ କହିଉଠିଲେ, ''ହେ ନାଥ ! ଆପଣ ଠିକ୍ କଥା କହିଛନ୍ତି ।'' ଏପରି କହି ସେମାନେ ପରସ୍ପରର ଉତ୍ସାହ ବଢ଼ାଇବାକୁ ଲାଗିଲେ ॥ ୧ ॥

**ଚଲେ ନିଷାଦ ଜୋହାରି ଜୋହାରୀ । ସୂର ସକଲ ରନ ରୂଚଇ ରାରୀ ॥**
**ସୁମିରି ରାମ ପଦ ପଂକଜ ପନହାଁ । ଭାଥୀଁ ବାଁଧି ଚଢ଼ାଇନ୍ହି ଧନହାଁ ॥ ୨ ॥**

ନିଷାଦରାଜଙ୍କୁ ଜୁହାର କରି ସବୁ ନିଷାଦ ଚାଲିଲେ । ସେମାନେ ସମସ୍ତେ ଥିଲେ ବୀର; ସମସ୍ତଙ୍କୁ ଲଢ଼ିବାକୁ ଭଲ ଲାଗେ । ଶ୍ରୀରାମଙ୍କ ପାଦୁକାକୁ ସ୍ମରଣ କରି ସେମାନେ ଅଣ୍ଟାରେ ତୂଣୀର ବାନ୍ଧିଲେ ଓ ଧନୁରେ ଗୁଣ ଚଢ଼ାଇଲେ ॥ ୨ ॥

**ଅଁଗରୀ ପହିରି କୂଁଢ଼ି ସିର ଧରହୀଁ । ଫଁରସା ବାଁସ ସେଲ ସମ କରହୀଁ ॥**
**ଏକ କୁସଲ ଅତି ଓଡ଼ନ ଖାଁଡ଼େ । କୂଦହିଁ ଗଗନ ମନହୁ ଛିତି ଛାଁଡ଼େ ॥ ୩ ॥**

ସେମାନେ କବଚ ପିନ୍ଧି, ମୁଣ୍ଡରେ ଶିରସ୍ତ୍ରାଣ ଲଗାଇଲେ ଏବଂ ଫାର୍ଶା, ଭାଲା, ବର୍ଚ୍ଛା ଆଦି ସଜାଡ଼ିଲେ । କେତେ ଜଣ ଖଣ୍ଡା ଓ ଢାଲ ଚଳାଇବାରେ ନିପୁଣ ଥିଲେ । ସେମାନେ ଖଣ୍ଡା ଧରି ଏପରି ଡେଇଁଲେ ଯେ, ଦେଖି ମନେହେଲା, ସତେ ଯେପରି, ସେମାନେ ପୃଥିବୀ ଛାଡ଼ି ଆକାଶରେହିଁ ଡେଉଁଛନ୍ତି ॥ ୩ ॥

**ନିଜ ନିଜ ସାଜୁ ସମାଜୁ ବନାଈ । ଗୁହ ରାଉତହି ଜୋହାରେ ଜାଈ ॥**
**ଦେଖି ସୁଭଟ ସବ ଲାୟକ ଜାନେ । ଲୈ ଲୈ ନାମ ସକଲ ସନମାନେ ॥ ୪ ॥**

ନିଜ ନିଜର ଯୁଦ୍ଧସରଞ୍ଜାମ ଓ ଦଳବଳ ଧରି ସେମାନେ ଯାଇ ନିଷାଦରାଜଙ୍କୁ ଜୁହାର ହେଲେ । ସେ ସେହି ସୁନ୍ଦର ଯୋଦ୍ଧାମାନଙ୍କୁ ଦେଖି ସମସ୍ତଙ୍କୁ ସୁଯୋଗ୍ୟ ବୋଲି ଜାଣିଗଲେ । ତେଣୁ ସେ ପ୍ରତ୍ୟେକର ନାଆଁ ଧରି, ଜଣ ଜଣ କରି ଡାକି ସେମାନଙ୍କୁ ସମ୍ମାନ ଦେଲେ ॥ ୪ ॥

ଦୋଃ- **ଭାଇହୁ ଲାୱହୁ ଧୋଖ ଜନି ଆଜୁ କାଜ ବଡ଼ ମୋହି ।**
**ସୁନି ସରୋଷ ବୋଲେ ସୁଭଟ ବୀର ଅଧୀର ନ ହୋହି ॥ ୧୯୧ ॥**

ସେ କହିଲେ, ‘‘ଭାଇମାନେ ! କେହି ଯେପରି ମରିବାକୁ ଭୟ ନ କର । ଆଜି ମୋର ସବୁଠାରୁ ବଡ଼ କାମ ହେବ ।’’ ଏହା ଶୁଣି ସମସ୍ତେ ଉତ୍ସାହସହକାରେ କହିଲେ, ‘‘ହେ ବୀର ! ଆପଣ ଅଧୀର ହୁଅନ୍ତୁ ନାହିଁ ॥ ୧୯୧ ॥

**ରାମ ପ୍ରତାପ ନାଥ ବଲ ତୋରେ । କରହିଁ କଟକୁ ବିନୁ ଭଟ ବିନୁ ଘୋରେ ॥**
**ଜୀୱତ ପାଉ ନ ପାଛେଁ ଧରହୀଁ । ରୁଂଡ ମୁଂଡମୟ ମେଦିନି କରହୀଁ ॥ ୧ ॥**

ହେ ନାଥ ! ରାମଚନ୍ଦ୍ରଙ୍କ ପ୍ରତାପରୁ ଏବଂ ଆପଣଙ୍କ ପରାକ୍ରମଦ୍ୱାରା ଆମେ ଭରତଙ୍କ ସେନାକୁ ବୀରଶୂନ୍ୟ କରିଦେବୁ—ତାଙ୍କର ଜଣେ ବି ବୀରକୁ ଛାଡ଼ିବୁନି, କି ଗୋଟିଏ ବି ଘୋଡ଼ାକୁ ରଖିବୁନି । ଜୀଇ ଥାଉଁ ଥାଉଁ ପଛଘୁଞ୍ଚା ଦେବାର ନାହିଁ । ଆମେ ପୃଥିବୀକୁ ମୁଣ୍ଡଗଣ୍ଡିମୟ କରିଦେବୁ ।’’ ॥ ୧ ॥

**ଦୀଖ ନିଷାଦନାଥ ଭଲ ଟୋଲୂ । କହେଉ ବଜାଉ ଜୁଝାଉ ଢୋଲୂ ॥**
**ଏତନା କହତ ଛୀଁକ ଭଇ ବାଁଏ । କହେଉ ସଗୁନିଅହ୍ନ ଖେତ ସୁହାଏ ॥ ୨ ॥**

ବୀରମାନଙ୍କର ସୁସଜ୍ଜିତ ଦଳ ଦେଖି ନିଷାଦରାଜ ଡାକ ଦେଲେ, ‘‘ଏଥର ଯୁଦ୍ଧବାଦ୍ୟ ବଜାଅ ।’’ ତାଙ୍କ ପାଟିରୁ କଥା ବାହାରୁ ବାହାରୁ ବାଆଁ ପଟେ କେହି ଜଣେ ଛିଙ୍କିଦେଲା । ଶକୁନବିଶାରଦମାନେ କହିଲେ, ‘‘ଯୋଗ ଭଲ ଅଛି (ଏ ଛିଙ୍କଟା ଶୁଭଛିଙ୍କ । ଆମର ଜୟ ହେବ) ।’’ ॥ ୨ ॥

**ବୂଢ଼ୁ ଏକୁ କହ ସଗୁନ ବିଚାରୀ । ଭରତହି ମିଲିଅ ନ ହୋଇହି ରାରୀ ॥**
**ରାମହି ଭରତୁ ମନାୱନ ଜାହୀଁ । ସଗୁନ କହଇ ଅସ ବିଗ୍ରହୁ ନାହୀଁ ॥ ୩ ॥**

ଛିଙ୍କର ଲକ୍ଷଣ ବିଚାର କରି ଜଣେ ବୁଢ଼ା କହିଲା, ‘‘ଚାଲ, ଆଗ ଭରତଙ୍କୁ ଦେଖା କରିବା । ତାଙ୍କ ସହିତ ଯୁଦ୍ଧ ଲାଗିବ ନାହିଁ । ଭରତ ଅଯୋଧ୍ୟା ଫେରିଯିବାପାଇଁ ଶ୍ରୀରାମଙ୍କୁ ରାଜି କରାଇବାକୁ ଆସୁଛନ୍ତି । ଲକ୍ଷଣ କହୁଛି, ଯୁଦ୍ଧ ହେବ ନାହିଁ ।’’ ॥ ୩ ॥

**ସୁନି ଗୁହ କହଇ ନୀକ କହ ବୂଢ଼ା । ସହସା କରି ପଛିତାହିଁ ବିମୂଢ଼ା ॥**
**ଭରତ ସୁଭାଉ ସୀଲୁ ବିନୁ ବୂଝେଁ । ବଡ଼ି ହିତ ହାନି ଜାନି ବିନୁ ଜୂଝେଁ ॥ ୪ ॥**

ଏହା ଶୁଣି ନିଷାଦରାଜ କହିଲେ, ‘‘ବୁଢ଼ା ଠିକ୍ କହୁଛି । [ତରବରରେ କାମ ହୁଏ ନାହିଁ।] ତରବରିଆ କାମ କରି ମୂର୍ଖଲୋକେ ପଶ୍ଚାତ୍ତାପ କରନ୍ତି । ଭରତଙ୍କ ସୁଶୀଳତା ଓ ସ୍ୱଭାବ ନ ବୁଝି, ନ ଜାଣି ଯୁଦ୍ଧକୁ ଡେଇଁପଡ଼ିଲେ ବଡ଼ କ୍ଷତି ହେବ ॥ ୪ ॥

ଦୋଃ- **ଗହହୁ ଘାଟ ଭଟ ସମିଟି ସବ ଲେଉଁ ମରମ ମିଲି ଜାଇ ।**
**ବୂଝି ମିତ୍ର ଅରି ମଧ୍ୟ ଗତି ତସ ତବ କରିହଉଁ ଆଇ ॥ ୧୯୨ ॥**

ଅତଏବ ହେ ବୀରଗଣ ! ତୁମେମାନେ ଏକାଠି ହୋଇ ସବୁ ଘାଟ ଅବରୋଧ କରିଦିଅ । ମୁଁ ଯାଇ, ଭରତଙ୍କୁ ଦେଖା କରି ତାଙ୍କ ଉଦ୍ଦେଶ୍ୟ କ’ଣ, ବୁଝୁଛି । ସେ ମିତ୍ରଭାବରେ, ନା ଶତ୍ରୁଭାବରେ, ନା ଉଦାସୀନଭାବରେ ଯାଉଛନ୍ତି, ତାହା ଜାଣିବା ପରେ, ମୁଁ [ସେହି ଅନୁସାରେ] କାମ କରିବି ॥ ୧୯୨ ॥

**ଲଖବ ସନେହୁ ସୁଭାଯ୍ଁ ସୁହାଏଁ । ବୈରු ପ୍ରୀତି ନହିଁ ଦୁରଇଁ ଦୁରାଏଁ ॥**
**ଅସ କହି ଭେଁଟ ସଁଜୋଓ୍ୱନ ଲାଗେ । କଂଦ ମୂଲ ଫଲ ଖଗ ମୃଗ ମାଗେ ॥ ୧ ॥**

ତାଙ୍କର ସ୍ୱଭାବ ଦେଖି ମୁଁ ତାଙ୍କ ସ୍ନେହ ଜାଣିଯିବି । ଯେତେ ଲୁଗ୍ଇଲେ ବି ଶତ୍ରୁତା ଓ ପ୍ରେମ ଲୁଚିରହେ ନାହିଁ ।'' ଏପରି କହି ସେ କିଛି ଉପହାର ଯୋଗ୍ୟ ଦ୍ରବ୍ୟ ସଜାଡ଼ିଲେ । ସେ କିଛି କନ୍ଦ, ମୂଳ, ଫଳ, ଚଢ଼େଇ ଓ ହରିଣ ମଗାଇଲେ ॥ ୧ ॥

**ମୀନ ପୀନ ପାଠୀନ ପୁରାନେ । ଭରି ଭରି ଭାର କହାରହ୍ନ ଆନେ ॥**
**ମିଲନ ସାଜୁ ସଜି ମିଲନ ସିଧାଏ । ମଂଗଲ ମୂଲ ସଗୁନ ସୁଭ ପାଏ ॥ ୨ ॥**

ସେବକମାନେ ଭାର ଭାର ବଡ଼ ବଡ଼ ପୋଖତ ଭାକୁରମାଛ ନେଇଆସିଲେ । ନିଷାଦରାଜ ଉପହାରସାମଗ୍ରୀ ସଜାଡ଼ି ଭରତଙ୍କ ସହିତ ସାକ୍ଷାତ୍ କରିବାକୁ ବାହାରିବାବେଳକୁ ମଙ୍ଗଳଦାୟକ ଶୁଭ ଶକୁନ ଦେଖାଗଲା ॥ ୨ ॥

**ଦେଖି ଦୂରି ତେଁ କହି ନିଜ ନାମୂ । କୀହ୍ନ ମୁନୀସହି ଦଂଡ ପ୍ରନାମୂ ॥**
**ଜାନି ରାମପ୍ରିଯ୍ ଦୀହ୍ନି ଅସୀସା । ଭରତହି କହେଉ ବୁଝାଇ ମୁନୀସା ॥ ୩ ॥**

ମୁନିରାଜ ବଶିଷ୍ଠଙ୍କୁ ଦେଖି, ନିଜ ନାଆଁ କହି ନିଷାଦରାଜ ଦୂରରୁ ଦଣ୍ଡବତ୍ ପ୍ରଣାମ କଲେ । ତାଙ୍କୁ ରାମଙ୍କ ପ୍ରିୟଲୋକ ବୋଲି ଜାଣି ମୁନୀଶ୍ୱର ଆଶୀର୍ବାଦ ଦେଲେ ଏବଂ ଭରତଙ୍କୁ କହିଦେଲେ, ''ଏ ହେଉଛନ୍ତି ଶ୍ରୀରାମଙ୍କ ମିତ୍ର ।'' ॥ ୩ ॥

**ରାମ ସଖା ସୁନି ସଂଦନୁ ତ୍ୟାଗା । ଚଲେ ଉତରି ଉମଗତ ଅନୁରାଗା ॥**
**ଗାଉଁ ଜାତି ଗୁହଁ ନାଉଁ ସୁନାଈ । କୀହ୍ନ ଜୋହାରୁ ମାଥ ମହି ଲାଈ ॥ ୪ ॥**

'ଏ ଶ୍ରୀରାମଙ୍କ ମିତ୍ର' ବୋଲି ଶୁଣିଦେବାକ୍ଷଣି ଭରତ ରଥରୁ ଓହ୍ଲାଇପଡ଼ି, ପ୍ରେମଗଦ୍‌ଗଦ ହୋଇ ନିଷାଦଙ୍କ ପାଖକୁ ଗ୍ଲିଆସିଲେ । ନିଷାଦ ନିଜର, ନାଆଁ, ଗାଆଁ ଓ ଜାତି କହି ଭରତଙ୍କୁ ଭୂମିଷ୍ଠ ପ୍ରଣାମ କଲେ ॥ ୪ ॥

ଦୋଃ- **କରତ ଦଂଡଓ୍ୱତ ଦେଖି ତେହି ଭରତ ଲୀହ୍ନ ଉର ଲାଇ ।**
**ମନହୁଁ ଲଖନ ସନ ଭେଁଟ ଭଇ ପ୍ରେମୁ ନ ହୃଦଯ୍ଁ ସମାଇ ॥ ୧୯୩ ॥**

ସେ ଦଣ୍ଡବତ୍ ପ୍ରଣାମ କରୁଛନ୍ତି ଦେଖି, ଭରତ ତାଙ୍କୁ ତଳୁ ଉଠାଇ ଛାତିରେ ଭିଡ଼ିଧରିଲେ । ତାଙ୍କ ହୃଦୟରୁ ପ୍ରେମ ଉଛୁଳିପଡ଼ିଲା । ତାଙ୍କୁ ଲକ୍ଷ୍ମଣଙ୍କ ସହିତ ଭେଟ ହୋଇଗଲାପରି ଲାଗିଲା ॥ ୧୯୩ ॥

**ଭେଁଟତ ଭରତୁ ତାହି ଅତି ପ୍ରୀତୀ । ଲୋଗ ସିହାହିଁ ପ୍ରେମ କୈ ରୀତୀ ॥**
**ଧନ୍ୟ ଧନ୍ୟ ଧୁନି ମଂଗଲ ମୂଲା । ସୁର ସରାହି ତେହି ବରିସହିଁ ଫୂଲା ॥ ୧ ॥**

ଭରତ ତାଙ୍କୁ ଅତ୍ୟନ୍ତ ପ୍ରେମର ସହିତ ହୃଦୟରେ ଲଗାଇଥାଆନ୍ତି । ଏପରି ପ୍ରେମର ରୀତିକୁ ସମସ୍ତେ ପ୍ରଶଂସା କଲେ । ମଙ୍ଗଳସୂଚକ 'ଧନ୍ୟ ! ଧନ୍ୟ !' ଧ୍ୱନି କରି ଦେବତାମାନେ ତାଙ୍କୁ ପ୍ରଶଂସା କରିବା ସହିତ ପୁଷ୍ପ ବୃଷ୍ଟି କରିବାକୁ ଲାଗିଲେ ॥ ୧ ॥

**ଲୋକ ବେଦ ସବ ଭାଁତିହିଁ ନୀଗ୍ଁ । ଜାସୁ ଛାଁହ ଛୁଇ ଲେଇଅ ସାଁଗ୍ଁ ॥**
**ତେହି ଭରି ଅଂକ ରାମ ଲଘୁ ଭ୍ରାତା । ମିଲତ ପୁଲକ ପରିପୂରିତ ଗାତା ॥ ୨ ॥**

ଏବଂ କହିଗ୍ଲିଲେ, ‘‘ଯେ ଲୋକରେ ଓ ବେଦରେ ସକଳପ୍ରକାରେ ନୀଚ ବୋଲି ଗଣ୍ୟ, ଯାହାର ଛାଇ ପଡ଼ିଲେ ବି ସ୍ନାନ କରିବାକୁ ପଡ଼େ, ସେହି ନିଷାଦକୁ ବକ୍ଷରେ ଭିଡ଼ିଧରି ଶ୍ରୀରାମଙ୍କର ସାନଭାଇ ଭରତ ମହାମିଳନରେ ବାନ୍ଧିହୋଇଛନ୍ତି । ଆନନ୍ଦ ଓ ପ୍ରେମାବିଷ୍ଟ ହୋଇ ତାଙ୍କ ଶରୀର ପୁଲକିତ ହୋଇଉଠୁଛି ॥ ୨ ॥

**ରାମ ରାମ କହି ଜେ ଜମୁହାହୀଁ । ତିନ୍ହହି ନ ପାପ ପୁଂଜ ସମୁହାହୀଁ ॥**
**ୟହ ତୌ ରାମ ଲାଇ ଉର ଲୀନ୍ହା । କୁଲ ସମେତ ଜଗୁ ପାୱନ କୀନ୍ହା ॥ ୩ ॥**

ଯେଉଁମାନେ ‘ରାମ ! ରାମ !’କହି ହାଇ ମାରନ୍ତି (ଅର୍ଥାତ୍ ଆଳସ୍ୟ ହେତୁ ବି ମୁହଁରୁ ରାମ ନାମ ବାହାରିପଡ଼େ), ପାପମାନେ ସେମାନଙ୍କ ପାଖ ବି ମାଡ଼ିପାରନ୍ତି ନାହିଁ; ପୁଣି ଏହି ନିଷାଦଙ୍କୁ ତ ସ୍ୱୟଂ ଶ୍ରୀରାମ ହୃଦୟରେ ଲଗାଇଥିଲେ ଏବଂ ସବଂଶେ ଏହାଙ୍କୁ ଜଗତ୍‌ପାବନ (ଜଗତର ପବିତ୍ରକାରୀ) କରିଦେଇଥିଲେ ॥ ୩ ॥

**କରମନାସ ଜଲୁ ସୁରସରି ପରଈ । ତେହି କୋ କହହୁ ସୀସ ନହିଁ ଧରଈ ॥**
**ଉଲଟା ନାମୁ ଜପତ ଜଗୁ ଜାନା । ବାଲମୀକି ଭଏ ବ୍ରହ୍ମ ସମାନା ॥ ୪ ॥**

କର୍ମନାଶା ନଦୀର ଜଳ ଆସି ଗଙ୍ଗାରେ ପଡ଼ିଗଲେ, କିଏ ଭଲା ତାହାର ଜଳ ମୁଣ୍ଡରେ ନ ଲଗାଏ ? ଜଗତ୍ ଜାଣେ ଯେ, ଓଲଟା ନାମ (ମରା, ମରା) ଜପି ଜପି ମଧ୍ୟ ବାଲ୍ମୀକି ବ୍ରହ୍ମସମାନ ହୋଇଗଲେ ॥ ୪ ॥

ଦୋ:- **ସ୍ୱପଚ ସବର ଖସ ଜମନ ଜଡ଼ ପାୱଁର କୋଲ କିରାତ ।**
**ରାମୁ କହତ ପାୱନ ପରମ ହୋତ ଭୁୱନ ବିଖ୍ୟାତ ॥ ୧୯୪ ॥**

ଚଣ୍ଡାଳ, ଶବର, ଖସ, ଯବନ, କୋହ୍ଲ ଓ କିରାତଙ୍କ ପରି ମୂର୍ଖ ଓ ପାମରମାନେ ମଧ୍ୟ ରାମନାମ ଉଚ୍ଚାରଣ-ମାତ୍ରକେ ପରମ ପବିତ୍ର ଓ ତ୍ରିଭୁବନବିଖ୍ୟାତ ହୋଇଯାଆନ୍ତି ॥ ୧୯୪ ॥

**ନହି ଅଚିରିଜୁ ଜୁଗ ଜୁଗ ଚଲି ଆଈ । କେହି ନ ଦୀହ୍ନି ରଘୁବୀର ବଡ଼ାଈ ॥**
**ରାମ ନାମ ମହିମା ସୁର କହହୀଁ । ସୁନି ସୁନି ଅୱଧ ଲୋଗ ସୁଖୁ ଲହହୀଁ ॥ ୧ ॥**

ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ; ଯୁଗଯୁଗାନ୍ତରରୁ ଏହି ରୀତି ଚଳିଆସିଛି । ଶ୍ରୀରଘୁନାଥ କାହାକୁ ବା ବଡ଼ାଇ ନ ଦେଇଛନ୍ତି !’’ ଦେବତାମାନେ ଏପରି ରାମନାମର ମହିମା କହୁଥାନ୍ତି ଏବଂ ତାହା ଶୁଣି ଅଯୋଧ୍ୟାର ଲୋକେ ଆନନ୍ଦିତ ହେଉଥାନ୍ତି ॥ ୧ ॥

**ରାମସଖହି ମିଲି ଭରତ ସପ୍ରେମା । ପୂଁଛୀ କୁସଲ ସୁମଂଗଲ ଖେମା ॥**
**ଦେଖି ଭରତ କର ସୀଲୁ ସନେହୂ । ଭା ନିଷାଦ ତେହି ସମୟ ବିଦେହୂ ॥ ୨ ॥**

ରାମସଖାଙ୍କ ସହିତ ପ୍ରେମସହକାରେ ମିଳିତ ହୋଇ ଭରତ ତାଙ୍କର କୁଶଳ ଓ ମଙ୍ଗଳ ସମାଗ୍ଚର ପଗ୍ଚରିଲେ । ଭରତଙ୍କ ସୁନ୍ଦର ସ୍ୱଭାବ ଓ ପ୍ରେମ ଦେଖି, ନିଷାଦରାଜ ପ୍ରେମମୁଗ୍ଧ ହୋଇ ଦେହଜ୍ଞାନ ଭୁଲିଗଲେ ॥ ୨ ॥

**ସକୁଚ ସନେହୁ ମୋଦୁ ମନ ବାଢ଼ା । ଭରତହି ଚିତୱତ ଏକଟକ ଠାଢ଼ା ॥**
**ଧରି ଧୀରଜୁ ପଦ ବଂଦି ବହୋରୀ । ବିନୟ ସପ୍ରେମ କରତ କର ଜୋରୀ ॥ ୩ ॥**

ତାଙ୍କର ନମ୍ରତା, ପ୍ରେମ ଓ ଆନନ୍ଦ ଏତେ ବଢ଼ିଗଲା ଯେ, ସେ ସ୍ଥାଣୁ ପରି ଠିଆହୋଇ ଏକଲୟରେ ଭରତଙ୍କୁ ଗ୍ଚହିଁରହିଲେ । କିଛି ସମୟ ପରେ ଧୈର୍ଯ୍ୟ ଧରି, ଭରତଙ୍କ ଚରଣ ବନ୍ଦନା କରି, ପ୍ରେମର ସହିତ କର ଯୋଡ଼ି ବିନତି କଲେ, ॥ ୩ ॥

**କୁସଲ ମୂଲ ପଦ ପଂକଜ ପେଖୀ । ମୈଁ ତିହୁଁ କାଲ କୁସଲ ନିଜ ଲେଖୀ ॥**
**ଅବ ପ୍ରଭୁ ପରମ ଅନୁଗ୍ରହ ତୋରେଁ । ସହିତ କୋଟି କୁଲ ମଂଗଲ ମୋରେଁ ॥ ୪ ॥**

"ହେ ପ୍ରଭୁ ! ଆପଣଙ୍କ ଚରଣକମଳ ହେଉଛି ସକଳ ମଙ୍ଗଳର ମୂଳ । ତାହା ଦର୍ଶନ କରି ମୁଁ ଜାଣିଗଲି ଯେ, ମୋର ତିନିକାଳଯାକ କୁଶଳ । ଆଜି ତ ଆପଣଙ୍କ ପରମ ଅନୁଗ୍ରହରୁ ଆମର କୋଟି କୋଟି ପିଢ଼ିଙ୍କ ସହିତ ମୋର ମଙ୍ଗଳ ହୋଇଗଲା ॥ ୪ ॥

ଦୋ:- **ସମୁଝି ମୋରି କରତୂତି କୁଲୁ ପ୍ରଭୁ ମହିମା ଜିୟଁ ଜୋଇ ।**
**ଜୋ ନ ଭଜଇ ରଘୁବୀର ପଦ ଜଗ ବିଧି ବଂଚିତ ସୋଇ ॥ ୧୯୫ ॥**

ମୋର କର୍ମ ଓ କୁଳକୁ ଦେଖି ଏବଂ ପ୍ରଭୁ ଶ୍ରୀରାମଙ୍କର ମହିମା ବିଚାର କରି (ଅର୍ଥାତ୍ କାହିଁ ମୋ ପରି ନୀଚକର୍ମା ନୀଚଜାତିର ନିଷାଦ ଏବଂ କାହାନ୍ତି ଅନନ୍ତକୋଟି ବ୍ରହ୍ମାଣ୍ଡର ସ୍ୱାମୀ ଭଗବାନ୍ ଶ୍ରୀରାମ ! ତଥାପି ସେହି ପ୍ରଭୁ ଅହେତୁକ କୃପାବଶ ହୋଇ ମୋ ପରି ନୀଚକୁ ବି ନିଜର କରିନେଲେ—ଏହା ବିଚାର କରି) ଯେ ରଘୁବୀରଙ୍କ ଚରଣକୁ ଭଜେ ନାହିଁ, ସେ ଏହି ଜଗତରେ ବିଧାତାଦ୍ୱାରା ଠକିଗଲା ବୋଲି ଜାଣନ୍ତୁ ॥ ୧୯୫ ॥

**କପଟୀ କାୟର କୁମତି କୁଜାତୀ । ଲୋକ ବେଦ ବାହେର ସବ ଭାଁତୀ ॥**
**ରାମ କୀହ୍ନ ଆପନ ଜବହୀ ତେଁ । ଭୟଉଁ ଭୁଓ୍ୱନ ଭୂଷନ ତବହୀ ତେଁ ॥ ୧ ॥**

ମୁଁ କପଟୀ, ଭୀରୁ, କୁବୁଦ୍ଧି ଓ କୁଜାତି ଏବଂ ଲୋକ ଓ ବେଦ ଉଭୟରୁ ସବୁପ୍ରକାରେ ବାହାରେ; କିନ୍ତୁ ଯେଉଁଦିନୁ ପ୍ରଭୁ ଶ୍ରୀରାମ ମୋତେ ନିଜର କରିନେଲେ, ସେହିଦିନୁ ମୁଁ ବିଶ୍ୱର ଭୂଷଣ ହୋଇଗଲି ।" ॥ ୧ ॥

**ଦେଖି ପ୍ରୀତି ସୁନି ବିନୟ ସୁହାଈ । ମିଲେଉ ବହୋରି ଭରତ ଲଘୁ ଭାଈ ॥**
**କହି ନିଷାଦ ନିଜ ନାମ ସୁବାନୀଁ । ସାଦର ସକଲ ଜୋହାରୀଁ ରାନୀଁ ॥ ୨ ॥**

ନିଷାଦରାଜଙ୍କ ପ୍ରୀତି ଦେଖି ଏବଂ ସୁନ୍ଦର ବିନୟବଚନ ଶୁଣି ଭରତଙ୍କ ସାନଭାଇ ଶତ୍ରୁଘ୍ନ ଆସି ତାଙ୍କୁ ସାକ୍ଷାତ୍ କଲେ । ତା'ପରେ ନିଷାଦରାଜ ନିଜର ନାମ ଜଣାଇ, ନମ୍ର ଓ ମଧୁର ବଚନ କହି ଆଦରପୂର୍ବକ ସବୁରାଣୀଙ୍କୁ ପ୍ରଣାମ କଲେ ॥ ୨ ॥

**ଜାନି ଲଖନ ସମ ଦେହିଁ ଅସୀସା । ଜିଅହୁ ସୁଖୀ ସୟ ଲାଖ ବରୀସା ॥**
**ନିରଖି ନିଷାଦୁ ନଗର ନର ନାରୀ । ଭଏ ସୁଖୀ ଜନୁ ଲଖନୁ ନିହାରୀ ॥ ୩ ॥**

ସେ ଲକ୍ଷ୍ମଣଙ୍କ ସମାନ ଜାଣି ରାଣୀମାନେ ତାଙ୍କୁ 'କୋଟି ପରମାୟୁ ପାଇ ସୁଖରେ ରହ' ବୋଲି ଆଶୀର୍ବାଦ ଦେଲେ । ନିଷାଦଙ୍କୁ ଦେଖି ନଗରର ନରନାରୀ ସାକ୍ଷାତ୍ ଲକ୍ଷ୍ମଣଙ୍କୁ ଦେଖିଲାପରି ଆନନ୍ଦିତ ହେଲେ ॥ ୩ ॥

**କହହିଁ ଲହେଉ ଏହିଁ ଜୀଓ୍ୱନ ଲାହୂ । ଭେଁଟେଉ ରାମଭଦ୍ର ଭରି ବାହୂ ॥**
**ସୁନି ନିଷାଦୁ ନିଜ ଭାଗ ବଡ଼ାଈ । ପ୍ରମୁଦିତ ମନ ଲଇ ଚଲେଉ ଲେଓ୍ୱାଈ ॥ ୪ ॥**

ସମସ୍ତେ କହିବାକୁ ଲାଗିଲେ, "ପ୍ରକୃତରେ ଇଏ ହିଁ ଜୀବନର ଲାଭ ପାଇଲେ, ଏହାଙ୍କୁ ଶ୍ରୀରାମ ଦୁଇବାହୁରେ ଛନ୍ଦି ବକ୍ଷରେ ଭିଡ଼ିଧରିଥିଲେ ।" ନିଜ ଭାଗ୍ୟର ପ୍ରଶଂସା ଶୁଣି ନିଷାଦରାଜ ମନେ ମନେ ଆନନ୍ଦିତ ହେଲେ ଓ ସମସ୍ତଙ୍କୁ ସାଥିରେ ଧରି ଚାଲିଲେ ॥ ୪ ॥

ଦୋ:- **ସନକାରେ ସେଓ୍ୱକ ସକଲ ଚଲେ ସ୍ୱାମି ରୁଖ ପାଇ ।**
**ଘର ତରୁ ତର ସର ବାଗ ବନ ବାସ ବନାଏହ୍ନି ଜାଇ ॥ ୧୯୬ ॥**

ସେ ନିଜ ସେବକମାନଙ୍କୁ ସଂକେତଦ୍ୱାରା ପ୍ରକୃତ ସ୍ଥିତି ଜଣାଇଦେଲେ । ସେମାନେ ନିଜ ପ୍ରଭୁଙ୍କ ମନୋଭାବ ବୁଝିପାରି ସମସ୍ତଙ୍କ ପାଇଁ ବିଶ୍ରାମ ନେବାର ସ୍ଥାନ ପ୍ରସ୍ତୁତ କଲେ । ଘରେ, ଗଛତଳେ, ପୋଖରୀକୂଳରେ ତଥା ବଗିଚ୍ଚ ଓ ବନରେ ସେମାନଙ୍କୁ ରଖାଇବାର ବ୍ୟବସ୍ଥା କରିଦେଲେ ॥ ୧୯୬ ॥

**ସୃଂଗବେରପୁର ଭରତ ଦୀଖ ଜବ । ଭେ ସନେହଁ ସବ ଅଂଗ ସିଥିଲ ତବ ॥**
**ସୋହତ ଦିଏଁ ନିଷାଦହି ଲାଗୂ । ଜନୁ ତନୁ ଧରେଁ ବିନୟ ଅନୁରାଗୂ ॥ ୧ ॥**

ଶୃଙ୍ଗବେରପୁର ଦେଖି ଦେଖି ଭରତ ପ୍ରେମାବିଷ୍ଟ ହୋଇଗଲେ ; ତାଙ୍କର ସକଳ ଅଙ୍ଗ ଶିଥିଳ ହୋଇଗଲା । ସେ ନିଷାଦରାଜଙ୍କ କାନ୍ଧରେ ହାତ ରଖି ଚାଲିଲାବେଳେ ଜଣାଯାଉଥାଏ, ସତେ ଯେପରି ବିନୟ ଓ ପ୍ରେମ ଶରୀର ଧାରଣ କରିଚାଲିଛନ୍ତି ॥ ୧ ॥

**ଏହି ବିଧି ଭରତ ସେନୁ ସବୁ ସଂଗା । ଦୀଖି ଜାଇ ଜଗ ପାୱନି ଗଂଗା ॥**
**ରାମଘାଟ କହଁ କୀହ୍ନ ପ୍ରନାମୂ । ଭା ମନୁ ମଗନୁ ମିଲେ ଜନୁ ରାମୂ ॥ ୨ ॥**

ଏପରିଭାବରେ ଭରତ ସେନା ସମେତ ସମସ୍ତଙ୍କୁ ସାଥିରେ ନେଇ ଜଗତ୍‌ପାବନୀ ଗଙ୍ଗାଙ୍କୁ ଦର୍ଶନ କଲେ । ସେ ଶ୍ରୀରାମଘାଟକୁ (ଯେଉଁଠାରେ ଶ୍ରୀରାମ ସ୍ନାନ-ସନ୍ଧ୍ୟା କରିଥିଲେ) ପ୍ରଣାମ କଲେ । ତାଙ୍କ ମନ ଏତେ ଆନନ୍ଦମଗ୍ନ ହୋଇଗଲା ଯେ, ଦେଖି ମନେହେଲା, ତାଙ୍କୁ ସତେ ଅବା ଶ୍ରୀରାମ ମିଳିଗଲେ ॥ ୨ ॥

**କରହିଁ ପ୍ରନାମ ନଗର ନର ନାରୀ । ମୁଦିତ ବ୍ରହ୍ମମୟ ବାରି ନିହାରୀ ॥**
**କରି ମଜ୍ଜନୁ ମାଗହିଁ କର ଜୋରୀ । ରାମଚଂଦ୍ର ପଦ ପ୍ରୀତି ନ ଥୋରୀ ॥ ୩ ॥**

ନଗରର ନରନାରୀ ଗଙ୍ଗାଙ୍କୁ ପ୍ରଣାମ କଲେ ଓ ଗଙ୍ଗାଙ୍କର ବ୍ରହ୍ମସ୍ୱରୂପ ଜଳ ଦେଖି ଆନନ୍ଦିତ ହେଲେ । ଗଙ୍ଗାରେ ସ୍ନାନ ସାରି, ସମସ୍ତେ ଯୋଡ଼ହସ୍ତ ହୋଇ ବର ମାଗିଲେ, ''ଶ୍ରୀରାମଙ୍କ ଚରଣରେ ଆମର ପ୍ରେମ କେବେ ବି କମ୍ ନ ହେଉ ।'' ॥ ୩ ॥

**ଭରତ କହେଉ ସୁରସରି ତୱ ରେନୂ । ସକଲ ସୁଖଦ ସେୱକ ସୁରଧେନୂ ॥**
**ଜୋରି ପାନି ବର ମାଗଉଁ ଏହୂ । ସୀୟ ରାମ ପଦ ସହଜ ସନେହୂ ॥ ୪ ॥**

ଭରତ କହିଲେ, ''ହେ ଗଙ୍ଗେ ! ଆପଣଙ୍କ ରଜ ସମସ୍ତଙ୍କ ପାଇଁ ସୁଖପ୍ରଦ ଏବଂ ସେବକମାନଙ୍କ ପାଇଁ ତାହା ସାକ୍ଷାତ୍ କାମଧେନୁ । ମୁଁ କର ଯୋଡ଼ି ଏହି ବର ମାଗୁଛି ଯେ, ଶ୍ରୀସୀତାରାମଙ୍କ ଚରଣରେ ମୋର ସହଜ (ସ୍ୱାଭାବିକ) ପ୍ରେମ ହୋଇଯାଉ ।'' ॥ ୪ ॥

ଦୋः- **ଏହି ବିଧି ମଜ୍ଜନୁ ଭରତୁ କରି ଗୁର ଅନୁସାସନ ପାଇ ।**
**ମାତୁ ନହାନୀଁ ଜାନି ସବ ଡେରା ଚଲେ ଲୱାଇ ॥ ୧୯୭ ॥**

ଏହିପରି ସ୍ନାନ କରି, ଗୁରୁଙ୍କ ଆଜ୍ଞା ପାଇ ତଥା ସବୁମାତା ସ୍ନାନ କରି ସାରିଲେଣି ଜାଣି, ଭରତ ସେଠାରୁ ଡେରା ଉଠାଇ ବାହାରିଲେ ॥ ୧୯୭ ॥

**ଜହଁ ତହଁ ଲୋଗହ୍ନ ଡେରା କୀହ୍ନା । ଭରତ ସୋଧୁ ସବହୀ କର ଲୀହ୍ନା ॥**
**ସୁର ସେୱା କରି ଆୟସୁ ପାଈ । ରାମ ମାତୁ ପହିଁ ଗେ ଦୋଉ ଭାଈ ॥ ୧ ॥**

ଲୋକେ ବିଭିନ୍ନ ସ୍ଥାନରେ (ଯେଉଁଠି ବ୍ୟବସ୍ଥା ହୋଇଥିଲା) ନିଜ ନିଜର ଡେରା ପକାଇଲେ । ଭରତ ଯାଇ ସମସ୍ତଙ୍କ ଖବର ନେଲେ (ସମସ୍ତେ ସୁବିଧାରେ ରହିଲେ, କି ନାହିଁ, ବୁଝିଲେ) । ତା'ପରେ ଦେବାର୍ଚ୍ଚନା ସାରି, ଗୁରୁଙ୍କର ଆଜ୍ଞା ପାଇ ଦୁଇଭାଇ ଶ୍ରୀରାମଙ୍କ ମାତା କୌଶଲ୍ୟାଙ୍କ ନିକଟକୁ ଗଲେ ॥ ୧ ॥

**ଚରନ ଗ୍ରଁପି କହି କହି ମୃଦୁ ବାନୀ । ଜନନୀ ସକଲ ଭରତ ସନମାନୀ ॥**
**ଭାଇହି ସୌଁପି ମାତୁ ସେଓ୍ୱକାଈ । ଆପୁ ନିଷାଦହି ଲୀହ୍ନ ବୋଲାଈ ॥ ୨ ॥**

ଚରଣ ସେବା କରି ଓ କୋମଳ ବଚନ କହି ଭରତ ସବୁମାତାଙ୍କୁ ସମ୍ମାନ ଦେଲେ । ତା'ପରେ ଭାଇ ଶତ୍ରୁଘ୍ନଙ୍କୁ ମାତାମାନଙ୍କର ସେବା ଦାୟିତ୍ୱ ସମର୍ପିଦେଇ ନିଜେ ନିଷାଦରାଜଙ୍କୁ ଡକାଇପଠାଇଲେ ॥ ୨ ॥

**ଚଲେ ସଖା କର ସୌଁ କର ଜୋରେଁ । ସିଥିଲ ସରୀରୁ ସନେହ ନ ଥୋରେଁ ॥**
**ପୂଁଛତ ସଖହି ସୋ ଠାଉଁ ଦେଖାଉ । ନେକୁ ନୟନ ମନ ଜରନି ଜୁଡ଼ାଉ ॥ ୩ ॥**
**ଜହଁ ସିୟ ରାମୁ ଲଖନୁ ନିସି ସୋଏ । କହତ ଭରେ ଜଲ ଲୋଚନ କୋଏ ॥**
**ଭରତ ବଚନ ସୁନି ଭୟଉ ବିଷାଦୂ । ତୁରତ ତହାଁ ଲଇ ଗୟଉ ନିଷାଦୂ ॥ ୪ ॥**

ସଖା ନିଷାଦଙ୍କ ହାତ ଧରି ଭରତ ବାହାରିପଡ଼ିଲେ । ପ୍ରେମ ତ କିଛି କମ୍ ନ ଥାଏ; ତେଣୁ ତାଙ୍କ ଶରୀର ପ୍ରେମବିହ୍ୱଳ ହୋଇ ଶିଥିଳ ହୋଇଯାଉଥାଏ । ସେ ସଖାଙ୍କୁ କହିଲେ, ''ଯେଉଁଠି ସୀତା, ଶ୍ରୀରାମ ଓ ଲକ୍ଷ୍ମଣ ରାତିରେ ଶୋଇଥିଲେ, ମୋତେ ସେହି ସ୍ଥାନଟି ଦେଖାଇ ମୋ ମନ ଓ ନୟନର ଜ୍ୱାଳା ଶୀତଳ କର ।'' ଏପରି କହୁ କହୁ ତାଙ୍କ ନେତ୍ରକୋଣରେ ଅଶ୍ରୁଜଳ ପୂର୍ଣ୍ଣ ହୋଇଆସିଲା । ଭରତଙ୍କ କଥା ଶୁଣି ନିଷାଦଙ୍କୁ ବଡ଼ ଦୁଃଖ ଲାଗିଲା । ସେ ତାଙ୍କୁ ତୁରନ୍ତ ସେହି ସ୍ଥାନକୁ ନେଇଗଲେ ॥ ୩-୪ ॥

ଦୋ:- **ଜହଁ ସିଂସୁପା ପୁନୀତ ତର ରଘୁବର କିୟ ବିଶ୍ରାମୁ ।**
**ଅତି ସନେହଁ ସାଦର ଭରତ କୀହ୍ନେଉ ଦଂଡ ପ୍ରନାମୁ ॥ ୧୯୮ ॥**

ସେଠାରେ ଯେଉଁ ପବିତ୍ର ଅଶୋକବୃକ୍ଷତଳେ ଶ୍ରୀରାମ ବିଶ୍ରାମ ନେଇଥିଲେ, ଭରତ ସେଠାରେ ଅତ୍ୟନ୍ତ ପ୍ରେମର ସହିତ ଭକ୍ତିପୂର୍ବକ ଦଣ୍ଡବତ୍ ପ୍ରଣାମ କଲେ ॥ ୧୯୮ ॥

**କୁସ ସାଁଥରୀ ନିହାରି ସୁହାଈ । କୀହ୍ନ ପ୍ରନାମୁ ପ୍ରଦଚ୍ଛିନ ଜାଈ ॥**
**ଚରନ ରେଖ ରଜ ଆଁଖିହ୍ନ ଲାଈ । ବନଇ ନ କହତ ପ୍ରୀତି ଅଧିକାଈ ॥ ୧ ॥**

ସେଠାରେ କୁଶ ଓ ପର୍ଣ୍ଣର ସୁନ୍ଦର ଶଯ୍ୟା ଦେଖି, ଭରତ ତାହାକୁ ପରିକ୍ରମା କଲେ ଓ ପ୍ରଣାମ କଲେ । ଶ୍ରୀରାମଙ୍କ ଚରଣଚିହ୍ନରୁ ଧୂଳି ନେଇ ସେ ନୟନରେ ଲଗାଇଲେ । ସେହି ସମୟର ପ୍ରେମାଧିକ୍ୟକୁ ଭାଷାରେ ବର୍ଣ୍ଣନା କରିହେବ ନାହିଁ ॥ ୧ ॥

**କନକ ବିଂଦୁ ଦୁଇ ଚ୍ୟରିକ ଦେଖେ । ରାଖେ ସୀସ ସୀୟ ସମ ଲେଖେ ॥**
**ସଜଲ ବିଲୋଚନ ହୃଦୟଁ ଗଲାନୀ । କହତ ସଖା ସନ ବଚନ ସୁବାନୀ ॥ ୨ ॥**

ଭରତ ସେଠାରେ ଦୁଇଚ୍ୟରିଟି ସ୍ୱର୍ଣ୍ଣବିନ୍ଦୁ (ସୀତାଙ୍କ ଗହଣା ବା ବସ୍ତ୍ରରୁ ଖସି ପଡ଼ିଥିବା ସୁନାକଣିକା) ପଡ଼ିଥିବାର ଦେଖିଲେ । ସୀତାଙ୍କ ସମାନ ଜାଣି, ସେ ସେଗୁଡ଼ିକ ଉଠାଇଆଣି ମସ୍ତକରେ ସ୍ପର୍ଶ କଲେ । ତାଙ୍କ ନୟନରେ ପ୍ରେମାଶ୍ରୁ ଭରିଗଲା; ହୃଦୟରେ ଭରିଗଲା ଗ୍ଲାନି । ସେ କରୁଣ କଣ୍ଠରେ ସଖାଙ୍କୁ କହିଲେ, ॥ ୨ ॥

**ଶ୍ରୀହତ ସୀୟ ବିରହଁ ଦୁତିହୀନା । ଜଥା ଅୱଧ ନର ନାରି ବିଲୀନା ॥**
**ପିତା ଜନକ ଦେଉଁ ପଟତର କେହୀ । କରତଲ ଭୋଗୁ ଜୋଗୁ ଜଗ ଜେହୀ ॥ ୩ ॥**

''ଅଯୋଧ୍ୟାର ନରନାରୀ ଯେପରି ରାମବିରହ-ଶୋକରେ କ୍ଷୀଣ ହୋଇଯାଇଛନ୍ତି, ଏହି ସ୍ୱର୍ଣ୍ଣକଣିକାଗୁଡ଼ିକ ସେହିପରି ସୀତାଙ୍କ ବିରହରେ ଶ୍ରୀହୀନ ଓ କାନ୍ତିହୀନ ହୋଇଯାଇଛନ୍ତି । ସୀତାଙ୍କର ପିତା ହେଉଛନ୍ତି ଜଗତର ଭୋଗ ଓ ଯୋଗ ଉଭୟକୁ ହାତମୁଠାରେ ରଖିଥିବା ରାଜା ଜନକ; ସେହି ଜନକଙ୍କ ସହିତ ମୁଁ କାହାକୁ ବା ଉପମା ଦେବି ! ॥ ୩ ॥

**ସସୁର ଭାନୁକୁଲ ଭାନୁ ଭୁଆଲୂ । ଜେହି ସିହାତ ଅମରାଓ୍ୱତିପାଲୂ ॥**
**ପ୍ରାନନାଥୁ ରଘୁନାଥ ଗୋସାଈଁ । ଜୋ ବଡ଼ ହୋତ ସୋ ରାମ ବଡ଼ାଈଁ ॥ ୪ ॥**

ସୀତାଙ୍କ ଶ୍ୱଶୁର ହେଉଛନ୍ତି ସୂର୍ଯ୍ୟବଂଶର ସୂର୍ଯ୍ୟ ରାଜା ଦଶରଥ, ଯାହାଙ୍କ ଐଶ୍ୱର୍ଯ୍ୟ ଓ ପ୍ରତାପ ଦେଖି ଅମରାବତୀର ଅଧୀଶ୍ୱର ଇନ୍ଦ୍ର ମଧ୍ୟ ଈର୍ଷା କରନ୍ତି; ସୀତାଙ୍କ ପ୍ରାଣନାଥ ହେଉଛନ୍ତି ପ୍ରଭୁ ରଘୁନାଥ, ଯାହାଙ୍କ ପ୍ରଦତ୍ତ ଗୌରବ ହେତୁହିଁ ଅନ୍ୟମାନେ ବିରାଟ ହୁଅନ୍ତି ॥ ୪ ॥

ଦୋଃ- **ପତି ଦେଓ୍ୱତା ସୁତୀୟ ମନି ସୀୟ ସାଁଥରୀ ଦେଖି ।**
**ବିହରତ ହୃଦଉ ନ ହହରି ହର ପବି ତେଁ କଠିନ ବିସେଷି ॥ ୧୯୯ ॥**

ଏପରି ନାରୀଶିରୋମଣି ପତିବ୍ରତାଶ୍ରେଷ୍ଠ ସୀତାଙ୍କ କୁଶଶଯ୍ୟା ଦେଖି ମୋର ହୃଦୟ ଯାହା ହାୟ ! ହାୟ ! ହୋଇ ଫାଟି ନ ଯାଉଛି ! ହେ ଶଙ୍କର ! ମୋର ଏହି ହୃଦୟ ବୋଧ ହୁଏ ବଜ୍ରଠାରୁ ବି ଅଧିକ କଠିନ !! ॥୧୯୯॥

**ଲାଲନ ଜୋଗୁ ଲଖନ ଲଘୁ ଲୋନେ । ଭେ ନ ଭାଇ ଅସ ଅହହିଁ ନ ହୋନେ ॥**
**ପୁରଜନ ପ୍ରିୟ ପିତୁ ମାତୁ ଦୁଲାରେ । ସିୟ ରଘୁବୀରହି ପ୍ରାନପିଆରେ ॥ ୧ ॥**

ମୋ ସାନଭାଇ ଲକ୍ଷ୍ମଣ ବଡ଼ ସୁନ୍ଦର ଓ ଆଦରର ପାତ୍ର । ସେପରି ଭାଇ କେବେ ବି କାହାର ନ ଥିଲା, ନାହିଁ, କି ହେବ ନାହିଁ । ଯେଉଁ ଲକ୍ଷ୍ମଣ ସମଗ୍ର ଅଯୋଧ୍ୟାବାସୀଙ୍କର ପ୍ରିୟ, ପିତାମାତାଙ୍କର ଦୁଲାଳ ଓ ଶ୍ରୀସୀତାରାମଙ୍କର ପ୍ରାଣପ୍ରିୟ, ॥ ୧ ॥

**ମୃଦୁ ମୂରତି ସୁକୁମାର ସୁଭାଉ । ତାତ ବାଉ ତନ ଲାଗ ନ କାଉ ॥**
**ତେ ବନ ସହହିଁ ବିପତି ସବ ଭାଁତୀ । ନିଦରେ କୋଟି କୁଲିସ ଏହିଁ ଛାତୀ ॥ ୨ ॥**

ଯାହାର ମୂର୍ତ୍ତି କୋମଳ ଓ ସ୍ୱଭାବ ଅତି ସୁକୁମାର, ଯାହାର ଦେହରେ ଦିନେ ତାତିଲାପବନ ଟିକିଏ ବି ବାଜି ନ ଥିଲା, ସେ ଆଜି ବନରେ ସକଳପ୍ରକାର ବିପତ୍ତି ସହୁଛି । ହାୟ ! ମୋର ଛାତି [ନିଜର କଠୋରତାରେ] କୋଟିବଜ୍ରକୁ ବି ବଳିଯାଇଛି, [ନ ହେଲେ ତ ଏହା କେବେଠାରୁ ଫାଟିଯାଆନ୍ତାଣି ।] ॥ ୨ ॥

**ରାମ ଜନମି ଜଗୁ କୀନ୍ହ ଉଜାଗର । ରୂପ ସୀଲ ସୁଖ ସବ ଗୁନ ସାଗର ॥**
**ପୁରଜନ ପରିଜନ ଗୁର ପିତୁ ମାତା । ରାମ ସୁଭାଉ ସବହି ସୁଖଦାତା ॥ ୩ ॥**

ଶ୍ରୀରାମଚନ୍ଦ୍ର ଜନ୍ମ (ଅବତାର) ହୋଇ ଜଗତକୁ ଉଜ୍ଜ୍ୱଳ କରିଦେଲେ । ସେ ହେଉଛନ୍ତି ରୂପ, ସଦାଗ୍ରହ, ସୁଖ ତଥା ସମସ୍ତ ସଦ୍‌ଗୁଣର ସାଗର । ଶ୍ରୀରାମଙ୍କର ସ୍ୱଭାବ ପୁରବାସୀ, କୁଟୁମ୍ବଜନ, ଗୁରୁ, ପିତାମାତା—ସମସ୍ତଙ୍କୁ ସୁଖ ପ୍ରଦାନ କରେ ॥ ୩ ॥

**ବୈରିଉ ରାମ ବଡ଼ାଈ କରହୀଁ । ବୋଲନି ମିଲନି ବିନୟ ମନ ହରହୀଁ ॥**
**ସାରଦ କୋଟି କୋଟି ସତ ସେଷା । କରି ନ ସକହିଁ ପ୍ରଭୁ ଗୁନ ଗନ ଲେଖା ॥ ୪ ॥**

ଶତ୍ରୁ ମଧ୍ୟ ଶ୍ରୀରାମଙ୍କୁ ସମ୍ମାନ କରେ । ନିଜର କଥାଭାଷାରେ, ଅନ୍ୟମାନଙ୍କ ସହିତ ମିଳାମିଶା କରିବାର ରୀତିରେ ଓ ବିନୟରେ ସେ ମନକୁ ହରଣ କରିନିଅନ୍ତି । କୋଟିଏ ସରସ୍ୱତୀ ଏବଂ ଶହେକୋଟି ଶେଷଦେବ ବି ପ୍ରଭୁ ଶ୍ରୀରାମଙ୍କ ଗୁଣରାଶିକୁ ଗଣିପାରିବେ ନାହିଁ ॥ ୪ ॥

ଦୋଃ- **ସୁଖସ୍ୱରୂପ ରଘୁବଂସମନି ମଂଗଲ ମୋଦ ନିଧାନ ।**
**ତେ ସୋଓ୍ୱତ କୁସ ଡାସି ମହି ବିଧି ଗତି ଅତି ବଲଓ୍ୱାନ ॥ ୨୦୦ ॥**

ସେହି ରଘୁବଂଶ-ଶିରୋମଣି, ସୁଖସ୍ୱରୂପ, ମଙ୍ଗଳ ଓ ଆନନ୍ଦର ଭଣ୍ଡାର ଶ୍ରୀରାମ ଆଜି ଭୂମିରେ କୁଶ ବିଛାଇ ଶୋଉଛନ୍ତି !! ବିଧାତାର ଗତି ଅତି ବିଚିତ୍ର, ବଡ଼ ବଳବାନ୍ ! ॥ ୨୦୦॥

**ରାମ ସୁନା ଦୁଖୁ କାନ ନ କାଉ । ଜୀୱନତରୁ ଜିମି ଜୋଗୱଇ ରାଉ ॥**
**ପଲକ ନୟନ ଫନି ମନି ଜେହି ଭାଁତୀ । ଜୋଗୱହିଁ ଜନନି ସକଲ ଦିନ ରାତୀ ॥ ୧ ॥**

ଶ୍ରୀରାମ କେବେ କାନରେ ଦୁଃଖର ନାମ ମଧ୍ୟ ଶୁଣି ନ ଥିଲେ । ମହାରାଜା ସ୍ୱୟଂ ତାଙ୍କୁ ଜୀବନବୃକ୍ଷ ପରି ଜଗିରହିଥିଲେ । ଚକ୍ଷୁର ପତା ଯେପରି ଚକ୍ଷୁଡୋଳାକୁ ରକ୍ଷା କରେ ଓ ସର୍ପ ଯେପରି ତା'ର ମଣିକୁ ରକ୍ଷା କରେ, ସବୁମାତା ମଧ୍ୟ ସେହିପରି ଯତ୍ନର ସହିତ ଦିବାନିଶି ତାଙ୍କୁ ସୁରକ୍ଷିତ କରି ରଖିଥିଲେ ॥ ୧ ॥

**ତେ ଅବ ଫିରତ ବିପିନ ପଦଚାରୀ । କଂଦ ମୂଲ ଫଲ ଫୂଲ ଅହାରୀ ॥**
**ଧିଗ କୈକଈ ଅମଂଗଲ ମୂଲା । ଭଇସି ପ୍ରାନ ପ୍ରିୟତମ ପ୍ରତିକୂଲା ॥ ୨ ॥**

ସେହି ଶ୍ରୀରାମ ଆଜି ବନଭୂମିରେ ପାଦରେ ଚାଲୁଛନ୍ତି ଓ କନ୍ଦ-ମୂଳ, ଫୁଲ-ଫଳ ଖାଇ ରହିଛନ୍ତି । ନିଜର ପ୍ରାଣପ୍ରିୟ ପତିଙ୍କ ପାଇଁ ବି ଯେ ପ୍ରତିକୂଳ ହୋଇଗଲା, ଅମଙ୍ଗଳର ମୂଳ ସେହି କୈକେୟୀକୁ ଧିକ୍ !॥ ୨॥

**ମୈଁ ଧିଗ ଧିଗ ଅଘ ଉଦଧି ଅଭାଗୀ । ସବୁ ଉତପାତୁ ଭୟଉ ଜେହି ଲାଗୀ ॥**
**କୁଲ କଲଂକୁ କରି ସୃଜେଉ ବିଧାତାଁ । ସାଇଁଦୋହ ମୋହି କୀହ୍ନ କୁମାତାଁ ॥ ୩ ॥**

ମୋପରି ପାପର ସମୁଦ୍ର ଓ ଅଭାଗାକୁ ଧିକ୍ ! ମୋରି କାରଣରୁ ଏସବୁ ଉତ୍ପାତ ଘଟିଗଲା । ବିଧାତା ମୋତେ କୁଳର କଳଙ୍କ କରି ଜନ୍ମ ଦେଇଥିଲା; ପୁଣି ଏ କୁମାତା ମୋତେ ପ୍ରଭୁଦ୍ରୋହୀ କରିଦେଲା ।'' ॥ ୩ ॥

**ସୁନି ସପ୍ରେମ ସମୁଝାୱ ନିଷାଦୂ । ନାଥ କରିଅ କତ ବାଦି ବିଷାଦୂ ॥**
**ରାମ ତୁହ୍ମହି ପ୍ରିୟ ତୁହ୍ମ ପ୍ରିୟ ରାମହି । ୟହ ନିରଜୋସୁ ଦୋସୁ ବିଧି ବାମହି ॥ ୪ ॥**

ଏହା ଶୁଣି ନିଷାଦରାଜ ତାଙ୍କୁ ପ୍ରେମର ସହିତ ବୁଝାଇ କହିଲେ, ''ହେ ନାଥ ! ଆପଣ ଏଭଳି ବୃଥା ଦୁଃଖ କାହିଁକି କରୁଛନ୍ତି ? ଶ୍ରୀରାମ ଆପଣଙ୍କର ପ୍ରିୟ ଏବଂ ଆପଣ ତାଙ୍କର ପ୍ରିୟ—ଏହାହିଁ ସାରକଥା (ଧ୍ରୁବ ସତ୍ୟ) । ଦୋଷ ତ କେବଳ ପ୍ରତିକୂଳ ବିଧାତାର ॥ ୪ ॥

ଛନ୍ଦ- **ବିଧି ବାମ କୀ କରନୀ କଠିନ ଜେହିଁ ମାତୁ କୀହ୍ନୀ ବାୱରୀ ।**
**ତେହି ରାତି ପୁନି ପୁନି କରହିଁ ପ୍ରଭୁ ସାଦର ସରହନା ରାୱରୀ ॥**
**ତୁଲସୀ ନ ତୁହ୍ମ ସୋ ରାମ ପ୍ରୀତମୁ କହତୁ ହୌଁ ସୌଁହେଁ କିଏଁ ।**
**ପରିନାମ ମଂଗଲ ଜାନି ଅପନେ ଆନିଏ ଧୀରଜୁ ହିଏଁ ॥**

ବିଧାତା ବାମ ହେଲେ ତା'ର କାର୍ଯ୍ୟ ଅତି କଠୋର ହୋଇଯାଏ; ବିଧାତାହିଁ କୈକେୟୀଙ୍କ ମତିକୁ ବିଭ୍ରମ କରିଦେଲା । ସେଦିନ ରାତିରେ ପ୍ରଭୁ ଶ୍ରୀରାମ ବଡ଼ ଆଦରପୂର୍ବକ ବାରମ୍ବାର ଆପଣଙ୍କୁ ପ୍ରଶଂସା କରୁଥିଲେ ।'' ତୁଳସୀଦାସ କହୁଛନ୍ତି, [ନିଷାଦରାଜ ଭରତଙ୍କୁ କହିଲେ—] ''ମୁଁ ରାଣ ପକାଇ କହୁଛି, ଆପଣଙ୍କ ଭଳି ପ୍ରିୟ ହୋଇ ଶ୍ରୀରାମଙ୍କର ଆଉ କେହି ନାହିଁ; ପରିଣାମରେ ମଙ୍ଗଳହିଁ ହେବ ଜାଣି ଆପଣ ହୃଦୟରେ ଧୈର୍ଯ୍ୟ ଧରନ୍ତୁ ॥

ସୋ:- **ଅଂତରଜାମୀ ରାମୁ ସକୁଚ ସପ୍ରେମ କୃପାୟତନ ।**
**ଚଲିଅ କରିଅ ବିଶ୍ରାମୁ ୟହ ବିଚାରି ଦୃଢ଼ ଆନି ମନ ॥ ୨୦୧ ॥**

ଶ୍ରୀରାମ ହେଉଛନ୍ତି ଅନ୍ତର୍ଯାମୀ ତଥା ବିନୟ, ପ୍ରେମ ଓ କୃପାର ନିଧାନ । ଏହା ବିଚାର କରି ଏବଂ ମନରେ ଧୈର୍ଯ୍ୟ ଧରି ଚାଲନ୍ତୁ; ନିଶ୍ଚିନ୍ତ ହୋଇ ବିଶ୍ରାମ କରନ୍ତୁ ।'' ॥ ୨୦୧ ॥

**ସଖା ବଚନ ସୁନି ଉର ଧରି ଧୀରା । ବାସ ଚଲେ ସୁମିରତ ରଘୁବୀରା ॥**
**ୟହ ସୁଧି ପାଇ ନଗର ନର ନାରୀ । ଚଲେ ବିଲୋକନ ଆରତ ଭାରୀ ॥ ୧ ॥**

ସଖାଙ୍କ ବଚନ ଶୁଣି, ହୃଦୟରେ ଧୈର୍ଯ୍ୟ ଧରି ଏବଂ ଶ୍ରୀରାମଙ୍କୁ ସ୍ମରଣ କରି କରି ଭରତ ନିଜ ବିଶ୍ରାମସ୍ଥଳକୁ ଗଲେ । ଶ୍ରୀରାମଙ୍କ ବିଶ୍ରାମ ସ୍ଥାନ ସମ୍ବନ୍ଧୀୟ ସମାଚାର ପାଇ, ନଗରର ସବୁନରନାରୀ ଆତୁର ହୋଇ ସେହି ସ୍ଥାନଟି ଦେଖିବାକୁ ବାହାରିଲେ ॥ ୧॥

**ପରଦଖିନା କରି କରହିଁ ପ୍ରନାମା । ଦେହିଁ କୈକଇହି ଖୋରି ନିକାମା ॥**
**ଭରି ଭରି ବାରି ବିଲୋଚନ ଲେହୀଁ । ବାମ ବିଧାତହି ଦୂଷନ ଦେହୀଁ ॥ ୨ ॥**

ସେମାନେ ସେହି ସ୍ଥାନକୁ ପରିକ୍ରମା କରି ପ୍ରଣାମ କଲେ ଏବଂ କୈକେୟୀଙ୍କୁ ବହୁ ନିନ୍ଦା କରି ଦୋଷ ଦେଲେ । ଦୁଃଖରେ ଲୋତକ ଝରାଇ ସେମାନେ ନିଷ୍ଠୁର ବିଧାତାକୁ ମଧ୍ୟ ଦୋଷ ଦେଲେ ॥ ୨ ॥

**ଏକ ସରାହହିଁ ଭରତ ସନେହୂ । କୋଉ କହ ନୃପତି ନିବାହେଉ ନେହୂ ॥**
**ନିଂଦହିଁ ଆପୁ ସରାହି ନିଷାଦହି । କୋ କହି ସକଇ ବିମୋହ ବିଷାଦହି ॥ ୩ ॥**

କେତେକ ଲୋକ ଭରତଙ୍କ ଭ୍ରାତୃପ୍ରେମର ପ୍ରଶଂସା କଲେ; ଆଉ କେତେକ କହିଲେ ଯେ, ରାଜା ତାଙ୍କ ପ୍ରେମର ଉପଯୁକ୍ତ ପରିଚୟ ଦେଲେ । ସମସ୍ତେ ନିଜ ନିଜକୁ ନିନ୍ଦା କରି ନିଷାଦରାଜଙ୍କୁ ପ୍ରଶଂସା କଲେ । ସେତେବେଳକାର ବିମୋହ (ପ୍ରେମାବେଶ) ଓ ବିଷାଦ କିଏ ବା ବର୍ଣ୍ଣନା କରିପାରିବ ! ॥ ୩ ॥

**ଏହି ବିଧି ରାତି ଲୋଗୁ ସବୁ ଜାଗା । ଭା ଭିନୁସାର ଗୁଦାରା ଲାଗା ॥**
**ଗୁରହି ସୁନାୱଁ ଚଢ଼ାଇ ସୁହାଈଁ । ନଈଁ ନାୱ ସବ ମାତୁ ଚଢ଼ାଈଁ ॥ ୪ ॥**

ଏପରିଭାବରେ ଲୋକେ ରାତିସାରା ଜାଗ୍ରତ ରହିଲେ । ସକାଳ ହେଉ ହେଉ ନଦୀ ପାରି ହେବାର ଆୟୋଜନ ଚାଲିଲା । ଗୋଟିଏ ସୁନ୍ଦର ନୌକାରେ ଗୁରୁଙ୍କୁ ବସାଇଦିଆଗଲା; ଆଉ ଗୋଟିଏ ନୂତନ ନୌକାରେ ସବୁମାଆଙ୍କୁ ଚଢ଼ାଇଦିଆଗଲା ॥ ୪ ॥

**ଦଂଡ ଚାରି ମହଁ ଭା ସବୁ ପାରା । ଉତରି ଭରତ ତବ ସବହି ସଁଭାରା ॥ ୫ ॥**

ଚାରିଘଡ଼ି ମଧ୍ୟରେ ସମସ୍ତେ ଗଙ୍ଗା ପାରି ହୋଇଗଲେ । ଆର ପାରିରେ ଓହ୍ଲାଇବା ପରେ ସମସ୍ତେ ଆସିଲେ କି ନାହିଁ ବୋଲି ଭରତ ପଚାରିବୁଝିଲେ ॥ ୫ ॥

ଦୋଃ- **ପ୍ରାତକ୍ରିୟା କରି ମାତୁ ପଦ ବଂଦି ଗୁରହି ସିରୁ ନାଇ ।**
**ଆଗେଁ କିଏ ନିଷାଦ ଗନ ଦୀହ୍ନେଉ କଟକୁ ଚଲାଇ ॥ ୨୦୨ ॥**

ପ୍ରାତଃ କ୍ରିୟା ସାରି ଭରତ ମାଆମାନଙ୍କ ଚରଣ ବନ୍ଦନା କଲେ ଏବଂ ଗୁରୁଙ୍କ ପାଦରେ ପ୍ରଣାମ କରି [ବାଟ ଦେଖାଇବାଲାଗି] ନିଷାଦମାନଙ୍କୁ ଆଗରେ ଛାଡ଼ିଲେ ଏବଂ ସୈନ୍ୟସାମନ୍ତଙ୍କୁ ପଛରେ ପଠାଇଲେ ॥ ୨୦୨ ॥

**କିୟଉ ନିଷାଦନାଥୁ ଅଗୁଆଈଁ । ମାତୁ ପାଲକୀଁ ସକଲ ଚଲାଈଁ ॥**
**ସାଥ ବୋଲାଇ ଭାଇ ଲଘୁ ଦୀହ୍ନା । ବିପ୍ରହ୍ନ ସହିତ ଗୱନୁ ଗୁର କୀହ୍ନା ॥ ୧ ॥**

ନିଷାଦରାଜଙ୍କୁ ଆଗରେ ଛାଡ଼ି ତାଙ୍କ ପଛରେ ମାଆମାନଙ୍କର ପାଲିଙ୍କି ପଠାଇଲେ । ଅନୁଜ ଶତ୍ରୁଘ୍ନଙ୍କୁ ସେମାନଙ୍କ ସାଥିରେ ପଠାଇଲେ । ସେମାନଙ୍କ ପଛରେ ବ୍ରାହ୍ମଣମାନଙ୍କ ସହିତ ଗୁରୁଦେବ ଗମନ କଲେ ॥ ୧ ॥

**ଆପୁ ସୁରସରିହି କୀହ୍ନ ପ୍ରନାମୂ । ସୁମିରେ ଲଖନ ସହିତ ସିୟ ରାମୂ ॥**
**ଗଓ୍ୱନେ ଭରତ ପୟାଦେହିଁ ପାଏ । କୋତଲ ସଂଗ ଜାହିଁ ଡୋରିଆଏ ॥ ୨ ॥**

ତା'ପରେ ଭରତ ଗଙ୍ଗାଙ୍କୁ ପ୍ରଣାମ କରି ଏବଂ ସୀତାରାମ ଓ ଲକ୍ଷ୍ମଣଙ୍କୁ ସ୍ମରଣ କରି ପାଦରେ ଚାଲି ଚାଲି ଗଲେ । ତାଙ୍କ ସହିତ ସେବକମାନେ ଆରୋହୀବିହୀନ ଘୋଡ଼ାମାନଙ୍କ ଲଗାମ ଧରି ଚାଲିଲେ ॥ ୨ ॥

**କହହିଁ ସୁସେଓ୍ୱକ ବାରହିଁ ବାରା । ହୋଇଅ ନାଥ ଅସ୍ୱ ଅସଓ୍ୱାରା ॥**
**ରାମୁ ପୟାଦେହି ପାୟଁ ସିଧାଏ । ହମ କହଁ ରଥ ଗଜ ବାଜି ବନାଏ ॥ ୩ ॥**

ବିଶ୍ୱସ୍ତ ସେବକମାନେ ବାରମ୍ବାର କହୁଥାନ୍ତି, ''ହେ ପ୍ରଭୁ ! ଆପଣ ଘୋଡ଼ାରେ ବସିଯାଆନ୍ତୁ ।'' ଭରତ କହୁଥାନ୍ତି, ''ଶ୍ରୀରାମ ତ ପାଦରେ ଚାଲି ଚାଲି ଗଲେ; କ'ଣ, ଖାଲି ଆମରି ପାଇଁ ରଥ, ହାତୀ, ଘୋଡ଼ା ରଖାହୋଇଛି !! ॥ ୩ ॥

**ସିର ଭର ଜାଉଁ ଉଚିତ ଅସ ମୋରା । ସବ ତେଁ ସେଓ୍ୱକ ଧରମୁ କଠୋରା ॥**
**ଦେଖି ଭରତ ଗତି ସୁନି ମୃଦୁ ବାନୀ । ସବ ସେଓ୍ୱକ ଗନ ଗରହିଁ ଗଲାନୀ ॥ ୪ ॥**

ମୋ ପକ୍ଷରେ ତ ମୁଣ୍ଡରେ ଚାଲି ଚାଲି ଯିବା ଉଚିତ ଥିଲା ! ସେବକର ଧର୍ମ ସବୁଠାରୁ କଠିନ ।'' । ଭରତଙ୍କ ସ୍ଥିତି ଦେଖି ଓ ତାଙ୍କ କୋମଳ ବଚନ ଶୁଣି ସେବକମାନେ ଗ୍ଲାନିରେ ଶଢ଼ିଗଲେ ॥ ୪ ॥

ଦୋଃ- **ଭରତ ତୀସରେ ପହର କହଁ କୀହ୍ନ ପ୍ରବେସୁ ପ୍ରୟାଗ ।**
**କହତ ରାମ ସିୟ ରାମ ସିୟ ଉମଗି ଉମଗି ଅନୁରାଗ ॥ ୨୦୩ ॥**

ପ୍ରେମରେ ଉଲ୍ଲସିତ ହୋଇ, 'ରାମସୀତା ! ରାମସୀତା !' କହି କହି ଭରତ ଦିନର ତୃତୀୟ ପ୍ରହରବେଳକୁ ଯାଇ ପ୍ରୟାଗରେ ପହଞ୍ଚିଲେ ॥ ୨୦୩ ॥

**ଝଲକା ଝଲକତ ପାୟନ୍ହ କୈସେଁ । ପଂକଜ କୋସ ଓସ କନ ଜୈସେଁ ॥**
**ଭରତ ପୟାଦେହିଁ ଆଏ ଆଜୂ । ଭୟଉ ଦୁଖିତ ସୁନି ସକଲ ସମାଜୂ ॥ ୧ ॥**

ଚାଲି ଚାଲି ଭରତଙ୍କ କୋମଳ ପାଦରେ ଫୋଟକା ହୋଇଯାଇଥାଏ । ତାଙ୍କ ପାଦର ଫୋଟକା କିପରି ଦେଖାଯାଉଥିଲା, ଜାଣନ୍ତି ? ଦେଖାଯାଉଥିଲା ସତେ ଯେପରି ପଦ୍ମକଳିକା ଉପରେ ଶିଶିରବିନ୍ଦୁ ଚମକୁଛି । 'ଭରତ ଆଜି ପାଦରେ ଚାଲି ଚାଲି ଆସିଛନ୍ତି' ବୋଲି ଶୁଣିଦେଲାମାତ୍ରେ ସମସ୍ତେ ଦୁଃଖିତ ହୋଇଗଲେ ॥ ୧ ॥

**ଖବରି ଲୀହ୍ନ ସବ ଲୋଗ ନହାଏ । କୀହ୍ନ ପ୍ରନାମୁ ତ୍ରିବେନିହିଁ ଆଏ ॥**
**ସବିଧି ସିତାସିତ ନୀର ନହାନେ । ଦିଏ ଦାନ ମହିସୁର ସନମାନେ ॥ ୨ ॥**

ଭରତ ଖବର ପାଇଲେ ଯେ, ସମସ୍ତେ ସ୍ନାନ କରିସାରିଲେଣି । ତା'ପରେ, ସେ ନିଜେ ଆସି ତ୍ରିବେଣୀଙ୍କୁ ପ୍ରଣାମ କଲେ । ସେ ଗଙ୍ଗା-ଯମୁନାର ଶ୍ୱେତ ଓ ଶ୍ୟାମ ଜଳରେ ବିଧିପୂର୍ବକ ସ୍ନାନ କଲେ ଏବଂ ଦାନ ଦେଇ ବ୍ରାହ୍ମଣମାନଙ୍କୁ ସମ୍ମାନିତ କଲେ ॥ ୨ ॥

**ଦେଖତ ସ୍ୟାମଲ ଧଓ୍ୱଲ ହଲୋରେ । ପୁଲକି ସରୀର ଭରତ କର ଜୋରେ ॥**
**ସକଲ କାମପ୍ରଦ ତୀରଥରାଊ । ବେଦ ବିଦିତ ଜଗ ପ୍ରଗଟ ପ୍ରଭାଊ ॥ ୩ ॥**

ଯମୁନା ଓ ଗଙ୍ଗାର ଶ୍ୟାମଳ ଓ ଶ୍ୱେତ ତରଙ୍ଗ ଦେଖି ଭରତଙ୍କ ଶରୀର ପୁଲକିତ ହୋଇଉଠିଲା । ସେ କର ଯୋଡ଼ି ପ୍ରାର୍ଥନା କଲେ, ''ହେ ତୀର୍ଥରାଜ !ଆପଣ ସକଳ କାମନା ପୂର୍ଣ୍ଣ କରନ୍ତି; ଆପଣଙ୍କ ପ୍ରଭାବ ବେଦରେ ପ୍ରସିଦ୍ଧ ଓ ସଂସାରରେ ବିଖ୍ୟାତ; ॥ ୩ ॥

**ମାଗଉଁ ଭୀଖ ତ୍ୟାଗି ନିଜ ଧରମୂ । ଆରତ କାହ ନ କରଇ କୁକରମୂ ॥**
**ଅସ ଜିୟଁ ଜାନି ସୁଜାନ ସୁଦାନୀ । ସଫଲ କରହିଁ ଜଗ ଜାଚକ ବାନୀ ॥ ୪ ॥**

ମୁଁ ମୋର ଧର୍ମ (କ୍ଷତ୍ରିୟର ନ ମାଗିବା-ଧର୍ମ) ତ୍ୟାଗ କରି ଆପଣଙ୍କୁ ଭିକ୍ଷା ମାଗୁଛି । ଆର୍ତ୍ତ ମନୁଷ୍ୟ କେଉଁ କୁକର୍ମ ବା ନ କରେ ! ଏହା ହୃଦୟଙ୍ଗମ କରି ସୁଜ୍ଞାନୀ ଉତ୍ତମ ଦାନୀମାନେ ଜଗତରେ ମାଗୁଥିବା ଲୋକର ବଚନକୁ ସଫଳ କରିଥାନ୍ତି (ଲୋକେ ଯାହା ମାଗନ୍ତି, ତାହା ଦିଅନ୍ତି) ॥ ୪ ॥

ଦୋ:- **ଅରଥ ନ ଧରମ ନ କାମ ରୁଚି ଗତି ନ ଚହଉଁ ନିରବାନ ।**
**ଜନମ ଜନମ ରତି ରାମ ପଦ ୟହ ବରଦାନୁ ନ ଆନ ॥ ୨୦୪ ॥**

ମୋର ଅର୍ଥ ଓ ଧର୍ମ ପ୍ରତି ରୁଚି ନାହିଁ, କି କାମରେ ଏବଂ ମୋକ୍ଷରେ ରୁଚି ନାହିଁ । ମୋର କେବଳ ଏତିକି ମାଗୁଣି ଯେ, ଶ୍ରୀରାମଙ୍କ ଚରଣରେ ଜନ୍ମଜନ୍ମାନ୍ତରରେ ମୋର ପ୍ରେମ ରହୁ; ମୁଁ ଆଉ କିଛି ଚାହେଁନା ॥ ୨୦୪ ॥

**ଜାନହୁଁ ରାମୁ କୁଟିଲ କରି ମୋହୀ । ଲୋଗ କହଉ ଗୁର ସାହିବ ଦ୍ରୋହୀ ॥**
**ସୀତା ରାମ ଚରନ ରତି ମୋରେଁ । ଅନୁଦିନ ବଢ଼ଉ ଅନୁଗ୍ରହ ତୋରେଁ ॥ ୧ ॥**

ସ୍ୱୟଂ ଶ୍ରୀରାମ ମୋତେ କୁଟିଳ ବୋଲି ଭାବନ୍ତୁ ପଛେ, ଲୋକେ ମୋତେ ଗୁରୁଦ୍ରୋହୀ ଓ ସ୍ୱାମୀଦ୍ରୋହୀ ବୋଲି କହନ୍ତୁ ପଛେ, ଆପଣଙ୍କ କୃପାରୁ ଶ୍ରୀସୀତାରାମଙ୍କ ଚରଣରେ ମୋର ପ୍ରେମ ଦିନୁଦିନ ବଢ଼ିଚାଲୁ ॥ ୧ ॥

**ଜଲଦୁ ଜନମ ଭରି ସୁରତି ବିସାରଉ । ଜାଚତ ଜଲୁ ପବି ପାହନ ଡାରଉ ॥**
**ଚାତକୁ ରଟନି ଘଟେଁ ଘଟି ଜାଈ । ବଢ଼େଁ ପ୍ରେମୁ ସବ ଭାଁତି ଭଲାଈ ॥ ୨ ॥**

ଚାତକର ସ୍ମୃତିକୁ ମେଘ ସାରାଜୀବନ ଭୁଲିଯାଉ ପଛେ ଏବଂ ଜଳ ମାଗିବାବେଳେ ତା'ଉପରେ ବଜ୍ର ଓ କୁଆପଥର ଆଘାତ କରୁ ପଛେ, ଚାତକର ରଟନ (ଆର୍ତ୍ତ ଡାକ) କମିଗଲେ କେବଳ ଚାତକର ପ୍ରତିଷ୍ଠାହିଁ ନଷ୍ଟ ହେବ । ଚାତକର ମେଘ ପ୍ରତି ପ୍ରୀତି ବଢ଼ିବାହିଁ ତା'ପାଇଁ ସକଳପ୍ରକାରେ ମଙ୍ଗଳକର ॥ ୨ ॥

**କନକହିଁ ବାନ ଚଢ଼ଇ ଜିମି ଦାହେଁ । ତିମି ପ୍ରିୟତମ ପଦ ନେମ ନିବାହେଁ ॥**
**ଭରତ ବଚନ ସୁନି ମାଝ ତ୍ରିବେନୀ । ଭଇ ମୃଦୁ ବାନି ସୁମଂଗଲ ଦେନୀ ॥ ୩ ॥**

ନିଆଁରେ ପୋଡ଼ିଲେହିଁ ଯେପରି ସୁନାର ଚମକ ବାହାରେ, ପ୍ରିୟତମଙ୍କ ଚରଣକମଳରେ ଦୃଢ଼ପ୍ରେମ ନିର୍ବାହ କଲେହିଁ ସେହିପରି ପ୍ରେମୀ ସେବକର ଗୌରବ ବଢ଼େ ।'' ଭରତଙ୍କ ବଚନ ଶୁଣି ତ୍ରିବେଣୀମଧ୍ୟରୁ ସୁନ୍ଦର ମଙ୍ଗଳପ୍ରଦ କୋମଳ ବାଣୀ ଶୁଣାଗଲା, ॥ ୩ ॥

**ତାତ ଭରତ ତୁମ୍ହ ସବ ବିଧି ସାଧୂ । ରାମ ଚରନ ଅନୁରାଗ ଅଗାଧୂ ॥**
**ବାଦି ଗଲାନି କରହୁ ମନ ମାହୀଁ । ତୁମ୍ହ ସମ ରାମହି କୋଉ ପ୍ରିୟ ନାହୀଁ ॥ ୪ ॥**

''ହେ ବତ୍ସ ଭରତ ! ତୁମେ ସବୁଦୃଷ୍ଟିରୁ ସାଧୁ । ଶ୍ରୀରାମଙ୍କ ଚରଣରେ ତୁମର ଅଗାଧ ପ୍ରେମ ରହିଛି । ତୁମେ ଅଯଥା ମନରେ ଗ୍ଳାନି ଆଣୁଛ । ଶ୍ରୀରାମଙ୍କର ତୁମସମାନ ପ୍ରିୟ ଅନ୍ୟ କେହି ନାହିଁ ।'' ॥ ୪ ॥

ଦୋଃ- **ତନୁ ପୁଲକେଉ ହିଯ଼ଁ ହରଷୁ ସୁନି ବେନି ବଚନ ଅନୁକୂଲ ।**
**ଭରତ ଧନ୍ୟ କହି ଧନ୍ୟ ସୁର ହରଷିତ ବରଷହିଁ ଫୂଲ ॥ ୨୦୫ ॥**

ତ୍ରିବେଣୀଙ୍କର ଅନୁକୂଳ ବଚନ ଶୁଣି ଭରତଙ୍କ ଶରୀରରେ ଶିହରଣ ଖେଳିଗଲା । ତାଙ୍କ ହୃଦଯ଼ରେ ଆନନ୍ଦ ପୂରିଗଲା । 'ଭରତ ଧନ୍ୟ ! ଭରତ ଧନ୍ୟ !' କହି କହି ଦେବତାମାନେ ଆନନ୍ଦିତ ହୋଇ ଆକାଶରୁ ପୁଷ୍ପବୃଷ୍ଟି କଲେ ॥ ୨୦୫ ॥

**ପ୍ରମୁଦିତ ତୀରଥରାଜ ନିୱାସୀ । ବୈଖାନସ ବଟୁ ଗୃହୀ ଉଦାସୀ ॥**
**କହହିଁ ପରସପର ମିଲି ଦସ ପାଁଚ୍। । ଭରତ ସନେହୁ ସୀଲୁ ସୁଚି ସାଁଚ୍। ॥ ୧ ॥**

ତୀର୍ଥରାଜ ପ୍ରଯ଼ାଗରେ ନିବାସ କରୁଥିବା ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ ଓ ଉଦାସୀନ (ସନ୍ୟାସୀ)—ସମସ୍ତେ ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ଦଳ ଦଳ ହୋଇ ଭରତଙ୍କ ପ୍ରେମ ଓ ସ୍ୱଭାବ ପବିତ୍ର ଓ ବିଶୁଦ୍ଧ ବୋଲି ପରସ୍ପର କୁହାକୁହି ହେଲେ ॥ ୧ ॥

**ସୁନତ ରାମ ଗୁନ ଗ୍ରାମ ସୁହାଏ । ଭରଦ୍ୱାଜ ମୁନିବର ପହିଁ ଆଏ ॥**
**ଦଂଡ ପ୍ରନାମୁ କରତ ମୁନି ଦେଖେ । ମୂରତିମଂତ ଭାଗ୍ୟ ନିଜ ଲେଖେ ॥ ୨ ॥**

ଶ୍ରୀରାମଙ୍କର ସୁନ୍ଦର ଗୁଣାବଳୀ ଶୁଣି ଶୁଣି ଭରତ ମୁନିଶ୍ରେଷ୍ଠ ଭରଦ୍ୱାଜଙ୍କ ନିକଟକୁ ଚାଲିଲେ । ଭରତ ଦଣ୍ଡବତ୍-ପ୍ରଣାମ କରୁଥିବା ଦେଖି ଭରଦ୍ୱାଜ ତାଙ୍କୁ ନିଜର ମୂର୍ତ୍ତିମନ୍ତ ସୌଭାଗ୍ୟ ବୋଲି ମନେକଲେ ॥ ୨ ॥

**ଧାଇ ଉଠାଇ ଲାଇ ଉର ଲୀହ୍ନେ । ଦୀହ୍ନି ଅସୀସ କୃତାରଥ କୀହ୍ନେ ॥**
**ଆସନୁ ଦୀହ୍ନ ନାଇ ସିରୁ ବୈଠେ । ଚହତ ସକୁଚ ଗୃହଁ ଜନୁ ଭଜି ପୈଠେ ॥ ୩ ॥**

ସେ ଧାଇଁ ଆସି, ଭରତଙ୍କୁ ଉଠାଇ ହୃଦଯ଼ରେ ଲଗାଇଲେ ଏବଂ ଆଶୀର୍ବାଦ ଦେଇ ତାଙ୍କୁ କୃତାର୍ଥ କରିଦେଲେ । ମୁନି ତାଙ୍କୁ ବସିବାକୁ ଆସନ ଦେଲେ । ଭରତ ମୁଣ୍ଡ ନୁଆଇଁ ଏପରିଭାବରେ ବସିଲେ ଯେ, ଦେଖି ମନେହେଲା, ସେ ଦୌଡ଼ିପଳାଇଯାଇ ସଂକୋଚରୂପୀ ଘରେ ପଶିଯିବାକୁ ଚାହୁଁଛନ୍ତି ॥ ୩ ॥

**ମୁନି ପୂଁଛବ କଛୁ ଯ଼ହ ବଡ଼ ସୋଚୂ । ବୋଲେ ରିଷି ଲଖି ସୀଲୁ ସଁକୋଚୂ ॥**
**ସୁନହୁ ଭରତ ହମ ସବ ସୁଧି ପାଈ । ବିଧି କରତବ ପର କିଛୁ ନ ବସାଈ ॥ ୪ ॥**

'ଯଦି ମୁନି କିଛି ପଚାରିଦେବେ, ତେବେ ମୁଁ କି ଉତ୍ତର ଦେବି !'—ତାଙ୍କ ମନରେ ଏହା ଏକ ବଡ଼ ଚିନ୍ତା ଥିଲା । ଭରତଙ୍କର ସଂକୋଚ ଓ ସଂଭ୍ରମ ଦେଖି ଋଷି କହିଲେ, "ଭରତ ! ଶୁଣ, ଆମେ ସମସ୍ତ ସମାଚାର ପାଇସାରିଛୁ । ବିଧିର ବିଧାନ ଉପରେ କାହାରି ସାମର୍ଥ୍ୟ କାମ କରେ ନାହିଁ ॥ ୪ ॥

ଦୋଃ- **ତୁହ୍ମ ଗଲାନି ଜିଯ଼ଁ ଜନି କରହୁ ସମୁଝି ମାତୁ କରତୂତି ।**
**ତାତ କୈକଇହି ଦୋସୁ ନହିଁ ଗଈ ଗିରା ମତି ଧୂତି ॥ ୨୦୬ ॥**

ମାଆ ଯାହାସବୁ କରିଦେଲେ, ସେସବୁ ମନେପକାଇ ତୁମେ କଦାପି ମନରେ ଗ୍ଲାନି ଆଣ ନାହିଁ । ବତ୍ସ ! କୈକେଯ଼ୀଙ୍କର କୌଣସି ଦୋଷ ନାହିଁ; ସରସ୍ୱତୀ ତାଙ୍କ ବୁଦ୍ଧି ଭ୍ରଷ୍ଟ କରିଦେଇଥିଲେ ॥ ୨୦୬ ॥

**ଯ଼ହଉ କହତ ଭଲ କହିହି ନ କୋଊ । ଲୋକୁ ବେଦୁ ବୁଧ ସଂମତ ଦୋଊ ॥**
**ତାତ ତୁହ୍ମାର ବିମଲ ଜସୁ ଗାଈ । ପାଇହି ଲୋକଉ ବେଦୁ ବଡ଼ାଈ ॥ ୧ ॥**

କିନ୍ତୁ ଏହା (ସରସ୍ୱତୀ କୈକେୟୀଙ୍କ ବୁଦ୍ଧି ଭ୍ରଷ୍ଟ କରିଦେଲେ ବୋଲି) କହିବାକୁ କେହି ଭଲ ମଣିବେ ନାହିଁ । କାରଣ ପଣ୍ଡିତମାନେ ଲୋକମତ ଓ ବେଦମତ—ଉଭୟକୁ ସମ୍ମାନ ଦିଅନ୍ତି; (ଲୋକମତରେ କୈକେୟୀ ଦୋଷୀ; ବେଦମତରେ ଓ ଜ୍ଞାନୀଙ୍କ ମତରେ ସେ ନିର୍ଦ୍ଦୋଷ) କିନ୍ତୁ ହେ ବତ୍ସ ! ତୁମର ନିର୍ମଳ ଯଶ ଗାନ କରି ଲୋକ ଓ ବେଦ ଉଭୟେ ଯଶସ୍ୱୀ ହୋଇଯିବେ ॥ ୧ ॥

**ଲୋକ ବେଦ ସଂମତ ସବୁ କହଈ । ଜେହି ପିତୁ ଦେଇ ରାଜୁ ସୋ ଲହଈ ॥**
**ରାଉ ସତ୍ୟବ୍ରତ ତୁହ୍ମହି ବୋଲାଈ । ଦେତ ରାଜୁ ସୁଖୁ ଧରମୁ ବଡ଼ାଈ ॥ ୨ ॥**

ପିତା ଯାହାକୁ ରାଜ୍ୟ ଦେବେ, ସେ ହିଁ ରାଜା ହେବା କଥା; ଏହାହିଁ ଲୋକ ଓ ବେଦରେ ସମ୍ମତ; ମହାରାଜ ଦଶରଥ ସତ୍ୟବ୍ରତ ଥିଲେ; ସେ ଯଦି ତୁମକୁ ଡକାଇ ରାଜତ୍ୱ ଦେଇଥାନ୍ତେ, ତେବେ ସୁଖ ମିଳିଥାନ୍ତା; ଧର୍ମ ରହିଥାନ୍ତା ଏବଂ ଯଶ ମଧ୍ୟ ରହିଥାନ୍ତା ॥ ୨ ॥

**ରାମ ଗଵ୍ନୁ ବନ ଅନରଥ ମୂଲା । ଜୋ ସୁନି ସକଲ ବିସ୍ୱ ଭଇ ସୂଲା ॥**
**ସୋ ଭାଵୀ ବସ ରାନି ଅୟାନୀ । କରି କୁଚାଲି ଅଂତହୁଁ ପଛିତାନୀ ॥ ୩ ॥**

ଶ୍ରୀରାମଙ୍କ ବନବାସ ହେଉଛି ସବୁ ଅନର୍ଥର ମୂଳ; ତାହା ଶୁଣି ସାରା ସଂସାର ଆଜି ଦୁଃଖିତ । ହେଲେ ତାହା ତ ନିୟତିର ଅଧୀନ । ଅଜ୍ଞାନୀ ରାଣୀ ନିୟତିବଶ ହୋଇ, କୁଚକ୍ର କରି ଶେଷରେ ଅନୁତାପ କରୁଛନ୍ତି ॥ ୩ ॥

**ତହଁଉଁ ତୁହ୍ମାର ଅଲପ ଅପରାଧୂ । କହୈ ସୋ ଅଧମ ଅୟାନ ଅସାଧୂ ॥**
**କରତେହୁ ରାଜୁ ତ ତୁହ୍ମହି ନ ଦୋଷୂ । ରାମହି ହୋତ ସୁନତ ସଂତୋଷୂ ॥ ୪ ॥**

ସେଥିରେ ତୁମର ଲେଶମାତ୍ର ଅପରାଧ ଅଛି ବୋଲି ଯଦି କେହି କହେ, ତେବେ ସେ ଗୋଟାଏ ଅଧମ, ଅଜ୍ଞାନ ଓ ଅସାଧୁ । ତୁମେ ଯଦି ରାଜା ହୋଇଥାନ୍ତ, ତେବେ ବି ତୁମର କୌଣସି ଦୋଷ ହୋଇ ନ ଥାନ୍ତା; ବରଂ ତାହା ଶୁଣି ଶ୍ରୀରାମ ସନ୍ତୋଷ ଲାଭ କରିଥାନ୍ତେ ॥ ୪ ॥

ଦୋ:- **ଅବ ଅତି କୀହ୍ନେହୁ ଭରତ ଭଲ ତୁହ୍ମହି ଉଚିତ ମତ ଏହୁ ।**
**ସକଲ ସୁମଂଗଲ ମୂଲ ଜଗ ରଘୁବର ଚରନ ସନେହୁ ॥ ୨୦୭ ॥**

ହେ ଭରତ ! ବର୍ତ୍ତମାନ ତୁମେ ଖୁବ୍ ଭଲ କରିଛ; ଏହା କରିବା ତୁମ ପକ୍ଷରେ ଉଚିତ ହୋଇଛି । ରଘୁବରଙ୍କ ଚରଣରେ ପ୍ରେମ ହେବାହିଁ ଜଗତରେ ସମସ୍ତ ମଙ୍ଗଳର ମୂଳ ॥ ୨୦୭ ॥

**ସୋ ତୁହ୍ମାର ଧନୁ ଜୀବନୁ ପ୍ରାନା । ଭୂରିଭାଗ କୋ ତୁହ୍ମହି ସମାନା ॥**
**ୟହ ତୁହ୍ମାର ଆଚରଜୁ ନ ତାତା । ଦସରଥ ସୁଅନ ରାମ ପ୍ରିୟ ଭ୍ରାତା ॥ ୧ ॥**

ତାହା(ରଘୁବରଙ୍କ ଚରଣରେ ପ୍ରେମ)ହିଁ ତୁମର ଧନ, ଜୀବନ ଓ ପ୍ରାଣ । ତୁମ ପରି ଭାଗ୍ୟବାନ୍ କିଏ ଅଛି ? ହେ ବତ୍ସ ! ତୁମ ପକ୍ଷରେ ଏହା କୌଣସି ଆଶ୍ଚର୍ଯ୍ୟର ବିଷୟ ମଧ୍ୟ ନୁହେଁ; କାରଣ ତୁମେ ହେଉଛ ଦଶରଥଙ୍କ ପୁତ୍ର ଏବଂ ଶ୍ରୀରାମଙ୍କର ପ୍ରିୟ ଭାଇ ॥ ୧ ॥

**ସୁନହୁ ଭରତ ରଘୁବର ମନ ମାହୀଁ । ପେମ ପାତ୍ରୁ ତୁହ୍ମ ସମ କୋଉ ନାହୀଁ ॥**
**ଲଖନ ରାମ ସୀତହି ଅତି ପ୍ରୀତୀ । ନିସି ସବ ତୁହ୍ମହି ସରାହତ ବୀତୀ ॥ ୨ ॥**

ହେ ଭରତ ! ଶୁଣ, ଶ୍ରୀରାମଙ୍କ ଦୃଷ୍ଟିରେ ତୁମସମାନ ପ୍ରିୟପାତ୍ର ଅନ୍ୟ କେହି ନାହିଁ । ସେଦିନ ଏଠାରେ ଲକ୍ଷ୍ମଣ, ଶ୍ରୀରାମ ଓ ସୀତାଦେବୀ ଅତ୍ୟନ୍ତ ପ୍ରେମର ସହିତ ତୁମକୁ ପ୍ରଶଂସା କରି କରି ସାରା ରାତିଟା କଟାଇଦେଲେ ॥ ୨ ॥

**ଜାନା ମରମୁ ନହାତ ପ୍ରୟାଗା । ମଗନ ହୋହିଁ ତୁହ୍ମରେଁ ଅନୁରାଗା ॥**
**ତୁହ୍ମ ପର ଅସ ସନେହୁ ରଘୁବର କେଁ । ସୁଖି ଜୀଓ୍ୱନ ଜଗ ଜସ ଜଡ଼ ନର କେଁ ॥ ୩ ॥**

ସେମାନେ ପ୍ରୟାଗରେ ସ୍ନାନ କରୁଥିଲାବେଳେ, ମୁଁ ସେମାନଙ୍କର ଏହି ମର୍ମଟି ଜାଣିପାରିଥିଲି । ସେମାନେ ତୁମ ପ୍ରେମରେ ମଗ୍ନ ହୋଇ ରହିଛନ୍ତି । ସାଂସାରିକ ସୁଖମୟ ଜୀବନ ପ୍ରତି ବିଷୟାସକ୍ତ ମୂର୍ଖ ମନୁଷ୍ୟର ଯେପରି ଆସକ୍ତି ଥାଏ, ତୁମ ପ୍ରତି ଶ୍ରୀରାମଙ୍କର ସେହିପରି ସ୍ନେହ ରହିଛି ॥ ୩ ॥

**ୟହ ନ ଅଧିକ ରଘୁବୀର ବଡ଼ାଈ । ପ୍ରନତ କୁଟୁଂବ ପାଲ ରଘୁରାଈ ॥**
**ତୁହ୍ମ ତୌ ଭରତ ମୋର ମତ ଏହୂ । ଧରେଁ ଦେହ ଜନୁ ରାମ ସନେହୂ ॥ ୪ ॥**

ଶ୍ରୀରାମଙ୍କ ପକ୍ଷରେ ଏପରି ସ୍ନେହ ରହିବା କୌଣସି ବଡ଼ କଥା ନୁହେଁ; କାରଣ ଶ୍ରୀରଘୁନାଥ ତ ଶରଣାଗତର ସକଳ କୁଟୁମ୍ବକୁ ପାଳନପୋଷଣ କରନ୍ତି । ହେ ଭରତ ! ମୋ ମତରେ, ତୁମେ ହେଉଛ ରାମପ୍ରେମର ମୂର୍ତ୍ତିମନ୍ତ ବିଗ୍ରହ ॥ ୪ ॥

ଦୋ:- **ତୁହ୍ମ କହଁ ଭରତ କଲଂକ ୟହ ହମ ସବ କହଁ ଉପଦେସୁ ।**
**ରାମ ଭଗତି ରସ ସିଦ୍ଧି ହିତ ଭା ୟହ ସମଉ ଗନେସୁ ॥ ୨୦୮ ॥**

ହେ ଭରତ ! ତୁମେ ଭାବୁଛ, ଏହା ଏକ କଳଙ୍କ; କିନ୍ତୁ ଆମ ସମସ୍ତଙ୍କ ପାଇଁ ଏହା ହେଉଛି ଏକ ଉପଦେଶ । ଶ୍ରୀରାମଭକ୍ତିରସରେ ସିଦ୍ଧିପ୍ରାପ୍ତି ନିମନ୍ତେ ଏହି ଅବସରଟି ଏକ 'ଶ୍ରୀଗଣେଶ' (ଶୁଭାରମ୍ଭ) ହେଲା (ଅର୍ଥାତ୍ ରାମଭକ୍ତି କିପରି କରିବାକୁ ହୁଏ, ତାହା ତୁମଠାରୁ ଆମେ ପ୍ରଥମେ ଶିଖିଲୁ ।) ॥ ୨୦୮ ॥

**ନଓ୍ୱ ବିଧୁ ବିମଲ ତାତ ଜସୁ ତୋରା । ରଘୁବର କିଂକର କୁମୁଦ ଚକୋରା ॥**
**ଉଦିତ ସଦା ଅଁଥଇହି କବହୂଁ ନା । ଘଟିହି ନ ଜଗ ନଭ ଦିନ ଦିନ ଦୂନା ॥ ୧ ॥**

ହେ ବତ୍ସ ! ତୁମର ଯଶ ହେଉଛି ନିର୍ମଳ ନବୀନଚନ୍ଦ୍ର ଏବଂ ଶ୍ରୀରାମଙ୍କର ଭକ୍ତମାନେ ହେଉଛନ୍ତି କୁମୁଦ (କଇଁ) ଓ ଚକୋର । [ଆକାଶର ଚନ୍ଦ୍ର ତ ପ୍ରତିଦିନ ଅସ୍ତ ହେଉଛି ଓ କ୍ଷୟ ହେଉଛି, ଯାହା ଫଳରେ କି କୁମୁଦ ଓ ଚକୋର ଦୁଃଖୀ ହେଉଛନ୍ତି; କିନ୍ତୁ] ତୁମର ଯଶରୂପୀ ଚନ୍ଦ୍ରମା ସଦା ଉଦିତ ହୋଇ ରହିବ; କେବେ ବି ଅସ୍ତ ହେବ ନାହିଁ । ଜଗତରୂପୀ ଆକାଶରେ ତୁମ ଯଶଚନ୍ଦ୍ରମା କେବେ କ୍ଷୟ ହେବ ନାହିଁ; ବରଂ ଦିନୁଦିନ ଦୁଇ ଦୁଇ ଗୁଣ ହୋଇ ବଢ଼ିବ ॥ ୧ ॥

**କୋକ ତିଲୋକ ପ୍ରୀତି ଅତି କରିହୀ । ପ୍ରଭୁ ପ୍ରତାପ ରବି ଛବିହି ନ ହରିହୀ ॥**
**ନିସି ଦିନ ସୁଖଦ ସଦା ସବ କାହୂ । ଗ୍ରସିହି ନ କୈକଇ କରତବୁ ରାହୂ ॥ ୨ ॥**

ତ୍ରୈଲୋକ୍ୟରୂପୀ ଚକ୍ରବାକ ଏହି ଯଶରୂପୀ ଚନ୍ଦ୍ରମାକୁ ଅତ୍ୟନ୍ତ ପ୍ରେମ କରିବ (ତ୍ରିଲୋକ ତୁମକୁ ପ୍ରଶଂସା କରିବ) ଏବଂ ପ୍ରଭୁ ଶ୍ରୀରାମଙ୍କ ପ୍ରତାପରୂପୀ ସୂର୍ଯ୍ୟ ମଧ୍ୟ ଏହାର କାନ୍ତି ହରଣ କରିବ ନାହିଁ (ଶ୍ରୀରାମ ତୁମକୁ ସ୍ନେହ କରିବେ) । ତୁମର ଏହି ନିର୍ମଳଯଶରୂପୀ ଚନ୍ଦ୍ରମା ଦିନରାତି ସର୍ବଦା ସମସ୍ତଙ୍କ ପାଇଁ ସୁଖପ୍ରଦ ହେବ । କୈକେୟୀଙ୍କର କୁକର୍ମରୂପୀ ରାହୁ ଏହାକୁ ଗ୍ରାସ କରିପାରିବ ନାହିଁ ॥ ୨ ॥

**ପୂରନ ରାମ ସୁପେମ ପିୟୂଷା । ଗୁର ଅଓ୍ୱମାନ ଦୋଷ ନହିଁ ଦୂଷା ॥**
**ରାମଭଗତ ଅବ ଅମିଅଁ ଅଘାହୂଁ । କୀହ୍ନେହୁ ସୁଲଭ ସୁଧା ବସୁଧାହୂଁ ॥ ୩ ॥**

ଏହି ଚନ୍ଦ୍ରମା ଶ୍ରୀରାମଙ୍କର ପ୍ରେମାମୃତରେ ପରିପୂର୍ଣ୍ଣ । ଏହା ଗୁରୁ (ବୃହସ୍ପତିଙ୍କ) ଅପମାନରୂପୀ ଦୋଷରେ ଦୂଷିତ ନୁହେଁ । ତୁମେ ଏହି ଯଶରୂପୀ ଚନ୍ଦ୍ର ସୃଷ୍ଟି କରି ପୃଥିବୀରେ (ମର୍ତ୍ତ୍ୟରେ) ମଧ୍ୟ ଅମୃତକୁ ସୁଲଭ କରିଦେଇଛ । ଏଣିକି ଶ୍ରୀରାମଙ୍କ ଭକ୍ତଗଣ ଏହି ଅମୃତରସ ପାନ କରି ତୃପ୍ତ ହୁଅନ୍ତୁ ॥ ୩ ॥

**ଭୂପ ଭଗୀରଥ ସୁରସରି ଆନୀ । ସୁମିରତ ସକଲ ସୁମଂଗଲ ଖାନୀ ॥**
**ଦସରଥ ଗୁନ ଗନ ବରନି ନ ଜାହୀଁ । ଅଧିକୁ କହା ଜେହି ସମ ଜଗ ନାହୀଁ ॥ ୪ ॥**

ତୁମ ସୂର୍ଯ୍ୟବଂଶର ରାଜା ଭଗୀରଥ ଏହି ପୃଥିବୀପୃଷ୍ଠକୁ ସେହି ଗଙ୍ଗାଙ୍କୁ ଆଣିଥିଲେ, ଯାହାଙ୍କୁ ସ୍ମରଣ କରିବା ହେଉଛି ସକଳ ସୁମଙ୍ଗଳର ନିଧାନ । ଦଶରଥଙ୍କ ଗୁଣାବଳୀ ତ ବର୍ଣ୍ଣନାର ଅତୀତ; ଅଧିକ କ'ଣ କହିବା, ତାଙ୍କ ସମସ୍କନ୍ଧ ହୋଇ ଜଗତରେ ଆଉ କେହି ନାହାନ୍ତି ॥ ୪ ॥

ଦୋ:- **ଜାସୁ ସନେହ ସକୋଚ ବସ ରାମ ପ୍ରଗଟ ଭଏ ଆଇ ।**
**ଜେ ହର ହିୟ ନୟନନି କବହୁଁ ନିରଖେ ନହୀଁ ଅଘାଇ ॥ ୨୦୯ ॥**

ସେହି ଦଶରଥଙ୍କ ପ୍ରେମ ଓ ଉଦାର ଗୁଣର ବଶ ହୋଇ ସ୍ୱୟଂ ସେହି ସଚ୍ଚିଦାନନ୍ଦଘନ ଭଗବାନ୍ ଶ୍ରୀରାମ ଧରାଧାମରେ ପ୍ରକଟ ହୋଇଛନ୍ତି, ଯାହାଙ୍କ ସ୍ୱରୂପକୁ ଶ୍ରୀମହାଦେବ ନିଜ ହୃଦୟରୂପୀ ନେତ୍ରରେ ଯେତେ ଦେଖିଲେ ବି ତୃପ୍ତ ହୋଇପାରୁନାହାନ୍ତି ॥ ୨୦୯ ॥

**କୀରତି ବିଧୁ ତୁମ୍ହ କୀନ୍ହ ଅନୂପା । ଜହଁ ବସ ରାମ ପେମ ମୃଗରୂପା ॥**
**ତାତ ଗଲାନି କରହୁ ଜିୟଁ ଜାଏଁ । ଡରହୁ ଦରିଦ୍ରହି ପାରସୁ ପାଏଁ ॥ ୧ ॥**

[କିନ୍ତୁ ସେହି ସମସ୍ତଙ୍କୁ ବି ବଳିଯାଇ] ତୁମେ ଯେଉଁ କୀର୍ତ୍ତିରୂପୀ ଅନୁପମ ଚନ୍ଦ୍ର ଉତ୍ପନ୍ନ କରିଛ, ସେଥିରେ ଶ୍ରୀରାମପ୍ରେମହିଁ ମୃଗ(ଚନ୍ଦ୍ରରେ ଦିଶୁଥିବା ମୃଗ ଚିହ୍ନ)ରୂପରେ ବିଦ୍ୟମାନ । ହେ ବତ୍ସ ! ତୁମେ ଅକାରଣରେ ମନରେ ଗ୍ଲାନି ବୋଧ କରୁଛ; ପରଶମଣି ପାଇ ମଧ୍ୟ ତୁମେ ଦାରିଦ୍ର୍ୟକୁ ଭୟ କରୁଛ ॥ ୧ ॥

**ସୁନହୁ ଭରତ ହମ ଝୂଠ ନ କହହୀଁ । ଉଦାସୀନ ତାପସ ବନ ରହହୀଁ ॥**
**ସବ ସାଧନ କର ସୁଫଲ ସୁହାଏଁ । ଲଖନ ରାମ ସିୟ ଦରସନୁ ପାଏଁ ॥ ୨ ॥**

ହେ ଭରତ ! ଶୁଣ, ମୁଁ କିଛି ମିଛ କହୁନାହିଁ । ମୁଁ ତ ଉଦାସୀନ (ପକ୍ଷପାତରହିତ), ତପସ୍ୱୀ (ମୁଁ କାହାର ମୁହଁ ଦେଖି କହେନା) ଏବଂ ବନବାସୀ (କାହାଠାରୁ କିଛି ଆଶା ରଖେନା) । ମୋର ସକଳ ସାଧନାର ସର୍ବୋତ୍ତମ ଫଳସ୍ୱରୂପ ମୁଁ ଶ୍ରୀରାମ-ଲକ୍ଷ୍ମଣ ଓ ସୀତାଙ୍କ ଦର୍ଶନ ପାଇଯାଇଛି ॥ ୨ ॥

**ତେହି ଫଲ କର ଫଲୁ ଦରସ ତୁମ୍ହାରା । ସହିତ ପୟାଗ ସୁଭାଗ ହମାରା ॥**
**ଭରତ ଧନ୍ୟ ତୁମ୍ହ ଜସୁ ଜଗୁ ଜୟଉ । କହି ଅସ ପେମ ମଗନ ମୁନି ଭୟଉ ॥ ୩ ॥**

ସୀତା-ଲକ୍ଷ୍ମଣ ସମେତ ଶ୍ରୀରାମଦର୍ଶନରୂପକ ମହାନ୍ ଫଳର ପରମ ଫଳରୂପେ ମିଳିଯାଇଛି ତୁମର ଦର୍ଶନ ଏବଂ ଏହା ହେଉଛି ପ୍ରୟାଗରାଜଙ୍କର ଓ ମୋର ସୌଭାଗ୍ୟ । ହେ ଭରତ ! ତୁମେ ଧନ୍ୟ ! ତୁମେ ନିଜ ଯଶୋବଳରେ ଜଗତକୁ ଜୟ କରିଗଲ ।'' ଏପରି କହି କହି ମୁନି ଭରତଙ୍କ ପ୍ରେମରେ ମଗ୍ନ ହୋଇଗଲେ ॥ ୩ ॥

**ସୁନି ମୁନି ବଚନ ସଭାସଦ ହରଷେ । ସାଧୁ ସରାହି ସୁମନ ସୁର ବରଷେ ॥**
**ଧନ୍ୟ ଧନ୍ୟ ଧୁନି ଗଗନ ପୟାଗା । ସୁନି ସୁନି ଭରତୁ ମଗନ ଅନୁରାଗା ॥ ୪ ॥**

ଭରଦ୍ୱାଜ ମୁନିଙ୍କର ବଚନ ଶୁଣି ସଭାସଦ୍‌ଗଣ ହର୍ଷିତ ହୋଇଗଲେ । 'ସାଧୁ ! ସାଧୁ !' କହି ପ୍ରଶଂସା କରି ଦେବତାମାନେ ଭରତଙ୍କ ଉପରେ ପୁଷ୍ପବୃଷ୍ଟି କଲେ । ଆକାଶରେ ଏବଂ ପ୍ରୟାଗରେ—ସର୍ବତ୍ର 'ଧନ୍ୟ ! ଧନ୍ୟ' ଧ୍ୱନି ଶୁଣି ଭରତ ପ୍ରେମମଗ୍ନ ହୋଇଗଲେ ॥ ୪ ॥

ଦୋଃ- **ପୁଲକ ଗାତ ହିୟଁ ରାମୁ ସିୟ ସଜଲ ସରୋରୁହ ନୈନ ।**
**କରି ପ୍ରନାମୁ ମୁନି ମଂଡଲିହି ବୋଲେ ଗଦଗଦ ବୈନ ॥ ୨୧୦ ॥**

ଭରତଙ୍କ ଶରୀର ପୁଲକିତ ହେଉଥାଏ; ହୃଦୟରେ ଶ୍ରୀସୀତାରାମ ଅଧିଷ୍ଠିତ ହୋଇଥାନ୍ତି; କମଳନୟନ ପ୍ରେମାଶ୍ରୁରେ ପରିପୂର୍ଣ୍ଣ ହୋଇଯାଇଥାଏ । ମୁନିମଣ୍ଡଳୀକୁ ପ୍ରଣାମ କରି ସେ ଗଦ୍‌ଗଦ କଣ୍ଠରେ କହିଲେ, ॥ ୨୧୦ ॥

**ମୁନି ସମାଜୁ ଅରୁ ତୀରଥରାଜୂ । ସାଁଚିହୁଁ ସପଥ ଅଘାଇ ଅକାଜୂ ॥**
**ଏହିଁ ଥଲ ଜୌଁ କିଛୁ କହିଅ ବନାଈ । ଏହି ସମ ଅଧିକ ନ ଅଘ ଅଧମାଈ ॥ ୧ ॥**

ଏଠାରେ ମୁନିମଣ୍ଡଳୀ ଉପସ୍ଥିତ ଏବଂ ତୀର୍ଥରାଜ ବିରାଜମାନ । ଏପରି ସ୍ଥାନରେ ଶପଥ କରି ସତ୍ୟକଥା କହିଲେ ମଧ୍ୟ ବିଶେଷ ହାନି ହୋଇଯାଏ । ପୁଣି ଏ ସ୍ଥଳରେ ଅତିରଞ୍ଜନ କରି କିଛି କହିଲେ ଯେଉଁ ଅପରାଧ ହେବ, ତା'ପରି ବଡ଼ ପାପ ଓ ନୀଚତା ତ ଆଉ କିଛି ନାହିଁ ॥ ୧ ॥

**ତୁମ୍ହ ସର୍ବଗ୍ୟ କହଉଁ ସତିଭାଉ । ଉର ଅଂତରଜାମୀ ରଘୁରାଉ ॥**
**ମୋହି ନ ମାତୁ କରତବ କର ସୋଚୂ । ନହିଁ ଦୁଖୁ ଜିୟଁ ଜଗୁ ଜାନିହି ପୋଚୂ ॥ ୨ ॥**

ମୁଁ ନିଷ୍କପଟଭାବରେ କହୁଛି । ଆପଣମାନେ ସର୍ବଜ୍ଞ ଏବଂ ଶ୍ରୀରଘୁନାଥ ତ ଅନ୍ତର୍ଯାମୀ—ସେ ହୃଦୟଭିତରର କଥା ଜାଣନ୍ତି (ଅର୍ଥାତ୍ ମୁଁ ଯଦି କିଛି ଅସତ୍ୟ କହିବି, ତାହା ଛପିରହିପାରିବ ନାହିଁ) । ମୋ ମାଆ କୈକେୟୀ ଯାହା କଲେ, ମୁଁ ସେଥିପାଇଁ ଚିନ୍ତିତ ନୁହେଁ । ଜଗତ୍ ମୋତେ ନୀଚ ଦୃଷ୍ଟିରେ ଦେଖିବ ବୋଲି ମୁଁ ଦୁଃଖ କରୁନାହିଁ ॥ ୨ ॥

**ନାହିନ ଡରୁ ବିଗରିହି ପରଲୋକୂ । ପିତହୁ ମରନ କର ମୋହି ନ ସୋକୂ ॥**
**ସୁକୃତ ସୁଜସ ଭରି ଭୁଅନ ସୁହାଏ । ଲଛିମନ ରାମ ସରିସ ସୁତ ପାଏ ॥ ୩ ॥**
**ରାମ ବିରହଁ ତଜି ତନୁ ଛନଭଂଗୂ । ଭୂପ ସୋଚ କର କଵନ ପ୍ରସଂଗୂ ॥**
**ରାମ ଲଖନ ସିୟ ବିନୁ ପଗ ପନହୀଁ । କରି ମୁନି ବେଷ ଫିରହିଁ ବନ ବନହୀଁ ॥ ୪ ॥**

ପରଲୋକ ଭ୍ରଷ୍ଟ ହୋଇଯିବ ବୋଲି ମୋର ଭୟ ନାହିଁ, କି ପିତାଙ୍କ ମୃତ୍ୟୁ ହୋଇଗଲା ବୋଲି ମୁଁ ଶୋକାକୁଳ ନୁହେଁ; କାରଣ ପିତାଙ୍କର ସୁକୃତି ଓ ସୁଯଶ ସମଗ୍ରବିଶ୍ୱରେ ସୁଶୋଭିତ । ଯେ ଶ୍ରୀରାମ-ଲକ୍ଷ୍ମଣଙ୍କ ପରି ପୁତ୍ର ପାଇଛନ୍ତି, ପୁଣି ଶ୍ରୀରାମଙ୍କ ବିରହରେ ନିଜର କ୍ଷଣଭଙ୍ଗୁର ଶରୀର ତ୍ୟାଗ କରିଦେଇଛନ୍ତି, ସେପରି ମହାରାଜାଙ୍କ ନିମନ୍ତେ ଶୋକ କରିବାର ବା କି ପ୍ରାସଙ୍ଗିକତା ରହିଛି ? ମୋର ଶୋକ କେବଳ ଏଇଥିପାଇଁ ଯେ, ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତା ଖାଲିପାଦରେ ଚାଲି ଚାଲି ମୁନିବେଶରେ ଏ ବନ ସେ ବନ ହୋଇ ବୁଲୁଛନ୍ତି ॥ ୩-୪ ॥

ଦୋଃ- **ଅଜିନ ବସନ ଫଲ ଅସନ ମହି ସୟନ ଡାସି କୁସ ପାତ ।**
**ବସି ତରୁ ତର ନିତ ସହତ ହିମ ଆତପ ବରଷା ବାତ ॥ ୨୧୧ ॥**

ସେମାନେ ବଲ୍‌କଳ ପିନ୍ଧୁଛନ୍ତି; ବନର ଫଳମୂଳ ଖାଇ ରହୁଛନ୍ତି; ଭୂଇଁରେ କୁଶ ଓ ପତ୍ର ବିଛାଇ ଶୋଉଛନ୍ତି ଏବଂ ଗଛତଳେ ରହି ନିତି ଶୀତକାକର, ଖରାବର୍ଷା, ଓ ଝଡ଼ତୋଫାନର ଦାଉ ସହୁଛନ୍ତି ॥ ୨୧୧ ॥

**ଏହି ଦୁଖ ଦାହଁ ଦହଇ ଦିନ ଛାତୀ । ଭୂଖ ନ ବାସର ନୀଦ ନ ରାତୀ ॥**
**ଏହି କୁରୋଗ କର ଔଷଧୁ ନାହୀଁ । ସୋଧେଉଁ ସକଲ ବିସ୍ୱ ମନ ମାହୀଁ ॥ ୧ ॥**

ଏହି ଦୁଃଖର ଜ୍ୱାଳାରେ ମୋ ଛାତିଭିତରଟା ଅହରହ ଜଳୁଛି । ମୋତେ ଦିନରେ ଭୋକ ଲାଗୁନାହିଁ, କି ରାତିରେ ନିଦ ଲାଗୁନାହିଁ । ମୁଁ ମୋ ମନେ ମନେ ସମଗ୍ର ବିଶ୍ୱ ଖୋଜିଗଲିଣି; କିନ୍ତୁ ଏହି ଅସାଧ୍ୟ ରୋଗର ଔଷଧ କେଉଁଠି ବି ପାଉନାହିଁ ॥ ୧ ॥

**ମାତୁ କୁମତ ବଢ଼ଈ ଅଘ ମୂଲା । ତେହିଁ ହମାର ହିତ କୀହ୍ନ ବଁସୂଲା ॥**
**କଲି କୁକାଠ କର କୀହ୍ନ କୁଜଂତ୍ରୂ । ଗାଡ଼ି ଅୱଧି ପଢ଼ି କଠିନ କୁମଂତ୍ରୂ ॥ ୨ ॥**

ମୋ ମାଆର ଦୁର୍ବୁଦ୍ଧି ହେଉଛି ପାପର ମୂଳ । ତାହା ଏକ ପାପୀ ବଢ଼େଇ ପରି ହୋଇ ମୋର ତଥାକଥିତ ହିତକୁ ବାରିସି କଲା ଏବଂ ସେହି ବାରିସି ସାହାଯ୍ୟରେ କଳହରୂପକ ଅଶୁଭ କାଠରେ ଗୋଟିଏ କୁଯନ୍ତ୍ର ଗଢ଼ିଲା ଓ ଚଉଦବର୍ଷର ଅବଧିରୂପକ କଠିନ କୁମନ୍ତ୍ର ପାଠ କରି ସେହି କୁଯନ୍ତ୍ରଟି ପୋତିଦେଲା । (ଶତ୍ରୁକୁ ଦଣ୍ଡ ଦେବାପାଇଁ ଗୁଣିବିଦ୍ୟାରେ ରହିଥିବା ଗୋଟିଏ ଉପାୟକୁ ଲକ୍ଷ୍ୟ କରି ଏହା କୁହାଯାଇଛି । ଏଠାରେ କୈକେୟୀଙ୍କ କୁବୁଦ୍ଧି ହେଉଛି ବଢ଼େଇ, ଭରତଙ୍କ ରାଜା-ହେବା ହେଉଛି ବାରିସି, ରାମବନବାସ ହେଉଛି କୁଯନ୍ତ୍ର ଓ ଚଉଦବର୍ଷର ଅବଧି ହେଉଛି କୁମନ୍ତ୍ର ।) ॥ ୨ ॥

**ମୋହି ଲଗି ୟହୁ କୁଠାଟୁ ତେହିଁ ଠାଟା । ଘାଲେସି ସବ ଜଗୁ ବାରହବାଟା ॥**
**ମିଟଇ କୁଜୋଗୁ ରାମ ଫିରି ଆଏଁ । ବସଇ ଅୱଧ ନହିଁ ଆନ ଉପାଏଁ ॥ ୩ ॥**

ମୋରି ନିମନ୍ତେ ସେ ଏସବୁ ଚକ୍ରାନ୍ତ କଲା ଏବଂ ଜଗତକୁ ଛିନ୍ନଭିନ୍ନ କରିଦେଇ ନଷ୍ଟ କରିଦେଲା । ଶ୍ରୀରାମ ଫେରିଆସିଲେ ଯାଇ ଏହି ଦୁର୍ଯୋଗ ମେଣ୍ଟିବ; ସେତେବେଳେ ଯାଇ ଅଯୋଧ୍ୟା ଶାନ୍ତିରେ ରହିବ । ଏଥିପାଇଁ ଅନ୍ୟ କୌଣସି ଉପାୟ ନାହିଁ ।'' ॥ ୩ ॥

**ଭରତ ବଚନ ସୁନି ମୁନି ସୁଖୁ ପାଈ । ସବହିଁ କୀହ୍ନି ବହୁ ଭାଁତି ବଡ଼ାଈ ॥**
**ତାତ କରହୁ ଜନି ସୋଚୁ ବିସେଷୀ । ସବ ଦୁଖୁ ମିଟିହି ରାମ ପଗ ଦେଖୀ ॥ ୪ ॥**

ଭରତଙ୍କ କଥା ଶୁଣି ମୁନି ଆନନ୍ଦିତ ହେଲେ । ସମସ୍ତେ ତାଙ୍କୁ ବହୁ ପ୍ରଶଂସା କରି କହିଲେ, ''ବତ୍ସ ! ଆଉ ଚିନ୍ତା କର ନାହିଁ । ଶ୍ରୀରାମଙ୍କ ଚରଣ ଦର୍ଶନ କରିବାମାତ୍ରେ ସକଳ ଦୁଃଖ ଦୂର ହୋଇଯିବ ।'' ॥ ୪ ॥

ଦୋଃ- **କରି ପ୍ରବୋଧୁ ମୁନିବର କହେଉ ଅତିଥି ପେମପ୍ରିୟ ହୋହୁ ।**
**କଂଦ ମୂଲ ଫଲ ଫୂଲ ହମ ଦେହିଁ ଲେହୁ କରି ଛୋହୁ ॥ ୨୧୨ ॥**

ଏପରିଭାବରେ ତାଙ୍କୁ ସାନ୍ତ୍ୱନା ଦେଇ ମୁନିବର ଭରଦ୍ୱାଜ କହିଲେ, ''ଏଥର ଆପଣମାନେ ଆମର ପ୍ରିୟ ଅତିଥି ହୁଅନ୍ତୁ ଏବଂ ଆମେ କନ୍ଦ, ମୂଳ, ଫଳ ଆଦି ଯାହାକିଛି ଦେଇପାରିବୁ, କୃପା କରି ତାହା ଗ୍ରହଣ କରନ୍ତୁ ।'' ॥ ୨୧୨ ॥

**ସୁନି ମୁନି ବଚନ ଭରତ ହିୟଁ ସୋଚୂ । ଭୟଉ କୁଅୱସର କଠିନ ସଁକୋଚୂ ॥**
**ଜାନି ଗରୁଇ ଗୁର ଗିରା ବହୋରୀ । ଚରନ ବଂଦି ବୋଲେ କର ଜୋରୀ ॥ ୧ ॥**

ମୁନିଙ୍କ ବଚନ ଶୁଣି ଭରତ ଚିନ୍ତାରେ ପଡ଼ିଗଲେ, 'ଏପରି ଅସମୟରେ ଇଏ ଆଉ ଗୋଟିଏ ସଂକୋଚର (ଦ୍ୱିଧାର) ବିଷୟ ଆସିଗଲା !' ତଥାପି ଗୁରୁଜନଙ୍କର ବାଣୀକୁ ଆଦର କରିବା ଉଚିତ ବୋଲି ବିଗ୍ଚର କରି, ମୁନିଙ୍କ ଚରଣବନ୍ଦନାପୂର୍ବକ ସେ ହାତ ଯୋଡ଼ି କହିଲେ, ॥ ୧ ॥

**ସିର ଧରି ଆୟସୁ କରିଅ ତୁହ୍ମାରା । ପରମ ଧରମ ୟହୁ ନାଥ ହମାରା ॥**
**ଭରତ ବଚନ ମୁନିବର ମନ ଭାଏ । ସୁଚି ସେୱକ ସିଷ ନିକଟ ବୋଲାଏ ॥ ୨ ॥**

‘‘ହେ ପ୍ରଭୁ ! ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ତାହା ପାଳନ କରିବା ହେଉଛି ଆମର ପରମ ଧର୍ମ ।’’ ଭରତଙ୍କ କଥା ମୁନିବରଙ୍କୁ ଅତ୍ୟନ୍ତ ଭଲ ଲାଗିଲା । ସେ ବିଶ୍ୱସ୍ତ ସେବକ ଓ ଶିଷ୍ୟମାନଙ୍କୁ ଡାକିଲେ ॥ ୨ ॥

**ଗୃହିଅ କୀହ୍ନି ଭରତ ପହୁନାଈ । କଂଦ ମୂଲ ଫଲ ଆନହୁ ଜାଈ ॥**
**ଭଲେହିଁ ନାଥ କହି ତିହ୍ନ ସିର ନାଏ । ପ୍ରମୁଦିତ ନିଜ ନିଜ କାଜ ସିଧାଏ ॥ ୩ ॥**

ଏବଂ କହିଲେ, ‘‘ଭରତଙ୍କୁ ଆତିଥ୍ୟ ପ୍ରଦାନ କରିବା ଆବଶ୍ୟକ । ତେଣୁ ତୁମେମାନେ ଯାଇ ଫଳ, ମୂଳ ଓ କନ୍ଦ ଇତ୍ୟାଦି ଆଣ ।’’ ସେମାନେ ‘ଯଥା ଆଜ୍ଞା’ କହି ନତମସ୍ତକ ହେଲେ ଏବଂ ଆନନ୍ଦର ସହିତ ନିଜ ନିଜ କାର୍ଯ୍ୟରେ ବାହାରିପଡ଼ିଲେ ॥ ୩ ॥

**ମୁନିହି ସୋଚ ପାହୁନ ବଡ଼ ନେଓ୍ୱତା । ତସି ପୂଜା ଗୃହିଅ ଜସ ଦେଓ୍ୱତା ॥**
**ସୁନି ରିଧି ସିଧି ଅନିମାଦିକ ଆଈଁ । ଆୟସୁ ହୋଇ ସୋ କରହିଁ ଗୋସାଈଁ ॥ ୪ ॥**

ମୁନି ମନେ ମନେ ଭାବିଲେ, ‘‘ଆମେ ଜଣେ ଏତେ ବଡ଼ ବିଶିଷ୍ଟ ଅତିଥିଙ୍କୁ ନିମନ୍ତ୍ରଣ କରିଥାଇଁ । ଯେପରି ଦେବତା, ସେହିପରି ପୂଜା ହେବା ଆବଶ୍ୟକ ।’’ [ମୁନିଙ୍କ ମନକଥା ଜାଣି] ଋଦ୍ଧି ଓ ଅଣିମାଦି ସିଦ୍ଧି ଚ୍ୱଲିଆସିଲେ; କହିଲେ, ‘‘ହେ ପ୍ରଭୁ ! ଆପଣଙ୍କର ଯାହା ଆଜ୍ଞା ହେବ, ଆମେ ତାହା କରିଦେବୁ ।’’ ॥ ୪ ॥

ଦୋ:- **ରାମ ବିରହ ବ୍ୟାକୁଲ ଭରତୁ ସାନୁଜ ସହିତ ସମାଜ ।**
**ପହୁନାଈ କରି ହରହୁ ଶ୍ରମ କହା ମୁଦିତ ମୁନିରାଜ ॥ ୨୧୩ ॥**

ମୁନିରାଜ ପ୍ରସନ୍ନ ହୋଇ କହିଲେ, ‘‘ଭରତ ଓ ତାଙ୍କ ସାନଭାଇ ଶତ୍ରୁଘ୍ନଙ୍କ ସମେତ ଅଯୋଧ୍ୟାର ଜନସମୁଦାୟ ଶ୍ରୀରାମଙ୍କ ବିରହରେ ଅତି ବ୍ୟାକୁଳ ଅବସ୍ଥାରେ ଅଛନ୍ତି । ସେମାନେ ଆମର ଅତିଥି; ଅତିଥିସତ୍କାର କରି ସେମାନଙ୍କର କ୍ଳାନ୍ତି ଦୂର କର ।’’ ॥ ୨୧୩ ॥

**ରିଧି ସିଧି ସିରଧରି ମୁନିବର ବାନୀ । ବଡ଼ଭାଗିନି ଆପୁହି ଅନୁମାନୀ ॥**
**କହହିଁ ପରସପର ସିଧି ସମୁଦାଈ । ଅତୁଲିତ ଅତିଥି ରାମ ଲଘୁ ଭାଈ ॥ ୧ ॥**

ମୁନିବରଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଋଦ୍ଧି ଓ ସିଦ୍ଧି ନିଜ ନିଜକୁ ଭାଗ୍ୟବାନ୍ ମନେକଲେ । ସେମାନେ ନିଜ ନିଜ ମଧ୍ୟରେ କୁହାକୁହି ହେଲେ, ‘‘ଶ୍ରୀରାମଙ୍କ ସାନଭାଇ ଭରତ ଜଣେ ଅତୁଳନୀୟ, ଅସାଧାରଣ ଅତିଥି ॥ ୧ ॥

**ମୁନି ପଦ ବଂଦି କରିଅ ସୋଇ ଆଜୂ । ହୋଇ ସୁଖୀ ସବ ରାଜ ସମାଜୂ ॥**
**ଅସ କହି ରଚେଉ ରୁଚିର ଗୃହ ନାନା । ଜେହି ବିଲୋକି ବିଲଖାହିଁ ବିମାନା ॥ ୨ ॥**

ତେଣୁ ମୁନିଙ୍କ ଚରଣବନ୍ଦନା କରି ଆମକୁ ଆଜି ଏପରି କିଛି କରିବାକୁ ପଡ଼ିବ, ଯେଉଁଥିରେ କି ସମଗ୍ର ରାଜସମାଜ ସୁଖୀ ହୋଇପାରିବେ ।’’ ଏହା କହି ସେମାନେ [ସଙ୍ଗେ ସଙ୍ଗେ] ସୁନ୍ଦର ସୁନ୍ଦର ଘରଗୁଡ଼ିଏ ତୋଳିଦେଲେ । ତାହା ଦେଖି ବିମାନ ଅର୍ଥାତ୍ ରାଜପ୍ରାସାଦମାନେ ବି ଲଜ୍ଜିତ ହୋଇଗଲେ ॥ ୨ ॥

**ଭୋଗ ବିଭୂତି ଭୂରି ଭରି ରାଖେ । ଦେଖତ ଜିହ୍ନହି ଅମର ଅଭିଲାଷେ ॥**
**ଦାସୀଁ ଦାସ ସାଜୁ ସବ ଲୀହ୍ନେଁ । ଜୋଗଓ୍ୱତ ରହହିଁ ମନହିଁ ମନୁ ଦୀହ୍ନେଁ ॥ ୩ ॥**

ସେହିସବୁ ଘରମାନଙ୍କରେ ବହୁ ପରିମାଣର ଭୋଗ ଓ ଐଶ୍ୱର୍ଯ୍ୟସାମଗ୍ରୀ ପୂର୍ଣ୍ଣ ହୋଇଗଲା । ସେହି ଭୋଗସାମଗ୍ରୀ ଦେଖି ଦେବତାମାନେ ବି ପ୍ରଲୁବ୍ଧ ହୋଇଗଲେ । ସେହି ଘରମାନଙ୍କରେ ଦାସଦାସୀମାନେ ଲୋକଙ୍କର ମନ ଜାଣି, ସେମାନଙ୍କୁ ଇଚ୍ଛିତବସ୍ତୁ ଯୋଗାଇଦେବା ନିମନ୍ତେ ସବୁପ୍ରକାର ସାମଗ୍ରୀ ଧରି ପ୍ରସ୍ତୁତ ହୋଇ ରହିଥାନ୍ତି ॥ ୩ ॥

**ସବ ସମାଜୁ ସଜି ସିଧି ପଲ ମାହୀଁ । ଜେ ସୁଖ ସୁରପୁର ସପନେହୁଁ ନାହୀଁ ॥**
**ପ୍ରଥମହିଁ ବାସ ଦିଏ ସବ କେହୀ । ସୁଂଦର ସୁଖଦ ଜଥା ରୁଚି ଜେହୀ ॥ ୪ ॥**

ସିଦ୍ଧିମାନେ କ୍ଷଣକ ଭିତରେ ଏପରି ସୁଖସାମଗ୍ରୀସବୁ ଆଣି ସଜାଇଦେଲେ, ଯାହା କି ସ୍ୱର୍ଗରେ ବି ସ୍ୱପ୍ନରେ ସୁଦ୍ଧା ମିଳେ ନାହିଁ । ପ୍ରଥମେ ସିଦ୍ଧିମାନେ ଭରତଙ୍କ ସହିତ ଆସିଥିବା ଲୋକମାନଙ୍କୁ ସେମାନଙ୍କର ରୁଚି ଅନୁସାରେ ସୁନ୍ଦର ତଥା ସୁଖଦ ବାସସ୍ଥାନ ଯୋଗାଇଦେଲେ ॥ ୪ ॥

ଦୋ:- **ବହୁରି ସପରିଜନ ଭରତ କହୁଁ ରିଷି ଅସ ଆୟସୁ ଦୀନ୍ହ ।**
**ବିଧି ବିସମୟ ଦାୟକୁ ବିଭଓ୍ୱ ମୁନିବର ତପବଲ କୀନ୍ହ ॥ ୨୧୪ ॥**

ତା'ପରେ ସେମାନେ ସପରିବାର ଭରତଙ୍କୁ ବାସସ୍ଥାନ ଯୋଗାଇଦେଲେ; କାରଣ ଭରଦ୍ୱାଜ ସେହିଭଳି ଆଜ୍ଞା ଦେଇଥିଲେ । (ଭରତ ଚାହିଁଥିଲେ ଯେ, ପ୍ରଥମେ ତାଙ୍କ ସହିତ ଆସିଥିବା ଲୋକଙ୍କୁ ସୁବିଧା ଯୋଗାଇଦେଇ, ତା'ପରେ ତାଙ୍କ ପରିବାରଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଉ ।) ମୁନିବର ନିଜର ତପୋବଳରେ ବ୍ରହ୍ମାଙ୍କୁ ବି ଚକିତ କରିଦେଉଥିବା ବିଭବ ରଚନା କରିଦେଲେ ॥ ୨୧୪ ॥

**ମୁନି ପ୍ରଭାଉ ଜବ ଭରତ ବିଲୋକା । ସବ ଲଘୁ ଲଗେ ଲୋକପତି ଲୋକା ॥**
**ସୁଖ ସମାଜୁ ନହିଁ ଜାଇ ବଖାନୀ । ଦେଖତ ବିରତି ବିସାରହିଁ ଗ୍ୟାନୀ ॥ ୧ ॥**

ମୁନିଙ୍କ ପ୍ରଭାବ ଦେଖି ଭରତଙ୍କୁ [ଇନ୍ଦ୍ର, ବରୁଣ, ଯମ, କୁବେର ଆଦି] ସମସ୍ତ ଲୋକପାଳଙ୍କ ଲୋକ ମଧ୍ୟ ତୁଚ୍ଛ ଲାଗିଲା । ସେହିସବୁ ସୁଖସାମଗ୍ରୀର ବର୍ଣ୍ଣନା କରାଯାଇପାରିବ ନାହିଁ । ସେସବୁ ଦେଖିଲେ ଜ୍ଞାନୀମାନେ ମଧ୍ୟ ବୈରାଗ୍ୟ ଭୁଲିଯିବେ ॥ ୧ ॥

**ଆସନ ସୟନ ସୁବସନ ବିତାନା । ବନ ବାଟିକା ବିହଗ ମୃଗ ନାନା ॥**
**ସୁରଭି ଫୂଲ ଫଲ ଅମିଅ ସମାନା । ବିମଲ ଜଲାସୟ ବିବିଧ ବିଧାନା ॥ ୨ ॥**

ସେଠାରେ ଆସନ, ଶଯ୍ୟା, ସୁନ୍ଦରବସ୍ତ୍ର, ଚାନ୍ଦୁଆ, ବନ, ଉପବନ, ନାନାପ୍ରକାର ପଶୁପକ୍ଷୀ, ସୁଗନ୍ଧପୁଷ୍ପ ଏବଂ ଅମୃତ ପରି ସୁସ୍ୱାଦୁ ଫଳ ଏବଂ ନାନାପ୍ରକାର ନିର୍ମଳ ଜଳାଶୟ ରହିଥିଲା ॥ ୨ ॥

**ଅସନ ପାନ ସୁଚି ଅମିଅ ଅମୀ ସେ । ଦେଖି ଲୋଗ ସକୁଚାତ ଜମୀ ସେ ॥**
**ସୁର ସୁରଭୀ ସୁରତରୁ ସବହୀ କେଁ । ଲଖି ଅଭିଲାଷୁ ସୁରେସ ସଚୀ କେଁ ॥ ୩ ॥**

ଅମୃତକୁ ମଧ୍ୟ ଅମୃତ ପରି ଲାଗୁଥିବା ନାନାପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ଓ ପାନୀୟସାମଗ୍ରୀ ପୂର୍ଣ୍ଣ ହୋଇ ରହିଥିଲା । ସେସବୁ ଦେଖିଦେଇ ଅଯୋଧ୍ୟାବାସୀମାନେ ସଂଯମୀପୁରୁଷଙ୍କ ପରି ଦ୍ୱିଧା ପ୍ରକାଶ କରୁଥାନ୍ତି । ସମସ୍ତଙ୍କ ବାସସ୍ଥାନରେ ମନୋବାଞ୍ଛିତବସ୍ତୁ-ପ୍ରଦାନକାରୀ ଏପରି କାମଧେନୁ ଓ କଳ୍ପବୃକ୍ଷ ରହିଥିଲା ଯେ, ତାହା ଦେଖି ଇନ୍ଦ୍ର ଓ ଶଚୀ ମଧ୍ୟ ଲାଳାୟିତ ହେଉଥାନ୍ତି ॥ ୩ ॥

**ରିତୁ ବସଂତ ବହ ତ୍ରିବିଧ ବୟାରୀ । ସବ କହଁ ସୁଲଭ ପଦାରଥ ଚାରୀ ॥**
**ସ୍ରକ ଚଂଦନ ବନିତାଦିକ ଭୋଗା । ଦେଖି ହରଷ ବିସମୟ ବସ ଲୋଗା ॥ ୪ ॥**

ବସନ୍ତ ଋତୁ ଉପସ୍ଥିତ ଥାଏ । ତ୍ରିବିଧ (ଶୀତଳ, ମନ୍ଦ ଓ ସୁଗନ୍ଧ) ବାୟୁ ପ୍ରବାହିତ ହେଉଥାଏ । ସମସ୍ତଙ୍କ ନିମନ୍ତେ ଧର୍ମ, ଅର୍ଥ, କାମ ଓ ମୋକ୍ଷ—ଚତୁର୍ବିଧ ପଦାର୍ଥ ସୁଲଭ ହୋଇଥାଏ । ସେଠାରେ ମାଳା, ଚନ୍ଦନ ଓ ସ୍ତ୍ରୀ ଆଦି ସବୁପ୍ରକାର ଭୋଗ୍ୟସାମଗ୍ରୀ ଥିବା ଦେଖି ସମସ୍ତେ ଯୁଗପତ୍ ହର୍ଷ ଓ ବିଷାଦରେ ବୁଡ଼ିଗଲେ । (ଭୋଗ୍ୟ ସାମଗ୍ରୀ ତଥା ମୁନିଙ୍କ ପ୍ରଭାବ ଦେଖି ହର୍ଷ ଏବଂ ଶ୍ରୀରାମଙ୍କ ବିରହ ହେତୁ ନିୟମବ୍ରତ ପାଳନ କରୁଥିବା ଅବସ୍ଥାରେ

'ଆମେ ଏପରି ଭୋଗବିଳାସର ଜାଲରେ କାହିଁକି ପଡ଼ିଲୁ ? ବ୍ରତଭ୍ରଷ୍ଟ ହୋଇଯିବୁ କି!' ଏପରି ଭାବି ବିଷାଦ) ॥ ୪ ॥

ଦୋ- **ସଂପତି ଚକଈ ଭରତୁ ଚକ ମୁନି ଆୟସ ଖେଲୱାର ।**
**ତେହି ନିସି ଆଶ୍ରମ ପିଂଜରାଁ ରାଖେ ଭା ଭିନୁସାର ॥ ୨୧୫ ॥**

ସେଠାରେ ସମ୍ପତ୍ତି (ବିଳାସସାମଗ୍ରୀ) ଥିଲା ଚକ୍ରବାକୀ ପରି, ଭରତ ଥିଲେ ଚକ୍ରବାକ ପରି ଏବଂ ମୁନିଙ୍କ ଆଜ୍ଞା ଥିଲା ସେହି ଦୁହିଁଙ୍କୁ ଖେଳାଉଥିବା ଚଢ଼େଇଆକେଳା ପରି, ଯେ କି ସେଦିନ ରାତିରେ ସେଦୁହିଁଙ୍କୁ ଆଶ୍ରମରୂପୀ ପିଞ୍ଜରାରେ ବନ୍ଦ କରି ରଖିଦେଇଥିଲା । ସେହି ଅବସ୍ଥାରେ ପଡ଼ିରହି ରାତି ପାହି ସକାଳ ହୋଇଗଲା । (କୌଣସି ଚଢ଼େଇଆଦ୍ୱାରା ଏକା ପିଞ୍ଜରାରେ ରଖାଗଲେ ବି ଚକ୍ରବାକୀ-ଚକ୍ରବାକଙ୍କର ଯେପରି ରାତ୍ରକାଳରେ ସଂଯୋଗ ହୁଏ ନାହିଁ, ଭରଦ୍ୱାଜଙ୍କ ଆଜ୍ଞାରେ ମିଳିଥିବା ଭୋଗ୍ୟସାମଗ୍ରୀ ଭିତରେ ରାତିସାରା ରହି ମଧ୍ୟ ଭରତ ସେହିପରି ମନରେ ବି ସେସବୁକୁ ସ୍ପର୍ଶ କଲେ ନାହିଁ ।) ॥ ୨୧୫ ॥

## ମାସପାରାୟଣ, ଊନବିଂଶ ବିଶ୍ରାମ

**କୀନ୍ହ ନିମଜ୍ଜନୁ ତୀରଥରାଜା । ନାଇ ମୁନିହି ସିରୁ ସହିତ ସମାଜା ॥**
**ରିଷି ଆୟସୁ ଅସୀସ ସିର ରାଖୀ । କରି ଦଂଡୱତ ବିନୟ ବହୁ ଭାଷୀ ॥ ୧ ॥**

ପ୍ରାତଃକାଳରେ ଭରତ ତୀର୍ଥରାଜରେ ସ୍ନାନ କଲେ ଏବଂ ସମସ୍ତଙ୍କ ସହିତ ମୁନିଙ୍କୁ ପ୍ରଣାମ କଲେ । ସେ ଋଷିଙ୍କ ଆଦେଶ ଓ ଆଶୀର୍ବାଦ ଶିରୋଧାର୍ଯ୍ୟ କରି, ଦଣ୍ଡବତ୍ ହେବା ସହିତ ବିନୟ ହୋଇ ବିଦାୟ ମାଗିଲେ ॥ ୧ ॥

**ପଥ ଗତି କୁସଲ ସାଥ ସବ ଲୀହ୍ନେଁ । ଚଲେ ଚିତ୍ରକୂଟହିଁ ଚିତୁ ଦୀହ୍ନେଁ ॥**
**ରାମସଖା କର ଦୀହ୍ନେଁ ଲାଗୂ । ଚଲତ ଦେହ ଧରି ଜନୁ ଅନୁରାଗୂ ॥ ୨ ॥**

ତା'ପରେ କୁଶଳ ପଥପ୍ରଦର୍ଶକ ତଥା ସବୁ ସାଥୀଲୋକଙ୍କ ସହିତ ଚିତ୍ରକୂଟରେ ଚିତ୍ତ ନିବେଶ କରି ଭରତ ଯାତ୍ରାପଥରେ ଚାଲିଲେ । ରାମସଖା ନିଷାଦରାଜଙ୍କ ହାତ ଧରି ସେ ଏପରି ଚାଲିଥାନ୍ତି ଯେ, ଦେଖିଲେ ଲାଗୁଥାଏ, ସତେ ଯେପରି ରାମପ୍ରେମହିଁ ସାକ୍ଷାତ୍ ଶରୀର ଧାରଣ କରି ଚାଲିଛି ॥ ୨ ॥

**ନହିଁ ପଦ ତ୍ରାନ ସୀସ ନହିଁ ଛାୟା । ପେମୁ ନେମୁ ବ୍ରତୁ ଧରମୁ ଅମାୟା ॥**
**ଲଖନ ରାମ ସିୟ ପଂଥ କହାନୀ । ପୂଁଛତ ସଖହି କହତ ମୃଦୁ ବାନୀ ॥ ୩ ॥**

ପାଦରେ ଜୋତା ନ ଥାଏ, କି ମଥା ଉପରେ ଛତା ନ ଥାଏ। ତାଙ୍କର ପ୍ରେମ, ନିୟମ, ବ୍ରତ ଓ ଧର୍ମ ଥିଲା ଅମାୟିକ । ଲକ୍ଷ୍ମଣ, ଶ୍ରୀରାମ ଓ ସୀତା କେଉଁ ବାଟଦେଇ ଗଲେ ବୋଲି ସଖା (ନିଷାଦରାଜ)ଙ୍କୁ ପଚାରି ପଚାରି ସେ ଚାଲିଥାନ୍ତି ଏବଂ ନିଷାଦରାଜ କୋମଳ କଣ୍ଠରେ ଉତ୍ତର ଦେଉଥାନ୍ତି ॥ ୩ ॥

**ରାମ ବାସ ଥଲ ବିଟପ ବିଲୋକେଁ । ଉର ଅନୁରାଗ ରହତ ନହିଁ ରୋକେଁ ॥**
**ଦେଖି ଦସା ସୁର ବରିସହିଁ ଫୂଲା । ଭଇ ମୃଦୁ ମହି ମଗୁ ମଂଗଲ ମୂଲା ॥ ୪ ॥**

ଯେଉଁ ଯେଉଁ ସ୍ଥାନରେ ଶ୍ରୀରାମ ବିଶ୍ରାମ ନେଇଥିଲେ, ଯେଉଁ ଯେଉଁ ବୃକ୍ଷତଳେ ବସିଥିଲେ, ସେସବୁ ସ୍ଥାନ ଦେଖି ତାଙ୍କ ହୃଦୟରେ ପ୍ରେମର ପ୍ଲାବନକୁ ରୋକି ହେଉ ନ ଥାଏ। ଭରତଙ୍କର ଏହି ଅବସ୍ଥା ଦେଖି ଦେବତାମାନେ ପୁଷ୍ପ ବୃଷ୍ଟି କଲେ । ପୃଥିବୀ କୋମଳ ହୋଇଗଲା ଏବଂ ମାର୍ଗ ମଙ୍ଗଳମୟ ହୋଇଗଲା ॥ ୪ ॥

ଦୋ:- **କିଏଁ ଜାହିଁ ଛାୟା ଜଲଦ ସୁଖଦ ବହଇ ବର ବାତ ।**
**ତସ ମଗୁ ଭୟଉ ନ ରାମ କହଁ ଜସ ଭା ଭରତହି ଜାତ ॥ ୨୧୬ ॥**

ମେଘମାନେ ଛାୟା ପ୍ରଦାନ କରୁଥାଆନ୍ତି । ସୁନ୍ଦର ସୁଖପ୍ରଦ ବାୟୁ ପ୍ରବାହିତ ହେଉଥାଏ । ଭରତଙ୍କ ପାଇଁ ଚଲାପଥ ଯେପରି ସୁଖପ୍ରଦ ହେଲା, ଶ୍ରୀରାମଙ୍କ ପାଇଁ ମଧ୍ୟ ସେପରି ହୋଇ ନ ଥିଲା ॥ ୨୧୬ ॥

**ଜଡ଼ ଚେତନ ମଗ ଜୀୱ ଘନେରେ । ଜେ ଚିତଏ ପ୍ରଭୁ ଜିହ୍ନ ପ୍ରଭୁ ହେରେ ॥**
**ତେ ସବ ଭଏ ପରମ ପଦ ଜୋଗୂ । ଭରତ ଦରସ ମେଟା ଭୱ ରୋଗୂ ॥ ୧ ॥**

ପଥରେ ଅନେକ ଚରାଚର ଜୀବ ଥିଲେ । ସେମାନଙ୍କ ମଧ୍ୟରୁ ପ୍ରଭୁ ଶ୍ରୀରାମ ଯେଉଁମାନଙ୍କୁ ଦେଖିଥିଲେ ଏବଂ ଯେଉଁମାନେ ଶ୍ରୀରାମଙ୍କୁ ଦେଖିଥିଲେ, ସେମାନେ ସମସ୍ତେ ପରମପଦ ପାଇବାର ଯୋଗ୍ୟ ହୋଇଯାଇଥିଲେ । କିନ୍ତୁ ବର୍ତ୍ତମାନ ଭରତଙ୍କର ଦର୍ଶନ ସେମାନଙ୍କ ଭବ(ଜନ୍ମ-ମରଣ)ରୂପୀ ରୋଗ ଦୂର କରିଦେଲା । (ଶ୍ରୀରାମଙ୍କ ଦର୍ଶନ ସେମାନଙ୍କୁ ପରମପଦର ଅଧିକାରୀ କରିଦେଇଥିଲା; ବର୍ତ୍ତମାନ ଭରତଙ୍କ ଦର୍ଶନରେ ସେମାନେ ପରମପଦ ପାଇଗଲେ ।) ॥ ୧ ॥

**ୟହ ବଡ଼ି ବାତ ଭରତ କଇ ନାହୀଁ । ସୁମିରତ ଜିନହି ରାମୁ ମନ ମାହୀଁ ॥**
**ବାରକ ରାମ କହତ ଜଗ ଜେଉ । ହୋତ ତରନ ତାରନ ନର ତେଉ ॥ ୨ ॥**

ଯେଉଁ ଭରତଙ୍କୁ ସ୍ୱୟଂ ଶ୍ରୀରାମ ମନେ ମନେ ସ୍ମରଣ କରୁଥିଲେ, ତାଙ୍କ ପକ୍ଷରେ ଏହା କୌଣସି ବଡ଼ କଥା ନ ଥିଲା । ଜଗତରେ ଯେଉଁମାନେ ଥରେମାତ୍ର 'ରାମ' କହିଦିଅନ୍ତି, ସେମାନେ ନିଜେ ତରିଯିବା ସହିତ ଅନ୍ୟମାନଙ୍କୁ ବି ତାରିଦେବାକୁ ସମର୍ଥ ହୋଇଯାଆନ୍ତି ॥ ୨ ॥

**ଭରତୁ ରାମ ପ୍ରିୟ ପୁନି ଲଘୁ ଭ୍ରାତା । କସ ନ ହୋଇ ମଗୁ ମଂଗଲଦାତା ॥**
**ସିଦ୍ଧ ସାଧୁ ମୁନିବର ଅସ କହହୀଁ । ଭରତହି ନିରଖି ହରଷୁ ହିୟଁ ଲହହୀଁ ॥ ୩ ॥**

ପୁଣି ଭରତ ତ ଥିଲେ ଶ୍ରୀରାମଙ୍କର ପ୍ରିୟ ସାନଭାଇ; ତେଣୁ ତାଙ୍କ ପାଇଁ ଭଲା ମାର୍ଗ କିପରି ସୁଖଦାୟକ ନ ହୁଅନ୍ତା ! ସିଦ୍ଧ, ସାଧୁ ଓ ଶ୍ରେଷ୍ଠ ମୁନିମାନେ ଏପରି କୁହାକୁହି ହେଉଥାଆନ୍ତି ଏବଂ ଭରତଙ୍କୁ ଦେଖି ଅନ୍ତରରେ ଆନନ୍ଦ ଲାଭ କରୁଥାଆନ୍ତି ॥ ୩ ॥

**ଦେଖି ପ୍ରଭାଉ ସୁରେସହି ସୋଚୂ । ଜଗୁ ଭଲ ଭଲେହି ପୋଚ କହୁଁ ପୋଚୂ ॥**
**ଗୁର ସନ କହେଉ କରିଅ ପ୍ରଭୁ ସୋଈ । ରାମହି ଭରତହି ଭେଟ ନ ହୋଈ ॥ ୪ ॥**

ଭରତଙ୍କ ପ୍ରେମର ଏପରି ପ୍ରଭାବ ଦେଖି ଦେବରାଜ ଇନ୍ଦ୍ର ଚିନ୍ତାଗ୍ରସ୍ତ ହୋଇପଡ଼ିଲେ । (ସେ ଭାବିଲେ, 'ଭରତଙ୍କ ପ୍ରେମରେ ବଶ ହୋଇ ଶ୍ରୀରାମ ଅଯୋଧ୍ୟାକୁ ଫେରିଯିବେ କି ! ତା'ହେଲେ ତ ଆମର ସବୁ ଯୋଜନା ପଣ୍ଡ ହୋଇଯିବ !') ସଂସାରଟା ଭଲଲୋକଙ୍କୁ ଭଲ ଏବଂ ଖରାପ ଲୋକଙ୍କୁ ଖରାପ ଦେଖାଯାଏ (ମନୁଷ୍ୟ ନିଜେ ଯେପରି ହୋଇଥାଏ, ସଂସାର ତାକୁ ସେହିପରି ଦିଶେ) । ଇନ୍ଦ୍ର ଯାଇ ଗୁରୁ ବୃହସ୍ପତିଙ୍କୁ କହିଲେ, "ହେ ପ୍ରଭୁ ! ଆପଣ ଏପରି କିଛି ଉପାୟ କରନ୍ତୁ, ଯାହା ଫଳରେ କି ଶ୍ରୀରାମଙ୍କ ସହିତ ଭରତଙ୍କର ମିଳନ ହୋଇପାରିବ ନାହିଁ ॥ ୪ ॥

ଦୋଃ- **ରାମୁ ସଁକୋଚୀ ପ୍ରେମ ବସ ଭରତ ସପେମ ପୟୋଧି ।**
**ବନୀ ବାତ ବେଗରନ ଚହତି କରିଅ ଜତନୁ ଛଲୁ ସୋଧି ॥ ୨୧୭ ॥**

ସରଳସ୍ୱଭାବ ଶ୍ରୀରାମ ପ୍ରେମର ଅଧୀନ ହୋଇଥିବାବେଳେ ଭରତ ହେଉଛନ୍ତି ପ୍ରେମର ସାଗର । ଏବେ ଆମର ସମସ୍ତ ଆୟୋଜନ ପଣ୍ଡ ହେବାକୁ ବସିଛି, ତେଣୁ ଆପଣ ଛନ୍ଦକପଟ କରି କିଛି ଉପାୟ କରନ୍ତୁ ।" ॥ ୨୧୭ ॥

**ବଚନ ସୁନତ ସୁରଗୁରୁ ମୁସୁକାନେ । ସହସନୟନ ବିନୁ ଲୋଚନ ଜାନେ ॥**
**ମାୟାପତି ସେୱକ ସନ ମାୟା । କରଇ ତ ଉଲଟି ପରଇ ସୁରରାୟା ॥ ୧ ॥**

ଇନ୍ଦ୍ରଙ୍କ କଥା ଶୁଣୁ ଶୁଣୁ ଦେବଗୁରୁ ବୃହସ୍ପତି ମୁରୁକି ମୁରୁକି ହସିଲେ । ସେ ଜାଣିଗଲେ ଯେ, ଇନ୍ଦ୍ରଙ୍କର ସହସ୍ରେ ନେତ୍ର ଥିଲେ କ'ଣ ହେବ, ଜ୍ଞାନନେତ୍ର ନାହିଁ; ତେଣୁ ସେ କହିଲେ, ''ହେ ଦେବରାଜ ! ମାୟାପତି ଶ୍ରୀରାମଙ୍କ ସେବକଙ୍କ ପ୍ରତି ଯେ ମାୟା କରିବ, ମାୟା ଓଲଟି ଆସି ତାକୁ ଗ୍ରାସ କରିବ ॥ ୧ ॥

**ତବ କିଛୁ କୀହ୍ନ ରାମ ରୁଖ ଜାନୀ । ଅବ କୁଚାଲି କରି ହୋଇହି ହାନୀ ॥**
**ସୁନୁ ସୁରେସ ରଘୁନାଥ ସୁଭାଉ । ନିଜ ଅପରାଧ ରିସାହିଁ ନ କାଉ ॥ ୨ ॥**

ସେତେବେଳେ (ରାଜ୍ୟାଭିଷେକପୂର୍ବରୁ) ତ ଶ୍ରୀରାମଙ୍କ ମନୋଭାବ ଜାଣି ତୁମେ କିଛି କରିଥିଲ । କିନ୍ତୁ ଏଥର ଚକ୍ରାନ୍ତ କଲେ, କେବଳ କ୍ଷତି ହେବ । ହେ ସୁରେଶ ! ରଘୁନାଥଙ୍କ ସ୍ୱଭାବ ଶୁଣ : ସେ ତାଙ୍କ ନିଜ ପ୍ରତି କରାଯାଉଥିବା ଅପରାଧ ଦେଖି କଦାପି ରୁଷ୍ଟ ହୁଅନ୍ତି ନାହିଁ, ॥ ୨ ॥

**ଜୋ ଅପରାଧୁ ଭଗତ କର କରଈ । ରାମ ରୋଷ ପାୱକ ସୋ ଜରଈ ॥**
**ଲୋକହୁଁ ବେଦ ବିଦିତ ଇତିହାସା । ୟହ ମହିମା ଜାନହିଁ ଦୁରବାସା ॥ ୩ ॥**

କିନ୍ତୁ ପ୍ରଭୁଙ୍କ ଭକ୍ତଙ୍କ ପ୍ରତି ଯଦି କେହି ଅପରାଧ କରେ, ତେବେ ସେ ଶ୍ରୀରାମଙ୍କ କ୍ରୋଧାଗ୍ନିରେ ଜଳିଯାଏ । ଲୋକ ଓ ବେଦରେ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତମାନ ରହିଛି । ଏହି ମହିମା ଦୁର୍ବାସା ଭଲରୂପେ ଜାଣନ୍ତି ॥ ୩ ॥

**ଭରତ ସରିସ କୋ ରାମ ସନେହୀ । ଜଗୁ ଜପ ରାମ ରାମୁ ଜପ ଜେହୀ ॥ ୪ ॥**

ସମଗ୍ର ଜଗତ୍ ଶ୍ରୀରାମଙ୍କୁ ଜପୁଛି; କିନ୍ତୁ ସେହି ଶ୍ରୀରାମ ଯାହାଙ୍କୁ ଜପୁଛନ୍ତି, ସେହି ଭରତଙ୍କ ସମାନ ଶ୍ରୀରାମପ୍ରେମୀ ଆଉ କିଏ ହେବ ? ॥ ୪ ॥

ଦୋ:- **ମନହୁଁ ନ ଆନିଅ ଅମରପତି ରଘୁବର ଭଗତ ଅକାଜୁ ।**
**ଅଜସୁ ଲୋକ ପରଲୋକ ଦୁଖ ଦିନ ଦିନ ସୋକ ସମାଜୁ ॥ ୨୧୮ ॥**

ହେ ଅମରପତି ! ରଘୁକୁଳତିଳକ ଶ୍ରୀରାମଙ୍କ ଭକ୍ତର କାମ ବିଗାଡ଼ିବା କଥା ମନରେ ବି ଆଣ ନାହିଁ । ସେପରି କଲେ ଇହଲୋକରେ ଅପଯଶ ଓ ପରଲୋକରେ ଦୁଃଖ ମିଳିବ ଏବଂ ଶୋକର ପରିମାଣ ଦିନକୁ ଦିନ ବଢ଼ିଚାଲିବ ॥ ୨୧୮ ॥

**ସୁନୁ ସୁରେସ ଉପଦେସୁ ହମାରା । ରାମହିଁ ସେୱକୁ ପରମ ପିଆରା ॥**
**ମାନତ ସୁଖୁ ସେୱକ ସେୱକାଇଁ । ସେୱକ ବୈର ବୈରୁ ଅଧିକାଇଁ ॥ ୧ ॥**

ହେ ସୁରେଶ ! ମୋ ଉପଦେଶ ଶୁଣ । ସେବକମାନେ ଶ୍ରୀରାମଙ୍କର ପରମପ୍ରିୟ । ସେ ତାଙ୍କ ସେବକର ସେବା କଲେ ପରମ ସନ୍ତୋଷ ଲାଭ କରନ୍ତି ଏବଂ ତାଙ୍କ ସେବକ ପ୍ରତି ବୈରଭାବକୁ ବିରାଟ ବୈରତା ବୋଲି ମଣନ୍ତି ॥ ୧ ॥

**ଜଦ୍ୟପି ସମ ନହିଁ ରାଗ ନ ରୋଷୂ । ଗହହିଁ ନ ପାପ ପୂନୁ ଗୁନ ଦୋଷୂ ॥**
**କରମ ପ୍ରଧାନ ବିସ୍ୱ କରି ରାଖା । ଜୋ ଜସ କରଇ ସୋ ତସ ଫଲୁ ଚାଖା ॥ ୨ ॥**

ଯଦ୍ୟପି ପ୍ରଭୁ ସମଦ୍ରଷ୍ଟା—ତାଙ୍କ ଠାରେ ରାଗ (ଆସକ୍ତି) ନାହିଁ, କି ରୋଷ ନାହିଁ; ସେ କାହାର ପାପପୁଣ୍ୟ ଓ ଗୁଣଦୋଷକୁ ଗ୍ରହଣ କରନ୍ତି ନାହିଁ; ସେ ବିଶ୍ୱରେ କର୍ମକୁହିଁ ପ୍ରାଧାନ୍ୟ ଦେଇଛନ୍ତି ଅର୍ଥାତ୍ ଯେ ଯେପରି କରେ, ସେ ସେହିପରି ଫଳ ଭୋଗ କରେ, ॥ ୨ ॥

**ତଦପି କରହିଁ ସମ ବିଷମ ବିହାରା । ଭଗତ ଅଭଗତ ହୃଦୟ ଅନୁସାରା ॥**
**ଅଗୁନ ଅଲେପ ଅମାନ ଏକରସ । ରାମୁ ସଗୁନ ଭଏ ଭଗତ ପେମ ବସ ॥ ୩ ॥**

ତଥାପି ସେ ଭକ୍ତ ଓ ଅଭକ୍ତର ହୃଦୟ ଅନୁସାରେ ସମ ଓ ବିଷମ ବ୍ୟବହାର କରନ୍ତି । (ଭକ୍ତଙ୍କୁ ବକ୍ଷରେ ଲଗାନ୍ତି ଓ ଅଭକ୍ତକୁ ମାରି ତାରିଦିଅନ୍ତି ।) ନିର୍ଗୁଣ, ନିର୍ଲେପ, ମାନରହିତ ଏବଂ ସଦା ଏକରସ ଭଗବାନ୍ ଶ୍ରୀରାମ କେବଳ ଭକ୍ତଙ୍କର ପ୍ରେମାଧୀନ ହୋଇ ସଗୁଣ ହୋଇଛନ୍ତି ॥ ୩ ॥

**ରାମ ସଦା ସେୱକ ରୁଚି ରାଖୀ । ବେଦ ପୁରାନ ସାଧୁ ସୁର ସାଖୀ ॥**
**ଅସ ଜିୟଁ ଜାନି ତଜହୁ କୁଟିଲାଈ । କରହୁ ଭରତ ପଦ ପ୍ରୀତି ସୁହାଈ ॥ ୪ ॥**

ଶ୍ରୀରାମ ସର୍ବଦା ତାଙ୍କ ଭକ୍ତମାନଙ୍କର ଇଚ୍ଛା ପୂରଣ କରନ୍ତି । ବେଦ, ପୁରାଣ, ସାଧୁସନ୍ଥ ଓ ଦେବତାମାନେ ଏହାର ସାକ୍ଷୀ । ଏହା ଉପଲବ୍ଧି କରି କୁଟିଳତା ଛାଡ଼ିଦିଅ ଏବଂ ଭରତଙ୍କ ଚରଣରେ ଗଭୀର ପ୍ରୀତି ରଖ ॥ ୪ ॥

ଦୋ:- **ରାମ ଭଗତ ପରହିତ ନିରତ ପର ଦୁଖ ଦୁଖୀ ଦୟାଲ ।**
**ଭଗତ ସିରୋମନି ଭରତ ତେଁ ଜନି ଡରପହୁ ସୁରପାଲ ॥ ୨୧୯ ॥**

ହେ ଦେବରାଜ ଇନ୍ଦ୍ର ! ଶ୍ରୀରାମଙ୍କ ଭକ୍ତମାନେ ଅନ୍ୟମାନଙ୍କ ହିତସାଧନରେ ଲାଗିରହନ୍ତି । ସେମାନେ ବଡ଼ ଦୟାଳୁ ତଥା ଅନ୍ୟମାନଙ୍କ ଦୁଃଖରେ ଦୁଃଖୀ ହୋଇଥାନ୍ତି । ପୁଣି ଭରତ ତ ଭକ୍ତମାନଙ୍କର ଶିରୋମଣି; ତେଣୁ ତାଙ୍କୁ ଆଦୌ ଡରନ୍ତୁ ନାହିଁ ॥ ୨୧୯ ॥

**ସତ୍ୟସଂଧ ପ୍ରଭୁ ସୁର ହିତକାରୀ । ଭରତ ରାମ ଆୟସ ଅନୁସାରୀ ॥**
**ସ୍ୱାରଥ ବିବସ ବିକଲ ତୁହ୍ମ ହୋହୂ । ଭରତ ଦୋସୁ ନହିଁ ରାଉର ମୋହୂ ॥ ୧ ॥**

ପ୍ରଭୁ ଶ୍ରୀରାମ ହେଉଛନ୍ତି ସତ୍ୟସନ୍ଧ ଓ ଦେବଗଣଙ୍କର ହିତସାଧକ; ଭରତ ହେଉଛନ୍ତି ଶ୍ରୀରାମଙ୍କର ଆଜ୍ଞାବହ । ତୁମେ ବୃଥାରେ ଅଧିକ ସ୍ୱାର୍ଥବଶ ହୋଇ ବ୍ୟାକୁଳ ହେଉଛ । ଏଥିରେ ଭରତଙ୍କର କୌଣସି ଦୋଷ ନାହିଁ; ଏହା ତୁମ ନିଜର ମୋହମାତ୍ର ।'' ॥ ୧ ॥

**ସୁନି ସୁରବର ସୁରଗୁର ବର ବାନୀ । ଭା ପ୍ରମୋଦୁ ମନ ମିଟୀ ଗଲାନୀ ॥**
**ବରଷି ପ୍ରସୂନ ହରଷି ସୁରରାଊ । ଲଗେ ସରାହନ ଭରତ ସୁଭାଊ ॥ ୨ ॥**

ଦେବଗୁରୁ ବୃହସ୍ପତିଙ୍କର ଉପଦେଶ ଶୁଣି ଇନ୍ଦ୍ରଙ୍କ ମନରେ ବିଶେଷ ଆନନ୍ଦ ଜାତ ହେଲା । ତାଙ୍କର ଦୁଶ୍ଚିନ୍ତା ଦୂର ହୋଇଗଲା । ସେ ଆନନ୍ଦିତ ହୋଇ ପୁଷ୍ପବର୍ଷଣ ମାଧ୍ୟମରେ ଭରତଙ୍କ ସ୍ୱଭାବର ପ୍ରଶଂସା କଲେ ॥ ୨ ॥

**ଏହି ବିଧି ଭରତ ଚଲେ ମଗ ଜାହୀଁ । ଦସା ଦେଖି ମୁନି ସିଦ୍ଧ ସିହାହୀଁ ॥**
**ଜବହିଁ ରାମୁ କହି ଲେହିଁ ଉସାସା । ଉମଗତ ପେମୁ ମନହୁଁ ଚହୁ ପାସା ॥ ୩ ॥**

ଭରତ ଏପରିଭାବରେ ବନପଥରେ ଗ୍ଲିଆନ୍ତି । ତାଙ୍କର ପ୍ରେମମୟ ଅବସ୍ଥା ଦେଖି ମୁନି ଓ ସିଦ୍ଧମାନେ ମଧ୍ୟ ପ୍ରଶଂସା କରୁଥାନ୍ତି । ଭରତ 'ରାମ' କହି ଦୀର୍ଘଶ୍ୱାସ ନେଲାବେଳେ ଚତୁର୍ଦ୍ଦିଗରେ ପ୍ରେମର ବନ୍ୟା ଖେଳିଯାଉଥିବାପରି ଲାଗୁଥାଏ ॥ ୩ ॥

**ଦ୍ରୱହିଁ ବଚନ ସୁନି କୁଲିସ ପଷାନା । ପୁରଜନ ପେମୁ ନ ଜାଇ ବଖାନା ॥**
**ବୀଚ ବାସ କରି ଜମୁନହିଁ ଆଏ । ନିରଖି ନୀରୁ ଲୋଚନ ଜଲ ଛାଏ ॥ ୪ ॥**

ତାଙ୍କର [ପ୍ରେମ ଓ ନମ୍ରତାପୂର୍ଣ୍ଣ] ବଚନ ଶୁଣି ବଜ୍ର ଓ ପାଷାଣ ବି ତରଳିଯାଉଥାଏ । ଅଯୋଧ୍ୟାବାସୀଙ୍କର ପ୍ରେମ ତ କହିଲେ ନ ସରେ । ଅଧାବାଟରେ ଡେରା ପକାଇ ଭରତ ଯମୁନାତଟକୁ ଆସିଲେ । ଯମୁନାର ଜଳ ଦେଖି ତାଙ୍କ ନୟନ ଅଶ୍ରୁରେ ପୂର୍ଣ୍ଣ ହୋଇଗଲା ॥ ୪ ॥

ଦୋ:- **ରଘୁବର ବରନ ବିଲୋକି ବର ବାରି ସମେତ ସମାଜ ।**
**ହୋତ ମଗନ ବାରିଧି ବିରହ ଚଢ଼େ ବିବେକ ଜହାଜ ॥ ୨୨୦ ॥**

ଶ୍ରୀରଘୁନାଥଙ୍କ ଶରୀରର ରଙ୍ଗ ପରି ସୁନ୍ଦର ଶ୍ୟାମଳ ଜଳରାଶି ଦେଖି, ସହଯାତ୍ରୀଙ୍କ ସମେତ ପ୍ରେମବିହ୍ୱଳ ଭରତ ଶ୍ରୀରାମବିରହରୂପୀ ସମୁଦ୍ରରେ ବୁଡ଼ିଯାଉ ଯାଉ ବିବେକରୂପୀ ବୋଇତରେ ଚଢ଼ିଗଲେ (ଅର୍ଥାତ୍ ଦୁଃଖରେ ଅଭିଭୂତ ହୋଇ ନ ଯାଇ ବିବେକ ସାହାଯ୍ୟରେ ଧୈର୍ଯ୍ୟ ଧରିଲେ ।) ॥ ୨୨୦ ॥

**ଜମୁନ ତୀର ତେହି ଦିନ କରି ବାସୂ । ଭୟଉ ସମୟ ସମ ସବହି ସୁପାସୂ ॥**
**ରାତିହିଁ ଘାଟ ଘାଟ କୀ ତରନୀ । ଆଈଁ ଅଗନିତ ଜାହିଁ ନ ବରନୀ ॥ ୧ ॥**

ସେଦିନ ସେ ଯମୁନାତଟରେ ନିବାସ କଲେ । ସମୟାନୁସାରେ ସମସ୍ତଙ୍କ ନିମନ୍ତେ ଖାଦ୍ୟପେୟର ଉତ୍ତମ ବ୍ୟବସ୍ଥା ହୋଇଗଲା । [ନିଷାଦରାଜଙ୍କ ଆଦେଶ କ୍ରମେ] ରାତାରାତି ବିଭିନ୍ନ ଘାଟରୁ ଏପରି ଅଗଣିତ ନୌକା ଆସି ସେଠାରେ ପହଞ୍ଚିଗଲା ଯେ, ସେସବୁର ବର୍ଣ୍ଣନା କରିହେବ ନାହିଁ ॥ ୧ ॥

**ପ୍ରାତ ପାର ଭଏ ଏକହିଁ ଖେୱାଁ । ତୋଷେ ରାମସଖା କୀ ସେୱାଁ ॥**
**ଚଲେ ନହାଇ ନଦିହି ସିର ନାଈ । ସାଥ ନିଷାଦନାଥ ଦୋଉ ଭାଈ ॥ ୨ ॥**

ପରଦିନ ସକାଳୁ ଗୋଟିଏ ଖେପରେ ହିଁ ସମସ୍ତେ ନଦୀ ପାର ହୋଇଗଲେ । ଶ୍ରୀରାମଙ୍କ ସଖା ନିଷାଦରାଜଙ୍କର ଏହି ସେବାରେ ସମସ୍ତେ ଆନନ୍ଦିତ ହୋଇଗଲେ । ତା'ପରେ ସ୍ନାନ କରି ଓ ଯମୁନାଙ୍କୁ ପ୍ରଣାମ କରି ଦୁଇଭାଇ ନିଷାଦରାଜଙ୍କ ସହିତ ଆଗକୁ ଚାଲିଲେ ॥ ୨ ॥

**ଆଗେଁ ମୁନିବର ବାହନ ଆଛେଁ । ରାଜସମାଜ ଜାଇ ସବୁ ପାଛେଁ ॥**
**ତେହି ପାଛେଁ ଦୋଉ ବଂଧୁ ପୟାଦେଁ । ଭୂଷନ ବସନ ବେଷ ସୁଠି ସାଦେଁ ॥ ୩ ॥**

ଆଗରେ ସୁନ୍ଦର ସୁନ୍ଦର ଯାନବାହନରେ ଶ୍ରେଷ୍ଠ ମୁନିମାନେ ଚାଲିଥାଆନ୍ତି । ସେମାନଙ୍କ ପଛରେ ରାଜପରିବାରର ଲୋକେ ଓ ଅନ୍ୟମାନେ ଚାଲିଥାଆନ୍ତି ଏବଂ ଅନ୍ୟମାନଙ୍କ ପଛରେ ଏହି ଦୁଇଭାଇ ଅତି ସାଧାରଣ ବସନଭୂଷଣ ଓ ବେଶ ଧାରଣ କରି ପାଦରେ ଚାଲିଥାଆନ୍ତି ॥ ୩ ॥

**ସେୱକ ସୁହୃଦ ସଚିୱସୁତ ସାଥା । ସୁମିରତ ଲଖନୁ ସୀୟ ରଘୁନାଥା ॥**
**ଜହଁ ଜହଁ ରାମ ବାସ ବିଶ୍ରାମା । ତହଁ ତହଁ କରହିଁ ସପ୍ରେମ ପ୍ରନାମା ॥ ୪ ॥**

ସେବକ, ମିତ୍ର ଓ ମନ୍ତ୍ରୀପୁତ୍ରମାନେ ସେମାନଙ୍କ ସାଥିରେ ଥାଆନ୍ତି । ସମସ୍ତେ ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତାଙ୍କୁ ସ୍ମରଣ କରି କରି ଚାଲିଥାଆନ୍ତି । ବାଟରେ ଯେଉଁ ଯେଉଁ ସ୍ଥାନରେ ଶ୍ରୀରାମ ବିଶ୍ରାମ ନେଇଥିଲେ, ସେହି ସେହି ସ୍ଥାନରେ ଏମାନେ ସପ୍ରେମ ପ୍ରଣାମ କରୁଥାଆନ୍ତି ॥ ୪ ॥

ଦୋ:- **ମଗବାସୀ ନର ନାରି ସୁନି ଧାମ କାମ ତଜି ଧାଇ ।**
**ଦେଖି ସରୂପ ସନେହ ସବ ମୁଦିତ ଜନମ ଫଲୁ ପାଇ ॥ ୨୨୧ ॥**

ବାଟରେ ପାଖଗାଆଁମାନଙ୍କରେ ରହୁଥିବା ନରନାରୀ ଏମାନଙ୍କ ବିଷୟ ଶୁଣି, ଏମାନଙ୍କୁ ଦେଖିବାଲାଗି ନିଜ ନିଜର କାମଧନ୍ଦା ଛାଡ଼ି ଧାଇଁଆସୁଥାନ୍ତି ଏବଂ ଏମାନଙ୍କର ରୂପ (ସୌନ୍ଦର୍ଯ୍ୟ) ଓ ପ୍ରେମ ଦେଖି, ମନୁଷ୍ୟଜନ୍ମ ସାର୍ଥକ ହୋଇଗଲା ବୋଲି ଭାବି ଆନନ୍ଦିତ ହେଉଥାନ୍ତି ॥ ୨୨୧ ॥

**କହହିଁ ସପେମ ଏକ ଏକ ପାହୀଁ । ରାମୁ ଲଖନୁ ସଖି ହୋହିଁ କି ନାହୀଁ ॥**
**ବୟ ବପୁ ବରନ ରୂପୁ ସୋଇ ଆଲୀ । ସୀଲୁ ସନେହୁ ସରିସ ସମ ଚାଲୀ ॥ ୧ ॥**

ଗ୍ରାମର ସ୍ତ୍ରୀଲୋକମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥାନ୍ତି । କେହି ଜଣେ କହିଲା, ''ସଖୀ ! ଏ ଦୁଇଜଣ ରାମ ଲକ୍ଷ୍ମଣ, ନା ନୁହନ୍ତି ? ଏମାନଙ୍କର ଅବସ୍ଥା, ଶରୀର ଓ ରୂପରଙ୍ଗ ତ ସେହିମାନଙ୍କ ପରି । ସ୍ୱଭାବ, ସ୍ନେହ ଓ ହାବଭାବ ବି ଠିକ୍ ସେହିମାନଙ୍କ ପରି ॥ ୧ ॥

**ବେଷୁ ନ ସୋ ସଖି ସୀୟ ନ ସଂଗା । ଆଗେଁ ଅନୀ ଚଲୀ ଚତୁରଂଗା ॥**
**ନହିଁ ପ୍ରସନ୍ନ ମୁଖ ମାନସ ଖେଦା । ସଖି ସଂଦେହୁ ହୋଇ ଏହିଁ ଭେଦା ॥ ୨ ॥**

କିନ୍ତୁ ହେ ସଖୀ ! ଏମାନଙ୍କର ବେଶଭୂଷା ସେମାନଙ୍କ ପରି (ବଲ୍କଳବସ୍ତ୍ର ଓ ମୁନିବେଶ) ନୁହେଁ, କି ସାଥିରେ ସୀତାଦେବୀ ନାହାନ୍ତି । ପୁଣି ଏମାନଙ୍କ ଆଗରେ ତ ଚତୁରଙ୍ଗ ସେନା ଚାଲିଛନ୍ତି ! ଆହୁରି ଗୋଟିଏ କଥା ଦେଖ, ଏମାନଙ୍କ ମୁହଁ ସେମାନଙ୍କ ମୁହଁ ପରି ପ୍ରସନ୍ନ ନୁହେଁ; ଏମାନଙ୍କ ମନରେ ଦୁଃଖ ରହିଛି । ହେ ସଖୀ, ଏହି ପ୍ରଭେଦ ଦେଖିଲେ ମନରେ ସନ୍ଦେହ ଉପୁଜୁଛି ।'' ॥ ୨ ॥

**ତାସୁ ତରକ ତିୟଗନ ମନ ମାନୀ । କହହିଁ ସକଲ ତେହି ସମ ନ ସୟାନୀ ॥**
**ତେହି ସରାହି ବାନୀ ଫୁରି ପୂଜୀ । ବୋଲୀ ମଧୁର ବଚନ ତିୟ ଦୂଜୀ ॥ ୩ ॥**

ତା'କଥା ଅନ୍ୟ ସ୍ତ୍ରୀଲୋକମାନଙ୍କ ମନକୁ ପାଇଲା । ସମସ୍ତେ କହିଲେ, ଏହାପରି ବୁଦ୍ଧିମତୀ ଆଉ କେହି ନାହିଁ। ତାକୁ ପ୍ରଶଂସା କରି ଏବଂ 'ତୁ ଠିକ୍ କହିଛୁ' ବୋଲି କହି, ଅନ୍ୟ ଜଣେ ସ୍ତ୍ରୀଲୋକ ତା କଥାକୁ ସମ୍ମାନ ଦେଲା ॥ ୩ ॥

**କହି ସପେମ ସବ କଥାପ୍ରସଂଗୂ । ଜେହି ବିଧି ରାମ ରାଜ ରସ ଭଂଗୂ ॥**
**ଭରତହି ବହୁରି ସରାହନ ଲାଗୀ । ସୀଲ ସନେହ ସୁଭାୟ ସୁଭାଗୀ ॥ ୪ ॥**

ଶ୍ରୀରାମଙ୍କ ରାଜତିଳକର ଆନନ୍ଦ ଉତ୍ସବ କିପରି ଭାଙ୍ଗିଗଲା, ସେହି ସ୍ତ୍ରୀଲୋକଟି ତାହା ଅତି ଶ୍ରଦ୍ଧାର ସହିତ ବର୍ଣ୍ଣନା କଲା ଓ ଭରତଙ୍କର ଚରିତ୍ର, ସ୍ନେହ ଓ ସ୍ୱଭାବର ବହୁ ପ୍ରଶଂସା କରିବାକୁ ଲାଗିଲା ॥ ୪ ॥

ଦୋः- **ଚଲତ ପୟାଦେଁ ଖାତ ଫଲ ପିତା ଦୀହ୍ନ ତଜି ରାଜୁ ।**
**ଜାତ ମନାୱନ ରଘୁବରହି ଭରତ ସରିସ କୋ ଆଜୁ ॥ ୨୨୨ ॥**

ସେ କହିଲା, ''ଦେଖୁଛ ? ଏହି ଭରତ ପିତା ଦେଇଥିବା ରାଜ୍ୟ ତ୍ୟାଗ କରିଦେଇ ପାଦରେ ଚାଲୁଛନ୍ତି ଏବଂ ଶ୍ରୀରାମଙ୍କୁ କହିପୋଛି ଅଯୋଧ୍ୟା ଫେରିବାକୁ ରାଜି କରାଇବାପାଇଁ ଯାଉଛନ୍ତି । ଏ ନିଜେ ଫଳାହାର କରି ରହୁଛନ୍ତି । ଆଜି ଏହାଙ୍କ ସମାନ ଆଉ କିଏ ଅଛି, କହିଲ ? ॥ ୨୨୨ ॥

**ଭାୟପ ଭଗତି ଭରତ ଆଚରନୂ । କହତ ସୁନତ ଦୁଖ ଦୂଷନ ହରନୂ ॥**
**ଜୋ କିଛୁ କହବ ଥୋର ସଖି ସୋଈ । ରାମ ବଂଧୁ ଅସ କାହେ ନ ହୋଈ ॥ ୧ ॥**

ଭରତଙ୍କ ଭ୍ରାତୃପ୍ରେମ, ଭକ୍ତି ଓ ଆଚରଣ ବିଷୟରେ କହିଲେ ଓ ଶୁଣିଲେ ମଣିଷର ଦୁଃଖ ଓ ଦୋଷ ଦୂର ହୋଇଯାଏ । ଆଗୋ ସଖୀ ! ଏହାଙ୍କ ସମ୍ବନ୍ଧରେ ଯେତେ କହିଲେ ବି ଅଳ୍ପ ହେବ। ଶ୍ରୀରାମଙ୍କର ଭାଇ ଟି ! ସେପରି ନ ହେବେ କିପରି ? ॥ ୧ ॥

**ହମ ସବ ସାନୁଜ ଭରତହି ଦେଖେଁ । ଭଇହ୍ନ ଧନ୍ୟ ଜୁବତୀ ଜନ ଲେଖେଁ ॥**
**ସୁନି ଗୁନ ଦେଖି ଦସା ପଛିତାହୀଁ । କୈକଇ ଜନନି ଜୋଗୁ ସୁତୁ ନାହୀଁ ॥ ୨ ॥**

ସାନଭାଇ ଶତ୍ରୁଘ୍ନଙ୍କ ସହିତ ଭରତଙ୍କୁ ଦେଖି ଆଜି ଆମେ ସମସ୍ତେ ଧନ୍ୟ ହୋଇଗଲୁ ।'' ଭରତଙ୍କର ଏପରି ଗୁଣ ଶୁଣି ଏବଂ ତାଙ୍କର ଅବସ୍ଥା ଦେଖି ସ୍ତ୍ରୀଲୋକମାନେ ଦୁଃଖ ପ୍ରକାଶ କରୁଥାନ୍ତି ଏବଂ କହୁଥାନ୍ତି, 'କୈକେୟୀ ଏଭଳି ପୁତ୍ରର ମାଆ ହେବାର ଯୋଗ୍ୟା ନୁହେଁ ।'' ॥ ୨ ॥

**କୋଉ କହ ଦୂଷନୁ ରାନିହି ନାହିନ । ବିଧି ସବୁ କୀହ୍ନ ହମହି ଜୋ ଦାହିନ ॥**
**କହଁ ହମ ଲୋକ ବେଦ ବିଧି ହୀନୀ । ଲଘୁ ତିୟ କୁଲ କରତୂତି ମଲୀନୀ ॥ ୩ ॥**

ଆଉ କେହି କହୁଥାଏ, ''ଏଥିରେ ରାଣୀଙ୍କର ବି ଦୋଷ ନାହିଁ । ଏସବୁ ସେହି ବିଧାତାହିଁ କରିଛି—କରିଛି ଆମ ଭଲପାଇଁ । ଆମେ ତ ଲୋକ ଓ ବେଦ—ଉଭୟ ବିଧିରେ ହୀନ; କୁଳ ଓ କର୍ମ ଉଭୟରେ ଛୋଟ; ପୁଣି ତୁଚ୍ଛ ସ୍ତ୍ରୀଜାତି ॥ ୩ ॥

**ବସହିଁ କୁଦେସ କୁଗାଁଵ କୁବାମା । କହଁ ଯହ ଦରସୁ ପୁନ୍ୟ ପରିନାମା ॥**
**ଅସ ଅନଂଦୁ ଅଚିରିଜୁ ପ୍ରତି ଗ୍ରାମା । ଜନୁ ମରୁଭୂମି କଲପତରୁ ଜାମା ॥ ୪ ॥**

ପୁଣି ଆମେ ତ ଏହି ବଣପାହାଡ଼ ଦେଶର ଓ ଏହି ଅପରଛନିଆ ଗାଆଁର ନୀଚ ମାଇପିଗୁଡ଼ାକ ! ବିଧାତା କରି ନ ଥିଲେ, ଆମେ କେଉଁଠି, ଆଉ କେଡ଼େ ପୁଣ୍ୟର ଫଳସ୍ୱରୂପ ଏମାନଙ୍କର ଦର୍ଶନ କେଉଁଠି ?'' ଏହିପରିଭାବରେ ପ୍ରତି ଗାଆଁରେ ଆନନ୍ଦ ଓ ଆଶ୍ଚର୍ଯ୍ୟ ଖେଳିଗଲା; ଲାଗିଲା ସତେ ଯେପରି ମରୁଭୂମିରେ କଳ୍ପବୃକ୍ଷ ଜନ୍ମିଗଲା ! ॥ ୪ ॥

ଦୋଃ- **ଭରତ ଦରସୁ ଦେଖତ ଖୁଲେଉ ମଗ ଲୋଗହ୍ନ କର ଭାଗୁ ।**
**ଜନୁ ସିଂଘଲବାସିହ୍ନ ଭୟଉ ବିଧି ବସ ସୁଲଭ ପ୍ରୟାଗୁ ॥ ୨୨୩ ॥**

ଭରତଙ୍କର ସ୍ୱରୂପ ଦର୍ଶନ କରି ପଥପାର୍ଶ୍ୱର ଗ୍ରାମବାସୀମାନଙ୍କର ଭାଗ୍ୟ ଖୋଲିଗଲା; ସତେ ଯେପରି ଦୈବଯୋଗରୁ ସିଂହଳଦ୍ୱୀପର ଅଧିବାସୀମାନଙ୍କ ପାଇଁ ତୀର୍ଥରାଜ ପ୍ରୟାଗ ସୁଲଭ ହୋଇଗଲା ॥ ୨୨୩ ॥

**ନିଜ ଗୁନ ସହିତ ରାମ ଗୁନ ଗାଥା । ସୁନତ ଜାହିଁ ସୁମିରତ ରଘୁନାଥା ॥**
**ତୀରଥ ମୁନି ଆଶ୍ରମ ସୁରଧାମା । ନିରଖି ନିମଜ୍ଜହିଁ କରହିଁ ପ୍ରନାମା ॥ ୧ ॥**

ଏପରିଭାବରେ ନିଜର ଗୁଣାବଳୀ ସହିତ ଶ୍ରୀରାମଙ୍କ ଗୁଣାବଳୀର ବର୍ଣ୍ଣନା ଶୁଣି ଶୁଣି ଓ ଶ୍ରୀରଘୁନାଥଙ୍କୁ ସ୍ମରଣ କରି କରି ଭରତ ଗ୍ଲିଥାନ୍ତି । ବାଟରେ ତୀର୍ଥ ଦେଖିଲେ ସ୍ନାନ କରୁଥାନ୍ତି ଓ ମୁନିମାନଙ୍କର ଆଶ୍ରମ କିଂବା ଦେବମନ୍ଦିର ଦେଖିଲେ ପ୍ରଣାମ କରୁଥାନ୍ତି ॥ ୧ ॥

**ମନହୀଁ ମନ ମାଗହିଁ ବରୁ ଏହୂ । ସୀୟ ରାମ ପଦ ପଦୁମ ସନେହୂ ॥**
**ମିଲହିଁ କିରାତ କୋଲ ବନବାସୀ । ବୈଖାନସ ବଟୁ ଜତୀ ଉଦାସୀ ॥ ୨ ॥**

ସେ ମନେ ମନେ ଏହି ବର ମାଗୁଥାନ୍ତି ଯେ, ଶ୍ରୀସୀତାରାମଙ୍କ ଚରଣକମଳରେ ତାଙ୍କର କିପରି ପ୍ରେମ ହେଉ । ବାଟରେ ଭୀଲ, କୋହ୍ଲ ଆଦି ବନବାସୀ ତଥା ବାନପ୍ରସ୍ଥ, ବ୍ରହ୍ମଚାରୀ, ସନ୍ନ୍ୟାସୀ ଓ ଅନାସକ୍ତମାନଙ୍କ ସହିତ ଭେଟ ହେଉଥାଏ ॥ ୨ ॥

**କରି ପ୍ରନାମୁ ପୂଁଛହିଁ ଜେହି ତେହୀ । କେହି ବନ ଲଖନୁ ରାମୁ ବୈଦେହୀ ॥**
**ତେ ପ୍ରଭୁ ସମାଚାର ସବ କହହୀଁ । ଭରତହି ଦେଖି ଜନମ ଫଲୁ ଲହହୀଁ ॥ ୩ ॥**

ସେ ଯାହାଙ୍କୁ ଦେଖୁଥାନ୍ତି, ତାଙ୍କୁ ପ୍ରଣାମ କରି ପଗ୍ଚରୁଥାନ୍ତି, ''ଲକ୍ଷ୍ମଣ, ଶ୍ରୀରାମ ଓ ଜାନକୀ କେଉଁ ବନରେ ରହୁଛନ୍ତି ?'' ସେମାନେ ପ୍ରଭୁଙ୍କର ସବୁ ସମାଗ୍ଚର କହୁଥାନ୍ତି ଏବଂ ଭରତଙ୍କୁ ଦେଖି ମନୁଷ୍ୟଜନ୍ମର ସାଫଲ୍ୟ ଲାଭ କରୁଥାନ୍ତି ॥ ୩ ॥

**ଜେ ଜନ କହହିଁ କୁସଲ ହମ ଦେଖେ । ତେ ପ୍ରିୟ ରାମ ଲଖନ ସମ ଲେଖେ ॥**
**ଏହି ବିଧି ବୂଝତ ସବହି ସୁବାନୀ । ସୁନତ ରାମ ବନବାସ କହାନୀ ॥ ୪ ॥**

ଯେଉଁମାନେ 'ଆମେ ସେମାନଙ୍କୁ କୁଶଳରେ ଥିବାର ଦେଖିଛୁ' ବୋଲି ଜଣାଉଥାନ୍ତି, ଭରତ ସେମାନଙ୍କୁ ଶ୍ରୀରାମ-ଲକ୍ଷ୍ମଣଙ୍କ ସମାନ ପ୍ରିୟ ଜ୍ଞାନ କରୁଥାନ୍ତି । ଏପରିଭାବରେ ସେ ସମସ୍ତଙ୍କୁ ଆଦରର ସହିତ ପଗ୍ଚରୁଥାନ୍ତି ଓ ଶ୍ରୀରାମଙ୍କର ବନବାସ କାହାଣୀ ଶୁଣିବାକୁ ପାଉଥାନ୍ତି ॥ ୪ ॥

ଦୋ:- **ତେହି ବାସର ବସି ପ୍ରାତହିଁ ଚଲେ ସୁମିରି ରଘୁନାଥ ।**
**ରାମ ଦରସ କୀ ଲାଲସା ଭରତ ସରିସ ସବ ସାଥ ॥ ୨୨୪ ॥**

ଦିନେ ସେମାନେ ଗୋଟିଏ ପବିତ୍ର ସ୍ଥାନ ଦେଖି ସେଠାରେ ରହିଗଲେ ଏବଂ ତା'ପରଦିନ ସକାଳୁ ସକାଳୁ ଶ୍ରୀରଘୁନାଥଙ୍କୁ ସ୍ମରଣ କରି ଯାତ୍ରା ଆରମ୍ଭ କରିଦେଲେ । ଭରତଙ୍କର ଯେପରି ଶ୍ରୀରାମଙ୍କୁ ଦର୍ଶନ କରିବାର ପ୍ରବଳ ଲାଳସା ରହିଥାଏ, ସାଥିରେ ଗ୍ଚଲିଥିବା ଅନ୍ୟ ସମସ୍ତଙ୍କର ମଧ୍ୟ ସେହିପରି ଲାଳସା ରହିଥାଏ ॥ ୨୨୪ ॥

**ମଂଗଲ ସଗୁନ ହୋହିଁ ସବ କାହୂ । ଫରକହିଁ ସୁଖଦ ବିଲୋଚନ ବାହୂ ॥**
**ଭରତହି ସହିତ ସମାଜ ଉଛାହୂ । ମିଲିହହିଁ ରାମୁ ମିଟିହି ଦୁଖ ଦାହୂ ॥ ୧ ॥**

ସମସ୍ତଙ୍କ ଅଙ୍ଗରେ ମଙ୍ଗଳସୂଚକ ଶକୁନ (ସଂକେତ) ପରିଲକ୍ଷିତ ହେଉଥାଏ । ଶୁଭ ସଙ୍କେତସ୍ୱରୂପ [ପୁରୁଷମାନଙ୍କର ଡାହାଣ ଓ ସ୍ତ୍ରୀମାନଙ୍କର ବାଆଁ] ଆଖି ଓ ବାହୁ ତେଡଁଥାଏ । ସମସ୍ତଙ୍କ ସହିତ ଭରତ ଆନନ୍ଦିତ ହେଉଥାନ୍ତି ଯେ, ଏଥର ଶ୍ରୀରାମଙ୍କ ସହିତ ସାକ୍ଷାତ ହେବ ଓ ଦୁଃଖଜ୍ୱାଳାର ଅବସାନ ଘଟିବ ॥ ୧ ॥

**କରତ ମନୋରଥ ଜସ ଜିୟଁ ଜାକେ । ଜାହିଁ ସନେହ ସୁରାଁ ସବ ଛାକେ ॥**
**ସିଥିଲ ଅଂଗ ପଗ ମଗ ଡଗି ଡୋଲହିଁ । ବିହବଲ ବଚନ ପେମ ବସ ବୋଲହିଁ ॥ ୨ ॥**

ଯାହାଙ୍କ ହୃଦୟରେ ଯେପରି ଭାବନା ଥାଏ, ସେମାନେ ସେହିପରି ମନୋରଥ ରଖିଥାନ୍ତି । ସମସ୍ତେ ସ୍ନେହରୂପୀ ମଦିରା ପାନ କରି ମତୁଆଲା ହୋଇ ଗ୍ଚଲୁଥାନ୍ତି; ଅଙ୍ଗ ଶିଥିଳ ହୋଇଯାଇଥାଏ; ଗ୍ଚଲିବାବେଳେ ପାଦ ଟଳମଳ ହେଉଥାଏ; ସମସ୍ତେ ପ୍ରେମବିହ୍ୱଳ ହୋଇ କଥାବାର୍ତ୍ତା କରୁଥାନ୍ତି ॥ ୨ ॥

**ରାମସଖାଁ ତେହି ସମୟ ଦେଖାୱା । ସୈଲ ସିରୋମନି ସହଜ ସୁହାୱା ॥**
**ଜାସୁ ସମୀପ ସରିତ ପୟ ତୀରା । ସୀୟ ସମେତ ବସହିଁ ଦୋଉ ବୀରା ॥ ୩ ॥**

ଏହି ସମୟରେ ରାମସଖା ନିଷାଦରାଜ ପର୍ବତଶିରୋମଣି ମନୋହର କାମଦଗିରି ଦେଖାଇଦେଲେ । ସେହି ପର୍ବତ ନିକଟରେହିଁ ପୟସ୍ୱିନୀ ନଦୀତଟରେ ସୀତାଙ୍କ ସହିତ ରାମଲକ୍ଷ୍ମଣ ଦୁଇଭାଇ ନିବାସ କରୁଥାନ୍ତି ॥ ୩ ॥

**ଦେଖି କରହିଁ ସବ ଦଂଡ ପ୍ରନାମା । କହି ଜୟ ଜାନକି ଜୀୱନ ରାମା ॥**
**ପ୍ରେମ ମଗନ ଅସ ରାଜସମାଜୂ । ଜନୁ ଫିରି ଅୱଧ ଚଲେ ରଘୁରାଜୂ ॥ ୪ ॥**

ଲୋକେ ସେହି ପର୍ବତକୁ ଦେଖି 'ଜାନକୀଜୀବନ ଶ୍ରୀରାମଙ୍କର ଜୟ !' ବୋଲି ଧ୍ୱନି କରିଉଠିଲେ ଏବଂ ପର୍ବତକୁ ଦଣ୍ଡବତ୍ ପ୍ରଣାମ କଲେ । ସମସ୍ତେ ଏପରି ପ୍ରେମମଗ୍ନ ହୋଇଗଲେ ଯେ, ଦେଖି ମନେହେଲା, ସତେ ଯେପରି ଶ୍ରୀରଘୁନାଥ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ॥ ୪ ॥

ଦୋଃ- **ଭରତ ପ୍ରେମୁ ତେହି ସମୟ୍ ଜସ ତସ କହି ସକଇ ନ ସେଷୁ ।**
**କବିହି ଅଗମ ଜିମି ବ୍ରହ୍ମସୁଖୁ ଅହ ମମ ମଲିନ ଜନେଷୁ ॥ ୨୨୫ ॥**

ସେହି ସମୟରେ ଭରତଙ୍କର ପ୍ରେମ ଯେପରି ଥିଲା, ତାହା ଶେଷଦେବ ବି କହିପାରିବେ ନାହିଁ । ଅହଂତ୍ୱ ଓ ମମତ୍ୱରେ ମଳିନ ହୋଇ ରହିଥିବା ମନୁଷ୍ୟମାନଙ୍କ ପକ୍ଷରେ ବ୍ରହ୍ମାନନ୍ଦ ଯେପରି ଅଗମ୍ୟ, କବିଙ୍କ ନିମନ୍ତେ ତାହା ଠିକ୍ ସେହିପରି ଅଗମ୍ୟ ॥ ୨୨୫ ॥

**ସକଲ ସନେହ ସିଥିଲ ରଘୁବର କେଁ । ଗଏ କୋସ ଦୁଇ ଦିନକର ଢରକେଁ ॥**
**ଜଲୁ ଥଲୁ ଦେଖି ବସେ ନିସି ବୀତେଁ । କୀହ୍ନ ଗୱନ ରଘୁନାଥ ପିରୀତେଁ ॥ ୧ ॥**

ଶ୍ରୀରାମଙ୍କ ପ୍ରେମରେ ସମସ୍ତେ ଏପରି ବିହ୍ୱଳ ଓ ଶିଥିଳ ହୋଇପଡିଥିଲେ ଯେ, ସୂର୍ଯ୍ୟାସ୍ତ ସୁଦ୍ଧା ସେଦିନ ସେମାନେ ମାତ୍ର ଦୁଇକୋଶ ବାଟ ଚାଲିପାରିଲେ । ଜଳର ସୁବିଧା ଓ ଭଲ ସ୍ଥାନ ଦେଖି, ସେମାନେ [ନ ଖାଇ, ନ ପିଇ] ସେଠାରେ ରାତିଟା ରହିଗଲେ । ରାତି ପାହୁ ପାହୁ ଶ୍ରୀରଘୁନାଥଙ୍କ ଦର୍ଶନପାଇଁ ଭରତ ଆଗତୁରା ବାହାରିପଡ଼ିଲେ ॥ ୧ ॥

**ଉହାଁ ରାମୁ ରଜନୀ ଅୱସେଷା । ଜାଗେ ସୀୟଁ ସପନ ଅସ ଦେଖା ॥**
**ସହିତ ସମାଜ ଭରତ ଜନୁ ଆଏ । ନାଥ ବିୟୋଗ ତାପ ତନ ତାଏ ॥ ୨ ॥**

ସେପଟେ ରାତି ନ ପାହୁଣୁ ଶ୍ରୀରାମ ଉଠିପଡ଼ିଥିଲେ । ରାତିରେ ସୀତା ଗୋଟିଏ ସ୍ୱପ୍ନ ଦେଖିଥିଲେ; [ସେ ଶ୍ରୀରାମଙ୍କୁ ତାହା କହୁଥାନ୍ତି] । ସେ ସ୍ୱପ୍ନରେ ଦେଖିଥିଲେ ଃ ଭରତ ଲୋକମାନଙ୍କୁ ଧରି ସେଠାକୁ ଚାଲିଆସିଛନ୍ତି; ପ୍ରଭୁଙ୍କ ବିଚ୍ଛେଦରୂପୀ ଅଗ୍ନିରେ ତାଙ୍କ ଶରୀର ସଂତପ୍ତ ହେଉଛି ॥ ୨ ॥

**ସକଲ ମଲିନ ମନ ଦୀନ ଦୁଖାରୀ । ଦେଖୀଁ ସାସୁ ଆନ ଅନୁହାରୀ ॥**
**ସୁନି ସିୟ ସପନ ଭରେ ଜଲ ଲୋଚନ । ଭଏ ସୋଚବସ ସୋଚ ବିମୋଚନ ॥ ୩ ॥**

ଆସିଥିବା ଲୋକମାନେ ବିଷଣ୍ଣ, ଦୀନ ଓ ଦୁଃଖୀ ହୋଇଯାଇଛନ୍ତି; ଶାଶୁମାନେ ବି ଅନ୍ୟ କିଛି ରୂପରେ ଆସିଛନ୍ତି । ସୀତାଙ୍କ ଠାରୁ ଏପରି ସ୍ୱପ୍ନବୃତ୍ତାନ୍ତ ଶୁଣି ଶ୍ରୀରାମଙ୍କ ନେତ୍ର ଅଶ୍ରୁରେ ଛଳଛଳ ହୋଇଗଲା ଏବଂ ଯେଉଁ ପ୍ରଭୁ ସମସ୍ତଙ୍କୁ ଶୋକରୁ ମୁକ୍ତ କରିଦିଅନ୍ତି, ସେ ଲୀଳାକ୍ରମେ ସ୍ୱୟଂ ଶୋକାର୍ତ୍ତ ହୋଇଗଲେ ॥ ୩ ॥

**ଲଖନ ସପନ ୟହ ନୀକ ନ ହୋଈ । କଠିନ କୁଚାହ ସୁନାଇହି କୋଈ ॥**
**ଅସ କହି ବଂଧୁ ସମେତ ନହାନେ । ପୂଜି ପୁରାରି ସାଧୁ ସନମାନେ ॥ ୪ ॥**

ସେ କହିଲେ ''ଲକ୍ଷ୍ମଣ ! ଏ ସ୍ୱପ୍ନଟାରୁ କିଛି ଭଲ ଜଣାପଡୁନାହିଁ; କୌଣସି ଦୁଃସମ୍ବାଦ ଶୁଣାଯାଇପାରେ ।'' ଏପରି କହି ସେ ଭାଇ ସହିତ ସ୍ନାନ କଲେ ଏବଂ ତ୍ରିପୁରାରି ମହାଦେବଙ୍କୁ ପୂଜା କରି ସାଧୁମାନଙ୍କୁ ସମ୍ମାନ ପ୍ରଦର୍ଶନ କଲେ ॥ ୪ ॥

ଛନ୍ଦ- **ସନମାନି ସୁର ମୁନି ବଂଦି ବୈଠେ ଉତର ଦିସି ଦେଖତ ଭଏ ।**
**ନଭ ଧୂରି ଖଗ ମୃଗ ଭୂରି ଭାଗେ ବିକଲ ପ୍ରଭୁ ଆଶ୍ରମ ଗଏ ॥**
**ତୁଲସୀ ଉଠେ ଅବଲୋକି କାରନୁ କାହ ଚିତ ସଚକିତ ରହେ ।**
**ସବ ସମାଚାର କିରାତ କୋଲହ୍ନି ଆଇ ତେହି ଅୱସର କହେ ॥**

ଦେବତାମାନଙ୍କୁ ପୂଜା ଓ ମୁନିମାନଙ୍କୁ ବନ୍ଦନା କରିସାରିବା ପରେ ଶ୍ରୀରାମ ବସି ଉତ୍ତର ଦିଗକୁ ଚ୍ହିଁଲେ । ଆକାଶରେ ଧୂଳି ଉଠୁଥାଏ; ବିଭିନ୍ନ ପଶୁପକ୍ଷୀ ବ୍ୟାକୁଳ ହୋଇ ପ୍ରଭୁଙ୍କ ଆଶ୍ରମ ଆଡ଼କୁ ଧାଇଁଆସୁଥାନ୍ତି । ତୁଳସୀଦାସ କହୁଛନ୍ତି, ଏହା ଦେଖି ପ୍ରଭୁ ଶ୍ରୀରାମ ଉଠି ଠିଆ ହୋଇପଡ଼ିଲେ ଓ କାରଣ କ'ଣ ବୋଲି ବିସ୍ମିତ ହୋଇ ଭାବିବାକୁ ଲାଗିଲେ । ଏତିକିବେଳେ କୋହ୍ଲ ଓ ଭୀଲମାନେ ଆସି ଭରତ ଆସୁଥିବା ସମାଚ୍ର ଶୁଣାଇଦେଲେ ।

**ସୋ:- ସୁନତ ସୁମଂଗଲ ବୈନ ମନ ପ୍ରମୋଦ ତନ ପୁଲକ ଭର ।**
**ସରଦ ସରୋରୁହ ନୈନ ତୁଲସୀ ଭରେ ସନେହ ଜଲ ॥ ୨୨୬ ॥**

ତୁଳସୀଦାସ କହୁଛନ୍ତି, ସେମାନଙ୍କ ଠାରୁ ଏପରି ସୁନ୍ଦର ମଙ୍ଗଳ ସମାଚ୍ର ଶୁଣିଦେବାକ୍ଷଣି ଶ୍ରୀରାମ ଅତ୍ୟନ୍ତ ଆନନ୍ଦିତ ହୋଇଉଠିଲେ । ତାଙ୍କର ଶରୀର ରୋମାଞ୍ଚିତ ହୋଇଗଲା ଏବଂ ଶରଦ୍‌ଋତୁର କମଳସମାନ ନୟନ ପ୍ରେମାଶ୍ରୁରେ ପୂର୍ଣ୍ଣ ହୋଇଗଲା ॥ ୨୨୬ ॥

**ବହୁରି ସୋଚବସ ଭେ ସିୟରଓ୍ୱନୁ । କାରନ କଓ୍ୱନ ଭରତ ଆଗଓ୍ୱନୁ ॥**
**ଏକ ଆଇ ଅସ କହା ବହୋରୀ । ସେନ ସଂଗ ଚତୁରଂଗ ନ ଥୋରୀ ॥ ୧ ॥**

ସୀତାପତି ଶ୍ରୀରାମ ପୁନର୍ବାର ଚିନ୍ତାରେ ପଡ଼ିଗଲେ, 'ଭରତ ଆସିବାର କାରଣ କ'ଣ !!' ଇତିମଧ୍ୟରେ ଜଣେ ଲୋକ ଆସି ଖବର ଦେଲା ଯେ, ଆସୁଥିବା ଲୋକଙ୍କ ସାଥିରେ ବିରାଟ ଚତୁରଙ୍ଗ ସେନା ବି ଅଛି ॥ ୧ ॥

**ସୋ ସୁନି ରାମହି ଭା ଅତି ସୋଚୂ । ଇତ ପିତୁ ବଚ ଇତ ବଂଧୁ ସକୋଚୂ ॥**
**ଭରତ ସୁଭାଉ ସମୁଝି ମନ ମାହୀଁ । ପ୍ରଭୁ ଚିତ ହିତ ଥିତି ପାଓ୍ୱତ ନାହୀଁ ॥ ୨ ॥**

ଏହା ଶୁଣି ଶ୍ରୀରାମ ଅତ୍ୟନ୍ତ ଚିନ୍ତାରେ ପଡ଼ିଗଲେ । ସେପଟେ ପିତାଙ୍କ ଆଜ୍ଞା; ଏପଟେ ଭାଇ ଭରତଙ୍କର ତାଙ୍କ ପ୍ରତି ଭକ୍ତି ଓ ସମ୍ମାନ । ଭରତଙ୍କ ସ୍ୱଭାବ ବିଚ୍ର କରି ପ୍ରଭୁ ଶ୍ରୀରାମ କିଛି ସ୍ଥିର କରିପାରିଲେ ନାହିଁ ॥ ୨ ॥

**ସମାଧାନ ତବ ଭା ୟହ ଜାନେ । ଭରତୁ କହେ ମହୁଁ ସାଧୁ ସୟାନେ ॥**
**ଲଖିନ ଲଖେଉ ପ୍ରଭୁ ହୃଦୟଁ ଖଭାରୂ । କହତ ସମୟ ସମ ନୀତି ବିଚ୍ରୂ ॥ ୩ ॥**

'ଭରତ ସାଧୁ, ବୁଦ୍ଧିମାନ ଓ ମୋର ଆଜ୍ଞାବହ' ଏହା ବିଚ୍ର କରି ସେ ମନ ସ୍ଥିର କରିନେଲେ । କିନ୍ତୁ ଲକ୍ଷ୍ମଣ ଲକ୍ଷ୍ୟ କଲେ ଯେ, ପ୍ରଭୁଙ୍କ ମନ ଚିନ୍ତିତ ହୋଇଯାଇଛି । ତେଣୁ ସେ ନିଜର ସମୟୋଚିତ ନୀତିପୂର୍ଣ୍ଣ ମତ ପ୍ରକାଶ କରି କହିଲେ, ॥ ୩ ॥

**ବିନୁ ପୂଛେଁ କଛୁ କହଉଁ ଗୋସାଇଁ । ସେଓ୍ୱକୁ ସମୟଁ ନ ଢ଼ୀଠ ଢିଠାଇଁ ॥**
**ତୁମ୍ହ ସର୍ବଗ୍ୟ ସିରୋମନି ସ୍ୱାମୀ । ଆପନି ସମୁଝି କହଉଁ ଅନୁଗାମୀ ॥ ୪ ॥**

''ହେ ପ୍ରଭୁ ! ଆପଣ ନ ପଚ୍ରୁଣୁ ମୁଁ କିଛି କହିବାକୁ ଯାଉଛି । ଆବଶ୍ୟକ ସମୟରେ ଧୃଷ୍ଟତା ଦେଖାଇ ସେବକ କିଛି କହିଦେଲେ, ତାହାକୁ ଧୃଷ୍ଟତା ବୋଲି ଧରାଯାଏ ନାହିଁ । (ଆପଣ ପଚ୍ରିଲେହିଁ ମୁଁ କିଛି କହିବି– ଏଭଳି ଅପେକ୍ଷା କରିବାର ଏହା ସମୟ ନୁହେଁ; ତେଣୁ ଦୋଷ ଧରିବେ ନାହିଁ) । ହେ ପ୍ରଭୁ ! ଆପଣ ସର୍ବଜ୍ଞମାନଙ୍କର ଶିରୋମଣି । ମୁଁ ଆପଣଙ୍କର ସେବକ । ନିଜର ବୁଦ୍ଧି ଅନୁସାରେ ଯାହା ଦିପଦ କହିବି ॥ ୪ ॥

**ଦୋ:- ନାଥ ସୁହୃଦ ସୁଠି ସରଲ ଚିତ ସୀଲ ସନେହ ନିଧାନ ।**
**ସବ ପର ପ୍ରୀତି ପ୍ରତୀତି ଜିୟଁ ଜାନିଅ ଆପୁ ସମାନ ॥ ୨୨୭ ॥**

ହେ ନାଥ ! ଆପଣ ତ ପରମ ସୁହୃଦ୍ (ଆପଣ ବିନାକାରଣରେ ପରମ ହିତ କରିଥାଆନ୍ତି), ସରଳହୃଦୟ ତଥା ସ୍ନେହ ଓ ସୁଶୀଳତାର ଭଣ୍ଡାର । ଆପଣଙ୍କର ସମସ୍ତଙ୍କ ପ୍ରତି ପ୍ରେମ ଓ ବିଶ୍ୱାସ ରହିଛି । ଆପଣ ମନେକରନ୍ତି ଯେ, ସମସ୍ତେ ଆପଣଙ୍କ ପରି ଭଲ ॥ ୨୨୭ ॥

**ବିଷଈ ଜୀଵ ପାଇ ପ୍ରଭୁତାଈ । ମୂଢ଼ ମୋହ ବସ ହୋହିଁ ଜନାଈ ॥**
**ଭରତୁ ନୀତି ରତ ସାଧୁ ସୁଜାନା । ପ୍ରଭୁ ପଦ ପ୍ରେମୁ ସକଲ ଜଗୁ ଜାନା ॥ ୧ ॥**

କିନ୍ତୁ ହାତକୁ କ୍ଷମତା ଆସିଗଲେ, ମୂଢ଼ ବିଷୟୀ ଜୀବ ମୋହବଶତଃ ନିଜର ଅସଲ ସ୍ୱରୂପ ଦେଖାଇଦିଏ । ଭରତ ନୀତିପରାୟଣ, ସାଧୁ ଏବଂ ବୁଦ୍ଧିମାନ ସତ, ପ୍ରଭୁଙ୍କ (ଆପଣଙ୍କ) ଶ୍ରୀଚରଣରେ ତାଙ୍କର ପ୍ରେମ ଥିବା କଥା ବି ଜଗତରେ ସମସ୍ତେ ଜାଣନ୍ତି; ॥ ୧ ॥

**ତେଉ ଆଜୁ ରାମ ପଦୁ ପାଈ । ଚଲେ ଧରମ ମରଜାଦ ମେଟାଈ ॥**
**କୁଟିଲ କୁବଂଧୁ କୁଅଵସରୁ ତାକୀ । ଜାନି ରାମ ବନବାସ ଏକାକୀ ॥ ୨ ॥**
**କରି କୁମଂତ୍ରୁ ମନ ସାଜି ସମାଜୂ । ଆଏ କରୈ ଅକଂଟକ ରାଜୂ ॥**
**କୋଟି ପ୍ରକାର କଲପି କୁଟିଲାଈ । ଆଏ ଦଲ ବଟୋରି ଦୋଉ ଭାଈ ॥ ୩ ॥**

କିନ୍ତୁ ସେହି ଭରତ ଆଜି ଶ୍ରୀରାମଙ୍କ (ଆପଣଙ୍କ) ପଦ (ସିଂହାସନ ବା ଅଧିକାର) ପାଇଯାଇ, ଧର୍ମର ମର୍ଯ୍ୟାଦା ଲଂଘନ କରି ଏଠାକୁ ମାଡ଼ିଆସିଛନ୍ତି । ଆପଣଙ୍କ ସମୟ ଖରାପ ପଡ଼ିଛି ଓ ଆପଣ ବନବାସରେ ଏକୁଟିଆ (ଅସହାୟ ଅବସ୍ଥାରେ) ଅଛନ୍ତି ଜାଣି, କୁଟିଳ କୁଭ୍ରାତା ଭରତ ମନରେ ଦୁରଭିସନ୍ଧି ରଖି, ନିଜେ ନିଷ୍କଣ୍ଟକ ରାଜ୍ୟ ଭୋଗ କରିବେ ବୋଲି ଲୋକବାକ ଧରି ଏଠାକୁ ମାଡ଼ିଆସୁଛନ୍ତି । ମନରେ ଅନେକପ୍ରକାର କୁଟିଳତା ରଖି, ସେନା ସଜାଇ ଦୁଇଭାଇଯାକ ଆସୁଛନ୍ତି ॥ ୨-୩ ॥

**ଜୌଁ ଜିୟଁ ହୋତି ନ କପଟ କୁଚାଲୀ । କେହି ସୋହାତି ରଥ ବାଜି ଗଜାଲୀ ॥**
**ଭରତହି ଦୋସୁ ଦେଇ କୋ ଜାଏଁ । ଜଗ ବୌରାଇ ରାଜ ପଦୁ ପାଏଁ ॥ ୪ ॥**

ତାଙ୍କ ମନରେ ଯଦି କପଟ ଓ କୁଚକ୍ର ନ ଥାନ୍ତା, ତେବେ [ଏପରି ଅସମୟରେ] ରଥ, ଘୋଡ଼ା ଓ ହାତୀପଲ ଧରି ଆସିବାକୁ କାହାକୁ ବା ଭଲ ଲାଗନ୍ତା? କିନ୍ତୁ ଏଥିପାଇଁ ଭରତଙ୍କୁ ବୃଥା ଦୋଷ ଦେଇ ଲାଭ ବା କ'ଣ? ରାଜପଦ ପାଇଗଲେ ତ ଜଗତରେ ସମସ୍ତେ ଏହିପରି ପାଗଳ ହୋଇଯାଆନ୍ତି ॥ ୪ ॥

ଦୋ:- **ସସି ଗୁର ତିୟ ଗାମୀ ନଘୁଷୁ ଚଢ଼େଉ ଭୂମିସୁର ଜାନ ।**
**ଲୋକ ବେଦ ତେଁ ବିମୁଖ ଭା ଅଧମ ନ ବେନ ସମାନ ॥ ୨୨୮ ॥**

ଚନ୍ଦ୍ର ଗୁରୁପତ୍ନୀଗାମୀ ହୋଇଗଲେ; ରାଜା ନହୁଷ ବ୍ରାହ୍ମଣଙ୍କ ଦ୍ୱାରା ନିଜ ପାଲିଙ୍କି ବୁହାଇଲେ ଏବଂ ରାଜା ବେଣଙ୍କ ପରି ଅଧମ ତ ଆଉ କେହି ନାହିଁ; ସେ ଲୋକମତ ଓ ବେଦମତ ଉଭୟ ପ୍ରତି ବିମୁଖ ହୋଇଗଲେ ! ॥ ୨୨୮ ॥

**ସହସବାହୁ ସୁରନାଥୁ ତ୍ରିସଂକୂ । କେହି ନ ରାଜମଦ ଦୀହ୍ନ କଲଂକୂ ॥**
**ଭରତ କୀହ୍ନ ୟହ ଉଚିତ ଉପାଊ । ରିପୁ ରିନ ରଂଚ ନ ରାଖବ କାଊ ॥ ୧ ॥**

ସହସ୍ରବାହୁ, ଦେବରାଜ ଇନ୍ଦ୍ର ଓ ତ୍ରିଶଙ୍କୁ ଆଦି କାହାକୁ ବା ରାଜମଦ କଳଙ୍କ ଲଗାଇ ନ ଦେଇଛି ? ଭରତ ଏ ଯେଉଁ ଉପାୟ କରିଛନ୍ତି, ତାହା ଯଥାର୍ଥ; କାରଣ ଶତ୍ରୁର ଓ ଋଣର ଲବମାତ୍ର ଅବଶେଷ ବାକି ରଖିବା ଉଚିତ ନୁହେଁ ॥ ୧ ॥

**ଏକ କୀହ୍ନି ନହିଁ ଭରତ ଭଲାଈ । ନିଦରେ ରାମୁ ଜାନି ଅସହାଈ ॥**
**ସମୁଝି ପରିହି ସୋଉ ଆଜୁ ବିସେଷୀ । ସମର ସରୋଷ ରାମ ମୁଖୁ ପେଖୀ ॥ ୨ ॥**

ଅବଶ୍ୟ, ଶ୍ରୀରାମଙ୍କୁ (ଆପଣଙ୍କୁ) ଅସହାୟ ଜାଣି ଭରତ ଯେଉଁ ଅବଜ୍ଞା ପ୍ରକାଶ କଲେ, ଏହି ଗୋଟିକ କଥା ସେ ଭଲ କଲେ ନାହିଁ । କିନ୍ତୁ ଆଜି ଯୁଦ୍ଧରେ ଶ୍ରୀରାମଙ୍କ (ଆପଣଙ୍କ) କ୍ରୋଧପୂର୍ଣ୍ଣ ମୁଖ ଦେଖିଦେଲେ, ଏ କଥାଟା ସେ ଭଲରୂପେ ବୁଝିଯିବେ (ଅବଜ୍ଞା କରିବାର ଫଳ ଭଲରୂପେ ପାଇଯିବେ) ।'' ॥ ୨ ॥

**ଏତନା କହତ ନୀତି ରସ ଭୂଲା । ରନ ରସ ବିଟପୁ ପୁଲକ ମିସ ଫୂଲା ॥**
**ପ୍ରଭୁ ପଦ ବଂଦି ସୀସ ରଜ ରାଖୀ । ବୋଲେ ସତ୍ୟ ସହଜ ବଲୁ ଭାଷୀ ॥ ୩ ॥**

ଏତିକି କହୁ କହୁ ଲକ୍ଷ୍ମଣ ନୀତିଜ୍ଞାନ ଭୁଲିଗଲେ ଏବଂ ତାଙ୍କ ଶରୀରରେ ପୁଲକାବଳୀଛଳରେ ରଣରସରୂପୀ ବୃକ୍ଷ ପଲ୍ଲବିତ ଉଠିଲା (ନୀତିକଥା କହୁ କହୁ ତାଙ୍କ ଦେହରେ ବୀରରସ ଛାଇହୋଇଗଲା) । ସେ ପ୍ରଭୁ ଶ୍ରୀରାମଙ୍କ ଚରଣ ବନ୍ଦନା କରି, ମଥାରେ ଚରଣରଜ ଲଗାଇ, ନିଜର ବାସ୍ତବିକ ଓ ସ୍ୱାଭାବିକ ବଳର ପରିଚୟ ଦେଇ କହିଲେ, ॥ ୩ ॥

**ଅନୁଚିତ ନାଥ ନ ମାନବ ମୋରା । ଭରତ ହମହିଁ ଉପଚାର ନ ଥୋରା ॥**
**କହଁ ଲଗି ସହିଅ ରହିଅ ମନୁ ମାରେଁ । ନାଥ ସାଥ ଧନୁ ହାଥ ହମାରେଁ ॥ ୪ ॥**

''ହେ ନାଥ ! ମୋ କଥାକୁ ଅନୁଚିତ ମଣନ୍ତୁ ନାହିଁ । ଭରତ ଆମ ବିରୁଦ୍ଧରେ କିଛି କମ୍ ଆୟୋଜନ କରିନାହାନ୍ତି । ସାଥିରେ ପ୍ରଭୁ ଥାଉ ଥାଉ, କାନ୍ଧରେ ଧନୁ ଥାଉ ଥାଉ, ଆଉ କେତେ ସହିହେବ ? କେତେ ମୁହଁ ପୋତି ବସିରହିହେବ ? ॥ ୪ ॥

ଦୋ:- **ଛତ୍ରି ଜାତି ରଘୁକୁଲ ଜନମୁ ରାମ ଅନୁଗ ଜଗୁ ଜାନ ।**
**ଲାତହୁଁ ମାରେଁ ଚଢ଼ତି ସିର ନୀଚ କୋ ଧୂରି ସମାନ ॥ ୨୨୯ ॥**

ଜଗତ୍ ଜାଣେ ଯେ, ମୁଁ ଜାତିରେ କ୍ଷତ୍ରିୟ; ଜନ୍ମ ମୋର ରଘୁବଂଶରେ; ପୁଣି ମୁଁ ଶ୍ରୀରାମଙ୍କର ଅନୁଗାମୀ । [ତେଣୁ ସହିଯିବି କିପରି?] ଜଗତରେ ଧୂଳିଠାରୁ ହୀନ ଆଉ କିଏ ଅଛି? କିନ୍ତୁ ଲାତ ମାରିଦେଲେ, ସେହି ଧୂଳି ବି ମୁଣ୍ଡରେ ଚଢ଼ିଯାଏ ।'' ॥ ୨୨୯ ॥

**ଉଠି କର ଜୋରି ରଜାୟସୁ ମାଗା । ମନହୁଁ ବୀର ରସ ସୋୱତ ଜାଗା ॥**
**ବାଁଧି ଜଟା ସିର କସି କଟି ଭାଥା । ସାଜି ସରାସନୁ ସାୟକୁ ହାଥା ॥ ୧ ॥**

ଏତିକି କହିଦେଇ ଲକ୍ଷ୍ମଣ ଉଠିପଡ଼ିଲେ ଓ ହାତ ଯୋଡ଼ି ଆଜ୍ଞା ମାଗିଲେ । ଜାଣନ୍ତୁ, ସୁପ୍ତ ବୀରରସ ଜାଗିଉଠିଲା । ସେ ଶିରରେ ଜଟା ବାନ୍ଧି, ଅଣ୍ଟାରେ ତୂଣୀର ଭିଡ଼ିଦେଲେ ଏବଂ ଧନୁ ସଜାଡ଼ି, ହାତରେ ଶର ଧରିପକାଇଲେ । କହିଲେ, ॥ ୧ ॥

**ଆଜୁ ରାମ ସେୱକ ଜସୁ ଲେଉଁ । ଭରତହି ସମର ସିଖାୱନ ଦେଉଁ ॥**
**ରାମ ନିରାଦର କର ଫଲୁ ପାଈ । ସୋୱହୁଁ ସମର ସେଜ ଦୋଉ ଭାଈ ॥ ୨ ॥**

''ଆଜି ମୁଁ ଶ୍ରୀରାମଙ୍କ ସେବକ ହେବାର ଯଶ ଲାଭ କରିବି ଏବଂ ଭରତଙ୍କୁ ଯୁଦ୍ଧରେ ଉଚିତ ଶିକ୍ଷା ଦେଇଦେବି । ଶ୍ରୀରାମଙ୍କୁ ଅବଜ୍ଞା କରିବାର ଫଳସ୍ୱରୂପ ଆଜି ସେହି ଦୁଇଭାଇ ରଣଶଯ୍ୟାରେ ଶୋଇଯିବେ ॥ ୨ ॥

**ଆଇ ବନା ଭଲ ସକଲ ସମାଜୂ । ପ୍ରଗଟ କରଉଁ ରିସ ପାଛିଲ ଆଜୂ ॥**
**ଜିମି କରି ନିକର ଦଲଇ ମୃଗରାଜୂ । ଲେଇ ଲପେଟି ଲୱା ଜିମି ବାଜୂ ॥ ୩ ॥**

ଭଲ ହୋଇଛି ଯେ, ଅଯୋଧ୍ୟାର ଲୋକମାନେ ଆସି ଏଠାରେ ଏକତ୍ର ହୋଇଛନ୍ତି । ଆଜି ମୁଁ ପୂର୍ବର ସବୁତକ କ୍ରୋଧ ସୁଝାଇଦେବି । ସିଂହ ଯେପରି ହାତୀପଲକୁ ଦଳନ କରେ, ଛଞ୍ଚାଣ ଯେପରି ଗୁଣ୍ଡୁରିକୁ ଝାମ୍ପିନିଏ, ॥ ୩ ॥

**ତୈସେହିଁ ଭରତହି ସେନ ସମେତା । ସାନୁଜ ନିଦରି ନିପାତଉଁ ଖେତା ॥**
**ଜୌଁ ସହାୟ କର ସଂକରୁ ଆଈ । ତୌ ମାରଉଁ ରନ ରାମ ଦୋହାଈ ॥ ୪ ॥**

ମୁଁ ସେହିପରି ସାନଭାଇକୁ ଓ ସେନାସମେତ ଭରତଙ୍କୁ ପରାସ୍ତ କରି ରଣାଙ୍ଗନରେ ନିପାତ କରିଦେବି । ସ୍ୱୟଂ ଶଙ୍କର ଆସି ସେମାନଙ୍କୁ ସାହାଯ୍ୟ କଲେ ବି, ରାମଙ୍କ ରାଣ ଖାଇ କହୁଛି, ମୁଁ ତାଙ୍କୁ ଯୁଦ୍ଧରେ ଅବଶ୍ୟ ମାରିଦେବି ।'' ॥ ୪ ॥

ଦୋଃ- **ଅତି ସରୋଷ ମାଖେ ଲଖନୁ ଲଖି ସୁନି ସପଥ ପ୍ରୱାନ ।**
**ସଭୟ ଲୋକ ସବ ଲୋକପତି ଚ୍ରହତ ଭଭରି ଭଗାନ ॥ ୨୩୦ ॥**

ଲକ୍ଷ୍ମଣଙ୍କୁ ଅତ୍ୟନ୍ତ କ୍ରୋଧାନ୍ୱିତ ଦେଖି ଓ ତାଙ୍କର ଦୃଢ଼ ଶପଥ ଶୁଣି ସମସ୍ତେ ଭୟଭୀତ ହୋଇଗଲେ; ଲୋକପାଳମାନେ ବିବ୍ରତ ହୋଇ ପଳାଇବାକୁ ଚାହିଁଲେ ॥ ୨୩୦ ॥

**ଜଗୁ ଭୟ ମଗନ ଗଗନ ଭଇ ବାନୀ । ଲଖନ ବାହୁବଲୁ ବିପୁଲ ବଖାନୀ ॥**
**ତାତ ପ୍ରତାପ ପ୍ରଭାଉ ତୁହ୍ମାରା । କୋ କହି ସକଇ କୋ ଜାନନିହାରା ॥ ୧ ॥**

ସମଗ୍ର ଜଗତ ଭୟଭୀତ ହୋଇଗଲା । ଏତିକିବେଳେ ଲକ୍ଷ୍ମଣଙ୍କ ବିପୁଳ ବାହୁବଳର ପ୍ରଶଂସା କରି ଆକାଶବାଣୀ ହେଲା, ''ହେ ବତ୍ସ ! ତୁମର ପ୍ରତାପ ଓ ପ୍ରଭାବ ଯେ କେତେ, ତାହା କିଏ ଜାଣିପାରିବ ? କିଏ ବା କହିପାରିବ ? ॥ ୧ ॥

**ଅନୁଚିତ ଉଚିତ କାଜୁ କିଛୁ ହୋଉ । ସମୁଝି କରିଅ ଭଲ କହ ସବୁ କୋଉ ॥**
**ସହସା କରି ପାଛେଁ ପଛିତାହୀଁ । କହହିଁ ବେଦ ବୁଧ ତେ ବୁଧ ନାହୀଁ ॥ ୨ ॥**

କିନ୍ତୁ ଯେକୌଣସି କାର୍ଯ୍ୟ ହେଉ ନା କାହିଁକି, ତାହା ଉଚିତ, ନା ଅନୁଚିତ, ବୁଝି ବିଚାରି କଲେ, ସମସ୍ତେ ଭଲ ବୋଲି କହନ୍ତି । ବେଦ ଓ ବିଦ୍ୱାନ୍‌ମାନେ କହନ୍ତି, ଯେଉଁମାନେ ନ ବୁଝି, ନ ବିଚାରି ତରବର ହୋଇ, କିଛି କରିଦେଇ ପରେ ପଶ୍ଚାତ୍ତାପ କରନ୍ତି, ସେମାନେ ବୁଦ୍ଧିମାନ୍ ନୁହନ୍ତି ।'' ॥ ୨ ॥

**ସୁନି ସୁର ବଚନ ଲଖନ ସକୁଚାନେ । ରାମ ସୀୟଁ ସାଦର ସନମାନେ ॥**
**କହୀ ତାତ ତୁହ୍ମ ନୀତି ସୁହାଈ । ସବ ତେଁ କଠିନ ରାଜମଦୁ ଭାଈ ॥ ୩ ॥**

ଦେବବାଣୀ ଶୁଣି ଲକ୍ଷ୍ମଣ ଟିକିଏ ଗମ୍ଭୀର ହୋଇଗଲେ । ଶ୍ରୀରାମ ଓ ସୀତା ତାଙ୍କୁ ଆଦରରେ, ସମ୍ମାନ ଦେଇ କହିଲେ, ''ବତ୍ସ ! ତୁମେ ବଡ଼ ସୁନ୍ଦର ନୀତି କହିଲ । ସତରେ ଭାଇ ! ରାଜମଦ ହେଉଛି ସବୁଠାରୁ ବଳି ଉତ୍କଟ ମଦ ॥ ୩ ॥

**ଜୋ ଅଚୱଁତ ନୃପ ମାତହିଁ ତେଈ । ନାହିନ ସାଧୁସଭା ଜେହିଁ ସେଈ ॥**
**ସୁନହୁ ଲଖନ ଭଲ ଭରତ ସରୀସା । ବିଧି ପ୍ରପଂଚ ମହଁ ସୁନା ନ ଦୀସା ॥ ୪ ॥**

ଯେ ସାଧୁସଙ୍ଗ କରିନାହାନ୍ତି, ସେହି ରାଜାମାନେହିଁ ରାଜମଦରୂପୀ ମଦିରା ପାନ କରିବାମାତ୍ରେ ମତୁଆଲା ହୋଇଯାଆନ୍ତି । କିନ୍ତୁ ଲକ୍ଷ୍ମଣ ! ଶୁଣ, ବ୍ରହ୍ମାଙ୍କ ସୃଷ୍ଟିରେ ଭରତଙ୍କ ପରି ଉତ୍ତମ ପୁରୁଷ କେଉଁଠି ଥିବା କଥା ଶୁଣା ନାହିଁ, କି ଦେଖା ନାହିଁ ॥ ୪ ॥

ଦୋ:- **ଭରତହି ହୋଇ ନ ରାଜମଦୁ ବିଧି ହରି ହର ପଦ ପାଇ ।**
**କବହୁଁ କି କାଁଜୀ ସୀକରନି ଛୀରସିଂଧୁ ବିନସାଇ ॥ ୨୩୧ ॥**

[ଅଯୋଧ୍ୟାର ରାଜପଦ ତ ଦୂରର କଥା] ବ୍ରହ୍ମା, ବିଷ୍ଣୁ ଓ ମହାଦେବଙ୍କ ପଦ ପାଇଗଲେ ବି ଭରତଙ୍କ ମନରେ ରାଜମଦ ଆସିବ ନାହିଁ । କ'ଣ ସାମାନ୍ୟ କାଞ୍ଜିପାଣି-ବୁନ୍ଦାକରେ କ୍ଷୀରସମୁଦ୍ର ନଷ୍ଟ ହୋଇଯାଇପାରେ (ଛିଣ୍ଡି ଯାଇପାରେ) ? ॥ ୨୩୧ ॥

**ତିମିରୁ ତରୁନ ତରନିହି ମକୁ ଗିଲଈ । ଗଗନୁ ମଗନ ମକୁ ମେଘହିଁ ମିଲଈ ॥**
**ଗୋପଦ ଜଲ ବୂଡ଼ହିଁ ଘଟଜୋନୀ । ସହଜ ଛମା ବରୁ ଛାଡ଼ୈ ଛୋନୀ ॥ ୧ ॥**
**ମସକ ଫୂଁକ ମକୁ ମେରୁ ଉଡ଼ାଈ । ହୋଇ ନ ନୃପମଦୁ ଭରତହି ଭାଈ ॥**
**ଲଖନ ତୁହ୍ମାର ସପଥ ପିତୁ ଆନା । ସୁଚି ସୁବଂଧୁ ନହିଁ ଭରତ ସମାନା ॥ ୨ ॥**

ଅନ୍ଧକାର ହୁଏତ ତରୁଣସୂର୍ଯ୍ୟଙ୍କୁ (ମଧ୍ୟାହ୍ନସୂର୍ଯ୍ୟଙ୍କୁ) ଗିଳିଦେଇପାରେ, ସମଗ୍ର ଆକାଶଟା ମେଘଭିତରେ ଘୋଡ଼ାଇ ହୋଇଯାଇପାରେ, ଗୋଷ୍ପଦ ଜଳରେ ଅଗସ୍ତିମୁନି ବୁଡ଼ିଯାଇପାରନ୍ତି, ପୃଥିବୀ ତା'ର ସ୍ୱାଭାବିକ କ୍ଷମାଶୀଳତା (ସହନଶୀଳତା) ଛାଡ଼ିଦେଇପାରେ, ମଶା ଫୁଙ୍କିଦେଲେ ହୁଏତ ସୁମେରୁ ଉଡ଼ିଯାଇପାରେ; କିନ୍ତୁ ହେ ଭାଇ ! ଭରତଙ୍କ ମନରେ କେବେ ବି ରାଜମଦ ଆସି ନ ପାରେ । ବତ୍ସ ଲକ୍ଷ୍ମଣ ! ତୋର ଓ ପିତାଙ୍କର ରାଣ ଖାଇ, ମୁଁ ସତ କହୁଛି, ଭରତସମାନ ପବିତ୍ର ଓ ଉତ୍ତମ ଭାଇ ସଂସାରରେ ଆଉ ନାହିଁ ॥ ୧-୨ ॥

**ସଗୁନୁ ଖୀରୁ ଅଓ୍ୱଗୁନ ଜଲୁ ତାତା । ମିଲଇ ରଚଇ ପରପଂଚୁ ବିଧାତା ॥**
**ଭରତୁ ହଂସ ରବିବଂସ ତଡ଼ାଗା । ଜନମି କୀହ୍ନ ଗୁନ ଦୋଷ ବିଭାଗା ॥ ୩ ॥**

ବତ୍ସ ! ଗୁଣରୂପୀ କ୍ଷୀର ଓ ଅବଗୁଣରୂପୀ ନୀର ମିଶାଇ ବିଧାତା ଏହି ଦୃଶ୍ୟପ୍ରପଞ୍ଚ (ଜଗତ୍) ରଚନା କରିଛନ୍ତି । କିନ୍ତୁ ସୂର୍ଯ୍ୟବଂଶରୂପୀ ସରୋବରରେ ଭରତରୂପୀ ହଂସ ଜନ୍ମ ହୋଇ ଗୁଣ ଓ ଦୋଷକୁ ପୃଥକ୍ ପୃଥକ୍ କରିଦେଇଛି ॥ ୩ ॥

**ଗହି ଗୁନ ପୟ ତଜି ଅଓ୍ୱଗୁନ ବାରୀ । ନିଜ ଜସ ଜଗତ କୀହ୍ନି ଉଜିଆରୀ ॥**
**କହତ ଭରତ ଗୁନ ସୀଲୁ ସୁଭାଉ । ପେମ ପୟୋଧି ମଗନ ରଘୁରାଉ ॥ ୪ ॥**

ଗୁଣରୂପୀ କ୍ଷୀର ଗ୍ରହଣ କରି ଓ ଅବଗୁଣରୂପୀ ନୀର ତ୍ୟାଗ କରି ଭରତ ନିଜ ଯଶଦ୍ୱାରା ଜଗତକୁ ଉଜ୍ଜ୍ୱଳ କରିଦେଇଛନ୍ତି ।'' ଭରତଙ୍କ ଗୁଣ, ଚରିତ୍ର ଓ ସ୍ୱଭାବ କହି କହି ଶ୍ରୀରଘୁନାଥ ପ୍ରେମସାଗରରେ ମଗ୍ନ ହୋଇଗଲେ ॥ ୪ ॥

ଦୋ:- **ସୁନି ରଘୁବର ବାନୀ ବିବୁଧ ଦେଖି ଭରତ ପର ହେତୁ ।**
**ସକଲ ସରାହତ ରାମ ସୋ ପ୍ରଭୁ କୋ କୃପାନିକେତୁ ॥ ୨୩୨ ॥**

ଶ୍ରୀରାମଙ୍କ ବଚନ ଶୁଣି ଏବଂ ଭରତଙ୍କ ପ୍ରତି ତାଙ୍କର ପ୍ରେମ ଦେଖି ସକଳ ଦେବତା ତାଙ୍କୁ ପ୍ରଶଂସା କରିବାକୁ ଲାଗିଲେ [ଏବଂ କହିଲେ,] ''ଶ୍ରୀରାମଙ୍କ ପରି କୃପାନିଧାନ ପ୍ରଭୁ ଆଉ କିଏ ଅଛି !! ॥ ୨୩୨ ॥

**ଜୌଁ ନ ହୋତ ଜଗ ଜନମ ଭରତ କୋ । ସକଲ ଧରମ ଧୁର ଧରନି ଧରତ କୋ ॥**
**କବି କୁଲ ଅଗମ ଭରତ ଗୁନ ଗାଥା । କୋ ଜାନଇ ତୁହ୍ମ ବିନୁ ରଘୁନାଥା ॥ ୧ ॥**

ଯଦି ଜଗତରେ ଭରତ ଜନ୍ମ ହୋଇ ନ ଥାନ୍ତେ, ତେବେ ପୃଥିବୀରେ ଧର୍ମର ସମସ୍ତ ଭାର କିଏ ବହନ କରିଥାନ୍ତା ? ହେ ରଘୁନାଥ ! ଭରତଙ୍କର ଯେଉଁ ଗୁଣାବଳୀ କବିକୁଳପାଇଁ କଳ୍ପନାନୀତ, ତାହାକୁ ଆପଣଙ୍କ ଛଡ଼ା ଆଉ କିଏ ବା ଜାଣିପାରିବ !!'' ॥ ୧ ॥

**ଲଖନ ରାମ ସିୟଁ ସୁନି ସୁର ବାନୀ । ଅତି ସୁଖୁ ଲହେଉ ନ ଜାଇ ବଖାନୀ ॥**
**ଇହାଁ ଭରତୁ ସବ ସହିତ ସହାଏ । ମଂଦାକିନୀଁ ପୁନୀତ ନହାଏ ॥ ୨ ॥**

ଦେବତାମାନଙ୍କର ବଚନ ଶୁଣି ଲକ୍ଷ୍ମଣ, ସୀତା ଓ ଶ୍ରୀରାମ ଏତେ ଆନନ୍ଦିତ ହୋଇଗଲେ ଯେ, ତାହା ବର୍ଣ୍ଣନା କରାଯାଇ ନ ପାରେ । ଏଣେ ଭରତ ସମସ୍ତଙ୍କ ସହିତ ପବିତ୍ର ମନ୍ଦାକିନୀ ନଦୀରେ ସ୍ନାନ କଲେ ॥ ୨ ॥

**ସରିତ ସମୀପ ରାଖି ସବ ଲୋଗା । ମାଗି ମାତୁ ଗୁର ସଚିଓ୍ୱ ନିୟୋଗା ॥**
**ଚଲେ ଭରତୁ ଜହଁ ସିୟ ରଘୁରାଈ । ସାଥ ନିଷାଦନାଥୁ ଲଘୁ ଭାଈ ॥ ୩ ॥**

ତା'ପରେ ସମସ୍ତଙ୍କୁ ନଦୀତଟରେ ଛାଡ଼ିଦେଇ, ତଥା ମାତା, ଗୁରୁ ଓ ମନ୍ତ୍ରୀମାନଙ୍କର ଆଜ୍ଞା ନେଇ, ନିଷାଦରାଜ ଓ ଶତ୍ରୁଘ୍ନଙ୍କୁ ସାଥିରେ ଧରି ସେ ସେହି ସ୍ଥାନକୁ ଚାଲିଲେ, ଯେଉଁଠାରେ କି ଶ୍ରୀରାମ ଓ ସୀତା ରହିଥିଲେ ॥ ୩ ॥

**ସମୁଝି ମାତୁ କରତବ ସକୁଚାହୀଁ । କରତ କୁତରକ କୋଟି ମନ ମାହୀଁ ॥**
**ରାମୁ ଲଖନୁ ସିୟ ସୁନି ମମ ନାଉଁ । ଉଠି ଜନି ଅନତ ଜାହିଁ ତଜି ଠାଉଁ ॥ ୪ ॥**

ନିଜ ମାତା କୈକେୟୀଙ୍କ ଦୁଷ୍କୃତି ସ୍ମରଣ କରି ଭରତ ଦ୍ୱିଧାଗ୍ରସ୍ତ ହୋଇଗଲେ । ମନ ଭିତରେ କୋଟି କୋଟି ଦୁଶ୍ଚିନ୍ତା ଉଦ୍ରେକ ହେଲା, ''ମୋ ନାଆଁ ଶୁଣି ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ସ୍ଥାନ ଛାଡ଼ି ଅନ୍ୟ କେଉଁଆଡ଼େ ପଳାଇଯିବେ ନାହିଁ ତ ! ॥ ୪ ॥

ଦୋଃ- **ମାତୁ ମତେ ମହୁଁ ମାନି ମୋହି ଜୋ କଛୁ କରହିଁ ସୋ ଥୋର ।**
**ଅଘ ଅଓ୍ୱଗୁନ ଛମି ଆଦରହିଁ ସମୁଝି ଆପନୀ ଓର ॥ ୨୩୩ ॥**

ମୋତେ ମାଆର ମତ ସହିତ ଏକମତ ବୋଲି ଭାବି ଶ୍ରୀରାମ ଯାହା କିଛି କରିବେ, ତାହା ନିଶ୍ଚୟ ଅଳ୍ପ ହେବ । କିନ୍ତୁ ସେ ତାଙ୍କ ନିଜର ଔଦାର୍ଯ୍ୟ ଗୁଣରେ ମୋର ପାପ ଓ ଅବଗୁଣ କ୍ଷମା କରି ମୋତେ ଅବଶ୍ୟ ଆଦର କରିବେ ॥ ୨୩୩ ॥

**ଜୌଁ ପରିହରହିଁ ମଲିନ ମନୁ ଜାନୀ । ଜୌଁ ସନମାନହିଁ ସେଓ୍ୱକୁ ମାନୀ ॥**
**ମୋରେଁ ସରନ ରାମହି କି ପନହୀ । ରାମ ସୁସ୍ୱାମି ଦୋସୁ ସବ ଜନହୀ ॥ ୧ ॥**

ସେ ମୋତେ ମନ୍ଦବୁଦ୍ଧି ବୋଲି ଜାଣି ତଡ଼ିଦିଅନ୍ତୁ, କି ନିଜର ସେବକ ମନେକରି ଆଦର କରନ୍ତୁ,—ଯାହା କିଛି କରନ୍ତୁ ନା କାହିଁକି, ମୋର ତ ଶ୍ରୀରାମଙ୍କ ପାଦୁକାହିଁ ଆଶ୍ରୟ । ଶ୍ରୀରାମ ତ ଉଦାରହୃଦୟ; ସବୁଦୋଷ କେବଳ ଏହି ଦାସର ॥ ୧ ॥

**ଜଗ ଜସ ଭାଜନ ଚାତକ ମୀନା । ନେମ ପେମ ନିଜ ନିପୁନ ନବୀନା ॥**
**ଅସ ମନ ଗୁନତ ଚଲେ ମଗ ଜାତା । ସକୁଚ ସନେହଁ ସିଥିଲ ସବ ଗାତା ॥ ୨ ॥**

ଜଗତରେ ଚାତକ ଓ ମୀନହିଁ ଯଶର ପାତ୍ର; କାରଣ ସେହୁହେଁ ନିଜର ନିୟମ ଓ ପ୍ରେମକୁ ନିତ୍ୟନୂତନ କରି ରଖିବାରେ ନିପୁଣ ।'' (ଅର୍ଥାତ୍ ଚାତକ କେବଳ ବର୍ଷାଜଳ ପିଏ; ମୀନ ଜଳବିନା ବଞ୍ଚେନା) । ମନରେ ଏପରି ବିଚାର କରି କରି ଭରତ ଚାଲିଥାନ୍ତି । ତାଙ୍କର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ସଂକୋଚ ଓ ପ୍ରେମରେ ଶିଥିଳ ହୋଇଯାଉଥାଏ ॥ ୨ ॥

**ଫେରତି ମନହୁଁ ମାତୁ କୃତ ଖୋରୀ । ଚଲତ ଭଗତି ବଲ ଧୀରଜ ଧୋରୀ ॥**
**ଜବ ସମୁଝତ ରଘୁନାଥ ସୁଭାଉ । ତବ ପଥ ପରତ ଉତାଇଲ ପାଉ ॥ ୩ ॥**

ମାଆଙ୍କ ଦୁଷ୍କୃତି ତାଙ୍କୁ ପଛକୁ ଟାଣୁଥାଏ; କିନ୍ତୁ ଧୈର୍ଯ୍ୟଧୁରନ୍ଧର ଭରତ ଭକ୍ତିବଳରେ ଆଗକୁ ଗ୍ଲୁଥାନ୍ତି; ସେ ଯେତେବେଳେ ଶ୍ରୀରଘୁନାଥଙ୍କ ସ୍ୱଭାବ ସ୍ମରଣ କରୁଥିଲେ, ସେତେବେଳେ ତାଙ୍କ ପାଦ ଶୀଘ୍ର ଶୀଘ୍ର ଆଗକୁ ପଡୁଥିଲା ॥ ୩ ॥

**ଭରତ ଦସା ତେହି ଅୱସର କୈସୀ । ଜଲ ପ୍ରବାହଁ ଜଲ ଅଲି ଗତି ଜୈସୀ ॥**
**ଦେଖି ଭରତ କର ସୋଚୁ ସନେହୂ । ଭା ନିଷାଦ ତେହି ସମୟଁ ବିଦେହୂ ॥ ୪ ॥**

ସେତେବେଳେ ଭରତଙ୍କ ଅବସ୍ଥା କିପରି ହୋଇଥିଲା ଜାଣନ୍ତି ?—ଜଳସ୍ରୋତରେ ଜଳଭଉଁରିର ଗତି ଯେପରି ହୋଇଥାଏ, ସେହିପରି । ଭରତଙ୍କ ମାନସିକ ସ୍ଥିତି ଓ ପ୍ରେମ ଦେଖି ନିଷାଦରାଜ ନିଜର ଦେହଜ୍ଞାନ ଭୁଲିଗଲେ ॥ ୪॥

ଦୋ:- **ଲଗେ ହୋନ ମଂଗଲ ସଗୁନ ସୁନି ଗୁନି କହତ ନିଷାଦୁ ।**
**ମିଟିହି ସୋଚୁ ହୋଇହି ହରଷୁ ପୁନି ପରିନାମ ବିଷାଦୁ ॥ ୨୩୪ ॥**

ଶୁଭ ଶକୁନସୂଚକ ପକ୍ଷୀମାନଙ୍କର ରବ ଶୁଣାଗଲା । ତାହା ଶୁଣି ଓ ବିଚାର କରି ନିଷାଦରାଜ କହିଲେ, "ଚିନ୍ତା ଦୂର ହେବ; ଆନନ୍ଦ ମିଳିବ; କିନ୍ତୁ ଶେଷରେ ପୁଣି ଦୁଃଖ ମିଳିବ ।" ॥ ୨୩୪ ॥

**ସେୱକ ବଚନ ସତ୍ୟ ସବ ଜାନେ । ଆଶ୍ରମ ନିକଟ ଜାଇ ନିଅରାନେ ॥**
**ଭରତ ଦୀଖ ବନ ସୈଲ ସମାଜୂ । ମୁଦିତ ଛୁଧିତ ଜନୁ ପାଇ ସୁନାଜୂ ॥ ୧ ॥**
**ଈତି ଭୀତି ଜନୁ ପ୍ରଜା ଦୁଖାରୀ । ତ୍ରିବିଧ ତାପ ପୀଡ଼ିତ ଗ୍ରହ ମାରୀ ॥**
**ଜାଇ ସୁରାଜ ସୁଦେସ ସୁଖାରୀ । ହୋହିଁ ଭରତ ଗତି ତେହି ଅନୁହାରୀ ॥ ୨ ॥**

ଭରତ ନିଷାଦଙ୍କ ସବୁକଥାକୁ ସତ୍ୟ ମଣିଲେ ଏବଂ ଯାଇ ଆଶ୍ରମ ସମୀପରେ ପହଞ୍ଚିଗଲେ । ସେଠାକାର ବନ ଓ ପର୍ବତସମୂହ ଦେଖି ଭରତ ଏତେ ଆନନ୍ଦିତ ହୋଇଗଲେ ଯେ, ତାଙ୍କୁ କ୍ଷୁଧାର୍ତ୍ତଙ୍କୁ ସୁସ୍ୱାଦୁ ଅନ୍ନ ମିଳିଗଲା ପରି ଲାଗିଲା, ଈତି ହେତୁ ସଂତ୍ରସ୍ତ ଏବଂ ତ୍ରିତାପ (ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ), ଦୁଷ୍ଟଗ୍ରହ ଓ ମହାମାରୀଦ୍ୱାରା ପ୍ରପୀଡ଼ିତ ପ୍ରଜାମାନେ ଯେପରି କୌଣସି ଭଲ ଦେଶ ଓ ଭଲ ରାଜାଙ୍କ ରାଜ୍ୟକୁ ଯାଇ ସୁଖୀ ହୁଅନ୍ତି, ଭରତଙ୍କ ଅବସ୍ଥା ଠିକ୍ ସେହିପରି ହୋଇଗଲା [*ଅତିବୃଷ୍ଟି, ଅନାବୃଷ୍ଟି, ମୂଷାଙ୍କ ଉପଦ୍ରବ, ପଙ୍ଗପାଳ, ପକ୍ଷୀ ଓ ବାହ୍ୟ ରାଜାଙ୍କ ଆକ୍ରମଣ—ଏ ଛଅଟି ଶସ୍ୟବିଘ୍ନକୁ 'ଈତି' କହନ୍ତି* ।] ॥ ୨ ॥

**ରାମ ବାସ ବନ ସଂପତି ଭ୍ରାଜା । ସୁଖୀ ପ୍ରଜା ଜନୁ ପାଇ ସୁରାଜା ॥**
**ସଚିୱ ବିରାଗୁ ବିବେକୁ ନରେସୂ । ବିପିନ ସୁହାୱନ ପାୱନ ଦେସୂ ॥ ୩ ॥**

ଦେଶରେ ଭଲ ରାଜାଙ୍କୁ ପାଇ ପ୍ରଜାମାନେ ଯେପରି ସୁଖୀ ହୁଅନ୍ତି, ସେଠାରେ ଶ୍ରୀରାମଙ୍କ ନିବାସ ଥିବାରୁ ବନସମ୍ପଦ ସେହିପରି ସୁଶୋଭିତ ହେଉଥାଏ । ସୁଶୋଭିତ ବନହିଁ ଥିଲା ପବିତ୍ର ରାଜ୍ୟ ଏବଂ ବିବେକ ଥିଲା ତାହାର ରାଜା ଓ ବୈରାଗ୍ୟ ଥିଲା ତାହାର ମନ୍ତ୍ରୀ ॥ ୩ ॥

**ଭଟ ଜମ ନିୟମ ସୈଲ ରଜଧାନୀ । ସାଂତି ସୁମତି ସୁଚି ସୁଂଦର ରାନୀ ॥**
**ସକଲ ଅଂଗ ସଂପନ୍ନ ସୁରାଊ । ରାମ ଚରନ ଆଶ୍ରିତ ଚିତ ଚାଊ ॥ ୪ ॥**

ଯମ (ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ) ଓ ନିୟମ (ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ ଓ ଈଶ୍ୱରପ୍ରଣିଧାନ) ଥିଲେ ସେହି ଦେଶର ଯୋଦ୍ଧା । ପର୍ବତ ଥିଲା ସେଠାକାର ରାଜଧାନୀ ଏବଂ ଶାନ୍ତି ଓ ସୁବୁଦ୍ଧି ଥିଲେ ଦୁଇ ସୁନ୍ଦରୀ ନିଷ୍ପାପ ରାଣୀ । ସେହି ବିବେକରୂପୀ ରାଜା ଥିଲେ ରାଜ୍ୟର ସମସ୍ତ ଅଙ୍ଗରେ ସମ୍ପନ୍ନ ଏବଂ ଶ୍ରୀରାମଙ୍କ ଚରଣାଶ୍ରିତ ହୋଇ ରହିଥିବାରୁ ତାଙ୍କର ଚିତ୍ତରେ ଆନନ୍ଦ ଓ ଉତ୍ସାହ ପୂରିରହିଥାଏ । [ *ସ୍ୱାମୀ, ଅମାତ୍ୟ, ସୁହୃଦ୍, କୋଷ, ରାଷ୍ଟ୍ର, ଦୁର୍ଗ ଓ ସେନା—ଏହି ସାତଟି ହେଉଛି ରାଜ୍ୟର ସାତଟି 'ଅଙ୍ଗ'* । ] ॥ ୪ ॥

ଦୋଃ- **ଜୀତି ମୋହ ମହିପାଲୁ ଦଲ ସହିତ ବିବେକ ଭୁଆଲୁ ।**
**କରତ ଅକଂଟକ ରାଜୁ ପୁରଁ ସୁଖ ସଂପଦା ସୁକାଲୁ ॥ ୨୩୫ ॥**

ମୋହରୂପୀ ରାଜାକୁ (ଶତ୍ରୁକୁ) ସେନାସମେତ ଜୟ କରି ବିବେକରୂପୀ ରାଜା ସେଠାରେ ନିଷ୍କଣ୍ଟକ ରାଜ୍ୟ ଶାସନ କରୁଥାନ୍ତି । ତାଙ୍କ ନଗରରେ ସୁଖ, ସମ୍ପଦ ଓ ସୁସମୟ ସର୍ବଦା ବିରାଜିତ ଥାଏ ॥ ୨୩୫ ॥

**ବନ ପ୍ରଦେସ ମୁନି ବାସ ଘନେରେ । ଜନୁ ପୁର ନଗର ଗାଉଁ ଗନ ଖେରେ ॥**
**ବିପୁଲ ବିଚିତ୍ର ବିହଗ ମୃଗ ନାନା । ପ୍ରଜା ସମାଜୁ ନ ଜାଇ ବଖାନା ॥ ୧ ॥**
**ଖଗହା କରି ହରି ବାଘ ବରାହା । ଦେଖି ମହିଷ ବୃଷ ସାଜୁ ସରାହା ॥**
**ବୟରୁ ବିହାଇ ଚରହିଁ ଏକ ସଂଗା । ଜହଁ ତହଁ ମନହୁଁ ସେନ ଚତୁରଂଗା ॥ ୨ ॥**
**ଝରନା ଝରହିଁ ମତ୍ତ ଗଜ ଗାଜହିଁ । ମନହୁଁ ନିସାନ ବିବିଧି ବିଧି ବାଜହିଁ ॥**
**ଚକ ଚକୋର ଚାତକ ସୁକ ପିକ ଗନ । କୂଜତ ମଂଜୁ ମରାଲ ମୁଦିତ ମନ ॥ ୩ ॥**
**ଅଲିଗନ ଗାୱତ ନାଚତ ମୋରା । ଜନୁ ସୁରାଜ ମଂଗଲ ଚହୁ ଓରା ॥**
**ବେଲି ବିଟପ ତୃନ ସଫଲ ସଫୂଲା । ସବ ସମାଜୁ ମୁଦ ମଂଗଲ ମୂଲା ॥ ୪ ॥**

ବନପ୍ରଦେଶରେ ନିବାସ କରୁଥିବା ମୁନିମାନଙ୍କର ବିଭିନ୍ନ ବାସସ୍ଥାନ, ଜାଣନ୍ତୁ, ଥିଲା ସେହି ରାଜ୍ୟର ଛୋଟବଡ଼ ସହର-ନଗର ଓ ପଲ୍ଲୀ ଗ୍ରାମ । ବିବିଧ ବିଚିତ୍ର ପଶୁପକ୍ଷୀ ଥିଲେ ପ୍ରଜାକୁଳ, ଯାହାଙ୍କର ବର୍ଣ୍ଣନା ଦେବା ଅସମ୍ଭବ; ଗଣ୍ଡା, ହାତୀ, ସିଂହ, ବାଘ, ବରାହ, ମହିଷ ଓ ବୃଷମାନଙ୍କୁ ଦେଖିଲେ, ରାଜାଙ୍କ ପ୍ରଜାମାନଙ୍କର ପ୍ରଶଂସା ନ କରି ରହିହେବ ନାହିଁ । ସେମାନେ ପରସ୍ପର ମଧ୍ୟରେ ବୈରଭାବ ଭୁଲିଯାଇ ଏକତ୍ର ବିଚରଣ କରୁଥିଲେ । ସେହିମାନେ, ଜାଣନ୍ତୁ, ଥିଲେ ସେହି ରାଜ୍ୟର ଚତୁରଙ୍ଗ ସେନା । ଝର ଝର ନାଦରେ ଝରଣା ବହିଯାଉଥାଏ । ମଦମତ୍ତ ହସ୍ତୀମାନଙ୍କର ଗର୍ଜନ ବିଭିନ୍ନପ୍ରକାର ନାଗରା ବାଜିବାପରି ଶୁଭୁଥାଏ । ଚକୋର, ଚକ୍ରବାକ, ଚାତକ, ଶୁକ, କୋକିଳ ଓ ଦଳଦଳ ସୁନ୍ଦର ହଂସ ପ୍ରସନ୍ନ ଚିତ୍ତରେ କଳରବ କରୁଥାନ୍ତି । ଭ୍ରମରମାନେ ଗାଉଥାନ୍ତି ଓ ମୟୂରମାନେ ନାଚୁଥାନ୍ତି । ଏହାଦ୍ୱାରା ସେହି ଉତ୍ତମ ରାଜ୍ୟର ଚତୁର୍ଦିଗରେ ମଙ୍ଗଳ ଉତ୍ସବ ଲାଗିରହିଥିବାପରି ମନେହେଉଥାଏ । ବୃକ୍ଷ, ଲତା, ତୃଣ–ସବୁ ଫୁଲଫଳରେ ଭରପୂର ହୋଇଥାନ୍ତି । ଲାଗୁଥାଏ, ସମଗ୍ର ସମାଜ ଯେପରି ମଙ୍ଗଳଆନନ୍ଦରେ ମାତିଯାଇଛି ॥ ୧–୪ ॥

ଦୋଃ- **ରାମ ସୈଲ ସୋଭା ନିରଖି ଭରତ ହୃଦୟଁ ଅତି ପେମୁ ।**
**ତାପସ ତପ ଫଲୁ ପାଇ ଜିମି ସୁଖୀ ସିରାନେଁ ନେମୁ ॥ ୨୩୬ ॥**

'ନିୟମ'ର ସମାପ୍ତି ହୋଇଗଲେ, ତପସ୍ୟାର ଫଳ ପାଇ ତପସ୍ୱୀ ଯେପରି ଆନନ୍ଦିତ ହୁଅନ୍ତି, ଶ୍ରୀରାମ ବାସ କରୁଥିବା ପର୍ବତଟିର ଶୋଭା ଦେଖି ଭରତଙ୍କ ହୃଦୟରେ ସେହିପରି ଅତ୍ୟନ୍ତ ଆନନ୍ଦ ଖେଳିଗଲା ॥ ୨୩୬ ॥

## ମାସପାରାୟଣ, ବିଂଶ ବିଶ୍ରାମ

## ନବାହ୍ନପାରାୟଣ, ପଞ୍ଚମ ବିଶ୍ରାମ

**ତବ କେୱଟ ଊଁଚେଁ ଚଢ଼ି ଧାଈ । କହେଉ ଭରତ ସନ ଭୁଜା ଉଠାଈ ॥**
**ନାଥ ଦେଖିଅହିଁ ବିଟପ ବିସାଲା । ପାକରି ଜଂବୁ ରସାଲ ତମାଲା ॥ ୧ ॥**

ଏତିକିବେଳେ ନିଷାଦରାଜ ଧାଇଁଯାଇ ଗୋଟିଏ ଉଚ୍ଚସ୍ଥାନରେ ଚଢ଼ିଗଲେ ଏବଂ ଗଛଲତା ଆଡ଼କୁ ହାତ ଦେଖାଇ କହିଲେ, "ହେ ନାଥ ! ଏଠାରେ ଯେଉଁ ବଡ଼ ବଡ଼ ଜାମୁ, ଡିମିରି, ଆମ୍ବ ଓ ତମାଳ ଗଛ ଦେଖାଯାଉଛି, ॥ ୧ ॥

**ଜିନ୍ହ ତରୁବରହ୍ନ ମଧ୍ୟ ବଟୁ ସୋହା । ମଂଜୁ ବିସାଲ ଦେଖି ମନୁ ମୋହା ॥**
**ନୀଲ ସଘନ ପଲ୍ଲୱ ଫଲ ଲାଲା । ଅବିରଲ ଛାଁହ ସୁଖଦ ସବ କାଲା ॥ ୨ ॥**

ତା' ମଝିରେ ଗୋଟିଏ ସୁନ୍ଦର ବିରାଟ ବରଗଛ ଶୋଭା ପାଉଛି । ଗଛଟି ଦେଖିଲେ ମନ ମୋହିତ ହୋଇଯାଉଛି; ଗଛଟିରେ ସବୁଜ ପତ୍ର ଖୁନ୍ଦିହୋଇ ରହିଛି; ଫଳଗୁଡ଼ିକ ଲାଲ ଲାଲ; ଏହି ଗଛର ଘନଛାୟା ସବୁଋତୁରେ ସୁଖ ଦେଉଥିବ ॥ ୨ ॥

**ମାନହୁଁ ତିମିର ଅରୁନମୟ ରାସୀ । ବିରଚୀ ବିଧି ସଁକେଲି ସୁଷମା ସୀ ॥**
**ଏ ତରୁ ସରିତ ସମୀପ ଗୋସାଁଈ । ରଘୁବର ପରନକୁଟୀ ଜହଁ ଛାଈ ॥ ୩ ॥**

ଏହି ଗଛଟି ଦେଖିଲେ ଲାଗୁଛି, ସତେ ଯେପରି ବ୍ରହ୍ମା ସକଳ ଶୋଭା ଏକାଠି କରି ଛାଇ ଓ ଲାଲରଙ୍ଗର ଗୋଟିଏ ଭଣ୍ଡାର ଗଢ଼ିଦେଇଛନ୍ତି । ହେ ପ୍ରଭୁ ! ଏହି ଗଛଗୁଡ଼ିକ ନଈକୂଳରେ ଅଛି; ଏହିଠାରେହିଁ ଶ୍ରୀରାମଙ୍କର ପତ୍ରକୁଡ଼ିଆ ରହିଛି ॥ ୩ ॥

**ତୁଲସୀ ତରୁବର ବିବିଧ ସୁହାଏ । କହୁଁ କହୁଁ ସିୟ କହୁଁ ଲଖନ ଲଗାଏ ॥**
**ବଟ ଛାୟାଁ ବେଦିକା ବନାଈ । ସିୟଁ ନିଜ ପାନି ସରୋଜ ସୁହାଈ ॥ ୪ ॥**

ଏଠାରେ ବହୁ ସୁନ୍ଦର ତୁଲସୀ ଗଛ ଲାଗିଛି; ତା'ଭିତରୁ କେତୋଟି ସୀତା ଲଗାଇଛନ୍ତି; ଆଉ କେତୋଟି ଲକ୍ଷ୍ମଣ ଲଗାଇଛନ୍ତି । ଏହି ବରଗଛ ଛାଇରେ ସୀତା ନିଜ ହାତରେ ସୁନ୍ଦର ଚଉତରାଟିଏ ଗଢ଼ିଛନ୍ତି, ॥ ୪॥

ଦୋଃ- **ଜହାଁ ବୈଠି ମୁନିଗନ ସହିତ ନିତ ସିୟ ରାମୁ ସୁଜାନ ।**
**ସୁନହିଁ କଥା ଇତିହାସ ସବ ଆଗମ ନିଗମ ପୁରାନ ॥ ୨୩୭ ॥**

ସେଠାରେ ମୁନିମାନଙ୍କ ଗହଣରେ ବସି ସୁଜ୍ଞାନୀ ଶ୍ରୀରାମ ଓ ସୀତା ପ୍ରତ୍ୟହ ଶାସ୍ତ୍ର, ବେଦ ଓ ପୁରାଣକଥା ଶୁଣନ୍ତି ।" ॥ ୨୩୭ ॥

**ସଖା ବଚନ ସୁନି ବିଟପ ନିହାରୀ । ଉମଗେ ଭରତ ବିଲୋଚନ ବାରୀ ॥**
**କରତ ପ୍ରନାମ ଚଲେ ଦୋଉ ଭାଈ । କହତ ପ୍ରୀତି ସାରଦ ସକୁଚାଈ ॥ ୧ ॥**

ସଖାଙ୍କ ବଚନ ଶୁଣି ଏବଂ ସୁନ୍ଦର ବୃକ୍ଷଟି ଦେଖି ଭରତଙ୍କ ନୟନରୁ ଅଶ୍ରୁବାରି ଝରିଆସିଲା । ଦୁଇଭାଇ ପ୍ରଣାମ କରି କରି ଆଗକୁ ଚାଲିଲେ । ସେମାନଙ୍କ ପ୍ରେମମୟୀ ସ୍ଥିତି ବିଷୟରେ ସ୍ୱୟଂ ସରସ୍ୱତୀ ମଧ୍ୟ ବର୍ଣ୍ଣନା କରିବାକୁ ସଂକୋଚ ବୋଧ କରିବେ ॥ ୧ ॥

**ହରଷହିଁ ନିରଖି ରାମ ପଦ ଅଂକା । ମାନହୁଁ ପାରସୁ ପାୟଉ ରଂକା ॥**
**ରଜ ସିର ଧରି ହିୟଁ ନୟନହ୍ନି ଲାୱହିଁ । ରଘୁବର ମିଲନ ସରିସ ସୁଖ ପାୱହିଁ ॥ ୨ ॥**

ବାଟରେ ଶ୍ରୀରାମଙ୍କ ଚରଣଚିହ୍ନ ଦେଖି ଦୁଇଭାଇ ଏପରି ହର୍ଷିତ ହୋଇଗଲେ ଯେ, ମନେହେଲା, ସତେ ଯେପରି ଦରିଦ୍ରମାନେ ପରଶମଣି ପାଇଗଲେ ! ମସ୍ତକରେ ଓ ନେତ୍ରରେ ସେଠାକାର ଧୂଳି ଲଗାଇ, ଶ୍ରୀରାମଙ୍କ ସହିତ ମିଳନ ହୋଇଗଲେ ଯେପରି ସୁଖ ମିଳନ୍ତା, ସେମାନେ ସେହିପରି ସୁଖ ଅନୁଭବ କଲେ ॥ ୨ ॥

**ଦେଖି ଭରତ ଗତି ଅକଥ ଅତୀୱା । ପ୍ରେମମଗନ ମୃଗ ଖଗ ଜଡ଼ ଜୀୱା ॥**
**ସଖହି ସନେହ ବିବସ ମଗ ଭୂଲା । କହି ସୁପଂଥ ସୁର ବରଷହିଁ ଫୂଲା ॥ ୩ ॥**

ଭରତଙ୍କର ଅତ୍ୟନ୍ତ ଅନିର୍ବଚନୀୟ ସ୍ଥିତି ଦେଖି ବଣର ପଶୁ, ପକ୍ଷୀଠାରୁ ଆରମ୍ଭ କରି ବୃକ୍ଷାଦି ଜଡ଼ଜୀବ ପର୍ଯ୍ୟନ୍ତ ସମସ୍ତେ ପ୍ରେମମଗ୍ନ ହୋଇଗଲେ । ଅତ୍ୟନ୍ତ ପ୍ରେମାବିଷ୍ଟ ହୋଇ ନିଜେ ନିଷାଦରାଜ ମଧ୍ୟ ପଥ ଭୁଲିଗଲେ । ଏହି ସମୟରେ ଦେବତାମାନେ ଉତ୍ତମ ପଥ ଦେଖାଇଦେଇ ପୁଷ୍ପବୃଷ୍ଟି କଲେ ॥ ୩ ॥

**ନିରଖି ସିଦ୍ଧ ସାଧକ ଅନୁରାଗେ । ସହଜ ସନେହୁ ସରାହନ ଲାଗେ ॥**
**ହୋତ ନ ଭୂତଲ ଭାଉ ଭରତ କୋ । ଅଚର ସଚର ଚର ଅଚର କରତ କୋ ॥ ୪ ॥**

ଭରତଙ୍କର ସେହି ପ୍ରେମାବିଷ୍ଟ ସ୍ଥିତି ଦେଖି ସିଦ୍ଧ ଓ ସାଧକମାନଙ୍କ ହୃଦୟ ମଧ୍ୟ ଅନୁରାଗରେ ଭରିଗଲା । ସେମାନେ ତାଙ୍କର ବିଶୁଦ୍ଧ ତଥା ସ୍ୱାଭାବିକ ପ୍ରେମର ପ୍ରଶଂସା କରି କହିଲେ, ''ଯଦି ପୃଥିବୀପୃଷ୍ଠରେ ଭରତଙ୍କର ଜନ୍ମ ହୋଇ ନ ଥାନ୍ତା, ତେବେ କିଏସେ ଜଡ଼କୁ ଚେତନ ଓ ଚେତନକୁ ଜଡ଼ କରିପାରିଥାନ୍ତା ! ॥ ୪ ॥

ଦୋ:- **ପେମ ଅମିଅ ମଂଦରୁ ବିରହୁ ଭରତୁ ପୟୋଧି ଗଭୀର ।**
**ମଥି ପ୍ରଗଟେଉ ସୁର ସାଧୁ ହିତ କୃପାସିଂଧୁ ରଘୁବୀର ॥ ୨୩୮ ॥**

ପ୍ରେମ ହେଉଛି ଅମୃତ, ବିରହ ହେଉଛି ମନ୍ଦରାଚଳ ଏବଂ ଭରତ ହେଉଛନ୍ତି ଗଭୀରସମୁଦ୍ର । ଦେବତା ଓ ସାଧୁମାନଙ୍କର ହିତନିମନ୍ତେ ସ୍ୱୟଂ କୃପାସାଗର ଶ୍ରୀରାମ ଭରତରୂପୀ ସମୁଦ୍ରକୁ ବିରହରୂପୀ ମନ୍ଦରାଚଳଦ୍ୱାରା ମନ୍ଥନ କରି ଏହି ପ୍ରେମରୂପକ ଅମୃତ ଉତ୍ପନ୍ନ କରିଛନ୍ତି ।'' ॥ ୨୩୮ ॥

**ସଖା ସମେତ ମନୋହର ଜୋଟା । ଲଖେଉ ନ ଲଖନ ସଘନ ବନ ଓଟା ॥**
**ଭରତ ଦୀଖ ପ୍ରଭୁ ଆଶ୍ରମୁ ପାୱନ । ସକଲ ସୁମଂଗଲ ସଦନୁ ସୁହାୱନ ॥ ୧ ॥**

ଘନ ଅରଣ୍ୟ ଏମାନଙ୍କୁ ଆଢୁଆଳ କରୁଥିବାରୁ ସଖା ନିଷାଦରାଜଙ୍କ ସମେତ ସେହି ଦୁଇଭାଇଙ୍କୁ ଲକ୍ଷ୍ମଣ ଦେଖିପାରିଲେ ନାହିଁ; କିନ୍ତୁ ପ୍ରଭୁ ଶ୍ରୀରାମଙ୍କର ସମସ୍ତ ସୁମଙ୍ଗଳର ଧାମ ତଥା ସୁନ୍ଦର ପବିତ୍ର ଆଶ୍ରମଟିକୁ ଭରତ ଦେଖିଦେଲେ ॥ ୧ ॥

**କରତ ପ୍ରବେସ ମିଟେ ଦୁଖ ଦାୱା । ଜନୁ ଜୋଗୀଁ ପରମାରଥୁ ପାୱା ॥**
**ଦେଖେ ଭରତ ଲଖନ ପ୍ରଭୁ ଆଗେ । ପୂଁଛେ ବଚନ କହତ ଅନୁରାଗେ ॥ ୨ ॥**

ଆଶ୍ରମରେ ପ୍ରବେଶ କରୁ କରୁ ଭରତଙ୍କର ଦୁଃଖ ଓ ଅନ୍ତର୍ଦାହ ଦୂର ହୋଇଗଲା; ମନେହେଲା, ସତେ ଅବା ଯୋଗୀଙ୍କୁ ପରମାର୍ଥ (ପରମତତ୍ତ୍ୱ) ମିଳିଗଲା । ଭରତ ଦେଖିଲେ, ଲକ୍ଷ୍ମଣ ପ୍ରଭୁଙ୍କ ସମ୍ମୁଖରେ ଠିଆ ହୋଇଛନ୍ତି ଏବଂ ପ୍ରେମପୂର୍ବକ ପ୍ରଭୁ ପଚାରୁଥିବା ପ୍ରଶ୍ନର ଉତ୍ତର ଦେଉଛନ୍ତି ॥ ୨ ॥

**ସୀସ ଜଟା କଟି ମୁନି ପଟ ବାଁଧେଁ । ତୂନ କସେଁ କର ସରୁ ଧନୁ କାଁଧେଁ ॥**
**ବେଦୀ ପର ମୁନି ସାଧୁ ସମାଜୂ । ସୀୟ ସହିତ ରାଜତ ରଘୁରାଜୂ ॥ ୩ ॥**

ଲକ୍ଷ୍ମଣଙ୍କ ମସ୍ତକରେ ଜଟାଜୁଟ; କଟିରେ ମୁନିସୁଲଭ ବଲ୍‌କଳ ଏବଂ ତା' ଉପରେ ବନ୍ଧା ହୋଇଛି ତୂଣୀର । ହାତରେ ଶର ଓ କାନ୍ଧରେ ଧନୁ । ଚଉତରା ଉପରେ ମୁନି ଓ ସାଧୁମାନେ ବସିଛନ୍ତି ଏବଂ ଦେବୀ ସୀତାଙ୍କ ସହିତ ଶ୍ରୀରଘୁନାଥ ବିରାଜମାନ ହୋଇଛନ୍ତି ॥ ୩ ॥

**ବଲକଲ ବସନ ଜଟିଲ ତନୁ ସ୍ୟାମା । ଜନୁ ମୁନିବେଷ କୀହ୍ନ ରତି କାମା ॥**
**କର କମଲନି ଧନୁ ସାୟକୁ ଫେରତ । ଜିୟ କୀ ଜରନି ହରତ ହଁସି ହେରତ ॥ ୪ ॥**

ଶ୍ରୀରାମ ବଲ୍‌କଲବସ୍ତ୍ର ପିନ୍ଧିଛନ୍ତି; ଶିରରେ ଜଟାଜୁଟ ଧାରଣ କରିଛନ୍ତି; ଶ୍ୟାମଳ ଶରୀର । ସୀତାରାମ ଯୁଗଳଙ୍କୁ ଦେଖିଲେ ମନେହେଉଛି, ସତେ ଯେପରି ରତି ଓ କାମଦେବ ମୁନିବେଶ ଧରି ବସିଛନ୍ତି ! ଶ୍ରୀରାମ ନିଜ କରକମଳରେ ଧନୁ ଓ ଶର ଧରି ଘୂରାଉଛନ୍ତି ଏବଂ ମନ୍ଦହାସ୍ୟ ସହିତ ଗ୍ରହିଁଦେଇ ହୃଦୟର ଜ୍ୱାଳା ହରିନେଉଛନ୍ତି । (ଅର୍ଥାତ୍ ତାଙ୍କର ମୃଦୁହାସ୍ୟକୁ ଦେଖିଦେଲେ, ଦେଖିବା ଲୋକର ହୃତ୍ତାପ ହରଣ ହୋଇଯାଉଥାଏ ଏବଂ ତାକୁ ପରମ ଆନନ୍ଦ ଓ ଶାନ୍ତି ମିଳିଯାଉଥାଏ) ॥ ୪ ॥

ଦୋଃ- **ଲସତ ମଂଜୁ ମୁନି ମଂଡଲୀ ମଧ୍ୟ ସୀୟ ରଘୁଚଂଦୁ ।**
**ଗ୍ୟାନ ସଭାଁ ଜନୁ ତନୁ ଧରେଁ ଭଗତି ସଚ୍ଚିଦାନଂଦୁ ॥ ୨୩୯ ॥**

ସୁନ୍ଦର ମୁନିମଣ୍ଡଳୀ ମଧ୍ୟରେ ସୀତା ଓ ରଘୁକୁଳଚନ୍ଦ୍ର ଶ୍ରୀରାମ ଏପରି ଶୋଭା ପାଉଥାନ୍ତି ଯେ, ଲାଗୁଥାଏ, ଜ୍ଞାନର ସଭାରେ ସାକ୍ଷାତ୍ ଭକ୍ତି ଓ ସଚ୍ଚିଦାନନ୍ଦ ମୂର୍ତ୍ତିମନ୍ତ ହୋଇ ବିରାଜମାନ ହୋଇଛନ୍ତି ॥ ୨୩୯ ॥

**ସାନୁଜ ସଖା ସମେତ ମଗନ ମନ । ବିସରେ ହରଷ ସୋକ ସୁଖ ଦୁଖ ଗନ ॥**
**ପାହି ନାଥ କହି ପାହି ଗୋସାଇଁ । ଭୂତଲ ପରେ ଲକୁଟ କୀ ନାଇଁ ॥ ୧ ॥**

ସେହି ଦୃଶ୍ୟ ଦେଖି ସାନଭାଇ ଶତ୍ରୁଘ୍ନ ଓ ସଖା ନିଷାଦରାଜଙ୍କ ସମେତ ଭରତଙ୍କ ମନ ପ୍ରେମରେ ମଗ୍ନ ହୋଇଗଲା । ସେ ହର୍ଷ-ଶୋକ, ସୁଖ-ଦୁଃଖ ଆଦି ସବୁ ଭୁଲିଗଲେ ଏବଂ 'ହେ ନାଥ ! ରକ୍ଷା କର; ହେ ପ୍ରଭୁ ! ରକ୍ଷା କର' କହି ସମ୍ପୂର୍ଣ୍ଣ ଲମ୍ବ ହୋଇ ଦଣ୍ଡ ପରି ତଳେ ଲୋଟିପଡ଼ିଲେ ॥ ୧ ॥

**ବଚନ ସପେମ ଲଖନ ପହିଚାନେ । କରତ ପ୍ରନାମୁ ଭରତ ଜିୟଁ ଜାନେ ॥**
**ବଂଧୁ ସନେହ ସରସ ଏହି ଓରା । ଉତ ସାହିବ ସେୱା ବସ ଜୋରା ॥ ୨ ॥**

ସେହି ପ୍ରେମସିକ୍ତ ବଚନରୁହିଁ ଲକ୍ଷ୍ମଣ ତାଙ୍କୁ ଚିହ୍ନିଗଲେ ଏବଂ ଜାଣିଗଲେ ଯେ, ଭାଇ ଭରତ ପ୍ରଣାମ କରୁଛନ୍ତି । (ସେ ଶ୍ରୀରାମଙ୍କ ଆଡ଼କୁ ମୁହଁ କରି ଠିଆ ହୋଇଥିଲେ; ଭରତ ତାଙ୍କ ପଛପଟରୁ ଆସିଥିଲେ; ତେଣୁ ସେ ତାଙ୍କୁ ଦେଖିପାରି ନ ଥିଲେ ।) ଏପଟେ ଭାଇ ଭରତଙ୍କ ସରସ ପ୍ରେମ ଓ ସେପଟେ ପ୍ରଭୁ ଶ୍ରୀରାମଙ୍କ ସେବାରେ ପ୍ରବଳ ଅନୁରାଗ ॥ ୨ ॥

**ମିଲି ନ ଜାଇ ନହିଁ ଗୁଦରତ ବନଈ । ସୁକବି ଲଖନ ମନ କୀ ଗତି ଭନଈ ॥**
**ରହେ ରାଖି ସେୱା ପର ଭାରୂ । ଚଢ଼ୀ ଚଂଗ ଜନୁ ଖୈଁଚ ଖେଲାରୂ ॥ ୩ ॥**

ସେ କ୍ଷଣକପାଇଁ ମଧ୍ୟ ନା ସେବାକୁ ଉପେକ୍ଷା କରି ଭରତଙ୍କୁ ସାକ୍ଷାତ୍ କରିପାରୁଥାନ୍ତି, ନା ପ୍ରେମବଶତଃ ଭରତଙ୍କୁ ଉପେକ୍ଷା କରିପାରୁଥାନ୍ତି । ତାଙ୍କ ଚିତ୍ତର ଏହି ଦ୍ୱିଧାର ବର୍ଣ୍ଣନା ସମ୍ଭବତଃ କୌଣସି ଶ୍ରେଷ୍ଠ କବିହିଁ କରିପାରନ୍ତି । ଶେଷରେ ସେ ସେବାରେ ହିଁ ଅଟଳ ରହିଲେ; ତାଙ୍କ ସ୍ଥିତି ଏଭଳି ହୋଇଗଲା ଯେ, ଦେଖି ମନେହେଲା, ସତେ ଯେପରି ଉଚ୍ଚକୁ ଉଠିଯାଇଥିବା ଗୁଡ଼ିକୁ ଗୁଡ଼ିଉଡ଼ାଳି ତଳକୁ ଖୋଞ୍ଚୁଛି (ଟାଣୁଛି) ॥ ୩ ॥

**କହତ ସପ୍ରେମ ନାଇ ମହି ମାଥା । ଭରତ ପ୍ରନାମ କରତ ରଘୁନାଥା ॥**
**ଉଠେ ରାମୁ ସୁନି ପେମ ଅଧୀରା । କହୁଁ ପଟ କହୁଁ ନିଷଂଗ ଧନୁ ତୀରା ॥ ୪ ॥**

ସେ ତୁରନ୍ତ ମୁଣ୍ଡ ନୁଆଁଇ ପ୍ରେମର ସହିତ କହିଦେଲେ, "ହେ ରଘୁନାଥ ! ଭାଇ ଭରତ ପ୍ରଣାମ କରୁଛନ୍ତି ।" ଏତକ ଶୁଣିଦେଲାକ୍ଷଣି ଶ୍ରୀରଘୁନାଥ ପ୍ରେମରେ ଅଧୀର ହୋଇ ଉଠିପଡ଼ିଲେ । କେଉଁଠି ବସ୍ତ୍ର ଖସିପଡ଼ିଲା ତ, କେଉଁଠି ତୂଣୀର; କେଉଁଠି ଧନୁ ଖସିପଡ଼ିଲା ତ, କେଉଁଠି ବାଣ ॥ ୪ ॥

ଦୋଃ- **ବରବସ ଲିଏ ଉଠାଇ ଉର ଲାଏ କୃପାନିଧାନ ।**
**ଭରତ ରାମ କୀ ମିଲନି ଲଖି ବିସରେ ସବହି ଅପାନ ॥ ୨୪୦ ॥**

କୃପାନିଧାନ ଶ୍ରୀରାମ ଛୁଟିଆସିଲେ; ଭରତଙ୍କୁ ଜୋର କରି ତଳୁ ଉଠାଇନେଇ ସେ ବକ୍ଷରେ ଭିଡ଼ିଧରିଲେ । ଭରତ ଓ ଶ୍ରୀରାମଙ୍କ ମିଳନର ରୀତି ଦେଖି ସମସ୍ତେ ନିଜର ଅସ୍ତିତ୍ୱ ଭୁଲିଗଲେ ॥ ୨୪୦ ॥

**ମିଲନି ପ୍ରୀତି କିମି ଜାଇ ବଖାନୀ । କବିକୁଲ ଅଗମ କରମ ମନ ବାନୀ ॥**
**ପରମ ପେମ ପୂରନ ଦୋଉ ଭାଈ । ମନ ବୁଧି ଚିତ ଅହମିତି ବିସରାଈ ॥ ୧ ॥**

ମିଳନର ପ୍ରୀତିକୁ କିପରି ବା ବର୍ଣ୍ଣନା କରାଯିବ ? ତାହା ତ କବିକୁଳର କର୍ମ, ମନ ଓ ବାଣୀର ଅଗମ୍ୟ । ଦୁଇଭାଇ ମନ, ବୁଦ୍ଧି, ଚିତ୍ତ ଓ ଅହଂକାର ଭୁଲିଯାଇ ପରମପ୍ରେମରେ ପୂର୍ଣ୍ଣ ହୋଇଗଲେ ॥ ୧ ॥

**କହହୁ ସୁପେମ ପ୍ରଗଟ କୋ କରଈ । କେହି ଛାୟା କବି ମତି ଅନୁସରଈ ॥**
**କବିହି ଅରଥ ଆଖର ବଲୁ ସାଁଚା । ଅନୁହରି ତାଲ ଗତିହି ନଟୁ ନାଚା ॥ ୨ ॥**

ସେହି ଶ୍ରେଷ୍ଠ ପ୍ରେମକୁ କିଏ ବା ପ୍ରକାଶ କରିପାରିବ ? କବିର ବୁଦ୍ଧି କାହାର ଛାୟାକୁ ଅନୁସରଣ କରିବ ? କବିର ପ୍ରକୃତ ବଳ ତ ଅକ୍ଷର ଓ ତାର ଅର୍ଥ; ନଟ ତ ତାଳର ଗତି ଅନୁସାରେହିଁ ନାଚେ ॥ ୨ ॥

**ଅଗମ ସନେହ ଭରତ ରଘୁବର କୋ । ଜହଁ ନ ଜାଇ ମନୁ ବିଧି ହରି ହର କୋ ॥**
**ସୋ ମୈଁ କୁମତି କହୌଁ କେହି ଭାଁତୀ । ବାଜ ସୁରାଗ କି ଗାଁଡ଼ର ତାଁତୀ ॥ ୩ ॥**

ଭରତ ଓ ଶ୍ରୀରଘୁନାଥଙ୍କ ପ୍ରେମ ଅଗମ୍ୟ; ତା' ଭିତରେ ବ୍ରହ୍ମା, ବିଷ୍ଣୁ ଓ ମହାଦେବଙ୍କ ବୁଦ୍ଧି ମଧ୍ୟ ପ୍ରବେଶ କରିପାରେ ନାହିଁ । ମୁଁ କୁବୁଦ୍ଧି ଭଲା ସେହି ପ୍ରେମକୁ କିପରି କହିପାରିବି ? ଯେଉଁ ବେହେଲାରେ ତାର ବଦଳରେ ଦଉଡ଼ିଆ ଘାସ ବନ୍ଧାଯାଇଥାଏ, ସେଥିରୁ କ'ଣ ସୁନ୍ଦର ରାଗ ବାହାରିପାରିବ ? ॥ ୩ ॥

**ମିଲନି ବିଲୋକି ଭରତ ରଘୁବର କୀ । ସୁରଗନ ସଭୟ ଧକଧକୀ ଧରକୀ ॥**
**ସମୁଝାଏ ସୁରଗୁରୁ ଜଡ଼ ଜାଗେ । ବରଷି ପ୍ରସୂନ ପ୍ରସଂସନ ଲାଗେ ॥ ୪ ॥**

ଭରତ ଓ ଶ୍ରୀରାମଙ୍କର ମିଳନରୀତି ଦେଖି ଦେବତାମାନେ ଭୟଭୀତ ହୋଇଗଲେ । ସେମାନଙ୍କ ଛାତି ଥର ଥର ହେଲା । ଦେବଗୁରୁ ବୃହସ୍ପତି ବୁଝାଇବାରୁ ଯାଇ ସେହି ମୂର୍ଖମାନଙ୍କର ଭ୍ରମ ଦୂର ହେଲା ଏବଂ ସେମାନେ ପୁଷ୍ପ ବୃଷ୍ଟି କରି ସେହି ମିଳନର ପ୍ରଶଂସା କଲେ ॥ ୪ ॥

ଦୋଃ- **ମିଲି ସପେମ ରିପୁସୂଦନହି କେୱଟୁ ଭେଁଟେଉ ରାମ ।**
**ଭୂରି ଭାୟଁ ଭେଁଟେ ଭରତ ଲଛିମନ କରତ ପ୍ରନାମ ॥ ୨୪୧ ॥**

ତା'ପରେ ଶ୍ରୀରାମ ପ୍ରେମର ସହିତ ଶତ୍ରୁଘ୍ନଙ୍କୁ ଆଲିଙ୍ଗନ କଲେ ଓ ନିଷାଦଙ୍କୁ ମଧ୍ୟ ବକ୍ଷରେ ଲଗାଇଲେ । ଲକ୍ଷ୍ମଣ ପ୍ରଣାମ କରୁଥିବା ଅବସ୍ଥାରେ ଭରତ ତାଙ୍କ ସହିତ ପ୍ରେମଗଦ୍‌ଗଦ ହୋଇ ମିଳିତ ହେଲେ ॥ ୨୪୧ ॥

**ଭେଁଟେଉ ଲଖନ ଲଲକି ଲଘୁ ଭାଈ । ବହୁରି ନିଷାଦୁ ଲୀହ୍ନ ଉର ଲାଈ ॥**
**ପୁନି ମୁନିଗନ ଦୁହୁଁ ଭାଇହ୍ନ ବଂଦେ । ଅଭିମତ ଆସିଷ ପାଇ ଅନଂଦେ ॥ ୧ ॥**

ଲକ୍ଷ୍ମଣ ଧାଇଁଯାଇ ସାନଭାଇ ଶତ୍ରୁଘ୍ନଙ୍କୁ କୁଣ୍ଢାଇପକାଇଲେ । ତା'ପରେ ସେ ନିଷାଦରାଜଙ୍କୁ ମଧ୍ୟ ଆଲିଙ୍ଗନ କଲେ । ଭରତ ଶତ୍ରୁଘ୍ନ ଦୁଇଭାଇ ଯାଇ ଉପସ୍ଥିତ ମୁନିମାନଙ୍କୁ ପ୍ରଣାମ କଲେ ଏବଂ ବାଞ୍ଛିତ ଆଶୀର୍ବାଦ ପାଇ ଆନନ୍ଦିତ ହେଲେ ॥ ୧ ॥

**ସାନୁଜ ଭରତ ଉମଗି ଅନୁରାଗା । ଧରି ସିର ସିୟ ପଦ ପଦୁମ ପରାଗା ॥**
**ପୁନି ପୁନି କରତ ପ୍ରନାମ ଉଠାଏ । ସିର କର କମଲ ପରସି ବୈଠାଏ ॥ ୨ ॥**

ସାନଭାଇ ଶତ୍ରୁଘ୍ନ ସହିତ ଯାଇ, ଭରତ ଅତ୍ୟନ୍ତ ପ୍ରେମର ସହିତ ସୀତାଙ୍କ ପାଦପଦ୍ମର ଧୂଳି ମୁଣ୍ଡରେ ଲଗାଇଲେ ଓ ତାଙ୍କୁ ବାରମ୍ବାର ପ୍ରଣାମ କଲେ । ସୀତା ସେଦୁହିଁଙ୍କୁ ଉଠାଇ, ସେମାନଙ୍କ ଶିରରେ ହାତ ବୁଲାଇ ଆଦରରେ ପାଖରେ ବସାଇଲେ ॥ ୨ ॥

**ସୀୟଁ ଅସୀସ ଦୀହ୍ନି ମନ ମାହୀଁ । ମଗନ ସନେହଁ ଦେହ ସୁଧି ନାହୀଁ ॥**
**ସବ ବିଧି ସାନୁକୂଲ ଲଖି ସୀତା । ଭେ ନିସୋଚ ଉର ଅପଡର ବୀତା ॥ ୩ ॥**

ସୀତା ଦୁହିଁଙ୍କୁ ମନେ ମନେ ଆଶୀର୍ବାଦ ଦେଲେ; କାରଣ ପ୍ରେମମଗ୍ନ ହୋଇଯାଇଥିବାରୁ ତାଙ୍କର ଦେହଜ୍ଞାନ ନ ଥିଲା । ସୀତାଙ୍କ ଠାରେ ସକଳପ୍ରକାର ଅନୁକୂଳ ଭାବ ଦେଖି ଭରତଙ୍କ ମନରୁ ଚିନ୍ତା ଦୂର ହୋଇଗଲା; ଅନ୍ତରର କଳ୍ପିତ ଭୟ ବି ଦୂର ହୋଇଗଲା ॥ ୩ ॥

**କୋଉ କିଛୁ କହଇ ନ କୋଉ କିଛୁ ପୂଁଛା । ପ୍ରେମ ଭରା ମନ ନିଜ ଗତି ଛୂଁଛା ॥**
**ତେହି ଅୱସର କେୱଟୁ ଧୀରଜୁ ଧରି । ଜୋରି ପାନି ବିନୱତ ପ୍ରନାମୁ କରି ॥ ୪ ॥**

ସେତେବେଳେ କେହି କିଛି କହିପାରିଲେ ନାହିଁ, କି ପଗ୍ଚରିପାରିଲେ ନାହିଁ । ମନ ତ ପ୍ରେମରେ ପରିପୂର୍ଣ୍ଣ ହୋଇ ରହିଥିଲା; ତା'ର ସ୍ୱାଭାବିକ ଗତି କିଛି ନ ଥିଲା (ଅର୍ଥାତ୍ ମନରୁ ସଂକଳ୍ପବିକଳ୍ପ ଓ ଗ୍ଞଳ୍ୟ ଉଭେଇ ଯାଇଥିଲା ।) ସେତିକିବେଳେ ନିଷାଦରାଜ କର ଯୋଡ଼ି, ପ୍ରଣାମ କରି କହିଲେ, ॥ ୪ ॥

ଦୋଃ- **ନାଥ ସାଥ ମୁନିନାଥ କେ ମାତୁ ସକଲ ପୁର ଲୋଗ ।**
**ସେୱକ ସେନପ ସଚିୱ ସବ ଆଏ ବିକଲ ବିୟୋଗ ॥ ୨୪୨ ॥**

ହେ ନାଥ ! ଆପଣଙ୍କ ବିଚ୍ଛେଦରେ ବ୍ୟାକୁଳ ହୋଇ ମୁନୀଶ୍ୱର ବଶିଷ୍ଠଙ୍କ ସହିତ ସକଳ ମାତା, ନଗରବାସୀ, ସେବକ, ସେନାପତି, ମନ୍ତ୍ରୀ—ସମସ୍ତେ ଏଠାକୁ ପଳାଇଆସିଛନ୍ତି ।'' ॥ ୨୪୨ ॥

**ସୀଲସିଂଧୁ ସୁନି ଗୁର ଆଗୱନୂ । ସିୟ ସମୀପ ରାଖେ ରିପୁଦୱନୂ ॥**
**ଚଲେ ସବେଗ ରାମୁ ତେହି କାଲା । ଧୀର ଧରମ ଧୁର ଦୀନଦୟାଲା ॥ ୧ ॥**

ଗୁରୁ ଆସିଛନ୍ତି ଶୁଣି ଗୁଣସାଗର ଶ୍ରୀରାମ ସୀତାଙ୍କୁ ଶତ୍ରୁଘ୍ନଙ୍କ ପାଖରେ ଛାଡ଼ିଦେଲେ ଏବଂ ସେହି ପରମଧୀର ଧର୍ମଧୁରନ୍ଧର ଦୀନଦୟାଳୁ ସଙ୍ଗେ ସଙ୍ଗେ ତରତର ହୋଇ ଗୁରୁଙ୍କ ନିକଟକୁ ଗ୍ଲିଗଲେ ॥ ୧ ॥

**ଗୁରହି ଦେଖି ସାନୁଜ ଅନୁରାଗେ । ଦଂଡ ପ୍ରନାମ କରନ ପ୍ରଭୁ ଲାଗେ ॥**
**ମୁନିବର ଧାଇ ଲିଏ ଉର ଲାଈ । ପ୍ରେମ ଉମଗି ଭେଁଟେ ଦୋଉ ଭାଈ ॥ ୨ ॥**

ଗୁରୁଙ୍କୁ ଦର୍ଶନ କରି ଲକ୍ଷ୍ମଣଙ୍କ ସମେତ ଶ୍ରୀରାମ ପ୍ରେମାବିଷ୍ଟ ହୋଇଗଲେ ଏବଂ ଦୁହେଁ ଦଣ୍ଡବତ୍ ପ୍ରଣାମ କରୁ କରୁ ମୁନିଶ୍ରେଷ୍ଠ ବଶିଷ୍ଠ ଧାଇଁଆସିଲେ ଓ ସେମାନଙ୍କୁ ହୃଦୟରେ ଲଗାଇ ପ୍ରେମରେ ଉତ୍ଫୁଲ୍ଲ ହୋଇଗଲେ ॥ ୨ ॥

**ପ୍ରେମ ପୁଲକି କେୱଟ କହି ନାମୂ । କୀନ୍ହ ଦୂରି ତେଁ ଦଂଡ ପ୍ରନାମୂ ॥**
**ରାମସଖା ରିଷି ବରବସ ଭେଁଟା । ଜନୁ ମହି ଲୁଠତ ସନେହ ସମେଟା ॥ ୩ ॥**

ଏତିକିବେଳେ ପ୍ରେମପୁଲକିତ ନିଷାଦରାଜ ନିଜର ନାମ (ପରିଚୟ) କହି ଟିକିଏ ଦୂରରୁ ବଶିଷ୍ଠଙ୍କୁ ଦଣ୍ଡବତ୍ ପ୍ରଣାମ କଲେ । ଗୁରୁ ବଶିଷ୍ଠ ତାଙ୍କୁ ରାମସଖା ବୋଲି ଜାଣି ଢାଳିହୋଇଯାଇଥିବା ପ୍ରେମକୁ ତୋଳିଆଣିଲାପରି ଆଦରପୂର୍ବକ ଉଠାଇଆଣି ହୃଦୟରେ ଲଗାଇଲେ ॥ ୩ ॥

**ରଘୁପତି ଭଗତି ସୁମଂଗଲ ମୂଲା । ନଭ ସରାହି ସୁର ବରିସହିଁ ଫୂଲା ॥**
**ଏହି ସମ ନିପଟ ନୀଚ କୋଉ ନାହୀଁ । ବଡ଼ ବସିଷ୍ଠ ସମ କୋ ଜଗ ମାହୀଁ ॥ ୪ ॥**

ତାହା ଦେଖି ''ଶ୍ରୀରଘୁନାଥଙ୍କ ଠାରେ ଭକ୍ତି ରଖିବା ହେଉଛି ସକଳମଙ୍ଗଳର ମୂଳ ।''—ଏପରି ପ୍ରଶଂସା କରି ଦେବତାମାନେ ଆକାଶରୁ ପୁଷ୍ପବୃଷ୍ଟି କଲେ । ସେମାନେ କହିବାକୁ ଲାଗିଲେ, ''ଜଗତରେ ନିଷାଦସମାନ ନିତାନ୍ତ ନୀଚ କେହି ନାହିଁ, କି ବଶିଷ୍ଠଙ୍କ ସମାନ ଉଚ୍ଚ କେହି ନାହିଁ ॥ ୪ ॥

ଦୋଃ- **ଜେହି ଲଖି ଲଖନହୁ ତେଁ ଅଧିକ ମିଲେ ମୁଦିତ ମୁନିରାଉ ।**
**ସୋ ସୀତାପତି ଭଜନ କୋ ପ୍ରଗଟ ପ୍ରତାପ ପ୍ରଭାଉ ॥ ୨୪୩ ॥**

ତଥାପି ଏହି ନିଷାଦଙ୍କୁ ଲକ୍ଷ୍ମଣଙ୍କ ଠାରୁ ବି ଅଧିକ ଆଦର କରି ମୁନିଶ୍ରେଷ୍ଠ ବଶିଷ୍ଠ ଅତ୍ୟନ୍ତ ଆନନ୍ଦରେ ବକ୍ଷରେ ଲଗାଇଲେ ! ପ୍ରକୃତରେ ଏସବୁ ହେଉଛି ସୀତାପତି ଶ୍ରୀରାମଙ୍କ ଭଜନର ପ୍ରତ୍ୟକ୍ଷ ପ୍ରତାପ ଓ ପ୍ରଭାବ ।'' ॥ ୨୪୩ ॥

**ଆରତ ଲୋଗ ରାମ ସବୁ ଜାନା । କରୁନାକର ସୁଜାନ ଭଗୱାନା ॥**
**ଜୋ ଜେହି ଭାଯଁ ରହା ଅଭିଲାଷୀ । ତେହି ତେହି କୈ ତସି ତସି ରୁଖ ରାଖୀ ॥ ୧ ॥**

ଦୟାସାଗର ସୁଜ୍ଞାନୀ ଭଗବାନ୍ ଶ୍ରୀରାମ ଜାଣିପାରିଲେ ଯେ, ସବୁଲୋକ ତାଙ୍କୁ ସାକ୍ଷାତ୍ କରିବାକୁ ବ୍ୟାକୁଳ । ତେଣୁ ଯେ ଯେଉଁଭାବରେ ସାକ୍ଷାତ୍‌ର ଅଭିଳାଷ ରଖିଥିଲା, ତାର ସେହି ରୁଚି ରକ୍ଷା କରି, ॥ ୧ ॥


**ସାନୁଜ ମିଲି ପଲ ମହୁଁ ସବ କାହୂ । କୀନ୍ହ ଦୂରି ଦୁଖୁ ଦାରୁନ ଦାହୂ ॥**
**ଯହ ବଡ଼ି ବାତ ରାମ କୈ ନାହୀଁ । ଜିମି ଘଟ କୋଟି ଏକ ରବି ଛାହୀଁ ॥ ୨ ॥**

ପ୍ରଭୁ ଲକ୍ଷ୍ମଣଙ୍କ ସହିତ ଯାଇ ପଲକ ମଧ୍ୟରେ ସମସ୍ତଙ୍କୁ [ଏକ ସଙ୍ଗେ] ସାକ୍ଷାତ୍ କଲେ ଏବଂ ସେମାନଙ୍କ ଦୁଃଖ ଓ ଦାରୁଣ ସନ୍ତାପ ଦୂର କରିଦେଲେ । ଶ୍ରୀରାମଙ୍କ ନିମନ୍ତେ ଏହା କୌଣସି ବଡ଼ କଥା ନ ଥିଲା । ସୂର୍ଯ୍ୟ ଗୋଟିଏ ; କିନ୍ତୁ ସୂର୍ଯ୍ୟଙ୍କର ପୃଥକ ପୃଥକ ପ୍ରତିବିମ୍ବ ଯେପରି ଏକହିଁ ସମୟରେ କୋଟିଏ ଘଟରେ ଦେଖାଯାଏ, ଶ୍ରୀରାମ ସେହିପରି ସମସ୍ତଙ୍କୁ ଦର୍ଶନ ଦେଲେ ॥ ୨ ॥

**ମିଲି କେୱଟହି ଉମଗି ଅନୁରାଗା । ପୁରଜନ ସକଲ ସରାହହିଁ ଭାଗା ॥**
**ଦେଖୀଁ ରାମ ଦୁଖିତ ମହତାରୀଁ । ଜନୁ ସୁବେଲି ଅୱଲୀଁ ହିମ ମାରୀଁ ॥ ୩ ॥**

ସମସ୍ତ ପୁରବାସୀ ପ୍ରେମୋନ୍ମତ୍ତ ହୋଇ, ନିଷାଦରାଜଙ୍କୁ ସାକ୍ଷାତ କରି ତାଙ୍କ ଭାଗ୍ୟର ପ୍ରଶଂସା କଲେ । ଶ୍ରୀରାମ ଦେଖିଲେ, ସବୁମାତା ଦୁଃଖୀ ହୋଇଯାଇଛନ୍ତି; ସେମାନଙ୍କୁ ଦେଖି ଲାଗିଲା, ସତେ ଯେପରି ସୁନ୍ଦର ଲତାପଙ୍‌କ୍ତି ଉପରେ ତୁଷାରପାତ ହୋଇଯାଇଛି ॥ ୩ ॥

**ପ୍ରଥମ ରାମ ଭେଁଟୀ କୈକେଈ । ସରଲ ସୁଭାଯଁ ଭଗତି ମତି ଭେଈ ॥**
**ପଗ ପରି କୀନ୍ହ ପ୍ରବୋଧୁ ବହୋରୀ । କାଲ କରମ ବିଧି ସିର ଧରି ଖୋରୀ ॥ ୪ ॥**




ମାତା କୈକେୟୀଙ୍କୁ ଶ୍ରୀରାମଙ୍କ ଆଶ୍ୱାସନା ପ୍ରଦାନ

ଶ୍ରୀରାମ ସର୍ବପ୍ରଥମେ ମାତା କୈକେୟୀଙ୍କ ସହିତ ସାକ୍ଷାତ୍ କରି ନିଜର ସରଳସ୍ୱଭାବ ଓ ଭକ୍ତିଦ୍ୱାରା ତାଙ୍କ ମନକୁ ଶୀତଳ କରିଦେଲେ । ପୁଣି ତାଙ୍କ ଚରଣରେ ପଡ଼ି କାଳ, କର୍ମ ଓ ଦୈବ ଉପରେ ଦୋଷାରୋପ କରିବାପୂର୍ବକ ସେ ତାଙ୍କୁ ସାନ୍ତ୍ୱନା ଦେଲେ ॥ ୪ ॥

**ଦୋः- ଭେଟୀଁ ରଘୁବର ମାତୁ ସବ କରି ପ୍ରବୋଧୁ ପରିତୋଷୁ ।**
**ଅଂବ ଈସ ଆଧୀନ ଜଗୁ କାହୁ ନ ଦେଇଅ ଦୋଷୁ ॥ ୨୪୪ ॥**

ତା'ପରେ ଶ୍ରୀରଘୁନାଥ ଅନ୍ୟ ମାତାମାନଙ୍କୁ ସାକ୍ଷାତ୍ କଲେ ଓ ସମସ୍ତଙ୍କୁ ବୁଝାଇସୁଝାଇ ସନ୍ତୁଷ୍ଟ କଲେ । [କହିଲେ,] ''ହେ ମାତା ! ଜଗତ୍ ଈଶ୍ୱରଙ୍କ ଅଧୀନ; କାହାରିକୁ ଦୋଷ ଦେବା ଅନୁଚିତ ।'' ॥ ୨୪୪ ॥

**ଗୁରତିୟ ପଦ ବଂଦେ ଦୁହୁ ଭାଈଁ । ସହିତ ବିପ୍ରତିୟ ଜେ ସଁଗ ଆଈଁ ॥**
**ଗଂଗ ଗୌରି ସମ ସବ ସନମାନୀଁ । ଦେହିଁ ଅସୀସ ମୁଦିତ ମୃଦୁ ବାନୀଁ ॥ ୧ ॥**

ତା'ପରେ ଦୁଇଭାଇ ଯାଇ, ଭରତଙ୍କ ସହିତ ଆସିଥିବା ଗୁରୁପତ୍ନୀ ଅରୁନ୍ଧତୀଙ୍କ ସମେତ ବ୍ରାହ୍ମଣପତ୍ନୀମାନଙ୍କ ଚରଣବନ୍ଦନା କଲେ ଏବଂ ସେମାନଙ୍କୁ ଗଙ୍ଗା ଓ ଗୌରୀଙ୍କ ପରି ସମ୍ମାନ ଦେଲେ । ସେମାନେ ସମସ୍ତେ ଆନନ୍ଦିତା ହୋଇ କୋମଳମଧୁର ବାଣୀରେ ଆଶୀର୍ବାଦ ଦେଲେ ॥ ୧ ॥

**ଗହି ପଦ ଲଗେ ସୁମିତ୍ରା ଅଂକା । ଜନୁ ଭେଁଟୀ ସଂପତି ଅତି ରଂକା ॥**
**ପୁନି ଜନନୀ ଚରନନି ଦୋଉ ଭ୍ରାତା । ପରେ ପେମ ବ୍ୟାକୁଲ ସବ ଗାତା ॥ ୨ ॥**

ତହୁଁ ଦୁଇଭାଇ ଯାଇ, ସୁମିତ୍ରାଙ୍କ ପାଦ ଧରି ତାଙ୍କ କୋଳରେ ବସିପଡ଼ିଲେ । ମନେହେଲା, ସତେ ଯେପରି ରଙ୍କକୁ ରତ୍ନ ମିଳିଗଲା । ପୁଣି ଦୁଇଭାଇ ଯାଇ କୌଶଲ୍ୟାଙ୍କ ପାଦରେ ଲୋଟିପଡ଼ିଲେ । ପ୍ରେମର ପ୍ରାବଲ୍ୟ ହେତୁ ସେମାନଙ୍କର ସର୍ବାଙ୍ଗ ଶିଥିଳ ହୋଇଗଲା ॥ ୨ ॥

**ଅତି ଅନୁରାଗ ଅଂବ ଉର ଲାଏ । ନୟନ ସନେହ ସଲିଲ ଅହ୍ନୱାଏ ॥**
**ତେହି ଅୱସର କର ହରଷ ବିଷାଦୂ । କିମି କବି କହୈ ମୂକ ଜିମି ସ୍ୱାଦୂ ॥ ୩ ॥**

ମାତା କୌଶଲ୍ୟା ଦୁହିଁଙ୍କୁ ଅତ୍ୟନ୍ତ ସ୍ନେହର ସହିତ ବକ୍ଷରେ ଭିଡ଼ିଧରି ପ୍ରେମାଶ୍ରୁଜଳରେ ସିକ୍ତ କରିଦେଲେ । ସେହି ସମୟର ହର୍ଷବିଷାଦକୁ କବି କିପରି କହିପାରିବ ! ଯେ ମୂକ, ସେ କିପରି ସ୍ୱାଦ ବିଷୟରେ କହିପାରିବ !! ॥ ୩ ॥

**ମିଲି ଜନନିହି ସାନୁଜ ରଘୁରାଉ । ଗୁର ସନ କହେଉ କି ଧାରିଅ ପାଉ ॥**
**ପୁରଜନ ପାଇ ମୁନୀସ ନିୟୋଗୂ । ଜଲ ଥଲ ତକି ତକି ଉତରେଉ ଲୋଗୂ ॥ ୪ ॥**

ମାତା କୌଶଲ୍ୟାଙ୍କ ସହିତ ମିଳନ ପରେ ଶ୍ରୀରଘୁନାଥ ସାନଭାଇ ଲକ୍ଷ୍ମଣ ସହିତ ଯାଇ ଗୁରୁ ବଶିଷ୍ଠଙ୍କୁ ପ୍ରାର୍ଥନା କଲେ ଯେ, ସେ ଆଶ୍ରମରେ ପଦାର୍ପଣ କରନ୍ତୁ । ମୁନୀଶ୍ୱର ବଶିଷ୍ଠଙ୍କ ଆଜ୍ଞା ପାଇ, ଲୋକମାନେ ଜଳ ଓ ସ୍ଥାନର ସୁବିଧା ଦେଖି ନିଜ ନିଜର ଡେରା ପକାଇଦେଲେ ॥ ୪ ॥

**ଦୋः- ମହିସୁର ମଂତ୍ରୀ ମାତୁ ଗୁର ଗନେ ଲୋଗ ଲିଏ ସାଥ ।**
**ପାୱନ ଆଶ୍ରମ ଗୱନୁ କିୟ ଭରତ ଲଖନ ରଘୁନାଥ ॥ ୨୪୫ ॥**

ବ୍ରାହ୍ମଣ, ମନ୍ତ୍ରୀ, ମାତାଗଣ ଓ ଗୁରୁଦେବ ଆଦି କେତେକ ମୁଖ୍ୟଲୋକଙ୍କୁ ସାଥିରେ ଧରି ଭରତ, ଲକ୍ଷ୍ମଣ ଓ ଶ୍ରୀରାମ ପବିତ୍ର ଆଶ୍ରମ ଅଭିମୁଖେ ଗ୍ଲିଲେ ॥ ୨୪୫ ॥

**ସୀୟ ଆଇ ମୁନିବର ପଗ ଲାଗୀ । ଉଚିତ ଅସୀସ ଲହୀ ମନ ମାଗୀ ॥**
**ଗୁରପତିନିହି ମୁନିତିୟହ୍ନ ସମେତା । ମିଲୀ ପେମୁ କହି ଜାଇ ନ ଜେତା ॥ ୧ ॥**

ସୀତା ଆସି ମୁନିଶ୍ରେଷ୍ଠ ବଶିଷ୍ଠଙ୍କ ଚରଣରେ ପ୍ରଣାମ କଲେ ଏବଂ ଅଭିଳଷିତ ଆଶୀର୍ବାଦ ଲାଭ କଲେ । ତା'ପରେ ସେ ମୁନିପତ୍ନୀମାନଙ୍କ ସମେତ ଗୁରୁପତ୍ନୀ ଅରୁନ୍ଧତୀଙ୍କୁ ସାକ୍ଷାତ କଲେ । ସେମାନଙ୍କର ପରସ୍ପର ମଧ୍ୟରେ ଯେଉଁ ସୌହାର୍ଦ୍ଦ୍ୟ ଥିଲା, ତାହା କଥାରେ କହିହେବ ନାହିଁ ॥ ୧ ॥

**ବଂଦି ବଂଦି ପଗ ସିୟ ସବହୀ କେ । ଆସିରବଚନ ଲହେ ପ୍ରିୟ ଜୀ କେ ॥**
**ସାସୁ ସକଲ ଜବ ସୀୟଁ ନିହାରୀଁ । ମୂଦେ ନୟନ ସହମି ସୁକୁମାରୀଁ ॥ ୨ ॥**

ସୀତା ପୃଥକ୍ ପୃଥକ୍‌ଭାବରେ ସମସ୍ତଙ୍କର ଚରଣ ବନ୍ଦନା କରି ନିଜ ମନୋବାଞ୍ଛିତ ଆଶୀର୍ବାଦ ପ୍ରାପ୍ତ ହେଲେ । ଶାଶୁମାନଙ୍କୁ ଦେଖିଦେବାକ୍ଷଣି ସେ ଶଙ୍କିତା ହୋଇ ଆଖି ବନ୍ଦ କରିଦେଲେ ॥ ୨ ॥

**ପରୀଁ ବଧିକ ବସ ମନହୁଁ ମରାଲୀଁ । କାହ କୀହ୍ନ କରତାର କୁଚାଲୀଁ ॥**
**ତିହ୍ନ ସିୟ ନିରଖି ନିପଟ ଦୁଖୁ ପାୱା । ସୋ ସବୁ ସହିଅ ଜୋ ଦୈଉ ସହାୱା ॥ ୩ ॥**

ଶାଶୁମାନଙ୍କର ଦୁରବସ୍ଥା ଦେଖି ତାଙ୍କୁ ଲାଗିଲା, ସତେ ଯେପରି ରାଜହଂସୀମାନେ ବ୍ୟାଧହାତରେ ବନ୍ଦୀ ହୋଇଯାଇଛନ୍ତି । ସେ ଭାବିବାକୁ ଲାଗିଲେ, 'କୁଚକ୍ରୀ ବିଧାତା କ'ଣ ନ କରିଦେଲା ସତେ !' ଶାଶୁମାନେ ବି ସୀତାଙ୍କ ଅବସ୍ଥା ଦେଖି ବିଶେଷ ଦୁଃଖିତ ହେଲେ । ଭାବିଲେ, ଦଇବ ଯାହା କରିବ, ମଣିଷକୁ ତାହା ସହିବାକୁ ହିଁ ପଡ଼ିବ ॥ ୩ ॥

**ଜନକସୁତା ତବ ଉର ଧରି ଧୀରା । ନୀଲ ନଲିନ ଲୋୟନ ଭରି ନୀରା ॥**
**ମିଲୀ ସକଲ ସାସୁହ୍ନ ସିୟ ଜାଈ । ତେହି ଅୱସର କରୁନା ମହି ଛାଈ ॥ ୪ ॥**

ମନରେ ଧୈର୍ଯ୍ୟ ଧରି, ନୀଳକମଳସମ ନୟନରେ ଅଶ୍ରୁଜଳ ଭରି, ଜାନକୀ ଯାଇ ସବୁଶାଶୁଙ୍କୁ ସାକ୍ଷାତ କଲେ । ସେତେବେଳେ ପୃଥିବୀପୃଷ୍ଠରେ କରୁଣରସ ଛାଇହୋଇଗଲା ॥ ୪ ॥

ଦୋଃ- **ଲାଗି ଲାଗି ପଗ ସବନି ସିୟ ଭେଁଟତି ଅତି ଅନୁରାଗ ।**
**ହୃଦୟଁ ଅସୀସହିଁ ପେମ ବସ ରହିଅହୁ ଭରୀ ସୋହାଗ ॥ ୨୪୬ ॥**

ସୀତା ଅତ୍ୟନ୍ତ ଅନୁରାଗର ସହିତ ଯାଇ ପ୍ରତ୍ୟେକ ଶାଶୁଙ୍କ ପାଦ ଧରିଲେ । ସେମାନେ "ମାଆ ! ତୁ ସଦା ସୌଭାଗ୍ୟବତୀ ହୋଇ ରହ ।" ବୋଲି କହି ସ୍ନେହ ଓ ଆନ୍ତରିକତାର ସହିତ ଆଶୀର୍ବାଦ ଦେଲେ ॥ ୨୪୬ ॥

**ବିକଲ ସନେହଁ ସୀୟ ସବ ରାନୀଁ । ବୈଠନ ସବହି କହେଉ ଗୁର ଗ୍ୟାନୀଁ ॥**
**କହି ଜଗ ଗତି ମାୟିକ ମୁନିନାଥା । କହେ କଛୁକ ପରମାରଥ ଗାଥା ॥ ୧ ॥**

ସୀତା ଓ ସବୁ ରାଣୀ ସ୍ନେହବଶତଃ ବ୍ୟାକୁଳ ହୋଇଗଲେ । ତାହା ଦେଖି ଜ୍ଞାନୀ ଗୁରୁ ସମସ୍ତଙ୍କୁ ବସିପଡ଼ିବାକୁ କହିଲେ । ତା'ପରେ ମୁନିନାଥ ବଶିଷ୍ଠ ଜଗତର ଗତିକୁ ମାୟିକ ବୋଲି ବୁଝାଇଦେଇ (ଅର୍ଥାତ୍ ଜଗତ୍ ମାୟାରୁ ଜାତ; ଏଥିରେ କିଛି ବି ନିତ୍ୟ ନୁହେଁ—ଏପରି କହି) ସେମାନଙ୍କୁ କିଛି କିଛି ପାରମାର୍ଥିକ ଉପଦେଶ ଶୁଣାଇଲେ ॥ ୧ ॥

**ନୃପ କର ସୁରପୁର ଗୱନୁ ସୁନାୱା । ସୁନି ରଘୁନାଥ ଦୁସହ ଦୁଖୁ ପାୱା ॥**
**ମରନ ହେତୁ ନିଜ ନେହୁ ବିଚାରୀ । ଭେ ଅତି ବିକଲ ଧୀର ଧୁର ଧାରୀ ॥ ୨ ॥**

ପୁନଶ୍ଚ ବଶିଷ୍ଠ ରାଜା ଦଶରଥଙ୍କ ସ୍ୱର୍ଗଗମନ (ମୃତ୍ୟୁ) କଥା ଶୁଣାଇଲେ । ତାହା ଶୁଣି ଶ୍ରୀରଘୁନାଥ ଦୁଃସହ ଦୁଃଖ ଅନୁଭବ କଲେ ଏବଂ ତାଙ୍କ ପ୍ରତି ରହିଥିବା ସ୍ନେହହିଁ ପିତାଙ୍କ ମୃତ୍ୟୁର କାରଣ ବୋଲି ବିଗ୍ରର କରି ଧୀରଧୁରନ୍ଧର ଶ୍ରୀରାମ ଅତ୍ୟନ୍ତ ବ୍ୟାକୁଳ ହୋଇଉଠିଲେ ॥ ୨ ॥

**କୁଲିସ କଠୋର ସୁନତ କଟୁ ବାନୀ । ବିଲପତ ଲଖନ ସୀୟ ସବ ରାନୀ ॥**
**ସୋକ ବିକଲ ଅତି ସକଲ ସମାଜୂ । ମାନହୁଁ ରାଜୁ ଅକାଜେଉ ଆଜୂ ॥ ୩ ॥**

ସେହି ବଜ୍ରସମାନ କଠୋର ଓ କଟୁ ବାଣୀ ଶୁଣୁ ଶୁଣୁ ଲକ୍ଷ୍ମଣ, ସୀତା ଓ ସବୁରାଣୀ ବିଳାପ କରିବାକୁ ଲାଗିଲେ । ସମସ୍ତେ ଶୋକରେ ଅତ୍ୟନ୍ତ ବ୍ୟାକୁଳ ହୋଇଗଲେ । ତାହା ଦେଖି ଲାଗିଲା, ସତେ ଯେପରି ରାଜା ସେହିଦିନହିଁ ପ୍ରାଣତ୍ୟାଗ କରିଛନ୍ତି ॥ ୩ ॥

**ମୁନିବର ବହୁରି ରାମ ସମୁଝାଏ । ସହିତ ସମାଜ ସୁସରିତ ନହାଏ ॥**
**ବ୍ରତୁ ନିରଂବୁ ତେହି ଦିନ ପ୍ରଭୁ କୀହ୍ନା । ମୁନିହୁ କହେଁ ଜଲୁ କାହୁଁ ନ ଲୀହ୍ନା ॥ ୪ ॥**

ମୁନିଶ୍ରେଷ୍ଠ ବଶିଷ୍ଠ ଶ୍ରୀରାମଙ୍କୁ ବହୁତ ବୁଝାଇଲେ । ତା'ପରେ ଶ୍ରୀରାମ ସମସ୍ତଙ୍କ ସହିତ ଯାଇ ମନ୍ଦାକିନୀ ନଦୀରେ ସ୍ନାନ କଲେ । ସେଦିନ ପ୍ରଭୁ ଶ୍ରୀରାମ ନିର୍ଜଳା ଉପବାସ କଲେ । ମୁନି ଯେତେ କହିଲେ ବି, କେହି ଜଳ ସୁଦ୍ଧା ଗ୍ରହଣ କଲେ ନାହିଁ ॥ ୪ ॥

ଦୋଃ- **ଭୋରୁ ଭଏଁ ରଘୁନଂଦନହି ଜୋ ମୁନି ଆୟସୁ ଦୀହ୍ନ ।**
**ଶ୍ରଦ୍ଧା ଭଗତି ସମେତ ପ୍ରଭୁ ସୋ ସବୁ ସାଦରୁ କୀହ୍ନ ॥ ୨୪୭ ॥**

ତା'ପରଦିନ ସୂର୍ଯ୍ୟୋଦୟ ହେବା ପରେ ମୁନିବର ଶ୍ରୀରଘୁନାଥଙ୍କୁ ଯାହାକିଛି ଆଜ୍ଞା ଦେଲେ, ପ୍ରଭୁ ସେହିସବୁ କାର୍ଯ୍ୟ ଶ୍ରଦ୍ଧା, ଭକ୍ତି ଓ ଆଦରସହକାରେ ସମ୍ପନ୍ନ କଲେ ॥ ୨୪୭ ॥

**କରି ପିତୁ କ୍ରିୟା ବେଦ ଜସି ବରନୀ । ଭେ ପୁନୀତ ପାତକ ତମ ତରନୀ ॥**
**ଜାସୁ ନାମ ପାୱକ ଅଘ ତୂଲା । ସୁମିରତ ସକଲ ସୁମଂଗଲ ମୂଲା ॥ ୧ ॥**
**ସୁଦ୍ଧ ସୋ ଭୟଉ ସାଧୁ ସଂମତ ଅସ । ତୀରଥ ଆୱାହନ ସୁରସରି ଜସ ॥**
**ସୁଦ୍ଧ ଭଏଁ ଦୁଇ ବାସର ବୀତେ । ବୋଲେ ଗୁର ସନ ରାମ ପିରୀତେ ॥ ୨ ॥**

ପାପରୂପୀ ଅନ୍ଧକାରକୁ ନାଶ କରୁଥିବା ସୂର୍ଯ୍ୟସ୍ୱରୂପ ଶ୍ରୀରାମ ବେଦୋକ୍ତ ବିଧି ଅନୁସାରେ ପିତୃକ୍ରିୟା କରି ଶୁଦ୍ଧ ହେଲେ । ଯାହାଙ୍କ ନାମ ପାପରୂପକ ତୂଳାକୁ ତୁରନ୍ତ ଜଳାଇଦେବାରେ ଅଗ୍ନି ପରି ଏବଂ ଯାହାଙ୍କ ସ୍ମରଣମାତ୍ରହିଁ ସକଳ ଶୁଭ ଓ ସମସ୍ତ ମଙ୍ଗଳର ମୂଳ, ସେହି [ନିତ୍ୟ-ଶୁଦ୍ଧ-ବୁଦ୍ଧ ଭଗବାନ୍] ରାମ ପୁଣି ଶୁଦ୍ଧ ହେଲେ ! ସାଧୁମାନେ ମତ ଦିଅନ୍ତି ଯେ, ତୀର୍ଥମାନଙ୍କ ଆବାହନରେ ଦେବନଦୀ ଗଙ୍ଗା ଯେପରି ଶୁଦ୍ଧ ହୁଅନ୍ତି, ଏସବୁ କ୍ରିୟା କରି ଭଗବାନ୍ ସେହିପରି ଶୁଦ୍ଧ ହେଲେ । (ଗଙ୍ଗା ତ ସ୍ୱଭାବତଃ ଶୁଦ୍ଧ; ତାଙ୍କ କୂଳରେ ଯେଉଁ ତୀର୍ଥମାନଙ୍କୁ ଆବାହନ କରାଯାଏ, ଗଙ୍ଗାଙ୍କ ସଂସର୍ଗରେ ଆସି ଓଲଟି ସେହିମାନେ ଶୁଦ୍ଧ ହୋଇଯାଆନ୍ତି । ସେହିପରି ସଚ୍ଚିଦାନନ୍ଦସ୍ୱରୂପ ଶ୍ରୀରାମ ତ ନିତ୍ୟ ଶୁଦ୍ଧ; ତାଙ୍କ ସଂସର୍ଗରେ ଆସି କର୍ମମାନେହିଁ ଶୁଦ୍ଧ ହୋଇଗଲେ) । ଶୁଦ୍ଧ ହେବାର ଦୁଇଦିନ ପରେ ଶ୍ରୀରାମ ପ୍ରେମର ସହିତ ଗୁରୁଙ୍କୁ କହିଲେ, ॥ ୧-୨ ॥

**ନାଥ ଲୋଗ ସବ ନିପଟ ଦୁଖାରୀ । କଂଦ ମୂଲ ଫଲ ଅଂବୁ ଅହାରୀ ॥**
**ସାନୁଜ ଭରତୁ ସଚିୱ ସବ ମାତା । ଦେଖି ମୋହି ପଲ ଜିମି ଜୁଗ ଜାତା ॥ ୩ ॥**



ବଶିଷ୍ଠଙ୍କ ନିର୍ଦ୍ଦେଶାନୁଯାୟୀ ଶ୍ରୀରାମଙ୍କର ପିତୃତର୍ପଣ

''ଗୁରୁଦେବ ! ଏଠାରେ ସମସ୍ତେ ବଡ଼ ଦୁଃଖରେ ରହିଛନ୍ତି । ଲୋକେ କେବଳ ବଣର କନ୍ଦ, ମୂଳ, ଫଳ ଓ ଜଳ ଆହାର କରି ରହିଛନ୍ତି । ଭାଇ ଶତ୍ରୁଘ୍ନ ସହିତ ଭରତଙ୍କୁ, ମନ୍ତ୍ରୀମାନଙ୍କୁ ଓ ମାଆମାନଙ୍କୁ ଦେଖି ମୋର ଗୋଟିଏ ଗୋଟିଏ କ୍ଷଣ, ଗୋଟିଏ ଗୋଟିଏ ଯୁଗ ପରି ବିତୁଛି ॥ ୩ ॥

**ସବ ସମେତ ପୁର ଧାରିଅ ପାଉ । ଆପୁ ଇହାଁ ଅମରାଓ୍ୱତି ରାଉ ॥**
**ବହୁତ କହେଉଁ ସବ କିୟଉଁ ଢିଠାଈ । ଉଚିତ ହୋଇ ତସ କରିଅ ଗୋସାଁଈ ॥ ୪ ॥**

ତେଣୁ ସମସ୍ତଙ୍କ ସହିତ ଆପଣ ଅଯୋଧ୍ୟା ଫେରିଯାଆନ୍ତୁ । ଆପଣ ଏଠାରେ; ଆଉ ମହାରାଜ ଅମରାବତୀ(ସ୍ୱର୍ଗ)ରେ [ଅଯୋଧ୍ୟାପୁରୀ ଶୂନ୍ୟ ହୋଇ ପଡିଥିବ] !–ମୁଁ ବହୁତ ଅଧିକ କହିଦେଲି, ଏସବୁ ମୋର ଧୃଷ୍ଟତା । ହେ ଗୁରୁଦେବ ! ଏଥର ଆପଣ ଯାହା ଉଚିତ ମନେ କରୁଛନ୍ତି, ତାହା କରନ୍ତୁ ।'' ॥ ୪ ॥

ଦୋଃ- **ଧର୍ମ ସେତୁ କରୁନାୟତନ କସ ନ କହହୁ ଅସ ରାମ ।**
**ଲୋଗ ଦୁଖିତ ଦିନ ଦୁଇ ଦରସ ଦେଖି ଲହହୁଁ ବିଶ୍ରାମ ॥ ୨୪୮ ॥**

ବଶିଷ୍ଠ କହିଲେ, ''ହେ ରାମ ! ଆପଣ ତ ଧର୍ମର ସେତୁ ଓ କରୁଣାର ଧାମ । ଆପଣ କିପରି ଏହା ନ କହନ୍ତେ ! ସମସ୍ତେ କଷ୍ଟରେ ରହିଛନ୍ତି ସତ, ତଥାପି କିଛିଦିନ ଆପଣଙ୍କୁ ଦର୍ଶନ କରି ଟିକିଏ ଶାନ୍ତି ପାଆନ୍ତୁ ।'' ॥ ୨୪୮ ॥

**ରାମ ବଚନ ସୁନି ସଭୟ ସମାଜୂ । ଜନୁ ଜଲନିଧି ମହୁଁ ବିକଲ ଜହାଜୂ ॥**
**ସୁନି ଗୁର ଗିରା ସୁମଂଗଲ ମୂଲା । ଭୟଉ ମନହୁଁ ମାରୁତ ଅନୁକୂଲା ॥ ୧ ॥**

ଶ୍ରୀରାମଙ୍କ କଥା ଶୁଣି ସମସ୍ତେ ଡରିଯାଇଥିଲେ; ମନେହେଉଥିଲା, ସତେ ଯେପରି ସେମାନଙ୍କର ବୋଇତଟି ମଝିଦରିଆରେ ଟଳମଳ ହୋଇ ବୁଡ଼ିଯିବାକୁ ବସିଥିଲା ; କିନ୍ତୁ ଗୁରୁଦେବଙ୍କ ମଙ୍ଗଳମୟ ବଚନ ଶୁଣି ସେମାନେ ଆଶ୍ୱସ୍ତ ହେଲେ ; ସତେ ଯେପରି, ସେହି ବୋଇତପାଇଁ ଏଥର ଅନୁକୂଳ ପବନ ବହିଲା ॥ ୧ ॥

**ପାଓ୍ୱନ ପୟଁ ତିହୁଁ କାଲ ନହାହୀଁ । ଜୋ ବିଲୋକି ଅଘ ଓଘ ନସାହୀଁ ॥**
**ମଂଗଲମୂରତି ଲୋଚନ ଭରି ଭରି । ନିରଖହିଁ ହରଷି ଦଂଡଓ୍ୱତ କରି କରି ॥ ୨ ॥**

ଯାହାର ଦର୍ଶନମାତ୍ରେ ସକଳ ପାପ କ୍ଷୟ ହୋଇଯାଏ , ସମସ୍ତେ ସେହି ପବିତ୍ର ପୟସ୍ୱିନୀ ନଦୀରେ ପ୍ରତ୍ୟହ ତିନିଥର (ପ୍ରାତଃ, ମଧ୍ୟାହ୍ନ, ସନ୍ଧ୍ୟା) ସ୍ନାନ କରୁଥାନ୍ତି ଏବଂ ମଙ୍ଗଳମୂର୍ତ୍ତି ଶ୍ରୀରାମଙ୍କୁ ଦଣ୍ଡବତ୍ ପ୍ରଣାମ କରି, ନେତ୍ର ପୂରାଇ ଦର୍ଶନ କରୁଥାନ୍ତି ॥ ୨ ॥

**ରାମ ସୈଲ ବନ ଦେଖନ ଜାହୀଁ । ଜହଁ ସୁଖ ସକଲ ସକଲ ଦୁଖ ନାହୀଁ ॥**
**ଝରନା ଝରହିଁ ସୁଧାସମ ବାରୀ । ତ୍ରିବିଧ ତାପହର ତ୍ରିବିଧ ବୟାରୀ ॥ ୩ ॥**

ସମସ୍ତେ ଶ୍ରୀରାମ ରହୁଥିବା ବନ ଓ ପର୍ବତ (କାମଦଗିରି) ଦେଖିବାକୁ ଯାଉଥାନ୍ତି, ଯେଉଁଠାରେ ରହିଥାଏ ସବୁକିଛି ସୁଖ ଏବଂ ନଥାଏ କୌଣସି ଦୁଃଖ । ଝରଣାମାନଙ୍କରୁ ଅମୃତସମାନ ବାରି ଝରୁଥାଏ ଏବଂ ସେଠାରେ ପ୍ରବାହିତ ହେଉଥାଏ ତ୍ରିବିଧ (ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ)ତାପହର ତ୍ରିବିଧ (ଶୀତଳ, ମନ୍ଦ ଓ ସୁଗନ୍ଧ) ବାୟୁ ॥ ୩ ॥

**ବିଟପ ବେଲି ତୃନ ଅଗନିତ ଜାତୀ । ଫଲ ପ୍ରସୂନ ପଲ୍ଲଓ୍ୱ ବହୁ ଭାଁତୀ ॥**
**ସୁଂଦର ସିଲା ସୁଖଦ ତରୁ ଛାହୀଁ । ଜାଇ ବରନି ବନ ଛବି କେହି ପାହୀଁ ॥ ୪ ॥**

ସେଠାରେ ଅସଂଖ୍ୟ ଜାତିର ବୃକ୍ଷ, ଲତା, ତୃଣ ତଥା ବିବିଧପ୍ରକାର ଫଳ, ଫୁଲ ଓ ପତ୍ର ଏବଂ ସୁନ୍ଦର ଶିଳାମାନ ଶୋଭା ପାଉଥାଏ । ବୃକ୍ଷମାନଙ୍କର ଛାୟା ହୋଇଥାଏ ଅତ୍ୟନ୍ତ ସୁଖଦାୟୀ । ସେହି ବନର ଶୋଭା କିଏ ବା ବର୍ଣ୍ଣନା କରିପାରିବ ! ॥ ୪ ॥

ଦୋ:- ସରନି ସରୋରୁହ ଜଲ ବିହଗ କୂଜତ ଗୁଂଜତ ଭୃଂଗ ।
ବୈର ବିଗତ ବିହରତ ବିପିନ ମୃଗ ବିହଂଗ ବହୁରଂଗ ॥ ୨୪୯ ॥

ସରୋବରମାନଙ୍କରେ ପ୍ରସ୍ଫୁଟିତ ହୋଇଥାଏ ପଦ୍ମ । ଜଳଚର ପକ୍ଷୀମାନେ କୂଜନ କରୁଥାନ୍ତି ମଧୁର ସ୍ୱରରେ । ଭ୍ରମରମାନେ ଅବିରତ ଗୁଞ୍ଜନ କରୁଥାନ୍ତି ଏବଂ ବିବିଧ ରଙ୍ଗର ପଶୁପକ୍ଷୀ ପରସ୍ପର ମଧ୍ୟରେ ଶତ୍ରୁଭାବ ଛାଡ଼ି ବନଭୂମିରେ ବିହାର କରୁଥାନ୍ତି ॥ ୨୪୯ ॥

କୋଲ କିରାତ ଭିଲ୍ଲ ବନବାସୀ । ମଧୁ ସୁଚି ସୁଂଦର ସ୍ୱାଦୁ ସୁଧା ସୀ ॥
ଭରି ଭରି ପରନ ପୁଟାଁ ରଚି ରୂରୀ । କଂଦ ମୂଲ ଫଲ ଅଂକୁର ଜୂରୀ ॥ ୧ ॥
ସବହି ଦେହିଁ କରି ବିନୟ ପ୍ରନାମା । କହି କହି ସ୍ୱାଦ ଭେଦ ଗୁନ ନାମା ॥
ଦେହିଁ ଲୋଗ ବହୁ ମୋଲ ନ ଲେହୀଁ । ଫେରତ ରାମ ଦୋହାଈ ଦେହୀଁ ॥ ୨ ॥

ବନବାସୀ କୋହ୍ଲ, ଶବର ଓ ଭୀଲମାନେ ପତ୍ରଠୋଲାମାନଙ୍କରେ ଶୁଦ୍ଧ, ସୁନ୍ଦର ଓ ଅମୃତସମାନ ସ୍ୱାଦିଷ୍ଟ ମଧୁ ଏବଂ ଝୁଡ଼ିମାନଙ୍କରେ ମଧୁର କନ୍ଦ, ମୂଳ, ଫଳ ଓ ଅଙ୍କୁର ଆଣି, ସମସ୍ତଙ୍କୁ ପ୍ରଣାମ କରି ବିନୟସହକାରେ ଯୋଗାଇଦେଉଥାନ୍ତି ଏବଂ ସେଥିରୁ କେଉଁଟିର ସ୍ୱାଦ କିପରି, କେଉଁଟି କଣ, କି ଜାତିର ପଦାର୍ଥ, ତାହା ବୁଝାଇଦେଉଥାନ୍ତି । ଲୋକେ ସେମାନଙ୍କୁ ପଦାର୍ଥଗୁଡ଼ିକର ଯଥେଷ୍ଟ ମୂଲ୍ୟ ଦେଉଥାନ୍ତି; କିନ୍ତୁ ସେମାନେ ପଇସା ନେଉ ନ ଥାନ୍ତି । ବିନା ପଇସାରେ ପଦାର୍ଥ ନେବେ ନାହିଁ କହି ଫେରାଇଦେଲେ, ସେମାନେ ରାମଙ୍କ ରାଣ ପକାଇ ପଦାର୍ଥ ରଖନ୍ତୁ ବୋଲି ଲୋକଙ୍କୁ ବାରମ୍ବାର ଅନୁରୋଧ କରୁଥାନ୍ତି ॥ ୧-୨ ॥

କହହିଁ ସନେହ ମଗନ ମୃଦୁ ବାନୀ । ମାନତ ସାଧୁ ପେମ ପହିଚାନୀ ॥
ତୁହ୍ମ ସୁକୃତୀ ହମ ନୀଚ ନିଷାଦା । ପାୱା ଦରସନୁ ରାମ ପ୍ରସାଦା ॥ ୩ ॥
ହମହି ଅଗମ ଅତି ଦରସୁ ତୁହ୍ମାରା । ଜସ ମରୁ ଧରନି ଦେୱଧୁନି ଧାରା ॥
ରାମ କୃପାଲ ନିଷାଦ ନେୱାଜା । ପରିଜନ ପ୍ରଜଉ ଚହିଅ ଜସ ରାଜା ॥ ୪ ॥

ସେମାନେ ପ୍ରେମମଗ୍ନ ହୋଇ କୋମଳଭାବରେ କହୁଥାନ୍ତି, ''ସାଧୁମାନେ ପ୍ରେମ ଚିହ୍ନି ତା'ର ସମ୍ମାନ କରନ୍ତି (ଅର୍ଥାତ୍ ଆପଣମାନେ ସାଧୁ; ଆମ ପ୍ରେମକୁ ଦେଖନ୍ତୁ; ଦାମ ଦେଇ ବା ବସ୍ତୁ ଫେରାଇଦେଇ ପ୍ରେମର ଅବମାନନା କରନ୍ତୁ ନାହିଁ ।) ଆପଣମାନେ ତ ପୁଣ୍ୟାତ୍ମା; ଆମେ ନୀଚ ନିଷାଦ । ଶ୍ରୀରାମଙ୍କ କୃପାରୁ ଆମେ ଆପଣମାନଙ୍କର ଦର୍ଶନ ପାଇଛୁ । ମରୁଭୂମିରେ ଗଙ୍ଗାର ଧାରା ଯେପରି ଦୁର୍ଲଭ, ଆମ ପକ୍ଷରେ ଆପଣମାନଙ୍କର ଦର୍ଶନ ସେହିପରି ଅତ୍ୟନ୍ତ ଦୁର୍ଲଭ । କୃପାଳୁ ଶ୍ରୀରାମ ନିଷାଦରାଜଙ୍କୁ କିପରି କୃପା କଲେ, ଦେଖିଲେ ତ ? ରାଜା ଯେପରି, ତାଙ୍କର ପ୍ରଜା ଓ ପରିବାର ମଧ୍ୟ ସେହିପରି ହେବା ଉଚିତ (ଆପଣମାନେ ମଧ୍ୟ ଆମ୍ଭମାନଙ୍କ ପ୍ରତି କୃପା କରନ୍ତୁ)॥ ୪ ॥

ଦୋ:- ୟହ ଜିୟଁ ଜାନି ସଁକୋଚୁ ତଜି କରିଅ ଛୋହୁ ଲଖି ନେହୁ ।
ହମହି କୃତାରଥ କରନ ଲଗି ଫଲ ତୃନ ଅଂକୁର ଲେହୁ ॥ ୨୫୦ ॥

ଏହା ହୃଦୟଙ୍ଗମ କରି ଓ ଆମର ଶ୍ରଦ୍ଧା ଦେଖି ଏତିକି କୃପା କରନ୍ତୁ—କେବଳ ଆମକୁ କୃତାର୍ଥ କରିଦେବା ଦୃଷ୍ଟିରୁହିଁ ସଙ୍କୋଚ ଛାଡ଼ି ଫଳ, ମୂଳ, ପତ୍ର ଓ ଅଙ୍କୁର ଗ୍ରହଣ କରନ୍ତୁ ॥ ୨୫୦ ॥

ତୁହ୍ମ ପ୍ରିୟ ପାହୁନେ ବନ ପଗୁ ଧାରେ । ସେୱା ଜୋଗୁ ନ ଭାଗ ହମାରେ ॥
ଦେବ କାହ ହମ ତୁହ୍ମହି ଗୋସାଁଈ । ଈଂଧନୁ ପାତ କିରାତ ମିତାଈ ॥ ୧ ॥

ଆପଣମାନେ ପ୍ରିୟ ଅତିଥିରୂପେ ବଣକୁ ଆସିଛନ୍ତି । ଆପଣମାନଙ୍କର ସେବା କରିବାକୁ ଆମର ଭାଗ୍ୟ ଭାଜନ ନୁହେଁ । ହେ ସ୍ୱାମୀ ! ଆମେ ଆପଣମାନଙ୍କୁ କ'ଣ ବା ଦେଇପାରିବୁ ! ଶବରର ବନ୍ଧୁତା ତ ଜାଳକାଠ ଓ ପତ୍ର ଯୋଗାଇଦେବାରେ ସୀମିତ ॥ ୧ ॥

**ୟହ ହମାରି ଅତି ବଡ଼ି ସେୱକାଈ । ଲେହିଁ ନ ବାସନ ବସନ ଚ୍ରୋଈ ॥**
**ହମ ଜଡ଼ ଜୀୱ ଜୀୱ ଗନ ଘାତୀ । କୁଟିଲ କୁଚ୍ଲୀ କୁମତି କୁଜାତୀ ॥ ୨ ॥**
**ପାପ କରତ ନିସି ବାସର ଜାହୀଁ । ନହିଁ ପଟ କଟି ନହିଁ ପେଟ ଅଘାହୀଁ ॥**
**ସପନେହୁଁ ଧରମବୁଦ୍ଧି କସ କାଉ । ୟହ ରଘୁନଂଦନ ଦରସ ପ୍ରଭାଉ ॥ ୩ ॥**
**ଜବ ତେଁ ପ୍ରଭୁ ପଦ ପଦୁମ ନିହାରେ । ମିଟେ ଦୁସହ ଦୁଖ ଦୋଷ ହମାରେ ॥**
**ବଚନ ସୁନତ ପୁରଜନ ଅନୁରାଗେ । ତିହ୍ନ କେ ଭାଗ ସରାହନ ଲାଗେ ॥ ୪ ॥**

ଆମେମାନେ ଯେ ଆପଣମାନଙ୍କର ଲୁଗାପଟା, ବାସନକୁସନ ଚ୍ରୋଇନେଉନାହୁଁ, ସେତିକି ଆମର ବଡ଼ ସେବା । ଆମେ, ଆଜ୍ଞା ! ଜଡ଼ଜୀବ; ଆମେ ହେଲୁ ଜୀବହିଂସାରେ ବୁଡ଼ିରହିଥିବା କୁଟିଳ, କୁଚକ୍ରୀ, କୁବୁଦ୍ଧି ଓ କୁଜାତି; ଆମର ଦିନରାତି ପାପ କରି କରି ବିତିଯାଉଛି । ଏତେ କରି ମଧ୍ୟ ଅଣ୍ଟାକୁ କନା ମିଳୁନି, କି ପେଟକୁ ଦାନା ମିଳୁନି । ଧର୍ମବୁଦ୍ଧି ଯେ କ'ଣ, ଆମେ ସ୍ୱପ୍ନରେ ମଧ୍ୟ ଜାଣି ନ ଥିଲୁ । ଏସବୁ ତ ଶ୍ରୀରଘୁନାଥଙ୍କ ଦର୍ଶନର ପ୍ରଭାବ; ଯେଉଁଦିନ ଆମେ ପ୍ରଭୁଙ୍କ ଚରଣକମଳ ଦର୍ଶନ କରିବାକୁ ପାଇଗଲୁ, ସେହିଦିନୁ ଆମ ଦୁଃଖ ଓ ଦୋଷ କଟିଗଲା ।'' ବନବାସୀମାନଙ୍କର କଥା ଶୁଣି ଅଯୋଧ୍ୟାର ଲୋକେ ପ୍ରେମମଗ୍ନ ହୋଇଗଲେ ଏବଂ ସେମାନଙ୍କର ଭାଗ୍ୟକୁ ପ୍ରଶଂସା କରିବାକୁ ଲାଗିଲେ ॥ ୪ ॥

ଛନ୍ଦ- **ଲାଗେ ସରାହନ ଭାଗ ସବ ଅନୁରାଗ ବଚନ ସୁନାୱହୀଁ ।**
**ବୋଲନି ମିଲନି ସିୟ ରାମ ଚରନ ସନେହୁ ଲଖି ସୁଖୁ ପାୱହୀଁ ॥**
**ନର ନାରି ନିଦରହିଁ ନେହୁ ନିଜ ସୁନି କୋଲ ଭିଲ୍ଲନି କୀ ଗିରା ।**
**ତୁଲସୀ କୃପା ରଘୁବଂସମନି କୀ ଲୋହ ଲୈ ଲୌକା ତିରା ॥**

ସମସ୍ତେ କୋହ୍ଲ-ଭୀଲମାନଙ୍କ ଭାଗ୍ୟକୁ ପ୍ରଶଂସା କରି ପ୍ରେମସିକ୍ତ ବଚନ କହିଲେ । ସେମାନଙ୍କ କଥା କହିବା ଓ ମିଳାମିଶା କରିବାର ରୀତି ଦେଖି ତଥା ସୀତାରାମଙ୍କ ଚରଣରେ ପ୍ରେମ ଦେଖି ଅଯୋଧ୍ୟାବାସୀ ଖୁସୀ ହୋଇଗଲେ । କୋହ୍ଲ-ଭୀଲଙ୍କ ସରଳ କଥା ଶୁଣି ଏମାନେ ସମସ୍ତେ ନିଜ ନିଜର ପ୍ରେମକୁ ଧିକ୍କାର କଲେ । ତୁଳସୀଦାସ କହୁଛନ୍ତି, ରଘୁବଂଶମଣି ଶ୍ରୀରାମଙ୍କର କେଡ଼େ କୃପା ଯେ, ଯେଉଁ ଲୁହା ପାଣିରେ ବୁଡ଼ିଯାଏ, ତାହା ଆଜି ନୌକାକୁ ନିଜ ବଳରେ ତାରିଦେଲା* ।

ସୋଃ- **ବିହରହିଁ ବନ ଚହୁ ଓର ପ୍ରତିଦିନ ପ୍ରମୁଦିତ ଲୋଗ ସବ ।**
**ଜଲ ଜ୍ୟୋଁ ଦାଦୁର ମୋର ଭଏ ପୀନ ପାୱସ ପ୍ରଥମ ॥ ୨୫୧ ॥**

---

* ଏଠାରେ 'ଲୌକା' ଶବ୍ଦକୁ ଲାଉତୁମ୍ୱା ଅର୍ଥରେ ମଧ୍ୟ ଗ୍ରହଣ କରାଯାଇପାରେ । ଅଯୋଧ୍ୟାବାସୀ ଲାଉତୁମ୍ୱା ଏବଂ କୋହ୍ଲଭୀଲମାନେ ଲୁହା ସହିତ ତୁଳନୀୟ । ଲାଉତୁମ୍ୱା ପାଣିରେ ଭାସେ ଓ ଲୁହା ବୁଡ଼ିଯାଏ । ରାମଭକ୍ତି କିପରି କରିବାକୁ ହେବ, ଅଯୋଧ୍ୟାବାସୀମାନେ ତାହା କୋହ୍ଲ-ଭୀଲଙ୍କୁ ଶିଖାଇବା କଥା; କିନ୍ତୁ ଉପସ୍ଥିତ କ୍ଷେତ୍ରରେ କୋହ୍ଲ-ଭୀଲଙ୍କ ରାମଭକ୍ତି ଏତେ ବଢ଼ିଯାଇଥିଲା ଯେ, ତାହା ଅଯୋଧ୍ୟାବାସୀଙ୍କ ନିମନ୍ତେ ଆଦର୍ଶ ହୋଇଗଲା । ଏପରିଭାବରେ ଲୁହାସଦୃଶ କୋହ୍ଲଭୀଲମାନେ ରାମଭକ୍ତି ହେତୁ ନିଜେ ତରିଯିବା ସହିତ ଲାଉତୁମ୍ୱାସଦୃଶ ଅଯୋଧ୍ୟାବାସୀଙ୍କୁ ବି ତାରିଦେଲେ ।

ପ୍ରଥମ ବର୍ଷାର ଜଳ ପାଇ ବେଙ୍ଗ ଓ ମୟୂରମାନେ ଯେପରି ଉତ୍‌ଫୁଲ୍ଲିତ ହୋଇଉଠନ୍ତି ଅଯୋଧ୍ୟାର ଲୋକେ ସେହିପରି ପ୍ରତିଦିନ ପରମ ଆନନ୍ଦରେ ବନର ଚତୁର୍ଦ୍ଦିଗ ବୁଲି ଦେଖିବାକୁ ଲାଗିଲେ ॥ ୨୫୧ ॥

**ପୁର ଜନ ନାରି ମଗନ ଅତି ପ୍ରୀତୀ । ବାସର ଜାହିଁ ପଲକ ସମ ବୀତୀ ॥**
**ସୀୟ ସାସୁ ପ୍ରତି ବେଷ ବନାଈ । ସାଦର କରଇ ସରିସ ସେୱକାଈ ॥ ୧ ॥**

ଅଯୋଧ୍ୟାର ନରନାରୀ ସମସ୍ତେ ପ୍ରେମରେ ମଗ୍ନ ଥାଆନ୍ତି । ସେମାନଙ୍କର ଦିନ ନିମିଷ ପରି ବିତିଯାଉଥାଏ । ଯେତେ ଶାଶୁ ଥିଲେ, ସୀତା ସେତିକି ରୂପ ଧରି ସେମାନଙ୍କୁ ଅତି ଆଦରସହକାରେ ଏକାପରି ସେବା କରୁଥାନ୍ତି ॥ ୧ ॥

**ଲଖା ନ ମରମୁ ରାମ ବିନୁ କାହୂଁ । ମାୟା ସବ ସିୟ ମାୟା ମାହୂଁ ॥**
**ସୀୟଁ ସାସୁ ସେୱା ବସ କୀହ୍ନୀଁ । ତିହ୍ନ ଲହି ସୁଖ ସିଖ ଆସିଷ ଦୀହ୍ନୀଁ ॥ ୨ ॥**

ଶ୍ରୀରାମଙ୍କ ବ୍ୟତୀତ ଅନ୍ୟ କେହି ଏହି ରହସ୍ୟ ଜାଣି ନ ଥାନ୍ତି । ସବୁ ମାୟା [ପରାଶକ୍ତି ମହାମାୟା] ତ ସୀତାଙ୍କ ମାୟାର ଅଧୀନ । ସୀତା ସବୁଶାଶୁଙ୍କୁ ସେବାରେ ବଶ କରିଦେଲେ । ସେମାନେ ସନ୍ତୁଷ୍ଟ ହୋଇ ତାଙ୍କୁ ଉପଦେଶ ଓ ଆଶୀର୍ବାଦ ଦେଲେ ॥ ୨ ॥

**ଲଖି ସିୟ ସହିତ ସରଲ ଦୋଉ ଭାଈ । କୁଟିଲ ରାନି ପଛିତାନି ଅଘାଈ ॥**
**ଅୱନି ଜମହି ଜାଚତି କୈକେଈ । ମହି ନ ବୀଚୁ ବିଧି ମୀଚୁ ନ ଦେଈ ॥ ୩ ॥**

ସୀତାଙ୍କ ସମେତ ରାମଲକ୍ଷ୍ମଣ ଦୁଇଭାଇଙ୍କର ସରଳ ସ୍ୱଭାବ ଦେଖି କୁଟିଳା ରାଣୀ କୈକେୟୀ ଅତ୍ୟନ୍ତ ଅନୁତାପ କଲେ । ସେ ଧରଣୀକୁ ପ୍ରାର୍ଥନା କଲେ, ଯମଙ୍କୁ ବି ପ୍ରାର୍ଥନା କଲେ; କିନ୍ତୁ ଧରଣୀ ଫାଟିଲା ନାହିଁ (ରସାତଳକୁ ପଳାଇଯିବାକୁ ବାଟ ଦେଲା ନାହିଁ), କି ଯମ ମରଣ ଦେଲେ ନାହିଁ ॥ ୩ ॥

**ଲୋକହୁଁ ବେଦ ବିଦିତ କବି କହହୀଁ । ରାମ ବିମୁଖ ଥଲୁ ନରକ ନ ଲହହୀଁ ॥**
**ୟହୁ ସଂସଉ ସବ କେ ମନ ମାହୀଁ । ରାମ ଗୱନୁ ବିଧି ଅୱଧ କି ନାହୀଁ ॥ ୪ ॥**

ଏ କଥା ଲୋକରେ ତଥା ବେଦରେ ପ୍ରସିଦ୍ଧ, ପୁଣି କବି(ଜ୍ଞାନୀ)ମାନେ ବି କହନ୍ତି ଯେ, ଶ୍ରୀରାମଙ୍କ ପ୍ରତି ବିମୁଖ ବ୍ୟକ୍ତିକୁ ନରକରେ ବି ସ୍ଥାନ ମିଳେନାହିଁ । ଏଣେ ସମସ୍ତଙ୍କ ମନରେ ସଂଶୟାତ୍ମକ ପ୍ରଶ୍ନ ଉଠୁଥାଏ, "ହେ ବିଧାତା ! ଶ୍ରୀରାମ ଅଯୋଧ୍ୟା ଯିବେ, ନା ନାହିଁ ?" ॥ ୪ ॥

ଦୋଃ- **ନିସି ନ ନୀଦ ନହିଁ ଭୂଖ ଦିନ ଭରତୁ ବିକଲ ସୁଚି ସୋଚ ।**
**ନୀଚ କୀଚ ବିଚ ମଗନ ଜସ ମୀନହି ସଲିଲ ସଁକୋଚ ॥ ୨୫୨ ॥**

ଭରତଙ୍କୁ ରାତିରେ ନିଦ ହେଉ ନ ଥାଏ, କି ଦିନରେ ଭୋକ ହେଉ ନ ଥାଏ । ପାଣି ଶୁଖିଆସିଲେ ପଙ୍କରେ ପୋତିହୋଇ ରହିଥିବା ମାଛ ଯେପରି ବ୍ୟାକୁଳ ହେଉଥାଏ, ଭରତ ସେହିପରି ଏହି ପବିତ୍ର ଚିନ୍ତାରେ ବ୍ୟାକୁଳ ହେଉଥାନ୍ତି ॥ ୨୫୨ ॥

**କୀହ୍ନି ମାତୁ ମିସ କାଲ କୁଚାଲୀ । ଈତି ଭୀତି ଜସ ପାକତ ସାଲୀ ॥**
**କେହି ବିଧି ହୋଇ ରାମ ଅଭିଷେକୂ । ମୋହି ଅୱକଲତ ଉପାଉ ନ ଏକୂ ॥ ୧ ॥**

ଭରତ ଚିନ୍ତାରେ ବୁଡ଼ିଯାଇ ଭାବୁଥାନ୍ତି, "ଧାନ ପାଚି ଆସିଲାବେଳକୁ 'ଈତି' (ଶସ୍ୟବିଘ୍ନ) ଭୟ ମାଡ଼ି ଆସିଲାପରି ମାଆରୂପରେ କାଳହିଁ ଏତକ କୁଚକ୍ର ରଚିଛି । ଏବେ ଶ୍ରୀରାମଙ୍କ ରାଜ୍ୟାଭିଷେକ ଯେ କିପରି ହେବ, ମୋତେ ତା'ର କୌଣସି ଉପାୟ ଦେଖାଯାଉନାହିଁ ॥ ୧ ॥

**ଅୱସି ଫିରହିଁ ଗୁର ଆୟସୁ ମାନୀ । ମୁନି ପুନି କହବ ରାମ ରୁଚି ଜାନୀ ॥**
**ମାତୁ କହେହୁଁ ବହୁରହିଁ ରଘୁରାଉ । ରାମ ଜନନି ହଠ କରବି କି କାଉ ॥ ୨ ॥**

ଗୁରୁଙ୍କ ଆଜ୍ଞା ହେଲେ ରାମ ନିଶ୍ଚୟ ତାଙ୍କ କଥା ମାନି ଅଯୋଧ୍ୟା ଫେରିବେ । କିନ୍ତୁ ମୁନି ତ ଶ୍ରୀରାମଙ୍କ ରୁଚି ଦେଖି କଥା କହିବେ (ଶ୍ରୀରାମଙ୍କର ଅଯୋଧ୍ୟା ଫେରିବାରେ ଇଚ୍ଛା ନ ଥିବା ଦେଖିଲେ, ଯିବା କଥା କହିବେ ନାହିଁ) । ମାତା କୌଶଲ୍ୟା କହିଲେ ବି ଶ୍ରୀରାମ ଫେରିପାରନ୍ତି, କିନ୍ତୁ ଶ୍ରୀରାମଙ୍କ ପରି ପୁଅକୁ ଜନ୍ମ ଦେଇଥିବା ମାଆ କ'ଣ କେବେ ହଟ କରି କିଛି କହିବେ ! ॥ ୨ ॥

**ମୋହି ଅନୁଚର କର କେତିକ ବାତା । ତେହି ମହଁ କୁସମଉ ବାମ ବିଧାତା ॥**
**ଜୌଁ ହଠ କରଉଁ ତ ନିପଟ କୁକରମୂ । ହରଗିରି ତେଁ ଗୁରୁ ସେୱକ ଧରମୂ ॥ ୩ ॥**

ମୋପରି ସେବକ ବା କେତେ ! ସେଥିରେ ପୁଣି ମୋର ଖରାପ ସମୟ ପଡ଼ିଛି; ବିଧାତା ବି ପ୍ରତିକୂଳ । ମୁଁ ହଟ କରିବାଟା ଘୋର ଅଧର୍ମ ହେବ । ସେବକର ଧର୍ମ ତ କୈଳାସ ପର୍ବତଠାରୁ ବି ଅଧିକ ଭାରୀ (ଅର୍ଥାତ୍ ସେବକର ଧର୍ମ ପାଳନ କରିବା ପ୍ରକୃତରେ କଠିନ) ।'' ॥ ୩ ॥

**ଏକଉ ଜୁଗୁତି ନ ମନ ଠହରାନୀ । ସୋଚତ ଭରତହି ରୈନି ବିହାନୀ ॥**
**ପ୍ରାତ ନହାଇ ପ୍ରଭୁହି ସିର ନାଈ । ବୈଠତ ପଠଏ ରିଷୟଁ ବୋଲାଈ ॥ ୪ ॥**

କୌଣସି ଗୋଟିଏ ଉପାୟ ମଧ୍ୟ ଭରତଙ୍କ ମନକୁ ପାଇଲା ନାହିଁ; ଚିନ୍ତା କରି କରି ରାତି ପାହିଗଲା । ସେ ପ୍ରାତଃସ୍ନାନ ସାରି, ପ୍ରଭୁ ଶ୍ରୀରାମଙ୍କୁ ପ୍ରଣାମ କରିସାରି ବସିଛନ୍ତି, ଏତିକିବେଳେ ଋଷି ବଶିଷ୍ଠ ତାଙ୍କୁ ଡକାଇପଠାଇଲେ ॥ ୪ ॥

ଦୋଃ- **ଗୁର ପଦ କମଲ ପ୍ରନାମୁ କରି ବୈଠେ ଆୟସୁ ପାଇ ।**
**ବିପ୍ର ମହାଜନ ସଚିୱ ସବ ଜୁରେ ସଭାସଦ ଆଇ ॥ ୨୫୩ ॥**

ଭରତ ଯାଇ ଗୁରୁଙ୍କ ଚରଣକମଳରେ ପ୍ରଣାମ କଲେ ଓ ଆଜ୍ଞା ପାଇ ବସିଲେ । ସେହି ସମୟରେ ବ୍ରାହ୍ମଣ, ମହାଜନ, ମନ୍ତ୍ରୀ ପ୍ରଭୃତି ସମସ୍ତ ସଭାସଦ୍ ଆସି ସେଠାରେ ପହଞ୍ଚିଗଲେ ॥ ୨୫୩ ॥

**ବୋଲେ ମୁନିବରୁ ସମୟ ସମାନା । ସୁନହୁ ସଭାସଦ ଭରତ ସୁଜାନା ॥**
**ଧରମ ଧୁରୀନ ଭାନୁକୁଲ ଭାନୂ । ରାଜା ରାମୁ ସ୍ୱବସ ଭଗୱାନୂ ॥ ୧ ॥**

ମୁନିଶ୍ରେଷ୍ଠ ବଶିଷ୍ଠ ସେମାନଙ୍କୁ ବସାଇ ସମୟୋଚିତ ବଚନ କହିଲେ, ''ହେ ସଭାସଦ୍‌ଗଣ ! ହେ ବୁଦ୍ଧିମାନ୍ ଭରତ ! ଶୁଣ । ଶ୍ରୀରାମ ହେଉଛନ୍ତି ସୂର୍ଯ୍ୟବଂଶର ସୂର୍ଯ୍ୟ, ମହାରାଜ, ଧର୍ମଧୁରନ୍ଧର, ସ୍ୱତନ୍ତ୍ର ଏବଂ ଭଗବାନ୍ ॥ ୧ ॥

**ସତ୍ୟସଂଧ ପାଲକ ଶ୍ରୁତି ସେତୂ । ରାମ ଜନମୁ ଜଗ ମଂଗଲ ହେତୂ ॥**
**ଗୁର ପିତୁ ମାତୁ ବଚନ ଅନୁସାରୀ । ଖଲ ଦଲୁ ଦଲନ ଦେୱ ହିତକାରୀ ॥ ୨ ॥**

ସେ ସତ୍ୟପ୍ରତିଜ୍ଞ ଏବଂ ବେଦମର୍ଯ୍ୟାଦାର ରକ୍ଷକ । ଜଗତର କଲ୍ୟାଣ ନିମନ୍ତେ ଶ୍ରୀରାମଙ୍କର ଅବତାର ହୋଇଛି । ସେ ଗୁରୁ, ପିତା ଓ ମାତାଙ୍କ ବଚନ ଅନୁସାରେ ଚଳନ୍ତି । ସେ ହେଉଛନ୍ତି ଦୁଷ୍ଟଦଳନକାରୀ ଓ ଦେବତାମାନଙ୍କର ହିତକାରୀ ॥ ୨ ॥

**ନୀତି ପ୍ରୀତି ପରମାରଥ ସ୍ୱାରଥୁ । କୋଉ ନ ରାମ ସମ ଜାନ ଜଥାରଥୁ ॥**
**ବିଧି ହରି ହରୁ ସସି ରବି ଦିସିପାଲା । ମାୟା ଜୀୱ କରମ କୁଲି କାଲା ॥ ୩ ॥**

**ଅହିପ ମହିପ ଜହଁ ଲଗି ପ୍ରଭୁତାଈ । ଜୋଗ ସିଦ୍ଧି ନିଗମାଗମ ଗାଈ ॥**
**କରି ବିଚ୍ରର ଜିୟଁ ଦେଖହୁ ନୀକେଁ । ରାମ ରଜାଇ ସୀସ ସବହୀ କେଁ ॥ ୪ ॥**

ନୀତି, ପ୍ରେମ, ପରମାର୍ଥ ଓ ସ୍ୱାର୍ଥକୁ ଶ୍ରୀରାମ ଯେପରି ଯଥାର୍ଥଭାବରେ (ତତ୍ତ୍ୱତଃ) ଜାଣନ୍ତି, ଅନ୍ୟ କେହି ସେପରି ଜାଣନ୍ତି ନାହିଁ । ବ୍ରହ୍ମା, ବିଷ୍ଣୁ, ଶିବ, ଚନ୍ଦ୍ର, ସୂର୍ଯ୍ୟ, ଦିଗପାଳ, ମାୟା, ଜୀବ, କର୍ମ, କାଳ ତଥା ଶେଷଦେବ ଏବଂ ପୃଥିବୀ ଓ ପାତାଳର ଅନ୍ୟାନ୍ୟ ଯେତେସବୁ ରାଜାଦି ପ୍ରଭୁତ୍ୱଧାରୀ ଅଛନ୍ତି ଏବଂ ବେଦ ଓ ଶାସ୍ତ୍ରମାନଙ୍କରେ ଯେଉଁଯୋଗ ସିଦ୍ଧିମାନଙ୍କର କଥା କୁହାଯାଇଛି, ଆପଣମାନେ ସମସ୍ତେ ଭଲଭାବରେ ବିଚ୍ରର କରି ଦେଖନ୍ତୁ ଯେ, ଶ୍ରୀରାମଙ୍କର ଆଜ୍ଞା ହେଉଛି ସେହି ସମସ୍ତଙ୍କର ଶିରୋଧାର୍ଯ୍ୟ (ଅର୍ଥାତ୍ ଏକମାତ୍ର ଶ୍ରୀରାମହିଁ ହେଉଛନ୍ତି ସମସ୍ତଙ୍କର ମହେଶ୍ୱର) ॥ ୩-୪ ॥

ଦୋଃ- **ରାଖେଁ ରାମ ରଜାଇ ରୁଖ ହମ ସବ କର ହିତ ହୋଇ ।**
**ସମୁଝି ସୟାନେ କରହୁ ଅବ ସବ ମିଲି ସଂମତ ସୋଇ ॥ ୨୫୪ ॥**

ଅତଏବ ଶ୍ରୀରାମଙ୍କ ଆଜ୍ଞା ଓ ଅଭିଳାଷ ରକ୍ଷା କଲେହିଁ ଆମ ସମସ୍ତଙ୍କର ମଙ୍ଗଳ ହେବ । ଆପଣମାନେ ତ ବୁଦ୍ଧିମାନ୍; [ଏହି ତତ୍ତ୍ୱ ଓ ରହସ୍ୟ ବୁଝି,] ସମସ୍ତଙ୍କର ସମ୍ମତି ନେଇ ଯାହା କରିବା କଥା, ଆପଣମାନେ ତାହା ସ୍ଥିର କରନ୍ତୁ, ॥ ୨୫୪ ॥

**ସବ କହୁଁ ସୁଖଦ ରାମ ଅଭିଷେକୂ । ମଂଗଲ ମୋଦ ମୂଲ ମଗ ଏକୂ ॥**
**କେହି ବିଧି ଅୱଧ ଚଲହିଁ ରଘୁରାଉ । କହହୁ ସମୁଝି ସୋଇ କରିଅ ଉପାଉ ॥ ୧ ॥**

ଶ୍ରୀରାମଙ୍କ ରାଜ୍ୟାଭିଷେକ ସମସ୍ତଙ୍କ ନିମନ୍ତେ ସୁଖଦାୟକ । ସେହି ଗୋଟିଏ ମାର୍ଗହିଁ ମଙ୍ଗଳ ଓ ଆନନ୍ଦର ମୂଳ । ବର୍ତ୍ତମାନ ଶ୍ରୀରଘୁନାଥ କିପରି ଅଯୋଧ୍ୟା ଯିବେ, ତାହା ବିଚ୍ରର କରି କହନ୍ତୁ; ସେହି ଉପାୟ କରାଯିବ ।'' ॥ ୧ ॥

**ସବ ସାଦର ସୁନି ମୁନିବର ବାନୀ । ନୟ ପରମାରଥ ସ୍ୱାରଥ ସାନୀ ॥**
**ଉତରୁ ନ ଆୱ ଲୋଗ ଭଏ ଭୋରେ । ତବ ସିରୁ ନାଇ ଭରତ କର ଜୋରେ ॥ ୨ ॥**

ମୁନିବର ବଶିଷ୍ଠଙ୍କର ନୀତି, ପରମାର୍ଥ ଓ ସ୍ୱାର୍ଥ (ଲୌକିକ ହିତ)ସନ୍ନିହିତ ବାଣୀ ସମସ୍ତେ ଆଦରସହକାରେ ଶୁଣିଲେ; କିନ୍ତୁ କାହା ମୁହଁରୁ ପଦେ ହେଲେ ଉତ୍ତର ବାହାରିଲା ନାହିଁ । ସମସ୍ତେ ବିଚ୍ରରଶକ୍ତି-ରହିତ ହୋଇଗଲେ । ଶେଷରେ ଭରତ ନତମସ୍ତକ ହୋଇ, କର ଯୋଡ଼ି କହିଲେ, ॥ ୨ ॥

**ଭାନୁବଂସ ଭଏ ଭୂପ ଘନେରେ । ଅଧିକ ଏକ ତେଁ ଏକ ବଡ଼େରେ ॥**
**ଜନମ ହେତୁ ସବ କହଁ ପିତୁ ମାତା । କରମ ସୁଭାସୁଭ ଦେଇ ବିଧାତା ॥ ୩ ॥**

''ସୂର୍ଯ୍ୟବଂଶରେ ଏକୁ ବଳି ଆରେକ ବହୁ ବିଶିଷ୍ଟ ରାଜା ରାଜତ୍ୱ କରିଯାଇଛନ୍ତି । ସେହି ସମସ୍ତଙ୍କ ଜନ୍ମର କାରଣ ହେଉଛନ୍ତି ସେମାନଙ୍କର ପିତାମାତା; କିନ୍ତୁ ଶୁଭାଶୁଭ କର୍ମର ଫଳ ପ୍ରଦାନ କରନ୍ତି ବିଧାତା ॥ ୩ ॥

**ଦଲି ଦୁଖ ସଜଇ ସକଲ କଲ୍ୟାନା । ଅସ ଅସୀସ ରାଉରି ଜଗୁ ଜାନା ॥**
**ସୋ ଗୋସାଇଁ ବିଧି ଗତି ଜେହିଁ ଛେଁକୀ । ସକଇ କୋ ଟାରି ଟେକ ଜୋ ଟେକୀ ॥ ୪ ॥**

ଏହା ଜଗତ୍-ବିଖ୍ୟାତ ଯେ, ଆପଣଙ୍କ ଆଶୀର୍ବାଦହିଁ ସମସ୍ତ ଦୁଃଖ ବିନାଶ କରି ସବୁକିଛି ମଙ୍ଗଳମୟ କରିଦିଏ । ହେ ସ୍ୱାମୀ ! ଆପଣ ହେଉଛନ୍ତି ସେହି ପୁରୁଷ, ଯେ କି ବିଧାତାର ଗତି (ବିଧାନ)କୁ ରୋଧ କରିଦେଇଥିଲେ । ତେଣୁ ଆପଣ ଯାହା ସ୍ଥିର କରିବେ, ତାହା କିଏ ଅମାନ୍ୟ କରିବ? ॥ ୪ ॥

ଦୋ:- **ବୂଝିଅ ମୋହି ଉପାଉ ଅବ ସୋ ସବ ମୋର ଅଭାଗୁ ।**
**ସୁନି ସନେହମୟ ବଚନ ଗୁର ଉର ଉମଗା ଅନୁରାଗୁ ॥ ୨୫୫ ॥**

ଏପରି ଅବସ୍ଥାରେ ଆପଣ ମୋତେ ଉପାୟ ପଚ୍ଚରିବାଟା ମୋର ଦୁର୍ଭାଗ୍ୟ ବୋଲି ବୁଝିବାକୁ ହେବ ।'' ଭରତଙ୍କର ଏହି ବିନୟପୂର୍ଣ୍ଣ ବକ୍ତବ୍ୟ ଶୁଣି ଗୁରୁଦେବଙ୍କ ହୃଦୟ ଅନୁରାଗରେ ଉଛୁଳିପଡ଼ିଲା ॥ ୨୫୫ ॥

**ତାତ ବାତ ଫୁରି ରାମ କୃପାହୀଁ । ରାମ ବିମୁଖ ସିଧି ସପନେହୁଁ ନାହୀଁ ॥**
**ସକୁଚଉଁ ତାତ କହତ ଏକ ବାତା । ଅରଧ ତଜହିଁ ବୁଧ ସରବସ ଜାତା ॥ ୧ ॥**

ସେ କହିଲେ, ''ହେ ବତ୍ସ ! ତୁମେ ଯାହା କହିଲ, ସତ; କିନ୍ତୁ ତାହା ଶ୍ରୀରାମଙ୍କ କୃପାରୁହିଁ ସମ୍ଭବ ହୋଇଛି । ଯେ ରାମବିମୁଖ, ତାକୁ ସ୍ୱପ୍ନରେ ସୁଦ୍ଧା ସିଦ୍ଧି ମିଳେ ନାହିଁ । ହେ ବାବୁ ! ମୁଁ ଗୋଟିଏ କଥା କହିବାକୁ କୁଣ୍ଠାବୋଧ କରୁଛି । ସର୍ବସ୍ୱ ଚ୍ଚାଲିଯାଉଥିବା ଦେଖିଲେ, ବୁଦ୍ଧିମାନ୍ ଲୋକେ ଅନ୍ତତଃ ଅଧେ ରକ୍ଷା କରିବାପାଇଁ ଅନ୍ୟ ଅଧାକ ଛାଡ଼ିଦିଅନ୍ତି ॥ ୧ ॥

**ତୁମ୍ହ କାନନ ଗୱନହୁ ଦୋଉ ଭାଈ । ଫେରିଅହିଁ ଲଖନ ସୀୟ ରଘୁରାଈ ॥**
**ସୁନି ସୁବଚନ ହରଷେ ଦୋଉ ଭ୍ରାତା । ଭେ ପ୍ରମୋଦ ପରିପୂରନ ଗାତା ॥ ୨ ॥**

ଅତଏବ ତୁମେ ଦୁଇଭାଇ (ଭରତ-ଶତ୍ରୁଘ୍ନ) ବନବାସରେ ଚ୍ଚାଲିଯାଅ ଏବଂ ଲକ୍ଷ୍ମଣ, ସୀତା ଓ ଶ୍ରୀରାମ ଅଯୋଧ୍ୟା ଫେରିଯାଆନ୍ତୁ ।'' ଏହି ସୁନ୍ଦର ପ୍ରସ୍ତାବ ଶୁଣି ଦୁଇଭାଇ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । ସେମାନଙ୍କର ସର୍ବାଙ୍ଗ ପରମାନନ୍ଦରେ ପୂର୍ଣ୍ଣ ହୋଇଗଲା ॥ ୨ ॥

**ମନ ପ୍ରସନ୍ନ ତନ ତେଜୁ ବିରାଜା । ଜନୁ ଜିୟ ରାଉ ରାମୁ ଭଏ ରାଜା ॥**
**ବହୁତ ଲାଭ ଲୋଗହ୍ନ ଲଘୁ ହାନୀ । ସମ ଦୁଖ ସୁଖ ସବ ରୋୱହିଁ ରାନୀ ॥ ୩ ॥**

ଦୁଇଭାଇଙ୍କ ମନ ପ୍ରସନ୍ନ ହୋଇଗଲା । ଶରୀରରେ ତେଜ ପ୍ରକାଶିତ ହେଲା । ତାହା ଦେଖି ମନେହେଲା, ସତେ ଅବା ରାଜା ଦଶରଥ ବଞ୍ଚିଉଠିଲେ ଏବଂ ଶ୍ରୀରାମ ରାଜା ହୋଇଗଲେ ! ଅନ୍ୟମାନଙ୍କୁ ତ ଏଥିରେ ଲାଭ ଅଧିକ ଓ କ୍ଷତି କମ୍ ଦେଖାଗଲା; କିନ୍ତୁ ରାଣୀମାନଙ୍କର ଦୁଃଖ-ସୁଖ ପୂର୍ବବତ୍ ସମାନ ହୋଇ ରହିଗଲା । [ରାମଲକ୍ଷ୍ମଣ ବନରେ ରହନ୍ତୁ, କି ଭରତଶତ୍ରୁଘ୍ନ ବନରେ ରହନ୍ତୁ, ଦୁଇଟି ପୁତ୍ରର ବିଚ୍ଛେଦ ତ ରହିଯିବ—ଏପରି ଭାବି] ସେମାନେ କାନ୍ଦିବା ଆରମ୍ଭ କରିଦେଲେ ॥ ୩ ॥

**କହହିଁ ଭରତୁ ମୁନି କହା ସୋ କୀହ୍ନେ । ଫଲୁ ଜଗ ଜୀୱହ୍ନ ଅଭିମତ ଦୀହ୍ନେ ॥**
**କାନନ କରଉଁ ଜନମ ଭରି ବାସୂ । ଏହି ତେଁ ଅଧିକ ନ ମୋର ସୁପାସୂ ॥ ୪ ॥**

ଭରତ କହିଲେ, ''ମୁନି ଯାହା କହିଲେ, ତାହା କଲେ ଜଗତର ଜୀବଗଣଙ୍କୁ ସେମାନଙ୍କର ଇଚ୍ଛିତ ବସ୍ତୁ ପ୍ରଦାନ କରିବାର ଫଳ ମୋତେ ମିଳିଯିବ । [କେବଳ ଚଉଦବର୍ଷ କାହିଁକି,] ମୁଁ ଜୀବନସାରା ବନରେ ବାସ କରିବି । ମୋ ପାଇଁ ଏହାଠାରୁ ଅଧିକ ସୁଖ ବୋଲି କିଛି ନାହିଁ ॥ ୪ ॥

ଦୋ:- **ଅଂତରଜାମୀ ରାମୁ ସିୟ ତୁମ୍ହ ସରବଗ୍ୟ ସୁଜାନ ।**
**ଜୌଁ ଫୁର କହହୁ ତ ନାଥ ନିଜ କୀଜିଅ ବଚନୁ ପ୍ରୱାନ ॥ ୨୫୬ ॥**

ଶ୍ରୀରାମ ଓ ସୀତା ହେଉଛନ୍ତି ଅନ୍ତର୍ଯାମୀ; ସେମାନେ ଅନ୍ତରର କଥା ଜାଣନ୍ତି । ପୁଣି ଆପଣ ତ ସର୍ବଜ୍ଞ ତଥା ଜ୍ଞାନୀ । ଯଦି ଆପଣ ଏହା ସତରେ କହୁଥାନ୍ତି, ତେବେ ହେ ନାଥ ! ଆପଣ ନିଜ ବଚନକୁ ପ୍ରମାଣିତ କରି ସୁଦୃଢ଼ କରିଦିଅନ୍ତୁ (ଅର୍ଥାତ୍ ତଦନୁଯାୟୀ ବ୍ୟବସ୍ଥା କରନ୍ତୁ ।)'' ॥ ୨୫୬ ॥

**ଭରତ ବଚନ ସୁନି ଦେଖି ସନେହୂ । ସଭା ସହିତ ମୁନି ଭଏ ବିଦେହୂ ॥**
**ଭରତ ମହା ମହିମା ଜଲରାସୀ । ମୁନି ମତି ଠାଢ଼ି ତୀର ଅବଲା ସୀ ॥ ୧ ॥**

ଭରତଙ୍କ ବଚନ ଶୁଣି ଏବଂ ତାଙ୍କ ପ୍ରେମ ଦେଖି ସମଗ୍ର ସଭା ତଥା ମୁନି ବଶିଷ୍ଠ ବିଦେହ ହୋଇଗଲେ (କାହାରି ଦେହଜ୍ଞାନ ରହିଲା ନାହିଁ) । ଭରତଙ୍କର ମହିମା ଥିଲା ଅଗାଧ ସମୁଦ୍ର ପରି ଏବଂ ମୁନିଙ୍କ ବୁଦ୍ଧି ଥିଲା ସେହି ସମୁଦ୍ରତଟରେ ଠିଆ ହୋଇଥିବା ଜଣେ ଅବଳା ପରି ॥ ୧ ॥

**ଗା ଚହ ପାର ଜତନୁ ହିୟଁ ହେରା । ପାଓ୍ୱତି ନାଓ୍ୱ ନ ବୋହିତୁ ବେରା ॥**
**ଔରୁ କରିହି କୋ ଭରତ ବଡ଼ାଈ । ସରସୀ ସୀପି କି ସିଂଧୁ ସମାଈ ॥ ୨ ॥**

ସେହି ଅବଳା ସମୁଦ୍ରର ଆରପାରିକୁ ଯିବାକୁ ଚାହୁଁଥିଲା; ଏଥିପାଇଁ ସେ ମନେ ମନେ ଉପାୟ ବି ଖୋଜୁଥିଲା । କିନ୍ତୁ ଆରପାରିକୁ ଯିବାପାଇଁ ସେ ନୌକା, ବୋଇତ କିମ୍ବା ଭେଲା–କିଛି ବି ପାଇଲା ନାହିଁ । ଭରତଙ୍କ ମହିମାକୁ ଆଉ କିଏ ବଖାଣିପାରିବ ? ଗଡ଼ିଆର ଶାମୁକା ଭିତରେ କ'ଣ କେବେ ସମୁଦ୍ରଟା ରହିପାରିବ ? ॥ ୨ ॥

**ଭରତୁ ମୁନିହି ମନ ଭୀତର ଭାଏ । ସହିତ ସମାଜ ରାମ ପହିଁ ଆଏ ॥**
**ପ୍ରଭୁ ପ୍ରନାମୁ କରି ଦୀହ୍ନ ସୁଆସନୁ । ବୈଠେ ସବ ସୁନି ମୁନି ଅନୁସାସନୁ ॥ ୩ ॥**

ବଶିଷ୍ଠଙ୍କ ଅନ୍ତରାତ୍ମାକୁ ଭରତଙ୍କ ସ୍ୱଭାବ ଅତ୍ୟନ୍ତ ଭଲ ଲାଗିଲା; ସେ ସମସ୍ତଙ୍କୁ ସଙ୍ଗରେ ଧରି ଶ୍ରୀରାମଙ୍କ ନିକଟକୁ ଆସିଲେ । ପ୍ରଭୁ ଶ୍ରୀରାମ ତାଙ୍କୁ ପ୍ରଣାମ କଲେ ଓ ବସିବାକୁ ଉତ୍ତମ ଆସନ ଦେଲେ । ବଶିଷ୍ଠଙ୍କ ଆଜ୍ଞା ପାଇ ସମସ୍ତେ ବସିଲେ ॥ ୩ ॥

**ବୋଲେ ମୁନିବରୁ ବଚନ ବିଚାରୀ । ଦେସ କାଲ ଅଓ୍ୱସର ଅନୁହାରୀ ॥**
**ସୁନହୁ ରାମ ସରବଗ୍ୟ ସୁଜାନା । ଧରମ ନୀତି ଗୁନ ଗ୍ୟାନ ନିଧାନା ॥ ୪ ॥**

ମୁନିବର ଦେଶ, କାଳ ଓ ଅବସ୍ଥା ଅନୁରୂପ ବିଚାର କରି କହିଲେ, "ହେ ସର୍ବଜ୍ଞ ! ହେ ସୁବିଜ୍ଞ ! ହେ ଧର୍ମ, ନୀତି, ଗୁଣ ଓ ଜ୍ଞାନର ଭଣ୍ଡାର ରାମ ! ଶୁଣନ୍ତୁ, ॥ ୪ ॥

ଦୋ:- **ସବ କେ ଉର ଅଂତର ବସହୁ ଜାନହୁ ଭାଉ କୁଭାଉ ।**
**ପୁରଜନ ଜନନୀ ଭରତ ହିତ ହୋଇ ସୋ କହିଅ ଉପାଉ ॥ ୨୫୭ ॥**

ଆପଣ ସମସ୍ତଙ୍କ ହୃଦୟରେ ନିବାସ କରନ୍ତି ଏବଂ ସମସ୍ତଙ୍କ ଭଲମନ୍ଦ ଭାବ ଜାଣନ୍ତି । ତେଣୁ ଯାହା କଲେ ପୁରବାସୀମାନଙ୍କର, ମାଆମାନଙ୍କର ଏବଂ ଭରତଙ୍କର ହିତ ହେବ, ସେହି ଉପାୟ କହନ୍ତୁ ॥ ୨୫୭ ॥

**ଆରତ କହହିଁ ବିଚାରି ନ କାଉ । ସୂଝ ଜୁଆରିହି ଆପନ ଦାଉ ॥**
**ସୁନି ମୁନି ବଚନ କହତ ରଘୁରାଉ । ନାଥ ତୁହ୍ମାରେହି ହାଥ ଉପାଉ ॥ ୧ ॥**

ଆର୍ତ୍ତ(ଦୁଃଖୀ)ମାନେ କେବେ ବିଚାର କରି କହନ୍ତି ନାହିଁ । ଜୁଆଡ଼ିକୁ କେବଳ ତା ନିଜ ବାଜିଟାହିଁ ଦିଶେ ।" ଏହା ଶୁଣି ଶ୍ରୀରଘୁନାଥ କହିଲେ, "ହେ ନାଥ ! ଉପାୟ ତ ଆପଣଙ୍କ ହାତରେ ॥ ୧ ॥

**ସବ କର ହିତ ରୁଖ ରାଉରି ରାଖେଁ । ଆୟସୁ କିଏଁ ମୁଦିତ ଫୁର ଭାଷେଁ ॥**
**ପ୍ରଥମ ଜୋ ଆୟସୁ ମୋ କହୁଁ ହୋଈ । ମାଥେଁ ମାନି କରୌଁ ସିଖ ସୋଈ ॥ ୨ ॥**

ଆପଣଙ୍କ ଅଭିପ୍ରାୟ ରକ୍ଷା କରିବାରେ ଏବଂ ଆପଣଙ୍କ ଆଜ୍ଞା ମାନି ଆନନ୍ଦର ସହିତ ପାଳନ କରିବାରେହିଁ ସମସ୍ତଙ୍କର ହିତ ନିହିତ । ପ୍ରଥମେ ମୋତେ ଯାହା ଆଜ୍ଞା ହେବ, ମୁଁ ତାହା ଶିରୋଧାର୍ଯ୍ୟ କରିବି ॥ ୨ ॥

**ପୁନି ଜେହି କହଁ ଜସ କହବ ଗୋସାଇଁ । ସୋ ସବ ଭାଁତି ଘଟିହି ସେୱକାଇଁ ॥**
**କହ ମୁନି ରାମ ସତ୍ୟ ତୁହ୍ମ ଭାଷା । ଭରତ ସନେହଁ ବିଗ୍ୱରୁ ନ ରାଖା ॥ ୩ ॥**

ହେ ଗୁରୁଦେବ ! ଆପଣ ଯାହାକୁ ଯେପରି କହିବେ, ସେ ନିଶ୍ଚୟ ସେହିପରି କରିବ ।'' ମୁନି ବଶିଷ୍ଠ କହିଲେ, ''ହେ ରାମ ! ଆପଣ ଠିକ୍ କହିଛନ୍ତି । କିନ୍ତୁ ଭରତଙ୍କ ପ୍ରେମ ଆଗରେ ମୋର ସ୍ୱତନ୍ତ୍ର ବିଗ୍ୱର କିଛି କାମ କରୁନାହିଁ ॥ ୩ ॥

**ତେହିଁ ତେଁ କହଉଁ ବହୋରି ବହୋରୀ । ଭରତ ଭଗତି ବସ ଭଇ ମତି ମୋରୀ ॥**
**ମୋରେଁ ଜାନ ଭରତ ରୁଚି ରାଖୀ । ଜୋ କୀଜିଅ ସୋ ସୁଭ ସିୱ ସାଖୀ ॥ ୪ ॥**

ତେଣୁ ମୁଁ ବାରମ୍ବାର କହୁଛି, ମୋ ବୁଦ୍ଧି ଭରତଙ୍କ ଭକ୍ତିର ବଶ ହୋଇଯାଇଛି । ମୋ ବିଗ୍ୱରରେ, ଭରତଙ୍କ ମତ ଅନୁସାରେ ଯାହାକିଛି କରାଯିବ, ଭଗବାନ୍ ଶିବ ସାକ୍ଷୀ ଅଛନ୍ତି, ତାହାହିଁ ମଙ୍ଗଳକର ହେବ ॥ ୪ ॥

ଦୋ:- **ଭରତ ବିନୟ ସାଦର ସୁନିଅ କରିଅ ବିଗ୍ୱରୁ ବହୋରି ।**
**କରବ ସାଧୁମତ ଲୋକମତ ନୃପନୟ ନିଗମ ନିଗ୍ୱେରି ॥ ୨୫୮ ॥**

ତେଣୁ ଆପଣ ଭରତଙ୍କ ବିନତି ଆଦରପୂର୍ବକ ଶୁଣନ୍ତୁ; ତାହା ବିଗ୍ୱର କରନ୍ତୁ । ତା'ପରେ ସାଧୁମତ, ଲୋକମତ, ରାଜନୀତି ଓ ବେଦର ସିଦ୍ଧାନ୍ତ ଅନୁଯାୟୀ କାର୍ଯ୍ୟ କରନ୍ତୁ ।'' ॥ ୨୫୮ ॥

**ଗୁର ଅନୁରାଗୁ ଭରତ ପର ଦେଖୀ । ରାମ ହୃଦୟଁ ଆନଂଦୁ ବିସେଷୀ ॥**
**ଭରତହି ଧରମ ଧୁରଂଧର ଜାନୀ । ନିଜ ସେୱକ ତନ ମାନସ ବାନୀ ॥ ୧ ॥**

ଭରତଙ୍କ ଉପରେ ଗୁରୁଙ୍କର ସ୍ନେହ ଦେଖି ଶ୍ରୀରାମଙ୍କ ମନରେ ଅପାର ଆନନ୍ଦ ଜାତ ହେଲା । ଭରତଙ୍କୁ ଧର୍ମଧୁରନ୍ଧର ଏବଂ ମନ-ବଚନ-କର୍ମରେ ନିଜର ସେବକ ବୋଲି ଜାଣି, ॥ ୧ ॥

**ବୋଲେ ଗୁର ଆୟସ ଅନୁକୂଲା । ବଚନ ମଂଜୁ ମୃଦୁ ମଂଗଲମୂଲା ॥**
**ନାଥ ସପଥ ପିତୁ ଚରନ ଦୋହାଈ । ଭୟଉ ନ ଭୁଅନ ଭରତ ସମ ଭାଈ ॥ ୨ ॥**

ଶ୍ରୀରାମ ଗୁରୁଙ୍କ ଆଜ୍ଞାନୁକୂଳ ମନୋହର, କୋମଳ ଓ କଲ୍ୟାଣମୂଳକ ବଚନ କହିଲେ, ''ହେ ନାଥ ! ଆପଣଙ୍କ ରାଣ ପକାଇ ଓ ପିତାଙ୍କ ଚରଣର ଦ୍ୱାହି ଦେଇ ମୁଁ ସତ୍ୟ କହୁଛି, ସମଗ୍ର ବିଶ୍ୱରେ ଭରତସମାନ ଭାଇ କେହି ଜନ୍ମ ହୋଇନାହିଁ ॥ ୨ ॥

**ଜେ ଗୁର ପଦ ଅଂବୁଜ ଅନୁରାଗୀ । ତେ ଲୋକହୁଁ ବେଦହୁଁ ବଡ଼ଭାଗୀ ॥**
**ରାଉର ଜା ପର ଅସ ଅନୁରାଗୂ । କୋ କହି ସକଇ ଭରତ କର ଭାଗୂ ॥ ୩ ॥**

ଯେଉଁମାନେ ଗୁରୁଙ୍କ ଚରଣକମଳରେ ଅନୁରାଗୀ, ସେମାନେ ଲୌକିକ ତଥା ପାରମାର୍ଥିକ ଉଭୟ ଦୃଷ୍ଟିରୁ ଭାଗ୍ୟବାନ୍; ପୁଣି ଯାହାଙ୍କ ଉପରେ ଆପଣଙ୍କ ପରି ଗୁରୁଙ୍କର ଏପରି ସ୍ନେହ ରହିଛି, ସେହି ଭରତଙ୍କ ଭାଗ୍ୟକଥା କିଏ ବା କହିପାରିବ ! ॥ ୩ ॥

**ଲଖି ଲଘୁ ବଂଧୁ ବୁଦ୍ଧି ସକୁଗ୍ୱଈ । କରତ ବଦନ ପର ଭରତ ବଡ଼ାଈ ॥**
**ଭରତୁ କହହିଁ ସୋଇ କିଏଁ ଭଲାଈ । ଅସ କହି ରାମ ରହେ ଅରଗାଈ ॥ ୪ ॥**

ସେ ମୋ ସାନଭାଇ ହୋଇଥିବାରୁ, ତା' ମୁହଁ ଉପରେ ତାର ପ୍ରଶଂସା କରିବାକୁ ମୁଁ ସଂକୋଚ ବୋଧ କରୁଛି । ତଥାପି ମୁଁ ନିଶ୍ଚୟ କହିବି ଯେ, ଭରତ ଯାହା କହିବ, ତାହା କଲେ ମଙ୍ଗଳ ହେବ ।'' ଏପରି କହି ଶ୍ରୀରାମ ନୀରବ ହୋଇଗଲେ ॥ ୪ ॥

ଦୋଃ- **ତବ ମୁନି ବୋଲେ ଭରତ ସନ ସବ ସଁକୋଚୁ ତଜି ତାତ ।**
**କୃପାସିଂଧୁ ପ୍ରିୟ ବଂଧୁ ସନ କହହୁ ହୃଦୟ କୈ ବାତ ॥ ୨୫୯ ॥**

ଏହା ଶୁଣି ମୁନିବର ଭରତଙ୍କୁ କହିଲେ, ''ବତ୍ସ ! ସବୁ ସଂକୋଚ ତ୍ୟାଗ କରି ତୁମର ପ୍ରିୟ କୃପାସିନ୍ଧୁ ଭାଇଙ୍କୁ ନିଜ ମନକଥା ଖୋଲି କହିଦିଅ ।'' ॥ ୨୫୯ ॥

**ସୁନି ମୁନି ବଚନ ରାମ ରୁଖ ପାଈ । ଗୁର ସାହିବ ଅନୁକୂଲ ଅଘାଈ ॥**
**ଲଖି ଅପନେଁ ସିର ସବୁ ଛରୁ ଭାରୂ । କହି ନ ସକହିଁ କଛୁ କରହିଁ ବିଚାରୂ ॥ ୧ ॥**

ମୁନିଙ୍କ ବଚନ ଶୁଣି ଓ ଶ୍ରୀରାମଙ୍କ ଅଭିପ୍ରାୟ ଜାଣି ଭରତ ବୁଝିଗଲେ ଯେ, ଗୁରୁ ତଥା ପ୍ରଭୁ ଉଭୟେ ତାଙ୍କ ପ୍ରତି ସମ୍ପୂର୍ଣ୍ଣ ଅନୁକୂଳ; କିନ୍ତୁ ତା'ସହିତ ସେ ଏହା ବି ଅନୁଭବ କଲେ ଯେ, ସମସ୍ତ ଦାୟିତ୍ୱ ତାଙ୍କରି ଉପରେ ଛାଡ଼ିଦିଆଯାଉଛି । ତେଣୁ ଭରତ ହଠାତ୍ କିଛି କହିପାରିଲେ ନାହିଁ । ସେ ଚିନ୍ତା କରିବାକୁ ଲାଗିଲେ ॥ ୧ ॥

**ପୁଲକି ସରୀର ସଭାଁ ଭଏ ଠାଢ଼େ । ନୀରଜ ନୟନ ନେହ ଜଲ ବାଢ଼େ ॥**
**କହବ ମୋର ମୁନିନାଥ ନିବାହା । ଏହି ତେଁ ଅଧିକ କହୌଁ ମୈଁ କାହା ॥ ୨ ॥**

ତାଙ୍କର ସମଗ୍ର ଶରୀର ପୁଲକିତ ହୋଇଉଠିଲା । ସେ ସଭାରେ ଦଣ୍ଡାୟମାନ ହେଲେ । ତାଙ୍କ କମଳନୟନରେ ପ୍ରେମାଶ୍ରୁର ବନ୍ୟା ଆସିଗଲା । ସେ କହିଲେ, ''ମୋ କହିବା କଥା ତ ମୁନିନାଥ କହିଦେଲେ, ମୁଁ ଆଉ ଅଧିକ କ'ଣ କହିବି ? ॥ ୨ ॥

**ମୈଁ ଜାନଉଁ ନିଜ ନାଥ ସୁଭାଉ । ଅପରାଧିହୁ ପର କୋହ ନ କାଉ ॥**
**ମୋ ପର କୃପା ସନେହୁ ବିସେଷୀ । ଖେଲତ ଖୁନିସ ନ କବହୂଁ ଦେଖୀ ॥ ୩ ॥**

ମୁଁ ମୋ ପ୍ରଭୁଙ୍କ ସ୍ୱଭାବ ଜାଣେ । ସେ ଅପରାଧୀ ପ୍ରତି ବି କେବେ କ୍ରୋଧ କରନ୍ତି ନାହିଁ । ମୋ ପ୍ରତି ତ ତାଙ୍କର ବିଶେଷ କୃପା ଓ ସ୍ନେହ ରହିଛି । ମୁଁ ଖେଳରେ ବି କେବେ ତାଙ୍କର କ୍ରୋଧ ଦେଖିନାହିଁ ॥ ୩ ॥

**ସିସୁପନ ତେଁ ପରିହରେଉଁ ନ ସଂଗୂ । କବହୁଁ ନ କୀହ୍ନ ମୋର ମନ ଭଂଗୂ ॥**
**ମୈଁ ପ୍ରଭୁ କୃପା ରୀତି ଜିୟଁ ଜୋହୀ । ହାରେହୁଁ ଖେଲ ଜିତାୱହିଁ ମୋହୀ ॥ ୪ ॥**

ପିଲାଦିନୁ ମୁଁ କେବେ ବି ତାଙ୍କ ସାଙ୍ଗ ଛାଡ଼ିନାହିଁ, କି ସେ ମୋ ଇଚ୍ଛା ବିରୁଦ୍ଧରେ କେବେ କିଛି କରିନାହାନ୍ତି । ପ୍ରଭୁଙ୍କ ରୀତି ମୁଁ ଭଲରୂପେ ଦେଖିଛି ଓ ଅନୁଭବ କରିଛି । ମୁଁ ଖେଳରେ ହାରିଗଲେ ବି, ପ୍ରଭୁ ମୋତେ ଜିତାଇଦିଅନ୍ତି ॥ ୪ ॥

ଦୋଃ- **ମହୂଁ ସନେହ ସକୋଚ ବସ ସନମୁଖ କହୀ ନ ବୈନ ।**
**ଦରସନ ତୃପିତ ନ ଆଜୁ ଲଗି ପେମ ପିଆସେ ନୈନ ॥ ୨୬୦ ॥**

ମୁଁ ମଧ୍ୟ ଭକ୍ତି ଓ ସଂକୋଚ ହେତୁ ତାଙ୍କ ମୁହଁ ଉପରେ କେବେ ପାଟି ଖୋଲିନାହିଁ । ମୋର ପ୍ରେମପିପାସୁ ନୟନ କେବେ ବି ପ୍ରଭୁଙ୍କ ଦର୍ଶନରେ ତୃପ୍ତ ହୋଇନାହିଁ ॥ ୨୬୦ ॥

**ବିଧି ନ ସକେଉ ସହି ମୋର ଦୁଲାରା । ନୀଚ ବୀଚୁ ଜନନୀ ମିସ ପାରା ॥**
**ୟହଉ କହତ ମୋହି ଆଜୁ ନ ସୋଭା । ଅପନୀଁ ସମୁଝି ସାଧୁ ସୁଚି କୋ ଭା ॥ ୧ ॥**

କିନ୍ତୁ ମୋ ପ୍ରତି ପ୍ରଭୁଙ୍କର ଯେଉଁ ସ୍ନେହ ରହିଛି, ବିଧାତା ତାହା ସହିପାରିଲା ନାହିଁ । ମୋ' ହୀନମତି ମାଆଙ୍କ ମାଧ୍ୟମରେ ତାଙ୍କ ଓ ମୋ ଭିତରେ ବିଧାତା ବାଡ଼ ପକାଇଦେଲା । ଏପରି କହିବା ବି ଆଜି ମୋ ପକ୍ଷରେ ଶୋଭା ପାଉନାହିଁ; କାରଣ ନିଜେ ନିଜକୁ ସାଧୁ ବୋଲାଇ ହେଲେ କେହି କ'ଣ ସାଧୁ ହୋଇଯାଏ ? ॥ ୧ ॥

**ମାତୁ ମଂଦି ମୈଁ ସାଧୁ ସୁଚାଲୀ । ଉର ଅସ ଆନତ କୋଟି କୁଚାଲୀ ॥**
**ଫରଇ କି କୋଦଵ ବାଲି ସୁସାଲୀ । ମୁକୁତା ପ୍ରସଵ କି ସଂବୁକ କାଲୀ ॥ ୨ ॥**

ମାଆ ଖରାପ ଏବଂ ମୁଁ ସଦାଚାରୀ ଓ ସାଧୁ–ମନରେ ଏପରି ଭାବିବା ବି କୋଟିଏ ଦୁରାଚାର ସହିତ ସମାନ । କ'ଣ କୋଦୁଅକେଣ୍ଡାରେ କେବେ ଭଲ ଧାନ ଫଳିଲାଣି ? କ'ଣ କଳାଶାମୁକା କେବେ ମୁକ୍ତା ପ୍ରସବ କଲାଣି ? ॥ ୨ ॥

**ସପନେହୁଁ ଦୋସକ ଲେସୁ ନ କାହୂ । ମୋର ଅଭାଗ ଉଦଧି ଅଵଗାହୂ ॥**
**ବିନୁ ସମୁଝେଁ ନିଜ ଅଘ ପରିପାକୂ । ଜାରିଉଁ ଜାୟଁ ଜନନି କହି କାକୂ ॥ ୩ ॥**

ଏଥିରେ ସ୍ୱପ୍ନରେ ବି କାହାର ତିଳେମାତ୍ର ଦୋଷ ନାହିଁ । ମୋ ଦୁର୍ଭାଗ୍ୟହିଁ ଗଭୀରସାଗର । ଏସବୁ ମୋ ପାପର ପରିଣାମ ବୋଲି ନ ଜାଣି, ମୁଁ ମୋ ମାଆଙ୍କୁ କଟୁ କଥା କହି ବୃଥାରେ ଦୁଃଖ ଦେଇଛି ॥ ୩॥

**ହୃଦୟଁ ହେରି ହାରେଉଁ ସବ ଓରା । ଏକହି ଭାଁତି ଭଲେହିଁ ଭଲ ମୋରା ॥**
**ଗୁର ଗୋସାଇଁ ସାହିବ ସିୟ ରାମୂ । ଲାଗତ ମୋହି ନୀକ ପରିନାମୂ ॥ ୪ ॥**

ମୁଁ ମନେ ମନେ ସବୁଆଡୁ ବିଚାର କରି ହାରିଗଲି (ମୋ ହିତର କୌଣସି ଉପାୟ ପାଇଲି ନାହିଁ ) । ମୋ ହିତପାଇଁ କେବଳ ଗୋଟିଏ ଉପାୟ ଦିଶୁଛି, ତାହା ହେଉଛି, ଆମ ଗୁରୁ ହେଉଛନ୍ତି ସର୍ବସମର୍ଥ ଓ ଶ୍ରୀସୀତାରାମ ହେଉଛନ୍ତି ମୋର ପ୍ରଭୁ । ଏମାନେ ଥିବାରୁ ମୋତେ ଜଣାପଡୁଛି, ଯାହା ହେବ, ତା'ର ପରିଣାମ ହିତକରହିଁ ହେବ ॥ ୪ ॥

ଦୋः- **ସାଧୁ ସଭାଁ ଗୁର ପ୍ରଭୁ ନିକଟ କହଉଁ ସୁଥଲ ସତିଭାଉ ।**
**ପ୍ରେମ ପ୍ରପଂଚୁ କି ଝୂଠ ଫୁର ଜାନହିଁ ମୁନି ରଘୁରାଉ ॥ ୨୬୧ ॥**

ସାଧୁପୁରୁଷମାନଙ୍କ ସଭାରେ ତଥା ଗୁରୁ ଓ ପ୍ରଭୁଙ୍କ ସାମୀପ୍ୟ ପରି ପବିତ୍ର ତୀର୍ଥସ୍ଥାନରେ ମୁଁ ସତ୍ୟ କରି କହୁଛି, ମୋ କଥା ପ୍ରେମ, ନା ପ୍ରପଞ୍ଚ (ଛଳ), ସତ, ନା ମିଛ, ତାହା ସର୍ବଜ୍ଞ ମୁନି ବଶିଷ୍ଠ ଓ ଅନ୍ତର୍ଯାମୀ ଶ୍ରୀରଘୁନାଥ ଜାଣନ୍ତି ॥ ୨୬୧ ॥

**ଭୂପତି ମରନ ପେମ ପନୁ ରାଖୀ । ଜନନୀ କୁମତି ଜଗତୁ ସବୁ ସାଖୀ ॥**
**ଦେଖି ନ ଜାହିଁ ବିକଲ ମହତାରୀଁ । ଜରହିଁ ଦୁସହ ଜର ପୁର ନର ନାରୀଁ ॥ ୧ ॥**

ପ୍ରେମର ପ୍ରତିଷ୍ଠା ରକ୍ଷା କରିବାକୁ ଯାଇ ମହାରାଜା (ପିତା) ଯେଉଁ ମୃତ୍ୟୁବରଣ କଲେ ଏବଂ ମୋ ମାତା ଯେଉଁ ଦୁର୍ବୁଦ୍ଧି ଦେଖାଇଲେ, ସମସ୍ତେ ସେହି ଉଭୟ ବିଷୟର ସାକ୍ଷୀ । ମାତାମାନେ ବ୍ୟାକୁଳ ହେଉଛନ୍ତି; ସେମାନଙ୍କ ଦୁରବସ୍ଥାକୁ ଚାହିଁହେଉନାହିଁ; ଅଯୋଧ୍ୟାପୁରୀର ନରନାରୀ ଦୁଃସହ ସଂତାପରେ ଜଳୁଛନ୍ତି ॥ ୧ ॥

**ମହୀଁ ସକଲ ଅନରଥ କର ମୂଲା । ସୋ ସୁନି ସମୁଝି ସହେଉଁ ସବ ସୂଲା ॥**
**ସୁନି ବନ ଗଵନୁ କୀହ୍ନ ରଘୁନାଥା । କରି ମୁନି ବେଷ ଲଖନ ସିୟ ସାଥା ॥ ୨ ॥**
**ବିନୁ ପାନହିନ୍ହ ପୟାଦେହି ପାଏଁ । ସଂକରୁ ସାଖି ରହେଉଁ ଏହି ଘାଏଁ ॥**
**ବହୁରି ନିହାରି ନିଷାଦ ସନେହୂ । କୁଲିସ କଠିନ ଉର ଭୟଉ ନ ବେହୂ ॥ ୩ ॥**

ମୁଁ ହିଁ ଏସବୁ ଅନର୍ଥର ମୂଳ । ଏସବୁ ଶୁଣି ଓ ବୁଝିପାରି ମୁଁ ସବୁ ଦୁଃଖଯନ୍ତ୍ରଣା ସହିଛି । ଶ୍ରୀରଘୁନାଥ ଲକ୍ଷ୍ମଣ ଓ ସୀତାଙ୍କୁ ନେଇ, ତପସ୍ୱୀବେଶରେ ପାଦରେ ଜୋତା ନ ପିନ୍ଧି, ଚ୍ଛାଲି ଚ୍ଛାଲି ବନକୁ ଗଲେ ବୋଲି ଶୁଣିଲି; ଭଗବାନ୍ ଶଙ୍କର ସାକ୍ଷୀ ଅଛନ୍ତି, ଏପରି ଆଘାତ ପାଇ ମଧ୍ୟ ମୁଁ ବଞ୍ଚିରହିଛି । ପୁଣି ନିଷାଦରାଜଙ୍କ ପ୍ରେମ ଦେଖି ମଧ୍ୟ ମୋର ଏହି ବଜ୍ରତୁଲ୍ୟ କଠୋର ହୃଦୟ ଫାଟିଯାଇନାହିଁ ॥ ୨-୩ ॥

**ଅବ ସବୁ ଆଁଖିହ୍ନ ଦେଖେଉଁ ଆଈ । ଜିଅତ ଜୀଓ୍ୱ ଜଡ଼ ସବଇ ସହାଈ ॥**
**ଜିହ୍ନହି ନିରଖି ମଗ ସାଁପିନି ବୀଛୀ । ତଜହିଁ ବିଷମ ବିଷୁ ତାମସ ତୀଛୀ ॥ ୪ ॥**

ବର୍ତ୍ତମାନ ଏଠାକୁ ଆସି ସବୁ ନିଜ ଆଖିରେ ଦେଖିଲି । ଏହି ନିଷ୍ଠୁର ଜୀବନ ଚ୍ଛାଲି ନ ଯାଇ ମୋତେ ସବୁ ସହିବାକୁ ବାଧ୍ୟ କରିବ । ଯେଉଁମାନଙ୍କୁ ଦେଖି ବାଟର ସର୍ପିଣୀ ଓ ବିଛାମାନେ ମଧ୍ୟ ନିଜର ଉତ୍କଟ ବିଷ ଓ ତୀବ୍ର କ୍ରୋଧ ପରିତ୍ୟାଗ କରିଦିଅନ୍ତି, ॥ ୪ ॥

ଦୋଃ- **ତେଇ ରଘୁନଂଦନୁ ଲଖନୁ ସିୟ ଅନହିତ ଲାଗେ ଜାହି ।**
**ତାସୁ ତନୟ ତଜି ଦୁସହ ଦୁଖ ଦୈଉ ସହାଓ୍ୱଇ କାହି ॥ ୨୬୨ ॥**

"ସେହି ରଘୁନନ୍ଦନ, ଲକ୍ଷ୍ମଣ ଓ ସୀତା ଯାହାକୁ ଶତ୍ରୁ ପରି ବୋଧ ହେଲେ, ମୁଁ ହେଉଛି ସେହି କୈକେୟୀର ପୁତ୍ର । ତେଣୁ ମୋତେ ଛାଡ଼ିଦେଇ ଦୈବ ଆଉ କାହାକୁ ଏପରି ଦୁଃସହ ଦୁଃଖ ଦେବ ?" ॥ ୨୬୨ ॥

**ସୁନି ଅତି ବିକଲ ଭରତ ବର ବାନୀ । ଆରତି ପ୍ରୀତି ବିନୟ ନୟ ସାନୀ ॥**
**ସୋକ ମଗନ ସବ ସଭାଁ ଖଭାରୂ । ମନହୁଁ କମଲ ବନ ପରେଉ ତୁସାରୂ ॥ ୧ ॥**

ଭରତଙ୍କର ଏପରି ଅତ୍ୟନ୍ତ ବ୍ୟାକୁଳ ଭାବ ଦେଖି ତଥା ଦୁଃଖ, ପ୍ରେମ, ବିନୟ ଓ ନୀତିପୂର୍ଣ୍ଣ କଥା ଶୁଣି ସମସ୍ତେ ଶୋକମଗ୍ନ ହୋଇଗଲେ । ସଭାରେ ବିଷାଦ ଖେଳିଗଲା; ଲାଗିଲା, ସତେ ଅବା କମଳବନରେ ତୁଷାରପାତ ହୋଇଗଲା ॥ ୧ ॥

**କହି ଅନେକ ବିଧି କଥା ପୁରାନୀ । ଭରତ ପ୍ରବୋଧୁ କୀହ୍ନ ମୁନି ଗ୍ୟାନୀ ॥**
**ବୋଲେ ଉଚିତ ବଚନ ରଘୁନଂଦୂ । ଦିନକର କୁଲ କୈରଓ୍ୱ ବନ ଚଂଦୂ ॥ ୨ ॥**

ସେତେବେଳେ ଜ୍ଞାନୀମୁନି ବଶିଷ୍ଠ ବିବିଧପ୍ରକାର ପୌରାଣିକ କାହାଣୀ ଶୁଣାଇ ଭରତଙ୍କୁ ସାନ୍ତ୍ୱନା ଦେବା ପରେ, ସୂର୍ଯ୍ୟବଂଶରୂପୀ କୁମୁଦବନର ଚନ୍ଦ୍ର ଶ୍ରୀରଘୁନନ୍ଦନ କେତେକ ସମୟ-ଉପଯୋଗୀ ବଚନ କହିଲେ, ॥ ୨ ॥

**ତାତ ଜାୟଁ ଜିୟଁ କରହୁ ଗଲାନୀ । ଈସ ଅଧୀନ ଜୀଓ୍ୱ ଗତି ଜାନୀ ॥**
**ତୀନି କାଲ ତିଭୁଅନ ମତ ମୋରେଁ । ପୁନ୍ୟସିଲୋକ ତାତ ତର ତୋରେଁ ॥ ୩ ॥**

"ହେ ଭାଇ ! ତୁମେ ଅଯଥା ନିଜ ମନରେ ଗ୍ଲାନି ଆଣୁଛ । ଜୀବର ଗତି ଈଶ୍ୱରଙ୍କ ଅଧୀନ ବୋଲି ଜାଣିରଖ । ମୋ ମତରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ—ତିନିକାଳରେ ଏବଂ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ—ତିନିଲୋକରେ ଯେତେ ପୁଣ୍ୟପୁରୁଷ ଥିଲେ, ଅଛନ୍ତି ବା ଜାତ ହେବେ, ସେ ସମସ୍ତେ ତୁମ ତଳେ ॥ ୩ ॥

**ଉର ଆନତ ତୁହ୍ମ ପର କୁଟିଲାଈ । ଜାଇ ଲୋକୁ ପରଲୋକୁ ନସାଈ ॥**
**ଦୋସୁ ଦେହିଁ ଜନନିହି ଜଡ଼ ତେଈ । ଜିହ୍ନ ଗୁର ସାଧୁ ସଭା ନହିଁ ସେଈ ॥ ୪ ॥**

କେହି ଯଦି ମନଭିତରେ ସୁଦ୍ଧା ତୁମକୁ ଦୋଷ ଦିଏ, ତେବେ ତା'ର ଇହଲୋକ (ଏହି ଜନ୍ମର ସୁଖ, ଯଶ ଇତ୍ୟାଦି) ଓ ପରଲୋକ (ମୃତ୍ୟୁପରର ସଦ୍‌ଗତି) ଉଭୟ ନଷ୍ଟ ହୋଇଯିବ । ଯେଉଁମାନେ ଗୁରୁବର୍ଗ ଓ ସାଧୁସନ୍ଥଙ୍କ ସତ୍‌ସଙ୍ଗରେ ଦିନେ ହେଲେ ବସିନାହାନ୍ତି, ସେହି ମୂର୍ଖମାନେ ହିଁ ମାତା କୈକେୟୀଙ୍କୁ ଦୋଷ ଦେଉଥିବେ ॥ ୪ ॥

ଦୋଃ- **ମିଟିହହିଁ ପାପ ପ୍ରପଂଚ ସବ ଅଖିଲ ଅମଂଗଲ ଭାର ।**
**ଲୋକ ସୁଜସୁ ପରଲୋକ ସୁଖୁ ସୁମିରତ ନାମୁ ତୁହ୍ମାର ॥ ୨୬୩ ॥**

ହେ ଭରତ ! ତୁମର ନାମ ସ୍ମରଣ କରିବାମାତ୍ରେ ସକଳ ପାପ, ସବୁ ପ୍ରପଞ୍ଚ (ଅଜ୍ଞାନ) ଓ ସମସ୍ତ ଅମଙ୍ଗଳ ତୁଟିଯିବ ତଥା ଇହଲୋକରେ ସୁନ୍ଦର ଯଶ ଓ ପରଲୋକରେ ସୁଖ ମିଳିବ ॥ ୨୬୩ ॥

**କହଉଁ ସୁଭାଉ ସତ୍ୟ ସିଓ୍ୱ ସାଖୀ । ଭରତ ଭୂମି ରହ ରାଉରି ରାଖୀ ॥**
**ତାତ କୁତରକ କରହୁ ଜନି ଜାଏଁ । ବୈର ପେମ ନହିଁ ଦୁରଇ ଦୁରାଏଁ ॥ ୧ ॥**

ମୁଁ ଭଗବାନ୍ ଶଙ୍କରଙ୍କୁ ସାକ୍ଷୀ ରଖି ସତ୍ୟ କହୁଛି, ତୁମରି ଯୋଗୁଁହିଁ ଏହି ପୃଥିବୀ ରହିଛି । ତୁମେ ଆଉ ଅଯଥା ଦୁଃଖ କର ନାହିଁ । ଯେତେ ଗୁପ୍ତ ରଖିଲେ ବି ଶତ୍ରୁତା ଓ ପ୍ରେମ ଗୁପ୍ତ ହୋଇ ରହେ ନାହିଁ ॥ ୧ ॥

**ମୁନିଗନ ନିକଟ ବିହଗ ମୃଗ ଜାହୀଁ । ବାଧକ ବଧିକ ବିଲୋକି ପରାହୀଁ ॥**
**ହିତ ଅନହିତ ପସୁ ପଚ୍ଛିଉ ଜାନା । ମାନୁଷ ତନୁ ଗୁନ ଗ୍ୟାନ ନିଧାନା ॥ ୨ ॥**

ପଶୁପକ୍ଷୀମାନେ ମୁନିଋଷିମାନଙ୍କ ପାଖକୁ ନିର୍ଭୟରେ ଚାଲିଆସନ୍ତି; ଅଥଚ ହିଂସ୍ରବ୍ୟାଧକୁ ଦେଖିଲାମାତ୍ରେ ଧାଇଁପଳାନ୍ତି । ମିତ୍ର କିଏ, ଶତ୍ରୁ କିଏ, ତାହା ପଶୁପକ୍ଷୀମାନେ ବି ଜାଣିପାରନ୍ତି; ମନୁଷ୍ୟ ତ ସହଜେ ଗୁଣ ଓ ଜ୍ଞାନର ଭଣ୍ଡାର ॥ ୨ ॥

**ତାତ ତୁହ୍ମହି ମୈଁ ଜାନଉଁ ନୀକେଁ । କରୌଁ କାହ ଅସମଂଜସ ଜୀକେଁ ॥**
**ରାଖେଉ ରାୟଁ ସତ୍ୟ ମୋହି ତ୍ୟାଗୀ । ତନୁ ପରିହରେଉ ପେମ ପନ ଲାଗୀ ॥ ୩ ॥**

ବତ୍ସ ! ମୁଁ ତୁମକୁ ଭଲରୂପେ ଜାଣିଛି । କିନ୍ତୁ କ'ଣ କରାଯିବ ! ମୁଁ ବଡ଼ ଜଟିଳ ପରିସ୍ଥିତିରେ ପଡ଼ିଛି । ମହାରାଜା ମୋତେ ତ୍ୟାଗ କରିଦେଇ ସତ୍ୟ ରକ୍ଷା କଲେ ଏବଂ ପ୍ରେମକୁ ପଣ କରି (ମୋ ବିଚ୍ଛେଦକୁ ସହି ନ ପାରି) ଦେହ ତ୍ୟାଗ କରିଦେଲେ ॥ ୩ ॥

**ତାସୁ ବଚନ ମେଟତ ମନ ସୋଚୂ । ତେହି ତେଁ ଅଧିକ ତୁହ୍ମାର ସଁକୋଚୂ ॥**
**ତା ପର ଗୁର ମୋହି ଆୟସୁ ଦୀହ୍ନା । ଅଓ୍ୱସି ଜୋ କହହୁ ଚହଉଁ ସୋଇ କୀହ୍ନା ॥ ୪ ॥**

ତାଙ୍କ ବଚନ ଅନ୍ୟଥା କରିଦେବାକୁ ମନରେ କୁଣ୍ଠା ବୋଧ ହେଉଛି । ତା'ଠାରୁ ବେଶୀ କଷ୍ଟ ଲାଗୁଛି ତୁମର ବ୍ୟଥିତହୃଦୟ ଦେଖି । ତା'ଉପରେ ପୁଣି ଗୁରୁଦେବ ମୋତେ ଆଜ୍ଞା ଦେଇଛନ୍ତି । ଅତଏବ ବର୍ତ୍ତମାନ ତୁମେ ଯାହା କହିବ, ମୁଁ ତାହା ଅବଶ୍ୟ କରିବି ॥ ୪ ॥

ଦୋଃ- **ମନୁ ପ୍ରସନ୍ନ କରି ସକୁଚ ତଜି କହହୁ କରୌଁ ସୋଇ ଆଜୁ ।**
**ସତ୍ୟସଂଧ ରଘୁବର ବଚନ ସୁନି ଭା ସୁଖୀ ସମାଜୁ ॥ ୨୬୪ ॥**

ତୁମେ ମନ ପ୍ରସନ୍ନ କରି, ସଂକୋଚ ତ୍ୟାଗ କରି ଯାହା କିଛି କହିବ, ମୁଁ ଆଜି ତାହା କରିବି ।" ସତ୍ୟପ୍ରତିଜ୍ଞ ରଘୁକୁଳଶ୍ରେଷ୍ଠ ଶ୍ରୀରାମଙ୍କର ଏହି ବଚନ ଶୁଣି, ସମସ୍ତେ ଆନନ୍ଦିତ ହୋଇଗଲେ ॥ ୨୬୪ ॥

**ସୁରଗନ ସହିତ ସଭୟ ସୁରରାଜୂ । ସୋଚହିଁ ଚାହତ ହୋନ ଅକାଜୂ ॥**
**ବନତ ଉପାଉ କରତ କଛୁ ନାହୀଁ । ରାମ ସରନ ସବ ଗେ ମନ ମାହୀଁ ॥ ୧ ॥**

ସେପଟେ ଦେବଗଣଙ୍କ ସହିତ ଦେବରାଜ ଇନ୍ଦ୍ର ଭୟଭୀତ ହୋଇ ବିଗ୍ଚର କରିବାକୁ ଲାଗିଲେ, ''ଏତେସବୁ କରିବା ପରେ ବି ସଫଳ ହୋଇ ଆସୁଥିବା କାମଟା ପଣ୍ଡ ହୋଇଯିବାକୁ ବସିଛି ! କିଛି ଉପାୟ ଦିଶୁ ନାହିଁ !'' ଏପରି ବିଗ୍ଚର କରି ସମସ୍ତେ ମନେ ମନେ ଶ୍ରୀରାମଙ୍କ ଠାରେ ଶରଣ ପଶିଲେ ॥ ୧ ॥

**ବହୁରି ବିଗ୍ଚରି ପରସ୍ପର କହହୀଂ । ରଘୁପତି ଭଗତ ଭଗତି ବସ ଅହହୀଂ ॥**
**ସୁଧି କରି ଅଂବରୀଷ ଦୁରବାସା । ଭେ ସୁର ସୁରପତି ନିପଟ ନିରାସା ॥ ୨ ॥**

ପୁଣି ଦେବଗଣ ନିଜ ନିଜ ମଧ୍ୟରେ କଥାଭାଷା ହୋଇ ବିଗ୍ଚର କରିବାକୁ ଲାଗିଲେ, ''ଶ୍ରୀରଘୁନାଥ ତ ଭକ୍ତଙ୍କ ଭକ୍ତିର ଅଧୀନ ।'' ଅମ୍ବରୀଷ ଓ ଦୁର୍ବାସାଙ୍କ ଘଟଣା ମନେପକାଇ ଦେବଗଣ ତଥା ଇନ୍ଦ୍ର ସମ୍ପୂର୍ଣ୍ଣ ନିରାଶ ହୋଇଗଲେ ॥ ୨ ॥

**ସହେ ସୁରହ୍ନ ବହୁ କାଲ ବିଷାଦା । ନରହରି କିଏ ପ୍ରଗଟ ପ୍ରହଲାଦା ॥**
**ଲଗି ଲଗି କାନ କହହିଁ ଧୁନି ମାଥା । ଅବ ସୁର କାଜ ଭରତ କେ ହାଥା ॥ ୩ ॥**

ସେମାନେ ଭାବିଲେ, ପୂର୍ବେ ଦେବତାମାନେ ବହୁକାଳ ଦୁଃଖକଷ୍ଟ ସହିଲେ ; ତା'ପରେ ଭକ୍ତ ପ୍ରହ୍ଲାଦ ନୃସିଂହଦେବଙ୍କୁ ପ୍ରକଟ କରାଇଥିଲେ । ଏପରି ବିଗ୍ଚର କରି ସବୁଦେବତା ଓ ଇନ୍ଦ୍ର ଦୁଃଖରେ କପାଳରେ କର ମାରି ପରସ୍ପର କାନରେ କୁହାକୁହି ହେଲେ, ''ଏଥର ଆମ କାମ ଭରତଙ୍କ ହାତରେ ॥ ୩ ॥

**ଆନ ଉପାଉ ନ ଦେଖିଅ ଦେଓ୍ୱ । ମାନତ ରାମୁ ସୁସେଓ୍ୱକ ସେଓ୍ୱ ॥**
**ହିୟଁ ସପେମ ସୁମିରହୁ ସବ ଭରତହି । ନିଜ ଗୁନ ସୀଲ ରାମ ବସ କରତହି ॥ ୪ ॥**

ହେ ଦେବଗଣ ! ଅନ୍ୟ କୌଣସି ଉପାୟ ଦେଖାଯାଉନାହିଁ । ଶ୍ରୀରାମ ତାଙ୍କ ସେବକମାନଙ୍କର ସେବାକୁ ମାନ୍ୟତା ଦିଅନ୍ତି (ଅର୍ଥାତ୍, ଯେ ତାଙ୍କ ସେବକମାନଙ୍କର ସେବା କରେ, ସେ ତା'ପ୍ରତି ପ୍ରସନ୍ନ ହୁଅନ୍ତି) । ତେଣୁ ଯେଉଁ ଭରତ ନିଜର ଗୁଣ ଓ ସ୍ୱଭାବଦ୍ୱାରା ଶ୍ରୀରାମଙ୍କୁ ବଶୀଭୂତ କରିପାରିଛନ୍ତି, ସମସ୍ତେ ତାଙ୍କୁ ନିଜ ନିଜ ହୃଦୟରେ ପ୍ରେମର ସହିତ ସ୍ମରଣ କରନ୍ତୁ ।'' ॥ ୪ ॥

ଦୋଃ- **ସୁନି ସୁରମତ ସୁରଗୁର କହେଉ ଭଲ ତୁମ୍ହାର ବଡ଼ ଭାଗୁ ।**
**ସକଲ ସୁମଂଗଲ ମୂଲ ଜଗ ଭରତ ଚରନ ଅନୁରାଗୁ ॥ ୨୬୫ ॥**

ଦେବତାମାନଙ୍କର ସିଦ୍ଧାନ୍ତ ଶୁଣି ଦେବଗୁରୁ ବୃହସ୍ପତି କହିଲେ, ''ସୁନ୍ଦର ସିଦ୍ଧାନ୍ତ ନେଇଛ । ତୁମ୍ଭେମାନେ ବଡ଼ ଭାଗ୍ୟବାନ୍ । ଜଗତରେ ସକଳ ସୁମଙ୍ଗଳର ମୂଳ ହେଉଛି, ଭରତଙ୍କ ଚରଣରେ ପ୍ରେମ ॥ ୨୬୫ ॥

**ସୀତାପତି ସେଓ୍ୱକ ସେଓ୍ୱକାଈ । କାମଧେନୁ ସୟ ସରିସ ସୁହାଈ ॥**
**ଭରତ ଭଗତି ତୁମ୍ହରେଁ ମନ ଆଈ । ତଜହୁ ସୋଚୁ ବିଧି ବାତ ବନାଈ ॥ ୧ ॥**

ସୀତାପତି ଶ୍ରୀରାମଙ୍କ ସେବକର ସେବା ତ ଶତେକ କାମଧେନୁସମାନ ଫଳପ୍ରଦ । ତୁମ୍ଭମାନଙ୍କ ମନରେ ଭରତଙ୍କ ପ୍ରତି ଭକ୍ତି ଜାଗ୍ରତ ହୋଇଗଲାଣି; ତେଣୁ ଚିନ୍ତା ଛାଡ଼ିଦିଅ । ଜାଣ, ଏଥର ବିଧାତା ତୁମ କାମ କରିଦେଲେ ॥ ୧ ॥

**ଦେଖୁ ଦେଓ୍ୱପତି ଭରତ ପ୍ରଭାଉ । ସହଜ ସୁଭାୟଁ ବିବସ ରଘୁରାଉ ॥**
**ମନ ଥିର କରହୁ ଦେଓ୍ୱ ଡରୁ ନାହୀଂ । ଭରତହି ଜାନି ରାମ ପରିଛାହୀଂ ॥ ୨ ॥**

ହେ ଦେବରାଜ ! ଭରତଙ୍କର କେତେ ପ୍ରଭାବ, ଦେଖ ! ଭରତଙ୍କ ସରଳସ୍ୱଭାବ ହେତୁ ଶ୍ରୀରଘୁନାଥ ତାଙ୍କର ସମ୍ପୂର୍ଣ୍ଣ ବଶୀଭୂତ ହୋଇଯାଇଛନ୍ତି । ହେ ଦେବଗଣ ! ଭରତଙ୍କୁ ଶ୍ରୀରାମଙ୍କ ଛାୟା ବୋଲି ଜାଣି ମନକୁ ସ୍ଥିର କର । ଡରିବାର କୌଣସି କାରଣ ନାହିଁ ।'' ॥ ୨ ॥

**ସୁନି ସୁରଗୁର ସୁର ସଂମତ ସୋଚୂ । ଅଂତରଜାମୀ ପ୍ରଭୁହି ସକୋଚୂ ॥**
**ନିଜ ସିର ଭାରୁ ଭରତ ଜିୟଁ ଜାନା । କରତ କୋଟି ବିଧି ଉର ଅନୁମାନା ॥ ୩ ॥**

ଦେବଗୁରୁ ବୃହସ୍ପତିଙ୍କର ତଥା ଦେବତାମାନଙ୍କର ବିଗ୍ଚର ଓ ଚିନ୍ତା ଜାଣିପାରି ଅନ୍ତର୍ଯାମୀ ପ୍ରଭୁ ଶ୍ରୀରାମ ଟିକିଏ ସଂକୋଚରେ ପଡ଼ିଗଲେ । ସବୁ ବୋଝ ଆସି ନିଜ ମୁଣ୍ଡ ଉପରେ ପଡ଼ିଲା ଜାଣି, ସେପଟେ ଭରତ ବି ନାନାପ୍ରକାର ବିଗ୍ଚର କରିବାକୁ ଲାଗିଲେ ॥ ୩ ॥

**କରି ବିଗ୍ଚରୁ ମନ ଦୀହ୍ନୀ ଠୀକା । ରାମ ରଜାୟସ ଆପନ ନୀକା ॥**
**ନିଜ ପନ ତଜି ରାଖେଉ ପନୁ ମୋରା । ଛୋହୁ ସନେହୁ କୀହ୍ନ ନହିଁ ଥୋରା ॥ ୪ ॥**

ବିଗ୍ଚର କରିସାରି ଭରତ ମନେ ମନେ ସିଦ୍ଧାନ୍ତ ନେଲେ, ''ଶ୍ରୀରାମଙ୍କ ଆଦେଶ ପାଳନ କଲେହିଁ ମୋର ମଙ୍ଗଳ ହେବ । ପ୍ରଭୁ ନିଜର ପ୍ରତିଜ୍ଞା ତ୍ୟାଗ କରି ମୋ କଥା ରଖିଲେ । ପ୍ରଭୁଙ୍କର ଏହି କୃପା ଓ ସ୍ନେହ କିଛି କମ୍ କଥା ନୁହେଁ (ଅର୍ଥାତ୍ ପ୍ରଭୁ ଅତ୍ୟନ୍ତ ଅନୁଗ୍ରହ ଓ ସ୍ନେହ ପ୍ରଦର୍ଶନ କରିଛନ୍ତି ।) ॥ ୪ ॥

ଦୋଃ- **କୀହ୍ନ ଅନୁଗ୍ରହ ଅମିତ ଅତି ସବ ବିଧି ସୀତାନାଥ ।**
**କରି ପ୍ରନାମୁ ବୋଲେ ଭରତୁ ଜୋରି ଜଲଜ ଜୁଗ ହାଥ ॥ ୨୬୬ ॥**

ଶ୍ରୀ ଜାନକୀନାଥ ସବୁଦୃଷ୍ଟିରୁ ମୋ ଉପରେ ଅପାର ଅନୁଗ୍ରହ ଦେଖାଇଛନ୍ତି ।'' ଏପରି ବିଗ୍ଚର କରି ଭରତ ଦୁଇକରକମଳ ଯୋଡ଼ି, ପ୍ରଣାମ କରି କହିଲେ, ॥ ୨୬୬ ॥

**କହୌଁ କହାୱୌଁ କା ଅବ ସ୍ୱାମୀ । କୃପା ଅଂବୁନିଧି ଅଂତରଜାମୀ ॥**
**ଗୁର ପ୍ରସନ୍ନ ସାହିବ ଅନୁକୂଲା । ମିଟୀ ମଲିନ ମନ କଲପିତ ସୂଲା ॥ ୧ ॥**

''ହେ ପ୍ରଭୁ ! ହେ କୃପାସିନ୍ଧୁ ! ହେ ଅନ୍ତର୍ଯାମୀ ! ମୁଁ ଆଉ ଅଧିକ କ'ଣ କହିବି ! କ'ଣ ବା କୁହାଇବି ! ଗୁରୁଦେବ ପ୍ରସନ୍ନ ଥିବା ଦେଖି ଓ ପ୍ରଭୁ ମୋ ପ୍ରତି ଅନୁକୂଳ ଥିବା ଦେଖି ମୋର ମଳିନ ମନରୁ ସକଳ କଳ୍ପିତ କଷ୍ଟ ଦୂର ହୋଇଗଲା ॥ ୧ ॥

**ଅପଡର ଡରେଉଁ ନ ସୋଚ ସମୂଲେଁ । ରବିହି ନ ଦୋସୁ ଦେଓ ଦିସି ଭୂଲେଁ ॥**
**ମୋର ଅଭାଗୁ ମାତୁ କୁଟିଲାଈ । ବିଧି ଗତି ବିଷମ କାଲ କଠିନାଈ ॥ ୨ ॥**
**ପାଉ ରୋପି ସବ ମିଲି ମୋହି ଘାଲା । ପ୍ରନତପାଲ ପନ ଆପନ ପାଲା ॥**
**ୟହ ନଇ ରୀତି ନ ରାଉରି ହୋଈ । ଲୋକହୁ ବେଦ ବିଦିତ ନହିଁ ଗୋଈ ॥ ୩ ॥**

ମୁଁ ମିଛରେ ଭୟ କରୁଥିଲି । ମୋ ଦୁଶ୍ଚିନ୍ତା ସମ୍ପୂର୍ଣ୍ଣ ଅମୂଳକ ଥିଲା । ହେ ପ୍ରଭୁ! ପଥିକର ଯଦି ଦିଗଭ୍ରମ ହୋଇଯିବ, ତେବେ ସୂର୍ଯ୍ୟଙ୍କୁ ତ ଦୋଷ ଦେଇହେବନି । ମୋର ଦୁର୍ଭାଗ୍ୟ, ମାଆର ଚକ୍ରାନ୍ତ, ବିଧାତାର ବିଷମ ଇଚ୍ଛା ଏବଂ କାଳର କଠୋରତା—ଏ ସମସ୍ତେ ମିଶି, ଜିଦ୍ ଧରି ମୋତେ ନଷ୍ଟ କରିଦେଇଥିଲେ; କିନ୍ତୁ ଆପଣ ତ ଶରଣାଗତର ରକ୍ଷକ; ଆପଣ ଶରଣାଗତକୁ ରକ୍ଷା କରିବାର ପଣ ଧରିଛନ୍ତି; ଆପଣ ମୋତେ ରକ୍ଷା କରିଦେଇଛନ୍ତି । ଏହା ଆପଣଙ୍କ ପକ୍ଷରେ କିଛି ନୂଆ କଥା ନୁହେଁ; ଏହା ଲୋକରେ ଓ ବେଦରେ ବିଖ୍ୟାତ ॥ ୨-୩ ॥

**ଜଗୁ ଅନଭଲ ଭଲ ଏକୁ ଗୋସାଇଁ । କହିଅ ହୋଇ ଭଲ କାସୁ ଭଲାଇଁ ॥**
**ଦେଉ ଦେଓ୍ୱତରୁ ସରିସ ସୁଭାଉ । ସନମୁଖ ବିମୁଖ ନ କାହୁହି କାଉ ॥ ୪ ॥**

ଯଦି ସକଳ ଜଗତ୍ ପ୍ରତିକୂଳ ହୋଇଯାଏ ଏବଂ କେବଳ ଆପଣହିଁ ଅନୁକୂଳ ହୋଇଥିବେ, ତେବେ ହେ ପ୍ରଭୁ ! କହନ୍ତୁ, ଆପଣଙ୍କ ବିନା ଆଉ କାହା ଦ୍ୱାରା ମଙ୍ଗଳ ସାଧିତ ହେବ ? ହେ ଦେବ ! ଆପଣଙ୍କ ସ୍ୱଭାବ କଳ୍ପବୃକ୍ଷ ପରି; ତାହା କାହାରି ଅନୁକୂଳ ନୁହେଁ, କି କାହାରି ପ୍ରତିକୂଳ ନୁହେଁ ॥ ୪ ॥

ଦୋଃ- **ଜାଇ ନିକଟ ପହିଚ୍ଛନି ତରୁ ଛାହଁ ସମନି ସବ ସୋଚ ।**
**ମାଗତ ଅଭିମତ ପାଓ୍ୱ ଜଗ ରାଉ ରଂକୁ ଭଲ ପୋଚ ॥ ୨୬୭ ॥**

ସେହି କଳ୍ପବୃକ୍ଷକୁ ଚିହ୍ନି ଯେ ତା ପାଖକୁ ଯାଏ, ସେହି ବୃକ୍ଷର ଛାୟାହିଁ ତାହାର ସକଳ ଚିନ୍ତା ନାଶ କରିଦିଏ । କି ରାଜା, କି ରଙ୍କ, କି ଭଲ, କି ମନ୍ଦ—ଜଗତରେ ଯେକେହି ତାକୁ ଯାହା ମାଗେ, ସେ ଅବିଳମ୍ବେ ସେହି ବାଂଛିତ ବସ୍ତୁ ପାଇଯାଏ ॥ ୨୬୭ ॥

**ଲଖି ସବ ବିଧି ଗୁର ସ୍ୱାମି ସନେହୂ । ମିଟେଉ ଛୋଭୁ ନହିଁ ମନ ସଂଦେହୂ ॥**
**ଅବ କରୁନାକର କୀଜିଅ ସୋଈ । ଜନ ହିତ ପ୍ରଭୁ ଚିତ ଛୋଭୁ ନ ହୋଈ ॥ ୧ ॥**

ଗୁରୁଦେବ ଓ ପ୍ରଭୁଙ୍କର ସକଳପ୍ରକାର ସ୍ନେହ ଥିବା ଦେଖି ମୋର ସବୁକ୍ଷୋଭ ଦୂର ହୋଇଯାଇଛି; ମନରେ ଆଉ ତିଳେମାତ୍ର ସନ୍ଦେହ ନାହିଁ । ହେ କରୁଣାକର ! ଯାହା କଲେ ଏ ଦାସ ଲାଗି ପ୍ରଭୁଙ୍କ ମନରେ କୌଣସି କ୍ଷୋଭ ନ ହେବ, ଏଥର ତାହାହିଁ କରନ୍ତୁ ॥ ୧ ॥

**ଜୋ ସେଓ୍ୱକୁ ସାହିବହି ସଁକୋଚୀ । ନିଜ ହିତ ଚହଇ ତାସୁ ମତି ପୋଚୀ ॥**
**ସେଓ୍ୱକ ହିତ ସାହିବ ସେଓ୍ୱକାଈ । କରଇ ସକଲ ସୁଖ ଲୋଭ ବିହାଈ ॥ ୨ ॥**

ଯେଉଁ ସେବକ ପ୍ରଭୁଙ୍କୁ ଦ୍ୱିଧାରେ ପକାଇ ନିଜର ଭଲ ଚାହେଁ, ସେ ନୀଚବୁଦ୍ଧି । ସକଳ ଲୋଭ ଓ ସୁଖ ତ୍ୟାଗ କରି ପ୍ରଭୁଙ୍କ ସେବା କରିବାରେହିଁ ସେବକର ମଙ୍ଗଳ ନିହିତ ॥ ୨ ॥

**ସ୍ୱାରଥୁ ନାଥ ଫିରେଁ ସବହୀ କା । କିଏଁ ରଜାଇ କୋଟି ବିଧି ନୀକା ॥**
**ୟହ ସ୍ୱାରଥ ପରମାରଥ ସାରୂ । ସକଲ ସୁକୃତ ଫଲ ସୁଗତି ସିଁଗାରୂ ॥ ୩ ॥**

ହେ ପ୍ରଭୁ ! ଆପଣଙ୍କ ଅଯୋଧ୍ୟା ଫେରିବାରେ ସମସ୍ତଙ୍କର ସ୍ୱାର୍ଥ ନିହିତ ଏବଂ ଆପଣଙ୍କ ଆଜ୍ଞାପାଳନରେ କୋଟି କୋଟିପ୍ରକାର ମଙ୍ଗଳ ନିହିତ । ଏହାହିଁ ସ୍ୱାର୍ଥ ଓ ପରମାର୍ଥର ସାରକଥା; ଏହା ସମସ୍ତ ପୁଣ୍ୟର ଫଳ ଓ ସବୁ ସଦ୍‌ଗତିର ଆଭୂଷଣ ॥ ୩ ॥

**ଦେଓ୍ୱ ଏକ ବିନତୀ ସୁନି ମୋରୀ । ଉଚିତ ହୋଇ ତସ କରବ ବହୋରୀ ॥**
**ତିଲକ ସମାଜୁ ସାଜି ସବୁ ଆନା । କରିଅ ସୁଫଲ ପ୍ରଭୁ ଜୌଁ ମନୁ ମାନା ॥ ୪ ॥**

ହେ ଦେବ ! ମୋର ଗୋଟିଏ ପ୍ରାର୍ଥନା ଶୁଣନ୍ତୁ । ତା'ପରେ ଯାହା ଉଚିତ ଭାବିବେ, ତାହା କରିବେ । ରାଜ୍ୟାଭିଷେକର ସକଳ ସାମଗ୍ରୀ ସଜାଇ ଏଠାକୁ ଅଣାଯାଇଛି; ଯଦି ଆପଣଙ୍କ ମନ ମାନୁଛି, ତେବେ କୃପା କରି ସେସବୁର ସଦୁପଯୋଗ କରନ୍ତୁ ॥ ୪ ॥

ଦୋଃ- **ସାନୁଜ ପଠଇଅ ମୋହି ବନ କୀଜିଅ ସବହି ସନାଥ ।**
**ନତରୁ ଫେରିଅହିଁ ବଂଧୁ ଦୋଉ ନାଥ ଚଲୌଁ ମୈଁ ସାଥ ॥ ୨୬୮ ॥**

ସାନଭାଇ ଶତ୍ରୁଘ୍ନ ସହିତ ମୋତେ ବନକୁ ପଠାଇଦିଅନ୍ତୁ ଏବଂ [ଅଯୋଧ୍ୟା ଫେରିଯାଇ] ସମସ୍ତଙ୍କୁ ସନାଥ କରିଦିଅନ୍ତୁ । ନଚେତ୍ (ଆପଣ ଯଦି ଅଯୋଧ୍ୟା ଯିବାକୁ ଇଚ୍ଛା କରୁନାହାନ୍ତି,) ହେ ପ୍ରଭୁ ! ଲକ୍ଷ୍ମଣ ଓ ଶତ୍ରୁଘ୍ନ ଦୁଇଭାଇଙ୍କୁ ଲେଉଟାଇ ଦିଅନ୍ତୁ; ମୁଁ ଆପଣଙ୍କ ସହିତ ରହିଯିବି ॥ ୨୬୮ ॥

**ନତରୁ ଜାହିଁ ବନ ତୀନିଉଁ ଭାଈ । ବହୁରିଅ ସୀୟ ସହିତ ରଘୁରାଈ ॥**
**ଜେହି ବିଧି ପ୍ରଭୁ ପ୍ରସନ୍ନ ମନ ହୋଈ । କରୁନା ସାଗର କୀଜିଅ ସୋଈ ॥ ୧ ॥**

ଅଥବା ହେ ରଘୁନାଥ ! ଆମେ ତିନିଭାଇ ବନବାସ କରୁଛୁ, ଆପଣ ସୀତାଙ୍କୁ ନେଇ ଅଯୋଧ୍ୟା ଯାଆନ୍ତୁ । ହେ ଦୟାସାଗର ! ଯେଉଁଥିରେ ଆପଣଙ୍କର ଖୁସି, ତାହା କରନ୍ତୁ ॥ ୧ ॥

**ଦେଓ୍ୱଁ ଦୀହ୍ନ ସବୁ ମୋହି ଅଭାରୂ । ମୋରେଁ ନୀତି ନ ଧରମ ବିଚ୍ଚାରୂ ॥**
**କହଉଁ ବଚନ ସବ ସ୍ୱାରଥ ହେତୂ । ରହତ ନ ଆରତ କେଁ ଚିତ ଚେତୂ ॥ ୨ ॥**

ହେ ନାଥ ! ଆପଣ ସମସ୍ତ ଦାୟିତ୍ୱ ମୋ ଉପରେ ଛାଡ଼ିଦେଇଛନ୍ତି । କିନ୍ତୁ ମୋର ନା ଅଛି ନୀତିଜ୍ଞାନ, ନା ଅଛି ଧର୍ମବିଚ୍ଚାର । ମୁଁ ତ ମୋ ନିଜ ସ୍ୱାର୍ଥସିଦ୍ଧିନିମନ୍ତେ ସବୁକଥା କହୁଛି । ଆର୍ତ୍ତମନୁଷ୍ୟର ଚିତ୍ତରେ ବିବେକ ନ ଥାଏ ॥ ୨ ॥

**ଉତରୁ ଦେଇ ସୁନି ସ୍ୱାମି ରଜାଈ । ସୋ ସେଓ୍ୱକୁ ଲଖି ଲାଜ ଲଜାଈ ॥**
**ଅସ ମୈଁ ଅଓ୍ୱଗୁନ ଉଦଧି ଅଗାଧୂ । ସ୍ୱାମି ସନେହଁ ସରାହତ ସାଧୂ ॥ ୩ ॥**

ପ୍ରଭୁଙ୍କ ଆଜ୍ଞା ଶୁଣି ମଧ୍ୟ ଯେ ପ୍ରତ୍ୟୁତ୍ତର ଦିଏ, ସେପରି ସେବକକୁ ଦେଖିଲେ ଲଜ୍ଜା ମଧ୍ୟ ଲଜ୍ଜା ପାଏ । ମୁଁ ହେଉଛି ଅବଗୁଣର (ଦୋଷର) ସେହିପରି ଏକ ଅଗାଧ ସାଗର [ତେଣୁ ପ୍ରଭୁଙ୍କୁ ଉତ୍ତର ଦେଉଛି]; କିନ୍ତୁ ହେ ପ୍ରଭୁ ! ଆପଣ ସ୍ନେହବଶତଃ ମୋତେ ସାଧୁ ବୋଲି କହି ପ୍ରଶଂସା କରୁଛନ୍ତି ॥ ୩ ॥

**ଅବ କୃପାଲ ମୋହି ସୋ ମତ ଭାଓ୍ୱା । ସକୁଚ ସ୍ୱାମି ମନ ଜାଇଁ ନ ପାଓ୍ୱା ॥**
**ପ୍ରଭୁ ପଦ ସପଥ କହଉଁ ସତି ଭାଉ । ଜଗ ମଂଗଲ ହିତ ଏକ ଉପାଉ ॥ ୪ ॥**

ହେ କୃପାଳୁ ! ଯେଉଁଥିରେ ପ୍ରଭୁଙ୍କ ମନରେ କୌଣସି କୁଣ୍ଠା ରହିବ ନାହିଁ, ମୋତେ ବର୍ତ୍ତମାନ ତାହାହିଁ ଭଲ ଲାଗୁଛି । ମୁଁ ପ୍ରଭୁଙ୍କ ଚରଣ ଧରି ଶପଥ କରି ସମ୍ପୂର୍ଣ୍ଣ ଅମାୟିକଭାବରେ କହୁଛି, ଏହାହିଁ ଜଗତର ମଙ୍ଗଳର ଏକମାତ୍ର ଉପାୟ ॥ ୪ ॥

ଦୋଃ- **ପ୍ରଭୁ ପ୍ରସନ୍ନ ମନ ସକୁଚ ତଜି ଜୋ ଜେହି ଆୟସୁ ଦେବ ।**
**ସୋ ସିର ଧରି ଧରି କରିହି ସବୁ ମିଟିହି ଅନଟ ଅଓ୍ୱରେବ ॥ ୨୬୯ ॥**

ପ୍ରସନ୍ନ ଚିତ୍ତରେ, କୁଣ୍ଠା ତ୍ୟାଗ କରି, ପ୍ରଭୁ ଯାହାକୁ ଯାହା ଆଜ୍ଞା ଦେବେ, ତାହା ସମସ୍ତେ ଶିରୋଧାର୍ଯ୍ୟ କରିବେ; ଏହାଦ୍ୱାରା ସବୁ ଅନର୍ଥ ଓ ଅଡୁଆ ତୁଟିଯିବ।'' ॥ ୨୬୯ ॥

**ଭରତ ବଚନ ସୁଚି ସୁନି ସୁର ହରଷେ । ସାଧୁ ସରାହି ସୁମନ ସୁର ବରଷେ ॥**
**ଅସମଂଜସ ବସ ଅଓ୍ୱଧ ନେଓ୍ୱାସୀ । ପ୍ରମୁଦିତ ମନ ତାପସ ବନବାସୀ ॥ ୧ ॥**

ଭରତଙ୍କର ପବିତ୍ର ବଚନ ଶୁଣି ଦେବତାମାନେ ଆନନ୍ଦିତ ହେଲେ ଏବଂ 'ସାଧୁ, ସାଧୁ' କହି, ତାଙ୍କୁ ପ୍ରଶଂସା କରି ପୁଷ୍ପବୃଷ୍ଟି କଲେ । ['ରାମ ଏବେ କ'ଣ କହିବେ ବୋଲି ଭାବି !'] ଅଯୋଧ୍ୟାବାସୀ ଦ୍ୱିଧାରେ ପଡ଼ିଗଲେ । ତପସ୍ୱୀ ଓ ବନବାସୀମାନେ [ରାମ ବନରେ ରହିବେ, ଏହି ଆଶା ଧରି] ମନେ ମନେ ଆନନ୍ଦିତ ହେଲେ ॥ ୧ ॥

**ଚୁପହିଁ ରହେ ରଘୁନାଥ ସଁକୋଚୀ । ପ୍ରଭୁ ଗତି ଦେଖି ସଭା ସବ ସୋଚୀ ॥**
**ଜନକ ଦୂତ ତେହି ଅଓ୍ୱସର ଆଏ । ମୁନି ବସିଷ୍ଟଁ ସୁନି ବେଗି ବୋଲାଏ ॥ ୨ ॥**

କିନ୍ତୁ ଦ୍ୱିଧାବଶତଃ ଶ୍ରୀରଘୁନାଥ ନିରବ ହୋଇ ରହିଗଲେ । ପ୍ରଭୁଙ୍କର ଏହି ମୌନସ୍ଥିତି ଦେଖି ସମସ୍ତେ ଚିନ୍ତାରେ ପଡ଼ିଛନ୍ତି, ଠିକ୍ ସେତିକିବେଳେ ସମାଗ୍ଚର ମିଳିଗଲା ଯେ, ମହାରାଜ ଜନକଙ୍କ ଦୂତମାନେ ଆସିଛନ୍ତି। ଏହା ଶୁଣି ମୁନି ବଶିଷ୍ଠ ତତ୍‌କ୍ଷଣାତ୍ ଦୂତମାନଙ୍କୁ ଡକାଇପଠାଇଲେ ॥ ୨ ॥

**କରି ପ୍ରନାମ ତିନ୍ହ ରାମୁ ନିହାରେ । ବେଷୁ ଦେଖି ଭଏ ନିପଟ ଦୁଖାରେ ॥**
**ଦୂତନ୍ହ ମୁନିବର ବୂଝୀ ବାତା । କହହୁ ବିଦେହ ଭୂପ କୁସଲାତା ॥ ୩ ॥**

ଦୂତମାନେ ଆସି, ପ୍ରଣାମ କରି ଶ୍ରୀରାମଙ୍କୁ ଦେଖିଲେ ଏବଂ ପ୍ରଭୁଙ୍କ ତପସ୍ୱୀବେଶ ଦେଖି ଅତ୍ୟନ୍ତ ଦୁଃଖିତ ହେଲେ । ମୁନିରାଜ ବଶିଷ୍ଠ ଦୂତମାନଙ୍କୁ ମହାରାଜା ଜନକଙ୍କର କୁଶଳ ସମାଗ୍ଚର ପଗ୍ଚରିଲେ ॥ ୩ ॥

**ସୁନି ସକୁଚ୍ଚାଇ ନାଇ ମହି ମାଥା । ବୋଲେ ଚରବର ଜୋରେଁ ହାଥା ॥**
**ବୂଝବ ରାଉର ସାଦର ସାଇଁ । କୁସଲ ହେତୁ ସୋ ଭୟଉ ଗୋସାଇଁ ॥ ୪ ॥**

ଏହା ଶୁଣି, ମୁଖ୍ୟଦୂତ ସଂକୋଚରେ ନତମସ୍ତକ ହୋଇ, ଯୋଡ଼ହସ୍ତ ହୋଇ କହିଲେ, ''ହେ ପ୍ରଭୁ ! ଆପଣ ଆଦରରେ ଏ ଯେଉଁ ପ୍ରଶ୍ନ କଲେ, ଏହାହିଁ କୁଶଳର କାରଣ ହୋଇଗଲା ॥ ୪ ॥

ଦୋ:- **ନାହିଁ ତ କୋସଲନାଥ କେଁ ସାଥ କୁସଲ ଗଇ ନାଥ ।**
**ମିଥିଲା ଅଓ୍ୱଧ ବିସେଷ ତେଁ ଜଗୁ ସବ ଭୟଉ ଅନାଥ ॥ ୨୭୦ ॥**

ତା' ନ ହେଲେ, ସବୁ କୁଶଳ ତ କୋଶଳନାଥ ଦଶରଥଙ୍କ ସହିତ ଗ୍ଚାଲିଯାଇଛି । [ସେ ଗ୍ଚାଲିଯିବା ଫଳରେ] ସମଗ୍ର ସଂସାର ଅନାଥ ହୋଇଯାଇଛି; ମିଥିଳା ଓ ଅଯୋଧ୍ୟା ବିଶେଷରୂପେ ଅନାଥ ହୋଇଯାଇଛି ॥ ୨୭୦ ॥

**କୋସଲପତି ଗତି ସୁନି ଜନକୌରା । ଭେ ସବ ଲୋକ ସୋକବସ ବୌରା ॥**
**ଜେହିଁ ଦେଖେ ତେହି ସମୟ ବିଦେହୂ । ନାମୁ ସତ୍ୟ ଅସ ଲାଗ ନ କେହୂ ॥ ୧ ॥**

ଅଯୋଧ୍ୟାପତିଙ୍କର ଗତି (ମହାରାଜ ଦଶରଥଙ୍କର ମୃତ୍ୟୁ) ଶୁଣି ଜନକପୁରବାସୀ ସମସ୍ତେ ଶୋକରେ ଅଧୀର ହୋଇଗଲେ । ସେହି ସମୟରେ ଯେଉଁମାନେ ବିଦେହଙ୍କ ଶୋକମଗ୍ନ ଅବସ୍ଥା ଦେଖିଛନ୍ତି, ସେମାନଙ୍କୁ ତାଙ୍କର 'ବିଦେହ' (ଦେହ-ଅଭିମାନଶୂନ୍ୟ) ନାମଟି ଯଥାର୍ଥ ବୋଲି ବୋଧ ହେଲା ନାହିଁ । (କାରଣ ଦେହାଭିମାନଶୂନ୍ୟ ପୁରୁଷଙ୍କର ଶୋକ ହେବ କିପରି ?) ॥ ୧ ॥

**ରାନି କୁଚାଲି ସୁନତ ନରପାଲହି । ସୂଝ ନ କଛୁ ଜସ ମନି ବିନୁ ବ୍ୟାଲହି ॥**
**ଭରତ ରାଜ ରଘୁବର ବନବାସୂ । ଭା ମିଥିଲେସହି ହୃଦୟଁ ହରାଁସୂ ॥ ୨ ॥**

ରାଣୀ (କୈକେୟୀ)ଙ୍କ କୁଚକ୍ର କଥା ଶୁଣି ମହାରାଜ ଜନକଙ୍କୁ କିଛି ବୁଦ୍ଧି ଦିଶିଲା ନାହିଁ । ମଣି ହରାଇଦେଲେ ସାପ ଯେପରି ବୁଦ୍ଧିବଣା ହୋଇଯାଏ, ମହାରାଜଙ୍କ ଅବସ୍ଥା ସେହିପରି ହୋଇଗଲା । ତା'ଛଡ଼ା ଭରତଙ୍କ ରାଜତ୍ୱ ଓ ଶ୍ରୀରାମଙ୍କର ବନବାସ ସଂବାଦ ଶୁଣି ମିଥିଳେଶ୍ୱର ଜନକଙ୍କୁ ଅତ୍ୟନ୍ତ ଦୁଃଖ ଲାଗିଲା ॥ ୨ ॥

**ନୃପ ବୂଝେ ବୁଧ ସଚିଓ୍ୱ ସମାଜୂ । କହହୁ ବିଗ୍ଚାରି ଉଚିତ କା ଆଜୂ ॥**
**ସମୁଝି ଅଓ୍ୱଧ ଅସମଂଜସ ଦୋଉ । ଚଲିଅ କି ରହିଅ ନ କହ କଛୁ କୋଉ ॥ ୩ ॥**

ସେ ପଣ୍ଡିତସମାଜ ଓ ମନ୍ତ୍ରିମଣ୍ଡଳଙ୍କୁ ଡକାଇ ପଗ୍ଚରିଲେ, 'ଏପରି ସମୟରେ ଆମର କ'ଣ କରିବା ଉଚିତ, ଆପଣମାନେ ବିଗ୍ଚର କରି କହନ୍ତୁ ।' କିନ୍ତୁ ଅଯୋଧ୍ୟାର ଅବସ୍ଥା ବୁଝି ଏବଂ ଉଭୟ ଦିଗରୁ ଅଡୁଆ ରହିଥିବା ଜାଣି, ସେମାନେ ମହାରାଜଙ୍କୁ ସେଠାକୁ 'ଯାଆନ୍ତୁ' କିଂବା 'ନ ଯାଆନ୍ତୁ'—କିଛି କହିପାରିଲେ ନାହିଁ ॥ ୩ ॥

**ନୃପହିଁ ଧୀର ଧରି ହୃଦୟଁ ବିଗ୍ଚରୀ । ପଠଏ ଅୱଧ ଚତୁର ଚର ଗ୍ଚରୀ ॥**
**ବୂଝି ଭରତ ସତି ଭାଉ କୁଭାଉ । ଆଏହୁ ବେଗି ନ ହୋଇ ଲଖାଉ ॥ ୪ ॥**

ସେମାନେ କିଛି କହି ନ ପାରିବାରୁ ମହାରାଜ ଧୈର୍ଯ୍ୟ ଧରି, ମନେ ମନେ ବିଗ୍ଚର କରି ଅଯୋଧ୍ୟାକୁ ଗ୍ଚରିଜଣ ଦକ୍ଷ ଗୁପ୍ତଚର ପଠାଇଲେ ଏବଂ ସେମାନଙ୍କୁ କହିଲେ, 'ଶ୍ରୀରାମଙ୍କ ପ୍ରତି ଭରତଙ୍କର ସଭାବ ଅଛି, ନା ଅସଭାବ ଅଛି, ତାହା ବୁଝି ତୁମେ ଶୀଘ୍ର ଫେରିଆସିବ; କିନ୍ତୁ ସାବଧାନ ! କେହି ଯେପରି ଏକଥା ଜାଣି ନ ପାରନ୍ତି ।' ॥ ୪ ॥

ଦୋ:- **ଗଏ ଅୱଧ ଚର ଭରତ ଗତି ବୂଝି ଦେଖି କରତୂତି ।**
**ଚଲେ ଚିତ୍ରକୂଟହି ଭରତୁ ଗ୍ଚର ଚଲେ ତେରହୂତି ॥ ୨୭୧ ॥**

ଗୁପ୍ତଚରମାନେ ଅଯୋଧ୍ୟା ଗଲେ । ଭରତଙ୍କ ଉଦ୍ଦେଶ ଜାଣି ଏବଂ ତାଙ୍କ ସଦ୍‌ଭାବ ଲକ୍ଷ୍ୟ କରି, ଭରତ ଚିତ୍ରକୂଟକୁ ଯିବାକୁ ବାହାରୁ ବାହାରୁ ସେମାନେ ତିରହୁତ (ମିଥିଳା) ଫେରିଆସିଲେ ॥ ୨୭୧॥

**ଦୂତନ୍ହ ଆଇ ଭରତ କଇ କରନୀ । ଜନକ ସମାଜ ଜଥାମତି ବରନୀ ॥**
**ସୁନି ଗୁର ପରିଜନ ସଚିୱ ମହୀପତି । ଭେ ସବ ସୋଚ ସନେହଁ ବିକଲ ଅତି ॥ ୧ ॥**

ଗୁପ୍ତଚରମାନେ ଜନକ ମହାରାଜାଙ୍କ ସଭାକୁ ଆସି ଭରତ ଯାହା କରିବାକୁ ଯାଉଥିଲେ ସେ ବିଷୟରେ ନିଜର ବୁଦ୍ଧି ଅନୁଯାୟୀ ବର୍ଣ୍ଣନା କଲେ । ତାହା ଶୁଣି ଗୁରୁଦେବ, ଆତ୍ମୀୟପରିଜନ, ମନ୍ତ୍ରୀ ଏବଂ ମହାରାଜା— ସମସ୍ତେ ଚିନ୍ତା ଓ ସ୍ନେହବଶତଃ ଅତ୍ୟନ୍ତ ବ୍ୟାକୁଳ ହୋଇଗଲେ ॥ ୧ ॥

**ଧରି ଧୀରଜୁ କରି ଭରତ ବଡ଼ାଈ । ଲିଏ ସୁଭଟ ସାହନୀ ବୋଲାଈ ॥**
**ଘର ପୁର ଦେସ ରାଖି ରଖୱାରେ । ହୟ ଗୟ ରଥ ବହୁ ଜାନ ସଁୱାରେ ॥ ୨ ॥**

ତା'ପରେ ଜନକ ମହାରାଜ ଧୈର୍ଯ୍ୟ ଧରି ଏବଂ ଭରତଙ୍କୁ ପ୍ରଶଂସା କରି ସୁଦକ୍ଷ ଯୋଦ୍ଧା, ହାତୀଘୋଡ଼ାଙ୍କ ମାହୁନ୍ତ ଓ ସଇସମାନଙ୍କୁ ଡକାଇଲେ । ରକ୍ଷକମାନଙ୍କୁ ରାଜପ୍ରାସାଦ, ନଗର ଓ ଦେଶ ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇସାରି ଘୋଡ଼ା, ହାତୀ, ରଥ ଆଦି ବିଭିନ୍ନ ଯାନବାହନ ବହୁସଂଖ୍ୟାରେ ସଜାଇବାର ବ୍ୟବସ୍ଥା କଲେ ॥ ୨ ॥

**ଦୁଘରୀ ସାଧି ଚଲେ ତତକାଲା । କିଏ ବିଶ୍ରାମୁ ନ ମଗ ମହିପାଲା ॥**
**ଭୋରହିଁ ଆଜୁ ନହାଇ ପ୍ରୟାଗା । ଚଲେ ଜମୁନ ଉତରନ ସବୁ ଲାଗା ॥ ୩ ॥**
**ଖବରି ଲେନ ହମ ପଠଏ ନାଥା । ତିନ୍ହ କହି ଅସ ମହି ନାୟଉ ମାଥା ॥**
**ସାଥ କିରାତ ଛ ସାତକ ଦୀନ୍ହେ । ମୁନିବର ତୁରତ ବିଦା ଚର କୀନ୍ହେ ॥ ୪ ॥**

ଏବଂ ଦୁଇଘଡ଼ି ଭିତରେ ଯାତ୍ରାରମ୍ଭ କରିବାର ଶୁଭ ମୁହୂର୍ତ୍ତଟିଏ ଗଣାଇ, ରାଜା ଅବିଳମ୍ବେ ବାହାରିପଡ଼ିଲେ । ବାଟରେ କେଉଁଠି ହେଲେ ବିଶ୍ରାମ କରିନାହାନ୍ତି । ଆଜି ସକାଳେ ପ୍ରୟାଗରାଜରେ ସ୍ନାନ କରି ମହାରାଜ ଏଠାକୁ ଆସୁଛନ୍ତି । ସେମାନେ ଯମୁନା ନଦୀ ପାର ହେଉଥିବାବେଳେ, ହେ ନାଥ ! ଆମକୁ ଏଠାକାର ଖବର ନେବାକୁ ପଠାଇଲେ ।'' ଏତିକି କହି ଦୂତମାନେ ସଭାରେ ମୁଣ୍ଡିଆ ମାରିଲେ । ମୁନିବର ବଶିଷ୍ଠ ଛ'ସାତଜଣ କିରାତଙ୍କୁ ସାଙ୍ଗରେ ଦେଇ ଦୂତମାନଙ୍କୁ ତୁରନ୍ତ ବିଦାୟ କରିଦେଲେ ॥ ୩-୪ ॥

ଦୋ:- **ସୁନତ ଜନକ ଆଗୱନୁ ସବୁ ହରଷେଉ ଅୱଧ ସମାଜୁ।**
**ରଘୁନଂଦନହି ସକୋଚୁ ବଡ଼ ସୋଚ ବିବସ ସୁରରାଜୁ॥ ୨୭୨ ॥**

ରାଜା ଜନକଙ୍କ ଆଗମନ କଥା ଶୁଣି ଅଯୋଧ୍ୟାବାସୀମାନେ ଆନନ୍ଦିତ ହୋଇଗଲେ । ଶ୍ରୀରାମଙ୍କ ମନରେ ସଂକୋଚ ଜାତ ହେଲା; କିନ୍ତୁ ଦେବରାଜ ଇନ୍ଦ୍ର ଅଧିକ ଚିନ୍ତାରେ ପଡ଼ିଗଲେ ॥ ୨୭୨ ॥

**ଗରଇ ଗଲାନି କୁଟିଲ କୈକେଈ । କାହି କହୈ କେହି ଦୂଷନୁ ଦେଈ ॥**
**ଅସ ମନ ଆନି ମୁଦିତ ନର ନାରୀ । ଭୟଉ ବହୋରି ରହବ ଦିନ ଚ୍ୱାରୀ ॥ ୧ ॥**

କୁଟିଳା କୈକେୟୀ ମନେ ମନେ ଗ୍ଳାନିରେ ସଢ଼ିଗଲେ । କାହାକୁ କହିବେ ! କାହାକୁ ବା ଦୋଷ ଦେବେ ! କିନ୍ତୁ ଅନ୍ୟସବୁ ନରନାରୀ ଏହା ବିଚ୍ୱର କରି ଖୁସୀ ହୋଇଗଲେ ଯେ, [ଜନକ ମହାରାଜା ଆସୁଥିବାରୁ] ସେଠାରେ ଆଉ ଚ୍ୱରିଛଅଦିନ ରହିବାର ସୁଯୋଗ ମିଳିଯିବ ॥ ୧ ॥

**ଏହି ପ୍ରକାର ଗତ ବାସର ସୋଉ । ପ୍ରାତ ନହାନ ଲାଗ ସବୁ କୋଉ ॥**
**କରି ମଜ୍ଜନୁ ପୂଜହିଁ ନର ନାରୀ । ଗନପ ଗୌରି ତିପୁରାରି ତମାରୀ ॥ ୨ ॥**

ଏପରିଭାବରେ ସେହି ଦିନଟି କଟିଗଲା । ତା'ପରଦିନ ସମସ୍ତେ ସକାଳୁ ସ୍ନାନ କଲେ । ସ୍ନାନ ସାରି ଗଣେଶ, ପାର୍ବତୀ, ମହାଦେବ ଓ ସୂର୍ଯ୍ୟଙ୍କୁ ପୂଜା କଲେ ॥ ୨ ॥

**ରମା ରମନ ପଦ ବଂଦି ବହୋରୀ । ବିନୱହିଁ ଅଂଜୁଲି ଅଂଚଲ ଜୋରୀ ॥**
**ରାଜା ରାମୁ ଜାନକୀ ରାନୀ । ଆନଁଦ ଅୱଧି ଅୱଧ ରଜଧାନୀ ॥ ୩ ॥**
**ସୁବସ ବସଉ ଫିରି ସହିତ ସମାଜା । ଭରତହି ରାମୁ କରହୁଁ ଜୁବରାଜା ॥**
**ଏହି ସୁଖ ସୁଧାଁ ସାଁଚି ସବ କାହୂ । ଦେୱ ଦେହୁ ଜଗ ଜୀୱନ ଲାହୂ ॥ ୪ ॥**

ପୁଣି ଲକ୍ଷ୍ମୀପତି ବିଷ୍ଣୁଙ୍କ ଚରଣ ବନ୍ଦନା କରି, ପୁରୁଷମାନେ ଦୁଇକର ଯୋଡ଼ି ଓ ସ୍ତ୍ରୀମାନେ ପଣତକାନି ପସାରି ବିନତି କଲେ, "ଶ୍ରୀରାମ ରାଜା ହୁଅନ୍ତୁ; ଜାନକୀ ରାଣୀ ହୁଅନ୍ତୁ ତଥା ରାଜଧାନୀ ଅଯୋଧ୍ୟା ଆନନ୍ଦର ଚରମସୀମା ହୋଇଯିବା ସଙ୍ଗେ ସଙ୍ଗେ ପ୍ରଜାଗଣଙ୍କ ସହିତ ପୁନର୍ବାର ସୁଖର ଭଣ୍ଡାରରୂପେ ପ୍ରତିଷ୍ଠିତ ହୋଇଯାଉ ଏବଂ ଭରତଙ୍କୁ ରାମ ଯୁବରାଜ କରାନ୍ତୁ । ହେ ଦେବ ! ଏହି ସୁଖରୂପୀ ଅମୃତ ସିଞ୍ଚନ କରି ସମସ୍ତଙ୍କୁ ଜଗତରେ ଜୀବନ ଧରିବାର ଲାଭ ପ୍ରଦାନ କରନ୍ତୁ ॥ ୪ ॥

ଦୋ:- **ଗୁର ସମାଜ ଭାଇନ୍ହ ସହିତ ରାମ ରାଜୁ ପୁର ହୋଉ ।**
**ଅଛତ ରାମ ରାଜା ଅୱଧ ମରିଅ ମାଗ ସବୁ କୋଉ ॥ ୨୭୩ ॥**

ଗୁରୁ, ରାଜପରିଷଦ ଓ ଭାଇମାନଙ୍କ ସହିତ ଶ୍ରୀରାମ ଅଯୋଧ୍ୟା ନଗରୀରେ ରାଜତ୍ୱ କରନ୍ତୁ ଏବଂ ପ୍ରଭୁ ଶ୍ରୀରାମଙ୍କ ରାଜତ୍ୱକାଳରେହିଁ ଆମର ମରଣ ହେଉ ।" ସମସ୍ତେ ଏହି ମାଗୁଣି ଶୁଣାଇ ପ୍ରାର୍ଥନା କଲେ ॥ ୨୭୩॥

**ସୁନି ସନେହମୟ ପୁରଜନ ବାନୀ । ନିଂଦହିଁ ଜୋଗ ବିରତି ମୁନି ଗ୍ୟାନୀ ॥**
**ଏହି ବିଧି ନିତ୍ୟକରମ କରି ପୁରଜନ । ରାମହି କରହିଁ ପ୍ରନାମ ପୁଲକି ତନ ॥ ୧ ॥**

ଅଯୋଧ୍ୟାବାସୀଙ୍କର ପ୍ରେମପୂର୍ଣ୍ଣ ବାଣୀ ଶୁଣି ଜ୍ଞାନୀମୁନିମାନେ ମଧ୍ୟ ନିଜ ନିଜର ଯୋଗ ଓ ବୈରାଗ୍ୟକୁ ନିନ୍ଦା କଲେ । ଅଯୋଧ୍ୟାର ଲୋକେ ନିତ୍ୟକର୍ମ ଶେଷ କରି, ପୁଲକିତଶରୀରରେ ଶ୍ରୀରାମଙ୍କୁ ପ୍ରଣାମ କଲେ ॥ ୧ ॥

**ଊଁଚ ନୀଚ ମଧ୍ୟମ ନର ନାରୀ । ଲହହିଁ ଦରସୁ ନିଜ ନିଜ ଅନୁହାରୀ ॥**
**ସାୱଧାନ ସବହୀ ସନମାନହିଁ । ସକଲ ସରାହତ କୃପାନିଧାନହିଁ ॥ ୨ ॥**

ଉଚ୍ଚ, ନୀଚ ଓ ମଧ୍ୟମ–ସବୁଶ୍ରେଣୀର ଲୋକେ ନିଜ ନିଜର ଭାବ ଅନୁସାରେ ଶ୍ରୀରାମଙ୍କ ଦର୍ଶନ ପାଇଲେ । ଶ୍ରୀରାମ ପ୍ରେମର ସହିତ ସମସ୍ତଙ୍କୁ ସମ୍ମାନିତ କଲେ ଏବଂ ସମସ୍ତେ କୃପାନିଧାନ ଶ୍ରୀରାମଙ୍କର ପ୍ରଶଂସା କରି କହିଲେ, ॥ ୨ ॥

**ଲରିକାଇହି ତେଁ ରଘୁବର ବାନୀ । ପାଲତ ନୀତି ପ୍ରୀତି ପହିଚାନୀ ॥**
**ସୀଲ ସକୋଚ ସିଂଧୁ ରଘୁରାଊ । ସୁମୁଖ ସୁଲୋଚନ ସରଲ ସୁଭାଊ ॥ ୩ ॥**

ପିଲାଦିନୁ ଶ୍ରୀରାମଙ୍କର ଏହି ସ୍ୱଭାବ ରହିଆସିଛି ଯେ, ସେ ପ୍ରେମକୁ ଚିହ୍ନି ନୀତି ପାଳନ କରନ୍ତି । ସୁଶୀଳତା ଓ ପ୍ରେମର ସାଗର ଶ୍ରୀରଘୁନାଥ ହେଉଛନ୍ତି ସରଳସ୍ୱଭାବର । ତାଙ୍କର ବଚନ ମଧୁର, ସ୍ୱଭାବ ସୁନ୍ଦର ଏବଂ ସେ ସମସ୍ତଙ୍କୁ କୃପାଦୃଷ୍ଟିରେ ଦେଖନ୍ତି ॥ ୩ ॥

**କହତ ରାମ ଗୁନ ଗନ ଅନୁରାଗେ । ସବ ନିଜ ଭାଗ ସରାହନ ଲାଗେ ॥**
**ହମ ସମ ପୁନ୍ୟ ପୁଂଜ ଜଗ ଥୋରେ । ଜିନ୍ହହି ରାମୁ ଜାନତ କରି ମୋରେ ॥ ୪ ॥**

ଶ୍ରୀରାମଙ୍କ ଗୁଣଗାଥା ସ୍ମରଣ କରି କରି ସମସ୍ତେ ପ୍ରେମମଗ୍ନ ହୋଇଗଲେ ଏବଂ ନିଜ ନିଜର ଭାଗ୍ୟକୁ ପ୍ରଶଂସା କରି କହିବାକୁ ଲାଗିଲେ, "ଏହି ପୃଥିବୀରେ ଆମପରି ପୁଣ୍ୟବାନ୍ ବହୁତ କମ୍ ଅଛନ୍ତି, ଯେଉଁମାନଙ୍କୁ କି ଶ୍ରୀରାମ ଆପଣାର ବୋଲି ଜାଣନ୍ତି ।" ॥ ୪ ॥

ଦୋଃ- **ପ୍ରେମ ମଗନ ତେହି ସମୟଁ ସବ ସୁନି ଆୱତ ମିଥିଲେସୁ ।**
**ସହିତ ସଭା ସଂଭ୍ରମ ଉଠେଉ ରବିକୁଲ କମଲ ଦିନେସୁ ॥ ୨୭୪ ॥**

ସମସ୍ତେ ପ୍ରେମମଗ୍ନ ହୋଇ ଯାଇଛନ୍ତି; ଏତିକିବେଳେ ମିଥିଳାପତି ମହାରାଜା ଜନକ ଆସିବାର ସମାଚାର ମିଳିଗଲା । ତାହା ଶୁଣି ସୂର୍ଯ୍ୟବଂଶରୂପୀ କମଳର ସୂର୍ଯ୍ୟ ଶ୍ରୀରାମଚନ୍ଦ୍ର ତାଙ୍କୁ ସସମ୍ମାନେ ସ୍ୱାଗତ ଜଣାଇବା ନିମନ୍ତେ ସଭା ସହିତ ତୁରନ୍ତ ଉଠି ଠିଆ ହୋଇଗଲେ ॥ ୨୭୪ ॥

**ଭାଇ ସଚିୱ ଗୁର ପୁରଜନ ସାଥା । ଆଗେଁ ଗୱନୁ କୀନ୍ହ ରଘୁନାଥା ॥**
**ଗିରିବରୁ ଦୀଖ ଜନକପତି ଜବହୀଁ । କରି ପ୍ରନାମୁ ରଥ ତ୍ୟାଗେଉ ତବହୀଁ ॥ ୧ ॥**

ଭାଇ, ମନ୍ତ୍ରୀ, ଗୁରୁଦେବ ଏବଂ ପୁରବାସୀମାନଙ୍କୁ ସାଥିରେ ନେଇ ଶ୍ରୀରଘୁନାଥ ଜନକଙ୍କୁ ପାଛୋଟି ଆଣିବାକୁ ଚାଲିଲେ । ସେପଟେ ରାଜା ଜନକ ପର୍ବତଶ୍ରେଷ୍ଠ କାମଦନାଥଙ୍କୁ ଦେଖିଦେଇ, ପ୍ରଣାମ କରି ରଥରୁ ଓହ୍ଲାଇପଡ଼ିଲେଣି [ଓ ପାଦରେ ଚାଲିବା ଆରମ୍ଭ କଲେଣି ।] ॥ ୧ ॥

**ରାମ ଦରସ ଲାଲସା ଉଛାହୂ । ପଥ ଶ୍ରମ ଲେସୁ କଲେସୁ ନ କାହୂ ॥**
**ମନ ତହଁ ଜହଁ ରଘୁବର ବୈଦେହୀ । ବିନୁ ମନ ତନ ଦୁଖ ସୁଖ ସୁଧି କେହୀ ॥ ୨ ॥**

ଶ୍ରୀରାମଙ୍କୁ ଦର୍ଶନ କରିବାର ଲାଳସା ଓ ଉତ୍ସାହ ହେତୁ କାହାରିକୁ ଟିକିଏ ବି କ୍ଲାନ୍ତି ଓ କ୍ଲେଶ ଜଣାପଡୁ ନ ଥାଏ । ମନ ତ ଯାଇ ସେଇଠି ଥିଲା, ଯେଉଁଠି ଶ୍ରୀରାମ ଓ ଜାନକୀ ରହିଥିଲେ । ମନ ବିନା ଶରୀରର ସୁଖ-ଦୁଃଖ କିଏ ବା ଜାଣିପାରିବ ? ॥ ୨ ॥

**ଆୱତ ଜନକୁ ଚଲେ ଏହି ଭାଁତୀ । ସହିତ ସମାଜ ପ୍ରେମ ମତି ମାତୀ ॥**
**ଆଏ ନିକଟ ଦେଖି ଅନୁରାଗେ । ସାଦର ମିଲନ ପରସପର ଲାଗେ ॥ ୩ ॥**

ମହାରାଜା ଜନକ ଏପରିଭାବରେ ଆଗକୁ ଗ୍ଲିଲେ । ଅନ୍ୟ ସମସ୍ତଙ୍କ ସହିତ ତାଙ୍କ ବୁଦ୍ଧି ମଧ୍ୟ ପ୍ରେମରେ ଉନ୍ମତ୍ତ ହୋଇଯାଇଥାଏ । ପାଖରେ ଆସି ପହଞ୍ଚିଯିବାରୁ ସମସ୍ତେ ପ୍ରେମରେ ନିମଗ୍ନ ହୋଇଗଲେ ଏବଂ ଆଦରପୂର୍ବକ ପରସ୍ପର ମିଳିତ ହେଲେ ॥ ୩ ॥

**ଲଗେ ଜନକୁ ମୁନିଜନ ପଦ ବଂଦନ । ରିଷିହ୍ନ ପ୍ରନାମୁ କୀହ୍ନ ରଘୁନଂଦନ ॥**
**ଭାଇହ୍ନ ସହିତ ରାମୁ ମିଲି ରାଜହି । ଚଲେ ଲୱାଇ ସମେତ ସମାଜହି ॥ ୪ ॥**

ଜନକ ବଶିଷ୍ଠ ଆଦି ଅଯୋଧ୍ୟାନିବାସୀ ମୁନିମାନଙ୍କର ଚରଣ ବନ୍ଦନା କଲେ ଓ ଶ୍ରୀରାମ ଶତାନନ୍ଦ ଆଦି ଜନକପୁରନିବାସୀ ଋଷିମାନଙ୍କୁ ପ୍ରଣାମ କଲେ । ଭାଇମାନଙ୍କ ସହିତ ଆସି ଶ୍ରୀରାମ ରାଜା ଜନକଙ୍କୁ ସସମ୍ମାନେ ସାକ୍ଷାତ୍ କଲେ ଓ ତାଙ୍କୁ ସମାଜ ସହିତ ନିଜ ଆଶ୍ରମକୁ ପାଛୋଟିନେଲେ ॥ ୪ ॥

ଦୋଃ- **ଆଶ୍ରମ ସାଗର ସାଂତ ରସ ପୂରନ ପାୱନ ପାଥୁ ।**
**ସେନ ମନହୁଁ କରୁନା ସରିତ ଲିଏଁ ଜାହିଁ ରଘୁନାଥୁ ॥ ୨୭୫ ॥**

ଶ୍ରୀରାମଙ୍କ ଆଶ୍ରମ ହୋଇଥାଏ ଶାନ୍ତରସରୂପକ ପବିତ୍ରଜଳରେ ପରିପୂର୍ଣ୍ଣ ଏକ ସମୁଦ୍ର ପରି ଏବଂ ମହାରାଜା ଜନକଙ୍କ ସଙ୍ଗେ ଆସିଥିବା ଜନସମାଜ ହୋଇଥାଏ କରୁଣରସର ଏକ ନଦୀ ପରି । ସେହି ନଦୀକୁ ଶ୍ରୀରଘୁନାଥ ନେଇଆସୁଥିଲେ ଆଶ୍ରମରୂପୀ ଶାନ୍ତରସର ସମୁଦ୍ରରେ ମିଶାଇଦେବା ନିମନ୍ତେ ॥ ୨୭୫ ॥

**ବୋରତି ଗ୍ୟାନ ବିରାଗ କରାରେ । ବଚନ ସସୋକ ମିଲତ ନଦ ନାରେ ॥**
**ସୋଚ ଉସାସ ସମୀର ତରଂଗା । ଧୀରଜ ତଟ ତରୁବର କର ଭଂଗା ॥ ୧ ॥**
**ବିଷମ ବିଷାଦ ତୋରାୱତି ଧାରା । ଭୟ ଭ୍ରମ ଭୱଁର ଅବର୍ତ ଅପାରା ॥**
**କେୱଟ ବୁଧ ବିଦ୍ୟା ବଡ଼ି ନାୱା । ସକହିଁ ନ ଖେଇ ଐକ ନହିଁ ଆୱା ॥ ୨ ॥**

ସେହି କରୁଣରସର ନଦୀ ଏତେ ଜୋର୍‌ରେ ବଢ଼ିଥାଏ ଯେ, ତାହା ଜ୍ଞାନ-ବୈରାଗ୍ୟରୂପୀ ଦୁଇକୂଳ ଲଂଘନ କରି ପ୍ରବାହିତ ହେଉଥାଏ । ଶୋକଭରା ବଚନ ହୋଇଥିଲା ସେହି ନଦୀରେ ଆସି ପଡ଼ିଥିବା ନଦ ଓ ନାଳ ଏବଂ ଚିନ୍ତାର ଦୀର୍ଘଶ୍ୱାସ ହୋଇଥିଲା ପ୍ରବଳ ବାୟୁର ବେଗରେ ଉଠୁଥିବା ତରଙ୍ଗମାଳା; ତାହା ଧୈର୍ଯ୍ୟରୂପୀ କୂଳର ବୃକ୍ଷମାନଙ୍କୁ ଉପାଡ଼ିପକାଉଥିଲା ; ଭୟାନକ ବିଷାଦ ହୋଇଥିଲା ସେହି ନଦୀର ପ୍ରଖରସ୍ରୋତ । ଭୟ ଓ ଭ୍ରମ ହୋଇଥିଲା ସେହି ନଦୀର ଅସଂଖ୍ୟ ଭଉଁରି ଓ ଘୂର୍ଣ୍ଣି । ସେହି ନଦୀରେ ବିଦ୍ୟା ହୋଇଥିଲା ଏକ ବିରାଟ ନୌକା ଓ ବିଦ୍ୱାନ୍‌ମାନେ ଥିଲେ ନାବିକ; କିନ୍ତୁ ସେମାନେ ନୌକାକୁ ବାହିପାରୁ ନ ଥାନ୍ତି (ଅର୍ଥାତ୍ ବିଦ୍ୟାର ସଦୁପଯୋଗ କରିପାରୁ ନ ଥାନ୍ତି); କାହାରିକୁ କିଛି ଉପାୟ ଦିଶୁ ନ ଥାଏ ॥ ୧-୨ ॥

**ବନଚର କୋଲ କିରାତ ବିଗ୍ଚାରେ । ଥକେ ବିଲୋକି ପଥିକ ହିୟଁ ହାରେ ॥**
**ଆଶ୍ରମ ଉଦଧି ମିଲୀ ଜବ ଜାଈ । ମନହୁଁ ଉଠେଉ ଅଂବୁଧି ଅକୁଲାଈ ॥ ୩ ॥**

ବିଚରା ବନବାସୀ କୋହ୍ଲ-କିରାତମାନେ ଥିଲେ ଯାତ୍ରୀ; ସେମାନେ ସେହି ନଦୀକୁ ଦେଖି ମନେ ମନେ ଶଙ୍କିଗଲେ । ସେହି କରୁଣରସର ନଦୀ ଯାଇ ଆଶ୍ରମସମୁଦ୍ରରେ ପଡ଼ିଯିବାବେଳେ, ଜାଣନ୍ତୁ, ସେହି ସମୁଦ୍ର ଆକୁଳତାରେ ଉଦ୍‌ବେଳିତ ହୋଇଉଠିଲା ॥ ୩ ॥

**ସୋକ ବିକଲ ଦୋଉ ରାଜ ସମାଜା । ରହା ନ ଗ୍ୟାନୁ ନ ଧୀରଜୁ ଲାଜା ॥**
**ଭୂପ ରୂପ ଗୁନ ସୀଲ ସରାହୀ । ରୋୱହିଁ ସୋକ ସିଂଧୁ ଅୱଗାହୀ ॥ ୪ ॥**

ଦୁଇ ରାଜସମାଜ ଶୋକରେ ବ୍ୟାକୁଳ ହୋଇଗଲେ । କାହାର ବି ଜ୍ଞାନ, ଧୈର୍ଯ୍ୟ, ଅଥବା ଲଜ୍ଜା ରହିଲା ନାହିଁ । ରାଜା ଦଶରଥଙ୍କର ରୂପ, ଗୁଣ ଓ ସ୍ୱଭାବକୁ ପ୍ରଶଂସା କରି କରି ସମସ୍ତେ କାନ୍ଦିଉଠିଲେ ; ସମସ୍ତେ ଶୋକସାଗରରେ ବୁଡ଼ିଗଲେ ॥ ୪ ॥

ଛନ୍ଦ- **ଅୱଗାହି ସୋକ ସମୁଦ୍ର ସୋଚହିଁ ନାରି ନର ବ୍ୟାକୁଲ ମହା ।**
**ଦୈ ଦୋଷ ସକଲ ସରୋଷ ବୋଲହିଁ ବାମ ବିଧି କୀହ୍ନୋ କହା ॥**
**ସୁର ସିଦ୍ଧ ତାପସ ଜୋଗିଜନ ମୁନି ଦେଖି ଦସା ବିଦେହ କୀ ।**
**ତୁଲସୀ ନ ସମରଥୁ କୋଉ ଜୋ ତରି ସକୈ ସରିତ ସନେହ କୀ ॥**

ଶୋକସାଗରରେ ବୁଡ଼ି, ସବୁ ନରନାରୀ ଅତ୍ୟନ୍ତ ବ୍ୟାକୁଳ ହୋଇ ଚିନ୍ତା କରିବାକୁ ଲାଗିଲେ । ସମସ୍ତେ ବିଧାତାକୁ ଦୋଷ ଦେଇ କ୍ରୋଧରେ କହିହେଲେ, 'ବିଧାତା ବାମ ହୋଇ ଏସବୁ କ'ଣ ନ କରିଦେଲା ସତେ !' ତୁଳସୀଦାସ କହୁଛନ୍ତି, ସେତେବେଳେ ଜନକଙ୍କର ଦଶା ଦେଖି ଦେବତା, ସିଦ୍ଧ, ତପସ୍ୱୀ, ଯୋଗୀ, ମୁନିଗଣ— କେହି ବି ପ୍ରେମନଦୀକୁ ପାର ହୋଇପାରିଲେ ନାହିଁ (ଅର୍ଥାତ୍ ପ୍ରେମମଗ୍ନ ନ ହୋଇ ରହିପାରିଲେ ନାହିଁ) ॥

ସୋଃ- **କିଏ ଅମିତ ଉପଦେସ ଜହଁ ତହଁ ଲୋଗହ୍ନ ମୁନିବରହ୍ନ ।**
**ଧୀରଜୁ ଧରିଅ ନରେସ କହେଉ ବସିଷ୍ଠ ବିଦେହ ସନ ॥ ୨୭୬ ॥**

ବିଶିଷ୍ଟ ମୁନିମାନେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ବହୁ ଉପଦେଶ ଦେଲେ ଏବଂ ବଶିଷ୍ଠ ଜନକରାଜଙ୍କୁ କହିଲେ, "ହେ ରାଜା ! ଆପଣ ଧୈର୍ଯ୍ୟ ଧରନ୍ତୁ ।" ॥ ୨୭୬ ॥

**ଜାସୁ ଗ୍ୟାନୁ ରବି ଭୱ ନିସି ନାସା । ବଚନ କିରନ ମୁନି କମଲ ବିକାସା ॥**
**ତେହି କି ମୋହ ମମତା ନିଅରାଈ । ୟହ ସିୟ ରାମ ସନେହ ବଡ଼ାଈ ॥ ୧ ॥**

ଯେଉଁ ଜନକଙ୍କର ଜ୍ଞାନରୂପୀ ସୂର୍ଯ୍ୟ ଭବ(ପୁନର୍ଜନ୍ମ)ରୂପୀ ରାତ୍ରିକୁ ନାଶ କରିଦିଏ ଏବଂ ଯାହାଙ୍କର ବଚନରୂପୀ କିରଣ ମୁନିରୂପୀ କମଳମାନଙ୍କୁ ବିକଶିତ (ପ୍ରସ୍ଫୁଟିତ, ଆନନ୍ଦିତ) କରିଦିଏ, ତାଙ୍କ ନିକଟରେ ମୋହ ଓ ମମତା କ'ଣ ପଶିପାରିଥାନ୍ତା ? କିନ୍ତୁ ଏହା ତ ଥିଲା ଶ୍ରୀସୀତାରାମଙ୍କ ପ୍ରତି ଅଲୌକିକ ପ୍ରେମର ମହିମା ! (ଅର୍ଥାତ୍ ଶ୍ରୀସୀତାରାମଙ୍କ ପ୍ରତି ଅଲୌକିକ ପ୍ରେମ ହେତୁ ରାଜା ଜନକଙ୍କର ଏହି ଦଶା ହୋଇଗଲା, ଲୌକିକ ମୋହମମତା ହେତୁ ନୁହେଁ । ଯେ ଲୌକିକ ମୋହମମତାକୁ ପାର ହୋଇସାରିଥାନ୍ତି, ତାଙ୍କ ଉପରେ ବି ଶ୍ରୀସୀତାରାମଙ୍କର ପ୍ରେମ ନିଜର ପ୍ରଭାବ ନ ପକାଇ ଛାଡ଼େ ନାହିଁ ।) ॥ ୧ ॥

**ବିଷଈ ସାଧକ ସିଦ୍ଧ ସୟାନେ । ତ୍ରିବିଧ ଜୀୱ ଜଗ ବେଦ ବଖାନେ ॥**
**ରାମ ସନେହ ସରସ ମନ ଜାସୂ । ସାଧୁ ସଭାଁ ବଡ଼ ଆଦର ତାସୂ ॥ ୨ ॥**

ବେଦଗଣ କହନ୍ତି, ଜଗତରେ ବିଷୟୀ, ସାଧକ ଓ ଜ୍ଞାନବାନ୍ ସିଦ୍ଧପୁରୁଷ—ଏହିପରି ତିନିପ୍ରକାର ପୁରୁଷ ଅଛନ୍ତି । ଏହି ତିନିଙ୍କ ମଧ୍ୟରୁ ଯାହାଙ୍କର ଚିତ୍ତ ଶ୍ରୀରାମଙ୍କ ସ୍ନେହରେ ରସସିକ୍ତ ହୋଇ ରହିଥାଏ, ସାଧୁମାନଙ୍କ ସଭାରେ ତାଙ୍କୁ ବଡ଼ ଆଦର ମିଳେ ॥ ୨ ॥

**ସୋହ ନ ରାମ ପେମ ବିନୁ ଗ୍ୟାନୂ । କରନଧାର ବିନୁ ଜିମି ଜଲଜାନୂ ॥**
**ମୁନି ବହୁବିଧି ବିଦେହୁ ସମୁଝାଏ । ରାମ ଘାଟ ସବ ଲୋଗ ନହାଏ ॥ ୩ ॥**

କର୍ଣ୍ଣଧାର ବିନା ଯେପରି ଜଳଯାନ ଶୋଭା ପାଏନାହିଁ, ଶ୍ରୀରାମଙ୍କ ପ୍ରତି ପ୍ରେମ ବିନା ସେହିପରି ଜ୍ଞାନ ଶୋଭା ପାଏନାହିଁ । ବଶିଷ୍ଠ ମୁନି ବିଦେହରାଜ ଜନକଙ୍କୁ ବହୁପ୍ରକାରେ ବୁଝାଇଲେ । ତା'ପରେ ସମସ୍ତେ ଯାଇ ରାମଘାଟରେ ସ୍ନାନ କଲେ ॥ ୩ ॥

**ସକଲ ସୋକ ସଂକୁଲ ନର ନାରୀ । ସୋ ବାସରୁ ବୀତେଉ ବିନୁ ବାରୀ ॥**
**ପସୁ ଖଗ ମୃଗହ୍ନ ନ କୀହ୍ନ ଅହାରୂ । ପ୍ରିୟ ପରିଜନ କର କୌନ ବିଗ୍ୱାରୂ ॥ ୪ ॥**

ସମସ୍ତ ନରନାରୀ ଶୋକରେ ଅଭିଭୂତ । ସେଦିନ ସମସ୍ତେ ଜଳସ୍ପର୍ଶ ନ କରି ରହିଗଲେ । ପଶୁ, ପକ୍ଷୀ ଓ ମୃଗମାନେ ମଧ୍ୟ କିଛି ଖାଇଲେ ନାହିଁ; ଏପରି ଅବସ୍ଥାରେ ପ୍ରିୟଜନ ଓ କୁଟୁମ୍ବ ଲୋକଙ୍କ ବିଷୟରେ ଅଧିକ ବା କ'ଣ କହିବା ! ॥ ୪ ॥

ଦୋ:- **ଦୋଉ ସମାଜ ନିମିରାଜୁ ରଘୁରାଜୁ ନହାନେ ପ୍ରାତ ।**
**ବୈଠେ ସବ ବଟ ବିଟପ ତର ମନ ମଲୀନ କୃସ ଗାତ ॥ ୨୭୭ ॥**

ନିମିରାଜ ଜନକ ଓ ରଘୁରାଜ ଶ୍ରୀରାମ ତଥା ଦୁଇପକ୍ଷର ଲୋକେ ଦ୍ୱିତୀୟ ଦିନ ପ୍ରଭାତରେ ସ୍ନାନ ଶେଷ କରି, ଯାଇ ବରଗଛତଳେ ବସିଲେ । ସମସ୍ତଙ୍କର ମନ ବିରସ ଓ ଶରୀର ଦୁର୍ବଳ ॥ ୨୭୭ ॥

**ଜେ ମହିସୁର ଦସରଥ ପୁର ବାସୀ । ଜେ ମିଥିଲାପତି ନଗର ନିୱାସୀ ॥**
**ହଂସ ବଂସ ଗୁର ଜନକ ପୁରୋଧା । ଜିହ୍ନ ଜଗ ମଗୁ ପରମାରଥୁ ସୋଧା ॥ ୧ ॥**
**ଲଗେ କହନ ଉପଦେସ ଅନେକା । ସହିତ ଧରମ ନୟ ବିରତି ବିବେକା ॥**
**କୌସିକ କହି କହି କଥା ପୁରାନାଁ । ସମୁଝାଈ ସବ ସଭା ସୁବାନାଁ ॥ ୨ ॥**

ଦଶରଥଙ୍କ ନଗରୀ ଅଯୋଧ୍ୟାର ବ୍ରାହ୍ମଣଗଣ ଓ ମିଥିଳାପତି ଜନକଙ୍କ ନଗର ଜନକପୁରର ବ୍ରାହ୍ମଣଗଣ ତଥା ସୂର୍ଯ୍ୟବଂଶର ଗୁରୁ ବଶିଷ୍ଠ ଓ ଜନକଙ୍କ ପୁରୋହିତ ଶତାନନ୍ଦ ଆଦି ଯେଉଁ ପଣ୍ଡିତମାନେ ସାଂସାରିକ ଅଭ୍ୟୁଦୟର ମାର୍ଗ ତଥା ପାରମାର୍ଥିକ ମାର୍ଗ ବିଷୟରେ ଅଭିଜ୍ଞ ଥିଲେ, ସେମାନେ ଲୋକଙ୍କୁ ଧର୍ମ, ନୀତି, ବୈରାଗ୍ୟ ତଥା ବିବେକସମ୍ମତ ଅନେକ ଉପଦେଶ ଦେଲେ । ପୁରାଣ-କାହାଣୀ ବ୍ୟାଖ୍ୟା କରି ଉପସ୍ଥିତ ସମସ୍ତ ଲୋକଙ୍କୁ ବିଶ୍ୱାମିତ୍ର ସୁନ୍ଦରଭାବରେ ବୁଝାଇଲେ ॥ ୧-୨ ॥

**ତବ ରଘୁନାଥ କୌସିକହି କହେଉ । ନାଥ କାଲି ଜଲ ବିନୁ ସବୁ ରହେଉ ॥**
**ମୁନି କହ ଉଚିତ କହତ ରଘୁରାଈ । ଗୟଉ ବୀତି ଦିନ ପହର ଅଢ଼ାଈ ॥ ୩ ॥**

ତା'ପରେ ଶ୍ରୀରଘୁନାଥ ବିଶ୍ୱାମିତ୍ରଙ୍କୁ ଜଣାଇଲେ, ''ହେ ନାଥ ! ଗତକାଲି କେହି ପାଣିଟୋପାଏ ବି ପିଇ ନାହାନ୍ତି [ତେଣୁ ବର୍ତ୍ତମାନ କିଛି ଖାଇବା ଆବଶ୍ୟକ]'' । ବିଶ୍ୱାମିତ୍ର କହିଲେ, ''ରଘୁନାଥ ଠିକ୍ କଥା କହୁଛନ୍ତି । ଆଜି ବି ଅଢ଼େଇପହର ଦିନ ବିତିଗଲାଣି ।'' ॥ ୩ ॥

**ରିଷି ରୁଖ ଲଖି କହ ତେରହୁତିରାଜୂ । ଇହାଁ ଉଚିତ ନହିଁ ଅସନ ଅନାଜୂ ॥**
**କହା ଭୂପ ଭଲ ସବହି ସୋହାନା । ପାଇ ରଜାୟସୁ ଚଲେ ନହାନା ॥ ୪ ॥**

ବିଶ୍ୱାମିତ୍ରଙ୍କ ଅଭିପ୍ରାୟ ବୁଝିପାରି ତିରହୁତରାଜ ଜନକ କହିଲେ, ''ଏଠାରେ ଅନ୍ନଭୋଜନ କରିବା ଠିକ୍ ହେବ ନାହିଁ ।'' ରାଜାଙ୍କ ସୁନ୍ଦର କଥାଟି ସମସ୍ତଙ୍କ ମନକୁ ପାଇଲା । ଆଜ୍ଞା ପାଇ ସମସ୍ତେ ସ୍ନାନ କରିବାକୁ ଗଲେ ॥ ୪ ॥

ଦୋ:- **ତେହି ଅୱସର ଫଲ ଫୂଲ ଦଲ ମୂଲ ଅନେକ ପ୍ରକାର ।**
**ଲଇ ଆଏ ବନଚର ବିପୁଲ ଭରି ଭରି କାଁୱରି ଭାର ॥ ୨୭୮ ॥**

ସେତିକିବେଳେ ଭାରରେ ଓ ବୋଝରେ ପ୍ରଚୁର ପରିମାଣର ଫଳ, ଫୁଲ, ପତ୍ର, ମୂଳ ଆଦି ବିଭିନ୍ନପ୍ରକାର ଖାଦ୍ୟପଦାର୍ଥ ଧରି ବନବାସୀ କୋହ୍ଲ-ଶବରମାନେ ଆସି ପହଞ୍ଚିଗଲେ ॥ ୨୭୮ ॥

**କାମଦ ଭେ ଗିରି ରାମ ପ୍ରସାଦା । ଅୱ୍ଲୋକତ ଅପହରତ ବିଷାଦା ॥**
**ସର ସରିତା ବନ ଭୂମି ବିଭାଗା । ଜନୁ ଉମଗତ ଆନଁଦ ଅନୁରାଗା ॥ ୧ ॥**

ଶ୍ରୀରାମଙ୍କ କୃପାରୁ ସବୁପାହାଡ଼ପର୍ବତ ଈପ୍‌ସିତବସ୍ତୁ ପ୍ରଦାନ କରୁଥିଲେ ଏବଂ ଦର୍ଶନମାତ୍ରେ ସକଳ ଦୁଃଖ ହରଣ କରିନେଉଥିଲେ । ସେଠାକାର ପୁଷ୍କରିଣୀ, ନଦୀ, ଅରଣ୍ୟ ଓ ଭୂମି—ସବୁଥିରୁ ସତେ ଯେପରି ଆନନ୍ଦ ଓ ପ୍ରେମ ଉଚ୍ଛୁଳିପଡୁଥାଏ ॥ ୧ ॥

**ବେଲି ବିଟପ ସବ ସଫଲ ସଫୂଲା । ବୋଲତ ଖଗ ମୃଗ ଅଲି ଅନୁକୂଲା ॥**
**ତେହି ଅୱ୍ସର ବନ ଅଧିକ ଉଛାହୂ । ତ୍ରିବିଧ ସମୀର ସୁଖଦ ସବ କାହୂ ॥ ୨ ॥**

ତରୁଲତାମାନେ ଫୁଲଫଳରେ ବିମଣ୍ଡିତ ହୋଇଥାନ୍ତି । ପଶୁ, ପକ୍ଷୀ ଓ ଭ୍ରମରମାନେ ମଧୁର କଣ୍ଠରେ ଚତୁର୍ଦ୍ଦିଗ ମୁଖରିତ କରୁଥାନ୍ତି । ବନରାଜ୍ୟରେ ଅପାର ଆନନ୍ଦ ଉତ୍ସାହ ଖେଳିଯାଇଥାଏ । ସୁଖପ୍ରଦ ଶୀତଳ, ମନ୍ଦ ଓ ସୁଗନ୍ଧ—ତ୍ରିବିଧ ବାୟୁ ପ୍ରବାହିତ ହେଉଥାଏ ॥ ୨ ॥

**ଜାଇ ନ ବରନି ମନୋହରତାଈ । ଜନୁ ମହି କରତି ଜନକ ପହୁନାଈ ॥**
**ତବ ସବ ଲୋଗ ନହାଇ ନହାଈ । ରାମ ଜନକ ମୁନି ଆୟସୁ ପାଈ ॥ ୩ ॥**
**ଦେଖି ଦେଖି ତରୁବର ଅନୁରାଗେ । ଜହଁ ତହଁ ପୁରଜନ ଉତରନ ଲାଗେ ॥**
**ଦଲ ଫଲ ମୂଲ କଂଦ ବିଧି ନାନା । ପାୱ୍ନ ସୁଂଦର ସୁଧା ସମାନା ॥ ୪ ॥**

ବନର ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇ ନ ପାରେ । ଜଣାପଡୁଥାଏ, ସତେ ଯେପରି ପୃଥିବୀମାତା ଜନକରାଜାଙ୍କୁ ଅତିଥିରୂପେ ପାଇ ସତ୍କାର କରୁଛନ୍ତି । ଜନକପୁରର ସମସ୍ତ ନରନାରୀ ସ୍ନାନ ସାରି ଶ୍ରୀରାମ, ଜନକ ଓ ମୁନିମାନଙ୍କ ଆଦେଶାନୁକ୍ରମେ ସେଠାକାର ସୁନ୍ଦର ବୃକ୍ଷଲତା ଦେଖି ଦେଖି ପ୍ରେମାନନ୍ଦରେ ବିଭିନ୍ନ ସ୍ଥାନରେ ଅବସ୍ଥାନ କଲେ । ପବିତ୍ର, ସୁନ୍ଦର ଏବଂ ଅମୃତତୁଲ୍ୟ ବିଭିନ୍ନପ୍ରକାର ପତ୍ର, ଫୁଲ, ଫଳ, କନ୍ଦ ଓ ମୂଳ—॥ ୩, ୪ ॥

ଦୋଃ- **ସାଦର ସବ କହଁ ରାମଗୁର ପଠଏ ଭରି ଭରି ଭାର ।**
**ପୂଜି ପିତର ସୁର ଅତିଥି ଗୁର ଲଗେ କରନ ଫରହାର ॥ ୨୭୯ ॥**

ଝୁଡ଼ି ଓ ଭାରମାନଙ୍କରେ ପୂର୍ଣ୍ଣ କରି ଶ୍ରୀରାମଙ୍କ ଗୁରୁ ବଶିଷ୍ଠ ଆଦର ସହକାରେ ସମସ୍ତଙ୍କ ନିକଟକୁ ପଠାଇଲେ । ସେମାନେ ପିତୃ, ଦେବତା, ଅତିଥି ଓ ଗୁରୁଙ୍କୁ ପୂଜା କରି ଫଳାହାର କଲେ ॥ ୨୭୯ ॥

**ଏହି ବିଧି ବାସର ବୀତେ ଚ୍ୱାରୀ । ରାମୁ ନିରଖି ନର ନାରି ସୁଖାରୀ ॥**
**ଦୁହୁ ସମାଜ ଅସି ରୁଚି ମନ ମାହୀଁ । ବିନୁ ସିୟ ରାମ ଫିରବ ଭଲ ନାହୀଁ ॥ ୧ ॥**

ଏପରିଭାବରେ ଚାରିଦିନ କଟିଗଲା । ଶ୍ରୀରାମଙ୍କୁ ଦେଖି ସମସ୍ତେ ଆନନ୍ଦିତ ହୋଇଯାଇଥିଲେ । ଉଭୟ ପକ୍ଷର ଲୋକେ ମନେ ମନେ ଭାବୁଥିଲେ, "ଶ୍ରୀରାମ ଓ ସୀତାଙ୍କୁ ନ ନେଇ ଫେରିଯିବା ଠିକ୍ ହେବ ନାହିଁ ॥ ୧ ॥

**ସୀତା ରାମ ସଂଗ ବନବାସୂ । କୋଟି ଅମରପୁର ସରିସ ସୁପାସୂ ॥**
**ପରିହରି ଲଖନ ରାମୁ ବୈଦେହୀ । ଜେହି ଘରୁ ଭାୱ୍ ବାମ ବିଧି ତେହୀ ॥ ୨ ॥**

ସୀତା-ରାମଙ୍କ ସହିତ ବନରେ ରହିବା ହେଉଛି କୋଟିଦେବଲୋକରେ ରହିବାପରି ସୁଖଦାୟକ । ଲକ୍ଷ୍ମଣ, ଶ୍ରୀରାମ ଓ ସୀତାଙ୍କୁ ଛାଡ଼ି ଯେଉଁମାନଙ୍କୁ ଘରେ ରହିବାକୁ ଭଲ ଲାଗେ, ସେମାନଙ୍କ ପ୍ରତି ବିଧାତା ବାମ ହୋଇଛନ୍ତି ବୋଲି ବୁଝିବାକୁ ହେବ ॥ ୨ ॥

**ଦାହିନ ଦଇଉ ହୋଇ ଜବ ସବହୀ । ରାମ ସମୀପ ବସିଅ ବନ ତବହୀ ॥**
**ମଂଦାକିନି ମଜ୍ଜନୁ ତିହୁ କାଲା । ରାମ ଦରସୁ ମୁଦ ମଂଗଲ ମାଲା ॥ ୩ ॥**
**ଅଟନୁ ରାମ ଗିରି ବନ ତାପସ ଥଲ । ଅସନୁ ଅମିଅ ସମ କଂଦ ମୂଲ ଫଲ ॥**
**ସୁଖ ସମେତ ସଂବତ ଦୁଇ ସାତା । ପଲ ସମ ହୋହିଁ ନ ଜନିଅହିଁ ଜାତା ॥ ୪ ॥**

ଦୈବ ଆମ ସମସ୍ତଙ୍କ ପ୍ରତି ଅନୁକୂଳ ହେଲେ ଯାଇ, ଶ୍ରୀରାମଙ୍କ ସହିତ ବନରେ ରହିବା ଆମ ପକ୍ଷରେ ସମ୍ଭବ ହେବ । ତ୍ରିକାଳରେ ମନ୍ଦାକିନୀରେ ସ୍ନାନ କରି, ଆନନ୍ଦ ତଥା ମଙ୍ଗଳର ମୂଳରୂପ ଶ୍ରୀରାମଙ୍କୁ ଦର୍ଶନ କରି, ଶ୍ରୀରାମଙ୍କ ପର୍ବତ କାମଦଗିରି ପରିକ୍ରମା କରି, ବନ ଓ ତପସ୍ୱୀମାନଙ୍କ ଆଶ୍ରମରେ ଭ୍ରମଣ କରି ଏବଂ ଅମୃତତୁଲ୍ୟ କନ୍ଦ, ମୂଳ ଓ ଫଳ ଭୋଜନ କରି ରହିଗଲେ ଚଉଦଟା ବର୍ଷ ଗୋଟିଏ ପଲକ ପରି ସୁଖରେ କଟିଯାଆନ୍ତା; ଦିନ ଜଣାପଡ଼ନ୍ତା ନାହିଁ ।''॥ ୩-୪ ॥

ଦୋ:- **ଏହି ସୁଖ ଜୋଗ ନ ଲୋଗ ସବ କହହିଁ କହାଁ ଅସ ଭାଗୁ ।**
**ସହଜ ସୁଭାୟଁ ସମାଜ ଦୁହୁ ରାମ ଚରନ ଅନୁରାଗୁ ॥ ୨୮୦ ॥**

ସମସ୍ତେ କହୁଥାନ୍ତି, ''ବାସ୍ତବରେ ଆମେ ଏହି ସୁଖର ଯୋଗ୍ୟ ନୋହୁଁ । ଆମର ଏତେ ବଡ଼ ଭାଗ୍ୟ କାହିଁ !'' ଉଭୟ ପକ୍ଷର ଲୋକଙ୍କର ଶ୍ରୀରାମଙ୍କ ଚରଣରେ ସହଜସ୍ୱାଭାବିକ ପ୍ରେମ ରହିଥିଲା ॥ ୨୮୦ ॥

**ଏହି ବିଧି ସକଲ ମନୋରଥ କରହୀଁ । ବଚନ ସପ୍ରେମ ସୁନତ ମନ ହରହୀଁ ॥**
**ସୀୟ ମାତୁ ତେହି ସମୟ ପଠାଇଁ । ଦାସୀଁ ଦେଖି ସୁଅୱସରୁ ଆଇଁ ॥ ୧ ॥**

ସମସ୍ତେ ଏହିପରି ଚିନ୍ତା କରୁଥାନ୍ତି । ସେମାନଙ୍କର ପ୍ରେମପୂର୍ଣ୍ଣ ବଚନ ଶୁଣିବାଲୋକର ଚିତ୍ତକୁ ଅଚିରେ ହରିନେଉଥାଏ । ସୀତାଙ୍କ ଜନନୀ ସୁନୟନା ପଠାଇଥିବା କେତେ ଜଣ ଦାସୀ ଆସି କୌଶଲ୍ୟା ଆଦି ରାଣୀମାନଙ୍କୁ କେତେବେଳେ ସାକ୍ଷାତ୍ କରିହେବ, ତାହା ଲକ୍ଷ୍ୟ କରି ଫେରିଗଲେ ॥ ୧ ॥

**ସାଓ୍ୱକାସ ସୁନି ସବ ସିୟ ସାସୂ । ଆୟଉ ଜନକରାଜ ରନିବାସୂ ॥**
**କୌସଲ୍ୟାଁ ସାଦର ସନମାନୀ । ଆସନ ଦିଏ ସମୟ ସମ ଆନୀ ॥ ୨ ॥**

ସୀତାଙ୍କ ଶାଶୁମାନଙ୍କ ସହିତ କେତେବେଳେ ସାକ୍ଷାତ୍ କରିହେବ, ଦାସୀମାନଙ୍କ ଠାରୁ ତାହା ଶୁଣି ଜନକଙ୍କ ରାଣୀମହଲର ନାରୀମାନେ ଆସି ସେଠାରେ ପହଞ୍ଚିଗଲେ । କୌଶଲ୍ୟା ସେମାନଙ୍କୁ ଆଦରସମ୍ମାନର ସହିତ ଅଭ୍ୟର୍ଥନା କରି ସମୟୋଚିତ ଆସନ ଦେଲେ ॥ ୨ ॥

**ସୀଲୁ ସନେହୁ ସକଲ ଦୁହୁ ଓରା । ଦ୍ରୱହିଁ ଦେଖି ସୁନି କୁଲିସ କଠୋରା ॥**
**ପୁଲକ ସିଥିଲ ତନ ବାରି ବିଲୋଚନ । ମହି ନଖ ଲିଖନ ଲଗାଁ ସବ ସୋଚନ ॥ ୩ ॥**

ଉଭୟ ପରିବାର ମଧ୍ୟରେ ଯେଉଁ ପ୍ରୀତିପୂର୍ଣ୍ଣ ବ୍ୟବହାରର ଆଦାନପ୍ରଦାନ ହେଲା, ତାହା ଦେଖିଲେ କଠୋର ବଜ୍ର ବି ତରଳିଯିବ । ସେମାନଙ୍କ ଦେହ ରୋମାଞ୍ଚିତ ଓ ଅବଶ ହୋଇଯାଇଥାଏ । ନେତ୍ରରୁ ଶୋକ ଓ ପ୍ରେମର ଅଶ୍ରୁ ଝରିଆସୁଥାଏ । ସମସ୍ତେ ପାଦନଖରେ ଭୂଇଁରେ ଗାର କାଟୁଥାନ୍ତି ଓ ଗଭୀର ଚିନ୍ତାରେ ବୁଡ଼ିଯାଇଥାନ୍ତି ॥ ୩ ॥

**ସବ ସିୟ ରାମ ପ୍ରୀତି କି ସି ମୂରତି । ଜନୁ କରୁନା ବହୁ ବେଷ ବିସୂରତି ॥**
**ସୀୟ ମାତୁ କହ ବିଧି ବୁଧି ବାଁକୀ । ଜୋ ପୟ ଫେନୁ ଫୋର ପବି ଟାଁକୀ ॥ ୪ ॥**

ସମସ୍ତେ ଥିଲେ ଶ୍ରୀସୀତାରାମପ୍ରେମର ପ୍ରତିମୂର୍ତ୍ତି ପରି; ଜଣାପଡୁଥିଲା, ସତେ ଯେପରି କରୁଣରସହିଁ ନାନାପ୍ରକାର ବେଶ ଧରି ବିଳାପ କରୁଛି । ସୀତାଙ୍କର ମାତା ସୁନୟନା ଦେବୀ କହିଲେ, ‘‘ବିଧାତାର ବୁଦ୍ଧି ଅତି କୁଟିଳ; ସେ ଦୁଧଫେଣ ପରି କୋମଳ ପଦାର୍ଥକୁ ବଜ୍ରର ଶୂଳରେ ଫୋଡୁଛି (ଅର୍ଥାତ୍ ଯେ କୋମଳ ଓ ନିର୍ଦୋଷ, ତା'ଉପରେ ବାରମ୍ବାର ବିପଦ ଉପରେ ବିପଦ ଲଦିଦେଉଛି ।) ॥ ୪ ॥

**ଦୋ:- ସୁନିଅ ସୁଧା ଦେଖିଅହିଁ ଗରଲ ସବ କରତୂତି କରାଲ ।**
**ଜହଁ ତହଁ କାକ ଉଲୂକ ବକ ମାନସ ସକୃତ ମରାଲ ॥ ୨୮୧ ॥**

ଅମୃତ ଶବ୍ଦଟା ଖାଲି ଶୁଣିବାକୁ ମିଳୁଛି, ଅଥଚ ବିଷ ଗ୍ରିଆଡ଼େ ପ୍ରତ୍ୟକ୍ଷ ଦେଖିବାକୁ ମିଳୁଛି । ବିଧାତାର ସବୁକାମ ଅତ୍ୟନ୍ତ ନିଷ୍ଠୁର । କୁଆ, ପେଚ୍ଚା ଓ ବଗ ସବୁଠି ଅଛନ୍ତି; କିନ୍ତୁ ମରାଳ (ରାଜହଂସ) କେବଳ ମାନସ ସରୋବରରେ ଅଛନ୍ତି ।'' ॥ ୨୮୧ ॥

**ସୁନି ସସୋଚ କହ ଦେବି ସୁମିତ୍ରା । ବିଧି ଗତି ବଡ଼ି ବିପରୀତ ବିଚିତ୍ରା ॥**
**ଜୋ ସୃଜି ପାଲଇ ହରଇ ବହୋରୀ । ବାଲକେଲି ସମ ବିଧି ମତି ଭୋରୀ ॥ ୧ ॥**

ଏହା ଶୁଣି ସୁମିତ୍ରା ଦେବୀ ଶୋକମଗ୍ନ ହୋଇ କହିଲେ, ‘‘ବିଧିର ବିଧାନ ସତରେ ବଡ଼ ବିପରୀତ ଓ ବିଚିତ୍ର । ସେ ଯାହାକୁ ସୃଷ୍ଟି କରୁଛି, ପାଳନ କରୁଛି, ତାକୁହିଁ ପୁଣି ସଂହାର କରୁଛି । ବିଧାତାର ବୁଦ୍ଧି ପିଲାଖେଳ ପରି ଜ୍ଞାନଶୂନ୍ୟ ।'' ॥ ୧ ॥

**କୌସଲ୍ୟା କହ ଦୋସୁ ନ କାହୂ । କରମ ବିବସ ଦୁଖ ସୁଖ ଛତି ଲାହୂ ॥**
**କଠିନ କରମ ଗତି ଜାନ ବିଧାତା । ଜୋ ସୁଭ ଅସୁଭ ସକଲ ଫଲ ଦାତା ॥ ୨ ॥**

କୌଶଲ୍ୟା ଦେବୀ କହିଲେ, ‘‘ଏଥିରେ କାହାର ଦୋଷ ନାହିଁ । ସୁଖ-ଦୁଃଖ, ଲାଭ-କ୍ଷତି ସବୁ କର୍ମର ଅଧୀନ । କର୍ମର ଗତି ବଡ଼ ଜଟିଳ (ଦୁର୍ବିଜ୍ଞେୟ); ଏକମାତ୍ର ବିଧାତାହିଁ ତାହା ଜାଣେ । ସେହି ବିଧାତାହିଁ ଶୁଭ ଓ ଅଶୁଭ ଫଳ ଦିଏ ॥ ୨ ॥

**ଈସ ରଜାଇ ସୀସ ସବହୀ କେଁ । ଉତପତି ଥିତି ଲୟ ବିଷହୁ ଅମୀ କେଁ ॥**
**ଦେବି ମୋହ ବସ ସୋଚିଅ ବାଦୀ । ବିଧି ପ୍ରପଂଚୁ ଅସ ଅଚଲ ଅନାଦୀ ॥ ୩ ॥**

ସମସ୍ତେ ଈଶ୍ୱରଙ୍କ ଆଜ୍ଞାର ଅଧୀନ । ଉତ୍ପତ୍ତି, ସ୍ଥିତି ଓ ବିଲୟ ତଥା ଅମୃତ ଓ ବିଷ ମଧ୍ୟ ତାଙ୍କରି ଅଧୀନ । ହେ ଦେବୀ ! ମୋହବଶ ହୋଇ ଶୋକ କରିବା ଅନୁଚିତ । ବିଧାତାଙ୍କ ପ୍ରପଞ୍ଚ ଏହିପରି ଅଟଳ ଓ ଅନାଦି ॥ ୩ ॥

**ଭୂପତି ଜିଅବ ମରବ ଉର ଆନୀ । ସୋଚିଅ ସଖି ଲଖି ନିଜ ହିତ ହାନୀ ॥**
**ସୀୟ ମାତୁ କହ ସତ୍ୟ ସୁବାନୀ । ସୁକୃତୀ ଅଵଧି ଅଵଧପତି ରାନୀ ॥ ୪ ॥**

ହେ ସଖୀ ! ମହାରାଜାଙ୍କ ଜୀବନ ଓ ମରଣ କଥା ମନେପକାଇ ଆମେ ଯେଉଁ ଚିନ୍ତା କରୁଛୁ,ତାହା କେବଳ ଆମ ନିଜ ସ୍ୱାର୍ଥହାନିଜନିତ ଦୁଃଖ ।'' ସୀତାଙ୍କ ମାଆ କହିଲେ, ‘‘ଆପଣ ଯାହା କହିଲେ, ସତ । ଆପଣ ହେଉଛନ୍ତି ପୁଣ୍ୟାତ୍ମାମାନଙ୍କର ଆଦର୍ଶ ଅଯୋଧ୍ୟାପତିଙ୍କର ରାଣୀ ଟି ! (ଆପଣ ଭଲା ଏ କଥା ନ କହିବେ କାହିଁକି !)'' ॥ ୪ ॥

**ଦୋ:- ଲଖନୁ ରାମୁ ସିୟ ଜାହୁଁ ବନ ଭଲ ପରିନାମ ନ ପୋଚୁ ।**
**ଗହବରି ହିୟଁ କହ କୌସିଲା ମୋହି ଭରତ କର ସୋଚୁ ॥ ୨୮୨ ॥**

କୌଶଲ୍ୟା ଦୁଃଖିତ ମନରେ କହିଲେ, ‘‘ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ବନବାସ କରନ୍ତୁ; ଏହାର ପରିଣାମ ଭଲ ହେବ; ମନ୍ଦ ହେବ ନାହିଁ । ମୋତେ ଖାଲି ଯାହା ଭରତଙ୍କ ଚିନ୍ତା ଘାରୁଛି ॥ ୨୮୨ ॥

**ଈସ ପ୍ରସାଦ ଅସୀସ ତୁହ୍ମାରୀ । ସୁତ ସୁତବଧୂ ଦେଓସରି ବାରୀ ॥**
**ରାମ ସପଥ ମୈଁ କୀହ୍ନି ନ କାଊ । ସୋ କରି କହଉଁ ସଖୀ ସତି ଭାଊ ॥ ୧ ॥**

ଈଶ୍ୱରଙ୍କ ଅନୁଗ୍ରହରୁ ଓ ଆପଣମାନଙ୍କ ଆଶୀର୍ବାଦରୁ ମୋର ଗ୍ରିରିଟିଯାକ ପୁଅ, ଗ୍ରିରିଟିଯାକ ବୋହୂ ଗଙ୍ଗାଜଳ ପରି ପବିତ୍ର । ହେ ସଖୀ ! ମୁଁ କେବେହେଲେ ଶ୍ରୀରାମର ରାଣ ପକାଇନାହିଁ; ଆଜି ତା'ର ରାଣ ପକାଇ ନିଷ୍କପଟ-ଭାବରେ କହୁଛି, ॥ ୧ ॥

**ଭରତ ସୀଲ ଗୁନ ବିନୟ ବଡ଼ାଈ । ଭାୟପ ଭଗତି ଭରୋସ ଭଲାଈ ॥**
**କହତ ସାରଦହୁ କର ମତି ହୀଚେ । ସାଗର ସୀପ କି ଜାହିଁ ଉଲୀଚେ ॥ ୨ ॥**

ଭରତଙ୍କ ସ୍ୱଭାବ, ଗୁଣ, ନମ୍ରତା, ମହତ୍ପଣ, ଭ୍ରାତୃଭାବ, ଭକ୍ତି, ବିଶ୍ୱାସ ଏବଂ ସଜ୍ଜନତା ଯେ କେଡ଼େ ସୁନ୍ଦର, ତାହା ବର୍ଣ୍ଣନା କରିବାକୁ ଗଲେ ସ୍ୱୟଂ ସରସ୍ୱତୀଙ୍କ ବୁଦ୍ଧି ବି ବଣା ହୋଇଯିବ । ଶାମୁକାରେ କ'ଣ କେବେ ସମୁଦ୍ରଟାକୁ ଉଝାଳିହେବ? ॥ ୨ ॥

**ଜାନଉଁ ସଦା ଭରତ କୁଲଦୀପା । ବାର ବାର ମୋହି କହେଉ ମହୀପା ॥**
**କସେଁ କନକୁ ମନି ପାରିଖି ପାଏଁ । ପୁରୁଷ ପରିଖିଅହିଁ ସମୟଁ ସୁଭାଏଁ ॥ ୩ ॥**

ମୁଁ ତ ସବୁବେଳେ ଭରତଙ୍କୁ ଆମ ବଂଶର ପ୍ରଦୀପ ବୋଲି ମନେକରେ । ମହାରାଜା ମଧ୍ୟ ମୋତେ ବାରମ୍ବାର ଏକଥା କହିଛନ୍ତି । ସୁନାକୁ କଷଟିପଥରରେ ଘଷିଲେ ଚିହ୍ନିହୁଏ; ଜହୁରୀ (ମଣିରତ୍ନାଦିର ବ୍ୟବସାୟୀ) ହାତରେ ପଡ଼ିଲେ ରତ୍ନ [ଅସଲି, ନା ନକଲି] ଚିହ୍ନା ପଡ଼ିଯାଏ । ଠିକ୍ ସେହିପରି ସମୟ ପଡ଼ିଲେ ଉତ୍ତମ ପୁରୁଷର ପରୀକ୍ଷା ତା'ସ୍ୱଭାବରୁହିଁ ହୋଇଥାଏ ॥ ୩ ॥

**ଅନୁଚିତ ଆଜୁ କହବ ଅସ ମୋରା । ସୋକ ସନେହଁ ସୟାନପ ଥୋରା ॥**
**ସୁନି ସୁରସରି ସମ ପାୱନି ବାନୀ । ଭଈଁ ସନେହ ବିକଲ ସବ ରାନୀ ॥ ୪ ॥**

କିନ୍ତୁ ଆଜି ମୋ ପକ୍ଷରେ ଏହା କହିବା ବି ଅନୁଚିତ । ଶୋକ ଓ ସ୍ନେହରେ ଆବିଷ୍ଟ ହୋଇଗଲେ ବିବେକବୁଦ୍ଧି ଅଳ୍ପ ହୋଇଯାଏ (ଲୋକେ କହିବେ ଯେ, ମୁଁ ସ୍ନେହବଶ ହୋଇ ଭରତଙ୍କୁ ପ୍ରଶଂସା କରୁଛି ।)'' କୌଶଲ୍ୟାଙ୍କର ଗଙ୍ଗାଜଳ ପରି ପବିତ୍ର ବଚନ ଶୁଣି ସବୁରାଣୀ ସ୍ନେହରେ ବିକଳ ହୋଇଉଠିଲେ ॥ ୪ ॥

ଦୋ:- **କୌସଲ୍ୟା କହ ଧୀର ଧରି ସୁନହୁ ଦେବି ମିଥିଲେସି ।**
**କୋ ବିବେକନିଧି ବଲ୍ଲଭହି ତୁହ୍ମହି ସକଇ ଉପଦେସି ॥ ୨୮୩ ॥**

ତା'ପରେ କୌଶଲ୍ୟା ଧୈର୍ଯ୍ୟ ଧରି କହିଲେ, ''ହେ ଦେବୀ ମିଥିଳେଶ୍ୱରୀ ! ଶୁଣନ୍ତୁ । ଆପଣ ତ ଜ୍ଞାନନିଧି ଜନକରାଜାଙ୍କର ପ୍ରିୟତମା; ଆପଣଙ୍କୁ ଉପଦେଶ ଦେବାର ଶକ୍ତି ବା କାହାର ଅଛି ! ॥ ୨୮୩ ॥

**ରାନି ରାୟ ସନ ଅୱସରୁ ପାଈ । ଅପନୀ ଭାଁତି କହବ ସମୁଝାଈ ॥**
**ରଖିଅହି ଲଖନୁ ଭରତୁ ଗୱନହିଁ ବନ । ଜୌଁ ୟହ ମତ ମାନୈ ମହୀପ ମନ ॥ ୧ ॥**

ହେ ରାଣୀ ! ସୁଯୋଗ ଦେଖି, ଆପଣ ନିଜ ଆଡୁ ରାଜାଙ୍କୁ ଯଥାସମ୍ଭବ ବୁଝାଇ କହିବେ ଯେ, ଲକ୍ଷ୍ମଣଙ୍କୁ ଘରେ ରଖାଯାଉ ଓ ଭରତ ବଣକୁ ଯାଆନ୍ତୁ । ଯଦି ଏହି ପରାମର୍ଶଟି ତାଙ୍କ ମନକୁ ପାଏ, ॥ ୧ ॥

**ତୌ ଭଲ ଜତନୁ କରବ ସୁବିଗ୍ଦାରୀ । ମୋରେଁ ସୋଚୁ ଭରତ କର ଭାରୀ ॥**
**ଗୂଢ଼ ସନେହ ଭରତ ମନ ମାହୀଁ । ରହେଁ ନୀକ ମୋହି ଲାଗତ ନାହୀଁ ॥ ୨ ॥**

ତେବେ ସେ ଭଲରୂପେ ଭାବିଚିନ୍ତି ଏହାର ବ୍ୟବସ୍ଥା କରନ୍ତୁ । ଭରତଙ୍କ କଥା ଭାବିଲେ, ମୋତେ ଭାରି ଚିନ୍ତା ଲାଗୁଛି । ତାଙ୍କ ହୃଦୟର ପ୍ରେମ ଅତି ଗଭୀର । ସେ ଅଯୋଧ୍ୟାରେ ରହିଯିବାଟା ମତେ କାହିଁକି ଠିକ୍ ମନେହେଉନାହିଁ (ମୋତେ ଭୟ ଲାଗୁଛି; ଅଯୋଧ୍ୟାରେ ତାଙ୍କ ପ୍ରାଣ ରହିବ ତ !)'' ॥ ୨ ॥

**ଲଖି ସୁଭାଉ ସୁନି ସରଲ ସୁବାନୀ । ସବ ଭଇ ମଗନ କରୁନ ରସ ରାନୀ ॥**
**ନଭ ପ୍ରସୂନ ଝରି ଧନ୍ୟ ଧନ୍ୟ ଧୁନି । ସିଥିଲ ସନେହଁ ସିଦ୍ଧ ଜୋଗୀ ମୁନି ॥ ୩ ॥**

କୌଶଲ୍ୟାଙ୍କର ସ୍ୱଭାବ ଦେଖି ଏବଂ ତାଙ୍କର ସରଳ ଉଦାର ବାଣୀ ଶୁଣି ସବୁରାଣୀ କରୁଣରସରେ ନିମଗ୍ନ ହୋଇଗଲେ । ଆକାଶରୁ ପୁଷ୍ପବୃଷ୍ଟି ହେବା ସହିତ 'ଧନ୍ୟ ! ଧନ୍ୟ !' ଧ୍ୱନି ଶୁଭିଲା । ସିଦ୍ଧ, ଯୋଗୀ, ମୁନି– ସମସ୍ତେ ସ୍ନେହାବିଷ୍ଟ ହୋଇଗଲେ ॥ ୩ ॥

**ସବୁ ରନିୱାସୁ ବିଥକି ଲଖି ରହେଊ । ତବ ଧରି ଧୀର ସୁମିତ୍ରାଁ କହେଊ ॥**
**ଦେବି ଦଂଡ ଜୁଗ ଜାମିନି ବୀତୀ । ରାମ ମାତୁ ସୁନି ଉଠୀ ସପ୍ରୀତୀ ॥ ୪ ॥**

ସମଗ୍ର ରାଣିମଣ୍ଡଳୀ ସ୍ତମ୍ଭିତ ହୋଇ ରହିଯିବାପରି ଜଣାଗଲା । ଇତି ମଧ୍ୟରେ ଧୈର୍ଯ୍ୟ ଧରି ସୁମିତ୍ରା ଦେବୀ କହିଲେ, ''ହେ ଦେବୀ ! ରାତି ଆସି ଦୁଇଘଡ଼ି ହେଲାଣି !'' ଏହା ଶୁଣି ଶ୍ରୀରାମଙ୍କ ମାଆ ପ୍ରେମଗଦ୍‌ଗଦ ହୋଇଗଲେ ॥ ୪ ॥

ଦୋ:- **ବେଗି ପାଉ ଧାରିଅ ଥଲହି କହ ସନେହଁ ସତିଭାୟ ।**
**ହମରେଁ ତୌ ଅବ ଈସ ଗତି କୈ ମିଥିଲେସ ସହାୟ ॥ ୨୮୪ ॥**

ସେ ସ୍ନେହ ଓ ସଦ୍‌ଭାବର ସହିତ କହିଲେ, ''ଆପଣମାନେ ଆଉ ବିଳମ୍ବ ନ କରି ଏଥର ନିଜ ନିଜ ବିଶ୍ରାମ ସ୍ଥଳକୁ ଯାଆନ୍ତୁ । ଆମର ତ ବର୍ତ୍ତମାନ କେବଳ ଭଗବାନହିଁ ଗତି ଏବଂ ସହାୟ କେବଳ ମିଥିଳାପତି ।'' ॥ ୨୮୪ ॥

**ଲଖି ସନେହ ସୁନି ବଚନ ବିନୀତା । ଜନକପ୍ରିୟା ଗହ ପାୟ ପୁନୀତା ॥**
**ଦେବି ଉଚିତ ଅସି ବିନୟ ତୁହ୍ମାରୀ । ଦସରଥ ଘରିନି ରାମ ମହତାରୀ ॥ ୧ ॥**

କୌଶଲ୍ୟାଙ୍କ ପ୍ରେମ ଦେଖି ଏବଂ ବିନମ୍ର ବଚନ ଶୁଣି, ଜନକଙ୍କର ପ୍ରିୟତମା ପତ୍ନୀ ତାଙ୍କ ପବିତ୍ର ପାଦ ଧରିପକାଇଲେ; କହିଲେ, ''ହେ ଦେବୀ ! ଆପଣ ରାଜା ଦଶରଥଙ୍କର ମହିଷୀ ଓ ଶ୍ରୀରାମଙ୍କର ଜନନୀ । ଆପଣ ଏପରି ନମ୍ରତା ଦେଖାଇବେ ନାହିଁ ତ, ଆଉ କିଏ ଦେଖାଇବ ! ॥ ୧ ॥

**ପ୍ରଭୁ ଅପନେ ନୀଚହୁ ଆଦରହୀଁ । ଅଗିନି ଧୂମ ଗିରି ସିର ତିନୁ ଧରହୀଁ ॥**
**ସେୱକୁ ରାଉ କରମ ମନ ବାନୀ । ସଦା ସହାୟ ମହେସୁ ଭୱାନୀ ॥ ୨ ॥**

ପ୍ରଭୁ ସେବକଙ୍କୁ ଆଦର କରନ୍ତି । ଅଗ୍ନି ଧୂଆଁକୁ ଓ ପର୍ବତ ତୃଣକୁ ନିଜ ମସ୍ତକରେ ଧାରଣ କରେ । ଆମ ମହାରାଜା ତ କାୟମନୋବାକ୍ୟରେ ଆପଣଙ୍କର ସେବକମାତ୍ର; ହରପାର୍ବତୀ ହେଉଛନ୍ତି ସଦାସହାୟକ ॥ ୨ ॥

**ରଉରେ ଅଂଗ ଜୋଗୁ ଜଗ କୋ ହୈ । ଦୀପ ସହାୟ କି ଦିନକର ସୋହୈ ॥**
**ରାମୁ ଜାଇ ବନୁ କରି ସୁର କାଜୂ । ଅଚଲ ଅୱଧପୁର କରିହହିଁ ରାଜୂ ॥ ୩ ॥**

ଆପଣଙ୍କର ସହାୟକ ହେବାକୁ ଯୋଗ୍ୟ ଜଗତରେ ଆଉ କିଏ ଅଛି ? ଦୀପ ଯଦି ସୂର୍ଯ୍ୟଙ୍କୁ ସାହାଯ୍ୟ କରିବାକୁ ବାହାରିବ, ତାହା କ'ଣ ଶୋଭା ପାଇବ ? ଶ୍ରୀରାମ ବନବାସ କରି, ଦେବତାମାନଙ୍କ କାର୍ଯ୍ୟ ସମ୍ପନ୍ନ କରି ଅଯୋଧ୍ୟାପୁରୀକୁ ଫେରିବେ ଓ ଅଖଣ୍ଡ ରାଜତ୍ୱ କରିବେ ॥ ୩ ॥

**ଅମର ନାଗ ନର ରାମ ବାହୁବଲ । ସୁଖ ବସିହହିଁ ଅପନେଁ ଅପନେଁ ଥଲ ॥**
**ୟହ ସବ ଜାଗବଲିକ କହି ରାଖା । ଦେବି ନ ହୋଇ ମୁଧା ମୁନି ଭାଷା ॥ ୪ ॥**

ଶ୍ରୀରାମଙ୍କ ବାହୁବଳରୁ ଦେବତା, ନାଗ ଓ ସକଳ ମନୁଷ୍ୟ ନିଜ ନିଜ ସ୍ଥାନରେ ସୁଖରେ ରହିବେ । ମୁନି ଯାଜ୍ଞବଲ୍କ୍ୟ ଏସବୁ କଥା ବହୁ ଆଗରୁ କହିଦେଇଛନ୍ତି । ହେ ଦେବୀ ! ମୁନିଙ୍କ ବାକ୍ୟ କେବେ ମିଥ୍ୟା ହୋଇପାରେନା ।'' ॥ ୪ ॥

ଦୋ:- **ଅସ କହି ପଗ ପରି ପେମ ଅତି ସିୟ ହିତ ବିନୟ ସୁନାଇ ।**
**ସିୟ ସମେତ ସିୟମାତୁ ତବ ଚଲୀ ସୁଆୟସୁ ପାଇ ॥ ୨୮୫ ॥**

ଏହା କହି ସୁନୟନା ଅତ୍ୟନ୍ତ ପ୍ରେମସହକାରେ କୌଶଲ୍ୟାଙ୍କ ପାଦ ଛୁଇଁ ସାଥିରେ ସୀତାଙ୍କୁ ନେବାକୁ ପ୍ରାର୍ଥନା କଲେ ଏବଂ ସମ୍ମତି ପାଇ, ସୀତାଙ୍କୁ ନେଇ ନିଜ ଡେରାକୁ ଗ୍ଭଲିଗଲେ ॥ ୨୮୫ ॥

**ପ୍ରିୟ ପରିଜନହି ମିଲୀ ବୈଦେହୀ । ଜୋ ଜେହି ଜୋଗୁ ଭାଁତି ତେହି ତେହୀ ॥**
**ତାପସ ବେଷ ଜାନକୀ ଦେଖୀ । ଭା ସବୁ ବିକଲ ବିଷାଦ ବିସେଷୀ ॥ ୧ ॥**

ବୈଦେହୀ ନିଜର ଆତ୍ମୀୟସ୍ୱଜନଙ୍କ ଭିତରୁ ଯାହାଙ୍କ ସହିତ ଯେପରି ସାକ୍ଷାତ୍ କରିବା ଉଚିତ, ସେପରି ସାକ୍ଷାତ୍ କଲେ । ଜାନକୀଙ୍କୁ ତପସ୍ୱିନୀବେଶରେ ଦେଖି ସମସ୍ତେ ଶୋକାକୁଳ ହୋଇଗଲେ ॥ ୧ ॥

**ଜନକ ରାମ ଗୁର ଆୟସୁ ପାଈ । ଚଲେ ଥଲହି ସିୟ ଦେଖୀ ଆଈ ॥**
**ଲୀନ୍ହି ଲାଇ ଉର ଜନକ ଜାନକୀ । ପାହୁନି ପାୱନ ପେମ ପ୍ରାନ କୀ ॥ ୨ ॥**

ସେପଟେ ଶ୍ରୀରାମଙ୍କ ଗୁରୁ ବଶିଷ୍ଠଙ୍କର ଅନୁମତି ପାଇ ଜନକ ବି ନିଜ ଡେରାକୁ ଫେରିଲେ । ସେଠାରେ ସୀତାଙ୍କୁ ଦେଖି ନିଜର ସ୍ନେହ ଓ ପ୍ରାଣର ପିତୁଳାକୁ ସେ ବକ୍ଷରେ ଜାବୋଡ଼ିଧରିଲେ ॥ ୨ ॥

**ଉର ଉମଗେଉ ଅଂବୁଧି ଅନୁରାଗୂ । ଭୟଉ ଭୂପ ମନୁ ମନହୁଁ ପୟାଗୂ ॥**
**ସିୟ ସନେହ ବଟୁ ବାଢ଼ତ ଜୋହା । ତା ପର ରାମ ପେମ ସିସୁ ସୋହା ॥ ୩ ॥**

ତାଙ୍କ ହୃଦୟରେ ବାତ୍ସଲ୍ୟପ୍ରେମର ସମୁଦ୍ର ଉଦ୍‌ବେଳିତ ହୋଇଗଲା । ତାଙ୍କ ମନ ପ୍ରୟାଗକ୍ଷେତ୍ର ପରି ହୋଇଗଲା । ସେହି ସମୁଦ୍ରଭିତରେ ସେ ଆଦିଶକ୍ତି ସୀତାଙ୍କର ଅଲୌକିକ ସ୍ନେହରୂପୀ ଅକ୍ଷୟବଟ ବଢୁଥିବାର ଦେଖିଲେ । ତାହା(ସୀତାଙ୍କର ସ୍ନେହରୂପୀ ବଟ)ଉପରେ ଶ୍ରୀରାମପ୍ରେମରୂପୀ ବାଳକ (ଭଗବାନ୍ ବାଳମୁକୁନ୍ଦ) ସୁଶୋଭିତ ହୋଇଥାଏ ॥ ୩ ॥

**ଚିରଜୀବୀ ମୁନି ଗ୍ୟାନୁ ବିକଲ ଜନୁ । ବୂଡ଼ତ ଲହେଉ ବାଲ ଅୱଲଂବନୁ ॥**
**ମୋହ ମଗନ ମତି ନହିଁ ବିଦେହ କୀ । ମହିମା ସିୟ ରଘୁବର ସନେହ କୀ ॥ ୪ ॥**

ଜନକଙ୍କର ଜ୍ଞାନରୂପୀ ଚିରଞ୍ଜୀବୀ (ମାର୍କଣ୍ଡେୟ) ମୁନି ସତେ ଯେପରି ବିହ୍ୱଳ ହୋଇ, ଅତଳସାଗରରେ ବୁଡ଼ି ଯାଉ ଯାଉ, ରାମପ୍ରେମରୂପୀ ବାଳମୁକୁନ୍ଦଙ୍କୁ ଅବଲମ୍ବନ କରି ବଞ୍ଚିଗଲେ । ବସ୍ତୁତଃ ଜ୍ଞାନୀଶିରୋମଣି ବିଦେହରାଜଙ୍କର ବୁଦ୍ଧି ମୋହରେ ଆଚ୍ଛନ୍ନ ହୋଇ ନ ଥିଲା; ତାହା ତ ଥିଲା ସୀତାରାମଙ୍କ ପ୍ରତି ତାଙ୍କ ଗଭୀର ପ୍ରେମର ମହିମା (ଯାହା କି ତାଙ୍କପରି ମହାନ୍ ଜ୍ଞାନୀଙ୍କର ଜ୍ଞାନକୁ ମଧ୍ୟ ବିକଳ କରିଦେଇଥିଲା) ॥ ୪ ॥

ଦୋ:- **ସିୟ ପିତୁ ମାତୁ ସନେହ ବସ ବିକଲ ନ ସକୀ ସଁଭାରି ।**
**ଧରନିସୁତାଁ ଧୀରଜୁ ଧରେଉ ସମଉ ସୁଧରମୁ ବିଗ୍ଭରି ॥ ୨୮୬ ॥**

ପିତାମାତାଙ୍କ ସ୍ନେହରେ ସୀତା ଏପରି ବିହ୍ୱଳ ହୋଇଗଲେ ଯେ, ସେ ନିଜକୁ ସମ୍ଭାଳିପାରିଲେ ନାହିଁ । [କିନ୍ତୁ ପରମ ଧୈର୍ଯ୍ୟବତୀ] ଧରଣୀସୁତା ସୀତା ସମୟ ଓ ଧର୍ମ ବିବେଚନା କରି ଧୈର୍ଯ୍ୟ ଧରିଲେ ॥ ୨୮୬ ॥

**ତାପସ ବେଷ ଜନକ ସିୟ ଦେଖୀ । ଭୟଉ ପେମୁ ପରିତୋଷୁ ବିସେଷୀ ॥**
**ପୁତ୍ରି ପବିତ୍ର କିଏ କୁଲ ଦୋଉ । ସୁଜସ ଧୱଲ ଜଗୁ କହ ସବୁ କୋଉ ॥ ୧ ॥**

ସୀତାଙ୍କୁ ତପସ୍ୱିନୀବେଶରେ ଦେଖି ଜନକ ଅତ୍ୟନ୍ତ ଆନନ୍ଦ ଓ ସନ୍ତୋଷ ଲାଭ କଲେ । ସେ କହିଲେ, ''ମାଆ ! ତୁ ଆମ ଦୁଇକୁଳ ଉଦ୍ଧାର କରିଦେଲୁ । ତୋର ନିର୍ମଳ ଯଶରେ ଜଗତ୍ ଉଜ୍ଜ୍ୱଳ ହୋଇଯାଇଛି; ଏ କଥା ସମସ୍ତେ କହୁଛନ୍ତି ॥ ୧ ॥

**ଜିତି ସୁରସରି କୀରତି ସରି ତୋରୀ । ଗୱନୁ କୀହ୍ନ ବିଧି ଅଂଡ କରୋରୀ ॥**
**ଗଂଗ ଅୱନି ଥଲ ତୀନି ବଡ଼େରେ । ଏହିଁ କିଏ ସାଧୁ ସମାଜ ଘନେରେ ॥ ୨ ॥**

ତୋର କୀର୍ତ୍ତିରୂପୀ ନଦୀ ଗୋଟିଏ ବ୍ରହ୍ମାଣ୍ଡରେ ପ୍ରବାହିତ ସୁରତରଙ୍ଗିଣୀ ଗଙ୍ଗାଙ୍କୁ ଜିଣି କୋଟି ବ୍ରହ୍ମାଣ୍ଡରେ ପ୍ରବାହିତ ହେବାରେ ଲାଗିଛି । ଗଙ୍ଗାଦେବୀ ତ ପୃଥିବୀରେ ମାତ୍ର ତିନୋଟି ସ୍ଥାନକୁ (ହରିଦ୍ୱାର, ପ୍ରୟାଗ ଓ ଗଙ୍ଗାସାଗରକୁ) ବଡ଼ ତୀର୍ଥ କରିପାରିଛନ୍ତି; କିନ୍ତୁ ତୋର କୀର୍ତ୍ତିନଦୀ ବହୁ ସାଧୁସମାଜରୂପୀ ତୀର୍ଥ ସୃଷ୍ଟି କରିଛି ।'' ॥ ୨ ॥

**ପିତୁ କହ ସତ୍ୟ ସନେହଁ ସୁବାନୀ । ସୀୟ ସକୁଚ ମହୁଁ ମନହୁଁ ସମାନୀ ॥**
**ପୁନି ପିତୁ ମାତୁ ଲୀହ୍ନି ଉର ଲାଈ । ସିଖ ଆସିଷ ହିତ ଦୀହ୍ନି ସୁହାଈ ॥ ୩ ॥**

ପିତା ଜନକ ତ ସ୍ନେହାବିଷ୍ଟ ହୋଇ ସତ୍ୟ ଓ ସୁନ୍ଦର କଥା କହିଲେ; କିନ୍ତୁ ନିଜର ପ୍ରଶଂସା ଶୁଣି ସୀତା ସଂକୋଚରେ ବୁଡ଼ିଗଲାପରି ଲାଗିଲା । ପିତାମାତା ତାଙ୍କୁ ପୁଣିଥରେ କୋଳକୁ ଟାଣିନେଇ ସୁନ୍ଦର ହିତକର ଉପଦେଶ ଓ ଆଶୀର୍ବାଦ ଦେଲେ ॥ ୩ ॥

**କହତି ନ ସୀୟ ସକୁଚି ମନ ମାହୀଁ । ଇହାଁ ବସବ ରଜନୀଁ ଭଲ ନାହୀଁ ॥**
**ଲଖି ରୁଖ ରାନି ଜନାୟଉ ରାଉ । ହୃଦୟଁ ସରାହତ ସୀଲୁ ସୁଭାଉ ॥ ୪ ॥**

ସୀତା କିଛି କହୁ ନ ଥାନ୍ତି; କିନ୍ତୁ ତାଙ୍କ ମନରେ ଚିନ୍ତା ରହିଥାଏ ଯେ, ରାତିରେ ଶାଶୁମାନଙ୍କର ସେବା ଛାଡ଼ି ଏଠାରେ ରହିଯିବା ଠିକ୍ ହେବ ନାହିଁ । ରାଣୀ ସୁନୟନା ଜାନକୀଙ୍କ ମନକଥା ଜାଣିପାରି ରାଜା ଜନକଙ୍କୁ ଜଣାଇଦେଲେ । ରାଜାରାଣୀ ଦୁହେଁ ସୀତାଙ୍କର ଗୁଣ ଓ ସ୍ୱଭାବକୁ ପ୍ରଶଂସା କରିବାକୁ ଲାଗିଲେ ॥ ୪ ॥

ଦୋ:- **ବାର ବାର ମିଲି ଭେଁଟି ସିୟ ବିଦା କୀହ୍ନି ସନମାନି ।**
**କହୀ ସମୟ ସିର ଭରତ ଗତି ରାନି ସୁବାନି ସୟାନି ॥ ୨୮୭ ॥**

ରାଜାରାଣୀ ବାରମ୍ବାର ଆଲିଙ୍ଗନ କରି ସସମ୍ମାନେ ସୀତାଙ୍କୁ ବିଦାୟ ଦେଲେ । ବୁଦ୍ଧିମତୀ ରାଣୀ ସମୟ ପାଇ ମଧୁରଭାଷାରେ ରାଜା ଜନକଙ୍କୁ ଭରତଙ୍କ ଅବସ୍ଥା ଜଣାଇଦେଲେ ॥ ୨୮୭ ॥

**ସୁନି ଭୂପାଲ ଭରତ ବ୍ୟୱହାରୂ । ସୋନ ସୁଗଂଧ ସୁଧା ସସି ସାରୂ ॥**
**ମୂଦେ ସଜଲ ନୟନ ପୁଲକେ ତନ । ସୁଜସୁ ସରାହନ ଲଗେ ମୁଦିତ ମନ ॥ ୧ ॥**

ଭରତ ଥିଲେ ସୁଗନ୍ଧିତ ସୁନା ପରି; ସେ ଥିଲେ ସମୁଦ୍ରଜାତ ସୁଧାରେ ଚନ୍ଦ୍ରସାର ଅମୃତର ସଂଯୋଗ ପରି । ଭରତଙ୍କ ସ୍ୱଭାବ ବିଷୟରେ ଶୁଣି ରାଜା ପ୍ରେମବିହ୍ୱଳ ହୋଇ ନିଜର ପ୍ରେମାଶ୍ରୁପୂର୍ଣ୍ଣ ନେତ୍ରଦ୍ୱୟ ବୁଜିଦେଲେ (ଅର୍ଥାତ୍ ସେ ଭରତଙ୍କ ପ୍ରେମରେ ଧ୍ୟାନସ୍ଥ ହୋଇଗଲେ) । ତାଙ୍କର ଶରୀର ପୁଲକିତ ହୋଇଗଲା ଏବଂ ସେ ମନେ ମନେ ଆନନ୍ଦିତ ହୋଇ ଭରତଙ୍କ ସୁନ୍ଦର ଯଶର ପ୍ରଶଂସା କରିବାକୁ ଲାଗିଲେ ॥ ୧ ॥

**ସାଵଧାନ ସୁନୁ ସୁମୁଖି ସୁଲୋଚନି । ଭରତ କଥା ଭଵ ବଂଧ ବିମୋଚନି ॥**
**ଧରମ ରାଜନୟ ବ୍ରହ୍ମବିଚାରୂ । ଇହାଁ ଜଥାମତି ମୋର ପ୍ରଚାରୂ ॥ ୨ ॥**

ସେ କହିଲେ, ''ହେ ସୁମୁଖୀ ! ହେ ସୁନୟନା ! ମନ ଦେଇ ଶୁଣ । ଭରତଙ୍କ ଚରିତ ହେଉଛି ସଂସାରବନ୍ଧନ-ବିମୋଚକ । ମୋ ନିଜର ବୁଦ୍ଧି ଅନୁସାରେ ଧର୍ମ, ରାଜନୀତି ଓ ବ୍ରହ୍ମବିଚାର—ଏହି ତିନୋଟି ବିଷୟରେ ମୋର ଊଣାଅଧିକେ କିଛି କିଛି ଜ୍ଞାନ ଅଛି ॥ ୨ ॥

**ସୋ ମତି ମୋରି ଭରତ ମହିମାହୀ । କହୈ କାହ ଛଲି ଛୁଅତି ନ ଛାଁହୀ ॥**
**ବିଧି ଗନପତି ଅହିପତି ସିଵ ସାରଦ । କବି କୋବିଦ ବୁଧ ବୁଦ୍ଧି ବିସାରଦ ॥ ୩ ॥**
**ଭରତ ଚରିତ କୀରତି କରତୂତୀ । ଧରମ ସୀଲ ଗୁନ ବିମଲ ବିଭୂତୀ ॥**
**ସମୁଝତ ସୁନତ ସୁଖଦ ସବ କାହୂ । ସୁଚି ସୁରସରି ରୁଚି ନିଦର ସୁଧାହୂ ॥ ୪ ॥**

କିନ୍ତୁ ମୋର ସେହି ଜ୍ଞାନ ଭରତଙ୍କ ମହିମା ବର୍ଣ୍ଣନା କରିବା ଦୂରେ ଥାଉ, ଛଳ କରି ମଧ୍ୟ ତାଙ୍କ ମହିମାର ଛାୟାକୁ ବି ଛୁଇଁପାରିବ ନାହିଁ । ଭରତଙ୍କର ଚରିତ, କୀର୍ତ୍ତି, ବ୍ୟବହାର, ଧର୍ମ, ସ୍ୱଭାବ, ଗୁଣ ଓ ନିର୍ମଳ ଐଶ୍ୱର୍ଯ୍ୟ ବୁଝିଲେ ଓ ଶୁଣିଲେ ବ୍ରହ୍ମା, ଗଣେଶ, ଶେଷଦେବ, ମହାଦେବ, ସରସ୍ୱତୀ, କବି, ଜ୍ଞାନୀ, ପଣ୍ଡିତ ଓ ବୁଦ୍ଧିମାନ୍ ଆଦି ସମସ୍ତେ ସୁଖଲାଭ କରିବେ । ତାହା ପବିତ୍ରତାରେ ଗଙ୍ଗାଙ୍କୁ ତଥା ସ୍ୱାଦରେ ଅମୃତକୁ ମଧ୍ୟ ବଳିଯିବ ॥ ୩-୪ ॥

ଦୋ:- **ନିରବଧି ଗୁନ ନିରୁପମ ପୁରୁଷୁ ଭରତୁ ଭରତ ସମ ଜାନି ।**
**କହିଅ ସୁମେରୁ କି ସେର ସମ କବିକୁଲ ମତି ସକୁଚାନି ॥ ୨୮୮ ॥**

ଭରତ ହେଉଛନ୍ତି ଅସୀମ ଗୁଣସମ୍ପନ୍ନ ଅନୁପମ ପୁରୁଷ । ଏତିକି ଜାଣ ଯେ, ଭରତହିଁ ଭରତଙ୍କ ସମାନ । କ'ଣ ସୁମେରୁ ପର୍ବତର ଓଜନକୁ ସେର (କେ.ଜି.) ହିସାବରେ ତରାଜୁରେ ତଉଲି ହେବ ? ତେଣୁ ତାଙ୍କୁ କୌଣସି ପୁରୁଷଙ୍କ ସହିତ ଉପମା ଦେବାକୁ କବିମାନଙ୍କର ବୁଦ୍ଧି ବି କୁଣ୍ଠିତ ହୋଇଯାଏ ॥ ୨୮୮॥

**ଅଗମ ସବହି ବରନତ ବରବରନୀ । ଜିମି ଜଲହୀନ ମୀନ ଗମୁ ଧରନୀ ॥**
**ଭରତ ଅମିତ ମହିମା ସୁନୁ ରାନୀ । ଜାନହିଁ ରାମୁ ନ ସକହିଁ ବଖାନୀ ॥ ୧ ॥**

ହେ ସୁନ୍ଦରୀ ! ମାଛ ପକ୍ଷରେ ଜଳଶୂନ୍ୟ (ଶୁଖିଲା) ଭୂମିରେ ଖେଳିବା ଯେପରି ଅସମ୍ଭବ, ଭରତଙ୍କ ଚରିତ ବର୍ଣ୍ଣନା କରିବା ସମସ୍ତଙ୍କ ପକ୍ଷରେ ସେହିପରି ଅସମ୍ଭବ । ହେ ରାଣୀ ! ଶୁଣ, ଭରତଙ୍କର ଅସୀମ ଅନନ୍ତ ମହିମା ଏକମାତ୍ର ଶ୍ରୀରାମହିଁ ଜାଣନ୍ତି; କିନ୍ତୁ ସେ ବି ତାହା ବର୍ଣ୍ଣନା କରିବାକୁ ଅସମର୍ଥ ।'' ॥ ୧॥

**ବରନି ସପ୍ରେମ ଭରତ ଅନୁଭାଉ । ତିୟ ଜିୟ କୀ ରୁଚି ଲଖି କହ ରାଉ ॥**
**ବହୁରହିଁ ଲଖନୁ ଭରତୁ ବନ ଜାହୀଁ । ସବ କର ଭଲ ସବ କେ ମନ ମାହୀଁ ॥ ୨ ॥**

ଏପରିଭାବରେ ପ୍ରେମର ସହିତ ଭରତଙ୍କ ପ୍ରଭାବ ବର୍ଣ୍ଣନା କରି ଏବଂ ସ୍ତ୍ରୀଙ୍କ ମନର ଭାବକୁ ଲକ୍ଷ୍ୟ କରି ରାଜା ଜନକ କହିଲେ, ''ଲକ୍ଷ୍ମଣ ଅଯୋଧ୍ୟା ଫେରିଯିବା ଏବଂ ଭରତ ବନକୁ ଯିବାହିଁ ସମସ୍ତଙ୍କ ପକ୍ଷରେ ମଙ୍ଗଳକର; ଏହାହିଁ ସମସ୍ତେ ଇଚ୍ଛା କରନ୍ତି; ॥ ୨॥

**ଦେବି ପରଂତୁ ଭରତ ରଘୁବର କୀ । ପ୍ରୀତି ପ୍ରତୀତି ଜାଇ ନହିଁ ତରକୀ ॥**
**ଭରତୁ ଅଵଧି ସନେହ ମମତା କୀ । ଜଦ୍ୟପି ରାମୁ ସୀମ ସମତା କୀ ॥ ୩ ॥**

କିନ୍ତୁ ହେ ଦେବୀ ! ଭରତ ଓ ଶ୍ରୀରାମଙ୍କ ପ୍ରେମ ଏବଂ ପାରସ୍ପରିକ ବିଶ୍ୱାସ ବୁଦ୍ଧିବିଗ୍ରହର ପରିସର ମଧ୍ୟରେ ଆସିପାରିବ ନାହିଁ । ଯଦ୍ୟପି ଶ୍ରୀରାମ ସମତାର ପରାକାଷ୍ଠା, ତଥାପି ଭରତ ହେଉଛନ୍ତି ପ୍ରେମ ଓ ମମତାର ପରାକାଷ୍ଠା ॥ ୩ ॥

**ପରମାରଥ ସ୍ୱାରଥ ସୁଖ ସାରେ । ଭରତ ନ ସପନେହୁଁ ମନହୁଁ ନିହାରେ ॥**
**ସାଧନ ସିଦ୍ଧି ରାମ ପଗ ନେହୂ । ମୋହି ଲଖି ପରତ ଭରତ ମତ ଏହୂ ॥ ୪ ॥**

[ଶ୍ରୀରାମଙ୍କ ଚରଣରେ ଅନନ୍ୟପ୍ରେମ ଛାଡ଼ି,] ଭରତ ଅନ୍ୟ କୌଣସି ପରମାର୍ଥ, ସ୍ୱାର୍ଥ ଓ ସୁଖ ଆଡ଼କୁ ସ୍ୱପ୍ନରେ ସୁଦ୍ଧା ମନ ଦିଅନ୍ତି ନାହିଁ । ଶ୍ରୀରାମଙ୍କ ଚରଣରେ ପ୍ରେମହିଁ ତାଙ୍କର ସାଧନା ଏବଂ ତାହାହିଁ ତାଙ୍କର ସିଦ୍ଧି । ମୋତେ ତ ଭରତଙ୍କ ଜୀବନର ଏହି ଗୋଟିଏମାତ୍ର ସିଦ୍ଧାନ୍ତ ଜଣାପଡୁଛି ।'' ॥ ୪ ॥

ଦୋ:- **ଭୋରେହୁଁ ଭରତ ନ ପେଲିହହିଁ ମନସହୁଁ ରାମ ରଜାଇ ।**
**କରିଅ ନ ସୋଚୁ ସନେହ ବସ କହେଉ ଭୂପ ବିଲଖାଇ ॥ ୨୮୯ ॥**

ପ୍ରେମରେ ଗଦ୍‌ଗଦ ହୋଇ ରାଜା ଜନକ କହିଲେ, ''ଭରତ ଭୁଲ୍‌ରେ ବି ଶ୍ରୀରାମଙ୍କ ଆଜ୍ଞାକୁ ଅବଜ୍ଞା କରିବେ ନାହିଁ । ତେଣୁ ସ୍ନେହାବିଷ୍ଟ ହୋଇ ଚିନ୍ତା କରିବା ଠିକ୍ ନୁହେଁ ।'' ॥ ୨୮୯ ॥

**ରାମ ଭରତ ଗୁନ ଗନତ ସପ୍ରୀତୀ । ନିସି ଦଂପତିହି ପଲକ ସମ ବୀତୀ ॥**
**ରାଜ ସମାଜ ପ୍ରାତ ଜୁଗ ଜାଗେ । ହ୍ନାଇ ହ୍ନାଇ ସୁର ପୂଜନ ଲାଗେ ॥ ୧ ॥**

ଶ୍ରୀରାମ ଓ ଶ୍ରୀଭରତଙ୍କ ଗୁଣାବଳୀ ଆଲୋଚନା କରୁ କରୁ ପତିପତ୍ନୀଙ୍କର ସେହି ରାତିଟି ଗୋଟିଏ ପଲକ ପରି ବିତିଗଲା । ଉଭୟରାଜ୍ୟର ଲୋକେ ପ୍ରାତଃକାଳରୁ ଉଠି, ସ୍ନାନାଦି କୃତ୍ୟ ଶେଷ କରି ଦେବପୂଜା କଲେ ॥ ୧ ॥

**ଗେ ନହାଇ ଗୁର ପହିଁ ରଘୁରାଈ । ବଂଦି ଚରନ ବୋଲେ ରୁଖ ପାଈ ॥**
**ନାଥ ଭରତୁ ପୁରଜନ ମହତାରୀ । ସୋକ ବିକଲ ବନବାସ ଦୁଖାରୀ ॥ ୨ ॥**

ଶ୍ରୀରଘୁନାଥ ସ୍ନାନ କରି ଗୁରୁ ବଶିଷ୍ଠଙ୍କ ନିକଟକୁ ଗଲେ ଏବଂ ତାଙ୍କ ଚରଣ ବନ୍ଦନା କରି ଓ ମନୋଭାବ ଲକ୍ଷ୍ୟ କରି କହିଲେ, ''ହେ ନାଥ !ଭରତ, ଅଯୋଧ୍ୟାପୁରବାସୀ ଏବଂ ମାତାଗଣ–ସମସ୍ତେ ଶୋକାକୁଳ ହୋଇ ରହିଛନ୍ତି । ସମସ୍ତେ ବନବାସ କଷ୍ଟ ଭୋଗୁଛନ୍ତି ॥ ୨ ॥

**ସହିତ ସମାଜ ରାଉ ମିଥିଲେସୂ । ବହୁତ ଦିଵସ ଭଏ ସହତ କଲେସୂ ॥**
**ଉଚିତ ହୋଇ ସୋଇ କୀଜିଅ ନାଥା । ହିତ ସବହୀ କର ରୌରେଁ ହାଥା ॥ ୩ ॥**

ମିଥିଳାପତି ଜନକ ମଧ୍ୟ ପରିବାର-ପରିଜନ ନେଇ ଅନେକ ଦିନ ଦୁଃଖକଷ୍ଟରେ କଟାଇଲେଣି । ଅତଏବ ହେ ନାଥ ! ଯାହା ଉଚିତ ଭାବୁଛନ୍ତି, ତାହା କରନ୍ତୁ । ସମସ୍ତଙ୍କ ମଙ୍ଗଳ ଆପଣଙ୍କ ହାତରେ ।'' ॥ ୩ ॥

**ଅସ କହି ଅତି ସକୁଚେ ରଘୁରାଉ । ମୁନି ପୁଲକେ ଲଖି ସୀଲୁ ସୁଭାଉ ॥**
**ତୁମ୍ହ ବିନୁ ରାମ ସକଲ ସୁଖ ସାଜା । ନରକ ସରିସ ଦୁହୁ ରାଜ ସମାଜା ॥ ୪ ॥**

ଏପରି କହି ଶ୍ରୀରାମ ଅତ୍ୟନ୍ତ ସଂକୁଚିତ ହୋଇଗଲେ । ତାଙ୍କ ସଂଭ୍ରମ ଓ ସ୍ୱଭାବ ଦେଖି ବଶିଷ୍ଠ [ପ୍ରେମାନନ୍ଦରେ] ପୁଲକିତ ହୋଇଗଲେ । ସେ ସ୍ପଷ୍ଟଭାବରେ କହିଦେଲେ, ''ହେ ରାମ ! ଆପଣଙ୍କ ବିନା ଉଭୟ ରାଜପରିବାର ପାଖରେ ସକଳ ସୁଖସମ୍ପଦ କେବଳ ନରକସମାନ ॥ ୪ ॥

ଦୋ:- **ପ୍ରାନ ପ୍ରାନ କେ ଜୀଵ୍ କେ ଜିଵ୍ ସୁଖ କେ ସୁଖ ରାମ ।**
**ତୁହ୍ମ ତଜି ତାତ ସୋହାତ ଗୃହ ଜିହ୍ନହି ତିହ୍ନହି ବିଧି ବାମ ॥ ୨୯୦ ॥**

ହେ ରାମ ! ଆପଣ ହେଉଛନ୍ତି ପ୍ରାଣର ପ୍ରାଣ, ଆତ୍ମାର ଆତ୍ମା ଓ ସୁଖର ସୁଖ । ହେ ବତ୍ସ ! ଆପଣଙ୍କୁ ଛାଡ଼ିଦେଇ ଯାହାକୁ ଗୃହସମ୍ପଦ ଭଲ ଲାଗେ, ତା' ପାଇଁ ବିଧାତା ବାମ ହୋଇଛି ବୋଲି ବୁଝିବାକୁ ହେବ ॥ ୨୯୦ ॥

**ସୋ ସୁଖୁ କରମୁ ଧରମୁ ଜରି ଜାଉ । ଜହଁ ନ ରାମ ପଦ ପଂକଜ ଭାଉ ॥**
**ଜୋଗୁ କୁଜୋଗୁ ଗ୍ୟାନୁ ଅଗ୍ୟାନୂ । ଜହଁ ନହିଁ ରାମ ପେମ ପରଧାନୂ ॥ ୧ ॥**

ଯେଉଁଥିରେ ଶ୍ରୀରାମଚରଣରେ ପ୍ରେମ ନାହିଁ, ସେହି ସୁଖ, କର୍ମ ଓ ଧର୍ମ ପୋଡ଼ିଯାଉ । ଯେଉଁ ଯୋଗରେ ବା ଜ୍ଞାନରେ ରାମପଦରେ ଭକ୍ତି ପ୍ରଧାନ ନୁହେଁ, ସେହି ଯୋଗ କୁଯୋଗ ଏବଂ ସେହି ଜ୍ଞାନ ଅଜ୍ଞାନ ॥ ୧ ॥

**ତୁହ୍ମ ବିନୁ ଦୁଖୀ ସୁଖୀ ତୁହ୍ମ ତେହୀଁ । ତୁହ୍ମ ଜାନହୁ ଜିୟ ଜୋ ଜେହି କେହୀଁ ॥**
**ରାଉର ଆୟସୁ ସିର ସବହୀ କେଁ । ବିଦିତ କୃପାଲହି ଗତି ସବ ନୀକେଁ ॥ ୨ ॥**

ଆପଣଙ୍କ ବିନା ସମସ୍ତେ ଦୁଃଖୀ ଏବଂ ଯେଉଁମାନେ ସୁଖୀ, ସେମାନେ ଆପଣଙ୍କ ହେତୁହିଁ ସୁଖୀ । ଯାହା ମନରେ ଯାହା କିଛି ଅଛି, ସେସବୁ ଆପଣ ଜାଣନ୍ତି; ଆପଣଙ୍କ ଆଜ୍ଞା ସର୍ବୋପରି । ହେ କୃପାଳୁ ! ଆପଣ ସବୁରି ସ୍ଥିତି ଭଲରୂପେ ଜାଣନ୍ତି ॥ ୨ ॥

**ଆପୁ ଆଶ୍ରମହି ଧାରିଅ ପାଉ । ଭୟଉ ସନେହ ସିଥିଲ ମୁନିରାଉ ॥**
**କରି ପ୍ରନାମୁ ତବ ରାମୁ ସିଧାଏ । ରିଷି ଧରି ଧୀର ଜନକ ପହିଁ ଆଏ ॥ ୩ ॥**

ତେଣୁ ଆପଣ ଆଶ୍ରମକୁ ଯାଆନ୍ତୁ ।'' ଏତିକି କହି ମୁନିବର ସ୍ନେହରେ ଅଭିଭୂତ ହୋଇଗଲେ । ତାଙ୍କୁ ପ୍ରଣାମ କରି ଶ୍ରୀରାମ ବିଦାୟ ନେଲେ ଏବଂ ବଶିଷ୍ଠ ଧୈର୍ଯ୍ୟ ଧରି ଜନକରାଜଙ୍କ ନିକଟକୁ ଗଲେ ॥ ୩ ॥

**ରାମ ବଚନ ଗୁରୁ ନୃପହି ସୁନାଏ । ସୀଲ ସନେହ ସୁଭାୟଁ ସୁହାଏ ॥**
**ମହାରାଜ ଅବ କୀଜିଅ ସୋଇ । ସବ କର ଧରମ ସହିତ ହିତ ହୋଇ ॥ ୪ ॥**

ଗୁରୁ ବଶିଷ୍ଠ ଜନକରାଜାଙ୍କୁ ଶ୍ରୀରାମଙ୍କ ଶୀଳ ଓ ସ୍ନେହପୂର୍ଣ୍ଣ ସ୍ୱଭାବସୁନ୍ଦର ବଚନ ଶୁଣାଇଲେ ଏବଂ କହିଲେ, ''ହେ ମହାରାଜ ! ବର୍ତ୍ତମାନ ଯେଉଁଥିରେ ଧର୍ମରକ୍ଷା ହେବ ଏବଂ ତା'ସହିତ ସମସ୍ତଙ୍କର ମଙ୍ଗଳ ହେବ, ଆପଣ ତାହାହିଁ କରନ୍ତୁ ॥ ୪ ॥

ଦୋ:- **ଗ୍ୟାନ ନିଧାନ ସୁଜାନ ସୁଚି ଧରମ ଧୀର ନରପାଲ ।**
**ତୁହ୍ମ ବିନୁ ଅସମଂଜସ ସମନ କୋ ସମରଥ ଏହି କାଲ ॥ ୨୯୧ ॥**

ହେ ରାଜନ୍ ! ଆପଣ ହେଉଛନ୍ତି ଜ୍ଞାନର ଭଣ୍ଡାର; ସୁଜ୍ଞ, ଶୁଦ୍ଧସ୍ୱଭାବ ଓ ଧାର୍ମିକ । ଏହି ସମୟରେ ଆପଣଙ୍କ ଛଡ଼ା ଆଉ କିଏ ଏହି ସମସ୍ୟାର ସମାଧାନ କରିବାକୁ ସମର୍ଥ ହେବ !'' ॥ ୨୯୧ ॥

**ସୁନି ମୁନି ବଚନ ଜନକ ଅନୁରାଗେ । ଲଖି ଗତି ଗ୍ୟାନୁ ବିରାଗୁ ବିରାଗେ ॥**
**ସିଥିଲ ସନେହଁ ଗୁନତ ମନ ମାହୀଁ । ଆଏ ଇହାଁ କୀହ୍ନ ଭଲ ନାହୀଁ ॥ ୧ ॥**

ମୁନି ବଶିଷ୍ଠଙ୍କ କଥା ଶୁଣି ଜନକରାଜ ପ୍ରେମରେ ବିଭୋର ହୋଇଗଲେ । ରାଜାଙ୍କର ସେହି ଅବସ୍ଥା ଦେଖି ମନେହେଲା ସତେ ଅବା ଜ୍ଞାନ ଓ ବୈରାଗ୍ୟ ତାଙ୍କୁ ଛାଡ଼ି ପଳାଇଗଲେ । ସେ ସ୍ନେହାବିଷ୍ଟ ହୋଇ ଭାବିଲେ, ''ମୁଁ ଏଠାକୁ ଆସି କିଛି ଭଲ କଲିନାହିଁ ।'' ॥ ୧ ॥

**ରାମହି ରାୟଁ କହେଉ ବନ ଜାନା । କୀହ୍ନ ଆପୁ ପ୍ରିୟ ପ୍ରେମ ପ୍ରୱାନା ॥**
**ହମ ଅବ ବନ ତେଁ ବନହି ପଠାଈ । ପ୍ରମୁଦିତ ଫିରବ ବିବେକ ବଡ଼ାଈ ॥ ୨ ॥**

ରାଜା ଦଶରଥ ଶ୍ରୀରାମଙ୍କୁ ବନକୁ ଯିବାକୁ କହିଦେଲେ ଏବଂ ପ୍ରାଣତ୍ୟାଗ କରିଦେଇ ନିଜର ପ୍ରିୟ ଶ୍ରୀରାମଙ୍କ ପ୍ରତି ରହିଥିବା ପ୍ରେମକୁ ପ୍ରମାଣିତ କରିଦେଲେ । ଅଥଚ ମୁଁ ଏବେ ଏମାନଙ୍କୁ ଏହି ବନରୁ ବି ଅଧିକ ଗହନ ବନକୁ ପଠାଇଦେଇ, ନିଜ ଜ୍ଞାନୀପଣିଆର ବଡ଼ାଇ ନେଇ ଆନନ୍ଦରେ ଫେରିଯିବି [ଯେ, ମୋର କୌଣସି ମୋହ ନାହିଁ; ମୁଁ ରାମଙ୍କୁ ବନରେ ଛାଡ଼ିଦେଇ ଚ୍ଲିଆସିଛି, ଦଶରଥଙ୍କ ପରି ପ୍ରାଣ ତ୍ୟାଗ କରିନାହିଁ ।]" ॥ ୨ ॥

**ତାପସ ମୁନି ମହିସୁର ସୁନି ଦେଖୀ । ଭଏ ପ୍ରେମ ବସ ବିକଲ ବିସେଷୀ ॥**
**ସମଉ ସମୁଝି ଧରି ଧୀରଜୁ ରାଜା । ଚଲେ ଭରତ ପହିଁ ସହିତ ସମାଜା ॥ ୩ ॥**

ତପସ୍ୱୀ, ମୁନି ଓ ବ୍ରାହ୍ମଣମାନେ ଏସବୁ ଶୁଣି ଓ ଦେଖି ସ୍ନେହବଶତଃ ଅତ୍ୟନ୍ତ ବିହ୍ୱଳ ହୋଇଗଲେ । ସ୍ଥାନକାଳ ବିଚ୍ର କରି ରାଜା ଜନକ ଧୈର୍ଯ୍ୟ ଧରି, ସମସ୍ତଙ୍କୁ ନେଇ ଭରତଙ୍କ ନିକଟକୁ ଚ୍ଲିଲେ ॥ ୩ ॥

**ଭରତ ଆଇ ଆଗେଁ ଭଇ ଲୀହ୍ନେ । ଅୱସର ସରିସ ସୁଆସନ ଦୀହ୍ନେ ॥**
**ତାତ ଭରତ କହ ତେରହୁତି ରାଉ । ତୁହ୍ମହି ବିଦିତ ରଘୁବୀର ସୁଭାଉ ॥ ୪ ॥**

ଭରତ ସମସ୍ତଙ୍କୁ ସ୍ୱାଗତ ଜଣାଇ ପାଛୋଟି ନେଲେ ଏବଂ ସମୟାନୁକୂଳ ଉତ୍ତମ ଆସନ ଦେଲେ । ତିରହୁତରାଜ ଜନକ କହିଲେ, "ହେ ବାବୁ ଭରତ ! ଆପଣ ତ ଶ୍ରୀରାମଙ୍କ ସ୍ୱଭାବ ଭଲରୂପେ ଜାଣିଛନ୍ତି ॥ ୪ ॥

ଦୋ:- **ରାମ ସତ୍ୟବ୍ରତ ଧରମ ରତ ସବ କର ସୀଲୁ ସନେହୁ ।**
**ସଂକଟ ସହତ ସକୋଚ ବସ କହିଅ ଜୋ ଆୟସୁ ଦେହୁ ॥ ୨୯୨ ॥**

ଶ୍ରୀରାମଚନ୍ଦ୍ର ସତ୍ୟବ୍ରତ ଓ ଧର୍ମପରାୟଣ । ସେ ସମସ୍ତଙ୍କୁ ସ୍ନେହ କରନ୍ତି ଓ ସମ୍ମାନ ଦିଅନ୍ତି । ତେଣୁ ସେ ସଂକୋଚବଶତଃ ସଂକଟ (ଦୁଃଖ) ସହୁଛନ୍ତି । ବର୍ତ୍ତମାନ ଆପଣ ଯାହା କହିବେ, ତାହା ତାଙ୍କୁ କୁହାଯିବ ।" ॥ ୨୯୨ ॥

**ସୁନି ତନ ପୁଲକି ନୟନ ଭରି ବାରୀ । ବୋଲେ ଭରତୁ ଧୀର ଧରି ଭାରୀ ॥**
**ପ୍ରଭୁ ପ୍ରିୟ ପୂଜ୍ୟ ପିତା ସମ ଆପୂ । କୁଲଗୁରୁ ସମ ହିତ ମାୟ ନ ବାପୂ ॥ ୧ ॥**

ଏହା ଶୁଣି, ପୁଲକିତଶରୀର ହୋଇ ଓ ନୟନରେ ଅଶ୍ରୁ ଭରି ଧୈର୍ଯ୍ୟର ସହିତ ଭରତ କହିଲେ, "ହେ ପ୍ରଭୁ ! ଆପଣ ମୋର ପିତୃତୁଲ୍ୟ ପ୍ରିୟ ଓ ପୂଜନୀୟ । ପୁଣି କୁଳଗୁରୁ ବଶିଷ୍ଠ ପିତାମାତାଙ୍କ ଠାରୁ ମଧ୍ୟ ଅଧିକ ହିତୈଷୀ ॥ ୧ ॥

**କୌସିକାଦି ମୁନି ସଚିୱ ସମାଜୂ । ଗ୍ୟାନ ଅଂବୁନିଧି ଆପୁନୁ ଆଜୂ ॥**
**ସିସୁ ସେୱକୁ ଆୟସୁ ଅନୁଗାମୀ । ଜାନି ମୋହି ସିଖ ଦେଇଅ ସ୍ୱାମୀ ॥ ୨ ॥**

ତା'ଛଡ଼ା ବିଶ୍ୱାମିତ୍ରାଦି ମୁନିବୃନ୍ଦ ଓ ମନ୍ତ୍ରୀଗଣ ମଧ୍ୟ ଅଛନ୍ତି ଏବଂ ଆଜି ଭଳି ଦିନରେ ଜ୍ଞାନର ସାଗର ଆପଣ ମଧ୍ୟ ଉପସ୍ଥିତ ଅଛନ୍ତି । ତେଣୁ ମୋତେ ଆପଣଙ୍କ ଶିଶୁ, ସେବକ ଓ ଆଜ୍ଞାବହ ଜାଣି ଶିକ୍ଷା ଦିଅନ୍ତୁ ॥ ୨ ॥

**ଏହିଁ ସମାଜ ଥଲ ବୂଝବ ରାଉର । ମୌନ ମଲିନ ମୈଁ ବୋଲବ ବାଉର ॥**
**ଛୋଟେ ବଦନ କହଉଁ ବଡ଼ି ବାତା । ଛମବ ତାତ ଲଖି ବାମ ବିଧାତା ॥ ୩ ॥**

ଏପରି ସମାଜରେ ଏବଂ ଏପରି ପୁଣ୍ୟସ୍ଥଳରେ ପୁଣି ଆପଣଙ୍କ ପରି ଜ୍ଞାନୀ ଓ ପୂଜନୀୟ ବ୍ୟକ୍ତି ଯେତେବେଳେ ମୋତେ ପଚ୍ରୁଛନ୍ତି, ମୁଁ ଯଦି ମୌନ ରହିବି, ତେବେ ମୋତେ ମନ୍ଦମତି ବୋଲି ମନେକରାଯିବ

ଏବଂ ଯଦି କିଛି କହିବି, ତାହା ମୋର ବାତୁଳତା ହେବ। ତଥାପି ମୁଁ ଛୋଟ ମୁହଁରେ ବଡ଼ କଥା କହୁଛି । ହେ ପିତା ! ବିଧାତା ମୋ'ପ୍ରତି ପ୍ରତିକୂଳ ହୋଇଥିବା ଜାଣି ଆପଣମାନେ ମୋତେ କ୍ଷମା ଦେବେ ॥ ୩ ॥

**ଆଗମ ନିଗମ ପ୍ରସିଦ୍ଧ ପୁରାନା । ସେୱାଧରମୁ କଠିନ ଜଗୁ ଜାନା ॥**
**ସ୍ୱାମି ଧରମ ସ୍ୱାରଥହି ବିରୋଧୂ । ବୈରୁ ଅଂଧ ପ୍ରେମହି ନ ପ୍ରବୋଧୂ ॥ ୪ ॥**

ଏକଥା ବେଦ, ଶାସ୍ତ୍ର ଓ ପୁରାଣରେ ପ୍ରସିଦ୍ଧ ଏବଂ ଜଗତ୍ ବି ଜାଣେ ଯେ, ସେବାଧର୍ମ ବଡ଼ କଠିନ । ସ୍ୱାମୀସେବା ଓ ସ୍ୱାର୍ଥ–ଏ ଦୁଇଟି ପରସ୍ପର ବିରୋଧୀ (ଦୁଇଟିଯାକ ଏକସଙ୍ଗେ କରିହେବ ନାହିଁ)। ବୈରପଣ ହେଉଛି ଅନ୍ଧ ଏବଂ ପ୍ରେମର ଜ୍ଞାନ ନ ଥାଏ । [ତେଣୁ ମୁଁ ସ୍ୱାର୍ଥବଶ ହୋଇ କହେ, କି ପ୍ରେମବଶ ହୋଇ କହେ, ଉଭୟ ଦୃଷ୍ଟିରୁ ମୋର ଭୁଲ୍ ହୋଇଯିବାର ଭୟ ରହିଛି ।]॥ ୪ ॥

ଦୋ:- **ରାଖି ରାମ ରୁଖ ଧରମୁ ବ୍ରତୁ ପରାଧୀନ ମୋହି ଜାନି ।**
**ସବ କେଁ ସଂମତ ସର୍ବ ହିତ କରିଅ ପେମୁ ପହିଚାନି ॥ ୨୯୩ ॥**

ଅତଏବ ମୋତେ ପରାଧୀନ ଜାଣି (ଅର୍ଥାତ୍ ମୋତେ ନ ପଚାରି), ଶ୍ରୀରାମଙ୍କର ରୁଚି, ଧର୍ମ ଓ ବ୍ରତ ରକ୍ଷା କରି, ଯାହା ସମସ୍ତଙ୍କର ଇଚ୍ଛାସମ୍ମତ ଓ ସମସ୍ତଙ୍କର କଲ୍ୟାଣକର ହେବ, ଆପଣ ସମସ୍ତଙ୍କର ପ୍ରେମ ଜାଣି ତାହା କରନ୍ତୁ ।" ॥ ୨୯୩ ॥

**ଭରତ ବଚନ ସୁନି ଦେଖି ସୁଭାଉ । ସହିତ ସମାଜ ସରାହତ ରାଉ ॥**
**ସୁଗମ ଅଗମ ମୃଦୁ ମଂଜୁ କଠୋରେ । ଅରଥୁ ଅମିତ ଅତି ଆଖର ଥୋରେ ॥ ୧ ॥**

ଭରତଙ୍କ କଥା ଶୁଣି ଏବଂ ତାଙ୍କର ସ୍ୱଭାବ ଦେଖି ରାଜା ଜନକ ଓ ଅନ୍ୟମାନେ ତାଙ୍କୁ ପ୍ରଶଂସା କଲେ । ଭରତଙ୍କ ବଚନ ଥିଲା ଉଭୟ ସୁବୋଧ୍ୟ ଓ ଦୁର୍ବୋଧ୍ୟ; ତାହା ମୃଦୁ ଓ ସୁନ୍ଦର ହୋଇଥିବା ସଙ୍ଗେ ସଙ୍ଗେ କଠୋର ମଧ୍ୟ ହୋଇଥିଲା । ସେଥିରେ ଶବ୍ଦ ଥିଲା ଅଳ୍ପ; କିନ୍ତୁ ତା'ର ଅର୍ଥ ଥିଲା ଅତ୍ୟନ୍ତ ଅପାର ॥ ୧ ॥

**ଜ୍ୟୋଁ ମୁଖୁ ମୁକୁର ମୁକୁରୁ ନିଜ ପାନୀ । ଗହି ନ ଜାଇ ଅସ ଅଦଭୁତ ବାନୀ ॥**
**ଭୂପ ଭରତୁ ମୁନି ସହିତ ସମାଜୂ । ଗେ ଜହଁ ବିବୁଧ କୁମୁଦ ଦ୍ୱିଜରାଜୂ ॥ ୨ ॥**

ଦର୍ପଣରେ ମୁହଁ ଦେଖାଯାଏ ଏବଂ ଦର୍ପଣ ହାତରେ ଥାଏ; ତଥାପି ମୁହଁର ପ୍ରତିବିମ୍ବକୁ ଯେପରି ହାତରେ ଧରିହୁଏ ନାହିଁ, ଭରତଙ୍କର ସେହି ଅଦ୍ଭୁତ ବାଣୀକୁ ସେହିପରି ଧରିହେଉ ନ ଥାଏ (କଥାର ଉଦ୍ଦେଶ୍ୟ ବୁଝିହେଉ ନ ଥାଏ) । ଶେଷରେ ମୁନି ବଶିଷ୍ଠ ରାଜା ଜନକ, ଭରତ ଓ ଅନ୍ୟ ସମସ୍ତଙ୍କୁ ଧରି ଶ୍ରୀରାମଙ୍କ ନିକଟକୁ ଗଲେ । ଶ୍ରୀରାମ ତ ଥିଲେ ଦେବତାରୂପୀ କୁମୁଦଗଣଙ୍କୁ ପ୍ରସ୍ଫୁଟିତ କରୁଥିବା (ସୁଖ ଦେଉଥିବା) ଚନ୍ଦ୍ର ପରି ॥ ୨ ॥

**ସୁନି ସୁଧି ସୋଚ ବିକଲ ସବ ଲୋଗା । ମନହୁଁ ମୀନଗନ ନୱ ଜଲ ଜୋଗା ॥**
**ଦେୱଁ ପ୍ରଥମ କୁଲଗୁର ଗତି ଦେଖୀ । ନିରଖି ବିଦେହ ସନେହ ବିସେଷୀ ॥ ୩ ॥**

ପ୍ରଥମ ବର୍ଷାର ନୂଆପାଣି ପାଇ ମାଛମାନେ ଯେପରି ବ୍ୟାକୁଳ ହୋଇଯାଆନ୍ତି, ଶ୍ରୀରାମ କ'ଣ କରିବେ, ତାହା ବିଚାର କରି ସମସ୍ତେ ଠିକ୍ ସେହିପରି ଚିନ୍ତାରେ ବ୍ୟାକୁଳ ହୋଇଗଲେ। ଦେବତାମାନେ ପ୍ରଥମେ କୁଳଗୁରୁ ବଶିଷ୍ଠଙ୍କର ପ୍ରେମବିହ୍ୱଳ ସ୍ଥିତି ଦେଖିଲେ; ବିଦେହରାଜଙ୍କର ବିଶେଷ ସ୍ନେହ ମଧ୍ୟ ଦେଖିବାକୁ ପାଇଲେ ॥ ୩ ॥

**ରାମ ଭଗତିମୟ ଭରତୁ ନିହାରେ । ସୁର ସ୍ୱାରଥୀ ହହରି ହିୟଁ ହାରେ ॥**
**ସବ କୋଉ ରାମ ପେମମୟ ପେଖା । ଭଏ ଅଲେଖ ସୋଚ ବସ ଲେଖା ॥ ୪ ॥**

ପୁଣି ଶ୍ରୀରାମଭକ୍ତିରେ ଓତପ୍ରୋତ ଭରତଙ୍କୁ ଦେଖିଲେ । ଏସବୁ ଦେଖି ସ୍ୱାର୍ଥପର ଦେବତାମାନେ ନିରାଶ ହୋଇଗଲେ । ସମସ୍ତେ ରାମପ୍ରେମରେ ମଗ୍ନ ଥିବା ଦେଖି ସେମାନେ ଘୋର ଚିନ୍ତାରେ ପଡ଼ିଗଲେ ॥ ୪ ॥

ଦୋଃ- **ରାମୁ ସନେହ ସକୋଚ ବସ କହ ସସୋଚ ସୁରରାଜୁ ।**
**ରଚହୁ ପ୍ରପଂଚହି ପଂଚ ମିଲି ନାହିଁ ତ ଭୟଉ ଅକାଜୁ ॥ ୨୯୪ ॥**

ଦେବରାଜ ଇନ୍ଦ୍ର ଚିନ୍ତାରେ ଅଭିଭୂତ ହୋଇ କହିଲେ, ‘‘ଶ୍ରୀରାମ ତ ସ୍ନେହ ଓ ସହାନୁଭୂତିର ବଶବର୍ତ୍ତୀ ହୋଇପଡ଼ିଛନ୍ତି । ତେଣୁ ସମସ୍ତେ ମିଶି କିଛି ଗୋଟିଏ ମାୟା ରଚନା କର; ନଚେତ୍ କାମ ବିଗିଡ଼ିଗଲା ବୋଲି ଜାଣ ।’’ ॥ ୨୯୪ ॥

**ସୁରହ୍ନ ସୁମିରି ସାରଦା ସରାହୀ । ଦେବି ଦେଓ୍ୱ ସରନାଗତ ପାହୀ ॥**
**ଫେରି ଭରତ ମତି କରି ନିଜ ମାୟା । ପାଲୁ ବିବୁଧ କୁଲ କରି ଛଲ ଛାୟା ॥ ୧ ॥**

ଦେବତାମାନେ ସରସ୍ୱତୀଙ୍କୁ ସ୍ମରଣ କରି ତାଙ୍କର ସ୍ତୁତିଗାନ କଲେ ଏବଂ କହିଲେ, ‘‘ହେ ଦେବୀ ! ଦେବତାମାନେ ଆପଣଙ୍କର ଶରଣାଗତ । ସେମାନଙ୍କୁ ରକ୍ଷା କରନ୍ତୁ । ନିଜର ମାୟା ରଚନା କରି ଭରତଙ୍କ ବୁଦ୍ଧି ବଦଳାଇଦିଅନ୍ତୁ ଏବଂ ଛଳନାର ଛାୟାରେ ଦେବକୁଳକୁ ରକ୍ଷା କରନ୍ତୁ ।’’ ॥ ୧ ॥

**ବିବୁଧ ବିନୟ ସୁନି ଦେବି ସୟାନୀ । ବୋଲୀ ସୁର ସ୍ୱାରଥ ଜଡ଼ ଜାନୀ ॥**
**ମୋ ସନ କହହୁ ଭରତ ମତି ଫେରୂ । ଲୋଚନ ସହସ ନ ସୂଝ ସୁମେରୂ ॥ ୨ ॥**

ଦେବତାମାନଙ୍କର ବିନତି ଶୁଣି ସରସ୍ୱତୀ ଜାଣିଗଲେ ଯେ, ସେମାନେ ସ୍ୱାର୍ଥପରତା ହେତୁ ଜ୍ଞାନଶୂନ୍ୟ ହୋଇଯାଇଛନ୍ତି । ତେଣୁ ବୁଦ୍ଧିମତୀ ସରସ୍ୱତୀ କହିଲେ, ‘‘ମୋତେ ଭରତଙ୍କ ବୁଦ୍ଧି ଭ୍ରଷ୍ଟ କରିଦେବାକୁ କହୁଛ ! ସହସ୍ର ନେତ୍ର ଥାଇ ମଧ୍ୟ ତୁମକୁ ସୁମେରୁ ପର୍ବତ ଦିଶୁନାହିଁ !! ॥ ୨ ॥

**ବିଧି ହରି ହର ମାୟା ବଡ଼ି ଭାରୀ । ସୋଉ ନ ଭରତ ମତି ସକଇ ନିହାରୀ ॥**
**ସୋ ମତି ମୋହି କହତ କରୁ ଭୋରୀ । ଚଂଦିନି କର କି ଚଂଡକର ଚୋରୀ ॥ ୩ ॥**

ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ମାୟା ଅତ୍ୟନ୍ତ ପ୍ରବଳ; କିନ୍ତୁ ସେମାନେ ସୁଦ୍ଧା ଭରତଙ୍କ ବୁଦ୍ଧିର ସମ୍ମୁଖୀନ ହେବାକୁ ଭୟ କରନ୍ତି । ଅଥଚ ତୁମେ ମୋତେ କହୁଛ, ‘ଭରତଙ୍କ ବୁଦ୍ଧିକୁ ଭ୍ରଷ୍ଟ କରିଦିଅ !!’ ଆହେ ! ଚନ୍ଦ୍ରକିରଣ କ’ଣ କେବେ ପ୍ରଚଣ୍ଡତେଜଯୁକ୍ତ ସୂର୍ଯ୍ୟଙ୍କୁ ଚୋରି କରିପାରିବ ? ॥ ୩ ॥

**ଭରତ ହୃଦୟଁ ସିୟ ରାମ ନିବାସୂ । ତହଁ କି ତିମିର ଜହଁ ତରନି ପ୍ରକାସୂ ॥**
**ଅସ କହି ସାରଦ ଗଇ ବିଧି ଲୋକା । ବିବୁଧ ବିକଲ ନିସି ମାନହୁଁ କୋକା ॥ ୪ ॥**

ଭରତଙ୍କ ହୃଦୟ ହେଉଛି ସୀତାରାମଙ୍କର ନିବାସସ୍ଥାନ । ଯେଉଁଠି ସୂର୍ଯ୍ୟଙ୍କ ପ୍ରକାଶ ରହିଛି, ସେଠାରେ କ’ଣ କେବେ ଅନ୍ଧାର ରହିପାରେ ?’’ ଏପରି କହି ସରସ୍ୱତୀ ବ୍ରହ୍ମଲୋକକୁ ଚାଲିଗଲେ । ରାତିରେ ଚକ୍ରବାକ ବ୍ୟାକୁଳ ହେବାପରି ଦେବତାମାନେ ବ୍ୟାକୁଳ ହେବାକୁ ଲାଗିଲେ ॥ ୪ ॥

ଦୋଃ- **ସୁର ସ୍ୱାରଥୀ ମଲୀନ ମନ କୀହ୍ନ କୁମଂତ୍ର କୁଠାଟୁ ।**
**ରଚି ପ୍ରପଂଚ ମାୟା ପ୍ରବଲ ଭୟ ଭ୍ରମ ଅରତି ଉଚାଟୁ ॥ ୨୯୫ ॥**

ମଳିନଚିତ୍ତ ସ୍ୱାର୍ଥପର ଦେବତାମାନେ ନିଜ ନିଜ ଭିତରେ କୁପରାମର୍ଶ କରି ଏକ କୁତ୍ସିତ ଷଡଯନ୍ତ୍ର ରଚନା କଲେ । ସେମାନେ ଏକ ପ୍ରବଳ ମାୟାଜାଲ ରଚନା କରି ଭୟ, ଭ୍ରମ, ଅପ୍ରୀତି ଓ ଉଚ୍ଚାଟନ ବିସ୍ତାର କଲେ ॥ ୨୯୫ ॥

**କରି କୁଚାଲି ସୋଚତ ସୁରରାଜୂ । ଭରତ ହାଥ ସବୁ କାଜୁ ଅକାଜୂ ॥**
**ଗଏ ଜନକୁ ରଘୁନାଥ ସମୀପା । ସନମାନେ ସବ ରବିକୁଲ ଦୀପା ॥ ୧ ॥**

କୁଚକ୍ର ରଚନା କରି ଦେବରାଜ ଇନ୍ଦ୍ର ଭାବିବାକୁ ଲାଗିଲେ, ଏଥର କାମର ସଫଳତା-ବିଫଳତା ସବୁ ଭରତଙ୍କ ହାତରେ । ଏପଟେ ରାଜା ଜନକ ମୁନି ବଶିଷ୍ଠ ଆଦିଙ୍କୁ ଧରି ଶ୍ରୀରଘୁନାଥଙ୍କ ନିକଟକୁ ଗଲେ । ସୂର୍ଯ୍ୟବଂଶର ପ୍ରଦୀପ ଶ୍ରୀରାମ ସମସ୍ତଙ୍କୁ ସମ୍ମାନିତ କଲେ ॥ ୧ ॥

**ସମୟ ସମାଜ ଧରମ ଅବିରୋଧା । ବୋଲେ ତବ ରଘୁବଂସ ପୁରୋଧା ॥**
**ଜନକ ଭରତ ସଂବାଦୁ ସୁନାଈ । ଭରତ କହାଉତି କହୀ ସୁହାଈ ॥ ୨ ॥**

ଆସନ ଗ୍ରହଣ କରିବା ପରେ ରଘୁକୁଳର ପୁରୋହିତ ବଶିଷ୍ଠ ସମୟ, ସମାଜ ଓ ଧର୍ମ ଅନୁସାରେ କହିବାକୁ ଆରମ୍ଭ କଲେ । ପ୍ରଥମେ ସେ ଜନକ ଓ ଭରତଙ୍କ ସଂବାଦ ଶୁଣାଇଲେ । ପୁନଶ୍ଚ ଭରତ କହିଥିବା ସୁନ୍ଦର ବାଣୀ ଶୁଣାଇଲେ ॥ ୨ ॥

**ତାତ ରାମ ଜସ ଆୟସୁ ଦେହୂ । ସୋ ସବୁ କରୈ ମୋର ମତ ଏହୂ ॥**
**ସୁନି ରଘୁନାଥ ଜୋରି ଜୁଗ ପାନୀ । ବୋଲେ ସତ୍ୟ ସରଲ ମୃଦୁ ବାନୀ ॥ ୩ ॥**

[ତା'ପରେ କହିଲେ,] ''ବତ୍ସ ରାମ ! ମୋ ମତରେ, ଆପଣ ଯେପରି ଆଜ୍ଞା ଦେବେ, ସମସ୍ତେ ସେହିପରି କରିବେ ।'' ଏହା ଶୁଣି ଶ୍ରୀରଘୁନାଥ କରପତ୍ର ଯୋଡ଼ି ସତ୍ୟ-ସରଳ ମୃଦୁବଚନ କହିଲେ, ॥ ୩ ॥

**ବିଦ୍ୟମାନ ଆପୁନି ମିଥିଲେସୂ । ମୋର କହବ ସବ ଭାଁତି ଭଦେସୂ ॥**
**ରାଉର ରାୟ ରଜାୟସୁ ହୋଈ । ରାଉରି ସପଥ ସହୀ ସିର ସୋଈ ॥ ୪ ॥**

''ଆପଣ ଓ ମିଥିଳେଶ୍ୱର ଜନକ ମହାରାଜ ଉପସ୍ଥିତ ଥିବାବେଳେ ମୁଁ କିଛି କହିବା ଅନୁଚିତ ହେବ । ଆପଣଙ୍କର ଓ ମହାରାଜାଙ୍କର ଯାହା ଆଜ୍ଞା ହେବ, ମୁଁ ଶପଥ କରି କହୁଛି, ତାହା ନିଶ୍ଚୟ ସମସ୍ତଙ୍କର ଶିରୋଧାର୍ଯ୍ୟ ହେବ ।'' ॥ ୪ ॥

ଦୋ:- **ରାମ ସପଥ ସୁନି ମୁନି ଜନକୁ ସକୁଚେ ସଭା ସମେତ ।**
**ସକଲ ବିଲୋକତ ଭରତ ମୁଖୁ ବନଇ ନ ଉତରୁ ଦେତ ॥ ୨୯୬ ॥**

ଶ୍ରୀରାମଙ୍କ ଶପଥ ଶୁଣି ସଭାସମେତ ମୁନିବଶିଷ୍ଠ ଓ ଜନକ ସ୍ତମ୍ଭିତ ହୋଇ ରହିଗଲେ । କେହି କିଛି ଉତ୍ତର ଦେଇପାରିଲେ ନାହିଁ; ସମସ୍ତେ କେବଳ ଭରତଙ୍କ ମୁହଁକୁ ଚାହିଁରହିଲେ ॥ ୨୯୬ ॥

ଚୌ:-**ସଭା ସକୁଚ ବସ ଭରତ ନିହାରୀ । ରାମବଂଧୁ ଧରି ଧୀରଜୁ ଭାରୀ ॥**
**କୁସମଉ ଦେଖି ସନେହୁ ସଁଭାରା । ବଢ଼ତ ବିଂଧି ଜିମି ଘଟଜ ନିୱାରା ॥ ୧ ॥**

ରାମଭ୍ରାତା ଭରତ ଦେଖିଲେ, ସମସ୍ତେ ସ୍ତମ୍ଭିତ ହୋଇ ରହିଛନ୍ତି । ସେ ଅସୀମ ଧୈର୍ଯ୍ୟ ଧରି ଓ ସମୟର ପ୍ରତିକୂଳତାକୁ ଲକ୍ଷ୍ୟ କରି, ବର୍ଦ୍ଧିଷ୍ଣୁ ବିନ୍ଧ୍ୟାଚଳକୁ ଅଗସ୍ତ୍ୟ ମୁନି ଯେପରି ରୋକି ଦେଇଥିଲେ, ନିଜର ଉଦ୍‌ବେଳିତ ପ୍ରେମକୁ ସେହିପରି ସଂବରଣ କଲେ ॥ ୧ ॥

**ସୋକ କନକଲୋଚନ ମତି ଛୋନୀ । ହରୀ ବିମଲ ଗୁନ ଗନ ଜଗଜୋନୀ ॥**
**ଭରତ ବିବେକ ବରାହଁ ବିସାଲା । ଅନାୟାସ ଉଧରୀ ତେହି କାଲା ॥ ୨ ॥**

ସେତେବେଳକୁ ସଭାରେ ଉପସ୍ଥିତ ଥିବା ସମସ୍ତଙ୍କର ବୁଦ୍ଧିରୂପୀ ପୃଥିବୀକୁ ଶୋକରୂପୀ ହିରଣ୍ୟାକ୍ଷ ହରଣ

କରି ନେଇଥିଲା । ସେହି ବୁଦ୍ଧି ଥିଲା ବିମଳଗୁଣାବଳୀରୂପୀ ଜଗତର ଉତ୍ପତ୍ତିକାରିଣୀ; କିନ୍ତୁ ଭରତଙ୍କ ବିବେକରୂପୀ ବିଶାଳ ବରାହ (ବରାହରୂପୀ ଭଗବାନ୍) ଶୋକରୂପୀ ହିରଣ୍ୟାକ୍ଷକୁ ବିନାଶ କରି ଅନାୟାସରେ ସେହି ପୃଥିବୀକୁ ଉଦ୍ଧାର କରିଦେଲା ॥ ୨ ॥

**କରି ପ୍ରନାମୁ ସବ କହଁ କର ଜୋରେ । ରାମୁ ରାଉ ଗୁର ସାଧୁ ନିହୋରେ ॥**
**ଛମବ ଆଜୁ ଅତି ଅନୁଚିତ ମୋରା । କହଉଁ ବଦନ ମୃଦୁ ବଚନ କଠୋରା ॥ ୩ ॥**

ଭରତ ସମସ୍ତଙ୍କୁ ପ୍ରଣାମ କରି, ଯୋଡ଼ହସ୍ତପୂର୍ବକ ଶ୍ରୀରାମ, ମହାରାଜ ଜନକ, ଗୁରୁ ବଶିଷ୍ଠ ଏବଂ ଉପସ୍ଥିତ ସାଧୁସମାଜଙ୍କୁ ପ୍ରାର୍ଥନା କରି କହିଲେ, "ଆଜି ମୋର ଏହି ଅତ୍ୟନ୍ତ ଅନୁଚିତ ବକ୍ତବ୍ୟକୁ ଆପଣମାନେ କ୍ଷମା କରିବେ । ମୁଁ ଛୋଟମୁହଁରେ ବଡ଼କଥା କହୁଛି ।" ॥ ୩ ॥

**ହିୟଁ ସୁମିରୀ ସାରଦା ସୁହାଈ । ମାନସ ତେଁ ମୁଖ ପଂକଜ ଆଈ ॥**
**ବିମଲ ବିବେକ ଧରମ ନୟ ସାଲୀ । ଭରତ ଭାରତୀ ମଂଜୁ ମରାଲୀ ॥ ୪ ॥**

ଏପରି ପ୍ରାର୍ଥନା କରି ସେ ବାଗ୍‌ଦେବୀ ଶାରଦାଙ୍କୁ ସ୍ମରଣ କଲେ । ସେହି ଦେବୀ ମାନସରୁ (ଭରତଙ୍କ ମନରୂପୀ ମାନସ ସରୋବରରୁ) ଆସି ଭରତଙ୍କ ମୁଖପଦ୍ମରେ ବିରାଜିତା ହେଲେ । ଏଣୁ ନିର୍ମଳ ବିବେକ, ଧର୍ମ ଓ ନୀତିରେ ଯୁକ୍ତ ଭରତଙ୍କ ବାଣୀ ସୁନ୍ଦର ହଂସୀ ପରି [ଗୁଣଦୋଷ-ବିବେଚନାକାରିଣୀ] ହୋଇଗଲା ॥ ୪ ॥

ଦୋଃ- **ନିରଖି ବିବେକ ବିଲୋଚନହ୍ନି ସିଥିଲ ସନେହଁ ସମାଜୁ ।**
**କରି ପ୍ରନାମୁ ବୋଲେ ଭରତୁ ସୁମିରି ସୀୟ ରଘୁରାଜୁ ॥ ୨୯୭ ॥**

ଭରତ ନିଜର ବିବେକଚକ୍ଷୁରେ ଦେଖିଲେ ଯେ, ସମସ୍ତେ ପ୍ରେମରେ ଅଭିଭୂତ ହୋଇଯାଇଛନ୍ତି । ସମସ୍ତଙ୍କୁ ପ୍ରଣାମ କରି, ସୀତା ଓ ଶ୍ରୀରାମଙ୍କୁ ସ୍ମରଣ କରି ସେ କହିଲେ, ॥ ୨୯୭ ॥

**ପ୍ରଭୁ ପିତୁ ମାତୁ ସୁହୃଦ ଗୁର ସ୍ୱାମୀ । ପୂଜ୍ୟ ପରମ ହିତ ଅଂତରଜାମୀ ॥**
**ସରଲ ସୁସାହିବୁ ସୀଲ ନିଧାନୂ । ପ୍ରନତପାଲ ସର୍ବଗ୍ୟ ସୁଜାନୂ ॥ ୧ ॥**

"ହେ ପ୍ରଭୁ ! ଆପଣ ହେଉଛନ୍ତି ମୋର ପିତା, ମାତା, ସୁହୃଦ୍ (ବନ୍ଧୁ), ଗୁରୁ, ସ୍ୱାମୀ, ପୂଜ୍ୟ, ପରମହିତୈଷୀ ଓ ଅନ୍ତର୍ଯାମୀ । ଆପଣ ସରଳହୃଦୟ, ଉତ୍ତମ ପ୍ରଭୁ, ସର୍ବଗୁଣର ନିଧାନ, ଶରଣାଗତବତ୍ସଳ, ସର୍ବଜ୍ଞ ଓ ପରମ ଜ୍ଞାନୀ ॥ ୧ ॥

**ସମରଥ ସରନାଗତ ହିତକାରୀ । ଗୁନଗାହକୁ ଅଵ୍ଗୁନ ଅଘ ହାରୀ ॥**
**ସ୍ୱାମି ଗୋସାଁଇହି ସରିସ ଗୋସାଈଁ । ମୋହି ସମାନ ମୈଁ ସାଇଁ ଦୋହାଈଁ ॥ ୨ ॥**

ଆପଣ ସର୍ବଶକ୍ତିମାନ୍, ଶରଣାଗତ-ହିତକାରୀ, ଗୁଣଗ୍ରାହୀ, ପାପହାରୀ ଓ ଦୋଷହାରୀ । ହେ ପ୍ରଭୁ ! ମୁଁ ପ୍ରମାଣ କରି କହୁଛି ଯେ, ଏକମାତ୍ର ଆପଣହିଁ ଆପଣଙ୍କ ପରି ପ୍ରଭୁ ଏବଂ ଏକମାତ୍ର ମୁଁ ହିଁ ମୋ ପରି ପ୍ରଭୁଦ୍ରୋହୀ ॥ ୨ ॥

**ପ୍ରଭୁ ପିତୁ ବଚନ ମୋହ ବସ ପେଲୀ । ଆୟଉଁ ଇହାଁ ସମାଜୁ ସକେଲୀ ॥**
**ଜଗ ଭଲ ପୋଚ ଊଁଚ ଅରୁ ନୀଚୂ । ଅମିଅ ଅମରପଦ ମାହୁରୁ ମୀଚୂ ॥ ୩ ॥**

ମୁଁ ମୋହପରବଶ ହୋଇ ପ୍ରଭୁଙ୍କର (ଆପଣଙ୍କର) ଏବଂ ପିତାଙ୍କର ବଚନକୁ ଅବଜ୍ଞା କରି ରାଜ୍ୟବାସୀଙ୍କୁ ଧରି ଏଠାକୁ ଚାଲିଆସିଛି । ଜଗତରେ ଭଲ-ମନ୍ଦ, ଉଚ୍ଚ-ନୀଚ, ଅମୃତ-ବିଷ, ଅମରତ୍ୱ-ମୃତ୍ୟୁ ଆଦି ଯାହା କିଛି ଅଛି, ॥ ୩ ॥




ଶ୍ରୀଭରତଙ୍କର ଶ୍ରୀରାମଙ୍କ ନିକଟରେ ବିନତି

**ରାମ ରଜାଇ ମେଟ ମନ ମାହୀଁ । ଦେଖା ସୁନା କତହୁଁ କୋଉ ନାହୀଁ ॥**
**ସୋ ମୈଁ ସବ ବିଧି କୀହ୍ନି ଢିଠାଈ । ପ୍ରଭୁ ମାନୀ ସନେହ ସେୱକାଈ ॥ ୪ ॥**

କେହି କେବେ ଶ୍ରୀରାମଙ୍କ (ଆପଣଙ୍କ) ଆଜ୍ଞାକୁ ମନରେ ସୁଦ୍ଧା ଅବଜ୍ଞା କରିଥିବା କଥା ମୁଁ ଦେଖିନାହିଁ, କି ଶୁଣିନାହିଁ (ଅର୍ଥାତ୍ ସମସ୍ତେ ସର୍ବଦା ପ୍ରଭୁଙ୍କ ଆଜ୍ଞାନୁସାରେ ଚଳନ୍ତି )। କେବଳ ମୁଁ ହିଁ ପ୍ରଭୁଙ୍କ ଆଜ୍ଞାକୁ ସକଳପ୍ରକାରେ ଅବଜ୍ଞା କରିବାର ଧୃଷ୍ଟତା ଦେଖାଇଛି । ଅଥଚ ପ୍ରଭୁ ଏଡ଼େ ମହାନ୍ ଯେ, ମୋର ଧୃଷ୍ଟତାକୁ ମୋର ସ୍ନେହ ଓ ସେବା ମନୋଭାବ ବୋଲି ଗ୍ରହଣ କରିନେଇଛନ୍ତି ॥ ୪ ॥

ଦୋ:- **କୃପାଁ ଭଲାଈଁ ଆପନୀ ନାଥ କୀହ୍ନ ଭଲ ମୋର ।**
**ଦୂଷନ ଭେ ଭୂଷନ ସରିସ ସୁଜସୁ ଚ୍ୱରୁ ଚହୁ ଓର ॥ ୨୯୮ ॥**

ହେ ନାଥ ! ଆପଣ ନିଜର କୃପା ଓ ସଦ୍‌ଭାବବଳରେ ମୋର ହିତ କରିଛନ୍ତି; ତା'ଫଳରେ ମୋର ଦୂଷଣ ମଧ୍ୟ ଭୂଷଣ ହୋଇଯାଇଛି ଏବଂ ମୋର ସୁନ୍ଦର ଯଶ ଚତୁର୍ଦ୍ଦିଗରେ ବ୍ୟାପିଯାଇଛି ॥ ୨୯୮ ॥

**ରାଉରି ରୀତି ସୁବାନି ବଡ଼ାଈ । ଜଗତ ବିଦିତ ନିଗମାଗମ ଗାଈ ॥**
**କୂର କୁଟିଲ ଖଲ କୁମତି କଲଂକୀ । ନୀଚ ନିସୀଲ ନିରୀସ ନିସଂକୀ ॥ ୧ ॥**
**ତେଉ ସୁନି ସରନ ସାମୁହେଁ ଆଏ । ସକୃତ ପ୍ରନାମୁ କିହେଁ ଅପନାଏ ॥**
**ଦେଖି ଦୋଷ କବହୁଁ ନ ଉର ଆନେ । ସୁନି ଗୁନ ସାଧୁ ସମାଜ ବଖାନେ ॥ ୨ ॥**

ହେ ନାଥ ! ଆପଣଙ୍କ ରୀତି, ସ୍ୱଭାବ ଓ ମହିମା ଜଗତ୍‌ବିଖ୍ୟାତ ଏବଂ ତାହା ବେଦରେ ଓ ଶାସ୍ତ୍ରମାନଙ୍କରେ ଗାନ କରାଯାଇଛି । କୌଣସି କ୍ରୂର, କୁଟିଳ, ଦୁଷ୍ଟବୁଦ୍ଧି, କଳଙ୍କିତ, ନୀଚ, ଅଶାଳୀନ, ନିରୀଶ୍ୱରବାଦୀ (ନାସ୍ତିକ) ଓ ନିଃଶଙ୍କ ମଧ୍ୟ ଆପଣଙ୍କର ଶରଣାପନ୍ନ ହୋଇ ଥରଟିଏ ପ୍ରଣାମ କରିବାମାତ୍ରେ, ଆପଣ ତାକୁ ନିଜର କରିନିଅନ୍ତି । ସେହି ଶରଣାଗତର ଦୋଷ ଦେଖିଲେ ମଧ୍ୟ ଆପଣ ତାହା କେବେ ଦୋଷ ବୋଲି ଗଣନ୍ତି ନାହିଁ; ବରଂ ତା'ର [ସାମାନ୍ୟମାତ୍ର] ଗୁଣ ଶୁଣିଦେଲେ, ତାହାକୁ ସାଧୁସମାଜରେ ବର୍ଣ୍ଣନା କରନ୍ତି ॥ ୧-୨ ॥

**କୋ ସାହିବ ସେୱକହି ନେୱାଜୀ । ଆପୁ ସମାଜ ସାଜ ସବ ସାଜୀ ॥**
**ନିଜ କରତୂତି ନ ସମୁଝିଅ ସପନେଁ । ସେୱକ ସକୁଚ ସୋଚୁ ଉର ଅପନେଁ ॥ ୩ ॥**

ଏପରି ସ୍ୱାମୀ କିଏ ଅଛି, ଯେ କି ସେବକପାଇଁ ନିଜେ ସମସ୍ତପ୍ରକାର ବ୍ୟବସ୍ଥା କରେ ଏବଂ ନିଜେ କରିଥିବା ଉପକାର କଥା ସ୍ୱପ୍ନରେ ବି ସ୍ମରଣ ନ କରି (ଅର୍ଥାତ୍ ମୁଁ ମୋ ସେବକପାଇଁ ଏତେ କାମ କରିଛି ବୋଲି ନ ଭାବି), ବରଂ 'କାଳେ ମୋ ସେବକ ସଙ୍କୋଚରେ ପଡ଼ିଯିବ'—ଏଭଳି ଭାବ ହୃଦୟରେ ରଖେ ? ॥ ୩ ॥

**ସୋ ଗୋସାଈଁ ନହିଁ ଦୂସର କୋପୀ । ଭୁଜା ଉଠାଇ କହଉଁ ପନ ରୋପୀ ॥**
**ପସୁ ନାଚତ ସୁକ ପାଠ ପ୍ରବୀନା । ଗୁନ ଗତି ନଟ ପାଠକ ଆଧୀନା ॥ ୪ ॥**

ମୁଁ ଦୁଇ ବାହୁ ଟେକି ଶପଥ କରି କହୁଛି ଯେ, ଆପଣଙ୍କୁ ଛାଡ଼ିଦେଲେ ଏପରି ପ୍ରଭୁ ଅନ୍ୟ କେହି ନାହାନ୍ତି । [ମାଙ୍କଡ଼ ଇତ୍ୟାଦି] ପଶୁ ଭଲ ନାଚନ୍ତି ଏବଂ ଶୁଆ ଆଦି ପକ୍ଷୀ ଶିକ୍ଷା ଦେଲେ ଭଲରୂପେ କଥା କହିପାରନ୍ତି । କିନ୍ତୁ ପଶୁର ସେହି ନାଚିବା ଓ ପକ୍ଷୀର ସେହି ପଢ଼ିବା (ଗାଇବା) ଗୁଣ ନାଚ ବା ପଢ଼ା ଶିଖାଉଥିବା ଲୋକ ଉପରେ ନିର୍ଭର କରେ ॥ ୪ ॥

ଦୋ:- **ଜ୍ୟୋଁ ସୁଧାରି ସନମାନି ଜନ କିଏ ସାଧୁ ସିରମୋର ।**
**କୋ କୃପାଲ ବିନୁ ପାଲିହୈ ବିରିଦାୱ୍‌ଲି ବରଜୋର ॥ ୨୯୯ ॥**

ଠିକ୍ ସେହିପରି ନିଜ ସେବକର ନଷ୍ଟ ହୋଇଯାଇଥିବା କାର୍ଯ୍ୟକୁ ସୁଧାରି, ତାକୁ ସମ୍ମାନ ଦେଇ ଆପଣ ତାକୁ ସାଧୁଶିରୋମଣି କରିଦେଇଛନ୍ତି । ଆପଣଙ୍କ ପରି କୃପାଳୁଙ୍କ ବିନା ଆଉ କିଏ ଏପରି ଦୃଢ଼ ହୋଇ ନିଜର ଦୟାଳୁତା ଓ ଉଦାରତା ପାଳନ କରିବ ? ॥ ୨୯୯ ॥

**ସୋକ ସନେହଁ କି ବାଲ ସୁଭାଏଁ । ଆୟଉଁ ଲାଇ ରଜାୟସୁ ବାଏଁ ॥**
**ତବହୁଁ କୃପାଲ ହେରି ନିଜ ଓରା । ସବହି ଭାଁତି ଭଲ ମାନେଉ ମୋରା ॥ ୧ ॥**

ମୁଁ ଶୋକଗ୍ରସ୍ତ ହୋଇ ବା ସ୍ନେହବଶ ହୋଇ ବା ବାଲ୍ୟଚପଳତା ହେତୁ ଆପଣଙ୍କ ଆଦେଶ ଅମାନ୍ୟ କରି ଏଠାକୁ ଚାଲିଆସିଲି; ତଥାପି କୃପାଳୁ ପ୍ରଭୁ ନିଜର କୃପା ହେତୁ ମୋ କାର୍ଯ୍ୟ ସବୁଦୃଷ୍ଟିରୁ ଠିକ୍ ହୋଇଛି ବୋଲି ସ୍ୱୀକାର କରିନେଲେ ॥ ୧ ॥

**ଦେଖେଉଁ ପାୟ ସୁମଂଗଲ ମୂଲା । ଜାନେଉଁ ସ୍ୱାମି ସହଜ ଅନୁକୂଲା ॥**
**ବଡ଼େ ସମାଜ ବିଲୋକେଉଁ ଭାଗୂ । ବଡ଼ୀଁ ଚୂକ ସାହିବ ଅନୁରାଗୂ ॥ ୨ ॥**

ଆପଣଙ୍କ ଚରଣଯୁଗଳ ହେଉଛି ସମସ୍ତ ମଙ୍ଗଳର ମୂଳ । ସେହି ଚରଣଯୁଗଳ ଦର୍ଶନ କରି ମୁଁ ଜାଣିପାରିଲି ଯେ, ମୋ ପ୍ରଭୁ ସ୍ୱଭାବତଃ ମୋ ପ୍ରତି ଅନୁକୂଳ । ଏତେ ବିଶିଷ୍ଟ ଲୋକଙ୍କ ମଧ୍ୟରେ ମୋ ଭାଗ୍ୟ ଯେ କେଡ଼େ ଉଚ୍ଚ, ମୁଁ ତାହା ଜାଣିପାରିଲି । ମୋର ଏତେ ବଡ଼ ଭୁଲ୍ ହୋଇଯାଇଥିଲେ ବି, ପ୍ରଭୁଙ୍କର ମୋ ପ୍ରତି କେତେ ଅନୁରାଗ ନାହିଁ ! ॥ ୨ ॥

**କୃପା ଅନୁଗ୍ରହୁ ଅଂଗୁ ଅଘାଈ । କୀହ୍ନି କୃପାନିଧି ସବ ଅଧିକାଈ ॥**
**ରାଖା ମୋର ଦୁଲାର ଗୋସାଇଁ । ଅପନେଁ ସୀଲ ସୁଭାୟଁ ଭଲାଇଁ ॥ ୩ ॥**

କୃପାନିଧାନ ଆପଣ ମୋତେ ସକଳପ୍ରକାରେ ଅତ୍ୟଧିକ କୃପା ଓ ଅନୁଗ୍ରହ କରିଛନ୍ତି (ଅର୍ଥାତ୍ ମୁଁ ଯେତିକି କୃପାପାଇଁ ବିନ୍ଦୁମାତ୍ର ବି ଯୋଗ୍ୟ ନୁହେଁ, ଆପଣ ମୋତେ ତତୋଽଧିକ କୃପା କରିଛନ୍ତି) । ହେ ପ୍ରଭୁ ! ଆପଣ ନିଜ ସୁଶୀଳତା, ସ୍ୱଭାବ ଓ ସଜ୍ଜନତାଦ୍ୱାରା ମୋ ପ୍ରତି ବିଶେଷ ସ୍ନେହ ପ୍ରଦର୍ଶନ କରିଛନ୍ତି ॥ ୩ ॥

**ନାଥ ନିପଟ ମୈଁ କୀହ୍ନି ଢିଠାଈ । ସ୍ୱାମି ସମାଜ ସକୋଚ ବିହାଈ ॥**
**ଅବିନୟ ବିନୟ ଜଥାରୁଚି ବାନୀ । ଛମିହି ଦେଉ ଅତି ଆରତି ଜାନୀ ॥ ୪ ॥**

ହେ ନାଥ ! ମୁଁ ସଙ୍କୋଚ ତ୍ୟାଗ କରି ବିନୟସହକାରେ ହେଉ ବା ଅବିନୟରେ ହେଉ, ମନଇଚ୍ଛା ଯାହା ନାହିଁ ତାହା କହି ଆପଣଙ୍କ ପ୍ରତି ଓ ଉପସ୍ଥିତ ଜନସମାଜ ପ୍ରତି ଅତ୍ୟନ୍ତ ଧୃଷ୍ଟତା ଦେଖାଇଛି । ହେ ଦେବ ! ମୋର ଆର୍ତ୍ତଭାବ (ଆତୁରତା) ବୁଝି ଆପଣ ମୋତେ କ୍ଷମା କରନ୍ତୁ ॥ ୪ ॥

ଦୋ:- **ସୁହୃଦ ସୁଜାନ ସୁସାହିବହି ବହୁତ କହବ ବଡ଼ି ଖୋରି ।**
**ଆୟସୁ ଦେଇଅ ଦେୱ ଅବ ସବଇ ସୁଧାରୀ ମୋରି ॥ ୩୦୦ ॥**

ସୁହୃଦ୍, ବୁଦ୍ଧିମାନ୍ ଓ ଶ୍ରେଷ୍ଠ ପ୍ରଭୁଙ୍କୁ ଅଧିକ କହିବା ଅତ୍ୟନ୍ତ ଅପରାଧ । ତେଣୁ ହେ ଦେବ ! ବର୍ତ୍ତମାନ ଯାହା ବିହିତ, ମୋତେ ସେହି ଅନୁମତି ଦିଅନ୍ତୁ, ଯଦ୍ଦ୍ୱାରା କି ସବୁ ସମସ୍ୟା ସୁଧୁରିଯିବ ॥ ୩୦୦ ॥

**ପ୍ରଭୁ ପଦ ପଦୁମ ପରାଗ ଦୋହାଈ । ସତ୍ୟ ସୁକୃତ ସୁଖ ସୀୱଁ ସୁହାଈ ॥**
**ସୋ କରି କହଉଁ ହିଏ ଅପନେ କୀ । ରୁଚି ଜାଗତ ସୋୱତ ସପନେ କୀ ॥ ୧ ॥**

ପ୍ରଭୁଙ୍କ ଚରଣକମଳର ରଜ ହେଉଛି ସତ୍ୟ, ସୁକୃତ ଓ ସୁଖର ସୁନ୍ଦର ସୀମା । ଶୟନେ, ସ୍ୱପନେ, ଜାଗରଣେ–ସର୍ବକାଳରେ ମୋ ହୃଦୟରେ ଯେଉଁ ଅଭିଳାଷ ରହିଥାଏ, ସେହି ରଜର ଶପଥ ନେଇ, ମୁଁ ତାହା ପ୍ରକାଶ କରୁଛି ॥ ୧ ॥

**ସହଜ ସନେହଁ ସ୍ୱାମି ସେଓ୍ୱକାଈ । ସ୍ୱାରଥ ଛଲ ଫଲ ଚ୍ରି ବିହାଈ ॥**
**ଅଗ୍ୟା ସମ ନ ସୁସାହିବ ସେଓ୍ୱା । ସୋ ପ୍ରସାଦୁ ଜନୁ ପାଓ୍ୱେ ଦେଓ୍ୱା ॥ ୨ ॥**

ମୋର ସେହି ଅଭିଳାଷଟି ହେଉଛି: କପଟ, ସ୍ୱାର୍ଥ ଓ [ଅର୍ଥ-ଧର୍ମ-କାମ-ମୋକ୍ଷ ନାମକ] ଚତୁର୍ବର୍ଗ ଫଳ ପରିତ୍ୟାଗ କରି ସ୍ୱାଭାବିକ ପ୍ରେମର ସହିତ ପ୍ରଭୁଙ୍କୁ ସେବା କରିବା । ପ୍ରଭୁଙ୍କ ଆଜ୍ଞାପାଳନ ଅପେକ୍ଷା ଅନ୍ୟ କୌଣସି ସେବା ଶ୍ରେଷ୍ଠ ହୋଇ ନ ପାରେ । ହେ ପ୍ରଭୁ ! ବର୍ତ୍ତମାନ ଏହି ସେବକକୁ ସେହି ଆଜ୍ଞାରୂପକ ପ୍ରସାଦ ମିଳୁ ।" ॥ ୨ ॥

**ଅସ କହି ପ୍ରେମ ବିବସ ଭଏ ଭାରୀ । ପୁଲକ ସରୀର ବିଲୋଚନ ବାରୀ ॥**
**ପ୍ରଭୁ ପଦ କମଲ ଗହେ ଅକୁଲାଈ । ସମଉ ସନେହୁ ନ ସୋ କହି ଜାଈ ॥ ୩ ॥**

ଭରତ ଏହିପରି କହି ପ୍ରେମରେ ଅଭିଭୂତ ହୋଇଗଲେ । ତାଙ୍କ ଶରୀର ପୁଲକିତ ହୋଇଉଠିଲା ; ନେତ୍ରରେ ପ୍ରେମାଶ୍ରୁଜଳ ପୂରିଆସିଲା । ବ୍ୟାକୁଳ ହୋଇ ସେ ଯାଇ ପ୍ରଭୁ ଶ୍ରୀରାମଙ୍କ ଚରଣକମଳ ଧରିପକାଇଲେ । ସେହି ମୁହୂର୍ତ୍ତର ଉଚ୍ଛ୍ୱାସ ଏବଂ ସେହି ପ୍ରେମର ପ୍ରଗାଢ଼ତାର ବର୍ଣ୍ଣନା କରିବା ଅସମ୍ଭବ ॥ ୩ ॥

**କୃପାସିଂଧୁ ସନମାନି ସୁବାନୀ । ବୈଠାଏ ସମୀପ ଗହି ପାନୀ ॥**
**ଭରତ ବିନୟ ସୁନି ଦେଖି ସୁଭାଉ । ସିଥିଲ ସନେହଁ ସଭା ରଘୁରାଉ ॥ ୪ ॥**

କୃପାସିନ୍ଧୁ ଶ୍ରୀରାମ ମନୋହର ବାଣୀରେ ଭରତଙ୍କୁ ସମ୍ମାନିତ କରି, ତାଙ୍କ ହାତ ଧରି, ଉଠାଇଆଣି ନିଜ ପାଖରେ ବସାଇଲେ । ଭରତଙ୍କର ବିନତି ଶୁଣି ଓ ତାଙ୍କ ସ୍ୱଭାବ ଦେଖି ସମଗ୍ର ସଭା ସହିତ ଶ୍ରୀରଘୁନାଥ ସ୍ନେହରେ ବିଭୋର ହୋଇଗଲେ ॥ ୪ ॥

ଛନ୍ଦ- **ରଘୁରାଉ ସିଥିଲ ସନେହଁ ସାଧୁ ସମାଜ ମୁନି ମିଥିଲା ଧନୀ ।**
**ମନ ମହୁଁ ସରାହତ ଭରତ ଭାୟପ ଭଗତି କୀ ମହିମା ଘନୀ ॥**
**ଭରତହି ପ୍ରସଂସତ ବିବୁଧ ବରଷତ ସୁମନ ମାନସ ମଲିନ ସେ ।**
**ତୁଲସୀ ବିକଲ ସବ ଲୋଗ ସୁନି ସକୁଚେ ନିସାଗମ ନଲିନ ସେ ॥**

ଶ୍ରୀରଘୁନାଥ, ସାଧୁସମାଜ, ମୁନିବର ବଶିଷ୍ଠ ଏବଂ ମିଥିଳାଧିପତି ଜନକ—ସମସ୍ତେ ସ୍ନେହରେ ବିବଶ ହୋଇଗଲେ । ସମସ୍ତେ ମନେ ମନେ ଭରତଙ୍କ ଭ୍ରାତୃତ୍ୱ ଓ ଭକ୍ତିର ମହିମାକୁ ଭୂରି ଭୂରି ପ୍ରଶଂସା କଲେ । ଦେବତାମାନେ ମଳିନ ମନରେ ଭରତଙ୍କୁ ପ୍ରଶଂସା କଲେ ଓ ତାଙ୍କ ଉପରେ ପୁଷ୍ପବୃଷ୍ଟି କଲେ । ତୁଳସୀଦାସ କହୁଛନ୍ତି, ରାତିର ଆଗମନରେ ପଦ୍ମଫୁଲ ଯେପରି ସଂକୁଚିତ ହୋଇଯାଏ, ଭରତଙ୍କ କଥା ଶୁଣି ସମସ୍ତେ ସେହିପରି ବ୍ୟାକୁଳ ଓ ଚିନ୍ତିତ ହୋଇଗଲେ ॥

ସୋ:- **ଦେଖି ଦୁଖାରୀ ଦୀନ ଦୁହୁ ସମାଜ ନର ନାରି ସବ ।**
**ମଘଓ୍ୱା ମହା ମଲୀନ ମୁଏ ମାରି ମଂଗଲ ଚହତ ॥ ୩୦୧ ॥**

ଉଭୟ ଅଯୋଧ୍ୟା ଓ ମିଥିଳାର ନରନାରୀ ଦୁଃଖାଭିଭୂତ ଓ ଦୁର୍ଦ୍ଦଶାଗ୍ରସ୍ତ ଥିଲେ; ତଥାପି ମନ୍ଦମତି ଇନ୍ଦ୍ର ମରିଯାଇଥିବା ଲୋକକୁ ବି ଆହୁରି ମାରି ଆପଣାର ମଙ୍ଗଳ କାମନା କରୁଥାନ୍ତି ॥ ୩୦୧ ॥

**କପଟ କୁଚାଲି ସୀୱଁ ସୁରରାଜୂ । ପର ଅକାଜ ପ୍ରିୟ ଆପନ କାଜୂ ॥**
**କାକ ସମାନ ପାକରିପୁ ରୀତୀ । ଛଲୀ ମଲୀନ କତହୁଁ ନ ପ୍ରତୀତୀ ॥ ୧ ॥**

ଦେବରାଜ ଇନ୍ଦ୍ର ତ ହେଉଛନ୍ତି କପଟ ଓ କୂଟଚକ୍ରର ଶେଷସୀମା । ପରର କାର୍ଯ୍ୟହାନି କରି ଆପଣାର ସ୍ୱାର୍ଥସାଧନ କରିବାରେ ସେ ଅତି ପ୍ରସିଦ୍ଧ । ତାଙ୍କ ସ୍ୱଭାବଟା କୁଆର ସ୍ୱଭାବ ପରି । ସେ ଅତ୍ୟନ୍ତ କପଟୀ ଓ ମଳିନଚିତ୍ତ; କେଉଁଠି କାହା ଉପରେ ତାଙ୍କର ବିଶ୍ୱାସ ନ ଥାଏ ॥ ୧ ॥

**ପ୍ରଥମ କୁମତ କରି କପଟୁ ସଁକେଲା । ସୋ ଉଚାଟୁ ସବ କେଁ ସିର ମେଲା ॥**
**ସୁରମାୟାଁ ସବ ଲୋଗ ବିମୋହେ । ରାମ ପ୍ରେମ ଅତିସୟ ନ ବିଛୋହେ ॥ ୨ ॥**

ପ୍ରଥମେ ସେ ମନ୍ଦ ଉଦ୍ଦେଶ୍ୟ ରଖି କପଟ କରିଥିଲେ । ତା'ପରେ ସେ ସମସ୍ତଙ୍କ ମନଭିତରେ ସେହି କପଟଜନିତ ଉଚ୍ଚାଟନ ପୂରାଇଦେଲେ । ପୁଣି ସେ ଦେବମାୟାରେ ସମସ୍ତଙ୍କୁ ବିଶେଷରୂପେ ମୋହାଚ୍ଛନ୍ନ କରିଦେଲେ । କିନ୍ତୁ ଏତେ କରି ମଧ୍ୟ ସେ ଲୋକଙ୍କୁ ଶ୍ରୀରାମଙ୍କ ପ୍ରେମଠାରୁ ବିଶେଷ ଦୂରକୁ ନେଇଯାଇପାରିଲେ ନାହିଁ ॥ ୨ ॥

**ଭୟ ଉଚାଟ ବସ ମନ ଥିର ନାହୀଁ । ଛନ ବନ ରୁଚି ଛନ ସଦନ ସୋହାହୀଁ ॥**
**ଦୁବିଧ ମନୋଗତି ପ୍ରଜା ଦୁଖାରୀ । ସରିତ ସିଂଧୁ ସଂଗମ ଜନୁ ବାରୀ ॥ ୩ ॥**

ଭୟ ଓ ଉଚ୍ଚାଟନ ହେତୁ କାହାରି ମନ ସ୍ଥିର ହେଉ ନ ଥାଏ । ଏବେ ବନରେ ରହିଯିବାକୁ ମନ ହେଉଥାଏ ତ, ପରମୁହୂର୍ତ୍ତରେ ଘର ଭଲ ଲାଗୁଥାଏ । ମନର ଏପରି ଦ୍ୱିଧା ହେତୁ ନଦୀ ଓ ସମୁଦ୍ରର ସଂଗମସ୍ଥଳରେ ଜଳ ବିକ୍ଷୁବ୍ଧ ହେଲାପରି ପ୍ରଜାମାନଙ୍କର ମନ ବିକ୍ଷୁବ୍ଧ ହେଉଥାଏ ॥ ୩ ॥

**ଦୁଚିତ କତହୁଁ ପରିତୋଷୁ ନ ଲହହୀଁ । ଏକ ଏକ ସନ ମରମୁ ନ କହହୀଁ ॥**
**ଲଖି ହିୟଁ ହଁସି କହ କୃପାନିଧାନୂ । ସରିସ ସ୍ୱାନ ମଘୱାନ ଜୁବାନୂ ॥ ୪ ॥**

ଚିତ୍ତର ଏପରି ଦ୍ୱିଧାଗ୍ରସ୍ତ ଅବସ୍ଥାରେ ସେମାନେ କେଉଁଠି ହେଲେ ସନ୍ତୋଷ ପାଉ ନ ଥାନ୍ତି ଏବଂ କେହି କାହାରିକୁ ଏହାର ମର୍ମ କହୁ ନ ଥାନ୍ତି । କୃପାନିଧାନ ଶ୍ରୀରାମ ସେମାନଙ୍କର ସେହି ଅବସ୍ଥା ଦେଖି ହସି ହସି ମନେ ମନେ କହୁଥାନ୍ତି, 'କୁକୁର, ଇନ୍ଦ୍ର ଓ ନବଯୁବକ (କାମୀପୁରୁଷ)ଙ୍କ ସ୍ୱଭାବ ଏକାପରି ।' [ପାଣିନୀୟ ବ୍ୟାକରଣ ଅନୁସାରେ ଶ୍ୱନ୍, ଯୁବନ୍ ଓ ମଘବନ୍ ଶବ୍ଦତ୍ରୟର ରୂପ ବି ଏକାପରି] ॥ ୪ ॥

ଦୋଃ- **ଭରତୁ ଜନକୁ ମୁନିଜନ ସଚିୱ ସାଧୁ ସଚେତ ବିହାଇ ।**
**ଲାଗି ଦେୱମାୟା ସବହି ଜଥାଜୋଗୁ ଜନୁ ପାଇ ॥ ୩୦୨ ॥**

ଶ୍ରୀଭରତ, ଶ୍ରୀଜନକ, ମୁନିଗଣ, ମନ୍ତ୍ରୀଗଣ ଓ ଜ୍ଞାନୀ ସାଧୁସନ୍ଥଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କୁ ଯଥାଯୋଗ୍ୟ (ଯେ ଯେଉଁ ପ୍ରକୃତିର ଓ ସ୍ଥିତିର, ତାକୁ ସେହିପରିଭାବରେ) ଦେବମାୟା ଘୋଟିଗଲା ॥ ୩୦୨ ॥

**କୃପାସିଂଧୁ ଲଖି ଲୋଗ ଦୁଖାରେ । ନିଜ ସନେହଁ ସୁରପତି ଛଲ ଭାରେ ॥**
**ସଭା ରାଉ ଗୁର ମହିସୁର ମଂତ୍ରୀ । ଭରତ ଭଗତି ସବ କୈ ମତି ଜଂତ୍ରୀ ॥ ୧ ॥**

କୃପାସିନ୍ଧୁ ଶ୍ରୀରାମ ଦେଖିଲେ, ଏକପକ୍ଷରେ ତାଙ୍କ ପ୍ରତି ପ୍ରେମହେତୁ ଓ ଅପରପକ୍ଷରେ ଇନ୍ଦ୍ରଙ୍କର ଛଳ ହେତୁ ଲୋକମାନେ ଦୁଃଖିତ ହେଉଛନ୍ତି । କିନ୍ତୁ ସଭାସଦ୍‌ଗଣ, ରାଜା ଜନକ, ଗୁରୁ, ବ୍ରାହ୍ମଣ ଓ ମନ୍ତ୍ରୀ ଆଦି ସମସ୍ତଙ୍କ ବୁଦ୍ଧିକୁ ଭରତଙ୍କ ଭକ୍ତି [ମନ୍ତ୍ରବତ୍] ରୁଦ୍ଧ କରିଦେଇଥାଏ ॥ ୧ ॥

**ରାମହି ଚିତଓ୍ୱତ ଚିତ୍ର ଲିଖେ ସେ । ସକୁଚତ ବୋଲତ ବଚନ ସିଖେ ସେ ॥**
**ଭରତ ପ୍ରୀତି ନତି ବିନୟ ବଡ଼ାଈ । ସୁନତ ସୁଖଦ ବରନତ କଠିନାଈ ॥ ୨ ॥**

ସମସ୍ତେ ଚିତ୍ରପ୍ରତିମା ପରି ଶ୍ରୀରାମଙ୍କୁ ଗୃହିଁରହିଥାନ୍ତି । ସେମାନେ କେହି ଶିଖାଇଦେଇଥିବାପରି ଅତି ସଂକୋଚରେ କଥାବାର୍ତ୍ତା କରୁଥାନ୍ତି । ଭରତଙ୍କର ପ୍ରୀତି, ନମ୍ରତା, ବିନୟ ଏବଂ ଗୌରବର କଥା ଶୁଣିବାକୁ ମଧୁର ସତ, କିନ୍ତୁ ବର୍ଣ୍ଣନା କରିବା ଅତ୍ୟନ୍ତ କଠିନ ॥ ୨ ॥

**ଜାସୁ ବିଲୋକି ଭଗତି ଲୱଲେସୂ । ପ୍ରେମ ମଗନ ମୁନିଗନ ମିଥିଲେସୂ ॥**
**ମହିମା ତାସୁ କହୈ କିମି ତୁଲସୀ । ଭଗତି ସୁଭାୟଁ ସୁମତି ହିୟଁ ହୁଲସୀ ॥ ୩ ॥**

ଯାହାଙ୍କର କାଣିଗ୍ରଏମାତ୍ର ଭକ୍ତି ଦେଖି ମୁନିଗଣ ଓ ଜନକରାଜା ପ୍ରେମମୁଗ୍ଧ ହୋଇଗଲେ, ସେହି ଭରତଙ୍କର ମହିମା ତୁଳସୀଦାସ କିପରି ବର୍ଣ୍ଣନା କରିପାରିବ ? ଭରତଙ୍କର ଭକ୍ତି ଓ ସୁନ୍ଦର ଭାବ ଦେଖି ତ ମୋର ସୁବୁଦ୍ଧି ଉଲ୍ଲସିତ ହେଉଛି ॥ ୩ ॥

**ଆପୁ ଛୋଟି ମହିମା ବଡ଼ି ଜାନୀ । କବିକୁଲ କାନି ମାନି ସକୁଚାନୀ ॥**
**କହି ନ ସକତି ଗୁନ ରୁଚି ଅଧିକାଈ । ମତି ଗତି ବାଲ ବଚନ କୀ ନାଈ ॥ ୪ ॥**

କିନ୍ତୁ ସେହି ବୁଦ୍ଧି ନିଜକୁ ଛୋଟ ଓ ଭରତଙ୍କ ମହିମାକୁ ବଡ଼ ବୋଲି ବୁଝିପାରି, କବି ପରମ୍ପରାର ମର୍ଯ୍ୟାଦା ରକ୍ଷା କରି ସଂକୁଚିତ ହୋଇଯାଉଛି । ସେହି ବୁଦ୍ଧିର ତ ଗୁଣ ପ୍ରତି ଅଧିକ ରୁଚି ରହିଛି, କିନ୍ତୁ ସେ ତାହା କହିପାରୁନାହିଁ । କବିବୁଦ୍ଧିର ଗତି ଶିଶୁର ବଚନ ପରି ହୋଇଯାଇଛି (ଅର୍ଥାତ୍ କବି କହିପାରୁନାହିଁ) ॥ ୪ ॥

ଦୋ:- **ଭରତ ବିମଲ ଜସୁ ବିମଲ ବିଧୁ ସୁମତି ଚକୋରକୁମାରି ।**
**ଉଦିତ ବିମଲ ଜନ ହୃଦୟ ନଭ ଏକଟକ ରହୀ ନିହାରି ॥ ୩୦୩ ॥**

ଭରତଙ୍କ ବିମଳ ଯଶ ହେଉଛି ନିର୍ମଳ ଚନ୍ଦ୍ରମା ଏବଂ କବିର ବୁଦ୍ଧି ହେଉଛି ଏକ ଚକୋରୀ । ଭକ୍ତଗଣଙ୍କର ନିର୍ମଳ ହୃଦୟାକାଶରେ ସେହି ଚନ୍ଦ୍ରମା ଉଦିତ ହେବାର ଦେଖି ସେହି ଚକୋରୀ ତାହା ଆଡ଼କୁ ନିର୍ନିମେଷ ନୟନରେ ଅନାଇରହିଛି, [ତେଣୁ ତାହାର ବର୍ଣ୍ଣନା କରିବ କିଏ ?] ॥ ୩୦୩ ॥

**ଭରତ ସୁଭାଉ ନ ସୁଗମ ନିଗମହୂଁ । ଲଘୁ ମତି ଚାପଲତା କବି ଛମହୂଁ ॥**
**କହତ ସୁନତ ସତି ଭାଉ ଭରତ କୋ । ସୀୟ ରାମ ପଦ ହୋଇ ନ ରତ କୋ ॥ ୧ ॥**

ଭରତଙ୍କର ସ୍ୱଭାବ ବର୍ଣ୍ଣନା କରିବା ବେଦଗଣଙ୍କ ପକ୍ଷରେ ମଧ୍ୟ ସହଜ ନୁହେଁ । ତେଣୁ ମୋର ତୁଚ୍ଛ ବୁଦ୍ଧିର ଚପଳତାକୁ କବିଗଣ କ୍ଷମା କରନ୍ତୁ । ଶ୍ରୀଭରତଙ୍କର ସ୍ୱଭାବ ବିଷୟରେ କହିଲେ, ଶୁଣିଲେ କେଉଁ ମନୁଷ୍ୟ ବା ଶ୍ରୀସୀତାରାମଙ୍କ ଚରଣରେ ଅନୁରକ୍ତ ହୋଇ ନ ଯିବ ? ॥ ୧ ॥

**ସୁମିରତ ଭରତହି ପ୍ରେମୁ ରାମ କୋ । ଜେହି ନ ସୁଲଭୁ ତେହି ସରିସ ବାମ କୋ ॥**
**ଦେଖି ଦୟାଲ ଦସା ସବହୀ କୀ । ରାମ ସୁଜାନ ଜାନି ଜନ ଜୀ କୀ ॥ ୨ ॥**
**ଧରମ ଧୁରୀନ ଧୀର ନୟ ନାଗର । ସତ୍ୟ ସନେହ ସୀଲ ସୁଖ ସାଗର ॥**
**ଦେସୁ କାଲୁ ଲଖି ସମଉ ସମାଜୂ । ନୀତି ପ୍ରୀତି ପାଲକ ରଘୁରାଜୂ ॥ ୩ ॥**

ଭରତଙ୍କୁ ସ୍ମରଣ କରି ମଧ୍ୟ ଯାହାକୁ ଶ୍ରୀରାମପ୍ରେମ ସୁଲଭ ନ ହେଲା, ତା'ପରି ଅଭାଗା ଆଉ କିଏ ଥିବ ! ସମସ୍ତଙ୍କ ଅବସ୍ଥା ଦେଖି ଏବଂ ଭରତଙ୍କ ହୃଦୟର ସ୍ଥିତି ଜାଣିପାରି ଦୟାଳୁ, ସୁବିଜ୍ଞ, ଧର୍ମଧୁରନ୍ଧର, ଧୀର,

ନୀତିକୁଶଳ; ସତ୍ୟ, ସ୍ନେହ, ସୁଶୀଳତା ଓ ସୁଖର ସାଗର ଏବଂ ନୀତି ଓ ପ୍ରୀତିର ପାଳକ ଶ୍ରୀରଘୁନାଥ ଦେଶ, କାଳ, ପରିସ୍ଥିତି ଓ ଉପସ୍ଥିତ ସଭାସଦ୍‌ମାନଙ୍କୁ ଦୃଷ୍ଟିରେ ରଖି, ॥ ୩ ॥

**ବୋଲେ ବଚନ ବାନି ସରବସୁ ସେ । ହିତ ପରିନାମ ସୁନତ ସସି ରସୁ ସେ ॥**
**ତାତ ଭରତ ତୁହ୍ମ ଧରମ ଧୁରୀନା । ଲୋକ ବେଦ ବିଦ ପ୍ରେମ ପ୍ରବୀନା ॥ ୪ ॥**

ଏପରି ବଚନ କହିଲେ, ଯାହା କି ବାଣୀର ସର୍ବସ୍ୱ, ପରିଣାମରେ ହିତକାରୀ ଏବଂ ଶୁଣିବାକୁ ଚନ୍ଦ୍ରର ରସ (ଅମୃତ)ସମାନ । ସେ କହିଲେ, "ହେ ବତ୍ସ ଭରତ ! ତୁମେ ଧର୍ମଧୁରନ୍ଧର, ଲୋକ ଓ ବେଦର ଜ୍ଞାତା ଏବଂ ପ୍ରେମପ୍ରବୀଣ ॥ ୪ ॥

ଦୋଃ- **କରମ ବଚନ ମାନସ ବିମଲ ତୁହ୍ମ ସମାନ ତୁହ୍ମ ତାତ ।**
**ଗୁର ସମାଜ ଲଘୁ ବଂଧୁ ଗୁନ କୁସମୟଁ କିମି କହି ଜାତ ॥ ୩୦୪ ॥**

ହେ ବତ୍ସ ! ମନ, ବଚନ ଓ କର୍ମରେ ତୁମେହିଁ ତୁମପରି ନିର୍ମଳ (ଅର୍ଥାତ୍ ତୁମେ ନିର୍ମଳତାରେ ଅତୁଳନୀୟ) । ଗୁରୁଜନଙ୍କ ସମକ୍ଷରେ ଏବଂ ଏପରି କୁସମୟରେ ସାନଭାଇର ଗୁଣ କିପରି ବା କୁହାଯାଇପାରିବ ! ॥ ୩୦୪ ॥

**ଜାନହୁ ତାତ ତରନି କୁଲ ରୀତୀ । ସତ୍ୟସଂଧ ପିତୁ କୀରତି ପ୍ରୀତୀ ॥**
**ସମଉ ସମାଜୁ ଲାଜ ଗୁରଜନ କୀ । ଉଦାସୀନ ହିତ ଅନହିତ ମନ କୀ ॥ ୧ ॥**

ହେ ଭାଇ ! ତୁମେ ସୂର୍ଯ୍ୟବଂଶର ରୀତି, ସତ୍ୟପ୍ରତିଜ୍ଞ ପିତାଙ୍କ ପ୍ରୀତି ଓ କୀର୍ତ୍ତି, ସମୟ, ସମାଜ ଗୁରୁଜନଙ୍କର ମର୍ଯ୍ୟାଦା ଜାଣ ଏବଂ ଉଦାସୀନ, ମିତ୍ର ଓ ଶତ୍ରୁ–ସମସ୍ତଙ୍କ ମନର କଥା ମଧ୍ୟ ଜାଣ ॥ ୧ ॥

**ତୁହ୍ମହି ବିଦିତ ସବହୀ କର କରମୂ । ଆପନ ମୋର ପରମ ହିତ ଧରମୂ ॥**
**ମୋହି ସବ ଭାଁତି ଭରୋସ ତୁହ୍ମାରା । ତଦପି କହଉଁ ଅୱସର ଅନୁସାରା ॥ ୨ ॥**

ତୁମେ ସମସ୍ତଙ୍କ କର୍ତ୍ତବ୍ୟବିଷୟରେ ଏବଂ ତୁମ ନିଜର ଓ ମୋର ପରମହିତକାରୀ ଧର୍ମବିଷୟରେ ବି ଜାଣିଛ । ତେଣୁ ତୁମଠାରେ ମୋର ପୂର୍ଣ୍ଣ ଭରସା ରହିଛି; ତଥାପି ମୁଁ ସମୟାନୁସାରେ କିଛି କହୁଛି ॥ ୨ ॥

**ତାତ ତାତ ବିନୁ ବାତ ହମାରୀ । କେୱଲ ଗୁରକୁଲ କୃପାଁ ସଁଭାରୀ ॥**
**ନତରୁ ପ୍ରଜା ପରିଜନ ପରିୱାରୂ । ହମହି ସହିତ ସବୁ ହୋତ ଖୁଆରୂ ॥ ୩ ॥**

ହେ ବତ୍ସ ! ପିତାଙ୍କ ଅନୁପସ୍ଥିତିରେ କେବଳ ଗୁରୁ ବଶିଷ୍ଠଙ୍କ କୃପା ଆମ୍ଭମାନଙ୍କର ଦାୟିତ୍ୱ ସମ୍ଭାଳିଛି । ଅନ୍ୟଥା ଆମ୍ଭମାନଙ୍କ ସହିତ ପ୍ରଜା, କୁଟୁମ୍ବ, ପରିବାର ଆଦି ସମସ୍ତେ ଛାରଖାର ହୋଇଯାଇଥାନ୍ତେ ॥ ୩ ॥

**ଜୌଁ ବିନୁ ଅୱସର ଅଥୱଁ ଦିନେସୂ । ଜଗ କେହି କହହୁ ନ ହୋଇ କଲେସୂ ॥**
**ତସ ଉତପାତୁ ତାତ ବିଧି କୀହ୍ନା । ମୁନି ମିଥିଲେସ ରାଖି ସବୁ ଲୀହ୍ନା ॥ ୪ ॥**

ଯଦି ଅସମୟରେ (ସନ୍ଧ୍ୟା ପୂର୍ବରୁ) ସୂର୍ଯ୍ୟାସ୍ତ ହୋଇଯାଏ, ତେବେ ଜଗତରେ କାହାକୁ କ୍ଳେଶ ନ ହେବ, କୁହ ତ ? ହେ ବତ୍ସ ! ପିତାଙ୍କ ଅକାଳମୃତ୍ୟୁ ଘଟାଇ ବିଧାତା ସେହିପରି ଏକ ଉତ୍ପାତ ସୃଷ୍ଟି କରିଦେଇଛି । କିନ୍ତୁ ମୁନିବଶିଷ୍ଠ ଓ ମିଥିଳେଶ୍ୱର ସମସ୍ତଙ୍କୁ ରକ୍ଷା କରିଦେଇଛନ୍ତି ॥ ୪ ॥

ଦୋଃ- **ରାଜ କାଜ ସବ ଲାଜ ପତି ଧରମ ଧରନି ଧନ ଧାମ ।**
**ଗୁର ପ୍ରଭାଉ ପାଲିହି ସବହି ଭଲ ହୋଇହି ପରିନାମ ॥ ୩୦୫ ॥**

ଗୁରୁଙ୍କ ପ୍ରଭାବରେ ବା ସାମର୍ଥ୍ୟବଳରେ ସମସ୍ତ ରାଜକାର୍ଯ୍ୟ, ଲଜ୍ଜା, ଧର୍ମ, ରାଜ୍ୟ, ଐଶ୍ୱର୍ଯ୍ୟ, ଗୃହସମ୍ପଦ— ଏସବୁର ରକ୍ଷଣାବେକ୍ଷଣ ହୋଇପାରିବ ଏବଂ ତା'ର ପରିଣାମ ମଧ୍ୟ ଭଲ ହେବ ॥ ୩୦୫ ॥

**ସହିତ ସମାଜ ତୁହ୍ମାର ହମାରା । ଘର ବନ ଗୁର ପ୍ରସାଦ ରଖୱାରା ॥**
**ମାତୁ ପିତା ଗୁର ସ୍ୱାମି ନିଦେସୂ । ସକଲ ଧରମ ଧରନୀଧର ସେସୂ ॥ ୧ ॥**

ଗୁରୁଦେବଙ୍କ ଅନୁଗ୍ରହହିଁ ଘରେ ଓ ବନରେ ତୁମର, ମୋର ଓ ସମାଜର ରକ୍ଷକ ହେବ । ମାତା, ପିତା, ଗୁରୁ ଓ ସ୍ୱାମୀଙ୍କ ଆଜ୍ଞାପାଳନହିଁ ସମସ୍ତ ଧର୍ମରୂପୀ ପୃଥିବୀକୁ ଶେଷଦେବଙ୍କ ପରି ଧାରଣ କରେ ॥ ୧ ॥

**ସୋ ତୁହ୍ମ କରହୁ କରାୱହୁ ମୋହୂ । ତାତ ତରନିକୁଲ ପାଲକ ହୋହୂ ॥**
**ସାଧକ ଏକ ସକଲ ସିଧି ଦେନୀ । କୀରତି ସୁଗତି ଭୂତିମୟ ବେନୀ ॥ ୨ ॥**

ହେ ବତ୍ସ ! ତୁମେ ମାତା-ପିତାଙ୍କ ଆଜ୍ଞା ତଥା ଗୁରୁଙ୍କ ଆଜ୍ଞା ପାଳନ କର ଏବଂ ମୋତେ ବି ତାହା ପାଳନ କରିବାକୁ ସୁଯୋଗ ଦେଇ ସୂର୍ଯ୍ୟବଂଶର ରକ୍ଷକ ହୁଅ । ସାଧକନିମନ୍ତେ ଏହାହିଁ ଏକମାତ୍ର କୀର୍ତ୍ତିମୟୀ, ସଦ୍‌ଗତିମୟୀ ଓ ଐଶ୍ୱର୍ଯ୍ୟମୟୀ ତ୍ରିବେଣୀ; ଏହା ସକଳ ସିଦ୍ଧି ପ୍ରଦାନ କରେ ॥ ୨ ॥

**ସୋ ବିଚାରି ସହି ସଂକଟୁ ଭାରୀ । କରହୁ ପ୍ରଜା ପରିୱାରୁ ସୁଖାରୀ ॥**
**ବାଁଟୀ ବିପତି ସବହିଁ ମୋହି ଭାଈ । ତୁହ୍ମହି ଅୱଧି ଭରି ବଡ଼ି କଠିନାଈ ॥ ୩ ॥**

ଏହା ବିଚାର କରି, କଠିନ ସଂକଟ ସହ୍ୟ କରି ମଧ୍ୟ ପ୍ରଜା ଓ ପରିବାରଙ୍କୁ ସୁଖୀ କରାଅ । ହେ ଭାଇ ! ମୋ ବିପତ୍ତିକୁ ସିନା ସମସ୍ତେ ବାଣ୍ଟିନେଇଛନ୍ତି, କିନ୍ତୁ ତୁମକୁ ପୂରା ଅବଧିପାଇଁ (ଚଉଦବର୍ଷ ଶେଷ ହେବା ପର୍ଯ୍ୟନ୍ତ) ବଡ଼ କଷ୍ଟ ସହିବାକୁ ପଡ଼ିବ ॥ ୩ ॥

**ଜାନି ତୁହ୍ମହି ମୃଦୁ କହଉଁ କଠୋରା । କୁସମୟଁ ତାତ ନ ଅନୁଚିତ ମୋରା ॥**
**ହୋହିଁ କୁଠାୟଁ ସୁବଂଧୁ ସହାଏ । ଓଡ଼ିଅହିଁ ହାଥ ଅସନିହୁ କେ ଘାଏ ॥ ୪ ॥**

ତୁମେ ବଡ଼ କୋମଳ ବୋଲି ଜାଣି ମଧ୍ୟ ମୁଁ ଏହି କଠୋର କଥା କହୁଛି । କିନ୍ତୁ ହେ ବତ୍ସ ! ଏପରି ଦୁଃସମୟରେ ଏହା କହିବା ମୋ ପକ୍ଷରେ କିଛି ଅନୁଚିତ ନୁହେଁ । ଦାରୁଣ ଦୁର୍ଦ୍ଦିନରେ ଭାଇହିଁ ସହାୟ ହୁଏ । ବଜ୍ରର ଆଘାତକୁ ମଧ୍ୟ ହାତଦ୍ୱାରା ରୋକାଯାଇଥାଏ ॥ ୪ ॥

ଦୋଃ- **ସେୱକ କର ପଦ ନୟନ ସେ ମୁଖ ସୋ ସାହିବୁ ହୋଇ ।**
**ତୁଲସୀ ପ୍ରୀତି କି ରୀତି ସୁନି ସୁକବି ସରାହହିଁ ସୋଇ ॥ ୩୦୬ ॥**

ସେବକ ହାତ, ପାଦ ଓ ଚକ୍ଷୁ ପରି ହେବା ଉଚିତ ଏବଂ ପ୍ରଭୁ ମୁଖ ପରି ହେବା ଉଚିତ ।'' ତୁଳସୀଦାସ କହୁଛନ୍ତି, ପ୍ରଭୁ ଓ ସେବକ ଭିତରେ ଏପରି ଆଦର୍ଶ ପ୍ରୀତି ରହିବା ଉଚିତ ବୋଲି ଶୁଣି ସୁକବିମାନେ ସେହି ପ୍ରୀତିକୁ ପ୍ରଶଂସା କରୁଛନ୍ତି ॥ ୩୦୬ ॥

**ସଭା ସକଲ ସୁନି ରଘୁବର ବାନୀ । ପ୍ରେମ ପୟୋଧି ଅମିଅଁ ଜନୁ ସାନୀ ॥**
**ସିଥିଲ ସମାଜ ସନେହ ସମାଧୀ । ଦେଖି ଦସା ଚୁପ ସାରଦ ସାଧୀ ॥ ୧ ॥**

ଶ୍ରୀରଘୁନାଥଙ୍କର ସେହି ବାଣୀ ପ୍ରେମରୂପୀ ସମୁଦ୍ରରୁ ଜାତ ଅମୃତରେ ରସାଣିତ ହୋଇଥିଲା । ତାହା ଶୁଣି ସଭାର ସମସ୍ତେ ଭାବବିହ୍ୱଳ ହୋଇଗଲେ; ସମସ୍ତଙ୍କର ପ୍ରେମସମାଧି ହୋଇଗଲା । ଏହି ସ୍ଥିତି ଦେଖି ସରସ୍ୱତୀ ଅବାକ୍ ହୋଇ ରହିଗଲେ ॥ ୧॥

**ଭରତହି ଭୟଉ ପରମ ସଂତୋଷୂ । ସନମୁଖ ସ୍ୱାମି ବିମୁଖ ଦୁଖ ଦୋଷୂ ॥**
**ମୁଖ ପ୍ରସନ୍ନ ମନ ମିଟା ବିଷାଦୂ । ଭା ଜନୁ ଗୁଁଗେହି ଗିରା ପ୍ରସାଦୂ ॥ ୨ ॥**

ଭରତ ପରମ ସନ୍ତୋଷ ଲାଭ କଲେ । ସ୍ୱାମୀ (ପ୍ରଭୁ ଶ୍ରୀରାମ) ଅନୁକୂଳ ହୋଇଯିବାରୁ ତାଙ୍କର ଦୁଃଖ ଓ ଦୋଷସବୁ ଦୂର ହୋଇଗଲା । ତାଙ୍କ ମୁଖ ପ୍ରସନ୍ନ ହୋଇଗଲା ଏବଂ ମନରୁ ବିଷାଦ ମେଣ୍ଟିଗଲା । ମନେହେଲା, ସତେ ଯେପରି ମୂକକୁ ସରସ୍ୱତୀଙ୍କର କୃପା (ବାକ୍‌ଶକ୍ତି) ମିଳିଗଲା ॥ ୨ ॥

**କୀହ୍ନ ସପ୍ରେମ ପ୍ରନାମୁ ବହୋରୀ । ବୋଲେ ପାନି ପଂକରୁହ ଜୋରୀ ॥**
**ନାଥ ଭୟଉ ସୁଖୁ ସାଥ ଗଏ କୋ । ଲହେଉଁ ଲାହୁ ଜଗ ଜନମୁ ଭଏ କୋ ॥ ୩ ॥**

ସେ ପୁଣି ଥରେ ପ୍ରେମପୂର୍ବକ ପ୍ରଣାମ କଲେ ଏବଂ କରକମଳ ଯୋଡ଼ି କହିଲେ, ''ହେ ନାଥ ! ଆପଣଙ୍କ ସହିତ ବନଗମନ କରିବାର ସୁଖ ମୋତେ ମିଳିଗଲା ଏବଂ ମୁଁ ଜଗତରେ ଜନ୍ମ ହୋଇଥିବାର ଲାଭ ମଧ୍ୟ ପାଇଗଲି ॥ ୩ ॥

**ଅବ କୃପାଲ ଜସ ଆୟସୁ ହୋଈ । କରୌଁ ସୀସ ଧରି ସାଦର ସୋଈ ॥**
**ସୋ ଅୱଲଂବ ଦେଓ୍ୱ ମୋହି ଦେଈ । ଅୱଧି ପାରୁ ପାୱୌଁ ଜେହି ସେଈ ॥ ୪ ॥**

ହେ କୃପାଳୁ ! ବର୍ତ୍ତମାନ ଯାହା ଆଜ୍ଞା ହେବ, ମୁଁ ତାହା ଶିରୋଧାର୍ଯ୍ୟ କରି ଆଦରପୂର୍ବକ ପାଳନ କରିବି । କିନ୍ତୁ ହେ ଦେବ ! ଆପଣ ମୋତେ କିଛି ଗୋଟିଏ ଅବଲମ୍ବନ ଦିଅନ୍ତୁ, ଯାହାର ସେବା କରି ମୁଁ ଏହି ସମୟସୀମାକୁ ପାରିହୋଇଯିବି (ବିତାଇ ଦେଇପାରିବି) ॥ ୪ ॥

ଦୋଃ- **ଦେୱ ଦେୱ ଅଭିଷେକ ହିତ ଗୁର ଅନୁସାସନୁ ପାଇ ।**
**ଆନେଉଁ ସବ ତୀରଥ ସଲିଲୁ ତେହି କହଁ କାହ ରଜାଇ ॥ ୩୦୭ ॥**

ହେ ଦେବ ! ଗୁରୁଙ୍କ ଆଜ୍ଞା ପାଇ ପ୍ରଭୁଙ୍କ (ଆପଣଙ୍କ) ଅଭିଷେକନିମନ୍ତେ ମୁଁ ସକଳ ତୀର୍ଥର ଜଳ ନେଇଆସିଛି; ସେ ବିଷୟରେ କି ଆଜ୍ଞା ହେଉଛି ? ॥ ୩୦୭ ॥

**ଏକୁ ମନୋରଥୁ ବଡ଼ ମନ ମାହୀଁ । ସଭୟଁ ସକୋଚ ଜାତ କହି ନାହୀଁ ॥**
**କହହୁ ତାତ ପ୍ରଭୁ ଆୟସୁ ପାଈ । ବୋଲେ ବାନି ସନେହ ସୁହାଈ ॥ ୧ ॥**

ମୋ ମନରେ ଆହୁରି ଗୋଟିଏ ବଡ଼ ଅଭିଳାଷ ରହିଛି; ଭୟ ଓ ସଂକୋଚ ହେତୁ ମୁଁ ତାହା କହିପାରୁନି ।'' ଶ୍ରୀରାମ କହିଲେ, ''ହେ ଭାଇ ! ନିସଂକୋଚରେ କହ !'' ପ୍ରଭୁଙ୍କ ଆଜ୍ଞା ପାଇ ଭରତ ସ୍ନେହପୂର୍ଣ୍ଣ ସୁନ୍ଦର ବାଣୀ କହିଲେ, ॥ ୧ ॥

**ଚିତ୍ରକୂଟ ସୁଚି ଥଲ ତୀରଥ ବନ । ଖଗ ମୃଗ ସର ସରି ନିର୍ଝର ଗିରିଗନ ॥**
**ପ୍ରଭୁ ପଦ ଅଂକିତ ଅୱନି ବିସେଷୀ । ଆୟସୁ ହୋଇ ତ ଆୱୌଁ ଦେଖୀ ॥ ୨ ॥**

''ଯଦି ଆପଣଙ୍କର ଆଜ୍ଞା ହେବ, ତେବେ ମୁଁ ଚିତ୍ରକୂଟର ସବୁ ପବିତ୍ର ସ୍ଥାନ, ତୀର୍ଥ, ବନ, ପଶୁପକ୍ଷୀ, ନଦୀପୁଷ୍କରିଣୀ, ଝରଣା ଓ ପର୍ବତ ତଥା ବିଶେଷ କରି ପ୍ରଭୁଙ୍କ ଚରଣଚିହ୍ନରେ ଅଙ୍କିତ ସ୍ଥାନ ଦେଖିଆସନ୍ତି ।'' ॥ ୨ ॥

**ଅୱସି ଅତ୍ରି ଆୟସୁ ସିର ଧରହୂ । ତାତ ବିଗତଭୟ କାନନ ଚରହୂ ॥**
**ମୁନି ପ୍ରସାଦ ବନୁ ମଂଗଲ ଦାତା । ପାୱନ ପରମ ସୁହାୱନ ଭ୍ରାତା ॥ ୩ ॥**

ଶ୍ରୀ ରଘୁନାଥ କହିଲେ, ''ଅବଶ୍ୟ । ଅତ୍ରିମୁନିଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି (ଅତ୍ରିମୁନି ଯେପରି କହିବେ, ସେପରି) ନିର୍ଭୟରେ ବନ ମଧ୍ୟରେ ବୁଲି ଦେଖ । ହେ ବତ୍ସ ! ଅତ୍ରିମୁନିଙ୍କ କୃପାରୁ ଏହି ବନ ମଙ୍ଗଳପ୍ରଦ ଓ ପରମ ପବିତ୍ର ତଥା ସୁନ୍ଦର ହୋଇଯାଇଛି ॥ ୩ ॥

**ରିଷିନାୟକୁ ଜହଁ ଆୟସୁ ଦେହୀଁ । ରାଖେହୁ ତୀରଥ ଜଲୁ ଥଲ ତେହୀଁ ॥**
**ସୁନି ପ୍ରଭୁ ବଚନ ଭରତ ସୁଖୁ ପାୱା । ମୁନି ପଦ କମଲ ମୁଦିତ ସିରୁ ନାୱା ॥ ୪ ॥**

ସେହି ମୁନିପ୍ରବର ଯେଉଁଠି ଆଜ୍ଞା ଦେବେ, ତୀର୍ଥଜଳକୁ ସେଠାରେ ସ୍ଥାପନ କରିଦେବ ।'' ପ୍ରଭୁଙ୍କ କଥା ଶୁଣି ଭରତ ସନ୍ତୁଷ୍ଟ ହେଲେ ଏବଂ ଆନନ୍ଦିତ ହୋଇ ଅତ୍ରିମୁନିଙ୍କ ଚରଣକମଳରେ ପ୍ରଣାମ କଲେ ॥ ୪ ॥

ଦୋଃ- **ଭରତ ରାମ ସଂବାଦୁ ସୁନି ସକଲ ସୁମଂଗଲ ମୂଲ ।**
**ସୁର ସ୍ୱାରଥୀ ସରାହି କୁଲ ବରଷତ ସୁରତରୁ ଫୂଲ ॥ ୩୦୮ ॥**

ସମସ୍ତ ସୁମଙ୍ଗଳର ମୂଳ ଭରତ-ଶ୍ରୀରାମ ସଂବାଦ ଶୁଣି ସ୍ୱାର୍ଥପର ଦେବତାମାନେ ରଘୁବଂଶର ପ୍ରଶଂସାଗାନପୂର୍ବକ କଳ୍ପତରୁର ପୁଷ୍ପବୃଷ୍ଟି କରିବାକୁ ଲାଗିଲେ ॥ ୩୦୮॥

**ଧନ୍ୟ ଭରତ ଜୟ ରାମ ଗୋସାଇଁ । କହତ ଦେୱ ହରଷତ ବରିଆଇଁ ॥**
**ମୁନି ମିଥିଲେସ ସଭାଁ ସବ କାହୂ । ଭରତ ବଚନ ସୁନି ଭୟଉ ଉଛାହୂ ॥ ୧ ॥**

'ଧନ୍ୟ ! ଧନ୍ୟ ଭରତ ! ସ୍ୱାମୀ ଶ୍ରୀରାମଙ୍କର ଜୟ !' ଏପରି ହର୍ଷଧ୍ୱନି କରି ଦେବତାମାନେ ଅତ୍ୟନ୍ତ ହର୍ଷିତ ହେଲେ । ଭରତଙ୍କ ବଚନ ଶୁଣି ମୁନିବର ବଶିଷ୍ଠ, ମିଥିଳାପତି ଜନକ ଓ ସଭାର ଅନ୍ୟ ସମସ୍ତେ ବିଶେଷ ଉତ୍ସାହିତ ଓ ଆନନ୍ଦିତ ହୋଇଗଲେ ॥ ୧ ॥

**ଭରତ ରାମ ଗୁନ ଗ୍ରାମ ସନେହୂ । ପୁଲକି ପ୍ରସଂସତ ରାଉ ବିଦେହୂ ॥**
**ସେୱକ ସ୍ୱାମି ସୁଭାଉ ସୁହାୱନ । ନେମୁ ପେମୁ ଅତି ପାୱନ ପାୱନ ॥ ୨ ॥**

ବିଦେହରାଜ ଜନକ ପୁଲକିତ ହୋଇ ଭରତ ଓ ଶ୍ରୀରାମଙ୍କ ଗୁଣସମୂହର ତଥା ପ୍ରେମର ପ୍ରଶଂସା କରିବାକୁ ଲାଗିଲେ । ସେହି ସ୍ୱାମୀ ଓ ସେବକଙ୍କର ସୁନ୍ଦର ସ୍ୱଭାବ, ନିୟମ ଓ ପ୍ରେମ ପବିତ୍ରକୁ ବି ଅଧିକ ପବିତ୍ର କରିଦିଏ ॥ ୨ ॥

**ମତି ଅନୁସାର ସରାହନ ଲାଗେ । ସଚିୱ ସଭାସଦ ସବ ଅନୁରାଗେ ॥**
**ସୁନି ସୁନି ରାମ ଭରତ ସଂବାଦୂ । ଦୁହୁ ସମାଜ ହିୟଁ ହରଷୁ ବିଷାଦୂ ॥ ୩ ॥**

ମନ୍ତ୍ରୀ ଓ ସଭାସଦ୍‌ଗଣ ସମସ୍ତେ ପ୍ରେମମୁଗ୍ଧ ହୋଇ ନିଜ ନିଜର ବୁଦ୍ଧି ଅନୁସାରେ ସେମାନଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ଶ୍ରୀରାମ ଓ ଭରତଙ୍କ ସମ୍ବାଦ ଶୁଣି ଶୁଣି ଉଭୟ ପକ୍ଷର ଲୋକମାନଙ୍କ ହୃଦୟରେ ଯୁଗପତ୍ ହର୍ଷ ଓ ବିଷାଦ (ଭରତଙ୍କ ସେବାଧର୍ମ ଦେଖି ହର୍ଷ ଓ ରାମବିଚ୍ଛେଦର ସମ୍ଭାବନାରୁ ବିଷାଦ) ଜାତ ହେଲା ॥ ୩ ॥

**ରାମ ମାତୁ ଦୁଖୁ ସୁଖୁ ସମ ଜାନୀ । କହି ଗୁନ ରାମ ପ୍ରବୋଧୀଁ ରାନୀ ॥**
**ଏକ କହହିଁ ରଘୁବୀର ବଡ଼ାଈ । ଏକ ସରାହତ ଭରତ ଭଲାଈ ॥ ୪ ॥**

ଶ୍ରୀରାମଙ୍କ ଜନନୀ କୌଶଲ୍ୟା ଦୁଃଖ ଓ ସୁଖକୁ ସମାନ ବୁଝି ଶ୍ରୀରାମଙ୍କ ଗୁଣ କହି କହି ଅନ୍ୟ ରାଣୀମାନଙ୍କୁ ପ୍ରବୋଧନା ଦେଲେ । କିଏ ଶ୍ରୀରାମଙ୍କ ମହିମା ଚର୍ଚ୍ଚା କଲା ତ, କିଏ ଭରତଙ୍କ ସଦ୍‌ଭାବର ପ୍ରଶଂସା କଲା ॥ ୪ ॥

ଦୋଃ- **ଅତ୍ରି କହେଉ ତବ ଭରତ ସନ ସୈଲ ସମୀପ ସୁକୂପ ।**
**ରାଖିଅ ତୀରଥ ତୋୟ ତହଁ ପାୱନ ଅମିଅ ଅନୂପ ॥ ୩୦୯ ॥**

ଅତ୍ରିମୁନି ଭରତଙ୍କୁ କହିଲେ, ''ଏହି ପର୍ବତ ନିକଟରେ ଗୋଟିଏ ସୁନ୍ଦର କୂଅ ଅଛି । ତୁମେ ଆଣିଥିବା ପବିତ୍ର, ଅନୁପମ ଓ ଅମୃତସମ ତୀର୍ଥଜଳ ନେଇ ସେହି କୂଅରେ ସ୍ଥାପନ କର ।'' ॥ ୩୦୯ ॥

**ଭରତ ଅତ୍ରି ଅନୁସାସନ ପାଈ । ଜଲ ଭାଜନ ସବ ଦିଏ ଚଲାଈ ॥**
**ସାନୁଜ ଆପୁ ଅତ୍ରି ମୁନି ସାଧୂ । ସହିତ ଗଏ ଜହଁ କୂପ ଅଗାଧୂ ॥ ୧ ॥**

ଅତ୍ରିମୁନିଙ୍କ ଆଜ୍ଞା ପାଇ ଭରତ ତୀର୍ଥଜଳ ରଖାଯାଇଥିବା ପାତ୍ରଗୁଡ଼ିକ ସେହି ଗଭୀର କୂଅ ପାଖକୁ ପଠାଇଦେଲେ ଏବଂ ସାନଭାଇ ଶତ୍ରୁଘ୍ନ, ଅତ୍ରିମୁନି ଓ ଅନ୍ୟାନ୍ୟ ସାଧୁସନ୍ଥଙ୍କ ସହିତ ନିଜେ ଚାଲି ଚାଲି ସେଠାକୁ ଗଲେ ॥ ୧ ॥

**ପାୱନ ପାଥ ପୁନ୍ୟଥଲ ରାଖା । ପ୍ରମୁଦିତ ପ୍ରେମ ଅତ୍ରି ଅସ ଭାଷା ॥**
**ତାତ ଅନାଦି ସିଦ୍ଧ ଥଲ ଏହୂ । ଲୋପେଉ କାଲ ବିଦିତ ନହିଁ କେହୂ ॥ ୨ ॥**

ତୀର୍ଥଜଳ ସେହି ପୁଣ୍ୟସ୍ଥଳରେ ରଖାଗଲା । ତା'ପରେ ଅତ୍ରିମୁନି ପ୍ରେମପୁଲକିତ ହୋଇ କହିଲେ, ''ହେ ବତ୍ସ ! ଏହା ଏକ ଅନାଦିସିଦ୍ଧ ସ୍ଥଳ । କାଳର ପ୍ରଭାବରେ ଏହା ଲୁପ୍ତ ହୋଇଯାଇଥିଲା; ତେଣୁ ଏ ବିଷୟରେ କାହାରିକୁ ଜଣା ନ ଥିଲା ॥ ୨ ॥

**ତବ ସେୱକନ୍ହ ସରସ ଥଲୁ ଦେଖା । କୀନ୍ହ ସୁଜଲ ହିତ କୂପ ବିସେଷା ॥**
**ବିଧିବସ ଭୟଉ ବିସ୍ୱ ଉପକାରୂ । ସୁଗମ ଅଗମ ଅତି ଧରମ ବିଚାରୂ ॥ ୩ ॥**

ଭରତଙ୍କ ସେବକମାନେ ସେହି କୂଅ ଥିବା ସ୍ଥାନଟି ଦେଖିଲେ ଏବଂ ସେହି ସୁନ୍ଦର ତୀର୍ଥଜଳ ପାଇଁ କୂଅଟିକୁ ଉତ୍ତମରୂପେ ପରିଷ୍କାର କରିଦେଲେ । ଦୈବଯୋଗରୁ ସମଗ୍ରବିଶ୍ୱର ଉପକାର ହୋଇଗଲା । ଯେଉଁ ଧର୍ମ ବିଚାର ଅତ୍ୟନ୍ତ ଅଗମ୍ୟ ଥିଲା, [ଏହି କୂଅ ପ୍ରଭାବରୁ] ତାହା ସୁଗମ ହୋଇଗଲା (ଅର୍ଥାତ୍ ସମସ୍ତ ତୀର୍ଥମାନଙ୍କର ଗୋଟିଏ ସ୍ଥାନରେ ସମ୍ମେଳନ କଷ୍ଟସାଧ୍ୟ ଥିଲା, ତାହା ବର୍ତ୍ତମାନ ସୁଲଭ ହୋଇଗଲା) ॥ ୩ ॥

**ଭରତକୂପ ଅବ କହିହହିଁ ଲୋଗା । ଅତି ପାୱନ ତୀରଥ ଜଲ ଜୋଗା ॥**
**ପ୍ରେମ ସନେମ ନିମଜ୍ଜତ ପ୍ରାନୀ । ହୋଇହହିଁ ବିମଲ କରମ ମନ ବାନୀ ॥ ୪ ॥**

ଅତ୍ରି ମୁନି କହିଲେ, ''ଲୋକେ ଏଥର ଏହାକୁ 'ଭରତକୂପ' ବୋଲି କହିବେ । ଏଠାରେ ସବୁତୀର୍ଥର ଜଳ ମିଶିଥିବାରୁ ଏହି କୂଅ ଅତ୍ୟନ୍ତ ପବିତ୍ର ହୋଇଗଲା । ଏହି ଜଳରେ ପ୍ରେମପୂର୍ବକ ନିୟମ ଅନୁସାରେ ସ୍ନାନ କଲେ, ପ୍ରାଣୀ କାୟମନୋବାକ୍ୟରେ ପବିତ୍ର ହୋଇଯିବ ।'' ॥ ୪ ॥

ଦୋଃ- **କହତ କୂପ ମହିମା ସକଲ ଗଏ ଜହାଁ ରଘୁରାଉ ।**
**ଅତ୍ରି ସୁନାୟଉ ରଘୁବରହି ତୀରଥ ପୁନ୍ୟ ପ୍ରଭାଉ ॥ ୩୧୦ ॥**

କୂଅଟିର ମହିମା କହି କହି ସମସ୍ତେ ଶ୍ରୀରଘୁନାଥଙ୍କ ନିବାସସ୍ଥାନକୁ ଫେରିଆସିଲେ । ଅତ୍ରିମୁନି ଶ୍ରୀରଘୁନାଥଙ୍କୁ ସେହି କୂଅର ପୁଣ୍ୟ ଓ ପ୍ରଭାବ ବିଷୟ ଶୁଣାଇଲେ ॥ ୩୧୦ ॥

**କହତ ଧରମ ଇତିହାସ ସପ୍ରୀତୀ । ଭୟଉ ଭୋରୁ ନିସି ସୋ ସୁଖ ବୀତୀ ॥**
**ନିତ୍ୟ ନିବାହି ଭରତ ଦୋଉ ଭାଈ । ରାମ ଅତ୍ରି ଗୁର ଆୟସୁ ପାଈ ॥ ୧ ॥**
**ସହିତ ସମାଜ ସାଜ ସବ ସାଦେଁ । ଚଲେ ରାମ ବନ ଅଟନ ପୟାଦେଁ ॥**
**କୋମଲ ଚରନ ଚଲତ ବିନୁ ପନହାଁ । ଭଇ ମୃଦୁ ଭୂମି ସକୁଚି ମନ ମନହାଁ ॥ ୨ ॥**

ଆନନ୍ଦର ସହିତ ଧର୍ମ ଓ ଇତିହାସର କଥା ଆଲୋଚନା କରୁ କରୁ ରାତି ପାହି ପ୍ରଭାତ ହୋଇଗଲା । ଭରତଶତ୍ରୁଘ୍ନ ଦୁଇଭାଇ ନିତ୍ୟକର୍ମ ସାରିବା ପରେ ଶ୍ରୀରାମ, ଅତ୍ରିମୁନି ଏବଂ ଗୁରୁ ବଶିଷ୍ଠଙ୍କର ଅନୁମତି ନେଇ, ସାଧାରଣ ବେଶରେ ଅନ୍ୟମାନଙ୍କ ସହିତ ପାଦରେ ଚାଲି ଚାଲି, ରାମବନ (ରାମ ରହୁଥିବା ବନ) ଭ୍ରମଣ କରିବାକୁ

ବାହାରିପଡ଼ିଲେ । ସେମାନେ ବିନାଜୋତାରେ କୋମଳପାଦରେ ଚାଲୁଥିବା ଦେଖି ଧରଣୀ ଦୟାର୍ଦ୍ର ହୋଇ ନିଜକୁ କୋମଳ କରିଦେଲେ ॥ ୧-୨ ॥

**କୁସ କଂଟକ କାଁକରୀଁ କୁରାଈଁ । କଟୁକ କଠୋର କୁବସ୍ତୁ ଦୁରାଈଁ ॥**
**ମହି ମଂଜୁଲ ମୃଦୁ ମାରଗ କୀହ୍ନେ । ବହତ ସମୀର ତ୍ରିବିଧ ସୁଖ ଲୀହ୍ନେ ॥ ୩ ॥**

କୁଶ, କଣ୍ଟା, ଗୋଡ଼ି, ଗାତ ଇତ୍ୟାଦିର କଟୁତା, କଠୋରତା ତଥା କ୍ଲିଷ୍ଟତା ଲୁଚାଇଦେଇ ଧରଣୀ ଦେବୀ ପଥକୁ ସୁନ୍ଦର ଓ କୋମଳ କରିଦେଲେ । ସୁଖଦାୟୀ ଶୀତଳ ଓ ସୁଗନ୍ଧ ବାୟୁ ମନ୍ଦ ମନ୍ଦ ପ୍ରବାହିତ ହେବାକୁ ଲାଗିଲା ॥ ୩ ॥

**ସୁମନ ବରଷି ସୁର ଘନ କରି ଛାହୀଁ । ବିଟପ ଫୂଲି ଫଲି ତୃନ ମୃଦୁତାହୀଁ ॥**
**ମୃଗ ବିଲୋକି ଖଗ ବୋଲି ସୁବାନୀ । ସେଓ୍ୱହିଁ ସକଲ ରାମ ପ୍ରିୟ ଜାନୀ ॥ ୪ ॥**

ପଥରେ ଦେବତାମାନେ ପୁଷ୍ପବୃଷ୍ଟି କଲେ; ମେଘମାନେ ଛାୟା ପ୍ରଦାନ କଲେ; ତରୁଲତାମାନେ ଫୁଲଫଳରେ ଭରିଗଲେ । ଭରତଙ୍କୁ ଶ୍ରୀରାମଙ୍କ ପ୍ରିୟଜନ ଜାଣି ତୃଣ ତା'ର କୋମଳତା ଦେଇ, ମୃଗମାନେ (ପଶୁମାନେ) ସୁନ୍ଦର ନୟନରେ ଚାହିଁ ଏବଂ ପକ୍ଷୀମାନେ ମଧୁର କଳରବ କରି ନିଜ ନିଜର ସେବା ପ୍ରଦାନ କଲେ ॥ ୪ ॥

ଦୋ:- **ସୁଲଭ ସିଦ୍ଧି ସବ ପ୍ରାକୃତହୁ ରାମ କହତ ଜମୁହାତ ।**
**ରାମ ପ୍ରାନପ୍ରିୟ ଭରତ କହୁଁ ୟହ ନ ହୋଇ ବଡ଼ି ବାତ ॥ ୩୧୧ ॥**

ହାଇ ମାରିବା ସମୟରେ ବି 'ରାମ' ନାମ ଉଚ୍ଚାରଣ କରିଦେଲେ ତ ସାଧାରଣ ମନୁଷ୍ୟପାଇଁ ବି ସକଳ ସିଦ୍ଧି ସୁଲଭ ହୋଇଯାଏ; ତେଣୁ ଶ୍ରୀରାମଙ୍କର ପ୍ରାଣପ୍ରିୟ ଭରତଙ୍କ ନିମନ୍ତେ ଏସବୁ ହୋଇଯିବାଟା କିଛି ବଡ଼କଥା ନୁହେଁ ! ॥ ୩୧୧ ॥

**ଏହି ବିଧି ଭରତୁ ଫିରତ ବନ ମାହୀଁ । ନେମୁ ପ୍ରେମୁ ଲଖି ମୁନି ସକୁଚାହୀଁ ॥**
**ପୁନ୍ୟ ଜଲାଶ୍ରୟ ଭୂମି ବିଭାଗା । ଖଗ ମୃଗ ତରୁ ତୃନ ଗିରି ବନ ବାଗା ॥ ୧ ॥**
**ଚାରୁ ବିଚିତ୍ର ପବିତ୍ର ବିସେଷୀ । ବୂଝତ ଭରତୁ ଦିବ୍ୟ ସବ ଦେଖୀ ॥**
**ସୁନି ମନ ମୁଦିତ କହତ ରିଷିରାଉ । ହେତୁ ନାମ ଗୁନ ପୁନ୍ୟ ପ୍ରଭାଉ ॥ ୨ ॥**

ଏପରିଭାବରେ ଭରତ ବନରେ ଭ୍ରମଣ କରୁଥାନ୍ତି । ତାଙ୍କର ନିଷ୍ଠା ଓ ପ୍ରେମ ଦେଖି ମୁନିମାନେ ବି ଲଜ୍ଜିତ ହୋଇଯାଉଥାନ୍ତି । [ନଦୀ, ପୁଷ୍କରିଣୀ, କୁଣ୍ଡ ଆଦି] ପବିତ୍ର ଜଳାଶୟ, ବିଭିନ୍ନ ସ୍ଥାନ ତଥା ପଶୁ, ପକ୍ଷୀ, ତୃଣ, ପର୍ବତ, ବନ, ଉପବନ ଇତ୍ୟାଦି ବିଶେଷଭାବରେ ସୁନ୍ଦର, ବିଚିତ୍ର, ପବିତ୍ର ଓ ଦିବ୍ୟ ହୋଇଯାଇଥାନ୍ତି । ତାହା ଦେଖି ଭରତ ସେସବୁ ବିଷୟରେ ପଚାରୁଥାନ୍ତି ଏବଂ ଋଷିରାଜ ଅତ୍ରି ପ୍ରସନ୍ନଚିତ୍ତରେ ସେସବୁର କାରଣ, ନାମ, ଗୁଣ ଓ ପୁଣ୍ୟ-ପ୍ରଭାବ ବୁଝାଇଦେଉଥାନ୍ତି ॥ ୧-୨ ॥

**କତହୁଁ ନିମଜ୍ଜନ କତହୁଁ ପ୍ରନାମା । କତହୁଁ ବିଲୋକତ ମନ ଅଭିରାମା ॥**
**କତହୁଁ ବୈଠି ମୁନି ଆୟସୁ ପାଈ । ସୁମିରତ ସୀୟ ସହିତ ଦୋଉ ଭାଈ ॥ ୩ ॥**

ଭରତ କେଉଁଠି ସ୍ନାନ କରୁଥାନ୍ତି ତ, କେଉଁଠି ପ୍ରଣାମ କରୁଥାନ୍ତି; କେଉଁଠି ମନୋହର ସ୍ଥାନ ଦେଖୁଥାନ୍ତି ଏବଂ କେଉଁଠି ଅତ୍ରିମୁନିଙ୍କ ଆଜ୍ଞାନୁସାରେ ବସିପଡ଼ି ସୀତା ଓ ରାମଲକ୍ଷ୍ମଣ ଦୁଇଭାଇଙ୍କୁ ସ୍ମରଣ କରୁଥାନ୍ତି ॥ ୩ ॥

**ଦେଖି ସୁଭାଉ ସନେହୁ ସୁସେଓ୍ୱା । ଦେହିଁ ଅସୀସ ମୁଦିତ ବନଦେଓ୍ୱା ॥**
**ଫିରହିଁ ଗଏଁ ଦିନୁ ପହର ଅଢ଼ାଈ । ପ୍ରଭୁ ପଦ କମଲ ବିଲୋକହିଁ ଆଈ ॥ ୪ ॥**

ଭରତଙ୍କର ସ୍ୱଭାବ, ସ୍ନେହ ଓ ସୁନ୍ଦର ସେବାଭାବ ଦେଖି ବନଦେବତାମାନେ ଆନନ୍ଦରେ ଆଶୀର୍ବାଦ ଦେଉଥାନ୍ତି । ଏହିପରି ପ୍ରତ୍ୟହ ବିଭିନ୍ନ ଅଞ୍ଚଳରେ ଭ୍ରମଣ କରି, ଦିନ ଅଢ଼େଇପ୍ରହର ଗଡ଼ିଯିବା ପରେ ଭରତ ଆଶ୍ରମକୁ ଫେରି ଶ୍ରୀରାମଙ୍କ ଚରଣକମଳ ଦର୍ଶନ କରୁଥାନ୍ତି ॥ ୪ ॥

ଦୋଃ- **ଦେଖେ ଥଲ ତୀରଥ ସକଲ ଭରତ ପାଁଚ ଦିନ ମାଁଝ ।**
**କହତ ସୁନତ ହରି ହର ସୁଜସୁ ଗୟଉ ଦିଵସୁ ଭଇ ସାଁଝ ॥ ୩୧୨ ॥**

ପାଞ୍ଚଦିନ ଭିତରେ ଭରତ ସବୁତୀର୍ଥସ୍ଥାନ ଦେଖିଦେଲେ । ଭଗବାନ୍ ବିଷ୍ଣୁ ଓ ମହାଦେବଙ୍କର ସୁଯଶ ଶୁଣି ଶୁଣି ଓ କହି କହି ପଞ୍ଚମ ଦିନ ବିତିଗଲା; ସନ୍ଧ୍ୟା ହୋଇଗଲା ॥ ୩୧୨ ॥

**ଭୋର ହ୍ନାଇ ସବୁ ଜୁରା ସମାଜୂ । ଭରତ ଭୂମିସୁର ତେରହୁତି ରାଜୂ ॥**
**ଭଲ ଦିନ ଆଜୁ ଜାନି ମନ ମାହୀଁ । ରାମୁ କୃପାଲ କହତ ସକୁଚାହୀଁ ॥ ୧ ॥**

ତା'ପରଦିନ ସକାଳେ ସ୍ନାନ ସାରି ଭରତ, ବ୍ରାହ୍ମଣଗଣ, ମିଥିଳାପତି ଏବଂ ଅନ୍ୟମାନେ ଏକତ୍ରିତ ହେଲେ । ସେହି ଦିନଟି ସମସ୍ତଙ୍କ ପକ୍ଷରେ ବିଦାୟ ନେବାର ଶୁଭଦିନ ବୋଲି ଜାଣି ମଧ୍ୟ କୃପାଳୁ ଶ୍ରୀରାମ ତାହା କହିବାକୁ ସଂକୋଚ ବୋଧ କରୁଥାନ୍ତି ॥ ୧ ॥

**ଗୁର ନୃପ ଭରତ ସଭା ଅଵଲୋକୀ । ସକୁଚି ରାମ ଫିରି ଅଵନି ବିଲୋକୀ ॥**
**ସୀଲ ସରାହି ସଭା ସବ ସୋଚୀ । କହୁଁ ନ ରାମ ସମ ସ୍ୱାମି ସଁକୋଚୀ ॥ ୨ ॥**

ଶ୍ରୀରାମ ଗୁରୁ ବଶିଷ୍ଠ, ରାଜା ଜନକ, ଭରତ ଏବଂ ଅନ୍ୟ ସମସ୍ତଙ୍କ ମୁହଁକୁ ଚାହିଁଲେ; କିନ୍ତୁ ପରେ ସଂକୋଚବଶତଃ ଦୃଷ୍ଟି ଫେରାଇନେଇ ତଳକୁ ଚାହିଁରହିଲେ । ସମସ୍ତେ ତାଙ୍କ ସ୍ୱଭାବର ପ୍ରଶଂସା କରି କରି ଭାବିଲେ, 'ଶ୍ରୀରାମଙ୍କ ପରି ଉଦାର ପ୍ରଭୁ ଆଉ କେଉଁଠି ନ ଥିବେ ।' ॥ ୨ ॥

**ଭରତ ସୁଜାନ ରାମ ରୁଖ ଦେଖୀ । ଉଠି ସପ୍ରେମ ଧରି ଧୀର ବିସେଷୀ ॥**
**କରି ଦଂଡଵତ କହତ କର ଜୋରୀ । ରାଖୀଁ ନାଥ ସକଲ ରୁଚି ମୋରୀ ॥ ୩ ॥**

ଶ୍ରୀରାମଙ୍କ ମନକଥା ଜାଣି ବୁଦ୍ଧିମାନ୍ ଭରତ ଧୀରେ ଧୀରେ ଉଠିଲେ ଏବଂ ବିଶେଷ ଧୈର୍ଯ୍ୟ ଧରି, ଦଣ୍ଡବତ୍ ହୋଇ ଯୋଡ଼ହସ୍ତପୂର୍ବକ କହିଲେ, ''ହେ ନାଥ ! ଆପଣ ମୋର ସବୁଇଚ୍ଛା ପୂର୍ଣ୍ଣ କରିଦେଇଛନ୍ତି ॥ ୩ ॥

**ମୋହି ଲଗି ସହେଉ ସବହିଁ ସଂତାପୂ । ବହୁତ ଭାଁତି ଦୁଖୁ ପାଵା ଆପୂ ॥**
**ଅବ ଗୋସାଇଁ ମୋହି ଦେଉ ରଜାଈ । ସେଵୌଁ ଅଵଧ ଅଵଧି ଭରି ଜାଈ ॥ ୪ ॥**

ଆପଣ ମୋ ପାଇଁ ସକଳ ସନ୍ତାପ ସହିଛନ୍ତି ଓ ଅନେକପ୍ରକାରେ ଦୁଃଖ ପାଇଛନ୍ତି । ଏଥର ପ୍ରଭୁ ଆଜ୍ଞା ଦିଅନ୍ତୁ; ମୁଁ ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ (ଚଉଦ ବର୍ଷ) ଅଯୋଧ୍ୟାର ସେବା କରି ରହିବି ॥ ୪ ॥

ଦୋଃ- **ଜେହିଁ ଉପାୟ ପୁନି ପାୟ ଜନୁ ଦେଖୈ ଦୀନଦୟାଲ ।**
**ସୋ ସିଖ ଦେଇଅ ଅଵଧି ଲଗି କୋସଲପାଲ କୃପାଲ ॥ ୩୧୩ ॥**

ହେ ଦୀନଦୟାଳୁ ! ହେ କୋଶଳନାଥ ! ହେ କୃପାଳୁ ! ଏହି ସମୟସୀମାର ଶେଷ ପର୍ଯ୍ୟନ୍ତ ମୋର କର୍ତ୍ତବ୍ୟ ନେଇ କିଛି ଉପଦେଶ ଦିଅନ୍ତୁ , ଯାହା ପାଳିଲେ କି ଏହି ଦାସ ପୁନର୍ବାର ଆପଣଙ୍କ ଚରଣ ଦର୍ଶନ କରିବାକୁ ସମର୍ଥ ହୋଇପାରିବ ॥ ୩୧୩ ॥

**ପୁରଜନ ପରିଜନ ପ୍ରଜା ଗୋସାଇଁ । ସବ ସୁଚି ସରସ ସନେହଁ ସଗାଇଁ ॥**
**ରାଉର ବଦି ଭଲ ଭଓ୍ୱ ଦୁଖ ଦାହୂ । ପ୍ରଭୁ ବିନୁ ବାଦି ପରମ ପଦ ଲାହୂ ॥ ୧ ॥**

ହେ ପ୍ରଭୁ ! ଆପଣଙ୍କର ସ୍ନେହ ଓ ସମ୍ବନ୍ଧ ହେତୁ ଅଯୋଧ୍ୟାର ପୁରବାସୀ, ଆତ୍ମୀୟପରିଜନ ଏବଂ ପ୍ରଜାଗଣ–ସମସ୍ତେ ଆନନ୍ଦରେ ଅଛନ୍ତି । ଆପଣଙ୍କ ନିମନ୍ତେ ଭବଦୁଃଖଜ୍ୱାଳା(ଜନ୍ମ-ମରଣଯନ୍ତ୍ରଣା)ରେ ଦଗ୍ଧ ହେବା ମଧ୍ୟ ଶ୍ରେୟସ୍କର; ଅପରପକ୍ଷରେ ଆପଣଙ୍କୁ ଛାଡ଼ି ପରମପଦ (ମୋକ୍ଷ) ଲାଭ ମଧ୍ୟ ବୃଥା ॥ ୧ ॥

**ସ୍ୱାମି ସୁଜାନୁ ଜାନି ସବ ହୀ କୀ । ରୁଚି ଲାଲସା ରହନି ଜନ ଜୀ କୀ ॥**
**ପ୍ରନତପାଲୁ ପାଲିହି ସବ କାହୂ । ଦେଉ ଦୁହୂ ଦିସି ଓର ନିବାହୂ ॥ ୨ ॥**
**ଅସ ମୋହି ସବ ବିଧି ଭୂରି ଭରୋସୋ । କିଏଁ ବିଚାରୁ ନ ସୋଚୁ ଖରୋ ସୋ ॥**
**ଆରତି ମୋର ନାଥ କର ଛୋହୂ । ଦୁହୁଁ ମିଲି କୀହ୍ନ ଢିଠୁ ହଠି ମୋହୂ ॥ ୩ ॥**

ହେ ସ୍ୱାମୀ ! ଆପଣ ବିଜ୍ଞ; ଆପଣ ସମସ୍ତଙ୍କ ହୃଦୟର କଥା ତଥା ଏହି ଦାସର ମନର ଇଚ୍ଛା, କାମନା ଓ ସ୍ଥିତି ଜାଣନ୍ତି । ହେ ଶରଣାଗତବତ୍ସଳ ! ଆପଣ ଯେ ସମସ୍ତଙ୍କୁ ପାଳନ କରିବେ ଏବଂ ହେ ଦେବ ! ଆପଣ ଯେ ବନ ଓ ରାଜ୍ୟ–ଉଭୟ ଦିଗ ଶେଷପର୍ଯ୍ୟନ୍ତ ତୁଲାଇବେ (ପିତୃସତ୍ୟ ପାଳନ କରିବେ ଓ ବନବାସର ସମୟସୀମା ବିତିଯିବା ପରେ ଶୀଘ୍ର ଫେରିଯିବେ), ସେ ବିଷୟରେ ମୋର ସର୍ବତୋଭାବରେ ପୂର୍ଣ୍ଣ ବିଶ୍ୱାସ ରହିଛି; ତେଣୁ ମୋର ଆଉ କୌଣସି ଦୁଃଖ ନାହିଁ । କିନ୍ତୁ ମୋର ଦୀନତା ଏବଂ ପ୍ରଭୁଙ୍କର ସ୍ନେହ–ଏ ଦୁଇଟି ମିଶି ମୋତେ ବାଧ୍ୟ କରି ଧୃଷ୍ଟ କରିଦେଉଛି ॥ ୨-୩ ॥

**ୟହ ବଡ଼ ଦୋଷୁ ଦୂରି କରି ସ୍ୱାମୀ । ତଜି ସକୋଚ ସିଖଇଅ ଅନୁଗାମୀ ॥**
**ଭରତ ବିନୟ ସୁନି ସବହିଁ ପ୍ରସଂସୀ । ଖୀର ନୀର ବିବରନ ଗତି ହଂସୀ ॥ ୪ ॥**

ହେ ସ୍ୱାମୀ ! ମୋର ଏହି ବିରାଟ ଦୋଷ ଦୂର କରି, ସଂକୋଚ ଛାଡ଼ି ଏହି ସେବକକୁ (ମୋତେ) ଶିକ୍ଷା ଦିଅନ୍ତୁ ।'' ଦୁଧରୁ ପାଣିକୁ ଅଲଗା କରିବାରେ ହଂସୀର ଯେପରି ଅଦ୍ଭୁତ ଶକ୍ତି ଥାଏ, ଭରତଙ୍କର ବିନତିଭିତରେ ସେହିପରି ଅଦ୍ଭୁତ ଶକ୍ତି ରହିଥିଲା । ତାହା ଶୁଣି ସମସ୍ତେ ତାଙ୍କୁ ପ୍ରଶଂସା କଲେ ॥ ୪ ॥

ଦୋଃ- **ଦୀନବଂଧୁ ସୁନି ବଂଧୁ କେ ବଚନ ଦୀନ ଛଲହୀନ ।**
**ଦେସ କାଲ ଅଓ୍ୱସର ସରିସ ବୋଲେ ରାମୁ ପ୍ରବୀନ ॥ ୩୧୪ ॥**

ଦୀନବନ୍ଧୁ ତଥା ପରମକୁଶଳ ଶ୍ରୀରାମ ସାନଭାଇ ଭରତଙ୍କର ବିନମ୍ର ଓ ନିଷ୍କପଟ ବାଣୀ ଶୁଣି, ଦେଶ, କାଳ ଓ ଅବସର ଉପଯୋଗୀ ବଚନ କହିଲେ, ॥ ୩୧୪ ॥

**ତାତ ତୁହ୍ମାରି ମୋରି ପରିଜନ କୀ । ଚିଂତା ଗୁରହି ନୃପହି ଘର ବନ କୀ ॥**
**ମାଥେ ପର ଗୁର ମୁନି ମିଥିଲେସୂ । ହମହିଁ ତୁହ୍ମହିଁ ସପନେହୁଁ ନ କଲେସୂ ॥ ୧ ॥**

''ହେ ବତ୍ସ ! ତୁମର, ମୋର, ପରିବାର-ପରିଜନଙ୍କର, ଘରର ଓ ବନର–ସମସ୍ତଙ୍କର ଚିନ୍ତା ଗୁରୁ ବଶିଷ୍ଠଙ୍କୁ ଓ ମହାରାଜା ଜନକଙ୍କୁ ଲାଗିଲା; ତେଣୁ ଯେପର୍ଯ୍ୟନ୍ତ ଆମ ଉପରେ ଗୁରୁଦେବ, ମୁନିବର ବିଶ୍ୱାମିତ୍ର ଏବଂ ମିଥିଳାପତି ଜନକ ଅଛନ୍ତି, ସେପର୍ଯ୍ୟନ୍ତ ସ୍ୱପ୍ନରେ ବି ତୁମର ଓ ମୋର କୌଣସି କ୍ଳେଶ ରହିବ ନାହିଁ ॥ ୧ ॥

**ମୋର ତୁହ୍ମାର ପରମ ପୁରୁଷାରଥୁ । ସ୍ୱାରଥୁ ସୁଜସୁ ଧରମୁ ପରମାରଥୁ ॥**
**ପିତୁ ଆୟସୁ ପାଲିହିଁ ଦୁହୁ ଭାଇଁ । ଲୋକ ବେଦ ଭଲ ଭୂପ ଭଲାଇଁ ॥ ୨ ॥**

ଆମ ଦୁଇଭାଇଙ୍କ ଦ୍ୱାରା ପିତାଙ୍କ ଆଦେଶ ପାଳିତ ହୋଇପାରିଲେ ମୋର ଓ ତୁମର ପୁରୁଷାର୍ଥ, ସ୍ୱାର୍ଥ, ଧର୍ମ ଓ ପରମାର୍ଥ ସାର୍ଥକ ହୋଇଯିବ । ପିତାଙ୍କ ବଚନରକ୍ଷାପୂର୍ବକ ପିତାଙ୍କ ସତ୍ୟରକ୍ଷାରେ ବ୍ରତୀ ହୋଇପାରିଲେହିଁ ଲୋକଦୃଷ୍ଟିରୁ ତଥା ବେଦଦୃଷ୍ଟିରୁ ଆମର ମଙ୍ଗଳ ହେବ ॥ ୨ ॥

**ଗୁର ପିତୁ ମାତୁ ସ୍ୱାମି ସିଖ ପାଲେଁ । ଚଲେହୁଁ କୁମଗ ପଗ ପରହିଁ ନ ଖାଲେଁ ॥**
**ଅସ ବିଚ୍ୟରି ସବ ସୋଚ ବିହାଈ । ପାଲହୁ ଅୱଧ ଅୱଧି ଭରି ଜାଈ ॥ ୩ ॥**

ଗୁରୁ, ପିତା, ମାତା ଓ ପ୍ରଭୁଙ୍କ ଆଜ୍ଞାପାଳନରେ ନିୟୋଜିତ ଥାଇ କୁମାର୍ଗରେ ଚ୍ୟଲିଗଲେ ବି ମନୁଷ୍ୟ ଖାଲରେ ପଡ଼େନାହିଁ (ତା'ର ପତନ ହୁଏ ନାହିଁ) । ଏହା ବିଚ୍ୟର କରି, ସବୁଚିନ୍ତା ଛାଡ଼ିଦେଇ, ଅଯୋଧ୍ୟା ଯାଇ ପୂରା ଅବଧିଟି (ଚଉଦ ବର୍ଷ) ସେମାନଙ୍କର ଆଜ୍ଞା ପାଳନ କର ॥ ୩ ॥

**ଦେସୁ କୋସୁ ପରିଜନ ପରିୱାରୁ । ଗୁର ପଦ ରଜହିଁ ଲାଗ ଛରୁଭାରୂ ॥**
**ତୁହ୍ମ ମୁନି ମାତୁ ସଚିୱ ସିଖ ମାନୀ । ପାଲେହୁ ପୁହୁମି ପ୍ରଜା ରଜଧାନୀ ॥ ୪ ॥**

ଦେଶ, ରାଜକୋଷ, କୁଟୁମ୍ବ, ପରିବାର ଆଦି ସବୁର ଦାୟିତ୍ୱ ତ ଗୁରୁଙ୍କ ପଦରଜ ଉପରେ ରହିଛି । ତେଣୁ ତୁମେ ଗୁରୁ, ମାତାଗଣ ଓ ମନ୍ତ୍ରୀମାନଙ୍କର ଉପଦେଶ ମାନି ତଦନୁସାରେ ରାଜ୍ୟ, ପ୍ରଜା ଓ ରାଜଧାନୀ ପାଳନ କରିଚ୍ୟଲ ।'' ॥ ୪ ॥

ଦୋଃ- **ମୁଖିଆ ମୁଖୁ ସୋ ଚ୍ୟହିଐ ଖାନ ପାନ କହୁଁ ଏକ ।**
**ପାଲଇ ପୋଷଇ ସକଲ ଅଁଗ ତୁଲସୀ ସହିତ ବିବେକ ॥ ୩୧୫ ॥**

ତୁଲସୀଦାସ କହୁଛନ୍ତି—[ଶ୍ରୀରାମ କହିଲେ,] ''ମୁରବି ବା ମୁଖିଆ ମୁଖ ପରି ହେବା ଉଚିତ । ମୁଖ ବା ପାଟି ଖାଇଲାବେଳେ ଖାଏ ଏକୁଟିଆ, କିନ୍ତୁ ବିବେକପୂର୍ବକ ପାଳନ-ପୋଷଣ କରେ ସବୁ ଅଙ୍ଗକୁ ॥ ୩୧୫ ॥

**ରାଜଧରମ ସରବସୁ ଏତନୋଈ । ଜିମି ମନ ମାହଁ ମନୋରଥ ଗୋଈ ॥**
**ବଂଧୁ ପ୍ରବୋଧୁ କୀହ୍ନ ବହୁ ଭାଁତୀ । ବିନୁ ଅଧାର ମନ ତୋଷୁ ନ ସାଁତୀ ॥ ୧ ॥**

ଏହାହିଁ ରାଜଧର୍ମର ସାରକଥା; ମନଭିତରେ ମନକଥା ଲୁଚି ରହିଥିବାପରି, ଏହାରି ଭିତରେ ସକଳ ରାଜଧର୍ମ ଗୁପ୍ତ ହୋଇ ରହିଛି ।'' ଶ୍ରୀରଘୁନାଥ ସାନଭାଇ ଭରତଙ୍କୁ ଏପରି ନାନାପ୍ରକାରେ ବୁଝାଇଲେ; କିନ୍ତୁ କୌଣସିପ୍ରକାରେ କିଛି ଗୋଟିଏ ଅବଲମ୍ବନ ନ ପାଇ ଭରତଙ୍କ ମନ ସନ୍ତୁଷ୍ଟ ହେଲା ନାହିଁ, କି ତାଙ୍କୁ ଶାନ୍ତି ମିଳିଲା ନାହିଁ ॥ ୧ ॥

**ଭରତ ସୀଲ ଗୁର ସଚିୱ ସମାଜୂ । ସକୁଚ ସନେହ ବିବସ ରଘୁରାଜୂ ॥**
**ପ୍ରଭୁ କରି କୃପା ପାଁୱରୀଁ ଦୀହ୍ନୀଁ । ସାଦର ଭରତ ସୀସ ଧରି ଲୀହ୍ନୀଁ ॥ ୨ ॥**

ଏଣେ ଭରତଙ୍କର ଶ୍ରଦ୍ଧା ଏବଂ ତେଣେ ଗୁରୁଜନ, ମନ୍ତ୍ରୀବର୍ଗ ତଥା ଅନ୍ୟମାନଙ୍କର ଉପସ୍ଥିତି । ଏହା ଦେଖି ଶ୍ରୀରାମ ସଂକୋଚ ତଥା ସ୍ନେହ ହେତୁ ଅତ୍ୟନ୍ତ ବିବଶ ହୋଇଗଲେ (ଅର୍ଥାତ୍ ଭରତଙ୍କ ସ୍ନେହବଶ ହୋଇ ତାଙ୍କୁ ପାଦୁକା ଦେବାକୁ ଚ୍ୟହୁଁଥାନ୍ତି; କିନ୍ତୁ ପାଖରେ ଗୁରୁଜନ ଓ ଅନ୍ୟମାନେ ଥିବାରୁ ସଂକୋଚ ଅନୁଭବ କରୁଥାନ୍ତି) । ଶେଷରେ ଭରତଙ୍କ ପ୍ରତି ସ୍ନେହବଶ ହୋଇ ପ୍ରଭୁ ଶ୍ରୀରାମ କୃପା କରି ତାଙ୍କୁ ନିଜର ପାଦୁକା (କଠଉ) ପ୍ରଦାନ କଲେ ଏବଂ ଭରତ ତାହାକୁ ସାଦରେ ମସ୍ତକରେ ଧାରଣ କଲେ ॥ ୨ ॥

**ଚରନପୀଠ କରୁନାନିଧାନ କେ । ଜନୁ ଜୁଗ ଜାମିକ ପ୍ରଜା ପ୍ରାନ କେ ॥**
**ସଂପୁଟ ଭରତ ସନେହ ରତନ କେ । ଆଖର ଜୁଗ ଜନୁ ଜୀୱ ଜତନ କେ ॥ ୩ ॥**

କରୁଣାନିଧାନ ଶ୍ରୀରାମଙ୍କର ପାଦୁକାଦୁଇଟି ହୋଇଥିଲେ ଜାଣନ୍ତୁ, ପ୍ରଜାମାନଙ୍କର ପ୍ରାଣରକ୍ଷାପାଇଁ ଦୁଇଜଣ ସୁଦକ୍ଷ ପ୍ରହରୀ ପରି; ଭରତଙ୍କର ପ୍ରେମରତ୍ନକୁ ସାଇତି ରଖିବା ନିମନ୍ତେ [ତଳଘରା ଓ ଉପର ଘୋଡ଼ଣି ଥିବା] ଗୋଟିଏ ସୁନ୍ଦର ପେଡ଼ି ପରି । ସାଧନା ନିମନ୍ତେ (ଜୀବର ଉଦ୍ଧାର ନିମନ୍ତେ) ସେହି ଦୁଇଟି ଥିଲେ 'ରା' ଓ 'ମ' ନାମକ ଦୁଇଟି ପବିତ୍ର ଅକ୍ଷର ପରି ॥ ୩ ॥

**କୁଲ କପାଟ କର କୁସଲ କରମ କେ । ବିମଲ ନୟନ ସେୱା ସୁଧରମ କେ ॥**
**ଭରତ ମୁଦିତ ଅୱଲଂବ ଲହେ ତେଁ । ଅସ ସୁଖ ଜସ ସିୟ ରାମୁ ରହେ ତେଁ ॥ ୪ ॥**

ରଘୁବଂଶକୁ ରକ୍ଷା କରିବା ନିମନ୍ତେ ସେହି ଦୁଇଟି ସତେ ଯେପରି ଦୁଇଟି କବାଟ ହୋଇଗଲେ । ସେ ଦୁଇଟି କୁଶଳ କର୍ମ କରିବା ନିମନ୍ତେ ଦୁଇଟି ସହାୟକ ହସ୍ତ ପରି ଏବଂ ସେବାରୂପୀ ଶ୍ରେଷ୍ଠଧର୍ମ ନିର୍ଣ୍ଣୟ କରିବା ନିମନ୍ତେ ଦୁଇଟି ନିର୍ମଳ ନୟନ ପରି ହୋଇଗଲେ । ଏହି ଅବଲମ୍ବନ ମିଳିଯିବାକ୍ଷଣି ଭରତ ଆନନ୍ଦିତ ହୋଇଗଲେ । ଶ୍ରୀରାମ ବନକୁ ନ ଯାଇ ଅଯୋଧ୍ୟାରେ ରହିଥିଲେ ଭରତଙ୍କୁ ଯେପରି ସୁଖ ମିଳିଥାନ୍ତା, ପାଦୁକା ଦୁଇଟି ପାଇ ତାଙ୍କୁ ସେହିପରି ସୁଖ ମିଳିଗଲା ॥ ୪ ॥

ଦୋः- **ମାଗେଉ ବିଦା ପ୍ରନାମୁ କରି ରାମ ଲିଏ ଉର ଲାଇ ।**
**ଲୋଗ ଉଚ୍ଚାଟେ ଅମରପତି କୁଟିଲ କୁଅୱସରୁ ପାଇ ॥ ୩୧୬ ॥**

ଭରତ ପ୍ରଣାମ କରି ବିଦାୟ ମାଗିଲେ । ଶ୍ରୀରାମ ତାଙ୍କୁ ହୃଦୟରେ ଲଗାଇ ଚାପିଧରିଲେ । ସୁଯୋଗ ପାଇ କୁଟିଳ ଇନ୍ଦ୍ର ଲୋକଙ୍କ ମନକୁ ଉଚ୍ଚାଟ କରିଦେଲେ ॥ ୩୧୬ ॥

**ସୋ କୁଚାଲି ସବ କହଁ ଭଇ ନୀକୀ । ଅୱଧି ଆସ ସମ ଜୀୱନି ଜୀ କୀ ॥**
**ନତରୁ ଲଖନ ସିୟ ରାମ ବିୟୋଗା । ହହରି ମରତ ସବ ଲୋଗ କୁରୋଗା ॥ ୧ ॥**

ସେହି ଚକ୍ରାନ୍ତ ମଧ୍ୟ ସମସ୍ତଙ୍କ ନିମନ୍ତେ ହିତକର ହୋଇଗଲା । ବନବାସକାଳ ଶେଷ ହେବାର ପ୍ରତୀକ୍ଷାରେ ବଞ୍ଚିରହିବା ନିମନ୍ତେ ତାହା ହୋଇଗଲା ସଂଜୀବନୀ ବୁଟି ପରି । ତାହା ହୋଇ ନ ଥିଲେ ଲକ୍ଷ୍ମଣ, ସୀତା ଓ ଶ୍ରୀରାମଙ୍କ ବିଚ୍ଛେଦରୂପୀ ଦୁଷ୍ଟରୋଗରେ ଆକ୍ରାନ୍ତ ହୋଇ, 'ହାୟ ! ହାୟ !!' ହୋଇ ଲୋକେ ମରିଯାଇଥାନ୍ତେ ॥ ୧ ॥

**ରାମକୃପାଁ ଅୱରେବ ସୁଧାରୀ । ବିବୁଧ ଧାରି ଭଇ ଗୁନଦ ଗୋହାରୀ ॥**
**ଭେଁଟତ ଭୁଜ ଭରି ଭାଇ ଭରତ ସୋ । ରାମ ପ୍ରେମ ରସୁ କହି ନ ପରତ ସୋ ॥ ୨ ॥**

ଶ୍ରୀରାମଙ୍କ କୃପା ସବୁସଂକଟର ସମାଧାନ କରିଦେଲା । ଯେଉଁ ଦେବମାୟା ଲୋକଙ୍କର ଅହିତ କରିବାକୁ ଆସିଥିଲା, ତାହା ଓଲଟି ଲୋକଙ୍କର ହିତକର ଓ ରକ୍ଷକ ହୋଇଗଲା । ଶ୍ରୀରାମ ଦୁଇ ଭୁଜ ପ୍ରସାରଣ କରି ଭରତଙ୍କୁ ବକ୍ଷ ଉପରକୁ ଆଉଜାଇନେଲେ । ସେହି ରାମପ୍ରେମରସ ଭାଷାରେ ବର୍ଣ୍ଣିହେବ ନାହିଁ ॥ ୨ ॥

**ତନ ମନ ବଚନ ଉମଗ ଅନୁରାଗା । ଧୀର ଧୁରଂଧର ଧୀରଜୁ ତ୍ୟାଗା ॥**
**ବାରିଜ ଲୋଚନ ମୋଚତ ବାରୀ । ଦେଖି ଦସା ସୁର ସଭା ଦୁଖାରୀ ॥ ୩ ॥**

ଶରୀର, ମନ ଓ ବାଣୀରେ ପ୍ରେମର ଜୁଆର ଉଚ୍ଛୁଳିଉଠିଲା । ଧୈର୍ଯ୍ୟ-ଧୁରନ୍ଧର ଶ୍ରୀରଘୁନାଥ ମଧ୍ୟ ଧୈର୍ଯ୍ୟହରା ହୋଇଗଲେ । ତାଙ୍କର କମଳନୟନରୁ ପ୍ରେମାଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । ତାଙ୍କର ସେହି ସ୍ଥିତି ଦେଖି ଦେବସମାଜ ଦୁଃଖିତ ହୋଇଗଲା ॥ ୩ ॥

**ମୁନିଗନ ଗୁର ଧୁର ଧୀର ଜନକ ସେ । ଗ୍ୟାନ ଅନଲ ମନ କସେଁ କନକ ସେ ॥**
**ଜେ ବିରଂଚି ନିରଲେପ ଉପାଏ । ପଦୁମ ପତ୍ର ଜିମି ଜଗ ଜଲ ଜାଏ ॥ ୪ ॥**

ମୁନିବୃନ୍ଦ, ଗୁରୁ ବଶିଷ୍ଠ ଓ ମହାରାଜ ଜନକଙ୍କ ପରି ଧୈର୍ଯ୍ୟଧୁରନ୍ଧରମାନେ, ଯେଉଁମାନେ କି ନିଜ ନିଜର ମନକୁ ଜ୍ଞାନରୂପୀ ଅଗ୍ନିରେ ସୁବର୍ଣ୍ଣ ପରି କଷିସାରିଥିଲେ, ଯେଉଁମାନଙ୍କୁ କି ବ୍ରହ୍ମା ଅନାସକ୍ତ କରି ରଚନା କରିଥିଲେ ଓ ଯେଉଁମାନେ କି ଜଗତ୍‌ରୂପୀ ଜଳରେ ପଦ୍ମପତ୍ର ପରି (ଜଗତରେ ରହି ମଧ୍ୟ ଜଗତ୍ ପ୍ରତି ଅନାସକ୍ତ ହୋଇ) ଜନ୍ମ ହୋଇଥିଲେ, ॥ ୪ ॥

ଦୋ:- **ତେଉ ବିଲୋକି ରଘୁବର ଭରତ ପ୍ରୀତି ଅନୂପ ଅପାର ।**
**ଭଏ ମଗନ ମନ ତନ ବଚନ ସହିତ ବିରାଗ ବିଚ୍ଚାର ॥ ୩୧୭ ॥**

ସେମାନେ ମଧ୍ୟ ଶ୍ରୀରାମ ଓ ଭରତଙ୍କ ଅପାର ଅନୁପମ ପ୍ରେମ ଦେଖି ବୈରାଗ୍ୟ ଓ ବିବେକସମେତ ତନ, ମନ ଓ ବଚନରେ ସେହି ପ୍ରେମରେ ନିମଗ୍ନ ହୋଇଗଲେ ॥ ୩୧୭ ॥

**ଜହଁ ଜନକ ଗୁର ଗତି ମତି ଭୋରୀ । ପ୍ରାକୃତ ପ୍ରୀତି କହତ ବଡ଼ି ଖୋରୀ ॥**
**ବରନତ ରଘୁବର ଭରତ ବିୟୋଗୂ । ସୁନି କଠୋର କବି ଜାନିହି ଲୋଗୂ ॥ ୧ ॥**

ଶ୍ରୀରାମ ଓ ଭରତଙ୍କର ଯେଉଁ ପ୍ରେମ ଦେଖି ଜନକ ଓ ଗୁରୁ ବଶିଷ୍ଠଙ୍କ ବୁଦ୍ଧିର ଗତି ବି କୁଣ୍ଠିତ ହୋଇଗଲା (ତା'ର ମହତ୍ତ୍ୱ କଳନା କରିପାରିଲା ନାହିଁ), ସେହି ଦିବ୍ୟପ୍ରେମକୁ ପ୍ରାକୃତ (ଲୌକିକ) ବୋଲି କହିଲେ, ବଡ଼ ଦୋଷ ହେବ । ଶ୍ରୀରାମ ଓ ଭରତଙ୍କର ବିଚ୍ଛେଦ ବର୍ଣ୍ଣନା କରାଯାଇଛି ବୋଲି ଶୁଣିଲେ, ଲୋକେ କବିଙ୍କୁ କଠୋରହୃଦୟ ବୋଲି ଭାବିବେ ॥ ୧ ॥

**ସୋ ସକୋଚ ରସୁ ଅକଥ ସୁବାନୀ । ସମଉ ସନେହୁ ସୁମିରି ସକୁଚାନୀ ॥**
**ଭେଁଟି ଭରତୁ ରଘୁବର ସମୁଝାଏ । ପୁନି ରିପୁଦବନୁ ହରଷି ହିୟଁ ଲାଏ ॥ ୨ ॥**

ସେହି ମିଳନର ପ୍ରେମରସ ଅକଥନୀୟ । ଅତଏବ କବିର ଚତୁର ବାଣୀ ସେହି ପ୍ରେମକୁ ସ୍ମରଣ କରି ନିର୍ବାକ୍ ହୋଇଗଲା । ଭରତଙ୍କ ସହିତ ମିଳିତ ହୋଇ ରଘୁନାଥ ତାଙ୍କୁ ବହୁତ ବୁଝାଇଲେ । ତା'ପରେ ଉତ୍‌ଫୁଲ୍ଲ ହୋଇ ଶତ୍ରୁଘ୍ନଙ୍କୁ ହୃଦୟରେ ଲଗାଇଲେ ॥ ୨ ॥

**ସେୱକ ସଚିୱ ଭରତ ରୁଖ ପାଈ । ନିଜ ନିଜ କାଜ ଲଗେ ସବ ଜାଈ ॥**
**ସୁନି ଦାରୁନ ଦୁଖୁ ଦୁହୂଁ ସମାଜା । ଲଗେ ଚଲନ କେ ସାଜନ ସାଜା ॥ ୩ ॥**

ସେବକ ଓ ମନ୍ତ୍ରୀମାନେ ଭରତଙ୍କ ଇଚ୍ଛା ବୁଝିପାରି ନିଜ ନିଜ କାର୍ଯ୍ୟରେ ଲାଗିଗଲେ । ସବୁ ଶୁଣି ଉଭୟ ରାଜ୍ୟର ଲୋକଙ୍କ ମଧ୍ୟରେ ଦାରୁଣ ଦୁଃଖ ଖେଳିଗଲା । ସେମାନେ [ବାଧ୍ୟ ହୋଇ] ଫେରିବାପାଇଁ ପ୍ରସ୍ତୁତି ଆରମ୍ଭ କଲେ ॥ ୩ ॥

**ପ୍ରଭୁ ପଦ ପଦୁମ ବଂଦି ଦୋଉ ଭାଈ । ଚଲେ ସୀସ ଧରି ରାମ ରଜାଈ ॥**
**ମୁନି ତାପସ ବନଦେୱ ନିହୋରୀ । ସବ ସନମାନି ବହୋରି ବହୋରୀ ॥ ୪ ॥**

ପ୍ରଭୁଙ୍କ ଚରଣକମଳ ବନ୍ଦନା କରି ତଥା ଶ୍ରୀରାମଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଭରତ-ଶତ୍ରୁଘ୍ନ ଚାଲିଲେ । ସେମାନେ ମୁନି, ତପସ୍ୱୀ ଓ ବନଦେବତା ଆଦିଙ୍କୁ ବାରମ୍ବାର ସମାଦର କରି ସେମାନଙ୍କ ପାଖରେ ବିନତି ଜଣାଇଲେ ॥ ୪ ॥

ଦୋ:- **ଲଖନହି ଭେଁଟି ପ୍ରନାମୁ କରି ସିର ଧରି ସିୟ ପଦ ଧୂରି ।**
**ଚଲେ ସପ୍ରେମ ଅସୀସ ସୁନି ସକଲ ସୁମଂଗଲ ମୂରି ॥ ୩୧୮ ॥**

ତା'ପରେ ଦୁହେଁ ଲକ୍ଷ୍ମଣଙ୍କୁ ଭେଟିଲେ । ଶତ୍ରୁଘ୍ନ ତାଙ୍କୁ ପ୍ରଣାମ କଲେ ଏବଂ ଦୁହେଁ ସୀତାଙ୍କ ଚରଣଧୂଳି ମୁଣ୍ଡରେ ବୋଳି ହୋଇ ତଥା ତାଙ୍କର ମଙ୍ଗଳମୟ ଆଶୀର୍ବଚନ ଶୁଣି ସପ୍ରେମ ବିଦାୟ ନେଲେ ॥ ୩୧୮ ॥

**ସାନୁଜ ରାମ ନୃପହି ସିର ନାଇ । କୀହ୍ନି ବହୁତ ବିଧି ବିନୟ ବଡ଼ାଇ ॥**
**ଦେଓ୍ୱ ଦୟା ବସ ବଡ଼ ଦୁଖୁ ପାୟଉ । ସହିତ ସମାଜ କାନନହିଁ ଆୟଉ ॥ ୧ ॥**

ଅନୁଜ ଲକ୍ଷ୍ମଣସମେତ ଶ୍ରୀରାମ ମଥା ନତ କରି ରାଜା ଜନକଙ୍କୁ ପ୍ରଣାମ କରିବା ପରେ ତାଙ୍କୁ ବହୁପ୍ରକାରେ ବିନତି ଓ ପ୍ରଶଂସା କଲେ [ଏବଂ କହିଲେ,] ''ହେ ଦେବ ! ଆମ ପ୍ରତି ଦୟାପରବଶ ହୋଇ ଆପଣ ବହୁ ଦୁଃଖ ପାଇଲେ । ଆପଣ ସମସ୍ତଙ୍କୁ ଧରି ବନକୁ ଆସିଲେ ॥ ୧ ॥

**ପୁର ପଗୁ ଧାରିଅ ଦେଇ ଅସୀସା । କୀହ୍ନ ଧୀର ଧରି ଗଓ୍ୱନୁ ମହୀସା ॥**
**ମୁନି ମହିଦେଓ୍ୱ ସାଧୁ ସନମାନେ । ବିଦା କିଏ ହରି ହର ସମ ଜାନେ ॥ ୨ ॥**

ଏଥର ଆମକୁ ଆଶୀର୍ବାଦ ଦେଇ ନଗରକୁ ଫେରନ୍ତୁ ।'' ଏହା ଶୁଣି ରାଜା ଜନକ ଧୈର୍ଯ୍ୟ ଧରି ସେଠାରୁ ଗମନ କଲେ । ତା'ପରେ ଶ୍ରୀରାମ ମୁନି, ବ୍ରାହ୍ମଣ ଓ ସାଧୁମାନଙ୍କୁ ବିଷ୍ଣୁ ଓ ଶିବଙ୍କ ସମାନ ଜାଣି ସମ୍ମାନର ସହିତ ବିଦାୟ ଦେଲେ ॥ ୨ ॥

**ସାସୁ ସମୀପ ଗଏ ଦୋଉ ଭାଇ । ଫିରେ ବଂଦି ପଗ ଆସିଷ ପାଇ ॥**
**କୌସିକ ବାମଦେଓ୍ୱ ଜାବାଲୀ । ପୁରଜନ ପରିଜନ ସଚିଓ୍ୱ ସୁଚାଲୀ ॥ ୩ ॥**
**ଜଥା ଜୋଗୁ କରି ବିନୟ ପ୍ରନାମା । ବିଦା କିଏ ସବ ସାନୁଜ ରାମା ॥**
**ନାରି ପୁରୁଷ ଲଘୁ ମଧ୍ୟ ବଡ଼େରେ । ସବ ସନମାନି କୃପାନିଧି ଫେରେ ॥ ୪ ॥**

ତା'ପରେ ଶ୍ରୀରାମ-ଲକ୍ଷ୍ମଣ ଦୁଇଭାଇ ଶାଶୁ ସୁନୟନାଙ୍କ ନିକଟକୁ ଯାଇ ତାଙ୍କର ଚରଣ ବନ୍ଦନା କଲେ ଓ ଆଶୀର୍ବାଦ ନେଇ ଫେରିଲେ । ପୁଣି ବିଶ୍ୱାମିତ୍ର, ବାମଦେବ, ଜାବାଳି ଓ ଉତ୍ତମ ଆଚରଣସମ୍ପନ୍ନ କୁଟୁମ୍ବଲୋକ, ନଗରବାସୀ ଓ ମନ୍ତ୍ରୀଗଣ ଆଦିଙ୍କୁ ଯଥାଯୋଗ୍ୟ ବିନୟ ଓ ପ୍ରଣାମ ଜଣାଇ ବିଦାୟ ଦେଲେ । କୃପାନିଧାନ ଶ୍ରୀରାମ ଛୋଟ, ବଡ଼, ମଧ୍ୟମ ଆଦି ସବୁନରନାରୀଙ୍କୁ ସମ୍ମାନସହକାରେ ବିଦାୟ ଦେଲେ ॥ ୩-୪ ॥

ଦୋ:- **ଭରତ ମାତୁ ପଦ ବଂଦି ପ୍ରଭୁ ସୁଚି ସନେହଁ ମିଲି ଭେଁଟି ।**
**ବିଦା କୀହ୍ନ ସଜି ପାଲକୀ ସକୁଚ ସୋଚ ସବ ମେଟି ॥ ୩୧୯ ॥**

ଭରତଙ୍କ ମାତା କୈକେୟୀଙ୍କୁ ସାକ୍ଷାତ୍ କରି ପ୍ରଭୁ ଶ୍ରୀରାମ ତାଙ୍କ ଚରଣ ବନ୍ଦନା କଲେ ଏବଂ ପବିତ୍ର (ନିଷ୍କପଟ) ପ୍ରେମର ସହିତ ତାଙ୍କର ସମସ୍ତ ସଂକୋଚ ଓ ଶୋକ ଦୂର କରିଦେଇ, ତାଙ୍କୁ ପାଲିଙ୍କିରେ ବସାଇ ବିଦାୟ ଦେଲେ ॥ ୩୧୯ ॥

**ପରିଜନ ମାତୁ ପିତହି ମିଲି ସୀତା । ଫିରୀ ପ୍ରାନପ୍ରିୟ ପ୍ରେମ ପୁନୀତା ॥**
**କରି ପ୍ରନାମୁ ଭେଁଟୀଁ ସବ ସାସୂ । ପ୍ରୀତି କହତ କବି ହିୟଁ ନ ହୁଲାସୂ ॥ ୧ ॥**

ପତିପ୍ରେମଶୀଳା ସୀତା ପିତ୍ରାଳୟର ଆତ୍ମୀୟସ୍ୱଜନ ଓ ମାତାପିତାଙ୍କୁ ସାକ୍ଷାତ୍ କରି ଫେରିଆସିଲେ । ପୁଣି ସବୁଶାଶୁଙ୍କୁ ସାକ୍ଷାତ୍ କରି, ପ୍ରଣାମ କରି ସମସ୍ତଙ୍କୁ ହୃଦୟରେ ଲଗାଇଲେ । ସେମାନଙ୍କର ପ୍ରେମ ବର୍ଣ୍ଣନା କରିବାକୁ କବିର ହୃଦୟରେ [ଶକ୍ତି ଅଭାବ ହେତୁ] ସାହସ ପାଉନାହିଁ ॥ ୧ ॥

**ସୁନି ସିଖ ଅଭିମତ ଆସିଷ ପାଇ । ରହୀ ସୀୟ ଦୁହୁ ପ୍ରୀତି ସମାଇ ॥**
**ରଘୁପତି ପଟୁ ପାଲକୀଁ ମଗାଇଁ । କରି ପ୍ରବୋଧୁ ସବ ମାତୁ ଚଢ଼ାଇଁ ॥ ୨ ॥**

ସେମାନଙ୍କ ଠାରୁ ଉପଦେଶ ଓ ମନୋବାଞ୍ଛିତ ଆଶୀର୍ବାଦ ପାଇ ସୀତା ଶାଶୁମାନଙ୍କର ତଥା ମାତାପିତାଙ୍କର– ଉଭୟ ପକ୍ଷର ପ୍ରୀତିରେ ବହୁ ସମୟ ଧରି ନିମଜ୍ଜିତ ହୋଇ ରହିଗଲେ । ତା'ପରେ ଶ୍ରୀରଘୁନାଥ ସୁନ୍ଦର ପାଲିଙ୍କିମାନ ମଗାଇଲେ ଓ ମାଆମାନଙ୍କୁ ଆଶ୍ୱାସନା ଦେଇ ସେଥିରେ ବସାଇଦେଲେ ॥ ୨ ॥

**ବାର ବାର ହିଲି ମିଲି ଦୁହୁ ଭାଈଁ । ସମ ସନେହଁ ଜନନୀଂ ପହୁଁଚାଈଁ ॥**
**ସାଜି ବାଜି ଗଜ ବାହନ ନାନା । ଭରତ ଭୂପ ଦଲ କୀହ୍ନ ପୟାନା ॥ ୩ ॥**

ଦୁଇଭାଇ ସମାନ ପ୍ରେମର ସହିତ ମାଆମାନଙ୍କୁ ବାରମ୍ବାର ସାକ୍ଷାତ୍ କରି, ସେମାନଙ୍କୁ ବାଟେଇଦେଇ ଆସିଲେ । ଭରତ ଓ ମହାରାଜା ଜନକଙ୍କ ଲୋକମାନେ ହାତୀ, ଘୋଡ଼ା ଓ ନାନାପ୍ରକାର ବାହନ ସଜାଇ ସେଠାରୁ ପ୍ରସ୍ଥାନ କଲେ ॥ ୩ ॥

**ହୃଦୟଁ ରାମୁ ସିୟ ଲଖନ ସମେତା । ଚଲେ ଜାହିଁ ସବ ଲୋଗ ଅଚେତା ॥**
**ବସହ ବାଜି ଗଜ ପସୁ ହିୟଁ ହାରେଁ । ଚଲେ ଜାହିଁ ପରବସ ମନ ମାରେଁ ॥ ୪ ॥**

ସୀତା ଓ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମଙ୍କୁ ସ୍ମରଣ କରି କରି, ସବୁଲୋକ ନିଶ୍ଚେତ ପରି ହୋଇ ଚାଲିଥାନ୍ତି । ବଳଦ, ଘୋଡ଼ା ଓ ହାତୀ ଆଦି ଭାରବାହୀ ପଶୁମାନେ ହୃଦୟରେ ଅବସନ୍ନ ହୋଇ, ମନ ମାରି, ବାଧ୍ୟ ହୋଇ ଚାଲିଥାନ୍ତି ॥ ୪ ॥

ଦୋଃ- **ଗୁର ଗୁରତିୟ ପଦ ବଂଦି ପ୍ରଭୁ ସୀତା ଲଖନ ସମେତ ।**
**ଫିରେ ହରଷ ବିସମୟ ସହିତ ଆଏ ପରନ ନିକେତ ॥ ୩୨୦ ॥**

ଗୁରୁ ବଶିଷ୍ଠ ଓ ଗୁରୁପତ୍ନୀ ଅରୁନ୍ଧତୀଙ୍କ ଚରଣ ବନ୍ଦନା କରି ସୀତା ଓ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମ ହର୍ଷ ଓ ବିଷାଦପୂର୍ଣ୍ଣ ମନରେ ପର୍ଣ୍ଣକୁଟୀରକୁ ଫେରିଲେ ॥ ୩୨୦ ॥

**ବିଦା କୀହ୍ନ ସନମାନି ନିଷାଦୂ । ଚଲେଉ ହୃଦୟଁ ବଡ଼ ବିରହ ବିଷାଦୂ ॥**
**କୋଲ କିରାତ ଭିଲ୍ଲ ବନଚାରୀ । ଫେରେ ଫିରେ ଜୋହାରି ଜୋହାରୀ ॥ ୧ ॥**

ତା'ପରେ ସେ ସମ୍ମାନପ୍ରଦାନପୂର୍ବକ ନିଷାଦରାଜଙ୍କୁ ବିଦାୟ ଦେଲେ । ନିଷାଦରାଜ ଚାଲିଗଲେ ସତ, କିନ୍ତୁ ତାଙ୍କ ହୃଦୟରେ ବିଚ୍ଛେଦଜନିତ ପ୍ରବଳ ଦୁଃଖ ହେଉଥିଲା । ଶ୍ରୀରାମ କୋହ୍ଲ, କିରାତ, ଭୀଲ ଆଦି ବନବାସୀମାନଙ୍କୁ ବିଦାୟ ଦେଲେ । ସେମାନେ ସମସ୍ତେ ଜୁହାର କରି କରି ଫେରିଲେ ॥ ୧ ॥

**ପ୍ରଭୁ ସିୟ ଲଖନ ବୈଠି ବଟ ଛାହୀଁ । ପ୍ରିୟ ପରିଜନ ବିୟୋଗ ବିଲଖାହୀଁ ॥**
**ଭରତ ସନେହ ସୁଭାଉ ସୁବାନୀ । ପ୍ରିୟା ଅନୁଜ ସନ କହତ ବଖାନୀ ॥ ୨ ॥**

ପ୍ରଭୁ ଶ୍ରୀରାମ, ସୀତା ଓ ଲକ୍ଷ୍ମଣ ବଟବୃକ୍ଷର ଛାୟାରେ ବସି ପ୍ରିୟଜନ ଓ ପରିବାରବର୍ଗଙ୍କ ବିଚ୍ଛେଦ ଦୁଃଖରେ ସନ୍ତପ୍ତ ହେଲେ । ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କୁ ଭରତଙ୍କର ସ୍ନେହ, ସ୍ୱଭାବ ଓ ସୁନ୍ଦର ବଚନ ବିଷୟରେ କହି ପ୍ରଭୁ ତାଙ୍କର ବାରମ୍ବାର ପ୍ରଶଂସା କଲେ ॥ ୨ ॥

**ପ୍ରୀତି ପ୍ରତୀତି ବଚନ ମନ କରନୀ । ଶ୍ରୀମୁଖ ରାମ ପ୍ରେମ ବସ ବରନୀ ॥**
**ତେହି ଅୱସର ଖଗ ମୃଗ ଜଲ ମୀନା । ଚିତ୍ରକୂଟ ଚର ଅଚର ମଲୀନା ॥ ୩ ॥**

ଶ୍ରୀରାମ ପ୍ରେମବଶ ହୋଇ ଭରତଙ୍କ କାୟମନୋବାକ୍ୟରେ ପ୍ରସ୍ଫୁଟିତ ହେଉଥିବା ପ୍ରୀତି ଓ ବିଶ୍ୱାସ ବିଷୟ ନିଜ ମୁଖରେ ବର୍ଣ୍ଣନା କରିବାକୁ ଲାଗିଲେ । ତାହା ଦେଖି ପଶୁ, ପକ୍ଷୀ ଓ ଜଳରେ ରହୁଥିବା ମତ୍ସ୍ୟ ତଥା ଚିତ୍ରକୂଟର ସମସ୍ତ ଚରାଚର ଜୀବ ବିଷଣ୍ଣ ହୋଇଗଲେ ॥ ୩ ॥

**ବିବୁଧ ବିଲୋକି ଦସା ରଘୁବର କୀ । ବରଷି ସୁମନ କହି ଗତି ଘର ଘର କୀ ॥**
**ପ୍ରଭୁ ପ୍ରନାମୁ କରି ଦୀହ୍ନ ଭରୋସୋ । ଚଲେ ମୁଦିତ ମନ ଡର ନ ଖରୋ ସୋ ॥ ୪ ॥**

ରଘୁନାଥଙ୍କର ଅବସ୍ଥା ଦର୍ଶନ କରି ଦେବତାମାନେ ତାଙ୍କ ଉପରେ ପୁଷ୍ପବୃଷ୍ଟି କଲେ ଏବଂ ତାଙ୍କୁ ନିଜ ନିଜର ଦୁଃଖର କାହାଣୀ ଜଣାଇଲେ । ପ୍ରଭୁ ଶ୍ରୀରାମ ସେମାନଙ୍କୁ ପ୍ରଣାମ କରି ଅଭୟ ପ୍ରଦାନ କରିବା ପରେ ସେମାନେ ସନ୍ତୁଷ୍ଟ ହୋଇ ଫେରିଲେ; ସେମାନଙ୍କ ମନରେ ଆଉ ବିନ୍ଦୁମାତ୍ର ଭୟ ରହିଲା ନାହିଁ ॥ ୪ ॥

ଦୋ:- **ସାନୁଜ ସୀୟ ସମେତ ପ୍ରଭୁ ରାଜତ ପରନ କୁଟୀର ।**
**ଭଗତି ଗ୍ୟାନୁ ବୈରାଗ୍ୟ ଜନୁ ସୋହତ ଧରେଁ ସରୀର ॥ ୩୨୧ ॥**

ଅନୁଜ ଲକ୍ଷ୍ମଣ ଓ ସୀତାଙ୍କ ସହିତ ଶ୍ରୀରାମ ବୈରାଗ୍ୟ, ଭକ୍ତି ଓ ଜ୍ଞାନର ମୂର୍ତ୍ତିମନ୍ତ ବିଗ୍ରହ ଭଳି ପର୍ଣ୍ଣକୁଟୀର ମଧ୍ୟରେ ଶୋଭାପାଇଲେ ॥ ୩୨୧ ॥

**ମୁନି ମହିସୁର ଗୁର ଭରତ ଭୁଆଲୂ । ରାମ ବିରହଁ ସବୁ ସାଜୁ ବିହାଲୂ ॥**
**ପ୍ରଭୁ ଗୁନ ଗ୍ରାମ ଗନତ ମନ ମାହୀଁ । ସବ ଚୁପଚାପ ଚଲେ ମଗ ଜାହୀଁ ॥ ୧ ॥**

ତେଣେ ମୁନି, ବ୍ରାହ୍ମଣ, ଗୁରୁ ବଶିଷ୍ଠ, ଭରତ ଓ ମହାରାଜ ଜନକ–ସମସ୍ତେ ଶ୍ରୀରାମଙ୍କ ବିରହରେ ବିହ୍ୱଳ ହୋଇଯାଇଥାନ୍ତି। ମନେ ମନେ ପ୍ରଭୁଙ୍କର ଗୁଣାବଳୀ ସ୍ମରଣ କରି କରି ସେମାନେ ନିରବରେ ଚାଲିଥାନ୍ତି ॥ ୧ ॥

**ଜମୁନା ଉତରି ପାର ସବୁ ଭୟଉ । ସୋ ବାସରୁ ବିନୁ ଭୋଜନ ଗୟଉ ॥**
**ଉତରି ଦେଓସରି ଦୂସର ବାସୂ । ରାମସଖାଁ ସବ କୀହ୍ନ ସୁପାସୂ ॥ ୨ ॥**

ପ୍ରଥମ ଦିନ ସମସ୍ତେ ଯମୁନା ନଦୀ ପାର ହୋଇ ଆରକୂଳରେ ପହଞ୍ଚିଲେ । ସେହି ଦିନଟି ଅନାହାରରେ କଟିଗଲା । ଗଙ୍ଗା ପାର ହେବା ପରେ ଦ୍ୱିତୀୟ ବିରତି ଗଙ୍ଗା ଆରପଟେ ଶୃଙ୍ଗବେରପୁରରେ ହେଲା । ସେଠାରେ ରାମସଖା ନିଷାଦରାଜ ସେମାନଙ୍କର ସବୁ ସୁବ୍ୟବସ୍ଥା କରିଦେଲେ ॥ ୨ ॥

**ସଈ ଉତରି ଗୋମତୀଁ ନହାଏ । ଚୌଥେଁ ଦିଓସ ଅଓଧପୁର ଆଏ ॥**
**ଜନକୁ ରହେ ପୁର ବାସର ଚାରୀ । ରାଜ କାଜ ସବ ସାଜ ସଁଭାରୀ ॥ ୩ ॥**

ତା'ପରେ ସଈ ନଦୀ ପାର ହୋଇ ସମସ୍ତେ ଗୋମତୀ ନଦୀରେ ସ୍ନାନ କଲେ ଏବଂ ଚତୁର୍ଥ ଦିନ ସକାଳେ ଯାଇ ଅଯୋଧ୍ୟାରେ ପହଞ୍ଚିଲେ । ଜନକ ମହାରାଜା ଅଯୋଧ୍ୟାରେ ଚାରିଦିନ (କିଛିଦିନ) ରହି ରାଜକାର୍ଯ୍ୟ ତୁଲାଇବା ସହିତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିଦେଲେ ॥ ୩ ॥

**ସୌଁପି ସଚିଓ ଗୁର ଭରତହି ରାଜୂ । ତେରହୁତି ଚଲେ ସାଜି ସବୁ ସାଜୂ ॥**
**ନଗର ନାରି ନର ଗୁର ସିଖ ମାନୀ । ବସେ ସୁଖେନ ରାମ ରଜଧାନୀ ॥ ୪ ॥**

ମନ୍ତ୍ରୀମଣ୍ଡଳ, ଗୁରୁଦେବ ତଥା ଭରତଙ୍କ ଉପରେ ରାଜ୍ୟଭାର ସମର୍ପି ଦେଇ ଏବଂ ସକଳ ବ୍ୟବସ୍ଥା କରିଦେଇ ସେ ମିଥିଳା ଚାଲିଗଲେ । ନଗରର ନରନାରୀ ଗୁରୁଦେବଙ୍କ ଉପଦେଶ ମାନି ଶ୍ରୀରାମଙ୍କ ରାଜଧାନୀ ଅଯୋଧ୍ୟାରେ ସୁଖରେ କାଳଯାପନ କଲେ ॥ ୪ ॥

ଦୋ:- **ରାମ ଦରସ ଲଗି ଲୋଗ ସବ କରତ ନେମ ଉପବାସ ।**
**ତଜି ତଜି ଭୂଷନ ଭୋଗ ସୁଖ ଜିଅତ ଅଓଧି କୀଁ ଆସ ॥ ୩୨୨ ॥**

ସମସ୍ତେ ଶ୍ରୀରାମଙ୍କ ଦର୍ଶନ ପ୍ରତ୍ୟାଶାରେ ବ୍ରତ ଓ ଉପବାସ ପାଳନ କରିବାକୁ ଲାଗିଲେ । ସେମାନେ ଆଭୂଷଣ ଓ ସୁଖଭୋଗ ଛାଡ଼ିଦେଇ ଶ୍ରୀରାମଙ୍କ ବନବାସକାଳ ଶେଷ ହେବା ଆଶାରେ ବଞ୍ଚିରହିଲେ ॥ ୩୨୨ ॥

**ସଚିଓ୍ୱ ସୁସେଓ୍ୱକ ଭରତ ପ୍ରବୋଧେ । ନିଜ ନିଜ କାଜ ପାଇ ସିଖ ଓଧେ ॥**
**ପୁନି ସିଖ ଦୀହ୍ନି ବୋଲି ଲଘୁ ଭାଈ । ସୌଁପୀ ସକଲ ମାତୁ ସେଓ୍ୱକାଈ ॥ ୧ ॥**

ଭରତ ମନ୍ତ୍ରୀମାନଙ୍କୁ ତଥା ବିଶ୍ୱାସୀ ସେବକମାନଙ୍କୁ ବୁଝାଇ କାର୍ଯ୍ୟରେ ନିଯୁକ୍ତ କଲେ । ସେମାନେ ସମସ୍ତେ ସେହି ଉପଦେଶ ଗ୍ରହଣ କରି ନିଜ ନିଜର କାର୍ଯ୍ୟ କରିବାକୁ ଲାଗିଲେ । ତା'ପରେ ସାନଭାଇ ଶତ୍ରୁଘ୍ନଙ୍କୁ ଡାକି ଭରତ ଉପଦେଶ ଦେଲେ ଓ ତାଙ୍କ ଉପରେ ସବୁମାଆଙ୍କର ସେବାଭାର ଅର୍ପଣ କଲେ ॥ ୧ ॥

**ଭୂସୁର ବୋଲି ଭରତ କର ଜୋରେ । କରି ପ୍ରନାମ ବୟ ବିନୟ ନିହୋରେ ॥**
**ଊଁଚ ନୀଚ କାରଜୁ ଭଲ ପୋଚୂ । ଆୟସୁ ଦେବ ନ କରବ ସଁକୋଚୂ ॥ ୨ ॥**

ତା'ପରେ ଭରତ ବ୍ରାହ୍ମଣମାନଙ୍କୁ ଡକାଇ, ହାତ ଯୋଡ଼ି ପ୍ରଣାମ କରିବା ପରେ ଯଥାଯୋଗ୍ୟ ବିନୟ ଓ ପ୍ରାର୍ଥନା କରି କହିଲେ, ''ଆପଣମାନେ ଛୋଟବଡ଼, ଭଲମନ୍ଦ ଯେକୌଣସି କାର୍ଯ୍ୟ ସମ୍ବନ୍ଧରେ ଆଦେଶ କରିପାରିବେ; ସଂକୋଚ କରିବେ ନାହିଁ ।'' ॥ ୨ ॥

**ପରିଜନ ପୁରଜନ ପ୍ରଜା ବୋଲାଏ । ସମାଧାନୁ କରି ସୁବସ ବସାଏ ॥**
**ସାନୁଜ ଗେ ଗୁର ଗେହଁ ବହୋରୀ । କରି ଦଂଡଓ୍ୱତ କହତ କର ଜୋରୀ ॥ ୩ ॥**

ପୁଣି ସେ ପରିବାରର ଲୋକମାନଙ୍କୁ, ନାଗରିକମାନଙ୍କୁ ଓ ଅନ୍ୟ ପ୍ରଜାମାନଙ୍କୁ ଡକାଇ ସେମାନଙ୍କ ସମସ୍ୟାର ସମାଧାନ କରି ସୁଖରେ ରଖାଇଲେ । ତା'ପରେ ସାନଭାଇ ଶତ୍ରୁଘ୍ନ ସହିତ ଗୁରୁଦେବଙ୍କ ଆଶ୍ରମକୁ ଗଲେ ଓ ଦଣ୍ଡବତ୍ ପ୍ରଣାମ କରି, ହାତ ଯୋଡ଼ି ତାଙ୍କୁ କହିଲେ, ॥ ୩ ॥

**ଆୟସୁ ହୋଇ ତ ରହଉଁ ସନେମା । ବୋଲେ ମୁନି ତନ ପୁଲକି ସପେମା ॥**
**ସମୁଝବ କହବ କରବ ତୁହ୍ମ ଜୋଈ । ଧରମ ସାରୁ ଜଗ ହୋଇହି ସୋଈ ॥ ୪ ॥**

''ଯଦି ଆପଣ ଅନୁମତି ଦେବେ, ତେବେ ମୁଁ ନିୟମ-ପାଳନପୂର୍ବକ ରହିବି ।'' ଏହା ଶୁଣି ମୁନି ବଶିଷ୍ଠ ପୁଲକିତ ହୋଇ ସ୍ନେହର ସହିତ କହିଲେ, ''ହେ ଭରତ ! ତୁମେ ଯାହାକିଛି ବୁଝିବ, କହିବ ଓ କରିବ, ତାହାହିଁ ଜଗତରେ ଧର୍ମର ସାର ହୋଇଯିବ ।'' ॥ ୪ ॥

ଦୋː- **ସୁନି ସିଖ ପାଇ ଅସୀସ ବଡ଼ି ଗନକ ବୋଲି ଦିନୁ ସାଧି ।**
**ସିଂଘାସନ ପ୍ରଭୁ ପାଦୁକା ବୈଠାରେ ନିରୁପାଧି ॥ ୩୨୩ ॥**

ଏହା ଶୁଣି ତଥା ଉପଦେଶ ଓ ବିଶେଷ ଆଶୀର୍ବାଦ ପାଇ ଭରତ ଜ୍ୟୋତିଷୀମାନଙ୍କୁ ଡକାଇଲେ ଏବଂ ସେମାନଙ୍କ ଦ୍ୱାରା ଦିନ (ଶୁଭମୁହୂର୍ତ୍ତ) ନିର୍ଦ୍ଧାରଣ କରାଇ ଶ୍ରୀରାମ-ଚରଣପାଦୁକାକୁ ନିର୍ବିଘ୍ନରେ ଆନନ୍ଦସହକାରେ ସିଂହାସନରେ ପ୍ରତିଷ୍ଠିତ କରାଇଲେ ॥ ୩୨୩ ॥

**ରାମ ମାତୁ ଗୁର ପଦ ସିରୁ ନାଈ । ପ୍ରଭୁ ପଦ ପୀଠ ରଜାୟସୁ ପାଈ ॥**
**ନଂଦିଗାଓ୍ୱଁ କରି ପରନ କୁଟୀରା । କୀହ୍ନ ନିଓ୍ୱାସୁ ଧରମ ଧୁର ଧୀରା ॥ ୧ ॥**

ଶ୍ରୀରାମଜନନୀ କୌଶଲ୍ୟାଙ୍କ ଚରଣରେ ତଥା ଗୁରୁଙ୍କ ଚରଣରେ ନତମସ୍ତକ ହୋଇ ଏବଂ ଶ୍ରୀରାମଚରଣପାଦୁକାର ଆଜ୍ଞା ନେଇ, ଧର୍ମଧୁରନ୍ଧର ଧୀର ଭରତ ନନ୍ଦୀଗ୍ରାମରେ ଗୋଟିଏ ପର୍ଣ୍ଣକୁଟୀର ନିର୍ମାଣ କଲେ ଓ ସେଠାରେ ନିବାସ କଲେ ॥ ୧ ॥

**ଜଟାଜୂଟ ସିର ମୁନିପଟ ଧାରୀ । ମହି ଖନି କୁସ ସାଁଥରୀ ସଁୱାରୀ ॥**
**ଅସନ ବସନ ବାସନ ବ୍ରତ ନେମା । କରତ କଠିନ ରିଷିଧରମ ସପ୍ରେମା ॥ ୨ ॥**

ସେ ମସ୍ତକରେ ଜଟାମୁକୁଟ ଧାରଣ କଲେ ଓ ମୁନିସୁଲଭ ବଲ୍‌କଳ ପରିଧାନ କଲେ । ଭୂମିରେ ଗୋଟିଏ ଖାଲ କରି, ତା'ଭିତରେ କୁଶ ଆସନ ବିଛାଇ ବସିଲେ (ଉଦ୍ଦେଶ୍ୟ ଏହି ଯେ, ଶ୍ରୀରାମ ଯେଉଁ ଭୂମିରେ ବୁଲୁଛନ୍ତି, ସେବକର ସ୍ଥାନ ତା'ଠାରୁ ତଳେ ରହିବା ଉଚିତ) ।ଭୋଜନ, ବସନ, ବାସନକୁସନ, ବ୍ରତ, ନିୟମ–ସବୁବିଷୟରେ ସେ ଶ୍ରଦ୍ଧାର ସହିତ ମୁନିଋଷିଙ୍କ ପରି କଠୋର ଧର୍ମ ପାଳନ କରିବାକୁ ଲାଗିଲେ ॥ ୨ ॥

**ଭୂଷନ ବସନ ଭୋଗ ସୁଖ ଭୂରୀ । ମନ ତନ ବଚନ ତଜେ ତିନ ତୂରୀ ॥**
**ଅୱଧ ରାଜୁ ସୁର ରାଜୁ ସିହାଈ । ଦସରଥ ଧନୁ ସୁନି ଧନଦୁ ଲଜାଈ ॥ ୩ ॥**
**ତେହିଁ ପୁର ବସତ ଭରତ ବିନୁ ରାଗା । ଚଂଚରୀକ ଜିମି ଚଂପକ ବାଗା ॥**
**ରମା ବିଲାସୁ ରାମ ଅନୁରାଗୀ । ତଜତ ବମନ ଜିମି ଜନ ବଡ଼ଭାଗୀ ॥ ୪ ॥**

ସେ କାୟମନୋବାକ୍ୟରେ ଶପଥ କରି ଆଭୂଷଣ, ବସ୍ତ୍ର ଏବଂ ସକଳପ୍ରକାର ଭୋଗସୁଖ ତ୍ୟାଗ କରିଦେଲେ । ଯେଉଁ ଅଯୋଧ୍ୟାର ରାଜତ୍ୱକୁ ଇନ୍ଦ୍ର ବି ଈର୍ଷା କରନ୍ତି ଏବଂ ଯେଉଁ ରାଜ୍ୟର ଧନସମ୍ପଦ କଥା ଶୁଣି କୁବେର ମଧ୍ୟ ଲଜ୍ଜା ଅନୁଭବ କରନ୍ତି, ସେହି ଅଯୋଧ୍ୟାପୁରୀରେ ଭରତ ଚମ୍ପାବନରେ ଅନାସକ୍ତ ଭ୍ରମର ପରି ରହିବାକୁ ଲାଗିଲେ । ଶ୍ରୀରାମଙ୍କ ପ୍ରେମୀମାନେ ବଡ଼ ସୌଭାଗ୍ୟବାନ୍; ସେମାନେ ଲକ୍ଷ୍ମୀଙ୍କର ବିଳାସକୁ (ଭୋଗୈଶ୍ୱର୍ଯ୍ୟକୁ) ମଧ୍ୟ ବମନ (ବାନ୍ତି) ପରି ତ୍ୟାଗ କରିଦିଅନ୍ତି, [ପୁନର୍ବାର ସେ ଆଡ଼କୁ ଗ୍ରହାନ୍ତି ବି ନାହିଁ] ॥ ୩-୪ ॥

ଦୋ:- **ରାମ ପେମ ଭାଜନ ଭରତୁ ବଡ଼େ ନ ଏହିଁ କରତୂତି ।**
**ଚାତକ ହଂସ ସରାହିଅତ ଟେଁକ ବିବେକ ବିଭୂତି ॥ ୩୨୪ ॥**

କେବଳ ଆକାଶରୁ ଝରୁଥିବା ଜଳ ପିଇବାକୁ ପ୍ରତିଜ୍ଞା କରି ଚାତକ ପ୍ରଶଂସା ପାଏ ତାହାର ନିଷ୍ଠାପାଇଁ । କ୍ଷୀର ନୀରକୁ ପୃଥକ କରିଦେଇ ହଂସ ପ୍ରଶଂସା ପାଏ ତାହାର ବିବେକପାଇଁ । ରାମଭକ୍ତିରେ ନିଷ୍ଠା ଏବଂ ସମୟାନୁକୂଳ ଧର୍ମାଧର୍ମ ବିବେଚନା ତ ଭରତଙ୍କର ସହଜାତ ଗୁଣ । ତେଣୁ ସେପରି ନିଷ୍ଠା ଓ ଧର୍ମାଧର୍ମ ବିବେଚନାପାଇଁ ଯେ ଭରତ ବଡ଼ ହୋଇଗଲେ, ତାହା ନୁହେଁ; ସେ ବଡ଼ ହୋଇଗଲେ ସ୍ୱୟଂ ଶ୍ରୀରାମଙ୍କ ପ୍ରେମର ପାତ୍ର ହୋଇ ॥ ୩୨୪ ॥


ଚୌ:-**ଦେହ ଦିନହୁଁ ଦିନ ଦୂବରି ହୋଈ । ଘଟଇ ତେଜୁ ବଲୁ ମୁଖଛବି ସୋଈ ॥**
**ନିତ ନୱ ରାମ ପ୍ରେମ ପନୁ ପୀନା । ବଢ଼ତ ଧରମ ଦଲୁ ମନୁ ନ ମଲୀନା ॥ ୧ ॥**

ଭରତଙ୍କ ଶରୀର ଦିନୁଦିନ ଦୁର୍ବଳ ହେଉଥାଏ । ତାଙ୍କର ତେଜ (ଅନ୍ନ, ଘୃତ ଆଦିରୁ ଉତ୍ପନ୍ନ ମେଦ) ହ୍ରାସ ପାଉଥାଏ* । କିନ୍ତୁ ଆତ୍ମବଳ, ମୁଖକାନ୍ତି ପୂର୍ବବତ୍ ଅକ୍ଷୁଣ୍ଣ ଥାଏ । ଶ୍ରୀରାମଙ୍କ ପ୍ରତି ତାଙ୍କ ପ୍ରେମନିଷ୍ଠା ନିତ୍ୟନବୀନଭାବରେ ପୁଷ୍ଟ ହେଉଥାଏ ଓ ଧର୍ମନିଷ୍ଠା ବୃଦ୍ଧି ପାଉଥାଏ । ତାଙ୍କ ମନରେ ବିଷଣ୍ଣତା ନ ଥାଏ (ପ୍ରସନ୍ନତା ଖେଳିଯାଉଥାଏ) ॥ ୧ ॥

**ଜିମି ଜଲୁ ନିଘଟତ ସରଦ ପ୍ରକାସେ । ବିଲସତ ବେତସ ବନଜ ବିକାସେ ॥**
**ସମ ଦମ ସଂଜମ ନିୟମ ଉପାସା । ନଖତ ଭରତ ହିୟ ବିମଲ ଅକାସା ॥ ୨ ॥**

---

* ଟୀକାକାର ସଂସ୍କୃତ ଭାଷାକୋଷ ଅନୁଯାୟୀ 'ତେଜ' ଶବ୍ଦକୁ ମେଦ ଅର୍ଥରେ ଗ୍ରହଣ କରିଛନ୍ତି । ଏଠାରେ ପ୍ରସଙ୍ଗ ଅନୁଯାୟୀ ବୁଝିବାକୁ ହେବ ଯେ, ଭୋଜନ ତଥା ବିଳାସବ୍ୟସନ ପ୍ରତି ଉଦାସୀନ ରହିବାରୁ ଭରତଙ୍କ ଶରୀରର ପୃଥୁଳତା ବା ମେଦ ହ୍ରାସ ପାଉଥିବାବେଳେ ଶ୍ରୀରାମଙ୍କ ପ୍ରତି ପ୍ରେମ, ନିଷ୍ଠା, ପ୍ରସନ୍ନତା ପରି ମାନସିକ ପବିତ୍ରତା ଯୋଗୁଁ ତାଙ୍କର ଜ୍ୟୋତି ବିକଶିତ ହେଉଥାଏ ।




ଶ୍ରୀଭରତ ଶ୍ରୀରାମଙ୍କର ପାଦୁକା ପୂଜା କରୁଛନ୍ତି

ଯେପରି ଶରତଋତୁର ଆଗମନରେ ସରୋବରର ଜଳ କମି ଆସିଲେ ମଧ୍ୟ ବେତଲତା ଶୋଭାପାଏ ଏବଂ ପଦ୍ମ ଫୁଟେ, [ସେହିପରି ଶରୀର ଶୀର୍ଣ୍ଣ ହୋଇଥିଲେ ମଧ୍ୟ ଭରତଙ୍କ ଆତ୍ମବଳ ଓ କାନ୍ତି ବୃଦ୍ଧି ପାଉଥାଏ ।] ଭରତଙ୍କ ହୃଦୟରୂପୀ ନିର୍ମଳ ଆକାଶରେ ଶମ, ଦମ, ସଂଯମ, ନିୟମ ଓ ଉପବାସରୂପକ ନକ୍ଷତ୍ରମାନେ ଉଦ୍‌ଭାସିତ ହେଉଥାନ୍ତି ॥ ୨ ॥

**ଧ୍ରୁଅ୍ୱ ବିସ୍ୱାସୁ ଅଅ୍ୱଧି ରାକା ସୀ । ସ୍ୱାମି ସୁରତି ସୁରବୀଥି ବିକାସୀ ॥**
**ରାମ ପେମ ବିଧୁ ଅଚଲ ଅଦୋଷା । ସହିତ ସମାଜ ସୋହ ନିତ ଚୋଖା ॥ ୩ ॥**

ଚଉଦବର୍ଷ ପରେ ଶ୍ରୀରାମ ଅବଶ୍ୟ ଫେରିବେ—ଏହି ବିଶ୍ୱାସ ହୋଇଗଲା ତାଙ୍କର ହୃଦୟ ଆକାଶର ଧ୍ରୁବତାରା; ଚଉଦବର୍ଷ—ଅବଧିର ଧ୍ୟାନ ହୋଇଗଲା ପୂର୍ଣ୍ଣିମା, ପ୍ରଭୁ ଶ୍ରୀରାମଙ୍କ ସ୍ମୃତି ହୋଇଗଲା ଆକାଶଗଙ୍ଗା ଏବଂ ରାମପ୍ରେମ ହୋଇଗଲା ଅଚଞ୍ଚଳ ଓ ଅକଳଙ୍କ ଶଶଧର । ସେହି ଶଶଧର ତା'ର ସମାଜ (ନକ୍ଷତ୍ରପୁଞ୍ଜ) ସହିତ ନିତ୍ୟସୁନ୍ଦର ଓ ସୁଶୋଭିତ ହେଉଥାଏ ॥ ୩ ॥

**ଭରତ ରହନି ସମୁଝନି କରତୂତୀ । ଭଗତି ବିରତି ଗୁନ ବିମଲ ବିଭୂତୀ ॥**
**ବରନତ ସକଲ ସୁକବି ସକୁଚାହୀଁ । ସେସ ଗନେସ ଗିରା ଗମୁ ନାହୀଁ ॥ ୪ ॥**

ଭରତଙ୍କର ସ୍ଥିତି, ବୁଦ୍ଧି, କର୍ମ, ଭକ୍ତି, ବୈରାଗ୍ୟ, ନିର୍ମଳଗୁଣ ଓ ଐଶ୍ୱର୍ଯ୍ୟର ବର୍ଣ୍ଣନା କରିବାକୁ ସବୁ କବି [ଅସମର୍ଥତା ହେତୁ] ସଂକୋଚ ବୋଧ କରୁଥାନ୍ତି; କାରଣ ତାହାର ବର୍ଣ୍ଣନା ସ୍ୱୟଂ ଶେଷଦେବ, ଗଣେଶ ଏବଂ ସରସ୍ୱତୀଙ୍କ ପକ୍ଷରେ ମଧ୍ୟ ଅସାଧ୍ୟ ॥ ୪ ॥

ଦୋ:- **ନିତ ପୂଜତ ପ୍ରଭୁ ପାଁଅ୍ୱରୀ ପ୍ରୀତି ନ ହୃଦୟଁ ସମାତି ।**
**ମାଗି ମାଗି ଆୟସୁ କରତ ରାଜ କାଜ ବହୁ ଭାଁତି ॥ ୩୨୫ ॥**

ସେ ପ୍ରତିଦିନ ପ୍ରଭୁଙ୍କର ପାଦୁକା ଦୁଇଟିକୁ ପୂଜା କରୁଥାନ୍ତି । ତାଙ୍କ ହୃଦୟରୁ ପ୍ରେମ ଉଚ୍ଛୁଳିପଡୁଥାଏ । ପାଦୁକାକୁ ନିର୍ଦ୍ଦେଶ ମାଗି ସେ ସକଳପ୍ରକାର ରାଜକାର୍ଯ୍ୟ ସମ୍ପାଦନ କରୁଥାନ୍ତି ॥ ୩୨୫ ॥

**ପୁଲକ ଗାତ ହିୟଁ ସିୟ ରଘୁବୀରୂ । ଜୀହ ନାମୁ ଜପ ଲୋଚନ ନୀରୂ ॥**
**ଲଖନ ରାମ ସିୟ କାନନ ବସହୀଁ । ଭରତୁ ଭଅ୍ୱନ ବସି ତପ ତନୁ କସହୀଁ ॥ ୧ ॥**

ତାଙ୍କ ଶରୀର ପୁଲକିତ ହେଉଥାଏ; ହୃଦୟରେ ସୀତାରାମ ବିରାଜିତ ଥାଆନ୍ତି; ଜିହ୍ୱା 'ରାମ'ନାମ ଜପରେ ମଗ୍ନ ଥାଏ ଏବଂ ନେତ୍ର ପ୍ରେମାଶ୍ରୁଜଳରେ ପ୍ଲାବିତ ହେଉଥାଏ । ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ସିନା ବନବାସ କରୁଥିଲେ; କିନ୍ତୁ ଭରତ ଘରେ ରହି ମଧ୍ୟ ତପସ୍ୟା କରି ଶରୀରକୁ କୃଶ କରୁଥିଲେ ॥ ୧ ॥

**ଦୋଉ ଦିସି ସମୁଝି କହତ ସବୁ ଲୋଗୂ । ସବ ବିଧି ଭରତ ସରାହନ ଜୋଗୂ ॥**
**ସୁନି ବ୍ରତ ନେମ ସାଧୁ ସକୁଚାହୀଁ । ଦେଖି ଦସା ମୁନିରାଜ ଲଜାହୀଁ ॥ ୨ ॥**

ଅରଣ୍ୟ ଓ ନନ୍ଦୀଗ୍ରାମ—ଉଭୟ ସ୍ଥାନର ସ୍ଥିତି ବିଷୟ ବିଚାର କରି ଲୋକେ କହୁଥାନ୍ତି, "ଭରତ ସକଳପ୍ରକାରେ ପ୍ରଶଂସାର ଯୋଗ୍ୟ ।" ତାଙ୍କର ବ୍ରତ ଓ ନିଷ୍ଠା କଥା ଶୁଣି ସାଧୁସନ୍ଥମାନେ ମଧ୍ୟ ନିଜ ତପସ୍ୟାକୁ ତୁଚ୍ଛ ମନେ କରୁଥିଲେ ଏବଂ ତାଙ୍କର ପ୍ରେମନିଷ୍ଠା ଦେଖି ଶ୍ରେଷ୍ଠମୁନିମାନେ ମଧ୍ୟ ଲଜ୍ଜିତ ହେଉଥିଲେ ॥ ୨ ॥

**ପରମ ପୁନୀତ ଭରତ ଆଚରନୂ । ମଧୁର ମଂଜୁ ମୁଦ ମଂଗଲ କରନୂ ॥**
**ହରନ କଠିନ କଲି କଲୁଷ କଲେସୂ । ମହାମୋହ ନିସି ଦଲନ ଦିନେସୂ ॥ ୩ ॥**

ଭରତଙ୍କର ପରମ ପବିତ୍ର ଆଚରଣ (ଚରିତ୍ର) ଥିଲା ମଧୁର, ସୁନ୍ଦର, ଆନନ୍ଦମୟ, ମଙ୍ଗଳକର ତଥା କଳିଯୁଗର କ୍ଳେଶହରଣକାରୀ । ତାହା ଥିଲା ମହାମୋହରୂପୀ ରାତ୍ରିକୁ ଦଳନ କରିଦେବାପାଇଁ ସୂର୍ଯ୍ୟ ପରି ॥ ୩ ॥

**ପାପ ପୁଂଜ କୁଂଜର ମୃଗରାଜୂ । ସମନ ସକଲ ସଂତାପ ସମାଜୂ ॥**
**ଜନ ରଂଜନ ଭଂଜନ ଭଓ୍ୱ ଭାରୂ । ରାମ ସନେହ ସୁଧାକର ସାରୂ ॥ ୪ ॥**

ପୁଣି ତାହା ଥିଲା ପାପସମୂହରୂପୀ ହସ୍ତୀନିମନ୍ତେ ସିଂହ ପରି । ତାହା ଥିଲା ସମସ୍ତ ସନ୍ତାପର ଉପଶମକାରୀ; ଭକ୍ତମାନଙ୍କର ଆହ୍ଲାଦକାରୀ ଏବଂ ଭବଭାର(ସଂସାରଦୁଃଖ) ନିବାରକ ତଥା ରାମପ୍ରେମରୂପୀ ଚନ୍ଦ୍ରର ସାର (ଅମୃତ)ସ୍ୱରୂପ ॥ ୪ ॥

ଛନ୍ଦ- **ସିଯ୍ ରାମ ପ୍ରେମ ପିଯୂଷ ପୂରନ ହୋତ ଜନମୁ ନ ଭରତ କୋ ।**
**ମୁନି ମନ ଅଗମ ଜମ ନିଯ୍ମ ସମ ଦମ ବିଷମ ବ୍ରତ ଆଚରତ କୋ ॥**
**ଦୁଖ ଦାହ ଦାରିଦ ଦଂଭ ଦୂଷନ ସୁଜସ ମିସ ଅପହରତ କୋ ।**
**କଲିକାଲ ତୁଲସୀ ସେ ସଠହ୍ନି ହଠି ରାମ ସନମୁଖ କରତ କୋ ॥**

ସୀତାରାମପ୍ରେମରୂପୀ ଅମୃତରେ ପୂର୍ଣ୍ଣ ଭରତ ଯଦି ଜନ୍ମ ହୋଇ ନ ଥାନ୍ତେ, ତେବେ ଯମ, ନିୟମ, ଶମ, ଦମ ଆଦି କଠିନ ବ୍ରତ, ଯାହା କି ମୁନିମାନଙ୍କ ପାଇଁ ମଧ୍ୟ ଅଗମ୍ୟ, ସେହିସବୁ ବ୍ରତ କିଏ ପାଳନ କରନ୍ତା ? ସଂସାରର ଦୁଃଖ, ସନ୍ତାପ, ଦାରିଦ୍ର୍ୟ, ଦମ୍ଭ ଆଦି ଦୋଷକୁ ନିଜର ସୁଯଶମାଧ୍ୟମରେ କିଏ ବା ହରଣ କରନ୍ତା ? ଏବଂ ଏହି କଳିକାଳରେ ତୁଳସୀଦାସ ପରି ଶଠମାନଙ୍କୁ କିଏ ଭଲା ବଳପୂର୍ବକ ଶ୍ରୀରାମଙ୍କ ସମ୍ମୁଖୀକୁ ଆଣିପାରନ୍ତା ? ॥

ସୋ:- **ଭରତ ଚରିତ କରି ନେମୁ ତୁଲସୀ ଜୋ ସାଦର ସୁନହିଁ ।**
**ସୀଯ୍ ରାମ ପଦ ପେମୁ ଅଓ୍ୱସି ହୋଇ ଭଓ୍ୱ ରସ ବିରତି ॥ ୩୨୬ ॥**

ତୁଳସୀଦାସ କହୁଛନ୍ତି, ଯେ କେହି ହୁଅନ୍ତୁ ନା କାହିଁକି, ସେମାନେ ଯଦି ଶ୍ରଦ୍ଧାର ସହିତ ନିୟମିତଭାବରେ ଭରତ-ଚରିତ ଶ୍ରବଣ କରିବେ, ତେବେ ଶ୍ରୀସୀତାରାମଙ୍କ ଚରଣକମଳରେ ସେମାନଙ୍କର ନିଶ୍ଚିତଭାବରେ ପ୍ରେମ ହୋଇଯିବ ଏବଂ ସାଂସାରିକ ବିଷୟରସରୁ ବୈରାଗ୍ୟ ଆସିଯିବ ॥ ୩୨୬ ॥

**ମାସପାରାୟଣ, ଏକବିଂଶ ବିଶ୍ରାମ**

*ଇତି ଶ୍ରୀମଦ୍‌ରାମଚରିତମାନସେ ସକଳକଳିକଲୁଷବିଧ୍ୱଂସନେ*
*ଦ୍ୱିତୀୟଃ ସୋପାନଃ ସମାପ୍ତଃ ।*
*କଳିଯୁଗର ସକଳପାପବିଧ୍ୱଂସନକାରୀ ଶ୍ରୀରାମଚରିତମାନସର*
*ଦ୍ୱିତୀୟ ସୋପାନ ସମାପ୍ତ ହେଲା ।*

**—ଅଯୋଧ୍ୟାକାଣ୍ଡ ସମାପ୍ତ—**

◆◆◆

ଶ୍ରୀଗଣେଶାୟ ନମଃ

ଶ୍ରୀଜାନକୀବଲ୍ଲଭୋ ବିଜୟତେ

# ଶ୍ରୀରାମଚରିତମାନସ

## ତୃତୀୟ ସୋପାନ

# ଅରଣ୍ୟକାଣ୍ଡ

## ମଙ୍ଗଳାଚରଣ

**ମୂଳଂ ଧର୍ମତରୋର୍ବିବେକଜଲଧେଃ ପୂର୍ଣ୍ଣେନ୍ଦୁମାନନ୍ଦଦଂ**
**ବୈରାଗ୍ୟାମ୍ବୁଜଭାସ୍କରଂ ହ୍ୟଘଘନଧ୍ୱାନ୍ତାପହଂ ତାପହମ୍ ।**
**ମୋହାମ୍ଭୋଧରପୂଗପାଟନବିଧୌ ସ୍ୱଃସମ୍ଭବଂ ଶଙ୍କରଂ**
**ବନ୍ଦେ ବ୍ରହ୍ମକୁଳଂ କଳଙ୍କଶମନଂ ଶ୍ରୀରାମଭୂପପ୍ରିୟମ୍ ॥ ୧ ॥**

ଭଗବାନ୍ ଶଙ୍କର ହେଉଛନ୍ତି ଧର୍ମରୂପୀ ବୃକ୍ଷର ମୂଳ, ବିବେକରୂପୀ ସମୁଦ୍ର ନିମନ୍ତେ ଆନନ୍ଦପ୍ରଦ ପୂର୍ଣ୍ଣଚନ୍ଦ୍ର, ବୈରାଗ୍ୟରୂପୀ କମଳ ନିମନ୍ତେ ସୂର୍ଯ୍ୟ, ପାପରୂପୀ ଘୋର ଅନ୍ଧକାରର ନିଶ୍ଚିତ ବିନାଶକ, ତ୍ରିତାପହାରୀ, ମୋହରୂପୀ ମେଘପୁଞ୍ଜକୁ ଛିନ୍ନଭିନ୍ନ କରିବାରେ ଆକାଶରୁ ଉତ୍ପନ୍ନ ପବନସ୍ୱରୂପ, ବ୍ରହ୍ମାଙ୍କ ବଂଶଜ ତଥା କଳଙ୍କନାଶକ ମହାରାଜା ଶ୍ରୀରାମଙ୍କର ପ୍ରିୟ । ସେହି ଶଙ୍କର ଭଗବାନଙ୍କୁ ମୁଁ ବନ୍ଦନା କରୁଛି ॥ ୧ ॥

**ସାନ୍ଦ୍ରାନନ୍ଦପୟୋଦସୌଭଗତନୁଂ ପୀତାମ୍ବରଂ ସୁନ୍ଦରଂ**
**ପାଣୌ ବାଣଶରାସନଂ କଟିଲସତ୍ତୂଣୀରଭାରଂ ବରମ୍ ।**
**ରାଜୀବାୟତଲୋଚନଂ ଧୃତଜଟାଜୂଟେନ ସଂଶୋଭିତଂ**
**ସୀତାଲକ୍ଷ୍ମଣସଂୟୁତଂ ପଥିଗତଂ ରାମାଭିରାମଂ ଭଜେ ॥ ୨ ॥**

ଯାହାଙ୍କ ଶରୀର ଜଳପୂର୍ଣ୍ଣ ମେଘ ପରି ସୁନ୍ଦର (ଶ୍ୟାମବର୍ଣ୍ଣ), ଯେ ଆନନ୍ଦଘନ, ଯେ ସୁନ୍ଦର [ବଲ୍କଳର] ପୀତବସ୍ତ୍ର ପିନ୍ଧିଛନ୍ତି, ଯାହାଙ୍କ ହସ୍ତରେ ଧନୁ ଓ ଶର ସୁଶୋଭିତ ଏବଂ କଟିଦେଶ ସୁନ୍ଦର ତୂଣୀରରେ ସୁଶୋଭିତ, ଯାହାଙ୍କର ଲୋଚନ ପଦ୍ମସମାନ ବିଶାଳ, ଯେ ଜଟାଜୂଟ ଧାରଣ କରିଛନ୍ତି, ସୀତା ଓ ଲକ୍ଷ୍ମଣଙ୍କ ସହିତ ମାର୍ଗରେ ଚାଲୁଥିବା ସେହି ଶୋଭାୟମାନ ଆନନ୍ଦକନ୍ଦ ଶ୍ରୀରାମଚନ୍ଦ୍ରଙ୍କୁ ମୁଁ ବନ୍ଦନା କରୁଛି ॥ ୨ ॥

ସୋ:- **ଉମା ରାମ ଗୁନ ଗୂଢ଼ ପଂଡିତ ମୁନି ପାୱହିଁ ବିରତି ।**
**ପାୱହିଁ ମୋହ ବିମୂଢ଼ ଜେ ହରି ବିମୁଖ ନ ଧର୍ମ ରତି ॥**

ହେ ପାର୍ବତୀ ! ଶ୍ରୀରାମଙ୍କର ଗୁଣରାଶି ହେଉଛି ଅତ୍ୟନ୍ତ ଗୂଢ଼ । ସେହି ଗୁଣରାଶି ହୃଦୟଙ୍ଗମ କରି ମୁନି ଓ ପଣ୍ଡିତମାନେ ବୈରାଗ୍ୟ ଲାଭ କରନ୍ତି; କିନ୍ତୁ ଯେଉଁମାନେ ଭଗବଦ୍‌ବିମୁଖ ତଥା ଯେଉଁମାନଙ୍କର ଧର୍ମ ପ୍ରତି ପ୍ରେମ ନାହିଁ, ସେହି ମହାମୂଢ଼ମାନେ ତାହା ଶୁଣି ମୋହଗ୍ରସ୍ତ ହୋଇଯାଆନ୍ତି ।

**ପୁର ନର ଭରତ ପ୍ରୀତି ମୈଁ ଗାଈ । ମତି ଅନୁରୂପ ଅନୂପ ସୁହାଈ ॥**
**ଅବ ପ୍ରଭୁ ଚରିତ ସୁନହୁ ଅତି ପାୱନ । କରତ ଜେ ବନ ସୁର ନର ମୁନି ଭାୱନ ॥ ୧ ॥**

ମୋ ବୁଦ୍ଧି ଅନୁସାରେ ମୁଁ ଅଯୋଧ୍ୟାପୁରବାସୀଙ୍କର ତଥା ଭରତଙ୍କର ଅପୂର୍ବ ସୁନ୍ଦର ପ୍ରେମଗାଥା ଗାନ କଲି । ଏଥର ସୁର-ନର-ମୁନିପ୍ରିୟ ପ୍ରଭୁ ଶ୍ରୀରାମଙ୍କର ଅତି ପବିତ୍ର ଅରଣ୍ୟଲୀଳା ଶ୍ରବଣ କର ॥ ୧ ॥

**ଏକ ବାର ଚୁନି କୁସୁମ ସୁହାଏ । ନିଜ କର ଭୂଷନ ରାମ ବନାଏ ॥**
**ସୀତହି ପହିରାଏ ପ୍ରଭୁ ସାଦର । ବୈଠେ ଫଟିକ ସିଲା ପର ସୁଂଦର ॥ ୨ ॥**

ଥରେ ପ୍ରଭୁ ଶ୍ରୀରାମ ସୁନ୍ଦର ଫୁଲଗୁଡ଼ିଏ ତୋଳି ନିଜ ହାତରେ ନାନାପ୍ରକାର ଆଭୂଷଣ ତିଆରି କଲେ ଏବଂ ଗୋଟିଏ ସୁନ୍ଦର ସ୍ଫଟିକଶିଳା ଉପରେ ବସି ଅତି ଆଦରରେ ସେଗୁଡ଼ିକ ସୀତାଙ୍କୁ ପିନ୍ଧାଇଦେଲେ ॥ ୨ ॥

**ସୁରପତି ସୁତ ଧରି ବାୟସ ବେଷା । ସଠ ଚାହତ ରଘୁପତି ବଲ ଦେଖା ॥**
**ଜିମି ପିପୀଲିକା ସାଗର ଥାହା । ମହା ମଂଦମତି ପାୱନ ଚାହା ॥ ୩ ॥**

ତେଣେ ସାମାନ୍ୟ ପିମ୍ପୁଡ଼ିଟାଏ ଅତଳ ସମୁଦ୍ରର ଗଭୀରତା ମାପିବାକୁ ଇଚ୍ଛା କରିବାପରି ଦେବରାଜ ଇନ୍ଦ୍ରଙ୍କର ମହାମନ୍ଦବୁଦ୍ଧି ମୂର୍ଖପୁତ୍ର ଜୟନ୍ତ । କୁଆରୂପ ଧରି ଶ୍ରୀରଘୁନାଥଙ୍କର ବଳ ପରୀକ୍ଷା କରିବାକୁ ଇଚ୍ଛା କଲା ॥ ୩ ॥

**ସୀତା ଚରନ ଚୋଁଚ ହତି ଭାଗା । ମୂଢ଼ ମଂଦମତି କାରନ କାଗା ॥**
**ଚଲା ରୁଧିର ରଘୁନାୟକ ଜାନା । ସୀଁକ ଧନୁଷ ସାୟକ ସଂଧାନା ॥ ୪ ॥**

ସେହି ମୂଢ଼ ମନ୍ଦମତି ଛଦ୍ମବେଶୀ କୁଆ ଆସି, ସୀତାଙ୍କ ପାଦକୁ ଥଣ୍ଟରେ ଖୁମ୍ପିଦେଇ ପଳାଇଗଲା । ସୀତାଙ୍କ ପାଦରୁ ରକ୍ତ ଝରିଲା; ତାହା ଦେଖି ଶ୍ରୀରଘୁନାଥ ଧନୁରେ ଶରଘାସର ନାଡ଼ଟିଏ ବାଣରୂପେ ଖଞ୍ଜି ସେହି କୁଆ ଉପରକୁ ଛାଡ଼ିଦେଲେ ॥ ୪ ॥

ଦୋ:- **ଅତି କୃପାଲ ରଘୁନାୟକ ସଦା ଦୀନ ପର ନେହ ।**
**ତା ସନ ଆଇ କୀନ୍ହ ଛଲୁ ମୂରଖ ଅୱଗୁନ ଗେହ ॥ ୧ ॥**

ଯେଉଁ ରଘୁନାଥ ପରମ ଦୟାଳୁ ଓ ସଦାସର୍ବଦା ଦୀନମାନଙ୍କ ପ୍ରତି ସ୍ନେହଶୀଳ, ମହାମୂର୍ଖ ଅବଗୁଣର ଭଣ୍ଡାର ଜୟନ୍ତ ତାଙ୍କ ପ୍ରତି କପଟ ଆଚରଣ କଲା ॥ ୧ ॥

**ପ୍ରେରିତ ମଂତ୍ର ବ୍ରହ୍ମସର ଧାୱା । ଚଲା ଭାଜି ବାୟସ ଭୟ ପାୱା ॥**
**ଧରି ନିଜ ରୂପ ଗୟଉ ପିତୁ ପାହୀଁ । ରାମ ବିମୁଖ ରାଖା ତେହି ନାହୀଁ ॥ ୧ ॥**

ମନ୍ତ୍ରଦ୍ୱାରା ପ୍ରେରିତ ସେହି ବ୍ରହ୍ମବାଣ ମହାବେଗରେ ଛୁଟିଗଲା । ବାଣ ଦେଖି ସେହି କୁଆ ଭୀତତ୍ରସ୍ତ ହୋଇ ପଳାଇଯିବାକୁ ଲାଗିଲା । ନିଜର ପ୍ରକୃତ ରୂପ ଧରି ସେ ତା' ପିତା ଇନ୍ଦ୍ରଙ୍କ ପାଖକୁ ଗଲା; କିନ୍ତୁ ତାକୁ ରାମବିରୋଧୀ ବୋଲି ଜାଣି ଇନ୍ଦ୍ର ଆଶ୍ରୟ ଦେଲେ ନାହିଁ॥ ୧ ॥

**ଭା ନିରାସ ଉପଜୀ ମନ ତ୍ରାସା । ଜଥା ଚକ୍ର ଭୟ ରିଷି ଦୁର୍ବାସା ॥**
**ବ୍ରହ୍ମଧାମ ସିୱପୁର ସବ ଲୋକା । ଫିରା ଶ୍ରମିତ ବ୍ୟାକୁଲ ଭୟ ସୋକା ॥ ୨ ॥**

ଫଳରେ ସେ ନିରାଶ ହୋଇଗଲା । ଚକ୍ର ଗୋଡ଼ାଇଥିବାବେଳେ ଋଷି ଦୁର୍ବାସାଙ୍କ ମନରେ ଯେପରି ଭୟ ଜାତ ହୋଇଯାଇଥିଲା, ତା'ମନରେ ସେହିପରି ଭୟ ଜାତ ହୋଇଗଲା । ଭୟ ଓ ଶୋକରେ ବ୍ୟାକୁଳ ହୋଇ ସେ ଆଶ୍ରୟ ଖୋଜି ଖୋଜି ବ୍ରହ୍ମଲୋକ, ଶିବଲୋକ ଆଦି ସବୁଲୋକ ବୁଲିଗଲା ॥ ୨ ॥

**କାହୂଁ ବୈଠନ କହା ନ ଓହୀ । ରାଖି କো ସକଇ ରାମ କର ଦ୍ରୋହୀ ॥**
**ମାତୁ ମୃତ୍ୟୁ ପିତୁ ସମନ ସମାନା । ସୁଧା ହୋଇ ବିଷ ସୁନୁ ହରିଜାନା ॥ ୩ ॥**

[କିନ୍ତୁ ଆଶ୍ରୟ ଦେବା ତ ଦୂରର କଥା,] ତାକୁ କେହି ଟିକିଏ ବସିବାକୁ ବି ସ୍ଥାନ ଦେଲେ ନାହିଁ । ରାମଦ୍ରୋହୀକୁ କିଏ ବା ଆଶ୍ରୟ ଦେବ ! [କାକଭୁଶୁଣ୍ଡି କହିଲେ–] ହେ ଗରୁଡ଼ ! ଶୁଣ, ରାମଦ୍ରୋହୀ ପକ୍ଷରେ ନିଜ ମାଆ ମୃତ୍ୟୁ ସମାନ, ବାପା ଯମ ସମାନ ଏବଂ ଅମୃତ ବିଷ ସମାନ ହୋଇଯାଏ ॥ ୩ ॥

**ମିତ୍ର କରଇ ସତ ରିପୁ କୈ କରନୀ । ତା କହଁ ବିବୁଧନଦୀ ବୈତରନୀ ॥**
**ସବ ଜଗୁ ତାହି ଅନଲହୁ ତେ ତାତା । ଜୋ ରଘୁବୀର ବିମୁଖ ସୁନୁ ଭ୍ରାତା ॥ ୪ ॥**

ତା'ର ମିତ୍ର ତା'ସହିତ ବିରାଟ ଶତ୍ରୁ ପରି ଆଚରଣ କରେ । ସୁରତରଙ୍ଗିଣୀ ଗଙ୍ଗା ତା'ପାଖରେ ବୈତରଣୀ (ଯମପୁରର ନଦୀ) ହୋଇଯାଆନ୍ତି । ହେ ଭାଇ ! ଶୁଣନ୍ତୁ, ରାମବିମୁଖପାଇଁ ସାରା ବିଶ୍ୱ ଅଗ୍ନିଠାରୁ ବି ଅଧିକ ଉତ୍ତପ୍ତ (ଜ୍ୱାଳାମୟ) ହୋଇଯାଏ ।'' ॥ ୪ ॥

**ନାରଦ ଦେଖା ବିକଲ ଜୟଂତା । ଲାଗି ଦୟା କୋମଲ ଚିତ ସଂତା ॥**
**ପଠୱା ତୁରତ ରାମ ପହିଁ ତାହୀ । କହେସି ପୁକାରି ପ୍ରନତ ହିତ ପାହୀ ॥ ୫ ॥**

ଜୟନ୍ତ ବ୍ୟାକୁଳ ହେଉଥିବା ଦେଖି ନାରଦଙ୍କ ମନରେ ଦୟା ଆସିଲା; କାରଣ ସାଧୁଙ୍କ ଚିତ୍ତ ଅତି କୋମଳ ହୋଇଥାଏ । ସେ ଜୟନ୍ତକୁ [ବୁଝାଇସୁଝାଇ] ଅବିଳମ୍ବେ ଶ୍ରୀରାମଙ୍କ ପାଖକୁ ପଠାଇଦେଲେ । ଜୟନ୍ତ ଯାଇ ଆର୍ତ୍ତ ପ୍ରାର୍ଥନା କରି କହିଲା, ''ହେ ଭକ୍ତଜନ-ହିତକାରୀ ! ମୋତେ ରକ୍ଷା କରନ୍ତୁ !'' ॥ ୫ ॥

**ଆତୁର ସଭୟ ଗହେସି ପଦ ଜାଈ । ତ୍ରାହି ତ୍ରାହି ଦୟାଲ ରଘୁରାଈ ॥**
**ଅତୁଲିତ ବଲ ଅତୁଲିତ ପ୍ରଭୁତାଈ । ମୈଁ ମତିମଂଦ ଜାନି ନହିଁ ପାଈ ॥ ୬ ॥**

ଆର୍ତ୍ତ ଓ ଭୟଭୀତ ଜୟନ୍ତ ଯାଇ ଶ୍ରୀରାମଙ୍କ ପାଦ ଧରିପକାଇ କହିଲା, ''ହେ ଦୟାଳୁ ରଘୁନାଥ ! ରକ୍ଷା କରନ୍ତୁ ! ରକ୍ଷା କରନ୍ତୁ ! ଆପଣଙ୍କର ଅତୁଳନୀୟ ବଳ ଓ ପ୍ରଭୁତ୍ୱ (ସାମର୍ଥ୍ୟ) ବିଷୟରେ ମୁଁ ମନ୍ଦମତି ଜାଣି ନ ଥିଲି ॥ ୬ ॥

**ନିଜ କୃତ କର୍ମ ଜନିତ ଫଲ ପାୟଉଁ । ଅବ ପ୍ରଭୁ ପାହି ସରନ ତକି ଆୟଉଁ ॥**
**ସୁନି କୃପାଲ ଅତି ଆରତ ବାନୀ । ଏକନୟନ କରି ତଜା ଭୱାନୀ ॥ ୭ ॥**

ମୁଁ ମୋ କୃତକର୍ମର ଫଳ ପାଇଗଲି । ବର୍ତ୍ତମାନ ହେ ପ୍ରଭୁ ! ମୋତେ ରକ୍ଷା କରନ୍ତୁ । ମୁଁ ଆପଣଙ୍କ ଶରଣ ନେବାକୁ ଆସିଛି ।'' [ମହାଦେବ କହିଲେ,] ହେ ପାର୍ବତୀ ! ଦୟାମୟ ଶ୍ରୀରାମ ତା'ର ଆର୍ତ୍ତ ନିବେଦନ ଶୁଣି, ତା'ର ଗୋଟିଏ ଆଖି କଣା କରିଦେଇ ତାକୁ ଛାଡ଼ିଦେଲେ ॥ ୭ ॥

ସୋ:- **କୀହ୍ନ ମୋହ ବସ ଦ୍ରୋହ ଜଦ୍ୟପି ତେହି କର ବଧ ଉଚିତ ।**
**ପ୍ରଭୁ ଛାଡ଼େଉ କରି ଛୋହ କୋ କୃପାଲ ରଘୁବୀର ସମ ॥ ୨ ॥**

ମୋହବଶ ହୋଇ ସେ ଶତ୍ରୁତା ଆଚରଣ କରିଥିଲା; ତେଣୁ ତାକୁ ବଧ କରିବା ଉଚିତ ଥିଲା; କିନ୍ତୁ ପ୍ରଭୁ ଦୟା କରି ତାକୁ ଛାଡ଼ିଦେଲେ । ରଘୁବୀରଙ୍କ ପରି ଦୟାଳୁ ଆଉ କିଏ ଅଛି ! ॥ ୨ ॥

**ରଘୁପତି ଚିତ୍ରକୂଟ ବସି ନାନା । ଚରିତ କିଏ ଶ୍ରୁତି ସୁଧା ସମାନା ॥**
**ବହୁରି ରାମ ଅସ ମନ ଅନୁମାନା । ହୋଇହି ଭୀର ସବହିଁ ମୋହି ଜାନା ॥ ୧ ॥**

ଚିତ୍ରକୂଟରେ ବାସ କରୁଥିବା ସମୟରେ ଶ୍ରୀରଘୁନାଥ ଏହିପରି ଯେଉଁ ନାନାବିଧ ଲୀଳା କଲେ, ସେସବୁ ଶୁଣିବାକୁ ଅମୃତତୁଲ୍ୟ ମଧୁର । କିଛିଦିନ ପରେ ଶ୍ରୀରାମ ମନେ ମନେ ଅନୁମାନ କଲେ, 'ଏଠାରେ ସମସ୍ତେ ଆମକୁ ଚିହ୍ନିଗଲେଣି; ତେଣୁ ଏଥର ଏଠାରେ ଲୋକଗହଳି ବଢ଼ିବ ।' ॥ ୧ ॥

**ସକଲ ମୁନିହ୍ନ ସନ ବିଦା କରାଈ । ସୀତା ସହିତ ଚଲେ ଦ୍ୱୌ ଭାଈ ॥**
**ଅତ୍ରି କେ ଆଶ୍ରମ ଜବ ପ୍ରଭୁ ଗୟଉ । ସୁନତ ମହାମୁନି ହରଷିତ ଭୟଉ ॥ ୨ ॥**

ତେଣୁ ମୁନିଋଷିମାନଙ୍କ ଠାରୁ ବିଦାୟ ନେଇ ସୀତାଙ୍କ ସହିତ ଦୁଇଭାଇ ସେଠାରୁ ବାହାରିଗଲେ । ସେଠାରୁ ପ୍ରଭୁ ଅତ୍ରି ମୁନିଙ୍କ ଆଶ୍ରମ ଅଭିମୁଖେ ଯାତ୍ରା କଲେ । ପ୍ରଭୁ ଆସୁଛନ୍ତି ଶୁଣି ମହାମୁନି ଅତ୍ୟନ୍ତ ଆନନ୍ଦିତ ହୋଇଗଲେ ॥ ୨ ॥

**ପୁଲକିତ ଗାତ ଅତ୍ରି ଉଠି ଧାଏ । ଦେଖି ରାମୁ ଆତୁର ଚଲି ଆଏ ॥**
**କରତ ଦଂଡଵ୍ତ ମୁନି ଉର ଲାଏ । ପ୍ରେମ ବାରି ଦ୍ୱୌ ଜନ ଅହ୍ନଵ୍ାଏ ॥ ୩ ॥**

ସେ ପୁଲକିତ ହୋଇ, ବସିଥିବା ସ୍ଥାନରୁ ଉଠି ଧାଇଁଆସିଲେ । ତାଙ୍କୁ ଧାଇଁଆସୁଥିବାର ଦେଖି ପ୍ରଭୁ ଆହୁରି ବେଗରେ ତାଙ୍କ ଆଡ଼କୁ ଗ୍ଲଲେ । ପ୍ରଭୁ ଦଣ୍ଡବତ ପ୍ରଣାମ କରୁ କରୁ, ମୁନିବର ଶ୍ରୀରାମଙ୍କୁ ଉଠାଇ ହୃଦୟରେ ଲଗାଇଲେ ଏବଂ ପ୍ରେମାଶ୍ରୁରେ ଦୁଇଭାଇଙ୍କୁ ଗାଧୋଇଦେଲେ ॥ ୩ ॥

**ଦେଖି ରାମ ଛବି ନୟନ ଜୁଡ଼ାନେ । ସାଦର ନିଜ ଆଶ୍ରମ ତବ ଆନେ ॥**
**କରି ପୂଜା କହି ବଚନ ସୁହାଏ । ଦିଏ ମୂଲ ଫଲ ପ୍ରଭୁ ମନ ଭାଏ ॥ ୪ ॥**

ଶ୍ରୀରାମଙ୍କ ରୂପ ଦେଖି ଅତ୍ରିମୁନିଙ୍କ ନେତ୍ର ଶୀତଳ ହୋଇଗଲା । ସେ ତାଙ୍କୁ ସାଦରେ ନିଜ ଆଶ୍ରମକୁ ନେଇଆସିଲେ । ପୂଜା କରି, ମଧୁର ବଚନରେ ଅଭ୍ୟର୍ଥନା କରି ତାଙ୍କୁ ଫଳମୂଳ ପ୍ରଦାନ କଲେ । ତାହା ପ୍ରଭୁଙ୍କୁ ବହୁତ ଭଲ ଲାଗିଲା ॥ ୪ ॥

ସୋ:- **ପ୍ରଭୁ ଆସନ ଆସୀନ ଭରି ଲୋଚନ ସୋଭା ନିରଖି ।**
**ମୁନିବର ପରମ ପ୍ରବୀନ ଜୋରି ପାନି ଅସ୍ତୁତି କରତ ॥ ୩ ॥**

ପ୍ରଭୁ ଆସନରେ ବିରାଜିତ ହେଲେ । ନୟନ ଭରି ପ୍ରଭୁଙ୍କର ଶୋଭା ଦେଖି ପରମ ପ୍ରବୀଣ ମୁନିବର କର ଯୋଡ଼ି ସ୍ତୁତି କରିବାକୁ ଲାଗିଲେ : ॥ ୩ ॥

ଛନ୍ଦ- **ନମାମି ଭକ୍ତ ବତ୍ସଲଂ । କୃପାଲୁ ଶୀଲ କୋମଲଂ ॥**
**ଭଜାମି ତେ ପଦାଂବୁଜଂ । ଅକାମିନାଂ ସ୍ୱଧାମଦଂ ॥ ୧ ॥**

ହେ ଭକ୍ତବତ୍ସଳ ! ହେ କୃପାଳୁ ! ହେ କୋମଳସ୍ୱଭାବ ! ଆପଣଙ୍କୁ ପ୍ରଣାମ । ହେ ନିଷ୍କାମଭକ୍ତକୁ ନିଜର ପରମଧାମ-ପ୍ରଦାନକାରୀ ! ଆପଣଙ୍କ ଚରଣକମଳକୁ ମୁଁ ଭଜନ କରୁଛି ॥ ୧ ॥

**ନିକାମ ଶ୍ୟାମ ସୁଂଦରଂ । ଭଵାମ୍ବୁନାଥ ମଂଦରଂ ॥**
**ପ୍ରଫୁଲ୍ଲ କଂଜ-ଲୋଚନଂ । ମଦାଦି ଦୋଷ ମୋଚନଂ ॥ ୨ ॥**

ଆପଣ ହେଉଛନ୍ତି ଅତ୍ୟନ୍ତ ସୁନ୍ଦର ଶ୍ୟାମ; ସଂସାରରୂପୀ ସମୁଦ୍ରକୁ ମନ୍ଥନ କରିବାପାଇଁ ଆପଣ ହେଉଛନ୍ତି ମନ୍ଦରାଚଳସ୍ୱରୂପ; ଆପଣଙ୍କ ଲୋଚନ ପ୍ରସ୍ଫୁଟିତ-କମଳ ସଦୃଶ । ଆପଣ ମଦାଦି ସକଳ ଦୋଷରୁ ମୁକ୍ତି ପ୍ରଦାନ କରନ୍ତି ॥ ୨ ॥

**ପ୍ରଲଂବ ବାହୁ ବିକ୍ରମଂ । ପ୍ରଭୋଽପ୍ରମେୟ ବୈଭବଂ ॥**
**ନିଷଂଗ ଚାପ ସାୟକଂ । ଧରଂ ତ୍ରିଲୋକ ନାୟକଂ ॥ ୩ ॥**

ହେ ପ୍ରଭୁ ! ଆପଣଙ୍କର ଆଜାନୁଲମ୍ବିତ ବାହୁଦ୍ୱୟର ପରାକ୍ରମ ଏବଂ ଐଶ୍ୱର୍ଯ୍ୟ ଅପ୍ରମେୟ (ବୁଦ୍ଧିର ଅତୀତ ଅଥବା ଅସୀମ) । ହେ ତ୍ରିଲୋକର ଈଶ୍ୱର ଆପଣ ଅଙ୍ଗରେ ତୂଣୀର ଓ ଧନୁର୍ବାଣ ଧାରଣ କରନ୍ତି ॥ ୩ ॥

**ଦିନେଶ ବଂଶ ମଂଡନଂ । ମହେଶ ଚାପ ଖଂଡନଂ ॥**
**ମୁନୀଂଦ୍ର ସଂତ ରଂଜନଂ । ସୁରାରି ବୃଂଦ ଭଂଜନଂ ॥ ୪ ॥**

ଆପଣ ହେଉଛନ୍ତି ସୂର୍ଯ୍ୟବଂଶର ଶିରୋମଣି ଓ ଶିବଧନୁଭଙ୍ଗକାରୀ । ଆପଣ ହେଉଛନ୍ତି ସକଳ ମୁନୀନ୍ଦ୍ର ଓ ସଜ୍ଜନଙ୍କର ଆନନ୍ଦଦାତା ତଥା ଦେବଶତ୍ରୁ ଅସୁରମାନଙ୍କର ବିନାଶକାରୀ ॥ ୪ ॥

**ମନୋଜ ବୈରି ବଂଦିତଂ । ଅଜାଦି ଦେବ ସେବିତଂ ॥**
**ବିଶୁଦ୍ଧ ବୋଧ ବିଗ୍ରହଂ । ସମସ୍ତ ଦୂଷଣାପହଂ ॥ ୫ ॥**

ଆପଣ କାମଦେବଙ୍କ ଶତ୍ରୁ ମହାଦେବଙ୍କ ଦ୍ୱାରା ବନ୍ଦିତ ଓ ବ୍ରହ୍ମା ଆଦି ଦେବତାମାନଙ୍କ ଦ୍ୱାରା ସର୍ବଦା ସେବିତ । ଆପଣ ହେଉଛନ୍ତି ବିଶୁଦ୍ଧ ଜ୍ଞାନମୟ ବିଗ୍ରହ ଏବଂ ସମସ୍ତ ଦୋଷର ବିନାଶକାରୀ ॥ ୫ ॥

**ନମାମି ଇଂଦିରା ପତିଂ । ସୁଖାକରଂ ସତାଂ ଗତିଂ ॥**
**ଭଜେ ସଶକ୍ତି ସାନୁଜଂ । ଶଚୀ ପତି ପ୍ରିୟାନୁଜଂ ॥ ୬ ॥**

ହେ ରମାନାଥ ! ହେ ସୁଖନିଧାନ ଏବଂ ସାଧୁମାନଙ୍କର ଏକମାତ୍ର ଗତି ! ଆପଣଙ୍କୁ ମୋର ପ୍ରଣାମ । ହେ ଶଚୀପତିଙ୍କ ପ୍ରିୟ ଅନୁଜ (ବାମନ) ! ଆପଣଙ୍କର ସ୍ୱରୂପାଶକ୍ତି ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସମେତ ଆପଣଙ୍କୁ ମୁଁ ଭଜନ କରୁଛି ॥ ୬ ॥

**ତ୍ୱଦଂଘ୍ରି ମୂଳ ଯେ ନରାଃ । ଭଜଂତି ହୀନ ମତ୍ସରାଃ ॥**
**ପତଂତି ନୋ ଭବାର୍ଣ୍ଣବେ । ବିତର୍କ ବୀଚି ସଂକୁଳେ ॥ ୭ ॥**

ଯେଉଁ ମନୁଷ୍ୟମାନେ ମାତ୍ସର୍ଯ୍ୟ (ପରଶ୍ରୀକାତରତା) ତ୍ୟାଗ କରି ଆପଣଙ୍କ ଶ୍ରୀଚରଣକମଳକୁ ଭଜନ କରନ୍ତି, ସେମାନେ କେବେ ବି ତର୍କବିତର୍କ(ସଂଶୟ)ରୂପୀ ତରଙ୍ଗରେ ପୂର୍ଣ୍ଣ ସଂସାରସାଗରରେ (ଜନ୍ମ-ମୃତ୍ୟୁ ଚକ୍ରରେ) ପଡ଼ନ୍ତି ନାହିଁ ॥ ୭ ॥

**ବିବିକ୍ତ ବାସିନଃ ସଦା । ଭଜଂତି ମୁକ୍ତୟେ ମୁଦା ॥**
**ନିରସ୍ୟ ଇଂଦ୍ରିୟାଦିକଂ । ପ୍ରୟାଂତି ତେ ଗତିଂ ସ୍ୱକଂ ॥ ୮ ॥**

ଯେଉଁ ଏକାନ୍ତବାସୀ ପୁରୁଷମାନେ ମୁକ୍ତି ଉଦ୍ଦେଶ୍ୟରେ ଇନ୍ଦ୍ରିୟ ନିଗ୍ରହ କରି ପ୍ରସନ୍ନତାପୂର୍ବକ ଆପଣଙ୍କୁ ଭଜନ୍ତି, ସେମାନେ ଆପଣଙ୍କର ସ୍ୱରୂପ ପ୍ରାପ୍ତ ହୁଅନ୍ତି ॥ ୮ ॥

**ତମେକମଦ୍‌ଭୁତଂ ପ୍ରଭୁଂ । ନିରୀହମୀଶ୍ୱରଂ ବିଭୁଂ ॥**
**ଜଗଦ୍‌ଗୁରୁଂ ଚ ଶାଶ୍ୱତଂ । ତୁରୀୟମେବ କେବଳଂ ॥ ୯ ॥**

ଆପଣ ଏକ (ଅଦ୍ୱିତୀୟ), ଅଦ୍ଭୁତ (ମାୟିକ ଜଗତର ଊର୍ଦ୍ଧ୍ୱରେ), ପ୍ରଭୁ (ସର୍ବସମର୍ଥ), ଇଚ୍ଛାରହିତ, ଈଶ୍ୱର (ସମସ୍ତଙ୍କର ସ୍ୱାମୀ), ବ୍ୟାପକ, ଜଗଦ୍‌ଗୁରୁ, ସନାତନ (ନିତ୍ୟ), ତୁରୀୟ (ତ୍ରିଗୁଣାତୀତ) ଏବଂ କେବଳ (ନିଜସ୍ୱରୂପରେ ସ୍ଥିତ) ଅଟନ୍ତି ॥ ୯ ॥

**ଭଜାମି ଭାବ ବଲ୍ଲଭଂ । କୁଯୋଗିନାଂ ସୁଦୁର୍ଲଭଂ ॥**
**ସ୍ୱଭକ୍ତ କଳ୍ପ ପାଦପଂ । ସମଂ ସୁସେବ୍ୟମନ୍ୱହଂ ॥ ୧୦ ॥**

ଆପଣ ଭକ୍ତବତ୍ସଳ, ଭାବପ୍ରିୟ, କୁଯୋଗୀ(ବିଷୟୀ ମନୁଷ୍ୟ)ପାଇଁ ସୁଦୁର୍ଲଭ, ଭକ୍ତକଳ୍ପତରୁ (ଅର୍ଥାତ୍ ଭକ୍ତର ସକଳ କାମନା-ପୂରଣକାରୀ), ସମ (ପକ୍ଷପାତଶୂନ୍ୟ) ଏବଂ ସର୍ବଦା ସୁଖସେବ୍ୟ (ଯାହାଙ୍କର ସେବା କରିବା ସହଜ) । ମୁଁ ଆପଣଙ୍କୁ ନିରନ୍ତର ଭଜନ କରୁଛି ॥ ୧୦ ॥

**ଅନୂପ ରୂପ ଭୂପତିଂ । ନତୋଽହମୁର୍ବିଜା ପତିଂ ॥**
**ପ୍ରସୀଦ ମେ ନମାମି ତେ । ପଦାବ୍ଜ ଭକ୍ତି ଦେହି ମେ ॥ ୧୧ ॥**

ହେ ଅନୁପମ ସୁନ୍ଦର ! ହେ ପୃଥ୍ୱୀପତି ! ହେ ଜାନକୀନାଥ ! ମୁଁ ଆପଣଙ୍କୁ ପ୍ରଣାମ କରୁଛି । ଆପଣ ମୋ ପ୍ରତି ପ୍ରସନ୍ନ ହୁଅନ୍ତୁ । ମୁଁ ଆପଣଙ୍କୁ ନମସ୍କାର କରୁଛି । ମୋତେ ଆପଣଙ୍କ ପଦାରବିନ୍ଦରେ ଭକ୍ତି ପ୍ରଦାନ କରନ୍ତୁ ॥ ୧୧ ॥

**ପଠଂତି ଯେ ସ୍ତବଂ ଇଦଂ । ନରାଦରେଣ ତେ ପଦଂ ॥**
**ବ୍ରଜଂତି ନାତ୍ର ସଂଶୟଂ । ତ୍ୱଦୀୟ ଭକ୍ତି ସଂଯୁତାଃ ॥ ୧୨ ॥**

ଯେଉଁ ମନୁଷ୍ୟ ଶ୍ରଦ୍ଧାର ସହିତ ଏହି ସ୍ତବ ପାଠ କରନ୍ତି, ସେ ଯେ ଆପଣଙ୍କ ଭକ୍ତିରେ ଯୁକ୍ତ ହୋଇ ଆପଣଙ୍କ ପରମପଦ ପ୍ରାପ୍ତ ହୁଅନ୍ତି, ସେଥିରେ ସନ୍ଦେହ ନାହିଁ ॥ ୧୨ ॥

ଦୋଃ- **ବିନତୀ କରି ମୁନି ନାଇ ସିରୁ କହ କର ଜୋରି ବହୋରି ।**
**ଚରନ ସରୋରୁହ ନାଥ ଜନି କବହୁଁ ତଜୈ ମତି ମୋରି ॥ ୪ ॥**

[ଏପରିଭାବରେ] ସ୍ତୁତି କରି, ନତମସ୍ତକ ଓ ଯୋଡ଼ହସ୍ତ ହୋଇ ମୁନିବର କହିଲେ, ''ହେ ନାଥ ! ମୋର ମତି ଆପଣଙ୍କ ଚରଣକମଳରୁ କେବେ ବି ବିଚ୍ୟୁତ ନ ହେଉ ।'' ॥ ୪ ॥

**ଅନୁସୁଇୟା କେ ପଦ ଗହି ସୀତା । ମିଲୀ ବହୋରି ସୁସୀଲ ବିନୀତା ॥**
**ରିଷିପତିନୀ ମନ ସୁଖ ଅଧିକାଈ । ଆସିଷ ଦେଇ ନିକଟ ବୈଠାଈ ॥ ୧ ॥**

ତା'ପରେ ପରମସୁଶୀଳା ବିନମ୍ରା ସୀତା ଅନସୂୟା (ଅତ୍ରିଙ୍କ ପତ୍ନୀ)ଙ୍କୁ ସାକ୍ଷାତ କରି, ତାଙ୍କ ଚରଣରେ ପ୍ରଣାମ କଲେ । ଋଷିପତ୍ନୀ ଅତ୍ୟନ୍ତ ଆନନ୍ଦିତ ହେଲେ; ସେ ସୀତାଙ୍କୁ ଆଶୀର୍ବାଦ ଦେଇ ପାଖରେ ବସାଇଲେ ॥ ୧ ॥

**ଦିବ୍ୟ ବସନ ଭୂଷନ ପହିରାଏ । ଜେ ନିତ ନୂତନ ଅମଲ ସୁହାଏ ॥**
**କହ ରିଷିବଧୂ ସରସ ମୃଦୁ ବାନୀ । ନାରିଧର୍ମ କଛୁ ବ୍ୟାଜ ବଖାନୀ ॥ ୨ ॥**

ଅନସୂୟା ସୀତାଙ୍କୁ ଏପରି ଦିବ୍ୟ ବସନଭୂଷଣସବୁ ପିନ୍ଧାଇଦେଲେ, ଯାହା କି ନିତ୍ୟ ନୂତନ, ଅମ୍ଳାନ ଓ ସୁନ୍ଦର ହୋଇ ରହେ । ତା'ପରେ ଋଷିପତ୍ନୀ କୋମଳମଧୁର ବାଣୀରେ ସୀତାଙ୍କୁ ଶୁଣାଇବା ଛଳରେ କିଛି ନାରୀଧର୍ମ ବର୍ଣ୍ଣନା କରି କହିଲେ, ॥ ୨ ॥

**ମାତୁ ପିତା ଭ୍ରାତା ହିତକାରୀ । ମିତପ୍ରଦ ସବ ସୁନୁ ରାଜକୁମାରୀ ।**
**ଅମିତ ଦାନି ଭର୍ତା ବୟଦେହୀ । ଅଧମ ସୋ ନାରି ଜୋ ସେୱ ନ ତେହୀ ॥ ୩ ॥**

''ହେ ରାଜକୁମାରୀ ! ଶୁଣ । ମାଆ, ବାପା, ଭାଇ–ସମସ୍ତେ ହିତକାରୀ; କିନ୍ତୁ ସେମାନଙ୍କ ହିତସାଧନର ସୀମା ଅଛି । ଅଥଚ ହେ ଜାନକୀ ! ପତି ହେଉଛନ୍ତି [ମୋକ୍ଷରୂପୀ] ଅସୀମ ସୁଖପ୍ରଦାନକାରୀ । ଯେଉଁ ସ୍ତ୍ରୀ ପତିଙ୍କର ସେବା କରେ ନାହିଁ, ସେ ଅଧମ ॥ ୩ ॥

**ଧୀରଜ ଧର୍ମ ମିତ୍ର ଅରୁ ନାରୀ । ଆପଦ କାଲ ପରିଖିଅହିଁ ଚ୍ୟାରୀ ॥**
**ବୃଦ୍ଧ ରୋଗବସ ଜଡ଼ ଧନହୀନା । ଅଂଧ ବଧିର କ୍ରୋଧୀ ଅତି ଦୀନା ॥ ୪ ॥**
**ଐସେହୁ ପତି କର କିଏଁ ଅପମାନା । ନାରି ପାଓ୍ୱ ଜମପୁର ଦୁଖ ନାନା ॥**
**ଏକଇ ଧର୍ମ ଏକ ବ୍ରତ ନେମା । କାୟଁ ବଚନ ମନ ପତି ପଦ ପ୍ରେମା ॥ ୫ ॥**

ଧୈର୍ଯ୍ୟ, ଧର୍ମ, ମିତ୍ର ଓ ସ୍ତ୍ରୀ—ଏହି ଚ୍ୟାରିଙ୍କର ପରୀକ୍ଷା ବିପତ୍ତି ସମୟରେହିଁ ହୋଇଥାଏ । ବୃଦ୍ଧ, ରୋଗୀ, ମୂର୍ଖ, ନିର୍ଦ୍ଧନ, ଅନ୍ଧ, ବଧିର (କାଲ), କ୍ରୋଧୀ ଓ ଅତ୍ୟନ୍ତ ଦରିଦ୍ର ହୋଇଯାଇଥିବା ପତିଙ୍କୁ ବି ଅପମାନ ଦେଲେ, ସ୍ତ୍ରୀ ଯମପୁରରେ ନାନାପ୍ରକାର ଦୁଃଖ ପାଏ । କାୟମନୋବାକ୍ୟରେ ପତିଙ୍କ ଚରଣରେ ପ୍ରେମ ରଖିବାହିଁ ସ୍ତ୍ରୀର ଏକମାତ୍ର ଧର୍ମ ।ଏହାହିଁ ତା'ର ଏକମାତ୍ର ବ୍ରତ ଓ ଏକମାତ୍ର ନିୟମ ॥ ୪-୫ ॥

**ଜଗ ପତିବ୍ରତା ଚ୍ୟାରି ବିଧି ଅହହୀଁ । ବେଦ ପୁରାନ ସଂତ ସବ କହହୀଁ ॥**
**ଉତ୍ତମ କେ ଅସ ବସ ମନ ମାହୀଁ । ସପନେହୁଁ ଆନ ପୁରୁଷ ଜଗ ନାହୀଁ ॥ ୬ ॥**

ଜଗତରେ ଚ୍ୟାରିପ୍ରକାର ପତିବ୍ରତା ଅଛନ୍ତି । ବେଦ, ପୁରାଣ ଓ ସନ୍ଥ—ସମସ୍ତେ କହନ୍ତି, ଶ୍ରେଷ୍ଠତମ ଶ୍ରେଣୀର ପତିବ୍ରତାଙ୍କ ମନରେ ଏହି ଦୃଢ଼ଭାବ ରହିଥାଏ ଯେ, ପତିଙ୍କ ଛଡ଼ା ତାଙ୍କ ପାଇଁ ସ୍ୱପ୍ନରେ ବି ଆଉ ଦ୍ୱିତୀୟ ପୁରୁଷ ନାହିଁ ॥ ୬ ॥

**ମଧ୍ୟମ ପରପତି ଦେଖଇ କୈସେଁ । ଭ୍ରାତା ପିତା ପୁତ୍ର ନିଜ ଜୈସେଁ ॥**
**ଧର୍ମ ବିଚ୍ୟାରି ସମୁଝି କୁଲ ରହଈ । ସୋ ନିକିଷ୍ଟ ତ୍ରିୟ ଶ୍ରୁତି ଅସ କହଈ ॥ ୭ ॥**

ମଧ୍ୟମ ଶ୍ରେଣୀର ପତିବ୍ରତା ପରର ପତିଙ୍କୁ ନିଜର ଭାଇ, ପିତା ବା ପୁତ୍ର—ସମାନ ଦେଖେ (ଅର୍ଥାତ୍ ସମାନ ବୟସର ହୋଇଥିଲେ ନିଜ ଭାଇ ପରି, ବଡ଼ ହୋଇଥିଲେ ପିତା ପରି ଏବଂ ସାନ ହୋଇଥିଲେ ନିଜ ପୁତ୍ର ପରି ଦେଖେ ।) ଯେଉଁ ସ୍ତ୍ରୀ ଧର୍ମକୁ ବିଚ୍ୟାରି ବା ନିଜ କୁଳମର୍ଯ୍ୟାଦା ନଷ୍ଟ ହେବ ଭାବି ନିଜକୁ ପରପୁରୁଷଠାରୁ ଦୂରେଇ ରଖେ, ସେ ନିମ୍ନଶ୍ରେଣୀର ସ୍ତ୍ରୀ ବୋଲି ବେଦ କହନ୍ତି ॥ ୭ ॥

**ବିନୁ ଅଓ୍ୱସର ଭୟ ତେଁ ରହ ଜୋଈ । ଜାନେହୁ ଅଧମ ନାରି ଜଗ ସୋଈ ॥**
**ପତି ବଂଚକ ପରପତି ରତି କରଈ । ରୌରଓ୍ୱ ନରକ କଳ୍ପ ସତ ପରଈ ॥ ୮ ॥**

ଏବଂ ଯେଉଁ ସ୍ତ୍ରୀ ସୁଯୋଗ ନ ପାଇ ବା ଭୟପରବଶ ହୋଇ ପତିବ୍ରତା ହୋଇଥାଏ, ଜଗତରେ ସେ ଅଧମ ସ୍ତ୍ରୀରୂପେ ପରିଗଣିତ ହୁଏ । ନିଜ ପତିଙ୍କୁ ଠକିଦେଇ ଯେଉଁ ସ୍ତ୍ରୀ ପରପୁରୁଷ ସହିତ ରତି କରେ, ସେ ଶହେକଳ୍ପ ପର୍ଯ୍ୟନ୍ତ ରୌରବ ନରକରେ ପଡ଼ିରହେ ॥ ୮ ॥

**ଛନ ସୁଖ ଲାଗି ଜନମ ସତ କୋଟୀ । ଦୁଖ ନ ସମୁଝ ତେହି ସମ କୋ ଖୋଟୀ ।**
**ବିନୁ ଶ୍ରମ ନାରି ପରମ ଗତି ଲହଈ । ପତିବ୍ରତ ଧର୍ମ ଛାଡ଼ି ଛଲ ଗହଈ ॥ ୯ ॥**

କ୍ଷଣିକ ସୁଖ ନିମନ୍ତେ ଯେ ଶତକୋଟି ଜନ୍ମର ଦୁଃଖକୁ ବୁଝିପାରେ ନାହିଁ, ତା'ପରି ଦୁଷ୍ଟା ଆଉ କିଏ ହୋଇପାରିବ ? ଯେଉଁ ସ୍ତ୍ରୀ ଛଳ ଛାଡ଼ିଦେଇ ପତିବ୍ରତାଧର୍ମ ଗ୍ରହଣ କରେ, ସେ ଅନାୟାସରେ ପରମଗତି ଲାଭ କରେ ॥ ୯ ॥

**ପତି ପ୍ରତିକୂଲ ଜନମ ଜହଁ ଜାଈ । ବିଧଓ୍ୱା ହୋଇ ପାଇ ତରୁନାଈ ॥ ୧୦ ॥**

କିନ୍ତୁ ଯେ ପତିଙ୍କ ପ୍ରତିକୂଳ ହୋଇ ଚଳେ, ସେ ଯାଇ ଯେଉଁଠାରେ ଜନ୍ମ ହେଲେ ବି, ଯୌବନାବସ୍ଥାରେହିଁ ବିଧବା ହୋଇଯାଏ ॥ ୧୦ ॥

ସୋଃ- **ସହଜ ଅପାୱନି ନାରି ପତି ସେୱତ ସୁଭ ଗତି ଲହଇ ।**
**ଜସୁ ଗାୱତ ଶ୍ରୁତି ଚ୍ରରି ଅଜହୁଁ ତୁଲସିକା ହରିହି ପ୍ରିୟ ॥ ୫(କ) ॥**

ସ୍ତ୍ରୀ ଜନ୍ମରୁହିଁ ଅପବିତ୍ର; କିନ୍ତୁ ପତିଙ୍କ ସେବା କରି ସେ ଅନାୟାସରେ ଶୁଭଗତି ପାଇଯାଏ । ପାତିବ୍ରତ୍ୟ ଧର୍ମ ହେତୁହିଁ ଆଜି 'ତୁଳସୀ ଦେବୀ' ଭଗବାନଙ୍କର ପ୍ରିୟ ଏବଂ ଚ୍ରରିବେଦ ତୁଳସୀଙ୍କର ଯଶଗାନ କରନ୍ତି ॥ ୫(କ) ॥

**ସୁନୁ ସୀତା ତୱ ନାମ ସୁମିରି ନାରି ପତିବ୍ରତ କରହିଁ ।**
**ତୋହି ପ୍ରାନପ୍ରିୟ ରାମ କହିଉଁ କଥା ସଂସାର ହିତ ॥ ୫(ଖ) ॥**

ହେ ସୀତେ ! ଶୁଣ, କେବଳ ତୁମ ନାମ ସ୍ମରଣ କରିହିଁ ସ୍ତ୍ରୀମାନେ ପାତିବ୍ରତ୍ୟ ଧର୍ମ ପାଳନ କରିବେ । ତୁମର ତ ଶ୍ରୀରାମ ପ୍ରାଣସମାନ ପ୍ରିୟ । ଏହି ପାତିବ୍ରତ୍ୟ ଧର୍ମ କଥା କେବଳ ସଂସାରର ହିତ ନିମନ୍ତେ ମୁଁ କହିଲି ।'' ॥ ୫(ଖ) ॥

**ସୁନି ଜାନକୀଁ ପରମ ସୁଖୁ ପାୱା । ସାଦର ତାସୁ ଚରନ ସିରୁ ନାୱା ॥**
**ତବ ମୁନି ସନ କହ କୃପାନିଧାନା । ଆୟସୁ ହୋଇ ଜାଉଁ ବନ ଆନା ॥ ୧ ॥**

ଏହା ଶୁଣି ଜାନକୀ ପରମ ସୁଖ ଲାଭ କଲେ ଏବଂ ଅନସୂୟାଙ୍କ ଚରଣରେ ଶ୍ରଦ୍ଧାର ସହିତ ନତମସ୍ତକ ହେଲେ । କୃପାନିଧାନ ଶ୍ରୀରାମ ମୁନିଙ୍କୁ କହିଲେ, ''ଆପଣଙ୍କ ଆଜ୍ଞା ହେଲେ, ଆମେ ଏଥର ଅନ୍ୟ ବନକୁ ଯିବୁ ॥ ୧ ॥

**ସଂତତ ମୋ ପର କୃପା କରେହୂ । ସେୱକ ଜାନି ତଜେହୁ ଜନି ନେହୂ ॥**
**ଧର୍ମ ଧୁରଂଧର ପ୍ରଭୁ କୈ ବାନୀ । ସୁନି ସପ୍ରେମ ବୋଲେ ମୁନି ଗ୍ୟାନୀ ॥ ୨ ॥**

ମୋ ପ୍ରତି ନିତ୍ୟନିରନ୍ତର କୃପା ରଖିଥିବେ । ମୋତେ ନିଜର ସେବକ ବୋଲି ଜାଣି, ସ୍ନେହ ଛାଡ଼ିବେ ନାହିଁ ।'' ଧର୍ମଧୁରନ୍ଧର ପ୍ରଭୁ ଶ୍ରୀରାମଙ୍କର ଏପରି ବଚନ ଶୁଣି ଜ୍ଞାନୀ ମୁନି ପ୍ରେମଭରେ ହୋଇ କହିଲେ, ॥ ୨ ॥

**ଜାସୁ କୃପା ଅଜ ସିୱ ସନକାଦୀ । ଚହତ ସକଲ ପରମାରଥ ବାଦୀ ॥**
**ତେ ତୁମ୍ହ ରାମ ଅକାମ ପିଆରେ । ଦୀନ ବଂଧୁ ମୃଦୁ ବଚନ ଉଚ୍ଚରେ ॥ ୩ ॥**

''ବ୍ରହ୍ମା, ଶିବ ଓ ସନକାଦି ସକଳ ପରମାର୍ଥବାଦୀ (ତତ୍ତ୍ୱବେତ୍ତା) ଯାହାଙ୍କର କୃପା ଆକାଙ୍କ୍ଷା କରନ୍ତି, ହେ ଶ୍ରୀରାମ ! ଆପଣ ହେଉଛନ୍ତି ସେହି ନିଷ୍କାମ ପୁରୁଷମାନଙ୍କର ମଧ୍ୟ ପ୍ରିୟ ଓ ଦୀନମାନଙ୍କର ବନ୍ଧୁ ଭଗବାନ୍ । ସେଇଥିପାଇଁ ଆପଣ ଏପରି କୋମଳ ବଚନ କହୁଛନ୍ତି ॥ ୩ ॥

**ଅବ ଜାନୀ ମୈଁ ଶ୍ରୀ ଚତୁରାଈ । ଭଜୀ ତୁମ୍ହହି ସବ ଦେୱ ବିହାଈ ॥**
**ଜେହି ସମାନ ଅତିସୟ ନହିଁ କୋଈ । ତା କର ସୀଲ କସ ନ ଅସ ହୋଈ ॥ ୪ ॥**

ଏବେ ମୁଁ ଲକ୍ଷ୍ମୀଙ୍କ ଚ୍ରତୁରୀ ଜାଣିଗଲି; ସେ ସକଳ ଦେବତାଙ୍କୁ ଛାଡ଼ି କେବଳ ଆପଣଙ୍କୁ କାହିଁକି ଭଜିଲେ, ମୁଁ ତାହା ଜାଣିଗଲି । ଯାହାଙ୍କ ପରି ବିରାଟ ହୋଇ କିମ୍ବା ଯାହାଙ୍କ ସମାନ ହୋଇ ଅନ୍ୟ କେହି ନାହିଁ, ତାଙ୍କ ସ୍ୱଭାବ ଭଲା ଏପରି ନ ହୁଅନ୍ତା କିପରି ! ॥ ୪ ॥

**କେହି ବିଧି କହୌଁ ଜାହୁ ଅବ ସ୍ୱାମୀ । କହହୁ ନାଥ ତୁମ୍ହ ଅଂତରଜାମୀ ॥**
**ଅସ କହି ପ୍ରଭୁ ବିଲୋକି ମୁନି ଧୀରା । ଲୋଚନ ଜଲ ବହ ପୁଲକ ସରୀରା ॥ ୫ ॥**

ହେ ସ୍ୱାମୀ ! ମୁଁ କିପରି କହିବି ଯେ, 'ଆପଣ ଏଥର ଯାଆନ୍ତୁ' ! ହେ ନାଥ ! ଆପଣ ତ ଅନ୍ତର୍ଯାମୀ, ଆପଣ ନିଜେ କହନ୍ତୁ ।'' ଏପରି କହି ମୁନିବର ପ୍ରଭୁଙ୍କୁ ଚ୍ରହିଁରହିଲେ । ମୁନିଙ୍କ ନୟନରୁ ପ୍ରେମାଶ୍ରୁ ଜଳ ବହୁଥାଏ; ଶରୀର ପୁଲକିତ ହେଉଥାଏ ॥ ୫ ॥

ଛନ୍ଦ- **ତନ ପୁଲକ ନିର୍ଭର ପ୍ରେମ ପୂରନ ନୟନ ମୁଖ ପଂକଜ ଦିଏ ।**
**ମନ ଗ୍ୟାନ ଗୁନ ଗୋତୀତ ପ୍ରଭୁ ମୈଁ ଦୀଖ ଜପ ତପ କା କିଏ ॥**
**ଜପ ଜୋଗ ଧର୍ମ ସମୂହ ତେଁ ନର ଭଗତି ଅନୁପମ ପାୱଇ ।**
**ରଘୁବୀର ଚରିତ ପୁନୀତ ନିସି ଦିନ ଦାସ ତୁଲସୀ ଗାୱଇ ॥**

ମୁନିଙ୍କ ଅନ୍ତର ପ୍ରଗାଢ଼ ପ୍ରେମରେ ପରିପୂର୍ଣ୍ଣ ହୋଇଯାଇଥାଏ । ତାଙ୍କର ଶରୀର ପୁଲକିତ ହେଉଥାଏ । ନେତ୍ର ଶ୍ରୀରାମଙ୍କ ମୁଖକମଳରେ ନିବିଷ୍ଟ ରହିଥାଏ । ସେ ମନେ ମନେ ବିଚ୍ଚାର କରୁଥାନ୍ତି, 'ମୁଁ ଏପରି କି ଜପତପ କରିଛି ଯେ, ମନ, ଜ୍ଞାନ, ଗୁଣ ଓ ଇନ୍ଦ୍ରିୟର ଅତୀତ ପ୍ରଭୁଙ୍କ ଦର୍ଶନ ଲାଭ କଲି !' ଜପ, ଯୋଗ ଓ ଧର୍ମସମୂହରୁ ମନୁଷ୍ୟ ଅନୁପମ ଭକ୍ତି ଲାଭ କରେ । ତେଣୁ ଶ୍ରୀରଘୁବୀରଙ୍କ ପବିତ୍ର ଚରିତକୁ ତୁଳସୀଦାସ ଦିବାରାତ୍ର ଗାନ କରୁଛି ॥

ଦୋ:- **କଲିମଲ ସମନ ଦମନ ମନ ରାମ ସୁଜସ ସୁଖମୂଲ ।**
**ସାଦର ସୁନହିଁ ଜେ ତିନ୍ହ ପର ରାମ ରହହିଁ ଅନୁକୂଲ ॥ ୬(କ)॥**

ଶ୍ରୀରାମଙ୍କର ସୁନ୍ଦର ଯଶ କଳିଯୁଗର ପାପରାଶି ନାଶ କରିଦିଏ; ମନକୁ ଦମନ କରିଦିଏ ଓ ସେହି ଯଶ ହେଉଛି ସକଳ ସୁଖର ମୂଳକାରଣ । ଯେଉଁମାନେ ଏହାକୁ ଆଦରପୂର୍ବକ ଶୁଣନ୍ତି, ସେମାନଙ୍କ ଉପରେ ପ୍ରଭୁ ଶ୍ରୀରାମ ପ୍ରସନ୍ନ ରହନ୍ତି ॥ ୬(କ) ॥

ସୋ:- **କଠିନ କାଲ ମଲ କୋସ ଧର୍ମ ନ ଗ୍ୟାନ ନ ଜୋଗ ଜପ ।**
**ପରିହରି ସକଲ ଭରୋସ ରାମହି ଭଜହିଁ ତେ ଚତୁର ନର ॥ ୬(ଖ) ॥**

ଏହି ଘୋର କଳିକାଳ ହେଉଛି ପାପର ଭଣ୍ଡାର । ଏ କାଳରେ ନା ଧର୍ମ, ନା ଜ୍ଞାନ, ନା ଯୋଗ, ନା ଜପ କିଛି ବି ସମ୍ଭବ ନୁହେଁ । ଏହି ସମୟରେ ଯେଉଁମାନେ ଅନ୍ୟସବୁ ଭରସା ଛାଡ଼ି କେବଳ ଶ୍ରୀରାମଙ୍କୁ ଭଜନ୍ତି, ସେହିମାନେ ହିଁ ଧନ୍ୟ ॥ ୬ (ଖ) ॥

**ମୁନି ପଦ କମଲ ନାଇ କରି ସୀସା । ଚଲେ ବନହି ସୁର ନର ମୁନି ଈସା ॥**
**ଆଗେଁ ରାମ ଅନୁଜ ପୁନି ପାଛେଁ । ମୁନି ବର ବେଷ ବନେ ଅତି କାଛେଁ ॥ ୧ ॥**

ମୁନିଙ୍କ ପାଦପଦ୍ମରେ ନତଶିର ହୋଇ ଦେବତା, ମନୁଷ୍ୟ ଓ ମୁନିଜନଙ୍କ ସ୍ୱାମୀ ଶ୍ରୀରାମ ବନକୁ ଚ୍ଚଲିଲେ । ଆଗରେ ଶ୍ରୀରାମ; ପଛରେ ସାନଭାଇ ଲକ୍ଷ୍ମଣ । ଉଭୟେ ମୁନିବେଶରେ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥାନ୍ତି ॥ ୧ ॥

**ଉଭୟ ବୀଚ ଶ୍ରୀ ସୋହଇ କୈସୀ । ବ୍ରହ୍ମ ଜୀୱ ବିଚ ମାୟା ଜୈସୀ ॥**
**ସରିତା ବନ ଗିରି ଅୱଘଟ ଘାଟା । ପତି ପହିଚ୍ଚାନି ଦେହିଁ ବର ବାଟା ॥ ୨ ॥**

ଦୁହିଙ୍କ ମଧ୍ୟରେ ଶ୍ରୀଜାନକୀ ବ୍ରହ୍ମ ଓ ଜୀବ ମଧ୍ୟରେ ଠିକ୍ ମାୟା ପରି ଶୋଭା ପାଉଥାନ୍ତି । ନଦୀ, ବନ, ପର୍ବତ, ଦୁର୍ଗମ ଘାଟି—ସମସ୍ତେ ନିଜର ପ୍ରଭୁଙ୍କୁ ଚିହ୍ନି ସୁନ୍ଦର ପଥ ପ୍ରଦାନ କରୁଥାନ୍ତି ॥ ୨ ॥

**ଜହଁ ଜହଁ ଜାହିଁ ଦେୱ ରଘୁରାୟା । କରହିଁ ମେଘ ତହଁ ତହଁ ନଭ ଛାୟା ॥**
**ମିଲା ଅସୁର ବିରାଧ ମଗ ଜାତା । ଆୱତହୀଁ ରଘୁବୀର ନିପାତା ॥ ୩ ॥**

ଶ୍ରୀରଘୁନାଥ ଯେଉଁଠିକି ଯାଉଥାନ୍ତି, ମେଘମାନେ ସେଠାରେ ଛାୟା ଦେଇଚ୍ଚଲିଥାନ୍ତି । ଯାଉ ଯାଉ ପଥରେ ବିରାଧ ରାକ୍ଷସ ଆସୁଥିବାର ଦେଖାଗଲା । ସମ୍ମୁଖକୁ ଆସିବାମାତ୍ରେ ଶ୍ରୀରଘୁନାଥ ତାକୁ ମାରିଦେଲେ ॥ ୩ ॥

**ତୁରତହିଁ ରୁଚିର ରୂପ ତେହିଁ ପାୱା । ଦେଖି ଦୁଖୀ ନିଜ ଧାମ ପଠାୱା ॥**
**ପୁନି ଆଏ ଜହଁ ମୁନି ସରଭଂଗା । ସୁଂଦର ଅନୁଜ ଜାନକୀ ସଂଗା ॥ ୪ ॥**

[ଶ୍ରୀରାମଙ୍କ ହାତରେ ନିହତ ହେବାମାତ୍ରେ] ସେ ସୁନ୍ଦର ଦିବ୍ୟରୂପ ପାଇଗଲା । ସେ ଦୁଃଖୀ ଥିବା ଦେଖି ପ୍ରଭୁ ତାକୁ ନିଜର ପରମଧାମକୁ ପଠାଇଦେଲେ । ତା'ପରେ ଯେଉଁଠି ଶରଭଙ୍ଗ ମୁନି ରହୁଥିଲେ, ସାନଭାଇ ଲକ୍ଷ୍ମଣ ଓ ସୀତାଙ୍କ ସହିତ ସୌନ୍ଦର୍ଯ୍ୟନିଧାନ ପ୍ରଭୁ ସେଠାକୁ ଆସିଲେ ॥ ୪ ॥

ଦୋ:- **ଦେଖି ରାମ ମୁଖ ପଂକଜ ମୁନିବର ଲୋଚନ ଭୃଂଗ ।**
**ସାଦର ପାନ କରତ ଅତି ଧନ୍ୟ ଜନ୍ମ ସରଭଂଗ ॥ ୭ ॥**

ଶ୍ରୀରାମଙ୍କ ମୁଖାରବିନ୍ଦ ଦର୍ଶନ କରି ମୁନିବରଙ୍କ ନେତ୍ରରୂପୀ ଭ୍ରମର ଦୁଇଟି ଅତ୍ୟନ୍ତ ଆଦରପୂର୍ବକ ସେହି ମୁଖାରବିନ୍ଦର ମକରନ୍ଦରସ ପାନ କରିବାରେ ମଗ୍ନ ହୋଇଗଲେ । ବାସ୍ତବରେ ଶରଭଙ୍ଗଙ୍କର ଜନ୍ମ ଧନ୍ୟ ! ॥ ୭ ॥

**କହ ମୁନି ସୁନୁ ରଘୁବୀର କୃପାଲା । ସଂକର ମାନସ ରାଜମରାଲା ॥**
**ଜାତ ରହେଉଁ ବିରଂଚି କେ ଧାମା । ସୁନେଉଁ ଶ୍ରୱନ ବନ ଐହହିଁ ରାମା ॥ ୧ ॥**

ମୁନି କହିଲେ—ହେ କୃପାଳୁ ରଘୁବୀର ! ହେ ଶଙ୍କରଙ୍କ ମନରୂପୀ ମାନସ ସରୋବରର ରାଜହଂସ ! ଶୁଣନ୍ତୁ; ମୁଁ ବ୍ରହ୍ମଲୋକକୁ ଯାଉଥିଲି । ଏତିକିବେଳେ ଶୁଣିଲି ଯେ, ଶ୍ରୀରାମ ବନକୁ ଆସିବେ ॥ ୧ ॥

**ଚିତୱତ ପଂଥ ରହେଉଁ ଦିନ ରାତୀ । ଅବ ପ୍ରଭୁ ଦେଖି ଜୁଡ଼ାନୀ ଛାତୀ ॥**
**ନାଥ ସକଲ ସାଧନ ମୈଁ ହୀନା । କୀହ୍ନୀ କୃପା ଜାନି ଜନ ଦୀନା ॥ ୨ ॥**

ସେହିଦିନୁ ଆପଣ କେବେ ଆସିବେ ବୋଲି ମୁଁ ଦିବାନିଶି ବାଟ ଚାହିଁ ବସିଛି । ଆଜି ପ୍ରଭୁଙ୍କୁ ଦର୍ଶନ କରି ମୋର ହୃଦୟ ଶୀତଳ ହୋଇଗଲା । ହେ ନାଥ ! ମୁଁ ସବୁସାଧନାରେ ହୀନ । ଆପଣ ମୋତେ ନିଜର ଜଣେ ଦୀନ ସେବକ ଜାଣି ମୋ ଉପରେ କୃପା କରିଛନ୍ତି ॥ ୨ ॥

**ସୋ କଛୁ ଦେୱ ନ ମୋହି ନିହୋରା । ନିଜ ପନ ରାଖେଉ ଜନ ମନ ଚୋରା ॥**
**ତବ ଲଗି ରହହୁ ଦୀନ ହିତ ଲାଗୀ । ଜବ ଲଗି ମିଲୌଁ ତୁହ୍ମହି ତନୁ ତ୍ୟାଗୀ ॥ ୩ ॥**

ହେ ଦେବ ! ମୋ ପ୍ରତି ଆପଣଙ୍କର ଏହା କୌଣସି ବିଶେଷ ଅନୁଗ୍ରହ ନୁହେଁ; ଏହା ତ ଆପଣଙ୍କର ସହଜ ସ୍ୱଭାବ । ହେ ଭକ୍ତଚିତ୍ତଚୋର ! ଏହା କରି ଆପଣ ଆପଣଙ୍କର ପଣ ରକ୍ଷା କରିଛନ୍ତି । ବର୍ତ୍ତମାନ ଯେପର୍ଯ୍ୟନ୍ତ ଏହି ଶରୀର ଛାଡ଼ି ଏହି ଦୀନ [ଆପଣଙ୍କ ଧାମରେ] ଆପଣଙ୍କ ସହିତ ମିଳିତ ନ ହୋଇଛି, ଏହି ଦୀନର ମଙ୍ଗଳ ନିମନ୍ତେ, ସେପର୍ଯ୍ୟନ୍ତ ଏଠାରେ ରହନ୍ତୁ ।'' ॥ ୩ ॥

**ଜୋଗ ଜଗ୍ୟ ଜପ ତପ ବ୍ରତ କୀହ୍ନା । ପ୍ରଭୁ କହଁ ଦେଇ ଭଗତି ବର ଲୀହ୍ନା ॥**
**ଏହି ବିଧି ସର ରଚି ମୁନି ସରଭଂଗା । ବୈଠେ ହୃଦୟଁ ଛାଡ଼ି ସବ ସଂଗା ॥ ୪ ॥**

ମୁନି ଯୋଗ, ଯଜ୍ଞ, ଜପ, ତପ ଆଦି ଯାହା କିଛି ବ୍ରତ କରିଥିଲେ, ସେସବୁ ପ୍ରଭୁଙ୍କୁ ସମର୍ପଣ କରିଦେଇ ତା'ବଦଳରେ ଭକ୍ତିରୂପକ ବର ମାଗିନେଲେ । ଏପରିଭାବରେ ଦୁର୍ଲଭ ଭକ୍ତି ପ୍ରାପ୍ତି କରିବା ପରେ ମୁନି ଶରଭଙ୍ଗ ଚିତା ପ୍ରସ୍ତୁତ କଲେ ଏବଂ ହୃଦୟରୁ ସକଳ ଆସକ୍ତି ତ୍ୟାଗ କରିଦେଇ ସେହି ଚିତା ଉପରେ ବସିଗଲେ ॥ ୪ ॥

ଦୋ:- **ସୀତା ଅନୁଜ ସମେତ ପ୍ରଭୁ ନୀଲ ଜଲଦ ତନୁ ସ୍ୟାମ ।**
**ମମ ହିୟଁ ବସହୁ ନିରଂତର ସଗୁନରୂପ ଶ୍ରୀରାମ ॥ ୮ ॥**

ସେ କହିଲେ, ''ହେ ନୀଳମେଘସମ ଶ୍ୟାମତନୁଧାରୀ ସଗୁଣରୂପ ଶ୍ରୀରାମ ! ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ଆପଣ ନିରନ୍ତର ମୋ ହୃଦୟରେ ନିବାସ କରନ୍ତୁ ।'' ॥ ୮॥

**ଅସ କହି ଜୋଗ ଅଗିନି ତନୁ ଜାରା । ରାମ କୃପା ବୈକୁଂଠ ସିଧାରା ॥**
**ତାତେ ମୁନି ହରି ଲୀନ ନ ଭୟଉ । ପ୍ରଥମହିଁ ଭେଦ ଭଗତି ବର ଲୟଉ ॥ ୧ ॥**

ଏହିପରି କହି ଶରଭଙ୍ଗ ମୁନି ଯୋଗାଗ୍ନିରେ ନିଜର ଦେହକୁ ଭସ୍ମ କରିଦେଲେ ଓ ଶ୍ରୀରାମଙ୍କ କୃପାରୁ ବୈକୁଣ୍ଠକୁ ଚାଲିଗଲେ । ମୁନି ଭଗବାନଙ୍କ ଠାରେ ଲୀନ ନ ହେବାର କାରଣ ହେଉଛି, ସେ ପ୍ରଥମରୁହିଁ ବରରୂପେ ଭେଦ-ଭକ୍ତି ମାଗିନେଇଥିଲେ ॥ ୧ ॥

**ରିଷି ନିକାୟ ମୁନିବର ଗତି ଦେଖୀ । ସୁଖୀ ଭଏ ନିଜ ହୃଦୟଁ ବିସେଷୀ ॥**
**ଅସ୍ତୁତି କରହିଁ ସକଲ ମୁନି ବୃଂଦା । ଜୟତି ପ୍ରନତ ହିତ କରୁନା କଂଦା ॥ ୨ ॥**

ଋଷିମାନେ ମୁନିବର ଶରଭଙ୍ଗଙ୍କର ଏହି ଦୁର୍ଲଭ ଗତି ଦେଖି ବିଶେଷରୂପେ ଆନନ୍ଦିତ ହେଲେ । ସବୁ ମୁନି ଶ୍ରୀରାମଙ୍କୁ ସ୍ତୁତି କରି କହିଲେ, ''ଶରଣାଗତହିତକାରୀ କରୁଣାକନ୍ଦ (କରୁଣାର ମୂଳ) ପ୍ରଭୁଙ୍କର ଜୟ ହେଉ !'' ॥ ୨ ॥

**ପୁନି ରଘୁନାଥ ଚଲେ ବନ ଆଗେ । ମୁନିବର ବୃଂଦ ବିପୁଲ ସଁଗ ଲାଗେ ॥**
**ଅସ୍ଥି ସମୂହ ଦେଖି ରଘୁରାୟା । ପୂଛୀ ମୁନିହ୍ନ ଲାଗି ଅତି ଦାୟା ॥ ୩ ॥**

ତା'ପରେ ଶ୍ରୀରଘୁନାଥ ବନପଥରେ ଅଗ୍ରସର ହେଲେ । ମୁନିମାନେ ଦଳ ଦଳ ହୋଇ ପ୍ରଭୁଙ୍କ ସହିତ ଚାଲିଲେ । ବାଟରେ ଗୋଟିଏ ସ୍ଥାନରେ ବହୁ ପରିମାଣରେ ଅସ୍ଥି ଗଦା ହୋଇଥିବା ଦେଖି ଶ୍ରୀରଘୁନାଥଙ୍କ ମନରେ ଦୟା ଜାତ ହେଲା । ସେ ମୁନିମାନଙ୍କୁ ଅସ୍ଥିଗଦାର କାରଣ ପଚାରିଲେ ॥ ୩ ॥

**ଜାନତହୂଁ ପୂଛିଅ କସ ସ୍ୱାମୀ । ସବଦରସୀ ତୁହ୍ମ ଅଂତରଜାମୀ ॥**
**ନିସିଚର ନିକର ସକଲ ମୁନି ଖାଏ । ସୁନି ରଘୁବୀର ନୟନ ଜଲ ଛାଏ ॥ ୪ ॥**

ମୁନିମାନେ କହିଲେ, ''ହେ ସ୍ୱାମୀ ! ଆପଣ ସର୍ବଜ୍ଞ ଓ ଅନ୍ତର୍ଯାମୀ । ସବୁ ଜାଣୁଥାଇ ମଧ୍ୟ ନ ଜାଣିଲାପରି କିପରି ଆମକୁ ପଚାରୁଛନ୍ତି ! ରାକ୍ଷସମାନେ ମୁନିମାନଙ୍କୁ ଖାଇଯାଇଛନ୍ତି [ଏସବୁ ହେଉଛି ସେହି ମୁନିମାନଙ୍କର ଅସ୍ଥି] ।'' ଏହା ଶୁଣିବାକ୍ଷଣି ରଘୁନାଥଙ୍କ ନୟନ ଅଶ୍ରୁରେ ଛଳଛଳ ହୋଇଗଲା ॥ ୪ ॥

ଦୋଃ- **ନିସିଚର ହୀନ କରଉଁ ମହି ଭୁଜ ଉଠାଇ ପନ କୀହ୍ନ ।**
**ସକଲ ମୁନିହ୍ନ କେ ଆଶ୍ରମହ୍ନି ଜାଇ ଜାଇ ସୁଖ ଦୀହ୍ନ ॥ ୯ ॥**

ସେ ଭୁଜ ଉଠାଇ ପ୍ରତିଜ୍ଞା କଲେ, ''ମୁଁ ପୃଥିବୀକୁ ରାକ୍ଷସଶୂନ୍ୟ କରିଦେବି'' । ତା'ପରେ ସମସ୍ତ ମୁନିଙ୍କ ଆଶ୍ରମକୁ ଯାଇ ସେ ସେମାନଙ୍କୁ [ଦର୍ଶନ ଦେଇ ଏବଂ ସମ୍ଭାଷଣ କରି] ସୁଖ ପ୍ରଦାନ କଲେ ॥ ୯ ॥

**ମୁନି ଅଗସ୍ତି କର ସିଷ୍ୟ ସୁଜାନା । ନାମ ସୁତୀଛନ ରତି ଭଗୱାନା ॥**
**ମନ କ୍ରମ ବଚନ ରାମ ପଦ ସେୱକ । ସପନେହୁ ଆନ ଭରୋସ ନ ଦେୱକ ॥ ୧ ॥**

ମୁନି ଅଗସ୍ତ୍ୟଙ୍କର ସୁତୀକ୍ଷ୍ଣ ନାମକ ଜଣେ ଜ୍ଞାନୀଶିଷ୍ୟ ଥିଲେ । ଭଗବାନଙ୍କ ଠାରେ ତାଙ୍କର ଗଭୀର ପ୍ରୀତି ଥିଲା । ସେ ମନ, ବଚନ ଓ କର୍ମରେ ଶ୍ରୀରାମଙ୍କର ଚରଣସେବକ ଥିଲେ । ସେ ସ୍ୱପ୍ନରେ ବି ଅନ୍ୟ କୌଣସି ଦେବତାଙ୍କ ଉପରେ ଭରସା ରଖି ନ ଥିଲେ ॥ ୧ ॥




ମୁନିମାନଙ୍କୁ ଶ୍ରୀରାମଙ୍କର ଅଭୟ ପ୍ରଦାନ

ପ୍ରଭୁ ଆଗୱନୁ ଶ୍ରୱନ ସୁନି ପାୱା । କରତ ମନୋରଥ ଆତୁର ଧାୱା ॥
ହେ ବିଧି ଦୀନବଂଧୁ ରଘୁରାୟା । ମୋ ସେ ସଠ ପର କରିହହିଁ ଦାୟା ॥ ୨ ॥
ସହିତ ଅନୁଜ ମୋହି ରାମ ଗୋସାଇଁ । ମିଲିହହିଁ ନିଜ ସେୱକ କୀ ନାଇଁ ॥
ମୋରେ ଜିୟଁ ଭରୋସ ଦୃଢ଼ ନାହୀଁ । ଭଗତି ବିରତି ନ ଗ୍ୟାନ ମନ ମାହୀଁ ॥ ୩ ॥
ନହିଁ ସତସଂଗ ଜୋଗ ଜପ ଜାଗା । ନହିଁ ଦୃଢ଼ ଚରନ କମଲ ଅନୁରାଗା ॥
ଏକ ବାନି କରୁନାନିଧାନ କୀ । ସୋ ପ୍ରିୟ ଜାକେଁ ଗତି ନ ଆନ କୀ ॥ ୪ ॥
ହୋଇହେଁ ସୁଫଲ ଆଜୁ ମମ ଲୋଚନ । ଦେଖି ବଦନ ପଂକଜ ଭୱ ମୋଚନ ॥
ନିର୍ଭର ପ୍ରେମ ମଗନ ମୁନି ଗ୍ୟାନୀ । କହି ନ ଜାଇ ସୋ ଦସା ଭୱାନୀ ॥ ୫ ॥

ପ୍ରଭୁଙ୍କ ଆଗମନ ସମାଗ୍ଚର ଶୁଣିବାମାତ୍ରେ ସେ ଅନେକପ୍ରକାର ମନୋରଥ ନେଇ, ଆତୁର ହୋଇ ଧାଇଁଆସିଲେ । ସେ ଭାବୁଥାନ୍ତି, "ହେ ବିଧାତା ! କ'ଣ ଦୀନବନ୍ଧୁ ଶ୍ରୀରଘୁନାଥ ମୋ ପରି ଦୁଷ୍ଟକୁ ବି ଦୟା କରିବେ ! କ'ଣ ପ୍ରଭୁ ଶ୍ରୀରାମ ଅନୁଜ ଲକ୍ଷ୍ମଣଙ୍କ ସହିତ ଆସି, ମୋତେ ନିଜର ସେବକ ପରି ଗ୍ରହଣ କରି ଦର୍ଶନ ଦେବେ ! ମୋ ମନରେ ଦୃଢ଼ବିଶ୍ୱାସ ହେଉନାହିଁ; କାରଣ ମୋ ମନରେ ଭକ୍ତି, ବୈରାଗ୍ୟ ବା ଜ୍ଞାନ– କିଛି ବି ନାହିଁ; ମୁଁ ନା ସତ୍ସଙ୍ଗ, ଯୋଗ, ଜପ ଅଥବା ଯଜ୍ଞ କରିଛି, ନା ପ୍ରଭୁଙ୍କ ଚରଣକମଳରେ ମୋର ଦୃଢ଼ ଅନୁରାଗ ଅଛି । ହଁ, ଦୟାନିଧି ପ୍ରଭୁଙ୍କର ଗୋଟିଏ ସ୍ୱଭାବ ହେଲା, ଯାହାର ଅନ୍ୟ କୌଣସି ଭରସା ନ ଥାଏ, ସେ ତାଙ୍କୁ ପ୍ରିୟ ଲାଗେ ।" [ଭଗବାନଙ୍କର ଏହି ସ୍ୱଭାବ ମନେ ପଡ଼ିଯିବାକ୍ଷଣି ମୁନି ଆନନ୍ଦମଗ୍ନ ହୋଇ ମନେ ମନେ କହିବାକୁ ଲାଗିଲେ,] "ଆହା ! ଭବବନ୍ଧନର ମୁକ୍ତିଦାତା ପ୍ରଭୁଙ୍କ ମୁଖାରବିନ୍ଦ ଦର୍ଶନ କରି ଆଜି ମୋର ନେତ୍ର ସଫଳ ହୋଇଯିବ ।" [ଶିବ କହୁଛନ୍ତି–] ହେ ଭବାନୀ ! ଜ୍ଞାନୀମୁନି ପ୍ରେମରେ ସମ୍ପୂର୍ଣ୍ଣ ମଗ୍ନ ହୋଇଯାଇଥାନ୍ତି । ତାଙ୍କର ସେହି ସମୟର ଅବସ୍ଥା ଭାଷାରେ କହିହେବ ନାହିଁ ॥ ୨–୫ ॥

ଦିସି ଅରୁ ବିଦିସି ପଂଥ ନହିଁ ସୂଝା । କୋ ମୈଁ ଚଲେଉଁ କହାଁ ନହିଁ ବୂଝା ॥
କବହୁଁକ ଫିରି ପାଛେଁ ପୁନି ଜାଈ । କବହୁଁକ ନୃତ୍ୟ କରଇ ଗୁନ ଗାଈ ॥ ୬ ॥

ତାଙ୍କୁ ଦିଗ-ବିଦିଗ, କି ବାଟ-ଅବାଟ କିଛି ଜଣାପଡୁ ନ ଥାଏ । ସେ କିଏ ଓ କୁଆଡ଼େ ଯାଉଛନ୍ତି, ତାହା ମଧ୍ୟ ସେ ନିଜେ ଜାଣିପାରୁ ନ ଥାନ୍ତି । କେତେବେଳେ ସେ ପଛଆଡ଼କୁ ବୁଲିପଡ଼ି ଆଗେଇ ଗ୍ଚଲୁଥାନ୍ତି ତ, କେତେବେଳେ ପ୍ରଭୁଙ୍କ ଗୁଣ ଗାନ କରି କରି ନୃତ୍ୟ କରୁଥାନ୍ତି ॥ ୬ ॥

ଅବିରଲ ପ୍ରେମ ଭଗତି ମୁନି ପାଈ । ପ୍ରଭୁ ଦେଖୈଁ ତରୁ ଓଟ ଲୁକାଈ ॥
ଅତିସୟ ପ୍ରୀତି ଦେଖି ରଘୁବୀରା । ପ୍ରଗଟେ ହୃଦୟଁ ହରନ ଭୱ ଭୀରା ॥ ୭ ॥

ମୁନି ପ୍ରଗାଢ଼ ପ୍ରେମଭକ୍ତି ଲାଭ କରିସାରିଥିଲେ । ପ୍ରଭୁ ଶ୍ରୀରାମ ବୃକ୍ଷ ଅନ୍ତରାଳରେ ଲୁଚିରହି ସେହି ଭକ୍ତଙ୍କର ପ୍ରେମୋନ୍ମତ୍ତ ଦଶା ଦେଖୁଥାନ୍ତି । ମୁନିଙ୍କର ପ୍ରେମାତିଶଯ୍ୟ ଦେଖି ଭବଭୟହାରୀ ଶ୍ରୀରଘୁନାଥ ମୁନିଙ୍କ ହୃଦୟରେ ଆବିର୍ଭୂତ ହୋଇଗଲେ ॥ ୭ ॥

ମୁନି ମଗ ମାଝ ଅଚଲ ହୋଇ ବୈସା । ପୁଲକ ସରୀର ପନସ ଫଲ ଜୈସା ॥
ତବ ରଘୁନାଥ ନିକଟ ଚଲି ଆଏ । ଦେଖି ଦସା ନିଜ ଜନ ମନ ଭାଏ ॥ ୮ ॥

[ହୃଦୟ ମଧ୍ୟରେ ପ୍ରଭୁଙ୍କ ଦର୍ଶନ ଲାଭ କରି] ମୁନି ମଝିବାଟରେହିଁ ସ୍ଥିର ହୋଇ ବସିପଡ଼ିଲେ । ତାଙ୍କ ଶରୀର (କଣ୍ଟକିତ) ପଣସ ପରି ରୋମାଞ୍ଚିତ ହୋଇଗଲା । ତାହା ଦେଖି ପ୍ରଭୁ ତାଙ୍କ ନିକଟକୁ ଚାଲିଆସିଲେ ଓ ନିଜ ଭକ୍ତର ପ୍ରେମଦଶା ଦେଖି ମନେ ମନେ ବିଶେଷ ପ୍ରସନ୍ନ ହେଲେ ॥ ୮ ॥

**ମୁନିହି ରାମ ବହୁ ଭାଁତି ଜଗାୱା । ଜାଗ ନ ଧ୍ୟାନ ଜନିତ ସୁଖ ପାୱା ॥**
**ଭୂପ ରୂପ ତବ ରାମ ଦୁରାୱା । ହୃଦୟଁ ଚତୁର୍ଭୁଜ ରୂପ ଦେଖାୱା ॥ ୯ ॥**

ପ୍ରଭୁ ଶ୍ରୀରାମ ମୁନିଙ୍କୁ ଜାଗ୍ରତ କରିବାକୁ ବହୁ ଚେଷ୍ଟା କଲେ; କିନ୍ତୁ ମୁନି ଜାଗ୍ରତ ହେଲେ ନାହିଁ; କାରଣ ତାଙ୍କୁ ପ୍ରଭୁଙ୍କ ଧ୍ୟାନ କରିବାର ସୁଖ ମିଳୁଥିଲା । ତେଣୁ ଶ୍ରୀରାମ ନିଜର ରାଜରୂପ ଲୁଚାଇଦେଇ ମୁନିଙ୍କ ହୃଦୟରେ ନିଜର ଚତୁର୍ଭୁଜରୂପ ପ୍ରକଟ କରିଦେଲେ ॥ ୯ ॥

**ମୁନି ଅକୁଲାଇ ଉଠା ତବ କୈସେଁ । ବିକଲ ହୀନ ମନି ଫନିବର ଜୈସେଁ ॥**
**ଆଗେଁ ଦେଖି ରାମ ତନ ସ୍ୟାମା । ସୀତା ଅନୁଜ ସହିତ ସୁଖ ଧାମା ॥ ୧୦ ॥**

ଫଳରେ ମଣିଧର ସର୍ପ ତା'ର ମଣି ହରାଇଦେଇ ଯେପରି ବ୍ୟାକୁଳ ହୋଇଉଠେ, (ହୃଦୟରୁ ନିଜ ଇଷ୍ଟଙ୍କ ସ୍ୱରୂପ ଅନ୍ତର୍ଦ୍ଧାନ ହୋଇଯିବାମାତ୍ରେ) ମୁନି ସେହିପରି ବ୍ୟାକୁଳ ହୋଇଉଠିଲେ। ମୁନି ନିଜ ସମ୍ମୁଖରେ ସୀତା ଓ ଲକ୍ଷ୍ମଣଙ୍କ ସହିତ ଶ୍ୟାମସୁନ୍ଦର-ବିଗ୍ରହ ସୁଖଧାମ ଶ୍ରୀରାମଙ୍କୁ ଦେଖିବାକୁ ପାଇଲେ ॥ ୧୦ ॥

**ପରେଉ ଲକୁଟ ଇୱ ଚରନହ୍ନି ଲାଗୀ । ପ୍ରେମ ମଗନ ମୁନିବର ବଡ଼ଭାଗୀ ॥**
**ଭୁଜ ବିସାଲ ଗହି ଲିଏ ଉଠାଈ । ପରମ ପ୍ରୀତି ରାଖେ ଉର ଲାଈ ॥ ୧୧ ॥**

ପ୍ରେମରେ ମଗ୍ନ ହୋଇ ସେହି ଭାଗ୍ୟବାନ୍ ମୁନିବର ଦଣ୍ଡ (ବାଡ଼ି) ପରି ଶ୍ରୀରାମଙ୍କ ଚରଣରେ ଲୋଟିପଡ଼ିଲେ । ଶ୍ରୀରାମ ତାଙ୍କୁ ନିଜର ବିଶାଳଭୁଜରେ ଧରି ତଳୁ ଉଠାଇନେଲେ ଏବଂ ଗଭୀର ପ୍ରେମର ସହିତ ହୃଦୟରେ ଭିଡ଼ିଧରିଲେ ॥ ୧୧ ॥

**ମୁନିହି ମିଲତ ଅସ ସୋହ କୃପାଲା । କନକ ତରୁହି ଜନୁ ଭେଁଟ ତମାଲା ॥**
**ରାମ ବଦନୁ ବିଲୋକ ମୁନି ଠାଢ଼ା । ମାନହୁଁ ଚିତ୍ର ମାଝ ଲିଖି କାଢ଼ା ॥ ୧୨ ॥**

କୃପାଳୁ ଶ୍ରୀରାମ ମୁନିଙ୍କ ସହିତ ମିଳିତ ହୋଇ ଏପରି ଶୋଭିତ ହେଲେ ଯେ, ଦେଖି ମନେହେଲା, ସତେ ଯେପରି ଗୋଟିଏ ତମାଳ ବୃକ୍ଷ ଗୋଟିଏ ସୁବର୍ଣ୍ଣବୃକ୍ଷକୁ ଆଲିଙ୍ଗନ କରି ଛନ୍ଦିଧରିଛି । ମୁନିବର ଚିତ୍ରପ୍ରତିମା ପରି ନିସ୍ତବ୍ଧଭାବରେ ଠିଆ ହୋଇ ନିର୍ନିମେଷ ନୟନରେ ଶ୍ରୀରାମଙ୍କ ଶ୍ରୀମୁଖକୁ ଚାହିଁରହିଲେ ॥ ୧୨ ॥

ଦୋ:- **ତବ ମୁନି ହୃଦୟଁ ଧୀର ଧରି ଗହି ପଦ ବାରହିଁ ବାର ।**
**ନିଜ ଆଶ୍ରମ ପ୍ରଭୁ ଆନି କରି ପୂଜା ବିବିଧ ପ୍ରକାର ॥ ୧୦ ॥**

ତା'ପରେ ମୁନିବର ସୁତୀକ୍ଷ୍ଣ ହୃଦୟରେ ଧୈର୍ଯ୍ୟ ଧରି ବାରମ୍ବାର ପ୍ରଭୁଙ୍କ ଚରଣ ସ୍ପର୍ଶ କଲେ ଏବଂ ପ୍ରଭୁଙ୍କୁ ନିଜ ଆଶ୍ରମକୁ ପାଛୋଟିଆଣି ଅନେକପ୍ରକାରେ ପୂଜା କଲେ ॥ ୧୦ ॥

**କହ ମୁନି ପ୍ରଭୁ ସୁନୁ ବିନତୀ ମୋରୀ । ଅସ୍ତୁତି କରୌଁ କୱନ ବିଧି ତୋରୀ ॥**
**ମହିମା ଅମିତ ମୋରି ମତି ଥୋରୀ । ରବି ସନ୍ମୁଖ ଖଦ୍ୟୋତ ଅଁଜୋରୀ ॥ ୧ ॥**

ମୁନି କହିଲେ, ''ହେ ପ୍ରଭୁ ! ମୋର ବିନତି ଶୁଣନ୍ତୁ । ମୁଁ କିପରି ଆପଣଙ୍କୁ ସ୍ତୁତି କରିବି ? ଆପଣଙ୍କର ମହିମା ଅପାର ଏବଂ ମୋର ବୁଦ୍ଧି ଅଳ୍ପ; ଆପଣଙ୍କ ପରି ସୂର୍ଯ୍ୟ ଆଗରେ ମୁଁ ଜୁଳୁଜୁଳିଆ ପୋକଟିଏ ପରି ॥ ୧ ॥

**ଶ୍ୟାମ ତାମରସ ଦାମ ଶରୀରଂ । ଜଟା ମୁକୁଟ ପରିଧନ ମୁନିଚୀରଂ ॥**
**ପାଣି ଚାପ ଶର କଟି ତୂଣୀରଂ । ନୌମି ନିରଂତର ଶ୍ରୀରଘୁବୀରଂ ॥ ୨ ॥**

ହେ ନୀଳକମଳମାଳାସଦୃଶ ଶ୍ୟାମତନୁଧାରୀ ! ହେ ଜଟାମୁକୁଟଧାରୀ ! ହେ ମୁନିଜନଯୋଗ୍ୟ ବଲ୍କଳ-ପରିଧାନକାରୀ ! ହସ୍ତରେ ଧନୁଶର ଧରିଥିବା ଓ କଟିରେ ତୂଣୀର ବାନ୍ଧିଥିବା ହେ ଶ୍ରୀରାମ ! ମୁଁ ଆପଣଙ୍କୁ ନିରନ୍ତର ନମସ୍କାର କରୁଛି ॥ ୨ ॥

**ମୋହ ବିପିନ ଘନ ଦହନ କୃଶାନୁଃ । ସଂତ ସରୋରୁହ କାନନ ଭାନୁଃ ॥**
**ନିସିଚର କରି ବରୂଥ ମୃଗରାଜଃ । ତ୍ରାତୁ ସଦା ନୋ ଭଵ ଖଗ ବାଜଃ ॥ ୩ ॥**

ଯେଉଁ ପ୍ରଭୁ ମୋହରୂପୀ ଗହନବନକୁ ଦହନ କରିବାରେ ଅଗ୍ନି ପରି, ସନ୍ଥରୂପୀ କମଳବନକୁ ପ୍ରଫୁଲ୍ଲିତ କରିବାରେ ସୂର୍ଯ୍ୟ ପରି, ରାକ୍ଷସରୂପୀ ହସ୍ତୀବୃନ୍ଦକୁ ପରାସ୍ତ କରିବାରେ ସିଂହ ପରି ଏବଂ ଭବ(ଜନ୍ମମରଣ)ରୂପୀ ପକ୍ଷୀକୁ ନାଶ କରିବାରେ ବାଜପକ୍ଷୀ ପରି, ସେହି ପ୍ରଭୁ (ଶ୍ରୀରାମ) ସଦା ଆମ୍ଭମାନଙ୍କୁ ରକ୍ଷା କରନ୍ତୁ ॥ ୩ ॥

**ଅରୁଣ ନୟନ ରାଜୀଵ ସୁବେଶଂ । ସୀତା ନୟନ ଚକୋର ନିଶେଶଂ ॥**
**ହର ହୃଦି ମାନସ ବାଲ ମରାଲଂ । ନୌମି ରାମ ଉର ବାହୁ ବିଶାଲଂ ॥ ୪ ॥**

ହେ ଅରୁଣରାଜୀବଲୋଚନ ! ହେ ସୁନ୍ଦର ସୁବେଶ ! ହେ ସୀତାଙ୍କ ନୟନରୂପୀ ଚକୋରର ଚନ୍ଦ୍ରମା ! ହେ ଶିବହୃଦୟରୂପୀ ମାନସସରୋବରର ବାଳହଂସ ! ହେ ବିଶାଳହୃଦୟ ଓ ବିଶାଳବାହୁ ଶ୍ରୀରାମ ! ମୁଁ ଆପଣଙ୍କୁ ନମସ୍କାର କରୁଛି ॥ ୪ ॥

**ସଂଶୟ ସର୍ପ ଗ୍ରସନ ଉରଗାଦଃ । ଶମନ ସୁକର୍କଶ ତର୍କ ବିଷାଦଃ ॥**
**ଭଵ ଭଞ୍ଜନ ରଞ୍ଜନ ସୁର ଯୂଥଃ । ତ୍ରାତୁ ସଦା ନୋ କୃପା ବରୂଥଃ ॥ ୫ ॥**

ଯେଉଁ ପ୍ରଭୁ ସଂଶୟରୂପୀ ସର୍ପକୁ ଗ୍ରାସ କରିବାରେ ଗରୁଡ଼ ପରି, ଯେଉଁ ପ୍ରଭୁ ଅତ୍ୟନ୍ତ କଠୋର ତର୍କରୁ ଉତ୍ପନ୍ନ ବିଷାଦକୁ ନାଶ କରିଦିଅନ୍ତି, ଜନ୍ମ-ମରଣଚକ୍ରରୁ ମୁକ୍ତି ପ୍ରଦାନ କରନ୍ତି ତଥା ଦେବତାମାନଙ୍କୁ ଆନନ୍ଦ ପ୍ରଦାନ କରନ୍ତି, ସେହି କୃପାରାଶି ଶ୍ରୀରାମ ଆମକୁ ସଦା ରକ୍ଷା କରନ୍ତୁ ॥ ୫ ॥

**ନିର୍ଗୁଣ ସଗୁଣ ବିଷମ ସମ ରୂପଂ । ଜ୍ଞାନ ଗିରା ଗୋତୀତମନୂପଂ ॥**
**ଅମଲମଖିଲମନଵଦ୍ୟମପାରଂ । ନୌମି ରାମ ଭଂଜନ ମହି ଭାରଂ ॥ ୬ ॥**

ହେ ନିର୍ଗୁଣ, ସଗୁଣ, ବିଷମ ଓ ସମରୂପ ! ହେ ଜ୍ଞାନ, ବାଣୀ ଓ ଇନ୍ଦ୍ରିୟର ଅତୀତ ! ହେ ଅନୁପମ, ନିର୍ମଳ, ସକଳଦୋଷରହିତ, ଅନନ୍ତ ଓ ଭବଭାର-ବିଭଞ୍ଜକ ଶ୍ରୀରାମ ! ମୁଁ ଆପଣଙ୍କୁ ନମସ୍କାର କରୁଛି ॥ ୬ ॥

**ଭକ୍ତ କଳ୍ପପାଦପ ଆରାମଃ । ତର୍ଜନ କ୍ରୋଧ ଲୋଭ ମଦ କାମଃ ॥**
**ଅତି ନାଗର ଭଵ ସାଗର ସେତୁଃ । ତ୍ରାତୁ ସଦା ଦିନକର କୁଳ କେତୁଃ ॥ ୭ ॥**

ଯେ ଭକ୍ତଜନଙ୍କ ନିମନ୍ତେ କଳ୍ପବୃକ୍ଷର ଉଦ୍ୟାନସ୍ୱରୂପ, ଯେ କାମ, କ୍ରୋଧ, ଲୋଭ ଓ ମଦକୁ ଭୟଭୀତ କରନ୍ତି, ଯେ ଅତ୍ୟନ୍ତ ଚତୁର ଓ ସଂସାରସାଗରରୁ ତାରଣ କରିବାରେ ସେତୁସ୍ୱରୂପ, ସେହି ସୂର୍ଯ୍ୟବଂଶର ଧ୍ୱଜା ଶ୍ରୀରାମ ମୋତେ ସର୍ବଦା ରକ୍ଷା କରନ୍ତୁ ॥ ୭ ॥

**ଅତୁଲିତ ଭୁଜ ପ୍ରତାପ ବଳ ଧାମଃ । କଳି ମଳ ବିପୁଳ ବିଭଂଜନ ନାମଃ ॥**
**ଧର୍ମ ବର୍ମ ନର୍ମଦ ଗୁଣ ଗ୍ରାମଃ । ସଂତତ ଶଂ ତନୋତୁ ମମ ରାମଃ ॥ ୮ ॥**

ଯାହାଙ୍କର ଭୁଜମାନଙ୍କର ପ୍ରତାପ ଅତୁଳନୀୟ, ଯେ ବଳର ଧାମ, ଯାହାଙ୍କର ନାମ କଳିକଲ୍ମଷନାଶକ, ଯେ ଧର୍ମର କବଚ (ରକ୍ଷକ) ଏବଂ ଯାହାଙ୍କର ଗୁଣସମୂହ ଆନନ୍ଦପ୍ରଦାୟକ, ସେହି ଶ୍ରୀରାମ ସର୍ବଦା ମୋର କଲ୍ୟାଣ ବର୍ଦ୍ଧନ କରନ୍ତୁ ॥ ୮ ॥

**ଜଦପି ବିରଜ ବ୍ୟାପକ ଅବିନାସୀ । ସବ କେ ହୃଦୟଁ ନିରଂତର ବାସୀ ॥**
**ତଦପି ଅନୁଜ ଶ୍ରୀ ସହିତ ଖରାରୀ । ବସତୁ ମନସି ମମ କାନନଚାରୀ ॥ ୯ ॥**

ଯଦ୍ୟପି ଆପଣ ନିର୍ମଳ, ବ୍ୟାପକ, ଅବିନାଶୀ ଓ ସମସ୍ତଙ୍କ ହୃଦୟରେ ନିରନ୍ତର ନିବାସ କରନ୍ତି, ତଥାପି ହେ ଖରାରି ଶ୍ରୀରାମ ! ଲକ୍ଷ୍ମଣ ଓ ଶ୍ରୀସୀତାଙ୍କ ସହିତ ଏହି ବନଚାରୀରୂପରେ ଆପଣ ମୋ ହୃଦୟରେ ନିବାସ କରନ୍ତୁ ॥ ୯ ॥

**ଜେ ଜାନହିଁ ତେ ଜାନହୁଁ ସ୍ୱାମୀ । ସଗୁନ ଅଗୁନ ଉର ଅଂତରଜାମୀ ॥**
**ଜୋ କୋସଲପତି ରାଜିୱ ନୟନା । କରଉ ସୋ ରାମ ହୃଦୟ ମମ ଅୟନା ॥ ୧୦ ॥**

ହେ ପ୍ରଭୁ ! ଯେଉଁମାନେ ଆପଣଙ୍କୁ ସଗୁଣ, ନିର୍ଗୁଣ ଓ ଅନ୍ତର୍ଯାମୀ ବୋଲି ଜାଣନ୍ତି, ସେମାନେ ସେପରି ଜାଣୁଥାନ୍ତୁ; କିନ୍ତୁ ଆପଣ କେବଳ କୋଶଳପତି କମଳନୟନ ଶ୍ରୀରାମରୂପରେ ମୋ ହୃଦୟରେ ନିବାସ କରନ୍ତୁ ॥ ୧୦ ॥

**ଅସ ଅଭିମାନ ଜାଇ ଜନି ଭୋରେ । ମୈଁ ସେୱକ ରଘୁପତି ପତି ମୋରେ ॥**
**ସୁନି ମୁନି ବଚନ ରାମ ମନ ଭାଏ । ବହୁରି ହରଷି ମୁନିବର ଉର ଲାଏ ॥ ୧୧ ॥**

ମୋ' ଠାରୁ ଭୁଲରେ ସୁଦ୍ଧା ଏହି ସ୍ୱାଭିମାନ ଦୂର ନ ହେଉ ଯେ, ମୁଁ ସେବକ ଓ ଶ୍ରୀରଘୁନାଥ ମୋର ସ୍ୱାମୀ । ମୁନିଙ୍କ ବଚନ ଶୁଣି ଶ୍ରୀରାମ ଅତ୍ୟନ୍ତ ପ୍ରସନ୍ନ ହେଲେ । ସେ ହର୍ଷିତ ହୋଇ ମୁନିବରଙ୍କୁ ହୃଦୟରେ ଲଗାଇଲେ ॥ ୧୧ ॥

**ପରମ ପ୍ରସନ୍ନ ଜାନୁ ମୁନି ମୋହୀ । ଜୋ ବର ମାଗହୁ ଦେଉଁ ସୋ ତୋହୀ ॥**
**ମୁନି କହ ମୈଁ ବର କବହୁଁ ନ ଜାଚା । ସମୁଝି ନ ପରଇ ଝୂଠ କା ସାଚା ॥ ୧୨ ॥**

ଏବଂ କହିଲେ, ''ହେ ମୁନି ! ମୁଁ ତୁମ ପ୍ରତି ପ୍ରସନ୍ନ ହୋଇଛି ବୋଲି ଜାଣ । ତୁମେ ଯେଉଁ ବର ମାଗିବ, ମୁଁ ତାହା ପ୍ରଦାନ କରିବି ।'' ମୁନିବର ସୁତୀକ୍ଷ୍ଣ କହିଲେ, ''ମୁଁ ତ କେବେ ବର ମାଗି ନାହିଁ । ଠିକ୍ କ'ଣ ଓ ଭୁଲ୍ କ'ଣ, ମୁଁ ତାହା ଜାଣେନା ॥ ୧୨ ॥

**ତୁମ୍ହହି ନୀକ ଲାଗୈ ରଘୁରାଈ । ସୋ ମୋହି ଦେହୁ ଦାସ ସୁଖଦାଈ ॥**
**ଅବିରଲ ଭଗତି ବିରତି ବିଗ୍ୟାନା । ହୋହୁ ସକଲ ଗୁନ ଗ୍ୟାନ ନିଧାନା ॥ ୧୩ ॥**

ତେଣୁ ହେ ରଘୁମଣି ! ହେ ଦାସସୁଖଦାତା ! ଆପଣଙ୍କୁ ଯାହା ଭଲ ଲାଗୁଛି, ମୋତେ ତାହା ଦିଅନ୍ତୁ ।'' ଶ୍ରୀରାମ କହିଲେ, ''ହେ ମୁନି ! ତୁମେ ପ୍ରଗାଢ଼ ଭକ୍ତି, ବୈରାଗ୍ୟ, ବିଜ୍ଞାନ ଓ ସମସ୍ତ ଗୁଣ ତଥା ଜ୍ଞାନର ନିଧାନ ହୋଇଯାଅ ।'' ॥ ୧୩ ॥

**ପ୍ରଭୁ ଜୋ ଦୀହ୍ନ ସୋ ବରୁ ମୈଁ ପାୱା । ଅବ ସୋ ଦେହୁ ମୋହି ଜୋ ଭାୱା ॥ ୧୪ ॥**

[ତା'ପରେ ମୁନି କହିଲେ,] ''ପ୍ରଭୁ ଯେଉଁ ବର ଦେଲେ, ତାହା ତ ମୁଁ ପାଇଗଲି । ବର୍ତ୍ତମାନ ମୋତେ ଯାହା ଭଲ ଲାଗେ, ତାହା ଦିଅନ୍ତୁ ॥ ୧୪ ॥

ଦୋ:- **ଅନୁଜ ଜାନକୀ ସହିତ ପ୍ରଭୁ ଚାପ ବାନ ଧର ରାମ ।**
**ମମ ହିୟ ଗଗନ ଇଂଦୁ ଇୱ ବସହୁ ସଦା ନିହକାମ ॥ ୧୧ ॥**

''ହେ ପ୍ରଭୁ ! ହେ ଶ୍ରୀରାମ ! ଅନୁଜ ଲକ୍ଷ୍ମଣ ଓ ସୀତାଙ୍କ ସହିତ ଆପଣ ଧନୁର୍ବାଣଧାରୀରୂପରେ ମୋର ନିଷ୍କାମ ହୃଦୟରୂପୀ ଆକାଶରେ ଚନ୍ଦ୍ରମା ପରି ସଦା ନିବାସ କରନ୍ତୁ ।'' ॥ ୧୧ ॥

**ଏଓ୍ୱମସ୍ତୁ କରି ରମାନିଓ୍ୱାସା । ହରଷି ଚଲେ କୁଂଭଜ ରିଷି ପାସା ॥**
**ବହୁତ ଦିଓ୍ୱସ ଗୁର ଦରସନୁ ପାଏଁ । ଭଏ ମୋହି ଏହିଁ ଆଶ୍ରମ ଆଏଁ ॥ ୧ ॥**

'ଏବମସ୍ତୁ' କହି, ଲକ୍ଷ୍ମୀନିବାସ ଶ୍ରୀରାମ ଆନନ୍ଦିତ ହୋଇ ଅଗସ୍ତ୍ୟ ଋଷିଙ୍କ ନିକଟକୁ ଗ୍ଲିଲେ । ସେତେବେଳେ ସୁତୀକ୍ଷ୍ଣ କହିଲେ, ଏହି ଆଶ୍ରମକୁ ଆସିବା ପରେ ବହୁତ ଦିନ ହୋଇଗଲାଣି, ମୁଁ ଗୁରୁ ଅଗସ୍ତ୍ୟଙ୍କ ଦର୍ଶନ ପାଇନାହିଁ ॥ ୧ ॥

**ଅବ ପ୍ରଭୁ ସଂଗ ଜାଉଁ ଗୁର ପାହୀଁ । ତୁହ୍ମ କହଁ ନାଥ ନିହୋରା ନାହୀଁ ॥**
**ଦେଖି କୃପାନିଧି ମୁନି ଚତୁରାଈ । ଲିଏ ସଂଗ ବିହସେ ଦ୍ୱୌ ଭାଈ ॥ ୨ ॥**

ତେଣୁ ଗ୍ଲନ୍ତୁ, ମୁଁ ବି ଆପଣଙ୍କ ସହିତ ଗୁରୁଦେବଙ୍କ ନିକଟକୁ ଯିବି । ହେ ପ୍ରଭୁ ! ଏହାଦ୍ୱାରା ଆପଣଙ୍କ ଉପରେ ମୁଁ କିଛି ଅନୁଗ୍ରହ କରୁନାହିଁ । ମୁନିଙ୍କ ଚତୁରତା ଦେଖି ଦୁଇଭାଇ ହସିଲେ ଏବଂ କୃପାନିଧି ଶ୍ରୀରାମ ତାଙ୍କୁ ସାଥିରେ ନେଲେ ॥ ୨ ॥

**ପଂଥ କହତ ନିଜ ଭଗତି ଅନୂପା । ମୁନି ଆଶ୍ରମ ପହୁଁଚେ ସୁରଭୂପା ॥**
**ତୁରତ ସୁତୀଛନ ଗୁର ପହିଁ ଗୟଉ । କରି ଦଂଡଓ୍ୱତ କହତ ଅସ ଭୟଉ ॥ ୩ ॥**

ବାଟରେ ନିଜର ଅନୁପମ ଭକ୍ତି ବର୍ଣ୍ଣନା କରି କରି ଯାଉ ଯାଉ ଦେବାଧିଦେବ ଶ୍ରୀରାମ ଯାଇ ଅଗସ୍ତ୍ୟ ମୁନିଙ୍କ ଆଶ୍ରମରେ ପହଞ୍ଚିଗଲେ । ସୁତୀକ୍ଷ୍ଣ ଅବିଳମ୍ବେ ଗୁରୁ ଅଗସ୍ତ୍ୟଙ୍କ ନିକଟକୁ ଯାଇ, ଦଣ୍ଡବତ୍ ପ୍ରଣାମ କରି ଜଣାଇଲେ, ॥ ୩ ॥

**ନାଥ କୋସଲାଧୀସ କୁମାରା । ଆଏ ମିଲନ ଜଗତ ଆଧାରା ॥**
**ରାମ ଅନୁଜ ସମେତ ବୈଦେହୀ । ନିସି ଦିନୁ ଦେଓ୍ୱ ଜପତ ହହୁ ଜେହୀ ॥ ୪ ॥**

''ହେ ଦେବ ! ଆପଣ ଯାହାଙ୍କୁ ଦିବାନିଶି ଜପୁଛନ୍ତି, ଅଯୋଧ୍ୟାର ରାଜା ଦଶରଥଙ୍କ ନନ୍ଦନ ଜଗଦାଧାର ସେହି ଶ୍ରୀରାମ ଅନୁଜ ଲକ୍ଷ୍ମଣ ଓ ସୀତାଙ୍କ ସହିତ ଆପଣଙ୍କୁ ସାକ୍ଷାତ କରିବାକୁ ଆସିଛନ୍ତି ।'' ॥ ୪ ॥

**ସୁନତ ଅଗସ୍ତି ତୁରତ ଉଠି ଧାଏ । ହରି ବିଲୋକି ଲୋଚନ ଜଲ ଛାଏ ॥**
**ମୁନି ପଦ କମଲ ପରେ ଦ୍ୱୌ ଭାଈ । ରିଷି ଅତି ପ୍ରୀତି ଲିଏ ଉର ଲାଈ ॥ ୫ ॥**

ଏହା ଶୁଣିବାକ୍ଷଣି ଅଗସ୍ତ୍ୟ ଆସନରୁ ଉଠି ଧାଇଁଆସିଲେ । ଭଗବାନଙ୍କୁ ଦର୍ଶନ କରିବାମାତ୍ରେ ତାଙ୍କର ଦୁଇନୟନରେ ଆନନ୍ଦ ଓ ପ୍ରେମର ଅଶ୍ରୁଜଳ ଭରିଗଲା । ଦୁଇଭାଇ ମୁନିଙ୍କ ପାଦପଦ୍ମରେ ପ୍ରଣାମ କଲେ । ମୁନିବର ସେମାନଙ୍କୁ ଉଠାଇ ହୃଦୟରେ ଲଗାଇଲେ ॥ ୫ ॥

**ସାଦର କୁସଲ ପୂଛି ମୁନି ଗ୍ୟାନୀ । ଆସନ ବର ବୈଠାରେ ଆନୀ ॥**
**ପୁନି କରି ବହୁ ପ୍ରକାର ପ୍ରଭୁ ପୂଜା । ମୋହି ସମ ଭାଗ୍ୟଓ୍ୱଂତ ନହିଁ ଦୂଜା ॥ ୬ ॥**

ଜ୍ଞାନୀ ମୁନି ଆଦରପୂର୍ବକ କୁଶଳ ପ୍ରଶ୍ନ କରିବା ପରେ ସେମାନଙ୍କୁ ଆଣି ସୁନ୍ଦର ଆସନରେ ବସାଇଲେ । ତା'ପରେ ପ୍ରଭୁଙ୍କୁ ବିଭିନ୍ନପ୍ରକାରେ ପୂଜା କରି କହିଲେ, ''ଆଜି ମୋ ପରି ଭାଗ୍ୟବାନ୍ ଅନ୍ୟ କେହି ନାହିଁ ।'' ॥ ୬ ॥

**ଜହଁ ଲଗି ରହେ ଅପର ମୁନି ବୃଂଦା । ହରଷେ ସବ ବିଲୋକି ସୁଖକଂଦା ॥ ୭ ॥**

ସେଠାରେ ଅନ୍ୟ ଯେତେ ମୁନି ଥିଲେ, ସେମାନେ ସମସ୍ତେ ଆନନ୍ଦକନ୍ଦ ଶ୍ରୀରାମଙ୍କୁ ଦର୍ଶନ କରି ଆନନ୍ଦିତ ହୋଇଗଲେ ॥ ୭ ॥

ଦୋ:- **ମୁନି ସମୂହ ମହଁ ବୈଠେ ସନ୍ମୁଖ ସବ କୀ ଓର ।**
**ସରଦ ଇଂଦୁ ତନ ଚିତୱତ ମାନହୁଁ ନିକର ଚକୋର ॥ ୧୨ ॥**

ଯେତେ ମୁନି ଥିଲେ, ଶ୍ରୀରାମ ସମସ୍ତଙ୍କ ସମ୍ମୁଖରେ ବସିଥାନ୍ତି (ଅର୍ଥାତ୍ ପ୍ରତ୍ୟେକ ମୁନିଙ୍କୁ ବୋଧ ହେଉଥାଏ ଯେ, ଶ୍ରୀରାମଚନ୍ଦ୍ର ତାଙ୍କରି ସମ୍ମୁଖରେ ବସିଛନ୍ତି) ଏବଂ ଚକୋରମାନେ ଶରତ୍‌ପୂର୍ଣ୍ଣିମାର ଚନ୍ଦ୍ରକୁ ନିରେଖି ଚାହିଁରହିବାପରି ସବୁମୁନି ଅପଲକ ନୟନରେ ତାଙ୍କ ମୁଖକୁ ଚାହିଁରହିଥାନ୍ତି ॥ ୧୨ ॥

**ତବ ରଘୁବୀର କହା ମୁନି ପାହୀଁ । ତୁହ୍ମ ସନ ପ୍ରଭୁ ଦୁରାୱ କଛୁ ନାହୀଁ ॥**
**ତୁହ୍ମ ଜାନହୁ ଜେହି କାରନ ଆୟଉଁ । ତାତେ ତାତ ନ କହି ସମୁଝାୟଉଁ ॥ ୧ ॥**

ସେତେବେଳେ ଶ୍ରୀରାମ ଅଗସ୍ତ୍ୟ ମୁନିଙ୍କୁ କହିଲେ, ''ହେ ପ୍ରଭୁ ! ଆପଣଙ୍କୁ କିଛି ଅଜଣା ନାହିଁ । ମୁଁ କାହିଁକି ଆସିଛି, ଆପଣ ତାହା ଜାଣନ୍ତି; ତେଣୁ ମୁଁ ମୋ ଆସିବାର କାରଣ ନେଇ ବୁଝାଇକହିଲି ନାହିଁ ॥ ୧ ॥

**ଅବ ସୋ ମଂତ୍ର ଦେହୁ ପ୍ରଭୁ ମୋହୀ । ଜେହି ପ୍ରକାର ମାରୌଁ ମୁନିଦ୍ରୋହୀ ॥**
**ମୁନି ମୁସୁକାନେ ସୁନି ପ୍ରଭୁ ବାନୀ । ପୂଛେହୁ ନାଥ ମୋହି କା ଜାନୀ ॥ ୨ ॥**

ହେ ପ୍ରଭୁ ! ବର୍ତ୍ତମାନ ଆପଣ ମୋତେ ସେହି ମନ୍ତ୍ର (ଉପାୟ) କହନ୍ତୁ, ଯାହା ସାହାଯ୍ୟରେ କି ମୁଁ ମୁନିମାନଙ୍କର ଦ୍ରୋହୀ ରାକ୍ଷସମାନଙ୍କୁ ମାରିଦେଇପାରିବି ।'' ପ୍ରଭୁଙ୍କ ବାଣୀ ଶୁଣି ମୁନିବର ସ୍ମିତହାସପୂର୍ବକ କହିଲେ, ''ହେ ନାଥ ! ଆପଣ କ'ଣ ଭାବି ମୋତେ ଏହି ପ୍ରଶ୍ନ ପଚାରୁଛନ୍ତି ? ॥ ୨ ॥

**ତୁହ୍ମରେଇଁ ଭଜନ ପ୍ରଭାୱ ଅଘାରୀ । ଜାନଉଁ ମହିମା କଛୁକ ତୁହ୍ମାରୀ ॥**
**ଉମରି ତରୁ ବିସାଲ ତୱ ମାୟା । ଫଲ ବ୍ରହ୍ମାଂଡ ଅନେକ ନିକାୟା ॥ ୩ ॥**

ହେ ପାପନାଶନ ! ମୁଁ ତ ଆପଣଙ୍କ ଭଜନ ପ୍ରଭାବରୁ ଆପଣଙ୍କର ସାମାନ୍ୟ କିଛି ମହିମା ଜାଣିଛି ।ଆପଣଙ୍କର ମାୟା ହେଉଛି ଏକ ବିଶାଳ ଡିମିରିଗଛ ପରି; ସେଥିରେ ଅନନ୍ତ କୋଟି ବ୍ରହ୍ମାଣ୍ଡ ଫଳ ପରି ରହିଛି ॥ ୩ ॥

**ଜୀୱ ଚରାଚର ଜଂତୁ ସମାନା । ଭୀତର ବସହିଁ ନ ଜାନହିଁ ଆନା ॥**
**ତେ ଫଲ ଭଚ୍ଛକ କଠିନ କରାଲା । ତୱ ଭୟଁ ଡରତ ସଦା ସୋଉ କାଲା ॥ ୪ ॥**

[ଡିମିରି ଫଳ ଭିତରେ ରହିଥିବା ଛୋଟ ଛୋଟ କୀଟମାନେ ଯେପରି ସେହି ଫଳଟି ଛଡ଼ା ଆଉ କିଛି ଜାଣନ୍ତି ନାହିଁ,] ବ୍ରହ୍ମାଣ୍ଡ ଭିତରେ ରହିଥିବା ଚରାଚର ଜୀବଗଣ ମଧ୍ୟ ନିଜର ସେହି ଛୋଟ ଜଗତଟି ଛଡ଼ା ଆଉ କିଛି ଜାଣନ୍ତି ନାହିଁ । କଠୋର କରାଳ କାଳହିଁ ସେହି ଫଳରୂପୀ ବ୍ରହ୍ମାଣ୍ଡସବୁକୁ ଗ୍ରାସ କରେ । କିନ୍ତୁ ସେହି କାଳ ମଧ୍ୟ ସର୍ବଦା ଆପଣଙ୍କୁ ଭୟ କରେ ॥ ୪ ॥

**ତେ ତୁହ୍ମ ସକଲ ଲୋକପତି ସାଈଁ । ପୂଁଛେହୁ ମୋହି ମନୁଜ କୀ ନାଈଁ ॥**
**ୟହ ବର ମାଗଉଁ କୃପାନିକେତା । ବସହୁ ହୃଦୟଁ ଶ୍ରୀ ଅନୁଜ ସମେତା ॥ ୫ ॥**

ଆପଣ ସେହି ପ୍ରଭୁ ହୋଇ, ସମସ୍ତ ଲୋକପାଳଙ୍କର ସ୍ୱାମୀ ହୋଇ ମଧ୍ୟ ସାଧାରଣ ମନୁଷ୍ୟ ପରି ମୋତେ ଏହା ପଚାରୁଛନ୍ତି ! ହେ କୃପାନିଧାନ ! ମୁଁ ଆପଣଙ୍କୁ ଏହି ବର ମାଗୁଛି ଯେ, ଆପଣ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ସଦା ମୋ ହୃଦୟରେ ନିବାସ କରନ୍ତୁ ॥ ୫ ॥

**ଅବିରଲ ଭଗତି ବିରତି ସତସଂଗା । ଚରନ ସରୋରୁହ ପ୍ରୀତି ଅଭଂଗା ॥**
**ଜଦ୍ୟପି ବ୍ରହ୍ମ ଅଖଂଡ ଅନଂତା । ଅନୁଭଓ୍ୱ ଗମ୍ୟ ଭଜହିଁ ଜେହି ସଂତା ॥ ୬ ॥**
**ଅସ ତଓ୍ୱ ରୂପ ବଖାନଉଁ ଜାନଉଁ । ଫିରି ଫିରି ସଗୁନ ବ୍ରହ୍ମ ରତି ମାନଉଁ ॥**
**ସଂତତ ଦାସହ୍ନ ଦେହୁ ବଡ଼ାଈ । ତାତେଁ ମୋହି ପୂଁଛେହୁ ରଘୁରାଈ ॥ ୭ ॥**

ମୋତେ ପ୍ରଗାଢ଼ ଭକ୍ତି, ବୈରାଗ୍ୟ, ସତ୍‌ସଙ୍ଗ ଓ ଆପଣଙ୍କ ଚରଣକମଳଦ୍ୱୟରେ ଅତୁଟ ପ୍ରେମ ପ୍ରାପ୍ତ ହେଉ । ଯଦ୍ୟପି ଆପଣ ଅଖଣ୍ଡ-ଅନନ୍ତ ବ୍ରହ୍ମ, ଯାହା କି କେବଳ ଅନୁଭବଗମ୍ୟ ଓ ଯାହାକୁ ସନ୍ଥଜନ ଭଜନ କରନ୍ତି, ଏବଂ ଯଦ୍ୟପି ମୁଁ ଆପଣଙ୍କୁ ଏପରିରୂପରେ ଜାଣେ ଓ ବର୍ଣ୍ଣନା ବି କରେ, ତଥାପି ମୁଁ ବାରମ୍ବାର ସଗୁଣବ୍ରହ୍ମରେ(ଆପଣଙ୍କର ଏହି ସୁନ୍ଦର ରୂପରେ)ହିଁ ପ୍ରେମ ରଖେ ।ଆପଣ ସେବକମାନଙ୍କୁ ସର୍ବଦା ଗୌରବ ଦେଇଆସିଛନ୍ତି ଏବଂ ସେହି କାରଣରୁ ନିଜେ ସବୁ ଜାଣି ମଧ୍ୟ କେବଳ ଗୌରବ ଦେବାକୁ ମୋତେ ଏପରି ପଗ୍ଚରୁଛନ୍ତି ॥ ୬-୭ ॥

**ହେ ପ୍ରଭୁ ପରମ ମନୋହର ଠାଉଁ । ପାଓ୍ୱନ ପଂଚବଟୀ ତେହି ନାଉଁ ॥**
**ଦଂଡକ ବନ ପୁନୀତ ପ୍ରଭୁ କରହୂ । ଉଗ୍ର ସାପ ମୁନିବର କର ହରହୂ ॥ ୮ ॥**

ହେ ପ୍ରଭୁ ! ଦଣ୍ଡକବନରେ ପଞ୍ଚବଟୀ ବୋଲି ଗୋଟିଏ ଅତ୍ୟନ୍ତ ପବିତ୍ର ଓ ମନୋହର ସ୍ଥାନ ରହିଛି । ଆପଣ ଦଣ୍ଡକବନକୁ ପବିତ୍ର କରନ୍ତୁ ଏବଂ ମୁନିଶ୍ରେଷ୍ଠ ଗୌତମଙ୍କ କଠୋର ଶାପ ହରଣ କରନ୍ତୁ ॥ ୮ ॥

**ବାସ କରହୁ ତହଁ ରଘୁକୁଲ ରାୟା । କୀଜେ ସକଲ ମୁନିହ୍ନ ପର ଦାୟା ॥**
**ଚଲେ ରାମ ମୁନି ଆୟସୁ ପାଈ । ତୁରତହିଁ ପଂଚବଟୀ ନିଅରାଈ ॥ ୯ ॥**

ହେ ରଘୁକୁଳନାଥ ! ଆପଣ ସବୁମୁନିଙ୍କ ପ୍ରତି ଦୟା ରଖି ସେଠାରେ ନିବାସ କରନ୍ତୁ ।'' ମୁନିଙ୍କ ଆଜ୍ଞା ପାଇ ଶ୍ରୀରାମ ସେଠାରୁ ଯାତ୍ରା କଲେ ଓ ଅତି ଶୀଘ୍ର ପଞ୍ଚବଟୀ ନିକଟରେ ପହଞ୍ଚିଲେ ॥ ୯ ॥

ଦୋ:- **ଗୀଧରାଜ ସୈଁ ଭେଁଟ ଭଇ ବହୁ ବିଧି ପ୍ରୀତି ବଢ଼ାଇ ।**
**ଗୋଦାଓ୍ୱରୀ ନିକଟ ପ୍ରଭୁ ରହେ ପରନ ଗୃହ ଛାଇ ॥ ୧୩ ॥**

ସେଠାରେ ଗୃଧ୍ରରାଜ ଜଟାୟୁଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ପ୍ରଭୁ ତାଙ୍କ ସହିତ ଗଭୀର ସୌହାର୍ଦ୍ୟ ବଢ଼ାଇଲେ। ଶ୍ରୀରାମ ସେଠାରେ ଗୋଦାବରୀ ନଦୀ ନିକଟରେ ଗୋଟିଏ ପର୍ଣ୍ଣକୁଟୀର ନିର୍ମାଣ କରି ନିବାସ କଲେ ॥ ୧୩ ॥

**ଜବ ତେ ରାମ କୀହ୍ନ ତହଁ ବାସା । ସୁଖୀ ଭଏ ମୁନି ବୀତୀ ତ୍ରାସା ॥**
**ଗିରି ବନ ନଦୀଁ ତାଲ ଛବି ଛାଏ । ଦିନ ଦିନ ପ୍ରତି ଅତି ହୋହିଁ ସୁହାଏ ॥ ୧ ॥**

ଯେଉଁ ଦିନୁ ପ୍ରଭୁ ଶ୍ରୀରାମ ଯାଇ ସେଠାରେ ନିବାସ କଲେ, ସେହିଦିନୁ ମୁନିମାନେ ସୁଖରେ ରହିଲେ । ସେମାନଙ୍କର ଭୟ ଦୂର ହୋଇଗଲା । ପର୍ବତ, ବନ, ନଦୀ ଓ ପୁଷ୍କରିଣୀ ଆଦି ସବୁସ୍ଥାନ ଶୋଭାରେ ମଣ୍ଡିତ ହୋଇଗଲା । ସେସବୁ ଦିନୁଦିନ ଅଧିକରୁ ଅଧିକ ମନୋହର ଦେଖାଗଲା ॥ ୧ ॥

**ଖଗ ମୃଗ ବୃଂଦ ଅନଂଦିତ ରହହୀଁ । ମଧୁପ ମଧୁର ଗୁଂଜତ ଛବି ଲହହୀଁ ॥**
**ସୋ ବନ ବରନି ନ ସକ ଅହିରାଜା । ଜହାଁ ପ୍ରଗଟ ରଘୁବୀର ବିରାଜା ॥ ୨ ॥**

ପଶୁପକ୍ଷୀମାନେ ଆନନ୍ଦରେ ରହିଲେ । ଭ୍ରମରମାନେ ମଧୁର ଗୁଞ୍ଜନ କରି ଶୋଭା ପାଇଲେ । ଯେଉଁଠାରେ ପ୍ରତ୍ୟକ୍ଷ ଶ୍ରୀରାମ ବିରାଜମାନ, ସେହି ସ୍ଥାନର ଶୋଭା ତ ସର୍ପରାଜ ଶେଷଦେବ ମଧ୍ୟ ବର୍ଣ୍ଣିପାରିବେ ନାହିଁ ॥ ୨ ॥

**ଏକ ବାର ପ୍ରଭୁ ସୁଖ ଆସୀନା । ଲଛିମନ ବଚନ କହେ ଛଲହୀନା ॥**
**ସୁର ନର ମୁନି ସଚରାଚର ସାଇଁ । ମୈଁ ପୂଛଉଁ ନିଜ ପ୍ରଭୁ କୀ ନାଇଁ ॥ ୩ ॥**

ଦିନକର କଥା । ପ୍ରଭୁ ଶ୍ରୀରାମ ଆନନ୍ଦରେ ବସିଥାନ୍ତି । ଏହି ସମୟରେ ଲକ୍ଷ୍ମଣ ନିଷ୍କପଟଭାବରେ ତାଙ୍କୁ କହିଲେ, ''ହେ ଦେବତା, ମନୁଷ୍ୟ ଓ ମୁନିଙ୍କର ତଥା ଚରାଚର ଜଗତର ସ୍ୱାମୀ ! ଆପଣ ମୋର ପ୍ରଭୁ; ଏହା ଜାଣି ମୁଁ ପଚ୍ଚାରୁଛି ॥ ୩ ॥

**ମୋହି ସମୁଝାଇ କହହୁ ସୋଇ ଦେୱା । ସବ ତଜି କରୌଁ ଚରନ ରଜ ସେୱା ॥**
**କହହୁ ଗ୍ୟାନ ବିରାଗ ଅରୁ ମାୟା । କହହୁ ସୋ ଭଗତି କରହୁ ଜେହିଁ ଦାୟା ॥ ୩ ॥**

ହେ ଦେବ ! ମୁଁ କ'ଣ କଲେ ସବୁ ଛାଡ଼ିଦେଇ କେବଳ ଆପଣଙ୍କ ଚରଣରଜର ସେବା କରିପାରିବି, ମୋତେ ତାହା ବୁଝାଇ କହନ୍ତୁ । ଜ୍ଞାନ, ବୈରାଗ୍ୟ ଓ ମାୟାର ବର୍ଣ୍ଣନା କରନ୍ତୁ ଏବଂ ସେହି ଭକ୍ତି ବିଷୟ କହନ୍ତୁ, ଯାହା ଦେଖିଲେ ଆପଣ ଦୟା କରନ୍ତି ॥ ୪ ॥

ଦୋ:- **ଈସ୍ୱର ଜୀୱ ଭେଦ ପ୍ରଭୁ ସକଲ କହୌ ସମୁଝାଇ ।**
**ଜାତେଁ ହୋଇ ଚରନ ରତି ସୋକ ମୋହ ଭ୍ରମ ଜାଇ ॥ ୧୪ ॥**

ହେ ପ୍ରଭୁ ! ଈଶ୍ୱର ଓ ଜୀବ ମଧ୍ୟରେ ରହିଥିବା ପ୍ରଭେଦ ମଧ୍ୟ ବୁଝାଇଦିଅନ୍ତୁ । ତାହା ଜାଣିପାରିଲେ ମୋର ଶୋକ, ମୋହ ତଥା ଭ୍ରମ ନଷ୍ଟ ହୋଇଯାଇ ଆପଣଙ୍କ ଚରଣଯୁଗଳରେ ପ୍ରୀତି ହୋଇଯିବ ।'' ॥ ୧୪ ॥

**ଥୋରେହି ମହଁ ସବ କହଉଁ ବୁଝାଈ । ସୁନହୁ ତାତ ମତି ମନ ଚିତ ଲାଈ ॥**
**ମୈଁ ଅରୁ ମୋର ତୋର ତୈଁ ମାୟା । ଜେହିଁ ବସ କୀହ୍ନେ ଜୀୱ ନିକାୟା ॥ ୧ ॥**

ଶ୍ରୀରାମ କହିଲେ, ''ବତ୍ସ ! ମୁଁ ଅଳ୍ପକରେ ଏସବୁ ବୁଝାଇ କହିଦେଉଛି । ତୁ ମନ, ବୁଦ୍ଧି ଓ ଚିତ୍ତ ଲଗାଇ ଶୁଣ । ମୁଁ ଓ ମୋର, ତୁ ଓ ତୋର–ଏପରି ଭାବିବାହିଁ ମାୟା; ଏହି ମାୟା ସକଳ ଜୀବଙ୍କୁ ବଶ କରି ରଖିଛି ॥ ୧ ॥

**ଗୋ ଗୋଚର ଜହଁ ଲଗି ମନ ଜାଈ । ସୋ ସବ ମାୟା ଜାନେହୁ ଭାଈ ॥**
**ତେହି କର ଭେଦ ସୁନହୁ ତୁହ୍ମ ସୋଉ । ବିଦ୍ୟା ଅପର ଅବିଦ୍ୟା ଦୋଉ ॥ ୨ ॥**
**ଏକ ଦୁଷ୍ଟ ଅତିସୟ ଦୁଖରୂପା । ଜା ବସ ଜୀୱ ପରା ଭୱକୂପା ॥**
**ଏକ ରଚଇ ଜଗ ଗୁନ ବସ ଜାକେଁ । ପ୍ରଭୁ ପ୍ରେରିତ ନହିଁ ନିଜ ବଲ ତାକେଁ ॥ ୩ ॥**

ହେ ଭାଇ ! ଇନ୍ଦ୍ରିୟମାନଙ୍କ ବିଷୟକୁ ତଥା ମନ ଯେତେ ଦୂର ଯାଇପାରୁଛି, ସେସବୁକୁ ମାୟା ବୋଲି ଜାଣ । ମାୟା ଦୁଇପ୍ରକାର, ଯଥା–ବିଦ୍ୟା ଓ ଅବିଦ୍ୟା । ଦୁଇପ୍ରକାର ମାୟା ମଧ୍ୟରେ ରହିଥିବା ପ୍ରଭେଦ ମଧ୍ୟ ଶୁଣ । ଅବିଦ୍ୟା ମାୟା ଦୁଷ୍ଟ (ଦୋଷଯୁକ୍ତ) ଓ ଅତ୍ୟନ୍ତ ଦୁଃଖରୂପା । ତାହାର ବଶବର୍ତ୍ତୀ ହୋଇ ଜୀବ ସଂସାରରୂପକ କୂପରେ ପଡ଼ିଯାଇଛି ଏବଂ ଅନ୍ୟ ଯେଉଁ ମାୟାର ନାମ ବିଦ୍ୟା, ତାହା ଅଧୀନରେ ଗୁଣମାନେ ଅଛନ୍ତି । ଏହି ମାୟା ଜଗତ୍ ରଚନା କରେ ଏବଂ ପ୍ରଭୁଙ୍କ ଦ୍ୱାରାହିଁ ପ୍ରେରିତ ହୁଏ; ଏହାର ନିଜର ବୋଲି କୌଣସି ଶକ୍ତି ନାହିଁ ॥ ୨-୩ ॥

**ଗ୍ୟାନ ମାନ ଜହଁ ଏକଉ ନାହୀଁ । ଦେଖ ବ୍ରହ୍ମ ସମାନ ସବ ମାହୀଁ ॥**
**କହିଅ ତାତ ସୋ ପରମ ବିରାଗୀ । ତୃନ ସମ ସିଦ୍ଧି ତୀନି ଗୁନ ତ୍ୟାଗୀ ॥ ୪ ॥**

ଯେଉଁଥିରେ ଅଭିମାନାଦି କୌଣସି ଦୋଷ ନ ଥାଏ ଏବଂ ଯାହା ସମସ୍ତଙ୍କ ଠାରେ ବ୍ରହ୍ମଙ୍କୁ ସମାନରୂପରେ ଦେଖେ, ତାହା ହେଉଛି ଜ୍ଞାନ । ହେ ବତ୍ସ ! ଯେ ସକଳ ସିଦ୍ଧିକୁ ଓ ତିନି ଗୁଣକୁ ତୃଣସମାନ ତ୍ୟାଗ କରିଦେଇଛନ୍ତି, ତାଙ୍କୁହିଁ ବୈରାଗ୍ୟବାନ୍ କହିବା ଉଚିତ ॥ ୪ ॥

[ଯେଉଁଥିରେ ମାନ, ଦମ୍ଭ, ହିଂସା, କ୍ଷମାରାହିତ୍ୟ, କୁଟିଳତା, ଆଗ୍ରର୍ଯ୍ୟସେବାର ଅଭାବ, ଅପବିତ୍ରତା, ଅସ୍ଥିରତା, ମନନିଗୃହୀତ ନ ହେବା, ଇନ୍ଦ୍ରିୟମାନଙ୍କ ବିଷୟରେ ଆସକ୍ତି, ଅହଂକାର, ଇଷ୍ଟ ଓ ଅନିଷ୍ଟ ପ୍ରାପ୍ତିରେ ହର୍ଷ-ଶୋକ, ଭକ୍ତିର ଅଭାବ, ସ୍ତ୍ରୀ-ପୁତ୍ର-ଗୃହ ଆଦିରେ ଆସକ୍ତି, ମମତା, ଜନ୍ମ-ମୃତ୍ୟୁ-ଜରା-ବ୍ୟାଧିମୟ ଜଗତରେ ସୁଖବୁଦ୍ଧି, ଏକାନ୍ତବାସରେ ଅମନଯୋଗୀ, ବିଷୟୀ ମନୁଷ୍ୟମାନଙ୍କ ସଂଗତିରେ ପ୍ରେମ—ଏହି ଅଠରଟି ଦୋଷ ନ ଥିବ ଏବଂ ଅଧ୍ୟାତ୍ମ(ଆତ୍ମା)ରେ ନିତ୍ୟସ୍ଥିତି ତଥା ତତ୍ତ୍ୱଜ୍ଞାନର ଅର୍ଥ (ତତ୍ତ୍ୱଜ୍ଞାନଦ୍ୱାରା ଜାଣିବାଯୋଗ୍ୟ) ପରମାତ୍ମାଙ୍କର ନିତ୍ୟ ଦର୍ଶନ ହେଉଥିବ, ତାହାକୁ ଜ୍ଞାନ କୁହାଯାଏ । (ଗୀତା ୧୩ଶ ଅଧ୍ୟାୟ ୭ମ ରୁ ୧୧ଶ ଶ୍ଳୋକ ଦ୍ରଷ୍ଟବ୍ୟ)]

ଦୋ:- **ମାୟା ଈସ ନ ଆପୁ କହୁଁ ଜାନ କହିଅ ସୋ ଜୀଓ୍ୱ ।**
**ବଂଧ ମୋଚ୍ଛ ପ୍ରଦ ସର୍ବପର ମାୟା ପ୍ରେରକ ସୀଓ୍ୱ ॥ ୧୫ ॥**

"ଯେ ମାୟାକୁ, ଈଶ୍ୱରଙ୍କୁ ଓ ନିଜ ସ୍ୱରୂପକୁ ଜାଣେ ନାହିଁ, ତାକୁ ଜୀବ କହିବା ଉଚିତ । ଯେ [କର୍ମାନୁସାରେ] ବନ୍ଧନ ଓ ମୋକ୍ଷ ପ୍ରଦାନ କରନ୍ତି ତଥା ଯେ ସବୁରି ଉର୍ଦ୍ଧ୍ୱରେ ଓ ମାୟାର ପ୍ରେରକ, ସେ ହେଉଛନ୍ତି ଈଶ୍ୱର ॥ ୧୫ ॥

**ଧର୍ମ ତେଁ ବିରତି ଜୋଗ ତେଁ ଗ୍ୟାନା । ଗ୍ୟାନ ମୋଚ୍ଛପ୍ରଦ ବେଦ ବଖାନା ॥**
**ଜାତେଁ ବେଗି ଦ୍ରଓ୍ୱଉଁ ମୈଁ ଭାଈ । ସୋ ମମ ଭଗତି ଭଗତ ସୁଖଦାଈ ॥ ୧ ॥**

ଧର୍ମ ଆଚରଣରୁ ବୈରାଗ୍ୟ ଜାତ ହୁଏ ଏବଂ ଯୋଗରୁ ଜ୍ଞାନ ଜାତ ହୁଏ; ପୁନଶ୍ଚ ଜ୍ଞାନ ମୋକ୍ଷ ପ୍ରଦାନ କରେ ବୋଲି ବେଦଗଣ ବର୍ଣ୍ଣନା କରିଛନ୍ତି । ହେ ଭାଇ ! ଯାହା ଯୋଗେ ମୁଁ ଶୀଘ୍ର ପ୍ରସନ୍ନ ହୁଏ, ତାହା ହେଉଛି ମୋ ପ୍ରତି ଭକ୍ତି । ଏହି ଭକ୍ତି ଭକ୍ତମାନଙ୍କୁ ସୁଖ ପ୍ରଦାନ କରେ ॥ ୧ ॥

**ସୋ ସୁତଂତ୍ର ଅଓ୍ୱଲଂବ ନ ଆନା । ତେହି ଆଧୀନ ଗ୍ୟାନ ବିଗ୍ୟାନା ॥**
**ଭଗତି ତାତ ଅନୁପମ ସୁଖମୂଲା । ମିଲଇ ଜୋ ସଂତ ହୋଇଁ ଅନୁକୂଲା ॥ ୨ ॥**

ଭକ୍ତି ସ୍ୱତନ୍ତ୍ର; ତାହା [ଜ୍ଞାନ-ବିଜ୍ଞାନ ଆଦି କୌଣସି] ଅନ୍ୟ ଉପାୟ ବା ସାଧନାକୁ ଅପେକ୍ଷା କରେ ନାହିଁ । ଜ୍ଞାନ-ବିଜ୍ଞାନ ପ୍ରଭୃତି ହେଉଛି ତାହାର ଅଧୀନ । ହେ ବତ୍ସ ! ଭକ୍ତି ହେଉଛି ଅନୁପମ ଓ ସର୍ବସୁଖର ମୂଳ ଏବଂ ତାହା ଯାଇ ସେତେବେଳେ ମିଳିଥାଏ, ଯେତେବେଳେ କି ସନ୍ତମାନେ ଅନୁକୂଳ (ପ୍ରସନ୍ନ) ହୁଅନ୍ତି ॥ ୨ ॥

**ଭଗତି କି ସାଧନ କହଉଁ ବଖାନୀ । ସୁଗମ ପଂଥ ମୋହି ପାଓ୍ୱହିଁ ପ୍ରାନୀ ॥**
**ପ୍ରଥମହିଁ ବିପ୍ର ଚରନ ଅତି ପ୍ରୀତୀ । ନିଜ ନିଜ କର୍ମ ନିରତ ଶ୍ରୁତି ରୀତୀ ॥ ୩ ॥**

ମୁଁ ବର୍ତ୍ତମାନ ଭକ୍ତିର ସାଧନଗୁଡ଼ିକ ବିସ୍ତୃତଭାବରେ ବର୍ଣ୍ଣନା କରୁଛି । ଭକ୍ତିମାର୍ଗ ହେଉଛି ସୁଗମମାର୍ଗ; ଏହି ମାର୍ଗରେ ଜୀବ ମୋତେ ସହଜରେ ପାଇଯାଏ । ଜୀବର ପ୍ରଥମେ ବ୍ରାହ୍ମଣମାନଙ୍କ ଚରଣରେ ଅତିଶୟ ପ୍ରୀତି ହେବା ଆବଶ୍ୟକ ଏବଂ ବେଦର ରୀତି ଅନୁସାରେ ଜୀବ ନିଜ [ବର୍ଣ୍ଣାଶ୍ରମ-ସମର୍ଥିତ] କର୍ମରେ ଲାଗିରହିବା ଆବଶ୍ୟକ ॥ ୩ ॥

**ଏହି କର ଫଲ ପୁନି ବିଷୟ ବିରାଗା । ତବ ମମ ଧର୍ମ ଉପଜ ଅନୁରାଗା ॥**
**ଶ୍ରଓ୍ୱନାଦିକ ନଓ୍ୱ ଭକ୍ତି ଦୃଢ଼ାହୀଁ । ମମ ଲୀଲା ରତି ଅତି ମନ ମାହୀଁ ॥ ୪ ॥**

ତା'ପରେ ଏହାର ଫଳସ୍ୱରୂପ ଜୀବର ମନରେ ସକଳ ବିଷୟବାସନା ପ୍ରତି ବୈରାଗ୍ୟ ଜାତ ହୋଇଯିବ । ବୈରାଗ୍ୟ ଜାତ ହୋଇଗଲେ ମୋର ଧର୍ମ(ଭାଗବତଧର୍ମ)ରେ ପ୍ରେମ ଉପନ୍ନ ହେବ । ତା'ପରେ ଶ୍ରବଣ ଆଦି ନଅପ୍ରକାର ଭକ୍ତି ଦୃଢ଼ ହେବ ଓ ମନରେ ମୋର ବିଭିନ୍ନ ଲୀଳା ପ୍ରତି ଅତ୍ୟନ୍ତ ପ୍ରେମ ଉପନ୍ନ ହେବ ॥ ୪ ॥

**ସଂତ ଚରନ ପଂକଜ ଅତି ପ୍ରେମା । ମନ କ୍ରମ ବଚନ ଭଜନ ଦୃଢ଼ ନେମା ॥**
**ଗୁରୁ ପିତୁ ମାତୁ ବଂଧୁ ପତି ଦେଓ୍ୱା । ସବ ମୋହି କହଁ ଜାନୈ ଦୃଢ଼ ସେଓ୍ୱା ॥ ୫ ॥**
**ମମ ଗୁନ ଗାଓ୍ୱତ ପୁଲକ ସରୀରା । ଗଦଗଦ ଗିରା ନୟନ ବହ ନୀରା ॥**
**କାମ ଆଦି ମଦ ଦଂଭ ନ ଜାକେଁ । ତାତ ନିରଂତର ବସ ମୈଁ ତାକେଁ ॥ ୬ ॥**

ଯାହାଙ୍କ ମନରେ ସାଧୁସନ୍ଥଙ୍କ ଚରଣକମଳ ପ୍ରତି ବିଶେଷ ପ୍ରେମ ରହେ, ଯେ ମନ, ବଚନ ଓ କର୍ମରେ ଭଜନ କରିବାରେ ଦୃଢ଼ ନିୟମ ରଖନ୍ତି ଏବଂ ଯେ ମୋତେହିଁ ଗୁରୁ, ପିତା, ମାତା, ଭ୍ରାତା, ପତି ଓ ଦେବତା– ସବୁକିଛି ବୋଲି ସ୍ୱୀକାର କରନ୍ତି ଓ ମୋ ସେବାରେ ଦୃଢ଼ ରହନ୍ତି, ମୋର ଗୁଣ ଗାଇବା ସମୟରେ ଯାହାଙ୍କର ଶରୀର ପୁଲକିତ ହୋଇଯାଏ, ବାଣୀ ଗଦ୍‌ଗଦ ହୋଇଯାଏ ଏବଂ ନେତ୍ରରୁ ପ୍ରେମାଶ୍ରୁଧାରା ବହିବାକୁ ଲାଗେ, ଯାହାଙ୍କ ଠାରେ କାମ, ମଦ ଓ ଦମ୍ଭ ଆଦି ନ ଥାଏ, ମୁଁ ସଦା ତାଙ୍କରି ବଶରେ ରହେ ॥ ୫-୬ ॥

ଦୋ:- **ବଚନ କର୍ମ ମନ ମୋରି ଗତି ଭଜନୁ କରହିଁ ନିଃକାମ ।**
**ତିନ୍ହ କେ ହୃଦୟ କମଲ ମହୁଁ କରଉଁ ସଦା ବିଶ୍ରାମ ॥ ୧୬ ॥**

ଯେଉଁମାନେ ମନ, ବଚନ ଓ କର୍ମରେ ମୋତେହିଁ ଗତି ବୋଲି ବିଶ୍ୱାସ କରନ୍ତି ଏବଂ ନିଷ୍କାମଭାବରେ ମୋତେ ଭଜନ୍ତି, ସେହିମାନଙ୍କର ହୃଦୟକମଳରେ ମୁଁ ସଦା ବିଶ୍ରାମ କରେ ।" ॥ ୧୬ ॥

**ଭଗତି ଜୋଗ ସୁନି ଅତି ସୁଖ ପାଓ୍ୱା । ଲଛିମନ ପ୍ରଭୁ ଚରନହ୍ନି ସିରୁ ନାଓ୍ୱା ॥**
**ଏହି ବିଧି ଗଏ କଛୁକ ଦିନ ବୀତୀ । କହତ ବିରାଗ ଗ୍ୟାନ ଗୁନ ନୀତୀ ॥ ୧ ॥**

ଏହି ଭକ୍ତିଯୋଗ ବିଷୟ ଶୁଣି ଲକ୍ଷ୍ମଣ ଅତି ଆନନ୍ଦିତ ହେଲେ ଏବଂ ସେ ପ୍ରଭୁ ଶ୍ରୀରାମଙ୍କ ଚରଣରେ ନତମସ୍ତକ ହେଲେ । ଏହିରୂପେ ବୈରାଗ୍ୟ, ଜ୍ଞାନ, ଗୁଣ ଓ ନୀତି ବିଷୟ ଚର୍ଚ୍ଚା କରି କରି କିଛିଦିନ ଅତିବାହିତ ହୋଇଗଲା ॥ ୧ ॥

**ସୂପନଖୀ ରାଓ୍ୱନ କୈ ବହିନୀ । ଦୁଷ୍ଟ ହୃଦୟ ଦାରୁନ ଜସ ଅହିନୀ ॥**
**ପଂଚବଟୀ ସୋ ଗଇ ଏକ ବାରା । ଦେଖି ବିକଲ ଭଇ ଜୁଗଲ କୁମାରା ॥ ୨ ॥**

ରାବଣର ଶୂର୍ପଣଖା ବୋଲି ଗୋଟିଏ ଭଉଣୀ ଥିଲା । ସେ ଥିଲା ନାଗୁଣୀ ପରି ଭୟାନକ ଓ ଦୁଷ୍ଟହୃଦୟା । ଥରେ ସେ ପଞ୍ଚବଟୀ ବନକୁ ଯାଇଥିଲା । ସେଠାରେ ଏହି ଦୁଇ ରାଜକୁମାରଙ୍କୁ ଦେଖି ସେ କାମପୀଡ଼ିତା ହୋଇଗଲା ॥ ୨ ॥

**ଭ୍ରାତା ପିତା ପୁତ୍ର ଉରଗାରୀ । ପୁରୁଷ ମନୋହର ନିରଖତ ନାରୀ ॥**
**ହୋଇ ବିକଲ ସକ ମନହି ନ ରୋକୀ । ଜିମି ରବିମନି ଦ୍ରଓ୍ୱ ରବିହି ବିଲୋକୀ ॥ ୩ ॥**

[କାକଭୁଶୁଣ୍ଡି କହୁଛନ୍ତି,] ହେ ଗରୁଡ଼ ! ସୂର୍ଯ୍ୟଙ୍କୁ ଦେଖିଲେ ସୂର୍ଯ୍ୟକାନ୍ତ ମଣି ଯେପରି ଦ୍ରବୀଭୂତ ହୋଇଯାଏ, [ଶୂର୍ପଣଖା ପରି ରାକ୍ଷସୀ, ଧର୍ମଜ୍ଞାନଶୂନ୍ୟା ଓ କାମାନ୍ଧୁଣୀ] ନାରୀ ସେହିପରି ସୁନ୍ଦର ପୁରୁଷକୁ ଦେଖିଲେ, ସେ ଭାଇ, ପିତା, ପୁତ୍ର–ଯେକେହି ହୋଇଥିଲେ ବି, ତା' ପ୍ରତି କାମାସକ୍ତ ହୋଇଯାଏ; ମନକୁ ସଂଯତ କରିପାରେ ନାହିଁ ॥ ୩ ॥

**ରୁଚିର ରୂପ ଧରି ପ୍ରଭୁ ପହିଁ ଜାଈ । ବୋଲୀ ବଚନ ବହୁତ ମୁସୁକାଈ ॥**
**ତୁହ୍ମ ସମ ପୁରୁଷ ନ ମୋ ସମ ନାରୀ । ୟହ ସଁଜୋଗ ବିଧି ରଚା ବିଚାରୀ ॥ ୪ ॥**
**ମମ ଅନୁରୂପ ପୁରୁଷ ଜଗ ମାହୀଁ । ଦେଖେଉଁ ଖୋଜି ଲୋକ ତିହୁ ନାହୀଁ ॥**
**ତାତେଁ ଅବ ଲଗି ରହିଉଁ କୁମାରୀ । ମନୁ ମାନା କଛୁ ତୁହ୍ମହି ନିହାରୀ ॥ ୫ ॥**

ସେହି ଶୂର୍ପଣଖା ସୁନ୍ଦରରୂପ ଧରି, ପ୍ରଭୁଙ୍କ ପାଖକୁ ଯାଇ, ମୁରୁକି ମୁରୁକି ହସି କହିଲା, ''ଆହେ ! ତୁମ-ସମାନ ପୁରୁଷ ନାହିଁ, କି ମୋ ସମାନ ସ୍ତ୍ରୀ ନାହିଁ । ବିଧାତା ବହୁତ ବୁଝିବିଗ୍ୱରି ଆମ ଦୁଇଜଣଙ୍କ ସଂଯୋଗ (ଯୋଡ଼ି) ରଚନା କରିଛି ।ମୁଁ ତ୍ରିଭୁବନଯାକ ଖୋଜିଗଲି, କିନ୍ତୁ ଜଗତରେ ମୋ ମନଲାଖି ବରଟିଏ ପାଇଲି ନାହିଁ; ତେଣୁ ମୁଁ ଏଯାଏ ବିବାହ କରି ନାହିଁ । ଆଜି ତୁମକୁ ଦେଖି ମୋ ମନ ମାନିଯାଇଛି ।'' ॥ ୪-୫ ॥

**ସୀତହି ଚିତଇ କହୀ ପ୍ରଭୁ ବାତା । ଅହଇ କୁଆର ମୋର ଲଘୁ ଭ୍ରାତା ॥**
**ଗଇ ଲଛିମନ ରିପୁ ଭଗିନୀ ଜାନୀ । ପ୍ରଭୁ ବିଲୋକି ବୋଲେ ମୃଦୁ ବାନୀ ॥ ୬ ॥**

ସୀତାଙ୍କ ଆଡ଼କୁ ଗ୍ୱହିଁ ପ୍ରଭୁ ଶୂର୍ପଣଖାକୁ କହିଲେ, ''ମୋର ସାନ ଭାଇ କୁମାର ଅବସ୍ଥାରେ ଅଛି । ତା'ପାଖକୁ ଯାଅ ।'' [ଏହା ଶୁଣି] ସେ ଲକ୍ଷ୍ମଣଙ୍କ ପାଖକୁ ଗଲା । ଲକ୍ଷ୍ମଣ ତାକୁ ଶତ୍ରୁର ଭଉଣୀ ବୋଲି ଜାଣି, ପ୍ରଭୁଙ୍କ ଆଡ଼କୁ ଗ୍ୱହିଁ କୋମଳଭାବରେ କହିଲେ, ॥ ୬ ॥

**ସୁଂଦରି ସୁନୁ ମୈଁ ଉହ୍ନ କର ଦାସା । ପରାଧୀନ ନହିଁ ତୋର ସୁପାସା ॥**
**ପ୍ରଭୁ ସମର୍ଥ କୋସଲପୁର ରାଜା । ଜୋ କଛୁ କରହିଁ ଉନହି ସବ ଛାଜା ॥ ୭ ॥**

''ହେ ସୁନ୍ଦରୀ ! ଶୁଣ । ମୁଁ ହେଉଛି ତାଙ୍କର ଦାସ; ମୁଁ ପରାଧୀନ । ତେଣୁ ମୋ ଦେଇ ତୁମକୁ ସୁଖ ମିଳିବ ନାହିଁ । ପ୍ରଭୁ ସମର୍ଥ ଓ କୋଶଳପୁରର ରାଜା । ସେ ଯାହା କିଛି କଲେ ବି, ତାଙ୍କୁ ମାନିବ ॥ ୭ ॥

**ସେଓ୍ୱକ ସୁଖ ଚହ ମାନ ଭିଖାରୀ । ବ୍ୟସନୀ ଧନ ସୁଭ ଗତି ବିଭିଗ୍ୱରୀ ॥**
**ଲୋଭୀ ଜସୁ ଚହ ଗ୍ୱର ଗୁମାନୀ । ନଭ ଦୁହି ଦୂଧ ଚହତ ଏ ପ୍ରାନୀ ॥ ୮ ॥**

ସେବକ ସୁଖ ଗ୍ୱହିଁବା, ଭିକାରି ସମ୍ମାନ ଗ୍ୱହିଁବା, ବ୍ୟସନୀ (ଜୁଆ, ମଦ, ଆଦି ବ୍ୟସନରେ ଆସକ୍ତ ଲୋକ) ଧନ ଗ୍ୱହିଁବା, ବ୍ୟଭିଗ୍ୱରୀ ଶୁଭଗତି ଗ୍ୱହିଁବା, ଲୋଭୀ ଯଶ ଗ୍ୱହିଁବା ଏବଂ ଅଭିମାନୀ ଚତୁର୍ବର୍ଗ ଫଳ (ଧର୍ମ, ଅର୍ଥ, କାମ, ମୋକ୍ଷ) ପାଇବାକୁ ଗ୍ୱହିଁବା [ଅଥବା ଦୂତ ଆତ୍ମମର୍ଯ୍ୟାଦା ଗ୍ୱହିଁବା] ଯାହା, ଆକାଶରୁ ଦୁଧ ଦୁହିଁବା ତାହା (ଅର୍ଥାତ୍ ଅସମ୍ଭବକୁ ସମ୍ଭବ କରିବାକୁ ଗ୍ୱହିଁବା ତାହା) ।'' ॥ ୮ ॥

**ପୁନି ଫିରି ରାମ ନିକଟ ସୋ ଆଈ । ପ୍ରଭୁ ଲଛିମନ ପହିଁ ବହୁରି ପଠାଈ ॥**
**ଲଛିମନ କହା ତୋହି ସୋ ବରଈ । ଜୋ ତୃନ ତୋରି ଲାଜ ପରିହରଈ ॥ ୯ ॥**

ତେଣୁ ସେଠାରୁ ଫେରି ଶୂର୍ପଣଖା ପୁଣିଥରେ ଶ୍ରୀରାମଙ୍କ ପାଖକୁ ଆସିଲା । ପ୍ରଭୁ ତାକୁ ପୁଣି ଥରେ ଲକ୍ଷ୍ମଣଙ୍କ ପାଖକୁ ପଠାଇଦେଲେ । ଲକ୍ଷ୍ମଣ କହିଲେ, ''ଆଲୋ ! ଯେଉଁ ଲୋକ (କୁଟା ଛିଣ୍ଡାଇ) ପ୍ରତିଜ୍ଞାବଦ୍ଧ ହୋଇ, ଲାଜସରମ ଛାଡ଼ିଦେବ (ଅର୍ଥାତ୍ ନିପଟ ନିର୍ଲଜ୍ଜ ହୋଇଥିବ,) ସେହି ଲୋକ ତତେ ବରିବ ।'' ॥ ୯ ॥

**ତବ ଖିସିଆନି ରାମ ପହିଁ ଗଈ । ରୂପ ଭୟଂକର ପ୍ରଗଟତ ଭଈ ॥**
**ସୀତହି ସଭୟ ଦେଖି ରଘୁରାଈ । କହା ଅନୁଜ ସନ ସୟନ ବୁଝାଈ ॥୧୦॥**

ଏଭଳି ଅପମାନ ଯୋଗୁଁ ସେ କ୍ରୋଧିତ ହୋଇଗଲା ଏବଂ ସେ ଶ୍ରୀରାମଙ୍କ ପାଖକୁ ମାଡ଼ିଆସି ନିଜର ଭୟଙ୍କର ରୂପ ଦେଖାଇଦେଲା । ତାର ରୂପ ଦେଖି ସୀତା ଭୟଭୀତା ହୋଇଗଲେ । ତାହା ଜାଣି ଶ୍ରୀରଘୁନାଥ ଲକ୍ଷ୍ମଣଙ୍କୁ ଠାରିଦେଲେ ॥ ୧୦ ॥

ଦୋଃ- **ଲଛିମନ ଅତି ଲାଘଓ୍ୱଁ ସୋ ନାକ କାନ ବିନୁ କୀହ୍ନି ।**
**ତାକେ କର ରାଓ୍ୱନ କହଁ ମନୌ ଚୁନୌତୀ ଦୀହ୍ନି ॥ ୧୭ ॥**

ଲକ୍ଷ୍ମଣ ତତ୍କ୍ଷଣାତ୍ ତା'ର ନାକ-କାନ କାଟିଦେଇ, ଜାଣନ୍ତୁ, ତା' ହାତରେ ରାବଣ ପାଖକୁ ଯୁଦ୍ଧ ଡାକରା ପଠାଇଦେଲେ ॥ ୧୭ ॥

**ନାକ କାନ ବିନୁ ଭଇ ବିକରାରା । ଜନୁ ସ୍ରଵ୍ ସୈଲ ଗେରୁ କୈ ଧାରା ॥**
**ଖର ଦୂଷନ ପହିଁ ଗଇ ବିଲପାତା । ଧିଗ ଧିଗ ତଵ୍ ପୌରୁଷ ବଲ ଭ୍ରାତା ॥ ୧ ॥**

ନାକ-କାନ ହରାଇ ସେ ବିକରାଳ ହୋଇଗଲା । ତା'ଦେହରୁ ଏପରି ରକ୍ତଧାର ବହିଲା ଯେ, ଲାଗିଲା, ସତେ ଯେପରି [କଳା] ପର୍ବତରୁ ଗେରୁପାଣି ବହିଯାଉଛି ! ସେ ବିଳାପ କରି କରି ଯାଇ ଖରଦୂଷଣଙ୍କ ପାଖରେ ପହଞ୍ଚିଗଲା । [କହିଲା,] ''ହେ ଭାଇ ! ତୁମ ପୌରୁଷକୁ ଧିକ୍ ! ତୁମ ବଳକୁ ଧିକ୍ !'' ॥ ୧ ॥

**ତେହିଁ ପୂଛା ସବ କହେସି ବୁଝାଈ । ଜାତୁଧାନ ସୁନି ସେନ ବନାଈ ॥**
**ଧାଏ ନିସିଚର ନିକର ବରୂଥା । ଜନୁ ସପଚ୍ଛ କଜ୍ଜଲ ଗିରି ଜୂଥା ॥ ୨ ॥**

ସେମାନେ ପଚାରିବାରୁ, ସେ ସବୁକଥା ବୁଝାଇ କହିଦେଲା । ଘଟଣା ଶୁଣି ରାକ୍ଷସମାନେ ସେନା ପ୍ରସ୍ତୁତ କଲେ । ସେମାନେ ପକ୍ଷଧାରୀ କଳା କଳା ପର୍ବତମାନେ ମାଡ଼ିଆସୁଥିବା ପରି ଦଳ ଦଳ ହୋଇ ମାଡ଼ିଆସିଲେ ॥ ୨ ॥

**ନାନା ବାହନ ନାନାକାରା । ନାନାୟୁଧ ଧର ଘୋର ଅପାରା ॥**
**ସୂପନଖା ଆଗେଁ କରି ଲୀନୀ । ଅସୁଭ ରୂପ ଶ୍ରୁତି ନାସା ହୀନୀ ॥ ୩ ॥**

ଅସୁରମାନେ ନାନାପ୍ରକାର ଯାନବାହନ ଚଢ଼ି ଆସିଗଲେ । ସେମାନଙ୍କର ଆକାରପ୍ରକାର ଭିନ୍ନ ଭିନ୍ନ ହୋଇଥାଏ ; ଅନେକ ପ୍ରକାରର ଅସଂଖ୍ୟ ଅସ୍ତ୍ରଶସ୍ତ୍ର ମଧ୍ୟ ଧରିଥାନ୍ତି । ସେମାନଙ୍କ ଆଗରେ ଚାଲିଥାଏ ନାକକାନ ନ ଥିବା ଅମଙ୍ଗଳସ୍ୱରୂପିଣୀ ରାକ୍ଷସୀ ଶୂର୍ପଣଖା ॥ ୩ ॥

**ଅସଗୁନ ଅମିତ ହୋହିଁ ଭୟକାରୀ । ଗନହିଁ ନ ମୃତ୍ୟୁ ବିବସ ସବ ଝାରୀ ॥**
**ଗର୍ଜହିଁ ତର୍ଜହିଁ ଗଗନ ଉଡ଼ାହୀଁ । ଦେଖି କଟକୁ ଭଟ ଅତି ହରଷାହୀଁ ॥ ୪ ॥**

ସେମାନଙ୍କର ଆସିବା-ବାଟରେ ଅସଂଖ୍ୟ ଭୟଙ୍କର ଓ ଅଶୁଭ ଲକ୍ଷଣମାନ ଦେଖାଯାଉଥାଏ । କିନ୍ତୁ ମୃତ୍ୟୁର ବଶ ହୋଇଯାଇଥିବାରୁ ସେମାନେ କେହି ବି ସେସବୁକୁ ଭ୍ରୂକ୍ଷେପ କରୁ ନ ଥାନ୍ତି । ସେମାନେ ଗର୍ଜନ କରୁଥାନ୍ତି, ଯୁଦ୍ଧଡାକରା ଦେଉଥାନ୍ତି ଓ ଆକାଶରେ ଉଡୁଥାନ୍ତି । ନିଜ ସୈନ୍ୟବାହିନୀକୁ ଦେଖି ଯୋଦ୍ଧାମାନେ ଆନନ୍ଦିତ ହେଉଥାନ୍ତି ॥ ୪ ॥

**କୋଉ କହ ଜିଅତ ଧରହୁ ଦ୍ୱୌ ଭାଈ । ଧରି ମାରହୁ ତିୟ ଲେହୁ ଛଡ଼ାଈ ॥**
**ଧୂରି ପୂରି ନଭ ମଂଡଲ ରହା । ରାମ ବୋଲାଇ ଅନୁଜ ସନ କହା ॥ ୫ ॥**

କିଏ କହୁଥାଏ, ''ଦି'ଭାଇଙ୍କୁ ଜୀଅନ୍ତା ଧରିଆଣ, ଦି'ଟାଯାକକୁ ମାରିଦିଅ; ସ୍ତ୍ରୀଟାକୁ ଛଡ଼ାଇଆଣ ।'' ଆକାଶମଣ୍ଡଳ ଧୂଳିରେ ଛାଇ ହୋଇଗଲା । ତାହା ଦେଖି ଶ୍ରୀରାମ ଲକ୍ଷ୍ମଣଙ୍କୁ ଡାକି କହିଲେ, ॥ ୫ ॥

**ଲୈ ଜାନକିହି ଜାହୁ ଗିରି କଂଦର । ଆଵା ନିସିଚର କଟକୁ ଭୟଂକର ॥**
**ରହେହୁ ସଜଗ ସୁନି ପ୍ରଭୁ କୈ ବାନୀ । ଚଲେ ସହିତ ଶ୍ରୀ ସର ଧନୁ ପାନୀ ॥ ୬ ॥**

''ରାକ୍ଷସମାନଙ୍କର ଭୟାନକ ସେନା ମାଡ଼ିଆସିଲାଣି । ଜାନକୀଙ୍କୁ ନେଇ ତୁ ପର୍ବତ ଗୁମ୍ଫାକୁ ଚାଲିଯାଆ । ସାବଧାନ ହୋଇ ରହିବୁ ।'' ପ୍ରଭୁଙ୍କ ଆଦେଶ ଶୁଣି ଲକ୍ଷ୍ମଣ ହାତରେ ଧନୁର୍ବାଣ ଧରି ସୀତାଙ୍କ ସହିତ ସେଠାରୁ ଚାଲିଗଲେ ॥ ୬ ॥

**ଦେଖି ରାମ ରିପୁଦଲ ଚଲି ଆଵା । ବିହସି କଠିନ କୋଦଂଡ ଚଢ଼ାଵା ॥ ୭ ॥**

ଶତ୍ରୁସେନା ଚାଲିଆସିଲେଣି ଦେଖି ଶ୍ରୀରାମ ହସି ହସି କଠିନ କୋଦଣ୍ଡ ଧନୁରେ ଗୁଣ ଚଢ଼ାଇଦେଲେ ॥ ୭ ॥

ଛନ୍ଦ- **କୋଦଂଡ କଠିନ ଚଢ଼ାଇ ସିର ଜଟ ଜୂଟ ବାଁଧତ ସୋହ କ୍ୟୋଁ ।**
**ମରକତ ସୟଲ ପର ଲରତ ଦାମିନି କୋଟି ସୋଁ ଜୁଗ ଭୁଜଗ ଜ୍ୟୋଁ ॥**
**କଟି କସି ନିଷଂଗ ବିସାଲ ଭୁଜ ଗହି ଚାପ ବିସିଖ ସୁଧାରି କୈଁ ।**
**ଚିତୱତ ମନହୁଁ ମୃଗରାଜ ପ୍ରଭୁ ଗଜରାଜ ଘଟା ନିହାରି କୈଁ ॥**

କଠିନ କୋଦଣ୍ଡ ଧନୁରେ ଗୁଣ ଚଢ଼ାଇଦେଇ, ଶିରର ଜଟାକୁ ଜୁଡ଼ା କରି ବାନ୍ଧୁଥିବାବେଳେ ପ୍ରଭୁ କିପରି ଶୋଭା ପାଉଥାନ୍ତି, ଜାଣନ୍ତି ? ଶୋଭା ପାଉଥାନ୍ତି, ଏକ ମର୍କତମଣିର ପର୍ବତ ଉପରେ କୋଟିଏ ବିଜୁଳି ସହିତ ଦୁଇଟି ସର୍ପ ଯୁଦ୍ଧ କରୁଥିବାପରି । କମରରେ ତୂଣୀର ବାନ୍ଧି, ବିଶାଳ ଭୁଜଦ୍ୱୟଦ୍ୱାରା ଧନୁରେ ବାଣ ଖଞ୍ଜି ହାତୀପଲକୁ ଦେଖି ସିଂହ ଲକ୍ଷ୍ୟ କରିବାପରି ପ୍ରଭୁ ରାକ୍ଷସମାନଙ୍କୁ ଚାହୁଁଥାନ୍ତି ॥

ସୋଃ- **ଆଇ ଗଏ ବଗମେଲ ଧରହୁ ଧରହୁ ଧାୱତ ସୁଭଟ ।**
**ଜଥା ବିଲୋକି ଅକେଲ ବାଲ ରବିହି ଘେରତ ଦନୁଜ ॥ ୧୮ ॥**

'ଧର ! ଧର !' ବୋଲି ଗର୍ଜନ କରି ରାକ୍ଷସ ଯୋଦ୍ଧାମାନେ ବଡ଼ ଦ୍ରୁତଗତିରେ ମାଡ଼ିଆସିଲେ ଏବଂ ବାଳସୂର୍ଯ୍ୟକୁ ଏକୁଟିଆ ଦେଖି ମନ୍ଦେହ ନାମକ ଦୈତ୍ୟଗଣ ଘେରିଗଲାପରି ସେମାନେ ଶ୍ରୀରାମଙ୍କୁ ଚତୁର୍ଦିଗରୁ ଘେରିଗଲେ ॥ ୧୮ ॥

*[ବିଷ୍ଣୁପୁରାଣରେ ଅଛି, ମନ୍ଦେହ ନାମକ ରାକ୍ଷସମାନେ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟଙ୍କୁ ଖାଇଯିବାକୁ ଘେରିଯାଆନ୍ତି । ସେତେବେଳେ ଗାୟତ୍ରୀମନ୍ତ୍ରରେ ଅଭିମନ୍ତ୍ରିତ ଜଳ ପଡ଼ିଲେ ସେମାନେ କ୍ଷୀଣ ହୋଇଯାଆନ୍ତି । ତେଣୁ ଦ୍ୱିଜମାନେ ସୂର୍ଯ୍ୟୋଦୟପୂର୍ବରୁ ସନ୍ଧ୍ୟା ଉପାସନା କରିବା ଉଚିତ; ନଚେତ୍ ସୂର୍ଯ୍ୟଙ୍କୁ ବିନାଶ କରିବାର ପାପ ଲାଗିବ । ସୂର୍ଯ୍ୟୋଦୟବେଳେ ଶୋଇ ନ ରହି ଈଶ୍ୱର ଆରାଧନା କରିବା ଉଚିତ ।]*

**ପ୍ରଭୁ ବିଲୋକି ସର ସକହିଁ ନ ଡାରୀ । ଥକିତ ଭଈ ରଜନୀଚର ଧାରୀ ॥**
**ସଚିୱ ବୋଲି ବୋଲେ ଖର ଦୂଷନ । ୟହ କୋଉ ନୃପବାଲକ ନର ଭୂଷନ ॥ ୧ ॥**
**ନାଗ ଅସୁର ସୁର ନର ମୁନି ଜେତେ । ଦେଖେ ଜିତେ ହତେ ହମ କେତେ ॥**
**ହମ ଭରି ଜନ୍ମ ସୁନହୁ ସବ ଭାଈ । ଦେଖୀ ନହିଁ ଅସି ସୁଂଦରତାଈ ॥ ୨ ॥**
**ଜଦ୍ୟପି ଭଗିନୀ କୀହ୍ନି କୁରୂପା । ବଧ ଲାୟକ ନହିଁ ପୁରୁଷ ଅନୂପା ॥**
**ଦେହୁ ତୁରତ ନିଜ ନାରି ଦୁରାଈ । ଜୀଅତ ଭୱନ ଜାହୁ ଦ୍ୱୌ ଭାଈ ॥ ୩ ॥**
**ମୋର କହା ତୁହ୍ମ ତାହି ସୁନାୱହୁ । ତାସୁ ବଚନ ସୁନି ଆତୁର ଆୱହୁ ॥**
**ଦୂତହ୍ନ କହା ରାମ ସନ ଜାଈ । ସୁନତ ରାମ ବୋଲେ ମୁସୁକାଈ ॥ ୪ ॥**

[କିନ୍ତୁ ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟନିଧି] ପ୍ରଭୁ ଶ୍ରୀରାମଙ୍କ ରୂପ ଦେଖି ରାକ୍ଷସମାନେ ସ୍ତମ୍ଭୀଭୂତ ହୋଇଗଲେ । ସେମାନେ ତାଙ୍କ ଉପରକୁ ବାଣ ବିନ୍ଧିପାରିଲେ ନାହିଁ । ମନ୍ତ୍ରୀମାନଙ୍କୁ ଡାକି ଖର-ଦୂଷଣ କହିଲେ, "ଏହି ରାଜକୁମାର ତ କ'ଣ ମନୁଷ୍ୟମାନଙ୍କର ଭୂଷଣ ପରି ଦେଖାଯାଉଛନ୍ତି ! ଆମେ କେତେ ଯେ ନାଗ, ଅସୁର, ଦେବତା, ମନୁଷ୍ୟ ଓ ମୁନିଙ୍କୁ ଦେଖିଛୁ, ଜୟ କରିଛୁ ଓ ମାରିଦେଇଛୁ, ତା'ର ହିସାବ ନାହିଁ । କିନ୍ତୁ ହେ ଭାଇ ! ଆମେ ଆମ ଜୀବନରେ ଏପରି ସୌନ୍ଦର୍ଯ୍ୟ କେଉଁଠି ବି ଦେଖିନାହୁଁ । ଯଦିବା ଏ ଆମ ଭଉଣୀକୁ କୁରୂପା

କରିଦେଇଛନ୍ତି, ତଥାପି ଏପରି ଅନୁପମ ସୁନ୍ଦର ପୁରୁଷ ବଧଯୋଗ୍ୟ ନୁହନ୍ତି । ମୁଁ କହିଛି ବୋଲି ତାଙ୍କୁ ଯାଇ ଶୁଣାଇଦିଅ, 'ଲୁଚ୍ଛାଇ ରଖିଥିବା ତୁମ ସ୍ତ୍ରୀକୁ ଆମକୁ ଦେଇ, ତୁମେ ଦୁଇଭାଇ ଜୀବନ ନେଇ ଘରକୁ ପଳାଅ ।' ସେ କି ଉତ୍ତର ଦେଉଛନ୍ତି, ଆମକୁ ଆସି ଶୀଘ୍ର ଜଣାଅ ।'' ଦୂତମାନେ ଯାଇ ଶ୍ରୀରାମଙ୍କୁ ଏହି ସନ୍ଦେଶ ଜଣାଇଦେଲେ । ଏହା ଶୁଣି ଶ୍ରୀରାମ ସ୍ମିତହାସପୂର୍ବକ କହିଲେ, ॥ ୧-୪ ॥

**ହମ ଛତ୍ରୀ ମୃଗୟା ବନ କରହୀଁ । ତୁହ୍ମ ସେ ଖଲ ମୃଗ ଖୋଜତ ଫିରହୀଁ ॥**
**ରିପୁ ବଲୱଂତ ଦେଖି ନହିଁ ଡରହୀଁ । ଏକ ବାର କାଲହୁ ସନ ଲରହୀଁ ॥ ୫ ॥**

''ଆମେ ହେଉଛୁ କ୍ଷତ୍ରିୟ; ବଣରେ ବୁଲି ଶିକାର କରୁଛୁ । ଆମେ ତ ତୁମପରି ଦୁଷ୍ଟପଶୁମାନଙ୍କୁହିଁ ଖୋଜିବୁଲୁଛୁ । ଆମେ ବଳବାନ୍ ଶତ୍ରୁକୁ ଦେଖି ଡରିଯାଉନା । ଲଢ଼ିବାକୁ ଆସିଲେ ଆମେ କାଳ ସାଥିରେ ବି ଲଢ଼ିପାରିବୁ ॥ ୫ ॥

**ଜଦ୍ୟପି ମନୁଜ ଦନୁଜ କୁଲ ଘାଲକ । ମୁନି ପାଲକ ଖଲ ସାଲକ ବାଲକ ॥**
**ଜୌଁ ନ ହୋଇ ବଲ ଘର ଫିରି ଜାହୂ । ସମର ବିମୁଖ ମୈଁ ହତଉଁ ନ କାହୂ ॥ ୬ ॥**

ଯଦ୍ୟପି ଆମେ ମଣିଷ, ତଥାପି ଆମେ ହେଉଛୁ ଦୈତ୍ୟକୁଳର ବିନାଶକ ଓ ମୁନିମାନଙ୍କର ରକ୍ଷକ । ଆମେ ବାଳକ ସତ, କିନ୍ତୁ ଆମେ ଦୁଷ୍ଟମାନଙ୍କୁ ଦଣ୍ଡ ଦେଉ । ଯଦି ତୁମର ବଳ ପାଉନି, ତେବେ ଘରକୁ ଫେରିଯାଅ । ଯୁଦ୍ଧରୁ ପଳାୟନ କରୁଥିବା ଲୋକଙ୍କୁ ମୁଁ ମାରେ ନାହିଁ ॥ ୬ ॥

**ରନ ଚଢ଼ି କରିଅ କପଟ ଚତୁରାଈ । ରିପୁ ପର କୃପା ପରମ କଦରାଈ ॥**
**ଦୂତହ୍ନ ଜାଇ ତୁରତ ସବ କହେଉ । ସୁନି ଖର ଦୂଷନ ଉର ଅତି ଦହେଉ ॥ ୭ ॥**

ରଣଭୂମିକୁ ମାଡ଼ିଆସି, କପଟଚାତୁରୀ ଦେଖାଇ ଶତ୍ରୁକୁ କୃପା ପ୍ରଦର୍ଶନ କରିବା ତ ନିତାନ୍ତ କାପୁରୁଷତା ।'' ଦୂତ ତୁରନ୍ତ ଫେରିଯାଇ ଖର-ଦୂଷଣଙ୍କୁ ଏକଥା ଶୁଣାଇଦେଲା । ଏହା ଶୁଣି ଖର-ଦୂଷଣଙ୍କ ହୃଦୟ କ୍ରୋଧରେ ଜଳିବାକୁ ଲାଗିଲା ॥ ୭ ॥

ଛନ୍ଦ- **ଉର ଦହେଉ କହେଉ କି ଧରହୁ ଧାଏ ବିକଟ ଭଟ ରଜନୀଚରା ।**
**ସର ଚାପ ତୋମର ସକ୍ତି ସୂଲ କୃପାନ ପରିଘ ପରସୁ ଧରା ॥**
**ପ୍ରଭୁ କୀହ୍ନି ଧନୁଷ ଟକୋର ପ୍ରଥମ କଠୋର ଘୋର ଭୟାୱହା ।**
**ଭଏ ବଧିର ବ୍ୟାକୁଲ ଜାତୁଧାନ ନ ଗ୍ୟାନ ତେହି ଅୱସର ରହା ॥**

ଖର-ଦୂଷଣଙ୍କ ହୃଦୟ ଜଳିଉଠିଲା । ସେମାନେ କହିଲେ, ''ଧରିଆଣରେ !'' ସେମାନଙ୍କ ଆଦେଶ ଶୁଣିବାକ୍ଷଣି ଭୟାନକ ରାକ୍ଷସଯୋଦ୍ଧାମାନେ ଧନୁର୍ବାଣ, ତୋମର, ଶକ୍ତି, ଶୂଳ, କୃପାଣ, ପରିଘ, ଫାର୍ଶା ଆଦି ଧରି ମାଡ଼ିଚାଲିଲେ । ପ୍ରଭୁ ଶ୍ରୀରାମ ପ୍ରଥମେ ଧନୁଗୁଣକୁ ଟାଣି ଭୟାନକ ଟଙ୍କାର କଲେ । ତାହା ଶୁଣି ରାକ୍ଷସମାନେ ଜାଣନ୍ତୁ, ବଧିର ଓ ବ୍ୟାକୁଳ ହୋଇ ଅଚେତପ୍ରାୟ ହୋଇଗଲେ ॥

ଦୋ:- **ସାୱଧାନ ହୋଇ ଧାଏ ଜାନି ସବଲ ଆରାତି ।**
**ଲାଗେ ବରଷନ ରାମ ପର ଅସ୍ତ୍ର ସସ୍ତ୍ର ବହୁଭାଁତି ॥ ୧୯ (କ) ॥**

ସେମାନେ ଶତ୍ରୁକୁ ବଳବାନ୍ ଜାଣି, ସାବଧାନ ହୋଇ ଆଗକୁ ଚାଲିଲେ ଏବଂ ଶ୍ରୀରାମଙ୍କ ଉପରକୁ ବିଭିନ୍ନପ୍ରକାର ଅସ୍ତ୍ରଶସ୍ତ୍ର ବର୍ଷା କରିବାକୁ ଲାଗିଲେ ॥ ୧୯ (କ) ॥

**ତିନ୍ହ କେ ଆୟୁଧ ତିଲ ସମ କରି କାଟେ ରଘୁବୀର ।**
**ତାନି ସରାସନ ଶ୍ରୱନ ଲଗି ପୁନି ଛାଁଡ଼େ ନିଜ ତୀର ॥୧୯(ଖ)॥**

(କିନ୍ତୁ) ଶ୍ରୀରଘୁବୀର ସେମାନଙ୍କ ଅସ୍ତ୍ରଶସ୍ତ୍ରସବୁ କାଟି ଖଣ୍ଡ ଖଣ୍ଡ କରିଦେଲେ ଏବଂ ଧନୁଗୁଣକୁ ଆକର୍ଣ୍ଣ ଟାଣି ତୀର ବିନ୍ଧିଲେ ॥ ୧୯ (ଖ) ॥

ଛନ୍ଦ- **ତବ ଚଲେ ବାନ କରାଲ । ଫୁଂକରତ ଜନୁ ବହୁ ବ୍ୟାଲ ॥**
**କୋପେଉ ସମର ଶ୍ରୀରାମ । ଚଲେ ବିସିଖ ନିସିତ ନିକାମ ॥ ୧ ॥**

ଶ୍ରୀରାମ କ୍ରୁଦ୍ଧ ହୋଇଗଲେ । ଫଳରେ ଏକକାଳୀନ ବହୁ ସର୍ପ ଫଁ ଫଁ ହୋଇ ଉଡ଼ିଗ୍ଲିଲାପରି ଏଥର ପ୍ରଭୁଙ୍କ ଧନୁରୁ ଭୟାନକ ବାଣମାନ ଉଡ଼ିଗ୍ଲିଲା ॥ ୧ ॥

**ଅୱଲୋକି ଖରତର ତୀର । ମୁରି ଚଲେ ନିସିଚର ବୀର ॥**
**ଭଏ କ୍ରୁଦ୍ଧ ତୀନିଉ ଭାଇ । ଜୋ ଭାଗି ରନ ତେ ଜାଇ ॥ ୨ ॥**

ଅତ୍ୟନ୍ତ ତୀକ୍ଷ୍ଣ ବାଣମାନ ଦେଖି ରାକ୍ଷସମାନେ ପଳାୟନ କଲେ । ଏହା ଦେଖି ଖର, ଦୂଷଣ ଓ ତ୍ରିଶିରା ତିନିଭାଇ କ୍ରୁଦ୍ଧ ହୋଇ କହିଲେ, ‘‘ଯେ ରଣକ୍ଷେତ୍ରରୁ ପଳାଇଯିବ, ॥ ୨ ॥

**ତେହି ବଧବ ହମ ନିଜ ପାନି । ଫିରେ ମରନ ମନ ମହୁଁ ଠାନି ॥**
**ଆୟୁଧ ଅନେକ ପ୍ରକାର । ସନମୁଖ ତେ କରହିଁ ପ୍ରହାର ॥ ୩ ॥**

ଆମେ ତାକୁ ନିଜ ହାତରେ ବଧ କରିବୁ ।’’ ତେଣୁ ପଳାଇଯାଉଥିବା ରାକ୍ଷସମାନେ ମୃତ୍ୟୁ ସୁନିଶ୍ଚିତ ବୋଲି ଜାଣି ଯୁଦ୍ଧକୁ ଲେଉଟିଆସିଲେ ଏବଂ ସମ୍ମୁଖକୁ ଆସି ଶ୍ରୀରାମଙ୍କ ଉପରେ ବିଭିନ୍ନପ୍ରକାର ଅସ୍ତ୍ର-ଶସ୍ତ୍ର ପ୍ରହାର କରିବାକୁ ଲାଗିଲେ ॥ ୩ ॥

**ରିପୁ ପରମ କୋପେ ଜାନି । ପ୍ରଭୁ ଧନୁଷ ସର ସଂଧାନି ॥**
**ଛାଁଡ଼େ ବିପୁଲ ନାରାଚ । ଲଗେ କଟନ ବିକଟ ପିସାଚ ॥ ୪ ॥**

ଶତ୍ରୁମାନେ ଅତ୍ୟନ୍ତ କୁପିତ ହୋଇଛନ୍ତି ଜାଣି, ପ୍ରଭୁ ଧନୁରେ ବାଣ ଚଢ଼ାଇ ବହୁସଂଖ୍ୟକ ବାଣ ମାରିଲେ । ସେହିସବୁ ବାଣରେ ଭୟାନକ ଅସୁରମାନେ ଖଣ୍ଡ ଖଣ୍ଡ ହୋଇ କଟିଯିବାକୁ ଲାଗିଲେ ॥ ୪ ॥

**ଉର ସୀସ ଭୁଜ କର ଚରନ । ଜହଁ ତହଁ ଲଗେ ମହି ପରନ ॥**
**ଚିକ୍କରତ ଲାଗତ ବାନ । ଧର ପରତ କୁଧର ସମାନ ॥ ୫ ॥**

ସେମାନଙ୍କର ଗଣ୍ଡି, ମୁଣ୍ଡ, ବାହୁ, ହାତ ଓ ଗୋଡ଼ ଖଣ୍ଡ ଖଣ୍ଡ ହୋଇ ଏଣେତେଣେ ପଡ଼ିଲା । ବାଣ ବାଜିଲାମାତ୍ରେ ସେମାନେ ଚିତ୍କାର କରୁଥାନ୍ତି ଏବଂ ପାହାଡ଼ ଭୁଷୁଡ଼ିପଡ଼ିଲାପରି ତଳେ ପଡ଼ିଯାଉଥାନ୍ତି ॥ ୫ ॥

**ଭଟ କଟତ ତନ ସତ ଖଂଡ । ପୁନି ଉଠତ କରି ପାଷଂଡ ॥**
**ନଭ ଉଡତ ବହୁ ଭୁଜ ମୁଂଡ । ବିନୁ ମୌଲି ଧାୱତ ରୁଂଡ ॥ ୬ ॥**

ଯୋଦ୍ଧାମାନଙ୍କର ଶରୀର ଶହ ଶହ ଖଣ୍ଡ ହୋଇଯାଉଥାଏ, କିନ୍ତୁ ମାୟାବଳରେ ସେମାନେ ପୁଣି ଥରେ ଉଠି ଠିଆ ହୋଇଯାଉଥାନ୍ତି । ଆକାଶରେ ଅନେକ ବାହୁ ଓ ମୁଣ୍ଡ ଉଡୁଥାଏ ଏବଂ ମୁଣ୍ଡ ନ ଥିବା ଗଣ୍ଡିସବୁ ଦୌଡୁଥାନ୍ତି ॥ ୬ ॥

**ଖଗ କଂକ କାକ ସୃଗାଲ । କଟକଟହିଁ କଠିନ କରାଲ ॥ ୭ ॥**

ଚିଲ, କୁଆ ଆଦି ପକ୍ଷୀ ଓ ବିଲୁଆମାନେ ଭୟଙ୍କର ରଡ଼ି ଛାଡୁଥାନ୍ତି ॥ ୭ ॥

ଛନ୍ଦ- **କଟକଟହିଁ ଜଂବୁକ ଭୂତ ପ୍ରେତ ପିସାଚ ଖର୍ପର ସଂଚହୀଁ ।**
**ବେତାଲ ବୀର କପାଲ ତାଲ ବଜାଇ ଜୋଗିନି ନଂଚହୀଁ ॥**
**ରଘୁବୀର ବାନ ପ୍ରଚଂଡ ଖଂଡହିଁ ଭଟହ୍ନ କେ ଉର ଭୁଜ ସିରା ।**
**ଜହଁ ତହଁ ପରହିଁ ଉଠି ଲରହିଁ ଧର ଧରୁ ଧରୁ କରହିଁ ଭୟକର ଗିରା ॥ ୧ ॥**

ଶୃଗାଳମାନେ ଭୁକୁଥାନ୍ତି । ଭୂତ, ପ୍ରେତ ଓ ପିଶାଚମାନେ ଖପୁରି ଗୋଟାଉଥାନ୍ତି । ବୀର ବେତାଳମାନେ ଦୁଇ ହାତରେ ଖପୁରି ଧରି ତାଳ ବଜାଇବାରେ ଲାଗିଥାନ୍ତି । ଯୋଗିନୀମାନେ ନାଚୁଥାନ୍ତି । ସେପଟେ ରଘୁନାଥଙ୍କର ପ୍ରଚଣ୍ଡ ଶର ଯୋଦ୍ଧାମାନଙ୍କର ବକ୍ଷ, ବାହୁ ଓ ମସ୍ତକ ପ୍ରଭୃତି ଖଣ୍ଡବିଖଣ୍ଡ କରିପକାଉଥାଏ । ସେମାନଙ୍କର ଗଣ୍ଡି ଏଠିସେଠି ଟଳିପଡୁଥାଏ; କିନ୍ତୁ ସେମାନେ ପୁଣି ଥରେ ଉଠି ଲଢୁଥାନ୍ତି ଓ 'ଧର ଧର !' ବୋଲି ଭୟଙ୍କର ଗର୍ଜନ କରୁଥାନ୍ତି ॥ ୧ ॥

**ଅଂତାୱରୀଁ ଗହି ଉଡ଼ତ ଗୀଧ ପିସାଚ କର ଗହି ଧାୱହୀଁ ।**
**ସଂଗ୍ରାମ ପୁର ବାସୀ ମନହୁଁ ବହୁ ବାଲ ଗୁଡ଼ୀ ଉଡ଼ାୱହୀଁ ॥**
**ମାରେ ପଛାରେ ଉର ବିଦାରେ ବିପୁଲ ଭଟ କହଁରତ ପରେ ।**
**ଅୱଲୋକି ନିଜ ଦଲ ବିକଲ ଭଟ ତିସିରାଦି ଖର ଦୂଷନ ଫିରେ ॥ ୨ ॥**

ଅନ୍ତବୁଜୁଳିର ଗୋଟିଏ ମୁଣ୍ଡ ଧରି ଶାଗୁଣା ଉଡ଼ିଯାଉଥାଏ ତ, ଅନ୍ୟ ମୁଣ୍ଡଟି ଧରି ପିଶାଚ ଦୌଡୁଥାଏ । ମନେହେଉଥାଏ, ସତେ ଯେପରି ସଂଗ୍ରାମରୂପକ ନଗରର ବହୁ ବାଳକ ଗୁଡ଼ି ଉଡ଼ାଇବାରେ ବ୍ୟସ୍ତ । ଅନେକ ଯୋଦ୍ଧା ନିହତ ଓ ପରାସ୍ତ ହେଲେ । ଅନେକଙ୍କର ଛାତି ଫାଟିଗଲା । ସେମାନେ ଚିତ୍କାର କରୁଥାନ୍ତି । ଆପଣା ସେନାର ବ୍ୟାକୁଳ ଦଶା ଦେଖି ତ୍ରିଶିରା ଓ ଖର-ଦୂଷଣ ଆଦି ଯୋଦ୍ଧାମାନେ ଶ୍ରୀରାମଙ୍କ ଆଡ଼କୁ ମୁହାଁଇଲେ ॥ ୨ ॥

**ସର ସକ୍ତି ତୋମର ପରସୁ ସୂଲ କୃପାନ ଏକହି ବାରହୀଁ ।**
**କରି କୋପ ଶ୍ରୀରଘୁବୀର ପର ଅଗନିତ ନିସାଚର ଡାରହୀଁ ॥**
**ପ୍ରଭୁ ନିମିଷ ମହୁଁ ରିପୁ ସର ନିୱାରି ପଚାରି ଡାରେ ସାୟକା ।**
**ଦସ ଦସ ବିସିଖ ଉର ମାଝ ମାରେ ସକଲ ନିସିଚର ନାୟକା ॥ ୩ ॥**

ଅଗଣିତ ରାକ୍ଷସ କ୍ରୋଧଭରେ ହୋଇ ଶ୍ରୀରାମଙ୍କ ଉପରକୁ ଏକସଙ୍ଗରେ ତୀର, ଶକ୍ତି, ଭାଲା, ଫାର୍ଶା, ଶୂଳ ଓ କୃପାଣ ଆଦି ଅସ୍ତ୍ର ଛାଡ଼ିଲେ । ପ୍ରଭୁ ନିମିଷେକ ମଧ୍ୟରେ ଶତ୍ରୁର ଶରସବୁକୁ କାଟି, ହୁଙ୍କାର କରି ସେମାନଙ୍କ ଉପରକୁ ନିଜର ଶର ଛାଡ଼ିଲେ । ପ୍ରତ୍ୟେକ ରାକ୍ଷସ-ସେନାପତିର ଛାତିକୁ ପ୍ରଭୁ ଦଶ ଦଶଟା ଶର ମାରିଲେ ॥ ୩ ॥

**ମହି ପରତ ଉଠି ଭଟ ଭିରତ ମରତ ନ କରତ ମାୟା ଅତି ଘନୀ ।**
**ସୁର ଡରତ ଚୌଦହ ସହସ ପ୍ରେତ ବିଲୋକି ଏକ ଅୱଧ ଧନୀ ॥**
**ସୁର ମୁନି ସଭୟ ପ୍ରଭୁ ଦେଖି ମାୟାନାଥ ଅତି କୌତୁକ କରେ୍ୟା ।**
**ଦେଖହିଁ ପରସପର ରାମ କରି ସଂଗ୍ରାମ ରିପୁଦଲ ଲରି ମରେ୍ୟା ॥ ୪ ॥**

ଯୋଦ୍ଧାମାନେ ଭୂମିରେ ପଡ଼ିଯାଉଥାନ୍ତି; କିନ୍ତୁ ପୁଣି ଥରେ ଉଠି ଲଢ଼ିବାକୁ ବାହାରୁଥାନ୍ତି । କେହି ମରୁ

ନ ଥାନ୍ତି; ଅତିଶୟ ମାୟା ରଚନା କରୁଥାନ୍ତି । ଦେବତାମାନେ ଦେଖିଲେ ଯେ, ରାକ୍ଷସ ଚଉଦ ହଜାରକୁ ଅଯୋଧ୍ୟାନାଥ ଶ୍ରୀରାମ ଜଣେ ! ଏଣୁ ସେମାନେ ଡରିଗଲେ । ଦେବତା ଓ ମୁନିମାନଙ୍କର ଭୟ ଦେଖି ମାୟାପତି ପ୍ରଭୁ ଗୋଟିଏ କୌତୁକ ରଚନା କରିଦେଲେ । ତା'ଫଳରେ ଶତ୍ରୁସେନାର ପ୍ରତ୍ୟେକକୁ ତା'ର ପାଖରେ ଥିବା ରାକ୍ଷସ ରାମରୂପରେ ଦେଖାଗଲା ଏବଂ ସେମାନେ ନିଜ ନିଜ ମଧ୍ୟରେ ଯୁଦ୍ଧ କରି ମରିଗଲେ ॥ ୪ ॥

**ଦୋ:- ରାମ ରାମ କହି ତନୁ ତଜହିଁ ପାୱହିଁ ପଦ ନିର୍ବାନ ।**
**କରି ଉପାୟ ରିପୁ ମାରେ ଛନ ମହୁଁ କୃପାନିଧାନ ॥୨୦(କ)॥**

ସମସ୍ତେ ['ହେଇଟି ରାମ ଠିଆ ହୋଇଛି, ମାର, ମାର'—ଏପରି] 'ରାମ ରାମ' କହି ଶରୀର ଛାଡୁଥା'ନ୍ତି ଓ ତା'ଫଳରେ ମୋକ୍ଷପଦ ପାଉଥା'ନ୍ତି । କୃପାନିଧାନ ଶ୍ରୀରାମ ଏହି ଉପାୟ ରଚନା କରି କ୍ଷଣକ ଭିତରେ ଶତ୍ରୁମାନଙ୍କୁ ବିନାଶ କରିଦେଲେ ॥ ୨୦ (କ) ॥

**ହରଷିତ ବରଷହିଁ ସୁମନ ସୁର ବାଜହିଁ ଗଗନ ନିସାନ ।**
**ଅସ୍ତୁତି କରି କରି ସବ ଚଲେ ସୋଭିତ ବିବିଧ ବିମାନ ॥୨୦(ଖ)॥**

ଦେବତାମାନେ ହର୍ଷିତ ହୋଇ ପୁଷ୍ପବୃଷ୍ଟି କରିବାକୁ ଲାଗିଲେ । ଆକାଶରେ ଦୁନ୍ଦୁଭି ବାଜିବାକୁ ଲାଗିଲା । ଶେଷରେ ସେମାନେ ସ୍ତୁତି କରି କରି ବିଭିନ୍ନ ସୁଶୋଭିତ ବିମାନରେ ବସି ଚାଲିଗଲେ ॥ ୨୦ (ଖ) ॥

**ଜବ ରଘୁନାଥ ସମର ରିପୁ ଜୀତେ । ସୁର ନର ମୁନି ସବ କେ ଭୟ ବୀତେ ॥**
**ତବ ଲଛିମନ ସୀତହି ଲୈ ଆଏ । ପ୍ରଭୁ ପଦ ପରତ ହରଷି ଉର ଲାଏ ॥ ୧ ॥**

ଶ୍ରୀରଘୁନାଥ ଯୁଦ୍ଧରେ ଜୟ ଲାଭ କଲେ; ଫଳରେ ଦେବତା, ମନୁଷ୍ୟ, ମୁନି ପ୍ରଭୃତି ସମସ୍ତଙ୍କର ଭୟ ଦୂର ହୋଇଗଲା । ସେତେବେଳେ ଲକ୍ଷ୍ମଣ ସୀତାଙ୍କୁ ଧରି ଆସି ପହଞ୍ଚିଲେ । ସେ ଆସି ପ୍ରଭୁଙ୍କ ଚରଣରେ ପ୍ରଣାମ କରୁ କରୁ ପ୍ରଭୁ ତାଙ୍କୁ ଉଠାଇ ଆନନ୍ଦରେ ହୃଦୟରେ ଲଗାଇଲେ ॥ ୧ ॥

**ସୀତା ଚିତୱ ସ୍ୟାମ ମୃଦୁ ଗାତା । ପରମ ପ୍ରେମ ଲୋଚନ ନ ଅଘାତା ॥**
**ପଂଚବଟୀଁ ବସି ଶ୍ରୀରଘୁନାୟକ । କରତ ଚରିତ ସୁର ମୁନି ସୁଖଦାୟକ ॥ ୨ ॥**

ସୀତା ଶ୍ରୀରାମଙ୍କର ଶ୍ୟାମଳ କୋମଳ ଶ୍ରୀଅଙ୍ଗକୁ ପରମ ପ୍ରେମର ସହିତ ଚାହିଁରହିଥାନ୍ତି; ନେତ୍ର ତୃପ୍ତ ହେଉ ନ ଥାଏ । ଏପରିଭାବରେ ପଞ୍ଚବଟୀରେ ରହି ଶ୍ରୀରଘୁନାଥ ଦେବତା ଓ ମୁନିମାନଙ୍କ ପାଇଁ ସୁଖପ୍ରଦାନକାରୀ ଲୀଳା କରିବାକୁ ଲାଗିଲେ ॥ ୨ ॥

**ଧୁଆଁ ଦେଖି ଖରଦୂଷନ କେରା । ଜାଇ ସୁପନଖାଁ ରାୱନ ପ୍ରେରା ॥**
**ବୋଲୀ ବଚନ କ୍ରୋଧ କରି ଭାରୀ । ଦେସ କୋସ କୈ ସୁରତି ବିସାରୀ ॥ ୩ ॥**

ଖର-ଦୂଷଣ ବିଧ୍ୱଂସ ହୋଇଗଲେ ଦେଖି ଶୂର୍ପଣଖା ଯାଇ ରାବଣକୁ ଉତ୍ତେଜିତ କଲା । କ୍ରୋଧର ସହିତ ସେ ଯାଇ ରାବଣକୁ କହିଲା, ''ତୁ ରାଜ୍ୟ ଓ ରାଜସମ୍ପଦ କଥା ଭୁଲିଗଲୁଣି ॥ ୩ ॥

**କରସି ପାନ ସୋୱସି ଦିନୁ ରାତୀ । ସୁଧି ନହିଁ ତୱ ସିର ପର ଆରାତୀ ॥**
**ରାଜ ନୀତି ବିନୁ ଧନ ବିନୁ ଧର୍ମା । ହରିହି ସମର୍ପେ ବିନୁ ସତକର୍ମା ॥ ୪ ॥**
**ବିଦ୍ୟା ବିନୁ ବିବେକ ଉପଜାଏଁ । ଶ୍ରମ ଫଲ ପଢ଼େଁ କିଏଁ ଅରୁ ପାଏଁ ॥**
**ସଂଗ ତେଁ ଜତୀ କୁମଂତ୍ର ତେ ରାଜା । ମାନ ତେ ଗ୍ୟାନ ପାନ ତେଁ ଲାଜା ॥ ୫ ॥**
**ପ୍ରୀତି ପ୍ରନୟ ବିନୁ ମଦ ତେ ଗୁନୀ । ନାସହିଁ ବେଗି ନୀତି ଅସ ସୁନୀ ॥ ୬ ॥**

ମଦ ପିଇ ଦିନରାତି ଖାଲି ଶୋଇରହୁଛୁ । ଶତ୍ରୁ ଆସି ମୁଣ୍ଡ ଉପରେ ହେଲାଣି; ତୁ କ'ଣ ସେ ଖବର ରଖିଛୁଣି ? ବିନା ନୀତିରେ ରାଜକାର୍ଯ୍ୟ କଲେ, ବିନା ଧର୍ମରେ ଧନ ପ୍ରାପ୍ତ କଲେ, ଉତ୍ତମ କର୍ମ କରି ଭଗବାନଙ୍କୁ ସମର୍ପଣ ନ କଲେ ଓ ବିଦ୍ୟା ପଢ଼ି ବିବେକ ଉତ୍ପନ୍ନ ନ କଲେ, ପରିଣାମରେ ଶ୍ରମହିଁ ସାର ହୁଏ। ଏପରି ନୀତି ଅଛି ବୋଲି ମୁଁ ଶୁଣିଛି ଯେ, ବିଷୟସଙ୍ଗ ହେତୁ ସନ୍ନ୍ୟାସୀ, କୁମନ୍ତ୍ରଣା ହେତୁ ରାଜା, ମାନ ହେତୁ ଜ୍ଞାନ, ମଦ୍ୟପାନ ହେତୁ ଲଜ୍ଜା, ଅବିନମ୍ରତା ହେତୁ ପ୍ରୀତି ଓ ଅହଂକାର ହେତୁ ଗୁଣବାନ୍ ଲୋକ ଅତି ଶୀଘ୍ର ନଷ୍ଟ ହୋଇଯାଏ ॥ ୪-୬ ॥

ସୋ:- **ରିପୁ ରୁଜ ପାଵକ ପାପ ପ୍ରଭୁ ଅହି ଗନିଅ ନ ଛୋଟ କରି ।**
**ଅସ କହି ବିବିଧ ବିଲାପ କରି ଲାଗୀ ରୋଦନ କରନ ॥୨୧(କ)॥**

ଶତ୍ରୁ, ରୋଗ, ଅଗ୍ନି, ପାପ, ସ୍ୱାମୀ (ପ୍ରଭୁ) ଓ ସର୍ପକୁ ଛୋଟ ବୋଲି ଭାବିବା ଅନୁଚିତ ।'' ଏପରି କହି ଶୂର୍ପଣଖା ଅନେକପ୍ରକାରେ ବିଳାପ କରି କାନ୍ଦିବାକୁ ଲାଗିଲା ॥ ୨୧(କ) ॥

ଦୋ:- **ସଭା ମାଝ ପରି ବ୍ୟାକୁଲ ବହୁ ପ୍ରକାର କହ ରୋଇ ।**
**ତୋହି ଜିଅତ ଦସକଂଧର ମୋରି କି ଅସି ଗତି ହୋଇ ॥୨୧(ଖ)॥**

ସେ ବ୍ୟାକୁଳ ହୋଇ, ରାବଣର ସଭାମଝିରେ ପଡ଼ିଯାଇ, କନ୍ଦାକଟା କରି କହିଲା, ''ହଇରେ ଦଶଗ୍ରୀବ ! ତୁ ବଞ୍ଚିଥାଉ ଥାଉ ମୋର କ'ଣ ଏଭଳି ଦଶା ହେବା କଥା ?'' ॥ ୨୧ (ଖ) ॥

**ସୁନତ ସଭାସଦ ଉଠେ ଅକୁଲାଈ । ସମୁଝାଈ ଗହି ବାହଁ ଉଠାଈ ॥**
**କହ ଲଂକେସ କହସି ନିଜ ବାତା । କେଇଁ ତଵ ନାସା କାନ ନିପାତା ॥ ୧ ॥**

ଶୂର୍ପଣଖାର ବଚନ ଶୁଣି ସଭାସଦ୍‌ମାନେ ଉତ୍ତେଜିତ ହୋଇଉଠିଲେ । ସେମାନେ ଶୂର୍ପଣଖାର ବାହୁ ଧରି ଉଠାଇ ବହୁପ୍ରକାରେ ବୁଝାଇଲେ । ଲଙ୍କାପତି ରାବଣ କହିଲା, ''କଥାଟା କ'ଣ କହୁନୁ ? ତୋ ନାକ-କାନ କାଟିଲା କିଏ ?'' ॥ ୧ ॥

**ଅଵଧ ନୃପତି ଦସରଥ କେ ଜାଏ । ପୁରୁଷ ସିଂଘ ବନ ଖେଲନ ଆଏ ॥**
**ସମୁଝି ପରୀ ମୋହି ଉନ୍ହ କୈ କରନୀ । ରହିତ ନିସାଚର କରିହହିଁ ଧରନୀ ॥ ୨ ॥**

ସେ କହିଲା : ''ଅଯୋଧ୍ୟାର ରାଜା ଦଶରଥଙ୍କ ଦୁଇପୁଅ ବଣକୁ ଶିକାର କରିବାକୁ ଆସିଛନ୍ତି । ଦୁହେଁ ତ ପୁରୁଷଙ୍କ ଭିତରେ ସିଂହ ପରି। ତାଙ୍କ କାର୍ଯ୍ୟକଳାପ ଦେଖି ମୁଁ ବୁଝିଗଲି ଯେ, ସେମାନେ ପୃଥିବୀକୁ ରାକ୍ଷସଶୂନ୍ୟ କରିଦେବାକୁ ଆସିଛନ୍ତି ॥ ୨ ॥

**ଜିନ୍ହ କର ଭୁଜବଲ ପାଇ ଦସାନନ । ଅଭୟ ଭଏ ବିଚରତ ମୁନି କାନନ ॥**
**ଦେଖତ ବାଲକ କାଲ ସମାନା । ପରମ ଧୀର ଧନ୍ଵୀ ଗୁନ ନାନା ॥ ୩ ॥**

ରେ ଦଶମୁଖ ! ତାଙ୍କରି ବାହୁବଳ ପାଇ ମୁନିଗୁଡ଼ାକ ବଣରେ ନିର୍ଭୟରେ ବୁଲୁଛନ୍ତି । ସେ ଦୁହେଁ ଦେଖିବାକୁ ସିନା ବାଳକ, କିନ୍ତୁ ବଳରେ କାଳ ସମାନ । ଭାରି ଧୀର, ଶ୍ରେଷ୍ଠ ଧନୁର୍ଧର ଓ ବଡ଼ ଗୁଣବାନ୍ ॥ ୩ ॥

**ଅତୁଲିତ ବଲ ପ୍ରତାପ ଦ୍ଵୌ ଭ୍ରାତା । ଖଲ ବଧ ରତ ସୁର ମୁନି ସୁଖଦାତା ॥**
**ସୋଭା ଧାମ ରାମ ଅସ ନାମା । ତିନ୍ହ କେ ସଂଗ ନାରି ଏକ ସ୍ୟାମା ॥ ୪ ॥**

ସେ ଦୁହିଁଙ୍କର ବଳ ଓ ପ୍ରତାପ ଅତୁଳନୀୟ । ସେମାନେ ଦୁଷ୍ଟମାନଙ୍କୁ ଦମନ କରି ଦେବତା ଓ ମୁନିମାନଙ୍କୁ ସୁଖ ଦେବାରେ ଲାଗିଛନ୍ତି । ବଡ଼ଭାଇଟି ଦେଖିବାକୁ ଖୁବ୍ ସୁନ୍ଦର; ଜାଣ, ସେ ସୌନ୍ଦର୍ଯ୍ୟର ଧାମ; ନାମ ତାଙ୍କର 'ରାମ' । ସେମାନଙ୍କ ସାଥିରେ ଜଣେ ସୁନ୍ଦରୀ ତରୁଣୀ ସ୍ତ୍ରୀ ମଧ୍ୟ ଅଛି ॥ ୪ ॥

**ରୂପ ରାସି ବିଧି ନାରି ସଁୱାରୀ । ରତି ସତ କୋଟି ତାସୁ ବଲିହାରୀ ॥**
**ତାସୁ ଅନୁଜ କାଟେ ଶ୍ରୁତି ନାସା । ସୁନି ତୱ ଭଗିନି କରହିଁ ପରିହାସା ॥ ୫ ॥**

ବିଧାତା ତାକୁ ଏଭଳି ରୂପସୀ କରି ଗଢ଼ିଛି ଯେ, ଶହେକୋଟି ରତି (କାମଦେବଙ୍କ ପତ୍ନୀ) ହେଲେ ବି ତା ପାସଙ୍ଗରେ ପଡ଼ିବେନି । ତାଙ୍କରି ସାନ ଭାଇ ମୋ ନାକକାନ କାଟିଦେଲା । ମୁଁ ତୋ ଭଉଣୀ ବୋଲି ଶୁଣି ସେମାନେ ମୋତେ ଥଟ୍ଟା କରିବାକୁ ଲାଗିଲେ ॥ ୫ ॥

**ଖର ଦୂଷନ ସୁନି ଲଗେ ପୁକାରା । ଛନ ମହୁଁ ସକଲ କଟକ ଉହ୍ନ ମାରା ॥**
**ଖର ଦୂଷନ ତିସିରା କର ଘାତା । ସୁନି ଦସସୀସ ଜରେ ସବ ଗାତା ॥ ୬ ॥**

ମୋ ପାଟି ଶୁଣି ଖର-ଦୂଷଣ ମୋତେ ସାହାଯ୍ୟ କରିବାକୁ ଧାଇଁଆସିଲେ । କିନ୍ତୁ ସେ କ୍ଷଣକ ଭିତରେ ସାରା ରାକ୍ଷସସେନାକୁ ମାରିଦେଲେ ।'' ଖର-ଦୂଷଣ ଓ ତ୍ରିଶିରାଙ୍କ ବଧ କଥା ଶୁଣି ରାବଣ କ୍ରୋଧରେ ଜଳିଉଠିଲା ॥ ୬ ॥

ଦୋଃ- **ସୂପନଖହି ସମୁଝାଇ କରି ବଲ ବୋଲେସି ବହୁ ଭାଁତି ।**
**ଗୟଉ ଭୱନ ଅତି ସୋଚବସ ନୀଦ ପରଇ ନହିଁ ରାତି ॥ ୨୨ ॥**

ସେ ଶୂର୍ପଣଖାକୁ ବୁଝାଇ ନିଜ ବଳ ବିଷୟରେ ବହୁପ୍ରକାରେ ବଖାଣି ହେଲା; କିନ୍ତୁ ମନ ଭିତରେ ଅତ୍ୟନ୍ତ ଚିନ୍ତିତ ହୋଇ ନିଜ ପୁରକୁ ଚାଲିଗଲା । ସେଦିନ ରାତିସାରା ତାକୁ ନିଦ ହେଲା ନାହିଁ ॥ ୨୨ ॥

**ସୁର ନର ଅସୁର ନାଗ ଖଗ ମାହାଁ । ମୋରେ ଅନୁଚର କହଁ କୋଉ ନାହାଁ ॥**
**ଖର ଦୂଷନ ମୋହି ସମ ବଲୱଂତା । ତିହ୍ନହି କୋ ମାରଇ ବିନୁ ଭଗୱଂତା ॥ ୧ ॥**

[ସେ ମନେ ମନେ ବିଚାର କରିବାକୁ ଲାଗିଲା—] ଦେବତା, ମନୁଷ୍ୟ, ଅସୁର, ନାଗ ବା ପକ୍ଷୀମାନଙ୍କ ମଧ୍ୟରେ ଏପରି କେହି ଜଣେ ହେଲେ ନାହିଁ, ଯେ କି ମୋ ସେବକ ଦେହରେ ହାତ ଦେଇପାରିବ ! ଖର-ଦୂଷଣ ତ ଠିକ୍ ମୋ ପରି ବଳବାନ୍ ଥିଲେ, ସେମାନଙ୍କୁ ଭଗବାନଙ୍କ ବ୍ୟତୀତ ଅନ୍ୟ କିଏ ବା ମାରିପାରନ୍ତା ? ॥ ୧ ॥

**ସୁର ରଂଜନ ଭଂଜନ ମହି ଭାରା । ଜୌଁ ଭଗୱଂତ ଲୀହ୍ନ ଅୱତାରା ॥**
**ତୌ ମୈଁ ଜାଇ ବୈରୁ ହଠି କରଉଁ । ପ୍ରଭୁ ସର ପ୍ରାନ ତଜେଁ ଭୱ ତରଉଁ ॥ ୨ ॥**

ଯଦି ଦେବତାମାନଙ୍କର ଆନନ୍ଦଦାତା ଓ ପୃଥିବୀର ଭାରହରଣକାରୀ ଭଗବାନ୍ ଅବତାର ଗ୍ରହଣ କରିଥାନ୍ତି, ତେବେ ମୁଁ ଯାଇ ଜିଦି ଧରି ତାଙ୍କ ସହିତ ଶତ୍ରୁତା କରିବି ଏବଂ ପ୍ରଭୁଙ୍କ ବାଣରେ ପ୍ରାଣ ତ୍ୟାଗ କରି ଭବସାଗରରୁ ତରିଯିବି ॥ ୨ ॥

**ହୋଇହି ଭଜନୁ ନ ତାମସ ଦେହା । ମନ କ୍ରମ ବଚନ ମଂତ୍ର ଦୃଢ଼ ଏହା ॥**
**ଜୌଁ ନରରୂପ ଭୂପସୁତ କୋଉ । ହରିହଉଁ ନାରି ଜୀତି ରନ ଦୋଉ ॥ ୩ ॥**

ଏହି ତାମସ ଶରୀରରେ ତ ଭଜନ ହେବ ନାହିଁ; ତେଣୁ ପ୍ରଭୁଙ୍କ ବାଣରେ ପ୍ରାଣ ତ୍ୟାଗ କରିବି । ମନ-ବଚନ-କର୍ମରେ ଏହାହିଁ ମୋର ଦୃଢ଼ନିଶ୍ଚୟ । ଯଦି ସେହି ରାଜକୁମାରମାନେ କୌଣସି ମନୁଷ୍ୟ ହୋଇଥିବେ, ତେବେ ଦୁଇଭାଇଙ୍କୁ ଯୁଦ୍ଧରେ ଜୟ କରି, ତାଙ୍କ ସ୍ତ୍ରୀକୁ ହରଣ କରି ନେଇଆସିବି ॥ ୩ ॥

**ଚଲା ଅକେଲ ଜାନ ଚଢ଼ି ତହୱାଁ । ବସ ମାରୀଚ ସିଂଧୁ ତଟ ଜହୱାଁ ॥**
**ଇହାଁ ରାମ ଜସି ଜୁଗୁତି ବନାଈ । ସୁନହୁ ଉମା ସୋ କଥା ସୁହାଈ ॥ ୪ ॥**

ଏପରି ବିଗ୍ଚର କରି, ରାବଣ ରଥ ଚଢ଼ି, ଯେଉଁଠି ମାରୀଚ ରହୁଥାଏ, ସେହି ସମୁଦ୍ରତଟକୁ ଏକୁଟିଆ ଗ୍ଚଲିଗଲା । [ଶିବ କହୁଛନ୍ତି,] ହେ ପାର୍ବତୀ ! ଏପଟେ ଶ୍ରୀରାମ ଯେଉଁ ଉପାୟ ରଚନା କଲେ, ସେହି ସୁନ୍ଦର କଥାଟି ଶୁଣ ॥ ୪ ॥

ଦୋ:- **ଲଛିମନ ଗଏ ବନହିଁ ଜବ ଲେନ ମୂଲ ଫଲ କଂଦ ।**
**ଜନକସୁତା ସନ ବୋଲେ ବିହସି କୃପା ସୁଖ ବୃଂଦ ॥ ୨୩ ॥**

ଲକ୍ଷ୍ମଣ ଯେତେବେଳେ କନ୍ଦ, ମୂଳ ଓ ଫଳ ଆଣିବାପାଇଁ ବନକୁ ଗ୍ଚଲିଗଲେ, ସେତେବେଳେ କୃପା ଓ ସୁଖର ରାଶି ଶ୍ରୀରାମ ହସି ହସି ଜାନକୀଙ୍କୁ ଏକାନ୍ତରେ କହିଲେ, ॥ ୨୩ ॥

**ସୁନହୁ ପ୍ରିୟା ବ୍ରତ ରୁଚିର ସୁସୀଲା । ମୈଁ କଛୁ କରବି ଲଲିତ ନରଲୀଲା ॥**
**ତୁହ୍ମ ପାୱକ ମହୁଁ କରହୁ ନିୱାସା । ଜୌ ଲଗି କରୌଁ ନିସାଚର ନାସା ॥ ୧ ॥**

"ହେ ପ୍ରିୟେ ! ହେ ପତିବ୍ରତାଧର୍ମ-ପାଳନକାରିଣୀ ! ହେ ସୁଶୀଳେ ! ଶୁଣ, ମୁଁ ବର୍ତ୍ତମାନ କିଛି ମନୋହର ମନୁଷ୍ୟଲୀଳା କରିବି । ତେଣୁ ମୁଁ ଯେପର୍ଯ୍ୟନ୍ତ ରାକ୍ଷସମାନଙ୍କୁ ବିନାଶ ନ କରିଛି, ସେପର୍ଯ୍ୟନ୍ତ ତୁମେ ଅଗ୍ନିରେ ନିବାସ କର ।" ॥ ୧ ॥

**ଜବହିଁ ରାମ ସବ କହା ବଖାନୀ । ପ୍ରଭୁ ପଦ ଧରି ହିୟଁ ଅନଲ ସମାନୀ ॥**
**ନିଜ ପ୍ରତିବିମ୍ବ ରାଖି ତହଁ ସୀତା । ତୈସଇ ସୀଲ ରୂପ ସୁବିନୀତା ॥ ୨ ॥**

ଶ୍ରୀରାମ ସବୁକଥା ବୁଝାଇକହିବାରୁ ସୀତା ସେଠାରେ ନିଜର ଛାୟାମୂର୍ତ୍ତି ରଖିଦେଲେ ଏବଂ ହୃଦୟରେ ପ୍ରଭୁଙ୍କ ଚରଣକମଳ ଧାରଣ କରି ନିଜେ ଅଗ୍ନିରେ ପ୍ରବେଶ କଲେ । ସେହି ଛାୟାମୂର୍ତ୍ତିଟି ଠିକ୍ ତାଙ୍କରି ପରି ସୁଶୀଳା, ରୂପବତୀ ଓ ବିନୀତା ହୋଇଥାଏ ॥ ୨ ॥

**ଲଛିମନହୂଁ ୟହ ମରମୁ ନ ଜାନା । ଜୋ କଛୁ ଚରିତ ରଗ୍ଚ ଭଗୱାନା ॥**
**ଦସମୁଖ ଗୟଉ ଜହାଁ ମାରୀଗ୍ଚ । ନାଇ ମାଥ ସ୍ୱାରଥ ରତ ନୀଗ୍ଚ ॥ ୩ ॥**

ଭଗବାନ୍ ଯେଉଁ ଲୀଳା ରଚନା କଲେ, ତାହା ଲକ୍ଷ୍ମଣ ବି ଜାଣିପାରିଲେ ନାହିଁ । ସେପଟେ ନୀଚ ସ୍ୱାର୍ଥପର ରାବଣ ମାରୀଚ ରହୁଥିବା ସ୍ଥାନକୁ ଯାଇ ତାକୁ ମୁଣ୍ଡ ନୁଆଁଇ ପ୍ରଣାମ କଲା ॥ ୩ ॥

**ନୱନି ନୀଚ କୈ ଅତି ଦୁଖଦାଈ । ଜିମି ଅଁକୁସ ଧନୁ ଉରଗ ବିଲାଈ ॥**
**ଭୟଦାୟକ ଖଲ କୈ ପ୍ରିୟ ବାନୀ । ଜିମି ଅକାଲ କେ କୁସୁମ ଭୱାନୀ ॥ ୪ ॥**

ଅଙ୍କୁଶ, ଧନୁ, ସର୍ପ ଓ ବିରାଡ଼ି ନଇଁପଡ଼ିଲେ ବା ସଂକୁଚିତ ହୋଇଗଲେ ଯେପରି ବିପଦର କାରଣ ହୋଇଯାଆନ୍ତି, ନୀଚବୁଦ୍ଧି ଲୋକର ନମ୍ରତା ମଧ୍ୟ ସେହିପରି ଦୁଃଖର (ବିପଦର) କାରଣ ହୋଇଥାଏ । ହେ ଭବାନୀ ! ଦୁଷ୍ଟର ମଧୁରବାଣୀ ମଧ୍ୟ ଅକାଳକୁସୁମ ପରି ଭୟପ୍ରଦ ହୋଇଥାଏ ॥ ୪ ॥

ଦୋ:- **କରି ପୂଜା ମାରୀଚ ତବ ସାଦର ପୂଛୀ ବାତ ।**
**କୱନ ହେତୁ ମନ ବ୍ୟଗ୍ର ଅତି ଅକସର ଆୟହୁ ତାତ ॥ ୨୪ ॥**

ମାରୀଚ ତାକୁ ସମ୍ମାନ ଦେଇ ଆଦରରେ ପଗ୍ଚରିଲା, "ହେ ତାତ ! ଆପଣଙ୍କ ମନ କାହିଁକି ଆଜି ଭାରି ବ୍ୟାକୁଳ ଜଣାପଡୁଛି ! ଆପଣ ଏକୁଟିଆ କିପରି ଗ୍ଚଲିଆସିଲେ ?" ॥ ୨୪ ॥

**ଦସମୁଖ ସକଲ କଥା ତେହି ଆଗେଁ । କହୀ ସହିତ ଅଭିମାନ ଅଭାଗେଁ ॥**
**ହୋହୁ କପଟ ମୃଗ ତୁହ୍ମ ଛଲକାରୀ । ଜେହି ବିଧି ହରି ଆନୌଁ ନୃପନାରୀ ॥ ୧ ॥**

ଅଭାଗା ରାବଣ ଅଭିମାନର ସହିତ ତାକୁ ସବୁକଥା ଶୁଣାଇଦେଇ କହିଲା, ''ତୁମେ କପଟରେ ଏପରି ମାୟାମୃଗ ହୋଇଯାଅ ଯେ, ମୁଁ ତାହାରି ବଳରେ ରାଜବଧୂକୁ ହରଣ କରିଆଣିବି ।'' ॥ ୧ ॥

**ତେହିଁ ପୁନି କହା ସୁନହୁ ଦସସୀସା । ତେ ନରରୂପ ଚରାଚର ଈସା ॥**
**ତାସୋଁ ତାତ ବୟରୁ ନହିଁ କୀଜୈ । ମାରେଁ ମରିଅ ଜିଆଏଁ ଜୀଜୈ ॥ ୨ ॥**

ଏହା ଶୁଣି ମାରୀଚ କହିଲା, ''ହେ ଦଶଶିର ! ଶୁଣନ୍ତୁ; ସେ ସିନା ମନୁଷ୍ୟରୂପ ଧରିଛନ୍ତି, ପ୍ରକୃତରେ ସେ ହେଉଛନ୍ତି ଚରାଚରର ଈଶ୍ୱର । ହେ ତାତ ! ତାଙ୍କ ସହିତ ଶତ୍ରୁତା କରନ୍ତୁ ନାହିଁ । ସେ ମାରିଲେ ପ୍ରାଣୀ ମରେ ଓ ସେ ତାରିଲେ ପ୍ରାଣୀ ତରେ (ସମସ୍ତଙ୍କ ଜୀବନମରଣ ତାଙ୍କରି ହାତରେ) ॥ ୨ ॥

**ମୁନି ମଖ ରାଖନ ଗୟଉ କୁମାରା । ବିନୁ ଫର ସର ରଘୁପତି ମୋହି ମାରା ॥**
**ସତ ଜୋଜନ ଆୟଉଁ ଛନ ମାହାଁ । ତିହ୍ମ ସନ ବୟରୁ କିଏଁ ଭଲ ନାହାଁ ॥ ୩ ॥**

ସେହି ରାଜକୁମାର ଦୁହେଁ ମୁନି ବିଶ୍ୱାମିତ୍ରଙ୍କ ଯଜ୍ଞ ରକ୍ଷା କରିବାକୁ ଯାଇଥିଲେ । ସେତେବେଳେ ଶ୍ରୀରଘୁନାଥ ମୋ ଉପରକୁ ଗୋଟିଏ ମୁନ ନ ଥିବା ବାଣ ମାରିଥିଲେ ଯେ, ତା'ରି ମାଡ଼ରେ ମୁଁ କ୍ଷଣକ ଭିତରେ ଆସି ଶହେଯୋଜନ ଦୂରରେ ପଡ଼ିଗଲି । ତାଙ୍କ ସହିତ ଶତ୍ରୁତା କଲେ କିଛି ଭଲ ହେବ ନାହିଁ ॥ ୩ ॥

**ଭଇ ମମ କୀଟ ଭୃଂଗ କୀ ନାଈ । ଜହଁ ତହଁ ମୈଁ ଦେଖଉଁ ଦୋଉ ଭାଈ ॥**
**ଜୌଁ ନର ତାତ ତଦପି ଅତି ସୂରା । ତିହ୍ନହି ବିରୋଧି ନ ଆଇହି ପୂରା ॥ ୪ ॥**

ମୋ ଅବସ୍ଥା ତ ଏବେ ଭଅଁର ଧରିଆଣିଥିବା ପୋକ ପରି ହୋଇଯାଇଛି । ମୁଁ ଯେଣେ ଗ୍ରହୁଁଛି, ମୋତେ ଖାଲି ରାମଲକ୍ଷ୍ମଣ ଦୁଇଭାଇ ଦିଶୁଛନ୍ତି । ଆହୁରି ଗୋଟିଏ କଥା ମଣିମା ! ଯଦି ସେମାନେ ମନୁଷ୍ୟ ହୋଇଥିବେ, ତେବେ ବି, ଜାଣନ୍ତୁ, ସେମାନେ ଅତ୍ୟନ୍ତ ଶୂରବୀର । ସେମାନଙ୍କ ବିରୁଦ୍ଧରେ ଗଲେ ଆପଣଙ୍କୁ ସଫଳତା ମିଳିବ ନାହିଁ ॥ ୪ ॥

ଦୋଃ- **ଜେହିଁ ତାଡ଼କା ସୁବାହୁ ହତି ଖଂଡେଉ ହର କୋଦଂଡ ।**
**ଖର ଦୂଷନ ତିସିରା ବଧେଉ ମନୁଜ କି ଅସ ବରିବଂଡ ॥ ୨୫ ॥**

ଯେ ତାଡ଼କା ଓ ସୁବାହୁକୁ ମାରିଦେଲେ; ଯେ ଶିବଧନୁକୁ ଭାଙ୍ଗିଦେଲେ; ପୁଣି ଖର, ଦୂଷଣ ଓ ତ୍ରିଶିରାକୁ ବଧ କରିଦେଲେ, ସେଭଳି ପ୍ରଚଣ୍ଡ ବୀର କଣ କେବେ ମନୁଷ୍ୟ ହୋଇପାରନ୍ତି ! ॥ ୨୫ ॥

**ଜାହୁ ଭୱନ କୁଲ କୁସଲ ବିଚାରୀ । ସୁନତ ଜରା ଦୀହ୍ନିସି ବହୁ ଗାରୀ ॥**
**ଗୁରୁ ଜିମି ମୂଢ଼ କରସି ମମ ବୋଧା । କହୁ ଜଗ ମୋହି ସମାନ କୋ ଜୋଧା ॥ ୧ ॥**

ତେଣୁ କୁଳର ମଙ୍ଗଳ ଦୃଷ୍ଟିରୁ ଆପଣ ଘରକୁ ଫେରିଯାଆନ୍ତୁ ।'' ଏହା ଶୁଣି ରାବଣ କ୍ରୋଧରେ ଜଳିଉଠିଲା ଏବଂ ନାନାପ୍ରକାର ଗାଳି ଦେଇ କହିଲା, ''ଆରେ ମୂର୍ଖ ! ତୁ କ'ଣ ମୋତେ ଗୁରୁ ପରି ଜ୍ଞାନ ଶିଖାଉଛୁ !! ସଂସାରରେ ମୋ ପରି ବୀର କିଏ ଅଛି, କହିଲୁ ଦେଖି ?'' ॥ ୧ ॥

**ତବ ମାରୀଚ ହୃଦୟଁ ଅନୁମାନା । ନୱହି ବିରୋଧେଁ ନହିଁ କଲ୍ୟାନା ॥**
**ସସ୍ତ୍ରୀ ମର୍ମୀ ପ୍ରଭୁ ସଠ ଧନୀ । ବୈଦ ବଂଦି କବି ଭାନସ ଗୁନୀ ॥ ୨ ॥**

ତାହା ଶୁଣି ମାରୀଚ ମନେ ମନେ ଅନୁମାନ କରିନେଲା ଯେ, ଶସ୍ତ୍ରୀ (ଶସ୍ତ୍ରଧାରୀ), ମର୍ମୀ (ଭିତର ଗୁମର ଜାଣିଥିବା ଲୋକ), ସମର୍ଥ ସ୍ୱାମୀ (ବଳବାନ୍ ପ୍ରଭୁ, ମାଲିକ), ମୂର୍ଖ, ଧନବାନ୍, ବୈଦ୍ୟ, ଭାଟ, କବି ଓ ରୋଷେୟା—ଏହି ନଅଜଣଙ୍କ ସହିତ ବିରୋଧ କଲେ, ମଙ୍ଗଳ ହୁଏ ନାହିଁ ॥ ୨ ॥

**ଉଭୟ ଭାଁତି ଦେଖା ନିଜ ମରନା । ତବ ତାକିସି ରଘୁନାୟକ ସରନା ॥**
**ଉତରୁ ଦେତ ମୋହି ବଧବ ଅଭାଗେଁ । କସ ନ ମରୌଁ ରଘୁପତି ସର ଲାଗେଁ ॥ ୩ ॥**

ମାରୀଚ ଯେତେବେଳେ ଦେଖିଲା ଯେ, ଉଭୟ ଦିଗରୁ ତା'ର ମୃତ୍ୟୁ ଅବଶ୍ୟମ୍ଭାବୀ, ସେତେବେଳେ ସେ ଶ୍ରୀରଘୁନାଥଙ୍କ ଶରଣକୁହିଁ ହିତ ମଣିଲା । ଭାବିଲା, ''ଉତ୍ତର ଦେଲାମାତ୍ରେ (ନାହିଁ କରିବାମାତ୍ରେ) ଏ ଅଭାଗା ମୋତେ ମାରିଦେବ । ତେଣୁ ମୁଁ ରଘୁନାଥଙ୍କ ବାଣରେ ନ ମରିବି କାହିଁକି !'' ॥ ୩ ॥

**ଅସ ଜିୟଁ ଜାନି ଦସାନନ ସଂଗା । ଚଲା ରାମ ପଦ ପ୍ରେମ ଅଭଂଗା ॥**
**ମନ ଅତି ହରଷ ଜନାୱ ନ ତେହୀ । ଆଜୁ ଦେଖିହଉଁ ପରମ ସନେହୀ ॥ ୪ ॥**

ଏପରି ଭାବି, ସେ ରାବଣ ସାଥିରେ ଚାଲିଲା । ସେତେବେଳେ ଶ୍ରୀରାମଙ୍କ ଚରଣରେ ତ ତା'ର ଅଖଣ୍ଡ ପ୍ରେମ ରହିଥିଲା । ତା'ମନରେ ଅତ୍ୟନ୍ତ ଆନନ୍ଦ ହେଲା ଯେ, ଆଜି ସେ ତା'ର ପରମପ୍ରିୟ ଶ୍ରୀରାମଙ୍କୁ ଦେଖିବ । କିନ୍ତୁ ମନର ଆନନ୍ଦ କଥା ସେ ରାବଣକୁ ଜଣାଇଲା ନାହିଁ ॥ ୪ ॥

ଛନ୍ଦ- **ନିଜ ପରମ ପ୍ରୀତମ ଦେଖି ଲୋଚନ ସୁଫଲ କରି ସୁଖ ପାଇହୌଁ ।**
**ଶ୍ରୀ ସହିତ ଅନୁଜ ସମେତ କୃପାନିକେତ ପଦ ମନ ଲାଇହୌଁ ॥**
**ନିର୍ବାନ ଦାୟକ କ୍ରୋଧ ଜା କର ଭଗତି ଅବସହି ବସକରୀ ।**
**ନିଜ ପାନି ସର ସଂଧାନି ସୋ ମୋହି ବଧିହି ସୁଖସାଗର ହରୀ ॥**

[ସେ ମନେ ମନେ ଭାବିବାକୁ ଲାଗିଲା,] ''ମୋର ପରମ ପ୍ରିୟତମଙ୍କୁ ଦର୍ଶନ କରି, ନେତ୍ର ସାର୍ଥକ କରି ମୁଁ ସୁଖ ପାଇବି । ଜାନକୀ ଓ ଅନୁଜ ଲକ୍ଷ୍ମଣଙ୍କ ସମେତ କୃପାନିଧାନ ଶ୍ରୀରାମଙ୍କ ଚରଣରେ ମୁଁ ମନ ଲଗାଇଦେବି । ଯାହାଙ୍କର କ୍ରୋଧ ବି ମୋକ୍ଷ ପ୍ରଦାନ କରେ ଏବଂ ଯାହାଙ୍କ ଚରଣରେ ନିବେଦିତ ଭକ୍ତି କାହାରି ବଶରେ ନ ଥିବା ପରମ ସ୍ୱତନ୍ତ୍ର ଭଗବାନଙ୍କୁ ମଧ୍ୟ ବଶ କରିଦିଏ, ଆହା ! ସେହି ଆନନ୍ଦସାଗର ଶ୍ରୀହରି ନିଜ ହାତରେ ବାଣ ମାରି ଆଜି ମୋତେ ବଧ କରିବେ !

ଦୋଃ- **ମମ ପାଛେଁ ଧର ଧାୱତ ଧରେଁ ସରାସନ ବାନ ।**
**ଫିରି ଫିରି ପ୍ରଭୁହି ବିଲୋକିହଉଁ ଧନ୍ୟ ନ ମୋ ସମ ଆନ ॥ ୨୬ ॥**

ମୋତେ ଧରିବାପାଇଁ ଧନୁର୍ବାଣ ଧାରଣ କରି ମୋ ପଛେ ପଛେ ବନଭୂମିରେ ଦୌଡୁଥିବା ପ୍ରଭୁଙ୍କୁ ଦର୍ଶନ କରିବା ନିମନ୍ତେ ଆଜି ମୁଁ ପଛକୁ ବୁଲି ବୁଲି ଚାହିଁବି । ମୋ ପରି ଧନ୍ୟ ଆଉ କେହି ବି ନାହିଁ ।'' ॥ ୨୬ ॥

**ତେହି ବନ ନିକଟ ଦସାନନ ଗୟଉ । ତବ ମାରୀଚ କପଟ ମୃଗ ଭୟଉ ॥**
**ଅତି ବିଚିତ୍ର କଛୁ ବରନି ନ ଜାଈ । କନକ ଦେହ ମନି ରଚିତ ବନାଈ ॥ ୧ ॥**

ଯେଉଁ ବନରେ ରଘୁନାଥ ରହୁଥିଲେ, ରାବଣ ସେହି ବନ ନିକଟରେ ପହଞ୍ଚିଗଲା । ସେତିକିବେଳେ ମାରୀଚ ମାୟାମୃଗ ହୋଇଗଲା । ସେହି ମୃଗଟି ଏପରି ବିଚିତ୍ର ହୋଇଥାଏ ଯେ, ତା'ର ବର୍ଣ୍ଣନା କରିହେବ ନାହିଁ । ସେ ନିଜର ମାୟାଶରୀରଟି ସୁନାରେ ଗଢ଼ି ତା'ଦେହରେ ବିଭିନ୍ନପ୍ରକାର ମଣି ଖଞ୍ଜିଦେଇଥିଲା ॥ ୧ ॥

**ସୀତା ପରମ ରୁଚିର ମୃଗ ଦେଖା । ଅଂଗ ଅଂଗ ସୁମନୋହର ବେଷା ॥**
**ସୁନହୁ ଦେଓ୍ୱ ରଘୁବୀର କୃପାଲା । ଏହି ମୃଗ କର ଅତି ସୁଂଦର ଛାଲା ॥ ୨ ॥**

ପ୍ରତିଟି ଅଙ୍ଗରେ ଅତ୍ୟନ୍ତ ମନୋହର ବେଶ ଧରିଥିବା ସେହି ପରମ ସୁନ୍ଦର ହରିଣଟିକୁ ଦେଖି ସୀତା କହିଲେ, ''ହେ ଦେବ ! ହେ କୃପାଳୁ ରଘୁବୀର ! ଶୁଣନ୍ତୁ । ଏହି ମୃଗଟିର ଚର୍ମ ବଡ଼ ସୁନ୍ଦର ହୋଇଛି ॥ ୨ ॥

**ସତ୍ୟସଂଧ ପ୍ରଭୁ ବଧି କରି ଏହୀ । ଆନହୁ ଚର୍ମ କହତି ବୈଦେହୀ ॥**
**ତବ ରଘୁପତି ଜାନତ ସବ କାରନ । ଉଠେ ହରଷି ସୁର କାଜୁ ସଁୱାରନ ॥ ୩ ॥**

ହେ ସତ୍ୟପ୍ରତିଜ୍ଞ ପ୍ରଭୁ ! ତାକୁ ମାରି ତା'ଚର୍ମଟି ଆଣିଦିଅନ୍ତୁ ।'' ତାହା ଶୁଣି ଶ୍ରୀରଘୁନାଥ [ମାରୀଚ ମାୟାମୃଗ ହୋଇଥିବାର] ସବୁ କାରଣ ଜାଣିଥାଇ ମଧ୍ୟ, ଦେବତାମାନଙ୍କର କାର୍ଯ୍ୟ ସଫଳ କରିବା ନିମନ୍ତେ ଆନନ୍ଦରେ ବାହାରିପଡ଼ିଲେ ॥ ୩ ॥

**ମୃଗ ବିଲୋକି କଟି ପରିକର ବାଁଧା । କରତଲ ଚାପ ରୁଚିର ସର ସାଁଧା ॥**
**ପ୍ରଭୁ ଲଛିମନହି କହା ସମୁଝାଈ । ଫିରତ ବିପିନ ନିସିଚର ବହୁ ଭାଈ ॥ ୪ ॥**

ହରିଣକୁ ଦେଖି ଶ୍ରୀରାମ ଅଣ୍ଟା ଭିଡ଼ି, ହାତରେ ଧନୁ ଧରି ଗୋଟିଏ ସୁନ୍ଦର (ଦିବ୍ୟ) ଶର ଯୋଖିଦେଲେ । ତା'ପରେ ପ୍ରଭୁ ଲକ୍ଷ୍ମଣଙ୍କୁ ବୁଝାଇକହିଲେ, ''ହେ ଭାଇ ! ବଣରେ ଅନେକ ରାକ୍ଷସ ବୁଲୁଛନ୍ତି ॥ ୪ ॥

**ସୀତା କେରି କରେହୁ ରଖୱାରୀ । ବୁଧି ବିବେକ ବଲ ସମୟ ବିଚାରୀ ॥**
**ପ୍ରଭୁହି ବିଲୋକି ଚଲା ମୃଗ ଭାଜୀ । ଧାଏ ରାମୁ ସରାସନ ସାଜୀ ॥ ୫ ॥**

ତୁ ନିଜ ବଳ ଅନୁଯାୟୀ ଓ ସମୟାନୁକୂଳ ଉପାୟ କରି ବୁଦ୍ଧିବିବେକର ସହିତ ସୀତାଙ୍କୁ ଜଗିଥା ।'' ଏଣେ ପ୍ରଭୁଙ୍କୁ ଦେଖି ମୃଗ ଦୌଡ଼ିପଳାଇଲା । ଶ୍ରୀରାମ ମଧ୍ୟ ଧନୁଶର ଧରି ତାକୁ ଗୋଡ଼ାଇଗଲେ ॥ ୫ ॥

**ନିଗମ ନେତି ସିଓ୍ୱ ଧ୍ୟାନ ନ ପାଓ୍ୱା । ମାୟାମୃଗ ପାଛେଁ ସୋ ଧାଓ୍ୱା ॥**
**କବହୁଁ ନିକଟ ପୁନି ଦୂରି ପରାଈ । କବହୁଁକ ପ୍ରଗଟଈ କବହୁଁ ଛପାଈ ॥ ୬ ॥**

ବେଦ ଯାହାଙ୍କ ବିଷୟରେ 'ନେତି ନେତି' କହି ନିର୍ଣ୍ଣୟ କରିପାରନ୍ତି ନାହିଁ ଏବଂ ଭଗବାନ୍ ଶିବ ମଧ୍ୟ ଯାହାଙ୍କୁ ଧ୍ୟାନରେ ପାଆନ୍ତି ନାହିଁ (ଅର୍ଥାତ୍ ଯେ ମନ ଓ ବାଣୀର ଅତୀତ), ସେହି ଶ୍ରୀରାମ ମାୟାମୃଗ ପଛରେ ଧାଇଁଛନ୍ତି ! ସେହି ମୃଗ କେତେବେଳେ ପାଖେଇ ଆସୁଥାଏ ତ, କେତେବେଳେ ଦୂରକୁ ଚାଲିଯାଉଥାଏ; କେତେବେଳେ ଦେଖାଯାଉଥାଏ ତ, କେତେବେଳେ ଲୁଚିଯାଉଥାଏ ॥ ୬ ॥

**ପ୍ରଗଟତ ଦୁରତ କରତ ଛଲ ଭୂରୀ । ଏହି ବିଧି ପ୍ରଭୁହି ଗୟଉ ଲୈ ଦୂରୀ ॥**
**ତବ ତକି ରାମ କଠିନ ସର ମାରା । ଧରନି ପରେଉ କରି ଘୋର ପୁକାରା ॥ ୭ ॥**

ଏପରିଭାବରେ କେତେବେଳେ ଦେଖା ଦେଇ ତ, କେତେବେଳେ ଲୁଚିଯାଇ—ନାନା ଛଳ କରି କରି ସେ ଯେତେବେଳେ ଶ୍ରୀରାମଙ୍କୁ ବହୁଦୂର ପର୍ଯ୍ୟନ୍ତ ନେଇଗଲା, ସେତେବେଳେ ଶ୍ରୀରାମ ଲକ୍ଷ୍ୟ ସ୍ଥିର କରି ତା' ଉପରକୁ ଏକ ପ୍ରଚଣ୍ଡ ଶର ମାରିଦେଲେ । ଶର ବାଜିବାକ୍ଷଣି ସେ ଘୋର ଚିତ୍କାର କରି ତଳେ ଢଳିପଡ଼ିଲା ॥ ୭ ॥

**ଲଛିମନ କର ପ୍ରଥମହିଁ ଲୈ ନାମା । ପାଛେଁ ସୁମିରେସି ମନ ମହୁଁ ରାମା ॥**
**ପ୍ରାନ ତଜତ ପ୍ରଗଟେସି ନିଜ ଦେହା । ସୁମିରେସି ରାମୁ ସମେତ ସନେହା ॥ ୮ ॥**




ମାୟା ମୃଗକୁ ମାରିବା ନିମନ୍ତେ ଶ୍ରୀରାମ ଧାଇଁଛନ୍ତି

ସେ ପ୍ରଥମେ ଲକ୍ଷ୍ମଣଙ୍କ ନାମ ଉଚ୍ଚାରଣ କରି ତା' ପରେ ମନେ ମନେ ଶ୍ରୀରାମଙ୍କୁ ସ୍ମରଣ କଲା । ପ୍ରାଣ ତ୍ୟାଗ କରିବା ସମୟରେ ନିଜର ରାକ୍ଷସଶରୀର ପ୍ରକଟ କରି ସେ ଶ୍ରୀରାମଙ୍କୁ ପ୍ରେମର ସହିତ ସ୍ମରଣ କଲା ॥ ୮ ॥

**ଅଂତର ପ୍ରେମ ତାସୁ ପହିଚ୍ଚାନା । ମୁନି ଦୁର୍ଲଭ ଗତି ଦୀହ୍ନି ସୁଜାନା ॥ ୯ ॥**

ସର୍ବଜ୍ଞ ଶ୍ରୀରାମ ତା'ର ହୃଦୟର ପ୍ରେମ ଚିହ୍ନିପାରି ତାକୁ ସେହି ପରମଗତି (ନିଜର ପରମପଦ) ପ୍ରଦାନ କଲେ, ଯାହା କି ମୁନିମାନଙ୍କ ପାଇଁ ମଧ୍ୟ ଦୁର୍ଲଭ ॥ ୯ ॥

ଦୋ:- **ବିପୁଲ ସୁମନ ସୁର ବରଷହିଁ ଗାୱହିଁ ପ୍ରଭୁ ଗୁନ ଗାଥ ।**
**ନିଜ ପଦ ଦୀହ୍ନ ଅସୁର କହୁଁ ଦୀନବଂଧୁ ରଘୁନାଥ ॥ ୨୭ ॥**

ଦେବତାମାନେ ବହୁ ପୁଷ୍ପ ବୃଷ୍ଟି କଲେ ଓ ପ୍ରଭୁଙ୍କ ଗୁଣଗାଥା (ସ୍ତୁତି) ଗାନ କରି କହିଲେ, ''ଶ୍ରୀରଘୁନାଥ ଏପରି ଦୀନବନ୍ଧୁ ଯେ, ସେ ଅସୁରକୁ ମଧ୍ୟ ନିଜର ପରମପଦ ଦେଇଦେଲେ ।'' ॥ ୨୭ ॥

**ଖଲ ବଧି ତୁରତ ଫିରେ ରଘୁବୀରା । ସୋହ ଚ୍ଚପ କର କଟି ତୂନୀରା ॥**
**ଆରତ ଗିରା ସୁନୀ ଜବ ସୀତା । କହ ଲଛିମନ ସନ ପରମ ସଭୀତା ॥ ୧ ॥**

ଦୁଷ୍ଟ ମାରୀଚକୁ ମାରି ଶ୍ରୀରଘୁବୀର ତୁରନ୍ତ ବାହୁଡ଼ିଲେ । ହାତରେ ଧନୁ ଓ କଟିରେ ତୂଣୀର ଶୋଭା ପାଉଥାଏ । ଏପଟେ ସୀତା ଯେତେବେଳେ ଆର୍ତ୍ତବାଣୀ (ମରିବା ସମୟରେ ମାରୀଚର 'ହା ଲକ୍ଷ୍ମଣ' ଡାକ) ଶୁଣିଲେ, ସେତେବେଳେ ସେ ଅତ୍ୟନ୍ତ ଭୟଭୀତା ହୋଇ ଲକ୍ଷ୍ମଣଙ୍କୁ କହିଲେ, ॥ ୧ ॥

**ଜାହୁ ବେଗି ସଂକଟ ଅତି ଭ୍ରାତା । ଲଛିମନ ବିହସି କହା ସୁନୁ ମାତା ॥**
**ଭୃକୁଟି ବିଲାସ ସୃଷ୍ଟି ଲୟ ହୋଈ । ସପନେହୁଁ ସଂକଟ ପରଇ କି ସୋଈ ॥ ୨ ॥**

''ତୁମେ ଶୀଘ୍ର ଯାଅ । ତୁମ ଭାଇ ତେଣେ ସଂକଟରେ ପଡ଼ିଛନ୍ତି ।'' ଲକ୍ଷ୍ମଣ ହସି ହସି କହିଲେ, ''ହେ ମାତା ! ଶୁଣନ୍ତୁ । ଯାହାଙ୍କର ଭ୍ରୂକୁଟିବିଳାସ(ଇଙ୍ଗିତ)ମାତ୍ରେ ସମଗ୍ର ସୃଷ୍ଟି ଲୟ (ପ୍ରଳୟ) ହୋଇଯାଏ, ସେହି ଶ୍ରୀରାମ କଣ କେବେ ସ୍ୱପ୍ନରେ ହେଲେ ବି ସଂକଟରେ ପଡ଼ିପାରନ୍ତି !'' ॥ ୨ ॥

**ମରମ ବଚନ ଜବ ସୀତା ବୋଲା । ହରି ପ୍ରେରିତ ଲଛିମନ ମନ ଡୋଲା ॥**
**ବନ ଦିସି ଦେୱ ସୌଁପି ସବ କାହୂ । ଚଲେ ଜହାଁ ରାୱନ ସସି ରାହୂ ॥ ୩ ॥**

ଏହା ଶୁଣିବା ସତ୍ତ୍ୱେ ସୀତା କିଛି ମର୍ମଭେଦୀ ବଚନ କହିଦେଲେ ଓ ଭଗବାନଙ୍କ ପ୍ରେରଣାରେ ଲକ୍ଷ୍ମଣଙ୍କ ମନ ମଧ୍ୟ ଚଞ୍ଚଳ ହୋଇଉଠିଲା । ସେ ସୀତାଙ୍କ ଦାୟିତ୍ୱ ବନଦେବତା ଓ ଦିଗପାଳମାନଙ୍କୁ ସମର୍ପିଦେଇ ସେଠାକୁ ଚ୍ଚଲିଲେ, ଯେଉଁଠି ରାବଣରୂପୀ ଚନ୍ଦ୍ରମା ନିମନ୍ତେ ରାହୁରୂପୀ ଶ୍ରୀରାମ ରହିଥିଲେ ॥ ୩ ॥

**ସୂନ ବୀଚ ଦସକଂଧର ଦେଖା । ଆୱା ନିକଟ ଜତୀ କେଁ ବେଷା ॥**
**ଜାକେଁ ଡର ସୁର ଅସୁର ଡେରାହୀଁ । ନିସି ନ ନୀଦ ଦିନ ଅନ୍ନ ନ ଖାହୀଁ ॥ ୪ ॥**
**ସୋ ଦସସୀସ ସ୍ୱାନ କୀ ନାଈଁ । ଇତ ଉତ ଚିତଇ ଚଲା ଭଡ଼ିହାଈଁ ॥**
**ଇମି କୁପଂଥ ପଗ ଦେତ ଖଗେସା । ରହ ନ ତେଜ ତନ ବୁଧି ବଲ ଲେସା ॥ ୫ ॥**

ସେହି ସମୟରେ ଚ୍ଚରିଆଡ଼ ଶୂନ୍‌ଶାନ୍ ହୋଇଛି ଦେଖି, ରାବଣ ଯତି (ସନ୍ନ୍ୟାସୀ) ବେଶ ଧରି ସୀତାଙ୍କ ନିକଟକୁ ଚ୍ଚଲିଆସିଲା । ଯାହା ଭୟରେ ଦେବତା ଓ ଦୈତ୍ୟମାନେ ଏତେ ଭୀତତ୍ରସ୍ତ ହୋଇଯାଇଥିଲେ ଯେ, ରାତିରେ ଶୋଇପାରୁ ନ ଥିଲେ, କି ଦିନରେ [ପେଟପୂରା] ଖାଇପାରୁ ନ ଥିଲେ, ସେହି [ପ୍ରବଳ ପ୍ରତାପୀ]

ଦଶଶିର ରାବଣ ନିଜେ ମଧ୍ୟ ଭୟରେ କୁକୁର ପରି ଏପଟକୁ ସେପଟକୁ ଚାହିଁ, [କାଳେ କେହି ଆସିଯିବ ବୋଲି ଠାଉରିଆ ପରି ହୋଇ,] ଚୋରି କରିବା ନିମନ୍ତେ ସୀତା ଥିବା କୁଟୀର ପାଖକୁ ଚାଲିଆସିଲା । [କାକଭୁଶୁଣ୍ଡି କହୁଛନ୍ତି,] ହେ ଖଗରାଜ ! କୁମାର୍ଗରେ ପାଦ ଦେବାମାତ୍ରେ ବ୍ୟକ୍ତିର ଶରୀରରେ ଆଉ ଲେଶମାତ୍ର ତେଜ, ବୁଦ୍ଧି ଓ ବଳ ରହେ ନାହିଁ ॥ ୪-୫ ॥

**ନାନା ବିଧି କରି କଥା ସୁହାଈ । ରାଜନୀତି ଭୟ ପ୍ରୀତି ଦେଖାଈ ॥**
**କହ ସୀତା ସୁନୁ ଜତୀ ଗୋସାଈଁ । ବୋଲେହୁ ବଚନ ଦୁଷ୍ଟ କୀ ନାଈଁ ॥ ୬ ॥**

ରାବଣ ନାନାପ୍ରକାର ମନଗଢ଼ା ମିଠାକଥା କହି ସୀତାଙ୍କୁ ରାଜନୀତି, ଭୟ ଓ ପ୍ରେମ ଦେଖାଇଲା । ସୀତା କହିଲେ, "ହେ ଯତିବର ! ତୁମେ କଣ ଏପରି ଦୁଷ୍ଟଙ୍କ ପରି କଥା କହୁଛ !" ॥ ୬ ॥

**ତବ ରାୱନ ନିଜ ରୂପ ଦେଖାୱା । ଭଈ ସଭୟ ଜବ ନାମ ସୁନାୱା ॥**
**କହ ସୀତା ଧରି ଧୀରଜୁ ଗାଢ଼ା । ଆଇ ଗୟଉ ପ୍ରଭୁ ରହୁ ଖଲ ଠାଢ଼ା ॥ ୭ ॥**

ଏହା ଶୁଣି, ରାବଣ ନିଜର ପ୍ରକୃତ ରୂପ ଦେଖାଇ ନିଜ ନାଆଁ ଶୁଣାଇଦେଲା । ଫଳରେ ସୀତା ଭୟଭୀତ ହୋଇଗଲେ । ସେ ବହୁ ଧୈର୍ଯ୍ୟ ଧରି କହିଲେ, "ଆରେ ଦୁଷ୍ଟ ! ରହ; ପ୍ରଭୁ ଏହି ଆସିଯାଉଛନ୍ତି !" ॥ ୭ ॥

**ଜିମି ହରିବଧୁହି ଛୁଦ୍ର ସସ ଚାହା । ଭଏସି କାଲବସ ନିସିଚର ନାହା ॥**
**ସୁନତ ବଚନ ଦସସୀସ ରିସାନା । ମନ ମହୁଁ ଚରନ ବଂଦି ସୁଖ ମାନା ॥ ୮ ॥**

"ସିଂହର ସ୍ତ୍ରୀକୁ ଯେପରି ଠେକୁଆ ପାଇବାକୁ ଚାହେଁ, ତୁ ରାକ୍ଷସ ସେହିପରି ମୋତେ ପାଇବାକୁ ଚାହିଁ କାଳର କବଳରେ ପଡ଼ିଯାଇଛୁ ।" ତାହା ଶୁଣି ରାବଣ କ୍ରୁଦ୍ଧ ହେଲା ସତ; ତଥାପି ସେ ମନେ ମନେ ସୀତାଙ୍କ ଚରଣ ବନ୍ଦନା କରି ସୁଖ ଲାଭ କଲା ॥ ୮ ॥

ଦୋ:- **କ୍ରୋଧୱଂତ ତବ ରାୱନ ଲୀହ୍ନିସି ରଥ ବୈଠାଇ ।**
**ଚଲା ଗଗନପଥ ଆତୁର ଭୟଁ ରଥ ହାଁକି ନ ଜାଇ ॥ ୨୮ ॥**

ତା'ପରେ କ୍ରୁଦ୍ଧ ରାବଣ ସୀତାଙ୍କୁ ନେଇ ତା' ରଥରେ ବସାଇଦେଲା ଏବଂ ତରତର ହୋଇ ଆକାଶମାର୍ଗରେ ରଥ ଚଳାଇନେଲା; କିନ୍ତୁ ସେ ଏତେ ଭୟଭୀତ ହୋଇଯାଇଥାଏ ଯେ, ଠିକ୍‌ଭାବରେ ରଥ ଚଳାଇପାରୁ ନ ଥାଏ ॥ ୨୮ ॥

**ହା ଜଗ ଏକ ବୀର ରଘୁରାୟା । କେହିଁ ଅପରାଧ ବିସାରେହୁ ଦାୟା ॥**
**ଆରତି ହରନ ସରନ ସୁଖଦାୟକ । ହା ରଘୁକୁଲ ସରୋଜ ଦିନନାୟକ ॥ ୧ ॥**

[ସୀତା ବିଳାପ କରୁଥାନ୍ତି–] "ହା ! ଜଗତର ଅଦ୍ୱିତୀୟ ବୀର ଶ୍ରୀରଘୁନାଥ ! ମୁଁ କେଉଁ ଅପରାଧ କରିଥିଲି ଯେ, ଆପଣ ମୋ ପ୍ରତି ଦୟା କରିବା ଭୁଲିଗଲେ ? ହେ ଦୁଃଖହର ! ହେ ଶରଣାଗତ-ସୁଖଦାୟୀ ! ହେ ରଘୁକୁଳକମଳର ସୂର୍ଯ୍ୟ ! ॥ ୧ ॥

**ହା ଲଛିମନ ତୁହ୍ମାର ନହିଁ ଦୋସା । ସୋ ଫଲୁ ପାୟଉଁ କୀହ୍ନେଉଁ ରୋସା ॥**
**ବିବିଧ ବିଲାପ କରତି ବୈଦେହୀ । ଭୂରି କୃପା ପ୍ରଭୁ ଦୂରି ସନେହୀ ॥ ୨ ॥**

ହା ଲକ୍ଷ୍ମଣ ! ତୁମର କିଛି ଦୋଷ ନାହିଁ । ତୁମ ପ୍ରତି କ୍ରୋଧ କରିବାର ଫଳ ମୁଁ ଏବେ ପାଇଗଲି ।" ଜାନକୀ ଏହିପରି ବହୁ ବିଳାପ କରି କହିଲେ, "ହାୟ ! ପ୍ରଭୁଙ୍କ କୃପା ତ ଅପାର, କିନ୍ତୁ ସେହି କୃପାଶୀଳ ପ୍ରଭୁ ମୋଠାରୁ ବହୁ ଦୂରରେ ରହିଗଲେ ! ॥ ୨ ॥

**ବିପତି ମୋରି କୋ ପ୍ରଭୁହି ସୁନାୱ୍ୱା । ପୁରୋଡାସ ଚହ ରାସଭ ଖାୱ୍ୱା ॥**
**ସୀତା କୈଁ ବିଲାପ ସୁନି ଭାରୀ । ଭଏ ଚରାଚର ଜୀୱ୍ୱ ଦୁଖାରୀ ॥ ୩ ॥**

ମୋର ଏହି ବିପତ୍ତି ପ୍ରଭୁଙ୍କୁ କିଏ ଶୁଣାଇବ ! ଯଜ୍ଞ ଅନ୍ନକୁ ଗଧ ଖାଇଦେବାକୁ ଚାହୁଁଛି !'' ସୀତାଙ୍କର ଏପରି ଅତିଶୟ କରୁଣ ବିଳାପ ଶୁଣି ଚର-ଅଚର ସମସ୍ତ ଜୀବ ଦୁଃଖିତ ହୋଇଗଲେ ॥ ୩ ॥

**ଗୀଧରାଜ ସୁନି ଆରତ ବାନୀ । ରଘୁକୁଲତିଲକ ନାରି ପହିଚାନୀ ॥**
**ଅଧମ ନିସାଚର ଲୀନ୍ହେଁ ଜାଈ । ଜିମି ମଲେଛ ବସ କପିଲା ଗାଈ ॥ ୪ ॥**

ସୀତାଙ୍କର ବିଳାପ ଶୁଣି ଗୃଧ୍ରରାଜ ଜଟାୟୁ ଚିହ୍ନିପାରିଲେ ଯେ, ସେ ହେଉଛନ୍ତି ରଘୁକୁଳତିଳକ ଶ୍ରୀରାମଙ୍କର ପତ୍ନୀ ଏବଂ ଅଧମ ରାକ୍ଷସ ତାଙ୍କୁ ଅପହରଣ କରି ନେଇଯାଉଛି । [ସେ ଭାବିଲେ,] କପିଳା ଗାଈ ମ୍ଳେଚ୍ଛଙ୍କ ପାଲରେ ପଡ଼ିଯାଇଥିବାପରି ସୀତା ଆଜି ବିପଦରେ ପଡ଼ିଯାଇଛନ୍ତି ॥ ୪ ॥

**ସୀତେ ପୁତ୍ରି କରସି ଜନି ତ୍ରାସା । କରିହଉଁ ଜାତୁଧାନ କର ନାସା ॥**
**ଧାୱ୍ୱା କ୍ରୋଧୱ୍ୱଂତ ଖଗ କୈସେଁ । ଛୁଟଇ ପବି ପରବତ କହୁଁ ଜୈସେଁ ॥ ୫ ॥**

[ସେ ଡାକଦେଲେ–] ''ପୁତ୍ରୀ ସୀତେ ! ଭୟ କର ନାହିଁ । ମୁଁ ରାକ୍ଷସକୁ ବିନାଶ କରିବି ।'' ଏପରି କହି, ପର୍ବତ ଉପରକୁ ବଜ୍ର ମାଡ଼ିଆସିଲାପରି ସେହି ପକ୍ଷୀ କ୍ରୋଧପରବଶ ହୋଇ ଝାମ୍ପିଆସିଲେ ॥ ୫ ॥

**ରେ ରେ ଦୁଷ୍ଟ ଠାଢ଼ କିନ ହୋହୀ । ନିର୍ଭୟ ଚଲେସି ନ ଜାନେହି ମୋହୀ ॥**
**ଆୱ୍ୱତ ଦେଖି କୃତାଂତ ସମାନା । ଫିରି ଦସକଂଧର କର ଅନୁମାନା ॥ ୬ ॥**

[ସେ ଗର୍ଜନ କରି କହିଲେ] ''ରେ ରେ ଦୁଷ୍ଟ ! ରହୁଛୁ, ନା ନାହିଁ ? ତୁ ଏଡ଼େ ନିର୍ଭୟ ହୋଇ ପଳେଇ ଯାଉଛୁ ! ଆରେ ! ତୁ ମୋତେ ଚିହ୍ନିନୁ ?'' ସେ ଯମରାଜ ଭଳି ମାଡ଼ିଆସୁଛନ୍ତି ଦେଖି ରାବଣ ବୁଲିପଡ଼ି ମନେ ମନେ ଅନୁମାନ କରିବାକୁ ଲାଗିଲା, ॥ ୬ ॥

**କୀ ମୈନାକ କି ଖଗପତି ହୋଈ । ମମ ବଲ ଜାନ ସହିତ ପତି ସୋଈ ॥**
**ଜାନା ଜରଠ ଜଟାୟୂ ଏହା । ମମ କର ତୀରଥ ଛାଁଡ଼ିହି ଦେହା ॥ ୭ ॥**

''ଏଇଟା କ'ଣ ମୈନାକ ପର୍ବତ, ନା ପକ୍ଷୀରାଜ ଗରୁଡ଼ ! କିନ୍ତୁ ମୋ ବଳ ତ ତା'ପ୍ରଭୁ ବିଷ୍ଣୁ ଯେପରି ଜାଣନ୍ତି, ଗରୁଡ଼ ବି ସେପରି ଜାଣେ ।'' [ଜଟାୟୁ ଟିକିଏ ପାଖକୁ ଆସିଯିବାରୁ] ରାବଣ ତାଙ୍କୁ ଚିହ୍ନିପାରି କହିଲା, ''ଆରେ ! ଏଇଟା ତ ଜଟାୟୁ ବୁଢ଼ା ! ଇଏ ଆଜି ମୋ ହସ୍ତରୂପୀ ତୀର୍ଥରେ ଦେହତ୍ୟାଗ କରିବ ।'' ॥ ୭ ॥

**ସୁନତ ଗୀଧ କ୍ରୋଧାତୁର ଧାୱ୍ୱା । କହ ସୁନୁ ରାୱ୍ୱନ ମୋର ସିଖାୱ୍ୱା ॥**
**ତଜି ଜାନକିହି କୁସଲ ଗୃହ ଜାହୂ । ନାହିଁ ତ ଅସ ହୋଇହି ବହୁବାହୂ ॥ ୮ ॥**
**ରାମ ରୋଷ ପାୱ୍ୱକ ଅତି ଘୋରା । ହୋଇହି ସକଲ ସଲଭ କୁଲ ତୋରା ॥**
**ଉତରୁ ନ ଦେତ ଦସାନନ ଜୋଧା । ତବହିଁ ଗୀଧ ଧାୱ୍ୱା କରି କ୍ରୋଧା ॥ ୯ ॥**

ଏହା ଶୁଣି ଗୃଧ୍ରରାଜ କ୍ରୋଧଭରେ ହୋଇ ଧାଇଁଆସିଲେ ଓ କହିଲେ, ''ରେ ରାବଣ ! ମୋ କଥା ଶୁଣ । ଜାନକୀଙ୍କୁ ଛାଡ଼ିଦେଇ ଭଲରେ ଭଲରେ ଘରକୁ ବାହୁଡ଼ିଯାଆ; ନଚେତ୍ ରେ ବହୁଭୁଜ ! ଏଇଆ ହେବ ଯେ, ଶ୍ରୀରାମଙ୍କ କ୍ରୋଧରୂପୀ ଭୟାନକ ପ୍ରଚଣ୍ଡ ଅଗ୍ନିରେ ତୋର ସମଗ୍ର ବଂଶ ପତଙ୍ଗ ପରି ପୋଡ଼ି ପାଉଁଶ ହୋଇଯିବ ।'' ଯୋଦ୍ଧା ରାବଣ କିଛି ଉତ୍ତର ନ ଦେବାରୁ ଗୃଧ୍ରରାଜ କ୍ରୋଧରେ ତା ଉପରକୁ ମାଡ଼ିଆସିଲେ ॥ ୮-୯ ॥

**ଧରି କଚ ବିରଥ କୀହ୍ନ ମହି ଗିରା । ସୀତହି ରାଖି ଗୀଧ ପୁନି ଫିରା ॥**
**ଗ୍ରେଚହ୍ନ ମାରି ବିଦାରେସି ଦେହୀ । ଦଂଡ ଏକ ଭଇ ମୁରୁଛା ତେହୀ ॥୧୦॥**

ସେ ରାବଣର ଚୁଟି ଧରି ତାକୁ ରଥରୁ ଟାଣିଆଣିଲେ । ରାବଣ ତଳେ ପଡ଼ିଗଲା । ଜଟାୟୁ ସୀତାଙ୍କୁ ନେଇ, ଅନ୍ୟ ଜାଗାରେ ବସାଇଦେଇ ଲେଉଟି ଆସିଲେ ଏବଂ ଥଣ୍ଟରେ ହାଣି ହାଣି ରାବଣର ଦେହସାରା ଚିରିପକାଇଲେ । ଏହା ଫଳରେ ଘଡ଼ିଏ କାଳ ରାବଣର ଚେତା ହଜିଗଲା ॥ ୧୦ ॥

**ତବ ସକ୍ରୋଧ ନିସିଚର ଖିସିଆନା । କାଢ଼େସି ପରମ କରାଲ କୃପାନା ॥**
**କାଟେସି ପଂଖ ପରା ଖଗ ଧରନୀ । ସୁମିରି ରାମ କରି ଅଦଭୁତ କରନୀ ॥୧୧॥**

ଲଜ୍ଜିତ ଓ ଅପମାନିତ ହୋଇ ରାବଣ ଆହୁରି କ୍ରୁଦ୍ଧ ହୋଇଗଲା ଏବଂ ଏକ ଭୟାନକ ଖଣ୍ଡା ବାହାର କରି ଖଣ୍ଡାଗ୍ରେଟରେ ଜଟାୟୁଙ୍କର ଡେଣା କାଟିଦେଲା । ପକ୍ଷୀରାଜ ଜଟାୟୁ ଏହିପରି ଅଦ୍‌ଭୁତ ପରାକ୍ରମ ଦେଖାଇ ପ୍ରଭୁଙ୍କୁ ସ୍ମରଣ କରି କରି ଭୂମିରେ ଗଡ଼ିପଡ଼ିଲେ ॥ ୧୧ ॥

**ସୀତହି ଜାନ ଚଢ଼ାଇ ବହୋରୀ । ଚଲା ଉତାଇଲ ତ୍ରାସ ନ ଥୋରୀ ॥**
**କରତି ବିଲାପ ଜାତି ନଭ ସୀତା । ବ୍ୟାଧ ବିବସ ଜନୁ ମୃଗୀ ସଭୀତା ॥୧୨॥**

ରାବଣ ସୀତାଙ୍କୁ ଆଣି, ପୁଣି ଥରେ ରଥରେ ବସାଇ ଭୟର ସହିତ ଅତି ବେଗରେ ରଥ ଚଳାଇନେଲା । ବ୍ୟାଧଜାଲରେ ପଡ଼ିଯାଇଥିବା ଭୟଭୀତା ହରିଣୀ ପରି ସୀତା ଆକାଶରେ ବିଳାପ କରୁଥାନ୍ତି ॥ ୧୨ ॥

**ଗିରି ପର ବୈଠେ କପିହ୍ନ ନିହାରୀ । କହି ହରି ନାମ ଦୀହ୍ନ ପଟ ଡାରୀ ॥**
**ଏହି ବିଧି ସୀତହି ସୋ ଲୈ ଗୟଉ । ବନ ଅସୋକ ମହଁ ରାଖତ ଭୟଉ ॥୧୩॥**

ବାଟରେ ପର୍ବତରେ ବସିଥିବା ବାନରମାନଙ୍କୁ ଦେଖି, ସୀତା ହରିନାମ ଉଚ୍ଚାରଣ କରି [ଆକାଶ ମାର୍ଗରୁ] ନିଜର ଉତ୍ତରୀୟ (ଓଢ଼ଣୀ) ତଳେ ପକାଇଦେଲେ । ଏପରିଭାବରେ ରାବଣ ସୀତାଙ୍କୁ ନେଇଯାଇ ଅଶୋକବନରେ ରଖିଦେଲା ॥ ୧୩ ॥

ଦୋ:- **ହାରି ପରା ଖଲ ବହୁ ବିଧି ଭୟ ଅରୁ ପ୍ରୀତି ଦେଖାଇ ।**
**ତବ ଅସୋକ ପାଦପ ତର ରାଖିସି ଜତନ କରାଇ ॥୨୯(କ)॥**

ସୀତାଙ୍କୁ ଅନେକପ୍ରକାର ଭୟ ଓ ପ୍ରୀତି ଦେଖାଇ ମଧ୍ୟ ସେ ଦୁଷ୍ଟ ହାରିଯିବାରୁ ତାଙ୍କ ପାଇଁ ସୁବ୍ୟବସ୍ଥା କରାଇ(ରାକ୍ଷସୀମାନଙ୍କ ଦ୍ୱାରା ସୁରକ୍ଷିତ କରାଇ), ତାଙ୍କୁ ନେଇ ଗୋଟିଏ ଅଶୋକ ବୃକ୍ଷତଳେ ରଖିଦେଲା ॥ ୨୯ (କ) ॥

## ନବାହ୍ନପାରାୟଣ, ଷଷ୍ଠ ବିଶ୍ରାମ

**ଜେହି ବିଧି କପଟ କୁରଂଗ ସଁଗ ଧାଇ ଚଲେ ଶ୍ରୀରାମ ।**
**ସୋ ଛବି ସୀତା ରାଖି ଉର ରଟତି ରହତି ହରିନାମ ॥୨୯(ଖ)॥**

ଶ୍ରୀରାମ ଯେପରିଭାବରେ ମାୟାମୃଗପଛରେ ଗୋଡ଼ାଇଯାଇଥିଲେ, ସେହି ଛବିଟି ହୃଦୟରେ ଧରି ସୀତା ହରିନାମ (ରାମନାମ) ରଟନା କରିଚାଲିଲେ ॥ ୨୯ (ଖ) ॥

**ରଘୁପତି ଅନୁଜହି ଆୱତ ଦେଖୀ । ବାହିଜ ଚିଂତା କୀହ୍ନି ବିସେଷୀ ॥**
**ଜନକସୁତା ପରିହରିହୁ ଅକେଲୀ । ଆୟହୁ ତାତ ବଚନ ମମ ପେଲୀ ॥ ୧ ॥**

ଏପଟେ ଶ୍ରୀରଘୁନାଥ ସାନଭାଇ ଲକ୍ଷ୍ମଣ ଆସୁଥିବାର ଦେଖି ବାହ୍ୟରୂପରେ ଅତ୍ୟନ୍ତ ଚିନ୍ତିତ ହୋଇ କହିଲେ, ''ଭାଇ ! ତୁ ଜାନକୀଙ୍କୁ ଏକୁଟିଆ ଛାଡ଼ିଦେଇ, ମୋ ଆଜ୍ଞା ଉଲ୍ଲଙ୍ଘନ କରି ଏଠିକି ପଳାଇଆସିଲୁ ଯେ !॥ ୧ ॥

**ନିସିଚର ନିକର ଫିରହିଁ ବନ ମାହାଁ । ମମ ମନ ସୀତା ଆଶ୍ରମ ନାହାଁ ॥**
**ଗହି ପଦ କମଲ ଅନୁଜ କର ଜୋରୀ । କହେଉ ନାଥ କଛୁ ମୋହି ନ ଖୋରୀ ॥ ୨ ॥**

ବଣରେ ଦଳ ଦଳ ରାକ୍ଷସ ବୁଲୁଛନ୍ତି । ମୋତେ ଲାଗୁଛି, ସୀତା ଆଉ ଆଶ୍ରମରେ ନାହାନ୍ତି ।'' ସାନଭାଇ ଲକ୍ଷ୍ମଣ ଶ୍ରୀରାମଙ୍କର ଚରଣକମଳ ଧରି, ହାତ ଯୋଡ଼ି କହିଲେ, ''ହେ ପ୍ରଭୁ ! ମୋର କୌଣସି ଦୋଷ ନାହିଁ ।'' ॥ ୨ ॥

**ଅନୁଜ ସମେତ ଗଏ ପ୍ରଭୁ ତହୱାଁ । ଗୋଦାୱରି ତଟ ଆଶ୍ରମ ଜହୱାଁ ॥**
**ଆଶ୍ରମ ଦେଖି ଜାନକୀ ହୀନା । ଭଏ ବିକଲ ଜସ ପ୍ରାକୃତ ଦୀନା ॥ ୩ ॥**

ଶ୍ରୀରାମ ଲକ୍ଷ୍ମଣଙ୍କ ସହିତ ଗୋଦାବରୀ ନଦୀତଟରେ ଥିବା ନିଜ ଆଶ୍ରମକୁ ଚାଲିଲେ । ଆଶ୍ରମରେ ଜାନକୀ ନ ଥିବା ଦେଖି ଶ୍ରୀରାମ ସାଧାରଣ ମନୁଷ୍ୟଙ୍କ ପରି ବ୍ୟାକୁଳ ଓ ଦୁଃଖିତ ହୋଇପଡ଼ିଲେ ॥ ୩ ॥

**ହା ଗୁନ ଖାନି ଜାନକୀ ସୀତା । ରୂପ ସୀଲ ବ୍ରତ ନେମ ପୁନୀତା ॥**
**ଲଛିମନ ସମୁଝାଏ ବହୁ ଭାଁତୀ । ପୂଛତ ଚଲେ ଲତା ତରୁ ପାଁତୀ ॥ ୪ ॥**

[ସେ ବିଳାପ କରିବାକୁ ଲାଗିଲେ,] ''ହା ଗୁଣବତୀ ଜାନକୀ ! ହା ରୂପ-ଶୀଳ-ବ୍ରତ-ନିୟମରେ-ପବିତ୍ରା ସୀତେ !'' ଲକ୍ଷ୍ମଣ ତାଙ୍କୁ ବହୁପ୍ରକାରେ ବୁଝାଇଲେ । ତା'ପରେ ଶ୍ରୀରାମ ବନର ବୃକ୍ଷ ଓ ଲତା ଆଦିଙ୍କୁ ପଚାରି ପଚାରି ଚାଲିଲେ–॥ ୪ ॥

**ହେ ଖଗ ମୃଗ ହେ ମଧୁକର ଶ୍ରେନୀ । ତୁମ୍ହ ଦେଖୀ ସୀତା ମୃଗନୈନୀ ॥**
**ଖଂଜନ ସୁକ କପୋତ ମୃଗ ମୀନା । ମଧୁପ ନିକର କୋକିଲା ପ୍ରବୀନା ॥ ୫ ॥**
**କୁଂଦ କଲୀ ଦାଡ଼ିମ ଦାମିନୀ । କମଲ ସରଦ ସସି ଅହିଭାମିନୀ ॥**
**ବରୁନ ପାସ ମନୋଜ ଧନୁ ହଂସା । ଗଜ କେହରି ନିଜ ସୁନତ ପ୍ରସଂସା ॥ ୬ ॥**

''ହେ ପକ୍ଷୀଗଣ ! ହେ ପଶୁଗଣ ! ହେ ଭ୍ରମରଦଳ ! ତୁମେ ମୋ ମୃଗନୟନୀ ସୀତାଙ୍କୁ ଦେଖିଛ କି? ଖଞ୍ଜନ, ଶୁକ, କପୋତ, ହରିଣ, ମତ୍ସ୍ୟ, ଭ୍ରମରସମୂହ, ପ୍ରବୀଣ କୋକିଳ, କୁନ୍ଦକଳୀ, ଡାଳିମ୍ବ, ବିଜୁଳି, ପଦ୍ମ, ଶରତ୍‌ଚନ୍ଦ୍ର ଓ ନାଗୁଣୀ, ବରୁଣଙ୍କ ପାଶ, କାମଦେବଙ୍କ ଧନୁ, ହଂସ, ଗଜ ଓ ସିଂହ–ଏ ସମସ୍ତେ ଆଜି (ତୁମେ ନ ଥିବାରୁ) ନିଜ ନିଜର ପ୍ରଶଂସା ଶୁଣୁଛନ୍ତି ॥ ୫-୬ ॥

**ଶ୍ରୀଫଲ କନକ କଦଲି ହରଷାହାଁ । ନେକୁ ନ ସଂକ ସକୁଚ ମନ ମାହାଁ ॥**
**ସୁନୁ ଜାନକୀ ତୋହି ବିନୁ ଆଜୂ । ହରଷେ ସକଲ ପାଇ ଜନୁ ରାଜୂ ॥ ୭ ॥**

ବେଲ, ସୁବର୍ଣ୍ଣ ଓ କଦଳୀ ଆଜି ହର୍ଷିତ ହେଉଛନ୍ତି । ସେମାନଙ୍କ ମନରେ ସାମାନ୍ୟମାତ୍ର ଶଙ୍କା କି ସଂକୋଚ ନାହିଁ । ହେ ଜାନକୀ ! ଶୁଣ, ତୁମେ ନ ଥିବାରୁ ଏସମସ୍ତେ ଆଜି ରାଜ୍ୟ ପାଇଗଲାପରି ହର୍ଷିତ ହେଉଛନ୍ତି । (ଅର୍ଥାତ୍ ତୁମ ଅଙ୍ଗର କାନ୍ତି ଆଗରେ ଏସବୁ ଲଜ୍ଜିତ ଓ ତୁଚ୍ଛ ହୋଇ ରହିଥିଲେ; ଆଜି ତୁମକୁ ନ ଦେଖି ଏମାନେ ନିଜ ନିଜର ଶୋଭା ଅଭିମାନରେ ଫୁଲିଉଠୁଛନ୍ତି) ॥ ୭ ॥

**କିମି ସହି ଜାତ ଅନଖ ତୋହି ପାହାଁ । ପ୍ରିୟା ବେଗି ପ୍ରଗଟସି କସ ନାହାଁ ॥**
**ଏହି ବିଧି ଖୋଜତ ବିଲପତ ସ୍ୱାମୀ । ମନହୁଁ ମହା ବିରହୀ ଅତି କାମୀ ॥ ୮ ॥**



ବନର ବୃକ୍ଷଲତାଙ୍କୁ ସୀତାଙ୍କ ସନ୍ଧାନ ପଚାରି ପଚାରି ଶ୍ରୀରାମ-ଲକ୍ଷ୍ମଣ ଚାଲିଛନ୍ତି

ତୁମେ ଭଲା ଏମାନଙ୍କର ସ୍ପର୍ଦ୍ଧା କିପରି ସହି ରହିଛ ? ହେ ପ୍ରିୟେ ! ତୁମେ କାହିଁକି ଶୀଘ୍ର ଦେଖାଦେଉନାହଁ ?'' [ଅନନ୍ତ ବ୍ରହ୍ମାଣ୍ଡର ମହାମହିମାମୟୀ ସ୍ୱରୂପାଶକ୍ତି ଶ୍ରୀସୀତାଙ୍କର] ସ୍ୱାମୀ ଶ୍ରୀରାମ ଜଣେ ମହାବିରହୀ ଓ ଅତ୍ୟନ୍ତ କାମୁକ ପୁରୁଷଙ୍କ ପରି ସୀତାଙ୍କୁ ଖୋଜି ଖୋଜି ଏହିପରି ବିଳାପ କରିଚ୍ଲିଲେ ॥ ୮ ॥

**ପୂରନକାମ ରାମ ସୁଖ ରାସୀ । ମନୁଜ ଚରିତ କର ଅଜ ଅବିନାସୀ ॥**
**ଆଗେଁ ପରା ଗୀଧପତି ଦେଖା । ସୁମିରତ ରାମ ଚରନ ଜିହ୍ନ ରେଖା ॥ ୯ ॥**

ପୂର୍ଣ୍ଣକାମ, ଆନନ୍ଦରାଶି, ଅଜନ୍ମା ଓ ଅବିନାଶୀ ଶ୍ରୀରାମ ମନୁଷ୍ୟ ପରି ଲୀଳା କରି ଆଗକୁ ଯାଉ ଯାଉ ଗୋଟିଏ ସ୍ଥାନରେ ଦେଖିଲେ, ଗୃଧ୍ରରାଜ ଜଟାୟୁ ପଡ଼ିଛନ୍ତି। ସେ [ଧ୍ୱଜା, କୁଳିଶ ଆଦି] ରେଖାବିଶିଷ୍ଟ ଶ୍ରୀରାମଙ୍କ ଚରଣଯୁଗଳକୁ ସ୍ମରଣ କରୁଥିଲେ ॥ ୯ ॥

ଦୋଃ- **କର ସରୋଜ ସିର ପରସେଉ କୃପାସିଂଧୁ ରଘୁବୀର ।**
**ନିରଖି ରାମ ଛବି ଧାମ ମୁଖ ବିଗତ ଭଈ ସବ ପୀର ॥ ୩୦ ॥**

କୃପାସାଗର ଶ୍ରୀରଘୁବୀର ନିଜର କରକମଳରେ ଜଟାୟୁଙ୍କର ମସ୍ତକ ଆଉଁସିଦେଲେ । ଶୋଭାଧାମ ଶ୍ରୀରାମଙ୍କ [ପରମସୁନ୍ଦର] ମୁଖ ଦର୍ଶନ କରି ଜଟାୟୁଙ୍କର ସକଳ ପୀଡ଼ା ଦୂର ହୋଇଗଲା ॥ ୩୦ ॥

**ତବ କହ ଗୀଧ ବଚନ ଧରି ଧୀରା । ସୁନହୁ ରାମ ଭଂଜନ ଭଵ ଭୀରା ॥**
**ନାଥ ଦସାନନ ଯହ ଗତି କୀହ୍ନୀ । ତେହିଁ ଖଲ ଜନକସୁତା ହରି ଲୀହ୍ନୀ ॥ ୧ ॥**

ତା'ପରେ ଧୈର୍ଯ୍ୟ ଧରି ସେହି ଗୃଧ୍ର କହିଲେ, ''ହେ ଭବଭୟ ନାଶକାରୀ ଶ୍ରୀରାମ ! ଶୁଣନ୍ତୁ । ହେ ନାଥ ! ରାବଣ ମୋର ଏହି ଦଶା କରିଦେଇଛି । ସେହି ଦୁଷ୍ଟ ଜାନକୀଙ୍କୁ ଅପହରଣ କରିନେଇଛି ॥ ୧ ॥

**ଲୈ ଦଚ୍ଛିନ ଦିସି ଗୟଉ ଗୋସାଈଁ । ବିଲପତି ଅତି କୁରରୀ କୀ ନାଈଁ ॥**
**ଦରସ ଲାଗି ପ୍ରଭୁ ରାଖେଉଁ ପ୍ରାନା । ଚଲନ ଚହତ ଅବ କୃପାନିଧାନା ॥ ୨ ॥**

ହେ ପ୍ରଭୁ ! ସେ ତାଙ୍କୁ ନେଇ ଦକ୍ଷିଣଦିଗକୁ ଚ୍ଲିଗଲା । ସୀତା କୁରରୀ (କପୋତଜାତୀୟ ପକ୍ଷୀ) ପରି ଅତି କରୁଣ ବିଳାପ କରୁଥିଲେ । ହେ ପ୍ରଭୁ ! ମୁଁ କେବଳ ଆପଣଙ୍କ ଦର୍ଶନ ଲାଳସାରେ ଏପର୍ଯ୍ୟନ୍ତ ପ୍ରାଣ ଛାଡ଼ି ନ ଥିଲି । ହେ କୃପାନିଧାନ ! ଏ ପ୍ରାଣ ଏଥର ଚାଲିଯିବାକୁ ଚ୍ହୁଁଛି ।'' ॥ ୨ ॥

**ରାମ କହା ତନୁ ରାଖହୁ ତାତା । ମୁଖ ମୁସୁକାଇ କହୀ ତେହିଁ ବାତା ॥**
**ଜା କର ନାମ ମରତ ମୁଖ ଆଵା । ଅଧମଉ ମୁକୁତ ହୋଇ ଶ୍ରୁତି ଗାଵା ॥ ୩ ॥**

ଶ୍ରୀରାମ କହିଲେ, ''ହେ ତାତ ! ଶରୀରକୁ ବଞ୍ଚାଇରଖନ୍ତୁ ।'' ଏହା ଶୁଣି ଜଟାୟୁ ମୃଦୁ ମୃଦୁ ହସି କହିଲେ—''ମରଣ ସମୟରେ ଯାହାଙ୍କ ନାମ ମୁଖରେ ଧରିଲେ ମହାପାପୀ ମଧ୍ୟ ମୁକ୍ତି ପାଇଯାଏ ବୋଲି ବେଦଗଣ କହନ୍ତି, ॥ ୩ ॥

**ସୋ ମମ ଲୋଚନ ଗୋଚର ଆଗେଁ । ରାଖୌଁ ଦେହ ନାଥ କେହି ଖାଁଗେଁ ॥**
**ଜଲ ଭରି ନୟନ କହହିଁ ରଘୁରାଈ । ତାତ କର୍ମ ନିଜ ତେଁ ଗତି ପାଈ ॥ ୪ ॥**

ସେହି ପ୍ରଭୁ ମୋ ନେତ୍ରଦ୍ୱୟର ବିଷୟ ହୋଇ ଆଗରେ ଠିଆ ହୋଇଛନ୍ତି । ହେ ନାଥ ! ବର୍ତ୍ତମାନ ମୋର ଆଉ କେଉଁ ଅଭାବ ପୂର୍ଣ୍ଣ କରିବାକୁ ବାକି ରହିଲା ଯେ, ମୁଁ ଏହି ଦେହ ରଖିବି ?'' ଅଶ୍ରୁପୂର୍ଣ୍ଣ ନେତ୍ରରେ ଶ୍ରୀରଘୁନାଥ କହିଲେ, ''ହେ ତାତ ! ଆପଣ ନିଜର ଶ୍ରେଷ୍ଠ କର୍ମ ହେତୁ ଦୁର୍ଲଭ ଗତି ପାଇଛନ୍ତି ॥ ୪ ॥

**ପରହିତ ବସ ଜିହ୍ନ କେ ମନ ମାହୀଁ । ତିହ୍ନ କହୁଁ ଜଗ ଦୁର୍ଲଭ କଛୁ ନାହୀଁ ॥**
**ତନୁ ତଜି ତାତ ଜାହୁ ମମ ଧାମା । ଦେଉଁ କାହ ତୁହ୍ମ ପୂରନକାମା ॥ ୫ ॥**

ଯେଉଁମାନଙ୍କ ମନରେ ଅନ୍ୟର ହିତ କାମନା ରହିଥାଏ, ସେମାନଙ୍କ ପାଇଁ ଜଗତରେ କୌଣସି ଗତି ଦୁର୍ଲଭ ନୁହେଁ । ହେ ତାତ ! ଶରୀର ଛାଡ଼ି ଆପଣ ମୋର ପରମଧାମକୁ ଯାଆନ୍ତୁ । ମୁଁ ଆପଣଙ୍କୁ କ'ଣ ବା ଦେବି ? ଆପଣ ତ ପୂର୍ଣ୍ଣକାମ; ଆପଣ ସବୁକିଛି ପାଇଯାଇଛନ୍ତି ॥ ୫ ॥

ଦୋ:- **ସୀତା ହରନ ତାତ ଜନି କହହୁ ପିତା ସନ ଜାଇ ।**
**ଜୌଁ ମୈଁ ରାମ ତ କୁଲ ସହିତ କହିହି ଦସାନନ ଆଇ ॥ ୩୧ ॥**

ହେ ତାତ ! ଆପଣ ଗଲେ ମୋ ପିତାଙ୍କୁ ସୀତାହରଣ କଥା କହିବେ ନାହିଁ । ଯଦି ମୁଁ ରାମ ହୋଇଥିବି, ତେବେ ଦଶମୁଖ ରାବଣ ତା'ର କୁଳ ସହିତ ସେଠାକୁ ଯାଇ ତାଙ୍କୁ ଏହି ସମାଗ୍ଚର ନିଜେ କହିବ ।'' ॥ ୩୧ ॥

**ଗୀଧ ଦେହ ତଜି ଧରି ହରି ରୂପା । ଭୂଷନ ବହୁ ପଟ ପୀତ ଅନୂପା ॥**
**ସ୍ୟାମ ଗାତ ବିସାଲ ଭୁଜ ଗ୍ୱରୀ । ଅସ୍ତୁତି କରତ ନୟନ ଭରି ବାରୀ ॥ ୧ ॥**

ଜଟାୟୁ ଗୃଧ୍ରଶରୀର ତ୍ୟାଗ କରି ହରିଙ୍କ ରୂପ ଲାଭ କଲେ ଏବଂ ବହୁ ଦିବ୍ୟ ଆଭୂଷଣ ଓ ଦିବ୍ୟ ପୀତାମ୍ବରରେ ବିଭୂଷିତ ହୋଇଗଲେ । ଶ୍ୟାମଳ ଶରୀର ଓ ଗ୍ୱରୋଟି ବିଶାଳ ଭୁଜରେ ଶୋଭମାନ ହୋଇ, ନେତ୍ରରେ ପ୍ରେମ ଓ ଆନନ୍ଦାଶ୍ରୁ ଭରି ସେ ସ୍ତୁତି କଲେ—॥ ୧ ॥

ଛନ୍ଦ- **ଜୟ ରାମ ରୂପ ଅନୂପ ନିର୍ଗୁନ ସଗୁନ ଗୁନ ପ୍ରେରକ ସହୀ ।**
**ଦସସୀସ ବାହୁ ପ୍ରଚଂଡ ଖଂଡନ ଚଂଡ ସର ମଂଡନ ମହୀ ॥**
**ପାଥୋଦ ଗାତ ସରୋଜ ମୁଖ ରାଜୀୱ ଆୟତ ଲୋଚନଂ ।**
**ନିତ ନୌମି ରାମୁ କୃପାଲ ବାହୁ ବିସାଲ ଭୱ ଭୟ ମୋଚନଂ ॥ ୧ ॥**

''ହେ ରାମ ! ଆପଣଙ୍କର ଜୟ ହେଉ । ଆପଣଙ୍କର ରୂପ ଅନୁପମ । ଆପଣ ନିର୍ଗୁଣ, ସଗୁଣ ଏବଂ ଗୁଣମାନଙ୍କର (ମାୟାର) ପ୍ରକୃତ ପ୍ରେରକ । ଦଶଶିର ରାବଣର ପ୍ରଚଣ୍ଡ ବାହୁମାନଙ୍କୁ ଖଣ୍ଡ ଖଣ୍ଡ କରିଦେବା ନିମନ୍ତେ ଆପଣ ପ୍ରଚଣ୍ଡ ବାଣ ଧାରଣ କରିଛନ୍ତି ।ଆପଣ ହେଉଛନ୍ତି ପୃଥିବୀର ଭୂଷଣ । ସଜଳଜଳଦଶ୍ୟାମ ଶରୀର, ପଦ୍ମମୁଖ, ରାଜୀବଲୋଚନ, ବିଶାଳବାହୁ ଓ ଭବଭୟଭଞ୍ଜନ କୃପାଳୁ ଶ୍ରୀରାମଙ୍କୁ ମୁଁ ନିତ୍ୟ ନମସ୍କାର କରୁଛି ॥ ୧ ॥

**ବଲମପ୍ରମେୟମନାଦିମଜମବ୍ୟକ୍ତମେକମଗୋଚରଂ ।**
**ଗୋବିଂଦ ଗୋପର ଦ୍ୱଂଦ୍ୱହର ବିଗ୍ୟାନଘନ ଧରନୀଧରଂ ॥**
**ଜେ ରାମ ମଂତ୍ର ଜପଂତ ସଂତ ଅନଂତ ଜନ ମନ ରଂଜନଂ ।**
**ନିତ ନୌମି ରାମ ଅକାମ ପ୍ରିୟ କାମାଦି ଖଲ ଦଲ ଗଂଜନଂ ॥ ୨ ॥**

ଆପଣ ହେଉଛନ୍ତି ଅପରିମିତ ବଳଧାମ, ଅନାଦି, ଅଜନ୍ମା, ଅବ୍ୟକ୍ତ (ନିରାକାର), ଏକ (ଅଦ୍ୱିତୀୟ), ଅଗୋଚର, ଗୋବିନ୍ଦ (ବେଦବାକ୍ୟଦ୍ୱାରା ଜ୍ଞେୟ), ଇନ୍ଦ୍ରିୟାତୀତ, [ଜନ୍ମ-ମରଣ, ସୁଖ-ଦୁଃଖ, ହର୍ଷ-ଶୋକାଦି] ଦ୍ୱନ୍ଦ୍ୱହାରୀ, ବିଜ୍ଞାନର ଘନମୂର୍ତ୍ତି ଓ ପୃଥିବୀର ଆଧାର ଏବଂ ରାମମନ୍ତ୍ର ଜପ କରୁଥିବା ଅଗଣିତ ସନ୍ଥଜନମାନଙ୍କର ଆନନ୍ଦଦାତା । ଏପରି ନିଷ୍କାମପ୍ରିୟ (ନିଷ୍କାମଜନଙ୍କୁ ପ୍ରେମ କରୁଥିବା ପ୍ରଭୁ ଅଥବା ସେମାନଙ୍କର ପ୍ରିୟ) ତଥା କାମାଦି ଦୁଷ୍ଟପ୍ରବୃତ୍ତିର ଦଳନକାରୀ ଶ୍ରୀରାମଙ୍କୁ ମୁଁ ନିତ୍ୟ ନମସ୍କାର କରୁଛି ॥ ୨ ॥

**ଜେହି ଶ୍ରୁତି ନିରଂଜନ ବ୍ରହ୍ମ ବ୍ୟାପକ ବିରଜ ଅଜ କହି ଗାୱହୀଁ ।**
**କରି ଧ୍ୟାନ ଗ୍ୟାନ ବିରାଗ ଜୋଗ ଅନେକ ମୁନି ଜେହି ପାୱହୀଁ ॥**
**ସୋ ପ୍ରଗଟ କରୁନା କଂଦ ସୋଭା ବୃଂଦ ଅଗ ଜଗ ମୋହଈ ।**
**ମମ ହୃଦୟ ପଂକଜ ଭୃଂଗ ଅଂଗ ଅନଂଗ ବହୁ ଛବି ସୋହଈ ॥ ୩ ॥**

ଶ୍ରୁତିଗଣ ଯାହାଙ୍କୁ ନିରଞ୍ଜନ, ବ୍ରହ୍ମ, ବ୍ୟାପକ, ନିର୍ବିକାର ଓ ଅଜନ୍ମା କହି ଗାନ କରନ୍ତି, ମୁନିଗଣ ଯାହାଙ୍କୁ ଧ୍ୟାନ, ଜ୍ଞାନ, ବୈରାଗ୍ୟ ଓ ଯୋଗ ପ୍ରଭୃତି ଅନେକ ସାଧନାବଳରେ ଲାଭ କରନ୍ତି, ସେହି କରୁଣାକନ୍ଦ, ଶୋଭାବୃନ୍ଦ ଓ ଅଗମ୍ୟ ଭଗବାନ୍ ଆବିର୍ଭୂତ ହୋଇ ଚରାଚର ଜଗତକୁ ମୋହିତ କରୁଛନ୍ତି । ସେ ମୋର ହୃଦୟକମଳର ଭ୍ରମରସ୍ୱରୂପ । ତାଙ୍କର ପ୍ରତ୍ୟେକ ଅଙ୍ଗରେ ଅନେକ କାମଦେବଙ୍କ ଛବି ଶୋଭା ପାଉଛି ॥ ୩ ॥

**ଜୋ ଅଗମ ସୁଗମ ସୁଭାୱ ନିର୍ମଲ ଅସମ ସମ ସୀତଲ ସଦା ।**
**ପସ୍ୟଂତି ଜଂ ଜୋଗୀ ଜତନ କରି କରତ ମନ ଗୋ ବସ ସଦା ॥**
**ସୋ ରାମ ରମା ନିୱାସ ସଂତତ ଦାସ ବସ ତ୍ରିଭୁୱନ ଧନୀ ।**
**ମମ ଉର ବସଉ ସୋ ସମନ ସଂସୃତି ଜାସୁ କୀରତି ପାୱନୀ ॥ ୪ ॥**

ଯେ ଅଗମ ତଥା ସୁଗମ, ନିର୍ମଳସ୍ୱଭାବସମ୍ପନ୍ନ, ବିଷମ ଓ ସମ ଏବଂ ସଦା ଶୀତଳ (ଶାନ୍ତ), ମନ ଓ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରି ବହୁ ସାଧନାବଳରେ ଯୋଗୀମାନେ ଯାହାଙ୍କୁ ଦର୍ଶନ କରନ୍ତି, ସେହି ତ୍ରିଭୁବନର ସ୍ୱାମୀ ରମାନିବାସ ଶ୍ରୀରାମ ନିରନ୍ତର ନିଜ ଦାସମାନଙ୍କର ବଶ ହୋଇ ରହନ୍ତି । ଯାହାଙ୍କ ପବିତ୍ର କୀର୍ତ୍ତି ସଂସାରର ଜନ୍ମମରଣଚକ୍ରକୁ ବିନାଶ କରେ, ସେହି ପ୍ରଭୁ ଶ୍ରୀରାମ ମୋର ହୃଦୟରେ ନିବାସ କରନ୍ତୁ ।'' ॥ ୪ ॥

ଦୋଃ- **ଅବିରଲ ଭଗତି ମାଗି ବର ଗୀଧ ଗୟଉ ହରିଧାମ ।**
**ତେହି କୀ କ୍ରିୟା ଜଥୋଚିତ ନିଜ କର କୀହ୍ନୀ ରାମ ॥ ୩୨ ॥**

ଏପରି ଅଖଣ୍ଡ-ଭକ୍ତି ବର ମାଗି ଗୃଧ୍ରରାଜ ଜଟାୟୁ ଶ୍ରୀହରିଙ୍କ ପରମଧାମକୁ ଚାଲିଗଲେ । ଶ୍ରୀରାମ ତାଙ୍କର ଦାହସଂସ୍କାରାଦି କ୍ରିୟା ନିଜ ହାତରେ ଯଥାଯୋଗ୍ୟ ସମ୍ପାଦନ କଲେ ॥ ୩୨ ॥

**କୋମଲ ଚିତ ଅତି ଦୀନଦୟାଲା । କାରନ ବିନୁ ରଘୁନାଥ କୃପାଲା ॥**
**ଗୀଧ ଅଧମ ଖଗ ଆମିଷ ଭୋଗୀ । ଗତି ଦୀହ୍ନୀ ଜୋ ଜାଚତ ଜୋଗୀ ॥ ୧ ॥**

ଶ୍ରୀରଘୁନାଥ ହେଉଛନ୍ତି ଅତ୍ୟନ୍ତ କୋମଳସ୍ୱଭାବ, ଦୀନଦୟାଳୁ ଓ ଅହେତୁକ-କୃପାଳୁ । ଯେଉଁ ଗୃଧ୍ର ପକ୍ଷୀମାନଙ୍କ ମଧ୍ୟରେ ଅଧମ ଓ ମାଂସାହାରୀ, ତାହାକୁ ମଧ୍ୟ ଭଗବାନ୍ ଯୋଗୀଜନଙ୍କ ଅଭିଳଷିତ ଦୁର୍ଲଭ ଗତି ପ୍ରଦାନ କଲେ ॥ ୧ ॥

**ସୁନହୁ ଉମା ତେ ଲୋଗ ଅଭାଗୀ । ହରି ତଜି ହୋହିଁ ବିଷୟ ଅନୁରାଗୀ ॥**
**ପୁନି ସୀତହି ଖୋଜତ ଦ୍ୱୌ ଭାଈ । ଚଲେ ବିଲୋକତ ବନ ବହୁତାଈ ॥ ୨ ॥**

[ଶିବ କହୁଛନ୍ତି,] ''ହେ ପାର୍ବତୀ ! ଶୁଣ । ଯେଉଁମାନେ ଭଗବାନଙ୍କୁ ଛାଡ଼ି ବିଷୟବାସନା ପ୍ରତି ଅନୁରାଗ ରଖନ୍ତି, ସେମାନେ ହତଭାଗ୍ୟ ।'' ଜଟାୟୁଙ୍କ ସଂସ୍କାରାଦି କାର୍ଯ୍ୟ କରିସାରି, ଘଞ୍ଚବନ ମଧ୍ୟରେ ସୀତାଙ୍କୁ ଖୋଜି ଖୋଜି ଦୁଇ ଭାଇ ଆଗକୁ ଚାଲିଲେ ॥ ୨ ॥

**ସଂକୁଲ ଲତା ବିଟପ ଘନ କାନନ । ବହୁ ଖଗ ମୃଗ ତହଁ ଗଜ ପଂଚାନନ ॥**
**ଆୱତ ପଂଥ କବଂଧ ନିପାତା । ତେହିଁ ସବ କହୀ ସାପ କୈ ବାତା ॥ ୩ ॥**

ସେହି ଗହନବନ ଲତା ଓ ବୃକ୍ଷାବଳୀରେ ପରିପୂର୍ଣ୍ଣ ହୋଇରହିଥାଏ । ସେଥିରେ ବହୁ ପକ୍ଷୀ, ମୃଗ, ହସ୍ତୀ ଓ ସିଂହ ବାସ କରୁଥାନ୍ତି । ଶ୍ରୀରାମ ସେହି ପଥରେ ଆସୁଥିବା କବନ୍ଧ ରାକ୍ଷସକୁ ମାରିଦେଲେ । ସେହି ରାକ୍ଷସ ନିଜର ଅଭିଶାପ ବିଷୟରେ ସବୁ କଥା କହିଲା ॥ ୩ ॥

**ଦୁରବାସା ମୋହି ଦୀହ୍ନୀ ସାପା । ପ୍ରଭୁ ପଦ ପେଖି ମିଟା ସୋ ପାପା ॥**
**ସୁନୁ ଗଂଧର୍ବ କହଉଁ ମୈଁ ତୋହୀ । ମୋହି ନ ସୋହାଇ ବ୍ରହ୍ମକୁଲ ଦ୍ରୋହୀ ॥ ୪ ॥**

[ସେ କହିଲା,] "ଦୁର୍ବାସା ଋଷି ମୋତେ ଅଭିଶାପ ଦେଇଥିଲେ । ବର୍ତ୍ତମାନ ପ୍ରଭୁଙ୍କ ଚରଣ ଦେଖିବାମାତ୍ରେ ମୋର ସବୁପାପ କଟିଗଲା ।" ଶ୍ରୀରାମ କହିଲେ, "ହେ ଗନ୍ଧର୍ବ ! ମୁଁ ତୁମକୁ କହୁଛି, ଶୁଣ । ବ୍ରାହ୍ମଣକୁଳ ପ୍ରତି ଦ୍ରୋହାଚରଣ କରୁଥିବା ବ୍ୟକ୍ତି ମୋତେ ଭଲ ଲାଗେ ନାହିଁ ॥ ୪ ॥

ଦୋ:- **ମନ କ୍ରମ ବଚନ କପଟ ତଜି ଜୋ କର ଭୂସୁର ସେୱ ।**
**ମୋହି ସମେତ ବିରଂଚି ସିୱ ବସ ତାକେଁ ସବ ଦେୱ ॥ ୩୩ ॥**

ଯେଉଁମାନେ ମନ, ବଚନ ଓ କର୍ମରେ କପଟ ତ୍ୟାଗ କରି ଭୂଦେବ ବ୍ରାହ୍ମଣମାନଙ୍କର ସେବା କରନ୍ତି, ମୋ ସମେତ ବ୍ରହ୍ମା, ଶିବ ଆଦି ସମସ୍ତ ଦେବତା ସେମାନଙ୍କର ବଶୀଭୂତ ହୋଇଯାଆନ୍ତି ॥ ୩୩ ॥

**ସାପତ ତାଡ଼ତ ପରୁଷ କହଂତା । ବିପ୍ର ପୂଜ୍ୟ ଅସ ଗାୱହିଁ ସଂତା ॥**
**ପୂଜିଅ ବିପ୍ର ସୀଲ ଗୁନ ହୀନା । ସୂଦ୍ର ନ ଗୁନ ଗନ ଗ୍ୟାନ ପ୍ରବୀନା ॥ ୧ ॥**

ସନ୍ଥମାନେ କହନ୍ତି ଯେ, ଅଭିଶାପ ଦେଉଥିବା, ମାଡ଼ ମାରୁଥିବା ଓ କଠୋର ବଚନ କହୁଥିବା ବ୍ରାହ୍ମଣ ମଧ୍ୟ ପୂଜନୀୟ । ସ୍ୱଭାବ ଓ ଗୁଣରେ ହୀନ ହୋଇଥିବା ବ୍ରାହ୍ମଣ ମଧ୍ୟ ପୂଜନୀୟ । ଅନ୍ୟପକ୍ଷରେ ଗୁଣବାନ୍ ତଥା ଜ୍ଞାନରେ ନିପୁଣ ହୋଇଥିଲେ ମଧ୍ୟ ଶୂଦ୍ର ପୂଜନୀୟ ନୁହେଁ ।" ॥ ୧ ॥

**କହି ନିଜ ଧର୍ମ ତାହି ସମୁଝାୱା । ନିଜ ପଦ ପ୍ରୀତି ଦେଖି ମନ ଭାୱା ॥**
**ରଘୁପତି ଚରନ କମଲ ସିରୁ ନାଈ । ଗୟଉ ଗଗନ ଆପନି ଗତି ପାଈ ॥ ୨ ॥**

ଶ୍ରୀରାମ ନିଜର ଧର୍ମ (ଭାଗବତ-ଧର୍ମ) କହି ତାକୁ ବୁଝାଇଲେ । ପ୍ରଭୁ ନିଜ ଚରଣରେ ତାହାର ଭକ୍ତି ଦେଖି ତାକୁ ମନେ ମନେ ଆଦର କଲେ । ଫଳରେ ଶ୍ରୀ ରଘୁନାଥଙ୍କ ଚରଣକମଳରେ ପ୍ରଣାମ କରି ସେ ସ୍ୱଗତି (ଗନ୍ଧର୍ବରୂପ) ପାଇ ଆକାଶକୁ ଚାଲିଗଲା ॥ ୨ ॥

**ତାହି ଦେଇ ଗତି ରାମ ଉଦାରା । ସବରୀ କେଁ ଆଶ୍ରମ ପଗୁ ଧାରା ॥**
**ସବରୀ ଦେଖି ରାମ ଗୃହଁ ଆଏ । ମୁନି କେ ବଚନ ସମୁଝି ଜିୟଁ ଭାଏ ॥ ୩ ॥**

ତାକୁ ସଦ୍‌ଗତି ଦେବା ପରେ ଉଦାରହୃଦୟ ଶ୍ରୀରାମ ଶବରୀଙ୍କ ଆଶ୍ରମକୁ ଗଲେ । ଶବରୀ ଯେତେବେଳେ ଦେଖିଲେ ଯେ, ଶ୍ରୀରାମ ତାଙ୍କ ଆଶ୍ରମକୁ ଆସୁଛନ୍ତି, ସେତେବେଳେ ମତଙ୍ଗ ମୁନିଙ୍କ ବଚନ ସ୍ମରଣ କରି ତାଙ୍କ ମନ ପ୍ରସନ୍ନ ହୋଇଗଲା ॥ ୩ ॥

**ସରସିଜ ଲୋଚନ ବାହୁ ବିସାଲା । ଜଟା ମୁକୁଟ ସିର ଉର ବନମାଲା ॥**
**ସ୍ୟାମ ଗୌର ସୁଂଦର ଦୋଉ ଭାଈ । ସବରୀ ପରୀ ଚରନ ଲପଟାଈ ॥ ୪ ॥**

କମଳନୟନ, ବିଶାଳ ଭୁଜ, ଶିରରେ ଜଟାମୁକୁଟ ଏବଂ ହୃଦୟରେ ବନମାଳା ଧାରଣ କରିଥିବା ଶ୍ୟାମଳ ଓ ଗୌର ବର୍ଣ୍ଣର ଦୁଇଭାଇଙ୍କ ଚରଣରେ ଶବରୀ ଲୋଟିପଡ଼ିଲେ ॥ ୪ ॥

**ପ୍ରେମ ମଗନ ମୁଖ ବଚନ ନ ଆୱା । ପୁନି ପୁନି ପଦ ସରୋଜ ସିର ନାୱା ॥**
**ସାଦର ଜଲ ଲୈ ଚରନ ପଖାରେ । ପୁନି ସୁଂଦର ଆସନ ବୈଠାରେ ॥ ୫ ॥**

ସେ ପ୍ରେମମଗ୍ନ ହୋଇଗଲେ । ତାଙ୍କ ମୁଖରୁ କଥା ବାହାରିଲା ନାହିଁ । ସେ ପ୍ରଭୁଙ୍କ ପାଦପଦ୍ମରେ ବାରମ୍ବାର ପ୍ରଣାମ କରିବାକୁ ଲାଗିଲେ । ତା'ପରେ ସେ ଜଳ ଆଣି ଆଦରସହକାରେ ଦୁଇଭାଇଙ୍କ ପାଦ ଧୋଇଦେଲେ ଏବଂ ସେମାନଙ୍କୁ ସୁନ୍ଦର ଆସନରେ ବସାଇଲେ ॥ ୫ ॥

ଦୋଃ- **କଂଦ ମୂଲ ଫଲ ସୁରସ ଅତି ଦିଏ ରାମ କହୁଁ ଆନି ।**
**ପ୍ରେମ ସହିତ ପ୍ରଭୁ ଖାଏ ବାରଂବାର ବଖାନି ॥ ୩୪ ॥**

ସେ ଅତ୍ୟନ୍ତ ରସାଳ ଓ ସ୍ୱାଦିଷ୍ଟ କନ୍ଦ, ମୂଳ ଓ ଫଳ ଆଣି ଶ୍ରୀରାମଙ୍କୁ ଦେଲେ । ପ୍ରଭୁ ପ୍ରଶଂସା କରି କରି ସେସବୁ ପ୍ରେମର ସହିତ ଭୋଜନ କଲେ ॥ ୩୪ ॥

**ପାନି ଜୋରି ଆଗେଁ ଭଇ ଠାଢ଼ୀ । ପ୍ରଭୁହି ବିଲୋକି ପ୍ରୀତି ଅତି ବାଢ଼ୀ ॥**
**କେହି ବିଧି ଅସ୍ତୁତି କରୌଁ ତୁହ୍ମାରୀ । ଅଧମ ଜାତି ମୈଁ ଜଡ଼ମତି ଭାରୀ ॥ ୧ ॥**

ତା'ପରେ ସେ ହାତ ଯୋଡ଼ି ସେମାନଙ୍କ ଆଗରେ ଠିଆ ହୋଇଗଲେ । ପ୍ରଭୁଙ୍କୁ ଦେଖି ତାଙ୍କର ପ୍ରେମ ବିଶେଷଭାବରେ ବଢ଼ିଗଲା । ସେ କହିଲେ, "ମୁଁ କିପରିଭାବରେ ଆପଣଙ୍କୁ ସ୍ତୁତି କରିବି ! ମୋର ତ ଜାତି ନୀଚ; ମୁଁ ଅତ୍ୟନ୍ତ ମୂଢ଼ବୁଦ୍ଧି ॥ ୧ ॥

**ଅଧମ ତେ ଅଧମ ଅଧମ ଅତି ନାରୀ । ତିହ୍ନ ମହଁ ମୈଁ ମତିମଂଦ ଅଘାରୀ ॥**
**କହ ରଘୁପତି ସୁନୁ ଭାମିନି ବାତା । ମାନଉଁ ଏକ ଭଗତି କର ନାତା ॥ ୨ ॥**

ଯେଉଁମାନେ ଅଧମଠାରୁ ମଧ୍ୟ ଅଧମ, ସ୍ତ୍ରୀମାନେ ହେଉଛନ୍ତି ସେମାନଙ୍କ ମଧ୍ୟରେ ବି ଅଧମ; ପୁଣି ହେ ପାପନାଶନ ! ସେହି ସ୍ତ୍ରୀମାନଙ୍କ ମଧ୍ୟରେ ବି ମୁଁ ମୂଢ଼ବୁଦ୍ଧି ।" ଶ୍ରୀରଘୁନାଥ କହିଲେ, "ହେ ଭାମିନୀ ! ମୋ କଥା ଶୁଣ । ମୁଁ ତ କେବଳ ଏକମାତ୍ର ଭକ୍ତିର ସମ୍ବନ୍ଧକୁହିଁ ମାନେ ॥ ୨ ॥

**ଜାତି ପାଁତି କୁଲ ଧର୍ମ ବଡ଼ାଈ । ଧନ ବଲ ପରିଜନ ଗୁନ ଚତୁରାଈ ॥**
**ଭଗତି ହୀନ ନର ସୋହଇ କୈସା । ବିନୁ ଜଲ ବାରିଦ ଦେଖିଅ ଜୈସା ॥ ୩ ॥**

ଜାତି, ପଙ୍‌କ୍ତି, କୁଳ, ଧର୍ମ, ବଡ଼ିମା, ଧନ, ବଳ, କୁଟୁମ୍ବ, ଗୁଣ ଓ ଚତୁରତା –ଏସବୁ ଥାଇ ମଧ୍ୟ ଯାହାର ଭକ୍ତି ନ ଥାଏ, ସେହି ଭକ୍ତିହୀନ ମନୁଷ୍ୟ ଜଳଶୂନ୍ୟ ମେଘ ପରି ଶୋଭାହୀନ ଦେଖାଯାଏ ॥ ୩ ॥

**ନୱଧା ଭଗତି କହଉଁ ତୋହି ପାହୀଁ । ସାୱଧାନ ସୁନୁ ଧରୁ ମନ ମାହୀଁ ॥**
**ପ୍ରଥମ ଭଗତି ସଂତହ୍ନ କର ସଂଗା । ଦୂସରି ରତି ମମ କଥା ପ୍ରସଂଗା ॥ ୪ ॥**

ମୁଁ ତୁମକୁ ବର୍ତ୍ତମାନ ମୋର ନବଧା ଭକ୍ତି ବିଷୟରେ କହୁଛି; ତୁମେ ସାବଧାନ ହୋଇ ଶୁଣ ଓ ସେସବୁକୁ ମନେରଖ । ପ୍ରଥମପ୍ରକାର ଭକ୍ତି ହେଉଛି ସନ୍ଥଜନଙ୍କ ସଙ୍ଗ । ଦ୍ୱିତୀୟପ୍ରକାର ଭକ୍ତି ହେଲା, ମୋର କଥାପ୍ରସଙ୍ଗରେ ପ୍ରେମ ॥ ୪ ॥

ଦୋ:- **ଗୁର ପଦ ପଂକଜ ସେୱା ତୀସରି ଭଗତି ଅମାନ ।**
**ଚୌଥି ଭଗତି ମମ ଗୁନ ଗନ କରଇ କପଟ ତଜି ଗାନ ॥ ୩୫ ॥**

ତୃତୀୟପ୍ରକାର ଭକ୍ତି ହେଉଛି, ଅଭିମାନରହିତ ହୋଇ ଗୁରୁଙ୍କ ଚରଣକମଳର ସେବା କରିବା ଏବଂ ଚତୁର୍ଥପ୍ରକାର ଭକ୍ତି ହେଲା, କପଟ ତ୍ୟାଗ କରି ମୋର ଗୁଣ ଗାନ କରିବା ॥ ୩୫ ॥

**ମଂତ୍ର ଜାପ ମମ ଦୃଢ଼ ବିସ୍ୱାସା । ପଂଚମ ଭଜନ ସୋ ବେଦ ପ୍ରକାସା ॥**
**ଛଠ ଦମ ସୀଲ ବିରତି ବହୁ କରମା । ନିରତ ନିରଂତର ସଜ୍ଜନ ଧରମା ॥ ୧ ॥**

ମୋର ମନ୍ତ୍ର (ରାମନାମ) ଜପ ଓ ମୋ ଠାରେ ଦୃଢ଼ ବିଶ୍ୱାସ—ଏହା ହେଉଛି ପଞ୍ଚମପ୍ରକାର ଭକ୍ତି । ଏହା ବେଦରେ ପ୍ରସିଦ୍ଧ । ଷଷ୍ଠପ୍ରକାର ଭକ୍ତି ହେଉଛି, ଇନ୍ଦ୍ରିୟନିଗ୍ରହ, ସତ୍‌ସ୍ୱଭାବ ବା ସଚ୍ଚରିତ୍ର, ବହୁ କର୍ମରୁ (ନାନାପ୍ରକାର କର୍ମରୂପୀ ଜାଲରୁ) ବୈରାଗ୍ୟ ଏବଂ ନିରନ୍ତର ସନ୍ଥପୁରୁଷୋଚିତ ଧର୍ମାଚରଣରେ ଆସକ୍ତି ॥ ୧ ॥

**ସାତୱଁ ସମ ମୋହି ମୟ ଜଗ ଦେଖା । ମୋତେଁ ସଂତ ଅଧିକ କରି ଲେଖା ॥**
**ଆଠୱଁ ଜଥାଲାଭ ସଂତୋଷା । ସପନେହୁଁ ନହିଁ ଦେଖଇ ପରଦୋଷା ॥ ୨ ॥**

ସପ୍ତମପ୍ରକାର ଭକ୍ତି ହେଉଛି, ସମଗ୍ର ଜଗତରେ ସମଭାବରେ ମୋତେ ବ୍ୟାପ୍ତ (ରାମମୟ) ଥିବା ଦେଖିବା ଏବଂ ସନ୍ଥମାନଙ୍କୁ ମୋଠାରୁ ମଧ୍ୟ ଅଧିକ କରି ମାନିବା । ଅଷ୍ଟମପ୍ରକାର ଭକ୍ତି ହେଉଛି, ଯାହାକିଛି ମିଳିବ, ସେତିକିରେ ସନ୍ତୁଷ୍ଟ ରହିବା ଏବଂ ସ୍ୱପ୍ନରେ ବି ପରଦୋଷ ନ ଦେଖିବା ॥ ୨ ॥

**ନୱମ ସରଲ ସବ ସନ ଛଲହୀନା । ମମ ଭରୋସ ହିୟଁ ହରଷ ନ ଦୀନା ॥**
**ନୱ ମହୁଁ ଏକଉ ଜିହ୍ନ କେଁ ହୋଈ । ନାରି ପୁରୁଷ ସଚରାଚର କୋଈ ॥ ୩ ॥**
**ସୋଇ ଅତିସୟ ପ୍ରିୟ ଭାମିନି ମୋରେଁ । ସକଲ ପ୍ରକାର ଭଗତି ଦୃଢ଼ ତୋରେଁ ॥**
**ଜୋଗି ବୃଂଦ ଦୁରଲଭ ଗତି ଜୋଈ । ତୋ କହୁଁ ଆଜୁ ସୁଲଭ ଭଇ ସୋଈ ॥ ୪ ॥**

ନବମପ୍ରକାର ଭକ୍ତି ହେଉଛି, ସରଳ ହେବା, ସମସ୍ତଙ୍କ ସହିତ ନିଷ୍କପଟ ବ୍ୟବହାର କରିବା, ମୋ ଉପରେ ସମ୍ପୂର୍ଣ୍ଣ ଭରସା ରଖିବା ଏବଂ ଯେକୌଣସି ଅବସ୍ଥାରେ ବି ହର୍ଷ କିଂବା ବିଷାଦରେ ଗ୍ରସ୍ତ ନ ହେବା । ଏହି ନଅପ୍ରକାର ଭକ୍ତି ମଧ୍ୟରୁ ଯାହାଠାରେ ଅନ୍ତତଃ ଗୋଟିଏ ବି ଭକ୍ତି ରହିଛି, ସେ ସ୍ତ୍ରୀ ହୋଇଥାଉ, କି ପୁରୁଷ ହୋଇଥାଉ, ଚର ହୋଇଥାଉ, କି ଅଚର ହୋଇଥାଉ, ହେ ଭାମିନୀ ! ସେ ମୋର ଅତ୍ୟନ୍ତ ପ୍ରିୟ । ଦେଖୁଛି, ତୁମଠାରେ ତ ଏହି ସବୁପ୍ରକାର ଭକ୍ତି ପୂର୍ଣ୍ଣରୂପରେ ରହିଛି । ତେଣୁ ଯେଉଁ ଗତି ଯୋଗୀମାନଙ୍କ ପକ୍ଷରେ ବି ଦୁର୍ଲଭ, ତୁମ ପକ୍ଷରେ ଆଜି ତାହା ସୁଲଭ ହୋଇଯାଇଛି ॥ ୩-୪ ॥

**ମମ ଦରସନ ଫଲ ପରମ ଅନୂପା । ଜୀୱ ପାୱ ନିଜ ସହଜ ସରୂପା ॥**
**ଜନକସୁତା କଇ ସୁଧି ଭାମିନୀ । ଜାନହି କହୁ କରିବରଗାମିନୀ ॥ ୫ ॥**

ମୋ ଦର୍ଶନର ପରମ ଅନୁପମ ଫଳସ୍ୱରୂପ ଜୀବ ନିଜର ସହଜସ୍ୱରୂପ ପ୍ରାପ୍ତ ହୋଇଯାଏ । ହେ ଭାମିନୀ ! ଯଦି ତୁମେ ଗଜଗାମିନୀ ଜାନକୀଙ୍କ ସମାଚାର କିଛି ଜାଣିଛ, ତେବେ ମୋତେ କୁହ ।" ॥ ୫ ॥

**ପଂପା ସରହି ଜାହୁ ରଘୁରାଈ । ତହଁ ହୋଇହି ସୁଗ୍ରୀୱ ମିତାଈ ॥**
**ସୋ ସବ କହିହି ଦେୱ ରଘୁବୀରା । ଜାନତହୂଁ ପୂଛହୁ ମତିଧୀରା ॥ ୬ ॥**

[ଶବରୀ କହିଲେ,] "ହେ ରଘୁନାଥ ! ଆପଣ ପମ୍ପା ସରୋବରକୁ ଯାଆନ୍ତୁ । ସେଠାରେ ସୁଗ୍ରୀବଙ୍କ ସହିତ

ଆପଣଙ୍କର ମିତ୍ରତା ହୋଇଯିବ । ହେ ଦେବ ! ହେ ରଘୁବୀର ! ସେ ସକଳ ସମାଗ୍ରର ଜଣାଇବେ । ହେ ଧୀରବୁଦ୍ଧି ! ଆପଣ ସବୁ ଜାଣିଥାଇ ବି ମୋତେ ପଗ୍ରୁରୁଛନ୍ତି !'' ॥ ୬ ॥

**ବାର ବାର ପ୍ରଭୁ ପଦ ସିରୁ ନାଈ । ପ୍ରେମ ସହିତ ସବ କଥା ସୁନାଈ ॥ ୭ ॥**

ପ୍ରଭୁଙ୍କ ଚରଣରେ ବାରମ୍ବାର ପ୍ରଣାମ କରି ସେ ପ୍ରେମର ସହିତ ସବୁକଥା ଶୁଣାଇଲେ ॥ ୭ ॥

ଛନ୍ଦ- **କହି କଥା ସକଲ ବିଲୋକି ହରି ମୁଖ ହୃଦୟଁ ପଦ ପଂକଜ ଧରେ ।**
**ତଜି ଜୋଗ ପାଵକ ଦେହ ହରି ପଦ ଲୀନ ଭଇ ଜହଁ ନହିଁ ଫିରେ ॥**
**ନର ବିବିଧ କର୍ମ ଅଧର୍ମ ବହୁ ମତ ସୋକପ୍ରଦ ସବ ତ୍ୟାଗହୂ ।**
**ବିସ୍ୱାସ କରି କହ ଦାସ ତୁଲସୀ ରାମ ପଦ ଅନୁରାଗହୂ ॥**

ସବୁକଥା କହି, ଭଗବାନଙ୍କ ମୁଖାରବିନ୍ଦ ଦର୍ଶନ କରି, ସେ ହୃଦୟରେ ପ୍ରଭୁଙ୍କର ପଦପଙ୍କଜଦ୍ୱୟ ଧାରଣ କରିନେଲେ ଏବଂ ଯୋଗାଗ୍ନିରେ ଦେହତ୍ୟାଗ କରି ସେହି ଦୁର୍ଲଭ ହରିପଦରେ ଲୀନ ହୋଇଗଲେ, ଯେଉଁଠାରୁ ଆଉ ଫେରିଆସିବାକୁ ପଡ଼େ ନାହିଁ । ତୁଳସୀଦାସ କହୁଛନ୍ତି, ନାନାପ୍ରକାର କର୍ମ, ଅଧର୍ମ ଓ ବିବିଧ ମତ—ଏସବୁ ହେଉଛି ଶୋକପ୍ରଦ । ତେଣୁ ହେ ମନୁଷ୍ୟ ! ଏସବୁକୁ ଛାଡ଼ି ବିଶ୍ୱାସର ସହିତ ଶ୍ରୀରାମଙ୍କ ଚରଣରେ ପ୍ରେମ ରଖ ॥

ଦୋ:- **ଜାତି ହୀନ ଅଘ ଜନ୍ମ ମହି ମୁକ୍ତ କୀହ୍ନି ଅସି ନାରି ।**
**ମହାମଂଦ ମନ ସୁଖ ଚହସି ଐସେ ପ୍ରଭୁହି ବିସାରି ॥ ୩୬ ॥**

ନୀଚଜାତିସମ୍ଭୂତ ଓ ପାପର ଜନ୍ମଭୂମିସ୍ୱରୂପ ନାରୀକୁ ମଧ୍ୟ ଯେ ମୁକ୍ତ କରିଦେଲେ, ଆରେ ମହାମନ୍ଦ ମନ ! ତୁ ସେପରି ପ୍ରଭୁଙ୍କୁ ଭୁଲି ପୁଣି ସୁଖ ଗ୍ରହୁଁଛୁ ! ॥ ୩୬ ॥

**ଚଲେ ରାମ ତ୍ୟାଗା ବନ ସୋଊ । ଅତୁଲିତ ବଲ ନର କେହରି ଦୋଊ ॥**
**ବିରହୀ ଇଵ ପ୍ରଭୁ କରତ ବିଷାଦା । କହତ କଥା ଅନେକ ସଂବାଦା ॥ ୧ ॥**

ଶ୍ରୀରାମ ସେହି ବନ ଛାଡ଼ି ଆଗକୁ ଗ୍ରଲିଲେ । ଦୁଇଭାଇ ଥିଲେ ଅତୁଳନୀୟ ବଳବାନ୍ ଓ ମନୁଷ୍ୟମାନଙ୍କ ମଧ୍ୟରେ ସିଂହସମାନ । ପ୍ରଭୁ ବିରହୀଙ୍କ ପରି ଦୁଃଖ ପ୍ରକାଶ କରି ଅନେକ କଥା ଓ ଘଟଣା କହି କହି ଗ୍ରଲିଥାନ୍ତି—॥ ୧ ॥

**ଲଛିମନ ଦେଖୁ ବିପିନ କଇ ସୋଭା । ଦେଖତ କେହି କର ମନ ନହିଁ ଛୋଭା ॥**
**ନାରି ସହିତ ସବ ଖଗ ମୃଗ ବୃଂଦା । ମାନହୁଁ ମୋରି କରତ ହହିଁ ନିଂଦା ॥ ୨ ॥**

''ଲକ୍ଷ୍ମଣ ! ବନ କେଡ଼େ ସୁନ୍ଦର ହୋଇଛି, ଦେଖ । ଏହି ଶୋଭା ଦେଖିଲେ କାହାର ମନ ବା କ୍ଷୁବ୍ଧ ନ ହେବ, କହିଲ ? କି ପଶୁ, କି ପକ୍ଷୀ ସମସ୍ତେ ନିଜ ନିଜ ସ୍ତ୍ରୀ ସହିତ ରହିଛନ୍ତି । ସତେ ଯେପରି ସେମାନେ ମୋର ନିନ୍ଦା କରୁଛନ୍ତି ॥ ୨ ॥

**ହମହି ଦେଖି ମୃଗ ନିକର ପରାହୀଁ । ମୃଗୀଁ କହହିଁ ତୁହ୍ମ କହଁ ଭୟ ନାହୀଁ ॥**
**ତୁହ୍ମ ଆନଂଦ କରହୁ ମୃଗ ଜାଏ । କଂଚନ ମୃଗ ଖୋଜନ ଏ ଆଏ ॥ ୩ ॥**

ଆମକୁ ଦେଖି ହରିଣମାନେ ଭୟରେ ଦୌଡ଼ିପଳାଇଯିବାରୁ ହରିଣୀମାନେ ସେମାନଙ୍କୁ କହୁଛନ୍ତି, 'ତୁମେ କାହିଁକି ଭୟ କରୁଛ ରେ? ତୁମେ ତ ସାଧାରଣ ହରିଣ କୁଳରେ ଜନ୍ମ ହୋଇଛ; ତୁମେ ଖୁସିରେ ରୁହ । ଏମାନେ ପରା ସୁନାହରିଣ ଖୋଜିବାକୁ ଆସିଛନ୍ତି ।' ॥ ୩ ॥

**ସଂଗ ଲାଇ କରିନାଁ କରି ଲେହାଁ । ମାନହୁଁ ମୋହି ସିଖାୱନୁ ଦେହାଁ ॥**
**ସାସ୍ତ୍ର ସୁଚିଂତିତ ପୁନି ପୁନି ଦେଖିଅ । ଭୂପ ସୁସେୱିତ ବସ ନହିଁ ଲେଖିଅ ॥ ୪ ॥**

ହାତୀମାନେ ହାତୁଣୀମାନଙ୍କୁ ପାଖେ ପାଖେ ରଖିଛନ୍ତି; ଦେଖି ଲାଗୁଛି, ସତେ ଯେପରି ସେମାନେ ମୋତେ ଶିକ୍ଷା ଦେଉଛନ୍ତି–''ସ୍ତ୍ରୀକୁ କେବେ ଏକୁଟିଆ ଛାଡ଼ିଦେଇ ଯିବ ନାହିଁ । ଭଲରୂପେ ଚିନ୍ତନ-ଅଧ୍ୟୟନ କରିଥିବା ଶାସ୍ତ୍ରକୁ ବି ବାରମ୍ବାର ଦେଖୁଥିବା ଆବଶ୍ୟକ । ଉତ୍ତମରୂପେ ସେବିତ ରାଜା ମଧ୍ୟ ବଶୀଭୂତ ହୋଇଯାଇଛନ୍ତି ବୋଲି ଭାବିବା ଉଚିତ ନୁହେଁ ॥ ୪ ॥

**ରାଖିଅ ନାରି ଜଦପି ଉର ମାହାଁ । ଜୁବତୀ ସାସ୍ତ୍ର ନୃପତି ବସ ନାହାଁ ॥**
**ଦେଖହୁ ତାତ ବସଂତ ସୁହାୱା । ପ୍ରିୟା ହୀନ ମୋହି ଭୟ ଉପଜାୱା ॥ ୫ ॥**

ସେହିପରି ସ୍ତ୍ରୀ ଯେତେ ସହୃଦୟା ହୋଇଥାଉ ନା କାହିଁକି, ତାକୁ ଯତ୍ନର ସହିତ ରକ୍ଷା କରିବା ଉଚିତ । ଯୁବତୀ ସ୍ତ୍ରୀ, ଶାସ୍ତ୍ର ଓ ରାଜା କାହାରି ବଶରେ ରହନ୍ତି ନାହିଁ ।'' ହେ ଭାଇ ! ଏହି ସୁନ୍ଦର ବସନ୍ତ ଋତୁକୁ ଦେଖ ତ ! ପ୍ରିୟା ନ ଥିବାରୁ ମୋ ମନରେ ଏହା ଭୟ ଜାତ କରାଉଛି ॥ ୫ ॥

ଦୋ:- **ବିରହ ବିକଲ ବଲହୀନ ମୋହି ଜାନେସି ନିପଟ ଅକେଲ ।**
**ସହିତ ବିପିନ ମଧୁକର ଖଗ ମଦନ କୀହ୍ନ ବଗମେଲ ॥୩୭(କ)॥**

ମୋତେ ବିରହରେ ବ୍ୟାକୁଳ, ବଳହୀନ ଓ ଅତ୍ୟନ୍ତ ଏକାକୀ ଜାଣି କାମଦେବ ବନ, ଭ୍ରମର ଓ ପକ୍ଷୀମାନଙ୍କୁ ସଙ୍ଗରେ ନେଇ ମୋ ଉପରେ ଦଳବଦ୍ଧ ଆକ୍ରମଣ କରୁଛନ୍ତି ॥ ୩୭(କ) ॥

**ଦେଖି ଗୟଉ ଭ୍ରାତା ସହିତ ତାସୁ ଦୂତ ସୁନି ବାତ ।**
**ଡେରା କୀହ୍ନେଉ ମନହୁଁ ତବ କଟକୁ ହଟକି ମନଜାତ ॥୩୭(ଖ)॥**

କିନ୍ତୁ ତାଙ୍କ ଦୂତ ଯେତେବେଳେ ଦେଖୁଛି ଯେ, ମୁଁ ମୋ ଭାଇ ସାଥିରେ ଅଛି (ମୁଁ ଏକା ନୁହେଁ), ସେତେବେଳେ ତା'ଠାରୁ ସଂବାଦ ପାଇ କାମଦେବ ସତେ ଅବା ସୈନ୍ୟଗ୍ଚଳନା ରୋକିଦେଇ ଏଠାରେ ସୈନ୍ୟଛାଉଣି ପକାଇଦେଇଛନ୍ତି ॥ ୩୭(ଖ) ॥

**ବିଟପ ବିସାଲ ଲତା ଅରୁଝାନୀ । ବିବିଧ ବିତାନ ଦିଏ ଜନୁ ତାନୀ ॥**
**କଦଲି ତାଲ ବର ଧୁଜା ପତାକା । ଦେଖି ନ ମୋହ ଧୀର ମନ ଜାକା ॥ ୧ ॥**

ବଡ଼ ବଡ଼ ଗଛମାନଙ୍କରେ ଲତାମାନେ ଛନ୍ଦାଛନ୍ଦି ହୋଇ ଏପରି ରହିଛନ୍ତି ଯେ, ଦେଖିଲେ ମନେହେଉଛି, ନାନାପ୍ରକାର ତମ୍ବୁ ଟଣାଯାଇଛି । କଦଳୀ ଓ ତାଳ ଗଛ ତ ସୁନ୍ଦର ପତାକା ଧରି ଠିଆ ହୋଇଥିବାପରି ଦେଖାଯାଉଛନ୍ତି । କେବଳ ଧୈର୍ଯ୍ୟବାନ୍ ପୁରୁଷହିଁ ଏସବୁ ଦେଖି ମୋହିତ ହୋଇ ନ ପାରେ ॥ ୧ ॥

**ବିବିଧ ଭାଁତି ଫୂଲେ ତରୁ ନାନା । ଜନୁ ବାନୈତ ବନେ ବହୁ ବାନା ॥**
**କହୁଁ କହୁଁ ସୁଂଦର ବିଟପ ସୁହାଏ । ଜନୁ ଭଟ ବିଲଗ ବିଲଗ ହୋଇ ଛାଏ ॥ ୨ ॥**

ବିଭିନ୍ନପ୍ରକାର ବୃକ୍ଷ ବିବିଧ ଫୁଲରେ ମଣ୍ଡିତ ହୋଇ ରହିଛନ୍ତି; ଦେଖିଲେ ମନେହେଉଛି, ସତେ ଯେପରି ବିଭିନ୍ନ ପୋଷାକଧାରୀ ବହୁସଂଖ୍ୟକ ତୀରନ୍ଦାଜ ସୈନ୍ୟ ଠିଆ ହୋଇଛନ୍ତି । ସ୍ଥାନେ ସ୍ଥାନେ ସୁନ୍ଦର ସୁନ୍ଦର ଗଛଗୁଡ଼ିଏ ଠିଆ ହୋଇଛନ୍ତି; ଦେଖିଲେ ଲାଗୁଛି, ସତେ ଯେପରି ଯୋଦ୍ଧାମାନେ ଭିନ୍ନ ଭିନ୍ନ ସ୍ଥାନରେ ଛାଉଣି ପକାଇଛନ୍ତି ॥ ୨ ॥

**କୂଜତ ପିକ ମାନହୁଁ ଗଜ ମାତେ । ଢେକ ମହୋଖ ଊଁଟ ବିସରାତେ ॥**
**ମୋର ଚକୋର କୀର ବର ବାଜୀ । ପାରାଓ୍ୱତ ମରାଲ ସବ ତାଜୀ ॥ ୩ ॥**

କୋଇଲିମାନେ ରାବୁଛନ୍ତି; ଦେଖି ଲାଗୁଛି, ସତେ ଯେପରି (ସୈନ୍ୟଦଳର) ମଦମତ୍ତ ହାତୀମାନେ ଗର୍ଜନ କରୁଛନ୍ତି । ବଗ ଓ କୁମ୍ଭାଟୁଆ ପକ୍ଷୀ ଓଟ ଓ ଖଚ୍ଚର ପରି ଲାଗୁଛନ୍ତି । ମୟୂର, ଚକୋର, ଶୁଆ, ପାରା ଓ ହଂସମାନେ ସୁନ୍ଦର ଆରବୀ ଘୋଡ଼ା ପରି ଜଣାପଡୁଛନ୍ତି ॥ ୩ ॥

**ତୀତିର ଲାଓ୍ୱକ ପଦଚର ଜୂଥା । ବରନି ନ ଜାଇ ମନୋଜ ବରୂଥା ॥**
**ରଥ ଗିରି ସିଲା ଦୁଂଦୁଭୀଁ ଝରନା । ଚାତକ ବଂଦୀ ଗୁନ ଗନ ବରନା ॥ ୪ ॥**

ତିତ୍ତିରି ଓ ଗୁଣ୍ଡୁରି ଚଢ଼େଇଦଳ ତ ପଦାତିକ ସୈନ୍ୟଦଳ ପରି ଦେଖାଯାଉଛନ୍ତି । କାମଦେବଙ୍କ ସୈନ୍ୟମାନଙ୍କର ବର୍ଣ୍ଣନା କରାଯାଇପାରିବ ନାହିଁ । ପର୍ବତର ବଡ଼ ବଡ଼ ପଥରସବୁ ସୈନ୍ୟଦଳର ରଥ ହୋଇଛନ୍ତି ଏବଂ ପର୍ବତର ଝରଣା ନାଗରା ହୋଇଛି । ଚାତକମାନେ ବନ୍ଦୀ ଓ ଭାଟ ହୋଇ କାମଦେବଙ୍କର ଯଶୋଗାନ କରୁଛନ୍ତି ॥ ୪ ॥

**ମଧୁକର ମୁଖର ଭେରି ସହନାଈ । ତ୍ରିବିଧ ବୟାରି ବସୀଠୀଁ ଆଈ ॥**
**ଚତୁରଂଗିନୀ ସେନ ସଁଗ ଲୀହ୍ନେଁ । ବିଚରତ ସବହି ଚୁନୌତୀ ଦୀହ୍ନେଁ ॥ ୫ ॥**

ଭ୍ରମରମାନଙ୍କ ଗୁଞ୍ଜନ ଭେରୀ ଓ ତୂରୀ-ଶବ୍ଦ ପରି ଶୁଭୁଛି । ମନ୍ଦ ମନ୍ଦ ସୁଗନ୍ଧ ଶୀତଳ ପବନ ସତେ ଅବା ଦୂତର କାମ କରୁଛି । ଏପରିଭାବରେ ଚତୁରଙ୍ଗ ସେନା ନେଇ କାମଦେବ, ଜାଣ, ସମସ୍ତଙ୍କୁ ରଣ-ଆହ୍ୱାନ ଦେଇ ବୁଲୁଛନ୍ତି ॥ ୫ ॥

**ଲଛିମନ ଦେଖତ କାମ ଅନୀକା । ରହହିଁ ଧୀର ତିହ୍ନ କୈଁଜଗ ଲୀକା ॥**
**ଏହି କେଁ ଏକ ପରମ ବଲ ନାରୀ । ତେହି ତେଁ ଉବର ସୁଭଟ ସୋଇ ଭାରୀ ॥ ୬ ॥**

ଭାଇ ଲକ୍ଷ୍ମଣ ! କାମଦେବଙ୍କର ଏହି ସେନାକୁ ଦେଖି ଯେ ସ୍ଥିର ହୋଇ ରହିପାରନ୍ତି, ଜଗତରେ ତାଙ୍କୁହିଁ ବୀରପଦ ମିଳେ । ନାରୀ ହେଉଛି କାମଦେବଙ୍କର ଗୋଟିଏ ମହାଶକ୍ତି । ଯେ ନିଜକୁ ନାରୀଠାରୁ ବଞ୍ଚାଇରଖିପାରେ, ସେ ହିଁ ମହାଯୋଦ୍ଧା ॥ ୬ ॥

ଦୋ:- **ତାତ ତୀନି ଅତି ପ୍ରବଲ ଖଲ କାମ କ୍ରୋଧ ଅରୁ ଲୋଭ ।**
**ମୁନି ବିଗ୍ୟାନ ଧାମ ମନ କରହିଁ ନିମିଷ ମହୁଁ ଛୋଭ ॥୩୮ (କ)॥**

ବତ୍ସ ! କାମ, କ୍ରୋଧ ଓ ଲୋଭ—ଏହି ତିନୋଟି ହେଉଛନ୍ତି ଅତ୍ୟନ୍ତ ଦୁଷ୍ଟ । ଏମାନେ ଅତି ଜ୍ଞାନୀ ମୁନିମାନଙ୍କର ମନକୁ ମଧ୍ୟ ନିମିଷେକ ମଧ୍ୟରେ ବିଭ୍ରାନ୍ତ କରିଦିଅନ୍ତି ॥ ୩୮ (କ) ॥

**ଲୋଭ କେଁ ଇଚ୍ଛା ଦଂଭ ବଲ କାମ କେଁ କେଓ୍ୱଲ ନାରି ।**
**କ୍ରୋଧ କେଁ ପରୁଷ ବଚନ ବଲ ମୁନିବର କହହିଁ ବିଚାରି ॥୩୮ (ଖ)॥**

ଇଚ୍ଛା ଓ ଦମ୍ଭ ହେଉଛି ଲୋଭର ବଳ; କାମର ବଳ କେବଳ ନାରୀ ଏବଂ କଠୋର ବଚନ ହେଉଛି କ୍ରୋଧର ବଳ । ଶ୍ରେଷ୍ଠ ମୁନିମାନେ ବିଚାର କରି ସଂକ୍ଷେପରେ ଏକଥା କହନ୍ତି ।" ॥ ୩୮ (ଖ) ॥

**ଗୁନାତୀତ ସଚରାଚର ସ୍ୱାମୀ । ରାମ ଉମା ସବ ଅଂତରଜାମୀ ॥**
**କାମିହ୍ନ କୈଁ ଦୀନତା ଦେଖାଈ । ଧୀରହ୍ନ କେଁ ମନ ବିରତି ଦୃଢ଼ାଈ ॥ ୧ ॥**

[ଭଗବାନ୍ ଶିବ କହୁଛନ୍ତି,] ହେ ଉମା ! ଶ୍ରୀରାମ ହେଉଛନ୍ତି ତ୍ରିଗୁଣାତୀତ । ସେ ସଚରାଚର ଜଗତର ସ୍ୱାମୀ ଏବଂ ସମସ୍ତଙ୍କର ଅନ୍ତର୍ଯାମୀ । ଏହିଭଳି କଥା କହି ଶ୍ରୀରାମ କାମୀଲୋକଙ୍କର ଶୋଚନୀୟ ଅବସ୍ଥା ଦର୍ଶାଇଛନ୍ତି ଏବଂ ଧୀର (ବିବେକୀ) ପୁରୁଷମାନଙ୍କ ମନରେ ବୈରାଗ୍ୟ ଦୃଢ଼ କରାଇଛନ୍ତି ॥ ୧ ॥

**କ୍ରୋଧ ମନୋଜ ଲୋଭ ମଦ ମାୟା । ଛୂଟହିଁ ସକଲ ରାମ କୀଁ ଦାୟା ॥**
**ସୋ ନର ଇଂଦ୍ରଜାଲ ନହିଁ ଭୂଲା । ଜା ପର ହୋଇ ସୋ ନଟ ଅନୁକୂଲା ॥ ୨ ॥**

ଶ୍ରୀରାମଙ୍କର ଦୟା ହେଲେ କାମ, କ୍ରୋଧ, ଲୋଭ, ମଦ ଓ ମାୟା—ଏ ସମସ୍ତେ ଅପସରି ଯାଆନ୍ତି । ସେହି ନଟରାଜ ଭଗବାନ୍ ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି, ସେହି ମନୁଷ୍ୟ ଇନ୍ଦ୍ରଜାଲ(ମାୟା)ରେ ଭୁଲେ ନାହିଁ ॥ ୨ ॥

**ଉମା କହଉଁ ମୈଁ ଅନୁଭଓ୍ୱ ଅପନା । ସତ ହରି ଭଜନୁ ଜଗତ ସବ ସପନା ॥**
**ପୁନି ପ୍ରଭୁ ଗଏ ସରୋବର ତୀରା । ପଂପା ନାମ ସୁଭଗ ଗଂଭୀରା ॥ ୩ ॥**

ହେ ଉମା ! ମୁଁ ତୁମକୁ ମୋ ନିଜ ଅନୁଭବ କଥା କହୁଛି—ହରିଙ୍କ ଭଜନହିଁ ସତ୍ୟ; ଏ ସମଗ୍ର ଜଗତ୍ ସ୍ୱପ୍ନ ପରି ମିଥ୍ୟା । ତା'ପରେ ପ୍ରଭୁ ଯାଇ ପମ୍ପା ନାମକ ଏକ ସୁନ୍ଦର-ଗଭୀର ସରୋବରତଟରେ ପହଞ୍ଚିଲେ ॥ ୩ ॥

**ସଂତ ହୃଦୟ ଜସ ନିର୍ମଲ ବାରୀ । ବାଁଧେ ଘାଟ ମନୋହର ଚ୍ୟାରୀ ॥**
**ଜହଁ ତହଁ ପିଅହିଁ ବିବିଧ ମୃଗ ନୀରା । ଜନୁ ଉଦାର ଗୃହ ଜାଚକ ଭୀରା ॥ ୪ ॥**

ସେହି ସରୋବରର ଜଳ ସନ୍ଥଙ୍କ ହୃଦୟ ପରି ନିର୍ମଳ ହୋଇଥାଏ । ସେଥିରେ ଚ୍ୟାରିଗୋଟି ମନୋହର ତୁଠ ଥାଏ । ତା'ର ବିଭିନ୍ନ ସ୍ଥାନରେ ବିଭିନ୍ନପ୍ରକାର ପଶୁ ଜଳ ପିଉଥାନ୍ତି । ଏହି ଦୃଶ୍ୟ ଦେଖି ମନେହେଉଥାଏ, ସତେ ଯେପରି ଉଦାର ଦାନୀପୁରୁଷଙ୍କ ଘରେ ଯାଚକ(ଭିକ୍ଷୁକ)ମାନଙ୍କର ଭିଡ଼ ଲାଗିଛି ॥ ୪ ॥

ଦୋ:- **ପୁରଇନି ସଘନ ଓଟ ଜଲ ବେଗି ନ ପାଇଅ ମର୍ମ ।**
**ମାୟାଛନ୍ନ ନ ଦେଖିଐ ଜୈସେଁ ନିର୍ଗୁନ ବ୍ରହ୍ମ ॥୩୯(କ)॥**

ମାୟାଦ୍ୱାରା ଆବୃତ ହୋଇଥିବାରୁ ନିର୍ଗୁଣ ବ୍ରହ୍ମଙ୍କୁ ଯେପରି ଦେଖିହୁଏ ନାହିଁ, ଘନପଦ୍ମପତ୍ରଦ୍ୱାରା ଆବୃତ ହୋଇଥିବାରୁ ସେଠାରେ ଜଳର ଅସ୍ତିତ୍ୱ ସେହିପରି ହଠାତ୍ ଜଣା ପଡୁ ନ ଥାଏ ॥ ୩୯(କ)॥

**ସୁଖୀ ମୀନ ସବ ଏକରସ ଅତି ଅଗାଧ ଜଲ ମାହିଁ ।**
**ଜଥା ଧର୍ମସୀଲହ୍ନ କେ ଦିନ ସୁଖ ସଂଜୁତ ଜାହିଁ ॥୩୯(ଖ)॥**

ଧର୍ମଶୀଳ ପୁରୁଷର ଦିନଗୁଡ଼ିକ ଯେପରି ସୁଖପୂର୍ବକ କଟିଯାଏ, ସେହି ସରୋବରର ଅଗାଧ ଜଳ ଭିତରେ ମାଛମାନେ ସେହିପରି ସର୍ବଦା ଅଖଣ୍ଡ ଆନନ୍ଦରେ ରହିଥାନ୍ତି ॥ ୩୯(ଖ)॥

**ବିକସେ ସରସିଜ ନାନା ରଂଗା । ମଧୁର ମୁଖର ଗୁଂଜତ ବହୁ ଭୃଂଗା ॥**
**ବୋଲତ ଜଲକୁକ୍କୁଟ କଲହଂସା । ପ୍ରଭୁ ବିଲୋକି ଜନୁ କରତ ପ୍ରସଂସା ॥ ୧ ॥**

ସେଥିରେ ନାନା ରଙ୍ଗର ପଦ୍ମ ଫୁଟିଥାଏ । ବହୁ ସଂଖ୍ୟାରେ ଭ୍ରମର ମଧୁର ସ୍ୱରରେ ଗୁଞ୍ଜନ କରୁଥାନ୍ତି । କଳହଂସ ଓ ପାଣିକୁଆମାନେ କଳରବ କରୁଥାନ୍ତି—ଲାଗୁଥାଏ, ସତେ ଯେପରି ପ୍ରଭୁଙ୍କୁ ଦେଖି ସେମାନେ ପ୍ରଶଂସା କରୁଛନ୍ତି ! ॥ ୧ ॥

**ଚକ୍ରବାକ ବକ ଖଗ ସମୁଦାଈ । ଦେଖତ ବନଇ ବରନି ନହିଁ ଜାଈ ॥**
**ସୁଂଦର ଖଗ ଗନ ଗିରା ସୁହାଈ । ଜାତ ପଥିକ ଜନୁ ଲେତ ବୋଲାଈ ॥ ୨ ॥**

ସେଠାର ଚକୁଆ, ବଗ ପ୍ରଭୃତି ପକ୍ଷୀମାନଙ୍କର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ସେହି ସୁନ୍ଦର ପକ୍ଷୀମାନଙ୍କର ମଧୁର କଳରବ ଧ୍ୱନି ଶୁଣିଲେ ମନେହେଉଥାଏ, ସତେ ଯେପରି ବାଟରେ ଯାଉଥିବା ପଥିକମାନଙ୍କୁ ସେମାନେ ପାଖକୁ ଆସ ବୋଲି ଡାକୁଛନ୍ତି ॥ ୨ ॥

**ତାଲ ସମୀପ ମୁନିହ୍ନ ଗୃହ ଛାଏ । ଚହୁ ଦିସି କାନନ ବିଟପ ସୁହାଏ ॥**
**ଚଂପକ ବକୁଲ କଦଂବ ତମାଲା । ପାଟଲ ପନସ ପରାସ ରସାଲା ॥ ୩ ॥**
**ନୱ ପଲ୍ଲୱ କୁସୁମିତ ତରୁ ନାନା । ଚଂଚରୀକ ପଟଲୀ କର ଗାନା ॥**
**ସୀତଲ ମଂଦ ସୁଗଂଧ ସୁଭାଉ । ସଂତତ ବହଇ ମନୋହର ବାଉ ॥ ୪ ॥**

ସେହି ସରୋବର ନିକଟରେ ମୁନିମାନେ ଆଶ୍ରମ ନିର୍ମାଣ କରିଥାନ୍ତି । ତାହାର ଚତୁର୍ଦ୍ଦିଗସ୍ଥ ବନରେ ସୁନ୍ଦର ଚମ୍ପା, ବକୁଳ, କଦମ୍ବ, ତମାଳ, ପାଟଳ, ପଣସ, ପଲାଶ, ଆମ୍ବ ଆଦି ବିଭିନ୍ନପ୍ରକାର ବୃକ୍ଷ ନବପଲ୍ଲବ ଓ ସୁଗନ୍ଧ ପୁଷ୍ପରେ ବିମଣ୍ଡିତ ହୋଇଥାନ୍ତି । ଏ ଫୁଲରୁ ସେ ଫୁଲକୁ ଉଡ଼ି ଭ୍ରମରମାନେ ଗୁଞ୍ଜନ କରୁଥାନ୍ତି । ସ୍ୱଭାବଶୀତଳ ମନ୍ଦ ମନ୍ଦ ସୁଗନ୍ଧ ବାୟୁ ପ୍ରବାହିତ ହୋଇ ମନକୁ ହରଣ କରିନେଉଥାଏ ॥ ୩-୪ ॥

**କୁହୂ କୁହୂ କୋକିଲ ଧୁନି କରହୀଁ । ସୁନି ରୱ ସରସ ଧ୍ୟାନ ମୁନି ଟରହୀଁ ॥ ୫ ॥**

କୋଇଲିମାନେ କୁହୁ କୁହୁ ରାବୁଥାନ୍ତି । ସେମାନଙ୍କର ମଧୁର କଳରବରେ ମୁନିମାନଙ୍କର ମଧ୍ୟ ଧ୍ୟାନ ଭାଙ୍ଗିଯାଉଥାଏ ॥ ୫ ॥

ଦୋଃ- **ଫଲ ଭାରନ ନମି ବିଟପ ସବ ରହେ ଭୂମି ନିଅରାଇ ।**
**ପର ଉପକାରୀ ପୁରୁଷ ଜିମି ନୱହିଁ ସୁସଂପତି ପାଇ ॥ ୪୦ ॥**

ପରୋପକାରୀ ପୁରୁଷ ଅଧିକ ସମ୍ପଦବାନ୍ ହୋଇଗଲେ ଯେପରି ବିନୟରେ ଅବନତ ହୋଇଯାଆନ୍ତି, ଫଳଭାରରେ ଅବନତ ହୋଇ ସେହି ବୃକ୍ଷମାନେ ସେହିପରି ଭୂମିରେ ଲାଗିଯାଇଥାନ୍ତି ॥ ୪୦ ॥

**ଦେଖି ରାମ ଅତି ରୁଚିର ତଲାୱ । ମଜ୍ଜନୁ କୀହ୍ନ ପରମ ସୁଖ ପାୱ ॥**
**ଦେଖୀ ସୁଂଦର ତରୁବର ଛାୟା । ବୈଠେ ଅନୁଜ ସହିତ ରଘୁରାୟା ॥ ୧ ॥**

ପୁଷ୍କରିଣୀଟି ଅତି ସୁନ୍ଦର ହୋଇଛି ଦେଖି ଶ୍ରୀରାମ ସେଠାରେ ସ୍ନାନ କଲେ ଓ ଆନନ୍ଦିତ ହେଲେ । ଗୋଟିଏ ସୁନ୍ଦର ବୃକ୍ଷ ଦେଖି ଅନୁଜ ଲକ୍ଷ୍ମଣଙ୍କ ସହିତ ଶ୍ରୀରଘୁନାଥ ଯାଇ ତା'ଛାଇରେ ବସିଲେ ॥ ୧ ॥

**ତହଁ ପୁନି ସକଲ ଦେୱ ମୁନି ଆଏ । ଅସ୍ତୁତି କରି ନିଜ ଧାମ ସିଧାଏ ॥**
**ବୈଠେ ପରମ ପ୍ରସନ୍ନ କୃପାଲା । କହତ ଅନୁଜ ସନ କଥା ରସାଲା ॥ ୨ ॥**

ସକଳ ଦେବତା ଓ ମୁନିଗଣ ସେଠାକୁ ଆସିଲେ ଏବଂ ପ୍ରଭୁଙ୍କୁ ସ୍ତୁତି କରି ନିଜ ନିଜ ଧାମକୁ ଫେରିଗଲେ । କୃପାଳୁ ଶ୍ରୀରାମ ପରମପ୍ରସନ୍ନ ହୋଇ ବସିଥାନ୍ତି ଏବଂ ଅନୁଜ ଲକ୍ଷ୍ମଣଙ୍କ ସହିତ ସରସ ବାକ୍ୟାଳାପ କରୁଥାନ୍ତି ॥ ୨ ॥

**ବିରହୱଂତ ଭଗୱଂତହି ଦେଖୀ । ନାରଦ ମନ ଭା ସୋଚ ବିସେଷୀ ॥**
**ମୋର ସାପ କରି ଅଂଗୀକାରା । ସହତ ରାମ ନାନା ଦୁଖ ଭାରା ॥ ୩ ॥**

ବିରହୀ ଭଗବାନଙ୍କୁ ଦେଖି ନାରଦଙ୍କ ମନରେ ବଡ଼ ଚିନ୍ତା ହେଲା । ସେ ଭାବିଲେ, "ମୋ ଅଭିଶାପ ସ୍ୱୀକାର କରି ଶ୍ରୀରାମ ନାନାପ୍ରକାର ଦୁଃଖ ସହୁଛନ୍ତି ॥ ୩ ॥

**ଐସେ ପ୍ରଭୁହି ବିଲୋକଉଁ ଜାଈ । ପୁନି ନ ବନିହି ଅସ ଅୱସରୁ ଆଈ ॥**
**ୟହ ବିଚ୍ୱରି ନାରଦ କର ବୀନା । ଗଏ ଜହାଁ ପ୍ରଭୁ ସୁଖ ଆସୀନା ॥ ୪ ॥**

ଯାଇ ଭକ୍ତବତ୍ସଳ ପ୍ରଭୁଙ୍କୁ ଟିକିଏ ଦର୍ଶନ କରେ । ଏପରି ଅବସର ଆଉ ମିଳି ନ ପାରେ ।'' ଏପରି ଭାବି, ହାତରେ ବୀଣା ଧରି, ପ୍ରଭୁ ଯେଉଁଠାରେ ସୁଖରେ ବସିଥିଲେ, ନାରଦ ସେଠାକୁ ଗଲେ ॥ ୪ ॥

**ଗାୱତ ରାମ ଚରିତ ମୃଦୁ ବାନୀ । ପ୍ରେମ ସହିତ ବହୁ ଭାଁତି ବଖାନୀ ॥**
**କରତ ଦଂଡୱତ ଲିଏ ଉଠାଈ । ରାଖେ ବହୁତ ବାର ଉର ଲାଈ ॥ ୫ ॥**

ସେ ପ୍ରେମର ସହିତ ନାନାଭାବରେ ଶ୍ରୀରାମଚରିତ ବର୍ଣ୍ଣନା କରିବା ଛଳରେ କୋମଳ ମଧୁର କଣ୍ଠରେ ଗାନ କରି କରି ସେଠାରେ ଆସି ପହଞ୍ଚିଗଲେ । ସେ ଦଣ୍ଡବତ୍ ପ୍ରଣାମ କରନ୍ତେ ଶ୍ରୀରାମ ତାଙ୍କୁ ଉଠାଇନେଇ ଆଦରରେ ବହୁସମୟ ପର୍ଯ୍ୟନ୍ତ ହୃଦୟରେ ଲଗାଇରଖିଲେ ॥ ୫ ॥

**ସ୍ୱାଗତ ପୂଁଛି ନିକଟ ବୈଠାରେ । ଲଛିମନ ସାଦର ଚରନ ପଖାରେ ॥ ୬ ॥**

ତା'ପରେ କୁଶଳ ପ୍ରଶ୍ନ କରି ତାଙ୍କୁ ପାଖରେ ବସାଇଲେ । ଲକ୍ଷ୍ମଣ ଯାଇ ବଡ଼ ଆଦରରେ ତାଙ୍କର ଚରଣ ଧୋଇଦେଲେ ॥ ୬ ॥

ଦୋ:- **ନାନା ବିଧି ବିନତୀ କରି ପ୍ରଭୁ ପ୍ରସନ୍ନ ଜିୟଁ ଜାନି ।**
**ନାରଦ ବୋଲେ ବଚନ ତବ ଜୋରି ସରୋରୁହ ପାନି ॥ ୪୧ ॥**

ପ୍ରଭୁ ପ୍ରସନ୍ନ ଅଛନ୍ତି ଜାଣି, ନାରଦ ବହୁପ୍ରକାରେ ବିନୟ ପ୍ରକାଶ କରି ଯୋଡ଼ହସ୍ତପୂର୍ବକ କହିଲେ, ॥ ୪୧ ॥

**ସୁନହୁ ଉଦାର ସହଜ ରଘୁନାୟକ । ସୁଂଦର ଅଗମ ସୁଗମ ବର ଦାୟକ ॥**
**ଦେହୁ ଏକୁ ବର ମାଗଉଁ ସ୍ୱାମୀ । ଜଦ୍ୟପି ଜାନତ ଅଂତରଜାମୀ ॥ ୧ ॥**

''ହେ ସ୍ୱଭାବତଃ ଉଦାର ଶ୍ରୀରଘୁନାଥ ! ଶୁଣନ୍ତୁ । ଆପଣ ହେଉଛନ୍ତି ସୁନ୍ଦର, ଅଗମ ଓ ସୁଗମ ବର-ପ୍ରଦାୟକ। ହେ ସ୍ୱାମୀ ! ଯଦ୍ୟପି ଆପଣ ଅନ୍ତର୍ଯାମୀ ହୋଇଥିବାରୁ ସବୁ ଜାଣନ୍ତି, ତଥାପି ମୁଁ ଗୋଟିଏ ବର ମାଗୁଛି; ମୋତେ ତାହା ପ୍ରଦାନ କରନ୍ତୁ ।'' ॥ ୧ ॥

**ଜାନହୁ ମୁନି ତୁମ୍ହ ମୋର ସୁଭାଉ । ଜନ ସନ କବହୁଁ କି କରଉଁ ଦୁରାଉ ॥**
**କୱନ ବସ୍ତୁ ଅସି ପ୍ରିୟ ମୋହି ଲାଗୀ । ଜୋ ମୁନିବର ନ ସକହୁ ତୁମ୍ହ ମାଗୀ ॥ ୨ ॥**

[ଶ୍ରୀରାମ କହିଲେ–] ହେ ମୁନି ! ତୁମେ ତ ମୋର ସ୍ୱଭାବ ଜାଣ । ମୁଁ କଣ କେବେ ମୋ ଭକ୍ତଙ୍କ ଠାରୁ କିଛି ଲୁଚାଇରଖେ ? ହେ ମୁନିବର ! ମୋତେ କେଉଁ ବସ୍ତୁ ଏତେ ପ୍ରିୟ ଯେ, ତୁମେ ତାହା ମାଗିପାରିବ ନାହିଁ ! ॥ ୨ ॥

**ଜନ କହୁଁ କଛୁ ଅଦେୟ ନହିଁ ମୋରେଁ । ଅସ ବିସ୍ୱାସ ତଜହୁ ଜନି ଭୋରେଁ ॥**
**ତବ ନାରଦ ବୋଲେ ହରଷାଈ । ଅସ ବର ମାଗଉଁ କରଉଁ ଢିଠାଈ ॥ ୩ ॥**
**ଜଦ୍ୟପି ପ୍ରଭୁ କେ ନାମ ଅନେକା । ଶ୍ରୁତି କହ ଅଧିକ ଏକ ତେଁ ଏକା ॥**
**ରାମ ସକଲ ନାମହ୍ନ ତେଁ ଅଧିକା । ହୋଉ ନାଥ ଅଘ ଖଗ ଗନ ବଧିକା ॥ ୪ ॥**

ବିଶ୍ୱାସ କର, ମୋର କୌଣସି ବସ୍ତୁ ଭକ୍ତଙ୍କ ନିମନ୍ତେ ଅଦେୟ ନୁହେଁ । ଏହି ବିଶ୍ୱାସ ଭୁଲ୍‌ରେ ବି ଛାଡ଼

ନାହିଁ ।'' ଏହା ଶୁଣି ନାରଦ ଆନନ୍ଦରେ କହିଲେ, ''ମୁଁ ଧୃଷ୍ଟତା କରି ଏହି ବର ମାଗୁଛି ଯେ, ଯଦ୍ୟପି ପ୍ରଭୁଙ୍କର ଅନେକ ନାମ ରହିଛି ଏବଂ ବେଦଗଣ କହନ୍ତି ଯେ, ସେସବୁ ନାମ ଏକକୁ ବଳି ଆରେକ, ତଥାପି ହେ ନାଥ ! ମୋର ମାଗୁଣି ଏହିକି ଯେ, ରାମ ନାମ ଅନ୍ୟସବୁ ନାମଠାରୁ ବଡ଼ ଓ ପ୍ରଭାବଶାଳୀ ହୋଇଯାଉ ତଥା ପାପରୂପୀ ପକ୍ଷୀମାନଙ୍କ ପାଇଁ ବ୍ୟାଧ ସମାନ ହୋଇଯାଉ ॥ ୩-୪ ॥

ଦୋଃ- **ରାକା ରଜନୀ ଭଗତି ତଓ୍ୱ ରାମ ନାମ ସୋଇ ସୋମ ।**
**ଅପର ନାମ ଉଡଗନ ବିମଲ ବସହୁଁ ଭଗତ ଉର ବ୍ୟୋମ ॥୪୨(କ)॥**

ଆପଣଙ୍କ ଭକ୍ତିରୂପୀ ପୂର୍ଣ୍ଣିମାରାତ୍ରିରେ ଭକ୍ତମାନଙ୍କର ହୃଦୟରୂପୀ ନିର୍ମଳ ଆକାଶରେ 'ରାମ' ନାମ ପୂର୍ଣ୍ଣଚନ୍ଦ୍ର ହୋଇଯାଉ ଏବଂ ଅନ୍ୟସବୁ ନାମ ତାରା ହୋଇ ନିବାସ କରନ୍ତୁ ।'' ॥ ୪୨(କ) ॥

**ଏଓ୍ୱମସ୍ତୁ ମୁନି ସନ କହେଉ କୃପାସିଂଧୁ ରଘୁନାଥ ।**
**ତବ ନାରଦ ମନ ହରଷ ଅତି ପ୍ରଭୁ ପଦ ନାୟଉ ମାଥ ॥୪୨(ଖ)॥**

କୃପାସାଗର ଶ୍ରୀରଘୁନାଥ ମୁନିଙ୍କୁ 'ଏବମସ୍ତୁ' (ତାହାହିଁ ହେଉ) ବୋଲି କହିଲେ । ନାରଦ ଅତ୍ୟନ୍ତ ହର୍ଷିତ ହୋଇ ପ୍ରଭୁଙ୍କ ଚରଣରେ ମଥା ନତ କଲେ ॥ ୪୨(ଖ) ॥

**ଅତି ପ୍ରସନ୍ନ ରଘୁନାଥହି ଜାନୀ । ପୁନି ନାରଦ ବୋଲେ ମୃଦୁ ବାନୀ ॥**
**ରାମ ଜବହିଁ ପ୍ରେରେଉ ନିଜ ମାୟା । ମୋହେହୁ ମୋହି ସୁନହୁ ରଘୁରାୟା ॥ ୧ ॥**
**ତବ ବିବାହ ମୈଁ ଚାହଉଁ କୀହ୍ନା । ପ୍ରଭୁ କେହି କାରନ କରୈ ନ ଦୀହ୍ନା ॥**
**ସୁନୁ ମୁନି ତୋହି କହଉଁ ସହରୋସା । ଭଜହିଁ ଜେ ମୋହି ତଜି ସକଲ ଭରୋସା ॥ ୨ ॥**
**କରଉଁ ସଦା ତିହ୍ନ କୈ ରଖଓ୍ୱାରୀ । ଜିମି ବାଲକ ରାଖଇ ମହତାରୀ ॥**
**ଗହ ସିସୁ ବଚ୍ଛ ଅନଲ ଅହି ଧାଈ । ତହଁ ରାଖଇ ଜନନୀ ଅରଗାଈ ॥ ୩ ॥**

ଶ୍ରୀରଘୁନାଥ ଅତ୍ୟନ୍ତ ପ୍ରସନ୍ନ ଅଛନ୍ତି ଜାଣି ନାରଦ ପୁଣି ଥରେ କୋମଳଭାବରେ ପଗ୍ଚରିଲେ, ''ହେ ଶ୍ରୀରାମ ! ହେ ରଘୁନାଥ ! ଆପଣ ଯେତେବେଳେ ନିଜ ମାୟା ପ୍ରେରଣ କରି ମୋତେ ମୋହିତ କରିଦେଇଥିଲେ, ସେତେବେଳେ ତ ମୁଁ ବିବାହ କରିବାକୁ ଗ୍ଚହୁଁଥିଲି; ହେ ପ୍ରଭୁ ! ଆପଣ କାହିଁକି ମୋତେ ବିବାହ କରାଇଦେଲେ ନାହିଁ ?'' ପ୍ରଭୁ କହିଲେ, ''ହେ ମୁନି ! ମୁଁ ତୁମକୁ ଆନନ୍ଦର ସହିତ କହୁଛି ଯେ, ଯେଉଁମାନେ ସକଳ ଆଶାଭରସା ଛାଡ଼ିଦେଇ କେବଳ ମୋତେହିଁ ଭଜନ୍ତି, ମୁଁ ସେମାନଙ୍କୁ ମାଆ ନିଜର ଶିଶୁସନ୍ତାନକୁ ରକ୍ଷା କଲାପରି ରକ୍ଷା କରେ । ଶିଶୁପୁତ୍ର ଯେଉଁଠି ନିଆଁକୁ କିଂବା ସାପକୁ ଧରିବାକୁ ଧାଇଁଯାଏ, ସେଠାରେ ମାଆ ତାକୁ ହାତରେ ଓଗାଳି ରକ୍ଷା କରନ୍ତି ॥୧-୩ ॥

**ପ୍ରୌଢ଼ ଭଏଁ ତେହି ସୁତ ପର ମାତା । ପ୍ରୀତି କରଇ ନହିଁ ପାଛିଲି ବାତା ॥**
**ମୋରେଁ ପ୍ରୌଢ଼ ତନୟ ସମ ଗ୍ୟାନୀ । ବାଲକ ସୁତ ସମ ଦାସ ଅମାନୀ ॥ ୪ ॥**

ସେହି ବାଳକ ବଡ଼ ହୋଇଗଲେ ମାଆ ତାକୁ ସ୍ନେହ କରୁଥାନ୍ତି ସତ, କିନ୍ତୁ ଆଗକଥା ଆଉ ରହେ ନାହିଁ; (ସେହି ବଢ଼ିଲାପୁଅକୁ ଆଉ ମାଆ ମାତୃପରାୟଣ ଶିଶୁକୁ ରକ୍ଷା କଲାପରି ରକ୍ଷା କରନ୍ତି ନାହିଁ; କାରଣ ସେ ଆଉ ମାଆ ଉପରେ ନିର୍ଭର ନ କରି ନିଜେ ନିଜକୁ ରକ୍ଷା କରେ ।) ଜ୍ଞାନୀ ହେଉଛନ୍ତି ମୋର ପ୍ରୌଢ଼ ପୁତ୍ର(ବଢ଼ିଲାପୁଅ)ସମାନ, କିନ୍ତୁ ନିଜ ବଳରେ ଅଭିମାନ ରଖି ନ ଥିବା ତୁମ ପରି ସେବକ ହେଉଛନ୍ତି ମୋର ଶିଶୁପୁତ୍ରସମାନ ॥ ୪ ॥

**ଜନହି ମୋର ବଲ ନିଜ ବଲ ତାହୀ । ଦୁହୁ କହଁ କାମ କ୍ରୋଧ ରିପୁ ଆହୀ ॥**
**ୟହ ବିଚାରି ପଂଡିତ ମୋହି ଭଜହୀଁ । ପାଏହୁଁ ଗ୍ୟାନ ଭଗତି ନହିଁ ତଜହୀଁ ॥ ୫ ॥**

ମୋ ସେବକମାନଙ୍କ ଠାରେ କେବଳ ମୋରି ବଳର ଭରସା ଥାଏ, ଅଥଚ ଜ୍ଞାନୀଙ୍କ ଠାରେ ଥାଏ ତାଙ୍କ ନିଜ ବଳର ଅଭିମାନ; କିନ୍ତୁ କାମକ୍ରୋଧରୂପୀ ଶତ୍ରୁ ତ ଉଭୟଙ୍କ ପାଇଁ ରହିଥାଏ । [ଭକ୍ତଙ୍କ ଶତ୍ରୁଙ୍କୁ ମାରିବାର ଦାୟିତ୍ୱ ମୋ ଉପରେ ଥାଏ, କାରଣ ସେମାନେ ମୋର ପରାୟଣ ହୋଇ ମୋରି ବଳ ଉପରେ ନିର୍ଭର କରନ୍ତି; କିନ୍ତୁ ନିଜ ବଳରେ ଅଭିମାନ ରଖିଥିବା ଜ୍ଞାନୀମାନଙ୍କ ଶତ୍ରୁଙ୍କୁ ମାରିବା ଦାୟିତ୍ୱ ମୋ ଉପରେ ନ ଥାଏ ।] ଏପରି ବିଚାର କରି ବୁଦ୍ଧିମାନ୍ ଲୋକେ ମୋତେହିଁ ଭଜନ୍ତି; ସେମାନେ ଜ୍ଞାନପ୍ରାପ୍ତ ହୋଇଗଲେ ମଧ୍ୟ ଭକ୍ତି ଛାଡ଼ନ୍ତି ନାହିଁ ॥ ୫ ॥

ଦୋ:- **କାମ କ୍ରୋଧ ଲୋଭାଦି ମଦ ପ୍ରବଲ ମୋହ କୈ ଧାରି ।**
**ତିନ୍ହ ମହଁ ଅତି ଦାରୁନ ଦୁଖଦ ମାୟାରୂପୀ ନାରି ॥ ୪୩ ॥**

କାମ, କ୍ରୋଧ, ଲୋଭ, ମଦ ଆଦି ହେଉଛନ୍ତି ମୋହ(ଅଜ୍ଞାନ)ର ବଳବାନ୍ ସେନା । ଏମାନଙ୍କ ଭିତରୁ ମାୟାରୂପିଣୀ (ମାୟାର ସାକ୍ଷାତ ମୂର୍ତ୍ତି) ସ୍ତ୍ରୀ ତ ଅତ୍ୟନ୍ତ ଦାରୁଣ ଦୁଃଖ ଦିଏ ॥ ୪୩ ॥

**ସୁନୁ ମୁନି କହ ପୁରାନ ଶ୍ରୁତି ସଂତା । ମୋହ ବିପିନ କହୁଁ ନାରି ବସଂତା ॥**
**ଜପ ତପ ନେମ ଜଲାଶ୍ରୟ ଝାରୀ । ହୋଇ ଗ୍ରୀଷମ ସୋଷଇ ସବ ନାରୀ ॥ ୧ ॥**

ହେ ମୁନି ! ଶୁଣନ୍ତୁ । ବେଦ, ପୁରାଣ ଓ ସନ୍ଥମାନେ କହନ୍ତି ଯେ, ମୋହରୂପୀ ବନକୁ ବିକଶିତ କରିବାରେ ସ୍ତ୍ରୀ ହେଉଛି ବସନ୍ତଋତୁସମାନ । ସେହି ସ୍ତ୍ରୀ ଗ୍ରୀଷ୍ମରୂପ ହୋଇ ଜପ, ତପ, ନିୟମରୂପୀ ସବୁଜଳାଶୟଙ୍କୁ ଶୁଖାଇଦିଏ ॥ ୧ ॥

**କାମ କ୍ରୋଧ ମଦ ମତ୍ସର ଭେକା । ଇନ୍ହହି ହରଷପ୍ରଦ ବରଷା ଏକା ॥**
**ଦୁର୍ବାସନା କୁମୁଦ ସମୁଦାଈ । ତିନ୍ହ କହଁ ସରଦ ସଦା ସୁଖଦାଈ ॥ ୨ ॥**

କାମ, କ୍ରୋଧ, ମଦ ଓ ମାତ୍ସର୍ଯ୍ୟ ଆଦି ହେଉଛନ୍ତି ଭେକ (ବେଙ୍ଗ); ଏକମାତ୍ର ସ୍ତ୍ରୀହିଁ ବର୍ଷାଋତୁ ପରି ହୋଇ ଏହି ବେଙ୍ଗମାନଙ୍କୁ ଆନନ୍ଦ ପ୍ରଦାନ କରେ । ଯାବତୀୟ ମନ୍ଦ ବାସନା ହେଉଛି କୁମୁଦ(କଇଁ)ସମାନ; ସ୍ତ୍ରୀ ହେଉଛି ସେହି କମୁଦବନକୁ ସର୍ବଦା ସୁଖ ଦେଉଥିବା ଶରତ ଋତୁ ॥ ୨ ॥

**ଧର୍ମ ସକଲ ସରସୀରୁହ ବୃଂଦା । ହୋଇ ହିମ ତିନ୍ହହି ଦହଇ ସୁଖ ମଂଦା ॥**
**ପୁନି ମମତା ଜୱାସ ବହୁତାଈ । ପଲୁହଇ ନାରି ସିସିର ରିତୁ ପାଈ ॥ ୩ ॥**

ସମସ୍ତ ଧର୍ମ ହେଉଛନ୍ତି ପଦ୍ମବନସମାନ । ନୀଚ (ବିଷୟଜନ୍ୟ) ସୁଖ ଦେଉଥିବା ଏହି ସ୍ତ୍ରୀ ହେମନ୍ତଋତୁ ହୋଇ ସେହି ପଦ୍ମବନକୁ ପୋଡ଼ିଦିଏ । ପୁଣି ମମତ୍ୱରୂପୀ ଜବସ(କଣ୍ଟା)ବନ ସ୍ତ୍ରୀରୂପୀ ଶିଶିର ଋତୁ ପାଇଗଲେ ପଲ୍ଲବିତ ହୋଇଉଠେ ॥ ୩ ॥

**ପାପ ଉଲୂକ ନିକର ସୁଖକାରୀ । ନାରି ନିବିଡ଼ ରଜନୀ ଅଁଧିଆରୀ ॥**
**ବୁଧି ବଲ ସୀଲ ସତ୍ୟ ସବ ମୀନା । ବନସୀ ସମ ତ୍ରିୟ କହହିଁ ପ୍ରବୀନା ॥ ୪ ॥**

ପାପରୂପୀ ପେଚାମାନଙ୍କ ନିମନ୍ତେ ଏହି ସ୍ତ୍ରୀ ହେଉଛି ସୁଖଦାୟୀ ଘୋର ଅନ୍ଧାରରାତି ପରି । ବୁଦ୍ଧି, ବଳ, ଶୀଳ ଓ ସତ୍ୟ–ଏ ସମସ୍ତେ ହେଉଛନ୍ତି ମାଛ ଏବଂ ଏ ସମସ୍ତଙ୍କୁ ଫାନ୍ଦରେ ପକାଇ ନଷ୍ଟ କରିଦେବା ନିମନ୍ତେ ସ୍ତ୍ରୀ ହେଉଛି ବନ୍ଶୀ କଣ୍ଟା ପରି । ବିବେକୀ (ଜ୍ଞାନୀ) ପୁରୁଷମାନେ ଏହା କହିଥାନ୍ତି ॥ ୪ ॥

ଦୋଃ- **ଅୱଗୁନ ମୂଲ ସୂଲପ୍ରଦ ପ୍ରମଦା ସବ ଦୁଖ ଖାନି ।**
**ତାତେ କୀହ୍ନ ନିୱାରନ ମୁନି ମୈଁ ୟହ ଜିୟଁ ଜାନି ॥ ୪୪ ॥**

ଯୁବତୀସ୍ତ୍ରୀ ହେଉଛି ଅବଗୁଣର ମୂଳ, ପୀଡ଼ାଦାୟୀ ଓ ସକଳ ଦୁଃଖର ଖଣି । ତେଣୁ ହେ ମୁନି ! ଏହା ଜାଣି ମୁଁ ତୁମକୁ ବିବାହ କାର୍ଯ୍ୟରୁ ନିବୃତ୍ତ କରିଥିଲି ।'' ॥ ୪୪ ॥

**ସୁନି ରଘୁପତି କେ ବଚନ ସୁହାଏ । ମୁନି ତନ ପୁଲକ ନୟନ ଭରି ଆଏ ॥**
**କହହୁ କୱନ ପ୍ରଭୁ କୈ ଅସି ରୀତୀ । ସେୱକ ପର ମମତା ଅରୁ ପ୍ରୀତୀ ॥ ୧ ॥**

ଶ୍ରୀରଘୁନାଥଙ୍କର ସୁନ୍ଦର ବଚନ ଶୁଣି ମୁନିଙ୍କ ଶରୀର ପୁଲକିତ ହୋଇଗଲା ଓ ନୟନ ପ୍ରେମାଶ୍ରୁଜଳରେ ପୂର୍ଣ୍ଣ ହୋଇଗଲା । [ସେ ମନେ ମନେ କହିବାକୁ ଲାଗିଲେ,] ''ଆଉ କେଉଁ ପ୍ରଭୁଙ୍କର ଏପରି ରୀତି ଅଛି, କହିଲ ଭଲା ! ସେବକ ଉପରେ ଆଉ କାହାର ଏତେ ମମତା ଓ ପ୍ରେମ ହେବ ! ॥ ୧ ॥

**ଜେ ନ ଭଜହିଁ ଅସ ପ୍ରଭୁ ଭ୍ରମ ତ୍ୟାଗୀ । ଗ୍ୟାନ ରଂକ ନର ମଂଦ ଅଭାଗୀ ॥**
**ପୁନି ସାଦର ବୋଲେ ମୁନି ନାରଦ । ସୁନହୁ ରାମ ବିଗ୍ୟାନ ବିସାରଦ ॥ ୨ ॥**

ଯେଉଁ ମନୁଷ୍ୟମାନେ ଭ୍ରମ ତ୍ୟାଗ କରି ଏପରି ପ୍ରଭୁଙ୍କୁ ଭଜନ୍ତି ନାହିଁ, ସେମାନେ ହେଉଛନ୍ତି ଜ୍ଞାନରେ କାଙ୍ଗାଳ, ଦୁର୍ବୁଦ୍ଧି ଓ ଅଭାଗା ।'' ତା'ପରେ ନାରଦ ଆଦରର ସହିତ କହିଲେ, ''ହେ ବିଜ୍ଞାନବିଶାରଦ ଶ୍ରୀରାମ ! ॥ ୨ ॥

**ସଂତହ୍ନ କେ ଲଚ୍ଛନ ରଘୁବୀରା । କହହୁ ନାଥ ଭୱ ଭଂଜନ ଭୀରା ॥**
**ସୁନୁ ମୁନି ସଂତହ୍ନ କେ ଗୁନ କହଉଁ । ଜିହ୍ନ ତେ ମୈଁ ଉହ୍ନ କେଁ ବସ ରହଉଁ ॥ ୩ ॥**

ହେ ରଘୁବୀର ! ହେ ମୋର ଭବଭୟଭଞ୍ଜନ ନାଥ ! ଦୟା କରି ମୋତେ ସନ୍ଥମାନଙ୍କର ଲକ୍ଷଣ କହନ୍ତୁ ।'' ଶ୍ରୀରାମ କହିଲେ, ''ହେ ମୁନି ! ଶୁଣନ୍ତୁ । ଏବେ ମୁଁ ସନ୍ଥମାନଙ୍କର ସେହି ଗୁଣଗୁଡ଼ିକ କହୁଛି, ଯେଉଁ କାରଣରୁ ମୁଁ ସେମାନଙ୍କର ବଶରେ ରହେ— ॥ ୩ ॥

**ଷଟ ବିକାର ଜିତ ଅନଘ ଅକାମା । ଅଚଲ ଅକିଂଚନ ସୁଚି ସୁଖଧାମା ॥**
**ଅମିତ ବୋଧ ଅନୀହ ମିତଭୋଗୀ । ସତ୍ୟସାର କବି କୋବିଦ ଜୋଗୀ ॥ ୪ ॥**
**ସାୱଧାନ ମାନଦ ମଦହୀନା । ଧୀର ଧର୍ମ ଗତି ପରମ ପ୍ରବୀନା ॥ ୫ ॥**

ସନ୍ଥମାନେ [କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ—ଏହି] ଷଡ଼ବିକାରକୁ (ଦୋଷକୁ) ଜୟ କରିଥାନ୍ତି । ସେମାନେ ପାପରହିତ, କାମନାରହିତ, ନିଶ୍ଚଳ (ସ୍ଥିରବୁଦ୍ଧି), ଅକିଞ୍ଚନ (ସର୍ବତ୍ୟାଗୀ), ବାହ୍ୟ-ଅଭ୍ୟନ୍ତରରେ (ବାହାରେ ଓ ଭିତରେ) ପବିତ୍ର, ସୁଖର ଧାମ, ଅସୀମ ଜ୍ଞାନବାନ୍, ଇଚ୍ଛାରହିତ, ମିତାହାରୀ, ସତ୍ୟନିଷ୍ଠ, କବି, ବିଦ୍ୱାନ୍, ଯୋଗୀ, ସାବଧାନ, ଅନ୍ୟ ପ୍ରତି ସମ୍ମାନପ୍ରଦାନକାରୀ, ଅଭିମାନଶୂନ୍ୟ, ଧୈର୍ଯ୍ୟବାନ୍, ଧାର୍ମିକ, ଜ୍ଞାନ ଓ ଆଚରଣରେ ଅତ୍ୟନ୍ତ ନିପୁଣ ହୋଇଥାନ୍ତି, ॥ ୪-୫ ॥

ଦୋଃ- **ଗୁନାଗାର ସଂସାର ଦୁଖ ରହିତ ବିଗତ ସଂଦେହ ।**
**ତଜି ମମ ଚରନ ସରୋଜ ପ୍ରିୟ ତିହ୍ନ କହୁଁ ଦେହ ନ ଗେହ ॥ ୪୫ ॥**

ସେମାନେ ସଦ୍‌ଗୁଣର ଭଣ୍ଡାର, ସାଂସାରିକ ଦୁଃଖରୁ ରହିତ ଏବଂ ସନ୍ଦେହରୁ ସର୍ବଥା ବିମୁକ୍ତ ହୋଇଥାନ୍ତି । ମୋ ଚରଣକମଳ ଛଡ଼ା ସେମାନଙ୍କୁ ଆଉ କିଛି ବି ପ୍ରିୟ ଲାଗେ ନାହିଁ; ନିଜର ଦେହ, କି ଗୃହ ମଧ୍ୟ ପ୍ରିୟ ଲାଗେ ନାହିଁ ॥ ୪୫ ॥

**ନିଜ ଗୁନ ଶ୍ରୱନ ସୁନତ ସକୁଚାହୀଁ । ପର ଗୁନ ସୁନତ ଅଧିକ ହରଷାହୀଁ ॥**
**ସମ ସୀତଲ ନହିଁ ତ୍ୟାଗହିଁ ନୀତୀ । ସରଲ ସୁଭାଉ ସବହି ସନ ପ୍ରୀତୀ ॥ ୧ ॥**

ସେମାନେ କାନରେ ଆପଣା ପ୍ରଶଂସା ଶୁଣିବାକୁ ସଂକୋଚ ବୋଧ କରନ୍ତି; କିନ୍ତୁ ଅନ୍ୟମାନଙ୍କର ଗୁଣ (ପ୍ରଶଂସା) ଶୁଣିଲେ ବିଶେଷ ଆନନ୍ଦିତ ହୁଅନ୍ତି । ସେମାନେ ସମ ଓ ଶୀତଳ; ସେମାନେ କଦାପି ନ୍ୟାୟ ତ୍ୟାଗ କରନ୍ତି ନାହିଁ । ସେମାନଙ୍କର ସ୍ୱଭାବ ସରଳ ଓ ସେମାନେ ସମସ୍ତଙ୍କୁ ପ୍ରେମ କରନ୍ତି ॥ ୧ ॥

**ଜପ ତପ ବ୍ରତ ଦମ ସଂଜମ ନେମା । ଗୁରୁ ଗୋବିଂଦ ବିପ୍ର ପଦ ପ୍ରେମା ॥**
**ଶ୍ରଦ୍ଧା ଛମା ମୟତ୍ରୀ ଦାୟା । ମୁଦିତା ମମ ପଦ ପ୍ରୀତି ଅମାୟା ॥ ୨ ॥**

ସେମାନେ ଜପ, ତପ, ବ୍ରତ, ଦମ, ସଂଯମ ଓ ନିୟମରେ ରତ ରହନ୍ତି ଏବଂ ଗୁରୁ, ଗୋବିନ୍ଦ ତଥା ବ୍ରାହ୍ମଣମାନଙ୍କ ଚରଣରେ ପ୍ରୀତି ରଖନ୍ତି । ସେମାନଙ୍କ ଠାରେ ଶ୍ରଦ୍ଧା, କ୍ଷମା, ମୈତ୍ରୀ, ଦୟା, ମୁଦିତା (ପ୍ରସନ୍ନତା) ରହିଥାଏ ଓ ମୋ ଚରଣରେ ସେମାନଙ୍କର ନିଷ୍କପଟ ପ୍ରେମ ରହିଥାଏ ॥ ୨ ॥

**ବିରତି ବିବେକ ବିନୟ ବିଗ୍ୟାନା । ବୋଧ ଜଥାରଥ ବେଦ ପୁରାନା ॥**
**ଦଂଭ ମାନ ମଦ କରହିଁ ନ କାଉ । ଭୂଲି ନ ଦେହିଁ କୁମାରଗ ପାଉ ॥ ୩ ॥**

ସେମାନଙ୍କର ବୈରାଗ୍ୟ, ବିବେକ, ବିନୟ, ବିଜ୍ଞାନ (ପରମାତ୍ମତତ୍ତ୍ୱ ଜ୍ଞାନ) ଓ ବେଦପୁରାଣ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ରହିଥାଏ । ସେମାନେ କଦାପି ଦମ୍ଭ, ଅଭିମାନ ଓ ମଦ ପ୍ରଦର୍ଶନ କରନ୍ତି ନାହିଁ, କି ଭୁଲ୍‌ରେ ବି କୁମାର୍ଗରେ ପାଦ ଦିଅନ୍ତି ନାହିଁ ॥ ୩ ॥

**ଗାୱହିଁ ସୁନହିଁ ସଦା ମମ ଲୀଲା । ହେତୁ ରହିତ ପରହିତ ରତ ସୀଲା ॥**
**ମୁନି ସୁନୁ ସାଧୁହ୍ନ କେ ଗୁନ ଜେତେ । କହି ନ ସକହିଁ ସାରଦ ଶ୍ରୁତି ତେତେ ॥ ୪ ॥**

ସେମାନେ ସର୍ବଦା ମୋର ଲୀଳା ଗାନ କରନ୍ତି ଓ ଶୁଣନ୍ତି ଏବଂ ନିଷ୍କାମଭାବରେ ଅନ୍ୟମାନଙ୍କର ହିତରେ ଲାଗିଥାନ୍ତି । ହେ ମୁନି ! ଶୁଣନ୍ତୁ । ସନ୍ଥମାନଙ୍କର ଯେତେ ଗୁଣ ରହିଛି, ସେସବୁକୁ ସ୍ୱୟଂ ସରସ୍ୱତୀ ଓ ବେଦ ମଧ୍ୟ ପୂର୍ଣ୍ଣରୂପେ ବର୍ଣ୍ଣନା କରିପାରିବେ ନାହିଁ ॥ ୪ ॥

ଛନ୍ଦ- **କହି ସକ ନ ସାରଦ ସେଷ ନାରଦ ସୁନତ ପଦ ପଂକଜ ଗହେ ।**
**ଅସ ଦୀନବଂଧୁ କୃପାଲ ଅପନେ ଭଗତ ଗୁନ ନିଜ ମୁଖ କହେ ॥**
**ସିରୁ ନାଇ ବାରହିଁ ବାର ଚରନହ୍ନି ବ୍ରହ୍ମପୁର ନାରଦ ଗଏ ।**
**ତେ ଧନ୍ୟ ତୁଲସୀଦାସ ଆସ ବିହାଇ ଜେ ହରି ରଁଗ ରଁଏ ॥**

ସେସବୁକୁ ଶେଷଦେବ ଓ ଶାରଦା ମଧ୍ୟ କହିପାରିବେ ନାହିଁ ।" ଦୀନବନ୍ଧୁ କୃପାଳୁ ପ୍ରଭୁ ଏହିପରି ନିଜ ଶ୍ରୀମୁଖରେ ନିଜ ଭକ୍ତମାନଙ୍କର ଗୁଣାବଳୀ ବର୍ଣ୍ଣନା କଲେ । ଏହା ଶୁଣିଦେବାକ୍ଷଣି ନାରଦ ଶ୍ରୀରାମଙ୍କ ପାଦପଦ୍ମରେ ଲୋଟିପଡ଼ିଲେ । ଭଗବାନଙ୍କ ଚରଣରେ ବାରମ୍ବାର ନତମସ୍ତକ ହୋଇ, ପ୍ରଣାମ କରି ନାରଦ ବ୍ରହ୍ମଲୋକକୁ ଫେରିଗଲେ । ତୁଳସୀଦାସ କହୁଛନ୍ତି, ଯେଉଁ ପୁରୁଷ ସବୁଆଶା ଛାଡ଼ିଦେଇ କେବଳ ଶ୍ରୀହରିଙ୍କ ରଙ୍ଗରେ ରଞ୍ଜିତ ହୋଇଯାଇଛନ୍ତି, ସେ ଧନ୍ୟ !

ଦୋଃ- **ରାୱନାରି ଜସୁ ପାୱନ ଗାୱହିଁ ସୁନହିଁ ଜେ ଲୋଗ ।**
**ରାମ ଭଗତି ଦୃଢ଼ ପାୱହିଁ ବିନୁ ବିରାଗ ଜପ ଜୋଗ ॥୪୬(କ)॥**

ଯେଉଁମାନେ ରାବଣାରି ଶ୍ରୀରାମଙ୍କର ପବିତ୍ର ଯଶ ଗାନ ଓ ଶ୍ରବଣ କରିବେ, ସେମାନେ ବୈରାଗ୍ୟ, ଜପ ଓ ଯୋଗ ବିନା ମଧ୍ୟ ଶ୍ରୀରାମଙ୍କ ଚରଣରେ ଦୃଢ଼ଭକ୍ତି ଲାଭ କରିବେ ॥ ୪୬(କ) ॥

**ଦୀପ ସିଖା ସମ ଜୁବତି ତନ ମନ ଜନି ହୋସି ପତଂଗ ।**
**ଭଜହି ରାମ ତଜି କାମ ମଦ କରହି ସଦା ସତସଂଗ ॥୪୬(ଖ)॥**

ଯୁବତୀସ୍ତ୍ରୀମାନଙ୍କ ଶରୀର ଦୀପର ଶିଖାସମାନ । ରେ ମନ ! ତୁ ସେହି ଦୀପଶିଖାରେ ପତଙ୍ଗ ହୋଇଯାଆନା । ତୁ କାମ ଓ ମଦ ତ୍ୟାଗ କରି ଶ୍ରୀରାମଙ୍କ ଭଜନ କର ଓ ସର୍ବଦା ସତ୍‌ସଙ୍ଗ କର ॥ ୪୬ (ଖ) ॥


### ମାସପାରାୟଣ, ଦ୍ୱାବିଂଶ ବିଶ୍ରାମ

***ଇତି ଶ୍ରୀମଦ୍ରାମଚରିତମାନସେ ସକଳକଳିକଲୁଷବିଧ୍ୱଂସନେ ତୃତୀୟଃ ସୋପାନଃ ସମାପ୍ତଃ ।***

*କଳିଯୁଗର ସକଳ ପାପକୁ ବିଧ୍ୱଂସ କରିଦେଉଥିବା ଶ୍ରୀରାମଚରିତମାନସର*
*ଏହି ତୃତୀୟ ସୋପାନ ସମାପ୍ତ ହେଲା ।*

**( ଅରଣ୍ୟକାଣ୍ଡ ସମାପ୍ତ )**

◆◆◆




ଅଗ୍ନିକୁ ସାକ୍ଷୀ ରଖି ଶ୍ରୀରାମ ଓ ସୁଗ୍ରୀବ ପରସ୍ପର ମଧ୍ୟରେ ବନ୍ଧୁତ୍ୱ ସ୍ଥାପନ କଲେ

ଶ୍ରୀଗଣେଶାୟ ନମଃ

ଶ୍ରୀଜାନକୀବଲ୍ଲଭୋ ବିଜୟତେ

# ଶ୍ରୀରାମଚରିତମାନସ

## ଚତୁର୍ଥ ସୋପାନ

# କିଷ୍କିନ୍ଧା କାଣ୍ଡ

## ମଙ୍ଗଳାଚରଣ

**କୁନ୍ଦେନ୍ଦୀବରସୁନ୍ଦରାବତିବଲୌ ବିଜ୍ଞାନଧାମାବୁଭୌ**
**ଶୋଭାଢ୍ୟୌ ବରଧନ୍ୱିନୌ ଶ୍ରୁତିନୁତୌ ଗୋବିପ୍ରବୃନ୍ଦପ୍ରିୟୌ ।**
**ମାୟାମାନୁଷରୂପିଣୌ ରଘୁବରୌ ସଦ୍ଧର୍ମବର୍ମୌ ହିତୌ**
**ସୀତାନ୍ୱେଷଣତତ୍ପରୌ ପଥିଗତୌ ଭକ୍ତିପ୍ରଦୌ ତୌ ହି ନଃ ॥ ୧ ॥**

ଯେଉଁମାନେ ଅତ୍ୟନ୍ତ ବଳବାନ୍, ବିଜ୍ଞାନର ଧାମ, ଶୋଭାସମ୍ପନ୍ନ, ଶ୍ରେଷ୍ଠ ଧନୁର୍ଦ୍ଧର, ବେଦଗଣବନ୍ଦିତ ଓ ଗୋବ୍ରାହ୍ମଣବୃନ୍ଦପ୍ରିୟ ଅଟନ୍ତି, ସେହି ମାୟାମନୁଷ୍ୟରୂପଧାରୀ, ସତ୍‌ଧର୍ମର ରକ୍ଷାକବଚସ୍ୱରୂପ, ସର୍ବହିତକାରୀ, ସୀତାନ୍ୱେଷଣତତ୍ପର ଓ ପଥିକରୂପୀ ନୀଳକମଳସମାନ ସୁନ୍ଦର ଶ୍ୟାମବର୍ଣ୍ଣ ରଘୁବର ଶ୍ରୀରାମ ଏବଂ କୁନ୍ଦପୁଷ୍ପସମାନ ସୁନ୍ଦର ଗୌରବର୍ଣ୍ଣ ଶ୍ରୀଲକ୍ଷ୍ମଣ ଉଭୟେ ଆମ୍ଭମାନଙ୍କୁ ଭକ୍ତି ପ୍ରଦାନ କରନ୍ତୁ ॥ ୧ ॥

**ବ୍ରହ୍ମାମ୍ଭୋଧିସମୁଦ୍ଭବଂ କଲିମଲପ୍ରଧ୍ୱଂସନଂ ଚାବ୍ୟୟଂ**
**ଶ୍ରୀମଚ୍ଛମ୍ଭୁମୁଖେନ୍ଦୁସୁନ୍ଦରବରେ ସଂଶୋଭିତଂ ସର୍ବଦା ।**
**ସଂସାରାମୟଭେଷଜଂ ସୁଖକରଂ ଶ୍ରୀଜାନକୀଜୀବନଂ**
**ଧନ୍ୟାସ୍ତେ କୃତିନଃ ପିବନ୍ତି ସତତଂ ଶ୍ରୀରାମନାମାମୃତମ୍ ॥ ୨ ॥**

ବେଦରୂପୀ ସମୁଦ୍ରର ମନ୍ଥନରୁ 'ଶ୍ରୀରାମ' ନାମାମୃତ ଜାତ ହୋଇଛି । ତାହା ହେଉଛି କଳିକଲ୍ମଷବିଧ୍ୱଂସନକାରୀ, ଅବିନାଶୀ, ଭଗବାନ୍ ଶ୍ରୀଶମ୍ଭୁଙ୍କର ସୁନ୍ଦର ଶ୍ରେଷ୍ଠ ମୁଖଚନ୍ଦ୍ରରେ ସଦା ଶୋଭମାନ, ଜନ୍ମମରଣ-ରୋଗର ଔଷଧ, ସମସ୍ତଙ୍କର ସୁଖଦାତା ଓ ଶ୍ରୀଜାନକୀଙ୍କ ଜୀବନସ୍ୱରୂପ । ଯେଉଁ ପୁଣ୍ୟାତ୍ମା ପୁରୁଷମାନେ 'ଶ୍ରୀରାମ' ନାମାମୃତ ନିରନ୍ତର ପାନ କରନ୍ତି, ସେମାନେ ଧନ୍ୟ ॥ ୨ ॥

ସୋ:- **ମୁକ୍ତି ଜନ୍ମ ମହି ଜାନି ଗ୍ୟାନ ଖାନି ଅଘ ହାନି କର ।**
**ଜହଁ ବସ ସଂଭୁ ଭୱାନି ସୋ କାସୀ ସେଇଅ କସ ନ ॥**

କାଶୀକ୍ଷେତ୍ର ହେଉଛି ମୁକ୍ତିର ଜନ୍ମଭୂମି, ଜ୍ଞାନର ଭଣ୍ଡାର ଏବଂ ପାପନାଶିନୀ । ସେଠାରେ ଶ୍ରୀଶିବପାର୍ବତୀ ନିବାସ କରନ୍ତି । ଏହା ଜାଣି ସେଠାରେ ନିବାସ ନ କରିବା କାହିଁକି ?

**ଜରତ ସକଲ ସୁର ବୃଂଦ ବିଷମ ଗରଲ ଜେହିଁ ପାନ କିୟ ।**
**ତେହି ନ ଭଜସି ମନ ମଂଦ କୋ କୃପାଲ ସଂକର ସରିସ ॥**

ଯେଉଁ ହଳାହଳ ବିଷରେ ସମସ୍ତ ଦେବତା ଜଳୁଥିଲେ, ସେହି ବିଷକୁ ଯେଉଁ ଶଙ୍କର ସ୍ୱୟଂ ପାନ କରିନେଲେ, ରେ ମନ୍ଦ ମନ ! ତୁ ସେହି ଶଙ୍କରଙ୍କୁ ଭଜୁନାହୁଁ କାହିଁକି ? ତାଙ୍କ ପରି କୃପାଳୁ ଆଉ କିଏ ଅଛି ?

**ଆଗେଁ ଚଲେ ବହୁରି ରଘୁରାୟା । ରିଷ୍ୟମୂକ ପର୍ବତ ନିଅରାୟା ॥**
**ତହଁ ରହ ସଚିୱ ସହିତ ସୁଗ୍ରୀୱା । ଆୱତ ଦେଖି ଅତୁଲ ବଲ ସାଁୱା ॥ ୧ ॥**
**ଅତି ସଭୀତ କହ ସୁନୁ ହନୁମାନା । ପୁରୁଷ ଜୁଗଲ ବଲ ରୂପ ନିଧାନା ॥**
**ଧରି ବଟୁ ରୂପ ଦେଖୁ ତୈଁ ଜାଈ । କହେସୁ ଜାନି ଜିୟଁ ସୟନ ବୁଝାଈ ॥ ୨ ॥**

ଶ୍ରୀରଘୁନାଥ ସେଠାରୁ ଆହୁରି ଆଗକୁ ଚ୍ଚାଲିଲେ । ଋଷ୍ୟମୂକ ପର୍ବତ ପାଖେଇଆସିଲା । ସେହି ପର୍ବତରେ ମନ୍ତ୍ରୀମାନଙ୍କ ସହିତ ସୁଗ୍ରୀବ ରହୁଥିଲେ । ଅତୁଳନୀୟ ବଳର ସୀମା ଶ୍ରୀରାମ ଓ ଶ୍ରୀଲକ୍ଷ୍ମଣ ଆସୁଛନ୍ତି ଦେଖି, ସୁଗ୍ରୀବ ଅତ୍ୟନ୍ତ ଭୟଭୀତ ହୋଇ କହିଲେ, "ହେ ହନୁମାନ୍ ! ସେହି ଦୁଇଜଣ ପୁରୁଷ ହେଉଛନ୍ତି ଅତ୍ୟନ୍ତ ବଳବାନ୍ ଓ ରୂପବାନ୍ । ତୁମେ ବ୍ରହ୍ମଚ୍ଚାରୀ ବେଶରେ ଯାଇ ସେମାନଙ୍କୁ ନିକଟରୁ ଦେଖି ଏବଂ ସେମାନଙ୍କ ଆସିବାର ଉଦ୍ଦେଶ୍ୟ ବୁଝି ମୋତେ ଠାରରେ ଜଣାଇଦିଅ ॥ ୧-୨ ॥

**ପଠଏ ବାଲି ହୋହିଁ ମନ ମୈଲା । ଭାଗୌଁ ତୁରତ ତଜୌଁ ୟହ ସୈଲା ॥**
**ବିପ୍ର ରୂପ ଧରି କପି ତହଁ ଗୟଉ । ମାଥ ନାଇ ପୂଛତ ଅସ ଭୟଉ ॥ ୩ ॥**

ଯଦି ସେମାନଙ୍କୁ ଦୁଷ୍ଟବୁଦ୍ଧି ବାଳି ପଠାଇଥାଏ, ତେବେ ମୁଁ ଯଥାଶୀଘ୍ର ଏହି ପର୍ବତ ଛାଡ଼ି ପଳାଇଯିବି ।" ଏହା ଶୁଣି ହନୁମାନ୍ ବ୍ରାହ୍ମଣରୂପ ଧରି ସେମାନଙ୍କ ନିକଟକୁ ଗଲେ ଏବଂ ନତମସ୍ତକ ହୋଇ ପଚ୍ଚାରିଲେ, ॥ ୩ ॥

**କୋ ତୁମ୍ହ ସ୍ୟାମଲ ଗୌର ସରୀରା । ଛତ୍ରୀ ରୂପ ଫିରହୁ ବନ ବୀରା ॥**
**କଠିନ ଭୂମି କୋମଲ ପଦ ଗାମୀ । କୱନ ହେତୁ ବିଚରହୁ ବନ ସ୍ୱାମୀ ॥ ୪ ॥**

"ହେ ଶ୍ୟାମଳ ଓ ଗୌର ଶରୀରଧାରୀ ବୀରଦ୍ୱୟ ! ଆପଣ ଦୁଇଜଣ କିଏ ? ଆପଣମାନେ କ୍ଷତ୍ରିୟରୂପ ଧରି କେଉଁ ଉଦ୍ଦେଶ୍ୟରେ ବନରେ ବୁଲୁଛନ୍ତି ? ହେ ସ୍ୱାମୀ ! ଏହି ବନଭୂମି ବଡ଼ କଠିନ; ଆପଣମାନଙ୍କର ଚରଣ ତ ବଡ଼ କୋମଳ; ଆପଣମାନେ ଏଠାରେ କାହିଁକି ବୁଲୁଛନ୍ତି ? ॥ ୪ ॥

**ମୃଦୁଲ ମନୋହର ସୁଂଦର ଗାତା । ସହତ ଦୁସହ ବନ ଆତପ ବାତା ।**
**କୀ ତୁମ୍ହ ତୀନି ଦେୱ ମହଁ କୋଉ । ନର ନାରାୟନ କୀ ତୁମ୍ହ ଦୋଉ ॥ ୫ ॥**

ଆପଣମାନଙ୍କର କୋମଳ ସୁନ୍ଦର ଅଙ୍ଗ ତ ମନକୁ ହରଣ କରିନେଉଛି; ଅଥଚ ଆପଣମାନେ ଏହି ଦୁଃସହ ଗ୍ରୀଷ୍ମ ପବନ ସହି ବନରେ ବୁଲୁଛନ୍ତି ! ଆପଣମାନେ କ'ଣ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର—ଏହି ତିନି ଦେବତାଙ୍କ ଭିତରୁ କେହି, ନା ଆପଣମାନେ ନର ଓ ନାରାୟଣ ? ॥ ୫ ॥

ଦୋଃ- **ଜଗ କାରନ ତାରନ ଭୱ ଭଂଜନ ଧରନୀ ଭାର ।**
**କୀ ତୁମ୍ହ ଅଖିଲ ଭୁୱନ ପତି ଲୀନ୍ହ ମନୁଜ ଅୱତାର ॥ ୧ ॥**

ଆପଣ କ'ଣ ଜଗତର ମୂଳକାରଣ ଓ ସକଳ ଲୋକର ସ୍ୱାମୀ ସ୍ୱୟଂ ଭଗବାନ୍, ଯେ କି ଲୋକମାନଙ୍କୁ

ଭବସାଗରରୁ ଉଦ୍ଧାର କରିବାକୁ ତଥା ପୃଥିବୀର ଭାର ଲାଘବ କରିବାକୁ ମନୁଷ୍ୟରୂପରେ ଅବତାର ଗ୍ରହଣ କରିଛନ୍ତି ?'' ॥ ୧ ॥

**କୋସଲେସ ଦସରଥ କେ ଜାଏ । ହମ୍ମ ପିତୁ ବଚନ ମାନି ବନ ଆଏ ॥**
**ନାମ ରାମ ଲଛିମନ ଦୋଉ ଭାଈ । ସଂଗ ନାରି ସୁକୁମାରି ସୁହାଈ ॥ ୧ ॥**

[ଶ୍ରୀରାମ କହିଲେ,] ''ଆମେ ହେଉଛୁ କୋଶଳରାଜ ଦଶରଥଙ୍କର ପୁତ୍ର । ଆମେ ପିତାଙ୍କ ଆଜ୍ଞା ମାନି ବନକୁ ଆସିଛୁ । ଆମ ଦୁଇଭାଇଙ୍କ ନାମ ରାମ ଓ ଲକ୍ଷ୍ମଣ । ଆମ ସହିତ ମୋର ସୁନ୍ଦର ସୁକୁମାରୀ ସ୍ତ୍ରୀ ମଧ୍ୟ ଥିଲେ ॥ ୧ ॥

**ଇହାଁ ହରୀ ନିସିଚର ବୈଦେହୀ । ବିପ୍ର ଫିରହିଁ ହମ ଖୋଜତ ତେହୀ ॥**
**ଆପନ ଚରିତ କହା ହମ ଗାଈ । କହହୁ ବିପ୍ର ନିଜ କଥା ବୁଝାଈ ॥ ୨ ॥**

ଏହି ବନରେ ମୋ ସ୍ତ୍ରୀ ଜାନକୀଙ୍କୁ ରାକ୍ଷସ ହରଣ କରି ନେଇଯାଇଛି । ତେଣୁ ହେ ବ୍ରାହ୍ମଣ ! ଆମେ ତାଙ୍କୁ ଖୋଜି ଖୋଜି ବନରେ ବୁଲୁଛୁ । ଆମେ ତ ଆମ ପରିଚୟ ଇତ୍ୟାଦି କହିଦେଲୁ । ବର୍ତ୍ତମାନ ହେ ବ୍ରାହ୍ମଣ ! ଆପଣଙ୍କର ନିଜ ପରିଚୟ ବୁଝାଇକୁହନ୍ତୁ ।'' ॥ ୨ ॥

**ପ୍ରଭୁ ପହିଚାନି ପରେଉ ଗହି ଚରନା । ସୋ ସୁଖ ଉମା ଜାଇ ନହିଁ ବରନା ॥**
**ପୁଲକିତ ତନ ମୁଖ ଆୱ ନ ବଚନା । ଦେଖତ ରୁଚିର ବେଷ କୈ ରଚନା ॥ ୩ ॥**

ପ୍ରଭୁଙ୍କୁ ଚିହ୍ନିପାରି, ହନୁମାନ୍ ତାଙ୍କ ପାଦ ଧରି ଭୂମିରେ ଲୋଟିପଡ଼ିଲେ । [ଶିବ କହୁଛନ୍ତି :] 'ହେ ପାର୍ବତୀ ! ତାଙ୍କର ସେହି ଅପୂର୍ବ ଆନନ୍ଦ ଅବର୍ଣ୍ଣନୀୟ । ଶରୀର ପୁଲକିତ ହେଉଥାଏ; ମୁଖରୁ ବଚନ ସ୍ଫୁରିତ ହେଉ ନ ଥାଏ । ପ୍ରଭୁଙ୍କର ବେଶକୁ ସେ ଅପଲକ ନୟନରେ ଚାହିଁରହିଲେ ॥ ୩ ॥

**ପୁନି ଧୀରଜୁ ଧରି ଅସ୍ତୁତି କୀହ୍ନୀ । ହରଷ ହୃଦୟଁ ନିଜ ନାଥହି ଚୀହ୍ନୀ ॥**
**ମୋର ନ୍ୟାଉ ମୈଁ ପୂଛା ସାଈଁ । ତୁହ୍ମ ପୂଛହୁ କସ ନର କୀ ନାଈଁ ॥ ୪ ॥**

ତା'ପରେ ସେ ଧୈର୍ଯ୍ୟ ଧରି ସ୍ତୁତି କଲେ । ନିଜ ପ୍ରଭୁଙ୍କୁ ଚିହ୍ନିପାରିଥିବାରୁ ତାଙ୍କୁ ଆନନ୍ଦ ଲାଗୁଥାଏ । [ହନୁମାନ୍ କହିଲେ,] ''ହେ ସ୍ୱାମୀ ! ମୁଁ ଯାହା ପଚାରିଲି, ତାହା ପଚାରିବା ତ ମୋ ପକ୍ଷରେ ସ୍ୱାଭାବିକ । [ଅନେକ ବର୍ଷ ପରେ ଆପଣଙ୍କୁ ଦେଖିଲି, ତା'ମଧ୍ୟ ତପସ୍ୱୀବେଶରେ; ତେଣୁ ମୁଁ ଆପଣଙ୍କୁ ଚିହ୍ନି ନ ପାରି ପଚାରିଲି] କିନ୍ତୁ ଆପଣ କିପରି ମନୁଷ୍ୟଙ୍କ ପରି ପଚାରୁଛନ୍ତି ? ॥ ୪ ॥


**ତୱ ମାୟା ବସ ଫିରଉଁ ଭୁଲାନା । ତା ତେ ମୈଁ ନହିଁ ପ୍ରଭୁ ପହିଚାନା ॥ ୫ ॥**

ମୁଁ ତ ଆପଣଙ୍କ ମାୟାର ପ୍ରଭାବରେ ଘୂରିବୁଲୁଛି; ତା'ରି ଫଳରେ ମୁଁ ମୋ ନିଜ ପ୍ରଭୁଙ୍କୁ ବି ଚିହ୍ନିପାରିଲି ନାହିଁ ॥ ୫ ॥

ଦୋ:- **ଏକୁ ମୈଁ ମଂଦ ମୋହବସ କୁଟିଲ ହୃଦୟ ଅଗ୍ୟାନ ।**
**ପୁନି ପ୍ରଭୁ ମୋହି ବିସାରେଉ ଦୀନବଂଧୁ ଭଗୱାନ ॥ ୨ ॥**

ଏକେ ତ ମୁଁ ସ୍ୱଭାବତଃ ମନ୍ଦ । ଦ୍ୱିତୀୟରେ ମୋହର ବଶବର୍ତ୍ତୀ ଏବଂ ତୃତୀୟରେ କୁଟିଳହୃଦୟ ଓ ଅଜ୍ଞାନ । ତା'ବୋଲି ହେ ଦୀନବନ୍ଧୁ ଭଗବାନ୍ ! ଆପଣ ମଧ୍ୟ ମୋତେ ଭୁଲିଗଲେ ! ॥ ୨ ॥

**ଜଦପି ନାଥ ବହୁ ଅୱଗୁନ ମୋରେଁ । ସେୱକ ପ୍ରଭୁହି ପରୈ ଜନି ଭୋରେଁ ॥**
**ନାଥ ଜୀୱ ତୱ ମାୟାଁ ମୋହା । ସୋ ନିସ୍ତରଇ ତୁହ୍ମାରେହିଁ ଛୋହା ॥ ୧ ॥**




ହନୁମାନ ରାମଲକ୍ଷ୍ମଣଙ୍କୁ କାନ୍ଧରେ ବସାଇ ସୁଗ୍ରୀବଙ୍କ ନିକଟକୁ ନେଇଯାଉଛନ୍ତି

ହେ ନାଥ ! ମୋଠାରେ ବହୁତ ଅବଗୁଣ ରହିଛି ସତ, ତଥାପି ସ୍ୱାମୀଙ୍କ ମନରୁ ସେବକ କଦାପି ବିସ୍ମୃତ ନ ହେଉ (ଆପଣ ତାକୁ ଭୁଲି ନ ଯାଆନ୍ତୁ) । ହେ ନାଥ ! ଜୀବ ଆପଣଙ୍କ ମାୟାରେ ମୋହିତ । ସେ ଆପଣଙ୍କ କୃପାବଳରେହିଁ ନିସ୍ତାର ପାଇପାରିବ ॥ ୧ ॥

**ତା ପର ମୈଁ ରଘୁବୀର ଦୋହାଈ । ଜାନଉଁ ନହିଁ କଛୁ ଭଜନ ଉପାଈ ॥**
**ସେୱକ ସୁତ ପତି ମାତୁ ଭରୋସେଁ । ରହଇ ଅସୋଚ ବନଇ ପ୍ରଭୁ ପୋସେଁ ॥ ୨ ॥**

ଏସବୁ ସତ୍ତ୍ୱେ ହେ ରଘୁନାଥ ! ଆପଣଙ୍କ ନାମର ଦ୍ୱାହି ଦେଇ କହୁଛି, ମୁଁ ଭଜନ-ସାଧନ କିଛି ଜାଣେନାହିଁ । କେବଳ ପ୍ରଭୁଙ୍କୁ ଭରସା କରି ସେବକ ନିଶ୍ଚିନ୍ତ ରହେ ଓ ମାତାଙ୍କୁ ଭରସା କରି ପୁତ୍ର ନିଶ୍ଚିନ୍ତ ରହେ । ସେବକର ପାଳନପୋଷଣ ପ୍ରଭୁଙ୍କୁହିଁ କରିବାକୁ ପଡ଼େ ।'' ॥ ୨ ॥

**ଅସ କହି ପରେଉ ଚରନ ଅକୁଲାଈ । ନିଜ ତନୁ ପ୍ରଗଟି ପ୍ରୀତି ଉର ଛାଈ ॥**
**ତବ ରଘୁପତି ଉଠାଇ ଉର ଲାୱା । ନିଜ ଲୋଚନ ଜଲ ସୀଁଚି ଜୁଡ଼ାୱା ॥ ୩ ॥**

ଏପରି କହି ହନୁମାନ୍ ଆକୁଳ ହୋଇ ପ୍ରଭୁଙ୍କ ଚରଣରେ ଲୋଟିପଡ଼ିଲେ । ଏଥର ସେ ନିଜର ପ୍ରକୃତ ରୂପ ପ୍ରକାଶ କଲେ । ତାଙ୍କ ହୃଦୟରେ ପ୍ରେମ ଭରିଗଲା । ଶ୍ରୀରଘୁନାଥ ତାଙ୍କୁ ଉଠାଇ, ହୃଦୟରେ ଲଗାଇ ଆଲିଙ୍ଗନ କଲେ ଏବଂ ନିଜର ନେତ୍ରନୀରରେ ସିକ୍ତ କରି ତାଙ୍କୁ ଆନନ୍ଦ ପ୍ରଦାନ କଲେ ॥ ୩ ॥

**ସୁନୁ କପି ଜିୟଁ ମାନସି ଜନି ଊନା । ତୈଁ ମମ ପ୍ରିୟ ଲଛିମନ ତେ ଦୂନା ॥**
**ସମଦରସୀ ମୋହି କହ ସବ କୋଊ । ସେୱକ ପ୍ରିୟ ଅନନ୍ୟଗତି ସୋଊ ॥ ୪ ॥**

ତା'ପରେ କହିଲେ, ''ହେ କପି ! ମନ ଊଣା କର ନାହିଁ । ଲକ୍ଷ୍ମଣଠାରୁ ତୁମେ ମୋର ଦୁଇଗୁଣ ପ୍ରିୟ । ସମସ୍ତେ ମୋତେ ସମଦର୍ଶୀ ବୋଲି କହନ୍ତି (ମୋ ପାଇଁ କେହି ପ୍ରିୟ ନୁହେଁ, କି କେହି ଅପ୍ରିୟ ନୁହେଁ); କିନ୍ତୁ ସେବକ ଅନନ୍ୟଗତି ହୋଇଥିବାରୁ ମୋର ପ୍ରିୟ । (କାରଣ ସେବକ ମୋତେ ଛାଡ଼ି ଅନ୍ୟ କାହାର ଆଶ୍ରୟ ନିଏ ନାହିଁ) ॥ ୪ ॥

ଦୋଃ- **ସୋ ଅନନ୍ୟ ଜାକେଁ ଅସି ମତି ନ ଟରଇ ହନୁମଂତ ।**
**ମୈଁ ସେୱକ ସଚରାଚର ରୂପ ସ୍ୱାମି ଭଗୱଂତ ॥ ୩ ॥**

ହେ ହନୁମାନ୍ ! 'ମୁଁ ସେବକ ଏବଂ ଏହି ଚରାଚର ଜଗତ୍ ମୋ ପ୍ରଭୁ ଭଗବାନଙ୍କର ରୂପ'—ଏହି ଭାବନାରେ ଯେ ଅଟଳ ରହନ୍ତି, ସେ ହିଁ ଅନନ୍ୟଭକ୍ତ ॥ ୩ ॥

**ଦେଖି ପୱନସୁତ ପତି ଅନୁକୂଲା । ହୃଦୟଁ ହରଷ ବୀତୀ ସବ ସୂଲା ॥**
**ନାଥ ସୈଲ ପର କପିପତି ରହଈ । ସୋ ସୁଗ୍ରୀୱ ଦାସ ତୱ ଅହଈ ॥ ୧ ॥**

ପ୍ରଭୁଙ୍କୁ ଅନୁକୂଳ (ପ୍ରସନ୍ନ) ଦେଖି ପବନକୁମାର ହନୁମାନଙ୍କ ହୃଦୟ ଆନନ୍ଦିତ ହୋଇଗଲା ଏବଂ ତାଙ୍କର ସକଳ ଦୁଃଖ ଦୂର ହୋଇଗଲା । ସେ କହିଲେ, ''ହେ ନାଥ ! ଏହି ପର୍ବତରେ ବାନରରାଜ ସୁଗ୍ରୀବ ରହୁଛନ୍ତି; ସେ ଆପଣଙ୍କର ଦାସ ॥ ୧ ॥

**ତେହି ସନ ନାଥ ମୟତ୍ରୀ କୀଜେ । ଦୀନ ଜାନି ତେହି ଅଭୟ କରୀଜେ ॥**
**ସୋ ସୀତା କର ଖୋଜ କରାଇହି । ଜହଁ ତହଁ ମରକଟ କୋଟି ପଠାଇହି ॥ ୨ ॥**

ଆପଣ ତାଙ୍କ ସହିତ ମିତ୍ରତା ସ୍ଥାପନ କରନ୍ତୁ । ସେ ବଡ଼ ଅସହାୟ ହୋଇ ପଡ଼ିଛନ୍ତି ; ତାଙ୍କୁ ନିର୍ଭୟ କରିଦିଅନ୍ତୁ । ସେ ସୀତାଙ୍କୁ ଖୋଜାଇଦେବେ; ସେ ସବୁଆଡ଼କୁ କୋଟି କୋଟି ବାନର ପଠାଇପାରିବେ ।'' ॥ ୨ ॥

**ଏହି ବିଧି ସକଲ କଥା ସମୁଝାଈ । ଲିଏ ଦୁଔ ଜନ ପୀଠି ଚଢ଼ାଈ ॥**
**ଜବ ସୁଗ୍ରୀୱଁ ରାମ କହୁଁ ଦେଖା । ଅତିସୟ ଜନ୍ମ ଧନ୍ୟ କରି ଲେଖା ॥ ୩ ॥**

ଏପରିଭାବରେ ସବୁକଥା ବୁଝାଇଦେଇ, ହନୁମାନ୍ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ କାନ୍ଧରେ ବସାଇ ସୁଗ୍ରୀବଙ୍କ ନିକଟକୁ ନେଇଗଲେ । ଶ୍ରୀରାମଙ୍କୁ ଦେଖି ସୁଗ୍ରୀବ ନିଜ ଜୀବନକୁ ଧନ୍ୟ ମନେ କଲେ ॥ ୩ ॥

**ସାଦର ମିଲେଉ ନାଇ ପଦ ମାଥା । ଭେଁଟେଉ ଅନୁଜ ସହିତ ରଘୁନାଥା ॥**
**କପି କର ମନ ବିଚାର ଏହି ରୀତୀ । କରିହହିଁ ବିଧି ମୋ ସନ ଏ ପ୍ରୀତୀ ॥ ୪ ॥**

ପ୍ରଭୁଙ୍କ ଚରଣରେ ମସ୍ତକ ଲଗାଇ ସୁଗ୍ରୀବ ବଡ଼ ଆଦରରେ ପ୍ରଭୁଙ୍କୁ ଭେଟିଲେ । ଶ୍ରୀ ରଘୁନାଥ ଓ ଅନୁଜ ଲକ୍ଷ୍ମଣ ମଧ୍ୟ ତାଙ୍କୁ ଆଲିଙ୍ଗନ କଲେ । ସୁଗ୍ରୀବ ମନେ ମନେ ଭାବୁଥାନ୍ତି, ''ହେ ଦଇବ ! ସତରେ ଇଏ କ'ଣ ମୋ'ସହିତ ପ୍ରୀତି (ବନ୍ଧୁତା) କରିବେ !'' ॥ ୪ ॥

ଦୋଃ- **ତବ ହନୁମଂତ ଉଭୟ ଦିସି କୀ ସବ କଥା ସୁନାଇ ।**
**ପାୱକ ସାଖୀ ଦେଇ କରି ଜୋରୀ ପ୍ରୀତି ଦୃଢ଼ାଇ ॥ ୪ ॥**

ସେତେବେଳେ ହନୁମାନ୍ ଉଭୟ ପକ୍ଷର ସବୁ କଥା ଖୋଲି କହିଦେଲେ ଏବଂ ଅଗ୍ନିକୁ ସାକ୍ଷୀ ରଖି ଉଭୟଙ୍କ ମଧ୍ୟରେ ପାରସ୍ପରିକ ପ୍ରୀତି ଦୃଢ଼ କରିଦେଲେ ॥ ୪ ॥

**କୀହ୍ନି ପ୍ରୀତି କଛୁ ବୀଚ ନ ରାଖା । ଲଛିମନ ରାମ ଚରିତ ସବ ଭାଷା ॥**
**କହ ସୁଗ୍ରୀୱ ନୟନ ଭରି ବାରୀ । ମିଲିହି ନାଥ ମିଥିଲେସକୁମାରୀ ॥ ୧ ॥**

ଉଭୟେ ପରସ୍ପରକୁ ହୃଦୟର ସହିତ ପ୍ରୀତି କଲେ; ନିଜ ନିଜ ମଧ୍ୟରେ କୌଣସି ଭେଦଭାବ ରଖିଲେ ନାହିଁ । ତା'ପରେ ଲକ୍ଷ୍ମଣ ଶ୍ରୀରାମଙ୍କର ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ । ସୁଗ୍ରୀବ ଅଶ୍ରୁପୂର୍ଣ୍ଣ ନେତ୍ରରେ କହିଲେ, ''ହେ ନାଥ ! ମିଥିଳେଶକୁମାରୀ ଜାନକୀ ନିଶ୍ଚୟ ମିଳିଯିବେ॥ ୧ ॥

**ମଂତ୍ରିହ୍ନ ସହିତ ଇହାଁ ଏକ ବାରା । ବୈଠ ରହେଉଁ ମୈଁ କରତ ବିଚାରା ॥**
**ଗଗନ ପଂଥ ଦେଖୀ ମୈଁ ଜାତା । ପରବସ ପରୀ ବହୁତ ବିଲପାତା ॥ ୨ ॥**

ଥରେ ମୁଁ ଏଠାରେ ମନ୍ତ୍ରୀମାନଙ୍କ ସହିତ ବସି କୌଣସି ଏକ ବିଷୟରେ ବିଚାର କରୁଥିଲି, ସେତେବେଳେ ଶତ୍ରୁକବଳରେ ପଡ଼ି ବିଳାପ କରୁଥିବା ସୀତାଙ୍କୁ ଆକାଶମାର୍ଗରେ ନିଆଯାଉଥିବାର ମୁଁ ଦେଖିଛି ॥ ୨ ॥

**ରାମ ରାମ ହା ରାମ ପୁକାରୀ । ହମହି ଦେଖି ଦୀହ୍ନେଉ ପଟ ଡାରୀ ॥**
**ମାଗା ରାମ ତୁରତ ତେହିଁ ଦୀହ୍ନା । ପଟ ଉର ଲାଇ ସୋଚ ଅତି କୀହ୍ନା ॥ ୩ ॥**

ଆମକୁ ଦେଖି ସେ 'ରାମ ! ରାମ ! ହା ରାମ !' ଡାକି ଡାକି ନିଜର ଖଣ୍ଡେ [ଉତ୍ତରୀୟ] ବସ୍ତ୍ର ତଳକୁ ପକାଇଦେଲେ ।'' ଶ୍ରୀରାମ ସେହି ବସ୍ତ୍ରଖଣ୍ଡିକ ଆଣ ବୋଲି କହିଲେ । ସୁଗ୍ରୀବ ତାହା ଅବିଳମ୍ବେ ଆଣିଦେଲେ । ବସ୍ତ୍ରଖଣ୍ଡିକ ହୃଦୟରେ ଚାପି ଧରି ଶ୍ରୀରାମ ବହୁତ ଶୋକ କଲେ ॥ ୩ ॥

**କହ ସୁଗ୍ରୀୱ ସୁନହୁ ରଘୁବୀରା । ତଜହୁ ସୋଚ ମନ ଆନହୁ ଧୀରା ॥**
**ସବ ପ୍ରକାର କରିହଉଁ ସେୱକାଈ । ଜେହି ବିଧି ମିଲିହି ଜାନକୀ ଆଈ ॥ ୪ ॥**

ସୁଗ୍ରୀବ କହିଲେ, ''ହେ ରଘୁବୀର ! ଶୋକ ଛାଡ଼ିଦେଇ ମନରେ ଧୈର୍ଯ୍ୟ ଧରନ୍ତୁ । ଯାହା କଲେ ଆପଣଙ୍କୁ ଜାନକୀ ମିଳିପାରିବେ, ମୁଁ ତା'ର ସକଳ ଉପାୟ କରି ଆପଣଙ୍କର ସେବା କରିବି ।'' ॥ ୪ ॥

ଦୋ:- **ସଖା ବଚନ ସୁନି ହରଷେ କୃପାସିଂଧୁ ବଲସାଁୱ ।**
**କାରନ କୱନ ବସହୁ ବନ ମୋହି କହହୁ ସୁଗ୍ରୀୱ ॥ ୫ ॥**

ସୁଗ୍ରୀବଙ୍କ ବଚନ ଶୁଣି କୃପାସାଗର ବଳନିଧାନ ଶ୍ରୀରାମ ଆନନ୍ଦିତ ହୋଇଗଲେ । ସେ କହିଲେ, ''ହେ ସୁଗ୍ରୀବ ! ତୁମେ ଆସି ଏହି ବନରେ କାହିଁକି ରହିଛ, ତାହା ମୋତେ କୁହ !'' ॥ ୫ ॥

**ନାଥ ବାଲି ଅରୁ ମୈଁ ଦ୍ୱୌ ଭାଈ । ପ୍ରୀତି ରହୀ କଛୁ ବରନି ନ ଜାଈ ॥**
**ମୟ ସୁତ ମାୟାୱୀ ତେହି ନାଉଁ । ଆୱା ସୋ ପ୍ରଭୁ ହମରେଁ ଗାଉଁ ॥ ୧ ॥**

[ସୁଗ୍ରୀବ କହିଲେ–] ''ହେ ନାଥ ! ବାଳି ଓ ମୁଁ ଦୁଇଭାଇ ! ଆମ ଦୁଇଭାଇଙ୍କ ମଧ୍ୟରେ କେତେ ଯେ ଗଭୀର ପ୍ରେମ ରହିଥିଲା, ତାହା କହିହେବ ନାହିଁ । ମୟ ଦାନବର ମାୟାବୀ ବୋଲି ଗୋଟିଏ ପୁଅ ଥିଲା । ସେହି ମାୟାବୀ ଥରେ ଆମ ନଗରକୁ ଆସିଲା ॥ ୧ ॥

**ଅର୍ଧ ରାତି ପୁର ଦ୍ୱାର ପୁକାରା । ବାଲୀ ରିପୁ ବଲ ସହଇ ନ ପାରା ॥**
**ଧାୱା ବାଲି ଦେଖି ସୋ ଭାଗା । ମୈଁ ପୁନି ଗୟଉଁ ବଂଧୁ ସଁଗ ଲାଗା ॥ ୨ ॥**

ସେ ଆସି ଠିକ୍ ଅଧରାତିବେଳକୁ ଆମ ନଗର ଫାଟକପାଖରେ ଯୁଦ୍ଧଆହ୍ୱାନ ଦେଲା । ବାଳି ଶତ୍ରୁର ସେହି ଆହ୍ୱାନକୁ ସହି ନ ପାରି ତାକୁ ଗୋଡ଼ାଇଗଲେ । ଏହା ଦେଖି ମାୟାବୀ ଦୌଡ଼ିପଳାଇଗଲା । ମୁଁ ବି ମୋ ଭାଇଙ୍କ ସାଥିରେ ତାକୁ ଗୋଡ଼ାଇଲି ॥ ୨ ॥

**ଗିରିବର ଗୁହାଁ ପୈଠ ସୋ ଜାଈ । ତବ ବାଲୀଁ ମୋହି କହା ବୁଝାଈ ॥**
**ପରିଖେସୁ ମୋହି ଏକ ପଖୱାରା । ନହିଁ ଆୱୌଁ ତବ ଜାନେସୁ ମାରା ॥ ୩ ॥**

ମାୟାବୀ ପଳାଇଯାଇ ଗୋଟିଏ ପର୍ବତଗୁମ୍ଫାରେ ପଶିଗଲା । ସେତେବେଳେ ମୋତେ ଗୁମ୍ଫାଦ୍ୱାରରେ ଜଗାଇଦେଇ ବାଳି କହିଲେ, 'ମୁଁ ତାକୁ ଧରିବାକୁ ଗୁମ୍ଫାରେ ପଶୁଛି; ତୁ ଗୁମ୍ଫାଦ୍ୱାରରେ ଜଗିରହ । ମୁଁ ଯଦି ପନ୍ଦରଦିନ ଭିତରେ ନ ଫେରିଲି, ମୁଁ ମରିଗଲି ବୋଲି ଜାଣିବୁ ।' ॥ ୩ ॥

**ମାସ ଦିୱସ ତହଁ ରହେଉଁ ଖରାରୀ । ନିସରୀ ରୁଧିର ଧାର ତହଁ ଭାରୀ ॥**
**ବାଲି ହତେସି ମୋହି ମାରିହି ଆଈ । ସିଲା ଦେଇ ତହଁ ଚଲେଉଁ ପରାଈ ॥ ୪ ॥**

ହେ ଖରାରି ! ମୁଁ ସେଠାରେ ମାସେ କାଳ ଜଗିରହିଲି । ଏ ଭିତରେ ସେହି ଗୁମ୍ଫାରୁ ଖୁବ୍ ଜୋର୍‌ରେ ଧାର ଧାର ହୋଇ ରକ୍ତ ବାହାରିଲା । ମୁଁ ଭାବିଲି, ମାୟାବୀ ବାଳିଙ୍କୁ ମାରିଦେଲା; ଏଥର ଆସି ମୋତେ ବି ମାରିଦେବ । ତେଣୁ ଗୋଟିଏ ବଡ଼ ପଥରରେ ସେହି ଗୁମ୍ଫାଦ୍ୱାର ବନ୍ଦ କରିଦେଇ ମୁଁ ସେଠାରୁ ପଳାଇଆସିଲି ॥ ୪ ॥

**ମଂତ୍ରିହ୍ନ ପୁର ଦେଖା ବିନୁ ସାଈଁ । ଦୀହ୍ନେଉ ମୋହି ରାଜ ବରିଆଈଁ ॥**
**ବାଲୀ ତାହି ମାରି ଗୃହ ଆୱା । ଦେଖି ମୋହି ଜିୟଁ ଭେଦ ବଢ଼ାୱା ॥ ୫ ॥**

ରାଜ୍ୟରେ ରାଜା ନ ଥିବାର ଦେଖି ମନ୍ତ୍ରୀମାନେ ମୋତେ ବାଧ୍ୟ କରି ରାଜ୍ୟଭାର ଦେଇଦେଲେ । ସେପଟେ ବାଳି ସେହି ମାୟାବୀକୁ ମାରି ନଗରକୁ ଫେରିଆସିଲେ । ମୋତେ ରାଜପଦରେ ବସିଥିବା ଦେଖି ସେ ମୋର ବିରୋଧ କଲେ । [ଭାବିଲେ, ରାଜ୍ୟ ପାଇବା ଲୋଭରେ ମୁଁ ଗୁମ୍ଫାମୁହଁ ରୋଧିଦେଇ, ବାହାରକୁ ଆସି ନ ପାରିବାର ବ୍ୟବସ୍ଥା କରି, ଏଠାକୁ ଆସି ରାଜା ହୋଇଛି] ॥ ୫ ॥

**ରିପୁ ସମ ମୋହି ମାରେସି ଅତି ଭାରୀ । ହରି ଲୀହ୍ନେସି ସର୍ବସୁ ଅରୁ ନାରୀ ॥**
**ତାକେଁ ଭୟ ରଘୁବୀର କୃପାଲା । ସକଲ ଭୁୱନ ମୈଁ ଫିରେଉଁ ବିହାଲା ॥ ୬ ॥**

ସେ ମୋ ସହିତ ଶତ୍ରୁ ପରି ବ୍ୟବହାର କଲେ ଏବଂ ମୋତେ ବହୁତ ମାରିଲେ; ମୋର ସର୍ବସ୍ୱ, ଏପରି କି ମୋ ସ୍ତ୍ରୀକୁ ବି ମୋଠାରୁ ଛଡ଼ାଇନେଲେ । ହେ କୃପାଳୁ ରଘୁବୀର ! ମୁଁ ତାଙ୍କରି ଭୟରେ ଦୟନୀୟ ଅବସ୍ଥାରେ ସକଳ ଭୁବନରେ (ଏଣେତେଣେ) ବୁଲିଲି ॥ ୬ ॥

**ଇହାଁ ସାପ ବସ ଆୱତ ନାହୀଁ । ତଦପି ସଭୀତ ରହଉଁ ମନ ମାହୀଁ ॥**
**ସୁନି ସେୱକ ଦୁଖ ଦୀନଦୟାଲା । ଫରକି ଉଠୀଁ ଦ୍ୱୌ ଭୁଜା ବିସାଲା ॥ ୭ ॥**

(ମାତଙ୍ଗ ମୁନିଙ୍କ) ଅଭିଶାପ ହେତୁ ସେ ଏଠାକୁ ଆସିପାରୁନାହାନ୍ତି । ତଥାପି ମୁଁ ଭୟଭୀତ ହୋଇ ଏଠାରେ ରହିଛି ।'' ସେବକର ଦୁଃଖ ଦେଖି ଦୀନଦୟାଳୁ ଶ୍ରୀରଘୁନାଥଙ୍କର ଦୁଇ ବିଶାଳ ବାହୁ କମ୍ପିଉଠିଲା ॥ ୭ ॥

ଦୋ:- **ସୁନୁ ସୁଗ୍ରୀୱ ମାରିହଉଁ ବାଲିହି ଏକହିଁ ବାନ ।**
**ବ୍ରହ୍ମ ରୁଦ୍ର ସରନାଗତ ଗଏଁ ନ ଉବରିହିଁ ପ୍ରାନ ॥ ୬ ॥**

ପ୍ରଭୁ କହିଲେ, ''ହେ ସୁଗ୍ରୀବ ! ଶୁଣ, ମୁଁ ଗୋଟିଏମାତ୍ର ବାଣରେ ବାଳିକୁ ମାରିଦେବି । ବ୍ରହ୍ମା ଓ ରୁଦ୍ରଙ୍କ ନିକଟରେ ଶରଣ ପଶିଲେ ବି ତା' ପ୍ରାଣ ରହିବ ନାହିଁ ॥ ୬ ॥

**ଜେ ନ ମିତ୍ର ଦୁଖ ହୋହିଁ ଦୁଖାରୀ । ତିନ୍ହହି ବିଲୋକତ ପାତକ ଭାରୀ ॥**
**ନିଜ ଦୁଖ ଗିରି ସମ ରଜ କରି ଜାନା । ମିତ୍ରକ ଦୁଖ ରଜ ମେରୁ ସମାନା ॥ ୧ ॥**

ଯେଉଁ ଲୋକ ମିତ୍ରର ଦୁଃଖରେ ଦୁଃଖୀ ହୁଏ ନାହିଁ, ତା'ମୁହଁ ଚାହିଁବା ବି ପାପ । ନିଜର ପର୍ବତସମାନ ଦୁଃଖକୁ ଧୂଳିସମାନ ଭାବି, ମିତ୍ରର ଧୂଳିସମାନ ଦୁଃଖକୁ ସୁମେରୁସମାନ ଭାବିବା ଉଚିତ ॥ ୧ ॥

**ଜିନ୍ହ କେଁ ଅସି ମତି ସହଜ ନ ଆଈ । ତେ ସଠ କତ ହଠି କରତ ମିତାଈ ॥**
**କୁପଥ ନିୱାରି ସୁପଂଥ ଚଲାୱା । ଗୁନ ପ୍ରଗଟୈ ଅୱଗୁନହ୍ନି ଦୁରାୱା ॥ ୨ ॥**

ଯାହାଠାରେ ସ୍ୱଭାବତଃ ଏପରି ବୁଦ୍ଧି ଜାତ ହୁଏ ନାହିଁ, ସେ ମୂର୍ଖ ପଣ କରି କାହା ସହିତ କାହିଁକି ବା ମିତ୍ରତା କରେ ? ମିତ୍ରକୁ କୁମାର୍ଗରୁ ନିବୃତ୍ତ କରି ସୁମାର୍ଗରେ ଚଳାଇବା ହେଉଛି ମିତ୍ରର ଧର୍ମ । ମିତ୍ର ମିତ୍ରର ଗୁଣ ପ୍ରକାଶ କରି ଦୁର୍ଗୁଣ ଲୁଚାଇରଖିବା ଆବଶ୍ୟକ ॥ ୨ ॥

**ଦେତ ଲେତ ମନ ସଂକ ନ ଧରଈ । ବଲ ଅନୁମାନ ସଦା ହିତ କରଈ ॥**
**ବିପତି କାଲ କର ସତଗୁନ ନେହା । ଶ୍ରୁତି କହ ସଂତ ମିତ୍ର ଗୁନ ଏହା ॥ ୩ ॥**

ଦିଆନିଆରେ ମିତ୍ର ପାଖରେ ଶଙ୍କା ରଖିବା ଉଚିତ ନୁହେଁ । ନିଜର ଶକ୍ତି ଅନୁସାରେ ସର୍ବଦା ମିତ୍ରର ହିତହିଁ କରିବା କଥା । ବିପତ୍ତି ସମୟରେ ତ ମିତ୍ରକୁ (ସାଧାରଣ ଦିନ ଅପେକ୍ଷା) ଶହେଗୁଣ ଅଧିକ ସ୍ନେହ କରିବା ଉଚିତ । ବେଦଗଣ କହନ୍ତି, ଏହା ହେଉଛି ସନ୍ଥ (ଉତ୍ତମ) ମିତ୍ରର ଲକ୍ଷଣ ॥ ୩ ॥

**ଆଗେଁ କହ ମୃଦୁ ବଚନ ବନାଈ । ପାଛେଁ ଅନହିତ ମନ କୁଟିଲାଈ ॥**
**ଜାକର ଚିତ ଅହି ଗତି ସମ ଭାଈ । ଅସ କୁମିତ୍ର ପରିହରେହିଁ ଭଲାଈ ॥ ୪ ॥**

ଯେଉଁ ମିତ୍ର ମୁହଁରେ ବନେଇଚୁନେଇ ମଧୁର ବଚନ କହେ, କିନ୍ତୁ ପରୋକ୍ଷରେ ଅହିତ କରେ, ମନରେ କୁଟିଳତା ରଖିଥାଏ ଏବଂ ହେ ଭାଇ ! ଯାହା ମନ ସାପର ଗତି ପରି କୁଟିଳ, ସେପରି ଦୁଷ୍ଟମିତ୍ରକୁ ତ୍ୟାଗ କରିଦେବାହିଁ ଭଲ ॥ ୪ ॥

**ସେୱକ ସଠ ନୃପ କୃପନ କୁନାରୀ । କପଟୀ ମିତ୍ର ସୂଲ ସମ ଚାରୀ ॥**
**ସଖା ସୋଚ ତ୍ୟାଗହୁ ବଲ ମୋରେଁ । ସବ ବିଧି ଘଟବ କାଜ ମୈଁ ତୋରେଁ ॥ ୫ ॥**

ମୂର୍ଖ ସେବକ, କୃପଣ ରାଜା, କୁଳଟା ସ୍ତ୍ରୀ ଓ କପଟୀ ମିତ୍ର—ଏହି ଚାରିଜଣଯାକ ଶୂଳ ପରି ଦୁଃଖ ଦିଅନ୍ତି । ହେ ସଖା ! ମୋ ବଳର ଆଶ୍ରୟ ନେଇ ତୁମେ ଚିନ୍ତା ଛାଡ଼ିଦିଅ; ମୁଁ ସକଳପ୍ରକାରେ ତୁମ କାର୍ଯ୍ୟରେ ସାହାଯ୍ୟ କରିବି ।'' ॥ ୫ ॥

**କହ ସୁଗ୍ରୀୱ ସୁନହୁ ରଘୁବୀରା । ବାଲି ମହାବଲ ଅତି ରନଧୀରା ॥**
**ଦୁଂଦୁଭି ଅସ୍ଥି ତାଲ ଦେଖରାଏ । ବିନୁ ପ୍ରୟାସ ରଘୁନାଥ ଢହାଏ ॥ ୬ ॥**

ସୁଗ୍ରୀବ କହିଲେ, ''ହେ ରଘୁବୀର ! ଶୁଣନ୍ତୁ, ବାଳି ହେଉଛନ୍ତି ଜଣେ ମହାବଳୀ ବୀର ଓ ବିରାଟ ଯୋଦ୍ଧା ।'' ତା'ପରେ ସେ ଶ୍ରୀରାମଙ୍କୁ [ପର୍ବତପରିମାଣରେ ଗଦା ହୋଇଥିବା] ଦୁନ୍ଦୁଭି ରାକ୍ଷସର ଅସ୍ଥି ଓ [ସପ୍ତ] ତାଳଗଛ ଦେଖାଇଲେ । ଶ୍ରୀରଘୁନାଥ ସେସବୁକୁ ଅକ୍ଳେଶରେ ଟାଳିଦେଲେ ॥ ୬ ॥

**ଦେଖି ଅମିତ ବଲ ବାଢ଼ୀ ପ୍ରୀତୀ । ବାଲି ବଧବ ଇନ୍ହ ଭଇ ପରତୀତୀ ॥**
**ବାର ବାର ନାୱଇ ପଦ ସୀସା । ପ୍ରଭୁହି ଜାନି ମନ ହରଷ କପୀସା ॥ ୭ ॥**

ଶ୍ରୀରାମଙ୍କର ଅପରିମିତ ବଳ ଦେଖି ସୁଗ୍ରୀବଙ୍କର ଶ୍ରଦ୍ଧା ବଢ଼ିଗଲା ଏବଂ ତାଙ୍କର ବିଶ୍ୱାସ ହୋଇଗଲା ଯେ, ସେ ବାଳିକୁ ନିଶ୍ଚୟ ବଧ କରିଦେବେ । ସେ ପ୍ରଭୁ ଶ୍ରୀରାମଙ୍କର ପ୍ରକୃତ ପରିଚୟ ପାଇଯାଇ ଅତ୍ୟନ୍ତ ହର୍ଷିତ ହେଲେ ଓ ତାଙ୍କ ଚରଣରେ ବାରମ୍ବାର ପ୍ରଣାମ କଲେ ॥ ୭ ॥

**ଉପଜା ଗ୍ୟାନ ବଚନ ତବ ବୋଲା । ନାଥ କୃପାଁ ମନ ଭୟଉ ଅଲୋଲା ॥**
**ସୁଖ ସଂପତି ପରିୱାର ବଡ଼ାଈ । ସବ ପରିହରି କରିହଉଁ ସେୱକାଈ ॥ ୮ ॥**

ଜ୍ଞାନ ଉପନ୍ନ ହେବାରୁ ସେ କହିଲେ, ''ହେ ନାଥ ! ଆପଣଙ୍କ କୃପାରୁ ବର୍ତ୍ତମାନ ମୋ ମନ ସ୍ଥିର ହୋଇଗଲା । ସୁଖ, ସମ୍ପତ୍ତି, ବଡ଼ିମା ଓ ପରିବାର—ସବୁକିଛି ତ୍ୟାଗ କରିଦେଇ ମୁଁ ଆପଣଙ୍କର ସେବାହିଁ କରିବି ॥ ୮ ॥

**ଏ ସବ ରାମଭଗତି କେ ବାଧକ । କହହିଁ ସଂତ ତୱ ପଦ ଅୱରାଧକ ॥**
**ସତ୍ରୁ ମିତ୍ର ସୁଖ ଦୁଖ ଜଗ ମାହୀଁ । ମାୟାକୃତ ପରମାରଥ ନାହୀଁ ॥ ୯ ॥**

କାରଣ ଆପଣଙ୍କର ଚରଣ ଆରାଧନା କରୁଥିବା ସନ୍ଥମାନେ କହନ୍ତି, ଏସବୁ ସୁଖ-ସମ୍ପତ୍ତି ଆଦି ହେଉଛି ରାମଭକ୍ତିରେ ବାଧକ । ଜଗତରେ ଯେତେ ବି ଶତ୍ରୁ-ମିତ୍ର ଓ ସୁଖ-ଦୁଃଖ ଆଦି ଦ୍ୱନ୍ଦ୍ୱ ରହିଛି, ସେସବୁ ମାୟାରଚିତ; ପରମାର୍ଥତଃ (ପ୍ରକୃତରେ) ସେସବୁର ଅସ୍ତିତ୍ୱ ନାହିଁ ॥ ୯ ॥

**ବାଲି ପରମ ହିତ ଜାସୁ ପ୍ରସାଦା । ମିଲେହୁ ରାମ ତୁମ୍ହ ସମନ ବିଷାଦା ॥**
**ସପନେଁ ଜେହି ସନ ହୋଇ ଲରାଈ । ଜାଗେଁ ସମୁଝତ ମନ ସକୁଚାଈ ॥୧୦॥**

ହେ ଶ୍ରୀରାମ ! ବାଳି ତ ମୋର ପରମ ହିତକାରୀ; ତାଙ୍କରି କୃପାରୁ ମୋତେ ଆପଣଙ୍କ ପରି ଶୋକନାଶକ ପ୍ରଭୁ ମିଳିଗଲେ । ଯଦି ତାଙ୍କ ସହିତ କେବେ ସ୍ୱପ୍ନରେ ବି ଯୁଦ୍ଧ ହୁଏ, ତେବେ ଜାଗ୍ରତ ହେଲେ ତାହା ମନେପଡ଼ି ଦୁଃଖ ଲାଗିବ [ଯେ, 'ସ୍ୱପ୍ନରେ ହେଲେ ବି ମୁଁ କାହିଁକି ତାଙ୍କ ସହିତ ଲଢ଼ିଲି !'] ॥ ୧୦ ॥

**ଅବ ପ୍ରଭୁ କୃପା କରହୁ ଏହି ଭାଁତୀ । ସବ ତଜି ଭଜନୁ କରୌଁ ଦିନ ରାତୀ ॥**
**ସୁନି ବିରାଗ ସଂଜୁତ କପି ବାନୀ । ବୋଲେ ବିହଁସି ରାମୁ ଧନୁପାନୀ ॥୧୧॥**

ହେ ପ୍ରଭୁ ! ବର୍ତ୍ତମାନ ଏପରି କୃପା କରନ୍ତୁ ଯେ, ମୁଁ ସବୁକିଛି ଛାଡ଼ିଦେଇ ଦିବାନିଶି କେବଳ ଆପଣଙ୍କ ଭଜନରେ ଲାଗିରହିବି ।'' ସୁଗ୍ରୀବଙ୍କର ବୈରାଗ୍ୟପୂର୍ଣ୍ଣ ବାଣୀ ଶୁଣି, (ତାଙ୍କର କ୍ଷଣିକ ବୈରାଗ୍ୟକୁ ଦେଖି) ଧନୁର୍ଦ୍ଧାରୀ ଶ୍ରୀରାମ ମୃଦୁ ମୃଦୁ ହସି କହିଲେ, ॥ ୧୧ ॥

**ଜୋ କଛୁ କହେହୁ ସତ୍ୟ ସବ ସୋଈ । ସଖା ବଚନ ମମ ମୃଷା ନ ହୋଈ ॥**
**ନଟ ମରକଟ ଇଵ୍ ସବହି ନଚାଵତ । ରାମୁ ଖଗେସ ବେଦ ଅସ ଗାଵତ ॥୧୨॥**

''ତୁମେ ଯାହାକିଛି କହିଲ, ତାହା ସତ୍ୟ । କିନ୍ତୁ ହେ ସଖା ! ମୋ ବାଣୀ ମିଥ୍ୟା ହେବ ନାହିଁ (ଅର୍ଥାତ୍ ବାଳିକୁ ମରାଯିବ ଏବଂ ତୁମକୁ ରାଜ୍ୟ ମିଳିବ) । [କାକଭୁଶୁଣ୍ଡି କହୁଛନ୍ତି,] ହେ ପକ୍ଷିରାଜ ଗରୁଡ଼ ! ମାଙ୍କଡ଼ିଆ ମାଙ୍କଡ଼କୁ ନଚାଇଲା ପରି, ଶ୍ରୀରାମ ସମସ୍ତଙ୍କୁ ନଚାନ୍ତି । ଏହା ହେଉଛି ବେଦର ବଚନ ॥ ୧୨ ॥

**ଲୈ ସୁଗ୍ରୀଵ୍ ସଂଗ ରଘୁନାଥା । ଚଲେ ଚାପ ସାୟକ ଗହି ହାଥା ॥**
**ତବ ରଘୁପତି ସୁଗ୍ରୀଵ୍ ପଠାଵା । ଗର୍ଜେସି ଜାଇ ନିକଟ ବଲ ପାଵା ॥୧୩॥**

ତା'ପରେ ସୁଗ୍ରୀବଙ୍କୁ ସାଥିରେ ନେଇ ଓ ହାତରେ ଧନୁର୍ବାଣ ଧରି ଶ୍ରୀରଘୁନାଥ କିଷ୍କିନ୍ଧା ଆଡ଼କୁ ଚାଲିଲେ । ସେ ସୁଗ୍ରୀବଙ୍କୁ ବାଳି ପାଖକୁ ପଠାଇଲେ । ଶ୍ରୀରାମଙ୍କ ବଳ ପାଇ ସୁଗ୍ରୀବ ବାଳିପାଖକୁ ଯାଇ ଗର୍ଜନ କଲେ ॥ ୧୩ ॥

**ସୁନତ ବାଲି କ୍ରୋଧାତୁର ଧାଵା । ଗହି କର ଚରନ ନାରି ସମୁଝାଵା ॥**
**ସୁନୁ ପତି ଜିନ୍ହହି ମିଲେଉ ସୁଗ୍ରୀଵା । ତେ ଦ୍ୱୌ ବଂଧୁ ତେଜ ବଲ ସୀଁଵା ॥୧୪॥**

ଗର୍ଜନତର୍ଜନ ଶୁଣି, ବାଳି କ୍ରୋଧଭର ହୋଇ ଧାଇଁଆସିଲା । ତା'ସ୍ତ୍ରୀ ତାରା ପାଦ ଧରି, ତାକୁ ବହୁତ ବୁଝାଇ କହିଲା, ''ହେ ନାଥ ! ଶୁଣନ୍ତୁ, ସୁଗ୍ରୀବ ଯାହାଙ୍କ ସହିତ ହାତ ମିଳାଇଛନ୍ତି, ସେହି ଦୁଇଭାଇ ହେଉଛନ୍ତି ତେଜ ଓ ବଳର ଶେଷସୀମା ॥ ୧୪ ॥

**କୋସଲେସ ସୁତ ଲଛିମନ ରାମା । କାଲହୁ ଜୀତି ସକହିଁ ସଂଗ୍ରାମା ॥୧୫॥**

ରାମ ଓ ଲକ୍ଷ୍ମଣ ହେଉଛନ୍ତି କୋଶଳାଧୀଶଙ୍କର ଦୁଇପୁତ୍ର । ସେମାନେ ଯୁଦ୍ଧରେ କାଳକୁ ବି ଜିଣି-ପାରିବେ ।'' ॥ ୧୫ ॥

ଦୋଃ- **କହ ବାଲୀ ସୁନୁ ଭୀରୁ ପ୍ରିୟ ସମଦରସୀ ରଘୁନାଥ ।**
**ଜୌଁ କଦାଚି ମୋହି ମାରହିଁ ତୌ ପୁନି ହୋଉଁ ସନାଥ ॥ ୭ ॥**

ବାଳି କହିଲା, ''ହେ ପ୍ରିୟେ ! ତୁମେ ଅତି ଭୟାଳୁ । ଶୁଣ, ଶ୍ରୀରଘୁନାଥ ହେଉଛନ୍ତି ସମଦର୍ଶୀ । ଯଦି ସେ ମୋତେ ମାରିଦିଅନ୍ତି, ତେବେ ମୁଁ ସନାଥ ହୋଇଯିବି (ପରମପଦ ପାଇଯିବି) ।'' ॥ ୭ ॥

**ଅସ କହି ଚଲା ମହା ଅଭିମାନୀ । ତୃନ ସମାନ ସୁଗ୍ରୀଵହି ଜାନୀ ॥**
**ଭିରେ ଉଭୌ ବାଲୀ ଅତି ତର୍ଜା । ମୁଠିକା ମାରି ମହାଧୁନି ଗର୍ଜା ॥ ୧ ॥**

ଏପରି କହି, ସେହି ମହାଭିମାନୀ ବାଳି ସୁଗ୍ରୀବଙ୍କୁ ତୃଣସମାନ ମଣି ଆଗକୁ ମାଡ଼ିଆସିଲା । ଦୁହେଁ ମୁହାଁମୁହିଁ ହୋଇଗଲେ । ବାଳି ସୁଗ୍ରୀବଙ୍କୁ ବହୁ ଧମକଚମକ ଦେଲା ଏବଂ ମୁଥ ମାରି, ଜୋରରେ ଗର୍ଜନ କଲା ॥ ୧ ॥

**ତବ ସୁଗ୍ରୀଵ୍ ବିକଲ ହୋଇ ଭାଗା । ମୁଷ୍ଟି ପ୍ରହାର ବଜ୍ର ସମ ଲାଗା ॥**
**ମୈଁ ଜୋ କହା ରଘୁବୀର କୃପାଲା । ବଂଧୁ ନ ହୋଇ ମୋର ୟହ କାଲା ॥ ୨ ॥**

ବଜ୍ର ପରି ମୁଥମାଡ଼ ଖାଇ, ସୁଗ୍ରୀବ ବ୍ୟାକୁଳ ହୋଇ ଶ୍ରୀରାମଙ୍କ ପାଖକୁ ଧାଇଁପଳାଇଆସିଲେ । [କହିଲେ,] ''ହେ କୃପାଳୁ ରଘୁବୀର ! ମୁଁ ଆପଣଙ୍କୁ ପ୍ରଥମରୁହିଁ କହିଥିଲି ଯେ, ବାଳି ମୋର ଭାଇ ନୁହେଁ; ସେ ମୋର କାଳ ।''॥ ୨ ॥

**ଏକରୂପ ତୁହ୍ମ ଭ୍ରାତା ଦୋଉ । ତେହି ଭ୍ରମ ତେଁ ନହିଁ ମାରେଉଁ ସୋଉ ॥**
**କର ପରସା ସୁଗ୍ରୀୱ ସରୀରା । ତନୁ ଭା କୁଲିସ ଗଈ ସବ ପୀରା ॥ ୩ ॥**

[ଶ୍ରୀରାମ କହିଲେ,] ‘‘ତୁମ ଦୁଇଭାଇଙ୍କ ରୂପ ଏକାପରି; କିଏ ବାଳି, କିଏ ସୁଗ୍ରୀବ, ଚିହ୍ନିହେଲା ନାହିଁ । ତେଣୁ ମୁଁ ବାଣ ମାରିଲି ନାହିଁ ।’’ ଏହା କହି ସେ ସୁଗ୍ରୀବଙ୍କ ଦେହକୁ ଟିକିଏ ଆଉଁସିଦେଲେ । ସେତିକିରେ ତାଙ୍କ ଦେହ ବଜ୍ର ପରି କଠିନ ହୋଇଗଲା ଓ ତାଙ୍କର ସକଳ ପୀଡ଼ା ଦୂର ହୋଇଗଲା ॥ ୩ ॥

**ମେଲୀ କଂଠ ସୁମନ କୈ ମାଲା । ପଠୱା ପୁନି ବଲ ଦେଇ ବିସାଲା ॥**
**ପୁନି ନାନା ବିଧି ଭଈ ଲରାଈ । ବିଟପ ଓଟ ଦେଖହିଁ ରଘୁରାଈ ॥ ୪ ॥**

ତା'ପରେ ଶ୍ରୀରାମ ସୁଗ୍ରୀବଙ୍କ ଗଳାରେ ଗୋଟିଏ ଫୁଲମାଳ ପିନ୍ଧାଇଦେଲେ ଏବଂ ତାଙ୍କ ଦେହରେ ପ୍ରବଳ ଶକ୍ତି ସଞ୍ଚାର କରାଇ ପୁଣିଥରେ ଯୁଦ୍ଧକୁ ପଠାଇଦେଲେ । ଦୁଇଭାଇଙ୍କ ମଧ୍ୟରେ ପୁଣିଥରେ ବିଭିନ୍ନପ୍ରକାର ଭୟାନକ ଯୁଦ୍ଧ ଲାଗିଗଲା । ଶ୍ରୀରଘୁନାଥ ଗଛ ଆଢୁଆଳରେ ରହି ଦୁହିଙ୍କ ଯୁଦ୍ଧ ଦେଖୁଥିଲେ ॥ ୪ ॥

ଦୋଃ- **ବହୁ ଛଲ ବଲ ସୁଗ୍ରୀୱ କର ହିୟଁ ହାରା ଭୟ ମାନି ।**
**ମାରା ବାଲି ରାମ ତବ ହୃଦୟ ମାଝ ସର ତାନି ॥ ୮ ॥**

ସୁଗ୍ରୀବ ବହୁପ୍ରକାର ଛଳବଳ ଦେଖାଇ ଲଢ଼ିଲେ, କିନ୍ତୁ ଶେଷରେ ସେ ଭୟଭୀତ ହୋଇଗଲେ; ତାଙ୍କର ମନୋବଳ ଭାଙ୍ଗିଗଲା । ଏହା ଦେଖି ଶ୍ରୀରାମ ଧନୁ ଧରି ବାଳିର ବକ୍ଷସ୍ଥଳକୁ ଏକ ତୀକ୍ଷ୍ଣ ଶର ମାରିଦେଲେ ॥ ୮ ॥

**ପରା ବିକଲ ମହି ସର କେ ଲାଗେଁ । ପୁନି ଉଠି ବୈଠ ଦେଖି ପ୍ରଭୁ ଆଗେଁ ॥**
**ସ୍ୟାମ ଗାତ ସିର ଜଟା ବନାଏଁ । ଅରୁନ ନୟନ ସର ଚାପ ଚଢ଼ାଏଁ ॥ ୧ ॥**

ଶରାଘାତରେ ବାଳି ବ୍ୟାକୁଳ ହୋଇ ତଳେ ପଡ଼ିଗଲା; କିନ୍ତୁ ସମ୍ମୁଖରେ ପ୍ରଭୁ ଶ୍ରୀରାମଙ୍କୁ ଦେଖି, ଉଠି ବସିପଡ଼ିଲା । ସେ ଦେଖିଲା, ଭଗବାନଙ୍କର ଶରୀର ଶ୍ୟାମଳ; ଶିରରେ ଜଟାମୁକୁଟ; ଅରୁଣତୁଲ୍ୟ ନୟନ; ହାତରେ ଧନୁର୍ବାଣ ॥ ୧ ॥

**ପୁନି ପୁନି ଚିତଇ ଚରନ ଚିତ ଦୀହ୍ନା । ସୁଫଲ ଜନ୍ମ ମାନା ପ୍ରଭୁ ଚୀହ୍ନା ॥**
**ହୃଦୟଁ ପ୍ରୀତି ମୁଖ ବଚନ କଠୋରା । ବୋଲା ଚିତଇ ରାମ କୀ ଓରା ॥ ୨ ॥**

ବାଳି ବାରମ୍ବାର ଭଗବାନଙ୍କ ଆଡ଼କୁ ଚାହିଁ ତାଙ୍କ ପାଦପଦ୍ମରେ ଚିତ୍ତ ନିବେଶ କଲା । ପ୍ରଭୁଙ୍କୁ ଚିହ୍ନିପାରି ସେ ନିଜର ଜନ୍ମକୁ ସଫଳ ମନେକଲା । ତା'ହୃଦୟରେ ପ୍ରୀତି ରହିଥିଲା; ତଥାପି ସେ ଶ୍ରୀରାମଙ୍କୁ ଚାହିଁ କଠୋର ବଚନ କହିଲା, ॥ ୨ ॥

**ଧର୍ମ ହେତୁ ଅୱତରେହୁ ଗୋସାଈଁ । ମାରେହୁ ମୋହି ବ୍ୟାଧ କୀ ନାଈଁ ॥**
**ମୈଁ ବୈରୀ ସୁଗ୍ରୀୱ ପିଆରା । ଅୱଗୁନ କୱନ ନାଥ ମୋହି ମାରା ॥ ୩ ॥**

‘‘ହେ ପ୍ରଭୁ ! ଆପଣ ଧର୍ମ ରକ୍ଷା କରିବାକୁ ଅବତାର ଗ୍ରହଣ କରିଛନ୍ତି; ଅଥଚ ଲୁଚିଛପି ମୋତେ ବ୍ୟାଧ ପରି ମାରିଦେଲେ ! ମୁଁ ଶତ୍ରୁ ହୋଇଗଲି ଏବଂ ସୁଗ୍ରୀବ ମିତ୍ର ହୋଇଗଲା ! ହେ ନାଥ ! ଆପଣ ମୋତେ କେଉଁ ଦୋଷରୁ ମାରିଲେ ?’’ ॥ ୩ ॥

**ଅନୁଜ ବଧୂ ଭଗିନୀ ସୁତ ନାରୀ । ସୁନୁ ସଠ କନ୍ୟା ସମ ଏ ଚାରୀ ॥**
**ଇନ୍ହହି କୁଦୃଷ୍ଟି ବିଲୋକଇ ଜୋଈ । ତାହି ବଧେଁ କଛୁ ପାପ ନ ହୋଈ ॥ ୪ ॥**

[ଶ୍ରୀରାମ କହିଲେ,] ''ରେ ମୂର୍ଖ ! ଶୁଣ; ସାନଭାଇର ସ୍ତ୍ରୀ, ଭଉଣୀ, ପୁତ୍ରବଧୂ ଏବଂ ଝିଅ–ଏ ଚାରିଜଣଯାକ ସମାନ । ଏମାନଙ୍କୁ ଯେ ପାପ ଦୃଷ୍ଟିରେ ଦେଖେ, ତାକୁ ମାରିଦେଲେ କୌଣସି ପାପ ଲାଗେନାହିଁ ॥ ୪ ॥

**ମୂଢ଼ ତୋହି ଅତିସୟ ଅଭିମାନା । ନାରି ସିଖାୱନ କରସି ନ କାନା ॥**
**ମମ ଭୁଜ ବଲ ଆଶ୍ରିତ ତେହି ଜାନୀ । ମାରା ଚହସି ଅଧମ ଅଭିମାନୀ ॥ ୫ ॥**

ରେ ମୂଢ଼ ! ତୁ ଅତିଗର୍ବୀ । ତୋ ସ୍ତ୍ରୀ ଏତେ କରି କହିଲେ ବି, ତୁ ସେଥିରେ କାନ ଦେଲୁନାହିଁ । ସୁଗ୍ରୀବ ମୋ ବାହୁବଳର ଆଶ୍ରିତ ବୋଲି ଜାଣି ମଧ୍ୟ, ରେ ଅଧମ ଅଭିମାନୀ ! ତୁ ତାକୁ ମାରିଦେବାକୁ ବସିଲୁ !'' ॥ ୫ ॥

ଦୋ:- **ସୁନହୁ ରାମ ସ୍ୱାମୀ ସନ ଚଲ ନ ଚାତୁରୀ ମୋରି ।**
**ପ୍ରଭୁ ଅଜହୂଁ ମୈଁ ପାପୀ ଅଂତକାଲ ଗତି ତୋରି ॥ ୯ ॥**

[ବାଳି କହିଲା,] ''ହେ ଶ୍ରୀରାମ ! ପ୍ରଭୁଙ୍କ (ଆପଣଙ୍କ) ଆଗରେ ମୋର ଚତୁରତା ଚଳିବ ନାହିଁ । କିନ୍ତୁ ହେ ପ୍ରଭୁ ! ଅନ୍ତକାଳରେ ଆପଣଙ୍କର ଗତି (ଶରଣ) ଲାଭ କରି ମଧ୍ୟ, ମୁଁ କଣ ଏବେ ବି ପାପୀ ହୋଇ ରହିଗଲି ?'' ॥ ୯ ॥

**ସୁନତ ରାମ ଅତି କୋମଲ ବାନୀ । ବାଲି ସୀସ ପରସେଉ ନିଜ ପାନୀ ॥**
**ଅଚଲ କରୌଁ ତନୁ ରାଖହୁ ପ୍ରାନା । ବାଲି କହା ସୁନୁ କୃପାନିଧାନା ॥ ୧ ॥**

ବାଳିର ଅତ୍ୟନ୍ତ କୋମଳ ବଚନ ଶୁଣି, ଶ୍ରୀରାମ ଯାଇ ତା ମୁଣ୍ଡ ଆଉଁସିଦେଲେ । [ଏବଂ କହିଲେ,] ''ମୁଁ ତୁମ ଶରୀରକୁ ଅଚଳ କରିଦେଉଛି; ତୁମେ ପ୍ରାଣ ଧରି ରହ ।'' ବାଳି କହିଲା, ''ହେ କୃପାନିଧାନ ! ଶୁଣନ୍ତୁ, ॥ ୧ ॥

**ଜନ୍ମ ଜନ୍ମ ମୁନି ଜତନୁ କରାହୀଁ । ଅଂତ ରାମ କହି ଆୱତ ନାହୀଁ ॥**
**ଜାସୁ ନାମ ବଲ ସଂକର କାସୀ । ଦେତ ସବହି ସମ ଗତି ଅବିନାସୀ ॥ ୨ ॥**
**ମମ ଲୋଚନ ଗୋଚର ସୋଇ ଆୱା । ବହୁରି କି ପ୍ରଭୁ ଅସ ବନିହି ବନାୱା ॥ ୩ ॥**

ମୁନିମାନେ ଜନ୍ମଜନ୍ମାନ୍ତରରୁ [ଅନେକପ୍ରକାର] ସାଧନା କରୁଥାନ୍ତି । ତଥାପି ଶେଷକାଳରେ ସେମାନେ 'ରାମ' ବୋଲି କହିପାରନ୍ତି ନାହିଁ (ସେମାନଙ୍କ ମୁଖରୁ ରାମନାମ ସ୍ଫୁରଣ ହେବା ଦୁର୍ଲଭ) । ଯାହାଙ୍କ ନାମବଳରେ ଭଗବାନ୍ ଶଙ୍କର କାଶୀରେ ସମସ୍ତଙ୍କୁ ସମାନରୂପରେ ଅବିନାଶିନୀ ଗତି (ମୁକ୍ତି) ପ୍ରଦାନ କରନ୍ତି, ସେହି ଶ୍ରୀରାମ ଆଜି ନିଜେ ମୋର ନେତ୍ର ସମ୍ମୁଖକୁ ଆସିଯାଇଛନ୍ତି ! ହେ ପ୍ରଭୋ ! ଏପରି ସଂଯୋଗ କଣ ଆଉ କେବେ ସମ୍ଭବ ହେବ ! ॥ ୨-୩ ॥

ଛନ୍ଦ- **ସୋ ନୟନ ଗୋଚର ଜାସୁ ଗୁନ ନିତ ନେତି କହି ଶ୍ରୁତି ଗାୱହୀଁ ।**
**ଜିତି ପୱନ ମନ ଗୋ ନିରସ କରି ମୁନି ଧ୍ୟାନ କବହୁଁକ ପାୱହୀଁ ॥**
**ମୋହି ଜାନି ଅତି ଅଭିମାନ ବସ ପ୍ରଭୁ କହେଉ ରାଖୁ ସରୀରହୀ ।**
**ଅସ କୱନ ସଠ ହଠି କାଟି ସୁରତରୁ ବାରି କରିହି ବବୂରହୀ ॥ ୧ ॥**

ଶ୍ରୁତିଗଣ 'ନେତି-ନେତି' କହି ନିରନ୍ତର ଯାହାଙ୍କର ଗୁଣ ଗାନ କରନ୍ତି ତଥା ପ୍ରାଣ ଓ ମନକୁ ଜୟ କରି, ଇନ୍ଦ୍ରିୟମାନଙ୍କୁ [ବିଷୟରସରୁ ସର୍ବଥା] ନିବୃତ୍ତ କରି ମୁନିମାନେ ଧ୍ୟାନକାଳରେ କେବେ କ୍ୱଚିତ୍ ଯାହାଙ୍କର ଝଲକମାତ୍ର ପାଇଥାନ୍ତି, ସାକ୍ଷାତ୍ ସେହି ପ୍ରଭୁ (ଆପଣ) ମୋ ସମ୍ମୁଖରେ ପ୍ରତ୍ୟକ୍ଷ ବିଦ୍ୟମାନ । ଆପଣ ମୋତେ ଅତ୍ୟନ୍ତ ଗର୍ବୀ ବୋଲି ଜାଣି କହୁଛନ୍ତି, ''ତୁମେ ଶରୀର (ପ୍ରାଣ) ଧରିରଖ ।'' କିନ୍ତୁ ଏପରି କେଉଁ ମୂର୍ଖ ଅଛି

ଯେ, ସେ ଜାଣିଶୁଣି କଳ୍ପବୃକ୍ଷ କାଟି, ତା'ରି ଡାଳରେ 'ବବୁଲଗଛ' ଗ୍ରିପଟେ ବାଡ଼ ବୁଜିବ ? (ଅର୍ଥାତ୍ ପୂର୍ଣ୍ଣକାମ କରିଦେଉଥିବା ଆପଣଙ୍କୁ ଛାଡ଼ି ଆପଣଙ୍କ ସାହାଯ୍ୟରେ ଏହି ନଶ୍ୱର ଶରୀରଟା କିଏ ଧରିରଖିବାକୁ ଗ୍ରହିଁବ ?) ॥ ୧ ॥

**ଅବ ନାଥ କରି କରୁନା ବିଲୋକହୁ ଦେହୁ ଜୋ ବର ମାଗଊଁ ।**
**ଜେହିଁ ଜୋନି ଜନ୍ମୌଁ କର୍ମ ବସ ତହଁ ରାମ ପଦ ଅନୁରାଗଊଁ ॥**
**ୟହ ତନୟ ମମ ସମ ବିନୟ ବଲ କଲ୍ୟାନପ୍ରଦ ପ୍ରଭୁ ଲୀଜିଐ ।**
**ଗହି ବାଁହ ସୁର ନର ନାହ ଆପନ ଦାସ ଅଂଗଦ କୀଜିଐ ॥ ୨ ॥**

ହେ ନାଥ । ଏଥର ମୋ ପ୍ରତି କୃପା କରି ମୁଁ ଯେଉଁ ବର ମାଗୁଛି, ତାହା ପ୍ରଦାନ କରନ୍ତୁ । କର୍ମବଶ ହୋଇ ମୁଁ ଯେକୌଣସି ଯୋନିରେ ଜନ୍ମ ନିଏ ନା କାହିଁକି, ଆପଣଙ୍କ ଚରଣରେ ମୋର ପ୍ରେମ ରହୁ । ହେ କଲ୍ୟାଣପ୍ରଦ ପ୍ରଭୁ ! ଏ ହେଉଛି ମୋ ପୁଅ ଅଙ୍ଗଦ । ବିନୟ ଓ ବଳରେ ଏ ମୋର ସମକକ୍ଷ । ଏହାକୁ ଗ୍ରହଣ କରନ୍ତୁ ଏବଂ ହେ ଦେବତା ଓ ମନୁଷ୍ୟମାନଙ୍କର ନାଥ ! ଏହାର ବାହୁ ଧରି, ନେଇ ନିଜର ଦାସ କରିରଖନ୍ତୁ ।''॥ ୨ ॥

ଦୋ:- **ରାମ ଚରନ ଦୃଢ଼ ପ୍ରୀତି କରି ବାଲି କୀହ୍ନ ତନୁ ତ୍ୟାଗ ।**
**ସୁମନ ମାଲ ଜିମି କଂଠ ତେ ଗିରତ ନ ଜାନଇ ନାଗ ॥ ୧୦ ॥**

ଏପରି ବର ମାଗିସାରି, ଗଳାରୁ ଫୁଲମାଳ ଛିଣ୍ଡି ତଳେ ପଡ଼ିଗଲେ ବି, ହାତୀ ଯେପରି ତାହା ଜାଣିପାରେ ନାହିଁ, ଶ୍ରୀରାମଙ୍କ ଚରଣରେ ଦୃଢ଼ ପ୍ରୀତି ରଖି ବାଲି ସେହିପରି ଅନାୟାସରେ ନିଜର ଦେହ ତ୍ୟାଗ କରିଦେଲା ॥ ୧୦ ॥

**ରାମ ବାଲି ନିଜ ଧାମ ପଠାୱା । ନଗର ଲୋଗ ସବ ବ୍ୟାକୁଲ ଧାୱା ॥**
**ନାନା ବିଧି ବିଲାପ କର ତାରା । ଛୂଟେ କେସ ନ ଦେହ ସଁଭାରା ॥ ୧ ॥**

ଶ୍ରୀରାମ ବାଳିକୁ ନିଜର ପରମଧାମକୁ ପଠାଇଦେଲେ । ନଗରର ସମସ୍ତେ ବ୍ୟାକୁଳ ହୋଇ ଧାଇଁଆସିଲେ । ବାଳିର ସ୍ତ୍ରୀ ତାରା ଅନେକପ୍ରକାରେ ବିଳାପ କରିବାକୁ ଲାଗିଲା । ତାହାର କେଶ ମୁକୁଳିଯାଇଥାଏ; ସେ ନିଜ ଦେହକୁ ସମ୍ଭାଳିପାରୁ ନ ଥାଏ ॥ ୧ ॥

**ତାରା ବିକଲ ଦେଖି ରଘୁରାୟା । ଦୀହ୍ନ ଗ୍ୟାନ ହରି ଲୀହ୍ନୀ ମାୟା ॥**
**ଛିତି ଜଲ ପାୱକ ଗଗନ ସମୀରା । ପଂଚ ରଚିତ ଅତି ଅଧମ ସରୀରା ॥ ୨ ॥**

ତାରାକୁ ବ୍ୟାକୁଳ ହେଉଥିବା ଦେଖି ଶ୍ରୀରଘୁନାଥ ତାକୁ ଜ୍ଞାନ ପ୍ରଦାନ କଲେ ଓ ତାର ଅଜ୍ଞାନ ହରଣ କରିନେଲେ । [ସେ କହିଲେ,] ''ପୃଥିବୀ, ଜଳ, ଅଗ୍ନି, ଆକାଶ, ବାୟୁ ନାମକ ପଞ୍ଚତତ୍ତ୍ୱରେ ଏହି ଅଧମ ଶରୀର ଗଠିତ ହୋଇଛି ॥ ୨ ॥

**ପ୍ରଗଟ ସୋ ତନୁ ତୱ ଆଗେଁ ସୋୱା । ଜୀୱ ନିତ୍ୟ କେହି ଲଗି ତୁହ୍ମ ରୋୱା ॥**
**ଉପଜା ଗ୍ୟାନ ଚରନ ତବ ଲାଗୀ । ଲୀହ୍ନେସି ପରମ ଭଗତି ବର ମାଗୀ ॥ ୩ ॥**

ସେହି ଶରୀର ତ ତୁମ ଆଖି ଆଗରେ ଏଠାରେ ପଡ଼ିରହିଛି ଏବଂ ଜୀବ ନିତ୍ୟ (ଜୀବ ତ ସର୍ବଦା ରହିଛି ) । ତା'ହେଲେ ତୁମେ କାନ୍ଦୁଛ କାହିଁକି ?'' ଭଗବାନଙ୍କ ବାଣୀ ଶୁଣି ତାରାର ଜ୍ଞାନ ଉଦୟ ହୋଇଗଲା । ସେ ଭଗବାନଙ୍କ ଚରଣ ତଳେ ପଡ଼ି ପରମଭକ୍ତି ମିଳୁ ବୋଲି ବର ମାଗିଲା ॥ ୩ ॥

**ଉମା ଦାରୁ ଜୋଷିତ କୀ ନାଈଁ । ସବହି ନଚାୱତ ରାମୁ ଗୋସାଈଁ ॥**
**ତବ ସୁଗ୍ରୀୱହି ଆୟସୁ ଦୀହ୍ନା । ମୃତକ କର୍ମ ବିଧିୱତ ସବ କୀହ୍ନା ॥ ୪ ॥**

[‘ଭଗବାନ୍ ଶିବ କହୁଛନ୍ତି,] ହେ ଉମା ! ପ୍ରଭୁ ଶ୍ରୀରାମ ସମସ୍ତଙ୍କୁ କାଠକଣ୍ଢେଇ ପରି ନଚାନ୍ତି । ତା’ପରେ ଶ୍ରୀରାମ ସୁଗ୍ରୀବଙ୍କୁ ଆଜ୍ଞା ଦେଲେ ଏବଂ ସୁଗ୍ରୀବ ବିଧିପୂର୍ବକ ବାଳିର ସବୁ ମୃତକକ୍ରିୟା କଲେ ॥ ୪ ॥

**ରାମ କହା ଅନୁଜହି ସମୁଝାଈ । ରାଜ ଦେହୁ ସୁଗ୍ରୀଵହି ଜାଈ ॥**
**ରଘୁପତି ଚରନ ନାଇ କରି ମାଥା । ଚଲେ ସକଲ ପ୍ରେରିତ ରଘୁନାଥା ॥ ୫ ॥**

ତା’ପରେ ଶ୍ରୀରାମ ଅନୁଜ ଲକ୍ଷ୍ମଣଙ୍କୁ ବୁଝାଇକହିଲେ, ‘‘ତୁମେ ଯାଇ ସୁଗ୍ରୀବଙ୍କୁ ରାଜ୍ୟ ଦେଇଆସ ।’’ ସମସ୍ତେ ଶ୍ରୀ ରଘୁନାଥଙ୍କ ଚରଣରେ ପ୍ରଣାମ କଲେ ଏବଂ ତାଙ୍କ ପ୍ରେରଣାରେ କିଷ୍କିନ୍ଧା ଚାଲିଲେ ॥ ୫ ॥

ଦୋ:- **ଲଛିମନ ତୁରତ ବୋଲାଏ ପୁରଜନ ବିପ୍ର ସମାଜ ।**
**ରାଜୁ ଦୀହ୍ନ ସୁଗ୍ରୀଵ କହଁ ଅଂଗଦ କହଁ ଜୁବରାଜ ॥ ୧୧ ॥**

କାଳ ବିଳମ୍ବ ନ କରି ଲକ୍ଷ୍ମଣ ସମସ୍ତ ନଗରବାସୀ ଓ ବ୍ରାହ୍ମଣମାନଙ୍କୁ ଡକାଇଆଣିଲେ ଏବଂ [ସେମାନଙ୍କ ସମକ୍ଷରେ] ସୁଗ୍ରୀବଙ୍କୁ ରାଜ୍ୟ ଦେଇ ଅଙ୍ଗଦଙ୍କୁ ଯୁବରାଜ କରିଦେଲେ ॥ ୧୧ ॥

**ଉମା ରାମ ସମ ହିତ ଜଗ ମାହୀଁ । ଗୁରୁ ପିତୁ ମାତୁ ବଂଧୁ ପ୍ରଭୁ ନାହୀଁ ॥**
**ସୁର ନର ମୁନି ସବ କୈ ୟହ ରୀତୀ । ସ୍ୱାରଥ ଲାଗି କରହିଁ ସବ ପ୍ରୀତୀ ॥ ୧ ॥**

ହେ ପାର୍ବତୀ ! ଜଗତରେ ଶ୍ରୀରାମଙ୍କ ପରି ହିତକାରୀ ଗୁରୁ, ପିତା, ମାତା, ବନ୍ଧୁ ଓ ସ୍ୱାମୀ ଅନ୍ୟ କେହି ବି ନାହିଁ । ଦେବତା, ମନୁଷ୍ୟ ଓ ମୁନି ସମସ୍ତେ ସ୍ୱାର୍ଥପାଇଁହିଁ ପ୍ରୀତି କରନ୍ତି; ଏହାହିଁ ସମସ୍ତଙ୍କର ରୀତି ॥ ୧ ॥

**ବାଲି ତ୍ରାସ ବ୍ୟାକୁଲ ଦିନ ରାତୀ । ତନ ବହୁ ବ୍ରନ ଚିଂତାଁ ଜର ଛାତୀ ॥**
**ସୋଇ ସୁଗ୍ରୀଵ କୀହ୍ନ କପିରାଊ । ଅତି କୃପାଲ ରଘୁବୀର ସୁଭାଊ ॥ ୨ ॥**

ଯେଉଁ ସୁଗ୍ରୀବ ଦିବାନିଶି ବାଳିଭୟରେ ବ୍ୟାକୁଳ ହୋଇରହୁଥିଲେ, ଯାହାଙ୍କ ଶରୀର ବାଳିର ଆଘାତରେ କ୍ଷତବିକ୍ଷତ ହୋଇଯାଇଥିଲା ଏବଂ ଯାହାଙ୍କ ହୃଦୟ ଦାରୁଣ ଚିନ୍ତାରେ ଜଳୁଥିଲା, ପ୍ରଭୁ ସେହି ସୁଗ୍ରୀବଙ୍କୁ ବାନରମାନଙ୍କର ରାଜା କରିଦେଲେ । ଶ୍ରୀରାମ ସତରେ ବଡ଼ କୃପାଳୁ ସ୍ୱଭାବର ପ୍ରଭୁ ॥ ୨ ॥

**ଜାନତହୂଁ ଅସ ପ୍ରଭୁ ପରିହରହୀଁ । କାହେ ନ ବିପତି ଜାଲ ନର ପରହୀଁ ॥**
**ପୁନି ସୁଗ୍ରୀଵହି ଲୀହ୍ନ ବୋଲାଈ । ବହୁ ପ୍ରକାର ନୃପନୀତି ସିଖାଈ ॥ ୩ ॥**

ଯେଉଁମାନେ ଜାଣୁ ଜାଣୁ ଏପରି ପ୍ରଭୁଙ୍କୁ ତ୍ୟାଗ କରିଦିଅନ୍ତି, ସେମାନେ କାହିଁକି ବା ବିପତ୍ତିଜାଲରେ ନ ପଡ଼ିବେ ! ତା’ପରେ ଶ୍ରୀରାମ ସୁଗ୍ରୀବଙ୍କୁ ଡକାଇଲେ ଏବଂ ତାଙ୍କୁ ବହୁପ୍ରକାରେ ରାଜନୀତି ଶିକ୍ଷା ଦେଲେ ॥ ୩ ॥

**କହ ପ୍ରଭୁ ସୁନୁ ସୁଗ୍ରୀଵ ହରୀସା । ପୁର ନ ଜାଉଁ ଦସ ଚାରି ବରୀସା ॥**
**ଗତ ଗ୍ରୀଷମ ବରଷା ରିତୁ ଆଈ । ରହିହଉଁ ନିକଟ ସୈଲ ପର ଛାଈ ॥ ୪ ॥**

ପ୍ରଭୁ କହିଲେ, ‘‘ହେ ବାନରପତି ସୁଗ୍ରୀବ ! ଶୁଣ; ମୁଁ ଚଉଦବର୍ଷ ପର୍ଯ୍ୟନ୍ତ କୌଣସି ନଗର (ଜନବସତି)କୁ ଯିବି ନାହିଁ । ଗ୍ରୀଷ୍ମଋତୁ ଯାଇ ବର୍ଷାଋତୁ ଆସିଗଲାଣି; ତେଣୁ ମୁଁ ଏହି ପାଖ ପର୍ବତରେହିଁ ବାସ କରିବି ॥ ୪ ॥

**ଅଂଗଦ ସହିତ କରହୁ ତୁହ୍ମ ରାଜୂ । ସଂତତ ହୃଦୟଁ ଧରେହୁ ମମ କାଜୂ ॥**
**ଜବ ସୁଗ୍ରୀଵ ଭଵନ ଫିରି ଆଏ । ରାମୁ ପ୍ରବରଷନ ଗିରି ପର ଛାଏ ॥ ୫ ॥**

ତୁମେ ଅଙ୍ଗଦ ସହିତ ରାଜ୍ୟ ଶାସନ କର; କିନ୍ତୁ ସର୍ବଦା ମୋ କାର୍ଯ୍ୟଟି (ସୀତାନ୍ୱେଷଣ) ମନେରଖିଥିବ ।’’ ସୁଗ୍ରୀବ ଫେରିଯିବା ପରେ ଶ୍ରୀରାମ ଯାଇ ପ୍ରବର୍ଷଣ ପର୍ବତରେ ବାସ କଲେ ॥ ୫ ॥

ଦୋଃ- **ପ୍ରଥମହିଁ ଦେଓ୍ୱନ୍ହ ଗିରି ଗୁହା ରାଖେଉ ରୁଚିର ବନାଇ ।**
**ରାମ କୃପାନିଧି କଛୁ ଦିନ ବାସ କରହିଁଗେ ଆଇ ॥ ୧୨ ॥**

ଦେବତାମାନେ ପୂର୍ବରୁହିଁ ସେହି ପର୍ବତର ଗୋଟିଏ ଗୁମ୍ଫା ସଜାଇ ରଖିଥିଲେ । ସେମାନେ ଆଶା କରିଥିଲେ ଯେ, କୃପାନିଧାନ ଶ୍ରୀରାମ ଆସି କିଛିଦିନ ସେଠାରେ ନିବାସ କରିବେ ॥ ୧୨ ॥

**ସୁଂଦର ବନ କୁସୁମିତ ଅତି ସୋଭା । ଗୁଂଜତ ମଧୁପ ନିକର ମଧୁ ଲୋଭା ॥**
**କଂଦ ମୂଲ ଫଲ ପତ୍ର ସୁହାଏ । ଭଏ ବହୁତ ଜବ ତେ ପ୍ରଭୁ ଆଏ ॥ ୧ ॥**

ସୁନ୍ଦର ବନଭୂମି କୁସୁମିତ ହୋଇ ଶୋଭା ପାଉଥାଏ । ଦଳ ଦଳ ଭ୍ରମର ମଧୁଲୋଭରେ ଗୁଞ୍ଜନ କରୁଥାନ୍ତି । ପ୍ରଭୁ ଯେଉଁଦିନୁ ସେଠାକୁ ଆସିଲେ, ସେହିଦିନୁ ବନଟି ସୁନ୍ଦର କନ୍ଦ, ମୂଳ, ଫଳ ଓ ପତ୍ରର ପ୍ରାଚୁର୍ଯ୍ୟରେ ପୂର୍ଣ୍ଣ ହୋଇଗଲା ॥ ୧ ॥

**ଦେଖି ମନୋହର ସୈଲ ଅନୂପା । ରହେ ତହଁ ଅନୁଜ ସହିତ ସୁରଭୂପା ॥**
**ମଧୁକର ଖଗ ମୃଗ ତନୁ ଧରି ଦେଓ୍ୱା । କରହିଁ ସିଦ୍ଧ ମୁନି ପ୍ରଭୁ କୈ ସେଓ୍ୱା ॥ ୨ ॥**

ସେହି ଅନୁପମ ଓ ମନୋହର ପର୍ବତକୁ ଦେଖି ଦେବତାମାନଙ୍କର ସମ୍ରାଟ ଶ୍ରୀରାମ ଅନୁଜ ସହିତ ସେଠାରେ ନିବାସ କଲେ । ଦେବତା, ସିଦ୍ଧ ଓ ମୁନିଗଣ ଭ୍ରମର, ପକ୍ଷୀ ଓ ପଶୁମାନଙ୍କର ରୂପ ଧରି କରି ପ୍ରଭୁଙ୍କ ସେବା କରିବାକୁ ଲାଗିଲେ ॥ ୨ ॥

**ମଂଗଲରୂପ ଭୟଉ ବନ ତବ ତେ । କୀନ୍ହ ନିଓ୍ୱାସ ରମାପତି ଜବ ତେ ॥**
**ଫଟିକ ସିଲା ଅତି ସୁଭ୍ର ସୁହାଈ । ସୁଖ ଆସୀନ ତହାଁ ଦ୍ୱୌ ଭାଈ ॥ ୩ ॥**

ରମାପତି ଶ୍ରୀରାମ ଆସି ସେଠାରେ ବାସ କରିବାଦିନୁ ବନଟି ମଙ୍ଗଳସ୍ୱରୂପ ହୋଇଗଲା । ସେଠାରେ ସୁନ୍ଦର ସ୍ଫଟିକମଣିର ଗୋଟିଏ ଅତ୍ୟନ୍ତ ଉଜ୍ଜ୍ୱଳ ଶିଳା ଥାଏ; ଦୁଇଭାଇ ଯାଇ ତା'ଉପରେ ଆନନ୍ଦରେ ବସନ୍ତି ॥ ୩ ॥

**କହତ ଅନୁଜ ସନ କଥା ଅନେକା । ଭଗତି ବିରତି ନୃପନୀତି ବିବେକା ॥**
**ବରଷା କାଲ ମେଘ ନଭ ଛାଏ । ଗରଜତ ଲାଗତ ପରମ ସୁହାଏ ॥ ୪ ॥**

ଶ୍ରୀରାମ ସାନଭାଇ ଲକ୍ଷ୍ମଣଙ୍କୁ ଭକ୍ତି, ବୈରାଗ୍ୟ, ରାଜନୀତି ଓ ଜ୍ଞାନ ସମ୍ବନ୍ଧୀୟ ଅନେକ କଥା କହୁଥାନ୍ତି । ବର୍ଷାକାଳରେ ଆକାଶକୁ ଘୋଡ଼ାଇରଖିଥିବା ମେଘ ଗର୍ଜନ କରିବାବେଳେ ବଡ଼ ରମଣୀୟ ଦିଶୁଥାଏ ॥ ୪ ॥

ଦୋଃ- **ଲଛିମନ ଦେଖୁ ମୋର ଗନ ନାଚତ ବାରିଦ ପେଖି ।**
**ଗୃହୀ ବିରତିରତ ହରଷ ଜସ ବିଷ୍ଣୁଭଗତ କହୁଁ ଦେଖି ॥ ୧୩ ॥**

[ସେହିସବୁ ଦୃଶ୍ୟ ଦେଖି ଶ୍ରୀରାମ କହୁଥାନ୍ତି–] ହେ ଲକ୍ଷ୍ମଣ ! ଦେଖ, ବୈରାଗ୍ୟରେ ଅନୁରକ୍ତ ଗୃହସ୍ଥମାନେ ଯେପରି ବିଷ୍ଣୁଭକ୍ତଙ୍କୁ ଦେଖିଲେ ଆନନ୍ଦିତ ହୁଅନ୍ତି, ଦଳ ଦଳ ମୟୂର ସେହିପରି ମେଘମାଳା ଦେଖି ନାଚୁଛନ୍ତି ॥ ୧୩ ॥

**ଘନ ଘମଂଡ ନଭ ଗରଜତ ଘୋରା । ପ୍ରିୟା ହୀନ ଡରପତ ମନ ମୋରା ॥**
**ଦାମିନି ଦମକ ରହ ନ ଘନ ମାହାଁ । ଖଲ କୈ ପ୍ରୀତି ଜଥା ଥିର ନାହାଁ ॥ ୧ ॥**

ମେଘମାନେ ଆସି ଆକାଶରେ ଏକତ୍ର ହୋଇ ଘୋର ଗର୍ଜନ କରୁଛନ୍ତି । ସୀତାବିହୀନ ହୋଇଯାଇଥିବାରୁ ମୋର ମନ ଡରିଯାଉଛି । ଦୁଷ୍ଟର ପ୍ରୀତି ଯେପରି ସ୍ଥିର ହୋଇ ରହେ ନାହିଁ, ବିଜୁଳିର ଚମକ ସେହିପରି ମେଘରେ ସ୍ଥିର ହୋଇ ରହୁନାହିଁ, ॥ ୧ ॥

**ବରଷହିଁ ଜଲଦ ଭୂମି ନିଅରାଏଁ । ଜଥା ନଵହିଁ ବୁଧ ବିଦ୍ୟା ପାଏଁ ॥**
**ବୂଁଦ ଅଘାତ ସହହିଁ ଗିରି କୈସେଁ । ଖଲ କେ ବଚନ ସଂତ ସହ ଜୈସେଁ ॥ ୨ ॥**

ବିଦ୍ୟା ଲାଭ କରି ବିଦ୍ୱାନ୍ ଯେପରି ନମ୍ର ହୋଇଯାନ୍ତି, ଜଳପୂର୍ଣ୍ଣ ମେଘ ସେହିପରି ପୃଥିବୀ ଆଡ଼କୁ ନଇଁଆସି ଜଳ ବର୍ଷା କରୁଛି । ସଜ୍ଜନ ଯେପରି ଦୁଷ୍ଟମାନଙ୍କ ବଚନ ସହ୍ୟ କରିଯାଆନ୍ତି, ପର୍ବତ ସେହିପରି ବର୍ଷାବିନ୍ଦୁର ଆଘାତ ସହିଯାଉଛି ॥ ୨ ॥

**ଛୁଦ୍ର ନଦୀଁ ଭରି ଚଲୀଁ ତୋରାଈ । ଜସ ଥୋରେହୁଁ ଧନ ଖଲ ଇତରାଈ ॥**
**ଭୂମି ପରତ ଭା ଢାବର ପାନୀ । ଜନୁ ଜୀଵହି ମାୟା ଲପଟାନୀ ॥ ୩ ॥**

ସାମାନ୍ୟ କିଛି ଧନ ପାଇଗଲେ ଦୁଷ୍ଟମାନେ ଯେପରି ଗର୍ବୀ ହୋଇ ମର୍ଯ୍ୟାଦା ଛାଡ଼ିଦିଅନ୍ତି, କିଛି ବର୍ଷାଜଳ ପାଇ ଛୋଟ ଛୋଟ ନଦୀମାନେ ସେହିପରି କୂଳ ଲଂଘି ଚାଲିଛନ୍ତି । ମାୟାରେ ଜଡ଼ିତ ହେଲେ ଜୀବ ଯେପରି ଦୂଷିତ ହୋଇଯାଏ, ମାଟିରେ ପଡ଼ିବାମାତ୍ରେ ବର୍ଷାଜଳ ସେହିପରି ଗୋଳିଆ ହୋଇଯାଉଛି ॥ ୩ ॥

**ସମିଟି ସମିଟି ଜଲ ଭରହିଁ ତଲାଵା । ଜିମି ସଦଗୁନ ସଜ୍ଜନ ପହିଁ ଆଵା ॥**
**ସରିତା ଜଲ ଜଲନିଧି ମହୁଁ ଜାଈ । ହୋଇ ଅଚଲ ଜିମି ଜିଵ ହରି ପାଈ ॥ ୪ ॥**

ଗୋଟିଏ ଗୋଟିଏ ହୋଇ ବିଭିନ୍ନ ସଦ୍‌ଗୁଣ ଯେପରି ସଜ୍ଜନଙ୍କ ନିକଟକୁ ଚାଲିଆସେ, ବର୍ଷାଜଳ ସେହିପରି ଏପଟୁ ସେପଟୁ ଆସି ସରୋବରରେ ପ୍ରବେଶ କରୁଛି । ଜୀବ ଯେପରି ଶ୍ରୀହରିଙ୍କୁ ଲାଭ କଲେ ସ୍ଥିର (ଜନ୍ମ-ମୃତ୍ୟୁଚକ୍ରରୁ ମୁକ୍ତ) ହୋଇଯାଏ, ନଦୀର ଜଳ ସେହିପରି ସମୁଦ୍ରକୁ ଯାଇ ସ୍ଥିର ହୋଇଯାଉଛି ॥ ୪ ॥

ଦୋଃ- **ହରିତ ଭୂମି ତୃନ ସଂକୁଲ ସମୁଝି ପରହିଁ ନହିଁ ପଂଥ ।**
**ଜିମି ପାଖଂଡ ବାଦ ତେଁ ଗୁପ୍ତ ହୋହିଁ ସଦଗ୍ରଂଥ ॥ ୧୪ ॥**

ପାଷଣ୍ଡମତର ପ୍ରଚାର ବଢ଼ିଗଲେ ସଦ୍‌ଗ୍ରନ୍ଥମାନେ ଯେପରି ଲୁପ୍ତ ହୋଇଯାଆନ୍ତି, ପୃଥିବୀ ଘାସରେ ପରିପୂର୍ଣ୍ଣ ହୋଇ ସବୁଜ ହୋଇଯାଇଥିବାରୁ ପଥ ସେହିପରି ଆଉ ଦେଖାଯାଉ ନାହିଁ ॥ ୧୪ ॥

**ଦାଦୁର ଧୁନି ଚହୁ ଦିସା ସୁହାଈ । ବେଦ ପଢ଼ହିଁ ଜନୁ ବଟୁ ସମୁଦାଈ ॥**
**ନଵ ପଲ୍ଲଵ ଭଏ ବିଟପ ଅନେକା । ସାଧକ ମନ ଜସ ମିଲେଁ ବିବେକା ॥ ୧ ॥**

ଚତୁର୍ଦିଗରେ ବେଙ୍ଗମାନେ ରଡ଼ୁଥିବାର ସୁନ୍ଦର ଧ୍ୱନି ଶୁଭୁଛି; ମନେହେଉଛି, ସତେ ଯେପରି ବିଦ୍ୟାର୍ଥୀମାନେ ବେଦ ପଢ଼ୁଛନ୍ତି । ସାଧକର ମନରେ ବିବେକ ଉଦୟ ହୋଇଗଲେ ତା'ର ମନ ଯେପରି ନିର୍ମଳ ହୋଇଯାଏ, ଅନେକ ବୃକ୍ଷରେ ନବପଲ୍ଲବ କଅଁଳିବାରୁ ସେସବୁ ସେହିପରି ଅତ୍ୟନ୍ତ ସବୁଜ, ସୁନ୍ଦର ଓ ସତେଜ ଦେଖାଯାଉଛି ॥ ୧ ॥

**ଅର୍କ ଜଵାସ ପାତ ବିନୁ ଭୟଉ । ଜସ ସୁରାଜ ଖଲ ଉଦ୍ୟମ ଗୟଉ ॥**
**ଖୋଜତ କତହୁଁ ମିଲଇ ନହିଁ ଧୂରୀ । କରଇ କ୍ରୋଧ ଜିମି ଧରମହି ଦୂରୀ ॥ ୨ ॥**

ସୁଶାସିତ ରାଜ୍ୟରେ ଦୁଷ୍ଟମାନଙ୍କର ଅପଚେଷ୍ଟା ଯେପରି ନଷ୍ଟ ହୋଇଯାଏ, ଅରଖ ଓ ଜବାସ ଗଛମାନଙ୍କରୁ ସେହିପରି ପତ୍ର ଝଡ଼ିପଡ଼ିଛି । ଖୋଜିଲେ ବି କେଉଁଠି ଧୂଳି ଟିକିଏ ମିଳୁନାହିଁ । କ୍ରୋଧ ଯେପରି ଧର୍ମକୁ ଦୂର କରିଦିଏ, (ଅର୍ଥାତ୍ କ୍ରୋଧାବିଷ୍ଟ ହୋଇଗଲେ, ମନୁଷ୍ୟର ଯେପରି ଆଉ ଧର୍ମଜ୍ଞାନ ରହେ ନାହିଁ ।) ବର୍ଷା ସେହିପରି ଧୂଳିକୁ ଦୂର କରିଦେଇଛି ॥ ୨ ॥

**ସସି ସଂପନ୍ନ ସୋହ ମହି କୈସୀ । ଉପକାରୀ କୈ ସଂପତି ଜୈସୀ ॥**
**ନିସି ତମ ଘନ ଖଦ୍ୟୋତ ବିରାଜା । ଜନୁ ଦଂଭିହ୍ନ କର ମିଲା ସମାଜା ॥ ୩ ॥**

ଉପକାରୀ ପୁରୁଷଙ୍କର ସମ୍ପତ୍ତି ଯେପରି ସୁଶୋଭିତ ହୋଇଥାଏ, ଶସ୍ୟସମ୍ପନ୍ନା ହୋଇ ଧରଣୀ ସେହିପରି ସୁଶୋଭିତ ହେଉଛି । ରାତ୍ରିର ଘନ ଅନ୍ଧକାରରେ ଜୁଳୁଜୁଳିଆ ପୋକଗୁଡ଼ିକ ଏପରି ଶୋଭା ପାଉଛନ୍ତି ଯେ, ଦେଖିଲେ ଲାଗୁଛି ଦାମ୍ଭିକମାନେ ଏକଜୁଟ ହୋଇଛନ୍ତି କି !॥ ୩ ॥

**ମହାବୃଷ୍ଟି ଚଲି ଫୁଟି କିଆରୀଁ । ଜିମି ସୁତଂତ୍ର ଭଏଁ ବିଗରହିଁ ନାରୀଁ ॥**
**କୃଷୀ ନିରାଵହିଁ ଚତୁର କିସାନା । ଜିମି ବୁଧ ତଜହିଁ ମୋହ ମଦ ମାନା ॥ ୪ ॥**

ଅତି ସ୍ୱତନ୍ତ୍ର ହୋଇଗଲେ ସ୍ତ୍ରୀମାନେ ଯେପରି ଭ୍ରଷ୍ଟା ହୋଇଯାଆନ୍ତି, ଭୀଷଣ ବର୍ଷା ହେବାରୁ କିଆରିର ପାଣି ସେହିପରି ହିଡ଼ ଭାଙ୍ଗି ବୋହିଯାଉଛି । ବିଦ୍ୱାନ୍ ଲୋକେ ଯେପରି ନିଜ ଭିତରୁ ମୋହ, ମଦ ଓ ମାନ ତ୍ୟାଗ କରିଦିଅନ୍ତି, ବୁଦ୍ଧିମାନ୍ କୃଷକମାନେ ସେହିପରି କିଆରିରୁ ଅନାବନା ଗଛ ଉପାଡ଼ି ଫୋପାଡ଼ି ଦେଉଛନ୍ତି ॥ ୪ ॥

**ଦେଖିଅତ ଚକ୍ରବାକ ଖଗ ନାହୀଁ । କଲିହି ପାଇ ଜିମି ଧର୍ମ ପରାହୀଁ ॥**
**ଊଷର ବରଷଇ ତୃନ ନହିଁ ଜାମା । ଜିମି ହରିଜନ ହିୟଁ ଉପଜ ନ କାମା ॥ ୫ ॥**

କଳିଯୁଗ ମାଡ଼ିଆସିଲେ ଧର୍ମ ଯେପରି ଛାଡ଼ିପଳାଏ, ବର୍ଷାକାଳ ଆସିଯିବାରୁ ସେହିପରି ଚକ୍ରବାକ ପକ୍ଷୀ ଆଉ ଦେଖାଯାଉନାହାନ୍ତି । ହରିଭକ୍ତଙ୍କ ହୃଦୟରେ ଯେପରି କାମକ୍ରୋଧ ଉପନ୍ନ ହୁଏ ନାହିଁ, ଊଷର ଭୂମିରେ ସେହିପରି ବର୍ଷା ହେଉଥିଲେ ମଧ୍ୟ ଘାସଟିଏ ବି ଜଅଁଳୁନାହିଁ ॥ ୫ ॥

**ବିବିଧ ଜଂତୁ ସଂକୁଲ ମହି ଭ୍ରାଜା । ପ୍ରଜା ବାଢ଼ ଜିମି ପାଇ ସୁରାଜା ॥**
**ଜହଁ ତହଁ ରହେ ପଥିକ ଥକି ନାନା । ଜିମି ଇଂଦ୍ରିୟ ଗନ ଉପଜେଁ ଗ୍ୟାନା ॥ ୬ ॥**

ଉତ୍ତମ ରାଜ୍ୟ ପାଇ ଯେପରି ପ୍ରଜାକୁଳର ବୃଦ୍ଧି ଘଟେ, ଏହି ବର୍ଷାଋତୁରେ ଜଳ ପାଇ ପୃଥିବୀପୃଷ୍ଠ ସେହିପରି ନାନାପ୍ରକାର ଜୀବଜନ୍ତୁରେ ପୂର୍ଣ୍ଣ ହୋଇ ଶୋଭା ପାଉଛି । ଦିବ୍ୟଜ୍ଞାନ ଉଦୟ ହୋଇଗଲେ ଇନ୍ଦ୍ରିୟମାନେ ଯେପରି ବିଷୟରୁ ନିବୃତ୍ତ ହୋଇଯାଆନ୍ତି, ପଥିକମାନେ ସେହିପରି କ୍ଲାନ୍ତ ହୋଇ ସ୍ଥାନେ ସ୍ଥାନେ ଅଟକି ରହିଛନ୍ତି ॥ ୬ ॥

ଦୋଃ- **କବହୁଁ ପ୍ରବଲ ବହ ମାରୁତ ଜହଁ ତହଁ ମେଘ ବିଲାହିଁ ।**
**ଜିମି କପୂତ କେ ଉପଜେଁ କୁଲ ସଦ୍ଧର୍ମ ନସାହିଁ ॥୧୫(କ)॥**

କୁପୁତ୍ର ଜନ୍ମ ହେଲେ ଯେପରି କୁଳର ଉତ୍ତମ ଧର୍ମ (ଶ୍ରେଷ୍ଠ ଆଚରଣ) ନଷ୍ଟ ହୋଇଯାଏ, ବେଳେ ବେଳେ ଜୋରରେ ପବନ ବହି ସେହିପରି ମେଘମାନଙ୍କୁ ଉଡ଼ାଇନେଉଥିବାରୁ ଆକାଶରେ ଆଉ ମେଘ ଦେଖାଯାଉନାହିଁ ॥ ୧୫ (କ) ॥

**କବହୁଁ ଦିଵସ ମହଁ ନିବିଡ଼ ତମ କବହୁଁକ ପ୍ରଗଟ ପତଂଗ ।**
**ବିନସଇ ଉପଜଇ ଗ୍ୟାନ ଜିମି ପାଇ କୁସଂଗ ସୁସଂଗ ॥୧୫(ଖ)॥**

କୁସଙ୍ଗ କଲେ ଯେପରି ଜ୍ଞାନ ନଷ୍ଟ ହୋଇଯାଏ ଓ ସୁସଙ୍ଗରୁ ଯେପରି ଜ୍ଞାନ ଉଦୟ ହୋଇଥାଏ, ମେଘ ହେତୁ ସେହିପରି କେବେ କେବେ ଦିନବେଳେ ବି ଅନ୍ଧକାର ଘୋଟିଯାଉଛି ଓ କେବେ କିମିତି ସୂର୍ଯ୍ୟ ଦେଖାଯାଉଛନ୍ତି ॥ ୧୫(ଖ) ॥

**ବରଷା ବିଗତ ସରଦ ରିତୁ ଆଈ । ଲଛିମନ ଦେଖହୁ ପରମ ସୁହାଈ ॥**
**ଫୂଲେଁ କାସ ସକଲ ମହି ଛାଈ । ଜନୁ ବରଷାଁ କୃତ ପ୍ରଗଟ ବୁଢ଼ାଈ ॥ ୧ ॥**

ହେ ଲକ୍ଷ୍ମଣ ! ଦେଖ, ବର୍ଷାଋତୁ ଅତିବାହିତ ହୋଇ ପରମସୁନ୍ଦର ଶରତଋତୁ ଆସିଗଲା । କାଶତଣ୍ଡୀ ଫୁଲରେ ପୃଥିବୀ ଏବେ ଆଚ୍ଛାଦିତ ହୋଇଯାଇଛି; ଦେଖିଲେ ମନେହେଉଛି, ସତେ ଯେପରି ବର୍ଷାଋତୁ [କାଶତଣ୍ଡୀ ଫୁଲରୂପୀ ପାଚିଲାବାଳ ଦ୍ୱାରା] ନିଜର ବାର୍ଦ୍ଧକ୍ୟ ପ୍ରକାଶ କରୁଛି ॥ ୧ ॥

**ଉଦିତ ଅଗସ୍ତି ପଂଥ ଜଲ ସୋଷା । ଜିମି ଲୋଭହି ସୋଷଇ ସଂତୋଷା ॥**
**ସରିତା ସର ନିର୍ମଲ ଜଲ ସୋହା । ସଂତ ହୃଦୟ ଜସ ଗତ ମଦ ମୋହା ॥ ୨ ॥**

ସନ୍ତୋଷ ଯେପରି ଲୋଭକୁ ଶୋଷିନିଏ, ଅଗସ୍ତ୍ୟ ନକ୍ଷତ୍ର ଉଦିତ ହୋଇ ସେହିପରି ମାର୍ଗର ଜଳକୁ ଶୋଷିନେଲାଣି । ନଦୀ ଓ ପୁଷ୍କରିଣୀର ଜଳ ମଦମୋହଶୂନ୍ୟ ସନ୍ଥମାନଙ୍କର ହୃଦୟ ପରି ନିର୍ମଳ ହୋଇ ଶୋଭା ପାଉଛି ॥ ୨ ॥

**ରସ ରସ ସୂଖ ସରିତ ସର ପାନୀ । ମମତା ତ୍ୟାଗ କରହିଁ ଜିମି ଗ୍ୟାନୀ ॥**
**ଜାନି ସରଦ ରିତୁ ଖଂଜନ ଆଏ । ପାଇ ସମୟ ଜିମି ସୁକୃତ ସୁହାଏ ॥ ୩ ॥**

ଜ୍ଞାନୀ (ବିବେକୀ) ପୁରୁଷମାନେ ଯେପରି ମମତ୍ୱ ତ୍ୟାଗ କରିଦିଅନ୍ତି, ନଦୀ ଓ ସରୋବରର ଜଳ ସେହିପରି ଧୀରେ ଧୀରେ ଶୁଖିଆସିଲାଣି । ଅବସର ମିଳିଗଲେ ପୁଣ୍ୟ ପ୍ରକଟ ହୋଇଯିବା ପରି, ଶରତ ଋତୁ ଆସିଯିବାର ଜାଣି ଖଞ୍ଜନ ପକ୍ଷୀମାନେ ଆସିଗଲେଣି ॥ ୩ ॥

**ପଂକ ନ ରେନୁ ସୋହ ଅସି ଧରନୀ । ନୀତି ନିପୁନ ନୃପ କୈ ଜସି କରନୀ ॥**
**ଜଲ ସଂକୋଚ ବିକଲ ଭଇଁ ମୀନା । ଅବୁଧ କୁଟୁଂବୀ ଜିମି ଧନହୀନା ॥ ୪ ॥**

ବର୍ତ୍ତମାନ ଆଉ କାଦୁଅ ନାହିଁ, କି ଧୂଳି ନାହିଁ । ଏହା ଫଳରେ ଧରଣୀ ନିର୍ମଳ ହୋଇ ନୀତିନିପୁଣ ରାଜାଙ୍କ କୃତିତ୍ୱ ପରି ଶୋଭା ପାଉଛି । ଅବିବେକ ଗୃହସ୍ଥ ଯେପରି ଧନ ଅଭାବ ହେଲେ ବିକଳ ହୁଏ, ଜଳ କମିଯିବାରୁ ମାଛମାନେ ସେହିପରି ବିକଳ ହେଉଛନ୍ତି ॥ ୪ ॥

**ବିନୁ ଘନ ନିର୍ମଲ ସୋହ ଅକାସା । ହରିଜନ ଇଵ ପରିହରି ସବ ଆସା ॥**
**କହୁଁ କହୁଁ ବୃଷ୍ଟି ସାରଦୀ ଥୋରୀ । କୋଉ ଏକ ପାଵ ଭଗତି ଜିମି ମୋରୀ ॥ ୫ ॥**

ଭଗବାନଙ୍କ ଭକ୍ତ ଯେପରି ସକଳ ଆଶା ତ୍ୟାଗ କରିଦେଇ ସୁଶୋଭିତ ହୁଅନ୍ତି, ଶରତ ଆକାଶ ସେହିପରି ବିନାମେଘରେ ଶୋଭା ପାଉଛି । କ୍ୱଚିତ୍ କେହି ଜଣେଅଧେ ଯେପରି ମୋର ଭକ୍ତି ଲାଭ କରନ୍ତି, ଏହି ଶରତଋତୁରେ ସେହିପରି ଅଳ୍ପ କେତୋଟି ସ୍ଥାନରେହିଁ ବର୍ଷା ହେଉଛି ॥ ୫ ॥

ଦୋ:- **ଚଲେ ହରଷି ତଜି ନଗର ନୃପ ତାପସ ବନିକ ଭିଖାରି ।**
**ଜିମି ହରିଭଗତି ପାଇ ଶ୍ରମ ତଜହିଁ ଆଶ୍ରମୀ ଚ୍ୟାରି ॥ ୧୬ ॥**

ହରିଭକ୍ତି ଲାଭ କରି ଚ୍ୟାରି ଆଶ୍ରମର ଲୋକେ ଯେପରି ନାନାପ୍ରକାର ସାଧନାରୂପୀ ଶ୍ରମ ତ୍ୟାଗ କରିଦିଅନ୍ତି, ଶରତଋତୁ ଆସିଯିବାରୁ ରାଜା, ତପସ୍ୱୀ, ବ୍ୟବସାୟୀ ଓ ଭିକ୍ଷୁକ [ଯଥାକ୍ରମେ ବିଜୟ, ତପ, ବ୍ୟବସାୟ ଓ ଭିକ୍ଷା ନିମନ୍ତେ] ସେହିପରି ଆନନ୍ଦିତ ହୋଇ ନଗର ଛାଡ଼ି ବାହାରକୁ ବାହାରିଲେଣି ॥ ୧୬ ॥

**ସୁଖୀ ମୀନ ଜେ ନୀର ଅଗାଧା । ଜିମି ହରି ସରନ ନ ଏକଉ ବାଧା ॥**
**ଫୂଲେଁ କମଲ ସୋହ ସର କୈସା । ନିର୍ଗୁନ ବ୍ରହ୍ମ ସଗୁନ ଭଏଁ ଜୈସା ॥ ୧ ॥**

ଶ୍ରୀହରିଙ୍କର ଶରଣାପନ୍ନ ହୋଇଯିବା ପରେ ଜୀବପାଇଁ ଯେପରି ଆଉ କୌଣସି ଦୁଃଖ କଷ୍ଟ ରହେ ନାହିଁ, ଅଗାଧ ଜଳରେ ରହିଥିବା ମାଛମାନେ ସେହିପରି ସୁଖରେ ଅଛନ୍ତି । ନିର୍ଗୁଣ ବ୍ରହ୍ମ ସଗୁଣରୂପ ଧାରଣ କରି ଯେପରି ଶୋଭା ପାଆନ୍ତି, ପଦ୍ମ ପ୍ରସ୍ଫୁଟିତ ହୋଇଯିବାରୁ ସରୋବର ସେହିପରି ଶୋଭିତ ହେଉଛି ॥ ୧ ॥

**ଗୁଂଜତ ମଧୁକର ମୁଖର ଅନୂପା । ସୁଂଦର ଖଗ ରବ ନାନା ରୂପା ॥**
**ଚକ୍ରବାକ ମନ ଦୁଖ ନିସି ପେଖୀ । ଜିମି ଦୁର୍ଜନ ପର ସଂପତି ଦେଖୀ ॥ ୨ ॥**

ଭ୍ରମରମାନେ ଅନୁପମ ଶବ୍ଦ କରି ଗୁଣୁଗୁଣୁ ହେଉଛନ୍ତି ତଥା ପକ୍ଷୀମାନେ ବିଭିନ୍ନପ୍ରକାରେ କଳରବ କରୁଛନ୍ତି । ଅନ୍ୟର ସମ୍ପତ୍ତି ଦେଖିଲେ ଯେପରି ଦୁର୍ଜନ ମନରେ ଦୁଃଖୀ ହୁଏ, ରାତ୍ରି ଦେଖି ଚକ୍ରବାକ ମନରେ ସେହିପରି ଦୁଃଖୀ ହେଉଛି ॥ ୨ ॥

**ଚାତକ ରଟତ ତୃଷା ଅତି ଓହୀ । ଜିମି ସୁଖ ଲହଇ ନ ସଂକରଦ୍ରୋହୀ ॥**
**ସରଦାତପ ନିସି ସସି ଅପହରଈ । ସଂତ ଦରସ ଜିମି ପାତକ ଟରଈ ॥ ୩ ॥**

ଶିବଦ୍ରୋହୀ ଯେପରି କେବେ ବି ସୁଖ ନ ପାଇ ସୁଖପାଇଁ ତୃଷିତ ହେଉଥାଏ, ଚାତକ ସେହିପରି ଅତ୍ୟନ୍ତ ତୃଷିତ ହୋଇ ରାବ ଛାଡୁଛି । ସନ୍ଥଙ୍କ ଦର୍ଶନରେ ଯେପରି ପାପ ଦୂର ହୋଇଯାଏ, ଶରତ-ଚନ୍ଦ୍ରମା ସେହିପରି ରାତି ସମୟରେ ଶରତଋତୁର ସକଳ ତାପ ହରଣ କରିନେଉଛି ॥ ୩ ॥

**ଦେଖି ଇଂଦୁ ଚକୋର ସମୁଦାଈ । ଚିତୱହିଁ ଜିମି ହରିଜନ ହରି ପାଈ ॥**
**ମସକ ଦଂସ ବୀତେ ହିମ ତ୍ରାସା । ଜିମି ଦ୍ୱିଜ ଦ୍ରୋହ କିଏଁ କୁଲ ନାସା ॥ ୪ ॥**

ଭଗବାନଙ୍କୁ ପାଇଗଲେ ଭଗବଦ୍‌ଭକ୍ତ ଯେପରି ତାଙ୍କୁ ନିର୍ନିମେଷ ନୟନରେ ଦର୍ଶନ କରନ୍ତି, ଶରତ୍‌-ଚନ୍ଦ୍ରକୁ ଦେଖି ଚକୋରମାନେ ସେହିପରି ଅପଲକ ନୟନରେ ଚାହିଁରହିଛନ୍ତି । ବ୍ରାହ୍ମଣମାନଙ୍କ ସହିତ ଶତ୍ରୁତା କଲେ ଯେପରି କୁଳନାଶ ହୋଇଯାଏ, ଶୀତଡରରେ ସେହିପରି ମଶା ଓ ଡାଆଁଶମାନେ ନାଶ ହୋଇଗଲେଣି ॥ ୪ ॥

ଦୋଃ- **ଭୂମି ଜୀୱ ସଂକୁଲ ରହେ ଗଏ ସରଦ ରିତୁ ପାଇ ।**
**ସଦଗୁର ମିଲେଂ ଜାହିଁ ଜିମି ସଂସୟ ଭ୍ରମ ସମୁଦାଇ ॥ ୧୭ ॥**

ସଦ୍‌ଗୁରୁ ମିଳିଗଲେ ଯେପରି ସନ୍ଦେହ ଓ ଭ୍ରମସମୂହ ସମୂଳେ ନଷ୍ଟ ହୋଇଯାଏ, [ବର୍ଷାଋତୁ ହେତୁ] ପୃଥିବୀରେ ଯେଉଁ ବିଭିନ୍ନ ଜୀବ (କୀଟ ଓ କୃମି) ଭରିଯାଇଥିଲେ, ଶରତଋତୁ ଆସିଯିବାରୁ ସେମାନେ ସେହିପରି ନଷ୍ଟ ହୋଇଗଲେଣି ॥ ୧୭ ॥

**ବରଷା ଗତ ନିର୍ମଲ ରିତୁ ଆଈ । ସୁଧି ନ ତାତ ସୀତା କୈ ପାଈ ॥**
**ଏକ ବାର କୈସେହୁଁ ସୁଧି ଜାନୌଁ । କାଲହୁ ଜୀତି ନିମିଷ ମହୁଁ ଆନୌଁ ॥ ୧ ॥**

ବର୍ଷାଋତୁ ବିତିଗଲା । ନିର୍ମଳ ଶରତଋତୁ ଆସିଗଲା । କିନ୍ତୁ ହେ ଭାଇ ! ସୀତାଙ୍କର କୌଣସି ସନ୍ଧାନ ମିଳିଲା ନାହିଁ । ଯଦି କୌଣସିପ୍ରକାରେ ଟିକିଏ ସନ୍ଧାନ ପାଇଯିବି, ତେବେ କାଳକୁ ବି ଜୟ କରି କ୍ଷଣକ ମଧ୍ୟରେ ଯାଇ ମୁଁ ସୀତାଙ୍କୁ ନେଇଆସିବି ॥ ୧ ॥

**କତହୁଁ ରହଉ ଜୌଁ ଜୀୱତି ହୋଈ । ତାତ ଜତନ କରି ଆନଉଁ ସୋଈ ॥**
**ସୁଗ୍ରୀୱହୁଁ ସୁଧି ମୋରି ବିସାରୀ । ପାୱା ରାଜ କୋସ ପୁର ନାରୀ ॥ ୨ ॥**

ସେ ଯେକୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି, ଯଦି ଜୀବିତ ଥିବେ, ମୁଁ ଯତ୍ନ କରି ତାଙ୍କୁ ଅବଶ୍ୟ

ନେଇଆସିବି । ସୁଗ୍ରୀବ ରାଜ୍ୟ, ରାଜକୋଷ, ନଗର ଓ ସ୍ତ୍ରୀ ପାଇଗଲା; ତେଣୁ ସେ ବି ମୋ କାର୍ଯ୍ୟ ଭୁଲିଗଲା ॥ ୨ ॥

**ଜେହିଁ ସାୟକ ମାରା ମୈଁ ବାଲୀ । ତେହିଁ ସର ହତୌଁ ମୂଢ଼ କହଁ କାଲୀ ॥**
**ଜାସୁ କୃପାଁ ଛୂଟହିଁ ମଦ ମୋହା । ତା କହୁଁ ଉମା କି ସପନେହୁଁ କୋହା ॥ ୩ ॥**

ମୁଁ ଯେଉଁ ଶରରେ ବାଳିକୁ ମାରିଥିଲି, କାଲି ଯାଇ ସେହି ଶରରେ ସେହି ମୂଢ଼କୁ ମାରିଦେବି । [ଭଗବାନ୍ ଶିବ କହୁଛନ୍ତି,] ହେ ଉମା ! ଯାହାଙ୍କ କୃପାରେ ମଦମୋହ ନଷ୍ଟ ହୋଇଯାଏ, ସେ କ'ଣ ସ୍ୱପ୍ନରେ ବି କ୍ରୋଧବଶ ହୋଇପାରନ୍ତି ? [ଏସବୁ ତାଙ୍କର ଲୀଳାମାତ୍ର] ॥ ୩ ॥

**ଜାନହିଁ ୟହ ଚରିତ୍ର ମୁନି ଗ୍ୟାନୀ । ଜିନ୍ହ ରଘୁବୀର ଚରନ ରତି ମାନୀ ॥**
**ଲଛିମନ କ୍ରୋଧୱଂତ ପ୍ରଭୁ ଜାନା । ଧନୁଷ ଚଢ଼ାଇ ଗହେ କର ବାନା ॥ ୪ ॥**

ଯେଉଁ ଜ୍ଞାନୀ ମୁନିମାନେ ଶ୍ରୀରଘୁନାଥଙ୍କ ଚରଣରେ ପ୍ରୀତି ଲଗାଇଦେଇଛନ୍ତି, ସେହିମାନେହିଁ ଏହି ଚରିତ (ଲୀଳାରହସ୍ୟ) ବୁଝିପାରନ୍ତି । ପ୍ରଭୁ କ୍ରୋଧାନ୍ୱିତ ହୋଇଗଲେଣି ଜାଣି ଲକ୍ଷ୍ମଣ ଧନୁରେ ଗୁଣ ଚଢ଼ାଇ ହାତରେ ଶର ଧରିପକାଇଲେ ॥ ୪ ॥

ଦୋଃ- **ତବ ଅନୁଜହି ସମୁଝାୱା ରଘୁପତି କରୁନା ସୀଁୱ ।**
**ଭୟ ଦେଖାଇ ଲୈ ଆୱହୁ ତାତ ସଖା ସୁଗ୍ରୀୱ ॥ ୧୮ ॥**

ସେତେବେଳେ ଅସୀମ ଦୟାଳୁ ଶ୍ରୀରଘୁନାଥ ଅନୁଜ ଲକ୍ଷ୍ମଣଙ୍କୁ ବୁଝାଇ କହିଲେ, "ଆରେ ବାବୁ ! ସୁଗ୍ରୀବ ହେଉଛନ୍ତି ମୋର ସଖା । ତାଙ୍କୁ କେବଳ ଭୟ ଦେଖାଇ ଏଠାକୁ ନେଇଆସିବୁ; [ମାରଧର କରିବୁ ନାହିଁ ।]" ॥ ୧୮ ॥

**ଇହାଁ ପୱନସୁତ ହୃଦୟଁ ବିଚାରା । ରାମ କାଜୁ ସୁଗ୍ରୀୱଁ ବିସାରା ॥**
**ନିକଟ ଜାଇ ଚରନନ୍ହି ସିରୁ ନାୱା । ଚାରିହୁ ବିଧି ତେହି କହି ସମୁଝାୱା ॥ ୧ ॥**

ଏପଟେ କିଷ୍କିନ୍ଧା ନଗରୀରେ ପବନକୁମାର ହନୁମାନ୍ ଦେଖିଲେ ଯେ, ସୁଗ୍ରୀବ ଶ୍ରୀରାମଙ୍କ କାର୍ଯ୍ୟ ବିଷୟ ଭୁଲିଗଲେଣି । ତେଣୁ ସେ ସୁଗ୍ରୀବଙ୍କ ନିକଟକୁ ଯାଇ ନତମସ୍ତକ ହେଲେ ଓ ତାଙ୍କୁ ସାମ, ଦାନ, ଦଣ୍ଡ, ଭେଦ ଚାରିପ୍ରକାର ନୀତି ବୁଝାଇଦେଲେ ॥ ୧ ॥

**ସୁନି ସୁଗ୍ରୀୱଁ ପରମ ଭୟ ମାନା । ବିଷୟଁ ମୋର ହରି ଲୀନ୍ହେଉ ଗ୍ୟାନା ॥**
**ଅବ ମାରୁତସୁତ ଦୂତ ସମୂହା । ପଠୱହୁ ଜହଁ ତହଁ ବାନର ଜୂହା ॥ ୨ ॥**

ହନୁମାନଙ୍କ କଥା ଶୁଣି ସୁଗ୍ରୀବ ଭୀଷଣ ଡରିଗଲେ । କହିଲେ, "ବିଷୟବାସନା ମୋର ଜ୍ଞାନ ହରଣ କରିନେଲା । ହେ ହନୁମାନ୍ ! ଯେଉଁସବୁ ସ୍ଥାନରେ ବାନରଦଳମାନେ ଅଛନ୍ତି, ସେଠାକୁ ଦୂତମାନଙ୍କୁ ପଠାଅ ॥ ୨ ॥

**କହହୁ ପାଖ ମହୁଁ ଆୱ ନ ଜୋଈ । ମୋରେଂ କର ତା କର ବଧ ହୋଈ ॥**
**ତବ ହନୁମଂତ ବୋଲାଏ ଦୂତା । ସବ କର କରି ସନମାନ ବହୂତା ॥ ୩ ॥**
**ଭୟ ଅରୁ ପ୍ରୀତି ନୀତି ଦେଖରାଈ । ଚଲେ ସକଲ ଚରନନ୍ହି ସିର ନାଈ ॥**
**ଏହି ଅୱସର ଲଛିମନ ପୁର ଆଏ । କ୍ରୋଧ ଦେଖି ଜହଁ ତହଁ କପି ଧାଏ ॥ ୪ ॥**

ଏବଂ ଖବର ଦେଇଦିଅ ଯେ, ଗୋଟିଏ ପକ୍ଷ(ପନ୍ଦର ଦିନ)ଭିତରେ ଯେ ଆସି ଏଠାରେ ଉପସ୍ଥିତ ନ

ହେବ, ସେ ମୋ ହାତରେ ବଧ ହେବ । ଏହା ଶୁଣି ହନୁମାନ୍ ଦୂତମାନଙ୍କୁ ଡକାଇଲେ ଓ ସମସ୍ତଙ୍କୁ ବହୁ ସମ୍ମାନ ଦେବା ସହିତ ଭୟ, ପ୍ରୀତି ଓ ନୀତି ଦେଖାଇ ସେମାନଙ୍କର କର୍ତ୍ତବ୍ୟ ବୁଝାଇଲେ । ସବୁବାନର ନତମସ୍ତକ ହୋଇ କର୍ତ୍ତବ୍ୟପଥରେ ଚ୍ଚଲିଲେ । ଏତିକିବେଳେ ଲକ୍ଷ୍ମଣ ଆସି ନଗରରେ ପହଞ୍ଚିଗଲେ । ତାଙ୍କର କ୍ରୋଧ ଦେଖି ବାନରମାନେ ଏଣେତେଣେ ଧାଇଁପଳାଇଗଲେ ॥ ୪ ॥

ଦୋ:- **ଧନୁଷ ଚଢ଼ାଇ କହା ତବ ଜାରି କରଉଁ ପୁର ଛାର ।**
**ବ୍ୟାକୁଲ ନଗର ଦେଖି ତବ ଆୟଉ ବାଲିକୁମାର ॥ ୧୯ ॥**

ଲକ୍ଷ୍ମଣ ଧନୁରେ ବାଣ ଚଢ଼ାଇ କହିଲେ, ''ମୁଁ ଏହି ନଗରଟାକୁ ଜାଳିପୋଡ଼ି ଛାରଖାର କରିଦେବି ।'' ଏହା ଶୁଣି ନଗରସାରା ଲୋକେ ଭୟରେ ଥରହର ହେଲେ । ଏହା ଦେଖି ବାଳିପୁତ୍ର ଅଙ୍ଗଦ ତାଙ୍କ ପାଖକୁ ଆସିଲେ ॥ ୧୯ ॥

**ଚରନ ନାଇ ସିରୁ ବିନତୀ କୀହ୍ନୀ । ଲଛିମନ ଅଭୟ ବାଁହ ତେହି ଦୀହ୍ନୀ ॥**
**କ୍ରୋଧଵଂତ ଲଛିମନ ସୁନି କାନା । କହ କପୀସ ଅତି ଭୟଁ ଅକୁଲାନା ॥ ୧ ॥**

ତାଙ୍କ ଚରଣରେ ମସ୍ତକ ଲଗାଇ ଅଙ୍ଗଦ କ୍ଷମାପ୍ରାର୍ଥନା କଲେ । ଅଙ୍ଗଦଙ୍କ ଭାବ ଦେଖି ଲକ୍ଷ୍ମଣ ଅଭୟବାହୁ ତୋଳିଦେଲେ (ବାହୁ ଟେକି 'ଭୟ କର ନାହିଁ' ବୋଲି କହିଲେ) । ଲକ୍ଷ୍ମଣଙ୍କର କ୍ରୋଧଭରାବାଣୀ ଶୁଣି, ସୁଗ୍ରୀବ ଅତ୍ୟନ୍ତ ଭୟାକୁଳ ହୋଇ କହିଲେ, ॥ ୧ ॥

**ସୁନୁ ହନୁମଂତ ସଂଗ ଲୈ ତାରା । କରି ବିନତୀ ସମୁଝାଉ କୁମାରା ॥**
**ତାରା ସହିତ ଜାଇ ହନୁମାନା । ଚରନ ବଂଦି ପ୍ରଭୁ ସୁଜସ ବଖାନା ॥ ୨ ॥**

''ହେ ହନୁମାନ୍ ! ଶୁଣ; ତୁମେ ତାରାଙ୍କୁ ସାଥିରେ ନେଇ ରାଜକୁମାରଙ୍କ ନିକଟକୁ ଯାଅ ଓ ତାଙ୍କୁ ବିନତି କରି ବୁଝାଇସୁଝାଇ ଶାନ୍ତ କର ।'' ହନୁମାନ୍ ତାରାଙ୍କ ସହିତ ଯାଇ ଲକ୍ଷ୍ମଣଙ୍କ ଚରଣ ବନ୍ଦନା କଲେ ଏବଂ ପ୍ରଭୁଙ୍କର ସୁନ୍ଦର ଯଶ ଗାନ କଲେ ॥ ୨ ॥

**କରି ବିନତୀ ମଂଦିର ଲୈ ଆଏ । ଚରନ ପଖାରି ପଲଁଗ ବୈଠାଏ ॥**
**ତବ କପୀସ ଚରନହ୍ନି ସିରୁ ନାୱା । ଗହି ଭୁଜ ଲଛିମନ କଂଠ ଲଗାୱା ॥ ୩ ॥**

ସେ ବିନୟପୂର୍ବକ ତାଙ୍କୁ ରାଜପ୍ରାସାଦକୁ ପାଛୋଟିଆଣିଲେ ଓ ପାଦପ୍ରକ୍ଷାଳନ କରି ପଲଙ୍କରେ ବସାଇଲେ । ତା'ପରେ ବାନରରାଜ ସୁଗ୍ରୀବ ଆସି ତାଙ୍କ ଚରଣରେ ପ୍ରଣାମ କଲେ । ଲକ୍ଷ୍ମଣ ତାଙ୍କ ହାତ ଧରି ତାଙ୍କୁ ଆଲିଙ୍ଗନ କଲେ ॥ ୩ ॥

**ନାଥ ବିଷୟ ସମ ମଦ କଛୁ ନାହୀଁ । ମୁନି ମନ ମୋହ କରଇ ଛନ ମାହୀଁ ॥**
**ସୁନତ ବିନୀତ ବଚନ ସୁଖ ପାୱା । ଲଛିମନ ତେହି ବହୁ ବିଧି ସମୁଝାୱା ॥ ୪ ॥**

[ସୁଗ୍ରୀବ କହିଲେ,] ''ହେ ନାଥ ! ବିଷୟ ପରି ମଦ ଆଉ କିଛି ନାହିଁ । ବିଷୟ ମୁନିମାନଙ୍କ ମନରେ ମଧ୍ୟ କ୍ଷଣକ ମଧ୍ୟରେ ମୋହ ଉତ୍ପନ୍ନ କରିଦିଏ । ମୁଁ ତ ସାଧାରଣ ବିଷୟୀ ଜୀବଟାଏମାତ୍ର ।'' ସୁଗ୍ରୀବଙ୍କର ବିନୟବଚନ ଶୁଣି ଲକ୍ଷ୍ମଣ ସନ୍ତୁଷ୍ଟ ହେଲେ ଏବଂ ତାଙ୍କୁ ବହୁପ୍ରକାରେ ସାନ୍ତ୍ୱନା ଦେଲେ ॥ ୪ ॥

**ପୱନ ତନୟ ସବ କଥା ସୁନାଈ । ଜେହି ବିଧି ଗଏ ଦୂତ ସମୁଦାଈ ॥ ୫ ॥**

ଦୂତମାନଙ୍କୁ କିପରି ଚତୁର୍ଦିଗକୁ ପଠାଯାଇଛି, ପବନସୁତ ହନୁମାନ୍ ତାହା [ଲକ୍ଷ୍ମଣଙ୍କୁ] ବୁଝାଇ କହିଲେ ॥ ୫ ॥

ଦୋଃ- **ହରଷି ଚଲେ ସୁଗ୍ରୀଓ୍ୱ ତବ ଅଂଗଦାଦି କପି ସାଥ ।**
**ରାମାନୁଜ ଆଗେଁ କରି ଆଏ ଜହଁ ରଘୁନାଥ ॥ ୨୦ ॥**

ତା'ପରେ ରାମାନୁଜ ଲକ୍ଷ୍ମଣଙ୍କୁ ଆଗରେ ରଖି ଏବଂ ଅଙ୍ଗଦ ଆଦି ବାନରମାନଙ୍କୁ ସଙ୍ଗରେ ଧରି ସୁଗ୍ରୀବ ଆନନ୍ଦରେ ସେହି ସ୍ଥାନକୁ ଚାଲିଲେ, ଯେଉଁଠାରେ କି ଶ୍ରୀରଘୁନାଥ ରହୁଥିଲେ ॥ ୨୦ ॥

**ନାଇ ଚରନ ସିରୁ କହ କର ଜୋରୀ । ନାଥ ମୋହି କଛୁ ନାହିନ ଖୋରୀ ॥**
**ଅତିସୟ ପ୍ରବଲ ଦେଓ୍ୱ ତଓ୍ୱ ମାୟା । ଛୂଟଇ ରାମ କରହୁ ଜୌଁ ଦାୟା ॥ ୧ ॥**

ଶ୍ରୀରଘୁନାଥଙ୍କ ଚରଣରେ ନତମସ୍ତକ ହୋଇ ପ୍ରଣାମ କରିବା ପରେ, ଯୋଡ଼ହସ୍ତ ହୋଇ ସୁଗ୍ରୀବ କହିଲେ, "ହେ ନାଥ ! ମୋର କୌଣସି ଦୋଷ ନାହିଁ । ଆପଣଙ୍କର ମାୟା ବଡ଼ ପ୍ରବଳ । ହେ ଶ୍ରୀରାମ ! ଆପଣଙ୍କ ଦୟା ହେଲେହିଁ ମାୟା ଦୂର ହୁଏ ॥ ୧ ॥

**ବିଷୟ ବସ୍ୟ ସୁର ନର ମୁନି ସ୍ୱାମୀ । ମୈଁ ପାଓ୍ୱଁର ପସୁ କପି ଅତି କାମୀ ॥**
**ନାରି ନୟନ ସର ଜାହି ନ ଲାଗା । ଘୋର କ୍ରୋଧ ତମ ନିସି ଜୋ ଜାଗା ॥ ୨ ॥**
**ଲୋଭ ପାଁସ ଜେହିଁ ଗର ନ ବଁଧାୟା । ସୋ ନର ତୁମ୍ହ ସମାନ ରଘୁରାୟା ॥**
**ୟହ ଗୁନ ସାଧନ ତେଁ ନହିଁ ହୋଈ । ତୁମ୍ହରୀ କୃପାଁ ପାଓ୍ୱ କୋଇ କୋଈ ॥ ୩ ॥**

ହେ ସ୍ୱାମୀ ! କି ଦେବତା, କି ମନୁଷ୍ୟ, କି ମୁନି–ସମସ୍ତେ ବିଷୟର ବଶ । ମୁଁ ପାମର ତ ସାମାନ୍ୟ ପଶୁଟାଏ । ପଶୁଙ୍କ ଭିତରେ ବି ଅତ୍ୟନ୍ତ କାମୁକ ବାନରଟାଏ । ଯେ ସ୍ତ୍ରୀର ନୟନବାଣରେ କାମାନ୍ଧ ହୁଏ ନାହିଁ, ଯେ ଭୟଙ୍କର କ୍ରୋଧରୂପୀ ଅନ୍ଧାର ରାତିରେ ଜାଗ୍ରତ ରହେ ଅର୍ଥାତ୍ ଭୟଙ୍କର କ୍ରୋଧ ଆସିଲେ ବି କ୍ରୋଧାନ୍ଧ ହୁଏ ନାହିଁ, ଏବଂ ଯେ ଲୋଭର ଫାଶରେ ନିଜ ଗଳାକୁ ବନ୍ଧାଏ ନାହିଁ, ହେ ରଘୁନାଥ ! ସେହି ମନୁଷ୍ୟ ହେଉଛି ଆପଣଙ୍କ ସମାନ । ଏହି ଗୁଣଗୁଡ଼ିକ ସାଧନାବଳରେ ମିଳେ ନାହିଁ; କେବଳ ଆପଣଙ୍କ କୃପା ହେଲେହିଁ କ୍ୱଚିତ୍ କେହି କେହି ଏହା ପାଇଥାନ୍ତି ॥ ୨-୩ ॥

**ତବ ରଘୁପତି ବୋଲେ ମୁସୁକାଈ । ତୁମ୍ହ ପ୍ରିୟ ମୋହି ଭରତ ଜିମି ଭାଈ ॥**
**ଅବ ସୋଇ ଜତନୁ କରହୁ ମନ ଲାଈ । ଜେହି ବିଧି ସୀତା କୈ ସୁଧି ପାଈ ॥ ୪ ॥**

ଏହା ଶୁଣି ମୃଦୁ ମୃଦୁ ହସି ଶ୍ରୀରଘୁନାଥ କହିଲେ, "ହେ ଭାଇ ! ତୁମେ ହେଉଛ ମୋର ଭରତ ପରି ପ୍ରିୟ । ଏଥର ମନ ଲଗାଇ ସେହି ଉପାୟ କର, ଯାହାଦ୍ୱାରା ସୀତାଙ୍କର ସନ୍ଧାନ ମିଳିପାରିବ ।" ॥ ୪ ॥

ଦୋଃ- **ଏହି ବିଧି ହୋତ ବତକହୀ ଆଏ ବାନର ଜୂଥ ।**
**ନାନା ବରନ ସକଲ ଦିସି ଦେଖିଅ କୀସ ବରୂଥ ॥ ୨୧ ॥**

ଏପରି କଥାବାର୍ତ୍ତା ଚାଲିଥିବାବେଳେ ବାନର ଯୂଥ ଆସି ପହଞ୍ଚିଗଲେ । ଯେଣେ ଚାହିଁବ ତେଣେ, ନାନା ରଙ୍ଗର ଦଳ ଦଳ ବାନର ଆସୁଥିବାର ଦେଖାଗଲା ॥ ୨୧ ॥

**ବାନର କଟକ ଉମା ମୈଁ ଦେଖା । ସୋ ମୂରୁଖ ଜୋ କରନ ଚହ ଲେଖା ॥**
**ଆଇ ରାମ ପଦ ନାଓ୍ୱହିଁ ମାଥା । ନିରଖି ବଦନୁ ସବ ହୋହିଁ ସନାଥା ॥ ୧ ॥**

[ଶିବ କହୁଛନ୍ତି,] ହେ ଉମା ! ସେହି ବାନରସେନାକୁ ମୁଁ ଦେଖିଥିଲି । ସେହି ବାନରମାନଙ୍କୁ ଯଦି କେହି ଗଣିବାକୁ ବସିବ, ଜାଣ, ସେ ଏକ ମହାମୂର୍ଖ (ଅର୍ଥାତ୍ ଅସଂଖ୍ୟ ବାନର ଥିଲେ) । ପ୍ରତ୍ୟେକ ବାନର ଆସି

ଶ୍ରୀରାମଙ୍କ ଚରଣରେ ନତମସ୍ତକ ହୋଇ ପ୍ରଣାମ କରୁଥାନ୍ତି ଏବଂ [ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟନିଧି] ପ୍ରଭୁଙ୍କ ଶ୍ରୀମୁଖକୁ ଦର୍ଶନ କରି କୃତାର୍ଥ ହେଉଥାନ୍ତି ॥ ୧ ॥

**ଅସ କପି ଏକ ନ ସେନା ମାହୀଁ । ରାମ କୁସଲ ଜେହି ପୂଛୀ ନାହୀଁ ॥**
**ୟହ କଛୁ ନହିଁ ପ୍ରଭୁ କଇ ଅଧିକାଈ । ବିସ୍ୱରୂପ ବ୍ୟାପକ ରଘୁରାଈ ॥ ୨ ॥**

ସେହି ସେନାରେ ଏପରି କେହି ଜଣେ ହେଲେ ବାନର ନ ଥିଲା, ଯାହାକୁ କି ଶ୍ରୀରାମ କୁଶଳପ୍ରଶ୍ନ ପଚ୍ଚାରି ନ ଥିଲେ । ଶ୍ରୀରାମଙ୍କ ପକ୍ଷରେ ଏହା କୌଣସି ବଡ଼ କଥା ନ ଥିଲା; କାରଣ ଶ୍ରୀରଘୁନାଥ ହେଉଛନ୍ତି ବିଶ୍ୱରୂପ ତଥା ସର୍ବବ୍ୟାପକ (ସେ ସର୍ବରୂପ ଓ ସର୍ବତ୍ର ବିଦ୍ୟମାନ ।) ॥ ୨ ॥

**ଠାଢ଼େ ଜହଁ ତହଁ ଆୟସୁ ପାଈ । କହ ସୁଗ୍ରୀୱ ସବହି ସମୁଝାଈ ॥**
**ରାମ କାଜୁ ଅରୁ ମୋର ନିହୋରା । ବାନର ଜୂଥ ଜାହୁ ଚହୁଁ ଓରା ॥ ୩ ॥**

ସୁଗ୍ରୀବଙ୍କ ଆଜ୍ଞା ପାଇ ଯେ ଯେଉଁଠି ଥିଲା, ସେ ସେଇଠି ଠିଆ ହୋଇଗଲା । ସମସ୍ତଙ୍କୁ ବୁଝାଇଦେଇ ସୁଗ୍ରୀବ କହିଲେ, "ହେ ବାନରଗଣ ! ଏହା ହେଉଛି ଶ୍ରୀରାମଙ୍କ କାର୍ଯ୍ୟ । ତେଣୁ ମୋର ଅନୁରୋଧ, ତୁମେ ଚତୁର୍ଦିଗକୁ ଯାଅ ॥ ୩ ॥

**ଜନକସୁତା କହୁଁ ଖୋଜହୁ ଜାଈ । ମାସ ଦିୱସ ମହଁ ଆଏହୁ ଭାଈ ॥**
**ଅୱଧି ମେଟି ଜୋ ବିନୁ ସୁଧି ପାଏଁ । ଆୱଇ ବନିହି ସୋ ମୋହି ମରାଏଁ ॥ ୪ ॥**

ଏବଂ ଜାନକୀଙ୍କୁ ଖୋଜ । ହେ ଭାଇମାନେ ! ମାସକ ଭିତରେ ଅବଶ୍ୟ ଫେରିଆସିବ । ଯେ ମାସେକାଳ କଟାଇବା ପରେ ବି ସୀତାଙ୍କ ସମାଚ୍ଚାର ନ ନେଇ ଫେରିଆସିବ, ତାକୁ ନିଶ୍ଚୟ ମୋ ହାତରେ ମରିବାକୁ ପଡ଼ିବ ।" ॥ ୪ ॥

ଦୋ:- **ବଚନ ସୁନତ ସବ ବାନର ଜହଁ ତହଁ ଚଲେ ତୁରଂତ ।**
**ତବ ସୁଗ୍ରୀୱଁ ବୋଲାଏ ଅଂଗଦ ନଲ ହନୁମଂତ ॥ ୨୨ ॥**


ସୁଗ୍ରୀବଙ୍କ ବଚନ ଶୁଣିଦେବାକ୍ଷଣି ବାନରମାନେ ବିଭିନ୍ନ ଦିଗକୁ ଯିବାକୁ ବାହାରିପଡ଼ିଲେ । ତା'ପରେ ଅଙ୍ଗଦ, ନଳ, ହନୁମାନ୍ ପ୍ରଭୃତି ପ୍ରଧାନ ପ୍ରଧାନ ଯୋଦ୍ଧାମାନଙ୍କୁ ଡକାଇ ସୁଗ୍ରୀବ କହିଲେ: ॥ ୨୨ ॥

**ସୁନହୁ ନୀଲ ଅଂଗଦ ହନୁମାନା । ଜାମୱଂତ ମତିଧୀର ସୁଜାନା ॥**
**ସକଲ ସୁଭଟ ମିଲି ଦଚ୍ଛିନ ଜାହୂ । ସୀତା ସୁଧି ପୂଁଛେହୁ ସବ କାହୂ ॥ ୧ ॥**

ହେ ନୀଳ, ଅଙ୍ଗଦ, ଜାମ୍ବବାନ୍ ଓ ହନୁମାନ୍ ! ତୁମେମାନେ ଧୀରବୁଦ୍ଧି ଓ ଚତୁର । ତୁମେସବୁ ଶ୍ରେଷ୍ଠ ଯୋଦ୍ଧା ମିଶି ଦକ୍ଷିଣ ଦିଗକୁ ଯାଅ । ସେ ଦିଗର ସମସ୍ତଙ୍କୁ ସୀତାଙ୍କ ସମାଚ୍ଚାର ପଚ୍ଚାରି ବୁଝ ॥ ୧ ॥

**ମନ କ୍ରମ ବଚନ ସୋ ଜତନ ବିଚାରେହୁ । ରାମଚଂଦ୍ର କର କାଜୁ ସଁୱାରେହୁ ॥**
**ଭାନୁ ପୀଠି ସେଇଅ ଉର ଆଗୀ । ସ୍ୱାମିହି ସର୍ବ ଭାୱ ଛଲ ତ୍ୟାଗୀ ॥ ୨ ॥**

ମନ, ବଚନ ଓ କର୍ମରେ ସୀତାଙ୍କୁ ଠାବ କରିବାର ଉପାୟ ଚିନ୍ତା କରି ଶ୍ରୀରାମଚନ୍ଦ୍ରଙ୍କ କାର୍ଯ୍ୟ ଯେପରି ସମ୍ପନ୍ନ ହୁଏ, ତାହା ଦେଖିବ । ସୂର୍ଯ୍ୟଙ୍କୁ ପିଠି ଦେଖାଇ ଓ ଅଗ୍ନିଙ୍କୁ ହୃଦୟ ଦେଖାଇ ସେବନ କରିବା ଉଚିତ; (ଅର୍ଥାତ୍ ସୂର୍ଯ୍ୟଙ୍କୁ ପିଠିକରି ଖରା ପୋଇଁବା ଓ ଅଗ୍ନିକୁ ଆଗରେ ରଖି ନିଆଁ ପୋଇଁବା ଉଚିତ) କିନ୍ତୁ ପ୍ରଭୁଙ୍କ ସେବା ତ ଛଳକପଟ ଛାଡ଼ିଦେଇ ସର୍ବଭାବରେ (ମନ, ବଚନ ଓ କର୍ମରେ) କରିବା ଉଚିତ ॥ ୨ ॥



ଶ୍ରୀରାମ ନିଜ ହାତର ରତ୍ନମୁଦି କାଢ଼ି ହନୁମାନଙ୍କ ହାତରେ ଦେଉଛନ୍ତି

**ତଜି ମାୟା ସେଇଅ ପରଲୋକା । ମିଟହିଁ ସକଲ ଭୱସଂଭୱ ସୋକା ॥**
**ଦେହ ଧରେ କର ୟହ ଫଲୁ ଭାଈ । ଭଜିଅ ରାମ ସବ କାମ ବିହାଈ ॥ ୩ ॥**

ମାୟା (ବିଷୟ ପ୍ରତି ମମତା ଓ ଆସକ୍ତି) ତ୍ୟାଗ କରି ପରଲୋକ ଉଦ୍ଦେଶ୍ୟରେ (ଭଗବାନଙ୍କର ଦିବ୍ୟଧାମ ପ୍ରାପ୍ତି ନିମନ୍ତେ) ଭଗବତ୍‌ସେବାରୂପକ ସାଧନା କରିବା ଉଚିତ । ସେପରି ସାଧନା କଲେ ଭବରୁ (ଜନ୍ମମରଣରୁ) ଉତ୍ପନ୍ନ ସକଳ ଶୋକ ଦୂର ହୋଇଯାଏ । ହେ ଭାଇ ! ସକଳ କାମନା ପରିତ୍ୟାଗ କରି କେବଳ ଶ୍ରୀରାମଙ୍କ ଭଜନ କରିବାହିଁ ଶରୀର ଧାରଣ କରିବାର ଶ୍ରେଷ୍ଠତମ ଫଳ ॥ ୩ ॥

**ସୋଇ ଗୁନଗ୍ୟ ସୋଈ ବଡ଼ଭାଗୀ । ଜୋ ରଘୁବୀର ଚରନ ଅନୁରାଗୀ ॥**
**ଆୟସୁ ମାଗି ଚରନ ସିରୁ ନାଈ । ଚଲେ ହରଷି ସୁମିରତ ରଘୁରାଈ ॥ ୪ ॥**

ଯେ ଶ୍ରୀରଘୁନାଥଙ୍କ ଚରଣରେ ଭକ୍ତି କରନ୍ତି, ସେ ହିଁ ଗୁଣଜ୍ଞ ଓ ସେ ହିଁ ପରମ ଭାଗ୍ୟବାନ୍ । (ସୁଗ୍ରୀବଙ୍କର ଆଦେଶ ଶୁଣିବା ପରେ) ଶ୍ରୀରଘୁନାଥଙ୍କ ଠାରୁ ଆଜ୍ଞା ମାଗି ଏବଂ ତାଙ୍କ ଚରଣରେ ପ୍ରଣାମ କରି ତଥା ତାଙ୍କୁ ସ୍ମରଣ କରି ସମସ୍ତେ ଆନନ୍ଦ ମନରେ ସୀତାଙ୍କ ସନ୍ଧାନରେ ଯିବାକୁ ବାହାରିପଡ଼ିଲେ ॥ ୪ ॥

**ପାଛେଁ ପୱନ ତନୟ ସିରୁ ନାୱା । ଜାନି କାଜ ପ୍ରଭୁ ନିକଟ ବୋଲାୱା ॥**
**ପରସା ସୀସ ସରୋରୁହ ପାନୀ । କରମୁଦ୍ରିକା ଦୀହ୍ନି ଜନ ଜାନୀ ॥ ୫ ॥**

ସମସ୍ତଙ୍କ ପଛରେ ଶ୍ରୀହନୁମାନ୍ ଆସି ପ୍ରଣାମ କଲେ । କାର୍ଯ୍ୟ ଦୃଷ୍ଟିରୁ ବିଚାର କରି ପ୍ରଭୁ ତାଙ୍କୁ ପାଖକୁ ଡାକିଲେ ଓ ନିଜ କରକମଳରେ ତାଙ୍କର ମସ୍ତକ ସ୍ପର୍ଶ କଲେ (ଆଉଁସି ଦେଲେ) । ତାଙ୍କୁ ନିଜର ସେବକ ବୋଲି ଜାଣି, ପ୍ରଭୁ ନିଜ ହାତରୁ ରତ୍ନ ମୁଦିଟି କାଢ଼ି ତାଙ୍କ ହାତରେ ଦେଲେ ॥ ୫ ॥

**ବହୁ ପ୍ରକାର ସୀତହି ସମୁଝାଏହୁ । କହି ବଲ ବିରହ ବେଗି ତୁହ୍ମ ଆଏହୁ ॥**
**ହନୁମତ ଜନ୍ମ ସୁଫଲ କରି ମାନା । ଚଲେଉ ହୃଦୟଁ ଧରି କୃପାନିଧାନା ॥ ୬ ॥**

[ଏବଂ କହିଲେ,] ''ସୀତାଙ୍କୁ ବହୁତପ୍ରକାରେ ବୁଝାଇବ ଏବଂ ମୋର ପରାକ୍ରମ ଓ ବିରହବେଦନା (ତାଙ୍କ ପ୍ରତି ପ୍ରେମ) କଥା ଜଣାଇ ତୁମେ ଶୀଘ୍ର ଫେରିଆସିବ ।'' ହନୁମାନ୍ ଜାଣିଗଲେ ଯେ, ତାଙ୍କର ଜନ୍ମ ସଫଳ ହୋଇଗଲା । କୃପାନିଧାନ ପ୍ରଭୁଙ୍କୁ ହୃଦୟରେ ଧାରଣ କରି ସେ କର୍ମପଥରେ ଚାଲିଲେ ॥ ୬ ॥

**ଜଦ୍ୟପି ପ୍ରଭୁ ଜାନତ ସବ ବାତା । ରାଜନୀତି ରାଖତ ସୁରତ୍ରାତା ॥ ୭ ॥**

ଯଦ୍ୟପି ଦେବତାମାନଙ୍କର ତ୍ରାଣକର୍ତ୍ତା ପ୍ରଭୁ ସବୁକିଛି ଜାଣନ୍ତି, ତଥାପି ସେ ରାଜନୀତି ରକ୍ଷା କରୁଥାନ୍ତି । (ନୀତିର ମର୍ଯ୍ୟାଦା ରକ୍ଷା କରିବା ନିମନ୍ତେହିଁ ସୀତାଙ୍କୁ ଖୋଜିବାଲାଗି ସେ ବାନରମାନଙ୍କୁ ବିଭିନ୍ନ ସ୍ଥାନକୁ ପଠାଇଲେ) ॥ ୭ ॥

ଦୋଃ- **ଚଲେ ସକଲ ବନ ଖୋଜତ ସରିତା ସର ଗିରି ଖୋହ ।**
**ରାମ କାଜ ଲୟଲୀନ ମନ ବିସରା ତନ କର ଛୋହ ॥ ୨୩ ॥**

ବାନରମାନେ ବନ, ନଦୀ, ସରୋବର, ପର୍ବତ ଓ ପାର୍ବତ୍ୟଗୁମ୍ଫାମାନ ଖୋଜି ଖୋଜି ଚାଲିଥାନ୍ତି ; ଶ୍ରୀରାମଙ୍କ କାର୍ଯ୍ୟରେ ମନପ୍ରାଣ ଲୀନ ହୋଇଯାଇଥାଏ । ସେମାନେ ନିଜର ଦେହପ୍ରତି ମମତା ମଧ୍ୟ ଭୁଲିଯାଇଥାନ୍ତି ॥ ୨୩ ॥

**କତହୁଁ ହୋଇ ନିସିଚର ସେଁ ଭେଁଟା । ପ୍ରାନ ଲେହିଁ ଏକ ଏକ ଚପେଟା ॥**
**ବହୁ ପ୍ରକାର ଗିରି କାନନ ହେରହିଁ । କୋଉ ମୁନି ମିଲଇ ତାହି ସବ ଘେରହିଁ ॥ ୧ ॥**

ଯଦି କେବେ କେଉଁଠି କୌଣସି ରାକ୍ଷସ ସହିତ ଭେଟ ହୋଇଯାଉଥାଏ, ତେବେ ସେମାନେ ଏକା ଗ୍ରପଡ଼ାକେ ତା'ପ୍ରାଣ ନେଇଯାଉଥାନ୍ତି । ସେମାନେ ପର୍ବତ ଓ ବନ ଭିତରେ ନାନା ଭାବରେ ଖୋଜୁଥାନ୍ତି । କୌଣସି ମୁନିଙ୍କୁ ଦେଖିବାମାତ୍ରେ ସୀତାଙ୍କ ସନ୍ଧାନ ପଗ୍ରିରିବାକୁ ସମସ୍ତେ ତାଙ୍କୁ ଘେରିଯାଉଥାନ୍ତି ॥ ୧ ॥

**ଲାଗି ତୃଷା ଅତିସୟ ଅକୁଲାନେ । ମିଲଇ ନ ଜଲ ଘନ ଗହନ ଭୁଲାନେ ॥**
**ମନ ହନୁମାନ କୀହ୍ନ ଅନୁମାନା । ମରନ ଚହତ ସବ ବିନୁ ଜଲ ପାନା ॥ ୨ ॥**

ଏ ଭିତରେ ଦିନେ ସମସ୍ତଙ୍କୁ ଭୀଷଣ ଶୋଷ ଲାଗିଲା । ଶୋଷରେ ସମସ୍ତେ ଛଟପଟ ହୋଇଗଲେ; କିନ୍ତୁ କୌଣସି ସ୍ଥାନରେ ଟୋପାଏ ପାଣି ମିଳିଲା ନାହିଁ । ପାଣି ଖୋଜୁ ଖୋଜୁ ସମସ୍ତେ ଗହନବନ ମଧ୍ୟରେ ବାଟ ଭୁଲିଗଲେ । ହନୁମାନ୍ ମନେ ମନେ ଅନୁମାନ କରିନେଲେ ଯେ, ପାଣି ବିନା ସମସ୍ତେ ମରିଯିବେ ॥ ୨ ॥

**ଚଢ଼ି ଗିରି ସିଖର ଚହୂଁ ଦିସି ଦେଖା । ଭୂମି ବିବର ଏକ କୌତୁକ ପେଖା ॥**
**ଚକ୍ରବାକ ବକ ହଂସ ଉଡ଼ାହୀଁ । ବହୁତକ ଖଗ ପ୍ରବିସହିଁ ତେହି ମାହୀଁ ॥ ୩ ॥**

(ତେଣୁ) ସେ ପର୍ବତ ଶିଖରରେ ଚଢ଼ି ଚତୁର୍ଦିଗକୁ ଗ୍ରହିଁଲେ । ଚତୁର୍ଦିଗକୁ ଗ୍ରହୁଁଗ୍ରହୁଁ ବନଭୂମିରେ ଥିବା ଗୋଟିଏ ଗୁମ୍ଫା ପାଖରେ ତାଙ୍କୁ ଏକ ଆଶ୍ଚର୍ଯ୍ୟକର ଦୃଶ୍ୟ ଦେଖାଗଲା । ସେହି ଗୁମ୍ଫା ପାଖରେ ଚକ୍ରବାକ, ବକ ଓ ହଂସମାନେ ଉଡୁଥାନ୍ତି ଏବଂ ବହୁ ପକ୍ଷୀ ତା ଭିତରେ ପଶୁଥାନ୍ତି ॥ ୩ ॥

**ଗିରି ତେ ଉତରି ପୱନସୁତ ଆୱା । ସବ କହୁଁ ଲୈ ସୋଇ ବିବର ଦେଖାୱା ॥**
**ଆଗେଁ କୈ ହନୁମଂତହି ଲୀହ୍ନା । ପୈଠେ ବିବର ବିଲଂବୁ ନ କୀହ୍ନା ॥ ୪ ॥**

ପବନକୁମାର ହନୁମାନ୍ ପର୍ବତରୁ ଓହ୍ଲାଇ ଆସିଲେ ଏବଂ ସମସ୍ତଙ୍କୁ ନେଇ ସେହି ଗୁମ୍ଫାଟି ଦେଖାଇଦେଲେ । ହନୁମାନଙ୍କୁ ଆଗରେ ରଖି ସମସ୍ତେ ତାଙ୍କ ପଛରେ ଗ୍ରଲିଲେ ଓ ଅବିଳମ୍ବେ ସେମାନେ ଗୁମ୍ଫା ଭିତରେ ପଶିଗଲେ ॥ ୪ ॥

ଦୋ:- **ଦୀଖ ଜାଇ ଉପବନ ବର ସର ବିଗସିତ ବହୁ କଂଜ ।**
**ମଂଦିର ଏକ ରୁଚିର ତହଁ ବୈଠି ନାରି ତପ ପୁଂଜ ॥ ୨୪ ॥**

ଭିତରେ ପଶି ସେମାନେ ଗୋଟିଏ ସୁନ୍ଦର ଉପବନ ଓ ଗୋଟିଏ ପୁଷ୍କରିଣୀ ଦେଖିବାକୁ ପାଇଲେ । ପୁଷ୍କରିଣୀରେ ବହୁ ପଦ୍ମଫୁଲ ଫୁଟିଥାଏ । ପାଖରେ ଗୋଟିଏ ସୁନ୍ଦର ମନ୍ଦିର ଥାଏ; ସେଠାରେ ଜଣେ ତପୋମୂର୍ତ୍ତି ନାରୀ (ସ୍ୱୟଂପ୍ରଭା) ବସିଥାନ୍ତି ॥ ୨୪ ॥

**ଦୂରି ତେ ତାହି ସବହ୍ନି ସିରୁ ନାୱା । ପୂଛେଁ ନିଜ ବୃତାଂତ ସୁନାୱା ॥**
**ତେହିଁ ତବ କହା କରହୁ ଜଲ ପାନା । ଖାହୁ ସୁରସ ସୁଂଦର ଫଲ ନାନା ॥ ୧ ॥**

ତାଙ୍କୁ ଦେଖି ଦୂରରୁହିଁ ସମସ୍ତେ ନତମସ୍ତକ ହୋଇ ପ୍ରଣାମ କଲେ; ସେ ପଗ୍ରରିବାରୁ ଏମାନେ ସମସ୍ତ ବୃତ୍ତାନ୍ତ ବି ଶୁଣାଇଦେଲେ । ସବୁଶୁଣି ସେ କହିଲେ, ''ପାଣି ପିଅ; ଏଠାରେ ନାନାପ୍ରକାର ସୁନ୍ଦର ରସାଳ ଫଳ ଅଛି; ଖାଅ ।'' ॥ ୧ ॥

**ମଜ୍ଜନୁ କୀହ୍ନ ମଧୁର ଫଲ ଖାଏ । ତାସୁ ନିକଟ ପୁନି ସବ ଚଲି ଆଏ ॥**
**ତେହିଁ ସବ ଆପନି କଥା ସୁନାଈ । ମୈଁ ଅବ ଜାବ ଜହାଁ ରଘୁରାଈ ॥ ୨ ॥**

[ଆଜ୍ଞା ପାଇ] ସମସ୍ତେ ସ୍ନାନ କଲେ; ମିଠା ମିଠା ଫଳ ଦେଖି ଖାଇଲେ । ଶେଷରେ ସମସ୍ତେ ଆସି ସେହି ତପସ୍ୱିନୀଙ୍କ ପାଖରେ ରୁଣ୍ଡ ହେଲେ । ସେ ନିଜର ବୃତ୍ତାନ୍ତ ଶୁଣାଇସାରି କହିଲେ, ''ଯେଉଁଠାରେ ଶ୍ରୀ ରଘୁନାଥ ଅଛନ୍ତି, ମୁଁ ବର୍ତ୍ତମାନ ସେହିଠାକୁ ଯିବି ॥ ୨ ॥

**ମୂଦହୁ ନୟନ ବିବର ତଜି ଜାହୂ । ପୈହହୁ ସୀତହି ଜନି ପଛିତାହୂ ॥**
**ନୟନ ମୂଦି ପୁନି ଦେଖହିଁ ବୀରା । ଠାଢ଼େ ସକଲ ସିଂଧୁ କେଁ ତୀରା ॥ ୩ ॥**

ତୁମେମାନେ ଆଖି ବୁଜିଦେଇ ଏହି ଗୁମ୍ଫାରୁ ବାହାରିଯାଅ । ତୁମେ ସୀତାଙ୍କୁ ଅବଶ୍ୟ ପାଇବ । ନିରାଶ ହୁଅ ନାହିଁ ।'' ତାଙ୍କ କଥା ମାନି ସମସ୍ତେ ଆଖି ବୁଜିଲେ; ପୁଣି ଆଖି ଖୋଲିଦେଲାବେଳକୁ ଦେଖନ୍ତି ତ, ସେମାନେ ଆସି ସମୁଦ୍ରକୂଳରେ ଠିଆ ହୋଇଛନ୍ତି ॥ ୩ ॥

**ସୋ ପୁନି ଗଈ ଜହାଁ ରଘୁନାଥା । ଜାଇ କମଲ ପଦ ନାଏସି ମାଥା ॥**
**ନାନା ଭାଁତି ବିନୟ ତେହିଁ କୀହ୍ନୀ । ଅନପାୟନୀ ଭଗତି ପ୍ରଭୁ ଦୀହ୍ନୀ ॥ ୪ ॥**

ସେହି ତପସ୍ୱିନୀ ଶ୍ରୀରଘୁନାଥଙ୍କ ନିକଟକୁ ଯାଇ ପ୍ରଭୁଙ୍କ ଚରଣକମଳରେ ପ୍ରଣାମ କଲେ ଏବଂ ବହୁପ୍ରକାରେ ବିନତି ଜଣାଇଲେ । ପ୍ରଭୁ ତାଙ୍କୁ ନିଜର ଅନପାୟିନୀ (ଅଚଳା) ଭକ୍ତି ପ୍ରଦାନ କଲେ ॥ ୪ ॥

ଦୋ:- **ବଦରୀବନ କହୁଁ ସୋ ଗଈ ପ୍ରଭୁ ଅଗ୍ୟା ଧରି ସୀସ ।**
**ଉର ଧରି ରାମ ଚରନ ଜୁଗ ଜେ ବଂଦତ ଅଜ ଈସ ॥ ୨୫ ॥**

ପ୍ରଭୁଙ୍କର ଆଜ୍ଞା ଶିରୋଧାର୍ଯ୍ୟ କରି ଏବଂ ବ୍ରହ୍ମା-ମହେଶବନ୍ଦିତ ଶ୍ରୀରାମଙ୍କର ଚରଣଯୁଗଳକୁ ହୃଦୟରେ ଧାରଣ କରି ସେ (ସ୍ୱୟଂପ୍ରଭା) ବଦରିକାଶ୍ରମକୁ ଚାଲିଗଲେ ॥ ୨୫ ॥

**ଇହାଁ ବିଚାରହିଁ କପି ମନ ମାହୀଁ । ବୀତୀ ଅବଧି କାଜ କଛୁ ନାହୀଁ ॥**
**ସବ ମିଲି କହହିଁ ପରସ୍ପର ବାତା । ବିନୁ ସୁଧି ଲଏଁ କରବ କା ଭ୍ରାତା ॥ ୧ ॥**

ଏପଟେ ବାନରମାନେ ବିଚାର କରି ଦେଖିଲେ, ଅବଧି (ସମୟ କଣ୍ଟ) ବିତିଗଲା; କିନ୍ତୁ କାମ କିଛି ହୋଇପାରିଲା ନାହିଁ । ତେଣୁ ସମସ୍ତେ ନିଜ ନିଜ ମଧ୍ୟରେ କଥାଭାଷା ହେଲେ, ''ହେ ଭାଇ ! ଏବେ ସୀତାଙ୍କ ସମାଚାର ନ ନେଇ ଫେରିଯାଇ ବି କ'ଣ କରିବା ?'' ॥ ୧ ॥

**କହ ଅଂଗଦ ଲୋଚନ ଭରି ବାରୀ । ଦୁହୁଁ ପ୍ରକାର ଭଇ ମୃତ୍ୟୁ ହମାରୀ ॥**
**ଇହାଁ ନ ସୁଧି ସୀତା କୈ ପାଈ । ଉହାଁ ଗଏଁ ମାରିହି କପିରାଈ ॥ ୨ ॥**

ଅଙ୍ଗଦଙ୍କ ଆଖି ଲୁହରେ ଛଳ ଛଳ ହୋଇଗଲା । ସେ କହିଲେ, ''ଉଭୟ ଦିଗରୁ ଆମର ମୃତ୍ୟୁ ହେଲା ବୋଲି ଜାଣ । ଏପଟେ ଆମେ ସୀତାଙ୍କୁ ଠାବ କରିପାରିଲେ ନାହିଁ; ସେପଟେ ସେଠାକୁ ଯିବାମାତ୍ରେ ସୁଗ୍ରୀବ ଆମକୁ ମାରିଦେବେ ॥ ୨ ॥

**ପିତା ବଧେ ପର ମାରତ ମୋହୀ । ରାଖା ରାମ ନିହୋର ନ ଓହୀ ॥**
**ପୁନି ପୁନି ଅଂଗଦ କହ ସବ ପାହାଁ । ମରନ ଭୟଉ କଛୁ ସଂସୟ ନାହାଁ ॥ ୩ ॥**

ସେ ତ ମୋ ବାପାଙ୍କ ମୃତ୍ୟୁ ପରେ ପରେ ମୋତେ ମାରିଦେଇଥାନ୍ତେ । ଶ୍ରୀରାମହିଁ ମୋତେ ରକ୍ଷା କଲେ; ସେଥିରେ ସୁଗ୍ରୀବଙ୍କର କୌଣସି ବିଶେଷ କୃପା ନାହିଁ ।'' ଅଙ୍ଗଦ ବାରମ୍ବାର ସମସ୍ତଙ୍କୁ କହିବାକୁ ଲାଗିଲେ, ''ଏଥର ମରଣ ସୁନିଶ୍ଚିତ; ଏଥିରେ କୌଣସି ସନ୍ଦେହ ନାହିଁ ।'' ॥ ୩ ॥

**ଅଂଗଦ ବଚନ ସୁନତ କପି ବୀରା । ବୋଲି ନ ସକହିଁ ନୟନ ବହ ନୀରା ॥**
**ଛନ ଏକ ସୋଚ ମଗନ ହୋଇ ରହେ । ପୁନି ଅସ ବଚନ କହତ ସବ ଭଏ ॥ ୪ ॥**

ବାନରବୀରମାନେ ଅଙ୍ଗଦଙ୍କ କଥା ଶୁଣୁଥାନ୍ତି; କିନ୍ତୁ କେହି କିଛି କହିପାରୁ ନ ଥାନ୍ତି । ସେମାନଙ୍କ ନୟନରୁ ଅଶ୍ରୁଧାର ବହୁଥାଏ । ସମସ୍ତେ କ୍ଷଣକପାଇଁ ଚିନ୍ତାମଗ୍ନ ହୋଇଗଲେ । ପୁଣି ସମସ୍ତେ କହିଲେ, ॥ ୪ ॥

**ହମ ସୀତା କୈ ସୁଧି ଲୀହ୍ନେଁ ବିନା । ନହିଁ ଜୈହେଁ ଜୁବରାଜ ପ୍ରବୀନା ॥**
**ଅସ କହି ଲଓ୍ୱନ ସିଂଧୁ ତଟ ଜାଈ । ବୈଠେ କପି ସବ ଦର୍ଭ ଡସାଈ ॥ ୫ ॥**

''ହେ ପ୍ରବୀଣ ଯୁବରାଜ ! ଆମେ ସୀତାଙ୍କୁ ଠାବ ନ କରି ଫେରିବା ନାହିଁ ।'' ଏପରି କହି ସମସ୍ତେ ଲବଣସମୁଦ୍ର କୂଳକୁ ଚାଲିଗଲେ ଏବଂ ସେଠାରେ କୁଶ ବିଛାଇ (ଆମରଣ ଅନଶନରେ) ବସିଗଲେ ॥ ୫ ॥

**ଜାମଓ୍ୱଂତ ଅଂଗଦ ଦୁଖ ଦେଖୀ । କହୀଁ କଥା ଉପଦେସ ବିସେଷୀ ॥**
**ତାତ ରାମ କହୁଁ ନର ଜନି ମାନହୁ । ନିର୍ଗୁନ ବ୍ରହ୍ମ ଅଜିତ ଅଜ ଜାନହୁ ॥ ୬ ॥**

ଅଙ୍ଗଦଙ୍କ ଦୁଃଖ ଦେଖି ଜାମ୍ବବାନ୍ କେତୋଟି ବିଶେଷ ଉପଦେଶ ଦେଲେ । ସେ କହିଲେ, ''ହେ ବତ୍ସ ! ଶ୍ରୀରାମଙ୍କୁ ମନୁଷ୍ୟ ଜ୍ଞାନ କର ନାହିଁ । ଜାଣିରଖ ଯେ, ସେ ହେଉଛନ୍ତି ନିର୍ଗୁଣ ବ୍ରହ୍ମ । ସେ ଅଜେୟ ଓ ଅଜନ୍ମା ॥ ୬ ॥

**ହମ ସବ ସେଓ୍ୱକ ଅତି ବଡ଼ଭାଗୀ । ସଂତତ ସଗୁନ ବ୍ରହ୍ମ ଅନୁରାଗୀ ॥ ୭ ॥**

ସଗୁଣ ବ୍ରହ୍ମ ଶ୍ରୀରାମଙ୍କ ଠାରେ ନିରନ୍ତର ପ୍ରୀତି ରଖିଥିବାରୁ ଆମେ ସେବକମାନେ ଅତ୍ୟନ୍ତ ଭାଗ୍ୟବାନ୍ ॥ ୭ ॥

ଦୋଃ- **ନିଜ ଇଚ୍ଛାଁ ପ୍ରଭୁ ଅଓ୍ୱତରଇ ସୁର ମହି ଗୋ ଦ୍ୱିଜ ଲାଗି ।**
**ସଗୁନ ଉପାସକ ସଂଗ ତହଁ ରହହିଁ ମୋଚ୍ଛ ସବ ତ୍ୟାଗି ॥ ୨୬ ॥**

ଦେବତା, ପୃଥିବୀ, ଗୋଜାତି ଏବଂ ବ୍ରାହ୍ମଣମାନଙ୍କର ହିତ ନିମନ୍ତେ ପ୍ରଭୁ ସ୍ୱ-ଇଚ୍ଛାରେ (କୌଣସି କର୍ମବନ୍ଧନ ହେତୁ ନୁହେଁ) ଅବତାର ଗ୍ରହଣ କରନ୍ତି । ସେତେବେଳେ ସଗୁଣ ଉପାସକ ଭକ୍ତଗଣ [ସାଲୋକ୍ୟ, ସାର୍ଷ୍ଟି, ସାମୀପ୍ୟ, ସାରୂପ୍ୟ ଓ ସାଯୁଜ୍ୟ ଆଦି] ସକଳପ୍ରକାର ମୋକ୍ଷ ତ୍ୟାଗ କରି ତାଙ୍କରି ସେବାରେ ଲାଗିରହନ୍ତି ॥ ୨୬ ॥

**ଏହି ବିଧି କଥା କହହିଁ ବହୁ ଭାଁତୀ । ଗିରି କଂଦରାଁ ସୁନୀ ସଂପାତୀ ॥**
**ବାହେର ହୋଇ ଦେଖି ବହୁ କୀସା । ମୋହି ଅହାର ଦୀହ୍ନ ଜଗଦୀସା ॥ ୧ ॥**

ଜାମ୍ବବାନ୍ ଏପରିଭାବରେ ବହୁ ଉପଦେଶ ଦେଲେ । ତାଙ୍କର ସେହି ଉପଦେଶ ବାଣୀ ପର୍ବତକନ୍ଦରରେ ବସିଥିବା ଗୃଧ୍ର ସମ୍ପାତି ଶୁଣିପାରିଲେ । ବାହାରକୁ ଆସି ସେ ଦେଖନ୍ତି ତ, ସେଠାରେ ବହୁ ବାନର ରୁଣ୍ଡ ହୋଇଛନ୍ତି । ସେ କହିଲେ, ''ମୁଁ ଘରେ ବସି ରହିଥିଲେ ବି ପ୍ରଭୁ ଜଗନ୍ନାଥ ଆଜି ମୋ ପାଖକୁ ବହୁତ ଖାଦ୍ୟ ପଠାଇଦେଲେ ॥ ୧ ॥

**ଆଜୁ ସବହି କହଁ ଭଚ୍ଛନ କରଉଁ । ଦିନ ବହୁ ଚଲେ ଅହାର ବିନୁ ମରଉଁ ॥**
**କବହୁଁ ନ ମିଲ ଭରି ଉଦର ଅହାରା । ଆଜୁ ଦୀହ୍ନ ବିଧି ଏକହିଁ ବାରା ॥ ୨ ॥**

ମୁଁ ଆଜି ଏ ସମସ୍ତଙ୍କୁ ଖାଇଦେବି । ବହୁତ ଦିନ ହେଲାଣି, ମୁଁ ଖାଇବାକୁ ନ ପାଇ ମରୁଥିଲି; ପେଟପୂରା ଭୋଜନ କେବେ ବି ମିଳୁ ନ ଥିଲା । ବିଧାତା ଆଜି ଏକାସାଥିରେ ବହୁତ ଖାଦ୍ୟ ପଠାଇଦେଲେ ।'' ॥ ୨ ॥

**ଡରପେ ଗୀଧ ବଚନ ସୁନି କାନା । ଅବ ଭା ମରନ ସତ୍ୟ ହମ ଜାନା ॥**
**କପି ସବ ଉଠେ ଗୀଧ କହଁ ଦେଖୀ । ଜାମଓ୍ୱଂତ ମନ ସୋଚ ବିସେଷୀ ॥ ୩ ॥**

ଗୃଧ୍ର(ଶାଗୁଣା)ର କଥା ଶୁଣିବାକ୍ଷଣି ବାନରମାନେ ଭୟରେ ଛାନିଆ ହୋଇଗଲେ; ଭାବିଲେ, ''ଏଥର ଜଣାପଡ଼ିଗଲା, ଆଜି ଆମକୁ ନିଶ୍ଚୟ ମରିବାକୁ ପଡ଼ିବ ।'' ଗୃଧ୍ର ସମ୍ପାତିକୁ ଦେଖି ସମସ୍ତେ ଠିଆ ହୋଇପଡ଼ିଲେ । ଜାମ୍ବବାନ୍ ବଡ଼ ଚିନ୍ତାରେ ପଡ଼ିଗଲେ ॥ ୩ ॥

**କହ ଅଂଗଦ ବିଗ୍ଚରି ମନ ମାହୀଁ । ଧନ୍ୟ ଜଟାୟୂ ସମ କୋଉ ନାହୀଁ ॥**
**ରାମ କାଜ କାରନ ତନୁ ତ୍ୟାଗୀ । ହରି ପୁର ଗୟଉ ପରମ ବଡ଼ଭାଗୀ ॥ ୪ ॥**

ମନେ ମନେ ବିଗ୍ଚର କରି ଅଙ୍ଗଦ କହିଲେ, ''ଆହା ! ଜଟାୟୁଙ୍କ ପରି ଧନ୍ୟ ଆଉ କେହି ନାହିଁ । ଶ୍ରୀରାମଙ୍କ କାର୍ଯ୍ୟପାଇଁ ସେ ନିଜର ଶରୀର ମଧ୍ୟ ଛାଡ଼ିଦେଲେ । ସେ ବଡ଼ ଭାଗ୍ୟବାନ୍, ତେଣୁ ସେ ଭଗବାନଙ୍କର ପରମଧାମକୁ ଗ୍ଚଲିଗଲେ ।'' ॥ ୪ ॥

**ସୁନି ଖଗ ହରଷ ସୋକ ଜୁତ ବାନୀ । ଆଓ୍ୱା ନିକଟ କପିହ୍ନ ଭୟ ମାନୀ ॥**
**ତିହ୍ନହି ଅଭୟ କରି ପୂଛେସି ଜାଇ । କଥା ସକଲ ତିହ୍ନ ତାହି ସୁନାଇ ॥ ୫ ॥**

ଏପରି ହର୍ଷ ଓ ଶୋକମୟ ବଚନ ଶୁଣି ସେହି ପକ୍ଷୀ ସମ୍ପାତି ବାନରମାନଙ୍କ ନିକଟକୁ ଆସିଲେ । ବାନରମାନେ ଡରିଗଲେ । ସେମାନଙ୍କୁ ଅଭୟ ପ୍ରଦାନ କରି ସେ ଆହୁରି ପାଖକୁ ଗ୍ଚଲିଆସିଲେ ଏବଂ ଜଟାୟୁଙ୍କ ବୃତ୍ତାନ୍ତ ପଗ୍ଚରିଲେ । ଏମାନେ ତାଙ୍କୁ ସମସ୍ତ ବୃତ୍ତାନ୍ତ ଶୁଣାଇଲେ ॥ ୫ ॥

**ସୁନି ସଂପାତି ବଂଧୁ କୈ କରନୀ । ରଘୁପତି ମହିମା ବହୁବିଧି ବରନୀ ॥ ୬ ॥**

ଭାଇ ଜଟାୟୁର ଅଦ୍ଭୁତ କୃତିତ୍ୱ ଶୁଣି ସମ୍ପାତି ବହୁପ୍ରକାରେ ଶ୍ରୀରଘୁନାଥଙ୍କର ମହିମା ବର୍ଣ୍ଣନା କଲେ ॥ ୬ ॥

ଦୋଃ- **ମୋହି ଲୈ ଜାହୁ ସିଂଧୁତଟ ଦେଉଁ ତିଲାଂଜଲି ତାହି ।**
**ବଚନ ସହାଇ କରବି ମୈଁ ପୈହହୁ ଖୋଜହୁ ଜାହି ॥ ୨୭ ॥**

[ସେ କହିଲେ,] ''ମୋତେ ସମୁଦ୍ରକୂଳକୁ ନେଇଗ୍ଚଲ; ମୁଁ ଜଟାୟୁପାଇଁ ତିଳାଞ୍ଜଳି ଦେବି । ଏହି ସେବାର ପ୍ରତିଦାନରେ ମୁଁ ତୁମକୁ କିଛି ମୌଖିକ ସାହାଯ୍ୟ କରିବି (ଅର୍ଥାତ୍ ସୀତା କେଉଁଠି ଅଛନ୍ତି, ତାହା କହିଦେବି); ଫଳରେ ତୁମେ ଯାହାଙ୍କୁ ଖୋଜୁଛ, ତାଙ୍କୁ ପାଇଯିବ ।'' ॥ ୨୭ ॥

**ଅନୁଜ କ୍ରିୟା କରି ସାଗର ତୀରା । କହି ନିଜ କଥା ସୁନହୁ କପି ବୀରା ॥**
**ହମ ଦ୍ୱୌ ବଂଧୁ ପ୍ରଥମ ତରୁନାଇ । ଗଗନ ଗଏ ରବି ନିକଟ ଉଡ଼ାଇ ॥ ୧ ॥**

ବାନରମାନେ ତାଙ୍କୁ ସମୁଦ୍ରକୂଳକୁ ନେଇଗଲେ । ସେଠାରେ ସାନଭାଇ ଜଟାୟୁ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଆଦି କ୍ରିୟା କରିସାରି ସମ୍ପାତି ସେମାନଙ୍କୁ ନିଜକଥା କହିବସିଲେ—ହେ ବୀର ବାନରଗଣ ! ଶୁଣ; ଆମେ ଦୁଇଭାଇ ଆମର ନବଯୌବନ ସମୟରେ ଆକାଶରେ ଉଡ଼ି ଉଡ଼ି ସୂର୍ଯ୍ୟଙ୍କ ନିକଟକୁ ଗ୍ଚଲିଯାଇଥିଲୁ ॥ ୧ ॥

**ତେଜ ନ ସହି ସକ ସୋ ଫିରି ଆଓ୍ୱା । ମୈଁ ଅଭିମାନୀ ରବି ନିଅରାଓ୍ୱା ॥**
**ଜରେ ପଂଖ ଅତି ତେଜ ଅପାରା । ପରେଉଁ ଭୂମି କରି ଘୋର ଚିକାରା ॥ ୨ ॥**

ସୂର୍ଯ୍ୟଙ୍କ ତେଜ ସହି ନ ପାରି ଜଟାୟୁ ଫେରିଆସିଲା । କିନ୍ତୁ ମୁଁ ବଡ଼ ଅହଂକାରୀ ଥିଲି ; ତେଣୁ ସୂର୍ଯ୍ୟଙ୍କ ପାଖକୁ ଗ୍ଚଲିଗଲି । ସୂର୍ଯ୍ୟଙ୍କର ପ୍ରଚଣ୍ଡ ତେଜରେ ମୋର ଡେଣା ଦୁଇଟି ଜଳିଗଲା । ମୁଁ ଜୋର୍‌ରେ ଚିତ୍କାର କରି ତଳକୁ ଖସିପଡ଼ିଲି ॥ ୨ ॥

**ମୁନି ଏକ ନାମ ଚଂଦ୍ରମା ଓହୀ । ଲାଗୀ ଦୟା ଦେଖି କରି ମୋହୀ ॥**
**ବହୁ ପ୍ରକାର ତେହିଁ ଗ୍ୟାନ ସୁନାଓ୍ୱା । ଦେହଜନିତ ଅଭିମାନ ଛଡ଼ାଓ୍ୱା ॥ ୩ ॥**

ମୁଁ ଯେଉଁଠି ପଡ଼ିଗଲି, ସେଠାରେ ଚନ୍ଦ୍ରମା ନାମରେ ଜଣେ ମୁନି ଥିଲେ । ମୋର ଦୁରବସ୍ଥା ଦେଖି ତାଙ୍କୁ ବଡ଼ ଦୟା ଲାଗିଲା । ସେ ମୋତେ ବହୁପ୍ରକାର ଜ୍ଞାନ ଶୁଣାଇ ମୋର ଦେହାଭିମାନ ଦୂର କରିଦେଲେ ॥ ୩ ॥

**ତ୍ରେତାଁ ବ୍ରହ୍ମ ମନୁଜ ତନୁ ଧରିହୀ । ତାସୁ ନାରି ନିସିଚର ପତି ହରିହୀ ॥**
**ତାସୁ ଖୋଜ ପଠଇହି ପ୍ରଭୁ ଦୂତା । ତିହ୍ନହି ମିଲେଁ ତୈଁ ହୋବ ପୁନୀତା ॥ ୪ ॥**

[ସେ କହିଲେ,] 'ତ୍ରେତାଯୁଗରେ ସାକ୍ଷାତ୍ ପରବ୍ରହ୍ମ ମନୁଷ୍ୟଶରୀର ଧାରଣ କରିବେ । ତାଙ୍କ ସ୍ତ୍ରୀଙ୍କୁ ରାକ୍ଷସମାନଙ୍କର ରାଜା ହରଣ କରିନେବ । ସ୍ତ୍ରୀଙ୍କୁ ଖୋଜିବା ନିମନ୍ତେ ପ୍ରଭୁ ଦୂତ ପଠାଇବେ । ସେହି ଦୂତମାନଙ୍କର ସାକ୍ଷାତ୍ ପାଇଲେ ତୁ ପରମ ପବିତ୍ର ହୋଇଯିବୁ ॥ ୪ ॥

**ଜମିହହିଁ ପଂଖ କରସି ଜନି ଚିଂତା । ତିହ୍ନହି ଦେଖାଇ ଦେହେସୁ ତୈଁ ସୀତା ॥**
**ମୁନି କଇ ଗିରା ସତ୍ୟ ଭଇ ଆଜୂ । ସୁନି ମମ ବଚନ କରହୁ ପ୍ରଭୁ କାଜୂ ॥ ୫ ॥**

ତୋର ଡେଣା କଅଳି ଯିବ; ତୁ ଚିନ୍ତା କରନା । ତୁ ସେମାନଙ୍କୁ ସୀତାଙ୍କ ଠିକଣା କହିଦେବୁ ।' ମୁନିଙ୍କର ସେହି ବାଣୀ ଆଜି ସତ୍ୟ ହେଲା, ବର୍ତ୍ତମାନ ମୋ କଥା ମାନି ତୁମେମାନେ ପ୍ରଭୁଙ୍କ କାର୍ଯ୍ୟ କର ॥ ୫ ॥

**ଗିରି ତ୍ରିକୂଟ ଉପର ବସ ଲଂକା । ତହଁ ରହ ରାୱନ ସହଜ ଅସଂକା ॥**
**ତହଁ ଅସୋକ ଉପବନ ଜହଁ ରହଈ । ସୀତା ବୈଠି ସୋଚ ରତ ଅହଈ ॥ ୬ ॥**

ତ୍ରିକୂଟ ପର୍ବତ ଉପରେ ଲଙ୍କା ବୋଲି ଗୋଟିଏ ନଗରୀ ଅଛି । ସେଠାରେ ରାବଣ ନାମରେ ଜଣେ ସ୍ୱଭାବତଃ ନିର୍ଭୀକ ରାକ୍ଷସ ରହୁଛି । ସେଠାରେ ଅଶୋକ ନାମରେ ଗୋଟିଏ ଉପବନ ଅଛି । ସେହି ଉପବନରେ ସୀତାଙ୍କୁ ରଖାଯାଇଛି । [ବର୍ତ୍ତମାନ ମଧ୍ୟ] ସେ ଶ୍ରୀରାମଙ୍କ ଶୋକରେ ମଗ୍ନ ହୋଇ ବସିଛନ୍ତି ॥ ୬ ॥

ଦୋ:- **ମୈଁ ଦେଖଉଁ ତୁହ୍ମ ନାହୀଁ ଗୀଧହି ଦୃଷ୍ଟି ଅପାର ।**
**ବୂଢ଼ ଭୟଉଁ ନ ତ କରତେଉଁ କଛୁକ ସହାୟ ତୁହ୍ମାର ॥ ୨୮ ॥**

ମୁଁ ତାଙ୍କୁ ଦେଖିପାରୁଛି; କିନ୍ତୁ ତୁମେମାନେ ଦେଖିପାରୁ ନାହଁ; କାରଣ ଆମ ଗୃଧ୍ରମାନଙ୍କର ଦୃଷ୍ଟି ଅପାର (ସୁଦୂରପ୍ରସାରୀ) । ଏବେ ତ ମୁଁ ବୁଢ଼ା ହୋଇଗଲିଣି; ନ ହେଲେ ମୁଁ ତୁମକୁ ଅବଶ୍ୟ କିଛି ସାହାଯ୍ୟ କରିଥାନ୍ତି ॥ ୨୮ ॥

**ଜୋ ନାଘଇ ସତ ଜୋଜନ ସାଗର । କରଇ ସୋ ରାମ କାଜ ମତି ଆଗର ॥**
**ମୋହି ବିଲୋକି ଧରହୁ ମନ ଧୀରା । ରାମ କୃପାଁ କସ ଭୟଉ ସରୀରା ॥ ୧ ॥**

ଯେ ଶହେ ଯୋଜନ (ଚାରିଶହ କୋଶ) ସମୁଦ୍ର ଲଂଘି ପାରିବା ସଙ୍ଗେ ସଙ୍ଗେ ବୁଦ୍ଧିମାନ୍ ହୋଇଥିବ, ସେ ହିଁ ଶ୍ରୀରାମଙ୍କ କାର୍ଯ୍ୟ କରିପାରିବ । ନିରାଶ ହୁଅ ନାହିଁ; ମୋତେ ଦେଖି ମନରେ ଧୈର୍ଯ୍ୟ ଧର । ଦେଖ, ଶ୍ରୀରାମଙ୍କ କୃପାରୁ [ଆହୁଁ ଆହୁଁ] ମୋର ଶରୀର କିପରି ସୁନ୍ଦର ହୋଇଗଲାଣି । (ବିନା ଡେଣାରେ ଅସୁନ୍ଦର ଦିଶୁଥିଲି; ଏବେ ଡେଣା କଅଁଳିଯିବାରୁ ସୁନ୍ଦର ଦେଖାଗଲିଣି ।) ॥ ୧ ॥

**ପାପିଉ ଜା କର ନାମ ସୁମିରହୀଁ । ଅତି ଅପାର ଭୱସାଗର ତରହୀଁ ॥**
**ତାସୁ ଦୂତ ତୁହ୍ମ ତଜି କଦରାଈ । ରାମ ହୃଦୟଁ ଧରି କରହୁ ଉପାଈ ॥ ୨ ॥**

ଯାହାଙ୍କର ନାମ ସ୍ମରଣ କରି ପାପୀ ମଧ୍ୟ ଭବସାଗର ତରିଯାଆନ୍ତି, ତୁମ୍ଭେମାନେ ହେଉଛ ତାଙ୍କର ଦୂତ । ତେଣୁ କାପୁରୁଷତା ଛାଡ଼ିଦିଅ । ଶ୍ରୀରାମଙ୍କୁ ହୃଦୟରେ ଧାରଣ କରି ଉପାୟ ଚିନ୍ତା କର ।'' ॥ ୨ ॥

**ଅସ କହି ଗରୁଡ଼ ଗୀଧ ଜବ ଗୟଉ । ତିହ୍ନ କେଁ ମନ ଅତି ବିସମୟ ଭୟଉ ॥**
**ନିଜ ନିଜ ବଲ ସବ କାହୂଁ ଭାଷା । ପାର ଜାଇ କର ସଂସୟ ରାଖା ॥ ୩ ॥**

[କାକଭୁଶୁଣ୍ଡି କହିଲେ,] ହେ ଗରୁଡ଼ ! ଏପରି କହି ଗୃଧ୍ର ସମ୍ପାତି ଚାଲିଯିବା ପରେ ବାନରମାନଙ୍କ ମନରେ ବିସ୍ମୟ ଜାତ ହେଲା । ପ୍ରତ୍ୟେକ ବାନର ନିଜ ନିଜର ବଳ ବିଷୟରେ କହିବାକୁ ଲାଗିଲେ; ମାତ୍ର ସମୁଦ୍ର ପାର ହେବାରେ ସମସ୍ତେ ନିଜ ନିଜର ସନ୍ଦେହ ପ୍ରକାଶ କଲେ ॥ ୩ ॥

**ଜରଠ ଭୟଉଁ ଅବ କହଇ ରିଛେସା । ନହିଁ ତନ ରହା ପ୍ରଥମ ବଲ ଲେସା ॥**
**ଜବହିଁ ତ୍ରିବିକ୍ରମ ଭଏ ଖରାରୀ । ତବ ମୈଁ ତରୁନ ରହେଉଁ ବଲ ଭାରୀ ॥ ୪ ॥**

ଭଲ୍ଲୁକରାଜ ଜାମ୍ବବାନ୍ କହିଲେ, "ମୁଁ ତ ଏବେ ବୁଢ଼ା ହୋଇଗଲିଣି । ଦେହରେ ଆଉ ଆଗ ପରି ଟିକିଏ ହେଲେ ବଳ ନାହିଁ । ଖରାରି (ଖରର ଶତ୍ରୁ ଶ୍ରୀରାମ) ଯେତେବେଳେ ବାମନ ଅବତାର ହୋଇଥିଲେ, ସେତେବେଳେ ମୁଁ ଯୁବକ ଥିଲି; ମୋ ଦେହରେ ଖୁବ୍ ବଳ ଥିଲା ॥ ୪ ॥

ଦୋଃ- **ବଲି ବାଁଧତ ପ୍ରଭୁ ବାଢ଼େଉ ସୋ ତନୁ ବରନି ନ ଜାଇ ।**
**ଉଭୟ ଘରୀ ମହଁ ଦୀହ୍ନାଁ ସାତ ପ୍ରଦଚ୍ଛିନ ଧାଇ ॥ ୨୯ ॥**

ବଳିଙ୍କୁ ବାନ୍ଧିବା ସମୟରେ ପ୍ରଭୁ ଏତେ ବଢ଼ିଗଲେ ଯେ, ସେହି ବିରାଟ ଶରୀରର ବର୍ଣ୍ଣନା କରିହେବ ନାହିଁ; କିନ୍ତୁ ମୁଁ ଏପରି ବେଗରେ ଦୌଡ଼ିଲି ଯେ, ମାତ୍ର ଦୁଇଘଡ଼ି ମଧ୍ୟରେ ସେପରି ବିରାଟ ଶରୀରକୁ ମଧ୍ୟ ମୁଁ ସାତଥର ପରିକ୍ରମା କରିଦେଇଥିଲି ।" ॥ ୨୯ ॥

**ଅଁଗଦ କହଇ ଜାଉଁ ମୈଁ ପାରା । ଜିୟଁ ସଁସୟ କଛୁ ଫିରତୀ ବାରା ॥**
**ଜାମୱଁତ କହ ତୁହ୍ମ ସବ ଲାୟକ । ପଠଇଅ କିମି ସବହୀ କର ନାୟକ ॥ ୧ ॥**

ଅଙ୍ଗଦ କହିଲେ, "ମୁଁ ସମୁଦ୍ର ଲଂଘନ କରିଯିବି ସତ, କିନ୍ତୁ ଫେରିପାରିବି କି ନାହିଁ, ସନ୍ଦେହ ।" ଜାମ୍ବବାନ୍ କହିଲେ, "ତୁମେ ସବୁଦୃଷ୍ଟିରୁ ଯୋଗ୍ୟ; କିନ୍ତୁ ତୁମେ ହେଉଛ ଆମ ସମସ୍ତଙ୍କର ନେତା; ତୁମକୁ କିପରି ପଠାଯାଇପାରିବ !" ॥ ୧ ॥

**କହଇ ରୀଛପତି ସୁନୁ ହନୁମାନା । କା ଚୁପ ସାଧି ରହେହୁ ବଲୱାନା ॥**
**ପୱନ ତନୟ ବଲ ପୱନ ସମାନା । ବୁଧି ବିବେକ ବିଗ୍ୟାନ ନିଧାନା ॥ ୨ ॥**

ତା'ପରେ ଭଲ୍ଲୁକରାଜ ଜାମ୍ବବାନ୍ ହନୁମାନଙ୍କୁ କହିଲେ, "ହେ ହନୁମାନ୍ ! ହେ ବଳବାନ୍ ! ତୁମେ କିଛି ନ କହି ଚୁପ୍ ହୋଇ ବସିଛ କାହିଁକି ? ତୁମେ ପବନକୁମାର । ବଳରେ ତୁମେ ଠିକ୍ ପବନ ପରି । ତୁମେ ହେଉଛ ବୁଦ୍ଧି, ବିବେକ ଓ ବିଜ୍ଞାନର ଭଣ୍ଡାର ॥ ୨ ॥

**କୱନ ସୋ କାଜ କଠିନ ଜଗ ମାହୀଁ । ଜୋ ନହିଁ ହୋଇ ତାତ ତୁହ୍ମ ପାହୀଁ ॥**
**ରାମ କାଜ ଲଗି ତୱ ଅୱତାରା । ସୁନତହିଁ ଭୟଉ ପର୍ବତାକାରା ॥ ୩ ॥**

ହେ ବତ୍ସ ! ଜଗତରେ ଏପରି କେଉଁ କଠିନ କାର୍ଯ୍ୟ ଅଛି, ଯାହା କି ତୁମେ କରି ନ ପାରିବ? ଶ୍ରୀରାମଙ୍କ କାର୍ଯ୍ୟ କରିବାପାଇଁହିଁ ତ ତୁମେ ଅବତାର ନେଇଛ ।" ଏହା ଶୁଣିଦେବାକ୍ଷଣି ହନୁମାନ୍ ପର୍ବତ ପରି ବିଶାଳକାୟ ହୋଇଗଲେ ॥ ୩ ॥

**କନକ ବରନ ତନ ତେଜ ବିରାଜା । ମାନହୁଁ ଅପର ଗିରିହ୍ନ କର ରାଜା ॥**
**ସିଁହନାଦ କରି ବାରହିଁ ବାରା । ଲୀଲହିଁ ନାଘଉଁ ଜଲନିଧି ଖାରା ॥ ୪ ॥**

ତାଙ୍କର ସୁବର୍ଣ୍ଣ ପରି ଅଙ୍ଗକାନ୍ତି ଓ ତେଜୋମୟ ଶରୀର ଦେଖି ମନେ ହେଲା, ଇଏ ପର୍ବତରାଜ ଦ୍ୱିତୀୟ ସୁମେରୁ କି ! ହନୁମାନ୍ ବାରମ୍ବାର ସିଂହନାଦ କରି କହିଲେ, "ମୁଁ ଏହି ଲବଣ ସମୁଦ୍ରକୁ ଖେଳିଲାପରି ଅକ୍ଳେଶରେ ଲଂଘନ କରିଯାଇପାରିବି ॥ ୪ ॥

**ସହିତ ସହାୟ ରାୱନହି ମାରୀ । ଆନଉଁ ଇହାଁ ତ୍ରିକୂଟ ଉପାରୀ ॥**
**ଜାମୱଂତ ମୈଁ ପୂଁଛଉଁ ତୋହୀ । ଉଚିତ ସିଖାୱନୁ ଦୀଜହୁ ମୋହୀ ॥ ୫ ॥**

ଏବଂ ରାବଣକୁ ତା'ର ସହାୟକମାନଙ୍କ ସହିତ ସଂହାର କରି, ତ୍ରିକୂଟ ପର୍ବତକୁ ଉପାଡ଼ି ଏଠାକୁ ନେଇଆସିପାରିବି । ହେ ଜାମ୍ବବାନ୍ ! ମୁଁ ତୁମକୁ ପଚାରୁଛି, କ'ଣ କରିବାକୁ ହେବ, ତୁମେ ମୋତେ ବୁଝାଇଦିଅ ।'' ॥ ୫ ॥

**ଏତନା କରହୁ ତାତ ତୁମ୍ହ ଜାଇ । ସୀତହି ଦେଖି କହହୁ ସୁଧି ଆଇ ॥**
**ତବ ନିଜ ଭୁଜ ବଲ ରାଜିୱନୈନା । କୌତୁକ ଲାଗି ସଂଗ କପି ସେନା ॥ ୬ ॥**

[ଜାମ୍ବବାନ୍ କହିଲେ,] ''ହେ ବତ୍ସ ! କେବଳ ଏତିକି କର : ତୁମେ ଯାଇ ସୀତାଙ୍କୁ ଦେଖିଆସି ପ୍ରଭୁଙ୍କୁ ତାଙ୍କର ସମାଚାର ଦିଅ । ତା'ପରେ କମଳନୟନ ଶ୍ରୀରାମ ନିଜ ବାହୁବଳରେ ରାକ୍ଷସମାନଙ୍କୁ ସଂହାର କରି ସୀତାଙ୍କୁ ନେଇଆସିବେ । କେବଳ ଲୀଳା ନିମନ୍ତେହିଁ ସେ ସାଥିରେ ବାନରସେନା ନେବେ ॥ ୬ ॥

ଛନ୍ଦ- **କପି ସେନ ସଂଗ ସଁଘାରି ନିସିଚର ରାମୁ ସୀତହି ଆନିହୈଁ ।**
**ତ୍ରୈଲୋକ ପାୱନ ସୁଜସୁ ସୁର ମୁନି ନାରଦାଦି ବଖାନିହୈଁ ॥**
**ଜୋ ସୁନତ ଗାୱତ କହତ ସମୁଝତ ପରମ ପଦ ନର ପାୱଈ ।**
**ରଘୁବୀର ପଦ ପାଥୋଜ ମଧୁକର ଦାସ ତୁଲସୀ ଗାୱଈ ॥**

ବାନରସେନାଙ୍କୁ ସାଥିରେ ନେଇ, ରାକ୍ଷସମାନଙ୍କୁ ସଂହାର କରି ଶ୍ରୀରାମ ସୀତାଙ୍କୁ ନେଇଆସିବେ । ଦେବତା ଓ ନାରଦାଦି ମୁନିଗଣ ଭଗବାନଙ୍କର ତ୍ରିଲୋକପାବନୀ ସେହି ସୁନ୍ଦର ଯଶ କୀର୍ତ୍ତନ କରିବେ, ଯାହା ଶ୍ରବଣ, ବର୍ଣ୍ଣନ, ଗାନ ଓ ହୃଦୟଙ୍ଗମ କରି ମନୁଷ୍ୟମାନେ ପରମପଦ ଲାଭ କରିବେ । ଶ୍ରୀରଘୁବୀରଙ୍କ ଚରଣକମଳର ମଧୁକର (ଭ୍ରମର) ତୁଳସୀଦାସ ସେହି ଯଶହିଁ ଗାନ କରୁଛି ॥

ଦୋ:- **ଭୱ ଭେଷଜ ରଘୁନାଥ ଜସୁ ସୁନହିଁ ଜେ ନର ଅରୁ ନାରି ।**
**ତିନ୍ହ କର ସକଲ ମନୋରଥ ସିଦ୍ଧ କରହିଁ ତ୍ରିସିରାରି ॥୩୦(କ)॥**

ଶ୍ରୀରାମଙ୍କ ଯଶ ହେଉଛି ଭବରୋଗ(ଜନ୍ମ-ମରଣ)ର ଅବ୍ୟର୍ଥ ଔଷଧ । ଯେଉଁ ନରନାରୀ ଏହା ଶ୍ରବଣ କରିବେ, ତ୍ରିଶିରାର ଶତ୍ରୁ ଶ୍ରୀରାମ ତାଙ୍କର ସକଳ ମନୋରଥ ପୂର୍ଣ୍ଣ କରିଦେବେ ॥ ୩୦ (କ) ॥

ସୋ:- **ନୀଲୋତ୍ପଲ ତନ ସ୍ୟାମ କାମ କୋଟି ସୋଭା ଅଧିକ ।**
**ସୁନିଅ ତାସୁ ଗୁନ ଗ୍ରାମ ଜାସୁ ନାମ ଅଘ ଖଗ ବଧିକ ॥୩୦(ଖ)॥**

ଯାହାଙ୍କର ତନୁ ନୀଳକମଳସମ ଶ୍ୟାମଳ, ଶୋଭା କୋଟିକାମଦେବଙ୍କ ଠାରୁ ମଧ୍ୟ ଅଧିକ ସୁନ୍ଦର ଏବଂ ନାମ ପାପରୂପୀ ପକ୍ଷୀମାନଙ୍କୁ ବଧ କରିବାରେ ବ୍ୟାଧସମାନ, ସେହି ଶ୍ରୀରାମଙ୍କ ଗୁଣସମୂହ (ଲୀଳା) ଶ୍ରବଣ କରିବା ପରମ ଆବଶ୍ୟକ ॥ ୩୦ (ଖ) ॥

**ମାସପାରାୟଣ, ତ୍ରୟୋବିଂଶ ବିଶ୍ରାମ**

*ଇତି ଶ୍ରୀମଦ୍ରାମଚରିତମାନସେ ସକଲକଲିକଲୁଷବିଧ୍ୱଂସନେ ଚତୁର୍ଥଃ ସୋପାନଃ ସମାପ୍ତଃ ।*

*କଳିଯୁଗର ସମସ୍ତପାପବିନାଶକାରୀ ଶ୍ରୀରାମଚରିତମାନସର*
*ଏହି ଚତୁର୍ଥ ସୋପାନ ସମାପ୍ତ ହେଲା ।*

**(କିଷ୍କିନ୍ଧାକାଣ୍ଡ ସମାପ୍ତ)**

◆◆◆

ଶ୍ରୀଗଣେଶାୟ ନମଃ

ଶ୍ରୀଜାନକୀବଲ୍ଲଭୋ ବିଜୟତେ

# ଶ୍ରୀରାମଚରିତମାନସ

## ପଞ୍ଚମ ସୋପାନ

# ସୁନ୍ଦରକାଣ୍ଡ

## ମଙ୍ଗଳାଚରଣ

**ଶାନ୍ତଂ ଶାଶ୍ୱତମପ୍ରମେୟମନଘଂ ନିର୍ବାଣଶାନ୍ତିପ୍ରଦଂ**
**ବ୍ରହ୍ମାଶମ୍ଭୁଫଣୀନ୍ଦ୍ରସେବ୍ୟମନିଶଂ ବେଦାନ୍ତବେଦ୍ୟଂ ବିଭୁମ୍ ।**
**ରାମାଖ୍ୟଂ ଜଗଦୀଶ୍ୱରଂ ସୁରଗୁରୁଂ ମାୟାମନୁଷ୍ୟଂ ହରିଂ**
**ବନ୍ଦେଽହଂ କରୁଣାକରଂ ରଘୁବରଂ ଭୂପାଳଚୂଡାମଣିମ୍ ॥ ୧ ॥**

ଯେ ଶାନ୍ତ, ସନାତନ, ଅପ୍ରମେୟ (ଅଗୋଚର), ନିଷ୍ପାପ, ମୋକ୍ଷରୂପୀ ପରମଶାନ୍ତିପ୍ରଦାୟକ, ବ୍ରହ୍ମା, ଶମ୍ଭୁ ଓ ଶେଷଦେବଙ୍କ ଦ୍ୱାରା ନିରନ୍ତର ସେବିତ, ବେଦାନ୍ତଦ୍ୱାରା ଜ୍ଞେୟ, ସର୍ବବ୍ୟାପକ, ସୁରଗୁରୁ, ସେହି ମାୟାମନୁଷ୍ୟରୂପଧାରୀ, ସର୍ବପାପହର, କରୁଣାକର, ରଘୁବର, ରାଜଶିରୋମଣି 'ରାମ' ନାମରେ ଅଭିହିତ ଜଗଦୀଶ୍ୱରଙ୍କୁ ମୁଁ ବନ୍ଦନା କରୁଛି ॥ ୧ ॥

**ନାନ୍ୟା ସ୍ପୃହା ରଘୁପତେ ହୃଦୟେଽସ୍ମଦୀୟେ**
**ସତ୍ୟଂ ବଦାମି ଚ ଭବାନଖିଳାନ୍ତରାତ୍ମା ।**
**ଭକ୍ତିଂ ପ୍ରୟଚ୍ଛ ରଘୁପୁଙ୍ଗବ ନିର୍ଭରାଂ ମେ**
**କାମାଦିଦୋଷରହିତଂ କୁରୁ ମାନସଂ ଚ ॥ ୨ ॥**

ହେ ରଘୁନାଥ !ମୁଁ ସତ୍ୟ କହୁଛି ଏବଂ ଆପଣ ସମସ୍ତଙ୍କର ଅନ୍ତରାତ୍ମା ହୋଇଥିବାରୁ ଜାଣୁଥିବେ ଯେ, ମୋ ହୃଦୟରେ ଅନ୍ୟ କୌଣସି ଇଚ୍ଛା ନାହିଁ । ହେ ରଘୁକୁଳଶ୍ରେଷ୍ଠ ! ମୋତେ କେବଳ ଆପଣଙ୍କର ନିର୍ଭରା(ପୂର୍ଣ୍ଣ)ଭକ୍ତି ପ୍ରଦାନ କରନ୍ତୁ ଏବଂ ମୋ ମନକୁ କାମାଦି ଦୋଷରୁ ମୁକ୍ତ କରିଦିଅନ୍ତୁ ॥ ୨ ॥

**ଅତୁଳିତବଳଧାମଂ ହେମଶୈଳାଭଦେହଂ**
**ଦନୁଜବନକୃଶାନୁଂ ଜ୍ଞାନିନାମଗ୍ରଗଣ୍ୟମ୍ ।**
**ସକଳଗୁଣନିଧାନଂ ବାନରାଣାମଧୀଶଂ**
**ରଘୁପତିପ୍ରିୟଭକ୍ତଂ ବାତଜାତଂ ନମାମି ॥ ୩ ॥**

ଯେ ଅତୁଳିତ ବଳର ଧାମ (ଭଣ୍ଡାର), ସ୍ୱର୍ଣ୍ଣପର୍ବତ (ସୁମେରୁ) ସମାନ କାନ୍ତିଯୁକ୍ତ ଶରୀରଧାରୀ, ଦୈତ୍ୟରୂପୀ ବନର ଦହନପାଇଁ ଅଗ୍ନିସ୍ୱରୂପ, ଜ୍ଞାନୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ, ସକଳ ଗୁଣର ନିଧାନ, ବାନରମାନଙ୍କର ଅଧୀଶ୍ୱର ଓ ଶ୍ରୀରଘୁନାଥଙ୍କର ପ୍ରିୟଭକ୍ତ, ସେହି ପବନପୁତ୍ର ହନୁମାନଙ୍କୁ ମୁଁ ପ୍ରଣାମ କରୁଛି ॥ ୩ ॥




ହନୁମାନ ମୈନାକ ପର୍ବତକୁ ହାତରେ ଟିକିଏ ଛୁଇଁଦେଇ ଗ୍ରଲିଗଲେ

**ଜାମଓ୍ୱଂତ କେ ବଚନ ସୁହାଏ । ସୁନି ହନୁମଂତ ହୃଦୟ ଅତି ଭାଏ ॥**
**ତବ ଲଗି ମୋହି ପରିଖେହୁ ତୁହ୍ମ ଭାଈ । ସହି ଦୁଖ କଂଦ ମୂଲ ଫଲ ଖାଈ ॥ ୧ ॥**
**ଜବ ଲଗି ଆଓ୍ୱୌଁ ସୀତହି ଦେଖୀ । ହୋଇହି କାଜୁ ମୋହି ହରଷ ବିସେଷୀ ॥**
**ୟହ କହି ନାଇ ସବହ୍ନି କହୁଁ ମାଥା । ଚଲେଉ ହରଷି ହିୟଁ ଧରି ରଘୁନାଥା ॥ ୨ ॥**
**ସିଂଧୁ ତୀର ଏକ ଭୂଧର ସୁଂଦର । କୌତୁକ କୂଦି ଚଢ଼େଉ ତା ଉପର ॥**
**ବାର ବାର ରଘୁବୀର ସଁଭାରୀ । ତରକେଉ ପଓ୍ୱନତନୟ ବଲ ଭାରୀ ॥ ୩ ॥**
**ଜେହିଁ ଗିରି ଚରନ ଦେଇ ହନୁମଂତା । ଚଲେଉ ସୋ ଗା ପାତାଲ ତୁରଂତା ॥**
**ଜିମି ଅମୋଘ ରଘୁପତି କର ବାନା । ଏହୀ ଭାଁତି ଚଲେଉ ହନୁମାନା ॥ ୪ ॥**
**ଜଲନିଧି ରଘୁପତି ଦୂତ ବିଚାରୀ । ତୈଁ ମୈନାକ ହୋହି ଶ୍ରମହାରୀ ॥ ୫ ॥**

ଜାମ୍ବବାନଙ୍କର ସୁନ୍ଦର ବଚନ ହନୁମାନଙ୍କ ହୃଦୟକୁ ଅତ୍ୟନ୍ତ ପ୍ରୀତିକର ବୋଧ ହେଲା । ସେ କହିଲେ, ‘‘ହେ ଭାଇ ! ଆପଣମାନେ ଦୁଃଖକଷ୍ଟ ସହି, କନ୍ଦ-ମୂଳ-ଫଳ ଖାଇ ରହି, ମୁଁ ସୀତାଙ୍କୁ ଦେଖି ଫେରିବା ପର୍ଯ୍ୟନ୍ତ ମୋ ବାଟକୁ ଚାହିଁ ଅପେକ୍ଷା କରନ୍ତୁ । କାର୍ଯ୍ୟ ଅବଶ୍ୟ ସଫଳ ହେବ; କାରଣ ମୋ ହୃଦୟରେ ଅତ୍ୟନ୍ତ ଆନନ୍ଦ ଜାତ ହେଉଛି ।’’ ଏପରି କହି, ସମସ୍ତଙ୍କ ନିକଟରେ ନତମସ୍ତକହେବାପୂର୍ବକ ହୃଦୟରେ ଶ୍ରୀରଘୁନାଥଙ୍କୁ ଧାରଣ କରି, ହନୁମାନ୍ ଅତି ଆନନ୍ଦରେ ବାହାରିପଡ଼ିଲେ । ସମୁଦ୍ରତଟରେ ଗୋଟିଏ ସୁନ୍ଦର ପର୍ବତ ଥାଏ । ହନୁମାନ୍ ଅନାୟାସରେ ଡେଇଁପଡ଼ି ସେହି ପର୍ବତଶୀର୍ଷରେ ଚଢ଼ିଗଲେ ଏବଂ ବାରମ୍ବାର ଶ୍ରୀରଘୁବୀରଙ୍କୁ ସ୍ମରଣ କରି ସେହି ଅତ୍ୟନ୍ତ ବଳବାନ୍ ହନୁମାନ୍ ପର୍ବତଶିଖରରୁ ଖୁବ୍ ଜୋର୍‌ରେ ଏକ ଲମ୍ଫ ଦେଲେ । ଯେଉଁ ପର୍ବତରେ ପାଦ ଭରା ଦେଇ ହନୁମାନ୍ ଲମ୍ଫ ଦେଲେ, ସେହି ପର୍ବତଟି ଅବିଳମ୍ବେ ପାତାଳରେ ପଶିଗଲା । ଶ୍ରୀ ରଘୁନାଥଙ୍କର ଅମୋଘ ବାଣ ଯେପରି ତୀବ୍ର ଗତିରେ ଛୁଟିଯାଏ, ହନୁମାନ୍ ସେହିପରି ଲଙ୍କା ଅଭିମୁଖରେ ଉଡ଼ିଚାଲିଲେ । ତାଙ୍କୁ ଶ୍ରୀରଘୁନାଥଙ୍କର ଦୂତ ବୋଲି ଜାଣି ମୈନାକ ପର୍ବତକୁ ସମୁଦ୍ର କହିଲେ, ‘‘ହେ ମୈନାକ ! ତୁମେ ହନୁମାନଙ୍କର ଶ୍ରମ ହରଣ କର (ନିଜ ଉପରେ ତାଙ୍କୁ ଟିକିଏ ବିଶ୍ରାମ ଦିଅ) ।’’ ॥ ୧–୫ ॥

ଦୋଃ- **ହନୂମାନ ତେହି ପରସା କର ପୁନି କୀହ୍ନ ପ୍ରନାମ ।**
**ରାମ କାଜୁ କୀହ୍ନେଁ ବିନୁ ମୋହି କହାଁ ବିଶ୍ରାମ ॥ ୧ ॥**

ହନୁମାନ୍ ସେହି ପର୍ବତକୁ ହାତରେ ଟିକିଏ ଛୁଇଁଦେଇ, ପ୍ରଣାମ କରି କହିଲେ, ‘‘ଭାଇ ! ଶ୍ରୀରାମଙ୍କ କାର୍ଯ୍ୟ ଶେଷ ନ କରି ମୁଁ କେଉଁଠି ବିଶ୍ରାମ ନେଇପାରୁଛି !’’ ॥ ୧ ॥

**ଜାତ ପଓ୍ୱନସୁତ ଦେଓ୍ୱହ୍ନ ଦେଖା । ଜାନୈଁ କହୁଁ ବଲ ବୁଦ୍ଧି ବିସେଷା ॥**
**ସୁରସା ନାମ ଅହିହ୍ନ କୈ ମାତା । ପଠଇହ୍ନି ଆଇ କହୀ ତେହିଁ ବାତା ॥ ୧ ॥**

ଦେବତାମାନେ ଦେଖିଲେ ଯେ, ପବନପୁତ୍ର ହନୁମାନ୍ ଯାଉଛନ୍ତି । ତାଙ୍କ ବଳବୁଦ୍ଧିର ବୈଶିଷ୍ଟ୍ୟ ପରୀକ୍ଷା କରିବା ନିମନ୍ତେ ସେମାନେ ସର୍ପମାନଙ୍କର ମାତା ସୁରସାଙ୍କୁ ପଠାଇଲେ । ସୁରସା ଆସି ହନୁମାନଙ୍କୁ କହିଲେ, ॥ ୧ ॥

**ଆଜୁ ସୁରହ୍ନ ମୋହି ଦୀହ୍ନ ଅହାରା । ସୁନତ ବଚନ କହ ପଓ୍ୱନକୁମାରା ॥**
**ରାମ କାଜୁ କରି ଫିରି ମୈଁ ଆଓ୍ୱୌଁ । ସୀତା କଇ ସୁଧି ପ୍ରଭୁହି ସୁନାଓ୍ୱୌଁ ॥ ୨ ॥**

**ତବ ତଓ୍ୱ ବଦନ ପୈଠିହଉଁ ଆଈ । ସତ୍ୟ କହଉଁ ମୋହି ଜାନ ଦେ ମାଈ ॥**
**କଓ୍ୱନେହୁଁ ଜତନ ଦେଇ ନହିଁ ଜାନା । ଗ୍ରସସି ନ ମୋହି କହେଉ ହନୁମାନା ॥ ୩ ॥**

''ଆଜି ଦେବତାମାନେ ମୋତେ ଭଲ ଖାଦ୍ୟ ଯୋଗାଇଦେଇଛନ୍ତି; (ମୁଁ ତତେ ଖାଇବି) ।'' ଏହା ଶୁଣି ପବନକୁମାର ହନୁମାନ୍ କହିଲେ, ''ମୁଁ ଶ୍ରୀରାମଙ୍କ କାର୍ଯ୍ୟ ସମାପ୍ତ କରି ଫେରିଆସେ ଏବଂ ପ୍ରଭୁଙ୍କ ପାଖରେ ସୀତାଙ୍କ ସଂବାଦ ପହଞ୍ଚାଇଦିଏ; ତା'ପରେ ମୁଁ ନିଜେ ଆସି ତୁମ ପାଟିରେ ପଶିଯିବି (ତୁମେ ମୋତେ ଖାଇଦେବ) । ହେ ମାଆ ! ମୁଁ ସତ କହୁଛି; ବର୍ତ୍ତମାନ ମୋତେ ଯିବାକୁ ଦିଅ ।'' କିନ୍ତୁ ସୁରସା ତାଙ୍କୁ କୌଣସିମତେ ଯିବାକୁ ନ ଦେବାରୁ ହନୁମାନ୍ କହିଲେ, ''ତା'ହେଲେ, ମୋତେ ଖାଇଲ ଦେଖି ।'' ॥ ୨-୩ ॥

**ଜୋଜନ ଭରି ତେହିଁ ବଦନୁ ପସାରା । କପି ତନୁ କୀହ୍ନ ଦୁଗୁନ ବିସ୍ତାରା ॥**
**ସୋରହ ଜୋଜନ ମୁଖ ତେହିଁ ଠୟଉ । ତୁରତ ପଓ୍ୱନସୁତ ବତିସ ଭୟଉ ॥ ୪ ॥**

ସୁରସା ତାଙ୍କ ପାଟିକୁ ଏକ ଯୋଜନ (ଚାରିକୋଶ) ଯାଏ ମେଲାଇଦେଲେ । ତାହା ଦେଖି ହନୁମାନ୍ ନିଜ ଶରୀରକୁ ତା'ର ଦୁଇଗୁଣ ବଡ଼ କରିଦେଲେ । ସୁରସା ନିଜ ପାଟିକୁ ଷୋହଳ ଯୋଜନ ମେଲାଇଦେଲେ; ହନୁମାନ୍ ସଙ୍ଗେ ସଙ୍ଗେ ବତିଶ ଯୋଜନ ହୋଇଗଲେ ॥ ୪ ॥

**ଜସ ଜସ ସୁରସା ବଦନୁ ବଢ଼ାଓ୍ୱା । ତାସୁ ଦୂନ କପି ରୂପ ଦେଖାଓ୍ୱା ॥**
**ସତ ଜୋଜନ ତେହିଁ ଆନନ କୀହ୍ନା । ଅତି ଲଘୁ ରୂପ ପଓ୍ୱନସୁତ ଲୀହ୍ନା ॥ ୫ ॥**
**ବଦନ ପଇଠି ପୁନି ବାହେର ଆଓ୍ୱା । ମାଗା ବିଦା ତାହି ସିରୁ ନାଓ୍ୱା ॥**
**ମୋହି ସୁରହ୍ନ ଜେହି ଲାଗି ପଠାଓ୍ୱା । ବୁଧି ବଲ ମରମୁ ତୋର ମୈଁ ପାଓ୍ୱା ॥ ୬ ॥**

ସୁରସା ନିଜ ପାଟିକୁ ଯେତେ ଯେତେ ମେଲୁଥାନ୍ତି, ହନୁମାନ୍ ନିଜକୁ ତା'ର ଦୁଇଗୁଣ କରି ବଢ଼ାଇଦେଉଥାନ୍ତି । ଏପରି ବଢୁ ବଢୁ ସୁରସା ନିଜ ପାଟିକୁ ଶହେ ଯୋଜନ ବିସ୍ତାର କରିଦେଲେ । ଏହା ଦେଖି, ହନୁମାନ୍ ଅତ୍ୟନ୍ତ ଲଘୁରୂପ ଧାରଣ କରି, ସୁରସାଙ୍କ ପାଟିଭିତରେ ପଶି ତତ୍କ୍ଷଣାତ୍ ବାହାରିଆସିଲେ ଓ ତାଙ୍କ ପାଖରେ ନତମସ୍ତକ ହୋଇ ବିଦାୟ ମାଗିଲେ । [ସୁରସା କହିଲେ,] ଏଥର ମୁଁ ତୁମ ବଳବୁଦ୍ଧିର ପରିଚୟ ପାଇଗଲି; ଦେବତାମାନେ ମୋତେ ଏହି ପରୀକ୍ଷା କରିବାକୁ ପଠାଇଥିଲେ ॥ ୫-୬ ॥

ଦୋଃ- **ରାମ କାଜୁ ସବୁ କରିହହୁ ତୁହ୍ମ ବଲ ବୁଦ୍ଧି ନିଧାନ ।**
**ଆସିଷ ଦେଇ ଗଈ ସୋ ହରଷି ଚଲେଉ ହନୁମାନ ॥ ୨ ॥**

ତୁମେ ଶ୍ରୀରାମଙ୍କର ସକଳ କାର୍ଯ୍ୟ କରିପାରିବ; କାରଣ ତୁମେ ହେଉଛ ବଳ ଓ ବୁଦ୍ଧିର ବିରାଟ ଭଣ୍ଡାର । ଏପରି ଆଶୀର୍ବାଦ ଦେଇ ସୁରସା ଫେରିଗଲେ ଏବଂ ହନୁମାନ୍ ଆନନ୍ଦିତ ହୋଇ ଆଗକୁ ଚାଲିଲେ ॥ ୨ ॥

**ନିସିଚରି ଏକ ସିଂଧୁ ମହୁଁ ରହଈ । କରି ମାୟା ନଭୁ କେ ଖଗ ଗହଈ ॥**
**ଜୀଓ୍ୱ ଜଂତୁ ଜେ ଗଗନ ଉଡ଼ାହୀଁ । ଜଲ ବିଲୋକି ତିହ୍ନ କୈ ପରିଛାହୀଁ ॥ ୧ ॥**
**ଗହଇ ଛାହଁ ସକ ସୋ ନ ଉଡ଼ାଈ । ଏହି ବିଧି ସଦା ଗଗନଚର ଖାଈ ॥**
**ସୋଇ ଛଲ ହନୂମାନ କହଁ କୀହ୍ନା । ତାସୁ କପଟୁ କପି ତୁରତହିଁ ଚୀହ୍ନା ॥ ୨ ॥**

ସମୁଦ୍ରରେ ଗୋଟିଏ ରାକ୍ଷସୀ ରହୁଥିଲା । ସେ ମାୟା କରି, ଆକାଶରେ ଉଡ଼ିଯାଉଥିବା ପକ୍ଷୀମାନଙ୍କୁ ଧରି ନେଉଥିଲା । ଜୀବଜନ୍ତୁମାନେ ଆକାଶରେ ଉଡୁଥିବାବେଳେ ସମୁଦ୍ର ଜଳରେ ପଡୁଥିବା ସେମାନଙ୍କର ପ୍ରତିବିମ୍ବକୁ ଦେଖି ସେ ମାୟାରେ ସେହି ପ୍ରତିବିମ୍ବକୁ ଧରିନେଉଥିଲା, ଫଳରେ ସେମାନେ ଆଉ ଉଡ଼ି ନ ପାରି ସମୁଦ୍ରଜଳରେ

ପଡ଼ିଯାଉଥିଲେ । ଏପରିଭାବରେ ସେ ଆକାଶରେ ଉଡ଼ିଯାଉଥିବା ଜୀବଜନ୍ତୁଙ୍କୁ ଧରି ଖାଇଯାଉଥିଲା । ସେ ହନୁମାନଙ୍କ ଉପରେ ମଧ୍ୟ ସେହି ମାୟା ପ୍ରୟୋଗ କଲା; କିନ୍ତୁ ହନୁମାନ୍ ଅବିଳମ୍ବେ ତା'ର କପଟ ଜାଣିଗଲେ ॥ ୧-୨ ॥

**ତାହି ମାରି ମାରୁତସୁତ ବୀରା । ବାରିଧି ପାର ଗୟଉ ମତିଧୀରା ॥**
**ତହାଁ ଜାଇ ଦେଖୀ ବନ ସୋଭା । ଗୁଂଜତ ଚଂଚରୀକ ମଧୁ ଲୋଭା ॥ ୩ ॥**

ପବନପୁତ୍ର ଧୀରବୁଦ୍ଧି ବୀର ହନୁମାନ୍ ତାକୁ ମାରି ସମୁଦ୍ର ପାରିହୋଇଗଲେ । ଆରକୂଳରେ ପହଞ୍ଚି ସେ ସେଠାର ବନଭୂମିର ଶୋଭା ଦେଖିଲେ । ସେଠାରେ ମହୁ ଲୋଭରେ ଭ୍ରମରମାନେ ଗୁଞ୍ଜନ କରୁଥାନ୍ତି ॥ ୩ ॥

**ନାନା ତରୁ ଫଲ ଫୂଲ ସୁହାଏ । ଖଗ ମୃଗ ବୃଂଦ ଦେଖି ମନ ଭାଏ ॥**
**ସୈଲ ବିସାଲ ଦେଖି ଏକ ଆଗେଁ । ତା ପର ଧାଇ ଚଢ଼େଉ ଭୟ ତ୍ୟାଗେଁ ॥ ୪ ॥**

ବିଭିନ୍ନପ୍ରକାର ବୃକ୍ଷ ଫୁଲଫଳରେ ଭରିହୋଇ ରହିଥାଏ । ସେଠାର ପଶୁପକ୍ଷୀମାନଙ୍କୁ ଦେଖି ସେ ଅତି ଖୁସୀ ହେଲେ । ଆଗରେ ଗୋଟିଏ ବିଶାଳ ପର୍ବତ ଦେଖି ସେ ନିର୍ଭୟରେ ତା'ଉପରେ ଚଢ଼ିଗଲେ ॥ ୪ ॥

**ଉମା ନ କଛୁ କପି କୈ ଅଧିକାଈ । ପ୍ରଭୁ ପ୍ରତାପ ଜୋ କାଲହି ଖାଈ ॥**
**ଗିରି ପର ଚଢ଼ି ଲଂକା ତେହିଁ ଦେଖୀ । କହି ନ ଜାଇ ଅତି ଦୁର୍ଗ ବିସେଷୀ ॥ ୫ ॥**

[ଭଗବାନ୍ ଶିବ କହୁଛନ୍ତି,] ହେ ଉମା ! ଏଥିରେ ହନୁମାନଙ୍କର କୌଣସି ବିଶେଷତ୍ୱ ନାହିଁ; ଏହା ତ ସେହି ପ୍ରଭୁଙ୍କର ପ୍ରଭାବ, ଯେ କି କାଳକୁ ବି କବଳିତ କରିଦିଅନ୍ତି । ପର୍ବତ ଉପରେ ଚଢ଼ି ହନୁମାନ୍ ଲଙ୍କାଗଡ଼କୁ ଚାହିଁଲେ । ଏତେ ବିରାଟ ଗଡ଼ (ଦୁର୍ଗ) ଯେ, ତାହା ଭାଷାରେ କହିହେବ ନାହିଁ ॥ ୫॥

**ଅତି ଉତଂଗ ଜଲନିଧି ଚହୁ ପାସା । କନକ କୋଟ କର ପରମ ପ୍ରକାସା ॥ ୬ ॥**

ଗଡ଼ଟି ଖୁବ୍ ଉଚ୍ଚ; ତାହାର ଚାରିପାଖରେ ସମୁଦ୍ର । ସୁବର୍ଣ୍ଣ ପ୍ରାଚୀରରୁ ଉଜ୍ଜ୍ୱଳ ଜ୍ୟୋତି ବାହାରୁଥାଏ ॥ ୬ ॥

ଛନ୍ଦ- **କନକ କୋଟ ବିଚିତ୍ର ମନି କୃତ ସୁଂଦରାୟତନା ଘନା ।**
**ଚଉହଟ୍ଟ ହଟ୍ଟ ସୁବଟ୍ଟ ବୀଥୀଁ ଚାରୁ ପୁର ବହୁ ବିଧି ବନା ॥**
**ଗଜ ବାଜି ଖଚ୍ଚର ନିକର ପଦଚର ରଥ ବରୂଥନ୍ହି କୋ ଗନୈ ।**
**ବହୁରୂପ ନିସିଚର ଜୂଥ ଅତିବଲ ସେନ ବରନତ ନହିଁ ବନୈ ॥ ୧ ॥**

ବିଚିତ୍ର ମଣିଜଟିତ ସୁବର୍ଣ୍ଣ ପ୍ରାଚୀର । ଭିତରେ ବହୁ ସୁନ୍ଦର ସୁନ୍ଦର ଘର । ବିଭିନ୍ନ ଛକସ୍ଥାନ, ବଜାର, ସୁନ୍ଦର ରାସ୍ତାଘାଟ ଓ ଗଳି ଦେଖାଯାଉଥାଏ । ସୁନ୍ଦର ନଗରଟି ନାନାପ୍ରକାରେ ସଜା ହୋଇଥାଏ । ନଗର ଭିତରେ କେତେ ଯେ ହାତୀ, ଘୋଡ଼ା, ଖଚ୍ଚର ଦଳ ଦଳ ହୋଇ ରହିଥାନ୍ତି ତଥା କେତେ ଯେ ପଦାତିକ ସୈନ୍ୟ ଥାଆନ୍ତି ଓ ରଥ ଥାଏ, ତାହା କିଏ ଗଣିପାରିବ ! ନାନାରୂପର ଦଳଦଳ ରାକ୍ଷସ ଥାଆନ୍ତି; ସେମାନଙ୍କର ଅତ୍ୟନ୍ତ ବଳବାନ୍ ସେନାର ବର୍ଣ୍ଣନା ଆଦୌ କରିହେବ ନାହିଁ ॥ ୧ ॥

**ବନ ବାଗ ଉପବନ ବାଟିକା ସର କୂପ ବାପୀଁ ସୋହହୀଁ ।**
**ନର ନାଗ ସୁର ଗଂଧର୍ବ କନ୍ୟା ରୂପ ମୁନି ମନ ମୋହହୀଁ ॥**
**କହୁଁ ମାଲ ଦେହ ବିସାଲ ସୈଲ ସମାନ ଅତିବଲ ଗର୍ଜହୀଁ ।**
**ନାନା ଅଖାରେନ୍ହ ଭିରହିଁ ବହୁବିଧି ଏକ ଏକନ୍ହ ତର୍ଜହୀଁ ॥ ୨ ॥**

ବନ, ଉପବନ, ଉଦ୍ୟାନ, ଫୁଲବଗିଚ୍ଚ, ପୁଷ୍କରିଣୀ, କୂପ, ବାଙ୍ଗୀ ପ୍ରଭୃତି ମଧ୍ୟ ଶୋଭା ପାଉଥାଏ । ସେଠାକାର ମନୁଷ୍ୟ, ନାଗ, ଦେବତା ଓ ଗନ୍ଧର୍ବଙ୍କ କନ୍ୟାମାନେ ମୁନିମନମୋହିନୀ ସୌନ୍ଦର୍ଯ୍ୟରେ ଶୋଭା ପାଉଥାଆନ୍ତି । ସ୍ଥାନେ ସ୍ଥାନେ ବିଶାଳକାୟ ମଲ୍ଲମାନେ ଗର୍ଜନ କରି କରି ମଲ୍ଲଯୁଦ୍ଧ କରିବା ସଙ୍ଗେ ସଙ୍ଗେ ପରସ୍ପରକୁ ଯୁଦ୍ଧପାଇଁ ଆହ୍ୱାନ ଦେଉଥାଆନ୍ତି ॥ ୨ ॥

**କରି ଜତନ ଭଟ କୋଟିହ୍ନ ବିକଟ ତନ ନଗର ଚହୁଁ ଦିସି ରଚ୍ଛହୀଁ ।**
**କହୁଁ ମହିଷ ମାନୁଷ ଧେନୁ ଖର ଅଜ ଖଲ ନିସାଚର ଭଚ୍ଛହୀଁ ॥**
**ଏହି ଲାଗି ତୁଲସୀଦାସ ଇହ୍ନ କୀ କଥା କଛୁ ଏକ ହୈ କହୀ ।**
**ରଘୁବୀର ସର ତୀରଥ ସରୀରହ୍ନି ତ୍ୟାଗି ଗତି ପୈହହିଁ ସହୀ ॥ ୩ ॥**

ବିରାଟ ବପୁଧାରୀ କୋଟି କୋଟି ଯୋଦ୍ଧା ଅତ୍ୟନ୍ତ ସତର୍କତାର ସହିତ ଚତୁର୍ଦ୍ଦିଗରେ ପହରା ଦେଇ ନଗର ରକ୍ଷା କରୁଥାଆନ୍ତି । କେଉଁଠି କେଉଁଠି ଦୁଷ୍ଟ ରାକ୍ଷସମାନେ ଗାଈ, ମଇଁଷି, ଗଧ, ଛେଳି ଓ ମନୁଷ୍ୟମାନଙ୍କୁ ଧରି ଖାଇଯାଉଥା'ନ୍ତି । ତୁଳସୀଦାସ ସେମାନଙ୍କ କଥା ଅଳ୍ପକରେ କହିଦେଉଛି; କାରଣ ଆଉ ଅଳ୍ପଦିନ ଭିତରେ ସେମାନେ ନିଶ୍ଚିତରୂପେ ଶ୍ରୀରାମଙ୍କ ବାଣରୂପୀ ତୀର୍ଥରେ ଦେହତ୍ୟାଗ କରି ପରମଗତି ଲାଭ କରିବେ ॥ ୩ ॥

ଦୋଃ- **ପୁର ରଖୱାରେ ଦେଖି ବହୁ କପି ମନ କୀହ୍ନ ବିଚ୍ଚର ।**
**ଅତି ଲଘୁ ରୂପ ଧରୌଁ ନିସି ନଗର କରୌଁ ପଇସାର ॥ ୩ ॥**

ନଗରରେ ବହୁସଂଖ୍ୟକ ପ୍ରହରୀଙ୍କୁ ଦେଖି ହନୁମାନ୍ ସ୍ଥିର କଲେ, ''ଅତ୍ୟନ୍ତ କ୍ଷୁଦ୍ରରୂପ ଧରି ରାତିବେଳେ ନଗରରେ ପ୍ରବେଶ କରିବି ।'' ॥ ୩ ॥

**ମସକ ସମାନ ରୂପ କପି ଧରୀ । ଲଂକହି ଚଲେଉ ସୁମିରି ନରହରୀ ॥**
**ନାମ ଲଂକିନୀ ଏକ ନିସିଚରୀ । ସୋ କହ ଚଲେସି ମୋହି ନିଂଦରୀ ॥ ୧ ॥**
**ଜାନେହି ନହୀଁ ମରମୁ ସଠ ମୋରା । ମୋର ଅହାର ଜହାଁ ଲଗି ଚ୍ଚୋରା ॥**
**ମୁଠିକା ଏକ ମହା କପି ହନୀ । ରୁଧିର ବମତ ଧରନୀଁ ଢନମନୀ ॥ ୨ ॥**

ସେହି ଯୋଜନା ଅନୁଯାୟୀ, ହନୁମାନ୍ ମଶା ପରି ଅତ୍ୟନ୍ତ କ୍ଷୁଦ୍ରରୂପ ଧାରଣ କଲେ ଏବଂ ନରରୂପରେ ଲୀଳା କରୁଥିବା ଶ୍ରୀରାମଙ୍କୁ ସ୍ମରଣ କରି ଲଙ୍କାଗଡ଼ରେ ପ୍ରବେଶ କଲେ । ନଗରଦ୍ୱାରରେ ଲଙ୍କିନୀ ବୋଲି ଜଣେ ରାକ୍ଷସୀ ଥାଏ । ସେ ପାଟି କଲା, ''ଆରେ ମୂର୍ଖ ! ମୋତେ ନ ପଚ୍ଚରି ତୁ କୁଆଡ଼େ ପଶିଯାଉଛୁ ? ଆରେ ମୂର୍ଖ ! ତୁ ମୋତେ ଚିହ୍ନିନୁ ? ଯେତେସବୁ ଚ୍ଚୋର, ସେମାନେ ହେଉଛନ୍ତି ମୋର ଖାଦ୍ୟ ।'' ଏହା ଶୁଣି ମହାକପି ହନୁମାନ୍ ତାକୁ ଏପରି ଏକ ମୁଥ ମାରିଦେଲେ ଯେ, ସେ ରକ୍ତବାନ୍ତି କରି ତଳେ ପଡ଼ିଗଲା ॥ ୧-୨ ॥

**ପୁନି ସଂଭାରି ଉଠୀ ସୋ ଲଂକା । ଜୋରି ପାନି କର ବିନୟ ସସଂକା ॥**
**ଜବ ରାୱନହି ବ୍ରହ୍ମ ବର ଦୀହ୍ନା । ଚଲତ ବିରଂଚି କହା ମୋହି ଚୀହ୍ନା ॥ ୩ ॥**
**ବିକଲ ହୋସି ତୈଁ କପି କେଁ ମାରେ । ତବ ଜାନେସୁ ନିସିଚର ସଂଘାରେ ॥**
**ତାତ ମୋର ଅତି ପୁନ୍ୟ ବହୂତା । ଦେଖେଉଁ ନୟନ ରାମ କର ଦୂତା ॥ ୪ ॥**

ସେହି ଲଙ୍କିନୀ ନିଜକୁ ସମ୍ଭାଳି, ଉଠି ଠିଆ ହେଲା ଏବଂ ଭୟରେ କରପତ୍ର ଯୋଡ଼ି, ବିନତି କରି କହିଲା, ''ବ୍ରହ୍ମା ଯେତେବେଳେ ରାବଣକୁ ବର ଦେଇ ଫେରିଲେ, ସେତେବେଳେ ସେ ରାକ୍ଷସମାନଙ୍କର ବିନାଶର ସୂଚନା

ଦେଇ ମୋତେ କହିଥିଲେ, 'ଯେଉଁ ଦିନ ତୁ ବାନରଠାରୁ ମାଡ଼ ଖାଇ ବ୍ୟାକୁଳ ହୋଇଯିବୁ, ସେହିଦିନୁ ରାକ୍ଷସମାନଙ୍କର ସଂହାର ହେଲା ବୋଲି ଜାଣିବୁ' । ହେ ବାପ ! ମୋର ବଡ଼ ପୁଣ୍ୟ ଯେ, ଆଜି ମୁଁ ନିଜ ଆଖିରେ ତୁମ ପରି ଶ୍ରୀରାମଙ୍କ ଦୂତଙ୍କୁ ଦେଖିବାକୁ ପାଇଲି ॥ ୩-୪॥

ଦୋ:- **ତାତ ସ୍ୱର୍ଗ ଅପବର୍ଗ ସୁଖ ଧରିଅ ତୁଲା ଏକ ଅଂଗ ।**
**ତୂଲ ନ ତାହି ସକଲ ମିଲି ଜୋ ସୁଖ ଲଓ୍ୱ ସତସଂଗ ॥ ୪ ॥**

ବାପ ! ଯଦି ସ୍ୱର୍ଗ ଓ ମୋକ୍ଷର ସମସ୍ତ ସୁଖକୁ ତରାଜୁର ଗୋଟିଏ ପଲାରେ ରଖାଯାଏ, ତେବେ ସେସବୁ ମିଶି ମଧ୍ୟ [ଅନ୍ୟ ପଲାରେ ରଖାଯାଇଥିବା] ମାତ୍ର କ୍ଷଣକର ସାଧୁସଙ୍ଗ(ସତ୍‌ସଙ୍ଗ)ରୁ ମିଳୁଥିବା ଆନନ୍ଦ ସହିତ ସମାନ ହୋଇପାରିବ ନାହିଁ ॥ ୪ ॥

**ପ୍ରବିସି ନଗର କୀଜେ ସବ କାଜା । ହୃଦୟଁ ରାଖି କୋସଲପୁର ରାଜା ॥**
**ଗରଲ ସୁଧା ରିପୁ କରହିଁ ମିତାଈ । ଗୋପଦ ସିଂଧୁ ଅନଲ ସିତଲାଈ ॥ ୧ ॥**
**ଗରୁଡ଼ ସୁମେରୁ ରେନୁ ସମ ତାହୀ । ରାମ କୃପା କରି ଚିତଓ୍ୱା ଜାହୀ ॥**
**ଅତି ଲଘୁ ରୂପ ଧରେଉ ହନୁମାନା । ପୈଠା ନଗର ସୁମିରି ଭଗଓ୍ୱାନା ॥ ୨ ॥**

ଅଯୋଧ୍ୟାପତି ଶ୍ରୀରଘୁନାଥଙ୍କୁ ହୃଦୟରେ ଧରି ତୁମେ ଏହି ନଗରରେ ପ୍ରବେଶ କର ଓ ସବୁକାମ କର (ଯେଉଁଥି ପାଇଁ ଆସିଛ, ତାହା କରିଯାଅ) ।'' [କାକଭୁଶୁଣ୍ଡି କହିଲେ,] ଯାହାଙ୍କୁ ଶ୍ରୀରାମ ଥରଟିଏମାତ୍ର କୃପାଦୃଷ୍ଟିରେ ଗ୍ରହିଁଦିଅନ୍ତି; ତାଙ୍କ ନିମନ୍ତେ ବିଷ ଅମୃତତୁଲ୍ୟ ହୋଇଯାଏ, ଶତ୍ରୁ ମିତ୍ରତା କରିବାକୁ ଆରମ୍ଭ କରିଦିଏ; ସମୁଦ୍ର ଗୋ-ଖୁରା ପରି (କ୍ଷୁଦ୍ର) ହୋଇଯାଏ, ଅଗ୍ନିରେ ଶୀତଳତା ଆସିଯାଏ ଏବଂ ହେ ଗରୁଡ଼ ! ତାଙ୍କ ନିମନ୍ତେ ସୁମେରୁ ପର୍ବତ ମଧ୍ୟ ଧୂଳିକଣା ପରି ହୋଇଯାଏ । ତେଣୁ ହନୁମାନ୍ ଅତି କ୍ଷୁଦ୍ରରୂପ ଧାରଣକରିବାପୂର୍ବକ ଭଗବାନଙ୍କୁ ସ୍ମରଣ କରି ଲଙ୍କା ନଗରୀରେ ପ୍ରବେଶ କଲେ ॥ ୧-୨॥

**ମଂଦିର ମଂଦିର ପ୍ରତି କରି ସୋଧା । ଦେଖେ ଜହଁ ତହଁ ଅଗନିତ ଜୋଧା ॥**
**ଗୟଉ ଦସାନନ ମଂଦିର ମାହୀଁ । ଅତି ବିଚିତ୍ର କହି ଜାତ ସୋ ନାହୀଁ ॥ ୩ ॥**

ସେ ଗୋଟି ଗୋଟି କରି ନଗରର ପ୍ରତ୍ୟେକ ଭବନ ଖୋଜିଗଲେ । ଯେଉଁଠିକି ଗ୍ରହିଁଲେ, ସେଠାରେ ଅସଂଖ୍ୟ ଯୋଦ୍ଧା ଦେଖାଗଲେ । ତା'ପରେ ସେ ରାବଣର ଭବନରେ ପ୍ରବେଶ କଲେ । ତାହା ଏତେ ବିଚିତ୍ର ଥିଲା ଯେ, ତାହାର ବର୍ଣ୍ଣନା କରିହେବ ନାହିଁ ॥ ୩ ॥

**ସୟନ କିଏଁ ଦେଖା କପି ତେହୀ । ମଂଦିର ମହୁଁ ନ ଦୀଖି ବୈଦେହୀ ॥**
**ଭଓ୍ୱନ ଏକ ପୁନି ଦୀଖ ସୁହାଓ୍ୱା । ହରି ମଂଦିର ତହଁ ଭିନ୍ନ ବନାଓ୍ୱା ॥ ୪ ॥**

ହନୁମାନ୍ ଦେଖିଲେ, ରାବଣ ଶୋଇଛି; କିନ୍ତୁ ସେଠାରେ ଜାନକୀଙ୍କୁ ଦେଖିବାକୁ ପାଇଲେ ନାହିଁ । ତା'ପରେ ଆଉ ଗୋଟିଏ ଭବନ ଦେଖାଗଲା । ତା'ନିକଟରେ ଭଗବାନଙ୍କର ଗୋଟିଏ ମନ୍ଦିର ଗଢ଼ା ହୋଇଥାଏ ॥ ୪ ॥

ଦୋ:- **ରାମାୟୁଧ ଅଂକିତ ଗୃହ ସୋଭା ବରନି ନ ଜାଇ ।**
**ନଓ୍ୱ ତୁଲସିକା ବୃଂଦ ତହଁ ଦେଖି ହରଷ କପିରାଇ ॥ ୫ ॥**

ସେହି ଭବନରେ ଶ୍ରୀରାମଙ୍କ ଆୟୁଧ (ଧନୁଶର) ଚିହ୍ନ ଅଙ୍କିତ ହୋଇଥିଲା । ସେହି ଭବନଟିର ଶୋଭା ଅବର୍ଣ୍ଣନୀୟ । ସେଠାରେ ସୁନ୍ଦର ତୁଳସୀଗଛଗୁଡ଼ିଏ ଦେଖି କପିରାଜ ହନୁମାନ୍ ଆନନ୍ଦିତ ହୋଇଗଲେ ॥ ୫ ॥

**ଲଂକା ନିସିଚର ନିକର ନିୱାସା । ଇହାଁ କହାଁ ସଜ୍ଜନ କର ବାସା ॥**
**ମନ ମହୁଁ ତରକ କରୈଁ କପି ଲାଗା । ତେହୀଂ ସମୟ ବିଭୀଷନୁ ଜାଗା ॥ ୧ ॥**

ଲଙ୍କା ତ ରାକ୍ଷସମାନଙ୍କର ନିବାସସ୍ଥାନ; ଏଠାରେ ସାଧୁପୁରୁଷଙ୍କ ନିବାସ କେଉଁଠୁ ଆସିଲା ବୋଲି ହନୁମାନଙ୍କ ମନରେ ପ୍ରଶ୍ନ ଉଠିଲା । ସେତିକିବେଳେ ବିଭୀଷଣ ନିଦରୁ ଉଠିଲେ ॥ ୧ ॥

**ରାମ ରାମ ତେହିଁ ସୁମିରନ କୀହ୍ନା । ହୃଦୟଁ ହରଷ କପି ସଜ୍ଜନ ଚୀହ୍ନା ॥**
**ଏହି ସନ ହଠି କରିହଉଁ ପହିଚ୍ୱାନୀ । ସାଧୁ ତେ ହୋଇ ନ କାରଜ ହାନୀ ॥ ୨ ॥**

ବିଭୀଷଣ ରାମନାମ ସ୍ମରଣ (ଉଚ୍ଚାରଣ) କଲେ ! ସେ ଜଣେ ସଜ୍ଜନ ବୋଲି ଜାଣିପାରି ହନୁମାନ୍ ଉତ୍‌ଫୁଲ୍ଲିତ ହୋଇଗଲେ । ସେ ଭାବିଲେ, 'ମୁଁ ଯାଇ ନିଜେ ତାଙ୍କୁ ସାକ୍ଷାତ୍ କରିବି, କାରଣ ସାଧୁଜନଙ୍କ ଦ୍ୱାରା କୌଣସି ପ୍ରକାର କ୍ଷତି ହୁଏ ନାହିଁ; ଲାଭହିଁ ହୋଇଥାଏ ।' ॥ ୨ ॥

**ବିପ୍ର ରୂପ ଧରି ବଚନ ସୁନାଏ । ସୁନତ ବିଭୀଷନ ଉଠି ତହଁ ଆଏ ॥**
**କରି ପ୍ରନାମ ପୂଁଛୀ କୁସଲାଈ । ବିପ୍ର କହହୁ ନିଜ କଥା ବୁଝାଈ ॥ ୩ ॥**
**କୀ ତୁହ୍ମ ହରି ଦାସହ୍ନ ମହଁ କୋଈ । ମୋରେଁ ହୃଦୟ ପ୍ରୀତି ଅତି ହୋଈ ॥**
**କୀ ତୁହ୍ମ ରାମୁ ଦୀନ ଅନୁରାଗୀ । ଆୟହୁ ମୋହି କରନ ବଡ଼ଭାଗୀ ॥ ୪ ॥**

ହନୁମାନ୍ ବ୍ରାହ୍ମଣରୂପ ଧରି ତାଙ୍କୁ ଡାକିଲେ । ଡାକ ଶୁଣିବାକ୍ଷଣି ବିଭୀଷଣ ଆସିଲେ । ସେ ପ୍ରଣାମ କରି କୁଶଳ ସମ୍ଭାଷଣ କଲେ ଏବଂ କହିଲେ, ''ହେ ବ୍ରାହ୍ମଣଦେବ ! ଆପଣଙ୍କ ପରିଚୟ ଦିଅନ୍ତୁ । ଆପଣ ଜଣେ ହରିଭକ୍ତ କି ? କାରଣ, ଆପଣଙ୍କୁ ଦେଖି ମୋତେ ବଡ଼ ଆନନ୍ଦ ଲାଗୁଛି । ନା, ଆପଣ ସ୍ୱୟଂ ପ୍ରଭୁ ଦୀନଦୟାଳୁ ଶ୍ରୀରାମ ? ମୁଁ ଘରେ ବସି ଥାଉ ଥାଉ ଦର୍ଶନ ଦେଇ, ମୋତେ କୃତାର୍ଥ କରିଦେବାକୁ ଆସିଛନ୍ତି !'' ॥ ୩-୪ ॥

ଦୋ:- **ତବ ହନୁମଂତ କହୀ ସବ ରାମ କଥା ନିଜ ନାମ ।**
**ସୁନତ ଜୁଗଲ ତନ ପୁଲକ ମନ ମଗନ ସୁମିରି ଗୁନ ଗ୍ରାମ ॥ ୬ ॥**

ତହୁଁ ହନୁମାନ୍ ଶ୍ରୀରାମଙ୍କ ସକଳ ବୃତ୍ତାନ୍ତ ଶୁଣାଇ ନିଜର ନାମ କହିଲେ । ତାହା ଶୁଣି ଉଭୟଙ୍କ ଶରୀର ରୋମାଞ୍ଚିତ ହୋଇଗଲା ଏବଂ ଶ୍ରୀରାମଙ୍କ ଗୁଣସମୂହ ସ୍ମରଣ କରି ଦୁହିଁଙ୍କର ମନ ପ୍ରେମ ଓ ଆନନ୍ଦରେ ନିମଗ୍ନ ହୋଇଗଲା ॥ ୬ ॥

**ସୁନହୁ ପୱନସୁତ ରହନି ହମାରୀ । ଜିମି ଦସନହ୍ନି ମହୁଁ ଜୀଭ ବିଚ୍ୱାରୀ ॥**
**ତାତ କବହୁଁ ମୋହି ଜାନି ଅନାଥା । କରିହହିଁ କୃପା ଭାନୁକୁଲ ନାଥା ॥ ୧ ॥**
**ତାମସ ତନୁ କଛୁ ସାଧନ ନାହୀଁ । ପ୍ରୀତି ନ ପଦ ସରୋଜ ମନ ମାହୀଁ ॥**
**ଅବ ମୋହି ଭା ଭରୋସ ହନୁମଂତା । ବିନୁ ହରିକୃପା ମିଲହିଁ ନହିଁ ସଂତା ॥ ୨ ॥**
**ଜୌଁ ରଘୁବୀର ଅନୁଗ୍ରହ କୀହ୍ନା । ତୌ ତୁହ୍ମ ମୋହି ଦରସୁ ହଠି ଦୀହ୍ନା ॥**
**ସୁନହୁ ବିଭୀଷନ ପ୍ରଭୁ କୈ ରୀତୀ । କରହିଁ ସଦା ସେୱକ ପର ପ୍ରୀତୀ ॥ ୩ ॥**
**କହହୁ କୱନ ମୈଁ ପରମ କୁଲୀନା । କପି ଚଂଚଲ ସବହୀଁ ବିଧି ହୀନା ॥**
**ପ୍ରାତ ଲେଇ ଜୋ ନାମ ହମାରା । ତେହି ଦିନ ତାହି ନ ମିଲୈ ଅହାରା ॥ ୪ ॥**

[ବିଭୀଷଣ କହିଲେ,] ''ହେ ପବନପୁତ୍ର ! ମୁଁ କିପରି ରହିଛି, ଶୁଣନ୍ତୁ । ମୁଁ ଏଠାରେ ଦାନ୍ତଘେର ଭିତରେ ବିଚରା ଜିଭ ରହିଥିବାପରି ରହିଛି । ହେ ପ୍ରିୟ ! ମୋତେ ଅନାଥ ବୋଲି ଜାଣି ସୂର୍ଯ୍ୟବଂଶନାଥ ଶ୍ରୀରାମ କଣ କେବେ କୃପା କରିବେ ? ତାମସ ଶରୀର (ରାକ୍ଷସକୁଳରେ ଜାତ) ହୋଇଥିବାରୁ, ମୋର କିଛି ସାଧନଭଜନ ନାହିଁ, କି ମୋ ମନଭିତରେ ଶ୍ରୀରାମଙ୍କ ଚରଣକମଳରେ ପ୍ରୀତି ନାହିଁ । କିନ୍ତୁ ହେ ହନୁମାନ୍ ! ଏବେ ମୋର ବିଶ୍ୱାସ ହୋଇଗଲା ଯେ, ଶ୍ରୀରାମଙ୍କର ମୋ ପ୍ରତି କୃପା ରହିଛି; କାରଣ ହରିଙ୍କ କୃପା ବିନା ସନ୍ଥ ମିଳନ୍ତି ନାହିଁ । ଶ୍ରୀରଘୁବୀର କୃପା କରିବାରୁହିଁ ତ ଆପଣ ନିଜେ ଆସି ମୋତେ ଦର୍ଶନ ଦେଲେ ।'' [ହନୁମାନ୍ କହିଲେ,] ''ହେ ବିଭୀଷଣ ! ପ୍ରଭୁଙ୍କର ରୀତି ହେଉଛି, ସେ ସେବକକୁ ସର୍ବଦା ପ୍ରେମ କରନ୍ତି । ମୁଁ ବା କେଉଁ ବଡ଼ କୁଳୀନ, କହନ୍ତୁ ଭଲା ! ଜାତିରେ ମୁଁ ଚଞ୍ଚଳମତି ବାନରଟାଏ ଏବଂ ସବୁଦୃଷ୍ଟିରୁ ନୀଚ । ଯେ ସକାଳୁ ସକାଳୁ ଆମ ନାଆଁ ଧରିବ, ତାକୁ ଦିନସାରା ଖାଇବାକୁ ମିଳିବ ନାହିଁ । (ଏଠାରେ ହନୁମାନଙ୍କର ଦୈନ୍ୟ ଓ ଭକ୍ତିଭାବ ପ୍ରକାଶ ପାଇଛି) ॥୧-୪ ॥

ଦୋଃ- **ଅସ ମୈଁ ଅଧମ ସଖା ସୁନୁ ମୋହୂ ପର ରଘୁବୀର ।**
**କୀହ୍ନୀ କୃପା ସୁମିରି ଗୁନ ଭରେ ବିଲୋଚନ ନୀର ॥ ୭ ॥**

ହେ ବନ୍ଧୁ ! ମୁଁ ହେଉଛି ଏପରି ଜଣେ ଅଧମ; ତଥାପି ଶ୍ରୀରାମ ମୋ ପ୍ରତି କୃପା କରିଛନ୍ତି ।'' ଭଗବାନଙ୍କ ଗୁଣାବଳୀ ସ୍ମରଣ କରି ତାଙ୍କର ନୟନଯୁଗଳ ପ୍ରେମାଶ୍ରୁରେ ପୂର୍ଣ୍ଣ ହୋଇଗଲା ॥ ୭ ॥

**ଜାନତହୂଁ ଅସ ସ୍ୱାମି ବିସାରୀ । ଫିରହିଁ ତେ କାହେ ନ ହୋହିଁ ଦୁଖାରୀ ॥**
**ଏହି ବିଧି କହତ ରାମ ଗୁନ ଗ୍ରାମା । ପାୱା ଅନିର୍ବାଚ୍ୟ ବିଶ୍ରାମା ॥ ୧ ॥**

ସେ କହିଲେ, ''ଯେଉଁମାନେ ଏକଥା (ଭଗବାନଙ୍କ କୃପାଳୁତା) ଜାଣି ମଧ୍ୟ ଏଭଳି ପ୍ରଭୁଙ୍କୁ ପାସୋରି, ବିଷୟ ପଛରେ ଗୋଡ଼ାଉଛନ୍ତି, ସେମାନେ ଦୁଃଖୀ ନ ହେବେ କିପରି ?'' ଏପରିଭାବରେ ଶ୍ରୀରାମଙ୍କ ଗୁଣ କୀର୍ତ୍ତନ କରି କରି ସେ ଅନିର୍ବଚନୀୟ ଶାନ୍ତି ଲାଭ କଲେ ॥ ୧ ॥

**ପୁନି ସବ କଥା ବିଭୀଷନ କହୀ । ଜେହି ବିଧି ଜନକସୁତା ତହଁ ରହୀ ॥**
**ତବ ହନୁମଂତ କହା ସୁନୁ ଭ୍ରାତା । ଦେଖୀ ଚହଉଁ ଜାନକୀ ମାତା ॥ ୨ ॥**

ତା'ପରେ ମାତା ଜାନକୀ ସେଠାରେ ଯେପରି ରହିଛନ୍ତି, ବିଭୀଷଣ ସେସବୁ କଥା କହିଲେ । ହନୁମାନ୍ କହିଲେ, ''ହେ ଭାଇ ! ଶୁଣ, ମୁଁ ମାତା ଜାନକୀଙ୍କୁ ଦେଖିବାକୁ ଚାହୁଁଛି ।'' ॥ ୨ ॥

**ଜୁଗୁତି ବିଭୀଷନ ସକଲ ସୁନାଈ । ଚଲେଉ ପୱନସୁତ ବିଦା କରାଈ ॥**
**କରି ସୋଇ ରୂପ ଗୟଉ ପୁନି ତହୱାଁ । ବନ ଅସୋକ ସୀତା ରହ ଜହୱାଁ ॥ ୩ ॥**

ମାତା ସୀତାଙ୍କୁ କିପରି ଦର୍ଶନ କରିହେବ, ବିଭୀଷଣ ତାହାର ଉପାୟସବୁ କହିଦେଲେ । ତେଣୁ ହନୁମାନ୍ ତାଙ୍କ ଠାରୁ ବିଦାୟ ନେଇ ସୀତାଦର୍ଶନ ନିମନ୍ତେ ବାହାରିପଡ଼ିଲେ । ସେ ପୁଣି ଥରେ ସେହି ରୂପ ଧରି ଅଶୋକବନରେ ସୀତା ରହୁଥିବା ସ୍ଥାନକୁ ଗଲେ ॥ ୩ ॥

**ଦେଖି ମନହି ମହୁଁ କୀହ୍ନ ପ୍ରନାମା । ବୈଠେହିଁ ବୀତି ଜାତ ନିସି ଜାମା ॥**
**କୃସ ତନୁ ସୀସ ଜଟା ଏକ ବେନୀ । ଜପତି ହୃଦୟଁ ରଘୁପତି ଗୁନ ଶ୍ରେନୀ ॥ ୪ ॥**

ସୀତାଙ୍କୁ ଦେଖି ହନୁମାନ୍ ମନେ ମନେ ପ୍ରଣାମ କଲେ । ସୀତାଙ୍କର ରାତି ଚାରିପହରଯାକ ତ ବସି ବସି ବିତିଯାଉଥାଏ । ଶରୀର ଦୁର୍ବଳ ହୋଇଯାଇଥାଏ; ମଥାର କେଶ ଜଟାରେ ପରିଣତ ହୋଇ ଗୋଟିଏ ବେଣୀ ହୋଇଯାଇଥାଏ । ସେ ହୃଦୟରେ ଶ୍ରୀରଘୁନାଥଙ୍କର ଗୁଣସମୂହ ଜପ (ସ୍ମରଣ) କରୁଥାନ୍ତି ॥ ୪ ॥

ଦୋ:- **ନିଜ ପଦ ନୟନ ଦିଏଁ ମନ ରାମ ପଦ କମଲ ଲୀନ ।**
**ପରମ ଦୁଖୀ ଭା ପୱନସୁତ ଦେଖି ଜାନକୀ ଦୀନ ॥ ୮ ॥**

ମାତା ଜାନକୀ ନିଜ ଚରଣରେ ଦୃଷ୍ଟି ନିବଦ୍ଧ କରିଥାନ୍ତି ଏବଂ ତାଙ୍କ ମନ ଶ୍ରୀରାମଙ୍କ ଚରଣକମଳରେ ଲୀନ ହୋଇଯାଇଥାଏ । ଜାନକୀଙ୍କୁ ଏପରି ଦୟନୀୟ ଅବସ୍ଥାରେ ଦେଖି ପବନସୁତ ହନୁମାନ୍ ଅତ୍ୟନ୍ତ ଦୁଃଖିତ ହୋଇଗଲେ ॥ ୮॥

**ତରୁ ପଲ୍ଲୱ ମହୁଁ ରହା ଲୁକାଈ । କରଇ ବିଚାର କରୌଁ କା ଭାଈ ॥**
**ତେହି ଅୱସର ରାୱନୁ ତହଁ ଆୱା । ସଂଗ ନାରି ବହୁ କିଏଁ ବନାୱା ॥ ୧ ॥**
**ବହୁ ବିଧି ଖଲ ସୀତହି ସମୁଝାୱା । ସାମ ଦାନ ଭୟ ଭେଦ ଦେଖାୱା ॥**
**କହ ରାୱନୁ ସୁନୁ ସୁମୁଖି ସୟାନୀ । ମଂଦୋଦରୀ ଆଦି ସବ ରାନୀ ॥ ୨ ॥**
**ତୱ ଅନୁଚରୀଁ କରଉଁ ପନ ମୋରା । ଏକ ବାର ବିଲୋକୁ ମମ ଓରା ॥**
**ତୃନ ଧରି ଓଟ କହତି ବୈଦେହୀ । ସୁମିରି ଅୱଧପତି ପରମ ସନେହୀ ॥ ୩ ॥**
**ସୁନୁ ଦସମୁଖ ଖଦ୍ୟୋତ ପ୍ରକାସା । କବହୁଁ କି ନଲିନୀ କରଇ ବିକାସା ॥**
**ଅସ ମନ ସମୁଝୁ କହତି ଜାନକୀ । ଖଲ ସୁଧି ନହିଁ ରଘୁବୀର ବାନ କୀ ॥ ୪ ॥**
**ସଠ ସୂନେଁ ହରି ଆନେହି ମୋହୀ । ଅଧମ ନିଲଜ୍ଜ ଲାଜ ନହିଁ ତୋହୀ ॥ ୫ ॥**

ହନୁମାନ୍ ଗଛର ପତ୍ରଗହଳ ଭିତରେ ଲୁଚିରହି ବିଚାର କରିବାକୁ ଲାଗିଲେ, ''କ'ଣ କରିବି (ଏହାଙ୍କର ଦୁଃଖ କିପରି ଦୂର କରିବି) ?'' ସେତିକିବେଳେ ଅନେକ ସ୍ତ୍ରୀଲୋକଙ୍କୁ ସଙ୍ଗରେ ନେଇ ବହୁ ଆଡ଼ମ୍ବର ସହକାରେ ରାବଣ ଆସି ସେଠାରେ ପହଁଚିଗଲା । ସେହି ଦୁଷ୍ଟ ସୀତାଙ୍କୁ ବହୁପ୍ରକାରେ ବୁଝାଇଲା । ସେ ସାମ, ଦାନ, ଦଣ୍ଡ ଓ ଭେଦ ନୀତି ଦେଖାଇଲା । ରାବଣ କହିଲା, ''ହେ ସୁମୁଖୀ ! ହେ ଚତୁରୀ ! ଶୁଣ; ମନ୍ଦୋଦରୀ ଆଦି ସବୁରାଣୀଙ୍କୁ ମୁଁ ତୁମର ଦାସୀ କରିଦେବି । ଏହା ମୋର ପଣ । ତୁମେ ଖାଲି ମୋ ଆଡ଼କୁ ଥରଟିଏ ଚାହିଁଦିଅ ।'' ନିଜର ପରମ ସ୍ନେହୀ ଅଯୋଧ୍ୟାପତି ଶ୍ରୀରାମଚନ୍ଦ୍ରଙ୍କୁ ସ୍ମରଣ କରି କରି ଖଣ୍ଡେ ତୃଣକୁ ଆଢୁଆଳ କରି* ଜାନକୀ କହିଲେ– ''ରେ ଦଶମୁଖ ! ଶୁଣିରଖ, ପଦ୍ମଫୁଲକୁ କେବେ ଜୁଳୁଜୁଳିଆ ପୋକର ଆଲୋକ ପ୍ରସ୍ଫୁଟିତ କରିପାରେ କି ?'' ଜାନକୀ ପୁଣି କହିଲେ, ''ତୁ ନିଜକୁ ସେହିପରି ଜୁଳୁଜୁଳିଆ ପୋକଟାଏ ବୋଲି ଜାଣିରଖ । ରେ ଦୁଷ୍ଟ ! ତୋତେ ଶ୍ରୀରଘୁବୀରଙ୍କ ବାଣର ଟାଣ ଜଣା ନାହିଁ । ରେ ପାପୀ ! ମୁଁ ଏକାକୀ ଥିବାବେଳେ ତୁ ମୋତେ ହରଣ କରି ନେଇଆସିଲୁ । ରେ ଅଧମ ! ରେ ନିର୍ଲଜ୍ଜ ! ତତେ ଲାଜ ଲାଗୁନାହିଁ ?'' ॥ ୧–୫ ॥

ଦୋ:- **ଆପୁହି ସୁନି ଖଦ୍ୟୋତ ସମ ରାମହି ଭାନୁ ସମାନ ।**
**ପରୁଷ ବଚନ ସୁନି କାଢ଼ି ଅସି ବୋଲା ଅତି ଖିସିଆନ ॥ ୯ ॥**

ନିଜକୁ ଜୁଳୁଜୁଳିଆ ପୋକ ସମାନ ଓ ରାମଙ୍କୁ ସୂର୍ଯ୍ୟ ସମାନ ଶୁଣି ଏବଂ ସୀତାଙ୍କ କଠୋର ବଚନରେ ଅତି କ୍ରୁଦ୍ଧ ହୋଇ, ରାବଣ ଖଣ୍ଡା ବାହାର କରିଦେଲା । କହିଲା–॥ ୯ ॥

* [ହିନ୍ଦୁ ସଦାଚାର ଅନୁଯାୟୀ ସଧବା ସ୍ତ୍ରୀମାନେ ବିନାପରଦାରେ ଅନ୍ୟ ଅଚିହ୍ନା ପୁରୁଷ ସହିତ କଥାଭାଷା କରନ୍ତି ନାହିଁ । ତେଣୁ ଅନନ୍ୟୋପାୟ ହୋଇ ସୀତା ଆଖି ଆଗରେ ଖଣ୍ଡିଏ ତୃଣ ଧରି ରାବଣଙ୍କୁ କହିଲେ ।]

**ସୀତା ତେଁ ମମ କୃତ ଅପମାନା । କଟିହଉଁ ତଵ୍ ସିର କଠିନ କୃପାନା ॥**
**ନାହିଁ ତ ସପଦି ମାନୁ ମମ ବାନୀ । ସୁମୁଖି ହୋତି ନ ତ ଜୀଵ୍ନ ହାନୀ ॥ ୧ ॥**

''ସୀତା ! ତୁମେ ମୋତେ ଅପମାନିତ କଲ ! ଏହି କଠୋର ଖଡ୍ଗରେ, ମୁଁ ତୁମର ଶିର ଛେଦ କରିଦେବି । ଶୀଘ୍ର ମୋ କଥା ମାନିଯାଅ । ହେ ସୁମୁଖି ! ନ ହେଲେ ଜୀବନ ହରାଇଦେବାକୁ ପଡ଼ିବ ।'' ॥ ୧ ॥

**ସ୍ୟାମ ସରୋଜ ଦାମ ସମ ସୁଂଦର । ପ୍ରଭୁ ଭୁଜ କରି କର ସମ ଦସକଂଧର ॥**
**ସୋ ଭୁଜ କଂଠ କି ତଵ୍ ଅସି ଘୋରା । ସୁନୁ ସଠ ଅସ ପ୍ରଵ୍ାନ ପନ ମୋରା ॥ ୨ ॥**

[ସୀତା କହିଲେ,] ''ରେ ଦଶଗ୍ରୀବ ! ମୋ ପ୍ରଭୁଙ୍କ ବାହୁ ନୀଳକମଳମାଳା ପରି ସୁନ୍ଦର ଏବଂ ହସ୍ତୀର ଶୁଣ୍ଢ ସମାନ ପୁଷ୍ଟ ଓ ବିଶାଳ । ମୋ ବେକରେ ହୁଏତ ସେହି ବାହୁ ପଡ଼ିବ, ନଚେତ୍ ତୋର ଏହି ଭୟଙ୍କର ଖଣ୍ଡା ପଡ଼ିବ । ରେ ଶଠ ! ଶୁଣିରଖ, ଏହାହିଁ ମୋର ସତ୍ୟ ପ୍ରତିଜ୍ଞା ।'' ॥ ୨ ॥

**ଚଂଦ୍ରହାସ ହରୁ ମମ ପରିତାପଂ । ରଘୁପତି ବିରହ ଅନଲ ସଂଜାତଂ ॥**
**ସୀତଲ ନିସିତ ବହସି ବର ଧାରା । କହ ସୀତା ହରୁ ମମ ଦୁଖ ଭାରା ॥ ୩ ॥**

ସୀତା କହିଲେ, ''ରେ ଚନ୍ଦ୍ରହାସ (ଖଡ୍‌ଗ) ! ଶ୍ରୀରଘୁନାଥଙ୍କ ବିରହ-ଅଗ୍ନିଜନିତ ମୋର ଏହି ଜ୍ୱାଳାକୁ ତୁ ହରଣ କରିନେ । ତୁ ଶୀତଳ, ତୀକ୍ଷ୍ଣ ଓ ଉତ୍ତମ ଧାର ବହନ କରିଛୁ (ଅର୍ଥାତ୍ ତୋର ଧାର ଶୀତଳ ଓ ତୀକ୍ଷ୍ଣ ) । ତୁ ମୋର ଦୁଃଖଭାର ହରଣ କରିନେ !'' ॥ ୩ ॥

**ସୁନତ ବଚନ ପୁନି ମାରନ ଧାଵା । ମୟତନୟାଁ କହି ନୀତି ବୁଝାଵା ॥**
**କହେସି ସକଲ ନିସିଚରିହ୍ନ ବୋଲାଈ । ସୀତହି ବହୁ ବିଧି ତ୍ରାସହୁ ଜାଈ ॥ ୪ ॥**

ସୀତାଙ୍କର ଏହି ବଚନ ଶୁଣିବାକ୍ଷଣି ରାବଣ ତାଙ୍କୁ ପୁନର୍ବାର ମାରିବାକୁ ଧାଇଁଗଲା । କିନ୍ତୁ ମୟ ଦାନବର କନ୍ୟା ମନ୍ଦୋଦରୀ ତାକୁ ନୀତିବାଣୀ କହି ବୁଝାଇଲେ । ତହୁଁ ରାବଣ ସବୁରାକ୍ଷସୀଙ୍କୁ ଡକାଇ କହିଲା, ''ତୁମେମାନେ ଯାଇ ସୀତାଙ୍କୁ ନାନାପ୍ରକାରେ ଭୟ ଦେଖାଅ ॥ ୪ ॥

**ମାସ ଦିଵ୍ସ ମହୁଁ କହା ନ ମାନା । ତୌ ମୈଁ ମାରବି କାଢ଼ି କୃପାନା ॥ ୫ ॥**

ଯଦି ମାସକ ଭିତରେ ସେ ମୋ କଥା ନ ମାନନ୍ତି, ତେବେ ମୁଁ ଖଣ୍ଡା ବାହାର କରି ତାଙ୍କୁ ନିଶ୍ଚୟ ମାରିଦେବି ।'' ॥ ୫ ॥

ଦୋଃ- **ଭଵ୍ନ ଗୟଉ ଦସକଂଧର ଇହାଁ ପିସାଚିନି ବୃଂଦ।**
**ସୀତହି ତ୍ରାସ ଦେଖାଵ୍ହିଁ ଧରହିଁ ରୂପ ବହୁ ମଂଦ ॥ ୧୦ ॥**

ଏପରି କହି ରାବଣ ନିଜ ନିବାସକୁ ଗ୍ଲଲିଗଲା । ଏଣେ ରାକ୍ଷସୀବୃନ୍ଦ ବହୁପ୍ରକାର କୁତ୍ସିତ ରୂପ ଧରି ସୀତାଙ୍କୁ ଭୟ ଦେଖାଇବାକୁ ଲାଗିଲେ ॥ ୧୦ ॥

**ତ୍ରିଜଟା ନାମ ରାଚ୍ଛସୀ ଏକା । ରାମ ଚରନ ରତି ନିପୁନ ବିବେକା ॥**
**ସବନ୍ହୌ ବୋଲି ସୁନାଏସି ସପନା । ସୀତହି ସେଇ କରହୁ ହିତ ଅପନା ॥ ୧ ॥**
**ସପନେଁ ବାନର ଲଂକା ଜାରୀ । ଜାତୁଧାନ ସେନା ସବ ମାରୀ ॥**
**ଖର ଆରୂଢ଼ ନଗନ ଦସସୀସା । ମୁଂଡିତ ସିର ଖଂଡିତ ଭୁଜ ବୀସା ॥ ୨ ॥**

**ଏହି ବିଧି ସୋ ଦଚ୍ଛିନ ଦିସି ଜାଈ । ଲଂକା ମନହୁଁ ବିଭୀଷନ ପାଈ ॥**
**ନଗର ଫିରୀ ରଘୁବୀର ଦୋହାଈ । ତବ ପ୍ରଭୁ ସୀତା ବୋଲି ପଠାଈ ॥ ୩ ॥**
**ୟହ ସପନା ମୈଁ କହଉଁ ପୁକାରୀ । ହୋଇହି ସତ୍ୟ ଗଏଁ ଦିନ ଚ୍ୟାରୀ ॥**
**ତାସୁ ବଚନ ସୁନି ତେ ସବ ଡରୀଂ । ଜନକସୁତା କେ ଚରନନ୍ହି ପରୀଂ ॥ ୪ ॥**

ସେମାନଙ୍କ ଭିତରେ ତ୍ରିଜଟା ବୋଲି ଜଣେ ରାକ୍ଷସୀ ଥିଲା । ତା'ର ଶ୍ରୀରାମଙ୍କ ଚରଣରେ ପ୍ରୀତି ଥିଲା ଏବଂ ସେ ବିବେକ(ଜ୍ଞାନ)ରେ ନିପୁଣା ଥିଲା । ସେ ସବୁ ଅସୁରୁଣୀଙ୍କୁ ଡକାଇ ନିଜର ସ୍ୱପ୍ନ କଥା ଶୁଣାଇଲା ଏବଂ କହିଲା, ''ସୀତାଙ୍କୁ ସେବା କରି ନିଜର ମଙ୍ଗଳ କର । ମୁଁ ସ୍ୱପ୍ନରେ ଦେଖିଲି, ଗୋଟିଏ ବାନର ଆସି ଲଙ୍କାକୁ ଜାଳିଦେଲା ଓ ସବୁରାକ୍ଷସସୈନ୍ୟକୁ ମାରିଦେଲା । ରାବଣ ଲଣ୍ଡା ହୋଇ, ଲଙ୍ଗଳା ହୋଇ ଗଧପିଠିରେ ବସିଲା; ତାର କୋଡ଼ିଏଟାଯାକ ହାତ କାଟିଦିଆଯାଇଥାଏ; ଏପରି ଭାବରେ ସେ ଦକ୍ଷିଣଦିଗକୁ (ଯମପୁରକୁ) ଚାଲିଗଲା ଓ ଲଙ୍କାଗଡ଼ଟା ବିଭୀଷଣଙ୍କୁ ମିଳିଗଲା । ନଗରଟା ସାରା ପ୍ରଭୁ ଶ୍ରୀରାମଙ୍କ ଜୟନାଦରେ କମ୍ପିଉଠିଲା । ତା'ପରେ ପ୍ରଭୁ ସୀତାଙ୍କୁ ଡକାଇପଠାଇଲେ । ମୁଁ ଶପଥ କରି କହୁଛି, କିଛିଦିନ ଭିତରେ ମୋର ଏହି ସ୍ୱପ୍ନଟା ସତ୍ୟ ହୋଇଯିବ ।'' ତା'କଥା ଶୁଣି ରାକ୍ଷସୀମାନେ ଡରିଗଲେ । ସମସ୍ତେ ସୀତାଙ୍କ ପାଦତଳେ ପଡ଼ିଗଲେ ॥ ୧-୪ ॥

ଦୋ:- **ଜହଁ ତହଁ ଗଈଁ ସକଲ ତବ ସୀତା କର ମନ ସୋଚ ।**
**ମାସ ଦିୱସ ବୀତେଁ ମୋହି ମାରିହି ନିସିଚର ପୋଚ ॥ ୧୧ ॥**

ତା'ପରେ ସେ ସମସ୍ତେ ଯେ ଯୁଆଡ଼େ ଚାଲିଗଲେ । ସୀତା ମନେ ମନେ ଚିନ୍ତା କଲେ, ମାସକ ପରେ ନୀଚ ରାକ୍ଷସ ରାବଣ ଆସି ମୋତେ ମାରିଦେବ ॥ ୧୧ ॥

**ତ୍ରିଜଟା ସନ ବୋଲୀଂ କର ଜୋରୀ । ମାତୁ ବିପତି ସଂଗିନି ତୈଁ ମୋରୀ ॥**
**ତଜୌଁ ଦେହ କରୁ ବେଗି ଉପାଈ । ଦୁସହ ବିରହୁ ଅବ ନହିଁ ସହି ଜାଈ ॥ ୧ ॥**
**ଆନି କାଠ ରଚୁ ଚିତା ବନାଈ । ମାତୁ ଅନଲ ପୁନି ଦେହି ଲଗାଈ ॥**
**ସତ୍ୟ କରହି ମମ ପ୍ରୀତି ସୟାନୀ । ସୁନୈ କୋ ଶ୍ରୱନ ସୂଲ ସମ ବାନୀ ॥ ୨ ॥**

ସେ ହାତ ଯୋଡ଼ି ତ୍ରିଜଟାକୁ କହିଲେ, ''ହେ ମାଆ ! ତୁମେହିଁ ମୋର ବିପଦର ସାଥୀ । ଶୀଘ୍ର ଏପରି କିଛି ଉପାୟ କର, ଯେପରି କି ମୁଁ ମୋ ଦେହତ୍ୟାଗ କରିଦେଇପାରିବି । ବିରହ ଅସହ୍ୟ ହେଲାଣି; ଆଉ ସହିହେଉନି । କାଠ ଆଣି ଚିତା ସଜାଇଦିଅ । ହେ ମାଆ ! ସେଥିରେ ନିଆଁ ଲଗାଇଦିଅ । ହେ ବୁଦ୍ଧିମତୀ ! ତୁମେ ମୋ ପତିଭକ୍ତିକୁ ସତ୍ୟ କରିଦିଅ । ରାବଣର ସେହି ଶୂଳସମାନ ଦୁଃଖଦ ବାଣୀ କିଏ ଭଲା କାନରେ ଶୁଣିବ !'' ॥ ୧-୨ ॥

**ସୁନତ ବଚନ ପଦ ଗହି ସମୁଝାଏସି । ପ୍ରଭୁ ପ୍ରତାପ ବଲ ସୁଜସୁ ସୁନାଏସି ॥**
**ନିସି ନ ଅନଲ ମିଲ ସୁନୁ ସୁକୁମାରୀ । ଅସ କହି ସୋ ନିଜ ଭୱନ ସିଧାରୀ ॥ ୩ ॥**

ସୀତାଙ୍କର ବଚନ ଶୁଣି, ତ୍ରିଜଟା ତାଙ୍କ ପାଦ ଧରି ବହୁତ ବୁଝାଇଲା ଏବଂ ପ୍ରଭୁଙ୍କ ପ୍ରତାପ, ବଳ ଓ ସୁଯଶ ଶୁଣାଇଲା । ସେ କହିଲା, ''ହେ ସୁକୁମାରୀ ! ଏବେ ରାତିରେ ନିଆଁ ମିଳିବ ନାହିଁ ।'' ଏପରି କହି ସେ ନିଜ ଘରକୁ ଚାଲିଗଲା ॥ ୩ ॥

**କହ ସୀତା ବିଧି ଭା ପ୍ରତିକୂଲା । ମିଲିହି ନ ପାୱକ ମିଟିହି ନ ସୂଲା ॥**
**ଦେଖିଅତ ପ୍ରଗଟ ଗଗନ ଅଂଗାରା । ଅୱନି ନ ଆୱତ ଏକଉ ତାରା ॥ ୪ ॥**

ସୀତା ମନେ ମନେ କହିବାକୁ ଲାଗିଲେ, ''ବିଧାତା ତ ମୋ ପାଇଁ ବାମ ହୋଇଛି; କି ଉପାୟ କରିବି ? ନିଆଁ ମିଳିବ ନାହିଁ, କି ଏ ଯନ୍ତ୍ରଣା ଯିବ ନାହିଁ । ଆକାଶରେ କେତେ ଜ୍ୱଳନ୍ତ ଅଙ୍ଗାର (ଅଗ୍ନି ପରି ଦିଶୁଥିବା ତାରା) ଦେଖାଯାଉଛନ୍ତି; ଅଥଚ ସେଥିରୁ ଗୋଟିଏ ହେଲେ ତାରା ଏଠାରେ ଆସି ଖସିପଡୁନି ! ॥ ୪ ॥

**ପାଓ୍ୱକମୟ ସସି ସ୍ରୱତ ନ ଆଗୀ । ମାନହୁଁ ମୋହି ଜାନି ହତଭାଗୀ ॥**

**ସୁନହି ବିନୟ ମମ ବିଟପ ଅସୋକା । ସତ୍ୟ ନାମ କରୁ ହରୁ ମମ ସୋକା ॥ ୫ ॥**

ଚନ୍ଦ୍ରମା ଅଗ୍ନିମୟ; କିନ୍ତୁ ସେ ବି ବୋଧହୁଏ ମୋତେ ହତଭାଗିନୀ ଜାଣି ଅଗ୍ନି ବୃଷ୍ଟି କରୁନାହାନ୍ତି ! ହେ ଅଶୋକବୃକ୍ଷ ! ଟିକିଏ ମୋ ବିନତି ଶୁଣ ! ମୋ ଶୋକ ହରିନେଇ ନିଜର ଅଶୋକ ନାମକୁ ସାର୍ଥକ କର ॥ ୫ ॥

**ନୂତନ କିସଲୟ ଅନଲ ସମାନା । ଦେହି ଅଗିନି ଜନି କରହି ନିଦାନା ॥**

**ଦେଖି ପରମ ବିରହାକୁଲ ସୀତା । ସୋ ଛନ କପିହି କଲପ ସମ ବୀତା ॥ ୬ ॥**

ତୁମର ନୂଆ ନୂଆ କୋମଳ ପତ୍ରଗୁଡ଼ିକ ତ ଅଗ୍ନିସମାନ । ତୁମେ ମୋତେ ଟିକିଏ ଅଗ୍ନି ଦିଅ; ମୋର ବିରହ ବ୍ୟାଧିକୁ ବଢ଼ାଇ ବଢ଼ାଇ ଶେଷସୀମା ପର୍ଯ୍ୟନ୍ତ ନେଇଯାଅ ନାହିଁ।'' ସୀତା ଏପରି ବିରହରେ ଅତ୍ୟନ୍ତ ବ୍ୟାକୁଳ ହେଉଥିବା ଦେଖି ହନୁମାନଙ୍କୁ କ୍ଷଣଟିଏ ବି ଯୁଗ ପରି ବୋଧ ହେଲା ॥ ୬ ॥

ସୋ:- **କପି କରି ହୃଦୟଁ ବିଗ୍ଚର ଦୀହ୍ନି ମୁଦ୍ରିକା ଡାରି ତବ ।**
**ଜନୁ ଅସୋକ ଅଂଗାର ଦୀହ୍ନ ହରଷି ଉଠି କର ଗହେଉ ॥ ୧୨ ॥**

ତେଣୁ ହନୁମାନ୍ ଭଲରୂପେ ବିଗ୍ଚର କରି ଶ୍ରୀରାମ ଦେଇଥିବା ମୁଦିଟି ଠିକ୍ ସୀତାଙ୍କ ସମ୍ମୁଖରେ ପକାଇଦେଲେ । ମୁଦିଟି ତଳେ ପଡୁ ପଡୁ, ଅଶୋକଗଛ ରଡ଼ନିଆଁ ଖଣ୍ଡିଏ ଦେଇଦେଲା ଭାବି, ସୀତା ଆନନ୍ଦିତ ହୋଇଗଲେ ଓ ସେହିଟି ଉଠାଇନେଲେ ॥ ୧୨ ॥

**ତବ ଦେଖୀ ମୁଦ୍ରିକା ମନୋହର । ରାମ ନାମ ଅଂକିତ ଅତି ସୁଂଦର ॥**

**ଚକିତ ଚିତଓ୍ୱ ମୁଦରୀ ପହିଗ୍ଚନୀ । ହରଷ ବିଷାଦ ହୃଦୟଁ ଅକୁଲାନୀ ॥ ୧ ॥**

ସୀତା ଦେଖିଲେ, [ତାହା ରଡ଼ନିଆଁ ନୁହେଁ;] ତାହା ହେଉଛି ଶ୍ରୀରାମଙ୍କ ନାମ ଲେଖାଯାଇଥିବା ସୁନ୍ଦର ମୁଦିଟିଏ । ମୁଦିଟି ଦେଖୁ ଦେଖୁ ସୀତା ଚିହ୍ନିପକାଇଲେ । ସେ ଆଶ୍ଚର୍ଯ୍ୟ ହୋଇ ମୁଦିଟିକୁ ଚ୍ଚହିଁରହିଲେ । ହର୍ଷ ଓ ବିଷାଦରେ ତାଙ୍କର ହୃଦୟ ବ୍ୟାକୁଳ ହୋଇଉଠିଲା ॥ ୧ ॥

**ଜୀତି କୋ ସକଇ ଅଜୟ ରଘୁରାଈ । ମାୟା ତେଁ ଅସି ରଚି ନହିଁ ଜାଈ ॥**

**ସୀତା ମନ ବିଗ୍ଚର କର ନାନା । ମଧୁର ବଚନ ବୋଲେଉ ହନୁମାନା ॥ ୨ ॥**

**ରାମଚଂଦ୍ର ଗୁନ ବରନୈଁ ଲାଗା । ସୁନତହିଁ ସୀତା କର ଦୁଖ ଭାଗା ॥**

**ଲାଗୀଁ ସୁନୈଁ ଶ୍ରଓ୍ୱନ ମନ ଲାଈ । ଆଦିହୁ ତେଁ ସବ କଥା ସୁନାଈ ॥ ୩ ॥**

ସେ ଭାବିବାକୁ ଲାଗିଲେ, ''ଶ୍ରୀରଘୁନାଥ ତ ସର୍ବଥା ଅଜେୟ; ତାଙ୍କୁ କିଏ ଜିତିପାରିବ? ତା'ଛଡ଼ା ମାୟାବଳରେ ଏପରି (ମାୟା-ଉପାଦାନରୁ ରହିତ ଦିବ୍ୟ, ଚିନ୍ମୟ) ମୁଦି ତ ଗଢ଼ିହେବ ନାହିଁ ।'' ସୀତା ଏପରି ଭାବନାରେ ବୁଡ଼ିରହିଥିବାବେଳେ ହନୁମାନ୍ ମଧୁର କଣ୍ଠରେ ଶ୍ରୀରାମଚନ୍ଦ୍ରଙ୍କର ଗୁଣାବଳୀ ବର୍ଣ୍ଣନା କରିବାକୁ ଲାଗିଲେ । ତାହା ଶୁଣିବାକ୍ଷଣି ସୀତାଙ୍କର ଦୁଃଖ ଦୂର ହୋଇଗଲା । ସେ ମନକର୍ଣ୍ଣ ଦେଇ ଶୁଣିବାକୁ ଲାଗିଲେ । ହନୁମାନ୍ ମୂଳରୁ ଆରମ୍ଭ କରି ସବୁକଥା କହି ଶୁଣାଇଗଲେ ॥ ୨-୩ ॥



ମୁଦ୍ରିକା ପ୍ରଦାନ କରିବା ପରେ ହନୁମାନ ସୀତାଙ୍କୁ ନିଜ ପରିଚୟ ଦେଲେ

**ଶ୍ରୱ୍ନାମୃତ ଜେହିଁ କଥା ସୁହାଈ । କହୀ ସୋ ପ୍ରଗଟ ହୋତି କିନ ଭାଈ ॥**
**ତବ ହନୁମଂତ ନିକଟ ଚଲି ଗୟଉ । ଫିରି ବୈଠୀଁ ମନ ବିସମୟ ଭୟଉ ॥ ୪ ॥**

ସୀତା କହିଲେ, ''ଯେ ମୋର କର୍ଣ୍ଣ ନିମନ୍ତେ ଏପରି ଅମୃତ ପରି ସୁନ୍ଦର କଥା ଶୁଣାଇଲେ, ସେହି ଭାଇ ମୋତେ ଦେଖା ଦେଉନାହାନ୍ତି କାହିଁକି ?'' ଏହା ଶୁଣି ହନୁମାନ୍ ତାଙ୍କ ନିକଟକୁ ଚାଲିଗଲେ । ତାଙ୍କୁ ଦେଖି ସୀତା ମୁହଁ ବୁଲାଇ ବସିପଡ଼ିଲେ । ତାଙ୍କ ମନରେ ବିସ୍ମୟ ଜାତ ହୋଇଗଲା ॥ ୪ ॥

**ରାମ ଦୂତ ମୈଁ ମାତୁ ଜାନକୀ । ସତ୍ୟ ସପଥ କରୁନାନିଧାନ କୀ ॥**
**ୟହ ମୁଦ୍ରିକା ମାତୁ ମୈଁ ଆନୀ । ଦୀହ୍ନି ରାମ ତୁହ୍ମ କହଁ ସହିଦାନୀ ॥ ୫ ॥**

[ହନୁମାନ୍ କହିଲେ,] ''ହେ ମାଆ ଜାନକୀ ! ମୁଁ ହେଉଛି ଶ୍ରୀରାମଙ୍କ ଦୂତ । କରୁଣାନିଧିଙ୍କ ରାଣ ପକାଇ ମୁଁ ସତ କହୁଛି, ହେ ମାତ ! ଏହି ମୁଦିଟି ମୁଁ ହିଁ ଆଣିଛି । ଶ୍ରୀରାମ ଆପଣଙ୍କ ବିଶ୍ୱାସ ନିମନ୍ତେ ମୋ ହାତରେ ଏହି ନିଦର୍ଶନଟି ପଠାଇଦେଇଛନ୍ତି ।'' ॥ ୫ ॥

**ନର ବାନରହି ସଂଗ କହୁ କୈସେଁ । କହୀ କଥା ଭଇ ସଂଗତି ଜୈସେଁ ॥ ୬ ॥**

ସୀତା ପଚାରିଲେ, ''ନର ଓ ବାନର ମଧ୍ୟରେ ଏପରି ସମ୍ପର୍କ କିପରି ସ୍ଥାପିତ ହେଲା ?'' ଏହା ଶୁଣି ସମ୍ପର୍କ ଯେପରି ଗଢ଼ିଉଠିଥିଲା, ହନୁମାନ୍ ସେହି ସକଳ ବୃତ୍ତାନ୍ତ ଶୁଣାଇଦେଲେ ॥ ୬ ॥

ଦୋଃ- **କପି କେ ବଚନ ସପ୍ରେମ ସୁନି ଉପଜା ମନ ବିସ୍ୱାସ ।**
**ଜାନା ମନ କ୍ରମ ବଚନ ୟହ କୃପାସିଂଧୁ କର ଦାସ ॥ ୧୩ ॥**

ହନୁମାନଙ୍କର ପ୍ରେମପୂର୍ଣ୍ଣ ବଚନ ଶୁଣି ସୀତାଙ୍କ ମନରେ ବିଶ୍ୱାସ ଜାତ ହୋଇଗଲା । ସେ ଜାଣିଗଲେ ଯେ, ଏ ହେଉଛନ୍ତି ମନ, ବଚନ ଓ କର୍ମରେ କୃପାସାଗର ଶ୍ରୀରଘୁନାଥଙ୍କର ଦାସ ॥ ୧୩ ॥

**ହରିଜନ ଜାନି ପ୍ରୀତି ଅତି ଗାଢ଼ୀ । ସଜଲ ନୟନ ପୁଲକାୱ୍ଲି ବାଢ଼ୀ ॥**
**ବୂଡ଼ତ ବିରହ ଜଲଧି ହନୁମାନା । ଭୟହୁ ତାତ ମୋ କହୁଁ ଜଲଜାନା ॥ ୧ ॥**

ଭଗବାନଙ୍କର ସେବକ ଜାଣି ହନୁମାନଙ୍କ ପ୍ରତି ସୀତାଙ୍କର ପ୍ରଗାଢ଼ ସ୍ନେହ ଉପନ୍ନ ହୋଇଗଲା । ତାଙ୍କର ନୟନ ପ୍ରେମାଶ୍ରୁଜଳରେ ପୂର୍ଣ୍ଣ ହୋଇଗଲା ଏବଂ ଶରୀର ଅତ୍ୟନ୍ତ ପୁଲକିତ ହୋଇଉଠିଲା । ସେ କହିଲେ, ''ବତ୍ସ ହନୁମାନ୍ ! ମୋପରି ବିରହସାଗରରେ ବୁଡ଼ିଯାଉଥିବା ଲୋକପାଇଁ ତୁମେ ନୌକାସଦୃଶ ହୋଇଗଲ ॥ ୧ ॥

**ଅବ କହୁ କୁସଲ ଜାଉଁ ବଲିହାରୀ । ଅନୁଜ ସହିତ ସୁଖ ଭୱନ ଖରାରୀ ॥**
**କୋମଲଚିତ କୃପାଲ ରଘୁରାଈ । କପି କେହି ହେତୁ ଧରୀ ନିଠୁରାଈ ॥ ୨ ॥**

ତୁମକୁ ମୋ ରାଣ, ଏଥର ସାନଭାଇ ଲକ୍ଷ୍ମଣଙ୍କ ସମେତ ଖର ରାକ୍ଷସର ଶତ୍ରୁ ଆନନ୍ଦନିଧାନ ପ୍ରଭୁଙ୍କ କୁଶଳ ସମାଚାର ଶୁଣାଅ । ଶ୍ରୀରଘୁନାଥ ତ କୃପାଳୁ ଓ କୋମଳହୃଦୟ । ତଥାପି, ହେ ହନୁମାନ୍ ! ସେ ମୋ ପ୍ରତି କାହିଁକି ଏପରି ନିଷ୍ଠୁର ହେଲେ ? ॥ ୨ ॥

**ସହଜ ବାନି ସେୱକ ସୁଖଦାୟକ । କବହୁଁକ ସୁରତି କରତ ରଘୁନାୟକ ॥**
**କବହୁଁ ନୟନ ମମ ସୀତଲ ତାତା । ହୋଇହହିଁ ନିରଖି ସ୍ୟାମ ମୃଦୁ ଗାତା ॥ ୩ ॥**

ସେବକକୁ ସୁଖ ଦେବା ତ ତାଙ୍କର ସହଜସ୍ୱଭାବ । ରଘୁନାଥ କ'ଣ କେବେ ମୋତେ ମନେପକାନ୍ତି ? ହେ ବାପ ! ସତେ କ'ଣ ଏଭଳି ଦିନ ଆସିବ, ଯେତେବେଳେ କି ତାଙ୍କର କୋମଳ ଶ୍ୟାମଳ ଶରୀର ଦର୍ଶନ କରି ମୋର ନେତ୍ର ଶୀତଳ ହୋଇଯିବ ?'' ॥ ୩ ॥

**ବଚନୁ ନ ଆୱ ନୟନ ଭରେ ବାରୀ । ଅହହ ନାଥ ହୌଁ ନିପଟ ବିସାରୀ ॥**
**ଦେଖି ପରମ ବିରହାକୁଲ ସୀତା । ବୋଲା କପି ମୃଦୁ ବଚନ ବିନୀତା ॥ ୪ ॥**

ଏପରି କହୁ କହୁ ତାଙ୍କ ମୁଖରୁ ଆଉ ବଚନ ସ୍ଫୁରଣ ହେଲା ନାହିଁ; ନୟନରେ ବିରହର ଅଶ୍ରୁ ଭରିଗଲା । ଅତି ବ୍ୟାକୁଳ ହୋଇ ସେ କହିଲେ, ''ହା ନାଥ ! ଆପଣ ମୋତେ ସମ୍ପୂର୍ଣ୍ଣ ଭୁଲିଗଲେ !'' ସୀତାଙ୍କର ବିରହଜନିତ ଅତିଶୟ ବ୍ୟାକୁଳତା ଦେଖି ହନୁମାନ୍ ବିନୀତଭାବରେ କୋମଳ-ବିନୟ ବଚନ କହିଲେ, ॥ ୪ ॥

**ମାତୁ କୁସଲ ପ୍ରଭୁ ଅନୁଜ ସମେତା । ତୱ ଦୁଖ ଦୁଖୀ ସୁକୃପା ନିକେତା ॥**
**ଜନି ଜନନୀ ମାନହୁ ଜିୟଁ ଊନା । ତୁମ୍ହ ତେ ପ୍ରେମୁ ରାମ କେଁ ଦୂନା ॥ ୫ ॥**

''ହେ ମାତା ! କୃପାନିଧାନ ପ୍ରଭୁ ଶ୍ରୀରାମ ଅନୁଜ ଲକ୍ଷ୍ମଣଙ୍କ ସହିତ କୁଶଳରେ ଅଛନ୍ତି; କିନ୍ତୁ ଆପଣଙ୍କ ଦୁଃଖରେ ସେ ଅତ୍ୟନ୍ତ ଦୁଃଖୀ । ହେ ମାଆ ! ମନ ଊଣା କରି ଦୁଃଖ କରନ୍ତୁ ନାହିଁ । ଆପଣ ଶ୍ରୀରାମଙ୍କୁ ଯେତିକି ପ୍ରେମ କରନ୍ତି, ଶ୍ରୀରାମଙ୍କ ହୃଦୟରେ ଆପଣଙ୍କ ପ୍ରତି ତାର ଦୁଇଗୁଣ ପ୍ରେମ ରହିଛି ॥ ୫ ॥

ଦୋଃ- **ରଘୁପତି କର ସଂଦେସୁ ଅବ ସୁନୁ ଜନନୀ ଧରି ଧୀର ।**
**ଅସ କହି କପି ଗଦଗଦ ଭୟଉ ଭରେ ବିଲୋଚନ ନୀର ॥ ୧୪ ॥**

ମାଆ ! ବର୍ତ୍ତମାନ ଧୈର୍ଯ୍ୟ ଧରି ଶ୍ରୀରାମଙ୍କ ସନ୍ଦେଶ ଶୁଣନ୍ତୁ ।'' ଏପରି କହୁ କହୁ ହନୁମାନ୍ ପ୍ରେମରେ ଗଦ୍‌ଗଦ ହୋଇଗଲେ । ତାଙ୍କ ନୟନରେ ପ୍ରେମାଶ୍ରୁ ପୂର୍ଣ୍ଣ ହୋଇଗଲା ॥ ୧୪ ॥

**କହେଉ ରାମ ବିୟୋଗ ତୱ ସୀତା । ମୋ କହୁଁ ସକଲ ଭଏ ବିପରୀତା ॥**
**ନୱ ତରୁ କିସଲୟ ମନହୁଁ କୃସାନୂ । କାଲନିସା ସମ ନିସି ସସି ଭାନୂ ॥ ୧ ॥**

ସେ କହିଲେ, ''ଶ୍ରୀରାମ କହିଛନ୍ତି, 'ହେ ସୀତେ ! ତୁମ ବିରହରେ ମୋତେ ସକଳ ପଦାର୍ଥ ବିପରୀତ ବୋଧ ହେଉଛି । ବୃକ୍ଷର ନବପଲ୍ଲବ ଅଗ୍ନିସମାନ ବୋଧ ହେଉଛି; ରାତ୍ରି କାଳରାତ୍ରି ପରି ଲାଗୁଛି; ଚନ୍ଦ୍ରମା ସୂର୍ଯ୍ୟ ପରି ଉତ୍ତାପ ଦେଉଛି ॥ ୧ ॥

**କୁବଲୟ ବିପିନ କୁଂତବନ ସରିସା । ବାରିଦ ତପତ ତେଲ ଜନୁ ବରିସା ॥**
**ଜେ ହିତ ରହେ କରତ ତେଇ ପୀରା । ଉରଗ ସ୍ୱାସ ସମ ତ୍ରିବିଧ ସମୀରା ॥ ୨ ॥**

ପଦ୍ମବନ ବର୍ଚ୍ଛାମାନଙ୍କର ବନ ପରି ଲାଗୁଛି । ମେଘମାନଙ୍କର ବୃଷ୍ଟି ତପ୍ତତୈଳ ପରି ଅନୁଭବ ହେଉଛି । ଯେଉଁମାନେ ହିତ କରୁଥିଲେ, ସେହିମାନେ ଏବେ ପୀଡ଼ା ଦେଲାପରି ଲାଗୁଛନ୍ତି । ତ୍ରିବିଧ (ଶୀତଳ, ମନ୍ଦ ଓ ସୁଗନ୍ଧ) ବାୟୁ ଏବେ ସର୍ପଶ୍ୱାସ ପରି (ବିଷାକ୍ତ ଓ ଉତ୍ତପ୍ତ) ହୋଇଯାଇଛି ॥ ୨ ॥

**କହେହୂ ତେଁ କଛୁ ଦୁଖ ଘଟି ହୋଈ । କାହି କହୌଁ ୟହ ଜାନ ନ କୋଈ ॥**
**ତତ୍ୱ ପ୍ରେମ କର ମମ ଅରୁ ତୋରା । ଜାନତ ପ୍ରିୟା ଏକୁ ମନୁ ମୋରା ॥ ୩ ॥**

ମନର ଦୁଃଖ ଅନ୍ୟ ଲୋକ ଆଗରେ ପ୍ରକାଶ କରିଦେଲେ କିଛି କମିଯାଏ; କିନ୍ତୁ କାହାକୁ କହିବି ? ଏ ଦୁଃଖ କେହି ଜାଣେ ନାହିଁ । ହେ ପ୍ରିୟେ ! ମୋର ଓ ତୁମର ପ୍ରେମର ରହସ୍ୟ କେବଳ ମୋ ମନହିଁ ଜାଣେ ॥ ୩ ॥

**ସୋ ମନୁ ସଦା ରହତ ତୋହି ପାହୀଁ । ଜାନୁ ପ୍ରୀତି ରସୁ ଏତନେହି ମାହୀଁ ॥**
**ପ୍ରଭୁ ସଂଦେସୁ ସୁନତ ବୈଦେହୀ । ମଗନ ପ୍ରେମ ତନ ସୁଧି ନହିଁ ତେହୀ ॥ ୪ ॥**

ଏବଂ ସେହି ମନ ସବୁବେଳେ ଯାଇ ତୁମରି ପାଖରେ ରହିଛି । ମୋ ପ୍ରେମର ଗଭୀରତା ଏତିକିରୁ ବୁଝିପାରୁଥିବ ।'' ପ୍ରଭୁଙ୍କ ସନ୍ଦେଶ ଶୁଣିଦେବାକ୍ଷଣି ଜାନକୀ ପ୍ରେମରେ ମଗ୍ନ ହୋଇଗଲେ । ତାଙ୍କର ଆଉ ଦେହଜ୍ଞାନ ରହିଲା ନାହିଁ ॥ ୪ ॥

**କହ କପି ହୃଦୟଁ ଧୀର ଧରୁ ମାତା । ସୁମିରୁ ରାମ ସେୱକ ସୁଖଦାତା ॥**
**ଉର ଆନହୁ ରଘୁପତି ପ୍ରଭୁତାଈ । ସୁନି ମମ ବଚନ ତଜହୁ କଦରାଈ ॥ ୫ ॥**


ହନୁମାନ୍ କହିଲେ, ''ମାଆ ! ଧୈର୍ଯ୍ୟ ଧରନ୍ତୁ ଏବଂ ସେବକମାନଙ୍କର ଆନନ୍ଦଦାତା ଶ୍ରୀରାମଙ୍କୁ ସ୍ମରଣ କରନ୍ତୁ । ହୃଦୟରେ ଶ୍ରୀରଘୁନାଥଙ୍କର ସାମର୍ଥ୍ୟ ଧ୍ୟାନ କରନ୍ତୁ; ମୋ କଥା ମାନି ମନରୁ ଦୁର୍ବଳତା ଦୂର କରିଦିଅନ୍ତୁ ॥ ୫ ॥

ଦୋଃ- **ନିସିଚର ନିକର ପତଂଗ ସମ ରଘୁପତି ବାନ କୃସାନୁ ।**
**ଜନନୀ ହୃଦୟଁ ଧୀର ଧରୁ ଜରେ ନିସାଚର ଜାନୁ ॥ ୧୫ ॥**

ରାକ୍ଷସମାନେ ପତଙ୍ଗସମାନ ଓ ଶ୍ରୀରଘୁନାଥଙ୍କର ବାଣ ଅଗ୍ନିସମାନ । ହେ ମାତା ! ମନରେ ଧୈର୍ଯ୍ୟ ଧରନ୍ତୁ; ରାକ୍ଷସମାନେ ଏଥର ଜଳିଗଲେ (ନିପାତ ହେଲେ) ବୋଲି ଜାଣନ୍ତୁ ॥ ୧୫ ॥

**ଜୌଁ ରଘୁବୀର ହୋତି ସୁଧି ପାଈ । କରତେ ନହିଁ ବିଲଂବୁ ରଘୁରାଈ ॥**
**ରାମ ବାନ ରବି ଉଏଁ ଜାନକୀ । ତମ ବରୂଥ କହଁ ଜାତୁଧାନ କୀ ॥ ୧ ॥**
**ଅବହିଁ ମାତୁ ମୈଁ ଜାଉଁ ଲୱାଈ । ପ୍ରଭୁ ଆୟସୁ ନହିଁ ରାମ ଦୋହାଈ ॥**
**କଛୁକ ଦିୱସ ଜନନୀ ଧରୁ ଧୀରା । କପିହ୍ନ ସହିତ ଅଇହହିଁ ରଘୁବୀରା ॥ ୨ ॥**
**ନିସିଚର ମାରି ତୋହି ଲୈ ଜୈହହିଁ । ତିହୁଁ ପୁର ନାରଦାଦି ଜସୁ ଗୈହହିଁ ॥**
**ହେଁ ସୁତ କପି ସବ ତୁହ୍ମହି ସମାନା । ଜାତୁଧାନ ଅତି ଭଟ ବଲୱାନା ॥ ୩ ॥**
**ମୋରେଁ ହୃଦୟ ପରମ ସଂଦେହା । ସୁନି କପି ପ୍ରଗଟ କୀହ୍ନି ନିଜ ଦେହା ॥**
**କନକ ଭୂଧରାକାର ସରୀରା । ସମର ଭୟଂକର ଅତିବଲ ବୀରା ॥ ୪ ॥**
**ସୀତା ମନ ଭରୋସ ତବ ଭୟଉ । ପୁନି ଲଘୁ ରୂପ ପୱନସୁତ ଲୟଉ ॥ ୫ ॥**

ଶ୍ରୀରାମ ଯଦି ସମାଗ୍ଚର ପାଇଯାଇଥାନ୍ତେ, ତେବେ ଆସିବାରେ ଆଦୌ ବିଳମ୍ବ କରି ନ ଥାନ୍ତେ । ହେ ମାତା ! ରାମବାଣରୂପୀ ସୂର୍ଯ୍ୟ ଉଦୟ ହୋଇଯିବା ପରେ କ'ଣ ରାକ୍ଷସସେନାରୂପୀ ଅନ୍ଧକାର ଆଉ ରହିପାରିବ? ହେ ମାତା ! ମୁଁ ଆପଣଙ୍କୁ ଏହିକ୍ଷଣି ଏଠାରୁ ନେଇଯାଆନ୍ତି; କିନ୍ତୁ ଶ୍ରୀରାମଙ୍କ ରାଣ ଖାଇ କହୁଛି, ପ୍ରଭୁଙ୍କ ଠାରୁ ମୁଁ ସେହି ଆଜ୍ଞା ପାଇନାହିଁ । ତେଣୁ ହେ ମାଆ ! ଆଉ କିଛିଦିନ ଧୈର୍ଯ୍ୟ ଧରନ୍ତୁ । ଶ୍ରୀରାମ ବାନରମାନଙ୍କ ସହିତ ନିଶ୍ଚୟ ଏଠାକୁ ଆସିବେ ଏବଂ ରାକ୍ଷସମାନଙ୍କୁ ମାରି ଆପଣଙ୍କୁ ଏଠାରୁ ନେଇଯିବେ । ନାରଦ ଆଦି ମୁନିଋଷି ତିନିଲୋକରେ ତାଙ୍କର ଯଶ ଗାନ କରିବେ ।'' ସୀତା କହିଲେ, ''ହେ ପୁତ୍ର ! ସବୁ ବାନର ତ ତୁମରି ପରି କୁନି କୁନି ହୋଇଥିବେ; କିନ୍ତୁ ରାକ୍ଷସମାନେ ତ ବଡ଼ ବଳବାନ୍ ଯୋଦ୍ଧା ! ତେଣୁ ମୋତେ ବଡ଼ ସନ୍ଦେହ ଲାଗୁଛି; [ତୁମେ ଛୋଟ ଛୋଟ ବାନରମାନେ ବିରାଟ ରାକ୍ଷସମାନଙ୍କୁ କିପରି ମାରିବ !]'' ଏହା ଶୁଣି ହନୁମାନ୍ ନିଜର ବିରାଟ ଶରୀର ପ୍ରକଟ କରିଦେଲେ । ସୀତା ଦେଖିଲେ, ତାଙ୍କର ଶରୀର ସୁନାର ପର୍ବତ (ସୁମେରୁ) ପରି ଅତ୍ୟନ୍ତ ବିଶାଳ । ପୁଣି ସେ ହେଉଛନ୍ତି ଜଣେ ଅତ୍ୟନ୍ତ ବଳବାନ୍ ବୀର ତାଙ୍କୁ ଦେଖିଦେବାମାତ୍ରେ ଶତ୍ରୁମାନେ ଭୟଭୀତ ହୋଇଯିବେ ! ଏଥର [ତାଙ୍କ ରୂପ ଦେଖି] ସୀତାଙ୍କ ମନରେ ବିଶ୍ୱାସ ଆସିଗଲା । ହନୁମାନ୍ ପୁଣି ଥରେ ଛୋଟରୂପ ଧାରଣ କଲେ ॥ ୫ ॥



ସୀତାଙ୍କୁ ଦେଖାଇବାଲାଗି ହନୁମାନ ନିଜର ବିରାଟ ଶରୀର ପ୍ରକଟ କରିଦେଲେ

ଦୋଃ- **ସୁନୁ ମାତା ସାଖାମୃଗ ନହିଁ ବଲ ବୁଦ୍ଧି ବିସାଲ ।**
**ପ୍ରଭୁ ପ୍ରତାପ ତେଁ ଗରୁଡ଼ହି ଖାଇ ପରମ ଲଘୁ ବ୍ୟାଲ ॥ ୧୬ ॥**

[ଏବଂ କହିଲେ,] ''ହେ ମାତା ! ବାନରମାନଙ୍କ ଠାରେ ବିଶେଷ ବଳବୁଦ୍ଧି ନ ଥାଏ ସତ, କିନ୍ତୁ ପ୍ରଭୁଙ୍କ ପ୍ରତାପ ପାଇଗଲେ ନିତାନ୍ତ ଛୋଟ ସାପ ବି ବିରାଟ ଗରୁଡ଼କୁ ଖାଇଯାଇପାରିବ (ଅତ୍ୟନ୍ତ ଦୁର୍ବଳ ମଧ୍ୟ ମହାନ୍ ବଳବାନ୍‌କୁ ମାରିଦେଇପାରିବ ) ।'' ॥ ୧୬ ॥

**ମନ ସଂତୋଷ ସୁନତ କପି ବାନୀ । ଭଗତି ପ୍ରତାପ ତେଜ ବଲ ସାନୀ ॥**
**ଆସିଷ ଦୀହ୍ନି ରାମପ୍ରିୟ ଜାନା । ହୋହୁ ତାତ ବଲ ସୀଲ ନିଧାନା ॥ ୧ ॥**

ଭକ୍ତି, ପ୍ରତାପ, ତେଜ ଓ ବଳରେ ସମ୍ପନ୍ନ ହନୁମାନଙ୍କ ବାଣୀ ଶୁଣି ସୀତା ମନେ ମନେ ପ୍ରସନ୍ନ ହୋଇଗଲେ । ହନୁମାନ୍‌ଙ୍କୁ ଶ୍ରୀରାମଙ୍କର ପ୍ରିୟ ବୋଲି ଜାଣି, ସେ ତାଙ୍କୁ ଆଶୀର୍ବାଦ ଦେଇ କହିଲେ, ''ବତ୍ସ ! ତୁମେ ବଳ ଓ ସଦ୍‌ଗୁଣର ନିଧାନ ହୋଇଯାଅ ॥ ୧ ॥

**ଅଜର ଅମର ଗୁନନିଧି ସୁତ ହୋହୂ । କରହୁଁ ବହୁତ ରଘୁନାୟକ ଛୋହୂ ॥**
**କରହୁଁ କୃପା ପ୍ରଭୁ ଅସ ସୁନି କାନା । ନିର୍ଭର ପ୍ରେମ ମଗନ ହନୁମାନା ॥ ୨ ॥**

ହେ ପୁତ୍ର ! ତୁମେ ଅଜର, ଅମର ଓ ଗୁଣର ଭଣ୍ଡାର ହୋଇଯାଅ । ଶ୍ରୀରଘୁନାଥ ତୁମ ଉପରେ ବିଶେଷ କୃପା କରନ୍ତୁ ।'' 'ପ୍ରଭୁ କୃପା କରନ୍ତୁ' ବୋଲି ଶୁଣିଦେବାକ୍ଷଣି ହନୁମାନ୍ ପ୍ରଗାଢ଼ ପ୍ରେମରେ ମଗ୍ନ ହୋଇଗଲେ ॥ ୨ ॥

**ବାର ବାର ନାଏସି ପଦ ସୀସା । ବୋଲା ବଚନ ଜୋରି କର କୀସା ॥**
**ଅବ କୃତକୃତ୍ୟ ଭୟଉଁ ମୈଁ ମାତା । ଆସିଷ ତଓ୍ୱ ଅମୋଘ ବିଖ୍ୟାତା ॥ ୩ ॥**

ସେ ବାରମ୍ବାର ସୀତାଙ୍କ ଚରଣରେ ନତମସ୍ତକ ହେଲେ ଏବଂ କର ଯୋଡ଼ି କହିଲେ, ''ମାଆ ! ଏଥର ମୁଁ କୃତାର୍ଥ ହୋଇଗଲି । ଏକଥା ପ୍ରସିଦ୍ଧ ଯେ, ଆପଣଙ୍କ ଆଶୀର୍ବାଦ ଅମୋଘ (ଅବ୍ୟର୍ଥ) ॥ ୩ ॥

**ସୁନହୁ ମାତୁ ମୋହି ଅତିସୟ ଭୂଖା । ଲାଗି ଦେଖି ସୁଂଦର ଫଲ ରୂଖା ॥**
**ସୁନୁ ସୁତ କରହିଁ ବିପିନ ରଖୱାରୀ । ପରମ ସୁଭଟ ରଜନୀଚର ଭାରୀ ॥ ୪ ॥**

ହେ ମାଆ ! ଶୁଣନ୍ତୁ; ଏସବୁ ସୁନ୍ଦର ଫଳଗଛ ଦେଖି ମୋତେ ବଡ଼ ଭୋକ ଲାଗୁଛି ।'' ସୀତା କହିଲେ, ''ପୁଅ ! ଏହି ବନକୁ ପରା ବଡ଼ ବଡ଼ ରାକ୍ଷସ ଯୋଦ୍ଧାମାନେ ଜଗିରହିଛନ୍ତି ।'' ॥ ୪ ॥

**ତିହ୍ନ କର ଭୟ ମାତା ମୋହି ନାହୀଁ । ଜୌଁ ତୁହ୍ମ ସୁଖ ମାନହୁ ମନ ମାହୀଁ ॥ ୫ ॥**

[ହନୁମାନ୍ କହିଲେ,] ''ମାଆ ! ଯଦି ଆପଣ ଭଲ ମନେ କରୁଛନ୍ତି (ଯଦି ଖୁସୀ ମନରେ ଆଜ୍ଞା ଦେବେ), ତେବେ ମୁଁ ମୋ କାମ କରିବି, ମୋର ସେମାନଙ୍କୁ ଭୟ ନାହିଁ ।'' ॥ ୫ ॥

ଦୋଃ- **ଦେଖି ବୁଦ୍ଧି ବଲ ନିପୁନ କପି କହେଉ ଜାନକୀଁ ଜାହୁ ।**
**ରଘୁପତି ଚରନ ହୃଦୟଁ ଧରି ତାତ ମଧୁର ଫଲ ଖାହୁ ॥ ୧୭ ॥**

ସୀତା ଦେଖିଲେ, ହନୁମାନ୍ ବୁଦ୍ଧି ଓ ବଳରେ ନିପୁଣ । ତେଣୁ ସେ କହିଲେ, ''ଯାଅ ବତ୍ସ ! ହୃଦୟରେ ଶ୍ରୀରଘୁନାଥଙ୍କ ଚରଣକମଳ ଧାରଣ କରି, ମିଠା ମିଠା ଫଳ ଦେଖି ଖାଅ ।'' ॥ ୧୭ ॥

**ଚଲେଉ ନାଇ ସିରୁ ପୈଠେଉ ବାଗା । ଫଲ ଖାଏସି ତରୁ ତୋରୈଁ ଲାଗା ॥**
**ରହେ ତହାଁ ବହୁ ଭଟ ରଖୱାରେ । କଛୁ ମାରେସି କଛୁ ଜାଇ ପୁକାରେ ॥ ୧ ॥**

ହନୁମାନ୍ ସୀତାଙ୍କ ଚରଣରେ ପ୍ରଣାମ କରି ବନଭିତରେ ପଶିଗଲେ । ସେ ଫଳ ତୋଳି ଖାଇବା ସହିତ ଗଛଗୁଡ଼ାକୁ ମଧ୍ୟ ଭାଙ୍ଗିପକାଇଲେ । ସେଠାରେ ବହୁସଂଖ୍ୟାରେ ଯୋଦ୍ଧା ଜଗୁଆଳ ଥାଆନ୍ତି । ହନୁମାନ୍ ସେମାନଙ୍କ ମଧ୍ୟରୁ କେତେକଙ୍କୁ ମାରିପକାଇଲେ । ଆଉ କେତେକ ଖସି ପଳାଇଯାଇ ରାବଣ ପାଖରେ ଅଭିଯୋଗ କଲେ ॥ ୧ ॥

**ନାଥ ଏକ ଆୱା କପି ଭାରୀ । ତେହିଁ ଅସୋକ ବାଟିକା ଉଜାରୀ ॥**
**ଖାଏସି ଫଲ ଅରୁ ବିଟପ ଉପାରେ । ରଚ୍ଛକ ମର୍ଦି ମର୍ଦି ମହି ଡାରେ ॥ ୨ ॥**

ସେମାନେ କହିଲେ, ''ହେ ନାଥ ! ଗୋଟାଏ ବିରାଟ ବାନର ଆସି ଅଶୋକବନଟାକୁ ଉଜାଡ଼ିଦେଲାଣି । ଫଳ ଖାଇ, ଗଛ ଭାଙ୍ଗି, କେତେଜଣ ଜଗୁଆଳଙ୍କୁ ମାରି ଭୂଇଁରେ ଗଡ଼ାଇଦେଲାଣି ।'' ॥ ୨ ॥

**ସୁନି ରାୱନ ପଠଏ ଭଟ ନାନା । ତିହ୍ନହି ଦେଖି ଗର୍ଜେଉ ହନୁମାନା ॥**
**ସବ ରଜନୀଚର କପି ସଂଘାରେ । ଗଏ ପୁକାରତ କଛୁ ଅଧମାରେ ॥ ୩ ॥**

ଏହା ଶୁଣି, ରାବଣ ସେଠାକୁ କେତେକ ଯୋଦ୍ଧାଙ୍କୁ ପଠାଇଲା । ସେମାନଙ୍କୁ ଦେଖି ହନୁମାନ୍ ଗର୍ଜନ କରିଉଠିଲେ । ଦେଖୁ ଦେଖୁ ସେ ପ୍ରାୟ ସବୁରାକ୍ଷସଙ୍କୁ ମାରିପକାଇଲେ । ସେମାନଙ୍କ ଭିତରୁ ଯେଉଁମାନେ ଦରମରା ହୋଇଯାଇଥିଲେ, ସେମାନେ ଚିତ୍କାର ଛାଡ଼ି ଦୌଡ଼ିପଳାଇଗଲେ ॥ ୩ ॥

**ପୁନି ପଠୟଉ ତେହିଁ ଅଚ୍ଛକୁମାରା । ଚଲା ସଂଗ ଲୈ ସୁଭଟ ଅପାରା ॥**
**ଆୱତ ଦେଖି ବିଟପ ଗହି ତର୍ଜା । ତାହି ନିପାତି ମହାଧୁନି ଗର୍ଜା ॥ ୪ ॥**

ଏ ଘଟଣା ଶୁଣି, ରାବଣ ତା'ପୁଅ ଅକ୍ଷୟକୁମାରକୁ ପଠାଇଲା । ଅକ୍ଷୟକୁମାର ଅସଂଖ୍ୟ ବଡ଼ ବଡ଼ ବୀରଙ୍କୁ ଧରି ସେଠାକୁ ଗ୍ଭଲିଲା । ତାକୁ ଆସୁଥିବାର ଦେଖି ହନୁମାନ୍ ଗୋଟିଏ ଗଛ ଉପାଡ଼ିଧରି ତାକୁ [ଯୁଦ୍ଧପାଇଁ] ଆହ୍ୱାନ ଦେଲେ ଏବଂ ଅକ୍ଷୟକୁମାରକୁ ମାରିଦେଇ ଘୋର ଗର୍ଜନ କଲେ ॥ ୪ ॥

ଦୋ:- **କଛୁ ମାରେସି କଛୁ ମର୍ଦେସି କଛୁ ମିଲଏସି ଧରି ଧୂରି ।**
**କଛୁ ପୁନି ଜାଇ ପୁକାରେ ପ୍ରଭୁ ମର୍କଟ ବଲ ଭୂରି ॥ ୧୮ ॥**

ସେ ସେନା ମଧ୍ୟରୁ କେତେକଙ୍କୁ ମାରିପକାଇଲେ, କେତେକଙ୍କୁ ଦଳିଦେଲେ ଓ ଆଉ କେତେକଙ୍କୁ ଧରି ଦଳିଚକଟି ଧୂଳିରେ ମିଶାଇଦେଲେ । କେତେଜଣ ପଳାଇଯାଇ ରାବଣ ଆଗରେ ଚିତ୍କାର କଲେ, ''ହେ ପ୍ରଭୁ ! ସେ ବାନରଟା ଭାରି ବଳବାନ୍ !!'' ॥ ୧୮॥

**ସୁନି ସୁତ ବଧ ଲଂକେସ ରିସାନା । ପଠଏସି ମେଘନାଦ ବଲୱାନା ॥**
**ମାରସି ଜନି ସୁତ ବାଁଧେସୁ ତାହୀ । ଦେଖିଅ କପିହି କହାଁ କର ଆହୀ ॥ ୧ ॥**
**ଚଲା ଇଂଦ୍ରଜିତ ଅତୁଲିତ ଜୋଧା । ବଂଧୁ ନିଧନ ସୁନି ଉପଜା କ୍ରୋଧା ॥**
**କପି ଦେଖା ଦାରୁନ ଭଟ ଆୱା । କଟକଟାଇ ଗର୍ଜା ଅରୁ ଧାୱା ॥ ୨ ॥**
**ଅତି ବିସାଲ ତରୁ ଏକ ଉପାରା । ବିରଥ କୀହ୍ନ ଲଂକେସ କୁମାରା ॥**
**ରହେ ମହାଭଟ ତାକେ ସଂଗା । ଗହି ଗହି କପି ମର୍ଦଇ ନିଜ ଅଂଗା ॥ ୩ ॥**

**ତିନ୍ହହି ନିପାତି ତାହି ସନ ବାଜା । ଭିରେ ଜୁଗଲ ମାନହୁଁ ଗଜରାଜା ॥**
**ମୁଠିକା ମାରି ଚଢ଼ା ତରୁ ଜାଈ । ତାହି ଏକ ଛନ ମୁରୁଛା ଆଈ ॥ ୪ ॥**
**ଉଠି ବହୋରି କୀନ୍ହିସି ବହୁ ମାୟା । ଜୀତି ନ ଜାଇ ପ୍ରଭଂଜନ ଜାୟା ॥ ୫ ॥**

ପୁତ୍ର ମରିଯିବାର ସଂବାଦ ଶୁଣି ରାବଣ କ୍ରୁଦ୍ଧ ହୋଇଉଠିଲା । ସେ ତା' ବଡ଼ ପୁଅ ମହାବଳୀ ମେଘନାଦକୁ ସେଠାକୁ ପଠାଇଲା । ତାକୁ କହିଲା, ''ପୁଅ ! ବାନରଟାକୁ ମାରିବୁନାହିଁ; ବାନ୍ଧି ନେଇଆସିବୁ । ଦେଖିବା, ସେଇଟା କେଉଁଠୁ ଆସିଛି ।'' ଇନ୍ଦ୍ରଙ୍କୁ ଜୟ କରିଥିବା ସେହି ମହାଯୋଦ୍ଧା ମେଘନାଦ ଅଶୋକବନକୁ ଚାଲିଲା । ଭାଇର ମୃତ୍ୟୁସଂବାଦ ପାଇ ସେ କ୍ରୋଧଜର୍ଜର ହୋଇଯାଇଥାଏ । ହନୁମାନ୍ ଦେଖିଲେ, ଏଥର ଜଣେ ଭୟଙ୍କର ଯୋଦ୍ଧା ଆସୁଛି । ତେଣୁ ସେ ଘୋର ଗର୍ଜନ କରି ଆଗକୁ ମାଡ଼ିଆସିଲେ । ସେ ଗୋଟିଏ ବିରାଟ ଗଛ ଉପାଡ଼ିଧରିଲେ ଏବଂ ସେଥିରେ ପ୍ରହାର କରି କରି ଲଙ୍କେଶକୁମାର ମେଘନାଦର ରଥ ଭାଙ୍ଗିଦେବା ସହିତ ତାକୁ ତଳେ କଚାଡ଼ିଦେଲେ । ମେଘନାଦ ସହିତ ଆସିଥିବା ବଡ଼ ବଡ଼ ଯୋଦ୍ଧାଙ୍କୁ ଧରି ସେ ନିଜ ହାତ ଓ ପାଦରେ ଦଳିପକାଇଲେ । ସେମାନଙ୍କୁ ମାରିସାରି ସେ ପୁଣି ଥରେ ମେଘନାଦ ସହିତ ଲଢ଼ିଲେ । ସେ ଦୁହେଁ ଲଢ଼ିବା ସମୟରେ ଦୁଇଟି ଗଜରାଜ ଲଢ଼ିଲାପରି ଦିଶୁଥାନ୍ତି । ଲଢୁ ଲଢୁ ହନୁମାନ୍ ମେଘନାଦକୁ ଗୋଟିଏ ଭୀଷଣ ମୁଥ ମାରିଦେଇ ଗଛଉପରେ ଚଢ଼ିଗଲେ । ମେଘନାଦ କ୍ଷଣକପାଇଁ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲା । ତା'ପରେ ସେ ପୁଣି ଉଠି ନାନା ମାୟା ରଚନା କଲା; କିନ୍ତୁ ମାୟାବଳରେ ସେ ପବନପୁତ୍ରଙ୍କୁ ଜିଣିପାରିଲା ନାହିଁ ॥ ୧—୫ ॥

ଦୋଃ- **ବ୍ରହ୍ମ ଅସ୍ତ୍ର ତେହି ସାଁଧା କପି ମନ କୀନ୍ହ ବିଚାର ।**
**ଜୌଁ ନ ବ୍ରହ୍ମସର ମାନଉଁ ମହିମା ମିଟଇ ଅପାର ॥ ୧୯ ॥**

ଶେଷରେ ସେ ବ୍ରହ୍ମାସ୍ତ୍ର ପ୍ରୟୋଗ କଲା । ତାହା ଦେଖି ହନୁମାନ୍ ବିଚାର କଲେ, ''ମୁଁ ଯଦି ବ୍ରହ୍ମାସ୍ତ୍ରକୁ ମାନିବି ନାହିଁ, ତେବେ ବ୍ରହ୍ମାସ୍ତ୍ରର ଅପାର ମହିମା ଲୋପ ପାଇଯିବ ।'' ॥ ୧୯ ॥

**ବ୍ରହ୍ମବାନ କପି କହୁଁ ତେହିଁ ମାରା । ପରତିହୁଁ ବାର କଟକୁ ସଂଘାରା ॥**
**ତେହିଁ ଦେଖା କପି ମୁରୁଛିତ ଭୟଉ । ନାଗପାସ ବାଁଧେସି ଲୈ ଗୟଉ ॥ ୧ ॥**

ମେଘନାଦ ହନୁମାନଙ୍କ ଉପରକୁ ବ୍ରହ୍ମବାଣ ମାରିଲା । ସେହି ବାଣ ବାଜିବାରୁ ହନୁମାନ୍ ବୃକ୍ଷରୁ ତଳେ ପଡ଼ିଗଲେ । କିନ୍ତୁ ପଡ଼ିଯିବା ସମୟରେ ବି ସେ ବହୁ ସୈନ୍ୟଙ୍କୁ ମାରିପକାଇଲେ । ହନୁମାନ୍ ତଳେ ପଡ଼ି, ମୂର୍ଚ୍ଛିତ ହୋଇଯିବାରୁ ମେଘନାଦ ତାଙ୍କୁ ନାଗପାଶରେ ବାନ୍ଧି ନେଇଗଲା ॥ ୧ ॥

**ଜାସୁ ନାମ ଜପି ସୁନହୁ ଭୱାନୀ । ଭୱ ବଂଧନ କାଟହିଁ ନର ଗ୍ୟାନୀ ॥**
**ତାସୁ ଦୂତ କି ବଂଧ ତରୁ ଆୱା । ପ୍ରଭୁ କାରଜ ଲଗି କପିହିଁ ବଁଧାୱା ॥ ୨ ॥**

ଭଗବାନ୍ ଶିବ କହୁଛନ୍ତି, ଶୁଣ ଭବାନୀ ! ଯାହାଙ୍କର ନାମ ଜପ କରି ଜ୍ଞାନୀ (ବିବେକୀ) ମନୁଷ୍ୟ ଜନ୍ମ-ମରଣର ବନ୍ଧନକୁ କାଟିଦେଇପାରନ୍ତି, ତାଙ୍କର ଦୂତ କଣ କେବେ ବନ୍ଧନରେ ପଡ଼ିପାରନ୍ତି ? କେବଳ ପ୍ରଭୁଙ୍କ କାର୍ଯ୍ୟସାଧନ ନିମନ୍ତେ ହନୁମାନ୍ ଜାଣି ଜାଣି ନିଜକୁ ବନ୍ଧନରେ ପକାଇଦେଲେ ॥ ୨ ॥

**କପି ବଂଧନ ସୁନି ନିସିଚର ଧାଏ । କୌତୁକ ଲାଗି ସଭାଁ ସବ ଆଏ ॥**
**ଦସମୁଖ ସଭା ଦୀଖି କପି ଜାଈ । କହି ନ ଜାଇ କଛୁ ଅତି ପ୍ରଭୁତାଈ ॥ ୩ ॥**

ବାନର ବନ୍ଧା ହୋଇ ଆସିଥିବାର ଶୁଣି, ଅସୁରମାନେ କୌତୁକ ଦେଖିବାକୁ ଆସି ରାବଣର ସଭାରେ ରୁଣ୍ଡ ହେଲେ । ହନୁମାନ୍ ଯାଇ ରାବଣର ସଭା ଦେଖିଲେ । ରାବଣର ଐଶ୍ୱର୍ଯ୍ୟ ଅବର୍ଣ୍ଣନୀୟ ॥ ୩ ॥

**କର ଜୋରେଁ ସୁର ଦିସିପ ବିନୀତା । ଭୃକୁଟି ବିଲୋକତ ସକଲ ସଭୀତା ॥**
**ଦେଖି ପ୍ରତାପ ନ କପି ମନ ସଂକା । ଜିମି ଅହିଗନ ମହୁଁ ଗରୁଡ଼ ଅସଂକା ॥ ୪ ॥**

ଦେବତା ଓ ଦିଗପାଳମାନେ ଭୟରେ କରପତ୍ର ଯୋଡ଼ି, ବିନମ୍ରଭାବରେ ରାବଣର ଭ୍ରୂଭଙ୍ଗୀ(ଆଜ୍ଞା)କୁ ଗ୍ରହିଁବସିଥାନ୍ତି । ତା'ର ଏପରି ପ୍ରତାପ ଦେଖି ମଧ୍ୟ ହନୁମାନଙ୍କ ମନରେ ତିଳେମାତ୍ର ଭୟ ହେଲା ନାହିଁ । ସର୍ପମାନଙ୍କ ଭିତରେ ଗରୁଡ଼ ଯେପରି ନିର୍ଭୟରେ ରହନ୍ତି, ସେ ସେହିପରି ନିର୍ଭୟରେ ଠିଆ ହେଲେ ॥ ୪ ॥

ଦୋ:- **କପିହି ବିଲୋକି ଦସାନନ ବିହସା କହି ଦୁର୍ବାଦ ।**
**ସୁତ ବଧ ସୁରତି କୀନ୍ହି ପୁନି ଉପଜା ହୃଦୟଁ ବିଷାଦ ॥ ୨୦ ॥**

ହନୁମାନଙ୍କୁ ଦେଖି, ରାବଣ ଦୁର୍ବଚନ କହି ଖୁବ୍ ଜୋର୍‌ରେ ହସିଲା । ପୁଣି ପୁତ୍ରବଧ କଥା ମନେପକାଇଲା । ଫଳରେ ତା'ହୃଦୟରେ ବିଷାଦ ଉତ୍ପନ୍ନ ହୋଇଗଲା ॥ ୨୦ ॥

**କହ ଲଂକେସ କଵ୍ନ ତୈଁ କୀସା । କେହି କେଁ ବଲ ଘାଲେହି ବନ ଖୀସା ॥**
**କୀ ଧୌଁ ଶ୍ରଵ୍ନ ସୁନେହି ନହିଁ ମୋହୀ । ଦେଖଉଁ ଅତି ଅସଂକ ସଠ ତୋହୀ ॥ ୧ ॥**
**ମାରେ ନିସିଚର କେହିଁ ଅପରାଧା । କହୁ ସଠ ତୋହି ନ ପ୍ରାନ କଇ ବାଧା ॥**
**ସୁନୁ ରାଵ୍ନ ବ୍ରହ୍ମାଂଡ ନିକାୟା । ପାଇ ଜାସୁ ବଲ ବିରଚତି ମାୟା ॥ ୨ ॥**
**ଜାକେଁ ବଲ ବିରଂଚି ହରି ଈସା । ପାଲତ ସୃଜତ ହରତ ଦସସୀସା ॥**
**ଜା ବଲ ସୀସ ଧରତ ସହସାନନ । ଅଂଡକୋସ ସମେତ ଗିରି କାନନ ॥ ୩ ॥**
**ଧରଇ ଜୋ ବିବିଧ ଦେହ ସୁରତ୍ରାତା । ତୁମ୍ହ ସେ ସଠନ୍ହ ସିଖାଵ୍ନୁ ଦାତା ॥**
**ହର କୋଦଂଡ କଠିନ ଜେହିଁ ଭଂଜା । ତେହି ସମେତ ନୃପ ଦଲ ମଦ ଗଂଜା ॥ ୪ ॥**
**ଖର ଦୂଷନ ତ୍ରିସିରା ଅରୁ ବାଲୀ । ବଧେ ସକଲ ଅତୁଲିତ ବଲ ସାଲୀ ॥ ୫ ॥**

ଲଙ୍କପତି ରାବଣ କହିଲା, ''ରେ ବାନର ! ତୁ କିଏ ? କାହାବଳରେ ତୁ ମୋ ଅଶୋକ ବନ ଉଜାଡ଼ି ନଷ୍ଟ କରିଦେଲୁ ? ଆରେ ! ତୁ କଣ କେବେ ମୋ ନାଆଁ ଓ ଯଶ ଶୁଣିନାହୁଁ ? ରେ ଶଠ ! ମୁଁ ଦେଖୁଛି, ତୁଟା ନିତାନ୍ତ ନିଡର ! ତୁ କେଉଁ ଅପରାଧରେ ରାକ୍ଷସମାନଙ୍କୁ ମାରିଲୁ ? ରେ ମୂର୍ଖ ! ତୋର କ'ଣ ପ୍ରାଣଭୟ ନାହିଁ ? କହୁନୁ ?'' [ହନୁମାନ୍ କହିଲେ,] ହେ ରାବଣ ! ଶୁଣ; ଯାହାଙ୍କ ବଳରେ ମାୟା ସକଳ ବ୍ରହ୍ମାଣ୍ଡ ରଚନା କରେ, ହେ ଦଶଶିର ! ଯାହାଙ୍କ ବଳରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର କ୍ରମଶଃ ସୃଷ୍ଟି ସର୍ଜନା, ପାଳନ ଓ ସଂହାର କରନ୍ତି, ଯାହାଙ୍କ ବଳରେ ସହସ୍ରମୁଖି(ଫଣା)ବିଶିଷ୍ଟ ଶେଷଦେବ ପର୍ବତ ଓ ବନସମେତ ସମଗ୍ର ବ୍ରହ୍ମାଣ୍ଡକୁ ଶିରରେ ଧାରଣ କରନ୍ତି, ଯେ ଦେବତାମାନଙ୍କୁ ରକ୍ଷା କରିବା ନିମନ୍ତେ ନାନାପ୍ରକାର ଦେହ ଧାରଣ କରନ୍ତି ଏବଂ ଯେ ତୁମ ପରି ମୂର୍ଖମାନଙ୍କୁ ଶିକ୍ଷା ଦିଅନ୍ତି, ଯେ କଠୋର ଶିବଧନୁକୁ ମଧ୍ୟ ଭାଙ୍ଗିଦେଇଛନ୍ତି ଏବଂ ତା'ସହିତ ରାଜାମାନଙ୍କର ଗର୍ବ ଚୂର୍ଣ୍ଣ କରିଦେଇଛନ୍ତି, ଯେ ଖର, ଦୂଷଣ, ତ୍ରିଶିରା ଓ ବାଳି ପ୍ରଭୃତି ଅତୁଳନୀୟ ବଳବାନ୍ ବୀରଙ୍କୁ ବଧ କରିଦେଇଛନ୍ତି, ॥ ୫ ॥

ଦୋ:- **ଜାକେ ବଲ ଲଵ୍ଲେସ ତେଁ ଜିତେହୁ ଚରାଚର ଝାରି ।**
**ତାସୁ ଦୂତ ମୈଁ ଜା କରି ହରି ଆନେହୁ ପ୍ରିୟ ନାରି ॥ ୨୧ ॥**

ଯାହାଙ୍କର ଲେଶମାତ୍ର ବଳ ପାଇ ତୁମେ ସମଗ୍ର ଜଗତକୁ ଜିତିଗଲ ଓ ଯାହାଙ୍କର ପ୍ରିୟପତ୍ନୀଙ୍କୁ ତୁମେ ଚୋରଙ୍କ ପରି ହରଣ କରି ନେଇଆସିଛ, ମୁଁ ହେଉଛି ତାଙ୍କରି ଦୂତ ॥ ୨୧ ॥

ଜାନଉଁ ମୈଁ ତୁହ୍ମାରି ପ୍ରଭୁତାଈ । ସହସବାହୁ ସନ ପରୀ ଲରାଈ ॥
ସମର ବାଲି ସନ କରି ଜସୁ ପାୱା । ସୁନି କପି ବଚନ ବିହସି ବିହରାୱା ॥ ୧ ॥
ଖାୟଉଁ ଫଲ ପ୍ରଭୁ ଲାଗୀ ଭୂଁଖା । କପି ସୁଭାୱ ତେଁ ତୋରେଉଁ ରୂଖା ॥
ସବ କେଁ ଦେହ ପରମ ପ୍ରିୟ ସ୍ୱାମୀ । ମାରହିଁ ମୋହି କୁମାରଗ ଗାମୀ ॥ ୨ ॥
ଜିହ୍ନ ମୋହି ମାରା ତେ ମୈଁ ମାରେ । ତେହି ପର ବାଁଧେଉଁ ତନୟଁ ତୁହ୍ମାରେ ॥
ମୋହି ନ କଛୁ ବାଁଧେ କଇ ଲାଜା । କୀହ୍ନ ଚହଉଁ ନିଜ ପ୍ରଭୁ କର କାଜା ॥ ୩ ॥
ବିନତୀ କରଉଁ ଜୋରି କର ରାୱନ । ସୁନହୁ ମାନ ତଜି ମୋର ସିଖାୱନ ॥
ଦେଖହୁ ତୁହ୍ମ ନିଜ କୁଲହି ବିଚାରୀ । ଭ୍ରମ ତଜି ଭଜହୁ ଭଗତ ଭୟ ହାରୀ ॥ ୪ ॥

ମୁଁ ତୁମ ସାମର୍ଥ୍ୟ ଖୁବ୍ ଜାଣିଛି; ସହସ୍ରବାହୁ ସହିତ ତୁମେ ପରା ଲଢ଼ିଥିଲ ଓ ବାଳି ସହିତ ଯୁଦ୍ଧ କରି ପରା ତୁମେ ଯଶ ପାଇଥିଲ !'' ହନୁମାନଙ୍କର [ଏହିସବୁ ବ୍ୟଙ୍ଗାତ୍ମକ] ବଚନକୁ ରାବଣ ହସରେ ଉଡ଼ାଇଦେଲା । ହନୁମାନ୍ କହିଲେ, ''ହେ ରାକ୍ଷସମାନଙ୍କର ପ୍ରଭୁ ! ମୋତେ ଭୋକ ଲାଗୁଥିଲା; ତେଣୁ ମୁଁ ଫଳ ଛିଣ୍ଡାଇ ଖାଇଲି ଓ ବାନରସ୍ୱଭାବ ହେତୁ କିଛି ଗଛଡାଳ ଭାଙ୍ଗିପକାଇଲି । କିନ୍ତୁ ହେ ରାକ୍ଷସରାଜ ! ଦେହଟା ହେଉଛି ସମସ୍ତଙ୍କର ପରମ ପ୍ରିୟବସ୍ତୁ । କୁମାର୍ଗଗାମୀ ଦୁଷ୍ଟ ରାକ୍ଷସମାନେ ମୋତେ ମାରିବାକୁ ଲାଗିଲେ । ମୋତେ ଯେ ମାରିଲା, ମୁଁ ବି ତାକୁ ମାରିଲି । ଏତିକି କଥାରେ ତୁମ ପୁଅ ଯାଇ ମୋତେ ବାନ୍ଧିଆଣିଛି । କିନ୍ତୁ ବନ୍ଧା ହୋଇଛି ବୋଲି ମୋର ମୋଟେ ଲାଜ ନାହିଁ । ମୁଁ ତ ମୋ ପ୍ରଭୁଙ୍କ କାର୍ଯ୍ୟ କରିବାକୁ ଚାହେଁ । ହେ ରାବଣ ! ମୁଁ ତୁମକୁ ହାତ ଯୋଡ଼ି ବିନତି କରୁଛି, ତୁମେ ଏହି ଅହଂକାର ଛାଡ଼ିଦେଇ ମୋ କଥା ମାନ । ତୁମେ କେତେ ବଡ଼ ପବିତ୍ରକୁଳରେ ଜନ୍ମ ହୋଇଛ, ତାହା ବିଚାର କରି ଦେଖ ଓ ଭ୍ରମ ଛାଡ଼ିଦେଇ ଭକ୍ତଭୟହାରୀ ଭଗବାନଙ୍କୁ ଭଜ ॥ ୧–୪ ॥

ଜାକେଁ ଡର ଅତି କାଲ ଡେରାଈ । ଜୋ ସୁର ଅସୁର ଚରାଚର ଖାଈ ॥
ତାସୋଁ ବୟରୁ କବହୁଁ ନହିଁ କୀଜୈ । ମୋରେ କହେଁ ଜାନକୀ ଦୀଜୈ ॥ ୫ ॥

ଦେବତା, ରାକ୍ଷସ ଓ ସମସ୍ତ ଚରାଚରକୁ କବଳିତ କରିପାରୁଥିବା କାଳ ମଧ୍ୟ ଯାହାଙ୍କୁ ଡରେ, ତାଙ୍କ ସହିତ କଦାପି ଶତ୍ରୁତା କର ନାହିଁ; ବରଂ ମୋ କଥା ମାନି ଜାନକୀଙ୍କୁ ଫେରାଇଦିଅ ॥ ୫ ॥

ଦୋଃ- ପ୍ରନତପାଲ ରଘୁନାୟକ କରୁନା ସିଂଧୁ ଖରାରି ।
ଗଏଁ ସରନ ପ୍ରଭୁ ରାଖିହେଁ ତୱ ଅପରାଧ ବିସାରି ॥ ୨୨ ॥

ଖରର ଶତ୍ରୁ ଶ୍ରୀରଘୁନାଥ ହେଉଛନ୍ତି ଶରଣାଗତରକ୍ଷକ ଓ ଦୟାସାଗର । ତୁମେ ଶରଣ ପଶିଲେ, ପ୍ରଭୁ ତୁମର ଅପରାଧ ଭୁଲିଯାଇ ତୁମକୁ ଶରଣ ଦେବେ ॥ ୨୨ ॥

ରାମ ଚରନ ପଂକଜ ଉର ଧରହୂ । ଲଂକା ଅଚଲ ରାଜୁ ତୁହ୍ମ କରହୂ ॥
ରିଷି ପୁଲସ୍ତି ଜସୁ ବିମଲ ମୟଂକା । ତେହି ସସି ମହୁଁ ଜନି ହୋହୁ କଲଂକା ॥ ୧ ॥
ରାମ ନାମ ବିନୁ ଗିରା ନ ସୋହା । ଦେଖୁ ବିଚାରି ତ୍ୟାଗି ମଦ ମୋହା ॥
ବସନ ହୀନ ନହିଁ ସୋହ ସୁରାରୀ । ସବ ଭୂଷନ ଭୂଷିତ ବର ନାରୀ ॥ ୨ ॥
ରାମ ବିମୁଖ ସଂପତି ପ୍ରଭୁତାଈ । ଜାଇ ରହୀ ପାଈ ବିନୁ ପାଈ ॥
ସଜଲ ମୂଲ ଜିହ୍ନ ସରିତହ୍ନ ନାହୀଁ । ବରଷି ଗଏଁ ପୁନି ତବହିଁ ସୁଖାହୀଁ ॥ ୩ ॥

**ସୁନୁ ଦସକଂଠ କହଉଁ ପନ ରୋପୀ । ବିମୁଖ ରାମ ତ୍ରାତା ନହିଁ କୋପୀ ॥**
**ସଂକର ସହସ ବିଷ୍ଣୁ ଅଜ ତୋହୀ । ସକହିଁ ନ ରାଖି ରାମ କର ଦ୍ରୋହୀ ॥ ୪ ॥**

ତୁମେ ହୃଦୟରେ ଶ୍ରୀରାମଙ୍କ ଚରଣକମଳ ଧାରଣ କରି ଲଙ୍କାରେ ଅଖଣ୍ଡ ରାଜତ୍ୱ କର । ଋଷି ପୁଲସ୍ତ୍ୟଙ୍କ ଯଶ ହେଉଛି ନିର୍ମଳ ଚନ୍ଦ୍ର ପରି; ତୁମେ ସେହି ଚନ୍ଦ୍ରରେ କଳଙ୍କ ହୋଇଯାଅ ନାହିଁ । ରାମନାମ ବିନା ବାଣୀ ଶୋଭା ପାଏ ନାହିଁ; ମଦମୋହ ଛାଡ଼ିଦେଇ, ବିଗ୍ଚାର କରି ଦେଖ । ହେ ଦେବଶତ୍ରୁ ! ସକଳ ଗହଣାରେ ବିଭୂଷିତ ହୋଇଥିଲେ ସୁଦ୍ଧା ବିନା ବସ୍ତ୍ରରେ ନାରୀ ଶୋଭା ପାଏ ନାହିଁ । ରାମବିମୁଖ ପୁରୁଷର ସକଳ ସମ୍ପତ୍ତି ଓ ପ୍ରଭୁତ୍ୱ ଥାଇ ବି ନ ଥିବା ସଙ୍ଗେ ସମାନ । ତା'ର ସମ୍ପତ୍ତି-ପ୍ରଭୁତ୍ୱ ପାଇବାଟା ନ ପାଇବା ସଙ୍ଗେ ସମାନ । ଯେଉଁ ନଦୀର ମୂଳରେ କିଛି ଜଳଉତ୍ସ ନ ଥାଏ, ଯେଉଁ ନଦୀ କେବଳ ବର୍ଷାକୁ ଆଶ୍ରୟ କରିଥାଏ, ବର୍ଷା ଛାଡ଼ିଯିବା ପରେ ତାହା ଅତି ଶୀଘ୍ର ଶୁଖିଯାଏ । ହେ ରାବଣ ! ଶୁଣ; ମୁଁ ପ୍ରତିଜ୍ଞା କରି କହୁଛି, ରାମବିମୁଖକୁ ରକ୍ଷା କରିଦେବାଭଳି ଲୋକ କେହି ବି ନାହିଁ । ସହସ୍ରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ବି ତୁମ ପରି ରାମଦ୍ରୋହୀକୁ ରକ୍ଷା କରିପାରିବେ ନାହିଁ ॥ ୧–୪ ॥

ଦୋ:- **ମୋହମୂଲ ବହୁ ସୂଲ ପ୍ରଦ ତ୍ୟାଗହୁ ତମ ଅଭିମାନ ।**
**ଭଜହୁ ରାମ ରଘୁନାୟକ କୃପା ସିଂଧୁ ଭଗୱାନ ॥ ୨୩ ॥**

ମୋହହିଁ ଯାହାର ମୂଳ, ସେହି ଅଜ୍ଞାନଜନିତ ଓ ଅତ୍ୟନ୍ତ ପୀଡ଼ାଦାୟକ ତମରୂପକ ଅଭିମାନ ତ୍ୟାଗ କରିଦିଅ ଏବଂ ରଘୁକୁଳ ସ୍ୱାମୀ କୃପାସାଗର ଭଗବାନ୍ ଶ୍ରୀରାମଙ୍କୁ ଭଜ ।'' ॥ ୨୩ ॥

**ଜଦପି କହୀ କପି ଅତି ହିତ ବାନୀ । ଭଗତି ବିବେକ ବିରତି ନୟ ସାନୀ ॥**
**ବୋଲା ବିହସି ମହା ଅଭିମାନୀ । ମିଲା ହମହି କପି ଗୁର ବଡ଼ ଗ୍ୟାନୀ ॥ ୧ ॥**

ହନୁମାନ୍ ଏପରି ଭକ୍ତି, ଜ୍ଞାନ, ବୈରାଗ୍ୟ ଓ ନୀତି-ସମ୍ବଳିତ ବହୁ ହିତକର କଥା କହିଲେ; କିନ୍ତୁ ଅତି ଅଭିମାନୀ ରାବଣ ଅଟ୍ଟହାସ୍ୟ କରି ବ୍ୟଙ୍ଗପୂର୍ବକ କହିଲା, ''ମୋତେ ଗୋଟେ ବଡ଼ିଆ ଜ୍ଞାନୀ ମାଙ୍କଡ଼ଗୁରୁ ମିଳିଗଲା ॥ ୧ ॥

**ମୃତ୍ୟୁ ନିକଟ ଆଈ ଖଲ ତୋହୀ । ଲାଗେସି ଅଧମ ସିଖାୱନ ମୋହୀ ॥**
**ଉଲଟା ହୋଇହି କହ ହନୁମାନା । ମତିଭ୍ରମ ତୋର ପ୍ରଗଟ ମୈଁ ଜାନା ॥ ୨ ॥**

ଆରେ ଦୁଷ୍ଟ ! ତୋ ମରଣ ପାଖେଇଆସିଲାଣି ! ରେ ଅଧମ ! ତୁ ପୁଣି ମୋତେ ପାଠ ପଢ଼ାଉଛୁ !!'' ହନୁମାନ୍ କହିଲେ, ''ତୁମେ ଯାହା କହୁଛ, ତା'ର ଠିକ୍ ବିପରୀତ ଘଟିଯିବ (ମୋ ମରଣ ନୁହେଁ, ତୋ ମରଣ ପାଖେଇଆସିଲା) । ମୁଁ ଏହା ପ୍ରତ୍ୟକ୍ଷ ଜାଣିଗଲିଣି ଯେ, ତୋର ମତିଭ୍ରମ ଘଟିଛି ।'' ॥ ୨ ॥

**ସୁନି କପି ବଚନ ବହୁତ ଖିସିଆନା । ବେଗି ନ ହରହୁ ମୂଢ଼ କର ପ୍ରାନା ॥**
**ସୁନତ ନିସାଚର ମାରନ ଧାଏ । ସଚିୱନ୍ହ ସହିତ ବିଭୀଷନୁ ଆଏ ॥ ୩ ॥**
**ନାଇ ସୀସ କରି ବିନୟ ବହୂତା । ନୀତି ବିରୋଧ ନ ମାରିଅ ଦୂତା ॥**
**ଆନ ଦଂଡ କଛୁ କରିଅ ଗୋସାଁଈ । ସବହୀଁ କହା ମଂତ୍ର ଭଲ ଭାଈ ॥ ୪ ॥**
**ସୁନତ ବିହସି ବୋଲା ଦସକଂଧର । ଅଂଗ ଭଂଗ କରି ପଠଇଅ ବଂଦର ॥ ୫ ॥**

ହନୁମାନଙ୍କ କଥା ଶୁଣି ରାବଣ ବହୁତ ରାଗିଗଲା । [ସେ ନିଜଲୋକଙ୍କୁ କହିଲା,] ''ଆରେ ! ଏ ମୂର୍ଖଟାର ପ୍ରାଣ ଶୀଘ୍ର ନେଇଯାଉନା କାହିଁକି ?'' ଶୁଣୁ ଶୁଣୁ ରାକ୍ଷସମାନେ ହନୁମାନଙ୍କୁ ମାରିବାକୁ ଦୌଡ଼ିଆସିଲେ । ଠିକ୍ ସେତିକିବେଳେ ମନ୍ତ୍ରୀମାନଙ୍କ ସହିତ ବିଭୀଷଣ ଆସି ସେଠାରେ ପହଞ୍ଚିଗଲେ । ସେ ନତମସ୍ତକ ହୋଇ ଅତ୍ୟନ୍ତ

ବିନୀତଭାବରେ ରାବଣଙ୍କୁ କହିଲେ, ''ଦୂତକୁ ମାରିବା ଅନୁଚିତ । ଏହା ନୀତିବିରୁଦ୍ଧ । ହେ ପ୍ରଭୁ ! ଦୂତକୁ ଅନ୍ୟ କୌଣସି ଦଣ୍ଡ ଦିଆଯାଉ ।'' ସମସ୍ତେ କହିଲେ, ''ଭାଇ ! ଏହି ପରାମର୍ଶଟି ଖୁବ୍ ଭଲ ହୋଇଛି ।'' । ଏକଥା ଶୁଣି ରାବଣ ହସି ହସି କହିଲା, ''ଠିକ୍ ଅଛି । ଅଙ୍ଗ-ଭଙ୍ଗ କରିଦେଇ ବାନରକୁ ପଠାଇଦିଅ ॥ ୩–୫ ॥

ଦୋ:- **କପି କେଁ ମମତା ପୂଁଛ ପର ସବହି କହଉଁ ସମୁଝାଇ ।**
**ତେଲ ବୋରି ପଟ ବାଁଧି ପୁନି ପାୱକ ଦେହୁ ଲଗାଇ ॥ ୨୪ ॥**


ମୁଁ ସମସ୍ତଙ୍କୁ ବୁଝାଇକହୁଛି, ଶୁଣ । ବାନରର ସବୁ ମମତା ତା'ର ଲାଞ୍ଜରେ ଥାଏ; ତେଣୁ ତେଲରେ କନା ଭିଜାଇ, ତା'ଲାଞ୍ଜରେ ଗୁଡ଼େଇ ବାନ୍ଧିଦିଅ । ତାପରେ ସେଥିରେ ନିଆଁ ଲଗାଇଦିଅ ॥ ୨୪ ॥

**ପୂଁଛହୀନ ବାନର ତହଁ ଜାଇହି । ତବ ସଠ ନିଜ ନାଥହି ଲଇ ଆଇହି ॥**
**ଜିହ୍ନ କୈ କୀହ୍ନିସି ବହୁତ ବଡ଼ାଈ । ଦେଖଉଁ ମୈଁ ତିହ୍ନ କୈ ପ୍ରଭୁତାଈ ॥ ୧ ॥**
**ବଚନ ସୁନତ କପି ମନ ମୁସୁକାନା । ଭଇ ସହାୟ ସାରଦ ମୈଁ ଜାନା ॥**
**ଜାତୁଧାନ ସୁନି ରାୱନ ବଚନା । ଲାଗେ ରଚୈଁ ମୂଢ଼ ସୋଇ ରଚନା ॥ ୨ ॥**
**ରହା ନ ନଗର ବସନ ଘୃତ ତେଲା । ବାଢ଼ୀ ପୂଁଛ କୀହ୍ନ କପି ଖେଲା ॥**
**କୌତୁକ କହଁ ଆଏ ପୁରବାସୀ । ମାରହିଁ ଚରନ କରହିଁ ବହୁ ହାଁସୀ ॥ ୩ ॥**
**ବାଜହିଁ ଢୋଲ ଦେହିଁ ସବ ତାରୀ । ନଗର ଫେରି ପୁନି ପୂଁଛ ପ୍ରଜାରୀ ॥**
**ପାୱକ ଜରତ ଦେଖି ହନୁମଂତା । ଭୟଉ ପରମ ଲଘୁରୂପ ତୁରଂତା ॥ ୪ ॥**
**ନିବୁକି ଚଢ଼େଉ କପି କନକ ଅଟାରୀଁ । ଭଈଁ ସଭୀତ ନିସାଚର ନାରୀଁ ॥ ୫ ॥**

ଏ ଯେତେବେଳେ ଲାଞ୍ଜହୀନ ହୋଇ ତା ପ୍ରଭୁ ପାଖକୁ ଯିବ, ସେତେବେଳେ ଯାଇ ଏ ମୂର୍ଖ ତା'ପ୍ରଭୁଙ୍କୁ ସାଥିରେ ଧରି ଏଠାକୁ ଆସିବ । ଯାହାକୁ ନେଇ ଇଏ ଏତେ ବଡ଼ାଇ କରୁଛି, ମୁଁ ଟିକିଏ ତା'ସାମର୍ଥ୍ୟ ଦେଖିବି ।'' ଏହା ଶୁଣି ହନୁମାନ୍ ମନେ ମନେ ହସିଲେ । ଭାବିଲେ, 'ଏଥର ଜଣାପଡ଼ିଗଲା ଯେ, ଏହାକୁ ଏପରି ବୁଦ୍ଧି ଦେବାରେ ସରସ୍ୱତୀ ସହାୟ ହୋଇଛନ୍ତି ।' ସେପଟେ ରାବଣ କଥା ଶୁଣି ମୂର୍ଖ ରାକ୍ଷସମାନେ ହନୁମାନଙ୍କ ଲାଞ୍ଜରେ ନିଆଁ ଲଗାଇବାକୁ ପ୍ରସ୍ତୁତି ଆରମ୍ଭ କରିଦେଲେ । [ତାଙ୍କ ଲାଞ୍ଜରେ ଗୁଡ଼ାଇବାପାଇଁ ଏତେ କନା ଓ ତେଲ-ଘିଅ ଲାଗିଲା ଯେ,] ଲଙ୍କା ନଗରୀରେ ଆଉ କନାପଟା ରହିଲା ନାହିଁ, କି ତେଲଘିଅ ରହିଲା ନାହିଁ । ହନୁମାନ୍ ଏପରି ଖେଳ ରଚିଲେ ଯେ, ତାଙ୍କ ଲାଞ୍ଜ ଖୁବ୍ ଲମ୍ୱିଗଲା । ନଗରଲୋକେ ଏହି ତାମସା ଦେଖିବାକୁ ଆସିଗଲେ । ସେମାନେ ହନୁମାନଙ୍କୁ ଲାତଗୋଇଠା ମାରି ନାନା ଥଟ୍ଟାପରିହାସ କରିବାକୁ ଲାଗିଲେ । ଢୋଲ ବାଜିଲା; ସମସ୍ତେ ତାଳି ମାରିଲେ । ହନୁମାନଙ୍କୁ ନଗରରେ ବୁଲାଇଆଣିବା ପରେ ତାଙ୍କ ଲାଞ୍ଜରେ ନିଆଁ ଲଗାଇଦେଲେ । ନିଆଁ ଜଳିଗଲା ଦେଖି ହନୁମାନ୍ ନିଜ ଆକାରକୁ ଖୁବ୍ ଛୋଟ କରିଦେଲେ । ଫଳରେ ସେ ବନ୍ଧନରୁ ମୁକ୍ତ ହୋଇ, କୁଦାମାରି ଯାଇ ସୁବର୍ଣ୍ଣ ଅଟ୍ଟାଳିକା ଉପରେ ବସିପଡ଼ିଲେ । ତାଙ୍କୁ ଦେଖି ରାକ୍ଷସମାନଙ୍କର ସ୍ତ୍ରୀମାନେ ଭୟଭୀତା ହୋଇଗଲେ ॥ ୧-୫ ॥

ଦୋ:- **ହରି ପ୍ରେରିତ ତେହି ଅୱସର ଚଲେ ମରୁତ ଉନଚାସ ।**
**ଅଟ୍ଟହାସ କରି ଗର୍ଜା କପି ବଢ଼ି ଲାଗ ଅକାସ ॥ ୨୫ ॥**

ସେତିକିବେଳେ ଭଗବାନଙ୍କ ପ୍ରେରଣାରେ ପ୍ରବଳ ବେଗରେ ଅଣଚାଶ ପବନ ବହିବାକୁ ଲାଗିଲା । ହନୁମାନ୍ ଅଟ୍ଟହାସ କରି ଗର୍ଜିଉଠିଲେ ଏବଂ ବଢ଼ି ବଢ଼ି ଯାଇ ଆକାଶରେ ଲାଗିଗଲେ ॥ ୨୫ ॥




ହନୁମାନଙ୍କ ଦ୍ୱାରା ଲଙ୍କା ଦହନ

ଦେହ ବିସାଲ ପରମ ହରୁଆଈ । ମଂଦିର ତେଁ ମଂଦିର ଚଢ଼ ଧାଈ ॥
ଜରଇ ନଗର ଭା ଲୋଗ ବିହାଲା । ଝପଟ ଲପଟ ବହୁ କୋଟି କରାଲା ॥ ୧ ॥
ତାତ ମାତୁ ହା ସୁନିଅ ପୁକାରା । ଏହିଁ ଅୱସର କୋ ହମହି ଉବାରା ॥
ହମ ଜୋ କହା ୟହ କପି ନହିଁ ହୋଈ । ବାନର ରୂପ ଧରେଁ ସୁର କୋଈ ॥ ୨ ॥
ସାଧୁ ଅୱଗ୍ୟା କର ଫଲୁ ଐସା । ଜରଇ ନଗର ଅନାଥ କର ଜୈସା ॥
ଜାରା ନଗରୁ ନିମିଷ ଏକ ମାହୀଁ । ଏକ ବିଭୀଷନ କର ଗୃହ ନାହୀଁ ॥ ୩ ॥

ତାଙ୍କ ଦେହ ଅତି ବିଶାଳ, କିନ୍ତୁ ଖୁବ୍ ହାଲୁକା ହୋଇଥାଏ । ସେ ଧାଇଁଯାଇ ଗୋଟିଏ ମହଲରୁ ଆଉ ଗୋଟିଏ ମହଲକୁ ଡେଇଁପଡୁଥାନ୍ତି । ଏପରିଭାବରେ ସେ ନଗରର ସବୁଆଡ଼େ ନିଆଁ ଲଗାଇଦେଲେ । ନଗର ଜଳିଉଠିଲା । ଲୋକେ ବିକଳ ହୋଇଉଠିଲେ । ଗ୍ରହୁଁ ଗ୍ରହୁଁ ଚତୁର୍ଦିଗରେ କୋଟି କୋଟି ଭୟଙ୍କର ଅଗ୍ନିଶିଖା ବ୍ୟାପିଗଲା । 'ହେ ବାପା ! ହେ ମାଆ ! ଏବେ ଆଉ କିଏ ରକ୍ଷା କରିବ !'–ଗ୍ରରିଆଡ଼େ ଏହିପରି ଡାକ ଶୁଣାଗଲା । ଲୋକେ କହୁଥାନ୍ତି, "ଆମେ ତ ମୂଳରୁ କହୁଥିଲୁ, ଏଇଟା ମାଙ୍କଡ଼ ନୁହେଁ; ମାଙ୍କଡ଼ରୂପ ଧରି କେହି ଜଣେ ଦେବତା ଆସିଯାଇଛନ୍ତି । ସାଧୁଙ୍କୁ ଅପମାନ ଦେଲେ ଏହିପରି ଫଳ ମିଳେ । ଦେଖ, ନଗରଟା ଅନାଥଙ୍କ ନଗର ପରି ପୋଡ଼ିଯାଉଛି ।" ହନୁମାନ୍ କ୍ଷଣକ ମଧ୍ୟରେ ସମଗ୍ର ନଗରଟା ପୋଡ଼ିଦେଲେ । କେବଳ ବିଭୀଷଣଙ୍କ ଘରଟି ପୋଡ଼ିଲେ ନାହିଁ ॥ ୧–୩ ॥

ତା କର ଦୂତ ଅନଲ ଜେହିଁ ସିରିଜା । ଜରା ନ ସୋ ତେହି କାରନ ଗିରିଜା ॥
ଉଲଟି ପଲଟି ଲଂକା ସବ ଜାରୀ । କୂଦି ପରା ପୁନି ସିଂଧୁ ମଝାରୀ ॥ ୪ ॥

[ଶିବ କହିଲେ,] ହେ ପାର୍ବତୀ ! ଯେ ଅଗ୍ନି ସୃଷ୍ଟି କରିଛନ୍ତି, ହନୁମାନ୍ ହେଉଛନ୍ତି ତାଙ୍କରି ଦୂତ । ତେଣୁ ସେ ନିଜେ ଅଗ୍ନିରେ ଜଳିଲେ ନାହିଁ । ହନୁମାନ୍ ଏମୁଣ୍ଡରୁ ସେମୁଣ୍ଡ ଯାଏ ସମଗ୍ର ଲଙ୍କାଟା ପୋଡ଼ିଦେଇ ଶେଷରେ ଯାଇ ସମୁଦ୍ରକୁ ଡେଇଁପଡ଼ିଲେ ॥ ୪ ॥

ଦୋଃ- ପୂଁଛ ବୁଝାଇ ଖୋଇ ଶ୍ରମ ଧରି ଲଘୁ ରୂପ ବହୋରି ।
ଜନକସୁତା କେଁ ଆଗେଁ ଠାଢ଼ ଭୟଉ କର ଜୋରି ॥ ୨୬ ॥

ଲାଞ୍ଜରୁ ନିଆଁ ଲିଭାଇ, କ୍ଳାନ୍ତି ଦୂର କରି ସେ ପୁଣି ଥରେ ଛୋଟିଆ ହୋଇଗଲେ ଏବଂ ସେହି ଛୋଟରୂପରେ ଯାଇ, କରପତ୍ର ଯୋଡ଼ି ଜାନକୀଙ୍କ ଆଗରେ ଠିଆ ହୋଇଗଲେ ॥ ୨୬ ॥

ମାତୁ ମୋହି ଦୀଜେ କଛୁ ଚୀହ୍ନା । ଜୈସେଁ ରଘୁନାୟକ ମୋହି ଦୀହ୍ନା ॥
ଚୂଡ଼ାମନି ଉତାରି ତବ ଦୟଉ । ହରଷ ସମେତ ପୱନସୁତ ଲୟଉ ॥ ୧ ॥
କହେହୁ ତାତ ଅସ ମୋର ପ୍ରନାମା । ସବ ପ୍ରକାର ପ୍ରଭୁ ପୂରନକାମା ॥
ଦୀନ ଦୟାଲ ବିରିଦୁ ସଂଭାରୀ । ହରହୁ ନାଥ ମମ ସଂକଟ ଭାରୀ ॥ ୨ ॥
ତାତ ସକ୍ରସୁତ କଥା ସୁନାଏହୁ । ବାନ ପ୍ରତାପ ପ୍ରଭୁହି ସମୁଝାଏହୁ ॥
ମାସ ଦିୱସ ମହୁଁ ନାଥୁ ନ ଆୱା । ତୌ ପୁନି ମୋହି ଜିଅତ ନହିଁ ପାୱା ॥ ୩ ॥
କହୁ କପି କେହି ବିଧି ରାଖୌଁ ପ୍ରାନା । ତୁହ୍ମହୂ ତାତ କହତ ଅବ ଜାନା ॥
ତୋହି ଦେଖି ସୀତଲି ଭଇ ଛାତୀ । ପୁନି ମୋ କହୁଁ ସୋଇ ଦିନୁ ସୋ ରାତୀ ॥ ୪ ॥

ସେ କହିଲେ, ''ମାଆ ! ଶ୍ରୀରଘୁନାଥ ଆପଣଙ୍କ ପାଖକୁ ଯେପରି ଗୋଟିଏ ସନ୍ତକ ପଠାଇଥିଲେ, ମୋତେ ଆପଣ ସେହିପରି କିଛି ଗୋଟିଏ ସନ୍ତକ ଦିଅନ୍ତୁ ।'' ତେଣୁ ସୀତା ନିଜ ମସ୍ତକରୁ ମଥାମଣିଟି କାଢ଼ି ତାଙ୍କୁ ଦେଇଦେଲେ । ହନୁମାନ୍ ସେହିଟିକୁ ବଡ଼ ଆନନ୍ଦରେ ହାତରେ ଧରିଲେ । ଜାନକୀ କହିଲେ, ''ହେ ବତ୍ସ ! ପ୍ରଭୁଙ୍କୁ ମୋର ପ୍ରଣାମ ଜଣାଇଦେବ ଏବଂ ମୋର ଏହି ନିବେଦନ ଶୁଣାଇଦେବ, 'ହେ ପ୍ରଭୁ! ଯଦିବା ଆପଣ ସକଳପ୍ରକାରେ ପୂର୍ଣ୍ଣକାମ (ଆପଣଙ୍କର କୌଣସିପ୍ରକାର କାମନା ନାହିଁ), ତଥାପି ଦୀନଦୁଃଖୀମାନଙ୍କ ପ୍ରତି ଦୟା କରିବା ତ ଆପଣଙ୍କର ବ୍ରତ ଏବଂ ମୁଁ ଜଣେ ଦୀନ । ତେଣୁ ସେହି ବ୍ରତ ମନେପକାଇ, ହେ ନାଥ ! ମୋର ଏହି ଘୋର ସଂକଟ ଦୂର କରନ୍ତୁ' । ହେ ବତ୍ସ ! ଇନ୍ଦ୍ରପୁତ୍ର ଜୟନ୍ତର କଥା (ଘଟଣା) ଶୁଣାଇ ପ୍ରଭୁଙ୍କୁ ତାଙ୍କ ବାଣର ପ୍ରତାପ ବିଷୟ ଟିକିଏ ମନେ ପକାଇଦେବ। ଯଦି ମାସକ ଭିତରେ ପ୍ରଭୁ ନ ଆସିବେ, ତେବେ ମୋତେ ଆଉ ଜୀବନ୍ତ ଅବସ୍ଥାରେ ପାଇବେ ନାହିଁ । ହେ ହନୁମାନ୍ ! ମୁଁ କିପରି ଜୀବନ ଧରି ରହିବି, ତୁମେ କୁହ ତ ? ଆହେ ବାପ ! ତୁମେ ବି ଚାଲିଯିବାକୁ କହୁଛ ! ତୁମକୁ ଦେଖି ମୋ ହୃଦୟ ଟିକିଏ ଶୀତଳ ହୋଇଥିଲା । ବର୍ତ୍ତମାନ ତୁମେ ଚାଲିଯିବା ପରେ ମୋ ପାଇଁ ରହିଯିବ ଖାଲି ସେହି ଘୋର ଦିବସ, ସେହି ଖିନ୍ନ ରଜନୀ !'' ॥ ୧–୪ ॥

ଦୋଃ- **ଜନକସୁତହି ସମୁଝାଇ କରି ବହୁ ବିଧି ଧୀରଜୁ ଦୀହ୍ନ ।**
**ଚରନ କମଲ ସିରୁ ନାଇ କପି ଗୱନୁ ରାମ ପହିଁ କୀହ୍ନ ॥ ୨୭ ॥**

ହନୁମାନ୍ ଜାନକୀଙ୍କୁ ବହୁପ୍ରକାରେ ବୁଝାଇ ସାନ୍ତ୍ୱନା ଦେଲେ ଏବଂ ତାଙ୍କ ଚରଣକମଳରେ ପ୍ରଣାମ କରି ଶ୍ରୀରାମଙ୍କ ନିକଟକୁ ଗମନ କଲେ ॥ ୨୭ ॥

**ଚଲତ ମହାଧୁନି ଗର୍ଜେସି ଭାରୀ । ଗର୍ଭ ସ୍ରୱହିଁ ସୁନି ନିସିଚର ନାରୀ ॥**
**ନାଘି ସିଂଧୁ ଏହି ପାରହି ଆୱା । ସବଦ କିଲିକିଲା କପିହ୍ନ ସୁନାୱା ॥ ୧ ॥**

ଫେରିଯିବା ସମୟରେ ସେ ଏପରି ଘୋର ଗର୍ଜନ କଲେ ଯେ, ତାହା ଶୁଣି ରାକ୍ଷସୀମାନଙ୍କର ଗର୍ଭପାତ ହୋଇଗଲା । ସମୁଦ୍ର ଲଂଘନ କରି ସେ ଏ କୂଳକୁ ଆସୁ ଆସୁ ଆନନ୍ଦରେ କିଳକିଳା ହର୍ଷଧ୍ୱନି ଶୁଣାଇଦେଲେ ॥ ୧ ॥

**ହରଷେ ସବ ବିଲୋକି ହନୁମାନା । ନୂତନ ଜନ୍ମ କପିହ୍ନ ତବ ଜାନା ॥**
**ମୁଖ ପ୍ରସନ୍ନ ତନ ତେଜ ବିରାଜା । କୀହ୍ନେସି ରାମଚଂଦ୍ର କର କାଜା ॥ ୨ ॥**

ହନୁମାନଙ୍କୁ ଦେଖି ବାନରମାନେ ଆନନ୍ଦିତ ହୋଇଗଲେ; ସେମାନଙ୍କୁ ନବଜନ୍ମ ମିଳିଗଲାପରି ଲାଗିଲା । ହନୁମାନଙ୍କର ପ୍ରସନ୍ନ ବଦନ ଓ ତେଜୀୟାନ ଶରୀର ଦେଖି ସେମାନେ ଜାଣିଗଲେ ଯେ, ସେ ଶ୍ରୀରାମଚନ୍ଦ୍ରଙ୍କର କାର୍ଯ୍ୟ ସଫଳ କରି ଫେରିଆସିଛନ୍ତି ॥ ୨ ॥

**ମିଲେ ସକଲ ଅତି ଭଏ ସୁଖାରୀ । ତଲଫତ ମୀନ ପାୱ ଜିମି ବାରୀ ॥**
**ଚଲେ ହରଷି ରଘୁନାୟକ ପାସା । ପୂଁଛତ କହତ ନୱଲ ଇତିହାସା ॥ ୩ ॥**

ସମସ୍ତେ ଆସି ହନୁମାନଙ୍କୁ ସାକ୍ଷାତ କଲେ ଏବଂ ପାଣିବିନା ଛଟପଟ ହେଉଥିବା ମାଛ ପାଣି ପାଇ ଖୁସୀ ହୋଇଗଲାପରି, ସମସ୍ତେ ଖୁସୀ ହୋଇଗଲେ । ସମସ୍ତେ ଆନନ୍ଦ ମନରେ ଏହି ନୂତନ ଘଟଣା ବିଷୟରେ ପଚରାଉଚରା କରି ଓ କୁହାକୁହି ହୋଇ ଶ୍ରୀରଘୁନାଥଙ୍କ ନିକଟକୁ ଚାଲିଲେ ॥ ୩ ॥

**ତବ ମଧୁବନ ଭୀତର ସବ ଆଏ । ଅଂଗଦ ସଂମତ ମଧୁ ଫଲ ଖାଏ ॥**
**ରଖୱାରେ ଜବ ବରଜନ ଲାଗେ । ମୁଷ୍ଟି ପ୍ରହାର ହନତ ସବ ଭାଗେ ॥ ୪ ॥**

ଆସିବା ବାଟରେ 'ମଧୁବନ' ବୋଲି ସୁଗ୍ରୀବଙ୍କର ଗୋଟିଏ ଫଳବଗିଚା ପଡ଼ିଲା । ସମସ୍ତେ ମଧୁବନରେ

ପଶିଗଲେ ଏବଂ ଅଙ୍ଗଦଙ୍କ ଅନୁମତି ନେଇ ମିଠା ମିଠା ଫଳ (ବା ମହୁ ଓ ଫଳ) ଖାଇବାକୁ ଲାଗିଲେ; ବଗିଚ୍ଚା ଜଗୁଆଳମାନେ ମନା କରିବାରୁ ସେମାନଙ୍କୁ ମାରଧର କଲେ । ମାଡ଼ ଖାଇ ଜଗୁଆଳମାନେ ପଳାଇଗଲେ ॥ ୪ ॥

ଦୋ:- **ଜାଇ ପୁକାରେ ତେ ସବ ବନ ଉଜାର ଜୁବରାଜ ।**
**ସୁନି ସୁଗ୍ରୀୱ ହରଷ କପି କରି ଆଏ ପ୍ରଭୁ କାଜ ॥ ୨୮ ॥**

ସେମାନେ ଯାଇ ସୁଗ୍ରୀବଙ୍କ ପାଖରେ ଅଭିଯୋଗ କଲେ, ''ଯୁବରାଜ ଅଙ୍ଗଦ ମଧୁବନଟା ଉଜାଡ଼ିଦେଲେଣି ।'' ଏହା ଶୁଣି ସୁଗ୍ରୀବ ଆନନ୍ଦିତ ହେଲେ ଯେ, ବାନରମାନେ ପ୍ରଭୁଙ୍କ କାର୍ଯ୍ୟ ସିଦ୍ଧ କରି ଫେରିଆସିଛନ୍ତି ॥ ୨୮ ॥

**ଜୌଁ ନ ହୋତି ସୀତା ସୁଧି ପାଈ । ମଧୁବନ କେ ଫଲ ସକହିଁ କି ଖାଈ ॥**
**ଏହି ବିଧି ମନ ବିଚାର କର ରାଜା । ଆଇ ଗଏ କପି ସହିତ ସମାଜା ॥ ୧ ॥**

ଯଦି ସୀତାଙ୍କ ସନ୍ଧାନ ପାଇ ନ ଥାନ୍ତେ, ତେବେ କ'ଣ ସେମାନେ ମଧୁବନରେ ପଶି ଫଳ ଖାଇପାରନ୍ତେ ? ରାଜା ସୁଗ୍ରୀବ ମନେ ମନେ ଏପରି ଭାବୁଛନ୍ତି, ସେତିକିବେଳେ ସବୁବାନର ଆସି ପହଞ୍ଚିଗଲେ ॥ ୧ ॥

**ଆଇ ସବହ୍ନି ନାୱା ପଦ ସୀସା । ମିଲେଉ ସବହ୍ନି ଅତି ପ୍ରେମ କପୀସା ॥**
**ପୂଁଛୀ କୁସଲ କୁସଲ ପଦ ଦେଖୀ । ରାମ କୃପାଁ ଭା କାଜୁ ବିସେଷୀ ॥ ୨ ॥**

ଅତ୍ୟନ୍ତ ଭକ୍ତିର ସହିତ ସମସ୍ତେ ଆସି ସୁଗ୍ରୀବଙ୍କୁ ପ୍ରଣାମ କଲେ । କପିରାଜ ସୁଗ୍ରୀବ ସମସ୍ତଙ୍କ ସହିତ ସାକ୍ଷାତ୍ କରି କୁଶଳ ସମାଚାର ପଚାରିଲେ । ବାନରମାନେ କହିଲେ, ''ଆପଣଙ୍କ ଚରଣଦର୍ଶନରୁ ସବୁ କୁଶଳ । ଶ୍ରୀରାମଙ୍କ କୃପାରୁ କାର୍ଯ୍ୟରେ ବିଶେଷ ସଫଳତା ମିଳିଛି ॥ ୨ ॥

**ନାଥ କାଜୁ କୀହ୍ନେଉ ହନୁମାନା । ରାଖେ ସକଲ କପିହ୍ନ କେ ପ୍ରାନା ॥**
**ସୁନି ସୁଗ୍ରୀୱ ବହୁରି ତେହି ମିଲେଉ । କପିହ୍ନ ସହିତ ରଘୁପତି ପହିଁ ଚଲେଉ ॥ ୩ ॥**

ହେ ନାଥ ! ହନୁମାନ୍‌ହିଁ ସବୁକାର୍ଯ୍ୟ କଲେ; ସେ ହିଁ ସମସ୍ତଙ୍କର ପ୍ରାଣ ରକ୍ଷା କଲେ ।'' ଏହା ଶୁଣି ସୁଗ୍ରୀବ ଅତି ଶ୍ରଦ୍ଧାରେ ହନୁମାନଙ୍କୁ ପୁଣି ଥରେ ଆଲିଙ୍ଗନ କଲେ ଏବଂ ସମସ୍ତେ ଶ୍ରୀରଘୁନାଥଙ୍କ ପାଖକୁ ଚାଲିଲେ ॥ ୩ ॥

**ରାମ କପିହ୍ନ ଜବ ଆୱତ ଦେଖା । କିଏଁ କାଜୁ ମନ ହରଷ ବିସେଷା ॥**
**ଫଟିକ ସିଲା ବୈଠେ ଦ୍ୱୌ ଭାଈ । ପରେ ସକଲ କପି ଚରନହ୍ନି ଜାଈ ॥ ୪ ॥**

ବାନରମାନେ କୃତକାର୍ଯ୍ୟ ହୋଇ ଆସୁଥିବାର ଦେଖି ଶ୍ରୀରାମ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । ସେତେବେଳେ ଦୁଇଭାଇ ସ୍ଫଟିକଶିଳା ଉପରେ ବସିଥିଲେ । ସବୁବାନର ଯାଇ ସେମାନଙ୍କ ଚରଣରେ ପ୍ରଣାମ କଲେ ॥ ୪ ॥

ଦୋ:- **ପ୍ରୀତି ସହିତ ସବ ଭେଟେ ରଘୁପତି କରୁନା ପୁଂଜ ।**
**ପୂଁଛୀ କୁସଲ ନାଥ ଅବ କୁସଲ ଦେଖି ପଦ କଂଜ ॥ ୨୯ ॥**

କରୁଣାକର ଶ୍ରୀରଘୁନାଥ ସମସ୍ତଙ୍କୁ ପ୍ରେମର ସହିତ ବକ୍ଷରେ ଲଗାଇ କୁଶଳ ସମାଚାର ପଚାରିଲେ । ବାନରମାନେ କହିଲେ, ''ହେ ନାଥ ! ଆପଣଙ୍କ ଚରଣକମଳ ଦର୍ଶନରୁ ସବୁ କୁଶଳ ।'' ॥ ୨୯ ॥

**ଜାମୱଂତ କହ ସୁନୁ ରଘୁରାୟା । ଜା ପର ନାଥ କରହୁ ତୁହ୍ମ ଦାୟା ॥**
**ତାହି ସଦା ସୁଭ କୁସଲ ନିରଂତର । ସୁର ନର ମୁନି ପ୍ରସନ୍ନ ତା ଉପର ॥ ୧ ॥**

ଜାମ୍ବବାନ୍ କହିଲେ, ''ହେ ରଘୁନାଥ ! ଆପଣ ଯାହାକୁ ଦୟା କରନ୍ତି, ତା'ର ସବୁବେଳେ କଲ୍ୟାଣ; ସର୍ବଦା କୁଶଳ । ତା'ଉପରେ ଦେବତା, ମନୁଷ୍ୟ ଓ ମୁନି ସମସ୍ତେ ପ୍ରସନ୍ନ ରହନ୍ତି ॥ ୧ ॥

**ସୋଇ ବିଜଈ ବିନଈ ଗୁନ ସାଗର । ତାସୁ ସୁଜସୁ ତ୍ରୈଲୋକ ଉଜାଗର ॥**
**ପ୍ରଭୁ କୀଁ କୃପା ଭୟଉ ସବୁ କାଜୂ । ଜନ୍ମ ହମାର ସୁଫଲ ଭା ଆଜୂ ॥ ୨ ॥**

ସେ ହିଁ ବିଜୟୀ, ସେ ହିଁ ବିନୟୀ ଓ ସେ ହିଁ ଗୁଣର ସାଗର ହୋଇଯାଏ । ତା'ର ସୁନ୍ଦର ଯଶ ତ୍ରିଲୋକରେ ପ୍ରକାଶିତ ହୁଏ । ପ୍ରଭୁଙ୍କ କୃପାରୁ ସବୁକାର୍ଯ୍ୟ ହୋଇଗଲା । ଆଜି ଆମର ଜନ୍ମ ସାର୍ଥକ ହୋଇଗଲା ॥ ୨ ॥

**ନାଥ ପୱନସୁତ କୀହ୍ନି ଜୋ କରନୀ । ସହସହୁଁ ମୁଖ ନ ଜାଇ ସୋ ବରନୀ ॥**
**ପୱନତନୟ କେ ଚରିତ ସୁହାଏ । ଜାମୱଂତ ରଘୁପତିହି ସୁନାଏ ॥ ୩ ॥**

ହେ ନାଥ ! ପବନପୁତ୍ର ହନୁମାନ୍ ଯେଉଁ କୃତିତ୍ୱ ଦେଖାଇଲେ, ତାହା ସହସ୍ର ମୁଖରେ ବି ବର୍ଣ୍ଣନା କରିହେବ ନାହିଁ ।'' ତା'ପରେ ଜାମ୍ବବାନ୍ ହନୁମାନଙ୍କର ସୁନ୍ଦର ଚରିତ (କାର୍ଯ୍ୟାବଳୀ) ଶ୍ରୀରଘୁନାଥଙ୍କୁ ଶୁଣାଇଲେ ॥ ୩ ॥

**ସୁନତ କୃପାନିଧି ମନ ଅତି ଭାଏ । ପୁନି ହନୁମାନ ହରଷି ହିୟଁ ଲାଏ ॥**
**କହହୁ ତାତ କେହି ଭାଁତି ଜାନକୀ । ରହତି କରତି ରଚ୍ଛା ସ୍ୱପ୍ରାନ କୀ ॥ ୪ ॥**

ତାହା ଶୁଣି କୃପାନିଧାନ ଶ୍ରୀରାମଙ୍କ ମନ ଆନନ୍ଦିତ ହୋଇଗଲା । ସେ ଖୁସିରେ ହନୁମାନଙ୍କୁ ଆଲିଙ୍ଗନ କଲେ । କହିଲେ, ''ହେ ବତ୍ସ ! ସୀତା କିପରି ଅଛନ୍ତି, କିପରି ଜୀବନ ରକ୍ଷା କରିଛନ୍ତି, କୁହ ।'' ॥ ୪ ॥

ଦୋଃ- **ନାମ ପାହରୂ ଦିୱସ ନିସି ଧ୍ୟାନ ତୁହ୍ମାର କପାଟ ।**
**ଲୋଚନ ନିଜ ପଦ ଜଂତ୍ରିତ ଜାହିଁ ପ୍ରାନ କେହିଁ ବାଟ ॥ ୩୦ ॥**

ହନୁମାନ୍ କହିଲେ, ''ଆପଣଙ୍କର ନାମହିଁ ଦିବାନିଶି ତାଙ୍କ ପ୍ରାଣପଞ୍ଜୁରୀର ପ୍ରହରୀ ହୋଇଛି; ଆପଣଙ୍କ ଧ୍ୟାନହିଁ ସେହି ପ୍ରାଣପଞ୍ଜୁରୀର କବାଟ ହୋଇଛି; ଦୁଇନୟନକୁ ସେ ସର୍ବଦା ନିଜ ଚରଣରେ ନିବଦ୍ଧ ରଖିଛନ୍ତି, ଯାହା କି ସେହି ପଞ୍ଜୁରୀର କବାଟରେ ତାଲା ହୋଇ ଲଟକିଛି । ତେଣୁ ପ୍ରାଣ ଯିବାକୁ ଆଉ ବାଟ କାହିଁ ? ॥ ୩୦ ॥

**ଚଲତ ମୋହି ଚୂଡ଼ାମନି ଦୀହ୍ନୀ । ରଘୁପତି ହୃଦୟଁ ଲାଇ ସୋଇ ଲୀହ୍ନୀ ॥**
**ନାଥ ଜୁଗଲ ଲୋଚନ ଭରି ବାରୀ । ବଚନ କହେ କଛୁ ଜନକକୁମାରୀ ॥ ୧ ॥**

ଆସିବା ସମୟରେ ସେ ମୁଣ୍ଡରୁ ଏହି ମଥାମଣିଟି କାଢ଼ି ମୋ ହାତରେ ଦେଇଛନ୍ତି ।'' ରଘୁନାଥ ସେହି ମଥାମଣିଟି ନେଇ ହୃଦୟରେ ଲଗାଇଲେ । ହନୁମାନ୍ ପୁଣି କହିଲେ, ''ହେ ନାଥ ! ନେତ୍ରଯୁଗଳରେ ଅଶ୍ରୁ ଭରି ମାତା ଜାନକୀ ମୋତେ ଯାହା କହିଛନ୍ତି, ଶୁଣନ୍ତୁ ॥ ୧ ॥

**ଅନୁଜ ସମେତ ଗହେହୁ ପ୍ରଭୁ ଚରନା । ଦୀନ ବଂଧୁ ପ୍ରନତାରତି ହରନା ॥**
**ମନ କ୍ରମ ବଚନ ଚରନ ଅନୁରାଗୀ । କେହିଁ ଅପରାଧ ନାଥ ହୌଁ ତ୍ୟାଗୀ ॥ ୨ ॥**

କହିଛନ୍ତି, ସାନଭାଇଙ୍କ ସହିତ ରହିଥିବା ପ୍ରଭୁଙ୍କ ଚରଣରେ ମୋର ପ୍ରଣାମ ଜଣାଇ କହିବ, 'ଆପଣ ଦୀନବନ୍ଧୁ; ଆପଣ ଶରଣାଗତର ଦୁଃଖ ହରଣ କରନ୍ତି ଏବଂ ମୁଁ ହେଉଛି ମନ, ବଚନ ଓ କର୍ମରେ ଆପଣଙ୍କ ଚରଣର ଅନୁରାଗିଣୀ । ଏପରି ଅବସ୍ଥାରେ ପ୍ରଭୁ ମୋତେ କେଉଁ ଅପରାଧରୁ ତ୍ୟାଗ କରିଦେଲେ ! ॥ ୨ ॥

**ଅୱଗୁନ ଏକ ମୋର ମୈଁ ମାନା । ବିଛୁରତ ପ୍ରାନ ନ କୀହ୍ନ ପୟାନା ॥**
**ନାଥ ସୋ ନୟନହ୍ନି କୋ ଅପରାଧା । ନିସରତ ପ୍ରାନ କରହିଁ ହଠି ବାଧା ॥ ୩ ॥**

ହଁ, ମୁଁ ମୋର ଏହି ଗୋଟିଏ ଦୋଷ ଅବଶ୍ୟ ମାନୁଛି ଯେ, ଆପଣଙ୍କ ଠାରୁ ବିୟୋଗ ହୋଇଯିବାମାତ୍ରେ ମୋର ପ୍ରାଣ ଚ୍ଲିଗଲା ନାହିଁ । କିନ୍ତୁ ହେ ନାଥ ! ପ୍ରାଣ ଯିବାରେ ନେତ୍ରହିଁ ବଳପୂର୍ବକ ବାଧା ଦେଉଛି; ତେଣୁ ଏହା ମୋର ନେତ୍ରଯୁଗଳର ଅପରାଧ ॥ ୩ ॥

**ବିରହ ଅଗିନି ତନୁ ତୂଲ ସମୀରା । ସ୍ୱାସ ଜରଇ ଛନ ମାହିଁ ସରୀରା ॥**
**ନୟନ ସ୍ରୱହିଁ ଜଲୁ ନିଜ ହିତ ଲାଗୀ । ଜରୈଁ ନ ପାୱ ଦେହ ବିରହାଗୀ ॥ ୪ ॥**

ବିରହ ହେଉଛି ଅଗ୍ନି; ଶରୀର ହେଉଛି ତୂଳା ଓ ଶ୍ୱାସ ହେଉଛି ପବନ । [ଅଗ୍ନି ଓ ପବନର ସଂଯୋଗ ହୋଇଗଲେ] ଏହି ଶରୀର ତ କ୍ଷଣକଭିତରେ ଜଳିଯିବ; କିନ୍ତୁ ନେତ୍ର ନିଜର ହିତ ନିମନ୍ତେ, ପ୍ରଭୁଙ୍କ ସ୍ୱରୂପ ଦର୍ଶନ କରି ସୁଖୀ ହେବାପାଇଁ ଜଳ (ଅଶ୍ରୁ) ବୃଷ୍ଟି କରୁଛି; ତା'ଫଳରେ ବିରହ ଅଗ୍ନି ମଧ୍ୟ ଶରୀରକୁ ଜଳାଇପାରୁନାହିଁ ।' ॥ ୪ ॥

**ସୀତା କୈ ଅତି ବିପତି ବିସାଲା । ବିନହିଁ କହେଁ ଭଲି ଦୀନଦୟାଲା ॥ ୫ ॥**

ସୀତା ବଡ଼ ବିପତ୍ତିରେ ପଡ଼ିଛନ୍ତି । ହେ ଦୀନବନ୍ଧୁ ! ସେହି ବିପତ୍ତି ବିଷୟରେ ନ କହିବାହିଁ ଭଲ (ଶୁଣିଲେ ଆପଣଙ୍କୁ ଦୁଃଖ ଲାଗିବ) ॥ ୫ ॥

ଦୋଃ- **ନିମିଷ ନିମିଷ କରୁନାନିଧି ଜାହିଁ କଲପ ସମ ବୀତି ।**
**ବେଗି ଚଲିଅ ପ୍ରଭୁ ଆନିଅ ଭୁଜ ବଲ ଖଲ ଦଲ ଜୀତି ॥ ୩୧ ॥**

ହେ କରୁଣାନିଧାନ ! ତାଙ୍କର ଗୋଟିଏ ଗୋଟିଏ ନିମିଷ ଗୋଟିଏ ଗୋଟିଏ କଳ୍ପ ପରି ବିତୁଛି । ତେଣୁ ହେ ପ୍ରଭୁ ! ଶୀଘ୍ର ଚ୍ଲନ୍ତୁ ଏବଂ ନିଜ ଭୁଜବଳରେ ଦୁଷ୍ଟଦଳନ କରି, ସୀତାଙ୍କୁ ଉଦ୍ଧାର କରି ଆଣନ୍ତୁ ॥ ୩୧॥

**ସୁନି ସୀତା ଦୁଖ ପ୍ରଭୁ ସୁଖ ଅୟନା । ଭରି ଆଏ ଜଲ ରାଜିୱ ନୟନା ॥**
**ବଚନ କାୟଁ ମନ ମମ ଗତି ଜାହୀ । ସପନେହୁଁ ବୂଝିଅ ବିପତି କି ତାହୀ ॥ ୧ ॥**

[ହନୁମାନଙ୍କ ମୁଖରୁ] ସୀତାଙ୍କ ଦୁଃଖ କଥା ଶୁଣି ସୁଖଧାମ ପ୍ରଭୁଙ୍କ କମଳନୟନରେ ଅଶ୍ରୁ ପୂର୍ଣ୍ଣ ହୋଇଆସିଲା । ସେ କହିଲେ, ''କାୟମନୋବାକ୍ୟରେ ମୁଁ ହିଁ ଯାହାର ଗତି, ଯେ ମୋତେହିଁ ଆଶ୍ରୟ କରିଛି, ତା' ଉପରେ କଣ ସ୍ୱପ୍ନରେ ସୁଦ୍ଧା ବିପତ୍ତି ପଡ଼ିପାରେ !'' ॥ ୧ ॥

**କହ ହନୁମଂତ ବିପତି ପ୍ରଭୁ ସୋଈ । ଜବ ତୱ ସୁମିରନ ଭଜନ ନ ହୋଈ ॥**
**କେତିକ ବାତ ପ୍ରଭୁ ଜାତୁଧାନ କୀ । ରିପୁହି ଜୀତି ଆନିବୀ ଜାନକୀ ॥ ୨ ॥**

ହନୁମାନ୍ କହିଲେ, ''ହେ ପ୍ରଭୁ ! [ଠିକ୍ କଥା କହିଛନ୍ତି,] ଆପଣଙ୍କ ଭଜନସ୍ମରଣ ନ ହେବାହିଁ ବିପତ୍ତି । ହେ ପ୍ରଭୁ ! ରାକ୍ଷସଗୁଡ଼ାକର ଶକ୍ତି ବା କେତେ ! ଆପଣ ଶତ୍ରୁକୁ ଜୟ କରି ନିଶ୍ଚୟ ଜାନକୀଙ୍କୁ ନେଇଆସିବେ ।'' ॥ ୨ ॥

**ସୁନୁ କପି ତୋହି ସମାନ ଉପକାରୀ । ନହିଁ କୋଉ ସୁର ନର ମୁନି ତନୁଧାରୀ ॥**
**ପ୍ରତି ଉପକାର କରୌଁ କା ତୋରା । ସନମୁଖ ହୋଇ ନ ସକତ ମନ ମୋରା ॥ ୩ ॥**

ଶ୍ରୀରାମ କହିଲେ, ''ହେ ହନୁମାନ୍ ! ଦେବତା, ମନୁଷ୍ୟ, ମୁନି–ସକଳ ଶରୀରଧାରୀଙ୍କ ମଧ୍ୟରେ ମୋର ତୁମ ପରି ଉପକାରୀ ଅନ୍ୟ କେହି ନାହାନ୍ତି । ତୁମର କି ପ୍ରତ୍ୟୁପକାର କରି ମୁଁ ଋଣମୁକ୍ତ ହେବି ବୁଝିପାରୁନି ! ମୋର ମନ ମଧ୍ୟ ତୁମ ଆଗରେ ମୁହଁ ଦେଖାଇବାକୁ ସଂକୋଚ ବୋଧ କରୁଛି; ସାହସ ପାଉ ନାହିଁ ॥ ୩ ॥

**ସୁନୁ ସୁତ ତୋହି ଉରିନ ମୈଁ ନାହୀଁ । ଦେଖେଉଁ କରି ବିଗ୍ୱର ମନ ମାହୀଁ ॥**
**ପୁନି ପୁନି କପିହି ଚିତଓ୍ୱ ସୁରତ୍ରାତା । ଲୋଚନ ନୀର ପୁଲକ ଅତି ଗାତା ॥ ୪ ॥**

ଶୁଣ ବତ୍ସ ! ମନେ ମନେ ବିଗ୍ୱର କରି ଦେଖିସାରିଲିଣି, ମୁଁ ତୁମର ଋଣମୁକ୍ତ ହୋଇପାରିବି ନାହିଁ ।'' ଦେବତାମାନଙ୍କର ରକ୍ଷକ ଶ୍ରୀରାମ ହନୁମାନଙ୍କୁ ବାରମ୍ବାର ଗ୍ୱହୁଁଥାନ୍ତି । ତାଙ୍କ ନୟନରୁ ପ୍ରେମାଶ୍ରୁ ଝରୁଥାଏ; ଶରୀର ପୁଲକିତ ହୋଇଯାଉଥାଏ ॥ ୪ ॥

ଦୋ:- **ସୁନି ପ୍ରଭୁ ବଚନ ବିଲୋକି ମୁଖ ଗାତ ହରଷି ହନୁମଂତ ।**
**ଚରନ ପରେଉ ପ୍ରେମାକୁଲ ତ୍ରାହି ତ୍ରାହି ଭଗଓ୍ୱଂତ ॥ ୩୨ ॥**

ପ୍ରଭୁଙ୍କ ବଚନ ଶୁଣି ଏବଂ ତାଙ୍କର ପ୍ରସନ୍ନ ବଦନ ତଥା ପୁଲକିତ ଅଙ୍ଗ ଦେଖି ହନୁମାନ୍ ହର୍ଷିତ ହୋଇଗଲେ ଏବଂ ପ୍ରେମରେ ଆକୁଳ ହୋଇ 'ହେ ଭଗବାନ୍ ! ମୋତେ ରକ୍ଷା କରନ୍ତୁ ! ରକ୍ଷା କରନ୍ତୁ !' କହି ଶ୍ରୀରାମଙ୍କ ଚରଣ ତଳେ ଲୋଟିପଡ଼ିଲେ ॥ ୩୨ ॥

**ବାର ବାର ପ୍ରଭୁ ଚହଇ ଉଠାଓ୍ୱା । ପ୍ରେମ ମଗନ ତେହି ଉଠବ ନ ଭାଓ୍ୱା ॥**
**ପ୍ରଭୁ କର ପଂକଜ କପି କେଁ ସୀସା । ସୁମିରି ସୋ ଦସା ମଗନ ଗୌରୀସା ॥ ୧ ॥**

ତାଙ୍କୁ ପ୍ରଭୁ ବାରମ୍ବାର ଉଠାଇବାକୁ ଗ୍ୱହୁଁଥାନ୍ତି; କିନ୍ତୁ ପ୍ରେମମଗ୍ନ ହନୁମାନ୍ ପ୍ରଭୁଙ୍କ ଚରଣ ଛାଡ଼ି ଉଠିବାକୁ ଗ୍ୱହୁଁ ନ ଥାନ୍ତି । ହନୁମାନଙ୍କ ଶିର ଉପରେ ପ୍ରଭୁଙ୍କ କରକମଳ ରହିଥାଏ । ସେହି ସ୍ଥିତି ସ୍ମରଣ କରି ଶିବ ପ୍ରେମମଗ୍ନ ହୋଇଗଲେ ॥ ୧ ॥

**ସାଓ୍ୱଧାନ ମନ କରି ପୁନି ସଂକର । ଲାଗେ କହନ କଥା ଅତି ସୁଂଦର ॥**
**କପି ଉଠାଇ ପ୍ରଭୁ ହୃଦୟଁ ଲଗାଓ୍ୱା । କର ଗହି ପରମ ନିକଟ ବୈଠାଓ୍ୱା ॥ ୨ ॥**

ପ୍ରେମ ସମାଧିରୁ ଜାଗ୍ରତ ହୋଇ ଶଙ୍କର ସେହି ସୁନ୍ଦର କଥା ପୁଣି କହିବାକୁ ଲାଗିଲେ, ହନୁମାନଙ୍କୁ ଉଠାଇ ପ୍ରଭୁ ହୃଦୟରେ ଲଗାଇଲେ ଏବଂ ହାତ ଧରି ଆଣି ନିଜ ପାଖରେ ବସାଇଲେ ॥ ୨ ॥

**କହୁ କପି ରାଓ୍ୱନ ପାଲିତ ଲଂକା । କେହି ବିଧି ଦହେଉ ଦୁର୍ଗ ଅତି ବଂକା ॥**
**ପ୍ରଭୁ ପ୍ରସନ୍ନ ଜାନା ହନୁମାନା । ବୋଲା ବଚନ ବିଗତ ଅଭିମାନା ॥ ୩ ॥**

ପ୍ରଭୁ ଆଦରରେ ପଗ୍ୱରିଲେ, ''ହେ ହନୁମାନ୍ ! ରାବଣର ସୁରକ୍ଷିତ ଲଙ୍କା ଭଳି ଦୁର୍ଗମ ଗଡ଼କୁ ତୁମେ କିପରି ପୋଡ଼ିପାରିଲ, ତାହା ମୋତେ କୁହ ।'' ପ୍ରଭୁ ପ୍ରସନ୍ନ ଅଛନ୍ତି ଜାଣି, ହନୁମାନ୍ ନିରଭିମାନ ହୋଇ କହିଲେ, ॥ ୩ ॥

**ସାଖାମୃଗ କୈ ବଡ଼ି ମନୁସାଈ । ସାଖା ତେଁ ସାଖା ପର ଜାଈ ॥**
**ନାଘି ସିଂଧୁ ହାଟକପୁର ଜାରା । ନିସିଚର ଗନ ବଧି ବିପିନ ଉଜାରା ॥ ୪ ॥**
**ସୋ ସବ ତଓ୍ୱ ପ୍ରତାପ ରଘୁରାଈ । ନାଥ ନ କଛୂ ମୋରି ପ୍ରଭୁତାଈ ॥ ୫ ॥**

''ବାନରର ଗୋଟିଏ ବଡ଼ ଶକ୍ତି ଏହି ଯେ, ସେ ଡେଇଁ ଡେଇଁ ଏଡାଳରୁ ସେଡାଳକୁ ଗ୍ୱଲିଯାଇପାରେ । ମୁଁ ଯେଉଁ ସମୁଦ୍ର ଲଂଘନ କରି ସୁନାର ଲଙ୍କାକୁ ଜାଳିଦେଇପାରିଲି, ରାକ୍ଷସମାନଙ୍କୁ ମାରି ଅଶୋକବନକୁ ଉଜାଡ଼ିଦେଇପାରିଲି, ସେସବୁ ତ, ହେ ରଘୁନାଥ ! ଆପଣଙ୍କ ପ୍ରତାପର ଫଳ । ହେ ନାଥ ! ସେଥିରେ ମୋର କୌଣସି କୃତିତ୍ୱ ନାହିଁ; ମୋର ବଡ଼େଇ କରିବାର କିଛି ବି ନାହିଁ ॥ ୪-୫ ॥

ଦୋଃ- ତା କହୁଁ ପ୍ରଭୁ କଛୁ ଅଗମ ନହିଁ ଜା ପର ତୁହ୍ମ ଅନୁକୂଲ ।
ତଓ୍ୱ ପ୍ରଭାଓ୍ୱ ବଡ଼ଓ୍ୱାନଲହି ଜାରି ସକଇ ଖଲୁ ତୂଲ ॥ ୩୩ ॥

ହେ ପ୍ରଭୁ ! ଆପଣ ଯାହା ଉପରେ ପ୍ରସନ୍ନ ହୁଅନ୍ତି, ତା'ପାଇଁ କିଛି ବି କଠିନ ନୁହେଁ । ଆପଣଙ୍କ ପ୍ରଭାବରେ ତୂଳା ବି ବଡ଼ବାନଳକୁ ନିଶ୍ଚୟ ପୋଡ଼ିଦେଇପାରେ (ଅର୍ଥାତ୍ ଅସମ୍ଭବ ବି ସମ୍ଭବ ହୋଇପାରେ ।) ॥ ୩୩ ॥

ନାଥ ଭଗତି ଅତି ସୁଖଦାୟନୀ । ଦେହୁ କୃପା କରି ଅନପାୟନୀ ॥
ସୁନି ପ୍ରଭୁ ପରମ ସରଲ କପି ବାନୀ । ଏଓ୍ୱମସ୍ତୁ ତବ କହେଉ ଭଓ୍ୱାନୀ ॥ ୧ ॥

ହେ ନାଥ ! କୃପା କରି ଆପଣ ମୋତେ ଅତ୍ୟନ୍ତ ସୁଖଦାୟୀ ନିଶ୍ଚଳାଭକ୍ତି ପ୍ରଦାନ କରନ୍ତୁ ।'' [ଭଗବାନ୍ ଶିବ କହିଲେ,] ହେ ଭବାନୀ ! ହନୁମାନଙ୍କର ସରଳ ବଚନ ଶୁଣି ପ୍ରଭୁ ଶ୍ରୀରାମ 'ଏବମସ୍ତୁ' କହିଦେଲେ ॥ ୧ ॥

ଉମା ରାମ ସୁଭାଉ ଜେହିଁ ଜାନା । ତାହି ଭଜନୁ ତଜି ଭାଓ୍ୱ ନ ଆନା ॥
ୟହ ସଂବାଦ ଜାସୁ ଉର ଆଓ୍ୱା । ରଘୁପତି ଚରନ ଭଗତି ସୋଇ ପାଓ୍ୱା ॥ ୨ ॥

ହେ ଉମା ! ଯେ ଶ୍ରୀରାମଙ୍କର ସ୍ୱଭାବ ଜାଣିଛନ୍ତି, ତାଙ୍କୁ ତ ଭଜନ ଛଡ଼ା ଅନ୍ୟ କୌଣସି କଥା ଭଲ ଲାଗେ ନାହିଁ । ସ୍ୱାମୀ-ସେବକଙ୍କର ଏହି ସଂବାଦ ଯାହାର ହୃଦୟକୁ ସ୍ପର୍ଶ କରିପାରିଲା, ଜାଣ, ଶ୍ରୀରଘୁନାଥଙ୍କ ଚରଣରେ ସେ ଭକ୍ତି ପାଇଗଲା ॥ ୨ ॥

ସୁନି ପ୍ରଭୁ ବଚନ କହହିଁ କପିବୃଂଦା । ଜୟ ଜୟ ଜୟ କୃପାଲ ସୁଖକଂଦା ॥
ତବ ରଘୁପତି କପିପତିହି ବୋଲାଓ୍ୱା । କହା ଚଲୈଁ କର କରହୁ ବନାଓ୍ୱା ॥ ୩ ॥

ପ୍ରଭୁଙ୍କ ବଚନ ଶୁଣି ବାନରମାନେ କହିବାକୁ ଲାଗିଲେ, ''କୃପାଳୁ ଆନନ୍ଦକନ୍ଦ ଶ୍ରୀରାମଙ୍କର ଜୟ ! ଜୟ ! ଜୟ !'' ତା'ପରେ ଶ୍ରୀରଘୁନାଥ କପିରାଜ ସୁଗ୍ରୀବଙ୍କୁ ଡକାଇ କହିଲେ, ''ଯିବାପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅ; ॥ ୩ ॥

ଅବ ବିଲଂବୁ କେହି କାରନ କୀଜେ । ତୁରତ କପିହ୍ନ କହୁଁ ଆୟସୁ ଦୀଜେ ॥
କୌତୁକ ଦେଖି ସୁମନ ବହୁ ବରଷୀ । ନଭ ତେଁ ଭଓ୍ୱନ ଚଲେ ସୁର ହରଷୀ ॥ ୪ ॥

ଆଉ ବିଳମ୍ବ କାହିଁକି ? ବାନରମାନଙ୍କୁ ଶୀଘ୍ର ଆଜ୍ଞା ଦିଅ ।'' [ଭଗବାନଙ୍କର] ଏହି ଲୀଳା (ରାବଣବଧର ପ୍ରସ୍ତୁତି) ଦେଖି, ଦେବତାମାନେ ବହୁ ପୁଷ୍ପବୃଷ୍ଟି କରିବା ସହିତ ଆନନ୍ଦିତ ହୋଇ ଆକାଶପଥରେ ନିଜ ନିଜ ଲୋକକୁ ଚାଲିଗଲେ ॥ ୪ ॥

ଦୋଃ- କପିପତି ବେଗି ବୋଲାଏ ଆଏ ଜୂଥପ ଜୂଥ ।
ନାନା ବରନ ଅତୁଲ ବଲ ବାନର ଭାଲୁ ବରୂଥ ॥ ୩୪ ॥

ବାନରରାଜ ସୁଗ୍ରୀବ ଅବିଳମ୍ବେ ବାନରମାନଙ୍କୁ ଡକାଇଲେ । ସେନାପତିମାନଙ୍କ ସହିତ ବିଭିନ୍ନ ରଙ୍ଗବେରଙ୍ଗର ବାନର ଓ ଭଲ୍ଲୁକ ଦଳମାନେ ଆସିଗଲେ । ସେମାନଙ୍କ ଶକ୍ତି ଅତୁଳନୀୟ ॥ ୩୪ ॥

ପ୍ରଭୁ ପଦ ପଂକଜ ନାଓ୍ୱହିଁ ସୀସା । ଗର୍ଜହିଁ ଭାଲୁ ମହାବଲ କୀସା ॥
ଦେଖୀଁ ରାମ ସକଲ କପି ସେନା । ଚିତଇ କୃପା କରି ରାଜିଓ୍ୱ ନୈନା ॥ ୧ ॥

ସେମାନେ ଆସି ପ୍ରଭୁଙ୍କ ଚରଣକମଳରେ ପ୍ରଣାମ କଲେ । ମହାବଳବାନ୍ ଭଲ୍ଲୁକ ଓ ବାନରମାନେ ଗର୍ଜନ କରୁଥାନ୍ତି । ଶ୍ରୀରାମ ସମଗ୍ର ବାନରସେନାକୁ ନିରୀକ୍ଷଣ କରି ସେମାନଙ୍କ ଉପରେ ନିଜର କୃପାଦୃଷ୍ଟି ପକାଇଦେଲେ ॥ ୧ ॥

**ରାମ କୃପା ବଲ ପାଇ କପିଂଦା । ଭଏ ପଛଜୁତ ମନହୁଁ ଗିରିଂଦା ॥**
**ହରଷି ରାମ ତବ କୀହ୍ନ ପୟାନା । ସଗୁନ ଭଏ ସୁଂଦର ସୁଭ ନାନା ॥ ୨ ॥**

ଶ୍ରୀରାମଙ୍କ କୃପାବଳରେ ବଳୀୟାନ୍ ହୋଇ ଶ୍ରେଷ୍ଠ ବାନରମାନେ ସତେ ଯେପରି ଗୋଟିଏ ଗୋଟିଏ ପକ୍ଷଧାରୀ ପର୍ବତ ହୋଇଗଲେ । ସେମାନଙ୍କୁ ଦେଖି, ଶ୍ରୀରାମ ହର୍ଷିତ ହୋଇ ବାହାରିପଡ଼ିଲେ । ସେତେବେଳେ ବହୁ ଶୁଭସଂକେତ ଦେଖାଗଲା ॥ ୨ ॥

**ଜାସୁ ସକଲ ମଂଗଲମୟ କୀତୀ । ତାସୁ ପୟାନ ସଗୁନ ୟହ ନୀତୀ ॥**
**ପ୍ରଭୁ ପୟାନ ଜାନା ବୈଦେହୀଁ । ଫରକି ବାମ ଅଁଗ ଜନୁ କହି ଦେହୀଁ ॥ ୩ ॥**

ଯାହାଙ୍କର କୀର୍ତ୍ତି ସକଳମଙ୍ଗଳରେ ପୂର୍ଣ୍ଣ, ତାଙ୍କର ଯାତ୍ରାରମ୍ଭ ସମୟରେ ଶୁଭସଂକେତ ଦେଖାଯିବା ତ ନୀତି-ସଂଗତ କଥା (ଲୀଳାର ମର୍ଯ୍ୟାଦା) । ପ୍ରଭୁ ଯାତ୍ରାରମ୍ଭ କଲେଣି ବୋଲି ସେପଟେ ଜାନକୀ ମଧ୍ୟ ଜାଣିପାରିଲେ । ତାଙ୍କର ବାମ ଅଙ୍ଗ ବାରମ୍ବାର ସ୍ଫୁରିତ ହୋଇ ସତେ ଯେପରି ପ୍ରଭୁଙ୍କ ଆଗମନର ସୂଚନା ଦେଇଦେଲା ॥ ୩ ॥

**ଜୋଇ ଜୋଇ ସଗୁନ ଜାନକିହି ହୋଈ । ଅସଗୁନ ଭୟଉ ରାୱନହି ସୋଈ ॥**
**ଚଲା କଟକୁ କୋ ବରନୈଁ ପାରା । ଗର୍ଜହିଁ ବାନର ଭାଲୁ ଅପାରା ॥ ୪ ॥**

ଜାନକୀଙ୍କ ନିମନ୍ତେ ଯାହାସବୁ ଶୁଭସଂକେତ, ରାବଣ ନିମନ୍ତେ ତାହା ଥିଲା ଅଶୁଭସଂକେତ । ସେନା ଚାଲିଲା; ତାହାର ବର୍ଣ୍ଣନା କିଏ ବା କରିପାରିବ ! ଗର୍ଜନ କରି କରି ଅସଂଖ୍ୟ ବାନର ଓ ଭଲ୍ଲୁକ ଚାଲିଥାନ୍ତି ॥ ୪॥

**ନଖ ଆୟୁଧ ଗିରି ପାଦପଧାରୀ । ଚଲେ ଗଗନ ମହି ଇଚ୍ଛାଚାରୀ ॥**
**କେହରିନାଦ ଭାଲୁ କପି କରହୀଁ । ଡଗମଗାହିଁ ଦିଗ୍ଗଜ ଚିକ୍କରହୀଁ ॥ ୫ ॥**

ନଖହିଁ ଯେଉଁମାନଙ୍କର ଶସ୍ତ୍ର, ସେହି ସ୍ୱ-ଇଚ୍ଛାରେ ବିଚରଣଶୀଳ ଭଲ୍ଲୁକ ଓ ବାନରମାନେ ପର୍ବତ ଓ ବୃକ୍ଷ ଉପାଡ଼ିଧରି ଆକାଶରେ ଉଡ଼ି ଓ ଭୂମିରେ କୁଦା ମାରି ଅଗ୍ରସର ହେଲେ । ସେମାନେ ସିଂହ ପରି ଗର୍ଜନ କରୁଥାନ୍ତି । ସେମାନଙ୍କର ଚାଲି ଓ ଗର୍ଜନ ପ୍ରଭାବରେ ଦିଗ୍ଗଜମାନେ ବି ବିଚଳିତ ହୋଇ ରଡ଼ି ଛାଡୁଥାନ୍ତି ॥ ୫॥

ଛନ୍ଦ- **ଚିକ୍କରହିଁ ଦିଗ୍ଗଜ ଡୋଲ ମହି ଗିରି ଲୋଲ ସାଗର ଖରଭରେ ।**
**ମନ ହରଷ ସଭ ଗଂଧର୍ବ ସୁର ମୁନି ନାଗ କିଂନର ଦୁଖ ଟରେ ॥**
**କଟକଟହିଁ ମର୍କଟ ବିକଟ ଭଟ ବହୁ କୋଟି କୋଟିହ୍ନ ଧାୱହୀଁ ।**
**ଜୟ ରାମ ପ୍ରବଲ ପ୍ରତାପ କୋସଲନାଥ ଗୁନ ଗନ ଗାୱହୀଁ ॥ ୧ ॥**

ଦିଗ୍‌ଗଜମାନେ ରଡ଼ି ଛାଡ଼ିଲେ; ପୃଥିବୀ ଦୋହଲିଗଲା; ପର୍ବତମାନେ କମ୍ପିଉଠିଲେ; ସମୁଦ୍ର ଉଦ୍‌ବେଳିତ ହୋଇଗଲା । ଗନ୍ଧର୍ବ, ଦେବତା, ମୁନି, ନାଗ, କିନ୍ନର—ସମସ୍ତେ 'ଦୁଃଖ ଦୂର ହେଲା' ବୋଲି ଭାବି ମନେ ମନେ ହର୍ଷିତ ହୋଇଗଲେ । କୋଟି କୋଟି ଭୟଙ୍କର ବାନର ଦାନ୍ତ କଡ଼ମଡ଼ କରି ଧାଇଁଥାନ୍ତି । 'ପ୍ରବଳ ପ୍ରତାପୀ କୋଶଳନାଥ ଶ୍ରୀରାମଙ୍କର ଜୟ !' ବୋଲି ଧ୍ୱନି କରିବା ସହିତ ସେମାନେ ପ୍ରଭୁଙ୍କର ଗୁଣାବଳୀ ଗାନ କରୁଥାନ୍ତି ।

**ସହି ସକ ନ ଭାର ଉଦାର ଅହିପତି ବାର ବାରହିଁ ମୋହଈ ।**
**ଗହ ଦସନ ପୁନି ପୁନି କମଠ ପୃଷ୍ଠ କଠୋର ସୋ କିମି ସୋହଈ ॥**
**ରଘୁବୀର ରୁଚିର ପ୍ରୟାନ ପ୍ରସ୍ଥିତି ଜାନି ପରମ ସୁହାୱନୀ ।**
**ଜନୁ କମଠ ଖର୍ପର ସର୍ପରାଜ ସୋ ଲିଖତ ଅବିଚଲ ପାୱନୀ ॥ ୨ ॥**

ଉଦାର (ପରମ ଶ୍ରେଷ୍ଠ ଏବଂ ମହାନ୍) ସର୍ପରାଜ ଶେଷଦେବ ମଧ୍ୟ ସେନାର ଭାର ସହିପାରୁ ନ ଥାନ୍ତି; ସେ ବାରମ୍ବାର ବିଚଳିତ ହୋଇଯାଉଥାନ୍ତି ଏବଂ କଚ୍ଛପ(ପୃଥିବୀକୁ ପିଠିରେ ଧାରଣ କରିଥିବା କୂର୍ମ)ର କଠୋର ପିଠିକୁ ଦାନ୍ତରେ କାମୁଡ଼ି ଧରି ସ୍ଥିର ରହିବାକୁ ଚେଷ୍ଟା କରୁଥାନ୍ତି । ଏପରି କରିବା ସମୟରେ (କଚ୍ଛପପିଠିକୁ ଦାନ୍ତରେ ବାରମ୍ବାର କାମୁଡ଼ିବାଦ୍ୱାରା ଗାର ପଡ଼ିଯିବାରୁ) ମନେହେଉଥାଏ, ସତେ ଯେପରି ଶ୍ରୀରାମଙ୍କର ଅଭିଯାନ ଅତି ମନୋହର ହୋଇଥିବାର ଜାଣି, ଶେଷଦେବ ସେହି ପବିତ୍ରକଥାକୁ କଚ୍ଛପର ପିଠିରେ ଲେଖୁଛନ୍ତି ॥ ୨ ॥

ଦୋ:- **ଏହି ବିଧି ଜାଇ କୃପାନିଧି ଉତରେ ସାଗର ତୀର ।**
**ଜହଁ ତହଁ ଲାଗେ ଖାନ ଫଲ ଭାଲୁ ବିପୁଲ କପି ବୀର ॥ ୩୫ ॥**

ଏହିପରିଭାବରେ କୃପାନିଧାନ ଶ୍ରୀରାମ ଯାଇ ସମୁଦ୍ରତଟରେ ପହଞ୍ଚିଗଲେ । ବହୁ ଭଲ୍ଲୁକ ଓ ବାନରବୀର ଏଣେତେଣେ ବୁଲି ଫଳ ଖାଇବାକୁ ଲାଗିଲେ ॥ ୩୫ ॥

**ଉହାଁ ନିସାଚର ରହହିଁ ସସଂକା । ଜବ ତେଁ ଜାରି ଗୟଉ କପି ଲଂକା ॥**
**ନିଜ ନିଜ ଗୃହଁ ସବ କରହିଁ ବିଚାରା । ନହିଁ ନିସିଚର କୁଲ କେର ଉବାରା ॥ ୧ ॥**

ସେପଟେ ଯେଉଁଦିନୁ ହନୁମାନ୍ ଲଙ୍କା ଜାଳିଦେଇଗଲେ, ସେହିଦିନୁ ଲଙ୍କାର ରାକ୍ଷସମାନେ ଭୟଭୀତ ହୋଇ ରହିଥାନ୍ତି । ସେମାନେ ନିଜ ନିଜ ଘରେ ବସି ବିଚାର କରୁଥାନ୍ତି, ''ଆଉ ଏଥର ରାକ୍ଷସକୁଳର ରକ୍ଷା ନାହିଁ ॥ ୧ ॥

**ଜାସୁ ଦୂତ ବଲ ବରନି ନ ଜାଈ । ତେହି ଆଏଁ ପୁର କଵନ ଭଲାଈ ॥**
**ଦୂତିହ୍ନ ସନ ସୁନି ପୁରଜନ ବାନୀ । ମଂଦୋଦରୀ ଅଧିକ ଅକୁଲାନୀ ॥ ୨ ॥**

ଯାହାଙ୍କ ଦୂତଟାର ବଳ ବି ବର୍ଣ୍ଣି ହେବ ନାହିଁ, ସେ ଲୋକ ନିଜେ ଆମ ନଗରୀକୁ ଆସିଗଲେ ଆମର ଆଉ କଣ ଭଲ ହେବ ?'' ଦୂତୀଙ୍କ ମୁହଁରୁ ନଗରବାସୀମାନଙ୍କର ଏପ୍ରକାର କଥା ଶୁଣି ମନ୍ଦୋଦରୀ ଅତ୍ୟନ୍ତ ବ୍ୟାକୁଳ ହୋଇଗଲେ ॥ ୨ ॥

**ରହସି ଜୋରି କର ପତି ପଗ ଲାଗୀ । ବୋଲି ବଚନ ନୀତି ରସ ପାଗୀ ॥**
**କଂତ କରଷ ହରି ସନ ପରିହରହୂ । ମୋର କହା ଅତି ହିତ ହିୟଁ ଧରହୂ ॥ ୩ ॥**

ସେ ଏକାନ୍ତରେ ପତିଙ୍କ ଚରଣରେ ପଡ଼ି, ହାତ ଯୋଡ଼ି, ନୀତି ଶୁଣାଇ କହିଲେ, ''ହେ ପ୍ରିୟତମ ! ଶ୍ରୀହରିଙ୍କ ସହିତ ଶତ୍ରୁତା ଛାଡ଼ିଦିଅନ୍ତୁ । ମୋ କଥାକୁ ଅତ୍ୟନ୍ତ ହିତକର ଜାଣି, ଟିକିଏ ହୃଦୟରେ ଘେନନ୍ତୁ ॥ ୩ ॥

**ସମୁଝତ ଜାସୁ ଦୂତ କଇ କରନୀ । ସ୍ରଵହିଁ ଗର୍ଭ ରଜନୀଚର ଘରନୀ ॥**
**ତାସୁ ନାରି ନିଜ ସଚିଵ ବୋଲାଈ । ପଠଵହୁ କଂତ ଜୋ ଚହହୁ ଭଲାଈ ॥ ୪ ॥**

ଯାହାଙ୍କ ଦୂତର କାଣ୍ଡ ମନେପକାଇଲେ ରାକ୍ଷସ-ସ୍ତ୍ରୀମାନଙ୍କର ଗର୍ଭ ଖସିପଡୁଛି, ହେ ସ୍ୱାମୀ ! ଯଦି ଭଲ ଚାହୁଁଛନ୍ତି, ତେବେ ମନ୍ତ୍ରୀକୁ ଡକାଇ ତା' ସଙ୍ଗରେ ତାଙ୍କ (ରାମଙ୍କ) ସ୍ତ୍ରୀଙ୍କୁ ପଠାଇଦିଅନ୍ତୁ ॥ ୪ ॥

**ତଵ କୁଲ କମଲ ବିପିନ ଦୁଖଦାଈ । ସୀତା ସୀତ ନିସା ସମ ଆଈ ॥**
**ସୁନହୁ ନାଥ ସୀତା ବିନୁ ଦୀହ୍ନେଁ । ହିତ ନ ତୁହ୍ମାର ସଂଭୁ ଅଜ କୀହ୍ନେଁ ॥ ୫ ॥**

ସୀତା ଆପଣଙ୍କ କୁଳରୂପୀ ପଦ୍ମବନକୁ ଦୁଃଖ ଦେବାକୁ ଶିଶିରରାତି ପରି ଆସିଛନ୍ତି । ହେ ନାଥ ! ଶୁଣନ୍ତୁ; ସୀତାଙ୍କୁ ଫେରାଇ ନ ଦେଲେ, ଶିବ ଓ ବ୍ରହ୍ମା ମଧ୍ୟ ଆପଣଙ୍କର ମଙ୍ଗଳ କରିପାରିବେ ନାହିଁ ॥ ୫ ॥

ଦୋ:- **ରାମ ବାନ ଅହି ଗନ ସରିସ ନିକର ନିସାଚର ଭେକ ।**
**ଜବ ଲଗି ଗ୍ରସତ ନ ତବ ଲଗି ଜତନୁ କରହୁ ତଜି ଟେକ ॥ ୩୬ ॥**

ଶ୍ରୀରାମଙ୍କ ବାଣ ହେଉଛି ସର୍ପସମୂହ ପରି ଏବଂ ରାକ୍ଷସସମୂହ ହେଉଛନ୍ତି ବେଙ୍ଗମାନଙ୍କ ପରି । ସେହି ସର୍ପରୂପୀ ବାଣ ଆମ ବେଙ୍ଗରୂପୀ ରାକ୍ଷସମାନଙ୍କୁ ଗିଳିଦେବା ପୂର୍ବରୁ ଆପଣ ଜିଦ୍ ଛାଡ଼ି ଉପାୟ ଚିନ୍ତା କରନ୍ତୁ ।"॥ ୩୬ ॥

**ଶ୍ରୱନ ସୁନୀ ସଠ ତା କରି ବାନୀ । ବିହସା ଜଗତ ବିଦିତ ଅଭିମାନୀ ॥**
**ସଭୟ ସୁଭାଉ ନାରି କର ସାଚା । ମଂଗଲ ମହୁଁ ଭୟ ମନ ଅତି କାଚା ॥ ୧ ॥**

ମୂର୍ଖ ଓ ଜଗତ୍‌ପ୍ରସିଦ୍ଧ ଅଭିମାନୀ ରାବଣ ପତ୍ନୀର କଥା ଶୁଣି ହସିଉଠିଲା । କହିଲା, "ସ୍ତ୍ରୀମାନେ ସତରେ ବଡ଼ ଭୟାଳୁସ୍ୱଭାବର। ମଙ୍ଗଳ କଥାରେ ବି ତୁମେ ଭୟ କରୁଛ ! ତୁମ ମନଟା ନିତାନ୍ତ ଦୁର୍ବଳ ॥ ୧ ॥

**ଜୌଁ ଆୱଇ ମର୍କଟ କଟକାଈ । ଜିଅହିଁ ବିଚାରେ ନିସିଚର ଖାଈ ॥**
**କଂପହିଁ ଲୋକପ ଜାକୀଁ ତ୍ରାସା । ତାସୁ ନାରି ସଭୀତ ବଡ଼ି ହାସା ॥ ୨ ॥**

ଯଦି ବାନରସେନା ଆସିବ, ତେବେ ବିଚରା ରାକ୍ଷସମାନେ ତ ସେମାନଙ୍କୁ ଖାଇ ଆରାମରେ ଜୀବନନିର୍ବାହ କରିବେ । ଆହେ ! ଯାହାର ଭୟରେ ଲୋକପାଳମାନେ ବି ଥରୁଛନ୍ତି, ତାର ସ୍ତ୍ରୀ ହୋଇ ତୁମେ ଏତେ ଭୟ କରିବାଟା ସତରେ ବଡ଼ ଉପହାସର କଥା ।" ॥ ୨ ॥

**ଅସ କହି ବିହସି ତାହି ଉର ଲାଈ । ଚଲେଉ ସଭାଁ ମମତା ଅଧିକାଈ ॥**
**ମଂଦୋଦରୀ ହୃଦୟଁ କର ଚିଂତା । ଭୟଉ କଂତ ପର ବିଧି ବିପରୀତା ॥ ୩ ॥**

ରାବଣ ଏପରି କହି, ହସି ହସି ଅଧିକ ସ୍ନେହର ସହିତ ତାଙ୍କୁ ହୃଦୟରେ ଲଗାଇ ଆଲିଙ୍ଗନ କଲା ଏବଂ ସଭାକୁ ଚାଲିଗଲା । ପତିଙ୍କ ଉପରେ ବିଧାତା ପ୍ରତିକୂଳ ହୋଇଗଲାଣି ଜାଣି ମନ୍ଦୋଦରୀ ଚିନ୍ତାରେ ପଡ଼ିଗଲେ ॥ ୩ ॥

**ବୈଠେଉ ସଭାଁ ଖବରି ଅସି ପାଈ । ସିଂଧୁ ପାର ସେନା ସବ ଆଈ ॥**
**ବୂଝେସି ସଚିୱ ଉଚିତ ମତ କହହୂ । ତେ ସବ ହଁସେ ମଷ୍ଟ କରି ରହହୂ ॥ ୪ ॥**

ରାବଣ ଯାଇ ସଭାରେ ବସୁ ବସୁ ଖବର ପାଇଗଲା ଯେ, ଶତ୍ରୁର ସବୁସୈନ୍ୟ ଆସି ସମୁଦ୍ର ଆରକୂଳରେ ଏକାଠି ହୋଇଗଲେଣି । ସେ ମନ୍ତ୍ରୀମାନଙ୍କୁ କହିଲା, "ଉଚିତ ପରାମର୍ଶ ଦିଅନ୍ତୁ (ବର୍ତ୍ତମାନ କ'ଣ କରାଯିବ, କହନ୍ତୁ ) ।" ଏହା ଶୁଣି ସେମାନେ ସମସ୍ତେ ହସି ହସି କହିଲେ, "ଆପଣ ନିଶ୍ଚିନ୍ତରେ ରହନ୍ତୁ ॥ ୪ ॥

**ଜିତେହୁ ସୁରାସୁର ତବ ଶ୍ରମ ନାହୀଁ । ନର ବାନର କେହି ଲେଖେ ମାହୀଁ ॥ ୫ ॥**

ଆପଣ ତ ଅକ୍ଳେଶରେ ଦେବତା ଓ ରାକ୍ଷସମାନଙ୍କୁ ଜୟ କରିଛନ୍ତି; ଏ ନରବାନରଗୁଡ଼ାକ ବା କେଉଁଥିରେ ଗଣା !" ॥ ୫ ॥

ଦୋ:- **ସଚିୱ ବୈଦ ଗୁର ତୀନି ଜୌଁ ପ୍ରିୟ ବୋଲହିଁ ଭୟ ଆସ ।**
**ରାଜ ଧର୍ମ ତନ ତୀନି କର ହୋଇ ବେଗିହୀଁ ନାସ ॥ ୩୭ ॥**

ମନ୍ତ୍ରୀ, ବୈଦ୍ୟ ଓ ଗୁରୁ—ଏହି ତିନିପ୍ରକାରର ବ୍ୟକ୍ତି ଯଦି ପ୍ରଭୁ ଅପ୍ରସନ୍ନ ହୋଇଯିବେ ବୋଲି ଭୟରେ ବା ଲାଭ ଆଶାରେ ହିତ କଥା ନ କହି ଚାଟୁ ବଚନ କହନ୍ତି, ତେବେ ଜାଣ, କ୍ରମାନ୍ୱୟରେ ରାଜ୍ୟ, ଶରୀର ଓ ଧର୍ମ—ଏହି ତିନୋଟିଯାକ ଅତି ଶୀଘ୍ର ନାଶ ପାଇଯିବ ॥ ୩୭ ॥

**ସୋଇ ରାୱନ କହୁଁ ବନୀ ସହାଈ । ଅସ୍ତୁତି କରହିଁ ସୁନାଇ ସୁନାଈ ॥**
**ଅୱସର ଜାନି ବିଭୀଷନୁ ଆୱା । ଭ୍ରାତା ଚରନ ସୀସୁ ତେହିଁ ନାୱା ॥ ୧ ॥**

ରାବଣର ମଧ୍ୟ ସେହିପରି ଦୁର୍ଯୋଗ ଆସିଗଲା । ମନ୍ତ୍ରୀମାନେ ତାକୁ ସୁହାଇଲାପରି ସ୍ତୁତିବାଣୀ ଶୁଣାଇଲେ । ଏହା ଉପଯୁକ୍ତ ଅବସର ଜାଣି ବିଭୀଷଣ ଆସି ସେଠାରେ ପହଞ୍ଚିଗଲେ । ସେ ଆସି ବଡ଼ଭାଇଙ୍କ ପାଦରେ ପ୍ରଣାମ କଲେ ॥ ୧ ॥

**ପୁନି ସିରୁ ନାଇ ବୈଠ ନିଜ ଆସନ । ବୋଲା ବଚନ ପାଇ ଅନୁସାସନ ॥**
**ଜୌ କୃପାଲ ପୁଁଛିହୁ ମୋହି ବାତା । ମତି ଅନୁରୂପ କହଉଁ ହିତ ତାତା ॥ ୨ ॥**

ତା'ପରେ ସେ ମୁଣ୍ଡ ନୁଆଇଁ ଆସି ଆସନରେ ବସିଲେ । ଆଜ୍ଞା ପାଇ ସେ କହିଲେ, ''ହେ କୃପାଳୁ ! ଆପଣ ମୋ ପରାମର୍ଶ ଲୋଡୁଛନ୍ତି; ତେଣୁ ଆପଣଙ୍କ ହିତ ଦୃଷ୍ଟିରୁ ମୁଁ ମୋ ବୁଦ୍ଧି ଅନୁସାରେ ଦି'ପଦ କହୁଛି ॥ ୨ ॥

**ଜୋ ଆପନ ଚ୍ହୈ କଲ୍ୟାନା । ସୁଜସୁ ସୁମତି ସୁଭ ଗତି ସୁଖ ନାନା ॥**
**ସୋ ପରନାରି ଲିଲାର ଗୋସାଇଁ । ତଜଉ ଚଉଥି କେ ଚଂଦ କି ନାଇଁ ॥ ୩ ॥**

ଯେଉଁ ଲୋକ ନିଜର ମଙ୍ଗଳ, ସୁଯଶ, ସୁବୁଦ୍ଧି, ଶୁଭଗତି ଓ ସକଳପ୍ରକାର ସୁଖ ଚ୍ହେଁ, ହେ ସ୍ୱାମୀ ! ସେ ପରସ୍ତ୍ରୀର ମୁଖଦର୍ଶନକୁ ଚତୁର୍ଥୀ-ଚନ୍ଦ୍ର ମନେ କରି ତ୍ୟାଗ କରିଦେବା ଉଚିତ (ଅର୍ଥାତ୍ ଲୋକେ ଯେପରି ଚତୁର୍ଥୀଚନ୍ଦ୍ରକୁ ଦେଖନ୍ତି ନାହିଁ, ସେହିପରି ପରସ୍ତ୍ରୀ ମୁହଁକୁ ନ ଚ୍ହିଁବା ଉଚିତ) ॥ ୩ ॥

**ଚୌଦହ ଭୁୱନ ଏକ ପତି ହୋଈ । ଭୂତଦ୍ରୋହ ତିଷ୍ଟଇ ନହିଁ ସୋଈ ॥**
**ଗୁନ ସାଗର ନାଗର ନର ଜୋଊ । ଅଲପ ଲୋଭ ଭଲ କହଇ ନ କୋଊ ॥ ୪ ॥**

କେହି ଯଦି ଜୀବମାନଙ୍କ ସହ ଶତ୍ରୁତା କରେ, ତେବେ ସେ ଚଉଦଭୁବନର ଅଧିପତି ହୋଇଥିଲେ ମଧ୍ୟ ତିଷ୍ଠିପାରିବ ନାହିଁ । ଯାହାଠାରେ ସାମାନ୍ୟମାତ୍ର ଲୋଭ ରହିଯାଇଥାଏ, ସେ ଗୁଣର ସାଗର ଓ ଅତ୍ୟନ୍ତ ଚତୁର ହୋଇଥିଲେ ସୁଦ୍ଧା, କେହି ତାକୁ ଭଲ ବୋଲି କହନ୍ତି ନାହିଁ ॥ ୪ ॥

ଦୋ:- **କାମ କ୍ରୋଧ ମଦ ଲୋଭ ସବ ନାଥ ନରକ କେ ପଂଥ ।**
**ସବ ପରିହରି ରଘୁବୀରହି ଭଜହୁ ଭଜହିଁ ଜେହି ସଂତ ॥ ୩୮ ॥**

ହେ ନାଥ ! କାମ, କ୍ରୋଧ, ମଦ ଓ ଲୋଭ—ଏସବୁ ହେଉଛି ନରକର ପଥ । ଏସବୁ ପରିତ୍ୟାଗ କରି, ଯାହାଙ୍କୁ ସନ୍ଥଗଣ (ସତ୍ପୁରୁଷମାନେ) ଭଜନ୍ତି, ଆପଣ ସେହି ଶ୍ରୀରାମଙ୍କୁ ଭଜନ୍ତୁ ॥ ୩୮ ॥

**ତାତ ରାମ ନହିଁ ନର ଭୂପାଲା । ଭୁୱନେସ୍ୱର କାଲହୁ କର କାଲା ॥**
**ବ୍ରହ୍ମ ଅନାମୟ ଅଜ ଭଗୱଂତା । ବ୍ୟାପକ ଅଜିତ ଅନାଦି ଅନଂତା ॥ ୧ ॥**

ହେ ପ୍ରଭୁ ! ଶ୍ରୀରାମ କେବଳ ମନୁଷ୍ୟମାନଙ୍କର ରାଜା ନୁହନ୍ତି, ସେ ସମସ୍ତ ଲୋକର ସ୍ୱାମୀ ଏବଂ କାଳର ମଧ୍ୟ କାଳ । ସେ ହେଉଛନ୍ତି [ସମଗ୍ର ଐଶ୍ୱର୍ଯ୍ୟ, ଯଶ, ଶ୍ରୀ, ଧର୍ମ, ବୈରାଗ୍ୟ ଏବଂ ଜ୍ଞାନର ଭଣ୍ଡାର] ଭଗବାନ୍ । ସେ ହେଉଛନ୍ତି ନିରାମୟ (ବିକାରରହିତ) ଅଜନ୍ମା, ଅଜେୟ, ଅନାଦି, ଅନନ୍ତ ଓ ସର୍ବବ୍ୟାପକ ବ୍ରହ୍ମ ॥ ୧ ॥

**ଗୋ ଦ୍ୱିଜ ଧେନୁ ଦେୱ ହିତକାରୀ । କୃପାସିଂଧୁ ମାନୁଷ ତନୁଧାରୀ ॥**
**ଜନ ରଂଜନ ଭଂଜନ ଖଲ ବ୍ରାତା । ବେଦ ଧର୍ମ ରଚ୍ଛକ ସୁନୁ ଭ୍ରାତା ॥ ୨ ॥**

ସେହି କୃପାସାଗର ଭଗବାନ୍‌ହିଁ ପୃଥିବୀ, ଗୋ, ବ୍ରାହ୍ମଣ ଏବଂ ଦେବତାମାନଙ୍କର ହିତ ନିମନ୍ତେ ମନୁଷ୍ୟଶରୀର ଧାରଣ କରିଛନ୍ତି । ହେ ଭାଇ ! ସେ ହେଉଛନ୍ତି ସେବକମାନଙ୍କର ଆନନ୍ଦଦାତା, ଦୁଷ୍ଟମାନଙ୍କର ବିନାଶକାରୀ ଓ ବେଦ ତଥା ଧର୍ମର ରକ୍ଷକ ॥ ୨ ॥

**ତାହି ବୟରୁ ତଜି ନାଇଅ ମାଥା । ପ୍ରନତାରତି ଭଂଜନ ରଘୁନାଥା ॥**
**ଦେହୁ ନାଥ ପ୍ରଭୁ କହୁଁ ବୈଦେହୀ । ଭଜହୁ ରାମ ବିନୁ ହେତୁ ସନେହୀ ॥ ୩ ॥**

ଆପଣ ଶତ୍ରୁତା ତ୍ୟାଗ କରି ତାଙ୍କ ପାଖରେ ନତମସ୍ତକ ହୋଇଯାଆନ୍ତୁ (ତାଙ୍କର ଶରଣାଗତ ହୋଇଯାଆନ୍ତୁ) । ଶ୍ରୀରଘୁନାଥ ଶରଣାଗତର ଦୁଃଖ ନାଶ କରନ୍ତି । ହେ ନାଥ ! ଜାନକୀଙ୍କୁ ସେହି ପ୍ରଭୁଙ୍କୁ ଦେଇଦିଅନ୍ତୁ ଏବଂ ସେହି ଅହେତୁକୀ ପ୍ରେମୀ ଶ୍ରୀରାମଙ୍କୁ ଭଜନ୍ତୁ ॥ ୩ ॥

**ସରନ ଗଏଁ ପ୍ରଭୁ ତାହୁ ନ ତ୍ୟାଗା । ବିସ୍ୱ ଦ୍ରୋହ କୃତ ଅଘ ଜେହି ଲାଗା ॥**
**ଜାସୁ ନାମ ତ୍ରୟ ତାପ ନସାୱନ । ସୋଇ ପ୍ରଭୁ ପ୍ରଗଟ ସମୁଝୁ ଜିୟଁ ରାୱନ ॥ ୪ ॥**

ଯାହାକୁ ସମଗ୍ର ଜଗତ୍ ପ୍ରତି ଦ୍ରୋହାଚରଣ କରିଥିବାର ପାପ ଲାଗିଥାଏ, ସେପରି ଲୋକ ମଧ୍ୟ ଯଦି ପ୍ରଭୁଙ୍କର ଶରଣାପନ୍ନ ହୁଏ, ପ୍ରଭୁ ଶ୍ରୀରାମ ତାକୁ ତ୍ୟାଗ କରନ୍ତି ନାହିଁ । ଯାହାଙ୍କର ନାମ ତ୍ରିତାପ ନାଶ କରିଥାଏ, ସେହି ପ୍ରଭୁହିଁ ମନୁଷ୍ୟରୂପରେ ପ୍ରକଟ ହୋଇଛନ୍ତି । ହେ ରାବଣ ! ହୃଦୟରେ ଏହା ଉପଲବ୍ଧି କରନ୍ତୁ ॥ ୪ ॥

ଦୋଃ- **ବାର ବାର ପଦ ଲାଗଉଁ ବିନୟ କରଉଁ ଦସସୀସ ।**
**ପରିହରି ମାନ ମୋହ ମଦ ଭଜହୁ କୋସଲାଧୀସ ॥୩୯(କ)॥**

ହେ ଦଶଶିର ! ମୁଁ ବାରମ୍ବାର ଆପଣଙ୍କ ଚରଣରେ ପଡ଼ି ବିନତି କରୁଛି, ମାନ, ମୋହ ଓ ମଦ ତ୍ୟାଗ କରିଦେଇ ଆପଣ କୋସଲପତି ଶ୍ରୀରାମଙ୍କୁ ଭଜନ୍ତୁ ॥ ୩୯(କ) ॥

**ମୁନି ପୁଲସ୍ତି ନିଜ ସିଷ୍ୟ ସନ କହି ପଠଈ ୟହ ବାତ ।**
**ତୁରତ ସୋ ମୈଁ ପ୍ରଭୁ ସନ କହୀ ପାଇ ସୁଅୱସରୁ ତାତ ॥୩୯(ଖ)॥**

ପୁଲସ୍ତ୍ୟ ମୁନି ନିଜ ଶିଷ୍ୟଙ୍କ ହାତରେ ଏହି ବାର୍ତ୍ତା ପଠାଇଛନ୍ତି । ହେ ଭ୍ରାତ ! ସୁଯୋଗ ମିଳିବାମାତ୍ରେ ମୁଁ ଆସି ସେହି କଥା ଆପଣଙ୍କୁ ଜଣାଇଦେଲି ।'' ॥ ୩୯(ଖ) ॥

**ମାଲ୍ୟୱଂତ ଅତି ସଚିୱ ସୟାନା । ତାସୁ ବଚନ ସୁନି ଅତି ସୁଖ ମାନା ॥**
**ତାତ ଅନୁଜ ତୱ ନୀତି ବିଭୂଷନ । ସୋ ଉର ଧରହୁ ଜୋ କହତ ବିଭୀଷନ ॥ ୧ ॥**

ମାଲ୍ୟବାନ୍ ନାମକ ଜଣେ ମହାବୁଦ୍ଧିମାନ୍ ମନ୍ତ୍ରୀ ଥିଲେ । ବିଭୀଷଣଙ୍କ କଥା ତାଙ୍କୁ ଖୁବ୍ ଭଲ ଲାଗିଲା । ସଭାରେ ସେ ରାବଣକୁ କହିଲେ, ''ହେ ତାତ ! ଆପଣଙ୍କର ସାନଭାଇ ହେଉଛନ୍ତି ନୀତିବିଭୂଷଣ (ନୀତିବାନ୍) । ବିଭୀଷଣ ଯାହା କିଛି କହିଲେ, ତାହା ହୃଦୟଙ୍ଗମ କରନ୍ତୁ ।'' ॥ ୧ ॥

**ରିପୁ ଉତକରଷ କହତ ସଠ ଦୋଉ । ଦୂରି ନ କରହୁ ଇହାଁ ହଇ କୋଉ ॥**
**ମାଲ୍ୟୱଂତ ଗୃହ ଗୟଉ ବହୋରୀ । କହଇ ବିଭୀଷନୁ ପୁନି କର ଜୋରୀ ॥ ୨ ॥**

[ରାବଣ କହିଲା,] ''ଏ ମୂର୍ଖ ଦୁଇଟା ଶତ୍ରୁର ମହିମା ବଖାଣୁଛନ୍ତି । କିଏ ଅଛ ରେ ! ଏ ଦିଇଟାଙ୍କୁ ଏଠୁ ବାହାର କରିଦିଅ ।'' ଏହା ଶୁଣି ମାଲ୍ୟବାନ୍ ନିଜ ଘରକୁ ଚାଲିଗଲେ; କିନ୍ତୁ ବିଭୀଷଣ କରପତ୍ର ଯୋଡ଼ି ପୁନର୍ବାର କହିଲେ, ॥ ୨ ॥

**ସୁମତି କୁମତି ସବ କେଁ ଉର ରହହୀଁ । ନାଥ ପୁରାନ ନିଗମ ଅସ କହହୀଁ ॥**
**ଜହାଁ ସୁମତି ତହଁ ସଂପତି ନାନା । ଜହାଁ କୁମତି ତହଁ ବିପତି ନିଦାନା ॥ ୩ ॥**

''ହେ ନାଥ ! ବେଦ ଓ ପୁରାଣମାନେ କହନ୍ତି ଯେ, ସମସ୍ତଙ୍କ ହୃଦୟରେ ସୁବୁଦ୍ଧି ଓ କୁବୁଦ୍ଧି ଉଭୟ ରହିଥାଏ । ଯେଉଁଠି ସୁବୁଦ୍ଧିର ପ୍ରାଧାନ୍ୟ ଥାଏ, ସେଠାରେ ନାନାପ୍ରକାର ସମ୍ପଦ ରହେ ଏବଂ ଯେଉଁଠି କୁବୁଦ୍ଧିର ପ୍ରାଧାନ୍ୟ ଥାଏ, ସେଠାରେ ପରିଣାମରେ ବିପତ୍ତିହିଁ ଆସେ ॥ ୩ ॥

**ତଓ୍ୱ ଉର କୁମତି ବସୀ ବିପରୀତା । ହିତ ଅନହିତ ମାନହୁ ରିପୁ ପ୍ରୀତା ॥**
**କାଲରାତି ନିସିଚର କୁଲ କେରୀ । ତେହି ସୀତା ପର ପ୍ରୀତି ଘନେରୀ ॥ ୪ ॥**

ଆପଣଙ୍କ ଭିତରେ ବିପରୀତବୁଦ୍ଧି ଆସି ଘର କଲାଣି । ତେଣୁ ଆପଣ ହିତକୁ ଅହିତ ଓ ଶତ୍ରୁକୁ ମିତ୍ର ମଣୁଛନ୍ତି ।ଯେଉଁ ସୀତା ରାକ୍ଷସମାନଙ୍କ ନିମନ୍ତେ କାଳରାତ୍ରିସମାନ, ତାଙ୍କ ଉପରେ ଆପଣଙ୍କର ବିଶେଷ ପ୍ରୀତି ॥ ୪ ॥

ଦୋଃ- **ତାତ ଚରନ ଗହି ମାଗଉଁ ରାଖହୁ ମୋର ଦୁଲାର ।**
**ସୀତା ଦେହୁ ରାମ କହୁଁ ଅହିତ ନ ହୋଇ ତୁହ୍ମାର ॥ ୪୦ ॥**

ଆପଣଙ୍କର ଚରଣ ଧରି ମୋର ଏତିକି ମାଗୁଣି ଯେ, ହେ ପ୍ରଭୁ ! ଆପଣ ମୋର ଅନୁରୋଧକୁ ସ୍ନେହପୂର୍ବକ ଗ୍ରହଣ କରନ୍ତୁ ; ଶ୍ରୀରାମଙ୍କୁ ସୀତା ଫେରାଇଦିଅନ୍ତୁ ।ଏହା କଲେ ଆପଣଙ୍କର କୌଣସି ଅହିତ ହେବ ନାହିଁ ।'' ॥ ୪୦ ॥

**ବୁଧ ପୁରାନ ଶ୍ରୁତି ସଂମତ ବାନୀ । କହୀ ବିଭୀଷନ ନୀତି ବଖାନୀ ॥**
**ସୁନତ ଦସାନନ ଉଠା ରିସାଈ । ଖଲ ତୋହି ନିକଟ ମୃତ୍ୟୁ ଅବ ଆଈ ॥ ୧ ॥**

ବିଭୀଷଣ ପଣ୍ଡିତ, ପୁରାଣ ଓ ବେଦମାନଙ୍କ ଦ୍ୱାରା ସମ୍ମତ ଏତେସବୁ ନୀତିକଥା ବୁଝାଇକହିଲେ; କିନ୍ତୁ ତାହା ଶୁଣିବାକ୍ଷଣି ରାବଣ କ୍ରୁଦ୍ଧ ହୋଇଉଠିଲା । କହିଲା, ''ରେ ଦୁଷ୍ଟ ! ତୋର ମରଣ ନିକଟ ହୋଇ ଆସିଲା ॥ ୧ ॥

**ଜିଅସି ସଦା ସଠ ମୋର ଜିଆଓ୍ୱା । ରିପୁ କର ପଚ୍ଛ ମୂଢ଼ ତୋହି ଭାଓ୍ୱା ॥**
**କହସି ନ ଖଲ ଅସ କୋ ଜଗ ମାହୀଁ । ଭୁଜ ବଲ ଜାହି ଜିତା ମୈଁ ନାହୀଁ ॥ ୨ ॥**

ଆରେ ମୂର୍ଖ ! ମୋହରି ଅନ୍ନରେ ତୁ ବଞ୍ଚିରହିଛୁ । କିନ୍ତୁ ରେ ମୂଢ଼ ! ତୋତେ ଭଲ ଲାଗୁଛି କେବଳ ମୋର ଶତ୍ରୁପକ୍ଷଟା !! ଆରେ ଦୁଷ୍ଟ ! ତୁ ନିଜେ କହ, ଜଗତରେ ଏପରି କିଏ ଅଛି, ଯାହାକୁ ମୁଁ ମୋ ଭୁଜବଳରେ ଜୟ କରିପାରିନାହିଁ ? ॥ ୨ ॥

**ମମ ପୁର ବସି ତପସିହ୍ନ ପର ପ୍ରୀତି । ସଠ ମିଲୁ ଜାଇ ତିହ୍ନହି କହୁ ନୀତୀ ॥**
**ଅସ କହି କୀହ୍ନେସି ଚରନ ପ୍ରହାରା । ଅନୁଜ ଗହେ ପଦ ବାରହିଁ ବାରା ॥ ୩ ॥**

ମୋର ଖାଇ ତପସ୍ୱୀମାନଙ୍କ ପ୍ରତି ପ୍ରେମ ଦେଖାଇହେଉଛୁ ? ମୂର୍ଖ ! ଏଠୁ ଗ୍ଳିଯାଆ । ସେହିମାନଙ୍କ ସାଥିରେ ରହ ଓ ସେହିମାନଙ୍କୁ ନୀତିବାଣୀ ଶିଖା ।'' ଏପରି କହି ସେ ତାଙ୍କୁ ଗୋଇଠାଏ ମାରିଦେଲା । ତଥାପି, ମାଡ଼ ଖାଇ ମଧ୍ୟ ସାନଭାଇ ବିଭୀଷଣ ବାରମ୍ବାର ତା'ର ପାଦ ଧରିଲେ ॥ ୩ ॥

**ଉମା ସଂତ କଇ ଇହଇ ବଡ଼ାଈ । ମଂଦ କରତ ଜୋ କରଇ ଭଲାଈ ॥**
**ତୁହ୍ମ ପିତୁ ସରିସ ଭଲେହିଁ ମୋହି ମାରା । ରାମୁ ଭଜେଁ ହିତ ନାଥ ତୁହ୍ମାରା ॥ ୪ ॥**

[ଭଗବାନ୍ ଶିବ କହୁଛନ୍ତି,] ହେ ଉମା ! ସନ୍ଥମାନଙ୍କର ଏହା ଏକ ମହିମା ଯେ, କେହି ସେମାନଙ୍କର ଅହିତ କଲେ ବି, ସେମାନେ ଅହିତକାରୀର ମଙ୍ଗଳହିଁ କରିଥାନ୍ତି । ବିଭୀଷଣ କହିଲେ, ''ଆପଣ ମୋର ପିତାଙ୍କ ସମାନ;

ଆପଣ ମୋତେ ମାରିଲେ, ଭଲ ହେଲା; କିନ୍ତୁ ହେ ନାଥ ! ଶ୍ରୀରାମଙ୍କ ଭଜନରେହିଁ ଆପଣଙ୍କର ମଙ୍ଗଳ ନିହିତ ।'' ॥ ୪ ॥

**ସଚିଓ୍ୱ ସଂଗ ଲୈ ନଭ ପଥ ଗୟଉ । ସବହି ସୁନାଇ କହତ ଅସ ଭୟଉ ॥ ୫ ॥**

ଏତିକି କହି ବିଭୀଷଣ ନିଜ ମନ୍ତ୍ରୀମାନଙ୍କ ସହିତ ଆକାଶମାର୍ଗକୁ ଉଠିଗଲେ ଏବଂ ଯାଉ ଯାଉ ସେ ସମସ୍ତଙ୍କୁ ଶୁଣାଇ କହିଗଲେ— ॥ ୫ ॥

ଦୋ:- **ରାମୁ ସତ୍ୟସଂକଲ୍ପ ପ୍ରଭୁ ସଭା କାଲବସ ତୋରି ।**
**ମୈଁ ରଘୁବୀର ସରନ ଅବ ଜାଉଁ ଦେହୁ ଜନି ଖୋରି ॥ ୪୧ ॥**

''ଶ୍ରୀରାମ ହେଉଛନ୍ତି ସତ୍ୟସଂକଳ୍ପ ଏବଂ ସର୍ବସମର୍ଥ ପ୍ରଭୁ ; କିନ୍ତୁ ହେ ରାବଣ ! ତୁମର ସଭା ହେଉଛି କାଳର ବଶୀଭୂତ । ତେଣୁ ମୁଁ ଶ୍ରୀରଘୁନାଥଙ୍କ ଶରଣ ନେବାକୁ ଚାଲିଯାଉଛି । ମୋତେ ଦୋଷ ଦେବ ନାହିଁ ।'' ॥ ୪୧ ॥

**ଅସ କହି ଚଲା ବିଭୀଷନୁ ଜବହୀଁ । ଆୟୂହୀନ ଭଏ ସବ ତବହୀଁ ॥**
**ସାଧୁ ଅଓ୍ୱଗ୍ୟା ତୁରତ ଭଓ୍ୱାନୀ । କର କଲ୍ୟାନ ଅଖିଲ କୈ ହାନୀ ॥ ୧ ॥**

ଏପରି କହିଦେଇ ବିଭୀଷଣ ଚାଲିଯିବାମାତ୍ରେ ସବୁ ରାକ୍ଷସ ଆୟୁହୀନ ହୋଇଗଲେ (ସେମାନଙ୍କର ମୃତ୍ୟୁ ସୁନିଶ୍ଚିତ ହୋଇଗଲା) । [ଭଗବାନ୍ ଶିବ କହିଲେ,] ହେ ଭବାନୀ ! ସାଧୁଙ୍କୁ ଅପମାନ ଦେଲେ, ତାହା ଅବିଳମ୍ବେ ସକଳ କଲ୍ୟାଣ ନାଶ କରିଦିଏ ॥ ୧ ॥

**ରାଓ୍ୱନ ଜବହିଁ ବିଭୀଷନ ତ୍ୟାଗା । ଭୟଉ ବିଭଓ୍ୱ ବିନୁ ତବହିଁ ଅଭାଗା ॥**
**ଚଲେଉ ହରଷି ରଘୁନାୟକ ପାହୀଁ । କରତ ମନୋରଥ ବହୁ ମନ ମାହୀଁ ॥ ୨ ॥**

ବିଭୀଷଣଙ୍କୁ ତଡ଼ିଦେବାକ୍ଷଣି ଅଭାଗା ରାବଣ ଶ୍ରୀହୀନ ହୋଇଗଲା । ବିଭୀଷଣ ଆନନ୍ଦିତ ହୋଇ, ମନରେ ବହୁ ଅଭିଳାଷ ରଖି ଶ୍ରୀରଘୁନାଥଙ୍କ ନିକଟକୁ ଚାଲିଲେ ॥ ୨ ॥

**ଦେଖିହଉଁ ଜାଇ ଚରନ ଜଲଜାତା । ଅରୁନ ମୃଦୁଲ ସେଓ୍ୱକ ସୁଖଦାତା ॥**
**ଜେ ପଦ ପରସି ତରୀ ରିଷିନାରୀ । ଦଂଡକ କାନନ ପାଓ୍ୱନକାରୀ ॥ ୩ ॥**

[ସେ ଭାବୁଥାନ୍ତି,] ''ଯେଉଁ ଚରଣ ସେବକମାନଙ୍କୁ ସୁଖ ପ୍ରଦାନ କରେ, ଯେଉଁ ଚରଣର ସ୍ପର୍ଶ ପାଇ ଋଷିପତ୍ନୀ ଅହଲ୍ୟା ତରିଗଲେ ଏବଂ ଯେଉଁ ଚରଣ ଦଣ୍ଡକବନକୁ ପବିତ୍ର କରିଦେଲା, ମୁଁ ଯାଇ ଭଗବାନଙ୍କର ସେହି ସୁନ୍ଦର-ରକ୍ତିମ-କୋମଳ ଚରଣକମଳ ଦର୍ଶନ କରିବି ॥ ୩ ॥

**ଜେ ପଦ ଜନକସୁତାଁ ଉର ଲାଏ । କପଟ କୁରଂଗ ସଂଗ ଧର ଧାଏ ॥**
**ହର ଉର ସର ସରୋଜ ପଦ ଜେଈ । ଅହୋଭାଗ୍ୟ ମୈଁ ଦେଖିହଉଁ ତେଈ ॥ ୪ ॥**

ଯେଉଁ ଚରଣଯୁଗଳକୁ ଜାନକୀ ହୃଦୟରେ ଧରିରଖିଛନ୍ତି, ଯେଉଁ ଚରଣଯୁଗଳ ମାୟାମୃଗକୁ ଧରିବାପାଇଁ ତା'ପଛରେ ଦୌଡ଼ିଥିଲା ଏବଂ ଯେଉଁ ଚରଣକମଳ ସାକ୍ଷାତ୍ ଶିବଙ୍କ ହୃଦୟ ସରୋବରରେ ବିରାଜିତ, ମୋର ଅହୋଭାଗ୍ୟ ଯେ, ମୁଁ ଆଜି ସେହି ଚରଣଯୁଗଳ ଦର୍ଶନ କରିବି ॥ ୪ ॥

ଦୋ:- **ଜିହ୍ନ ପାୟହ୍ନ କେ ପାଦୁକହ୍ନି ଭରତୁ ରହେ ମନ ଲାଇ ।**
**ତେ ପଦ ଆଜୁ ବିଲୋକିହଉଁ ଇହ୍ନ ନୟନହ୍ନି ଅବ ଜାଇ ॥ ୪୨ ॥**

ଯେଉଁ ଚରଣଯୁଗଳର ପାଦୁକାରେ ଭରତ ନିଜର ମନପ୍ରାଣ ଢାଳିଦେଇଛନ୍ତି, ଆହା ! ଏବେ ମୁଁ ଯାଇ ସେହି ଚରଣଯୁଗଳକୁ ସ୍ୱଚକ୍ଷୁରେ ଦେଖିବି ।'' ॥ ୪୨ ॥

**ଏହି ବିଧି କରତ ସପ୍ରେମ ବିଚାରା । ଆୟଉ ସପଦି ସିଂଧୁ ଏହିଁ ପାରା ॥**
**କପିହ୍ନ ବିଭୀଷନୁ ଆୱତ ଦେଖା । ଜାନା କୋଉ ରିପୁ ଦୂତ ବିସେଷା ॥ ୧ ॥**

ପ୍ରେମର ସହିତ ଏହିପରି ବିଚାର କରି କରି ସେ ଯାଇ ସମୁଦ୍ର ଆରପାରିରେ (ଯେଉଁଠି ଶ୍ରୀରାମଙ୍କ ସେନା ରହିଥିଲେ) ପହଞ୍ଚିଗଲେ । ବିଭୀଷଣ ଆସୁଥିବା ଦେଖି ବାନରମାନେ ଭାବିଲେ, ଶତ୍ରୁର କୌଣସି ବିଶେଷ ଦୂତ ଆସିଛି ॥ ୧ ॥

**ତାହି ରାଖି କପୀସ ପହିଁ ଆଏ । ସମାଚାର ସବ ତାହି ସୁନାଏ ॥**
**କହ ସୁଗ୍ରୀୱ ସୁନହୁ ରଘୁରାଈ । ଆୱା ମିଲନ ଦସାନନ ଭାଈ ॥ ୨ ॥**

ତାଙ୍କୁ ଅଟକାଇ ରଖି ସେମାନେ ଯାଇ ସୁଗ୍ରୀବଙ୍କୁ ସକଳ ସମାଚାର ଶୁଣାଇଦେଲେ । ସୁଗ୍ରୀବ ଶ୍ରୀରାମଙ୍କ ପାଖକୁ ଯାଇ କହିଲେ, ''ହେ ରଘୁନାଥ ! ଆପଣଙ୍କୁ ସାକ୍ଷାତ କରିବାକୁ ରାବଣର ଭାଇ ଆସିଛି ।'' ॥ ୨ ॥

**କହ ପ୍ରଭୁ ସଖା ବୂଝିଐ କାହା । କହଇ କପୀସ ସୁନହୁ ନରନାହା ॥**
**ଜାନି ନ ଜାଇ ନିସାଚର ମାୟା । କାମରୂପ କେହି କାରନ ଆୟା ॥ ୩ ॥**

ପ୍ରଭୁ ଶ୍ରୀରାମ ପଚାରିଲେ, ''ହେ ମିତ୍ର ! ତୁମେ କ'ଣ ଭାବୁଛ ? (ତୁମର ମତ କଣ ?)'' ବାନରରାଜ ସୁଗ୍ରୀବ କହିଲେ, ''ମହାରାଜ ! ରାକ୍ଷସଙ୍କ ମାୟା ଜାଣିହୁଏନି । ଇଚ୍ଛାନୁସାରେ ରୂପ ବଦଳାଇପାରୁଥିବା ଏହି ରାକ୍ଷସଟା କାହିଁକି ଯେ ଆସିଛି, ମୁଁ ଜାଣିପାରୁନି ॥ ୩ ॥

**ଭେଦ ହମାର ଲେନ ସଠ ଆୱା । ରାଖିଅ ବାଁଧି ମୋହି ଅସ ଭାୱା ॥**
**ସଖା ନୀତି ତୁହ୍ମ ନୀକି ବିଚାରୀ । ମମ ପନ ସରନାଗତ ଭୟହାରୀ ॥ ୪ ॥**

ଯାହା ଜଣାପଡୁଛି, ଏ ମୂର୍ଖ ଆମର ଭେଦ ଖୋଜିବାକୁ ଆସିଛି । ତେଣୁ ମୁଁ ଭାବୁଛି, ତାକୁ ବାନ୍ଧିରଖିବା ଠିକ୍ ହେବ ।'' ଶ୍ରୀରାମ କହିଲେ, ''ହେ ମିତ୍ର ! ତୁମେ ନୀତିଦୃଷ୍ଟିରୁ ତ ଠିକ୍ ବିଚାର କଲ, କିନ୍ତୁ ଶରଣାଗତର ଭୟ ହରଣ କରିବା ହେଉଛି ମୋର ପଣ ।'' ॥ ୪ ॥

**ସୁନି ପ୍ରଭୁ ବଚନ ହରଷ ହନୁମାନା । ସରନାଗତ ବଚ୍ଛଲ ଭଗୱାନା ॥ ୫ ॥**

ପ୍ରଭୁଙ୍କ ବଚନ ଶୁଣି ହନୁମାନ୍ ଆନନ୍ଦିତ ହୋଇଗଲେ ଏବଂ ମନେ ମନେ କହିଲେ, ''ଭଗବାନ୍ ସତରେ କେଡ଼େ ଶରଣାଗତବତ୍ସଳ ନୁହନ୍ତି !'' (ଶରଣ ନେବାକୁ ଆସିଥିବା ଲୋକକୁ ସେ ପିତା ପରି ପ୍ରେମ କରନ୍ତି)!'' ॥ ୫ ॥

ଦୋ:- **ସରନାଗତ କହୁଁ ଜେ ତଜହିଁ ନିଜ ଅନହିତ ଅନୁମାନି ।**
**ତେ ନର ପାୱଁର ପାପମୟ ତିହ୍ନହି ବିଲୋକତ ହାନି ॥ ୪୩ ॥**

ଶ୍ରୀରାମ ପୁଣି କହିଲେ, ''ନିଜର ଅହିତ ଆଶଙ୍କାରେ ଯେଉଁମାନେ ଶରଣକୁ ଆସିଥିବା ଲୋକକୁ ତଡ଼ିଦଅନ୍ତି, ସେମାନେ ହେଉଛନ୍ତି ପାମର (କ୍ଷୁଦ୍ର) ଓ ପାପୀ । ସେମାନଙ୍କର ମୁହଁ ଚାହିଁବା ବି ପାପ ॥ ୪୩ ॥

**କୋଟି ବିପ୍ର ବଧ ଲାଗହିଁ ଜାହୂ । ଆଏଁ ସରନ ତଜଉଁ ନହିଁ ତାହୂ ॥**
**ସନମୁଖ ହୋଇ ଜୀୱ ମୋହି ଜବହୀଁ । ଜନ୍ମ କୋଟି ଅଘ ନାସହିଁ ତବହୀଁ ॥ ୧ ॥**

ଯାହାକୁ କୋଟିଏ ବ୍ରାହ୍ମଣଙ୍କୁ ହତ୍ୟା କରିଥିବାର ପାପ ଲାଗିଥାଏ, ସେ ଯଦି ମୋ ଶରଣ ଗ୍ରହଣ କରିବାକୁ ଆସେ, ମୁଁ ତାକୁ ବି ତ୍ୟାଗ କରେନାହିଁ । ମୋ ସମ୍ମୁଖକୁ ଆସିବାମାତ୍ରେ, ଜୀବର କୋଟିଜନ୍ମର ପାପ ନଷ୍ଟ ହୋଇଯାଏ ॥ ୧ ॥

**ପାପବ୍ଁତ କର ସହଜ ସୁଭାଉ । ଭଜନୁ ମୋର ତେହି ଭାୱ ନ କାଉ ॥**
**ଜୌଁ ପୈ ଦୁଷ୍ଟ ହୃଦୟ ସୋଇ ହୋଈ । ମୋରେଁ ସନମୁଖ ଆୱ କି ସୋଈ ॥ ୨ ॥**

ପାପୀର ସହଜସ୍ୱଭାବ ଏହି ଯେ, ତାକୁ ମୋର ଭଜନ ଆଦୌ ଭଲ ଲାଗେ ନାହିଁ । ସେ ଲୋକ (ରାବଣର ଭାଇ) ଯଦି ଦୁଷ୍ଟସ୍ୱଭାବର ହୋଇଥାନ୍ତା, ସେ କଣ ମୋ ପାଖକୁ ଆସିପାରନ୍ତା ? ॥ ୨ ॥

**ନିର୍ମଲ ମନ ଜନ ସୋ ମୋହି ପାୱା । ମୋହି କପଟ ଛଲ ଛିଦ୍ର ନ ଭାୱା ॥**
**ଭେଦ ଲେନ ପଠୱା ଦସସୀସା । ତବହୁଁ ନ କଛୁ ଭୟ ହାନି କପୀସା ॥ ୩ ॥**

ଯାହାର ମନ ନିର୍ମଳ, ସେ ହିଁ ମୋତେ ପାଏ । ମୋତେ ଛନ୍ଦକପଟ ଭଲ ଲାଗେନି । ହେ ବାନରରାଜ ସୁଗ୍ରୀବ ! ଯଦି ରାବଣ ତାକୁ ଆମ ଭେଦ ନେବାପାଇଁ ପଠାଇଥାଏ, ତେବେ ବି ଆମର କୌଣସି ଭୟ କରିବାର ବା କ୍ଷତି ହେବାର ନାହିଁ ॥ ୩ ॥

**ଜଗ ମହୁଁ ସଖା ନିସାଚର ଜେତେ । ଲଛିମନୁ ହନଇ ନିମିଷ ମହୁଁ ତେତେ ॥**
**ଜୌଁ ସଭୀତ ଆୱା ସରନାଈଁ । ରଖିହଉଁ ତାହି ପ୍ରାନ କୀ ନାଈଁ ॥ ୪ ॥**

କାରଣ ହେ ସଖା ! ଜଗତରେ ଯେତେ ରାକ୍ଷସ ଅଛନ୍ତି, ଏକା ଲକ୍ଷ୍ମଣ ସେ ସମସ୍ତଙ୍କୁ କ୍ଷଣକ ଭିତରେ ମାରିଦେଇପାରିବ ଏବଂ ଯଦି ସେ (ରାବଣର ଭାଇ) ଭୟଭୀତ ହୋଇ ମୋ ଶରଣକୁ ଆସିଥିବେ, ତେବେ ମୁଁ ତାଙ୍କୁ ମୋ ନିଜ ପ୍ରାଣ ପରି ଗ୍ରହଣ କରି ସୁରକ୍ଷା ଦେବି ।'' ॥ ୪ ॥

ଦୋଃ- **ଉଭୟ ଭାଁତି ତେହି ଆନହୁ ହଁସି କହ କୃପାନିକେତ ।**
**ଜୟ କୃପାଲ କହି କପି ଚଲେ ଅଂଗଦ ହନୂ ସମେତ ॥ ୪୪ ॥**

କୃପାନିଧାନ ଶ୍ରୀରାମ ହସି ହସି କହିଲେ, ''ସେ ଏ ଦୁଇଟି ମଧ୍ୟରୁ ଯେଉଁ ସ୍ଥିତିର ହୋଇଥାନ୍ତୁ ନା କାହିଁକି, ତାଙ୍କୁ ନେଇଆସ ।'' ଏହା ଶୁଣି, ''କୃପାଳୁ ଶ୍ରୀରାମଙ୍କର ଜୟ'' ବୋଲି ଧ୍ୱନି ଦେଇ, ଅଙ୍ଗଦ ଓ ହନୁମାନ୍ ବାନରମାନଙ୍କୁ ନେଇ ବିଭୀଷଣଙ୍କୁ ଆଣିବାଲାଗି ଚାଲିଗଲେ ॥ ୪୪ ॥

**ସାଦର ତେହି ଆଗେଁ କରି ବାନର । ଚଲେ ଜହାଁ ରଘୁପତି କରୁନାକର ॥**
**ଦୂରିହି ତେଁ ଦେଖେ ଦ୍ୱୌ ଭ୍ରାତା । ନୟନାନଂଦ ଦାନ କେ ଦାତା ॥ ୧ ॥**

ବିଭୀଷଣଙ୍କୁ ଆଗରେ ରଖି ବାନରମାନେ ତାଙ୍କ ପଛେ ପଛେ ଶ୍ରୀରଘୁନାଥଙ୍କ ନିକଟକୁ ଆସିଲେ । ବିଭୀଷଣ ଦୂରରୁହିଁ ସେହି ନେତ୍ରାନନ୍ଦଦାୟୀ ଦୁଇଭାଇଙ୍କୁ ଦେଖିଦେଲେ ॥ ୧ ॥

**ବହୁରି ରାମ ଛବିଧାମ ବିଲୋକୀ । ରହେଉ ଠଟୁକି ଏକଟକ ପଲ ରୋକୀ ॥**
**ଭୁଜ ପ୍ରଲଂବ କଂଜାରୁନ ଲୋଚନ । ସ୍ୟାମଲ ଗାତ ପ୍ରନତ ଭୟ ମୋଚନ ॥ ୨ ॥**

ଶୋଭାର ଧାମ ଶ୍ରୀରାମଙ୍କୁ ସେ ସ୍ତବ୍ଧ ହୋଇ ଅପଲକ ନୟନରେ ଚାହିଁରହିଲେ । ସେ ଭଗବାନଙ୍କର ବିଶାଳ ଭୁଜ, ରକ୍ତକମଳସମାନ ନୟନ ଏବଂ ଶରଣାଗତର ଭୟବିନାଶକାରୀ ଶ୍ୟାମଳ ତନୁକୁ ଦେଖିଲେ ॥ ୨ ॥

**ସିଂଘ କଂଧ ଆୟତ ଉର ସୋହା । ଆନନ ଅମିତ ମଦନ ମନ ମୋହା ॥**
**ନୟନ ନୀର ପୁଲକିତ ଅତି ଗାତା । ମନ ଧରି ଧୀର କହୀ ମୃଦୁ ବାତା ॥ ୩ ॥**

ସେ ଦେଖିଲେ, ଭଗବାନଙ୍କର ସ୍କନ୍ଧ ସିଂହସ୍କନ୍ଧ ପରି ହୋଇଛି; ବକ୍ଷସ୍ଥଳ ଅତ୍ୟନ୍ତ ସୁନ୍ଦର ଓ ବିଶାଳ; ମୁଖ ଅସଂଖ୍ୟ କାମଦେବଙ୍କ ମନକୁ ମୋହିତ କରିଦେଉଥାଏ । ଭଗବାନଙ୍କର ସ୍ୱରୂପ ଦର୍ଶନ କରି ବିଭୀଷଣଙ୍କ ନେତ୍ର ପ୍ରେମାଶ୍ରୁଜଳରେ ପୂର୍ଣ୍ଣ ହୋଇଗଲା; ଶରୀର ପୁଲକିତ ହୋଇଉଠିଲା । କିଛି ସମୟ ପରେ ସେ ଧୈର୍ଯ୍ୟ ଧରି କୋମଳକଣ୍ଠରେ କହିଲେ, ॥ ୩ ॥

**ନାଥ ଦସାନନ କର ମୈଁ ଭ୍ରାତା । ନିସିଚର ବଂସ ଜନମ ସୁରତ୍ରାତା ॥**
**ସହଜ ପାପପ୍ରିୟ ତାମସ ଦେହା । ଜଥା ଉଲୂକହି ତମ ପର ନେହା ॥ ୪ ॥**

"ହେ ପ୍ରଭୁ ! ମୁଁ ହେଉଛି ଦଶମୁଖ ରାବଣଙ୍କର ଭାଇ । ହେ ଦେବତାମାନଙ୍କର ରକ୍ଷକ ! ମୋର ଜନ୍ମ ରାକ୍ଷସକୁଳରେ ହୋଇଛି । ମୋର ଶରୀର ତାମସୀ । ପେଚ୍ଚା ଯେପରି ଅନ୍ଧକାରପ୍ରିୟ, ମୁଁ ସେହିପରି ସ୍ୱଭାବତଃ ପାପପ୍ରିୟ ॥ ୪ ॥

ଦୋ:- **ଶ୍ରୱନ ସୁଜସୁ ସୁନି ଆୟଉଁ ପ୍ରଭୁ ଭଂଜନ ଭୱ ଭୀର ।**
**ତ୍ରାହି ତ୍ରାହି ଆରତି ହରନ ସରନ ସୁଖଦ ରଘୁବୀର ॥ ୪୫ ॥**

ମୁଁ ମୋ ନିଜ କାନରେ ଆପଣଙ୍କର ସୁଯଶ ଶୁଣି ଆସିଛି ଯେ, ପ୍ରଭୁ ଭବ(ଜନ୍ମମରଣ)ଭୟ ନାଶ କରିଦିଅନ୍ତି । ହେ ଦୁଃଖୀଦୁଃଖହାରୀ ! ହେ ଶରଣାଗତବତ୍ସଳ ରଘୁବୀର ! ମୋତେ ରକ୍ଷା କରନ୍ତୁ ! ରକ୍ଷା କରନ୍ତୁ !" ॥ ୪୫ ॥

**ଅସ କହି କରତ ଦଂଡୱତ ଦେଖା । ତୁରତ ଉଠେ ପ୍ରଭୁ ହରଷ ବିସେଷା ॥**
**ଦୀନ ବଚନ ସୁନି ପ୍ରଭୁ ମନ ଭାୱା । ଭୁଜ ବିସାଲ ଗହି ହୃଦୟଁ ଲଗାୱା ॥ ୧ ॥**

ପ୍ରଭୁ ଦେଖିଲେ, ସେ ଏପରି କହି ଦଣ୍ଡବତ ପ୍ରଣାମ କରୁଛନ୍ତି । ତେଣୁ ପ୍ରଭୁ ଅତି ଆନନ୍ଦରେ ତୁରନ୍ତ ଆସନରୁ ଉଠିପଡ଼ିଲେ । ବିଭୀଷଣଙ୍କର ବିନମ୍ର ବଚନ ପ୍ରଭୁଙ୍କ ମନକୁ ଅତ୍ୟନ୍ତ ଭଲ ଲାଗିଲା । ସେ ବିଭୀଷଣଙ୍କୁ ନିଜର ବିଶାଳଭୁଜରେ ଉଠାଇ ହୃଦୟରେ ଜାବୁଡ଼ିଧରିଲେ ॥ ୧ ॥

**ଅନୁଜ ସହିତ ମିଲି ଢିଗ ବୈଠାରୀ । ବୋଲେ ବଚନ ଭଗତ ଭୟହାରୀ ॥**
**କହୁ ଲଂକେସ ସହିତ ପରିୱାରା । କୁସଲ କୁଠାହର ବାସ ତୁହ୍ମାରା ॥ ୨ ॥**

ଅନୁଜ ଲକ୍ଷ୍ମଣଙ୍କ ସହିତ ପ୍ରଭୁ ଶ୍ରୀରାମ ତାଙ୍କୁ ଆଲିଙ୍ଗନ କରି ନିଜ ପାଖରେ ବସାଇଲେ ଏବଂ ନିଜର ଭକ୍ତଭୟହାରୀ ବଚନ କହିଲେ, "ହେ ଲଙ୍କେଶ ! ତୁମ ପରିବାରର ତଥା ଅନ୍ୟ ସମସ୍ତଙ୍କର କୁଶଳ ସମାଚାର କୁହ । ତୁମ ନିବାସ ତ ଗୋଟିଏ ଖରାପ ସ୍ଥାନରେ ରହିଛି ॥ ୨ ॥

**ଖଲ ମଂଡଲୀ ବସହୁ ଦିନୁ ରାତୀ । ସଖା ଧରମ ନିବହଇ କେହି ଭାଁତୀ ॥**
**ମୈଁ ଜାନଉଁ ତୁହ୍ମାରି ସବ ରୀତୀ । ଅତି ନୟ ନିପୁନ ନ ଭାୱ ଅନୀତୀ ॥ ୩ ॥**

ତୁମକୁ ଦିନରାତି ଦୁଷ୍ଟମାନଙ୍କ ମଣ୍ଡଳୀରେ ବସିବାକୁ ପଡ଼େ । ଏପରି ଅବସ୍ଥାରେ, ହେ ସଖା ! ତୁମର ଧର୍ମ କିପରି ନିର୍ବାହ ହେଉଛି ? ମୁଁ ତୁମର ସବୁ ରୀତି (ଆଚାର-ବ୍ୟବହାର) ଜାଣେ । ତୁମେ ଅତ୍ୟନ୍ତ ନୀତିନିପୁଣ; ତୁମକୁ ଅନୀତି ମୋଟେ ସୁହାଏ ନାହିଁ ॥ ୩ ॥

**ବରୁ ଭଲ ବାସ ନରକ କର ତାତା । ଦୁଷ୍ଟ ସଂଗ ଜନି ଦେଇ ବିଧାତା ॥**
**ଅବ ପଦ ଦେଖି କୁସଲ ରଘୁରାୟା । ଜୌଁ ତୁହ୍ମ କୀହ୍ନି ଜାନି ଜନ ଦାୟା ॥ ୪ ॥**

ହେ ତାତ ! ନରକରେ ରହିବା ବରଂ ଭଲ; ହେଲେ ବିଧାତା କେବେ ଦୁଷ୍ଟସଙ୍ଗ ନ ଦିଅନ୍ତୁ ।'' ବିଭୀଷଣ କହିଲେ, ''ହେ ରଘୁନାଥ ! ବର୍ତ୍ତମାନ ଆପଣଙ୍କ ଚରଣ ଦର୍ଶନ କରି ମୁଁ କୁଶଳରେ ଅଛି; କାରଣ ଆପଣ ମୋତେ ନିଜ ସେବକ ମନେକରି ଦୟା କରିଛନ୍ତି ॥ ୪ ॥

ଦୋ:- **ତବ ଲଗି କୁସଲ ନ ଜୀୱ କହୁଁ ସପନେହୁଁ ମନ ବିଶ୍ରାମ ।**
**ଜବ ଲଗି ଭଜତ ନ ରାମ କହୁଁ ସୋକ ଧାମ ତଜି କାମ ॥ ୪୬ ॥**

ଜୀବ ଯେପର୍ଯ୍ୟନ୍ତ ଶୋକର ଗୃହରୂପୀ କାମନା (ବିଷୟଭୋଗ)କୁ ତ୍ୟାଗ କରିଦେଇ ଶ୍ରୀରାମଙ୍କୁ ନ ଭଜିଛି, ସେପର୍ଯ୍ୟନ୍ତ ତା'ର ସ୍ୱପ୍ନରେ ବି କୁଶଳ ନାହିଁ, କି ମାନସିକ ଶାନ୍ତି ନାହିଁ ॥ ୪୬ ॥

**ତବ ଲଗି ହୃଦୟଁ ବସତ ଖଲ ନାନା । ଲୋଭ ମୋହ ମଚ୍ଛର ମଦ ମାନା ॥**
**ଜବ ଲଗି ଉର ନ ବସତ ରଘୁନାଥା । ଧରେଁ ଚାପ ସାୟକ କଟି ଭାଥା ॥ ୧ ॥**

ଯେପର୍ଯ୍ୟନ୍ତ ହସ୍ତରେ ଧନୁର୍ବାଣ ଓ କଟିରେ ତୂଣୀର ଧାରଣ କରିଥିବା ଶ୍ରୀରଘୁନାଥ ହୃଦୟରେ ବିରାଜମାନ କରିନାହାନ୍ତି, ସେପର୍ଯ୍ୟନ୍ତ ଲୋଭ, ମୋହ, ମାତ୍ସର୍ଯ୍ୟ, ମଦ ଓ ମାନ ଆଦି ଅନେକ ଦୁଷ୍ଟ ହୃଦୟରେ ନିବାସ କରି ରହିଥିବେ ॥ ୧ ॥

**ମମତା ତରୁନ ତମୀ ଅଁଧିଆରୀ । ରାଗ ଦ୍ୱେଷ ଉଲୂକ ସୁଖକାରୀ ॥**
**ତବ ଲଗି ବସତି ଜୀୱ ମନ ମାହୀଁ । ଜବ ଲଗି ପ୍ରଭୁ ପ୍ରତାପ ରବି ନାହୀଁ ॥ ୨ ॥**

ମମତ୍ୱ ହେଉଛି ଘୋର ଅନ୍ଧାର ରାତ୍ରି ପରି । ସେହି ରାତ୍ରି ରାଗ-ଦ୍ୱେଷରୂପୀ ପେଚ୍ଚାମାନଙ୍କୁ ସୁଖ ଦେଇଥାଏ । ପ୍ରଭୁଙ୍କ ପ୍ରତାପରୂପୀ ସୂର୍ଯ୍ୟ ଉଦିତ ନ ହେବା ପର୍ଯ୍ୟନ୍ତ ସେହି ମମତ୍ୱରୂପୀ ରାତ୍ରି ଜୀବର ମନରେ ବସତି ସ୍ଥାପନ କରି ରହିଥାଏ ॥ ୨ ॥

**ଅବ ମୈଁ କୁସଲ ମିଟେ ଭୟ ଭାରେ । ଦେଖି ରାମ ପଦ କମଲ ତୁହ୍ମାରେ ॥**
**ତୁହ୍ମ କୃପାଲ ଜା ପର ଅନୁକୂଲା । ତାହି ନ ବ୍ୟାପ ତ୍ରିବିଧ ଭୱ ସୂଲା ॥ ୩ ॥**

ହେ ଶ୍ରୀରାମ ! ଆପଣଙ୍କ ଚରଣାରବିନ୍ଦ ଦର୍ଶନ କରି ମୁଁ ବର୍ତ୍ତମାନ କୁଶଳରେ ଅଛି; ମୋର ବିରାଟ ଭୟ ଦୂର ହୋଇଯାଇଛି । ହେ କୃପାଳୁ ! ଆପଣ ଯାହା ପ୍ରତି ଅନୁକୂଳ ହୁଅନ୍ତି, ତାକୁ ତ୍ରିବିଧ ଭବତାପ (ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ତାପ) ବାଧେ ନାହିଁ ॥ ୩ ॥

**ମୈଁ ନିସିଚର ଅତି ଅଧମ ସୁଭାଊ । ସୁଭ ଆଚରନୁ କୀହ୍ନ ନହିଁ କାଊ ॥**
**ଜାସୁ ରୂପ ମୁନି ଧ୍ୟାନ ନ ଆୱା । ତେହିଁ ପ୍ରଭୁ ହରଷି ହୃଦୟଁ ମୋହି ଲାୱା ॥ ୪ ॥**

ମୁଁ ହେଉଛି ଅତ୍ୟନ୍ତ ନୀଚସ୍ୱଭାବର ରାକ୍ଷସ । ମୁଁ କେବେ କୌଣସି ଶୁଭ ଆଚରଣ କରିନାହିଁ । ଯାହାଙ୍କର ରୂପ ମୁନିମାନଙ୍କର ଧ୍ୟାନରେ ବି ଧରାପଡ଼େ ନାହିଁ, ସେହି ପ୍ରଭୁ ହର୍ଷିତ ହୋଇ ଆଜି ମୋତେ ହୃଦୟରେ ଲଗାଇଲେ ! ॥ ୪ ॥

ଦୋ:- **ଅହୋଭାଗ୍ୟ ମମ ଅମିତ ଅତି ରାମ କୃପା ସୁଖ ପୁଂଜ ।**
**ଦେଖେଉଁ ନୟନ ବିରଂଚି ସିୱ ସେବ୍ୟ ଜୁଗଲ ପଦ କଂଜ ॥ ୪୭ ॥**

ହେ କୃପାପୁଞ୍ଜ ସୁଖଧାମ ଶ୍ରୀରାମ ! ମୋର ଅସୀମ ସୌଭାଗ୍ୟ ଯେ, ମୁଁ ବ୍ରହ୍ମା ଓ ଶିବଙ୍କ ଦ୍ୱାରା ସେବିତ ଚରଣକମଳଯୁଗଳ ସ୍ୱଚକ୍ଷୁରେ ଦର୍ଶନ କଲି ।'' ॥ ୪୭ ॥

**ସୁନହୁ ସଖା ନିଜ କହଉଁ ସୁଭାଉ । ଜାନ ଭୁସୁଂଡି ସଂଭୁ ଗିରିଜାଉ ॥**
**ଜୌଁ ନର ହୋଇ ଚରାଚର ଦ୍ରୋହୀ । ଆୱୈ ସଭୟ ସରନ ତକି ମୋହୀ ॥ ୧ ॥**
**ତଜି ମଦ ମୋହ କପଟ ଛଲ ନାନା । କରଉଁ ସଦ୍ୟ ତେହି ସାଧୁ ସମାନା ॥**
**ଜନନୀ ଜନକ ବଂଧୁ ସୁତ ଦାରା । ତନୁ ଧନୁ ଭୱନ ସୁହୃଦ ପରିୱାରା ॥ ୨ ॥**
**ସବ କୈ ମମତା ତାଗ ବଟୋରୀ । ମମ ପଦ ମନହି ବାଁଧ ବରି ଡୋରୀ ॥**
**ସମଦରସୀ ଇଚ୍ଛା କଛୁ ନାହୀଁ । ହରଷ ସୋକ ଭୟ ନହିଁ ମନ ମାହୀଁ ॥ ୩ ॥**
**ଅସ ସଜ୍ଜନ ମମ ଉର ବସ କୈସେଁ । ଲୋଭୀ ହୃଦୟଁ ବସଇ ଧନୁ ଜୈସେଁ ॥**
**ତୁହ୍ମ ସାରିଖେ ସଂତ ପ୍ରିୟ ମୋରେଁ । ଧରଉଁ ଦେହ ନହିଁ ଆନ ନିହୋରେଁ ॥ ୪ ॥**

[ଶ୍ରୀରାମ କହିଲେ,] ''ହେ ସଖା ! ମୁଁ ମୋ ସ୍ୱଭାବ କଥା କହୁଛି, ଶୁଣ । ମୋ ସ୍ୱଭାବ ବିଷୟରେ କାକଭୁଶୁଣ୍ଡି ଓ ଶିବ-ପାର୍ବତୀ ଜାଣନ୍ତି । ଯେଉଁ ବ୍ୟକ୍ତି ସମଗ୍ର ଜଡ଼-ଚେତନ ଜଗତର ଦ୍ରୋହୀ, ଯଦି ସେ ବି ଭୟଭୀତ ହୋଇ ମୋର ଶରଣ ନେବାକୁ ଆସିଯାଏ ଏବଂ ମଦ, ମୋହ ତଥା ସକଳ ଛନ୍ଦ-କପଟ ତ୍ୟାଗ କରିଦିଏ, ତେବେ ମୁଁ ତାକୁ ମଧ୍ୟ ଅତି ଶୀଘ୍ର ସାଧୁସମାନ କରିଦିଏ । ମାତା, ପିତା, ଭାଇ, ପୁତ୍ର, ସ୍ତ୍ରୀ, ଶରୀର, ଧନ, ଗୃହ, ମିତ୍ର ଓ ପରିବାର ଆଦିଙ୍କ ପ୍ରତି ରହିଥିବା ସକଳ ମମତାସୂତ୍ରକୁ ଏକତ୍ର କରି, ସେଥିରେ ଗୋଟିଏ ଡୋରି ବଳି ଯେ ତା'ଦ୍ୱାରା ନିଜ ମନକୁ ମୋ ଚରଣରେ ବାନ୍ଧିଦିଅନ୍ତି (ଅର୍ଥାତ୍ ମୋତେହିଁ ସକଳ ସାଂସାରିକ ସମ୍ବନ୍ଧର କେନ୍ଦ୍ର କରିଦିଅନ୍ତି), ଯେ ସମଦର୍ଶୀ, ଯାହାଙ୍କର କୌଣସିପ୍ରକାର କାମନା ନ ଥାଏ ଏବଂ ଯାହାଙ୍କ ମନରେ ହର୍ଷ, ଶୋକ ଓ ଭୟ ନାହିଁ, ସେପରି ସଜ୍ଜନ ମୋ ହୃଦୟରେ କିପରି ବସା ବାନ୍ଧି ରହିଥାନ୍ତି, ଜାଣିଛ ?—ସେ ରହିଥାନ୍ତି, ଲୋଭୀ ହୃଦୟରେ ଧନ ବସା ବାନ୍ଧି ରହିଥିବାପରି । ତୁମ ପରି ସନ୍ଥଜନହିଁ ମୋର ପ୍ରିୟ । ଅନ୍ୟ କାହାରି ପାଇଁ ମୁଁ ଶରୀର ଧାରଣ କରେ ନାହିଁ ॥ ୧-୪ ॥

ଦୋ:- **ସଗୁନ ଉପାସକ ପରହିତ ନିରତ ନୀତି ଦୃଢ଼ ନେମ ।**
**ତେ ନର ପ୍ରାନ ସମାନ ମମ ଜିହ୍ନ କେଁ ଦ୍ୱିଜ ପଦ ପ୍ରେମ ॥ ୪୮ ॥**

ଯେଉଁମାନେ ସଗୁଣସାକାର ଭଗବାନଙ୍କର ଉପାସକ, ପରୋପକାରରେ ରତ, ନୀତି-ନିୟମରେ ନିଷ୍ଠାବାନ୍ ଓ ବ୍ରାହ୍ମଣମାନଙ୍କ ଚରଣରେ ଭକ୍ତିମାନ୍, ସେମାନେ ମୋର ପ୍ରାଣସମାନ ପ୍ରିୟ ॥ ୪୮ ॥

**ସୁନୁ ଲଂକେସ ସକଲ ଗୁନ ତୋରେଁ । ତାତେଁ ତୁହ୍ମ ଅତିସୟ ପ୍ରିୟ ମୋରେଁ ॥**
**ରାମ ବଚନ ସୁନି ବାନର ଜୂଥା । ସକଲ କହହିଁ ଜୟ କୃପା ବରୂଥା ॥ ୧ ॥**

ହେ ଲଙ୍କାପତି ! ଶୁଣ ; ତୁମ ଭିତରେ ଉପର୍ଯ୍ୟୁକ୍ତ ସମସ୍ତ ଗୁଣ ରହିଛି । ତେଣୁ ତୁମେ ମୋର ଅତ୍ୟନ୍ତ ପ୍ରିୟ ।'' ଶ୍ରୀରାମଙ୍କ କଥା ଶୁଣି ବାନରମାନେ ହର୍ଷଧ୍ୱନି କଲେ—''କୃପାନିଧାନ ଶ୍ରୀରାମଙ୍କର ଜୟ !'' ॥ ୧ ॥

**ସୁନତ ବିଭୀଷନୁ ପ୍ରଭୁ କୈ ବାନୀ । ନହିଁ ଅଘାତ ଶ୍ରୱନାମୃତ ଜାନୀ ॥**
**ପଦ ଅଂବୁଜ ଗହି ବାରହିଁ ବାରା । ହୃଦୟଁ ସମାତ ନ ପ୍ରେମୁ ଅପାରା ॥ ୨ ॥**

ବିଭୀଷଣ ପ୍ରଭୁଙ୍କ ବାଣୀ ଶୁଣୁଥାନ୍ତି । ତାଙ୍କ କର୍ଣ୍ଣକୁ ତାହା ଅମୃତତୁଲ୍ୟ ବୋଧ ହେଉଥାଏ; ତେଣୁ ଯେତେ

ଶୁଣିଲେ ବି ସେ ତୃପ୍ତ ହେଉ ନ ଥାନ୍ତି । ଫଳରେ ସେ ପ୍ରଭୁଙ୍କ ପାଦପଦ୍ମକୁ ବାରମ୍ବାର ଧରିପକାଉଥାନ୍ତି । ତାଙ୍କର ହୃଦୟ ଅପାର ପ୍ରେମରେ ଉଛୁଳିପଡୁଥାଏ ॥ ୨ ॥

**ସୁନହୁ ଦେଓ୍ୱ ସଚରାଚର ସ୍ୱାମୀ । ପ୍ରନତପାଲ ଉର ଅଂତରଜାମୀ ॥**
**ଉର କଛୁ ପ୍ରଥମ ବାସନା ରହୀ । ପ୍ରଭୁ ପଦ ପ୍ରୀତି ସରିତ ସୋ ବହୀ ॥ ୩ ॥**

ବିଭୀଷଣ କହିଲେ, ''ହେ ଦେବ ! ହେ ସଚରାଚର ଜଗତର ସ୍ୱାମୀ ! ହେ ଶରଣାଗତରକ୍ଷକ ! ହେ ସର୍ବାନ୍ତର୍ଯାମୀ ! ଶୁଣନ୍ତୁ; ମୋ ହୃଦୟରେ ପୂର୍ବରୁ କିଛିଟା ବାସନା ଥିଲା । କିନ୍ତୁ ପ୍ରଭୁଙ୍କ ଚରଣର ପ୍ରୀତିରୂପୀ ପ୍ରବାହରେ ସେସବୁ ଭାସିଗଲା ॥ ୩ ॥

**ଅବ କୃପାଲ ନିଜ ଭଗତି ପାଓ୍ୱନୀ । ଦେହୁ ସଦା ସିଓ୍ୱ ମନ ଭାଓ୍ୱନୀ ॥**
**ଏଓ୍ୱମସ୍ତୁ କହି ପ୍ରଭୁ ରନଧୀରା । ମାଗା ତୁରତ ସିଂଧୁ କର ନୀରା ॥ ୪ ॥**

ବର୍ତ୍ତମାନ, ହେ କୃପାଳୁ ! ମୋର ଏତିକି ମାଗୁଣି ଯେ, ଆପଣଙ୍କର ଯେଉଁ ପବିତ୍ର ଭକ୍ତି ଶିବଙ୍କ ମନକୁ ସର୍ବଦା ପ୍ରିୟ ଲାଗେ, ମୋତେ କେବଳ ସେହି ଭକ୍ତି ପ୍ରଦାନ କରନ୍ତୁ ।'' ରଣଧୀର ପ୍ରଭୁ ଶ୍ରୀରାମ 'ଏବମସ୍ତୁ'(ଏହା ହିଁ ହେଉ) କହି ତୁରନ୍ତ ସମୁଦ୍ରଜଳ ମଗାଇଲେ ॥ ୪ ॥

**ଜଦପି ସଖା ତଓ୍ୱ ଇଚ୍ଛା ନାହୀଁ । ମୋର ଦରସୁ ଅମୋଘ ଜଗ ମାହୀଁ ॥**
**ଅସ କହି ରାମ ତିଲକ ତେହି ସାରା । ସୁମନ ବୃଷ୍ଟି ନଭ ଭଈ ଅପାରା ॥ ୫ ॥**

ଏବଂ କହିଲେ, ''ହେ ସଖା ! ତୁମର କୌଣସି ଇଚ୍ଛା ନ ଥିଲେ ବି, ଜଗତରେ ମୋର ଦର୍ଶନ ଅମୋଘ (ତାହା ନିଷ୍ଫଳ ଯାଏ ନାହିଁ) ।''—ଏପରି କହି ଶ୍ରୀରାମ ବିଭୀଷଣଙ୍କୁ ରାଜତିଳକ ଦେଇଦେଲେ । ଆକାଶରୁ ଅଜସ୍ର ପୁଷ୍ପବୃଷ୍ଟି ହେଲା ॥ ୫ ॥

ଦୋ:- **ରାଓ୍ୱନ କ୍ରୋଧ ଅନଲ ନିଜ ସ୍ୱାସ ସମୀର ପ୍ରଚଂଡ ।**
**ଜରତ ବିଭୀଷନୁ ରାଖେଉ ଦୀହ୍ନେଉ ରାଜୁ ଅଖଂଡ ॥୪୯(କ)॥**

ରାବଣର ଯେଉଁ କ୍ରୋଧାଗ୍ନି ବିଭୀଷଣଙ୍କ ଶ୍ୱାସ(ବଚନ)ରୂପୀ ବାୟୁ ଯୋଗୁଁ ପ୍ରଚଣ୍ଡରୂପ ଧାରଣ କରିଥିଲା, ସେଥିରେ ପୋଡ଼ି ଯାଉଥିବା ବିଭୀଷଣଙ୍କୁ ଶ୍ରୀରାମ ରକ୍ଷା କରିଦେଲେ ଓ ତାଙ୍କୁ ଅଖଣ୍ଡ ରାଜ୍ୟ ପ୍ରଦାନ କଲେ ॥ ୪୯(କ) ॥

**ଜୋ ସଂପତି ସିଓ୍ୱ ରାଓ୍ୱନହି ଦୀହ୍ନି ଦିଏଁ ଦସ ମାଥ ।**
**ସୋଇ ସଂପଦା ବିଭୀଷନହି ସକୁଚି ଦୀହ୍ନି ରଘୁନାଥ ॥୪୯(ଖ)॥**

ରାବଣ ନିଜର ଦଶଶିର କାଟି ବଳିରୂପେ ଉତ୍ସର୍ଗ କରିଥିବା ହେତୁ ଶିବ ତାକୁ ଯେଉଁ ସମ୍ପଦ ଦେଇଥିଲେ, ସେହି ସମ୍ପଦ ଶ୍ରୀରାମ ବିଭୀଷଣଙ୍କୁ ଅତି ସଙ୍କୋଚର ସହିତ ଦେଇଦେଲେ । (ଅର୍ଥାତ୍ ସେ ଭାବୁଥାନ୍ତି, 'ମୁଁ ଏହାଙ୍କୁ କ'ଣ ବା ଦେଲି; ଏହା ତ କିଛି ବି ନୁହେଁ ।') ॥ ୪୯(ଖ) ॥

**ଅସ ପ୍ରଭୁ ଛାଡ଼ି ଭଜହିଁ ଜେ ଆନା । ତେ ନର ପସୁ ବିନୁ ପୂଁଛ ବିଷାନା ॥**
**ନିଜ ଜନ ଜାନି ତାହି ଅପନାଓ୍ୱା । ପ୍ରଭୁ ସୁଭାଓ୍ୱ କପି କୁଲ ମନ ଭାଓ୍ୱା ॥ ୧ ॥**

ଏପରି ପରମକୃପାଳୁ ପ୍ରଭୁଙ୍କୁ ଛାଡ଼ି, ଯେଉଁ ମନୁଷ୍ୟ ଅନ୍ୟକୁ ଭଜେ, ସେ ସତରେ, ଏକ ଶିଙ୍ଗ-ଲାଞ୍ଜ-ବିହୀନ ପଶୁମାତ୍ର । ନିଜର ସେବକ ବୋଲି ଜାଣି ପ୍ରଭୁ ଶ୍ରୀରାମ ବିଭୀଷଣଙ୍କୁ ଆପଣାର କରିନେଲେ । ପ୍ରଭୁଙ୍କର ଏହି ସ୍ୱଭାବ ବାନରମାନଙ୍କୁ ବହୁତ ଭଲ ଲାଗିଲା ! ॥ ୧ ॥

**ପୁନି ସର୍ବଗ୍ୟ ସର୍ବ ଉର ବାସୀ । ସର୍ବରୂପ ସବ ରହିତ ଉଦାସୀ ॥**
**ବୋଲେ ବଚନ ନୀତି ପ୍ରତିପାଲକ । କାରନ ମନୁଜ ଦନୁଜ କୁଲ ଘାଲକ ॥ ୨ ॥**

ତା'ପରେ ସର୍ବଜ୍ଞ, ସର୍ବହୃଦୟନିବାସୀ, ସର୍ବରୂପ, ସର୍ବରହିତ, ଉଦାସୀନ, ଭକ୍ତମାନଙ୍କୁ କୃପା କରିବା ନିମନ୍ତେ ଲୀଳାଛଳରେ ମନୁଷ୍ୟରୂପଧାରଣ କରିଥିବା ରାକ୍ଷସକୁଳନାଶକ ଶ୍ରୀରାମ ନୀତି ରକ୍ଷା କରି ପଗ୍ୱରିଲେ, ॥ ୨ ॥

**ସୁନୁ କପୀସ ଲଂକାପତି ବୀରା । କେହି ବିଧି ତରିଅ ଜଲଧି ଗଂଭୀରା ॥**
**ସଂକୁଲ ମକର ଉରଗ ଝଷ ଜାତୀ । ଅତି ଅଗାଧ ଦୁସ୍ତର ସବ ଭାଁତୀ ॥ ୩ ॥**

''ହେ ବୀର ବାନରରାଜ ସୁଗ୍ରୀବ ଓ ଲଙ୍କପତି ବିଭୀଷଣ ! ଏହି ଗଭୀର ସମୁଦ୍ରକୁ କିପରି ପାରିହେବା ? ଏହି ଅତଳ ସାଗରରେ ଅନେକ ଜାତିର ମଗର, ସର୍ପ ଓ ମତ୍ସ୍ୟ ପୂର୍ଣ୍ଣ ହୋଇ ରହିଛନ୍ତି; ଏହାକୁ ପାରିହେବା ସବୁଦୃଷ୍ଟିରୁ କଠିନ ।'' ॥ ୩ ॥

**କହ ଲଂକେସ ସୁନହୁ ରଘୁନାୟକ । କୋଟି ସିଂଧୁ ସୋଷକ ତଓ୍ୱ ସାୟକ ॥**
**ଜଦ୍ୟପି ତଦପି ନୀତି ଅସି ଗାଈ । ବିନୟ କରିଅ ସାଗର ସନ ଜାଈ ॥ ୪ ॥**

ବିଭୀଷଣ କହିଲେ, ''ହେ ରଘୁନାଥ ! ଆପଣଙ୍କର ଗୋଟିଏମାତ୍ର ବାଣ ଯଦିବା ଏପରି କୋଟିଏ ସମୁଦ୍ରକୁ ଶୁଖାଇଦେଇପାରେ, ତଥାପି ନୀତି ଅନୁଯାୟୀ ପ୍ରଥମେ ସମୁଦ୍ରକୁ ପ୍ରାର୍ଥନା କରିବା ଉଚିତ ହେବ ॥ ୪ ॥

ଦୋଃ- **ପ୍ରଭୁ ତୁହ୍ମାର କୁଲଗୁର ଜଲଧି କହିହି ଉପାୟ ବିଗ୍ୱରି ।**
**ବିନୁ ପ୍ରୟାସ ସାଗର ତରିହି ସକଲ ଭାଲୁ କପି ଧାରି ॥ ୫୦ ॥**

ହେ ପ୍ରଭୁ ! ସମୁଦ୍ର ହେଉଛନ୍ତି ଆପଣଙ୍କ କୁଳର ପୂର୍ବଜ; ସେ ନିଶ୍ଚୟ ବିଗ୍ୱର କରି ଉପାୟ କହିଦେବେ । ତା'ହେଲେ ସମସ୍ତ ଭଲ୍ଲୁକ ଓ ବାନର-ସେନା ଅନାୟାସରେ ସମୁଦ୍ର ପାରିହୋଇଯିବେ ।'' ॥ ୫୦ ॥

**ସଖା କହୀ ତୁହ୍ମ ନୀକି ଉପାଈ । କରିଅ ଦୈଓ୍ୱ ଜୌଁ ହୋଇ ସହାଈ ॥**
**ମଂତ୍ର ନ ୟହ ଲଛିମନ ମନ ଭାଓ୍ୱ । ରାମ ବଚନ ସୁନି ଅତି ଦୁଖ ପାଓ୍ୱ ॥ ୧ ॥**

ଶ୍ରୀରାମ କହିଲେ, ''ସଖା ! ତୁମେ ଭଲ ଉପାୟଟିଏ କହିଲ । ଯଦି ଦୈବ ସହାୟ ହେବେ, ତାହାହିଁ କରିବା;'' କିନ୍ତୁ ଏହି ପରାମର୍ଶଟି ଲକ୍ଷ୍ମଣଙ୍କ ମନକୁ ପାଇଲା ନାହିଁ । ଶ୍ରୀରାମଙ୍କ କଥା ଶୁଣି ତାଙ୍କୁ ବଡ଼ ଦୁଃଖ ଲାଗିଲା ॥ ୧ ॥

**ନାଥ ଦୈଓ୍ୱ କର କଓ୍ୱନ ଭରୋସା । ସୋଷିଅ ସିଂଧୁ କରିଅ ମନ ରୋସା ॥**
**କାଦର ମନ କହୁଁ ଏକ ଅଧାରା । ଦୈଓ୍ୱ ଦୈଓ୍ୱ ଆଲସୀ ପୁକାରା ॥ ୨ ॥**

ସେ କହିଲେ, ''ହେ ପ୍ରଭୁ ! ଦୈବ ଉପରେ କି ଭରସା ! କ୍ରୋଧାବିଷ୍ଟ ହୋଇ ସମୁଦ୍ରକୁ ଶୁଖାଇଦିଅନ୍ତୁ । ଦୈବ ତ କାପୁରୁଷମାନଙ୍କ ମନର ଏକ ଅବଲମ୍ବନମାତ୍ର । ଅଳସୁଆମାନେହିଁ 'ଦୈବ ! ଦୈବ !' ଡାକିହୁଅନ୍ତି ।'' ॥ ୨ ॥

**ସୁନତ ବିହସି ବୋଲେ ରଘୁବୀରା । ଐସେହିଁ କରବ ଧରହୁ ମନ ଧୀରା ॥**
**ଅସ କହି ପ୍ରଭୁ ଅନୁଜହି ସମୁଝାଈ । ସିଂଧୁ ସମୀପ ଗଏ ରଘୁରାଈ ॥ ୩ ॥**

ଏହା ଶୁଣି ଶ୍ରୀରଘୁବର ହସି ହସି କହିଲେ, ''ହେଉ ଠିକ୍ ଅଛି; ତାହାହିଁ କରିବା । କିନ୍ତୁ ମନରେ ଧୈର୍ଯ୍ୟ ଧର ।'' ଏପରି କହି, ସାନଭାଇକୁ ବୁଝାଇ ଶ୍ରୀରଘୁନାଥ ସମୁଦ୍ର ପାଖକୁ ଗଲେ ॥ ୩ ॥

**ପ୍ରଥମ ପ୍ରନାମ କୀହ୍ନ ସିରୁ ନାଈ । ବୈଠେ ପୁନି ତଟ ଦର୍ଭ ଡସାଈ ॥**
**ଜବହିଁ ବିଭୀଷନ ପ୍ରଭୁ ପହିଁ ଆଏ । ପାଛେଁ ରାୱନ ଦୂତ ପଠାଏ ॥ ୪ ॥**

ସେ ପ୍ରଥମେ ନତମସ୍ତକ ହୋଇ ସମୁଦ୍ରକୁ ପ୍ରଣାମ କଲେ; ତା'ପରେ କୂଳରେ କୁଶ ବିଛାଇ ବସିଗଲେ । ତେଣେ ବିଭୀଷଣ ଶ୍ରୀରାମଙ୍କ ନିକଟକୁ ଆସିବାକ୍ଷଣି, ରାବଣ ତାଙ୍କ ପଛରେ ନିଜ ଦୂତମାନଙ୍କୁ ପଠାଇଦେଇଥିଲା ॥ ୪ ॥

ଦୋ:- **ସକଲ ଚରିତ ତିହ୍ନ ଦେଖେ ଧରେଁ କପଟ କପି ଦେହ ।**
**ପ୍ରଭୁ ଗୁନ ହୃଦୟଁ ସରାହହିଁ ସରନାଗତ ପର ନେହ ॥ ୫୧ ॥**

ସେମାନେ ମାୟାରେ ବାନରଶରୀର ଧରି ସବୁଲୀଳା ଦେଖିଲେ ଏବଂ ମନେ ମନେ ପ୍ରଭୁଙ୍କ ଗୁଣର ଓ ଶରଣାଗତ ପ୍ରତି ତାଙ୍କ ସ୍ନେହର ପ୍ରଶଂସା କରିବାକୁ ଲାଗିଲେ ॥ ୫୧ ॥

**ପ୍ରଗଟ ବଖାନହିଁ ରାମ ସୁଭାଉ । ଅତି ସପ୍ରେମ ଗା ବିସରି ଦୁରାଉ ॥**
**ରିପୁ କେ ଦୂତ କପିହ୍ନ ତବ ଜାନେ । ସକଲ ବାଁଧି କପୀସ ପହିଁ ଆନେ ॥ ୧ ॥**

ତା'ପରେ ସେମାନେ ଅତ୍ୟନ୍ତ ପ୍ରେମର ସହିତ ପ୍ରତ୍ୟକ୍ଷରେ (ଖୋଲାଖୋଲି) ଶ୍ରୀରାମଙ୍କ ସ୍ୱଭାବର ପ୍ରଶଂସା କରିବାକୁ ଲାଗିଲେ ! ପ୍ରଶଂସା କରୁ କରୁ ସେମାନେ ନିଜର କପଟରୂପ ମଧ୍ୟ ଭୁଲିଗଲେ। ବାନରମାନେ ଜାଣିଗଲେ ଯେ, ସେମାନେ ଶତ୍ରୁର ଦୂତ; ତେଣୁ ସେମାନଙ୍କୁ ବାନ୍ଧି ସୁଗ୍ରୀବଙ୍କ ପାଖକୁ ନେଇଗଲେ ॥ ୧ ॥

**କହ ସୁଗ୍ରୀୱ ସୁନହୁ ସବ ବାନର । ଅଂଗ ଭଂଗ କରି ପଠୱହୁ ନିସିଚର ॥**
**ସୁନି ସୁଗ୍ରୀୱ ବଚନ କପି ଧାଏ । ବାଁଧି କଟକ ଚହୁ ପାସ ଫିରାଏ ॥ ୨ ॥**

ସୁଗ୍ରୀବ କହିଲେ, ''ହେ ବାନରଗଣ ! ଶୁଣ । ଏହି ରାକ୍ଷସମାନଙ୍କୁ (ଅଙ୍ଗଭଙ୍ଗ) ବିକଳାଙ୍ଗ କରି ପଠାଇଦିଅ ।'' ସୁଗ୍ରୀବଙ୍କ କଥା ଶୁଣି ବାନରମାନେ ଦୌଡ଼ିଆସିଲେ ଓ ସେହି ଦୂତମାନଙ୍କୁ ବାନ୍ଧିପକାଇ ସେନାର ଚ୍ରିପଟେ ବୁଲାଇଲେ ॥ ୨ ॥

**ବହୁ ପ୍ରକାର ମାରନ କପି ଲାଗେ । ଦୀନ ପୁକାରତ ତଦପି ନ ତ୍ୟାଗେ ॥**
**ଜୋ ହମାର ହର ନାସା କାନା । ତେହି କୋସଲାଧୀସ କୈଁ ଆନା ॥ ୩ ॥**

ତା' ସଙ୍ଗେ ସଙ୍ଗେ ସେମାନଙ୍କୁ ବିଭିନ୍ନପ୍ରକାର ମାଡ଼ ମଧ୍ୟ ଦେଲେ । ସେମାନେ ବିକଳ ହୋଇ ଡାକ ପକାଉଥାନ୍ତି; ତଥାପି ବାନରମାନେ ସେମାନଙ୍କୁ ଛାଡ଼ୁ ନ ଥାନ୍ତି । ଶେଷରେ ସେହି ଦୂତମାନେ ଉଚ୍ଚସ୍ୱରରେ ଡାକ ପକାଇ କହିଲେ, ''ଯେ ଆମ ନାକ-କାନ କାଟିବ, ତାକୁ ଶ୍ରୀରାମଙ୍କ ରାଣ ।'' ॥ ୩ ॥

**ସୁନି ଲଛିମନ ସବ ନିକଟ ବୋଲାଏ । ଦୟା ଲାଗି ହଁସି ତୁରତ ଛୋଡ଼ାଏ ॥**
**ରାୱନ କର ଦୀଜହୁ ୟହ ପାତୀ । ଲଛିମନ ବଚନ ବାଚୁ କୁଲଘାତୀ ॥ ୪ ॥**

ଏହା ଶୁଣି ଲକ୍ଷ୍ମଣ ସମସ୍ତଙ୍କୁ ପାଖକୁ ଡାକିଲେ । ଦୂତମାନଙ୍କ ଅବସ୍ଥା ଦେଖି ତାଙ୍କୁ ବଡ଼ ଦୟା ଲାଗିଲା । ସେ ହସି ହସି ସେହି ରାକ୍ଷସମାନଙ୍କୁ ତୁରନ୍ତ ମୁକ୍ତ କରିଦେଲେ ଏବଂ ସେମାନଙ୍କୁ ଚିଠିଟିଏ ଦେଇ କହିଲେ, ''ରାବଣ ହାତରେ ଏହି ଚିଠିଟି ଦେଇ କହିବ, 'ରେ କୁଳଘାତକ ! ଲକ୍ଷ୍ମଣଙ୍କ ସନ୍ଦେଶ ପଢ଼ ।' ॥ ୪ ॥

ଦୋ:- **କହେହୁ ମୁଖାଗର ମୂଢ଼ ସନ ମମ ସଂଦେସୁ ଉଦାର ।**
**ସୀତା ଦେଇ ମିଲହୁ ନ ତ ଆୱା କାଲୁ ତୁହ୍ମାର ॥ ୫୨ ॥**

ତା'ଛଡ଼ା ସେହି ମୂର୍ଖକୁ ମୋର ଏହି ଉଦାର ମୌଖିକ ସନ୍ଦେଶ ବି ଶୁଣାଇଦେବ: 'ସୀତାଙ୍କୁ ଫେରାଇଦେଇ ପ୍ରଭୁ ଶ୍ରୀରାମଙ୍କୁ ସାକ୍ଷାତ କର; ନଚେତ୍ ତୋର କାଳ ଆସିଗଲା ବୋଲି ଜାଣ' ।'' ॥ ୫୨ ॥

**ତୁରତ ନାଇ ଲଛିମନ ପଦ ମାଥା । ଚଲେ ଦୂତ ବରନତ ଗୁନ ଗାଥା ॥**
**କହତ ରାମ ଜସୁ ଲଂକାଁ ଆଏ । ରାଓ୍ୱନ ଚରନ ସୀସ ତିହ୍ନ ନାଏ ॥ ୧ ॥**

ଲକ୍ଷ୍ମଣଙ୍କ ଚରଣରେ ମସ୍ତକ ନତ କରି ଏବଂ ଶ୍ରୀରାମଙ୍କ ଗୁଣାବଳୀ ବର୍ଣ୍ଣନା କରି କରି ଦୂତମାନେ ତୁରନ୍ତ ସେଠାରୁ ଚାଲିଗଲେ । ଶ୍ରୀରାମଙ୍କ ଯଶୋଗାନ କରି କରି, ସେମାନେ ଲଙ୍କାକୁ ଫେରିଆସିଲେ ଏବଂ ରାବଣଚରଣରେ ପ୍ରଣାମ ଜଣାଇଲେ ॥ ୧ ॥

**ବିହସି ଦସାନନ ପୂଁଛୀ ବାତା । କହସି ନ ସୁକ ଆପନି କୁସଲାତା ॥**
**ପୁନି କହୁ ଖବରି ବିଭୀଷନ କେରୀ । ଜାହି ମୃତ୍ୟୁ ଆଈ ଅତି ନେରୀ ॥ ୨ ॥**

ଦଶମୁଖ ରାବଣ ପରିହାସ କରି ପଚାରିଲା, ''କିରେ ଶୁକ ! ତୋ କୁଶଳ ସମାଚାର କହୁନୁ କାହିଁକି ? ଆଉ ସେ ବିଭୀଷଣର ଖବର କ'ଣ ?–ଯାର ମରଣ ନିକଟ ହୋଇ ଆସିଲାଣି ମ! ॥ ୨ ॥

**କରତ ରାଜ ଲଂକା ସଠ ତ୍ୟାଗୀ । ହୋଇହି ଜଓ୍ୱ କର କୀଟ ଅଭାଗୀ ॥**
**ପୁନି କହୁ ଭାଲୁ କୀସ କଟକାଈ । କଠିନ କାଲ ପ୍ରେରିତ ଚଲି ଆଈ ॥ ୩ ॥**

ସେ ମୂର୍ଖଟା ରାଜ୍ୟ ଭୋଗ କରୁଥିଲା; ତଥାପି ଲଙ୍କା ଛାଡ଼ି ପଳାଇଗଲା ! ଅଭାଗାଟା ଏଥର ଯଅ ଭିତରେ ପୋକ ପରି ହୋଇଯିବ । (ଯଅ-ଗହମର ପୋକ ଯେପରି ଗହମ ସାଥିରେ ପେଷି ହୋଇଯାଏ, ଏଥର ସେ ମଧ୍ୟ ନରବାନରଙ୍କ ସହିତ ମରଣମୁଖରେ ପଡ଼ିଯିବ ।) ଆଉ, ସେ ଭାଲୁ ଓ ବାନର ସୈନ୍ୟମାନଙ୍କର ଖବର କ'ଣ ? ସେମାନେ ତ କାଳବଶ ହୋଇ ଏଠାକୁ ଚାଲିଆସିଛନ୍ତି ॥ ୩ ॥

**ଜିହ୍ନ କେ ଜୀଓ୍ୱନ କର ରଖୱାରା । ଭୟଉ ମୃଦୁଲ ଚିତ ସିଂଧୁ ବିଚାରା ॥**
**କହୁ ତପସିହ୍ନ କୈ ବାତ ବହୋରୀ । ଜିହ୍ନ କେ ହୃଦୟଁ ତ୍ରାସ ଅତି ମୋରୀ ॥ ୪ ॥**

କେବଳ କୋମଳହୃଦୟ ସମୁଦ୍ର ବିଚରା ସେମାନଙ୍କ ଜୀବନର ରକ୍ଷକ ହୋଇଯାଇଛି (ଅର୍ଥାତ୍ ଯଦି ମଝିରେ ସମୁଦ୍ର ନ ଥାନ୍ତା, ତେବେ ରାକ୍ଷସମାନେ ଏତେବେଳକୁ ସେମାନଙ୍କୁ ମାରି ଖାଇସାରନ୍ତେଣି ।) ଆଚ୍ଛା, ସେ ତପସ୍ୱୀ ଦୁଇଟାଙ୍କ ଖବର କ'ଣ ? ସେ ଦୁଇଟାଙ୍କ ହୃଦୟରେ ତ ମୋ ପ୍ରତି ଭାରି ଭୟ ॥ ୪ ॥

ଦୋ:- **କୀ ଭଇ ଭେଁଟ କି ଫିରି ଗଏ ଶ୍ରଓ୍ୱନ ସୁଜସୁ ସୁନି ମୋର ।**
**କହସି ନ ରିପୁ ଦଲ ତେଜ ବଲ ବହୁତ ଚକିତ ଚିତ ତୋର ॥ ୫୩ ॥**

ଆଚ୍ଛା ! ସେମାନଙ୍କ ସାଥିରେ ତୋର ଭେଟ ହେଲା, ନା ମୋ ସୁଯଶ ଶୁଣି ସେମାନେ ଫେରିପଳାଇଗଲେ ? ଆରେ ! ଶତ୍ରୁସେନାର ଶକ୍ତିସାମର୍ଥ୍ୟ କଥା କହୁନୁ କାହିଁକି ? ତୋ ବୁଦ୍ଧି ତ କ'ଣ ଆବାକାବା ହୋଇଗଲାପରି ଲାଗୁଛି !!'' ॥ ୫୩ ॥

**ନାଥ କୃପା କରି ପୂଁଛେହୁ ଜୈସେଁ । ମାନହୁ କହା କ୍ରୋଧ ତଜି ତୈସେଁ ॥**
**ମିଲା ଜାଇ ଜବ ଅନୁଜ ତୁହ୍ମାରା । ଜାତହିଁ ରାମ ତିଲକ ତେହି ସାରା ॥ ୧ ॥**

[ଦୂତ କହିଲା,] ''ହେ ସ୍ୱାମୀ ! ଛାମୁଁ ଯେପରି କୃପା କରି ପଚାରିଲେ, ସେହିପରି କ୍ରୋଧ ତ୍ୟାଗ କରି ମୋ କଥା ବିଶ୍ୱାସ କରନ୍ତୁ । ଛାମୁଙ୍କ ସାନଭାଇ ଯାଇ ଯେତେବେଳେ ଶ୍ରୀରାମଙ୍କୁ ସାକ୍ଷାତ୍ କଲେ, ଶ୍ରୀରାମ ତାଙ୍କୁ ତୁରନ୍ତ ରାଜତିଳକ ଦେଇଦେଲେ ॥ ୧ ॥

**ରାୱନ ଦୂତ ହମହି ସୁନି କାନା । କପିହ୍ନ ବାଁଧି ଦୀହ୍ନେ ଦୁଖ ନାନା ॥**
**ଶ୍ରୱନ ନାସିକା କାଟୈଁ ଲାଗେ । ରାମ ସପଥ ଦୀହ୍ନେଁ ହମ ତ୍ୟାଗେ ॥ ୨ ॥**

ଆମେ ରାବଣଙ୍କ ଦୂତ ବୋଲି କାନରେ ପଡୁ ପଡୁ ବାନରମାନେ ଆମକୁ ବାନ୍ଧି ବହୁ କଷ୍ଟ ଦେଲେ । ଏପରି କି, ସେମାନେ ଆମ ନାକକାନ କାଟିଦେବାକୁ ଯାଉଥିଲେ; ଶ୍ରୀରାମଙ୍କ ରାଣ ପକାଇବାରୁ ଯାଇ ଆମକୁ ଛାଡ଼ିଲେ ॥ ୨ ॥

**ପୁଁଛିହୁ ନାଥ ରାମ କଟକାଈ । ବଦନ କୋଟି ସତ ବରନି ନ ଜାଈ ॥**
**ନାନା ବରନ ଭାଲୁ କପି ଧାରୀ । ବିକଟାନନ ବିସାଲ ଭୟକାରୀ ॥ ୩ ॥**

ହେ ନାଥ ! ଆପଣ ଶ୍ରୀରାମଙ୍କ ସେନା କଥା ପଗ୍ଚରିଲେ ଯେ, ସେମାନଙ୍କ କଥା ତ ଶହେକୋଟି ମୁଖ ମିଳିଲେ ବି ବର୍ଣ୍ଣନା କରିହେବ ନାହିଁ । ସେମାନଙ୍କ ଭିତରେ ନାନାରଙ୍ଗର ଭାଲୁ, ନାନାପ୍ରକାରର ବାନର ଅଛନ୍ତି । ସେମାନଙ୍କର ମୁହଁ ଯେପରି ବିକଟାଳ, ଦେହ ସେହିପରି ବିଶାଳ ଓ ଭୟାନକ ॥ ୩ ॥

**ଜେହିଁ ପୁର ଦହେଉ ହତେଉ ସୁତ ତୋରା । ସକଲ କପିହ୍ନ ମହଁ ତେହି ବଲୁ ଥୋରା ॥**
**ଅମିତ ନାମ ଭଟ କଠିନ କରାଲା । ଅମିତ ନାଗ ବଲ ବିପୁଲ ବିସାଲା ॥ ୪ ॥**

ସେ ଯେଉଁ ବାନରଟା ଆସି ଆମ ଲଙ୍କାକୁ ପୋଡ଼ିଦେଇଥିଲା ଏବଂ ଛାମୁଙ୍କ ପୁତ୍ର ଅକ୍ଷୟକୁମାରଙ୍କୁ ମାରିଦେଇଥିଲା, ତା'ବଳ ତ ସବୁବାନରଙ୍କ ବଳ ଆଗରେ କମ୍ । ସେମାନଙ୍କ ଭିତରେ ଅସଂଖ୍ୟ ନାମଧାରୀ ବହୁ ବଳବାନ୍ ଓ ଭୟଙ୍କର ଯୋଦ୍ଧା ଅଛନ୍ତି । ସେମାନେ ଦେଖିବାକୁ ଯେପରି ବିଶାଳ, ସେମାନଙ୍କ ଦେହରେ ରହିଛି ସେହିପରି ଅସଂଖ୍ୟ ହାତୀର ବଳ ॥ ୪ ॥

ଦୋ:- **ଦ୍ୱିବିଦ ମୟଂଦ ନୀଲ ନଲ ଅଂଗଦ ଗଦ ବିକଟାସି ।**
**ଦଧିମୁଖ କେହରି ନିସଠ ସଠ ଜାମୱଂତ ବଲରାସି ॥ ୫୪ ॥**

ଦ୍ୱିବିଦ, ମୟଂଦ, ନୀଳ, ନଳ, ଅଂଗଦ, ଗଦ, ବିକଟାସ୍ୟ, ଦଧିମୁଖ, କେସରୀ, ନିଶଠ, ଶଠ ଓ ଜାମ୍ବବାନ୍—ଏ ସମସ୍ତେ ହେଉଛନ୍ତି ବଳର ନିଧାନ—ମହାବଳୀ ॥ ୫୪ ॥

**ଏ କପି ସବ ସୁଗ୍ରୀୱ ସମାନା । ଇହ୍ନ ସମ କୋଟିହ୍ନ ଗନଇ କୋ ନାନା ॥**
**ରାମ କୃପାଁ ଅତୁଲିତ ବଲ ତିହ୍ନହୀଁ । ତୃନ ସମାନ ତ୍ରୈଲୋକହି ଗନହୀଁ ॥ ୧ ॥**

ଏମାନେ ପ୍ରତ୍ୟେକେ ସୁଗ୍ରୀବଙ୍କ ପରି ବଳବାନ୍ ଏବଂ [ଜଣେ-ଅଧେ ନୁହେଁ,] ଏମାନଙ୍କ ପରି କୋଟି କୋଟି ବାନର ଅଛନ୍ତି; ସେମାନଙ୍କ ସଂଖ୍ୟା କିଏ ଗଣିପାରିବ ! ଶ୍ରୀରାମଙ୍କ କୃପାରୁ ସେମାନଙ୍କ ଠାରେ ଅତୁଳନୀୟ ବଳ ରହିଛି; ସେମାନେ ତିନିଲୋକକୁ ତୃଣ ପରି [ତୁଚ୍ଛ] ଭାବୁଛନ୍ତି ॥ ୧ ॥

**ଅସ ମୈଁ ସୁନା ଶ୍ରୱନ ଦସକଂଧର । ପଦୁମ ଅଠାରହ ଜୂଥପ ବଂଦର ॥**
**ନାଥ କଟକ ମହଁ ସୋ କପି ନାହୀଁ । ଜୋ ନ ତୁହ୍ମହି ଜୀତୈ ରନ ମାହୀଁ ॥ ୨ ॥**

ହେ ଦଶଗ୍ରୀବ ! ମୁଁ ତ ଶୁଣିବାକୁ ପାଇଲି ଯେ, କେବଳ ବାନରସେନାପତିମାନଙ୍କ ସଂଖ୍ୟା କୁଆଡ଼େ ଅଠର ପଦ୍ମ ! ହେ ନାଥ ! ସେହି ସେନାରେ ଏପରି କେହି ଜଣେ ବି ବାନର ନାହିଁ, ଯେ କି ଯୁଦ୍ଧରେ ଛାମୁଙ୍କୁ ଜିତି ନ ଯିବ ॥ ୨ ॥

**ପରମ କ୍ରୋଧ ମୀଜହିଁ ସବ ହାଥା । ଆୟସୁ ପୈ ନ ଦେହିଁ ରଘୁନାଥା ॥**
**ସୋଷହିଁ ସିଂଧୁ ସହିତ ଝଷ ବ୍ୟାଲା । ପୂରହିଁ ନ ତ ଭରି କୁଧର ବିସାଲା ॥ ୩ ॥**

**ମର୍ଦି ଗର୍ଦି ମିଲୱହିଁ ଦସସୀସା । ଐସେଇ ବଚନ କହହିଁ ସବ କୀସା ॥**
**ଗର୍ଜହିଁ ତର୍ଜହିଁ ସହଜ ଅସଂକା । ମାନହୁଁ ଗ୍ରସନ ଚହତ ହହିଁ ଲଂକା ॥ ୪ ॥**

ସେ ସମସ୍ତେ ଭୀଷଣ କ୍ରୋଧରେ ହାତ ମଳିହେଉଥାନ୍ତି । କିନ୍ତୁ ଶ୍ରୀରଘୁନାଥ ସେମାନଙ୍କୁ ଆଜ୍ଞା ଦେଉନାହାନ୍ତି । ''ଆମେ ମାଛ ଓ ସାପ ସମେତ ସାରା ସମୁଦ୍ରକୁ ଶୋଷି ଶୁଖାଇଦେବୁ; ନ ହେଲେ ବଡ଼ ବଡ଼ ପର୍ବତ ପକାଇ ସମୁଦ୍ରକୁ ପୋତିଦେବୁ; ରାବଣକୁ ଦଳିଚକଟି ଧୂଳିରେ ମିଶାଇଦେବୁ''—ସବୁ ବାନର ଏପରି କହୁଛନ୍ତି । ସେମାନେ ସମସ୍ତେ ସ୍ୱଭାବତଃ ନିର୍ଭୀକ । ସେମାନେ ଏପରି ଗର୍ଜନ କରୁଛନ୍ତି ଓ ଏପରି ଧମକଚମକ ଦେଉଛନ୍ତି ଯେ, ଲାଗୁଛି, ଲଙ୍କାଗଡ଼କୁ ଗିଳିଦେବେ ॥ ୩-୪ ॥

ଦୋଃ- **ସହଜ ସୂର କପି ଭାଲୁ ସବ ପୁନି ସିର ପର ପ୍ରଭୁ ରାମ ।**
**ରାୱନ କାଲ କୋଟି କହୁଁ ଜୀତି ସକହିଁ ସଂଗ୍ରାମ ॥ ୫୫ ॥**

ଭାଲୁ ଓ ବାନର ସମସ୍ତେ ସ୍ୱଭାବତଃ ଶୂରବୀର; ପୁଣି ସେମାନଙ୍କର ସର୍ବେସର୍ବା ହେଉଛନ୍ତି ପ୍ରଭୁ (ସର୍ବେଶ୍ୱର) ଶ୍ରୀରାମ ! ହେ ରାବଣ ! ଯୁଦ୍ଧରେ ସେମାନେ କୋଟିଏ କାଳକୁ ବି ଜିଣିଯିବେ ॥ ୫୫ ॥

**ରାମ ତେଜ ବଲ ବୁଧି ବିପୁଲାଈ । ସେଷ ସହସ ସତ ସକହିଁ ନ ଗାଈ ॥**
**ସକ ସର ଏକ ସୋଷି ସତ ସାଗର । ତବ ଭ୍ରାତହି ପୂଁଛେଉ ନୟ ନାଗର ॥ ୧ ॥**

ଶ୍ରୀରାମଙ୍କ ତେଜ (ସାମର୍ଥ୍ୟ), ବଳ ଓ ବୁଦ୍ଧିର ବୈଶିଷ୍ଟ୍ୟକୁ ଲକ୍ଷ ଲକ୍ଷ ଶେଷନାଗ ମଧ୍ୟ କହିପାରିବେ ନାହିଁ । ସେ ଚାହିଁଲେ ଗୋଟିଏମାତ୍ର ବାଣରେ ଶହ ଶହ ସମୁଦ୍ର ଶୁଖାଇଦେଇପାରିବେ । କିନ୍ତୁ ସେ ନୀତିନିପୁଣ; ତେଣୁ ନୀତିରକ୍ଷା ନିମନ୍ତେ ''କଣ କରିବା'' ବୋଲି ଛାମୁଙ୍କ ଭାଇଙ୍କୁ ଉପାୟ ପଚାରିଲେ ॥ ୧ ॥

**ତାସୁ ବଚନ ସୁନି ସାଗର ପାହୀଁ । ମାଗତ ପଂଥ କୃପା ମନ ମାହୀଁ ॥**
**ସୁନତ ବଚନ ବିହସା ଦସସୀସା । ଜୌଁ ଅସି ମତି ସହାୟ କୃତ କୀସା ॥ ୨ ॥**

ତାଙ୍କ (ବିଭୀଷଣଙ୍କ) ପରାମର୍ଶ ଅନୁଯାୟୀ ଶ୍ରୀରାମ ସମୁଦ୍ରକୁ ପଥ ମାଗୁଛନ୍ତି; ତାଙ୍କ ହୃଦୟ କୃପାରେ ପରିପୂର୍ଣ୍ଣ, [ତେଣୁ ସେ ସମୁଦ୍ରକୁ ଶୁଖାଇଦେଉନାହାନ୍ତି] ।'' ଦୂତର ଏହି ବଚନ ଶୁଣିଲାକ୍ଷଣି ରାବଣ ଜୋର୍‌ରେ ହସିଉଠିଲା ଏବଂ କହିଲା, ''ହଁ, ହଁ; ଏମିତି ବୁଦ୍ଧିଆ ହୋଇଥିବାରୁ ସିନା ବାନରମାନଙ୍କୁ ନିଜର ସହାୟକ କରିଛି ! ॥ ୨ ॥

**ସହଜ ଭୀରୁ କର ବଚନ ଦୃଢ଼ାଈ । ସାଗର ସନ ଠାନୀ ମଚଲାଈ ॥**
**ମୂଢ଼ ମୃଷା କା କରସି ବଡ଼ାଈ । ରିପୁ ବଲ ବୁଦ୍ଧି ଥାହ ମୈଁ ପାଈ ॥ ୩ ॥**

ଆରେ ! ବିଭୀଷଣ ତ ସହଜେ ଡରୁଆ; ତା କଥାକୁ ଭରସା କରି ସେ ସମୁଦ୍ରପାଖରେ ଛୁଆଙ୍କ ପରି ଅଳି କରୁଛି ! ଆରେ ମୂର୍ଖ ! ତୁ କାହିଁକି ମିଛଟାରେ ତା' ବଡ଼େଇ ବଖାଣୁଛୁ ? ରଖ ! ରଖ ! ମୋ ଶତ୍ରୁର ବଳ ଓ ବୁଦ୍ଧି ଯେ କେତେ, ମୁଁ ତାହା ମାପିନେଲି ॥ ୩ ॥

**ସଚିୱ ସଭୀତ ବିଭୀଷନ ଜାକେଁ । ବିଜୟ ବିଭୂତି କହାଁ ଜଗ ତାକେଁ ॥**
**ସୁନି ଖଲ ବଚନ ଦୂତ ରିସ ବାଢ଼ୀ । ସମୟ ବିଚାରି ପତ୍ରିକା କାଢ଼ୀ ॥ ୪ ॥**

ଯାହାକୁ ବିଭୀଷଣ ଭଳି ଭୀରୁ ମନ୍ତ୍ରୀ ମିଳିଛି, ଜଗତରେ ତାକୁ ବିଜୟ ଓ ବିଭୂତି କିପରି ମିଳିବ ରେ ?'' ରାବଣର କଥା ଶୁଣି ଦୂତ ମନରେ କ୍ରୋଧ ଜାତ ହେଲା । ତାହା ଉପଯୁକ୍ତ ସୁଯୋଗ ବୋଲି ଜାଣି, ସେ ଲକ୍ଷ୍ମଣ ଦେଇଥିବା ଚିଠିଟି ବାହାର କଲା ॥ ୪ ॥

**ରାମାନୁଜ ଦୀହ୍ନୀ ଯହ ପାତୀ । ନାଥ ବଚ୍ଚାଇ ଜୁଡ଼ାୱହୁ ଛାତୀ ॥**
**ବିହସି ବାମ କର ଲୀହ୍ନୀ ରାୱନ । ସଚିୱ ବୋଲି ସଠ ଲାଗ ବଚ୍ଚାୱନ ॥ ୫ ॥**

ଏବଂ କହିଲା, ''ଶ୍ରୀରାମଙ୍କ ସାନଭାଇ ଲକ୍ଷ୍ମଣ ଛାମୁଙ୍କ ପାଖକୁ ଏହି ଚିଠିଟି ଦେଇଛନ୍ତି । ହେ ନାଥ ! ଏହାକୁ ପଢ଼ାଇ ହୃଦୟକୁ ଟିକିଏ ଶୀତଳ କରନ୍ତୁ ।'' ରାବଣ ହସି ହସି ଚିଠିଟି ବାଆଁହାତରେ ନେଲା ଓ ମନ୍ତ୍ରୀକୁ ଡକାଇ ସେହି ମୂର୍ଖ ସେହିଟିକୁ ପଢ଼ାଇଲା ॥ ୫ ॥

ଦୋ:- **ବାତହ୍ନ ମନହି ରିଝାଇ ସଠ ଜନି ଘାଲସି କୁଲ ଖୀସ ।**
**ରାମ ବିରୋଧ ନ ଉବରସି ସରନ ବିଷ୍ଣୁ ଅଜ ଈସ ॥୫୬(କ)॥**

ଚିଠିରେ ଲେଖା ହୋଇଥିଲା, ''ରେ ମୂର୍ଖ ! କେବଳ ଚାଟୁବାଣୀରେହିଁ ମନକୁ ଭୁଲାଇରଖି ଆପଣା କୁଳକୁ ନଷ୍ଟଭ୍ରଷ୍ଟ କରିଦେ'ନା । ତୁ ଶ୍ରୀରାମଙ୍କ ସହିତ ଶତ୍ରୁତା କରୁଥିବାରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର–କାହାରି ଶରଣ ଗଲେ ବି ବର୍ତ୍ତିଯାଇପାରିବୁ ନାହିଁ ॥ ୫୬ (କ) ॥

**କୀ ତଜି ମାନ ଅନୁଜ ଇୱ ପ୍ରଭୁ ପଦ ପଂକଜ ଭୃଂଗ ।**
**ହୋହି କି ରାମ ସରାନଲ ଖଲ କୁଲ ସହିତ ପତଂଗ ॥୫୬(ଖ)॥**

ତୁ ଅଭିମାନ ଛାଡ଼ି ତୋ ସାନଭାଇ ବିଭୀଷଣଙ୍କ ପରି ହୁଏତ ପ୍ରଭୁଙ୍କ ଚରଣକମଳର ଭ୍ରମର ହୋଇଯାଆ; ନଚେତ୍ ରେ ଦୁଷ୍ଟ ! ଶ୍ରୀରାମଙ୍କ ବାଣରୂପୀ ଅଗ୍ନିରେ ସପରିବାର ପତଙ୍ଗ ହୋଇଯିବାକୁ ପ୍ରସ୍ତୁତ ହୋଇରହ । ଏ ଦୁଇଟି ମଧ୍ୟରୁ ତତେ ଯେଉଁଟା ଭଲ ଲାଗୁଛି, ସେଇଆ କର ।'' ॥ ୫୬ (ଖ) ॥

**ସୁନତ ସଭୟ ମନ ମୁଖ ମୁସୁକାଈ । କହତ ଦସାନନ ସବହି ସୁନାଈ ॥**
**ଭୂମି ପରା କର ଗହତ ଅକାସା । ଲଘୁ ତାପସ କର ବାଗ ବିଲାସା ॥ ୧ ॥**

ଚିଠି ଶୁଣିବାକ୍ଷଣି ରାବଣ ମନେ ମନେ ଭୟଭୀତ ହୋଇଗଲା; କିନ୍ତୁ ଉପରକୁ ମୁରୁକିହସା ଦେଇ, ସମସ୍ତଙ୍କୁ ଶୁଣାଇ କହିଲା, ''ଭୂଇଁରେ ପଡ଼ିଥିବା ଲୋକ ଯେପରି ଆକାଶଟାକୁ ହାତମୁଠାରେ ଧରିପକାଇବାକୁ ଚେଷ୍ଟା କରେ, ଏହି କଷି ତପସ୍ୱୀଟା ସେହିପରି ବାଗାଡ଼ମ୍ବର ଦେଖାଉଛି (ଫୁଟାଣି ମାରୁଛି) ।'' ॥ ୧ ॥

**କହ ସୁକ ନାଥ ସତ୍ୟ ସବ ବାନୀ । ସମୁଝହୁ ଛାଡ଼ି ପ୍ରକୃତି ଅଭିମାନୀ ॥**
**ସୁନହୁ ବଚନ ମମ ପରିହରି କ୍ରୋଧା । ନାଥ ରାମ ସନ ତଜହୁ ବିରୋଧା ॥ ୨ ॥**

ଶୁକ (ଦୂତ) କହିଲା, ''ହେ ନାଥ ! ଅଭିମାନୀସ୍ୱଭାବ ଛାଡ଼ି ଏହାକୁ (ଏହି ଚିଠିରେ ଲେଖା ହୋଇଥିବା ସବୁକଥା) ସତ୍ୟ ବୋଲି ଜାଣନ୍ତୁ । କ୍ରୋଧ ଛାଡ଼ିଦେଇ ମୋ କଥା ଶୁଣନ୍ତୁ । ହେ ନାଥ ! ଶ୍ରୀରାମଙ୍କ ସହ ଶତ୍ରୁତା ଛାଡ଼ିଦିଅନ୍ତୁ ॥ ୨ ॥

**ଅତି କୋମଲ ରଘୁବୀର ସୁଭାଉ । ଜଦ୍ୟପି ଅଖିଲ ଲୋକ କର ରାଉ ॥**
**ମିଲତ କୃପା ତୁହ୍ମ ପର ପ୍ରଭୁ କରିହୀ । ଉର ଅପରାଧ ନ ଏକଉ ଧରିହୀ ॥ ୩ ॥**

ଶ୍ରୀ ରଘୁବୀର ସକଳଲୋକର ସ୍ୱାମୀ ହୋଇଥିଲେ ମଧ୍ୟ ତାଙ୍କର ସ୍ୱଭାବ ଅତ୍ୟନ୍ତ କୋମଳ । ତାଙ୍କୁ ସାକ୍ଷାତ କରିବାକ୍ଷଣି ପ୍ରଭୁ ଛାମୁଙ୍କୁ କୃପା କରିବେ ଏବଂ ଛାମୁଙ୍କର ଗୋଟିଏ ବି ଅପରାଧ ମନରେ ଧରିବେ ନାହିଁ ॥ ୩ ॥

**ଜନକସୁତା ରଘୁନାଥହି ଦୀଜେ । ଏତନା କହା ମୋର ପ୍ରଭୁ କୀଜେ ॥**
**ଜବ ତେହିଁ କହା ଦେନ ବୈଦେହୀ । ଚରନ ପ୍ରହାର କୀହ୍ନ ସଠ ତେହୀ ॥ ୪ ॥**

ଜାନକୀଙ୍କୁ ରଘୁନାଥଙ୍କୁ ଫେରାଇଦିଅନ୍ତୁ । ହେ ପ୍ରଭୁ ! ମୋର ଏତିକି କଥା ରଖନ୍ତୁ ।'' ଦୂତ ଜାନକୀଙ୍କୁ ଫେରାଇଦେବା କଥା କହିବାରୁ ଦୁଷ୍ଟ ରାବଣ ତାକୁ ଗୋଇଠାଏ ମାରିଦେଲା ॥ ୪ ॥

**ନାଇ ଚରନ ସିରୁ ଚଲା ସୋ ତହାଁ । କୃପାସିଂଧୁ ରଘୁନାୟକ ଜହାଁ ॥**
**କରି ପ୍ରନାମୁ ନିଜ କଥା ସୁନାଈ । ରାମ କୃପାଁ ଆପନି ଗତି ପାଈ ॥ ୫ ॥**

ଫଳରେ ସେ ମଧ୍ୟ [ବିଭୀଷଣଙ୍କ ପରି] ତା'ଚରଣରେ ପ୍ରଣାମ କରି କୃପାସାଗର ଶ୍ରୀରଘୁନାଥ ରହୁଥିବା ସ୍ଥାନକୁ ଚାଲିଗଲା । ପ୍ରଭୁଙ୍କୁ ପ୍ରଣାମ କରି ସେ ନିଜକଥା ଶୁଣାଇଲା ଏବଂ ଶ୍ରୀରାମଙ୍କ କୃପାରୁ ନିଜର ଗତି (ପୂର୍ବର ମୁନିରୂପ) ପାଇଗଲା ॥ ୫ ॥

**ରିଷି ଅଗସ୍ତି କୀଁ ସାପ ଭଵାନୀ । ରାଛସ ଭୟଉ ରହା ମୁନି ଗ୍ୟାନୀ ॥**
**ବଂଦି ରାମ ପଦ ବାରହିଁ ବାରା । ମୁନି ନିଜ ଆଶ୍ରମ କହୁଁ ପଗୁ ଧାରା ॥ ୬ ॥**

[ଭଗବାନ୍ ଶିବ କହିଲେ–] ହେ ଭବାନୀ ! ପୂର୍ବେ ସେ ଜଣେ ଜ୍ଞାନୀ ମୁନି ଥିଲେ; ଅଗସ୍ତ୍ୟ ଋଷିଙ୍କ ଶାପରେ ରାକ୍ଷସ ହୋଇଯାଇଥିଲେ । ବର୍ତ୍ତମାନ ମୁନିରୂପ ପାଇ ସେ ବାରମ୍ବାର ଶ୍ରୀରାମଙ୍କ ଚରଣରେ ପ୍ରଣାମ କରି ନିଜ ଆଶ୍ରମକୁ ଚାଲିଗଲେ ॥ ୬ ॥

ଦୋ:- **ବିନୟ ନ ମାନତ ଜଲଧି ଜଡ଼ ଗଏ ତୀନି ଦିନ ବୀତି ।**
**ବୋଲେ ରାମ ସକୋପ ତବ ଭୟ ବିନୁ ହୋଇ ନ ପ୍ରୀତି ॥ ୫୭ ॥**

ଏପଟେ ତିନିଦିନ ବିତିଗଲାଣି; ଅଥଚ ଜଡ଼ ସମୁଦ୍ର ପ୍ରଭୁଙ୍କ ବିନତି ଶୁଣିବାକୁ ନାହିଁ । ଶେଷକୁ ଶ୍ରୀରାମ କ୍ରୋଧାନ୍ୱିତ ହୋଇ କହିଲେ, ''ବିନା ଶାସନରେ ଏ ବାଟକୁ ଆସିବ ନାହିଁ ॥ ୫୭ ॥

**ଲଛିମନ ବାନ ସରାସନ ଆନୂ । ସୋଷୌଁ ବାରିଧି ବିସିଖ କୃସାନୂ ॥**
**ସଠ ସନ ବିନୟ କୁଟିଲ ସନ ପ୍ରୀତୀ । ସହଜ କୃପନ ସନ ସୁଂଦର ନୀତୀ ॥ ୧ ॥**

ହେ ଲକ୍ଷ୍ମଣ ! ଧନୁର୍ବାଣ ଆଣ; ମୁଁ ଅଗ୍ନିବାଣ ମାରି ଏହି ସମୁଦ୍ରକୁ ଶୁଖାଇଦେବି । ମୂର୍ଖ ପାଖରେ ବିନୟ ପ୍ରକାଶ କରିବା, କୁଟିଳଲୋକ ସହିତ ପ୍ରୀତି କରିବା, ସ୍ୱାଭାବିକ କୃପଣକୁ ସୁନ୍ଦର ନୀତି (ଉଦାରତା) ଉପଦେଶ ଦେବା, ॥ ୧ ॥

**ମମତା ରତ ସନ ଗ୍ୟାନ କହାନୀ । ଅତି ଲୋଭୀ ସନ ବିରତି ବଖାନୀ ॥**
**କ୍ରୋଧିହି ସମ କାମିହି ହରିକଥା । ଊସର ବୀଜ ବଏଁ ଫଲ ଜଥା ॥ ୨ ॥**

ମମତ୍ୱରେ ଆବଦ୍ଧ ମନୁଷ୍ୟକୁ ଜ୍ଞାନବାଣୀ ଶୁଣାଇବା, ଅତିଲୋଭୀ ଆଗରେ ବୈରାଗ୍ୟ ବର୍ଣ୍ଣନା କରିବା, କ୍ରୋଧୀକୁ ଶାନ୍ତିବାଣୀ ଶୁଣାଇବା ଏବଂ କାମୁକକୁ ଭଗବାନଙ୍କ କଥା କହିବା ଯାହା, ଊଷରଭୂମିରେ ବୀଜ ବପନ କରିବା ସେଇଆ ।'' ॥ ୨ ॥

**ଅସ କହି ରଘୁପତି ଚାପ ଚଢ଼ାଵା । ୟହ ମତ ଲଛିମନ କେ ମନ ଭାଵା ॥**
**ସଂଧାନେଉ ପ୍ରଭୁ ବିସିଖ କରାଲା । ଉଠୀ ଉଦଧି ଉର ଅଂତର ଜ୍ୱାଲା ॥ ୩ ॥**

ଏପରି କହି ଶ୍ରୀରଘୁନାଥ ଧନୁରେ ଗୁଣ ଚଢ଼ାଇଦେଲେ । ଏହି ପଦ୍ଧତିଟି ଲକ୍ଷ୍ମଣଙ୍କ ମନକୁ ବେଶ୍ ପାଇଲା । ପ୍ରଭୁ ଧନୁରେ ଭୟାନକ ଅଗ୍ନିବାଣ ଯୋଖିଦେଲେ; ଏତିକିରେ ସମୁଦ୍ରର ଗର୍ଭରେ ଅଗ୍ନିର ଜ୍ୱାଳା ଉଠିଲା ॥ ୩ ॥

**ମକର ଉରଗ ଝଷ ଗନ ଅକୁଲାନେ । ଜରତ ଜଂତୁ ଜଲନିଧି ଜବ ଜାନେ ॥**
**କନକ ଥାର ଭରି ମନି ଗନ ନାନା । ବିପ୍ର ରୂପ ଆୟଉ ତଜି ମାନା ॥ ୪ ॥**

ମଗର, ସର୍ପ ତଥା ମତ୍ସ୍ୟମାନେ ବ୍ୟାକୁଳ ହୋଇଗଲେ । ଜୀବମାନଙ୍କର ଜ୍ୱଳନ ଦେଖି, ସୁବର୍ଣ୍ଣଥାଳିରେ ନାନାବିଧ ମଣିମୁକ୍ତା ଭରି, ସମୁଦ୍ର ନିଜର ଅଭିମାନ ତ୍ୟାଗ କରି ବ୍ରାହ୍ମଣବେଶରେ ଚାଲିଆସିଲା ॥ ୪ ॥

ଦୋଃ- **କାଟେହିଁ ପଇ କଦରୀ ଫରଇ କୋଟି ଜତନ କୋଉ ସୀଁଚ ।**
**ବିନୟ ନ ମାନ ଖଗେସ ସୁନୁ ଡାଟେହିଁ ପଇ ନୱ ନୀଚ ॥ ୫୮ ॥**

[କାକଭୁଶୁଣ୍ଡି କହିଲେ–] ହେ ଗରୁଡ଼ ! ଶୁଣ । ଯେତେପ୍ରକାର ଯତ୍ନ କରି ଜଳସେଚନ କର ନା କାହିଁକି, ନ କାଟିଲା ଯାଏ କଦଳୀ ଫଳେ ନାହିଁ । ନୀଚଲୋକ ବିନୟ କଥାରେ ଟଳେ ନାହିଁ; ତାକୁ ଧମକାଇଲେହିଁ ସେ ବାଟକୁ ଆସେ ॥ ୫୮॥

**ସଭୟ ସିଂଧୁ ଗହି ପଦ ପ୍ରଭୁ କେରେ । ଛମହୁ ନାଥ ସବ ଅୱଗୁନ ମେରେ ॥**
**ଗଗନ ସମୀର ଅନଲ ଜଲ ଧରନୀ । ଇନ୍ହ କଇ ନାଥ ସହଜ ଜଡ଼ କରନୀ ॥ ୧ ॥**

ସମୁଦ୍ର ଭୟଭୀତ ହୋଇ ପ୍ରଭୁଙ୍କ ଚରଣ ଧରି କହିଲା, ''ହେ ନାଥ ! ମୋର ଦୋଷ କ୍ଷମା କରନ୍ତୁ । ହେ ପ୍ରଭୁ ! ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ– ଏ ସମସ୍ତେ ସ୍ୱଭାବତଃ ଜଡ଼ ॥ ୧ ॥

**ତୱ ପ୍ରେରିତ ମାୟାଁ ଉପଜାଏ । ସୃଷ୍ଟି ହେତୁ ସବ ଗ୍ରଂଥନି ଗାଏ ॥**
**ପ୍ରଭୁ ଆୟସୁ ଜେହି କହଁ ଜସ ଅହଈ । ସୋ ତେହି ଭାଁତି ରହେଁ ସୁଖ ଲହଈ ॥ ୨ ॥**

ଆପଣଙ୍କ ପ୍ରେରଣାରେ ମାୟା ଏମାନଙ୍କୁ ସୃଷ୍ଟିକ୍ରିୟା ନିମନ୍ତେ ଉତ୍ପନ୍ନ କରିଛି ବୋଲି ଗ୍ରନ୍ଥମାନେ ଗାଇଛନ୍ତି । ପ୍ରଭୁ ଯାହାକୁ ଯେଉଁପରି ଆଜ୍ଞା ଦେଇଛନ୍ତି, ସେ ସେହିପରି ରହିଲେହିଁ ସୁଖ ପାଏ ॥ ୨ ॥

**ପ୍ରଭୁ ଭଲ କୀନ୍ହ ମୋହି ସିଖ ଦୀନ୍ହୀ । ମରଜାଦା ପୁନି ତୁମ୍ହରୀ କୀନ୍ହୀ ॥**
**ଢୋଲ ଗୱାଁର ସୂଦ୍ର ପସୁ ନାରୀ । ସକଲ ତାଡ଼ନା କେ ଅଧିକାରୀ ॥ ୩ ॥**

ପ୍ରଭୁ ମୋତେ ଶିକ୍ଷା (ଦଣ୍ଡ) ଦେଇ ଠିକ୍ କରିଛନ୍ତି; କିନ୍ତୁ ମର୍ଯ୍ୟାଦା (ଜୀବର ସ୍ୱଭାବ) ମଧ୍ୟ ଆପଣଙ୍କ ଦ୍ୱାରା ହିଁ ରଚିତ ! ଢୋଲ, ମୂର୍ଖ, ଶୂଦ୍ର, ପଶୁ ଓ ସ୍ତ୍ରୀ—ଏ ସମସ୍ତେ ଶିକ୍ଷା ପାଇବାର ଅଧିକାରୀ ॥ ୩ ॥

**ପ୍ରଭୁ ପ୍ରତାପ ମୈଁ ଜାବ ସୁଖାଈ । ଉତରିହି କଟକୁ ନ ମୋରି ବଡ଼ାଈ ॥**
**ପ୍ରଭୁ ଅଗ୍ୟା ଅପେଲ ଶ୍ରୁତି ଗାଈ । କରୌଁ ସୋ ବେଗି ଜୋ ତୁମ୍ହହି ସୋହାଈ ॥ ୪ ॥**

ପ୍ରଭୁଙ୍କ ପ୍ରତାପରେ ମୁଁ ଶୁଖିଯିବି ଏବଂ ସେନା ଆରପାରିକୁ ଚାଲିଯିବେ; ଏହା ଫଳରେ ମୋର ବଡ଼ାଇ ରହିବ ନାହିଁ (ମୋ ନିମନ୍ତେ ଉଦ୍ଦିଷ୍ଟ ମର୍ଯ୍ୟାଦା ରହିବ ନାହିଁ ) । ତଥାପି ପ୍ରଭୁଙ୍କ ଆଜ୍ଞା ଅଲଂଘ୍ୟ–ଏହା ବେଦମାନଙ୍କର ମତ ! ବର୍ତ୍ତମାନ ଆପଣଙ୍କୁ ଯାହା ଭଲ ଲାଗୁଛି, କହନ୍ତୁ; ମୁଁ ତୁରନ୍ତ ତାହା କରିଦେବି ।'' ॥ ୪ ॥

ଦୋଃ- **ସୁନତ ବିନୀତ ବଚନ ଅତି କହ କୃପାଲ ମୁସୁକାଇ ।**
**ଜେହି ବିଧି ଉତରୈ କପି କଟକୁ ତାତ ସୋ କହହୁ ଉପାଇ ॥ ୫୯ ॥**

ସମୁଦ୍ରର ଅତ୍ୟନ୍ତ ବିନୟ ବଚନ ଶୁଣି କୃପାଳୁ ଶ୍ରୀରାମ ମୃଦୁ ମୃଦୁ ହସି କହିଲେ, ''ହେ ତାତ ! ବାନରସେନା ଯେପରି ଆର କୂଳକୁ ଯାଇପାରିବେ, ସେହି ଉପାୟ କୁହ ।'' ॥ ୫୯ ॥

**ନାଥ ନୀଲ ନଲ କପି ଦ୍ୱୌ ଭାଈ । ଲରିକାଇଁ ରିଷି ଆସିଷ ପାଈ ॥**
**ତିନ୍ହ କେଁ ପରସ କିଏଁ ଗିରି ଭାରେ । ତରିହହିଁ ଜଲଧି ପ୍ରତାପ ତୁମ୍ହାରେ ॥ ୧ ॥**

[ସମୁଦ୍ର କହିଲା,] ''ହେ ନାଥ ! ନୀଳ ଓ ନଳ ବାନର ହେଉଛନ୍ତି ଦୁଇଭାଇ । ସେମାନେ ପିଲାଦିନେ ଋଷିଙ୍କ ଠାରୁ ଆଶୀର୍ବାଦ ପାଇଛନ୍ତି ଯେ, ସେମାନେ ଛୁଇଁଦେବାମାତ୍ରେ ଆପଣଙ୍କ ପ୍ରତାପରୁ ଖୁବ୍ ବଡ଼ ବଡ଼ ପର୍ବତ ସୁଦ୍ଧା ସମୁଦ୍ରରେ ଭାସିବ ॥ ୧ ॥

**ମୈଁ ପୁନି ଉର ଧରି ପ୍ରଭୁ ପ୍ରଭୁତାଈ । କରିହଉଁ ବଲ ଅନୁମାନ ସହାଈ ॥**
**ଏହି ବିଧି ନାଥ ପୟୋଧି ବଁଧାଇଅ । ଜେହିଁ ୟହ ସୁଜସୁ ଲୋକ ତିହୁଁ ଗାଇଅ ॥ ୨ ॥**

ମୁଁ ମଧ୍ୟ ପ୍ରଭୁଙ୍କ ପ୍ରତାପ ହୃଦୟରେ ଧାରଣ କରି ଏହି କାର୍ଯ୍ୟରେ ନିଜ ବଳ ଅନୁଯାୟୀ [ଯଥାସାଧ୍ୟ] ସାହାଯ୍ୟ କରିବି । ହେ ନାଥ ! ଏପରିଭାବରେ ସମୁଦ୍ରରେ ସେତୁ ବାନ୍ଧନ୍ତୁ, ଯାହା ଫଳରେ କି ତ୍ରିଲୋକରେ ପ୍ରଭୁଙ୍କର ଯଶ ପ୍ରକୀର୍ତ୍ତିତ ହେବ ॥ ୨ ॥

**ଏହିଁ ସର ମମ ଉତ୍ତର ତଟ ବାସୀ । ହତହୁ ନାଥ ଖଲ ନର ଅଘ ରାସୀ ॥**
**ସୁନି କୃପାଲ ସାଗର ମନ ପୀରା । ତୁରତହିଁ ହରୀ ରାମ ରନଧୀରା ॥ ୩ ॥**

ଏ ଯେଉଁ ବାଣ ଉଠାଇଛନ୍ତି, ଏହାଦ୍ୱାରା ମୋର ଉତ୍ତରତଟରେ ଥିବା ମହାପାପୀ ଦୁଷ୍ଟ ଅପରାଧୀମାନଙ୍କୁ ବଧ କରନ୍ତୁ ।'' କୃପାଳୁ ଓ ରଣଧୀର ଶ୍ରୀରାମ ସମୁଦ୍ରର ମନୋବେଦନା ଶୁଣି ତୁରନ୍ତ ତା'ର ଦୁଃଖ ନାଶ କରିଦେଲେ (ଅର୍ଥାତ୍ ସେହି ବାଣରେ ଦୁଷ୍ଟଦଳନ କରିଦେଲେ ) ॥ ୩ ॥

**ଦେଖି ରାମ ବଲ ପୌରୁଷ ଭାରୀ । ହରଷି ପୟୋନିଧି ଭୟଉ ସୁଖାରୀ ॥**
**ସକଲ ଚରିତ କହି ପ୍ରଭୁହି ସୁନାୱା । ଚରନ ବଂଦି ପାଥୋଧି ସିଧାୱା ॥ ୪ ॥**

ଶ୍ରୀରାମଙ୍କର ଅଦ୍ଭୁତ ବଳ ଓ ପୌରୁଷ ଦେଖି, ସମୁଦ୍ର ହର୍ଷିତ ହୋଇ ସୁଖ ଲାଭ କଲା । ସେ ସେହି ଦୁଷ୍ଟମାନଙ୍କର ସମସ୍ତ ବୃତ୍ତାନ୍ତ ପ୍ରଭୁଙ୍କୁ କହି ଶୁଣାଇଲା ଏବଂ ତା'ପରେ ପ୍ରଭୁଙ୍କ ଚରଣ ବନ୍ଦନା କରି ବିଦାୟ ନେଲା ॥ ୪ ॥

ଛନ୍ଦ- **ନିଜ ଭୱନ ଗୱନେଉ ସିଂଧୁ ଶ୍ରୀରଘୁପତିହି ୟହ ମତ ଭାୟଉ ।**
**ୟହ ଚରିତ କଲି ମଲହର ଜଥାମତି ଦାସ ତୁଲସୀ ଗାୟଉ ॥**
**ସୁଖ ଭୱନ ସଂସୟ ସମନ ଦୱନ ବିଷାଦ ରଘୁପତି ଗୁନ ଗନା ।**
**ତଜି ସକଲ ଆସ ଭରୋସ ଗାୱହି ସୁନହି ସଂତତ ସଠ ମନା ॥**

ସମୁଦ୍ର ନିଜ ଭବନକୁ ଫେରିଗଲା । ଶ୍ରୀରଘୁନାଥଙ୍କୁ ତା'ର ପରାମର୍ଶ ଭଲ ଲାଗିଲା । ଏହି ଚରିତ କଳିଯୁଗର ପାପହରଣ କରେ । ଏହାକୁ ତୁଳସୀଦାସ ନିଜ ବୁଦ୍ଧି ଅନୁସାରେ ଗାଇଲା । ଶ୍ରୀରଘୁନାଥଙ୍କ ଗୁଣସମୂହ ସୁଖର ଧାମ; ତାହା ସନ୍ଦେହ ମୋଚନ କରେ ତଥା ବିଷାଦ ଦମନ କରେ। ରେ ମୂର୍ଖ ମନ ! ତୁ ସଂସାରର ସବୁ ଆଶାଭରସା ଛାଡ଼ିଦେଇ ନିରନ୍ତର ଏହା ଗାନ କର ଓ ଶ୍ରବଣ କର ।

ଦୋ:- **ସକଲ ସୁମଂଗଲ ଦାୟକ ରଘୁନାୟକ ଗୁନ ଗାନ ।**
**ସାଦର ସୁନହିଁ ତେ ତରହିଁ ଭୱ ସିଂଧୁ ବିନା ଜଲଜାନ ॥ ୬୦ ॥**

ଶ୍ରୀରଘୁନାଥଙ୍କର ଗୁଣଗାନ ସକଳ ସୁମଙ୍ଗଳ ପ୍ରଦାନ କରେ । ଯେ ଏହାକୁ ଆଦରସହକାରେ ଶୁଣନ୍ତି, ସେ ବିନାନୌକାରେ (ସାଧନ ବିନା) ମଧ୍ୟ ଭବସାଗର ପାରିହୋଇଯାଆନ୍ତି ॥ ୬୦ ॥

## ମାସପାରାୟଣ, ଚତୁର୍ବିଂଶ ବିଶ୍ରାମ

***ଇତି ଶ୍ରୀମଦ୍ ରାମଚରିତମାନସେ ସକଳକଳିକଳୁଷବିଧ୍ୱଂସନେ***
***ପଞ୍ଚମଃ ସୋପାନଃ ସମାପ୍ତଃ ।***

*କଳିଯୁଗର ସମସ୍ତପାପବିନାଶକାରୀ ଶ୍ରୀରାମଚରିତମାନସର ଏହି*
*ପଞ୍ଚମ ସୋପାନ ସମାପ୍ତ ହେଲା ।*

**— ସୁନ୍ଦରକାଣ୍ଡ ସମାପ୍ତ —**

◆◆◆

ଶ୍ରୀଗଣେଶାୟ ନମଃ
ଶ୍ରୀଜାନକୀବଲ୍ଲଭୋ ବିଜୟତେ

# ଶ୍ରୀରାମଚରିତମାନସ

## ଷଷ୍ଠ ସୋପାନ

# ଲଙ୍କାକାଣ୍ଡ

## ମଙ୍ଗଳାଚରଣ

**ରାମଂ କାମାରିସେବ୍ୟଂ ଭବଭୟହରଣଂ କାଳମତ୍ତେଭସିଂହଂ**
**ଯୋଗୀନ୍ଦ୍ରଂ ଜ୍ଞାନଗମ୍ୟଂ ଗୁଣନିଧିମଜିତଂ ନିର୍ଗୁଣଂ ନିର୍ବିକାରମ୍ ।**
**ମାୟାତୀତଂ ସୁରେଶଂ ଖଲବଧନିରତଂ ବ୍ରହ୍ମବୃନ୍ଦୈକଦେବଂ**
**ବନ୍ଦେ କନ୍ଦାବଦାତଂ ସରସିଜନୟନଂ ଦେବମୁର୍ବୀଶରୂପମ୍ ॥ ୧ ॥**

ଯେ କାମଶତ୍ରୁ ଶିବଙ୍କର ସେବ୍ୟ, ଯେ ଭବଭୟ ହରଣକାରୀ, ଯେ କାଳରୂପୀ ମତ୍ତହସ୍ତୀ ନିମନ୍ତେ ସିଂହସଦୃଶ, ସେହି ଯୋଗୀନ୍ଦ୍ର, ଜ୍ଞାନଗମ୍ୟ, ଗୁଣନିଧି, ଅଜିତ, ନିର୍ଗୁଣ, ନିର୍ବିକାର, ମାୟାତୀତ, ସୁରେଶ, ଖଳବଧତତ୍ପର, ବ୍ରାହ୍ମଣମାନଙ୍କର ଏକମାତ୍ର [ପ୍ରଧାନ] ଦେବତା (ରକ୍ଷକ), କମଳନୟନ, ମେଘ ପରି ସୁନ୍ଦର ଶ୍ୟାମ ଏବଂ ରାଜା ରୂପଧାରୀ ପରମଦେବ ଶ୍ରୀରାମଙ୍କୁ ମୁଁ ବନ୍ଦନା କରୁଛି ॥ ୧ ॥

**ଶଙ୍ଖେନ୍ଦ୍ୱାଭମତୀବସୁନ୍ଦରତନୁଂ ଶାର୍ଦ୍ଦୂଳଚର୍ମାମ୍ବରଂ**
**କାଳବ୍ୟାଳକରାଳଭୂଷଣଧରଂ ଗଙ୍ଗାଶଶାଙ୍କପ୍ରିୟମ୍ ।**
**କାଶୀଶଂ କଳିକଲ୍ମଷୌଘଶମନଂ କଲ୍ୟାଣକଳ୍ପଦ୍ରୁମଂ**
**ନୌମୀଡ୍ୟଂ ଗିରିଜାପତିଂ ଗୁଣନିଧିଂ କନ୍ଦର୍ପହଂ ଶଙ୍କରମ୍ ॥ ୨ ॥**

ଯାହାଙ୍କ ତନୁ ଶଙ୍ଖ ଓ ଚନ୍ଦ୍ରଙ୍କର କାନ୍ତି ପରି ଅତୀବ ସୁନ୍ଦର, ଯେ ଭୟଙ୍କର କାଳସମାନ କରାଳ ସର୍ପମାନଙ୍କୁ ଭୂଷଣ କରିଛନ୍ତି, ସେହି ବ୍ୟାଘ୍ରଚର୍ମ ପରିହିତ, ଗଙ୍ଗା ଓ ଶଶାଙ୍କ-ପ୍ରେମୀ, କାଶୀପତି, କଳିକଲ୍ମଷନାଶନ, କଲ୍ୟାଣକଳ୍ପତରୁ, ସର୍ବଗୁଣନିଧାନ ଏବଂ କାମଦେବଙ୍କ ହନ୍ତା ପାର୍ବତୀପତି ବନ୍ଦନୀୟ ଶ୍ରୀଶଙ୍କରଙ୍କୁ ମୁଁ ନମସ୍କାର କରୁଛି ॥ ୨ ॥

**ଯୋ ଦଦାତି ସତାଂ ଶମ୍ଭୁଃ କୈବଲ୍ୟମପି ଦୁର୍ଲଭମ୍ ।**
**ଖଲାନାଂ ଦଣ୍ଡକୃଦ୍ ଯୋଽସୌ ଶଙ୍କରଃ ଶଂ ତନୋତୁ ମେ ॥ ୩ ॥**

ଯେଉଁ ଶମ୍ଭୁ ସତ୍‌ପୁରୁଷମାନଙ୍କୁ କୈବଲ୍ୟମୁକ୍ତି ପ୍ରଦାନ କରନ୍ତି ଏବଂ ଯେ ଖଳମାନଙ୍କୁ ଦଣ୍ଡିତ କରନ୍ତି, ସେହି କଲ୍ୟାଣକାରୀ ଶଙ୍କର ମୋର କଲ୍ୟାଣ କରନ୍ତୁ ॥ ୩ ॥

ଦୋ:- **ଲୱ ନିମେଷ ପରମାନୁ ଜୁଗ ବରଷ କଲପ ସର ଚଂଡ ।**
**ଭଜସି ନ ମନ ତେହି ରାମ କୋ କାଲୁ ଜାସୁ କୋଦଂଡ ॥**

ଲବ, ନିମେଷ, ପରମାଣୁ, ବର୍ଷ, ଯୁଗ ଓ କଳ୍ପ—ଏସବୁ ଯାହାଙ୍କର ପ୍ରଚଣ୍ଡ ଶର ଏବଂ କାଳ ଯାହାଙ୍କର ଧନୁ, ରେ ମନ ! ତୁ ସେହି ଶ୍ରୀରାମଙ୍କୁ ଭଜୁନାହୁଁ କାହିଁକି ?

ସୋ:- **ସିଂଧୁ ବଚନ ସୁନି ରାମ ସଚିୱ ବୋଲି ପ୍ରଭୁ ଅସ କହେଉ ।**
**ଅବ ବିଲଂବୁ କେହି କାମ କରହୁ ସେତୁ ଉତରୈ କଟକୁ ॥**

ସମୁଦ୍ରର ବଚନ ଶୁଣି ପ୍ରଭୁ ଶ୍ରୀରାମ ମନ୍ତ୍ରୀମାନଙ୍କୁ ଡାକି କହିଲେ, ''ଆଉ ବିଳମ୍ବ କରୁଛନ୍ତି କାହିଁକି ? ସେତୁ ନିର୍ମାଣ କରନ୍ତୁ ; ତା'ରି ଉପରଦେଇ ସେନା ସମୁଦ୍ର ପାରିହେବ ।''

**ସୁନହୁ ଭାନୁକୁଲ କେତୁ ଜାମୱଂତ କର ଜୋରି କହ ।**
**ନାଥ ନାମ ତୱ ସେତୁ ନର ଚଢ଼ି ଭୱ ସାଗର ତରହିଁ ॥**

କରପତ୍ର ଯୋଡ଼ି ଜାମ୍ବବାନ୍ କହିଲେ, ''ହେ ସୂର୍ଯ୍ୟବଂଶର ଧ୍ୱଜା (କୀର୍ତ୍ତିବର୍ଦ୍ଧନକାରୀ) ଶ୍ରୀରାମ ! ହେ ନାଥ ! ଆପଣଙ୍କର ନାମହିଁ ତ ସେତୁ ; ତାହା ଉପରେ ଚଢ଼ି (ତାହାର ଆଶ୍ରୟ ନେଇ) ମନୁଷ୍ୟମାନେ ସଂସାରରୂପୀ ସମୁଦ୍ରକୁ ପାରିହୁଅନ୍ତି ।

**ୟହ ଲଘୁ ଜଲଧି ତରତ କତି ବାରା । ଅସ ସୁନି ପୁନି କହ ପୱନକୁମାରା ॥**
**ପ୍ରଭୁ ପ୍ରତାପ ବଡ଼ୱାନଲ ଭାରୀ । ସୋଷେଉ ପ୍ରଥମ ପୟୋନିଧି ବାରୀ ॥ ୧ ॥**

ଏହି ଛୋଟ ସମୁଦ୍ରଟା ପାରିହେବାକୁ କେତେ ବା ସମୟ ଲାଗିବ ?'' ଏହା ଶୁଣି ପବନକୁମାର ଶ୍ରୀହନୁମାନ୍ କହିଲେ, ''ପ୍ରଭୁଙ୍କ ପ୍ରତାପ ହେଉଛି ଭୀଷଣ ବଡ଼ବାନଳସମାନ; ତାହା ପ୍ରଥମେ ସମୁଦ୍ରଜଳକୁ ଶୁଖାଇଦେଇଥିଲା ॥ ୧ ॥

**ତୱ ରିପୁ ନାରି ରୁଦନ ଜଲ ଧାରା । ଭରେଉ ବହୋରି ଭୟଉ ତେହିଁ ଖାରା ॥**
**ସୁନି ଅତି ଉକୁତି ପୱନସୁତ କେରୀ । ହରଷେ କପି ରଘୁପତି ତନ ହେରୀ ॥ ୨ ॥**

କିନ୍ତୁ ଆପଣଙ୍କ ଶତ୍ରୁମାନଙ୍କର ସ୍ତ୍ରୀମାନଙ୍କ ଅଶ୍ରୁଧାରାଦ୍ୱାରା ଏହି ସମୁଦ୍ର ପୁଣିଥରେ ପୂର୍ଣ୍ଣ ହୋଇଗଲା; ତେଣୁ ଲୁଣିଆ ହୋଇଗଲା ।'' ହନୁମାନଙ୍କର ଏହି ଅତ୍ୟୁକ୍ତି (ଆଳଙ୍କାରିକ ଉକ୍ତି) ଶୁଣି ବାନରମାନେ ଶ୍ରୀରଘୁନାଥଙ୍କ ଆଡ଼କୁ ଚାହିଁ ହର୍ଷିତ ହେଲେ ॥ ୨ ॥

**ଜାମୱଂତ ବୋଲେ ଦୋଉ ଭାଈ । ନଲ ନୀଲହି ସବ କଥା ସୁନାଈ ॥**
**ରାମ ପ୍ରତାପ ସୁମିରି ମନ ମାହୀଁ । କରହୁ ସେତୁ ପ୍ରୟାସ କଛୁ ନାହୀଁ ॥ ୩ ॥**

ଜାମ୍ବବାନ୍ ନଳ-ନୀଳ ଦୁଇଭାଇଙ୍କୁ ଡକାଇ ସବୁକଥା ଶୁଣାଇଦେଲେ ଏବଂ କହିଲେ, ''ମନରେ ଶ୍ରୀରାମଙ୍କ ପ୍ରତାପ ସ୍ମରଣ କରି ସେତୁ ନିର୍ମାଣ କର । ଶ୍ରୀରାମଙ୍କ ମହିମାରୁ କିଛି ପରିଶ୍ରମ ଜଣାପଡ଼ିବ ନାହିଁ ।'' ॥ ୩ ॥

**ବୋଲି ଲିଏ କପି ନିକର ବହୋରୀ । ସକଲ ସୁନହୁ ବିନତୀ କଛୁ ମୋରୀ ॥**
**ରାମ ଚରନ ପଂକଜ ଉର ଧରହୂ । କୌତୁକ ଏକ ଭାଲୁ କପି କରହୂ ॥ ୪ ॥**

ପୁଣି ବାନରମାନଙ୍କୁ ଡାକି କହିଲେ, ''ସମସ୍ତେ ମୋ ବିନତି ଟିକିଏ ଶୁଣନ୍ତୁ ; ହୃଦୟରେ ଶ୍ରୀରାମଙ୍କ ଚରଣକମଳ ଧାରଣ କରି, ସବୁ ଭାଲୁ ଓ ବାନର ମିଶି ଗୋଟିଏ ଖେଳ ଆରମ୍ଭ କରନ୍ତୁ ॥ ୪ ॥

**ଧାଓ୍ୱହୁ ମର୍କଟ ବିକଟ ବରୂଥା । ଆନହୁ ବିଟପ ଗିରିହ୍ନ କେ ଜୂଥା ॥**
**ସୁନି କପି ଭାଲୁ ଚଲେ କରି ହୂହା । ଜୟ ରଘୁବୀର ପ୍ରତାପ ସମୂହା ॥ ୫ ॥**

ବଳିଷ୍ଠବାନରମାନେ ଧାଇଁଯାଇ ବଡ଼ ବଡ଼ ଗଛ ଓ ପାହାଡ଼ ଉପାଡ଼ି ଆଣନ୍ତୁ । ଏହା ଶୁଣି ବାନର ଓ ଭାଲୁମାନେ ହୁଙ୍କାର ନାଦ କରି ଓ ପ୍ରତାପପୁଞ୍ଜ ଶ୍ରୀରାମଙ୍କର ଜୟ ଜୟକାର ଧ୍ୱନି କରି ଚାଲିଲେ ॥ ୫ ॥

ଦୋ:- **ଅତି ଉତଂଗ ଗିରି ପାଦପ ଲୀଲହିଁ ଲେହିଁ ଉଠାଇ ।**
**ଆନି ଦେହିଁ ନଲ ନୀଲହି ରଚହିଁ ତେ ସେତୁ ବନାଇ ॥ ୧ ॥**

ସେମାନେ ଖେଳିଲାଭଳି ବଡ଼ ବଡ଼ ଉଚ୍ଚ ପର୍ବତ ଓ ବୃକ୍ଷ ଉପାଡ଼ିଆଣି ନଳନୀଳଙ୍କୁ ଦେବାକୁ ଲାଗିଲେ । ସେ ଦୁଇଜଣ ସେସବୁ ନେଇ ଭଲରୂପେ ସେତୁ ଗଢ଼ିବାରେ ଲାଗିଗଲେ ॥ ୧ ॥

**ସୈଲ ବିସାଲ ଆନି କପି ଦେହୀଁ । କଂଦୁକ ଇଓ୍ୱ ନଲ ନୀଲ ତେ ଲେହୀଁ ॥**
**ଦେଖି ସେତୁ ଅତି ସୁଂଦର ରଚନା । ବିହସି କୃପାନିଧି ବୋଲେ ବଚନା ॥ ୧ ॥**

ବାନରମାନେ ବଡ଼ ବଡ଼ ପାହାଡ଼ ବୋହି ଆଣିଦେଉଥାନ୍ତି ଏବଂ ନଳନୀଳ ସେସବୁକୁ କନ୍ଦୁକ (ବଲ୍) ପରି ନେଇଯାଉଥାନ୍ତି । ଅତି ସୁନ୍ଦର ସେତୁ ରଚନା ହେଉଛି ଦେଖି, କୃପାସିନ୍ଧୁ ଶ୍ରୀରାମ ଆନନ୍ଦିତ ହୋଇ କହିଲେ, ॥ ୧ ॥

**ପରମ ରମ୍ୟ ଉତ୍ତମ ୟହ ଧରନୀ । ମହିମା ଅମିତ ଜାଇ ନହିଁ ବରନୀ ॥**
**କରିହଉଁ ଇହାଁ ସଂଭୁ ଥାପନା । ମୋରେ ହୃଦୟଁ ପରମ କଲପନା ॥ ୨ ॥**

"ଏଠାକାର ଭୂମି ଅତି ସୁନ୍ଦର ଓ ଉତ୍ତମ । ଏହାର ଅସୀମ ମହିମା ବର୍ଣ୍ଣନା କରିହେବ ନାହିଁ । ମୁଁ ଏଠାରେ ଶିବଲିଙ୍ଗ ସ୍ଥାପନ କରିବି ବୋଲି ମନେ ମନେ ମହାନ୍ ସଂକଳ୍ପ କରିଛି ।" ॥ ୨ ॥

**ସୁନି କପୀସ ବହୁ ଦୂତ ପଠାଏ । ମୁନିବର ସକଲ ବୋଲି ଲୈ ଆଏ ॥**
**ଲିଂଗ ଥାପି ବିଧିଓ୍ୱତ କରି ପୂଜା । ସିଓ୍ୱ ସମାନ ପ୍ରିୟ ମୋହି ନ ଦୂଜା ॥ ୩ ॥**

ଶ୍ରୀରାମଙ୍କ ବଚନ ଶୁଣି, ବାନରରାଜ ସୁଗ୍ରୀବ ଦୂତମାନଙ୍କୁ ପଠାଇ ମୁନିମାନଙ୍କୁ ଡକାଇଆଣିଲେ । ଶିବଲିଙ୍ଗ ସ୍ଥାପନ କରି ବିଧିପୂର୍ବକ ପୂଜା କରିବା ପରେ ଭଗବାନ୍ କହିଲେ, "ଶିବଙ୍କ ସମାନ ପ୍ରିୟ ହୋଇ ମୋର ଅନ୍ୟ କେହି ନାହାନ୍ତି ॥ ୩ ॥

**ସିଓ୍ୱ ଦ୍ରୋହୀ ମମ ଭଗତ କହାଓ୍ୱା । ସୋ ନର ସପନେହୁଁ ମୋହି ନ ପାଓ୍ୱା ॥**
**ସଂକର ବିମୁଖ ଭଗତି ଚହ ମୋରୀ । ସୋ ନାରକୀ ମୂଢ଼ ମତି ଥୋରୀ ॥ ୪ ॥**

ଯେ ଶିବଙ୍କୁ ଦ୍ରୋହ କରି ମୋର ଭକ୍ତ ବୋଲାଇହୁଏ, ସେ ମୋତେ ସ୍ୱପ୍ନରେ ବି ପାଏ ନାହିଁ । ଶଙ୍କରଙ୍କ ପ୍ରତି ବିମୁଖ ହୋଇ ଯେ ମୋର ଭକ୍ତି କାମନା କରେ, ସେ ନରକଗାମୀ ହୁଏ; ସେ ହିଁ ମୂର୍ଖ ଓ ଅଳ୍ପବୁଦ୍ଧି ॥ ୪ ॥

ଦୋ:- **ସଂକରପ୍ରିୟ ମମ ଦ୍ରୋହୀ ସିଓ୍ୱ ଦ୍ରୋହୀ ମମ ଦାସ ।**
**ତେ ନର କରହିଁ କଲପ ଭରି ଘୋର ନରକ ମହୁଁ ବାସ ॥ ୨ ॥**

ଯେଉଁମାନେ ଶଙ୍କରଙ୍କୁ ପ୍ରିୟ ମଣନ୍ତି ଅଥଚ ମୋର ଦ୍ରୋହୀ ଏବଂ ଯେଉଁମାନେ ଶିବଦ୍ରୋହୀ ହୋଇ ମୋର ଦାସ ହେବାକୁ ଚାହାନ୍ତି, ସେମାନେ କଳ୍ପସାରା ଘୋର ନରକରେ ବାସ କରନ୍ତି ॥ ୨ ॥




ଶ୍ରୀରାମଙ୍କ ପ୍ରଭାବରୁ ପଥର ବି ସମୁଦ୍ରରେ ଭାସିଲା

**ଜେ ରାମେସ୍ୱର ଦରସନୁ କରିହହିଁ । ତେ ତନୁ ତଜି ମମ ଲୋକ ସିଧରିହହିଁ ॥**
**ଜୋ ଗଂଗାଜଲୁ ଆନି ଚଢ଼ାଇହି । ସୋ ସାଜୁଜ୍ୟ ମୁକ୍ତି ନର ପାଇହି ॥ ୧ ॥**

ଯେଉଁମାନେ ମୋ ଦ୍ୱାରା ସ୍ଥାପିତ ହୋଇଥିବା ରାମେଶ୍ୱରଙ୍କୁ ଦର୍ଶନ କରିବେ, ସେମାନେ ଦେହତ୍ୟାଗ କରିବା ପରେ ମୋର ଲୋକକୁ ଯିବେ । ଯେ ଗଙ୍ଗାଜଳ ଆଣି ରାମେଶ୍ୱରଙ୍କୁ ଚଢ଼ାଇବେ, ସେ ସାଯୁଜ୍ୟ ମୁକ୍ତି ପାଇଯିବେ (ମୋ ସହିତ ଏକ ହୋଇଯିବେ ।) ॥ ୧ ॥

**ହୋଇ ଅକାମ ଜୋ ଛଲ ତଜି ସେଇହି । ଭଗତି ମୋରି ତେହି ସଂକର ଦେଇହି ॥**
**ମମ କୃତ ସେତୁ ଜୋ ଦରସନୁ କରିହୀ । ସୋ ବିନୁ ଶ୍ରମ ଭଓ୍ୱସାଗର ତରିହୀ ॥ ୨ ॥**

ଯେଉଁମାନେ ଛଳ ତ୍ୟାଗ କରି, ନିଷ୍କାମ ହୋଇ ଶ୍ରୀରାମେଶ୍ୱରଙ୍କର ସେବା କରିବେ, ଶିବ ଭଗବାନ୍ ସେମାନଙ୍କୁ ମୋର ଭକ୍ତି ପ୍ରଦାନ କରିବେ ଏବଂ ଯେ ମୋ ଦ୍ୱାରା ନିର୍ମିତ ସେତୁବନ୍ଧ ଦର୍ଶନ କରିବେ, ସେ ଅନାୟାସରେ ସଂସାରରୂପୀ ସାଗରକୁ ତରିଯିବେ ।” ॥ ୨ ॥

**ରାମ ବଚନ ସବ କେ ଜିୟ ଭାଏ । ମୁନିବର ନିଜ ନିଜ ଆଶ୍ରମ ଆଏ ॥**
**ଗିରିଜା ରଘୁପତି କୈ ୟହ ରୀତୀ । ସଂତତ କରହିଁ ପ୍ରନତ ପର ପ୍ରୀତୀ ॥ ୩ ॥**

ଶ୍ରୀରାମଙ୍କ କଥା ସମସ୍ତଙ୍କୁ ଭଲ ଲାଗିଲା । ତା'ପରେ ସେହି ମୁନିବରମାନେ ନିଜ ନିଜ ଆଶ୍ରମକୁ ଫେରିଗଲେ । [ଶିବ କହିଲେ,] ହେ ପାର୍ବତୀ ! ଶ୍ରୀରଘୁନାଥଙ୍କର ଏହା ଏକ ରୀତି ଯେ, ସେ ଶରଣାଗତମାନଙ୍କୁ ସର୍ବଦା ସ୍ନେହ କରନ୍ତି ॥ ୩ ॥

**ବାଁଧା ସେତୁ ନୀଲ ନଲ ନାଗର । ରାମ କୃପାଁ ଜସୁ ଭୟଉ ଉଜାଗର ॥**
**ବୂଡ଼ହିଁ ଆନହି ବୋରହିଁ ଜେଈ । ଭଏ ଉପଲ ବୋହିତ ସମ ତେଈ ॥ ୪ ॥**

ଚତୁର ନଳ ଓ ନୀଳ ସେତୁ ବାନ୍ଧିଲେ । ଶ୍ରୀରାମଙ୍କ କୃପାରୁ ସେ ଦୁହିଁଙ୍କର ନିର୍ମଳ ଯଶ ସର୍ବତ୍ର ବ୍ୟାପିଗଲା । ଯେଉଁ ପଥର ନିଜେ ବୁଡ଼ିଯାଏ ଓ ଅନ୍ୟମାନଙ୍କୁ ବୁଡ଼ାଇଦିଏ, ସେହି ପଥରଗୁଡ଼ିକହିଁ ବୋଇତ ପରି ହୋଇଗଲେ (ଅର୍ଥାତ୍ ପଥରଗୁଡ଼ିକ ଜଳରେ ନ ବୁଡ଼ି ଭାସିଲେ ଏବଂ ଅନ୍ୟମାନଙ୍କୁ ସମୁଦ୍ର ପାରିକରାଇଦେଲେ) ॥ ୪ ॥

**ମହିମା ୟହ ନ ଜଲଧି କଇ ବରନୀ । ପାହନ ଗୁନ ନ କପିହ୍ନ କଇ କରନୀ ॥ ୫ ॥**


ଏଥିରେ ସମୁଦ୍ରର ମହିମା ନାହିଁ, କି ପଥରର ଗୁଣ କିମ୍ବା ବାନରମାନଙ୍କର ସାମର୍ଥ୍ୟ ନାହିଁ ॥ ୫ ॥

ଦୋଃ- **ଶ୍ରୀ ରଘୁବୀର ପ୍ରତାପ ତେ ସିଂଧୁ ତରେ ପାଷାନ ।**
**ତେ ମତିମଂଦ ଜେ ରାମ ତଜି ଭଜହିଁ ଜାଇ ପ୍ରଭୁ ଆନ ॥ ୩ ॥**

ଶ୍ରୀରଘୁନାଥଙ୍କ ମହିମାରୁ ପଥର ବି ସମୁଦ୍ରରେ ଭାସିଲା । ଏପରି ମହିମାମୟ ଶ୍ରୀରାମଙ୍କୁ ଛାଡ଼ି ଯେଉଁମାନେ ଅନ୍ୟ ପ୍ରଭୁଙ୍କୁ ଭଜନ୍ତି, ସେମାନେ ନିଶ୍ଚୟ ମନ୍ଦବୁଦ୍ଧି ॥ ୩ ॥

**ବାଁଧି ସେତୁ ଅତି ସୁଦୃଢ଼ ବନାଓ୍ୱା । ଦେଖି କୃପାନିଧି କେ ମନ ଭାଓ୍ୱା ॥**
**ଚଲୀ ସେନ କଛୁ ବରନି ନ ଜାଈ । ଗର୍ଜହିଁ ମର୍କଟ ଭଟ ସମୁଦାଈ ॥ ୧ ॥**

ନଳନୀଳ ମିଶି ସେତୁ ବାନ୍ଧି ତାହାକୁ ଅତ୍ୟନ୍ତ ସୁଦୃଢ଼ କଲେ । ତାହା ଦେଖି କୃପାନିଧାନ ପ୍ରଭୁ ଅତ୍ୟନ୍ତ ଖୁସୀ ହୋଇଗଲେ । ସେନା ଚାଲିଲା; ସେହି ଦୃଶ୍ୟ ଅବର୍ଣ୍ଣନୀୟ । ଯୋଦ୍ଧା ବାନରମାନେ ଗର୍ଜନ କରୁଥାନ୍ତି ॥ ୧ ॥



ଶ୍ରୀରାମ ସେତୁବନ୍ଧ ରଚନା ପରେ ସେଠାରେ ଶିବଲିଙ୍ଗ (ରାମେଶ୍ୱର) ପ୍ରତିଷ୍ଠା କଲେ

**ସେତୁବଂଧ ଢିଗ ଚଢ଼ି ରଘୁରାଈ । ଚିତଓ୍ୱ କୃପାଲ ସିଂଧୁ ବହୁତାଈ ॥**
**ଦେଖନ କହୁଁ ପ୍ରଭୁ କରୁନା କଂଦା । ପ୍ରଗଟ ଭଏ ସବ ଜଲଚର ବୃଂଦା ॥ ୨ ॥**

କୃପାଳୁ ଶ୍ରୀରଘୁନାଥ ସେତୁବନ୍ଧ ଧାରରେ ଠିଆ ହୋଇ ସମୁଦ୍ରର ବିସ୍ତାର ଦେଖିବାକୁ ଲାଗିଲେ । କରୁଣାକନ୍ଦ ପ୍ରଭୁଙ୍କୁ ଦର୍ଶନ କରିବା ନିମନ୍ତେ ସବୁ ଜଳଚର ଜୀବ ଜଳଉପରକୁ ଉଠିଆସିଲେ ॥ ୨ ॥

**ମକର ନକ୍ର ନାନା ଝଷ ବ୍ୟାଲା । ସତ ଜୋଜନ ତନ ପରମ ବିସାଲା ॥**
**ଅଇସେଉ ଏକ ତିନ୍ହହି ଜେ ଖାହୀଁ । ଏକନ୍ହ କେଁ ଡର ତେପି ଡେରାହୀଁ ॥ ୩ ॥**

ବହୁପ୍ରକାର ମଗର, ଘଡ଼ିଆଳ, ମତ୍ସ୍ୟ ଓ ସର୍ପ ଦେଖାଦେଲେ । ସେମାନଙ୍କ ଶରୀର ଶହ ଶହ ଯୋଜନ ବ୍ୟାପୀ ବିଶାଳ ହୋଇଥିଲା । ପୁଣି ସେମାନଙ୍କୁ ବି ଖାଇଦେବାପରି ଜନ୍ତୁମାନେ ଥିଲେ ଏବଂ ସେମାନଙ୍କୁ ବି ଭୟଭୀତ କରାଉଥିବା ଜନ୍ତୁମାନେ ଦେଖାଦେଲେ ॥ ୩ ॥

**ପ୍ରଭୁହି ବିଲୋକହିଁ ଟରହିଁ ନ ଟାରେ । ମନ ହରଷିତ ସବ ଭଏ ସୁଖାରେ ॥**
**ତିନ୍ହ କୀ ଓଟ ନ ଦେଖିଅ ବାରୀ । ମଗନ ଭଏ ହରି ରୂପ ନିହାରୀ ॥ ୪ ॥**

କିନ୍ତୁ ସେମାନେ ସମସ୍ତେ ପାରସ୍ପରିକ ଶତ୍ରୁତା ଭୁଲି ପ୍ରଭୁଙ୍କୁ ଦର୍ଶନ କରୁଥାନ୍ତି; ତଡ଼ିଲେ ବି ଯାଉ ନ ଥାନ୍ତି । ସମସ୍ତଙ୍କ ମନ ଆନନ୍ଦିତ; ସମସ୍ତେ ଖୁସୀ । ସେମାନେ ଏତେ ସଂଖ୍ୟାରେ ବାହାରିବା ଫଳରେ ପାଣି ଦେଖାଯାଉ ନ ଥାଏ । ଭଗବାନଙ୍କ ରୂପ ଦର୍ଶନ କରି ସେମାନେ ସମସ୍ତେ ଆନନ୍ଦ ଓ ପ୍ରେମରେ ମଗ୍ନ ହୋଇଗଲେ ॥ ୪ ॥

**ଚଲା କଟକୁ ପ୍ରଭୁ ଆୟସୁ ପାଈ । କୋ କହି ସକ କପି ଦଲ ବିପୁଲାଈ ॥ ୫ ॥**

ପ୍ରଭୁ ଶ୍ରୀରାମଙ୍କ ଆଜ୍ଞା ପାଇ ସେନା ଚ଼ାଲିଲା । ବାନର ସେନାର ବିପୁଳତା କିଏ ବା କହିପାରିବ ! ॥ ୫ ॥

ଦୋ:- **ସେତୁବଂଧ ଭଇ ଭୀର ଅତି କପି ନଭ ପଂଥ ଉଡ଼ାହିଁ ।**
**ଅପର ଜଲଚରହ୍ନି ଊପର ଚଢ଼ି ଚଢ଼ି ପାରହି ଜାହିଁ ॥ ୪ ॥**

ସେତୁବନ୍ଧ ଉପରେ ଭୀଷଣ ଭିଡ଼ ହୋଇଗଲା; ଫଳରେ କେତେକ ବାନର ଆକାଶ ମାର୍ଗରେ ଉଡ଼ିବାକୁ ଲାଗିଲେ; କେହି କେହି ଜଳଜନ୍ତୁଙ୍କ ପିଠିରେ ଚଢ଼ି ଡେଇଁ ଡେଇଁ ସମୁଦ୍ର ପାରି ହୋଇଗଲେ ॥ ୪ ॥

**ଅସ କୌତୁକ ବିଲୋକି ଦ୍ୱୌ ଭାଈ । ବିହଁସି ଚଲେ କୃପାଲ ରଘୁରାଈ ॥**
**ସେନ ସହିତ ଉତରେ ରଘୁବୀରା । କହି ନ ଜାଇ କପି ଜୂଥପ ଭୀରା ॥ ୧ ॥**

କୃପାଳୁ ରଘୁନାଥ ଓ ଲକ୍ଷ୍ମଣ ଦୁଇଭାଇ ଏହିପରି କୌତୁକ ଦେଖି ଦେଖି ହସି ହସି ଯାଉଥାନ୍ତି । ରଘୁବୀର ସସୈନ୍ୟ ସମୁଦ୍ର ପାରିହୋଇଗଲେ । ବାନରଗଣ ଓ ସେମାନଙ୍କର ସେନାପତିମାନଙ୍କର ଭିଡ଼ ତ କହିହେବ ନାହିଁ ॥ ୧ ॥

**ସିଂଧୁ ପାର ପ୍ରଭୁ ଡେରା କୀନ୍ହା । ସକଲ କପିନ୍ହ କହୁଁ ଆୟସୁ ଦୀନ୍ହା ॥**
**ଖାହୁ ଜାଇ ଫଲ ମୂଲ ସୁହାଏ । ସୁନତ ଭାଲୁ କପି ଜହଁ ତହଁ ଧାଏ ॥ ୨ ॥**

ପ୍ରଭୁ ସମୁଦ୍ର ଆରକୂଳରେ ଡେରା ପକାଇ ବାନରମାନଙ୍କୁ ଆଜ୍ଞା ଦେଲେ, 'ତୁମେମାନେ ଯାଇ ସୁନ୍ଦର ଫଳମୂଳ ଖାଅ ।' ତାହା ଶୁଣିଦେବାକ୍ଷଣି ଭାଲୁ ଓ ବାନରମାନେ ଏଣେତେଣେ ଧାଇଁଲେ ॥ ୨ ॥

**ସବ ତରୁ ଫରେ ରାମ ହିତ ଲାଗୀ । ରିତୁ ଅରୁ କୁରିତୁ କାଲ ଗତି ତ୍ୟାଗୀ ॥**
**ଖାହିଁ ମଧୁର ଫଲ ବିଟପ ହଲାୱହିଁ । ଲଂକା ସନ୍ମୁଖ ସିଖର ଚଲାୱହିଁ ॥ ୩ ॥**

ଶ୍ରୀରାମଙ୍କ ସେବା ନିମନ୍ତେ ସେଠାର ସବୁଗଛ ଋତୁ-ଅଋତୁ (ସମୟର ନିୟମ) ନ ମାନି ଫୁଲଫଳରେ ପୂର୍ଣ୍ଣ ହୋଇଗଲେ । ବାନର ଓ ଭାଲୁମାନେ ମିଠା ମିଠା ଫଳ ଖାଉଥାନ୍ତି, ଗଛ ହଲାଉଥାନ୍ତି ଏବଂ ପର୍ବତଶିଖରମାନ ଭାଙ୍ଗି ଲଙ୍କା ଆଡ଼କୁ ଫିଙ୍ଗୁଥାନ୍ତି ॥ ୩ ॥

**ଜହଁ କହୁଁ ଫିରତ ନିସାଚର ପାୱହିଁ । ଘେରି ସକଲ ବହୁ ନାଚ ନଚାୱହିଁ ॥**
**ଦସନନ୍ହି କାଟି ନାସିକା କାନା । କହି ପ୍ରଭୁ ସୁଜସୁ ଦେହିଁ ତବ ଜାନା ॥ ୪ ॥**

ଯେଉଁଠି ରାକ୍ଷସଟାଏ ଦେଖୁଥାନ୍ତି, ତାକୁ ସମସ୍ତେ ଘେରିଯାଇ ନଚାଉଥାନ୍ତି; ଦାନ୍ତରେ କାମୁଡ଼ି ତା' ନାକକାନ ଛିଣ୍ଡାଇଦେଉଥାନ୍ତି ଏବଂ ପ୍ରଭୁଙ୍କ ସୁଯଶ କହି (ଅଥବା ତା'ଦ୍ୱାରା କୁହାଇ) ତାକୁ ଛାଡ଼ିଦେଉଥାନ୍ତି ॥ ୪ ॥

**ଜିନ୍ହ କର ନାସା କାନ ନିପାତା । ତିନ୍ହ ରାୱନହି କହୀ ସବ ବାତା ॥**
**ସୁନତ ଶ୍ରୱନ ବାରିଧି ବଂଧାନା । ଦସ ମୁଖ ବୋଲି ଉଠା ଅକୁଲାନା ॥ ୫ ॥**

ଯେଉଁ ରାକ୍ଷସମାନଙ୍କର ନାକକାନ କଟିଗଲା, ସେମାନେ ଯାଇ ରାବଣକୁ ଏସବୁ କଥା ଶୁଣାଇଲେ । ସମୁଦ୍ରରେ ସେତୁ ବନ୍ଧା ହେବା କଥା ଶୁଣିବାକ୍ଷଣି ରାବଣ ଛାନିଆ ହୋଇ ଦଶମୁଖରେ କହିଉଠିଲା, ॥ ୫ ॥

ଦୋ:- **ବାଁଧ୍ୟୋ ବନନିଧି ନୀରନିଧି ଜଲଧି ସିଂଧୁ ବାରୀସ ।**
**ସତ୍ୟ ତୋୟନିଧି କଂପତି ଉଦଧି ପୟୋଧି ନଦୀସ ॥ ୫ ॥**

"ସତେ କ'ଣ ବନନିଧିକୁ, ନୀରନିଧିକୁ ସେ ବାନ୍ଧିଦେଲେ ! ପ୍ରକୃତରେ କ'ଣ ଜଳଧି, ସିନ୍ଧୁ, ବାରୀଶ, ତୋୟନିଧି, କଂପତି, ଉଦଧି, ପୟୋଧି ଓ ନଦୀଶକୁ ସେ ବାନ୍ଧିଦେଲେ !" ॥ ୫ ॥

**ନିଜ ବିକଲତା ବିଚାରି ବହୋରୀ । ବିହଁସି ଗୟଉ ଗୃହ କରି ଭୟ ଭୋରୀ ॥**
**ମଂଦୋଦରୀଁ ସୁନ୍ୟୋ ପ୍ରଭୁ ଆୟୋ । କୌତୁକହୀଁ ପାଥୋଧି ବଁଧାୟୋ ॥ ୧ ॥**

କିନ୍ତୁ ନିଜର ବ୍ୟାକୁଳତା ହୃଦୟଙ୍ଗମ କରି, ତାହା ଲୁଚାଇବାପାଇଁ ସେ ଉପରେ ଉପରେ ହସିଲା ଏବଂ କୌଣସି ଭୟ ନ କଲାପରି ନିଜ ମହଲକୁ ଚାଲିଗଲା । ମନ୍ଦୋଦରୀ ଶୁଣିଲେ ଯେ, ପ୍ରଭୁ ଶ୍ରୀରାମ ଆସିଗଲେଣି ଏବଂ ଖେଳିଲାଭଳି ଅନାୟାସରେ ସମୁଦ୍ରକୁ ବନ୍ଧାଇସାରିଲେଣି ॥ ୧ ॥

**କର ଗହି ପତିହି ଭୱନ ନିଜ ଆନୀ । ବୋଲୀ ପରମ ମନୋହର ବାନୀ ॥**
**ଚରନ ନାଇ ସିରୁ ଅଂଚଲୁ ରୋପା । ସୁନହୁ ବଚନ ପିୟ ପରିହରି କୋପା ॥ ୨ ॥**

ତହୁଁ ସେ ପତିଙ୍କ ହାତ ଧରି ନିଜ ମହଲକୁ ନେଇଆସିଲେ । ପତିଙ୍କ ଚରଣରେ ମୁଣ୍ଡ ନୁଆଁଇ ଏବଂ ନିଜ ଅଞ୍ଚଳ ପସାରିଦେଇ ସେ ଅତ୍ୟନ୍ତ ମନୋହର କଣ୍ଠରେ କହିଲେ, "ହେ ପ୍ରିୟତମ ! କ୍ରୋଧ ଛାଡ଼ିଦେଇ ମୋ କଥା ଶୁଣନ୍ତୁ ! ॥ ୨ ॥

**ନାଥ ବୟରୁ କୀଜେ ତାହୀ ସୋଁ । ବୁଧି ବଲ ସକିଅ ଜୀତି ଜାହୀ ସୋଁ ॥**
**ତୁମ୍ହହି ରଘୁପତିହି ଅଂତର କୈସା । ଖଲୁ ଖଦ୍ୟୋତ ଦିନକରହି ଜୈସା ॥ ୩ ॥**

ହେ ନାଥ ! ଯାହାକୁ ବୁଦ୍ଧି ବା ବଳରେ ଜିତିହେବ, ତା'ରି ସାଥିରେ ଶତ୍ରୁତା କରାଯାଏ । ଜୁଳୁଜୁଳିଆ ପୋକ ଓ ସୂର୍ଯ୍ୟଙ୍କ ମଧ୍ୟରେ ଯେତିକି ପ୍ରଭେଦ ରହିଛି, ଆପଣ ଓ ଶ୍ରୀରାମଙ୍କ ମଧ୍ୟରେ ନିଶ୍ଚୟ ସେତିକି ପ୍ରଭେଦ ରହିଛି ॥ ୩ ॥

**ଅତିବଲ ମଧୁ କୈଟଭ ଜେହିଁ ମାରେ । ମହାବୀର ଦିତିସୁତ ସଂଘାରେ ॥**
**ଜେହିଁ ବଲି ବାଁଧି ସହସଭୁଜ ମାରା । ସୋଇ ଅଓ୍ୱତରେଉ ହରନ ମହି ଭାରା ॥ ୪ ॥**

ଯେଉଁ ପ୍ରଭୁ [ବିଷ୍ଣୁରୂପରେ] ମହାବଳୀ ମଧୁ ଓ କୈଟଭଙ୍କୁ ମାରିଥିଲେ ଏବଂ [ବରାହ ଓ ନୃସିଂହରୂପରେ] ମହାବୀର [ହିରଣ୍ୟାକ୍ଷ ଓ ହରିଣ୍ୟକଶିପୁନାମକ] ଦିତିପୁତ୍ର ଦୁହିଁଙ୍କୁ ସଂହାର କରିଥିଲେ, ଯେ [ବାମନରୂପରେ] ବଳିଙ୍କୁ ବାନ୍ଧିଥିଲେ ଏବଂ [ପର୍ଶୁରାମରୂପରେ] ସହସ୍ରବାହୁକୁ ମାରିଥିଲେ, ସେହି ପ୍ରଭୁ ପୃଥିବୀର ଭାର ହରଣ କରିବା ନିମନ୍ତେ [ରାମରୂପରେ] ଅବତୀର୍ଣ୍ଣ ହୋଇଛନ୍ତି ॥ ୪ ॥

**ତାସୁ ବିରୋଧ ନ କୀଜିଅ ନାଥା । କାଲ କରମ ଜିଓ୍ୱ ଜାକେଁ ହାଥା ॥ ୫ ॥**

ହେ ନାଥ ! ଯାହାଙ୍କ ହାତମୁଠା ଭିତରେ କାଳ, କର୍ମ ଓ ଜୀବ–ସମସ୍ତେ ରହିଛନ୍ତି, ଆପଣ ତାଙ୍କ ସହିତ ଶତ୍ରୁତା କରନ୍ତୁ ନାହିଁ ॥ ୫ ॥

ଦୋ:- **ରାମହି ସୌଁପି ଜାନକୀ ନାଇ କମଲ ପଦ ମାଥ ।**
**ସୁତ କହୁଁ ରାଜ ସମର୍ପି ବନ ଜାଇ ଭଜିଅ ରଘୁନାଥ ॥ ୬ ॥**

ଶ୍ରୀରାମଙ୍କ ଚରଣକମଳରେ ନତମସ୍ତକ ହୋଇ ଜାନକୀଙ୍କୁ ସମର୍ପିଦିଅନ୍ତୁ ଏବଂ ପୁତ୍ରକୁ ରାଜ୍ୟ ଦେଇ, ବନକୁ ଯାଇ ଶ୍ରୀରଘୁନାଥଙ୍କୁ ଭଜନ୍ତୁ ॥ ୬ ॥

**ନାଥ ଦୀନଦୟାଲ ରଘୁରାଈ । ବାଘଉ ସନମୁଖ ଗଏଁ ନ ଖାଈ ॥**
**ଚାହିଅ କରନ ସୋ ସବ କରି ବୀତେ । ତୁହ୍ମ ସୁର ଅସୁର ଚରାଚର ଜୀତେ ॥ ୧ ॥**

ହେ ନାଥ ! ଶ୍ରୀରଘୁନାଥ ଦୀନମାନଙ୍କୁ ଦୟା କରନ୍ତି । ବାଘ ମଧ୍ୟ ନିଜ ସମ୍ମୁଖକୁ (ଶରଣକୁ) ଆସିଥିବା ଲୋକକୁ ଖାଏ ନାହିଁ । ଯାହାକିଛି କରିବାର ଥିଲା, ତାହା ତ ଆପଣ କରିସାରିଛନ୍ତି । ଦେବ, ଦାନବ ଓ ଚରାଚରପ୍ରାଣୀ ସମସ୍ତଙ୍କୁ ଆପଣ ଜିଣିସାରିଛନ୍ତି ॥ ୧ ॥

**ସଂତ କହହିଁ ଅସି ନୀତି ଦସାନନ । ଚୌଥେଁପନ ଜାଇହି ନୃପ କାନନ ॥**
**ତାସୁ ଭଜନ କୀଜିଅ ତହଁ ଭର୍ତା । ଜୋ କର୍ତା ପାଲକ ସଂହର୍ତା ॥ ୨ ॥**

ହେ ଦଶାନନ ! ସନ୍ଥଜନ ଏହି ନୀତିବାଣୀ କହନ୍ତି ଯେ, ଚତୁର୍ଥାବସ୍ଥାରେ (ବୃଦ୍ଧ ହୋଇଗଲେ) ରାଜା ବନକୁ ଚାଲିଯିବା ଉଚିତ । ହେ ସ୍ୱାମୀ ! ଯେ ସୃଷ୍ଟି ରଚନା କରନ୍ତି, ପାଳନ ଓ ସଂହାର କରନ୍ତି, ଆପଣ ବଣକୁ ଯାଇ ସେହି ଶ୍ରୀରାମଙ୍କ ଭଜନ କରନ୍ତୁ ॥ ୨ ॥

**ସୋଇ ରଘୁବୀର ପ୍ରନତ ଅନୁରାଗୀ । ଭଜହୁ ନାଥ ମମତା ସବ ତ୍ୟାଗୀ ॥**
**ମୁନିବର ଜତନୁ କରହିଁ ଜେହି ଲାଗୀ । ଭୂପ ରାଜୁ ତଜି ହୋହିଁ ବିରାଗୀ ॥ ୩ ॥**

ହେ ନାଥ ! ଆପଣ ସକଳ ବିଷୟ ପ୍ରତି ମମତା ତ୍ୟାଗ କରି ସେହି ଶରଣାଗତବତ୍ସଳ ଭଗବାନଙ୍କୁ ଭଜନ୍ତୁ । ଯାହାଙ୍କୁ ପାଇବାପାଇଁ ବଡ଼ ବଡ଼ ମୁନିଜନ ସାଧନା କରନ୍ତି ଓ ରାଜାମାନେ ରାଜ୍ୟ ତ୍ୟାଗ କରି ବୈରାଗୀ ହୁଅନ୍ତି, ॥ ୩ ॥

**ସୋଇ କୋସଲାଧୀସ ରଘୁରାୟା । ଆୟଉ କରନ ତୋହି ପର ଦାୟା ॥**
**ଜୌଁ ପିୟ ମାନହୁ ମୋର ସିଖାଓ୍ୱନ । ସୁଜସୁ ହୋଇ ତିହୁଁ ପୁର ଅତି ପାଓ୍ୱନ ॥ ୪ ॥**

ସେହି କୋଶଳାଧୀଶ ଶ୍ରୀରଘୁନାଥ ଆପଣଙ୍କୁ ଦୟା କରିବାକୁ ଆସିଛନ୍ତି । ହେ ପ୍ରିୟତମ ! ଆପଣ ଯଦି ମୋ କଥା ମାନିବେ, ତେବେ ଆପଣଙ୍କର ସୁନ୍ଦର-ପବିତ୍ର ଯଶ ତ୍ରିଲୋକରେ ବ୍ୟାପିଯିବ ।'' ॥ ୪ ॥

ଦୋଃ- **ଅସ କହି ନୟନ ନୀର ଭରି ଗହି ପଦ କଂପିତ ଗାତ ।**
**ନାଥ ଭଜହୁ ରଘୁନାଥହି ଅଚଲ ହୋଇ ଅହିଓ୍ୱାତ ॥ ୭ ॥**

ଏପରି କହି, ଅଶ୍ରୁପୂରିତ ନୟନରେ ମନ୍ଦୋଦରୀ ପତିଙ୍କ ପାଦ ଧରିପକାଇଲେ ଏବଂ ଥରି ଥରି ପୁଣିଥରେ ନିବେଦନ କଲେ, ''ହେ ନାଥ ! ଶ୍ରୀରଘୁନାଥଙ୍କୁ ଭଜନ କରନ୍ତୁ, ଯାହା ଦ୍ୱାରା କି ମୋର ଶଙ୍ଖାସିନ୍ଦୂର ବଜ୍ର ହୋଇ ରହିବ ।'' ॥ ୭ ॥

**ତବ ରାଓ୍ୱନ ମୟସୁତା ଉଠାଈ । କହୈ ଲାଗ ଖଲ ନିଜ ପ୍ରଭୁତାଈ ॥**
**ସୁନୁ ତୈଁ ପ୍ରିୟା ବୃଥା ଭୟ ମାନା । ଜଗ ଜୋଧା କୋ ମୋହି ସମାନା ॥ ୧ ॥**

ଦୁଷ୍ଟବୁଦ୍ଧି ରାବଣ ମନ୍ଦୋଦରୀଙ୍କୁ ତଳୁ ଉଠାଇଲା ଏବଂ ନିଜର ପ୍ରଭୁତ୍ୱ ଶୁଣାଇ କହିଲା, ''ଶୁଣ ପ୍ରିୟେ ! ତୁମେ ବୃଥାରେ ଭୟ କରୁଛ । ଜଗତରେ ମୋ ଭଳି ଯୋଦ୍ଧା ଆଉ କିଏ ଅଛି, କହିଲ ? ॥ ୧॥

**ବରୁନ କୁବେର ପଓ୍ୱନ ଜମ କାଲା । ଭୁଜବଲ ଜିତେଉଁ ସକଲ ଦିଗପାଲା ॥**
**ଦେଓ୍ୱ ଦନୁଜ ନର ସବ ବସ ମୋରେଁ । କଓ୍ୱନ ହେତୁ ଉପଜା ଭୟ ତୋରେଁ ॥ ୨ ॥**

''ବରୁଣ, କୁବେର, ପବନ, ଯମ ଆଦି ସକଳ ଦିଗପାଳଙ୍କୁ ତଥା କାଳକୁ ବି ମୁଁ ମୋ ଭୁଜବଳରେ ଜିଣିଯାଇଛି । କି ଦେବତା, କି ଦାନବ, କି ମନୁଷ୍ୟ—ସମସ୍ତେ ମୋର ଅଧୀନ । ଏହା ସତ୍ତ୍ୱେ ତୁମ ଭିତରେ ଏହି ଭୟ କାହିଁକି ଜାତ ହେଲା ?'' ॥ ୨ ॥

**ନାନା ବିଧି ତେହି କହେସି ବୁଝାଈ । ସଭାଁ ବହୋରି ବୈଠ ସୋ ଜାଈ ॥**
**ମଂଦୋଦରୀଁ ହୃଦୟଁ ଅସ ଜାନା । କାଲ ବସ୍ୟ ଉପଜା ଅଭିମାନା ॥ ୩ ॥**

ରାବଣ ମନ୍ଦୋଦରୀକୁ ଏପରି ବହୁପ୍ରକାରେ ବୁଝାଇ କହିଲା ଏବଂ ପୁଣି ଯାଇ ସଭାରେ ବସିଗଲା । ମନ୍ଦୋଦରୀ ଜାଣିଗଲେ ଯେ, କାଳର ବଶୀଭୂତ ହୋଇଥିବାରୁହିଁ ପତିଙ୍କର ଏପରି ଅଭିମାନ ହୋଇଯାଇଛି ॥ ୩ ॥

**ସଭାଁ ଆଇ ମଂତ୍ରିହ୍ନ ତେହିଁ ବୂଝା । କରବ କଓ୍ୱନ ବିଧି ରିପୁ ସୈଁ ଜୂଝା ॥**
**କହହିଁ ସଚିଓ୍ୱ ସୁନୁ ନିସିଚର ନାହା । ବାର ବାର ପ୍ରଭୁ ପୂଛହୁ କାହା ॥ ୪ ॥**

ସଭାକୁ ଆସି ରାବଣ ମନ୍ତ୍ରୀମାନଙ୍କୁ ପଚାରିଲା, ''ଶତ୍ରୁ ସାଥିରେ କିପରି ଯୁଦ୍ଧ କରିବା ?'' ମନ୍ତ୍ରୀମାନେ କହିଲେ, ''ହେ ରାକ୍ଷସପତି ! ହେ ପ୍ରଭୁ ! ଆପଣ ଏକଥା ବାରମ୍ବାର ପଚାରୁଛନ୍ତି କାହିଁକି ? ॥ ୪ ॥

**କହହୁ କଓ୍ୱନ ଭୟ କରିଅ ବିଚାରା । ନର କପି ଭାଲୁ ଅହାର ହମାରା ॥ ୫ ॥**

ଏଇଟା ଅବା କେଉଁ ଭୟ ଯେ, ଆପଣ ଏତେ ବିଚାର କରିବାକୁ କହୁଛନ୍ତି ! ମଣିଷ, ମାଙ୍କଡ଼, ଭାଲୁ—ଏଗୁଡ଼ାକ ତ ଆମ ଖାଦ୍ୟ ।'' ॥ ୫ ॥

ଦୋ- **ସବ କେ ବଚନ ଶ୍ରଓ୍ୱନ ସୁନି କହ ପ୍ରହସ୍ତ କର ଜୋରି ।**
**ନୀତି ବିରୋଧ ନ କରିଅ ପ୍ରଭୁ ମଂତ୍ରିହ୍ନ ମତି ଅତି ଥୋରି ॥ ୮ ॥**

ସମସ୍ତଙ୍କ କଥା ଶୁଣି ରାବଣପୁତ୍ର ପ୍ରହସ୍ତ କରପତ୍ର ଯୋଡ଼ି କହିଲା, ''ହେ ପ୍ରଭୁ ! କୌଣସି ନୀତିବିରୁଦ୍ଧ କାର୍ଯ୍ୟ କରିବା ଉଚିତ ନୁହେଁ । ମନ୍ତ୍ରୀମାନଙ୍କର ବୁଦ୍ଧି ଅତି ଅଳ୍ପ ॥ ୮॥

**କହହିଁ ସଚିଵ ସଠ ଠକୁରସୋହାତୀ । ନାଥ ନ ପୂର ଆଵ ଏହି ଭାଁତୀ ॥**
**ବାରିଧି ନାଘି ଏକ କପି ଆଵା । ତାସୁ ଚରିତ ମନ ମହୁଁ ସବୁ ଗାଵା ॥ ୧ ॥**

ଏହି ଖୋସାମଦିଆ ମୂର୍ଖମନ୍ତ୍ରୀମାନେ କେବଳ ଚାଟୁବାଣୀ କହୁଛନ୍ତି । ହେ ନାଥ ! ଏପ୍ରକାର କଥାରେ କୌଣସି କାମ ହୁଏ ନାହିଁ । ଗୋଟିଏମାତ୍ର ବାନର ସମୁଦ୍ର ଡେଇଁ ଚାଲିଆସିଥିଲା ଯେ, ସେ ଯାହାସବୁ କରିଗଲା, ରାକ୍ଷସମାନେ ତାହା ଆଜି ପର୍ଯ୍ୟନ୍ତ ମନେ ମନେ ଭାଳିହେଉଛନ୍ତି ॥ ୧ ॥

**ଛୁଧା ନ ରହୀ ତୁହ୍ମହି ତବ କାହୂ । ଜାରତ ନଗରୁ କସ ନ ଧରି ଖାହୂ ॥**
**ସୁନତ ନୀକ ଆଗେଁ ଦୁଖ ପାଵା । ସଚିଵନ ଅସ ମତ ପ୍ରଭୁହି ସୁନାଵା ॥ ୨ ॥**

ସେତେବେଳେ କ'ଣ ତୁମମାନଙ୍କ ଭିତରୁ କାହାକୁ ଭୋକ କରୁ ନ ଥିଲା ? ବାନର ପରା ତୁମମାନଙ୍କର ଖାଦ୍ୟସାମଗ୍ରୀ ! ତା'ହେଲେ ସେ ନଗର ଜାଳୁଥିବାବେଳେ ତାକୁ ଧରି ଖାଇ ନ ଦେଲ କାହିଁକି ? ଏ ମନ୍ତ୍ରୀମାନେ ଆପଣଙ୍କୁ ଯେଉଁ ମନ୍ତ୍ରଣା ଦେଉଛନ୍ତି, ତାହା କେବଳ ଶୁଣିବାକୁ ମଧୁର, କିନ୍ତୁ ଭବିଷ୍ୟତରେ (ପରିଣାମରେ) ଦୁଃଖହିଁ ଆଣିଦେବ ॥ ୨ ॥

**ଜେହିଁ ବାରୀସ ବଁଧାୟଉ ହେଲା । ଉତରେଉ ସେନ ସମେତ ସୁବେଲା ॥**
**ସୋ ଭନୁ ମନୁଜ ଖାବ ହମ ଭାଈ । ବଚନ କହହିଁ ସବ ଗାଲ ଫୁଲାଈ ॥ ୩ ॥**

ଯେ ଅବଲୀଳାକ୍ରମେ ସମୁଦ୍ରରେ ସେତୁ ବାନ୍ଧିଦେଲେ, ପୁଣି ସମୁଦ୍ର ପାରିହୋଇ ସେନାସମେତ ଆସି ସୁବେଳ ପର୍ବତରେ ଡେରା ପକାଇସାରିଲେଣି, ଆରେ ଭାଇ ! ସେ କ'ଣ ମନୁଷ୍ୟ ଯେ, ତାଙ୍କୁ ଧରି ଆମେ ଖାଇଯିବା ? ସମସ୍ତେ ନିଶ ଫୁଲାଇ ପାଗଳଙ୍କ ପରି କଥା କହୁଛ ॥ ୩ ॥

**ତାତ ବଚନ ମମ ସୁନୁ ଅତି ଆଦର । ଜନି ମନ ଗୁନହୁ ମୋହି କରି କାଦର ॥**
**ପ୍ରିୟ ବାନୀ ଜେ ସୁନହିଁ ଜେ କହହୀଁ । ଐସେ ନର ନିକାୟ ଜଗ ଅହହୀଁ ॥ ୪ ॥**

ହେ ପିତା ! ମୋ କଥା ଟିକିଏ ମନ ଦେଇ ଆଦରପୂର୍ବକ ଶୁଣନ୍ତୁ । ମୋତେ କାପୁରୁଷ ବୋଲି ଭାବନ୍ତୁ ନାହିଁ । ଜଗତରେ ଏପରି ଶହ ଶହ ଲୋକ ଅଛନ୍ତି, ଯେଉଁମାନେ କେବଳ ମିଠାକଥା ଶୁଣନ୍ତି ଓ କହନ୍ତି ॥ ୪ ॥

**ବଚନ ପରମ ହିତ ସୁନତ କଠୋରେ । ସୁନହିଁ ଜେ କହହିଁ ତେ ନର ପ୍ରଭୁ ଥୋରେ ॥**
**ପ୍ରଥମ ବସୀଠ ପଠଉ ସୁନୁ ନୀତୀ । ସୀତା ଦେଇ କରହୁ ପୁନି ପ୍ରୀତୀ ॥ ୫ ॥**

ହେ ପ୍ରଭୁ ! ଯେଉଁ କଥା ଶୁଣିବାକୁ କଠୋର ହୋଇଥିଲେ ମଧ୍ୟ ପରିଣାମରେ ମଙ୍ଗଳକର, ତାହା ଶୁଣୁଥିବା ଓ କହୁଥିବା ଲୋକଙ୍କ ସଂଖ୍ୟା ବହୁତ କମ୍ । ତେଣୁ ନୀତିବଚନ ଶୁଣନ୍ତୁ; ପ୍ରଥମେ ଦୂତ ପଠାନ୍ତୁ ଏବଂ ତା'ପରେ ସୀତାଙ୍କୁ ସମର୍ପିଦେଇ ଶ୍ରୀରାମଙ୍କ ସହିତ ସୌହାର୍ଦ୍ଦ୍ୟ ସ୍ଥାପନ କରନ୍ତୁ ॥ ୫ ॥

ଦୋଃ- **ନାରି ପାଇ ଫିରି ଜାହିଁ ଜୌଁ ତୌ ନ ବଢ଼ାଇଅ ରାରି ।**
**ନାହିଁ ତ ସନମୁଖ ସମର ମହି ତାତ କରିଅ ହଠି ମାରି ॥ ୯ ॥**

ଯଦି ସେ ସ୍ତ୍ରୀକୁ ପାଇ ବାହୁଡ଼ିଯିବେ, ତେବେ ଆଉ ଅଯଥା ଝଗଡ଼ା ବଢ଼ାନ୍ତୁ ନାହିଁ । ଯଦି ସେ ବାହୁଡ଼ି ନ ଯାଆନ୍ତି, ତେବେ ହେ ପ୍ରଭୁ ! ତାଙ୍କର ସମ୍ମୁଖୀନ ହୋଇ ରଣାଙ୍ଗନରେ ଦୃଢ଼ଭାବରେ ଯୁଦ୍ଧ କରନ୍ତୁ ॥ ୯ ॥

**ୟହ ମତ ଜୌଁ ମାନହୁ ପ୍ରଭୁ ମୋରା । ଉଭୟ ପ୍ରକାର ସୁଜସୁ ଜଗ ତୋରା ॥**
**ସୁତ ସନ କହ ଦସକଂଠ ରିସାଈ । ଅସି ମତି ସଠ କେହିଁ ତୋହି ସିଖାଈ ॥ ୧ ॥**

ହେ ପ୍ରଭୁ ! ଯଦି ଆପଣ ମୋର ଏହି କଥା ମାନିବେ, ତେବେ ଜଗତରେ ଆପଣଙ୍କର ଉଭୟପ୍ରକାରେ ସୁଯଶ ବିସ୍ତାର ହେବ ।'' ରାବଣ କ୍ରୋଧଭର ହୋଇ ପୁଅକୁ କହିଲା, ''ରେ ମୂର୍ଖ ! ତୋତେ ଏ ବୁଦ୍ଧି କିଏ ଶିଖାଇଲା ? ॥ ୧ ॥

**ଅବହୀଁ ତେ ଉର ସଂସୟ ହୋଈ । ବେନୁମୂଲ ସୁତ ଭୟହୁ ଘମୋଈ ॥**
**ସୁନି ପିତୁ ଗିରା ପରୁଷ ଅତି ଘୋରା । ଚଲା ଭୱନ କହି ବଚନ କଠୋରା ॥ ୨ ॥**
**ହିତ ମତ ତୋହି ନ ଲାଗତ କୈସେଁ । କାଲ ବିବସ କହୁଁ ଭେଷଜ ଜୈସେଁ ॥**
**ସଂଧ୍ୟା ସମୟ ଜାନି ଦସସୀସା । ଭୱନ ଚଲେଉ ନିରଖତ ଭୁଜ ବୀସା ॥ ୩ ॥**

ତୋ ମନରେ ଏବେଠୁଁ ସଂଶୟ (ଭୟ) ଜାତ ହେଲାଣି ! ଆରେ ପୁଅ ! ତୁ ତ ବାଉଁଶମୂଳରେ ଘୁଣ (ବାଉଁଶମାରୀ ପୋକ–କୁଳକଣ୍ଟକ) ହୋଇଗଲୁଣି !'' ପିତାଙ୍କର କ୍ରୁଦ୍ଧକଠୋର ବଚନ ଶୁଣି ପ୍ରହସ୍ତ କଟୁ ବଚନ ଶୁଣାଇଦେଲା, ''ମରଣାସନ୍ନ ରୋଗୀକୁ ଯେପରି ଔଷଧ କାଟୁ କରେ ନାହିଁ, ଆପଣଙ୍କୁ ସେହିପରି ହିତକଥା ଭଲ ଲାଗୁନାହିଁ ।'' ଏପରି କହି ସେ ଘରକୁ ଗ୍ୱଲିଗଲା, ସନ୍ଧ୍ୟା ହୋଇଗଲାଣି ଦେଖି ରାବଣ ନିଜର ବିଂଶବାହୁକୁ ଗ୍ୱହିଁ ଗ୍ୱହିଁ ନଅରକୁ ଗ୍ୱଲିଗଲା ॥ ୨–୩ ॥

**ଲଂକା ସିଖର ଉପର ଆଗାରା । ଅତି ବିଚିତ୍ର ତହଁ ହୋଇ ଅଖାରା ॥**
**ବୈଠ ଜାଇ ତେହିଁ ମଂଦିର ରାୱନ । ଲାଗେ କିଂନର ଗୁନ ଗନ ଗାୱନ ॥ ୪ ॥**

ଲଙ୍କାର ସବୁଠାରୁ ଉଚ୍ଚସ୍ଥାନରେ ଗୋଟିଏ ଅତ୍ୟନ୍ତ ବିଚିତ୍ର ମହଲ ଥାଏ । ସେଠାରେ ନାଚଗୀତର ଆଖଡ଼ା ଜମେ । ରାବଣ ଯାଇ ସେହି ମହଲରେ ବସିପଡ଼ିଲା । କିନ୍ନରମାନେ ତା'ର ଗୁଣ ଗାଇବାକୁ ଲାଗିଲେ ॥ ୪ ॥

**ବାଜହିଁ ତାଲ ପଖାଉଜ ବୀନା । ନୃତ୍ୟ କରହିଁ ଅପଛରା ପ୍ରବୀନା ॥ ୫ ॥**

ବୀଣା, ମୃଦଙ୍ଗ ଓ କରତାଳ ବାଜୁଥାଏ । ପ୍ରବୀଣା ଅପ୍‌ସରାମାନେ ନାଚୁଥାନ୍ତି ॥ ୫ ॥

ଦୋ:- **ସୁନାସୀର ସତ ସରିସ ସୋ ସଂତତ କରଇ ବିଲାସ ।**
**ପରମ ପ୍ରବଲ ରିପୁ ସୀସ ପର ତଦ୍ୟପି ସୋଚ ନ ତ୍ରାସ ॥ ୧୦ ॥**

ରାବଣ ସବୁଦିନ ଶହ ଶହ ଇନ୍ଦ୍ରଙ୍କ ପରି ଏହିସବୁ ବିଳାସ ଉପଭୋଗ କରୁଥାଏ । ଶ୍ରୀରାମଙ୍କ ପରି ପ୍ରବଳ ଶତ୍ରୁ ଆସି ମୁଣ୍ଡ ଉପରେ ହେଲେଣି, ତଥାପି ତା'ର ଚିନ୍ତା ନ ଥାଏ, କି ଡର ନ ଥାଏ ॥ ୧୦ ॥

**ଇହାଁ ସୁବେଲ ସୈଲ ରଘୁବୀରା । ଉତରେ ସେନ ସହିତ ଅତି ଭୀରା ॥**
**ସିଖର ଏକ ଉତଂଗ ଅତି ଦେଖୀ । ପରମ ରମ୍ୟ ସମ ସୁଭ୍ର ବିସେଷୀ ॥ ୧ ॥**

ଏଣେ ଶ୍ରୀରଘୁବୀର ବିରାଟ ସେନା ନେଇ ସୁବେଳ ପର୍ବତ ଉପରେ ଡେରା ପକାଇଥାନ୍ତି । ପର୍ବତର ଗୋଟିଏ ଅତି ଉଚ୍ଚ, ସୁନ୍ଦର, ସମତଳ ଓ ଉଜ୍ଜ୍ୱଳ ଶିଖର ଦେଖି, ॥ ୧ ॥

**ତହଁ ତରୁ କିସଲୟ ସୁମନ ସୁହାଏ । ଲଛିମନ ରଚି ନିଜ ହାଥ ଡସାଏ ॥**
**ତା ପର ରୁଚିର ମୃଦୁଲ ମୃଗଛାଲା । ତେହି ଆସନ ଆସୀନ କୃପାଲା ॥ ୨ ॥**

ଲକ୍ଷ୍ମଣ ନିଜ ହାତରେ କୋମଳ ପତ୍ର ଓ ଫୁଲ ବିଛାଇ ସେହି ସ୍ଥାନଟି ସଜାଇଦେଲେ । ତା' ଉପରେ ଗୋଟିଏ ସୁନ୍ଦର କୋମଳ ମୃଗଛାଲ ପକାଇଦେଲେ । କୃପାଳୁ ଶ୍ରୀରାମ ସେହି ଆସନରେ ବିରାଜମାନ ହେଲେ ॥ ୨ ॥

**ପ୍ରଭୁ କୃତ ସୀସ କପୀସ ଉଛଂଗା । ବାମ ଦହିନ ଦିସି ଚ୍ରପ ନିଷଂଗା ॥**
**ଦୁହୁଁ କର କମଲ ସୁଧାରତ ବାନା । କହ ଲଂକେସ ମଂତ୍ର ଲଗି କାନା ॥ ୩ ॥**

ବାନରରାଜ ସୁଗ୍ରୀବଙ୍କ କୋଳରେ ପ୍ରଭୁ ଶିର ରଖିଥାନ୍ତି; ତାଙ୍କର ବାଆଁ ପଟେ ଧନୁ ଓ ଡାହାଣ ପଟେ ତୂଣୀର ରଖାଯାଇଥାଏ । ସେ ନିଜର ଦୁଇ କରକମଳରେ ଶରଟିଏ ଧରି ସଳଖୁଥାନ୍ତି । ବିଭୀଷଣ କାନ ପାଖରେ ବସି ପରାମର୍ଶ ଦେଉଥାନ୍ତି ॥ ୩ ॥

**ବଡ଼ଭାଗୀ ଅଂଗଦ ହନୁମାନା । ଚରନ କମଲ ଚ୍ରପତ ବିଧି ନାନା ॥**
**ପ୍ରଭୁ ପାଛେଁ ଲଛିମନ ବୀରାସନ । କଟି ନିଷଂଗ କର ବାନ ସରାସନ ॥ ୪ ॥**

ପରମ ଭାଗ୍ୟବାନ୍ ଅଙ୍ଗଦ ଓ ହନୁମାନ୍ ନାନାଭାବରେ ପ୍ରଭୁଙ୍କ ପାଦପଦ୍ମ ମଞ୍ଚାଳୁଥାଆନ୍ତି । ଅଣ୍ଟାରେ ତୂଣୀର ବାନ୍ଧି ଓ ହାତରେ ଧନୁର୍ବାଣ ଧରି ପ୍ରଭୁଙ୍କ ପଛରେ ବୀରାସନରେ ସୁଶୋଭିତ ଥାଆନ୍ତି ଲକ୍ଷ୍ମଣ ॥ ୪ ॥

ଦୋ:- **ଏହି ବିଧି କୃପା ରୂପ ଗୁନ ଧାମ ରାମୁ ଆସୀନ ।**
**ଧନ୍ୟ ତେ ନର ଏହିଁ ଧ୍ୟାନ ଜେ ରହତ ସଦା ଲୟଲୀନ ॥ ୧୧ (କ) ॥**

କରୁଣା, ସୌନ୍ଦର୍ଯ୍ୟ ଓ ଗୁଣର ନିଧାନ ଶ୍ରୀରାମ ଏହିପରି ଆସୀନ ହୋଇଥାନ୍ତି । ଯେଉଁ ମନୁଷ୍ୟମାନେ ଏହି ସ୍ୱରୂପର ଧ୍ୟାନରେ ସଦା ତନ୍ମୟ ରହନ୍ତି, ସେମାନେ ଧନ୍ୟ ॥ ୧୧ (କ) ॥

**ପୂରବ ଦିସା ବିଲୋକି ପ୍ରଭୁ ଦେଖା ଉଦିତ ମୟଂକ ।**
**କହତ ସବହି ଦେଖହୁ ସସିହି ମୃଗପତି ସରିସ ଅସଂକ ॥ ୧୧ (ଖ) ॥**

ପୂର୍ବଦିଗକୁ ଚ୍ହିଁ ପ୍ରଭୁ ଶ୍ରୀରାମ ଦେଖିଲେ ଯେ, ଚନ୍ଦ୍ର ଉଦିତ ହେଲେ । ତେଣୁ ସେ ସମସ୍ତଙ୍କୁ କହିଲେ, ''ଚନ୍ଦ୍ର କିପରି ସିଂହ ପରି ନିର୍ଭୀକ ଦିଶୁଛି, ଦେଖୁଛ ? ॥ ୧୧ (ଖ) ॥

**ପୂରବ ଦିସି ଗିରିଗୁହା ନିୱାସୀ । ପରମ ପ୍ରତାପ ତେଜ ବଲ ରାସୀ ॥**
**ମତ୍ତ ନାଗ ତମ କୁଂଭ ବିଦାରୀ । ସସି କେସରୀ ଗଗନ ବନ ଚ୍ରରୀ ॥ ୧ ॥**

ପୂର୍ବଦିଗରୂପୀ ପର୍ବତର ଗୁମ୍ଫାରେ ନିବାସ କରୁଥିବା ଏହି ଅତ୍ୟନ୍ତ ପ୍ରତାପୀ, ତେଜବାନ୍ ଓ ବଳୀୟାନ ଚନ୍ଦ୍ରରୂପୀ ସିଂହ ଅନ୍ଧକାରରୂପୀ ମତ୍ତହସ୍ତୀର ମସ୍ତକ ବିଦୀର୍ଣ୍ଣ କରି ଆକାଶରୂପୀ ବନରେ ନିର୍ଭୟରେ ବିଚରଣ କରୁଛି ॥ ୧ ॥

**ବିଥୁରେ ନଭ ମୁକୁତାହଲ ତାରା । ନିସି ସୁଂଦରୀ କେର ସିଂଗାରା ॥**
**କହ ପ୍ରଭୁ ସସି ମହୁଁ ମେଚକତାଈ । କହହୁ କାହ ନିଜ ନିଜ ମତି ଭାଈ ॥ ୨ ॥**

ଆକାଶରେ ବିଛିହୋଇ ପଡ଼ିଥିବା ତାରାମାନେ ହେଉଛନ୍ତି ମୋତିସମାନ; ସେହି ମୋତିଗୁଡ଼ିକ ହେଉଛି ରାତ୍ରିରୂପୀ ସୁନ୍ଦରୀର ଶିଙ୍ଗାର ।'' ଏପରି ବର୍ଣ୍ଣନା କରି ପ୍ରଭୁ କହିଲେ, ''ଆଚ୍ଛା ! ଭାଇମାନେ ! ନିଜ ନିଜ ବୁଦ୍ଧି ଅନୁସାରେ କହିଲ ଦେଖି, ଚନ୍ଦ୍ରରେ ଯେଉଁ କାଳିମା ଲାଗିଛି, ତାହା କ'ଣ ?'' ॥ ୨ ॥

**କହ ସୁଗ୍ରୀୱ ସୁନହୁ ରଘୁରାଈ । ସସି ମହୁଁ ପ୍ରଗଟ ଭୂମି କୈ ଝାଁଈ ॥**
**ମାରେଉ ରାହୁ ସସିହି କହ କୋଈ । ଉର ମହଁ ପରୀ ସ୍ୟାମତା ସୋଈ ॥ ୩ ॥**

ସୁଗ୍ରୀବ କହିଲେ, ''ହେ ରଘୁନାଥ ! ଶୁଣନ୍ତୁ, ଚନ୍ଦ୍ରଉପରେ ପୃଥିବୀର ଛାୟା ଦେଖାଯାଉଛି ।'' ଆଉ କେହି କହିଲା, ''ଚନ୍ଦ୍ରକୁ ରହୁ ମାରିଥିଲା, ତେଣୁ ଚନ୍ଦ୍ରହୃଦୟରେ ସେହି ମାଡ଼ର କଳାଦାଗ ପଡ଼ିଯାଇଛି ।'' ॥ ୩ ॥

**କୋଉ କହ ଜବ ବିଧି ରତି ମୁଖ କୀହ୍ନା । ସାର ଭାଗ ସସି କର ହରି ଲୀହ୍ନା ॥**
**ଛିଦ୍ର ସୋ ପ୍ରଗଟ ଇଂଦୁ ଉର ମାହୀଁ । ତେହି ମଗ ଦେଖିଅ ନଭ ପରିଛାହୀଁ ॥ ୪ ॥**

କେହି କହିଲା, ‘‘ଯେତେବେଳେ ବ୍ରହ୍ମା ରତିଙ୍କ (କାମଦେବଙ୍କ ସ୍ତ୍ରୀ) ମୁଖ ଗଢ଼ିଲେ, ସେତେବେଳେ ସେ ସୌନ୍ଦର୍ଯ୍ୟର ଉତ୍ସ ଚନ୍ଦ୍ରର ସାରଅଂଶ କାଢ଼ିନେଇଥିଲେ । ଫଳରେ ରତିଙ୍କ ମୁହଁଟି ସିନା ସୁନ୍ଦର ହୋଇଗଲା, ଚନ୍ଦ୍ରଙ୍କ ହୃଦୟରେ କିନ୍ତୁ ଛିଦ୍ର ହୋଇଗଲା ଏବଂ ସେହି ଛିଦ୍ର ଏବେ ବି ରହିଛି ; ସେହି ବାଟଦେଇ ଆକାଶର କଳାଛାଇ ଦେଖାଯାଉଛି ॥ ୪ ॥

**ପ୍ରଭୁ କହ ଗରଲ ବଂଧୁ ସସି କେରା । ଅତି ପ୍ରିୟ ନିଜ ଉର ଦୀହ୍ନ ବସେରା ॥**
**ବିଷ ସଂଜୁତ କର ନିକର ପସାରୀ । ଜାରତ ବିରହୱଂତ ନର ନାରୀ ॥ ୫ ॥**

ପ୍ରଭୁ ଶ୍ରୀରାମ କହିଲେ, ‘‘ବିଷ ହେଉଛି ଚନ୍ଦ୍ରର ଅତି ପ୍ରିୟ ଭାଇ ; ତେଣୁ ସେ ବିଷକୁ ନିଜ ହୃଦୟରେ ସ୍ଥାନ ଦେଇଛି ଏବଂ ତା'ର ବିଷାକ୍ତ କିରଣକୁ ବିସ୍ତାର କରି ବିରହୀ ନରନାରୀଙ୍କ ହୃଦୟରେ ଜ୍ୱାଳା ବଢ଼ାଉଛି ॥ ୫ ॥

ଦୋ:- **କହ ହନୁମଂତ ସୁନହୁ ପ୍ରଭୁ ସସି ତୁହ୍ମାର ପ୍ରିୟ ଦାସ ।**
**ତୱ ମୂରତି ବିଧୁ ଉର ବସତି ସୋଇ ସ୍ୟାମତା ଅଭାସ ॥୧୨(କ)॥**

ହନୁମାନ୍ କହିଲେ, ‘‘ହେ ପ୍ରଭୁ ! ଶୁଣନ୍ତୁ ; ଚନ୍ଦ୍ର ହେଉଛି ଆପଣଙ୍କର ପ୍ରିୟ ଦାସ । ତେଣୁ ଆପଣଙ୍କର ସୁନ୍ଦର ଶ୍ୟାମମୂର୍ତ୍ତିଟି ସେ ହୃଦୟରେ ଧାରଣ କରିଛି ; ତେଣୁ ଆପଣଙ୍କ ଶ୍ୟାମଳତାର ଝଲକ ଚନ୍ଦ୍ରରେ ଦିଶୁଛି ।'' ॥ ୧୨(କ) ॥

ନବାହ୍ନପାରାୟଣ, ସପ୍ତମ ବିଶ୍ରାମ

**ପୱନ ତନୟ କେ ବଚନ ସୁନି ବିହଁସେ ରାମୁ ସୁଜାନ ।**
**ଦଚ୍ଛିନ ଦିସି ଅୱଲୋକି ପ୍ରଭୁ ବୋଲେ କୃପାନିଧାନ ॥୧୨(ଖ)॥**

ପବନପୁତ୍ର ହନୁମାନଙ୍କ ବଚନ ଶୁଣି ସୁଜ୍ଞାନୀ ଶ୍ରୀରାମ ହସିଲେ । ତା'ପରେ ଦକ୍ଷିଣଦିଗକୁ ଚାହିଁ କୃପାନିଧାନ ପ୍ରଭୁ କହିଲେ, ॥ ୧୨(ଖ) ॥

**ଦେଖୁ ବିଭୀଷନ ଦଚ୍ଛିନ ଆସା । ଘନ ଘମଂଡ ଦାମିନୀ ବିଲାସା ॥**
**ମଧୁର ମଧୁର ଗରଜଇ ଘନ ଘୋରା । ହୋଇ ବୃଷ୍ଟି ଜନି ଉପଲ କଠୋରା ॥ ୧ ॥**

‘‘ହେ ବିଭୀଷଣ ! ଦକ୍ଷିଣଦିଗକୁ ଚାହିଁଦେଖ । କେଡ଼େ ବଡ଼ କଳା ମେଘ ଘୋଟି ଘଡ଼ଘଡ଼ି ମାରୁଛି । ମଝିରେ ମଝିରେ ବିଜୁଳି ଚମକୁଛି । ଭୟାନକ ମେଘ ମଧୁର ସ୍ୱରରେ ଗରଜୁଛି । ଲାଗୁଛି, ଯେପରି ଭୀଷଣ କୁଆପଥର ବର୍ଷା ହୋଇଯିବ !'' ॥ ୧ ॥

**କହତ ବିଭୀଷନ ସୁନହୁ କୃପାଲା । ହୋଇ ନ ତଡ଼ିତ ନ ବାରିଦ ମାଲା ॥**
**ଲଂକା ସିଖର ଉପର ଆଗାରା । ତହଁ ଦସକଂଧର ଦେଖ ଅଖାରା ॥ ୨ ॥**

ବିଭୀଷଣ କହିଲେ, ‘‘ହେ କୃପାଳୁ ! ଶୁଣନ୍ତୁ । ବିଜୁଳି ନାହିଁ, କି ମେଘମାଳା ନାହିଁ । ଲଙ୍କାର ସବୁଠାରୁ ଉଚ୍ଚସ୍ଥାନରେ ଗୋଟିଏ ମହଲ ଅଛି; ଦଶଗ୍ରୀବ ରାବଣ ସେଠାରେ ବସି ନାଚଗୀତ ଆଖଡ଼ା ଦେଖୁଛି ॥ ୨ ॥

**ଛତ୍ର ମେଘଡଂବର ସିର ଧାରୀ । ସୋଇ ଜନୁ ଜଲଦ ଘଟା ଅତି କାରୀ ॥**
**ମଂଦୋଦରୀ ଶ୍ରୱନ ତାଟଂକା । ସୋଇ ପ୍ରଭୁ ଜନୁ ଦାମିନୀ ଦମଂକା ॥ ୩ ॥**

"ମୁଣ୍ଡ ଉପରେ ରାବଣ ମେଘ ପରି ଆଡ଼ମ୍ବର (ବିଶାଳ ଓ କଳା) ଛତ୍ର ଧାରଣ କରିଛି । ସେହି ଛତ୍ରହିଁ ମେଘ ଘୋଟିଲାପରି ଦିଶୁଛି । ମନ୍ଦୋଦରୀଙ୍କ କାନରେ ଯେଉଁ କାନଫୁଲ ଲାଗିଛି, ତାହାହିଁ ବିଜୁଳି ପରି ଚମକୁଛି ॥ ୩ ॥

**ବାଜହିଁ ତାଲ ମୃଦଂଗ ଅନୂପା । ସୋଇ ରଵ ମଧୁର ସୁନହୁ ସୁରଭୂପା ॥**
**ପ୍ରଭୁ ମୁସୁକାନ ସମୁଝି ଅଭିମାନା । ଚାପ ଚଢ଼ାଇ ବାନ ସଂଧାନା ॥ ୪ ॥**

ହେ ଦେବାଧିଦେବ ! ସେଠାରେ ଯେଉଁ କରତାଳ ଓ ମୃଦଙ୍ଗ ବାଜୁଛି, ତାହାର ତୁଳନା ନାହିଁ । ଶୁଣନ୍ତୁ, ସେହି ବାଦ୍ୟହିଁ ମଧୁର ମେଘଗର୍ଜନ ପରି ଶୁଭୁଛି ।" ରାବଣର ଅହଂକାର କେତେ, ତାହା ବୁଝିପାରି ପ୍ରଭୁ ମୁରୁକି ମୁରୁକି ହସିଲେ । ସେ ଧନୁରେ ଗୁଣ ଚଢ଼ାଇ ବାଣ ଖଞ୍ଜିଦେଲେ ॥ ୪ ॥

ଦୋ:- **ଛତ୍ର ମୁକୁଟ ତାଟଂକ ତବ ହତେ ଏକହୀଁ ବାନ ।**
**ସବ କେଁ ଦେଖତ ମହି ପରେ ମରମୁ ନ କୋଉ ଜାନ ॥୧୩(କ)॥**

ଏବଂ ସେହି ଗୋଟିକ ବାଣ ମାରି ରାବଣର ଛତ୍ର, ମୁକୁଟ ଓ ମନ୍ଦୋଦରୀଙ୍କ କର୍ଣ୍ଣଫୁଲ କାଟିଦେଲେ । ସମସ୍ତେ ଦେଖୁ ଦେଖୁ ସେସବୁ ଭୂମିରେ ଖସିପଡ଼ିଲା; କିନ୍ତୁ ଏଭଳି କାଣ୍ଡର ମର୍ମ କ'ଣ, କେହି ଜାଣିପାରିଲେ ନାହିଁ ॥ ୧୩(କ) ॥

**ଅସ କୌତୁକ କରି ରାମ ସର ପ୍ରବିସେଉ ଆଇ ନିଷଂଗ ।**
**ରାଵନ ସଭା ସସଂକ ସବ ଦେଖି ମହା ରସଭଂଗ ॥୧୩(ଖ)॥**

ଏପରି ଚମତ୍କାର କାର୍ଯ୍ୟ କରିଦେଇ ଶ୍ରୀରାମଙ୍କ ବାଣ ଫେରିଆସି ପୁଣିଥରେ ତାଙ୍କ ତୂଣୀର ଭିତରେ ପଶିଗଲା । ଏଭଳି ବିରାଟ ରସଭଙ୍ଗ (ଅର୍ଥାତ୍ ଆନନ୍ଦ ମଧ୍ୟରେ ବଡ଼ ବିଘ୍ନ) ଦେଖି ରାବଣର ସମଗ୍ର ରଙ୍ଗସଭା ଭୟଭୀତ ହୋଇଗଲା ॥ ୧୩(ଖ) ॥

**କଂପ ନ ଭୂମି ନ ମରୁତ ବିସେଷା । ଅସ୍ତ୍ର ସସ୍ତ୍ର କଛୁ ନୟନ ନ ଦେଖା ॥**
**ସୋଚହିଁ ସବ ନିଜ ହୃଦୟ ମଝାରୀ । ଅସଗୁନ ଭୟଉ ଭୟଂକର ଭାରୀ ॥ ୧ ॥**

ଭୂକମ୍ପ ହୋଇ ନାହିଁ, କି ପ୍ରବଳ ବାତ୍ୟା ବୋହି ନାହିଁ, କି କେହି କୌଣସି ଅସ୍ତ୍ରଶସ୍ତ୍ର ଆଖିରେ ଦେଖିନାହାନ୍ତି, ଅଥଚ ଛତ୍ର, ମୁକୁଟ ଓ କର୍ଣ୍ଣଫୁଲ କିପରି ଝଡ଼ି ତଳେ ପଡ଼ିଗଲା !!–ଏହା ବଡ଼ ଭୟଙ୍କର ଅପଶକୁନ ବୋଲି ସମସ୍ତେ ନିଜ ନିଜ ମନ ଭିତରେ ଭାଳିହେଲେ ॥ ୧ ॥

**ଦସମୁଖ ଦେଖି ସଭା ଭୟ ପାଈ । ବିହସି ବଚନ କହ ଜୁଗୁତି ବନାଈ ॥**
**ସିରଉ ଗିରେ ସଂତତ ସୁଭ ଜାହୀ । ମୁକୁଟ ପରେ କସ ଅସଗୁନ ତାହୀ ॥ ୨ ॥**

ସଭାଲୋକେ ଭୟଭୀତ ହେବା ଦେଖି ରାବଣ ହସି ହସି ଯୁକ୍ତି ଦର୍ଶାଇଲା, "ଆରେ ! ମୁଣ୍ଡ କଟି ଗଡ଼ିଗଲେ ବି ଯାହାର ସର୍ବଦା କେବଳ ଶୁଭ ହେଉଛି, ଏ ଛତ୍ରମୁକୁଟ ଖସିପଡ଼ିବାଟା ତା'ପକ୍ଷରେ ଅପଶକୁନ (ଅଶୁଭସଂକେତ) ହେଲା କିପରି ? ॥ ୨ ॥

**ସୟନ କରହୁ ନିଜ ନିଜ ଗୃହ ଜାଈ । ଗଵନେ ଭଵନ ସକଲ ସିର ନାଈ ॥**
**ମଂଦୋଦରୀ ସୋଚ ଉର ବସେଉ । ଜବ ତେଁ ଶ୍ରଵନପୂର ମହି ଖସେଉ ॥ ୩ ॥**

ନିଜ ନିଜ ଘରକୁ ଯାଇ ଶୋଇପଡ଼ ; ଡରିବାର କିଛି ନାହିଁ ।" ଏହା ଶୁଣି ସମସ୍ତେ ମୁଣ୍ଡ ନୁଆଁଇ ଯେ

ଯାହା ଘରକୁ ଚାଲିଗଲେ । କିନ୍ତୁ କାନଫୁଲ ଖସି ତଳେ ପଡ଼ିଯିବା ପରଠୁଁ ମନ୍ଦୋଦରୀଙ୍କ ମନରେ ଚିନ୍ତା ପଶିଗଲା ॥ ୩ ॥

**ସଜଲ ନୟନ କହ ଜୁଗ କର ଜୋରୀ । ସୁନହୁ ପ୍ରାନପତି ବିନତୀ ମୋରୀ ॥**
**କଂତ ରାମ ବିରୋଧ ପରିହରହୂ । ଜାନି ମନୁଜ ଜନି ହଠ ମନ ଧରହୂ ॥ ୪ ॥**

ସଜଳ ନୟନରେ କରପତ୍ର ଯୋଡ଼ି ସେ ରାବଣକୁ କହିଲେ, ''ହେ ପ୍ରାଣନାଥ ! ମୋର ଏତିକି ବିନତି ଶୁଣନ୍ତୁ । ହେ ପ୍ରିୟତମ ! ଶ୍ରୀରାମଙ୍କ ସହିତ ଶତ୍ରୁତା ଛାଡ଼ିଦିଅନ୍ତୁ । ତାଙ୍କୁ ମନୁଷ୍ୟ ଭାବି ମନରେ ଜିଦ୍ ଧରନ୍ତୁ ନାହିଁ ॥ ୪ ॥

ଦୋ:- **ବିସ୍ୱରୂପ ରଘୁବଂସ ମନି କରହୁ ବଚନ ବିସ୍ୱାସୁ ।**
**ଲୋକ କଲ୍ପନା ବେଦ କର ଅଂଗ ଅଂଗ ପ୍ରତି ଜାସୁ ॥ ୧୪ ॥**

ମୋ'କଥା ବିଶ୍ୱାସ କରନ୍ତୁ ଯେ, ସେହି ରଘୁକୁଳଶିରୋମଣି ଶ୍ରୀରାମ ହେଉଛନ୍ତି ବିଶ୍ୱରୂପ (ଏହି ସାରା ବିଶ୍ୱ ହେଉଛି ତାଙ୍କର ରୂପ), ଯାହାଙ୍କ ପ୍ରତ୍ୟେକ ଅଙ୍ଗରେ ବେଦ ବିଭିନ୍ନ ଲୋକର କଳ୍ପନା କରନ୍ତି ॥ ୧୪ ॥

**ପଦ ପାତାଲ ସୀସ ଅଜ ଧାମା । ଅପର ଲୋକ ଅଁଗ ଅଁଗ ବିଶ୍ରାମା ॥**
**ଭୃକୁଟି ବିଲାସ ଭୟଂକର କାଲା । ନୟନ ଦିୱାକର କଚ ଘନ ମାଲା ॥ ୧ ॥**

ପାତାଳ ଯେଉଁ ବିଶ୍ୱରୂପ ଭଗବାନଙ୍କର ଚରଣ, ବ୍ରହ୍ମଲୋକ ଯାହାଙ୍କର ମସ୍ତକ ଏବଂ ଅନ୍ୟ ସମସ୍ତ ମଧ୍ୟବର୍ତ୍ତୀ ଲୋକ ଯାହାଙ୍କର ଅନ୍ୟାନ୍ୟ ବିଭିନ୍ନ ଅଙ୍ଗରେ ରହିଛି, ଭୟଙ୍କର କାଳ ଯାହାଙ୍କର ଭ୍ରୂକୁଟିସଂଚାଳନ, ସୂର୍ଯ୍ୟ ଯାହାଙ୍କର ନେତ୍ର ଓ ମେଘମାଳା ଯାହାଙ୍କର କେଶରାଶି, ॥ ୧ ॥

**ଜାସୁ ଘ୍ରାନ ଅସ୍ୱିନୀକୁମାରା । ନିସି ଅରୁ ଦିୱସ ନିମେଷ ଅପାରା ॥**
**ଶ୍ରୱନ ଦିସା ଦସ ବେଦ ବଖାନୀ । ମାରୁତ ସ୍ୱାସ ନିଗମ ନିଜ ବାନୀ ॥ ୨ ॥**

ଅଶ୍ୱିନୀକୁମାର ଯାହାଙ୍କର ନାସିକା, ରାତ୍ର ଓ ଦିବସ ଯାହାଙ୍କର ଅପାର ନିମେଷ (ପଲକପାତ), ଦଶଦିଗ ଯାହାଙ୍କର କର୍ଣ୍ଣ ବୋଲି ବେଦରେ କଥିତ, ବାୟୁ ଯାହାଙ୍କର ଶ୍ୱାସ ଓ ବେଦ ଯାହାଙ୍କର ନିଜ ବାଣୀ, ॥ ୨ ॥

**ଅଧର ଲୋଭ ଜମ ଦସନ କରାଲା । ମାୟା ହାସ ବାହୁ ଦିଗପାଲା ॥**
**ଆନନ ଅନଲ ଅଂବୁପତି ଜୀହା । ଉତପତି ପାଲନ ପ୍ରଲୟ ସମୀହା ॥ ୩ ॥**

ଲୋଭ ଯାହାଙ୍କର ଅଧର, ଯମରାଜ ଯାହାଙ୍କର ଭୟଙ୍କର ଦନ୍ତ, ମାୟା ଯାହାଙ୍କର ହାସ୍ୟ, ଦିଗପାଳମାନେ ଯାହାଙ୍କର ଭୁଜ, ଅଗ୍ନି ଯାହାଙ୍କର ମୁଖ, ବରୁଣ ଯାହାଙ୍କର ଜିହ୍ୱା, ଉତ୍ପତ୍ତି, ପାଳନ ଓ ପ୍ରଳୟ ଯାହାଙ୍କର ଚେଷ୍ଟା (କ୍ରିୟା), ॥ ୩ ॥

**ରୋମ ରାଜି ଅଷ୍ଟାଦସ ଭାରା । ଅସ୍ଥି ସୈଲ ସରିତା ନସ ଜାରା ॥**
**ଉଦର ଉଦଧି ଅଧଗୋ ଜାତନା । ଜଗମୟ ପ୍ରଭୁ କା ବହୁ କଲପନା ॥ ୪ ॥**

ଅଠରପ୍ରକାର ମୁଖ୍ୟବନସ୍ପତି ଯାହାଙ୍କର ରୋମାବଳୀ, ପର୍ବତ ଯାହାଙ୍କର ଅସ୍ଥି, ନଦୀମାନେ ଯାହାଙ୍କର ଶିରାପ୍ରଶିରା, ସମୁଦ୍ର ଯାହାଙ୍କର ଉଦର ଏବଂ ନରକ ଯାହାଙ୍କର ଅଧୋଭାଗର ଇନ୍ଦ୍ରିୟ, ସେହି ପ୍ରଭୁ ଶ୍ରୀରାମ ହେଉଛନ୍ତି ଏପରି ବିଶ୍ୱମୟ । ତାଙ୍କ ବିଷୟରେ ଅଧିକ ଆଉ କି କଳ୍ପନା କରାଯାଇପାରେ ? ॥ ୪ ॥

ଦୋ:- **ଅହଂକାର ସିୱ ବୁଦ୍ଧି ଅଜ ମନ ସସି ଚିତ୍ତ ମହାନ ।**
**ମନୁଜ ବାସ ସଚରାଚର ରୂପ ରାମ ଭଗୱାନ ॥ ୧୫(କ) ॥**

ଶିବ ଯାହାଙ୍କର ଅହଂକାର, ବ୍ରହ୍ମା ଯାହାଙ୍କର ବୁଦ୍ଧି, ଚନ୍ଦ୍ର ଯାହାଙ୍କର ମନ ଓ ମହାନ୍ (ବିଷ୍ଣୁ) ଯାହାଙ୍କର ଚିତ୍ତ, ସେହି ଚରାଚରରୂପ ଭଗବାନ୍ ଶ୍ରୀରାମ ମନୁଷ୍ୟରୂପରେ ଅବତରିତ ହୋଇଛନ୍ତି ॥ ୧୫(କ) ॥

**ଅସ ବିଚାରି ସୁନୁ ପ୍ରାନପତି ପ୍ରଭୁ ସନ ବୟରୁ ବିହାଇ ।**
**ପ୍ରୀତି କରହୁ ରଘୁବୀର ପଦ ମମ ଅହିୱାତ ନ ଜାଇ ॥୧୫(ଖ)॥**

ହେ ପ୍ରାଣପତି ! ଶୁଣନ୍ତୁ; ଏହିପରି ବିଚାର କରି, ପ୍ରଭୁଙ୍କ ସହିତ ବୈରଭାବ ଛାଡ଼ିଦିଅନ୍ତୁ; ଶ୍ରୀ ରଘୁବୀରଙ୍କ ଚରଣଯୁଗଳରେ ପ୍ରୀତି କରନ୍ତୁ; ତାହାହେଲେ ମୋ ସୌଭାଗ୍ୟ ଅଖଣ୍ଡ ରହିବ (କାଚ ବଜ୍ର ହୋଇ ରହିବ) ।'' ॥ ୧୫(ଖ) ॥

**ବିହଁସା ନାରି ବଚନ ସୁନି କାନା । ଅହୋ ମୋହ ମହିମା ବଲୱାନା ॥**
**ନାରି ସୁଭାଉ ସତ୍ୟ ସବ କହହୀଁ । ଅୱଗୁନ ଆଠ ସଦା ଉର ରହହୀଁ ॥ ୧ ॥**

ପତ୍ନୀର କଥା ଶୁଣି ରାବଣ ଖୁବ୍ ହସିଲା । କହିଲା, ''ଓହୋ ! ମୋହ(ଅଜ୍ଞାନ)ର ମହିମା କେଡ଼େ ବଳବାନ୍ ନୁହେଁ ସତେ ! ଲୋକେ ତା'ହେଲେ ସତରେ କହନ୍ତି ଯେ, ନାରୀସ୍ୱଭାବରେ ସବୁବେଳେ ଆଠଟି ଦୁର୍ଗୁଣ ରହିଥାଏ; ॥ ୧ ॥

**ସାହସ ଅନୃତ ଚପଲତା ମାୟା । ଭୟ ଅବିବେକ ଅସୌଚ ଅଦାୟା ॥**
**ରିପୁ କର ରୂପ ସକଲ ତୈଁ ଗାୱା । ଅତି ବିସାଲ ଭୟ ମୋହି ସୁନାୱା ॥ ୨ ॥**

ସେଗୁଡ଼ିକ ହେଲା : ସାହସ, ମିଥ୍ୟା, ଚଞ୍ଚଳତା, ମାୟା, ଭୟ, ଅବିବେକିତା, ଅପବିତ୍ରତା ଓ ନିର୍ଦ୍ଦୟତା । ତୁମେ ଶତ୍ରୁର ସମଗ୍ର ବିରାଟରୂପ ବର୍ଣ୍ଣନା କରି ମୋତେ କେଡ଼େ ଭୟଙ୍କର କଥା ନ ଶୁଣାଇଦେଲ ସତେ ! ॥ ୨ ॥

**ସୋ ସବ ପ୍ରିୟା ସହଜ ବସ ମୋରେଁ । ସମୁଝି ପରା ପ୍ରସାଦ ଅବ ତୋରେଁ ॥**
**ଜାନିଉଁ ପ୍ରିୟା ତୋରି ଚତୁରାଈ । ଏହି ବିଧି କହହୁ ମୋରି ପ୍ରଭୁତାଈ ॥ ୩ ॥**

ହେ ପ୍ରିୟେ ! ସେସବୁ ଚରାଚର ବିଶ୍ୱ ସ୍ୱଭାବତଃ ମୋ ଅଧୀନରେ ରହିଛି । ହେ ପ୍ରିୟତମା ! ତୁମ କୃପାରୁ ଏଥର ମୁଁ ଏସବୁ କଥା ବୁଝିପାରିଲି । ତୁମ ଚତୁରତା ମୁଁ ଜାଣିଗଲି; ତୁମେ ଏପରିଭାବରେ (ଏକ ବାହାନା କରି) ମୋରି ପ୍ରଭୁତ୍ୱହିଁ ଗାଉଛ ॥ ୩ ॥

**ତୱ ବତକହୀ ଗୂଢ଼ ମୃଗଲୋଚନି । ସମୁଝତ ସୁଖଦ ସୁନତ ଭୟ ମୋଚନି ॥**
**ମଂଦୋଦରି ମନ ମହୁଁ ଅସ ଠୟଉ । ପିୟହି କାଲ ବସ ମତିଭ୍ରମ ଭୟଉ ॥ ୪ ॥**

ହେ ମୃଗନୟନୀ ! ତୁମ କଥା ଅତି ଗୂଢ଼ (ରହସ୍ୟଭରା) । ବୁଝିଗଲେ ଖୁସି ଲାଗେ; ଶୁଣିଲେ ଭୟ ଛାଡ଼ିପଳାଏ ।'' ମନ୍ଦୋଦରୀ ମନେ ମନେ ନିର୍ଣ୍ଣୟ କଲେ ଯେ, କାଳବଶ ହୋଇ ପତିଙ୍କର ମତିଭ୍ରମ ଘଟିଲାଣି ॥ ୪ ॥

ଦୋଃ- **ଏହି ବିଧି କରତ ବିନୋଦ ବହୁ ପ୍ରାତ ପ୍ରଗଟ ଦସକଂଧ ।**
**ସହଜ ଅସଂକ ଲଂକପତି ସଭାଁ ଗୟଉ ମଦ ଅଂଧ ॥୧୬(କ)॥**

ରାବଣ ଏପରି ବିନୋଦ କରୁ କରୁ ରାତି ପାହିଗଲା । ସ୍ୱଭାବତଃ ନିର୍ଭୀକ ଓ ଗର୍ବାନ୍ଧ ଲଙ୍କପତି ସଭାକୁ ଚାଲିଗଲା ॥ ୧୬(କ) ॥

ସୋଃ- **ଫୂଲଇ ଫରଇ ନ ବେତ ଜଦପି ସୁଧା ବରଷହିଁ ଜଲଦ ।**
**ମୂରୁଖ ହୃଦୟଁ ନ ଚେତ ଜୌଁ ଗୁର ମିଲହିଁ ବିରଂଚି ସମ ॥୧୬(ଖ)॥**

ମେଘ ଅମୃତତୁଲ୍ୟ ବର୍ଷା କଲେ ବି ବେତଗଛରେ ଯେପରି ଫୁଲଫଳ ଧରେ ନାହିଁ, ବ୍ରହ୍ମାଙ୍କ ସମାନ ଜ୍ଞାନୀଗୁରୁ ମିଳିଗଲେ ବି ମୂର୍ଖର ହୃଦୟରେ ସେହିପରି ଜ୍ଞାନୋଦୟ ହୁଏ ନାହିଁ ॥ ୧୬(ଖ)॥

**ଇହାଁ ପ୍ରାତ ଜାଗେ ରଘୁରାଈ । ପୂଛା ମତ ସବ ସଚିୱ ବୋଲାଈ ॥**
**କହହୁ ବେଗି କା କରିଅ ଉପାଈ । ଜାମୱଂତ କହ ପଦ ସିରୁ ନାଈ ॥ ୧ ॥**

ଏଣେ ସୁବେଳ ପର୍ବତରେ ପ୍ରାତଃକାଳ ହେବାରୁ ଶ୍ରୀରଘୁନାଥ ଉଠିଲେ ଏବଂ ସବୁମନ୍ତ୍ରୀଙ୍କୁ ଡକାଇ ପରାମର୍ଶ ମାଗିଲେ, ''ବର୍ତ୍ତମାନ କି ଉପାୟ କରାଯିବ, ଶୀଘ୍ର କହନ୍ତୁ ।'' ଶ୍ରୀରାମଙ୍କ ଚରଣରେ ମଥା ନୁଆଁଇ ଜାମ୍ବବାନ୍ କହିଲେ, ॥ ୧ ॥

**ସୁନୁ ସର୍ବଗ୍ୟ ସକଲ ଉର ବାସୀ । ବୁଧି ବଲ ତେଜ ଧର୍ମ ଗୁନ ରାସୀ ॥**
**ମଂତ୍ର କହଉଁ ନିଜ ମତି ଅନୁସାରା । ଦୂତ ପଠାଇଅ ବାଲିକୁମାରା ॥ ୨ ॥**

''ହେ ସର୍ବଜ୍ଞ ! ହେ ସର୍ବାନ୍ତର୍ଯାମୀ ! ହେ ବୁଦ୍ଧି, ବଳ, ତେଜ, ଧର୍ମ ଓ ଗୁଣର ରାଶି ! ଶୁଣନ୍ତୁ; ମୋ ବୁଦ୍ଧି ଅନୁଯାୟୀ ମୁଁ ଏହି ପରାମର୍ଶ ଦେବି ଯେ, ବାଲିସୁତ ଅଙ୍ଗଦଙ୍କୁ ଦୂତ କରି ରାବଣ-ସଭାକୁ ପଠାଯାଉ ।'' ॥ ୨ ॥

**ନୀକ ମଂତ୍ର ସବ କେ ମନ ମାନା । ଅଂଗଦ ସନ କହ କୃପାନିଧାନା ॥**
**ବାଲିତନୟ ବୁଧି ବଲ ଗୁନ ଧାମା । ଲଂକା ଜାହୁ ତାତ ମମ କାମା ॥ ୩ ॥**

ଏହି ସୁନ୍ଦର ପ୍ରସ୍ତାବଟି ସମସ୍ତଙ୍କ ମନକୁ ପାଇଲା । କୃପାନିଧାନ ଶ୍ରୀରାମ ଅଙ୍ଗଦଙ୍କୁ କହିଲେ, ''ହେ ବଳ, ବୁଦ୍ଧି ଓ ଗୁଣର ନିଧାନ ବାଲିପୁତ୍ର ! ଶୁଣ ବାବୁ ! ତୁମେ ମୋ କାମରେ ଲଙ୍କା ଗଡ଼କୁ ଯାଅ ॥ ୩ ॥

**ବହୁତ ବୁଝାଇ ତୁମ୍ହହି କା କହଉଁ । ପରମ ଚତୁର ମୈଁ ଜାନତ ଅହଉଁ ॥**
**କାଜୁ ହମାର ତାସୁ ହିତ ହୋଈ । ରିପୁ ସନ କରେହୁ ବତକହୀ ସୋଈ ॥ ୪ ॥**

ତୁମକୁ ମୁଁ ଅଧିକ କ'ଣ ବା ବୁଝାଇବି ! ମୁଁ ଜାଣେ, ତୁମେ ପରମ ଚତୁର । ଶତ୍ରୁ ସହିତ ଏପରି କଥାବାର୍ତ୍ତା କରିବ ଯେ, ସେଥିରେ ଆମର କାର୍ଯ୍ୟସିଦ୍ଧି ହେବ ଏବଂ ତା'ର ମଧ୍ୟ ମଙ୍ଗଳ ହେବ ।'' ॥ ୪ ॥

ସୋः- **ପ୍ରଭୁ ଅଗ୍ୟା ଧରି ସୀସ ଚରନ ବଂଦି ଅଗଂଦ ଉଠେଉ ।**
**ସୋଇ ଗୁନ ସାଗର ଈସ ରାମ କୃପା ଜା ପର କରହୁ ॥୧୭(କ)॥**

ପ୍ରଭୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଏବଂ ପ୍ରଭୁଙ୍କ ଚରଣ ବନ୍ଦନା କରି ଅଙ୍ଗଦ ଉଠି ଠିଆ ହେଲେ । ଭାବିଲେ, ''ହେ ଭଗବାନ୍ ଶ୍ରୀରାମ ! ଯାହା ଉପରେ ଆପଣଙ୍କର କୃପା ହୁଏ, ସେ ଗୁଣର ସାଗର ହୋଇଯାଏ ॥ ୧୭(କ) ॥

**ସ୍ୱୟଂସିଦ୍ଧ ସବ କାଜ ନାଥ ମୋହି ଆଦର ଦିୟଉ ।**
**ଅସ ବିଚାରି ଜୁବରାଜ ତନ ପୁଲକିତ ହରଷିତ ହିୟଉ ॥୧୭(ଖ)॥**

ପ୍ରଭୁ ନିଜ କାର୍ଯ୍ୟରେ ପଠାଇ ମୋତେ ସମ୍ମାନ ଦେଉଛନ୍ତିମାତ୍ର, ପ୍ରକୃତରେ ପ୍ରଭୁଙ୍କର ସକଳ କାର୍ଯ୍ୟ ସ୍ୱତଃସିଦ୍ଧ ।'' ଏପରି ବିଚାର କରି ଯୁବରାଜ ଅଙ୍ଗଦଙ୍କ ହୃଦୟ ଆନନ୍ଦିତ ଓ ଅଙ୍ଗ ପୁଲକିତ ହୋଇଗଲା ॥ ୧୭(ଖ) ॥

**ବଂଦି ଚରନ ଉର ଧରି ପ୍ରଭୁତାଈ । ଅଂଗଦ ଚଲେଉ ସବହି ସିରୁ ନାଈ ॥**
**ପ୍ରଭୁ ପ୍ରତାପ ଉର ସହଜ ଅସଂକା । ରନ ବାଁକୁରା ବାଲିସୁତ ବଂକା ॥ ୧ ॥**

ପ୍ରଭୁଙ୍କ ଚରଣ ବନ୍ଦନା କରି ଓ ହୃଦୟରେ ଭଗବାନଙ୍କର ମହିମା ଧାରଣ କରି ଅଙ୍ଗଦ ସମସ୍ତଙ୍କୁ ପ୍ରଣାମ କଲେ । ହୃଦୟରେ ପ୍ରଭୁଙ୍କ ପ୍ରତାପ ଧାରଣ କରିଥିବା ବାଳିପୁତ୍ର ସ୍ୱଭାବତଃ ନିର୍ଭୀକ ଓ ରଣବୀର ଥିଲେ ॥ ୧ ॥

**ପୁର ପୈଠତ ରାୱନ କର ବେଟା । ଖେଲତ ରହା ସୋ ହୋଇ ଗୈ ଭେଟା ॥**
**ବାତହିଁ ବାତ କରଷ ବଢ଼ି ଆଈ । ଜୁଗଲ ଅତୁଲ ବଲ ପୁନି ତରୁନାଈ ॥ ୨ ॥**

ଲଙ୍କାରେ ପ୍ରବେଶ କରୁ କରୁ ରାବଣର ପୁଅ ସହିତ ତାଙ୍କର ଭେଟ ହୋଇଗଲା । ରାବଣର ପୁଅ ସେଠାରେ ଖେଳୁଥିଲା । ଦିହିଙ୍କି ଦିହେଁ ବଳବାନ୍; ଉଭୟଙ୍କର ଯୁବାବୟସ; ତେଣୁ କଥାରୁ କଥାରୁ ଦୁହିଙ୍କ ମଧ୍ୟରେ ଝଗଡ଼ା ଲାଗିଗଲା ॥ ୨ ॥

**ତେହିଁ ଅଂଗଦ କହୁଁ ଲାତ ଉଠାଈ । ଗହି ପଦ ପଟକେଉ ଭୂମି ଭୱାଁଈ ॥**
**ନିସିଚର ନିକର ଦେଖି ଭଟ ଭାରୀ । ଜହଁ ତହଁ ଚଲେ ନ ସକହିଁ ପୁକାରୀ ॥ ୩ ॥**

ରାବଣପୁଅ ଅଙ୍ଗଦଙ୍କ ଉପରକୁ ଲାତ ଉଠାଇଲା । କିନ୍ତୁ ଅଙ୍ଗଦ ତା'ର ଉଠାଇଥିବା ଗୋଡ଼ଟି ଧରିପକାଇ ତାକୁ ଘୂରାଇ ଘୂରାଇ ତଳେ କଚାଡ଼ିଦେଲେ; ସେତିକିରେ ସେ ମରିଗଲା । କେହି ଜଣେ ବଡ଼ ଯୋଦ୍ଧା ଆସିଛି ଜାଣି ରାକ୍ଷସମାନେ ଯେ ଯେଉଁଆଡ଼େ ପାରିଲେ, ଦୌଡ଼ିପଳାଇଗଲେ; ଭୟରେ କେହି ପାଟି ବି କରିପାରିଲେ ନାହିଁ ॥ ୩ ॥

**ଏକ ଏକ ସନ ମରମୁ ନ କହହୀଁ । ସମୁଝି ତାସୁ ବଧ ଚୁପ କରି ରହହୀଁ ॥**
**ଭୟଉ କୋଲାହଲ ନଗର ମଝାରୀ । ଆୱା କପି ଲଂକା ଜେହିଁ ଜାରୀ ॥ ୪ ॥**

କଥାର ମର୍ମ କେହି କାହାକୁ ଖୋଲି କହିଲେ ନାହିଁ । ରାବଣର ପୁଅ ମରିଯିବା କଥା ଜାଣି ସମସ୍ତେ ଚୁପ୍ ମାରି ରହିଗଲେ । ରାକ୍ଷସମାନେ ଭୟରେ ଧାଉଁଥିବାର ଦେଖି ନଗରରେ ଚହଳ ପଡ଼ିଗଲା ଯେ, ଯେଉଁ ବାନରଟା ଲଙ୍କା ପୋଡ଼ିଥିଲା, ସେ ପୁଣି ଥରେ ପଶିଆସିଛି ॥ ୪ ॥

**ଅବ ଧୌଁ କହା କରିହି କରତାରା । ଅତି ସଭୀତ ସବ କରହିଁ ବିଚାରା ॥**
**ବିନୁ ପୂଛେଁ ମଗୁ ଦେହିଁ ଦିଖାଈ । ଜେହି ବିଲୋକ ସୋଇ ଜାଇ ସୁଖାଈ ॥ ୫ ॥**

"ବିଧାତା ଏଥର କ'ଣ କରିବ କେଜାଣି !" ଏଭଳି ଚିନ୍ତା କରି ସମସ୍ତେ ଅତ୍ୟନ୍ତ ଭୟଭୀତ ହୋଇଗଲେ । ଅଙ୍ଗଦ ନ ପଚାରୁଣୁ ଲୋକେ ତାଙ୍କୁ ରାବଣଦରବାରକୁ ବାଟ ଦେଖାଇଦେଲେ । ସେ ଯାହାକୁ ଚାହିଁଦେଉଥିଲେ, ତା'ମୁହଁ ଭୟରେ ଶୁଖିଯାଉଥିଲା ॥ ୫ ॥

ଦୋଃ- **ଗୟଉ ସଭା ଦରବାର ତବ ସୁମିରି ରାମ ପଦ କଂଜ ।**
**ସିଂହ ଠୱନି ଇତ ଉତ ଚିତୱ ଧୀର ବୀର ବଲ ପୁଂଜ ॥ ୧୮ ॥**

ଶ୍ରୀରାମଙ୍କ ଚରଣକମଳ ସ୍ମରଣ କରି ଅଙ୍ଗଦ ଯାଇ ରାବଣର ସଭାକକ୍ଷର ଦ୍ୱାରଦେଶରେ ପହଞ୍ଚିଗଲେ । ଧୀର, ବୀର ଓ ବଳବାନ୍ ଅଙ୍ଗଦ ସିଂହଠାଣିରେ ଏପଟକୁ ସେପଟକୁ ଚାହିଁଲେ ॥ ୧୮ ॥

**ତୁରତ ନିସାଚର ଏକ ପଠାୱା । ସମାଚାର ରାୱନହିଁ ଜନାୱା ॥**
**ସୁନତ ବିହଁସି ବୋଲା ଦସସୀସା । ଆନହୁ ବୋଲି କହାଁ କର କୀସା ॥ ୧ ॥**

ଅବିଳମ୍ବେ ସେ ଜଣେ ରାକ୍ଷସହାତରେ ରାବଣପାଖକୁ ନିଜ ଆଗମନ ସମାଚାର ପଠାଇଦେଲେ । ସମାଚାର ଶୁଣି ରାବଣ ହସିଲା ଏବଂ କହିଲା, "ତାକୁ ଡାକି ଆଣ; ସେଇଟା କେଉଁଠିକା ମାଙ୍କଡ଼, ଦେଖିବା ।" ॥ ୧ ॥

**ଆୟସୁ ପାଇ ଦୂତ ବହୁ ଧାଏ । କପିକୁଂଜରହି ବୋଲି ଲୈ ଆଏ ॥**
**ଅଂଗଦ ଦୀଖ ଦସାନନ ବୈସେଁ । ସହିତ ପ୍ରାନ କଜ୍ଜଲଗିରି ଜୈସେଁ ॥ ୨ ॥**

ଆଜ୍ଞା ପାଇ ଅନେକ ଦୂତ ଧାଇଁଗଲେ ଏବଂ ବାନରଶ୍ରେଷ୍ଠ ଅଙ୍ଗଦଙ୍କୁ ଡାକିଆଣିଲେ । ରାବଣର ବସିବା ଢଙ୍ଗ ଦେଖି ଅଙ୍ଗଦଙ୍କୁ ଲାଗିଲା, ସତେ ଯେପରି କଜ୍ଜଳର ଗୋଟିଏ ଜୀବନ୍ତ ପାହାଡ଼ ବସିଛି ॥ ୨ ॥

**ଭୁଜା ବିଟପ ସିର ସୃଂଗ ସମାନା । ରୋମାୱଲୀ ଲତା ଜନୁ ନାନା ॥**
**ମୁଖ ନାସିକା ନୟନ ଅରୁ କାନା । ଗିରି କଂଦରା ଖୋହ ଅନୁମାନା ॥ ୩ ॥**

ତା'ର ହାତଗୁଡ଼ାକ ଗଛ ପରି ଓ ମୁଣ୍ଡଗୁଡ଼ାକ ପର୍ବତଶିଖର ପରି ହୋଇଥାଏ । ଦେହର ଲୋମଗୁଡ଼ାକ ତ ଲତା ପରି ମାଡ଼ିଥାଏ । ତାର ମୁହଁ, ଆଖି, ନାକ, କାନଗୁଡ଼ାକ ପର୍ବତର ଗୁମ୍ଫା ଓ ଖୋଲ ପରି ହୋଇଥାଏ ॥ ୩ ॥

**ଗୟଉ ସଭାଁ ମନ ନେକୁ ନ ମୁରା । ବାଲିତନୟ ଅତିବଲ ବାଁକୁରା ॥**
**ଉଠେ ସଭାସଦ କପି କହୁଁ ଦେଖୀ । ରାୱନ ଉର ଭା କ୍ରୋଧ ବିସେଷୀ ॥ ୪ ॥**

ଅତ୍ୟନ୍ତ ବଳବାନ୍ ରଣବୀର ବାଳିପୁତ୍ର ତିଳେମାତ୍ର ଭୟ ନ କରି ସଭାଭିତରକୁ ପଶିଗଲେ । ଅଙ୍ଗଦଙ୍କୁ ଦେଖି ସବୁସଭାସଦ୍ ଠିଆ ହୋଇପଡ଼ିଲେ । ଏହା ଦେଖି ରାବଣର ହୃଦୟରେ ପ୍ରଚଣ୍ଡ କ୍ରୋଧ ଜାତ ହେଲା ॥ ୪ ॥

ଦୋଃ- **ଜଥା ମତ୍ତ ଗଜ ଜୂଥ ମହୁଁ ପଂଚ୍ୱନନ ଚଲି ଜାଇ ।**
**ରାମ ପ୍ରତାପ ସୁମିରି ମନ ବୈଠ ସଭାଁ ସିରୁ ନାଇ ॥ ୧୯ ॥**

ସିଂହ ଯେପରି ମତ୍ତହସ୍ତୀମାନଙ୍କ ପଲଭିତରେ ନିର୍ଭୟରେ ପଶିଯାଏ, ଅଙ୍ଗଦ ସେହିପରି ନିର୍ଭୟରେ ଯାଇ, ଶ୍ରୀରାମଙ୍କ ପ୍ରତାପ ସ୍ମରଣ କରି, ମୁଣ୍ଡ ନୁଆଇଁ ରାବଣସଭାରେ ବସିପଡ଼ିଲେ ॥ ୧୯ ॥

**କହ ଦସକଂଠ କୱନ ତୈଁ ବଂଦର । ମୈଁ ରଘୁବୀର ଦୂତ ଦସକଂଧର ॥**
**ମମ ଜନକହି ତୋହି ରହୀ ମିତାଈ । ତୱ ହିତ କାରନ ଆୟଉଁ ଭାଈ ॥ ୧ ॥**

ରାବଣ ପଚ୍ଚରିଲା, "କିରେ ବାନର, ତୁ କିଏ ?" ଅଙ୍ଗଦ କହିଲେ, "ହେ ଦଶଗ୍ରୀବ ! ମୁଁ ହେଉଛି ଶ୍ରୀରଘୁବୀରଙ୍କର ଦୂତ । ମୋ ପିତାଙ୍କର ତୁମ ସହିତ ମିତ୍ରତା ଥିଲା । ତେଣୁ ହେ ଭାଇ ! ମୁଁ ତୁମର ମଙ୍ଗଳପାଇଁ ଏଠାକୁ ଆସିଛି ॥ ୧ ॥

**ଉତ୍ତମ କୁଲ ପୁଲସ୍ତି କର ନାତୀ । ସିୱ ବିରଂଚି ପୂଜେହୁ ବହୁ ଭାଁତୀ ॥**
**ବର ପାୟହୁ କୀନ୍ହେହୁ ସବ କାଜା । ଜୀତେହୁ ଲୋକପାଲ ସବ ରାଜା ॥ ୨ ॥**

ତୁମେ ଉତ୍ତମ କୁଳରେ ଜନ୍ମ ହୋଇଛ । ତୁମେ ପୁଲସ୍ତ୍ୟ ଋଷିଙ୍କ ନାତି । ତୁମେ ଶିବଙ୍କୁ ଓ ବ୍ରହ୍ମାଙ୍କୁ ବହୁପ୍ରକାରେ ପୂଜା କରିଛ । ସେହିମାନଙ୍କ ବର ପାଇ ତୁମେ ସବୁକାମରେ ସିଦ୍ଧ ହୋଇଛ । ଲୋକପାଳମାନଙ୍କୁ ଏବଂ ରାଜାମାନଙ୍କୁ ତୁମେ ଜୟ କରିଛ ॥ ୨ ॥

**ନୃପ ଅଭିମାନ ମୋହ ବସ କିଂବା । ହରି ଆନିହୁ ସୀତା ଜଗଦଂବା ॥**
**ଅବ ସୁଭ କହା ସୁନହୁ ତୁମ୍ହ ମୋରା । ସବ ଅପରାଧ ଛମିହି ପ୍ରଭୁ ତୋରା ॥ ୩ ॥**

ରାଜମଦରେ ହେଉ କିମ୍ବା ମୋହବଶତଃ ହେଉ, ତୁମେ ଜଗଜ୍ଜନନୀ ସୀତାଙ୍କୁ ହରଣ କରିଆଣିଛ । ବର୍ତ୍ତମାନ ମୁଁ ତୁମ ହିତପାଇଁ କହୁଛି, ଶୁଣ । ମୋ କଥା ମାନିଲେ, ପ୍ରଭୁ ଶ୍ରୀରାମ ତୁମର ସବୁ ଅପରାଧ କ୍ଷମା କରିଦେବେ ॥ ୩ ॥

**ଦସନ ଗହହୁ ତୃନ କଂଠ କୁଠାରୀ । ପରିଜନ ସହିତ ସଂଗ ନିଜ ନାରୀ ॥**
**ସାଦର ଜନକସୁତା କରି ଆଗେଁ । ଏହି ବିଧି ଚଲହୁ ସକଲ ଭୟ ତ୍ୟାଗେଁ ॥ ୪ ॥**

ଦାନ୍ତରେ ତିରଣ ଧରି, ବେକରେ କୁରାଢ଼ି ପକାଇ, ସକୁଟୁମ୍ବେ ନିଜ ସ୍ତ୍ରୀପିଲାଙ୍କୁ ଧରି, ସମ୍ମାନର ସହିତ ସୀତାଙ୍କୁ ଆଗେ ଆଗେ ପଠାଇ ତୁମେ ନିର୍ଭୟରେ ଯାଅ, ॥ ୪ ॥

ଦୋଃ- **ପ୍ରନତପାଲ ରଘୁବଂସମନି ତ୍ରାହି ତ୍ରାହି ଅବ ମୋହି ।**
**ଆରତ ଗିରା ସୁନତ ପ୍ରଭୁ ଅଭୟ କରୈଗୋ ତୋହି ॥ ୨୦ ॥**

ଏବଂ 'ହେ ଶରଣାଗତରକ୍ଷକ ! ହେ ରଘୁବଂଶଶିରୋମଣି ଶ୍ରୀରାମ ! ମୋତେ ରକ୍ଷା କରନ୍ତୁ ! ରକ୍ଷା କରନ୍ତୁ !' ଏପରି କହି ପ୍ରଭୁଙ୍କ ପାଖରେ ଆର୍ତ୍ତପ୍ରାର୍ଥନା କର । ତୁମ ଆର୍ତ୍ତନିବେଦନ ଶୁଣିବାମାତ୍ରେ ପ୍ରଭୁ ତୁମକୁ ଅଭୟ କରିଦେବେ ॥ ୨୦ ॥

**ରେ କପିପୋତ ବୋଲୁ ସଂଭାରୀ । ମୂଢ଼ ନ ଜାନେହି ମୋହି ସୁରାରୀ ॥**
**କହୁ ନିଜ ନାମ ଜନକ କର ଭାଈ । କେହି ନାତେଁ ମାନିଐ ମିତାଈ ॥ ୧ ॥**

ରାବଣ କହିଲା, "ଆରେ ହେ ମାଙ୍କଡ଼ଟୋକା ! ମୁହଁ ସମ୍ଭାଳି କଥା କହ । ଆରେ ମୂର୍ଖ ! ତୁ ମୋତେ ଦେବଶତ୍ରୁ ବୋଲି ଜାଣିନୁ ? ଆଗ ତୋ ନାଆଁଟା କ'ଣ କହିଲୁ । ତୋ ବାପ ନାଆଁ କ'ଣ ? କେଉଁ ସମ୍ପର୍କରୁ ମିତ୍ରତା ଥିଲା ବୋଲି ମାନୁଛୁ ?" ॥ ୧ ॥

**ଅଂଗଦ ନାମ ବାଲି କର ବେଟା । ତାସୋଁ କବହୁଁ ଭଈ ହୀ ଭେଟା ॥**
**ଅଂଗଦ ବଚନ ସୁନତ ସକୁଚାନା । ରହା ବାଲି ବାନର ମୈଁ ଜାନା ॥ ୨ ॥**

ଅଙ୍ଗଦ କହିଲେ, "ମୋ ନାଆଁ ଅଙ୍ଗଦ । ମୁଁ ହେଉଛି ବାଳିଙ୍କ ପୁତ୍ର । ତାଙ୍କ ସଙ୍ଗେ ତୁମର ଭେଟ ହୋଇଥିଲା ନା, ନାହିଁ ?" ଅଙ୍ଗଦଙ୍କ କଥା ଶୁଣି ରାବଣ ଟିକିଏ ସଂକୋଚିଗଲା । [କହିଲା,] "ହଁ, ହଁ । ଜାଣିଗଲି; ମୋର ମନେ ପଡୁଛି, ବାଳି ବୋଲି ଗୋଟାଏ ବାନର ଥିଲା ॥ ୨ ॥

**ଅଂଗଦ ତହୀଁ ବାଲି କର ବାଲକ । ଉପଜେହୁ ବଂସ ଅନଲ କୁଲ ଘାଲକ ॥**
**ଗର୍ଭ ନ ଗୟହୁ ବ୍ୟର୍ଥ ତୁମ୍ହ ଜାୟହୁ । ନିଜ ମୁଖ ତାପସ ଦୂତ କହାୟହୁ ॥ ୩ ॥**

ଆରେ ଅଙ୍ଗଦ ! ତୁ ତା'ହେଲେ ସେହି ବାଳିର ପୁଅ ? ଆରେ କୁଳଘାତକ ! ତା'ହେଲେ ତୁମ ବଂଶରୂପକ ବାଉଁଶକୁ ପୋଡ଼ିଦେବାକୁ ତୁ ନିଆଁ ହୋଇ ଜନ୍ମ ହୋଇଛୁ ନା ! ତୁ'ଟା ମାଆପେଟରେ ମରି ନ ଗଲୁ କାହିଁକି କେଜାଣି ? ତୋ ଜନ୍ମଟା ବୃଥା ହୋଇଗଲା ରେ ! ତୁ ନିଜ ମୁହଁରେ ସେ ତପସ୍ୱୀଟାର ଦୂତ ବୋଲି କହିହେଉଛୁ !! ଛିଃ ! ॥ ୩ ॥

**ଅବ କହୁ କୁସଲ ବାଲି କହଁ ଅହଈ । ବିହଁସି ବଚନ ତବ ଅଂଗଦ କହଈ ॥**
**ଦିନ ଦସ ଗଏଁ ବାଲି ପହିଁ ଜାଈ । ବୂଝେହୁ କୁସଲ ସଖା ଉର ଲାଈ ॥ ୪ ॥**

ଆଚ୍ଛା ! ବାଳିର ସବୁ କୁଶଳ ତ ? ଆଜିକାଲି ସେ ରହୁଛି କେଉଁଠି ?" ଏହା ଶୁଣି ଅଙ୍ଗଦ ହସିଦେଇ କହିଲେ, "ଆଉ ଦଶଟା (କିଛି) ଦିନ ଗଲେ ତୁମେ ବି ବାଳିଙ୍କ ପାଖକୁ ଯାଇ, ମଇତ୍ରଙ୍କୁ ଛାତିରେ କୁଣ୍ଢେଇଧରିବ । ସେଇଠି ତାଙ୍କୁ ତାଙ୍କ କୁଶଳ ସମାଚାର ପଚାରି ବୁଝିବ ॥ ୪ ॥

**ରାମ ବିରୋଧ କୁସଲ ଜସି ହୋଈ । ସୋ ସବ ତୋହି ସୁନାଇହି ସୋଈ ॥**
**ସୁନୁ ସଠ ଭେଦ ହୋଇ ମନ ତାକେଁ । ଶ୍ରୀରଘୁବୀର ହୃଦୟ ନହିଁ ଜାକେଁ ॥ ୫ ॥**

ଶ୍ରୀରାମଙ୍କ ସହିତ ଶତ୍ରୁତା କଲେ କିପରି କୁଶଳ ହୁଏ, ସେକଥା ସେ ତୁମକୁ ଶୁଣାଇଦେବେ । ହେ ମୂର୍ଖ ! ଶୁଣି ରଖ । ଯାହା ହୃଦୟରେ ଶ୍ରୀରାମ ନ ଥାନ୍ତି, ଏ ଭେଦନୀତି ତା'ରି ମନ ଉପରେ ପ୍ରଭାବ ପକାଇପାରେ; [କିନ୍ତୁ ମୋ ଉପରେ ନୁହେଁ] ॥ ୫॥

**ଦୋଃ- ହମ କୁଲ ଘାଲକ ସତ୍ୟ ତୁହ୍ମ କୁଲ ପାଲକ ଦସସୀସ ।**
**ଅଂଧଉ ବଧିର ନ ଅସ କହହିଁ ନୟନ କାନ ତଓ୍ୱ ବୀସ ॥ ୨୧ ॥**

ତୁମେ ଠିକ୍ କହିଛ ! ମୁଁ କୁଳଘାତକ । ଆଉ ତୁମେ ... ତୁମେ କୁଳରକ୍ଷକ ! ବାଃ ! ଅନ୍ଧ-ବଧିର ବି ଏପରି କହିବେ ନାହିଁ; ହେଲେ ତୁମର ତ କୋଡ଼ିଏଟା ଆଖି, କୋଡ଼ିଏଟା କାନ ଅଛି ! ॥ ୨୧ ॥

**ସିଓ୍ୱ ବିରଂଚି ସୁର ମୁନି ସମୁଦାଈ । ଚ୍ୱହତ ଜାସୁ ଚରନ ସେଓ୍ୱକାଈ ॥**
**ତାସୁ ଦୂତ ହୋଇ ହମ କୁଲ ବୋରା । ଅଇସିହୁଁ ମତି ଉର ବିହର ନ ତୋରା ॥ ୧ ॥**

ଶିବ, ବ୍ରହ୍ମା ଆଦି ଦେବତାମାନେ ଓ ମୁନିମାନେ ଯାହାଙ୍କ ଚରଣ ସେବା କରିବାକୁ ଚ୍ୱହାନ୍ତି, ତାଙ୍କ ଦୂତ ହୋଇ ମୁଁ କୁଳ ବୁଡ଼େଇଦେଲି ? ଏଭଳି ବୁଦ୍ଧି ଧରି ମଧ୍ୟ ତୁମ ଛାତି ଫାଟି ନ ଯାଉଛି କିମିତି କେଜାଣି !'' ॥ ୧ ॥

**ସୁନି କଠୋର ବାନୀ କପି କେରୀ । କହତ ଦସାନନ ନୟନ ତରେରୀ ॥**
**ଖଲ ତଓ୍ୱ କଠିନ ବଚନ ସବ ସହଉଁ । ନୀତି ଧର୍ମ ମୈଁ ଜାନତ ଅହଉଁ ॥ ୨ ॥**

ଅଙ୍ଗଦଙ୍କର କଠୋର ବଚନ ଶୁଣି, ରାବଣ କୁଟିଳ ଦୃଷ୍ଟି ପକାଇ କହିଲା, ''ଆରେ ଦୁଷ୍ଟ ! ମୁଁ ନୀତି ଓ ଧର୍ମ ଜାଣିଛି ଓ ତାହା ପାଳନ କରୁଛି ବୋଲି ତୋର ଏସବୁ କଠୋର ବଚନ ସହିଯାଉଛି ।'' ॥ ୨ ॥

**କହ କପି ଧର୍ମସୀଲତା ତୋରୀ । ହମହୁଁ ସୁନୀ କୃତ ପର ତ୍ରିୟ ଚ୍ୱେରୀ ॥**
**ଦେଖୀ ନୟନ ଦୂତ ରଖଓ୍ୱାରୀ । ବୂଡ଼ି ନ ମରହୁ ଧର୍ମ ବ୍ରତଧାରୀ ॥ ୩ ॥**

ଅଙ୍ଗଦ କହିଲେ, ''ହଁ; ତୁମ ଧର୍ମପରାୟଣତା ବିଷୟରେ ମୁଁ ବି ଶୁଣିଛି । ସେପରି ଧର୍ମଜ୍ଞ ହୋଇଥିବାରୁ ସିନା ତୁମେ ପରସ୍ତ୍ରୀଙ୍କୁ ଚ୍ୱେରାଇ ଆଣିଛ ! ଦୂତକୁ କିପରି ରକ୍ଷା କରୁଛ, ତାହା ତ ମୁଁ ସ୍ୱଚକ୍ଷୁରେ ଦେଖିଲି । ଏପରି ଧର୍ମପାଳନ କରୁଥିବା ତୁମ ପରି ଲୋକ ବୁଡ଼ି ନ ମରୁଛି କାହିଁକି କେଜାଣି ! ॥ ୩ ॥

**କାନ ନାକ ବିନୁ ଭଗିନି ନିହାରୀ । ଛମା କୀହ୍ନି ତୁହ୍ମ ଧର୍ମ ବିଚ୍ୱରୀ ॥**
**ଧର୍ମସୀଲତା ତଓ୍ୱ ଜଗ ଜାଗୀ । ପାଓ୍ୱା ଦରସୁ ହମହୁଁ ବଡ଼ଭାଗୀ ॥ ୪ ॥**

ନାକ-କାନ କଟିଯାଇଥିବା ଭଉଣୀକୁ ଦେଖି ତୁମେ ପରା ଧର୍ମବିଚ୍ୱର କରି ଲୋକଙ୍କୁ କ୍ଷମା କରିଦେଇଥିଲ ! ତୁମ ଧର୍ମଶୀଳତା ସତରେ ଜଗତ୍‌ପ୍ରସିଦ୍ଧ ! ମୁଁ ବଡ଼ ଭାଗ୍ୟବାନ୍ ଯେ, ତୁମ ପରି ଲୋକର ଦର୍ଶନ ପାଇଗଲି ।'' ॥ ୪ ॥

**ଦୋଃ- ଜନି ଜଲ୍ପସି ଜଡ଼ ଜଂତୁ କପି ସଠ ବିଲୋକୁ ମମ ବାହୁ ।**
**ଲୋକପାଲ ବଲ ବିପୁଲ ସସି ଗ୍ରସନ ହେତୁ ସବ ରାହୁ ॥ ୨୨ (କ) ॥**

ରାବଣ କହିଲା, ''ରେ ମୂଢ଼ ବାନର ! ବୃଥାରେ ବକ୍ ବକ୍ କରନା । ଆରେ ମୂର୍ଖ ! ମୋ ବାହୁମାନଙ୍କୁ ଦେଖୁଛୁ ଟି ? ଏହି ବାହୁମାନେ ଲୋକପାଳମାନଙ୍କ ବିଶାଳବଳରୂପୀ ଚନ୍ଦ୍ରକୁ ଗ୍ରାସ କରିବାରେ ରାହୁସ୍ୱରୂପ ॥ ୨୨ (କ) ॥

**ପୁନି ନଭ ସର ମମ କର ନିକର କମଲହ୍ନି ପର କରି ବାସ ।**
**ସୋଭତ ଭୟଉ ମରାଲ ଇଓ୍ୱ ସଂଭୁ ସହିତ କୈଲାସ ॥ ୨୨ (ଖ) ॥**

ପୁଣି ଆକାଶରୂପୀ ସରୋବରରେ ମୋର ଭୁଜରୂପୀ ପଦ୍ମଫୁଲ ଉପରେ ଶିବଙ୍କ ସହିତ କୈଳାସଟା କିପରି ହଂସ ପରି ଶୋଭିତ ହୋଇଥିଲା ତୁ ତ ଶୁଣିଥିବୁ ॥ ୨୨(ଖ) ॥

**ତୁହ୍ମରେ କଟକ ମାଝ ସୁନୁ ଅଂଗଦ । ମୋ ସନ ଭିରିହି କଓ୍ୱନ ଜୋଧା ବଦ ॥**
**ତଓ୍ୱ ପ୍ରଭୁ ନାରି ବିରହଁ ବଲହୀନା । ଅନୁଜ ତାସୁ ଦୁଖ ଦୁଖୀ ମଲୀନା ॥ ୧ ॥**

ଆରେ ଅଙ୍ଗଦ ! ମୋ ସାଥିରେ ଲଢ଼ିବାଭଳି ତୁମ ସେନାରେ କେଉଁ ଯୋଦ୍ଧାଟା ଅଛି କହିଲୁ ? ତୋ' ପ୍ରଭୁ ତ ସ୍ତ୍ରୀବିରହରେ ଦୁର୍ବଳ ହୋଇଯାଇଛି; ତା' ସାନଭାଇଟା ତ ତା'ଦୁଃଖରେ ବିରସ ମନରେ ବସିଛି ॥ ୧ ॥

**ତୁହ୍ମ ସୁଗ୍ରୀଓ୍ୱ କୂଲଦ୍ରୁମ ଦୋଉ । ଅନୁଜ ହମାର ଭୀରୁ ଅତି ସୋଉ ॥**
**ଜାମଓ୍ୱଂତ ମଂତ୍ରୀ ଅତି ବୂଢ଼ା । ସୋ କି ହୋଇ ଅବ ସମରାରୂଢ଼ା ॥ ୨ ॥**

ତୁ ଆଉ ସୁଗ୍ରୀବ–ତୁମେ ଦୁଇଟା ତ ନଈକୂଳର ଗଛ । ବାକି ରହିଲା ମୋ ସାନଭାଇ ବିଭୀଷଣ । ସେଇଟା ତ ଡରୁଆଟାଏ । ମନ୍ତ୍ରୀ ଜାମ୍ବବାନ୍ ତ ବୁଢ଼ାଟାଏ; ସେ କ'ଣ ଯୁଦ୍ଧକୁ ଆସିପାରିବ ? ॥ ୨ ॥

**ସିଲ୍ପିକର୍ମି ଜାନହିଁ ନଲ ନୀଲା । ହୈ କପି ଏକ ମହା ବଲସୀଲା ॥**
**ଆଓ୍ୱା ପ୍ରଥମ ନଗରୁ ଜେହିଁ ଜାରା । ସୁନତ ବଚନ କହ ବାଲିକୁମାରା ॥ ୩ ॥**

ନଳନୀଳ ତ ଖାଲି ମିସ୍ତ୍ରୀକାମ ଜାଣନ୍ତି ସେମାନଙ୍କୁ କି ଲଢ଼େଇ ଆସେ ! ହଁ; ତୁମ ଭିତରେ ଜଣେ ଖୁବ୍ ବଳୁଆ ବାନର ଅଛି, ଯେଉଁଟା ପ୍ରଥମେ ଆସିଥିଲା ଏବଂ ଲଙ୍କା ପୋଡ଼ିଦେଇଥିଲା ।'' ଏହା ଶୁଣିବାକ୍ଷଣି ବାଳିପୁତ୍ର ଅଙ୍ଗଦ କହିଲେ, ॥ ୩ ॥

**ସତ୍ୟ ବଚନ କହୁ ନିସିଚର ନାହା । ସାଁଚେହୁ କୀସ କୀହ୍ନ ପୁର ଦାହା ॥**
**ରାଓ୍ୱନ ନଗର ଅଲ୍ପ କପି ଦହଈ । ସୁନି ଅସ ବଚନ ସତ୍ୟ କୋ କହଈ ॥ ୪ ॥**

''ହେ ରାକ୍ଷସରାଜ ! ସତ କୁହ । କ'ଣ ସେହି ବାନର ସତରେ ଲଙ୍କା ପୋଡ଼ିଦେଇଥିଲା ? ରାବଣଙ୍କ ପରି ଜଣେ ବିଶ୍ୱବିଜୟୀ ବୀରଙ୍କ ନଗରକୁ ଗୋଟାଏ ସାମାନ୍ୟ ବାନର ପୋଡ଼ିଦେଲା ବୋଲି ଶୁଣିଲେ, କିଏ ଭଲା ସତ ମଣିବ !! ॥ ୪ ॥

**ଜୋ ଅତି ସୁଭଟ ସରାହେହୁ ରାଓ୍ୱନ । ସୋ ସୁଗ୍ରୀଓ୍ୱ କେର ଲଘୁ ଧାଓ୍ୱନ ॥**
**ଚଲଇ ବହୁତ ସୋ ବୀର ନ ହୋଈ । ପଠଓ୍ୱା ଖବରି ଲେନ ହମ ସୋଈ ॥ ୫ ॥**

ହେ ରାବଣ ! ଯାହାଙ୍କୁ ତୁମେ ବଡ଼ ଯୋଦ୍ଧା କହି ପ୍ରଶଂସା କରୁଛ, ସେ ତ ସୁଗ୍ରୀବଙ୍କର ଜଣେ ଖବରଦେବା ହରକରା (ବୋଲକରା) । ସେ ବହୁତ ଚାଲିପାରନ୍ତି ; କିନ୍ତୁ ବୀର ନୁହଁନ୍ତି । ତାଙ୍କୁ ଆମେ କେବଳ ଖବର ଆଣିବାକୁ ପଠାଇଥିଲୁ ॥ ୫ ॥

ଦୋ:- **ସତ୍ୟ ନଗରୁ କପି ଜାରେଉ ବିନୁ ପ୍ରଭୁ ଆୟସୁ ପାଇ ।**
**ଫିରି ନ ଗୟଉ ସୁଗ୍ରୀଓ୍ୱ ପହିଁ ତେହିଁ ଭୟ ରହା ଲୁକାଇ ॥୨୩(କ)॥**

କ'ଣ ସତରେ ସେହି ବାନର ପ୍ରଭୁଙ୍କ ବିନା-ଆଜ୍ଞାରେ ତୁମ ନଗରଟା ପୋଡ଼ିଦେଲେ ? ବୋଧ ହୁଏ ସେହି ଭୟରେ ସେ ସୁଗ୍ରୀବଙ୍କ ପାଖକୁ ନ ଯାଇ କେଉଁଠି ଲୁଚିରହିଛନ୍ତି ॥ ୨୩(କ) ॥

**ସତ୍ୟ କହହି ଦସକଂଠ ସବ ମୋହି ନ ସୁନି କଛୁ କୋହ ।**
**କୋଉ ନ ହମାରେଁ କଟକ ଅସ ତୋ ସନ ଲରତ ଜୋ ସୋହ ॥୨୩(ଖ)॥**

ହେ ରାବଣ ! ତୁମେ ସତ କହିଛ; ତୁମ କଥା ଶୁଣି ମୁଁ ରାଗୁନାହିଁ । ସତରେ ତୁମ ସହିତ ଲଢ଼ି ଶୋଭା ପାଇବାପରି ଯୋଦ୍ଧା ଆମ ସେନାରେ କେହି ନାହାନ୍ତି ॥ ୨୩(ଖ) ॥

**ପ୍ରୀତି ବିରୋଧ ସମାନ ସନ କରିଅ ନୀତି ଅସି ଆହି ।**
**ଜୌଁ ମୃଗପତି ବଧ ମେଡୁକହ୍ନି ଭଲ କି କହଇ କୋଉ ତାହି ॥୨୩(ଗ)॥**

ପ୍ରୀତି ଓ ଶତ୍ରୁତା ସମକକ୍ଷ ଲୋକ ସହିତ କରିବା ଉଚିତ–ଏହାହିଁ ନୀତି । ସିଂହ ଯଦି ବେଙ୍ଗମାନଙ୍କୁ ମାରିଦିଏ, ତେବେ ତାକୁ କ'ଣ କେହି ବୀର କହିବ ? ॥ ୨୩(ଗ) ॥

**ଜଦ୍ୟପି ଲଘୁତା ରାମ କହୁଁ ତୋହି ବଧେଁ ବଡ଼ ଦୋଷ ।**
**ତଦପି କଠିନ ଦସକଂଠ ସୁନୁ ଛତ୍ର ଜାତି କର ରୋଷ ॥୨୩(ଘ)॥**

ଅବଶ୍ୟ ତୁମକୁ ମାରିବାଟା ଶ୍ରୀରାମଙ୍କ ପକ୍ଷରେ ନିତାନ୍ତ ଛୋଟ କାମ; ବଡ଼ ଦୋଷାବହ ମଧ୍ୟ; ତଥାପି ହେ ରାବଣ ! କ୍ଷତ୍ରିୟଜାତିର କ୍ରୋଧ ବଡ଼ କଠୋର ।'' ॥ ୨୩(ଘ) ॥

**ବକ୍ର ଉକ୍ତି ଧନୁ ବଚନ ସର ହୃଦୟ ଦହେଉ ରିପୁ କୀସ ।**
**ପ୍ରତିଉତ୍ତର ସଡ଼ସିହ୍ନ ମନହୁଁ କାଢ଼ତ ଭଟ ଦସସୀସ ॥୨୩(ଙ)॥**

ଏପରି ବକ୍ରୋକ୍ତିରୂପୀ ଧନୁରୁ ବଚନରୂପୀ ବାଣ ମାରି ଅଙ୍ଗଦ ଶତ୍ରୁର ହୃଦୟ ଜଳାଇଦେଲେ । ବୀର ରାବଣ ସତେ ଯେପରି ପ୍ରତ୍ୟୁତ୍ତରରୂପୀ ଚିମୁଟାଦ୍ୱାରା ସେହି ବାଣଗୁଡ଼ିକୁ କାଢୁଥାଏ ॥ ୨୩(ଙ) ॥

**ହଁସି ବୋଲେଉ ଦସମୌଲି ତବ କପି କର ବଡ଼ ଗୁନ ଏକ ।**
**ଜୋ ପ୍ରତିପାଲଇ ତାସୁ ହିତ କରଇ ଉପାୟ ଅନେକ ॥୨୩(ଚ)॥**

ରାବଣ ହସି ହସି କହିଲା, ''ମାଙ୍କଡ଼ର ଗୋଟାଏ ବଡ଼ ଗୁଣ ଯେ, ତାକୁ ଯେ ପାଳିଥାଏ, ସେ ନାନା ଉପାୟରେ ତା'ର ହିତ କରିବାକୁ ଚେଷ୍ଟା କରେ ॥ ୨୩(ଚ) ॥

**ଧନ୍ୟ କୀସ ଜୋ ନିଜ ପ୍ରଭୁ କାଜା । ଜହଁ ତହଁ ନାଚଇ ପରିହରି ଲାଜା ॥**
**ନାଚି କୂଦି କରି ଲୋଗ ରିଝାଈ । ପତି ହିତ କରଇ ଧର୍ମ ନିପୁନାଈ ॥ ୧ ॥**

ତା'ମାଲିକ ତାକୁ ଯେଉଁଠି ନଚ୍ଚାଏ, ସେ ନିର୍ଲଜ୍ଜ ହୋଇ ସେଇଠି ନାଚେ; ସେଥିପାଇଁ ତାକୁ ଧନ୍ୟ କହିବା । ନାଚିକୁଦି, ଲୋକଙ୍କୁ ଖୁସୀ କରାଇ ସେ ତା' ମାଲିକର ହିତ କରେ । ଏହା ତା'ର ପ୍ରଭୁଭକ୍ତିର ନିପୁଣତା ॥ ୧ ॥

**ଅଂଗଦ ସ୍ୱାମିଭକ୍ତ ତଓ୍ୱ ଜାତୀ । ପ୍ରଭୁ ଗୁନ କସ ନ କହସି ଏହି ଭାଁତୀ ॥**
**ମୈଁ ଗୁନ ଗାହକ ପରମ ସୁଜାନା । ତଓ୍ୱ କଟୁ ରଟନି କରଉଁ ନହିଁ କାନା ॥ ୨ ॥**

ରେ ଅଙ୍ଗଦ ! ତୁମ ଜାତିଟା ତ ପ୍ରଭୁଭକ୍ତ, ତୁ ବା କିପରି ତୋ ମାଲିକର ଗୁଣସବୁ ଏପରି ନ ଗାଇବୁ ? ମୁଁ ବଡ଼ ଗୁଣଗ୍ରାହୀ ଓ ଜ୍ଞାନୀ ଲୋକ । ତେଣୁ ତୁ ବକ୍ ବକ୍ ହୋଇ ଏ ଯେଉଁ କଟୁକଥାଗୁଡ଼ାକ କହୁଛୁ, ସେଥିକି ମୁଁ କାନ ଦେଉନି ।'' ॥ ୨ ॥

**କହ କପି ତଓ୍ୱ ଗୁନ ଗାହକତାଈ । ସତ୍ୟ ପଓ୍ୱନସୁତ ମୋହି ସୁନାଈ ॥**
**ବନ ବିଧଂସି ସୁତ ବଧି ପୁର ଜାରା । ତଦପି ନ ତେହିଁ କଛୁ କୃତ ଅପକାରା ॥ ୩ ॥**

ଅଙ୍ଗଦ କହିଲେ, ''ତୁମ ଅସଲି ଗୁଣଗ୍ରାହକତା ତ ମୋତେ ହନୁମାନ୍ କହିଦେଇଛନ୍ତି। ସେ ତୁମ ଅଶୋକବନଟାକୁ ଧ୍ୱଂସ କରି, ତୁମ ପୁଅକୁ ମାରି ନଗରଟାକୁ ପୋଡ଼ିଦେଇଥିଲେ । ତଥାପି ତୁମେ ଆପଣା ଗୁଣଗ୍ରାହକତା ହେତୁ ବୁଝିଲ ଯେ, ସେ ତୁମର କୌଣସି ଅପକାର କରିନାହାନ୍ତି ॥ ୩ ॥

**ସୋଇ ବିଗ୍ୱରି ତଓ୍ୱ ପ୍ରକୃତି ସୁହାଈ । ଦସକଂଧର ମୈଁ କୀହ୍ନି ଢିଠାଈ ॥**
**ଦେଖେଉଁ ଆଇ ଜୋ କଛୁ କପି ଭାଷା । ତୁହ୍ମରେଁ ଲାଜ ନ ରୋଷ ନ ମାଖା ॥ ୪ ॥**

ତୁମର ସ୍ୱଭାବ ଏପରି ସୁନ୍ଦର ବୋଲି ଜାଣିଥିବାରୁହିଁ, ହେ ଦଶଗ୍ରୀବ ! ମୁଁ ଟିକିଏ ଧୃଷ୍ଟତା କଲି । ହନୁମାନ୍ ଯାହା କହିଲେ, ମୁଁ ଆସି ତାହା ପ୍ରତ୍ୟକ୍ଷରେ ଦେଖିଲି । ତୁମର ନା ଅଛି ଲାଜ, ନା କ୍ରୋଧ, ନା ବିରକ୍ତି ।'' ॥ ୪ ॥

**ଜୌଁ ଅସି ମତି ପିତୁ ଖାଏ କୀସା । କହି ଅସ ବଚନ ହଁସା ଦସସୀସା ॥**
**ପିତହି ଖାଇ ଖାତେଉଁ ପୁନି ତୋହୀ । ଅବହୀଁ ସମୁଝି ପରା କଛୁ ମୋହୀ ॥ ୫ ॥**

''ଆରେ ବାନର ! ତୋର ଏତେ ବୁଦ୍ଧି ଥିବାରୁ ସିନା, ତୁ ତୋ ବାପକୁ ଖାଇଗଲୁ ।''—ଏପରି କହି ରାବଣ ଅଟ୍ଟହାସ କଲା । ଅଙ୍ଗଦ କହିଲେ, ''ବାପକୁ ତ ଖାଇଛି; ତୁମକୁ ବି ଗିଳିଦେଇଥାନ୍ତି; କିନ୍ତୁ ହଠାତ୍ ମୋର ଆଉ ଗୋଟିଏ କଥା ମନେପଡ଼ିଗଲା ॥ ୫ ॥

**ବାଲି ବିମଲ ଜସ ଭାଜନ ଜାନୀ । ହତଉଁ ନ ତୋହି ଅଧମ ଅଭିମାନୀ ॥**
**କହୁ ରାଓ୍ୱନ ରାଓ୍ୱନ ଜଗ କେତେ । ମୈଁ ନିଜ ଶ୍ରଓ୍ୱନ ସୁନେ ସୁନୁ ଜେତେ ॥ ୬ ॥**

''ଆହେ ନୀଚ ଅଭିମାନୀ ! ତୁମେ ବାଳିଙ୍କର ନିର୍ମଳ ଯଶର ଜୀବନ୍ତ ପ୍ରମାଣ ବୋଲି ଜାଣି ମୁଁ ତୁମକୁ ମାରୁନାହିଁ । ଆହେ ! ଜଗତରେ କେତେଟା ରାବଣ ଅଛନ୍ତି ? ମୁଁ ଯେତେଟା ରାବଣଙ୍କ କଥା ଏ କାନରେ ଶୁଣିଛି, କହୁଛି ଶୁଣ: ॥ ୬ ॥

**ବଲିହି ଜିତନ ଏକ ଗୟଉ ପତାଲା । ରାଖେଉ ବାଁଧି ସିସୁହ୍ନ ହୟସାଲା ॥**
**ଖେଲହିଁ ବାଲକ ମାରହିଁ ଜାଈ । ଦୟା ଲାଗି ବଲି ଦୀହ୍ନ ଛୋଡ଼ାଈ ॥ ୭ ॥**

ଜଣେ ରାବଣ ବଳିଙ୍କୁ ଜିଣିବ ବୋଲି ପାତାଳପୁରକୁ ଚ୍ଛଲିଯାଇଥିଲା । ସେଠାର ପିଲାମାନେ ତାକୁ ଧରିନେଇ ଘୋଡ଼ାଶାଳରେ ବାନ୍ଧିଦେଇଥିଲେ । ପିଲେ ଖେଳୁ ଖେଳୁ ତାକୁ ଲାତଗୋଇଠା ମାରୁଥାନ୍ତି । ଘଟଣା ଦେଖି ବଳିଙ୍କ ମନରେ ଦୟା ହେଲା; ସେ ତାକୁ ମୁକ୍ତ କରାଇଦେଲେ ॥ ୭ ॥

**ଏକ ବହୋରି ସହସଭୁଜ ଦେଖା । ଧାଇ ଧରା ଜିମି ଜଂତୁ ବିସେଷା ॥**
**କୌତୁକ ଲାଗି ଭଓ୍ୱନ ଲୈ ଆଓ୍ୱା । ସୋ ପୁଲସ୍ତି ମୁନି ଜାଇ ଛୋଡ଼ାଓ୍ୱା ॥ ୮ ॥**

ଆଉ ଜଣେ ରାବଣ ଥିଲା ଯେ, ତାକୁ ସହସ୍ରବାହୁ ଦେଖି ଭାବିଲେ, ସେଇଟା ଗୋଟେ ବିଚିତ୍ର ଜନ୍ତୁ । ତେଣୁ ସେ ଧାଇଁଯାଇ ତାକୁ ଧରିପକାଇଲେ ଏବଂ କୌତୁକ ଦେଖିବାକୁ ସେ ତାକୁ ଘରକୁ ଘେନିଆସିଲେ । ଶେଷରେ ପୁଲସ୍ତ୍ୟ ମୁନି ଯାଇ ତାକୁ ସେଠାରୁ ମୁକୁଳାଇଲେ ॥ ୮ ॥

ଦୋ:- **ଏକ କହତ ମୋହି ସକୁଚ ଅତି ରହା ବାଲି କୀଁ କାଁଖ ।**
**ଇହ୍ନ ମହୁଁ ରାଓ୍ୱନ ତୈଁ କଓ୍ୱନ ସତ୍ୟ ବଦହି ତଜି ମାଖ ॥ ୨୪ ॥**

ଆଉ ଜଣେ ରାବଣ ଥିଲା ଯେ, ତା' କଥା କହିବାକୁ ମତେ ଟିକିଏ କୁଣ୍ଠା ବୋଧ ହେଉଛି; ସେଇଟାକୁ ମୋ ବାପା ବାଳି ଅନେକ କାଳ ଯାଏ କାଖତଳେ ଜାକିଧରିଥିଲେ । ଏମାନଙ୍କ ଭିତରୁ ତୁମେ କେଉଁ ରାବଣ ? ରାଗରୁଷା ନ କରି ସତ କଥାଟା କହିଦିଅ ॥ ୨୪ ॥

**ସୁନୁ ସଠ ସୋଇ ରାୱନ ବଲସୀଲା । ହରଗିରି ଜାନ ଜାସୁ ଭୁଜ ଲୀଲା ॥**
**ଜାନ ଉମାପତି ଜାସୁ ସୁରାଈ । ପୂଜେଉଁ ଜେହି ସିର ସୁମନ ଚଢ଼ାଈ ॥ ୧ ॥**

ରାବଣ କହିଲା, ''ଆରେ ମୂର୍ଖ ! ଶୁଣ; ମୁଁ ହେଉଛି ସେହି ବଳବାନ୍ ରାବଣ, ଯାହାର ବାହୁମାନଙ୍କର ପରାକ୍ରମ କୈଳାସପର୍ବତ ଜାଣେ । ମୁଁ ହେଉଛି ସେହି ରାବଣ, ଯାହାର ବୀରତ୍ୱ ସେହି ଉମାପତି ମହାଦେବ ଜାଣନ୍ତି, ଯାହାଙ୍କୁ କି ମୁଁ ମୋର ଶିରସୁମନ ଚଢ଼ାଇ ପୂଜା କରିଥିଲି ॥ ୧ ॥

**ସିର ସରୋଜ ନିଜ କରହ୍ନି ଉତାରୀ । ପୂଜେଉଁ ଅମିତ ବାର ତ୍ରିପୁରାରୀ ॥**
**ଭୁଜ ବିକ୍ରମ ଜାନହିଁ ଦିଗପାଲା । ସଠ ଅଜହୂଁ ଜିହ୍ନ କେଁ ଉର ସାଲା ॥ ୨ ॥**

ମୁଁ ମୋର ଶିରରୂପୀ କମଳମାନଙ୍କୁ ନିଜ ହାତରେ ଛିଣ୍ଡାଇ ଛିଣ୍ଡାଇ ଅଗଣିତବାର ତ୍ରିପୁରାରି ଶିବଙ୍କୁ ପୂଜା କରିଛି । ଆରେ ମୂର୍ଖ ! ମୋର ବାହୁମାନଙ୍କର ପରାକ୍ରମ ଦିଗପାଳମାନେ ଜାଣନ୍ତି । ମୋର ପରାକ୍ରମଜନିତ ଆଘାତ ଅଦ୍ୟାବଧି ସେମାନଙ୍କ ହୃଦୟକୁ ଯନ୍ତ୍ରଣା ଦେଉଛି ॥ ୨ ॥

**ଜାନହିଁ ଦିଗ୍‌ଗଜ ଉର କଠିନାଈ । ଜବ ଜବ ଭିରଉଁ ଜାଇ ବରିଆଈ ॥**
**ଜିହ୍ନ କେ ଦସନ କରାଲ ନ ଫୂଟେ । ଉର ଲାଗତ ମୂଲକ ଇୱ ଟୂଟେ ॥ ୩ ॥**

ମୋର ବକ୍ଷ କେଡ଼େ ଟାଣ, ତାହା ଦିଗ୍‌ଗଜମାନେ ଜାଣନ୍ତି । ମୁଁ ଯେତେଥର ଯାଇ, ବଳେ ପଶି ସେମାନଙ୍କ ସହିତ ଲଢ଼ିଛି, ସେମାନଙ୍କର ଭୟାନକ ଦାନ୍ତ କୌଣସି ଥର ମୋ ବକ୍ଷରେ ବିଦ୍ଧ ହୋଇନାହିଁ, (କିମ୍ବା ଚିହ୍ନ ବି କରିପାରି ନାହିଁ;) ବରଂ ମୋ ବକ୍ଷରେ ବାଜି ସେସବୁ ମୂଳା ପରି ଭାଙ୍ଗିଯାଇଛି ॥ ୩ ॥

**ଜାସୁ ଚଲତ ଡୋଲତି ଇମି ଧରନୀ । ଚଢ଼ତ ମତ୍ତ ଗଜ ଜିମି ଲଘୁ ତରନୀ ॥**
**ସୋଇ ରାୱନ ଜଗ ବିଦିତ ପ୍ରତାପୀ । ସୁନେହି ନ ଶ୍ରୱନ ଅଲୀକ ପ୍ରଲାପୀ ॥ ୪ ॥**

ମତ୍ତହସ୍ତୀ ଚଢ଼ିଗଲେ ଛୋଟିଆ ଡଙ୍ଗା ଯେପରି ଦୋହଲେ, ଯାହାର ଚାଲିରେ ଏହି ପୃଥିବୀ ସେହିପରି ଦୋହଲିଯାଏ, ମୁଁ ହେଉଛି ସେହି ଜଗତ୍‌ପ୍ରସିଦ୍ଧ ପ୍ରତାପୀ ରାବଣ । ଆରେ ଅଳୀକପ୍ରଳାପୀ । ତୁ କ'ଣ ମୋ ମହିମା କେବେ କାନରେ ଶୁଣିନାହୁଁ !! ॥ ୪ ॥

ଦୋ:- **ତେହି ରାୱନ କହଁ ଲଘୁ କହସି ନର କର କରସି ବଖାନ ।**
**ରେ କପି ବର୍ବର ଖର୍ବ ଖଲ ଅବ ଜାନା ତୱ ଗ୍ୟାନ ॥ ୨୫ ॥**

ସେହି ମହାପ୍ରତାପୀ ଜଗତ୍‌ପ୍ରସିଦ୍ଧ ରାବଣକୁ ତୁ ସାମାନ୍ୟ ବୋଲି କହି [ସାଧାରଣ] ମଣିଷଟାର ବଡ଼ିମା ଗାଉଛୁ ? ଆରେ ! ଅସଭ୍ୟ ବର୍ବର ତୁଚ୍ଛ ଦୁଷ୍ଟ ବାନର ! ମୁଁ ଏଥର ତୋ ଜ୍ଞାନଗରିମା ଜାଣିଗଲି ।'' ॥ ୨୫ ॥

**ସୁନି ଅଂଗଦ ସକୋପ କହ ବାନୀ । ବୋଲୁ ସଁଭାରି ଅଧମ ଅଭିମାନୀ ॥**
**ସହସବାହୁ ଭୁଜ ଗହନ ଅପାରା । ଦହନ ଅନଲ ସମ ଜାସୁ କୁଠାରା ॥ ୧ ॥**

ରାବଣର ଏହି ବଚନ ଶୁଣି ଅଙ୍ଗଦ କ୍ରୋଧଜର୍ଜର ହୋଇ କହିଲେ, ''ରେ ନୀଚ ଅଭିମାନୀ ! ବୁଝିବିଗ୍ରି ମୁହଁ ସମ୍ଭାଳି କଥା କହ । ଯେଉଁ ପର୍ଶୁରାମଙ୍କ ଫାର୍ଶା ସହସ୍ରବାହୁର ବାହୁରୂପୀ ଅପାରବନକୁ ଜାଳିଦେବାଲାଗି ଅଗ୍ନିସମାନ ହୋଇଥିଲା, ॥ ୧ ॥

**ଜାସୁ ପରସୁ ସାଗର ଖର ଧାରା । ବୂଡ଼େ ନୃପ ଅଗନିତ ବହୁ ବାରା ॥**
**ତାସୁ ଗର୍ବ ଜେହି ଦେଖତ ଭାଗା । ସୋ ନର କ୍ୟୋଁ ଦସସୀସ ଅଭାଗା ॥ ୨ ॥**

ଏବଂ ଯାହାଙ୍କ ଫାର୍ଶାରୂପୀ ସମୁଦ୍ରର ତୀବ୍ର ସ୍ରୋତରେ ଅଗଣିତ ରାଜା ଅନେକବାର ବୁଡ଼ିଯାଇଥିଲେ, ସେହି ପର୍ଶୁରାମଙ୍କ ଗର୍ବ ଯାହାଙ୍କୁ ଦେଖିବାମାତ୍ରେ ଖର୍ବ ହୋଇଯାଇଥିଲା, ଆରେ ଅଭାଗା ଦଶଶିର ! ସେ କ'ଣ ସାମାନ୍ୟ ମନୁଷ୍ୟ ? ॥ ୨ ॥

**ରାମ ମନୁଜ କସ ରେ ସଠ ବଂଗା । ଧନ୍ୱୀ କାମୁ ନଦୀ ପୁନି ଗଂଗା ॥**
**ପସୁ ସୁରଧେନୁ କଲ୍ପତରୁ ରୂଖା । ଅନ୍ନଦାନ ଅରୁ ରସ ପୀୟୂଷା ॥ ୩ ॥**

ରେ ମୂର୍ଖ ଉଦ୍ଦଣ୍ଡ ! ଶ୍ରୀରାମ କ'ଣ ମନୁଷ୍ୟ ? କାମଦେବ କ'ଣ ସାମାନ୍ୟ ଧନୁର୍ଦ୍ଧାରୀ ? ଗଙ୍ଗା କ'ଣ ସାଧାରଣ ନଦୀ ? କାମଧେନୁ କ'ଣ ସାଧାରଣ ପଶୁ ? ଆଉ କଳ୍ପବୃକ୍ଷ କ'ଣ ସାଧାରଣ ବୃକ୍ଷ ? ଆରେ ! ଅନ୍ନଦାନ କ'ଣ ସାମାନ୍ୟ ଦାନ ? ଅମୃତ କ'ଣ ସାମାନ୍ୟ ରସ ? ॥ ୩ ॥

**ବୈନତେୟ ଖଗ ଅହି ସହସାନନ । ଚିଂତାମନି ପୁନି ଉପଲ ଦସାନନ ॥**
**ସୁନୁ ମତିମଂଦ ଲୋକ ବୈକୁଂଠା । ଲାଭ କି ରଘୁପତି ଭଗତି ଅକୁଂଠା ॥ ୪ ॥**

ଗରୁଡ଼ କ'ଣ ସାମାନ୍ୟ ପକ୍ଷୀ ? ଶେଷଦେବ କ'ଣ ସାମାନ୍ୟ ସର୍ପ ? ଆରେ ରାବଣ ! ଚିନ୍ତାମଣି କ'ଣ ସାଧାରଣ ପଥର ? ରେ ମୂର୍ଖ ! କ'ଣ ବୈକୁଣ୍ଠ ଏକ ସାଧାରଣ ଭୁବନ ? ଏବଂ ଶ୍ରୀରଘୁନାଥଙ୍କ ପ୍ରତି ଅଖଣ୍ଡ ଭକ୍ତିଲାଭ କ'ଣ ଅନ୍ୟସବୁ ଲାଭ ପରି ସାମାନ୍ୟ ଲାଭମାତ୍ର ? ॥ ୪ ॥

ଦୋଃ- **ସେନ ସହିତ ତୱ ମାନ ମଥି ବନ ଉଜାରି ପୁର ଜାରି ।**
**କସ ରେ ସଠ ହନୁମାନ କପି ଗୟଉ ଜୋ ତୱ ସୁତ ମାରି ॥ ୨୬ ॥**

ସେନାସମେତ ତୋ' ମାନସମ୍ମାନକୁ ମର୍ଦ୍ଦନ କରି, ଅଶୋକବନକୁ ଛାରଖାର କରିଦେଇ, ନଗରକୁ ପୋଡ଼ିଜାଳିଦେଇ ଓ ତୋ' ପୁଅକୁ ମାରିଦେଇ ଯେ ଅବାଧରେ ଫେରିଗଲେ, ସେହି ହନୁମାନ୍ କ'ଣ ସାମାନ୍ୟ ବାନରମାତ୍ର ? ॥ ୨୬ ॥

**ସୁନୁ ରାୱନ ପରିହରି ଚତୁରାଈ । ଭଜସି ନ କୃପାସିଂଧୁ ରଘୁରାଈ ॥**
**ଜୌଁ ଖଲ ଭଏସି ରାମ କର ଦ୍ରୋହୀ । ବ୍ରହ୍ମ ରୁଦ୍ର ସକ ରାଖି ନ ତୋହୀ ॥ ୧ ॥**

ରେ ରାବଣ ! ଚତୁରତା (କପଟ) ଛାଡ଼ିଦେଇ ଶୁଣ ! ତୁ କୃପାସାଗର ଶ୍ରୀରଘୁନାଥଙ୍କୁ ଭଜୁନାହୁଁ କାହିଁକି ? ଆରେ ଦୁଷ୍ଟ ! ତୁ ଯଦି ଶ୍ରୀରାମଙ୍କର ବୈରୀ ହୋଇ ରହିବୁ, ତେବେ ତୋତେ ବ୍ରହ୍ମା କି ରୁଦ୍ର—କେହି ରକ୍ଷା କରିପାରିବେ ନାହିଁ ॥ ୧ ॥

**ମୂଢ଼ ବୃଥା ଜନି ମାରସି ଗାଲା । ରାମ ବୟର ଅସ ହୋଇହି ହାଲା ॥**
**ତୱ ସିର ନିକର କପିହ୍ନ କେ ଆଗେଁ । ପରିହହିଁ ଧରନି ରାମ ସର ଲାଗେଁ ॥ ୨ ॥**

"ରେ ମୂଢ଼ ! ବୃଥା ଗାଲୁ ମାର ନାହିଁ । ଶ୍ରୀରାମଙ୍କ ସହିତ ଶତ୍ରୁତା କଲେ, ତୋ' ଅବସ୍ଥା ଏଇଆ ହେବ ଯେ, ଶ୍ରୀରାମଙ୍କ ବାଣ ବାଜୁ ବାଜୁ ତୋ' ମୁଣ୍ଡଗୁଡ଼ାକ ଏହି ବାନରମାନଙ୍କ ଆଗରେ ଭୂଇଁରେ ଗଡ଼ିଯିବ; ॥ ୨ ॥

**ତେ ତୱ ସିର କଂଦୁକ ସମ ନାନା । ଖେଲିହହିଁ ଭାଲୁ କୀସ ଚୌଗାନା ॥**
**ଜବହିଁ ସମର କୋପିହି ରଘୁନାୟକ । ଛୁଟିହହିଁ ଅତି କରାଲ ବହୁ ସାୟକ ॥ ୩ ॥**

ଏବଂ ଏହି ଭାଲୁ ଓ ବାନରମାନେ ତୋର ସେହି ମୁଣ୍ଡଗୁଡ଼ାକୁ ପେଣ୍ଡୁ ଭଳି ଗୋଡ଼ରେ ଗଡ଼େଇ ଗଡ଼େଇ ଖେଳିବେ । ଯୁଦ୍ଧରେ ଶ୍ରୀରଘୁନାଥ ଯେତେବେଳେ କୁପିତ ହୋଇଯିବେ ଏବଂ ଯେତେବେଳେ ତାଙ୍କର ଅତ୍ୟନ୍ତ ଭୟଙ୍କର ବାଣମାନ ଅଗଣିତ ସଂଖ୍ୟାରେ ଛୁଟିଆସିବ, ॥ ୩ ॥

**ତବ କି ଚଲିହି ଅସ ଗାଲ ତୁହ୍ମାରା । ଅସ ବିଗ୍ରରି ଭଜୁ ରାମ ଉଦାରା ॥**
**ସୁନତ ବଚନ ରାଓ୍ୱନ ପରଜରା । ଜରତ ମହାନଲ ଜନୁ ଘୃତ ପରା ॥ ୪ ॥**

ସେତେବେଳେ ତୋର ଏ ଗାଲୁ ଚଳିବ ତ ? ଏକଥାକୁ ବିଗ୍ରର କରି ଉଦାର (କୃପାଳୁ) ପ୍ରଭୁ ଶ୍ରୀରାମଙ୍କୁ ଭଜ ।'' ଅଙ୍ଗଦଙ୍କ କଥା ଶୁଣି ରାବଣ ଜଳନ୍ତା ନିଆଁରେ ଘିଅ ପଡ଼ିଗଲାଭଳି ଭୀଷଣ କ୍ରୋଧରେ ଜଳିଉଠିଲା ॥ ୪ ॥

ଦୋ:- **କୁଂଭକରନ ଅସ ବଂଧୁ ମମ ସୁତ ପ୍ରସିଦ୍ଧ ସକ୍ରାରି ।**
**ମୋର ପରାକ୍ରମ ନହିଁ ସୁନେହି ଜିତେଉଁ ଚରାଚର ଝାରି ॥ ୨୭ ॥**

ସେ କହିଲା, ''ରେ ମୂର୍ଖ ! ମୋର କୁମ୍ଭକର୍ଣ୍ଣ ପରି ଭାଇ ଅଛି ; ପୁଣି ସୁପ୍ରସିଦ୍ଧ ଇନ୍ଦ୍ରଜିତ ହେଉଛି ମୋ ପୁଅ । ଏହାଛଡ଼ା ମୋ ପରାକ୍ରମ ତ ତୁ ଆଦୌ ଶୁଣିନାହୁଁ । କି ଚର, କି ଅଚର—ସମ୍ପୂର୍ଣ୍ଣ ଜଗତଟାକୁ ମୁଁ ଜୟ କରିସାରିଛି ॥ ୨୭ ॥

**ସଠ ସାଖାମୃଗ ଜୋରି ସହାଈ । ବାଁଧା ସିଂଧୁ ଇହଇ ପ୍ରଭୁତାଈ ॥**
**ନାଘହିଁ ଖଗ ଅନେକ ବାରୀସା । ସୂର ନ ହୋହିଁ ତେ ସୁନୁ ସବ କୀସା ॥ ୧ ॥**

ରେ ଦୁଷ୍ଟ ! ବାନରମାନଙ୍କ ସାହାଯ୍ୟରେ ତୋ ପ୍ରଭୁ ସମୁଦ୍ରଟାକୁ ବାନ୍ଧିଦେଲା । ଏତିକି ତ ତା ସାମର୍ଥ୍ୟ ? ଆରେ ! ଅନେକ ପକ୍ଷୀ ମଧ୍ୟ ସମୁଦ୍ର ଲଂଘିଯାଉଛନ୍ତି । ତେଣୁ ଏତିକିରେ କେହି ଶୂରବୀର ହୋଇଯାଏ ନାହିଁ । ଆରେ ମୂର୍ଖ ମାଙ୍କଡ଼ ! ଶୁଣ, ॥ ୧ ॥

**ମମ ଭୁଜ ସାଗର ବଲ ଜଲ ପୂରା । ଜହଁ ବୂଡ଼େ ବହୁ ସୁର ନର ସୂରା ॥**
**ବୀସ ପୟୋଧି ଅଗାଧ ଅପାରା । କୋ ଅସ ବୀର ଜୋ ପାଇହି ପାରା ॥ ୨ ॥**

ମୋର ପ୍ରତ୍ୟେକ ବାହୁ ହେଉଛି ବଳରୂପକ ଜଳରେ ପୂର୍ଣ୍ଣ ହୋଇଥିବା ଗୋଟିଏ ଗୋଟିଏ ସମୁଦ୍ର; ସେହିସବୁ ସମୁଦ୍ରରେ ଅନେକ ଶୂରବୀର ଦେବତା ଓ ମନୁଷ୍ୟ ବୁଡ଼ିମରିଛନ୍ତି । କହିଲୁ, ଏପରି କେଉଁ ବୀର ଅଛି, ଯେ କି ମୋର ଏହି କୋଡ଼ିଏଟାଯାକ ଅଗାଧ ଅପାର ସମୁଦ୍ରକୁ ପାରିହୋଇଯିବ ? ॥ ୨ ॥

**ଦିଗପାଲହ୍ନ ମୈଁ ନୀର ଭରାଓ୍ୱା । ଭୂପ ସୁଜସ ଖଲ ମୋହି ସୁନାଓ୍ୱା ॥**
**ଜୌଁ ପୈ ସମର ସୁଭଟ ତଓ୍ୱ ନାଥା । ପୁନି ପୁନି କହସି ଜାସୁ ଗୁନ ଗାଥା ॥ ୩ ॥**

ଆରେ ଦୁଷ୍ଟ ! ମୁଁ ଦିଗପାଳମାନଙ୍କ ଦ୍ୱାରା ପାଣି ବୁହାଇଛି (ଅର୍ଥାତ୍ ସେମାନଙ୍କୁ ବେଠି ଖଟାଇଛି); ଆଉ ତୁ ଗୋଟେ ରଜାର ସୁଯଶ ମୋତେ ଶୁଣାଉଛୁ ! ତୁ ଯେଉଁ ପ୍ରଭୁର ଗୁଣକୁ ବାରମ୍ବାର ଗାଇହେଉଛୁ, ତୋର ସେହି ପ୍ରଭୁ ଯଦି ସଂଗ୍ରାମରେ ଏତେ ଲଢ଼ିଲାବାଲା, ॥ ୩ ॥

**ତୌ ବସୀଠ ପଠଓ୍ୱତ କେହି କାଜା । ରିପୁ ସନ ପ୍ରୀତି କରତ ନହିଁ ଲାଜା ॥**
**ହରଗିରି ମଥନ ନିରଖୁ ମମ ବାହୂ । ପୁନି ସଠ କପି ନିଜ ପ୍ରଭୁହି ସରାହୂ ॥ ୪ ॥**

ତେବେ ସେ ଦୂତ ପଠାଉଛି କାହିଁକି ? ଶତ୍ରୁ ସାଥିରେ ପ୍ରୀତି (ସନ୍ଧି) କରିବାକୁ ତାକୁ ଲଜ୍ଜା ଲାଗୁନାହିଁ ? ଆଗ କୈଳାସମନ୍ଥନକାରୀ ମୋର ଏହି ବାହୁଗୁଡ଼ାକୁ ଦେଖ୍; ତା'ପରେ ଯାଇ ତୋ ପ୍ରଭୁର ପ୍ରଶଂସା ଗାଇବୁ ॥ ୪ ॥

ଦୋ:- **ସୂର କଓ୍ୱନ ରାଓ୍ୱନ ସରିସ ସ୍ୱକର କାଟି ଜେହିଁ ସୀସ ।**
**ହୁନେ ଅନଲ ଅତି ହରଷ ବହୁ ବାର ସାଖି ଗୌରୀସ ॥ ୨୮ ॥**

ଯେ ନିଜ ହାତରେ ନିଜ ମୁଣ୍ଡଗୁଡ଼ାକ କାଟି ଅତ୍ୟନ୍ତ ହର୍ଷର ସହିତ ବହୁବାର ଅଗ୍ନିରେ ଆହୁତି ଦେଇଛି, ସେହି ରାବଣ ପରି ଶୂରବୀର ଆଉ କିଏ ଅଛି ? ସ୍ୱୟଂ ଗୌରୀପତି ଶିବ ହେଉଛନ୍ତି ଏ କଥାର ସାକ୍ଷୀ ॥ ୨୮ ॥

**ଜରତ ବିଲୋକେଉ ଜବହିଁ କପାଲା । ବିଧି କେ ଲିଖେ ଅଂକ ନିଜ ଭାଲା ॥**

**ନର କେଁ କର ଆପନ ବଧ ବାଁଚୀ । ହସେଉଁ ଜାନି ବିଧି ଗିରା ଅସାଁଚୀ ॥ ୧ ॥**

ମୁଣ୍ଡଗୁଡ଼ିକ ଜଳିବା ସମୟରେ ମୁଁ ମୋ ଲଲାଟରେ ଥିବା ବିଧାତାଙ୍କ ଲିଖନ ପଢ଼ି ଦେଖିଥିଲି; ସେଥିରେ ଲେଖାଥିଲା, ମନୁଷ୍ୟହାତରେ ମୋର ମୃତ୍ୟୁ ହେବ । ବିଧାତାଙ୍କ ବାଣୀ ଅସତ୍ୟ ହେବ ଜାଣି ମୋତେ ହସ ମାଡ଼ିଲା ॥ ୧ ॥

**ସୋଉ ମନ ସମୁଝି ତ୍ରାସ ନହିଁ ମୋରେଁ । ଲିଖା ବିରଂଚି ଜରଠ ମତି ଭୋରେଁ ॥**

**ଆନ ବୀର ବଲ ସଠ ମମ ଆଗେଁ । ପୁନି ପୁନି କହସି ଲାଜ ପତି ତ୍ୟାଗେଁ ॥ ୨ ॥**

ସେକଥା ଜାଣି ବି ମୋତେ ଭୟ ଲାଗୁନି । କାରଣ ମୁଁ ଜାଣେ ଯେ, ବ୍ରହ୍ମା ବୁଢ଼ା ହୋଇଗଲେଣି; ମତିଭ୍ରମ ହେତୁ ଏପରି ଲେଖିଦେଇଛନ୍ତି । ଆରେ ମୂର୍ଖ ! ତୁ ଲଜ୍ଜା ଓ ମର୍ଯ୍ୟାଦା ଛାଡ଼ି ମୋ ଆଗରେ ଅନ୍ୟ ବୀରର ବଳ କଥା ବାରମ୍ବାର ବଖାଣି ହେଉଛୁ !!'' ॥ ୨ ॥

**କହ ଅଂଗଦ ସଲଜ୍ଜ ଜଗ ମାହୀଁ । ରାୱନ ତୋହି ସମାନ କୋଉ ନାହୀଁ ॥**

**ଲାଜୱଂତ ତୱ ସହଜ ସୁଭାଉ । ନିଜ ମୁଖ ନିଜ ଗୁନ କହସି ନ କାଉ ॥ ୩ ॥**

ଅଙ୍ଗଦ କହିଲେ, ''ଆରେ ରାବଣ ! ତୋ'ପରି ଲଜ୍ଜାବନ୍ତ ଲୋକ ତ ଜଗତରେ ନାହିଁ । ଲଜ୍ଜାଶୀଳତା ତ ତୋର ସହଜସ୍ୱଭାବ । ତା'ହୋଇ ନ ଥିଲେ ତୁ ନିଜ ମୁହଁରେ ନିଜଗୁଣ ଆଦୌ କହୁ ନ ଥାନ୍ତୁ ॥ ୩ ॥

**ସିର ଅରୁ ସୈଲ କଥା ଚିତ ରହୀ । ତାତେ ବାର ବୀସ ତୈଁ କହୀ ॥**

**ସୋ ଭୁଜବଲ ରାଖେହୁ ଉର ଘାଲୀ । ଜୀତେହୁ ସହସବାହୁ ବଲି ବାଲୀ ॥ ୪ ॥**

ମୁଣ୍ଡ କାଟିବା ଓ କୈଳାସ ଉଠାଇ ଆଣିବା କଥାଟା ତୋ' ମନରେ ବସା ବାନ୍ଧି ରହିଯାଇଛି; ତେଣୁ ଏହା ମଧ୍ୟରେ ତୁ ସେହି କଥା କୋଡ଼ିଏଥର କହିସାରିଲୁଣି । କିନ୍ତୁ ତୁ ଯେଉଁ ବାହୁବଳରେ ସହସ୍ରବାହୁ, ବଳି ଓ ବାଳିଙ୍କୁ ଜୟ କରିଥିଲୁ, ସେସବୁ କଥା ମନ ଭିତରେ ଲୁଗ୍ଡଇରଖିଛୁ ॥ ୪ ॥

**ସୁନୁ ମତିମଂଦ ଦେହି ଅବ ପୂରା । କାଟେଁ ସୀସ କି ହୋଇଅ ସୂରା ॥**

**ଇଂଦ୍ରଜାଲି କହୁଁ କହିଅ ନ ବୀରା । କାଟଇ ନିଜ କର ସକଲ ସରୀରା ॥ ୫ ॥**

ଆରେ ମନ୍ଦବୁଦ୍ଧି ! ସେତିକି କହିଥା ! କ'ଣ ମୁଣ୍ଡ କାଟିଦେଲେ କେହି ବୀର ହୋଇଯାଏ ? ଯାଦୁକର ତ ନିଜ ହାତରେ ତା'ର ସାରା ଦେହଟା କାଟିପକାଏ; ହେଲେ ତାକୁ ତ କେହି ବୀର ବୋଲି କହନ୍ତି ନାହିଁ ॥ ୫ ॥

ଦୋଃ- **ଜରହିଁ ପତଂଗ ମୋହ ବସ ଭାର ବହହିଁ ଖର ବୃଂଦ ।**

**ତେ ନହିଁ ସୂର କହାୱହିଁ ସମୁଝି ଦେଖୁ ମତିମଂଦ ॥ ୨୯ ॥**

ଆରେ ମନ୍ଦମତି ! ଟିକିଏ ଭାବିଦେଖ । ପୋକମାନେ ମଧ୍ୟ ମୋହବଶ ହୋଇ ନିଆଁରେ ପୋଡ଼ିହୋଇ ମରନ୍ତି; ଗଧମାନେ ମଧ୍ୟ ବୋଝ ବୋହି ଚାଲନ୍ତି; କିନ୍ତୁ ସେମାନଙ୍କୁ ତ ଶୂରବୀର କୁହାଯାଏ ନାହିଁ ॥ ୨୯ ॥

**ଅବ ଜନି ବତବଢ଼ାୱ ଖଲ କରହୀ । ସୁନୁ ମମ ବଚନ ମାନ ପରିହରହୀ ॥**

**ଦସମୁଖ ମୈଁ ନ ବସୀଠୀଁ ଆୟଉଁ । ଅସ ବିଚାରି ରଘୁବୀର ପଠାୟଉଁ ॥ ୧ ॥**

ଆରେ ଦୁଷ୍ଟ ! କଥା ଆଉ ବଢ଼ାନା । ମୋ କଥା ଶୁଣ; ଅଭିମାନ ଛାଡ଼ିଦେ । ରେ ଦଶଶିର ! ମୁଁ ଦୂତ ଭଳି ସନ୍ଧି କରିବାକୁ ଆସିନାହିଁ । ଶ୍ରୀରଘୁବୀର ତ ଅନ୍ୟ ଦୃଷ୍ଟିରୁ ବିଗ୍ରହ କରି ମୋତେ ପଠାଇଛନ୍ତି ॥ ୧ ॥

**ବାର ବାର ଅସ କହଇ କୃପାଲା । ନହିଁ ଗଜାରି ଜସୁ ବଧେଁ ସୃକାଲା ॥**
**ମନ ମହୁଁ ସମୁଝି ବଚନ ପ୍ରଭୁ କେରେ । ସହେଉଁ କଠୋର ବଚନ ସଠ ତେରେ ॥ ୨ ॥**

କୃପାଳୁ ଶ୍ରୀରାମ ବାରମ୍ବାର କହନ୍ତି ଯେ, ଶୃଗାଳକୁ ମାରିଦେଲେ ସିଂହକୁ ଯଶ ମିଳେନାହିଁ । ଆରେ ମୂର୍ଖ ! ପ୍ରଭୁଙ୍କର ସେହି କଥା ମନେପକାଇ ମୁଁ ଏଯାଏ ତୋର କଠୋର ବଚନ ସହିଛି ॥ ୨ ॥

**ନାହିଁ ତ କରି ମୁଖ ଭଂଜନ ତୋରା । ଲୈ ଜାତେଉଁ ସୀତହିଁ ବରଜୋରା ॥**
**ଜାନେଉଁ ତୱ ବଲ ଅଧମ ସୁରାରୀ । ସୂନେଁ ହରି ଆନିହି ପରନାରୀ ॥ ୩ ॥**

ନଚେତ୍ ମୁଁ କେତେବେଳୁ ତୋ'ମୁହଁ ଭାଙ୍ଗିଦେଇ ସୀତାଙ୍କୁ ଜବରଦସ୍ତି ନେଇପଳାନ୍ତିଣି । ରେ ଅଧମ ! ରେ ଦେବଶତ୍ରୁ ! ତୁ ଯେବେଠୁଁ ପରସ୍ତ୍ରୀ ହରଣ କରିଆଣିଲୁଣି, ସେବେଠୁ ମୁଁ ତୋ ବଳ ଜାଣିଗଲିଣି ॥ ୩ ॥

**ତୈଁ ନିସିଚରପତି ଗର୍ବ ବହୂତା । ମୈଁ ରଘୁପତି ସେୱକ କର ଦୂତା ॥**
**ଜୌଁ ନ ରାମ ଅପମାନହି ଡରଉଁ । ତୋହି ଦେଖତ ଅସ କୌତୁକ କରଉଁ ॥ ୪ ॥**

ତୁ ରାକ୍ଷସମାନଙ୍କର ରାଜା ଓ ବଡ଼ ଅଭିମାନୀ, କିନ୍ତୁ ମୁଁ ହେଉଛି ଶ୍ରୀରଘୁନାଥଙ୍କର ସେବକର ସେବକମାତ୍ର (ସୁଗ୍ରୀବଙ୍କ ଦୂତ) । ମୁଁ ଯଦି ଶ୍ରୀରାମଙ୍କ ଅପମାନକୁ ଡରୁ ନ ଥାନ୍ତି, ତେବେ ତୋରି ଆଖି ଆଗରେ ଏବେ ମୁଁ ଏଭଳି ତାମସା କରନ୍ତି ଯେ, ॥ ୪ ॥

ଦୋଃ- **ତୋହି ପଟକି ମହି ସେନ ହତି ଚୌପଟ କରି ତୱ ଗାଉଁ ।**
**ତୱ ଜୁବତିହ୍ନ ସମେତ ସଠ ଜନକସୁତହି ଲୈ ଜାଉଁ ॥ ୩୦ ॥**

ତତେ ତଳେ କଚାଡ଼ିଦେଇ, ତୋ ସେନାକୁ ସଂହାର କରି, ତୋ ନଗର ନଷ୍ଟଭ୍ରଷ୍ଟ କରିଦେଇ, ତୋ ଯୁବତୀ ସ୍ତ୍ରୀମାନଙ୍କ ସହିତ ଜାନକୀଙ୍କୁ ନେଇପଳାନ୍ତି ॥ ୩୦ ॥

**ଜୌଁ ଅସ କରୌଁ ତଦପି ନ ବଡ଼ାଈ । ମୁଏହି ବଧେଁ ନହିଁ କଛୁ ମନୁସାଈ ॥**
**କୌଲ କାମବସ କୃପିନ ବିମୂଢ଼ା । ଅତି ଦରିଦ୍ର ଅଜସୀ ଅତି ବୂଢ଼ା ॥ ୧ ॥**

ଏପରି କଲେ ଏଥିରୁ ଯଶ ମିଳିବନି । ମଲାଟାକୁ ମାରିଦେବାରେ କୌଣସି ପୌରୁଷ ନାହିଁ । ବାମମାର୍ଗୀ, କାମୁକ, କୃପଣ, ଅତିମୂଢ଼, ଅତିଦରିଦ୍ର, ନିନ୍ଦିତ, ଅତିବୃଦ୍ଧ, ॥ ୧ ॥

**ସଦା ରୋଗବସ ସଂତତ କ୍ରୋଧୀ । ବିଷ୍ଣୁ ବିମୁଖ ଶ୍ରୁତି ସଂତ ବିରୋଧୀ ॥**
**ତନୁ ପୋଷକ ନିଂଦକ ଅଘ ଖାନୀ । ଜୀୱତ ସୱ ସମ ଚୌଦହ ପ୍ରାନୀ ॥ ୨ ॥**

ଚିରରୋଗୀ, ଚିରକ୍ରୋଧୀ, ବିଷ୍ଣୁବିମୁଖ, ବେଦ ଓ ସନ୍ଥଙ୍କ ବିରୋଧୀ, ସ୍ୱଉଦର-ପୋଷକ, ପରନିନ୍ଦୁକ ଓ ମହାପାପୀ—ଏହି ଚଉଦପ୍ରକାର ପ୍ରାଣୀ ଜୀଇ ଥାଉ ଥାଉ ବି ମଲାସମାନ ॥ ୨ ॥

**ଅସ ବିଗ୍ରହି ଖଲ ବଧଉଁ ନ ତୋହୀ । ଅବ ଜନି ରିସ ଉପଜାୱସି ମୋହୀ ॥**
**ସୁନି ସକୋପ କହ ନିସିଚର ନାଥା । ଅଧର ଦସନ ଦସି ମୀଜତ ହାଥା ॥ ୩ ॥**

ଆରେ ଦୁଷ୍ଟ ! ଏହା ବିଗ୍ଚର କରି ମୁଁ ତତେ ମାରୁନି । ତୁ ଆଉ ମୋ କ୍ରୋଧ ବଢ଼ାନା ।'' ଅଙ୍ଗଦଙ୍କ ବଚନ ଶୁଣି ରାକ୍ଷସରାଜ ରାବଣ ଦାନ୍ତଓଠ କାମୁଡ଼ି, କ୍ରୋଧରେ ହାତ ମଳି ମଳି କହିଲା, ॥ ୩ ॥

**ରେ କପି ଅଧମ ମରନ ଅବ ଚହସୀ । ଛୋଟେ ବଦନ ବାତ ବଡ଼ି କହସୀ ॥**
**କଟୁ ଜଲ୍ପସି ଜଡ଼ କପି ବଲ ଜାକେଁ । ବଲ ପ୍ରତାପ ବୁଧି ତେଜ ନ ତାକେଁ ॥ ୪ ॥**

''ଆରେ ନୀଚ ବାନର ! ଏଥର ତୁ ମରିବାକୁ ଚାହୁଁଛୁ; ସେଇଥିପାଇଁ ଛୋଟ ମୁହଁରେ ଏତେ ବଡ଼ ବଡ଼ କଥା କହୁଛୁ । ଆରେ ମୂର୍ଖ ବାନର ! ତୁ ଯାହାବଳରେ ଏସବୁ କର୍କଶ ବଚନ କହିଯାଉଛୁ, ତା'ଠାରେ ବଳ, ବୁଦ୍ଧି, ପ୍ରତାପ, ତେଜ—କିଛି ବି ନାହିଁ ॥ ୪ ॥

ଦୋ:- **ଅଗୁନ ଅମାନ ଜାନି ତେହି ଦୀହ୍ନ ପିତା ବନବାସ ।**
**ସୋ ଦୁଖ ଅରୁ ଜୁବତୀ ବିରହ ପୁନି ନିସି ଦିନ ମମ ତ୍ରାସ ॥୩୧ (କ)॥**

ସେଇଟା ଗୁଣହୀନ ଓ ମାନହୀନ ବୋଲି ଜାଣି ତା' ବାପା ତାକୁ ବନବାସକୁ ପଠାଇଦେଲା । ତା'ର ସେହି ଦୁଃଖ ସାଙ୍ଗକୁ ପୁଣି ଯୁବତୀସ୍ତ୍ରୀର ବିଚ୍ଛେଦ ଏବଂ ତା ସାଙ୍ଗକୁ ପୁଣି ମୋ ଭୟ ତାକୁ ଦିନରାତି ଘାରୁଛି ॥ ୩୧ (କ) ॥

**ଜିହ୍ନ କେ ବଲ କର ଗର୍ବ ତୋହି ଅଇସେ ମନୁଜ ଅନେକ ।**
**ଖାହିଁ ନିସାଚର ଦିଵସ ନିସି ମୂଢ଼ ସମୁଝୁ ତଜି ଟେକ ॥୩୧ (ଖ)॥**

ଯାହାବଳରେ ତୁ ଏଡ଼େ ଗର୍ବ ଦେଖାଉଛୁ, ତା'ଭଳି ଅନେକ ମନୁଷ୍ୟଙ୍କୁ ରାକ୍ଷସମାନେ ଦିନରାତି ଖାଉଛନ୍ତି । ତେଣୁ ରେ ମୂଢ଼ ! ତୁ ଜିଦି ଛାଡ଼ି ବିଚ୍ଚର କର ।'' ॥ ୩୧ (ଖ) ॥

**ଜବ ତେହିଁ କୀହ୍ନି ରାମ କୈ ନିଂଦା । କ୍ରୋଧଵଂତ ଅତି ଭୟଉ କପିଂଦା ॥**
**ହରି ହର ନିଂଦା ସୁନଇ ଜୋ କାନା । ହୋଇ ପାପ ଗୋଘାତ ସମାନା ॥ ୧ ॥**

ରାବଣ ଶ୍ରୀରାମଙ୍କୁ ନିନ୍ଦା କଲାଣି ଦେଖି କପିଶ୍ରେଷ୍ଠ ଅଙ୍ଗଦ ଅତ୍ୟନ୍ତ କ୍ରୋଧାବିଷ୍ଟ ହୋଇଗଲେ । କାରଣ ଶାସ୍ତ୍ର କହୁଛନ୍ତି, ଯେଉଁ ଲୋକ ନିଜ କାନରେ ବିଷ୍ଣୁନିନ୍ଦା ଓ ଶିବନିନ୍ଦା ଶୁଣେ, ତାକୁ ଗୋହତ୍ୟାସମାନ ପାପ ଲାଗିଥାଏ ॥ ୧ ॥

**କଟକଟାନ କପିକୁଂଜର ଭାରୀ । ଦୁହୁ ଭୁଜଦଂଡ ତମକି ମହି ମାରୀ ॥**
**ଡୋଲତ ଧରନି ସଭାସଦ ଖସେ । ଚଲେ ଭାଜି ଭୟ ମାରୁତ ଗ୍ରସେ ॥ ୨ ॥**

ବାନରଶ୍ରେଷ୍ଠ ଅଙ୍ଗଦ ଭୀଷଣ ଗର୍ଜନ କରି ନିଜର ଦୁଇ ହାତକୁ ଅତି ଜୋରରେ ଭୂମି ଉପରେ ପିଟିଦେଲେ । ପୃଥିବୀ କମ୍ପିଉଠିଲା । ତା'ଫଳରେ ବସିଥିବା ସଭାସଦ୍‌ମାନେ ତଳେ ପଡ଼ିଗଲେ ଏବଂ ଭୟରୂପୀ ପବନଦ୍ୱାରା ଗ୍ରସ୍ତ ହୋଇ ସେଠାରୁ ଦୌଡ଼ିପଳାଇଲେ ॥ ୨ ॥

**ଗିରତ ସଁଭାରି ଉଠା ଦସକଂଧର । ଭୂତଲ ପରେ ମୁକୁଟ ଅତି ସୁଂଦର ॥**
**କଛୁ ତେହିଁ ଲୈ ନିଜ ସିରହ୍ନି ସଁଵାରେ । କଛୁ ଅଂଗଦ ପ୍ରଭୁ ପାସ ପବାରେ ॥ ୩ ॥**

ରାବଣ ପଡ଼ିଯାଉ ଯାଉ ନିଜକୁ ସମ୍ଭାଳିନେଲା । ତା'ମୁଣ୍ଡମାନଙ୍କରୁ ସୁନ୍ଦର ମୁକୁଟଗୁଡ଼ିକ ତଳେ ଖସିପଡ଼ିଲା; ସେଥିରୁ କେତେଟା ସେ ଗୋଟେଇ ଆଣି ଆଉଥରେ ପିନ୍ଧି ପକାଇଲା; ବାକିତକ ଅଙ୍ଗଦ ଉଠାଇନେଇ ସେହିଠାରୁ ପ୍ରଭୁ ଶ୍ରୀରାମଙ୍କ ଆଡ଼କୁ ଫୋପାଡ଼ିଦେଲେ ॥ ୩ ॥

**ଆୱ୍ତ ମୁକୁଟ ଦେଖି କପି ଭାଗେ । ଦିନହୀଁ ଲୂକ ପରନ ବିଧି ଲାଗେ ॥**
**କୀ ରାୱ୍ନ କରି କୋପ ଚଲାଏ । କୁଲିସ ଚ୍ରି ଆୱ୍ତ ଅତି ଧାଏ ॥ ୪ ॥**

ମୁକୁଟଗୁଡ଼ାକ ଉଡ଼ିଆସୁଥିବାର ଦେଖି ବାନରମାନେ ଦୌଡ଼ିପଳାଇଲେ । ସେମାନେ ଭାବିଲେ, ବୋଧହୁଏ ଦିନବେଳଟାରେ ଉଲ୍‌କାପାତ ହେଲା, କିମ୍ବା ରାବଣ କ୍ରୋଧଭର ହୋଇ ଚ୍ରିଟା ବଜ୍ର ମାରିଛି ଯେ, ସେଗୁଡ଼ାକ ଏପରି ଜୋର୍‌ରେ ମାଡ଼ିଆସୁଛି ! ॥ ୪ ॥

**କହ ପ୍ରଭୁ ହଁସି ଜନି ହୃଦୟଁ ଡେରାହୂ । ଲୂକ ନ ଅସନି କେତୁ ନହିଁ ରାହୂ ॥**
**ଏ କିରୀଟ ଦସକଂଧର କେରେ । ଆୱ୍ତ ବାଲିତନୟ କେ ପ୍ରେରେ ॥ ୫ ॥**

ପ୍ରଭୁ ଶ୍ରୀରାମ ଟିକିଏ ହସିଦେଇ କହିଲେ, ''ଡରନି, ଡରନି । ଏଗୁଡ଼ାକ ଉଲ୍‌କା ନୁହେଁ, କି ବଜ୍ର ନୁହେଁ, କି କେତୁ ବା ରାହୁ ନୁହେଁ । ଏଗୁଡ଼ାକ ହେଉଛି ରାବଣର ମୁକୁଟ । ବାଲିପୁତ୍ର ଅଙ୍ଗଦ ଏଗୁଡ଼ାକ ଏଆଡ଼କୁ ଫିଙ୍ଗି ଦେଇଛନ୍ତି ।'' ॥ ୫ ॥

ଦୋ:- **ତରକି ପୱ୍ନସୁତ କର ଗହେ ଆନି ଧରେ ପ୍ରଭୁ ପାସ ।**
**କୌତୁକ ଦେଖହିଁ ଭାଲୁ କପି ଦିନକର ସରିସ ପ୍ରକାସ ॥୩୨(କ)॥**

ପବନପୁତ୍ର ହନୁମାନ୍ ଝାମ୍ପ ମାରି ମୁକୁଟଗୁଡ଼ାକ ଧରିପକାଇଲେ ଏବଂ ନେଇ ପ୍ରଭୁଙ୍କ ପାଖରେ ଥୋଇଦେଲେ । ଭାଲୁ ଓ ବାନରମାନେ କୁତୂହଳୀ ହୋଇ ସେସବୁ ଦେଖିବାକୁ ଲାଗିଲେ । ସେଗୁଡ଼ାକ ସୂର୍ଯ୍ୟଙ୍କ ପରି ଝଲସୁଥାଏ ।

**ଉହାଁ ସକୋପି ଦସାନନ ସବ ସନ କହତ ରିସାଇ ।**
**ଧରହୁ କପିହି ଧରି ମାରହୁ ସୁନି ଅଂଗଦ ମୁସୁକାଇ ॥୩୨(ଖ)॥**

ତେଣେ ସଭାରେ କ୍ରୋଧଯୁକ୍ତ ରାବଣ ରୋଷଭର ହୋଇ କହିଲା, ''ଆରେ ! ଏ ବାନରଟାକୁ ଧରିନିଅ; ଧରି ମାରିଦିଅ !'' ତାହା ଶୁଣି ଅଙ୍ଗଦ ଖାଲି ମୁରୁକି ମୁରୁକି ହସିଲେ ॥ ୩୨(ଖ)॥

**ଏହି ବଧି ବେଗି ସୁଭଟ ସବ ଧାୱ୍ହୁ । ଖାହୁ ଭାଲୁ କପି ଜହଁ ଜହଁ ପାୱ୍ହୁ ॥**
**ମର୍କଟହୀନ କରହୁ ମହି ଜାଇ । ଜିଅତ ଧରହୁ ତାପସ ଦ୍ୱୌ ଭାଇ ॥ ୧ ॥**

ରାବଣ ପୁଣି ଗର୍ଜନ କରି କହିଲା, ''ଆରେ ! ଏଇଟାକୁ ମାରିଦିଅ; ତା'ପରେ ସବୁଯୋଦ୍ଧା ଧାଇଁଯାଇ ଯେଉଁଠି ଯେତେ ଭାଲୁ ଓ ବାନରଙ୍କୁ ପାଇବ, ସମସ୍ତଙ୍କୁ ଖାଇଯାଅ । ପୃଥିବୀକୁ ବାନରଶୂନ୍ୟ କରିଦିଅ ଏବଂ ଶୀଘ୍ର ଯାଇ ସେହି ତପସ୍ୱୀ ଭାଇ ଦୁଇଟାଙ୍କୁ ଜୀଅନ୍ତା ଧରିଆଣ ।'' ॥ ୧ ॥

**ପୁନି ସକୋପ ବୋଲେଉ ଜୁବରାଜା । ଗାଲ ବଜାୱ୍ତ ତୋହି ନ ଲାଜା ॥**
**ମରୁ ଗର କାଟି ନିଲଜ କୁଲଘାତୀ । ବଲ ବିଲୋକି ବିହରତି ନହିଁ ଛାତୀ ॥ ୨ ॥**

ରାବଣର ସେହି କ୍ରୋଧଭରା ବଚନ ଶୁଣି ଯୁବରାଜ ଅଙ୍ଗଦ କ୍ରୁଦ୍ଧ ହୋଇ କହିଲେ, ''ତତେ ଗାଲୁ ମାରିବାକୁ ଲାଜ ଲାଗୁନି ? ରେ କୁଳଘାତକ ! ତୋଟି କାଟି (ଆତ୍ମହତ୍ୟା କରି) ମରିଯାଆ । ମୋ ବଳ ଦେଖି ତୋ ଛାତି ଫାଟିଯାଉନି ! ॥ ୨ ॥

**ରେ ତ୍ରିୟ ଚ୍ରେର କୁମାରଗ ଗାମୀ । ଖଲ ମଲ ରାସି ମଂଦମତି କାମୀ ॥**
**ସନ୍ୟପାତ ଜଲ୍ପସି ଦୁର୍ବାଦା । ଭଏସି କାଲବସ ଖଲ ମନୁଜାଦା ॥ ୩ ॥**

ଆରେ ନାରୀଗ୍ରେର ! ରେ କୁମାର୍ଗଗାମୀ ! ରେ ଦୁଷ୍ଟ, ପାପରାଶି, ମନ୍ଦବୁଦ୍ଧି ! ରେ କାମୁକ ! ତୋତେ ସନ୍ନିପାତ ଧରିଛି ବୋଲି ତୁ ଏପରି ଦୁର୍ବଚନ କହି ପ୍ରଳାପ କରୁଛୁ । ଆରେ ଦୁଷ୍ଟ ରାକ୍ଷସ ! ତୋତେ କାଳ ଗ୍ରାସିଲାଣି ॥ ୩ ॥

**ଯ୍ୟାକୋ ଫଲୁ ପାଓ୍ୱହିଗୋ ଆଗେଁ । ବାନର ଭାଲୁ ଚପେଟହ୍ନି ଲାଗେଁ ॥**
**ରାମୁ ମନୁଜ ବୋଲତ ଅସି ବାନୀ । ଗିରହିଁ ନ ତଓ୍ୱ ରସନା ଅଭିମାନୀ ॥ ୪ ॥**

ଆଉ କିଛି ସମୟ ପରେ ବାନର ଓ ଭାଲୁଙ୍କ ହାତରୁ ଗ୍ଡପୁଡ଼ା ଖାଇଲେ ତୁ ଏହାର ଫଳ ପାଇଯିବୁ । ଆରେ ଅଭିମାନୀ ! ତୁ ଶ୍ରୀରାମଙ୍କୁ ମନୁଷ୍ୟ ବୋଲି କହୁଛୁ ! ତୋ ଜିଭ ଛିଡ଼ିପଡୁନି !! ॥ ୪ ॥

**ଗିରିହହିଁ ରସନା ସଂସୟ ନାହାଁ । ସିରହ୍ନି ସମେତ ସମର ମହି ମାହାଁ ॥ ୫ ॥**

ଏହା ନିଃସନ୍ଦେହ ଯେ, ଖାଲି ତୋ ଜିଭଗୁଡ଼ାକ ନୁହେଁ, ତା'ସହିତ ତୋ ମୁଣ୍ଡଗୁଡ଼ାକ ବି ରଣଭୂମିରେ ଛିଡ଼ିପଡ଼ିବ ॥ ୫ ॥

ସୋଃ- **ସୋ ନର କ୍ୟୋଁ ଦସକଂଧ ବାଲି ବଧ୍ୟୋ ଜେହିଁ ଏକ ସର ।**
**ବୀସହୁଁ ଲୋଚନ ଅଂଧ ଧିୃଗ ତଓ୍ୱ ଜନ୍ମ କୁଜାତି ଜଡ଼ ॥୩୩(କ)॥**

ରେ ଦଶକନ୍ଧ ! ଯେ ଗୋଟିଏମାତ୍ର ବାଣରେ ବାଳିକୁ ମାରିଦେଇପାରିଲେ, ସେ ମନୁଷ୍ୟ ବୋଲି ତୁ କହୁଛୁ କିପରି ? ଆରେ କୁଜାତି ! ରେ ଜଡ଼ ! ତୋର ଏ କୋଡ଼ିଏଟା ଆଖି ଥାଉ ଥାଉ ବି ତୁ ଅନ୍ଧ । ତୋ ଜନ୍ମକୁ ଧିକ୍ ! ॥ ୩୩(କ) ॥

**ତଓ୍ୱ ସୋନିତ କୀଁ ପ୍ୟାସ ତୃଷିତ ରାମ ସାୟକ ନିକର ।**
**ତଜଉଁ ତୋହି ତେହି ତ୍ରାସ କଟୁ ଜଲ୍ପକ ନିସିଚର ଅଧମ ॥୩୩(ଖ)॥**

ରାମଚନ୍ଦ୍ରଙ୍କ ବାଣଗୁଡ଼ିକ ତୋ' ରକ୍ତ ପିଇବାକୁ ତୃଷାର୍ତ୍ତ ହୋଇ ରହିଛନ୍ତି । ମୁଁ ମାରିଦେଲେ ସେମାନେ ପିପାସୁ ହୋଇ ରହିଯିବେ—ଏହି ଭୟରେ, ରେ କଟୁଭାଷୀ ନୀଚ ରାକ୍ଷସ ! ମୁଁ ତତେ ଛାଡ଼ିଦେଉଛି ॥ ୩୩(ଖ)॥

**ମୈଁ ତଓ୍ୱ ଦସନ ତୋରିବେ ଲାୟକ । ଆୟସୁ ମୋହି ନ ଦୀହ୍ନ ରଘୁନାୟକ ॥**
**ଅସି ରିସ ହୋତି ଦସଉ ମୁଖ ତୋରୌଁ । ଲଂକା ଗହି ସମୁଦ୍ର ମହଁ ବୋରୌଁ ॥ ୧ ॥**

ମୁଁ ତୋ ଦାନ୍ତ ଭାଙ୍ଗିଦେଇଥାନ୍ତି; କିନ୍ତୁ ଶ୍ରୀରଘୁନାଥ ମୋତେ ସେତିକି ଆଦେଶ ଦେଇନାହାନ୍ତି । ମତେ ଏତେ ରାଗ ଲାଗୁଛି ଯେ, ମୁଁ ତୋର ଦଶମୁଣ୍ଡ ଛିଣ୍ଡାଇଦିଅନ୍ତି ଏବଂ ତୋ ଲଙ୍କାକୁ ତାଡ଼ିନେଇ ସମୁଦ୍ରରେ ବୁଡ଼ାଇଦିଅନ୍ତି ॥ ୧ ॥

**ଗୂଲରି ଫଲ ସମାନ ତଓ୍ୱ ଲଂକା । ବସହୁ ମଧ୍ୟ ତୁହ୍ମ ଜଂତୁ ଅସଂକା ॥**
**ମୈଁ ବାନର ଫଲ ଖାତ ନ ବାରା । ଆୟସୁ ଦୀହ୍ନ ନ ରାମ ଉଦାରା ॥ ୨ ॥**

ତୋ ଲଙ୍କାଟା ଗୋଟେ ଡିମିରିଫଳ ପରି ଏବଂ ତୁମେମାନେ ସେହି ଫଳଭିତରେ ଅଜ୍ଞାନବଶତଃ ନିଃଶଙ୍କ ହୋଇ ରହିଥିବା ପୋକ ପରି ବାସ କରୁଛ । ମୁଁ ତ ବାନର ; ମତେ ଏ ଫଳ ଖାଇଦେବାକୁ କେତେ ବା ସମୟ ଲାଗିବ ? ଖାଲି କୃପାଳୁ ପ୍ରଭୁ ଶ୍ରୀରାମ ସେପରି ଆଜ୍ଞା ଦେଇନାହାନ୍ତି ॥ ୨ ॥

**ଜୁଗୁତି ସୁନତ ରାଓ୍ୱନ ମୁସୁକାଈ । ମୂଢ଼ ସିଖିହି କହଁ ବହୁତ ଝୁଠାଈ ॥**
**ବାଲି ନ କବହୁଁ ଗାଲ ଅସ ମାରା । ମିଲି ତପସିହ୍ନ ତୈଁ ଭଏସି ଲବାରା ॥ ୩ ॥**

ଅଙ୍ଗଦଙ୍କ ଯୁକ୍ତି ଶୁଣି ରାବଣ ମୁରୁକି ମୁରୁକି ହସି କହିଲା ''ଆରେ ମୂର୍ଖ! ତୁ ଏତେ ମିଛ କହିବା କେଉଁଠୁ ଶିଖିଲୁ? ବାଳି ତ କେବେ ଏପରି ଗାଲୁ ମାରୁ ନ ଥିଲା! ଜଣାପଡୁଛି, ତପସ୍ୱୀମାନଙ୍କ ସହିତ ମିଶି ତୁ ମିଛୁଆ ହୋଇଯାଇଛୁ।'' ॥ ୩ ॥

**ସାଁଚେହୁଁ ମୈଁ ଲବାର ଭୁଜ ବୀହା। ଜୌଁ ନ ଉପାରିଉଁ ତଓ୍ୱ ଦସ ଜୀହା॥**
**ସମୁଝି ରାମ ପ୍ରତାପ କପି କୋପା। ସଭା ମାଝ ପନ କରି ପଦ ରୋପା॥ ୪ ॥**

ଅଙ୍ଗଦ କହିଲେ, ''ଆରେ ବିଂଶଭୁଜ! ମୁଁ ଯଦି ତୋର ଦଶଟାଯାକ ଜିଭ ଉପାଡ଼ି ନ ଦେଇଛି, ତେବେ ମୁଁ ସତରେ ମିଛୁଆଟାଏ ବୋଲି ଜାଣିବୁ।'' ଏପରି କହି ଅଙ୍ଗଦ ଶ୍ରୀରାମଙ୍କ ପ୍ରତାପ ସ୍ମରଣ କଲେ ଓ କ୍ରୋଧିତ ହୋଇ ରାବଣସଭାରେ ପ୍ରତିଜ୍ଞାର ସହ ପଣ କରି ଗୋଟିଏ ପାଦ ଭୂମିରେ ଦୃଢ଼ଭାବରେ ଗ୍ରପିରଖିଲେ॥ ୪ ॥

**ଜୌଁ ମମ ଚରନ ସକସି ସଠ ଟାରୀ। ଫିରହିଁ ରାମୁ ସୀତା ମୈଁ ହାରୀ॥**
**ସୁନହୁ ସୁଭଟ ସବ କହ ଦସସୀସା। ପଦ ଗହି ଧରନି ପଛାରହୁ କୀସା॥ ୫ ॥**

କହିଲେ, ''ରେ ମୂର୍ଖ! ଯଦି ତୁ ମୋର ଏହି ପାଦଟାକୁ ଏଠାରୁ ଘୁଞ୍ଚାଇଦେଇପାରିବୁ, ତେବେ ରାମ ଫେରିଯିବେ; ଜାଣିବୁ, ମୁଁ ପଣରେ ସୀତାଙ୍କୁ ହାରିଲି।'' ରାବଣ କହିଉଠିଲା, ''ରେ ବୀରଗଣ! ଶୁଣ, ତା' ପାଦଟାକୁ ଟାଣିଆଣି ତାକୁ ତଳେ କଚାଡ଼ିଦିଅ।'' ॥ ୫ ॥

**ଇଂଦ୍ରଜୀତ ଆଦିକ ବଲଓ୍ୱାନା। ହରଷି ଉଠେ ଜହଁ ତହଁ ଭଟ ନାନା॥**
**ଝପଟହିଁ କରି ବଲ ବିପୁଲ ଉପାଈ। ପଦ ନ ଟରଇ ବୈଠହିଁ ସିରୁ ନାଈ॥ ୬ ॥**

ଇନ୍ଦ୍ରଜିତ ଆଦି ଅନେକ ବଳବାନ୍ ଯୋଦ୍ଧା ନିଜ ନିଜ ସ୍ଥାନରୁ ଆନନ୍ଦରେ ଉଠିଆସିଲେ। ସେମାନେ ସକଳ ବଳ ଖଟାଇ ଅଙ୍ଗଦଙ୍କ ପାଦ ଟାଳିବାକୁ ଚେଷ୍ଟା କଲେ; କିନ୍ତୁ ସେ ପାଦ ଟିକିଏ ବି ଘୁଞ୍ଚିଲା ନାହିଁ। ଫଳରେ ସେମାନେ ନିଜ ନିଜ ଆସନକୁ ଫେରିଯାଇ ଲଜ୍ଜାରେ ମୁଣ୍ଡ ପୋତି ବସିପଡ଼ିଲେ॥ ୬ ॥

**ପୁନି ଉଠି ଝପଟହିଁ ସୁର ଆରାତୀ। ଟରଇ ନ କୀସ ଚରନ ଏହି ଭାଁତୀ॥**
**ପୁରୁଷ କୁଜୋଗୀ ଜିମି ଉରଗାରୀ। ମୋହ ବିଟପ ନହିଁ ସକହିଁ ଉପାରୀ॥ ୭ ॥**

[କାକଭୁଶୁଣ୍ଡି କହିଲେ—] ସେହି ଦେବଶତ୍ରୁ ରାକ୍ଷସଗୁଡ଼ାକ ପୁଣିଥରେ ଉଠିଆସି ସେହି ପାଦଟାକୁ ଘୁଞ୍ଚାଇବାକୁ ଚେଷ୍ଟା କଲେ; କିନ୍ତୁ ହେ ସର୍ପଶତ୍ରୁ ଗରୁଡ଼! କୁଯୋଗୀ (ବିଷୟୀ) ପୁରୁଷ ଯେପରି ମୋହରୂପୀ ବୃକ୍ଷକୁ ଉପାଡ଼ିପାରେ ନାହିଁ, ସେମାନେ ସେହିପରି ଅଙ୍ଗଦଙ୍କ ପାଦକୁ ଘୁଞ୍ଚାଇପାରିଲେ ନାହିଁ॥ ୭ ॥

ଦୋ:- **କୋଟିହ୍ନ ମେଘନାଦ ସମ ସୁଭଟ ଉଠେ ହରଷାଇ।**
**ଝପଟହିଁ ଟରୈ ନ କପି ଚରନ ପୁନି ବୈଠହିଁ ସିର ନାଇ॥୩୪(କ)॥**

ମେଘନାଦ ପରି ବଳବାନ୍ କୋଟି କୋଟି ଯୋଦ୍ଧା ଅତି ଆନନ୍ଦରେ ଉଠିଆସୁଥାନ୍ତି; ସେମାନେ ବାରମ୍ବାର ଚେଷ୍ଟା କରୁଥାନ୍ତି; କିନ୍ତୁ ବାନରବୀରଙ୍କର ସେହି ପାଦଟି ତିଳେମାତ୍ର ଟଳୁ ନ ଥାଏ; ପୁଣି ସେମାନେ ନିଜ ନିଜର ସ୍ଥାନକୁ ଫେରିଯାଇ ଲାଜରେ ମୁଣ୍ଡ ପୋତି ବସିପଡୁଥାନ୍ତି॥ ୩୪(କ) ॥

**ଭୂମି ନ ଛାଁଡ଼ତ କପି ଚରନ ଦେଖତ ରିପୁ ମଦ ଭାଗ।**
**କୋଟି ବିଘ୍ନ ତେ ସଂତ କର ମନ ଜିମି ନୀତି ନ ତ୍ୟାଗ॥୩୪(ଖ)॥**

କୋଟି କୋଟି ବିପଦ ଆସିଲେ ବି ସନ୍ଥଙ୍କ ମନ ଯେପରି ନୀତି ଛାଡ଼େ ନାହିଁ, ଅଙ୍ଗଦଙ୍କ ପାଦ ସେହିପରି ଭୂମିରୁ ଟିକିଏ ବି ଘୁଞ୍ଚିଲା ନାହିଁ। ଏହା ଦେଖି ରାବଣର ମଦ ଚୂର୍ଣ୍ଣ ହୋଇଗଲା॥ ୩୪(ଖ) ॥

**କପି ବଲ ଦେଖି ସକଲ ହିଯ଼ଁ ହାରେ । ଉଠା ଆପୁ କପି କେଁ ପରଚାରେ ॥**
**ଗହତ ଚରନ କହ ବାଲିକୁମାରା । ମମ ପଦ ଗହେଁ ନ ତୋର ଉବାରା ॥ ୧ ॥**

ଅଙ୍ଗଦଙ୍କ ବଳ ଦେଖି ସମସ୍ତେ ମନେ ମନେ ହାର ମାନିଲେ । ଶେଷରେ ଅଙ୍ଗଦଙ୍କ ଆହ୍ୱାନ ଶୁଣି ରାବଣ ସ୍ୱୟଂ ଉଠିପଡ଼ିଲା । ସେ ପାଦ ଟାଳିବାକୁ ଯିବାରୁ ବାଳିକୁମାର ଅଙ୍ଗଦ କହିଲେ, ''ମୋ ପାଦ ଧରିଲେ ତୋର ଉଦ୍ଧାର ହୋଇପାରିବ ନାହିଁ ॥ ୧ ॥

**ଗହସି ନ ରାମ ଚରନ ସଠ ଜାଈ । ସୁନତ ଫିରା ମନ ଅତି ସକୁଚାଈ ॥**
**ଭଯ଼ଉ ତେଜହତ ଶ୍ରୀ ସବ ଗଈ । ମଧ୍ୟ ଦିୱସ ଜିମି ସସି ସୋହଈ ॥ ୨ ॥**

ଆରେ ମୂର୍ଖ ! ତୁ ଯାଇ ଶ୍ରୀରାମଙ୍କ ପାଦ ଧରୁନୁ କାହିଁକି ?'' ଏହା ଶୁଣି ରାବଣ ମନେ ମନେ ଅତ୍ୟନ୍ତ ଲଜ୍ଜିତ ହୋଇ ନିଜ ଆସନକୁ ଫେରିଗଲା । ତା'ର ସବୁ ଶିରୀ ତୁଟିଗଲା । ମଧ୍ୟାହ୍ନର ଚନ୍ଦ୍ରମା ଯେପରି ନିଷ୍ପ୍ରଭ ଦେଖାଯାଏ, ସେ ସେହିପରି ତେଜହୀନ ହୋଇଗଲା ॥ ୨ ॥

**ସିଂଘାସନ ବୈଠେଉ ସିର ନାଈ । ମାନହୁଁ ସଂପତି ସକଲ ଗୱାଁଈ ॥**
**ଜଗଦାତମା ପ୍ରାନପତି ରାମା । ତାସୁ ବିମୁଖ କିମି ଲହ ବିଶ୍ରାମା ॥ ୩ ॥**

ସେ ତା'ର ସକଳ ସମ୍ପଦ ହରାଇଦେଲାପରି ମୁଣ୍ଡ ପୋତିଦେଇ ସିଂହାସନରେ ବସିପଡ଼ିଲା । ଶ୍ରୀରାମ ହେଉଛନ୍ତି ଜଗତର ଆତ୍ମା ଏବଂ ପ୍ରାଣୀମାନଙ୍କର ସ୍ୱାମୀ । ତାଙ୍କ ପ୍ରତି ବିମୁଖ ହେବା ଲୋକକୁ ଶାନ୍ତି ବା ମିଳିବ କିପରି ! ॥ ୩ ॥

**ଉମା ରାମ କୀ ଭୃକୁଟି ବିଲାସା । ହୋଇ ବିସ୍ୱ ପୁନି ପାୱଇ ନାସା ॥**
**ତୃନ ତେ କୁଲିସ କୁଲିସ ତୃନ କରଈ । ତାସୁ ଦୂତ ପନ କହୁ କିମି ଟରଈ ॥ ୪ ॥**

[ଶିବ କହିଲେ,] ହେ ଉମା ! ଯେଉଁ ଶ୍ରୀରାମଙ୍କର ଭ୍ରୂବିଳାସରେହିଁ ବିଶ୍ୱ ଉତ୍ପନ୍ନ ହୋଇଯାଏ, ପୁଣି ବିଲୟ ହୋଇଯାଏ, ଯେ ତୃଣକୁ ବଜ୍ର ଓ ବଜ୍ରକୁ ତୃଣ କରିଦେଇପାରନ୍ତି (ଅର୍ଥାତ୍ ଅତ୍ୟନ୍ତ ଦୁର୍ବଳକୁ ପ୍ରବଳ ଓ ପ୍ରବଳକୁ ଅତ୍ୟନ୍ତ ଦୁର୍ବଳ କରିପାରନ୍ତି), ତାଙ୍କ ଦୂତଙ୍କର ପ୍ରତିଜ୍ଞା ଭଲା କିପରି ଟଳିଯାଆନ୍ତା ! ॥ ୪ ॥

**ପୁନି କପି କହୀ ନୀତି ବିଧି ନାନା । ମାନ ନ ତାହି କାଲୁ ନିଅରାନା ॥**
**ରିପୁ ମଦ ମଥି ପ୍ରଭୁ ସୁଜସୁ ସୁନାୟୋ । ୟହ କହି ଚଲ୍ୟୋ ବାଲି ନୃପ ଜାୟୋ ॥ ୫ ॥**

ତା'ପରେ ଅଙ୍ଗଦ ନାନାବିଧ ନୀତିବାଣୀ ଶୁଣାଇଲେ; କିନ୍ତୁ ରାବଣର ତ କାଳ ନିକଟ ହୋଇଆସିଥିଲା; ତେଣୁ ସେ ତାହା ଶୁଣିଲା ନାହିଁ । ଶତ୍ରୁର ଗର୍ବ ଚୂର୍ଣ୍ଣ କରି ଅଙ୍ଗଦ ତାକୁ ପ୍ରଭୁ ଶ୍ରୀରାମଙ୍କ ସୁଯଶ ଶୁଣାଇଲେ ଏବଂ ଶେଷରେ ଫେରିଆସିଲାବେଳେ ସେହି ବାଳିପୁତ୍ର କହିଦେଲେ,– ॥ ୫ ॥

**ହତୌଁ ନ ଖେତ ଖେଲାଇ ଖେଲାଈ । ତୋହି ଅବହିଁ କା କରୌଁ ବଡ଼ାଈ ॥**
**ପ୍ରଥମହିଁ ତାସୁ ତନୟ କପି ମାରା । ସୋ ସୁନି ରାୱନ ଭୟଉ ଦୁଖାରା ॥ ୬ ॥**

''ମୁଁ ତୋତେ ଖେଳାଇ ଖେଳାଇ ରଣଭୂମିରେ ମାରି ନ ଦେବା ପର୍ଯ୍ୟନ୍ତ ଏବେଠାରୁ ତୁ ମୋ ବଳ ଜାଣିପାରିବୁ ନାହିଁ; ନିଜର ବଡ଼ାଇ କରି ଲାଭ କ'ଣ !'' ଅଙ୍ଗଦ ତ ପ୍ରଥମରୁ (ସଭାକୁ ଆସିବା ପୂର୍ବରୁ) ରାବଣର ପୁଅକୁ ମାରିଦେଇଥିଲେ; ବର୍ତ୍ତମାନ ସେହି ସମାଚାର ପାଇ ରାବଣ ଦୁଃଖରେ ଭାଙ୍ଗିପଡ଼ିଲା ॥ ୬ ॥

**ଜାତୁଧାନ ଅଂଗଦ ପନ ଦେଖୀ । ଭୟ ବ୍ୟାକୁଲ ସବ ଭଏ ବିସେଷୀ ॥ ୭ ॥**

ଅଙ୍ଗଦଙ୍କ ପ୍ରତିଜ୍ଞା ସଫଳ ହେବା ଦେଖି ସବୁ ରାକ୍ଷସ ଅତ୍ୟନ୍ତ ଭୟରେ ବ୍ୟାକୁଳ ହୋଇପଡ଼ିଲେ ॥ ୭ ॥

ଦୋଃ- **ରିପୁ ବଲ ଧରଷି ହରଷି କପି ବାଲିତନୟ ବଲ ପୁଂଜ ।**
**ପୁଲକ ସରୀର ନୟନ ଜଲ ଗହେ ରାମ ପଦ କଂଜ ॥୩୫(କ)॥**

ଶତ୍ରୁର ବଳ ମର୍ଦନ କରିଦେଇ, ବଳନିଧାନ ବାଳିପୁତ୍ର ଅଙ୍ଗଦ ଆନନ୍ଦରେ ଫେରିଆସି ଶ୍ରୀରାମଙ୍କ ଚରଣକମଳ ଧରିପକାଇଲେ । ତାଙ୍କ ଶରୀର ପୁଲକିତ ହୋଇଗଲା ଏବଂ ନୟନରେ ଆନନ୍ଦାଶ୍ରୁ ପୂର୍ଣ୍ଣ ହୋଇଗଲା ॥ ୩୫(କ) ॥

**ସାଁଝ ଜାନି ଦସକଂଧର ଭୱନ ଗୟଉ ବିଲଖାଇ ।**
**ମଂଦୋଦରୀଁ ରାୱନହି ବହୁରି କହା ସମୁଝାଇ ॥୩୫(ଖ)॥**

[ସେପଟେ] ସନ୍ଧ୍ୟା ହୋଇଗଲା ଜାଣି ଦଶଗ୍ରୀବ ରାବଣ ବିଷଣ୍ଣ ମନରେ ମହଲକୁ ଫେରିଗଲା । ତାକୁ ପୁଣିଥରେ ବୁଝାଇ ମନ୍ଦୋଦରୀ କହିଲେ, ॥ ୩୫(ଖ) ॥

**କଂତ ସମୁଝି ମନ ତଜହୁ କୁମତିହୀ । ସୋହ ନ ସମର ତୁହ୍ମହି ରଘୁପତିହୀ ॥**
**ରାମାନୁଜ ଲଘୁ ରେଖ ଖଚ୍ଇ । ସୋଉ ନହିଁ ନାଘେହୁ ଅସି ମନୁସାଈ ॥ ୧ ॥**

‘‘ହେ କାନ୍ତ ! ଭଲଭାବରେ ବିଗ୍ଚର କରି କୁବୁଦ୍ଧି ଛାଡ଼ିଦିଅନ୍ତୁ । ଆପଣ ଓ ଶ୍ରୀରଘୁନାଥଙ୍କ ମଧ୍ୟରେ ଯୁଦ୍ଧ ଲାଗିବାଟା ଶୋଭା ପାଇବ ନାହିଁ । ତାଙ୍କ ସାନଭାଇ ଲକ୍ଷ୍ମଣ ପରା ସାମାନ୍ୟ ଗାରଟିଏ କାଟିଦେଇଥିଲେ ଯେ, ଆପଣ ସେହି ଗାରଟି ବି ଲଂଘିପାରିଲେ ନାହିଁ । ଆପଣଙ୍କ ପୁରୁଷତ୍ୱ ଏଇଆ ନା ? ॥ ୧ ॥

**ପିୟ ତୁହ୍ମ ତାହି ଜିତବ ସଂଗ୍ରାମା । ଜାକେ ଦୂତ କେର ୟହ କାମା ॥**
**କୌତୁକ ସିଂଧୁ ନାଘି ତୱ ଲଂକା । ଆୟଉ କପି କେହରୀ ଅସଂକା ॥ ୨ ॥**

ହେ ପ୍ରିୟତମ ! ଯାହାଙ୍କ ଦୂତଟାର କାମ ଏଭଳି, ଆପଣ କ’ଣ ତାଙ୍କୁ ଜିଣିପାରିବେ ? ଖେଳିଲାଭଳି ସମୁଦ୍ରଟାକୁ ପାରିହୋଇ ସେହି ବାନରଶ୍ରେଷ୍ଠ (ହନୁମାନ୍) ଆସି ନିର୍ଭୟରେ ଆପଣଙ୍କ ଲଙ୍କାଗଡ଼ରେ ପଶିଗଲା ! ॥ ୨ ॥

**ରଖୱାରେ ହତି ବିପିନ ଉଜାରା । ଦେଖତ ତୋହି ଅଚ୍ଛ ତେହିଁ ମାରା ॥**
**ଜାରି ସକଲ ପୁର କୀହ୍ନେସି ଛାରା । କହାଁ ରହା ବଲ ଗର୍ବ ତୁହ୍ମାରା ॥ ୩ ॥**

ଜଗୁଆଳମାନଙ୍କୁ ମାରି ସେ ଅଶୋକବନଟାକୁ ଉଜାଡ଼ିଦେଲା । ଆପଣ ଦେଖୁ ଦେଖୁ ସେ ଅକ୍ଷୟକୁମାରକୁ ମାରିଦେଲା । ପୁଣି ସମଗ୍ର ଲଙ୍କା ନଗରଟାକୁ ପୋଡ଼ି ପାଉଁଶ କରିଦେଲା । ସେତେବେଳେ ଆପଣଙ୍କ ବଳ-ଗର୍ବ କୁଆଡ଼େ ଯାଇଥିଲା ? ॥ ୩ ॥

**ଅବ ପତି ମୃଷା ଗାଲ ଜନି ମାରହୁ । ମୋର କହା କଛୁ ହୃଦୟଁ ବିଗ୍ଚରହୁ ॥**
**ପତି ରଘୁପତିହି ନୃପତି ଜନି ମାନହୁ । ଅଗ ଜଗ ନାଥ ଅତୁଲବଲ ଜାନହୁ ॥ ୪ ॥**

ହେ ସ୍ୱାମୀ ! ଏଥର ଆଉ ବୃଥା ବଡ଼ିମା କରନ୍ତୁ ନାହିଁ । ମୋ କଥା ଟିକିଏ ବିଗ୍ଚର କରନ୍ତୁ । ହେ ପତି ! ଆପଣ ରଘୁପତିଙ୍କୁ କେବଳ ଜଣେ ରାଜା ବୋଲି ମନେକରନ୍ତୁ ନାହିଁ; ତାଙ୍କୁ ସମଗ୍ର ଜଗତର ନାଥ (ଚରାଚରର ସ୍ୱାମୀ) ଏବଂ ଅତୁଳନୀୟ ବଳଧାମ ବୋଲି ଜାଣନ୍ତୁ ॥ ୪ ॥

**ବାନ ପ୍ରତାପ ଜାନ ମାରୀଚ୍ । ତାସୁ କହା ନହିଁ ମାନେହି ନୀଚ୍ ॥**
**ଜନକ ସଭାଁ ଅଗନିତ ଭୂପାଲା । ରହେ ତୁହ୍ମଉ ବଲ ଅତୁଲ ବିସାଲା ॥ ୫ ॥**

ଶ୍ରୀରାମଙ୍କ ବାଣର ପ୍ରତାପ ମାରୀଚ ଜାଣିଥିଲା; କିନ୍ତୁ ଆପଣ ତା'କଥା ମାନିଲେ ନାହିଁ, ତା'କଥାକୁ ହେୟ ଜ୍ଞାନ କଲେ । ଜନକଙ୍କ ସଭାରେ ଅଗଣିତ ରାଜା ଥିଲେ; ସେଠାରେ ତ ପ୍ରକାଣ୍ଡ ଓ ଅତୁଳନୀୟ ବଳଶାଳୀ ଆପଣ ବି ଥିଲେ ॥ ୫ ॥

**ଭଂଜି ଧନୁଷ ଜାନକୀ ବିଆହୀ । ତବ ସଂଗ୍ରାମ ଜିତେହୁ କିନ ତାହୀ ॥**
**ସୁରପତି ସୁତ ଜାନଇ ବଲ ଥୋରା । ରାଖା ଜିଅତ ଆଁଖି ଗହି ଫୋରା ॥ ୬ ॥**

ସେଠାରେ ଶ୍ରୀରାମ ଶିବଧନୁ ଭାଙ୍ଗି ଜାନକୀଙ୍କୁ ବିବାହ କଲେ; ସେତେବେଳେ ଆପଣ ଯୁଦ୍ଧ କରି ତାଙ୍କୁ ଜିତି ନ ଗଲେ କାହିଁକି ? ଇନ୍ଦ୍ରପୁତ୍ର ଜୟନ୍ତ ତାଙ୍କ ବଳ ବିଷୟରେ କିଛି କିଛି ଜାଣେ । ଶ୍ରୀରାମ ତା'ର କେବଳ ଗୋଟିଏ ଆଖି କଣା କରିଦେଇ ତାକୁ ଜୀଅନ୍ତା ଛାଡ଼ିଦେଇଥିଲେ ॥ ୬ ॥

**ସୂପନଖା କୈଁ ଗତି ତୁହ୍ମ ଦେଖୀ । ତଦପି ହୃଦୟଁ ନହିଁ ଲାଜ ବିସେଷୀ ॥ ୭ ॥**

ଶୂର୍ପଣଖାର ଦଶା ତ ଆପଣ ନିଜ ଆଖିରେ ଦେଖିଲେ । ଏହା ସତ୍ତ୍ୱେ ତାଙ୍କ ସହିତ ଲଢ଼ିବା କଥା ବିଗ୍ଭର କରିବାବେଳେ ଆପଣଙ୍କୁ ଟିକିଏ ଲାଜ ଲାଗୁନି ? ॥ ୭ ॥

ଦୋଃ- **ବଧି ବିରାଧ ଖର ଦୂଷନହି ଲୀଲାଁ ହତ୍ୟୋ କବଂଧ ।**
**ବାଲି ଏକ ସର ମାର୍‌ୟୋ ତେହି ଜାନହୁ ଦସକଂଧ ॥ ୩୬ ॥**

ଯେ ବିରାଧ ଓ ଖରଦୂଷଣଙ୍କୁ ମାରି ଦେଇ ଅବଲୀଳାକ୍ରମେ କବନ୍ଧକୁ ବି ବଧ କଲେ ଏବଂ ଗୋଟିଏମାତ୍ର ବାଣରେ ବାଲିକୁ ବିନାଶ କଲେ, ହେ ଦଶକନ୍ଧ ! ତାଙ୍କ ମହତ୍ତ୍ୱ ଯେ କେତେ ବଡ଼, ଆପଣ ତାହା ବୁଝନ୍ତୁ ॥ ୩୬ ॥

**ଜେହିଁ ଜଲନାଥ ବଁଧାୟଉ ହେଲା । ଉତରେ ପ୍ରଭୁ ଦଲ ସହିତ ସୁବେଲା ॥**
**କାରୁନୀକ ଦିନକର କୁଲ କେତୂ । ଦୂତ ପଠାୟଉ ତବ ହିତ ହେତୂ ॥ ୧ ॥**

ଯେଉଁ ପ୍ରଭୁ ସମୁଦ୍ରଟାକୁ ଅବଲୀଳାକ୍ରମେ ବନ୍ଧାଇଦେଲେ ଏବଂ ସେନାସମେତ ଆସି ସୁବେଳ ପର୍ବତ ଉପରେ ଡେରା ପକାଇସାରିଲେଣି, ସେହି ସୂର୍ଯ୍ୟବଂଶର ଧ୍ୱଜାସ୍ୱରୂପ କରୁଣାମୟ ଭଗବାନ୍ ଆପଣଙ୍କ ମଙ୍ଗଳପାଇଁ ହିଁ ଦୂତ ପଠାଇଥିଲେ ॥ ୧ ॥

**ସଭା ମାଝ ଜେହିଁ ତବ ବଲ ମଥା । କରି ବରୂଥ ମହୁଁ ମୃଗପତି ଜଥା ॥**
**ଅଂଗଦ ହନୁମତ ଅନୁଚର ଜାକେ । ରନ ବାଁକୁରେ ବୀର ଅତି ବାଁକେ ॥ ୨ ॥**

ହାତୀପଲରେ ସିଂହ ପଶିଗଲାପରି ଯେ ଆପଣଙ୍କ ସଭା ମଝିରେ ପଶି ଆପଣଙ୍କ ବଳକୁ ମନ୍ଥନ କରିଦେଲା, ସେଭଳି ରଣଧୀର ଅଙ୍ଗଦ ଓ ହନୁମାନ୍ ଯାହାଙ୍କର ସେବକ, ॥ ୨ ॥

**ତେହି କହଁ ପିୟ ପୁନି ପୁନି ନର କହହୂ । ମୁଧା ମାନ ମମତା ମଦ ବହହୂ ॥**
**ଅହହ କଂତ କୃତ ରାମ ବିରୋଧା । କାଲ ବିବସ ମନ ଉପଜ ନ ବୋଧା ॥ ୩ ॥**

ହେ ପତିଦେବତା ! ଆପଣ ତାଙ୍କୁ ବାରମ୍ବାର ମନୁଷ୍ୟ ବୋଲି କହିଗ୍ଭଲିଛନ୍ତି ! ଆପଣ ବୃଥାଟାରେ ଏହି ମାନ, ମମତା ଓ ମଦର ବୋଝ ବହନ କରିଛନ୍ତି । ହାୟ ପ୍ରିୟତମ ! ଶେଷରେ ଆପଣ ଶ୍ରୀରାମଙ୍କୁ ବିରୋଧ କଲେ ! କାଳର ବଶ ହୋଇଥିବାରୁ ଆପଣଙ୍କର ଜ୍ଞାନ ଉଦୟ ହେଲା ନାହିଁ ॥ ୩ ॥

**କାଲ ଦଂଡ ଗହି କାହୁ ନ ମାରା । ହରଇ ଧର୍ମ ବଲ ବୁଦ୍ଧି ବିଗ୍ଭରା ॥**
**ନିକଟ କାଲ ଜେହି ଆୱତ ସାଇଁ । ତେହି ଭ୍ରମ ହୋଇ ତୁହ୍ମାରିହି ନାଇଁ ॥ ୪ ॥**

କାଳ କାହାକୁ ଦଣ୍ଡ (ଠେଙ୍ଗା) ଧରି ମାରେ ନାହିଁ; ସେ କେବଳ ଧର୍ମ, ବଳ, ବୁଦ୍ଧି ଓ ବିବେକ ହରଣ କରିନିଏ । ହେ ସ୍ୱାମୀ ! ଯାହାର କାଳ (ମରଣସମୟ) ନିକଟ ହୋଇଆସେ, ଆପଣଙ୍କ ପରି ତା'ର ମତିଭ୍ରମ ହୋଇଯାଏ ॥ ୪ ॥

ଦୋ:- **ଦୁଇ ସୁତ ମରେ ଦହେଉ ପୁର ଅଜହୁଁ ପୂର ପିୟ ଦେହୁ ।**
**କୃପାସିଂଧୁ ରଘୁନାଥ ଭଜି ନାଥ ବିମଲ ଜସୁ ଲେହୁ ॥ ୩୭ ॥**

ଆମର ଦୁଇଟା ପୁଅ ମରିଗଲେ; ନଗରଟା ପୋଡ଼ିଗଲାଣି ! ହେ ପ୍ରିୟତମ ! ଏବେ ବି ସମୟ ଅଛି, ସେହି ଭୁଲ୍‌କୁ ଏହିଠାରେ ସମାପ୍ତ କରନ୍ତୁ (ଶ୍ରୀରାମଙ୍କ ସହିତ ଶତ୍ରୁତା ଛାଡ଼ିଦିଅନ୍ତୁ) ଏବଂ ହେ ନାଥ ! ଏଥର କୃପାସାଗର ରଘୁନାଥଙ୍କୁ ଭଜନ କରି ନିର୍ମଳ ଯଶ ଲାଭ କରନ୍ତୁ ।'' ॥ ୩୭ ॥

**ନାରି ବଚନ ସୁନି ବିସିଖ ସମାନା । ସଭାଁ ଗୟଉ ଉଠି ହୋତ ବିହାନା ॥**
**ବୈଠ ଜାଇ ସିଂଘାସନ ଫୂଲୀ । ଅତି ଅଭିମାନ ତ୍ରାସ ସବ ଭୂଲୀ ॥ ୧ ॥**

ସ୍ତ୍ରୀର ବଚନ ରାବଣକୁ ବାଣତୁଲ୍ୟ ଲାଗିଲା । ସେ ରାତି ପାହୁ ପାହୁ ସଭାକକ୍ଷକୁ ଚାଲିଗଲା ଏବଂ ସକଳ ଭୟ ଭୁଲିଯାଇ, ଅତ୍ୟନ୍ତ ଅଭିମାନରେ ଫୁଲିଉଠି ସିଂହାସନରେ ବସିପଡ଼ିଲା ॥ ୧ ॥

**ଇହାଁ ରାମ ଅଂଗଦହି ବୋଲାୱା । ଆଇ ଚରନ ପଂକଜ ସିରୁ ନାୱା ॥**
**ଅତି ଆଦର ସମୀପ ବୈଠାରୀ । ବୋଲେ ବିହଁସି କୃପାଲ ଖରାରୀ ॥ ୨ ॥**

ଏପଟେ ସୁବେଳପର୍ବତରେ ଶ୍ରୀରାମ ଅଙ୍ଗଦଙ୍କୁ ଡକାଇଲେ । ସେ ଯାଇ ପ୍ରଭୁଙ୍କ ଚରଣକମଳରେ ପ୍ରଣାମ କଲେ । ତାଙ୍କୁ ବଡ଼ ଆଦରରେ ପାଖରେ ବସାଇ ଖରଶତ୍ରୁ କୃପାଳୁ ଶ୍ରୀରାମ ହସି ହସି କହିଲେ, ॥ ୨ ॥

**ବାଲିତନୟ କୌତୁକ ଅତି ମୋହୀ । ତାତ ସତ୍ୟ କହୁ ପୂଛଉଁ ତୋହୀ ॥**
**ରାୱନୁ ଜାତୁଧାନ କୁଲ ଟୀକା । ଭୁଜ ବଲ ଅତୁଲ ଜାସୁ ଜଗ ଲୀକା ॥ ୩ ॥**

''ହେ ବାଳିପୁତ୍ର ! ମୋତେ ଗୋଟିଏ କଥା ବଡ଼ କୌତୂହଳ ଲାଗୁଛି; ତେଣୁ ମୁଁ ତୁମକୁ ପଚାରୁଛି । ହେ ବତ୍ସ ! ସତ କହିବ । ଯେଉଁ ରାବଣ ରାକ୍ଷସକୁଳର ଶ୍ରେଷ୍ଠ ଓ ଯାହାର ଅତୁଳନୀୟ ବାହୁବଳ ସାରାଜଗତରେ ପ୍ରସିଦ୍ଧ, ॥ ୩ ॥

**ତାସୁ ମୁକୁଟ ତୁମ୍ହ ଚାରି ଚଲାଏ । କହହୁ ତାତ କୱନୀ ବିଧି ପାଏ ॥**
**ସୁନୁ ସର୍ବଜ୍ୟ ପ୍ରନତ ସୁଖକାରୀ । ମୁକୁଟ ନ ହୋହିଁ ଭୂପ ଗୁନ ଚାରି ॥ ୪ ॥**

ତୁମେ ତାର ଯେଉଁ ଚାରିଟି ମୁକୁଟ ଏ ଆଡ଼କୁ ଫୋପାଡ଼ିଦେଲ, ସେଗୁଡ଼ିକ ପାଇଲ କିପରି ?'' ଅଙ୍ଗଦ କହିଲେ, ''ହେ ସର୍ବଜ୍ଞ ! ହେ ଶରଣାଗତବତ୍ସଳ ! ଶୁଣନ୍ତୁ । ସେଗୁଡ଼ିକ ମୁକୁଟ ନୁହେଁ, ସେଗୁଡ଼ିକ ତ ରାଜାଙ୍କର ଚତୁର୍ବିଧ ଗୁଣ ॥ ୪ ॥

**ସାମ ଦାନ ଅରୁ ଦଂଡ ବିଭେଦା । ନୃପ ଉର ବସହିଁ ନାଥ କହ ବେଦା ॥**
**ନୀତି ଧର୍ମ କେ ଚରନ ସୁହାଏ । ଅସ ଜିୟଁ ଜାନି ନାଥ ପହିଁ ଆଏ ॥ ୫ ॥**

ହେ ନାଥ ! ବେଦଗଣ କହନ୍ତି ଯେ, ରାଜାଙ୍କ ହୃଦୟରେ ସାମ, ଦାନ, ଦଣ୍ଡ ଓ ଭେଦ—ଏପରି ଚତୁର୍ବିଧ ଗୁଣ ନିବାସ କରେ । ଆପଣଙ୍କ ଚରଣ ଏହି ଚାରିଟି ନୀତିଧର୍ମରେ ସୁଶୋଭିତ । ରାବଣଠାରେ ଧର୍ମ ନାହିଁ ବୋଲି ଜାଣି ସେହି ଚାରିଟିଯାକ ଗୁଣ ଆପଣଙ୍କ ନିକଟକୁ ଚାଲିଆସିଲେ ॥ ୫ ॥

ଦୋ:- **ଧର୍ମହୀନ ପ୍ରଭୁ ପଦ ବିମୁଖ କାଲ ବିବସ ଦସସୀସ ।**
**ତେହି ପରିହରି ଗୁନ ଆଏ ସୁନହୁ କୋସଲାଧୀସ ॥୩୮(କ)॥**

ଦଶଶିର ରାବଣ ଧର୍ମହୀନ; ସେ ପ୍ରଭୁଙ୍କ ଚରଣ ପ୍ରତି ବିମୁଖ ଏବଂ ତାକୁ କାଳଗ୍ରାସ କଲାଣି । ତେଣୁ ହେ କୋଶଳରାଜ ! ସେହି ଗୁଣଗୁଡ଼ିକ ରାବଣକୁ ଛାଡ଼ି ଆପଣଙ୍କ ନିକଟକୁ ଚାଲିଆସିଲେ ।'' ॥ ୩୮(କ) ॥

**ପରମ ଚତୁରତା ଶ୍ରୱନ ସୁନି ବିହଁସେ ରାମୁ ଉଦାର ।**
**ସମାଚାର ପୁନି ସବ କହେ ଗଢ଼ କେ ବାଲିକୁମାର ॥୩୮(ଖ)॥**

ଅଙ୍ଗଦଙ୍କର ଚତୁର ଉକ୍ତି ଶୁଣି ଉଦାର ଶ୍ରୀରାମ ହସିଲେ । ତା'ପରେ ବାଳିପୁତ୍ର ଲଙ୍କାଗଡ଼ର ସବୁ ସମାଚାର ଶୁଣାଇଲେ ॥ ୩୮(ଖ) ॥

**ରିପୁ କେ ସମାଚାର ଜବ ପାଏ । ରାମ ସଚିୱ ସବ ନିକଟ ବୋଲାଏ ॥**
**ଲଂକା ବାଁକେ ଚାରି ଦୁଆରା । କେହି ବିଧି ଲାଗିଅ କରହୁ ବିଚାରା ॥ ୧ ॥**

ଶତ୍ରୁର ସକଳ ସମାଚାର ମିଳିଯିବା ପରେ ଶ୍ରୀରାମ ସବୁମନ୍ତ୍ରୀଙ୍କୁ ପାଖକୁ ଡକାଇଆଣିଲେ ଏବଂ କହିଲେ, ''ଲଙ୍କାଗଡ଼ର ଚାରିଟି ଦୁର୍ଗମ ଦ୍ୱାର ରହିଛି । ସେଗୁଡ଼ିକ ଉପରେ କିପରି ଆକ୍ରମଣ କରାଯିବ, ସେ ବିଷୟରେ ବିଚାର କରନ୍ତୁ ।'' ॥ ୧॥

**ତବ କପୀସ ରିଚ୍ଛେସ ବିଭୀଷନ । ସୁମିରି ହୃଦୟଁ ଦିନକର କୁଲ ଭୂଷନ ॥**
**କରି ବିଚାର ତିହ୍ନ ମଂତ୍ର ଦୃଢ଼ାୱା । ଚାରି ଅନୀ କପି କଟକୁ ବନାୱା ॥ ୨ ॥**

ତାହା ଶୁଣି ବାନରରାଜ ସୁଗ୍ରୀବ, ଭଲ୍ଲୁକରାଜ ଜାମ୍ବବାନ୍ ଏବଂ ବିଭୀଷଣ ସୂର୍ଯ୍ୟକୁଳର ଭୂଷଣ ଶ୍ରୀରଘୁନାଥଙ୍କୁ ସ୍ମରଣ କରି ସେହି ବିଷୟରେ ବିଚାରବିମର୍ଶ କଲେ ଏବଂ ଉପାୟ ସ୍ଥିର କଲେ । ସେମାନେ ବାନରସେନାକୁ ଚାରିଟି ଦଳରେ ବିଭକ୍ତ କରିଦେଲେ ॥ ୨ ॥

**ଜଥାଜୋଗ ସେନାପତି କୀହ୍ନେ । ଜୂଥପ ସକଲ ବୋଲି ତବ ଲୀହ୍ନେ ॥**
**ପ୍ରଭୁ ପ୍ରତାପ କହି ସବ ସମୁଝାଏ । ସୁନି କପି ସିଂଘନାଦ କରି ଧାଏ ॥ ୩ ॥**

ଏବଂ ପ୍ରତ୍ୟେକ ଦଳପାଇଁ ଯଥାଯୋଗ୍ୟ ସେନାପତି ନିଯୁକ୍ତ କରିଦେଲେ । ତା'ପରେ ସବୁ ଯୂଥପତିଙ୍କୁ ଡକାଇ, ପ୍ରଭୁଙ୍କ ପ୍ରତାପ ଶୁଣାଇ ସମସ୍ତଙ୍କୁ ସେମାନଙ୍କର କର୍ତ୍ତବ୍ୟ ବୁଝାଇଦେଲେ । ତାହା ଶୁଣି ବାନରମାନେ ସିଂହ ପରି ଗର୍ଜନ କରି ଧାଇଁଲେ ॥ ୩ ॥

**ହରଷିତ ରାମ ଚରନ ସିର ନାୱହିଁ । ଗହି ଗିରି ସିଖର ବୀର ସବ ଧାୱହିଁ ॥**
**ଗର୍ଜହିଁ ତର୍ଜହିଁ ଭାଲୁ କପୀସା । ଜୟ ରଘୁବୀର କୋସଲାଧୀସା ॥ ୪ ॥**

ସମସ୍ତେ ଆନନ୍ଦର ସହିତ ଯାଇ ଶ୍ରୀରାମଙ୍କ ଚରଣରେ ମସ୍ତକ ଅବନତ କଲେ ଏବଂ 'କୋଶଳରାଜ ରଘୁବୀରଙ୍କୀ ଜୟ !' ବୋଲି ଧ୍ୱନି ଦେଇ ଭଲ୍ଲୁକ ଓ ବାନର ଆଦି ସବୁବୀର ଗର୍ଜନ କରି, ଯୁଦ୍ଧ ଡାକରା ଦେଇ ଦେଇ ବିଭିନ୍ନ ପର୍ବତଶିଖର ଉଠାଇଧରି ଲଙ୍କା ଆଡ଼କୁ ମାଡ଼ି ଚାଲିଲେ ॥ ୪ ॥

**ଜାନତ ପରମ ଦୁର୍ଗ ଅତି ଲଂକା । ପ୍ରଭୁ ପ୍ରତାପ କପି ଚଲେ ଅସଂକା ॥**
**ଘଟାଟୋପ କରି ଚହୁଁ ଦିସି ଘେରୀ । ମୁଖହିଁ ନିସାନ ବଜାୱହିଁ ଭେରୀ ॥ ୫ ॥**

ଲଙ୍କାଗଡ଼ ଅତ୍ୟନ୍ତ ଅଜେୟ ବୋଲି ଜାଣି ସୁଦ୍ଧା ବାନରସେନା ଶ୍ରୀରାମଙ୍କ ମହିମାରୁ ନିର୍ଭୟ ହୋଇ ମାଡ଼ିଚାଲିଲେ । ସେମାନେ ଚତୁର୍ଦ୍ଦିଗରୁ ଘୋଟିଆସୁଥିବା ମେଘମାଳା ପରି ଲଙ୍କାଗଡ଼କୁ ଚାରିପଟୁ ଘେରିଗଲେ ଏବଂ ନିଜ ନିଜ ତୁଣ୍ଡରେହିଁ ରଣବାଦ୍ୟ ଓ ଭେରୀ ଆଦି ବଜାଇବାକୁ ଲାଗିଲେ (ଅର୍ଥାତ୍ ସେହିପରି ଶବ୍ଦ କଲେ) ॥ ୫ ॥

ଦୋ:- **ଜୟତି ରାମ ଜୟ ଲଛିମନ ଜୟ କପୀସ ସୁଗ୍ରୀଵ ।**
**ଗର୍ଜହିଁ ସିଂଘନାଦ କପି ଭାଲୁ ମହା ବଲ ସୀଁଵ ॥ ୩୯ ॥**

ସେହି ମହାବଳଶାଳୀ ବାନର ଓ ଭଲ୍ଲୁକମାନେ ଉଚ୍ଚସ୍ୱରରେ 'ଶ୍ରୀରାମକୀ ଜୟ !' 'ଲକ୍ଷ୍ମଣକୀ ଜୟ !' ଏବଂ 'ବାନରରାଜ ସୁଗ୍ରୀବଙ୍କର ଜୟ !' ଏଭଳି ସିଂହନାଦ ଦେବାକୁ ଲାଗିଲେ ॥ ୩୯ ॥

**ଲଂକାଁ ଭୟଉ କୋଲାହଲ ଭାରୀ । ସୁନା ଦସାନନ ଅତି ଅହଁକାରୀ ॥**
**ଦେଖହୁ ବନରହ୍ନ କେରି ଢିଠାଈ । ବିହଁସି ନିସାଚର ସେନ ବୋଲାଈ ॥ ୧ ॥**

ଲଙ୍କାରେ ଚହଳ ପଡ଼ିଗଲା । ତାହା ଶୁଣି ପ୍ରଚଣ୍ଡ ଅହଂକାରୀ ରାବଣ କହିଲା, ''ବାନରଗୁଡ଼ାଙ୍କର ଧୃଷ୍ଟତା ଦେଖ !'' ଏପରି କହି ସେ ହସି ହସି ରାକ୍ଷସସେନାକୁ ଡକାଇଲା ॥ ୧ ॥

**ଆଏ କୀସ କାଲ କେ ପ୍ରେରେ । ଛୁଧାଵଂତ ସବ ନିସିଚର ମେରେ ॥**
**ଅସ କହି ଅଟ୍ଟହାସ ସଠ କୀହ୍ନା । ଗୃହ ବୈଠେଁ ଅହାର ବିଧି ଦୀହ୍ନା ॥ ୨ ॥**

କହିଲା, ''ଏ ବାନରଗୁଡ଼ାକ କାଳଦ୍ୱାରା ପ୍ରେରିତ ହୋଇ ଚାଲିଆସିଛନ୍ତି । ମୋ ରାକ୍ଷସମାନେ ଭାରି ଭୋକିଲା । ସେମାନେ ଘରେ ବସିଥାଉ ଥାଉ ବିଧାତା ସେମାନଙ୍କ ପାଖକୁ ଖାଦ୍ୟ ପଠାଇଦେଲା ।''—ଏପରି କହି ସେ ମୂର୍ଖ ଠୋ ଠୋ ହୋଇ ହସିଲା ॥ ୨ ॥

**ସୁଭଟ ସକଲ ଚାରିହୁଁ ଦିସି ଜାହୂ । ଧରି ଧରି ଭାଲୁ କୀସ ସବ ଖାହୂ ॥**
**ଉମା ରାଵନହି ଅସ ଅଭିମାନା । ଜିମି ଟିଟ୍ଟିଭ ଖଗ ସୂତ ଉତାନା ॥ ୩ ॥**

କହିଲା, ''ହେ ବୀରଗଣ ! ସମସ୍ତେ ଚାରିଆଡ଼େ ମାଡ଼ିଯାଅ ଏବଂ ସେହି ଭାଲୁ ଓ ମାଙ୍କଡ଼ଗୁଡ଼ାଙ୍କୁ ଧରି ଖାଇଯାଅ ।'' [ଶିବ କହିଲେ,] ହେ ଉମା ! ଟେଁଟେଇ ଚଢ଼େଇ ଯେପରି ଆକାଶଟାକୁ ଟେକିଧରିଛି ଭାବି ଉପରକୁ ଗୋଡ଼ ଟେକି ଶୁଏ, ରାବଣର ସେହିପରି ଅଭିମାନ ରହିଥାଏ ॥ ୩ ॥

**ଚଲେ ନିସାଚର ଆୟସୁ ମାଗୀ । ଗହି କର ଭିଂଡିପାଲ ବର ସାଁଗୀ ॥**
**ତୋମର ମୁଦ୍‌ଗର ପରସୁ ପ୍ରଚଂଡା । ସୂଲ କୃପାନ ପରିଘ ଗିରିଖଂଡା ॥ ୪ ॥**

ରାକ୍ଷସମାନେ ଆଜ୍ଞା ନେଇ ଏବଂ ହାତରେ ଭିନ୍ଦିପାଳ, ବର୍ଚ୍ଛା, ତୋମର, ମୁଦ୍‌ଗର, ଭୟଙ୍କର ଫାର୍ଶା, ଶୂଳ, ଦିଧାରୁଆ ଖଣ୍ଡା, ପରିଘ ଓ ବଡ଼ ବଡ଼ ପଥରଖଣ୍ଡ ଧରି ଚାଲିଲେ ॥ ୪ ॥

**ଜିମି ଅରୁନୋପଲ ନିକର ନିହାରୀ । ଧାଵହିଁ ସଠ ଖଗ ମାଂସ ଅହାରୀ ॥**
**ଚୋଂଚ ଭଂଗ ଦୁଖ ତିନ୍ହହି ନ ସୂଝା । ତିମି ଧାଏ ମନୁଜାଦ ଅବୂଝା ॥ ୫ ॥**

ମୂର୍ଖ ମାଂସାହାରୀ ପକ୍ଷୀମାନେ ଲାଲରଙ୍ଗର ପଥରଖଣ୍ଡ ଗଦା ହୋଇଥିବା ଦେଖିଲେ, ସେଗୁଡ଼ିକ ମାଂସଖଣ୍ଡ ଭାବି, ତା'ଉପରେ ଯେପରି ଝାମ୍ପ ମାରି ଖୁମ୍ପିପକାନ୍ତି ଏବଂ ପଥରରେ ବାଜି ଥଣ୍ଟ ଭାଙ୍ଗିଗଲେ ବି ସେମାନଙ୍କୁ ଯେପରି କଷ୍ଟ ଜଣାପଡ଼େ ନାହିଁ, ମୂର୍ଖ ରାକ୍ଷସଗୁଡ଼ାକ ଠିକ୍ ସେହି ପକ୍ଷୀଙ୍କ ପରି ଆପଣା କଷ୍ଟ ଭୁଲି ଧାଇଁଲେ ॥ ୫ ॥

ଦୋଃ- **ନାନାୟୁଧ ସର ଚ୍ପ ଧର ଜାତୁଧାନ ବଲ ବୀର ।**
**କୋଟ କଁଗୂରହ୍ନି ଚଢ଼ି ଗଏ କୋଟି କୋଟି ରନଧୀର ॥ ୪୦ ॥**

ଅନେକପ୍ରକାରର ଅସ୍ତ୍ରଶସ୍ତ୍ର ସମେତ ଧନୁର୍ବାଣ ଧରି କୋଟି କୋଟି ରଣଧୀର ବଳିଷ୍ଠ ରାକ୍ଷସ ଦୁର୍ଗପ୍ରାଚୀରର ଗମ୍ବୁଜମାନଙ୍କ ଉପରେ ଚଢ଼ିଗଲେ ॥ ୪୦ ॥

**କୋଟ କଁଗୂରହ୍ନି ସୋହହିଁ କୈସେ । ମେରୁ କେ ସୃଂଗନି ଜନୁ ଘନ ବୈସେ ॥**
**ବାଜହିଁ ଢୋଲ ନିସାନ ଜୁଝାଉ । ସୁନି ଧୁନି ହୋଇ ଭଟହ୍ନି ମନ ଚ୍ଉ ॥ ୧ ॥**

ପ୍ରାଚୀରର ସୁବର୍ଣ୍ଣ ଗୁମ୍ବୁଜମାନଙ୍କରେ ଚଢ଼ିବାବେଳେ ସେମାନେ ସୁମେରୁ ଶିଖରରେ ଝୁଲୁଥିବା ମେଘମାଳା ପରି ଦେଖାଯାଉଥାନ୍ତି । ରଣଦୁନ୍ଦୁଭି ଓ ରଣଢକ୍କା ବାଜୁଥାଏ । ସେହିସବୁ ଯୁଦ୍ଧବାଦ୍ୟର ଧ୍ୱନି ଶୁଣି ଯୋଦ୍ଧାମାନଙ୍କ ମନରେ ଲଢ଼ିବାପାଇଁ ଅଧିକ ଉତ୍ସାହ ଜାତ ହେଉଥାଏ ॥ ୧ ॥

**ବାଜହିଁ ଭେରି ନଫୀରି ଅପାରା । ସୁନି କାଦର ଉର ଜାହିଁ ଦରାରା ॥**
**ଦେଖିହ୍ନ ଜାଇ କପିହ୍ନ କେ ଠଟ୍ଟା । ଅତି ବିସାଲ ତନୁ ଭାଲୁ ସୁଭଟ୍ଟା ॥ ୨ ॥**

ଅଗଣିତ ଢୋଲ ଓ ଭେରୀ ବାଜୁଥାଏ । ତାହା ଶୁଣି କାପୁରୁଷମାନଙ୍କ ହୃଦୟରେ ଆତଙ୍କ ଜାତ ହେଉଥାଏ । ସେମାନେ ଗମ୍ବୁଜ ଉପରେ ଚଢ଼ି ବିରାଟକାୟ ବାନର ଓ ଭଲ୍ଲୁକ ଯୋଦ୍ଧାମାନଙ୍କ ଆଡ଼କୁ ଚ୍ହିଁଲେ ॥ ୨ ॥

**ଧାୱହିଁ ଗନହିଁ ନ ଅୱଘଟ ଘାଟା । ପର୍ବତ ଫୋରି କରହିଁ ଗହି ବାଟା ॥**
**କଟକଟାହିଁ କୋଟିହ୍ନ ଭଟ ଗର୍ଜହିଁ । ଦସନ ଓଠ କାଟହିଁ ଅତି ତର୍ଜହିଁ ॥ ୩ ॥**

ସେମାନେ ଦେଖିଲେ ଯେ, ଭାଲୁ ଓ ବାନରମାନେ ମାଡ଼ିଆସୁଛନ୍ତି; ବାଟଅବାଟ, ଖାଲଢିପ ଆଦି କୌଣସି ଘାଟିକୁ ଭ୍ରୂକ୍ଷେପ କରୁନାହାନ୍ତି । ପାହାଡ଼ଗୁଡ଼ାକୁ ଧରି ଫାଡ଼ିଦେଉଛନ୍ତି ଯେ, ତା'ଭିତରେ ସେମାନଙ୍କ ପାଇଁ ବାଟ ଖୋଲିଯାଉଛି । କୋଟି କୋଟି ଯୋଦ୍ଧା ଦାନ୍ତ କଡ଼ମଡ଼ କରି ଗର୍ଜୁଛନ୍ତି । ସେମାନେ ଦାନ୍ତପାଟି କାମୁଡ଼ି ଖୁବ୍ ଧମକଚମକ ଦେଉଛନ୍ତି ॥ ୩ ॥

**ଉତ ରାୱନ ଇତ ରାମ ଦୋହାଈ । ଜୟତି ଜୟତି ଜୟ ପରୀ ଲରାଈ ॥**
**ନିସିଚର ସିଖର ସମୂହ ଢହାୱହିଁ । କୂଦି ଧରହିଁ କପି ଫେରି ଚଲାୱହିଁ ॥ ୪ ॥**

ସେପଟୁ ରାବଣର ଓ ଏପଟୁ ଶ୍ରୀରାମଙ୍କର ଜୟଧ୍ୱନି ଶୁଭୁଥାଏ । ଜୟ ଜୟକାର ଧ୍ୱନି ଉଠୁ ଉଠୁ ଯୁଦ୍ଧ ଆରମ୍ଭ ହୋଇଗଲା । ରାକ୍ଷସମାନେ ପର୍ବତଶିଖର ଭାଙ୍ଗି ଫୋପାଡୁଥାନ୍ତି; ବାନରମାନେ ଝାମ୍ପ ଦେଇ ସେସବୁ ଧରିପକାଇ ସେହିଗୁଡ଼ାକୁହିଁ ଓଲଟା ରାକ୍ଷସଙ୍କ ଉପରକୁ ଫୋପାଡୁଥାନ୍ତି ॥ ୪ ॥

ଛନ୍ଦ- **ଧରି କୁଧର ଖଂଡ ପ୍ରଚଂଡ ମର୍କଟ ଭାଲୁ ଗଢ଼ ପର ଡାରହୀଁ ।**
**ଝପଟହିଁ ଚରନ ଗହି ପଟକି ମହି ଭଜି ଚଲତ ବହୁରି ପଚ୍ରହୀଁ ॥**
**ଅତି ତରଲ ତରୁନ ପ୍ରତାପ ତରପହିଁ ତମକି ଗଢ଼ ଚଢ଼ି ଚଢ଼ି ଗଏ ।**
**କପି ଭାଲୁ ଚଢ଼ି ମଂଦିରହ୍ନ ଜହଁ ତହଁ ରାମ ଜସୁ ଗାୱତ ଭଏ ॥**

ବିରାଟକାୟ ବାନର ଓ ଭଲ୍ଲୁକମାନେ ପର୍ବତର ଶିଳାଖଣ୍ଡମାନ ଉଠାଇନେଇ ଗଡ଼ ଉପରକୁ ନିକ୍ଷେପ କରୁଥାନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ରାକ୍ଷସମାନଙ୍କ ଉପରକୁ କୁଦିପଡୁଥାନ୍ତି ଏବଂ ସେମାନଙ୍କର ଗୋଡ଼କୁ ଧରି ବୁଲାଇ ତଳେ ପିଟିଦେଉଥାନ୍ତି । ରାକ୍ଷସମାନେ ପଳାଇଗଲେ ବାନରମାନେ ସେମାନଙ୍କୁ ପୁଣିଥରେ ଯୁଦ୍ଧ ଡାକରା ଦେଉଥାନ୍ତି ।

ଏପରି ହେଉ ହେଉ ଅନେକ କୁଶଳ ଓ ତେଜସ୍ୱୀ ବାନର-ଭଲ୍ଲୁକ ଖୁବ୍ ଜୋର୍‌ରେ ଡେଇଁ ଡେଇଁ କିଲ୍ଲାରେ ଚଢ଼ିଗଲେ ଏବଂ ବିଭିନ୍ନ ମହଲରେ ପଶି ଶ୍ରୀରାମଙ୍କ ଯଶୋଗାନ କରିବାକୁ ଲାଗିଲେ ।

**ଦୋଃ- ଏକୁ ଏକୁ ନିସିଚର ଗହି ପୁନି କପି ଚଲେ ପରାଇ ।**
**ଉପର ଆପୁ ହେଠ ଭଟ ଗିରହିଁ ଧରନି ପର ଆଇ ॥ ୪୧ ॥**

ପୁଣି କେତେକ ବାନର ଜଣେ ଜଣେ ରାକ୍ଷସକୁ ଟେକିନେଇଯାଉଥାନ୍ତି ଏବଂ ତାକୁ କିଲ୍ଲା ଉପରୁ ତଳକୁ ଠେଲିଦେଇ ନିଜେ ତା' ଉପରକୁ ଡେଇଁପଡୁଥାନ୍ତି ॥ ୪୧ ॥

**ରାମ ପ୍ରତାପ ପ୍ରବଲ କପିଜୂଥା । ମର୍ଦହିଁ ନିସିଚର ସୁଭଟ ବରୂଥା ॥**
**ଚଢ଼େ ଦୁର୍ଗ ପୁନି ଜହଁ ତହଁ ବାନର । ଜୟ ରଘୁବୀର ପ୍ରତାପ ଦିୱାକର ॥ ୧ ॥**

ଶ୍ରୀରାମଙ୍କ ପ୍ରତାପରୁ ପ୍ରବଳ ବାନର ଦଳ ରାକ୍ଷସଯୋଦ୍ଧାମାନଙ୍କୁ ଦଳ ଦଳ କରି ମର୍ଦ୍ଦନ କଲେ । ପୁଣି ଯେଉଁଠି ଇଚ୍ଛା ସେଇଠି କିଲ୍ଲାରେ ଚଢ଼ିଯାଇ ସୂର୍ଯ୍ୟତୁଲ୍ୟ ପ୍ରତାପବାନ୍ ଶ୍ରୀରଘୁବୀରଙ୍କ ଜୟଗାନ କରିବାକୁ ଲାଗିଲେ ॥ ୧ ॥

**ଚଲେ ନିସାଚର ନିକର ପରାଈ । ପ୍ରବଲ ପୱନ ଜିମି ଘନ ସମୁଦାଈ ॥**
**ହାହାକାର ଭୟଉ ପୁର ଭାରୀ । ରୋୱହିଁ ବାଲକ ଆତୁର ନାରୀ ॥ ୨ ॥**

ଜୋରରେ ପବନ ବହିଲେ ମେଘମାନେ ଯେପରି ଏଣେତେଣେ ଉଡ଼ିଯାଆନ୍ତି, ରାକ୍ଷସଦଳ ସେହିପରି ପଳାୟନ କଲେ । ଲଙ୍କାନଗରୀରେ ହାହାକାର ପଡ଼ିଗଲା । ବାଳକ ଓ ନାରୀମାନେ ଆତୁର ହୋଇ କ୍ରନ୍ଦନ କଲେ ॥ ୨ ॥

**ସବ ମିଲି ଦେହିଁ ରାୱନହି ଗାରୀ । ରାଜ କରତ ଏହିଁ ମୃତ୍ୟୁ ହଁକାରୀ ॥**
**ନିଜ ଦଲ ବିଚଲ ସୁନୀ ତେହିଁ କାନା । ଫେରି ସୁଭଟ ଲଂକେସ ରିସାନା ॥ ୩ ॥**

ସମସ୍ତେ ମିଶି ରାବଣକୁ ଗାଳି ଦେବାକୁ ଲାଗିଲେ ଯେ, ସେ ରାଜତ୍ୱ କରୁଥିବା ଅବସ୍ଥାରେହିଁ ମୃତ୍ୟୁକୁ ଡାକିଆଣିଲା । ରାବଣ ଶୁଣିଲା ଯେ, ତା ସୈନ୍ୟମାନେ ବିଚଳିତ ହୋଇ ପଳାୟନ କରୁଛନ୍ତି, ତେଣୁ ସେ ସେମାନଙ୍କୁ ଡାକି ଫେରାଇଆଣିଲା ଏବଂ କ୍ରୁଦ୍ଧ ହୋଇ କହିଲା, ॥ ୩ ॥

**ଜୋ ରନ ବିମୁଖ ସୁନା ମୈଁ କାନା । ସୋ ମୈଁ ହତବ କରାଲ କୃପାନା ॥**
**ସର୍ବସୁ ଖାଇ ଭୋଗ କରି ନାନା । ସମର ଭୂମି ଭଏ ବଲ୍ଲଭ ପ୍ରାନା ॥ ୪ ॥**

''ଯେ ରଣବିମୁଖ ହୋଇ ପଳାଇଗଲା ବୋଲି ମୁଁ ଶୁଣିବି, ତାକୁ ଧରିଆଣି ମୁଁ ନିଜେ ଦୁଇଧାରୁଆ ଖଣ୍ଡାରେ ତା'ର ପ୍ରାଣ ନେଇଯିବି । ଆରେ ! ମୋର ସର୍ବସ୍ୱ ଖାଇଲ, ନାନାପ୍ରକାର ଭୋଗବିଳାସ କଲ, ଅଥଚ ବର୍ତ୍ତମାନ ରଣକ୍ଷେତ୍ରରେ ତୁମ ପ୍ରାଣଟା ଅଧିକ ପ୍ରିୟ ହୋଇଗଲା !'' ॥ ୪ ॥

**ଉଗ୍ର ବଚନ ସୁନି ସକଲ ଡେରାନେ । ଚଲେ କ୍ରୋଧ କରି ସୁଭଟ ଲଜାନେ ॥**
**ସନ୍ମୁଖ ମରନ ବୀର କୈ ସୋଭା । ତବ ତିନ୍ହ ତଜା ପ୍ରାନ କର ଲୋଭା ॥ ୫ ॥**

ରାବଣର କଠୋର ବଚନ ଶୁଣି ବୀରମାନେ ଭୟଭୀତ ହୋଇଗଲେ ଏବଂ ଲଜ୍ଜିତ ହୋଇ ଅତି କ୍ରୋଧରେ ଯୁଦ୍ଧ କରିବାକୁ ଫେରିଲେ । ରଣକ୍ଷେତ୍ରରେ ଶତ୍ରୁସମ୍ମୁଖରେ ଯୁଦ୍ଧ କରି କରି ମରିଯିବାହିଁ ବୀରପକ୍ଷରେ ଶୋଭନୀୟ ବୋଲି ଭାବି, ସେମାନେ ପ୍ରାଣର ଲୋଭ ଛାଡ଼ି ଲଢ଼ିଲେ ॥ ୫ ॥

ଦୋଃ- **ବହୁ ଆୟୁଧ ଧର ସୁଭଟ ସବ ଭିରହିଁ ପଚ୍ଚାରି ପଚ୍ଚାରି ।**
**ବ୍ୟାକୁଲ କିଏ ଭାଲୁ କପି ପରିଘ ତ୍ରିସୂଲହ୍ନି ମାରି ॥ ୪୨ ॥**

ବହୁ ଅସ୍ତ୍ରଶସ୍ତ୍ର ଧରି, ରଣହୁଙ୍କାର ଦେଇ ସେମାନେ ଲଢ଼ିବାକୁ ଲାଗିଲେ । ସେମାନେ ଲୌହମୁଦ୍‌ଗର ଓ ତ୍ରିଶୂଳରେ ଆଘାତ କରି ସବୁ ଭଲ୍ଲୁକ ଓ ବାନରଙ୍କୁ ଅସ୍ତବ୍ୟସ୍ତ କରିଦେଲେ ॥ ୪୨ ॥

**ଭୟ ଆତୁର କପି ଭାଗନ ଲାଗେ । ଜଦ୍ୟପି ଉମା ଜୀତିହହିଁ ଆଗେ ॥**
**କୋଉ କହ କହଁ ଅଂଗଦ ହନୁମଂତା । କହଁ ନଲ ନୀଲ ଦୁବିଦ ବଲୱଂତା ॥ ୧ ॥**

[ଭଗବାନ୍ ଶିବ କହିଲେ,] ବାନରମାନେ ଭୟାତୁର ହୋଇ ପଳାୟନ କଲେ । କିନ୍ତୁ ହେ ଉମା ! ପରେ ସେହିମାନେହିଁ ଜୟ ଲାଭ କରିବେ । ପଳାଉ ପଳାଉ କେହି କେହି କହୁଥାନ୍ତି, ‘‘ଆରେ ! ହନୁମାନ୍ କେଉଁଠି ଅଛନ୍ତି ? ଅଙ୍ଗଦ କୁଆଡ଼େ ଗଲେ ? ବଳବାନ୍ ନଳ, ନୀଳ ଓ ଦ୍ୱିବିଦ କାହାନ୍ତି ?’’ ॥ ୧ ॥

**ନିଜ ଦଲ ବିକଲ ସୁନା ହନୁମାନା । ପଚ୍ଛିମ ଦ୍ୱାର ରହା ବଲୱାନା ॥**
**ମେଘନାଦ ତହଁ କରଇ ଲରାଈ । ଟୂଟ ନ ଦ୍ୱାର ପରମ କଠିନାଈ ॥ ୨ ॥**

ନିଜ ବାନରଦଳ ଭୟଭୀତ ହୋଇଯିବା କଥା ହନୁମାନ୍ ଶୁଣିବାକୁ ପାଇଲେ । ସେତେବେଳେ ହନୁମାନ୍ ପଶ୍ଚିମଦ୍ୱାରରେ ଥିଲେ । ସେଠାରେ ସେ ମେଘନାଦ ସହିତ ଲଢୁଥାନ୍ତି । ସେହି ଦ୍ୱାରଟା ଭାଙ୍ଗୁ ନ ଥାଏ; ବହୁତ ପରିଶ୍ରମ କରିବାକୁ ପଡୁଥାଏ ॥ ୨ ॥

**ପୱନତନୟ ମନ ଭା ଅତି କ୍ରୋଧା । ଗର୍ଜେଉ ପ୍ରବଲ କାଲ ସମ ଜୋଧା ॥**
**କୂଦି ଲଂକ ଗଢ଼ ଉପର ଆୱା । ଗହି ଗିରି ମେଘନାଦ କହୁଁ ଧାୱା ॥ ୩ ॥**

ଘଟଣା ଶୁଣି ପବନପୁତ୍ର ହନୁମାନଙ୍କ ମନରେ ଅତ୍ୟନ୍ତ କ୍ରୋଧ ଜାତ ହେଲା । ସେହି କାଳସମ ମହାଯୋଦ୍ଧା ଗର୍ଜନ କରି ଏକାଡିଆଁକେ ଲଙ୍କାଦୁର୍ଗ ଉପରକୁ ଚ୍ଚାଲିଗଲେ ଏବଂ ଗୋଟାଏ ପାହାଡ଼ ଧରି ମେଘନାଦ ଆଡ଼କୁ ଧାଇଁଲେ ॥ ୩ ॥

**ଭଂଜେଉ ରଥ ସାରଥୀ ନିପାତା । ତାହି ହୃଦୟ ମହୁଁ ମାରେସି ଲାତା ॥**
**ଦୁସରେଁ ସୂତ ବିକଲ ତେହି ଜାନା । ସ୍ୟଂଦନ ଘାଲି ତୁରତ ଗୃହ ଆନା ॥ ୪ ॥**

ସେ ମେଘନାଦର ରଥ ଭାଙ୍ଗି ସାରଥିକୁ ମାରିଦେଲେ ଏବଂ ତା'ଛାତିରେ ଲାତଟାଏ ମାରିଲେ । ମେଘନାଦର ବ୍ୟାକୁଳ ଅବସ୍ଥା ଦେଖି, ଦ୍ୱିତୀୟ ସାରଥି ତାକୁ ରଥରେ ପକାଇ ତୁରନ୍ତ ଘରକୁ ନେଇଗଲା ॥ ୪ ॥

ଦୋଃ- **ଅଂଗଦ ସୁନା ପୱନସୁତ ଗଢ଼ ପର ଗୟଉ ଅକେଲ ।**
**ରନ ବାଁକୁରା ବାଲିସୁତ ତରକି ଚଢ଼େଉ କପି ଖେଲ ॥ ୪୩ ॥**

ଏପଟେ ଅଙ୍ଗଦ ଶୁଣିଲେ ଯେ, ପବନପୁତ୍ର ହନୁମାନ୍ ଏକୁଟିଆ ଦୁର୍ଗ ଉପରେ ଅଛନ୍ତି; ତେଣୁ ସେହି ରଣବୀର ବାଳିପୁତ୍ର ଖେଳିଲାପରି କୁଦା ମାରି ଦୁର୍ଗ ଉପରେ ଚଢ଼ିଗଲେ ॥ ୪୩ ॥

**ଜୁଦ୍ଧ ବିରୁଦ୍ଧ କ୍ରୁଦ୍ଧ ଦ୍ୱୌ ବଂଦର । ରାମ ପ୍ରତାପ ସୁମିରି ଉର ଅଂତର ॥**
**ରାୱନ ଭୱନ ଚଢ଼େ ଦ୍ୱୌ ଧାଈ । କରହିଁ କୋସଲାଧୀସ ଦୋହାଈ ॥ ୧ ॥**

ଦୁଇ ବୀରବାନର ମିଶି ଅତ୍ୟନ୍ତ କ୍ରୋଧରେ ଶତ୍ରୁ ବିରୁଦ୍ଧରେ ଲଢ଼ିଲେ । ହୃଦୟରେ ଶ୍ରୀରାମଙ୍କ ପ୍ରତାପ ସ୍ମରଣ କରି ଦୁହେଁ ଧାଇଁଯାଇ ରାବଣ ମହଲରେ ଚଢ଼ିଗଲେ ଏବଂ କୋଶଳରାଜ ଶ୍ରୀରାମଙ୍କର ଜୟଧ୍ୱନି କଲେ ॥ ୧ ॥

**କଲସ ସହିତ ଗହି ଭୱନୁ ଢହାୱା । ଦେଖି ନିସାଚରପତି ଭୟ ପାୱା ॥**
**ନାରି ବୃଂଦ କର ପୀଟହିଁ ଛାତୀ । ଅବ ଦୁଇ କପି ଆଏ ଉତପାତୀ ॥ ୨ ॥**

ସେମାନେ କଳସ ସହିତ ମହଲଟାକୁ ଭାଙ୍ଗିରୁଜି ପକାଇଲେ । ଏହା ଦେଖି ରାକ୍ଷସରାଜ ରାବଣ ଡରିଗଲା । ସ୍ତ୍ରୀଲୋକମାନେ ହାତରେ ଛାତି ପିଟିହେଲେ । କହିଲେ, ''ଏଥର ଦୁଇଟା ଭୀଷଣ ଉପଦ୍ରବୀମାଙ୍କଡ଼ ଏକାଠି ଚାଲିଆସିଛନ୍ତି ।'' ॥ ୨ ॥

**କପିଲୀଲା କରି ତିନ୍ହହି ଡେରାୱହିଁ । ରାମଚଂଦ୍ର କର ସୁଜସୁ ସୁନାୱହିଁ ॥**
**ପୁନି କର ଗହି କଂଚନ କେ ଖଂଭା । କହେନ୍ହି କରିଅ ଉତପାତ ଅରଂଭା ॥ ୩ ॥**

ବାନରଲୀଳା କରି (ଖିଙ୍କାରି ଗୋଡ଼ାଇ) ସେ ଦୁହେଁ ସେମାନଙ୍କୁ ଡରାଇଲେ ଏବଂ ଶ୍ରୀରାମଙ୍କ ଯଶ ଶୁଣାଇଲେ । ତା'ପରେ ହାତରେ ଦୁଇଟା ସୁନାଖମ୍ବ ଧରି ଉତ୍ପାତ ଆରମ୍ଭ କରିବାକୁ ସ୍ଥିର କଲେ ॥ ୩ ॥

**ଗର୍ଜି ପରେ ରିପୁ କଟକ ମଝାରୀ । ଲାଗେ ମର୍ଦୈ ଭୁଜ ବଲ ଭାରୀ ॥**
**କାହୁହି ଲାତ ଚପେଟନ୍ହି କେହୂ । ଭଜହୁ ନ ରାମହି ସୋ ଫଲ ଲେହୂ ॥ ୪ ॥**

ସେମାନେ ଗର୍ଜନ କରି ଶତ୍ରୁସେନା ମଝିକୁ ଡେଇଁପଡ଼ିଲେ ଏବଂ ନିଜର ବିଶାଳ ଭୁଜବଳରେ ରାକ୍ଷସମାନଙ୍କୁ ମର୍ଦ୍ଦନ କରିବାକୁ ଲାଗିଲେ । କାହାକୁ ଲାତ ମାରିଲେ ତ, କାହାକୁ ଚାପୁଡ଼ା ମାରିଲେ ଏବଂ କହିଲେ, ''ତୁମେ ଶ୍ରୀରାମଙ୍କୁ ଭଜୁନାହଁ ପରା, ତା'ର ଫଳ ପାଅ ।'' ॥ ୪ ॥

ଦୋଃ- **ଏକ ଏକ ସୋଁ ମର୍ଦହିଁ ତୋରି ଚଲାୱହିଁ ମୁଂଡ ।**
**ରାୱନ ଆଗେଁ ପରହିଁ ତେ ଜନୁ ଫୂଟହିଁ ଦଧି କୁଂଡ ॥ ୪୪ ॥**

ଗୋଟାଏ ରାକ୍ଷସ ଉପରେ ଆଉ ଗୋଟାଏ ରାକ୍ଷସକୁ ପକାଇ ଦୁହିଁଙ୍କୁ ରଗଡ଼ି ଦଳିଦେଉଥାନ୍ତି ଏବଂ ସେମାନଙ୍କ ମୁଣ୍ଡ ଛିଣ୍ଡାଇ ଫୋପାଡ଼ିଦେଉଥାନ୍ତି । ମୁଣ୍ଡଗୁଡ଼ାକ ଯାଇ ରାବଣ ଆଗରେ ପଡ଼ି ଦହିହାଣ୍ଡି ଭାଙ୍ଗିଲାପରି ଭାଙ୍ଗି ଯାଉଥାଏ ॥ ୪୪ ॥

**ମହା ମହା ମୁଖିଆ ଜେ ପାୱହିଁ । ତେ ପଦ ଗହି ପ୍ରଭୁ ପାସ ଚଲାୱହିଁ ॥**
**କହଇ ବିଭୀଷନୁ ତିନ୍ହ କେ ନାମା । ଦେହିଁ ରାମ ତିନ୍ହହୂ ନିଜ ଧାମା ॥ ୧ ॥**

ଯେଉଁ ବଡ଼ ବଡ଼ ସେନାପତିଙ୍କୁ ପାଉଥାନ୍ତି, ସେମାନଙ୍କ ଗୋଡ଼ ଧରି ଘୂରାଇ ଘୂରାଇ ପ୍ରଭୁ ଶ୍ରୀରାମଙ୍କ ଆଡ଼କୁ ଫୋପାଡ଼ିଦେଉଥାନ୍ତି । ବିଭୀଷଣ ସେମାନଙ୍କର ନାଆଁ କହିଦେଉଥାନ୍ତି ଏବଂ ପ୍ରଭୁ ସେମାନଙ୍କୁ ବି ନିଜର ଧାମ ପ୍ରଦାନ କରୁଥାନ୍ତି ॥ ୧ ॥

**ଖଲ ମନୁଜାଦ ଦ୍ୱିଜାମିଷ ଭୋଗୀ । ପାୱହିଁ ଗତି ଜୋ ଜାଚତ ଜୋଗୀ ॥**
**ଉମା ରାମ ମୃଦୁଚିତ କରୁନାକର । ବୟର ଭାୱ ସୁମିରତ ମୋହି ନିସିଚର ॥ ୨ ॥**

ଯେଉଁ ଗତି ପାଇବାକୁ ଯୋଗୀଜନମାନେ ଯାଚନା କରୁଥାନ୍ତି, ବ୍ରାହ୍ମଣମାଂସଭକ୍ଷକ ଦୁଷ୍ଟ ରାକ୍ଷସମାନେ ବି ସେହି ଗତି ପାଇଯାଉଥାନ୍ତି । [ଶିବ କହିଲେ,] ହେ ଉମା ! ଶ୍ରୀରାମ ହେଉଛନ୍ତି ଅତି କୋମଳହୃଦୟ ଓ କରୁଣାନିଧାନ । [ପ୍ରଭୁ ଭାବୁଥାନ୍ତି,] 'ରାକ୍ଷସମାନେ ମୋତେ ବୈରଭାବରେ ହେଲେ ମଧ୍ୟ ସ୍ମରଣ ତ କରୁଛନ୍ତି ।' ॥ ୨ ॥

**ଦେହିଁ ପରମ ଗତି ସୋ ଜିୟଁ ଜାନୀ । ଅସ କୃପାଲ କୋ କହହୁ ଭୱାନୀ ॥**
**ଅସ ପ୍ରଭୁ ସୁନି ନ ଭଜହିଁ ଭ୍ରମ ତ୍ୟାଗୀ । ନର ମତିମଂଦ ତେ ପରମ ଅଭାଗୀ ॥ ୩ ॥**

ଏପରିଭାବରେ ସେମାନଙ୍କର ଅନ୍ତରକଥା ଜାଣି ସେ ସେମାନଙ୍କୁ ପରମଗତି (ମୋକ୍ଷ) ଦେଉଥାନ୍ତି । ହେ ଭବାନୀ ! ଏପରି କୃପାଳୁ ଆଉ କିଏ ଅଛି, କହିଲ ? ପ୍ରଭୁଙ୍କ ସ୍ୱଭାବ ଏପରି ଉଦାର ବୋଲି ଜାଣି ମଧ୍ୟ ଯେଉଁମାନେ ଭ୍ରମ ତ୍ୟାଗ କରି ତାଙ୍କୁ ଭଜନ ନ କରନ୍ତି, ସେମାନେ ଅତ୍ୟନ୍ତ ମନ୍ଦବୁଦ୍ଧି ଓ ନିତାନ୍ତ ଭାଗ୍ୟହୀନ ॥ ୩ ॥

**ଅଂଗଦ ଅରୁ ହନୁମଂତ ପ୍ରବେସା । କୀହ୍ନ ଦୁର୍ଗ ଅସ କହ ଅଓ୍ୱଧେସା ॥**
**ଲଂକା ଦ୍ୱୌ କପି ସୋହହିଁ କୈସେଁ । ମଥହିଁ ସିଂଧୁ ଦୁଇ ମଂଦର ଜୈସେଁ ॥ ୪ ॥**

ସେହି ଦୃଶ୍ୟ ଦେଖି ଶ୍ରୀରାମ କହିଲେ, "ଅଙ୍ଗଦ ଓ ହନୁମାନ୍ ଦୁର୍ଗରେ ପଶିଛନ୍ତି । ସେ ଦୁହେଁ ଲଙ୍କା ବିଧ୍ୱଂସ କରିବାବେଳେ କିପରି ଦିଶୁଛନ୍ତି ? ଦିଶୁଛନ୍ତି, ସତେ ଯେପରି ଦୁଇଟି ମନ୍ଦରାଚଳ ମିଶି ସମୁଦ୍ର ମନ୍ଥନ କରୁଛନ୍ତି ।" ॥ ୪ ॥

ଦୋ:- **ଭୁଜ ବଲ ରିପୁ ଦଲ ଦଲମଲି ଦେଖି ଦିଓ୍ୱସ କର ଅଂତ ।**
**କୂଦେ ଜୁଗଲ ବିଗତ ଶ୍ରମ ଆଏ ଜହଁ ଭଗଓ୍ୱଂତ ॥ ୪୫ ॥**

ଭୁଜବଳରେ ଶତ୍ରୁସେନାକୁ ଦଳିଚକଟିଦେବା ପରେ ଦିବା ଶେଷ ହୋଇ ଆସିବା ଦେଖି ହନୁମାନ୍ ଓ ଅଙ୍ଗଦ ଦୁର୍ଗରୁ ଅକ୍ଲେଶରେ ଡେଇଁପଡ଼ିଲେ ଏବଂ ଯେଉଁଠି ଭଗବାନ୍ ଶ୍ରୀରାମ ଅବସ୍ଥାନ କରୁଥିଲେ, ସେଠାକୁ ଫେରିଆସିଲେ, ॥ ୪୫ ॥

**ପ୍ରଭୁ ପଦ କମଲ ସୀସ ତିହ୍ନ ନାଏ । ଦେଖି ସୁଭଟ ରଘୁପତି ମନ ଭାଏ ॥**
**ରାମ କୃପା କରି ଜୁଗଲ ନିହାରେ । ଭଏ ବିଗତଶ୍ରମ ପରମ ସୁଖାରେ ॥ ୧ ॥**

ଦୁହେଁ ଆସି ପ୍ରଭୁଙ୍କ ଚରଣକମଳରେ ମସ୍ତକ ଲଗାଇ ପ୍ରଣାମ କଲେ । ଶ୍ରେଷ୍ଠଯୋଦ୍ଧାଙ୍କୁ ଦେଖି ଶ୍ରୀରଘୁନାଥ ମନେ ମନେ ପ୍ରସନ୍ନ ହୋଇଗଲେ । ପ୍ରଭୁ କୃପାଦୃଷ୍ଟିରେ ଚ୍ରହିଁଦେଉ ଦେଉ ସେମାନଙ୍କର ସମସ୍ତ କ୍ଳାନ୍ତି ଦୂର ହୋଇଗଲା ଓ ସେମାନେ ପରମସୁଖୀ ହୋଇଗଲେ ॥ ୧ ॥

**ଗଏ ଜାନି ଅଂଗଦ ହନୁମାନା । ଫିରେ ଭାଲୁ ମର୍କଟ ଭଟ ନାନା ॥**
**ଜାତୁଧାନ ପ୍ରଦୋଷ ବଲ ପାଈ । ଧାଏ କରି ଦସସୀସ ଦୋହାଈ ॥ ୨ ॥**

ଅଙ୍ଗଦ ଓ ହନୁମାନ୍ ଫେରିଗଲେଣି ଜାଣି ବୀର ବାନର ଓ ଭଲ୍ଲୁକମାନେ ଫେରିଆସୁଥିଲେ; କିନ୍ତୁ ରାକ୍ଷସମାନେ ପ୍ରଦୋଷ(ସାୟଂ)କାଳୀନ ବଳ ପାଇ, ରାବଣର ଜୟଗାନ କରି କରି ବାନରସେନା ଉପରେ ଆକ୍ରମଣ କରିଦେଲେ ॥ ୨ ॥

**ନିସିଚର ଅନୀ ଦେଖି କପି ଫିରେ । ଜହଁ ତହଁ କଟକଟାଇ ଭଟ ଭିରେ ॥**
**ଦ୍ୱୌ ଦଲ ପ୍ରବଲ ପଚ୍ଚାରି ପଚ୍ଚାରୀ । ଲରତ ସୁଭଟ ନହିଁ ମାନହିଁ ହାରୀ ॥ ୩ ॥**

ରାକ୍ଷସ ସେନା ଆସିଯିବା ଦେଖି ବାନରମାନେ ବି ଯୁଦ୍ଧକୁ ଲେଉଟିଲେ ସେହି ଯୋଦ୍ଧାମାନେ ଦାନ୍ତ କଡ଼ମଡ଼ କରି ଚତୁର୍ଦ୍ଦିଗରୁ ପ୍ରତିଆକ୍ରମଣ ଆରମ୍ଭ କରିଦେଲେ । ଉଭୟ ପକ୍ଷ ତ ବଳବାନ୍ । ଯୋଦ୍ଧାମାନେ ପରସ୍ପର ରଣଆହ୍ୱାନ ଦେଇ ଭୀଷଣଭାବରେ ଲଢ଼ିଲେ; କେହି ହାର ମାନିଲେ ନାହିଁ ॥ ୩ ॥

**ମହାବୀର ନିସିଚର ସବ କାରେ । ନାନା ବରନ ବଲୀମୁଖ ଭାରେ ॥**
**ସବଲ ଜୁଗଲ ଦଲ ସମବଲ ଜୋଧା । କୌତୁକ କରତ ଲରତ କରି କ୍ରୋଧା ॥ ୪ ॥**

ସବୁ ରାକ୍ଷସ ଥିଲେ ମହାବୀର ଓ ଦେଖିବାକୁ କଳା କଳା । ବାନରମାନେ ମଧ୍ୟ ଥିଲେ ବିଶାଳକାୟ ଓ ବିବିଧ ରଙ୍ଗର । ଉଭୟ ଦଳ ବଳବାନ୍ ଓ ଉଭୟ ପକ୍ଷର ସମସ୍କନ୍ଧ ଯୋଦ୍ଧାମାନେ କ୍ରୋଧିତ ହୋଇ ଲଢୁଥାନ୍ତି, ସମସ୍ତେ ବୀରତ୍ୱ ପ୍ରଦର୍ଶନ କରୁଥାନ୍ତି ॥ ୪ ॥

**ପ୍ରାବିଟ ସରଦ ପୟୋଦ ଘନେରେ । ଲରତ ମନହୁ ମାରୁତ କେ ପ୍ରେରେ ॥**
**ଅନିପ ଅକଂପନ ଅରୁ ଅତିକାୟା । ବିଚଲତ ସେନ କୀହ୍ନି ଇହ୍ନ ମାୟା ॥ ୫ ॥**

[ସେମାନେ ଯୁଦ୍ଧ କରୁଥିବାବେଳେ ଜଣାପଡୁଥିଲା,] ସତେ ଯେପରି ପବନଦ୍ୱାରା ପ୍ରେରିତ ହୋଇ ବର୍ଷାଋତୁର ମେଘ ଓ ଶରତ ଋତୁର ମେଘ ଲଢୁଛନ୍ତି । ଅନିପ, ଅକମ୍ପନ ଓ ଅତିକାୟ ଆଦି ରାକ୍ଷସସେନାପତିମାନେ ନିଜପକ୍ଷର ସେନା ଭାଙ୍ଗିପଡୁଥିବାର ଦେଖି ମାୟା ରଚନା କଲେ ॥ ୫ ॥

**ଭୟଉ ନିମିଷ ମହଁ ଅତି ଅଁଧିଆରା । ବୃଷ୍ଟି ହୋଇ ରୁଧିରୋପଲ ଛାରା ॥ ୬ ॥**

ନିମିଷକ ମଧ୍ୟରେ ଚତୁର୍ଦ୍ଦିଗରେ ଘନ ଅନ୍ଧକାର ଘୋଟିଗଲା ଏବଂ ରକ୍ତ, ପଥର ଓ ପାଉଁଶ ବର୍ଷା ହେବାକୁ ଲାଗିଲା ॥ ୬ ॥

ଦୋ:- **ଦେଖି ନିବିଡ଼ ତମ ଦସହୁଁ ଦିସି କପିଦଲ ଭୟଉ ଖଭାର ।**
**ଏକହି ଏକ ନ ଦେଖଇ ଜହଁ ତହଁ କରହିଁ ପୁକାର ॥ ୪୬ ॥**

ଚତୁର୍ଦ୍ଦିଗରେ ଘନ ଅନ୍ଧକାର ଘୋଟିଯିବାରୁ ବାନରସେନାରେ କୋଳାହଳ ପଡ଼ିଗଲା । କେହି କାହାକୁ ଦେଖିପାରିଲେ ନାହିଁ; ଯେ ଯେଉଁଠି ଥିଲେ ଚିତ୍କାର କଲେ ॥ ୪୬ ॥

**ସକଲ ମରମୁ ରଘୁନାୟକ ଜାନା । ଲିଏ ବୋଲି ଅଂଗଦ ହନୁମାନା ॥**
**ସମାଚାର ସବ କହି ସମୁଝାଏ । ସୁନତ କୋପି କପିକୁଂଜର ଧାଏ ॥ ୧ ॥**

ଶ୍ରୀରଘୁନାଥ ସବୁ ରହସ୍ୟ ଜାଣିଗଲେ । ସେ ଅଙ୍ଗଦ ଓ ହନୁମାନଙ୍କୁ ଡକାଇ ସବୁ କଥା ବୁଝାଇଦେଲେ । ତାହା ଶୁଣିବାମାତ୍ରେ ସେଦୁହେଁ କ୍ରୁଦ୍ଧ ହୋଇ ଧାଇଁଲେ ॥ ୧ ॥

**ପୁନି କୃପାଲ ହଁସି ଚାପ ଚଢ଼ାୱା । ପାୱକ ସାୟକ ସପଦି ଚଲାୱା ॥**
**ଭୟଉ ପ୍ରକାସ କତହୁଁ ତମ ନାହୀଁ । ଗ୍ୟାନ ଉଦୟଁ ଜିମି ସଂସୟ ଜାହୀଁ ॥ ୨ ॥**

କୃପାଳୁ ଶ୍ରୀରାମ ହସି ହସି, ଧନୁରେ ଗୁଣ ଚଢ଼ାଇ ଅବିଳମ୍ବେ ଅଗ୍ନିବାଣ ଛାଡ଼ିଦେଲେ । ତା'ଫଳରେ ଆଲୋକ ଖେଳିଗଲା; ଜ୍ଞାନର ଉଦୟ ହୋଇଗଲେ ସନ୍ଦେହ ଦୂର ହୋଇଯିବାପରି କୌଣସିଠାରେ ଅନ୍ଧାର ରହିଲା ନାହିଁ ॥ ୨ ॥

**ଭାଲୁ ବଲୀମୁଖ ପାଇ ପ୍ରକାସା । ଧାଏ ହରଷ ବିଗତ ଶ୍ରମ ତ୍ରାସା ॥**
**ହନୂମାନ ଅଂଗଦ ରନ ଗାଜେ । ହାଁକ ସୁନତ ରଜନୀଚର ଭାଜେ ॥ ୩ ॥**

ଆଲୋକ ପାଇ ଭାଲୁ ଓ ବାନରମାନଙ୍କର କ୍ଳାନ୍ତି ଓ ଭୟ ଦୂର ହୋଇଗଲା । ସେମାନେ ଉତ୍ସାହିତ ହୋଇ ଧାଇଁଲେ । ହନୁମାନ୍ ଓ ଅଙ୍ଗଦ ରଣକ୍ଷେତ୍ରରେ ଗର୍ଜନ କରିଉଠିଲେ । ଦୁହିଁଙ୍କ ଗର୍ଜନ ଶୁଣିଦେବା କ୍ଷଣି ରାକ୍ଷସମାନେ ପଳାୟନ କଲେ ॥ ୩ ॥

**ଭାଗତ ଭଟ ପଟକହିଁ ଧରି ଧରନୀ । କରହିଁ ଭାଲୁ କପି ଅଦ୍ଭୁତ କରନୀ ॥**
**ଗହି ପଦ ଡାରହିଁ ସାଗର ମାହୀଁ । ମକର ଉରଗ ଝଷ ଧରି ଧରି ଖାହୀଁ ॥ ୪ ॥**

ପଳାଇଯାଉଥିବା (ରାକ୍ଷସ) ଯୋଦ୍ଧାମାନଙ୍କୁ ଧରି ବାନର ଓ ଭାଲୁମାନେ ଭୂଇଁରେ କଚାଡ଼ିଦେଉଥାନ୍ତି । ସେମାନେ ଏହିପରି ଅଦ୍ଭୁତ ଯୁଦ୍ଧକୌଶଳ ଦେଖାଉଥାନ୍ତି । ରାକ୍ଷସମାନଙ୍କର ଗୋଡ଼କୁ ଧରି ଘୂରାଇ ଘୂରାଇ ସମୁଦ୍ରକୁ ଫୋପାଡ଼ିଦେଉଥାନ୍ତି ଏବଂ ମଗର, ସାପ ଓ ମାଛମାନେ ସେମାନଙ୍କୁ ଧରି ଖାଇଯାଉଥାନ୍ତି ॥ ୪ ॥

ଦୋ:- କଛୁ ମାରେ କଛୁ ଘାୟଲ କଛୁ ଗଢ଼ ଚଢ଼େ ପରାଇ ।
ଗର୍ଜହିଁ ଭାଲୁ ବଲୀମୁଖ ରିପୁଦଲ ବଲ ବିଚଲାଇ ॥ ୪୭ ॥

ଏପରିଭାବରେ କେତେକ ଅସୁର ମରିଗଲେ; କେତେକ କ୍ଷତବିକ୍ଷତ ହୋଇଗଲେ; ଆଉ କେତେକ ପ୍ରାଣବିକଳରେ ପଳାୟନ କରି ଗଡ଼ ଉପରେ ଚଢ଼ିଗଲେ । ନିଜ ବାହୁବଳରେ ଶତ୍ରୁଦଳକୁ ବିଚଳିତ କରିଦେଇ ଭାଲୁ ଓ ବାନରମାନେ ବୀରତ୍ୱର ସହିତ ଗର୍ଜନ କଲେ ॥ ୪୭ ॥

ନିସା ଜାନି କପି ଚ୍ୟାରିଉ ଅନୀ । ଆଏ ଜହାଁ କୋସଲା ଧନୀ ॥
ରାମ କୃପା କରି ଚିତଓ୍ୱା ସବହୀ । ଭଏ ବିଗତଶ୍ରମ ବାନର ତବହୀ ॥ ୧ ॥

ରାତ୍ର ହୋଇଯିବା ଜାଣି ବାନରସେନାର ଚ୍ୟାରିଟିଯାକ ଦଳ କୋଶଳପତି ଶ୍ରୀରାମଙ୍କ ପାଖକୁ ଫେରିଆସିଲେ । ଶ୍ରୀରାମ ସେମାନଙ୍କୁ କୃପାଦୃଷ୍ଟିରେ ଚ୍ୟହିଁଦେବାକ୍ଷଣି ସେମାନଙ୍କର କ୍ଳାନ୍ତି ଦୂର ହୋଇଗଲା ॥ ୧ ॥

ଉହାଁ ଦସାନନ ସଚିଓ୍ୱ ହଁକାରେ । ସବ ସନ କହେସି ସୁଭଟ ଜେ ମାରେ ॥
ଆଧା କଟକୁ କପିହ୍ନ ସଂଘାରା । କହହୁ ବେଗି କା କରିଅ ବିଚ୍ୟରା ॥ ୨ ॥

ସେପଟେ ରାବଣ ତା'ର ମନ୍ତ୍ରୀମାନଙ୍କୁ ଡକାଇ ଯୁଦ୍ଧରେ ମରିଯାଇଥିବା ଯୋଦ୍ଧାମାନଙ୍କ ବିଷୟରେ ଜଣାଇଦେଲା । ସେ କହିଲା, ''ବାନରମାନେ ଆମ ସେନାର ଅଧେ ସୈନ୍ୟଙ୍କୁ ସଂହାର କରିଦେଲେଣି । ବର୍ତ୍ତମାନ ଉପାୟ କ'ଣ, ଶୀଘ୍ର କହନ୍ତୁ ।'' ॥ ୨ ॥

ମାଲ୍ୟଓ୍ୱଂତ ଅତି ଜରଠ ନିସାଚର । ରାଓ୍ୱନ ମାତୁ ପିତା ମଂତ୍ରୀ ବର ॥
ବୋଲା ବଚନ ନୀତି ଅତି ପାଓ୍ୱନ । ସୁନହୁ ତାତ କଛୁ ମୋର ସିଖାଓ୍ୱନ ॥ ୩ ॥
ଜବ ତେ ତୁହ୍ମ ସୀତା ହରି ଆନୀ । ଅସଗୁନ ହୋହିଁ ନ ଜାହିଁ ବଖାନୀ ॥
ବେଦ ପୁରାନ ଜାସୁ ଜସୁ ଗାୟୋ । ରାମ ବିମୁଖ କାହୁଁ ନ ସୁଖ ପାୟୋ ॥ ୪ ॥

ମାଲ୍ୟବନ୍ତ ନାମରେ ଜଣେ ବୃଦ୍ଧ ରାକ୍ଷସ ଥିଲେ । ସେ ଥିଲେ ରାବଣର ମାଆଙ୍କ ବାପା (ଅର୍ଥାତ୍ ଅଜା) ତଥା ଜଣେ ଶ୍ରେଷ୍ଠମନ୍ତ୍ରୀ । ସେ ଅତ୍ୟନ୍ତ ସୁନ୍ଦର ନୀତିବାଣୀ ଶୁଣାଇ କହିଲେ, ''ଆହେ ବାବୁ ! ଟିକିଏ ମୋ ଉପଦେଶ ଶୁଣ । ତୁମେ ସୀତାଙ୍କୁ ହରଣ କରି ଆଣିଲାଦିନଠାରୁ ଏତେ ଅପଶକୁନ (ଅଶୁଭ ଲକ୍ଷଣ) ଦେଖାଯାଉଛି ଯେ, ସେଗୁଡ଼ାକ ବର୍ଣ୍ଣନା କରିହେବ ନାହିଁ । ଯାହାଙ୍କର ଯଶ ବେଦ-ପୁରାଣ ମଧ୍ୟ ଗାଉଛନ୍ତି, ସେହି ଶ୍ରୀରାମଙ୍କ ପ୍ରତି ବିମୁଖ ହୋଇ କିଏ ବା ସୁଖ ପାଇଲାଣି ? ॥ ୩, ୪ ॥

ଦୋ:- ହିରନ୍ୟାଚ୍ଛ ଭ୍ରାତା ସହିତ ମଧୁ କୈଟଭ ବଲଓ୍ୱାନ ।
ଜେହିଁ ମାରେ ସୋଇ ଅଓ୍ୱତରେଉ କୃପାସିଂଧୁ ଭଗଓ୍ୱାନ ॥୪୮ (କ)॥

ଯେ ହିରଣ୍ୟକଶିପୁ ଓ ତା' ଭାଇ ହିରଣ୍ୟାକ୍ଷକୁ ଏବଂ ବଳବାନ୍ ମଧୁକୈଟଭଙ୍କୁ ବଧ କରିଥିଲେ, ସେହି କୃପାସିନ୍ଧୁ ଭଗବାନହିଁ ରାମରୂପରେ ଅବତୀର୍ଣ୍ଣ ହୋଇଛନ୍ତି ॥ ୪୮ (କ) ॥

### ମାସପାରାୟଣ, ପଞ୍ଚବିଂଶ ବିଶ୍ରାମ

କାଲରୂପ ଖଲ ବନ ଦହନ ଗୁନାଗାର ଘନବୋଧ ।
ସିଓ୍ୱ ବିରଂଚି ଜେହି ସେଓ୍ୱହିଁ ତାସୋଁ କଓ୍ୱନ ବିରୋଧ ॥୪୮ (ଖ)॥

ଯେ ସ୍ୱୟଂ କାଳସ୍ୱରୂପ, ଯେ ଦୁଷ୍ଟସମୂହରୂପୀ ବନକୁ ଭସ୍ମ କରିଦେବା ନିମନ୍ତେ ଅଗ୍ନିସ୍ୱରୂପ, ଯେ ସକଳଗୁଣଧାମ ଓ ଜ୍ଞାନଘନ, ଯାହାଙ୍କୁ ଶିବ ଓ ବ୍ରହ୍ମା ସୁଦ୍ଧା ସେବା କରନ୍ତି, ତାଙ୍କ ସହିତ ପୁଣି କି ଶତ୍ରୁତା ! ॥ ୪୮ (ଖ) ॥

**ପରିହରି ବୟରୁ ଦେହୁ ବୈଦେହୀ । ଭଜହୁ କୃପାନିଧି ପରମ ସନେହୀ ॥**
**ତାକେ ବଚନ ବାନ ସମ ଲାଗେ । କରିଆ ମୁହ କରି ଜାହି ଅଭାଗେ ॥ ୧ ॥**

ତେଣୁ ବୈରଭାବ ଛାଡ଼ି ତାଙ୍କ ପାଖରେ ଜାନକୀଙ୍କୁ ସମର୍ପି ଦିଅ ଏବଂ କୃପାନିଧାନ ପରମସ୍ନେହୀ ଶ୍ରୀରାମଙ୍କୁ ଭଜ ।'' ତାଙ୍କ କଥା ରାବଣକୁ ବାଣ ପରି ବୋଧ ହେଲା । ସେ କହିଲା, ''ଆରେ ଅଭାଗା ! ମୁହଁରେ କାଳି ବୋଳିହୋଇ ଏଠାରୁ ପଳାଇଯାଅ ॥ ୧ ॥

**ବୂଢ଼ ଭଏସି ନ ତ ମରତେଉଁ ତୋହି । ଅବ ଜନି ନୟନ ଦେଖାୱସି ମୋହୀ ॥**
**ତେହିଁ ଅପନେ ମନ ଅସ ଅନୁମାନା । ବଧ୍ୟୋ ଚହତ ଏହି କୃପାନିଧାନା ॥ ୨ ॥**

''ତୁ ବୁଢ଼ା ହୋଇଗଲୁଣି; ନଚେତ୍ ତୋତେ ଏହିକ୍ଷଣି ପ୍ରାଣରେ ମାରିଦେଇଥାନ୍ତି । ଆଉ ମୋ ଆଗରେ ମୁହଁ ଦେଖାନା କହୁଛି !'' ରାବଣର ଏପରି ବଚନ ଶୁଣି ମାଲ୍ୟବନ୍ତ ଅନୁମାନ କରିନେଲେ ଯେ, କୃପାନିଧାନ ଶ୍ରୀରାମ ରାବଣକୁ ମାରିଦେବାକୁହିଁ ଚାହୁଁଛନ୍ତି ॥ ୨ ॥

**ସୋ ଉଠି ଗୟଉ କହତ ଦୁର୍ବାଦା । ତବ ସକୋପ ବୋଲେଉ ଘନନାଦା ॥**
**କୌତୁକ ପ୍ରାତ ଦେଖିଅହୁ ମୋରା । କରିହଉଁ ବହୁତ କହୌଁ କା ଥୋରା ॥ ୩ ॥**

ରାବଣ ଦୁର୍ବଚନ କହିବାରୁ ମାଲ୍ୟବନ୍ତ ଉଠି ଚାଲିଗଲେ । ତା'ପରେ ମେଘନାଦ କ୍ରୋଧିତ ହୋଇ କହିଲା, ''ସକାଳେ ମୋ କରାମତି ଦେଖିବେ । ମୁଁ ବହୁତ କିଛି କରିଦେବି; ଖାଲି କଥାରେ କହି ଲାଭ କ'ଣ ?'' ॥ ୩ ॥

**ସୁନି ସୁତ ବଚନ ଭରୋସା ଆୱା । ପ୍ରୀତି ସମେତ ଅଂକ ବୈଠାୱା ॥**
**କରତ ବିଚାର ଭୟଉ ଭିନୁସାରା । ଲାଗେ କପି ପୁନି ଚହୂଁ ଦୁଆରା ॥ ୪ ॥**

ପୁଅ କଥା ଶୁଣି ରାବଣକୁ ଭରସା ମିଳିଗଲା । ସେ ତାକୁ ସ୍ନେହରେ ଧରିଆଣି କୋଳରେ ବସାଇଲା । ଏପରି ବିଚାରବିମର୍ଶ କରୁ କରୁ ସକାଳ ହୋଇଗଲା । ବାନରମାନେ ପୁଣି ଯାଇ ଚାରିଦ୍ୱାରରେ ରୁଣ୍ଡ ହୋଇଗଲେ ॥ ୪ ॥

**କୋପି କପିହ୍ନ ଦୁର୍ଘଟ ଗଢ଼ୁ ଘେରା । ନଗର କୋଲାହଲୁ ଭୟଉ ଘନେରା ॥**
**ବିବିଧାୟୁଧ ଧର ନିସିଚର ଧାଏ । ଗଢ଼ ତେଁ ପର୍ବତ ସିଖର ଢହାଏ ॥ ୫ ॥**

ସେମାନେ କ୍ରୁଦ୍ଧ ହୋଇ ଦୁର୍ଗମ ଗଡ଼ଟାକୁ ଘେରାଉ କରିଦେଲେ । ନଗରରେ ପ୍ରବଳ କୋଳାହଳ ଖେଳିଗଲା । ରାକ୍ଷସମାନେ ବହୁପ୍ରକାର ଅସ୍ତ୍ରଶସ୍ତ୍ର ଧରି ଧାଇଁଆସିଲେ ଏବଂ ବାନରମାନଙ୍କ ଉପରକୁ ଦୁର୍ଗ ଉପରୁ ପର୍ବତଶୃଙ୍ଗମାନ ଗଡ଼ାଇବାକୁ ଲାଗିଲେ ॥ ୫ ॥

ଛନ୍ଦ- **ଢାହେ ମହୀଧର ସିଖର କୋଟିହ୍ନ ବିବିଧ ବିଧି ଗୋଲା ଚଲେ ।**
**ଘହରାତ ଜିମି ପବିପାତ ଗର୍ଜତ ଜନୁ ପ୍ରଲୟ କେ ବାଦଲେ ॥**
**ମର୍କଟ ବିକଟ ଭଟ ଜୁଟତ କଟତ ନ ଲଟତ ତନ ଜର୍ଜର ଭଏ ।**
**ଗହି ସୈଲ ତେହି ଗଢ଼ ପର ଚଲାୱହିଁ ଜହଁ ସୋ ତହଁ ନିସିଚର ହଏ ॥**

ସେମାନେ କୋଟି କୋଟି ପର୍ବତଶୃଙ୍ଗ ଗଡ଼ାଇଲେ । ଅନେକପ୍ରକାର ଗୋଳା ବୃଷ୍ଟି କଲେ । ଗୋଳାସବୁ ବଜ୍ରପାତ ହେଲାପରି ଶବ୍ଦ କରୁଥାଏ ଏବଂ ଯୋଦ୍ଧାମାନେ ପ୍ରଳୟକାଳୀନ ମେଘ ପରି ଗର୍ଜନ କରୁଥାନ୍ତି । ଭୟଙ୍କର ବାନରଯୋଦ୍ଧାମାନେ ଲଢ଼ିବାକୁ ଲମ୍ଫ ଦେଉଥାନ୍ତି; ଆହତ ହେଉଥାନ୍ତି; ସେମାନଙ୍କର ଶରୀର ରକ୍ତଜର୍ଜରିତ ହୋଇଯାଉଥାଏ । ତଥାପି ସେମାନେ ପଛଘୁଞ୍ଚା ଦେଉ ନ ଥାନ୍ତି—ସାହସ ହାରୁ ନ ଥାନ୍ତି । ସେମାନେ ତଳୁ ବଡ଼ ବଡ଼ ପଥର ଉଠାଇ ଦୁର୍ଗ ଉପରକୁ ଫୋପାଡୁଥାନ୍ତି । ରାକ୍ଷସମାନେ ଠିଆ ହୋଇଥିବା ସ୍ଥାନରେହିଁ ମରି ଟଳିପଡୁଥାନ୍ତି ।

ଦୋଃ- **ମେଘନାଦ ସୁନି ଶ୍ରୱନ ଅସ ଗଢୁ ପୁନି ଛେଂକା ଆଇ ।**
**ଉତର୍ୟୋ ବୀର ଦୁର୍ଗ ତେଁ ସନ୍ମୁଖ ଚଲ୍ୟୋ ବଜାଇ ॥ ୪୯ ॥**

ମେଘନାଦ ଶୁଣିବାକୁ ପାଇଲା ଯେ, ବାନରମାନେ ଆସି ପୁଣିଥରେ ଦୁର୍ଗ ଆକ୍ରମଣ କଲେଣି; ତେଣୁ ସେହି ବୀର ଦୁର୍ଗରୁ ଓହ୍ଲାଇ, ରଣବାଦ୍ୟ ବଜାଇ ବାନରମାନଙ୍କ ସମ୍ମୁଖକୁ ଗ୍ଲିଲା ॥ ୪୯ ॥

**କହଁ କୋସଲାଧୀସ ଦ୍ୱୌ ଭ୍ରାତା । ଧନ୍ୱୀ ସକଲ ଲୋକ ବିଖ୍ୟାତା ॥**
**କହଁ ନଲ ନୀଲ ଦୁବିଦ ସୁଗ୍ରୀୱ । ଅଂଗଦ ହନୂମଂତ ବଲ ସାଁୱ ॥ ୧ ॥**

ମେଘନାଦ ଗର୍ଜନ କରି ଆହ୍ୱାନ ଦେଲା, ''କାହାନ୍ତି ସେହି ସକଳ ଲୋକରେ ପ୍ରସିଦ୍ଧ ଧନୁର୍ଦ୍ଧର କୋଶଳାଧୀଶ ଦୁଇଭାଇ ? ନଳ, ନୀଳ, ଦ୍ୱିବିଦ, ସୁଗ୍ରୀବ ଓ ସେହି ମହାବଳୀ ଅଙ୍ଗଦ ଓ ହନୁମାନ୍ କୁଆଡ଼େ ଗଲେ ? ॥ ୧ ॥

**କହାଁ ବିଭୀଷନୁ ଭ୍ରାତାଦ୍ରୋହୀ । ଆଜୁ ସବହି ହଠି ମାରଉଁ ଓହୀ ॥**
**ଅସ କହି କଠିନ ବାନ ସଂଧାନେ । ଅତିସୟ କ୍ରୋଧ ଶ୍ରୱନ ଲଗି ତାନେ ॥ ୨ ॥**

ଭ୍ରାତୃଦ୍ରୋହୀ ବିଭୀଷଣ କାହିଁ ? ଆଜି ମୁଁ ସେ ସମସ୍ତଙ୍କୁ ଓ ସେହି ଦୁଷ୍ଟକୁ (ବିଭୀଷଣକୁ) ଅବଶ୍ୟ ମାରିଦେବି ।'' ଏପରି କହି ସେ ତା'ଧନୁରେ ଭୟଙ୍କର ଶର ସଂଯୋଗ କଲା ଏବଂ କ୍ରୋଧର ସହିତ ଗୁଣକୁ ଆକର୍ଣ୍ଣ ଟାଣିଲା ॥ ୨ ॥

**ସର ସମୂହ ସୋ ଛାଡ଼ୈ ଲାଗା । ଜନୁ ସପଚ୍ଛ ଧାୱହିଁ ବହୁ ନାଗା ॥**
**ଜହଁ ତହଁ ପରତ ଦେଖିଅହିଁ ବାନର । ସନ୍ମୁଖ ହୋଇ ନ ସକେ ତେହି ଅୱସର ॥ ୩ ॥**

ସେ ବହୁ ଶର ମାରିଲା । ସେଗୁଡ଼ାକ ପକ୍ଷଧାରୀ ସର୍ପ ପରି ଛୁଟିଆସିଲା । ଦେଖାଗଲା, ବାନରମାନେ ଯେ ଯେଉଁଠି ଥିଲେ, ସେଇଠି ତଳେ ପଡ଼ିଗଲେ । ସେତେବେଳେ କେହି ବି ତା ସମ୍ମୁଖରେ ତିଷ୍ଠି ରହିପାରିଲେ ନାହିଁ ॥ ୩ ॥

**ଜହଁ ତହଁ ଭାଗି ଚଲେ କପି ରୀଛା । ବିସରୀ ସବହି ଜୁଦ୍ଧ କୈ ଈଛା ॥**
**ସୋ କପି ଭାଲୁ ନ ରନ ମହଁ ଦେଖା । କୀନ୍ହେସି ଜେହି ନ ପ୍ରାନ ଅୱସେଷା ॥ ୪ ॥**

ଭାଲୁ ଓ ବାନରମାନେ ଯେ ଯେଉଁଆଡ଼େ ପାରିଲେ, ଦୌଡ଼ିପଳାଇଗଲେ । ସମସ୍ତେ ଯୁଦ୍ଧ କରିବାର ଇଚ୍ଛା ପାସୋରିଦେଲେ । ରଣଭୂମିରେ ଏପରି କୌଣସି ବାନର ବା ଭାଲୁଙ୍କୁ ଦେଖିବାକୁ ମିଳିଲା ନାହିଁ, ଯାହାଙ୍କୁ କି ସେ ପ୍ରାଣମାତ୍ର ଅବଶେଷ କରି ଛାଡ଼ି ନ ଥିଲା (ଅର୍ଥାତ୍ ଯୁଦ୍ଧକ୍ଷେତ୍ରରେ ଥିବା ପ୍ରତ୍ୟେକ ବାନର ଓ ଭାଲୁର କେବଳ ପ୍ରାଣମାତ୍ର ରହିଯାଇଥିଲା; ଶରୀରର ସମସ୍ତ ଶକ୍ତି ଗ୍ଲିଯାଇଥିଲା ।) ॥ ୪ ॥

ଦୋଃ- **ଦସ ଦସ ସର ସବ ମାରେସି ପରେ ଭୂମି କପି ବୀର ।**
**ସିଂହନାଦ କରି ଗର୍ଜା ମେଘନାଦ ବଲ ଧୀର ॥ ୫୦ ॥**

ତା'ପରେ ସେ ପ୍ରତ୍ୟେକଙ୍କୁ ଦଶ ଦଶଟା ଶର ମାରିଲା; ବାନର ବୀରମାନେ ଭୂଇଁରେ ଟଳିପଡ଼ିଲେ । ବଳବାନ୍ ଓ ରଣଧୀର ମେଘନାଦ ସିଂହ ପରି ଗର୍ଜନ କରିଉଠିଲା ॥ ୫୦ ॥

**ଦେଖି ପଵନସୁତ କଟକ ବିହାଲା । କ୍ରୋଧଵଂତ ଜନୁ ଧାୟଉ କାଲା ॥**
**ମହାସୈଲ ଏକ ତୁରତ ଉପାରା । ଅତି ରିସ ମେଘନାଦ ପର ଡାରା ॥ ୧ ॥**

ସମଗ୍ର ବାନର ସେନା ବ୍ୟାକୁଳ ହୋଇଯିବା ଦେଖି ପବନସୁତ ହନୁମାନ୍ ଏପରି କ୍ରୋଧରେ ଧାଇଁଆସିଲେ ଯେ, ମନେହେଲା, ସତେ ଯେପରି ସ୍ୱୟଂ କାଳ ମାଡ଼ିଆସିଲା । ସେ ଅବିଳମ୍ବେ ଏକ ବିରାଟ ପାହାଡ଼ ଉପାଡ଼ିପକାଇଲେ ଏବଂ ଭୀଷଣ କ୍ରୋଧରେ ମେଘନାଦ ଉପରକୁ ପ୍ରହାର କଲେ ॥ ୧ ॥

**ଆଵତ ଦେଖି ଗୟଉ ନଭ ସୋଈ । ରଥ ସାରଥୀ ତୁରଗ ସବ ଖୋଈ ॥**
**ବାର ବାର ପଚାର ହନୁମାନା । ନିକଟ ନ ଆଵ ମରମୁ ସୋ ଜାନା ॥ ୨ ॥**

ପାହାଡ଼ ମାଡ଼ିଆସୁଥିବାର ଦେଖି ମେଘନାଦ ଆକାଶକୁ ଉଡ଼ିଗଲିଗଲା । ତା'ର ରଥ, ସାରଥି, ଘୋଡ଼ା ସବୁ ନଷ୍ଟ ହୋଇଗଲେ । ହନୁମାନ୍ ତାକୁ ଯୁଦ୍ଧ କରିବାକୁ ବାରମ୍ବାର ଆହ୍ୱାନ ଦେଲେ; କିନ୍ତୁ ସେ ତାଙ୍କ ବଳର ମର୍ମ ଜାଣିଥିବାରୁ ଆଦୌ ପାଖକୁ ଆସିଲା ନାହିଁ ॥ ୨ ॥

**ରଘୁପତି ନିକଟ ଗୟଉ ଘନନାଦା । ନାନା ଭାଁତି କରେସି ଦୁର୍ବାଦା ॥**
**ଅସ୍ତ୍ର ସସ୍ତ୍ର ଆୟୁଧ ସବ ଡାରେ । କୌତୁକହୀଁ ପ୍ରଭୁ କାଟି ନିଵାରେ ॥ ୩ ॥**

ତା'ପରେ ମେଘନାଦ ଶ୍ରୀରଘୁନାଥଙ୍କ ପାଖକୁ ଯାଇ ତାଙ୍କ ପ୍ରତି ଅନେକପ୍ରକାର ଦୁର୍ବଚନ ପ୍ରୟୋଗ କଲା । ପୁଣି ସେ ତାଙ୍କ ଉପରକୁ ଅସ୍ତ୍ରଶସ୍ତ୍ର ତଥା ଅନ୍ୟ ହତିଆରମାନ ନିକ୍ଷେପ କଲା । ପ୍ରଭୁ ସେସବୁକୁ ଖେଳିଲାପରି କାଟିପକାଇଲେ ॥ ୩ ॥

**ଦେଖି ପ୍ରତାପ ମୂଢ଼ ଖିସିଆନା । କରୈ ଲାଗ ମାୟା ବିଧି ନାନା ॥**
**ଜିମି କୋଉ କରୈ ଗରୁଡ଼ ସୈଁ ଖେଲା । ଡରପାଵୈ ଗହି ସ୍ୱଲ୍ପ ସପେଲା ॥ ୪ ॥**

ଶ୍ରୀରାମଙ୍କ ପ୍ରତାପ ଦେଖି ସେହି ମୂର୍ଖ ଲଜ୍ଜିତ ହୋଇଗଲା । ସେ ଏଥର ଅନେକପ୍ରକାର ମାୟା ରଚନା କଲା । ତା'ର ମାୟାରଚନା ଏପରି ଅର୍ଥହୀନ ଥିଲା ଯେ, ଜଣାପଡୁଥିଲା ସତେ ଯେପରି କେହି ଜଣେ ସାପଛୁଆଟିଏ ଧରି ଗରୁଡ଼କୁ ଡରାଇବାକୁ ଚେଷ୍ଟା କରୁଛି ଓ ତା'ସହିତ ଖେଳୁଛି ॥ ୪ ॥

ଦୋଃ- **ଜାସୁ ପ୍ରବଲ ମାୟା ବସ ସିଵ ବିରଂଚି ବଡ଼ ଛୋଟ ।**
**ତାହି ଦିଖାଵଇ ନିସିଚର ନିଜ ମାୟା ମତି ଖୋଟ ॥ ୫୧ ॥**

ଛୋଟଠାରୁ ବଡ଼ ପର୍ଯ୍ୟନ୍ତ କି ଶିବ, କି ବ୍ରହ୍ମା ସମସ୍ତେ ଯାହାଙ୍କର ଅତ୍ୟନ୍ତ ବଳବତୀ ମାୟାର ବଶରେ ରହିଛନ୍ତି, ନୀଚବୁଦ୍ଧି ନିଶାଚର ତାଙ୍କୁ ପୁଣି ନିଜ ମାୟା ଦେଖାଉଛି ! ॥ ୫୧ ॥

**ନଭ ଚଢ଼ି ବରଷ ବିପୁଲ ଅଂଗାରା । ମହି ତେଁ ପ୍ରଗଟ ହୋହିଁ ଜଲଧାରା ॥**
**ନାନା ଭାଁତି ପିସାଚ ପିସାଚୀ । ମାରୁ କାଟୁ ଧୁନି ବୋଲହିଁ ନାଚୀ ॥ ୧ ॥**

ଆକାଶମାର୍ଗକୁ ଉଠିଯାଇ ସେ ବହୁ ଅଗ୍ନି ବୃଷ୍ଟି କଲା । ତା'ମାୟାରେ ଭୂମିରୁ ବିଭିନ୍ନ ଜଳଧାରା ବାହାରିପଡ଼ିଲା । ଅନେକପ୍ରକାର ପିଶାଚ ପିଶାଚୁଣୀ ନାଚି ନାଚି 'ମାର ମାର', 'କାଟ କାଟ' କହି ହଲ୍ଲା କଲେ ॥ ୧ ॥

**ବିଷ୍ଟା ପୂୟ ରୁଧିର କଚ ହାଡ଼ା । ବରଷଇ କବହୁଁ ଉପଲ ବହୁ ଛାଡ଼ା ॥**
**ବରଷି ଧୂରି କୀନ୍ହେସି ଅଁଧିଆରା । ସୂଝ ନ ଆପନ ହାଥ ପସାରା ॥ ୨ ॥**

ସେ କେତେବେଳେ ବିଷ୍ଠା, ପୂଜ, ରକ୍ତ, ବାଳ ଓ ହାଡ଼ ବର୍ଷା କଲା ତ, କେତେବେଳେ ପଥର ବର୍ଷା କଲା । ପୁଣି ସେ ଧୂଳି ବର୍ଷା କରି ଏପରି ଅନ୍ଧାର କରିଦେଲା ଯେ, ନିଜର ପସାରିଲା ହାତ ମଧ୍ୟ ନିଜକୁ ଦିଶିଲା ନାହିଁ ॥ ୨ ॥

**କପି ଅକୁଲାନେ ମାୟା ଦେଖେଁ । ସବ କର ମରନ ବନା ଏହି ଲେଖେଁ ॥**
**କୌତୁକ ଦେଖି ରାମ ମୁସୁକାନେ । ଭଏ ସଭୀତ ସକଲ କପି ଜାନେ ॥ ୩ ॥**

ଏସବୁ ମାୟା ଦେଖି ବାନରମାନେ ଆକୁଳ ହୋଇଉଠିଲେ । ସେମାନେ ଭାବିଲେ, ଏପରି ଲାଗିରହିବ ତ, ସମସ୍ତେ ମରିଯିବେ । ଏହି କୌତୁକ ଦେଖି ଶ୍ରୀରାମ ମୁରୁକି ମୁରୁକି ହସିଲେ । ସେ ଜାଣିଗଲେ ଯେ, ବାନରମାନେ ଭୟଭୀତ ହୋଇଗଲେଣି ॥ ୩ ॥

**ଏକ ବାନ କାଟୀ ସବ ମାୟା । ଜିମି ଦିନକର ହର ତିମିର ନିକାୟା ॥**
**କୃପାଦୃଷ୍ଟି କପି ଭାଲୁ ବିଲୋକେ । ଭଏ ପ୍ରବଲ ରନ ରହହିଁ ନ ରୋକେ ॥ ୪ ॥**

ଏହା ଜାଣି ସେ ଏପରି ଏକ ବାଣ ମାରିଦେଲେ ଯେ, ସୂର୍ଯ୍ୟ ଯେପରି ସକଳ ଅନ୍ଧକାର ହରଣ କରିନିଅନ୍ତି, ସେହି ଗୋଟିକ ବାଣ ସେହିପରି ରାକ୍ଷସର ସବୁ ମାୟାକୁ କାଟିଦେଲା । ତା'ପରେ ପ୍ରଭୁ କୃପାପୂର୍ଣ୍ଣ ଦୃଷ୍ଟିରେ ବାନର ଓ ଭଲ୍ଲୁକସମୁଦାୟକୁ ଚ୍ହିଁଦେଲେ; ତା'ଫଳରେ ସେମାନେ ଏପରି ବଳବାନ୍ ହୋଇଗଲେ ଯେ, ସେମାନଙ୍କୁ ରଣରୁ ନିବର୍ତ୍ତାଇବା ଅସମ୍ଭବ ହୋଇପଡ଼ିଲା ॥ ୪ ॥

ଦୋଃ- **ଆୟସୁ ମାଗି ରାମ ପହିଁ ଅଂଗଦାଦି କପି ସାଥ ।**
**ଲଛିମନ ଚଲେ କ୍ରୁଦ୍ଧ ହୋଇ ବାନ ସରାସନ ହାଥ ॥ ୫୨ ॥**

ଶ୍ରୀରାମଙ୍କ ଆଜ୍ଞା ନେଇ, ଅଙ୍ଗଦ ଆଦି ବାନରମାନଙ୍କ ସାଥିରେ ଲକ୍ଷ୍ମଣ ଧନୁର୍ବାଣ ଧରି କ୍ରୋଧରେ ମାଡ଼ିଚାଲିଲେ ॥ ୫୨ ॥

**ଛତଜ ନୟନ ଉର ବାହୁ ବିସାଲା । ହିମଗିରି ନିଭ ତନୁ କଛୁ ଏକ ଲାଲା ॥**
**ଇହାଁ ଦସାନନ ସୁଭଟ ପଠାଏ । ନାନା ଅସ୍ତ୍ର ସସ୍ତ୍ର ଗହି ଧାଏ ॥ ୧ ॥**

ତାଙ୍କ ନୟନ ରକ୍ତିମ, ବକ୍ଷ ପ୍ରଶସ୍ତ, ଭୁଜ ବିଶାଳ ଏବଂ ହିମାଚଳସମ ଉଜ୍ଜ୍ୱଳ ଗୌରବର୍ଣ୍ଣ ଶରୀରରେ ଈଷତ୍ ଲାଲିମା ଉକୁଟିଉଠୁଥାଏ । ସେପଟୁ ରାବଣ ବି ବଡ଼ ବଡ଼ ଯୋଦ୍ଧାଙ୍କୁ ପଠାଇଦେଲା । ସେମାନେ ଅନେକ ଅସ୍ତ୍ରଶସ୍ତ୍ର ଧରି ମାଡ଼ିଆସିଲେ ॥ ୧ ॥

**ଭୂଧର ନଖ ବିଟପାୟୁଧ ଧାରୀ । ଧାଏ କପି ଜୟ ରାମ ପୁକାରୀ ॥**
**ଭିରେ ସକଲ ଜୋରିହି ସନ ଜୋରୀ । ଇତ ଉତ ଜୟ ଇଚ୍ଛା ନହିଁ ଥୋରୀ ॥ ୨ ॥**

ଏପଟୁ ପର୍ବତ, ନଖ ଓ ବୃକ୍ଷରୂପୀ ଅସ୍ତ୍ରଶସ୍ତ୍ର ଧରିଥିବା ବାନରମାନେ ଶ୍ରୀରାମଙ୍କର ଜୟଜୟକାର କରି ଆଗକୁ ଧାଇଁଲେ । ବାନର ଓ ରାକ୍ଷସମାନେ ଦ୍ୱନ୍ଦ୍ୱଯୁଦ୍ଧରେ ମାତିଗଲେ । ଏପଟେ ଓ ସେପଟେ ଉଭୟ ପକ୍ଷରେ କାହାର ବି ବିଜୟୀ ହେବାର ଇଚ୍ଛା କମ୍ ନ ଥାଏ ॥ ୨ ॥

**ମୁଠିକହ୍ନ ଲାତହ୍ନ ଦାତହ୍ନ କାଟହିଁ । କପି ଜୟସୀଲ ମାରି ପୁନି ଡାଟହିଁ ॥**
**ମାରୁ ମାରୁ ଧରୁ ଧରୁ ଧରୁ ମାରୂ । ସୀସ ତୋରି ଗହି ଭୁଜା ଉପାରୂ ॥ ୩ ॥**
**ଅସି ରଵ୍ ପୂରି ରହୀ ନଵ୍ ଖଂଡା । ଧାଵହିଁ ଜହଁ ତହଁ ରୁଂଡ ପ୍ରଚଂଡା ॥**
**ଦେଖହିଁ କୌତୁକ ନଭ ସୁର ବୃଂଦା । କବହୁଁକ ବିସମୟ କବହୁଁ ଅନଂଦା ॥ ୪ ॥**

ବାନରମାନେ ରାକ୍ଷସମାନଙ୍କୁ ମୁଠ ଓ ଲାତ ମାରୁଥାନ୍ତି; ଦାନ୍ତରେ କାମୁଡ଼ିପକାଉଥାନ୍ତି । ବିଜୟୀ ବାନରମାନେ ସେମାନଙ୍କୁ ମାଡ଼ ମାରିବା ସଙ୍ଗେ ସଙ୍ଗେ ଧମକାଉଥାନ୍ତି । 'ମାର ମାର ! ଧର ଧର ! ଧରିପକାଇ ମାରିଦିଅ ! ମୁଣ୍ଡ ଫଟେଇଦିଅ ! ହାତ ଉପାଡ଼ିଦିଅ !' ନବଖଣ୍ଡ ମେଦିନୀ ଏହିପରି ଧ୍ୱନିରେ ପୂରିଯାଇଥାଏ । ଗଣ୍ଡିସବୁ ଏଣେତେଣେ ପ୍ରଚଣ୍ଡ ବେଗରେ ଦୌଡ଼ୁଥାନ୍ତି । ଆକାଶରେ ରହି ଦେବତାମାନେ ଏହି କୌତୁକ ଦେଖୁଥାନ୍ତି । ସେମାନେ କେତେବେଳେ ବିସ୍ମିତ ହେଉଥାନ୍ତି ତ, କେତେବେଳେ ଆନନ୍ଦିତ ହେଉଥାନ୍ତି ॥ ୩, ୪ ॥

ଦୋ:- **ରୁଧିର ଗାଡ଼ ଭରି ଭରି ଜମ୍ୟୋ ଉପର ଧୂରି ଉଡ଼ାଇ ।**
**ଜନୁ ଅଁଗାର ରାସିହ୍ନ ପର ମୃତକ ଧୂମ ରହ୍ୟୋ ଛାଇ ॥ ୫୩ ॥**

ରକ୍ତ ବୋହି ଗାଡ଼ମାନଙ୍କରେ ଜମାଟ ବାନ୍ଧିଯାଇଥାଏ; ତା'ଉପରେ ଧୂଳି ଉଡ଼ି ବସିଯାଇଥାଏ । ଦେଖି ମନେ ହେଉଥାଏ, ସତେ ଯେପରି ରଢ଼ ନିଆଁ ଉପରେ ପାଉଁଶ ବସିଯାଇଛି ॥ ୫୩ ॥

**ଘାୟଲ ବୀର ବିରାଜହିଁ କୈସେ । କୁସୁମିତ କିଂସୁକ କେ ତରୁ ଜୈସେ ॥**
**ଲଛିମନ ମେଘନାଦ ଦ୍ୱୌ ଜୋଧା । ଭିରହିଁ ପରସପର କରି ଅତି କ୍ରୋଧା ॥ ୧ ॥**

କ୍ଷତବିକ୍ଷତ ବୀରମାନେ ପୁଷ୍ପିତ ପଲାଶବୃକ୍ଷ ପରି ଦେଖାଯାଉଥାନ୍ତି । ଲକ୍ଷ୍ମଣ ଓ ମେଘନାଦ ଦୁଇଯୋଦ୍ଧା ଅତ୍ୟନ୍ତ କ୍ରୋଧାବିଷ୍ଟ ହୋଇ ଏକ ଆରେକ ସହିତ ଲଢୁଥାନ୍ତି ॥ ୧ ॥

**ଏକହି ଏକ ସକଇ ନହିଁ ଜୀତୀ । ନିସିଚର ଛଲ ବଲ କରଇ ଅନୀତୀ ॥**
**କ୍ରୋଧୱଂତ ତବ ଭୟଉ ଅନଂତା । ଭଂଜେଉ ରଥ ସାରଥୀ ତୁରଂତା ॥ ୨ ॥**

କେହି କାହାକୁ ଜିଣିପାରୁ ନ ଥାନ୍ତି । ରାକ୍ଷସ ଛଳବଳ ଦେଖାଇ (ମାୟା ରଚି) ଅନୀତି (ଅଧର୍ମ) କରିବାରୁ ଲକ୍ଷ୍ମଣ କ୍ରୁଦ୍ଧ ହୋଇଗଲେ ଏବଂ ଅବିଳମ୍ବେ ତା'ର ରଥ ଭାଙ୍ଗିଦେଲେ ଓ ସାରଥିକୁ ମାରି ଖଣ୍ଡ ଖଣ୍ଡ କରିଦେଲେ ॥ ୨ ॥

**ନାନା ବିଧି ପ୍ରହାର କର ସେଷା । ରାଚ୍ଛସ ଭୟଉ ପ୍ରାନ ଅୱସେଷା ॥**
**ରାୱନ ସୁତ ନିଜ ମନ ଅନୁମାନା । ସଂକଠ ଭୟଉ ହରିହି ମମ ପ୍ରାନା ॥ ୩ ॥**

ଲକ୍ଷ୍ମଣ ଇନ୍ଦ୍ରଜିତ ଉପରେ ଅନେକ ପ୍ରହାର କଲେ । ପ୍ରହାର ଖାଇ ରାକ୍ଷସର ପ୍ରାଣମାତ୍ର ରହିଗଲା । ରାବଣପୁତ୍ର ମେଘନାଦ ମନେ ମନେ ଅନୁମାନ କରିନେଲା ଯେ, ଏଥର ପ୍ରାଣସଂକଟ ଆସିଗଲା; ଲକ୍ଷ୍ମଣ ତାକୁ ମାରିଦେବେ ॥ ୩ ॥

**ବୀରଘାତିନୀ ଛାଡ଼ିସି ସାଁଗୀ । ତେଜପୁଂଜ ଲଛିମନ ଉର ଲାଗୀ ॥**
**ମୁରୁଛା ଭଈ ସକ୍ତି କେ ଲାଗେଁ । ତବ ଚଲି ଗୟଉ ନିକଟ ଭୟ ତ୍ୟାଗେଁ ॥ ୪ ॥**

ତେଣୁ ସେ ବୀରଘାତିନୀ ଶକ୍ତି ପ୍ରୟୋଗ କଲା । ସେହି ତେଜପୂର୍ଣ୍ଣ ଶକ୍ତି ଯାଇ ଲକ୍ଷ୍ମଣଙ୍କ ବକ୍ଷରେ ଆଘାତ କଲା । ଶକ୍ତି ଆଘାତରେ ସେ ମୂର୍ଚ୍ଛିତ ହୋଇଗଲେ । ଏହା ଦେଖି ମେଘନାଦ ତାଙ୍କ ପାଖକୁ ନିର୍ଭୟରେ ଚାଲିଆସିଲା ॥ ୪ ॥

ଦୋ:- **ମେଘନାଦ ସମ କୋଟି ସତ ଜୋଧା ରହେ ଉଠାଇ ।**
**ଜଗଦାଧାର ସେଷ କିମି ଉଠୈ ଚଲେ ଖିସିଆଇ ॥ ୫୪ ॥**

ମେଘନାଦସମାନ ଶହେକୋଟି (ଅଗଣିତ) ଯୋଦ୍ଧା ଆସି ତାଙ୍କୁ ଉଠାଇନେବାକୁ ଚେଷ୍ଟା କଲେ; କିନ୍ତୁ ଜଗତର ଆଧାର ଶେଷଦେବ (ଲକ୍ଷ୍ମଣ)ଙ୍କୁ କ'ଣ ସେମାନେ ଟେକିପାରନ୍ତେ ? ଶେଷରେ ସେମାନେ ଲଜ୍ଜିତ ହୋଇ ଫେରିଗଲେ ॥ ୫୪ ॥

**ସୁନୁ ଗିରିଜା କ୍ରୋଧାନଲ ଜାସୂ । ଜାରଇ ଭୁଓ୍ୱନ ଚ୍ୱରିଦସ ଆସୂ ॥**
**ସକ ସଂଗ୍ରାମ ଜୀତି କୋ ତାହୀ । ସେଓ୍ୱହିଁ ସୁର ନର ଅଗ ଜଗ ଜାହୀ ॥ ୧ ॥**

[ଶିବ କହିଲେ,] ହେ ଗିରିଜେ ! ଶୁଣ; ଯେଉଁ ଶେଷନାଗଙ୍କର କ୍ରୋଧାଗ୍ନି ପ୍ରଳୟକାଳରେ ଚତୁର୍ଦ୍ଦଶ ଭୁବନକୁ ଅବିଳମ୍ବେ ଜାଳିଦିଏ ଏବଂ ଦେବତା, ମନୁଷ୍ୟ ତଥା ସମସ୍ତ ଚରାଚର ଜୀବ ଯାହାଙ୍କର ସେବା କରନ୍ତି, ତାଙ୍କୁ କିଏ ବା ସଂଗ୍ରାମରେ ଜୟ କରିପାରିବ ? ॥ ୧ ॥

**ୟହ କୌତୂହଲ ଜାନଇ ସୋଇ । ଜା ପର କୃପା ରାମ କୈ ହୋଇ ॥**
**ସଂଧ୍ୟା ଭଇ ଫିରି ଦ୍ୱୌ ବାହନୀ । ଲଗେ ସଁଭାରନ ନିଜ ନିଜ ଅନୀ ॥ ୨ ॥**

ଯାହାଙ୍କ ଉପରେ ଶ୍ରୀରାମଙ୍କର କୃପା ରହିଛି, କେବଳ ସେ ହିଁ ଏହି ଲୀଳା ଜାଣିପାରନ୍ତି । ସନ୍ଧ୍ୟା ହୋଇଯିବାରୁ ଉଭୟପକ୍ଷର ସେନା ଫେରିଗଲେ; ସେନାପତିମାନେ ନିଜ ନିଜର ସେନାର ଖବର ନେଲେ ॥ ୨ ॥

**ବ୍ୟାପକ ବ୍ରହ୍ମ ଅଜିତ ଭୁବନେସ୍ୱର । ଲଛିମନ କହାଁ ବୂଝ କରୁନାକର ॥**
**ତବ ଲଗି ଲୈ ଆୟଉ ହନୁମାନା । ଅନୁଜ ଦେଖି ପ୍ରଭୁ ଅତି ଦୁଖ ମାନା ॥ ୩ ॥**

ସର୍ବବ୍ୟାପକ, ବ୍ରହ୍ମ, ଅଜେୟ, ସକଳ ବ୍ରହ୍ମାଣ୍ଡର ଈଶ୍ୱର କରୁଣାକର ଶ୍ରୀରାମ ପଚ୍ଚରିଲେ, ''ଲକ୍ଷ୍ମଣ କାହିଁ ?'' ସେତେବେଳକୁ ହନୁମାନ୍ ଲକ୍ଷ୍ମଣଙ୍କୁ ନେଇଆସିଥାନ୍ତି । ସାନଭାଇର ଦଶା ଦେଖି ପ୍ରଭୁ ବହୁତ ଦୁଃଖ କଲେ ॥ ୩ ॥

**ଜାମଓ୍ୱଂତ କହ ବୈଦ ସୁଷେନା । ଲଂକାଁ ରହଇ କୋ ପଠଈ ଲେନା ॥**
**ଧରି ଲଘୁ ରୂପ ଗୟଉ ହନୁମଂତା । ଆନେଉ ଭଓ୍ୱନ ସମେତ ତୁରଂତା ॥ ୪ ॥**

ଜାମ୍ବବାନ୍ କହିଲେ, ''ଲଙ୍କାରେ ସୁଷେଣ ବୈଦ୍ୟ ରହନ୍ତି; ତାଙ୍କୁ ଡାକିଆଣିବାକୁ କାହାକୁ ପଠାଇଲେ ହେବ ।'' ଏହା ଶୁଣି ହନୁମାନ୍ ସୂକ୍ଷ୍ମରୂପ ଧରି ଚ୍ଚାଲିଗଲେ ଏବଂ ସୁଷେଣଙ୍କୁ ତାଙ୍କ ଘର ସହିତ ଉଠାଇଆଣିଲେ ॥ ୪ ॥

ଦୋः- **ରାମ ପଦାରବିଂଦ ସିର ନାୟଉ ଆଇ ସୁଷେନ ।**
**କହା ନାମ ଗିରି ଔଷଧୀ ଜାହୁ ପଓ୍ୱନସୁତ ଲେନ ॥ ୫୫ ॥**

ସୁଷେଣ ଆସି ଶ୍ରୀରାମଙ୍କ ଚରଣରେ ପ୍ରଣାମ କଲେ । ସେ ଓଷଧିର ନାମ ଓ ତାହା କେଉଁ ପର୍ବତରେ ଅଛି, ବୁଝାଇଦେଇ କହିଲେ, ''ହେ ପବନପୁତ୍ର ! ଯାଅ, ନେଇଆସ ।'' ॥ ୫୫ ॥

**ରାମ ଚରନ ସରସିଜ ଉର ରାଖୀ । ଚଲା ପ୍ରଭଂଜନସୁତ ବଲ ଭାଷୀ ॥**
**ଉହାଁ ଦୂତ ଏକ ମରମୁ ଜନାଓ୍ୱା । ରାଓ୍ୱନୁ କାଲନେମି ଗୃହ ଆଓ୍ୱା ॥ ୧ ॥**

ହୃଦୟରେ ଶ୍ରୀରାମଙ୍କ ଚରଣକମଳ ଧାରଣ କରି ଏବଂ 'ଏହିକ୍ଷଣି ଯାଇ ନେଇଆସୁଛି' ବୋଲି କହି ହନୁମାନ୍ ବାହାରିପଡ଼ିଲେ । ଇତି ମଧ୍ୟରେ ଜଣେ ଗୁପ୍ତଚର ଯାଇ ରାବଣକୁ ଏସବୁ ସମାଚ୍ଚର ଦେଇଦେଲାଣି । ସମାଚ୍ଚର ପାଇ ରାବଣ କାଳନେମି ରାକ୍ଷସର ଘରକୁ ଚ୍ଚାଲିଗଲା ॥ ୧ ॥

**ଦସମୁଖ କହା ମରମୁ ତେହିଁ ସୁନା । ପୁନି ପୁନି କାଲନେମି ସିରୁ ଧୁନା ॥**
**ଦେଖତ ତୁମ୍ହହି ନଗରୁ ଜେହିଁ ଜାରା । ତାସୁ ପଂଥ କୋ ରୋକନ ପାରା ॥ ୨ ॥**

ରାବଣ ତାକୁ ସମସ୍ତ ମର୍ମ (ବୃତ୍ତାନ୍ତ) ବୁଝାଇଦେଲା । ତାହା ଶୁଣି କାଳନେମି ବାରମ୍ବାର ଦୁଃଖ ପ୍ରକାଶ କରି କହିଲା, ''ଆପଣ ନିଜେ ଦେଖୁ ଦେଖୁ ଯେ ଆସି ନଗରଟାକୁ ପୋଡ଼ିଦେଲା, ତା'ବାଟକୁ କିଏ ଅବା ରୋଧିପାରିବ ! ॥ ୨ ॥

**ଭଜୁ ରଘୁପତି କରୁ ହିତ ଆପନା । ଛାଁଡ଼ହୁ ନାଥ ମୃଷା ଜଲ୍ପନା ॥**
**ନୀଲ କଂଜ ତନୁ ସୁଂଦର ସ୍ୟାମା । ହୃଦୟଁ ରାଖୁ ଲୋଚନାଭିରାମା ॥ ୩ ॥**

ବରଂ ଶ୍ରୀରଘୁନାଥଙ୍କୁ ଭଜି ଆପଣ ନିଜର ମଙ୍ଗଳ କରନ୍ତୁ । ହେ ନାଥ ! ବୃଥା କଳ୍ପନାଜଳ୍ପନା ଛାଡ଼ିଦିଅନ୍ତୁ । ନେତ୍ରାନନ୍ଦଦାୟୀ ନୀଳକମଳସମ ସୁନ୍ଦର ଶ୍ୟାମଶରୀରକୁ ହୃଦୟରେ ଧାରଣ କରନ୍ତୁ ॥ ୩ ॥

**ମୈଁ ତୈଁ ମୋର ମୂଢ଼ତା ତ୍ୟାଗୂ । ମହା ମୋହ ନିସି ସୂତତ ଜାଗୂ ॥**
**କାଲ ବ୍ୟାଲ କର ଭଚ୍ଛକ ଜୋଈ । ସପନେହୁଁ ସମର କି ଜୀତିଅ ସୋଈ ॥ ୪ ॥**

ମୁଁ- ତୁ-ରୂପକ ଭେଦଭାବ ତଥା ମମତାରୂପକ ମୂଢ଼ତା ତ୍ୟାଗ କରିଦିଅନ୍ତୁ । ଆପଣ ଯେଉଁ ମହାମୋହରୂପୀ ରାତ୍ରିରେ ଶୋଇରହିଛନ୍ତି, ସେଥିରୁ ଜାଗିଉଠନ୍ତୁ । ଯେ କାଳରୂପୀ ସର୍ପକୁ ମଧ୍ୟ ଭକ୍ଷଣ କରିଦିଏ, ତାକୁ କ'ଣ ସ୍ୱପ୍ନରେ ହେଲେ ସୁଦ୍ଧା ଯୁଦ୍ଧରେ ଜୟ କରିହେବ ?'' ॥ ୪ ॥

ଦୋ:- **ସୁନି ଦସକଂଠ ରିସାନ ଅତି ତେହିଁ ମନ କୀହ୍ନ ବିଚାର ।**
**ରାମ ଦୂତ କର ମରୌଁ ବରୁ ଯହ ଖଲ ରତ ମଲ ଭାର ॥ ୫୬ ॥**

ତା'ର ଏସବୁ କଥା ଶୁଣି ରାବଣ ଅତ୍ୟନ୍ତ କ୍ରୁଦ୍ଧ ହୋଇଗଲା । ତା'ର କ୍ରୋଧ ଦେଖି କାଳନେମି ମନେମନେ ବିଚାର କଲା, ''ଏଇଟା ହାତରେ ମରିବା ଅପେକ୍ଷା ଶ୍ରୀରାମଙ୍କ ଦୂତହାତରେ ମରିବା ଶ୍ରେୟସ୍କର । ଏ ଦୁଷ୍ଟ ତ ପାପରାଶିରେ ବୁଡ଼ିରହିଛି ।'' ॥ ୫୬ ॥

**ଅସ କହି ଚଲା ରଚିସି ମଗ ମାୟା । ସର ମଂଦିର ବର ବାଗ ବନାୟା ॥**
**ମାରୁତସୁତ ଦେଖା ସୁଭ ଆଶ୍ରମ । ମୁନିହି ବୂଝି ଜଲ ପିୟୌଁ ଜାଇ ଶ୍ରମ ॥ ୧ ॥**

କାଳନେମି ମନେ ମନେ ଏପରି ବିଚାର କରି ବାହାରିପଡ଼ିଲା ଏବଂ ହନୁମାନଙ୍କ ଯିବାବାଟରେ ନିଜ ମାୟାବଳରେ ଗୋଟିଏ ଆଶ୍ରମ ଗଢ଼ି ସେଠାରେ ପୁଷ୍କରିଣୀ, ମନ୍ଦିର ଓ ସୁରମ୍ୟ ବଗିଚା ସୃଷ୍ଟି କରିଦେଲା । ହନୁମାନ୍ ଯାଉ ଯାଉ ସେହି ସୁନ୍ଦର ଆଶ୍ରମଟି ଦେଖି ଭାବିଲେ, 'ଏଠାରେ ମୁନିଙ୍କୁ ମାଗି ପାଣି ମନ୍ଦିଏ ପିଇଦେଲେ କ୍ଲାନ୍ତି ଦୂର ହୋଇଯିବ ।' ॥ ୧ ॥

**ରାଚ୍ଛସ କପଟ ବେଷ ତହଁ ସୋହା । ମାୟାପତି ଦୂତହି ଚହ ମୋହା ॥**
**ଜାଇ ପୱନସୁତ ନାୟଉ ମାଥା । ଲାଗ ସୋ କହୈ ରାମ ଗୁନ ଗାଥା ॥ ୨ ॥**

ରାକ୍ଷସ କାଳନେମି ସେଠାରେ ମୁନିବେଶ ଧରି ରହିଥାଏ । ସେହି ମୂର୍ଖ ନିଜ ମାୟାରେ ମାୟାପତିଙ୍କ ଦୂତଙ୍କୁ ମୋହିତ କରିବାକୁ ବସିଥିଲା । ମାରୁତି ତା'ପାଖକୁ ଯାଇ ନତମସ୍ତକ ହେବାରୁ ସେ ଶ୍ରୀରାମଙ୍କ ଗୁଣ ଗାନ କଲା ॥ ୨ ॥

**ହୋତ ମହା ରନ ରାୱନ ରାମହିଁ । ଜିତିହହିଁ ରାମ ନ ସଂସୟ ୟା ମହିଁ ॥**
**ଇହାଁ ଭଏଁ ମୈଁ ଦେଖଉଁ ଭାଈ । ଗ୍ୟାନ ଦୃଷ୍ଟି ବଲ ମୋହି ଅଧିକାଈ ॥ ୩ ॥**

କହିଲା, ''ରାବଣ ଓ ରାମଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ଲାଗିଛି । ଯୁଦ୍ଧରେ ରାମ ଯେ ଜିତିବେ, ସେଥିରେ କୌଣସି ସନ୍ଦେହ ନାହିଁ । ହେ ଭାଇ ! ମୁଁ ଏହିଠାରେ ଥାଇ ସବୁ ଦେଖୁଛି । ମୋର ଜ୍ଞାନଦୃଷ୍ଟି ଅତି ପ୍ରଖର ।'' ॥ ୩ ॥

**ମାଗା ଜଲ ତେହିଁ ଦୀହ୍ନ କମଂଡଲ । କହ କପି ନହିଁ ଅଘାଉଁ ଥୋରେଁ ଜଲ ॥**
**ସର ମଜ୍ଜନ କରି ଆତୁର ଆୱହୁ । ଦିଚ୍ଛା ଦେଉଁ ଗ୍ୟାନ ଜେହିଁ ପାୱହୁ ॥ ୪ ॥**

ହନୁମାନ୍ ତାକୁ ଜଳ ମାଗିବାରୁ ସେ ତା' କମଣ୍ଡଳୁଟା ବଢ଼ାଇଦେଲା । ହନୁମାନ୍ କହିଲେ, ''ଏତିକି ପାଣି ପିଇ ମୋତେ ତୃପ୍ତି ମିଳିବ ନାହିଁ ।'' ଏହା ଶୁଣି ସେ କହିଲା, ''ଏହି ପୋଖରୀରେ ସ୍ନାନ କରି ଶୀଘ୍ର ଫେରିଆସ; ତା'ପରେ ମୁଁ ତୁମକୁ ଦୀକ୍ଷା ଦେଇଦେବି ଯେ, ତୁମେ ଜ୍ଞାନଲାଭ କରିପାରିବ ।'' ॥ ୪ ॥

ଦୋ:- **ସର ପୈଠତ କପି ପଦ ଗହା ମକରୀଁ ତବ ଅକୁଲାନ ।**
**ମାରୀ ସୋ ଧରି ଦିବ୍ୟ ତନୁ ଚଲୀ ଗଗନ ଚଢ଼ି ଜାନ ॥ ୫୭ ॥**

ହନୁମାନ୍ ଯାଇ ପୋଖରୀରେ ପଶୁ ପଶୁ ଗୋଟାଏ ମାଈ କୁମ୍ଭୀର ଆସି ତାଙ୍କ ଗୋଡ଼କୁ ଧରିପକାଇଲା । ହନୁମାନ୍ ତାକୁ ମାରିଦେଲେ । ସେ ଦିବ୍ୟଦେହ ଧରି (ଅପ୍‌ସରା ହୋଇ), ବିମାନରେ ବସି ଆକାଶକୁ ଚାଲିଗଲା ॥ ୫୭ ॥

**କପି ତବ୍ ଦରସ ଭଇଉଁ ନିଷ୍ପାପା । ମିଟା ତାତ ମୁନିବର କର ସାପା ॥**
**ମୁନି ନ ହୋଇ ୟହ ନିସିଚର ଘୋରା । ମାନହୁ ସତ୍ୟ ବଚନ କପି ମୋରା ॥ ୧ ॥**

ସେ ଯାଉ ଯାଉ କହିଲା, ''ହେ ବାନରଶ୍ରେଷ୍ଠ ! ମୁଁ ଆପଣଙ୍କୁ ଦର୍ଶନ କରି ପାପମୁକ୍ତ ହୋଇଗଲି । ମୋ ଉପରୁ ମୁନିବରଙ୍କ ଅଭିଶାପ କଟିଗଲା । ଏହି ଆଶ୍ରମର ମୁନି ପ୍ରକୃତରେ ମୁନି ନୁହେଁ; ଏ ଗୋଟାଏ ରାକ୍ଷସ । ମୋ କଥା ସତ୍ୟ ବୋଲି ଜାଣନ୍ତୁ ।'' ॥ ୧ ॥

**ଅସ କହି ଗଈ ଅପଛରା ଜବହୀଁ । ନିସିଚର ନିକଟ ଗୟଉ କପି ତବହୀଁ ॥**
**କହ କପି ମୁନି ଗୁରଦଛିନା ଲେହୂ । ପାଛେଁ ହମହିଁ ମଂତ୍ର ତୁହ୍ମ ଦେହୂ ॥ ୨ ॥**

ଏପରି କହି ସେହି ଅପ୍‌ସରା ଚାଲିଯିବା ପରେ ହନୁମାନ୍ ରାକ୍ଷସପାଖକୁ ଚାଲିଆସିଲେ । ସେ କହିଲେ, ''ହେ ମୁନି ! ଆଗ ଗୁରୁଦକ୍ଷିଣା ନେଇଯାଅ; ତା'ପରେ ମୋତେ ମନ୍ତ୍ର ଦେବ ।'' ॥ ୨ ॥

**ସିର ଲଂଗୂର ଲପେଟି ପଛାରା । ନିଜ ତନୁ ପ୍ରଗଟେସି ମରତୀ ବାରା ॥**
**ରାମ ରାମ କହି ଛାଡ଼େସି ପ୍ରାନା । ସୁନି ମନ ହରଷି ଚଲେଉ ହନୁମାନା ॥ ୩ ॥**

ଏହା କହି, ତା ମୁଣ୍ଡକୁ ନିଜ ଲାଞ୍ଜରେ ବାନ୍ଧି ହନୁମାନ୍ ତାକୁ ତଳେ କଚାଡ଼ିଦେଲେ । ମରିବା ସମୟରେ ସେ ତା'ର ରାକ୍ଷସଶରୀର ପ୍ରକଟ କଲା ଏବଂ 'ରାମ' 'ରାମ' କହି ପ୍ରାଣ ଛାଡ଼ିଦେଲା । ତାହା ଶୁଣି, ହନୁମାନ୍ ଆନନ୍ଦରେ ନିଜ କର୍ମପଥରେ ଚାଲିଗଲେ ॥ ୩ ॥

**ଦେଖା ସୈଲ ନ ଔଷଧ ଚୀହ୍ନା । ସହସା କପି ଉପାରି ଗିରି ଲୀହ୍ନା ॥**
**ଗହି ଗିରି ନିସି ନଭ ଧାୱତ ଭୟଉ । ଅୱଧପୁରୀ ଉପର କପି ଗୟଉ ॥ ୪ ॥**

ସେ ସୁଷେଣ କହିଥିବା ପର୍ବତଟି ଦେଖିଲେ, କିନ୍ତୁ ଓଷଧି ଚିହ୍ନିପାରିଲେ ନାହିଁ । ତେଣୁ ସେ ପର୍ବତଟି ଉପାଡ଼ିଧରି ରାତାରାତି ଆକାଶମାର୍ଗରେ ଉଡ଼ିଆସିଲେ । ବାଟରେ ଅଯୋଧ୍ୟାପୁରୀ ପଡ଼ିଲା ॥ ୪ ॥

ଦୋ:- **ଦେଖା ଭରତ ବିସାଲ ଅତି ନିସିଚର ମନ ଅନୁମାନି ।**
**ବିନୁ ଫର ସାୟକ ମାରେଉ ଚାପ ଶ୍ରୱନ ଲଗି ତାନି ॥ ୫୮ ॥**

ଭରତ ଦେଖିଲେ, ଆକାଶରେ କେହି ଜଣେ ବିଶାଳକାୟ ପୁରୁଷ ଉଡ଼ି ଉଡ଼ି ଯାଉଛି । ସେ ଭାବିଲେ, ବୋଧହୁଏ କେହି ଗୋଟାଏ ରାକ୍ଷସ ଯାଉଛି । ତେଣୁ ସେ ଧନୁର ଗୁଣକୁ କାନ ପର୍ଯ୍ୟନ୍ତ ଟାଣି ତାଙ୍କ ଉପରକୁ ଗୋଟିଏ ଫଳକବିହୀନ ବାଣ ମାରିଦେଲେ ॥ ୫୮ ॥

**ପରେଉ ମୁରୁଛି ମହି ଲାଗତ ସାୟକ । ସୁମିରତ ରାମ ରାମ ରଘୁନାୟକ ॥**
**ସୁନି ପ୍ରିୟ ବଚନ ଭରତ ତବ ଧାଏ । କପି ସମୀପ ଅତି ଆତୁର ଆଏ ॥ ୧ ॥**

ବାଣ ବାଜୁ ବାଜୁ ହନୁମାନ୍ 'ରାମ ! ରାମ ! ରଘୁପତି ରାମ୍ !' ଉଚ୍ଚାରଣ କରି, ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲେ । ରାମନାମ ଶୁଣିବାକ୍ଷଣି ଭରତ ଆତୁର ହୋଇ ତାଙ୍କ ପାଖକୁ ଧାଇଁଗଲେ ॥ ୧ ॥

**ବିକଲ ବିଲୋକି କୀସ ଉର ଲାଓ୍ୱା । ଜାଗତ ନହିଁ ବହୁ ଭାଁତି ଜଗାଓ୍ୱା ॥**
**ମୁଖ ମଲୀନ ମନ ଭଏ ଦୁଖାରୀ । କହତ ବଚନ ଭରି ଲୋଚନ ବାରୀ ॥ ୨ ॥**

ହନୁମାନ୍ ଅଚେତ ଅବସ୍ଥାରେ ତଳେ ପଡ଼ିଥାନ୍ତି; ଭରତ ତାଙ୍କୁ ଟେକି ଧରି ବକ୍ଷରେ ଲଗାଇଲେ । ତାଙ୍କୁ ଚେତା କରାଇବାକୁ ସେ ବହୁ ଚେଷ୍ଟା କଲେ; କିନ୍ତୁ ହନୁମାନଙ୍କର ଚେତା ଫେରିଲା ନାହିଁ । ଭରତଙ୍କ ମୁହଁ ଝାଉଁଳି ପଡ଼ିଲା । ସେ ଅତ୍ୟନ୍ତ ଦୁଃଖରେ ଭାଙ୍ଗିପଡ଼ିଲେ । ତାଙ୍କ ନୟନ ଅଶ୍ରୁଜଳରେ ପୂର୍ଣ୍ଣ ହୋଇଗଲା । ସେ କହିଲେ, ॥ ୨ ॥

**ଜେହିଁ ବିଧି ରାମ ବିମୁଖ ମୋହି କୀହ୍ନା । ତେହିଁ ପୁନି ୟହ ଦାରୁନ ଦୁଖ ଦୀହ୍ନା ॥**
**ଜୌଁ ମୋରେଁ ମନ ବଚ ଅରୁ କାୟା । ପ୍ରୀତି ରାମ ପଦ କମଲ ଅମାୟା ॥ ୩ ॥**

''ଯେଉଁ ବିଧାତା ମୋତେ ଶ୍ରୀରାମଙ୍କ ପ୍ରତି ବିମୁଖ କରାଇଦେଲା, ସେ ହିଁ ମୋତେ ପୁଣି ଏକ ଭୟାନକ ଦୁଃଖରେ ପକାଇଦେଲା । ଯଦି ମନ, ବଚନ ଓ କର୍ମରେ ମୋର ଶ୍ରୀରାମଙ୍କ ଚରଣକମଳରେ ନିଷ୍କପଟ ପ୍ରେମ ଥିବ, ॥ ୩ ॥

**ତୌ କପି ହୋଉ ବିଗତ ଶ୍ରମ ସୂଲା । ଜୌଁ ମୋ ପର ରଘୁପତି ଅନୁକୂଲା ॥**
**ସୁନତ ବଚନ ଉଠି ବୈଠ କପୀସା । କହି ଜୟ ଜୟତି କୋସଲାଧୀସା ॥ ୪ ॥**

ଏବଂ ଯଦି ଶ୍ରୀରଘୁନାଥ ମୋ ପ୍ରତି ପ୍ରସନ୍ନ ଥିବେ, ତେବେ ଏହି ବାନର କ୍ଲାନ୍ତି ଓ ପୀଡ଼ାରୁ ମୁକ୍ତ ହୋଇଯାଉ !'' ଏହି କଥା କାନରେ ପଡ଼ିଯିବାମାତ୍ରେ କପିରାଜ ହନୁମାନ୍ 'କୋଶଳପତି ଶ୍ରୀରାମଙ୍କର ଜୟ ! ଶ୍ରୀରାମଙ୍କର ଜୟ !' କହି ଉଠି ବସିଲେ ॥ ୪ ॥

ସୋः- **ଲୀହ୍ନ କପିହି ଉର ଲାଇ ପୁଲକିତ ତନୁ ଲୋଚନ ସଜଲ ।**
**ପ୍ରୀତି ନ ହୃଦୟଁ ସମାଇ ସୁମିରି ରାମ ରଘୁକୁଲ ତିଲକ ॥ ୫୯ ॥**

ଭରତ ହନୁମାନଙ୍କୁ ବକ୍ଷରେ ଚ୍ପିଧରିଲେ । ତାଙ୍କର ଶରୀର ପୁଲକିତ ହୋଇଗଲା ଓ ନୟନ ଅଶ୍ରୁଜଳରେ ପୂର୍ଣ୍ଣ ହୋଇଗଲା । ରଘୁକୁଳତିଳକ ଶ୍ରୀରାମଙ୍କୁ ସ୍ମରଣ କରି ଭରତଙ୍କ ହୃଦୟରୁ ପ୍ରୀତି ଉଛୁଳିପଡ଼ିଲା ॥ ୫୯ ॥

**ତାତ କୁସଲ କହୁ ସୁଖନିଧାନ କୀ । ସହିତ ଅନୁଜ ଅରୁ ମାତୁ ଜାନକୀ ॥**
**କପି ସବ ଚରିତ ସମାସ ବଖାନେ । ଭଏ ଦୁଖୀ ମନ ମହୁଁ ପଛିତାନେ ॥ ୧ ॥**

ଭରତ କହିଲେ, ''ହେ ପ୍ରିୟ ! ସାନଭାଇ ଲକ୍ଷ୍ମଣ ତଥା ମାତା ଜାନକୀଙ୍କ ସହିତ ସୁଖନିଧାନ ଶ୍ରୀରାମଙ୍କର କୁଶଳ ସମାଚ୍ର ଶୁଣାଅ ।'' ହନୁମାନ୍ ସଂକ୍ଷେପରେ ସବୁକଥା କହିଦେଲେ । ତାହା ଶୁଣି ଭରତ ଦୁଃଖରେ ଭାଙ୍ଗିପଡ଼ିଲେ ଏବଂ ମନେ ମନେ ପଶ୍ଚାତ୍ତାପ କରି କହିଲେ, ॥ ୧ ॥

**ଅହହ ଦୈଓ୍ୱ ମୈଁ କତ ଜଗ ଜାୟଉଁ । ପ୍ରଭୁ କେ ଏକହୁ କାଜ ନ ଆୟଉଁ ॥**
**ଜାନି କୁଅଓ୍ୱସରୁ ମନ ଧରି ଧୀରା । ପୁନି କପି ସନ ବୋଲେ ବଲବୀରା ॥ ୨ ॥**

''ହାୟରେ ଦଇବ ! ମୁଁ ଏ ଜଗତରେ କାହିଁକି ଜନ୍ମ ହେଲି, କେଜାଣି ! ମୁଁ ପ୍ରଭୁଙ୍କର କୌଣସି କାମରେ ଲାଗିପାରିଲି ନାହିଁ ।'' କିନ୍ତୁ ତାହା ଅନୁଶୋଚନା କରି କାଳ ବିତାଇବାର ଉପଯୁକ୍ତ ସମୟ ନୁହେଁ ବୋଲି ଜାଣି, ମନରେ ଧୈର୍ଯ୍ୟ ଧରି ବଳବୀର ଭରତ ହନୁମାନଙ୍କୁ କହିଲେ, ॥ ୨ ॥

**ତାତ ଗହରୁ ହୋଇହି ତୋହି ଜାତା । କାଜୁ ନସାଇହି ହୋତ ପ୍ରଭାତା ॥**
**ଚଢୁ ମମ ସାୟକ ସୈଲ ସମେତା । ପଠୱୌଁ ତୋହି ଜହଁ କୃପାନିକେତା ॥ ୩ ॥**

''ଆରେ ବାପ ! ତୁମର ତ ଯିବାରେ ବିଳମ୍ବ ହୋଇଯିବ; ତେଣେ ରାତି ପାହି ସକାଳ ହୋଇଗଲେ ସବୁକାର୍ଯ୍ୟ ବିଗିଡ଼ିଯିବ । ତେଣୁ ତୁମେ ପର୍ବତ ସହିତ ମୋର ବାଣ ଉପରେ ବସିଯାଅ; କୃପାଧାମ ଶ୍ରୀରାମ ଯେଉଁଠି ଅଛନ୍ତି, ମୁଁ ତୁମକୁ ସେଠାକୁ ପଠାଇଦେବି ।'' ॥ ୩ ॥

**ସୁନି କପି ମନ ଉପଜା ଅଭିମାନା । ମୋରେଁ ଭାର ଚଲିହି କିମି ବାନା ॥**
**ରାମ ପ୍ରଭାୱ ବିଚାରି ବହୋରୀ । ବଂଦି ଚରନ କହ କପି କର ଜୋରୀ ॥ ୪ ॥**

ଭରତଙ୍କ କଥା ଶୁଣି ପ୍ରଥମେ ହନୁମାନଙ୍କ ମନରେ 'ମୋ ବୋଝ ବୋହି ବାଣ କିପରି ଚାଲିବ !' ବୋଲି ଅଭିମାନ ଜାତ ହେଲା; କିନ୍ତୁ ପରେ ଶ୍ରୀରାମଙ୍କ ପ୍ରଭାବ ବିଚାର କରି, ସେ ଭରତଙ୍କ ଚରଣବନ୍ଦନାପୂର୍ବକ କର ଯୋଡ଼ି କହିଲେ, ॥ ୪ ॥

ଦୋଃ- **ତୱ ପ୍ରତାପ ଉର ରାଖି ପ୍ରଭୁ ଜୈହଉଁ ନାଥ ତୁରଂତ ।**
**ଅସ କହି ଆୟସୁ ପାଇ ପଦ ବଂଦି ଚଲେଉ ହନୁମଂତ ॥୬୦(କ)॥**

''ହେ ନାଥ ! ହେ ପ୍ରଭୁ ! ହୃଦୟରେ ଆପଣଙ୍କ ପ୍ରତାପ ଧାରଣ କରି ମୁଁ ସେଠାରେ ଅତିଶୀଘ୍ର ପହଞ୍ଚିଯାଇପାରିବି ।'' ଏପରି କହି ଏବଂ ଆଜ୍ଞା ନେଇ, ଭରତଙ୍କ ଚରଣ ବନ୍ଦନା କରି ହନୁମାନ୍ ଆଗକୁ ଉଡ଼ିଚାଲିଲେ ॥ ୬୦(କ) ॥

**ଭରତ ବାହୁବଲ ସୀଲ ଗୁନ ପ୍ରଭୁ ପଦ ପ୍ରୀତି ଅପାର ।**
**ମନ ମହୁଁ ଜାତ ସରାହତ ପୁନି ପୁନି ପୱନକୁମାର ॥୬୦(ଖ)॥**

ମନେ ମନେ ଭରତଙ୍କର ବାହୁବଳ, ସୁନ୍ଦର ସ୍ୱଭାବ, ଗୁଣ ଓ ପ୍ରଭୁଙ୍କ ଚରଣରେ ତାଙ୍କର ଅପାର ପ୍ରେମର ବାରମ୍ବାର ପ୍ରଶଂସା କରି ପବନପୁତ୍ର ହନୁମାନ୍ ଉଡ଼ିଯାଉଥାନ୍ତି ॥ ୬୦(ଖ) ॥

ଚୌଃ-**ଉହାଁ ରାମ ଲଛିମନହି ନିହାରୀ । ବୋଲେ ବଚନ ମନୁଜ ଅନୁସାରୀ ॥**
**ଅର୍ଧ ରାତି ଗଇ କପି ନହିଁ ଆୟଉ । ରାମ ଉଠାଇ ଅନୁଜ ଉର ଲାୟଉ ॥ ୧ ॥**

ତେଣେ ଅଚେତ ଲକ୍ଷ୍ମଣଙ୍କୁ ଚାହିଁ ଶ୍ରୀରାମ ସାଧାରଣ ମନୁଷ୍ୟଙ୍କ ପରି କହୁଥାନ୍ତି, ''ଆସି ଅଧରାତି ହେଲାଣି; ହନୁମାନ୍ ତ କାହିଁ ଏଯାଏ ଆସିଲେ ନାହିଁ !'' ଏପରି କହି, ସେ ସାନଭାଇ ଲକ୍ଷ୍ମଣଙ୍କୁ ଉଠାଇ ଛାତିରେ ଭିଡ଼ିଧରିଲେ ॥ ୧ ॥

**ସକହୁ ନ ଦୁଖିତ ଦେଖି ମୋହି କାଉ । ବଂଧୁ ସଦା ତୱ ମୃଦୁଲ ସୁଭାଉ ॥**
**ମମ ହିତ ଲାଗି ତଜେହୁ ପିତୁ ମାତା । ସହେହୁ ବିପିନ ହିମ ଆତପ ବାତା ॥ ୨ ॥**

[ସେ କହିଲେ,] ''ହେ ଭାଇ ! ତୁ ତ ମୋର ଟିକିଏ ବି ଦୁଃଖ ଦେଖି ସହିପାରୁ ନ ଥିଲୁ । ତୋ ସ୍ୱଭାବ ତ ସବୁବେଳେ କୋମଳ । ମୋତେ ସୁଖ ଦେବା ନିମନ୍ତେ ତୁ ପିତାମାତାଙ୍କୁ ବି ଛାଡ଼ି ଚାଲିଆସି ବଣରେ ଖରା, ବର୍ଷା, ଶୀତ–ସବୁକିଛି ସହିଲୁ ॥ ୨ ॥

ସୋ ଅନୁରାଗ କହାଁ ଅବ ଭାଈ । ଉଠହୁ ନ ସୁନି ମମ ବଚ ବିକଲାଈ ॥
ଜୌଁ ଜନତେଉଁ ବନ ବଂଧୁ ବିଛୋହୂ । ପିତା ବଚନ ମନତେଉଁ ନହିଁ ଓହୂ ॥ ୩ ॥

ସେହି ସ୍ନେହ ଏବେ କୁଆଡ଼େ ଗଲା ଭାଇ ! ମୋର ଏହି ବ୍ୟାକୁଳ ବଚନ ଶୁଣି ତୁ ଉଠୁନାହୁଁ କାହିଁକି ? ଯଦି ମୁଁ ଜାଣିଥାନ୍ତି ଯେ, ଏହି ବନରେ ମୋ ପ୍ରିୟ ଭାଇର ବିଚ୍ଛେଦ ଘଟିବ, ତେବେ ତ ମୁଁ ପିତାଙ୍କ ବଚନ ବି ମାନି ନ ଥାନ୍ତି* ॥ ୩ ॥

ସୁତ ବିତ ନାରି ଭୱନ ପରିୱାରା । ହୋହିଁ ଜାହିଁ ଜଗ ବାରହିଁ ବାରା ॥
ଅସ ବିଚ୍ୱରି ଜିୟଁ ଜାଗହୁ ତାତା । ମିଲଇ ନ ଜଗତ ସହୋଦର ଭ୍ରାତା ॥ ୪ ॥

ଏହି ଜଗତରେ ପୁତ୍ର, ଧନ, ସ୍ତ୍ରୀ, ଘର ଓ ପରିବାର–ଏସବୁ ବାରମ୍ବାର ଆସେ ଓ ଯାଏ; କିନ୍ତୁ ସହୋଦର ଭାଇ ବାରମ୍ବାର ମିଳେ ନାହିଁ । ମନରେ ଏତିକି ବିଚ୍ୱର କରି, ତୁ ଉଠ, ବାବୁ ! ॥ ୪ ॥

ଜଥା ପଂଖ ବିନୁ ଖଗ ଅତି ଦୀନା । ମନି ବିନୁ ଫନି କରିବର କର ହୀନା ॥
ଅସ ମମ ଜିୱନ ବଂଧୁ ବିନୁ ତୋହୀ । ଜୌଁ ଜଡ଼ ଦୈୱ ଜିଆୱୈ ମୋହୀ ॥ ୫ ॥

ଡେଣା ବିନା ପକ୍ଷୀ, ମଣି ବିନା ସର୍ପ ଓ ଶୁଣ୍ଢ ବିନା ବଳବାନ୍ ହସ୍ତୀ ଯେପରି ଅତି ବ୍ୟାକୁଳ ହୋଇଯାଆନ୍ତି, ହେ ଭାଇ ! ଯଦି ଏହି ଜଡ଼ ଦଇବ ମୋତେ ବଞ୍ଚାଇରଖିବ, ତେବେ ତୋ ବିନା ମୋତେ ମଧ୍ୟ ସେହିପରି ବ୍ୟାକୁଳ ହୋଇ ଦୁଃଖରେ ଜୀବନ ବିତାଇବାକୁ ପଡ଼ିବ ! ॥ ୫ ॥

ଜୈହଉଁ ଅୱଧ କୱନ ମୁହୁ ଲାଈ । ନାରି ହେତୁ ପ୍ରିୟ ଭାଇ ଗଁୱାଈ ॥
ବରୁ ଅପଜସ ସହତେଉଁ ଜଗ ମାହୀଁ । ନାରି ହାନି ବିସେଷ ଛତି ନାହୀଁ ॥ ୬ ॥

ସ୍ତ୍ରୀପାଇଁ ପ୍ରାଣପ୍ରିୟ ଭାଇକୁ ହରାଇ, ମୁଁ କେଉଁ ମୁହଁ ଧରି ଅଯୋଧ୍ୟା ଫେରିବି ! ରାବଣକବଳରୁ ସୀତାଙ୍କୁ ଉଦ୍ଧାର କରି ନ ପାରିବାର ଅପଯଶ ବରଂ ମୁଁ ସହିଯାଇଥାନ୍ତି, କାରଣ [ପ୍ରିୟ ଭାଇକୁ ହରାଇଦେବା ତୁଳନାରେ] ସ୍ତ୍ରୀକୁ ହରାଇଦେବାଟା ବିଶେଷ କ୍ଷତିକର ହୋଇ ନ ଥାନ୍ତା] ॥ ୬ ॥

ଅବ ଅପଲୋକୁ ସୋକୁ ସୁତ ତୋରା । ସହିହି ନିଠୁର କଠୋର ଉର ମୋରା ॥
ନିଜ ଜନନୀ କେ ଏକ କୁମାରା । ତାତ ତାସୁ ତୁମ୍ହ ପ୍ରାନ ଅଧାରା ॥ ୭ ॥

କିନ୍ତୁ ବାବୁ ! ବର୍ତ୍ତମାନ ତ ମୋର ଏହି ନିଷ୍ଠୁର କଠୋର ହୃଦୟକୁ ସେହି ଅପଯଶ ଓ ତୋର ବିଚ୍ଛେଦଜନିତ ଦୁଃଖ– ଉଭୟ ସହିବାକୁ ପଡ଼ିବ । ବାପରେ ! ତୁ ତ ଥିଲୁ ତୋ ମାଆଙ୍କର ଏକ ଅତୁଳନୀୟ ପୁତ୍ର ଏବଂ ତାଙ୍କ ପ୍ରାଣର ଆଧାର ॥ ୭ ॥

ସୌଁପେସି ମୋହି ତୁମ୍ହହି ଗହି ପାନୀ । ସବ ବିଧି ସୁଖଦ ପରମ ହିତ ଜାନୀ ॥
ଉତରୁ କାହ ଦୈହଉଁ ତେହି ଜାଈ । ଉଠି କିନ ମୋହି ସିଖାୱହୁ ଭାଈ ॥ ୮ ॥

ତୋ ପାଇଁ ମୁଁ ସକଳପ୍ରକାରେ ସୁଖଦାତା ଓ ପରମ ହିତକାରୀ ବୋଲି ଜାଣି ସେ ତୋ ହାତ ଧରି ଆଣି ମୋତେ ସମର୍ପିଦେଇଥିଲେ । ମୁଁ ଏବେ ଫେରିଯାଇ ତାଙ୍କୁ କି ଉତ୍ତର ଦେବି ! ଭାଇ ! ତୁ ଉଠି ମୋତେ ଜବାବ ଦେଉନୁ କାହିଁକି ?'' ॥ ୮ ॥

---

* (ଲକ୍ଷ୍ମଣଙ୍କ ଭ୍ରାତୃପ୍ରେମ ଓ ସେବାପରାୟଣତା ଏତେ ଅଧିକ ଥିଲା ଯେ, ଶ୍ରୀରାମ କହୁଛନ୍ତି, ଏପରି ବିୟୋଗ କଥା ଆଗରୁ ଜାଣିଥିଲେ, ସେ ପିତୃଆଜ୍ଞା ସୁଦ୍ଧା ମାନି ନ ଥାନ୍ତେ । ପିତୃଆଜ୍ଞା ନ ମାନିବା ତ ଶ୍ରୀରାମଙ୍କ ପକ୍ଷରେ ଏକ ଅସମ୍ଭବ କଥା; କିନ୍ତୁ ଲକ୍ଷ୍ମଣଙ୍କ ଭ୍ରାତୃପ୍ରେମ ଦୃଷ୍ଟିରୁ ଏପରି କହିବା ଏଠାରେ ଯୁକ୍ତିଯୁକ୍ତ ହୋଇଛି ।)

**ବହୁ ବିଧି ସୋଚତ ସୋଚ ବିମୋଚନ । ସ୍ରୱତ ସଲିଲ ରାଜିୱ ଦଲ ଲୋଚନ ॥**
**ଉମା ଏକ ଅଖଂଡ ରଘୁରାଈ । ନର ଗତି ଭଗତ କୃପାଲ ଦେଖାଈ ॥ ୯ ॥**

ସମସ୍ତଙ୍କ ଶୋକହରଣକାରୀ ଶ୍ରୀରାମ ନିଜେ ଏଭଳି ବହୁପ୍ରକାରେ ଶୋକ କରୁଥାନ୍ତି ! ତାଙ୍କର କମଳଦଳସମ ନୟନରୁ ବିଷାଦର ଅଶ୍ରୁ ଧାର ଧାର ହୋଇ ବହିଯାଉଥାଏ । [ଶିବ କହୁଛନ୍ତି,] ହେ ଉମା ! ଶ୍ରୀରଘୁନାଥ ହେଉଛନ୍ତି ଅଦ୍ୱିତୀୟ ଓ ଅଖଣ୍ଡ (ବିୟୋଗରହିତ) । ଭକ୍ତବତ୍ସଳ ଭଗବାନ୍ ଶ୍ରୀରାମ ମନୁଷ୍ୟ ପରି ଲୀଳା ପ୍ରଦର୍ଶନ କରୁଥାନ୍ତିମାତ୍ର ॥ ୯ ॥

ସୋଃ- **ପ୍ରଭୁ ପ୍ରଲାପ ସୁନି କାନ ବିକଲ ଭଏ ବାନର ନିକର ।**
**ଆଇ ଗୟଉ ହନୁମାନ ଜିମି କରୁନା ମହଁ ବୀର ରସ ॥ ୬୧ ॥**

ପ୍ରଭୁ ଲୀଳାଛଳରେ କରୁଥିବା ବିଳାପ ଶୁଣି ବାନରମାନେ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଲେ । ଠିକ୍ ଏତିକିବେଳେ କରୁଣରସ [ପ୍ରସଙ୍ଗ] ମଧ୍ୟରେ ବୀରରସ [ପ୍ରସଙ୍ଗ] ପ୍ରବେଶ କରିବାପରି ହନୁମାନ୍ ଆସି ସେଠାରେ ପହଞ୍ଚିଗଲେ ॥ ୬୧ ॥

**ହରଷି ରାମ ଭେଁଟେଉ ହନୁମାନା । ଅତି କୃତଗ୍ୟ ପ୍ରଭୁ ପରମ ସୁଜାନା ॥**
**ତୁରତ ବୈଦ ତବ କୀହ୍ନି ଉପାଈ । ଉଠି ବୈଠେ ଲଛିମନ ହରଷାଈ ॥ ୧ ॥**

ପରମ ସୁଜ୍ଞ ଓ ଅତ୍ୟନ୍ତ କୃତଜ୍ଞ ପ୍ରଭୁ ଶ୍ରୀରାମ ଆନନ୍ଦିତ ହୋଇ ହନୁମାନଙ୍କୁ ବକ୍ଷରେ ଜାବୋଡ଼ିଧରିଲେ । ବୈଦ୍ୟ ସୁଷେଣ ଅବିଳମ୍ବେ ଉପଚାର ଆରମ୍ଭ କରିଦେବାରୁ ଲକ୍ଷ୍ମଣ ହର୍ଷିତ ହୋଇ ଉଠିବସିଲେ ॥ ୧ ॥

**ହୃଦୟଁ ଲାଇ ପ୍ରଭୁ ଭେଁଟେଉ ଭ୍ରାତା । ହରଷେ ସକଲ ଭାଲୁ କପି ବ୍ରାତା ॥**
**କପି ପୁନି ବୈଦ ତହାଁ ପହୁଁଚାୱା । ଜେହି ବିଧି ତବହିଁ ତାହି ଲଇ ଆୱା ॥ ୨ ॥**

ପ୍ରଭୁ ଭାଇକୁ ବକ୍ଷରେ ଜାବୋଡ଼ିଧରି ଆଲିଙ୍ଗନ କଲେ । ଭଲ୍ଲୁକ ଓ ବାନରମାନେ ଅତି ହର୍ଷିତ ହୋଇଉଠିଲେ । ହନୁମାନ୍ ବୈଦ୍ୟଙ୍କୁ ଯେପରି ଆଣିଥିଲେ, ଠିକ୍ ସେହିପରି ନେଇ ସେଠାରେ (ଲଙ୍କାରେ) ଛାଡ଼ିଦେଇ ଆସିଲେ ॥ ୨ ॥


**ୟହ ବୃତ୍ତାଂତ ଦସାନନ ସୁନେଉ । ଅତି ବିଷାଦ ପୁନି ପୁନି ସିର ଧୁନେଉ ॥**
**ବ୍ୟାକୁଲ କୁଂଭକରନ ପହିଁ ଆୱା । ବିବିଧ ଜତନ କରି ତାହି ଜଗାୱା ॥ ୩ ॥**

ଏହି ସମାଚାର ପାଇ, ରାବଣ ଦୁଃଖରେ ଭାଙ୍ଗିପଡ଼ିଲା; ସେ ବାରମ୍ବାର ମୁଣ୍ଡ ପିଟିବାକୁ ଲାଗିଲା । ସେ ବ୍ୟାକୁଳ ହୋଇ କୁମ୍ଭକର୍ଣ୍ଣ ନିକଟକୁ ଗଲା ଏବଂ ନାନା ଉପାୟ କରି ତାକୁ ଉଠାଇଲା ॥ ୩ ॥

**ଜାଗା ନିସିଚର ଦେଖିଅ କୈସା । ମାନହୁଁ କାଲୁ ଦେହ ଧରି ବୈସା ॥**
**କୁଂଭକରନ ବୂଝା କହୁ ଭାଈ । କାହେ ତୱ ମୁଖ ରହେ ସୁଖାଈ ॥ ୪ ॥**

କୁମ୍ଭକର୍ଣ୍ଣ ଉଠି ବସିଲା । ଦେଖାଯାଉଥାଏ, ସତେ ଯେପରି ସାକ୍ଷାତ୍ କାଳହିଁ ଶରୀର ଧାରଣ କରି ବସିଛି । କୁମ୍ଭକର୍ଣ୍ଣ ପଚାରିଲା, "କୁହ ଭାଇ ! ତୁମ ମୁହଁ ଶୁଖିଯାଇଛି କାହିଁକି ?" ॥ ୪ ॥

**କଥା କହୀ ସବ ତେହିଁ ଅଭିମାନୀ । ଜେହି ପ୍ରକାର ସୀତା ହରି ଆନୀ ॥**
**ତାତ କପିହ୍ନ ସବ ନିସିଚର ମାରେ । ମହା ମହା ଜୋଧା ସଂଘାରେ ॥ ୫ ॥**




ଶ୍ରୀରାମ ଲୀଳାଛଳରେ ବିଳାପ କରୁଥିବା ସମୟରେ ହନୁମାନ ସଞ୍ଜୀବନୀ ବୁଟି ନେଇ ଆସିଗଲେ

ଅଭିମାନୀ ରାବଣ ଯେପରି ସୀତାଙ୍କୁ ହରଣ କରି ନେଇଆସିଥିଲା ଏବଂ ସେହିଦିନୁ ଏପର୍ଯ୍ୟନ୍ତ ଯାହାସବୁ ଘଟିଯାଇଥିଲା, ସବୁ କହିଗଲା । ଶେଷରେ କହିଲା, "ଆରେ ବାବୁ ! ବାନରମାନେ ସବୁ ରାକ୍ଷସଙ୍କୁ ମାରିଦେଲେଣି; ବଡ଼ ବଡ଼ ଯୋଦ୍ଧାଙ୍କୁ ମଧ୍ୟ ସଂହାର କରିଦେଲେଣି ॥ ୫ ॥

**ଦୁର୍ମୁଖ ସୁରରିପୁ ମନୁଜ ଅହାରୀ । ଭଟ ଅତିକାୟ ଅକଂପନ ଭାରୀ ॥**
**ଅପର ମହୋଦର ଆଦିକ ବୀରା । ପରେ ସମର ମହି ସବ ରନଧୀରା ॥ ୬ ॥**

"ଦୁର୍ମୁଖ, ଦେବାନ୍ତକ, ନରାନ୍ତକ, ମହାଯୋଦ୍ଧା ଅତିକାୟ, ଅକମ୍ପନ ତଥା ମହୋଦର ଆଦି ସବୁ ରଣଧୀର ବୀର ରଣଭୂମିରେ ନିହତ ହୋଇଗଲେଣି ।" ॥ ୬ ॥

ଦୋ:- **ସୁନି ଦସକଂଧର ବଚନ ତବ କୁଂଭକରନ ବିଲଖାନ ।**
**ଜଗଦଂବା ହରି ଆନି ଅବ ସଠ ଚାହତ କଲ୍ୟାନ ॥ ୬୨ ॥**

ରାବଣର କଥା ଶୁଣି କୁମ୍ଭକର୍ଣ୍ଣ ବିଷଣ୍ଣ ହୋଇଗଲା । କହିଲା, "ହାୟ ! କି ମୂର୍ଖତା ! ଜଗଜ୍ଜନନୀ ଜାନକୀଙ୍କୁ ହରଣ କରି ଆଣି, ତୁମେ ପୁଣି ମଙ୍ଗଳ ଚାହୁଁଛ ! ॥ ୬୨ ॥

**ଭଲ ନ କୀହ୍ନ ତୈଁ ନିସିଚର ନାହା । ଅବ ମୋହି ଆଇ ଜଗାଏହି କାହା ॥**
**ଅଜହୂଁ ତାତ ତ୍ୟାଗି ଅଭିମାନା । ଭଜହୁ ରାମ ହୋଇହି କଲ୍ୟାନା ॥ ୧ ॥**

ହେ ରାକ୍ଷସରାଜ ! କିଛି ଭଲ କଲ ନାହିଁ । ଏତେ କରିସାରିବା ପରେ ମୋତେ ଆଉ କାହିଁକି ଉଠାଇଲ ? ଶୁଣ ଭାଇ ! ଏବେ ବି ସମୟ ଅଛି; ଅଭିମାନ ଛାଡ଼ିଦେଇ ଶ୍ରୀରାମଙ୍କୁ ଭଜିଲେ ମଙ୍ଗଳ ହେବ ॥ ୧ ॥

**ହୈଁ ଦସସୀସ ମନୁଜ ରଘୁନାୟକ । ଜାକେ ହନୂମାନ ସେ ପାୟକ ॥**
**ଅହହ ବଂଧୁ ତୈଁ କୀହ୍ନି ଖୋଟାଈ । ପ୍ରଥମହିଁ ମୋହି ନ ସୁନାଏହି ଆଈ ॥ ୨ ॥**

ହେ ଦଶଶିର ! ଯାହାଙ୍କର ହନୁମାନଙ୍କ ପରି ସେବକ ଅଛନ୍ତି, ସେହି ରଘୁନାଥ କ'ଣ ସାଧାରଣ ମନୁଷ୍ୟ ? ହାୟ ଭାଇ ! ତୁମେ ପ୍ରଥମରୁ ମୋତେ ଏ କଥା ନ ଶୁଣାଇ ବଡ଼ ଖରାପ କଲ ॥ ୨ ॥

**କୀହ୍ନେହୁ ପ୍ରଭୁ ବିରୋଧ ତେହି ଦେଓ୍ୱକ । ସିଓ୍ୱ ବିରଂଚି ସୁର ଜାକେ ସେଓ୍ୱକ ॥**
**ନାରଦ ମୁନି ମୋହି ଗ୍ୟାନ ଜୋ କହା । କହତେଉଁ ତୋହି ସମୟ ନିରବହା ॥ ୩ ॥**

ହେ ସ୍ୱାମୀ ! ଶିବ, ବ୍ରହ୍ମା ଆଦି ଦେବତାମାନେ ଯାହାଙ୍କର ସେବକ, ତୁମେ ସେପରି ପରମଦେବତାଙ୍କୁ ବିରୋଧ କଲ ! ନାରଦ ମୁନି ମୋତେ ଯେଉଁ ଜ୍ଞାନ କହିଥିଲେ, ମୁଁ ତୁମକୁ ତାହା କହିଥାନ୍ତି; କିନ୍ତୁ ଏବେ ତ ସମୟ ଗଡ଼ିଗଲାଣି ॥ ୩ ॥

**ଅବ ଭରି ଅଂକ ଭେଁଟୁ ମୋହି ଭାଈ । ଲୋଚନ ସୁଫଲ କରୌଁ ମୈଁ ଜାଈ ॥**
**ସ୍ୟାମ ଗାତ ସରସୀରୁହ ଲୋଚନ । ଦେଖୌଁ ଜାଇ ତାପ ତ୍ରୟ ମୋଚନ ॥ ୪ ॥**

ହେ ଭାଇ ! ତା'ହେଲେ ଶେଷଥର ପାଇଁ ତୁମେ ମୋତେ ଆଲିଙ୍ଗନ କରି ବକ୍ଷରେ ଚାପିଧର । ଏଥର ମୁଁ ଯାଇ ତ୍ରିତାପହର ଶ୍ୟାମଳଶରୀର କମଳନୟନ ଶ୍ରୀରାମଙ୍କୁ ଦର୍ଶନ କରି ମୋର ନେତ୍ର ସଫଳ କରିବି ।" ॥ ୪ ॥

ଦୋ:- **ରାମ ରୂପ ଗୁନ ସୁମିରତ ମଗନ ଭୟଉ ଛନ ଏକ ।**
**ରାଓ୍ୱନ ମାଗେଉ କୋଟି ଘଟ ମଦ ଅରୁ ମହିଷ ଅନେକ ॥ ୬୩ ॥**

ଶ୍ରୀରାମଙ୍କ ରୂପ ଓ ଗୁଣରାଶି ସ୍ମରଣ କରି ସେ କ୍ଷଣକପାଇଁ ପ୍ରେମରେ ମଗ୍ନ ହୋଇଗଲା । ଇତିମଧ୍ୟରେ ରାବଣ କୋଟିଏ ହାଣ୍ଡି ମଦ ଓ ଅନେକ ମଇଁଷି ମଗାଇଦେଲା ॥ ୬୩ ॥

**ମହିଷ ଖାଇ କରି ମଦିରା ପାନା । ଗର୍ଜା ବଜ୍ରାଘାତ ସମାନା ॥**
**କୁଂଭକରନ ଦୁର୍ମଦ ରନ ରଂଗା । ଚଲା ଦୁର୍ଗ ତଜି ସେନ ନ ସଂଗା ॥ ୧ ॥**

ମଇଁଷି ଖାଇ ଓ ମଦ ପିଇ କୁମ୍ଭକର୍ଣ୍ଣ ବଜ୍ରପାତ ହେଲାପରି ଘୋର ଗର୍ଜନ କଲା । ମଦ୍ୟନିଶାରେ ଉନ୍ମତ୍ତ ହୋଇ ରଣୋତ୍ସାହପୂର୍ବକ ସେ ଦୁର୍ଗରୁ ବାହାରି ଯୁଦ୍ଧକୁ ଚାଲିଗଲା । ସାଥିରେ ସେନାକୁ ବି ନେଲା ନାହିଁ ॥ ୧ ॥

**ଦେଖି ବିଭୀଷନୁ ଆଗେଁ ଆୟଉ । ପରେଉ ଚରନ ନିଜ ନାମ ସୁନାୟଉ ॥**
**ଅନୁଜ ଉଠାଇ ହୃଦୟଁ ତେହି ଲାୟୋ । ରଘୁପତି ଭକ୍ତ ଜାନି ମନ ଭାୟୋ ॥ ୨ ॥**

ତାକୁ ଦେଖି, ବିଭୀଷଣ ତା'ପାଖକୁ ଆଗେଇ ଆସିଲେ ଏବଂ ତା' ପାଦତଳେ ପଡ଼ି ନିଜର ନାମ ଶୁଣାଇଲେ (ପରିଚୟ ଦେଲେ) । ସାନଭାଇକୁ ଉଠାଇ କୁମ୍ଭକର୍ଣ୍ଣ ବକ୍ଷରେ ଲଗାଇଲା ଏବଂ ସେ ଶ୍ରୀରଘୁନାଥଙ୍କର ଭକ୍ତ ବୋଲି ଜାଣି ତା ମନ ଆନନ୍ଦିତ ହୋଇଗଲା ॥ ୨ ॥

**ତାତ ଲାତ ରାୱନ ମୋହି ମାରା । କହତ ପରମ ହିତ ମଂତ୍ର ବିଚାରା ॥**
**ତେହିଁ ଗଲାନି ରଘୁପତି ପହିଁ ଆୟଉଁ । ଦେଖି ଦୀନ ପ୍ରଭୁ କେ ମନ ଭାୟଉଁ ॥ ୩ ॥**

ବିଭୀଷଣ କହିଲେ, ''ହେ ଭାଇ ! ମୁଁ ହିତ କଥା କହି ପରାମର୍ଶ ଦେବାରୁ ରାବଣ ମୋତେ ଲାତ ମାରି ତଡ଼ିଦେଲେ । ସେହି ଗ୍ଳାନିରେ ମୁଁ ଶ୍ରୀରଘୁନାଥଙ୍କ ନିକଟକୁ ଚାଲିଆସିଲି । ମୋର ଦୀନ ଅବସ୍ଥା ଦେଖି ପ୍ରଭୁ ମୋ ପ୍ରତି ପ୍ରସନ୍ନ ହୋଇଗଲେ ।'' ॥ ୩ ॥

**ସୁନୁ ସୁତ ଭୟଉ କାଲବସ ରାୱନ । ସୋ କି ମାନ ଅବ ପରମ ସିଖାୱନ ॥**
**ଧନ୍ୟ ଧନ୍ୟ ତୈଁ ଧନ୍ୟ ବିଭୀଷନ । ଭୟହୁ ତାତ ନିସିଚର କୁଲ ଭୂଷନ ॥ ୪ ॥**

କୁମ୍ଭକର୍ଣ୍ଣ କହିଲା, ''ଆରେ ବାବୁ ! ଶୁଣ, ରାବଣ ତ କାଳବଶ ହୋଇଗଲାଣି, ସେ କ'ଣ ଏବେ ସଦୁପଦେଶ ଶୁଣିବ ? ବିଭୀଷଣ ! ତୁ ସତରେ ଧନ୍ୟ । ତୁ ରାକ୍ଷସକୁଳର ଭୂଷଣ ହୋଇଗଲୁ ॥ ୪ ॥

**ବଂଧୁ ବଂସ ତୈଁ କୀହ୍ନ ଉଜାଗର । ଭଜେହୁ ରାମ ସୋଭା ସୁଖ ସାଗର ॥ ୫ ॥**

ଭାଇରେ ! ତୁ ଶୋଭା ଓ ସୁଖର ସାଗର ଶ୍ରୀରାମଙ୍କୁ ଭଜି ତୋ କୁଳକୁ ଉଜ୍ଜ୍ୱଳ କରିଦେଲୁ ॥ ୫ ॥

ଦୋ:- **ବଚନ କର୍ମ ମନ କପଟ ତଜି ଭଜେହୁ ରାମ ରନଧୀର ।**
**ଜାହୁ ନ ନିଜ ପର ସୂଝ ମୋହି ଭୟଉଁ କାଲବସ ବୀର ॥ ୬୪ ॥**

ମନ, ବଚନ ଓ କର୍ମରେ କପଟ ଛାଡ଼ିଦେଇ ରଣଧୀର ଶ୍ରୀରାମଙ୍କୁ ଭଜନ କର । ରେ ଭାଇ ! ମୋର କାଳ ପାଖେଇ ଆସିଲାଣି; ମୁଁ ଆଉ ନିଜ-ପର କିଛି ବାରିପାରୁନାହିଁ । ତେଣୁ ତୁ ଏବେ ଯାଆ ।'' ॥ ୬୪ ॥

**ବଂଧୁ ବଚନ ସୁନି ଚଲା ବିଭୀଷନ । ଆୟଉ ଜହଁ ତ୍ରୈଲୋକ ବିଭୂଷନ ॥**
**ନାଥ ଭୂଧରାକାର ସରୀରା । କୁଂଭକରନ ଆୱତ ରନଧୀରା ॥ ୧ ॥**

ଭାଇଙ୍କ ବଚନ ଶୁଣି ବିଭୀଷଣ ତ୍ରିଲୋକର ଭୂଷଣ ଶ୍ରୀରାମଙ୍କ ନିକଟକୁ ଫେରିଯାଇ କହିଲେ, ''ହେ ନାଥ ! ଦେଖନ୍ତୁ, ପର୍ବତସମାନ ବିଶାଳକାୟ କୁମ୍ଭକର୍ଣ୍ଣ ଆସୁଛନ୍ତି ।'' ॥ ୧ ॥

**ଏତନା କପିନ୍ହ ସୁନା ଜବ କାନା । କିଲକିଲାଇ ଧାଏ ବଲୱାନା ॥**
**ଲିଏ ଉଠାଇ ବିଟପ ଅରୁ ଭୂଧର । କଟକଟାଇ ଡାରହିଁ ତା ଉପର ॥ ୨ ॥**

ଏତିକି ଶୁଣୁ ଶୁଣୁ ବଳବାନ୍ ବାନରମାନେ ହର୍ଷଧ୍ୱନି କରି ଧାଇଁଗଲେ । ସେମାନେ ବୃକ୍ଷ ଓ ପର୍ବତ ଉପାଡ଼ି ନେଇ, କ୍ରୋଧରେ ଦାନ୍ତ କଡ଼ମଡ଼ କରି କୁମ୍ଭକର୍ଣ୍ଣ ଉପରକୁ ପ୍ରହାର କଲେ ॥ ୨ ॥

**କୋଟି କୋଟି ଗିରି ସିଖର ପ୍ରହାରା । କରହିଁ ଭାଲୁ କପି ଏକ ଏକ ବାରା ॥**
**ମୁର୍‌ୟୋ ନ ମନୁ ତନୁ ଟର୍‌ୟୋ ନ ଟାର୍‌ୟୋ । ଜିମି ଗଜ ଅର୍କ ଫଲନି କୋ ମାର୍‌ୟୋ ॥ ୩ ॥**

ଭାଲୁ ଓ ବାନରମାନେ ଏକା ଏକାଥରକେ ତା'ଉପରେ କୋଟି କୋଟି ସଂଖ୍ୟାରେ ପର୍ବତଶିଖର ପ୍ରହାର କଲେ । କିନ୍ତୁ ସେସବୁ ହାତୀ ଉପରେ ଅରଖଫଳ ମାଡ଼ ହେବାପରି ବ୍ୟର୍ଥ ହୋଇଗଲେ । କୁମ୍ଭକର୍ଣ୍ଣର ଶରୀର ଟିକିଏ ବି ହଲିଲା ନାହିଁ କିମ୍ବା ତା' ମନ ମଧ୍ୟ ବିଚଳିତ ହେଲା ନାହିଁ ॥ ୩ ॥

**ତବ ମାରୁତସୁତ ମୁଠିକା ହନ୍ୟୋ । ପର୍‌ୟୋ ଧରନି ବ୍ୟାକୁଲ ସିର ଧୁନ୍ୟୋ ॥**
**ପୁନି ଉଠି ତେହିଁ ମାରେଉ ହନୁମଂତା । ଘୁର୍ମିତ ଭୂତଲ ପରେଉ ତୁରଂତା ॥ ୪ ॥**

ଏହା ଦେଖି ହନୁମାନ୍ ତାକୁ ଗୋଟାଏ ମୁଥ ମାରିଦେଲେ । ସେହି ମାଡ଼ରେ ସେ ବିକଳ ହୋଇ ତଳେ ପଡ଼ିଗଲା ଓ ମୁଣ୍ଡ ପିଟିବାକୁ ଲାଗିଲା । ପରେ ପରେ ସେ ଉଠିପଡ଼ି ହନୁମାନଙ୍କୁ ମାରିଲା । ତା'ମାଡ଼ରେ ହନୁମାନ୍ ସଙ୍ଗେ ସଙ୍ଗେ ଚକ୍କର ଖାଇ ତଳେ ପଡ଼ିଗଲେ ॥ ୪ ॥

**ପୁନି ନଲ ନୀଲହି ଅୱନି ପଛାରେସି । ଜହଁ ତହଁ ପଟକି ପଟକି ଭଟ ଡାରେସି ॥**
**ଚଲୀ ବଲୀମୁଖ ସେନ ପରାଈ । ଅତି ଭୟ ତ୍ରସିତ ନ କୋଉ ସମୁହାଈ ॥ ୫ ॥**

ତା'ପରେ ସେ ନଳନୀଳଙ୍କୁ ତଳେ କଚାଡ଼ିଦେଲା ଏବଂ ଅନ୍ୟ ବୀରମାନଙ୍କୁ ବି ଯେଉଁଠି ପାଇଲା, ସେଇଠି କଚାଡ଼ି କଚାଡ଼ି ତଳେ ଗଡ଼ାଇଦେଲା । ବାନରସେନା ଛତ୍ରଭଙ୍ଗ ଦେଲା । ସମସ୍ତେ ଅତ୍ୟନ୍ତ ଭୟଭୀତ ହୋଇଗଲେ; କେହି ତା'ପାଖରେ ପଶିପାରିଲେ ନାହିଁ ॥ ୫ ॥

ଦୋଃ- **ଅଂଗଦାଦି କପି ମୁରୁଛିତ କରି ସମେତ ସୁଗ୍ରୀୱ ।**
**କାଁଖ ଦାବି କପିରାଜ କହୁଁ ଚଲା ଅମିତ ବଲ ସୀଁୱ ॥ ୬୫ ॥**

ଅପରିମିତ ବଳଶାଳୀ କୁମ୍ଭକର୍ଣ୍ଣ ସୁଗ୍ରୀବସମେତ ଅଙ୍ଗଦାଦି ବୀରମାନଙ୍କୁ ମୂର୍ଚ୍ଛିତ କରିଦେଇ, ବାନରରାଜ ସୁଗ୍ରୀବଙ୍କୁ କାଖରେ ଜାକି ଚାଲିଲା ॥ ୬୫ ॥

**ଉମା କରତ ରଘୁପତି ନରଲୀଲା । ଖେଲ ଗରୁଡ଼ ଜିମି ଅହିଗନ ମୀଲା ॥**
**ଭୃକୁଟି ଭଂଗ ଜୋ କାଲହିଁ ଖାଈ । ତାହି କି ସୋହଇ ଐସି ଲରାଈ ॥ ୧ ॥**

[ଶିବ କହିଲେ,] ହେ ଉମା ! ଗରୁଡ଼ ଯେପରି ସାପମେଳରେ ପଶି ଖେଳେ, ଶ୍ରୀରଘୁନାଥ ସେହିପରି ନରଲୀଳା କରୁଥାନ୍ତି । ଯେ ଭ୍ରୂଭଙ୍ଗୀମାତ୍ରକେ (ଅନାୟାସରେ) କାଳକୁ ସୁଦ୍ଧା କବଳିତ କରିପାରନ୍ତି, ତାଙ୍କ ପକ୍ଷରେ ଏପରି ଯୁଦ୍ଧରେ ଭାଗ ନେବା କ'ଣ ଶୋଭା ପାଏ ? ॥ ୧ ॥

**ଜଗ ପାୱନି କୀରତି ବିସ୍ତରିହହିଁ । ଗାଇ ଗାଇ ଭୱନିଧି ନର ତରିହହିଁ ॥**
**ମୁରୁଛା ଗଇ ମାରୁତସୁତ ଜାଗା । ସୁଗ୍ରୀୱହି ତବ ଖୋଜନ ଲାଗା ॥ ୨ ॥**

ଏହାଦ୍ୱାରା ଭଗବାନ୍ କେବଳ ସେହି ଜଗତ୍‌ପାବନ କୀର୍ତ୍ତି ବିସ୍ତାର କରୁଥାନ୍ତି, ଯାହା ଗାନ କରି କରି

ମନୁଷ୍ୟ ଭବସାଗରରୁ ତରିଯିବ । ଏତିକିବେଳେ ମୂର୍ଚ୍ଛା ଯାଇଥିବା ମାରୁତି ଚେତା ପାଇ ଉଠିଲେ ଏବଂ ସୁଗ୍ରୀବଙ୍କୁ ଖୋଜିଲେ ॥ ୨ ॥

**ସୁଗ୍ରୀୱହୁ କୈ ମୁରୁଛା ବୀତୀ । ନିବୁକି ଗୟଉ ତେହି ମୃତକ ପ୍ରତୀତୀ ॥**
**କାଟେସି ଦସନ ନାସିକା କାନା । ଗରଜି ଅକାସ ଚଲେଉ ତେହିଁ ଜାନା ॥ ୩ ॥**

ତେଣେ ସୁଗ୍ରୀବଙ୍କର ମୂର୍ଚ୍ଛା ଭାଙ୍ଗିଗଲା । ସେ ମଲାପରି ହୋଇ କୁମ୍ଭକର୍ଣ୍ଣ କାଖରୁ ତଳକୁ ଖସିପଡ଼ିଲେ । କୁମ୍ଭକର୍ଣ୍ଣ ଭାବିଲା, ସେ ମରିଗଲେଣି । କିନ୍ତୁ ସୁଗ୍ରୀବ ତଳୁ ଉଠିପଡ଼ି ତାକୁ ଦାନ୍ତରେ କାମୁଡ଼ି, ତା'ର ନାକକାନ ଛିଣ୍ଡାଇଦେଲେ ଓ ଗର୍ଜନ କରି ଆକାଶକୁ ଡେଇଁପଡ଼ିଲେ । ସେତେବେଳେ ଯାଇ କୁମ୍ଭକର୍ଣ୍ଣ ଜାଣିପାରିଲା ଯେ, ସୁଗ୍ରୀବ ମରିନାହାନ୍ତି ॥ ୩ ॥

**ଗହେଉ ଚରନ ଗହି ଭୂମି ପଛାରା । ଅତି ଲାଘୱଁ ଉଠି ପୁନି ତେହି ମାରା ॥**
**ପୁନି ଆୟଉ ପ୍ରଭୁ ପହିଁ ବଲୱାନା । ଜୟତି ଜୟତି ଜୟ କୃପାନିଧାନା ॥ ୪ ॥**

ତେଣୁ ସେ ସୁଗ୍ରୀବଙ୍କ ଗୋଡ଼କୁ ଧରିପକାଇ ତାଙ୍କୁ ଭୂଇଁରେ କଚାଡ଼ିଦେଲା । କିନ୍ତୁ ବଳବାନ୍ ସୁଗ୍ରୀବ ଅବିଳମ୍ବେ ଉଠିପଡ଼ି ତାକୁ ପ୍ରହାର କଲେ ଏବଂ ପ୍ରଭୁଙ୍କ ପାଖକୁ ପଳାଇଆସି କହିଲେ, ''କୃପାନିଧାନ ପ୍ରଭୁଙ୍କର ଜୟ ହେଉ ।'' ॥ ୪ ॥

**ନାକ କାନ କାଟେ ଜିୟଁ ଜାନୀ । ଫିରା କ୍ରୋଧ କରି ଭଇ ମନ ଗ୍ଲାନୀ ॥**
**ସହଜ ଭୀମ ପୁନି ବିନୁ ଶ୍ରୁତି ନାସା । ଦେଖତ କପି ଦଲ ଉପଜୀ ତ୍ରାସା ॥ ୫ ॥**

ନାକ-କାନ କଟିଯିବା ଜାଣି କୁମ୍ଭକର୍ଣ୍ଣର ମନରେ ବିଶେଷ ଗ୍ଲାନି ଜାତ ହେଲା । ତେଣୁ ସେ ଅତ୍ୟନ୍ତ କ୍ରୋଧରେ ପୁଣିଥରେ ମାଡ଼ିଆସିଲା । ତା ଆକୃତିଟା ତ ସହଜେ ଭୟଙ୍କର, ପୁଣି ନାକକାନ ନ ରହିବାରୁ ସେ ଅଧିକ ଭୟଙ୍କର ଦିଶିଲା । ତାକୁ ଦେଖି ବାନରସେନା ଆହୁରି ଆତଙ୍କିତ ହୋଇଗଲା ॥ ୫ ॥

ଦୋଃ- **ଜୟ ଜୟ ଜୟ ରଘୁବଂସ ମନି ଧାଏ କପି ଦୈ ହୂହ ।**
**ଏକହି ବାର ତାସୁ ପର ଛାଡ଼େହ୍ନି ଗିରି ତରୁ ଜୂହ ॥ ୬୬ ॥**

'ରଘୁବଂଶମଣିଙ୍କର ଜୟ !' ବୋଲି ବାରମ୍ବାର ଧ୍ୱନି ଦେଇ ବାନରମାନେ ହୁଙ୍କାର କରି ଧାଇଁଆସିଲେ ଏବଂ ସମସ୍ତେ ମିଶି ଏକସଙ୍ଗେ କୁମ୍ଭକର୍ଣ୍ଣ ଉପରକୁ ପାହାଡ଼, ପଥର ଓ ବଡ଼ ବଡ଼ ଗଛମାନ ମାଡ଼ କଲେ ॥ ୬୬ ॥

**କୁଂଭକରନ ରନ ରଂଗ ବିରୁଦ୍ଧା । ସନ୍ମୁଖ ଚଲା କାଲ ଜନୁ କ୍ରୁଦ୍ଧା ॥**
**କୋଟି କୋଟି କପି ଧରି ଧରି ଖାଈ । ଜନୁ ଟୀଡ଼ୀ ଗିରି ଗୁହାଁ ସମାଈ ॥ ୧ ॥**

କିନ୍ତୁ ରଣରଙ୍ଗରେ ଉତ୍ସାହିତ କୁମ୍ଭକର୍ଣ୍ଣ ସେମାନଙ୍କୁ ଆକ୍ରମଣ କରିବାକୁ ଏପରି ମାଡ଼ିଆସିଲା ଯେ, ଲାଗିଲା, ସତେ ଯେପରି କାଳହିଁ କ୍ରୋଧିତ ହୋଇ ମାଡ଼ିଆସୁଛି । ସେ ଏକାବେଳକେ କୋଟି କୋଟି ବାନରଙ୍କୁ ଧରି ଗିଳିଦେଲା । ପଙ୍ଗପାଳ ଦଳ ପର୍ବତଗୁମ୍ଫାରେ ପଶିଯିବାପରି ସେମାନେ ତା' ପାଟିଭିତରେ ପଶିଗଲେ ॥ ୧ ॥

**କୋଟିହ୍ନ ଗହି ସରୀର ସନ ମର୍ଦା । କୋଟିହ୍ନ ମୀଜି ମିଲୱ ମହି ଗର୍ଦା ॥**
**ମୁଖ ନାସା ଶ୍ରୱନହ୍ନି କୀଁ ବାଟା । ନିସରି ପରାହିଁ ଭାଲୁ କପି ଠାଟା ॥ ୨ ॥**

ସେ କୋଟି କୋଟି ବାନରଙ୍କୁ ଧରି ନିଜ ଦେହରେ ରଗଡ଼ି ଦେଉଥାଏ ଏବଂ କୋଟିକୋଟିଙ୍କୁ ଧରି, ହାତରେ ଦଳି ମାଟିରେ ମିଶାଇଦେଉଥାଏ । ତା ପେଟଭିତରୁ ଭାଲୁ ଓ ବାନରମାନେ ପଲ ପଲ ହୋଇ ତା' ପାଟି, ନାକ ଓ କାନ ବାଟଦେଇ ବାହାରି ପଳାଇଯାଉଥାନ୍ତି ॥ ୨ ॥

**ରନ ମଦ ମତ୍ତ ନିସାଚର ଦର୍ପା । ବିସ୍ୱ ଗ୍ରସିହି ଜନୁ ଏହି ବିଧି ଅର୍ପା ॥**
**ମୁରେ ସୁଭଟ ସବ ଫିରହିଁ ନ ଫେରେ । ସୂଝ ନ ନୟନ ସୁନହିଁ ନହିଁ ଟେରେ ॥ ୩ ॥**

ରଣମଦମତ୍ତ ରାକ୍ଷସ ଏପରି ଦର୍ପ ଦେଖାଇଲା ଯେ, ମନେ ହେଲା, ସତେ ଯେପରି ସେ ଗ୍ରାସ କରୁ ବୋଲି ବିଧାତା ତାକୁ ସାରା ବିଶ୍ୱଟା ଅର୍ପଣ କରିଦେଇଛି । ସବୁ ଯୋଦ୍ଧା ପଳାୟନ କଲେ । ସେମାନଙ୍କୁ ଯୁଦ୍ଧକୁ ପଠାଇଲେ ବି ଗଲେ ନାହିଁ । ସେମାନଙ୍କ ଆଖିକୁ କିଛି ଦିଶୁ ନ ଥାଏ କି, ଡାକିଲେ ବି ଶୁଭୁ ନ ଥାଏ ॥ ୩ ॥

**କୁଂଭକରନ କପି ଫୌଜ ବିଡାରୀ । ସୁନି ଧାଈ ରଜନୀଚର ଧାରୀ ॥**
**ଦେଖୀ ରାମ ବିକଲ କଟକାଈ । ରିପୁ ଅନୀକ ନାନା ବିଧି ଆଈ ॥ ୪ ॥**

କୁମ୍ଭକର୍ଣ୍ଣ ବାନରସେନାକୁ ଇତସ୍ତତଃ କରିଦେଲା । ଏହା ଶୁଣି ରାକ୍ଷସସେନା ବି ମାଡ଼ିଆସିଲେ । ଶ୍ରୀରାମ ଦେଖିଲେ, ନିଜ ସେନା ବ୍ୟାକୁଳ ହୋଇପଡ଼ିଲାଣି ଏବଂ ଶତ୍ରୁର ବିଭିନ୍ନପ୍ରକାର ସୈନ୍ୟ ମଧ୍ୟ ଆସିଗଲେଣି ॥ ୪ ॥

ଦୋଃ- **ସୁନୁ ସୁଗ୍ରୀୱ ବିଭୀଷନ ଅନୁଜ ସଁଭାରେହୁ ସୈନ ।**
**ମୈଁ ଦେଖଉଁ ଖଲ ବଲ ଦଲହି ବୋଲେ ରାଜିୱନୈନ ॥ ୬୭ ॥**

ଏଣୁ କମଳନୟନ ଶ୍ରୀରାମ କହିଲେ, ''ହେ ସୁଗ୍ରୀବ ! ହେ ବିଭୀଷଣ ! ରେ ଲକ୍ଷ୍ମଣ ! ତୁମେମାନେ ଯାଇ ସେନାକୁ ସମ୍ଭାଳ । ମୁଁ ଏହି ଦୁଷ୍ଟର ଶକ୍ତି ଓ ସେନାକୁ ଦେଖିନେଉଛି ।'' ॥ ୬୭ ॥

**କର ସାରଂଗ ସାଜି କଟି ଭାଥା । ଅରି ଦଲ ଦଲନ ଚଲେ ରଘୁନାଥା ॥**
**ପ୍ରଥମ କୀହ୍ନି ପ୍ରଭୁ ଧନୁଷ ଟଁକୋରା । ରିପୁଦଲ ବଧିର ଭୟଉ ସୁନି ସୋରା ॥ ୧ ॥**

ହାତରେ ଶାର୍ଙ୍ଗଧନୁ ଧରି ଓ କଟିରେ ତୂଣୀର ବାନ୍ଧି ଶ୍ରୀରଘୁନାଥ ଶତ୍ରୁସେନାକୁ ଦମନ କରିବାକୁ ଚାଲିଲେ । ପ୍ରଥମେ ପ୍ରଭୁ ଧନୁରେ ଏପରି ଟଙ୍କାର କଲେ ଯେ, କେବଳ ସେହି ଶବ୍ଦ ଶୁଣୁ ଶୁଣୁ ଶତ୍ରୁଦଳ ବଧିର ହୋଇଗଲା ॥ ୧ ॥

**ସତ୍ୟସଂଧ ଛାଁଡ଼େ ସର ଲଚ୍ଛା । କାଲସର୍ପ ଜନୁ ଚଲେ ସପଚ୍ଛା ॥**
**ଜହଁ ତହଁ ଚଲେ ବିପୁଲ ନାରାଚା । ଲଗେ କଟନ ଭଟ ବିକଟ ପିସାଚା ॥ ୨ ॥**

ପୁଣି ସତ୍ୟପ୍ରତିଜ୍ଞ ଶ୍ରୀରାମ ଏକଲକ୍ଷ ବାଣ ମାରିଲେ । ସେସବୁ ବାଣ ପକ୍ଷଧାରୀ କାଳସର୍ପ ପରି ଛୁଟିଗଲେ । ଚାରିଆଡୁ ବହୁସଂଖ୍ୟକ ବାଣ ବୃଷ୍ଟି ହେଲା ଏବଂ ବାଣ ଆଘାତରେ ଭୟଙ୍କର ରାକ୍ଷସଯୋଦ୍ଧାମାନଙ୍କ ଶରୀର ବି ଖଣ୍ଡବିଖଣ୍ଡ ହୋଇଗଲା ॥ ୨ ॥

**କଟହିଁ ଚରନ ଉର ସିର ଭୁଜଦଂଡା । ବହୁତକ ବୀର ହୋହିଁ ସତ ଖଂଡା ॥**
**ଘୁର୍ମି ଘୁର୍ମି ଘାୟଲ ମହି ପରହୀଁ । ଉଠି ସଂଭାରି ସୁଭଟ ପୁନି ଲରହୀଁ ॥ ୩ ॥**

ସେମାନଙ୍କ ଗୋଡ଼, ହାତ, ଗଣ୍ଡି ଓ ମୁଣ୍ଡ କଟିଗଲା । ବହୁ ବୀରଙ୍କ ଶରୀର ଶହ ଶହ ଖଣ୍ଡ ହୋଇଗଲା । କ୍ଷତବିକ୍ଷତ ହୋଇଯାଉଥିବା ବୀରମାନେ ଚକ୍କର ଖାଇ ତଳେ ପଡ଼ିଯାଉଥାନ୍ତି । ଭଲ ଭଲ ଯୋଦ୍ଧାମାନେ ତଳେ ପଡ଼ି, ନିଜକୁ ସମ୍ଭାଳି, ପୁଣିଥରେ ଉଠି ଯୁଦ୍ଧ କରୁଥାନ୍ତି ॥ ୩ ॥

**ଲାଗତ ବାନ ଜଲଦ ଜିମି ଗାଜହିଁ । ବହୁତକ ଦେଖି କଠିନ ସର ଭାଜହିଁ ॥**
**ରୁଂଡ ପ୍ରଚଂଡ ମୁଂଡ ବିନୁ ଧାୱହିଁ । ଧରୁ ଧରୁ ମାରୁ ମାରୁ ଧୁନି ଗାୱହିଁ ॥ ୪ ॥**

ବାଣ ବାଜିବାକ୍ଷଣି ସେମାନେ ମେଘ ପରି ଗର୍ଜନ କରୁଥାନ୍ତି । ବହୁ ଯୋଦ୍ଧା ତ ତୀକ୍ଷ୍ଣ ବାଣ ଦେଖିବାମାତ୍ରେ ପଳାୟନ କରୁଥାନ୍ତି । ମୁଣ୍ଡ ନ ଥିବା ପ୍ରଚଣ୍ଡ ଗଣ୍ଡିସବୁ ଦୌଡ଼ୁଥାନ୍ତି ଏବଂ ମୁଣ୍ଡଗୁଡ଼ାକ 'ଧର ! ଧର !', 'ମାର ! ମାର !' ବୋଲି ରଡ଼ି କରୁଥାନ୍ତି ॥ ୪ ॥

ଦୋ:- **ଛନ ମହୁଁ ପ୍ରଭୁକେ ସାୟକହ୍ନି କାଟେ ବିକଟ ପିସାଚ ।**
**ପୁନି ରଘୁବୀର ନିଷଂଗ ମହୁଁ ପ୍ରବିସେ ସବ ନାରାଚ ॥ ୬୮ ॥**

ପ୍ରଭୁଙ୍କ ଶରସବୁ କ୍ଷଣକ ମଧ୍ୟରେ ଭୟାନକ ରାକ୍ଷସମାନଙ୍କୁ କାଟି ରଣକ୍ଷେତ୍ରରେ ଗଦାଇଦେଲେ ଏବଂ ଫେରିଆସି ଶ୍ରୀରଘୁନାଥଙ୍କ ତୂଣୀରରେ ପଶିଗଲେ ॥ ୬୮ ॥

**କୁଂଭକରନ ମନ ଦୀଖ ବିଚାରୀ । ହତି ଛନ ମାଝ ନିସାଚର ଧାରୀ ॥**
**ଭା ଅତି କ୍ରୁଦ୍ଧ ମହାବଲ ବୀରା । କିୟୋ ମୃଗନାୟକ ନାଦ ଗଁଭୀରା ॥ ୧ ॥**

କୁମ୍ଭକର୍ଣ୍ଣ ଦେଖିଲା, ରଣକ୍ଷେତ୍ରରେ ରାକ୍ଷସସେନାକୁ ଶ୍ରୀରାମ କ୍ଷଣକମଧ୍ୟରେ ସଂହାର କରିଦେଲେ । ତେଣୁ ସେହି ମହାବଳୀ ବୀର କ୍ରୋଧିତ ହୋଇ ସିଂହ ପରି ଗର୍ଜନ କଲା ॥ ୧ ॥

**କୋପି ମହୀଧର ଲେଇ ଉପାରୀ । ଡାରଇ ଜହଁ ମର୍କଟ ଭଟ ଭାରୀ ॥**
**ଆୱତ ଦେଖି ସୈଲ ପ୍ରଭୁ ଭାରେ । ସରହ୍ନି କାଟି ରଜ ସମ କରି ଡାରେ ॥ ୨ ॥**

ସେ କ୍ରୋଧରେ ପର୍ବତମାନ ଉପାଡ଼ିନେଇ ଯେଉଁଠି ବଡ଼ ବଡ଼ ବୀର ବାନରଯୋଦ୍ଧାମାନେ ଥାଆନ୍ତି, ସେଠାକୁ ଫୋପାଡ଼ିଲା । ବଡ଼ ବଡ଼ ପର୍ବତ ଆସୁଥିବା ଦେଖି, ପ୍ରଭୁ ଶର ନିକ୍ଷେପ କରି ସେଗୁଡ଼ାକୁ ଧୂଳିସାତ୍ କରିଦେଲେ ॥ ୨ ॥

**ପୁନି ଧନୁ ତାନି କୋପି ରଘୁନାୟକ । ଛାଁଡ଼େ ଅତି କରାଲ ବହୁ ସାୟକ ॥**
**ତନୁ ମହୁଁ ପ୍ରବିସି ନିସରି ସର ଜାହାଁ । ଜିମି ଦାମିନି ଘନ ମାଝ ସମାହାଁ ॥ ୩ ॥**

ଶ୍ରୀରଘୁନାଥ ପୁଣି ଥରେ ଧନୁ ଆକର୍ଷଣ କରି ଅତ୍ୟନ୍ତ ଭୟାନକ ଶରମାନ ଛାଡ଼ିବାକୁ ଲାଗିଲେ । ସେହିସବୁ ଶର ମେଘ ଦେହରେ ବିଜୁଳି ଲୀନ ହୋଇଗଲାପରି କୁମ୍ଭକର୍ଣ୍ଣ ଦେହରେ ପଶି ତା'ପିଠିପଟେ ବାହାରିଯାଉଥାଏ ॥ ୩ ॥

**ସୋନିତ ସ୍ରୱତ ସୋହ ତନ କାରେ । ଜନୁ କଜ୍ଜଲ ଗିରି ଗେରୁ ପନାରେ ॥**
**ବିକଲ ବିଲୋକି ଭାଲୁ କପି ଧାଏ । ବିହଁସା ଜବହିଁ ନିକଟ କପି ଆଏ ॥ ୪ ॥**

ତା'ର କଳା ମଚମଚ ଦେହରୁ ରକ୍ତଧାରମାନ ବହିଗ୍ଲିଥାଏ; ଦିଶୁଥାଏ, ସତେ ଯେପରି କଜ୍ଜଳ ପର୍ବତରୁ ଗେରୁପାଣିର ସ୍ରୋତ ବହିଗ୍ଲିଛି । ତାକୁ ଆହତ ଅବସ୍ଥାରେ ଦେଖି ଭାଲୁ ଓ ବାନରମାନେ ତା' ଉପରକୁ ଝପଟିଗଲେ । କିନ୍ତୁ ସେମାନେ ପାଖକୁ ଆସିଯିବାରୁ ସେ ଠୋ ଠୋ ହୋଇ ହସିଉଠିଲା, ॥ ୪ ॥

ଦୋ:- **ମହାନାଦ କରି ଗର୍ଜା କୋଟି କୋଟି ଗହି କୀସ ।**
**ମହି ପଟକଇ ଗଜରାଜ ଇୱ ସପଥ କରଇ ଦସସୀସ ॥ ୬୯ ॥**

ଏବଂ ଘୋର ନାଦରେ ଗର୍ଜନ କରି କରି, କୋଟି କୋଟି ବାନରଙ୍କୁ ଧରି ମତ୍ତହସ୍ତୀ ପରି ଭୂଇଁରେ କଚାଡ଼ିଦେଲା ଏବଂ ରାବଣର ଜୟଧ୍ୱନି କରିବାକୁ ଲାଗିଲା ॥ ୬୯ ॥

**ଭାଗେ ଭାଲୁ ବଲୀମୁଖ ଜୂଥା । ବୃକୁ ବିଲୋକି ଜିମି ମେଷ ବରୂଥା ॥**
**ଚଲେ ଭାଗି କପି ଭାଲୁ ଭଓ୍ୱାନୀ । ବିକଲ ପୁକାରତ ଆରତ ବାନୀ ॥ ୧ ॥**

ଏହା ଦେଖି ଭାଲୁ ଓ ବାନରଦଳ ହେଟାବାଘ ଦେଖି ମେଣ୍ଢାପଲ ଧାଇଁପଳାଇଲାପରି ପଳାଇଗଲେ । [ଶିବ କହିଲେ,] ହେ ଭବାନୀ ! ବାନର ଓ ଭାଲୁମାନେ ବିକଳ ହୋଇ, ଆର୍ତ୍ତସ୍ୱରରେ ଚିତ୍କାର କରି ପଳାୟନ କଲେ ॥ ୧ ॥

**ୟହ ନିସିଚର ଦୁକାଲ ସମ ଅହଈ । କପିକୁଲ ଦେସ ପରନ ଅବ ଚହଈ ॥**
**କୃପା ବାରିଧର ରାମ ଖରାରୀ । ପାହି ପାହି ପ୍ରନତାରତି ହାରୀ ॥ ୨ ॥**

ସେମାନେ କହିବାକୁ ଲାଗିଲେ, "ଏହି ରାକ୍ଷସଟା ବାନରକୁଳରୂପୀ ଦେଶକୁ ଦୁର୍ଭିକ୍ଷ ପରି ମାଡ଼ିଆସୁଛି ! ହେ କୃପା-ଜଳଧର ଶ୍ରୀରାମ ! ହେ ଖରାରି ! ହେ ଶରଣାଗତଦୁଃଖହାରୀ ! ରକ୍ଷା କରନ୍ତୁ ! ରକ୍ଷା କରନ୍ତୁ !" ॥ ୨ ॥

**ସକରୁନ ବଚନ ସୁନତ ଭଗଓ୍ୱାନା । ଚଲେ ସୁଧାରି ସରାସନ ବାନା ॥**
**ରାମ ସେନ ନିଜ ପାଛେଁ ଘାଲୀ । ଚଲେ ସକୋପ ମହା ବଲସାଲୀ ॥ ୩ ॥**

ସେମାନଙ୍କର ଆର୍ତ୍ତନାଦ ଶୁଣିବାମାତ୍ରେ ଭଗବାନ୍ ଧନୁର୍ବାଣ ସଜାଇ ବାହାରିପଡ଼ିଲେ । ମହାବଳୀ ଶ୍ରୀରାମ ସେନାକୁ ପଛରେ ରଖି, କ୍ରୋଧଭରେ ହୋଇ ଏକାକୀ ଆଗେ ଆଗେ ଚାଲିଲେ ॥ ୩ ॥

**ଖୈଁଚି ଧନୁଷ ସର ସତ ସଂଧାନେ । ଛୁଟେ ତୀର ସରୀର ସମାନେ ॥**
**ଲାଗତ ସର ଧାଓ୍ୱା ରିସ ଭରା । କୁଧର ଡଗମଗତ ଡୋଲତି ଧରା ॥ ୪ ॥**

ସେ ଧନୁ ଆକର୍ଷଣ କରି ଶହେ ବାଣ ନିକ୍ଷେପ କଲେ । ବାଣସବୁ ଯାଇ କୁମ୍ଭକର୍ଣ୍ଣର ଶରୀରରେ ବିନ୍ଧିହୋଇଗଲା । ବାଣ ବାଜୁ ବାଜୁ ସେ କ୍ରୋଧାନ୍ୱିତ ହୋଇ ଶ୍ରୀରାମଙ୍କ ଆଡ଼କୁ ଧାଇଁଆସିଲା । ତା ପଦାଘାତରେ ପର୍ବତମାନେ ଦୋହଲିବାକୁ ଲାଗିଲେ ଓ ପୃଥିବୀ ଥରିବାକୁ ଲାଗିଲା ॥ ୪ ॥

**ଲୀନ୍ହ ଏକ ତେହିଁ ସୈଲ ଉପାଟୀ । ରଘୁକୁଲତିଲକ ଭୁଜା ସୋଇ କାଟୀ ॥**
**ଧାଓ୍ୱା ବାମ ବାହୁ ଗିରି ଧାରୀ । ପ୍ରଭୁ ସୋଉ ଭୁଜା କାଟି ମହି ପାରୀ ॥ ୫ ॥**

ସେ ଗୋଟିଏ ପର୍ବତ ଉପାଡ଼ିଆଣିଲା । ଏହା ଦେଖି ରଘୁକୁଳତିଳକ ପର୍ବତ ଧରିଥିବା ତା'ର ସେହି ହାତଟି କାଟିଦେଲେ । ତେଣୁ ସେ ପର୍ବତଟାକୁ ବାଆଁହାତରେ ଧରି ଧାଇଁଆସିଲା । ପ୍ରଭୁ ତା'ର ସେହି ହାତଟି ମଧ୍ୟ କାଟି ତଳେ ପକାଇଦେଲେ ॥ ୫ ॥

**କାଟେଁ ଭୁଜା ସୋହ ଖଲ କୈସା । ପଚ୍ଛହୀନ ମଂଦର ଗିରି ଜୈସା ॥**
**ଉଗ୍ର ବିଲୋକନି ପ୍ରଭୁହି ବିଲୋକା । ଗ୍ରସନ ଚହତ ମାନହୁଁ ତ୍ରୈଲୋକା ॥ ୬ ॥**

ହାତଦୁଇଟି କଟିଯିବାରୁ ସେ ଦୁଷ୍ଟ ପକ୍ଷହୀନ ମନ୍ଦରପର୍ବତ ପରି ଦେଖାଗଲା । ସେ ଉଗ୍ରଦୃଷ୍ଟିରେ ପ୍ରଭୁଙ୍କୁ ଚାହିଁଲା । ମନେ ହେଲା, ସେ ତିନିଲୋକକୁ ଗିଳିଦେବ ॥ ୬ ॥

ଦୋଃ- **କରି ଚିକ୍କାର ଘୋର ଅତି ଧାଓ୍ୱା ବଦନୁ ପସାରି ।**
**ଗଗନ ସିଦ୍ଧ ସୁର ତ୍ରାସିତ ହା ହା ହେତି ପୁକାରି ॥ ୭୦ ॥**

ସେ ଅତି ଭୀଷଣଭାବରେ ଗର୍ଜନ କରି କରି, ଆଁ କରି ମାଡ଼ିଆସିଲା । ଆକଶରେ ସିଦ୍ଧଗଣ ଓ ଦେବଗଣ ଭୟଭୀତ ହୋଇ ହାହାକାର କରିବାକୁ ଲାଗିଲେ ॥ ୭୦ ॥

**ସଭୟ ଦେଖି କରୁନାନିଧି ଜାନ୍ୟୋ । ଶ୍ରବନ ପ୍ରଜଂତ ସରାସନୁ ତାନ୍ୟୋ ॥**
**ବିସିଖ ନିକର ନିସିଚର ମୁଖ ଭରେଉ । ତଦପି ମହାବଲ ଭୂମି ନ ପରେଉ ॥ ୧ ॥**

କରୁଣାନିଧାନ ଜାଣିଗଲେ ଯେ, ଦେବଗଣ ଭୟଭୀତ ହୋଇଗଲେଣି । ତେଣୁ ସେ ଧନୁକୁ ଆକର୍ଣ୍ଣ ଆକର୍ଷଣ କରି ରାକ୍ଷସର ମୁଖ ଗହ୍ୱରକୁ ଶରପୂର୍ଣ୍ଣ କରିଦେଲେ । ଏହା ସତ୍ତ୍ୱେ ସେହି ମହାବଳୀ ତଳେ ପଡ଼ିଲା ନାହିଁ ॥ ୧ ॥

**ସରହ୍ନି ଭରା ମୁଖ ସନ୍ମୁଖ ଧାୱା । କାଲ ତ୍ରୋନ ସଜୀୱ ଜନୁ ଆୱା ॥**
**ତବ ପ୍ରଭୁ କୋପି ତୀବ୍ର ସର ଲୀହ୍ନା । ଧର ତେ ଭିନ୍ନ ତାସୁ ସିର କୀହ୍ନା ॥ ୨ ॥**

ପାଟିରେ ଶର ପୂର୍ଣ୍ଣ ହୋଇଥିବା ଅବସ୍ଥାରେ ସେ ପ୍ରଭୁଙ୍କ ଆଡ଼କୁ ମାଡ଼ିଆସିଲା । ଜଣାଯାଉଥାଏ, ସତେ ଯେପରି ଜୀବନ୍ତ ତୂଣୀରର ରୂପ ଧରି ସାକ୍ଷାତ୍ କାଳହିଁ ମାଡ଼ିଆସୁଛି । ତାହା ଦେଖି ପ୍ରଭୁ କ୍ରୋଧଭର ହୋଇଗଲେ ଏବଂ ଗୋଟିଏ ତୀକ୍ଷ୍ଣଶର ମାରି ତାର ମୁଣ୍ଡ ଗଣ୍ଡି ଅଲଗା କରିଦେଲେ ॥ ୨ ॥

**ସୋ ସିର ପରେଉ ଦସାନନ ଆଗେଁ । ବିକଲ ଭୟଉ ଜିମି ଫନି ମନି ତ୍ୟାଗେଁ ॥**
**ଧରନି ଧସଇ ଧର ଧାଓ ପ୍ରଚଂଡା । ତବ ପ୍ରଭୁ କାଟି କୀହ୍ନ ଦୁଇ ଖଂଡା ॥ ୩ ॥**

ତା'ର ସେହି ମୁଣ୍ଡଟା ଉଡ଼ି ଉଡ଼ି ଯାଇ ରାବଣ ଆଗରେ ପଡ଼ିଗଲା । ତାହା ଦେଖିଦେଇ ରାବଣ ମଣିହରା ସର୍ପ ପରି ବ୍ୟାକୁଳ ହୋଇଉଠିଲା । କୁମ୍ଭକର୍ଣ୍ଣର ପ୍ରଚଣ୍ଡ ଗଣ୍ଡିଟା ରଣକ୍ଷେତ୍ରରେ ଦୌଡ଼ିଲା (ଡେଇଁଲା), ଫଳରେ ଭୂସ୍ଖଳନ ଘଟିଗଲା । ତେଣୁ ପ୍ରଭୁ ତୀର ମାରି ତାହାକୁ ଦୁଇଖଣ୍ଡ କରିଦେଲେ ॥ ୩ ॥

**ପରେ ଭୂମି ଜିମି ନଭ ତେଁ ଭୂଧର । ହେଠ ଦାବି କପି ଭାଲୁ ନିସାଚର ॥**
**ତାସୁ ତେଜ ପ୍ରଭୁ ବଦନ ସମାନା । ସୁର ମୁନି ସବହିଁ ଅଚଂଭୱ ମାନା ॥ ୪ ॥**

ସେହି ଦୁଇଖଣ୍ଡ ଭୂଇଁ ଉପରେ ଏପରି ପଡ଼ିଗଲା ଯେ, ଜଣାଗଲା ସତେ ଯେପରି ଆକାଶରୁ ଦୁଇଟା ପାହାଡ଼ ଖସିପଡ଼ିଲା । ସେହି ଦୁଇଖଣ୍ଡ ଗଣ୍ଡିତଳେ ଅନେକ ବାନର, ଭଲ୍ଲୁକ ଓ ରାକ୍ଷସ ଚାପିହୋଇ ରହିଗଲେ । କୁମ୍ଭକର୍ଣ୍ଣର ତେଜ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଦେହରେ ଲୀନ ହୋଇଗଲା । ତାହା ଦେଖି କି ଦେବତା, କି ମୁନି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ ॥ ୪ ॥

**ସୁର ଦୁଂଦୁଭୀଁ ବଜାୱହିଁ ହରଷହିଁ । ଅସ୍ତୁତି କରହିଁ ସୁମନ ବହୁ ବରଷହିଁ ॥**
**କରି ବିନତୀ ସୁର ସକଲ ସିଧାଏ । ତେହି ସମୟ ଦେୱରିଷି ଆଏ ॥ ୫ ॥**

ଦେବତାମାନେ ଦୁନ୍ଦୁଭି ବଜାଇଲେ; ହର୍ଷିତ ହୋଇ ସ୍ତୁତି କରିବା ସହିତ ବହୁ ପୁଷ୍ପ ବୃଷ୍ଟି କଲେ । ବିନତି ଜଣାଇସାରି ସବୁ ଦେବତା ଫେରିଗଲେ । ସେତିକିବେଳେ ଦେବର୍ଷି ନାରଦ ଆସି ପହଞ୍ଚିଗଲେ ॥ ୫ ॥

**ଗଗନୋପରି ହରି ଗୁନ ଗନ ଗାଏ । ରୁଚିର ବୀରରସ ପ୍ରଭୁ ମନ ଭାଏ ॥**
**ବେଗି ହତହୁ ଖଲ କହି ମୁନି ଗଏ । ରାମ ସମର ମହି ସୋଭତ ଭଏ ॥ ୬ ॥**

ଆକାଶରେ ଥାଇ ସେ ପ୍ରଭୁଙ୍କର ବୀରରସପୂର୍ଣ୍ଣ ଗୁଣାବଳୀ ଗାନ କଲେ; ତାହା ପ୍ରଭୁଙ୍କୁ ବହୁତ ଭଲ ଲାଗିଲା । 'ଏଥର ଦୁଷ୍ଟ ରାବଣକୁ ଶୀଘ୍ର ନିଧନ କରନ୍ତୁ', ବୋଲି କହିଦେଇ ମୁନିବର ଚାଲିଗଲେ । ସେତେବେଳେ ପ୍ରଭୁ ଶ୍ରୀରାମ ରଣଭୂମିରେ ସୁଶୋଭିତ ହେଲେ ॥ ୬ ॥

ଛନ୍ଦ:- **ସଂଗ୍ରାମ ଭୂମି ବିରାଜ ରଘୁପତି ଅତୁଲ ବଲ କୋସଲ ଧନୀ ।**
**ଶ୍ରମ ବିଂଦୁ ମୁଖ ରାଜୀୱ ଲୋଚନ ଅରୁନ ତନ ସୋନିତ କନୀ ॥**
**ଭୁଜ ଜୁଗଲ ଫେରତ ସର ସରାସନ ଭାଲୁ କପି ଚହୁ ଦିସି ବନେ ।**
**କହ ଦାସ ତୁଲସୀ କହି ନ ସକ ଛବି ସେଷ ଜେହି ଆନନ ଘନେ ॥**

ଅତୁଳିତ ବଳଧାମ କୋଶଳପତି ଶ୍ରୀରଘୁନାଥ ରଣଭୂମିରେ ସୁଶୋଭିତ ହେଲେ । ମୁଖରେ ସ୍ୱେଦବିନ୍ଦୁ । କମଳତୁଲ୍ୟ ନେତ୍ର ଈଷତ୍ ଲାଲ ଦିଶୁଥାଏ । ଶରୀର ଉପରେ ରକ୍ତବିନ୍ଦୁର ଛଟା । ଦୁଇ ହାତରେ ଧନୁ ଓ ଶରକୁ ବୁଲାଉଥାନ୍ତି । ଚତୁର୍ଦ୍ଦିଗରେ ଭଲ୍ଲୁକ ଓ ବାନର ସୈନ୍ୟ ଶୋଭା ପାଉଥାନ୍ତି । ତୁଳସୀଦାସ କହୁଛନ୍ତି, ପ୍ରଭୁଙ୍କର ସେହି ସ୍ୱରୂପର ବର୍ଣ୍ଣନା [ସହସ୍ରମୁଖୀ] ଶେଷଦେବ ମଧ୍ୟ କରିପାରିବେ ନାହିଁ ।

ଦୋ:- **ନିସିଚର ଅଧମ ମଲାକର ତାହି ଦୀହ୍ନ ନିଜ ଧାମ ।**
**ଗିରିଜା ତେ ନର ମଂଦମତି ଜେ ନ ଭଜହିଁ ଶ୍ରୀରାମ ॥ ୭୧ ॥**

[ଶିବ କହିଲେ,] ହେ ଗିରିଜେ ! ନୀଚ ରାକ୍ଷସ ଓ ପାପର ଖଣି କୁମ୍ଭକର୍ଣ୍ଣକୁ ମଧ୍ୟ ପ୍ରଭୁ ଶ୍ରୀରାମ ନିଜର ପରମଧାମକୁ ପଠାଇଦେଲେ । ତେଣୁ ଯେଉଁମାନେ ଶ୍ରୀରାମଙ୍କୁ ଭଜନ କରୁନାହାନ୍ତି, ସେମାନେ ନିଶ୍ଚୟ ମନ୍ଦମତି ॥ ୭୧॥

**ଦିନ କେଁ ଅଂତ ଫିରୀଁ ଦ୍ୱୌ ଅନୀ । ସମର ଭଈ ସୁଭଟହ୍ନ ଶ୍ରମ ଘନୀ ॥**
**ରାମ କୃପାଁ କପି ଦଲ ବଲ ବାଢ଼ା । ଜିମି ତୃନ ପାଇ ଲାଗ ଅତି ଡାଢ଼ା ॥ ୧ ॥**

ଦିନ ଯାଇ ରାତି ଆସିଯିବାରୁ ଉଭୟପକ୍ଷର ସେନା ଫେରିଗଲେ । ସେଦିନ ଯୁଦ୍ଧରେ ଯୋଦ୍ଧାମାନେ କ୍ଲାନ୍ତ ହୋଇପଡ଼ିଥିଲେ; କିନ୍ତୁ ଶୁଷ୍କତୃଣ ପାଇ ଅଗ୍ନି ପ୍ରଜ୍ୱଳିତ ହେବାପରି ଶ୍ରୀରାମଙ୍କ କୃପାରୁ ବାନରସେନାର ବଳ ବଢ଼ିଗଲା ॥ ୧ ॥

**ଛୀଜହିଁ ନିସିଚର ଦିନୁ ଅରୁ ରାତୀ । ନିଜ ମୁଖ କହେଁ ସୁକୃତ ଜେହି ଭାଁତୀ ॥**
**ବହୁ ବିଲାପ ଦସକଂଧର କରଈ । ବଂଧୁ ସୀସ ପୁନି ପୁନି ଉର ଧରଈ ॥ ୨ ॥**

ଅପରପକ୍ଷରେ ନିଜ ମୁଖରେ କହିହେଲେ ଯେପରି ପୁଣ୍ୟ କ୍ଷୟ ହୋଇଯାଏ, ରାକ୍ଷସମାନଙ୍କର ବଳ ସେହିପରି ଦିନରାତି କ୍ଷୟ ହେବାକୁ ଲାଗିଲା । ରାବଣ ଅତିଶୟ ବିଳାପ କରୁଥାଏ । ଭାଇ କୁମ୍ଭକର୍ଣ୍ଣର ମୁଣ୍ଡକୁ ବାରମ୍ବାର ଛାତିରେ ଚାପିଧରୁଥାଏ ॥ ୨ ॥

**ରୋୱହିଁ ନାରି ହୃଦୟଁ ହତି ପାନୀ । ତାସୁ ତେଜ ବଲ ବିପୁଲ ବଖାନୀ ॥**
**ମେଘନାଦ ତେହି ଅୱସର ଆୟଉ । କହି ବହୁ କଥା ପିତା ସମୁଝାୟଉ ॥ ୩ ॥**

କୁମ୍ଭକର୍ଣ୍ଣର ବିପୁଳ ତେଜ ଓ ବଳ ବିଷୟରେ ବାହୁନି ବାହୁନି ସ୍ତ୍ରୀଲୋକମାନେ ଛାତି ପିଟିହୋଇ କାନ୍ଦୁଥାନ୍ତି; ଏତିକିବେଳେ ମେଘନାଦ (ଇନ୍ଦ୍ରଜିତ) ଆସି ପହଞ୍ଚିଗଲା । ସେ ନାନା କଥା କହି ପିତାଙ୍କୁ ବୁଝାଇଲା ॥ ୩ ॥

**ଦେଖେହୁ କାଲି ମୋରି ମନୁସାଈ । ଅବହିଁ ବହୁତ କା କରୌଁ ବଡ଼ାଈ ॥**
**ଇଷ୍ଟଦେୱ ସୈଁ ବଲ ରଥ ପାୟଉଁ । ସୋ ବଲ ତାତ ନ ତୋହି ଦେଖାୟଉଁ ॥ ୪ ॥**

କହିଲା, ‘‘କାଲି ମୋର ପୌରୁଷ ଦେଖିବେ । ଏବେଠାରୁ ବଡ଼ିମା କରିବି କାହିଁକି ? ପିତା ! ମୁଁ ମୋ ଇଷ୍ଟଦେବଙ୍କ ଠାରୁ ଯେଉଁ ବଳ ଓ ରଥ ପାଇଛି, ତାହା ଏ ପର୍ଯ୍ୟନ୍ତ ଆପଣଙ୍କୁ ଦେଖାଇ ନ ଥିଲି ।’’ ॥ ୪ ॥

**ଏହି ବିଧି ଜଲ୍ପତ ଭୟଉ ବିହାନା । ଚହୁଁ ଦୁଆର ଲାଗେ କପି ନାନା ॥**
**ଇତ କପି ଭାଲୁ କାଲ ସମ ବୀରା । ଉତ ରଜନୀଚର ଅତି ରନଧୀରା ॥ ୫ ॥**

ସେ ଏହିପରି ଆସ୍ଫାଳନ କରୁ କରୁ ରାତି ପାହି ସକାଳ ହୋଇଗଲା । ବହୁସଂଖ୍ୟକ ବାନର ଆସି ଲଙ୍କାର ଚାରିଦ୍ୱାର ଅବରୋଧ କରିଦେଲେ । ଏକପକ୍ଷରେ କାଳସମାନ ବୀର ବାନର ଓ ଭଲ୍ଲୁକ ଏବଂ ଅପରପକ୍ଷରେ ଅତ୍ୟନ୍ତ ରଣଧୀର ରାକ୍ଷସ ॥ ୫ ॥

**ଲରହିଁ ସୁଭଟ ନିଜ ନିଜ ଜୟ ହେତୂ । ବରନି ନ ଜାଇ ସମର ଖଗକେତୂ ॥ ୬ ॥**

ଉଭୟ ପକ୍ଷର ଯୋଦ୍ଧା ନିଜ ନିଜର ବିଜୟପାଇଁ ଲଢୁଥାନ୍ତି । କାକଭୁଶୁଣ୍ଡି କହିଲେ, ହେ ଗରୁଡ଼ ! ସେହି ଯୁଦ୍ଧଘନଘଟାର ବର୍ଣ୍ଣନା କରିହେବ ନାହିଁ ॥ ୬ ॥

ଦୋ:- **ମେଘନାଦ ମାୟାମୟ ରଥ ଚଢ଼ି ଗୟଉ ଅକାସ ।**
**ଗର୍ଜେଉ ଅଟ୍ଟହାସ କରି ଭଇ କପି କଟକହି ତ୍ରାସ ॥ ୭୨ ॥**

ମେଘନାଦ ତା'ର ମାୟାମୟ ରଥ ଚଢ଼ି ଆକାଶକୁ ଉଠିଗଲା ଏବଂ ଅଟ୍ଟହାସ କରି ଗର୍ଜନ ଛାଡ଼ିଲା । ତାହା ଶୁଣି ବାନରସେନାରେ ଭୟ ଖେଳିଗଲା ॥ ୭୨ ॥

**ସକ୍ତି ସୂଲ ତରବାରି କୃପାନା । ଅସ୍ତ୍ର ସସ୍ତ୍ର କୁଲିସାୟୁଧ ନାନା ॥**
**ଡାରଇ ପରସୁ ପରିଘ ପାଷାନା । ଲାଗେଉ ବୃଷ୍ଟି କରୈ ବହୁ ବାନା ॥ ୧ ॥**

ସେ ଶକ୍ତି, ଶୂଳ, ଖଡ଼୍‌ଗ, କୃପାଣ ଆଦି ଅସ୍ତ୍ରଶସ୍ତ୍ର ଏବଂ ବଜ୍ର ଆଦି ନାନା ଆୟୁଧ ଚଳାଇଲା । ଫାର୍ଶା, ମୁଦ୍‌ଗର ଓ ପଥର ମାରିବା ସଙ୍ଗେ ସଙ୍ଗେ ବହୁ ଶର ବୃଷ୍ଟି କଲା ॥ ୧ ॥

**ଦସ ଦିସି ରହେ ବାନ ନଭ ଛାଈ । ମାନହୁଁ ମଘା ମେଘ ଝରି ଲାଈ ॥**
**ଧରୁ ଧରୁ ମାରୁ ସୁନିଅ ଧୁନି କାନା । ଜୋ ମାରଇ ତେହି କୋଉ ନ ଜାନା ॥ ୨ ॥**

ଶରସବୁ ଆକାଶର ଦଶଦିଗରେ ଛାଇହୋଇଗଲା; ଦେଖି ମନେହେଲା, ସତେ ଯେପରି ମଘାନକ୍ଷତ୍ରର ମେଘମାଳ ଝଡ଼ିବର୍ଷା ଲଗାଇଦେଲେ । କାନରେ କେବଳ 'ଧର ଧର', 'ମାର ମାର' ଶବ୍ଦ ପଡୁଥାଏ; କିନ୍ତୁ ଯେ ମାରୁଥାଏ, ତାକୁ କେହି ଦେଖିପାରୁ ନ ଥାନ୍ତି ॥ ୨ ॥

**ଗହି ଗିରି ତରୁ ଅକାସ କପି ଧାୱହିଁ । ଦେଖହିଁ ତେହି ନ ଦୁଖିତ ଫିରି ଆୱହିଁ ॥**
**ଅୱଘଟ ଘାଟ ବାଟ ଗିରି କଂଦର । ମାୟା ବଲ କୀହ୍ନେସି ସର ପଂଜର ॥ ୩ ॥**

ପର୍ବତ ଓ ବୃକ୍ଷ ଧରି ବାନରମାନେ ଆକାଶକୁ ଡେଇଁପଡୁଥାନ୍ତି । କିନ୍ତୁ ତାହାକୁ ଦେଖିବାକୁ ନ ପାଇ ଦୁଃଖରେ ଫେରିଆସୁଥାନ୍ତି । ମେଘନାଦ ମାୟାବଳରେ ଦୁର୍ଗମ ଘାଟି, ରାସ୍ତା ଓ ପର୍ବତକନ୍ଦରମାନଙ୍କୁ ଶରର ପଞ୍ଜୁରୀରେ ପରିଣତ କରିଦେଲା (ଶରରେ ଆଚ୍ଛାଦିତ କରିଦେଲା) ॥ ୩ ॥

**ଜାହିଁ କହାଁ ବ୍ୟାକୁଲ ଭଏ ବଂଦର । ସୁରପତି ବଂଦି ପରେ ଜନୁ ମଂଦର ॥**
**ମାରୁତସୁତ ଅଂଗଦ ନଲ ନୀଲା । କୀହ୍ନେସି ବିକଲ ସକଲ ବଲସୀଲା ॥ ୪ ॥**

ରାସ୍ତା ନ ପାଇ ବାନରମାନେ କୁଆଡ଼େ ଯିବେ ବୋଲି ଚିନ୍ତାରେ ପଡ଼ିଗଲେ । ସେମାନଙ୍କର ବିକଳ ଦେଖି ମନେ ହେଲା, ସତେ ଯେପରି ପର୍ବତମାନେ ଆସି ଇନ୍ଦ୍ରର କଇଦୀଘରେ ପଡ଼ିଯାଇଛନ୍ତି । ହନୁମାନ୍, ଅଙ୍ଗଦ, ନଳ ଓ ନୀଳ ଆଦି ସବୁବାନରଙ୍କୁ ମେଘନାଦ ବିବ୍ରତ କରିଦେଲା ॥ ୪ ॥

**ପୁନି ଲଛିମନ ସୁଗ୍ରୀଓ୍ୱ ବିଭୀଷନ । ସରହ୍ନି ମାରି କୀହ୍ନେସି ଜର୍ଜର ତନ ॥**
**ପୁନି ରଘୁପତି ସୈଁ ଜୂଝୈ ଲାଗା । ସର ଛାଁଡ଼ଇ ହୋଇ ଲାଗହିଁ ନାଗା ॥ ୫ ॥**

ପୁଣି ସେ ଲକ୍ଷ୍ମଣ, ସୁଗ୍ରୀବ ଓ ବିଭୀଷଣଙ୍କୁ ଶର ମାରି ସେମାନଙ୍କ ଶରୀରକୁ କ୍ଷତବିକ୍ଷତ କରିଦେଲା । ତା'ପରେ ସେ ଶ୍ରୀରଘୁନାଥଙ୍କ ସହିତ ଲଢ଼ିବାକୁ ଲାଗିଲା । ସେ ଯେଉଁ ଶର ମାରୁଥାଏ, ସେଗୁଡ଼ିକ ଆସି ସର୍ପ ହୋଇଯାଉଥାନ୍ତି ॥ ୫ ॥

**ବ୍ୟାଲ ପାସ ବସ ଭଏ ଖରାରୀ । ସ୍ୱବସ ଅନଂତ ଏକ ଅବିକାରୀ ॥**
**ନଟ ଇଓ୍ୱ କପଟ ଚରିତ କର ନାନା । ସଦା ସ୍ୱତଂତ୍ର ଏକ ଭଗଓ୍ୱାନା ॥ ୬ ॥**

ଯେ ସ୍ୱତନ୍ତ୍ର, ଅନନ୍ତ, ଏକ (ଅଖଣ୍ଡ) ଓ ନିର୍ବିକାର, ସେହି ଖରଶତ୍ରୁ ଶ୍ରୀରାମ ଏପରିଭାବରେ ଲୀଳାଛଳରେ ନାଗପାଶରେ ବାନ୍ଧିହୋଇଗଲେ । ସଦା ସ୍ୱତନ୍ତ୍ର ଓ ଅଦ୍ୱିତୀୟ ଭଗବାନ୍ ଶ୍ରୀରାମ ନଟ (ନାଟକର ଅଭିନେତା) ପରି ଅନେକପ୍ରକାର ଭୂମିକାରେ ଅଭିନୟ କରନ୍ତି ॥ ୬ ॥

**ରନ ସୋଭା ଲଗି ପ୍ରଭୁହିଁ ବଁଧାୟୋ । ନାଗ ପାସ ଦେଓ୍ୱହ୍ନ ଭୟ ପାୟୋ ॥ ୭ ॥**

ରଣର ଶୋଭା ନିମନ୍ତେ ପ୍ରଭୁ ନିଜକୁ ନାଗପାଶରେ ବନ୍ଧାଇଦେଲେ; କିନ୍ତୁ ତାହା ଦେଖି ଦେବତାମାନଙ୍କୁ ବଡ଼ ଭୟ ଲାଗିଲା ॥ ୭ ॥

ଦୋ:- **ଗିରିଜା ଜାସୁ ନାମ ଜପି ମୁନି କାଟହିଁ ଭଓ୍ୱ ପାସ ।**
**ସୋ କି ବଂଧ ତର ଆଓ୍ୱଇ ବ୍ୟାପକ ବିସ୍ୱ ନିଓ୍ୱାସ ॥ ୭୩ ॥**

[ଶିବ କହିଲେ,] ହେ ଗିରିଜେ ! ଯାହାଙ୍କର ନାମ ଜପ କରି ମୁନିମାନେ ଭବପାଶକୁ (ଜନ୍ମମୃତ୍ୟୁବନ୍ଧନକୁ) କାଟିଦିଅନ୍ତି, ସେହି ସର୍ବବ୍ୟାପକ ଓ ବିଶ୍ୱନିବାସ (ବିଶ୍ୱର ଆଧାର) ପ୍ରଭୁ କ'ଣ କେବେ ବନ୍ଧନରେ ପଡ଼ିପାରନ୍ତି ! ॥ ୭୩ ॥

**ଚରିତ ରାମ କେ ସଗୁନ ଭଓ୍ୱାନୀ । ତର୍କି ନ ଜାହିଁ ବୁଦ୍ଧି ବଲ ବାନୀ ॥**
**ଅସ ବିଚ୍ୱରି ଜେ ତଗ୍ୟ ବିରାଗୀ । ରାମହି ଭଜହିଁ ତର୍କ ସବ ତ୍ୟାଗୀ ॥ ୧ ॥**

ହେ ଭବାନୀ ! ଶ୍ରୀରାମଙ୍କର ଏହି ସଗୁଣ ଲୀଳା ବିଷୟରେ ବୁଦ୍ଧି ଓ ବାଣୀବଳରେ ତର୍କ କରାଯାଇପାରେ ନାହିଁ । ଏହା ଉପଲବ୍‌ଧି କରି ତତ୍ତ୍ୱଜ୍ଞାନୀ ଓ ବୈରାଗୀମାନେ ସମସ୍ତ ତର୍କ ଛାଡ଼ିଦେଇ କେବଳ ଶ୍ରୀରାମଙ୍କୁ ଭଜନ୍ତି ॥ ୧ ॥

**ବ୍ୟାକୁଲ କଟକୁ କୀହ୍ନ ଘନନାଦା । ପୁନି ଭା ପ୍ରଗଟ କହଇ ଦୁର୍ବାଦା ॥**
**ଜାମଓ୍ୱଂତ କହ ଖଲ ରହୁ ଠାଢ଼ା । ସୁନି କରି ତାହି କ୍ରୋଧ ଅତି ବାଢ଼ା ॥ ୨ ॥**

ମେଘନାଦ ବାନରସେନାକୁ ବ୍ୟାକୁଳ କରିଦେଲା । ତା'ପରେ ସେ ଦେଖାଦେଇ ଦୁର୍ବଚନ କହିବାକୁ ଲାଗିଲା । ତାହା ଶୁଣି ଜାମ୍ବବାନ୍ କହିଲେ, ''ରେ ଦୁଷ୍ଟ ! ରହ, ରହ; ମୁଁ ଯାଉଛି !'' ଏହା ଶୁଣି ତା'ର କ୍ରୋଧ ଆହୁରି ବଢ଼ିଗଲା ॥ ୨ ॥

**ବୂଢ଼ ଜାନି ସଠ ଛାଁଡ଼େଉଁ ତୋହୀ । ଲାଗେସି ଅଧମ ପଚ୍ୱରୈ ମୋହୀ ॥**
**ଅସ କହି ତରଲ ତ୍ରିସୂଲ ଚଲାୟୋ । ଜାମଓ୍ୱଂତ କର ଗହି ସୋଇ ଧାୟୋ ॥ ୩ ॥**

ସେ କହିଲା, ''ଆରେ ମୂର୍ଖ ! ତତେ ବୁଢ଼ା ବୋଲି ଜାଣି ମୁଁ ଛାଡ଼ିଦେଇଥିଲି । ରେ ଅଧମ ! ତୁ ପୁଣି ମୋତେ ଆହ୍ୱାନ ଦେଉଛୁ !'' ଏପରି କହି ସେ ତାଙ୍କ ଉପରକୁ ଏକ ତୀକ୍ଷ୍ଣ ତ୍ରିଶୂଳ ଛାଡ଼ିଦେଲା । ଜାମ୍ବବାନ୍ ସେହି ତ୍ରିଶୂଳଟା ହାତରେ ଧରିପକାଇ ଧାଇଁଆସିଲେ ॥ ୩ ॥

**ମାରିସି ମେଘନାଦ କୈ ଛାତୀ । ପରା ଭୂମି ଘୁର୍ମିତ ସୁରଘାତୀ ॥**
**ପୁନି ରିସାନ ଗହି ଚରନ ଫିରାୟୋ । ମହି ପଛାରି ନିଜ ବଲ ଦେଖରାୟୋ ॥ ୪ ॥**

ଏବଂ ସେହି ତ୍ରିଶୂଳଟାକୁ ସେ ମେଘନାଦର ଛାତିକି ମାରିଦେଲେ । ଫଳରେ ସେହି ଦେବଶତ୍ରୁ ରାକ୍ଷସ ଚକ୍କର ଖାଇ ଭୂଇଁରେ ଟଳିପଡ଼ିଲା । ଜାମ୍ବବାନ୍ କ୍ରୋଧଭର ହୋଇଗଲେ । ସେ ତା'ଗୋଡ଼ ଦୁଇଟା ଧରି, ଘୂରାଇ ଘୂରାଇ, ତାକୁ ଭୂଇଁରେ କଚାଡ଼ିଦେଲେ । ଏପରିଭାବରେ ସେ ନିଜର ଶକ୍ତି ଦେଖାଇଦେଲେ ॥ ୪ ॥

**ବର ପ୍ରସାଦ ସୋ ମରଇ ନ ମାରା । ତବ ଗହି ପଦ ଲଂକା ପର ଡାରା ॥**
**ଇହାଁ ଦେୱରିଷି ଗରୁଡ଼ ପଠାୟୋ । ରାମ ସମୀପ ସପଦି ସୋ ଆୟୋ ॥ ୫ ॥**

କିନ୍ତୁ ଯେତେ ମାରିଲେ ବି ବରପ୍ରସାଦରୁ ସେ ମରୁ ନ ଥାଏ । ତେଣୁ ଜାମ୍ବବାନ୍ ପୁଣିଥରେ ତା ଗୋଡ଼ଦୁଇଟା ଧରି ତାକୁ ଲଙ୍କାଗଡ଼ ଉପରକୁ ଫୋପାଡ଼ିଦେଲେ । ଏଣେ ଦେବର୍ଷି ନାରଦ ଗରୁଡ଼ଙ୍କୁ ପଠାଇଦେବାରୁ ସେ ଆସି ଅବିଳମ୍ବେ ଶ୍ରୀରାମଙ୍କ ପାଖରେ ପହଞ୍ଚିଗଲେ ॥ ୫ ॥

ଦୋଃ- **ଖଗପତି ସବ ଧରି ଖାଏ ମାୟା ନାଗ ବରୂଥ ।**
**ମାୟା ବିଗତ ଭଏ ସବ ହରଷେ ବାନର ଜୂଥ ॥୭୪(କ)॥**

ପକ୍ଷୀରାଜ ଗରୁଡ଼ ଶ୍ରୀରାମଙ୍କ ଦେହରୁ ସବୁମାୟାସର୍ପଙ୍କୁ ଧରି ଖାଇଗଲେ । ତେଣୁ ସମସ୍ତେ ମାୟାରୁ ମୁକ୍ତ ହୋଇଗଲେ; ବାନରମାନେ ପୁଣିଥରେ ଆନନ୍ଦିତ ହୋଇଗଲେ ॥ ୭୪(କ) ॥

**ଗହି ଗିରି ପାଦପ ଉପଲ ନଖ ଧାଏ କୀସ ରିସାଇ ।**
**ଚଲେ ତମୀଚର ବିକଲତର ଗଢ଼ ପର ଚଢ଼େ ପରାଇ ॥୭୪(ଖ)॥**

ପର୍ବତ, ବୃକ୍ଷ, ପଥର, ନଖ ଆଦି ଯେଉଁମାନଙ୍କର ଆୟୁଧ, ସେହି ବାନରମାନେ କ୍ରୋଧରେ ମାଡ଼ିଆସିଲେ । ରାକ୍ଷସମାନେ ଅତ୍ୟନ୍ତ ବ୍ୟାକୁଳ ହୋଇ ପଳାୟନ କଲେ ଓ ଯାଇ ଗଡ଼ ଉପରେ ଚଢ଼ିଗଲେ ॥ ୭୪(ଖ) ॥

**ମେଘନାଦ କୈ ମୁରଛା ଜାଗୀ । ପିତହି ବିଲୋକି ଲାଜ ଅତି ଲାଗୀ ॥**
**ତୁରତ ଗୟଉ ଗିରିବର କଂଦରା । କରୌଁ ଅଜୟ ମଖ ଅସ ମନ ଧରା ॥ ୧ ॥**

ଇତି ମଧ୍ୟରେ ମେଘନାଦର ମୂର୍ଚ୍ଛା ଭାଙ୍ଗିଗଲା । ବାପାଙ୍କୁ ଦେଖି ତାକୁ ବଡ଼ ଲାଜ ଲାଗିଲା । 'ମୁଁ ଅଜେୟ ହୋଇ ରହିବାପାଇଁ ଯଜ୍ଞ କରିବି' ବୋଲି ମନେ ମନେ ନିଶ୍ଚୟ କରି ସେ ଗୋଟିଏ ବଡ଼ ପର୍ବତ ଗୁମ୍ଫାଭିତରକୁ ଗ୍ଭଲିଗଲା ॥ ୧ ॥

**ଇହାଁ ବିଭୀଷନ ମଂତ୍ର ବିଗ୍ଭରା । ସୁନହୁ ନାଥ ବଲ ଅତୁଲ ଉଦାରା ॥**
**ମେଘନାଦ ମଖ କରଇ ଅପାୱନ । ଖଲ ମାୟାୱୀ ଦେୱ ସତାୱନ ॥ ୨ ॥**

ଏହା ଜାଣିପାରି ବିଭୀଷଣ ଶ୍ରୀରାମଙ୍କୁ ପରାମର୍ଶ ଦେଲେ, ''ହେ ଅତୁଳିତ ବଳଧାମ ଉଦାର ପ୍ରଭୁ ! ଦେବତାମାନଙ୍କର ଉତ୍ପୀଡ଼କ ଦୁଷ୍ଟ ମାୟାବୀ ମେଘନାଦ ଗୋଟିଏ ଅପବିତ୍ର ଯଜ୍ଞ କରୁଛି ॥ ୨ ॥

ଜୌଁ ପ୍ରଭୁ ସିଦ୍ଧ ହୋଇ ସୋ ପାଇହି । ନାଥ ବେଗି ପୁନି ଜୀତି ନ ଜାଇହି ॥
ସୁନି ରଘୁପତି ଅତିସୟ ସୁଖ ମାନା । ବୋଲେ ଅଗଂଦାଦି କପି ନାନା ॥ ୩ ॥

ହେ ପ୍ରଭୁ ! ଯଦି ତା'ର ସେହି ଯଜ୍ଞ ସିଦ୍ଧ ହୋଇଯିବ, ତେବେ ହେ ନାଥ ! ତାକୁ ଆଉ ଶୀଘ୍ର ଜିଣିହେବ ନାହିଁ ।'' ଏହା ଶୁଣି ଶ୍ରୀରଘୁନାଥ ଅତ୍ୟନ୍ତ ଖୁସୀ ହୋଇଗଲେ । ସେ ଅଙ୍ଗଦାଦି ବହୁ ବାନରଙ୍କୁ ଡକାଇ କହିଲେ, ॥ ୩ ॥

ଲଛିମନ ସଂଗ ଜାହୁ ସବ ଭାଈ । କରହୁ ବିଧଂସ ଜଗ୍ୟ କର ଜାଈ ॥
ତୁହ୍ମ ଲଛିମନ ମାରେହୁ ରନ ଓହୀ । ଦେଖି ସଭୟ ସୁର ଦୁଖ ଅତି ମୋହୀ ॥ ୪ ॥

''ଭାଇମାନେ ! ତୁମେ ସମସ୍ତେ ଲକ୍ଷ୍ମଣ ସହିତ ଯାଅ ଓ ମେଘନାଦର ଯଜ୍ଞ ଧ୍ୱଂସ କର । ଭାଇ ଲକ୍ଷ୍ମଣ ! ସଂଗ୍ରାମରେ ତୁ ହିଁ ତାକୁ ମାରିବୁ । ଦେବତାମାନଙ୍କର ଭୟାକୁଳ ଅବସ୍ଥା ଦେଖି ମୋତେ ବଡ଼ ଦୁଃଖ ଲାଗୁଛି ॥ ୪ ॥

ମାରେହୁ ତେହି ବଲ ବୁଦ୍ଧି ଉପାଈ । ଜେହିଁ ଛୀଜୈ ନିସିଚର ସୁନୁ ଭାଈ ॥
ଜାମୱଂତ ସୁଗ୍ରୀୱ ବିଭୀଷନ । ସେନ ସମେତ ରହେହୁ ତୀନିଉ ଜନ ॥ ୫ ॥

ହେ ଭାଇ ! ଶୁଣ ; ରାକ୍ଷସକୁ ଏପରି ବଳ ଓ ବୁଦ୍ଧି ପ୍ରୟୋଗ କରି ମାରିବୁ, ଯେପରି କି ତାର ନିଶ୍ଚିତ ମୃତ୍ୟୁ ଘଟିବ । ହେ ଜାମ୍ବବାନ୍, ସୁଗ୍ରୀବ ଓ ବିଭୀଷଣ ! ତୁମେ ତିନିଜଣ ସେନାସମେତ ଲକ୍ଷ୍ମଣଙ୍କ ସାଥିରେ ରହିବ ।'' ॥ ୫ ॥

ଜବ ରଘୁବୀର ଦୀହ୍ନି ଅନୁସାସନ । କଟି ନିଷଂଗ କସି ସାଜି ସରାସନ ॥
ପ୍ରଭୁ ପ୍ରତାପ ଉର ଧରି ରନଧୀରା । ବୋଲେ ଘନ ଇୱ ଗିରା ଗଁଭୀରା ॥ ୬ ॥

ଶ୍ରୀରଘୁନାଥ ଏପରି ଆଜ୍ଞା ଦେବାରୁ ରଣଧୀର ଲକ୍ଷ୍ମଣ କଟିରେ ତୂଣୀର ବାନ୍ଧି, ଧନୁ ସଜାଡ଼ି ଏବଂ ହୃଦୟରେ ପ୍ରଭୁଙ୍କ ପ୍ରତାପ ଧାରଣ କରି ମେଘଗମ୍ଭୀର ବାଣୀରେ କହିଲେ, ॥ ୬ ॥

ଜୌଁ ତେହି ଆଜୁ ବଧେଁ ବିନୁ ଆୱୌଁ । ତୌ ରଘୁପତି ସେୱକ ନ କହାୱୌଁ ॥
ଜୌଁ ସତ ସଂକର କରହିଁ ସହାଈ । ତଦପି ହତଉଁ ରଘୁବୀର ଦୋହାଈ ॥ ୭ ॥

''ମୁଁ ଯଦି ଆଜି ତାକୁ ନ ମାରି ଫେରିବି, ତେବେ ଆଉ ଶ୍ରୀରଘୁନାଥଙ୍କର ସେବକ ବୋଲାଇବି ନାହିଁ । ତାକୁ ଶହେ ଶଙ୍କର ସାହାଯ୍ୟ କଲେ ସୁଦ୍ଧା, ମୁଁ ଶ୍ରୀରଘୁନାଥଙ୍କ ଦ୍ୱାହି ଦେଇ କହୁଛି, ଆଜି ମୁଁ ତାକୁ ନିଶ୍ଚୟ ବଧ କରିବି ।'' ॥ ୭ ॥

ଦୋଃ- ରଘୁପତି ଚରନ ନାଇ ସିରୁ ଚଲେଉ ତୁରଂତ ଅନଂତ ।
ଅଂଗଦ ନୀଲ ମୟଂଦ ନଲ ସଂଗ ସୁଭଟ ହନୁମଂତ ॥ ୭୫ ॥

ଶ୍ରୀରଘୁନାଥଙ୍କ ଚରଣରେ ମସ୍ତକ ଲଗାଇ ଶେଷାବତାର ଶ୍ରୀଲକ୍ଷ୍ମଣ ତୁରନ୍ତ ବାହାରିପଡ଼ିଲେ । ତାଙ୍କ ସହିତ ଅଙ୍ଗଦ, ନୀଳ, ମୟନ୍ଦ, ନଳ ଓ ହନୁମାନ୍ ଆଦି ଶ୍ରେଷ୍ଠ ଯୋଦ୍ଧାମାନେ ବି ଚ଼ାଲିଲେ ॥ ୭୫ ॥

ଜାଇ କପିହ୍ନ ସୋ ଦେଖା ବୈସା । ଆହୁତି ଦେତ ରୁଧିର ଅରୁ ଭୈଁସା ॥
କୀହ୍ନ କପିହ୍ନ ସବ ଜଗ୍ୟ ବିଧଂସା । ଜବ ନ ଉଠଇ ତବ କରହିଁ ପ୍ରସଂସା ॥ ୧ ॥

ବାନରମାନେ ଯାଇ ଦେଖିଲେ ଯେ, ମେଘନାଦ ବସି ଯଜ୍ଞରେ ରକ୍ତ ଓ ମହିଷ ଆହୁତି ଦେଉଛି । ତେଣୁ ବାନରମାନେ ମିଶି ତା'ର ଯଜ୍ଞ ଧ୍ୱଂସ କରିଦେଲେ । ତଥାପି ସେ ବସିଥିବା ଆସନରୁ ନ ଉଠିବାରୁ ସେମାନେ ତାକୁ ପରିହାସରେ ପ୍ରଶଂସା କରିବାକୁ ଲାଗିଲେ ॥ ୧ ॥

**ତଦପି ନ ଉଠଇ ଧରେହ୍ନି କଚ ଜାଈ । ଲାତହ୍ନି ହତି ହତି ଚଲେ ପରାଈ ॥**
**ଲୈ ତ୍ରିସୂଲ ଧାଓ୍ୱା କପି ଭାଗେ । ଆଏ ଜହଁ ରାମାନୁଜ ଆଗେ ॥ ୨ ॥**

ଏହା ସତ୍ତ୍ୱେ ସେ ନ ଉଠିବାରୁ ବାନରମାନେ ଯାଇ ତାର ଚୁଟି ଧରି ତାକୁ ଘୋଷାରି ଆଣିଲେ ଓ ଲାତ ମାରି ପଳାଇଆସିଲେ । ମେଘନାଦ ତ୍ରିଶୂଳ ଧରି ଗୋଡ଼ାଇଆସିଲା । ବାନରମାନେ ଲକ୍ଷ୍ମଣ ଠିଆ ହୋଇଥିବା ସ୍ଥାନକୁ ଦୌଡ଼ି ପଳାଇଗଲେ ॥ ୨ ॥

**ଆଓ୍ୱା ପରମ କ୍ରୋଧ କର ମାରା । ଗର୍ଜି ଘୋର ରଓ୍ୱ ବାରହିଁ ବାରା ॥**
**କୋପି ମରୁତସୁତ ଅଂଗଦ ଧାଏ । ହତି ତ୍ରିସୂଲ ଉର ଧରନି ଗିରାଏ ॥ ୩ ॥**

ମେଘନାଦ ଅତ୍ୟନ୍ତ କ୍ରୋଧିତ ହୋଇ, ବାରମ୍ବାର ଭୟଙ୍କର ଗର୍ଜନ କରି ମାଡ଼ିଆସିଲା । ହନୁମାନ୍ ଓ ଅଙ୍ଗଦ କୋପଭରେ ହୋଇ ତା'ଆଡ଼କୁ ମାଡ଼ିଗଲେ । ମେଘନାଦ ସେ ଦୁହିଁଙ୍କ ଛାତିରେ ତ୍ରିଶୂଳ ମାରି ତଳେ ଗଡ଼ାଇଦେଲା ॥ ୩ ॥

**ପ୍ରଭୁ କହଁ ଛାଁଡ଼େସି ସୂଲ ପ୍ରଚଂଡା । ସର ହତି କୃତ ଅନଂତ ଜୁଗ ଖଂଡା ॥**
**ଉଠି ବହୋରି ମାରୁତି ଜୁବରାଜା । ହତହିଁ କୋପି ତେହି ଘାଉ ନ ବାଜା ॥ ୪ ॥**

ପୁଣି ସେ ପ୍ରଭୁ ଲକ୍ଷ୍ମଣଙ୍କ ଉପରକୁ ପ୍ରଚଣ୍ଡ ତ୍ରିଶୂଳ ଛାଡ଼ିଲା । ଲକ୍ଷ୍ମଣ ବାଣ ମାରି ତା' ତ୍ରିଶୂଳକୁ ଦୁଇଖଣ୍ଡ କରିଦେଲେ । ଏପଟେ ହନୁମାନ୍ ଓ ଯୁବରାଜ ଅଙ୍ଗଦ କ୍ରୁଦ୍ଧ ହୋଇ ଉଠିପଡ଼ିଲେ ଓ ତାକୁ ମାରିବାକୁ ଲାଗିଲେ; କିନ୍ତୁ ତା'ଉପରେ ମାଡ଼ର କୌଣସି ପ୍ରଭାବ ପଡ଼ିଲା ନାହିଁ ॥ ୪ ॥

**ଫିରେ ବୀର ରିପୁ ମରଇ ନ ମାରା । ତବ ଧାଓ୍ୱା କରି ଘୋର ଚିକାରା ॥**
**ଆଓ୍ୱତ ଦେଖି କ୍ରୁଦ୍ଧ ଜନୁ କାଲା । ଲଛିମନ ଛାଡ଼େ ବିସିଖ କରାଲା ॥ ୫ ॥**

ଶତ୍ରୁକୁ [ମେଘନାଦକୁ] ଯେତେ ମାରିଲେ ମଧ୍ୟ ସେ ମରୁ ନ ଥିବା ଦେଖି ବୀରମାନେ ଲେଉଟି ଆସିଲାବେଳକୁ, ସେ ଘୋର ଗର୍ଜନ କରି ମାଡ଼ିଆସିଲା । ସେ କ୍ରୋଧିତ କାଳ ପରି ମାଡ଼ିଆସୁଥିବା ଦେଖି ଲକ୍ଷ୍ମଣ ତା'ଉପରକୁ ଏକ ଭୟାନକ ବାଣ ଛାଡ଼ିଦେଲେ ॥ ୫ ॥

**ଦେଖେସି ଆଓ୍ୱତ ପବି ସମ ବାନା । ତୁରତ ଭୟଉ ଖଲ ଅଂତରଧାନା ॥**
**ବିବିଧ ବେଷ ଧରି କରଇ ଲରାଈ । କବହୁଁକ ପ୍ରଗଟ କବହୁଁ ଦୁରି ଜାଈ ॥ ୬ ॥**

ବଜ୍ରସମାନ ବାଣ ଆସୁଥିବାର ଦେଖି ସେ ଦୁଷ୍ଟ ତୁରନ୍ତ ଅଦୃଶ୍ୟ ହୋଇଗଲା ଏବଂ ଭିନ୍ନ ଭିନ୍ନ ରୂପ ଧରି ଯୁଦ୍ଧ କରିବାକୁ ଲାଗିଲା । ସେ କେତେବେଳେ ଦେଖାଦେଉଥାଏ ତ, କେତେବେଳେ ଲୁଚିଯାଉଥାଏ ॥ ୬ ॥

**ଦେଖି ଅଜୟ ରିପୁ ଡରପେ କୀସା । ପରମ କ୍ରୁଦ୍ଧ ତବ ଭୟଉ ଅହୀସା ॥**
**ଲଛିମନ ମନ ଅସ ମଂତ୍ର ଦୃଢ଼ାଓ୍ୱା । ଏହି ପାପିହି ମୈଁ ବହୁତ ଖେଲାଓ୍ୱା ॥ ୭ ॥**

ଶତ୍ରୁକୁ ଅପରାଜେୟ ଦେଖି ବାନରମାନେ ଭୟଭୀତ ହୋଇଗଲେ । ଏଥର ଲକ୍ଷ୍ମଣ ଅତ୍ୟନ୍ତ କ୍ରୁଦ୍ଧ ହୋଇଗଲେ । ସେ ମନେ ମନେ ବିଚାର କଲେ, 'ଏ ଦୁଷ୍ଟକୁ ମୁଁ ବହୁତ ଖେଳାଇଲିଣି [ଆଉ ଅଧିକ ଖେଳାଇବା ଉଚିତ ହେବ ନାହିଁ; ଏହାକୁ ଏଥର ଶେଷ କରିଦେବାକୁ ପଡ଼ିବ ।] ॥ ୭ ॥

**ସୁମିରି କୋସଲାଧୀସ ପ୍ରତାପା । ସର ସଂଧାନ କୀହ୍ନ କରି ଦାପା ॥**
**ଛାଡ଼ା ବାନ ମାଝ ଉର ଲାଗା । ମରତୀ ବାର କପଟୁ ସବ ତ୍ୟାଗା ॥ ୮ ॥**

କୋଶଳପତି ଶ୍ରୀରାମଙ୍କ ପ୍ରତାପ ସ୍ମରଣ କରି ଲକ୍ଷ୍ମଣ ବୀରୋଚିତ ଦର୍ପରେ ଶରସନ୍ଧାନ କଲେ । ଶର ଛାଡ଼ିଦେବାମାତ୍ରେ ତାହା ଯାଇ ରାକ୍ଷସର ଛାତିମଝିରେ ବିନ୍ଧି ହୋଇଗଲା । ମରିବା ସମୟରେ ସେ ସବୁକପଟ ଛାଡ଼ିଦେଲା ॥ ୮॥

ଦୋ:- **ରାମାନୁଜ କହଁ ରାମୁ କହଁ ଅସ କହି ଛାଁଡ଼େସି ପ୍ରାନ ।**
**ଧନ୍ୟ ଧନ୍ୟ ତଓ୍ୱ ଜନନୀ କହ ଅଂଗଦ ହନୁମାନ ॥ ୭୬ ॥**

'ରାମାନୁଜ ଲକ୍ଷ୍ମଣ କେଉଁଠି ? ଶ୍ରୀରାମ କେଉଁଠି ?'—ଏପରି କହି କହି ସେ ପ୍ରାଣ ଛାଡ଼ିଦେଲା । ଅଙ୍ଗଦ ଓ ହନୁମାନ୍ କହିଲେ, ''ଧନ୍ୟ ତୋର ମାଆ, ଧନ୍ୟ ! [କାରଣ ତୁ ଲକ୍ଷ୍ମଣଙ୍କ ହାତରେ ମଲୁ, ପୁଣି ପ୍ରାଣ ଯିବା ସମୟରେ ଶ୍ରୀରାମ-ଲକ୍ଷ୍ମଣଙ୍କୁ ସ୍ମରଣ କରି ସେହି ପବିତ୍ର ନାମ ଉଚ୍ଚାରଣ କଲୁ ।]॥ ୭୬ ॥

**ବିନୁ ପ୍ରୟାସ ହନୁମାନ ଉଠାୟୋ । ଲଂକା ଦ୍ୱାର ରାଖି ପୁନି ଆୟୋ ॥**
**ତାସୁ ମରନ ସୁନି ସୁର ଗଂଧର୍ବା । ଚଢ଼ି ବିମାନ ଆଏ ନଭ ସର୍ବା ॥ ୧ ॥**

ହନୁମାନ୍ ତାକୁ ଅନାୟାସରେ ଉଠାଇନେଲେ ଓ ଲଙ୍କାର ଦ୍ୱାରଦେଶରେ ରଖିଦେଇ ଫେରିଆସିଲେ । ତାହାର ମୃତ୍ୟୁ-ସଂବାଦ ପାଇ ଦେବତା ଓ ଗନ୍ଧର୍ବ ଆଦି ସମସ୍ତେ ବିମାନ ଚଢ଼ି ଆକାଶମାର୍ଗକୁ ଚ୍ଚାଲିଆସିଲେ ॥ ୧ ॥

**ବରଷି ସୁମନ ଦୁଂଦୁଭୀଁ ବଜାୱହିଁ । ଶ୍ରୀରଘୁନାଥ ବିମଲ ଜସୁ ଗାୱହିଁ ॥**
**ଜୟ ଅନଂତ ଜୟ ଜଗଦାଧାରା । ତୁହ୍ମ ପ୍ରଭୁ ସବ ଦେୱହ୍ନି ନିସ୍ତାରା ॥ ୨ ॥**

ସେମାନେ ପୁଷ୍ପବୃଷ୍ଟି କରି କରି, ଦୁନ୍ଦୁଭି ବଜାଇ ବଜାଇ ଶ୍ରୀରାମଙ୍କର ନିର୍ମଳ ଯଶ ଗାନ କଲେ, ''ହେ ଅନନ୍ତ ! ଆପଣଙ୍କର ଜୟ ହେଉ । ହେ ଜଗଦାଧାର ! ଆପଣଙ୍କର ଜୟ ହେଉ । ହେ ପ୍ରଭୁ ! ଆପଣ ଦେବଗଣଙ୍କୁ ଘୋର ବିପତ୍ତିରୁ ଉଦ୍ଧାର କରିଦେଲେ ।'' ॥ ୨ ॥

**ଅସ୍ତୁତି କରି ସୁର ସିଦ୍ଧ ସିଧାଏ । ଲଛିମନ କୃପାସିଂଧୁ ପହିଁ ଆଏ ॥**
**ସୁତ ବଧ ସୁନା ଦସାନନ ଜବହୀଁ । ମୁରୁଛିତ ଭୟଉ ପରେଉ ମହି ତବହୀଁ ॥ ୩ ॥**

ଦେବତା ଓ ସିଦ୍ଧମାନେ ସ୍ତୁତି କରି ଫେରିଯିବା ପରେ ଲକ୍ଷ୍ମଣ କୃପାସାଗର ଶ୍ରୀରାମଙ୍କ ନିକଟକୁ ଆସିଲେ । ସେପଟେ ପୁତ୍ରର ମୃତ୍ୟୁ ସମାଚ୍ଚର ପାଇଯିବାକ୍ଷଣି ରାବଣ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲା ॥ ୩ ॥

**ମଂଦୋଦରୀ ରୁଦନ କର ଭାରୀ । ଉର ତାଡ଼ନ ବହୁ ଭାଁତି ପୁକାରୀ ॥**
**ନଗର ଲୋଗ ସବ ବ୍ୟାକୁଲ ସୋଚ୍ଚ । ସକଲ କହହିଁ ଦସକଂଧର ପୋଚ୍ଚ ॥ ୪ ॥**

ଛାତି ପିଟି ପିଟି ଏବଂ ନାନାପ୍ରକାରେ ବାହୁନି ବାହୁନି ମନ୍ଦୋଦରୀ ବିଳାପ କରିବାକୁ ଲାଗିଲେ । ନଗରର ସମସ୍ତେ ଶୋକାକୁଳ ହୋଇଗଲେ । ସମସ୍ତେ ରାବଣଙ୍କୁ ନୀଚ ବୋଲି କହିବାକୁ ଲାଗିଲେ ॥ ୪ ॥

ଦୋ:- **ତବ ଦସକଂଠ ବିବିଧି ବିଧି ସମୁଝାଇଁ ସବ ନାରି ।**
**ନସ୍ୱର ରୂପ ଜଗତ ସବ ଦେଖହୁ ହୃଦୟଁ ବିଚ୍ଚାରି ॥ ୭୭ ॥**

ରାବଣ ନିଜ ସ୍ତ୍ରୀମାନଙ୍କୁ ନାନାପ୍ରକାରେ ବୁଝାଇଲା ଏବଂ କହିଲା, ''ତୁମେମାନେ ବିଚ୍ଚାର କରି ଦେଖ, ଜଗତର ସବୁକିଛି ଏହିପରି ନାଶବାନ୍ ।'' ॥ ୭୭ ॥

**ତିହ୍ନହିଁ ଗ୍ୟାନ ଉପଦେସା ରାୱନ । ଆପୁନ ମଂଦ କଥା ସୁଭ ପାୱନ ॥**
**ପର ଉପଦେସ କୁସଲ ବହୁତେରେ । ଜେ ଆଚରହିଁ ତେ ନର ନ ଘନେରେ ॥ ୧ ॥**

ରାବଣ ସେମାନଙ୍କୁ ଜ୍ଞାନ ଉପଦେଶ ଦେଲା । ସେ ନିଜେ ନୀଚ ହୋଇ ମଧ୍ୟ ବହୁ ମଙ୍ଗଳକର କଥା କହିଲା । ଅନ୍ୟମାନଙ୍କୁ ଉପଦେଶ ଦେବାରେ ବହୁଲୋକ ନିପୁଣ; କିନ୍ତୁ ଉପଦେଶ ଅନୁସାରେ ଆଚରଣ କରୁଥିବା ଲୋକ ଖୁବ୍ କମ୍ ॥ ୧ ॥

**ନିସା ସିରାନି ଭୟଉ ଭିନୁସାରା । ଲଗେ ଭାଲୁ କପି ଚ୍ୱରିହୁଁ ଦ୍ୱାରା ॥**
**ସୁଭଟ ବୋଲାଇ ଦସାନନ ବୋଲା । ରନ ସନ୍ମୁଖ ଜା କର ମନ ଡୋଲା ॥ ୨ ॥**
**ସୋ ଅବହୀଁ ବରୁ ଜାଉ ପରାଈ । ସଂଜୁଗ ବିମୁଖ ଭଏଁ ନ ଭଲାଈ ॥**
**ନିଜ ଭୁଜ ବଲ ମୈଁ ବୟରୁ ବଢ଼ାୱା । ଦେହଉଁ ଉତରୁ ଜୋ ରିପୁ ଚଢ଼ି ଆୱା ॥ ୩ ॥**

ରାତି ପାହିଲା । ସକାଳ ହେଲା । ଭଲ୍ଲୁକ ଓ ବାନରମାନେ ଯାଇ ପୁନର୍ବାର ଲଙ୍କାର ଚ୍ୱରିଦ୍ୱାରରେ ଆକ୍ରମଣ ଆରମ୍ଭ କରିଦେଲେ । ଦଶାନନ ରାବଣ ଯୋଦ୍ଧାମାନଙ୍କୁ ଡକାଇ କହିଲା, "ଯୁଦ୍ଧରେ ଶତ୍ରୁସମ୍ମୁଖରେ ଯାହାର ମନ ବିଚଳିତ ହେଉଛି, ସେ ଏତିକିବେଳୁ ପଳାଇଯିବା ଭଲ; ଯୁଦ୍ଧକୁ ଯାଇ ବିମୁଖ ହୋଇ ପଳାଇଆସିବାରେ ମଙ୍ଗଳ ନାହିଁ । ମୁଁ ମୋ ନିଜ ବାହୁବଳ ଉପରେ ଭରସା ରଖି ଶତ୍ରୁତା ବଢ଼ାଇଛି । ଯେଉଁ ଶତ୍ରୁ ଲଙ୍କାକୁ ମାଡ଼ିଆସିଛି, ମୁଁ ନିଜେହିଁ ତାର ପ୍ରତିଶୋଧ ନେବି ।" ॥ ୨, ୩ ॥

**ଅସ କହି ମରୁତ ବେଗ ରଥ ସାଜା । ବାଜେ ସକଲ ଜୁଝାଉ ବାଜା ॥**
**ଚଲେ ବୀର ସବ ଅତୁଲିତ ବଲୀ । ଜନୁ କଜ୍ଜଲ କୈ ଆଁଧୀ ଚଲୀ ॥ ୪ ॥**

ଏପରି କହି ସେ ପବନ ପରି ଏକ ବେଗଗାମୀ ରଥ ସଜାଇଲା । ବିଭିନ୍ନପ୍ରକାର ଯୁଦ୍ଧବାଦ୍ୟ ବାଜିବାକୁ ଲାଗିଲା । ଅତୁଳନୀୟ ବଳବାନ୍ ବୀରମାନେ ଏପରିଭାବରେ ଚ୍ୱଲିଲେ ଯେ, ଦେଖି ମନେ ହେଲା, ସତେ ଯେପରି କଜ୍ଜଳର ଏକ ବାତ୍ୟା ମାଡ଼ିଆସୁଛି ॥ ୪ ॥

**ଅସଗୁନ ଅମିତ ହୋହିଁ ତେହି କାଲା । ଗନଇ ନ ଭୁଜବଲ ଗର୍ବ ବିସାଲା ॥ ୫ ॥**

ସେତିକିବେଳେ ଅସଂଖ୍ୟ ଅପଶକୁନ (ଅଶୁଭ ଲକ୍ଷଣ) ଦେଖାଗଲା; କିନ୍ତୁ ନିଜ ଭୁଜବଳରେ ଅତିଗର୍ବୀ ହୋଇଥିବା ରାବଣ ସେସବୁକୁ ଆଦୌ ଗଣିଲା (ଖାତିରି କଲା) ନାହିଁ ॥ ୫ ॥

ଛନ୍ଦ- **ଅତି ଗର୍ବ ଗନଇ ନ ସଗୁନ ଅସଗୁନ ସ୍ରୱହିଁ ଆୟୁଧ ହାଥ ତେ ।**
**ଭଟ ଗିରତ ରଥ ତେ ବାଜି ଗଜ ଚିକ୍କରତ ଭାଜହିଁ ସାଥ ତେ ॥**
**ଗୋମାୟୁ ଗୀଧ କରାଲ ଖର ରୱ ସ୍ୱାନ ବୋଲହିଁ ଅତି ଘନେ ।**
**ଜନୁ କାଲଦୂତ ଉଲୂକ ବୋଲହିଁ ବଚନ ପରମ ଭୟାୱନେ ॥**

ଅତ୍ୟନ୍ତ ଗର୍ବ ହେତୁ ସେ ଶକୁନ-ଅପଶକୁନକୁ (ଶୁଭାଶୁଭକୁ) ବିଚ୍ୱରକୁ ନେଲା ନାହିଁ । ହାତରୁ ଅସ୍ତ୍ର ଖସିପଡୁଥାଏ । ଯୋଦ୍ଧାମାନେ ରଥରୁ ଖସିପଡୁଥାନ୍ତି । ଘୋଡ଼ା ଓ ହାତୀମାନେ ଗର୍ଜନ କରି ସ୍ଥାନ ଛାଡ଼ି ପଳାଇଯାଉଥାନ୍ତି । ବିଲୁଆ, ଶାଗୁଣା, କୁଆ ଓ ଗଧମାନେ ବିଭତ୍ସ ରଡ଼ି ଛାଡୁଥାନ୍ତି । ବହୁସଂଖ୍ୟାରେ କୁକୁରମାନେ କାନ୍ଦୁଥାନ୍ତି । ପେଚ୍ୱମାନେ ଏପରି ଭୟାନକଭାବରେ ରାବୁଥାନ୍ତି ଯେ, ଲାଗୁଥାଏ, ସତେ ଯେପରି ସେମାନେ କାଳର ଦୂତରୂପେ ଆସିଛନ୍ତି ।

ଦୋଃ- **ତାହି କି ସଂପତି ସଗୁନ ସୁଭ ସପନେହୁଁ ମନ ବିଶ୍ରାମ ।**
**ଭୂତ ଦ୍ରୋହ ରତ ମୋହବସ ରାମ ବିମୁଖ ରତି କାମ ॥ ୭୮ ॥**

ଯେ ଜୀବଦ୍ରୋହରେ ରତ, ଯେ ମୋହର ବଶ, ଯେ ରାମବିମୁଖ ଓ ଯେ କାମାସକ୍ତ, ସେ କ'ଣ କେବେ ସ୍ୱପ୍ନରେ ହେଲେ ସୁଦ୍ଧା ସୁଖସମ୍ପତ୍ତି, ଶୁଭଶକୁନ ଓ ମାନସିକ ଶାନ୍ତି ପାଇପାରିବ ! ॥ ୭୮ ॥

**ଚଲେଉ ନିସାଚର କଟକୁ ଅପାରା । ଚତୁରଂଗିନୀ ଅନୀ ବହୁ ଧାରା ॥**
**ବିବିଧ୍ ଭାଁତି ବାହନ ରଥ ଜାନା । ବିପୁଲ ବରନ ପତାକ ଧ୍ୱଜ ନାନା ॥ ୧ ॥**

ରାକ୍ଷସମାନଙ୍କର ଅପାର ସେନା ଚାଲିଲା । ଚତୁରଙ୍ଗିଣୀ ସେନା ବିଭିନ୍ନ ଦଳରେ ବିଭକ୍ତ ହୋଇଥାଏ । ଅନେକପ୍ରକାର ବାହନ, ରଥ ଓ ଯାନ ଶୋଭା ପାଉଥାଏ । ବିବିଧ ରଙ୍ଗର ଅସଂଖ୍ୟ ପତାକା ଓ ଧ୍ୱଜା ଉଡୁଥାଏ ॥ ୧ ॥

**ଚଲେ ମତ୍ତ ଗଜ ଜୂଥ ଘନେରେ । ପ୍ରାବିଟ ଜଲଦ ମରୁତ ଜନୁ ପ୍ରେରେ ॥**
**ବରନ ବରନ ବିରଦୈତ ନିକାୟା । ସମର ସୂର ଜାନହିଁ ବହୁ ମାୟା ॥ ୨ ॥**

ବର୍ଷାଋତୁର ପବନ ବୋହି ଆଣୁଥିବା ମେଘମାଳା ପରି ପଲ ପଲ ମତ୍ତହସ୍ତୀ ଚାଲିଥାନ୍ତି । ନାନା ବର୍ଣ୍ଣର ବେଶ ଧରି ବୀରଗଣ ଚାଲିଥାନ୍ତି । ସେମାନେ ସମସ୍ତେ ଥିଲେ ସଂଗ୍ରାମରେ ଶୂରବୀର ଓ ନାନାପ୍ରକାର ମାୟାରଚନାରେ ନିପୁଣ ॥ ୨ ॥

**ଅତି ବିଚିତ୍ର ବାହିନୀ ବିରାଜୀ । ବୀର ବସଂତ ସେନ ଜନୁ ସାଜୀ ॥**
**ଚଲତ କଟକ ଦିଗସିଂଧୁର ଡଗହାଁ । ଛୁଭିତ ପୟୋଧି କୁଧର ଡଗମଗହାଁ ॥ ୩ ॥**

ଅତ୍ୟନ୍ତ ବିଚିତ୍ର ସେନା ଶୋଭା ପାଉଥାଏ; ମନେ ହେଉଥାଏ, ସତେ ଯେପରି ବୀର ବସନ୍ତ ତାର ସେନା ସଜାଇ ଆଣିଛି । ସେହି ସେନାର ଚାଲିରେ ଦିଗ୍‌ଗଜମାନେ ଥରିଉଠିଲେ; ସମୁଦ୍ର ବିକ୍ଷୁବ୍ଧ ହୋଇଗଲା; ପର୍ବତମାନେ ଟଳମଳ ହେଲେ ॥ ୩ ॥

**ଉଠୀ ରେନୁ ରବି ଗୟଉ ଛପାଈ । ମରୁତ ଥକିତ ବସୁଧା ଅକୁଲାଈ ॥**
**ପନୱ ନିସାନ ଘୋର ରୱ ବାଜହିଁ । ପ୍ରଲୟ ସମୟ କେ ଘନ ଜନୁ ଗାଜହିଁ ॥ ୪ ॥**

ଏତେ ଧୂଳି ଉଡ଼ିଲା ଯେ, ସୂର୍ଯ୍ୟ ଢାଙ୍କି ହୋଇଗଲେ । [ପୁଣି ହଠାତ୍] ବାୟୁ ରୁଦ୍ଧ ହୋଇଗଲା ଓ ପୃଥିବୀ କ୍ଷୁବ୍ଧ ହେବାକୁ ଲାଗିଲା । ଢୋଲ ଓ ନାଗରାସବୁ ପ୍ରଳୟକାଳୀନ ମେଘଗର୍ଜନ ସଦୃଶ ତୂର୍ଯ୍ୟନାଦରେ ବାଜୁଥାଏ ॥ ୪ ॥

**ଭେରି ନଫୀରି ବାଜ ସହନାଈ । ମାରୂ ରାଗ ସୁଭଟ ସୁଖଦାଈ ॥**
**କେହରି ନାଦ ବୀର ସବ କରହୀଁ । ନିଜ ନିଜ ବଲ ପୌରୁଷ ଉଚ୍ଚରହୀଁ ॥ ୫ ॥**

ଭେରୀ, ତୂରୀ ଓ ସାହାନାଈ ଆଦି ରଣବାଦ୍ୟ ଯୋଦ୍ଧାମାନଙ୍କୁ ଉତ୍ସାହ ଦେବାପରି ରାଗରେ ବାଜୁଥାଏ । ସବୁ ବୀର ସିଂହନାଦ କରୁଥାନ୍ତି । ସମସ୍ତେ ନିଜ ନିଜର ବଳ-ପୌରୁଷ ବଖାଣୁଥାନ୍ତି ॥ ୫ ॥

**କହଇ ଦସାନନ ସୁନହୁ ସୁଭଟ୍ଟା । ମର୍ଦହୁ ଭାଲୁ କପିନ୍ହ କେ ଠଟ୍ଟା ॥**
**ହୌଁ ମାରିହଉଁ ଭୂପ ଦ୍ୱୌ ଭାଈ । ଅସ କହି ସନ୍ମୁଖ ଫୌଜ ରେଁଗାଈ ॥ ୬ ॥**

ରାବଣ କହିଲା, ‘‘ହେ ଯୋଦ୍ଧାଗଣ ! ତୁମେ ଭାଲୁ-ବାନରଦଳଙ୍କୁ ଦଳିଦିଅ । ମୁଁ ସେହି ରାଜକୁମାର ଦୁଇଭାଇଙ୍କୁ ମାରିବି ।'' ଏପରି କହି ସେ ନିଜ ସେନାକୁ ଆଗକୁ ଚଳାଇନେଲା ॥ ୬ ॥

**ୟହ ସୁଧି ସକଲ କପିନ୍ହ ଜବ ପାଈ । ଧାଏ କରି ରଘୁବୀର ଦୋହାଈ ॥ ୭ ॥**

ଏହି ସଂବାଦ ପାଇ ବାନରମାନେ ଶ୍ରୀରଘୁବୀରଙ୍କ ଜୟଧ୍ୱନି କରି ଧାଇଁଆସିଲେ ॥ ୭ ॥

ଛନ୍ଦ- **ଧାଏ ବିସାଲ କରାଲ ମର୍କଟ ଭାଲୁ କାଲ ସମାନ ତେ ।**
**ମାନହୁଁ ସପଚ୍ଛ ଉଡ଼ାହିଁ ଭୂଧର ବୃଂଦ ନାନା ବାନ ତେ ॥**
**ନଖ ଦସନ ସୈଲ ମହାଦ୍ରୁମାୟୁଧ ସବଲ ସଂକ ନ ମାନହୀଁ ।**
**ଜୟ ରାମ ରାୱନ ମତ୍ତ ଗଜ ମୃଗରାଜ ସୁଜସୁ ବଖାନହୀଁ ॥**

ବିଶାଳ ଓ ଭୟଙ୍କର ଭଲ୍ଲୁକ–ବାନରମାନେ ଧାଇଁ ଆସିଲେ । ଦେଖାଗଲେ, ସତେ ଯେପରି ପକ୍ଷଧାରୀ ପର୍ବତମାନେ ଧାଇଁ ଆସୁଛନ୍ତି । ସେମାନେ ତ ନାନା ବର୍ଣ୍ଣର ହୋଇଥାନ୍ତି । ନଖ, ଦନ୍ତ, ପର୍ବତ ଓ ବଡ଼ ବଡ଼ ବୃକ୍ଷହିଁ ହୋଇଥାଏ ସେମାନଙ୍କ ଆୟୁଧ । ସେମାନେ ଥିଲେ ଅତ୍ୟନ୍ତ ବଳବାନ୍; କାହାକୁ ବି ଡରିବା ଜାଣି ନ ଥିଲେ । ରାବଣରୂପୀ ମତ୍ତହସ୍ତୀନିମନ୍ତେ ସିଂହସ୍ୱରୂପ ଶ୍ରୀରାମଙ୍କର ଜୟ ଜୟକାର କରିବା ସହିତ ସେହି ବାନରମାନେ ଶ୍ରୀରାମଙ୍କ ଯଶ ଗାନ କରୁଥାନ୍ତି ।

ଦୋଃ- **ଦୁହୁ ଦିସି ଜୟ ଜୟକାର କରି ନିଜ ନିଜ ଜୋରୀ ଜାନି ।**
**ଭିରେ ବୀର ଇତ ରାମହି ଉତ ରାୱନହି ବଖାନି ॥ ୭୯ ॥**

ଦୁଇପଟର ଯୋଦ୍ଧାମାନେ ଜୟ ଜୟକାର କରୁଥାନ୍ତି । ଏଣେ ଶ୍ରୀରଘୁନାଥଙ୍କର ଏବଂ ତେଣେ ରାବଣର ଯଶ ବଖାଣି ବଖାଣି ବୀରମାନେ ନିଜ ନିଜର ସମସ୍କନ୍ଧ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ଲଢ଼ିବାରେ ଲାଗିଗଲେ ॥ ୭୯ ॥

**ରାୱନୁ ରଥୀ ବିରଥ ରଘୁବୀରା । ଦେଖି ବିଭୀଷନ ଭୟଉ ଅଧୀରା ॥**
**ଅଧିକ ପ୍ରୀତି ମନ ଭା ସଂଦେହା । ବଂଦି ଚରନ କହ ସହିତ ସନେହା ॥ ୧ ॥**

ରାବଣ ରଥ ଉପରେ ବସିଥାଏ କିନ୍ତୁ ଶ୍ରୀରଘୁନାଥଙ୍କର ରଥ ନ ଥାଏ । ଏହା ଦେଖି ପ୍ରେମାଧିକ୍ୟ ହେତୁ ବିଭୀଷଣ ବ୍ୟସ୍ତ ହୋଇପଡ଼ିଲେ । ପ୍ରଭୁ ରଥବିହୀନ ହୋଇ ରଥୀ ରାବଣକୁ କିପରି ଜୟ କରିବେ ବୋଲି ତାଙ୍କ ମନରେ ସନ୍ଦେହ ଜାତ ହେଲା । ଶ୍ରୀରାମଙ୍କ ଚରଣବନ୍ଦନପୂର୍ବକ ସେ ଭକ୍ତିର ସହିତ କହିଲେ, ॥ ୧ ॥

**ନାଥ ନ ରଥ ନହିଁ ତନ ପଦ ତ୍ରାନା । କେହି ବିଧି ଜିତବ ବୀର ବଲୱାନା ॥**
**ସୁନହୁ ସଖା କହ କୃପାନିଧାନା । ଜେହିଁ ଜୟ ହୋଇ ସୋ ସ୍ୟଂଦନ ଆନା ॥ ୨ ॥**

"ହେ ନାଥ ! ଆପଣଙ୍କର ରଥ ନାହିଁ, ଶରୀରରକ୍ଷକ କବଚ (ସାଞ୍ଜୁ) ନାହିଁ, କି ପାଦରକ୍ଷକ ପାଦୁକା ନାହିଁ । ସେହି ବଳବାନ୍ ରାବଣକୁ ଆପଣ ଜୟ କରିବେ କିପରି ?" କୃପାନିଧାନ ଶ୍ରୀରାମ କହିଲେ, "ହେ ସଖା ! ଶୁଣ, ଯାହାବଳରେ ଜୟ କରାଯାଏ, ସେହି ରଥ ହେଉଛି ଭିନ୍ନପ୍ରକାରର ॥ ୨ ॥

**ସୌରଜ ଧୀରଜ ତେହି ରଥ ଚାକା । ସତ୍ୟ ସୀଲ ଦୃଢ଼ ଧ୍ୱଜା ପତାକା ॥**
**ବଲ ବିବେକ ଦମ ପରହିତ ଘୋରେ । ଛମା କୃପା ସମତା ରଜୁ ଜୋରେ ॥ ୩ ॥**

ଶୌର୍ଯ୍ୟ ଓ ଧୈର୍ଯ୍ୟ ହେଉଛି ସେହି ରଥର ଚକ୍ର । ସତ୍ୟ ଓ ସଦାଚାର ହେଉଛି ତାହାର ଦୃଢ଼ ଧ୍ୱଜା ଓ ପତାକା । ବଳ, ବିବେକ, ଦମ (ଇନ୍ଦ୍ରିୟଦମନ) ଏବଂ ପରୋପକାର–ଏହି ଚାରିଟି ହେଉଛି ତାହାର ଅଶ୍ୱ । କ୍ଷମା, ଦୟା ଏବଂ ସମତା ରଜ୍ଜୁଦ୍ୱାରା ଏହି ଅଶ୍ୱମାନେ ରଥରେ ଯୋଗ ହୋଇଥାନ୍ତି ॥ ୩ ॥

**ଈସ ଭଜନୁ ସାରଥୀ ସୁଜାନା । ବିରତି ଚର୍ମ ସଂତୋଷ କୃପାନା ॥**
**ଦାନ ପରସୁ ବୁଧି ସକ୍ତି ପ୍ରଚଂଡା । ବର ବିଗ୍ୟାନ କଠିନ କୋଦଂଡା ॥ ୪ ॥**

ଈଶ୍ୱରଙ୍କ ଭଜନ ହେଉଛି ଉକ୍ତ ରଥର ଚତୁର ସାରଥି; ବୈରାଗ୍ୟ ହେଉଛି ଢାଲ ଓ ସନ୍ତୋଷ ହେଉଛି ଖଡ୍‌ଗ; ଦାନ ଫାର୍ଶା; ବୁଦ୍ଧିହିଁ ପ୍ରଚଣ୍ଡଶକ୍ତି ଏବଂ ଶ୍ରେଷ୍ଠ ବିଜ୍ଞାନ ହେଉଛି କଠୋର ଧନୁ ॥ ୪ ॥

**ଅମଲ ଅଚଲ ମନ ତ୍ରୋନ ସମାନା । ସମ ଜମ ନିୟମ ସିଲୀମୁଖ ନାନା ॥**
**କବଚ ଅଭେଦ ବିପ୍ର ଗୁର ପୂଜା । ଏହି ସମ ବିଜୟ ଉପାୟ ନ ଦୂଜା ॥ ୫ ॥**

ନିର୍ମଳ (ନିଷ୍ପାପ) ଓ ଅଚଳ (ସ୍ଥିର) ମନ ହେଉଛି ତୂଣୀର । ଶମ (ମନର ବଶୀକରଣ), ଯମ (ଅହିଂସାଦି) ଓ ନିୟମ (ଶୌଚ୍ଛାଦି)—ଏସବୁ ହେଉଛି ବିବିଧ ବାଣ । ବ୍ରାହ୍ମଣ ତଥା ଗୁରୁଙ୍କ ପୂଜା ହେଉଛି ଅଭେଦ୍ୟ କବଚ । ବିଜୟ ନିମନ୍ତେ ଏହିସବୁ ସାଧନ ପରି ଅନ୍ୟ କୌଣସି ସାଧନ ନାହିଁ ॥ ୫ ॥

**ସଖା ଧର୍ମମୟ ଅସ ରଥ ଜାକେଁ । ଜୀତନ କହଁ ନ କତହୁଁ ରିପୁ ତାକେଁ ॥ ୬ ॥**

ହେ ସଖା ! ଯାହାଙ୍କର ଏପରି ଧର୍ମମୟ ରଥ ରହିଛି, ତାଙ୍କର କେହି ଶତ୍ରୁହିଁ ନ ଥାନ୍ତି; ତାଙ୍କୁ କେହି ଜୟ କରିପାରିବ ନାହିଁ ॥ ୬ ॥

ଦୋ:- **ମହା ଅଜୟ ସଂସାର ରିପୁ ଜୀତି ସକଇ ସୋ ବୀର ।**
**ଜାକେଁ ଅସ ରଥ ହୋଇ ଦୃଢ଼ ସୁନହୁ ସଖା ମତିଧୀର ॥୮୦(କ)॥**

"ହେ ଧୀରବୁଦ୍ଧି ସଖା ! ଶୁଣ, ଯାହା ପାଖରେ ଏପରି ସୁଦୃଢ଼ ରଥ ଥାଏ, ସେହି ବୀର ଜନ୍ମମୃତ୍ୟୁରୂପୀ ସଂସାର ପରି ଅତ୍ୟନ୍ତ ଦୁର୍ଜୟ ଶତ୍ରୁକୁ ମଧ୍ୟ ଜୟ କରିପାରେ (ରାବଣ କଥା ବା କେତେ !)" ॥ ୮୦(କ) ॥

**ସୁନି ପ୍ରଭୁ ବଚନ ବିଭୀଷନ ହରଷି ଗହେ ପଦ କଂଜ ।**
**ଏହି ମିସ ମୋହି ଉପଦେସେହୁ ରାମ କୃପା ସୁଖ ପୁଂଜ ॥୮୦(ଖ)॥**

ପ୍ରଭୁଙ୍କ ବଚନ ଶୁଣି ବିଭୀଷଣ ଆନନ୍ଦିତ ହୋଇଗଲେ । ସେ ତାଙ୍କ ପାଦପଦ୍ମ ଧରିପକାଇ କହିଲେ, "ହେ କୃପାନିଧାନ ! ହେ ସୁଖରାଶି ଶ୍ରୀରାମ ! ଆପଣ ଏହା କହିବାଛଳରେ ମୋତେ ଅମୂଲ୍ୟ ଉପଦେଶ ଦେଇଦେଲେ ।" ॥ ୮୦(ଖ) ॥

**ଉତ ପଚାର ଦସକଂଧର ଇତ ଅଗଂଦ ହନୁମାନ ।**
**ଲରତ ନିସାଚର ଭାଲୁ କପି କରି ନିଜ ନିଜ ପ୍ରଭୁ ଆନ ॥୮୦(ଗ)॥**

ସେପଟେ ରାବଣ ଏବଂ ଏପଟେ ଅଙ୍ଗଦ ଓ ହନୁମାନ୍ ରଣଆହ୍ୱାନ ଦେଉଥାନ୍ତି । ରାକ୍ଷସ ଓ ଭଲ୍ଲୁକ-ବାନରମାନେ ନିଜ ନିଜ ପ୍ରଭୁଙ୍କର ଜୟ ଜୟକାର କରି ଯୁଦ୍ଧ କରୁଥାନ୍ତି ॥ ୮୦(ଗ) ॥

**ସୁର ବ୍ରହ୍ମାଦି ସିଦ୍ଧ ମୁନି ନାନା । ଦେଖତ ରନ ନଭ ଚଢ଼େ ବିମାନା ॥**
**ହମହୂ ଉମା ରହେ ତେହିଁ ସଂଗା । ଦେଖତ ରାମ ଚରିତ ରନ ରଂଗା ॥ ୧ ॥**

ବ୍ରହ୍ମାଦି ସବୁଦେବତା, ଅନେକ ସିଦ୍ଧ ଏବଂ ମୁନି ବିମାନରେ ବସି ଆକାଶମାର୍ଗରୁ ଯୁଦ୍ଧ ଦେଖୁଥାନ୍ତି । [ଶିବ କହିଲେ,] ହେ ଉମା ! ମୁଁ ମଧ୍ୟ ସେମାନଙ୍କ ମଧ୍ୟରେ ଉପସ୍ଥିତ ରହି ଶ୍ରୀରାମଙ୍କ ରଣ-ରଙ୍ଗ-ଲୀଳା ଦେଖୁଥିଲି ॥ ୧ ॥

**ସୁଭଟ ସମର ରସ ଦୁହୁ ଦିସି ମାତେ । କପି ଜୟସୀଲ ରାମ ବଲ ତାତେ ॥**
**ଏକ ଏକ ସନ ଭିରହିଁ ପଚାରହିଁ । ଏକନ୍ହ ଏକ ମର୍ଦି ମହି ପାରହିଁ ॥ ୨ ॥**

ଉଭୟ ପକ୍ଷର ଯୋଦ୍ଧା ରଣରସରେ ଉନ୍ମତ୍ତ ହୋଇଯାଇଥିଲେ । ବାନରମାନଙ୍କର ବଳ ଥିଲେ ଶ୍ରୀରାମ; ତେଣୁ ସେମାନେ ଜିଣୁଥାନ୍ତି । ବାନର ଓ ରାକ୍ଷସମାନେ ପରସ୍ପର ଲଢୁଥାନ୍ତି, ଆହ୍ୱାନ ଦେଉଥାନ୍ତି ଏବଂ ଏକ ଆରେକକୁ ଦଳି ତଳେ ପକାଇଦେଉଥାନ୍ତି ॥ ୨ ॥

**ମାରହିଁ କାଟହିଁ ଧରହିଁ ପଛାରହିଁ । ସୀସ ତୋରି ସୀସହ୍ନ ସନ ମାରହିଁ ॥**
**ଉଦର ବିଦାରହିଁ ଭୁଜା ଉପାରହିଁ । ଗହି ପଦ ଅୱନି ପଟକି ଭଟ ଡାରହିଁ ॥ ୩ ॥**

ସେମାନେ ନିଜ ନିଜର ଶତ୍ରୁକୁ ମାରକାଟ କରୁଥାନ୍ତି; ପରସ୍ପରକୁ ଧରି ତଳେ କଚାଡ଼ିଦେଉଥାନ୍ତି ଏବଂ ମୁଣ୍ଡ ଛିଣ୍ଡାଇ ସେହି ମୁଣ୍ଡଦ୍ୱାରା ଅନ୍ୟର ମୁଣ୍ଡକୁ ପ୍ରହାର କରୁଥାନ୍ତି । ଏକ ଆରେକର ପେଟ ଫଟାଇଦେଉଥାଆନ୍ତି, ବାହୁ ଉପାଡ଼ି ଦେଉଥାନ୍ତି ଏବଂ ଯୋଦ୍ଧାମାନଙ୍କର ଗୋଡ଼ ଧରି ବୁଲାଇ ବୁଲାଇ ତଳେ କଚାଡ଼ିଦେଉଥାନ୍ତି ॥ ୩ ॥

**ନିସିଚର ଭଟ ମହି ଗାଡ଼ହିଁ ଭାଲୂ । ଉପର ଢାରି ଦେହିଁ ବହୁ ବାଲୂ ॥**
**ବୀର ବଲୀମୁଖ ଜୁଦ୍ଧ ବିରୁଦ୍ଧେ । ଦେଖିଅତ ବିପୁଲ କାଲ ଜନୁ କ୍ରୁଦ୍ଧେ ॥ ୪ ॥**

ଭାଲୁମାନେ ରାକ୍ଷସଯୋଦ୍ଧାଙ୍କୁ ମାରି, ଗାତରେ ପକାଇ ତାହାକୁ ବାଲିରେ ପୋତିଦେଉଥାନ୍ତି । ଶତ୍ରୁ ବିରୁଦ୍ଧରେ ଲଢୁଥିବା ବୀରବାନରମାନେ ବହୁସଂଖ୍ୟକ କ୍ରୁଦ୍ଧ କାଳପୁରୁଷ ପରି ଦେଖା ଯାଉଥାନ୍ତି ॥ ୪ ॥

ଛନ୍ଦ- **କ୍ରୁଦ୍ଧେ କୃତାଂତ ସମାନ କପି ତନ ସ୍ରୱତ ସୋନିତ ରାଜହୀଁ ।**
**ମର୍ଦହିଁ ନିସାଚର କଟକ ଭଟ ବଲୱଂତ ଘନ ଜିମି ଗାଜହୀଁ ॥**
**ମାରହିଁ ଚପେଟହ୍ନି ଡାଟି ଦାତହ୍ନ କାଟି ଲାତହ୍ନ ମୀଜହୀଁ ।**
**ଚିକ୍କରହିଁ ମର୍କଟ ଭାଲୁ ଛଲ ବଲ କରହିଁ ଜେହିଁ ଖଲ ଛୀଜହୀଁ ॥ ୧ ॥**

ଦେହରୁ ରକ୍ତ ବହିଯାଉଥାଏ; ସେହି ବାନରମାନେ ରକ୍ତାକ୍ତ ଶରୀରରେ କ୍ରୁଦ୍ଧ କାଳସମାନ ଶୋଭା ପାଉଥାନ୍ତି । ସେମାନେ ରାକ୍ଷସସେନାର ବଳବାନ୍ ବୀରଯୋଦ୍ଧାମାନଙ୍କୁ ଦଳିଦେଉଥାନ୍ତି ଏବଂ ମେଘ ପରି ଗର୍ଜୁଥାନ୍ତି । ଜୋରରେ ଚାପୁଡ଼ା ମାରୁଥାନ୍ତି; ଦାନ୍ତରେ କାମୁଡ଼ିପକାଉଥାନ୍ତି ଏବଂ ଲାତ ମାରି ମାରି ଦଳିଦେଉଥାନ୍ତି । ବାନର ଓ ଭାଲୁମାନେ ଗର୍ଜନ କରୁଥାନ୍ତି ଏବଂ ରାକ୍ଷସମାନେ ଯେପରି ନଷ୍ଟ ହୋଇଯିବେ, ସେହିପରି ଛଳ-ବଳ-କୌଶଳରେ ସେମାନେ ଯୁଦ୍ଧ କରୁଥାନ୍ତି ॥ ୧ ॥

**ଧରି ଗାଲ ଫାରହିଁ ଉର ବିଦାରହିଁ ଗଲ ଅଁତାୱରି ମେଲହୀଁ ।**
**ପ୍ରହ୍ଲାଦପତି ଜନୁ ବିବିଧ ତନୁ ଧରି ସମର ଅଂଗନ ଖେଲହୀଁ ॥**
**ଧରୁ ମାରୁ କାଟୁ ପଛାରୁ ଘୋର ଗିରା ଗଗନ ମହି ଭରି ରହୀ ।**
**ଜୟ ରାମ ଜୋ ତୃନ ତେ କୁଲିସ କର କୁଲିସ ତେ କର ତୃନ ସହୀ ॥ ୨ ॥**

ବାନରମାନେ ରାକ୍ଷସମାନଙ୍କର ଗାଲ ଧରି ଚିରିଦେଉଥାଆନ୍ତି, ଛାତି ଫାଡ଼ିଦେଉଥାଆନ୍ତି ଏବଂ ଅନ୍ତବୁଜୁଳା କାଢ଼ି ବେକରେ ପକାଉଥାନ୍ତି । ସେହି ବାନରମାନେ ଏପରି ଦିଶୁଥାନ୍ତି ଯେ, ମନେ ହେଉଥାଏ, ସତେ ଯେପରି ପ୍ରହ୍ଲାଦଙ୍କ ପ୍ରଭୁ ନୃସିଂହ ଅନେକ ଶରୀର ଧାରଣ କରି ରଣପ୍ରାଙ୍ଗଣରେ କ୍ରୀଡ଼ା କରୁଛନ୍ତି । ଚତୁର୍ଦ୍ଦିଗରେ 'ଧର ଧର ! ମାର ମାର ! କାଟ କାଟ !' ଶବ୍ଦ ଶୁଭୁଥାଏ । ସେମାନେ ଶ୍ରୀରାମଙ୍କର ଜୟଧ୍ୱନି କରି କହୁଥାନ୍ତି 'ଯେଉଁ ଶ୍ରୀରାମ ତୃଣକୁ ବଜ୍ରସମାନ ଓ ବଜ୍ରକୁ ତୃଣସମାନ କରିଦେଇପାରନ୍ତି (ଅର୍ଥାତ୍ ଦୁର୍ବଳକୁ ସବଳ ଓ ସବଳକୁ ଦୁର୍ବଳ କରିଦେଇପାରନ୍ତି), ସେହି ପ୍ରଭୁ ଶ୍ରୀରାମଙ୍କର ଜୟ ହେଉ' ॥ ୨ ॥

ଦୋ:- **ନିଜ ଦଲ ବିଚଲତ ଦେଖେସି ବୀସ ଭୁଜାଁ ଦସ ଚ୍ପ ।**
**ରଥ ଚଢ଼ି ଚଲେଉ ଦସାନନ ଫିରହୁ ଫିରହୁ କରି ଦାପ ॥ ୮୧ ॥**

ନିଜସେନାର ବିଚଳିତ ଅବସ୍ଥା ଦେଖି ରାବଣ ବିଂଶଭୁଜରେ ଦଶଟି ଧନୁ ଧରିପକାଇଲା ଏବଂ ରଥ ଚଢ଼ି ବାହାରିପଡ଼ିଲା ଓ ପୃଷ୍ଠଭଙ୍ଗ ଦେଉଥିବା ନିଜସେନାକୁ 'ଫେରି ଆସ ! ଫେରି ଆସ !' ବୋଲି ଡାକ ପକାଇଲା ॥ ୮୧ ॥

**ଧାୟଉ ପରମ କ୍ରୁଦ୍ଧ ଦସକଂଧର । ସନ୍ମୁଖ ଚଲେ ହୂହ ଦୈ ବଂଦର ॥**
**ଗହି କର ପାଦପ ଉପଲ ପହାରା । ଡାରେହ୍ନି ତା ପର ଏକହିଁ ବାରା ॥ ୧ ॥**

ରାବଣ କ୍ରୁଦ୍ଧ ହୋଇ ଧାଇଁଆସିଲା । ବାନରମାନେ ହୁଙ୍କାର କରି ତାହାର ସମ୍ମୁଖୀନ ହେଲେ । ସେମାନେ ହାତରେ ପାହାଡ଼, ପଥର ଓ ବଡ଼ ବଡ଼ ବୃକ୍ଷ ଧରି ଏକସଙ୍ଗେ ତା'ଉପରକୁ ନିକ୍ଷେପ କଲେ ॥ ୧ ॥

**ଲାଗହିଁ ସୈଲ ବଜ୍ର ତନ ତାସୂ । ଖଂଡ ଖଂଡ ହୋଇ ଫୂଟହିଁ ଆସୂ ॥**
**ଚଲା ନ ଅଚଲ ରହା ରଥ ରୋପୀ । ରନ ଦୁର୍ମଦ ରାୱନ ଅତି କୋପୀ ॥ ୨ ॥**

କିନ୍ତୁ ତାର ବଜ୍ରତୁଲ୍ୟ ଶରୀରରେ ବାଜି ପାହାଡ଼ ଓ ପଥରସବୁ ଖଣ୍ଡ ଖଣ୍ଡ ହୋଇଗଲା । ଅତିକ୍ରୋଧୀ ରଣୋନ୍ମତ୍ତ ରାବଣ ରଥ ରଖି, ଦୃଢ଼ଭାବରେ ଠିଆ ହୋଇ ରହିଲା । [ନିଜ ସ୍ଥାନରୁ] ତିଳେମାତ୍ର ଘୁଞ୍ଚିଲା ନାହିଁ ॥ ୨ ॥

**ଇତ ଉତ ଝପଟି ଦପଟି କପି ଜୋଧା । ମର୍ଦୈ ଲାଗ ଭୟଉ ଅତି କ୍ରୋଧା ॥**
**ଚଲେ ପରାଇ ଭାଲୁ କପି ନାନା । ତ୍ରାହି ତ୍ରାହି ଅଂଗଦ ହନୁମାନା ॥ ୩ ॥**

ସେ ଭୀଷଣ କ୍ରୁଦ୍ଧ ହୋଇ, ଡେଇଁକୁଦି ବାନର ଯୋଦ୍ଧାମାନଙ୍କୁ ଦଳିପକାଇଲା । ଅନେକ ଭାଲୁ ଓ ବାନର 'ହେ ଅଙ୍ଗଦ ! ହେ ହନୁମାନ୍ ! ରକ୍ଷା କର ! ରକ୍ଷା କର !' କହି ପଳାୟନ କଲେ ॥ ୩ ॥

**ପାହି ପାହି ରଘୁବୀର ଗୋସାଈଁ । ୟହ ଖଲ ଖାଇ କାଲ କୀ ନାଈଁ ॥**
**ତେହିଁ ଦେଖେ କପି ସକଲ ପରାନେ । ଦସହୁଁ ଚ୍ପ ସାୟକ ସଂଧାନେ ॥ ୪ ॥**

"ହେ ରଘୁବୀର ! ହେ ଗୋସାଇଁ ! ରକ୍ଷା କରନ୍ତୁ ! ରକ୍ଷା କରନ୍ତୁ ! ଏ ଦୁଷ୍ଟ ଆମକୁ କାଳ ପରି ଖାଇଯାଉଛି !"—ଏହିପରି ରଡ଼ି ଛାଡ଼ି ସବୁବାନର ପଳାଇଯିବାକୁ ବସିଲେ । ତାହା ଦେଖି ରାବଣ ତାର ଦଶଧନୁରେ ଶର ସନ୍ଧାନ କରିଦେଲା ॥ ୪ ॥

ଛନ୍ଦ- **ସଂଧାନି ଧନୁ ସର ନିକର ଛାଡ଼େସି ଉରଗ ଜିମି ଉଡ଼ି ଲାଗହୀଁ ।**
**ରହେ ପୂରି ସର ଧରନୀ ଗଗନ ଦିସି ବିଦିସି କହଁ କପି ଭାଗହୀଁ ॥**
**ଭୟୋ ଅତି କୋଲାହଲ ବିକଲ କପି ଦଲ ଭାଲୁ ବୋଲହିଁ ଆତୁରେ ।**
**ରଘୁବୀର କରୁନା ସିଂଧୁ ଆରତ ବଂଧୁ ଜନ ରଚ୍ଛକ ହରେ ॥**

ସେ ଧନୁମାନଙ୍କରେ ଶର ଖଞ୍ଜି ଅଗଣିତ ଶର ମାରିଲା । ସେହିସବୁ ଶର ଲକ୍ଷ୍ୟସ୍ଥଳ ଆଡ଼କୁ ସର୍ପ ପରି ଛୁଟିଗଲା । ପୃଥିବୀ, ଆକାଶ, ଦିଗ-ବିଦିଗ—ସର୍ବତ୍ର ଶରରେ ପୂର୍ଣ୍ଣ ହୋଇଗଲା । ବାନରମାନେ ଆଉ ଯିବେ କୁଆଡ଼େ ! କୋଳାହଳ କରି, ବ୍ୟାକୁଳ ହୋଇ ବାନର ଓ ଭାଲୁମାନଙ୍କର ସେନା ଆର୍ତ୍ତନାଦ କରିବାକୁ ଲାଗିଲା, "ହେ ରଘୁବୀର ! ହେ କରୁଣାସାଗର ! ହେ ଆର୍ତ୍ତବନ୍ଧୁ ! ହେ ସେବକମାନଙ୍କର ରକ୍ଷକ ! ହେ ହରି ! [ରକ୍ଷା କର ।]"

ଦୋ:- **ନିଜ ଦଲ ବିକଲ ଦେଖି କଟି କସି ନିଷଂଗ ଧନୁ ହାଥ ।**
**ଲଛିମନ ଚଲେ କ୍ରୁଦ୍ଧ ହୋଇ ନାଇ ରାମ ପଦ ମାଥ ॥ ୮୨ ॥**

ନିଜ ସେନାର ବିକଳ ଅବସ୍ଥା ଦେଖି, କଟିରେ ତୂଣୀର କଷି, ହାତରେ ଧନୁ ଧରି, ଶ୍ରୀରଘୁନାଥଙ୍କ ଚରଣରେ ପ୍ରଣାମ କରି ଲକ୍ଷ୍ମଣ କ୍ରୋଧଭର ହୋଇ ଗ୍ଲିଲେ ॥ ୮୨ ॥

**ରେ ଖଲ କା ମାରସି କପି ଭାଲୂ । ମୋହି ବିଲୋକୁ ତୋର ମୈଁ କାଲୂ ॥**
**ଖୋଜତ ରହେଉଁ ତୋହି ସୁତଘାତୀ । ଆଜୁ ନିପାତି ଜୁଡ଼ାଓ୍ୱଉଁ ଛାତୀ ॥ ୧ ॥**

ସେ ରାବଣ ନିକଟକୁ ଯାଇ କହିଲେ, ‘‘ରେ ଦୁଷ୍ଟ ! ତୁ ଏ ବାନର ଓ ଭଲ୍ଲୁକମାନଙ୍କୁ ମାରୁଛୁ କ’ଣ ? ମୋତେ ଦେଖ । ମୁଁ ତୋର କାଳ ।’’ ରାବଣ କହିଲା, ‘‘ଆରେ ମୋର ପୁତ୍ରଘାତକ ! ମୁଁ ତୋତେହିଁ ଖୋଜୁଥିଲି । ଆଜି ତୋତେ ମାରି ମୁଁ ହୃଦୟ ଶୀତଳ କରିବି ।’’ ॥ ୧ ॥

**ଅସ କହି ଛାଡ଼େସି ବାନ ପ୍ରଚଂଡା । ଲଛିମନ କିଏ ସକଲ ସତ ଖଂଡା ॥**
**କୋଟିହ୍ନ ଆୟୁଧ ରାଓ୍ୱନ ଡାରେ । ତିଲ ପ୍ରଓ୍ୱାନ କରି କାଟି ନିଓ୍ୱାରେ ॥ ୨ ॥**

ଏପରି କହି ସେ ପ୍ରଚଣ୍ଡ ବାଣମାନ ମାରିଲା । ଲକ୍ଷ୍ମଣ ସେହିସବୁ ବାଣକୁ ଶତଖଣ୍ଡ କରି କାଟିଦେଲେ । ରାବଣ କୋଟି କୋଟି ଅସ୍ତ୍ର ଚଳାଇଲା । ଲକ୍ଷ୍ମଣ ସେସବୁକୁ ମଧ୍ୟ କାଟି, ତିଳ ତିଳ କରି ନଷ୍ଟ କରିଦେଲେ ॥ ୨ ॥

**ପୁନି ନିଜ ବାନହ୍ନ କୀହ୍ନ ପ୍ରହାରା । ସ୍ୟଂଦନୁ ଭଂଜି ସାରଥୀ ମାରା ॥**
**ସତ ସତ ସର ମାରେ ଦସ ଭାଲା । ଗିରି ସୃଂଗହ୍ନ ଜନୁ ପ୍ରବିସହିଁ ବ୍ୟାଲା ॥ ୩ ॥**

ଏବଂ ସେ ନିଜ ବାଣଦ୍ୱାରା ତାକୁ ପ୍ରହାର କଲେ । ତା’ରଥ ଭାଙ୍ଗି ସାରଥିକୁ ମାରିଦେଲେ । ରାବଣର ଦଶଶିରକୁ ଲକ୍ଷ୍ୟ କରି ସେ ଶହ ଶହ ବାଣ ବିନ୍ଧିଲେ । ପର୍ବତଶିଖରମାନଙ୍କରେ ସର୍ପମାନେ ପଶିଯିବା ପରି ସେହିସବୁ ବାଣ ତା’ ମୁଣ୍ଡମାନଙ୍କରେ ପଶିଗଲା ॥ ୩ ॥

**ପୁନି ସତ ସର ମାରା ଉର ମାହୀଁ । ପରେଉ ଧରନି ତଲ ସୁଧି କଛୁ ନାହୀଁ ॥**
**ଉଠା ପ୍ରବଲ ପୁନି ମୁରୁଛା ଜାଗୀ । ଛାଡ଼ିସି ବ୍ରହ୍ମ ଦୀହ୍ନି ଜୋ ସାଁଗୀ ॥ ୪ ॥**

ପୁଣି ଲକ୍ଷ୍ମଣ ତାର ବକ୍ଷକୁ ଲକ୍ଷ୍ୟ କରି ଏକଶହ ବାଣ ମାରିଲେ । ରାବଣ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲା । କିନ୍ତୁ ମୂର୍ଚ୍ଛା ଦୂର ହେବାକ୍ଷଣି ସେ ଉଠିପଡ଼ି ଲକ୍ଷ୍ମଣଙ୍କ ଉପରକୁ ବ୍ରହ୍ମାଙ୍କ ପ୍ରଦତ୍ତ ଶକ୍ତି ନିକ୍ଷେପ କରିଦେଲା ॥ ୪ ॥

ଛନ୍ଦ- **ସୋ ବ୍ରହ୍ମ ଦତ୍ତ ପ୍ରଚଂଡ ସକ୍ତି ଅନଂତ ଉର ଲାଗୀ ସହୀ ।**
**ପରେ୍ୟା ବୀର ବିକଲ ଉଠାଓ୍ୱ ଦସମୁଖ ଅତୁଲ ବଲ ମହିମା ରହୀ ॥**
**ବ୍ରହ୍ମଂଡ ଭଓ୍ୱନ ବିରାଜ ଜାକେଁ ଏକ ସିର ଜିମି ରଜ କନୀ ।**
**ତେହି ଚହ ଉଠାଓ୍ୱନ ମୂଢ଼ ରାଓ୍ୱନ ଜାନ ନହିଁ ତ୍ରିଭୁଅନ ଧନୀ ॥**

ବ୍ରହ୍ମାପ୍ରଦତ୍ତ ଶକ୍ତି ପ୍ରଚଣ୍ଡ ବେଗରେ ଆସି ଲକ୍ଷ୍ମଣଙ୍କ ବକ୍ଷକୁ ଆଘାତ କଲା । ବୀର ଲକ୍ଷ୍ମଣ ବ୍ୟାକୁଳ ହୋଇ ତଳେ ପଡ଼ିଗଲେ । ରାବଣ ତାଙ୍କୁ ଉଠାଇବାକୁ ଚେଷ୍ଟା କଲା । କିନ୍ତୁ ଲକ୍ଷ୍ମଣଙ୍କର ଅତୁଳନୀୟ ବଳର ମହିମା ଅତୁଟ ହୋଇ ରହିଗଲା । ଯାହାଙ୍କର ଗୋଟିଏ ମାତ୍ର ଶିର (ଫଣା)ରେ ବ୍ରହ୍ମାଣ୍ଡରୂପୀ ଭବନ ଧୂଳିକଣାଟିଏ ପରି ବିରାଜିତ ହେଉଛି, ତାଙ୍କୁ ପୁଣି ମୂର୍ଖ ରାବଣ ଟେକିବାକୁ ବସିଛି ! ତ୍ରିଭୁବନର ସ୍ୱାମୀ ଲକ୍ଷ୍ମଣଙ୍କୁ ସେ ଚିହ୍ନିନାହିଁ ॥

ଦୋଃ- **ଦେଖି ପୱ୍ନସୁତ ଧାୟଉ ବୋଲତ ବଚନ କଠୋର ।**
**ଆୱ୍ତ କପିହି ହନ୍ୟୋ ତେହିଁ ମୁଷ୍ଟି ପ୍ରହାର ପ୍ରଘୋର ॥ ୮୩ ॥**

ଏହା ଦେଖି ପବନପୁତ୍ର ହନୁମାନ୍ କଠୋର ବଚନ କହି କହି ତା'ଉପରକୁ ଝପଟିଗଲେ । ହନୁମାନ୍ ଆସିବାମାତ୍ରେ ରାବଣ ତାଙ୍କ ଉପରେ ଘୋର ମୁଷ୍ଟି ପ୍ରହାର କଲା ॥ ୮୩ ॥

**ଜାନୁ ଟେକି କପି ଭୂମି ନ ଗିରା । ଉଠା ସଁଭାରି ବହୁତ ରିସ ଭରା ॥**
**ମୁଠିକା ଏକ ତାହି କପି ମାରା । ପରେଉ ସୈଲ ଜନୁ ବଜ୍ର ପ୍ରହାରା ॥ ୧ ॥**

ମୁଥମାଡ଼ ଖାଇ ହନୁମାନ୍ ଆଣ୍ଠୁ ମାଡ଼ି ବସିପଡ଼ିଲେ ସିନା, ତଳେ ପଡ଼ିଗଲେ ନାହିଁ । ନିଜକୁ ସମ୍ଭାଳିନେଇ ସେ ପୁଣି ଥରେ କ୍ରୋଧଭର ହୋଇ ଉଠିଲେ ଓ ରାବଣକୁ ଏକ ବଜ୍ର ପରି ମୁଥ ମାରିଦେଲେ । ବଜ୍ରାଘାତରେ ପର୍ବତ ଟଳିପଡ଼ିଲାପରି ରାବଣ ରଥରୁ ଖସିପଡ଼ିଲା ॥ ୧ ॥

**ମୁରୁଛା ଗୈ ବହୋରି ସୋ ଜାଗା । କପି ବଲ ବିପୁଲ ସରାହନ ଲାଗା ॥**
**ଧିଗ ଧିଗ ମମ ପୌରୁଷ ଧିଗ ମୋହୀ । ଜୌଁ ତୈଁ ଜିଅତ ରହେସି ସୁରଦ୍ରୋହୀ ॥ ୨ ॥**

ମୂର୍ଚ୍ଛାଭଙ୍ଗ ହେବା ପରେ ସେ ପୁଣି ଥରେ ଉଠିପଡ଼ିଲା ଏବଂ ହନୁମାନଙ୍କର ବିପୁଳ ବଳକୁ ପ୍ରଶଂସା କଲା । ହନୁମାନ୍ କହିଲେ, ''ମୋ ପୌରୁଷକୁ ଧିକ୍ ! ମୋତେ ବି ଧିକ୍ ! ଆରେ ଦେବଦ୍ରୋହୀ ! ତୁ ଏବେ ବି ବଞ୍ଚିଛୁ !!'' ॥ ୨ ॥

**ଅସ କହି ଲଛିମନ କହୁଁ କପି ଲ୍ୟାୟୋ । ଦେଖି ଦସାନନ ବିସମୟ ପାୟୋ ॥**
**କହ ରଘୁବୀର ସମୁଝୁ ଜିୟଁ ଭ୍ରାତା । ତୁହ୍ମ କୃତାଂତ ଭଚ୍ଛକ ସୁର ତ୍ରାତା ॥ ୩ ॥**

ଏପରି କହିବା ପରେ ହନୁମାନ୍ ଲକ୍ଷ୍ମଣଙ୍କୁ ଉଠାଇ ଶ୍ରୀରଘୁନାଥଙ୍କ ନିକଟକୁ ନେଇଆସିଲେ । ଏହା ଦେଖି ରାବଣ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲା । ଶ୍ରୀରଘୁବୀର [ଲକ୍ଷ୍ମଣଙ୍କୁ] କହିଲେ, ''ଭାଇ ! ବିଗ୍ରେର କରି ଦେଖ; (ଅର୍ଥାତ୍ ନିଜ ସ୍ୱରୂପର ସ୍ମରଣ କର) ତୁ ହେଉଛୁ କାଳର ସୁଦ୍ଧା ଭକ୍ଷକ ଏବଂ ଦେବଗଣଙ୍କର ରକ୍ଷକ ।'' ॥ ୩ ॥

**ସୁନତ ବଚନ ଉଠି ବୈଠ କୃପାଲା । ଗଈ ଗଗନ ସୋ ସକତି କରାଲା ॥**
**ପୁନି କୋଦଂଡ ବାନ ଗହି ଧାଏ । ରିପୁ ସନ୍ମୁଖ ଅତି ଆତୁର ଆଏ ॥ ୪ ॥**

ଏହା ଶୁଣିଦେବାକ୍ଷଣି କୃପାଳୁ ଲକ୍ଷ୍ମଣ ଉଠି ବସିପଡ଼ିଲେ ଏବଂ ବ୍ରହ୍ମାଙ୍କର ସେହି କରାଳ 'ଶକ୍ତି' ତାଙ୍କ ଦେହରୁ ବାହାରି ଆକାଶକୁ ଗ୍ଲଲିଗଲା । ଲକ୍ଷ୍ମଣ ପୁନର୍ବାର ଧନୁର୍ବାଣ ଧରି ଧାଇଁଲେ ଏବଂ ଅତିଶୀଘ୍ର ଆସି ଶତ୍ରୁ ସମ୍ମୁଖରେ ପହଞ୍ଚିଗଲେ ॥ ୪ ॥

ଛନ୍ଦ- **ଆତୁର ବହୋରି ବିଭଂଜି ସ୍ୟଂଦନ ସୂତ ହତି ବ୍ୟାକୁଲ କିୟୋ ।**
**ଗିର୍ୟୋ ଧରନି ଦସକଂଧର ବିକଲତର ବାନ ସତ ବେଧ୍ୟୋ ହିୟୋ ॥**
**ସାରଥୀ ଦୂସର ଘାଲି ରଥ ତେହି ତୁରତ ଲଂକା ଲୈ ଗୟୋ ।**
**ରଘୁବୀର ବଂଧୁ ପ୍ରତାପ ପୁଂଜ ବହୋରି ପ୍ରଭୁ ଚରନହ୍ନି ନୟୋ ॥**

ସେ ଅତିଶୀଘ୍ର ରାବଣର ରଥ ଚୂର୍ଣ୍ଣ କରିଦେଲେ ଏବଂ ସାରଥିକୁ ମାରି ତାକୁ ବିବ୍ରତ କରିଦେଲେ । ସେ ତା' ଛାତି ଉପରକୁ ଶହେ ବାଣ ବିନ୍ଧିଦେଲେ; ଫଳରେ ରାବଣ ଅତ୍ୟନ୍ତ ବ୍ୟାକୁଳ ହୋଇ ତଳେ ଖସିପଡ଼ିଲା । ସେତେବେଳେ ଅନ୍ୟ ଜଣେ ସାରଥି ତାକୁ ରଥରେ ପକାଇ ଅବିଳମ୍ବେ ଗଡ଼ଭିତରକୁ ନେଇଗଲା । ପ୍ରତାପପୁଞ୍ଜ ରଘୁବୀରଙ୍କର ଭାଇ ଲକ୍ଷ୍ମଣ ଫେରିଆସି ପ୍ରଭୁଙ୍କ ଚରଣରେ ପ୍ରଣାମ କଲେ ॥

ଦୋଃ- **ଉହାଁ ଦସାନନ ଜାଗି କରି କରୈ ଲାଗ କଛୁ ଜଗ୍ୟ ।**
**ରାମ ବିରୋଧ ବିଜୟ ଚହ ସଠ ହଠ ଅତି ଅଗ୍ୟ ॥ ୮୪ ॥**

ତେଣେ ଲଙ୍କାରେ ରାବଣର ମୂର୍ଚ୍ଛା ଭାଙ୍ଗିଯିବାରୁ ସେ ଜାଗିଉଠି ଗୋଟିଏ ଯଜ୍ଞ କରିବାକୁ ଲାଗିଲା । ସେହି ଅଜ୍ଞାନୀ ମୂର୍ଖ, ଶ୍ରୀରଘୁନାଥଙ୍କ ସହିତ ଶତ୍ରୁତା କରି ବିଜୟ ଲାଭର ଇଚ୍ଛା କରୁଥିଲା ॥ ୮୪ ॥

**ଇହାଁ ବିଭୀଷନ ସବ ସୁଧି ପାଈ । ସପଦି ଜାଇ ରଘୁପତିହି ସୁନାଈ ॥**
**ନାଥ କରଇ ରାୱନ ଏକ ଜାଗା । ସିଦ୍ଧ ଭଏଁ ନହିଁ ମରିହି ଅଭାଗା ॥ ୧ ॥**

ଏଣେ ବିଭୀଷଣ ସବୁ ଖବର ପାଇଗଲେ ଓ ତୁରନ୍ତ ଯାଇ ଶ୍ରୀରଘୁନାଥଙ୍କୁ ଶୁଣାଇଦେଲେ, ‘‘ହେ ନାଥ ! ରାବଣ ଗୋଟିଏ ଯଜ୍ଞ କରୁଛି । ତାହା ସିଦ୍ଧ ହୋଇଗଲେ ସେହି ଅଭାଗା ଆଉ ସହଜରେ ମରିବ ନାହିଁ ॥ ୧ ॥

**ପଠୱହୁ ନାଥ ବେଗି ଭଟ ବଂଦର । କରହିଁ ବିଧଂସ ଆୱ ଦସକଂଧର ॥**
**ପ୍ରାତ ହୋତ ପ୍ରଭୁ ସୁଭଟ ପଠାଏ । ହନୁମଦାଦି ଅଂଗଦ ସବ ଧାଏ ॥ ୨ ॥**

ହେ ନାଥ ! ତୁରନ୍ତ ବାନରଯୋଦ୍ଧାମାନଙ୍କୁ ପଠାନ୍ତୁ । ସେମାନେ ଯାଇ ତାର ଯଜ୍ଞ ଧ୍ୱଂସ କରନ୍ତୁ; ତା’ଫଳରେ ରାବଣ ଯୁଦ୍ଧଭୂମିକୁ ଚାଲିଆସିବ ।’’ ପ୍ରାତଃକାଳ ହେବାମାତ୍ରେ ପ୍ରଭୁ ସେଠାକୁ ବୀର ଯୋଦ୍ଧାମାନଙ୍କୁ ପଠାଇଦେଲେ । ହନୁମାନ୍, ଅଙ୍ଗଦ ଆଦି ମୁଖ୍ୟ ବୀରମାନେ ଧାଇଁଗଲେ ॥ ୨ ॥

**କୌତୁକ କୂଦି ଚଢ଼େ କପି ଲଂକା । ପୈଠେ ରାୱନ ଭୱନ ଅସଂକା ॥**
**ଜଗ୍ୟ କରତ ଜବହୀଁ ସୋ ଦେଖା । ସକଲ କପିହ୍ନ ଭା କ୍ରୋଧ ବିସେଷା ॥ ୩ ॥**

ବାନରମାନେ ଅତି ସହଜରେ ପାଚିରି ଡେଇଁ ଲଙ୍କାଦୁର୍ଗ ଉପରେ ଚଢ଼ିଗଲେ ଏବଂ ନିର୍ଭୟରେ ଯାଇ ରାବଣର ମହଲରେ ପଶିଗଲେ । ସେ ଯଜ୍ଞ କରୁଥିବାର ଦେଖିବାକ୍ଷଣି ବାନରମାନଙ୍କ ମନରେ ଅତ୍ୟନ୍ତ କ୍ରୋଧ ଜାତ ହେଲା ॥ ୩ ॥

**ରନ ତେ ନିଲଜ ଭାଜି ଗୃହ ଆୱା । ଇହାଁ ଆଇ ବକ ଧ୍ୟାନ ଲଗାୱା ।**
**ଅସ କହି ଅଂଗଦ ମାରା ଲାତା । ଚିତୱ ନ ସଠ ସ୍ୱାରଥ ମନ ରାତା ॥ ୪ ॥**

ସେମାନେ କହିଲେ, ‘‘ରେ ନିର୍ଲଜ୍ଜ ! ରଣଭୂମିରୁ ତ ଘରକୁ ପଳାଇଆସିଲୁ; ପୁଣି ଏଠାରେ କାହିଁକି ବକଧ୍ୟାନ କରି ବସିଛୁ !’’ ଏପରି କହି ଅଙ୍ଗଦ ତାକୁ ଏକ ଗୋଇଠା ମାରିଦେଲେ । କିନ୍ତୁ ସେହି ଦୁଷ୍ଟର ମନ ସ୍ୱାର୍ଥରେ ବୁଡ଼ିରହିଥିବାରୁ ସେ ସେହି ଗୋଇଠାକୁ ଖାତିରି କଲା ନାହିଁ ॥ ୪ ॥

ଛନ୍ଦ- **ନହିଁ ଚିତୱ ଜବ କରି କୋପ କପି ଗହି ଦସନ ଲାତହ୍ନ ମାରହୀଁ ।**
**ଧରି କେସ ନାରି ନିକାରି ବାହେର ତେଽତିଦୀନ ପୁକାରହୀଁ ॥**
**ତବ ଉଠେଉ କ୍ରୁଦ୍ଧ କୃତାଂତ ସମ ଗହି ଚରନ ବାନର ଡାରଈ ।**
**ଏହି ବୀଚ କପିହ୍ନ ବିଧଂସ କୃତ ମଖ ଦେଖି ମନ ମହୁଁ ହାରଈ ॥**

ସେ ଖାତିରି ନ କରିବାରୁ ବାନରମାନେ କ୍ରୋଧାନ୍ୱିତ ହୋଇ ତାକୁ କାମୁଡ଼ି ପକାଇଲେ ଏବଂ ଲାତ ମାରିବାକୁ ଲାଗିଲେ । ସ୍ତ୍ରୀମାନଙ୍କ ଚୁଟି ଧରି ସେମାନଙ୍କୁ ଘରୁ ବାହାରକୁ ଘୋଷାରିଆଣିଲେ । ସ୍ତ୍ରୀମାନେ ଅତ୍ୟନ୍ତ ଅସହାୟ ହୋଇ ଚିତ୍କାର କରିବାକୁ ଲାଗିଲେ । ଏହା ଦେଖି ରାବଣ କାଳ ପରି କ୍ରୁଦ୍ଧ ହୋଇଉଠିଲା ଏବଂ ବାନରମାନଙ୍କୁ ଗୋଡ଼ପଟୁ ଧରି ତଳେ କଚାଡ଼ିବାରେ ଲାଗିଲା । ଇତିମଧ୍ୟରେ ବାନରମାନେ ଯଜ୍ଞ ଧ୍ୱଂସ କରିଦେଲେ । ଏହା ଦେଖି ରାବଣ ନିରାଶ ହୋଇଗଲା ॥

ଦୋଃ- **ଜଗ୍ୟ ବିଧଂସି କୁସଲ କପି ଆଏ ରଘୁପତି ପାସ ।**
**ଚଲେଉ ନିସାଚର କ୍ରୁଦ୍ଧ ହୋଇ ତ୍ୟାଗି ଜିଓ୍ୱନ କୈ ଆସ ॥ ୮୫ ॥**

ଯଜ୍ଞ ଧ୍ୱଂସ କରି ଯୁଦ୍ଧକୁଶଳ ବାନରମାନେ ରଘୁନାଥଙ୍କ ନିକଟକୁ ଫେରିଆସିଲେ ଏବଂ ରାବଣ ମଧ୍ୟ ବଞ୍ଚିରହିବାର ଆଶା ଛାଡ଼ିଦେଇ ଅତିଶୟ କ୍ରୋଧରେ ଯୁଦ୍ଧକୁ ଗ୍ଲଲିଲା ॥ ୮୫ ॥

**ଚଲତ ହୋହିଁ ଅତି ଅସୁଭ ଭୟଂକର । ବୈଠହିଁ ଗୀଧ ଉଡ଼ାଇ ସିରହ୍ନ ପର ॥**
**ଭୟଉ କାଲବସ କାହୁ ନ ମାନା । କହେସି ବଜାଓ୍ୱହୁ ଜୁଦ୍ଧ ନିସାନା ॥ ୧ ॥**

ସେ ଗ୍ଲଲିବା ସମୟରେ ଭୟଙ୍କର ଅଶୁଭଲକ୍ଷଣମାନ ଦେଖାଗଲା । ଶାଗୁଣାମାନେ ଉଡ଼ିଆସି ତା'ର ମୁଣ୍ଡମାନଙ୍କରେ ବସିବାକୁ ଲାଗିଲେ । କିନ୍ତୁ ତା'ର କାଳ ପୂରିବା ସମୟ ପାଖେଇ ଆସିଥିବାରୁ ସେ କୌଣସିପ୍ରକାର ଅଶୁଭ ଲକ୍ଷଣକୁ ମାନିଲା ନାହିଁ; ବରଂ କହିଲା, "ରଣବାଦ୍ୟ ବଜାଅ ।" ॥ ୧ ॥

**ଚଲୀ ତମୀଚର ଅନୀ ଅପାରା । ବହୁ ଗଜ ରଥ ପଦାତି ଅସଓ୍ୱାରା ॥**
**ପ୍ରଭୁ ସନ୍ମୁଖ ଧାଏ ଖଲ କୈସେଁ । ସଲଭ ସମୂହ ଅନଲ କହଁ ଜୈସେଁ ॥ ୨ ॥**

ନିଶାଚରମାନଙ୍କର ଅପାର ସେନା ଗ୍ଲଲିଲା । ତା' ଭିତରେ ବହୁ ହସ୍ତୀ, ରଥ, ଅଶ୍ୱାରୋହୀ ଓ ପଦାତିକ ସୈନ୍ୟ ଥିଲେ । ପତଙ୍ଗମାନେ ବିନାଶ ପାଇବାପାଇଁ ନିଆଁ ଆଡ଼କୁ ଧାଇଁବାପରି ସେହି ଦୁଷ୍ଟମାନେ ପ୍ରଭୁଙ୍କ ସମ୍ମୁଖକୁ ଧାଇଁଲେ ॥ ୨ ॥

**ଇହାଁ ଦେଓ୍ୱତହ୍ନ ଅସ୍ତୁତି କୀହ୍ନୀ । ଦାରୁନ ବିପତି ହମହି ଏହିଁ ଦୀହ୍ନୀ ॥**
**ଅବ ଜନି ରାମ ଖେଲାଓ୍ୱହୁ ଏହୀ । ଅତିସୟ ଦୁଖିତ ହୋତି ବୈଦେହୀ ॥ ୩ ॥**

ଏଣେ ଦେବଗଣ ସ୍ତୁତି କଲେ, "ହେ ଶ୍ରୀରାମ ! ଏ ରାବଣ ଆମ୍ଭମାନଙ୍କୁ ବହୁ ଦୁଃଖ ଦେଲାଣି । ତେଣୁ ଆପଣ ଏହାକୁ ଆଉ ଅଧିକ ଖେଳାନ୍ତୁ ନାହିଁ । ଜାନକୀ ଅତ୍ୟନ୍ତ ଦୁଃଖରେ ଅଛନ୍ତି ।" ॥ ୩ ॥

**ଦେଓ୍ୱ ବଚନ ସୁନି ପ୍ରଭୁ ମୁସୁକାନା । ଉଠି ରଘୁବୀର ସୁଧାରେ ବାନା ॥**
**ଜଟା ଜୂଟ ଦୃଢ଼ ବାଁଧେଁ ମାଥେ । ସୋହହିଁ ସୁମନ ବୀଚ ବିଚ ଗାଥେ ॥ ୪ ॥**

ଦେବତାମାନଙ୍କର ପ୍ରାର୍ଥନା ଶୁଣି ପ୍ରଭୁ ମୁରୁକି ମୁରୁକି ହସିଲେ । ସେ ଉଠି ଶର ସଜାଡ଼ିଲେ । ତାଙ୍କ ମଥାର ଜଟାଜୂଟ ଦୃଢ଼ଭାବରେ ବନ୍ଧା ହୋଇଥାଏ; ଜୁଡ଼ାର ମଝି ମଝିରେ ଗୁନ୍ଥା ହୋଇଥିବା ଫୁଲଗୁଡ଼ିକ ବଡ଼ ସୁନ୍ଦର ଦେଖାଯାଉଥାଏ ॥ ୪ ॥

**ଅରୁନ ନୟନ ବାରିଦ ତନୁ ସ୍ୟାମା । ଅଖିଲ ଲୋକ ଲୋଚନାଭିରାମା ॥**
**କଟିତଟ ପରିକର କସ୍ୟୋ ନିଷଂଗା । କର କୋଦଂଡ କଠିନ ସାରଂଗା ॥ ୫ ॥**

ତାଙ୍କର ଅରୁଣାଭ ନୟନ ଓ ନୀଳମେଘ କାନ୍ତି ଅଖିଳ ବ୍ରହ୍ମାଣ୍ଡ ପାଇଁ ନେତ୍ରାନନ୍ଦଦାୟୀ ହୋଇଥାଏ । ସେ ବଦ୍ଧପରିକର ହୋଇ କଟିରେ ତୂଣୀର ବାନ୍ଧିଲେ ଏବଂ ହସ୍ତରେ କଠୋର ଶାର୍ଙ୍ଗଧନୁ ଧରିଲେ ॥ ୫ ॥

ଛନ୍ଦ- **ସାରଂଗ କର ସୁଂଦର ନିଷଂଗ ସିଲୀମୁଖାକର କଟି କସ୍ୟୋ ।**
**ଭୁଜଦଂଡ ପୀନ ମନୋହରାୟତ ଉର ଧରାସୁର ପଦ ଲସ୍ୟୋ ॥**
**କହ ଦାସ ତୁଲସୀ ଜବହିଁ ପ୍ରଭୁ ସର ଗ୍ଲପ କର ଫେରନ ଲଗେ ।**
**ବ୍ରହ୍ମାଂଡ ଦିଗ୍‌ଗଜ କମଠ ଅହି ମହି ସିଂଧୁ ଭୂଧର ଡଗମଗେ ॥**

ପ୍ରଭୁ ହସ୍ତରେ ଶାର୍ଙ୍ଗଧନୁ ଧରିଲେ ଓ କଟିରେ ଦୃଢ଼ଭାବରେ ସୁନ୍ଦର ଅକ୍ଷୟ ତୂଣୀର ବାନ୍ଧିଲେ । ବଳିଷ୍ଠ ଭୁଜଦଣ୍ଡ । ମନୋହର ପ୍ରଶସ୍ତ ବକ୍ଷ ଉପରେ ବ୍ରାହ୍ମଣ (ଭୃଗୁଙ୍କର) ପଦଚିହ୍ନ (ଶ୍ରୀବତ୍ସପଦାଙ୍କ) ସୁଶୋଭିତ । ତୁଳସୀଦାସ କହୁଛନ୍ତି, ପ୍ରଭୁ ହସ୍ତରେ ଧନୁଶର ଧରି ଘୂରାଇବାମାତ୍ରେ ବ୍ରହ୍ମାଣ୍ଡ, ଦିଗ୍‌ଗଜ, କଚ୍ଛପ, ଶେଷ, ପୃଥିବୀ, ସମୁଦ୍ର ଓ ପର୍ବତ—ସମସ୍ତେ ଥରିଉଠିଲେ ॥

ଦୋଃ- **ସୋଭା ଦେଖି ହରଷି ସୁର ବରଷହିଁ ସୁମନ ଅପାର ।**
**ଜୟ ଜୟ ଜୟ କରୁନାନିଧି ଛବି ବଲ ଗୁନ ଆଗାର ॥ ୮୬ ॥**

ଭଗବାନଙ୍କର ଶୋଭା ଦେଖି, ଦେବତାମାନେ ଆନନ୍ଦିତ ହୋଇଗଲେ ଓ ବହୁ ପୁଷ୍ପ ବୃଷ୍ଟି କରିବାକୁ ଲାଗିଲେ ଏବଂ ''ଶୋଭା, ଶକ୍ତି ଓ ଗୁଣର ଧାମ କରୁଣାନିଧାନ ପ୍ରଭୁଙ୍କର ଜୟ ହେଉ !'' ବୋଲି ବାରମ୍ବାର ଧ୍ୱନି ଦେଲେ ॥ ୮୬ ॥

**ଏହାଁ ବୀଚ ନିସାଚର ଅନୀ । କସମସାତ ଆଈ ଅତି ଘନୀ ॥**
**ଦେଖି ଚଲେ ସନ୍ମୁଖ କପି ଭଟ୍ଟା । ପ୍ରଲୟକାଲ କେ ଜନୁ ଘନ ଘଟ୍ଟା ॥ ୧ ॥**

ଇତିମଧ୍ୟରେ ନିଶାଚରମାନଙ୍କର ଅପାର ସେନା ଯୁଦ୍ଧର ଆବେଶରେ ମାଡ଼ିଆସିଲେ । ସେମାନଙ୍କୁ ଦେଖି ବାନର ଯୋଦ୍ଧାମାନେ ମଧ୍ୟ ପ୍ରଳୟକାଳୀନ ମେଘମାଳା ପରି ସେ ଆଡ଼କୁ ମାଡ଼ିଗଲେ ॥ ୧ ॥

**ବହୁ କୃପାନ ତରୱାରି ଚମଂକହିଁ । ଜନୁ ଦହଁ ଦିସି ଦାମିନୀଁ ଦମଂକହିଁ ॥**
**ଗଜ ରଥ ତୁରଗ ଚିକାର କଠୋରା । ଗର୍ଜହିଁ ମନହୁଁ ବଲାହକ ଘୋରା ॥ ୨ ॥**

ଶାଣିତ କୃପାଣ ଓ ତରବାରିମାନ ଚମକୁଥାଏ; ଦିଶୁଥାଏ, ସତେ ଅବା ଦଶଦିଗରେ ବିଜୁଳି ଚମକୁଛି । ହସ୍ତୀ ଓ ଅଶ୍ୱମାନଙ୍କର ଭୀଷଣ ଚିତ୍କାର ଏବଂ ରଥମାନଙ୍କର ଘର୍ଘର ନାଦ ଶୁଣି ଲାଗୁଥାଏ, ସତେ ଯେପରି ମେଘମାନେ ଭୟଙ୍କର ଗର୍ଜନ କରୁଛନ୍ତି ॥ ୨ ॥

**କପି ଲଂଗୂର ବିପୁଲ ନଭ ଛାଏ । ମନହୁଁ ଇଂଦ୍ରଧନୁ ଉଏ ସୁହାଏ ॥**
**ଉଠଇ ଧୂରି ମାନହୁଁ ଜଲଧାରା । ବାନ ବୁଂଦ ଭୈ ବୃଷ୍ଟି ଅପାରା ॥ ୩ ॥**

ବହୁସଂଖ୍ୟକ ବାନରଙ୍କ ଲାଞ୍ଜରେ ଆକାଶ ଛାଇହୋଇଯାଇଥାଏ; ମନେ ହେଉଥାଏ, ସତେ ଯେପରି ଆକାଶରେ ଅନେକ ସୁନ୍ଦର ଇନ୍ଦ୍ରଧନୁ ପଡ଼ିଛି । ଆକାଶକୁ ଏଡ଼େ ବେଗରେ ଧୂଳି ଉଠିଯାଉଥାଏ ଯେ, ଲାଗୁଥାଏ, ସତେ ଯେପରି ଜଳର ପ୍ରଖର ଫୁଆରା ଉଠୁଛି । ଜଳବିନ୍ଦୁ ପରି ଅସଂଖ୍ୟ ଶର ବୃଷ୍ଟି ହେଉଥାଏ ॥ ୩ ॥

**ଦୁହୁଁ ଦିସି ପର୍ବତ କରହିଁ ପ୍ରହାରା । ବଜ୍ରପାତ ଜନୁ ବାରହିଁ ବାରା ॥**
**ରଘୁପତି କୋପି ବାନ ଝରି ଲାଈ । ଘାୟଲ ଭୈ ନିସିଚର ସମୁଦାଈ ॥ ୪ ॥**

ଉଭୟପଟୁ ଯୋଦ୍ଧାମାନେ ପର୍ବତଦ୍ୱାରା ପ୍ରହାର କରୁଥାନ୍ତି । ଜଣାଯାଉଥାଏ, ସତେ ଅବା ବାରମ୍ବାର ବଜ୍ରପାତ ହେଉଛି । ଶ୍ରୀରଘୁନାଥ କ୍ରୋଧଭର ହୋଇ ବାଣର ଝଡ଼ି ଲଗାଇଦେଲେ, ଫଳରେ ରାକ୍ଷସସେନା ଆହତ ହୋଇଗଲା ॥ ୪ ॥

**ଲାଗତ ବାନ ବୀର ଚିକ୍କରହୀଁ । ଘୁର୍ମି ଘୁର୍ମି ଜହଁ ତହଁ ମହି ପରହୀଁ ॥**
**ସ୍ରୱହିଁ ସୈଲ ଜନୁ ନିର୍ଝର ଭାରୀ । ସୋନିତ ସରି କାଦର ଭୟକାରୀ ॥ ୫ ॥**

ବାଣ ବାଜିବାମାତ୍ରେ ବୀରମାନେ ଚିତ୍କାର କରିଉଠୁଥାନ୍ତି ଏବଂ ଉପରେ ଚକ୍କର ଖାଇ ଆସି ତଳେ ପଡ଼ିଯାଉଥାନ୍ତି । ପର୍ବତରୁ ଝରଣାର ପ୍ରଖର ସ୍ରୋତ ବହିବାପରି ସେମାନଙ୍କ ଶରୀରରୁ ରକ୍ତଧାରା ଛୁଟିଗ୍ଲିଥାଏ; ତାହା ଭୀରୁମାନଙ୍କ ହୃଦୟରେ ଭୟ ଜନ୍ମାଉଥାଏ ॥ ୫ ॥

**ଛନ୍ଦ- କାଦର ଭୟଂକର ରୁଧିର ସରିତା ଚଲୀ ପରମ ଅପାୱନୀ ।**
**ଦୋଉ କୂଲ ଦଲ ରଥ ରେତ ଚକ୍ର ଅବର୍ତ ବହତି ଭୟାୱନୀ ॥**
**ଜଲ ଜଂତୁ ଗଜ ପଦଚର ତୁରଗ ଖର ବିବିଧ ବାହନ କୋ ଗନେ ।**
**ସର ସକ୍ତି ତୋମର ସର୍ପ ଚ୍ରପ ତରଂଗ ଚର୍ମ କମଠ ଘନେ ॥**

ଭୀରୁମାନଙ୍କୁ ଭୟଭୀତ କରିବାଭଳି ଅତି ଅପବିତ୍ର ରକ୍ତନଦୀ ବହିଚାଲିଲା । ଦୁଇଦଳ ଥିଲେ ସେହି ନଦୀର ଦୁଇଟି କୂଳ । ରଥ ହୋଇଥିଲା ବାଲି ଏବଂ ରଥଚକ ହୋଇଥିଲା ଜଳଭଉଁରୀ। ସେହି ନଦୀ ଅତି ଭୟଙ୍କରଭାବରେ ବହିଯାଉଥାଏ । ହସ୍ତୀ, ଅଶ୍ୱ, ଖଚର ଆଦି ବିବିଧ ବାହନମାନଙ୍କର ଓ ପଦାତିକ ସୈନ୍ୟମାନଙ୍କର ସଂଖ୍ୟା କିଏ ବା ଗଣିପାରିବ? ସେମାନେ ହୋଇଥିଲେ ସେହି ନଦୀର ଜଳଜନ୍ତୁ ପରି । ବାଣ, ଶକ୍ତି ଓ ତୋମରଗୁଡ଼ିକ ଥିଲେ ସର୍ପ ପରି; ଧନୁ ତରଙ୍ଗ ପରି ଏବଂ ଢାଲଗୁଡ଼ିକ କଇଁଛ ପରି ଜଣାପଡୁଥାନ୍ତି ॥

**ଦୋ:- ବୀର ପରହିଁ ଜନୁ ତୀର ତରୁ ମଜ୍ଜା ବହୁ ବହ ଫେନ ।**
**କାଦର ଦେଖି ଡରହିଁ ତହଁ ସୁଭଟନ୍ହ କେ ମନ ଚେନ ॥ ୮୭ ॥**

ବନ୍ୟାବେଳେ ନଦୀ ତୀରର ବୃକ୍ଷମାନେ ଉପୁଡ଼ିପଡ଼ିଲାପରି ବୀରମାନେ ପୃଥିବୀ ଉପରେ ଟଳିପଡୁଥାନ୍ତି । ଅସ୍ଥିମଜ୍ଜା ନଈପାଣିରେ ଫେଣ ପରି ଭାସୁଥାଏ । ଏହା ଦେଖି ଭୀରୁ ଓ କାପୁରୁଷମାନେ ଭୟଭୀତ ହେଉଥିବାବେଳେ ଉତ୍ତମ ଯୋଦ୍ଧାମାନେ ଆନନ୍ଦିତ ହେଉଥାନ୍ତି ॥ ୮୭ ॥

**ମଜ୍ଜହିଁ ଭୂତ ପିସାଚ ବେତାଲା । ପ୍ରମଥ ମହା ଝୋଟିଂଗ କରାଲା ॥**
**କାକ କଂକ ଲୈ ଭୁଜା ଉଡ଼ାହୀଁ । ଏକ ତେ ଛୀନି ଏକ ଲୈ ଖାହୀଁ ॥ ୧ ॥**

ସେହି ନଦୀରେ ଭୂତ, ପିଶାଚ, ବେତାଳ ଓ ମହାଭୟଙ୍କର ଜଟାଧାରୀ ପ୍ରମଥ(ଶିବଗଣ)ମାନେ ସ୍ନାନ କରୁଥାନ୍ତି । କୁଆ ଓ ଚିଲମାନେ କଟିଯାଇଥିବା ବାହୁସବୁକୁ ଝାମ୍ପିନେଇ ଉଡ଼ିଯାଉଥାନ୍ତି ଏବଂ ପରସ୍ପର ଛଡ଼ାଛଡ଼ି ହୋଇ ଖାଇଯାଉଥାନ୍ତି ॥ ୧ ॥

**ଏକ କହହିଁ ଐସିଉ ସୌଁଘାଈ । ସଠହୁ ତୁମ୍ହାର ଦରିଦ୍ର ନ ଜାଈ ॥**
**କହଁରତ ଭଟ ଘାୟଲ ତଟ ଗିରେ । ଜହଁ ତହଁ ମନହୁଁ ଅର୍ଧଜଲ ପରେ ॥ ୨ ॥**

ଏହା ଦେଖି କେହି ଜଣେ କହୁଥାଏ, ‘‘ଆରେ ମୂର୍ଖ ! ଏତେ ପରିମାଣର ଖାଦ୍ୟ ତ ପଡ଼ିଛି, ତଥାପି ତୁମ ଦାରିଦ୍ର୍ୟ ଗଲା ନାହିଁ !!’’ ଆହତ ଯୋଦ୍ଧାମାନେ ସେହି ନଦୀତଟରେ ପଡ଼ି କରୁଣ ଚିତ୍କାର କରୁଥାନ୍ତି । ଦେଖି ମନେ ହେଉଥାଏ, ସତେ ଯେପରି ସେମାନେ ଅର୍ଦ୍ଧଜଳରେ (ଆସନ୍ନ ମୃତ୍ୟୁ ସମୟରେ, ବ୍ୟକ୍ତିର ସଦ୍‌ଗତିପାଇଁ ତାକୁ ପବିତ୍ର ପୁଣ୍ୟତୋୟା ନଦୀ ପ୍ରଭୃତିରେ ଅର୍ଦ୍ଧମଗ୍ନ କରି ରଖାଯାଇଥିବା ଅବସ୍ଥାରେ) ପଡ଼ିଛନ୍ତି ॥ ୨ ॥

**ଖୈଁଚହିଁ ଗୀଧ ଆଁତ ତଟ ଭଏ । ଜନୁ ବଂସୀ ଖେଲତ ଚିତ ଦଏ ॥**
**ବହୁ ଭଟ ବହହିଁ ଚଢ଼େ ଖଗ ଜାହୀଁ । ଜନୁ ନାୱରି ଖେଲହିଁ ସରି ମାହୀଁ ॥ ୩ ॥**

ଶାଗୁଣାମାନେ ଅନ୍ତନାଡ଼ି ଝାମ୍ପିନେଉଥାନ୍ତି । ସେମାନେ ନଦୀକୂଳରେ ଧ୍ୟାନମଗ୍ନ ହୋଇ ବସି ବନ୍‌ସୀ ପକାଇଥିବା ମାଛଧରାଳିମାନଙ୍କ ପରି ଦେଖାଯାଉଥାନ୍ତି । ବହୁ ଯୋଦ୍ଧା ସେହି ରକ୍ତନଦୀରେ ବହିଯାଉଥାନ୍ତି । ସେମାନଙ୍କର ଶବ ଉପରେ ପକ୍ଷୀମାନେ ବସି ନଦୀରେ ନୌକାବିହାର କଲାପରି ଜଣାପଡୁଥାନ୍ତି ॥ ୩ ॥

**ଜୋଗିନି ଭରି ଭରି ଖପ୍ପର ସଂଚହିଁ । ଭୂତ ପିସାଚ ବଧୂ ନଭ ନଂଚହିଁ ॥**
**ଭଟ କପାଲ କରତାଲ ବଜାୱହିଁ । ଚ୍ରମୁଂଡା ନାନା ବିଧି ଗାୱହିଁ ॥ ୪ ॥**

ଯୋଗିନୀମାନେ ଖପୁରିମାନଙ୍କରେ ରକ୍ତ ଭରୁଥାନ୍ତି । ଭୂତପିଶାଚଙ୍କ ସ୍ତ୍ରୀମାନେ ଆକାଶରେ ନାଚୁଥାଆନ୍ତି । ଗୃମୁଣ୍ଡୀମାନେ ଯୋଦ୍ଧାମାନଙ୍କ କପାଳରେ କରତାଳ ବଜାଉଥାନ୍ତି ଓ ନାନାପ୍ରକାର ଗୀତ ଗାଉଥାନ୍ତି ॥ ୪ ॥

**ଜଂବୁକ ନିକର କଟକ୍କଟ କଟ୍ଟହିଁ । ଖାହିଁ ହୁଆହିଁ ଅଘାହିଁ ଦପଟ୍ଟହିଁ ॥**
**କୋଟିହ୍ନ ରୁଂଡ ମୁଂଡ ବିନୁ ଡୋଲ୍ଲହିଁ । ସୀସ ପରେ ମହି ଜୟ ଜୟ ବୋଲ୍ଲହିଁ ॥ ୫ ॥**

ଶୃଗାଳମାନେ କଟକଟ ଶବ୍ଦ କରି ଶବଗୁଡ଼ାକୁ କାମୁଡ଼ିଖାଉଥାନ୍ତି, 'ହୁକେ ହୋ' ରଡୁଥାନ୍ତି ଏବଂ ପେଟ ପୂରିଯିବା ପରେ ଭୁକି ଭୁକି ଅନ୍ୟମାନଙ୍କୁ ଗୋଡ଼ାଉଥାନ୍ତି । କୋଟି କୋଟି ଗଣ୍ଡି ବିନାମୁଣ୍ଡରେ ଏଣେତେଣେ ଧାଉଁଥାନ୍ତି ଏବଂ ଖାଲି ମୁଣ୍ଡଗୁଡ଼ାକ ତଳେ ପଡ଼ି 'ଜୟ ! ଜୟ !' ଧ୍ୱନି କରୁଥାଆନ୍ତି ॥ ୫ ॥

ଛନ୍ଦ- **ବୋଲ୍ଲହିଁ ଜୋ ଜୟ ଜୟ ମୁଂଡ ରୁଂଡ ପ୍ରଚଂଡ ସିର ବିନୁ ଧାଓ୍ୱହୀଁ ।**
**ଖପ୍ପରିହ୍ନ ଖଗ୍ଗ ଅଲୁଜ୍ଝି ଜୁଜ୍ଝହିଁ ସୁଭଟ ଭଟହ୍ନ ଢହାଓ୍ୱହୀଁ ॥**
**ବାନର ନିସାଚର ନିକର ମର୍ଦହିଁ ରାମ ବଲ ଦର୍ପିତ ଭଏ ।**
**ସଂଗ୍ରାମ ଅଂଗନ ସୁଭଟ ସୋଓ୍ୱହିଁ ରାମ ସର ନିକରହ୍ନି ହଏ ॥**

କଟାମୁଣ୍ଡମାନେ 'ଜୟ ! ଜୟ !' କରୁଥାନ୍ତି ଏବଂ ମୁଣ୍ଡବିହୀନ ପ୍ରଚଣ୍ଡ ଗଣ୍ଡିମାନେ ଏଣେତେଣେ ଦୌଡ଼ୁଥାନ୍ତି । ପକ୍ଷୀମାନେ ଖପୁରି ନେବାପାଇଁ ଟଣାଓଟରା ହୋଇ ନିଜ ନିଜ ଭିତରେ ଲଢ଼େଇ କରୁଥାନ୍ତି । ରଣସ୍ଥଳରେ ବଳବାନ୍ ଯୋଦ୍ଧାମାନେ ଅନ୍ୟ ଯୋଦ୍ଧାଙ୍କୁ ତଳେ ଲୋଟାଇଦେଉଥାନ୍ତି । ଶ୍ରୀରାମଙ୍କ ବଳରେ ବଳୀୟାନ୍ ବାନରମାନେ ରାକ୍ଷସମାନଙ୍କୁ ଦଳିଚକଟିଦେଉଥାନ୍ତି । ଶ୍ରୀରାମଙ୍କ ବାଣଦ୍ୱାରା ନିହତ ହୋଇ ଯୋଦ୍ଧାମାନେ ରଣଭୂମିରେ ଚିରନିଦ୍ରାରେ ଶୋଇପଡୁଥାନ୍ତି ॥

ଦୋଃ- **ରାଓ୍ୱନ ହୃଦୟଁ ବିଚାରା ଭା ନିସିଚର ସଂଘାର ।**
**ମୈଁ ଅକେଲ କପି ଭାଲୁ ବହୁ ମାୟା କରୌଁ ଅପାର ॥ ୮୮ ॥**

ରାବଣ ମନେ ମନେ ଭାବିଲା, ସବୁ ରାକ୍ଷସ ତ ମରିଗଲେଣି । ବର୍ତ୍ତମାନ ମୁଁ ଏକା ଓ ବାନରମାନେ ଅନେକ । ତେଣୁ ମୁଁ ଏଥର ଅପାର ମାୟା ରଚନା କରିବି ॥ ୮୮ ॥

**ଦେଓ୍ୱହ୍ନ ପ୍ରଭୁହି ପୟାଦେଁ ଦେଖା । ଉପଜା ଉର ଅତି ଛୋଭ ବିସେଷା ॥**
**ସୁରପତି ନିଜ ରଥ ତୁରତ ପଠାଓ୍ୱା । ହରଷ ସହିତ ମାତଲି ଲୈ ଆଓ୍ୱା ॥ ୧ ॥**

ଦେବତାମାନେ ଦେଖିଲେ, ପ୍ରଭୁ ପାଦରେ ଚାଲି ଚାଲି (ବିନାରଥରେ) ଯୁଦ୍ଧ କରୁଛନ୍ତି । ଏହା ଦେଖି ସେମାନଙ୍କ ମନରେ ଦୁଃଖ ହେଲା । ତେଣୁ ଇନ୍ଦ୍ର ଅତି ଶୀଘ୍ର ତାଙ୍କ ନିଜ ରଥଟି ଶ୍ରୀରାମଙ୍କ ପାଖକୁ ପଠାଇଦେଲେ । ତାଙ୍କ ସାରଥି ମାତଲି ଆନନ୍ଦରେ ରଥ ନେଇ ଚାଲିଆସିଲା ॥ ୧ ॥

**ତେଜପୁଂଜ ରଥ ଦିବ୍ୟ ଅନୂପା । ହରଷି ଚଢ଼େ କୋସଲପୁର ଭୂପା ॥**
**ଚଂଚଲ ତୁରଗ ମନୋହର ଚାରୀ । ଅଜର ଅମର ମନ ସମ ଗତିକାରୀ ॥ ୨ ॥**

ସେହି ଦିବ୍ୟ ଅନୁପମ ତେଜୋମୟ ରଥରେ କୋଶଳାଧିପତି ଶ୍ରୀରାମ ଆନନ୍ଦରେ ଆରୋହଣ କଲେ । ସେହି ରଥରେ ଚାରିଟି ଚଞ୍ଚଳ, ସୁନ୍ଦର, ଅଜର, ଅମର ଓ ମନ ପରି ବେଗବାନ୍ ଦିବ୍ୟ ଅଶ୍ୱ ଯୋଚା ଯାଇଥିଲେ ॥ ୨ ॥

**ରଥାରୂଢ଼ ରଘୁନାଥହି ଦେଖୀ । ଧାଏ କପି ବଲୁ ପାଇ ବିସେଷୀ ॥**
**ସହୀ ନ ଜାଇ କପିହ୍ନ କୈ ମାରୀ । ତବ ରାଓ୍ୱନ ମାୟା ବିସ୍ତାରୀ ॥ ୩ ॥**

ଶ୍ରୀରଘୁନାଥ ରଥରେ ଚଢ଼ିଲେଣି ଦେଖି, ବିଶେଷ ବଳ ପାଇ ବାନରମାନେ ରାବଣ ଉପରକୁ ମାଡ଼ିଗଲେ । ରାବଣ ସେମାନଙ୍କର ଆଘାତ ସହିପାରିଲା ନାହିଁ; ତେଣୁ ସେ ତାର ମାୟା ବିସ୍ତାର କଲା ॥ ୩ ॥

**ସୋ ମାୟା ରଘୁବୀରହି ବାଁଚୀ । ଲଛିମନ କପିହ୍ନ ସୋ ମାନୀ ସାଁଚୀ ॥**
**ଦେଖୀ କପିହ୍ନ ନିସାଚର ଅନୀ । ଅନୁଜ ସହିତ ବହୁ କୋସଲଧନୀ ॥ ୪ ॥**

ସବୁ ବାନର, ଏପରି କି ଲକ୍ଷ୍ମଣ ମଧ୍ୟ ସେହି ମାୟାକୁ ସତ୍ୟ ବୋଲି ମଣିଲେ । ଏକମାତ୍ର ରଘୁବୀରଙ୍କୁହିଁ ତାହାର ମାୟା ସ୍ପର୍ଶ କରିପାରିଲା ନାହିଁ । ବାନରମାନଙ୍କୁ ଦେଖାଗଲା, ଅସୁରସେନା ଭିତରେ ଭାଇ ଲକ୍ଷ୍ମଣଙ୍କ ସମେତ ବହୁସଂଖ୍ୟକ ରାମ ଅଛନ୍ତି ॥ ୪ ॥

ଛନ୍ଦ- **ବହୁ ରାମ ଲଛିମନ ଦେଖି ମର୍କଟ ଭାଲୁ ମନ ଅତି ଅପଡରେ ।**
**ଜନୁ ଚିତ୍ର ଲିଖିତ ସମେତ ଲଛିମନ ଜହଁ ସୋ ତହଁ ଚିତୱହିଁ ଖରେ ॥**
**ନିଜ ସେନ ଚକିତ ବିଲୋକି ହଁସି ସର ଚ୍ରପ ସଜି କୋସଲଧନୀ ।**
**ମାୟା ହରୀ ହରି ନିମିଷ ମହୁଁ ହରଷୀ ସକଲ ମର୍କଟ ଅନୀ ॥**

ଅନେକ ରାମଲକ୍ଷ୍ମଣଙ୍କୁ ଦେଖି ବାନର ଓ ଭଲ୍ଲୁକମାନେ ମିଥ୍ୟାଭୟରେ ଅତିଶୟ ଭୀତ ହୋଇଗଲେ । ସେମାନେ ଯେଉଁଠି ଥିଲେ, ଲକ୍ଷ୍ମଣଙ୍କ ସମେତ ସେଇଠି ଚିତ୍ରପ୍ରତିମା ପରି ଠିଆ ହୋଇ ଅନାଇରହିଲେ । ନିଜ ସେନା ଚକିତ ହୋଇ ରହିଥିବା ଦେଖି କୋଶଳପତି ଭଗବାନ୍ ଶ୍ରୀରାମ ହସି ହସି ଧନୁରେ ଶର ସନ୍ଧାନ କରିଦେଲେ । ସେ ବାଣ ମାରି କ୍ଷଣକ ମଧ୍ୟରେ ରାବଣର ସକଳ ମାୟା ହରଣ କରିନେଲେ । ଏହା ଦେଖି ବାନରସେନା ଆନନ୍ଦିତ ହୋଇଗଲା ॥

ଦୋः- **ବହୁରି ରାମ ସବ ତନ ଚିତଇ ବୋଲେ ବଚନ ଗଁଭୀର ।**
**ଦ୍ୱଂଦଜୁଦ୍ଧ ଦେଖହୁ ସକଲ ଶ୍ରମିତ ଭଏ ଅତି ବୀର ॥ ୮୯ ॥**

ସମସ୍ତଙ୍କୁ ଚ୍ହିଁ ଶ୍ରୀରାମ ଗମ୍ଭୀର କଣ୍ଠରେ କହିଲେ, ''ହେ ବୀରଗଣ ! ତୁମେମାନେ ବିଶେଷ କ୍ଳାନ୍ତ ହୋଇପଡ଼ିଛ । ତେଣୁ ବର୍ତ୍ତମାନ (ମୋର ଓ ରାବଣର) ଦ୍ୱନ୍ଦ୍ୱଯୁଦ୍ଧ ଦେଖ ।'' ॥ ୮୯ ॥

**ଅସ କହି ରଥ ରଘୁନାଥ ଚଲାୱା । ବିପ୍ର ଚରନ ପଂକଜ ସିରୁ ନାୱା ॥**
**ତବ ଲଂକେସ କ୍ରୋଧ ଉର ଛାୱା । ଗର୍ଜତ ତର୍ଜତ ସନ୍ମୁଖ ଧାୱା ॥ ୧ ॥**

ଏପରି କହି, ଶ୍ରୀରଘୁନାଥ ମନେ ମନେ ବ୍ରାହ୍ମଣମାନଙ୍କର ଚରଣକମଳରେ ଶିର ନୁଆଁଇ ରଥ ଚଳାଇଲେ । ଏହା ଦେଖି ରାବଣ କ୍ରୋଧିତ ହୋଇଗଲା ଏବଂ ଗର୍ଜନ କରି, ରଣ ଆହ୍ୱାନ ଦେଇ ଆଗକୁ ମାଡ଼ିଆସିଲା ॥ ୧ ॥

**ଜୀତେହୁ ଜେ ଭଟ ସଂଜୁଗ ମାହୀଁ । ସୁନୁ ତାପସ ମୈଁ ତିହ୍ନ ସମ ନାହୀଁ ॥**
**ରାୱନ ନାମ ଜଗତ ଜସ ଜାନା । ଲୋକପ ଜାକେଁ ବଂଦୀଖାନା ॥ ୨ ॥**

କହିଲା, ''ରେ ତପସ୍ୱୀ ! ଶୁଣ, ଯୁଦ୍ଧରେ ତୁ ଯେଉଁ ଯୋଦ୍ଧାମାନଙ୍କୁ ଜିତିଯାଇଛୁ, ମୁଁ ସେମାନଙ୍କ ପରି ନୁହେଁ । ମୋ ନାଆଁ ସାରା ଜଗତ୍ ଜାଣେ । ଲୋକପାଳକମାନେ ମଧ୍ୟ ମୋ ବନ୍ଦୀଶାଳାରେ ପଡ଼ିଛନ୍ତି ॥ ୨ ॥

**ଖର ଦୂଷନ ବିରାଧ ତୁହ୍ମ ମାରା । ବଧେହୁ ବ୍ୟାଧ ଇୱ ବାଲି ବିଚ୍ରା ।**
**ନିସିଚର ନିକର ସୁଭଟ ସଂଘାରେହୁ । କୁଂଭକରନ ଘନନାଦହି ମାରେହୁ ॥ ୩ ॥**

ତୁ ଖର, ଦୂଷଣ ଓ ବିରାଧକୁ ମାରିଛୁ । ବିଚରା ବାଳିଟାକୁ ବ୍ୟାଧ ପରି ମାରିଦେଇଛୁ । ତୁ ବଡ଼ ବଡ଼ ରାକ୍ଷସଯୋଦ୍ଧାମାନଙ୍କୁ ସଂହାର କରିଛୁ ଏବଂ କୁମ୍ଭକର୍ଣ୍ଣ ଓ ମେଘନାଦକୁ ମଧ୍ୟ ମାରିଦେଇଛୁ ॥ ୩ ॥

**ଆଜୁ ବୟରୁ ସବ ଲେଉଁ ନିବାହୀ । ଜୌଁ ରନ ଭୂପ ଭାଜି ନହିଁ ଜାହୀ ॥**
**ଆଜୁ କରଉଁ ଖଲୁ କାଲ ହୱାଲେ । ପରେହୁ କଠିନ ରାୱନ କେ ପାଲେ ॥ ୪ ॥**

ଆରେ ରାଜା ! ତୁ ଯଦି ଯୁଦ୍ଧରୁ ପଳାୟନ ନ କରିବୁ, ତେବେ ଆଜି ମୁଁ ସେହି ସମସ୍ତ ଶତ୍ରୁତାର ପ୍ରତିଶୋଧ ନେଇଯିବି । ଆଜି ମୁଁ ତୋତେ ନିଶ୍ଚିତଭାବରେ କାଳହସ୍ତରେ ସମର୍ପଣ କରିଦେବି । ତୁ ଆଜି ନିଷ୍ଠୁର ରାବଣର ପାଲରେ ପଡ଼ିଯାଇଛୁ ।'' ॥ ୪ ॥

**ସୁନି ଦୁର୍ବଚନ କାଲବସ ଜାନା । ବିହଁସି ବଚନ କହ କୃପାନିଧାନା ॥**
**ସତ୍ୟ ସତ୍ୟ ସବ ତୱ ପ୍ରଭୁତାଈ । ଜଲ୍ପସି ଜନି ଦେଖାଉ ମନୁସାଈ ॥ ୫ ॥**

ରାବଣର ଦୁର୍ବଚନ ଶୁଣି ଏବଂ ତା'ର କାଳ ପୂରି ଆସିଲାଣି ଜାଣି କୃପାନିଧାନ ଶ୍ରୀରାମ ହସି ହସି କହିଲେ, ''ତୋ କହିବା ଅନୁସାରେ ତୋର ଏସବୁ ସାମର୍ଥ୍ୟ ଥିବା କଥା ସମ୍ପୂର୍ଣ୍ଣ ସତ୍ୟ । କିନ୍ତୁ ଆଉ ବୃଥା ବାକ୍ୟ ବ୍ୟୟ ନ କରି ନିଜ ପୁରୁଷାର୍ଥ ଦେଖା ॥ ୫ ॥

ଛନ୍ଦ- **ଜନି ଜଲ୍ପନା କରି ସୁଜସୁ ନାସହି ନୀତି ସୁନହି କରହି ଛମା ।**
**ସଂସାର ମହଁ ପୂରୁଷ ତ୍ରିବିଧ ପାଟଲ ରସାଲ ପନସ ସମା ॥**
**ଏକ ସୁମନପ୍ରଦ ଏକ ସୁମନ ଫଲ ଏକ ଫଲଇ କେୱଲ ଲାଗହୀଁ ।**
**ଏକ କହହିଁ କହହିଁ କରହିଁ ଅପର ଏକ କରହିଁ କହତ ନ ବାଗହୀଁ ॥**

ବୃଥା ବାକ୍ୟବ୍ୟୟ କରି ନିଜର ସୁନ୍ଦର ଯଶ ନଷ୍ଟ କରିଦିଅନା । କ୍ଷମା କରିବୁ, ମୁଁ ତୋତେ ଗୋଟିଏ ନୀତିକଥା କହୁଛି, ଶୁଣ । ଗୋଲାପ, ଆମ୍ବ ଓ ପଣସଗଛ ପରି ଜଗତରେ ତିନିପ୍ରକାର ମନୁଷ୍ୟ ଅଛନ୍ତି । ଗୋଲାପ ଗଛ କେବଳ ଫୁଲ ଦିଏ; ଆମ୍ବଗଛ ଉଭୟ ଫୁଲ ଓ ଫଳ ଦିଏ; କିନ୍ତୁ ପଣସ ଗଛରେ କେବଳ ଫଳ ହୁଏ । ସେହିପରି କେତେକ ଲୋକ କେବଳ କହିହୁଅନ୍ତି, କିଛି କରନ୍ତି ନାହିଁ; କେତେକ କହନ୍ତି ଓ କରନ୍ତି ମଧ୍ୟ ଏବଂ ଆଉ କେତେକ ଅଛନ୍ତି, ଯେଉଁମାନେ କି କଥାରେ କହନ୍ତି ନାହିଁ; କାମରେ କରି ଦେଖାଇଦିଅନ୍ତି ।''

ଦୋ:- **ରାମ ବଚନ ସୁନି ବିହଁସା ମୋହି ସିଖାୱତ ଗ୍ୟାନ ।**
**ବୟରୁ କରତ ନହିଁ ତବ ଡରେ ଅବ ଲାଗେ ପ୍ରିୟ ପ୍ରାନ ॥ ୯୦ ॥**

ଶ୍ରୀରାମଙ୍କ କଥା ଶୁଣି ରାବଣ ଖୁବ୍ ହସିଲା । କହିଲା, ''ଆରେ ! ମୋତେ ଜ୍ଞାନ ଶିଖାଉଛୁ ? ଯେତେବେଳେ ମୋ ସହିତ ଶତ୍ରୁତା କରୁଥିଲୁ, ସେତେବେଳେ ଡର ଲାଗୁ ନ ଥିଲା; ଏବେ ପ୍ରାଣଟା ପ୍ରିୟ ଲାଗୁଛି, ନା ?'' ॥ ୯୦ ॥

**କହି ଦୁର୍ବଚନ କ୍ରୁଦ୍ଧ ଦସକଂଧର । କୁଲିସ ସମାନ ଲାଗ ଛାଁଡ଼ୈ ସର ॥**
**ନାନାକାର ସିଲୀମୁଖ ଧାଏ । ଦିସି ଅରୁ ବିଦିସି ଗଗନ ମହି ଛାଏ ॥ ୧ ॥**

ଏପରି ଦୁର୍ବଚନ କହି ରାବଣ କ୍ରୋଧରେ ବଜ୍ରସମାନ ବାଣମାନ ମାରିବାକୁ ଲାଗିଲା । ଅନେକ ଆକୃତିର ବାଣ ମାଡ଼ିଆସି ଦିଗ-ବିଦିଗ, ଆକାଶ-ପୃଥିବୀ ସର୍ବତ୍ର ଛାଇ ହୋଇଗଲା ॥ ୧ ॥

**ପାୱକ ସର ଛାଁଡ଼େଉ ରଘୁବୀରା । ଛନ ମହୁଁ ଜରେ ନିସାଚର ତୀରା ॥**
**ଛାଡ଼ିସି ତୀବ୍ର ସକ୍ତି ଖିସିଆଈ । ବାନ ସଂଗ ପ୍ରଭୁ ଫେରି ଚଲାଈ ॥ ୨ ॥**

କିନ୍ତୁ ଶ୍ରୀରଘୁବୀର ଅଗ୍ନିବାଣ ମାରିଦେବାରୁ କ୍ଷଣକମଧ୍ୟରେ ରାବଣର ବାଣସବୁ ଜଳି ଭସ୍ମ ହୋଇଗଲା । ଏହା ଦେଖି, ସେ ଲଜ୍ଜିତ ଓ କ୍ରୋଧିତ ହୋଇ ତୀକ୍ଷ୍ଣ ଶକ୍ତି (ଶୂଳ) ପ୍ରୟୋଗ କଲା । କିନ୍ତୁ ଶ୍ରୀରାମ ବାଣ ମାରି ସେହି ଶକ୍ତିକୁ ପଛକୁ ଫେରାଇଦେଲେ ॥ ୨ ॥

**କୋଟିନ୍ହ ଚକ୍ର ତ୍ରିସୂଲ ପବାରୈ । ବିନୁ ପ୍ରୟାସ ପ୍ରଭୁ କାଟି ନିୱାରୈ ॥**
**ନିଫଲ ହୋହିଁ ରାୱନ ସର କୈସେଁ । ଖଲ କେ ସକଲ ମନୋରଥ ଜୈସେଁ ॥ ୩ ॥**

ଏହା ଦେଖି ସେ କୋଟି କୋଟି ସଂଖ୍ୟାରେ ଚକ୍ର ଓ ତ୍ରିଶୂଳ ଚଳାଇଲା; କିନ୍ତୁ ପ୍ରଭୁ ସେସବୁକୁ ଅନାୟାସରେ କାଟି ନଷ୍ଟ କରିଦେଲେ । ଦୁଷ୍ଟଲୋକର ସକଳ ମନୋରଥ ଯେପରି ନିଷ୍ଫଳ ହୋଇଯାଏ, ରାବଣର ସବୁ ବାଣ ସେହିପରି ନିଷ୍ଫଳ ହୋଇଗଲା ॥ ୩ ॥

**ତବ ସତ ବାନ ସାରଥୀ ମାରେସି । ପରେଉ ଭୂମି ଜୟ ରାମ ପୁକାରେସି ॥**
**ରାମ କୃପା କରି ସୂତ ଉଠାୱା । ତବ ପ୍ରଭୁ ପରମ କ୍ରୋଧ କହୁଁ ପାୱା ॥ ୪ ॥**

ସେ ଏଥର ଶ୍ରୀରାମଙ୍କ ରଥର ସାରଥି ଉପରକୁ ଶହେ ବାଣ ମାରିଦେଲା । ସାରଥି ଶ୍ରୀରାମଙ୍କର ଜୟ ଜୟକାର କରି ତଳେ ପଡ଼ିଗଲା । ଶ୍ରୀରାମ କୃପା କରି ତାକୁ ତଳୁ ଉଠାଇଲେ ଓ ଅତ୍ୟନ୍ତ କ୍ରୁଦ୍ଧ ହୋଇଗଲେ ॥ ୪ ॥

ଛନ୍ଦ- **ଭୟେ କ୍ରୁଦ୍ଧ ଜୁଦ୍ଧ ବିରୁଦ୍ଧ ରଘୁପତି ତ୍ରୋନ ସାୟକ କସମସେ ।**
**କୋଦଂଡ ଧୁନି ଅତି ଚଂଡ ସୁନି ମନୁଜାଦ ସବ ମାରୁତ ଗ୍ରସେ ॥**
**ମଂଦୋଦରୀ ଉର କଂପ କଂପତି କମଠ ଭୂ ଭୂଧର ତ୍ରସେ ।**
**ଚିକ୍କରହିଁ ଦିଗ୍‌ଗଜ ଦସନ ଗହି ମହି ଦେଖି କୌତୁକ ସୁର ହଁସେ ॥**

ଯୁଦ୍ଧରେ ଶତ୍ରୁ ବିରୁଦ୍ଧରେ ଶ୍ରୀରଘୁନାଥଙ୍କର କ୍ରୋଧ ଦେଖି ତାଙ୍କ ତୂଣୀରରୁ ବାଣମାନେ ବାହାରିଆସିବାକୁ ଆତୁର ହୋଇଉଠିଲେ । ତାଙ୍କ ଧନୁର ଭୀଷଣ ଟଙ୍କାର ଶୁଣି ନରଭୋଜୀ ରାକ୍ଷସମାନେ ବାତଗ୍ରସ୍ତ ହୋଇଗଲେ (ଅତ୍ୟନ୍ତ ଭୟରେ ଥରହର ହେଲେ) । ମନ୍ଦୋଦରୀଙ୍କ ହୃଦୟ କମ୍ପିଉଠିଲା; ସମୁଦ୍ର, କୂର୍ମ, ପୃଥିବୀ ଓ ପର୍ବତସବୁ ଭୀତତ୍ରସ୍ତ ହୋଇଗଲେ । ଦିଗ୍‌ଗଜମାନେ ପୃଥିବୀକୁ ନିଜ ନିଜର ଦାନ୍ତରେ କାମୁଡ଼ି ଧରି ଚିତ୍କାର କରିବାକୁ ଲାଗିଲେ । ଏହି କୌତୁକ ଦେଖି ଦେବତାମାନେ ହସିବାକୁ ଲାଗିଲେ ॥

ଦୋଃ- **ତାନେଉ ଚ୍ୟାପ ଶ୍ରୱନ ଲଗି ଛାଁଡ଼େ ବିସିଖ କରାଲ ।**
**ରାମ ମାରଗନ ଗନ ଚଲେ ଲହଲହାତ ଜନୁ ବ୍ୟାଲ ॥ ୯୧ ॥**

ଧନୁକୁ ଆକର୍ଣ୍ଣ ଆକର୍ଷଣ କରି ଶ୍ରୀରାମ ଭୟାନକ ବାଣମାନ ମାରିଲେ । ସର୍ପମାନଙ୍କ ପରି ବାଣସବୁ ଲହ ଲହ ହୋଇ ମାଡ଼ିଚାଲିଲା ॥ ୯୧ ॥

**ଚଲେ ବାନ ସପଚ୍ଛ ଜନୁ ଉରଗା । ପ୍ରଥମହିଁ ହତେଉ ସାରଥୀ ତୁରଗା ॥**
**ରଥ ବିଭଂଜି ହତି କେତୁ ପତାକା । ଗର୍ଜା ଅତି ଅଂତର ବଲ ଥାକା ॥ ୧ ॥**

ପକ୍ଷଧାରୀ ସର୍ପ ପରି ସେହି ବାଣସବୁ ଉଡ଼ି ଉଡ଼ି ଯାଇ ପ୍ରଥମେ ରାବଣର ସାରଥି ଓ ଅଶ୍ୱମାନଙ୍କୁ ମାରିପକାଇଲେ । ତା'ପରେ ରଥକୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଇ ଧ୍ୱଜା ଓ ପତାକାମାନଙ୍କୁ ତଳେ ପକାଇଦେଲେ । ତାହା ଦେଖି ରାବଣ ଭୀଷଣ ଗର୍ଜନ କଲା; କିନ୍ତୁ ସେତେବେଳକୁ ତା'ର ମନୋବଳ ଶିଥିଳ ହୋଇସାରିଥିଲା ॥ ୧ ॥

**ତୁରତ ଆନ ରଥ ଚଢ଼ି ଖିସିଆନା । ଅସ୍ତ୍ର ସସ୍ତ୍ର ଛାଁଡ଼େସି ବିଧି ନାନା ॥**
**ବିଫଲ ହୋହିଁ ସବ ଉଦ୍ୟମ ତାକେ । ଜିମି ପରଦ୍ରୋହ ନିରତ ମନସା କେ ॥ ୨ ॥**

ସେ ତୁରନ୍ତ ଅନ୍ୟ ଏକ ରଥରେ ଚଢ଼ିଗଲା ଏବଂ ନାନାପ୍ରକାର ଅସ୍ତ୍ର ଛାଡ଼ିଲା । କିନ୍ତୁ ପରଦ୍ରୋହୀ ଲୋକର ମନୋବଳ ଯେପରି ନିଷ୍ଫଳ ହୋଇଯାଏ, ତା'ର ସମସ୍ତ ଉଦ୍ୟମ ସେହିପରି ବିଫଳ ହୋଇଗଲା ॥ ୨ ॥

**ତବ ରାୱନ ଦସ ସୂଲ ଚଲାୱା । ବାଜି ଚ୍ୟାରି ମହି ମାରି ଗିରାୱା ॥**
**ତୁରଗ ଉଠାଇ କୋପି ରଘୁନାୟକ । ଖୈଁଚି ସରାସନ ଛାଁଡ଼େ ସାୟକ ॥ ୩ ॥**

ରାବଣ ଏକାଥରକେ ଦଶଟା ତ୍ରିଶୂଳ ନିକ୍ଷେପ କରି, ଶ୍ରୀରାମଙ୍କ ଚ୍ୟାରିଟି ଘୋଡ଼ାଙ୍କୁ ମାରି ଧରାଶାୟୀ କରିଦେଲା । ଘୋଡ଼ାଙ୍କୁ ଉଠାଇ, ଶ୍ରୀରାମ ଅତ୍ୟନ୍ତ କ୍ରୋଧରେ ଧନୁ ଆକର୍ଷଣ କରି ବାଣ ମାରିଲେ ॥ ୩ ॥

**ରାୱନ ସିର ସରୋଜ ବନଚାରୀ । ଚଲି ରଘୁବୀର ସିଲୀମୁଖ ଧାରୀ ॥**
**ଦସ ଦସ ବାନ ଭାଲ ଦସ ମାରେ । ନିସରି ଗଏ ଚଲେ ରୁଧିର ପନାରେ ॥ ୪ ॥**

ରାବଣର ଶିରରୂପୀ କମଳବନରେ ବିଚରଣ କରିବାକୁ ଶ୍ରୀରଘୁବୀରଙ୍କର ବାଣରୂପୀ ଭ୍ରମରଦଳ ଉଡ଼ିଚାଲିଲେ । ଶ୍ରୀରାମ ତା'ର ଦଶମୁଣ୍ଡକୁ ଦଶ-ଦଶଟା ବାଣ ମାରିଲେ । ବାଣସବୁ ମୁଣ୍ଡର ଏପଟେ ପଶି ଆରପଟେ ବାହାରିପଡ଼ିଲା ଏବଂ ମୁଣ୍ଡମାନଙ୍କରୁ ରକ୍ତଧାର ଛୁଟିଲା ॥ ୪ ॥

**ସ୍ରୱତ ରୁଧିର ଧାୟଉ ବଲୱାନା । ପ୍ରଭୁ ପୁନି କୃତ ଧନୁ ସର ସଂଧାନା ॥**
**ତୀସ ତୀର ରଘୁବୀର ପବାରେ । ଭୁଜନ୍ହି ସମେତ ସୀସ ମହି ପାରେ ॥ ୫ ॥**

ରକ୍ତଧାର ଛୁଟିଚାଲିଥିଲେ ବି ବଳବାନ୍ ରାବଣ ଝପଟି ଆସିଲା । ପ୍ରଭୁ ପୁଣିଥରେ ଶର ସନ୍ଧାନ କଲେ । ଶ୍ରୀରଘୁନାଥ ଏଥର ତିରିଶଟି ଶର ମାରି ତା'ର ବିଂଶଭୁଜ ସମେତ ଦଶଶିରକୁ କାଟି ଭୂଇଁରେ ଗଡ଼ାଇଦେଲେ ॥ ୫ ॥

**କାଟତହାଁ ପୁନି ଭଏ ନବୀନେ । ରାମ ବହୋରି ଭୁଜା ସିର ଛୀନେ ॥**
**ପ୍ରଭୁ ବହୁ ବାର ବାହୁ ସିର ହଏ । କଟତ ଝଟିତି ପୁନି ନୂତନ ଭଏ ॥ ୬ ॥**

ଶିର ଓ ଭୁଜ କଟିଗଲେ ବି ତା'ର ନୂଆ ଶିର ଓ ଭୁଜ କଅଁଳିଗଲା । ପ୍ରଭୁ ପୁଣି ଥରେ ତା'ର ଶିର ଓ ଭୁଜ କାଟିପକାଇଲେ । ଏପରିଭାବରେ ପ୍ରଭୁ ତା'ର ଶିର ଓ ଭୁଜ କାଟୁଥାନ୍ତି ; କିନ୍ତୁ ସେସବୁ ତତ୍‌କ୍ଷଣାତ୍ କଅଁଳିଉଠୁଥାଏ ॥ ୬ ॥

**ପୁନି ପୁନି ପ୍ରଭୁ କାଟତ ଭୁଜ ସୀସା । ଅତି କୌତୁକୀ କୋସଲାଧୀସା ॥**
**ରହେ ଛାଇ ନଭ ସିର ଅରୁ ବାହୂ । ମାନହୁଁ ଅମିତ କେତୁ ଅରୁ ରାହୂ ॥ ୭ ॥**

ସେ ତା'ର ଶିର ଓ ଭୁଜକୁ ବାରମ୍ବାର କାଟିଚାଲିଲେ ; କାରଣ ପ୍ରଭୁ ବଡ଼ କୌତୂହଳୀ ଥିଲେ । ରାବଣର କଟିଯାଉଥିବା ବାହୁ ଓ ଶିରଗୁଡ଼ିକ ଆକାଶରେ ଛାଇହୋଇଯାଇ ଅସଂଖ୍ୟ ରାହୁ ଓ କେତୁ ପରି ଦେଖାଗଲେ ॥ ୭ ॥

ଛନ୍ଦ- **ଜାନୁ ରାହୁ କେତୁ ଅନେକ ନଭ ପଥ ସ୍ରୱତ ସୋନିତ ଧାୱହୀଁ ।**
**ରଘୁବୀର ତୀର ପ୍ରଚଂଡ ଲାଗହିଁ ଭୂମି ଗିରନ ନ ପାୱହୀଁ ॥**
**ଏକ ଏକ ସର ସିର ନିକର ଛେଦେ ନଭ ଉଡ଼ତ ଇମି ସୋହହୀଁ ।**
**ଜନୁ କୋପି ଦିନକର କର ନିକର ଜହଁ ତହଁ ବିଧୁଂତୁଦ ପୋହହୀଁ ॥**

ମନେ ହେଲା, ସତେ ଅବା ଅନେକ ରାହୁ ଓ କେତୁ ରକ୍ତଧାରା ବୁହାଇ ବୁହାଇ ଆକାଶମାର୍ଗରେ ଧାଉଁଛନ୍ତି । ରଘୁବୀରଙ୍କର ପ୍ରଚଣ୍ଡ ବାଣ ବାରମ୍ବାର ବାଜିବା ଫଳରେ ସେସବୁ ତଳେ ପଡ଼ିପାରୁ ନ ଥାନ୍ତି । ଗୋଟିଏ ଗୋଟିଏ ବାଣରେ ସମସ୍ତ ଶିର କଟିଯାଉଥାଏ ଏବଂ ଆକାଶରେ ଉଡ଼ିଯାଇ ଏପରି ଶୋଭାପାଉଥାଏ ଯେ, ଦେଖି ଲାଗୁଥାଏ, ସତେ ଯେପରି ସୂର୍ଯ୍ୟଙ୍କ ରଶ୍ମିମାନେ କ୍ରୋଧଭରା ହୋଇ ଚତୁର୍ଦ୍ଦିଗରେ ରାହୁମାନଙ୍କୁ ଗୁଛିପକାଉଛନ୍ତି ।

ଦୋ:- **ଜିମି ଜିମି ପ୍ରଭୁ ହର ତାସୁ ସିର ତିମି ତିମି ହୋହିଁ ଅପାର ।**
**ସେୱତ ବିଷୟ ବିବର୍ଧ ଜିମି ନିତ ନିତ ନୂତନ ମାର ॥ ୯୨ ॥**

ଯେତେ ବିଷୟସେବନ କଲେ ମଧ୍ୟ, କାମନା (ବିଷୟଭୋଗର ଲାଳସା) ଯେପରି ଦିନକୁ ଦିନ ନୂଆ ନୂଆ ହୋଇ ବଢ଼ିଚାଲେ, ତା'ର ଶିରଗୁଡ଼ିକ ଯେତେ କାଟିଲେ ମଧ୍ୟ ସେହିପରି ସେତେ ଅପାର ସଂଖ୍ୟାରେ ବଢ଼ିଚାଲିଲା ॥ ୯୨ ॥

**ଦସମୁଖ ଦେଖି ସିରହ୍ନ କୈ ବାଢ଼ୀ । ବିସରା ମରନ ଭଈ ରିସ ଗାଢ଼ୀ ॥**
**ଗର୍ଜେଉ ମୂଢ଼ ମହା ଅଭିମାନୀ । ଧାୟଉ ଦସହୁ ସରାସନ ତାନୀ ॥ ୧ ॥**

ଅଗଣିତ ମୁଣ୍ଡର ବନ୍ୟା (ଶିର କଟିଗଲେ ବି ପୁଣି କଅଁଳିଯାଉଛି) ଦେଖି ରାବଣ ନିଜ ମରଣ କଥା ଭୁଲିଗଲା । ତା'ମନରେ ଗଭୀର କ୍ରୋଧ ଜାତ ହେଲା । ସେହି ମହାଭିମାନୀ ମୂର୍ଖ ଗର୍ଜନ କରିବାପୂର୍ବକ ଏକସଙ୍ଗେ ଦଶଟା ଧନୁ ଆକର୍ଷଣ କରି ଧାଇଁଆସିଲା ॥ ୧ ॥

**ସମରଭୂମି ଦସକଂଧର କୋପ୍ୟୋ । ବରଷି ବାନ ରଘୁପତି ରଥ ତୋପ୍ୟୋ ॥**
**ଦଂଡ ଏକ ରଥ ଦେଖି ନ ପରେଉ । ଜନୁ ନିହାର ମହୁଁ ଦିନକର ଦୁରେଉ ॥ ୨ ॥**

ରାବଣ ରଣଭୂମିରେ କ୍ରୋଧରେ କମ୍ପମାନ ହେଲା ଏବଂ ବାଣ ବର୍ଷା କରି ରଘୁନାଥଙ୍କ ରଥକୁ ଢାଙ୍କିଦେଲା । ଘନକୁହୁଡ଼ିରେ ସୂର୍ଯ୍ୟ ଲୁଚିଯିବାପରି ଦଣ୍ଡେ ପର୍ଯ୍ୟନ୍ତ ରଥ ଆଉ ଦିଶିଲା ନାହିଁ ॥ ୨ ॥

**ହାହାକାର ସୁରହ୍ନ ଜବ କୀହ୍ନା । ତବ ପ୍ରଭୁ କୋପି କାରମୁକ ଲୀହ୍ନା ॥**
**ସର ନିୱାରି ରିପୁ କେ ସିର କାଟେ । ତେ ଦିସି ବିଦିସି ଗଗନ ମହି ପାଟେ ॥ ୩ ॥**

ଦେବତାମାନେ ହାହାକାର କରି ଉଠିଲେ; ତେଣୁ ପ୍ରଭୁ କ୍ରୋଧିତ ହୋଇ ଧନୁ ଉଠାଇଲେ ଓ ଶତ୍ରୁବାଣକୁ ପ୍ରତିହତ କରି ତା'ର ଶିରଗୁଡ଼ିକୁ କାଟିପକାଇଲେ ଏବଂ ଦିଗ, ବିଦିଗ, ଆକାଶ ଓ ପୃଥିବୀକୁ ମୁଣ୍ଡମୟ କରିଦେଲେ ॥ ୩ ॥

**କାଟେ ସିର ନଭ ମାରଗ ଧାୱହିଁ । ଜୟ ଜୟ ଧୁନି କରି ଭୟ ଉପଜାୱହିଁ ॥**
**କହଁ ଲଛିମନ ସୁଗ୍ରୀୱ କପୀସା । କହଁ ରଘୁବୀର କୋସଲାଧୀସା ॥ ୪ ॥**

କଟାମୁଣ୍ଡଗୁଡ଼ିକ ଆକାଶମାର୍ଗରେ ଧାଇଁ ଧାଇଁ, 'ଜୟ ! ଜୟ !' ଧ୍ୱନି କରି ଭୟ ଉତ୍ପନ୍ନ କରିଦେଲେ । ''ଲକ୍ଷ୍ମଣ ଓ ବାନରରାଜ ସୁଗ୍ରୀବ କାହାନ୍ତି ? କୋଶଳପତି ରଘୁବୀର କେଉଁଠି ? ॥ ୪ ॥

ଛନ୍ଦ- **କହଁ ରାମୁ କହି ସିର ନିକର ଧାଏ ଦେଖି ମର୍କଟ ଭଜି ଚଲେ ।**
**ସଂଧାନି ଧନୁ ରଘୁବଂସମନି ହଁସି ସରହ୍ନି ସିର ବେଧେ ଭଲେ ॥**
**ସିର ମାଲିକା କର କାଲିକା ଗହି ବୃଂଦ ବୃଂଦହ୍ନି ବହୁ ମିଲୀଁ ।**
**କରି ରୁଧିର ସରି ମଜ୍ଜନୁ ମନହୁଁ ସଂଗ୍ରାମ ବଟ ପୂଜନ ଚଲୀଁ ॥**

ରାମ କେଉଁଠି ?''—ଏପରି ଡାକ ଦେଇ ଛିନ୍ନ ମସ୍ତକଗୁଡ଼ାକ ଧାଇଁଲେ । ସେଗୁଡ଼ିକୁ ଦେଖି ବାନରମାନେ ପଳାୟନ କଲେ । ଏହା ଦେଖି ଶ୍ରୀରାମ ହସି ହସି ଏପରି ବାଣମାନ ମାରିଲେ ଯେ, ସେସବୁ ଯାଇ ସେହି ମୁଣ୍ଡଗୁଡ଼ାକୁ ମାଳା ପରି ଗୁନ୍ଥିପକାଇଲେ । ହାତରେ ସେହି ମୁଣ୍ଡମାଳାଗୁଡ଼ାକ ଧରି ଅନେକ କାଳିକା ଦଳ ଦଳ ହୋଇ ଚାଲିଆସିଲେ ଏବଂ ସେମାନେ ଏକତ୍ରିତ ହୋଇ ରକ୍ତନଦୀରେ ସ୍ନାନ କରି ସେଠାରୁ ବାହାରିପଡ଼ିଲେ; ମନେ ହେଲା, ସେମାନେ ଯେପରି ସଂଗ୍ରାମରୂପୀ ବଟବୃକ୍ଷକୁ ପୂଜା କରିବାକୁ ଯାଉଛନ୍ତି ।

ଦୋଃ- ପୁନି ଦସକଂଠ କ୍ରୁଦ୍ଧ ହୋଇ ଛାଁଡ଼ୀ ସକ୍ତି ପ୍ରଚଂଡ ।
ଚଲୀ ବିଭୀଷନ ସନ୍ମୁଖ ମନହୁଁ କାଲ କର ଦଂଡ ॥ ୯୩ ॥

ରାବଣ ପୁଣି ଥରେ କ୍ରୁଦ୍ଧ ହୋଇ ଏକ ପ୍ରଚଣ୍ଡ ଶକ୍ତି ନିକ୍ଷେପ କଲା । ସେହି ଶକ୍ତିଟି ବିଭୀଷଣଙ୍କ ଆଡ଼କୁ କାଳଦଣ୍ଡ (ଯମଙ୍କର ଆୟୁଧ) ପରି ଧାଇଁଗଲା ॥ ୯୩ ॥

ଆୱତ ଦେଖି ସକ୍ତି ଅତି ଘୋରା । ପ୍ରନତାରତି ଭଂଜନ ପନ ମୋରା ॥
ତୁରତ ବିଭୀଷନ ପାଛେଁ ମେଲା । ସନ୍ମୁଖ ରାମ ସହେଉ ସୋଇ ସେଲା ॥ ୧ ॥

ଅତ୍ୟନ୍ତ ଭୟାନକ ଶକ୍ତି ମାଡ଼ିଆସୁଛି ଦେଖି, ଶ୍ରୀରାମ ତୁରନ୍ତ ଯାଇ ବିଭୀଷଣଙ୍କ ଆଗରେ ଠିଆ ହୋଇଗଲେ । ବିଭୀଷଣଙ୍କୁ ନିଜ ପଛରେ ରଖି ପ୍ରଭୁ ବିଗ୍ରହ କଲେ, 'ମୁଁ ଶରଣାଗତର ଦୁଃଖ ଦୂର କରିବାକୁ ପଣ କରିଛି ।' ଏପରି ବିଗ୍ରହ କରି ସେ ନିଜେ ଶକ୍ତିର ଆଘାତ ସହିଗଲେ ॥ ୧ ॥

ଲାଗି ସକ୍ତି ମୁରୁଛା କଛୁ ଭଈ । ପ୍ରଭୁ କୃତ ଖେଲ ସୁରହ୍ନ ବିକଲଈ ॥
ଦେଖି ବିଭୀଷନ ପ୍ରଭୁ ଶ୍ରମ ପାୟୋ । ଗହି କର ଗଦା କ୍ରୁଦ୍ଧ ହୋଇ ଧାୟୋ ॥ ୨ ॥

ଶକ୍ତିର ଆଘାତରେ ସେ ଟିକିଏ ମୂର୍ଚ୍ଛା ହୋଇଗଲାପରି ତଳେ ପଡ଼ିଗଲେ । ସେପରି ମୂର୍ଚ୍ଛା ହେବା ତ ପ୍ରଭୁଙ୍କର ଲୀଳାମାତ୍ର ଥିଲା ; କିନ୍ତୁ ଦେବତାମାନେ ତାହା ବୁଝି ନ ପାରି ବ୍ୟାକୁଳ ହୋଇଗଲେ । ପ୍ରଭୁ କ୍ଲେଶ ପାଉଥିବା ଦେଖି ବିଭୀଷଣ କ୍ରୋଧଭର ହୋଇ, ହାତରେ ଗଦା ନେଇ ରାବଣ ଆଡ଼କୁ ଧାଇଁଲେ ॥ ୨ ॥

ରେ କୁଭାଗ୍ୟ ସଠ ମଂଦ କୁବୁଦ୍ଧେ । ତୈଁ ସୁର ନର ମୁନି ନାଗ ବିରୁଦ୍ଧେ ॥
ସାଦର ସିୱ କହୁଁ ସୀସ ଚଢ଼ାଏ । ଏକ ଏକ କେ କୋଟିହ୍ନ ପାଏ ॥ ୩ ॥

ସେ କହିଲେ, ''ଆରେ ଅଭାଗା ! ମୂର୍ଖ, ନୀଚ, ଦୁର୍ବୁଦ୍ଧି ! ତୁ ଦେବତା, ମନୁଷ୍ୟ, ମୁନି, ନାଗ—ସମସ୍ତଙ୍କ ସହ ବିରୋଧ କଲୁ । ତୁ ନିଜର ଗୋଟିଏ ଗୋଟିଏ ମୁଣ୍ଡ ଚଢ଼ାଇ ସମାଦରରେ ମହାଦେବଙ୍କୁ ପୂଜା କରିଥିଲୁ ବୋଲି ଏବେ କୋଟି କୋଟି ମୁଣ୍ଡ ପାଇଲୁ ॥ ୩ ॥

ତେହି କାରନ ଖଲ ଅବ ଲଗି ବାଁଚ୍ୟୋ । ଅବ ତୱ କାଲୁ ସୀସ ପର ନାଚ୍ୟୋ ॥
ରାମ ବିମୁଖ ସଠ ଚହସି ସଂପଦା । ଅସ କହି ହନେସି ମାଝ ଉର ଗଦା ॥ ୪ ॥

ସେହି କାରଣରୁ ଆରେ ମୂର୍ଖ ! ତୁ ଏଯାଏ ବଞ୍ଚିଲୁ । କିନ୍ତୁ ଏଥର କାଳ ଆସି ତୋ ମୁଣ୍ଡ ଉପରେ ନାଚିଲାଣି । ଆରେ ମୂର୍ଖ ! ତୁ ରାମବିମୁଖ ହୋଇ ସୁଖସମ୍ପତ୍ତି ଚାହୁଁଛୁ ?'' ଏପରି କହି ବିଭୀଷଣ ରାବଣର ମଝି ଛାତିରେ ଗଦା ପ୍ରହାର କଲେ ॥ ୪ ॥

ଛନ୍ଦ- ଉର ମାଝ ଗଦା ପ୍ରହାର ଘୋର କଠୋର ଲାଗତ ମହି ପର୍‌ୟୋ ।
ଦସ ବଦନ ସୋନିତ ସ୍ରୱତ ପୁନି ସଂଭାରି ଧାୟୋ ରିସ ଭର୍‌ୟୋ ॥
ଦ୍ୱୌ ଭିରେ ଅତିବଲ ମଲ୍ଲଜୁଦ୍ଧ ବିରୁଦ୍ଧ ଏକୁ ଏକହି ହନୈ ।
ରଘୁବୀର ବଲ ଦର୍ପିତ ବିଭୀଷନୁ ଘାଲି ନହିଁ ତା କହୁଁ ଗନୈ ॥

ଛାତି ମଝିରେ କଠୋର ଗଦାର ଘୋର ଓ କଠିନ ପ୍ରହାର ବସୁ ବସୁ ରାବଣ ତଳେ ପଡ଼ିଗଲା । ତା'ର ଦଶମୁଖରୁ ରକ୍ତ ବହିବାକୁ ଲାଗିଲା । ତଥାପି ସେ ନିଜକୁ ସମ୍ଭାଳିନେଇ ଉଠିପଡ଼ିଲା ଏବଂ ପୁଣି ଥରେ କ୍ରୋଧରେ ଗୋଡ଼ାଇଆସିଲା । ଦୁଇ ଅତ୍ୟନ୍ତ ବଳବାନ୍ ଯୋଦ୍ଧା ପରସ୍ପର ବିରୁଦ୍ଧରେ ଲଢ଼ିଲେ । ମଲ୍ଲଯୁଦ୍ଧରେ ମାତି ଏକ

ଆରେକକୁ ମାରିବାକୁ ଲାଗିଲେ । ଶ୍ରୀରଘୁବୀରଙ୍କ ବଳରେ ଗର୍ବିତ (ବଳୀୟାନ୍) ବିଭୀଷଣ ରାବଣ ପରି ଦିଗ୍‌ବିଜୟୀ ଯୋଦ୍ଧାକୁ ବି ତିଳେମାତ୍ର ଭ୍ରୂକ୍ଷେପ କଲେ ନାହିଁ ॥

ଦୋ:- **ଉମା ବିଭୀଷନୁ ରାଓ୍ୱନହି ସନ୍ମୁଖ ଚିତଓ୍ୱ କି କାଉ ।**
**ସୋ ଅବ ଭିରତ କାଲ ଜ୍ୟୋଁ ଶ୍ରୀରଘୁବୀର ପ୍ରଭାଉ ॥ ୯୪ ॥**

[ଶିବ କହିଲେ,] ହେ ଉମା ! ବିଭୀଷଣ କ'ଣ କେବେ ରାବଣକୁ ମୁହଁ ଟେକି ଚାହିଁପାରିଥିଲେ ? କିନ୍ତୁ ବର୍ତ୍ତମାନ ସେ କାଳସମାନ ହୋଇ ତା'ବିରୁଦ୍ଧରେ ଲଢୁଛନ୍ତି । ଏହା କେବଳ ରଘୁବୀରଙ୍କ ମହିମାର ପ୍ରଭାବ ॥ ୯୪ ॥

**ଦେଖା ଶ୍ରମିତ ବିଭୀଷନୁ ଭାରୀ । ଧାୟଉ ହନୂମାନ ଗିରି ଧାରୀ ॥**
**ରଥ ତୁରଂଗ ସାରଥୀ ନିପାତା । ହୃଦୟ ମାଝ ତେହି ମାରେସି ଲାତା ॥ ୧ ॥**

ବିଭୀଷଣ ବିଶେଷ ଥକିଗଲେଣି ଦେଖି ହନୁମାନ୍ ଗୋଟାଏ ପର୍ବତ ଧରି ଧାଇଁଗଲେ । ପର୍ବତରେ ଛେଚି ସେ ରାବଣର ରଥ, ଘୋଡ଼ା ଓ ସାରଥିକୁ ଧ୍ୱଂସ କରିଦେଲେ ଏବଂ ତା'ଛାତି ଉପରେ ଏକ ନିର୍ଘାତିଆ ଗୋଇଠା ମାରିଦେଲେ ॥ ୧ ॥

**ଠାଢ଼ ରହା ଅତି କଂପିତ ଗାତା । ଗୟଉ ବିଭୀଷନୁ ଜହଁ ଜନତ୍ରାତା ॥**
**ପୁନି ରାଓ୍ୱନ କପି ହତେଉ ପଚାରି । ଚଲେଉ ଗଗନ କପି ପୂଁଛ ପସାରୀ ॥ ୨ ॥**

ରାବଣ ପଡ଼ି ନ ଯାଇ ଠିଆ ହୋଇ ରହିଗଲା ସିନା, ତା' ଦେହଟା ଭୀଷଣଭାବରେ କମ୍ପିବାକୁ ଲାଗିଲା । ସେବକମାନଙ୍କର ରକ୍ଷକ ଶ୍ରୀରାମଙ୍କ ପାଖକୁ ବିଭୀଷଣ ଚାଲିଗଲେ । ରାବଣ ରଣହୁଙ୍କାର ଦେଇ ହନୁମାନଙ୍କୁ ଆକ୍ରମଣ କଲା । ହନୁମାନ୍ ଲାଙ୍ଗୁଡ଼ ବିସ୍ତାର କରି ଆକାଶକୁ ଉଠିଗଲେ ॥ ୨ ॥

**ଗହିସି ପୂଁଛ କପି ସହିତ ଉଡ଼ାନା । ପୁନି ଫିରି ଭିରେଉ ପ୍ରବଲ ହନୁମାନା ॥**
**ଲରତ ଅକାସ ଜୁଗଲ ସମ ଜୋଧା । ଏକହି ଏକୁ ହନତ କରି କ୍ରୋଧା ॥ ୩ ॥**

ରାବଣ ହନୁମାନଙ୍କ ଲାଙ୍ଗୁଡ଼ ଧରିପକାଇବାରୁ ହନୁମାନ୍ ତାକୁ ଲାଙ୍ଗୁଡ଼ଦ୍ୱାରା ଉଠାଇନେଇ ଆକାଶରେ ଉଡ଼ିଲେ । ତା'ପରେ ପଛକୁ ବୁଲିପଡ଼ି ମହାବଳବାନ୍ ହନୁମାନ୍ ତା'ସହିତ ଯୁଦ୍ଧ ଆରମ୍ଭ କରିଦେଲେ । ଦୁଇ ବଳବାନ୍ ଯୋଦ୍ଧା ଆକାଶରେ ଲଢୁ ଲଢୁ କ୍ରୋଧିତ ହୋଇ ପରସ୍ପରକୁ ପ୍ରହାର କରିବାକୁ ଲାଗିଲେ ॥ ୩ ॥

**ସୋହହିଁ ନଭ ଛଲ ବଲ ବହୁ କରହୀଁ । କଜ୍ଜଲଗିରି ସୁମେରୁ ଜନୁ ଲରହୀଁ ॥**
**ବୁଧି ବଲ ନିସିଚର ପରଇ ନ ପାର୍ୟୋ । ତବ ମାରୁତ ସୁତ ପ୍ରଭୁ ସଂଭାର୍ୟୋ ॥ ୪ ॥**

ଦୁହିଁଙ୍କୁ ଦୁହେଁ ଛଳବଳ ଦେଖାଇ ଆକାଶରେ ଏପରି ଶୋଭିତ ହେଲେ ଯେ, ଦେଖି ମନେ ହେଲା, କଜ୍ଜଳ ପର୍ବତ ଓ ସୁମେରୁ ପର୍ବତ ପରସ୍ପର ଲଢୁଛନ୍ତି । ରାବଣକୁ ତଳେ ପକାଇଦେବାଲାଗି ହନୁମାନ୍ ସବୁ ବୁଦ୍ଧିବଳ ଖଟାଇ ଯେତେ ଚେଷ୍ଟା କଲେ ବି, ରାବଣ ତଳେ ପଡ଼ିଲା ନାହିଁ । ତେଣୁ ହନୁମାନ୍ ପ୍ରଭୁଙ୍କୁ ସ୍ମରଣ କଲେ ॥ ୪ ॥

ଛନ୍ଦ- **ସଂଭାରି ଶ୍ରୀରଘୁବୀର ଧୀର ପଚାରି କପି ରାଓ୍ୱନୁ ହନ୍ୟୋ ।**
**ମହି ପରତ ପୁନି ଉଠି ଲରତ ଦେଓ୍ୱନ୍ହ ଜୁଗଲ କହୁଁ ଜୟ ଜୟ ଭନ୍ୟୋ ॥**
**ହନୁମଂତ ସଂକଟ ଦେଖି ମର୍କଟ ଭାଲୁ କ୍ରୋଧାତୁର ଚଲେ ।**
**ରନ ମତ୍ତ ରାଓ୍ୱନ ସକଲ ସୁଭଟ ପ୍ରଚଂଡ ଭୁଜ ବଲ ଦଲମଲେ ॥**

ଶ୍ରୀରଘୁବୀରଙ୍କୁ ସ୍ମରଣ କରି, ଧୀର ହନୁମାନ୍ ରଣହୁଙ୍କାର ଦେଇ ରାବଣକୁ ଭୀଷଣଭାବରେ ଆଘାତ କଲେ । ଦୁହେଁ ତଳେ ପଡ଼ିଗଲେ; କିନ୍ତୁ ପୁଣିଥରେ ଉଠିପଡ଼ି ଲଢ଼ିଲେ । ଦେବତାମାନେ ଉଭୟଙ୍କର ଜୟ ଜୟକାର କଲେ । ହନୁମାନଙ୍କ ଉପରେ ବିପଦ ପଡ଼ିଥିବା ଦେଖି, ଭଲ୍ଲୁକ ଓ ବାନରମାନେ କ୍ରୋଧାତୁର ହୋଇ ଧାଇଁଗଲେ । କିନ୍ତୁ ରଣମତ୍ତ ରାବଣ ନିଜର ପ୍ରଚଣ୍ଡ ଭୁଜବଳରେ ସବୁଯୋଦ୍ଧାଙ୍କୁ ଦଳିଦେଲା ॥

ଦୋ:- **ତବ ରଘୁବୀର ପଚାରେ ଧାଏ କୀସ ପ୍ରଚଂଡ ।**
**କପି ବଲ ପ୍ରବଲ ଦେଖି ତେହିଁ କୀନ୍ହ ପ୍ରଗଟ ପାଷଂଡ ॥ ୯୫ ॥**

ଏତିକିବେଳେ ଶ୍ରୀରଘୁବୀରଙ୍କ ରଣ-ଆହ୍ୱାନକ୍ରମେ ପ୍ରଚଣ୍ଡ ବୀର ବାନରମାନେ ଧାଇଁଆସିଲେ । ବାନରମାନଙ୍କର ପ୍ରବଳ ବଳ ଦେଖି ରାବଣ ମାୟା ବିସ୍ତାର କଲା ॥ ୯୫ ॥

**ଅଂତରଧାନ ଭୟଉ ଛନ ଏକା । ପୁନି ପ୍ରଗଟେ ଖଲ ରୂପ ଅନେକା ॥**
**ରଘୁପତି କଟକ ଭାଲୁ କପି ଜେତେ । ଜହଁ ତହଁ ପ୍ରଗଟ ଦସାନନ ତେତେ ॥ ୧ ॥**

ସେ କ୍ଷଣକ ନିମନ୍ତେ ଅଦୃଶ୍ୟ ହୋଇଗଲା ଏବଂ ତା'ପରେ ସେହି ଦୁଷ୍ଟ ନିଜର ଅନେକ ରୂପ ପ୍ରକଟ କଲା । ଶ୍ରୀରଘୁନାଥଙ୍କ ସେନାରେ ଯେତେ ଭଲ୍ଲୁକ-ବାନର ଥିଲେ, ଚତୁର୍ଦ୍ଦିଗରେ ସେତେଟା ରାବଣ ଦେଖାଗଲା ॥ ୧ ॥

**ଦେଖେ କପିନ୍ହ ଅମିତ ଦସସୀସା । ଜହଁ ତହଁ ଭଜେ ଭାଲୁ ଅରୁ କୀସା ॥**
**ଭାଗେ ବାନର ଧରହିଁ ନ ଧୀରା । ତ୍ରାହି ତ୍ରାହି ଲଛିମନ ରଘୁବୀରା ॥ ୨ ॥**

ବାନରମାନେ ଅସଂଖ୍ୟ ରାବଣ ଦେଖିବାକୁ ପାଇଲେ । ତେଣୁ ଭାଲୁ ଓ ବାନରମାନେ ଯେ ଯେଉଁଆଡ଼େ ପାରିଲେ, ଦୌଡ଼ି ପଳାଇଗଲେ । ସେମାନେ ଆଉ ଧୈର୍ଯ୍ୟ ଧରିପାରିଲେ ନାହିଁ । 'ହେ ଲକ୍ଷ୍ମଣ ! ହେ ରଘୁନାଥ ! ରକ୍ଷା କର ! ରକ୍ଷା କର !' ବୋଲି ରଡ଼ି ଛାଡ଼ି ସେମାନେ ପଳାୟନ କଲେ ॥ ୨ ॥

**ଦହଁ ଦିସି ଧାୱହିଁ କୋଟିନ୍ହ ରାୱନ । ଗର୍ଜହିଁ ଘୋର କଠୋର ଭୟାୱନ ॥**
**ଡରେ ସକଲ ସୁର ଚଲେ ପରାଈ । ଜୟ କୈ ଆସ ତଜହୁ ଅବ ଭାଈ ॥ ୩ ॥**

ଦଶଦିଗରୁ କୋଟି କୋଟି ରାବଣ ମାଡ଼ିଆସିଲେ । ସେମାନେ ଅତି ଭୟଙ୍କର ଗର୍ଜନ କରୁଥାନ୍ତି । ଏହା ଦେଖି ସବୁଦେବତା ଡରିଗଲେ । ଭୟରେ ପଳାୟନ କରୁ କରୁ ସମସ୍ତେ କହୁଥାନ୍ତି, ''ଭାଇ ! ଏଥର ଜୟର ଆଶା ଛାଡ଼ିଦିଅ ॥ ୩ ॥

**ସବ ସୁର ଜିତେ ଏକ ଦସକଂଧର । ଅବ ବହୁ ଭଏ ତକହୁ ଗିରି କଂଦର ॥**
**ରହେ ବିରଂଚି ସଂଭୁ ମୁନି ଗ୍ୟାନୀ । ଜିନ୍ହ ଜିନ୍ହ ପ୍ରଭୁ ମହିମା କଛୁ ଜାନୀ ॥ ୪ ॥**

ଜଣେମାତ୍ର ରାବଣ ତ ସବୁ ଦେବତାଙ୍କୁ ଜୟ କରିନେଇଥିଲା; ଏବେ ତ ଅନେକ ରାବଣ ଦେଖା ଦେଲେଣି । ତେଣୁ ଆଉ ରକ୍ଷା ନାହିଁ; ଯାଇ ପର୍ବତଗୁମ୍ଫାମାନଙ୍କରେ ଆଶ୍ରୟ ନିଅ (ଲୁଚ) ।'' ସେଠାରେ କେବଳ ପ୍ରଭୁଙ୍କ ମହିମା ଜାଣିଥିବା ବ୍ରହ୍ମା, ଶିବ ଓ ଜ୍ଞାନୀ ମୁନିମାନେ ନିର୍ଭୟରେ ରହିଲେ ॥ ୪ ॥

ଛନ୍ଦ- **ଜାନା ପ୍ରତାପ ତେ ରହେ ନିର୍ଭୟ କପିନ୍ହ ରିପୁ ମାନେ ଫୁରେ ।**
**ଚଲେ ବିଚଲି ମର୍କଟ ଭାଲୁ ସକଲ କୃପାଲ ପାହି ଭୟାତୁରେ ॥**
**ହନୁମଂତ ଅଂଗଦ ନୀଲ ନଲ ଅତିବଲ ଲରତ ରନ ବାଁକୁରେ ।**
**ମର୍ଦହିଁ ଦସାନନ କୋଟି କୋଟିନ୍ହ କପଟ ଭୂ ଭଟ ଅଂକୁରେ ॥**

ଯେଉଁମାନେ ପ୍ରଭୁଙ୍କ ପ୍ରତାପ ଜାଣିଥିଲେ, ସେମାନେ ସେଠାରେ ନିର୍ଭୟରେ ଦୃଢ଼ ହୋଇ ରହିଲେ । ବହୁତ ମାୟାରାବଣ ଦେଖି ବାନରମାନେ ସେମାନଙ୍କୁ ସତ ରାବଣ ବୋଲି ଭାବିଲେ । ତେଣୁ ବାନର ଓ ଭାଲୁମାନେ ବିଚଳିତ ହୋଇ 'ହେ କୃପାନିଧାନ ! ରକ୍ଷା କର !' ବୋଲି ଡାକ ପକାଇ ଭୟରେ ପଳାୟନ କଲେ । କିନ୍ତୁ ଅତ୍ୟନ୍ତ ବଳବାନ୍ ରଣବୀର ହନୁମାନ୍, ଅଙ୍ଗଦ, ନୀଳ ଓ ନଳ ଲଢୁଥାନ୍ତି । ସେମାନେ କପଟରୂପୀ ଭୂମିରେ ଅଙ୍କୁର ପରି ଉଠିଥିବା କୋଟି କୋଟି ଯୋଦ୍ଧାରାବଣଙ୍କୁ ମର୍ଦ୍ଦନ କରୁଥାନ୍ତି ॥

**ଦୋଃ- ସୁର ବାନର ଦେଖେ ବିକଲ ହଁସ୍ୟୋ କୋସଲାଧୀସ ।**
**ସଜି ସାରଂଗ ଏକ ସର ହତେ ସକଲ ଦସସୀସ ॥ ୯୬ ॥**

ଦେବତା ଓ ବାନରମାନଙ୍କର ବିକଳ ଦେଖି କୋଶଳପତି ଶ୍ରୀରାମ ହସିଲେ ଏବଂ ଶାର୍ଙ୍ଗଧନୁରେ ଗୋଟିଏମାତ୍ର ବାଣ ଚଢ଼ାଇ ସମସ୍ତ ମାୟାରାବଣଙ୍କୁ ମାରିଦେଲେ ॥ ୯୬ ॥

**ପ୍ରଭୁ ଛନ ମହୁଁ ମାୟା ସବ କାଟୀ । ଜିମି ରବି ଉଏଁ ଜାହିଁ ତମ ଫାଟୀ ॥**
**ରାୱନୁ ଏକୁ ଦେଖି ସୁର ହରଷେ । ଫିରେ ସୁମନ ବହୁ ପ୍ରଭୁ ପର ବରଷେ ॥ ୧ ॥**

ସୂର୍ଯ୍ୟ ଉଦୟ ହେବାକ୍ଷଣି ଅନ୍ଧକାର ଯେପରି ଉଭେଇଯାଏ, ପ୍ରଭୁ ସେହିପରି କ୍ଷଣକମଧ୍ୟେରେ ସକଳ ମାୟା କାଟିଦେଲେ । ବର୍ତ୍ତମାନ ଜଣେ ମାତ୍ର ରାବଣକୁ ଦେଖି ଦେବତାମାନେ ଆନନ୍ଦିତ ହେଲେ । ସେମାନେ ଫେରିଆସି ପ୍ରଭୁଙ୍କ ଉପରେ ବିବିଧ ପୁଷ୍ପ ବୃଷ୍ଟି କଲେ ॥ ୧ ॥

**ଭୁଜ ଉଠାଇ ରଘୁପତି କପି ଫେରେ । ଫିରେ ଏକ ଏକନ୍ହ ତବ ଟେରେ ॥**
**ପ୍ରଭୁ ବଲୁ ପାଇ ଭାଲୁ କପି ଧାଏ । ତରଲ ତମକି ସଂଜୁଗ ମହି ଆଏ ॥ ୨ ॥**

ଶ୍ରୀରଘୁନାଥ ଅଭୟ ବାହୁ ଟେକି ବାନରମାନଙ୍କୁ 'ଫେରିଆସ, ଫେରିଆସ' ବୋଲି ଡାକିଲେ । ସେମାନେ ପରସ୍ପର ଡକାଡକି ହୋଇ ଫେରିଲେ । ପ୍ରଭୁଙ୍କ ବଳ ପାଇ ଭାଲୁ ଓ ବାନରମାନେ ଧାଇଁ ଆସିଲେ ଏବଂ ରଣୋତ୍ସାହରେ ଅତିଶୀଘ୍ର ଯୁଦ୍ଧଭୂମିରେ ପହଞ୍ଚିଗଲେ ॥ ୨ ॥

**ଅସ୍ତୁତି କରତ ଦେବତହ୍ନି ଦେଖେଁ । ଭୟଉଁ ଏକ ମୈଁ ଇହ୍ନ କେ ଲେଖେଁ ॥**
**ସଠହୁ ସଦା ତୁହ୍ମ ମୋର ମରାୟଲ । ଅସ କହି କୋପି ଗଗନ ପର ଧାୟଲ ॥ ୩ ॥**

ଦେବତାମାନେ ଶ୍ରୀରାମଙ୍କୁ ସ୍ତୁତି କରୁଥିବା ଦେଖି ରାବଣ ଭାବିଲା, 'ଏମାନେ ଭାବୁଛନ୍ତି, ମୁଁ ଏଥର ଏକୁଟିଆ ହୋଇଗଲି; [କିନ୍ତୁ ଏମାନେ ଜାଣିନାହାନ୍ତି ଯେ, ଏମାନଙ୍କ ପାଇଁ ମୁଁ ଜଣେହିଁ ଯଥେଷ୍ଟ ।'] ଏପରି ଭାବି ସେ କହିଲା,''ଆରେ ମୂର୍ଖ ! ତୁମେମାନେ ତ ସବୁବେଳେ ମୋଠାରୁ ମାଡ଼ଖାଅ ।'' ଏପରି କହି ସେ କ୍ରୋଧଭର ହୋଇ ଆକାଶମାର୍ଗରେ ଦେବତାମାନଙ୍କ ଆଡ଼କୁ ମାଡ଼ିଗଲା ॥ ୩ ॥

**ହାହାକାର କରତ ସୁର ଭାଗେ । ଖଲହୁ ଜାହୁ କହଁ ମୋରେଁ ଆଗେ ॥**
**ଦେଖି ବିକଲ ସୁର ଅଂଗଦ ଧାୟୋ । କୂଦି ଚରନ ଗହି ଭୂମି ଗିରାୟୋ ॥ ୪ ॥**

ଦେବତାମାନେ ହାହାକାର କରି ପଳାଇଗଲେ । ରାବଣ କହିଲା, ''ରେ ଦୁଷ୍ଟ ! ମୋ କବଳରୁ ଯିବ କୁଆଡ଼େ ?'' ଦେବତାମାନଙ୍କ ବିକଳ ଦେଖି ଅଙ୍ଗଦ ଧାଇଁଗଲେ ଏବଂ ଲମ୍ଫ ଦେଇ ରାବଣର ଗୋଡ଼ ଧରି ଭୂଇଁରେ କଚାଡ଼ିଦେଲେ ॥ ୪ ॥

ଛନ୍ଦ- **ଗହି ଭୂମି ପାର୍‌ୟୋ ଲାତ ମାର୍‌ୟୋ ବାଲିସୁତ ପ୍ରଭୁ ପହିଁ ଗୟୋ ।**
**ସଂଭାରି ଉଠି ଦସକଂଠ ଘୋର କଠୋର ରୱ ଗର୍ଜତ ଭୟୋ ॥**
**କରି ଦାପ ଚାପ ଚଢ଼ାଇ ଦସ ସଂଧାନି ସର ବହୁ ବରଷଈ ।**
**କିଏ ସକଲ ଭଟ ଘାୟଲ ଭୟାକୁଲ ଦେଖି ନିଜ ବଲ ହରଷଈ ॥**

ତାକୁ ତଳେ ପକାଇ, ଲାତ ଉପରେ ଲାତ ମାରି ବାଳିପୁତ୍ର ଅଙ୍ଗଦ ପ୍ରଭୁଙ୍କ ପାଖକୁ ଚାଲିଗଲେ । ରାବଣ ନିଜକୁ ସମ୍ଭାଳିନେଇ ଉଠିପଡ଼ିଲା ଏବଂ ଘୋର ଗର୍ଜନ କଲା । ସେ ଦର୍ପ ଦେଖାଇ, ଦଶଧନୁରେ ଶର ସଂଯୋଗ କରି ସେମାନଙ୍କ ଉପରକୁ ଅନେକ ଶର ମାରିଲା । ସେ ସବୁଯୋଦ୍ଧାଙ୍କୁ କ୍ଷତବିକ୍ଷତ କରି ଭୟଭୀତ କରିଦେଲା ଏବଂ ନିଜର ବଳ ଆକଳନ କରି ଉତ୍‌ଫୁଲ୍ଲ ହୋଇଗଲା ॥

ଦୋ:- **ତବ ରଘୁପତି ରାୱନ କେ ସୀସ ଭୁଜା ସର ଚାପ ।**
**କାଟେ ବହୁତ ବଢ଼େ ପୁନି ଜିମି ତୀରଥ କର ପାପ ॥ ୯୭ ॥**

ଏହା ଦେଖି ଶ୍ରୀରଘୁନାଥ ରାବଣର ଶିର, ଭୁଜ, ଧନୁ ଓ ବାଣ–ସବୁ କାଟିପକାଇଲେ । କିନ୍ତୁ ତୀର୍ଥରେ କରିଥିବା ପାପ ଯେପରି ବହୁଗୁଣିତ ହୋଇ ବଢ଼ିଯାଏ (ଅଧିକ ଭୟାନକ ଫଳ ଦିଏ), ସେସବୁ ସେହିପରି ଆହୁରି ବଢ଼ିଗଲା ॥ ୯୭ ॥

**ସିର ଭୁଜ ବାଢ଼ି ଦେଖି ରିପୁ କେରୀ । ଭାଲୁ କପିହ୍ନ ରିସ ଭଈ ଘନେରୀ ॥**
**ମରତ ନ ମୂଢ଼ କଟେହୁଁ ଭୁଜ ସୀସା । ଧାଏ କୋପି ଭାଲୁ ଭଟ କୀସା ॥ ୧ ॥**

ଶତ୍ରୁର ଶିର ଓ ଭୁଜଗୁଡ଼ିକ ବଢ଼ିଯାଉଥିବାର ଦେଖି ଭାଲୁ ଓ ବାନରମାନେ ଖୁବ୍ ରାଗିଗଲେ । 'ଆରେ ! ଏ ମୂର୍ଖ ତ ମୁଣ୍ଡ-ହାତ କଟିଗଲେ ବି ମରୁନାହିଁ !' ଏପରି କହି ଭାଲୁ ଓ ବାନର ଯୋଦ୍ଧାମାନେ ତା'ଆଡ଼କୁ କ୍ରୋଧରେ ଧାଇଁଗଲେ ॥ ୧ ॥

**ବାଲିତନୟ ମାରୁତି ନଲ ନୀଲା । ବାନରରାଜ ଦୁବିଦ ବଲସୀଲା ॥**
**ବିଟପ ମହୀଧର କରହିଁ ପ୍ରହାରା । ସୋଇ ଗିରି ତରୁ ଗହି କପିହ୍ନ ସୋ ମାରା ॥ ୨ ॥**

ବାଳିପୁତ୍ର ଅଙ୍ଗଦ, ମାରୁତି (ହନୁମାନ୍), ନଳ, ନୀଳ, ବାନରରାଜ ସୁଗ୍ରୀବ ଓ ଦ୍ୱିବିଦ ଆଦି ବଳବାନ୍ ବୀରମାନେ ଅନେକ ପର୍ବତ ଓ ବୃକ୍ଷ ନେଇ ରାବଣକୁ ପ୍ରହାର କଲେ । କିନ୍ତୁ ସେ ସେହି ପର୍ବତ ଓ ବୃକ୍ଷଗୁଡ଼ାକ ଧରି ବାନରମାନଙ୍କୁ ପାଲଟା ଆକ୍ରମଣ କଲା ॥ ୨ ॥

**ଏକ ନଖହ୍ନି ରିପୁ ବପୁଷ ବିଦାରୀ । ଭାଗି ଚଲହିଁ ଏକ ଲାତହ୍ନ ମାରୀ ॥**
**ତବ ନଲ ନୀଲ ସିରହ୍ନି ଚଢ଼ି ଗୟଊ । ନଖହ୍ନି ଲିଲାର ବିଦାରତ ଭୟଊ ॥ ୩ ॥**

ବାନରଙ୍କ ମଧ୍ୟରୁ କିଏ ରାବଣର ଦେହକୁ ନଖରେ ରାମ୍ପିଦେଉଥାଏ ତ, କିଏ ତାକୁ ଲାତଟାଏ ମାରି ଦୌଡ଼ି ପଳାଇଯାଉଥାଏ । ନଳ ଓ ନୀଳ ତା' ମୁଣ୍ଡ ଉପରେ ଚଢ଼ିଗଲେ ଏବଂ ନଖରେ ତାର କପାଳ ଚିରିଦେବାକୁ ଲାଗିଲେ ॥ ୩ ॥

**ରୁଧିର ଦେଖି ବିଷାଦ ଉର ଭାରୀ । ତିହ୍ନହି ଧରନ କହୁଁ ଭୁଜା ପସାରୀ ॥**
**ଗହେ ନ ଜାହିଁ କରହ୍ନି ପର ଫିରହୀଁ । ଜନୁ ଜୁଗ ମଧୁପ କମଲ ବନ ଚରହୀଁ ॥ ୪ ॥**

ରକ୍ତ ଦେଖି ରାବଣକୁ ବଡ଼ ଦୁଃଖ ଲାଗିଲା । ସେ ସେଦୁହିଁଙ୍କୁ ଧରିବାକୁ ହାତ ବଢ଼ାଇଲା; କିନ୍ତୁ ଧରିପାରିଲା ନାହିଁ । ସେଦୁହେଁ ଏତେ ଉପରକୁ ଚଢ଼ିଗଲେ ଯେ, ସେ ପାଖକୁ ରାବଣର ହାତ ପାଇଲା ନାହିଁ । ସେମାନଙ୍କୁ ଦେଖି ମନେ ହେଲା, ସତେ ଯେପରି ପଦ୍ମବନରେ ଦୁଇଟି ବଡ଼ଭ୍ରମର ବୁଲୁଛନ୍ତି ॥ ୪ ॥

**କୋପି କୂଦି ଦ୍ୱୌ ଧରେସି ବହୋରୀ । ମହି ପଟକତ ଭଜେ ଭୁଜା ମରୋରୀ ॥**
**ପୁନି ସକୋପ ଦସ ଧନୁ କର ଲୀହ୍ନେ । ସରହ୍ନି ମାରି ଘାୟଲ କପି କୀହ୍ନେ ॥ ୫ ॥**

ପୁଣି ରାବଣ କ୍ରୋଧରେ ଡେଇଁପଡ଼ି ଦୁହିଁଙ୍କୁ ଧରିପକାଇଲା; କିନ୍ତୁ ସେ ସେମାନଙ୍କୁ ତଳେ କଚାଡ଼ିଦେବାକୁ ଗଲାବେଳେ ସେଦୁହେଁ ତା ହାତ ମୋଡ଼ିଦେଇ ଖସି ପଳାଇଗଲେ । ସେ ଆହୁରି ରାଗିଗଲା ଏବଂ ଦଶହାତରେ ଦଶଟି ଧନୁ ଧରି ତୀର ମାରି ମାରି ବାନରମାନଙ୍କୁ କ୍ଷତବିକ୍ଷତ କରିପକାଇଲା ॥ ୫ ॥

**ହନୁମଦାଦି ମୁରୁଛିତ କରି ବଂଦର । ପାଇ ପ୍ରଦୋଷ ହରଷ ଦସକଂଧର ॥**
**ମୁରୁଛିତ ଦେଖି ସକଲ କପି ବୀରା । ଜାମଵଂତ ଧାୟଉ ରନଧୀରା ॥ ୬ ॥**

ସେ ହନୁମାନ୍ ପ୍ରଭୃତି ସବୁବାନରଙ୍କୁ ମୂର୍ଚ୍ଛିତ କରିଦେଲା ଏବଂ ପ୍ରଦୋଷକାଳ ଉପସ୍ଥିତ ହେବା ଦେଖି ଖୁସୀ ହେଲା । ବାନରବୀରମାନେ ମୂର୍ଚ୍ଛିତ ହୋଇଗଲେଣି ଦେଖି ରଣଧୀର ଜାମ୍ବବାନ୍ ଧାଇଁଆସିଲେ ॥ ୬ ॥

**ସଂଗ ଭାଲୁ ଭୂଧର ତରୁ ଧାରୀ । ମାରନ ଲଗେ ପଚାରି ପଚାରି ॥**
**ଭୟଉ କ୍ରୁଦ୍ଧ ରାଵନ ବଲଵାନା । ଗହି ପଦ ମହି ପଟକଇ ଭଟ ନାନା ॥ ୭ ॥**

ଜାମ୍ବବାନଙ୍କ ସାଥିରେ ଥିବା ଭାଲୁମାନେ ପର୍ବତ ଓ ବୃକ୍ଷ ଉପାଡ଼ିଆଣିଲେ ଏବଂ ବାରମ୍ବାର ଆହ୍ୱାନ ଦେଇ ରାବଣକୁ ମାରିବାକୁ ଲାଗିଲେ । ବଳବାନ୍ ରାବଣ କ୍ରୋଧିତ ହୋଇଗଲା । ସେ ଅନେକ ଯୋଦ୍ଧାଙ୍କୁ ଗୋଡ଼ଆଣ୍ଠୁ ଧରି ତଳେ କଚାଡ଼ିଦେବାକୁ ଲାଗିଲା ॥ ୭ ॥

**ଦେଖି ଭାଲୁପତି ନିଜ ଦଲ ଘାତା । କୋପି ମାଝ ଉର ମାରେସି ଲାତା ॥ ୮ ॥**

ନିଜ ଦଳର ଦୁରବସ୍ଥା ଦେଖି ଜାମ୍ବବାନ୍ କ୍ରୋଧରେ ରାବଣଛାତିକୁ ଲାତଟାଏ ମାରିଦେଲେ ॥ ୮ ॥

**ଛନ୍ଦ- ଉର ଲାତ ଘାତ ପ୍ରଚଂଡ ଲାଗତ ବିକଲ ରଥ ତେ ମହି ପରା ।**
**ଗହି ଭାଲୁ ବୀସହୁଁ କର ମନହୁଁ କମଲହ୍ନି ବସେ ନିସି ମଧୁକରା ॥**
**ମୁରୁଛିତ ବିଲୋକି ବହୋରି ପଦ ହତି ଭାଲୁପତି ପ୍ରଭୁ ପହିଁ ଗୟୋ ।**
**ନିସି ଜାନି ସ୍ୟଂଦନ ଘାଲି ତେହି ତବ ସୂତ ଜତନୁ କରତ ଭୟୋ ॥**

ଛାତିରେ ପ୍ରଚଣ୍ଡ ଲାତ ଖାଇ, ବ୍ୟାକୁଳ ହୋଇ, ରାବଣ ରଥରୁ ଖସିପଡ଼ିଲା । ସେ ତାର କୋଡ଼ିଏଟି ହାତରେ ଭାଲୁମାନଙ୍କୁ ମୁଠାଇ ଧରିଥିଲା । ତାହା ଦେଖି ମନେ ହେଉଥିଲା, ରାତି ହୋଇଯିବାରୁ ଭ୍ରମରମାନେ ପଦ୍ମଫୁଲ ଭିତରେ ମୁଦିହୋଇ ରହିଯାଇଛନ୍ତି କି ! ରାବଣ ମୂର୍ଚ୍ଛା ହୋଇ ପଡ଼ିଗଲା ଦେଖି, ଜାମ୍ବବାନ୍ ତାକୁ ଆହୁରି ଏକ ଲାତ ମାରି ପ୍ରଭୁଙ୍କ ପାଖକୁ ଚାଲିଗଲେ । ରାତି ହୋଇଯାଇଥିବାରୁ ରାବଣକୁ ତା'ସାରଥି ରଥରେ ପକାଇ ଗଡ଼କୁ ନେଇଗଲା ଏବଂ ତା'ର ଚେତା ଫେରାଇଆଣିବାକୁ ଚେଷ୍ଟା କଲା ॥

**ଦୋଃ- ମୁରୁଛା ବିଗତ ଭାଲୁ କପି ସବ ଆଏ ପ୍ରଭୁ ପାସ ।**
**ନିସିଚର ସକଲ ରାଵନହି ଘେରି ରହେ ଅତି ତ୍ରାସ ॥ ୯୮ ॥**

ଭାଲୁ ଓ ବାନରଙ୍କର ମୂର୍ଚ୍ଛା ଭାଙ୍ଗିବା ପରେ ସେମାନେ ପ୍ରଭୁଙ୍କ ପାଖକୁ ଚାଲିଆସିଲେ । ତେଣେ ରାକ୍ଷସମାନେ ଭୟଭୀତ ହୋଇ ରାବଣକୁ ଘେରିରହିଲେ ॥ ୯୮ ॥

### ମାସପାରାୟଣ, ଷଡ୍‌ବିଂଶ ବିଶ୍ରାମ

**ତେହୀ ନିସି ସୀତା ପହିଁ ଜାଈ । ତ୍ରିଜଟା କହି ସବ କଥା ସୁନାଈ ॥**
**ସିର ଭୁଜ ବାଢ଼ି ସୁନତ ରିପୁ କେରୀ । ସୀତା ଉର ଭଇ ତ୍ରାସ ଘନେରୀ ॥ ୧ ॥**

ସେଦିନ ରାତିରେ ତ୍ରିଜଟା ସୀତାଙ୍କ ନିକଟକୁ ଯାଇ ସମସ୍ତ ଘଟଣା ଶୁଣାଇଦେଲେ । ଶତ୍ରୁର ଶିର ଓ ଭୁଜ କଟିଯିବା ପରେ ପୁଣି ଥରେ କଅଁଳିଯାଉଥିବା କଥା ଶୁଣି ସୀତାଙ୍କୁ ବଡ଼ ଭୟ ଲାଗିଲା ॥ ୧ ॥

**ମୁଖ ମଲୀନ ଉପଜୀ ମନ ଚିଂତା । ତ୍ରିଜଟା ସନ ବୋଲୀ ତବ ସୀତା ॥**
**ହୋଇହି କହା କହସି କିନ ମାତା । କେହି ବିଧି ମରିହି ବିସ୍ୱ ଦୁଖଦାତା ॥ ୨ ॥**

ତାଙ୍କର ମୁଖ ବିଷଣ୍ଣ ହୋଇଗଲା । ମନରେ ଚିନ୍ତା ଜାତ ହେଲା । ସେ ତ୍ରିଜଟାକୁ କହିଲେ, ''ହେ ମାଆ ! କ'ଣ ଘଟିବ, କହୁନା କାହିଁକି ? ସାରା ଜଗତକୁ ଦୁଃଖ ଦେଉଥିବା ସେ ଦୁଷ୍ଟଟା କିପରି ମରିବ ? ॥ ୨ ॥

**ରଘୁପତି ସର ସିର କଟେହୁଁ ନ ମରଈ । ବିଧି ବିପରୀତ ଚରିତ ସବ କରଈ ॥**
**ମୋର ଅଭାଗ୍ୟ ଜିଆୱତ ଓହୀ । ଜେହି ହୌଁ ହରି ପଦ କମଲ ବିଛୋହୀ ॥ ୩ ॥**

ଶ୍ରୀରଘୁନାଥଙ୍କ ବାଣରେ ମୁଣ୍ଡ କଟିଗଲେ ବି ସେ ମରୁନାହିଁ ! ବିଧାତା ସବୁ ଓଲଟପାଲଟ କରିଦେଉଛି । ସତ କହିବାକୁ ଗଲେ, ମୋର ଯେଉଁ ଦୁର୍ଭାଗ୍ୟ ମୋତେ ପ୍ରଭୁଙ୍କ ଚରଣକମଳରୁ ଦୂରେଇ ରଖିଛି, ତାହାହିଁ ତାକୁ ବଞ୍ଚାଇଦେଉଛି ॥ ୩ ॥

**ଜେହିଁ କୃତ କପଟ କନକ ମୃଗ ଝୂଠା । ଅଜହୁଁ ସୋ ଦୈୱ ମୋହି ପର ରୂଠା ॥**
**ଜେହିଁ ବିଧି ମୋହି ଦୁଖ ଦୁସହ ସହାଏ । ଲଛିମନ କହୁଁ କଟୁ ବଚନ କହାଏ ॥ ୪ ॥**

ଯେଉଁ ଦୈବ କପଟ ବା ମାୟାରେ ସୁବର୍ଣ୍ଣମୃଗ ରଚିଥିଲା, ସେ ଏବେ ବି ମୋ ଉପରେ ରାଗ ରଖିଛି । ଯେଉଁ ବିଧାତା ମୋତେ ଦୁଃସହ ଦୁଃଖରେ ପକାଇଛି, ଯେ ମୋ ପାଟିରେ ଲକ୍ଷ୍ମଣଙ୍କୁ କଟୁବଚନ କୁହାଇଛି, ॥ ୪ ॥

**ରଘୁପତି ବିରହ ସବିଷ ସର ଭାରୀ । ତକି ତକି ମାର ବାର ବହୁ ମାରୀ ॥**
**ଐସେହୁଁ ଦୁଖ ଜୋ ରାଖ ମମ ପ୍ରାନା । ସୋଇ ବିଧି ତାହି ଜିଆୱ ନ ଆନା ॥ ୫ ॥**

ଯେ ମୋତେ ବାରମ୍ବାର ରଘୁନାଥଙ୍କ ବିରହରୂପୀ ବିଷାକ୍ତ ବାଣ ମାରି ତିଳ ତିଳ କରି ଦଗ୍ଧ କରିଛି ଓ ଏବେ ବି କରୁଛି ଏବଂ ଏତେ ବିଷମ ଦୁଃଖରେ ବି ଯେ ମୋତେ ବଞ୍ଚାଇରଖିଛି ସେହି ବିଧାତାହିଁ ରାବଣକୁ ବଞ୍ଚାଇରଖିଛି; ଆଉ କେହି ନୁହେଁ ।'' ॥ ୫ ॥

**ବହୁ ବିଧି କର ବିଲାପ ଜାନକୀ । କରି କରି ସୁରତି କୃପାନିଧାନ କୀ ॥**
**କହ ତ୍ରିଜଟା ସୁନୁ ରାଜକୁମାରୀ । ଉର ସର ଲାଗତ ମରଇ ସୁରାରୀ ॥ ୬ ॥**

କରୁଣାସାଗର ଶ୍ରୀରାମଙ୍କୁ ସ୍ମରଣ କରି ଜାନକୀ ଏପରି ବହୁପ୍ରକାରେ ବିଳାପ କରିବାକୁ ଲାଗିଲେ । ତ୍ରିଜଟା କହିଲେ, ''ହେ ରାଜକୁମାରୀ ! ଶୁଣ, ସେହି ଦେବଶତ୍ରୁ ରାବଣର ହୃଦୟକୁ ବାଣ ବିନ୍ଧିଲେହିଁ ସେ ମରିବ ॥ ୬ ॥

**ପ୍ରଭୁ ତାତେ ଉର ହତଇ ନ ତେହୀ । ଏହି କେ ହୃଦୟଁ ବସତି ବୈଦେହୀ ॥ ୭ ॥**

କିନ୍ତୁ ତା'ହୃଦୟରେ ତ ଜାନକୀ (ଆପଣ) ନିବାସ କରୁଛନ୍ତି; ତେଣୁ ପ୍ରଭୁ ତା' ହୃଦୟକୁ ଲକ୍ଷ୍ୟ କରି ବାଣ ମାରୁନାହାନ୍ତି ॥ ୭ ॥

**ଛନ୍ଦ- ଏହି କେ ହୃଦୟଁ ବସ ଜାନକୀ ଜାନକୀ ଉର ମମ ବାସ ହୈ ।**
**ମମ ଉଦର ଭୁଅନ ଅନେକ ଲାଗତ ବାନ ସବ କର ନାସ ହୈ ॥**
**ସୁନି ବଚନ ହରଷ ବିଷାଦ ମନ ଅତି ଦେଖି ପୁନି ତ୍ରିଜଟାଁ କହା ।**
**ଅବ ମରିହି ରିପୁ ଏହି ବିଧି ସୁନହି ସୁଂଦରି ତଜହି ସଂସୟ ମହା ॥**

''ତା'ହୃଦୟରେ ଜାନକୀ ନିବାସ କରୁଛନ୍ତି ଏବଂ ଜାନକୀଙ୍କ ହୃଦୟରେ ମୋର ନିବାସ ରହିଛି, ପୁନଶ୍ଚ ମୋ ଉଦର ଭିତରେ ଅନେକ ଭୁବନ ରହିଛି । ତେଣୁ ରାବଣ ହୃଦୟରେ ବାଣ ବାଜିଗଲେ ସକଳଭୁବନ ନାଶ ପାଇଯିବ ।'' [ସେ ଏହି କଥା ଭାବି ତା'ହୃଦୟକୁ ବାଣ ମାରୁନାହାନ୍ତି] । ଏହା ଶୁଣି ସୀତାଙ୍କ ମନରେ ଅତ୍ୟନ୍ତ ହର୍ଷ ଓ ବିଷାଦ ଜାତ ହେଲା । ତାହା ଦେଖି ତ୍ରିଜଟା ପୁଣି କହିଲା, ''ହେ ସୁନ୍ଦରୀ ! ସବୁ ସଂଶୟ ତ୍ୟାଗ କର । ଶତ୍ରୁ କିପରି ମରିବ, ମୁଁ କହୁଛି ଶୁଣ, ॥

**ଦୋଃ- କାଟତ ସିର ହୋଇହି ବିକଲ ଛୁଟି ଜାଇହି ତଓ୍ୱ ଧ୍ୟାନ ।**
**ତବ ରାଓ୍ୱନହି ହୃଦୟ ମହୁଁ ମରିହହିଁ ରାମୁ ସୁଜାନ ॥ ୯୯ ॥**

ବାରମ୍ବାର ମୁଣ୍ଡ କଟିବା ଯୋଗୁଁ ସେ (ରାବଣ) ଯେତେବେଳେ ବ୍ୟାକୁଳ ହୋଇଉଠିବ ଏବଂ ତା'ହୃଦୟରୁ ତୁମର ଧ୍ୟାନ ଦୂର ହୋଇଯିବ, ଠିକ୍ ସେତିକିବେଳେ ସୁଜ୍ଞ (ଅନ୍ତର୍ଯାମୀ) ଶ୍ରୀରାମ ରାବଣର ହୃଦୟକୁ ବାଣ ମାରିବେ ।'' ॥ ୯୯ ॥

**ଅସ କହି ବହୁତ ଭାଁତି ସମୁଝାଈ । ପୁନି ତ୍ରିଜଟା ନିଜ ଭଓ୍ୱନ ସିଧାଈ ॥**
**ରାମ ସୁଭାଉ ସୁମିରି ବୈଦେହୀ । ଉପଜୀ ବିରହ ବିଥା ଅତି ତେହୀ ॥ ୧ ॥**

ଏପରି କହି ଏବଂ ସୀତାଙ୍କୁ ବିଭିନ୍ନପ୍ରକାରେ ବୁଝାଇ ତ୍ରିଜଟା ନିଜ ଘରକୁ ଚ୍ଚାଲିଗଲା । ଶ୍ରୀରାମଙ୍କ ସ୍ୱଭାବ ସ୍ମରଣ କରି ଜାନକୀଙ୍କ ମନରେ ଗଭୀର ବିରହବ୍ୟଥା ଉତ୍ପନ୍ନ ହେଲା ॥ ୧ ॥

**ନିସିହି ସସିହି ନିଂଦତି ବହୁ ଭାଁତୀ । ଜୁଗ ସମ ଭଈ ସିରାତି ନ ରାତୀ ॥**
**କରତି ବିଲାପ ମନହିଁ ମନ ଭାରୀ । ରାମ ବିରହଁ ଜାନକୀ ଦୁଖାରୀ ॥ ୨ ॥**

ସେ ରାତ୍ରିକୁ ଓ ଚନ୍ଦ୍ରକୁ ନାନାଭାବରେ ନିନ୍ଦା କରି କହିଲେ, ''ରାତିଟା ଯୁଗ ପରି ବଡ଼ ହୋଇଯାଉଛି; ସରୁନାହିଁ !'' ଜାନକୀ ଶ୍ରୀରାମଙ୍କ ବିରହରେ ଦୁଃଖୀ ହୋଇ ମନେ ମନେ ବହୁତ ବିଲାପ କଲେ ॥ ୨ ॥

**ଜବ ଅତି ଭୟଉ ବିରହ ଉର ଦାହୂ । ଫରକେଉ ବାମ ନୟନ ଅରୁ ବାହୂ ॥**
**ସଗୁନ ବିଚ୍ଚରି ଧରୀ ମନ ଧୀରା । ଅବ ମିଲିହହିଁ କୃପାଲ ରଘୁବୀରା ॥ ୩ ॥**

ବିରହଜ୍ୱାଳାରେ ହୃଦୟରେ ଦାରୁଣ ଦାହ ଜାତ ହେବାରୁ ତାଙ୍କର ବାମ ଆଖି ଓ ବାମ ବାହୁ ସ୍ଫୁରିତ ହେଲା । ଏହା ଶୁଭଲକ୍ଷଣ ଜାଣି, ସେ ମନରେ ଧୈର୍ଯ୍ୟ ଧରିଲେ । ଭାବିଲେ, ସେ ଏଥର କୃପାଳୁ ରଘୁନାଥଙ୍କୁ ଅବଶ୍ୟ ପାଇଯିବେ ॥ ୩ ॥

**ଇହାଁ ଅର୍ଧନିସି ରାଓ୍ୱନୁ ଜାଗା । ନିଜ ସାରଥି ସନ ଖୀଝନ ଲାଗା ॥**
**ସଠ ରନଭୂମି ଛଡ଼ାଇସି ମୋହୀ । ଧିଗ ଧିଗ ଅଧମ ମଂଦମତି ତୋହୀ ॥ ୪ ॥**

ଏଣେ ଅଧରାତିବେଳକୁ ରାବଣର ମୂର୍ଚ୍ଛା ଭାଙ୍ଗିଗଲା । ସେ ଉଠିପଡ଼ି ରୋଷ ଭର ହୋଇ ସାରଥିକୁ କହିଲା, "ଆରେ ମୂର୍ଖ ! ତୁ ମୋତେ ରଣଭୂମିରୁ ନେଇଆସିଲୁ ନା ! ଆରେ ଅଧମ ! ମନ୍ଦବୁଦ୍ଧି ! ତୋତେ ଧିକ୍ !" ॥ ୪ ॥

**ତେହିଁ ପଦ ଗହି ବହୁ ବିଧି ସମୁଝାୱା । ଭୋରୁ ଭଏଁ ରଥ ଚଢ଼ି ପୁନି ଧାୱା ॥**
**ସୁନି ଆଗୱନୁ ଦସାନନ କେରା । କପିଦଲ ଖରଭର ଭୟଉ ଘନେରା ॥ ୫ ॥**

ରାବଣର ପାଦ ଧରିପକାଇ ସାରଥି ବହୁତ ବୁଝାଇଲା । ସକାଳ ହେବାରୁ ରାବଣ ପୁଣିଥରେ ରଥ ଚଢ଼ି ଯୁଦ୍ଧ କରିବାକୁ ଧାଇଁଲା । ରାବଣ ଆସିବାକଥା ଶୁଣି ବାନରସେନାରେ ପୂରା ଚହଳ ପଡ଼ିଗଲା ॥ ୫ ॥

**ଜହଁ ତହଁ ଭୂଧର ବିଟପ ଉପାରୀ । ଧାଏ କଟକଟାଇ ଭଟ ଭାରୀ ॥ ୬ ॥**

ସେହି ବୀରଯୋଦ୍ଧାମାନେ ଯେ ଯେଉଁଠୁ ପାରିଲେ, ପର୍ବତ ଓ ଗଛ ଉପାଡ଼ି ଆଣି, ଦାନ୍ତ କଡ଼ମଡ଼ କରି ଧାଇଁଆସିଲେ ॥ ୬ ॥

ଛନ୍ଦ- **ଧାଏ ଜୋ ମର୍କଟ ବିକଟ ଭାଲୁ କରାଲ କର ଭୂଧର ଧରା ।**
**ଅତି କୋପ କରହିଁ ପ୍ରହାର ମାରତ ଭଜି ଚଲେ ରଜନୀଚରା ॥**
**ବିଚଲାଇ ଦଲ ବଲୱଂତ କୀସହ୍ନ ଘେରି ପୁନି ରାୱନୁ ଲିୟୋ ।**
**ଚହୁଁ ଦିସି ଚପେଟହ୍ନି ମାରି ନଖହ୍ନି ବିଦାରି ତନୁ ବ୍ୟାକୁଲ କିୟୋ ॥**

ବିକଟ ବିକରାଳ ବାନର ଓ ଭଲ୍ଲୁକମାନେ ହାତରେ ପର୍ବତମାନ ଧରି ଧାଇଁଆସିଲେ । ସେମାନେ ଅତ୍ୟନ୍ତ କ୍ରୋଧର ସହିତ ପ୍ରହାର କରିବାରୁ ରାକ୍ଷସମାନେ ପଳାୟନ କଲେ । ବଳବାନ୍ ବାନରମାନେ ଶତ୍ରୁସେନାକୁ ବିଚଳିତ କରିଦେଇ ରାବଣକୁ ଘେରାଉ କରିନେଲେ ଏବଂ ଚତୁର୍ଦ୍ଦିଗରୁ ବିଧାଗ୍ରପୁଡ଼ା ମାରି, ନଖରେ ତା'ଦେହଟାକୁ ବିଦୀର୍ଣ୍ଣ କରିଦେଇ ତାକୁ କଲବଲ କରିଦେଲେ ॥

ଦୋ:- **ଦେଖି ମହା ମର୍କଟ ପ୍ରବଲ ରାୱନ କୀହ୍ନ ବିଚାର ।**
**ଅଂତରହିତ ହୋଇ ନିମିଷ ମହୁଁ କୃତ ମାୟା ବିସ୍ତାର ॥ ୧୦୦ ॥**

ବାନରମାନେ ଅତିଶୟ ପ୍ରବଳ ହୋଇଗଲେଣି ଦେଖି, ରାବଣ ମନେ ମନେ ବିଚାର କଲା ଏବଂ କ୍ଷଣକ ମଧ୍ୟରେ ଅନ୍ତର୍ଦ୍ଧାନ ହୋଇଯାଇ ମାୟା ବିସ୍ତାର କରିଦେଲା ॥ ୧୦୦ ॥

ଛନ୍ଦ- **ଜବ କୀହ୍ନ ତେହିଁ ପାଷଂଡ । ଭଏ ପ୍ରଗଟ ଜଂତୁ ପ୍ରଚଂଡ ॥**
**ବେତାଲ ଭୂତ ପିସାଚ । କର ଧରେଁ ଧନୁ ନାରାଚ ॥ ୧ ॥**

ସେ ମାୟା ବିସ୍ତାର କରିବାରୁ ଭୟଙ୍କର ଜୀବମାନେ ପ୍ରକଟ ହୋଇଗଲେ । ହାତରେ ଧନୁର୍ବାଣ ଧରି ବେତାଳ, ଭୂତ ଓ ପିଶାଚମାନେ ଦେଖାଦେଲେ ॥ ୧ ॥

**ଜୋଗିନି ଗହେଁ କରବାଲ । ଏକ ହାଥ ମନୁଜ କପାଲ ॥**
**କରି ସଦ୍ୟ ସୋନିତ ପାନ । ନାଚହିଁ କରହିଁ ବହୁ ଗାନ ॥ ୨ ॥**

ଯୋଗିନୀମାନେ ଗୋଟିଏ ହାତରେ ଖଣ୍ଡା ଓ ଅନ୍ୟ ହାତରେ ମଣିଷଖପୁରି ଧରି, ତାଜା ରକ୍ତ ପାନ କରି କରି ନାଚଗୀତ ଆରମ୍ଭ କରିଦେଲେ ॥ ୨ ॥

**ଧରୁ ମାରୁ ବୋଲହିଁ ଘୋର । ରହି ପୂରି ଧୁନି ଚହୁଁ ଓର ॥**
**ମୁଖ ବାଇ ଧାୱହିଁ ଖାନ । ତବ ଲଗେ କୀସ ପରାନ ॥ ୩ ॥**

ସେମାନେ 'ଧର ଧର ! ମାର ମାର !' ରଡ଼ି ଛାଡ଼ିଲେ । ସେହି ଧ୍ୱନି ଚତୁର୍ଦ୍ଦିଗରେ ବ୍ୟାପିଗଲା । ସେମାନେ ଆଁ କରି ଖାଇବାକୁ ଗୋଡାଇ ଯିବାରୁ ବାନରମାନେ ପଳାୟନ କଲେ ॥ ୩ ॥

**ଜହଁ ଜାହିଁ ମର୍କଟ ଭାଗି । ତହଁ ବରତ ଦେଖହିଁ ଆଗି ॥**
**ଭଏ ବିକଲ ବାନର ଭାଲୁ । ପୁନି ଲାଗ ବରଷୈ ବାଲୁ ॥ ୪ ॥**

ବାନରମାନେ ଯେଉଁ ଆଡ଼େ ପଳାୟନ କରୁଥାନ୍ତି, ସେହି ଆଡ଼େ ନିଆଁ ଜଳୁଥିବାର ଦେଖାଯାଉଥାଏ । ବାନର ଓ ଭାଲୁମାନେ ବ୍ୟାକୁଳ ହୋଇଗଲେ । ପୁଣି ରାବଣ ବାଲିବର୍ଷା ଆରମ୍ଭ କରିଦେଲା ॥ ୪ ॥

**ଜହଁ ତହଁ ଥକିତ କରି କୀସ । ଗର୍ଜେଉ ବହୁରି ଦସସୀସ ॥**
**ଲଛିମନ କପୀସ ସମେତ । ଭଏ ସକଲ ବୀର ଅଚେତ ॥ ୫ ॥**

ମାୟାଦ୍ୱାରା ବାନରମାନଙ୍କୁ ସ୍ତମ୍ଭୀଭୂତ କରିଦେଇ ରାବଣ ପୁଣିଥରେ ଗର୍ଜିଉଠିଲା । ଲକ୍ଷ୍ମଣ ଓ ସୁଗ୍ରୀବଙ୍କ ସହିତ ବୀରମାନେ ଅଚେତ ହୋଇ ପଡ଼ିଗଲେ ॥ ୫ ॥

**ହା ରାମ ହା ରଘୁନାଥ । କହି ସୁଭଟ ମୀଜହିଁ ହାଥ ॥**
**ଏହି ବିଧି ସକଲ ବଲ ତୋରି । ତେହିଁ କୀହ୍ନ କପଟ ବହୋରି ॥ ୬ ॥**

ବଡ଼ ବଡ଼ ବୀରମାନେ ମଧ୍ୟ 'ହେ ରାମ ! ହେ ରଘୁନାଥ !' ଡାକ ଛାଡ଼ି ହାତ ମଳିଲେ (ପଶ୍ଚାତ୍ତାପ କଲେ) । ଏପରିଭାବରେ ସମସ୍ତଙ୍କର ବଳ ଭାଙ୍ଗିଦେଇ ରାବଣ ଅନ୍ୟ ଏକ ମାୟା ରଚନା କଲା ॥ ୬ ॥

**ପ୍ରଗଟେସି ବିପୁଲ ହନୁମାନ । ଧାଏ ଗହେ ପାଷାନ ॥**
**ତିହ୍ନ ରାମୁ ଘେରେ ଜାଇ । ଚହୁଁ ଦିସି ବରୂଥ ବନାଇ ॥ ୭ ॥**

ମାୟାବଳରେ ସେ ଅନେକ ହନୁମାନ୍ ପ୍ରକଟ କଲା । ସେମାନେ ପଥର ଧରି ମାଡ଼ିଆସିଲେ ଏବଂ ଚତୁର୍ଦ୍ଦିଗରୁ ଦଳ ବାନ୍ଧି ଶ୍ରୀରାମଙ୍କୁ ଘେରିଗଲେ ॥ ୭ ॥

**ମାରହୁ ଧରହୁ ଜନି ଜାଇ । କଟକଟହିଁ ପୂଁଛ ଉଠାଇ ॥**
**ଦହଁ ଦିସି ଲଁଗୂର ବିରାଜ । ତେହିଁ ମଧ୍ୟ କୋସଲରାଜ ॥ ୮ ॥**

ସେମାନେ ଲାଞ୍ଜ ଟେକି ଦାନ୍ତ କଡ଼ମଡ଼ କରି ରଡ଼ି ଛାଡ଼ିଲେ, "ମାର ମାର; ଧର ଧର; ମୋଟେ ଛାଡ଼ନା ।" ଦଶଦିଗ ଲାଙ୍ଗୁଡ଼ମୟ ଦେଖାଗଲା, ସେହି ଘେର ମଝିରେ କୋଶଳରାଜ ଶ୍ରୀରାମ ଶୋଭା ପାଉଥାନ୍ତି ॥ ୮ ॥

ଛନ୍ଦ- **ତେହିଁ ମଧ୍ୟ କୋସଲରାଜ ସୁଂଦର ସ୍ୟାମ ତନ ସୋଭା ଲହୀ ।**
**ଜନୁ ଇଂଦ୍ରଧନୁଷ ଅନେକ କୀ ବର ବାରି ତୁଂଗ ତମାଲ ହୀ ॥**
**ପ୍ରଭୁ ଦେଖି ହରଷ ବିଷାଦ ଉର ସୁର ବଦତ ଜୟ ଜୟ ଜୟ କରୀ ।**
**ରଘୁବୀର ଏକହିଁ ତୀର କୋପି ନିମେଷ ମହୁଁ ମାୟା ହରୀ ॥ ୧ ॥**

ସେହି ଘେରଭିତରେ କୋଶଳରାଜଙ୍କ ସୁନ୍ଦର ଶ୍ୟାମଶରୀର ଦେଖି ମନେହେଲା, ସତେ ଯେପରି ଗୋଟିଏ ଉଚ୍ଚ ତମାଳ ବୃକ୍ଷର ଚାରିପାଖରେ ଇନ୍ଦ୍ରଧନୁମାନଙ୍କ ଦ୍ୱାରା ସୁନ୍ଦର ବାଡ଼ ତିଆରି ହୋଇଛି । ପ୍ରଭୁଙ୍କୁ ଏପରି ଅବସ୍ଥାରେ ଦେଖି ଦେବତାମାନେ ହର୍ଷ ଓ ବିଷାଦଯୁକ୍ତ ହୃଦୟରେ 'ଜୟ-ଜୟ !' ନାଦ କଲେ । ଶ୍ରୀରଘୁବୀର କ୍ରୋଧର ସହିତ ଗୋଟିଏମାତ୍ର ବାଣ ମାରିଦେଇ ନିମିଷକ ମଧ୍ୟରେ ରାବଣର ସବୁମାୟା ହରଣ କରିନେଲେ ॥ ୧ ॥

**ମାୟା ବିଗତ କପି ଭାଲୁ ହରଷେ ବିଟପ ଗିରି ଗହି ସବ ଫିରେ ।**
**ସର ନିକର ଛାଡ଼େ ରାମ ରାୱନ ବାହୁ ସିର ପୁନି ମହି ଗିରେ ॥**
**ଶ୍ରୀରାମ ରାୱନ ସମର ଚରିତ ଅନେକ କଲ୍ପ ଜୋ ଗାୱହୀଁ ।**
**ସତ ସେଷ ସାରଦ ନିଗମ କବି ତେଉ ତଦପି ପାର ନ ପାୱହୀଁ ॥ ୨ ॥**

ମାୟା ଦୂର ହୋଇଯିବାକ୍ଷଣି ବାନର-ଭଲ୍ଲୁକମାନେ ହର୍ଷିତ ହୋଇ, ବୃକ୍ଷ ଓ ପର୍ବତ ଧରି ଯୁଦ୍ଧକୁ ଫେରିଆସିଲେ । ଶ୍ରୀରାମ ବହୁସଂଖ୍ୟକ ବାଣ ମାରିବାରୁ ରାବଣର ମୁଣ୍ଡ ଓ ହାତଗୁଡ଼ାକ କଟି ତଳେ ଗଦା ହୋଇଗଲା । ରାମ-ରାବଣ ଯୁଦ୍ଧର ଏହି ଚରିତ ଶହ ଶହ ଶେଷ, ସରସ୍ୱତୀ, ବେଦ ଓ କବି ମିଶି କଳ୍ପ କଳ୍ପ ଧରି ଗାଇଲେ ବି ଶେଷ ହେବ ନାହିଁ ॥ ୨ ॥

ଦୋ:- **ତାକେ ଗୁନ ଗନ କଛୁ କହେ ଜଡ଼ମତି ତୁଲସୀଦାସ ।**
**ଜିମି ନିଜ ବଲ ଅନୁରୂପ ତେ ମାଛୀ ଉଡ଼ଇ ଅକାସ ॥୧୦୧(କ)॥**

ମାଛି ଯେପରି ନିଜର ଶକ୍ତି ଅନୁସାରେ ଅପାର ଆକାଶର କିଛିଦୂର ପର୍ଯ୍ୟନ୍ତ ଉଡ଼ିଯାଇଥାଏ, ମନ୍ଦବୁଦ୍ଧି ତୁଳସୀଦାସ ସେହିପରି ସେହି ଅପାର ଚରିତର ସାମାନ୍ୟ କିଛି ଅଂଶ କହୁଛି ॥ ୧୦୧(କ) ॥

**କାଟେ ସିର ଭୁଜ ବାର ବହୁ ମରତ ନ ଭଟ ଲଂକେସ ।**
**ପ୍ରଭୁ କ୍ରୀଡ଼ତ ସୁର ସିଦ୍ଧ ମୁନି ବ୍ୟାକୁଲ ଦେଖି କଲେସ ॥୧୦୧(ଖ)॥**

ରାବଣର ମୁଣ୍ଡ ଓ ହାତଗୁଡ଼ାକୁ ପ୍ରଭୁ ବାରମ୍ବାର କାଟିଦେଲେ; ତଥାପି ସେ ମଲା ନାହିଁ । ପ୍ରଭୁ ସିନା ଖେଳୁଥିଲେ; କିନ୍ତୁ ମୁନି, ସିଦ୍ଧ ଓ ଦେବତାମାନେ ପ୍ରଭୁ କ୍ଲେଶ ପାଉଛନ୍ତି ଭାବି ବିକଳ ହେଉଥାନ୍ତି ॥ ୧୦୧(ଖ) ॥

**କାଟତ ବଢ଼ହିଁ ସୀସ ସମୁଦାଈ । ଜିମି ପ୍ରତି ଲାଭ ଲୋଭ ଅଧିକାଈ ॥**
**ମରଇ ନ ରିପୁ ଶ୍ରମ ଭୟଉ ବିସେଷା । ରାମ ବିଭୀଷନ ତନ ତବ ଦେଖା ॥ ୧ ॥**

ପ୍ରତ୍ୟେକ ଲାଭ ସହିତ ଯେପରି ଲୋଭ ବଢ଼ିଯାଏ, ରାବଣର ମୁଣ୍ଡଗୁଡ଼ାକ ସେହିପରି ଯେତେଥର କଟିଲା, ସେତେଥର ଜନ୍ମିଲା । ଏତେ ପରିଶ୍ରମ ସତ୍ତ୍ୱେ ଶତ୍ରୁ ମଲା ନାହିଁ ଦେଖି ଶ୍ରୀରାମ ବିଭୀଷଣଙ୍କ ମୁହଁକୁ ଚାହିଁଲେ ॥ ୧ ॥

**ଉମା କାଲ ମର ଜାକୀଁ ଈଛା । ସୋ ପ୍ରଭୁ ଜନ କର ପ୍ରୀତି ପରୀଛା ॥**
**ସୁନୁ ସରବଗ୍ୟ ଚରାଚର ନାୟକ । ପ୍ରନତପାଲ ସୁର ମୁନି ସୁଖଦାୟକ ॥ ୨ ॥**

[ଶିବ କହିଲେ,] ହେ ଉମା ! ଯାହାଙ୍କ ଇଚ୍ଛାମାତ୍ରକେ କାଳ ବି ମରିଯାଏ, ସେହି ପ୍ରଭୁ ସେବକର ପ୍ରୀତି ପରୀକ୍ଷା କରୁଥାନ୍ତି । ବିଭୀଷଣ କହିଲେ, ''ହେ ସର୍ବଜ୍ଞ ! ହେ ଚରାଚରର ସ୍ୱାମୀ ! ହେ ଶରଣାଗତପାଳକ ! ହେ ଦେବ-ମୁନିଙ୍କ ସୁଖଦାତା ! ଶୁଣନ୍ତୁ, ॥ ୨ ॥

**ନାଭିକୁଂଡ ପିୟୂଷ ବସ ୟାକେଁ । ନାଥ ଜିଅତ ରାୱନୁ ବଲ ତାକେଁ ॥**
**ସୁନତ ବିଭୀଷନ ବଚନ କୃପାଲା । ହରଷି ଗହେ କର ବାନ କରାଲା ॥ ୩ ॥**

''ରାବଣର ନାଭିକୁଣ୍ଡରେ ଅମୃତ କଳସ ରହିଛି । ହେ ନାଥ ! ସେ ତାହାରି ବଳରେ ବଞ୍ଚିଯାଉଛି ।'' ବିଭୀଷଣଙ୍କ ବଚନ ଶୁଣି, ପ୍ରଭୁ ଶ୍ରୀରଘୁନାଥ ଆନନ୍ଦିତ ହୋଇ ହାତରେ ଏକ ଭୟଙ୍କର ବାଣ ଧରିଲେ ॥ ୩ ॥

**ଅସୁଭ ହୋନ ଲାଗେ ତବ ନାନା । ରୋୱ୍ହିଁ ଖର ସୃକାଲ ବହୁ ସ୍ୱାନା ॥**
**ବୋଲହିଁ ଖଗ ଜଗ ଆରତି ହେତୂ । ପ୍ରଗଟ ଭଏ ନଭ ଜହଁ ତହଁ କେତୂ ॥ ୪ ॥**

ସେତେବେଳେ ନାନାପ୍ରକାର ଅପଶକୁନ (ଅଶୁଭ ଲକ୍ଷଣ) ଦେଖାଗଲା । ଅନେକ ଗଧ, ଶିଆଳ ଓ କୁକୁର ରଡ଼ିବାକୁ ଲାଗିଲେ । ଅଶୁଭ ସୂଚନା ଦେଇ ପକ୍ଷୀମାନେ ରାବିବାକୁ ଲାଗିଲେ । ଆକାଶରେ ଗ୍ରିଆଡ଼େ ଧୂମକେତୁ ଦେଖାଗଲା ॥ ୪ ॥

**ଦସ ଦିସି ଦାହ ହୋନ ଅତି ଲାଗା । ଭୟଉ ପରବ ବିନୁ ରବି ଉପରାଗା ॥**
**ମଂଦୋଦରି ଉର କଂପତି ଭାରୀ । ପ୍ରତିମା ସ୍ରୱ୍ହିଁ ନୟନ ମଗ ବାରୀ ॥ ୫ ॥**

ଦଶଦିଗରେ ନିଆଁ ଜଳିଲାପରି ଅତ୍ୟନ୍ତ ଉତ୍ତାପ ବୋଧ ହେଲା । ବିନା ଯୋଗରେ ସୂର୍ଯ୍ୟୋପରାଗ ହେଲା । ମନ୍ଦୋଦରୀଙ୍କ ହୃଦୟରେ କମ୍ପ ଜାତ ହେଲା । ମୂର୍ତ୍ତିମାନଙ୍କର ଆଖିରୁ ଲୁହ ଝରିଲା ॥ ୫ ॥

ଛନ୍ଦ- **ପ୍ରତିମା ରୁଦହିଁ ପବିପାତ ନଭ ଅତି ବାତ ବହ ଡୋଲତି ମହୀ ।**
**ବରଷହିଁ ବଲାହକ ରୁଧିର କଚ ରଜ ଅସୁଭ ଅତି ସକ କୋ କହୀ ॥**
**ଉତପାତ ଅମିତ ବିଲୋକି ନଭ ସୁର ବିକଲ ବୋଲହିଁ ଜୟ ଜଏ ।**
**ସୁର ସଭୟ ଜାନି କୃପାଲ ରଘୁପତି ଗ୍ରପ ସର ଜୋରତ ଭଏ ॥**

ମୂର୍ତ୍ତିମାନେ କାନ୍ଦିବାକୁ ଲାଗିଲେ; ଆକାଶରୁ ବଜ୍ରପାତ ହେଲା; ଅତ୍ୟନ୍ତ ପ୍ରଚଣ୍ଡ ବେଗରେ ବାୟୁ ପ୍ରବାହିତ ହେଲା; ପୃଥିବୀ ଥରିଉଠିଲା; ମେଘମାନଙ୍କରୁ ରକ୍ତ, କେଶ ଓ ଧୂଳି ବର୍ଷା ହେଲା । ଏତେ ସଂଖ୍ୟାରେ ଏଭଳି ଅମଙ୍ଗଳ ଲକ୍ଷଣମାନ ଦେଖାଗଲା ଯେ, କହିଲେ ସରିବ ନାହିଁ । ଅପରିମିତ ଉତ୍ପାତ ଦେଖି ଆକାଶରେ ଦେବତାମାନେ ବ୍ୟାକୁଳ ହୋଇ ଜୟ-ଜୟ ଡାକ ପକାଇଲେ । ଦେବତାମାନେ ଭୟଭୀତ ହେଲେଣି ଜାଣି କୃପାଳୁ ଶ୍ରୀରଘୁନାଥ ଧନୁରେ ଶର ସଂଯୋଗ କରିଦେଲେ ॥

ଦୋଃ- **ଖୈଁଚି ସରାସନ ଶ୍ରୱ୍ନ ଲଗି ଛାଡ଼େ ସର ଏକତୀସ ।**
**ରଘୁନାୟକ ସାୟକ ଚଲେ ମାନହୁଁ କାଲ ଫନୀସ ॥୧୦୨॥**

ଧନୁର ଗୁଣକୁ ଆକର୍ଣ୍ଣ ଆକର୍ଷଣ କରି ଶ୍ରୀରଘୁନାଥ ଏକାଥରକେ ଏକତିରିଶଟି ବାଣ ମାରିଲେ । ତାଙ୍କର ସେହିସବୁ ବାଣ କାଳସର୍ପ ପରି ମାଡ଼ିଗ୍ଲିଲା ॥ ୧୦୨ ॥

**ସାୟକ ଏକ ନାଭି ସର ସୋଷା । ଅପର ଲଗେ ଭୁଜ ସିର କରି ରୋଷା ॥**
**ଲୈ ସିର ବାହୁ ଚଲେ ନାରାଗ୍ । ସିର ଭୁଜ ହୀନ ରୁଂଡ ମହି ନାଗ୍ ॥ ୧ ॥**

ସେଥିରୁ ଗୋଟିଏ ବାଣ ଯାଇ ରାବଣର ନାଭିରେ ଥିବା ଅମୃତକୁଣ୍ଡକୁ ଶୁଖାଇଦେଲା । ଅବଶିଷ୍ଟ ତିରିଶଟି ବାଣ କ୍ରୁଦ୍ଧ ହୋଇ ତା'ର ଦଶଶିର ଓ ବିଂଶଭୁଜକୁ କାଟିପକାଇଲେ ଏବଂ ସେହି ଶିର ଓ ଭୁଜଗୁଡ଼ିକୁ ସାଥୀରେ ନେଇଗଲେ । ଶିର ଓ ଭୁଜ ନ ଥିବା ଗଣ୍ଡିଟା ଭୂଇଁରେ ନାଚିବାକୁ ଲାଗିଲା ॥ ୧ ॥

**ଧରନି ଧସଇ ଧର ଧାୱ ପ୍ରଚଂଡା । ତବ ସର ହତି ପ୍ରଭୁ କୃତ ଦୁଇ ଖଂଡା ॥**
**ଗର୍ଜେଉ ମରତ ଘୋର ରୱ ଭାରୀ । କହାଁ ରାମୁ ରନ ହତୌଁ ପଗ୍ରାରୀ ॥ ୨ ॥**

ସେହି ଗଣ୍ଡିଟା ପ୍ରଚଣ୍ଡ ବେଗରେ ଧାଇଁଲା, ତା'ଫଳରେ ସ୍ଥାନେ ସ୍ଥାନେ ପୃଥିବୀ ଦବିଗଲା । ତାହା ଦେଖି ପ୍ରଭୁ ଆଉ ଏକ ବାଣ ମାରି ଗଣ୍ଡିଟାକୁ ଦୁଇଖଣ୍ଡ କରିଦେଲେ । ମରିବା ସମୟରେ ରାବଣ ଘୋର ଗର୍ଜନ କରି କହିଲା, ''ରାମ କାହିଁ ? ମୁଁ ତାକୁ ରଣ-ଆହ୍ୱାନ ଦେଇ ଯୁଦ୍ଧରେ ମାରିବି ।'' ॥ ୨ ॥

**ଡୋଲୀ ଭୂମି ଗିରତ ଦସକଂଧର । ଛୁଭିତ ସିଂଧୁ ସରି ଦିଗ୍‌ଗଜ ଭୂଧର ॥**
**ଧରନି ପରେଉ ଦ୍ୱୌ ଖଂଡ ବଢ଼ାଈ । ଚ୍ରପି ଭାଲୁ ମର୍କଟ ସମୁଦାଈ ॥ ୩ ॥**

ରାବଣର ଗଣ୍ଡିଟା ଏତେ ଜୋର୍‌ରେ ପଡ଼ିଗଲା ଯେ, ପୃଥିବୀ ଥରିଉଠିଲା; ସମୁଦ୍ର, ନଦୀ, ଦିଗ୍‌ଗଜ ଓ ପର୍ବତ—ସମସ୍ତେ କ୍ଷୁବ୍‌ଧ ହୋଇଉଠିଲେ । ରାବଣର ଗଣ୍ଡି ଦୁଇଖଣ୍ଡ ହୋଇ ପଡ଼ିଯିବାବେଳେ ତା'ତଳେ ଦଳ ଦଳ ଭାଲୁ ଓ ବାନର ଚ୍ରପିହୋଇ ରହିଗଲେ ॥ ୩ ॥

**ମଂଦୋଦରି ଆଗେଁ ଭୁଜ ସୀସା । ଧରି ସର ଚଲେ ଜହାଁ ଜଗଦୀସା ॥**
**ପ୍ରବିସେ ସବ ନିଷଂଗ ମହୁଁ ଜାଈ । ଦେଖି ସୁରହ୍ନ ଦୁଂଦୁଭୀଁ ବଜାଈ ॥ ୪ ॥**

ରାବଣର ଶିର ଓ ଭୁଜଗୁଡ଼ାକୁ ମନ୍ଦୋଦରୀଙ୍କ ଆଗରେ ରଖିଦେଇ ବାଣଗୁଡ଼ିକ ଜଗଦୀଶ୍ୱର ଶ୍ରୀରାମଙ୍କ ନିକଟକୁ ଫେରିଆସିଲେ ଏବଂ ତାଙ୍କ ତୂଣୀରରେ ପଶିଗଲେ । ଏହା ଦେଖି ଦେବତାମାନେ ଦୁନ୍ଦୁଭି ବଜାଇଲେ ॥ ୪ ॥

**ତାସୁ ତେଜ ସମାନ ପ୍ରଭୁ ଆନନ । ହରଷେ ଦେଖି ସଂଭୁ ଚତୁରାନନ ॥**
**ଜୟ ଜୟ ଧୁନି ପୂରୀ ବ୍ରହ୍ମଂଡା । ଜୟ ରଘୁବୀର ପ୍ରବଲ ଭୁଜଦଂଡା ॥ ୫ ॥**

ରାବଣର ତେଜ ଆସି ପ୍ରଭୁଙ୍କ ମୁଖ ମଣ୍ଡଳରେ ମିଶିଗଲା । ଏହା ଦେଖି ଶିବ ଓ ବ୍ରହ୍ମା ଆନନ୍ଦିତ ହୋଇଗଲେ । ସମଗ୍ର ବ୍ରହ୍ମାଣ୍ଡ ଜୟ ଜୟ ଧ୍ୱନିରେ ପୂର୍ଣ୍ଣ ହୋଇଗଲା । ସବୁଆଡ଼େ ଶୁଭିଲା; ''ବଳିଆର ଭୁଜ ଶ୍ରୀରଘୁବୀରଙ୍କର ଜୟ ହେଉ !'' ॥ ୫ ॥

**ବରଷହିଁ ସୁମନ ଦେଓ୍ୱ ମୁନି ବୃଂଦା । ଜୟ କୃପାଲ ଜୟ ଜୟତି ମୁକୁଂଦା ॥ ୬ ॥**

ଦେବତା ଓ ମୁନିସମୁଦାୟ ପୁଷ୍ପବୃଷ୍ଟି କରି ଜୟ ଧ୍ୱନି କଲେ, ''କୃପାଳୁଙ୍କର ଜୟ ହେଉ ! ମୁକୁନ୍ଦଙ୍କର ଜୟ ହେଉ ! ଜୟ ହେଉ ! ॥ ୬ ॥

ଛନ୍ଦ- **ଜୟ କୃପା କଂଦ ମୁକୁଂଦ ଦ୍ୱଂଦ ହରନ ସରନ ସୁଖପ୍ରଦ ପ୍ରଭୋ ।**
**ଖଲ ଦଲ ବିଦାରନ ପରମ କାରନ କାରୁନୀକ ସଦା ବିଭୋ ॥**
**ସୁର ସୁମନ ବରଷହିଁ ହରଷ ସଂକୁଲ ବାଜ ଦୁଂଦୁଭି ଗହଗହୀ ।**
**ସଂଗ୍ରାମ ଅଂଗନ ରାମ ଅଂଗ ଅନଂଗ ବହୁ ସୋଭା ଲହୀ ॥ ୧ ॥**

ହେ କୃପାକନ୍ଦ ! ହେ ମୋକ୍ଷଦାତା ମୁକୁନ୍ଦ ! ହେ [ରାଗ-ଦ୍ୱେଷ, ହର୍ଷ-ଶୋକ, ଜନ୍ମ-ମୃତ୍ୟୁ ଆଦି] ଦ୍ୱନ୍ଦ୍ୱହର ! ହେ ଶରଣାଗତ-ସୁଖଦାୟକ ପ୍ରଭୁ ! ହେ ଦୁଷ୍ଟଦଳବିଦାରକ ! ହେ ପରମକାରଣ ! ହେ ସଦାକରୁଣାକର ! ହେ ସର୍ବବ୍ୟାପକ ପ୍ରଭୁ ! ଆପଣଙ୍କର ଜୟ ହେଉ !'' ଦେବଗଣ ଆନନ୍ଦିତ ହୋଇ ପୁଷ୍ପବୃଷ୍ଟି କଲେ ଏବଂ ଘନ ଘନ ଦୁନ୍ଦୁଭିନାଦ କଲେ । ରଣଭୂମିରେ ଶ୍ରୀରାମଙ୍କର ସୁନ୍ଦର ଅଙ୍ଗରାଜି ଅନେକ କାମଦେବଙ୍କ ଶୋଭା ଲାଭ କଲା ॥ ୧ ॥

**ସିର ଜଟା ମୁକୁଟ ପ୍ରସୂନ ବିଚ ବିଚ ଅତି ମନୋହର ରାଜହୀଁ ।**
**ଜନୁ ନୀଲଗିରି ପର ତଡ଼ିତ ପଟଲ ସମେତ ଉଡୁଗନ ଭ୍ରାଜହୀଁ ॥**

**ଭୁଜଦଂଡ ସର କୋଦଂଡ ଫେରତ ରୁଧିର କନ ତନ ଅତି ବନେ ।**
**ଜନୁ ରାୟମୁନୀଁ ତମାଲ ପର ବୈଠୀଁ ବିପୁଲ ସୁଖ ଆପନେ ॥ ୨ ॥**

ଶିରରେ ଜଟାମୁକୁଟ । ତାର ମଝିମଝିରେ ସୁମନୋହର ପୁଷ୍ପର ଶୋଭା । ମନେ ହେଉଥାଏ, ସତେ କ'ଣ ନୀଳପର୍ବତ ଉପରେ ବିଜୁଳି ସହିତ ନକ୍ଷତ୍ରମାନେ ସୁଶୋଭିତ ହୋଇଛନ୍ତି ! ଶ୍ରୀରାମ ନିଜ ଭୁଜଦଣ୍ଡରେ ଧନୁ ଓ ଶର ଧରି ଘୂରାଉଥାନ୍ତି । ଶରୀର ଉପରେ ବିନ୍ଦୁ ବିନ୍ଦୁ ରକ୍ତ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥାଏ । ଦେଖିଲେ ଲାଗୁଥାଏ, ସତେ ଯେପରି ଗୁଡ଼ିଏ ନାଲି ଚଢ଼େଇ ଆନନ୍ଦମଗ୍ନ ହୋଇ ତମାଳବୃକ୍ଷ ଉପରେ ନିଶ୍ଚଳଭାବରେ ବସିଛନ୍ତି ॥ ୨ ॥

ଦୋ:- **କୃପାଦୃଷ୍ଟି କରି ବୃଷ୍ଟି ପ୍ରଭୁ ଅଭୟ କିଏ ସୁର ବୃଂଦ ।**
**ଭାଲୁ କୀସ ସବ ହରଷେ ଜୟ ସୁଖ ଧାମ ମୁକୁଂଦ ॥ ୧୦୩ ॥**

ପ୍ରଭୁ ଶ୍ରୀରାମ କୃପାଦୃଷ୍ଟି ବର୍ଷଣ କରି ଦେବଗଣଙ୍କୁ ନିର୍ଭୟ କରିଦେଲେ । ସମସ୍ତ ବାନର ଓ ଭଲ୍ଲୁକ ମିଶି, ଆନନ୍ଦିତ ହୋଇ 'ସୁଖର ନିଧାନ ମୁକୁନ୍ଦଙ୍କର ଜୟ ହେଉ !' ବୋଲି ଧ୍ୱନି ଦେବାକୁ ଲାଗିଲେ ॥ ୧୦୩ ॥

**ପତି ସିର ଦେଖତ ମଂଦୋଦରୀ । ମୁରୁଛିତ ବିକଲ ଧରନି ଖସି ପରୀ ॥**
**ଜୁବତି ବୃଂଦ ରୋୱତ ଉଠି ଧାଇଁ । ତେହି ଉଠାଇ ରାୱନ ପହିଁ ଆଇଁ ॥ ୧ ॥**

ପତିଙ୍କ କଟା ମୁଣ୍ଡ ଦେଖିଦେଇ ମନ୍ଦୋଦରୀ ବ୍ୟାକୁଳ ହୋଇଉଠିଲେ ଏବଂ ମୂର୍ଚ୍ଛିତା ହୋଇ ତଳେ ପଡ଼ିଗଲେ । ରାବଣର ଅନ୍ୟ ସ୍ତ୍ରୀମାନେ କାନ୍ଦବୋବାଳି ଛାଡ଼ି ଧାଇଁଆସିଲେ ଏବଂ ମନ୍ଦୋଦରୀଙ୍କୁ ଉଠାଇ ରାବଣ ପାଖକୁ ନେଇଗଲେ ॥ ୧ ॥

**ପତି ଗତି ଦେଖି ତେ କରହିଁ ପୁକାରା । ଛୂଟେ କଚ ନହିଁ ବପୁଷ ସଁଭାରା ॥**
**ଉର ତାଡ଼ନା କରହିଁ ବିଧି ନାନା । ରୋୱତ କରହିଁ ପ୍ରତାପ ବଖାନା ॥ ୨ ॥**

ସ୍ୱାମୀଙ୍କ ଦଶା ଦେଖିଦେଇ ସେମାନେ ଚିତ୍କାର କରି କାନ୍ଦିବାକୁ ଲାଗିଲେ । ସେମାନଙ୍କ ମୁଣ୍ଡର ବାଳ ମୁକୁଳା ହୋଇଗଲା; ଦେହଜ୍ଞାନ ରହିଲା ନାହିଁ । ମନ୍ଦୋଦରୀ ନାନାଭାବରେ ବକ୍ଷ ପିଟିହୋଇ ରୋଦନ କଲେ ଏବଂ ରାବଣର ପ୍ରତାପ ବାଖ୍ୟାନି ହେଲେ ॥ ୨ ॥

**ତୱ ବଲ ନାଥ ଡୋଲ ନିତ ଧରନୀ । ତେଜ ହୀନ ପାୱକ ସସି ତରନୀ ॥**
**ସେଷ କମଠ ସହି ସକହିଁ ନ ଭାରା । ସୋ ତନୁ ଭୂମି ପରେଉ ଭରି ଛାରା ॥ ୩ ॥**

କାନ୍ଦି କାନ୍ଦି ସେ କହୁଥାନ୍ତି, "ହେ ନାଥ ! ତୁମ ବଳ ଦେଖି ସାରା ପୃଥିବୀ କମ୍ପୁଥିଲା । ତୁମ ଆଗରେ ଅଗ୍ନି, ଚନ୍ଦ୍ର ଓ ସୂର୍ଯ୍ୟ ମଧ୍ୟ ନିସ୍ତେଜ ଦିଶୁଥିଲେ । ଯାହାଙ୍କର ଭାରକୁ ଶେଷ ଓ କୂର୍ମ ମଧ୍ୟ ସମ୍ଭାଳିପାରୁ ନ ଥିଲେ, ହାୟ ! ସେ ଆଜି ଏପରି ଧୂଳିଧୂସର ହୋଇ ଭୂଇଁରେ ଲୋଟିପଡ଼ିଛନ୍ତି ! ॥ ୩ ॥

**ବରୁନ କୁବେର ସୁରେସ ସମୀରା । ରନ ସନ୍ମୁଖ ଧରି କାହୁଁ ନ ଧୀରା ॥**
**ଭୁଜବଲ ଜିତେହୁ କାଲ ଜମ ସାଇଁ । ଆଜୁ ପରେହୁ ଅନାଥ କୀ ନାଇଁ ॥ ୪ ॥**

ବରୁଣ, କୁବେର, ଇନ୍ଦ୍ର, ବାୟୁ—କେହି ବି ଯୁଦ୍ଧରେ ତୁମ ଆଗରେ ଧୈର୍ଯ୍ୟ ଧରି ରହିପାରୁ ନ ଥିଲେ । ହେ ସ୍ୱାମୀ ! ତୁମେ ପରା ନିଜ ଭୁଜବଳରେ କାଳ ଓ ଯମରାଜଙ୍କୁ ବି ଜିଣିଯାଇଥିଲ । ହାୟ ! ଆଜି ଏପରି ଅନାଥଙ୍କ ପରି ପଡ଼ିରହିଛ ! ॥ ୪ ॥

**ଜଗତ ବିଦିତ ତୁହ୍ମାରି ପ୍ରଭୁତାଈ । ସୁତ ପରିଜନ ବଲ ବରନି ନ ଜାଈ ॥**
**ରାମ ବିମୁଖ ଅସ ହାଲ ତୁହ୍ମାରା । ରହା ନ କୋଉ କୁଲ ରୋଓ୍ୱନିହାରା ॥ ୫ ॥**

ତୁମ ପ୍ରଭୁତ୍ୱ ତ ଜଗତ୍‌ପ୍ରସିଦ୍ଧ । ତୁମ ପୁଅମାନଙ୍କର, ତୁମ କୁଟୁମ୍ବଲୋକଙ୍କର ବଳକୁ ତ ବର୍ଣ୍ଣ ହେଉ ନ ଥିଲା ! ଶ୍ରୀରାମଙ୍କ ପ୍ରତି ବିମୁଖ ହେବାରୁ ଆଜି ଏପରି ଦଶା ହୋଇଗଲା ଯେ, ତୁମ କୁଳରେ ଲୁହଧାରେ ବୁହାଇବାକୁ ବି କେହି ଜଣେ ରହିଲେ ନାହିଁ ! ॥ ୫ ॥

**ତଓ୍ୱ ବସ ବିଧି ପ୍ରପଂଚ ସବ ନାଥା । ସଭୟ ଦିସିପ ନିତ ନାଓ୍ୱହିଁ ମାଥା ॥**
**ଅବ ତଓ୍ୱ ସିର ଭୁଜ ଜଂବୁକ ଖାହୀଁ । ରାମ ବିମୁଖ ୟହ ଅନୁଚିତ ନାହୀଁ ॥ ୬ ॥**

ହେ ନାଥ ! ବିଧାତାର ସକଳ ସୃଷ୍ଟି ତୁମରି ବଶରେ ଥିଲା । ଲୋକପାଳମାନେ ସର୍ବଦା ଭୟଭୀତ ହୋଇ ତୁମ ପାଖରେ ନତମସ୍ତକ ହେଉଥିଲେ । କିନ୍ତୁ ହାୟ ! ଆଜି ତୁମ ଶିର ଓ ଭୁଜକୁ ଶିଆଳମାନେ ଖାଉଛନ୍ତି ! ରାମବିମୁଖ ଲୋକର ଏପରି ଦଶା ହୋଇଯିବା କିଛି ଅନୁଚିତ ବି ନୁହେଁ ॥ ୬ ॥

**କାଲ ବିବସ ପତି କହା ନ ମାନା । ଅଗ ଜଗ ନାଥୁ ମନୁଜ କରି ଜାନା ॥ ୭ ॥**

ହେ ପତି ! କାଳର ବଶବର୍ତ୍ତୀ ହୋଇଯାଇଥିବାରୁ ତୁମେ କାହାରି କଥା ମାନିଲ ନାହିଁ ; ଚରାଚରର ନାଥ ପରମାତ୍ମାଙ୍କୁ ତୁମେ ମଣିଷ ବୋଲି ଭାବିଦେଲ ! ॥ ୭ ॥

ଛନ୍ଦ- **ଜାନ୍ୟୋ ମନୁଜ କରି ଦନୁଜ କାନନ ଦହନ ପାଓ୍ୱକ ହରି ସ୍ୱୟଂ ।**
**ଜେହି ନମତ ସିଓ୍ୱ ବ୍ରହ୍ମାଦି ସୁର ପିୟ ଭଜେହୁ ନହିଁ କରୁନାମୟଂ ॥**
**ଆଜନ୍ମ ତେ ପରଦ୍ରୋହ ରତ ପାପୌଘମୟ ତଓ୍ୱ ତନୁ ଅୟଂ ।**
**ତୁହ୍ମହୂ ଦିୟୋ ନିଜ ଧାମ ରାମ ନମାମି ବ୍ରହ୍ମ ନିରାମୟଂ ॥**

ଯେଉଁ ଶ୍ରୀହରି ଦୈତ୍ୟରୂପୀ ବନକୁ ପୋଡ଼ିବା ନିମନ୍ତେ ଅଗ୍ନିସମାନ, ତୁମେ ତାଙ୍କୁ ମଣିଷ ବୋଲି ଭାବିଦେଲ । ଯାହାଙ୍କୁ ଶିବ ଓ ବ୍ରହ୍ମାଦି ଦେବତାମାନେ ନମସ୍କାର କରନ୍ତି, ହେ ପ୍ରିୟତମ ! ସେହି କରୁଣାମୟ ଭଗବାନଙ୍କୁ ତୁମେ ଭଜିଲ ନାହିଁ । ତୁମର ଏହି ଶରୀରଟା ଜନ୍ମ ହେଲାଦିନୁ ଅନ୍ୟମାନଙ୍କ ସହ ଦ୍ରୋହ କରିବାରେ ତତ୍ପର ଓ ପାପମୟ ହୋଇ ରହିଥିଲା । ଏହା ସତ୍ତ୍ୱେ ଯେଉଁ ନିର୍ବିକାର ବ୍ରହ୍ମ ଶ୍ରୀରାମ ତୁମକୁ ନିଜ ଧାମରେ ସ୍ଥାନ ଦେଲେ, ମୁଁ ତାଙ୍କୁ ନମସ୍କାର କରୁଛି ॥

ଦୋ:- **ଅହହ ନାଥ ରଘୁନାଥ ସମ କୃପାସିଂଧୁ ନହିଁ ଆନ ।**
**ଜୋଗିବୃଂଦ ଦୁର୍ଲଭ ଗତି ତୋହି ଦୀହ୍ନି ଭଗଓ୍ୱାନ ॥ ୧୦୪ ॥**

ଆହା ! ନାଥ ! ଶ୍ରୀରଘୁନାଥଙ୍କ ସମାନ କୃପାସାଗର ଅନ୍ୟ କେହି ନାହିଁ । ସେହି ଭଗବାନ୍ ତୁମକୁ ଯେଉଁ ଗତି ଦେଲେ, ତାହା ଯୋଗୀଜନଙ୍କ ନିମନ୍ତେ ବି ଦୁର୍ଲଭ ।'' ॥ ୧୦୪ ॥

**ମଂଦୋଦରୀ ବଚନ ସୁନି କାନା । ସୁର ମୁନି ସିଦ୍ଧ ସବହ୍ନି ସୁଖ ମାନା ॥**
**ଅଜ ମହେସ ନାରଦ ସନକାଦୀ । ଜେ ମୁନିବର ପରମାରଥବାଦୀ ॥ ୧ ॥**

ମନ୍ଦୋଦରୀଙ୍କ ବଚନ ଶୁଣି ସୁର, ମୁନି ଓ ସିଦ୍ଧଗଣ—ସମସ୍ତେ ଆନନ୍ଦିତ ହେଲେ । ବ୍ରହ୍ମା, ମହାଦେବ, ନାରଦ ଓ ସନକାଦି ତଥା ଅନ୍ୟ ଯେଉଁ ପରମାର୍ଥବାଦୀ (ପରମାତ୍ମତତ୍ତ୍ୱ ଜାଣିଥିବା ଓ କହୁଥିବା) ମୁନିବରମାନେ ଥିଲେ, ॥ ୧ ॥

**ଭରି ଲୋଚନ ରଘୁପତିହି ନିହାରୀ । ପ୍ରେମ ମଗନ ସବ ଭଏ ସୁଖାରୀ ॥**
**ରୁଦନ କରତ ଦେଖୀ ସବ ନାରୀ । ଗୟଉ ବିଭୀଷନୁ ମନ ଦୁଖ ଭାରୀ ॥ ୨ ॥**

ସେ ସମସ୍ତେ ଶ୍ରୀରଘୁନାଥଙ୍କୁ ନୟନ ଭରି ଦେଖି ପ୍ରେମମଗ୍ନ ହୋଇଗଲେ; ସମସ୍ତେ ଅତ୍ୟନ୍ତ ଆନନ୍ଦିତ ହେଲେ । ନିଜ ଘରର ସ୍ତ୍ରୀମାନଙ୍କ ରୋଦନ ଦେଖି ବିଭୀଷଣଙ୍କ ମନରେ ବଡ଼ ଦୁଃଖ ହେଲା; ତେଣୁ ସେ ସେମାନଙ୍କ ନିକଟକୁ ଗଲେ ॥ ୨ ॥

**ବଂଧୁ ଦସା ବିଲୋକି ଦୁଖ କୀହ୍ନା । ତବ ପ୍ରଭୁ ଅନୁଜହି ଆୟସୁ ଦୀହ୍ନା ॥**
**ଲଛିମନ ତେହି ବହୁ ବିଧି ସମୁଝାୟୋ । ବହୁରି ବିଭୀଷନ ପ୍ରଭୁ ପହିଁ ଆୟୋ ॥ ୩ ॥**

ଭାଇର ଦଶା ଦେଖି ସେ ଦୁଃଖ କଲେ । ତହୁଁ ଶ୍ରୀରାମ ସାନଭାଇ ଲକ୍ଷ୍ମଣଙ୍କୁ ଆଜ୍ଞା ଦେଲେ, (ତୁମେ ଯାଇ ବିଭୀଷଣଙ୍କୁ ଧୈର୍ଯ୍ୟ ଦିଅ ।) ଲକ୍ଷ୍ମଣ ଯାଇ ତାଙ୍କୁ ବହୁତ ବୁଝାଇବାରୁ ବିଭୀଷଣ ପ୍ରଭୁଙ୍କ ନିକଟକୁ ଫେରିଆସିଲେ ॥ ୩ ॥

**କୃପାଦୃଷ୍ଟି ପ୍ରଭୁ ତାହି ବିଲୋକା । କରହୁ କ୍ରିୟା ପରିହରି ସବ ସୋକା ॥**
**କୀହ୍ନି କ୍ରିୟା ପ୍ରଭୁ ଆୟସୁ ମାନୀ । ବିଧିୱ୍ୱତ ଦେସ କାଲ ଜିୟଁ ଜାନୀ ॥ ୪ ॥**

ପ୍ରଭୁ ତାଙ୍କୁ କୃପାଦୃଷ୍ଟିରେ ଚାହିଁ କହିଲେ, "ସକଳ ଶୋକ ତ୍ୟାଗ କରି, ବଡ଼ଭାଇଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କର ।" ପ୍ରଭୁଙ୍କ ଆଜ୍ଞା ମାନି, ଦେଶକାଳ ପରମ୍ପରା ଅନୁଯାୟୀ ବିଭୀଷଣ ବିଧିପୂର୍ବକ ସମସ୍ତ କ୍ରିୟା ସମ୍ପନ୍ନ କଲେ ॥ ୪ ॥

ଦୋ:- **ମଂଦୋଦରୀ ଆଦି ସବ ଦେଇ ତିଲାଂଜଲି ତାହି ।**
**ଭୱନ ଗଈଂ ରଘୁପତି ଗୁନ ଗନ ବରନତ ମନ ମାହି ॥ ୧୦୫ ॥**

ମନ୍ଦୋଦରୀ ଆଦି ସବୁସ୍ତ୍ରୀ ରାବଣଙ୍କୁ ତିଳାଞ୍ଜଳି ଦେଲେ ଏବଂ ମନେ ମନେ ଶ୍ରୀରଘୁନାଥଙ୍କର ଗୁଣଗାନ କରି ନବରକୁ ଫେରିଗଲେ ॥ ୧୦୫ ॥

**ଆଇ ବିଭୀଷନ ପୁନି ସିରୁ ନାୟୋ । କୃପାସିଂଧୁ ତବ ଅନୁଜ ବୋଲାୟୋ ॥**
**ତୁମ୍ହ କପୀସ ଅଂଗଦ ନଲ ନୀଲା । ଜାମୱ୍ୱଂତ ମାରୁତି ନୟସୀଲା ॥ ୧ ॥**
**ସବ ମିଲି ଜାହୁ ବିଭୀଷନ ସାଥା । ସାରେହୁ ତିଲକ କହେଉ ରଘୁନାଥା ॥**
**ପିତା ବଚନ ମୈଁ ନଗର ନ ଆୱଉଁ । ଆପୁ ସରିସ କପି ଅନୁଜ ପଠାୱଉଁ ॥ ୨ ॥**

ସବୁ କ୍ରିୟାକର୍ମ ଶେଷ କରି ବିଭୀଷଣ ଆସି ପ୍ରଭୁଙ୍କୁ ପୁନର୍ବାର ପ୍ରଣାମ କଲେ । କୃପାସାଗର ଶ୍ରୀରଘୁନାଥ ସାନଭାଇ ଲକ୍ଷ୍ମଣଙ୍କୁ ଡାକି କହିଲେ, "ତୁମେ ବାନରରାଜ ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ, ଜାମ୍ବବାନ୍ ଓ ମାରୁତି ଆଦି ସବୁ ନୀତିନିପୁଣମାନଙ୍କୁ ଧରି ବିଭୀଷଣଙ୍କ ସହିତ ଯାଅ ଓ ସେଠାରେ ତାଙ୍କର ରାଜ୍ୟାଭିଷେକ କରିଦିଅ ।" ବିଭୀଷଣଙ୍କୁ ଲକ୍ଷ୍ୟ କରି ସେ କହିଲେ, "ପିତୃଆଜ୍ଞା ହେତୁ ମୁଁ ନଗରକୁ ଯାଇପାରୁନାହିଁ ; ତେଣୁ ମୋରି ସମାନ ବାନରମାନଙ୍କୁ ତଥା ମୋ ସାନଭାଇକୁ ପଠାଉଛି ।" ॥ ୧-୨ ॥

**ତୁରତ ଚଲେ କପି ସୁନି ପ୍ରଭୁ ବଚନା । କୀହ୍ନୀ ଜାଇ ତିଲକ କୀ ରଚନା ॥**
**ସାଦର ସିଂହାସନ ବୈଠାରୀ । ତିଲକ ସାରି ଅସ୍ତୁତି ଅନୁସାରୀ ॥ ୩ ॥**

ପ୍ରଭୁଙ୍କ ବଚନ ଶୁଣି ବାନରମାନେ ତୁରନ୍ତ ଯାଇ ରାଜ୍ୟାଭିଷେକର ସକଳ ବ୍ୟବସ୍ଥା କରିଦେଲେ ।

ଆଦରପୂର୍ବକ ବିଭୀଷଣଙ୍କୁ ସିଂହାସନରେ ବସାଇଦେଇ, ସେମାନେ ତାଙ୍କର ରାଜ୍ୟାଭିଷେକ ସାରି ତାଙ୍କୁ ସ୍ତୁତି କଲେ ॥ ୩ ॥

**ଜୋରି ପାନି ସବହୀଁ ସିର ନାଏ । ସହିତ ବିଭୀଷନ ପ୍ରଭୁ ପହିଁ ଆଏ ॥**
**ତବ ରଘୁବୀର ବୋଲି କପି ଲୀହ୍ନେ । କହି ପ୍ରିୟ ବଚନ ସୁଖୀ ସବ କୀହ୍ନେ ॥ ୪ ॥**

ସମସ୍ତେ କର ଯୋଡ଼ି, ନତଶିର ହୋଇ ତାଙ୍କୁ ପ୍ରଣାମ କଲେ । ତା'ପରେ ବିଭୀଷଣଙ୍କ ସହିତ ସମସ୍ତେ ପ୍ରଭୁଙ୍କ ନିକଟକୁ ଆସିଲେ । ଶ୍ରୀରଘୁବୀର ବାନରମାନଙ୍କୁ ଡକାଇ, ପ୍ରିୟ ବଚନ କହି ସମସ୍ତଙ୍କୁ ସୁଖୀ ପ୍ରଦାନ କଲେ ॥ ୪ ॥

ଛନ୍ଦ- **କିଏ ସୁଖୀ କହି ବାନୀ ସୁଧା ସମ ବଲ ତୁହ୍ମାରେଁ ରିପୁ ହୟୋ ।**
**ପାୟୋ ବିଭୀଷନ ରାଜ ତିହୁଁ ପୁର ଜସୁ ତୁହ୍ମାରୋ ନିତ ନୟୋ ॥**
**ମୋହି ସହିତ ସୁଭ କୀରତି ତୁହ୍ମାରୀ ପରମ ପ୍ରୀତି ଜୋ ଗାଇହେଁ ।**
**ସଂସାର ସିଂଧୁ ଅପାର ପାର ପ୍ରୟାସ ବିନୁ ନର ପାଇହେଁ ॥**

ପ୍ରଭୁ ସମସ୍ତଙ୍କୁ ଆନନ୍ଦିତ କରି ଅମୃତତୁଲ୍ୟ ବାଣୀରେ କହିଲେ, ‘‘ତୁମମାନଙ୍କ ବଳରେହିଁ ଏହି ଦୁର୍ଦ୍ଦାନ୍ତ ଶତ୍ରୁ ମରିଲା ଏବଂ ବିଭୀଷଣ ରାଜ୍ୟ ପାଇଲେ । ତେଣୁ ତୁମମାନଙ୍କର ଯଶ ତିନିଲୋକରେ ନିତ୍ୟନବୀନ ହୋଇ ରହିବ । ଯେଉଁମାନେ ମୋର କୀର୍ତ୍ତି ସହିତ ପରମପ୍ରେମରେ ତୁମମାନଙ୍କର ଶୁଭକୀର୍ତ୍ତି ଗାଇବେ, ସେମାନେ ବିନା ପରିଶ୍ରମରେ ଏହି ଅପାର ସଂସାରସାଗର ପାରିହୋଇଯିବେ ॥

ଦୋଃ- **ପ୍ରଭୁ କେ ବଚନ ଶ୍ରୱନ ସୁନି ନହିଁ ଅଘାହିଁ କପି ପୁଂଜ ।**
**ବାର ବାର ସିର ନାୱହିଁ ଗହହିଁ ସକଲ ପଦ କଂଜ ॥ ୧୦୬ ॥**

ପ୍ରଭୁଙ୍କ ବଚନ ଶୁଣି ମଧ୍ୟ ବାନରମାନେ ତୃପ୍ତ ହେଲେ ନାହିଁ; ସେମାନେ ବାରମ୍ବାର ମଥାବନତ କରୁଥାନ୍ତି ଏବଂ ପ୍ରଭୁଙ୍କ ପାଦପଦ୍ମରେ ପ୍ରଣାମ କରୁଥାନ୍ତି ॥ ୧୦୬ ॥

**ପୁନି ପ୍ରଭୁ ବୋଲି ଲିୟଉ ହନୁମାନା । ଲଂକା ଜାହୁ କହେଉ ଭଗୱାନା ॥**
**ସମାଚାର ଜାନକିହି ସୁନାୱହୁ । ତାସୁ କୁସଲ ଲୈ ତୁହ୍ମ ଚଲି ଆୱହୁ ॥ ୧ ॥**

ତା'ପରେ ପ୍ରଭୁ ହନୁମାନଙ୍କୁ ଡାକି କହିଲେ, ‘‘ତୁମେ ଲଙ୍କା ଯାଇ ଜାନକୀଙ୍କୁ ସକଳ ସମାଚାର ଶୁଣାଇଦିଅ ଏବଂ ତାଙ୍କ କୁଶଳ ସମାଚାର ନେଇଆସ ।'' ॥ ୧ ॥

**ତବ ହନୁମଂତ ନଗର ମହୁଁ ଆଏ । ସୁନି ନିସିଚରୀ ନିସାଚର ଧାଏ ॥**
**ବହୁ ପ୍ରକାର ତିହ୍ନ ପୂଜା କୀହ୍ନୀ । ଜନକସୁତା ଦେଖାଇ ପୁନି ଦୀହ୍ନୀ ॥ ୨ ॥**

ତେଣୁ ହନୁମାନ୍ ନଗରକୁ ଗଲେ । ସମାଚାର ପାଇ ତାଙ୍କୁ ସ୍ୱାଗତ କରିବାକୁ ରାକ୍ଷସ-ରାକ୍ଷସୀ ସମସ୍ତେ ଧାଇଁଆସିଲେ । ସେମାନେ ବହୁପ୍ରକାର ସମ୍ମାନ ଦେଇ ହନୁମାନଙ୍କୁ ନେଇ ଜାନକୀଙ୍କ ଦର୍ଶନ କରାଇଲେ ॥ ୨ ॥

**ଦୂରିହି ତେ ପ୍ରନାମ କପି କୀହ୍ନା । ରଘୁପତି ଦୂତ ଜାନକୀ ଚୀହ୍ନା ॥**
**କହହୁ ତାତ ପ୍ରଭୁ କୃପାନିକେତା । କୁସଲ ଅନୁଜ କପି ସେନ ସମେତା ॥ ୩ ॥**

ହନୁମାନ୍ ଯାଇ ସୀତାଙ୍କୁ ଦୂରରୁହିଁ ପ୍ରଣାମ କଲେ । ତାଙ୍କୁ ଦେଖି ଜାନକୀ ଚିହ୍ନିଗଲେ ଯେ, ସେ ହେଉଛନ୍ତି

ଶ୍ରୀରଘୁନାଥଙ୍କର ଦୂତ । ସେ ପଗ୍ଚରିଲେ, ''ଆହେ ବାବୁ ! କୃପାନିଧାନ ପ୍ରଭୁ ତାଙ୍କ ଅନୁଜ ଓ ବାନରସେନାଙ୍କ ସହିତ କୁଶଳରେ ଅଛନ୍ତି ତ ?'' ॥ ୩ ॥

**ସବ ବିଧି କୁସଲ କୋସଲାଧୀସା । ମାତୁ ସମର ଜୀତ୍ୟୋ ଦସସୀସା ॥**
**ଅବିଚଲ ରାଜୁ ବିଭୀଷନ ପାୟୋ । ସୁନି କପି ବଚନ ହରଷ ଉର ଛାୟୋ ॥ ୪ ॥**

ହନୁମାନ୍ କହିଲେ, ''ମାଆ ! କୋଶଳପତି ଶ୍ରୀରାମ ସର୍ବକୁଶଳରେ ଅଛନ୍ତି । ଯୁଦ୍ଧରେ ସେ ଦଶଶିର ରାବଣକୁ ଜୟ କରି ବିଭୀଷଣଙ୍କୁ ଅଖଣ୍ଡ ରାଜ୍ୟ ପ୍ରଦାନ କରିଛନ୍ତି ।'' ହନୁମାନଙ୍କ କଥା ଶୁଣି ସୀତାଙ୍କ ହୃଦୟ ଆନନ୍ଦରେ ଉଚ୍ଛୁଳିଉଠିଲା ॥ ୪ ॥

ଛନ୍ଦ- **ଅତି ହରଷ ମନ ତନ ପୁଲକ ଲୋଚନ ସଜଲ କହ ପୁନି ପୁନି ରମା ।**
**କା ଦେଉଁ ତୋହି ତ୍ରୈଲୋକ ମହୁଁ କପି କିମପି ନହିଁ ବାନୀ ସମା ॥**
**ସୁନୁ ମାତୁ ମୈଁ ପାୟୋ ଅଖିଲ ଜଗ ରାଜୁ ଆଜୁ ନ ସଂସୟଂ ।**
**ରନ ଜୀତି ରିପୁଦଲ ବଂଧୁ ଜୁତ ପସ୍ୟାମି ରାମମନାମୟଂ ॥**

ଶ୍ରୀଜାନକୀଙ୍କ ହୃଦୟରେ ଅତ୍ୟନ୍ତ ଆନନ୍ଦ ଜାତ ହେଲା । ତାଙ୍କ ଶରୀର ପୁଲକିତ ହୋଇଗଲା ଏବଂ ନୟନରେ ଆନନ୍ଦାଶ୍ରୁ ଭରିଗଲା । ସେ ବାରମ୍ବାର କହିବାକୁ ଲାଗିଲେ, ''ହେ ହନୁମାନ୍ ! ମୁଁ ତୁମକୁ କ'ଣ ଦେବି ? ତୁମେ ଏ ଯେଉଁ ସମାଗ୍ଚର ଶୁଣାଇଲ, ତ୍ରିଭୁବନରେ ଏହି ବାଣୀ ସମାନ ଆଉ କିଛି ନାହିଁ ।'' ହନୁମାନ୍ କହିଲେ, ''ମାଆ ! ଯୁଦ୍ଧରେ ପ୍ରବଳ ଶତ୍ରୁସେନାକୁ ଜୟ କରି ମଧ୍ୟ ଶ୍ରୀରାମ ଅନୁଜଙ୍କ ସହିତ ନିର୍ବିକାର ହୋଇ ରହିଥିବା ଦେଖି ମୁଁ ଆଜି ନିଃସନ୍ଦେହରେ ସମଗ୍ର ଜଗତର ରାଜ୍ୟାଧିକାର ପାଇଯାଇଛି ।

ଦୋଃ- **ସୁନୁ ସୁତ ସଦଗୁନ ସକଲ ତଵ ହୃଦୟଁ ବସହୁଁ ହନୁମଂତ ।**
**ସାନୁକୂଲ କୋସଲପତି ରହହୁଁ ସମେତ ଅନଂତ ॥ ୧୦୭ ॥**

ଜାନକୀ କହିଲେ, ''ଆହେ ବତ୍ସ ! ତୁମ ହୃଦୟରେ ସକଳ ସଦ୍‌ଗୁଣ ନିବାସ କରୁ । ହେ ହନୁମାନ୍ ! ଲକ୍ଷ୍ମଣଙ୍କ ସମେତ କୋଶଳପତି ପ୍ରଭୁ ଶ୍ରୀରାମ ସଦା ତୁମ ପ୍ରତି ପ୍ରସନ୍ନ ରହନ୍ତୁ ॥ ୧୦୭ ॥

**ଅବ ସୋଇ ଜତନ କରହୁ ତୁମ୍ହ ତାତା । ଦେଖୌଁ ନୟନ ସ୍ୟାମ ମୃଦୁ ଗାତା ॥**
**ତବ ହନୁମାନ ରାମ ପହିଁ ଜାଈ । ଜନକସୁତା କୈ କୁସଲ ସୁନାଈ ॥ ୧ ॥**

ହେ ବତ୍ସ ! ଏଥର ତୁମେ ସେହି ଉପାୟ କର, ଯଦ୍ଦ୍ୱାରା କି ମୁଁ ଏହି ନେତ୍ରରେ ପ୍ରଭୁଙ୍କ କୋମଳ ଶ୍ୟାମଶରୀର ଦର୍ଶନ କରିପାରିବି ।'' ତା'ପରେ ହନୁମାନ୍ ଶ୍ରୀରାମଙ୍କ ନିକଟକୁ ଯାଇ ଜାନକୀଙ୍କର କୁଶଳ ସମାଗ୍ଚର ଶୁଣାଇଦେଲେ ॥ ୧ ॥

**ସୁନି ସଂଦେସୁ ଭାନୁକୁଲଭୂଷନ । ବୋଲି ଲିଏ ଜୁବରାଜ ବିଭୀଷନ ॥**
**ମାରୁତସୁତ କେ ସଂଗ ସିଧାଵହୁ । ସାଦର ଜନକସୁତହି ଲୈ ଆଵହୁ ॥ ୨ ॥**

ସକଳ ସମାଗ୍ଚର ଶୁଣି ସୂର୍ଯ୍ୟକୁଳଭୂଷଣ ଶ୍ରୀରାମ ଯୁବରାଜ ଅଙ୍ଗଦ ଓ ବିଭୀଷଣଙ୍କୁ ଡକାଇପଠାଇଲେ । ସେ ଦୁହେଁ ଆସିବାରୁ ପ୍ରଭୁ କହିଲେ, ''ପବନପୁତ୍ର ହନୁମାନଙ୍କ ସହିତ ଯାଇ ଜାନକୀଙ୍କୁ ଏଠାକୁ ସାଦରେ ନେଇଆସ ।'' ॥ ୨ ॥

**ତୁରତହିଁ ସକଲ ଗଏ ଜହଁ ସୀତା । ସେଵହିଁ ସବ ନିସିଚରୀଁ ବିନୀତା ॥**
**ବେଗି ବିଭୀଷନ ତିନ୍ହହି ସିଖାୟୋ । ତିନ୍ହ ବହୁ ବିଧି ମଜ୍ଜନ କରଵାୟୋ ॥ ୩ ॥**

ସେମାନେ ତୁରନ୍ତ ସୀତାଙ୍କ ନିକଟକୁ ଗ୍ଲଲିଗଲେ । ଦେଖିଲେ, ସମସ୍ତ ରାକ୍ଷସୀ ବିନୀତଭାବରେ ସୀତାଙ୍କ ସେବା କରୁଛନ୍ତି । ବିଭୀଷଣ ଆଉ ବିଳମ୍ବ ନ କରି ସେମାନଙ୍କୁ ସବୁକଥା ବୁଝାଇଦେଲେ । ସେମାନେ ଯାଇ ସୀତାଙ୍କୁ ନାନାବିଧିରେ ସ୍ନାନ କରାଇଦେଲେ; ॥ ୩ ॥

**ବହୁ ପ୍ରକାର ଭୂଷନ ପହିରାଏ । ସିବିକା ରୁଚିର ସାଜି ପୁନି ଲ୍ୟାଏ ॥**
**ତା ପର ହରଷି ଚଢ଼ୀ ବୈଦେହୀ । ସୁମିରି ରାମ ସୁଖଧାମ ସନେହୀ ॥ ୪ ॥**

ତାଙ୍କୁ ବିବିଧ ଅଳଙ୍କାର ପିନ୍ଧାଇଦେଇ, ତାଙ୍କ ପାଇଁ ଗୋଟିଏ ସୁନ୍ଦର ପାଲିଙ୍କି ସଜାଇ ନେଇଆସିଲେ । ସୀତା ପ୍ରସନ୍ନ ହୋଇ ସୁଖନିଧାନ ପ୍ରିୟତମ ଶ୍ରୀରାମଙ୍କୁ ସ୍ମରଣ କରି, ଆନନ୍ଦିତ ମନରେ ସେହି ପାଲିଙ୍କିରେ ବସିଲେ ॥ ୪ ॥

**ବେତପାନି ରଚ୍ଛକ ଚହୁ ପାସା । ଚଲେ ସକଲ ମନ ପରମ ହୁଲାସା ॥**
**ଦେଖନ ଭାଲୁ କୀସ ସବ ଆଏ । ରଚ୍ଛକ କୋପି ନିଓ୍ୱାରନ ଧାଏ ॥ ୫ ॥**

ରକ୍ଷକମାନେ ହାତରେ ବେତ ଧରି ପାଲିଙ୍କି ପାଖେ ପାଖେ ଗ୍ଲଲିଲେ । ସମସ୍ତଙ୍କ ମନରେ ପରମ ଉଲ୍ଲାସ ଭରିଯାଇଥାଏ । ତାଙ୍କୁ ଦର୍ଶନ କରିବା ନିମନ୍ତେ ଭାଲୁ ଓ ବାନରମାନେ ଆସିବାରୁ ରକ୍ଷକମାନେ କ୍ରୋଧଭର ହୋଇ ସେମାନଙ୍କୁ ଅଟକାଇବାକୁ ଧାଇଁଲେ ॥ ୫ ॥

**କହ ରଘୁବୀର କହା ମମ ମାନହୁ । ସୀତହି ସଖା ପୟାଦେଁ ଆନହୁ ॥**
**ଦେଖହୁଁ କପି ଜନନୀ କୀ ନାଇଁ । ବିହସି କହା ରଘୁନାଥ ଗୋସାଇଁ ॥ ୬ ॥**

ଶ୍ରୀରଘୁବୀର ମୃଦୁ ମୃଦୁ ହସି କହିଲେ, ''ସଖା (ବିଭୀଷଣ) ! ମୋ କଥା ମାନ; ସୀତାଙ୍କୁ ପାଦରେ ଚଲାଇ ଚଲାଇ ଆଣ, ତା'ହେଲେ ବାନରମାନେ ମାଆଙ୍କୁ ଦେଖିଲାପରି ତାଙ୍କୁ ଦେଖିପାରିବେ ।'' ॥ ୬ ॥

**ସୁନି ପ୍ରଭୁ ବଚନ ଭାଲୁ କପି ହରଷେ । ନଭ ତେ ସୁରହ୍ନ ସୁମନ ବହୁ ବରଷେ ॥**
**ସୀତା ପ୍ରଥମ ଅନଲ ମହୁଁ ରାଖୀ । ପ୍ରଗଟ କୀହ୍ନି ଚହ ଅଂତର ସାଖୀ ॥ ୭ ॥**

ପ୍ରଭୁଙ୍କ ବଚନ ଶୁଣି ଭାଲୁ ଓ ବାନରମାନେ ଆନନ୍ଦିତ ହେଲେ । ଆକାଶରୁ ଦେବତାମାନେ ବହୁ ପୁଷ୍ପବୃଷ୍ଟି କଲେ । ସୀତାଙ୍କର ପ୍ରକୃତ ସ୍ୱରୂପ ପ୍ରଥମରୁ ଅଗ୍ନିରେ ସଂରକ୍ଷିତ ଥିଲା । ଅନ୍ତର୍ଯାମୀ ଭଗବାନ୍ ବର୍ତ୍ତମାନ ତାଙ୍କୁ ପ୍ରକଟ କରିବାକୁ ଗ୍ଲହିଁଲେ ॥ ୭ ॥

ଦୋଃ- **ତେହି କାରନ କରୁନାନିଧି କହେ କଛୁକ ଦୁର୍ବାଦ ।**
**ସୁନତ ଜାତୁଧାନୀଁ ସବ ଲାଗୀଁ କରୈ ବିଷାଦ ॥ ୧୦୮ ॥**

ତେଣୁ କରୁଣାନିଧାନ ଶ୍ରୀରାମ ଲୀଳାଛଳରେ ସାମାନ୍ୟ କଠୋର ବଚନ କହିଦେଲେ; ତାହା ଶୁଣି ରାକ୍ଷସୀମାନେ ଦୁଃଖ ଅନୁଭବ କଲେ ॥ ୧୦୮ ॥

**ପ୍ରଭୁ କେ ବଚନ ସୀସ ଧରି ସୀତା । ବୋଲୀ ମନ କ୍ରମ ବଚନ ପୁନୀତା ॥**
**ଲଛିମନ ହୋହୁ ଧରମ କେ ନେଗୀ । ପାଓ୍ୱକ ପ୍ରଗଟ କରହୁ ତୁହ୍ମ ବେଗୀ ॥ ୧ ॥**

ପ୍ରଭୁଙ୍କ ବଚନକୁ ଶିରୋଧାର୍ଯ୍ୟ କରି ମନ, ବଚନ ଓ କର୍ମରେ ପରମ ପବିତ୍ର ସୀତା କହିଲେ, ''ହେ ଲକ୍ଷ୍ମଣ ! ତୁମେ ମୋ' ଧର୍ମାଚରଣରେ ସହାୟକ ହୁଅ ଏବଂ ଶୀଘ୍ର ଅଗ୍ନି ପ୍ରଜ୍ୱଳିତ କର ।'' ॥ ୧ ॥

**ସୁନି ଲଛିମନ ସୀତା କୈ ବାନୀ । ବିରହ ବିବେକ ଧରମ ନିତି ସାନୀ ॥**
**ଲୋଚନ ସଜଲ ଜୋରି କର ଦୋଉ । ପ୍ରଭୁ ସନ କଛୁ କହି ସକତ ନ ଓଉ ॥ ୨ ॥**

ସୀତାଙ୍କ ମୁଖରୁ ବିରହ, ବିବେକ, ଧର୍ମ ଓ ନୀତିସିକ୍ତ ବଚନ ଶୁଣି ଲକ୍ଷ୍ମଣଙ୍କ ନୟନରେ ବିଷାଦର ଅଶ୍ରୁ ଭରିଗଲା । ସେ ଦୁଇକର ଯୋଡ଼ି ଠିଆ ହୋଇ ରହିଲେ । ପ୍ରଭୁଙ୍କୁ କିଛି କହିପାରିଲେ ନାହିଁ॥ ୨ ॥

**ଦେଖି ରାମ ରୁଖ ଲଛିମନ ଧାଏ । ପାୱକ ପ୍ରଗଟି କାଠ ବହୁ ଲାଏ ॥**
**ପାୱକ ପ୍ରବଲ ଦେଖି ବୈଦେହୀ । ହୃଦୟଁ ହରଷ ନହିଁ ଭୟ କଛୁ ତେହୀ ॥ ୩ ॥**

(କିନ୍ତୁ) ପ୍ରଭୁଙ୍କ ଅଭିପ୍ରାୟ ବୁଝିପାରି, ଲକ୍ଷ୍ମଣ ଅବିଳମ୍ବେ ଅଗ୍ନି ପ୍ରସ୍ତୁତ କରିଦେଲେ ଓ କାଠ ଆଣି ସେଥିରେ ପକାଇଲେ । ଅଗ୍ନି ହୁ ହୁ ହୋଇ ଜଳିବାର ଦେଖି ଜାନକୀ ମନେ ମନେ ହର୍ଷିତା ହେଲେ; ତାଙ୍କୁ ଟିକିଏ ବି ଭୟ ଲାଗିଲା ନାହିଁ ॥ ୩ ॥

**ଜୌଁ ମନ ବଚ କ୍ରମ ମମ ଉର ମାହୀଁ । ତଜି ରଘୁବୀର ଆନ ଗତି ନାହୀଁ ॥**
**ତୌ କୃସାନୁ ସବ କୈ ଗତି ଜାନା । ମୋ କହୁଁ ହୋଉ ଶ୍ରୀଖଂଡ ସମାନା ॥ ୪ ॥**

ସୀତା ଲୀଳା ଦୃଷ୍ଟିରୁ କହିଲେ, ''ମୁଁ ଯଦି ମନ-ବଚନ-କର୍ମରେ ମୋ' ହୃଦୟରେ ଶ୍ରୀରଘୁବୀରଙ୍କ ବ୍ୟତୀତ ଅନ୍ୟ ଗତି (ଅନ୍ୟ କାହାର ଆଶ୍ରୟ) ଧରି ନ ଥିବି, ତେବେ ସମସ୍ତଙ୍କ ମନର ଗତି ଜାଣୁଥିବା ଅଗ୍ନିଦେବ, ମୋ ମନର ଗତି ଜାଣି ମୋ ପାଇଁ ଚନ୍ଦନ ପରି ଶୀତଳ ହୋଇଯାଆନ୍ତୁ ।'' ॥ ୪ ॥

ଛନ୍ଦ- **ଶ୍ରୀଖଂଡ ସମ ପାୱକ ପ୍ରବେସ କିୟୋ ସୁମିରି ପ୍ରଭୁ ମୈଥିଲୀ ।**
**ଜୟ କୋସଲେସ ମହେସ ବଂଦିତ ଚରନ ରତି ଅତି ନିର୍ମଲୀ ॥**
**ପ୍ରତିବିଂବ ଅରୁ ଲୌକିକ କଲଂକ ପ୍ରଚଂଡ ପାୱକ ମହୁଁ ଜରେ ।**
**ପ୍ରଭୁ ଚରିତ କାହୁଁ ନ ଲଖେ ନଭ ସୁର ସିଦ୍ଧ ମୁନି ଦେଖହିଁ ଖରେ ॥ ୧ ॥**

ପ୍ରଭୁ ଶ୍ରୀରାମଙ୍କୁ ସ୍ମରଣ କରି ଏବଂ ଯାହାଙ୍କ ଚରଣଯୁଗଳ ମହାଦେବଙ୍କ ଦ୍ୱାରା ବନ୍ଦିତ, ତଥା ଯାହାଙ୍କ ଠାରେ ସୀତାଙ୍କର ଅତ୍ୟନ୍ତ ବିଶୁଦ୍ଧ ପ୍ରୀତି ଥିଲା, ସେହି କୋଶଳପତିଙ୍କର ଜୟ ଜୟକାର କରି ଜାନକୀ ଚନ୍ଦନତୁଲ୍ୟ ଶୀତଳ ହୋଇଥିବା ସେହି ଅଗ୍ନିରେ ପ୍ରବେଶ କଲେ । ତାଙ୍କ ପ୍ରତିବିମ୍ବ (ସୀତାଙ୍କ ଛାୟାମୂର୍ତ୍ତି) ଓ ଲୌକିକ କଳଙ୍କ ପ୍ରଚଣ୍ଡ ଅଗ୍ନିରେ ଜଳିଗଲା । ପ୍ରଭୁଙ୍କର ଏହି ରହସ୍ୟମୟ ଚରିତ କେହି ଜାଣିପାରିଲେ ନାହିଁ । ଦେବତା, ମୁନି ଓ ସିଦ୍ଧଗଣ ସମସ୍ତେ ଆକାଶରେ ଠିଆ ହୋଇ ଏହି ଦୃଶ୍ୟ ଦେଖୁଥାନ୍ତି ॥ ୧ ॥

**ଧରି ରୂପ ପାୱକ ପାନି ଗହି ଶ୍ରୀ ସତ୍ୟ ଶ୍ରୁତି ଜଗ ବିଦିତ ଜୋ ।**
**ଜିମି ଛୀରସାଗର ଇଂଦିରା ରାମହି ସମର୍ପୀ ଆନି ସୋ ॥**
**ସୋ ରାମ ବାମ ବିଭାଗ ରାଜତି ରୁଚିର ଅତି ସୋଭା ଭଲୀ ।**
**ନୱ ନୀଲ ନୀରଜ ନିକଟ ମାନହୁଁ କନକ ପଂକଜ କୀ କଲୀ ॥ ୨ ॥**

(ସମସ୍ତେ ଦେଖିଲେ) ଅଗ୍ନିଦେବ ଶରୀର ଧାରଣ କରି ପ୍ରକଟ ହୋଇଗଲେ ଏବଂ ବେଦରେ ଓ ଜଗତରେ ପ୍ରସିଦ୍ଧ ପ୍ରକୃତ ସୀତାଙ୍କୁ ଆଣି ଶ୍ରୀରାମଙ୍କ ହାତରେ ଠିକ୍ ସେହିପରି ସମର୍ପଣ କରିଦେଲେ, ଯେପରି ସ୍ୱୟଂ କ୍ଷୀରସାଗର ଲକ୍ଷ୍ମୀଙ୍କୁ ଆଣି ଭଗବାନ୍ ବିଷ୍ଣୁଙ୍କୁ ସମର୍ପଣ କରିଥିଲେ । ସେହି ସୀତା ଶ୍ରୀରାମଙ୍କ ବାମଭାଗରେ ବିରାଜିତା ହେଲେ । ତାଙ୍କର ଶୋଭା ଅତ୍ୟନ୍ତ ମନୋହର ହୋଇଥାଏ—ମନେ ହେଉଥାଏ, ସତେ ଯେପରି ସଦ୍ୟ ପ୍ରସ୍ଫୁଟିତ ନୀଳକମଳ ପାର୍ଶ୍ୱରେ ସ୍ୱର୍ଣ୍ଣକମଳର କଳିକା ଶୋଭା ପାଉଛି ॥ ୨ ॥

ଦୋଃ- **ବରଷହିଁ ସୁମନ ହରଷି ସୁର ବାଜହିଁ ଗଗନ ନିସାନ ।**
**ଗାୱହିଁ କିଂନର ସୁରବଧୂ ନାଚହିଁ ଚଢ଼ୀଁ ବିମାନ ॥୧୦୯(କ)॥**

ଦେବଗଣ ହର୍ଷିତ ହୋଇ ପୁଷ୍ପବୃଷ୍ଟି କଲେ । ଆକାଶରେ ଦୁନ୍ଦୁଭି ବାଜିବାକୁ ଲାଗିଲା । କିନ୍ନରମାନେ ଗୀତ ଗାଇଲେ । ବିମାନରେ ଚଢ଼ି ଅପ୍‌ସରାମାନେ ନୃତ୍ୟ କରିବାକୁ ଲାଗିଲେ ॥ ୧୦୯(କ) ॥

**ଜନକସୁତା ସମେତ ପ୍ରଭୁ ସୋଭା ଅମିତ ଅପାର ।**
**ଦେଖି ଭାଲୁ କପି ହରଷେ ଜୟ ରଘୁପତି ସୁଖ ସାର ॥୧୦୯(ଖ)॥**

ଶ୍ରୀଜାନକୀଙ୍କ ସହିତ ଶ୍ରୀରାମଙ୍କର ଅପରିମିତ ଓ ଅପାର ଶୋଭା ଦର୍ଶନ କରି ଭଲ୍ଲୁକ-ବାନରମାନେ ଆନନ୍ଦିତ ହେଲେ ଏବଂ ସୁଖନିଧାନ ଶ୍ରୀରଘୁନାଥଙ୍କର ଜୟଗାନ କଲେ ॥ ୧୦୯(ଖ) ॥

**ତବ ରଘୁପତି ଅନୁସାସନ ପାଈ । ମାତଲି ଚଲେଉ ଚରନ ସିରୁ ନାଈ ॥**
**ଆଏ ଦେୱ ସଦା ସ୍ୱାରଥୀ । ବଚନ କହହିଁ ଜନୁ ପରମାରଥୀ ॥ ୧ ॥**

ତା'ପରେ ରଘୁନାଥଙ୍କର ଆଜ୍ଞା ପାଇ, ଇନ୍ଦ୍ରଙ୍କ ସାରଥି ମାତଲି ପ୍ରଭୁଙ୍କୁ ପ୍ରଣାମ କରି [ରଥ ନେଇ] ଫେରିଗଲେ ।ଏଥର ଚିରସ୍ୱାର୍ଥୀ ଦେବତାମାନେ ଆସିଲେ । ସେମାନେ ପରମାର୍ଥୀଙ୍କ ପରି କଥା କହୁଥାନ୍ତି, ॥ ୧ ॥

**ଦୀନ ବଂଧୁ ଦୟାଲ ରଘୁରାୟା । ଦେୱ କୀହ୍ନି ଦେୱହ୍ନ ପର ଦାୟା ॥**
**ବିସ୍ୱ ଦ୍ରୋହ ରତ ୟହ ଖଲ କାମୀ । ନିଜ ଅଘ ଗୟଉ କୁମାରଗଗାମୀ ॥ ୨ ॥**

ସେମାନେ କହିଲେ, ''ହେ ଦୀନବନ୍ଧୁ ! ହେ ଦୟାଳୁ ରଘୁରାଜ ! ହେ ପରମଦେବ ! ଆପଣ ଦେବତାଙ୍କୁ ଅତ୍ୟନ୍ତ ଦୟା କଲେ । ସାରା ବିଶ୍ୱର ଦ୍ରୋହରେ ତତ୍ପର ଏହି ଦୁଷ୍ଟ, କାମୁକ ଓ କୁମାର୍ଗଗାମୀ ରାବଣ ନିଜ ପାପରୁହିଁ ନଷ୍ଟ ହୋଇଗଲା ॥ ୨ ॥

**ତୁହ୍ମ ସମରୂପ ବ୍ରହ୍ମ ଅବିନାସୀ । ସଦା ଏକରସ ସହଜ ଉଦାସୀ ॥**
**ଅକଲ ଅଗୁନ ଅଜ ଅନଘ ଅନାମୟ । ଅଜିତ ଅମୋଘସକ୍ତି କରୁନାମୟ ॥ ୩ ॥**

ଆପଣ ହେଉଛନ୍ତି ସମରୂପ, ବ୍ରହ୍ମ, ଅବିନାଶୀ, ନିତ୍ୟ, ଏକରସ, ସ୍ୱଭାବତଃ ଉଦାସୀନ (ଶତ୍ରୁମିତ୍ରଭାବରହିତ), ଅଖଣ୍ଡ, ନିର୍ଗୁଣ (ମାୟିକଗୁଣଶୂନ୍ୟ), ଅଜନ୍ମା, ନିଷ୍ପାପ, ନିର୍ବିକାର, ଅଜେୟ, ଅମୋଘଶକ୍ତି (ଯାହାଙ୍କର ଶକ୍ତି କେବେ ବ୍ୟର୍ଥ ହୁଏ ନାହିଁ) ଓ ଦୟାମୟ ॥ ୩ ॥

**ମୀନ କମଠ ସୂକର ନରହରୀ । ବାମନ ପରସୁରାମ ବପୁ ଧରୀ ॥**
**ଜବ ଜବ ନାଥ ସୁରହ୍ନ ଦୁଖୁ ପାୟୋ । ନାନା ତନୁ ଧରି ତୁହ୍ମଇଁ ନସାୟୋ ॥ ୪ ॥**

ଆପଣହିଁ ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ ଓ ପର୍ଶୁରାମ ଶରୀର ଧାରଣ କରିଥିଲେ । ହେ ନାଥ ! ଯେତେବେଳେ ଦେବତାମାନେ ଦୁଃଖ ପାଇଛନ୍ତି, ସେତେବେଳେ ନାନା ଶରୀର ଧାରଣ କରି ଆପଣହିଁ ସେମାନଙ୍କର ଦୁଃଖ ବିନାଶ କରିଛନ୍ତି ॥ ୪ ॥

**ୟହ ଖଲ ମଲିନ ସଦା ସୁରଦ୍ରୋହୀ । କାମ ଲୋଭ ମଦ ରତ ଅତି କୋହୀ ॥**
**ଅଧମ ସିରୋମନି ତୱ ପଦ ପାୱା । ୟହ ହମରେଁ ମନ ବିସମୟ ଆୱା ॥ ୫ ॥**

ଏହି ଦୁଷ୍ଟ ଥିଲା ଅତ୍ୟନ୍ତ ପାପୀ, ଦେବତାମାନଙ୍କର ନିତ୍ୟଶତ୍ରୁ, କାମ, ଲୋଭ ଓ ମଦପରାୟଣ ତଥା ଅତ୍ୟନ୍ତ କ୍ରୋଧୀ । ଏପରି ଅଧମଶିରୋମଣି (ଅଧମାଧମ) ମଧ୍ୟ ଆପଣଙ୍କ ପରମପଦ ପାଇଗଲା । ଏହା ଦେଖି ଆମ୍ଭମାନଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି ॥ ୫ ॥

**ହମ ଦେଓ୍ୱତା ପରମ ଅଧିକାରୀ । ସ୍ୱାରଥ ରତ ପ୍ରଭୁ ଭଗତି ବିସାରୀ ॥**
**ଭଓ୍ୱ ପ୍ରବାହଁ ସଂତତ ହମ ପରେ । ଅବ ପ୍ରଭୁ ପାହି ସରନ ଅନୁସରେ ॥ ୬ ॥**

ଆମେ ଦେବତାମାନେ ଶ୍ରେଷ୍ଠ ଅଧିକାରୀ ହୋଇ ମଧ୍ୟ ସ୍ୱାର୍ଥପରାୟଣ ହୋଇ ରହୁଥିବାରୁ ଆପଣଙ୍କ ପ୍ରତି ଭକ୍ତି ଭୁଲି ନିରନ୍ତର ଭବସାଗରର ପ୍ରବାହରେ (ଜନ୍ମମୃତ୍ୟୁଚକ୍ରରେ) ପଡ଼ିଯାଇଛୁ । ହେ ପ୍ରଭୁ ! ଆମେ ଏବେ ଆପଣଙ୍କର ଶରଣାଗତ; ଆମକୁ ରକ୍ଷା କରନ୍ତୁ !'' ॥ ୬ ॥

ଦୋ:- **କରି ବିନତୀ ସୁର ସିଦ୍ଧ ସବ ରହେ ଜହଁ ତହଁ କର ଜୋରି ।**
**ଅତି ସପ୍ରେମ ତନ ପୁଲକି ବିଧି ଅସ୍ତୁତି କରତ ବହୋରି ॥ ୧୧୦ ॥**

ବିନତି ଜଣାଇ ଦେବତା ଓ ସିଦ୍ଧମାନେ ନିଜ ନିଜ ସ୍ଥାନରେ କର ଯୋଡ଼ି ଠିଆ ହୋଇରହିଲେ । ସେତେବେଳେ ଅତ୍ୟନ୍ତ ପ୍ରେମରେ ପୁଲକିତଶରୀର ହୋଇ ବ୍ରହ୍ମା ସ୍ତୁତି କରିବାକୁ ଲାଗିଲେ ॥ ୧୧୦ ॥

ଛନ୍ଦ- **ଜୟ ରାମ ସଦା ସୁଖଧାମ ହରେ । ରଘୁନାୟକ ସାୟକ ଚାପ ଧରେ ॥**
**ଭଓ୍ୱ ବାରନ ଦାରନ ସିଂହ ପ୍ରଭୋ । ଗୁନ ସାଗର ନାଗର ନାଥ ବିଭୋ ॥ ୧ ॥**

ହେ ନିତ୍ୟ ସୁଖଧାମ ଓ ଦୁଃଖହରଣକାରୀ ହରି ! ହେ ଧନୁର୍ବାଣଧାରୀ ରଘୁନାଥ ! ଆପଣଙ୍କର ଜୟ ହେଉ । ହେ ପ୍ରଭୁ ! ଆପଣ ଭବ(ଜନ୍ମମରଣ)ରୂପୀ ହସ୍ତୀକୁ ବିଦାରଣ କରିବାରେ ସିଂହସଦୃଶ । ହେ ନାଥ ! ହେ ସର୍ବବ୍ୟାପକ ! ଆପଣ ହେଉଛନ୍ତି ଗୁଣସାଗର ଓ ପରମଚତୁର ॥ ୧ ॥

**ତନ କାମ ଅନେକ ଅନୂପ ଛବୀ । ଗୁନ ଗାଓ୍ୱତ ସିଦ୍ଧ ମୁନୀଂଦ୍ର କବୀ ॥**
**ଜସୁ ପାଓ୍ୱନ ରାଓ୍ୱନ ନାଗ ମହା । ଖଗନାଥ ଜଥା କରି କୋପ ଗହା ॥ ୨ ॥**

ଆପଣଙ୍କ ଶରୀର ହେଉଛି ଅନେକ କାମଦେବଙ୍କ ସମାନ, କିନ୍ତୁ ତା'ର ଛବି ଅନୁପମ । ସିଦ୍ଧ, ମୁନୀଶ୍ୱର ଓ କବିଗଣ ଆପଣଙ୍କ ଗୁଣ କୀର୍ତ୍ତନ କରୁଛନ୍ତି; ଆପଣଙ୍କର ଯଶ ପବିତ୍ର । ଆପଣ ଗରୁଡ଼ ପରି କ୍ରୋଧ କରି ରାବଣରୂପୀ ମହାସର୍ପକୁ ଧରିନେଲେ ॥ ୨ ॥

**ଜନ ରଂଜନ ଭଂଜନ ସୋକ ଭୟଂ । ଗତକ୍ରୋଧ ସଦା ପ୍ରଭୁ ବୋଧମୟଂ ॥**
**ଅଓ୍ୱତାର ଉଦାର ଅପାର ଗୁନଂ । ମହି ଭାର ବିଭଂଜନ ଗ୍ୟାନଘନଂ ॥ ୩ ॥**

ହେ ପ୍ରଭୁ ! ଆପଣ ସେବକମାନଙ୍କ ପାଇଁ ଆନନ୍ଦପ୍ରଦାୟକ, ଶୋକ ଓ ଭୟନାଶକ, ସଦା କ୍ରୋଧରହିତ ଓ ନିତ୍ୟଜ୍ଞାନସ୍ୱରୂପ । ଆପଣଙ୍କ ଅବତାରହିଁ ଶ୍ରେଷ୍ଠ, ଅପାର ଦିବ୍ୟଗୁଣସମ୍ପନ୍ନ, ଭବଭାରବିଭଞ୍ଜକ ଓ ଜ୍ଞାନର ଖଣି ॥ ୩ ॥

**ଅଜ ବ୍ୟାପକମେକମନାଦି ସଦା । କରୁନାକର ରାମ ନମାମି ମୁଦା ॥**
**ରଘୁବଂସ ବିଭୂଷନ ଦୂଷନ ହା । କୃତ ଭୂପ ବିଭୀଷନ ଦୀନ ରହା ॥ ୪ ॥**

କିନ୍ତୁ ଅବତାର ଗ୍ରହଣ କରି ମଧ୍ୟ ଆପଣ ନିତ୍ୟ, ଅଜନ୍ମା, ବ୍ୟାପକ, ଏକ (ଅଦ୍ୱିତୀୟ) ଓ ଅନାଦି । ହେ କରୁଣାକର ଶ୍ରୀରାମ ! ମୁଁ ଆପଣଙ୍କୁ ଅତ୍ୟନ୍ତ ଆନନ୍ଦର ସହିତ ନମସ୍କାର କରୁଛି । ହେ ରଘୁକୁଳର ଭୂଷଣ ! ହେ ଦୂଷଣରାକ୍ଷସର ହନ୍ତା ! ହେ ସର୍ବଦୋଷହାରୀ ! ଦୀନ ବିଭୀଷଣଙ୍କୁ ଆପଣ ଲଙ୍କାର ରାଜା କରିଦେଲେ ॥ ୪ ॥

**ଗୁନ ଗ୍ୟାନ ନିଧାନ ଅମାନ ଅଜଂ । ନିତ ରାମ ନମାମି ବିଭୁଂ ବିରଜଂ ॥**
**ଭୁଜଦଂଡ ପ୍ରଚଂଡ ପ୍ରତାପ ବଲଂ । ଖଲବୃଂଦ ନିକଂଦ ମହା କୁସଲଂ ॥ ୫ ॥**

ହେ ଗୁଣ ଓ ଜ୍ଞାନର ଭଣ୍ଡାର ! ହେ ମାନଶୂନ୍ୟ ! ହେ ଅଜନ୍ମା, ବ୍ୟାପକ ଓ ମାୟିକ-ବିକାର-ବିବର୍ଜିତ ଶ୍ରୀରାମ ! ମୁଁ ଆପଣଙ୍କୁ ନିତ୍ୟ ନମସ୍କାର କରୁଛି । ଆପଣଙ୍କ ଭୁଜଦଣ୍ଡର ପ୍ରତାପ ଓ ବଳ ଅତ୍ୟନ୍ତ ପ୍ରଚଣ୍ଡ । ଦୁଷ୍ଟଦଳନରେ ଆପଣ ପରମ ପ୍ରବୀଣ ॥ ୫ ॥

**ବିନୁ କାରନ ଦୀନ ଦୟାଲ ହିତଂ । ଛବି ଧାମ ନମାମି ରମା ସହିତଂ ॥**
**ଭଵ ତାରନ କାରନ କାଜ ପରଂ । ମନ ସଂଭଵ ଦାରୁନ ଦୋଷ ହରଂ ॥ ୬ ॥**

ହେ ପ୍ରଭୁ ! ହେ ଶୋଭାର ଭଣ୍ଡାର ! ଆପଣ ତ ବିନାକାରଣରେ ଦୀନଜନଙ୍କୁ ଦୟା କରନ୍ତି ଓ ସେମାନଙ୍କର ହିତ କରନ୍ତି । ଜାନକୀସମେତ ଆପଣଙ୍କୁ ମୁଁ ନମସ୍କାର କରୁଛି । ଆପଣ ଭବସାଗରରୁ ତାରଣ କରନ୍ତି; ଆପଣ ଉଭୟ କାରଣରୂପା ପ୍ରକୃତି ଓ କାର୍ଯ୍ୟରୂପ ଜଗତ୍‌ର ଊର୍ଦ୍ଧ୍ୱରେ ଏବଂ ଆପଣହିଁ ମନରୁ ଉତ୍ପନ୍ନ ହେଉଥିବା ଦାରୁଣ ଦୋଷମାନଙ୍କୁ ହରଣ କରନ୍ତି ॥ ୬ ॥

**ସର ଚାପ ମନୋହର ତ୍ରୋନ ଧରଂ । ଜଲଜାରୁନ ଲୋଚନ ଭୂପବରଂ ॥**
**ସୁଖମଂଦିର ସୁଂଦର ଶ୍ରୀରମନଂ । ମଦ ମାର ମୁଧା ମମତା ସମନଂ ॥ ୭ ॥**

ଆପଣ ମନୋହର ବାଣ, ଧନୁ ଓ ତୂଣୀର ଧାରଣ କରନ୍ତି । ଆପଣଙ୍କ ନେତ୍ର ପଦ୍ମସମାନ ରକ୍ତବର୍ଣ୍ଣ । ଆପଣ ଭୂପବର, ସୁଖମନ୍ଦିର, ସୁନ୍ଦର, ଶ୍ରୀବଲ୍ଲଭ ଏବଂ ଆପଣହିଁ ମଦ (ଅହଙ୍କାର), କାମ ଓ ବୃଥାମମତାର ନାଶକ ॥ ୭ ॥

**ଅନଵଦ୍ୟ ଅଖଂଡ ନ ଗୋଚର ଗୋ । ସବ ରୂପ ସଦା ସବ ହୋଇ ନ ଗୋ ॥**
**ଇତି ବେଦ ବଦଂତି ନ ଦଂତକଥା । ରବି ଆତପ ଭିନ୍ନମଭିନ୍ନ ଜଥା ॥ ୮ ॥**

ଆପଣ ଅନବଦ୍ୟ (ଅନିନ୍ଦ୍ୟ ବା ନିର୍ଦ୍ଦୋଷ), ଅଖଣ୍ଡ ଓ ଇନ୍ଦ୍ରିୟାତୀତ । ବେଦମାନେ କହନ୍ତି, ଆପଣ ସର୍ବରୂପ ହୋଇ ମଧ୍ୟ କେବେ ସେସବୁ ହୋଇନାହାନ୍ତି । ଏହା କୌଣସି ଦନ୍ତକଥା (କପୋଳକଳ୍ପିତ କଥା) ନୁହେଁ । ସୂର୍ଯ୍ୟ ଓ ସୂର୍ଯ୍ୟାଲୋକ ଯେପରି ପୃଥକ୍ ହୋଇ ମଧ୍ୟ ପୃଥକ୍ ନୁହନ୍ତି, ସେହିପରି ଆପଣ ମଧ୍ୟ ସଂସାରଠାରୁ ଭିନ୍ନ ଓ ଅଭିନ୍ନ–ଉଭୟ ॥ ୮ ॥

**କୃତକୃତ୍ୟ ବିଭୋ ସବ ବାନର ଏ । ନିରଖଂତି ତଵାନନ ସାଦର ଏ ॥**
**ଧିଗ ଜୀଵନ ଦେଵ ସରୀର ହରେ । ତଵ ଭକ୍ତି ବିନା ଭଵ ଭୂଲି ପରେ ॥ ୯ ॥**

ହେ ବିଭୁ ! ଏହି ବାନରବୃନ୍ଦ ହେଉଛନ୍ତି ଅତ୍ୟନ୍ତ କୃତାର୍ଥ; କାରଣ ଏମାନେ ଅତି ଶ୍ରଦ୍ଧାର ସହିତ ଆପଣଙ୍କ ଶ୍ରୀମୁଖ ଦର୍ଶନ କରୁଛନ୍ତି । ହେ ହରି ! ଆମ ଅମରଜୀବନ ଓ ଦିବ୍ୟଶରୀରକୁ ଧିକ୍; କାରଣ ଆମ୍ଭେମାନେ ଆପଣଙ୍କର ଭକ୍ତିରେ ଶୂନ୍ୟ ହୋଇ ସାଂସାରିକ ବିଷୟରେ ଭୁଲି ରହିଛୁ ॥ ୯ ॥

**ଅବ ଦୀନଦୟାଲ ଦୟା କରିଐ । ମତି ମୋରି ବିଭେଦକରୀ ହରିଐ ॥**
**ଜେହି ତେ ବିପରୀତ କ୍ରିୟା କରିଐ । ଦୁଖ ସୋ ସୁଖ ମାନି ସୁଖୀ ଚରିଐ ॥ ୧୦ ॥**

ହେ ଦୀନଦୟାଳୁ ! ଏଥର ଦୟା କରନ୍ତୁ; ମୋର ବିଭେଦ-ଉତ୍ପାଦକ ବୁଦ୍ଧିକୁ ହରିନିଅନ୍ତୁ । ଏପରି ବୁଦ୍ଧି ହେତୁ ମୁଁ ଯାବତୀୟ ବିପରୀତ କର୍ମ କରୁଛି ଏବଂ ଯାହା ପ୍ରକୃତରେ ଦୁଃଖ, ତାକୁ ମୁଁ ସୁଖ ମନେ କରି ଆନନ୍ଦରେ ବିଚରଣ କରୁଛି ॥ ୧୦ ॥

**ଖଲ ଖଂଡନ ମଂଡନ ରମ୍ୟ ଛମା । ପଦ ପଂକଜ ସେଵିତ ସଂଭୁ ଉମା ॥**
**ନୃପନାୟକ ଦେ ବରଦାନମିଦଂ । ଚରନାଂବୁଜ ପ୍ରେମୁ ସଦା ସୁଭଦଂ ॥ ୧୧ ॥**

ଆପଣ ଦୁଷ୍ଟଦଳନକାରୀ ଏବଂ ପୃଥିବୀର ରମଣୀୟ ଆଭୂଷଣ । ଆପଣଙ୍କ ଚରଣକମଳ ଶିବପାର୍ବତୀଙ୍କ ଦ୍ୱାରା ସେବିତ । ହେ ରାଜାଧିରାଜ ! ଆପଣଙ୍କ ଚରଣକମଳରେ ମୋର ଯେପରି ସଦା ଅନନ୍ୟ ପ୍ରେମ ରହିବ, ମୋତେ ସେହି ବର ଦିଅନ୍ତୁ ।'' ॥ ୧୧ ॥

ଦୋ:- **ବିନୟ କୀହ୍ନି ଚତୁରାନନ ପ୍ରେମ ପୁଲକ ଅତି ଗାତ ।**
**ସୋଭାସିଂଧୁ ବିଲୋକତ ଲୋଚନ ନହୀଁ ଅଘାତ ॥ ୧୧୧ ॥**

ବ୍ରହ୍ମା ଅତ୍ୟନ୍ତ ପ୍ରେମପୁଲକିତ ଶରୀରରେ ପ୍ରଭୁଙ୍କୁ ଏହିପରି ବିନତି ଜଣାଇଲେ । ଶୋଭାର ସାଗର ଶ୍ରୀରାମଙ୍କୁ ଯେତେ ଦର୍ଶନ କଲେ ବି ତାଙ୍କ ନୟନ ତୃପ୍ତ ହେଉ ନ ଥାଏ ॥ ୧୧୧ ॥

**ତେହି ଅୱସର ଦସରଥ ତହଁ ଆଏ । ତନୟ ବିଲୋକି ନୟନ ଜଲ ଛାଏ ॥**
**ଅନୁଜ ସହିତ ପ୍ରଭୁ ବଂଦନ କୀହ୍ନା । ଆସିରବାଦ ପିତାଁ ତବ ଦୀହ୍ନା ॥ ୧ ॥**

ସେତିକିବେଳେ ଦଶରଥ ଦେବଲୋକରୁ ସେଠାକୁ ଆସିଗଲେ । ପୁତ୍ର ଶ୍ରୀରାମଙ୍କୁ ଦେଖି ତାଙ୍କ ନେତ୍ରଯୁଗଳ ଅଶ୍ରୁଛଳ-ଛଳ ହୋଇଗଲା । ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ତାଙ୍କୁ ବନ୍ଦନା କଲେ ଏବଂ ପିତା ସେମାନଙ୍କୁ ଆଶୀର୍ବାଦ ଦେଲେ ॥ ୧ ॥

**ତାତ ସକଲ ତୱ ପୁଣ୍ୟ ପ୍ରଭାଊ । ଜୀତ୍ୟୋଁ ଅଜୟ ନିସାଚର ରାଊ ॥**
**ସୁନି ସୁତ ବଚନ ପ୍ରୀତି ଅତି ବାଢ଼ୀ । ନୟନ ସଲିଲ ରୋମାୱଲି ଠାଢ଼ୀ ॥ ୨ ॥**

ଶ୍ରୀରାମ କହିଲେ, ''ପିତା ! ଆପଣଙ୍କ ପୁଣ୍ୟପ୍ରଭାବରୁ ହିଁ ଆମେ ଏହି ଅଜେୟ ରାକ୍ଷସରାଜକୁ ଜିତିପାରିଲୁ ।'' ପୁତ୍ରର ବଚନ ଶୁଣି ଦଶରଥଙ୍କ ହୃଦୟରେ ପ୍ରୀତି ଉଚ୍ଛୁଳିଆସିଲା । ତାଙ୍କ ନୟନ ଅଶ୍ରୁରେ ଭରିଗଲା ଏବଂ ଶରୀର ରୋମାଞ୍ଚିତ ହୋଇଉଠିଲା ॥ ୨ ॥

**ରଘୁପତି ପ୍ରଥମ ପ୍ରେମ ଅନୁମାନା । ଚିତଇ ପିତହି ଦୀହ୍ନେଉ ଦୃଢ଼ ଗ୍ୟାନା ॥**
**ତାତେ ଉମା ମୋଚ୍ଛ ନହିଁ ପାୟୋ । ଦଶରଥ ଭେଦ ଭଗତି ମନ ଲାୟୋ ॥ ୩ ॥**

ଶ୍ରୀରାମ ପିତାଙ୍କ ପୂର୍ବ(ଜୀବିତ କାଳର)ପ୍ରୀତିକୁ ସ୍ମରଣ କରି ପିତାଙ୍କ ଆଡ଼କୁ ଚାହିଁଲେ ଏବଂ ତାଙ୍କ ଭିତରେ ନିଜର ପ୍ରକୃତ ଭଗବତ୍‌ସ୍ୱରୂପର ଦୃଢ଼ ଜ୍ଞାନ ଉପୁଜାଇଦେଲେ । [ଶିବ କହିଲେ,] ହେ ଉମା ! ଦଶରଥ ଭେଦଭକ୍ତିରେ ନିଜର ମନ ଲଗାଇଥିଲେ; ତେଣୁ ସେ ମୋକ୍ଷ (କୈବଲ୍ୟ) ପାଇଲେ ନାହିଁ ॥ ୩ ॥

**ସଗୁନୋପାସକ ମୋଚ୍ଛ ନ ଲେହୀଁ । ତିହ୍ନ କହୁଁ ରାମ ଭଗତି ନିଜ ଦେହୀଁ ॥**
**ବାର ବାର କରି ପ୍ରଭୁହି ପ୍ରନାମା । ଦସରଥ ହରଷି ଗଏ ସୁରଧାମା ॥ ୪ ॥**

ଯେଉଁମାନେ ଏହିପରି ମାୟାରହିତ ସଚ୍ଚିଦାନନ୍ଦମୟ ସ୍ୱରୂପଭୂତ ଦିବ୍ୟ ସଗୁଣସ୍ୱରୂପର ଉପାସନା କରନ୍ତି, ସେହି ଭକ୍ତମାନେ ଏପରି ମୋକ୍ଷ ସୁଦ୍ଧା ନିଅନ୍ତି ନାହିଁ । ସେମାନଙ୍କୁ ଶ୍ରୀରାମ ନିଜର ଭକ୍ତି ପ୍ରଦାନ କରନ୍ତି । ପ୍ରଭୁଙ୍କୁ [ଇଷ୍ଟବୁଦ୍ଧିରେ] ବାରମ୍ବାର ପ୍ରଣାମ କରି ଦଶରଥ ହର୍ଷିତ ଚିତ୍ତରେ ଦେବଲୋକକୁ ଗମନ କଲେ ॥ ୪ ॥

ଦୋ:- **ଅନୁଜ ଜାନକୀ ସହିତ ପ୍ରଭୁ କୁସଲ କୋସଲାଧୀସ ।**
**ସୋଭା ଦେଖି ହରଷି ମନ ଅସ୍ତୁତି କର ସୁର ଈସ ॥ ୧୧୨ ॥**

ଅନୁଜ ଲକ୍ଷ୍ମଣ ଓ ଜାନକୀଙ୍କ ସହିତ ବିରାଜମାନ ପରମକୁଶଳ ପ୍ରଭୁ କୋଶଳାଧୀଶଙ୍କ ଶୋଭା ଦେଖି ଦେବରାଜ ଇନ୍ଦ୍ର ଆସି ଆନନ୍ଦର ସହିତ ସ୍ତୁତି କଲେ, ॥ ୧୧୨ ॥

ଛନ୍ଦ- ଜୟ ରାମ ସୋଭା ଧାମ । ଦାୟକ ପ୍ରନତ ବିଶ୍ରାମ ॥
ଧୃତ ତ୍ରୋନ ବର ସର ଚ୍ପ । ଭୁଜଦଂଡ ପ୍ରବଲ ପ୍ରତାପ ॥ ୧ ॥

"ଶୋଭାର ଧାମ, ଶରଣାଗତର ଆଶ୍ରୟ, ଶ୍ରେଷ୍ଠ ତୂଣୀର, ଧନୁ ଓ ବାଣ ଧରିଥିବା ବଳୀୟାରଭୁଜ ଶ୍ରୀରାମଙ୍କର ଜୟ ହେଉ ॥ ୧ ॥

ଜୟ ଦୂଷନାରି ଖରାରି । ମର୍ଦନ ନିସାଚର ଧାରି ॥
ୟହ ଦୁଷ୍ଟ ମାରେଉ ନାଥ । ଭଏ ଦେୱ ସକଲ ସନାଥ ॥ ୨ ॥

ହେ ଖରଦୂଷଣର ଶତ୍ରୁ ଓ ରାକ୍ଷସସେନାର ମର୍ଦକ ! ଆପଣଙ୍କର ଜୟ ହେଉ । ହେ ନାଥ ! ଆପଣ ଏହି ଦୁଷ୍ଟକୁ ମାରିଦେବାରୁ ସକଳ ଦେବତା ସନାଥ (ସୁରକ୍ଷିତ) ହୋଇଗଲେ ॥ ୨ ॥

ଜୟ ହରନ ଧରନୀ ଭାର । ମହିମା ଉଦାର ଅପାର ॥
ଜୟ ରାୱନାରି କୃପାଲ । କିଏ ଜାତୁଧାନ ବିହାଲ ॥ ୩ ॥

ହେ ଭୂଭାରହରଣକାରୀ ! ହେ ଅପାର-ଉଦାର-ମହିମ ! ଆପଣଙ୍କର ଜୟ ହେଉ । ହେ ରାବଣାରି ! ହେ କୃପାଳୁ ! ଆପଣଙ୍କର ଜୟ ହେଉ । ଆପଣ ରାକ୍ଷସମାନଙ୍କୁ ସଂହାର କରିଦେଲେ ॥ ୩ ॥

ଲଂକେସ ଅତି ବଲ ଗର୍ବ । କିଏ ବସ୍ୟ ସୁର ଗଂଧର୍ବ ॥
ମୁନି ସିଦ୍ଧ ନର ଖଗ ନାଗ । ହଠି ପଂଥ ସବ କେଁ ଲାଗ ॥ ୪ ॥

ଲଙ୍କାପତି ରାବଣ ଅତ୍ୟନ୍ତ ଗର୍ବୀ ଥିଲା । ସେ ଦେବତା, ଗନ୍ଧର୍ବ ପ୍ରଭୃତିଙ୍କୁ ବଶ କରି ରଖିଥିଲା ଏବଂ ଜିଦ୍ ଧରି ମୁନି, ସିଦ୍ଧ, ମନୁଷ୍ୟ, ପକ୍ଷୀ ଓ ନାଗ ଆଦି ସମସ୍ତଙ୍କ ବିରୁଦ୍ଧରେ ଶତ୍ରୁତା କରୁଥିଲା ॥ ୪ ॥

ପରଦ୍ରୋହ ରତ ଅତି ଦୁଷ୍ଟ । ପାୟୋ ସୋ ଫଲୁ ପାପିଷ୍ଟ ॥
ଅବ ସୁନହୁ ଦୀନ ଦୟାଲ । ରାଜୀୱ ନୟନ ବିସାଲ ॥ ୫ ॥

ସେ ଥିଲା ପରଦ୍ରୋହରେ ତତ୍ପର ଓ ଅତ୍ୟନ୍ତ ଦୁଷ୍ଟ । ସେହି ପାପୀ ଉପଯୁକ୍ତ ଫଳ ପାଇଗଲା । ହେ ଦୀନଦୟାଳୁ ! ହେ କମଳନୟନ ! ବର୍ତ୍ତମାନ ଶୁଣନ୍ତୁ, ॥ ୫ ॥

ମୋହି ରହା ଅତି ଅଭିମାନ । ନହିଁ କୋଉ ମୋହି ସମାନ ॥
ଅବ ଦେଖି ପ୍ରଭୁ ପଦ କଂଜ । ଗତ ମାନ ପ୍ରଦ ଦୁଖ ପୁଂଜ ॥ ୬ ॥

ମୋର ଅତ୍ୟନ୍ତ ଅଭିମାନ ଥିଲା ଯେ, ମୋ ପରି ଆଉ କେହି ନାହିଁ; କିନ୍ତୁ ହେ ପ୍ରଭୁ ! ଆପଣଙ୍କ ଚରଣକମଳ ଦର୍ଶନ କରିବା ପରେ ମୋତେ ଦୁଃଖ ଦେଉଥିବା ସେହି ଅଭିମାନ ଦୂର ହୋଇଗଲା ॥ ୬ ॥

କୋଉ ବ୍ରହ୍ମ ନିର୍ଗୁନ ଧ୍ୟାୱ । ଅବ୍ୟକ୍ତ ଜେହି ଶ୍ରୁତି ଗାୱ ॥
ମୋହି ଭାୱ କୋସଲ ଭୂପ । ଶ୍ରୀରାମ ସଗୁନ ସରୂପ ॥ ୭ ॥

ବେଦଗଣ ଯାହାଙ୍କୁ ଅବ୍ୟକ୍ତ (ନିରାକାର) ବୋଲି କହନ୍ତି, ସେହି ନିର୍ଗୁଣ ବ୍ରହ୍ମକୁ କେହି କେହି ଧ୍ୟାନ କରନ୍ତି ; କିନ୍ତୁ ପ୍ରଭୁ ! ମୋତେ ତ ଆପଣଙ୍କର ଏହି ସଗୁଣ କୋଶଳରାଜ-ସ୍ୱରୂପହିଁ ପ୍ରିୟ ଲାଗୁଛି ॥ ୭ ॥

ବୈଦେହି ଅନୁଜ ସମେତ । ମମ ହୃଦୟଁ କରହୁ ନିକେତ ॥
ମୋହି ଜାନିଐ ନିଜ ଦାସ । ଦେ ଭକ୍ତି ରମାନିୱାସ ॥ ୮ ॥

ମାତା ଜାନକୀ ଏବଂ ଅନୁଜ ଲକ୍ଷ୍ମଣଙ୍କ ସହିତ ଆପଣ ମୋ ହୃଦୟକୁ ନିଜର ନିବାସ ସ୍ଥାନ କରିଦିଅନ୍ତୁ । ହେ ରମାନିବାସ ! ମୋତେ ନିଜର ଦାସ ବୋଲି ଜାଣି ଆପଣଙ୍କ ଚରଣରେ ଭକ୍ତି ପ୍ରଦାନ କରନ୍ତୁ ॥ ୮ ॥

**ଛନ୍ଦ- ଦେ ଭକ୍ତି ରମାନିଓ୍ୱାସ ତ୍ରାସ ହରନ ସରନ ସୁଖଦାୟକଂ ।**
**ସୁଖ ଧାମ ରାମ ନମାମି କାମ ଅନେକ ଛବି ରଘୁନାୟକଂ ॥**
**ସୁର ବୃଂଦ ରଂଜନ ଦ୍ୱଂଦ ଭଂଜନ ମନୁଜତନୁ ଅତୁଲିତବଲଂ ।**
**ବ୍ରହ୍ମାଦି ସଂକର ସେବ୍ୟ ରାମ ନମାମି କରୁନା କୋମଲଂ ॥**

ହେ ରମାନିବାସ ! ହେ ଶରଣାଗତର ଭୟହାରୀ ଓ ସକଳସୁଖଦାତା ! ମୋତେ ଆପଣଙ୍କର ଭକ୍ତି ପ୍ରଦାନ କରନ୍ତୁ । ହେ ସୁଖଧାମ ! ହେ ଅନେକ କାମଦେବଙ୍କ ଛବିଧାରୀ ରଘୁକୁଳସ୍ୱାମୀ ଶ୍ରୀରାମ ! ମୁଁ ଆପଣଙ୍କୁ ନମସ୍କାର କରୁଛି । ହେ ଦେବଗଣଙ୍କ ଆନନ୍ଦଦାତା ! ହେ ଜନ୍ମ-ମୃତ୍ୟୁ, ହର୍ଷ-ବିଷାଦ, ସୁଖ-ଦୁଃଖାଦି ଦ୍ୱନ୍ଦ୍ୱର ନାଶକାରୀ, ମନୁଷ୍ୟଶରୀରଧାରୀ, ଅତୁଳନୀୟବଳଶାଳୀ, ବ୍ରହ୍ମାଶିବାଦିସେବ୍ୟ, କରୁଣାମୂର୍ତ୍ତି ଶ୍ରୀରାମ ! ମୁଁ ଆପଣଙ୍କୁ ନମସ୍କାର କରୁଛି ॥

**ଦୋଃ- ଅବ କରି କୃପା ବିଲୋକି ମୋହି ଆୟସୁ ଦେହୁ କୃପାଲ ।**
**କାହ କରୌଁ ସୁନି ପ୍ରିୟ ବଚନ ବୋଲେ ଦୀନଦୟାଲ ॥ ୧୧୩ ॥**

ହେ କୃପାଳୁ ! ବର୍ତ୍ତମାନ ମୋ ପ୍ରତି ଟିକିଏ କୃପାଦୃଷ୍ଟି ପକାଇ ମୋତେ କିଛି ସେବାର ଅବସର ପ୍ରଦାନ କରନ୍ତୁ ।'' ଇନ୍ଦ୍ରଙ୍କର ଏହି ପ୍ରିୟ ବଚନ ଶୁଣି ଦୀନଦୟାଳୁ ଶ୍ରୀରାମ କହିଲେ, ॥ ୧୧୩ ॥

**ସୁନୁ ସୁରପତି କପି ଭାଲୁ ହମାରେ । ପରେ ଭୂମି ନିସିଚରହ୍ନି ଜେ ମାରେ ॥**
**ମମ ହିତ ଲାଗି ତଜେ ଇହ୍ନ ପ୍ରାନା । ସକଲ ଜିଆଉ ସୁରେସ ସୁଜାନା ॥ ୧ ॥**

ହେ ଦେବରାଜ ! ଶୁଣ; ନିଶାଚରମାନେ ମାରିଦେଇଥିବା ଆମ ବାନର-ଭଲ୍ଲୁକମାନେ ରଣଭୂମିରେ ପଡ଼ିଛନ୍ତି । ସେମାନେ ମୋର ହିତପାଇଁ ନିଜ ପ୍ରାଣ ବିସର୍ଜନ କରିଦେଇଛନ୍ତି । ହେ ସୁଜ୍ଞ ଦେବରାଜ ! ସମସ୍ତଙ୍କୁ ବଞ୍ଚାଇଦିଅ ।'' ॥ ୧ ॥

**ସୁନୁ ଖଗେସ ପ୍ରଭୁ କୈ ୟହ ବାନୀ । ଅତି ଅଗାଧ ଜାନହିଁ ମୁନି ଗ୍ୟାନୀ ॥**
**ପ୍ରଭୁ ସକ ତ୍ରିଭୁଅନ ମାରି ଜିଆଇ । କେଓ୍ୱଲ ସକ୍ରହି ଦୀହ୍ନି ବଡ଼ାଈ ॥ ୨ ॥**

[କାକଭୁଶୁଣ୍ଡି କହିଲେ,] ହେ ଗରୁଡ଼ ! ଶୁଣନ୍ତୁ ; ପ୍ରଭୁଙ୍କର ଏହି ବଚନ ଥିଲା ଅତ୍ୟନ୍ତ ଗୂଢ଼ । କେବଳ ଜ୍ଞାନୀ ମୁନିମାନେ ଏହାର ରହସ୍ୟ ଜାଣିପାରିବେ । ପ୍ରଭୁ ଶ୍ରୀରାମ ତିନିଲୋକଯାକ ମାରି ପୁଣି ଜୀବନପ୍ରଦାନ କରିବାରେ ସମର୍ଥ । ଏଠାରେ ସେ କେବଳ ଇନ୍ଦ୍ରଙ୍କୁ ଟିକିଏ ଗୌରବ ଦେବାକୁ ଏପରି କହିଲେ ।॥ ୨ ॥

**ସୁଧା ବରଷି କପି ଭାଲୁ ଜିଆଏ । ହରଷି ଉଠେ ସବ ପ୍ରଭୁ ପହିଁ ଆଏ ॥**
**ସୁଧାବୃଷ୍ଟି ଭୈ ଦୁହୁ ଦଲ ଉପର । ଜିଏ ଭାଲୁ କପି ନହିଁ ରଜନୀଚର ॥ ୩ ॥**

ଇନ୍ଦ୍ର ଅମୃତ ବୃଷ୍ଟି କରି ବାନର-ଭଲ୍ଲୁକମାନଙ୍କୁ ବଞ୍ଚାଇଦେଲେ । ସେମାନେ ସମସ୍ତେ ହର୍ଷିତ ହୋଇ ପ୍ରଭୁଙ୍କ ନିକଟକୁ ଚ୍ଲିଆସିଲେ । ଅମୃତବର୍ଷା ଉଭୟ ଦଳ ଉପରେ ହେଲା; କିନ୍ତୁ କେବଳ ଭାଲୁ ଓ ବାନରମାନେହିଁ ଜୀବନ ପାଇଲେ; ରାକ୍ଷସମାନେ ଜୀବନ ପାଇଲେ ନାହିଁ ॥ ୩ ॥

**ରାମାକାର ଭଏ ତିହ୍ନ କେ ମନ । ମୁକ୍ତ ଭଏ ଛୂଟେ ଭଓ୍ୱ ବଂଧନ ॥**
**ସୁର ଅଂସିକ ସବ କପି ଅରୁ ରୀଛା । ଜିଏ ସକଲ ରଘୁପତି କୀଁ ଈଛା ॥ ୪ ॥**

କାରଣ, ରାକ୍ଷସମାନଙ୍କର ମନ ତ ମରିବା ସମୟରେ ରାମାକାର ହୋଇଯାଇଥିଲା; ତେଣୁ ସେମାନେ ମୁକ୍ତ ହୋଇଗଲେ; ସେମାନଙ୍କର ଭବବନ୍ଧନ ତୁଟିଗଲା । କିନ୍ତୁ ବାନର ଓ ଭାଲୁମାନେ ତ ସମସ୍ତେ ଦେବାଂଶ (ଭଗବାନଙ୍କର ଲୀଳାପରିକର) ଥିଲେ; ତେଣୁ ସେମାନେ ସମସ୍ତେ ଶ୍ରୀରଘୁନାଥଙ୍କ ଇଚ୍ଛାକ୍ରମେ ଜୀବିତ ହୋଇଗଲେ ॥ ୪ ॥

**ରାମ ସରିସ କୋ ଦୀନ ହିତକାରୀ । କୀହ୍ନେ ମୁକୁତ ନିସାଚର ଝାରୀ ॥**
**ଖଲ ମଲ ଧାମ କାମରତ ରାୱନ । ଗତି ପାଈ ଜୋ ମୁନିବର ପାୱ ନ ॥ ୫ ॥**

ଯେଉଁ ରାମ ସମସ୍ତ ରାକ୍ଷସଙ୍କୁ ମୁକ୍ତ କରିଦେଲେ, ଯାହାଙ୍କ କୃପାରୁ ଦୁଷ୍ଟ, ପାପରାଶି ଓ କାମୁକ ରାବଣ ମଧ୍ୟ ମୁନିମାନେ ପାଇପାରୁ ନ ଥିବା ଶ୍ରେଷ୍ଠ ଗତି ପାଇଗଲା, ସେପରି ପ୍ରଭୁ ଶ୍ରୀରାମଙ୍କ ପରି ଦୀନବନ୍ଧୁ ଆଉ କିଏ ଅଛି !॥ ୫ ॥

ଦୋ:- **ସୁମନ ବରଷି ସବ ସୁର ଚଲେ ଚଢ଼ି ଚଢ଼ି ରୁଚିର ବିମାନ ।**
**ଦେଖି ସୁଅୱସର ପ୍ରଭୁ ପହିଁ ଆୟଉ ସଂଭୁ ସୁଜାନ ॥୧୧୪(କ)॥**

ପୁଷ୍ପବୃଷ୍ଟି କରି, ସୁନ୍ଦର ବିମାନରେ ଚଢ଼ି ଦେବତାମାନେ ନିଜ ନିଜ ସ୍ଥାନକୁ ଚାଲିଗଲେ । ଏହା ଏକ ସୁନ୍ଦର ଅବସର ବୋଲି ଜାଣି ମହାମତି ଶିବ ପ୍ରଭୁ ଶ୍ରୀରାମଙ୍କ ନିକଟକୁ ଆସିଲେ ॥ ୧୧୪(କ) ॥

**ପରମ ପ୍ରୀତି କର ଜୋରି ଜୁଗ ନଲିନ ନୟନ ଭରି ବାରି ।**
**ପୁଲକିତ ତନ ଗଦଗଦ ଗିରାଁ ବିନୟ କରତ ତ୍ରିପୁରାରି ॥୧୧୪(ଖ)॥**

ଏବଂ ପରମପ୍ରେମର ସହିତ ଦୁଇ କର ଯୋଡ଼ି, ଅଶ୍ରୁପୂରିତ କମଳନୟନରେ, ପୁଲକିତଶରୀର ହୋଇ ଗଦ୍‌ଗଦ କଣ୍ଠରେ ତ୍ରିପୁରାରି ଶିବ ବିନତି କଲେ– ॥ ୧୧୪(ଖ) ॥

ଛନ୍ଦ- **ମାମଭିରକ୍ଷୟ ରଘୁକୁଲ ନାୟକ । ଧୃତ ବର ଚାପ ରୁଚିର କର ସାୟକ ॥**
**ମୋହ ମହା ଘନ ପଟଲ ପ୍ରଭଂଜନ । ସଂସୟ ବିପିନ ଅନଲ ସୁର ରଂଜନ ॥ ୧ ॥**

ହେ ରଘୁକୁଳ ପତି ! ନିଜର ସୁନ୍ଦର ହସ୍ତଦ୍ୱୟରେ ଶ୍ରେଷ୍ଠ ଧନୁ ଓ ସୁନ୍ଦର ବାଣ ଧାରଣ କରି ଆପଣ ମୋତେ ରକ୍ଷା କରନ୍ତୁ । ଆପଣ ହେଉଛନ୍ତି ମହାମୋହରୂପୀ ମେଘମାଳାକୁ ଉଡ଼ାଇଦେବା ନିମନ୍ତେ ପ୍ରଚଣ୍ଡ ପବନସଦୃଶ । ଆପଣ ସଂଶୟରୂପୀ ବନକୁ [ଭସ୍ମ କରିଦେବା ନିମନ୍ତେ] ଅଗ୍ନି ଏବଂ ଦେବତାମାନଙ୍କର ଆନନ୍ଦଦାତା ॥ ୧ ॥

**ଅଗୁନ ସଗୁନ ଗୁନ ମଂଦିର ସୁଂଦର । ଭ୍ରମ ତମ ପ୍ରବଲ ପ୍ରତାପ ଦିୱାକର ॥**
**କାମ କ୍ରୋଧ ମଦ ଗଜ ପଂଚାନନ । ବସହୁ ନିରଂତର ଜନ ମନ କାନନ ॥ ୨ ॥**

ଆପଣ ନିର୍ଗୁଣ, ସଗୁଣ, ଦିବ୍ୟଗୁଣର ଧାମ ଏବଂ ପରମସୁନ୍ଦର । ଆପଣ ହେଉଛନ୍ତି ଭ୍ରମରୂପୀ ଅନ୍ଧକାରକୁ ନାଶ କରିଦେବାରେ ପ୍ରବଳ ପ୍ରତାପୀ ସୂର୍ଯ୍ୟ । କାମ, କ୍ରୋଧ ଓ ମଦରୂପୀ ହସ୍ତୀମାନଙ୍କର ବିନାଶନିମନ୍ତେ ଆପଣ ସିଂହସମାନ । ଆପଣ ଏହି ସେବକର ମନରୂପୀ ବନରେ ନିରନ୍ତର ନିବାସ କରନ୍ତୁ ॥ ୨ ॥

**ବିଷୟ ମନୋରଥ ପୁଂଜ କଂଜ ବନ । ପ୍ରବଲ ତୁଷାର ଉଦାର ପାର ମନ ॥**
**ଭୱ ବାରିଧି ମଂଦର ପରମଂ ଦର । ବାରୟ ତାରୟ ସଂସୃତି ଦୁସ୍ତର ॥ ୩ ॥**

ଆପଣ ହେଉଛନ୍ତି ବିଷୟବାସନାସମୂହରୂପୀ କମଳବନର ବିନାଶନିମନ୍ତେ ପ୍ରବଳ ତୁଷାର । ଆପଣ

ଉଦାର ଓ ମନର ଅତୀତ । ଭବସାଗରକୁ ମନ୍ଥନ କରିବାରେ ଆପଣ ହେଉଛନ୍ତି ମନ୍ଦରପର୍ବତ । ଆପଣ ମୋର ପରମଭୟ ଦୂର କରନ୍ତୁ ଓ ମୋତେ ଦୁସ୍ତର ସଂସାରସାଗରରୁ ପାର କରନ୍ତୁ ॥ ୩ ॥

**ସ୍ୟାମ ଗାତ ରାଜୀଓ୍ୱ ବିଲୋଚନ । ଦୀନ ବଂଧୁ ପ୍ରନତାରତି ମୋଚନ ॥**
**ଅନୁଜ ଜାନକୀ ସହିତ ନିରଂତର । ବସହୁ ରାମ ନୃପ ମମ ଉର ଅଂତର ॥ ୪ ॥**
**ମୁନି ରଂଜନ ମହି ମଂଡଲ ମଂଡନ । ତୁଲସିଦାସ ପ୍ରଭୁ ତ୍ରାସ ବିଖଂଡନ ॥ ୫ ॥**

ହେ ଶ୍ୟାମସୁନ୍ଦର ! ହେ କମଳନୟନ ! ହେ ଦୀନବନ୍ଧୁ ! ହେ ଶରଣାଗତଦୁଃଖହାରୀ ! ହେ ରାଜା ରାମ ! ଆପଣ ଅନୁଜ ଲକ୍ଷ୍ମଣ ଓ ଜାନକୀଙ୍କ ସହିତ ନିରନ୍ତର ମୋ ହୃଦୟରେ ନିବାସ କରନ୍ତୁ । ଆପଣ ହେଉଛନ୍ତି ମୁନିଜନଙ୍କର ଆନନ୍ଦଦାତା, ମହୀମଣ୍ଡଳର ଭୂଷଣ, ତୁଳସୀଦାସର ପ୍ରଭୁ ଓ ସର୍ବଭୟହର ॥ ୪, ୫ ॥

ଦୋଃ- **ନାଥ ଜବହିଁ କୋସଲପୁରୀଁ ହୋଇହି ତିଲକ ତୁହ୍ମାର ।**
**କୃପାସିଂଧୁ ମୈଁ ଆଉବ ଦେଖନ ଚରିତ ଉଦାର ॥ ୧୧୫ ॥**

ହେ ନାଥ ! ହେ କୃପାସାଗର ! ଅଯୋଧ୍ୟାପୁରୀରେ ଆପଣଙ୍କ ରାଜତିଳକ ହେବାବେଳେ ମୁଁ ଆପଣଙ୍କ ଉଦାର ଲୀଳା ଦେଖିବାକୁ ଆସିବି ॥ ୧୧୫ ॥

**କରି ବିନତୀ ଜବ ସଂଭୁ ସିଧାଏ । ତବ ପ୍ରଭୁ ନିକଟ ବିଭୀଷନୁ ଆଏ ॥**
**ନାଇ ଚରନ ସିରୁ କହ ମୃଦୁ ବାନୀ । ବିନୟ ସୁନହୁ ପ୍ରଭୁ ସାରଁଗପାନୀ ॥ ୧ ॥**

ବିନତି କରିସାରି ଶିବ ଗ୍ଲଲିଯିବା ପରେ ବିଭୀଷଣ ଆସି, ପ୍ରଭୁଙ୍କ ପାଦରେ ପ୍ରଣାମ କରି କୋମଳ କଣ୍ଠରେ କହିଲେ, ''ହେ ପ୍ରଭୁ ଶାର୍ଙ୍ଗପାଣି ! ମୋର ବିନତି ଶୁଣନ୍ତୁ ॥ ୧ ॥

**ସକୁଲ ସଦଲ ପ୍ରଭୁ ରାଓ୍ୱନ ମାର୍ୟୋ । ପାଓ୍ୱନ ଜସ ତ୍ରିଭୁଓ୍ୱନ ବିସ୍ତାର୍ୟୋ ॥**
**ଦୀନ ମଲୀନ ହୀନ ମତି ଜାତୀ । ମୋ ପର କୃପା କୀହ୍ନି ବହୁ ଭାଁତୀ ॥ ୨ ॥**

ଆପଣ କୁଟୁମ୍ବ ଓ ଦଳବଳ ସମେତ ରାବଣକୁ ବଧ କଲେ ; ତ୍ରିଭୁବନରେ ନିଜର ପବିତ୍ର ଯଶ ବିସ୍ତାର କଲେ ଏବଂ ମୋ ପରି ଦୀନ, ପାପୀ, ବୁଦ୍ଧିହୀନ ଓ ହୀନଜାତି ଉପରେ ଅସୀମ କୃପା କଲେ ॥ ୨ ॥

**ଅବ ଜନ ଗୃହ ପୁନୀତ ପ୍ରଭୁ କୀଜେ । ମଜ୍ଜନୁ କରିଅ ସମର ଶ୍ରମ ଛୀଜେ ॥**
**ଦେଖି କୋସ ମଂଦିର ସଂପଦା । ଦେହୁ କୃପାଲ କପିହ୍ନ କହୁଁ ମୁଦା ॥ ୩ ॥**

ହେ ପ୍ରଭୁ ! ଏହି ଦାସର ଗୃହକୁ ଟିକିଏ ପବିତ୍ର କରନ୍ତୁ; ଗ୍ଲଲନ୍ତୁ ସ୍ନାନ କରିବେ; ସ୍ନାନ କଲେ ଯୁଦ୍ଧକ୍ଳାନ୍ତି ଦୂର ହୋଇଯିବ । ହେ କୃପାଳୁ ! ରାଜକୋଷ, ନବର ଓ ସମ୍ପତ୍ତି ନିରୀକ୍ଷଣ କରି, ପ୍ରସନ୍ନ ଚିତ୍ତରେ ସେସବୁକୁ ବାନରମାନଙ୍କୁ ବିତରଣ କରି ସେମାନଙ୍କୁ ସମ୍ମାନିତ କରନ୍ତୁ ॥ ୩ ॥

**ସବ ବିଧି ନାଥ ମୋହି ଅପନାଇଅ । ପୁନି ମୋହି ସହିତ ଅଓ୍ୱଧପୁର ଜାଇଅ ॥**
**ସୁନତ ବଚନ ମୃଦୁ ଦୀନଦୟାଲା । ସଜଲ ଭଏ ଦ୍ୱୌ ନୟନ ବିସାଲା ॥ ୪ ॥**

ହେ ପ୍ରଭୁ ! ମୋତେ ସବୁପ୍ରକାରେ ଆପଣାର କରିନିଅନ୍ତୁ ଏବଂ ମୋତେ ସଙ୍ଗରେ ନେଇ ଅଯୋଧ୍ୟାପୁରୀ ଗ୍ଲଲନ୍ତୁ ।'' ବିଭୀଷଣଙ୍କ କୋମଳ ବଚନ ଶୁଣି ଦୀନଦୟାଳୁ ପ୍ରଭୁଙ୍କର ଦୁଇ ବିଶାଳ ନୟନରୁ ପ୍ରେମାଶ୍ରୁ ଝରିଆସିଲା ॥ ୪ ॥

ଦୋ:- **ତୋର କୋସ ଗୃହ ମୋର ସବ ସତ୍ୟ ବଚନ ସୁନୁ ଭ୍ରାତ ।**
**ଭରତ ଦସା ସୁମିରତ ମୋହି ନିମିଷ କଲ୍ପ ସମ ଜାତ ॥୧୧୬(କ)॥**

ଶ୍ରୀରାମ ପ୍ରେମାପ୍ଲୁତ ହୋଇ କହିଲେ, ''ହେ ଭାଇ ! ଶୁଣ; ତୁମ ରାଜକୋଷ ଓ ଗୃହସମ୍ପଦସବୁ ଯେ ମୋର, ସେଥିରେ ସନ୍ଦେହ ନାହିଁ । କିନ୍ତୁ ଭରତଙ୍କ କଥା ମନେ ପଡ଼ିଗଲେ ମୋର ଗୋଟିଏ ଗୋଟିଏ କ୍ଷଣ କଳ୍ପ ପରି ବିତୁଛି ॥ ୧୧୬(କ) ॥

**ତାପସ ବେଷ ଗାତ କୃସ ଜପତ ନିରଂତର ମୋହି ।**
**ଦେଖୌଁ ବେଗି ସୋ ଜତନୁ କରୁ ସଖା ନିହୋରଉଁ ତୋହି ॥୧୧୬(ଖ)॥**

ସେ ତପସ୍ୱୀବେଶରେ ଦୁର୍ବଳଶରୀରରେ ନିରନ୍ତର ମୋର ନାମ ଜପ କରୁଛନ୍ତି । ହେ ସଖା ! ମୁଁ ତୁମକୁ ନେହୁରା ହୋଇ କହୁଛି, ମୁଁ ଯେପରି ଶୀଘ୍ର ଯାଇ ତାଙ୍କୁ ଦେଖିପାରିବି, ସେହି ଉପାୟ କର ॥ ୧୧୬(ଖ) ॥

**ବୀତେଁ ଅୱଧି ଜାଉଁ ଜୌଁ ଜିଅତ ନ ପାୱଉଁ ବୀର ।**
**ସୁମିରତ ଅନୁଜ ପ୍ରୀତି ପ୍ରଭୁ ପୁନି ପୁନି ପୁଲକ ସରୀର ॥୧୧୬(ଗ)॥**

''ମୁଁ ଯଦି ଚଉଦ ବର୍ଷର ଅବଧି ବିତିଯିବା ପରେ ଯିବି, ତେବେ ତ ମୁଁ ମୋ ଭାଇଙ୍କୁ ଆଉ ଜୀବିତ ଅବସ୍ଥାରେ ଦେଖିବାକୁ ପାଇବି ନାହିଁ ।'' ଅନୁଜ ଭରତଙ୍କ ପ୍ରୀତି କଥା ସ୍ମରଣ କରି ପ୍ରଭୁଙ୍କ ଶରୀର ବାରମ୍ବାର ପୁଲକିତ ହୋଇଉଠିଲା ॥ ୧୧୬(ଗ) ॥

**କରେହୁ କଲ୍ପ ଭରି ରାଜୁ ତୁମ୍ହ ମୋହି ସୁମିରେହୁ ମନ ମାହିଁ ।**
**ପୁନି ମମ ଧାମ ପାଇହହୁ ଜହାଁ ସଂତ ସବ ଜାହିଁ ॥୧୧୬(ଘ)॥**

ଶ୍ରୀରାମ ପୁଣି କହିଲେ, ''ହେ ବିଭୀଷଣ ! ତୁମେ ଗୋଟିଏ କଳ୍ପ ରାଜତ୍ୱ କରିବ । ମନରେ ନିରନ୍ତର ମୋତେ ସ୍ମରଣ କରୁଥାଅ । ଶେଷରେ ସବୁ ସାଧୁସନ୍ଥ ଯେଉଁ ଧାମକୁ ଯାଆନ୍ତି, ତୁମେ ମଧ୍ୟ ସେହି ଧାମକୁ ଯିବ ।'' ॥ ୧୧୬(ଘ) ॥

**ସୁନତ ବିଭୀଷନ ବଚନ ରାମ କେ । ହରଷି ଗହେ ପଦ କୃପାଧାମ କେ ॥**
**ବାନର ଭାଲୁ ସକଲ ହରଷାନେ । ଗହି ପ୍ରଭୁ ପଦ ଗୁନ ବିମଲ ବଖାନେ ॥ ୧ ॥**

ଶ୍ରୀରାମଙ୍କ ବଚନ ଶୁଣିବାକ୍ଷଣି ବିଭୀଷଣ ଅତି ଆନନ୍ଦରେ କୃପାନିଧାନ ପ୍ରଭୁଙ୍କ ଚରଣ ଧରି ପ୍ରଣାମ କଲେ । ସବୁ ଭଲ୍ଲୁକ ଓ ବାନର ଆନନ୍ଦିତ ହୋଇଗଲେ ଏବଂ ପ୍ରଭୁଙ୍କ ଚରଣ ଧରି ତାଙ୍କର ନିର୍ମଳ ଯଶ ଗାଇବାକୁ ଲାଗିଲେ ॥ ୧ ॥

**ବହୁରି ବିଭୀଷନ ଭୱନ ସିଧାୟୋ । ମନି ଗନ ବସନ ବିମାନ ଭରାୟୋ ॥**
**ଲୈ ପୁଷ୍ପକ ପ୍ରଭୁ ଆଗେଁ ରାଖା । ହଁସି କରି କୃପାସିଂଧୁ ତବ ଭାଷା ॥ ୨ ॥**

ତା'ପରେ ବିଭୀଷଣ ନଅରକୁ ଗଲେ ଏବଂ ପୁଷ୍ପକ ବିମାନରେ ବିଭିନ୍ନ ମଣି (ରତ୍ନ), ଅଳଙ୍କାର ଓ ବସ୍ତ୍ର ପରିପୂର୍ଣ୍ଣ କରି ଆଣି ପ୍ରଭୁଙ୍କ ସମ୍ମୁଖରେ ରଖିଦେଲେ । ତାହା ଦେଖି କୃପାସାଗର ଶ୍ରୀରାମ ହସ ହସ ହୋଇ କହିଲେ, ॥ ୨ ॥

**ଚଢ଼ି ବିମାନ ସୁନୁ ସଖା ବିଭୀଷନ । ଗଗନ ଜାଇ ବରଷହୁ ପଟ ଭୂଷନ ॥**
**ନଭ ପର ଜାଇ ବିଭୀଷନ ତବହୀ । ବରଷି ଦିଏ ମନି ଅଁବର ସବହୀ ॥ ୩ ॥**

''ସଖା ବିଭୀଷଣ ! ବିମାନରେ ବସି ଆକାଶକୁ ଚାଲିଯାଅ ଏବଂ ସେହିସବୁ ବସ୍ତ୍ର ଓ ମଣିମାଣିକ୍ୟାଦି ଅଳଙ୍କାର ଏଠାରେ ବୃଷ୍ଟି କର ।'' ପ୍ରଭୁଙ୍କ ଆଜ୍ଞା ଶୁଣି ବିଭୀଷଣ ଆକାଶମାର୍ଗକୁ ଉଠିଗଲେ ଏବଂ ସେଠାରୁ ସବୁ ମଣିମାଣିକ୍ୟ ଓ ବସ୍ତ୍ର ବୃଷ୍ଟି କଲେ ॥ ୩ ॥

**ଜୋଇ ଜୋଇ ମନ ଭାୱଇ ସୋଇ ଲେହୀଁ । ମନି ମୁଖ ମେଲି ଡାରି କପି ଦେହୀଁ ॥**
**ହଁସେ ରାମୁ ଶ୍ରୀ ଅନୁଜ ସମେତା । ପରମ କୌତୁକୀ କୃପା ନିକେତା ॥ ୪ ॥**

ସେସବୁ ତଳେ ପଡ଼ିବାରୁ ଯେଉଁ ବାନରକୁ ଯାହା ଭଲ ଲାଗିଲା, ସେ ତାହା ଉଠାଇନେଲା । ମଣିଗୁଡ଼ିକୁ ବାନରମାନେ ପାଟିରେ ପୂରାଇଦେଉଥାନ୍ତି । ଯେତେବେଳେ ଜାଣୁଥାନ୍ତି ଯେ, ତାହା ଖାଦ୍ୟପଦାର୍ଥ ନୁହେଁ, ତାହାକୁ ଥୁ ଥୁ କରି ପାଟିରୁ କାଢ଼ିପକାଉଥାନ୍ତି । ଏହି ଲୀଳା ଦେଖି ଜାନକୀ, ଲକ୍ଷ୍ମଣ ଓ ପରମବିନୋଦପ୍ରିୟ କୃପାଧାମ ଶ୍ରୀରାମ ହସୁଥାନ୍ତି ॥ ୪ ॥

ଦୋ:- **ମୁନି ଜେହି ଧ୍ୟାନ ନ ପାୱହିଁ ନେତି ନେତି କହ ବେଦ ।**
**କୃପାସିଂଧୁ ସୋଇ କପିହ୍ନ ସନ କରତ ଅନେକ ବିନୋଦ ॥୧୧୭(କ)॥**

ମୁନିଜନମାନେ ଯାହାଙ୍କୁ ଧ୍ୟାନରେ ସୁଦ୍ଧା ପାଆନ୍ତି ନାହିଁ, ବେଦମାନେ ଯାହାଙ୍କୁ ନେତି ନେତି କହି ବର୍ଣ୍ଣନା କରନ୍ତି, ସେହି କୃପାସାଗର ଶ୍ରୀରାମ ବାନରମାନଙ୍କ ସହିତ ନାନାପ୍ରକାର ବିନୋଦ କରୁଥାନ୍ତି ॥ ୧୧୭(କ) ॥

**ଉମା ଜୋଗ ଜପ ଦାନ ତପ ନାନା ମଖ ବ୍ରତ ନେମ ।**
**ରାମ କୃପା ନହିଁ କରହିଁ ତସି ଜସି ନିଷ୍କେୱଲ ପ୍ରେମ ॥୧୧୭(ଖ)॥**

[ଶିବ କହିଲେ,] ହେ ଉମା ! ଅନନ୍ୟ ପ୍ରେମ ବିନିମୟରେ ପ୍ରଭୁ ଶ୍ରୀରାମ ତାଙ୍କ ଭକ୍ତଙ୍କ ପ୍ରତି ଯେପରି କୃପା କରନ୍ତି, ନାନା ଯୋଗ, ଜପ, ଦାନ, ତପ, ଯଜ୍ଞ, ବ୍ରତ ଓ ନିୟମ ଆଦି ପାଳନ କଲେ ସୁଦ୍ଧା ସେ ସେପରି କୃପା କରନ୍ତି ନାହିଁ ॥ ୧୧୭(ଖ) ॥

**ଭାଲୁ କପିହ୍ନ ପଟ ଭୂଷନ ପାଏ । ପହିରି ପହିରି ରଘୁପତି ପହିଁ ଆଏ ॥**
**ନାନା ଜିନସ ଦେଖି ସବ କୀସା । ପୁନି ପୁନି ହଁସତ କୋସଲାଧୀସା ॥ ୧ ॥**

ଭାଲୁ ଓ ବାନରମାନେ ବସ୍ତ୍ରାଳଙ୍କାର ପାଇଲେ ଏବଂ ତାହାସବୁ ପିନ୍ଧି ଶ୍ରୀରଘୁନାଥଙ୍କ ପାଖକୁ ଆସିଲେ । ବାନରମାନଙ୍କୁ ଏପରି ବିବିଧ ବେଶରେ ଦେଖି କୋଶଳପତି ଶ୍ରୀରାମ ବାରମ୍ବାର ହସିଲେ ॥ ୧ ॥

**ଚିତଇ ସବହ୍ନି ପର କୀହ୍ନୀ ଦାୟା । ବୋଲେ ମୃଦୁଲ ବଚନ ରଘୁରାୟା ॥**
**ତୁହ୍ମରେଁ ବଲ ମୈଁ ରାୱନୁ ମାର୍ୟୋ । ତିଲକ ବିଭୀଷନ କହଁ ପୁନି ସାର୍ୟୋ ॥ ୨ ॥**

ଶ୍ରୀରଘୁନାଥ ସମସ୍ତଙ୍କୁ କୃପାଦୃଷ୍ଟିରେ ଦେଖି ସମସ୍ତଙ୍କୁ ଦୟା କଲେ ଏବଂ ମଧୁରଭାବରେ କହିଲେ, ''ଭାଇମାନେ ! ତୁମରି ବଳରେ ହିଁ ମୁଁ ରାବଣକୁ ମାରିଲି ଏବଂ ବିଭୀଷଣଙ୍କର ରାଜ୍ୟାଭିଷେକ କରାଇଲି ॥ ୨ ॥

**ନିଜ ନିଜ ଗୃହ ଅବ ତୁହ୍ମ ସବ ଜାହୂ । ସୁମିରେହୁ ମୋହି ଡରପହୁ ଜନି କାହୂ ॥**
**ସୁନତ ବଚନ ପ୍ରେମାକୁଲ ବାନର । ଜୋରି ପାନି ବୋଲେ ସବ ସାଦର ॥ ୩ ॥**

ବର୍ତ୍ତମାନ ତୁମେସବୁ ନିଜ ନିଜ ଘରକୁ ଯାଅ । ମୋତେ ସ୍ମରଣ କରୁଥିବ; କାହାକୁ ଭୟ କରିବ ନାହିଁ ।'' ଏକଥା ଶୁଣି, ବାନରମାନେ ପ୍ରେମରେ ବିହ୍ୱଳ ହୋଇଗଲେ ଏବଂ କର ଯୋଡ଼ି ଭକ୍ତିପୂର୍ବକ କହିଲେ— ॥ ୩ ॥

**ପ୍ରଭୁ ଜୋଇ କହହୁ ତୁହ୍ମହି ସବ ସୋହା । ହମରେଁ ହୋତ ବଚନ ସୁନି ମୋହା ॥**
**ଦୀନ ଜାନି କପି କିଏ ସନାଥା । ତୁହ୍ମ ତ୍ରୈଲୋକ ଈସ ରଘୁନାଥା ॥ ୪ ॥**

"ପ୍ରଭୋ ! ଆପଣ ଯାହାକିଛି କହିବେ, ତାହା ଆପଣଙ୍କୁ ଶୋଭା ପାଇବ। କିନ୍ତୁ ଆପଣଙ୍କ ଠାରୁ ଏଭଳି କଥା ଶୁଣି ଆମେ ମୋହରେ ପଡ଼ିଯାଉଛୁ । ହେ ରଘୁନାଥ ! ଆପଣ ତ୍ରିଭୁବନର ଈଶ୍ୱର । ଆମେ ବାନରଗୁଡ଼ାକ ଅନାଥ ବୋଲି ଜାଣି ଆପଣ ଆମକୁ ସନାଥ (କୃତାର୍ଥ) କରିଦେଇଛନ୍ତି ॥ ୪ ॥

**ସୁନି ପ୍ରଭୁ ବଚନ ଲାଜ ହମ ମରହୀଁ । ମସକ କହୂଁ ଖଗପତି ହିତ କରହୀଁ ॥**
**ଦେଖି ରାମ ରୁଖ ବାନର ରୀଛା । ପ୍ରେମ ମଗନ ନହିଁ ଗୃହ କୈ ଈଛା ॥ ୫ ॥**

ପ୍ରଭୁଙ୍କ (ଆପଣଙ୍କ) କଥା ଶୁଣି ଆମେ ଲାଜରେ ମରିଯାଉଛୁ । ମଶା କ'ଣ କେବେ ଗରୁଡ଼ଙ୍କ ଉପକାର କରିପାରେ ?" ଶ୍ରୀରାମଙ୍କ ମୁଖ ଦେଖି ଭଲ୍ଲୁକ-ବାନରମାନେ ପ୍ରେମମଗ୍ନ ହୋଇଗଲେ । ଘରକୁ ଫେରିଯିବାକୁ ସେମାନଙ୍କର ଇଚ୍ଛା ହେଲା ନାହିଁ ॥ ୫ ॥

ଦୋଃ- **ପ୍ରଭୁ ପ୍ରେରିତ କପି ଭାଲୁ ସବ ରାମ ରୂପ ଉର ରାଖି ।**
**ହରଷ ବିଷାଦ ସହିତ ଚଲେ ବିନୟ ବିବିଧ ବିଧି ଭାଷି ॥୧୧୮(କ)॥**

କିନ୍ତୁ ପ୍ରଭୁଙ୍କ ପ୍ରେରଣା (ଆଜ୍ଞା) ଫଳରେ ସବୁ ବାନର-ଭଲ୍ଲୁକ ହୃଦୟରେ ଶ୍ରୀରାମଙ୍କ ରୂପ ଧାରଣ କରି ଏବଂ ନାନାପ୍ରକାରେ ବିନୀତ ପ୍ରାର୍ଥନା କରି ହର୍ଷ ଓ ବିଷାଦ-ମିଶ୍ରିତ ମନରେ ଘରକୁ ଫେରିଲେ ॥ ୧୧୮(କ) ॥

**କପିପତି ନୀଲ ରୀଛପତି ଅଂଗଦ ନଲ ହନୁମାନ ।**
**ସହିତ ବିଭୀଷନ ଅପର ଜେ ଜୂଥପ କପି ବଲୱାନ ॥୧୧୮(ଖ)॥**

ବାନରରାଜ ସୁଗ୍ରୀବ, ଭଲ୍ଲୁକରାଜ ଜାମ୍ବବାନ୍, ଅଙ୍ଗଦ, ନଳ, ନୀଳ ଓ ହନୁମାନ୍ ତଥା ବିଭୀଷଣଙ୍କ ସମେତ ଅନ୍ୟ ଯେଉଁ ବାନରସେନାପତିମାନେ ଥିଲେ, ॥ ୧୧୮(ଖ) ॥

**କହି ନ ସକହିଁ କଛୁ ପ୍ରେମ ବସ ଭରି ଭରି ଲୋଚନ ବାରି ।**
**ସନ୍ମୁଖ ଚିତୱହିଁ ରାମ ତନ ନୟନ ନିମେଷ ନିୱାରି ॥୧୧୮(ଗ)॥**

ସେମାନେ କିଛି କହିପାରିଲେ ନାହିଁ । ପ୍ରେମାଧିକ୍ୟ ହେତୁ ଅଶ୍ରୁଳ ଓ ନିର୍ନିମେଷ ନୟନରେ ସେମାନେ ଶ୍ରୀରାମଙ୍କୁ କେବଳ ଗ୍ରହିଁରହିଲେ ॥ ୧୧୮(ଗ) ॥

**ଅତିସୟ ପ୍ରୀତି ଦେଖି ରଘୁରାଈ । ଲୀହ୍ନେ ସକଲ ବିମାନ ଚଢ଼ାଈ ॥**
**ମନ ମହୁଁ ବିପ୍ର ଚରନ ସିରୁ ନାୟୋ । ଉତ୍ତର ଦିସିହି ବିମାନ ଚଲାୟୋ ॥ ୧ ॥**

ସେମାନଙ୍କର ଅତିଶୟ ପ୍ରେମ ଦେଖି ଶ୍ରୀରଘୁନାଥ ସେସମସ୍ତଙ୍କୁ ବିମାନରେ ବସାଇଲେ । ତା'ପରେ ମନେ ମନେ ବିପ୍ରମାନଙ୍କ ଚରଣରେ ପ୍ରଣାମ କରି ଉତ୍ତର ଦିଗକୁ ବିମାନ ଚଳାଇଲେ ॥ ୧ ॥

**ଚଲତ ବିମାନ କୋଲାହଲ ହୋଈ । ଜୟ ରଘୁବୀର କହଇ ସବୁ କୋଈ ॥**
**ସିଂହାସନ ଅତି ଉଚ୍ଚ ମନୋହର । ଶ୍ରୀ ସମେତ ପ୍ରଭୁ ବୈଠେ ତା ପର ॥ ୨ ॥**

ବିମାନ ଗ୍ଲିବା ସମୟରେ କୋଳାହଳ ଶୁଭିଲା । ସମସ୍ତେ ଶ୍ରୀରଘୁବୀରଙ୍କର ଜୟ ଜୟକାର କଲେ । ବିମାନରେ ଗୋଟିଏ ଅତ୍ୟନ୍ତ ମନୋହର ଉଚ୍ଚ ସିଂହାସନ ପଡ଼ିଥାଏ । ତା'ଉପରେ ସୀତାଙ୍କ ସହିତ ଶ୍ରୀରାମ ବିରାଜମାନ ହୋଇଗଲେ ॥ ୨ ॥

ରାଜତ ରାମୁ ସହିତ ଭାମିନୀ । ମେରୁ ସୃଂଗ ଜନୁ ଘନ ଦାମିନୀ ॥
ରୁଚିର ବିମାନୁ ଚଲେଉ ଅତି ଆତୁର । କୀହ୍ନୀ ସୁମନ ବୃଷ୍ଟି ହରଷେ ସୁର ॥ ୩ ॥

ପତ୍ନୀଙ୍କ ସହିତ ଶ୍ରୀରାମ ଏପରି ଶୋଭା ପାଇଲେ ଯେ, ମନେ ହେଲା, ସତେ ଯେପରି ସୁମେରୁ ଶିଖରରେ ବିଜୁଳି ସହିତ ଶ୍ୟାମମେଘ ଶୋଭା ପାଉଛି । ବିମାନ ବଡ଼ ବେଗରେ ଚ୍ଚଳିଥାଏ । ଦେବତାମାନେ ଆନନ୍ଦରେ ପୁଷ୍ପବୃଷ୍ଟି କରୁଥାନ୍ତି ॥ ୩ ॥

ପରମ ସୁଖଦ ଚଲି ତ୍ରିବିଧ ବୟାରୀ । ସାଗର ସର ସରି ନିର୍ମଲ ବାରୀ ॥
ସଗୁନ ହୋହିଁ ସୁଂଦର ଚହୁଁ ପାସା । ମନ ପ୍ରସନ୍ନ ନିର୍ମଲ ନଭ ଆସା ॥ ୪ ॥

ଅତ୍ୟନ୍ତ ସୁଖଦାୟକ ତ୍ରିବିଧ (ଶୀତଳ, ମନ୍ଦ ଓ ସୁଗନ୍ଧ) ବାୟୁ ପ୍ରବାହିତ ହେଲା । ସମୁଦ୍ର, ସରୋବର ଓ ନଦୀମାନଙ୍କର ଜଳ ନିର୍ମଳ ହୋଇଗଲା । ଚତୁର୍ଦ୍ଦିଗରେ ଶୁଭଲକ୍ଷଣମାନ ଦେଖାଦେଲା । ସମସ୍ତଙ୍କର ମନ ପ୍ରସନ୍ନ ହୋଇଗଲା । ଆକାଶ ଓ ଦିଗଦିଗନ୍ତ ଅତି ନିର୍ମଳ ହୋଇଗଲା ॥ ୪ ॥

କହ ରଘୁବୀର ଦେଖୁ ରନ ସୀତା । ଲଛିମନ ଇହାଁ ହତ୍ୟୋ ଇଁଦ୍ରଜୀତା ॥
ହନୂମାନ ଅଂଗଦ କେ ମାରେ । ରନ ମହି ପରେ ନିସାଚର ଭାରେ ॥ ୫ ॥

ଶ୍ରୀରାମ କହିଲେ, "ସୀତେ ! ରଣଭୂମି ଦେଖ । ଲକ୍ଷ୍ମଣ ଏହିଠାରେ ଇନ୍ଦ୍ରଜିତକୁ ବଧ କରିଥିଲେ । ଦେଖ, ହନୁମାନ୍ ଓ ଅଙ୍ଗଦଙ୍କ ଦ୍ୱାରା ନିହତ ହୋଇ ଏହି ଅତିକାୟ ନିଶାଚରମାନେ ରଣଭୂମିରେ ପଡ଼ିଛନ୍ତି ॥ ୫ ॥

କୁଂଭକରନ ରାୱନ ଦ୍ୱୌ ଭାଈ । ଇହାଁ ହତେ ସୁର ମୁନି ଦୁଖଦାଈ ॥ ୬ ॥

ଦେବତା ଓ ମୁନିମାନଙ୍କୁ ଦୁଃଖ ଦେଉଥିବା କୁମ୍ଭକର୍ଣ୍ଣ ଓ ରାବଣ ଦୁଇଭାଇ ଏଠାରେ ନିହତ ହେଲେ ॥ ୬ ॥

ଦୋଃ- ଇହାଁ ସେତୁ ବାଁଧ୍ୟୋ ଅରୁ ଥାପେଉଁ ସିୱ ସୁଖ ଧାମ ।
ସୀତା ସହିତ କୃପାନିଧି ସଂଭୁହି କୀହ୍ନ ପ୍ରନାମ ॥ ୧୧୯ (କ) ॥

ମୁଁ ଏହିଠାରେ ସେତୁବନ୍ଧ ବନ୍ଧାଇଲି ଏବଂ ସୁଖନିଧାନ ଭଗବାନ୍ ଶିବଙ୍କୁ ସ୍ଥାପନା କଲି ।" ସେଠାରେ କୃପାନିଧାନ ଶ୍ରୀରାମ ଓ ସୀତା ଶ୍ରୀରାମେଶ୍ୱର ମହାଦେବଙ୍କୁ ପ୍ରଣାମ କଲେ ॥ ୧୧୯ (କ) ॥

ଜହଁ ଜହଁ କୃପାସିଂଧୁ ବନ କୀହ୍ନ ବାସ ବିଶ୍ରାମ ।
ସକଲ ଦେଖାଏ ଜାନକିହି କହେ ସବହ୍ନି କେ ନାମ ॥ ୧୧୯ (ଖ) ॥

ବନରେ ଯେଉଁ ଯେଉଁ ସ୍ଥାନରେ କରୁଣାସାଗର ଶ୍ରୀରାମ ବିଶ୍ରାମ ଓ ନିବାସ କରିଥିଲେ, ଜାନକୀଙ୍କୁ ପ୍ରଭୁ ସେହିସବୁ ସ୍ଥାନ ଦେଖାଇଲେ ଏବଂ ସେସବୁର ନାମ କହିଦେଲେ ॥ ୧୧୯ (ଖ) ॥

ତୁରତ ବିମାନ ତହାଁ ଚଲି ଆୱା । ଦଂଡକ ବନ ଜହଁ ପରମ ସୁହାୱା ॥
କୁଂଭଜାଦି ମୁନିନାୟକ ନାନା । ଗଏ ରାମୁ ସବ କେଁ ଅସ୍ଥାନା ॥ ୧ ॥

ବିମାନ ଯାଇ ଅତି ଶୀଘ୍ର ପରମ ସୁନ୍ଦର ଦଣ୍ଡକବନରେ ପହଞ୍ଚିଗଲା । ଅଗସ୍ତ୍ୟ ଆଦି ମୁନିମାନେ ସେହି ବନରେ ରହୁଥିଲେ । ଶ୍ରୀରାମ ସମସ୍ତଙ୍କ ଆଶ୍ରମକୁ ଗଲେ ॥ ୧ ॥

ସକଲ ରିଷିହ୍ନ ସନ ପାଇ ଅସୀସା । ଚିତ୍ରକୂଟ ଆଏ ଜଗଦୀସା ॥
ତହଁ କରି ମୁନିହ୍ନ କେର ସଂତୋଷା । ଚଲା ବିମାନୁ ତହାଁ ତେ ଚ୍ଚୋଖା ॥ ୨ ॥

ସବୁ ଋଷିଙ୍କ ଠାରୁ ଆଶୀର୍ବାଦ ନେଇ ଜଗଦୀଶ୍ୱର ଶ୍ରୀରାମ ଚିତ୍ରକୂଟ ଗଲେ । ସେଠାରେ ସେ ମୁନିମାନଙ୍କୁ ସନ୍ତୁଷ୍ଟ କଲେ। ବିମାନ ସେଠାରୁ ତୀବ୍ର ଗତିରେ ଆଗକୁ ଚ୍ଚଳିଲା ॥ ୨ ॥

**ବହୁରି ରାମ ଜାନକିହି ଦେଖାଈ । ଜମୁନା କଲି ମଲ ହରନି ସୁହାଈ ॥**
**ପୁନି ଦେଖୀ ସୁରସରୀ ପୁନୀତା । ରାମ କହା ପ୍ରନାମ କରୁ ସୀତା ॥ ୩ ॥**

ପଥରେ ଶ୍ରୀରାମ ଜାନକୀଙ୍କୁ କଳିକଳୁଷହାରିଣୀ ସୁଶୋଭିନୀ ଯମୁନାନଦୀ ଦେଖାଇଲେ । ତା'ପରେ ସେ ଗଙ୍ଗାନଦୀ ଦେଖାଇଲେ । ଶ୍ରୀରାମ କହିଲେ, ''ସୀତେ ! ଏହାଙ୍କୁ ପ୍ରଣାମ କର ॥ ୩ ॥

**ତୀରଥପତି ପୁନି ଦେଖୁ ପ୍ରୟାଗା । ନିରଖତ ଜନ୍ମ କୋଟି ଅଘ ଭାଗା ॥**
**ଦେଖୁ ପରମ ପାୱନି ପୁନି ବେନୀ । ହରନି ସୋକ ହରି ଲୋକ ନିସେନୀ ॥ ୪ ॥**
**ପୁନି ଦେଖୁ ଅୱଧପୁରୀ ଅତି ପାୱନି । ତ୍ରିବିଧ ତାପ ଭୱ ରୋଗ ନସାୱନି ॥ ୫ ॥**

ଏଠାରେ ତୀର୍ଥରାଜ ପ୍ରୟାଗଙ୍କୁ ଦର୍ଶନ କର । ଏହାଙ୍କୁ ଦର୍ଶନ କଲେ କୋଟିଜନ୍ମର ପାପ କ୍ଷୟ ହୋଇଥାଏ । ପୁଣି ପରମପବିତ୍ର ତ୍ରିବେଣୀକୁ ଦର୍ଶନ କର । ଏହି ତ୍ରିବେଣୀ ହେଉଛି ସର୍ବଶୋକହାରିଣୀ ଏବଂ ଶ୍ରୀହରିଙ୍କ ପରମଧାମରେ ପହଞ୍ଚିବା ନିମନ୍ତେ ସୋପାନସଦୃଶ । ଏଥର ଅତ୍ୟନ୍ତ ପବିତ୍ର ଅଯୋଧ୍ୟାପୁରୀକୁ ଦର୍ଶନ କର । ଏହି ପୁରୀ ତ୍ରିବିଧ ତାପ ଓ ଭବରୋଗ ନିବାରଣ କରେ ।'' ॥ ୪, ୫ ॥

ଦୋ:- **ସୀତା ସହିତ ଅୱଧ କହୁଁ କୀହ୍ନ କୃପାଲ ପ୍ରନାମ ।**
**ସଜଲ ନୟନ ତନ ପୁଲକିତ ପୁନି ପୁନି ହରଷିତ ରାମ ॥୧୨୦(କ)॥**

ଏହା କହି କୃପାଳୁ ଶ୍ରୀରାମ ଓ ସୀତା ଅଯୋଧ୍ୟାପୁରୀକୁ ପ୍ରଣାମ କଲେ । ସଜଳନୟନ ଓ ପୁଲକିତଶରୀର ହୋଇ ଶ୍ରୀରାମ ବାରମ୍ବାର ହର୍ଷିତ ହେଲେ ॥ ୧୨୦(କ)॥

**ପୁନି ପ୍ରଭୁ ଆଇ ତ୍ରିବେନୀଁ ହରଷିତ ମଜ୍ଜନୁ କୀହ୍ନ ।**
**କପିହ୍ନ ସହିତ ବିପ୍ରହ୍ନ କହୁଁ ଦାନ ବିବିଧ ବିଧି ଦୀହ୍ନ ॥୧୨୦(ଖ)॥**

ତା'ପରେ ତ୍ରିବେଣୀକୁ ଆସି, ପ୍ରଭୁ ଆନନ୍ଦରେ ବାନରମାନଙ୍କ ସହିତ ସ୍ନାନ କଲେ ଏବଂ ବ୍ରାହ୍ମଣମାନଙ୍କୁ ଅନେକପ୍ରକାର ଦାନ ଦେଲେ ॥ ୧୨୦(ଖ) ॥

**ପ୍ରଭୁ ହନୁମଂତହି କହା ବୁଝାଈ । ଧରି ବଟୁ ରୂପ ଅୱଧପୁର ଜାଈ ॥**
**ଭରତହି କୁସଲ ହମାରି ସୁନାଏହୁ । ସମାଚ୍ଚର ଲୈ ତୁହ୍ମ ଚଲି ଆଏହୁ ॥ ୧ ॥**

ପ୍ରଭୁ ହନୁମାନଙ୍କୁ ବୁଝାଇ କହିଲେ, ''ତୁମେ ବ୍ରହ୍ମଚ୍ଚରୀ ବେଶ ଧରି ଅଯୋଧ୍ୟାପୁରୀକୁ ଯାଅ । ଭରତଙ୍କୁ ମୋର କୁଶଳ ସମାଚ୍ଚର ଶୁଣାଇବ ଓ ତାଙ୍କର ସମାଚ୍ଚର ଘେନି ଏଠାକୁ ଫେରିଆସିବ ।'' ॥ ୧ ॥

**ତୁରତ ପୱନସୁତ ଗୱନତ ଭୟଉ । ତବ ପ୍ରଭୁ ଭରଦ୍ୱାଜ ପହିଁ ଗୟଉ ॥**
**ନାନା ବିଧି ମୁନି ପୂଜା କୀହ୍ନୀ । ଅସ୍ତୁତି କରି ପୁନି ଆସିଷ ଦୀହ୍ନୀ ॥ ୨ ॥**

ପବନପୁତ୍ର ହନୁମାନ୍ ତୁରନ୍ତ ବାହାରିପଡ଼ିଲେ । ଏଣେ ପ୍ରଭୁ ଶ୍ରୀରାମ ଭରଦ୍ୱାଜଙ୍କ ନିକଟକୁ ଗଲେ । ମୁନିବର ତାଙ୍କୁ ଇଷ୍ଟବୁଦ୍ଧିରେ ଅନେକପ୍ରକାରେ ପୂଜା କଲେ, ସ୍ତୁତି କଲେ ଏବଂ ପୁଣି [ଲୀଳାଦୃଷ୍ଟିରୁ] ଆଶୀର୍ବାଦ ଦେଲେ ॥ ୨ ॥

**ମୁନି ପଦ ବଂଦି ଜୁଗଲ କର ଜୋରୀ । ଚଢ଼ି ବିମାନ ପ୍ରଭୁ ଚଲେ ବହୋରୀ ॥**
**ଇହାଁ ନିଷାଦ ସୁନା ପ୍ରଭୁ ଆଏ । ନାୱ ନାୱ କହଁ ଲୋଗ ବୋଲାଏ ॥ ୩ ॥**

ଦୁଇକର ଯୋଡ଼ି ଏବଂ ମୁନିଙ୍କର ଚରଣ ବନ୍ଦନା କରି, ପ୍ରଭୁ ବିମାନରେ ବସି ପୁଣି ଆଗକୁ ଚାଲିଲେ । ତେଣେ ପ୍ରଭୁ ଆସିଯିବା କଥା ଶୁଣି ନିଷାଦରାଜ 'ଆରେ ! ନାଆ ଆଣରେ ! ନାଆ ଆଣ !' ବୋଲି ପାଟି କରି ଲୋକଙ୍କୁ ଡାକ ପକାଇଲେ ॥ ୩ ॥

**ସୁରସରି ନାଘି ଜାନ ତବ ଆୟୋ । ଉତରେଉ ତଟ ପ୍ରଭୁ ଆୟସୁ ପାୟୋ ॥**
**ତବ ସୀତାଁ ପୂଜୀ ସୁରସରୀ । ବହୁ ପ୍ରକାର ପୁନି ଚରନହ୍ନି ପରୀ ॥ ୪ ॥**

ଇତି ମଧ୍ୟରେ ବିମାନ ଗଙ୍ଗା ଅତିକ୍ରମ କରିଗଲା ଏବଂ ପ୍ରଭୁଙ୍କ ଆଜ୍ଞା ପାଇ ଆରକୂଳରେ ଓହ୍ଲାଇଲା । ସୀତା ସେଠାରେ ଗଙ୍ଗାଙ୍କୁ ବହୁପ୍ରକାରେ ପୂଜା କଲେ ଓ ତାଙ୍କ ଚରଣତଳେ ପଡ଼ି ପ୍ରଣାମ କଲେ ॥ ୪ ॥

**ଦୀହ୍ନି ଅସୀସ ହରଷି ମନ ଗଂଗା । ସୁଂଦରି ତୱ ଅହିୱାତ ଅଭଂଗା ॥**
**ସୁନତ ଗୁହା ଧାୟଉ ପ୍ରେମାକୁଲ । ଆୟଉ ନିକଟ ପରମ ସୁଖ ସଂକୁଲ ॥ ୫ ॥**

ଗଙ୍ଗା ମନେ ମନେ ଆନନ୍ଦିତ ହୋଇ ତାଙ୍କୁ ଆଶୀର୍ବାଦ ଦେଲେ, ''ହେ ସୁନ୍ଦରୀ ! ତୁମର ସୁହାଗ ଅଖଣ୍ଡ ହେଉ (ତୁମର ହାତକାଚ ବଜ୍ର ହେଉ) ।'' ଭଗବାନ୍ ନଦୀତଟରେ ଓହ୍ଲାଇବା କଥା ଶୁଣି ନିଷାଦରାଜ ଗୁହ ପ୍ରେମବିହ୍ୱଳ ହୋଇ ଧାଇଁଲେ । ପରମଆନନ୍ଦରେ ନିମଗ୍ନ ହୋଇ ସେ ପ୍ରଭୁଙ୍କ ସମୀପକୁ ଚାଲିଆସିଲେ ॥ ୫ ॥

**ପ୍ରଭୁହି ସହିତ ବିଲୋକି ବୈଦେହୀ । ପରେଉ ଅୱନି ତନ ସୁଧି ନହିଁ ତେହୀ ॥**
**ପ୍ରୀତି ପରମ ବିଲୋକି ରଘୁରାଈ । ହରଷି ଉଠାଇ ଲିୟୋ ଉର ଲାଈ ॥ ୬ ॥**

ଏବଂ ଜାନକୀଙ୍କ ସହିତ ପ୍ରଭୁଙ୍କୁ ଦର୍ଶନ କରି, ସେ ଆନନ୍ଦସମାଧିରେ ମଗ୍ନ ହୋଇ ଭୂଇଁରେ ଲୋଟିପଡ଼ିଲେ; ତାଙ୍କର ଦେହଜ୍ଞାନ ରହିଲା ନାହିଁ । ତାଙ୍କର ପରମପ୍ରେମ ଦେଖି, ଶ୍ରୀରଘୁନାଥ ତାଙ୍କୁ ତଳୁ ଉଠାଇ ଆନନ୍ଦରେ ବକ୍ଷରେ ଜାବୁଡ଼ିଧରିଲେ ॥ ୬ ॥

ଛନ୍ଦ- **ଲିୟୋ ହୃଦୟଁ ଲାଇ କୃପା ନିଧାନ ସୁଜାନ ରାୟଁ ରମାପତୀ ।**
**ବୈଠାରି ପରମ ସମୀପ ବୂଝୀ କୁସଲ ସୋ କର ବୀନତୀ ॥**
**ଅବ କୁସଲ ପଦ ପଂକଜ ବିଲୋକି ବିରଂଚି ସଂକର ସେବ୍ୟ ଜେ ।**
**ସୁଖଧାମ ପୂରନକାମ ରାମ ନମାମି ରାମ ନମାମି ତେ ॥ ୧ ॥**

ସୁଜ୍ଞଶିରୋମଣି, ଲକ୍ଷ୍ମୀକାନ୍ତ, କୃପାନିଧାନ ଭଗବାନ୍ ତାଙ୍କୁ ହୃଦୟରେ ଜାବୁଡ଼ିଧରିଲେ ଏବଂ ନିକଟରେ ବସାଇ କୁଶଳ ପ୍ରଶ୍ନ କଲେ । ନିଷାଦରାଜ ବିନୟ ପ୍ରକାଶ କରି କହିଲେ, ''ଆପଣଙ୍କର ଯେଉଁ ଚରଣକମଳ ବ୍ରହ୍ମା ଓ ଶଙ୍କରଙ୍କ ଦ୍ୱାରା ସେବିତ, ତାହା ଦର୍ଶନ କରି ମୁଁ ସମ୍ପୂର୍ଣ୍ଣ କୁଶଳରେ ଅଛି । ହେ ସୁଖଧାମ ! ହେ ପୂର୍ଣ୍ଣକାମ ଶ୍ରୀରାମ ! ମୁଁ ଆପଣଙ୍କୁ ନମସ୍କାର କରୁଛି; ବାରମ୍ବାର ନମସ୍କାର କରୁଛି ।'' ॥ ୧ ॥

**ସବ ଭାଁତି ଅଧମ ନିଷାଦ ସୋ ହରି ଭରତ ଜ୍ୟୋଁ ଉର ଲାଇୟୋ ।**
**ମତିମଂଦ ତୁଲସୀଦାସ ସୋ ପ୍ରଭୁ ମୋହ ବସ ବିସରାଇୟୋ ॥**
**ୟହ ରାୱନାରି ଚରିତ୍ର ପାୱନ ରାମ ପଦ ରତିପ୍ରଦ ସଦା ।**
**କାମାଦିହର ବିଗ୍ୟାନକର ସୁର ସିଦ୍ଧ ମୁନି ଗାୱହିଁ ମୁଦା ॥ ୨ ॥**

ସକଳପ୍ରକାରେ ନୀଚ ସେହି ନିଷାଦକୁ ଭଗବାନ୍ ଭରତଙ୍କୁ କୋଳେଇନେଲାପରି ହୃଦୟରେ କୋଳେଇ ଧରିଲେ । ତୁଳସୀଦାସ କହୁଛନ୍ତି, ମୁଁ ମନ୍ଦବୁଦ୍ଧି ମୋହବଶ ହୋଇ ସେହି କରୁଣାସାଗର ପ୍ରଭୁଙ୍କୁ ଭୁଲିଗଲି ।'' ରାବଣାରିଙ୍କର ଏହି ପବିତ୍ର ଚରିତ ସର୍ବଦା ଶ୍ରୀରାମଙ୍କ ଚରଣକମଳରେ ପ୍ରୀତି ଉପୁଜାଏ । ଏହା କାମାଦି ବିକାର ହରଣ କରେ ଏବଂ ଭଗବତ୍‌ସ୍ୱରୂପର ବିଶେଷ ଜ୍ଞାନ ଉତ୍ପନ୍ନ କରାଏ । ଦେବତା, ସିଦ୍ଧ ଓ ମୁନିମାନେ ଆନନ୍ଦିତ ହୋଇ ଏହା ଗାନ କରନ୍ତି ॥ ୨ ॥

ଦୋ:- **ସମର ବିଜୟ ରଘୁବୀର କେ ଚରିତ ଜେ ସୁନହିଁ ସୁଜାନ ।**
**ବିଜୟ ବିବେକ ବିଭୂତି ନିତ ତିହ୍ନହି ଦେହିଁ ଭଗୱାନ ॥୧୨୧(କ)॥**

ଯେଉଁ ସୁଜ୍ଞଜନ ଶ୍ରୀରଘୁବୀରଙ୍କର ଏହି ସମରବିଜୟ-ଲୀଳା ଶ୍ରବଣ କରନ୍ତି, ଭଗବାନ୍ ସେମାନଙ୍କୁ ନିତ୍ୟ ବିଜୟ, ବିବେକ ଓ ବିଭୂତି (ଐଶ୍ୱର୍ଯ୍ୟ) ପ୍ରଦାନ କରନ୍ତି ॥ ୧୨୧(କ) ॥

**ୟହ କଲିକାଲ ମଲାୟତନ ମନ କରି ଦେଖୁ ବିଚାର ।**
**ଶ୍ରୀରଘୁନାଥ ନାମ ତଜି ନାହିନ ଆନ ଅଧାର ॥୧୨୧(ଖ)॥**

ରେ ମନ ! ଭାବି ଦେଖ । ଏହି କଳିକାଳ ହେଉଛି ପାପସମୂହର ନିଳୟ । ଏହି ପାପରାଶିରୁ ରକ୍ଷା ପାଇବାପାଇଁ ଶ୍ରୀରଘୁନାଥଙ୍କର ନାମ ବ୍ୟତୀତ ଅନ୍ୟ କୌଣସି ଆଧାର ନାହିଁ ॥ ୧୨୧(ଖ) ॥

**ମାସପାରାୟଣ, ସପ୍ତବିଂଶ ବିଶ୍ରାମ**

*ଇତି ଶ୍ରୀମଦ୍ରାମଚରିତମାନସେ ସକଳକଲିକଲୁଷବିଧ୍ୱଂସନେ ଷଷ୍ଠଃ ସୋପାନଃ ସମାପ୍ତଃ ।*

*କଳିଯୁଗର ସକଳପାପବିନାଶନକାରୀ ଶ୍ରୀରାମଚରିତମାନସର*
*ଷଷ୍ଠ ସୋପାନ ସମାପ୍ତ ହେଲା ।*

**(ଲଙ୍କାକାଣ୍ଡ ସମାପ୍ତ)**

◆◆◆

ଶ୍ରୀଗଣେଶାୟ ନମଃ

ଶ୍ରୀଜାନକୀବଲ୍ଲଭୋ ବିଜୟତେ

# ଶ୍ରୀରାମଚରିତମାନସ

## ସପ୍ତମ ସୋପାନ

# ଉତ୍ତରକାଣ୍ଡ

### ମଙ୍ଗଳାଚରଣ

**କେକୀକଣ୍ଠାଭନୀଳଂ ସୁରବରବିଲସଦ୍‌ବିପ୍ରପାଦାବ୍‌ଜଚିହ୍ନଂ**
**ଶୋଭାଢ୍ୟଂ ପୀତବସ୍ତ୍ରଂ ସରସିଜନୟନଂ ସର୍ବଦା ସୁପ୍ରସନ୍ନମ୍ ।**
**ପାଣୌ ନାରାଚଚାପଂ କପିନିକରଯୁତଂ ବନ୍ଧୁନା ସେବ୍ୟମାନଂ**
**ନୌମୀଡ୍ୟଂ ଜାନକୀଶଂ ରଘୁବରମନିଶଂ ପୁଷ୍ପକାରୂଢରାମମ୍ ॥ ୧ ॥**

ଯାହାଙ୍କର ବର୍ଣ୍ଣ ମୟୂରକଣ୍ଠର ବର୍ଣ୍ଣସମ [ହରିତାଭ] ନୀଳ, ଯେ ଦେବଶ୍ରେଷ୍ଠ, ଯେ ବ୍ରାହ୍ମଣଶ୍ରେଷ୍ଠ(ଭୃଗୁ)ଙ୍କର ଚରଣକମଳ-ଚିହ୍ନରେ ସୁଶୋଭିତ, ଯେ ଶୋଭାପୂର୍ଣ୍ଣ, ସେହି ପୀତାମ୍ବରଧାରୀ, କମଳନୟନ, ସଦା ସୁପ୍ରସନ୍ନ, ଧନୁର୍ବାଣଧାରୀ, ବାନରବୃନ୍ଦ–ପରିବେଷ୍ଟିତ, ଅନୁଜ-ଲକ୍ଷ୍ମଣସେବିତ, ସ୍ତୁତିଯୋଗ୍ୟ, ରଘୁକୁଳଶ୍ରେଷ୍ଠ ପୁଷ୍ପକବିମାନାରୂଢ଼ ଜାନକୀନାଥ ଶ୍ରୀରାମଙ୍କୁ ମୁଁ ନିରନ୍ତର ବନ୍ଦନା କରୁଛି ॥ ୧ ॥


**କୋସଲେନ୍ଦ୍ରପଦକଞ୍ଜମଞ୍ଜୁଲୌ କୋମଲାବଜମହେଶବନ୍ଦିତୌ ।**
**ଜାନକୀକରସରୋଜଲାଲିତୌ ଚିନ୍ତକସ୍ୟ ମନଭୃଙ୍ଗସଙ୍ଗିନୌ ॥ ୨ ॥**

କୋସଲେନ୍ଦ୍ର ଶ୍ରୀରାମଙ୍କର ସୁନ୍ଦର ଓ କୋମଳ ଚରଣଯୁଗଳ ବ୍ରହ୍ମା ଓ ଶିବଙ୍କ ଦ୍ୱାରା ବନ୍ଦିତ, ଜାନକୀଙ୍କ କରକମଳଦ୍ୱାରା ସେବିତ ଏବଂ ଭାବୁକମନଭ୍ରମରର ନିତ୍ୟସଙ୍ଗୀ (ଅର୍ଥାତ୍ ଚିନ୍ତନ କରୁଥିବା ଲୋକର ମନରୂପୀ ଭ୍ରମର ସେହି ଚରଣକମଳରେ ସଦା ନିବାସ କରେ) ॥ ୨ ॥

**କୁନ୍ଦଇନ୍ଦୁଦରଗୌରସୁନ୍ଦରଂ ଅମ୍ବିକାପତିମଭୀଷ୍ଟସିଦ୍ଧିଦମ୍ ।**
**କାରୁଣୀକକଳକଞ୍ଜଲୋଚନଂ ନୌମି ଶଙ୍କରମନଙ୍ଗମୋଚନମ୍ ॥ ୩ ॥**

କୁନ୍ଦପୁଷ୍ପ, ଚନ୍ଦ୍ରମା ଓ ଶଙ୍ଖସମାନ ସୁନ୍ଦର ଗୌରବର୍ଣ୍ଣ, ଜଗଜ୍ଜନନୀ ପାର୍ବତୀଙ୍କ ପତି, ବାଞ୍ଛିତଫଳଦାତା, ଦୁଃଖୀଜନଙ୍କ ପ୍ରତି ସଦା ଦୟାଶୀଳ, ସୁନ୍ଦର କମଳନୟନ, କାମଦେବଙ୍କ ପଞ୍ଚବାଣରୁ ମୁକ୍ତିଦାତା ଶ୍ରୀ ଶଙ୍କରଙ୍କୁ ମୁଁ ନମସ୍କାର କରୁଛି ॥ ୩ ॥

ଦୋ:- **ରହା ଏକ ଦିନ ଅୱଧି କରଅତି ଆରତ ପୁର ଲୋଗ ।**
**ଜହଁ ତହଁ ସୋଚହିଁ ନାରି ନର କୃସ ତନ ରାମ ବିୟୋଗ ॥**




ପୁଷ୍ପକ ବିମାନରେ ବସି ଶ୍ରୀରାମଙ୍କର ଅଯୋଧ୍ୟା ପ୍ରତ୍ୟାଗମନ

ଶ୍ରୀରାମଙ୍କ ଫେରିବା ସମୟ ଆଉ ମାତ୍ର ଗୋଟିଏ ଦିନ ବାକି ରହିଥାଏ । ତେଣୁ ନଗରର ଲୋକେ ଅତ୍ୟନ୍ତ ଆତୁର ହୋଇଗଲେ । ରାମବିଚ୍ଛେଦରେ ଦୁର୍ବଳ ହୋଇଯାଇଥିବା ନରନାରୀ ବିଭିନ୍ନ ସ୍ଥାନରେ ଏକତ୍ର ହୋଇ ବିଗ୍ଚର କରୁଆନ୍ତି, 'ଶ୍ରୀରାମ କାହିଁକି ଆସିଲେ ନାହିଁ ! କଥା କ'ଣ ?' ॥

**ସଗୁନ ହୋହିଁ ସୁଂଦର ସକଲ ମନ ପ୍ରସନ୍ନ ସବ କେର ।**
**ପ୍ରଭୁ ଆଗୱ୍ନ ଜନାୱ୍ ଜନୁ ନଗର ରମ୍ୟ ଚହୁଁ ଫେର ॥**

ଏତିକିବେଳେ ଶୁଭ ଓ ସୁନ୍ଦର ଲକ୍ଷଣମାନ ଦେଖାଗଲା; ସମସ୍ତଙ୍କ ମନ ପ୍ରସନ୍ନ ହୋଇଗଲା; ନଗରର ଚତୁର୍ଦିଗ ରମଣୀୟ ଦେଖାଗଲା । ମନେ ହେଲା, ଏସବୁ ଶୁଭଲକ୍ଷଣ ପ୍ରଭୁଙ୍କ ଶୁଭ ଆଗମନର ସୂଚନା ଦେଉଛି ॥

**କୌସଲ୍ୟାଦି ମାତୁ ସବ ମନ ଅନଂଦ ଅସ ହୋଇ ।**
**ଆୟଉ ପ୍ରଭୁ ଶ୍ରୀ ଅନୁଜଜୁତ କହନ ଚହତ ଅବ କୋଇ ॥**

କୌଶଲ୍ୟାଦି ସବୁ ମାତାଙ୍କ ମନରେ ଏତେ ଆନନ୍ଦ ଜାତ ହେଲା ଯେ, ଲାଗିଲା, ସତେ ଯେପରି ସୀତା ଓ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମ ଆସିଗଲେ ବୋଲି ଏହିକ୍ଷଣି କେହି ଆସି କହିଦେଇଛି ॥

**ଭରତ ନୟନ ଭୁଜ ଦଚ୍ଛିନ ଫରକତ ବାରହିଁ ବାର ।**
**ଜାନି ସଗୁନ ମନ ହରଷ ଅତି ଲାଗେ କରନ ବିଗ୍ଚର ॥**

ଭରତଙ୍କର ଡାହାଣ ଆଖି ଓ ଡାହାଣ ବାହୁ ବାରମ୍ବାର ସ୍ଫୁରିତ ହେଲା; ଏହା ଶୁଭଲକ୍ଷଣ ଜାଣି ତାଙ୍କ ମନରେ ଅତ୍ୟନ୍ତ ଆନନ୍ଦ ଜାତ ହେଲା । ସେ ବିଗ୍ଚର କଲେ ॥

**ରହେଉ ଏକ ଦିନ ଅୱଧି ଅଧାରା । ସମୁଝତ ମନ ଦୁଖ ଭୟଉ ଅପାରା ॥**
**କାରନ କୱନ ନାଥ ନହିଁ ଆୟଉ । ଜାନି କୁଟିଲ କିଧୌଁ ମୋହି ବିସରାୟଉ ॥ ୧ ॥**

''ଯେଉଁ ବନବାସର ଅବଧି(ସମୟସୀମା)କୁ ଆଧାର କରି ମୋ ପ୍ରାଣ ରହିଛି, ତାହା ଆଉ ମାତ୍ର ଗୋଟିଏ ଦିନ ବାକି ରହିଲା; ହେଲେ ନାଥ କାହିଁକି ଆସିଲେ ନାହିଁ ? ପ୍ରଭୁ କଣ ମୋତେ କୁଟିଳ ମନେ କରି ଭୁଲିଗଲେ ?'' ଏପରି ଚିନ୍ତା କରି ଭରତଙ୍କୁ ଭୀଷଣ ଦୁଃଖ ଲାଗିଲା ॥ ୧॥

**ଅହହ ଧନ୍ୟ ଲଛିମନ ବଡ଼ଭାଗୀ । ରାମ ପଦାରବିଂଦୁ ଅନୁରାଗୀ ॥**
**କପଟୀ କୁଟିଲ ମୋହି ପ୍ରଭୁ ଚୀହ୍ନା । ତାତେ ନାଥ ସଂଗ ନହିଁ ଲୀହ୍ନା ॥ ୨ ॥**

''ଆହା ! ଲକ୍ଷ୍ମଣହିଁ ଧନ୍ୟ । ସେ ଅତି ଭାଗ୍ୟବାନ୍ । ସେ ଭଗବାନ୍ ଶ୍ରୀରାମଙ୍କ ଚରଣାରବିନ୍ଦର ପ୍ରେମୀ ହୋଇ ରହିଗଲା । ମୋତେ ତ ପ୍ରଭୁ କପଟୀ ଓ କୁଟିଳ ବୋଲି ଚିହ୍ନିଗଲେ; ସେଥିପାଇଁ ସେ ମୋତେ ସାଥିରେ ନେଲେ ନାହିଁ ॥ ୨ ॥

**ଜୌଁ କରନୀ ସମୁଝୈ ପ୍ରଭୁ ମୋରୀ । ନହିଁ ନିସ୍ତାର କଲପ ସତ କୋରୀ ॥**
**ଜନ ଅୱଗୁନ ପ୍ରଭୁ ମାନ ନ କାଊ । ଦୀନ ବଂଧୁ ଅତି ମୃଦୁଲ ସୁଭାଊ ॥ ୩ ॥**

''କଥାଟା ବି ସତ; କାରଣ ପ୍ରଭୁ ଯଦି ମୋର କାର୍ଯ୍ୟକଳାପ ବିବେଚନା କରିବେ, ତେବେ ତ ଶତକୋଟି କଳ୍ପରେ ବି ମୋର ନିସ୍ତାର ହୋଇପାରିବ ନାହିଁ । କେବଳ ଆଶା ଏତିକି ଯେ, ପ୍ରଭୁ କଦାପି ସେବକର ଅବଗୁଣ ଧରନ୍ତି ନାହିଁ । ସେ ଦୀନବନ୍ଧୁ; ତାଙ୍କ ସ୍ୱଭାବ ଅତ୍ୟନ୍ତ କୋମଳ ॥ ୩ ॥



ଶ୍ରୀରାମଙ୍କ ଆଦେଶ ପାଳି ହନୁମାନଙ୍କର ଭରତଙ୍କ ନିକଟକୁ ଆଗମନ

**ମୋରେ ଜିୟଁ ଭରୋସ ଦୃଢ଼ ସୋଈ । ମିଲିହହିଁ ରାମ ସଗୁନ ସୁଭ ହୋଈ ॥**
**ବୀତେଁ ଅୱଧି ରହହିଁ ଜୌଁ ପ୍ରାନା । ଅଧମ କୱନ ଜଗ ମୋହି ସମାନା ॥ ୪ ॥**

"ତେଣୁ ମୋର ଦୃଢ଼ ବିଶ୍ୱାସ ଯେ, ପ୍ରଭୁ ନିଶ୍ଚୟ ଆସିବେ; କାରଣ ମୋତେ ସବୁ ଶୁଭ ଦେଖାଯାଉଛି । କିନ୍ତୁ ଅବଧି ଶେଷ ହୋଇଯିବା ପରେ ବି ଯଦି ମୋର ପ୍ରାଣ ରହିଯିବ, ତେବେ ତ ଜଗତରେ ମୋ ପରି ନୀଚ ଆଉ କେହି ବି ହେବ ନାହିଁ।" ॥ ୪ ॥

ଦୋः- **ରାମ ବିରହ ସାଗର ମହଁ ଭରତ ମଗନ ମନ ହୋତ ।**
**ବିପ୍ର ରୂପ ଧରି ପୱନସୁତ ଆଇ ଗୟଉ ଜନୁ ପୋତ ॥ ୧(କ) ॥**

ଭରତଙ୍କ ମନ ଶ୍ରୀରାମଙ୍କ ବିରହସାଗରରେ ବୁଡ଼ିଯିବାକୁ ବସିଛି, ଠିକ୍ ଏତିକିବେଳେ ବ୍ରାହ୍ମଣବେଶ ଧରି ପବନପୁତ୍ର ହନୁମାନ୍ ଆସି ପହଞ୍ଚିଗଲେ । ମନେ ହେଲା, ସତେ ଯେପରି ଭରତଙ୍କୁ ଦୁଃଖସାଗରରୁ ଉଦ୍ଧାର କରିବା ନିମନ୍ତେ ଜାହାଜ ଆସି ପହଞ୍ଚିଗଲା ॥ ୧(କ) ॥

**ବୈଠେ ଦେଖି କୁସାସନ ଜଟା ମୁକୁଟ କୃସ ଗାତ ।**
**ରାମ ରାମ ରଘୁପତି ଜପତ ସ୍ରୱତ ନୟନ ଜଲଜାତ ॥ ୧(ଖ) ॥**

ହନୁମାନ୍ ଆସି ଦେଖନ୍ତି ତ, ଭରତଙ୍କ ଶରୀର ଦୁର୍ବଳ; ମୁଣ୍ଡରେ ଜଟାର ମୁକୁଟ; କୁଶ ଆସନରେ ବସି ସେ 'ରାମ ! ରାମ ! ରଘୁପତି ରାମ !' ଜପ କରୁଛନ୍ତି; ତାଙ୍କ କମଳନୟନରୁ ପ୍ରେମାଶ୍ରୁର ଧାରା ବହିଯାଉଛି ॥ ୧(ଖ) ॥

**ଦେଖତ ହନୂମାନ ଅତି ହରଷେଉ । ପୁଲକ ଗାତ ଲୋଚନ ଜଲ ବରଷେଉ ॥**
**ମନ ମହଁ ବହୁତ ଭାଁତି ସୁଖ ମାନୀ । ବୋଲେଉ ଶ୍ରୱନ ସୁଧା ସମ ବାନୀ ॥ ୧ ॥**

ତାଙ୍କୁ ଦେଖୁ ଦେଖୁ ହନୁମାନ୍ ଆନନ୍ଦରେ ବିଭୋର ହୋଇଗଲେ । ତାଙ୍କ ଶରୀର ପୁଲକିତ ହୋଇଗଲା । ନେତ୍ରରୁ ପ୍ରେମାଶ୍ରୁ ବର୍ଷଣ ହେଲା । ମନେ ମନେ ବହୁପ୍ରକାରେ ଆନନ୍ଦିତ ହୋଇ ସେ ଅମୃତସମାନ ଶ୍ରୁତିମଧୁର ବାଣୀ କହିଲେ, ॥ ୧॥

**ଜାସୁ ବିରହଁ ସୋଚହୁ ଦିନ ରାତୀ । ରଟହୁ ନିରଂତର ଗୁନ ଗନ ପାଁତୀ ॥**
**ରଘୁକୁଲ ତିଲକ ସୁଜନ ସୁଖଦାତା । ଆୟଉ କୁସଲ ଦେୱ ମୁନି ତ୍ରାତା ॥ ୨ ॥**

"ଯାହାଙ୍କ ବିରହରେ ଆପଣ ଦିବାନିଶି ଶୋକମଗ୍ନ ହୋଇ ରହିଛନ୍ତି, ଯାହାଙ୍କର ଗୁଣାବଳୀ ଆପଣ ନିରନ୍ତର ଜପୁଛନ୍ତି, ସେହି ସଜ୍ଜନସୁଖଦାୟୀ ତଥା ଦେବତା ଓ ମୁନିଗଣଙ୍କର ରକ୍ଷକ ରଘୁକୁଳତିଳକ ଶ୍ରୀରାମ ସକୁଶଳ ଆସିଗଲେଣି ॥ ୨ ॥

**ରିପୁ ରନ ଜୀତି ସୁଜସ ସୁର ଗାୱତ । ସୀତା ସହିତ ଅନୁଜ ପ୍ରଭୁ ଆୱତ ॥**
**ସୁନତ ବଚନ ବିସରେ ସବ ଦୂଖା । ତୃଷାୱଂତ ଜିମି ପାଇ ପିୟୂଷା ॥ ୩ ॥**

ଯୁଦ୍ଧରେ ଶତ୍ରୁକୁ ଜୟ କରି ପ୍ରଭୁ ସୀତା ଓ ଲକ୍ଷ୍ମଣଙ୍କ ସହିତ ଆସୁଛନ୍ତି । ଦେବତାମାନେ ତାଙ୍କର ସୁନ୍ଦର ଯଶ ଗାନ କରୁଛନ୍ତି ।" ଏହିତକ ଶୁଣିଦେଲାକ୍ଷଣି ଅମୃତ ପାଇଗଲେ ତୃଷାର୍ତ୍ତ ମନୁଷ୍ୟ ତୃଷାଦୁଃଖ ଭୁଲିଯିବାପରି, ଭରତ ସକଳ ଦୁଃଖ ଭୁଲିଗଲେ ॥ ୩ ॥

**କୋ ତୁହ୍ମ ତାତ କହାଁ ତେ ଆଏ । ମୋହି ପରମ ପ୍ରିୟ ବଚନ ସୁନାଏ ॥**
**ମାରୁତ ସୁତ ମୈଁ କପି ହନୁମାନା । ନାମୁ ମୋର ସୁନୁ କୃପାନିଧାନା ॥ ୪ ॥**

ଭରତ ପଚ୍ଚରିଲେ, ''ହେ ତାତ ! ଆପଣ କିଏ ? କେଉଁଠୁ ଆସିଲେ ଯେ, ମୋତେ ଏପରି ପରମପ୍ରିୟ ବଚନ ଶୁଣାଇଲେ ?'' ହନୁମାନ୍ କହିଲେ, ''ହେ କୃପାନିଧାନ ! ମୁଁ ହେଉଛି ପବନଙ୍କର ପୁତ୍ର ଓ ଜାତିରେ ବାନର । ମୋ ନାଆଁ ହନୁମାନ୍ ॥ ୪ ॥

**ଦୀନବଂଧୁ ରଘୁପତି କର କିଂକର । ସୁନତ ଭରତ ଭେଁଟେଉ ଉଠି ସାଦର ॥**
**ମିଲତ ପ୍ରେମ ନହିଁ ହୃଦୟଁ ସମାତା । ନୟନ ସ୍ରୱତ ଜଲ ପୁଲକିତ ଗାତା ॥ ୫ ॥**

ମୁଁ ହେଉଛି ଦୀନଜନଙ୍କର ବନ୍ଧୁ ଶ୍ରୀରଘୁନାଥଙ୍କର ଦାସ ।'' ଏହା ଶୁଣିବାମାତ୍ରେ ଭରତ ବସିଥିବା ସ୍ଥାନରୁ ଉଠିପଡ଼ି ହନୁମାନଙ୍କୁ ଅତ୍ୟନ୍ତ ଆଦରରେ କୁଣ୍ଢାଇପକାଇଲେ । ସେହି ମିଳନ-ସମୟର ଉଦ୍‌ବେଳିତ ପ୍ରେମ ଆଉ ହୃଦୟରେ ଧରିଲା ନାହିଁ; ନୟନରୁ ଆନନ୍ଦ ଓ ପ୍ରେମର ଅଶ୍ରୁଜଳ ଝରିବା ସଙ୍ଗେ ସଙ୍ଗେ ଶରୀର ପୁଲକିତ ହୋଇଗଲା ॥ ୫ ॥

**କପି ତୱ ଦରସ ସକଲ ଦୁଖ ବୀତେ । ମିଲେ ଆଜୁ ମୋହି ରାମ ପିରୀତେ ॥**
**ବାର ବାର ବୂଝୀ କୁସଲାତା । ତୋ କହୁଁ ଦେଉଁ କାହ ସୁନୁ ଭ୍ରାତା ॥ ୬ ॥**

ଭରତ କହିଲେ, ''ହେ ହନୁମାନ୍ । ତୁମ ଦର୍ଶନ ପାଇ ମୋର ସକଳ ଦୁଃଖ ଦୂର ହୋଇଗଲା । [ତୁମରି ରୂପରେ] ମୋତେ ଆଜି ମୋର ପରମପ୍ରିୟ ଶ୍ରୀରାମ ମିଳିଗଲେ ।'' ବାରମ୍ବାର କୁଶଳବାର୍ତ୍ତା ପଚ୍ଚରି ସେ କହିଲେ, ''ହେ ଭାଇ ! ଏ ଯେଉଁ ଶୁଭ ସଂବାଦ ଶୁଣାଇଲ, ଏଥିପାଇଁ ମୁଁ ତୁମକୁ କ'ଣ ବା ଦେଇପାରିବି ! ॥ ୬ ॥

**ଏହି ସଂଦେସ ସରିସ ଜଗ ମାହୀଁ । କରି ବିଚ୍ଚର ଦେଖେଉଁ କଛୁ ନାହୀଁ ॥**
**ନାହିନ ତାତ ଉରିନ ମୈଁ ତୋହୀ । ଅବ ପ୍ରଭୁ ଚରିତ ସୁନାୱହୁ ମୋହୀ ॥ ୭ ॥**

ମୁଁ ବିଚ୍ଚର କରି ଦେଖୁଛି, ଏହି ସଂବାଦର ସମତୁଲ୍ୟ (ଏହା ବଦଳରେ ଦେବାର ଯୋଗ୍ୟ) ପଦାର୍ଥ ଜଗତରେ କିଛି ବି ନାହିଁ । ତେଣୁ ହେ ତାତ ! ମୁଁ କୌଣସିପ୍ରକାରେ ତୁମର ଋଣ ଶୁଝିପାରିବି ନାହିଁ । ମୋତେ ଏଥର ପ୍ରଭୁଙ୍କ ବିଷୟରେ ଟିକିଏ ଶୁଣାଅ ।'' ॥ ୭ ॥

**ତବ ହନୁମଂତ ନାଇ ପଦ ମାଥା । କହେ ସକଲ ରଘୁପତି ଗୁନ ଗାଥା ॥**
**କହୁ କପି କବହୁଁ କୃପାଲ ଗୋସାଇଁ । ସୁମିରହିଁ ମୋହି ଦାସ କୀ ନାଇଁ ॥ ୮ ॥**

ଏହା ଶୁଣି, ଭରତଙ୍କ ଚରଣରେ ମସ୍ତକ ଲଗାଇ ହନୁମାନ୍ ରଘୁନାଥଙ୍କର ସମସ୍ତ ଗୁଣଗାଥା କହିଗଲେ । ଭରତ ପଚ୍ଚରିଲେ ''ହେ ହନୁମାନ୍ । କୃପାଳୁ ପ୍ରଭୁ ଶ୍ରୀରାମ କେବେ ଏହି ଦାସକୁ (ମୋତେ) ମନେ ପକାନ୍ତି ତ ?'' ॥ ୮ ॥

ଛନ୍ଦ- **ନିଜ ଦାସ ଜ୍ୟୋଁ ରଘୁବଂସଭୂଷନ କବହୁଁ ମମ ସୁମିରନ କର୍‌ୟୋ ।**
**ସୁନି ଭରତ ବଚନ ବିନୀତ ଅତି କପି ପୁଲକି ତନ ଚରନହ୍ନି ପର୍‌ୟୋ ।**
**ରଘୁବୀର ନିଜ ମୁଖ ଜାସୁ ଗୁନ ଗନ କହତ ଅଗ ଜଗ ନାଥ ଜୋ ।**
**କାହେ ନ ହୋଇ ବିନୀତ ପରମ ପୁନୀତ ସଦଗୁନ ସିଂଧୁ ସୋ ॥**

''ରଘୁବଂଶଭୂଷଣ ଶ୍ରୀରାମ କେବେ ମୋତେ ନିଜର ଦାସଭାବରେ ସ୍ମରଣ କରନ୍ତି କି?'' ଭରତଙ୍କର ଏଭଳି ଅତ୍ୟନ୍ତ ବିନମ୍ର ବଚନ ଶୁଣି ହନୁମାନଙ୍କ ଶରୀର ପୁଲକିତ ହୋଇଗଲା । ସେ ଭରତଙ୍କ ପାଦତଳେ ପଡ଼ିଗଲେ ଏବଂ ମନେ ମନେ ବିଚ୍ଚର କରିବାକୁ ଲାଗିଲେ, ଚରାଚରର ସ୍ୱାମୀ ଶ୍ରୀରଘୁବୀର ଯାହାଙ୍କର ଗୁଣସମୂହ ନିଜ ଶ୍ରୀମୁଖରେ ବର୍ଣ୍ଣନା କରନ୍ତି, ସେହି ଭରତ ଏପରି ବିନମ୍ର, ପରମପବିତ୍ର ଓ ସଦ୍‌ଗୁଣସାଗର ନ ହେବେ ବା କିପରି ! ॥

ଦୋ:- **ରାମ ପ୍ରାନ ପ୍ରିୟ ନାଥ ତୁହ୍ମ ସତ୍ୟ ବଚନ ମମ ତାତ ।**
**ପୁନି ପୁନି ମିଲତ ଭରତ ସୁନି ହରଷ ନ ହୃଦୟଁ ସମାତ ॥ ୨(କ) ॥**

ହନୁମାନ୍ କହିଲେ, ''ହେ ନାଥ ! ମୁଁ ସତ କହୁଛି, ଆପଣ ଶ୍ରୀରାମଙ୍କର ପ୍ରାଣସମାନ ପ୍ରିୟ ।'' ତାହା ଶୁଣି ଭରତ ତାଙ୍କୁ ବାରମ୍ବାର ବକ୍ଷରେ ଭିଡ଼ିଧରିଲେ; ତାଙ୍କର ମନ ଆନନ୍ଦରେ ଉଚ୍ଛୁଳିଉଠିଲା ॥ ୨ (କ) ॥

ସୋ:- **ଭରତ ଚରନ ସିରୁ ନାଇ ତୁରିତ ଗୟଉ କପି ରାମ ପହିଁ ।**
**କହୀ କୁସଲ ସବ ଜାଇ ହରଷି ଚଲେଉ ପ୍ରଭୁ ଜାନ ଚଢ଼ି ॥ ୨(ଖ) ॥**

ତା'ପରେ ଭରତଙ୍କ ଚରଣରେ ପ୍ରଣାମ କରି ହନୁମାନ୍ ଯଥାଶୀଘ୍ର ଶ୍ରୀରାମଙ୍କ ନିକଟକୁ ଫେରିଗଲେ ଏବଂ ଯାଇ ତାଙ୍କୁ ସମସ୍ତ କୁଶଳ ସମାଚାର ଶୁଣାଇଦେଲେ । ପ୍ରଭୁ ଆନନ୍ଦିତ ହୋଇ ବିମାନରେ ବସି ବାହାରିପଡ଼ିଲେ ॥ ୨(ଖ) ॥

**ହରଷି ଭରତ କୋସଲପୁର ଆଏ । ସମାଚାର ସବ ଗୁରହି ସୁନାଏ ॥**
**ପୁନି ମଂଦିର ମହଁ ବାତ ଜନାଈ । ଆୱତ ନଗର କୁସଲ ରଘୁରାଈ ॥ ୧ ॥**

ଏପଟେ ଭରତ ମଧ୍ୟ ଆନନ୍ଦିତ ହୋଇ ନନ୍ଦିଗ୍ରାମରୁ ଅଯୋଧ୍ୟାପୁରୀକୁ ଚାଲିଆସିଲେ । ସେ ଗୁରୁଦେବଙ୍କୁ ସକଳ ସମାଚାର ଶୁଣାଇଦେଲେ । ତା'ପରେ ରାଜନବରକୁ ସମ୍ବାଦ ପଠାଇଦେଲେ ଯେ, ଶ୍ରୀରଘୁନାଥ ସର୍ବକୁଶଳରେ ନଗରକୁ ଆସୁଛନ୍ତି ॥ ୧ ॥

**ସୁନତ ସକଲ ଜନନୀଁ ଉଠି ଧାଈଁ । କହି ପ୍ରଭୁ କୁସଲ ଭରତ ସମୁଝାଈଁ ॥**
**ସମାଚାର ପୁରବାସିହ୍ନ ପାଏ । ନର ଅରୁ ନାରି ହରଷି ସବ ଧାଏ ॥ ୨ ॥**

ସଂବାଦ ପାଇବାମାତ୍ରେ କୌଶଲ୍ୟାଦି ସବୁ ମାଆ ଉଠି ଅତି ଆନନ୍ଦରେ ଭରତଙ୍କ ପାଖକୁ ଧାଇଁଆସିଲେ । ଭରତ ପ୍ରଭୁଙ୍କ କୁଶଳ ସମାଚାର ଜଣାଇ ସମସ୍ତଙ୍କୁ ବୁଝାଇଦେଲେ । ଏହି ସଂବାଦ ପାଇ ନଗରର ନରନାରୀ ପ୍ରଭୁଙ୍କୁ ଦେଖିବାକୁ ଆନନ୍ଦରେ ଧାଇଁଲେ ॥ ୨ ॥

**ଦଧି ଦୁର୍ବା ରୋଚନ ଫଲ ଫୂଲା । ନୱ ତୁଲସୀ ଦଲ ମଂଗଲ ମୂଲା ॥**
**ଭରି ଭରି ହେମ ଥାର ଭାମିନୀ । ଗାୱତ ଚଲିଁ ସିଂଧୁରଗାମିନୀ ॥ ୩ ॥**

ଶ୍ରୀରାମଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ସୁବର୍ଣ୍ଣଥାଳିରେ ଦହି, ଦୂବ, ଗୋରୋଚନା, ଫଳ, ଫୁଲ ଓ ସର୍ବମଙ୍ଗଳର ମୂଳ ସଜତୁଳସୀ ଆଦି ମାଙ୍ଗଳିକ ବସ୍ତୁ ସଜାଇଧରି ସୌଭାଗ୍ୟବତୀ ଗଜଗାମିନୀ ନାରୀମାନେ ଗୀତ ଗାଇ ଗାଇ ଚାଲିଲେ ॥ ୩ ॥

**ଜେ ଜୈସେହିଁ ତୈସେହିଁ ଉଠି ଧାୱହିଁ । ବାଲ ବୃଦ୍ଧ କହଁ ସଂଗ ନ ଲାୱହିଁ ॥**
**ଏକ ଏକହ୍ନ କହଁ ବୂଝହିଁ ଭାଈ । ତୁହ୍ମ ଦେଖେ ଦୟାଲ ରଘୁରାଈ ॥ ୪ ॥**

ଯେ ଯେଉଁଠି ଯେଉଁ ଅବସ୍ଥାରେ ଥିଲେ, ସେହି ଅବସ୍ଥାରେ ଉଠି ଧାଇଁଲେ । ଡେରି ହୋଇଯିବ ବୋଲି କେହି ଛୋଟ ପିଲା ଓ ବୁଢ଼ାମାନଙ୍କୁ ସାଥିରେ ନେଲେ ନାହିଁ । ବାଟରେ ଯେ ଯାହାକୁ ଦେଖିଲେ, ତାକୁ ପଚାରିବାକୁ ଲାଗିଲେ, ''ଭାଇ ! ତୁମେ ଦୟାଳୁ ଶ୍ରୀରାମଙ୍କୁ ଦେଖିଲ କି ?'' ॥ ୪ ॥

**ଅୱଧପୁରୀ ପ୍ରଭୁ ଆୱତ ଜାନୀ । ଭଈ ସକଲ ସୋଭା କୈ ଖାନୀ ॥**
**ବହଇ ସୁହାୱନ ତ୍ରିବିଧ ସମୀରା । ଭଇ ସରଜୂ ଅତି ନିର୍ମଲ ନୀରା ॥ ୫ ॥**

ପ୍ରଭୁ ଆସୁଛନ୍ତି ଜାଣି ଅଯୋଧ୍ୟାନଗରୀ ସକଳ ଶୋଭାର ଭଣ୍ଡାର ହୋଇଗଲା । ତ୍ରିବିଧ ସୁନ୍ଦର ବାୟୁ ପ୍ରବାହିତ ହେବାକୁ ଲାଗିଲା । ସରଯୂନଦୀର ଜଳ ଅତ୍ୟନ୍ତ ନିର୍ମଳ ହୋଇଗଲା ॥ ୫ ॥

ଦୋ:- **ହରଷିତ ଗୁର ପରିଜନ ଅନୁଜ ଭୂସୁର ବୃଂଦ ସମେତ ।**
**ଚଲେ ଭରତ ମନ ପ୍ରେମ ଅତି ସନ୍ମୁଖ କୃପାନିକେତ ॥ ୩(କ) ॥**

ଗୁରୁ ବଶିଷ୍ଠ, କୁଟୁମ୍ବର ବିଭିନ୍ନ ଲୋକ, ଅନୁଜ ଶତ୍ରୁଘ୍ନ ତଥା ବ୍ରାହ୍ମଣସମୂହକୁ ସାଥିରେ ଧରି, ଭରତ ଅତ୍ୟନ୍ତ ଆନନ୍ଦିତ ହୋଇ ପ୍ରେମପୂର୍ଣ୍ଣ ଚିତ୍ତରେ କୃପାନିଧାନ ଶ୍ରୀରାମଙ୍କୁ ପାଛୋଟି ଆଣିବାକୁ ଚାଲିଲେ ॥ ୩(କ) ॥

**ବହୁତକ ଚଢ଼ୀଁ ଅଟାରିହ୍ନ ନିରଖହିଁ ଗଗନ ବିମାନ ।**
**ଦେଖି ମଧୁର ସୁର ହରଷିତ କରହିଁ ସୁମଂଗଲ ଗାନ ॥ ୩(ଖ) ॥**

ବିମାନ ଦେଖିବାକୁ ଅଟ୍ଟାଳିକା ଉପରେ ଚଢ଼ିଥିବା ନାରୀମାନେ ଆକାଶରେ ବିମାନ ଆସୁଥିବାର ଦେଖିଲେ; ସେମାନେ ଆନନ୍ଦିତା ହୋଇ ମଧୁର ସ୍ୱରରେ ସୁନ୍ଦର ମଙ୍ଗଳଗୀତ ଗାଇବାକୁ ଲାଗିଲେ ॥ ୩(ଖ) ॥

**ରାକା ସସି ରଘୁପତି ପୁର ସିଂଧୁ ଦେଖି ହରଷାନ ।**
**ବଢ଼୍ୟୋ କୋଲାହଲ କରତ ଜନୁ ନାରି ତରଂଗ ସମାନ ॥ ୩(ଗ) ॥**

ଶ୍ରୀରଘୁନାଥ ହେଉଛନ୍ତି ପୂର୍ଣ୍ଣିମାର ଚନ୍ଦ୍ର ଓ ଅଯୋଧ୍ୟାନଗରୀ ହେଉଛି ସମୁଦ୍ର । ସେହି ପୂର୍ଣ୍ଣଚନ୍ଦ୍ରକୁ ଦେଖି, ସେହି ସମୁଦ୍ର ହର୍ଷିତ ହୋଇ, ଗର୍ଜନ କରି ଫୁଲିଉଠିଲା । ପ୍ରଭୁଙ୍କୁ ଦେଖିବାକୁ ଏଣେତେଣେ ଧାଉଁଥିବା ନାରୀମାନେ ସେହି ସମୁଦ୍ରର ତରଙ୍ଗାବଳୀ ପରି ଦିଶୁଥିଲେ ॥ ୩(ଗ) ॥

**ଇହାଁ ଭାନୁକୁଲ କମଲ ଦିୱାକର । କପିହ୍ନ ଦେଖାୱତ ନଗର ମନୋହର ॥**
**ସୁନୁ କପୀସ ଅଂଗଦ ଲଂକେସା । ପାୱନ ପୁରୀ ରୁଚିର ୟହ ଦେସା ॥ ୧ ॥**

ଏପଟେ ସୂର୍ଯ୍ୟବଂଶରୂପୀ କମଳକୁ ପ୍ରଫୁଲ୍ଲିତ କରୁଥିବା ସୂର୍ଯ୍ୟରୂପୀ ଶ୍ରୀରାମ ବିମାନରେ ବସି ବାନରମାନଙ୍କୁ ନଗରର ଶୋଭା ଦେଖାଉଥାନ୍ତି । ସେ କହୁଥାନ୍ତି, "ହେ ସୁଗ୍ରୀବ ! ହେ ଅଙ୍ଗଦ ! ହେ ଲଙ୍କାପତି ବିଭୀଷଣ ! ଏହି ନଗରୀ ହେଉଛି ପବିତ୍ର ଓ ଏହି ଦେଶ ହେଉଛି ସୁନ୍ଦର ॥ ୧ ॥

**ଜଦ୍ୟପି ସବ ବୈକୁଂଠ ବଖାନା । ବେଦ ପୁରାନ ବିଦିତ ଜଗୁ ଜାନା ॥**
**ଅୱଧପୁରୀ ସମ ପ୍ରିୟ ନହିଁ ସୋଉ । ୟହ ପ୍ରସଂଗ ଜାନଇ କୋଉ କୋଉ ॥ ୨ ॥**

ଯଦିବା ସମସ୍ତେ ବୈକୁଣ୍ଠର ପ୍ରଶଂସା କରନ୍ତି, ପୁଣି ତାହା ବେଦ-ପୁରାଣରେ ପ୍ରସିଦ୍ଧ ଓ ଜଗତରେ ବିଖ୍ୟାତ, ତଥାପି ମୋତେ ଅଯୋଧ୍ୟାପୁରୀ ଯେତେ ଭଲ ଲାଗେ, ବୈକୁଣ୍ଠ ସେତେ ଭଲ ଲାଗେନାହିଁ । ଏହି ରହସ୍ୟ ଜାଣିଥିବା ଲୋକ ବିରଳ ॥ ୨ ॥

**ଜନ୍ମଭୂମି ମମ ପୁରୀ ସୁହାୱନି । ଉତ୍ତର ଦିସି ବହ ସରଜୂ ପାୱନି ॥**
**ଜା ମଜ୍ଜନ ତେ ବିନହିଁ ପ୍ରୟାସା । ମମ ସମୀପ ନର ପାୱହିଁ ବାସା ॥ ୩ ॥**

ଏହି ସୁନ୍ଦରୀ ନଗରୀ ହେଉଛି ମୋର ଜନ୍ମଭୂମି । ଏହାର ଉତ୍ତରଦିଗରେ ପ୍ରାଣୀମାନଙ୍କର ପବିତ୍ରକାରିଣୀ ସରଯୂନଦୀ ପ୍ରବାହିତ । ସେହି ନଦୀରେ ସ୍ନାନ କଲେ ମନୁଷ୍ୟ ଅକ୍ଳେଶରେ ମୋ ସମୀପରେ ନିବାସ (ସାମୀପ୍ୟ ମୁକ୍ତି) ପାଇଯାଏ ॥ ୩ ॥

**ଅତି ପ୍ରିୟ ମୋହି ଇହାଁକେ ବାସୀ । ମମ ଧାମଦା ପୁରୀ ସୁଖ ରାସୀ ॥**
**ହରଷେ ସବ କପି ସୁନି ପ୍ରଭୁ ବାନୀ । ଧନ୍ୟ ଅୱଧ ଜୋ ରାମ ବଖାନୀ ॥ ୪ ॥**

ଏଠାକାର ନିବାସୀମାନେ ମୋର ଅତି ପ୍ରିୟ । ଏହି ପୁରୀ ହେଉଛି ସର୍ବସୁଖର ନିଧାନ ଓ ମୋର ପରମଧାମପ୍ରଦାୟିନୀ ।'' ପ୍ରଭୁଙ୍କ କଥା ଶୁଣି ବାନରମାନେ ଆନନ୍ଦିତ ହୋଇଗଲେ । ସେମାନେ କହିବାକୁ ଲାଗିଲେ, ''ଯେଉଁ ଅଯୋଧ୍ୟାକୁ ସ୍ୱୟଂ ଶ୍ରୀରାମ ପ୍ରଂଶସା କରୁଛନ୍ତି, ତାହା ଅବଶ୍ୟ ଧନ୍ୟ ।'' ॥ ୪ ॥

ଦୋଃ- **ଆୱତ ଦେଖି ଲୋଗ ସବ କୃପାସିଂଧୁ ଭଗୱାନ ।**
**ନଗର ନିକଟ ପ୍ରଭୁ ପ୍ରେରେଉ ଉତରେଉ ଭୂମି ବିମାନ ॥ ୪(କ) ॥**

ଅଯୋଧ୍ୟାର ଲୋକମାନେ ଆସୁଥିବାର ଦେଖି କୃପାସାଗର ଭଗବାନ୍ ବିମାନକୁ ନଗର ସମୀପରେ ଓହ୍ଲାଇବାକୁ ଆଜ୍ଞା ଦେଲେ । ବିମାନ ଓହ୍ଲାଇଲା ॥ ୪(କ) ॥

**ଉତରି କହେଉ ପ୍ରଭୁ ପୁଷ୍ପକହି ତୁହ୍ମ କୁବେର ପହିଁ ଜାହୁ ।**
**ପ୍ରେରିତ ରାମ ଚଲେଉ ସୋ ହରଷୁ ବିରହୁ ଅତି ତାହୁ ॥ ୪(ଖ) ॥**

ଓହ୍ଲାଇବା ପରେ ପ୍ରଭୁ ପୁଷ୍ପକବିମାନକୁ କହିଲେ, ''ତୁମେ ଏଥର କୁବେରଙ୍କ ନିକଟକୁ ଚାଲିଯାଅ ।'' ଶ୍ରୀରାମଙ୍କ ପ୍ରେରଣାରେ ବିମାନ ଚାଲିଗଲା । ସେ ନିଜ ସ୍ୱାମୀ କୁବେରଙ୍କ ପାଖକୁ ଫେରିଯାଉଥିବାରୁ ଆନନ୍ଦିତ ଥିଲା ସତ, କିନ୍ତୁ ପ୍ରଭୁ ଶ୍ରୀରାମଙ୍କୁ ଛାଡ଼ିଯିବାକୁ ପଡୁଥିବାରୁ ତା'ମନରେ ଅତ୍ୟନ୍ତ ଦୁଃଖ ମଧ୍ୟ ହେଉଥିଲା ॥ ୪(ଖ) ॥

**ଆଏ ଭରତ ସଂଗ ସବ ଲୋଗା । କୃସ ତନ ଶ୍ରୀରଘୁବୀର ବିୟୋଗା ॥**
**ବାମଦେୱ ବସିଷ୍ଟ ମୁନିନାୟକ । ଦେଖେ ପ୍ରଭୁ ମହି ଧରି ଧନୁ ସାୟକ ॥ ୧ ॥**

ଭରତଙ୍କ ସହିତ ସବୁଲୋକ ଶ୍ରୀରାମଙ୍କ ନିକଟକୁ ଚାଲିଆସିଲେ । ଶ୍ରୀରଘୁନାଥଙ୍କ ବିୟୋଗଦୁଃଖରେ ସମସ୍ତଙ୍କ ଶରୀର ଦୁର୍ବଳ ହୋଇଯାଇଥାଏ । ବାମଦେବ, ବଶିଷ୍ଠ ଆଦି ମୁନିଶ୍ରେଷ୍ଠମାନଙ୍କୁ ଦେଖି ପ୍ରଭୁ ଶ୍ରୀରାମ ଧନୁର୍ବାଣ ତଳେ ଥୋଇଦେଲେ, ॥ ୧ ॥

**ଧାଇ ଧରେ ଗୁର ଚରନ ସରୋରୁହ । ଅନୁଜ ସହିତ ଅତି ପୁଲକ ତନୋରୁହ ॥**
**ଭେଁଟି କୁସଲ ବୂଝୀ ମୁନିରାୟା । ହମରେଁ କୁସଲ ତୁହ୍ମାରିହିଁ ଦାୟା ॥ ୨ ॥**


ଏବଂ ଅନୁଜ ଲକ୍ଷ୍ମଣଙ୍କ ସହିତ ଧାଇଁଆସି ଗୁରୁଙ୍କ ପାଦପଦ୍ମକୁ ଧରିପକାଇଲେ । ତାଙ୍କର ରୋମାବଳୀ ପୁଲକିତ ହୋଇଗଲା । ମୁନିରାଜ ବଶିଷ୍ଠ ସେମାନଙ୍କୁ ଉଠାଇ ଆଲିଙ୍ଗନ କରି କୁଶଳ ସମାଚାର ପଚାରିଲେ । ପ୍ରଭୁ କହିଲେ, ''ଆପଣମାନଙ୍କ ଦୟାରୁ ଆମର ସବୁ କୁଶଳ ।'' ॥ ୨ ॥

**ସକଲ ଦ୍ୱିଜହ୍ନ ମିଲି ନାୟଉ ମାଥା । ଧର୍ମ ଧୁରଂଧର ରଘୁକୁଲନାଥା ॥**
**ଗହେ ଭରତ ପୁନି ପ୍ରଭୁ ପଦ ପଂକଜ । ନମତ ଜିହ୍ନହି ସୁର ମୁନି ସଂକର ଅଜ ॥ ୩ ॥**

ଧର୍ମଧୁରନ୍ଧର ରଘୁକୁଳନାଥ ଶ୍ରୀରାମ ସମସ୍ତ ବ୍ରାହ୍ମଣଙ୍କୁ ସାକ୍ଷାତ୍ କରି ପ୍ରଣାମ କଲେ । ତା'ପରେ ଭରତ ଯାଇ ପ୍ରଭୁଙ୍କର ସେହି ଚରଣକମଳଦ୍ୱୟ ଧରି ଲୋଟିପଡ଼ିଲେ, ଯାହାକୁ କି ଦେବତା, ମୁନି, ଶଙ୍କର, ବ୍ରହ୍ମା ଆଦି ସମସ୍ତେ ନମସ୍କାର କରନ୍ତି ॥ ୩ ॥

**ପରେ ଭୂମି ନହିଁ ଉଠତ ଉଠାଏ । ବର କରି କୃପାସିଂଧୁ ଉର ଲାଏ ॥**
**ସ୍ୟାମଲ ଗାତ ରୋମ ଭଏ ଠାଢ଼େ । ନୱ ରାଜୀୱ ନୟନ ଜଲ ବାଢ଼େ ॥ ୪ ॥**

ଭରତ ତଳେ ପଡ଼ିଛନ୍ତି । ଉଠାଇଲେ ଉଠୁ ନାହାନ୍ତି । ଏହା ଦେଖି, କୃପାସିନ୍ଧୁ ଶ୍ରୀରାମ ତାଙ୍କୁ ଜୋର କରି ଉଠାଇ ହୃଦୟରେ ଜାବୁଡ଼ି ଧରିଲେ । ପ୍ରଭୁଙ୍କ ଶ୍ୟାମଳଶରୀର ରୋମାଞ୍ଚିତ ହୋଇଗଲା । ତାଙ୍କର ନବକମଳସମାନ ନୟନରେ ପ୍ରେମାଶ୍ରୁର ବନ୍ୟା ଆସିଗଲା ॥ ୪ ॥



ଶ୍ରୀରାମଚନ୍ଦ୍ରଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ ଗୁରୁବଶିଷ୍ଠ ଓ ଭାଇମାନଙ୍କ ସହିତ ମିଳନ

ଛନ୍ଦ- ରାଜୀୱ ଲୋଚନ ସ୍ରୱତ ଜଲ ତନ ଲଲିତ ପୁଲକାୱଲି ବନୀ ।
ଅତି ପ୍ରେମ ହୃଦୟଁ ଲଗାଇ ଅନୁଜହି ମିଲେ ପ୍ରଭୁ ତ୍ରିଭୁଅନ ଧନୀ ॥
ପ୍ରଭୁ ମିଲତ ଅନୁଜହି ସୋହ ମୋ ପହିଁ ଜାତି ନହିଁ ଉପମା କହୀ ।
ଜନୁ ପ୍ରେମ ଅରୁ ସିଂଗାର ତନୁ ଧରି ମିଲେ ବର ସୁଷମା ଲହୀ ॥

କମଳନୟନରୁ ଅଶ୍ରୁଜଳ ଧାର ଧାର ହୋଇ ବହିଗଲିଲା । ସୁନ୍ଦର ଶରୀରରେ ରୋମାଞ୍ଚ ଶୋଭା ପାଇଲା । ତ୍ରିଭୁବନନାଥ ଶ୍ରୀରାମ ଅନୁଜ ଭରତଙ୍କୁ ଅତ୍ୟନ୍ତ ପ୍ରେମର ସହିତ ହୃଦୟରେ ଲଗାଇଲେ । ଭାଇ ସହିତ ମିଳନ ସମୟରେ ପ୍ରଭୁ ଯେପରି ଶୋଭା ପାଇଲେ, ମୁଁ ତାର ଉପମା ଦେଇପାରୁନାହିଁ । ମନେ ହେଲା, ସତେ ଅବା ପ୍ରେମ ଓ ଶୃଙ୍ଗାର ସାକ୍ଷାତ୍ ମୂର୍ତ୍ତିମନ୍ତ ହୋଇ ପରସ୍ପର ମିଳିତ ହେବାଫଳରେ ଶ୍ରେଷ୍ଠ ଶୋଭା ପ୍ରାପ୍ତ ହେଲେ ॥ ୧ ॥

ବୂଝତ କୃପାନିଧି କୁସଲ ଭରତହି ବଚନ ବେଗି ନ ଆୱଈ ।
ସୁନୁ ସିୱା ସୋ ସୁଖ ବଚନ ମନ ତେ ଭିନ୍ନ ଜାନ ଜୋ ପାୱଈ ॥
ଅବ କୁସଲ କୌସଲନାଥ ଆରତ ଜାନି ଜନ ଦରସନ ଦିୟୋ ।
ବୂଡ଼ତ ବିରହ ବାରୀସ କୃପାନିଧାନ ମୋହି କର ଗହି ଲିୟୋ ॥

କୃପାନିଧାନ ଶ୍ରୀରାମ ଭରତଙ୍କୁ କୁଶଳ ପ୍ରଶ୍ନ କଲେ । କିନ୍ତୁ ଭାବାବେଶ ହେତୁ ଭରତଙ୍କ ମୁଖରୁ ଶୀଘ୍ର ବଚନ ବାହାରୁ ନ ଥାଏ । [ଶିବ କହିଲେ,] ହେ ପାର୍ବତୀ ! ସେତେବେଳେ ଭରତ ଯେଉଁ ଆନନ୍ଦ ଲାଭ କରୁଥିଲେ, ତାହା ତ ମନ ଓ ବଚନର ଅତୀତ । ଯେ ସେହି ଆନନ୍ଦ ପାଇଛି, ସେ ହିଁ ତାର ମୂଲ୍ୟ ଜାଣେ । ଭରତ କହିଲେ, "ହେ କୋଶଳନାଥ ! ଦୁଃଖୀ ବୋଲି ଜାଣି ଆପଣ ଏହି ଦାସକୁ ଯେଉଁ ଦର୍ଶନ ଦେଲେ, ତା'ଫଳରେ ଏ ଦାସର ବର୍ତ୍ତମାନ ସବୁ କୁଶଳ ହୋଇଗଲା । ବିରହ-ସାଗରରେ ବୁଡ଼ିଯାଉଥିବାବେଳେ ଆପଣ କୃପାନିଧାନ ମୋର ହାତ ଧରି, ଟେକିଆଣି ମୋତେ ବଞ୍ଚାଇଦେଲେ ।" ॥ ୨ ॥

ଦୋ:- ପୁନି ପ୍ରଭୁ ହରଷି ସତ୍ରୁହନ ଭେଁଟେ ହୃଦୟଁ ଲଗାଇ ।
ଲଛିମନ ଭରତ ମିଲେ ତବ ପରମ ପ୍ରେମ ଦୋଉ ଭାଈ ॥ ୫ ॥

ତା'ପରେ ପ୍ରଭୁ ହର୍ଷିତ ହୋଇ, ଶତ୍ରୁଘ୍ନଙ୍କୁ ହୃଦୟରେ ଲଗାଇ ଆଦର କଲେ । ଭରତ ଓ ଲକ୍ଷ୍ମଣ ଅତ୍ୟନ୍ତ ପ୍ରେମର ସହିତ ମିଳିତ ହେଲେ ॥ ୫ ॥

ଭରତାନୁଜ ଲଛିମନ ପୁନି ଭେଁଟେ । ଦୁସହ ବିରହ ସଂଭୱ ଦୁଖ ମେଟେ ॥
ସୀତା ଚରନ ଭରତ ସିରୁ ନାୱା । ଅନୁଜ ସମେତ ପରମ ସୁଖ ପାୱା ॥ ୧ ॥

ତା'ପରେ ଲକ୍ଷ୍ମଣ ଶତ୍ରୁଘ୍ନଙ୍କୁ ବକ୍ଷରେ ଧରି ଆଦର କଲେ ଏବଂ ଏପରିଭାବରେ ବିରହଜନିତ ଦୁଃସହ ଦୁଃଖ ନାଶ କଲେ । ଅନୁଜ ଶତ୍ରୁଘ୍ନଙ୍କ ସହିତ ଭରତ ଯାଇ, ସୀତାଙ୍କ ଚରଣରେ ପ୍ରଣାମ କରି ପରମସୁଖ ଲାଭ କଲେ ॥ ୧ ॥

ପ୍ରଭୁ ବିଲୋକି ହରଷେ ପୁରବାସୀ । ଜନିତ ବିୟୋଗ ବିପତି ସବ ନାସୀ ॥
ପ୍ରେମାତୁର ସବ ଲୋଗ ନିହାରୀ । କୌତୁକ କୀନ୍ହ କୃପାଲ ଖରାରୀ ॥ ୨ ॥

ପ୍ରଭୁଙ୍କୁ ଦେଖି ସମସ୍ତ ଅଯୋଧ୍ୟାବାସୀ ଆନନ୍ଦିତ ହୋଇଗଲେ; ସକଳ ବିୟୋଗଜନିତ ଦୁଃଖ ଦୂର ହୋଇଗଲା । ସମସ୍ତଙ୍କର ପ୍ରେମବିହ୍ୱଳ ଅବସ୍ଥା ଓ ମିଳନ ନିମନ୍ତେ ଆତୁରତା ଲକ୍ଷ୍ୟ କରି ଖରଶତ୍ରୁ କୃପାଳୁ ଶ୍ରୀରାମ ଗୋଟିଏ କୌତୁକ (ଲୀଳା) ରଚନା କରିଦେଲେ ॥ ୨ ॥

**ଅମିତ ରୂପ ପ୍ରଗଟେ ତେହି କାଲା । ଜଥା ଜୋଗ ମିଲେ ସବହି କୃପାଲା ॥**
**କୃପାଦୃଷ୍ଟି ରଘୁବୀର ବିଲୋକୀ । କିଏ ସକଲ ନର ନାରି ବିସୋକୀ ॥ ୩ ॥**

ସେତେବେଳେ କୃପାଳୁ ଶ୍ରୀରାମ ଏକକାଳୀନ ଅସଂଖ୍ୟ ରୂପରେ ପ୍ରକଟ ହୋଇଯାଇ ସମସ୍ତଙ୍କ ସହିତ ଯଥାଯୋଗ୍ୟ ମିଳିତ ହେଲେ । ଶ୍ରୀ ରଘୁନାଥ କୃପାଦୃଷ୍ଟିରେ ଚାହିଁଦେଇ ସକଳ ନରନାରୀଙ୍କୁ ଶୋକରହିତ କରିଦେଲେ ॥ ୩ ॥

**ଛନ ମହିଁ ସବହି ମିଲେ ଭଗୱାନା । ଉମା ମରମ ୟହ କାହୁଁ ନ ଜାନା ॥**
**ଏହି ବିଧି ସବହି ସୁଖୀ କରି ରାମା । ଆଗେଁ ଚଲେ ସୀଲ ଗୁନ ଧାମା ॥ ୪ ॥**

ଭଗବାନ୍ କ୍ଷଣକମଧ୍ୟରେ ସମସ୍ତଙ୍କ ସହିତ ମିଳିତ ହୋଇଗଲେ । ହେ ଉମା ! ଏହି ରହସ୍ୟ କେହି ଜାଣିପାରିଲେ ନାହିଁ । ସମସ୍ତେ ଭାବିଲେ, 'ପ୍ରଭୁ ପ୍ରଥମେ ମୋ ସହିତ ସାକ୍ଷାତ୍ କଲେ ।' ଶୀଳ ଓ ଗୁଣର ନିଧାନ ଶ୍ରୀରାମ ଏପରିଭାବରେ ସମସ୍ତଙ୍କୁ ସୁଖୀ କରାଇ ଆଗକୁ ଚାଲିଲେ ॥ ୪ ॥

**କୌସଲ୍ୟାଦି ମାତୁ ସବ ଧାଈ । ନିରଖି ବଚ୍ଛ ଜନୁ ଧେନୁ ଲୱାଈ ॥ ୫ ॥**

ପ୍ରଭୁଙ୍କୁ ଦେଖି କୌଶଲ୍ୟାଦି ମାତାମାନେ ଏପରି ଧାଇଁଆସିଲେ ଯେ, ଦେଖି ମନେ ହେଲା, ସତେ ଯେପରି ନୂଆ ଜନ୍ମ କରିଥିବା ଗାଈମାନେ ସେମାନଙ୍କ ବାଛୁରୀକୁ ଦେଖି ଧାଇଁଆସୁଛନ୍ତି ॥ ୫ ॥

ଛନ୍ଦ- **ଜନୁ ଧେନୁ ବାଲକ ବଚ୍ଛ ତଜି ଗୃହଁ ଚରନ ବନ ପରବସ ଗଈଁ ।**
**ଦିନ ଅଂତ ପୁର ରୁଖ ସ୍ରୱତ ଥନ ହୁଂକାର କରି ଧାୱତ ଭଈଁ ॥**
**ଅତି ପ୍ରେମ ପ୍ରଭୁ ସବ ମାତୁ ଭେଟୀଁ ବଚନ ମୃଦୁ ବହୁବିଧି କହେ ।**
**ଗଇ ବିଷମ ବିପତି ବିୟୋଗ ଭୱ ତିହ୍ନ ହରଷ ସୁଖ ଅଗନିତ ଲହେ ॥**

ସତେ ଯେପରି ନୂଆ ଜନ୍ମ କରିଥିବା ଗାଈମାନେ କଅଁଳା ବାଛୁରୀଙ୍କୁ ଘରେ ଛାଡ଼ିଦେଇ, ବାଧ୍ୟ ହୋଇ ଚରିବାଲାଗି ବନକୁ ଯାଇଥିଲେ ଏବଂ ବେଳବୁଡ଼ି ସଞ୍ଜ ହେବାରୁ ବାଛୁରୀଙ୍କୁ ଦେଖିବା ପାଇଁ ହମ୍ବାଳି ଛାଡ଼ି, ପହ୍ନାରୁ କ୍ଷୀର ଝରାଇ ଝରାଇ ଗାଆଁ ଆଡ଼େ ଧାଇଁଆସୁଛନ୍ତି । ପ୍ରଭୁ ଅତ୍ୟନ୍ତ ପ୍ରେମରେ ସବୁ ମାଆଙ୍କୁ ଭେଟି ସେମାନଙ୍କୁ ନାନାପ୍ରକାର କୋମଳବଚନ କହିଲେ । ବିୟୋଗଜନିତ ବିପତ୍ତି ଦୂର ହୋଇଗଲା ଏବଂ ସମସ୍ତେ ଭଗବାନଙ୍କୁ ଭେଟି ଓ ତାଙ୍କର ବଚନ ଶୁଣି ଅପରିମିତ ସୁଖ ଓ ଆନନ୍ଦ ଲାଭ କଲେ ।

ଦୋଃ- **ଭେଟେଉ ତନୟ ସୁମିତ୍ରାଁ ରାମ ଚରନ ରତି ଜାନି ।**
**ରାମହି ମିଲତ କୈକଈ ହୃଦୟଁ ବହୁତ ସକୁଚାନି ॥ ୬(କ) ॥**

ଶ୍ରୀରାମଙ୍କ ଚରଣରେ ଲକ୍ଷ୍ମଣଙ୍କର ଗଭୀର ପ୍ରୀତି ରହିଛି ଜାଣି ସୁମିତ୍ରା ନିଜ ପୁତ୍ର ଲକ୍ଷ୍ମଣଙ୍କୁ ଆଦର କଲେ । ଶ୍ରୀରାମଙ୍କ ସହିତ ସାକ୍ଷାତ୍ କରିବାବେଳେ କୈକେୟୀ ଅତ୍ୟନ୍ତ ସଂକୋଚ (ଲଜ୍ଜା) ବୋଧ କଲେ ॥ ୬(କ) ॥

**ଲଛିମନ ସବ ମାତହ୍ନ ମିଲି ହରଷେ ଆସିଷ ପାଇ ।**
**କୈକଇ କହଁ ପୁନି ପୁନି ମିଲେ ମନ କର ଛୋଭୁ ନ ଜାଇ ॥ ୬(ଖ) ॥**

ଲକ୍ଷ୍ମଣ ମଧ୍ୟ ସବୁମାଆଙ୍କୁ ସାକ୍ଷାତ୍ କରି ଓ ସେମାନଙ୍କର ଆଶୀର୍ବାଦ ପାଇ ଆନନ୍ଦିତ ହେଲେ । ସେ ଯାଇ କୈକେୟୀଙ୍କୁ ବାରମ୍ବାର ସାକ୍ଷାତ କଲେ; ତଥାପି କୈକେୟୀଙ୍କ ମନର ଅନୁତାପ ଦୂର ହେଲା ନାହିଁ ॥ ୬(ଖ) ॥

**ସାସୁହ୍ନ ସବନି ମିଲୀ ବୈଦେହୀ । ଚରନହ୍ନି ଲାଗି ହରଷୁ ଅତି ତେହୀ ॥**
**ଦେହିଁ ଅସୀସ ବୂଝି କୁସଲାତା । ହୋଇ ଅଚଲ ତୁହ୍ମାର ଅହିୱାତା ॥ ୧ ॥**

ଜାନକୀ ସବୁଶାଶୁଙ୍କୁ ସାକ୍ଷାତ କଲେ ଏବଂ ସେମାନଙ୍କର ପାଦ ଧରି, ପ୍ରଣାମ କରି ଆନନ୍ଦ ଅନୁଭବ କଲେ । ଶାଶୁମାନେ କୁଶଳ ପ୍ରଶ୍ନ କରି, ''ଅହ୍ୟସୁଲକ୍ଷଣୀ ହୋଇଥାଅ'' କହି ତାଙ୍କୁ ଆଶୀର୍ବାଦ ଦେଲେ ॥ ୧ ॥

**ସବ ରଘୁପତି ମୁଖ କମଲ ବିଲୋକହିଁ । ମଂଗଲ ଜାନି ନୟନ ଜଲ ରୋକହିଁ ॥**
**କନକ ଥାର ଆରତୀ ଉତାରହିଁ । ବାର ବାର ପ୍ରଭୁ ଗାତ ନିହାରହିଁ ॥ ୨ ॥**

ମାଆମାନେ ଶ୍ରୀରଘୁନାଥଙ୍କର ପଦ୍ମମୁଖକୁ ଚାହିଁ ରହିଥାନ୍ତି । ନୟନରୁ ବାତ୍ସଲ୍ୟମମତାର ଅଶ୍ରୁ ଉଚ୍ଛୁଳିପଡୁଥାଏ; କିନ୍ତୁ ମଙ୍ଗଳ ମୁହୂର୍ତ୍ତ ଜାଣି ସେମାନେ ଅଶ୍ରୁଜଳକୁ ନେତ୍ରରେ ଅଟକାଇ ରଖିଦେଇଥାନ୍ତି । ସୁନାଥାଳିରେ ଆରତି କରି ସମସ୍ତେ ପ୍ରଭୁଙ୍କ ଶ୍ରୀଅଙ୍ଗକୁ ବାରମ୍ବାର ନୟନ ଭରି ଦେଖୁଥାନ୍ତି ॥ ୨ ॥

**ନାନା ଭାଁତି ନିଛାୱରି କରହୀଂ । ପରମାନଂଦ ହରଷ ଉର ଭରହୀଂ ॥**
**କୌସଲ୍ୟା ପୁନି ପୁନି ରଘୁବୀରହି । ଚିତୱତି କୃପାସିଂଧୁ ରନଧୀରହି ॥ ୩ ॥**

ସେମାନେ ଅନେକପ୍ରକାରେ ବନ୍ଦାପନା କରି ହୃଦୟରେ ପରମାନନ୍ଦ ଓ ହର୍ଷ ଅନୁଭବ କରୁଥାନ୍ତି । କୃପାସାଗର ରଣଧୀର ରଘୁବୀରଙ୍କୁ କୌଶଲ୍ୟା ବାରମ୍ବାର ଚାହୁଁଥାନ୍ତି ॥ ୩ ॥

**ହୃଦୟଁ ବିଚାରତି ବାରହିଁ ବାରା । କୱନ ଭାଁତି ଲଂକାପତି ମାରା ॥**
**ଅତି ସୁକୁମାର ଜୁଗଲ ମେରେ ବାରେ । ନିସିଚର ସୁଭଟ ମହାବଲ ଭାରେ ॥ ୪ ॥**

ସେ ମନ ଭିତରେ ବାରମ୍ବାର ବିଚାର କରୁଥାନ୍ତି, ''ମୋର ଏହି ଦୁଇପୁଅ ତ ବଡ଼ ସୁକୁମାର; ରାକ୍ଷସମାନେ ତ ବିରାଟ ବିରାଟ ଯୋଦ୍ଧା ଓ ଅତି ବଳବାନ୍; ଏ ଦୁହେଁ ଲଙ୍କାପତି ରାବଣକୁ ମାରିଲେ କିପରି !'' ॥ ୪ ॥

ଦୋଃ- **ଲଛିମନ ଅରୁ ସୀତା ସହିତ ପ୍ରଭୁହି ବିଲୋକତି ମାତୁ ।**
**ପରମାନଂଦ ମଗନ ମନ ପୁନି ପୁନି ପୁଲକିତ ଗାତୁ ॥ ୭ ॥**

ଲକ୍ଷ୍ମଣଙ୍କୁ ଏବଂ ସୀତାଙ୍କ ସହିତ ଶ୍ରୀରାମଙ୍କୁ ମାତା ଚାହିଁରହିଥାନ୍ତି । ତାଙ୍କର ମନ ପରମାନନ୍ଦରେ ମଗ୍ନ ହୋଇଯାଇଥାଏ ଏବଂ ଶରୀର ବାରମ୍ବାର ପୁଲକିତ ହେଉଥାଏ ॥ ୭ ॥

**ଲଂକାପତି କପୀସ ନଲ ନୀଲା । ଜାମୱଂତ ଅଂଗଦ ସୁଭସୀଲା ॥**
**ହନୁମଦାଦି ସବ ବାନର ବୀରା । ଧରେ ମନୋହର ମନୁଜ ସରୀରା ॥ ୧ ॥**

ଲଙ୍କାପତି ବିଭୀଷଣ, ବାନରରାଜ ସୁଗ୍ରୀବ, ନଳ, ନୀଳ, ଜାମ୍ବବାନ୍ ଓ ଅଙ୍ଗଦ ତଥା ହନୁମାନ୍ ଆଦି ସତ୍‌ସ୍ୱଭାବର ସବୁ ବୀରବାନର ସୁନ୍ଦର ମନୁଷ୍ୟଶରୀର ଧାରଣ କଲେ ॥ ୧ ॥

**ଭରତ ସନେହ ସୀଲ ବ୍ରତ ନେମା । ସାଦର ସବ ବରନହିଁ ଅତି ପ୍ରେମା ॥**
**ଦେଖି ନଗରବାସିହ୍ନ କୈ ରୀତୀ । ସକଲ ସରାହହିଁ ପ୍ରଭୁ ପଦ ପ୍ରୀତୀ ॥ ୨ ॥**

ସେମାନେ ସମସ୍ତେ ଅତ୍ୟନ୍ତ ପ୍ରେମ ଓ ଆଦରର ସହିତ ଭରତଙ୍କ ପ୍ରେମ, ସୁନ୍ଦର ସ୍ୱଭାବ, ତ୍ୟାଗବ୍ରତ ଓ ନିୟମର ପ୍ରଶଂସା କଲେ ଏବଂ ନଗରବାସୀମାନଙ୍କର ପ୍ରେମ, ସୁଶୀଳତା ଓ ବିନୟପୂର୍ଣ୍ଣ ରୀତି ଦେଖି ପ୍ରଭୁଙ୍କ ଚରଣ ପ୍ରତି ନଗରବାସୀମାନଙ୍କ ପ୍ରେମର ମଧ୍ୟ ପ୍ରଶଂସା କଲେ ॥ ୨ ॥

**ପୁନି ରଘୁପତି ସବ ସଖା ବୋଲାଏ । ମୁନି ପଦ ଲାଗହୁ ସକଲ ସିଖାଏ ॥**
**ଗୁର ବସିଷ୍ଟ କୁଲପୂଜ୍ୟ ହମାରେ । ଇହ୍ନ କୀ କୃପାଁ ଦନୁଜ ରନ ମାରେ ॥ ୩ ॥**

ତା'ପରେ ଶ୍ରୀରଘୁନାଥ ସବୁସଖାଙ୍କୁ ଡକାଇଲେ ଏବଂ ମୁନିଙ୍କ ଚରଣରେ ପ୍ରଣାମ କରିବାକୁ ଶିଖାଇଲେ । କହିଲେ, ''ଏହି ଗୁରୁ ବଶିଷ୍ଠ ହେଉଛନ୍ତି ଆମ କୁଳର ପୂଜ୍ୟ; ଏହାଙ୍କ କୃପାରୁହିଁ ରଣରେ ରାକ୍ଷସମାନେ ନିହତ ହେଲେ ।'' ॥ ୩ ॥

**ଏ ସବ ସଖା ସୁନହୁ ମୁନି ମେରେ । ଭଏ ସମର ସାଗର କହଁ ବେରେ ॥**
**ମମ ହିତ ଲାଗି ଜନ୍ମ ଇହ୍ନ ହାରେ । ଭରତହୁ ତେ ମୋହି ଅଧିକ ପିଆରେ ॥ ୪ ॥**

ସେମାନେ ପ୍ରଣାମ କରିସାରିବା ପରେ ଶ୍ରୀରାମ ମୁନିଙ୍କୁ କହିଲେ, ''ହେ ମୁନିବର ! ଶୁଣନ୍ତୁ, ଏ ସମସ୍ତେ ହେଉଛନ୍ତି ମୋର ସଖା । ସଂଗ୍ରାମରୂପୀ ସମୁଦ୍ରରେ ଏମାନେ ମୋର ବୋଇତ ସମାନ ହୋଇଥିଲେ । ମୋରି ହିତପାଇଁ ଏମାନେ ନିଜ ନିଜର ପ୍ରାଣ ବି ଉତ୍ସର୍ଗ କରିଦେଇଥିଲେ । ଏମାନେ ଭରତଙ୍କ ଠାରୁ ବି ମୋର ଅଧିକ ପ୍ରିୟ ॥ ୪ ॥

**ସୁନି ପ୍ରଭୁ ବଚନ ମଗନ ସବ ଭଏ । ନିମିଷ ନିମିଷ ଉପଜତ ସୁଖ ନଏ ॥ ୫ ॥**

ପ୍ରଭୁଙ୍କ ବଚନ ଶୁଣି ସମସ୍ତେ ପ୍ରେମାନନ୍ଦରେ ମଗ୍ନ ହୋଇଗଲେ । ଏପରିଭାବରେ ସେଠାରେ ଅନୁକ୍ଷଣ ନିତ୍ୟନୂତନ ଆନନ୍ଦ ଉତ୍ପନ୍ନ ହେବାକୁ ଲାଗିଲା ॥ ୫ ॥

ଦୋ:- **କୌସଲ୍ୟା କେ ଚରନହ୍ନି ପୁନି ତିହ୍ନ ନାୟଉ ମାଥ ।**
**ଆସିଷ ଦୀହ୍ନେ ହରଷି ତୁହ୍ମ ପ୍ରିୟ ମମ ଜିମି ରଘୁନାଥ ॥ ୮(କ) ॥**

ତା'ପରେ ସେମାନେ ଯାଇ କୌଶଲ୍ୟାଙ୍କ ଚରଣରେ ପ୍ରଣାମ କଲେ । କୌଶଲ୍ୟା ଆନନ୍ଦିତା ହୋଇ ସମସ୍ତଙ୍କୁ ଆଶୀର୍ବାଦ ଦେଲେ ଏବଂ କହିଲେ, 'ତୁମେସବୁ ହେଉଛ ମୋର ରଘୁନାଥ ପରି ପ୍ରିୟ ।' ॥ ୮(କ) ॥

**ସୁମନ ବୃଷ୍ଟି ନଭ ସଂକୁଲ ଭୱନ ଚଲେ ସୁଖକଂଦ ।**
**ଚଢ଼ୀ ଅଟାରିହ୍ନ ଦେଖହିଁ ନଗର ନାରି ନର ବୃଂଦ ॥ ୮(ଖ) ॥**

ଆନନ୍ଦକନ୍ଦ ଶ୍ରୀରାମ ନିଜ ନବର ଅଭିମୁଖେ ବାହାରିଲେ । ପୁଷ୍ପବୃଷ୍ଟିରେ ଆକାଶ ଛାଇ ହୋଇଗଲା । ନଗରର ନରନାରୀ ନିଜ ନିଜର ଅଟ୍ଟାଳିକା ଉପରେ ଠିଆ ହୋଇ ତାଙ୍କୁ ଦର୍ଶନ କରୁଥାନ୍ତି ॥ ୮(ଖ) ॥

**କଂଚନ କଲସ ବିଚିତ୍ର ସଁୱାରେ । ସବହିଁ ଧରେ ସଜି ନିଜ ନିଜ ଦ୍ୱାରେ ॥**
**ବଂଦନୱାର ପତାକା କେତୂ । ସବହ୍ନି ବନାଏ ମଂଗଲ ହେତୂ ॥ ୧ ॥**

ବିଚିତ୍ର ରୀତିରେ ଅଳଙ୍କୃତ କରି ସମସ୍ତେ ନିଜ ନିଜ ଦ୍ୱାରରେ ସୁବର୍ଣ୍ଣ କଳସମାନ ବସାଇଲେ ଏବଂ ମଙ୍ଗଳସୂଚକ ଆମ୍ରତୋରଣ, ମାଳା, ଧ୍ୱଜା ଓ ପତାକା ବାନ୍ଧି ଘର ସଜାଇଲେ ॥ ୧ ॥

**ବୀଥୀଁ ସକଲ ସୁଗଂଧ ସିଁଚାଈଁ । ଗଜମନି ରଚି ବହୁ ଚୌକ ପୁରାଈଁ ॥**
**ନାନା ଭାଁତି ସୁମଂଗଲ ସାଜେ । ହରଷି ନଗର ନିସାନ ବହୁ ବାଜେ ॥ ୨ ॥**

ସବୁ ରାସ୍ତାଘାଟରେ ସୁଗନ୍ଧିତ ଦ୍ରବ୍ୟ ଛିଞ୍ଚା ଗଲା; ଦୁଆର ମୁହଁ, ଅଗଣା ପ୍ରଭୃତି ବିଭିନ୍ନ ସ୍ଥାନରେ ଝୋଟି ପକାଯାଇ ସେଗୁଡ଼ିକୁ ଗଜମୁକ୍ତା ଦ୍ୱାରା ସୁନ୍ଦରଭାବରେ ସଜାଇଦିଆଗଲା; ଅନେକପ୍ରକାରେ ସୁନ୍ଦର ମଙ୍ଗଳସୂଚକ ସାଜସଜା କରାଗଲା ଏବଂ ଆନନ୍ଦପୂର୍ବକ ନଗରର ସର୍ବତ୍ର ନାଗରା ଆଦି ବାଦ୍ୟ ବାଜିଲା ॥ ୨ ॥

**ଜହଁ ତହଁ ନାରି ନିଛାୱରି କରହୀଂ । ଦେହିଁ ଅସୀସ ହରଷ ଉର ଭରହୀଂ ॥**
**କଂଚନ ଥାର ଆରତୀଂ ନାନା । ଜୁବତୀଂ ସଜେ କରହିଁ ସୁଭ ଗାନା ॥ ୩ ॥**

ନାରୀମାନେ ବିଭିନ୍ନ ବସ୍ତୁ ଉତ୍ସର୍ଗ କରି ଆନନ୍ଦ ମନରେ ଆଶୀର୍ବାଦ ଦେଉଥାନ୍ତି । ବହୁ ସଧବାସ୍ତ୍ରୀ ସୁନାଥାଳିମାନଙ୍କରେ ଆରତି ସଜାଇ ମଙ୍ଗଳଗୀତ ଗାଉଥାନ୍ତି ॥ ୩ ॥

**କରହିଁ ଆରତୀ ଆରତିହର କେଁ । ରଘୁକୁଲ କମଲ ବିପିନ ଦିନକର କେଁ ॥**
**ପୁର ସୋଭା ସଂପତି କଲ୍ୟାନା । ନିଗମ ସେଷ ସାରଦା ବଖାନା ॥ ୪ ॥**

ସେମାନେ ଦୁଃଖୀଜନଙ୍କର ଦୁଃଖହର ଓ ସୂର୍ଯ୍ୟବଂଶରୂପୀ କମଳବନର ସୂର୍ଯ୍ୟ ଶ୍ରୀରାମଙ୍କୁ ଆରତି କରୁଥାନ୍ତି । ବେଦ, ଶେଷଦେବ ଓ ସରସ୍ୱତୀ ନଗରର ଶୋଭା, ସମ୍ପତ୍ତି ଓ କଲ୍ୟାଣର ବର୍ଣ୍ଣନା କରୁଥାନ୍ତି, ॥ ୪ ॥

**ତେଉ ଯହ ଚରିତ ଦେଖି ଠଗି ରହହୀଁ । ଉମା ତାସୁ ଗୁନ ନର କିମି କହହୀଁ ॥ ୫ ॥**

କିନ୍ତୁ ସେମାନେ ବି ଏହି ଲୀଳା ଦେଖି, ସ୍ତମ୍ଭୀଭୂତ ହୋଇ ରହିଯାଉଥାନ୍ତି । [ଶିବ କହିଲେ,] ହେ ଉମା ! ମନୁଷ୍ୟ ଭଲା ସେମାନଙ୍କର ଗୁଣ କିପରି ବର୍ଣ୍ଣନା କରିପାରିବ ! ॥ ୫ ॥

ଦୋଃ- **ନାରି କୁମୁଦିନୀଁ ଅୱଧ ସର ରଘୁପତି ବିରହ ଦିନେସ ।**
**ଅସ୍ତ ଭଏଁ ବିଗସତ ଭଈଁ ନିରଖି ରାମ ରାକେସ ॥ ୯ (କ) ॥**

ସ୍ତ୍ରୀମାନେ ହୋଇଥିଲେ କଇଁଫୁଲ, ଅଯୋଧ୍ୟା ହୋଇଥିଲା ସରୋବର ଏବଂ ରଘୁନାଥଙ୍କ ବିରହ ହୋଇଥିଲା ସୂର୍ଯ୍ୟ । ସେହି ବିରହସୂର୍ଯ୍ୟର ଉତ୍ତାପରେ କଇଁ ମୁଦିହୋଇଯାଇଥିଲା, ବର୍ତ୍ତମାନ ବିରହସୂର୍ଯ୍ୟ ଅସ୍ତ ହୋଇଯିବା ପରେ ଶ୍ରୀରାମରୂପୀ ପୂର୍ଣ୍ଣଚନ୍ଦ୍ରଙ୍କୁ ଦେଖି କଇଁ ଫୁଟିଉଠିଲା ॥ ୯ (କ) ॥

**ହୋହିଁ ସଗୁନ ସୁଭ ବିବିଧି ବିଧି ବାଜହିଁ ଗଗନ ନିସାନ ।**
**ପୁର ନର ନାରି ସନାଥ କରି ଭୱନ ଚଲେ ଭଗୱାନ ॥ ୯ (ଖ) ॥**

ଅନେକପ୍ରକାର ଶୁଭଲକ୍ଷଣ ଦେଖାଗଲା; ଆକାଶରେ ଦୁନ୍ଦୁଭି ବାଜିଲା; ନଗରର ନରନାରୀମାନଙ୍କୁ ସନାଥ (ଦର୍ଶନ ଦେବା ଦ୍ୱାରା କୃତାର୍ଥ) କରିଦେଇ ଭଗବାନ୍ ଶ୍ରୀରାମ ନବରକୁ ଚାଲିଗଲେ ॥ ୯ (ଖ) ॥

**ପ୍ରଭୁ ଜାନୀ କୈକଈ ଲଜାନୀ । ପ୍ରଥମ ତାସୁ ଗୃହ ଗଏ ଭୱାନୀ ॥**
**ତାହି ପ୍ରବୋଧି ବହୁତ ସୁଖ ଦୀହ୍ନା । ପୁନି ନିଜ ଭୱନ ଗୱନ ହରି କୀହ୍ନା ॥ ୧ ॥**

[ଶିବ କହିଲେ,] ହେ ଭବାନୀ ! ପ୍ରଭୁ ଜାଣିଗଲେ ଯେ, ମାତା କୈକେୟୀ ଲଜ୍ଜିତ ହୋଇଯାଇଛନ୍ତି । ତେଣୁ ସେ ପ୍ରଥମେ ତାଙ୍କରି ଉଆସକୁ ଗଲେ ଏବଂ ତାଙ୍କୁ ବୁଝାଇ ସୁଝାଇ ଆନନ୍ଦିତ କଲେ । ତା'ପରେ ଶ୍ରୀହରି ନିଜ ଉଆସକୁ ଗଲେ ॥ ୧ ॥

**କୃପାସିଂଧୁ ଜବ ମଂଦିର ଗଏ । ପୁର ନର ନାରି ସୁଖୀ ସବ ଭଏ ॥**
**ଗୁର ବସିଷ୍ଟ ଦ୍ୱିଜ ଲିଏ ବୁଲାଈ । ଆଜୁ ସୁଘରୀ ସୁଦିନ ସମୁଦାଈ ॥ ୨ ॥**

କୃପାସାଗର ଶ୍ରୀରାମ ନିଜ ଉଆସକୁ ଚାଲିଯିବାରୁ ନଗରର ନରନାରୀ ସମସ୍ତେ ଆନନ୍ଦିତ ହେଲେ । ଗୁରୁ ବଶିଷ୍ଠ ବ୍ରାହ୍ମଣମାନଙ୍କୁ ଡକାଇ କହିଲେ, "ଆଜି ଶୁଭଦିନ, ଶୁଭବେଳା ଓ ସବୁପ୍ରକାର ଶୁଭ ଯୋଗ ମଧ୍ୟ ରହିଛି ॥ ୨ ॥

**ସବ ଦ୍ୱିଜ ଦେହୁ ହରଷି ଅନୁସାସନ । ରାମଚଂଦ୍ର ବୈଠହିଁ ସିଂଘାସନ ॥**
**ମୁନି ବସିଷ୍ଟ କେ ବଚନ ସୁହାଏ । ସୁନତ ସକଲ ବିପ୍ରହ୍ନ ଅତି ଭାଏ ॥ ୩ ॥**

ସବୁବ୍ରାହ୍ମଣ ଆନନ୍ଦିତ ହୋଇ ଆଜ୍ଞା ଦେଲେ ଶ୍ରୀରାମଚନ୍ଦ୍ର ସିଂହାସନରେ ବିରାଜମାନ ହେବେ ।" ବଶିଷ୍ଠଙ୍କ ସୁନ୍ଦର ବଚନ ଶୁଣି ବ୍ରାହ୍ମଣମାନଙ୍କୁ ଅତ୍ୟନ୍ତ ଆନନ୍ଦ ଲାଗିଲା ॥ ୩ ॥

**କହହିଁ ବଚନ ମୃଦୁ ବିପ୍ର ଅନେକା । ଜଗ ଅଭିରାମ ରାମ ଅଭିଷେକା ॥**
**ଅବ ମୁନିବର ବିଲଂବ ନହିଁ କୀଜୈ । ମହାରାଜ କହଁ ତିଲକ କରୀଜୈ ॥ ୪ ॥**

ସବୁବ୍ରାହ୍ମଣ କୋମଳ କଣ୍ଠରେ କହିଲେ, ‘‘ଶ୍ରୀରାମଙ୍କ ରାଜ୍ୟାଭିଷେକ ହେଉଛି ସକଳ ଜଗତର ଆନନ୍ଦର କାରଣ । ତେଣୁ ହେ ମୁନିଶ୍ରେଷ୍ଠ । ଆପଣ ବିଳମ୍ବ ନ କରି ମହାରାଜଙ୍କୁ ରାଜତିଳକ ଦେଇଦିଅନ୍ତୁ ।’’ ॥ ୪ ॥

ଦୋଃ- **ତବ ମୁନି କହେଉ ସୁମଂତ୍ର ସନ ସୁନତ ଚଲେଉ ହରଷାଇ ।**
**ରଥ ଅନେକ ବହୁ ବାଜି ଗଜ ତୁରତ ସଁୱାରେ ଜାଇ ॥ ୧୦(କ) ॥**

ତେଣୁ ମୁନି ସୁମନ୍ତ୍ରଙ୍କୁ ଏକଥା ଜଣାଇଦେଲେ । ଏହା ଶୁଣିବାମାତ୍ରେ ସୁମନ୍ତ୍ର ଆନନ୍ଦରେ କାମରେ ଲାଗିଗଲେ । ଅବିଳମ୍ବେ ଅନେକ ରଥ, ଘୋଡ଼ା ଓ ହାତୀ ସଜାଇଦିଆଗଲା ॥ ୧୦(କ) ॥

**ଜହଁ ତହଁ ଧାୱନ ପଠଇ ପୁନି ମଂଗଲ ଦ୍ରବ୍ୟ ମଗାଇ ।**
**ହରଷ ସମେତ ବସିଷ୍ଟ ପଦ ପୁନି ସିରୁ ନାୟଉ ଆଇ ॥ ୧୦(ଖ) ॥**

ଚତୁର୍ଦ୍ଦିଗରେ ସୂଚନା ଦେବାକୁ ସେ ଦୂତମାନଙ୍କୁ ପଠାଇଦେଲେ ଓ ସବୁ ମାଙ୍ଗଳିକ ବସ୍ତୁ ମଗାଇ ଆଣିଲେ । ତା'ପରେ ଆସି ବଶିଷ୍ଠଙ୍କ ଚରଣରେ ପ୍ରଣାମ କଲେ ॥ ୧୦(ଖ) ॥

### ନବାହ୍ନପାରାୟଣ, ଅଷ୍ଟମ ବିଶ୍ରାମ

**ଅୱଧପୁରୀ ଅତି ରୁଚିର ବନାଈ । ଦେୱନ୍ହ ସୁମନ ବୃଷ୍ଟି ଝରି ଲାଈ ॥**
**ରାମ କହା ସେୱକନ୍ହ ବୁଲାଈ । ପ୍ରଥମ ସଖନ୍ହ ଅନ୍ହୱାୱହୁ ଜାଈ ॥ ୧ ॥**

ଅଯୋଧ୍ୟାନଗରୀକୁ ଅତି ସୁନ୍ଦରଭାବରେ ସଜାଇଦିଆଗଲା । ଦେବତାମାନେ ତ ପୁଷ୍ପବର୍ଷାର ଝଡ଼ି ଲଗାଇଦେଲେ । ଶ୍ରୀରାମ ସେବକମାନଙ୍କୁ ଡାକି କହିଲେ, ‘‘ତୁମେମାନେ ଯାଇ ପ୍ରଥମେ ମୋର ସଖାମାନଙ୍କୁ ସ୍ନାନ କରାଅ ।’’ ॥ ୧ ॥

**ସୁନତ ବଚନ ଜହଁ ତହଁ ଜନ ଧାଏ । ସୁଗ୍ରୀୱାଦି ତୁରତ ଅନ୍ହୱାଏ ॥**
**ପୁନି କରୁନାନିଧି ଭରତୁ ହଁକାରେ । ନିଜ କର ରାମ ଜଟା ନିରୁଆରେ ॥ ୨ ॥**

ଭଗବାନଙ୍କ ନିର୍ଦ୍ଦେଶ ଶୁଣିବାମାତ୍ରେ ସେବକମାନେ ଧାଇଁଲେ । ସେମାନେ ଯାଇ ଅବିଳମ୍ବେ ସୁଗ୍ରୀବାଦିଙ୍କୁ ସ୍ନାନ କରାଇଦେଲେ । ତା'ପରେ କରୁଣାନିଧାନ ଶ୍ରୀରାମ ଭରତଙ୍କୁ ଡକାଇଆଣିଲେ ଓ ନିଜ ହାତରେ ତାଙ୍କର ଜଟାକୁ ଗୋଟି ଗୋଟି କରି ସୁନ୍ଦର ରୂପେ ସଜାଡ଼ିଦେଲେ ॥ ୨ ॥

**ଅନ୍ହୱାଏ ପ୍ରଭୁ ତୀନିଉଁ ଭାଈ । ଭଗତ ବଛଲ କୃପାଲ ରଘୁରାଈ ॥**
**ଭରତ ଭାଗ୍ୟ ପ୍ରଭୁ କୋମଲତାଈ । ସେଷ କୋଟି ସତ ସକହିଁ ନ ଗାଈ ॥ ୩ ॥**

ତା'ପରେ ଭକ୍ତବତ୍ସଳ କୃପାଳୁ ପ୍ରଭୁ ଶ୍ରୀରଘୁନାଥ ତିନିଭାଇଙ୍କୁ ସ୍ନାନ କରାଇଲେ । ଭରତଙ୍କର ଭାଗ୍ୟ ଓ ପ୍ରଭୁଙ୍କ କୋମଳତାର ବର୍ଣ୍ଣନା ଶତକୋଟି ଶେଷଦେବ ବି କରିପାରିବେ ନାହିଁ ॥ ୩ ॥

**ପୁନି ନିଜ ଜଟା ରାମ ବିବରାଏ । ଗୁର ଅନୁସାସନ ମାଗି ନହାଏ ॥**
**କରି ମଜ୍ଜନ ପ୍ରଭୁ ଭୂଷନ ସାଜେ । ଅଂଗ ଅନଂଗ ଦେଖି ସତ ଲାଜେ ॥ ୪ ॥**

ତା'ପରେ ଶ୍ରୀରାମ ନିଜ ଜଟା ଖୋଲିଲେ ଏବଂ ଗୁରୁଙ୍କ ଆଜ୍ଞା ନେଇ ସ୍ନାନ କଲେ । ସ୍ନାନ ସାରି ପ୍ରଭୁ ଆଭୂଷଣ ଧାରଣ କଲେ । ତାଙ୍କର ସୁଶୋଭିତ ଅଙ୍ଗ ଦେଖି ଶତେକ (ଅସଂଖ୍ୟ) କାମଦେବ ମଧ୍ୟ ଲଜ୍ଜିତ ହୋଇଗଲେ ॥ ୪ ॥

ଦୋଃ- **ସାସୁହ୍ନ ସାଦର ଜାନକିହି ମଜ୍ଜନ ତୁରତ କରାଇ ।**
**ଦିବ୍ୟ ବସନ ବର ଭୂଷନ୍ନ ଅଁଗ ଅଁଗ ସଜେ ବନାଇ ॥ ୧୧(କ) ॥**

[ସେପଟେ] ଶାଶୁମାନେ ଆଦରର ସହିତ ଜାନକୀଙ୍କୁ ଶୀଘ୍ର ସ୍ନାନ କରାଇ ଦିବ୍ୟବସ୍ତ୍ର ପିନ୍ଧାଇଦେଲେ ଏବଂ ତାଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ଉତ୍କୃଷ୍ଟ ଆଭୂଷଣାଦିରେ ସଜାଇଦେଲେ ॥ ୧୧(କ) ॥

**ରାମ ବାମ ଦିସି ସୋଭତି ରମା ରୂପ ଗୁନ ଖାନି ।**
**ଦେଖି ମାତୁ ସବ ହରଷୀଁ ଜନ୍ମ ସୁଫଲ ନିଜ ଜାନି ॥ ୧୧(ଖ) ॥**

ଶ୍ରୀରାମଙ୍କ ବାମଭାଗରେ ରୂପ ଓ ଗୁଣର ନିଧାନ ଜାନକୀ ଶୋଭା ପାଇଲେ । ସେ ଦୁହିଁଙ୍କୁ ଦେଖି, ନିଜର ଜୀବନ ସାର୍ଥକ ହୋଇଗଲା ବୋଲି ଅନୁଭବ କରି ମାତାମାନେ ଆନନ୍ଦିତା ହେଲେ ॥ ୧୧(ଖ) ॥

**ସୁନୁ ଖଗେସ ତେହି ଅଓ୍ୱସର ବ୍ରହ୍ମା ସିଓ୍ୱ ମୁନି ବୃଂଦ ।**
**ଚଢ଼ି ବିମାନ ଆଏ ସବ ସୁର ଦେଖନ ସୁଖକଂଦ ॥ ୧୧(ଗ) ॥**

[କାକଭୁଶୁଣ୍ଡି କହିଲେ,] ହେ ପକ୍ଷୀରାଜ ଗରୁଡ଼ ! ଶୁଣ; ଆନନ୍ଦକନ୍ଦ ଭଗବାନଙ୍କୁ ଦର୍ଶନ କରିବା ନିମନ୍ତେ ସେତିକିବେଳେ ବ୍ରହ୍ମା, ଶିବ ଓ ମୁନିଗଣଙ୍କ ସମେତ ସକଳ ଦେବତା ବିମାନରେ ଚଢ଼ି ସେଠାକୁ ଚ୍ଚଳିଆସିଲେ ॥ ୧୧(ଗ) ॥

**ପ୍ରଭୁ ବିଲୋକି ମୁନି ମନ ଅନୁରାଗା । ତୁରତ ଦିବ୍ୟ ସିଂଘାସନ ମାଗା ॥**
**ରବି ସମ ତେଜ ସୋ ବରନି ନ ଜାଈ । ବୈଠେ ରାମ ଦ୍ୱିଜହ୍ନ ସିରୁ ନାଈ ॥ ୧ ॥**

ପ୍ରଭୁଙ୍କୁ ଦେଖି ମୁନି ବଶିଷ୍ଠଙ୍କ ହୃଦୟ ପ୍ରେମରେ ପରିପୂର୍ଣ୍ଣ ହୋଇଗଲା । ସେ ସଙ୍ଗେ ସଙ୍ଗେ ଦିବ୍ୟ ସିଂହାସନ ମଗାଇଲେ । ତାହାର ତେଜ ତ ସୂର୍ଯ୍ୟସମାନ ହୋଇଥାଏ; ତା' ସୌନ୍ଦର୍ଯ୍ୟ ବା କିଏ ବର୍ଣ୍ଣନା କରିପାରିବ ! ବ୍ରାହ୍ମଣମାନଙ୍କୁ ପ୍ରଣାମ କରି ଶ୍ରୀରାମ ଯାଇ ସେଥିରେ ବିରାଜିତ ହେଲେ ॥ ୧ ॥

**ଜନକସୁତା ସମେତ ରଘୁରାଈ । ପେଖି ପ୍ରହରଷେ ମୁନି ସମୁଦାଈ ॥**
**ବେଦ ମଂତ୍ର ତବ ଦ୍ୱିଜହ୍ନ ଉଚ୍ଚରେ । ନଭ ସୁର ମୁନି ଜୟ ଜୟତି ପୁକାରେ ॥ ୨ ॥**

ଜାନକୀଙ୍କ ସହିତ ଶ୍ରୀରାମଙ୍କୁ ଦର୍ଶନ କରି ମୁନିଗଣ ଆନନ୍ଦିତ ହୋଇଗଲେ । ବ୍ରାହ୍ମଣମାନେ ବେଦମନ୍ତ୍ର ପାଠ କଲେ । ଆକାଶମାର୍ଗରେ ଦେବତା ଓ ମୁନିମାନେ ଜୟ ଜୟକାର ଧ୍ୱନି ଦେଲେ ॥ ୨ ॥

**ପ୍ରଥମ ତିଲକ ବସିଷ୍ଟ ମୁନି କୀହ୍ନା । ପୁନି ସବ ବିପ୍ରହ୍ନ ଆୟସୁ ଦୀହ୍ନା ।**
**ସୁତ ବିଲୋକି ହରଷୀଁ ମହତାରୀ । ବାର ବାର ଆରତୀ ଉତାରୀ ॥ ୩ ॥**

ପ୍ରଥମେ ମୁନି ବଶିଷ୍ଠ ପ୍ରଭୁଙ୍କୁ ତିଳକ ଲଗାଇଦେଲେ । ତା'ପରେ ତିଳକ ଦେବାକୁ ବ୍ରାହ୍ମଣମାନଙ୍କୁ ଆଜ୍ଞା ଦେଲେ । ପୁତ୍ରକୁ ରାଜସିଂହାସନରେ ବିରାଜିତ ଦେଖି ମାତାମାନେ ଆନନ୍ଦିତା ହେଲେ ଏବଂ ବାରମ୍ବାର ଆରତି ବନ୍ଦାପନା କଲେ ॥ ୩ ॥

**ବିପ୍ରହ୍ନ ଦାନ ବିବିଧି ବିଧି ଦୀହ୍ନେ । ଜାଚକ ସକଲ ଅଜାଚକ କୀହ୍ନେ ॥**
**ସିଂଘାସନ ପର ତ୍ରିଭୁଅନ ସାଈଁ । ଦେଖି ସୁରହ୍ନ ଦୁଂଦୁଭୀଁ ବଜାଈଁ ॥ ୪ ॥**

ସେମାନେ ବ୍ରାହ୍ମଣମାନଙ୍କୁ ଅନେକପ୍ରକାର ଦାନ ଦେଲେ ଏବଂ ଯାଚକମାନଙ୍କୁ ଅଯାଚକ କରିଦେଲେ (ଧନବାନ୍ କରିଦେଲେ) । ତ୍ରିଭୁବନସ୍ୱାମୀ ଶ୍ରୀରାମଙ୍କୁ ଅଯୋଧ୍ୟା ସିଂହାସନରେ ବିରାଜିତ ଦେଖି ଦେବତାମାନେ ଦୁନ୍ଦୁଭି ବଜାଇଲେ ॥ ୪ ॥

ଛନ୍ଦ- ନଭ ଦୁଂଦୁଭୀଁ ବାଜହିଁ ବିପୁଲ ଗଂଧର୍ବ କିଂନର ଗାଓ୍ୱହୀଂ ।
ନାଚହିଁ ଅପଛରା ବୃଂଦ ପରମାନଂଦ ସୁର ମୁନି ପାଓ୍ୱହୀଂ ॥
ଭରତାଦି ଅନୁଜ ବିଭୀଷନାଂଗଦ ହନୁମଦାଦି ସମେତ ତେ ।
ଗହେଁ ଛତ୍ର ଚ୍ୱାମର ବ୍ୟଜନ ଧନୁ ଅସି ଚର୍ମ ସକ୍ତି ବିରାଜତେ ॥ ୧ ॥

ଆକାଶରେ ବିବିଧ ବାଦ୍ୟ ବାଜୁଥାଏ । ଗନ୍ଧର୍ବ ଓ କିନ୍ନରମାନେ ଗାଉଥାନ୍ତି । ଅପ୍ସରାମାନେ ଦଳ ଦଳ ହୋଇ ନାଚୁଥାନ୍ତି । ଦେବତା ଓ ମୁନିମାନେ ପରମାନନ୍ଦ ପାଉଥାନ୍ତି । ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ, ବିଭୀଷଣ, ଅଙ୍ଗଦ, ହନୁମାନ୍ ଓ ସୁଗ୍ରୀବ ଯଥାକ୍ରମେ ଛତ୍ର, ଚ୍ୱାମର, ବିଞ୍ଚଣା, ଧନୁ, ଖଡ୍‌ଗ, ଢାଲ ଓ ଶକ୍ତି ଧରି ସୁଶୋଭିତ ହୋଇଥାନ୍ତି ॥ ୧ ॥

ଶ୍ରୀ ସହିତ ଦିନକର ବଂସ ଭୂଷନ କାମ ବହୁ ଛବି ସୋହଈ ।
ନଓ୍ୱ ଅଂବୁଧର ବର ଗାତ ଅଂବର ପୀତ ସୁର ମନ ମୋହଈ ॥
ମୁକୁଟାଂଗଦାଦି ବିଚିତ୍ର ଭୂଷନ ଅଂଗ ଅଂଗହ୍ନି ପ୍ରତି ସଜେ ।
ଅଂଭୋଜ ନୟନ ବିସାଲ ଉର ଭୁଜ ଧନ୍ୟ ନର ନିରଖଂତି ଜେ ॥ ୨ ॥

ସୀତାଙ୍କ ସହିତ ସୂର୍ଯ୍ୟବଂଶ-ବିଭୂଷଣ ଶ୍ରୀରାମଙ୍କ ଶରୀରରେ ଅନେକ କାମଦେବଙ୍କ ଛବି ଶୋଭା ପାଉଥାଏ । ନବଜଳଧରସମ ସୁନ୍ଦର ଶ୍ୟାମଳଶରୀରରେ ଶୋଭା ପାଉଥିବା ପୀତାମ୍ବର ଦେବତାମାନଙ୍କ ମନକୁ ମଧ୍ୟ ମୋହିତ କରିଦେଉଥାଏ । ମସ୍ତକରେ ମୁକୁଟ, ବାହୁରେ ବାଜୁବନ୍ଧ ଏବଂ ଅନ୍ୟାନ୍ୟ ଅଙ୍ଗମାନଙ୍କରେ ବିଭିନ୍ନ ଆଭୂଷଣ ସୁଶୋଭିତ ହେଉଥାଏ । ସେହି କମଳନୟନ ବିଶାଳବକ୍ଷ ଆଜାନୁଲମ୍ବିତଭୁଜ ପ୍ରଭୁଙ୍କୁ ଯେ ଦର୍ଶନ କରିଛି, ସେ ଧନ୍ୟ ॥ ୨ ॥

ଦୋ:- ଓ୍ୱହ ସୋଭା ସମାଜ ସୁଖ କହତ ନ ବନଇ ଖଗେସ ।
ବରନହିଁ ସାରଦ ସେଷ ଶ୍ରୁତି ସୋ ରସ ଜାନ ମହେସ ॥ ୧୨(କ) ॥

ହେ ପକ୍ଷୀରାଜ ଗରୁଡ଼ ! ମୁଁ ସେହି ଶୋଭା, ସେହି ସମାଗମ ଓ ସେହି ସୁଖ ବର୍ଣ୍ଣନା କରିପାରୁନାହିଁ । ସରସ୍ୱତୀ, ଶେଷଦେବ ଓ ବେଦ ତାହା ନିରନ୍ତର ବର୍ଣ୍ଣନା କରୁଛନ୍ତି ଏବଂ ମହାଦେବ ତାହାର ରସ (ଆନନ୍ଦ) ଜାଣନ୍ତି ॥ ୧୨(କ) ॥

ଭିନ୍ନ ଭିନ୍ନ ଅସ୍ତୁତି କରି ଗଏ ସୁର ନିଜ ନିଜ ଧାମ ।
ବଂଦୀ ବେଷ ବେଦ ତବ ଆଏ ଜହଁ ଶ୍ରୀରାମ ॥ ୧୨(ଖ) ॥

ଭିନ୍ନ ଭିନ୍ନଭାବରେ ସ୍ତୁତି କରି ସକଳ ଦେବତା ନିଜ ନିଜ ଲୋକକୁ ଚ୍ୱଲିଗଲେ । ତା'ପରେ ଚ୍ୱରିବେଦ ଭାଟରୂପ ଧାରଣ କରି ଶ୍ରୀରାମଙ୍କ ନିକଟକୁ ଆସିଲେ ॥ ୧୨(ଖ) ॥

ପ୍ରଭୁ ସର୍ବଗ୍ୟ କୀହ୍ନ ଅତି ଆଦର କୃପାନିଧାନ ।
ଲଖେଉ ନ କାହୂଁ ମରମ କଛୁ ଲଗେ କରନ ଗୁନ ଗାନ ॥ ୧୨(ଗ) ॥

କୃପାନିଧାନ ସର୍ବଜ୍ଞ ପ୍ରଭୁ ସେମାନଙ୍କୁ ଚିହ୍ନିପାରି ବହୁ ଆଦର କଲେ । ଏହାର ରହସ୍ୟ କେହି ଜାଣିପାରିଲେ ନାହିଁ । ବେଦମାନେ ପ୍ରଭୁଙ୍କର ଗୁଣଗାନ କରିବାକୁ ଲାଗିଲେ, ॥ ୧୨(ଗ) ॥

ଛନ୍ଦ- ଜୟ ସଗୁନ ନିର୍ଗୁନ ରୂପ ରୂପ ଅନୂପ ଭୂପ ସିରୋମନେ ।
ଦସକଂଧରାଦି ପ୍ରଚଂଡ ନିସିଚର ପ୍ରବଲ ଖଲ ଭୁଜବଲ ହନେ ॥

ଅୱ୍‌ତାର ନର ସଂସାର ଭାର ବିଭଂଜି ଦାରୁନ ଦୁଖ ଦହେ ।
ଜୟ ପ୍ରନତପାଲ ଦୟାଲ ପ୍ରଭୁ ସଂଜୁକ୍ତ ସକ୍ତି ନମାମହେ ॥ ୧ ॥

"ହେ ସଗୁଣ ଓ ନିର୍ଗୁଣରୂପ ! ହେ ଅନୁପମ ରୂପଲାବଣ୍ୟଧାରୀ ! ହେ ଭୂପଶିରୋମଣି ! ଆପଣଙ୍କର ଜୟ ହେଉ ! ଆପଣ ରାବଣ ଆଦି ପ୍ରଚଣ୍ଡ, ପ୍ରବଳ ଓ ଦୁଷ୍ଟ ନିଶାଚରଗଣଙ୍କୁ ନିଜ ବାହୁବଳରେ ବଧ କଲେ । ଆପଣ ମନୁଷ୍ୟ ଅବତାର ଗ୍ରହଣପୂର୍ବକ ସଂସାରର ଭାର ଲାଘବ କରି ଅତ୍ୟନ୍ତ ଦାରୁଣ ଦୁଃଖମାନଙ୍କୁ ଭସ୍ମ କରିଦେଲେ । ହେ ଦୟାଳୁ ! ହେ ଶରଣାଗତରକ୍ଷକ ! ହେ ପ୍ରଭୁ ! ଆପଣଙ୍କର ଜୟ ହେଉ । ଆମ୍ଭେମାନେ ଶକ୍ତି ସହିତ (ସୀତାଙ୍କ ସହିତ) ଶକ୍ତିମାନ୍ ଆପଣଙ୍କୁ ନମସ୍କାର କରୁଛୁ ! ॥ ୧ ॥

ତୱ୍‌ ବିଷମ ମାୟା ବସ ସୁରାସୁର ନାଗ ନର ଅଗ ଜଗ ହରେ ।
ଭୱ୍‌ ପଂଥ ଭ୍ରମତ ଅମିତ ଦିୱ୍‌ସ ନିସି କାଲ କର୍ମ ଗୁନନି ଭରେ ॥
ଜେ ନାଥ କରି କରୁନା ବିଲୋକେ ତ୍ରିବିଧ ଦୁଖ ତେ ନିର୍ବହେ ।
ଭୱ୍‌ ଖେଦ ଛେଦନ ଦଚ୍ଛ ହମ କହୁଁ ରଚ୍ଛ ରାମ ନମାମହେ ॥ ୨ ॥

ହେ ହରି ! ଆପଣଙ୍କ ଦୁସ୍ତର ମାୟାର ବଶୀଭୂତ ହୋଇଯାଇଥିବାରୁହିଁ ଦେବତା, ରାକ୍ଷସ, ନାଗ, ମନୁଷ୍ୟ ଓ ଚର-ଅଚର ସମସ୍ତେ କାଳ, କର୍ମ ଓ ଗୁଣର ବଶୀଭୂତ ହୋଇ ଦିବାନିଶି ଅନନ୍ତ ଭବ (ଜନ୍ମ-ମୃତ୍ୟୁ) ମାର୍ଗରେ ଭ୍ରମୁଛନ୍ତି । ହେ ନାଥ ! ଏମାନଙ୍କ ମଧ୍ୟରୁ ଆପଣ ଯାହାଙ୍କୁ କୃପାଦୃଷ୍ଟିରେ ଚାହିଁଦିଅନ୍ତି, ସେମାନେ ମାୟାଜନିତ ତ୍ରିବିଧ ଦୁଃଖରୁ ଉଦ୍ଧାର ପାଇଯାଆନ୍ତି । ହେ ଜନ୍ମମରଣର ଶ୍ରମକୁ ଦୂର କରିବାରେ ଦକ୍ଷ ଶ୍ରୀରାମ ! ଆମ୍ଭମାନଙ୍କୁ ରକ୍ଷା କରନ୍ତୁ । ଆମ୍ଭେମାନେ ଆପଣଙ୍କୁ ନମସ୍କାର କରୁଛୁ ॥ ୨ ॥

ଜେ ଗ୍ୟାନ ମାନ ବିମତ୍ତ ତୱ୍‌ ଭୱ୍‌ ହରନି ଭକ୍ତି ନ ଆଦରୀ ।
ତେ ପାଇ ସୁର ଦୁର୍ଲଭ ପଦାଦପି ପରତ ହମ ଦେଖତ ହରୀ ॥
ବିସ୍ୱାସ କରି ସବ ଆସ ପରିହରି ଦାସ ତୱ୍‌ ଜେ ହୋଇ ରହେ ।
ଜପି ନାମ ତୱ୍‌ ବିନୁ ଶ୍ରମ ତରହିଁ ଭୱ୍‌ ନାଥ ସୋ ସମରାମହେ ॥ ୩ ॥

ଯେଉଁମାନେ ମିଥ୍ୟାଜ୍ଞାନର ଅଭିମାନରେ ଅତ୍ୟନ୍ତ ପ୍ରମତ୍ତ ହୋଇ ଆପଣଙ୍କ ଭବଭୟହାରିଣୀ ଭକ୍ତିକୁ ଆଦର କରନ୍ତି ନାହିଁ, ହେ ହରି !, ସେମାନେ ଦେବଦୁର୍ଲଭ ମାନବଶରୀର ପାଇ ମଧ୍ୟ ଜ୍ଞାନମାର୍ଗରୁ ଖସିପଡୁଥିବାର ଦେଖାଯାଉଛନ୍ତି; କିନ୍ତୁ ଯେଉଁମାନେ ସକଳ ଆଶା ଛାଡ଼ିଦେଇ କେବଳ ଆପଣଙ୍କ ଉପରେ ବିଶ୍ୱାସ ରଖି ଆପଣଙ୍କର ଦାସ ହୋଇ ରହନ୍ତି, କେବଳ ଆପଣଙ୍କର ନାମହିଁ ଜପ କରନ୍ତି, ସେମାନେ ଅନାୟାସରେ ଭବସାଗରକୁ ତରିଯାଆନ୍ତି । ହେ ନାଥ ! ଏପରି ମହିମାମୟ ଆପଣଙ୍କୁ ଆମ୍ଭେମାନେ ସ୍ମରଣ କରୁଛୁ ॥ ୩ ॥

ଜେ ଚରନ ସିୱ୍‌ ଅଜ ପୂଜ୍ୟ ରଜ ସୁଭ ପରସି ମୁନିପତିନୀ ତରୀ ।
ନଖ ନିର୍ଗତା ମୁନି ବଂଦିତା ତ୍ରୈଲୋକ ପାୱ୍‌ନି ସୁରସରୀ ॥
ଧ୍ୱଜ କୁଲିସ ଅଂକୁସ କଂଜ ଜୁତ ବନ ଫିରତ କଂଟକ କିନ ଲହେ ।
ପଦ କଂଜ ଦ୍ୱଂଦ ମୁକୁଂଦ ରାମ ରମେସ ନିତ୍ୟ ଭଜାମହେ ॥ ୪ ॥

ଯେଉଁ ଚରଣଯୁଗଳ ଶିବ ଓ ବ୍ରହ୍ମାଙ୍କ ଦ୍ୱାରା ପୂଜିତ, ଯେଉଁ ଚରଣଯୁଗଳର କଲ୍ୟାଣମୟୀ ରଜର ସ୍ପର୍ଶ ପାଇ [ଶିଳା ହୋଇ ପଡ଼ିଥିବା] ଗୌତମପତ୍ନୀ ଅହଲ୍ୟା ତରିଗଲେ, ଯେଉଁ ଚରଣର ନଖକୋଣରୁ ମୁନିଜନବନ୍ଦିତା ତ୍ରୈଲୋକ୍ୟପାବନୀ ଦେବନଦୀ ଗଙ୍ଗା ନିର୍ଗତ ହୋଇଛନ୍ତି ଏବଂ ଧ୍ୱଜା, ବଜ୍ର, ଅଙ୍କୁଶ ତଥା କମଳଚିହ୍ନଯୁକ୍ତ ଯେଉଁ

ଚରଣଯୁଗଳରେ ବନଭୂମିରେ ଭ୍ରମଣ କରିବା କାଳରେ କଣ୍ଟାଖୁଞ୍ଚ ଲାଗି କ୍ଷତଚିହ୍ନ ହୋଇଯାଇଛି, ହେ ମୁକୁନ୍ଦ ! ହେ ରାମ ! ହେ ରମାପତି ! ଆମ୍ଭେମାନେ ସେହି ଚରଣଯୁଗଳକୁ ନିତ୍ୟ ଭଜନ କରୁଛୁ ॥ ୪ ॥

**ଅବ୍ୟକ୍ତମୂଲମନାଦି ତରୁ ତ୍ୱଚ ଚ୍ୟାରି ନିଗମାଗମ ଭନେ ।**
**ଷଟ କଂଧ ସାଖା ପଂଚ ବୀସ ଅନେକ ପର୍ନ ସୁମନ ଘନେ ॥**
**ଫଲ ଜୁଗଲ ବିଧି କଟୁ ମଧୁର ବେଲି ଅକେଲି ଜେହି ଆଶ୍ରିତ ରହେ ।**
**ପଲ୍ଲୱତ ଫୂଲତ ନୱଲ ନିତ ସଂସାର ବିଟପ ନମାମହେ ॥ ୫ ॥**

ବେଦ-ଶାସ୍ତ୍ରମାନେ କହିଛନ୍ତି ଯେ, ଯେଉଁ ସଂସାରବୃକ୍ଷର ମୂଳ ହେଉଛି ଅବ୍ୟକ୍ତ (ପ୍ରକୃତି), ଯେ ପ୍ରବାହରୂପେ ଅନାଦି, ଯାହା ଚ୍ୟାରୋଟି ତ୍ୱଚ୍ୟ, ଛଅଟି ସ୍କନ୍ଧ, ପଚିଶଟି ଶାଖା ଏବଂ ଅନେକ ପତ୍ର ଓ ଫୁଲରେ ନିଘଞ୍ଚ ହୋଇ ରହିଛି, ଯେଉଁଥିରେ ପିତା ଓ ମିଠା—ଏପରି ଦୁଇଟି ଫଳ ଫଳିଛି; ଯାହା ଉପରେ ଗୋଟିଏମାତ୍ର ଲତା ଆଶ୍ରିତ ହୋଇ ରହିଛି, ଯେଉଁଥିରେ ନିତ୍ୟ ନୂଆ ନୂଆ ପତ୍ର କଅଁଳୁଥାଏ ଓ ଫୁଲ ଫୁଟୁଥାଏ—ସେପରି ସଂସାରବୃକ୍ଷସ୍ୱରୂପ (ବିଶ୍ୱରୂପରେ ପ୍ରକଟିତ) ଆପଣଙ୍କୁ ଆମେ ନମସ୍କାର କରୁଛୁ* ॥ ୫ ॥

**ଜେ ବ୍ରହ୍ମ ଅଜମଦ୍ୱୈତମନୁଭୱଗମ୍ୟ ମନ ପର ଧ୍ୟାୱହୀଁ ।**
**ତେ କହହୁଁ ଜାନହୁଁ ନାଥ ହମ ତୱ ସଗୁନ ଜସ ନିତ ଗାୱହୀଁ ॥**
**କରୁନାୟତନ ପ୍ରଭୁ ସଦଗୁନାକର ଦେୱ ୟହ ବର ମାଗହୀଁ ।**
**ମନ ବଚନ କର୍ମ ବିକାର ତଜି ତୱ ଚରନ ହମ ଅନୁରାଗହୀଁ ॥ ୬ ॥**

ବ୍ରହ୍ମ ହେଉଛନ୍ତି ଅଜ, ଅଦ୍ୱୈତ, ଅନୁଭବଗମ୍ୟ ଓ ମନର ଅତୀତ—ଏପରି କହି ଯେଉଁମାନେ ବ୍ରହ୍ମଙ୍କୁ ଧ୍ୟାନ କରନ୍ତି, ସେମାନେ ସେପରି କହୁଥାନ୍ତୁ ଓ ଜାଣୁଥାନ୍ତୁ; କିନ୍ତୁ ହେ ନାଥ ! ଆମେ ତ ନିତ୍ୟ ଆପଣଙ୍କର ସଗୁଣ ଯଶହିଁ ଗାନ କରୁଛୁ । ହେ କରୁଣାଧାମ ପ୍ରଭୁ ! ହେ ସଦ୍‌ଗୁଣନିଧାନ ! ହେ ଦେବ ! ଆମେ ଏହି ବର ମାଗୁଛୁ ଯେ, ମନ, ବଚନ ଓ କର୍ମରେ ସକଳ ବିକାର ତ୍ୟାଗ କରି ଆମେ ଯେପରି ଆପଣଙ୍କ ଚରଣରେହିଁ ପ୍ରେମ ରଖୁଁ ।'' ॥ ୬ ॥

ଦୋଃ- **ସବ କେ ଦେଖତ ବେଦହ୍ନ ବିନତୀ କୀହ୍ନି ଉଦାର ।**
**ଅଂତର୍ଧାନ ଭଏ ପୁନି ଗଏ ବ୍ରହ୍ମ ଆଗାର ॥ ୧୩(କ) ॥**

ବେଦଗଣ ସମସ୍ତଙ୍କ ସମକ୍ଷରେ ଏହି ଶ୍ରେଷ୍ଠ ବିନତି ଜଣାଇଲେ ଏବଂ ଅନ୍ତର୍ଦ୍ଧାନ ହୋଇଯାଇ ବ୍ରହ୍ମଲୋକକୁ ଚ୍ୟାଲିଗଲେ ॥ ୧୩(କ) ॥

**ବୈନତେୟ ସୁନ ସଂଭୁ ତବ ଆଏ ଜହଁ ରଘୁବୀର ।**
**ବିନୟ କରତ ଗଦଗଦ ଗିରା ପୂରିତ ପୁଲକ ସରୀର ॥ ୧୩(ଖ) ॥**

---

* ସଂସାରବୃକ୍ଷର ସ୍ୱରୂପକୁ ନିମ୍ନଲିଖିତ ପ୍ରକାରେ ବିସ୍ତାରପୂର୍ବକ କୁହାଯାଇପାରେ—

ସଂସାରବୃକ୍ଷର ମୂଳ ଅନାଦି । ଧର୍ମ, ଅର୍ଥ, କାମ ଓ ମୋକ୍ଷ ହେଉଛି ଏହି ବୃକ୍ଷର ଚ୍ୟାରି ତ୍ୱଚ୍ୟ (ବଲ୍କଳ); ଉତ୍ପନ୍ନ ହେବା, ସତ୍ତାବାନ୍ ହେବା, ବଦଳିବା, ବଢ଼ିବା, କ୍ଷୟ ହେବା ଓ ବିନାଶ ହେବା-ରୂପୀ ଷଡ଼୍‌ବିକାର ହେଉଛି ଏହାର ଛଅଟି ସ୍କନ୍ଧ । ପଞ୍ଚମହାଭୂତ, ଦଶଇନ୍ଦ୍ରିୟ, ପାଞ୍ଚ ଜ୍ଞାନେନ୍ଦ୍ରିୟର ବିଷୟ ଓ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର ଏହି ଚବିଶ ତତ୍ତ୍ୱ ଏବଂ ଜୀବ—ଏପରି ପଚିଶ ତତ୍ତ୍ୱ ହେଉଛି ଏହାର ଶାଖା । ଅନନ୍ତ ଭୋଗସାମଗ୍ରୀ ହେଉଛି ଏହାର ବହୁ ପତ୍ରପୁଷ୍ପ । ଭୋଗ ଓ ମୋକ୍ଷ ହେଉଛି ଏହାର ଦୁଇଟି ଫଳ । ଭୋଗରୂପୀ ଫଳ ପିତା ଏବଂ ମୋକ୍ଷରୂପୀ ଫଳ ମିଠା । ଏକମାତ୍ର ମାୟାରୂପୀ ଲତା ଏହି ବୃକ୍ଷର ଆଶ୍ରିତ । ଏହି ସଂସାରବୃକ୍ଷ ନିତ୍ୟ ନୂଆ ନୂଆ ପତ୍ର ଓ ଫୁଲରେ ଶୋଭିତ ହେଉଥାଏ । ଏଭଳି ସଂସାରବୃକ୍ଷରୂପରେ ଭଗବାନ୍‌ହିଁ ବିଦ୍ୟମାନ ।

[କାକଭୁଶୁଣ୍ଡି କହିଲେ,] ହେ ଗରୁଡ଼ ! ଶୁଣନ୍ତୁ; ସେତିକିବେଳେ ଶ୍ରୀରଘୁନାଥଙ୍କ ନିକଟକୁ ଭଗବାନ୍ ଶିବ ଆସିଲେ । ତାହାଙ୍କ ଶରୀର ପୁଲକିତ ହୋଇଯାଉଥାଏ; ସେ ଗଦ୍‌ଗଦ କଣ୍ଠରେ ସ୍ତୁତି କରିବାକୁ ଲାଗିଲେ, ॥୧୩(ଖ)॥

**ଛନ୍ଦ- ଜୟ ରାମ ରମାରମନଂ ସମନଂ । ଭୱ ତାପ ଭୟାକୁଲ ପାହି ଜନଂ ॥**
**ଅୱଧେସ ସୁରେସ ରମେସ ବିଭୋ । ସରନାଗତ ମାଗତ ପାହି ପ୍ରଭୋ ॥ ୧ ॥**

"ହେ ରାମ ! ହେ ରମାରମଣ ! ହେ ଜନ୍ମମରଣରୂପୀ ସନ୍ତାପର ନାଶକ ! ଆପଣଙ୍କର ଜୟ ହେଉ ! ଜନ୍ମମୃତ୍ୟୁ-ଭୟରେ ବ୍ୟାକୁଳ ହେଉଥିବା ଏହି ସେବକକୁ ରକ୍ଷା କରନ୍ତୁ । ହେ ଅଯୋଧ୍ୟାପତି ! ହେ ଦେବସ୍ୱାମୀ ! ହେ ରମାପତି ! ହେ ବିଭୁ ! ମୁଁ ଶରଣାଗତ ଆପଣଙ୍କୁ ଏତିକି ମାଗୁଛି ଯେ, ମୋତେ ରକ୍ଷା କରନ୍ତୁ ॥ ୧ ॥

**ଦସସୀସ ବିନାସନ ବୀସ ଭୁଜା । କୃତ ଦୂରି ମହା ମହି ଭୂରି ରୁଜା ॥**
**ରଜନୀଚର ବୃଂଦ ପତଂଗ ରହେ । ସର ପାୱକ ତେଜ ପ୍ରଚଂଡ ଦହେ ॥ ୨ ॥**

ଦଶଶିର-ବିଂଶବାହୁ-ରାବଣର ବିନାଶକ ହେ ଶ୍ରୀରାମ ! ହେ ମହୀମହାରୋଗ-ନିବାରକ ! ଆପଣଙ୍କ ବାଣରୂପୀ ଅଗ୍ନିର ପ୍ରଚଣ୍ଡ ତେଜରେ ରାକ୍ଷସମାନେ ପତଙ୍ଗ ପରି ଭସ୍ମ ହୋଇଗଲେ ॥ ୨ ॥

**ମହି ମଂଡଲ ମଂଡନ ଚାରୁତରଂ । ଧୃତ ସାୟକ ଚାପ ନିଷଂଗ ବରଂ ॥**
**ମଦ ମୋହ ମହା ମମତା ରଜନୀ । ତମ ପୁଂଜ ଦିୱାକର ତେଜ ଅନୀ ॥ ୩ ॥**

ଆପଣ ହେଉଛନ୍ତି ମହୀମଣ୍ଡଳର ଅତ୍ୟନ୍ତ ସୁନ୍ଦର ଭୂଷଣ । ଆପଣ ଶ୍ରେଷ୍ଠ ଧନୁ, ଶର ଓ ତୂଣୀର ଧାରଣ କରିଛନ୍ତି । ଆପଣ ହେଉଛନ୍ତି ମଦ-ମୋହ-ମମତ୍ୱରୂପୀ ଘୋର ରାତ୍ରିର ବିନାଶ ନିମନ୍ତେ ସୂର୍ଯ୍ୟଙ୍କର ତେଜୋମୟ କିରଣସମୂହ ॥ ୩ ॥

**ମନଜାତ କିରାତ ନିପାତ କିଏ । ମୃଗ ଲୋଗ କୁଭୋଗ ସରେନ ହିଏ ॥**
**ହତି ନାଥ ଅନାଥନି ପାହି ହରେ । ବିଷୟା ବନ ପାୱଁର ଭୂଲି ପରେ ॥ ୪ ॥**

କାମଦେବରୂପକ କିରାତ ମନୁଷ୍ୟରୂପୀ ମୃଗର ହୃଦୟକୁ କୁଭୋଗରୂପୀ ବାଣ ମାରି ତାକୁ ତଳେ ପକାଇଦେଇଛି । ହେ ନାଥ ! ହେ ପାପତାପହାରୀ ! ଆପଣ ସେହି କିରାତକୁ ମାରି ବିଷୟରୂପୀ ବନରେ ଭ୍ରମୁଥିବା ଏହି ପାମର ଅନାଥ ଜୀବକୁ ରକ୍ଷା କରନ୍ତୁ ॥ ୪ ॥

**ବହୁ ରୋଗ ବିୟୋଗହ୍ନି ଲୋଗ ହଏ । ଭୱଦଂଘ୍ରି ନିରାଦର କେ ଫଲ ଏ ॥**
**ଭୱ ସିଂଧୁ ଅଗାଧ ପରେ ନର ତେ । ପଦ ପଂକଜ ପ୍ରେମ ନ ଜେ କରତେ ॥ ୫ ॥**

ଲୋକମାନେ ବିବିଧ ରୋଗ ଓ ଦୁଃଖରେ ସଢୁଛନ୍ତି । ଏସବୁ ହେଉଛି ଆପଣଙ୍କ ଚରଣକୁ ଅନାଦର କରିବାର ଫଳ । ଯେଉଁ ମନୁଷ୍ୟମାନେ ଆପଣଙ୍କ ଚରଣକମଳରେ ପ୍ରେମ ରଖନ୍ତି ନାହିଁ, ସେମାନେ ଅଗାଧ ଭବସାଗରରେ ପଡ଼ିରହିଥାନ୍ତି ॥ ୫ ॥

**ଅତି ଦୀନ ମଲୀନ ଦୁଖୀ ନିତହୀଂ । ଜିହ୍ନ କେଁ ପଦ ପଂକଜ ପ୍ରୀତି ନହୀଂ ॥**
**ଅୱଲଂବ ଭୱଂତ କଥା ଜିହ୍ନ କେଁ । ପ୍ରିୟ ସଂତ ଅନଂତ ସଦା ତିହ୍ନ କେଁ ॥ ୬ ॥**

ଯେଉଁମାନଙ୍କର ଆପଣଙ୍କ ଚରଣକମଳରେ ପ୍ରୀତି ନାହିଁ, ସେମାନେ ସର୍ବଦା ଅତ୍ୟନ୍ତ ଦୀନ, ମଳିନ ଓ ଦୁଃଖୀ ହୋଇ ରହନ୍ତି ଏବଂ ଆପଣଙ୍କର ଲୀଳାପ୍ରସଙ୍ଗହିଁ ଯେଉଁମାନଙ୍କର ଆଶ୍ରୟ, ସେମାନଙ୍କୁ ସାଧୁ, ସନ୍ଥ ଓ ଭଗବାନ୍ ସଦା ପ୍ରିୟ ଲାଗନ୍ତି ॥ ୬ ॥

**ନହିଁ ରାଗ ନ ଲୋଭ ନ ମାନ ମଦା । ତିହ୍ନ କେଁ ସମ ବୈଭଓ୍ୱ ଓ୍ୱା ବିପଦା ॥**
**ଏହି ତେ ତଓ୍ୱ ସେଓ୍ୱକ ହୋତ ମୁଦା । ମୁନି ତ୍ୟାଗତ ଜୋଗ ଭରୋସ ସଦା ॥ ୭ ॥**

ସେମାନଙ୍କ ଠାରେ ନା ଥାଏ ରାଗ (ଆସକ୍ତି), ନା ଲୋଭ, ନା ମାନ, ନା ମଦ । ସେମାନଙ୍କ ଦୃଷ୍ଟିରେ ସମ୍ପତ୍ତି (ସୁଖ) ଓ ବିପତ୍ତି (ଦୁଃଖ) ଉଭୟ ସମାନ । ତେଣୁ ମୁନିମାନେ ଚିରକାଳପାଇଁ ଯୋଗ(ସାଧନା)ର ଭରସା ତ୍ୟାଗ କରିଦେଇ ଆନନ୍ଦର ସହିତ ଆପଣଙ୍କର ସେବକ ହୋଇଯାଆନ୍ତି ॥ ୭ ॥

**କରି ପ୍ରେମ ନିରଂତର ନେମ ଲିଏଁ । ପଦ ପଂକଜ ସେଓ୍ୱତ ସୁଦ୍ଧ ହିଏଁ ॥**
**ସମ ମାନି ନିରାଦର ଆଦରହୀ । ସବ ସଂତ ସୁଖୀ ବିଚରଂତି ମହୀ ॥ ୮ ॥**

ସେମାନେ ପ୍ରେମପୂର୍ବକ ନିୟମ କରି ନିରନ୍ତର ଶୁଦ୍ଧ ହୃଦୟରେ ଆପଣଙ୍କ ଚରଣକମଳ ସେବା କରୁଥାନ୍ତି ଏବଂ ମାନ ଓ ଅପମାନକୁ ସମାନ ମନେକରୁଥିବା ସେହି ସନ୍ଥଗଣ ସୁଖୀ ହୋଇ ଜଗତରେ ବିଚରଣ କରନ୍ତି ॥ ୮॥

**ମୁନି ମାନସ ପଂକଜ ଭୃଂଗ ଭଜେ । ରଘୁବୀର ମହା ରନଧୀର ଅଜେ ॥**
**ତଓ୍ୱ ନାମ ଜପାମି ନମାମି ହରୀ । ଭଓ୍ୱ ରୋଗ ମହାଗଦ ମାନ ଅରୀ ॥ ୯ ॥**

ହେ ମୁନିମାନଙ୍କ ମନରୂପୀ କମଳର ଭ୍ରମର ! ହେ ମହାନ୍ ରଣଧୀର ଅଜେୟ ରଘୁବୀର ! ମୁଁ ଆପଣଙ୍କୁ ଭଜୁଛି (ଆପଣଙ୍କ ଶରଣ ଗ୍ରହଣ କରୁଛି) । ହେ ହରି ! ମୁଁ ଆପଣଙ୍କ ନାମ ଜପୁଛି ଏବଂ ଆପଣଙ୍କୁ ନମସ୍କାର କରୁଛି । ଆପଣ ହେଉଛନ୍ତି ଜନ୍ମମରଣରୂପୀ ରୋଗର ମହାନ୍ ଔଷଧ ଏବଂ ଅଭିମାନର ଘୋର ଶତ୍ରୁ ॥ ୯ ॥

**ଗୁନ ସୀଲ କୃପା ପରମାୟତନଂ । ପ୍ରନମାମି ନିରଂତର ଶ୍ରୀରମନଂ ॥**
**ରଘୁନଂଦ ନିକଂଦୟ ଦ୍ୱଂଦ୍ୱଘନଂ । ମହିପାଲ ବିଲୋକୟ ଦୀନଜନଂ ॥୧୦॥**

ଆପଣ ହେଉଛନ୍ତି ଗୁଣ, ଶୀଳ ଓ କୃପାର ପରମଧାମ । ଆପଣ ଲକ୍ଷ୍ମୀପତି । ମୁଁ ଆପଣଙ୍କୁ ନିରନ୍ତର ପ୍ରଣାମ କରୁଛି । ହେ ରଘୁନନ୍ଦନ ! ଆପଣ ଜନ୍ମ-ମୃତ୍ୟୁ, ସୁଖ-ଦୁଃଖ, ରାଗ-ଦ୍ୱେଷାଦି ଦ୍ୱନ୍ଦ୍ୱସମୂହ ନାଶ କରନ୍ତୁ । ହେ ମହୀପତି ! ଏ ଦୀନଜନକୁ ଟିକିଏ କୃପାଦୃଷ୍ଟିରେ ଗ୍ରହାନ୍ତୁ ॥ ୧୦ ॥

ଦୋ:- **ବାର ବାର ବର ମାଗଉଁ ହରଷି ଦେହୁ ଶ୍ରୀରଂଗ ।**
**ପଦ ସରୋଜ ଅନପାୟନୀ ଭଗତି ସଦା ସତସଂଗ ॥ ୧୪(କ) ॥**

ମୁଁ ଆପଣଙ୍କୁ ବାରମ୍ବାର ଏହି ବର ମାଗୁଛି ଯେ, ମୋତେ ସର୍ବଦା ଆପଣଙ୍କ ଚରଣକମଳରେ ଅଚଳା ଭକ୍ତି ଏବଂ ଆପଣଙ୍କ ଭକ୍ତମାନଙ୍କର ସତ୍‌ସଙ୍ଗ ପ୍ରାପ୍ତ ହେଉ । ହେ ଲକ୍ଷ୍ମୀପତି ! ଆପଣ ଆନନ୍ଦିତ ହୋଇ ଏତିକି ବର ଦିଅନ୍ତୁ ।" ॥ ୧୪(କ) ॥

**ବରନି ଉମାପତି ରାମ ଗୁନ ହରଷି ଗଏ କୈଲାସ ।**
**ତବ ପ୍ରଭୁ କପିହ୍ନ ଦିଓ୍ୱାଏ ସବ ବିଧି ସୁଖପ୍ରଦ ବାସ ॥ ୧୪(ଖ) ॥**

ଶ୍ରୀରାମଙ୍କ ଗୁଣାବଳୀ ବର୍ଣ୍ଣନା କରିସାରି ଉମାପତି ମହାଦେବ ଆନନ୍ଦିତ ହୋଇ କୈଳାସକୁ ଚାଲିଗଲେ । ତା'ପରେ ପ୍ରଭୁ ବାନରମାନଙ୍କୁ ସକଳପ୍ରକାର ସୁଖପ୍ରଦ ଆବାସ ପ୍ରଦାନ କଲେ ॥ ୧୪ (ଖ) ॥

**ସୁନୁ ଖଗପତି ୟହ କଥା ପାଓ୍ୱନୀ । ତ୍ରିବିଧ ତାପ ଭଓ୍ୱ ଭୟ ଦାଓ୍ୱନୀ ॥**
**ମହାରାଜ କର ସୁଭ ଅଭିଷେକା । ସୁନତ ଲହହିଁ ନର ବିରତି ବିବେକା ॥ ୧ ॥**

[କାକଭୁଶୁଣ୍ଡି କହିଲେ,] ହେ ଗରୁଡ଼ ! ଏହି କଥା (ଚରିତ) ସମସ୍ତଙ୍କୁ ପବିତ୍ର କରିଥାଏ । ଏହା [ଦୈହିକ, ଦୈବିକ ଓ ଭୌତିକ—] ତ୍ରିବିଧ ତାପ ତଥା ଜନ୍ମମୃତ୍ୟୁ ଭୟ ନାଶ କରିଥାଏ । ମହାରାଜ ଶ୍ରୀରାମଚନ୍ଦ୍ରଙ୍କର କଲ୍ୟାଣମୟ ରାଜ୍ୟାଭିଷେକ ଚରିତ ନିଷ୍କାମଭାବରେ ଶୁଣିଲେ ମନୁଷ୍ୟ ବୈରାଗ୍ୟ ଓ ଜ୍ଞାନ ଲାଭ କରିଥାଏ ॥ ୧ ॥

**ଜେ ସକାମ ନର ସୁନହିଁ ଜେ ଗାଓ୍ୱହିଁ । ସୁଖ ସଂପତି ନାନା ବିଧି ପାଓ୍ୱହିଁ ॥**
**ସୁର ଦୁର୍ଲଭ ସୁଖ କରି ଜଗ ମାହୀଁ । ଅଂତକାଲ ରଘୁପତି ପୁର ଜାହୀଁ ॥ ୨ ॥**

ଯେଉଁ ମନୁଷ୍ୟମାନେ ଏହାକୁ ସକାମଭାବରେ ଶୁଣନ୍ତି ଓ ଯେଉଁମାନେ ଗାଆନ୍ତି, ସେମାନେ ଅନେକପ୍ରକାର ସୁଖ ଓ ସମ୍ପତ୍ତି ଲାଭ କରନ୍ତି । ସେମାନେ ଜଗତରେ ଦେବଦୁର୍ଲଭ ସୁଖ ଭୋଗ କରି ଅନ୍ତକାଳରେ ଶ୍ରୀରଘୁନାଥଙ୍କ ପରମଧାମକୁ ଚାଲିଯାଆନ୍ତି ॥ ୨ ॥

**ସୁନହିଁ ବିମୁକ୍ତ ବିରତ ଅରୁ ବିଷଈ । ଲହହିଁ ଭଗତି ଗତି ସଂପତି ନଈ ॥**
**ଖଗପତି ରାମ କଥା ମୈଁ ବରନୀ । ସ୍ୱମତି ବିଲାସ ତ୍ରାସ ଦୁଖ ହରନୀ ॥ ୩ ॥**

ଯେଉଁ ଜୀବନ୍ମୁକ୍ତ, ବିରକ୍ତ ଓ ବିଷୟୀ ମନୁଷ୍ୟମାନେ ଏହା ଶୁଣନ୍ତି, ସେମାନେ ଯଥାକ୍ରମେ ଭକ୍ତି, ମୁକ୍ତି ଓ ନବୀନ ସମ୍ପତ୍ତି ଲାଭ କରନ୍ତି । ହେ ପକ୍ଷୀରାଜ ଗରୁଡ଼ ! ମୁଁ ମୋର ବୁଦ୍ଧିବିଳାସ (ବୁଦ୍ଧିର ସୀମା) ଅନୁଯାୟୀ ରାମକଥା ବର୍ଣ୍ଣନା କରିଛି । ଏହା ଜନ୍ମମରଣରୂପୀ ଭୟ ଓ ଦୁଃଖ ହରଣ କରେ ॥ ୩ ॥

**ବିରତି ବିବେକ ଭଗତି ଦୃଢ଼ କରନୀ । ମୋହ ନଦୀ କହଁ ସୁଂଦର ତରନୀ ॥**
**ନିତ ନଓ୍ୱ ମଂଗଲ କୌସଲପୁରୀ । ହରଷିତ ରହହିଁ ଲୋଗ ସବ କୁରୀ ॥ ୪ ॥**

ଏହା ବୈରାଗ୍ୟ, ବିବେକ ଓ ଭକ୍ତି ଦୃଢ଼ କରିଥାଏ ଏବଂ ଏହା ହେଉଛି ମୋହରୂପୀ ନଦୀ ପାରି କରାଇବାପାଇଁ ସୁନ୍ଦର ନୌକା । ଅଯୋଧ୍ୟାପୁରୀରେ ନିତ୍ୟ ନୂତନ ମଙ୍ଗଳ ଉତ୍ସବ ହେଉଥାଏ । ସବୁଶ୍ରେଣୀର ଲୋକେ ଆନନ୍ଦରେ କାଳାତିପାତ କରୁଥାନ୍ତି ॥ ୪ ॥

**ନିତ ନଇ ପ୍ରୀତି ରାମ ପଦ ପଂକଜ । ସବ କେଁ ଜିନ୍ହହି ନମତ ସିଓ୍ୱ ମୁନି ଅଜ ॥**
**ମଂଗନ ବହୁ ପ୍ରକାର ପହିରାଏ । ଦ୍ୱିଜନ୍ହ ଦାନ ନାନା ବିଧି ପାଏ ॥ ୫ ॥**

ଯେଉଁ ଶ୍ରୀରାମଙ୍କ ଚରଣକମଳରେ ଶିବ, ମୁନିବୃନ୍ଦ ଓ ବ୍ରହ୍ମା ସୁଦ୍ଧା ନମସ୍କାର କରନ୍ତି, ତାହା ପ୍ରତି ସମସ୍ତଙ୍କର ନିତ୍ୟ ନୂତନ ପ୍ରୀତି ବର୍ଦ୍ଧିତ ହେବାକୁ ଲାଗିଲା । ଭିକ୍ଷୁକମାନଙ୍କୁ ବହୁବିଧ ବସ୍ତ୍ରାଭୂଷଣ ପିନ୍ଧାଗଲା ଏବଂ ବ୍ରାହ୍ମଣମାନେ ନାନାପ୍ରକାର ଦାନ ପାଇଲେ ॥ ୫ ॥

ଦୋ:- **ବ୍ରହ୍ମାନଂଦ ମଗନ କପି ସବ କେଁ ପ୍ରଭୁ ପଦ ପ୍ରୀତି ।**
**ଜାତ ନ ଜାନେ ଦିଓ୍ୱସ ତିନ୍ହ ଗଏ ମାସ ଷଟ ବୀତି ॥ ୧୫ ॥**

ବାନରଗଣ ବ୍ରହ୍ମାନନ୍ଦରେ ମଗ୍ନ ଥାଆନ୍ତି। ପ୍ରଭୁଙ୍କ ଚରଣରେ ସମସ୍ତଙ୍କର ପ୍ରେମ ଥାଏ । ଦିନ କିପରି ଯାଉଛି, ତାହା କେହି ଜାଣିପାରୁ ନ ଥାନ୍ତି । ଚାହୁଁ ଚାହୁଁ ଛ'ମାସ ଅତିବାହିତ ହୋଇଗଲା ॥ ୧୫ ॥

**ବିସରେ ଗୃହ ସପନେହୁଁ ସୁଧି ନାହୀଁ । ଜିମି ପରଦ୍ରୋହ ସଂତ ମନ ମାହୀଁ ॥**
**ତବ ରଘୁପତି ସବ ସଖା ବୋଲାଏ । ଆଇ ସବନ୍ହି ସାଦର ସିରୁ ନାଏ ॥ ୧ ॥**

ସେମାନେ ନିଜ ନିଜର ଘରକଥା ଭୁଲିଗଲେ । ସାଧୁସନ୍ଥମାନଙ୍କ ମନରେ ଯେପରି ପରଦ୍ରୋହ-ଚିନ୍ତା ପଶେ ନାହିଁ, ସେମାନଙ୍କୁ ସେହିପରି ସ୍ୱପ୍ନରେ ବି ଘରକଥା ମନେପଡ଼ିଲା ନାହିଁ । ଦିନେ ଶ୍ରୀରାମ ସମସ୍ତ ସଖାଙ୍କୁ ଡକାଇଲେ । ସମସ୍ତେ ଆସି ଆନନ୍ଦସହକାରେ ପ୍ରଣାମ କଲେ ॥ ୧ ॥

**ପରମ ପ୍ରୀତି ସମୀପ ବୈଠାରେ । ଭଗତ ସୁଖଦ ମୃଦୁ ବଚନ ଉଚ୍ଚାରେ ॥**
**ତୁହ୍ମ ଅତି କୀହ୍ନି ମୋରି ସେଓ୍ୱକାଈ । ମୁଖ ପର କେହି ବିଧି କରୌଁ ବଡ଼ାଈ ॥ ୨ ॥**

ଶ୍ରୀରାମ ସେମାନଙ୍କୁ ବଡ଼ ପ୍ରେମର ସହିତ ପାଖରେ ବସାଇଲେ ଏବଂ ଭକ୍ତଜନଙ୍କୁ ସୁଖ ଦେଲାଭଳି କୋମଳ କଣ୍ଠରେ କହିଲେ, ''ତୁମେମାନେ ମୋର ବହୁତ ସେବା କରିଛ । ତୁମମାନଙ୍କ ମୁହଁ ଉପରେ ମୁଁ ବା କିପରି ତୁମର ପ୍ରଶଂସା କରିବି ! ॥ ୨ ॥

**ତାତେ ମୋହି ତୁହ୍ମ ଅତି ପ୍ରିୟ ଲାଗେ । ମମ ହିତ ଲାଗି ଭଓ୍ୱନ ସୁଖ ତ୍ୟାଗେ ॥**
**ଅନୁଜ ରାଜ ସଂପତି ବୈଦେହୀ । ଦେହ ଗେହ ପରିଓ୍ୱାର ସନେହୀ ॥ ୩ ॥**
**ସବ ମମ ପ୍ରିୟ ନହିଁ ତୁହ୍ମହି ସମାନା । ମୃଷା ନ କହଉଁ ମୋର ୟହ ବାନା ॥**
**ସବ କେଁ ପ୍ରିୟ ସେଓ୍ୱକ ୟହ ନୀତୀ । ମୋରେଁ ଅଧିକ ଦାସ ପର ପ୍ରୀତୀ ॥ ୪ ॥**

ମୋର ହିତ ନିମନ୍ତେ ତୁମେମାନେ ଘରଦ୍ୱାର ଓ ସକଳ ସୁଖ ତ୍ୟାଗ କରିଦେଇଛ, ତେଣୁ ତୁମେମାନେ ମୋର ଅତ୍ୟନ୍ତ ପ୍ରିୟ । ମୋର ସାନଭାଇମାନେ, ମୋର ରାଜ୍ୟ, ସମ୍ପତ୍ତି, ଜାନକୀ, ନିଜ ଶରୀର, ଗୃହ, କୁଟୁମ୍ବ, ମିତ୍ର—ଏ ସମସ୍ତେ ଯଦିବା ମୋର ପ୍ରିୟ, ତଥାପି ତୁମସମାନ ପ୍ରିୟ ନୁହନ୍ତି । ମୁଁ ମିଛ କହୁନାହିଁ । ଏହା ମୋର ସ୍ୱଭାବ । ସବୁ ସ୍ୱାମୀଙ୍କୁ ସେମାନଙ୍କର ସେବକମାନେ ପ୍ରିୟ ଲାଗନ୍ତି—ଏହା ନୀତିବାକ୍ୟ । କିନ୍ତୁ ଦାସମାନଙ୍କ ପ୍ରତି ମୋର ସ୍ୱଭାବତଃ ଅଧିକ ପ୍ରୀତି ରହିଛି ॥ ୩-୪ ॥

ଦୋଃ- **ଅବ ଗୃହ ଜାହୁ ସଖା ସବ ଭଜେହୁ ମୋହି ଦୃଢ଼ ନେମ ।**
**ସଦା ସର୍ବଗତ ସର୍ବହିତ ଜାନି କରେହୁ ଅତି ପ୍ରେମ ॥ ୧୬ ॥**

ହେ ସଖାଗଣ ! ଏଥର ତୁମେମାନେ ନିଜ ନିଜ ଘରକୁ ଯାଅ । ଦୃଢ଼ ନିୟମପୂର୍ବକ ମୋତେ ଭଜନ କର । ମୋତେ ସଦା ସର୍ବବ୍ୟାପକ ଏବଂ ସମସ୍ତଙ୍କର ହିତକାରୀ ବୋଲି ଜାଣି ମୋ ଠାରେ ପ୍ରୀତି ରଖ ।'' ॥ ୧୬ ॥

**ସୁନି ପ୍ରଭୁ ବଚନ ମଗନ ସବ ଭଏ । କୋ ହମ କହାଁ ବିସରି ତନ ଗଏ ॥**
**ଏକଟକ ରହେ ଜୋରି କର ଆଗେ । ସକହିଁ ନ କଛୁ କହି ଅତି ଅନୁରାଗେ ॥ ୧ ॥**

ପ୍ରଭୁଙ୍କର ବଚନ ଶୁଣି ସମସ୍ତେ ପ୍ରେମମଗ୍ନ ହୋଇଗଲେ । 'ଆମେ କିଏ ଓ କେଉଁଠି ଅଛୁ ?'—ଏହି ଦେହଜ୍ଞାନ ମଧ୍ୟ ଭୁଲିଗଲେ । ପ୍ରଭୁଙ୍କ ସମ୍ମୁଖରେ କର ଯୋଡ଼ି ସେମାନେ ନିର୍ନିମେଷ ନୟନରେ ତାଙ୍କୁ ଗ୍ରହିଁରହିଲେ । ଅତ୍ୟନ୍ତ ପ୍ରେମବଶ ହୋଇ କିଛି କହିପାରିଲେ ନାହିଁ ॥ ୧ ॥

**ପରମ ପ୍ରେମ ତିହ୍ନ କର ପ୍ରଭୁ ଦେଖା । କହା ବିବିଧି ବିଧି ଗ୍ୟାନ ବିସେଷା ॥**
**ପ୍ରଭୁ ସନ୍ମୁଖ କଛୁ କହନ ନ ପାରହିଁ । ପୁନି ପୁନି ଚରନ ସରୋଜ ନିହାରହିଁ ॥ ୨ ॥**

ପ୍ରଭୁ ସେମାନଙ୍କ ପ୍ରେମର ଗଭୀରତା ଦେଖିଲେ । ତେଣୁ ସେମାନଙ୍କୁ ଅନେକପ୍ରକାରେ ଜ୍ଞାନୋପଦେଶ ପ୍ରଦାନ କଲେ । ପ୍ରଭୁଙ୍କ ସମ୍ମୁଖରେ ସେମାନେ କିଛି କହିପାରୁ ନ ଥାନ୍ତି; କେବଳ ବାରମ୍ବାର ପ୍ରଭୁଙ୍କ ଚରଣକମଳକୁ ଗ୍ରହୁଁଥାନ୍ତି ॥ ୨ ॥

**ତବ ପ୍ରଭୁ ଭୂଷନ ବସନ ମଗାଏ । ନାନା ରଂଗ ଅନୂପ ସୁହାଏ ॥**
**ସୁଗ୍ରୀଓ୍ୱହି ପ୍ରଥମହିଁ ପହିରାଏ । ବସନ ଭରତ ନିଜ ହାଥ ବନାଏ ॥ ୩ ॥**

ତା'ପରେ ପ୍ରଭୁ ବିବିଧ ରଙ୍ଗର ଅନୁପମ ସୁନ୍ଦର ବସନଭୂଷଣମାନ ମଗାଇଲେ । ସର୍ବପ୍ରଥମେ ଭରତ ନିଜ ହାତରେ ସୁଗ୍ରୀବଙ୍କୁ ବସ୍ତ୍ର ଓ ଅଳଙ୍କାର ପିନ୍ଧାଇଲେ ॥ ୩ ॥

**ପ୍ରଭୁ ପ୍ରେରିତ ଲଛିମନ ପହିରାଏ । ଲଂକାପତି ରଘୁପତି ମନ ଭାଏ ॥**
**ଅଂଗଦ ବୈଠ ରହା ନହିଁ ଡୋଲା । ପ୍ରୀତି ଦେଖି ପ୍ରଭୁ ତାହି ନ ବୋଲା ॥ ୪ ॥**

ତହୁଁ ପ୍ରଭୁଙ୍କ ନିର୍ଦ୍ଦେଶରେ ଲକ୍ଷ୍ମଣ ବିଭୀଷଣଙ୍କୁ ବସ୍ତ୍ର ଓ ଅଳଙ୍କାରମାନ ପିନ୍ଧାଇଦେଲେ । ତାହା ରଘୁନାଥଙ୍କୁ ବହୁତ ଭଲ ଲାଗିଲା । ଅଙ୍ଗଦ ବସିଥାନ୍ତି; ସେ ନିଜ ସ୍ଥାନରୁ ଟିକିଏ ବି ଘୁଞ୍ଚୁ ନ ଥାନ୍ତି । ତାଙ୍କର ଏହି ବିଶେଷ ପ୍ରେମ ଦେଖି ପ୍ରଭୁ ତାଙ୍କୁ ଡାକିଲେ ନାହିଁ ॥ ୪ ॥

ଦୋଃ- **ଜାମଵଂତ ନୀଲାଦି ସବ ପହିରାଏ ରଘୁନାଥ ।**
**ହିୟଁ ଧରି ରାମ ରୂପ ସବ ଚଲେ ନାଇ ପଦ ମାଥ ॥ ୧୭(କ) ॥**

ଜାମ୍ବବାନ୍ ଓ ନୀଳ ଆଦି ସମସ୍ତଙ୍କୁ ଶ୍ରୀରଘୁନାଥ ସ୍ୱୟଂ ବସନଭୂଷଣ ପିନ୍ଧାଇଦେଲେ । ସେମାନେ ସମସ୍ତେ ନିଜ ନିଜ ହୃଦୟରେ ଶ୍ରୀରାମଙ୍କ ରୂପ ଧାରଣ କରି, ତାଙ୍କ ଚରଣରେ ପ୍ରଣାମ କରି ବିଦାୟ ନେଲେ ॥ ୧୭(କ) ॥

**ତବ ଅଂଗଦ ଉଠି ନାଇ ସିରୁ ସଜଲ ନୟନ କର ଜୋରି ।**
**ଅତି ବିନୀତ ବୋଲେଉ ବଚନ ମନହୁଁ ପ୍ରେମ ରସ ବୋରି ॥ ୧୭(ଖ) ॥**

ଏଥର ଅଙ୍ଗଦ ଉଠି ମଥା ନୁଆଇଁଲେ ଏବଂ ଅଶ୍ରୁପୂର୍ଣ୍ଣ ନୟନରେ କରପତ୍ର ଯୋଡ଼ି ଅତ୍ୟନ୍ତ ବିନୀତଭାବରେ ପ୍ରେମସିକ୍ତ ମଧୁର ବଚନ କହିଲେ, ॥ ୧୭(ଖ) ॥

**ସୁନୁ ସର୍ବଗ୍ୟ କୃପା ସୁଖ ସିଂଧୋ । ଦୀନ ଦୟାକର ଆରତ ବଂଧୋ ॥**
**ମରତୀ ବେର ନାଥ ମୋହି ବାଲୀ । ଗୟଉ ତୁହ୍ମାରେହି କୋଁଛେଁ ଘାଲୀ ॥ ୧ ॥**

''ହେ ସର୍ବଜ୍ଞ ! ହେ କୃପାସାଗର ! ହେ ସୁଖସିନ୍ଧୁ ! ହେ ଦୀନଦୟାଳୁ ! ହେ ଆର୍ତ୍ତବନ୍ଧୁ ! ଶୁଣନ୍ତୁ, ହେ ନାଥ ! ମରଣକାଳରେ ମୋର ପିତା ବାଳି ମୋତେ ଆପଣଙ୍କ କୋଳରେ ସମର୍ପିଦେଇ ଯାଇଥିଲେ ॥ ୧ ॥

**ଅସରନ ସରନ ବିରଦୁ ସଂଭାରୀ । ମୋହି ଜନି ତଜହୁ ଭଗତ ହିତକାରୀ ॥**
**ମୋରେଁ ତୁହ୍ମ ପ୍ରଭୁ ଗୁର ପିତୁ ମାତା । ଜାଉଁ କହାଁ ତଜି ପଦ ଜଲଜାତା ॥ ୨ ॥**

ତେଣୁ ହେ ଭକ୍ତଜନହିତକାରୀ ! ଆପଣ ନିଜର ଅଶରଣଶରଣ-ଖ୍ୟାତି(ବାନା)କୁ ମନେପକାଇ ମୋତେ ତ୍ୟାଗ କରନ୍ତୁ ନାହିଁ । ମୋର ତ ଆପଣହିଁ ପ୍ରଭୁ, ଗୁରୁ, ପିତା ଓ ମାତା—ସବୁକିଛି । ଆପଣଙ୍କ ଚରଣକମଳ ଛାଡ଼ି ମୁଁ ଯିବି କୁଆଡ଼େ ? ॥ ୨ ॥

**ତୁହ୍ମହି ବିଚାରି କହହୁ ନରନାହା । ପ୍ରଭୁ ତଜି ଭଵନ କାଜ ମମ କାହା ॥**
**ବାଲକ ଗ୍ୟାନ ବୁଦ୍ଧି ବଲ ହୀନା । ରାଖହୁ ସରନ ନାଥ ଜନ ଦୀନା ॥ ୩ ॥**

ମହାରାଜ ! ଆପଣହିଁ ବିଚାର କରି କହନ୍ତୁ, ଆପଣଙ୍କୁ ଛାଡ଼ି ମୋର ଘରେ କି କାମ ? ହେ ନାଥ ! ଏହି ଜ୍ଞାନହୀନ, ବୁଦ୍ଧିହୀନ, ବଳହୀନ ବାଳକକୁ, ଏହି ଦୀନ ସେବକକୁ ଆପଣ ନିଜ ଶରଣରେ ରଖନ୍ତୁ ॥ ୩ ॥

**ନୀଚି ଟହଲ ଗୃହ କୈ ସବ କରିହଉଁ । ପଦ ପଂକଜ ବିଲୋକି ଭଵ ତରିହଉଁ ॥**
**ଅସ କହି ଚରନ ପରେଉ ପ୍ରଭୁ ପାହୀ । ଅବ ଜନି ନାଥ କହହୁ ଗୃହ ଜାହୀ ॥ ୪ ॥**

ମୁଁ ଆପଣଙ୍କର ବଡ଼ ସେବା ନ ହେଉ ପଛେ, ସମସ୍ତପ୍ରକାର ଛୋଟ ଛୋଟ ସେବା କରିବି ଏବଂ ଆପଣଙ୍କ ଚରଣକମଳଯୁଗଳ ଦେଖି ଦେଖି ଭବସାଗରରୁ ତରିଯିବି ।'' ଏପରି କହି ସେ ଶ୍ରୀରାମଙ୍କ ଚରଣତଳେ ଲୋଟିପଡ଼ିଲେ ଏବଂ କହିଲେ, ''ହେ ପ୍ରଭୁ ! ମୋତ ରକ୍ଷା କରନ୍ତୁ । ହେ ନାଥ ! ମୋତେ ଆଉ 'ଘରକୁ ଯାଅ' ବୋଲି କହନ୍ତୁ ନାହିଁ ।'' ॥ ୪ ॥

**ଦୋ:- ଅଂଗଦ ବଚନ ବିନୀତ ସୁନି ରଘୁପତି କରୁନା ସୀଁଵ ।**
**ପ୍ରଭୁ ଉଠାଇ ଉର ଲାୟଉ ସଜଲ ନୟନ ରାଜୀଵ ॥ ୧୮ (କ) ॥**

ଅଙ୍ଗଦଙ୍କ ବିନମ୍ର ବଚନ ଶୁଣି କରୁଣାନିଧାନ ପ୍ରଭୁ ଶ୍ରୀରାମ ତାହାଙ୍କୁ ଉଠାଇ ଆଲିଙ୍ଗନ କଲେ । ପ୍ରଭୁଙ୍କ ନେତ୍ରକମଳ ଅଶ୍ରୁ ଛଳଛଳ ହୋଇଗଲା ॥ ୧୮ (କ) ॥

**ନିଜ ଉର ମାଲ ବସନ ମନି ବାଲିତନୟ ପହିରାଇ ।**
**ବିଦା କୀହ୍ନି ଭଗଵାନ ତବ ବହୁ ପ୍ରକାର ସମୁଝାଇ ॥ ୧୮ (ଖ) ॥**

ଭଗବାନ୍ ନିଜ ବକ୍ଷର ମାଳା, ବସ୍ତ୍ର ଓ ମଣି (ଆଭୂଷଣ) କାଢ଼ି ବାଳିପୁତ୍ର ଅଙ୍ଗଦଙ୍କୁ ପିନ୍ଧାଇଦେଲେ ଏବଂ ବହୁତପ୍ରକାରେ ବୁଝାଇସୁଝାଇ ବିଦାୟ ଦେଲେ ॥ ୧୮ (ଖ) ॥

**ଭରତ ଅନୁଜ ସୌମିତ୍ରି ସମେତା । ପଠଵନ ଚଲେ ଭଗତ କୃତ ଚେତା ॥**
**ଅଂଗଦ ହୃଦୟଁ ପ୍ରେମ ନହିଁ ଥୋରା । ଫିରି ଫିରି ଚିତଵ ରାମ କୀଁ ଓରା ॥ ୧ ॥**

ସେହି ଭକ୍ତଙ୍କର କୃତିତ୍ୱ ସ୍ମରଣ କରି ତାଙ୍କୁ ବାଟେଇଦେବା ନିମନ୍ତେ ସାନଭାଇ ଶତ୍ରୁଘ୍ନ ଓ ଲକ୍ଷ୍ମଣଙ୍କ ସହିତ ଭରତ ଚାଲିଲେ । ଅଙ୍ଗଦଙ୍କ ହୃଦୟରେ କିଛି କମ୍ ପ୍ରେମ ନ ଥାଏ; ସେ ବାରମ୍ବାର ପଛକୁ ବୁଲି ଶ୍ରୀରାମଙ୍କ ଆଡ଼କୁ ଚାହୁଁଥାନ୍ତି ॥ ୧ ॥

**ବାର ବାର କର ଦଂଡ ପ୍ରନାମା । ମନ ଅସ ରହନ କହହିଁ ମୋହି ରାମା ॥**
**ରାମ ବିଲୋକନି ବୋଲନି ଚଲନୀ । ସୁମିରି ସୁମିରି ସୋଚତ ହଁସି ମିଲନୀ ॥ ୨ ॥**

ଏବଂ ପ୍ରଭୁଙ୍କୁ ବାରମ୍ବାର ଦଣ୍ଡପ୍ରଣାମ କରି ଭାବୁଥାନ୍ତି, 'ଶ୍ରୀରାମ ମୋତେ ରହିବାକୁ କହିଦିଅନ୍ତେ କି !' ଶ୍ରୀରାମଙ୍କ ଚାହିଁବା, କଥା କହିବା, ଚାଲିବା ଓ ହସି ହସି ସାକ୍ଷାତ୍ କରିବାର ରୀତି ସ୍ମରଣ କରି କରି ସେ ଭାବନାରେ ବୁଡ଼ିଯାଉଥାନ୍ତି ॥ ୨ ॥

**ପ୍ରଭୁ ରୁଖ ଦେଖି ବିନୟ ବହୁ ଭାଷୀ । ଚଲେଉ ହୃଦୟଁ ପଦ ପଂକଜ ରାଖୀ ॥**
**ଅତି ଆଦର ସବ କପି ପହୁଁଚାଏ । ଭାଇହ୍ନ ସହିତ ଭରତ ପୁନି ଆଏ ॥ ୩ ॥**

କିନ୍ତୁ ପ୍ରଭୁଙ୍କ ମନୋଭାବ ଦେଖି ଅତ୍ୟନ୍ତ ବିନୟପୂର୍ଣ୍ଣ ବଚନ କହି, ହୃଦୟରେ ପ୍ରଭୁଙ୍କ ଚରଣକମଳ ଧାରଣ କରି ସେ ଚାଲିଗଲେ । ଅତ୍ୟନ୍ତ ଆଦର ସହକାରେ ସମସ୍ତ ବାନରଙ୍କୁ ବାଟେଇଦେଇ ଭାଇମାନଙ୍କ ସହିତ ଭରତ ଫେରିଆସିଲେ ॥ ୩ ॥

**ତବ ସୁଗ୍ରୀଵ ଚରନ ଗହି ନାନା । ଭାଁତି ବିନୟ କୀହ୍ନେ ହନୁମାନା ॥**
**ଦିନ ଦସ କରି ରଘୁପତି ପଦ ସେଵା । ପୁନି ତଵ ଚରନ ଦେଖିହଉଁ ଦେଵା ॥ ୪ ॥**

ସେତିକିବେଳେ ସୁଗ୍ରୀବଙ୍କ ଚରଣ ଧରି ଅନେକପ୍ରକାର ବିନତି କରି ହନୁମାନ୍ କହିଲେ, ''ହେ ଦେବ ! ମୁଁ ଦଶଦିନ(କିଛିଦିନ) ଶ୍ରୀରଘୁନାଥଙ୍କ ଚରଣସେବା କରି ପୁଣି ଆସି ଆପଣଙ୍କ ଚରଣ ଦର୍ଶନ କରିବି ।'' ॥ ୪ ॥

**ପୁନ୍ୟ ପୁଂଜ ତୁହ୍ମ ପଓ୍ୱନକୁମାରା । ସେଓ୍ୱହୁ ଜାଇ କୃପା ଆଗାରା ॥**
**ଅସ କହି କପି ସବ ଚଲେ ତୁରଂତା । ଅଂଗଦ କହଇ ସୁନହୁ ହନୁମଂତା ॥ ୫ ॥**

[ସୁଗ୍ରୀବ କହିଲେ,] "ହେ ପବନକୁମାର ! ତୁମେ ବଡ଼ ପୁଣ୍ୟବାନ୍; (କାରଣ ଭଗବାନ୍ ତୁମକୁ ତାଙ୍କ ସେବାରେ ନିଯୁକ୍ତ କଲେ ।) ତୁମେ ଯାଇ କୃପାନିଧାନ ଶ୍ରୀରାମଙ୍କ ସେବାରେ ଲାଗ ।" ସବୁ ବାନର ଏହିପରି କହି, ଆଉ ବିଳମ୍ବ ନ କରି ବିଦାୟ ନେଲେ । ଅଙ୍ଗଦ କହିଲେ, "ହେ ହନୁମାନ୍ ! ଶୁଣ, ॥ ୫ ॥

ଦୋଃ- **କହେହୁ ଦଂଡଓ୍ୱତ ପ୍ରଭୁ ସୈଁ ତୁହ୍ମହି କହଉଁ କର ଜୋରି ।**
**ବାର ବାର ରଘୁନାୟକହି ସୁରତି କରାଏହୁ ମୋରି ॥ ୧୯ (କ) ॥**

ତୁମକୁ ମୁଁ ହାତ ଯୋଡ଼ି କହୁଛି, ଶ୍ରୀରଘୁନାଥଙ୍କୁ ମୋର ଦଣ୍ଡବତ୍ ପ୍ରଣାମ ଜଣାଇଦେବ ଏବଂ ପ୍ରଭୁଙ୍କୁ ମଝିରେ ମଝିରେ ମୋ କଥା ମନେ ପକାଇଦେଉଥିବ ।" ॥ ୧୯ (କ) ॥

**ଅସ କହି ଚଲେଉ ବାଲିସୁତ ଫିରି ଆୟଉ ହନୁମଂତ ।**
**ତାସୁ ପ୍ରୀତି ପ୍ରଭୁ ସନ କହୀ ମଗନ ଭଏ ଭଗଓ୍ୱଂତ ॥ ୧୯ (ଖ) ॥**

ଏପରି କହି ବାଳିପୁତ୍ର ଅଙ୍ଗଦ ଚାଲିଗଲେ । ହନୁମାନ୍ ଫେରିଆସିଲେ ଏବଂ ପ୍ରଭୁଙ୍କୁ ଅଙ୍ଗଦଙ୍କର ପ୍ରଗାଢ଼ ପ୍ରୀତି ବିଷୟ ଜଣାଇଲେ । ତାହା ଶୁଣି ଭଗବାନ୍ ପ୍ରେମମଗ୍ନ ହୋଇଗଲେ ॥ ୧୯ (ଖ) ॥

**କୁଲିସହୁ ଚାହି କଠୋର ଅତି କୋମଲ କୁସୁମହୁ ଚାହି ।**
**ଚିତ୍ତ ଖଗେସ ରାମ କର ସମୁଝି ପରଇ କହୁ କାହି ॥ ୧୯ (ଗ) ॥**

[କାକଭୁଶୁଣ୍ଡି କହିଲେ,] ହେ ଗରୁଡ଼ ! ଶ୍ରୀରାମଙ୍କ ଚିତ୍ତ ବଜ୍ରଠାରୁ ବି ଅଧିକ କଠୋର ଏବଂ ପୁଷ୍ପଠାରୁ ବି ଅଧିକ କୋମଳ । ତେଣୁ କହିଲ, କିଏ ଭଲା ତାହା ବୁଝିପାରିବ ! ॥ ୧୯ (ଗ) ॥

**ପୁନି କୃପାଲ ଲିୟୋ ବୋଲି ନିଷାଦା । ଦୀହ୍ନେ ଭୂଷନ ବସନ ପ୍ରସାଦା ॥**
**ଜାହୁ ଭଓ୍ୱନ ମମ ସୁମିରନ କରେହୂ । ମନ କ୍ରମ ବଚନ ଧର୍ମ ଅନୁସରେହୂ ॥ ୧ ॥**

ତା'ପରେ ପ୍ରଭୁ ନିଷାଦରାଜଙ୍କୁ ଡକାଇଲେ ଓ ପ୍ରସାଦସ୍ୱରୂପ ତାଙ୍କୁ ଭୂଷଣ ଓ ବସ୍ତ୍ର ପ୍ରଦାନ କରି କହିଲେ, "ଏଥର ତୁମେ ବି ଘରକୁ ଯାଅ । ସେଠାରେ ମୋତେ ସ୍ମରଣ କରୁଥିବ ଏବଂ ମନ, ବଚନ ଓ କର୍ମରେ ଧର୍ମାନୁସାରେ ଚଳୁଥିବ ॥ ୧ ॥

**ତୁହ୍ମ ମମ ସଖା ଭରତ ସମ ଭ୍ରାତା । ସଦା ରହେହୁ ପୁର ଆଓ୍ୱତ ଜାତା ॥**
**ବଚନ ସୁନତ ଉପଜା ସୁଖ ଭାରୀ । ପରେଉ ଚରନ ଭରି ଲୋଚନ ବାରୀ ॥ ୨ ॥**

ତୁମେ ମୋର ମିତ୍ର ଏବଂ ଭରତ ପରି ଭାଇ । ସବୁବେଳେ ଅଯୋଧ୍ୟାକୁ ଯିବା-ଆସିବା କରୁଥିବ ।" ପ୍ରଭୁଙ୍କ ବଚନ ଶୁଣିବାକ୍ଷଣି ନିଷାଦରାଜ ଆନନ୍ଦିତ ହୋଇଗଲେ । ତାଙ୍କ ନୟନରେ ପ୍ରେମ ଓ ଆନନ୍ଦର ଅଶ୍ରୁ ଭରିଗଲା । ସେ ପ୍ରଭୁଙ୍କ ପାଦରେ ଲୋଟିପଡ଼ିଲେ ॥ ୨ ॥

**ଚରନ ନଲିନ ଉର ଧରି ଗୃହ ଆଓ୍ୱା । ପ୍ରଭୁ ସୁଭାଉ ପରିଜନହ୍ନି ସୁନାଓ୍ୱା ॥**
**ରଘୁପତି ଚରିତ ଦେଖି ପୁରବାସୀ । ପୁନି ପୁନି କହହିଁ ଧନ୍ୟ ସୁଖରାସୀ ॥ ୩ ॥**

ପ୍ରଭୁଙ୍କ ଚରଣକମଳଦ୍ୱୟ ହୃଦୟରେ ଧାରଣ କରି ସେ ଘରକୁ ଫେରିଲେ । ଗ୍ରାମରେ ପହଞ୍ଚି ନିଜର ଜାତିଭାଇମାନଙ୍କୁ ପ୍ରଭୁଙ୍କ ସ୍ୱଭାବ କିପରି ମହାନ୍, ତାହା ଶୁଣାଇଲେ । ଅଯୋଧ୍ୟାବାସୀ ଶ୍ରୀରଘୁନାଥଙ୍କର ଏହିସବୁ ଚରିତ ଦେଖି ଆନନ୍ଦଧାମ ଶ୍ରୀରାମଙ୍କୁ ବାରମ୍ବାର ଧନ୍ୟ ଧନ୍ୟ କହିବାକୁ ଲାଗିଲେ ॥ ୩ ॥

**ରାମ ରାଜ ବୈଠେଁ ତ୍ରୈଲୋକା । ହରଷିତ ଭଏ ଗଏ ସବ ସୋକା ॥**
**ବୟରୁ ନ କର କାହୂ ସନ କୋଈ । ରାମ ପ୍ରତାପ ବିଷମତା ଖୋଈ ॥ ୪ ॥**

ଶ୍ରୀରାମ ରାଜା ହେବାରୁ ତ୍ରିଲୋକର ସକଳ ଦୁଃଖ ଦୂର ହୋଇଗଲା; ତ୍ରିଲୋକ ଆନନ୍ଦିତ ହେଲା । ଆଉ ଶତ୍ରୁତା ବୋଲି କିଛି ରହିଲା ନାହିଁ । ପ୍ରଭୁଙ୍କ ପ୍ରତାପରେ ସମସ୍ତଙ୍କ ମନରୁ ଭେଦଭାବ ଦୂର ହୋଇଗଲା ॥ ୪ ॥

ଦୋ:- **ବରନାଶ୍ରମ ନିଜ ନିଜ ଧରମ ନିରତ ବେଦ ପଥ ଲୋଗ ।**
**ଚଲହିଁ ସଦା ପାୱହିଁ ସୁଖହି ନହିଁ ଭୟ ସୋକ ନ ରୋଗ ॥ ୨୦ ॥**

ସମସ୍ତେ ନିଜ ନିଜର ବର୍ଣ୍ଣାଶ୍ରମ ଅନୁକୂଳ ଧର୍ମରେ ତତ୍ପର ହୋଇ ସର୍ବଦା ବେଦମାର୍ଗରେ ଚାଲିଲେ; ତେଣୁ ସମସ୍ତେ ସୁଖ ଲାଭ କଲେ । ଲୋକେ କୌଣସିପ୍ରକାର ଭୟ ବା ଶୋକ କଲେ ନାହିଁ; କେହି ରୋଗଗ୍ରସ୍ତ ହେଲେ ନାହିଁ ॥ ୨୦ ॥

**ଦୈହିକ ଦୈୱିକ ଭୌତିକ ତାପା । ରାମ ରାଜ ନହିଁ କାହୁହି ବ୍ୟାପା ॥**
**ସବ ନର କରହିଁ ପରସ୍ପର ପ୍ରୀତୀ । ଚଲହିଁ ସ୍ୱଧର୍ମ ନିରତ ଶ୍ରୁତି ନୀତି ॥ ୧ ॥**

ରାମରାଜ୍ୟରେ କାହାକୁ ବି ଦୈହିକ, କି ଦୈବିକ, କି ଭୌତିକ ତାପ ଲାଗିଲା ନାହିଁ । ସମସ୍ତେ ପରସ୍ପରକୁ ସ୍ନେହ କରିବାକୁ ଲାଗିଲେ ଏବଂ ବେଦବିହିତ ନୀତିରେ ତତ୍ପର ରହି ନିଜ ନିଜର ଧର୍ମ ପାଳନ କଲେ ॥ ୧ ॥

**ଚାରିଉ ଚରନ ଧର୍ମ ଜଗ ମାହୀଁ । ପୂରି ରହା ସପନେହୁଁ ଅଘ ନାହୀଁ ॥**
**ରାମ ଭଗତି ରତ ନର ଅରୁ ନାରୀ । ସକଲ ପରମ ଗତି କେ ଅଧିକାରୀ ॥ ୨ ॥**

ଧର୍ମର ଚାରିଟିଯାକ ପାଦ (ସତ୍ୟ, ଶୌଚ, ଦୟା ଓ ଦାନ) ଜଗତରେ ପରିପୂର୍ଣ୍ଣ ହୋଇରହିଲା । ସ୍ୱପ୍ନରେ ବି ପାପ ଦେଖାଦେଲା ନାହିଁ । ନରନାରୀ ସମସ୍ତେ ରାମଭକ୍ତିପରାୟଣ ହୋଇ ପରମଗତିର ଅଧିକାରୀ ହୋଇଗଲେ ॥ ୨ ॥

**ଅଲ୍ପମୃତ୍ୟୁ ନହିଁ କୱନିଉ ପୀରା । ସବ ସୁଂଦର ସବ ବିରୁଜ ସରୀରା ॥**
**ନହିଁ ଦରିଦ୍ର କୋଉ ଦୁଖୀ ନ ଦୀନା । ନହିଁ କୋଉ ଅବୁଧ ନ ଲଚ୍ଛନ ହୀନା ॥ ୩ ॥**

କାହାର ବି ଅଳ୍ପବୟସରେ ମୃତ୍ୟୁ ହେଲା ନାହିଁ, କି କାହାକୁ କୌଣସି ପୀଡ଼ା ହେଲା ନାହିଁ । ସମସ୍ତଙ୍କ ଶରୀର ସୁନ୍ଦର ଓ ନୀରୋଗ ହୋଇଗଲା । କେହି ଆଉ ଦରିଦ୍ର, ଦୁଃଖୀ ଓ ଦୀନ ହୋଇ ରହିଲେ ନାହିଁ । କେହି ମୂର୍ଖ ଅଥବା ଶୁଭଲକ୍ଷଣ ବିହୀନ ହୋଇ ରହିଲେ ନାହିଁ॥ ୩ ॥

**ସବ ନିର୍ଦଂଭ ଧର୍ମରତ ପୁନୀ । ନର ଅରୁ ନାରି ଚତୁର ସବ ଗୁନୀ ॥**
**ସବ ଗୁନଗ୍ୟ ପଂଡିତ ସବ ଗ୍ୟାନୀ । ସବ କୃତଗ୍ୟ ନହିଁ କପଟ ସୟାନୀ ॥ ୪ ॥**

ସମସ୍ତେ ହୋଇଗଲେ ଦମ୍ଭରହିତ, ଧର୍ମପରାୟଣ ଓ ପୁଣ୍ୟାତ୍ମା । କି ପୁରୁଷ, କି ସ୍ତ୍ରୀ ସମସ୍ତେ ହୋଇଗଲେ ନୀତିନିପୁଣ ଓ ଗୁଣସମ୍ପନ୍ନ । ସମସ୍ତେ ପଣ୍ଡିତ ତଥା ଜ୍ଞାନୀ ହୋଇ ଗୁଣର ଆଦର କଲେ । ସମସ୍ତେ ପରର ଉପକାର ପ୍ରତି କୃତଜ୍ଞତା ପ୍ରକାଶ କଲେ ଏବଂ କାହାରିଠାରେ କପଟ-ଚାତୁରୀ (ଧୂର୍ତ୍ତତା) ରହିଲା ନାହିଁ ॥ ୪ ॥

ଦୋ:- **ରାମ ରାଜ ନଭଗେସ ସୁନୁ ସଚରାଚର ଜଗ ମାହିଁ ।**
**କାଲ କର୍ମ ସୁଭାଓ୍ୱ ଗୁନ କୃତ ଦୁଖ କାହୁହି ନାହିଁ ॥ ୨୧ ॥**

[କାକଭୁଶୁଣ୍ଡି କହିଲେ,] ହେ ପକ୍ଷୀରାଜ ଗରୁଡ଼ ! ଶୁଣନ୍ତୁ, ଶ୍ରୀରାମଙ୍କ ରାଜତ୍ୱରେ ତଥା ଚରାଚର ଜଗତରେ କାହାର ବି କାଳ, କର୍ମ, ସ୍ୱଭାବ ଓ ଗୁଣଜନିତ ଦୁଃଖ ହେଲା ନାହିଁ ॥ ୨୧ ॥

**ଭୂମି ସପ୍ତ ସାଗର ମେଖଲା । ଏକ ଭୂପ ରଘୁପତି କୋସଲା ॥**
**ଭୁଅନ ଅନେକ ରୋମ ପ୍ରତି ଜାସୂ । ୟହ ପ୍ରଭୁତା କଛୁ ବହୁତ ନ ତାସୂ ॥ ୧ ॥**

ଅଯୋଧ୍ୟାରେ ଶ୍ରୀରାମ ସପ୍ତସମୁଦ୍ରରୂପୀ ମେଖଳା ପରିବେଷ୍ଟିତ ପୃଥିବୀର ଏକଛତ୍ର ସମ୍ରାଟ ହୋଇ ରହିଲେ । ଯାହାଙ୍କର ଏକ ଏକ ରୋମରେ ଅନେକ ବ୍ରହ୍ମାଣ୍ଡ ରହିଛି, ତାଙ୍କ ପାଇଁ ସପ୍ତଦ୍ୱୀପର ଏହି ପ୍ରଭୁପଣ କିଛି ବଡ଼ କଥା ନୁହେଁ ॥ ୧ ॥

**ସୋ ମହିମା ସମୁଝତ ପ୍ରଭୁ କେରୀ । ୟହ ବରନତ ହୀନତା ଘନେରୀ ॥**
**ସୋଉ ମହିମା ଖଗେସ ଜିହ୍ନ ଜାନୀ । ଫିରି ଏହିଁ ଚରିତ ତିହ୍ନହୁଁ ରତି ମାନୀ ॥ ୨ ॥**

ବରଂ ପ୍ରଭୁଙ୍କର ସେହି ମହିମା ଜାଣିଯିବା ପରେ ସେ ସପ୍ତସମୁଦ୍ରବେଷ୍ଟିତ ସପ୍ତଦ୍ୱୀପମୟୀ ପୃଥିବୀର ଏକଛତ୍ର ସମ୍ରାଟ ବୋଲି କହିବା ତାଙ୍କର ହୀନତାହିଁ ପ୍ରକାଶ କରିବ । କିନ୍ତୁ ହେ ଗରୁଡ଼ ! ଯେଉଁମାନେ ସେହି ଅପାର ମହିମା ଜାଣନ୍ତି, ସେମାନେ ସୁଦ୍ଧା ଏହି ଲୀଳାରୁ ଅତ୍ୟନ୍ତ ଆନନ୍ଦ ଲାଭ କରନ୍ତି ॥ ୨ ॥

**ସୋଉ ଜାନେ କର ଫଲ ୟହ ଲୀଲା । କହହିଁ ମହା ମୁନିବର ଦମସୀଲା ॥**
**ରାମ ରାଜ କର ସୁଖ ସଂପଦା । ବରନି ନ ସକଇ ଫନୀସ ସାରଦା ॥ ୩ ॥**

କାରଣ ସେହି ମହିମା ଜାଣିବାର ଫଳ ହେଉଛି, ଏହି ଲୀଳାର ଆନନ୍ଦାନୁଭବ କରିବା । ଏକଥା ଇନ୍ଦ୍ରିୟଦମନ କରିଥିବା ଶ୍ରେଷ୍ଠ ମହାମୁନିମାନେ ବି କହିଥାନ୍ତି । ରାମରାଜ୍ୟର ସୁଖସମ୍ପତ୍ତିକୁ ଶେଷଦେବ ଓ ସରସ୍ୱତୀ ସୁଦ୍ଧା ବର୍ଣ୍ଣନା କରିପାରିବେ ନାହିଁ ॥ ୩ ॥

**ସବ ଉଦାର ସବ ପର ଉପକାରୀ । ବିପ୍ର ଚରନ ସେଓ୍ୱକ ନର ନାରୀ ॥**
**ଏକନାରି ବ୍ରତ ରତ ସବ ଝାରୀ । ତେ ମନ ବଚ କ୍ରମ ପତି ହିତକାରୀ ॥ ୪ ॥**

ସେଠାକାର ସକଳ ନରନାରୀ ଥିଲେ ଉଦାର, ପରୋପକାରୀ ଓ ବ୍ରାହ୍ମଣଚରଣର ସେବକ । ସମସ୍ତ ପୁରୁଷ ଥିଲେ ଏକପତ୍ନୀବ୍ରତଧାରୀ । ସ୍ତ୍ରୀମାନେ ମଧ୍ୟ ସେହିପରି ମନ, ବଚନ ଓ କର୍ମରେ ପତିଙ୍କର ହିତକାରିଣୀ ଥିଲେ ॥ ୪॥

ଦୋ:- **ଦଂଡ ଜତିହ୍ନ କର ଭେଦ ଜହଁ ନର୍ତକ ନୃତ୍ୟ ସମାଜ ।**
**ଜୀତହୁ ମନହି ସୁନିଅ ଅସ ରାମଚଂଦ୍ର କେଁ ରାଜ ॥ ୨୨ ॥**

ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟରେ 'ଦଣ୍ଡ' କେବଳ ସନ୍ନ୍ୟାସୀମାନଙ୍କ ହାତରେ ରହିଲା ଏବଂ 'ଭେଦ' ରହିଲା ନୃତ୍ୟଗୀତରେ ରତ ନୃତ୍ୟସମାଜ ଭିତରେ । 'ଜୟ' ଶବ୍ଦଟି କେବଳ ମନକୁ ଜୟ କରିବା ପ୍ରସଙ୍ଗରେ ଶୁଣିବାକୁ ମିଳିଲା । (ଅର୍ଥାତ୍ ରାଜନୀତିରେ ଶତ୍ରୁକୁ ଜୟ କରିବା ନିମନ୍ତେ ତଥା ସ୍ୱେରଚ୍ଛାଚାରୀମାନଙ୍କୁ ଦମନ କରିବା ନିମନ୍ତେ ସାମ, ଦାନ, ଦଣ୍ଡ ଓ ଭେଦ—ଏପରି ଯେଉଁ ଚାରି ନୀତି ଅବଲମ୍ବନ କରାଯାଏ, ତାହା ଆଉ ଆବଶ୍ୟକ ପଡ଼ିଲା ନାହିଁ । 'ଦଣ୍ଡ' କହିଲେ ସନ୍ନ୍ୟାସୀଙ୍କ ହାତର ଦଣ୍ଡକୁ ଓ 'ଭେଦ' କହିଲେ କେବଳ ସ୍ୱର-ତାଳର ଭେଦକୁ ତଥା 'ଜୟ' କହିଲେ କେବଳ ମନୋଜୟ କରିବାକୁ ହିଁ ବୁଝାଇଲା ।) ॥ ୨୨ ॥

**ଫୂଲହିଁ ଫରହିଁ ସଦା ତରୁ କାନନ । ରହହିଁ ଏକ ସଁଗ ଗଜ ପଂଚାନନ ॥**
**ଖଗ ମୃଗ ସହଜ ବୟରୁ ବିସରାଈ । ସବହ୍ନି ପରସ୍ପର ପ୍ରୀତି ବଢ଼ାଈ ॥ ୧ ॥**

ବନରେ ବୃକ୍ଷରାଜି ସଦା ଫୁଲଫଳରେ ପୂର୍ଣ୍ଣ ହୋଇ ରହିଲେ । ହାତୀ ଓ ସିଂହ (ବୈରଭାବ ଭୁଲି) ଏକାଠି ରହିଲେ । ସ୍ୱାଭାବିକ ବୈରଭାବ ଭୁଲି ପକ୍ଷୀ ଓ ପଶୁମାନେ ପରସ୍ପର ପ୍ରୀତିପୂର୍ଣ୍ଣଭାବରେ ସହାବସ୍ଥାନ କଲେ ॥ ୧ ॥

**କୂଜହିଁ ଖଗ ମୃଗ ନାନା ବୃଂଦା । ଅଭୟ ଚରହିଁ ବନ କରହିଁ ଅନଂଦା ॥**
**ସୀତଲ ସୁରଭି ପୱନ ବହ ମଂଦା । ଗୁଂଜତ ଅଲି ଲୈ ଚଲି ମକରଂଦା ॥ ୨ ॥**

ପକ୍ଷୀମାନେ ମଧୁର ସ୍ୱନରେ କୂଜନ କଲେ । ବିଭିନ୍ନପ୍ରକାର ପଶୁ ବନରେ ନିର୍ଭୟରେ ବିଚରଣ କରି ଆନନ୍ଦ ଲାଭ କଲେ । ସବୁବେଳେ ଶୀତଳ, ମନ୍ଦ, ସୁଗନ୍ଧ ପବନ ବହିବାକୁ ଲାଗିଲା । ପୁଷ୍ପରସ ସଂଗ୍ରହ କରି ଭ୍ରମରମାନେ ଗୁଞ୍ଜନ କରିବାକୁ ଲାଗିଲେ ॥ ୨ ॥

**ଲତା ବିଟପ ମାଗେଁ ମଧୁ ଚୱହୀଁ । ମନଭାୱତୋ ଧେନୁ ପୟ ସ୍ରୱହୀଁ ॥**
**ସସି ସଂପନ୍ନ ସଦା ରହ ଧରନୀ । ତ୍ରେତାଁ ଭଇ କୃତଜୁଗ କୈ କରନୀ ॥ ୩ ॥**

ଲତା ଓ ବୃକ୍ଷମାନେ ମାଗିବାମାତ୍ରେ ମଧୁ (ମକରନ୍ଦ) ଝରାଇଲେ । ଗାଈମାନେ ଯଥେଷ୍ଟ ପରିମାଣରେ ଦୁଗ୍ଧ ଦେଲେ । ଧରଣୀ ସଦା ଶସ୍ୟଶ୍ୟାମଳା ହୋଇ ରହିଲା । ମନେ ହେଲା, ତ୍ରେତାଯୁଗରେ ସତ୍ୟଯୁଗ ଓହ୍ଲାଇ ଆସିଲା ॥ ୩ ॥

**ପ୍ରଗଟୀଁ ଗିରିହ୍ନ ବିବିଧି ମନି ଖାନୀ । ଜଗଦାତମା ଭୂପ ଜଗ ଜାନୀ ॥**
**ସରିତା ସକଲ ବହହିଁ ବର ବାରୀ । ସୀତଲ ଅମଲ ସ୍ୱାଦ ସୁଖକାରୀ ॥ ୪ ॥**

ସକଳ ଜଗତର ଆତ୍ମା ଭଗବାନ୍ ଜଗତର ରାଜା ହୋଇଛନ୍ତି ଜାଣି ପର୍ବତମାନେ ଅନେକପ୍ରକାର ମଣିର ଖଣି ପ୍ରକଟ କରିବାକୁ ଲାଗିଲେ । ସବୁନଦୀରେ ସୁନ୍ଦର ଶୀତଳ, ନିର୍ମଳ ଓ ସୁଖପ୍ରଦ ସ୍ୱାଦିଷ୍ଟ ଜଳ ପ୍ରବାହିତ ହେବାକୁ ଲାଗିଲା ॥ ୪ ॥

**ସାଗର ନିଜ ମରଜାଦାଁ ରହହୀଁ । ଡାରହିଁ ରତ୍ନ ତଟହ୍ନି ନର ଲହହୀଁ ॥**
**ସରସିଜ ସଂକୁଲ ସକଲ ତଡ଼ାଗା । ଅତି ପ୍ରସନ୍ନ ଦସ ଦିସା ବିଭାଗା ॥ ୫ ॥**

ସମୁଦ୍ରମାନେ ନିଜର ମର୍ଯ୍ୟାଦା ଲଂଘନ କଲେ ନାହିଁ । ସେମାନେ ଲହରୀମାନଙ୍କ ଦ୍ୱାରା କୂଳରେ ରତ୍ନ ଅଜାଡ଼ିବାକୁ ଲାଗିଲେ ଏବଂ ମନୁଷ୍ୟମାନେ ତାହା ଲାଭ କଲେ । ସବୁପୁଷ୍କରିଣୀ ପଦ୍ମଫୁଲରେ ପରିପୂର୍ଣ୍ଣ ହୋଇଗଲା । ଦଶଦିଗରେ ସକଳ ପ୍ରଦେଶ ଅତ୍ୟନ୍ତ ମନୋହର ହୋଇଗଲା ॥ ୫ ॥

ଦୋଃ- **ବିଧୁ ମହି ପୂର ମୟୂଖହ୍ନି ରବି ତପ ଜେତନେହି କାଜ ।**
**ମାଗେଁ ବାରିଦ ଦେହିଁ ଜଲ ରାମଚଂଦ୍ର କେଁ ରାଜ ॥ ୨୩ ॥**

ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟରେ ଚନ୍ଦ୍ର ପୃଥିବୀକୁ ନିଜର ଅମୃତମୟୀ କିରଣରେ ପୂର୍ଣ୍ଣ କରିଦେଉଥିଲେ । ଯେଉଁଠି ଯେତିକି ଉତ୍ତାପ ଆବଶ୍ୟକ, ସୂର୍ଯ୍ୟ ସେଠାରେ ସେତିକି ଉତ୍ତାପ ଦେଉଥିଲେ ଏବଂ ମାଗିବାମାତ୍ରେ ମେଘମାନେ ଆବଶ୍ୟକତା ଅନୁଯାୟୀ ଜଳ ବୃଷ୍ଟି କରୁଥିଲେ ॥ ୨୩ ॥

**କୋଟିହ୍ନ ବାଜିମେଧ ପ୍ରଭୁ କୀହ୍ନେ । ଦାନ ଅନେକ ଦ୍ୱିଜହ୍ନ କହଁ ଦୀହ୍ନେ ॥**
**ଶ୍ରୁତି ପଥ ପାଲକ ଧର୍ମ ଧୁରଂଧର । ଗୁନାତୀତ ଅରୁ ଭୋଗ ପୁରଂଦର ॥ ୧ ॥**

ଶ୍ରୀରାମଚନ୍ଦ୍ର କୋଟିଏ ଅଶ୍ୱମେଧ ଯଜ୍ଞ କଲେ ଏବଂ ବ୍ରାହ୍ମଣମାନଙ୍କୁ ଅନେକ ଦାନ ଦେଲେ । ସେ ଥିଲେ ବେଦମାର୍ଗର ପାଳକ, ଧର୍ମଧୁରନ୍ଧର, ତ୍ରିଗୁଣାତୀତ ଓ ଐଶ୍ୱର୍ଯ୍ୟରେ ଇନ୍ଦ୍ରଙ୍କ ଠାରୁ ବି ଅଧିକ ॥ ୧ ॥

**ପତି ଅନୁକୂଲ ସଦା ରହ ସୀତା । ସୋଭା ଖାନି ସୁସୀଲ ବିନୀତା ॥**
**ଜାନତି କୃପାସିଂଧୁ ପ୍ରଭୁତାଈ । ସେୱତି ଚରନ କମଲ ମନ ଲାଈ ॥ ୨ ॥**

ଶୋଭାର ନିଧାନ ସୁଶୀଳା ଓ ବିନମ୍ରା ସୀତା ସର୍ବଦା ପତି-ଅନୁକୂଳା ଥିଲେ । ସେ କୃପାସାଗର ଶ୍ରୀରାମଙ୍କ ମହିମା ଜାଣିଥିଲେ ଏବଂ ମନପ୍ରାଣ ଲଗାଇ ତାଙ୍କ ଚରଣକମଳର ସେବା କରୁଥିଲେ ॥ ୨ ॥

**ଜଦ୍ୟପି ଗୃହଁ ସେୱକ ସେୱକିନୀ । ବିପୁଲ ସଦା ସେୱା ବିଧି ଗୁନୀ ॥**
**ନିଜ କର ଗୃହ ପରିଚରଜା କରଈ । ରାମଚଂଦ୍ର ଆୟସୁ ଅନୁସରଈ ॥ ୩ ॥**

ଯଦ୍ୟପି ନଅରରେ ଅସଂଖ୍ୟ ଦାସଦାସୀ ରହିଥିଲେ ଓ ସେମାନେ ସେବାବିଧିପାଳନରେ କୁଶଳ ଥିଲେ, ତଥାପି ସ୍ୱାମୀଙ୍କ ସେବାର ମହତ୍ତ୍ୱ ଜାଣିଥିବାରୁ ସୀତା ଘରର ସମସ୍ତ ସେବା ନିଜ ହାତରେ କରୁଥିଲେ ଏବଂ ରାମଚନ୍ଦ୍ରଙ୍କ ଆଜ୍ଞା ଅନୁସରଣ କରୁଥିଲେ ॥ ୩ ॥

**ଜେହି ବିଧି କୃପାସିଂଧୁ ସୁଖ ମାନଈ । ସୋଇ କର ଶ୍ରୀ ସେୱା ବିଧି ଜାନଈ ॥**
**କୌସଲ୍ୟାଦି ସାସୁ ଗୃହ ମାହୀଁ । ସେୱଇ ସବହ୍ନି ମାନ ମଦ ନାହୀଁ ॥ ୪ ॥**

କୃପାସାଗର ରାମ ଯେଉଁଥିରେ ଆନନ୍ଦ ପାଇବେ, ସୀତା ତାହାହିଁ କରୁଥାନ୍ତି; କାରଣ ସେ ସେବାର ବିଧି ଜାଣିଥିଲେ । ଘରେ ସୀତାହିଁ କୌଶଲ୍ୟାଦି ସବୁଶାଶୁଙ୍କର ସେବା କରୁଥାନ୍ତି । ତାଙ୍କୁ କୌଣସିପ୍ରକାର ଅଭିମାନ ଓ ଗର୍ବ ସ୍ପର୍ଶ କରି ନ ଥିଲା ॥ ୪ ॥

**ଉମା ରମା ବ୍ରହ୍ମାଦି ବଂଦିତା । ଜଗଦଂବା ସଂତତମନିଂଦିତା ॥ ୫ ॥**

[ଶିବ କହିଲେ,] ହେ ଉମା ! ଯେଉଁ ଜଗଜ୍ଜନନୀ ରମା (ସୀତା) ବ୍ରହ୍ମାଦି ଦେବଗଣଙ୍କ ଦ୍ୱାରା ବନ୍ଦିତା ଏବଂ ଯେ ସର୍ବଦା ଅନିନ୍ଦିତା (ସର୍ବଗୁଣସମ୍ପନ୍ନା), ॥ ୫ ॥

ଦୋ:- **ଜାସୁ କୃପା କଟାଚ୍ଛୁ ସୁର ଚ୍ହତ ଚିତୱ ନ ସୋଇ ।**
**ରାମ ପଦାରବିଂଦ ରତି କରତି ସୁଭାୱହି ଖୋଇ ॥ ୨୪ ॥**

ଯାହାଙ୍କର କୃପାକଟାକ୍ଷ ଲାଭ କରିବାକୁ ଦେବଗଣ ଅନାଇଁ ରହିଥିଲେ ସୁଦ୍ଧା ଯେ ସେମାନଙ୍କ ଆଡ଼କୁ ଦୃଷ୍ଟିପାତ କରନ୍ତି ନାହିଁ, ସେହି ଲକ୍ଷ୍ମୀ (ସୀତା)ହିଁ ନିଜର ମହାମହିମ ସ୍ୱଭାବ ପରିତ୍ୟାଗ କରି ଶ୍ରୀରାମଙ୍କ ପଦାରବିନ୍ଦରେ ଅବିଚଳିତ ପ୍ରେମ ରଖିଥାନ୍ତି ॥ ୨୪ ॥

**ସେୱହିଁ ସାନୁକୂଲ ସବ ଭାଈ । ରାମ ଚରନ ରତି ଅତି ଅଧିକାଈ ॥**
**ପ୍ରଭୁ ମୁଖ କମଲ ବିଲୋକତ ରହହୀଁ । କବହୁଁ କୃପାଲ ହମହି କଛୁ କହହୀଁ ॥ ୧ ॥**

ସବୁ ଭାଇ ଗଭୀର ଅନୁରାଗର ସହିତ ଶ୍ରୀରାମଙ୍କ ସେବା କରୁଥାନ୍ତି । ଶ୍ରୀରାମଙ୍କ ଚରଣରେ ସେମାନଙ୍କର ଅତ୍ୟନ୍ତ ପ୍ରୀତି ଥାଏ । 'କୃପାଳୁ ପ୍ରଭୁ ଆମକୁ କିଛି ଗୋଟିଏ ସେବା କରିବାକୁ କହନ୍ତୁ'—ଏହି ପ୍ରତୀକ୍ଷାରେ ସେମାନେ ସଦା ପ୍ରଭୁଙ୍କ ମୁଖାରବିନ୍ଦକୁ ଚ୍ହିଁରହିଥାନ୍ତି ॥ ୧ ॥

**ରାମ କରହିଁ ଭ୍ରାତହ୍ନ ପର ପ୍ରୀତୀ । ନାନା ଭାଁତି ସିଖାୱହିଁ ନୀତୀ ॥**
**ହରଷିତ ରହହିଁ ନଗର କେ ଲୋଗା । କରହିଁ ସକଲ ସୁର ଦୁର୍ଲଭ ଭୋଗା ॥ ୨ ॥**

ଶ୍ରୀରାମଚନ୍ଦ୍ର ବି ଭାଇମାନଙ୍କୁ ସ୍ନେହ କରୁଥିଲେ ଏବଂ ସେମାନଙ୍କୁ ବିଭିନ୍ନପ୍ରକାର ନୀତିଶିକ୍ଷା ଦେଉଥିଲେ । ନଗରର ଲୋକେ ଆନନ୍ଦରେ କାଳାତିପାତ କରୁଥିଲେ ଏବଂ ସକଳପ୍ରକାର ଦେବଦୁର୍ଲଭ ଐଶ୍ୱର୍ଯ୍ୟ ଭୋଗ କରୁଥିଲେ ॥ ୨ ॥

**ଅହନିସି ବିଧିହି ମନାୱତ ରହହୀଁ । ଶ୍ରୀରଘୁବୀର ଚରନ ରତି ଚହହୀଁ ॥**
**ଦୁଇ ସୁତ ସୁଂଦର ସୀତାଁ ଜାଏ । ଲୱ କୁସ ବେଦ ପୁରାନହ୍ନ ଗାଏ ॥ ୩ ॥**

ସେମାନେ ଦିବାନିଶି ବିଧାତାଙ୍କୁ ପ୍ରାର୍ଥନା କରୁଥିଲେ ଯେ, ଶ୍ରୀରଘୁବୀରଙ୍କ ଚରଣରେ ସେମାନଙ୍କର ପ୍ରୀତି ହେଉ । ସୀତାଙ୍କର ଲବ ଓ କୁଶ ନାମରେ ଦୁଇଟି ପୁତ୍ର ଜାତ ହେଲେ । ସେମାନଙ୍କ ବିଷୟ ବେଦ-ପୁରାଣରେ ବର୍ଣ୍ଣିତ ହୋଇଛି ॥ ୩ ॥

**ଦୋଉ ବିଜଈ ବିନଈ ଗୁନ ମଂଦିର । ହରି ପ୍ରତିବିଂବ ମନହୁଁ ଅତି ସୁଂଦର ॥**
**ଦୁଇ ଦୁଇ ସୁତ ସବ ଭ୍ରାତହ୍ନ କେରେ । ଭଏ ରୂପ ଗୁନ ସୀଲ ଘନେରେ ॥ ୪ ॥**

ସେ ଦୁହେଁ ଥିଲେ ବିଖ୍ୟାତ ଯୋଦ୍ଧା, ଅତ୍ୟନ୍ତ ନମ୍ର ଓ ସଦ୍‌ଗୁଣର ଧାମ । ଦୁହେଁ ଥିଲେ ଅତ୍ୟନ୍ତ ସୁନ୍ଦର; ଦେଖିଲେ ମନେ ହେଉଥିଲା, ସତେ ଯେପରି ଶ୍ରୀହରିଙ୍କରହିଁ ପ୍ରତିବିମ୍ବ । ସବୁଭାଇଙ୍କର ଦୁଇ ଦୁଇଟି ପୁତ୍ର ହେଲେ; ସେମାନେ ସମସ୍ତେ ଥିଲେ ସୁନ୍ଦର, ଗୁଣବାନ୍ ଓ ସୁଶୀଳ ॥ ୪ ॥

ଦୋଃ- **ଗ୍ୟାନ ଗିରା ଗୋତୀତ ଅଜ ମାୟା ମନ ଗୁନ ପାର ।**
**ସୋଇ ସଚ୍ଚିଦାନଂଦ ଘନ କର ନର ଚରିତ ଉଦାର ॥ ୨୫ ॥**

ଯେ [ବୌଦ୍ଧିକ] ଜ୍ଞାନ, ବାଣୀ ଓ ଇନ୍ଦ୍ରିୟର ଊର୍ଦ୍ଧ୍ୱରେ, ଯେ ଅଜନ୍ମା ଏବଂ ମାୟା, ମନ ଓ ଗୁଣମାନଙ୍କର ଅତୀତ, ସେହି ସଚ୍ଚିଦାନନ୍ଦଘନ ଭଗବାନ୍ ଏପରି ସୁନ୍ଦର ନରଲୀଳା କରୁଥାନ୍ତି ॥ ୨୫ ॥

**ପ୍ରାତକାଲ ସରଉ କରି ମଜ୍ଜନ । ବୈଠହିଁ ସଭାଁ ସଂଗ ଦ୍ୱିଜ ସଜ୍ଜନ ॥**
**ବେଦ ପୁରାନ ବସିଷ୍ଟ ବଖାନହିଁ । ସୁନହିଁ ରାମ ଜଦ୍ୟପି ସବ ଜାନହିଁ ॥ ୧ ॥**

ସେ ପ୍ରାତଃକାଳରେ ସରଯୂରେ ସ୍ନାନ କରି ବ୍ରାହ୍ମଣ ଓ ସଜ୍ଜନମାନଙ୍କ ସହିତ ସଭାରେ ବସୁଥିଲେ । ଗୁରୁ ବଶିଷ୍ଠ ବେଦ ଓ ପୁରାଣର ବିଭିନ୍ନ କଥା ବର୍ଣ୍ଣନା କରୁଥିଲେ ଏବଂ ଶ୍ରୀରାମ ଯଦ୍ୟପି ସବୁ ଜାଣିଥିଲେ, ତଥାପି ମନ ଦେଇ ସବୁ ଶୁଣୁଥିଲେ ॥ ୧ ॥

**ଅନୁଜହ୍ନ ସଂଜୁତ ଭୋଜନ କରହୀଁ । ଦେଖି ସକଲ ଜନନୀଁ ସୁଖ ଭରହୀଁ ॥**
**ଭରତ ସତ୍ରୁହନ ଦୋନଉ ଭାଈ । ସହିତ ପୱନସୁତ ଉପବନ ଜାଈ ॥ ୨ ॥**

ସେ ଭାଇମାନଙ୍କ ସହିତ ବସି ଏକାଠି ଭୋଜନ କରୁଥିଲେ । ସେମାନଙ୍କୁ ଦେଖି ସବୁମାତା ଆନନ୍ଦରେ ମଗ୍ନ ହୋଇଯାଉଥିଲେ । ଭରତ ଓ ଶତ୍ରୁଘ୍ନ ଦୁଇଭାଇ ହନୁମାନଙ୍କ ସହିତ ଉପବନକୁ ବୁଲିଯାଉଥିଲେ, ॥ ୨ ॥

**ବୂଝହିଁ ବୈଠି ରାମ ଗୁନ ଗାହା । କହ ହନୁମାନ ସୁମତି ଅୱଗାହା ॥**
**ସୁନତ ବିମଲ ଗୁନ ଅତି ସୁଖ ପାୱହିଁ । ବହୁରି ବହୁରି କରି ବିନୟ କହାୱହିଁ ॥ ୩ ॥**

ଏବଂ ସେଠାରେ ବସି ତାଙ୍କୁ ଶ୍ରୀରାମଙ୍କର ଗୁଣଗାଥା ପଚାରୁଥିଲେ । ପ୍ରଭୁଙ୍କର ଗୁଣାବଳୀରେ ମଗ୍ନ ହୋଇ, ହନୁମାନ୍ ନିଜର ସୁନ୍ଦର ବୁଦ୍ଧି ପ୍ରୟୋଗ କରି ପ୍ରଭୁଙ୍କ କଥା ବର୍ଣ୍ଣନା କରୁଥିଲେ । ଶ୍ରୀରାମଙ୍କର ଗୁଣାବଳୀ ଶ୍ରବଣ କରି ଦୁଇଭାଇ ଅତ୍ୟନ୍ତ ଆନନ୍ଦିତ ହେଉଥିଲେ ଏବଂ ବିନୟସହକାରେ ହନୁମାନଙ୍କୁ ପଚାରି ପଚାରି ତାହା ବାରମ୍ବାର ଶୁଣୁଥିଲେ ॥ ୩ ॥

**ସବ କେଁ ଗୃହ ଗୃହ ହୋହିଁ ପୁରାନା । ରାମ ଚରିତ ପାୱନ ବିଧି ନାନା ॥**
**ନର ଅରୁ ନାରି ରାମ ଗୁନ ଗାନହିଁ । କରହିଁ ଦିୱସ ନିସି ଜାତ ନ ଜାନହିଁ ॥ ୪ ॥**

ନଗରର ଘରେ ଘରେ ପୁରାଣକଥା ଓ ଅନେକପ୍ରକାର ପବିତ୍ର ଶ୍ରୀରାମକଥା ଅନୁଷ୍ଠିତ ହେଉଥାଏ । କି ନର, କି ନାରୀ ସମସ୍ତେ ଶ୍ରୀରାମଙ୍କର ଗୁଣ ଗାନ କରୁଥିଲେ ଏବଂ ଆନନ୍ଦ ଭିତରେ ଦିନରାତି ଯେ କିପରି କଟିଯାଉଥିଲା, ତାହା ଆଦୌ ଜଣା ପଡୁ ନ ଥିଲା ॥ ୪ ॥

ଦୋଃ- **ଅୱଧପୁରୀ ବାସିହ୍ନ କର ସୁଖ ସଂପଦା ସମାଜ ।**
**ସହସ ସେଷ ନହିଁ କହି ସକହିଁ ଜହଁ ନୃପ ରାମ ବିରାଜ ॥ ୨୬ ॥**

ଯେଉଁଠାରେ ସ୍ୱୟଂ ଭଗବାନ୍ ଶ୍ରୀରାମ ରାଜା ହୋଇ ବିରାଜମାନ, ସେହି ଅଯୋଧ୍ୟାପୁରୀର ଅଧିବାସୀମାନଙ୍କର ସୁଖସମ୍ପତ୍ତି ବିଷୟ ସହସ୍ରେ ଶେଷଦେବ ବି ବର୍ଣ୍ଣନା କରିପାରିବେ ନାହିଁ ॥ ୨୬ ॥

**ନାରଦାଦି ସନକାଦି ମୁନୀସା । ଦରସନ ଲାଗି କୋସଲାଧୀସା ॥**
**ଦିନ ପ୍ରତି ସକଲ ଅଜୋଧ୍ୟା ଆୱହିଁ । ଦେଖି ନଗରୁ ବିରାଗୁ ବିସରାୱହିଁ ॥ ୧ ॥**

ନାରଦ ଓ ସନକ ଆଦି ମୁନୀଶ୍ୱରମାନେ କୋଶଳରାଜ ଶ୍ରୀରାମଙ୍କୁ ଦର୍ଶନ କରିବା ନିମନ୍ତେ ପ୍ରତିଦିନ ଅଯୋଧ୍ୟା ଆସୁଥିଲେ ଏବଂ ସେହି ଦିବ୍ୟ ନଗରୀକୁ ଦେଖି ନିଜର ବୈରାଗ୍ୟ ଭୁଲିଯାଉଥିଲେ ॥ ୧ ॥

**ଜାତରୂପ ମନି ରଚିତ ଅଟାରୀଁ । ନାନା ରଂଗ ରୁଚିର ଗଚ ଢାରୀଁ ॥**
**ପୁର ଚହୁଁ ପାସ କୋଟ ଅତି ସୁଂଦର । ରଚେ କଁଗୂରା ରଂଗ ରଂଗ ବର ॥ ୨ ॥**

ନଗରରେ ସୁବର୍ଣ୍ଣ ଓ ରତ୍ନନିର୍ମିତ ସୁନ୍ଦର ଅଟ୍ଟାଳିକାମାନ ଶୋଭା ପାଉଥାଏ । ତା'ଭିତରେ ମଣି ଓ ରତ୍ନର ବିଭିନ୍ନ ରଙ୍ଗର ସୁନ୍ଦର ମେଜିଆ ନିର୍ମିତ ହୋଇଥାଏ । ନଗରୀର ଚତୁର୍ଦିଗରେ ଅତି ସୁନ୍ଦର ପାଚିରି ନିର୍ମାଣ କରାଯାଇଥାଏ ଏବଂ ତା ଉପରେ ସୁନ୍ଦର ସୁନ୍ଦର ରଙ୍ଗବେରଙ୍ଗ ଗମ୍ବୁଜମାନ ଗଢ଼ାଯାଇଥାଏ ॥ ୨ ॥

**ନୱ ଗ୍ରହ ନିକର ଅନୀକ ବନାଈ । ଜନୁ ଘେରୀ ଅମରାୱତି ଆଈ ॥**
**ମହି ବହୁ ରଂଗ ରଚିତ ଗଚ କାଁଚ । ଜୋ ବିଲୋକି ମୁନିବର ମନ ନାଚ ॥ ୩ ॥**

ତାହା ଦେଖିଲେ ମନେ ହେଉଥାଏ, ସତେ ଯେପରି ନଅଟିଯାକ ଗ୍ରହ ମିଶି, ବିରାଟ ସେନା ସଜାଇ ଅମରାବତୀକୁ ଅବରୋଧ କରିଛନ୍ତି । ନାନା ରଙ୍ଗର କାଚ ଓ ରତ୍ନଦ୍ୱାରା ଢଳେଇ କରି ସୁନ୍ଦର ସଡ଼କ ନିର୍ମିତ ହୋଇଥାଏ । ସେସବୁକୁ ଦେଖିଦେଲେ ଶ୍ରେଷ୍ଠ ମୁନିମାନଙ୍କର ମନ ମଧ୍ୟ ନାଚିଉଠୁଥାଏ ॥ ୩ ॥

**ଧୱଲ ଧାମ ଉପର ନଭ ଚୁଂବତ । କଲସ ମନହୁଁ ରବି ସସି ଦୁତି ନିଂଦତ ॥**
**ବହୁ ମନି ରଚିତ ଝରୋଖା ଭ୍ରାଜହିଁ । ଗୃହ ଗୃହ ପ୍ରତି ମନି ଦୀପ ବିରାଜହିଁ ॥ ୪ ॥**

ଶ୍ୱେତବର୍ଣ୍ଣର ସୌଧମାନଙ୍କର ଶୀର୍ଷ ତ ଆକାଶକୁ ଚୁମ୍ବୁଥାଏ । ସୌଧମାନଙ୍କ ଉପରେ ନିର୍ମିତ କଳସ ନିଜର ଦିବ୍ୟ ପ୍ରକାଶରେ ସୂର୍ଯ୍ୟଚନ୍ଦ୍ରଙ୍କ ଜ୍ୟୋତିକୁ ବି ନିନ୍ଦା କରୁଥାନ୍ତି । ସୌଧମାନଙ୍କରେ ମଣିମୟ ବାତାୟନ (ଝରକା) ଏବଂ ଘରେ ଘରେ ମଣିମୟ ଦୀପ ଶୋଭା ପାଉଥାଏ ॥ ୪ ॥

ଛନ୍ଦ- **ମନି ଦୀପ ରାଜହିଁ ଭୱନ ଭ୍ରାଜହିଁ ଦେହରୀଁ ବିଦ୍ରୁମ ରଚୀ ।**
**ମନି ଖଂଭ ଭୀତି ବିରଂଚି ବିରଚୀ କନକ ମନି ମରକତ ଖଚୀ ॥**

ସୁଂଦର ମନୋହର ମଂଦିରାୟତ ଅଜିର ରୁଚିର ଫଂଟିକ ରଚେ ।
ପ୍ରତି ଦ୍ୱାର ଦ୍ୱାର କପାଟ ପୁରଟ ବନାଇ ବହୁ ବଜ୍ରହ୍ନି ଖଚେ ॥

ଘରେ ଘରେ ମଣିମୟ ପ୍ରଦୀପ ପ୍ରଜ୍ୱଳିତ ହେଉଥାଏ ଏବଂ ପ୍ରବାଳନିର୍ମିତ ଦେହଳୀ ଝଟକୁଥାଏ । ମଣିନିର୍ମିତ ସ୍ତମ୍ଭ ଓ ମରକତମଣିଜଟିତ ସୁନାର କାନ୍ଥ ଏପରି ସୁନ୍ଦର ହୋଇଥାଏ ଯେ, ମନେ ହେଉଥାଏ, ସତେ ଯେପରି ସ୍ୱୟଂ ବ୍ରହ୍ମାହିଁ ସେସବୁକୁ ବିଶେଷରୂପରେ ନିର୍ମାଣ କରିଛନ୍ତି । ସୁନ୍ଦର, ମନୋହର ଓ ବିଶାଳ ସୌଧ; ତା'ଭିତରେ ରହିଥାଏ ସୁନ୍ଦର ସ୍ଫଟିକରେ ନିର୍ମିତ ଅଗଣା; ପ୍ରତ୍ୟେକ ଦ୍ୱାରରେ ସୁବର୍ଣ୍ଣର କବାଟ ଏବଂ ପ୍ରତ୍ୟେକ କବାଟରେ ଲାଗିଥାଏ କୁନ୍ଦା ହୋଇଥିବା ବହୁସଂଖ୍ୟକ ହୀରାପଥର ॥

ଦୋः- ଗ୍ୱରୁ ଚିତ୍ରସାଲା ଗୃହ ଗୃହ ପ୍ରତି ଲିଖେ ବନାଇ ।
ରାମଚରିତ ଜେ ନିରଖ ମୁନି ତେ ମନ ଲେହିଁ ଚ୍ୱୋରାଇ ॥ ୨୭ ॥

ଘରେ ଘରେ ଥାଏ ସୁନ୍ଦର ଚିତ୍ରଶାଳା । ଚିତ୍ରଶାଳାମାନଙ୍କରେ ରହିଥାଏ ଶ୍ରୀରାମଙ୍କ ଚରିତକୁ ଅତି ରମଣୀୟଭାବରେ ରୂପାୟିତ କରୁଥିବା ବହୁ ସୁନ୍ଦର ଚିତ୍ର । ସେହି ଚିତ୍ରସବୁ ମୁନିମାନଙ୍କ ମନକୁ ବି ଗ୍ୱୋରାଇନେଉଥିଲା ॥ ୨୭ ॥

ସୁମନ ବାଟିକା ସବହିଁ ଲଗାଇଁ । ବିବିଧ ଭାଁତି କରି ଜତନ ବନାଇଁ ॥
ଲତା ଲଲିତ ବହୁ ଜାତି ସୁହାଇଁ । ଫୂଲହିଁ ସଦା ବଂସତ କି ନାଇଁ ॥ ୧ ॥

ନିଜ ନିଜର ଫୁଲବଗିଚ୍ୱରେ ଅତି ଯତ୍ନର ସହିତ ସମସ୍ତେ ଲଗାଇଥାନ୍ତି ବିଭିନ୍ନପ୍ରକାର ଫୁଲଗଛ; ପୁଣି ତା' ଭିତରେ ମାଡ଼ିଥାଏ ନାନାଜାତିର ସୁନ୍ଦର ଲଳିତ ଲତାପଙ୍‌କ୍ତି । ଲତାମାନଙ୍କରେ ସବୁବେଳେ ଫୁଲ ଫୁଟୁଥାଏ ଠିକ୍ ବସନ୍ତଋତୁରେ ଫୁଟିବାପରି ॥ ୧ ॥

ଗୁଂଜତ ମଧୁକର ମୁଖର ମନୋହର । ମାରୁତ ତ୍ରିବିଧି ସଦା ବହୁ ସୁଂଦର ॥
ନାନା ଖଗ ବାଲକହ୍ନି ଜିଆଏ । ବୋଲତ ମଧୁର ଉଡ଼ାତ ସୁହାଏ ॥ ୨ ॥

ଭ୍ରମରମାନେ ସୁମଧୁର ସ୍ୱରରେ ଗୁଞ୍ଜନ କରୁଥାନ୍ତି । ତ୍ରିବିଧ ବାୟୁ ସଦା ପ୍ରବାହିତ ହେଉଥାଏ । ବାଳକବାଳିକାମାନେ ନାନାଜାତିର ପକ୍ଷୀ ପାଳନ କରିଥାନ୍ତି; ସେମାନେ ମଧୁର କଣ୍ଠରେ କୂଜନ କରୁଥାନ୍ତି ଓ ଉଡ଼ିବାବେଳେ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥାନ୍ତି ॥ ୨ ॥

ମୋର ହଂସ ସାରସ ପାରାୱତ । ଭୱନନି ପର ସୋଭା ଅତି ପାୱତ ॥
ଜହଁ ତହଁ ଦେଖହିଁ ନିଜ ପରିଛାହୀଁ । ବହୁବିଧି କୂଜହିଁ ନୃତ୍ୟ କରାହୀଁ ॥ ୩ ॥

ଘର ଉପରେ ବସିଥିବା ମୟୂର, ହଂସ, ସାରସ ଓ କପୋତ ପକ୍ଷୀମାନେ ବିଶେଷ ଶୋଭା ପାଉଥାନ୍ତି । ମଣିମାଣିକ୍ୟରେ ଗଢ଼ା କାନ୍ଥମାନଙ୍କରେ ଓ ଛାତରେ ନିଜ ନିଜର ପ୍ରତିବିମ୍ବ ଦେଖି ପ୍ରତ୍ୟେକ ପକ୍ଷୀ ଭାବୁଥାଏ, ତା' ଭିତରେ ତାରି ପରି ଆଉ ଗୋଟିଏ ପକ୍ଷୀ ବସିଛି କି ! ତେଣୁ ସେମାନେ ସେହି ପ୍ରତିବିମ୍ବକୁ ଡାକି ମଧୁର କୂଜନ କରୁଥାନ୍ତି ଓ ସେମାନଙ୍କୁ ପୁଣି ନିଜର ସୁନ୍ଦର ନୃତ୍ୟଭଙ୍ଗୀ ଦେଖାଉଥାଆନ୍ତି ॥ ୩ ॥

ସୁକ ସାରିକା ପଢ଼ାୱହିଁ ବାଲକ । କହହୁ ରାମ ରଘୁପତି ଜନପାଲକ ॥
ରାଜ ଦୁଆର ସକଲ ବିଧି ଚ୍ୱାରୂ । ବୀଥୀଁ ଚୌହଟ ରୁଚିର ବଜାରୂ ॥ ୪ ॥

ପାଳିଥିବା ଶୁଆସାରୀଙ୍କୁ ପିଲାମାନେ ପଢ଼ାଉଥାନ୍ତି–'ରଘୁପତି', 'ରାଘବ', 'ରାଜାରାମ' । ରାଜଦ୍ୱାର ସବୁଦୃଷ୍ଟିରୁ ସୁନ୍ଦର ଦେଖାଯାଉଥାଏ । ନଗରୀର ରାସ୍ତା, ଘାଟ, ଛକ, ବଜାର—ସବୁ ସୁନ୍ଦର ହୋଇଥାଏ ॥ ୪॥

ଛନ୍ଦ- **ବାଜାର ରୁଚିର ନ ବନଇ ବରନତ ବସ୍ତୁ ବିନୁ ଗଥ ପାଇଏ ।**
**ଜହଁ ଭୂପ ରମାନିଓ୍ୱାସ ତହଁ କୀ ସଂପଦା କିମି ଗାଇଏ ॥**
**ବୈଠେ ବଜାଜ ସରାଫ ବନିକ ଅନେକ ମନହୁଁ କୁବେର ତେ ।**
**ସବ ସୁଖୀ ସବ ସଚ୍ଚରିତ ସୁଂଦର ନାରି ନର ସିସୁ ଜରଠ ଜେ ॥**

ବଜାର ଏଡ଼େ ସୁନ୍ଦର ହୋଇଥାଏ ଯେ, ତାହା ବର୍ଣ୍ଣନା କରିହେବ ନାହିଁ । ଲୋକେ ଏତେ ସମୃଦ୍ଧ ଥିଲେ ଯେ, ସେଠାରେ ଜିନିଷପତ୍ର ବିନା ମୂଲ୍ୟରେ ମିଳିଯାଉ ଥିଲା । ଯେଉଁଠି ସ୍ୱୟଂ ଲକ୍ଷ୍ମୀପତି ରାଜା, ସେଠାର ସମ୍ପତ୍ତି କଥା ବା କିଏ ବର୍ଣ୍ଣିପାରିବ ? ବଜାଜ (କପଡ଼ା ବେପାରୀ), ସରାଫ (ସୁନାରୁପା ବେପାରୀ) ଆଦି ବେପାରୀମାନେ ତ କୁବେର ପରି ବସିଥାନ୍ତି । ସ୍ତ୍ରୀ, ପୁରୁଷ, ଶିଶୁ, ବୃଦ୍ଧ—ସମସ୍ତେ ଥିଲେ ସୁଖୀ, ସଦାଗ୍ରହୀ ଓ ସୁନ୍ଦର ।

ଦୋଃ- **ଉତ୍ତର ଦିସି ସରଜୂ ବହ ନିର୍ମଲ ଜଲ ଗଂଭୀର ।**
**ବାଁଧେ ଘାଟ ମନୋହର ସ୍ୱଳ୍ପ ପଂକ ନହିଁ ତୀର ॥ ୨୮ ॥**

ନଗରୀର ଉତ୍ତର ପଟେ ବହିଯାଉଥାଏ ସରଯୂ ନଦୀ । ସରଯୂର ଜଳ ଅତି ନିର୍ମଳ ଓ ଗଭୀର । ଘାଟଗୁଡ଼ିକ ସୁନ୍ଦରଭାବରେ ବନ୍ଧା ଯାଇଥାଏ; କୂଳରେ ଟିକିଏ ହେଲେ କାଦୁଅ ନ ଥାଏ ॥ ୨୮ ॥

**ଦୂରି ଫରାକ ରୁଚିର ସୋ ଘାଟା । ଜହଁ ଜଲ ପିଅହିଁ ବାଜି ଗଜ ଠାଟା ॥**
**ପନିଘଟ ପରମ ମନୋହର ନାନା । ତହାଁ ନ ପୁରୁଷ କରହିଁ ଅସ୍ନାନା ॥ ୧ ॥**

ପୁରୁଷଙ୍କ ତୁଠଠାରୁ କିଛି ଦୂରରେ ପଶୁଙ୍କ ପାଇଁ ଗୋଟିଏ ସୁନ୍ଦର ଘାଟ ଥାଏ । ଦଳ ଦଳ ହାତୀଘୋଡ଼ା ଆସି ସେଠାରେ ପାଣି ପିଉଥାନ୍ତି । ସ୍ତ୍ରୀମାନେ ପାଣି ନେବାପାଇଁ ଆହୁରି ଅନେକ ସୁନ୍ଦର ଘାଟ ଥାଏ । ସେଠାରେ ପୁରୁଷ ଲୋକେ ସ୍ନାନ କରନ୍ତି ନାହିଁ ॥ ୧ ॥

**ରାଜଘାଟ ସବ ବିଧି ସୁଂଦର ବର । ମଜ୍ଜହିଁ ତହାଁ ବରନ ଚ୍ରିଉ ନର ॥**
**ତୀର ତୀର ଦେଓ୍ୱନ୍ହ କେ ମଂଦିର । ଚହୁଁ ଦିସି ତିନ୍ହ କେ ଉପବନ ସୁଂଦର ॥ ୨ ॥**

ରାଜଘାଟ ତ ସବୁଦୃଷ୍ଟିରୁ ସୁନ୍ଦର ଓ ଶ୍ରେଷ୍ଠ ହୋଇଥାଏ । ସେଠାରେ ଚ୍ରିବର୍ଣ୍ଣର ପୁରୁଷ ସ୍ନାନ କରନ୍ତି । ସରଯୂନଦୀର କୂଳେ କୂଳେ ଅନେକ ଦେବମନ୍ଦିର ଥାଏ । ପ୍ରତି ମନ୍ଦିର ଚ୍ରିପାଖରେ ଥାଏ ସୁନ୍ଦର ସୁନ୍ଦର ଫୁଲବଗିଚ୍ଚ ॥ ୨ ॥

**କହୁଁ କହୁଁ ସରିତା ତୀର ଉଦାସୀ । ବସହିଁ ଗ୍ୟାନ ରତ ମୁନି ସଂନ୍ୟାସୀ ॥**
**ତୀର ତୀର ତୁଲସିକା ସୁହାଈ । ବୃଂଦ ବୃଂଦ ବହୁ ମୁନିନ୍ହ ଲଗାଈ ॥ ୩ ॥**

ନଈକୂଳରେ ସ୍ଥାନେ ସ୍ଥାନେ ଅନାସକ୍ତ ଏବଂ ଜ୍ଞାନନିଷ୍ଠ ମୁନି ଓ ସନ୍ନ୍ୟାସୀମାନେ ରହୁଥାନ୍ତି । ସରଯୂକୂଳରେ ମୁନିମାନେ ଧାଡ଼ି ଧାଡ଼ି କରି ବହୁ ତୁଳସୀଗଛ ଲଗାଇଥାନ୍ତି ॥ ୩ ॥

**ପୁର ସୋଭା କଛୁ ବରନି ନ ଜାଈ । ବାହେର ନଗର ପରମ ରୁଚିରାଈ ॥**
**ଦେଖତ ପୁରୀ ଅଖିଲ ଅଘ ଭାଗା । ବନ ଉପବନ ବାପିକା ତଡ଼ାଗା ॥ ୪ ॥**

ନଗରର ଶୋଭା ତ ଭାଷାରେ କହିହେବ ନାହିଁ । ନଗରର ବାହାର ଦୃଶ୍ୟ ବି ପରମସୁନ୍ଦର । ଅଯୋଧ୍ୟାପୁରୀର ଦର୍ଶନମାତ୍ରେ ସବୁ ପାପ ଛାଡ଼ିପଳାଏ । ସେଠାର ତୋଟା, ବଗିଚ୍ଚ, ବାଙ୍ଝୀ ଓ ପୋଖରୀଗୁଡ଼ିକ ବଡ଼ ସୁନ୍ଦର ହୋଇଥାଏ ॥ ୪ ॥

ଛନ୍ଦ- **ବାପୀଁ ତଡ଼ାଗ ଅନୂପ କୂପ ମନୋହରାୟତ ସୋହହୀଁ ।**
**ସୋପାନ ସୁଂଦର ନୀର ନିର୍ମଲ ଦେଖି ସୁର ମୁନି ମୋହହୀଁ ॥**
**ବହୁ ରଂଗ କଂଜ ଅନେକ ଖଗ କୂଜହିଁ ମଧୁପ ଗୁଂଜାରହୀଁ ।**
**ଆରାମ ରମ୍ୟ ପିକାଦି ଖଗ ରଓ୍ୱ ଜନୁ ପଥିକ ହଂକାରହୀଁ ॥**

ଅଯୋଧ୍ୟାରେ ଅନୁପମ, ବିଶାଳ ଓ ମନୋହର ବାପ୍ପୀ, ପୁଷ୍କରିଣୀ, କୂପ ଶୋଭା ପାଉଥାଏ । ସେସବୁର ରତ୍ନନିର୍ମିତ ସୁନ୍ଦର ପାହାଚ ଓ ନିର୍ମଳ ଜଳ ଦେଖି ଦେବତା ଓ ମୁନିମାନେ ମଧ୍ୟ ମୋହିତ ହୋଇଯାଉଥାନ୍ତି । ପୁଷ୍କରିଣୀମାନଙ୍କରେ ନାନାରଙ୍ଗର ପଦ୍ମ ଫୁଟିଥାଏ; ଅନେକ ପକ୍ଷୀଙ୍କ କୂଜନ, ଭ୍ରମରମାନଙ୍କ ଗୁଞ୍ଜନ ଏବଂ ଅତ୍ୟନ୍ତ ସୁନ୍ଦର ବଗିଚ୍ଚମାନଙ୍କରେ କୋଇଲି ଆଦି ପକ୍ଷୀମାନଙ୍କର ମଧୁରକାକଳି ପଥିକମାନଙ୍କୁ ଆସ ଆସ ବୋଲି ଆହ୍ୱାନ କରୁଥିଲାପରି ଲାଗୁଥାଏ ।

ଦୋ:- **ରମାନାଥ ଜହଁ ରାଜା ସୋ ପୁର ବରନି କି ଜାଇ ।**
**ଅନିମାଦିକ ସୁଖ ସଂପଦା ରହୀଁ ଅଓ୍ୱଧ ସବ ଛାଇ ॥ ୨୯ ॥**

ସ୍ୱୟଂ ଲକ୍ଷ୍ମୀପତି ଭଗବାନ୍ ଯେଉଁଠି ରାଜା, ସେହି ନଗରର ବର୍ଣ୍ଣନା କ'ଣ କରାଯାଇପାରିବ ? ଅଯୋଧ୍ୟାରେ ଅଣିମାଦି ଅଷ୍ଟସିଦ୍ଧି ଓ ସକଳ ସୁଖସମ୍ପଦ ପୂର୍ଣ୍ଣ ହୋଇ ରହିଥାଏ ॥ ୨୯ ॥

**ଜହଁ ତହଁ ନର ରଘୁପତି ଗୁନ ଗାଓ୍ୱହିଁ । ବୈଠି ପରସପର ଇହଇ ସିଖାଓ୍ୱହିଁ ॥**
**ଭଜହୁ ପ୍ରନତ ପ୍ରତିପାଲକ ରାମହି । ସୋଭା ସୀଲ ରୂପ ଗୁନ ଧାମହି ॥ ୧ ॥**

ଲୋକେ ଚତୁର୍ଦିଗରେ ରଘୁନାଥଙ୍କର ଗୁଣ ଗାନ କରୁଥାନ୍ତି ଏବଂ ବିଭିନ୍ନ ସ୍ଥାନରେ ବସି ଅନ୍ୟମାନଙ୍କୁ ଉପଦେଶ ଦେଉଥାନ୍ତି,—ଶରଣାଗତବତ୍ସଳ ଶ୍ରୀରାମଙ୍କୁ ଭଜ; ଶୋଭା, ଶୀଳ, ରୂପ ଓ ଗୁଣର ଧାମ ଶ୍ରୀରାମଙ୍କୁ ଭଜ ॥ ୧ ॥

**ଜଲଜ ବିଲୋଚନ ସ୍ୟାମଲ ଗାତହି । ପଲକ ନୟନ ଇଓ୍ୱ ସେଓ୍ୱକ ତ୍ରାତହି ॥**
**ଧୃତ ସର ରୁଚିର ଚ୍ପ ତୂନୀରହି । ସଂତ କଂଜ ବନ ରବି ରନଧୀରହି ॥ ୨ ॥**

କମଳନୟନ ଶ୍ୟାମତନୁଧାରୀଙ୍କୁ ଭଜ । ଚକ୍ଷୁକୁ ପଲକ ରକ୍ଷା କରିବାପରି ଯେ ନିଜର ସେବକମାନଙ୍କୁ ରକ୍ଷା କରନ୍ତି, ତାଙ୍କୁ ଭଜ । ସୁନ୍ଦର ଧନୁର୍ବାଣ ଓ ତୂଣୀରଧାରୀ ଶ୍ରୀରାମଙ୍କୁ ଭଜ । ସନ୍ଥରୂପୀ କମଳବନକୁ ପ୍ରସ୍ଫୁଟିତ କରୁଥିବା ସୂର୍ଯ୍ୟରୂପୀ ରଣବୀର ଶ୍ରୀରାମଙ୍କୁ ଭଜ ॥ ୨ ॥

**କାଲ କରାଲ ବ୍ୟାଲ ଖଗରାଜହି । ନମତ ରାମ ଅକାମ ମମତା ଜହି ॥**
**ଲୋଭ ମୋହ ମୃଗଜୂଥ କିରାତହି । ମନସିଜ କରି ହରି ଜନ ସୁଖଦାତହି ॥ ୩ ॥**

କାଳରୂପୀ ଭୟାନକ ସର୍ପର ଭକ୍ଷକ ଶ୍ରୀରାମରୂପୀ ଗରୁଡ଼ଙ୍କୁ ଭଜ । ନିଷ୍କାମଭାବରେ ପ୍ରଣାମ କରିବାମାତ୍ରେ ମମତ୍ୱ ନାଶ କରିଦେଉଥିବା ଶ୍ରୀରାମଙ୍କୁ ଭଜ । ଲୋଭମୋହରୂପୀ ମୃଗସମୂହର ବିନାଶକ ଶ୍ରୀରାମରୂପୀ କିରାତଙ୍କୁ ଭଜ । ଯେ କାମରୂପୀ ହସ୍ତୀ ନିମନ୍ତେ ସିଂହସଦୃଶ ତଥା ସେବକମାନଙ୍କର ସୁଖଦାତା, ସେହି ଶ୍ରୀରାମଙ୍କୁ ଭଜ ॥ ୩ ॥

**ସଂସୟ ସୋକ ନିବିଡ଼ ତମ ଭାନୁହି । ଦନୁଜ ଗହନ ଘନ ଦହନ କୃସାନୁହି ॥**
**ଜନକସୁତା ସମେତ ରଘୁବୀରହି । କସ ନ ଭଜହୁ ଭଂଜନ ଭଓ୍ୱ ଭୀରହି ॥ ୪ ॥**

ଶୋକ ଓ ସଂଶୟରୂପୀ ଅନ୍ଧକାରର ନାଶକ ଶ୍ରୀରାମରୂପୀ ସୂର୍ଯ୍ୟଙ୍କୁ ଭଜ । ରାକ୍ଷସରୂପୀ ଘନବନର ଦାହକ ଶ୍ରୀରାମରୂପୀ ଅଗ୍ନିଙ୍କୁ ଭଜ । ଜନ୍ମମୃତ୍ୟୁ ଭୟର ବିନାଶକ ଜାନକୀସମେତ ଶ୍ରୀରଘୁବୀରଙ୍କୁ ଭଜୁନାହଁ କାହିଁକି ? ॥ ୪ ॥

**ବହୁ ବାସନା ମସକ ହିମ ରାସିହି । ସଦା ଏକରସ ଅଜ ଅବିନାସିହି ॥**
**ମୁନି ରଂଜନ ଭଂଜନ ମହି ଭାରହି । ତୁଲସିଦାସ କେ ପ୍ରଭୁହି ଉଦାରହି ॥ ୫ ॥**

ଅଗଣିତ ବାସନାରୂପୀ ମଶକସମୂହର ବିନାଶକ ଶ୍ରୀରାମରୂପୀ ହିମରାଶିକୁ ଭଜ । ନିତ୍ୟ, ଏକରସ, ଅଜନ୍ମା ଓ ଅବିନାଶୀ ଶ୍ରୀରଘୁନାଥଙ୍କୁ ଭଜ । ମୁନିଜନଙ୍କର ଆନନ୍ଦଦାତା, ପୃଥିବୀର ଭାରହରଣକାରୀ ଓ ତୁଳସୀଦାସର ଉଦାର (ଦୟାଳୁ) ସ୍ୱାମୀ ଶ୍ରୀରାମଙ୍କୁ ଭଜ ॥ ୫ ॥

**ଦୋ:- ଏହି ବିଧି ନଗର ନାରି ନର କରହିଁ ରାମ ଗୁନ ଗାନ ।**
**ସାନୁକୂଲ ସବ ପର ରହହିଁ ସଂତତ କୃପାନିଧାନ ॥ ୩୦ ॥**

ନଗରର ନରନାରୀ ଏହିରୂପେ ଶ୍ରୀରାମଙ୍କ ଗୁଣ ଗାନ କରୁଥିଲେ ଏବଂ କୃପାନିଧାନ ଶ୍ରୀରାମ ସମସ୍ତଙ୍କ ପ୍ରତି ଅତ୍ୟନ୍ତ ପ୍ରସନ୍ନ ଥିଲେ ॥ ୩୦ ॥

**ଜବ ତେଁ ରାମ ପ୍ରତାପ ଖଗେସା । ଉଦିତ ଭୟଉ ଅତି ପ୍ରବଲ ଦିନେସା ॥**
**ପୂରି ପ୍ରକାସ ରହେଉ ତିହୁଁ ଲୋକା । ବହୁତେହ୍ନ ସୁଖ ବହୁତନ ମନ ସୋକା ॥ ୧ ॥**

[କାକଭୁଶୁଣ୍ଡି କହିଲେ,] ହେ ପକ୍ଷୀରାଜ ଗରୁଡ଼ ! ରାମପ୍ରତାପରୂପୀ ଅତ୍ୟନ୍ତ ପ୍ରଚଣ୍ଡ ସୂର୍ଯ୍ୟ ଉଦିତ ହୋଇଯିବାମାତ୍ରେ ତିନିଲୋକରେ ଆଲୋକ ପୂର୍ଣ୍ଣ ହୋଇଗଲା । ଏହା ଫଳରେ ଅନେକଙ୍କୁ ସୁଖ ମିଳିଲା ଏବଂ ଅନେକଙ୍କ ମନରେ ଶୋକ ମଧ୍ୟ ହେଲା ॥ ୧ ॥

**ଜିହ୍ନହି ସୋକ ତେ କହଉଁ ବଖାନୀ । ପ୍ରଥମ ଅବିଦ୍ୟା ନିସା ନସାନୀ ॥**
**ଅଘ ଉଲୂକ ଜହଁ ତହାଁ ଲୁକାନେ । କାମ କ୍ରୋଧ କୈରଓ୍ୱ ସକୁଚ୍ୱନେ ॥ ୨ ॥**

ଯେଉଁମାନଙ୍କୁ ଶୋକ ହେଲା, ମୁଁ ସେମାନଙ୍କର ବର୍ଣ୍ଣନା କରୁଛି; ଶୁଣ । ସର୍ବତ୍ର ଆଲୋକ ପୂର୍ଣ୍ଣ ହୋଇଯିବା ଫଳରେ ପ୍ରଥମେ ତ ଅବିଦ୍ୟାରୂପୀ ରାତ୍ରି ନଷ୍ଟ ହୋଇଗଲା । ପାପରୂପୀ ପେଚ୍ଚମାନେ ଏଠିସେଠି ଲୁଚିଗଲେ ଏବଂ କାମକ୍ରୋଧରୂପୀ କୁମୁଦ(କଇଁ)ମାନେ ମଉଳିପଡ଼ିଲେ ॥ ୨ ॥

**ବିବିଧ କର୍ମ ଗୁନ କାଲ ସୁଭାଉ । ଏ ଚକୋର ସୁଖ ଲହହିଁ ନ କାଉ ॥**
**ମତ୍ସର ମାନ ମୋହ ମଦ ଚ୍ଚୋରା । ଇହ୍ନ କର ହୁନର ନ କଓ୍ୱନିହୁଁ ଓରା ॥ ୩ ॥**

ବିବିଧ ବନ୍ଧନକାରକ କର୍ମ, ଗୁଣ, କାଳ ଓ ସ୍ୱଭାବରୂପୀ ଚକୋରମାନେ ରାମପ୍ରତାପରୂପୀ ସୂର୍ଯ୍ୟଙ୍କ ଆଲୋକ ପଡ଼ିବାରୁ ଆଉ ସୁଖ ପାଇପାରିଲେ ନାହିଁ । ମାନ, ମୋହ, ମଦ ଓ ମାତ୍ସର୍ଯ୍ୟରୂପୀ ଚ୍ଚୋରମାନଙ୍କର ଦୌରାତ୍ମ୍ୟ ଆଉ ଚଳିପାରିଲା ନାହିଁ ॥ ୩ ॥

**ଧରମ ତଡ଼ାଗ ଗ୍ୟାନ ବିଗ୍ୟାନା । ଏ ପଂକଜ ବିକସେ ବିଧି ନାନା ॥**
**ସୁଖ ସଂତୋଷ ବିରାଗ ବିବେକା । ବିଗତ ସୋକ ଏ କୋକ ଅନେକା ॥ ୪ ॥**

ଧର୍ମରୂପୀ ପ୍ରତ୍ୟେକ ପୁଷ୍କରିଣୀରେ ବିଭିନ୍ନ ଜ୍ଞାନବିଜ୍ଞାନରୂପୀ ଅନେକପ୍ରକାର ପଦ୍ମ ପ୍ରସ୍ଫୁଟିତ ହେଲା । ସୁଖ, ସନ୍ତୋଷ, ବୈରାଗ୍ୟ ଓ ବିବେକ ଆଦି ବିବିଧ ଚକ୍ରବାକଙ୍କର ଶୋକ ଦୂର ହୋଇଗଲା ॥ ୪ ॥

ଦୋ:- **ୟହ ପ୍ରତାପ ରବି ଜାକେଁ ଉର ଜବ କରଇ ପ୍ରକାସ ।**
**ପଛିଲେ ବାଢ଼ହିଁ ପ୍ରଥମ ଜେ କହେ ତେ ପାୱହିଁ ନାସ ॥ ୩୧ ॥**

ଶ୍ରୀରାମପ୍ରତାପରୂପୀ ସୂର୍ଯ୍ୟ ଯାହାର ହୃଦୟରେ ଆଲୋକ ବିଚ୍ଛୁରିତ କରନ୍ତି, ତା'ଠାରେ ଉପରୋକ୍ତ ଲକ୍ଷଣସବୁ (ଧର୍ମ, ଜ୍ଞାନ, ବିଜ୍ଞାନ, ସୁଖ, ସନ୍ତୋଷ, ବୈରାଗ୍ୟ ଓ ବିବେକ) ବୃଦ୍ଧିପ୍ରାପ୍ତ ହୁଏ ଏବଂ ପ୍ରଥମେ ବର୍ଣ୍ଣିତ ଅବିଦ୍ୟା, ପାପ, କାମ, କ୍ରୋଧ, କର୍ମ, କାଳ, ଗୁଣ, ସ୍ୱଭାବ ପ୍ରଭୃତି ବିନାଶପ୍ରାପ୍ତ ହୁଏ ॥ ୩୧ ॥

**ଭ୍ରାତୃହ୍ନ ସହିତ ରାମୁ ଏକ ବାରା । ସଂଗ ପରମ ପ୍ରିୟ ପୱନକୁମାରା ॥**
**ସୁଂଦର ଉପବନ ଦେଖନ ଗଏ । ସବ ତରୁ କୁସୁମିତ ପଲ୍ଲୱ ନଏ ॥ ୧ ॥**

ଥରେ ହନୁମାନଙ୍କୁ ସାଥିରେ ନେଇ ପ୍ରଭୁ ଶ୍ରୀରାମ ଭାଇମାନଙ୍କ ସହିତ ଗୋଟିଏ ସୁନ୍ଦର ଉପବନ ଦେଖିବାକୁ ଯାଇଥିଲେ । ସେଠାରେ ସବୁବୃକ୍ଷରେ ଫୁଲ ଓ ନବପଲ୍ଲବ ଶୋଭା ପାଉଥିଲା ॥ ୧ ॥

**ଜାନି ସମୟ ସନକାଦିକ ଆଏ । ତେଜ ପୁଂଜ ଗୁନ ସୀଲ ସୁହାଏ ॥**
**ବ୍ରହ୍ମାନଂଦ ସଦା ଲୟଲୀନା । ଦେଖତ ବାଲକ ବହୁକାଲୀନା ॥ ୨ ॥**

ତାହା ଏକ ସୁନ୍ଦର ଅବସର ଜାଣି ସେଠାକୁ ସନକାଦି ଚାରିମୁନି ଚାଲିଆସିଲେ । ସେମାନେ ପ୍ରତ୍ୟେକେ ଥିଲେ ତେଜର ପୁଞ୍ଜ, ସୁନ୍ଦର ଗୁଣ ଓ ସ୍ୱଭାବରେ ଯୁକ୍ତ ତଥା ସଦା ବ୍ରହ୍ମାନନ୍ଦରେ ମଗ୍ନ । ସେମାନେ ଦେଖିବାକୁ ଥିଲେ ବାଳକ ପରି; କିନ୍ତୁ ଥିଲେ ଅତ୍ୟନ୍ତ ବୟୋବୃଦ୍ଧ ॥ ୨ ॥

**ରୂପ ଧରେଁ ଜନୁ ଚାରିଉ ବେଦା । ସମଦରସୀ ମୁନି ବିଗତ ବିଭେଦା ॥**
**ଆସା ବସନ ବ୍ୟସନ ୟହ ତିହ୍ନହୀଁ । ରଘୁପତି ଚରିତ ହୋଇ ତହଁ ସୁନହୀଁ ॥ ୩ ॥**

ଦେଖି ମନେ ହେଉଥିଲା, ସତେ ଯେପରି ଚାରିବେଦହିଁ ଚାରିଟି ବାଳକରୂପ ଧରିଛନ୍ତି । ସେହି ମୁନିମାନେ ଥିଲେ ସମଦର୍ଶୀ ଓ ଭେଦଦୃଷ୍ଟିରହିତ । ସମସ୍ତେ ଥିଲେ ଦିଗମ୍ବର (ଦିଗହିଁ ଯାହାଙ୍କର ବସ୍ତ୍ର) । ସେମାନଙ୍କର ଏହି ଗୋଟିଏମାତ୍ର ବ୍ୟସନ (ଅଭ୍ୟାସ) ଥାଏ ଯେ, ଯେଉଁଠାରେ ଶ୍ରୀରଘୁନାଥଙ୍କ ଚରିତ ପଢ଼ିଥାଏ, ସେମାନେ ଅବଶ୍ୟ ସେଠାକୁ ଯାଇ ତାହା ଶୁଣନ୍ତି ॥ ୩ ॥

**ତହାଁ ରହେ ସନକାଦି ଭୱାନୀ । ଜହଁ ଘଟସଂଭୱ ମୁନିବର ଗ୍ୟାନୀ ॥**
**ରାମ କଥା ମୁନିବର ବହୁ ବରନୀ । ଗ୍ୟାନ ଜୋନି ପାୱକ ଜିମି ଅରନୀ ॥ ୪ ॥**

[ଶିବ କହିଲେ,] ହେ ଭବାନୀ ! ଯେଉଁଠାରେ ମୁନିଶ୍ରେଷ୍ଠ ଅଗସ୍ତ୍ୟ ରହୁଥିଲେ, ସନକାଦି ମୁନି ସେଠାକୁ ଯାଇଥିଲେ; ଅଗସ୍ତ୍ୟ ଶ୍ରୀରାମଙ୍କର ଅନେକ କଥା ବର୍ଣ୍ଣନା କରିଥିଲେ । ଅରଣି କାଠରୁ ଯେପରି ଅଗ୍ନି ଉତ୍ପନ୍ନ ହୁଏ, ରାମକଥା ସେହିପରି ଜ୍ଞାନ ଉତ୍ପନ୍ନ କରିଦେଇଥାଏ ॥ ୪ ॥

ଦୋ:- **ଦେଖି ରାମ ମୁନି ଆୱତ ହରଷି ଦଂଡୱତ କୀହ୍ନ ।**
**ସ୍ୱାଗତ ପୂଁଛି ପୀତ ପଟ ପ୍ରଭୁ ବୈଠନ କହଁ ଦୀହ୍ନ ॥ ୩୨ ॥**

ସନକାଦି ମୁନି ଆସିଥିବାର ଦେଖି ଶ୍ରୀରାମ ଆନନ୍ଦିତ ହୋଇ ସେମାନଙ୍କୁ ଦଣ୍ଡବତ୍ ପ୍ରଣାମ କଲେ ଏବଂ ସ୍ୱାଗତ ଜଣାଇ, ସେମାନଙ୍କ ବସିବାପାଇଁ ପ୍ରଭୁ ନିଜର ପୀତବସନ ବିଛାଇଦେଲେ ॥ ୩୨ ॥

**କୀହ୍ନ ଦଂଡୱତ ତୀନିଉ ଭାଈ । ସହିତ ପୱନସୁତ ସୁଖ ଅଧିକାଈ ॥**
**ମୁନି ରଘୁପତି ଛବି ଅତୁଲ ବିଲୋକୀ । ଭଏ ମଗନ ମନ ସକେ ନ ରୋକୀ ॥ ୧ ॥**

ହନୁମାନଙ୍କ ସହିତ ଅନ୍ୟ ତିନିଭାଇ ମଧ୍ୟ ସେମାନଙ୍କୁ ଦଣ୍ଡବତ୍ ପ୍ରଣାମ କଲେ । ସମସ୍ତେ ବଡ଼ ଆନନ୍ଦିତ ହେଲେ । ଶ୍ରୀରଘୁନାଥଙ୍କର ଅତୁଳନୀୟ ଛବି ଦେଖି ମୁନିମାନେ ସେଥିରେ ଏପରି ମଗ୍ନ ହୋଇଗଲେ ଯେ, ମନକୁ ଆଉ ସଂଯତ କରିପାରିଲେ ନାହିଁ ॥ ୧ ॥

**ସ୍ୟାମଲ ଗାତ ସରୋରୁହ ଲୋଚନ । ସୁଂଦରତା ମଂଦିର ଭଓ୍ୱ ମୋଚନ ॥**
**ଏକଟକ ରହେ ନିମେଷ ନ ଲାଓ୍ୱହିଁ । ପ୍ରଭୁ କର ଜୋରେ ସୀସ ନଓ୍ୱାଓ୍ୱହିଁ ॥ ୨ ॥**

ସେମାନେ ଜନ୍ମମୃତ୍ୟୁଚକ୍ରରୁ ଉଦ୍ଧାରକାରୀ, ଶ୍ୟାମଶରୀର, କମଳନୟନ, ସୌନ୍ଦର୍ଯ୍ୟଧାମ ଶ୍ରୀରାମଙ୍କୁ ଅପଲକ ନେତ୍ରରେ ଚାହିଁ ରହିଥାନ୍ତି; ଏଣେ ପ୍ରଭୁ ମଧ୍ୟ ନତମସ୍ତକ ହୋଇ କର ଯୋଡ଼ି ରହିଥାନ୍ତି ॥ ୨ ॥

**ତିନ୍ହ କୈ ଦସା ଦେଖି ରଘୁବୀରା । ସ୍ରଓ୍ୱତ ନୟନ ଜଲ ପୁଲକ ସରୀରା ॥**
**କର ଗହି ପ୍ରଭୁ ମୁନିବର ବୈଠାରେ । ପରମ ମନୋହର ବଚନ ଉଚ୍ଚାରେ ॥ ୩ ॥**

ସେମାନଙ୍କର ପ୍ରେମବିହ୍ୱଳ ଅବସ୍ଥା ଦେଖି ଶ୍ରୀରଘୁନାଥଙ୍କ ନୟନରୁ ମଧ୍ୟ ସେମାନଙ୍କ ପରି ପ୍ରେମାଶ୍ରୁ ଜଳ ବହିବାକୁ ଲାଗିଲା; ଶରୀର ପୁଲକିତ ହୋଇଗଲା । ପ୍ରଭୁ ସେମାନଙ୍କୁ ହାତ ଧରି ଆଣି ଆସନରେ ବସାଇଲେ ଏବଂ ପରମ ମନୋହର କଣ୍ଠରେ କହିଲେ, ॥ ୩ ॥

**ଆଜୁ ଧନ୍ୟ ମୈଁ ସୁନହୁ ମୁନୀସା । ତୁହ୍ମରେଁ ଦରସ ଜାହିଁ ଅଘ ଖୀସା ॥**
**ବଡ଼େ ଭାଗ ପାଇବ ସତସଂଗା । ବିନହିଁ ପ୍ରୟାସ ହୋହିଁ ଭଓ୍ୱଭଂଗା ॥ ୪ ॥**

''ହେ ମୁନୀଶ୍ୱରଗଣ ! ଆଜି ମୁଁ ଧନ୍ୟ ହୋଇଗଲି । ଆପଣମାନଙ୍କର ଦର୍ଶନମାତ୍ରେ ସବୁପାପ ନଷ୍ଟ ହୋଇଯାଏ । ବଡ଼ ଭାଗ୍ୟ ଥିଲେହିଁ ଏଭଳି ସତ୍ସଙ୍ଗ ପ୍ରାପ୍ତି ହୁଏ, ଯାହାଫଳରେ କି ଅନାୟାସରେ ଜନ୍ମମୃତ୍ୟୁଚକ୍ର ନଷ୍ଟ ହୋଇଯାଏ ॥ ୪ ॥

ଦୋଃ- **ସଂତ ସଂଗ ଅପବର୍ଗ କର କାମୀ ଭଓ୍ୱ କର ପଂଥ ।**
**କହହିଁ ସଂତ କବି କୋବିଦ ଶ୍ରୁତି ପୁରାନ ସଦଗ୍ରଂଥ ॥ ୩୩ ॥**

ସନ୍ଥ, କବି, ପଣ୍ଡିତ ତଥା ବେଦପୁରାଣାଦି ସକଳ ସଦ୍‌ଗ୍ରନ୍ଥ କହନ୍ତି ଯେ, ସନ୍ଥମାନଙ୍କର ସଙ୍ଗ ମୋକ୍ଷ ପ୍ରଦାନ କରେ ଏବଂ କାମୀମାନଙ୍କର ସଙ୍ଗ ଜନ୍ମମୃତ୍ୟୁ ବନ୍ଧନରେ ପକାଏ ।'' ॥ ୩୩ ॥

**ସୁନି ପ୍ରଭୁ ବଚନ ହରଷି ମୁନି ଚାରୀ । ପୁଲକିତ ତନ ଅସ୍ତୁତି ଅନୁସାରୀ ॥**
**ଜୟ ଭଗଓ୍ୱଂତ ଅନଂତ ଅନାମୟ । ଅନଘ ଅନେକ ଏକ କରୁନାମୟ ॥ ୧ ॥**

ପ୍ରଭୁଙ୍କ ବଚନ ଶୁଣି ଚାରିମୁନି ହର୍ଷିତ ହୋଇ ପୁଲକିତ-ଶରୀରରେ ସ୍ତୁତି କରିବାକୁ ଲାଗିଲେ, ''ହେ ଭଗବନ୍ ! ଆପଣଙ୍କର ଜୟ ହେଉ ! ଆପଣ ଅନନ୍ତ, ଅନାମୟ, ଅନଘ, ଅନେକ, ଏକ ଓ କରୁଣାମୟ ॥ ୧ ॥

**ଜୟ ନିର୍ଗୁନ ଜୟ ଜୟ ଗୁନ ସାଗର । ସୁଖ ମଂଦିର ସୁଂଦର ଅତି ନାଗର ॥**
**ଜୟ ଇଂଦିରା ରମନ ଜୟ ଭୂଧର । ଅନୁପମ ଅଜ ଅନାଦି ସୋଭାକର ॥ ୨ ॥**

ହେ ନିର୍ଗୁଣ ! ଆପଣଙ୍କର ଜୟ ହେଉ । ହେ ଗୁଣସାଗର ! ଆପଣଙ୍କର ଜୟ ହେଉ, ଜୟ ହେଉ । ଆପଣ ସୁଖର ଧାମ, ଅତ୍ୟନ୍ତ ସୁନ୍ଦର ଓ ଅତି ଚତୁର । ହେ ଲକ୍ଷ୍ମୀପତି ! ଆପଣଙ୍କର ଜୟ ହେଉ । ହେ ଧରଣୀଧର ! ଆପଣଙ୍କର ଜୟ ହେଉ । ଆପଣ ଅନୁପମ, ଅଜନ୍ମା, ଅନାଦି ଓ ଶୋଭାର ଭଣ୍ଡାର ॥ ୨ ॥

**ଗ୍ୟାନ ନିଧାନ ଅମାନ ମାନପ୍ରଦ । ପାଓ୍ୱନ ସୁଜସ ପୁରାନ ବେଦ ବଦ ॥**
**ତଗ୍ୟ କୃତଗ୍ୟ ଅଗ୍ୟତା ଭଂଜନ । ନାମ ଅନେକ ଅନାମ ନିରଂଜନ ॥ ୩ ॥**

ଆପଣ ହେଉଛନ୍ତି ଜ୍ଞାନର ଭଣ୍ଡାର । ଆପଣ ସ୍ୱୟଂ ମାନରହିତ; କିନ୍ତୁ ଅନ୍ୟମାନଙ୍କୁ ସମ୍ମାନ ଦିଅନ୍ତି । ବେଦ ଓ ପୁରାଣମାନେ ଆପଣଙ୍କର ସୁନ୍ଦର ପବିତ୍ର ଯଶ ଗାନ କରନ୍ତି । ଆପଣ ତତ୍ତ୍ୱଜ୍ଞ, କୃତଜ୍ଞ ଏବଂ ଅଜ୍ଞାନନାଶକ । ହେ ନିରଞ୍ଜନ (ମାୟାରହିତ) ! ଆପଣଙ୍କର ନାମ ଅନେକ; ପୁଣି ଆପଣ ଅନାମ (ନାମର ଅତୀତ) ମଧ୍ୟ ॥ ୩ ॥

**ସର୍ବ ସର୍ବଗତ ସର୍ବ ଉରାଲୟ । ବସସି ସଦା ହମ କହୁଁ ପରିପାଲୟ ॥**
**ଦ୍ୱଂଦ ବିପତି ଭୱ ଫଂଦ ବିଭଂଜୟ । ହୃଦି ବସି ରାମ କାମ ମଦ ଗଂଜୟ ॥ ୪ ॥**

ଆପଣ ସର୍ବରୂପ, ସର୍ବବ୍ୟାପକ ଏବଂ ସକଳ-ହୃଦୟନିବାସୀ । ତେଣୁ ଆପଣ ଆମର ପରିପାଳନ କରନ୍ତୁ । ରାଗ-ଦ୍ୱେଷ, ଅନୁକୂଳତା-ପ୍ରତିକୂଳତା, ଜନ୍ମ-ମୃତ୍ୟୁ ଆଦି ଦ୍ୱନ୍ଦ୍ୱ, ବିପତ୍ତି ଓ ଜନ୍ମମୃତ୍ୟୁର ଜାଲ କାଟିଦିଅନ୍ତୁ । ହେ ଶ୍ରୀରାମ ! ଆପଣ ଆମ ହୃଦୟରେ ରହି କାମ ଓ ମଦ ବିନାଶ କରନ୍ତୁ ॥ ୪ ॥

ଦୋ:- **ପରମାନଂଦ କୃପାୟତନ ମନ ପରିପୂରନ କାମ ।**
**ପ୍ରେମ ଭଗତି ଅନପାୟନୀ ଦେହୁ ହମହି ଶ୍ରୀରାମ ॥ ୩୪ ॥**

ଆପଣ ହେଉଛନ୍ତି ପରମାନନ୍ଦସ୍ୱରୂପ, କୃପାର ଧାମ ଏବଂ ସକଳ ମନବାଞ୍ଛା ପୂର୍ଣ୍ଣ କରିଦିଅନ୍ତି । ହେ ଶ୍ରୀରାମ ! ଆମକୁ ଆପଣଙ୍କ ଚରଣରେ ଅଚଳା ପ୍ରେମଭକ୍ତି ପ୍ରଦାନ କରନ୍ତୁ ॥ ୩୪ ॥

**ଦେହୁ ଭଗତି ରଘୁପତି ଅତି ପାୱନି । ତ୍ରିବିଧି ତାପ ଭୱ ଦାପ ନସାୱନି ॥**
**ପ୍ରନତ କାମ ସୁରଧେନୁ କଲପତରୁ । ହୋଇ ପ୍ରସନ୍ନ ଦୀଜୈ ପ୍ରଭୁ ଯହ ବରୁ ॥ ୧ ॥**

ହେ ରଘୁନାଥ ! ଆପଣ ଆମକୁ ପବିତ୍ରକାରିଣୀ ତଥା ତ୍ରିତାପହାରିଣୀ ଓ ଜନ୍ମମରଣ-କ୍ଲେଶବିନାଶିନୀ ଭକ୍ତି ପ୍ରଦାନ କରନ୍ତୁ । ହେ ଶରଣାଗତର କାମନା-ପରିପୂରଣକାରୀ କାମଧେନୁ ଓ କଳ୍ପବୃକ୍ଷସ୍ୱରୂପ ପ୍ରଭୁ ! ଆପଣ ପ୍ରସନ୍ନ ହୋଇ ଆମକୁ ଏତିକି ବର ପ୍ରଦାନ କରନ୍ତୁ ॥ ୧ ॥

**ଭୱ ବାରିଧି କୁଂଭଜ ରଘୁନାୟକ । ସେୱତ ସୁଲଭ ସକଲ ସୁଖ ଦାୟକ ॥**
**ମନ ସଂଭୱ ଦାରୁନ ଦୁଖ ଦାରୟ । ଦୀନବଂଧୁ ସମତା ବିସ୍ତାରୟ ॥ ୨ ॥**

ହେ ରଘୁନାଥ ! ଆପଣ ହେଉଛନ୍ତି ଜନ୍ମମୃତ୍ୟୁରୂପ ସମୁଦ୍ରକୁ ଶୁଖାଇଦେବାରେ ଅଗସ୍ତ୍ୟ ମୁନିଙ୍କ ସମାନ । ଆପଣଙ୍କ ସେବା ଅତ୍ୟନ୍ତ ସୁଲଭ ଏବଂ ଆପଣ ସର୍ବସୁଖଦାତା । ହେ ଦୀନବନ୍ଧୁ ! ଆମ ମନରୁ ଉତ୍ପନ୍ନ ଦାରୁଣ ଦୁଃଖସମୂହ ବିନାଶ କରନ୍ତୁ ଏବଂ ଆମ ଭିତରେ ସମତ୍ୱଦୃଷ୍ଟି ବିସ୍ତାର କରନ୍ତୁ ॥ ୨ ॥

**ଆସ ତ୍ରାସ ଇରିଷାଦି ନିୱାରକ । ବିନୟ ବିବେକ ବିରତି ବିସ୍ତାରକ ॥**
**ଭୂପ ମୌଲି ମନି ମଂଡନ ଧରନୀ । ଦେହି ଭଗତି ସଂସୃତି ସରି ତରନୀ ॥ ୩ ॥**

ଆପଣ ଆଶା, ଭୟ ଓ ଈର୍ଷା ଆଦି ନିବାରଣ କରନ୍ତି ତଥା ବିନୟ, ବିବେକ ଓ ବୈରାଗ୍ୟ ବିସ୍ତାର କରନ୍ତି । ହେ ରାଜଶିରୋମଣି ପୃଥ୍ୱୀଭୂଷଣ ଶ୍ରୀରାମ ! ଆମକୁ ଆପଣଙ୍କ ଚରଣରେ ସେହି ଭକ୍ତି ପ୍ରଦାନ କରନ୍ତୁ, ଯାହା ଜୀବକୁ ଜନ୍ମମୃତ୍ୟୁର ପ୍ରବାହରୂପୀ ସଂସାରସରିତରୁ ପାରି କରାଇବାରେ ସମର୍ଥ ॥ ୩ ॥

**ମୁନି ମନ ମାନସ ହଂସ ନିରଂତର । ଚରନ କମଲ ବଂଦିତ ଅଜ ସଂକର ॥**
**ରଘୁକୁଲ କେତୁ ସେତୁ ଶ୍ରୁତି ରଚ୍ଛକ । କାଲ କରମ ସୁଭାଉ ଗୁନ ଭଚ୍ଛକ ॥ ୪ ॥**

ହେ ମୁନିମାନଙ୍କ ମନରୂପୀ ମାନସରୋବରରେ ନିରନ୍ତର ନିବାସ କରୁଥିବା ହଂସ ! ଆପଣଙ୍କ ଚରଣକମଳ ତ ବ୍ରହ୍ମା ଓ ଶିବଙ୍କ ଦ୍ୱାରା ବନ୍ଦିତ । ଆପଣ ହେଉଛନ୍ତି ରଘୁକୁଳର କେତନ, ବେଦମର୍ଯ୍ୟାଦାର ରକ୍ଷକ ଏବଂ କାଳ, କର୍ମ, ସ୍ୱଭାବ ତଥା ଗୁଣରୂପ ବନ୍ଧନର ଭକ୍ଷକ (ନାଶକ) ॥ ୪ ॥

**ତାରନ ତରନ ହରନ ସବ ଦୂଷନ । ତୁଲସିଦାସ ପ୍ରଭୁ ତ୍ରିଭୁୱନ ଭୂଷନ ॥ ୫ ॥**

ଆପଣ ହେଉଛନ୍ତି ତରଣ-ତାରଣ (ଭକ୍ତମାନଙ୍କୁ ତାରି ଦେଉଥିବା ଉଭୟ ନୌକା ଓ ନୌକାଚାଳକ) ତଥା ସର୍ବଦୋଷହର । ତ୍ରିଲୋକର ବିଭୂଷଣ ଆପଣହିଁ ତୁଳସୀଦାସର ସ୍ୱାମୀ ॥ ୫ ॥

ଦୋ:- **ବାର ବାର ଅସ୍ତୁତି କରି ପ୍ରେମ ସହିତ ସିରୁ ନାଇ ।**
**ବ୍ରହ୍ମ ଭୱନ ସନକାଦି ଗେ ଅତି ଅଭୀଷ୍ଟ ବର ପାଇ ॥ ୩୫ ॥**

ଏପରିଭାବରେ ପ୍ରେମର ସହିତ ବାରମ୍ବାର ସ୍ତୁତି କରି, ନତଶିର ହୋଇ ଏବଂ ବାଞ୍ଛିତ ବର ପାଇ ସନକାଦି ମୁନିମାନେ ବ୍ରହ୍ମଲୋକକୁ ଚାଲିଗଲେ ॥ ୩୫ ॥

**ସନକାଦିକ ବିଧି ଲୋକ ସିଧାଏ । ଭ୍ରାତହ୍ନ ରାମ ଚରନ ସିରୁ ନାଏ ॥**
**ପୂଛତ ପ୍ରଭୁହି ସକଲ ସକୁଚାହୀଂ । ଚିତୱହିଁ ସବ ମାରୁତସୁତ ପାହୀଂ ॥ ୧ ॥**

ସନକାଦି ମୁନି ବ୍ରହ୍ମଲୋକକୁ ଚାଲିଯିବା ପରେ ଶ୍ରୀରାମଙ୍କ ଚରଣରେ ପ୍ରଣାମ କରି ଭାଇମାନେ କିଛି ପଚାରିବାକୁ ବସିଲେ; କିନ୍ତୁ ସାହସ ପାଇଲେ ନାହିଁ । ସମସ୍ତେ ହନୁମାନଙ୍କ ଆଡ଼କୁ ଅନାଇରହିଲେ ॥ ୧ ॥

**ସୁନୀ ଚହହିଁ ପ୍ରଭୁ ମୁଖ କୈ ବାନୀ । ଜୋ ସୁନି ହୋଇ ସକଲ ଭ୍ରମ ହାନୀ ॥**
**ଅଂତରଜାମୀ ପ୍ରଭୁ ସଭ ଜାନା । ବୂଝତ କହହୁ କାହ ହନୁମାନା ॥ ୨ ॥**

ଯାହା ଶୁଣିଲେ ସକଳ ଭ୍ରମ ନାଶ ହୋଇଯାଏ, ସେମାନେ ପ୍ରଭୁଙ୍କ ଶ୍ରୀମୁଖରୁ ତାହା ଶୁଣିବାକୁ ଚାହୁଁଥିଲେ । ଅନ୍ତର୍ଯାମୀ ପ୍ରଭୁ ସବୁ ଜାଣିଗଲେ ଏବଂ ପଚାରିଲେ, ‘‘କୁହ ହନୁମାନ୍ ! କଥା କ’ଣ ?’’ ॥ ୨ ॥

**ଜୋରି ପାନି କହ ତବ ହନୁମଂତା । ସୁନହୁ ଦୀନଦୟାଲ ଭଗୱଂତା ॥**
**ନାଥ ଭରତ କଛୁ ପୂଁଛନ ଚହହୀଂ । ପ୍ରସ୍ନ କରତ ମନ ସକୁଚତ ଅହହୀଂ ॥ ୩ ॥**

ହନୁମାନ୍ କରପତ୍ର ଯୋଡ଼ି କହିଲେ, ‘‘ହେ ଦୀନଦୟାଳୁ ଭଗବାନ୍ ! ଶୁଣନ୍ତୁ; ଭରତ କିଛି ପଚାରିବାକୁ ଚାହାନ୍ତି; କିନ୍ତୁ ପ୍ରଶ୍ନ କରିବାକୁ ସାହାସ ପାଉ ନାହାନ୍ତି ॥ ୩ ॥

**ତୁହ୍ମ ଜାନହୁ କପି ମୋର ସୁଭାଉ । ଭରତହି ମୋହି କଛୁ ଅଂତର କାଉ ॥**
**ସୁନି ପ୍ରଭୁ ବଚନ ଭରତ ଗହେ ଚରନା । ସୁନହୁ ନାଥ ପ୍ରନତାରତି ହରନା ॥ ୪ ॥**

ଭଗବାନ୍ କହିଲେ, ‘‘ହନୁମାନ୍ ! ତୁମେ ତ ମୋର ସ୍ୱଭାବ ଜାଣ । ଭରତ ଓ ମୋ ଭିତରେ କେବେ ବି କିଛି ପ୍ରଭେଦ ଥାଏ କି ?’’ ପ୍ରଭୁଙ୍କ ବଚନ ଶୁଣି ଭରତ ପ୍ରଭୁଙ୍କ ପାଦ ଧରିପକାଇଲେ; କହିଲେ, ‘‘ହେ ନାଥ ! ହେ ଶରଣାଗତର ଦୁଃଖହରଣକାରୀ ! ଶୁଣନ୍ତୁ ॥ ୪ ॥

ଦୋ:- **ନାଥ ନ ମୋହି ସଂଦେହ କଛୁ ସପନେହୁଁ ସୋକ ନ ମୋହ ।**
**କେୱଲ କୃପା ତୁହ୍ମାରିହି କୃପାନଂଦ ସଂଦୋହ ॥ ୩୬ ॥**

ହେ ନାଥ ! ମୋ ମନରେ ସ୍ୱପ୍ନରେ ବି କୌଣସି ସନ୍ଦେହ ନାହିଁ, କି ଶୋକ ଓ ମୋହ ନାହିଁ । ହେ କୃପା ଓ ଆନନ୍ଦର ସିନ୍ଧୁ ! ଏହା କେବଳ ଆପଣଙ୍କ କୃପାର ଫଳ ॥ ୩୬ ॥

**କରଉଁ କୃପାନିଧି ଏକ ଢିଠାଈ । ମୈଁ ସେୱକ ତୁହ୍ମ ଜନ ସୁଖଦାଈ ॥**
**ସଂତହ୍ନ କୈ ମହିମା ରଘୁରାଈ । ବହୁ ବିଧି ବେଦ ପୁରାନହ୍ନ ଗାଈ ॥ ୧ ॥**

ତଥାପି ହେ କୃପାନିଧାନ ! ମୁଁ ଆପଣଙ୍କ ପାଖରେ ଟିକିଏ ଧୃଷ୍ଟତା ଦେଖାଇବାକୁ ଯାଉଛି । ମୁଁ ହେଉଛି ସେବକ ଏବଂ ଆପଣ ହେଉଛନ୍ତି ସେବକର ସୁଖଦାତା [ତେଣୁ ମୋର ଧୃଷ୍ଟତା କ୍ଷମା କରିବେ ଓ ପ୍ରଶ୍ନର ଉତ୍ତର ଦେଇ ସୁଖ ପ୍ରଦାନ କରିବେ ।] ହେ ରଘୁନାଥ ! ବେଦ ଓ ପୁରାଣମାନଙ୍କରେ ସନ୍ତମାନଙ୍କର ମହିମା ବହୁଳଭାବରେ କୁହାଯାଇଛି ॥ ୧ ॥

**ଶ୍ରୀମୁଖ ତୁହ୍ମ ପୁନି କୀହ୍ନି ବଡ଼ାଈ । ତିହ୍ନ ପର ପ୍ରଭୁହି ପ୍ରୀତି ଅଧିକାଈ ॥**
**ସୁନା ଚହଉଁ ପ୍ରଭୁ ତିହ୍ନ କର ଲଚ୍ଛନ । କୃପାସିଂଧୁ ଗୁନ ଗ୍ୟାନ ବିଚଚ୍ଛନ ॥ ୨ ॥**

ଆପଣ ମଧ୍ୟ ଆପଣଙ୍କ ଶ୍ରୀମୁଖରେ ସେମାନଙ୍କର ପ୍ରଶଂସା କରିଛନ୍ତି ଏବଂ ସେମାନଙ୍କ ପ୍ରତି ଆପଣଙ୍କର ବିଶେଷ ପ୍ରେମ ମଧ୍ୟ ରହିଛି । ହେ ପ୍ରଭୁ ! ମୁଁ ସେମାନଙ୍କର ଲକ୍ଷଣ ଶୁଣିବାକୁ ଚାହୁଁଛି । ଆପଣ ତ କୃପାସିନ୍ଧୁ ଏବଂ ଗୁଣ ଓ ଜ୍ଞାନରେ ଅତ୍ୟନ୍ତ ନିପୁଣ ॥ ୨ ॥

**ସଂତ ଅସଂତ ଭେଦ ବିଲଗାଈ । ପ୍ରନତପାଲ ମୋହି କହହୁ ବୁଝାଈ ॥**
**ସଂତହ୍ନ କେ ଲଚ୍ଛନ ସୁନୁ ଭ୍ରାତା । ଅଗନିତ ଶ୍ରୁତି ପୁରାନ ବିଖ୍ୟାତା ॥ ୩ ॥**

ହେ ଶରଣାଗତମାନଙ୍କର ପାଳନକର୍ତ୍ତା ! ମୋତେ ସନ୍ତ ଓ ଅସନ୍ତମାନଙ୍କର ପ୍ରଭେଦ ବୁଝାଇଦିଅନ୍ତୁ ।'' ଶ୍ରୀରାମ କହିଲେ, ''ହେ ଭାଇ ! ସନ୍ତମାନଙ୍କର ଅସଂଖ୍ୟ ଲକ୍ଷଣ (ଗୁଣ) ରହିଛି; ତାହା ବେଦ ଓ ପୁରାଣମାନଙ୍କରେ ପ୍ରସିଦ୍ଧ ॥ ୩ ॥

**ସଂତ ଅସଂତହ୍ନି କୈ ଅସି କରନୀ । ଜିମି କୁଠାର ଚଂଦନ ଆଚରନୀ ॥**
**କାଟଇ ପରସୁ ମଲୟ ସୁନୁ ଭାଈ । ନିଜ ଗୁନ ଦେଇ ସୁଗଂଧ ବସାଈ ॥ ୪ ॥**

ସନ୍ତ ଓ ଅସନ୍ତମାନଙ୍କର ଆଚରଣ ଯଥାକ୍ରମେ ଚନ୍ଦନ ଓ କୁରାଢ଼ିର ଆଚରଣ ପରି ହୋଇଥାଏ । ହେ ଭାଇ ! ଶୁଣ । କୁରାଢ଼ି ଚନ୍ଦନଗଛକୁ କାଟେ; [କାରଣ ଗଛ କାଟିବା ହେଉଛି ତା'ର ସ୍ୱଭାବ]; କିନ୍ତୁ ଚନ୍ଦନ [ନିଜର ସ୍ୱଭାବବଶତଃ] ନିଜର ସୁଗନ୍ଧ ଗୁଣ ଦେଇ ସେହି କୁରାଢ଼ିକୁ ସୁବାସିତ କରିଦିଏ ॥ ୪ ॥

ଦୋଃ- **ତାତେ ସୁର ସୀସହ୍ନ ଚଢ଼ତ ଜଗ ବଲ୍ଲଭ ଶ୍ରୀଖଂଡ ।**
**ଅନଲ ଦାହି ପୀଟତ ଘନହିଁ ପରସୁ ବଦନ ୟହ ଦଂଡ ॥ ୩୭ ॥**

ଏହିପରି ଗୁଣ ହେତୁ ଚନ୍ଦନ ଯାଇ ଦେବତାମାନଙ୍କ ଶିରରେ ଚଢ଼ିପାରୁଛି ଓ ଜଗତର ପ୍ରିୟ ହୋଇପାରିଛି ଏବଂ କୁରାଢ଼ି ଦଣ୍ଡ ପାଉଛି—ତା'ଧାରକୁ ନିଆଁରେ ପୋଡ଼ାଯାଇ ହାତୁଡ଼ିରେ ପିଟାଯାଉଛି ॥ ୩୭ ॥

**ବିଷୟ ଅଲଂପଟ ସୀଲ ଗୁନାକର । ପର ଦୁଖ ଦୁଖ ସୁଖ ସୁଖ ଦେଖେ ପର ॥**
**ସମ ଅଭୂତରିପୁ ବିମଦ ବିରାଗୀ । ଲୋଭାମରଷ ହରଷ ଭୟ ତ୍ୟାଗୀ ॥ ୧ ॥**

ସନ୍ତମାନେ ବିଷୟରେ ଲିପ୍ତ ହୁଅନ୍ତି ନାହିଁ; ସେମାନେ ହେଉଛନ୍ତି ସତ୍‌ସ୍ୱଭାବ ଓ ସଦ୍‌ଗୁଣର ଭଣ୍ଡାର । ସେମାନେ ଅନ୍ୟର ଦୁଃଖରେ ଦୁଃଖୀ ଓ ଅନ୍ୟର ସୁଖରେ ସୁଖୀ ହୁଅନ୍ତି । ସେମାନେ [ସର୍ବତ୍ର, ସର୍ବକାଳରେ ଓ ସକଳ କ୍ଷେତ୍ରରେ] ସମଦୃଷ୍ଟି ରକ୍ଷା କରନ୍ତି । କାହାକୁ ଶତ୍ରୁ ବୋଲି ମନେ କରନ୍ତି ନାହିଁ । ସେମାନେ ମଦଶୂନ୍ୟ ଓ ବୈରାଗ୍ୟବାନ୍ ହୋଇଥାନ୍ତି ତଥା ଲୋଭ, କ୍ରୋଧ, ହର୍ଷ ଓ ଭୟ ତ୍ୟାଗ କରିଦେଇଥାନ୍ତି ॥ ୧ ॥

**କୋମଲଚିତ ଦୀନହ୍ନ ପର ଦାୟା । ମନ ବଚ କ୍ରମ ମମ ଭଗତି ଅମାୟା ॥**
**ସବହି ମାନପ୍ରଦ ଆପୁ ଅମାନୀ । ଭରତ ପ୍ରାନ ସମ ମମ ତେ ପ୍ରାନୀ ॥ ୨ ॥**

ସେମାନଙ୍କର ଚିତ୍ତ ଅତି କୋମଳ । ସେମାନେ ଦୀନକୁ ଦୟା କରନ୍ତି ତଥା ମନ, ବଚନ ଓ କର୍ମରେ

ମୋ'ଠାରେ ନିଷ୍କପଟ ଭକ୍ତି ରଖନ୍ତି । ସେମାନେ ସମସ୍ତଙ୍କୁ ସମ୍ମାନ ଦିଅନ୍ତି; କିନ୍ତୁ ସ୍ୱୟଂ ମାନରହିତ ହୋଇଥାନ୍ତି । ହେ ଭରତ ! ସନ୍ଥଜନମାନେ ମୋର ପ୍ରାଣସମାନ ପ୍ରିୟ ॥ ୨ ॥

**ବିଗତ କାମ ମମ ନାମ ପରାୟନ । ସାଂତି ବିରତି ବିନତୀ ମୁଦିତାୟନ ॥**
**ସୀତଲତା ସରଲତା ମୟତ୍ରୀ । ଦ୍ୱିଜ ପଦ ପ୍ରୀତି ଧର୍ମ ଜନୟତ୍ରୀ ॥ ୩ ॥**

ସେମାନଙ୍କର କୌଣସି କାମନା ନ ଥାଏ । ସେମାନେ ହେଉଛନ୍ତି ମୋର ନାମପରାୟଣ ଏବଂ ଶାନ୍ତି, ବୈରାଗ୍ୟ, ବିନୟ ଓ ପ୍ରସନ୍ନତାର ମନ୍ଦିର । ସେମାନଙ୍କ ଠାରେ ଶୀତଳତା, ସରଳତା, ସମସ୍ତଙ୍କ ପ୍ରତି ମିତ୍ରଭାବ ଏବଂ ବ୍ରାହ୍ମଣମାନଙ୍କ ଚରଣରେ ପ୍ରୀତି ରହିଥାଏ; ତାହା ଧର୍ମଭାବ ଉତ୍ପନ୍ନ କରାଏ ॥ ୩ ॥

**ଏ ସବ ଲଚ୍ଛନ ବସହିଁ ଜାସୁ ଉର । ଜାନେହୁ ତାତ ସଂତ ସଂତତ ଫୁର ॥**
**ସମ ଦମ ନିୟମ ନୀତି ନହିଁ ଡୋଲହିଁ । ପରୁଷ ବଚନ କବହୂଁ ନହିଁ ବୋଲହିଁ ॥ ୪ ॥**

ବତ୍ସ ! ଯାହାଙ୍କ ହୃଦୟରେ ଏହିସବୁ ଲକ୍ଷଣ ନିବାସ କରେ, ସେମାନଙ୍କୁ ସର୍ବଦା ପ୍ରକୃତ ସନ୍ଥ ବୋଲି ଜାଣିବ । ସନ୍ଥମାନେ କଦାପି ଶମ, ଦମ, ନିୟମ ଓ ନୀତିରୁ ବିଚଳିତ ହୁଅନ୍ତି ନାହିଁ, କି ସେମାନଙ୍କ ମୁଖରୁ କେବେ ବି କଠୋର ବଚନ ବାହାରେ ନାହିଁ ॥ ୪ ॥

ଦୋः- **ନିଂଦା ଅସ୍ତୁତି ଉଭୟ ସମ ମମତା ମମ ପଦ କଂଜ ।**
**ତେ ସଜ୍ଜନ ମମ ପ୍ରାନପ୍ରିୟ ଗୁନ ମଂଦିର ସୁଖପୁଂଜ ॥ ୩୮ ॥**

ଯେଉଁମାନଙ୍କୁ ନିନ୍ଦା ଓ ସ୍ତୁତି ଉଭୟ ସମାନ ଲାଗେ ଏବଂ ଯେଉଁମାନଙ୍କର ମୋ' ଚରଣକମଳରେ ମମତା ଥାଏ, ସେହି ଗୁଣଧାମ ଓ ସୁଖରାଶି ସନ୍ଥଜନମାନେ ହେଉଛନ୍ତି ମୋର ପ୍ରାଣସମାନ ପ୍ରିୟ ॥ ୩୮ ॥

**ସୁନହୁ ଅସଂତହ୍ନ କେର ସୁଭାଉ । ଭୂଲେହୁଁ ସଂଗତି କରିଅ ନ କାଉ ॥**
**ତିହ୍ନ କର ସଂଗ ସଦା ଦୁଖଦାଈ । ଜିମି କପିଲହି ଘାଲଇ ହରହାଈ ॥ ୧ ॥**

ବର୍ତ୍ତମାନ ଅସନ୍ଥ (ଦୁଷ୍ଟ)ମାନଙ୍କର ସ୍ୱଭାବ ଶୁଣ । କଦାପି ଭୁଲ୍‌ରେ ସୁଦ୍ଧା ସେମାନଙ୍କ ସଙ୍ଗତି କରିବା ଉଚିତ ନୁହେଁ । ସେମାନଙ୍କ ସଙ୍ଗ ସଦା ଦୁଃଖପ୍ରଦ ହୋଇଥାଏ । ଓଲେଇ (ଦୁଷ୍ଟା) ଗାଈ ଯେପରି ନିଜର ସଂସର୍ଗଦ୍ୱାରା କପିଳା (ଶାନ୍ତ ଓ ଦୁଧିଆଳୀ) ଗାଈକୁ ନଷ୍ଟ କରିଦେଇଥାଏ, ଅସନ୍ଥ ଲୋକ ସେହିପରି ଭଲ ଲୋକଙ୍କୁ ନଷ୍ଟ କରିଦିଏ ॥ ୧ ॥

**ଖଲହ୍ନ ହୃଦୟଁ ଅତି ତାପ ବିସେଷୀ । ଜରହିଁ ସଦା ପର ସଂପତି ଦେଖୀ ॥**
**ଜହଁ କହୁଁ ନିଂଦା ସୁନହିଁ ପରାଈ । ହରଷହିଁ ମନହୁଁ ପରୀ ନିଧି ପାଈ ॥ ୨ ॥**

ଦୁଷ୍ଟର ହୃଦୟ ବିଶେଷଭାବରେ କୁହୁଳୁଥାଏ । ଅନ୍ୟର ସୁଖସମ୍ପଦ ଦେଖି ସେ ଈର୍ଷାରେ ଜଳେ । ପରନିନ୍ଦା ଶୁଣିଦେଲେ, ସେ ବାଟରେ ପଡ଼ିଥିବା କୋଟିନିଧି ପାଇଗଲାପରି ଖୁସୀ ହୋଇଯାଏ ॥ ୨ ॥

**କାମ କ୍ରୋଧ ମଦ ଲୋଭ ପରାୟନ । ନିର୍ଦୟ କପଟୀ କୁଟିଲ ମଲାୟନ ॥**
**ବୟରୁ ଅକାରନ ସବ କାହୂ ସୋଁ । ଜୋ କର ହିତ ଅନହିତ ତାହୂ ସୋଁ ॥ ୩ ॥**

ଦୁଷ୍ଟମାନେ କାମ, କ୍ରୋଧ, ମଦ ଓ ଲୋଭପରାୟଣ; ସେମାନେ ନିର୍ଦ୍ଦୟ, କପଟୀ, କୁଟିଳ ଓ ପାପର ସଦନ ହୋଇଥାନ୍ତି । ସେମାନେ ଅକାରଣରେ ସମସ୍ତଙ୍କ ସହିତ ଶତ୍ରୁତା କରନ୍ତି; ହିତକାରୀର ସୁଦ୍ଧା ଅହିତ କରନ୍ତି ॥ ୩ ॥

**ଝୂଠଇ ଲେନା ଝୂଠଇ ଦେନା । ଝୂଠଇ ଭୋଜନ ଝୂଠ ଚବେନା ॥**
**ବୋଲହିଁ ମଧୁର ବଚନ ଜିମି ମୋରା । ଖାଇ ମହା ଅହି ହୃଦୟ କଠୋରା ॥ ୪ ॥**

ଦୁଷ୍ଟମାନଙ୍କର ନେବା ଯେପରି ମିଥ୍ୟା, ଦେବା ସେହିପରି ମିଥ୍ୟା । ସେମାନଙ୍କର ଖାଇବା ମିଛ, ଖାଦ୍ୟ ବି ମିଛ । (ଅର୍ଥାତ୍ ନେବାଦେବାରେ ମିଥ୍ୟାର ଆଶ୍ରୟ ନିଅନ୍ତି । ଅନ୍ୟର ନ୍ୟାଯ୍ୟ ପାଉଣା ଠକି ଦିଅନ୍ତି; କିମ୍ବା ମିଛରେ କହି ବୁଲନ୍ତି, 'ମୁଁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଛି; କୋଟି କୋଟି ଟଙ୍କା ଦାନ କରିଛି' ଇତ୍ୟାଦି । ଠିକ୍ ସେହିପରି ଖାଆନ୍ତି ଲୁଣଲଙ୍କା ଦେଇ ବାସିପଖାଳ; କହିହୁଅନ୍ତି 'ଖାଇଛି କ୍ଷିରୀଖେଚୁଡ଼ି;' ଅଥବା ଖୁଦଭଜା ମୁଠେ ଖାଇ ଭୋକ ମାରନ୍ତି; ଅଥଚ କହନ୍ତି, 'ଘିଅଭାତ ଆଉ ଭଲ ଲାଗୁନି; ମନ ଛାଡ଼ିଗଲାଣି' । ଏପରିଭାବରେ ସବୁକଥାରେ ମିଛହିଁ କହନ୍ତି ।) ଯେପରି ମୟୂର ମଧୁର ସ୍ୱରରେ ଡାକେ; କିନ୍ତୁ ଏଡ଼େ କଠୋରହୃଦୟ ଯେ, ବିଷଧର ସାପଙ୍କୁ ବି ଖାଇଯାଏ, ଦୁଷ୍ଟମାନେ ସେହିପରି ଉପରକୁ ମଧୁର କଥା କହନ୍ତି; କିନ୍ତୁ ସେମାନଙ୍କ ଭିତରଟା ବଡ଼ ନିର୍ଦ୍ଦୟ ॥ ୪ ॥

ଦୋଃ- **ପର ଦ୍ରୋହୀ ପରଦାର ରତ ପର ଧନ ପର ଅପବାଦ ।**
**ତେ ନର ପାଁୱର ପାପମୟ ଦେହ ଧରେଁ ମନୁଜାଦ ॥ ୩୯ ॥**

ସେମାନେ ଅନ୍ୟମାନଙ୍କ ପ୍ରତି ଦ୍ରୋହ କରନ୍ତି ଏବଂ ପରସ୍ତ୍ରୀ, ପରଧନ ଓ ପରନିନ୍ଦାରେ ଆସକ୍ତ ରହନ୍ତି । ସେହି ପାମର ଓ ପାପମୟ ଲୋକେ ହେଉଛନ୍ତି ପ୍ରକୃତରେ ନରଦେହଧାରୀ ରାକ୍ଷସ ॥ ୩୯ ॥

**ଲୋଭଇ ଓଢ଼ନ ଲୋଭଇ ଡାସନ । ସିସ୍ନୋଦର ପର ଜମପୁର ତ୍ରାସ ନ ॥**
**କାହୂ କୀ ଜୌଁ ସୁନହିଁ ବଡ଼ାଈ । ସ୍ୱାସ ଲେହିଁ ଜନୁ ଜୂଡ଼ୀ ଆଈ ॥ ୧ ॥**

ଲୋଭହିଁ ସେମାନଙ୍କର ଚଦର ଏବଂ ଲୋଭହିଁ ସେମାନଙ୍କର ବିଛଣା (ଅର୍ଥାତ୍ ସେମାନେ ସର୍ବଦା ଲୋଭରେ ଆଚ୍ଛାଦିତ ହୋଇ ରହନ୍ତି) । ସେମାନେ ପଶୁଙ୍କ ପରି ଆହାର-ପରାୟଣ ଓ ମୈଥୁନ-ପରାୟଣ ହୋଇଥାନ୍ତି । ସେମାନଙ୍କର ଯମପୁରକୁ ବି ଭୟ ନ ଥାଏ । ଯଦି କେବେ କାହାର ପ୍ରଶଂସା କାନରେ ପଡ଼ିଯାଏ, ତେବେ ସେମାନେ କମ୍ପଜ୍ୱର ଆସିଗଲାପରି ଦୁଃଖରେ ଦୀର୍ଘଶ୍ୱାସ ପକାନ୍ତି ॥ ୧ ॥

**ଜବ କାହୂ କୈଁ ଦେଖହିଁ ବିପତୀ । ସୁଖୀ ଭଏ ମାନହୁଁ ଜଗ ନୃପତୀ ॥**
**ସ୍ୱାରଥ ରତ ପରିୱାର ବିରୋଧୀ । ଲଂପଟ କାମ ଲୋଭ ଅତି କ୍ରୋଧୀ ॥ ୨ ॥**

ଯଦି କାହାର ବିପତ୍ତି ଦେଖିଦିଅନ୍ତି, ତେବେ ମୁଲକର ରଜାପଦ ମିଳିଗଲାପରି ଖୁସୀ ହୋଇଯାଆନ୍ତି । ସେମାନେ ସ୍ୱାର୍ଥପର, ପରିବାର-ବିରୋଧୀ, କାମ ଓ ଲୋଭ ହେତୁ ଲମ୍ପଟ ତଥା ଅତ୍ୟନ୍ତ କ୍ରୋଧୀ ହୋଇଥାନ୍ତି ॥ ୨ ॥

**ମାତୁ ପିତା ଗୁର ବିପ୍ର ନ ମାନହିଁ । ଆପୁ ଗଏ ଅରୁ ଘାଲହିଁ ଆନହିଁ ॥**
**କରହିଁ ମୋହ ବସ ଦ୍ରୋହ ପରାୱା । ସଂତ ସଂଗ ହରି କଥା ନ ଭାୱା ॥ ୩ ॥**

ସେମାନେ ମାତା, ପିତା, ଗୁରୁ ଓ ବ୍ରାହ୍ମଣ—କାହାକୁ ବି ମାନନ୍ତି ନାହିଁ । ନିଜେ ତ ନଷ୍ଟ ହୋଇଯାଆନ୍ତି, (ତା'ସହିତ ନିଜ ସଂସର୍ଗରେ ଆଣି) ଅନ୍ୟମାନଙ୍କୁ ମଧ୍ୟ ନଷ୍ଟ କରିଦିଅନ୍ତି । ସେମାନେ ମୋହବଶ ହୋଇ ଅନ୍ୟମାନଙ୍କ ସହିତ ଦ୍ରୋହ କରନ୍ତି । ସେମାନଙ୍କୁ ସନ୍ଥମାନଙ୍କର ସଙ୍ଗ ଭଲ ଲାଗେ ନାହିଁ, କି ଭଗବତ୍ କଥା ସୁହାଏ ନାହିଁ ॥ ୩ ॥

**ଅୱଗୁନ ସିଂଧୁ ମଂଦମତି କାମୀ । ବେଦ ବିଦୂଷକ ପରଧନ ସ୍ୱାମୀ ॥**
**ବିପ୍ର ଦ୍ରୋହ ପର ଦ୍ରୋହ ବିସେଷା । ଦଂଭ କପଟ ଜିୟଁ ଧରେଁ ସୁବେଷା ॥ ୪ ॥**

ଦୁଷ୍ଟମାନେ ହେଉଛନ୍ତି ଅବଗୁଣର ସାଗର, ମନ୍ଦବୁଦ୍ଧି, କାମୁକ, ବେଦନିନ୍ଦୁକ ଏବଂ ପରସ୍ୱ-ଅପହରଣକାରୀ । ସେମାନେ ପରଦ୍ରୋହୀ ଏବଂ ବ୍ରାହ୍ମଣମାନଙ୍କ ପ୍ରତି ବିଶେଷ ଦ୍ରୋହୀ । ସେମାନଙ୍କ ହୃଦୟରେ ଦମ୍ଭ ଓ କପଟ ପୂର୍ଣ୍ଣ ହୋଇ ରହିଥାଏ; କିନ୍ତୁ ଉପରକୁ ସେମାନେ ସୁନ୍ଦର ବେଶ ଧାରଣ କରିଥାଆନ୍ତି ॥ ୪ ॥

ଦୋଃ- **ଐସେ ଅଧମ ମନୁଜ ଖଲ କୃତଜୁଗ ତ୍ରେତାଁ ନାହିଁ ।**
**ଦ୍ୱାପର କଛୁକ ବୃଂଦ ବହୁ ହୋଇହହିଁ କଲିଜୁଗ ମାହିଁ ॥ ୪୦ ॥**

ଏପରି ନୀଚ ଓ ଦୁଷ୍ଟ ମନୁଷ୍ୟ ସତ୍ୟ ଓ ତ୍ରେତାଯୁଗରେ ନ ଥାନ୍ତି । ସେମାନେ ଦ୍ୱାପରରେ ଅଳ୍ପସଂଖ୍ୟାରେ ରହନ୍ତି ଏବଂ କଳିଯୁଗରେ ପଲ ପଲ ବାହାରନ୍ତି ॥ ୪୦ ॥

**ପର ହିତ ସରିସ ଧର୍ମ ନହିଁ ଭାଈ । ପର ପୀଡ଼ା ସମ ନହିଁ ଅଧମାଈ ॥**
**ନିର୍ନୟ ସକଲ ପୁରାନ ବେଦ କର । କହେଉଁ ତାତ ଜାନହିଁ କୋବିଦ ନର ॥ ୧ ॥**

ହେ ଭାଇ ! ପରହିତ ପରି ଧର୍ମ ନାହିଁ, କି ପରପୀଡ଼ନ ପରି ପାପ ନାହିଁ । ହେ ବତ୍ସ ! ସକଳ ବେଦ ଓ ପୁରାଣର ଏହି ନିର୍ଣ୍ଣୟ ମୁଁ ତୁମକୁ କହିଲି; ଏହା ପଣ୍ଡିତମାନେ ଜାଣନ୍ତି ॥ ୧ ॥

**ନର ସରୀର ଧରି ଜେ ପର ପୀରା । କରହିଁ ତେ ସହହିଁ ମହା ଭଓ୍ୱ ଭୀରା ॥**
**କରହିଁ ମୋହ ବସ ନର ଅଘ ନାନା । ସ୍ୱାରଥ ରତ ପରଲୋକ ନସାନା ॥ ୨ ॥**

ମନୁଷ୍ୟଶରୀର ଧରି ଯେଉଁମାନେ ପରକୁ ଦୁଃଖ ଦିଅନ୍ତି, ସେମାନଙ୍କୁ ଜନ୍ମମୃତ୍ୟୁଜନିତ ଘୋର ସଂକଟ ସହିବାକୁ ପଡ଼େ । ମନୁଷ୍ୟମାନେ ମୋହବଶ ଓ ସ୍ୱାର୍ଥପରାୟଣ ହୋଇ ଅନେକ ପାପ କରିଥାନ୍ତି; ତେଣୁ ସେମାନଙ୍କର ପରଲୋକ ନଷ୍ଟ ହୋଇଯାଏ ॥ ୨ ॥

**କାଲରୂପ ତିନ୍ହ କହଁ ମୈଁ ଭ୍ରାତା । ସୁଭ ଅରୁ ଅସୁଭ କର୍ମ ଫଲ ଦାତା ॥**
**ଅସ ବିଚାରି କେ ପରମ ସୟାନେ । ଭଜହିଁ ମୋହି ସଂସୃତ ଦୁଖ ଜାନେ ॥ ୩ ॥**

ହେ ଭାଇ ! ମୁଁ ହେଉଛି ସେମାନଙ୍କ ନିମନ୍ତେ କାଳ; ମୁଁ ସେମାନଙ୍କର ଭଲମନ୍ଦ କର୍ମର ଯଥାଯୋଗ୍ୟ ଫଳ ଦିଏ । ଯେଉଁମାନେ ପରମ ବୁଦ୍ଧିମାନ୍, ସେମାନେ ଏହା ହୃଦୟଙ୍ଗମ କରି, ସଂସାରର ପ୍ରବାହକୁ ଦୁଃଖମୟ ଜାଣି ମୋତେହିଁ ଭଜନ କରନ୍ତି ॥ ୩ ॥

**ତ୍ୟାଗହିଁ କର୍ମ ସୁଭାସୁଭ ଦାୟକ । ଭଜହିଁ ମୋହି ସୁର ନର ମୁନି ନାୟକ ॥**
**ସଂତ ଅସଂତହ୍ନ କେ ଗୁନ ଭାଷେ । ତେ ନ ପରହିଁ ଭଓ୍ୱ ଜିହ୍ନ ଲଖି ରାଖେ ॥ ୪ ॥**

ତା'ଫଳରେ ସେମାନେ ଶୁଭାଶୁଭ ଫଳଦାୟକ କର୍ମ ତ୍ୟାଗ କରିଦେଇ ମୋତେ ଅର୍ଥାତ୍ ଦେବ, ମନୁଷ୍ୟ ଓ ମୁନିମାନଙ୍କ ପ୍ରଭୁଙ୍କୁ ଭଜିଥାନ୍ତି । ଏପରିଭାବରେ ସନ୍ଥ ଓ ଅସନ୍ଥମାନଙ୍କର ଗୁଣ ମୁଁ ତୁମକୁ କହିଦେଲି । ଯେଉଁ ମନୁଷ୍ୟମାନେ ଏହା ହୃଦୟଙ୍ଗମ କରି ଆଚରଣ କରନ୍ତି, ସେମାନେ ଜନ୍ମମରଣଚକ୍ରରେ ପଡ଼ନ୍ତି ନାହିଁ ॥ ୪ ॥

ଦୋଃ- **ସୁନହୁ ତାତ ମାୟା କୃତ ଗୁନ ଅରୁ ଦୋଷ ଅନେକ ।**
**ଗୁନ ୟହ ଉଭୟ ନ ଦେଖିଅହିଁ ଦେଖିଅ ସୋ ଅବିବେକ ॥ ୪୧ ॥**

ହେ ବତ୍ସ ! ଶୁଣ; ମାୟା ଦ୍ୱାରା ରଚିତ ଅନେକ ଗୁଣ ଓ ଦୋଷ ରହିଛି (ଏସବୁର କୌଣସି ବାସ୍ତବିକ ସତ୍ତା ନାହିଁ) । ପ୍ରକୃତରେ ଦୋଷ ଓ ଗୁଣ ଉଭୟକୁ ନ ଦେଖିବାହିଁ ଗୁଣ ଅର୍ଥାତ୍ ବିବେକ ଏବଂ ଏସବୁକୁ ଦେଖିବାହିଁ ଅବିବେକ ॥ ୪୧ ॥

**ଶ୍ରୀମୁଖ ବଚନ ସୁନତ ସବ ଭାଈ । ହରଷେ ପ୍ରେମ ନ ହୃଦୟଁ ସମାଈ ॥**
**କରହିଁ ବିନୟ ଅତି ବାରହିଁ ବାରା । ହନୂମାନ ହିୟଁ ହରଷ ଅପାରା ॥ ୧ ॥**

ଭଗବାନଙ୍କ ଶ୍ରୀମୁଖରୁ ଏହି ବଚନ ଶୁଣି ସବୁଭାଇ ଆନନ୍ଦିତ ହୋଇଗଲେ । ସେମାନଙ୍କ ହୃଦୟରୁ ପ୍ରେମ ଉଛୁଳିପଡ଼ିଲା । ସେମାନେ ପ୍ରଭୁଙ୍କୁ ବାରମ୍ବାର ନିଜର ବିନତି ଜଣାଇଲେ । ବିଶେଷ କରି ହନୁମାନଙ୍କ ହୃଦୟରେ ଅପାର ଆନନ୍ଦ ଜାତ ହେଲା ॥ ୧ ॥

**ପୁନି ରଘୁପତି ନିଜ ମଂଦିର ଗଏ । ଏହି ବିଧି ଚରିତ କରତ ନିତ ନଏ ॥**
**ବାର ବାର ନାରଦ ମୁନି ଆୱହିଁ । ଚରିତ ପୁନୀତ ରାମ କେ ଗାୱହିଁ ॥ ୨ ॥**

ତା'ପରେ ଶ୍ରୀରଘୁନାଥ ନିଜ ନବରକୁ ଚାଲିଗଲେ । ଏପରିଭାବରେ ସେ ନିତ୍ୟ ନୂତନ ଲୀଳା କରୁଥାଆନ୍ତି । ମୁନିବର ନାରଦ ଅଯୋଧ୍ୟାକୁ ବାରମ୍ବାର ଆସୁଥାଆନ୍ତି ଏବଂ ସେଠାରେ ଶ୍ରୀରାମଙ୍କ ପବିତ୍ର ଚରିତ ଗାନ କରୁଥାଆନ୍ତି ॥ ୨ ॥

**ନିତ ନୱ ଚରିତ ଦେଖି ମୁନି ଜାହୀଁ । ବ୍ରହ୍ମଲୋକ ସବ କଥା କହାହୀଁ ॥**
**ସୁନି ବିରଂଚି ଅତିସୟ ସୁଖ ମାନହିଁ । ପୁନି ପୁନି ତାତ କରହୁ ଗୁନ ଗାନହିଁ ॥ ୩ ॥**

ମୁନି ସେଠାରେ ନିତ୍ୟ ନବ ନବ ଚରିତ ଦେଖି ଯାଉଥାଆନ୍ତି ଏବଂ ବ୍ରହ୍ମଲୋକରେ ଯାଇ ସବୁକଥା କହୁଥାଆନ୍ତି । ସେସବୁ ଶୁଣି ବ୍ରହ୍ମା ଅତ୍ୟନ୍ତ ଆନନ୍ଦିତ ହେଉଥାଆନ୍ତି । କହୁଥାଆନ୍ତି, 'ହେ ବତ୍ସ ! ଶ୍ରୀରାମଙ୍କ ଚରିତ ବାରମ୍ବାର ଗାନ କର ।' ॥ ୩ ॥

**ସନକାଦିକ ନାରଦହିଁ ସରାହହିଁ । ଜଦ୍ୟପି ବ୍ରହ୍ମ ନିରତ ମୁନି ଆହହିଁ ॥**
**ସୁନି ଗୁନ ଗାନ ସମାଧି ବିସାରୀ । ସାଦର ସୁନହିଁ ପରମ ଅଧିକାରୀ ॥ ୪ ॥**

ସନକାଦି ମୁନି ନାରଦଙ୍କୁ ବହୁ ପ୍ରଶଂସା କରୁଥାଆନ୍ତି । ସେମାନେ ବ୍ରହ୍ମନିଷ୍ଠ ଥିଲେ ସତ, କିନ୍ତୁ ଶ୍ରୀରାମଙ୍କ ଗୁଣଗାନ ଶୁଣି ସେମାନେ ନିଜର ବ୍ରହ୍ମସମାଧି ମଧ୍ୟ ଭୁଲିଯାଉଥିଲେ ଓ ତାହା ଆଦରପୂର୍ବକ ଶ୍ରବଣ କରୁଥିଲେ । ସେମାନେ ଥିଲେ ରାମକଥା ଶୁଣିବାର ଶ୍ରେଷ୍ଠ ଅଧିକାରୀ ॥ ୪ ॥

ଦୋଃ- **ଜୀୱନମୁକ୍ତ ବ୍ରହ୍ମପର ଚରିତ ସୁନହିଁ ତଜି ଧ୍ୟାନ ।**
**ଜେ ହରି କଥାଁ ନ କରହିଁ ରତି ତିହ୍ନ କେ ହିୟ ପାଷାନ ॥ ୪୨ ॥**

ଜୀବନ୍ମୁକ୍ତ ଓ ବ୍ରହ୍ମନିଷ୍ଠ ପୁରୁଷମାନେ ମଧ୍ୟ ସନକାଦି ମୁନିମାନଙ୍କ ପରି ଧ୍ୟାନ (ବ୍ରହ୍ମସମାଧି) ଛାଡ଼ିଦେଇ ଶ୍ରୀରାମଙ୍କ ଚରିତ ଶୁଣୁଥିଲେ । ଏହା ଜାଣି ମଧ୍ୟ ଯେଉଁମାନେ ଶ୍ରୀହରିଙ୍କ କଥାରେ ପ୍ରେମ ରଖନ୍ତି ନାହିଁ, ସେମାନଙ୍କ ହୃଦୟ ସତରେ ପଥରସମାନ ॥ ୪୨ ॥

**ଏକ ବାର ରଘୁନାଥ ବୋଲାଏ । ଗୁର ଦ୍ୱିଜ ପୁରବାସୀ ସବ ଆଏ ॥**
**ବୈଠେ ଗୁର ମୁନି ଅରୁ ଦ୍ୱିଜ ସଜ୍ଜନ । ବୋଲେ ବଚନ ଭଗତ ଭୱ ଭଂଜନ ॥ ୧ ॥**

ଥରେ ଶ୍ରୀରଘୁନାଥଙ୍କ ଆବାହନକ୍ରମେ ଗୁରୁ ବଶିଷ୍ଠ, ବ୍ରାହ୍ମଣଗଣ ଓ ଅନ୍ୟସବୁ ନଗରବାସୀ ରାଜସଭାକୁ ଆସିଥାଆନ୍ତି । ଗୁରୁ, ମୁନି, ବ୍ରାହ୍ମଣ ତଥା ଅନ୍ୟ ସଜ୍ଜନମାନେ ଯଥାଯୋଗ୍ୟ ଆସନରେ ବସିବା ପରେ ଭକ୍ତଜନଙ୍କୁ ଜନ୍ମମୃତ୍ୟୁଚକ୍ରରୁ ମୁକ୍ତି ପ୍ରଦାନ କରୁଥିବା ଶ୍ରୀରାମ କହିଲେ, ॥ ୧ ॥

**ସୁନହୁ ସକଲ ପୁରଜନ ମମ ବାନୀ । କହଉଁ ନ କଛୁ ମମତା ଉର ଆନୀ ॥**
**ନହିଁ ଅନୀତି ନହିଁ କଛୁ ପ୍ରଭୁତାଈ । ସୁନହୁ କରହୁ ଜୋ ତୁହ୍ମହି ସୋହାଈ ॥ ୨ ॥**

ହେ ନଗରବାସୀଗଣ ! ମୋ କଥା ଶୁଣନ୍ତୁ । ମୁଁ ହୃଦୟରେ କୌଣସି ପକ୍ଷପତିତା ରଖି ଏହା କହୁନାହିଁ, କି କୌଣସି ଅନୀତିକର କଥା କହୁନାହିଁ; ନିଜର ପ୍ରଭୁତ୍ୱ ପ୍ରତିପାଦନ ପାଇଁ ବି ଏହା କହୁନାହିଁ । ତେଣୁ ସଂକୋଚ ଓ ଭୟ ଛାଡ଼ିଦେଇ, ଧ୍ୟାନପୂର୍ବକ ମୋ କଥା ଶୁଣନ୍ତୁ ଏବଂ ଯଦି ଆପଣମାନଙ୍କୁ ଏହା ଭଲ ଲାଗିବ, ତେବେ ଏହା ଅନୁସାରେ ଚଳନ୍ତୁ ॥ ୨ ॥

**ସୋଇ ସେୱକ ପ୍ରିୟତମ ମମ ସୋଈ । ମମ ଅନୁସାସନ ମାନୈ ଜୋଈ ॥**
**ଜୌଁ ଅନୀତି କଛୁ ଭାଷୌଁ ଭାଈ । ତୌ ମୋହି ବରଜହୁ ଭୟ୍ ବିସରାଈ ॥ ୩ ॥**

ଯେ ମୋର ଆଜ୍ଞା ପାଳନ କରନ୍ତି, ସେ ହିଁ ମୋର ସେବକ; ସେ ହିଁ ମୋର ପ୍ରିୟତମ । ହେ ଭାଇମାନେ ! ଯଦି ମୁଁ କିଛି ଅନୀତି କଥା କହିବି, ତେବେ ଭୟ ନ କରି, ମୋତେ ବାରଣ କରିବେ ॥ ୩ ॥

**ବଡ଼େଁ ଭାଗ ମାନୁଷ ତନୁ ପାୱା । ସୁର ଦୁର୍ଲଭ ସବଗ୍ରଂଥହ୍ନି ଗାୱା ॥**
**ସାଧନ ଧାମ ମୋଚ୍ଛ କର ଦ୍ୱାରା । ପାଇ ନ ଜେହିଁ ପରଲୋକ ସଁୱାରା ॥ ୪ ॥**

ବହୁ ଭାଗ୍ୟରୁ ଏହି ମନୁଷ୍ୟଶରୀର ମିଳିଛି । ସବୁଗ୍ରନ୍ଥରେ ଏକଥା କୁହାଯାଇଛି ଯେ, ମନୁଷ୍ୟଶରୀର ଦେବତାମାନଙ୍କ ପାଇଁ ମଧ୍ୟ ଦୁର୍ଲଭ । ଏହି ଶରୀରଟି ହେଉଛି ସାଧନା କରିବାର ଧାମ ଏବଂ ମୋକ୍ଷର ଦ୍ୱାର । ଏପରି ଶରୀର ପାଇ ମଧ୍ୟ ଯେ ପରଲୋକ ସଜାଡ଼ିପାରିଲା ନାହିଁ, ॥ ୪ ॥

ଦୋଃ- **ସୋ ପରତ୍ର ଦୁଖ ପାୱଇ ସିର ଧୁନି ଧୁନି ପଛିତାଇ ।**
**କାଲହି କର୍ମହି ଈସ୍ୱରହି ମିଥ୍ୟା ଦୋଷ ଲଗାଇ ॥ ୪୩ ॥**

ସେ ପରଲୋକରେ ଦୁଃଖ ପାଏ, ମୁଣ୍ଡ ପିଟି ପିଟି ପଶ୍ଚାତ୍ତାପ କରେ ତଥା ଏସବୁ ଆପଣା ଦୋଷରୁ ଫଳିଛି ବୋଲି ନ ଜାଣି ମିଛଟାରେ କାଳକୁ, କର୍ମକୁ ଓ ଈଶ୍ୱରଙ୍କୁ ଦୋଷ ଦିଏ ॥ ୪୩ ॥

**ଏହି ତନ କର ଫଲ ବିଷୟ୍ ନ ଭାଈ । ସ୍ୱର୍ଗଉ ସ୍ୱଲ୍ପ ଅଂତ ଦୁଖଦାଈ ॥**
**ନର ତନୁ ପାଇ ବିଷୟଁ ମନ ଦେହୀଁ । ପଲଟି ସୁଧା ତେ ସଠ ବିଷ ଲେହୀଁ ॥ ୧ ॥**

ହେ ଭାଇ ! ଏହି ଶରୀର ବିଷୟଭୋଗ କରିବାକୁ ମିଳିନାହିଁ । ଇହଜଗତର ଭୋଗ ବା କି ଛାର, ସ୍ୱର୍ଗଭୋଗ ମଧ୍ୟ ଅତି ତୁଚ୍ଛ । ଏସବୁ ଭୋଗ ପରିଣାମରେ ଦୁଃଖହିଁ ଦେଇଥାଏ । ସୁତରାଂ ଯେଉଁମାନେ ମନୁଷ୍ୟଶରୀର ପାଇ ବିଷୟଭୋଗରେ ମନ ଲଗାଇଦିଅନ୍ତି, ସେହି ମୂର୍ଖମାନେ ଅମୃତ ବିନିମୟରେ ବିଷ ନେଇଥାନ୍ତି ॥ ୧ ॥

**ତାହି କବହୁଁ ଭଲ କହଇ ନ କୋଈ । ଗୁଂଜା ଗ୍ରହଇ ପରସ ମନି ଖୋଈ ॥**
**ଆକର ଚ୍ୱାରି ଲଚ୍ଛ ଚୌରାସୀ । ଜୋନି ଭ୍ରମତ ୟହ ଜିୱ ଅବିନାସୀ ॥ ୨ ॥**

ଯେଉଁମାନେ ପରଶମଣି ଫିଙ୍ଗିଦେଇ କାଇଁଚ ଗୋଟାଇନିଅନ୍ତି, ସେମାନଙ୍କୁ କେହି କେବେ ଭଲ(ବୁଦ୍ଧିମାନ୍) ବୋଲି କହନ୍ତି ନାହିଁ । ଏହି ଅବିନାଶୀ ଜୀବ ଅଣ୍ଡଜ, ସ୍ୱେଦଜ, ଜରାୟୁଜ ଓ ଉଦ୍ଭିଜ୍ଜ ଏପରି ଚାରିପ୍ରକାର ଉତ୍ସରୁ ଜନ୍ମ ନେଇ ଚୌରାଅଶୀ ଲକ୍ଷ ଯୋନିରେ ଘୂରିବୁଲେ ॥ ୨ ॥

**ଫିରତ ସଦା ମାୟା କର ପ୍ରେରା । କାଲ କର୍ମ ସୁଭାୱ ଗୁନ ଘେରା ॥**
**କବହୁଁକ କରି କରୁନା ନର ଦେହୀ । ଦେତ ଈସ ବିନୁ ହେତୁ ସନେହୀ ॥ ୩ ॥**

ମାୟାର ପ୍ରେରଣାରେ କାଳ, କର୍ମ, ସ୍ୱଭାବ ଓ ଗୁଣମାନଙ୍କରେ ଆବଦ୍ଧ ହୋଇ ଏହି ଜୀବ ସଦା ଭ୍ରମିବୁଲିଛି । ଜୀବର ଏହି ଦଶା ଦେଖି ଅହେତୁକ ସ୍ନେହୀ ଈଶ୍ୱର ବେଳେ ବେଳେ ଦୟା କରି ଜୀବକୁ ମନୁଷ୍ୟଶରୀର ଦେଇଥାନ୍ତି ॥ ୩ ॥

**ନର ତନୁ ଭଓ୍ୱ ବାରିଧି କହୁଁ ବେରୋ । ସନ୍ମୁଖ ମରୁତ ଅନୁଗ୍ରହ ମେରୋ ॥**
**କରନଧାର ସଦଗୁର ଦୃଢ଼ ନାଓ୍ୱା । ଦୁର୍ଲଭ ସାଜ ସୁଲଭ କରି ପାଓ୍ୱା ॥ ୪ ॥**

ଏହି ମନୁଷ୍ୟଶରୀରଟି ହେଉଛି ଭବସାଗରକୁ ତରିଯିବା ନିମନ୍ତେ ଗୋଟିଏ ବୋଇତ । ଏହି ବୋଇତ ଚ୍ଛଳିବାରେ ମୋର କୃପାହିଁ ଅନୁକୂଳ ବାୟୁର କାର୍ଯ୍ୟ କରେ; ସଦ୍‌ଗୁରୁ ହେଉଛନ୍ତି ଏହି ବୋଇତର କର୍ଣ୍ଣଧାର । ଏହିପରି ଏକ ଦୁର୍ଲଭ ସାଧନ (ସାଧନାର ସାମଗ୍ରୀ) ଭଗବତ୍ କୃପାରୁ ସୁଲଭ ହୋଇ ଜୀବକୁ ସହଜରେ ମିଳିଯାଇଛି ॥ ୪ ॥

ଦୋଃ- **ଜୋ ନ ତରୈ ଭଓ୍ୱ ସାଗର ନର ସମାଜ ଅସ ପାଇ ।**
**ସୋ କୃତ ନିଂଦକ ମଂଦମତି ଆତ୍ମାହନ ଗତି ଜାଇ ॥ ୪୪ ॥**

ଯେଉଁ ମନୁଷ୍ୟ ଏପରି ସାଧନଟିଏ ପାଇ ମଧ୍ୟ ଭବସାଗରକୁ ନ ତରେ, ସେ ହେଉଛି କୃତଘ୍ନ ଓ ମନ୍ଦବୁଦ୍ଧି; ସେ ଆତ୍ମଘାତୀମାନଙ୍କର ଗତି ପ୍ରାପ୍ତ ହୋଇଥାଏ ॥ ୪୪ ॥

**ଜୌଁ ପରଲୋକ ଇହାଁ ସୁଖ ଚହହୂ । ସୁନି ମମ ବଚନ ହୃଦୟଁ ଦୃଢ଼ ଗହହୂ ॥**
**ସୁଲଭ ସୁଖଦ ମାରଗ ୟହ ଭାଈ । ଭଗତି ମୋରି ପୁରାନ ଶ୍ରୁତି ଗାଈ ॥ ୧ ॥**

ଯଦି ଆପଣମାନେ ଉଭୟ ପରଲୋକରେ ଏବଂ ଇହଲୋକରେ ସୁଖ ଚ୍ଛହୁଁଛନ୍ତି, ତେବେ ମୋ' କଥା ଶୁଣି ଏହାକୁ ହୃଦୟରେ ଦୃଢ଼ଭାବରେ ଧାରଣ କରନ୍ତୁ । ହେ ଭାଇ ! ମୋତେ ଭକ୍ତି କରିବାର ଏହି ମାର୍ଗଟି ହେଉଛି ସୁଲଭ ଓ ସୁଖଦାୟକ; ପୁରାଣ ଓ ବେଦଗଣ ଏ କଥା କହିଯାଇଛନ୍ତି ॥ ୧ ॥

**ଗ୍ୟାନ ଅଗମ ପ୍ରତ୍ୟୂହ ଅନେକା । ସାଧନ କଠିନ ନ ମନ କହୁଁ ଟେକା ॥**
**କରତ କଷ୍ଟ ବହୁ ପାଓ୍ୱଇ କୋଊ । ଭକ୍ତି ହୀନ ମୋହି ପ୍ରିୟ ନହିଁ ସୋଊ ॥ ୨ ॥**

ଜ୍ଞାନ ହେଉଛି ଅଗମ (ଦୁର୍ଗମ); ତାହାର ପ୍ରାପ୍ତିପଥରେ ଅନେକ ବିଘ୍ନ ରହିଛି । ଜ୍ଞାନ-ସାଧନା କଠିନ; ସେଥିରେ ମନର ଆଶ୍ରୟ ନିମନ୍ତେ କୌଣସି ଆଧାର ନାହିଁ । ବହୁ କଷ୍ଟ କରି କେହି କେହି ଏହା ପାଇଗଲେ ମଧ୍ୟ ଭକ୍ତିରହିତ ହୋଇଥିବାରୁ ସେ ମୋର ପ୍ରିୟ ହୋଇ ନ ଥାନ୍ତି ॥ ୨ ॥

**ଭକ୍ତି ସୁତଂତ୍ର ସକଲ ସୁଖ ଖାନୀ । ବିନୁ ସତସଂଗ ନ ପାଓ୍ୱହିଁ ପ୍ରାନୀ ॥**
**ପୁନ୍ୟ ପୁଂଜ ବିନୁ ମିଲହିଁ ନ ସଂତା । ସତସଂଗତି ସଂସୃତି କର ଅଂତା ॥ ୩ ॥**

ଭକ୍ତି ହେଉଛି ସ୍ୱତନ୍ତ୍ର ସାଧନା (କାହାକୁ ଅପେକ୍ଷା କରେ ନାହିଁ) ଏବଂ ତାହା ସକଳ ସୁଖର ଭଣ୍ଡାର । କିନ୍ତୁ ସତ୍‌ସଙ୍ଗ (ସନ୍ଥଜନଙ୍କର ସଙ୍ଗ) ବିନା ପ୍ରାଣୀ ଭକ୍ତି ପାଇପାରେ ନାହିଁ ଏବଂ ଯଥେଷ୍ଟ ପୁଣ୍ୟବଳ ନ ଥିଲେ ସନ୍ଥ ମିଳନ୍ତି ନାହିଁ । ସତ୍‌ସଙ୍ଗତିହିଁ ସଂସୃତିକୁ (ଜନ୍ମମରଣ ଚକ୍ରକୁ) ସମାପ୍ତ କରିଥାଏ ॥ ୩ ॥

**ପୁନ୍ୟ ଏକ ଜଗ ମହୁଁ ନହିଁ ଦୂଜା । ମନ କ୍ରମ ବଚନ ବିପ୍ର ପଦ ପୂଜା ॥**
**ସାନୁକୂଲ ତେହି ପର ମୁନି ଦେଓ୍ୱା । ଜୋ ତଜି କପଟୁ କରଇ ଦ୍ୱିଜ ସେଓ୍ୱା ॥ ୪ ॥**

ଜଗତରେ ପୁଣ୍ୟ କହିଲେ ମନ, କର୍ମ ଓ ବଚନରେ ବ୍ରାହ୍ମଣମାନଙ୍କର ଚରଣସେବାକୁ ବୁଝାଏ । ପୁଣ୍ୟ ସେହି ଗୋଟିଏ; ତା'ପରି ଅନ୍ୟ କିଛି ନାହିଁ । ଯେ କପଟ ତ୍ୟାଗ କରି ବ୍ରାହ୍ମଣମାନଙ୍କର ସେବା କରେ, ତା' ଉପରେ ମୁନି ଓ ଦେବତାମାନେ ପ୍ରସନ୍ନ ହୁଅନ୍ତି ॥ ୪ ॥

ଦୋଃ- **ଔରଉ ଏକ ଗୁପୁତ ମତ ସବହି କହଉଁ କର ଜୋରି ।**
**ସଂକର ଭଜନ ବିନା ନର ଭଗତି ନ ପାଓ୍ୱଇ ମୋରି ॥ ୪୫ ॥**

ଏହା ଛଡ଼ା ଆହୁରି ଗୋଟିଏ ଗୋପନୀୟ ବିଷୟ ରହିଛି; ସମସ୍ତଙ୍କୁ କର ଯୋଡ଼ି ମୁଁ ତାହା ଜଣାଇଦେଉଛି ଯେ, ଶଙ୍କରଙ୍କ ଭଜନ ନ କଲେ ମନୁଷ୍ୟ ମୋର ଭକ୍ତି ପାଏ ନାହିଁ ॥ ୪୫ ॥

**କହହୁ ଭଗତି ପଥ କଓ୍ୱନ ପ୍ରୟାସା । ଜୋଗ ନ ମଖ ଜପ ତପ ଉପଓ୍ୱାସା ॥**
**ସରଲ ସୁଭାଓ୍ୱ ନ ମନ କୁଟିଲାଈ । ଜଥା ଲାଭ ସଂତୋଷ ସଦାଈ ॥ ୧ ॥**

କହିଲ ଦେଖି, ଭକ୍ତିମାର୍ଗରେ କି ପରିଶ୍ରମ ଅଛି ? ଏଥିରେ ଯୋଗ, ଯଜ୍ଞ, ଜପ, ତପ ଓ ଉପବାସର କୌଣସି ଆବଶ୍ୟକତା ନାହିଁ । କେବଳ ସରଳସ୍ୱଭାବ ହେବାକୁ ପଡ଼ିବ; ମନରୁ କୁଟିଳତା ପରିହାର କରିବାକୁ ପଡ଼ିବ ଏବଂ ଯାହା କିଛି ମିଳିଛି, ସେଥିରେ ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ ॥ ୧ ॥

**ମୋର ଦାସ କହାଇ ନର ଆସା । କରଇ ତୌ କହହୁ କହା ବିସ୍ୱାସା ॥**
**ବହୁତ କହଉଁ କା କଥା ବଢ଼ାଈ । ଏହି ଆଚରନ ବସ୍ୟ ମୈଁ ଭାଈ ॥ ୨ ॥**

ନିଜକୁ ମୋର ଦାସ ବୋଲି କୁହାଇ ଯଦି କେହି ଅନ୍ୟ ମନୁଷ୍ୟମାନଙ୍କ ଠାରୁ କିଛି ପାଇବାକୁ ଆଶା କରୁଥାଏ, ତା'ହେଲେ କହନ୍ତୁ, ତାହାର ବା କି ବିଶ୍ୱାସ ଅଛି ? (ଅର୍ଥାତ୍ ମୋ'ଠାରେ ତା'ର ଆସ୍ଥା ଅତି ଦୁର୍ବଳ) । କଥାକୁ ଅଧିକ ବଢ଼ାଇ ଲାଭ କ'ଣ ! ହେ ଭାଇ ! ଯେ ଏହିପରି (ମୁଁ ଆଗକୁ ଯେପରି କହୁଛି) ଆଚରଣ କରନ୍ତି, ମୁଁ ତାଙ୍କର ବଶ ହୋଇ ରହେ ॥ ୨ ॥

**ବୈର ନ ବିଗ୍ରହ ଆସ ନ ତ୍ରାସା । ସୁଖମୟ ତାହି ସଦା ସବ ଆସା ॥**
**ଅନାରଂଭ ଅନିକେତ ଅମାନୀ । ଅନଘ ଅରୋଷ ଦଚ୍ଛ ବିଗ୍ୟାନୀ ॥ ୩ ॥**

ଯେ କାହାରି ସହିତ ଶତ୍ରୁତା କରନ୍ତି ନାହିଁ, କାହାରି ସହିତ କଳିଗୋଳ କରନ୍ତି ନାହିଁ, କୌଣସିପ୍ରକାର ଆଶା ରଖନ୍ତି ନାହିଁ, କି ଭୟ କରନ୍ତି ନାହିଁ, ତାଙ୍କ ପାଇଁ ସର୍ବଦା ସବୁଦିଗ ସୁଖମୟ । ଯେ କୌଣସିପ୍ରକାର ଫଳ ଇଚ୍ଛା ରଖି କର୍ମ କରନ୍ତି ନାହିଁ, ଯେ ନିଜର ବୋଲି ଘର ରଖିନାହାନ୍ତି (ଘର ପ୍ରତି ମମତା ରଖି ନାହାନ୍ତି), ଯେ ନିରହଂକାରୀ, ନିଷ୍ପାପ, ଅକ୍ରୋଧୀ, ଭକ୍ତିମାନ୍ ଓ ଜ୍ଞାନୀ, ॥ ୩ ॥

**ପ୍ରୀତି ସଦା ସଜ୍ଜନ ସଂସର୍ଗା । ତୃନ ସମ ବିଷୟ ସ୍ୱର୍ଗ ଅପବର୍ଗା ॥**
**ଭଗତି ପଚ୍ଛ ହଠ ନହିଁ ସଠତାଈ । ଦୁଷ୍ଟ ତର୍କ ସବ ଦୂରି ବହାଈ ॥ ୪ ॥**

ଯେ ସଦା ସତ୍‌ସଙ୍ଗପ୍ରେମୀ, ଯେ ଭକ୍ତି ତୁଳନାରେ ବିଷୟାଦିକୁ, ଏପରି କି ସ୍ୱର୍ଗ ଓ ମୁକ୍ତିକୁ ସୁଦ୍ଧା ତୃଣବତ୍ ଜ୍ଞାନ କରନ୍ତି, ଯେ ଭକ୍ତିସପକ୍ଷରେ ଦୃଢ଼ମତ ପୋଷଣ କରୁଥିଲେ ମଧ୍ୟ ଅନ୍ୟର ମତକୁ ଖଣ୍ଡନ କରିବାର ମୂର୍ଖତା ଦେଖାନ୍ତି ନାହିଁ, ଯେ ସକଳ କୁତର୍କ ପରିହାର କରିଦେଇଥାନ୍ତି, ॥ ୪ ॥

ଦୋ:- **ମମ ଗୁନ ଗ୍ରାମ ନାମ ରତ ଗତ ମମତା ମଦ ମୋହ ।**
**ତା କର ସୁଖ ସୋଇ ଜାନଇ ପରାନଂଦ ସଂଦୋହ ॥ ୪୬ ॥**

ଯେ ମୋର ଗୁଣ ଓ ନାମ-କୀର୍ତ୍ତନରେ ପରାୟଣ ଏବଂ ମମତା, ମଦ ଓ ମୋହରୁ ଶୂନ୍ୟ, ତାଙ୍କର ସୁଖ ତ କେବଳ ପରମାତ୍ମରୂପ ପରମାନନ୍ଦରାଶିକୁ ପ୍ରାପ୍ତ ହୋଇଥିବା ବ୍ୟକ୍ତିହିଁ ଜାଣନ୍ତି ।'' ॥ ୪୬ ॥

**ସୁନତ ସୁଧାସମ ବଚନ ରାମ କେ । ଗହେ ସବନି ପଦ କୃପାଧାମ କେ ॥**
**ଜନନି ଜନକ ଗୁର ବଂଧୁ ହମାରେ । କୃପା ନିଧାନ ପ୍ରାନ ତେ ପ୍ୟାରେ ॥ ୧ ॥**

ଶ୍ରୀରାମଙ୍କର ଅମୃତସମାନ ବଚନ ଶୁଣି ସମସ୍ତେ କୃପାନିଧାନଙ୍କ ପାଦ ଧରିପକାଇଲେ ଓ କହିଲେ, ''ହେ କୃପାନିଧାନ ! ଆପଣ ହେଉଛନ୍ତି ଆମର ମାତା, ପିତା, ଗୁରୁ, ଭାଇ–ସବୁକିଛି; ଏବଂ ପ୍ରାଣଠାରୁ ବି ଅଧିକ ପ୍ରିୟ ॥ ୧ ॥

**ତନୁ ଧନୁ ଧାମ ରାମ ହିତକାରୀ । ସବ ବିଧି ତୁହ୍ମ ପ୍ରନତାରତି ହାରୀ ॥**
**ଅସି ସିଖ ତୁହ୍ମ ବିନୁ ଦେଇ ନ କୋଉ । ମାତୁ ପିତା ସ୍ୱାରଥ ରତ ଓଉ ॥ ୨ ॥**

ହେ ଶରଣାଗତର ଦୁଃଖହରଣକାରୀ ଶ୍ରୀରାମ ! ଆପଣହିଁ ଆମର ଶରୀର, ଧନ, ଘରଦ୍ୱାର ଓ ସକଳପ୍ରକାର ହିତୈଷୀ । ଆପଣଙ୍କ ଭିନ୍ନ ଅନ୍ୟ କେହି ଏପରି ଶିକ୍ଷା ଦେଇପାରିବ ନାହିଁ । ମାତା, ପିତା ମଧ୍ୟ ହିତୈଷୀ ଓ ସେମାନେ ବି ଶିକ୍ଷା ଦିଅନ୍ତି; କିନ୍ତୁ ସେମାନେ ବି ସ୍ୱାର୍ଥପରାୟଣ; ତେଣୁ ଏପରି ଶିକ୍ଷା ଦିଅନ୍ତି ନାହିଁ ॥ ୨ ॥

**ହେତୁ ରହିତ ଜଗ ଜୁଗ ଉପକାରୀ । ତୁହ୍ମ ତୁହ୍ମାର ସେୱକ ଅସୁରାରୀ ॥**
**ସ୍ୱାରଥ ମୀତ ସକଲ ଜଗ ମାହାଁ । ସପନେହୁଁ ପ୍ରଭୁ ପରମାରଥ ନାହାଁ ॥ ୩ ॥**

ହେ ଅସୁରାରି ! ଜଗତରେ ବିନାହେତୁରେ (ନିଃସ୍ୱାର୍ଥଭାବରେ) ଉପକାର ତ କେବଳ ଦୁଇଜଣହିଁ କରନ୍ତି—ଜଣେ ଆପଣ ଏବଂ ଦ୍ୱିତୀୟ ଜଣକ ହେଉଛନ୍ତି ଆପଣଙ୍କ ସେବକ । ଜଗତରେ ସମସ୍ତେ ସ୍ୱାର୍ଥ ନିମନ୍ତେହିଁ ମିତ୍ରତା କରନ୍ତି । ହେ ପ୍ରଭୁ ! ସେମାନଙ୍କ ଠାରେ ସ୍ୱପ୍ନରେ ବି ପରମାର୍ଥ ଭାବ ନ ଥାଏ ।'' ॥ ୩ ॥

**ସବ କେ ବଚନ ପ୍ରେମ ରସ ସାନେ । ସୁନି ରଘୁନାଥ ହୃଦୟଁ ହରଷାନେ ॥**
**ନିଜ ନିଜ ଗୃହ ଗଏ ଆୟସୁ ପାଈ । ବରନତ ପ୍ରଭୁ ବତକହୀ ସୁହାଈ ॥ ୪ ॥**

ସମସ୍ତଙ୍କ ମୁହଁରୁ ପ୍ରେମରସସିକ୍ତ ବଚନ ଶୁଣି ଶ୍ରୀରଘୁନାଥ ଆନନ୍ଦିତ ହୋଇଗଲେ । ତା'ପରେ ପ୍ରଭୁଙ୍କ ଆଜ୍ଞା ପାଇ, ପ୍ରଭୁଙ୍କ ସୁନ୍ଦର ଉପଦେଶ ବିଷୟରେ ଚର୍ଚ୍ଚା କରି କରି ସମସ୍ତେ ନିଜ ନିଜ ଘରକୁ ଫେରିଗଲେ ॥ ୪ ॥

ଦୋଃ- **ଉମା ଅୱଧବାସୀ ନର ନାରି କୃତାରଥ ରୂପ ।**
**ବ୍ରହ୍ମ ସଚ୍ଚିଦାନଂଦ ଘନ ରଘୁନାୟକ ଜହଁ ଭୂପ ॥ ୪୭ ॥**

[ଶିବ କହିଲେ,] ହେ ଉମା ! ଯେଉଁଠି ସ୍ୱୟଂ ସଚ୍ଚିଦାନନ୍ଦଘନ ବ୍ରହ୍ମ ଶ୍ରୀରଘୁନାଥ ରାଜା, ସେହି ଅଯୋଧ୍ୟାର ସମସ୍ତ ନରନାରୀ ତ କୃତାର୍ଥସ୍ୱରୂପହିଁ ଅଟନ୍ତି ॥ ୪୭ ॥

**ଏକ ବାର ବସିଷ୍ଟ ମୁନି ଆଏ । ଜହାଁ ରାମ ସୁଖଧାମ ସୁହାଏ ॥**
**ଅତି ଆଦର ରଘୁନାୟକ କୀହ୍ନା । ପଦ ପଖାରି ପାଦୋଦକ ଲୀହ୍ନା ॥ ୧ ॥**

ଥରେ ମୁନି ବଶିଷ୍ଠ ଆସି ସୁନ୍ଦର ସୁଖଧାମ ଶ୍ରୀରାମଙ୍କ ପାଖରେ ପହଞ୍ଚିଗଲେ । ରଘୁନାଥ ତାଙ୍କୁ ଅନେକପ୍ରକାରେ ଆଦରସତ୍କାର କରି ତାଙ୍କ ଚରଣ ଧୋଇଦେଲେ ଏବଂ ଚରଣାମୃତ ଗ୍ରହଣ କଲେ ॥ ୧ ॥

**ରାମ ସୁନହୁ ମୁନି କହ କର ଜୋରୀ । କୃପାସିଂଧୁ ବିନତୀ କଛୁ ମୋରୀ ॥**
**ଦେଖି ଦେଖି ଆଚରନ ତୁହ୍ମାରା । ହୋତ ମୋହ ମମ ହୃଦୟଁ ଅପାରା ॥ ୨ ॥**

ମୁନି ହାତ ଯୋଡ଼ି କହିଲେ, ''ହେ କୃପାସାଗର ଶ୍ରୀରାମ ! ମୋର ବିନତି ଟିକିଏ ଶୁଣନ୍ତୁ । ଆପଣଙ୍କ ଆଚରଣ (ମନୁଷ୍ୟୋଚିତ ଚରିତ) ଦେଖି ମୋ ମନରେ ଅପାର ବିସ୍ମୟ ଜାତ ହେଉଛି ॥ ୨ ॥

**ମହିମା ଅମିତି ବେଦ ନହିଁ ଜାନା । ମୈଁ କେହି ଭାଁତି କହଉଁ ଭଗୱାନା ॥**
**ଉପରୋହିତ୍ୟ କର୍ମ ଅତି ମଂଦା । ବେଦ ପୁରାନ ସୁମୃତି କର ନିଂଦା ॥ ୩ ॥**

ହେ ଭଗବନ୍ ! ଆପଣଙ୍କ ମହିମା ତ ଅସୀମ; ତାହା ବେଦ ମଧ୍ୟ ଜାଣନ୍ତି ନାହିଁ । ତେଣୁ ମୁଁ ବା କିପରି କହିପାରିବି ! ପୁରୋହିତ-ପେସାଟି ନିତାନ୍ତ ନୀଚ । ବେଦ, ପୁରାଣ ଓ ସ୍ମୃତି—ସମସ୍ତେ ଏହାର ନିନ୍ଦା କରନ୍ତି ॥ ୩ ॥

**ଜବ ନ ଲେଉଁ ମୈଁ ତବ ବିଧି ମୋହୀ । କହା ଲାଭ ଆଗେଁ ସୁତ ତୋହୀ ॥**
**ପରମାତମା ବ୍ରହ୍ମ ନର ରୂପା । ହୋଇହି ରଘୁକୁଲ ଭୂଷନ ଭୂପା ॥ ୪ ॥**

ପ୍ରଥମେ ମୁଁ ଯେତେବେଳେ ସେହି କାର୍ଯ୍ୟଟି (ସୂର୍ଯ୍ୟବଂଶର ପୁରୋହିତ କାମ) ଗ୍ରହଣ କଲି ନାହିଁ, ସେତେବେଳେ ବ୍ରହ୍ମା ମୋତେ ବୁଝାଇ କହିଲେ, 'ଆହେ ବତ୍ସ ! ଏହି କାମଟି କଲେ, ଭବିଷ୍ୟତରେ ତୁମେ ବହୁତ ଲାଭ ପାଇବ । ସ୍ୱୟଂ ପରମାତ୍ମା ମନୁଷ୍ୟରୂପ ଧାରଣ କରି ରଘୁକୁଳର ଭୂଷଣରୂପୀ ରାଜା ହେବେ ।' ॥ ୪ ॥

ଦୋ:- **ତବ ମୈଁ ହୃଦୟଁ ବିଚାରା ଜୋଗ ଜଗ୍ୟ ବ୍ରତ ଦାନ ।**
**ଜା କହୁଁ କରିଅ ସୋ ପୈହଉଁ ଧର୍ମ ନ ଏହି ସମ ଆନ ॥ ୪୮ ॥**

ତାହା ଶୁଣି ମୁଁ ଭାବିଲି, ଯାହାଙ୍କୁ ପାଇବାଲାଗି ଲୋକେ ଯୋଗ, ଯଜ୍ଞ, ବ୍ରତ ଓ ଦାନ କରୁଛନ୍ତି, ମୁଁ ତ ଏହି କାମଟି କରି ତାଙ୍କୁ ପାଇଯିବି; ତେଣୁ ଏହାସମାନ ଦ୍ୱିତୀୟ ଧର୍ମ କିଛି ନାହିଁ ॥ ୪୮ ॥

**ଜପ ତପ ନିୟମ ଜୋଗ ନିଜ ଧର୍ମା । ଶ୍ରୁତି ସଂଭଓ୍ୱ ନାନା ସୁଭ କର୍ମା ॥**
**ଗ୍ୟାନ ଦୟା ଦମ ତୀରଥ ମଜ୍ଜନ । ଜହଁ ଲଗି ଧର୍ମ କହତ ଶ୍ରୁତି ସଜ୍ଜନ ॥ ୧ ॥**
**ଆଗମ ନିଗମ ପୁରାନ ଅନେକା । ପଢ଼େ ସୁନେ କର ଫଲ ପ୍ରଭୁ ଏକା ॥**
**ତଓ୍ୱ ପଦ ପଂକଜ ପ୍ରୀତି ନିରଂତର । ସବ ସାଧନ କର ୟହ ଫଲ ସୁଂଦର ॥ ୨ ॥**

ଜପ, ତପ, ନିୟମ, ଯୋଗ, ନିଜ ନିଜର ବର୍ଣ୍ଣାଶ୍ରମ ଧର୍ମ, ବେଦବିହିତ ବିବିଧ ଶୁଭକର୍ମ, ଜ୍ଞାନ, ଦୟା, ଦମ (ଇନ୍ଦ୍ରିୟନିଗ୍ରହ), ତୀର୍ଥସ୍ନାନ ଆଦି ଯେତେସବୁ ଧର୍ମ ବିଷୟରେ ବେଦ ଓ ସଜ୍ଜନମାନେ କହିଛନ୍ତି, ସେସବୁ ପାଳନ କଲେ, ତଥା ହେ ପ୍ରଭୁ ! ବିଭିନ୍ନ ତନ୍ତ୍ର, ବେଦ ଓ ପୁରାଣ ପାଠ କଲେ, ଶ୍ରବଣ କଲେ ଗୋଟିଏମାତ୍ର ଫଳ ମିଳେ ଏବଂ ସେହି ସୁନ୍ଦର ଫଳଟି ହେଉଛି ଆପଣଙ୍କ ଚରଣକମଳରେ ସଦାସର୍ବଦା ପ୍ରେମ ଜାଗ୍ରତ ହେବା ॥ ୧-୨ ॥

**ଛୂଟଇ ମଲ କି ମଲହି କେ ଧୋଏଁ । ଘୃତ କି ପାଓ୍ୱ କୋଇ ବାରି ବିଲୋଏଁ ॥**
**ପ୍ରେମ ଭଗତି ଜଲ ବିନୁ ରଘୁରାଈ । ଅଭିଅଂତର ମଲ କବହୁଁ ନ ଜାଈ ॥ ୩ ॥**

ମଇଳାରେ ଧୋଇଲେ କ'ଣ ମଇଳା ଛାଡ଼ିବ ? ପାଣିକୁ ମନ୍ଥିଲେ କ'ଣ ସେଥିରୁ ଘିଅ ମିଳିବ ? ସେହିପରି ହେ ରଘୁନାଥ ! ପ୍ରେମଭକ୍ତିରୂପୀ ନିର୍ମଳ ଜଳ ବିନା ଅନ୍ତଃକରଣର ମଳ କଦାପି ଦୂର ହେବ ନାହିଁ ॥ ୩ ॥

**ସୋଇ ସର୍ବଗ୍ୟ ତଗ୍ୟ ସୋଇ ପଂଡିତ । ସୋଇ ଗୁନ ଗୃହ ବିଗ୍ୟାନ ଅଖଂଡିତ ॥**
**ଦଚ୍ଛ ସକଲ ଲଚ୍ଛନ ଜୁତ ସୋଈ । ଜାକେଁ ପଦ ସରୋଜ ରତି ହୋଈ ॥ ୪ ॥**

ଆପଣଙ୍କ ଚରଣକମଳରେ ଯାହାଙ୍କର ପ୍ରେମ ରହିଛି, ସେ ହିଁ ସର୍ବଜ୍ଞ; ସେ ହିଁ ତତ୍ତ୍ୱଜ୍ଞ ଓ ପଣ୍ଡିତ; ସେ ହିଁ ଗୁଣର ନିଧାନ ଓ ଅଖଣ୍ଡବିଜ୍ଞାନସମ୍ପନ୍ନ; ସେ ହିଁ ନିପୁଣ ଓ ସର୍ବସୁଲକ୍ଷଣରେ ଯୁକ୍ତ ॥ ୪ ॥

ଦୋ:- **ନାଥ ଏକ ବର ମାଗଉଁ ରାମ କୃପା କରି ଦେହୁ ।**
**ଜନ୍ମ ଜନ୍ମ ପ୍ରଭୁ ପଦ କମଲ କବହୁଁ ଘଟୈ ଜନି ନେହୁ ॥ ୪୯ ॥**

ହେ ନାଥ ! ହେ ଶ୍ରୀରାମ ! ମୁଁ ଆପଣଙ୍କୁ ଗୋଟିଏମାତ୍ର ବର ମାଗୁଛି; କୃପା କରି ମୋତେ ତାହା ପ୍ରଦାନ

କରନ୍ତୁ । ହେ ପ୍ରଭୁ ! ମୋତେ ଏହି ବର ଦିଅନ୍ତୁ ଯେ, ଆପଣଙ୍କ ଚରଣକମଳରେ ମୋର ପ୍ରେମ ଜନ୍ମଜନ୍ମାନ୍ତରରେ କେବେ ବି ଊଣା ନ ହେଉ ।'' ॥ ୪୯ ॥

**ଅସ କହି ମୁନି ବସିଷ୍ଟ ଗୃହ ଆଏ । କୃପାସିଂଧୁ କେ ମନ ଅତି ଭାଏ ॥**
**ହନୂମାନ ଭରତାଦିକ ଭ୍ରାତା । ସଂଗ ଲିଏ ସେଵ୍କ ସୁଖଦାତା ॥ ୧ ॥**

ଏହିପରି କହି ମୁନି ବଶିଷ୍ଠ ଘରକୁ ଫେରିଲେ । କୃପାସାଗର ଶ୍ରୀରାମଙ୍କୁ ବିଶିଷ୍ଠଙ୍କ କଥା ବିଶେଷ ଭଲ ଲାଗିଲା । ତା'ପରେ ହନୁମାନ୍ ଓ ଭରତ ଆଦି ଭାଇମାନଙ୍କୁ ଧରି ସେବକମାନଙ୍କର ସୁଖଦାତା ଶ୍ରୀରାମ ନଅରରୁ ବାହାରିପଡ଼ିଲେ ॥ ୧॥

**ପୁନି କୃପାଲ ପୁର ବାହେର ଗଏ । ଗଜ ରଥ ତୁରଗ ମଗାଵ୍ତ ଭଏ ॥**
**ଦେଖି କୃପା କରି ସକଲ ସରାହେ । ଦିଏ ଉଚିତ ଜିହ୍ନ ଜିହ୍ନ ତେଇ ଚ୍ରହେ ॥ ୨ ॥**

କୃପାଳୁ ଶ୍ରୀରାମ ନଗର ବାହାରକୁ ଆସି ହାତୀ, ରଥ ଓ ଘୋଡ଼ା ଆଦି ମଗାଇଲେ । ହାତୀ, ଘୋଡ଼ା ପ୍ରଭୃତି ଦେଖି ପ୍ରଭୁ ସେସବୁର ପ୍ରଶଂସା କଲେ ଏବଂ ଲୋକଙ୍କ ଭିତରେ ସେସବୁ ବାଣ୍ଟିଦେଲେ; ଯେ ଯାହା ମାଗିଲା, ତାକୁ ତାହା ଉଚିତ ମନେ କରି ଦେଇଦେଲେ ॥ ୨ ॥

**ହରନ ସକଲ ଶ୍ରମ ପ୍ରଭୁ ଶ୍ରମ ପାଈ । ଗଏ ଜହାଁ ସୀତଲ ଅଵ୍ଁରାଈ ॥**
**ଭରତ ଦୀହ୍ନ ନିଜ ବସନ ଡସାଈ । ବୈଠେ ପ୍ରଭୁ ସେଵ୍ହିଁ ସବ ଭାଈ ॥ ୩ ॥**

ଯେଉଁ ପ୍ରଭୁ ସଂସାରର ସକଳ ଶ୍ରମ ହରିନିଅନ୍ତି, ସେ ହାତୀ, ଘୋଡ଼ା ଆଦି ବାଣ୍ଟି ବାଣ୍ଟି କ୍ଳାନ୍ତଶ୍ରାନ୍ତ ହୋଇଗଲେ । ତେଣୁ ଶ୍ରାନ୍ତି ଉପଶମନ ପାଇଁ ଗୋଟିଏ ଆମ୍ବତୋଟାକୁ ଚ୍ଳିଗଲେ । ବଡ଼ ସୁନ୍ଦର ଶୀତଳ ପରିବେଶ ହୋଇଥାଏ । ଭରତ ସେଠାରେ ନିଜର ଅଙ୍ଗବସ୍ତ୍ର ବିଛାଇଦେଲେ; ପ୍ରଭୁ ତା' ଉପରେ ବସିପଡ଼ିଲେ । ଭାଇମାନେ ପ୍ରଭୁଙ୍କର ସେବା କରିବାକୁ ଲାଗିଲେ ॥ ୩ ॥

**ମାରୁତସୁତ ତବ ମାରୁତ କରଈ । ପୁଲକ ବପୁଷ ଲୋଚନ ଜଲ ଭରଈ ॥**
**ହନୂମାନ ସମ ନହିଁ ବଡ଼ଭାଗୀ । ନହିଁ କୋଉ ରାମ ଚରନ ଅନୁରାଗୀ ॥ ୪ ॥**
**ଗିରିଜା ଜାସୁ ପ୍ରୀତି ସେଵ୍କାଈ । ବାର ବାର ପ୍ରଭୁ ନିଜ ମୁଖ ଗାଈ ॥ ୫ ॥**

ପବନପୁତ୍ର ହନୁମାନ୍ ପ୍ରଭୁଙ୍କୁ ପଙ୍ଖା କଲେ । ପ୍ରଭୁଙ୍କର ଏପରି ସେବା କରି ତାଙ୍କ ଶରୀର ପୁଲକିତ ହୋଇଗଲା; ନେତ୍ର ପ୍ରେମାଶ୍ରୁ ଜଳରେ ଭରିଗଲା । [ଶିବ କହିଲେ,] ଗିରିଜେ ! ହନୁମାନଙ୍କ ସମାନ ଭାଗ୍ୟବାନ୍ ଅନ୍ୟ କେହି ନାହିଁ, କି ଶ୍ରୀରାମଙ୍କ ଚରଣକମଳରେ ତାଙ୍କ ପରି ପ୍ରେମୀ ଅନ୍ୟ କେହି ନାହିଁ; କାରଣ ତାଙ୍କ ପ୍ରେମ ଓ ସେବାକୁ ସ୍ୱୟଂ ପ୍ରଭୁ ନିଜ ମୁଖରେ ବାରମ୍ବାର ପ୍ରଶଂସା କରିଛନ୍ତି ॥ ୪,୫ ॥

ଦୋଃ- **ତେହିଁ ଅଵ୍ସର ମୁନି ନାରଦ ଆଏ କରତଲ ବୀନ ।**
**ଗାଵ୍ନ ଲଗେ ରାମ କଲ କୀରତି ସଦା ନବୀନ ॥ ୫୦ ॥**

ଠିକ୍ ସେହି ସମୟରେ ହାତରେ ବୀଣା ଧରି ନାରଦ ମୁନି ଆସି ସେଠାରେ ପହଞ୍ଚିଗଲେ । ସେ ବୀଣା ବଜାଇ ବଜାଇ ଶ୍ରୀରାମଙ୍କର ନିତ୍ୟନୂତନ କୀର୍ତ୍ତି ଗାନ କରିବାକୁ ଲାଗିଲେ : ॥ ୫୦ ॥

**ମାମଵ୍ଲୋକୟ ପଂକଜ ଲୋଚନ । କୃପା ବିଲୋକନି ସୋଚ ବିମୋଚନ ॥**
**ନୀଲ ତାମରସ ସ୍ୟାମ କାମ ଅରି । ହୃଦୟ କଂଜ ମକରଂଦ ମଧୁପ ହରି ॥ ୧ ॥**

ହେ କମଳନୟନ ! କୃପାଦୃଷ୍ଟି ପକାଇ ଶୋକବିମୋଚନ କରୁଥିବା ହେ ଶ୍ରୀରାମ ! ଟିକିଏ ମୋ ଆଡ଼କୁ ଚାହାନ୍ତୁ (ମୋ ଉପରେ ବି ଟିକିଏ କୃପାଦୃଷ୍ଟି ପକାନ୍ତୁ) । ହେ ହରି ! ଆପଣ ନୀଳକମଳସମାନ ଶ୍ୟାମବର୍ଣ୍ଣ । ଆପଣ ହେଉଛନ୍ତି କାମାରି ମହାଦେବଙ୍କ ହୃଦୟକମଳର ମକରନ୍ଦପାୟୀ ଭ୍ରମର ॥ ୧ ॥

**ଜାତୁଧାନ ବରୂଥ ବଲ ଭଂଜନ । ମୁନି ସଜ୍ଜନ ରଂଜନ ଅଘ ଗଂଜନ ॥**
**ଭୂସୁର ସସି ନଵ ବୃଂଦ ବଲାହକ । ଅସରନ ସରନ ଦୀନ ଜନ ଗାହକ ॥ ୨ ॥**

ଆପଣ ରାକ୍ଷସସେନାର ବଳ ଭଂଜନ କରନ୍ତି । ଆପଣ ମୁନିଜନ ଓ ସନ୍ଥଗଣଙ୍କୁ ଆନନ୍ଦପ୍ରଦାନ କରନ୍ତି ଏବଂ ପାପ ନାଶ କରନ୍ତି । ଆପଣ ହେଉଛନ୍ତି ବ୍ରାହ୍ମଣରୂପୀ ଶସ୍ୟକ୍ଷେତ୍ର ନିମନ୍ତେ ନବମେଘମାଳା ସଦୃଶ ଏବଂ ଅଶରଣଜନଙ୍କର ଶରଣ ତଥା ଦୀନଜନଙ୍କର ପାଳକ ॥ ୨ ॥

**ଭୁଜ ବଲ ବିପୁଲ ଭାର ମହି ଖଂଡିତ । ଖର ଦୂଷନ ବିରାଧ ବଧ ପଂଡିତ ॥**
**ରାଵନାରି ସୁଖରୂପ ଭୂପବର । ଜୟ ଦସରଥ କୁଲ କୁମୁଦ ସୁଧାକର ॥ ୩ ॥**

ଆପଣ ବାହୁବଳରେ ପୃଥିବୀର ବିପୁଳଭାର ଖଣ୍ଡନ କରନ୍ତି । ଆପଣ ଖରଦୂଷଣ ଓ ବିରାଧକୁ ବଧ କରିବାରେ ଦକ୍ଷ । ଆପଣ ରାବଣର ଶତ୍ରୁ । ହେ ଆନନ୍ଦସ୍ୱରୂପ । ହେ ରାଜାମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ! ହେ ଦଶରଥଙ୍କ କୁଳରୂପୀ କୁମୁଦିନୀର ଚନ୍ଦ୍ରମା ଶ୍ରୀରାମ ! ଆପଣଙ୍କର ଜୟ ହେଉ ! ॥ ୩ ॥

**ସୁଜସ ପୁରାନ ବିଦିତ ନିଗମାଗମ । ଗାଵତ ସୁର ମୁନି ସଂତ ସମାଗମ ॥**
**କାରୁନୀକ ବ୍ୟଲୀକ ମଦ ଖଂଡନ । ସବ ବିଧି କୁସଲ କୋସଲା ମଂଡନ ॥ ୪ ॥**

ଆପଣଙ୍କ ସୁଯଶ ବେଦ, ପୁରାଣ ଓ ତନ୍ତ୍ରାଦି ଶାସ୍ତ୍ରରେ ପ୍ରକଟିତ । ଦେବତା, ମୁନି ଓ ସନ୍ଥଗଣ ତାହା ଗାନ କରନ୍ତି । ଆପଣ କରୁଣା କରି ମିଥ୍ୟା ମଦକୁ ନାଶ କରନ୍ତି । ଆପଣ ହେଉଛନ୍ତି ସକଳପ୍ରକାରେ ନିପୁଣ ଏବଂ ଶ୍ରୀଅଯୋଧ୍ୟାର ଭୂଷଣ ॥ ୪ ॥

**କଲି ମଲ ମଥନ ନାମ ମମତାହନ । ତୁଲସିଦାସ ପ୍ରଭୁ ପାହି ପ୍ରନତ ଜନ ॥ ୫ ॥**

ଆପଣଙ୍କର ନାମ କଳିଯୁଗର ପାପ ମର୍ଦ୍ଦନ କରେ ଓ ମମତା ବିନାଶ କରେ । ହେ ତୁଳସୀଦାସଙ୍କର ପ୍ରଭୁ ! ଶରଣାଗତକୁ ରକ୍ଷା କରନ୍ତୁ ।'' ॥ ୫ ॥

ଦୋ:- **ପ୍ରେମ ସହିତ ମୁନି ନାରଦ ବରନି ରାମ ଗୁନ ଗ୍ରାମ ।**
**ସୋଭାସିଂଧୁ ହୃଦୟଁ ଧରି ଗଏ ଜହାଁ ବିଧି ଧାମ ॥ ୫୧ ॥**

ଶ୍ରୀରାମଙ୍କ ଗୁଣସମୂହ ପ୍ରେମପୂର୍ବକ ବର୍ଣ୍ଣନା କରିସାରି, ନାରଦ ଶୋଭାର ସାଗର ପ୍ରଭୁଙ୍କୁ ହୃଦୟରେ ଧାରଣ କରି ବ୍ରହ୍ମଲୋକକୁ ଚାଲିଗଲେ ॥ ୫୧ ॥

**ଗିରିଜା ସୁନହୁ ବିସଦ ୟହ କଥା । ମୈଁ ସବ କହୀ ମୋରି ମତି ଜଥା ॥**
**ରାମ ଚରିତ ସତ କୋଟି ଅପାରା । ଶ୍ରୁତି ସାରଦା ନ ବରନୈ ପାରା ॥ ୧ ॥**

[ଶିବ କହିଲେ,] ହେ ଗିରିଜେ ! ମୁଁ ମୋର ବୁଦ୍ଧି ଅନୁସାରେ ଏହି ଉଜ୍ଜ୍ୱଳ ଚରିତଟି ପୂର୍ଣ୍ଣରୂପେ କହିଦେଲି । କିନ୍ତୁ ଶ୍ରୀରାମଙ୍କ ଚରିତ ତ ଅପାର; ଶ୍ରୁତି ଓ ଶାରଦା ମଧ୍ୟ ତାହା ବର୍ଣ୍ଣନା କରି ଶେଷ କରିପାରିବେ ନାହିଁ ॥ ୧ ॥

**ରାମ ଅନଂତ ଅନଂତ ଗୁନାନୀ । ଜନ୍ମ କର୍ମ ଅନଂତ ନାମାନୀ ॥**
**ଜଲ ସୀକର ମହି ରଜ ଗନି ଜାହୀଁ । ରଘୁପତି ଚରିତ ନ ବରନି ସିରାହୀଁ ॥ ୨ ॥**

ଭଗବାନ୍ ଶ୍ରୀରାମ ଅନନ୍ତ; ତାଙ୍କର ଗୁଣ ଅନନ୍ତ; ତାଙ୍କର ଜନ୍ମ, କର୍ମ ଓ ନାମ ବି ଅନନ୍ତ । ପୃଥିବୀରେ କେତେ ଜଳବିନ୍ଦୁ ଅଛି କିମ୍ବା କେତେ ଧୂଳିକଣା ଅଛି, ତାହା ବରଂ ଗଣିହେବ, କିନ୍ତୁ ଶ୍ରୀରାମଙ୍କ ଚରିତ ବର୍ଣ୍ଣନା କରି ଶେଷ କରିହେବ ନାହିଁ ॥ ୨ ॥

**ବିମଲ କଥା ହରି ପଦ ଦାୟନୀ । ଭଗତି ହୋଇ ସୁନି ଅନପାୟନୀ ॥**
**ଉମା କହିଉଁ ସବ କଥା ସୁହାଈ । ଜୋ ଭୁସୁଂଡି ଖଗପତିହି ସୁନାଈ ॥ ୩ ॥**

ଏହି ପବିତ୍ର ଚରିତ ଭଗବାନଙ୍କର ପରମପଦ ପ୍ରଦାନ କରିଥାଏ । ଏହା ଶ୍ରବଣ କଲେ ଅଚଳା ଭକ୍ତି ପ୍ରାପ୍ତ ହୋଇଥାଏ । ହେ ଉମା ! ମୁଁ ଏ ଯେଉଁ ସୁନ୍ଦର କଥାଟି କହିଲି, ଏହା କାକଭୁଶୁଣ୍ଡି ଗରୁଡ଼ଙ୍କୁ ଶୁଣାଇଥିଲେ ॥ ୩ ॥

**କଛୁକ ରାମ ଗୁନ କହେଉଁ ବଖାନୀ । ଅବ କା କହୌଁ ସୋ କହହୁ ଭୱାନୀ ॥**
**ସୁନି ସୁଭ କଥା ଉମା ହରଷାନୀ । ବୋଲୀ ଅତି ବିନୀତ ମୃଦୁ ବାନୀ ॥ ୪ ॥**

ମୁଁ ତ ଶ୍ରୀରାମଙ୍କର ଅଳ୍ପ କେତୋଟି ଗୁଣ ବର୍ଣ୍ଣନା କଲି । ହେ ଭବାନି ! ଏଥର ଆଉ କ'ଣ କହିବି, କୁହ । ଶ୍ରୀରାମଙ୍କର ମଙ୍ଗଳମୟୀ କଥା ଶୁଣି ପାର୍ବତୀ ଆନନ୍ଦିତା ହୋଇଗଲେ ଏବଂ ଅତ୍ୟନ୍ତ ବିନମ୍ର ତଥା କୋମଳଭାବରେ କହିଲେ, ॥ ୪ ॥

**ଧନ୍ୟ ଧନ୍ୟ ମୈଁ ଧନ୍ୟ ପୁରାରୀ । ସୁନେଉଁ ରାମ ଗୁନ ଭୱ ଭୟ ହାରୀ ॥ ୫ ॥**

''ହେ ତ୍ରିପୁରାରି ! ମୁଁ ଅତ୍ୟନ୍ତ ଧନ୍ୟ ଯେ, ମୁଁ ଏହି ଜନ୍ମମୃତ୍ୟୁଭୟହାରୀ ଶ୍ରୀରାମଙ୍କ ଚରିତ ଶୁଣିବାକୁ ପାଇଗଲି ॥ ୫ ॥

ଦୋः- **ତୁହ୍ମରୀ କୃପାଁ କୃପାୟତନ ଅବ କୃତକୃତ୍ୟ ନ ମୋହ ।**
**ଜାନେଉଁ ରାମ ପ୍ରତାପ ପ୍ରଭୁ ଚିଦାନଂଦ ସଂଦୋହ ॥ ୫୨(କ) ॥**

ହେ କୃପାଧାମ ! ଆପଣଙ୍କ କୃପାରୁ ମୁଁ ଏଥର କୃତକୃତ୍ୟ ହୋଇଗଲି । ମୋର ମୋହ ଦୂର ହୋଇଗଲା । ହେ ପ୍ରଭୁ ! ମୁଁ ସଚ୍ଚିଦାନନ୍ଦଘନ ପ୍ରଭୁ ଶ୍ରୀରାମଙ୍କ ପ୍ରତାପ ଜାଣିଗଲି ॥ ୫୨ (କ)॥

**ନାଥ ତୱାନନ ସସି ସ୍ରୱତ କଥା ସୁଧା ରଘୁବୀର ।**
**ଶ୍ରୱନ ପୁଟହ୍ନି ମନ ପାନ କରି ନହିଁ ଅଘାତ ମତିଧୀର ॥ ୫୨(ଖ) ॥**

ହେ ନାଥ ! ଆପଣଙ୍କ ମୁଖରୂପୀ ଚନ୍ଦ୍ରମାରୁ ଶ୍ରୀରଘୁବୀରଙ୍କ କଥାରୂପୀ ଅମୃତ ଝରୁଛି । ହେ ଧୀରମତି ! କର୍ଣ୍ଣପୁଟରେ ତାହା ପାନ କରି ମଧ୍ୟ ମୋର ମନ ତୃପ୍ତ ହେଉ ନାହିଁ ॥ ୫୨(ଖ) ॥

**ରାମ ଚରିତ ଜେ ସୁନତ ଅଘାହୀଁ । ରସ ବିସେଷ ଜାନା ତିହ୍ନ ନାହୀଁ ॥**
**ଜୀୱନମୁକ୍ତ ମହାମୁନି ଜେଉ । ହରି ଗୁନ ସୁନହିଁ ନିରଂତର ତେଉ ॥ ୧ ॥**

ଶ୍ରୀରାମଙ୍କ ଚରିତ ଶୁଣୁ ଶୁଣୁ ଯେଉଁମାନେ ତୃପ୍ତ ହୋଇଯାଆନ୍ତି ('ବେଶ୍, ବେଶ୍; ମୁଁ ବୁଝିଗଲି' ବୋଲି କହନ୍ତି), ସେମାନେ ତ ତାର ବିଶେଷ ରସ ଆଦୌ ଜାଣନ୍ତି ନାହିଁ । ଜୀବନ୍ମୁକ୍ତ ମହାମୁନିମାନେ ମଧ୍ୟ ଭଗବାନଙ୍କ ଚରିତ ନିରନ୍ତର ଶ୍ରବଣ କରନ୍ତି ॥ ୧ ॥

**ଭୱ ସାଗର ଚହ ପାର ଜୋ ପାୱା । ରାମ କଥା ତ କହଁ ଦୃଢ଼ ନାୱା ॥**
**ବିଷଇହ୍ନ କହଁ ପୁନି ହରି ଗୁନ ଗ୍ରାମା । ଶ୍ରୱନ ସୁଖଦ ଅରୁ ମନ ଅଭିରାମା ॥ ୨ ॥**

ଯେଉଁମାନେ ସଂସାରସାଗର ପାରିହେବାକୁ ଚାହାନ୍ତି, ସେମାନଙ୍କ ନିମନ୍ତେ ତ ଶ୍ରୀରାମଙ୍କ କଥା ସୁଦୃଢ଼ ନୌକାସମାନ । ଶ୍ରୀହରିଙ୍କ ଗୁଣସମୂହ ତ ବିଷୟୀ ଲୋକଙ୍କ ନିମନ୍ତେ ମଧ୍ୟ କର୍ଣ୍ଣସୁଖପ୍ରଦ । ତାହା ସେମାନଙ୍କ ମନକୁ ସୁଦ୍ଧା ଆନନ୍ଦ ପ୍ରଦାନ କରେ ॥ ୨ ॥

**ଶ୍ରୱନୱଁତ ଅସ କୋ ଜଗ ମାହୀଁ । ଜାହି ନ ରଘୁପତି ଚରିତ ସୋହାହୀଁ ॥**
**ତେ ଜଡ଼ ଜୀୱ ନିଜାତ୍ମକ ଘାତୀ । ଜିନ୍ହହି ନ ରଘୁପତି କଥା ସୋହାତୀ ॥ ୩ ॥**

ଜଗତରେ ଏପରି କେଉଁ କାନ ଥିବା ମନୁଷ୍ୟ ଅଛି, ଯାହାକୁ କି ଶ୍ରୀରଘୁନାଥଙ୍କ ଚରିତ ଶୁଣିବାକୁ ଭଲ ନ ଲାଗେ ? ଯେଉଁମାନଙ୍କୁ ଶ୍ରୀରଘୁନାଥଙ୍କ କଥା ଶୁଣିବାକୁ ଭଲ ଲାଗେ ନାହିଁ, ସେହି ମୂର୍ଖମାନେ ତ ଆତ୍ମଘାତୀହିଁ ଅଟନ୍ତି ॥ ୩ ॥

**ହରିଚରିତ୍ର ମାନସ ତୁହ୍ମ ଗାୱା । ସୁନି ମୈଁ ନାଥ ଅମିତି ସୁଖ ପାୱା ॥**
**ତୁହ୍ମ ଜୋ କହୀ ୟହ କଥା ସୁହାଈ । କାଗଭସୁଂଡି ଗରୁଡ଼ ପ୍ରତି ଗାଈ ॥ ୪ ॥**

ହେ ନାଥ ! ଆପଣ ଏ ଯେଉଁ ରାମଚରିତମାନସ ଗାନ କଲେ, ଏହା ଶୁଣି ମୁଁ ଅପାର ଆନନ୍ଦ ପାଇଲି । କିନ୍ତୁ ଆପଣ ଯେଉଁ କହିଲେ ଯେ, ଏହି ସୁନ୍ଦର କଥା କାକଭୁଶୁଣ୍ଡି ଗରୁଡ଼ଙ୍କୁ କହିଥିଲେ, ॥ ୪ ॥

**ଦୋः- ବିରତି ଗ୍ୟାନ ବିଗ୍ୟାନ ଦୃଢ଼ ରାମ ଚରନ ଅତି ନେହ ।**
**ବାୟସ ତନ ରଘୁପତି ଭଗତି ମୋହି ପରମ ସଂଦେହ ॥ ୫୩ ॥**

ମୋର ସେଥିରେ ସନ୍ଦେହ ରହୁଛି । କୁଆଶରୀର ପାଇ ମଧ୍ୟ ସେହି କାକଭୁଶୁଣ୍ଡି କିପରି ବୈରାଗ୍ୟ, ଜ୍ଞାନ ଓ ବିଜ୍ଞାନରେ ଦୃଢ଼ ହୋଇପାରିଥିଲେ ? ଶ୍ରୀରାମଙ୍କ ଚରଣରେ ତାଙ୍କର କିପରି ଅତ୍ୟନ୍ତ ପ୍ରେମ ହୋଇଥିଲା ଏବଂ ସେ କିପରି ଶ୍ରୀରଘୁନାଥଙ୍କର ଭକ୍ତି ମଧ୍ୟ ପାଇଥିଲେ, ମୁଁ ତାହା ବୁଝିପାରୁନି ॥ ୫୩ ॥

**ନର ସହସ୍ର ମହଁ ସୁନହୁ ପୁରାରୀ । କୋଉ ଏକ ହୋଇ ଧର୍ମ ବ୍ରତଧାରୀ ॥**
**ଧର୍ମସୀଲ କୋଟିକ ମହଁ କୋଈ । ବିଷୟ ବିମୁଖ ବିରାଗ ରତ ହୋଈ ॥ ୧ ॥**

ହେ ତ୍ରିପୁରାରି ! ଶୁଣନ୍ତୁ; ହଜାର ହଜାର ମଣିଷଙ୍କ ଭିତରୁ କ୍ୱଚିତ୍ କେହି ଜଣେ ଧର୍ମବ୍ରତୀ ହୋଇଥାନ୍ତି ଏବଂ କୋଟି କୋଟି ଧର୍ମବ୍ରତୀଙ୍କ ମଧ୍ୟରୁ କେହି ଜଣେ ବିଷୟବିମୁଖ (ବିଷୟତ୍ୟାଗୀ) ଓ ବୈରାଗ୍ୟପରାୟଣ ହୋଇଥାନ୍ତି ॥ ୧ ॥

**କୋଟି ବିରକ୍ତ ମଧ୍ୟ ଶ୍ରୁତି କହଈ । ସମ୍ୟକ ଗ୍ୟାନ ସକୃତ କୋଉ ଲହଈ ॥**
**ଗ୍ୟାନୱଁତ କୋଟିକ ମହଁ କୋଊ । ଜୀୱନମୁକ୍ତ ସକୃତ ଜଗ ସୋଊ ॥ ୨ ॥**

ଶ୍ରୁତି କହନ୍ତି, କୋଟି କୋଟି ବୈରାଗୀଙ୍କ ମଧ୍ୟରୁ କ୍ୱଚିତ୍ କେହି ଜଣେ ସମ୍ୟକ୍ (ଯଥାର୍ଥ) ଜ୍ଞାନପ୍ରାପ୍ତି କରନ୍ତି ଏବଂ କୋଟି କୋଟି ଜ୍ଞାନୀଙ୍କ ମଧ୍ୟରୁ କ୍ୱଚିତ୍ କେହି ଜଣେ ଜୀବନ୍ମୁକ୍ତ ହୋଇଥାନ୍ତି । ଜଗତରେ ଏପରି ଜୀବନ୍ମୁକ୍ତ ଦେଖାଯିବା ଅତ୍ୟନ୍ତ ବିରଳ ॥ ୨ ॥

**ତିହ୍ନ ସହସ୍ର ମହୁଁ ସବ ସୁଖ ଖାନୀ । ଦୁର୍ଲଭ ବ୍ରହ୍ମଲୀନ ବିଗ୍ୟାନୀ ॥**
**ଧର୍ମସୀଲ ବିରକ୍ତ ଅରୁ ଗ୍ୟାନୀ । ଜୀୱନମୁକ୍ତ ବ୍ରହ୍ମପର ପ୍ରାନୀ ॥ ୩ ॥**

ହଜାର ହଜାର ଜୀବନ୍ମୁକ୍ତମାନଙ୍କ ମଧ୍ୟରେ ବି ସକଳସୁଖର ନିଧାନ ଓ ବ୍ରହ୍ମରେ ଲୀନ ବିଜ୍ଞାନବାନ୍ ପୁରୁଷ ଆହୁରି ଦୁର୍ଲଭ । ଧର୍ମାତ୍ମା, ବୈରାଗ୍ୟବାନ୍, ଜ୍ଞାନୀ, ଜୀବନ୍ମୁକ୍ତ ଓ ବ୍ରହ୍ମଲୀନ—॥ ୩ ॥

**ସବ ତେ ସୋ ଦୁର୍ଲଭ ସୁରରାୟା । ରାମ ଭଗତି ରତ ଗତ ମଦ ମାୟା ॥**
**ସୋ ହରିଭଗତି କାଗ କିମି ପାଈ । ବିସ୍ୱନାଥ ମୋହି କହହୁ ବୁଝାଈ ॥ ୪ ॥**

ଏହି ସମସ୍ତଙ୍କ ଭିତରେ ବି, ହେ ଦେବାଧିଦେବ ମହାଦେବ ! ମଦ ଓ ମାୟାରୁ ରହିତ ହୋଇ ଶ୍ରୀରାମଙ୍କ ଭକ୍ତିରେ ପରାୟଣ ଥିବା ପ୍ରାଣୀଟିଏ ମିଳିବା ଅତ୍ୟନ୍ତ ଦୁର୍ଲଭ । ହେ ବିଶ୍ୱନାଥ ! କୁଆଟିଏ କିପରି ଏପରି ଦୁର୍ଲଭ ହରିଭକ୍ତି ପାଇଗଲା, ମୋତେ ଟିକିଏ ତାହା ବୁଝାଇ କହନ୍ତୁ ॥ ୪ ॥

ଦୋ:- **ରାମ ପରାୟନ ଗ୍ୟାନ ରତ ଗୁନାଗାର ମତି ଧୀର ।**
**ନାଥ କହହୁ କେହି କାରନ ପାୟଉ କାକ ସରୀର ॥ ୫୪ ॥**

ହେ ନାଥ ! ଯେଉଁ କାକଭୁଶୁଣ୍ଡି ଏପରି ଜଣେ ଶ୍ରୀରାମପରାୟଣ, ଜ୍ଞାନନିରତ, ଗୁଣଧାମ ଓ ଧୀରବୁଦ୍ଧି ଥିଲେ, ସେ କେଉଁ କାରଣରୁ କୁଆଶରୀର ପାଇଥିଲେ, ତାହା ମୋତେ କହନ୍ତୁ ॥ ୫୪ ॥

**ୟହ ପ୍ରଭୁ ଚରିତ ପୱିତ୍ର ସୁହାୱା । କହହୁ କୃପାଲ କାଗ କହଁ ପାୱା ॥**
**ତୁହ୍ମ କେହି ଭାଁତି ସୁନା ମଦନାରୀ । କହହୁ ମୋହି ଅତି କୌତୁକ ଭାରୀ ॥ ୧ ॥**

ହେ ନାଥ ! ସେହି କୁଆ ପ୍ରଭୁଙ୍କର ଏହି ପବିତ୍ର ଓ ସୁନ୍ଦର ଚରିତ ଜାଣିଲେ କିପରି ? ଏବଂ ହେ କାମଦେବଙ୍କ ଶତ୍ରୁ ! ଆପଣ ଏହା କିପରି ଶୁଣିଲେ, ତାହା ମଧ୍ୟ କହନ୍ତୁ । ଏସବୁ ଜାଣିବାକୁ ମୁଁ ବିଶେଷ ଆଗ୍ରହୀ ॥ ୧ ॥

**ଗରୁଡ଼ ମହାଗ୍ୟାନୀ ଗୁନ ରାସୀ । ହରି ସେୱକ ଅତି ନିକଟ ନିୱାସୀ ॥**
**ତେହିଁ କେହି ହେତୁ କାଗ ସନ ଜାଈ । ସୁନୀ କଥା ମୁନି ନିକର ବିହାଈ ॥ ୨ ॥**

ଗରୁଡ଼ ତ ମହାନ୍ ଜ୍ଞାନୀ; ସଦ୍‌ଗୁଣର ନିଧାନ; ଶ୍ରୀହରିଙ୍କ ସେବକ ଏବଂ ପ୍ରଭୁଙ୍କର ଅତି ନିକଟରେ ରହନ୍ତି, (ସେ ପ୍ରଭୁଙ୍କ ବାହନ) । ସେ କାହିଁକି ମୁନିମାନଙ୍କୁ ଛାଡ଼ି କୁଆମୁହଁରୁ ହରିକଥା ଶୁଣିବାକୁ ଯାଇଥିଲେ ? ॥ ୨ ॥

**କହହୁ କୱନ ବିଧି ଭା ସଂବାଦା । ଦୋଉ ହରିଭଗତ କାଗ ଉରଗାଦା ॥**
**ଗୌରି ଗିରା ସୁନି ସରଲ ସୁହାଈ । ବୋଲେ ସିୱ ସାଦର ସୁଖ ପାଈ ॥ ୩ ॥**

ସେହି ଦୁଇ ହରିଭକ୍ତ କାକଭୁଶୁଣ୍ଡି ଓ ଗରୁଡ଼ଙ୍କ ମଧ୍ୟରେ କିପ୍ରକାର କଥାଭାଷା ହୋଇଥିଲା, ତାହା ଟିକିଏ କହନ୍ତୁ ।'' ପାର୍ବତୀଙ୍କର ସରଳସୁନ୍ଦର ବାଣୀ ଶୁଣି, ଶିବ ବଡ଼ ଆନନ୍ଦିତ ହେଲେ । ସେ ଆଦରର ସହିତ କହିଲେ,— ॥ ୩ ॥

**ଧନ୍ୟ ସତୀ ପାୱନ ମତି ତୋରୀ । ରଘୁପତି ଚରନ ପ୍ରୀତି ନହିଁ ଥୋରୀ ॥**
**ସୁନହୁ ପରମ ପୁନୀତ ଇତିହାସା । ଜୋ ସୁନି ସକଲ ଲୋକ ଭ୍ରମ ନାସା ॥ ୪ ॥**

ହେ ସତୀ ! ତୁମେ ଧନ୍ୟ ! ତୁମ ବୁଦ୍ଧି ବଡ଼ ପବିତ୍ର । ଶ୍ରୀରଘୁନାଥଙ୍କ ଚରଣରେ ତୁମର କିଛି କମ୍ ପ୍ରେମ ନାହିଁ । ବର୍ତ୍ତମାନ ସେହି ପରମ ପବିତ୍ର ଇତିହାସ ଶୁଣ । ତାହା ଶୁଣିଲେ ସମସ୍ତଙ୍କର ଭ୍ରମ ନାଶ ହୋଇଯାଏ ॥ ୪ ॥

**ଉପଜଇ ରାମ ଚରନ ବିସ୍ୱାସା । ଭୱ ନିଧି ତର ନର ବିନହିଁ ପ୍ରୟାସା ॥ ୫ ॥**

ତାହା ଶୁଣିଲେ ଶ୍ରୀରାମଙ୍କ ଚରଣରେ ବିଶ୍ୱାସ ଉପନ୍ନ ହୋଇଯାଏ ଏବଂ ମନୁଷ୍ୟ ଅକ୍ଳେଶରେ ସଂସାରରୂପୀ ସମୁଦ୍ରରୁ ତରିଯାଏ ॥ ୫ ॥

ଦୋଃ- **ଐସିଅ ପ୍ରସ୍ନ ବିହଂଗପତି କୀହ୍ନି କାଗ ସନ ଜାଇ ।**
**ସୋ ସବ ସାଦର କହିହଉଁ ସୁନହୁ ଉମା ମନ ଲାଇ ॥ ୫୫ ॥**

ପକ୍ଷୀରାଜ ଗରୁଡ଼ ମଧ୍ୟ କାକଭୁଶୁଣ୍ଡିଙ୍କ ପାଖକୁ ଯାଇ ପ୍ରାୟ ଏହିପରି ପ୍ରଶ୍ନ ପଗ୍ରିରିଥିଲେ । ହେ ଉମା ! ମୁଁ ସେସବୁ କଥା ଶ୍ରଦ୍ଧାର ସହିତ କହିବି; ତୁମେ ମନ ଦେଇ ଶୁଣ ॥ ୫୫ ॥

**ମୈଁ ଜିମି କଥା ସୁନୀ ଭଓ୍ୱ ମୋଚନି । ସୋ ପ୍ରସଙ୍ଗ ସୁନୁ ସୁମୁଖି ସୁଲୋଚନି ॥**
**ପ୍ରଥମ ଦଚ୍ଛ ଗୃହ ତଓ୍ୱ ଅଓ୍ୱତାରା । ସତୀ ନାମ ତବ ରହା ତୁହ୍ମାରା ॥ ୧ ॥**

ମୁଁ ସେହି ଭବ(ଜନ୍ମମରଣ)ବିମୋଚନୀ କଥା କିପରି ଶୁଣିଲି, ହେ ସୁମୁଖୀ ! ହେ ସୁଲୋଚନୀ ! ଆଗ ସେହି ପ୍ରସଙ୍ଗ ଶୁଣ । ପ୍ରଥମେ ତୁମ ଅବତାର ଦକ୍ଷଙ୍କ ଘରେ ହୋଇଥିଲା । ସେତେବେଳେ ତୁମ ନାମ ଥିଲା ସତୀ ॥ ୧ ॥

**ଦଚ୍ଛ ଜଗ୍ୟ ତଓ୍ୱ ଭା ଅପମାନା । ତୁହ୍ମ ଅତି କ୍ରୋଧ ତଜେ ତବ ପ୍ରାନା ॥**
**ମମ ଅନୁଚରହ୍ନ କୀହ୍ନ ମଖ ଭଂଗା । ଜାନହୁ ତୁହ୍ମ ସୋ ସକଲ ପ୍ରସଂଗା ॥ ୨ ॥**

ଦକ୍ଷଙ୍କ ଯଜ୍ଞରେ ତୁମେ ଅପମାନିତା ହେଲ; ତେଣୁ ତୁମେ ଅତ୍ୟନ୍ତ କ୍ରୁଦ୍ଧା ହୋଇ ପ୍ରାଣତ୍ୟାଗ କରିଦେଲ । ତା'ଫଳରେ ମୋର ସେବକମାନେ ସେହି ଯଜ୍ଞ ଧ୍ୱଂସ କରିଦେଲେ । ସେସବୁ କଥା ତ ତୁମେ ଜାଣ ॥ ୨ ॥

**ତବ ଅତି ସୋଚ ଭୟଉ ମନ ମୋରେଁ । ଦୁଖୀ ଭୟଉଁ ବିୟୋଗ ପ୍ରିୟ ତୋରେଁ ॥**
**ସୁଂଦର ବନ ଗିରି ସରିତ ତଡ଼ାଗା । କୌତୁକ ଦେଖତ ଫିରଉଁ ବେରାଗା ॥ ୩ ॥**

ସେତେବେଳେ ମୁଁ ବଡ଼ ଚିନ୍ତାରେ ପଡ଼ିଗଲି । ହେ ପ୍ରିୟେ ! ତୁମ ବିୟୋଗରେ ମୋତେ ବଡ଼ ଦୁଃଖ ଲାଗିଲା । ମୁଁ ଉଦାସୀନ ହୋଇ ବନ, ପର୍ବତ, ନଦୀ ପୁଷ୍କରିଣୀର ସୁନ୍ଦର ଦୃଶ୍ୟ ଦେଖି ଦେଖି ବୁଲିଲି ॥ ୩ ॥

**ଗିରି ସୁମେରୁ ଉତ୍ତର ଦିସି ଦୂରୀ । ନୀଲ ସୈଲ ଏକ ସୁଂଦର ଭୂରୀ ॥**
**ତାସୁ କନକମୟ ସିଖର ସୁହାଏ । ଗ୍ୱରି ଗ୍ୱରୁ ମୋରେ ମନ ଭାଏ ॥ ୪ ॥**

ସୁମେରୁ ପର୍ବତର ଉତ୍ତର ଦିଗରେ ବହୁ ଦୂରରେ ଗୋଟିଏ ଅତି ସୁନ୍ଦର ନୀଳ ପର୍ବତ ଅଛି । ସେହି ପର୍ବତର ଗ୍ୱରିଟି ଅତି ସୁନ୍ଦର ସ୍ୱର୍ଣ୍ଣମୟ ଶିଖର । ସେଗୁଡ଼ିକ ମୋତେ ବହୁତ ଭଲ ଲାଗିଲା ॥ ୪ ॥

**ତିହ୍ନ ପର ଏକ ଏକ ବିଟପ ବିସାଲା । ବଟ ପୀପର ପାକରୀ ରସାଲା ॥**
**ସୈଲୋପରି ସର ସୁଂଦର ସୋହା । ମନି ସୋପାନ ଦେଖି ମନ ମୋହା ॥ ୫ ॥**

ସେହି ଶିଖରଗୁଡ଼ିକ ଭିତରୁ ଗୋଟିକରେ ଗୋଟିଏ ବରଗଛ, ଦ୍ୱିତୀୟଟିରେ ଗୋଟିଏ ଅଶ୍ୱତ୍ଥ ଗଛ, ତୃତୀୟଟିରେ ଗୋଟିଏ ବଡ଼ ଡିମିରି ଗଛ ଏବଂ ଶେଷଟିରେ ଗୋଟିଏ ଆମ୍ବଗଛ ଥାଏ । ପର୍ବତ ଉପରେ ଗୋଟିଏ ସୁନ୍ଦର ପୁଷ୍କରିଣୀ ଥାଏ; ତାର ମଣିମୟ ପାହାଚ ଦେଖିଲେ ମନ ବିମୋହିତ ହୋଇଯାଉଥାଏ ॥ ୫ ॥

ଦୋଃ- **ସୀତଲ ଅମଲ ମଧୁର ଜଲ ଜଲଜ ବିପୁଲ ବହୁରଂଗ ।**
**କୂଜତ କଲ ରଓ୍ୱ ହଂସ ଗନ ଗୁଂଜତ ମଂଜୁଲ ଭୃଂଗ ॥ ୫୬ ॥**

ସେହି ପୁଷ୍କରିଣୀର ଜଳ ଅତ୍ୟନ୍ତ ଶୀତଳ, ନିର୍ମଳ ଓ ମଧୁର । ସେଥିରେ ବିଭିନ୍ନ ରଙ୍ଗର ପଦ୍ମ ଫୁଟିଥାଏ । ସେଠାରେ ହଂସମାନେ ମଧୁର ସ୍ୱରରେ କୂଜନ କରୁଥାନ୍ତି ଏବଂ ଭ୍ରମରମାନେ ସୁନ୍ଦର ଗୁଞ୍ଜନ କରୁଥାନ୍ତି ॥ ୫୬ ॥

**ତେହିଁ ଗିରି ରୁଚିର ବସଇ ଖଗ ସୋଈ । ତାସୁ ନାସ କଲ୍ପାଂତ ନ ହୋଈ ॥**
**ମାୟା କୃତ ଗୁନ ଦୋଷ ଅନେକା । ମୋହ ମନୋଜ ଆଦି ଅବିବେକା ॥ ୧ ॥**
**ରହେ ବ୍ୟାପି ସମସ୍ତ ଜଗ ମାହୀଁ । ତେହି ଗିରି ନିକଟ କବହୁଁ ନହିଁ ଜାହୀଁ ॥**
**ତହଁ ବସି ହରିହି ଭଜଇ ଜିମି କାଗା । ସୋ ସୁନୁ ଉମା ସହିତ ଅନୁରାଗା ॥ ୨ ॥**

ସେହି ସୁନ୍ଦର ପର୍ବତରେ (ସେହି ପକ୍ଷୀ) କାକଭୁଶୁଣ୍ଡି ବାସ କରୁଥାନ୍ତି । କଳ୍ପର ଅନ୍ତକାଳରେ ମଧ୍ୟ ତାଙ୍କର ବିନାଶ ହୁଏ ନାହିଁ । ଯେଉଁସବୁ ମାୟାରଚିତ ବିଭିନ୍ନ ଗୁଣ-ଦୋଷ, ମୋହ, କାମାଦି ଅବିବେକ (ଅଜ୍ଞାନ) ସମଗ୍ର ଜଗତରେ ପରିବ୍ୟାପ୍ତ ହୋଇରହିଛି, ସେସବୁ ସେହି ପର୍ବତ ପାଖରେ କେବେ ବି ପଶିପାରେ ନାହିଁ । ସେହି ପର୍ବତରେ ରହି କାକଭୁଶୁଣ୍ଡି ଯେପରିଭାବରେ ହରିଙ୍କୁ ଭଜୁଥାନ୍ତି, ହେ ଉମା ! ତାହା ତୁମେ ଶ୍ରଦ୍ଧାର ସହିତ ଶୁଣ ॥ ୧-୨ ॥

**ପୀପର ତରୁ ତର ଧ୍ୟାନ ସୋ ଧରଈ । ଜାପ ଜଗ୍ୟ ପାକରି ତର କରଈ ॥**
**ଆଁବ ଛାଁହ କର ମାନସ ପୂଜା । ତଜି ହରି ଭଜନୁ କାଜୁ ନହିଁ ଦୂଜା ॥ ୩ ॥**

ସେ ଅଶ୍ୱତ୍ଥ ଗଛତଳେ ବସି ଧ୍ୟାନରତ ହୁଅନ୍ତି, ଡିମିରି ଗଛତଳେ ବସି ଜପଯଜ୍ଞ କରନ୍ତି; ଆମ୍ବଗଛ ଛାଇରେ ମାନସିକ ପୂଜା କରନ୍ତି । ଶ୍ରୀହରିଙ୍କ ଭଜନ ଛଡ଼ା ତାଙ୍କର ଅନ୍ୟ କୌଣସି କାର୍ଯ୍ୟ ନ ଥାଏ ॥ ୩ ॥

**ବର ତର କହ ହରି କଥା ପ୍ରସଂଗା । ଆୱହିଁ ସୁନହିଁ ଅନେକ ବିହଂଗା ॥**
**ରାମ ଚରିତ ବିଚିତ୍ର ବିଧି ନାନା । ପ୍ରେମ ସହିତ କର ସାଦର ଗାନା ॥ ୪ ॥**

ବରଗଛତଳେ ବସି ସେ ଶ୍ରୀହରିଙ୍କ କଥାପ୍ରସଙ୍ଗ କହନ୍ତି । ଅନେକ ପକ୍ଷୀ ଆସି ସେଠାରେ ହରିଙ୍କ କଥା ଶୁଣନ୍ତି । ସେହି କାକଭୁଶୁଣ୍ଡି ରାମଚରିତକୁ ଶ୍ରଦ୍ଧା ଓ ପ୍ରେମର ସହିତ ଅନେକପ୍ରକାରେ ଗାନ କରନ୍ତି ॥ ୪ ॥

**ସୁନହିଁ ସକଲ ମତି ବିମଲ ମରାଲା । ବସହିଁ ନିରଂତର ଜେ ତେହିଁ ତାଲା ॥**
**ଜବ ମୈଁ ଜାଇ ସୋ କୌତୁକ ଦେଖା । ଉର ଉପଜା ଆନଂଦ ବିସେଷା ॥ ୫ ॥**

ସେହି ପୁଷ୍କରିଣୀରେ ବହୁ ନିର୍ମଳବୁଦ୍ଧି ହଂସ ବାସ କରୁଥାନ୍ତି; ସେମାନେ ଆସି ସେଠାରେ ରାମଚରିତ ଶୁଣନ୍ତି । ମୁଁ ବୁଲି ବୁଲି ଯାଇ ସେଠାରେ ପହଞ୍ଚିଗଲି । ସେଠାରେ ସେହି କୌତୁକ ଦୃଶ୍ୟ ଦେଖି ମୋ ମନରେ ବିଶେଷ ଆନନ୍ଦ ଜାତ ହେଲା ॥ ୫ ॥

ଦୋ:- **ତବ କଛୁ କାଲ ମରାଲ ତନୁ ଧରି ତହଁ କୀନ୍ହ ନିୱାସ ।**
**ସାଦର ସୁନି ରଘୁପତି ଗୁନ ପୁନି ଆୟଉଁ କୈଲାସ ॥ ୫୭ ॥**

ମୁଁ ହଂସଶରୀର ଧରି କିଛିଦିନ ସେଠାରେ ରହିଗଲି । ପ୍ରେମର ସହିତ କିଛିଦିନ ଶ୍ରୀରଘୁନାଥଙ୍କ ଗୁଣ ଶୁଣିବା ପରେ କୈଳାସକୁ ଫେରିଲି ॥ ୫୭ ॥

**ଗିରିଜା କହେଉଁ ସୋ ସବ ଇତିହାସା । ମୈଁ ଜେହି ସମୟ ଗୟଉଁ ଖଗ ପାସା ॥**
**ଅବ ସୋ କଥା ସୁନହୁ ଜେହି ହେତୂ । ଗୟଉ କାଗ ପହିଁ ଖଗ କୁଲ କେତୂ ॥ ୧ ॥**

ହେ ଗିରିଜେ ! ମୁଁ ଯେତେବେଳେ କାକଭୁଶୁଣ୍ଡିଙ୍କ ନିକଟକୁ ଯାଇଥିଲି, ସେତେବେଳକାର ସବୁ ଇତିହାସ ତ କହିଦେଲି; ଏଥର ପକ୍ଷୀକୁଳର ରାଜା ଗରୁଡ଼ ସେହି କାକ ପାଖକୁ କାହିଁକି ଗଲେ, ତାହା ଶୁଣ ॥ ୧ ॥

**ଜବ ରଘୁନାଥ କୀନ୍ହି ରନ କ୍ରୀଡ଼ା । ସମୁଝତ ଚରିତ ହୋତି ମୋହି ବ୍ରୀଡ଼ା ॥**
**ଇଂଦ୍ରଜୀତ କର ଆପୁ ବଁଧାୟୋ । ତବ ନାରଦ ମୁନି ଗରୁଡ଼ ପଠାୟୋ ॥ ୨ ॥**

ଶ୍ରୀରଘୁନାଥ ଲଙ୍କାରେ ରଣଲୀଳା କରୁଥିବା ସମୟର ଚରିତ ମନେ ପଡ଼ିଗଲେ ମୋତେ ବଡ଼ ଲାଜ ଲାଗେ । ପ୍ରଭୁ ସେତେବେଳେ ନିଜକୁ ମେଘନାଦ ହାତରେ ନାଗଫାଶଦ୍ୱାରା ବନ୍ଧାଇଦେଲେ; ତେଣୁ ନାରଦ ଗରୁଡ଼ଙ୍କୁ ପଠାଇଲେ ॥ ୨ ॥

**ବଂଧନ କାଟି ଗୟୋ ଉରଗାଦା । ଉପଜା ହୃଦୟଁ ପ୍ରଚଂଡ ବିଷାଦା ॥**
**ପ୍ରଭୁ ବଂଧନ ସମୁଝତ ବହୁ ଭାଁତୀ । କରତ ବିଚାର ଉରଗ ଆରାତୀ ॥ ୩ ॥**

ସର୍ପଭକ୍ଷକ ଗରୁଡ଼ ପ୍ରଭୁଙ୍କ ବନ୍ଧନ କାଟି ଫେରିବା ପରେ ତାଙ୍କ ମନରେ ବଡ଼ ବିଷାଦ ଜାତ ହୋଇଗଲା । ପ୍ରଭୁଙ୍କ ବନ୍ଧନକୁ ସ୍ମରଣ କରି ସର୍ପଶତ୍ରୁ ଗରୁଡ଼ ବିଚାର କରିବାକୁ ଲାଗିଲେ, ॥ ୩ ॥

**ବ୍ୟାପକ ବ୍ରହ୍ମ ବିରଜ ବାଗୀସା । ମାୟା ମୋହ ପାର ପରମୀସା ॥**
**ସୋ ଅୱତାର ସୁନେଉଁ ଜଗ ମାହୀଁ । ଦେଖେଉଁ ସୋ ପ୍ରଭାୱ କଛୁ ନାହୀଁ ॥ ୪ ॥**

"ଯେ ସର୍ବବ୍ୟାପକ, ବିକାରରହିତ, ବାଣୀର ପତି ଓ ମାୟାମୋହର ଅତୀତ ପରମେଶ୍ୱର, ମୁଁ ତ ଶୁଣିଥିଲି ସେ ହିଁ ଜଗତରେ ଅବତୀର୍ଣ୍ଣ ହୋଇଛନ୍ତି; କିନ୍ତୁ ମୁଁ ତ କାହିଁ ସେହି ଅବତାରର କୌଣସି ପ୍ରଭାବ ଦେଖିଲି ନାହିଁ ! ॥ ୪ ॥

**ଦୋଃ- ଭୱ ବଂଧନ ତେ ଛୁଟହିଁ ନର ଜପି ଜା କର ନାମ ।**
**ଖର୍ବ ନିସାଚର ବାଁଧେଉ ନାଗପାସ ସୋଇ ରାମ ॥ ୫୮ ॥**

ଯାହାଙ୍କ ନାମ ଜପ କରି ମନୁଷ୍ୟ ସଂସାରବନ୍ଧନରୁ ଉଦ୍ଧାର ପାଇଯାଏ, ସେହି ରାମଙ୍କୁ ଏକ ତୁଚ୍ଛ ରାକ୍ଷସ ନାଗଫାଶରେ ବାନ୍ଧିଦେଲା କିପରି !" ॥ ୫୮ ॥

**ନାନା ଭାଁତି ମନହି ସମୁଝାୱା । ପ୍ରଗଟ ନ ଗ୍ୟାନ ହୃଦୟଁ ଭ୍ରମ ଛାୱା ॥**
**ଖେଦ ଖିନ୍ନ ମନ ତର୍କ ବଢ଼ାଈ । ଭୟଉ ମୋହବସ ତୁହ୍ମରିହିଁ ନାଈ ॥ ୧ ॥**

ଏ ବିଷୟରେ ଗରୁଡ଼ ନିଜ ମନକୁ ଅନେକପ୍ରକାରେ ବୁଝାଇଲେ; କିନ୍ତୁ ତାଙ୍କର ଜ୍ଞାନ ଉଦୟ ହେଲା ନାହିଁ; ବରଂ ହୃଦୟରେ ଅଧିକ ଭ୍ରମ ଛାଇହୋଇଗଲା । ସନ୍ଦେହଜନିତ ଦୁଃଖରେ ଦୁଃଖୀ ହୋଇ, ମନରେ କୁତର୍କ ବଢ଼ାଇ ସେ ଠିକ୍ ତୁମରି ପରି ମୋହବଶ ହୋଇଗଲେ ॥ ୧ ॥

**ବ୍ୟାକୁଲ ଗୟଉ ଦେୱରିଷି ପାହୀଁ । କହେସି ଜୋ ସଂସୟ ନିଜ ମନ ମାହୀଁ ॥**
**ସୁନି ନାରଦହି ଲାଗି ଅତି ଦାୟା । ସୁନୁ ଖଗ ପ୍ରବଲ ରାମ କୈ ମାୟା ॥ ୨ ॥**

ବ୍ୟାକୁଳ ହୋଇ ସେ ଦେବର୍ଷି ନାରଦଙ୍କ ନିକଟକୁ ଗଲେ ଏବଂ ମନରେ ଯାହାକିଛି ସନ୍ଦେହ ଥିଲା, ସବୁ ତାଙ୍କୁ କହିଦେଲେ । ସବୁ ଶୁଣି ନାରଦଙ୍କ ମନରେ ଅତ୍ୟନ୍ତ ଦୟା ହେଲା । ସେ କହିଲେ, "ହେ ଗରୁଡ଼ ! ଶ୍ରୀରାମଚନ୍ଦ୍ରଙ୍କର ମାୟା ବଡ଼ ବଳବତୀ ॥ ୨ ॥

**ଜୋ ଗ୍ୟାନିହ୍ନ କର ଚିତ ଅପହରଈ । ବରିଆଈଁ ବିମୋହ ମନ କରଈ ॥**
**ଜେହିଁ ବହୁ ବାର ନଚାୱା ମୋହୀ । ସୋଇ ବ୍ୟାପୀ ବିହଂଗପତି ତୋହୀ ॥ ୩ ॥**

ସେହି ମାୟା ଜ୍ଞାନୀମାନଙ୍କ ଚିତ୍ତକୁ ବି ହରଣ କରିନିଏ ଏବଂ ସେମାନଙ୍କ ମନରେ ବଳପୂର୍ବକ ଭୀଷଣ ମୋହ ଉପନ୍ନ କରିଦିଏ । ସେହି ମାୟା ମୋତେ ବି ଅନେକ ଥର ନଚାଇଦେଇଛି । ହେ ପକ୍ଷୀରାଜ ! ସେହି ମାୟାହିଁ ତୁମ ଭିତରେ ବ୍ୟାପିଯାଇଛି ॥ ୩ ॥

**ମହାମୋହ ଉପଜା ଉର ତୋରେଁ । ମିଟିହି ନ ବେଗି କହେଁ ଖଗ ମୋରେଁ ॥**
**ଚତୁରାନନ ପହିଁ ଜାହୁ ଖଗେସା । ସୋଇ କରେହୁ ଜେହି ହୋଇ ନିଦେସା ॥ ୪ ॥**

ହେ ଗରୁଡ଼ ! ତୁମ ହୃଦୟରେ ବିରାଟ ମୋହ ଉପନ୍ନ ହୋଇଯାଇଛି । ମୁଁ ବୁଝାଇଲେ ତାହା ଶୀଘ୍ର ଯିବ ନାହିଁ । ତେଣୁ, ହେ ପକ୍ଷୀରାଜ ! ତୁମେ ବ୍ରହ୍ମାଙ୍କ ପାଖକୁ ଯାଅ; ସେ ଯାହା କରିବାକୁ ଆଦେଶ ଦେବେ, ତାହା କର ।'' ॥ ୪ ॥

ଦୋ:- **ଅସ କହି ଚଲେ ଦେଓ୍ୱରିଷି କରତ ରାମ ଗୁନ ଗାନ ।**
**ହରି ମାୟା ବଲ ବରନତ ପୁନି ପୁନି ପରମ ସୁଜାନ ॥ ୫୯ ॥**

ଏତିକି କହିଦେଇ ପରମଜ୍ଞାନୀ ଦେବର୍ଷି ନାରଦ ଶ୍ରୀରାମଙ୍କ ଗୁଣଗାନ କରି କରି ଏବଂ ବାରମ୍ବାର ହରିଙ୍କ ମାୟାର ବଳ ବର୍ଣ୍ଣନା କରି କରି ନିଜ ବାଟରେ ଚାଲିଗଲେ ॥ ୫୯ ॥

**ତବ ଖଗପତି ବିରଂଚି ପହିଁ ଗୟଉ । ନିଜ ସଂଦେହ ସୁନାଓ୍ୱତ ଭୟଉ ॥**
**ସୁନି ବିରଂଚି ରାମହି ସିରୁ ନାଓ୍ୱା । ସମୁଝି ପ୍ରତାପ ପ୍ରେମ ଅତି ଛାଓ୍ୱା ॥ ୧ ॥**

ପକ୍ଷୀରାଜ ଗରୁଡ଼ ବ୍ରହ୍ମାଙ୍କ ପାଖକୁ ଗଲେ ଓ ତାଙ୍କୁ ନିଜର ସନ୍ଦେହ ଶୁଣାଇଲେ । ତାହା ଶୁଣି ବ୍ରହ୍ମା ଶ୍ରୀରାମଙ୍କୁ ସ୍ମରଣ କରି ପ୍ରଣାମ କଲେ । ପ୍ରଭୁଙ୍କ ପ୍ରତାପ ବୁଝିପାରି ସେ ଅତ୍ୟନ୍ତ ପ୍ରେମରେ ମଗ୍ନ ହୋଇଗଲେ ॥ ୧ ॥

**ମନ ମହୁଁ କରଇ ବିଚାର ବିଧାତା । ମାୟା ବସ କବି କୋବିଦ ଗ୍ୟାତା ॥**
**ହରି ମାୟା କର ଅମିତି ପ୍ରଭାଓ୍ୱ । ବିପୁଲ ବାର ଜେହିଁ ମୋହି ନଚାଓ୍ୱା ॥ ୨ ॥**

ବ୍ରହ୍ମା ମନେ ମନେ ବିଚାର କରିବାକୁ ଲାଗିଲେ : କବି, କୋବିଦ ଓ ଜ୍ଞାନୀ–ସମସ୍ତେ ମାୟାର ବଶ । ଭଗବାନଙ୍କ ମାୟାର ପ୍ରଭାବ ଅସୀମ; ସେହି ମାୟା ମୋତେ ବି ଅନେକ ଥର ନଚାଇଦେଇଛି ॥ ୨ ॥

**ଅଗ ଜଗମୟ ଜଗ ମମ ଉପରାଜା । ନହିଁ ଆଚରଜ ମୋହ ଖଗରାଜା ॥**
**ତବ ବୋଲେ ବିଧି ଗିରା ସୁହାଈ । ଜାନ ମହେସ ରାମ ପ୍ରଭୁତାଈ ॥ ୩ ॥**

ସକଳ ଚରାଚର ଜଗତ୍ ତ ମୋରି ରଚନା । ଯେଉଁଠି ମୁଁ ବି ମାୟାବଶ ହୋଇ ନାଚୁଛି, ସେଠାରେ ପକ୍ଷୀରାଜ ଗରୁଡ଼ଙ୍କ ଭିତରେ ମୋହ ଉପନ୍ନ ହୋଇଯିବାଟା କିଛି ଆଶ୍ଚର୍ଯ୍ୟର କଥା ନୁହେଁ । ଏପରି ବିଚାର କରି, ବ୍ରହ୍ମା ତାଙ୍କୁ ଗୋଟିଏ ସୁନ୍ଦର ଉପଦେଶ ଦେଇ କହିଲେ, ''ଶ୍ରୀରାମଙ୍କ ମହିମା ଶ୍ରୀମହାଦେବ ଜାଣନ୍ତି; ॥ ୩ ॥

**ବୈନତେୟ ସଂକର ପହିଁ ଜାହୂ । ତାତ ଅନତ ପୂଛହୁ ଜନି କାହୂ ॥**
**ତହଁ ହୋଇହି ତଓ୍ୱ ସଂସୟ ହାନୀ । ଚଲେଉ ବିଂହଗ ସୁନତ ବିଧି ବାନୀ ॥ ୪ ॥**

ତେଣୁ ହେ ଗରୁଡ଼ ! ତୁମେ ଶଙ୍କରଙ୍କ ପାଖକୁ ଯାଅ । ହେ ବତ୍ସ ! ଏକଥା ଆଉ କେଉଁଠି କାହାକୁ ପଚାରିବା ଆବଶ୍ୟକ ନାହିଁ । ସେଇଠି ତୁମର ସନ୍ଦେହ ଦୂର ହୋଇଯିବ ।'' ବ୍ରହ୍ମାଙ୍କ ବଚନ ଶୁଣି ଗରୁଡ଼ ସେଠାରୁ ଚାଲିଆସିଲେ ॥ ୪ ॥

ଦୋ:- **ପରମାତୁର ବିହଂଗପତି ଆୟଉ ତବ ମୋ ପାସ ।**
**ଜାତ ରହେଉଁ କୁବେର ଗୃହ ରହିହୁ ଉମା କୈଲାସ ॥ ୬୦ ॥**

ତା'ପରେ ଅତ୍ୟନ୍ତ ଆତୁର ହୋଇ ସେହି ପକ୍ଷୀରାଜ ଗରୁଡ଼ ମୋ ପାଖକୁ ଆସିଲେ । ହେ ଉମା ! ସେତିକିବେଳେ ମୁଁ କୁବେରଙ୍କ ଘରକୁ ଯାଉଥାଏ; ତୁମେ କୈଳାସରେ ଥାଅ ॥ ୬୦ ॥

**ତେହିଁ ମମ ପଦ ସାଦର ସିରୁ ନାୱା । ପୁନି ଆପନ ସଂଦେହ ସୁନାୱା ॥**
**ସୁନି ତା କରି ବିନତୀ ମୃଦୁ ବାନୀ । ପ୍ରେମ ସହିତ ମୈଁ କହେଉଁ ଭୱାନୀ ॥ ୧ ॥**
**ମିଲେହୁ ଗରୁଡ଼ ମାରଗ ମହଁ ମୋହୀ । କୱନ ଭାଁତି ସମୁଝାୱୌଁ ତୋହୀ ॥**
**ତବହିଁ ହୋଇ ସବ ସଂସୟ ଭଂଗା । ଜବ ବହୁ କାଲ କରିଅ ସତସଂଗା ॥ ୨ ॥**
**ସୁନିଅ ତହାଁ ହରି କଥା ସୁହାଈ । ନାନା ଭାଁତି ମୁନିହ୍ନ ଜୋ ଗାଈ ॥**
**ଜେହି ମହୁଁ ଆଦି ମଧ୍ୟ ଅୱସାନା । ପ୍ରଭୁ ପ୍ରତିପାଦ୍ୟ ରାମ ଭଗୱାନା ॥ ୩ ॥**
**ନିତ ହରି କଥା ହୋତ ଜହଁ ଭାଈ । ପଠୱଉଁ ତହାଁ ସୁନହୁ ତୁହ୍ମ ଜାଈ ॥**
**ଜାଇହି ସୁନତ ସକଲ ସଂଦେହା । ରାମ ଚରନ ହୋଇହି ଅତି ନେହା ॥ ୪ ॥**

ଗରୁଡ଼ ଆସି ଆଦରପୂର୍ବକ ମୋ ଚରଣରେ ପ୍ରଣାମ କଲେ ଏବଂ ତା'ପରେ ନିଜର ସନ୍ଦେହ ଶୁଣାଇଲେ । ହେ ଭବାନୀ ! ତାଙ୍କ ବିନତି ଏବଂ କୋମଳ ବଚନ ଶୁଣି ମୁଁ ସ୍ନେହର ସହିତ କହିଲି, "ହେ ଗରୁଡ଼ ! ତୁମେ ତ ମୋତେ ବାଟରେ ସାକ୍ଷାତ୍ କଲ । ବାଟ ଚାଲୁ ଚାଲୁ ତୁମକୁ ଏସବୁ କିପରି କ'ଣ ବୁଝାଇବି ! ଦୀର୍ଘ ସମୟ ଧରି ସତ୍‌ସଙ୍ଗ କଲେ ଯାଇ ସନ୍ଦେହ ତୁଟିବ । ସତ୍‌ସଙ୍ଗରେ ବସି ସୁନ୍ଦର ହରିକଥା ଶୁଣିବା ଉଚିତ । ମୁନିମାନେ ଅନେକପ୍ରକାରେ ହରିକଥା ଗାଇଥାନ୍ତି । ସେହି କଥାର ଆଦି, ମଧ୍ୟ ଓ ଅନ୍ତରେ ପ୍ରଭୁ ଶ୍ରୀରାମହିଁ ପ୍ରତିପାଦ୍ୟ । ହେ ଭାଇ ! ଗୋଟିଏ ସ୍ଥାନରେ ପ୍ରତିଦିନ ହରିକଥା ହେଉଛି; ତୁମକୁ ମୁଁ ସେଇଠିକି ପଠାଇଦେଉଛି; ତୁମେ ସେଠିକି ଯାଇ ଶୁଣ; ତାହା ଶୁଣିଲେ ତୁମର ସବୁସନ୍ଦେହ ତୁଟିଯିବ ଏବଂ ଶ୍ରୀରାମଙ୍କ ଚରଣରେ ପ୍ରଗାଢ଼ ପ୍ରେମ ହୋଇଯିବ ॥ ୧-୪ ॥

ଦୋः- **ବିନୁ ସତସଂଗ ନ ହରି କଥା ତେହି ବିନୁ ମୋହ ନ ଭାଗ ।**
**ମୋହ ଗଏଁ ବିନୁ ରାମ ପଦ ହୋଇ ନ ଦୃଢ଼ ଅନୁରାଗ ॥ ୬୧ ॥**

ସତ୍‌ସଙ୍ଗ ବିନା ହରିକଥା ଶୁଣିବାକୁ ମିଳେ ନାହିଁ; ହରିକଥା ଶୁଣିବା ବିନା ମୋହ ତୁଟେ ନାହିଁ; ମୋହ ନ ତୁଟିଲେ ଶ୍ରୀରାମଙ୍କ ଚରଣରେ ଦୃଢ଼ ପ୍ରେମ ହୁଏ ନାହିଁ ॥ ୬୧ ॥

**ମିଲହିଁ ନ ରଘୁପତି ବିନୁ ଅନୁରାଗା । କିଏଁ ଜୋଗ ତପ ଗ୍ୟାନ ବିରାଗା ॥**
**ଉତ୍ତର ଦିସି ସୁଂଦର ଗିରି ନୀଲା । ତହଁ ରହ କାକଭୁସୁଂଡି ସୁସୀଲା ॥ ୧ ॥**

ପ୍ରେମବିନା କେବଳ ଯୋଗ, ତପ, ଜ୍ଞାନ ଓ ବୈରାଗ୍ୟାଦିଦ୍ୱାରା ଶ୍ରୀରଘୁନାଥ ମିଳନ୍ତି ନାହିଁ । ଉତ୍ତର ଦିଗରେ ଚାଲିଗଲେ ଗୋଟିଏ ସୁନ୍ଦର ନୀଳ ପର୍ବତ ପଡ଼ିବ । ସେହି ପର୍ବତରେ ପରମ ସୁଶୀଳ କାକଭୁଶୁଣ୍ଡି ରହୁଛନ୍ତି ॥ ୧ ॥

**ରାମ ଭଗତି ପଥ ପରମ ପ୍ରବୀନା । ଗ୍ୟାନୀ ଗୁନ ଗୃହ ବହୁ କାଲୀନା ॥**
**ରାମ କଥା ସୋ କହଇ ନିରଂତର । ସାଦର ସୁନହିଁ ବିବିଧ ବିହଂଗବର ॥ ୨ ॥**

ସେ ହେଉଛନ୍ତି ରାମଭକ୍ତି-ମାର୍ଗରେ ପରମ ପ୍ରବୀଣ, ଜ୍ଞାନୀ, ଗୁଣବାନ୍ ଏବଂ ସେ ବହୁକାଳରୁ ସେଠାରେ ଅଛନ୍ତି । ସେ ନିରନ୍ତର ଶ୍ରୀରାମଙ୍କ କଥା କହିଆସୁଛନ୍ତି । ନାନାଜାତିର ପକ୍ଷୀ ସେଠାକୁ ଯାଇ ତାହା ଆଦରପୂର୍ବକ ଶୁଣନ୍ତି ॥ ୨ ॥

**ଜାଇ ସୁନହୁ ତହଁ ହରି ଗୁନ ଭୂରୀ । ହୋଇହି ମୋହ ଜନିତ ଦୁଖ ଦୂରୀ ॥**
**ମୈଁ ଜବ ତେହି ସବ କହା ବୁଝାଈ । ଚଲେଉ ହରଷି ମମ ପଦ ସିରୁ ନାଈ ॥ ୩ ॥**

ସେଠାକୁ ଯାଇ ଶ୍ରୀହରିଙ୍କ ଗୁଣାବଳୀ ଶୁଣ । ତାହା ଶୁଣିଲେ ତୁମର ମୋହରୁ ଉପନ୍ନ ଦୁଃଖ ଦୂର ହୋଇଯିବ ।'' ଏପରିଭାବରେ ମୁଁ ଯେତେବେଳେ ତାଙ୍କୁ ସବୁକଥା ବୁଝାଇ କହିଲି, ସେ ମୋ ଚରଣରେ ପ୍ରଣାମ କରି ଆନନ୍ଦର ସହିତ ସେଠାକୁ ଚାଲିଗଲେ ॥ ୩ ॥

**ତାତେ ଉମା ନ ମୈଁ ସମୁଝାୱା । ରଘୁପତି କୃପାଁ ମରମୁ ମୈଁ ପାୱା ॥**
**ହୋଇହି କୀହ୍ନ କବହୁଁ ଅଭିମାନା । ସୋ ଖୋୱୈ ଚହ କୃପାନିଧାନା ॥ ୪ ॥**
**କଛୁ ତେହି ତେ ପୁନି ମୈଁ ନହିଁ ରାଖା । ସମୁଝଇ ଖଗ ଖଗହୀ କୈ ଭାଷା ॥**
**ପ୍ରଭୁ ମାୟା ବଲୱଂତ ଭୱାନୀ । ଜାହି ନ ମୋହ କୱନ ଅସ ଗ୍ୟାନୀ ॥ ୫ ॥**

ହେ ଉମା ! ଶ୍ରୀରଘୁନାଥଙ୍କ କୃପାରୁ ମୁଁ ତାଙ୍କ ମୋହ ଜାତ ହେବାର ମର୍ମ ପାଇଗଲି; କିନ୍ତୁ ମୁଁ ତାଙ୍କୁ ଏସବୁ ବିଷୟ କହିଲି ନାହିଁ । ସେ କେବେ କିଛି ଗୋଟିଏ ଅଭିମାନ (ଗର୍ବ) କରିଥିଲେ; କୃପାନିଧାନ ଶ୍ରୀରାମ ସେହି ଅଭିମାନଟି ନଷ୍ଟ କରିଦେବାକୁ ଚାହୁଁଥିଲେ । ତା'ଛଡ଼ା ପକ୍ଷୀ ପକ୍ଷୀର କଥା ଭଲ ବୁଝିପାରେ ବୋଲି ଜାଣି ମଧ୍ୟ ମୁଁ ତାଙ୍କୁ ମୋ ପାଖରେ ରଖିଲି ନାହିଁ । ହେ ଭବାନୀ ! ପ୍ରଭୁଙ୍କ ମାୟା ବଡ଼ ବଳବତୀ; ଏପରି କେଉଁ ଜ୍ଞାନୀ ଅଛନ୍ତି, ଯାହାଙ୍କୁ ମାୟା ମୋହି ନ ପାରେ ॥ ୪–୫ ॥

ଦୋ:- **ଗ୍ୟାନୀ ଭଗତ ସିରୋମନି ତ୍ରିଭୁୱନପତି କର ଜାନ ।**
**ତାହି ମୋହ ମାୟା ନର ପାୱଁର କରହିଁ ଗୁମାନ ॥ ୬୨(କ) ॥**

ଯେ ଜ୍ଞାନୀମାନଙ୍କ ମଧ୍ୟରେ ଓ ଭକ୍ତମାନଙ୍କ ମଧ୍ୟରେ ଶ୍ରେଷ୍ଠ ଏବଂ ତ୍ରିଭୁବନପତି ଭଗବାନଙ୍କର ବାହନ, ସେହି ଗରୁଡ଼ଙ୍କୁ ବି ମାୟା ମୋହିଦେଲା । ତଥାପି ନୀଚ ମନୁଷ୍ୟ ମୂର୍ଖତାବଶତଃ ଗର୍ବ କରିଚାଲିଛି ॥ ୬୨(କ) ॥

## ମାସପାରାୟଣ, ଅଷ୍ଟାବିଂଶ ବିଶ୍ରାମ

**ସିୱ ବିରଂଚି କହୁଁ ମୋହଇ କୋ ହୈ ବପୁରା ଆନ ।**
**ଅସ ଜିୟଁ ଜାନି ଭଜହିଁ ମୁନି ମାୟା ପତି ଭଗୱାନ ॥ ୬୨(ଖ) ॥**

ମାୟା ଯେଉଁଠି ଶିବ ଓ ବ୍ରହ୍ମାଙ୍କୁ ବି ମୋହିତ କରିଦେଉଛି, ସେଠାରେ ଅନ୍ୟମାନଙ୍କୁ କିଏ ପଚାରେ ? ହୃଦୟରେ ଏହା ଉପଲବ୍ଧି କରିହିଁ ମୁନିମାନେ ସେହି ମାୟାପତି ଭଗବାନଙ୍କୁ ଭଜନ୍ତି ॥ ୬୨(ଖ) ॥

**ଗୟଉ ଗରୁଡ଼ ଜହଁ ବସଇ ଭୁସୁଂଡା । ମତି ଅକୁଂଠ ହରି ଭଗତି ଅଖଂଡା ॥**
**ଦେଖି ସୈଲ ପ୍ରସନ୍ନ ମନ ଭୟଉ । ମାୟା ମୋହ ସୋଚ ସବ ଗୟଉ ॥ ୧ ॥**

ଶୁଦ୍ଧବୁଦ୍ଧି ଓ ଅଖଣ୍ଡ ହରିଭକ୍ତିସମ୍ପନ୍ନ କାକଭୁଶୁଣ୍ଡି ଯେଉଁଠାରେ ରହୁଥିଲେ, ଗରୁଡ଼ ସେହିଠାକୁ ଗଲେ । ସେହି ପର୍ବତଟି ଦେଖି ତାଙ୍କ ମନ ପ୍ରସନ୍ନ ହୋଇଗଲା । ତାହା ଦର୍ଶନ କରିବାମାତ୍ରକେ ତାଙ୍କର ସବୁ ମାୟା, ମୋହ ତଥା ଶୋକ ଦୂର ହୋଇଗଲା ॥ ୧ ॥

**କରି ତଡ଼ାଗ ମଜ୍ଜନ ଜଲପାନା । ବଟ ତର ଗୟଉ ହୃଦୟଁ ହରଷାନା ॥**
**ବୃଦ୍ଧ ବୃଦ୍ଧ ବିହଂଗ ତହଁ ଆଏ । ସୁନୈ ରାମ କେ ଚରିତ ସୁହାଏ ॥ ୨ ॥**

ସରୋବରରେ ସ୍ନାନ ଓ ଜଳପାନ କରି ସେ ପ୍ରସନ୍ନଚିତ୍ତରେ ବରଗଛତଳକୁ ଚାଲିଗଲେ । ଶ୍ରୀରାମଙ୍କର ସୁନ୍ଦର ଚରିତ ଶୁଣିବାକୁ ସେଠାକୁ ବହୁ ବୟୋବୃଦ୍ଧ ପକ୍ଷୀ ଆସିଥାଆନ୍ତି ॥ ୨ ॥

**କଥା ଅରଂଭ କରୈ ସୋଇ ଗୃହା । ତେହୀ ସମୟ ଗୟଉ ଖଗନାହା ॥**
**ଆୱତ ଦେଖି ସକଲ ଖଗରାଜା । ହରଷେଉ ବାୟସ ସହିତ ସମାଜା ॥ ୩ ॥**

ଭୁଶୁଣ୍ଡି ରାମକଥା ଆରମ୍ଭ କରିବାକୁ ଯାଉଛନ୍ତି, ଠିକ୍ ଏତିକିବେଳେ ଗରୁଡ଼ ଯାଇ ସେଠାରେ ପହଞ୍ଚିଗଲେ । ପକ୍ଷୀରାଜ ଗରୁଡ଼ ଆସିଛନ୍ତି ଦେଖି କାକଭୁଶୁଣ୍ଡିଙ୍କ ସମେତ ସାରା ପକ୍ଷୀସମାଜ ଆନନ୍ଦିତ ହୋଇଗଲା ॥ ୩ ॥

**ଅତି ଆଦର ଖଗପତି କର କୀହ୍ନା । ସ୍ୱାଗତ ପୂଛି ସୁଆସନ ଦୀହ୍ନା ॥**
**କରି ପୂଜା ସମେତ ଅନୁରାଗା । ମଧୁର ବଚନ ତବ ବୋଲେଉ କାଗା ॥ ୪ ॥**

କାକଭୁଶୁଣ୍ଡି ପକ୍ଷୀରାଜ ଗରୁଡ଼ଙ୍କୁ ବହୁ ଆଦରସତ୍କାର କଲେ ଏବଂ କୁଶଳ ପ୍ରଶ୍ନ କରି ବସିବାକୁ ସୁନ୍ଦର ଆସନ ଦେଲେ । ତା'ପରେ ପ୍ରେମର ସହିତ ତାଙ୍କୁ ପୂଜା କରି ମଧୁର କଣ୍ଠରେ କହିଲେ, ॥ ୪ ॥

ଦୋଃ- **ନାଥ କୃତାରଥ ଭୟଉଁ ମୈଁ ତୱ ଦରସନ ଖଗରାଜ ।**
**ଆୟସୁ ଦେହୁ ସୋ କରୌଁ ଅବ ପ୍ରଭୁ ଆୟହୁ କେହି କାଜ ॥ ୬୩(କ) ॥**

''ହେ ନାଥ ! ହେ ପକ୍ଷୀରାଜ ! ଆପଣଙ୍କ ଦର୍ଶନରେ ମୁଁ କୃତାର୍ଥ ହୋଇଗଲି । ବର୍ତ୍ତମାନ ଆପଣ ଯାହା ଆଜ୍ଞା ଦେବେ, ତାହା କରିବି । ହେ ପ୍ରଭୁ ! ଆପଣ କେଉଁ କାର୍ଯ୍ୟ ନେଇ ଏଠାକୁ ଆସିଛନ୍ତି ?'' ॥ ୬୩(କ) ॥

**ସଦା କୃତାରଥ ରୂପ ତୁହ୍ମ କହ ମୃଦୁ ବଚନ ଖଗେସ ।**
**ଜେହି କୈ ଅସ୍ତୁତି ସାଦର ନିଜ ମୁଖ କୀହ୍ନି ମହେସ ॥ ୬୩(ଖ) ॥**

ପକ୍ଷୀରାଜ ଗରୁଡ଼ କୋମଳ କଣ୍ଠରେ କହିଲେ, ''ଆପଣ ତ ସର୍ବଦା କୃତାର୍ଥରୂପ । ଆପଣଙ୍କ ମହିମା ସ୍ୱୟଂ ମହାଦେବ ନିଜ ଶ୍ରୀମୁଖରେ ଶ୍ରଦ୍ଧାର ସହିତ ଗାନ କରିଛନ୍ତି ॥ ୬୩(ଖ) ॥

**ସୁନହୁ ତାତ ଜେହି କାରନ ଆୟଉଁ । ସୋ ସବ ଭୟଉ ଦରସ ତୱ ପାୟଉଁ ॥**
**ଦେଖି ପରମ ପାୱନ ତୱ ଆଶ୍ରମ । ଗୟଉ ମୋହ ସଂସୟ ନାନା ଭ୍ରମ ॥ ୧ ॥**

ହେ ମହାଶୟ ! ଶୁଣନ୍ତୁ; ମୁଁ ଯେଉଁ କାରଣରୁ ଆସିଥିଲି, ତାହା ତ ମୁଁ ଏଠାକୁ ଆସୁ ଆସୁ ପୂର୍ଣ୍ଣ ହୋଇଗଲା । ତା'ସହିତ ଆପଣଙ୍କର ଦର୍ଶନ ମଧ୍ୟ ମିଳିଗଲା । ଆପଣଙ୍କର ପରମ ପବିତ୍ର ଆଶ୍ରମ ଦେଖିଦେବାମାତ୍ରେ ମୋର ଯାହାକିଛି ମୋହ, ସନ୍ଦେହ ଏବଂ ବିଭିନ୍ନ ଭ୍ରମ ଥିଲା, ସେସବୁ ଦୂର ହୋଇଗଲା ॥ ୧ ॥

**ଅବ ଶ୍ରୀରାମ କଥା ଅତି ପାୱନି । ସଦା ସୁଖଦ ଦୁଖ ପୁଂଜ ନସାୱନି ॥**
**ସାଦର ତାତ ସୁନାୱହୁ ମୋହୀ । ବାର ବାର ବିନୱଉଁ ପ୍ରଭୁ ତୋହୀ ॥ ୨ ॥**

ଆପଣ ଏଥର ମୋତେ ଶ୍ରୀରାମଙ୍କର ଅତ୍ୟନ୍ତ ପବିତ୍ରକାରିଣୀ, ସଦାସୁଖଦାୟିନୀ, ସକଳଦୁଃଖବିନାଶିନୀ କଥା ପ୍ରେମର ସହିତ ଶୁଣାନ୍ତୁ । ଏହାହିଁ ମୋର ଆପଣଙ୍କୁ ବାରମ୍ବାର ବିନତି ।'' ॥ ୨ ॥

**ସୁନତ ଗରୁଡ଼ କୈ ଗିରା ବିନୀତା । ସରଲ ସୁପ୍ରେମ ସୁଖଦ ସୁପୁନୀତା ॥**
**ଭୟଉ ତାସୁ ମନ ପରମ ଉଛାହା । ଲାଗ କହୈ ରଘୁପତି ଗୁନ ଗାହା ॥ ୩ ॥**

ଗରୁଡ଼ଙ୍କର ସରଳ, ସୁନ୍ଦର, ପ୍ରେମଯୁକ୍ତ, ସୁଖପ୍ରଦ ଓ ଅତ୍ୟନ୍ତ ପବିତ୍ର ବିନମ୍ର ବଚନ ଶୁଣୁ ଶୁଣୁ ଭୁଶୁଣ୍ଡିଙ୍କ ମନରେ ପରମ ଉତ୍ସାହ ଜାଗ୍ରତ ହୋଇଗଲା । ସେ ଶ୍ରୀରଘୁନାଥଙ୍କର ଗୁଣଗାଥା କହିବାକୁ ଆରମ୍ଭ କଲେ ॥ ୩ ॥

**ପ୍ରଥମହିଁ ଅତି ଅନୁରାଗ ଭୱାନୀ । ରାମଚରିତ ସର କହେସି ବଖାନୀ ॥**
**ପୁନି ନାରଦ କର ମୋହ ଅପାରା । କହେସି ବହୁରି ରାୱନ ଅୱତାରା ॥ ୪ ॥**

ହେ ଭବାନୀ ! ପ୍ରଥମେ ସେ ଅତ୍ୟନ୍ତ ପ୍ରେମର ସହିତ ରାମଚରିତମାନସ-ସରୋବରର ରୂପକଟି ବୁଝାଇ କହିଦେଲେ । ତା'ପରେ ନାରଦଙ୍କର ଅପାର ମୋହ କଥା ଶୁଣାଇ ସେ ରାବଣର ଜନ୍ମ କଥା କହିଲେ ॥ ୪ ॥

**ପ୍ରଭୁ ଅୱତାର କଥା ପୁନି ଗାଈ । ତବ ସିସୁ ଚରିତ କହେସି ମନ ଲାଈ ॥ ୫ ॥**

ପୁନଶ୍ଚ ସେ ପ୍ରଭୁଙ୍କ ଅବତାର ବିଷୟ ବର୍ଣ୍ଣନା କଲେ । ତା'ପରେ ସେ ମନ ଲଗାଇ ଶ୍ରୀରାମଙ୍କର ବାଲ୍ୟଲୀଳା କହିବସିଲେ ॥ ୫ ॥

ଦୋଃ- **ବାଲଚରିତ କହି ବିବିଧି ମନ ମହଁ ପରମ ଉଛାହ ।**
**ରିଷି ଆଗୱନ କହେସି ପୁନି ଶ୍ରୀରଘୁବୀର ବିବାହ ॥ ୬୪ ॥**

ମନରେ ପରମ ଉତ୍ସାହ ଭରି ଅନେକପ୍ରକାର ବାଲ୍ୟଲୀଳା କହିବା ପରେ ସେ ଋଷି ବିଶ୍ୱାମିତ୍ରଙ୍କର ଅଯୋଧ୍ୟା ଆଗମନ ଓ ଶ୍ରୀରଘୁନାଥଙ୍କର ବିବାହ ବିଷୟ ବର୍ଣ୍ଣନା କଲେ ॥ ୬୪ ॥

**ବହୁରି ରାମ ଅଭିଷେକ ପ୍ରସଂଗା । ପୁନି ନୃପ ବଚନ ରାଜ ରସ ଭଂଗା ॥**
**ପୁରବାସିହ୍ନ କର ବିରହ ବିଷାଦା । କହେସି ରାମ ଲଛିମନ ସଂବାଦା ॥ ୧ ॥**

ପୁନଶ୍ଚ ଶ୍ରୀରାମଙ୍କ ରାଜ୍ୟାଭିଷେକ ପ୍ରସଙ୍ଗ, ରାଜା ଦଶରଥଙ୍କ ବଚନ ଫଳରେ ରାଜରସଭଙ୍ଗ ହେବା (ରାଜ୍ୟାଭିଷେକ-ଆନନ୍ଦରେ ବାଧା ପଡ଼ିଯିବା) ଘଟଣା, ନଗରବାସୀମାନଙ୍କର ବିରହ ଓ ବିଷାଦ ତଥା ଶ୍ରୀରାମ-ଲକ୍ଷ୍ମଣଙ୍କ ସଂବାଦ କହିଲେ ॥ ୧ ॥

**ବିପିନ ଗୱନ କେୱଟ ଅନୁରାଗା । ସୁରସରି ଉତରି ନିୱାସ ପ୍ରୟାଗା ॥**
**ବାଲମୀକ ପ୍ରଭୁ ମିଲନ ବଖାନା । ଚିତ୍ରକୂଟ ଜିମି ବସେ ଭଗୱାନା ॥ ୨ ॥**

ତା'ପରେ ଶ୍ରୀରାମଙ୍କ ବନଗମନ, କେଉଟ(ନାବିକ)ର ଭକ୍ତି, ଗଙ୍ଗା ପାରିହେବା ପରେ ପ୍ରୟାଗରେ ନିବାସ, ବାଲ୍ମୀକି ଓ ପ୍ରଭୁ ଶ୍ରୀରାମଙ୍କର ମିଳନ ଏବଂ ଭଗବାନ୍ କିପରି ଚିତ୍ରକୂଟରେ ବାସ କଲେ, ସେହିସବୁ କଥା କହିଲେ ॥ ୨ ॥

**ସଚିୱାଗୱନ ନଗର ନୃପ ମରନା । ଭରତାଗୱନ ପ୍ରେମ ବହୁ ବରନା ॥**
**କରି ନୃପ କ୍ରିୟା ସଂଗ ପୁରବାସୀ । ଭରତ ଗଏ ଜହଁ ପ୍ରଭୁ ସୁଖ ରାସୀ ॥ ୩ ॥**

ତା'ପରେ ମନ୍ତ୍ରୀ ସୁମନ୍ତ୍ରଙ୍କ ନଗରକୁ ପ୍ରତ୍ୟାଗମନ, ରାଜା ଦଶରଥଙ୍କ ମରଣ, ଭରତଙ୍କର ମାମୁଘରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ତାଙ୍କ ପ୍ରେମବିଷୟ ବହୁଳଭାବରେ ବର୍ଣ୍ଣନା କଲେ । ତା'ପରେ ରାଜାଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରିବା ପରେ ନଗରବାସୀମାନଙ୍କ ସହିତ ଭରତଙ୍କର ଶ୍ରୀରାମଙ୍କ ନିକଟକୁ ଆଗମନ କଥା କହିଲେ ॥ ୩ ॥

**ପୁନି ରଘୁପତି ବହୁ ବିଧି ସମୁଝାଏ । ଲୈ ପାଦୁକା ଅୱଧପୁର ଆଏ ॥**
**ଭରତ ରହନି ସୁରପତି ସୁତ କରନୀ । ପ୍ରଭୁ ଅରୁ ଅତ୍ରି ଭେଁଟ ପୁନି ବରନୀ ॥ ୪ ॥**

ତା'ପରେ ଶ୍ରୀରଘୁନାଥ ବିଭିନ୍ନପ୍ରକାରେ ବୁଝାଇବାରୁ କିପରି ଭରତ ପାଦୁକା ନେଇ ଅଯୋଧ୍ୟାପୁରୀକୁ ଫେରିଆସିଲେ, ସେହିସବୁ କଥା କହିଲେ । ଭରତଙ୍କର ନନ୍ଦୀଗ୍ରାମରେ ରହିବା ରୀତି ଓ ଇନ୍ଦ୍ରପୁତ୍ର ଜୟନ୍ତର ନୀଚକର୍ମ କଥା କହି ଶ୍ରୀରାମଙ୍କର ଅତ୍ରିମୁନିଙ୍କ ସହିତ ମିଳନ କଥା ମଧ୍ୟ ବର୍ଣ୍ଣନା କଲେ ॥ ୪ ॥

ଦୋ:- **କହି ବିରାଧ ବଧ ଜେହି ବିଧି ଦେହ ତଜୀ ସରଭଂଗ ।**
**ବରନି ସୁତୀଛନ ପ୍ରୀତି ପୁନି ପ୍ରଭୁ ଅଗସ୍ତି ସତସଂଗ ॥ ୬୫ ॥**

ବିରାଧ କିପରି ନିହତ ହେଲା ଏବଂ ଶରଭଙ୍ଗ ଋଷି କିପରି ଶରୀର ତ୍ୟାଗ କଲେ, ସେହି ପ୍ରସଙ୍ଗ କହିସାରି ସେ ସୁତୀକ୍ଷ୍ଣଙ୍କ ପ୍ରେମ କଥା କହିଲେ ଏବଂ ପ୍ରଭୁ ଓ ଅଗସ୍ତ୍ୟଙ୍କ ସତ୍‌ସଙ୍ଗ ବୃତ୍ତାନ୍ତ ବର୍ଣ୍ଣନା କଲେ ॥ ୬୫ ॥

**କହି ଦଂଡକ ବନ ପାଵନତାଈ । ଗୀଧ ମଇତ୍ରୀ ପୁନି ତେହିଁ ଗାଈ ॥**
**ପୁନି ପ୍ରଭୁ ପଂଚବଟୀଁ କୃତ ବାସା । ଭଂଜୀ ସକଲ ମୁନିହ୍ନ କୀ ତ୍ରାସା ॥ ୧ ॥**
**ପୁନି ଲଛିମନ ଉପଦେସ ଅନୂପା । ସୂପନଖା ଜିମି କୀହ୍ନି କୁରୂପା ॥**
**ଖର ଦୂଷନ ବଧ ବହୁରି ବଖାନା । ଜିମି ସବ ମରମୁ ଦସାନନ ଜାନା ॥ ୨ ॥**

ଶ୍ରୀରାମ କିପରି ଦଣ୍ଡକବନ ପବିତ୍ର କରିଦେଲେ, ତାହା କହିବା ପରେ ଗୃଧ୍ରରାଜଙ୍କ ସହିତ ପ୍ରଭୁଙ୍କର ମିତ୍ରତା ବିଷୟ ବର୍ଣ୍ଣନା କଲେ । ତା'ପରେ ପ୍ରଭୁ କିପରି ପଞ୍ଚବଟୀରେ ନିବାସ କଲେ ଓ ମୁନିମାନଙ୍କର ଭୟ ନାଶ କଲେ, ପ୍ରଭୁ ଲକ୍ଷ୍ମଣଙ୍କୁ କିପରି ଅନୁପମ ଉପଦେଶ ଦେଲେ ଏବଂ ଲକ୍ଷ୍ମଣ କିପରି ସୂର୍ପଣଖାକୁ କୁରୂପା କଲେ, ସେହିସବୁ ବିଷୟ ବର୍ଣ୍ଣନା କଲେ । ତା'ପରେ ଖର-ଦୂଷଣ କିପରି ବଧ ହେଲେ ଏବଂ ରାବଣ କିପରିଭାବରେ ସେହିସବୁ ରହସ୍ୟ ଜାଣିଲା, ତାହା ବର୍ଣ୍ଣନା କଲେ ॥ ୧-୨ ॥

**ଦସକଂଧର ମାରୀଚ ବତକହୀ । ଜେହି ବିଧି ଭଈ ସୋ ସବ ତେହିଁ କହୀ ॥**
**ପୁନି ମାୟା ସୀତା କର ହରନା । ଶ୍ରୀରଘୁବୀର ବିରହ କଛୁ ବରନା ॥ ୩ ॥**

ତା'ପରେ ମାରୀଚ ସହିତ ରାବଣର କଥୋପକଥନ ବିଷୟ ମଧ୍ୟ ସେ କହିଲେ ଏବଂ ମାୟାସୀତା ହରଣ ଓ ରଘୁବୀରଙ୍କ ବିରହର କିଛି ଅଂଶ ମଧ୍ୟ ବର୍ଣ୍ଣନା କଲେ ॥ ୩ ॥

**ପୁନି ପ୍ରଭୁ ଗୀଧ କ୍ରିୟା ଜିମି କୀହ୍ନୀ । ବଧି କବଂଧ ସବରିହି ଗତି ଦୀହ୍ନୀ ॥**
**ବହୁରି ବିରହ ବରନତ ରଘୁବୀରା । ଜେହି ବିଧି ଗଏ ସରୋବର ତୀରା ॥ ୪ ॥**

ପ୍ରଭୁ ଯେପରି ପୁଣି ଗୃଧ୍ରରାଜ ଜଟାୟୁଙ୍କର ଅନ୍ତ୍ୟେଷ୍ଟିକ୍ରିୟା କଲେ, କବନ୍ଧ ବଧ କରି ଶବରୀଙ୍କୁ ଯେପରି ପରମଗତି ଦେଲେ, ତାହା କହିଲେ ଏବଂ ଯେପରିଭାବରେ ବିରହ ବର୍ଣ୍ଣନା କରି କରି ଶ୍ରୀରଘୁନାଥ ପମ୍ପାସରୋବର କୂଳକୁ ଗଲେ, ତାହା ବି କହିଲେ ॥ ୪ ॥

ଦୋ:- **ପ୍ରଭୁ ନାରଦ ସଂବାଦ କହି ମାରୁତି ମିଲନ ପ୍ରସଂଗ ।**
**ପୁନି ସୁଗ୍ରୀଵ ମିତାଈ ବାଲି ପ୍ରାନ କର ଭଂଗ ॥ ୬୬(କ) ॥**

ପ୍ରଭୁ ଓ ନାରଦଙ୍କ ସମ୍ବାଦ ଏବଂ ହନୁମାନଙ୍କ ସହିତ ପ୍ରଭୁଙ୍କ ମିଳନ ପ୍ରସଙ୍ଗ କହିବା ପରେ ସେ ସୁଗ୍ରୀବଙ୍କ ସହିତ ମିତ୍ରତା ଓ ବାଳିବଧ ଆଦି ପ୍ରସଙ୍ଗ ବର୍ଣ୍ଣନା କଲେ ॥ ୬୬ (କ) ॥

**କପିହି ତିଲକ କରି ପ୍ରଭୁ କୃତ ସୈଲ ପ୍ରବରଷନ ବାସ ।**
**ବରନନ ବର୍ଷା ସରଦ ଅରୁ ରାମ ରୋଷ କପି ତ୍ରାସ ॥ ୬୬(ଖ) ॥**

ସୁଗ୍ରୀବଙ୍କୁ ରାଜତିଳକ ଦେଇ ପ୍ରଭୁ ପ୍ରବର୍ଷଣ ପର୍ବତରେ ନିବାସ କରିବା କଥା, ତଥା ବର୍ଷା ଓ ଶରତ ଋତୁର ବର୍ଣ୍ଣନା, ଶ୍ରୀରାମଙ୍କର ସୁଗ୍ରୀବଙ୍କ ପ୍ରତି ରୋଷ ଓ ସୁଗ୍ରୀବଙ୍କ ଭୟ ଆଦି ପ୍ରସଙ୍ଗ ମଧ୍ୟ କହିଲେ ॥ ୬୬ (ଖ) ॥

**ଜେହି ବିଧି କପିପତି କୀସ ପଠାଏ । ସୀତା ଖୋଜ ସକଲ ଦିସି ଧାଏ ॥**
**ବିବର ପ୍ରବେସ କୀହ୍ନ ଜେହି ଭାଁତି । କପିହ୍ନ ବହୋରି ମିଲା ସଂପାତୀ ॥ ୧ ॥**

ସୁଗ୍ରୀବ କିପରି ବାନରମାନଙ୍କୁ ପଠାଇଲେ, ସେମାନେ କିପରି ସୀତାଙ୍କୁ ଖୋଜିବାକୁ ଚତୁର୍ଦ୍ଦିଗକୁ ଗ୍ଲିଲେ, ବାନରମାନେ କିପରି ବିବର ଗୁମ୍ଫା ଭିତରେ ପଶିଲେ, ସମ୍ପାତି ସହିତ ସେମାନଙ୍କର କିପରି ସାକ୍ଷାତ ହେଲା, ସେ ସେହିସବୁ କଥା କହିଲେ ॥ ୧ ॥

**ସୁନି ସବ କଥା ସମୀରକୁମାରା । ନାଘତ ଭଯଉ ପୟୋଧି ଅପାରା ॥**
**ଲଂକାଁ କପି ପ୍ରବେସ ଜିମି କୀହ୍ନା । ପୁନି ସୀତହି ଧୀରଜୁ ଜିମି ଦୀହ୍ନା ॥ ୨ ॥**

ସମ୍ପାତିଙ୍କ ଠାରୁ ସବୁକଥା ଶୁଣି ପବନପୁତ୍ର ହନୁମାନ୍ କିପରି ଅପାର ସମୁଦ୍ର ଲଂଘନ କଲେ, ହନୁମାନ୍ କିପରି ଲଙ୍କାରେ ପ୍ରବେଶ କଲେ ଓ କିପରି ସୀତାଙ୍କୁ ଧୈର୍ଯ୍ୟ ଦେଲେ, ସେ ତାହା କହିଲେ ॥ ୨ ॥

**ବନ ଉଜାରି ରାୱନହି ପ୍ରବୋଧୀ । ପୁର ଦହି ନାଘେଉ ବହୁରି ପୟୋଧୀ ॥**
**ଆଏ କପି ସବ ଜହଁ ରଘୁରାଈ । ବୈଦେହୀ କୀ କୁସଲ ସୁନାଈ ॥ ୩ ॥**

ଅଶୋକବନ ଧ୍ୱଂସ କରି, ରାବଣକୁ ବୁଝାଇ, ଲଂକା ପୋଡ଼ିସାରି ହନୁମାନ୍ କିପରି ସମୁଦ୍ର ପାରିହେଲେ ଏବଂ କିପରିଭାବରେ ସବୁବାନର ଶ୍ରୀରାମଙ୍କ ନିକଟକୁ ଆସି ଜାନକୀଙ୍କର କୁଶଳ ସମାଗ୍ଚର ଶୁଣାଇଲେ, ସେ (କାକଭୁଶୁଣ୍ଡି) ତାହା କହିଦେଲେ ॥ ୩ ॥

**ସେନ ସମେତି ଜଥା ରଘୁବୀରା । ଉତରେ ଜାଇ ବାରିନିଧି ତୀରା ॥**
**ମିଲା ବିଭୀଷନ ଜେହି ବିଧି ଆଈ । ସାଗର ନିଗ୍ରହ କଥା ସୁନାଈ ॥ ୪ ॥**

ତା'ପରେ ଶ୍ରୀରଘୁବୀର କିପରି ସେନାସହିତ ସମୁଦ୍ରତଟକୁ ଆସିଲେ, ବିଭୀଷଣ ଆସି କିପରି ପ୍ରଭୁଙ୍କୁ ସାକ୍ଷାତ୍ କଲେ, ସେହିସବୁ ବିଷୟ କହି ପ୍ରଭୁ କିପରି ସମୁଦ୍ରର ଗର୍ବ ଭାଙ୍ଗିଲେ ଓ ତାକୁ ଶାସନ କଲେ, ତାହା ମଧ୍ୟ ଶୁଣାଇଲେ ॥ ୪ ॥

ଦୋଃ- **ସେତୁ ବାଁଧି କପି ସେନ ଜିମି ଉତରୀ ସାଗର ପାର ।**
**ଗଯଉ ବସୀଠୀ ବୀରବର ଜେହି ବିଧି ବାଲିକୁମାର ॥ ୬୭(କ) ॥**

ସେତୁ ବାନ୍ଧି ବାନରସେନା କିପରି ସମୁଦ୍ର ପାରିହୋଇଗଲେ, ବୀରଶ୍ରେଷ୍ଠ ବାଲିପୁତ୍ର ଅଙ୍ଗଦ କିପରି ଦୂତ ହୋଇ ଯାଇଥିଲେ, ସେସବୁ କଥା ମଧ୍ୟ କହିଲେ ॥ ୬୭ (କ) ॥

**ନିସିଚର କୀସ ଲରାଈ ବରନିସି ବିବିଧି ପ୍ରକାର ।**
**କୁଂଭକରନ ଘନନାଦ କର ବଲ ପୌରୁଷ ସଂଘାର ॥ ୬୭(ଖ) ॥**

ପୁନଶ୍ଚ ସେ ରାକ୍ଷସ ଓ ବାନରମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ଅନେକପ୍ରକାରେ ବର୍ଣ୍ଣନା କଲେ ଏବଂ କୁମ୍ଭକର୍ଣ୍ଣ ଓ ମେଘନାଦର ବଳ, ପୁରୁଷାର୍ଥ ଓ ସଂହାର କଥା କହିଲେ ॥ ୬୭(ଖ) ॥

**ନିସିଚର ନିକର ମରନ ବିଧି ନାନା । ରଘୁପତି ରାୱନ ସମର ବଖାନା ॥**
**ରାୱନ ବଧ ମଂଦୋଦରି ସୋକା । ରାଜ ବିଭୀଷନ ଦେୱ ଅସୋକା ॥ ୧ ॥**
**ସୀତା ରଘୁପତି ମିଲନ ବହୋରୀ । ସୁରହ୍ନ କୀହ୍ନି ଅସ୍ତୁତି କର ଜୋରୀ ॥**
**ପୁନି ପୁଷ୍ପକ ଚଢ଼ି କପିହ୍ନ ସମେତା । ଅୱଧ ଚଲେ ପ୍ରଭୁ କୃପା ନିକେତା ॥ ୨ ॥**

କାକଭୁଶୁଣ୍ଡି ରାକ୍ଷସମାନଙ୍କର ବିଭିନ୍ନପ୍ରକାର ମରଣ ତଥା ଶ୍ରୀରଘୁନାଥ ଓ ରାବଣଙ୍କ ମଧ୍ୟରେ ହୋଇଥିବା ବିବିଧ ଯୁଦ୍ଧର ବର୍ଣ୍ଣନା କଲେ । ରାବଣବଧ, ମନ୍ଦୋଦରୀଙ୍କ ଶୋକ, ବିଭୀଷଣଙ୍କ ରାଜ୍ୟାଭିଷେକ ଓ ଦେବତାମାନଙ୍କର ଶୋକରହିତ ହେବା ପ୍ରସଙ୍ଗ କହିସାରି, ସେ ସୀତା ଓ ଶ୍ରୀରାମଙ୍କ ମିଳନ କଥା କହିଲେ । ଦେବତାମାନେ କିପରି କର ଯୋଡ଼ି ସ୍ତୁତି କଲେ ଓ ବାନରମାନଙ୍କ ସହିତ ପୁଷ୍ପକବିମାନ ଚଢ଼ି କୃପାଧାମ ପ୍ରଭୁ କିପରି ଅଯୋଧ୍ୟା ଗଲେ, ସେ ତାହା ବର୍ଣ୍ଣନା କଲେ ॥ ୨ ॥

**ଜେହି ବିଧି ରାମ ନଗର ନିଜ ଆଏ । ବାୟସ ବିସଦ ଚରିତ ସବ ଗାଏ ॥**
**କହେସି ବହୋରି ରାମ ଅଭିଷେକା । ପୁର ବରନତ ନୃପନୀତି ଅନେକା ॥ ୩ ॥**
**କଥା ସମସ୍ତ ଭୁସୁଂଡ ବଖାନୀ । ଜୋ ମୈଁ ତୁହ୍ମ ସନ କହୀ ଭୱାନୀ ॥**
**ସୁନି ସବ ରାମ କଥା ଖଗନାହା । କହତ ବଚନ ମନ ପରମ ଉଛାହା ॥ ୪ ॥**

ଶ୍ରୀରାମ ଯେପରିଭାବରେ ନିଜ ନଗରୀ ଅଯୋଧ୍ୟାକୁ ଆସିଲେ, ସେହି ଚରିତ କାକଭୁଶୁଣ୍ଡି ବିସ୍ତାରପୂର୍ବକ କହିଲେ । ତା'ପରେ ସେ ଶ୍ରୀରାମଙ୍କର ରାଜ୍ୟାଭିଷେକ ଉତ୍ସବ ବର୍ଣ୍ଣନା କଲେ । [ଶିବ କହିଲେ,] ଅଯୋଧ୍ୟାପୁରୀର ଏବଂ ନାନାବିଧ ରାଜନୀତିର ବର୍ଣ୍ଣନା କରି, ହେ ଭବାନୀ ! ଭୁଶୁଣ୍ଡି ସେହିସବୁ କଥା କହିଲେ, ଯାହା କି ମୁଁ ତୁମକୁ ଆଗରୁ କହିସାରିଛି । ସମସ୍ତ ରାମକଥା ଶୁଣିବା ପରେ ପକ୍ଷୀରାଜ ଗରୁଡ଼ ମନେ ମନେ ଅତ୍ୟନ୍ତ ଉତ୍ସାହିତ ହୋଇ କହିଲେ, ॥ ୩-୪ ॥

ସୋ:- **ଗୟଉ ମୋର ସଂଦେହ ସୁନେଉଁ ସକଲ ରଘୁପତି ଚରିତ ।**
**ଭୟଉ ରାମ ପଦ ନେହ ତୱ ପ୍ରସାଦ ବାୟସ ତିଲକ ॥ ୬୮ (କ) ॥**

"ଶ୍ରୀରଘୁନାଥଙ୍କର ସକଳ ଚରିତ ଶୁଣି ମୋର ସନ୍ଦେହ ଦୂର ହୋଇଗଲା । ହେ କାକଶିରୋମଣି ! ଆପଣଙ୍କ ଅନୁଗ୍ରହରୁ ଶ୍ରୀରାମଙ୍କ ଚରଣରେ ମୋର ପ୍ରୀତି ହୋଇଗଲା ॥ ୬୮ (କ) ॥

**ମୋହି ଭୟଉ ଅତି ମୋହ ପ୍ରଭୁ ବଂଧନ ରନ ମହୁଁ ନିରଖି ।**
**ଚିଦାନଂଦ ସଂଦୋହ ରାମ ବିକଲ କାରନ କୱନ ॥ ୬୮ (ଖ) ॥**

ଯୁଦ୍ଧରେ ପ୍ରଭୁ ନାଗଫାଶରେ ବାନ୍ଧିହୋଇଯାଇଥିବା ଦେଖି, 'ଶ୍ରୀରାମ ତ ସଚ୍ଚିଦାନନ୍ଦଘନ, ସେ କାହିଁକି ବ୍ୟାକୁଳ ହେଉଛନ୍ତି' ଭାବି ମୋ ଭିତରେ ମୋହ ଜାତ ହୋଇଯାଇଥିଲା ॥ ୬୮ (ଖ) ॥

**ଦେଖି ଚରିତ ଅତି ନର ଅନୁସାରୀ । ଭୟଉ ହୃଦୟଁ ମମ ସଂସୟ ଭାରୀ ॥**
**ସୋଇ ଭ୍ରମ ଅବ ହିତ କରି ମୈଁ ମାନା । କୀହ୍ନ ଅନୁଗ୍ରହ କୃପାନିଧାନା ॥ ୧ ॥**

ପ୍ରଭୁଙ୍କର ଅବିକଳ ଲୌକିକ ମନୁଷ୍ୟଙ୍କ ପରି ଚରିତ ଦେଖି ମୋ ମନରେ ବଡ଼ ସନ୍ଦେହ ଉପୁଜିଥିଲା । ମୁଁ ବର୍ତ୍ତମାନ ଦେଖୁଛି, ସେହି ସନ୍ଦେହଟା ମୋ ପାଇଁ ହିତକର ହୋଇଗଲା । ବୁଝିପାରୁଛି, କୃପାନିଧାନ ମୋ ପ୍ରତି ଅଶେଷ ଅନୁଗ୍ରହ କଲେ ॥ ୧ ॥

**ଜୋ ଅତି ଆତପ ବ୍ୟାକୁଲ ହୋଈ । ତରୁ ଛାୟା ସୁଖ ଜାନଇ ସୋଈ ॥**
**ଜୌଁ ନହିଁ ହୋତ ମୋହ ଅତି ମୋହୀ । ମିଲତେଉଁ ତାତ କୱନ ବିଧି ତୋହୀ ॥ ୨ ॥**

ଯେ ଖରାରେ ଅତ୍ୟନ୍ତ ବ୍ୟାକୁଳ ହୋଇଥାଏ, ସେ ହିଁ ବୃକ୍ଷଛାୟାର ସୁଖ ଅନୁଭବ କରିପାରେ । ହେ ତାତ ! ମୋର ଯଦି ଅତ୍ୟନ୍ତ ମୋହ ହୋଇ ନ ଥାନ୍ତା, ମୁଁ କାହିଁକି ଆପଣଙ୍କୁ ସାକ୍ଷାତ୍ କରିବାକୁ ଆସିଥାନ୍ତି ! ॥ ୨ ॥

**ସୁନତେଉଁ କିମି ହରି କଥା ସୁହାଈ । ଅତି ବିଚିତ୍ର ବହୁ ବିଧି ତୁହ୍ମ ଗାଈ ॥**
**ନିଗମାଗମ ପୁରାନ ମତ ଏହା । କହହିଁ ସିଦ୍ଧ ମୁନି ନହିଁ ସଂଦେହା ॥ ୩ ॥**
**ସଂତ ବିସୁଦ୍ଧ ମିଲହିଁ ପରି ତେହୀ । ଚିତୱହିଁ ରାମ କୃପା କରି ଜେହୀ ॥**
**ରାମ କୃପାଁ ତୱ ଦରସନ ଭୟଉ । ତୱ ପ୍ରସାଦ ସବ ସଂସୟ ଗୟଉ ॥ ୪ ॥**

ତା'ଛଡ଼ା ଆପଣ ଏ ଯେଉଁ ହରିକଥା ବହୁତପ୍ରକାରେ ଗାନ କରି ଶୁଣାଇଲେ, ଏହି ଅତ୍ୟନ୍ତ ବିଚିତ୍ର ସୁନ୍ଦର ହରିକଥା ମୋତେ ଶୁଣିବାକୁ ମିଳିଥାନ୍ତା ବା କିପରି ? ବେଦ, ଶାସ୍ତ୍ର ଓ ପୁରାଣମାନେ ମତ ଦିଅନ୍ତି, ସିଦ୍ଧ ଓ ମୁନିମାନେ ବି କହନ୍ତି ଏବଂ ଏଥିରେ କୌଣସି ସନ୍ଦେହ ବି ନାହିଁ ଯେ, ଯାହାଙ୍କୁ ଶ୍ରୀରାମ କୃପାଦୃଷ୍ଟିରେ ଦେଖନ୍ତି, ତାଙ୍କୁ ଶୁଦ୍ଧସନ୍ତଙ୍କ ଦର୍ଶନ ଅବଶ୍ୟ ମିଳେ । ଶ୍ରୀରାମଙ୍କ କୃପାରୁ ମୁଁ ଆପଣଙ୍କ ଦର୍ଶନ ପାଇଗଲି ଏବଂ ଆପଣଙ୍କର କୃପାରୁ ମୋର ସବୁ ସନ୍ଦେହ ଦୂର ହୋଇଗଲା ।'' ॥ ୩-୪ ॥

ଦୋ:- **ସୁନି ବିହଂଗପତି ବାନୀ ସହିତ ବିନୟ ଅନୁରାଗ ।**
**ପୁଲକ ଗାତ ଲୋଚନ ସଜଲ ମନ ହରଷେଉ ଅତି କାଗ ॥ ୬୯ (କ) ॥**

ପକ୍ଷୀରାଜ ଗରୁଡ଼ଙ୍କର ବିନୟ ଓ ପ୍ରେମପୂର୍ଣ୍ଣ ବଚନ ଶୁଣି କାକଭୁଶୁଣ୍ଡିଙ୍କର ଶରୀର ପୁଲକିତ ହୋଇଗଲା । ତାଙ୍କ ନେତ୍ରରେ ଆନନ୍ଦାଶ୍ରୁ ଭରିଗଲା ଏବଂ ସେ ଅତ୍ୟନ୍ତ ଆନନ୍ଦିତ ହେଲେ ॥ ୬୯ (କ) ॥

**ଶ୍ରୋତା ସୁମତି ସୁସୀଲ ସୁଚି କଥା ରସିକ ହରିଦାସ ।**
**ପାଇ ଉମା ଅତି ଗୋପ୍ୟମପି ସଜ୍ଜନ କରହିଁ ପ୍ରକାସ ॥ ୬୯ (ଖ) ॥**

ହେ ଉମା ! ସୁମତି, ସୁଶୀଳ, ପବିତ୍ରକଥାରସିକ ଏବଂ ହରିସେବକ ଶ୍ରୋତା ମିଳିଗଲେ, ସଜ୍ଜନମାନେ ଅତ୍ୟନ୍ତ ଗୋପନୀୟ ରହସ୍ୟ ମଧ୍ୟ ଖୋଲି କହିଦିଅନ୍ତି ॥ ୬୯ (ଖ) ॥

**ବୋଲେଉ କାକଭସୁଂଡ ବହୋରୀ । ନଭଗ ନାଥ ପର ପ୍ରୀତି ନ ଥୋରୀ ॥**
**ସବ ବିଧି ନାଥ ପୂଜ୍ୟ ତୁହ୍ମ ମେରେ । କୃପାପାତ୍ର ରଘୁନାୟକ କେରେ ॥ ୧ ॥**

ପକ୍ଷୀରାଜଙ୍କ ଉପରେ କାକଭୁଶୁଣ୍ଡିଙ୍କର ତ କିଛି କମ୍ ପ୍ରେମ ନ ଥିଲା ; ତେଣୁ ସେ ପୁନର୍ବାର କହିଲେ : ହେ ନାଥ ! ଆପଣ ହେଉଛନ୍ତି ମୋର ସକଳପ୍ରକାରେ ପୂଜ୍ୟ ଏବଂ ଶ୍ରୀରଘୁନାଥଙ୍କର କୃପାପାତ୍ର ॥ ୧ ॥

**ତୁହ୍ମହି ନ ସଂସୟ ମୋହ ନ ମାୟା । ମୋ ପର ନାଥ କୀହ୍ନି ତୁହ୍ମ ଦାୟା ॥**
**ପଠଇ ମୋହ ମିସ ଖଗପତି ତୋହୀ । ରଘୁପତି ଦୀହ୍ନି ବଡ଼ାଈ ମୋହୀ ॥ ୨ ॥**

ଆପଣଙ୍କ ଭିତରେ ସନ୍ଦେହ ନାହିଁ, କି ମୋହ ନାହିଁ, କି ମାୟା ନାହିଁ । ହେ ନାଥ ! ଆପଣ କେବଳ ମୋରି ଉପରେ ଦୟା କରି ଏଠାକୁ ଆସିଛନ୍ତି । ହେ ପକ୍ଷୀରାଜ ! ମୋହକୁ ନିମିତ୍ତ କରି ଶ୍ରୀରଘୁନାଥ ଆପଣଙ୍କୁ ଏଠାକୁ ପଠାଇ ମୋତେ ଗୌରବାନ୍ୱିତ କରିଛନ୍ତି ॥ ୨ ॥

**ତୁହ୍ମ ନିଜ ମୋହ କହୀ ଖଗସାଇଁ । ସୋ ନହିଁ କଛୁ ଆଚରଜ ଗୋସାଇଁ ॥**
**ନାରଦ ଭୱ ବିରଂଚି ସନକାଦୀ । ଜେ ମୁନିନାୟକ ଆତମବାଦୀ ॥ ୩ ॥**
**ମୋହ ନ ଅଂଧ କୀହ୍ନ କେହି କେହୀ । କୋ ଜଗ କାମ ନଚାୱ ନ ଜେହୀ ॥**
**ତୃସ୍ନାଁ କେହି ନ କୀହ୍ନ ବୌରାହା । କେହି କର ହୃଦୟ କ୍ରୋଧ ନହିଁ ଦାହା ॥ ୪ ॥**

ହେ ପକ୍ଷୀମାନଙ୍କର ସ୍ୱାମୀ ! ଆପଣ ନିଜର ଯେଉଁ ମୋହ କଥା କହିଲେ, ସେଥିରେ କିଛି ଆଶ୍ଚର୍ଯ୍ୟ

ହେବାର ନାହିଁ । ଆତ୍ମତତ୍ତ୍ୱର ମର୍ମ ଜାଣିଥିବା ତଥା ସେହି ବିଷୟରେ ଉପଦେଶ ଦେଉଥିବା ନାରଦ, ଶିବ, ବ୍ରହ୍ମା ଓ ସନକାଦି ଯେଉଁ ଶ୍ରେଷ୍ଠ ମୁନିମାନେ ଅଛନ୍ତି, ମୋହ କ'ଣ ସେମାନଙ୍କ ଭିତରୁ ବି କାହାକୁ କାହାକୁ ବେଳେ ବେଳେ ଅନ୍ଧ କରିଦେଇନାହିଁ ? ଜଗତରେ ଏପରି କିଏ ଅଛି, ଯାହାକୁ କାମ ନଗ୍ନ ନ କରିଦେଇଛି ? ତୃଷ୍ଣା କାହାକୁ ପାଗଳ ନ କରିଛି ? କ୍ରୋଧ ବା କାହା ହୃଦୟକୁ ନ ଜଳାଇଛି ? ॥ ୩-୪ ॥

ଦୋ:- **ଗ୍ୟାନୀ ତାପସ ସୂର କବି କୋବିଦ ଗୁନ ଆଗାର ।**
**କେହି କୈ ଲୋଭ ବିଡଂବନା କୀହ୍ନି ନ ଏହିଁ ସଂସାର ॥ ୭୦(କ) ॥**

ଏହି ସଂସାରରେ ଏପରି କେଉଁ ଜ୍ଞାନୀ, ତପସ୍ୱୀ, ଶୂରବୀର, କବି, ବିଦ୍ୱାନ୍ ଓ ଗୁଣବାନ୍ ଅଛନ୍ତି, ଯାହାଙ୍କୁ କି ଲୋଭ କେବେ ବିଡ଼ମ୍ବିତ ନ କରିଛି ? ॥ ୭୦(କ) ॥

**ଶ୍ରୀମଦ ବକ୍ର ନ କୀହ୍ନ କେହି ପ୍ରଭୁତା ବଧିର ନ କାହି ।**
**ମୃଗଲୋଚନି କେ ନୈନ ସର କୋ ଅସ ଲାଗ ନ ଜାହି ॥ ୭୦(ଖ) ॥**

ଶ୍ରୀ ଓ ସମ୍ପଦର ମଦ କାହାକୁ ବା ଅଭିମାନୀ କରି ନ ଦେଇଛି ? ପ୍ରଭୁତ୍ୱ ବା କାହାକୁ ବଧିର ନ କରି ଛାଡ଼ିଛି ? ଏପରି କିଏ ଅଛି, ଯାହାକୁ କି ମୃଗନୟନୀ(ଯୁବତୀ ନାରୀ)ର ନେତ୍ରବାଣ ନ ବାଜିଛି ? ॥ ୭୦(ଖ) ॥

**ଗୁନ କୃତ ସନ୍ୟପାତ ନହିଁ କେହୀ । କୋଉ ନ ମାନ ମଦ ତଜେଉ ନିବେହୀ ॥**
**ଜୋବନ ଜ୍ୱର କେହି ନହିଁ ବଲକାୱା । ମମତା କେହି କର ଜସ ନସାୱା ॥ ୧ ॥**

ରଜ, ତମ ଆଦି ଗୁଣମାନଙ୍କରୁ ଜାତ ସନ୍ନିପାତ କାହାକୁ ବା ନ ଧରିଛି ? ଏପରି କେହି ବି ନାହିଁ, ଯାହାକୁ ମାନ ଓ ମଦ ନ ଛୁଇଁ ଛାଡ଼ିଦେଇଛି । ଯୌବନର ଜ୍ୱର କାହାକୁ ପ୍ରମତ୍ତ ନ କରିଛି ? ମମତ୍ୱ କାହାର ଯଶକୁ ନାଶ କରି ନ ଦେଇଛି ? ॥ ୧ ॥

**ମଚ୍ଛର କାହି କଲଂକ ନ ଲାୱା । କାହି ନ ସୋକ ସମୀର ଡୋଲାୱା ॥**
**ଚିଂତା ସାଁପିନି କୋ ନହିଁ ଖାୟା । କୋ ଜଗ ଜାହି ନ ବ୍ୟାପୀ ମାୟା ॥ ୨ ॥**

ମାତ୍ସର୍ଯ୍ୟ କାହାଠାରେ କଳଙ୍କ ଲଗାଇ ନ ଦେଇଛି ? ଶୋକର ବାତ୍ୟା କାହାକୁ ଦୋହଲାଇ ନ ଦେଇଛି ? ଚିନ୍ତାରୂପୀ ସର୍ପିଣୀ କାହାକୁ ଦଂଶନ ନ କରିଛି ? ଜଗତରେ ଏପରି କିଏ ଅଛି, ଯାହାକୁ କି ମାୟା ନ ଲାଗିଛି ? ॥ ୨॥

**କୀଟ ମନୋରଥ ଦାରୁ ସରୀରା । ଜେହି ନ ଲାଗ ଘୁନ କୋ ଅସ ଧୀରା ॥**
**ସୁତ ବିତ ଲୋକ ଈଷନା ତୀନୀ । କେହି କୈ ମତି ଇହ୍ନ କୃତ ନ ମଲୀନୀ ॥ ୩ ॥**

ମନୋରଥ ହେଉଛି ପୋକ ଏବଂ ଶରୀର ହେଉଛି କାଠ; ଏପରି ଧୈର୍ଯ୍ୟବାନ୍ କିଏ ଅଛି, ଯାହାର ଶରୀରକୁ ଏହି ପୋକ ନ କାଟିଛି ? ପୁତ୍ର, ଧନ ଓ ଲୋକପ୍ରତିଷ୍ଠା ଲାଭ କରିବାର ଇଚ୍ଛା—ଏହି ତିନି ପ୍ରବଳ କାମନା କାହାର ବୁଦ୍ଧିକୁ ମଳିନ କରି ନ ଦେଇଛି ? ॥ ୩ ॥

**ୟହ ସବ ମାୟା କର ପରିୱାରା । ପ୍ରବଲ ଅମିତି କୋ ବରନୈ ପାରା ॥**
**ସିୱ ଚତୁରାନନ ଜାହି ଡେରାହୀଁ । ଅପର ଜୀୱ କେହି ଲେଖେ ମାହୀଁ ॥ ୪ ॥**

ଏମାନେ ହେଉଛନ୍ତି ମାୟାର ବିରାଟ ପରିବାରର ଲୋକ । ଏମାନେ ବଳବାନ୍ ଓ ଅପାର; ଏମାନଙ୍କ ବିଷୟରେ କିଏ ବର୍ଣ୍ଣନା କରିପାରିବ ? ଏମାନଙ୍କୁ ତ ଶିବ-ବ୍ରହ୍ମା ବି ଡରନ୍ତି, ଅନ୍ୟମାନଙ୍କ କଥା ବା ପଗ୍ରେ କିଏ ? ॥ ୪ ॥

ଦୋଃ- **ବ୍ୟାପି ରହେଉ ସଂସାର ମହୁଁ ମାୟା କଟକ ପ୍ରଚଂଡ ।**
**ସେନାପତି କାମାଦି ଭଟ ଦଂଭ କପଟ ପାଷଂଡ ॥ ୭୧(କ) ॥**

ମାୟାର ପ୍ରଚଣ୍ଡ ସୈନ୍ୟବାହିନୀ ସାରା ସଂସାରରେ ବ୍ୟାପି ରହିଛି । କାମାଦି (କାମ, କ୍ରୋଧ ଓ ଲୋଭ) ହେଉଛନ୍ତି ସେହି ସୈନ୍ୟବାହିନୀର ସେନାପତି ଏବଂ ଦମ୍ଭ, କପଟ ଓ ପାଷଣ୍ଡତା ହେଉଛନ୍ତି ବଡ଼ ବଡ଼ ଯୋଦ୍ଧା ॥ ୭୧(କ) ॥

**ସୋ ଦାସୀ ରଘୁବୀର କୈ ସମୁଝେଁ ମିଥ୍ୟା ସୋପି ।**
**ଛୂଟ ନ ରାମ କୃପା ବିନୁ ନାଥ କହଉଁ ପଦ ରୋପି ॥ ୭୧(ଖ) ॥**

ସେହି ମାୟା ହେଉଛି ରଘୁବୀରଙ୍କର ଦାସୀ । ଅବଶ୍ୟ ବୁଝିଯିବା ପରେ ତାହା ମିଥ୍ୟାମାତ୍ର; ତଥାପି ରାମକୃପା ବିନା ମାୟା ଛାଡ଼େନାହିଁ । ହେ ନାଥ ! ମୁଁ ଏହା ଶପଥ କରି କହୁଛି ॥ ୭୧(ଖ) ॥

**ଜୋ ମାୟା ସବ ଜଗହି ନଚାୱା । ଜାସୁ ଚରିତ ଲଖି କାହୁଁ ନ ପାୱା ॥**
**ସୋଇ ପ୍ରଭୁ ଭ୍ରୂ ବିଲାସ ଖଗରାଜା । ନାଚ ନଟୀ ଇୱ ସହିତ ସମାଜା ॥ ୧ ॥**

ଯେଉଁ ମାୟା ସାରା ଜଗତଟାକୁ ନଚାଉଛି ଓ ଯାହାର ଚରିତ୍ର (ଗତିବିଧି) କେହି ବୁଝିପାରନ୍ତି ନାହିଁ, ହେ ଖଗରାଜ ଗରୁଡ଼ ! ସେହି ମାୟା ପ୍ରଭୁ ରାମଙ୍କ ଭ୍ରୂକୁଟୀ-ଇଙ୍ଗିତରେ ନିଜ ଗୋଷ୍ଠୀ ସହିତ ନଟୀ (ନାଟକର ଅଭିନେତ୍ରୀ) ପରି ନାଚେ ॥ ୧ ॥

**ସୋଇ ସଚ୍ଚିଦାନଂଦ ଘନ ରାମା । ଅଜ ବିଗ୍ୟାନ ରୂପ ବଲ ଧାମା ॥**
**ବ୍ୟାପକ ବ୍ୟାପ୍ୟ ଅଖଂଡ ଅନଂତା । ଅଖିଲ ଅମୋଘସକ୍ତି ଭଗୱଂତା ॥ ୨ ॥**

ଶ୍ରୀରାମ ହେଉଛନ୍ତି ସେହି ସଚ୍ଚିଦାନନ୍ଦଘନ, ଯେ କି ଅଜନ୍ମା, ବିଜ୍ଞାନସ୍ୱରୂପ, ରୂପ ଓ ବଳର ଧାମ, ସର୍ବବ୍ୟାପକ ଓ ସର୍ବରୂପ, ଅଖଣ୍ଡ, ଅନନ୍ତ, ସମ୍ପୂର୍ଣ୍ଣ, ଅମୋଘଶକ୍ତି (ଯାହାଙ୍କର ଶକ୍ତି କଦାପି ବ୍ୟର୍ଥ ହୁଏ ନାହିଁ) ଏବଂ ଷଡ଼ୈଶ୍ୱର୍ଯ୍ୟଯୁକ୍ତ ଭଗବାନ୍ ॥ ୨ ॥

**ଅଗୁନ ଅଦଭ୍ର ଗିରା ଗୋତୀତା । ସବଦରସୀ ଅନୱଦ୍ୟ ଅଜୀତା ॥**
**ନିର୍ମମ ନିରାକାର ନିରମୋହା । ନିତ୍ୟ ନିରଂଜନ ସୁଖ ସଂଦୋହା ॥ ୩ ॥**

ସେ ହେଉଛନ୍ତି ନିର୍ଗୁଣ (ମାୟିକ ଗୁଣବିବର୍ଜିତ) ଓ ମହାନ୍ । ସେ ବାଣୀ ଓ ଇନ୍ଦ୍ରିୟର ଅତୀତ । ସେ ସର୍ବଦ୍ରଷ୍ଟା, ନିର୍ଦୋଷ, ଅଜେୟ, ମମତ୍ୱରହିତ, ନିରାକାର (ମାୟିକ ଆକାର ବିବର୍ଜିତ) ମୋହଶୂନ୍ୟ, ନିତ୍ୟ, ମାୟାଶୂନ୍ୟ ଓ ସୁଖରାଶି ॥ ୩ ॥

**ପ୍ରକୃତି ପାର ପ୍ରଭୁ ସବ ଉର ବାସୀ । ବ୍ରହ୍ମ ନିରୀହ ବିରଜ ଅବିନାସୀ ॥**
**ଇହାଁ ମୋହ କର କାରନ ନାହାଁ । ରବି ସନ୍ମୁଖ ତମ କବହୁଁ କି ଜାହାଁ ॥ ୪ ॥**

ସେ ପ୍ରକୃତିର ଊର୍ଦ୍ଧ୍ୱରେ । ସେ ହେଉଛନ୍ତି ପ୍ରଭୁ (ସର୍ବସମର୍ଥ), ସଦା ସମସ୍ତଙ୍କ ହୃଦୟବାସୀ, ଇଚ୍ଛାରହିତ, ବିକାରରହିତ ଓ ଅବିନାଶୀ ବ୍ରହ୍ମ । ତାଙ୍କ ଠାରେ ମୋହର କାରଣ ମଧ୍ୟ ନାହିଁ । ଅନ୍ଧକାର କ'ଣ କେବେ ବି ସୂର୍ଯ୍ୟଙ୍କ ସମ୍ମୁଖକୁ ଯାଇପାରିବ ? ॥ ୪ ॥

ଦୋଃ- **ଭଗତ ହେତୁ ଭଗୱାନ ପ୍ରଭୁ ରାମ ଧରେଉ ତନୁ ଭୂପ ।**
**କିଏ ଚରିତ ପାୱନ ପରମ ପ୍ରାକୃତ ନର ଅନୁରୂପ ॥ ୭୨(କ) ॥**

ଭଗବାନ୍ ପ୍ରଭୁ ଶ୍ରୀରାମ ଭକ୍ତମାନଙ୍କର ହିତ ନିମନ୍ତେ ରାଜାର ଶରୀର ଧାରଣ କରି ସାଧାରଣ ମନୁଷ୍ୟଙ୍କ ପରି ଅନେକ ପରମପାବନ ଲୀଳା କଲେ ॥ ୭୨(କ) ॥

**ଜଥା ଅନେକ ବେଷ ଧରି ନୃତ୍ୟ କରଇ ନଟ କୋଇ ।**
**ସୋଇ ସୋଇ ଭାୱ ଦେଖାୱଇ ଆପୁନ ହୋଇ ନ ସୋଇ ॥ ୭୨(ଖ) ॥**

କୌଣସି ନଟ ଯେପରି ଅନେକ ବେଶ ଧରି ନୃତ୍ୟ (ଅଭିନୟ) କରେ ଏବଂ ସେହି ବେଶ ଅନୁସାରେ ଭାବ ଦେଖାଏ, ଅଥଚ ସେ ନିଜେ ସେଥିରୁ କୌଣସିଟି ହୋଇଯାଏ ନାହିଁ, ॥ ୭୨(ଖ) ॥

**ଅସି ରଘୁପତି ଲୀଲା ଉରଗାରୀ । ଦନୁଜ ବିମୋହନି ଜନ ସୁଖକାରୀ ॥**
**ଜେ ମତି ମଲିନ ବିଷୟବସ କାମୀ । ପ୍ରଭୁ ପର ମୋହ ଧରହିଁ ଇମି ସ୍ୱାମୀ ॥ ୧ ॥**

ହେ ଗରୁଡ଼ ! ଶ୍ରୀରଘୁନାଥଙ୍କ ଲୀଳାର ସ୍ୱରୂପ ମଧ୍ୟ ସେହିପରି । ଏହି ଲୀଳା ରାକ୍ଷସମାନଙ୍କୁ ବିଶେଷ ମୋହିତ କରେ ଏବଂ ଭକ୍ତମାନଙ୍କୁ ଆନନ୍ଦ ପ୍ରଦାନ କରେ । ହେ ସ୍ୱାମୀ ! ଯେଉଁମାନେ ମନ୍ଦବୁଦ୍ଧି, ବିଷୟାସକ୍ତ ଓ କାମୀ, ସେହିମାନେହିଁ ପ୍ରଭୁଙ୍କ ଉପରେ ଏପରି ମୋହ ଆରୋପ କରନ୍ତି ॥ ୧ ॥

**ନୟନ ଦୋଷ ଜା କହଁ ଜବ ହୋଈ । ପୀତ ବରନ ସସି କହୁଁ କହ ସୋଈ ॥**
**ଜବ ଜେହି ଦିସି ଭ୍ରମ ହୋଇ ଖଗେସା । ସୋ କହ ପଚ୍ଛିମ ଉୟଉ ଦିନେସା ॥ ୨ ॥**

ଯାହାକୁ କାମଳ ପ୍ରଭୃତି ରୋଗ ଧରେ, ଚକ୍ଷୁଦୋଷରୁ ତାକୁ ଚନ୍ଦ୍ର ହଳଦିଆ ଦେଖାଯାଏ । ହେ ପକ୍ଷୀରାଜ ! ଯାହାର ଦିଗଭ୍ରମ ହୋଇଯାଏ, ସେ କହେ, ସୂର୍ଯ୍ୟ ପଶ୍ଚିମରେ ଉଦୟ ହେଲେ ॥ ୨ ॥

**ନୌକାରୂଢ଼ ଚଲତ ଜଗ ଦେଖା । ଅଚଲ ମୋହବସ ଆପୁହି ଲେଖା ॥**
**ବାଲକ ଭ୍ରମହିଁ ନ ଭ୍ରମହିଁ ଗୃହାଦୀ । କହହିଁ ପରସ୍ପର ମିଥ୍ୟାବାଦୀ ॥ ୩ ॥**

ଦ୍ରୁତଗାମୀ ନାଆରେ ବସି ଯାଉଥିବା ଲୋକକୁ ମୋହବଶତଃ ଜଣାପଡ଼େ, ଜଗତ୍ ଘୂରୁଛି ଓ ସେ ନିଜେ ଅଚଳ (ସ୍ଥିର) ହୋଇ ରହିଛି । 'ଚକା ଚକା ଭଉଁରୀ' ଖେଳିବାବେଳେ ପିଲାମାନେ ନିଜେ ଘୂରନ୍ତି; ଘରଦ୍ୱାର ଘୂରୁ ନ ଥାଏ । କିନ୍ତୁ ଏହି କଥାକୁ ନେଇ ସେମାନେ ପରସ୍ପରକୁ ମିଛୁଆ ବୋଲି କହନ୍ତି ॥ ୩ ॥

**ହରି ବିଷଇକ ଅସ ମୋହ ବିହଂଗା । ସପନେହୁଁ ନହିଁ ଅଗ୍ୟାନ ପ୍ରସଂଗା ॥**
**ମାୟାବସ ମତିମଂଦ ଅଭାଗୀ । ହୃଦୟଁ ଜମନିକା ବହୁବିଧି ଲାଗୀ ॥ ୪ ॥**
**ତେ ସଠ ହଠ ବସ ସଂସୟ କରହୀଁ । ନିଜ ଅଗ୍ୟାନ ରାମ ପର ଧରହୀଁ ॥ ୫ ॥**

ହେ ଗରୁଡ଼ ! ଶ୍ରୀହରିଙ୍କ ବିଷୟରେ ମୋହର କଳ୍ପନା ମଧ୍ୟ ଠିକ୍ ଏହିପରି ମିଥ୍ୟା । ଭଗବାନଙ୍କ କ୍ଷେତ୍ରରେ ତ ସ୍ୱପ୍ନରେ ବି ଅଜ୍ଞାନର ପ୍ରଶ୍ନ ଉଠୁନାହିଁ । କିନ୍ତୁ ଯେଉଁମାନେ ମାୟାର ବଶ, ମନ୍ଦବୁଦ୍ଧି ଓ ଭାଗ୍ୟହୀନ, ଯେଉଁମାନଙ୍କ ହୃଦୟରେ ଅନେକପ୍ରକାର ପରଦା ପଡ଼ିଯାଇଥାଏ, ସେହି ମୂର୍ଖମାନେ ନିଜ ଜିଦିର ବଶ ହୋଇ ପ୍ରଭୁଙ୍କୁ ସନ୍ଦେହ କରନ୍ତି ଏବଂ ନିଜ ଅଜ୍ଞାନକୁ ଶ୍ରୀରାମଙ୍କ ଉପରେ ଆରୋପ କରନ୍ତି ॥ ୪-୫ ॥

ଦୋଃ- **କାମ କ୍ରୋଧ ମଦ ଲୋଭ ରତ ଗୃହାସକ୍ତ ଦୁଖରୂପ ।**
**ତେ କିମି ଜାନହିଁ ରଘୁପତିହି ମୂଢ଼ ପରେ ତମ କୂପ ॥ ୭୩(କ) ॥**

ଯେଉଁମାନେ କାମ, କ୍ରୋଧ, ମଦ ଓ ଲୋଭରେ ରତ ଏବଂ ଦୁଃଖରୂପୀ ଗୃହପରିବାର ପ୍ରତି ଆସକ୍ତ, ସେମାନେ କିପରି ଶ୍ରୀରଘୁନାଥଙ୍କୁ ଜାଣିପାରିବେ ? ସେହି ମୂର୍ଖମାନେ ତ ଅନ୍ଧକାରରୂପୀ କୂଅରେ ପଡ଼ିଆଚ୍ଛନ୍ତି ॥ ୭୩(କ) ॥

ନିର୍ଗୁନ ରୂପ ସୁଲଭ ଅତି ସଗୁନ ଜାନ ନହିଁ କୋଇ ।
ସୁଗମ ଅଗମ ନାନା ଚରିତ ସୁନି ମୁନି ମନ ଭ୍ରମ ହୋଇ ॥ ୭୩(ଖ) ॥

ଭଗବାନଙ୍କର ନିର୍ଗୁଣରୂପ ଅତ୍ୟନ୍ତ ସୁଲଭ (ସହଜରେ ବୋଧଗମ୍ୟ); କିନ୍ତୁ ତାଙ୍କର ଗୁଣାତୀତ ଦିବ୍ୟ ସଗୁଣ ରୂପକୁ କେହି ଜାଣେ ନାହିଁ । ସେହି କାରଣରୁ ସଗୁଣ ଭଗବାନଙ୍କର ବିଭିନ୍ନପ୍ରକାର ସୁଗମ ଓ ଅଗମ ଲୀଳାଚରିତ ବେଳେବେଳେ ଶୁଣି ମୁନିମାନଙ୍କ ମନରେ ବି ଭ୍ରମ ଜାତ ହୋଇଯାଏ ॥ ୭୩(ଖ) ॥

ସୁନୁ ଖଗେସ ରଘୁପତି ପ୍ରଭୁତାଈ । କହଉଁ ଜଥାମତି କଥା ସୁହାଈ ॥
ଜେହି ବିଧି ମୋହ ଭୟଉ ପ୍ରଭୁ ମୋହୀ । ସୋଉ ସବ କଥା ସୁନାୱଉଁ ତୋହୀ ॥ ୧ ॥

ହେ ପକ୍ଷୀରାଜ ଗରୁଡ଼ ! ଶ୍ରୀରଘୁନାଥଙ୍କର ପ୍ରଭୁତ୍ୱ କଥା ଶୁଣନ୍ତୁ । ମୁଁ ମୋ ବୁଦ୍ଧି ଅନୁସାରେ ସେହି ସୁନ୍ଦର କଥାଟି କହୁଛି । ହେ ପ୍ରଭୁ ! ମୋର ଯେପରି ମୋହ ଜାତ ହୋଇଥିଲା, ଆପଣଙ୍କୁ ସେହିସବୁ କଥା ବି ଶୁଣାଉଛି ॥ ୧ ॥

ରାମ କୃପା ଭାଜନ ତୁହ୍ମ ତାତା । ହରି ଗୁନ ପ୍ରୀତି ମୋହି ସୁଖଦାତା ॥
ତାତେ ନହିଁ କଛୁ ତୁହ୍ମହିଁ ଦୁରାୱଉଁ । ପରମ ରହସ୍ୟ ମନୋହର ଗାୱଉଁ ॥ ୨ ॥

ହେ ତାତ ! ଆପଣ ଶ୍ରୀରାମଙ୍କର କୃପାପାତ୍ର । ଶ୍ରୀହରିଙ୍କ ଗୁଣରେ ଆପଣଙ୍କର ପ୍ରୀତି ରହିଛି । ତେଣୁ ଆପଣଙ୍କୁ ଦେଖି ମୋତେ ଆନନ୍ଦ ଲାଗୁଛି । ଆପଣଙ୍କ ପାଖରେ ମୁଁ କିଛି ବି ଲୁଗ୍ଇ ନ ରଖି, ସେହି ଅତ୍ୟନ୍ତ ରହସ୍ୟମୟ ଓ ମନୋହର ଚରିତ ଗାଇ ଶୁଣାଉଛି ॥ ୨ ॥

ସୁନହୁ ରାମ କର ସହଜ ସୁଭାଉ । ଜନ ଅଭିମାନ ନ ରାଖହିଁ କାଉ ॥
ସଂସୃତ ମୂଲ ସୂଲପ୍ରଦ ନାନା । ସକଲ ସୋକ ଦାୟକ ଅଭିମାନା ॥ ୩ ॥

ଶ୍ରୀରାମଙ୍କ ସହଜ ସ୍ୱଭାବ ଶୁଣନ୍ତୁ । ସେ ଭକ୍ତମାନଙ୍କ ହୃଦୟରେ କେବେ ବି ଅଭିମାନ ରହିବାକୁ ଦିଅନ୍ତି ନାହିଁ । କାରଣ ଅଭିମାନ ହେଉଛି ଜନ୍ମମରଣରୂପୀ ସଂସାରର ମୂଳକାରଣ; ତାହା ଅନେକପ୍ରକାର କ୍ଲେଶ ତଥା ସକଳ ଶୋକ ଆଣିଦେଇଥାଏ ॥ ୩ ॥

ତାତେ କରହିଁ କୃପାନିଧି ଦୂରୀ । ସେୱକ ପର ମମତା ଅତି ଭୂରୀ ॥
ଜିମି ସିସୁ ତନ ବ୍ରନ ହୋଇ ଗୋସାଈଁ । ମାତୁ ଚିରାୱ କଠିନ କୀ ନାଈଁ ॥ ୪ ॥

ତେଣୁ କୃପାନିଧି ତାହା ଦୂର କରିଦିଅନ୍ତି; କାରଣ ସେବକଙ୍କ ଉପରେ ପ୍ରଭୁଙ୍କର ଅତ୍ୟନ୍ତ ମମତା ରହିଥାଏ । ହେ ଗୋସାଇଁ ! ଛୁଆ ଦେହରେ ବଥ ବାହାରିଲେ, ମାଆ କଠୋରହୃଦୟ ହୋଇ ତାହା ଫଟାଇଦେଇଥାଏ ॥ ୪ ॥

ଦୋ:- ଜଦପି ପ୍ରଥମ ଦୁଖ ପାୱଇ ରୋୱଇ ବାଲ ଅଧୀର ।
ବ୍ୟାଧି ନାସ ହିତ ଜନନୀ ଗନତି ନ ସୋ ସିସୁ ପୀର ॥ ୭୪(କ) ॥
ତିମି ରଘୁପତି ନିଜ ଦାସ କର ହରହିଁ ମାନ ହିତ ଲାଗି ।
ତୁଲସିଦାସ ଐସେ ପ୍ରଭୁହି କସ ନ ଭଜହୁ ଭ୍ରମ ତ୍ୟାଗି ॥ ୭୪(ଖ) ॥

ପ୍ରଥମେ (ବଥ ଫଟାଇବା ସମୟରେ) ଛୁଆ କଷ୍ଟ ପାଇ, ଅଧୀର ହୋଇ କାନ୍ଦିଲେ ବି ରୋଗନାଶ ପାଇଁ ମାଆ ଛୁଆର ସେହି ଯନ୍ତ୍ରଣାକୁ ଖାତିରି କରେ ନାହିଁ । ଠିକ୍ ସେହିପରି ଶ୍ରୀରଘୁନାଥ ଦାସର ହିତ ନିମନ୍ତେ

ତାହାର ଅଭିମାନ ହରଣ କରନ୍ତି । ତୁଳସୀଦାସ କହୁଛନ୍ତି, 'ଭ୍ରମ ତ୍ୟାଗ କରି ଏପରି ପ୍ରଭୁଙ୍କୁ ନ ଭଜୁଛ କାହିଁକି ?' ॥ ୭୪(କ-ଖ) ॥

**ରାମ କୃପା ଆପନି ଜଡ଼ତାଈ । କହଉଁ ଖଗେସ ସୁନହୁ ମନ ଲାଈ ॥**
**ଜବ ଜବ ରାମ ମନୁଜ ତନୁ ଧରହୀଁ । ଭକ୍ତ ହେତୁ ଲୀଲା ବହୁ କରହୀଁ ॥ ୧ ॥**
**ତବ ତବ ଅୱଧପୁରୀ ମୈଁ ଜାଉଁ । ବାଲଚରିତ ବିଲୋକି ହରଷାଉଁ ॥**
**ଜନ୍ମ ମହୋତ୍ସୱ ଦେଖଉଁ ଜାଈ । ବରଷ ପାଁଚ ତହଁ ରହଉଁ ଲୋଭାଈ ॥ ୨ ॥**

ହେ ପକ୍ଷୀରାଜ ଗରୁଡ଼ ! ଶ୍ରୀରାମଙ୍କ କୃପା ଓ ମୋର ମୂର୍ଖତାର କଥା କହୁଛି; ମନ ଦେଇ ଶୁଣନ୍ତୁ । ଯେଉଁ ଯେଉଁ ସମୟରେ ଶ୍ରୀରାମ ମନୁଷ୍ୟ ଶରୀର ଧାରଣ କରନ୍ତି ଓ ଭକ୍ତମାନଙ୍କ ନିମନ୍ତେ ବହୁବିଧ ଲୀଳା କରନ୍ତି, ସେହି ସେହି ସମୟରେ ମୁଁ ଅଯୋଧ୍ୟାପୁରୀକୁ ଯାଏ ଏବଂ ପ୍ରଭୁଙ୍କ ବାଲ୍ୟଲୀଳା ଦେଖି ଆନନ୍ଦିତ ହୁଏ । ସେଠାକୁ ଯାଇ ମୁଁ ଜନ୍ମମହୋତ୍ସବ ଦେଖେ ଓ ଭଗବାନଙ୍କ ବାଲ୍ୟଲୀଳା ଦେଖିବା ଲୋଭରେ ପାଞ୍ଚବର୍ଷ ପର୍ଯ୍ୟନ୍ତ ସେଠାରେ ରହିଯାଏ ॥ ୧-୨ ॥

**ଇଷ୍ଟଦେୱ ମମ ବାଲକ ରାମା । ସୋଭା ବପୁଷ କୋଟି ସତ କାମା ॥**
**ନିଜ ପ୍ରଭୁ ବଦନ ନିହାରି ନିହାରୀ । ଲୋଚନ ସୁଫଲ କରଉଁ ଉରଗାରୀ ॥ ୩ ॥**

ବାଳକରୂପୀ ଶ୍ରୀରାମ ହେଉଛନ୍ତି ମୋର ଇଷ୍ଟଦେବ । ତାଙ୍କ ଶରୀରରେ ଶତକୋଟି କାମଦେବଙ୍କ ଶୋଭା ବିରାଜୁଥାଏ । ହେ ଗରୁଡ଼ ! ମୁଁ ମୋ ପ୍ରଭୁଙ୍କ ଶ୍ରୀମୁଖ ଦେଖି ଦେଖି ନୟନ ସାର୍ଥକ କରୁଥାଏ ॥ ୩ ॥

**ଲଘୁ ବାୟସ ବପୁ ଧରି ହରି ସଂଗା । ଦେଖଉଁ ବାଲଚରିତ ବହୁ ରଂଗା ॥ ୪ ॥**

ଛୋଟିଆ କୁଆଟିଏ ହୋଇ ଭଗବାନଙ୍କ ସାଥିରେ ବୁଲି ବୁଲି ମୁଁ ତାଙ୍କର ବିଭିନ୍ନ ପ୍ରକାର ବାଲ୍ୟଲୀଳା ଦେଖୁଥାଏ ॥ ୪ ॥

ଦୋଃ- **ଲରିକାଈଁ ଜହଁ ଜହଁ ଫିରହିଁ ତହଁ ତହଁ ସଂଗ ଉଡ଼ାଉଁ ।**
**ଜୂଠନି ପରଇ ଅଜିର ମହଁ ସୋ ଉଠାଇ କରି ଖାଉଁ ॥ ୭୫(କ) ॥**

ଶିଶୁ ସ୍ୱଭାବରେ ସେ ଯେଉଁଠିକି ଯାଉଥାନ୍ତି, ମୁଁ ବି ଉଡ଼ି ଉଡ଼ି ତାଙ୍କ ସାଥିରେ ସେଠିକି ଯାଉଥାଏ ଏବଂ ଅଗଣାରେ ତାଙ୍କର ଯେଉଁ ଅଧରାମୃତ (ଅଇଁଠା) ପଡ଼ିଥାଏ, ତାକୁ ଗୋଟାଇ ଗୋଟାଇ ଖାଉଥାଏ ॥ ୭୫(କ) ॥

**ଏକ ବାର ଅତିସୟ ସବ ଚରିତ କିଏ ରଘୁବୀର ।**
**ସୁମିରତ ପ୍ରଭୁ ଲୀଲା ସୋଇ ପୁଲକିତ ଭୟଉ ସରୀର ॥ ୭୫(ଖ) ॥**

ଥରେ ଶ୍ରୀରଘୁନାଥ ଟିକିଏ ଅଧିକ ଅଲୌକିକ ଲୀଳା କଲେ ।'' ପ୍ରଭୁଙ୍କର ସେହି ଲୀଳା ସ୍ମରଣ କରିବାମାତ୍ରେ କାକଭୁଶୁଣ୍ଡିଙ୍କ ଶରୀର ରୋମାଞ୍ଚିତ ହୋଇଉଠିଲା ॥ ୭୫(ଖ) ॥

**କହଇ ଭସୁଂଡ ସୁନହୁ ଖଗନାୟକ । ରାମ ଚରିତ ସେୱକ ସୁଖଦାୟକ ॥**
**ନୃପ ମଂଦିର ସୁଂଦର ସବ ଭାଁତୀ । ଖଚିତ କନକ ମନି ନାନା ଜାତୀ ॥ ୧ ॥**

ଭୁଶୁଣ୍ଡି କହିଲେ : ହେ ପକ୍ଷୀରାଜ ! ଶୁଣନ୍ତୁ; ଶ୍ରୀରାମଙ୍କ ଚରିତ ସେବକମାନଙ୍କୁ ଆନନ୍ଦ ପ୍ରଦାନ କରିଥାଏ । ଅଯୋଧ୍ୟାର ରାଜନବର ସବୁଦୃଷ୍ଟିରୁ ସୁନ୍ଦର ହୋଇଥାଏ । ସୁନାର ମହଲରେ ନାନାପ୍ରକାର ରତ୍ନ ଖଞ୍ଜା ଯାଇଥାଏ ॥ ୧ ॥

**ବରନି ନ ଜାଇ ରୁଚିର ଅଁଗନାଈ । ଜହଁ ଖେଲହିଁ ନିତ ଚ୍ୟାରିଉ ଭାଈ ॥**
**ବାଲବିନୋଦ କରତ ରଘୁରାଈ । ବିଚରତ ଅଜିର ଜନନି ସୁଖଦାଈ ॥ ୨ ॥**

ଅଗଣାର ସେ ଯେଉଁ ସୌନ୍ଦର୍ଯ୍ୟ, ତାହା ବର୍ଣ୍ଣନା କରାଯାଇ ନ ପାରେ । ସେହି ଅଗଣାରେ ନିତିଦିନ ଚ୍ୟାରିଭାଇଯାକ ଖେଳନ୍ତି । ମାଆଙ୍କୁ ଆନନ୍ଦ ପ୍ରଦାନ କରିବାକୁ ବାଲ୍ୟଲୀଳା କରି କରି ଶ୍ରୀରଘୁନାଥ ଅଗଣାରେ ବୁଲୁଥାନ୍ତି ॥ ୨ ॥

**ମରକତ ମୃଦୁଲ କଲେୱର ସ୍ୟାମା । ଅଂଗ ଅଂଗ ପ୍ରତି ଛବି ବହୁ କାମା ॥**
**ନୱ ରାଜୀୱ ଅରୁନ ମୃଦୁ ଚରନା । ପଦଜ ରୁଚିର ନଖ ସସି ଦୁତି ହରନା ॥ ୩ ॥**

ମରକତମଣିସମାନ ହରିତାଭଶ୍ୟାମ ବର୍ଣ୍ଣ ଓ କୋମଳ ଶରୀର । ଅଙ୍ଗେ ଅଙ୍ଗେ ବହୁ କାମଦେବଙ୍କ ଶୋଭା ଫୁଟିଉଠୁଥାଏ । ନବକମଳସମାନ ଲାଲ ଲାଲ କୋମଳ ଚରଣ । ପାଦର ଅଙ୍ଗୁଳିଗୁଡ଼ିକ ଅତି ସୁନ୍ଦର । ପାଦନଖର ଜ୍ୟୋତି ଚନ୍ଦ୍ରମାର କାନ୍ତିକୁ ଲଜ୍ଜିତ କରୁଥାଏ ॥ ୩ ॥

**ଲଲିତ ଅଂକ କୁଲିସାଦିକ ଚ୍ୟାରୀ । ନୂପୁର ଚାରୁ ମଧୁର ରୱକାରୀ ॥**
**ଚାରୁ ପୁରଟ ମନି ରଚିତ ବନାଈ । କଟି କିଂକିନି କଲ ମୁଖର ସୁହାଈ ॥ ୪ ॥**

ତଳିପାରେ ବଜ୍ର, ଅଙ୍କୁଶ, ଧ୍ୱଜା ଓ ପଦ୍ମ—ଏପରି ଚ୍ୟାରିଟି ସୁନ୍ଦର ଚିହ୍ନ ଥାଏ । ଚରଣରେ ମଧୁର ରୁଣୁଝୁଣୁ ଧ୍ୱନି କରୁଥିବା ସୁନ୍ଦର ନୂପୁର । କଟିରେ ମଣିରତ୍ନଜଟିତ ସୁନାର ମେଖଳାରେ ଲାଗିଥାଏ ସୁମଧୁର ଶବ୍ଦ କରୁଥିବା ରତ୍ନର କିଙ୍କିଣି ॥ ୪ ॥

ଦୋ:- **ରେଖା ତ୍ରୟ ସୁଂଦର ଉଦର ନାଭୀ ରୁଚିର ଗଁଭୀର ।**
**ଉର ଆୟତ ଭ୍ରାଜତ ବିବିଧ ବାଲ ବିଭୂଷନ ଚୀର ॥ ୭୬ ॥**

ଉଦରରେ ସୁନ୍ଦର ତ୍ରିବଳୀ (ତିନୋଟି ରେଖା); ନାଭି ସୁନ୍ଦର ଓ ଗଭୀର । ବିଶାଳ ବକ୍ଷସ୍ଥଳରେ ଶୋଭା ପାଉଥାଏ ଅନେକପ୍ରକାର ଶିଶୁସୁଲଭ ଆଭୂଷଣ ଓ ଅଙ୍ଗରେ ସୁଶୋଭିତ ହୋଇଥାଏ ସୁନ୍ଦର ବସ୍ତ୍ର ॥ ୭୬ ॥

**ଅରୁନ ପାନି ନଖ କରଜ ମନୋହର । ବାହୁ ବିସାଲ ବିଭୂଷନ ସୁଂଦର ॥**
**କଂଧ ବାଲ କେହରି ଦର ଗ୍ରୀୱା । ଚାରୁ ଚିବୁକ ଆନନ ଛବି ସୀଁୱା ॥ ୧ ॥**

ନାଲି ଟୁକୁଟୁକୁ ହାତପାପୁଲି । ନଖ ଓ ଅଙ୍ଗୁଳି ଅତ୍ୟନ୍ତ ମନୋହର । ବିଶାଳ ଭୁଜରେ ସୁନ୍ଦର ଆଭୂଷଣ । ଶିଶୁସିଂହର ସ୍କନ୍ଧ ପରି ପୁଷ୍ଟ ସ୍କନ୍ଧ । ଗଳାରେ ଶଙ୍ଖସମାନ ତିନିରେଖା । ସୁନ୍ଦର ଚିବୁକ । ବଦନ ତ ସୌନ୍ଦର୍ଯ୍ୟର ଶେଷ ସୀମା ॥ ୧ ॥

**କଲବଲ ବଚନ ଅଧର ଅରୁନାରେ । ଦୁଇ ଦୁଇ ଦସନ ବିସଦ ବର ବାରେ ॥**
**ଲଲିତ କପୋଲ ମନୋହର ନାସା । ସକଲ ସୁଖଦ ସସି କର ସମ ହାସା ॥ ୨ ॥**

ଦରୋଟି ବଚନ । ରଙ୍ଗ ଅଧର । ଉଭୟ ଉପର ଓ ତଳପାଟିରେ ଦୁଇଟି ଲେଖାଏଁ ଉଜ୍ଜ୍ୱଳ ସୁନ୍ଦର ଛୋଟ ଛୋଟ ଛାମୁଦାନ୍ତ । ସୁନ୍ଦର କପୋଳ (ଗାଲ) । ମନୋହର ନାସିକା । ମୁଖରେ ଚନ୍ଦ୍ରକିରଣସମାନ ସର୍ବସୁଖପ୍ରଦ ମଧୁର ମୃଦୁହାସ ॥ ୨ ॥

**ନୀଲ କଂଜ ଲୋଚନ ଭୱ ମୋଚନ । ଭ୍ରାଜତ ଭାଲ ତିଲକ ଗୋରୋଚନ ॥**
**ବିକଟ ଭୃକୁଟି ସମ ଶ୍ରୱନ ସୁହାଏ । କୁଂଚିତ କଚ ମେଚକ ଛବି ଛାଏ ॥ ୩ ॥**

ଜନ୍ମମୃତ୍ୟୁରୂପୀ ବନ୍ଧନବିମୋଚନକାରୀ ନୀଳକମଳସମାନ ନେତ୍ର । ଲଲାଟରେ ଗୋରୋଚନାର ତିଳକ । ବକ୍ର ଭ୍ରୂଲତା । କର୍ଣ୍ଣଯୁଗଳ ସୁନ୍ଦର ଓ ସୁଷମ । ଘନକୃଷ୍ଣ ଓ କୁଞ୍ଚିତ କେଶର ଛବି ଅତ୍ୟନ୍ତ ଶୋଭନୀୟ ହୋଇଥାଏ ॥ ୩ ॥

**ପୀତ ଝୀନି ଝଗୁଲୀ ତନ ସୋହୀ । କିଲକନି ଚିତୱନି ଭାୱତି ମୋହୀ ॥**
**ରୂପ ରାସି ନୃପ ଅଜିର ବିହାରୀ । ନାଚହିଁ ନିଜ ପ୍ରତିବିଂବ ନିହାରୀ ॥ ୪ ॥**

ଦେହରେ ହଳଦିଆ ରଙ୍ଗର ପତଳା କୁର୍ତ୍ତା ବଡ଼ ସୁନ୍ଦର ଦେଖାଯାଉଥାଏ । ପ୍ରଭୁଙ୍କର ଖିଲିଖିଲି ହସ ଓ ସୁନ୍ଦର ଚାହାଣି ତ ମୋତେ ଭାରି ଭଲ ଲାଗୁଥାଏ । ନଅର ଅଗଣାରେ ଖେଳୁଥିବା ସେହି ରୂପରାଶି ଶ୍ରୀରାମ ନିଜ ଛାଇକୁ ଦେଖି ନାଚୁଥାନ୍ତି ॥ ୪ ॥

**ମୋହି ସନ କରହିଁ ବିବିଧି ବିଧି କ୍ରୀଡ଼ା । ବରନତ ମୋହି ହୋତି ଅତି ବ୍ରୀଡ଼ା ॥**
**କିଲକତ ମୋହି ଧରନ ଜବ ଧାୱହିଁ । ଚଲଉଁ ଭାଗି ତବ ପୂପ ଦେଖାୱହିଁ ॥ ୫ ॥**

ଏବଂ ମୋ ସାଥିରେ ବହୁତପ୍ରକାରେ ଖେଳୁଥାନ୍ତି । ତାହା ବର୍ଣ୍ଣନା କରିବାକୁ ମୋତେ ଲାଜ ଲାଗୁଛି । କିଲି କିଲି ହୋଇ ସେ ଯେତେବେଳେ ମୋତେ ଧରିବାକୁ ଦୌଡ଼ିଆସନ୍ତି, ମୁଁ ସେତେବେଳେ ଦୌଡ଼ିପଳାଏ । ସେ ପୁଣି ମୋତେ ମାଲପୁଆ (ପିଠା) ଖଣ୍ଡିଏ ଦେଖାଇଦେଉଥାନ୍ତି ॥ ୫ ॥

ଦୋଃ- **ଆୱତ ନିକଟ ହଁସହିଁ ପ୍ରଭୁ ଭାଜତ ରୁଦନ କରାହିଁ ।**
**ଜାଉଁ ସମୀପ ଗହନ ପଦ ଫିରି ଫିରି ଚିତଇ ପରାହିଁ ॥ ୭୭(କ) ॥**

ମୁଁ ପାଖକୁ ଆସିଲେ, ପ୍ରଭୁ ହସନ୍ତି ଏବଂ ଦୂରକୁ ପଳାଇଗଲେ, କାନ୍ଦନ୍ତି । ମୁଁ ତାଙ୍କ ପାଦ ଛୁଇଁବାକୁ ପାଖକୁ ପାଖକୁ ଗଲିଗଲେ, ସେ ପଛକୁ ବୁଲି ଚାହିଁ ଚାହିଁ ଦୌଡ଼ିପଳାନ୍ତି ॥ ୭୭(କ) ॥

**ପ୍ରାକୃତ ସିସୁ ଇୱ ଲୀଲା ଦେଖି ଭୟଉ ମୋହି ମୋହ ।**
**କୱନ ଚରିତ୍ର କରତ ପ୍ରଭୁ ଚିଦାନଂଦ ସଂଦୋହ ॥ ୭୭(ଖ) ॥**

ତାଙ୍କର ସେହି ଶିଶୁସୁଲଭ ଖେଳ ଦେଖି ମୋ ଭିତରେ ମୋହ (ସନ୍ଦେହ) ଜାତ ହୋଇଗଲା । ଭାବିଲି, ସଚ୍ଚିଦାନନ୍ଦ ପ୍ରଭୁ ହୋଇ ଇଏ କି ଲୀଳା କରୁଛନ୍ତି ମ ! ॥ ୭୭(ଖ) ॥

**ଏତନା ମନ ଆନତ ଖଗରାୟା । ରଘୁପତି ପ୍ରେରିତ ବ୍ୟାପୀ ମାୟା ॥**
**ସୋ ମାୟା ନ ଦୁଖଦ ମୋହି କାହୀଁ । ଆନ ଜୀୱ ଇୱ ସଂସୃତ ନାହୀଁ ॥ ୧ ॥**

ହେ ପକ୍ଷୀରାଜ ! ଏପରି ମୋହ ଜାତ ହେବାମାତ୍ରେ ଶ୍ରୀରଘୁନାଥଙ୍କ ପ୍ରେରିତ ମାୟା ଆସି ମୋତେ ଘାରିଦେଲା । କିନ୍ତୁ ସେହି ମାୟା ମୋତେ ଦୁଃଖୀ ଦେଲା ନାହିଁ, କି ଅନ୍ୟ ଜୀବଙ୍କ ପରି ସଂସାରବନ୍ଧନରେ ପକାଇଦେଲା ନାହିଁ ॥ ୧ ॥

**ନାଥ ଇହାଁ କଛୁ କାରନ ଆନା । ସୁନହୁ ସୋ ସାୱଧାନ ହରିଜାନା ॥**
**ଗ୍ୟାନ ଅଖଂଡ ଏକ ସୀତାବର । ମାୟା ବସ୍ୟ ଜୀୱ ସଚରାଚର ॥ ୨ ॥**

ହେ ପ୍ରଭୁ ! ସେଥିରେ ଅନ୍ୟ କିଛି ଅଭିପ୍ରାୟ ଥିଲା । ହେ ଭଗବାନଙ୍କର ବାହନ ଗରୁଡ଼ ! ସେ କଥାଟି ସାବଧାନ ହୋଇ ଶୁଣନ୍ତୁ । ଏକମାତ୍ର ସୀତାପତି ଶ୍ରୀରାମହିଁ ଅଖଣ୍ଡ ଜ୍ଞାନସ୍ୱରୂପ; ଅନ୍ୟସବୁ ଚରାଚର ଜୀବ ମାୟାର ବଶ ॥ ୨ ॥

**ଜୌଁ ସବ କେଁ ରହ ଗ୍ୟାନ ଏକରସ । ଈସ୍ୱର ଜୀୱହି ଭେଦ କହହୁ କସ ॥**
**ମାୟା ବସ୍ୟ ଜୀୱ ଅଭିମାନୀ । ଈସ ବସ୍ୟ ମାୟା ଗୁନ ଖାନୀ ॥ ୩ ॥**

ଯଦି ସମସ୍ତଙ୍କ ଭିତରେ ଏକରସ (ଅଖଣ୍ଡ) ଜ୍ଞାନ ରହିଯାଆନ୍ତା, ତେବେ ଜୀବ ଓ ଈଶ୍ୱରଙ୍କ ମଧ୍ୟରେ ଆଉ କ'ଣ ପ୍ରଭେଦ ରହନ୍ତା ? ଅଭିମାନୀ ଜୀବ ହେଉଛି ମାୟାର ବଶ ଏବଂ ସେହି ତ୍ରିଗୁଣର ଭଣ୍ଡାର ମାୟା ହେଉଛି ଈଶ୍ୱରଙ୍କ ବଶ ॥ ୩ ॥

**ପରବସ ଜୀୱ ସ୍ୱବସ ଭଗୱଂତା । ଜୀୱ ଅନେକ ଏକ ଶ୍ରୀକଂତା ॥**
**ମୁଧା ଭେଦ ଜଦ୍ୟପି କୃତ ମାୟା । ବିନୁ ହରି ଜାଇ ନ କୋଟି ଉପାୟା ॥ ୪ ॥**

ଜୀବ ପରତନ୍ତ୍ର ଏବଂ ଭଗବାନ୍ ସ୍ୱତନ୍ତ୍ର; ଜୀବ ଅନେକ, ଶ୍ରୀପତି ଭଗବାନ୍ ଏକ । ମାୟାରଚିତ ଏହି ପ୍ରଭେଦ ଅସତ୍ୟ ହୋଇଥିଲେ ବି, ଭଗବାନଙ୍କ ଭଜନ ବିନା କୋଟିଏ ଉପାୟ କଲେ ସୁଦ୍ଧା ଏହା ଯିବ ନାହିଁ ॥ ୪ ॥

ଦୋ:- **ରାମଚଂଦ୍ର କେ ଭଜନ ବିନୁ ଜୋ ଚହ ପଦ ନିର୍ବାନ ।**
**ଗ୍ୟାନୱଂତ ଅପି ସୋ ନର ପସୁ ବିନୁ ପୂଁଛ ବିଷାନ ॥ ୭୮ (କ) ॥**

ରାମଚନ୍ଦ୍ରଙ୍କ ଭଜନ ନ କରି ଯେ ମୋକ୍ଷପଦ ଚାହୁଁଛି, ସେହି ମନୁଷ୍ୟ ଜ୍ଞାନବାନ୍ ହୋଇ ସୁଦ୍ଧା ଲାଞ୍ଜ-ଶିଙ୍ଗ ନ ଥିବା ପଶୁଟାଏମାତ୍ର ॥ ୭୮ (କ) ॥

**ରାକାପତି ଷୋଡ଼ସ ଉଅହିଁ ତାରାଗନ ସମୁଦାଇ ।**
**ସକଲ ଗିରିହ୍ନ ଦୱ ଲାଇଅ ବିନୁ ରବି ରାତି ନ ଜାଇ ॥ ୭୮ (ଖ) ॥**

ସବୁ ତାରାଙ୍କ ସହିତ ଷୋଳକଳାପୂର୍ଣ୍ଣ ଚନ୍ଦ୍ର ଉଦୟ ହେଲେ ସୁଦ୍ଧା ଏବଂ ସବୁ ପର୍ବତରେ ଦାବାଗ୍ନି ଜଳାଇଦିଆଗଲେ ସୁଦ୍ଧା ସୂର୍ଯ୍ୟଙ୍କ ବିନା ରାତି ଯିବ ନାହିଁ, ॥ ୭୮ (ଖ) ॥

**ଐସେହିଁ ହରି ବିନୁ ଭଜନ ଖଗେସା । ମିଟଇ ନ ଜୀୱହ୍ନ କେର କଲେସା ॥**
**ହରି ସେୱକହି ନ ବ୍ୟାପ ଅବିଦ୍ୟା । ପ୍ରଭୁ ପ୍ରେରିତ ବ୍ୟାପଇ ତେହି ବିଦ୍ୟା ॥ ୧ ॥**

ହେ ପକ୍ଷୀରାଜ ! ଠିକ୍ ସେହିପରି ଶ୍ରୀହରିଙ୍କ ଭଜନ ବିନା ଜୀବର କ୍ଳେଶ ଯିବ ନାହିଁ । ଶ୍ରୀହରିଙ୍କ ସେବକକୁ ଅବିଦ୍ୟା ଆଚ୍ଛାଦିତ କରେ ନାହିଁ; ପ୍ରଭୁଙ୍କ ପ୍ରେରଣାରେ ତା'ଠାରେ ବିଦ୍ୟାହିଁ ବ୍ୟାପିଥାଏ ॥ ୧ ॥

**ତାତେଁ ନାସ ନ ହୋଇ ଦାସ କର । ଭେଦ ଭଗତି ବାଢ଼ଇ ବିହଂଗବର ॥**
**ଭ୍ରମ ତେଁ ଚକିତ ରାମ ମୋହି ଦେଖା । ବିହଁସେ ସୋ ସୁନୁ ଚରିତ ବିସେଷା ॥ ୨ ॥**

ହେ ପକ୍ଷୀଶ୍ରେଷ୍ଠ ! ଏହା ଫଳରେ ଦାସର ବିନାଶ ହୁଏ ନାହିଁ, ବରଂ ଭେଦଭକ୍ତି (ସେବ୍ୟ-ସେବକଭାବ) ବଢ଼ିଥାଏ । ଶ୍ରୀରାମ ଯେତେବେଳେ ଦେଖିଦେଲେ ଯେ, ମୁଁ ଭ୍ରମରେ ପଡ଼ି ଚକିତ ହୋଇଯାଇଛି, ସେତେବେଳେ ସେ ହସିଦେଲେ । ସେହି ବିଶେଷ ଲୀଳାଚରିତ ଏବେ ଶୁଣନ୍ତୁ ॥ ୨ ॥

**ତେହି କୌତୁକ କର ମରମୁ ନ କାହୂଁ । ଜାନା ଅନୁଜ ନ ମାତୁ ପିତାହୂଁ ॥**
**ଜାନୁ ପାନି ଧାଏ ମୋହି ଧରନା । ସ୍ୟାମଲ ଗାତ ଅରୁନ କର ଚରନା ॥ ୩ ॥**

ସେହି ଲୀଳାର ମର୍ମ କେହି ଜାଣିପାରିଲେ ନାହିଁ; ସାନଭାଇମାନେ, କି ମାତାପିତା—କେହି ଜାଣିପାରିଲେ ନାହିଁ । ନାଲି ଟୁକୁଟୁକୁ ହାତ ଓ ପାଦ ଯୋଗୁଁ ଶୋଭା ପାଉଥିବା ସେହି ଶ୍ୟାମଳ ବାଳକ ଶ୍ରୀରାମ ମୋତେ ଧରିବାକୁ ଆଣ୍ଠୁ ଓ ହାତ ସାହାଯ୍ୟରେ ଗୁରୁଣ୍ଡି ଗୁରୁଣ୍ଡି ଗୋଡ଼ାଇଲେ ॥ ୩ ॥

**ତବ ମୈଁ ଭାଗି ଚଲେଉଁ ଉରଗାରୀ । ରାମ ଗହନ କହଁ ଭୁଜା ପସାରୀ ॥**
**ଜିମି ଜିମି ଦୂରି ଉଡ଼ାଉଁ ଅକାସା । ତହଁ ଭୁଜ ହରି ଦେଖଉଁ ନିଜ ପାସା ॥ ୪ ॥**

ହେ ସର୍ପଶତ୍ରୁ ଗରୁଡ଼ ! ମୁଁ ଉଡ଼ିପଳାଇଗଲି । ମୋତେ ଧରିବାପାଇଁ ଶ୍ରୀରାମ ହାତ ବଢ଼ାଇଲେ । ମୁଁ ଆକଶରେ ଯେତେ ଯେତେ ଦୂରକୁ ଉଡ଼ିଗ୍ଲିଲି, ଶ୍ରୀହରିଙ୍କ ହାତ ମୋ ଆଡ଼କୁ ସେତେ ସେତେ ବଢ଼ିଆସିଲା ॥ ୪ ॥

ଦୋଃ- **ବ୍ରହ୍ମଲୋକ ଲଗି ଗୟଉଁ ମୈଁ ଚିତୟଉଁ ପାଛ ଉଡ଼ାତ ।**
**ଜୁଗ ଅଂଗୁଲ କର ବୀଚ ସବ ରାମ ଭୁଜହି ମୋହି ତାତ ॥ ୭୯ (କ) ॥**

ଏପରି ଉଡ଼ି ଉଡ଼ି ମୁଁ ବ୍ରହ୍ମଲୋକ ପର୍ଯ୍ୟନ୍ତ ଗ୍ଲିଗଲି; କିନ୍ତୁ ପଛକୁ ବୁଲି ଗ୍ହିଁଦେଖେ ତ, ହେ ତାତ ! ଶ୍ରୀରାମଙ୍କ ହାତ ବି ବଢ଼ି ବଢ଼ି ସେପର୍ଯ୍ୟନ୍ତ ଆସିଗଲାଣି; ମୋଠାରୁ ଆଉ ମାତ୍ର ଦୁଇ ଅଙ୍ଗୁଳି ବାକି ଅଛି ॥ ୭୯ (କ) ॥

**ସପ୍ତାବରନ ଭେଦ କରି ଜହାଁ ଲଗେଁ ଗତି ମୋରି ।**
**ଗୟଉଁ ତହାଁ ପ୍ରଭୁ ଭୁଜ ନିରଖି ବ୍ୟାକୁଲ ଭୟଉଁ ବହୋରି ॥ ୭୯ (ଖ) ॥**

ସପ୍ତ ଆବରଣ ଭେଦ କରି ମୁଁ ଯେତେ ଦୂର ଯାଇପାରିଲି, ସେତେ ଦୂର ଗଲି; କିନ୍ତୁ ସେଠାରେ ବି ମୋ ଆଡ଼କୁ ପ୍ରଭୁଙ୍କ ହାତ ବଢ଼ିଆସୁଛି ଦେଖି ମୁଁ ବ୍ୟାକୁଳ ହୋଇଗଲି ॥ ୭୯ (ଖ) ॥

**ମୂଦେଉଁ ନୟନ ତ୍ରସିତ ଜବ ଭୟଉଁ । ପୁନି ଚିତୱତ କୋସଲପୁର ଗୟଉଁ ॥**
**ମୋହି ବିଲୋକି ରାମ ମୁସୁକାହୀଁ । ବିହଁସତ ତୁରତ ଗୟଉଁ ମୁଖ ମାହୀଁ ॥ ୧ ॥**

ମୁଁ ଭୟଭୀତ ହୋଇ ଆଖି ବୁଜିଦେଲି । କ୍ଷଣକ ପରେ ଆଖି ଖୋଲି ଗ୍ହିଁଦିଏ ତ, ମୁଁ ଆସି ଅଯୋଧ୍ୟାପୁରୀରେ ପହଞ୍ଚିଯାଇଛି । ମୋତେ ଦେଖି ଶ୍ରୀରାମ ମୁରୁକି ହସିଦେଲେ । ସେ ହସିଦେବାମାତ୍ରେ ମୁଁ ସଙ୍ଗେ ସଙ୍ଗେ ଟାଣିହୋଇ ତାଙ୍କ ମୁଖ ଭିତରକୁ ଗ୍ଲିଗଲି ॥ ୧ ॥

**ଉଦର ମାଝ ସୁନୁ ଅଂଡଜ ରାୟା । ଦେଖେଉଁ ବହୁ ବ୍ରହ୍ମାଂଡ ନିକାୟା ॥**
**ଅତି ବିଚିତ୍ର ତହଁ ଲୋକ ଅନେକା । ରଚନା ଅଧିକ ଏକ ତେ ଏକା ॥ ୨ ॥**

ହେ ପକ୍ଷୀରାଜ ! ଶୁଣନ୍ତୁ, ମୁଁ ତାଙ୍କ ଉଦରକୁ ଗ୍ଲିଗଲି ଓ ତା'ଭିତରେ ଅନେକ ବ୍ରହ୍ମାଣ୍ଡ ଦେଖିବାକୁ ପାଇଲି । ସେହିସବୁ ବ୍ରହ୍ମାଣ୍ଡରେ ଅନେକ ବିଚିତ୍ର ଲୋକ (ଭୁବନ) ରହିଥାଏ; ସେସବୁର ରଚନା ଏକକୁ ବଳି ଆରେକ ବିଚିତ୍ର ହୋଇଥାଏ ॥ ୨ ॥

**କୋଟିହ୍ନ ଚତୁରାନନ ଗୌରୀସା । ଅଗନିତ ଉଡ଼ଗନ ରବି ରଜନୀସା ॥**
**ଅଗନିତ ଲୋକପାଲ ଜମ କାଲା । ଅଗନିତ ଭୂଧର ଭୂମି ବିସାଲା ॥ ୩ ॥**
**ସାଗର ସରି ସର ବିପିନ ଅପାରା । ନାନା ଭାଁତି ସୃଷ୍ଟି ବିସ୍ତାରା ॥**
**ସୁର ମୁନି ସିଦ୍ଧ ନାଗ ନର କିଂନର । ଗ୍ରି ପ୍ରକାର ଜୀୱ ସଚରାଚର ॥ ୪ ॥**

ତା'ଭିତରେ ଥାଆନ୍ତି କୋଟି କୋଟି ବ୍ରହ୍ମା, କୋଟି କୋଟି ଶିବ, ଅଗଣିତ ତାରା, ସୂର୍ଯ୍ୟ ଓ ଚନ୍ଦ୍ର, ଅଗଣିତ ଲୋକପାଳ, ଅଗଣିତ ଯମ ଓ କାଳ, ଅଗଣିତ ବିଶାଳ ପର୍ବତ ଓ ଭୂମି, ଅସଂଖ୍ୟ ସମୁଦ୍ର, ନଦୀ, ପୁଷ୍କରିଣୀ ଓ ବନ; ପୁଣି ଆହୁରି ନାନାପ୍ରକାର ସୃଷ୍ଟିର ବିସ୍ତାର ବି ଦେଖିବାକୁ ପାଇଲି । ଅସଂଖ୍ୟ ଦେବତା, ମୁନି, ସିଦ୍ଧ, ନାଗ, ମନୁଷ୍ୟ, କିନ୍ନର ତଥା ଚତୁର୍ବିଧ ଚରାଚର ଜୀବଙ୍କୁ ମଧ୍ୟ ଦେଖିଲି ॥ ୩-୪ ॥

ଦୋଃ- ଜୋ ନହିଁ ଦେଖା ନହିଁ ସୁନା ଜୋ ମନହୂଁ ନ ସମାଇ ।
ସୋ ସବ ଅଦ୍ଭୁତ ଦେଖେଉଁ ବରନି କଵ୍ନି ବିଧି ଜାଇ ॥ ୮୦(କ) ॥
ଏକ ଏକ ବ୍ରହ୍ମାଂଡ ମହୁଁ ରହଉଁ ବରଷ ସତ ଏକ ।
ଏହି ବିଧି ଦେଖତ ଫିରଉଁ ମୈଁ ଅଂଡ କଟାହ ଅନେକ ॥ ୮୦(ଖ) ॥

ଯାହା କେବେ ଦେଖି ନ ଥିଲି, କି ଶୁଣି ନ ଥିଲି, କି ମନରେ ବି ଭାବି ନ ଥିଲି, ମୁଁ ସେହିଭଳି ଅଦ୍ଭୁତ ସୃଷ୍ଟିସବୁ ଦେଖିଲି । ତେଣୁ ସେସବୁର ବର୍ଣ୍ଣନା ବା କିପରି କରିପାରିବି ! ସେଥିରୁ ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଶହେ ଶହେ ବର୍ଷ ରହିଲି । ଏପରିଭାବରେ ମୁଁ ଅନେକ ବ୍ରହ୍ମାଣ୍ଡ ବୁଲି ଦେଖିଲି ॥ ୮୦ (କ-ଖ) ॥

ଲୋକ ଲୋକ ପ୍ରତି ଭିନ୍ନ ବିଧାତା । ଭିନ୍ନ ବିଷ୍ଣୁ ସିଵ୍ ମନୁ ଦିସିତ୍ରାତା ॥
ନର ଗଂଧର୍ବ ଭୂତ ବେତାଲା । କିଂନର ନିସିଚର ପସୁ ଖଗ ବ୍ୟାଲା ॥ ୧ ॥
ଦେଵ୍ ଦନୁଜ ଗନ ନାନା ଜାତୀ । ସକଲ ଜୀଵ୍ ତହଁ ଆନହି ଭାଁତୀ ॥
ମହି ସରି ସାଗର ସର ଗିରି ନାନା । ସବ ପ୍ରପଂଚ ତହଁ ଆନଇ ଆନା ॥ ୨ ॥

ଦେଖିଲି, ପ୍ରତ୍ୟେକ ଲୋକରେ ଭିନ୍ନ ଭିନ୍ନ ବ୍ରହ୍ମା, ବିଷ୍ଣୁ, ଶିବ, ମନୁ, ଦିଗପାଳ, ମନୁଷ୍ୟ, ଗନ୍ଧର୍ବ, ଭୂତ, ବେତାଳ, କିନ୍ନର, ରାକ୍ଷସ, ପଶୁ, ପକ୍ଷୀ, ସର୍ପ, ତଥା ନାନା ଜାତିର ଦେବତା ଏବଂ ଦୈତ୍ୟ ଅଛନ୍ତି । ପ୍ରତ୍ୟେକ ବ୍ରହ୍ମାଣ୍ଡର ଜୀବମାନେ ଅନ୍ୟ ବ୍ରହ୍ମାଣ୍ଡର ଜୀବମାନଙ୍କ ଠାରୁ ଭିନ୍ନ ପ୍ରକାରର । ସେଠାରେ ଅନେକ ପୃଥିବୀ, ନଦୀ, ସମୁଦ୍ର, ପୁଷ୍କରିଣୀ, ପର୍ବତ ତଥା ସମସ୍ତ ସୃଷ୍ଟି ଭିନ୍ନ ଭିନ୍ନ ପ୍ରକାରର ହୋଇଥିଲା ॥ ୧-୨ ॥

ଅଂଡକୋସ ପ୍ରତି ପ୍ରତି ନିଜ ରୂପା । ଦେଖେଉଁ ଜିନସ ଅନେକ ଅନୂପା ॥
ଅଵ୍ଧପୁରୀ ପ୍ରତି ଭୁଵ୍ନ ନିନାରୀ । ସରଜୂ ଭିନ୍ନ ଭିନ୍ନ ନର ନାରୀ ॥ ୩ ॥

ପ୍ରତ୍ୟେକ ବ୍ରହ୍ମାଣ୍ଡରେ ମୁଁ ନିଜକୁ ଦେଖିଲି ତଥା ଅନେକ ଅନୁପମ ବସ୍ତୁ ଦେଖିଲି । ପ୍ରତ୍ୟେକ ଭୁବନରେ ଭିନ୍ନ ଭିନ୍ନ ଅଯୋଧ୍ୟାନଗରୀ, ଭିନ୍ନ ଭିନ୍ନ ସରଯୂ ଓ ଭିନ୍ନ ଭିନ୍ନ ପ୍ରକାରର ନରନାରୀ ଥିବାର ଦେଖିଲି ॥ ୩ ॥

ଦସରଥ କୌସଲ୍ୟା ସୁନୁ ତାତା । ବିବିଧ ରୂପ ଭରତାଦିକ ଭ୍ରାତା ॥
ପ୍ରତି ବ୍ରହ୍ମାଂଡ ରାମ ଅଵ୍ତାରା । ଦେଖଉଁ ବାଲବିନୋଦ ଅପାରା ॥ ୪ ॥

ହେ ପ୍ରଭୁ ! ଶୁଣନ୍ତୁ; ସବୁ ଅଯୋଧ୍ୟାରେ ଭିନ୍ନ ଭିନ୍ନ ରୂପର ଦଶରଥ, କୌଶଲ୍ୟା ଓ ଭରତ ଆଦି ଭାଇ ବି ଥିଲେ । ମୁଁ ପ୍ରତ୍ୟେକ ବ୍ରହ୍ମାଣ୍ଡରେ ରାମାବତାର ଓ ପ୍ରଭୁଙ୍କର ଅପାର ବାଲ୍ୟଲୀଳା ମଧ୍ୟ ବୁଲି ବୁଲି ଦେଖିଲି ॥ ୪ ॥

ଦୋଃ- ଭିନ୍ନ ଭିନ୍ନ ମୈଁ ଦୀଖ ସବୁ ଅତି ବିଚିତ୍ର ହରିଜାନ ।
ଅଗନିତ ଭୁଵ୍ନ ଫିରେଉଁ ପ୍ରଭୁ ରାମ ନ ଦେଖେଉଁ ଆନ ॥ ୮୧(କ) ॥

ହେ ହରିବାହନ ! ମୁଁ ସବୁକିଛି ଭିନ୍ନ ଭିନ୍ନ ଓ ଅତ୍ୟନ୍ତ ବିଚିତ୍ର ଦେଖିଲି; ଅଥଚ ଅଗଣିତ ବ୍ରହ୍ମାଣ୍ଡରେ କୌଣସିଠାରେ ପ୍ରଭୁ ଶ୍ରୀରାମଙ୍କୁ ଭିନ୍ନରୂପରେ ଦେଖିବାକୁ ପାଇଲି ନାହିଁ ॥ ୮୧(କ) ॥

ସୋଇ ସିସୁପନ ସୋଇ ସୋଭା ସୋଇ କୃପାଲ ରଘୁବୀର ।
ଭୁଵ୍ନ ଭୁଵ୍ନ ଦେଖତ ଫିରଉଁ ପ୍ରେରିତ ମୋହ ସମୀର ॥ ୮୧(ଖ) ॥

ସବୁଠାରେ ସେହି ଏକା ଶିଶୁରୂପ, ଏକା ଶିଶୁଲୀଳା, ଏକା ଶୋଭା ଓ ସେହି ଏକା ପ୍ରଭୁ କୃପାଳୁ

ଶ୍ରୀରଘୁବୀରଙ୍କୁ ମୁଁ ଦେଖିଲି । ଏହିପରିଭାବରେ ମୋହରୂପୀ ପବନର ପ୍ରେରଣାରେ ମୁଁ ବିଭିନ୍ନ ଭୁବନ ବୁଲି ଦେଖିଲି ॥ ୮୧(ଖ) ॥

**ଭ୍ରମତ ମୋହି ବ୍ରହ୍ମାଂଡ ଅନେକା । ବୀତେ ମନହୁଁ କଲ୍ପ ସତ ଏକା ॥**
**ଫିରତ ଫିରତ ନିଜ ଆଶ୍ରମ ଆୟଉଁ । ତହଁ ପୁନି ରହି କଛୁ କାଲ ଗଁୱାୟଉଁ ॥ ୧ ॥**

ଅନେକ ବ୍ରହ୍ମାଣ୍ଡରେ ବୁଲୁ ବୁଲୁ, ମୋତେ ଲାଗିଲା, ମୋର ଶହେ କଳ୍ପ ବିତିଗଲା । ବୁଲି ବୁଲି ମୁଁ ମୋ ଆଶ୍ରମକୁ ଫେରିଲି ଏବଂ ସେଠାରେ କିଛିକାଳ ବିତାଇଲି ॥ ୧ ॥

**ନିଜ ପ୍ରଭୁ ଜନ୍ମ ଅୱଧ ସୁନି ପାୟଉଁ । ନିର୍ଭର ପ୍ରେମ ହରଷି ଉଠି ଧାୟଉଁ ॥**
**ଦେଖଉଁ ଜନ୍ମ ମହୋତ୍ସୱ ଜାଈ । ଜେହି ବିଧି ପ୍ରଥମ କହା ମୈଁ ଗାଈ ॥ ୨ ॥**

ପୁଣିଥରେ ଶୁଣିଲି ଯେ, ପ୍ରଭୁ ଅଯୋଧ୍ୟାପୁରୀରେ ଅବତାର ନେଲେଣି; ସେତେବେଳେ ମୁଁ ଗଭୀର ପ୍ରେମରେ ମଗ୍ନ ହୋଇ ଜନ୍ମୋତ୍ସବ ଦେଖିବାକୁ ଆନନ୍ଦରେ ଉଠି ଧାଇଁଲି । ମୁଁ ଆଗରୁ ଯେପରି ବର୍ଣ୍ଣନା କରିଛି, ସେହିପରି ସବୁ ଉତ୍ସବ ଦେଖିଲି ॥ ୨ ॥

**ରାମ ଉଦର ଦେଖେଉଁ ଜଗ ନାନା । ଦେଖତ ବନଇ ନ ଜାଇ ବଖାନା ॥**
**ତହଁ ପୁନି ଦେଖେଉଁ ରାମ ସୁଜାନା । ମାୟା ପତି କୃପାଲ ଭଗୱାନା ॥ ୩ ॥**

ଏପରିଭାବରେ ମୁଁ ଶ୍ରୀରାମଙ୍କ ଉଦର ଭିତରେ ବହୁ ଜଗତ୍ ଦେଖିଲି । ସେସବୁ ପ୍ରକୃତରେ ଦେଖିବାଭଳି ହୋଇଥିଲା ! ସେକଥା ବର୍ଣ୍ଣନା କରିବା ସମ୍ଭବ ନୁହେଁ । ପୁଣି ସେଠାରେ ମୁଁ ସେହି ବିଚକ୍ଷଣ ମାୟାପତି କୃପାଳୁ ଭଗବାନ୍ ଶ୍ରୀରାମଙ୍କୁ ଦେଖିବାକୁ ପାଇଲି ॥ ୩ ॥

**କରଉଁ ବିଚାର ବହୋରି ବହୋରୀ । ମୋହ କଲିଲ ବ୍ୟାପିତ ମତି ମୋରୀ ॥**
**ଉଭୟ ଘରୀ ମହଁ ମୈଁ ସବ ଦେଖା । ଭୟଉଁ ଭ୍ରମିତ ମନ ମୋହ ବିସେଷା ॥ ୪ ॥**

ମୁଁ ବାରମ୍ବାର ବିଚାର କରୁଥାଏ । କିନ୍ତୁ ମୋ ବୁଦ୍ଧି ମୋହରୂପୀ ପଙ୍କରେ ବୁଡ଼ିରହିଥାଏ । ଏସବୁ ମୁଁ ମାତ୍ର ଦୁଇଟା ଘଡ଼ି ଭିତରେ ଦେଖିଦେଲି । ବିଶେଷ ମୋହ ହେତୁ ମୁଁ ଅତ୍ୟନ୍ତ କ୍ଳାନ୍ତ ହୋଇଗଲି ॥ ୪ ॥

ଦୋଃ- **ଦେଖି କୃପାଲ ବିକଲ ମୋହି ବିହଁସେ ତବ ରଘୁବୀର ।**
**ବିହଁସତହୀଁ ମୁଖ ବାହେର ଆୟଉଁ ସୁନୁ ମତିଧୀର ॥ ୮୨(କ) ॥**

ମୋର ବ୍ୟାକୁଳତା ଦେଖି କୃପାଳୁ ରଘୁବୀର ହସିଦେଲେ । ହେ ଧୀରବୁଦ୍ଧି ଗରୁଡ଼ ! ଶୁଣନ୍ତୁ ; ସେ ହସି ଦେଉ ଦେଉ ମୁଁ ତାଙ୍କ ମୁହଁବାଟଦେଇ ବାହାରିପଡ଼ିଲି ॥ ୮୨(କ) ॥

**ସୋଇ ଲରିକାଈ ମୋ ସନ କରନ ଲଗେ ପୁନି ରାମ ।**
**କୋଟି ଭାଁତି ସମୁଝାୱଉଁ ମନୁ ନ ଲହଇ ବିଶ୍ରାମ ॥ ୮୨(ଖ) ॥**

ଶ୍ରୀରାମ ମୋ ସାଥିରେ ପୁଣିଥରେ ସେହି ପିଲାଖେଳ ଖେଳିବାକୁ ଲାଗିଲେ । [କିନ୍ତୁ ମୁଁ ତ ନିଜକୁ ସମ୍ଭାଳିପାରୁ ନ ଥାଏ;] କୋଟି ପ୍ରଯତ୍ନ କରି ମନକୁ ବୁଝାଇଲେ ମଧ୍ୟ ମନ ଶାନ୍ତ ହୋଇପାରିଲା ନାହିଁ ॥ ୮୨(ଖ) ॥

**ଦେଖି ଚରିତ ୟହ ସୋ ପ୍ରଭୁତାଈ । ସମୁଝତ ଦେହ ଦସା ବିସରାଈ ॥**
**ଧରନି ପରେଉଁ ମୁଖ ଆୱ ନ ବାତା । ତ୍ରାହି ତ୍ରାହି ଆରତ ଜନ ତ୍ରାତା ॥ ୧ ॥**

ଏହି ବାଲ୍ୟଲୀଳା ଦେଖି ଏବଂ [ପେଟଭିତରର] ସେହି ଅପୂର୍ବ ପ୍ରଭୁତ୍ୱ ସ୍ମରଣ କରି ମୁଁ ଦେହଜ୍ଞାନ

ଭୁଲିଗଲି ଏବଂ 'ହେ ଆର୍ତ୍ତତ୍ରାଣ ! ରକ୍ଷା କର !' ବୋଲି ଡାକ ପକାଇ ଭୂଇଁରେ ଢଳିପଡ଼ିଲି । ମୋ ମୁହଁରୁ ଆଉ କଥା ବାହାରିଲା ନାହିଁ ॥ ୧ ॥

**ପ୍ରେମାକୁଲ ପ୍ରଭୁ ମୋହି ବିଲୋକୀ । ନିଜ ମାୟା ପ୍ରଭୁତା ତବ ରୋକୀ ॥**
**କର ସରୋଜ ପ୍ରଭୁ ମମ ସିର ଧରେଉ । ଦୀନଦୟାଲ ସକଲ ଦୁଖ ହରେଉ ॥ ୨ ॥**

ମୋର ସେହି ପ୍ରେମବିହ୍ୱଳ ଅବସ୍ଥା ଦେଖି ପ୍ରଭୁ ନିଜ ମାୟାର ପ୍ରଭାବ ଦୂରେଇନେଲେ । ମୋ ମଥା ଉପରେ ନିଜର କରକମଳ ରଖିଦେଇ ଦୀନଦୟାଳୁ ପ୍ରଭୁ ମୋର ସକଳ ଦୁଃଖ ହରିନେଲେ ॥ ୨ ॥

**କୀହ୍ନ ରାମ ମୋହି ବିଗତ ବିମୋହା । ସେୱକ ସୁଖଦ କୃପା ସଂଦୋହା ॥**
**ପ୍ରଭୁତା ପ୍ରଥମ ବିଚାରି ବିଚାରୀ । ମନ ମହଁ ହୋଇ ହରଷ ଅତି ଭାରୀ ॥ ୩ ॥**

ସେବକମାନଙ୍କର ସୁଖଦାତା କୃପାସାଗର ଶ୍ରୀରାମ ମୋତେ ସର୍ବଥା ମୋହମୁକ୍ତ କରିଦେଲେ । ତାଙ୍କର ପୂର୍ବୋକ୍ତ ପ୍ରଭୁତ୍ୱ ସ୍ମରଣ କରି ମୁଁ ମନେ ମନେ ଅପାର ଆନନ୍ଦ ଅନୁଭବ କଲି ॥ ୩ ॥

**ଭଗତ ବଛଲତା ପ୍ରଭୁ କୈ ଦେଖୀ । ଉପଜୀ ମମ ଉର ପ୍ରୀତି ବିସେଷୀ ॥**
**ସଜଲ ନୟନ ପୁଲକିତ କର ଜୋରୀ । କୀହ୍ନିଉଁ ବହୁ ବିଧି ବିନୟ ବହୋରୀ ॥ ୪ ॥**

ପ୍ରଭୁଙ୍କ ଭକ୍ତବତ୍ସଳତା ଦେଖି ମୋର ହୃଦୟରେ ଅପାର ପ୍ରେମ ଜାତ ହେଲା । ମୋ ନେତ୍ରରେ ଆନନ୍ଦାଶ୍ରୁ ଭରିଗଲା । ମୁଁ ପୁଲକିତ ହୋଇ କରପତ୍ର ଯୋଡ଼ି ତାଙ୍କୁ ବହୁପ୍ରକାରେ ପ୍ରାର୍ଥନା କଲି ॥ ୪ ॥

ଦୋଃ- **ସୁନି ସପ୍ରେମ ମମ ବାନୀ ଦେଖି ଦୀନ ନିଜ ଦାସ ।**
**ବଚନ ସୁଖଦ ଗଂଭୀର ମୃଦୁ ବୋଲେ ରମାନିୱାସ ॥ ୮୩(କ) ॥**

ମୋର ପ୍ରେମପୂର୍ଣ୍ଣ ବାଣୀ ଶୁଣି ଏବଂ ନିଜ ଦାସର ଦୈନ୍ୟ ଦେଖି ରମାନିବାସ ଶ୍ରୀରାମ ଗମ୍ଭୀର ଓ କୋମଳଭାବରେ ଆନନ୍ଦଦାୟକ ବଚନ କହିଲେ, ॥ ୮୩(କ) ॥

**କାକଭସୁଂଡି ମାଗୁ ବର ଅତି ପ୍ରସନ୍ନ ମୋହି ଜାନି ।**
**ଅନିମାଦିକ ସିଧି ଅପର ରିଧି ମୋଚ୍ଛ ସକଲ ସୁଖ ଖାନି ॥ ୮୩(ଖ) ॥**

"ହେ କାକଭୁଶୁଣ୍ଡି ! ମୁଁ ଅତ୍ୟନ୍ତ ପ୍ରସନ୍ନ ହୋଇଛି; ତୁମେ ମୋତେ ବର ମାଗ । ତୁମେ ଅଣିମାଦି ଅଷ୍ଟସିଦ୍ଧି, ଅନ୍ୟାନ୍ୟ ଋଦ୍ଧି ତଥା ସକଳସୁଖର ଭଣ୍ଡାର ମୋକ୍ଷ, ॥ ୮୩(ଖ) ॥

**ଗ୍ୟାନ ବିବେକ ବିରତି ବିଗ୍ୟାନା । ମୁନି ଦୁର୍ଲଭ ଗୁନ ଜେ ଜଗ ନାନା ॥**
**ଆଜୁ ଦେଉଁ ସବ ସଂସୟ ନାହୀଁ । ମାଗୁ ଜୋ ତୋହି ଭାୱ ମନ ମାହୀଁ ॥ ୧ ॥**

ଜ୍ଞାନ, ବିବେକ, ବୈରାଗ୍ୟ, ବିଜ୍ଞାନ (ତତ୍ତ୍ୱଜ୍ଞାନ) ଏବଂ ଯେଉଁସବୁ ଗୁଣ ଜଗତରେ ମୁନିମାନଙ୍କୁ ମଧ୍ୟ ଦୁର୍ଲଭ—ସେହି ସବୁକିଛି ଆଜି ମୁଁ ତୁମକୁ ଦେଇଦେବି; ଏଥିରେ କୌଣସି ସନ୍ଦେହ ନାହିଁ । ତୁମ ମନରେ ଯାହା ଆସୁଛି, ତାହା ମାଗିନିଅ ।" ॥ ୧ ॥

**ସୁନି ପ୍ରଭୁ ବଚନ ଅଧିକ ଅନୁରାଗେଉଁ । ମନ ଅନୁମାନ କରନ ତବ ଲାଗେଉଁ ॥**
**ପ୍ରଭୁ କହ ଦେନ ସକଲ ସୁଖ ସହୀ । ଭଗତି ଆପନୀ ଦେନ ନ କହୀ ॥ ୨ ॥**

ପ୍ରଭୁଙ୍କ ବଚନ ଶୁଣି ମୁଁ ଅତିଶୟ ପ୍ରେମରେ ମଗ୍ନ ହୋଇଗଲି । ମନେ ମନେ ଭାବିଲି, ପ୍ରଭୁ ସବୁସୁଖ ଦେଇଦେବେ ବୋଲି ତ କହିଲେ, କିନ୍ତୁ ତାଙ୍କ ଚରଣରେ ଭକ୍ତି ଦେବା କଥାଟି ତ କାହିଁ କହିଲେ ନାହିଁ ! ॥ ୨ ॥

**ଭଗତି ହୀନ ଗୁନ ସବ ସୁଖ ଐସେ । ଲୱ୍ନ ବିନା ବହୁ ବିଂଜନ ଜୈସେ ॥**
**ଭଜନ ହୀନ ସୁଖ କୱ୍ନେ କାଜା । ଅସ ବିଗ୍ୱରି ବୋଲେଉଁ ଖଗରାଜା ॥ ୩ ॥**

ଲୁଣ ପଡ଼ି ନ ଥିବା ନାନାପ୍ରକାର ବ୍ୟଞ୍ଜନ ଯାହା (ଯେପରି ଅସ୍ୱାଦକର), ଭକ୍ତିରହିତ ସକଳଗୁଣ ଓ ସବୁସୁଖ ମଧ୍ୟ ସେଇଆ (ସେହିପରି ମୂଲ୍ୟହୀନ) । ଭଜନରହିତ ସୁଖ କେଉଁ କାମକୁ ପାଏ ? ହେ ପକ୍ଷୀରାଜ ! ଏପରି ବିଗ୍ୱର କରି ମୁଁ କହିଲି, ॥ ୩ ॥

**ଜୌଁ ପ୍ରଭୁ ହୋଇ ପ୍ରସନ୍ନ ବର ଦେହୂ । ମୋ ପର କରହୁ କୃପା ଅରୁ ନେହୂ ॥**
**ମନ ଭାୱ୍ତ ବର ମାଗଉଁ ସ୍ୱାମୀ । ତୁହ୍ମ ଉଦାର ଉର ଅଂତରଜାମୀ ॥ ୪ ॥**

''ହେ ପ୍ରଭୁ ! ଆପଣ ଯଦି ପ୍ରସନ୍ନ ହୋଇ ମୋତେ ବର ଦେବେ ବୋଲି କହୁଛନ୍ତି ଏବଂ ମୋ ପ୍ରତି କୃପା ଓ ସ୍ନେହ ରଖିଛନ୍ତି, ତେବେ ହେ ସ୍ୱାମୀ ! ମୋ ମନକୁ ଯାହା ଭଲ ଲାଗୁଛି, ମୁଁ ସେହି ବର ମାଗୁଛି । ଆପଣ ତ ଉଦାର ଓ ଅନ୍ତର୍ଯାମୀ, [ତେଣୁ ମନ ଜାଣି ନିଶ୍ଚୟ ପ୍ରଦାନ କରିବେ ।] ॥ ୪ ॥

ଦୋ:- **ଅବିରଲ ଭଗତି ବିସୁଦ୍ଧ ତୱ୍ ଶ୍ରୁତି ପୁରାନ ଜୋ ଗାୱ୍ ।**
**ଜେହି ଖୋଜତ ଜୋଗୀସ ମୁନି ପ୍ରଭୁ ପ୍ରସାଦ କୋଉ ପାୱ୍ ॥ ୮୪(କ) ॥**
**ଭଗତ କଲ୍ପତରୁ ପ୍ରନତ ହିତ କୃପା ସିଂଧୁ ସୁଖ ଧାମ ।**
**ସୋଇ ନିଜ ଭଗତି ମୋହି ପ୍ରଭୁ ଦେହୁ ଦୟା କରି ରାମ ॥ ୮୪(ଖ) ॥**

ଆପଣଙ୍କର ଯେଉଁ ପ୍ରଗାଢ଼ ଓ ବିଶୁଦ୍ଧ (ଅନନ୍ୟ, ନିଷ୍କାମ) ଭକ୍ତି ଶ୍ରୁତି ଓ ପୁରାଣମାନଙ୍କରେ ଗାନ କରାଯାଇଛି, ଯେଉଁ ଭକ୍ତିକୁ ଯୋଗୀଶ୍ୱର ମୁନିଗଣ ଖୋଜୁଥାନ୍ତି ଏବଂ ଯେଉଁ ଭକ୍ତି ପ୍ରଭୁଙ୍କ କୃପା ହେଲେ କ୍ୱଚିତ୍ କେହି ଜଣେଅଧେ ପାଆନ୍ତି, ହେ ଭକ୍ତମାନଙ୍କର କଳ୍ପବୃକ୍ଷ ! ହେ ଶରଣାଗତ-ହିତକାରୀ ! ହେ କୃପାସାଗର ! ହେ କୃପାନିଧାନ ଶ୍ରୀରାମ ! ଦୟା କରି ମୋତେ ଆପଣଙ୍କ ଚରଣରେ ସେହି ଭକ୍ତି ପ୍ରଦାନ କରନ୍ତୁ ॥ ୮୪(କ-ଖ) ॥

**ଏୱ୍ମସ୍ତୁ କହି ରଘୁକୁଲ ନାୟକ । ବୋଲେ ବଚନ ପରମ ସୁଖଦାୟକ ॥**
**ସୁନୁ ବାୟସ ତୈଁ ସହଜ ସୟାନା । କାହେ ନ ମାଗସି ଅସ ବରଦାନା ॥ ୧ ॥**

ରଘୁବଂଶର ସ୍ୱାମୀ 'ଏବମସ୍ତୁ' ବୋଲି ଉଚ୍ଚାରଣ କରିଦେଇ ପରମାନନ୍ଦଦାୟକ ବଚନ କହିଲେ, ''ହେ କାକ ! ଶୁଣ; ତୁମେ ତ ସ୍ୱଭାବତଃ ବଡ଼ ବୁଦ୍ଧିମାନ୍ ! ଏପରି ବର ନ ମାଗନ୍ତ ବା କିପରି ? ॥ ୧ ॥

**ସବ ସୁଖ ଖାନି ଭଗତି ତୈଁ ମାଗୀ । ନହିଁ ଜଗ କୋଉ ତୋହି ସମ ବଡ଼ଭାଗୀ ॥**
**ଜୋ ମୁନି କୋଟି ଜତନ ନହିଁ ଲହହୀଁ । ଜେ ଜପ ଜୋଗ ଅନଲ ତନ ଦହହୀଁ ॥ ୨ ॥**
**ରୀଝେଉଁ ଦେଖି ତୋରି ଚତୁରାଈ । ମାଗେହୁ ଭଗତି ମୋହି ଅତି ଭାଈ ॥**
**ସୁନୁ ବିହଂଗ ପ୍ରସାଦ ଅବ ମୋରେଁ । ସବ ସୁଭ ଗୁନ ବସିହହିଁ ଉର ତୋରେଁ ॥ ୩ ॥**

ତୁମେ ଯେଉଁ ଭକ୍ତି ମାଗିନେଲ, ତାହା ହେଉଛି ସକଳ ସୁଖର ଭଣ୍ଡାର । ଜଗତରେ ତୁମ ପରି ଭାଗ୍ୟବାନ୍ ଆଉ କେହି ନାହିଁ । ମୁନିମାନେ ଜପ ଓ ଯୋଗର ଅଗ୍ନିରେ ଶରୀରକୁ ଜଳାଇ ମଧ୍ୟ, କୋଟିଏ ଯତ୍ନ କରି ମଧ୍ୟ ଯେଉଁ ଭକ୍ତି ପାଆନ୍ତି ନାହିଁ, ତୁମେ ଆଜି ସେହି ଭକ୍ତି ମାଗିନେଲ । ତୁମର ବିଚକ୍ଷଣତା ଦେଖି ମୁଁ ଅତ୍ୟନ୍ତ ପ୍ରୀତ । ତୁମର ଏହି ବିଚକ୍ଷଣତା ମୋତେ ଖୁବ୍ ଭଲ ଲାଗିଲା । ହେ ପକ୍ଷୀ ! ଶୁଣ; ମୋ କୃପାରୁ ଏଥର ତୁମ ହୃଦୟରେ ସମସ୍ତ ସଦ୍‌ଗୁଣ ନିବାସ କରିବ ॥ ୨-୩ ॥

**ଭଗତି ଗ୍ୟାନ ବିଗ୍ୟାନ ବିରାଗା । ଜୋଗ ଚରିତ୍ର ରହସ୍ୟ ବିଭାଗା ॥**
**ଜାନବ ତୈଁ ସବହୀ କର ଭେଦା । ମମ ପ୍ରସାଦ ନହିଁ ସାଧନ ଖେଦା ॥ ୪ ॥**

ମୋ ପ୍ରସାଦରୁ ତୁମେ ଭକ୍ତି, ଜ୍ଞାନ, ବିଜ୍ଞାନ, ବୈରାଗ୍ୟ, ଯୋଗ, ମୋର ବିଭିନ୍ନ ଲୀଳା ଓ ସେସବୁର ରହସ୍ୟ ତଥା ବିଭାଗର ମର୍ମ ଜାଣିପାରିବ । ତୁମକୁ ସାଧନାରେ କଷ୍ଟ ହେବ ନାହିଁ ॥ ୪ ॥

ଦୋଃ- **ମାୟା ସଂଭଓ୍ୱ ଭ୍ରମ ସବ ଅବ ନ ବ୍ୟାପିହହିଁ ତୋହି ।**
**ଜାନେସୁ ବ୍ରହ୍ମ ଅନାଦି ଅଜ ଅଗୁନ ଗୁନାକର ମୋହି ॥ ୮୫(କ) ॥**

ଏଥର ଆଉ ମାୟାରୁ ଉତ୍ପନ୍ନ କୌଣସି ଭ୍ରମ ତୁମକୁ ଆଚ୍ଛାଦିତ କରିବ ନାହିଁ । ଜାଣ ଯେ, ମୁଁ ହେଉଛି ଅନାଦି, ଅଜନ୍ମା, ଅଗୁଣ (ପ୍ରକୃତିର ଗୁଣରୁ ମୁକ୍ତ) ଏବଂ ଦିବ୍ୟ ଗୁଣମାନଙ୍କର ଭଣ୍ଡାର ବ୍ରହ୍ମ ॥ ୮୫(କ) ॥

**ମୋହି ଭଗତ ପ୍ରିୟ ସଂତତ ଅସ ବିଗ୍ୱରି ସୁନୁ କାଗ ।**
**କାୟଁ ବଚନ ମନ ମମ ପଦ କରେସୁ ଅଚଲ ଅନୁରାଗ ॥ ୮୫(ଖ) ॥**

ହେ କାକ ! ଶୁଣ, ଭକ୍ତ ମୋର ନିରନ୍ତର ପ୍ରିୟ ବୋଲି ଜାଣି କାୟ-ମନ-ବାକ୍ୟରେ ମୋ ଚରଣରେ ଅଚଳା ଭକ୍ତି ରଖ ॥ ୮୫(ଖ) ॥

**ଅବ ସୁନୁ ପରମ ବିମଲ ମମ ବାନୀ । ସତ୍ୟ ସୁଗମ ନିଗମାଦି ବଖାନୀ ॥**
**ନିଜ ସିଦ୍ଧାଂତ ସୁନାଓ୍ୱଉଁ ତୋହୀ । ସୁନୁ ମନ ଧରୁ ସବ ତଜି ଭଜୁ ମୋହୀ ॥ ୧ ॥**

ଏଥର ମୋର ସତ୍ୟ, ସୁଗମ ଓ ବେଦାଦିଦ୍ୱାରା ବର୍ଣ୍ଣିତ ପରମନିର୍ମଳ ବାଣୀ ଶୁଣ । ମୁଁ ଯାହା ଶୁଣାଉଛି [କହୁଛି], ତାହା ମୋର 'ନିଜ ସିଦ୍ଧାନ୍ତ' । ଏହାକୁ ମନେ ରଖ ଏବଂ ସବୁ ଛାଡ଼ିଦେଇ କେବଳ ମୋର ଭଜନ କର ॥ ୧ ॥

**ମମ ମାୟା ସଂଭଓ୍ୱ ସଂସାରା । ଜୀଓ୍ୱ ଚରାଚର ବିବିଧି ପ୍ରକାରା ॥**
**ସବ ମମ ପ୍ରିୟ ସବ ମମ ଉପଜାଏ । ସବ ତେ ଅଧିକ ମନୁଜ ମୋହି ଭାଏ ॥ ୨ ॥**

ଏହି ସମଗ୍ର ସଂସାର ମୋର ମାୟାରୁ ଉତ୍ପନ୍ନ । ଏଥିରେ ଅନେକପ୍ରକାର ଚରାଚର ଜୀବ ଅଛନ୍ତି । ସେମାନେ ସମସ୍ତେ ମୋର ପ୍ରିୟ; କାରଣ ସମସ୍ତେ ମୋଠାରୁ ଉତ୍ପନ୍ନ ହୋଇଛନ୍ତି । କିନ୍ତୁ ମୋତେ ମନୁଷ୍ୟ ସବୁଠାରୁ ଅଧିକ ଭଲ ଲାଗେ ॥ ୨ ॥

**ତିନ୍ହ ମହଁ ଦ୍ୱିଜ ଦ୍ୱିଜ ମହଁ ଶ୍ରୁତିଧାରୀ । ତିନ୍ହ ମହୁଁ ନିଗମ ଧରମ ଅନୁସାରୀ ॥**
**ତିନ୍ହ ମହଁ ପ୍ରିୟ ବିରକ୍ତ ପୁନି ଗ୍ୟାନୀ । ଗ୍ୟାନିହୁ ତେ ଅତି ପ୍ରିୟ ବିଗ୍ୟାନୀ ॥ ୩ ॥**

ସେହି ମନୁଷ୍ୟମାନଙ୍କ ମଧ୍ୟରେ ପୁଣି ଦ୍ୱିଜ, ଦ୍ୱିଜମାନଙ୍କ ମଧ୍ୟରେ ପୁଣି ବେଦାଭ୍ୟାସୀ, ସେମାନଙ୍କ ମଧ୍ୟରେ ପୁଣି ବେଦୋକ୍ତ ଧର୍ମରେ ଚାଲୁଥିବା ବ୍ୟକ୍ତି ଏବଂ ସେମାନଙ୍କ ମଧ୍ୟରେ ପୁଣି ଯେଉଁମାନେ ବୈରାଗ୍ୟବାନ୍, ସେହିମାନେ ମୋର ପ୍ରିୟ । ବୈରାଗ୍ୟବାନ୍‌ମାନଙ୍କ ମଧ୍ୟରେ ଜ୍ଞାନୀ ଏବଂ ସେମାନଙ୍କ ମଧ୍ୟରେ ବିଜ୍ଞାନୀହିଁ ମୋର ଅତ୍ୟନ୍ତ ପ୍ରିୟ ॥ ୩ ॥

**ତିନ୍ହ ତେ ପୁନି ମୋହି ପ୍ରିୟ ନିଜ ଦାସା । ଜେହି ଗତି ମୋରି ନ ଦୂସରି ଆସା ॥**
**ପୁନି ପୁନି ସତ୍ୟ କହଉଁ ତୋହି ପାହୀଁ । ମୋହି ସେଓ୍ୱକ ସମ ପ୍ରିୟ କୋଉ ନାହୀଁ ॥ ୪ ॥**

ବିଜ୍ଞାନୀମାନଙ୍କ ଅପେକ୍ଷା ଅଧିକ ପ୍ରିୟ ହେଉଛନ୍ତି ମୋର ସେହି ଦାସ, ଯାହାର କି ମୁଁ ହିଁ ଏକମାତ୍ର ଗତି

(ଆଶ୍ରୟ) ଏବଂ ମୋତେ ପାଇବା ଛଡ଼ା ଯାହାର ଅନ୍ୟ କୌଣସି ଅଭିଳାଷ ନ ଥାଏ । ମୁଁ ତୁମକୁ ବାରମ୍ବାର ଏହି ସତ୍ୟ (ନିଜସିଦ୍ଧାନ୍ତ) କହୁଛି ଯେ, ମୋ ସେବକମାନଙ୍କ ପରି ପ୍ରିୟ ହୋଇ ମୋର ଅନ୍ୟ କେହି ନାହିଁ ॥ ୪ ॥

**ଭଗତି ହୀନ ବିରଂଚି କିନ ହୋଈ । ସବ ଜୀୱହୁ ସମ ପ୍ରିୟ ମୋହି ସୋଈ ॥**
**ଭଗତିୱଂତ ଅତି ନୀଚଉ ପ୍ରାନୀ । ମୋହି ପ୍ରାନପ୍ରିୟ ଅସି ମମ ବାନୀ ॥ ୫ ॥**

ଏହା ମୋର ଘୋଷଣା ଯେ, ଯେ ଭକ୍ତିହୀନ, ସେ ବ୍ରହ୍ମା ହୋଇଥିଲେ ସୁଦ୍ଧା, ସାଧାରଣ ପ୍ରାଣୀଙ୍କ ପରି ମୋର ପ୍ରିୟ ; କିନ୍ତୁ ଭକ୍ତିମାନ୍ ବ୍ୟକ୍ତି ଯେତେ ନୀଚ ପ୍ରାଣୀ ହୋଇଥାଉ ନା କାହିଁକି, ସେ ମୋର ପ୍ରାଣସମାନ ପ୍ରିୟ; ॥ ୫ ॥

ଦୋ:- **ସୁଚି ସୁସୀଲ ସେୱକ ସୁମତି ପ୍ରିୟ କହୁ କାହି ନ ଲାଗ ।**
**ଶ୍ରୁତି ପୁରାନ କହ ନୀତି ଅସି ସାୱଧାନ ସୁନୁ କାଗ ॥ ୮୬ ॥**

ତୁମେ କୁହ ; ପବିତ୍ର, ସୁଶୀଳ ଓ ସୁନ୍ଦର ବୁଦ୍ଧିସମ୍ପନ୍ନ ସେବକ କାହାକୁ ବା ପ୍ରିୟ ନ ଲାଗନ୍ତି ? ବେଦ ଓ ପୁରାଣରେ ଏହି ନୀତିହିଁ କୁହାଯାଇଛି । ହେ କାକ ! ସାବଧାନ ହୋଇ (ମନ ଦେଇ) ଶୁଣ ॥ ୮୬ ॥

**ଏକ ପିତା କେ ବିପୁଲ କୁମାରା । ହୋହିଁ ପୃଥକ ଗୁନ ସୀଲ ଅଗ୍ବାରା ॥**
**କୋଉ ପଂଡିତ କୋଉ ତାପସ ଗ୍ୟାତା । କୋଉ ଧନୱଂତ ସୂର କୋଉ ଦାତା ॥ ୧ ॥**

ଜଣେ ପିତାଙ୍କର ଅନେକ ପୁତ୍ର ଥାଇ ପାରନ୍ତି ଏବଂ ସେମାନେ ଭିନ୍ନ ଭିନ୍ନ ଗୁଣ, ସ୍ୱଭାବ ଓ ଆଚରଣବିଶିଷ୍ଟ ହୋଇଥାଇ ପାରନ୍ତି । ସେମାନଙ୍କ ମଧ୍ୟରୁ କିଏ ପଣ୍ଡିତ, କିଏ ତପସ୍ୱୀ, କିଏ ଜ୍ଞାନୀ, କିଏ ଧନୀ, କିଏ ଶୂରବୀର, କିଏ ଦାନୀ, ॥ ୧ ॥

**କୋଉ ସର୍ବଗ୍ୟ ଧର୍ମରତ କୋଈ । ସବ ପର ପିତହି ପ୍ରୀତି ସମ ହୋଈ ॥**
**କୋଉ ପିତୁ ଭଗତ ବଚନ ମନ କର୍ମା । ସପନେହୁଁ ଜାନ ନ ଦୂସର ଧର୍ମା ॥ ୨ ॥**

କିଏ ସର୍ବଜ୍ଞ, ଅଥବା କିଏ ଧର୍ମପରାୟଣ ହୋଇଥାନ୍ତି । ପିତାଙ୍କର ସମସ୍ତଙ୍କ ପ୍ରତି ସମାନ ସ୍ନେହ ଥାଏ । କିନ୍ତୁ ପୁଅମାନଙ୍କ ମଧ୍ୟରୁ ଯଦି କେହି କାୟ-ମନ-ବାକ୍ୟରେ ପିତାଙ୍କର ଭକ୍ତ ହୁଏ, ସ୍ୱପ୍ନରେ ବି ଅନ୍ୟ ଧର୍ମ ଜାଣେନାହିଁ, ॥ ୨ ॥

**ସୋ ସୁତ ପ୍ରିୟ ପିତୁ ପ୍ରାନ ସମାନା । ଜଦ୍ୟପି ସୋ ସବ ଭାଁତି ଅୟାନା ॥**
**ଏହି ବିଧି ଜୀୱ ଚରାଚର ଜେତେ । ତ୍ରିଜଗ ଦେୱ ନର ଅସୁର ସମେତେ ॥ ୩ ॥**

ତେବେ ସେହି ପୁତ୍ର ସବୁଦୃଷ୍ଟିରୁ ମୂର୍ଖ ହୋଇଥିଲେ ବି, ପିତାଙ୍କୁ ପ୍ରାଣସମାନ ପ୍ରିୟ ଲାଗେ । ଠିକ୍ ସେହିପରି ଦେବ, ମନୁଷ୍ୟ, ଅସୁର ଓ ତିର୍ଯ୍ୟକ୍ (ପଶୁପକ୍ଷୀ) ସମେତ ଯେତେସବୁ ଚରାଚର ଜୀବ ଅଛନ୍ତି, ॥ ୩ ॥

**ଅଖିଲ ବିସ୍ୱ ୟହ ମୋର ଉପାୟା । ସବ ପର ମୋହି ବରାବରି ଦାୟା ॥**
**ତିନ୍ହ ମହଁ ଜୋ ପରିହରି ମଦ ମାୟା । ଭଜୈ ମୋହି ମନ ବଚ ଅରୁ କାୟା ॥ ୪ ॥**

[ସେମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥିବା] ଏହି ସମଗ୍ର ବିଶ୍ୱ ମୋଠାରୁ ହିଁ ଜାତ ହୋଇଛି; ଅତଏବ ସମସ୍ତଙ୍କୁ ମୁଁ ସମାନ ଦୟା କରେ । କିନ୍ତୁ ସେମାନଙ୍କ ମଧ୍ୟରୁ ଯେ ମଦ ଓ ମାୟା ତ୍ୟାଗ କରି ମନ, ବଚନ ଓ କର୍ମରେ ମୋତେ ଭଜନ କରେ, ॥ ୪ ॥

ଦୋ:- **ପୁରୁଷ ନପୁଂସକ ନାରି ୱା ଜୀୱ ଚରାଚର କୋଇ ।**
**ସର୍ବ ଭାୱ ଭଜ କପଟ ତଜି ମୋହି ପରମ ପ୍ରିୟ ସୋଇ ॥ ୮୭(କ) ॥**

ସେ ପୁରୁଷ ହେଉ, କି ସ୍ତ୍ରୀ ହେଉ, କିଂବା ନପୁଂସକ ହେଉ—ଚର-ଅଚର ଯେକୌଣସି ଜୀବ ହେଉ ନା କାହିଁକି, ନିଷ୍କପଟ ହୋଇ ମୋତେ ସର୍ବତୋଭାବରେ ଭଜନ କରୁଥିବା ସେହି ପ୍ରାଣୀହିଁ ମୋର ପରମ ପ୍ରିୟ ॥ ୮୭(କ) ॥

ସୋ:- **ସତ୍ୟ କହଉଁ ଖଗ ତୋହି ସୁଚି ସେୱକ ମମ ପ୍ରାନପ୍ରିୟ ।**
**ଅସ ବିଚ୍ୱରି ଭଜୁ ମୋହି ପରିହରି ଆସ ଭରୋସ ସବ ॥ ୮୭(ଖ) ॥**

ହେ ପକ୍ଷୀ ! ମୁଁ ତୁମକୁ ସତ କହୁଛି, ପବିତ୍ର (ଅନନ୍ୟ ଓ ନିଷ୍କାମ) ସେବକ ମୋର ପ୍ରାଣସମାନ ପ୍ରିୟ । ଏହି କଥା ବିଚ୍ୱର କରି ସକଳ ଆଶାଭରସା ତ୍ୟାଗ କରିଦେଇ ତୁମେ କେବଳ ମୋତେ ଭଜ ॥ ୮୭(ଖ) ॥

**କବହୂଁ କାଲ ନ ବ୍ୟାପିହି ତୋହୀ । ସୁମିରେସୁ ଭଜେସୁ ନିରଂତର ମୋହୀ ॥**
**ପ୍ରଭୁ ବଚନାମୃତ ସୁନି ନ ଅଘାଉଁ । ତନୁ ପୁଲକିତ ମନ ଅତି ହରଷାଉଁ ॥ ୧ ॥**

କାଳ ତୁମକୁ କଦାପି ପ୍ରଭାବିତ କରିପାରିବ ନାହିଁ । ନିରନ୍ତର ମୋର ସ୍ମରଣ ଓ ଭଜନ କରି ରହ ।'' ପ୍ରଭୁଙ୍କର ବଚନାମୃତ ଶୁଣିବାକୁ ଆହୁରି ଇଚ୍ଛା ହେଉଥାଏ (ଏତିକିରେ ତୃପ୍ତି ମିଳୁ ନ ଥାଏ) । ମୋର ଶରୀର ପୁଲକିତ ହୋଇଯାଉଥାଏ; ମନରେ ଅତ୍ୟନ୍ତ ଆନନ୍ଦ ଉତ୍ପନ୍ନ ହେଉଥାଏ ॥ ୧ ॥

**ସୋ ସୁଖ ଜାନଇ ମନ ଅରୁ କାନା । ନହିଁ ରସନା ପହିଁ ଜାଇ ବଖାନା ॥**
**ପ୍ରଭୁ ସୋଭା ସୁଖ ଜାନହିଁ ନୟନା । କହି କିମି ସକହିଁ ତିହ୍ନହି ନହିଁ ବୟନା ॥ ୨ ॥**

ସେ ଯେଉଁ ଆନନ୍ଦ, ତାହା କେବଳ ମନ ଓ କର୍ଣ୍ଣହିଁ ଜାଣନ୍ତି ; ଜିଭଦ୍ୱାରା ତ ତାହା କହିହେବ ନାହିଁ । ପ୍ରଭୁଙ୍କ ଶୋଭାଦର୍ଶନର ଆନନ୍ଦ କେବଳ ନେତ୍ର ଜାଣେ । ତାହା କହିହେବ କିପରି ? ନେତ୍ରର ତ କହିବା ଶକ୍ତି ନାହିଁ ॥ ୨ ॥

**ବହୁ ବିଧି ମୋହି ପ୍ରବୋଧି ସୁଖ ଦେଈ । ଲଗେ କରନ ସିସୁ କୌତୁକ ତେଈ ॥**
**ସଜଲ ନୟନ କଛୁ ମୁଖ କରି ରୂଖା । ଚିତଇ ମାତୁ ଲାଗୀ ଅତି ଭୂଖା ॥ ୩ ॥**

ମୋତେ ଏପରି ବହୁପ୍ରକାରେ ସୁନ୍ଦରଭାବରେ ବୁଝାଇ ଓ ଆନନ୍ଦ ଦେଇ ପ୍ରଭୁ ପୁଣିଥରେ ସେହି ଶିଶୁସୁଲଭ ଖେଳ ଖେଳିବାକୁ ଲାଗିଲେ । ନୟନକୁ ସଜଳ କରିଦେଇ ଓ ମୁହଁକୁ ଟିକିଏ ଫୁଲାଇଦେଇ ସେ ମାଆଙ୍କ ଆଡ଼କୁ ଚ୍ୱହିଁଲେ ଏବଂ [ମୁଖଭଙ୍ଗୀଦ୍ୱାରା] ଜଣାଇଦେଲେ, 'ଭାରି ଭୋକ ଲାଗିଲାଣି ।' ॥ ୩ ॥

**ଦେଖି ମାତୁ ଆତୁର ଉଠି ଧାଈ । କହି ମୃଦୁ ବଚନ ଲିଏ ଉର ଲାଈ ॥**
**ଗୋଦ ରାଖି କରାୱ ପୟ ପାନା । ରଘୁପତି ଚରିତ ଲଲିତ କର ଗାନା ॥ ୪ ॥**

ଏହା ଦେଖି ମାଆ ବସିଥିବା ସ୍ଥାନରୁ ଉଠି ଧାଇଁଆସିଲେ ଏବଂ କୋମଳ ବଚନ କହି ଶ୍ରୀରାମଙ୍କୁ ବୁକୁରେ ଚ୍ୱପିଧରିଲେ । ସେ ତାଙ୍କୁ କୋଳରେ ଧରି ଦୁଧ ପିଆଇଲେ ଏବଂ ଶ୍ରୀରଘୁନାଥଙ୍କର ଲଳିତ ଲୀଳା ଗାଇବାକୁ ଲାଗିଲେ ॥ ୪ ॥

ସୋ:- **ଜେହି ସୁଖ ଲାଗି ପୁରାରି ଅସୁଭ ବେଷ କୃତ ସିୱ ସୁଖଦ ।**
**ଅୱଧପୁରୀ ନର ନାରି ତେହି ସୁଖ ମହୁଁ ସଂତତ ମଗନ ॥ ୮୮(କ) ॥**

ଯେଉଁ ଆନନ୍ଦ ନିମନ୍ତେ [ସମସ୍ତଙ୍କର] ଆନନ୍ଦଦାତା କଲ୍ୟାଣସ୍ୱରୂପ ତ୍ରିପୁରାରି ଶିବ ଅଶୁଭ ବେଶ ଧାରଣ କରିଛନ୍ତି, ଅଯୋଧ୍ୟାର ନରନାରୀ ସେହି ଆନନ୍ଦରେ ନିରନ୍ତର ମଗ୍ନ ରହିଥାନ୍ତି ॥ ୮୮(କ) ॥

**ସୋଈ ସୁଖ ଲୱଲେସ ଜିହ୍ନ ବାରକ ସପନେହୁଁ ଲହେଉ ।**
**ତେ ନହିଁ ଗନହିଁ ଖଗେସ ବ୍ରହ୍ମସୁଖହି ସଜ୍ଜନ ସୁମତି ॥ ୮୮(ଖ) ॥**

ଯେଉଁମାନେ ସେହି ଆନନ୍ଦର କଣିକାଏମାତ୍ର ସ୍ୱପ୍ନରେ ସୁଦ୍ଧା ଥରଟିଏ ପାଇଯାଇଛନ୍ତି, ହେ ପକ୍ଷୀରାଜ ! ସେହି ସୁବୁଦ୍ଧି ସତ୍‌ପୁରୁଷମାନେ ବ୍ରହ୍ମାନନ୍ଦକୁ ବି ତୁଚ୍ଛ ମନେ କରନ୍ତି ॥ ୮୮(ଖ) ॥

**ମୈଁ ପୁନି ଅୱଧ ରହେଉଁ କଛୁ କାଲା । ଦେଖେଉଁ ବାଲବିନୋଦ ରସାଲା ॥**
**ରାମ ପ୍ରସାଦ ଭଗତି ବର ପାୟଉଁ । ପ୍ରଭୁ ପଦ ବଂଦି ନିଜାଶ୍ରମ ଆୟଉଁ ॥ ୧ ॥**

ମୁଁ ଆଉ କିଛିଦିନ ଅଯୋଧ୍ୟାରେ ରହିଗଲି ଏବଂ ଶ୍ରୀରାମଙ୍କର ଆନନ୍ଦପ୍ରଦ ବାଲ୍ୟଲୀଳା ଦେଖିଲି । ଶ୍ରୀରାମଙ୍କ କୃପାରୁ ମୁଁ ଭକ୍ତିଲାଭର ବର ପାଇଗଲି । ତା'ପରେ ପ୍ରଭୁଙ୍କ ଚରଣ ବନ୍ଦନା କରି ମୁଁ ନିଜ ଆଶ୍ରମକୁ ଫେରିଆସିଲି ॥ ୧ ॥

**ତବ ତେ ମୋହି ନ ବ୍ୟାପୀ ମାୟା । ଜବ ତେ ରଘୁନାୟକ ଅପନାୟା ॥**
**ୟହ ସବ ଗୁପ୍ତ ଚରିତ ମୈଁ ଗାୱା । ହରି ମାୟାଁ ଜିମି ମୋହି ନଚାୱା ॥ ୨ ॥**

ଏପରିଭାବରେ ଶ୍ରୀରଘୁନାଥ ମୋତେ ଯେଉଁଦିନୁ ନିଜର କରିନେଇଛନ୍ତି, ସେହିଦିନୁ ମାୟା ଆଉ ମୋତେ ବନ୍ଧନରେ ପକାଇପାରିନାହିଁ । ଶ୍ରୀହରିଙ୍କ ମାୟା ମୋତେ ଯେପରିଭାବରେ ନଚାଇଥିଲା, ସେହିସବୁ ଗୋପନୀୟ କଥା ମୁଁ କହିଦେଲି ॥ ୨ ॥

**ନିଜ ଅନୁଭୱ ଅବ କହଉଁ ଖଗେସା । ବିନୁ ହରି ଭଜନ ନ ଜାହିଁ କଲେସା ॥**
**ରାମ କୃପା ବିନୁ ସୁନୁ ଖଗରାଈ । ଜାନି ନ ଜାଇ ରାମ ପ୍ରଭୁତାଈ ॥ ୩ ॥**

ହେ ପକ୍ଷୀରାଜ ଗରୁଡ଼ ! ଏଥର ଆପଣଙ୍କୁ ମୁଁ ମୋ ନିଜ ଅନୁଭବ କଥା କହୁଛି । ସେହି ଅନୁଭବ ହେଉଛି ଏହି ଯେ, ହରିଭଜନ ବିନା କ୍ଳେଶ ଦୂର ହୁଏ ନାହିଁ । ହେ ଖଗପତି ! ଶୁଣନ୍ତୁ ; ଶ୍ରୀରାମଙ୍କ କୃପା ବିନା ତାଙ୍କ ପ୍ରଭାବର ମହିମା ଜାଣିହୁଏ ନାହିଁ ॥ ୩ ॥

**ଜାନେଁ ବିନୁ ନ ହୋଇ ପରତୀତୀ । ବିନୁ ପରତୀତି ହୋଇ ନହିଁ ପ୍ରୀତୀ ॥**
**ପ୍ରୀତି ବିନା ନହିଁ ଭଗତି ଦିଢ଼ାଈ । ଜିମି ଖଗପତି ଜଲ କୈ ଚିକନାଈ ॥ ୪ ॥**

ପ୍ରଭାବର ମାହାତ୍ମ୍ୟ ନ ଜାଣିଲେ, ତା'ଉପରେ ବିଶ୍ୱାସ ଜନ୍ମେ ନାହିଁ ଏବଂ ବିଶ୍ୱାସ ବିନା ପ୍ରୀତି ହୁଏ ନାହିଁ । ହେ ଖଗେଶ ! [ତେଲ ବିନା] ଜଳ ଲଗାଇ କରାଯାଇଥିବା ଚିକ୍କଣତା ଯେପରି ସ୍ଥାୟୀ ହୋଇ ରହେ ନାହିଁ, ପ୍ରୀତି ବିନା ଭକ୍ତିର ଦୃଢ଼ତା ସେହିପରି ସ୍ଥାୟୀ ହୋଇ ରହେ ନାହିଁ ॥ ୪ ॥

ସୋଃ- **ବିନୁ ଗୁର ହୋଇ କି ଗ୍ୟାନ ଗ୍ୟାନ କି ହୋଇ ବିରାଗ ବିନୁ ।**
**ଗାୱହିଁ ବେଦ ପୁରାନ ସୁଖ କି ଲହିଅ ହରି ଭଗତି ବିନୁ ॥ ୮୯(କ) ॥**

ଗୁରୁ ବିନା କ'ଣ ଜ୍ଞାନ ହୁଏ ? ଅଥବା ବୈରାଗ୍ୟ ବିନା କ'ଣ ଜ୍ଞାନ ହୁଏ ? ଠିକ୍ ସେହିପରି, ବେଦ ଓ ପୁରାଣମାନେ କହନ୍ତି, ହରିଭକ୍ତି ବିନା ଆନନ୍ଦ ମିଳିବା କ'ଣ ସମ୍ଭବ ? ॥ ୮୯(କ) ॥

**କୋଉ ବିଶ୍ରାମ କି ପାୱ ତାତ ସହଜ ସଂତୋଷ ବିନୁ ।**
**ଚଲୈ କି ଜଲ ବିନୁ ନାୱ କୋଟି ଜତନ ପଚି ପଚି ମରିଅ ॥ ୮୯(ଖ) ॥**

ହେ ପ୍ରଭୁ ! ସ୍ୱାଭାବିକ ସନ୍ତୋଷ ବିନା କ'ଣ କେହି ଶାନ୍ତି ପାଇପାରେ ? ଆପଣ ହଜାରେ ଚେଷ୍ଟା କରି କରି ମରିଯାଆନ୍ତୁ ପଛକେ, ବିନା ପାଣିରେ କ'ଣ ଡଙ୍ଗା ଚାଲିପାରିବ ? ॥ ୮୯(ଖ) ॥

**ବିନୁ ସଂତୋଷ ନ କାମ ନସାହୀଁ । କାମ ଅଛତ ସୁଖ ସପନେହୁଁ ନାହୀଁ ॥**
**ରାମ ଭଜନ ବିନୁ ମିଟହିଁ କି କାମା । ଥଲ ବିହୀନ ତରୁ କବହୁଁ କି ଜାମା ॥ ୧ ॥**

ସନ୍ତୋଷ ବିନା କାମନା ଲୋପ ପାଏ ନାହିଁ ଏବଂ କାମନା ରହିଥିବା ଯାଏ ସ୍ୱପ୍ନରେ ବି ସୁଖ ମିଳେ ନାହିଁ । ଶ୍ରୀରାମଭଜନ ବିନା କାମନା କ'ଣ ନଷ୍ଟ ହେବା ସମ୍ଭବ ? ସ୍ଥଳ ବିନା କ'ଣ ଗଛ ଉଠିବା ସମ୍ଭବ ? ॥ ୧ ॥

**ବିନୁ ବିଗ୍ୟାନ କି ସମତା ଆୱଇ । କୋଉ ଅୱକାସ କି ନଭ ବିନୁ ପାୱଇ ॥**
**ଶ୍ରଦ୍ଧା ବିନା ଧର୍ମ ନହିଁ ହୋଈ । ବିନୁ ମହି ଗଂଧ କି ପାୱଇ କୋଈ ॥ ୨ ॥**

ବିଜ୍ଞାନ (ତତ୍ତ୍ୱଜ୍ଞାନ) ବିନା କ'ଣ ସମଭାବ ଆସିପାରେ ? ଆକାଶ ବିନା କେହି କ'ଣ ଶୂନ୍ୟସ୍ଥାନ ପାଇପାରିବ ? ଶ୍ରଦ୍ଧା ବିନା ଧର୍ମାଚରଣ ହୁଏ ନାହିଁ । ପୃଥିବୀତତ୍ତ୍ୱ ବିନା କେହି କ'ଣ ଗନ୍ଧ ପାଇପାରିବ ? ॥ ୨ ॥

**ବିନୁ ତପ ତେଜ କି କର ବିସ୍ତାରା । ଜଲ ବିନୁ ରସ କି ହୋଇ ସଂସାରା ॥**
**ସୀଲ କି ମିଲ ବିନୁ ବୁଧ ସେୱକାଈ । ଜିମି ବିନୁ ତେଜ ନ ରୂପ ଗୋସାଁଈ ॥ ୩ ॥**

ତପସ୍ୟା ବିନା କ'ଣ ତେଜବିସ୍ତାର ସମ୍ଭବ ? ଜଳତତ୍ତ୍ୱ ବିନା କ'ଣ ସଂସାରରେ ରସ ସମ୍ଭବ ? ଜ୍ଞାନୀଜନଙ୍କ ସେବା ନ କରି କ'ଣ ସଦାଗ୍ରହ ଲାଭ କରାଯାଇପାରେ ? ଯେପରି ତେଜ ବିନା (ଅଗ୍ନିତତ୍ତ୍ୱ ବିନା) ରୂପ ମିଳେ ନାହିଁ, ଏସବୁ ସେହିପରି ଅସମ୍ଭବ ॥ ୩ ॥

**ନିଜ ସୁଖ ବିନୁ ମନ ହୋଇ କି ଥୀରା । ପରସ କି ହୋଇ ବିହୀନ ସମୀରା ॥**
**କୱନିଉ ସିଦ୍ଧି କି ବିନୁ ବିସ୍ୱାସା । ବିନୁ ହରି ଭଜନ ନ ଭୱ ଭୟ ନାସା ॥ ୪ ॥**

ଆତ୍ମସୁଖ (ଆତ୍ମାନନ୍ଦ) ବିନା କ'ଣ ମନ ସ୍ଥିର ହୋଇପାରେ ? ବାୟୁତତ୍ତ୍ୱ ବିନା କି ସ୍ପର୍ଶବୋଧ ହେବା ସମ୍ଭବ ? କ'ଣ ବିଶ୍ୱାସ ବିନା କୌଣସି ସିଦ୍ଧି ମିଳିପାରେ ? ଠିକ୍ ସେହିପରି ହରିଭଜନ ବିନା ଭବବନ୍ଧନ-ଭୟ ନାଶ ହୋଇପାରେ ନାହିଁ ॥ ୪ ॥

ଦୋଃ- **ବିନୁ ବିସ୍ୱାସ ଭଗତି ନହିଁ ତେହି ବିନୁ ଦ୍ରୱହିଁ ନ ରାମୁ ।**
**ରାମ କୃପା ବିନୁ ସପନେହୁଁ ଜୀୱ ନ ଲହ ବିଶ୍ରାମୁ ॥ ୯୦(କ) ॥**

ବିଶ୍ୱାସ ନ ଥିଲେ ଭକ୍ତି ହୁଏ ନାହିଁ; ଭକ୍ତି ବିନା ଶ୍ରୀରାମ ଦ୍ରବୀଭୂତ ହୁଅନ୍ତି ନାହିଁ ଏବଂ ରାମକୃପା ବିନା ଜୀବ ସ୍ୱପ୍ନରେ ବି ଶାନ୍ତି ପାଏ ନାହିଁ ॥ ୯୦(କ) ॥

ସୋଃ- **ଅସ ବିଚାରି ମତିଧୀର ତଜି କୁତର୍କ ସଂସୟ ସକଲ ।**
**ଭଜହୁ ରାମ ରଘୁବୀର କରୁନାକର ସୁଂଦର ସୁଖଦ ॥ ୯୦(ଖ) ॥**

ହେ ସ୍ଥିରମତି ! ଏହା ବିଚାର କରି ସକଳ କୁତର୍କ ଓ ସଂଶୟ ପରିତ୍ୟାଗ କରନ୍ତୁ ଏବଂ କରୁଣାନିଧାନ ସୁନ୍ଦର ସୁଖଦ ଶ୍ରୀରଘୁବୀରଙ୍କୁ ଭଜନ କରନ୍ତୁ ॥ ୯୦(ଖ) ॥

**ନିଜ ମତି ସରିସ ନାଥ ମୈଁ ଗାଈ । ପ୍ରଭୁ ପ୍ରତାପ ମହିମା ଖଗରାଈ ॥**
**କହେଉଁ ନ କଛୁ କରି ଜୁଗୁତି ବିସେଷୀ । ୟହ ସବ ମୈଁ ନିଜ ନୟନନ୍ହି ଦେଖୀ ॥ ୧ ॥**

ହେ ପକ୍ଷୀରାଜ ! ହେ ନାଥ ! ମୁଁ ମୋ' ନିଜ ବୁଦ୍ଧି ଅନୁସାରେ ପ୍ରଭୁଙ୍କ ପ୍ରତାପ ଓ ମହିମା କୀର୍ତ୍ତନ କଲି । ମୁଁ କିଛି ଯୁକ୍ତି କରି ମନଗଢ଼ା କଥା କହିନାହିଁ । ଏସବୁ ମୁଁ ନିଜ ଆଖିରେ ଦେଖିଛି ବୋଲି, କହିଲି ॥ ୧ ॥

**ମହିମା ନାମ ରୂପ ଗୁନ ଗାଥା । ସକଲ ଅମିତ ଅନଂତ ରଘୁନାଥା ॥**
**ନିଜ ନିଜ ମତି ମୁନି ହରି ଗୁନ ଗାୱହିଁ । ନିଗମ ସେଷ ସିୱ ପାର ନ ପାୱହିଁ ॥ ୨ ॥**

ଶ୍ରୀରଘୁନାଥଙ୍କର ମହିମା, ନାମ, ରୂପ ଓ ଗୁଣ–ସବୁ ଅସୀମ ଓ ଅନନ୍ତ ଏବଂ ସ୍ୱୟଂ ଶ୍ରୀରଘୁନାଥ ମଧ୍ୟ

ଅନନ୍ତ । ମୁନିଗଣ ନିଜ ନିଜ ବୁଦ୍ଧି ଅନୁଯାୟୀ ଶ୍ରୀହରିଙ୍କ ଗୁଣ ଗାନ କରନ୍ତି । ବେଦ, ଶେଷନାଗ ଓ ଶଙ୍କର ମଧ୍ୟ ତାଙ୍କର ଅନ୍ତ ପାଆନ୍ତି ନାହିଁ ॥ ୨ ॥

**ତୁହ୍ମହି ଆଦି ଖଗ ମସକ ପ୍ରଜଂତା । ନଭ ଉଡ଼ାହିଁ ନହିଁ ପାୱହିଁ ଅଂତା ॥**
**ତିମି ରଘୁପତି ମହିମା ଅୱଗାହା । ତାତ କବହୁଁ କୋଉ ପାୱ କି ଥାହା ॥ ୩ ॥**

ଆପଣଙ୍କ ଠାରୁ ଆରମ୍ଭ କରି ମଶା ପର୍ଯ୍ୟନ୍ତ ସବୁ ସାନବଡ଼ ପକ୍ଷୀ ବା ପତଙ୍ଗ ଆକାଶରେ ଉଡ଼ନ୍ତି; କିନ୍ତୁ କେହି ଆକାଶର ଅନ୍ତ ପାଆନ୍ତି ନାହିଁ । ଠିକ୍ ସେହିପରି ହେ ପ୍ରଭୁ ! ରଘୁନାଥଙ୍କ ମହିମା ଅଗାଧ ଅପାର; ତା'ର ଥଳକୂଳ କିଏ ବା ପାଇବ ? ॥ ୩ ॥

**ରାମୁ କାମ ସତ କୋଟି ସୁଭଗ ତନ । ଦୁର୍ଗା କୋଟି ଅମିତ ଅରି ମର୍ଦନ ॥**
**ସକ୍ର କୋଟି ସତ ସରିସ ବିଲାସା । ନଭ ସତ କୋଟି ଅମିତ ଅୱକାସା ॥ ୪ ॥**

ଶ୍ରୀରାମଙ୍କ ତନୁ କୋଟି କୋଟି କାମଦେବଙ୍କ ପରି ସୁନ୍ଦର । ସେ ଅନନ୍ତକୋଟି ଦୁର୍ଗାଙ୍କ ପରି ଶତ୍ରୁମର୍ଦକ ଓ ଶତକୋଟି ଇନ୍ଦ୍ରଙ୍କ ସମାନ ଐଶ୍ୱର୍ଯ୍ୟଶାଳୀ । ସେ ଶତକୋଟି ଆକାଶସମ ଅନନ୍ତ ॥ ୪ ॥

ଦୋ:- **ମରୁତ କୋଟି ସତ ବିପୁଲ ବଲ ରବି ସତ କୋଟି ପ୍ରକାସ ।**
**ସସି ସତ କୋଟି ସୁସୀତଲ ସମନ ସକଲ ଭୱ ତ୍ରାସ ॥ ୯୧ (କ) ॥**

ସେ ଶତକୋଟି ପବନସମ ବଳଶାଳୀ; ଶତକୋଟି ସୂର୍ଯ୍ୟସମ ପ୍ରକାଶମାନ; ଶତକୋଟି ଚନ୍ଦ୍ରସମ ଶୀତଳ ଏବଂ ସଂସାରର ସମସ୍ତ ଭୟ ବିନାଶକ ॥ ୯୧ (କ) ॥

**କାଲ କୋଟି ସତ ସରିସ ଅତି ଦୁସ୍ତର ଦୁର୍ଗ ଦୁରଂତ ।**
**ଧୂମକେତୁ ସତ କୋଟି ସମ ଦୁରାଧରଷ ଭଗୱଂତ ॥ ୯୧ (ଖ) ॥**

ଭଗବାନ୍ ଶତକୋଟି କାଳସମ ଅତ୍ୟନ୍ତ ଦୁସ୍ତର, ଦୁର୍ଗମ ଓ ଦୁରନ୍ତ । ସେ ଶତକୋଟି ଧୂମକେତୁସମ ପ୍ରବଳ ॥ ୯୧ (ଖ) ॥

**ପ୍ରଭୁ ଅଗାଧ ସତ କୋଟି ପତାଲା । ସମନ କୋଟି ସତ ସରିସ କରାଲା ॥**
**ତୀରଥ ଅମିତ କୋଟି ସମ ପାୱନ । ନାମ ଅଖିଲ ଅଘ ପୂଗ ନସାୱନ ॥ ୧ ॥**

ପ୍ରଭୁ ଶତକୋଟି ପାତାଳ ପରି ଅଗାଧ । ଶତକୋଟି ଯମରାଜ ସଦୃଶ ଭୟାନକ । ସେ ଅନନ୍ତକୋଟି ତୀର୍ଥତୁଲ୍ୟ ପବିତ୍ରକାରୀ । ତାଙ୍କର ନାମ ସକଳ ପାପ ବିନାଶ କରିଥାଏ ॥ ୧ ॥

**ହିମଗିରି କୋଟି ଅଚଲ ରଘୁବୀରା । ସିଂଧୁ କୋଟି ସତ ସମ ଗଂଭୀରା ॥**
**କାମଧେନୁ ସତ କୋଟି ସମାନା । ସକଲ କାମ ଦାୟକ ଭଗୱାନା ॥ ୨ ॥**

ଶ୍ରୀରଘୁନାଥ କୋଟି କୋଟି ହିମାଳୟସମାନ ଅଚଳ ଏବଂ ଶତକୋଟି ସମୁଦ୍ରସମାନ ଗଭୀର । ଭଗବାନ୍ ଅର୍ବୁଦ କାମଧେନୁଙ୍କ ସମାନ କାମନାପ୍ରଦାୟକ ॥ ୨ ॥

**ସାରଦ କୋଟି ଅମିତ ଚତୁରାଈ । ବିଧି ସତ କୋଟି ସୃଷ୍ଟି ନିପୁନାଈ ॥**
**ବିଷ୍ଣୁ କୋଟି ସମ ପାଲନ କର୍ତା । ରୁଦ୍ର କୋଟି ସତ ସମ ସଂହର୍ତା ॥ ୩ ॥**

ତାଙ୍କ ଠାରେ ଅନନ୍ତକୋଟି ସରସ୍ୱତୀଙ୍କ ସମାନ ବିଚକ୍ଷଣତା ରହିଛି ଏବଂ ଶତକୋଟି ବ୍ରହ୍ମାଙ୍କ ସମାନ ସୃଷ୍ଟି

ରଚନା କରିବାର ନିପୁଣତା ରହିଛି । ସେ କୋଟି କୋଟି ବିଷ୍ଣୁଙ୍କ ସମାନ ପାଳନ କରିପାରନ୍ତି ଏବଂ ଶତକୋଟି ରୁଦ୍ରଙ୍କ ସମାନ ସଂହାର କରିପାରନ୍ତି ॥ ୩ ॥

**ଧନଦ କୋଟି ସତ ସମ ଧନୱାନା । ମାୟା କୋଟି ପ୍ରପଂଚ ନିଧାନା ॥**
**ଭାର ଧରନ ସତ କୋଟି ଅହୀସା । ନିରବଧି ନିରୁପମ ପ୍ରଭୁ ଜଗଦୀସା ॥ ୪ ॥**

ସେ ହେଉଛନ୍ତି ଶତକୋଟି କୁବେରଙ୍କ ସମାନ ଧନବାନ୍ ଏବଂ କୋଟି କୋଟି ମାୟାସମାନ ପ୍ରପଞ୍ଚର ଖଣି । ଭାରବହନରେ ସେ ଶତକୋଟି ଶେଷନାଗଙ୍କ ସମାନ । ଅଧିକ କ'ଣ କହିବି, ଜଗଦୀଶ୍ୱର ପ୍ରଭୁ ଶ୍ରୀରାମ ହେଉଛନ୍ତି ସବୁଦୃଷ୍ଟିରୁ ଅସୀମ ଓ ଅନୁପମ ॥ ୪ ॥

ଛନ୍ଦ- **ନିରୁପମ ନ ଉପମା ଆନ ରାମ ସମାନ ରାମୁ ନିଗମ କହୈ ।**
**ଜିମି କୋଟି ସତ ଖଦ୍ୟୋତ ସମ ରବି କହତ ଅତି ଲଘୁତା ଲହୈ ॥**
**ଏହି ଭାଁତି ନିଜ ନିଜ ମତି ବିଲାସ ମୁନୀସ ହରିହି ବଖାନହୀଁ ।**
**ପ୍ରଭୁ ଭାୱ ଗାହକ ଅତି କୃପାଲ ସପ୍ରେମ ସୁନି ସୁଖ ମାନହୀଁ ॥**

ପ୍ରଭୁ ଶ୍ରୀରାମ ହେଉଛନ୍ତି ଅନୁପମ; ବେଦ କହନ୍ତି, ତାଙ୍କର ଅନ୍ୟ ଉପମା ନାହିଁ; ସେ ନିଜେହିଁ ତାଙ୍କ ପରି । ସୂର୍ଯ୍ୟଙ୍କୁ ଶହେକୋଟି ଖଦ୍ୟୋତ (ଜୁଳୁଜୁଳିଆ ପୋକ) ସହିତ ସମାନ ବୋଲି କହିଲେ ସୂର୍ଯ୍ୟଙ୍କର ଯେପରି ମହନୀୟତା ବୃଦ୍ଧି ନ ପାଇ ବରଂ କ୍ଷୁଦ୍ରତା ପ୍ରକାଶ ପାଇଥାଏ, ସେହିପରି ଅନ୍ୟ ସହ ତୁଳନା କଲେ ପ୍ରଭୁଙ୍କ ମହିମା ବଢ଼ିଯାଏ ନାହିଁ । ମୁନିମାନେ ନିଜ ନିଜ ବୁଦ୍ଧି ଅନୁଯାୟୀ ପ୍ରଭୁଙ୍କ ବିଷୟରେ ବର୍ଣ୍ଣନା କରିଥାନ୍ତି । କିନ୍ତୁ ପ୍ରଭୁ ତ ଭାବଗ୍ରାହୀ; ସେ ଭକ୍ତର ଭାବଟିହିଁ ପ୍ରେମର ସହିତ ଗ୍ରହଣ କରନ୍ତି । କୃପାଳୁ ପ୍ରଭୁ ଭକ୍ତର ସେହି ବର୍ଣ୍ଣନା ଶୁଣି ପ୍ରସନ୍ନ ହୋଇଯାଆନ୍ତି ।

ଦୋः- **ରାମୁ ଅମିତ ଗୁନ ସାଗର ଥାହ କି ପାୱଇ କୋଇ ।**
**ସଂତନ୍ହ ସନ ଜସ କିଛୁ ସୁନେଉଁ ତୁହ୍ମହି ସୁନାୟଉଁ ସୋଇ ॥ ୯୨(କ) ॥**

ଶ୍ରୀରାମ ହେଉଛନ୍ତି ଅପାର ଗୁଣର ସାଗର । ତାଙ୍କର ଥଳକୂଳ ପାଇବ କିଏ ? ସନ୍ଥମାନଙ୍କ ଠାରୁ ମୁଁ ଯେତିକି ଶୁଣିଥିଲି, ତାହା ଆପଣଙ୍କୁ ଶୁଣାଇଦେଲି ॥ ୯୨(କ) ॥

ସୋः- **ଭାୱ ବସ୍ୟ ଭଗୱାନ ସୁଖ ନିଧାନ କରୁନା ଭୱନ ।**
**ତଜି ମମତା ମଦ ମାନ ଭଜିଅ ସଦା ସୀତାରୱନ ॥ ୯୨(ଖ) ॥**

ସୁଖନିଧାନ କରୁଣାଳୟ ଭଗବାନ୍ ହେଉଛନ୍ତି ଭାବର ଅଧୀନ । ଅତଏବ ମମତା, ମଦ ଓ ମାନ ଛାଡ଼ିଦେଇ ସର୍ବଦା ଶ୍ରୀଜାନକୀନାଥଙ୍କୁ ଭଜନ କରିବା ଆବଶ୍ୟକ ॥ ୯୨(ଖ) ॥

**ସୁନି ଭୁସୁଂଡି କେ ବଚନ ସୁହାଏ । ହରଷିତ ଖଗପତି ପଂଖ ଫୁଲାଏ ॥**
**ନୟନ ନୀର ମନ ଅତି ହରଷାନା । ଶ୍ରୀରଘୁପତି ପ୍ରତାପ ଉର ଆନା ॥ ୧ ॥**

ଭୁଶୁଣ୍ଡିଙ୍କର ସୁନ୍ଦର ବଚନ ଶୁଣି ପକ୍ଷୀରାଜ ଆନନ୍ଦିତ ହୋଇଗଲେ । ସେ ଡେଣା ଝାଡ଼ି ଉତ୍‌ଫୁଲ୍ଲିତ ହୋଇଗଲେ । ତାଙ୍କ ନେତ୍ର ପ୍ରେମାନନ୍ଦର ଅଶ୍ରୁଜଳରେ ଛଳ ଛଳ ହୋଇଗଲା ଓ ମନ ହର୍ଷିତ ହୋଇଗଲା । ସେ ଶ୍ରୀରଘୁନାଥଙ୍କର ପ୍ରତାପ ହୃଦୟରେ ଧାରଣ କଲେ ॥ ୧ ॥

**ପାଛିଲ ମୋହ ସମୁଝି ପଛିତାନା । ବ୍ରହ୍ମ ଅନାଦି ମନୁଜ କରି ମାନା ॥**
**ପୁନି ପୁନି କାଗ ଚରନ ସିରୁ ନାୱା । ଜାନି ରାମ ସମ ପ୍ରେମ ବଢ଼ାୱା ॥ ୨ ॥**

ସେ ଅତୀତର ମୋହ ବିଷୟ ସ୍ମରଣ କଲେ ଏବଂ 'ହାୟ ! ମୁଁ ଅନାଦି ବ୍ରହ୍ମଙ୍କୁ ମନୁଷ୍ୟ ବୋଲି ଧରିନେଇଥିଲି !' ବୋଲି କହି ପଶ୍ଚାତ୍ତାପ କଲେ । ଗରୁଡ଼ ବାରମ୍ବାର କାକଭୁଶୁଣ୍ଡିଙ୍କ ଚରଣରେ ପ୍ରଣାମ କଲେ । ତାଙ୍କୁ ଶ୍ରୀରାମଙ୍କ ସମାନ ଜାଣି ତାଙ୍କ ପ୍ରତି ଅନୁରାଗ ବଢ଼ାଇଲେ ॥ ୨ ॥

**ଗୁର ବିନୁ ଭୱ ନିଧି ତରଇ ନ କୋଈ । ଜୌଁ ବିରଂଚି ସଂକର ସମ ହୋଈ ॥**
**ସଂସୟ ସର୍ପ ଗ୍ରସେଉ ମୋହି ତାତା । ଦୁଖଦ ଲହରି କୁତର୍କ ବହୁ ବ୍ରାତା ॥ ୩ ॥**

କେହି ବ୍ରହ୍ମା ଓ ଶଙ୍କରଙ୍କ ସମାନ ହୋଇଥାଉ ନା କାହିଁକି, ଗୁରୁ ବିନା ଭବସାଗର ତରିଯାଇପାରିବ ନାହିଁ । ଗରୁଡ଼ କହିଲେ, "ହେ ତାତ ! ମୋତେ ସନ୍ଦେହରୂପୀ ସର୍ପ ଦଂଶିଦେଇଥିଲା ଏବଂ ସର୍ପଦଂଶନ ପରେ ବିଷ ଚଢ଼ିଗଲେ ଯେପରି ମୂର୍ଚ୍ଛା ଓ ଯନ୍ତ୍ରଣାର ତରଙ୍ଗ ଉଠେ, ମୋ ଭିତରେ ସେହିପରି ବହୁ କୁତର୍କରୂପୀ ଦୁଃଖଦ ତରଙ୍ଗ ଉଠୁଥିଲା ॥ ୩ ॥

**ତୱ ସରୂପ ଗାରୁଡ଼ି ରଘୁନାୟକ । ମୋହି ଜିଆୟଉ ଜନ ସୁଖଦାୟକ ॥**
**ତୱ ପ୍ରସାଦ ମମ ମୋହ ନସାନା । ରାମ ରହସ୍ୟ ଅନୂପମ ଜାନା ॥ ୪ ॥**

ଆପଣଙ୍କରୂପୀ ସର୍ପବିଷ ହରଣକାରୀ ଗାରୁଡ଼ି ପଦ ଦ୍ୱାରା ଭକ୍ତଜନଙ୍କର ସୁଖଦାତା ଶ୍ରୀରଘୁନାଥ ମୋତେ ବଞ୍ଚାଇଦେଲେ । ଆପଣଙ୍କ କୃପାରୁ ମୋର ମୋହନାଶ ହୋଇଗଲା ଓ ମୁଁ ଶ୍ରୀରାମଙ୍କ ଅନୁପମ ରହସ୍ୟ ଜାଣିଗଲି ।" ॥ ୪ ॥

ଦୋଃ- **ତାହି ପ୍ରସଂସି ବିବିଧି ବିଧି ସୀସ ନାଇ କର ଜୋରି ।**
**ବଚନ ବିନୀତ ସପ୍ରେମ ମୃଦୁ ବୋଲେଉ ଗରୁଡ଼ ବହୋରି ॥ ୯୩(କ) ॥**

ଭୁଶୁଣ୍ଡିଙ୍କୁ ବହୁପ୍ରକାରେ ପ୍ରଶଂସା କରି, ମଥା ଅବନତ କରି ଯୋଡ଼ହସ୍ତପୂର୍ବକ ଗରୁଡ଼ ପୁଣିଥରେ ପ୍ରେମପୂର୍ବକ ବିନମ୍ର ଓ କୋମଳ ବଚନ କହିଲେ, ॥ ୯୩ (କ) ॥

**ପ୍ରଭୁ ଅପନେ ଅବିବେକ ତେ ବୂଝଉଁ ସ୍ୱାମୀ ତୋହି ।**
**କୃପାସିଂଧୁ ସାଦର କହହୁ ଜାନି ଦାସ ନିଜ ମୋହି ॥ ୯୩(ଖ) ॥**

"ହେ ପ୍ରଭୁ ! ହେ ସ୍ୱାମୀ ! ମୁଁ କେବଳ ମୋ ନିଜ ଅବିବେକତାଯୋଗୁଁ ଆପଣଙ୍କୁ ପଚ୍ଚାରୁଛି । ହେ କୃପାସାଗର ! ମୋତେ ନିଜର ଦାସ ବୋଲି ଜାଣି ଦୟାପୂର୍ବକ ମୋ ପ୍ରଶ୍ନର ଉତ୍ତର କହିଦିଅନ୍ତୁ ॥ ୯୩(ଖ) ॥

**ତୁମ୍ହ ସର୍ବଗ୍ୟ ତଗ୍ୟ ତମ ପାରା । ସୁମତି ସୁସୀଲ ସରଲ ଆଚ୍ରା ॥**
**ଗ୍ୟାନ ବିରତି ବିଗ୍ୟାନ ନିୱାସା । ରଘୁନାୟକ କେ ତୁମ୍ହ ପ୍ରିୟ ଦାସା ॥ ୧ ॥**

ଆପଣ ତ ସବୁକିଛି ଜାଣନ୍ତି । ଆପଣ ତତ୍ତ୍ୱଜ୍ଞ ଓ ମାୟାତୀତ । ଆପଣ ଉତ୍ତମ ବୁଦ୍ଧିମାନ୍, ସୁଶୀଳ, ସରଳ-ଆଚରଣଯୁକ୍ତ; ପୁଣି ଜ୍ଞାନ, ବୈରାଗ୍ୟ ଓ ବିଜ୍ଞାନର ଧାମ ଓ ଶ୍ରୀରଘୁନାଥଙ୍କର ପ୍ରିୟ ଦାସ ॥ ୧ ॥

**କାରନ କୱନ ଦେହ ୟହ ପାଈ । ତାତ ସକଲ ମୋହି କହହୁ ବୁଝାଈ ॥**
**ରାମ ଚରିତ ସର ସୁଂଦର ସ୍ୱାମୀ । ପାୟହୁ କହାଁ କହହୁ ନଭଗାମୀ ॥ ୨ ॥**

ଆପଣ କେଉଁ କାରଣରୁ ଏହି କାକଶରୀର ପାଇଲେ ? ହେ ପ୍ରଭୁ ! ମୋତେ ସବୁକଥା ବୁଝାଇ କହନ୍ତୁ । ହେ ସ୍ୱାମୀ ! ହେ ଆକାଶଗାମୀ ! ଆପଣ ଏହି ସୁନ୍ଦର ରାମଚରିତରୂପୀ ସରୋବର କେଉଁଠୁ ପାଇଲେ ? ॥ ୨ ॥

**ନାଥ ସୁନା ମୈଁ ଅସ ସିଓ୍ୱ ପାହୀଁ । ମହା ପ୍ରଲୟହୁଁ ନାସ ତଓ୍ୱ ନାହୀଁ ॥**
**ମୁଧା ବଚନ ନହିଁ ଈସ୍ୱର କହଈ । ସୋଉ ମୋରେଁ ମନ ସଂସୟ ଅହଈ ॥ ୩ ॥**

ହେ ନାଥ ! ମୁଁ ଭଗବାନ୍ ଶିବଙ୍କ ଠାରୁ ଶୁଣିଲି ଯେ, ମହାପ୍ରଳୟରେ ବି ଆପଣଙ୍କର ନାଶ ହୁଏ ନାହିଁ । ମହାଦେବ ତ କେବେ ମିଛ କହନ୍ତି ନାହିଁ । ମୋର ସେ ସମ୍ବନ୍ଧରେ ମଧ୍ୟ ସନ୍ଦେହ ରହିଛି; ॥ ୩ ॥

**ଅଗ ଜଗ ଜୀଓ୍ୱ ନାଗ ନର ଦେଓ୍ୱା । ନାଥ ସକଲ ଜଗୁ କାଲ କଲେଓ୍ୱା ॥**
**ଅଂଡ କଟାହ ଅମିତ ଲୟକାରୀ । କାଲୁ ସଦା ଦୁରତିକ୍ରମ ଭାରୀ ॥ ୪ ॥**

କାରଣ ହେ ସ୍ୱାମୀ ! ନାଗ, ମନୁଷ୍ୟ, ଦେବତା ଆଦି ଚର, ଅଚର ସମସ୍ତ ଜୀବ ତଥା ଏହି ସାରା ଜଗତ୍ କାଳର କବଳରେ ପଡ଼େ ; ଅସଂଖ୍ୟ ବ୍ରହ୍ମାଣ୍ଡର ବିନାଶକାରୀ କାଳକୁ ତ କଦାପି ଅତିକ୍ରମ କରାଯାଇପାରେନା; ॥ ୪ ॥

ସୋ:- **ତୁହ୍ମହି ନ ବ୍ୟାପତ କାଲ ଅତି କରାଲ କାରନ କଓ୍ୱନ ।**
**ମୋହି ସୋ କହହୁ କୃପାଲ ଗ୍ୟାନ ପ୍ରଭାଓ୍ୱ କି ଜୋଗ ବଲ ॥ ୯୪(କ) ॥**

ଅଥଚ ସେହି ଅତ୍ୟନ୍ତ ଭୟଙ୍କର କାଳ ବି ଆପଣଙ୍କ ଉପରେ ପ୍ରଭାବ ବିସ୍ତାର କରିପାରେ ନାହିଁ—ଏହାର କାରଣ କ'ଣ ? ହେ କୃପାଳୁ ! ମୋତେ କୁହନ୍ତୁ, ଏହା ଜ୍ଞାନର ପ୍ରଭାବ, ନା ଯୋଗର ବଳ ? ॥ ୯୪(କ) ॥

**ପ୍ରଭୁ ତଓ୍ୱ ଆଶ୍ରମ ଆଏଁ ମୋର ମୋହ ଭ୍ରମ ଭାଗ ।**
**କାରନ କଓ୍ୱନ ସୋ ନାଥ ସବ କହହୁ ସହିତ ଅନୁରାଗ ॥ ୯୪(ଖ) ॥**

ହେ ପ୍ରଭୋ ! ଆପଣଙ୍କ ଆଶ୍ରମକୁ ଆସୁ ଆସୁ ମୋର ମୋହ ଓ ଭ୍ରମ ତୁଟିଗଲା । ତା'ର କାରଣ କ'ଣ ? ହେ ନାଥ ! ଏସବୁ କଥା ପ୍ରେମର ସହିତ କହନ୍ତୁ ।'' ॥ ୯୪(ଖ) ॥

**ଗରୁଡ଼ ଗିରା ସୁନି ହରଷେଉ କାଗା । ବୋଲେଉ ଉମା ପରମ ଅନୁରାଗା ॥**
**ଧନ୍ୟ ଧନ୍ୟ ତଓ୍ୱ ମତି ଉରଗାରୀ । ପ୍ରସ୍ନ ତୁହ୍ମାରି ମୋହି ଅତି ପ୍ୟାରୀ ॥ ୧ ॥**

[ଶିବ କହିଲେ,] ହେ ଉମା ! ଗରୁଡ଼ଙ୍କ କଥା ଶୁଣି କାକଭୁଶୁଣ୍ଡି ଆନନ୍ଦିତ ହୋଇଗଲେ । ସେ ପରମ ପ୍ରେମର ସହିତ କହିଲେ : ହେ ସର୍ପମାନଙ୍କର ଶତ୍ରୁ ! ଆପଣଙ୍କ ବୁଦ୍ଧିକୁ ଧନ୍ୟ ! ଧନ୍ୟ !! ଆପଣଙ୍କ ପ୍ରଶ୍ନ ଶୁଣି ମୁଁ ଅତ୍ୟନ୍ତ ପ୍ରୀତ ହେଲି ॥ ୧ ॥

**ସୁନି ତଓ୍ୱ ପ୍ରସ୍ନ ସପ୍ରେମ ସୁହାଈ । ବହୁତ ଜନମ କୈ ସୁଧି ମୋହି ଆଈ ॥**
**ସବ ନିଜ କଥା କହଉଁ ମୈଁ ଗାଈ । ତାତ ସୁନହୁ ସାଦର ମନ ଲାଈ ॥ ୨ ॥**

ଆପଣଙ୍କ ପ୍ରେମପୂର୍ଣ୍ଣ ପ୍ରଶ୍ନ ଶୁଣି ମୋର ବହୁଜନ୍ମର କଥା ମନେପଡ଼ିଗଲା । ମୁଁ ମୋର ସବୁକଥା ବିସ୍ତାରିତଭାବରେ କହିଦେଉଛି । ହେ ତାତ ! ଶ୍ରଦ୍ଧାର ସହିତ ମନ ଦେଇ ଶୁଣନ୍ତୁ ॥ ୨ ॥

**ଜପ ତପ ମଖ ସମ ଦମ ବ୍ରତ ଦାନା । ବିରତି ବିବେକ ଜୋଗ ବିଗ୍ୟାନା ॥**
**ସବ କର ଫଲ ରଘୁପତି ପଦ ପ୍ରେମା । ତେହି ବିନୁ କୋଉ ନ ପାଓ୍ୱଇ ଛେମା ॥ ୩ ॥**

ଅନେକ ଜପ, ତପ, ଯଜ୍ଞ, ଶମ (ମନସଂଯମ), ଦମ (ଇନ୍ଦ୍ରିୟସଂଯମ), ବ୍ରତ, ଦାନ, ବୈରାଗ୍ୟ, ବିବେକ, ଯୋଗ, ବିଜ୍ଞାନ ଆଦି ସାଧନାର ଫଳସ୍ୱରୂପ ଶ୍ରୀରଘୁନାଥଙ୍କ ଚରଣରେ ପ୍ରେମ ହୁଏ । ଏହା ବିନା କେହି କଲ୍ୟାଣ ପାଇପାରେ ନାହିଁ ॥ ୩ ॥

**ଏହିଁ ତନ ରାମ ଭଗତି ମୈଁ ପାଈ । ତାତେ ମୋହି ମମତା ଅଧିକାଈ ॥**
**ଜେହି ତେଁ କଛୁ ନିଜ ସ୍ୱାରଥ ହୋଈ । ତେହି ପର ମମତା କର ସବ କୋଈ ॥ ୪ ॥**

ମୁଁ ଏହି କାକଶରୀରରେ ଶ୍ରୀରାମଙ୍କ ପ୍ରତି ଭକ୍ତି ପାଇଛି; ତେଣୁ ଏହି ଶରୀର ପ୍ରତି ମୋର ମମତା ଅଧିକ । ଯାହାଦ୍ୱାରା ନିଜର ସ୍ୱାର୍ଥସିଦ୍ଧି ହୁଏ, ତାକୁ ସମସ୍ତେ ଭଲ ପାଆନ୍ତି ॥ ୪ ॥

ସୋ:- **ପନ୍ନଗାରି ଅସି ନୀତି ଶ୍ରୁତି ସଂମତ ସଜ୍ଜନ କହହିଁ ।**
**ଅତି ନୀଚହୁ ସନ ପ୍ରୀତି କରିଅ ଜାନି ନିଜ ପରମ ହିତ ॥ ୯୫(କ) ॥**

ହେ ଗରୁଡ଼ ! ନିଜର ପରମ ମଙ୍ଗଳ ହେବା ଜାଣିପାରି ଅତ୍ୟନ୍ତ ନୀଚକୁ ବି ପ୍ରେମ କରିବା ଉଚିତ– ଏହା ବେଦମାନେ ମଧ୍ୟ ସ୍ୱୀକାର କରନ୍ତି ଏବଂ ପଣ୍ଡିତଗଣ ମଧ୍ୟ ଏହି କଥା କହିଥାନ୍ତି ॥ ୯୫(କ) ॥

**ପାଟ କୀଟ ତେଁ ହୋଇ ତେହି ତେଁ ପାଟଂବର ରୁଚିର ।**
**କୃମି ପାଲଇ ସବୁ କୋଇ ପରମ ଅପାଓ୍ୱନ ପ୍ରାନ ସମ ॥ ୯୫(ଖ) ॥**

ରେଶମପୋକରୁ ରେଶମ ଉତ୍ପାଦନ କରାଯାଏ; ତହିଁରୁ ସୁନ୍ଦର ରେଶମବସ୍ତ୍ର ପ୍ରସ୍ତୁତ ହୁଏ । ତେଣୁ ସେହି ଅତି ଅପବିତ୍ର ରେଶମ ପୋକକୁ ମଧ୍ୟ ଲୋକେ ପ୍ରାଣସମ ଯତ୍ନ କରି ପାଳନ କରନ୍ତି ॥ ୯୫(ଖ) ॥

**ସ୍ୱାରଥ ସାଁଚ ଜୀଓ୍ୱ କହୁଁ ଏହା । ମନ କ୍ରମ ବଚନ ରାମ ପଦ ନେହା ॥**
**ସୋଇ ପାଓ୍ୱନ ସୋଇ ସୁଭଗ ସରୀରା । ଜୋ ତନୁ ପାଇ ଭଜିଅ ରଘୁବୀରା ॥ ୧ ॥**

ମନ-ବଚନ-କର୍ମରେ ଶ୍ରୀରାମଙ୍କ ଚରଣରେ ପ୍ରେମ ହୋଇଯିବାରେହିଁ ଜୀବର ପରମସ୍ୱାର୍ଥ ନିହିତ । ତେଣୁ ଯେଉଁ ଶରୀରରେ ଶ୍ରୀରଘୁନାଥଙ୍କ ଭଜନ କରାଯାଇପାରେ, ତାହାହିଁ ପବିତ୍ର, ତାହାହିଁ ସୁନ୍ଦର ଶରୀର ॥ ୧ ॥

**ରାମ ବିମୁଖ ଲହି ବିଧି ସମ ଦେହୀ । କବି କୋବିଦ ନ ପ୍ରସଂସହିଁ ତେହୀ ॥**
**ରାମ ଭଗତି ଏହିଁ ତନ ଉର ଜାମୀ । ତାତେ ମୋହି ପରମ ପ୍ରିୟ ସ୍ୱାମୀ ॥ ୨ ॥**

ଯେଉଁ ଲୋକ ଶ୍ରୀରାମବିମୁଖ, ସେ ବ୍ରହ୍ମାଙ୍କ ପରି ଶରୀର ପାଇଥିଲେ ସୁଦ୍ଧା କବି (ଜ୍ଞାନୀ) ଓ ପଣ୍ଡିତମାନେ ତାକୁ ପ୍ରଶଂସା କରନ୍ତି ନାହିଁ । ଏହି ଶରୀରରେ ମୋ ହୃଦୟରେ ରାମଭକ୍ତି ଉତ୍ପନ୍ନ ହୋଇଛି । ତେଣୁ ହେ ସ୍ୱାମୀ ! ଏହା ମୋର ପରମ ପ୍ରିୟ ଶରୀର ॥ ୨ ॥

**ତଜଉଁ ନ ତନ ନିଜ ଇଚ୍ଛା ମରନା । ତନ ବିନୁ ବେଦ ଭଜନ ନହିଁ ବରନା ॥**
**ପ୍ରଥମ ମୋହଁ ମୋହି ବହୁତ ବିଗୋଓ୍ୱା । ରାମ ବିମୁଖ ସୁଖ କବହୁଁ ନ ସୋଓ୍ୱା ॥ ୩ ॥**

ମୋର ମରଣ ମୋର ଇଚ୍ଛାଧୀନ । ତଥାପି ମୁଁ ଏହି ଶରୀର ଛାଡୁନାହିଁ; କାରଣ ବେଦମାନେ କହନ୍ତି ଯେ, ଶରୀର ବିନା ଭଜନ ହୁଏ ନାହିଁ । ପ୍ରଥମେ ମୋହ ମୋତେ ବଡ଼ ଦୁର୍ଦ୍ଦଶାରେ ପକାଇଦେଇଥିଲା । ଶ୍ରୀରାମବିମୁଖ ହୋଇ ମୁଁ ଦିନେ ବି ସୁଖନିଦ୍ରାରେ ଶୋଇନାହିଁ ॥ ୩ ॥

**ନାନା ଜନମ କର୍ମ ପୁନି ନାନା । କିଏ ଜୋଗ ଜପ ତପ ମଖ ଦାନା ॥**
**କଓ୍ୱନ ଜୋନି ଜନମେଉଁ ଜହଁ ନାହୀଁ । ମୈଁ ଖଗେସ ଭ୍ରମି ଭ୍ରମି ଜଗ ମାହୀଁ ॥ ୪ ॥**

ଅନେକ ଜନ୍ମରେ ମୁଁ ଅନେକପ୍ରକାର ଯୋଗ, ଜପ, ତପ, ଯଜ୍ଞ ଓ ଦାନ ଆଦି କର୍ମ କରିଛି । ହେ ଗରୁଡ଼ ! ଜଗତରେ ଏପରି କୌଣସି ଯୋନି ନାହିଁ, ଯେଉଁଥିରେ କି ମୁଁ ବାରମ୍ବାର ଭ୍ରମି ଭ୍ରମି ଜନ୍ମ ନ ନେଇଛି ॥ ୪ ॥

**ଦେଖେଉଁ କରି ସବ କରମ ଗୋସାଈଁ । ସୁଖୀ ନ ଭୟଉଁ ଅବହିଁ କୀ ନାଈଁ ॥**
**ସୁଧି ମୋହି ନାଥ ଜନ୍ମ ବହୁ କେରୀ । ସିୱ ପ୍ରସାଦ ମତି ମୋହଁ ନ ଘେରୀ ॥ ୫ ॥**

ହେ ପ୍ରଭୁ ! ମୁଁ ସକଳ କର୍ମ କରି ଦେଖିନେଇଛି ; କିନ୍ତୁ ମୁଁ କେବେ ବି ବର୍ତ୍ତମାନ (ଏହି ଜନ୍ମ) ପରି ସୁଖୀ ହୋଇ ନ ଥିଲି । ହେ ନାଥ ! ମୋର ବହୁ ଜନ୍ମର କଥା ମନେଅଛି; କାରଣ ଶିବଙ୍କ କୃପାରୁ ମୋର ବୁଦ୍ଧି ମୋହଗ୍ରସ୍ତ ହୋଇନାହିଁ ॥ ୫ ॥

ଦୋ:- **ପ୍ରଥମ ଜନ୍ମ କେ ଚରିତ ଅବ କହଉଁ ସୁନହୁ ବିହଗେସ ।**
**ସୁନି ପ୍ରଭୁ ପଦ ରତି ଉପଜଇ ଜାତେଁ ମିଟହିଁ କଲେସ ॥ ୯୬(କ) ॥**

ହେ ପକ୍ଷୀରାଜ ! ମୁଁ ମୋର ପ୍ରଥମ ଜନ୍ମର ଚରିତ କହୁଛି, ଶୁଣନ୍ତୁ । ଏହି ଚରିତ ଶୁଣିଲେ ପ୍ରଭୁଙ୍କ ଚରଣରେ ପ୍ରୀତି ଉପନ୍ନ ହୋଇଯାଏ ଏବଂ ତା'ଫଳରେ ସକଳ କ୍ଳେଶ ଦୂର ହୋଇଯାଏ ॥ ୯୬(କ) ॥

**ପୂରୁବ କଲ୍ପ ଏକ ପ୍ରଭୁ ଜୁଗ କଲିଜୁଗ ମଲ ମୂଲ ।**
**ନର ଅରୁ ନାରି ଅଧର୍ମରତ ସକଲ ନିଗମ ପ୍ରତିକୂଲ ॥ ୯୬(ଖ) ॥**

ହେ ପ୍ରଭୁ ! ପୂର୍ବେ ଗୋଟିଏ କଳ୍ପରେ କଳିଯୁଗ ଚାଲିଥାଏ । କଳିଯୁଗ ହେଉଛି ପାପର ମୂଳ । ସେତେବେଳେ କି ସ୍ତ୍ରୀ, କି ପୁରୁଷ ସମସ୍ତେ ଅଧର୍ମପରାୟଣ ଓ ବେଦବିରୋଧୀ ଥିଲେ ॥ ୯୬(ଖ) ॥

**ତେହିଁ କଲିଜୁଗ କୋସଲପୁର ଜାଈ । ଜନ୍ମତ ଭୟଉଁ ସୂଦ୍ର ତନୁ ପାଈ ॥**
**ସିୱ ସେୱକ ମନ କ୍ରମ ଅରୁ ବାନୀ । ଆନ ଦେୱ ନିଂଦକ ଅଭିମାନୀ ॥ ୧ ॥**

ସେହି କଳିଯୁଗରେ ମୁଁ ଯାଇ ଅଯୋଧ୍ୟାପୁରୀରେ ଶୂଦ୍ରଶରୀର ପାଇ ଜନ୍ମ ହୋଇଥାଏ । ସେତେବେଳେ ମୁଁ ମନ, ବଚନ ଓ କର୍ମରେ କେବଳ ଶିବଙ୍କର ସେବକ ହୋଇଥାଏ ଏବଂ ଅନ୍ୟସବୁ ଦେବତାଙ୍କୁ ନିନ୍ଦା କରୁଥାଏ । ମୁଁ ଅତ୍ୟନ୍ତ ଅହଂକାରୀ ହୋଇଯାଇଥାଏ ॥ ୧ ॥

**ଧନ ମଦ ମତ୍ତ ପରମ ବାଚାଲା । ଉଗ୍ରବୁଦ୍ଧି ଉର ଦଂଭ ବିସାଲା ॥**
**ଜଦପି ରହେଉଁ ରଘୁପତି ରଜଧାନୀ । ତଦପି ନ କଛୁ ମହିମା ତବ ଜାନୀ ॥ ୨ ॥**

ଧନମଦରେ ପ୍ରମତ୍ତ ହୋଇ ପାଟିକୁ ଯାହା ଆସିଲା, ତାହା କହିଯାଉଥାଏ । ମୋର ବୁଦ୍ଧି ଉଗ୍ର ହୋଇଯାଇଥାଏ ଏବଂ ହୃଦୟରେ ଅତ୍ୟନ୍ତ ଦମ୍ଭ ପୂରିରହିଥାଏ । ମୁଁ ରଘୁନାଥଙ୍କ ରାଜଧାନୀରେ ରହୁଥାଏ ସତ, କିନ୍ତୁ ତାଙ୍କର ମହିମା କିଛି ଜାଣି ନ ଥାଏ ॥ ୨ ॥

**ଅବ ଜାନା ମୈଁ ଅୱଧ ପ୍ରଭାୱା । ନିଗମାଗମ ପୁରାନ ଅସ ଗାୱା ॥**
**କୱନେହୁଁ ଜନ୍ମ ଅୱଧ ବସ ଜୋଈ । ରାମ ପରାୟନ ସୋ ପରି ହୋଈ ॥ ୩ ॥**

ଏବେ ମୁଁ ଅଯୋଧ୍ୟାର ପ୍ରଭାବ ଜାଣିଲି । ବେଦ, ଶାସ୍ତ୍ର ଓ ପୁରାଣମାନେ ଗାନ କରନ୍ତି ଯେ, ଯେକୌଣସି ଜନ୍ମରେ ହେଉ ନା କାହିଁକି, ଜଣେ ଯଦି ଅଯୋଧ୍ୟାରେ ନିବାସ କରେ, ତେବେ ସେ ଅବଶ୍ୟ ଶ୍ରୀରାମପରାୟଣ ହୋଇଯିବ ॥ ୩ ॥

**ଅଓ୍ୱଧ ପ୍ରଭାଓ୍ୱ ଜାନ ତବ ପ୍ରାନୀ । ଜବ ଉର ବସହିଁ ରାମୁ ଧନୁପାନୀ ॥**
**ସୋ କଲିକାଲ କଠିନ ଉରଗାରୀ । ପାପ ପରାୟନ ସବ ନର ନାରୀ ॥ ୪ ॥**

ଧନୁର୍ଦ୍ଧାରୀ ଶ୍ରୀରାମ ଯେତେବେଳେ ଜୀବର ହୃଦୟରେ ବାସ କରନ୍ତି, ସେତେବେଳେ ଜୀବ ଅଯୋଧ୍ୟାର ପ୍ରଭାବକୁ ଜାଣିଯାଏ । ହେ ଗରୁଡ଼ ! ସେହି କଳିକାଳ ବଡ଼ ଜଟିଳ ଥିଲା । ସେତେବେଳେ ସବୁ ନରନାରୀ ଥିଲେ ପାପପରାୟଣ ॥ ୪ ॥

ଦୋ:- **କଲିମଲ ଗ୍ରସେ ଧର୍ମ ସବ ଲୁପ୍ତ ଭଏ ସଦଗ୍ରଂଥ ।**
**ଦଂଭିହ୍ନ ନିଜ ମତି କଲ୍ପି କରି ପ୍ରଗଟ କିଏ ବହୁ ପଂଥ ॥ ୯୭(କ) ॥**

କଳିଯୁଗର ପାପ ଧର୍ମକର୍ମସବୁକୁ ଗ୍ରାସ କରିଦେଲା; ସଦ୍‌ଗ୍ରନ୍ଥସବୁ ଲୁପ୍ତ ହୋଇଗଲେ; ଦାମ୍ଭିକମାନେ ନିଜ ବୁଦ୍ଧିରେ କଳ୍ପନା କରି ବହୁ ପନ୍ଥା ଆବିଷ୍କାର କରିଦେଲେ ॥ ୯୭(କ) ॥

**ଭଏ ଲୋଗ ସବ ମୋହବସ ଲୋଭ ଗ୍ରସେ ସୁଭ କର୍ମ ।**
**ସୁନୁ ହରିଜାନ ଗ୍ୟାନ ନିଧି କହଉଁ କଛୁକ କଲିଧର୍ମ ॥ ୯୭(ଖ) ॥**

ସବୁଲୋକ ମୋହବଶ ହୋଇଗଲେ । ଶୁଭକର୍ମସବୁକୁ ଲୋଭ ଗ୍ରାସ କରିଦେଲା । ହେ ଜ୍ଞାନଭଣ୍ଡାର ଗରୁଡ଼ ! ହେ ଶ୍ରୀହରିଙ୍କ ବାହନ ! ମୁଁ ଏଥର କଳିର କେତୋଟି ଲକ୍ଷଣ କହୁଛି, ଶୁଣନ୍ତୁ ॥ ୯୭(ଖ) ॥

**ବରନ ଧର୍ମ ନହିଁ ଆଶ୍ରମ ଚ୍ରାରୀ । ଶ୍ରୁତି ବିରୋଧ ରତ ସବ ନର ନାରୀ ॥**
**ଦ୍ୱିଜ ଶ୍ରୁତି ବେଚକ ଭୂପ ପ୍ରଜାସନ । କୋଉ ନହିଁ ମାନ ନିଗମ ଅନୁସାସନ ॥ ୧ ॥**

କଳିଯୁଗରେ ନା ବର୍ଣ୍ଣଧର୍ମ ରହେ, ନା ଚ୍ରାରି ଆଶ୍ରମ ରହେ । ସବୁନରନାରୀ ବେଦବିରୋଧୀ ହୋଇଯାଆନ୍ତି । ବ୍ରାହ୍ମଣମାନେ ବେଦବିକ୍ରେତା ଏବଂ ରାଜାମାନେ ପ୍ରଜାଭକ୍ଷକ ହୋଇଯାଆନ୍ତି । କେହି ହେଲେ ବେଦର ଆଜ୍ଞା ମାନନ୍ତି ନାହିଁ ॥ ୧ ॥

**ମାରଗ ସୋଇ ଜା କହୁଁ ଜୋଇ ଭାଓ୍ୱା । ପଂଡିତ ସୋଇ ଜୋ ଗାଲ ବଜାଓ୍ୱା ॥**
**ମିଥ୍ୟାରଂଭ ଦଂଭରତ ଜୋଈ । ତା କହୁଁ ସଂତ କହଇ ସବ କୋଈ ॥ ୨ ॥**

ଯାହାକୁ ଯାହା ଭଲ ଲାଗିଲା, ତାହା ତା'ର ମାର୍ଗ ହୋଇଯାଏ । ଗାଲୁ ମାରିବା ଲୋକେ ପଣ୍ଡିତ ବୋଲାନ୍ତି । ଯେ ମିଥ୍ୟାଡମ୍ବର ଦେଖାଇ ଦମ୍ଭାଚରଣ କରେ, ତାକୁହିଁ ସମସ୍ତେ ସନ୍ଥ ବୋଲି କହନ୍ତି ॥ ୨ ॥

**ସୋଇ ସୟାନ ଜୋ ପରଧନ ହାରୀ । ଜୋ କର ଦଂଭ ସୋ ବଡ଼ ଆଚ୍ରାରୀ ॥**
**ଜୋ କହ ଝୁଁଠ ମସଖରୀ ଜାନା । କଲିଜୁଗ ସୋଇ ଗୁନଓ୍ୱଂତ ବଖାନା ॥ ୩ ॥**

ଯେ [ଯେକୌଣସି ପ୍ରକାରେ] ଅନ୍ୟର ଧନ ଅପହରଣ କରି ନେଇପାରେ, ସେ ହିଁ ବୁଦ୍ଧିମାନ୍ ବୋଲାଏ । ଯେ ଦମ୍ଭ କରେ, ସେ ହିଁ ଆଚ୍ରରବାନ୍‌ଭାବେ ଗଣ୍ୟ ହୁଏ । ଯେ ମିଥ୍ୟା କହେ ଓ ଚତୁରତାର ସହିତ ପରିହାସ କରି କଥା କହିଜାଣେ, କଳିଯୁଗରେ ତାକୁହିଁ ଗୁଣବାନ୍ ବୋଲାଯାଏ ॥ ୩ ॥

**ନିରାଚ୍ରର ଜୋ ଶ୍ରୁତି ପଥ ତ୍ୟାଗୀ । କଲିଜୁଗ ସୋଇ ଗ୍ୟାନୀ ସୋ ବିରାଗୀ ॥**
**ଜାକେଁ ନଖ ଅରୁ ଜଟା ବିସାଲା । ସୋଇ ତାପସ ପ୍ରସିଦ୍ଧ କଲିକାଲା ॥ ୪ ॥**

ଯେ ଭ୍ରଷ୍ଟାଚ୍ରରୀ ହୋଇଯାଏ ଓ ବେଦମାର୍ଗକୁ ଛାଡ଼ିଦିଏ, କଳିଯୁଗରେ ସେ ହିଁ ଜ୍ଞାନୀ ଓ ସେ ହିଁ

ବୈରାଗ୍ୟବାନ୍ ବୋଲି ଗଣାହୁଏ । ଯାହାର ବଡ଼ ବଡ଼ ନଖ ଓ ଲମ୍ବା ଲମ୍ବା ଦାଢ଼ି-ଜଟ ଥାଏ, କଳିଯୁଗରେ ତାକୁ ପ୍ରସିଦ୍ଧ ତପସ୍ୱୀ ବୋଲାଯାଏ ॥ ୪ ॥

ଦୋ:- **ଅସୁଭ ବେଷ ଭୂଷନ ଧରେଁ ଭଚ୍ଛାଭଚ୍ଛ ଜେ ଖାହିଁ ।**
**ତେଇ ଜୋଗୀ ତେଇ ସିଦ୍ଧ ନର ପୂଜ୍ୟ ତେ କଲିଜୁଗ ମାହିଁ ॥ ୯୮ (କ) ॥**

ଯେଉଁମାନେ ଅମଙ୍ଗଳ ବେଶ ଓ ଅମଙ୍ଗଳ ଭୂଷଣ ଧାରଣ କରନ୍ତି ଏବଂ ଭକ୍ଷ୍ୟ ଅଭକ୍ଷ୍ୟ ସବୁକିଛି ଖାଇଯାଆନ୍ତି, ସେହିମାନେହିଁ ଯୋଗୀ ଓ ସିଦ୍ଧ ବୋଲାନ୍ତି ଏବଂ କଳିଯୁଗରେ ସେହି ମନୁଷ୍ୟମାନେହିଁ ପୂଜିତ ହୁଅନ୍ତି ॥ ୯୮ (କ) ॥

ସୋ:- **ଜେ ଅପକାରୀ ଚାର ତିହ୍ନ କର ଗୌରଓ୍ୱ ମାନ୍ୟ ତେଇ ।**
**ମନ କ୍ରମ ବଚନ ଲବାର ତେଇ ବକତା କଲିକାଲ ମହୁଁ ॥ ୯୮ (ଖ) ॥**

ଯେଉଁମାନଙ୍କର ଆଚରଣ ଅନ୍ୟମାନଙ୍କର ଅପକାର କରେ, ସେମାନଙ୍କୁ କଳିଯୁଗରେ ବିଶେଷ ଗୌରବ ମିଳେ ଏବଂ ସେମାନେ ସମ୍ମାନ ପାଇବାର ଅଧିକାରୀ ହୋଇଯାଆନ୍ତି । ଯେଉଁମାନେ ମନ, ବଚନ ଓ କର୍ମରେ ଗାଲୁ ମାରିପାରନ୍ତି (ଅର୍ଥାତ୍-ମିଛୁଆ ଓ ଗପୁଡ଼ି), କଳିଯୁଗରେ ସେମାନେ ବକ୍ତାରୂପେ ପରିଗଣିତ ହୁଅନ୍ତି ॥ ୯୮ (ଖ) ॥

**ନାରି ବିବସ ନର ସକଲ ଗୋସାଇଁ । ନାଚହିଁ ନଟ ମର୍କଟ କୀ ନାଇଁ ॥**
**ସୂଦ୍ର ଦ୍ୱିଜହ୍ନ ଉପଦେସହିଁ ଗ୍ୟାନା । ମେଲି ଜନେଉ ଲେହିଁ କୁଦାନା ॥ ୧ ॥**

ହେ ପ୍ରଭୁ ! ସବୁପୁରୁଷ ସ୍ତ୍ରୀମାନଙ୍କର ବଶ ହୋଇ ରହନ୍ତି ଏବଂ କେଳାର ମାଙ୍କଡ଼ ପରି ସେହିମାନଙ୍କ ଇଙ୍ଗିତରେ ନାଚନ୍ତି । ଶୂଦ୍ରମାନେ ବ୍ରାହ୍ମଣମାନଙ୍କୁ ଜ୍ଞାନୋପଦେଶ ଦିଅନ୍ତି ଏବଂ କାନ୍ଧରେ ପଇତା ପକାଇ କୁତ୍ସିତ ଦାନ ଗ୍ରହଣ କରନ୍ତି ॥ ୧ ॥

**ସବ ନର କାମ ଲୋଭ ରତ କ୍ରୋଧୀ । ଦେଓ୍ୱ ବିପ୍ର ଶ୍ରୁତି ସଂତ ବିରୋଧୀ ॥**
**ଗୁନ ମଂଦିର ସୁଂଦର ପତି ତ୍ୟାଗୀ । ଭଜହିଁ ନାରି ପର ପୁରୁଷ ଅଭାଗୀ ॥ ୨ ॥**

ସବୁପୁରୁଷ କାମାସକ୍ତ, ଲୋଭାସକ୍ତ ଏବଂ କ୍ରୋଧୀ ହୋଇଯାଆନ୍ତି । ଲୋକେ ଦେବତା, ବ୍ରାହ୍ମଣ, ବେଦ ଓ ସାଧୁସନ୍ଥଙ୍କର ବିରୋଧୀ ହୋଇଯାଆନ୍ତି । ଅଭାଗିନୀ ସ୍ତ୍ରୀମାନେ ନିଜର ଗୁଣବାନ୍ ସୁନ୍ଦର ପତିଙ୍କୁ ଛାଡ଼ି ପରପୁରୁଷ ଗମନ କରନ୍ତି ॥ ୨ ॥

**ସୌଭାଗିନୀଁ ବିଭୂଷନ ହୀନା । ବିଧଓ୍ୱହ୍ନ କେ ସିଂଗାର ନବୀନା ॥**
**ଗୁର ସିଷ ବଧିର ଅଂଧ କା ଲେଖା । ଏକ ନ ସୁନଇ ଏକ ନହିଁ ଦେଖା ॥ ୩ ॥**

ସଧବା ସ୍ତ୍ରୀମାନେ ଆଭୂଷଣ ଛାଡ଼ିଦିଅନ୍ତି; କିନ୍ତୁ ବିଧବାମାନେ ପ୍ରତିଦିନ ନୂଆ ନୂଆ ବେଶଭୂଷା ହୁଅନ୍ତି । ଶିଷ୍ୟ ଓ ଗୁରୁଙ୍କ ମଧ୍ୟରେ ବଧିର ଓ ଅନ୍ଧର ସମ୍ପର୍କ ଗଢ଼ିଉଠେ ଅର୍ଥାତ୍ ଶିଷ୍ୟ ଗୁରୁଙ୍କ ଉପଦେଶ ଶୁଣେ ନାହିଁ ଏବଂ ଗୁରୁଙ୍କର ଜ୍ଞାନଦୃଷ୍ଟି ନ ଥାଏ ॥ ୩ ॥

**ହରଇ ସିଷ୍ୟ ଧନ ସୋକ ନ ହରଈ । ସୋ ଗୁର ଘୋର ନରକ ମହୁଁ ପରଈ ॥**
**ମାତୁ ପିତା ବାଲକହ୍ନି ବୋଲାଓ୍ୱହିଁ । ଉଦର ଭରୈ ସୋଇ ଧର୍ମ ସିଖାଓ୍ୱହିଁ ॥ ୪ ॥**

ଯେଉଁ ଗୁରୁ ଶିଷ୍ୟର ଧନ ହରଣ କରେ, କିନ୍ତୁ ଶୋକ ହରଣ କରେ ନାହିଁ, ସେ ଘୋର ନରକରେ ପଡ଼େ । ପିତାମାତାମାନେ ପୁଅଝିଅଙ୍କୁ ଡାକି ସେହି ଧର୍ମ ଶିଖାନ୍ତି, ଯେଉଁଥିରେ କେବଳ ଉଦରପୋଷଣ ହେବ ॥ ୪ ॥

ଦୋ:- ବ୍ରହ୍ମ ଗ୍ୟାନ ବିନୁ ନାରି ନର କହହିଁ ନ ଦୂସରି ବାତ ।
କୌଡ଼ୀ ଲାଗି ଲୋଭ ବସ କରହିଁ ବିପ୍ର ଗୁର ଘାତ ॥ ୯୯(କ) ॥

ନରନାରୀମାନେ ବ୍ରହ୍ମଜ୍ଞାନ ଭିନ୍ନ ଅନ୍ୟ କଥା କହନ୍ତି ନାହିଁ; ଅଥଚ ସାମାନ୍ୟ ଅର୍ଥଲୋଭରେ ଗୁରୁ-ବ୍ରାହ୍ମଣଙ୍କୁ ମଧ୍ୟ ହତ୍ୟା କରିଦିଅନ୍ତି ॥ ୯୯(କ) ॥

ବାଦହିଁ ସୂଦ୍ର ଦ୍ୱିଜହ୍ନ ସନ ହମ ତୁହ୍ମ ତେ କଛୁ ଘାଟି ।
ଜାନଇ ବ୍ରହ୍ମ ସୋ ବିପ୍ରବର ଆଁଖି ଦେଖାୱହିଁ ଡାଟି ॥ ୯୯(ଖ) ॥

ଶୂଦ୍ରମାନେ ବ୍ରାହ୍ମଣମାନଙ୍କ ସହିତ ବିବାଦ କରନ୍ତି [ଓ କହନ୍ତି,] ''ଆମେ କ'ଣ ତୁମଠାରୁ କମ୍ ? ଯେ ବ୍ରହ୍ମକୁ ଜାଣେ, ସେ ହିଁ ଶ୍ରେଷ୍ଠ ବ୍ରାହ୍ମଣ ।'' [ଏପରି କହି] ସେମାନେ ବ୍ରାହ୍ମଣଙ୍କୁ ଧମକାଇ ଆଖି ଦେଖାନ୍ତି ॥ ୯୯(ଖ) ॥

ପର ତ୍ରିୟ ଲଂପଟ କପଟ ସୟାନେ । ମୋହ ଦ୍ରୋହ ମମତା ଲପଟାନେ ॥
ତେଇ ଅଭେଦବାଦୀ ଗ୍ୟାନୀ ନର । ଦେଖା ମୈଁ ଚରିତ୍ର କଲିଜୁଗ କର ॥ ୧ ॥

ଯେଉଁମାନେ ପରସ୍ତ୍ରୀଠାରେ ଆସକ୍ତ, କପଟ କରିବାରେ ଚତୁର ଏବଂ ମୋହ, ଦ୍ରୋହ ଓ ମମତାରେ ବୁଡ଼ିରହିଥାନ୍ତି, ସେହି ମନୁଷ୍ୟମାନେ ଅଭେଦବାଦୀ (ଜୀବ ଓ ବ୍ରହ୍ମ ଏକ ବୋଲି କହୁଥିବା) ଜ୍ଞାନୀ ବୋଲାନ୍ତି । ମୁଁ ସେହି କଳିଯୁଗର ଏପରି ଚରିତ୍ର ଦେଖିଲି ॥ ୧ ॥

ଆପୁ ଗଏ ଅରୁ ତିହ୍ନହୂ ଘାଲହିଁ । ଜେ କହୁଁ ସତ ମାରଗ ପ୍ରତିପାଲହିଁ ॥
କଲ୍ପ କଲ୍ପ ଭରି ଏକ ଏକ ନରକା । ପରହିଁ ଜେ ଦୂଷହିଁ ଶ୍ରୁତି କରି ତରକା ॥ ୨ ॥

ଲୋକେ ନିଜେ ତ ନଷ୍ଟ ହୋଇଯାଆନ୍ତି; ପୁଣି ଯେଉଁ କେତେଜଣ ସନ୍ମାର୍ଗରେ ଚାଲୁଥାନ୍ତି, ସେମାନଙ୍କୁ ବି ନଷ୍ଟ କରିଦିଅନ୍ତି । ଯେଉଁମାନେ କୁତର୍କ କରନ୍ତି ଓ ବେଦନିନ୍ଦା କରନ୍ତି, ସେମାନେ ବହୁ କଳ୍ପ ଧରି ନରକ ପରେ ନରକରେ ପଡ଼ନ୍ତି ॥ ୨ ॥

ଜେ ବରନାଧମ ତେଲି କୁହ୍ମାରା । ସ୍ୱପଚ କିରାତ କୋଲ କଲୱାରା ॥
ନାରି ମୁଈ ଗୃହ ସଂପତି ନାସୀ । ମୂଡ଼ ମୁଡ଼ାଇ ହୋହିଁ ସଂନ୍ୟାସୀ ॥ ୩ ॥

ତେଲୀ, କୁମ୍ଭାର, ଚଣ୍ଡାଳ, କିରାତ, କୋହ୍ଲ ମଦକାରବାର କରୁଥିବା ନୀଚ ବର୍ଣ୍ଣର ଲୋକେ ସ୍ତ୍ରୀ ମରିଗଲେ ଅଥବା ଘରର ସମ୍ପତ୍ତି ନଷ୍ଟ ହୋଇଗଲେ ଲଣ୍ଡା ହୋଇ ସନ୍ନ୍ୟାସୀ ହୋଇଯାଆନ୍ତି ॥ ୩ ॥

ତେ ବିପ୍ରହ୍ନ ସନ ଆପୁ ପୁଜାୱହିଁ । ଉଭୟ ଲୋକ ନିଜ ହାଥ ନସାୱହିଁ ॥
ବିପ୍ର ନିରଛର ଲୋଲୁପ କାମୀ । ନିରାଚ୍ଚାର ସଠ ବୃଷଲୀ ସ୍ୱାମୀ ॥ ୪ ॥

ସେମାନେ ନିଜକୁ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜା କରାନ୍ତି ଏବଂ ନିଜ ହାତରେ ନିଜର ଉଭୟ ଲୋକ (ଇହଲୋକ ଓ ପରଲୋକ) ନଷ୍ଟ କରିଦିଅନ୍ତି । ବ୍ରାହ୍ମଣମାନେ ନିରକ୍ଷର, ଲୋଭୀ, କାମୀ, ଆଚାରହୀନ ଓ ମୂର୍ଖ ହୋଇଯାଆନ୍ତି ଏବଂ ନୀଚଜାତିର ବ୍ୟଭିଚାରିଣୀ ସ୍ତ୍ରୀମାନଙ୍କର ପତି ହୁଅନ୍ତି ॥ ୪ ॥

ସୂଦ୍ର କରହିଁ ଜପ ତପ ବ୍ରତ ନାନା । ବୈଠି ବରାସନ କହହିଁ ପୁରାନା ॥
ସବ ନର କଲ୍ପିତ କରହିଁ ଅଚ୍ଚାରା । ଜାଇ ନ ବରନି ଅନୀତି ଅପାରା ॥ ୫ ॥

ଶୂଦ୍ରମାନେ ନାନାପ୍ରକାର ଜପ, ତପ ଓ ବ୍ରତ କରନ୍ତି, ତଥା ଉଚ୍ଚାସନରେ (ବ୍ୟାସାସନରେ) ବସି ପୁରାଣ ଶୁଣାନ୍ତି । ସମସ୍ତେ ନିଜର ଇଚ୍ଛାନୁମତ ଆଚରଣ କରନ୍ତି । ଏଭଳି ଅପାର ଅନୀତିର ବର୍ଣ୍ଣନା କରାଯାଇପାରିବ ନାହିଁ ॥ ୫ ॥

ଦୋ:- **ଭଏ ବରନ ସଂକର କଲି ଭିନ୍ନସେତୁ ସବ ଲୋଗ ।**
**କରହିଁ ପାପ ପାୱହିଁ ଦୁଖ ଭୟ ରୁଜ ସୋକ ବିୟୋଗ ॥୧୦୦(କ)॥**

କଳିଯୁଗରେ ସମସ୍ତେ ବର୍ଣ୍ଣସଂକର ଓ ମର୍ଯ୍ୟାଦାଚ୍ୟୁତ ହୋଇଯାଆନ୍ତି । ସେମାନେ ପାପ କରନ୍ତି ଏବଂ ଫଳସ୍ୱରୂପ ଦୁଃଖୀ, ଭୟ, ରୋଗ, ଶୋକ ଓ ବିୟୋଗ (ବିନାଶ)ରେ ଶଢ଼ନ୍ତି ॥ ୧୦୦(କ) ॥

**ଶ୍ରୁତି ସଂମତ ହରି ଭକ୍ତି ପଥ ସଂଜୁତ ବିରତି ବିବେକ ।**
**ତେହିଁ ନ ଚଲହିଁ ନର ମୋହ ବସ କଲ୍ପହିଁ ପଂଥ ଅନେକ ॥୧୦୦(ଖ)॥**

ଯେଉଁ ବେଦସମ୍ମତ ତଥା ବୈରାଗ୍ୟ ଓ ଜ୍ଞାନଯୁକ୍ତ ହରିଭକ୍ତି-ମାର୍ଗ ରହିଛି, ମୋହବଶ ହୋଇ ଲୋକେ ସେହି ମାର୍ଗରେ ଚ୍ଚଲନ୍ତି ନାହିଁ ; ସେମାନେ ଅନେକ ନୂଆ ନୂଆ ସମ୍ପ୍ରଦାୟ ସୃଷ୍ଟି କରନ୍ତି ॥ ୧୦୦(ଖ) ॥

ଛନ୍ଦ- **ବହୁ ଦାମ ସଁୱାରହିଁ ଧାମ ଜତୀ । ବିଷୟା ହରି ଲୀହ୍ନି ନ ରହି ବିରତୀ ॥**
**ତପସୀ ଧନୱଂତ ଦରିଦ୍ର ଗୃହୀ । କଲି କୌତୁକ ତାତ ନ ଜାତ କହୀ ॥ ୧ ॥**

ସନ୍ନ୍ୟାସୀମାନେ ବହୁ ଧନ ବିନିଯୋଗ କରି ଘର ସଜାନ୍ତି । ସେମାନଙ୍କ ଠାରେ ବୈରାଗ୍ୟ ରହେ ନାହିଁ; ବୈରାଗ୍ୟକୁ ବିଷୟ ହରଣ କରିନିଏ । ତପସ୍ୱୀମାନେ ଧନୀ ଓ ଗୃହସ୍ଥମାନେ ଦରିଦ୍ର ହୋଇଯାଆନ୍ତି । ହେ ନାଥ ! କଳିଯୁଗର ଲୀଳା କହିହେବ ନାହିଁ ॥ ୧ ॥

**କୁଲୱଂତି ନିକାରହିଁ ନାରି ସତୀ । ଗୃହ ଆନହିଁ ଚେରି ନିବେରି ଗତୀ ॥**
**ସୁତ ମାନହିଁ ମାତୁ ପିତା ତବ ଲୌଁ । ଅବଲାନନ ଦୀଖ ନହୀଁ ଜବ ଲୌଁ ॥ ୨ ॥**

କୁଳବତୀ ଓ ସତୀ ସ୍ତ୍ରୀକୁ ପୁରୁଷ ଘରୁ ବାହାର କରିଦିଅନ୍ତି ଏବଂ ସଦାଚ୍ଚର ଛାଡ଼ି ଦାସୀକୁ ଆଣି ଘରେ ରଖନ୍ତି । କେବଳ ସ୍ତ୍ରୀର ମୁହଁ ଦେଖି ନ ଥିବା ଯାଏ (ବିବାହ କରି ନ ଥିବା ଯାଏ) ପୁତ୍ରମାନେ ପିତାମାତାଙ୍କୁ ମାନନ୍ତି ॥ ୨ ॥

**ସସୁରାରି ପିଆରି ଲଗୀ ଜବ ତେଁ । ରିପୁରୂପ କୁଟୁଂବ ଭଏ ତବ ତେଁ ॥**
**ନୃପ ପାପ ପରାୟନ ଧର୍ମ ନହୀଁ । କରି ଦଂଡ ବିଡଂବ ପ୍ରଜା ନିତହୀଁ ॥ ୩ ॥**

ଯେଉଁଦିନୁ ଶ୍ୱଶୁରଘର ଭଲ ଲାଗିବାକୁ ଆରମ୍ଭ କରେ, ସେହିଦିନୁ ନିଜ କୁଟୁମ୍ବ ଲୋକେ ଶତ୍ରୁ ହୋଇଯାଆନ୍ତି । ରାଜାମାନେ ପାପପରାୟଣ ହୋଇଯାଆନ୍ତି; ସେମାନଙ୍କ ଭିତରେ ଆଉ ଧର୍ମ ରହେ ନାହିଁ । ସେମାନେ ପ୍ରଜାଙ୍କୁ [ବିନା ଅପରାଧରେ] ସବୁବେଳେ ଦଣ୍ଡ ଦେଇ ଦୁର୍ଦ୍ଦଶାଗ୍ରସ୍ତ କରନ୍ତି ॥ ୩ ॥

**ଧନୱଂତ କୁଲୀନ ମଲୀନ ଅପୀ । ଦ୍ୱିଜ ଚିହ୍ନ ଜନେଉ ଉଘାର ତପୀ ॥**
**ନହିଁ ମାନ ପୁରାନ ନ ବେଦହି ଜୋ । ହରି ସେୱକ ସଂତ ସହୀ କଲି ସୋ ॥ ୪ ॥**

ଧନୀଲୋକେ ଯେତେ ନୀଚଜାତିର ହୋଇଥିଲେ ସୁଦ୍ଧା କୁଳୀନ ବୋଲି ଗଣ୍ୟ ହୁଅନ୍ତି । ଦ୍ୱିଜର ଚିହ୍ନ କେବଳ ପଇତାରେ ସୀମିତ ରହିଯାଏ ଏବଂ କେବଳ ନଗ୍ନଶରୀର ତପସ୍ୱୀର ପରିଚୟ ହୋଇଯାଏ । ଯେଉଁମାନେ ବେଦ ଓ ପୁରାଣକୁ ମାନନ୍ତି ନାହିଁ, କଳିଯୁଗରେ ସେହିମାନେହିଁ ହରିଭକ୍ତ ଓ ପ୍ରକୃତ ସନ୍ଥରୂପେ ବିବେଚିତ ହୁଅନ୍ତି ॥ ୪ ॥

**କବି ବୃଂଦ ଉଦାର ଦୁନୀ ନ ସୁନୀ । ଗୁନ ଦୂଷକ ବ୍ରାତ ନ କୋପି ଗୁନୀ ॥**
**କଲି ବାରହିଁ ବାର ଦୁକାଲ ପରୈ । ବିନୁ ଅନ୍ନ ଦୁଖୀ ସବ ଲୋଗ ମରୈ ॥ ୫ ॥**

କବିବୃନ୍ଦ(ଜ୍ଞାନୀ, ବିଦ୍ୱାନ୍)ଙ୍କର ଆବିର୍ଭାବ ଘଟେ ସତ, କିନ୍ତୁ ଦୁନିଆରେ ସେମାନଙ୍କୁ ଆଶ୍ରୟ ଦେଲାପରି ଉଦାର ଲୋକଙ୍କ ନାମ ସୁଦ୍ଧା ଶୁଣାଯାଏ ନାହିଁ । ଗୁଣରେ ଦୋଷ ଧରିବାର ଲୋକ ବହୁତ ବାହାରନ୍ତି, କିନ୍ତୁ କେହି ନିଜେ ଗୁଣବାନ୍ ହୁଅନ୍ତି ନାହିଁ । କଳିଯୁଗରେ ବାରମ୍ବାର ଦୁର୍ଭିକ୍ଷ ପଡ଼େ; ଖାଇବାକୁ ନ ପାଇ ଲୋକେ ଦୁଃଖରେ ମରନ୍ତି ॥ ୫ ॥

**ଦୋ:- ସୁନୁ ଖଗେସ କଲି କପଟ ହଠ ଦଂଭ ଦ୍ୱେଷ ପାଷଂଡ ।**
**ମାନ ମୋହ ମାରାଦି ମଦ ବ୍ୟାପି ରହେ ବ୍ରହ୍ମଂଡ ॥୧୦୧(କ)॥**

ହେ ପକ୍ଷୀରାଜ ଗରୁଡ଼ ! କଳିଯୁଗରେ କପଟ, ଜିଦ୍‌ଖୋର ସ୍ୱଭାବ, ଦମ୍ଭ, ଦ୍ୱେଷ, ପାଷାଣ୍ଡପଣ, ଅହଂକାର, ମୋହ ଏବଂ କାମ, କ୍ରୋଧ, ଲୋଭ ଓ ମଦ ବ୍ରହ୍ମାଣ୍ଡସାରା ବ୍ୟାପିଯାଏ ॥ ୧୦୧(କ) ॥

**ତାମସ ଧର୍ମ କରହିଁ ନର ଜପ ତପ ବ୍ରତ ମଖ ଦାନ ।**
**ଦେଓ୍ୱ ନ ବରଷହିଁ ଧରନୀଁ ବଏ ନ ଜାମହିଁ ଧାନ ॥୧୦୧(ଖ)॥**

ଲୋକେ ଜପ, ତପ, ଯଜ୍ଞ, ବ୍ରତ ଓ ଦାନ ଆଦି ଧର୍ମ ତାମସଭାବରେ କରିବାକୁ ଲାଗନ୍ତି । ଇନ୍ଦ୍ର ପୃଥିବୀରେ ବର୍ଷା କରନ୍ତି ନାହିଁ ; ତେଣୁ ବୁଣିଥିବା ବିହନରୁ ଗଜା ବି ବାହାରେ ନାହିଁ॥ ୧୦୧(ଖ) ॥

**ଛନ୍ଦ- ଅବଲା କଚ ଭୂଷନ ଭୂରି ଛୁଧା । ଧନହୀନ ଦୁଖୀ ମମତା ବହୁଧା ॥**
**ସୁଖ ଚାହହିଁ ମୂଢ଼ ନ ଧର୍ମ ରତା । ମତି ଥୋରି କଠୋରି ନ କୋମଲତା ॥ ୧ ॥**

ସ୍ତ୍ରୀମାନଙ୍କର କେଶହିଁ ଭୂଷଣ ହୋଇ ରହେ (ଦେହରେ ଅନ୍ୟ ଆଭୂଷଣ ପିନ୍ଧନ୍ତି ନାହିଁ) । ସେମାନଙ୍କୁ ବେଶୀ କ୍ଷୁଧା ଲାଗେ (ସଦା ଅତୃପ୍ତ ରହନ୍ତି) । ସେମାନେ ଦାରିଦ୍ର୍ୟ ହେତୁ ଓ ବିଭିନ୍ନପ୍ରକାର କାମନାବାସନା ହେତୁ ଦୁଃଖୀ ହୋଇ ରହନ୍ତି । ସେହି ମୂର୍ଖାନାରୀମାନେ ସୁଖ ଚାହାନ୍ତି; କିନ୍ତୁ ସେମାନଙ୍କର ଧର୍ମରେ ପ୍ରେମ ନ ଥାଏ । ସେମାନେ ସ୍ୱଳ୍ପବୁଦ୍ଧି ହୋଇଯା'ନ୍ତି । ସେମାନେ ବଡ଼ କଠୋର ହୁଅନ୍ତି; ସେମାନଙ୍କ ଠାରେ କୋମଳତା ରହେ ନାହିଁ॥ ୧ ॥

**ନର ପୀଡ଼ିତ ରୋଗ ନ ଭୋଗ କହୀଁ । ଅଭିମାନ ବିରୋଧ ଅକାରନହୀଁ ॥**
**ଲଘୁ ଜୀଓ୍ୱନ ସଂବତୁ ପଂଚ ଦସା । କଲପାଂତ ନ ନାସ ଗୁମାନୁ ଅସା ॥ ୨ ॥**

ଲୋକମାନେ ବିଭିନ୍ନ ରୋଗରେ ପୀଡ଼ିତ ହୁଅନ୍ତି ; କେହି ସୁଖୀ ହୋଇପାରନ୍ତି ନାହିଁ । ଅକାରଣରେ ଅଭିମାନ ଓ ବିରୋଧ କରିବସନ୍ତି । ପାଇଥାନ୍ତି ପାଞ୍ଚଦଶବର୍ଷର ସାମାନ୍ୟ ଜୀବନ, କିନ୍ତୁ ଏପରି ଗର୍ବ ଦେଖାନ୍ତି ଯେ, ଦେଖିଲେ ମନେହୁଏ, ସତେ ଯେପରି କଳ୍ପ ଶେଷ ହୋଇଗଲେ ବି ସେମାନେ ମରିବେ ନାହିଁ॥ ୨ ॥

**କଲିକାଲ ବିହାଲ କିଏ ମନୁଜା । ନହିଁ ମାନତ କ୍ୱୌ ଅନୁଜା ତନୁଜା ॥**
**ନହିଁ ତୋଷ ବିଚାର ନ ସୀତଲତା । ସବ ଜାତି କୁଜାତି ଭଏ ମଗତା ॥ ୩ ॥**

କଳିକାଳ ମଣିଷକୁ ବିଭ୍ରାନ୍ତ କରିଦିଏ । ଲୋକେ ଝିଅ-ଭଉଣୀ ବିଚାର ବି ରଖନ୍ତି ନାହିଁ । ଲୋକଙ୍କ ଠାରେ ନା ଥାଏ ସନ୍ତୋଷ, ନା ବିବେକ, ନା ଶାନ୍ତି । କି ଜାତି, କି ଅଜାତି ସମସ୍ତେ ଭିକ୍ଷାନ୍ନଜୀବୀ ହୋଇଯାଆନ୍ତି ॥ ୩ ॥

**ଇରିଷା ପରୁଷାଛର ଲୋଲୁପତା । ଭରି ପୂରି ରହୀ ସମତା ବିଗତା ॥**
**ସବ ଲୋଗ ବିୟୋଗ ବିସୋକ ହଏ । ବରନାଶ୍ରମ ଧର୍ମ ଅଚାର ଗଏ ॥ ୪ ॥**

ଲୋକଙ୍କ ଠାରେ ଈର୍ଷା, କଠୋରତା ଓ ଲୋଭାସକ୍ତି ଭରିଯାଏ; ସମଭାବ ଛାଡ଼ିପଳାଏ । ସମସ୍ତେ ମନୋମାଳିନ୍ୟ ଓ ଗଭୀର ଦୁଃଖରେ ସନ୍ତପ୍ତ ହୁଅନ୍ତି । ବର୍ଣ୍ଣାଶ୍ରମ ଧର୍ମର ଆଚରଣ ଆଉ ଦେଖିବାକୁ ମିଳେ ନାହିଁ ॥ ୪ ॥

**ଦମ ଦାନ ଦୟା ନହିଁ ଜାନପନୀ । ଜଡ଼ତା ପରବଂଚନତାତି ଘନୀ ॥**
**ତନୁ ପୋଷକ ନାରି ନରା ସଗରେ । ପରନିଂଦକ କେ ଜଗ ମୋ ବଗରେ ॥ ୫ ॥**

କାହାରିଠାରେ ଇନ୍ଦ୍ରିୟଦମନ, ଦାନ, ଦୟା ଓ ସହାନୁଭୂତି ଦେଖିବାକୁ ମିଳେ ନାହିଁ । ମୂର୍ଖତା ଓ ପ୍ରବଞ୍ଚନା (ଅନ୍ୟକୁ ଠକିବା) ବିଶେଷଭାବରେ ବଢ଼ିଯାଏ । କି ସ୍ତ୍ରୀ, କି ପୁରୁଷ ସମସ୍ତେ କେବଳ ଶରୀରର ପାଳନପୋଷଣରେ ତତ୍ପର ରହନ୍ତି । ସଂସାରରେ ପରନିନ୍ଦୁକମାନେହିଁ ପୂରିରହିଥାନ୍ତି ॥ ୫ ॥

ଦୋ:- **ସୁନୁ ବ୍ୟାଲାରି କାଲ କଲି ମଲ ଅଵଗୁନ ଆଗାର ।**
**ଗୁନଉ ବହୁତ କଲିଜୁଗ କର ବିନୁ ପ୍ରୟାସ ନିସ୍ତାର ॥୧୦୨(କ)॥**

ହେ ସର୍ପଶତ୍ରୁ ଗରୁଡ଼ ! ଶୁଣନ୍ତୁ, କଳିକାଳ ହେଉଛି ପାପ ଓ ଅବଗୁଣର ଘର । କିନ୍ତୁ କଳିକାଳରେ ଗୋଟିଏ ବଡ଼ ଭଲଗୁଣ ଏହି ଯେ, ଏ କାଳରେ ବିନା ପରିଶ୍ରମରେ ଭବବନ୍ଧନରୁ ମୁକ୍ତି ମିଳିଯାଏ ॥ ୧୦୨(କ) ॥

**କୃତଜୁଗ ତ୍ରେତାଁ ଦ୍ୱାପର ପୂଜା ମଖ ଅରୁ ଜୋଗ ।**
**ଜୋ ଗତି ହୋଇ ସୋ କଲି ହରି ନାମ ତେ ପାଵହିଁ ଲୋଗ ॥୧୦୨(ଖ)॥**

ସତ୍ୟ, ତ୍ରେତା ଓ ଦ୍ୱାପରଯୁଗରେ ଯୋଗ, ଯଜ୍ଞ ଓ ପୂଜାରୁ ଯେଉଁ ଗତି ପ୍ରାପ୍ତି ହୁଏ, କଳିଯୁଗରେ ଲୋକେ କେବଳ ଭଗବାନଙ୍କ ନାମ ଧରି ସେହି ଗତି ପାଇଯାଆନ୍ତି ॥ ୧୦୨(ଖ) ॥

**କୃତଜୁଗ ସବ ଜୋଗୀ ବିଗ୍ୟାନୀ । କରି ହରି ଧ୍ୟାନ ତରହିଁ ଭଵ ପ୍ରାନୀ ॥**
**ତ୍ରେତାଁ ବିବିଧ ଜଗ୍ୟ ନର କରହୀଁ । ପ୍ରଭୁହି ସମର୍ପି କର୍ମ ଭଵ ତରହୀଁ ॥ ୧ ॥**

ସତ୍ୟଯୁଗରେ ସମସ୍ତେ ଯୋଗୀ ଓ ବିଜ୍ଞାନୀ ହୋଇଥାନ୍ତି ଏବଂ ହରିଙ୍କୁ ଧ୍ୟାନ କରି ସମସ୍ତେ ଭବସାଗରରୁ ତରିଯାଆନ୍ତି । ତ୍ରେତାରେ ମନୁଷ୍ୟମାନେ ଅନେକପ୍ରକାର ଯଜ୍ଞ କରନ୍ତି ଏବଂ ସକଳ କର୍ମ ପ୍ରଭୁଙ୍କୁ ସମର୍ପଣ କରିଦେଇ ଭବସାଗରରୁ ପାରିହୋଇଯାଆନ୍ତି ॥ ୧ ॥

**ଦ୍ୱାପର କରି ରଘୁପତି ପଦ ପୂଜା । ନର ଭଵ ତରହିଁ ଉପାୟ ନ ଦୂଜା ॥**
**କଲିଜୁଗ କେଵଲ ହରି ଗୁନ ଗାହା । ଗାଵତ ନର ପାଵହିଁ ଭଵ ଥାହା ॥ ୨ ॥**

ଦ୍ୱାପରରେ ଶ୍ରୀରଘୁନାଥଙ୍କ ଚରଣରେ ପୂଜା କରି ମନୁଷ୍ୟ ସଂସାରକୁ ତରିଯାଆନ୍ତି; ଅନ୍ୟ କିଛି ଉପାୟ ନ ଥାଏ । କିନ୍ତୁ କଳିଯୁଗରେ ତ କେବଳ ହରିଙ୍କ ଗୁଣଗାଥା ଗାନ କରି ମନୁଷ୍ୟ ଭବସାଗରରୁ ପାରି ହୋଇଯାଏ ॥ ୨ ॥

**କଲିଜୁଗ ଜୋଗ ନ ଜଗ୍ୟ ନ ଗ୍ୟାନା । ଏକ ଅଧାର ରାମ ଗୁନ ଗାନା ॥**
**ସବ ଭରୋସ ତଜି ଜୋ ଭଜ ରାମହି । ପ୍ରେମ ସମେତ ଗାଵ ଗୁନ ଗ୍ରାମହି ॥ ୩ ॥**

କଳିଯୁଗରେ ଯୋଗ, ଯଜ୍ଞ କିମ୍ବା ଜ୍ଞାନ ଭଗବତ୍ ଲାଭର ଆଧାର ହୁଏ ନାହିଁ । ଶ୍ରୀରାମଙ୍କ ଗୁଣଗାନହିଁ ଏକମାତ୍ର ଆଧାର । ଅତଏବ ସକଳ ଭରସା ତ୍ୟାଗ କରି ଯେ ଶ୍ରୀରାମଙ୍କୁ ଭଜନ୍ତି ଏବଂ ପ୍ରେମର ସହିତ ତାଙ୍କର ଗୁଣ ଗାନ କରନ୍ତି, ॥ ୩ ॥

**ସୋଇ ଭଵ ତର କଛୁ ସଂସୟ ନାହୀଁ । ନାମ ପ୍ରତାପ ପ୍ରଗଟ କଲି ମାହୀଁ ॥**
**କଲି କର ଏକ ପୁନୀତ ପ୍ରତାପା । ମାନସ ପୁନ୍ୟ ହୋହିଁ ନହିଁ ପାପା ॥ ୪ ॥**

ସେ ହିଁ ଭବସାଗରକୁ ତରିଯାଆନ୍ତି । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ନାମର ପ୍ରଭାବ କଳିଯୁଗରେ

ପ୍ରତ୍ୟକ୍ଷ । କଳିଯୁଗର ଗୋଟିଏ ପବିତ୍ର (ବିଶିଷ୍ଟ) ପ୍ରତାପ (ମହିମା) ଏହି ଯେ, ଏ ଯୁଗରେ ମାନସିକ ପୁଣ୍ୟ ତ ହୁଏ, କିନ୍ତୁ ମାନସିକ ପାପ ହୁଏ ନାହିଁ ॥ ୪ ॥

ଦୋ:- **କଲିଜୁଗ ସମ ଜୁଗ ଆନ ନହିଁ ଜୌଁ ନର କର ବିସ୍ୱାସ ।**
**ଗାଇ ରାମ ଗୁନ ଗନ ବିମଲ ଭୱ ତର ବିନହିଁ ପ୍ରୟାସ ॥୧୦୩(କ)॥**

ଯଦି ମନୁଷ୍ୟ ଭଗବତ୍ ବିଶ୍ୱାସ ରଖିବ, ତେବେ କଳିଯୁଗସମାନ ଯୁଗ ଆଉ ନାହିଁ ; କାରଣ ଏହି ଯୁଗରେ ଶ୍ରୀରାମଙ୍କ ନିର୍ମଳ ଗୁଣସମୂହ ଗାଇ ଗାଇ ମନୁଷ୍ୟ ବିନାପରିଶ୍ରମରେ ସଂସାରରୂପୀ ସାଗରକୁ ତରିଯାଏ ॥ ୧୦୩(କ) ॥

**ପ୍ରଗଟ ଚ୍ୟାରି ପଦ ଧର୍ମ କେ କଲି ମହୁଁ ଏକ ପ୍ରଧାନ ।**
**ଜେନ କେନ ବିଧି ଦୀହ୍ନେଁ ଦାନ କରଇ କଲ୍ୟାନ ॥୧୦୩(ଖ)॥**

ଧର୍ମର ଚାରିଗୋଟି ଚରଣ (ସତ୍ୟ, ଦୟା, ତପ ଓ ଦାନ) ପ୍ରସିଦ୍ଧ । କଳିଯୁଗରେ ଏଥିରୁ 'ଦାନ' ଚରଣଟିହିଁ ପ୍ରଧାନ ଅଟେ । ତେଣୁ ଯେକୌଣସିପ୍ରକାରେ ଦିଆଗଲେ ବି ଦାନ ନିଶ୍ଚୟ କଲ୍ୟାଣ କରିଥାଏ ॥ ୧୦୩(ଖ) ॥

**ନିତ ଜୁଗ ଧର୍ମ ହୋହିଁ ସବ କେରେ । ହୃଦୟଁ ରାମ ମାୟା କେ ପ୍ରେରେ ॥**
**ସୁଦ୍ଧ ସତ୍ୱ ସମତା ବିଗ୍ୟାନା । କୃତ ପ୍ରଭାୱ ପ୍ରସନ୍ନ ମନ ଜାନା ॥ ୧ ॥**

ଶ୍ରୀରାମଙ୍କ ମାୟାଦ୍ୱାରା ପ୍ରେରିତ ହୋଇ ସମସ୍ତଙ୍କ ହୃଦୟରେ ସବୁଯୁଗର ଧର୍ମ ନିତ୍ୟ ପ୍ରକାଶିତ ହେଉଥାଏ । ମନୁଷ୍ୟ ଭିତରେ ଶୁଦ୍ଧସତ୍ତ୍ୱଗୁଣ, ସମତା, ବିଜ୍ଞାନ ଓ ମାନସିକ ପ୍ରସନ୍ନତା ଉତ୍ପନ୍ନ ହେଲେ, ତାହାକୁ ସତ୍ୟଯୁଗର ପ୍ରଭାବ ବୋଲି ଜାଣିବାକୁ ହେବ ॥ ୧ ॥

**ସତ୍ୱ ବହୁତ ରଜ କଛୁ ରତି କର୍ମା । ସବ ବିଧି ସୁଖ ତ୍ରେତା କର ଧର୍ମା ॥**
**ବହୁ ରଜ ସ୍ୱଳ୍ପ ସତ୍ୱ କଛୁ ତାମସ । ଦ୍ୱାପର ଧର୍ମ ହରଷ ଭୟ ମାନସ ॥ ୨ ॥**

ସତ୍ତ୍ୱଗୁଣର ଆଧିକ୍ୟ, କିଛି କିଛି ରଜୋଗୁଣ, କର୍ମରେ ପ୍ରୀତି ଓ ସକଳପ୍ରକାର ସୁଖ ଉପଲବ୍ଧି—ଏସବୁ ହେଉଛି ତ୍ରେତାଯୁଗର ଧର୍ମ । ରଜୋଗୁଣର ଆଧିକ୍ୟ, ସାମାନ୍ୟମାତ୍ରାରେ ସତ୍ତ୍ୱଗୁଣ, କିଛି ତମୋଗୁଣ, ମନରେ ହର୍ଷ ଓ ଭୟ—ଏସବୁ ହେଉଛି ଦ୍ୱାପରର ଧର୍ମ ॥ ୨ ॥

**ତାମସ ବହୁତ ରଜୋଗୁନ ଥୋରା । କଲି ପ୍ରଭାୱ ବିରୋଧ ଚହୁଁ ଓରା ॥**
**ବୁଧ ଜୁଗ ଧର୍ମ ଜାନି ମନ ମାହୀଁ । ତଜି ଅଧର୍ମ ରତି ଧର୍ମ କରାହୀଁ ॥ ୩ ॥**

ତମୋଗୁଣର ପ୍ରାବଲ୍ୟ, ସାମାନ୍ୟମାତ୍ରାରେ ରଜୋଗୁଣ, ଚତୁର୍ଦ୍ଦିଗରେ ବୈର-ବିରୋଧ—ଏସବୁ ହେଉଛି କଳିଯୁଗର ପ୍ରଭାବ । ପଣ୍ଡିତମାନେ ଯୁଗଧର୍ମକୁ ଜାଣି, ଅଧର୍ମ ଛାଡ଼ି ଧର୍ମରେ ପ୍ରୀତି ରଖନ୍ତି ॥ ୩ ॥

**କାଲ ଧର୍ମ ନହିଁ ବ୍ୟାପହିଁ ତାହୀ । ରଘୁପତି ଚରନ ପ୍ରୀତି ଅତି ଜାହୀ ॥**
**ନଟ କୃତ ବିକଟ କପଟ ଖଗରାୟା । ନଟ ସେୱକହି ନ ବ୍ୟାପଇ ମାୟା ॥ ୪ ॥**

ଯେଉଁମାନଙ୍କର ଶ୍ରୀରଘୁନାଥଙ୍କ ଚରଣରେ ପ୍ରଗାଢ଼ ପ୍ରେମ ଥାଏ, ସେମାନଙ୍କୁ କାଳଧର୍ମ (ଯୁଗଧର୍ମ) ପ୍ରଭାବିତ କରିପାରେ ନାହିଁ । ହେ ପକ୍ଷୀରାଜ ! ଯାଦୁକରର ଯାଦୁ (ଇନ୍ଦ୍ରଜାଲ) ଦେଖଣାହାରୀଙ୍କ ପକ୍ଷରେ ବଡ଼ ବିସ୍ମୟକର ହୁଏ; କିନ୍ତୁ ତା'ର ଚେଲାକୁ ସେସବୁ ବିସ୍ମିତ କରେ ନାହିଁ ॥ ୪ ॥

ଦୋ:- **ହରି ମାୟା କୃତ ଦୋଷ ଗୁନ ବିନୁ ହରି ଭଜନ ନ ଜାହିଁ ।**
**ଭଜିଅ ରାମ ତଜି କାମ ସବ ଅସ ବିଚାରି ମନ ମାହିଁ ॥୧୦୪(କ)॥**

ଶ୍ରୀହରିଙ୍କ ମାୟାଦ୍ୱାରା ରଚନା କରାଯାଇଥିବା ଦୋଷ ଓ ଗୁଣ ଶ୍ରୀହରିଙ୍କ ଭଜନ ବିନା ଯାଏ ନାହିଁ । ଏହା ବିଗ୍ଚର କରି, ସବୁ କାମନାବାସନା ଛାଡ଼ିଦେଇ (ନିଷ୍କାମଭାବରେ) ଶ୍ରୀରାମଙ୍କ ଭଜନ କରିବା ଆବଶ୍ୟକ ॥ ୧୦୪(କ) ॥

**ତେହିଁ କଲିକାଲ ବରଷ ବହୁ ବସେଉଁ ଅୱଧ ବିହଗେସ ।**
**ପରେଉ ଦୁକାଲ ବିପତି ବସ ତବ ମୈଁ ଗୟଉଁ ବିଦେସ ॥୧୦୪(ଖ)॥**

ହେ ପକ୍ଷୀରାଜ ! ସେହି କଳିକାଳରେ ମୁଁ ଅନେକ ବର୍ଷ ଅଯୋଧ୍ୟାରେ ରହିଥିଲି । ଥରେ ସେଠାରେ ଦୁର୍ଭିକ୍ଷ ପଡ଼ିଲା । ତେଣୁ ମୁଁ ବିପତ୍ତିରୁ ରକ୍ଷା ପାଇବାପାଇଁ ଅନ୍ୟ ଦେଶକୁ ଗ୍ଲିଗଲି ॥ ୧୦୪(ଖ) ॥

**ଗୟଉଁ ଉଜେନୀ ସୁନୁ ଉରଗାରୀ । ଦୀନ ମଲୀନ ଦରିଦ୍ର ଦୁଖାରୀ ॥**
**ଗଏଁ କାଲ କଛୁ ସଂପତି ପାଈ । ତହଁ ପୁନି କରଉଁ ସଂଭୁ ସେୱକାଈ ॥ ୧ ॥**

ହେ ସର୍ପଶତ୍ରୁ ଗରୁଡ଼ ! ଶୁଣନ୍ତୁ; ମୁଁ ଦୀନ, ବିଷଣ୍ଣ, ଦରିଦ୍ର ଓ ଦୁଃଖୀ ହୋଇ ଉଜ୍ଜୟିନୀ ଗ୍ଲିଗଲି । କାଳକ୍ରମେ କିଛି ସମ୍ପତ୍ତି ପାଇ ସେଠାରେ ମୁଁ ଭଗବାନ୍ ଶଙ୍କରଙ୍କ ଆରାଧନା କରିବାରେ ଲାଗିଲି ॥ ୧ ॥

**ବିପ୍ର ଏକ ବୈଦିକ ସିୱ ପୂଜା । କରଇ ସଦା ତେହି କାଜୁ ନ ଦୂଜା ॥**
**ପରମ ସାଧୁ ପରମାରଥ ବିଂଦକ । ସଂଭୁ ଉପାସକ ନହିଁ ହରି ନିଂଦକ ॥ ୨ ॥**

ସେଠାରେ ଜଣେ ବ୍ରାହ୍ମଣ ଥିଲେ । ସେ ସର୍ବଦା ବେଦବିଧିରେ ଶିବଙ୍କୁ ପୂଜା କରୁଥିଲେ । ତାଙ୍କର ଅନ୍ୟ କୌଣସି କାମ ନ ଥାଏ । ସେ ଜଣେ ପରମ ସାଧୁ ଓ ପରମାର୍ଥୀ ବ୍ୟକ୍ତି ଥିଲେ । ସେ ଶିବଙ୍କ ଉପାସକ ଥିଲେ ସତ, କିନ୍ତୁ କେବେ ଶ୍ରୀହରିଙ୍କୁ ନିନ୍ଦା କରୁ ନ ଥିଲେ ॥ ୨ ॥

**ତେହି ସେୱଉଁ ମୈଁ କପଟ ସମେତା । ଦ୍ୱିଜ ଦୟାଲ ଅତି ନୀତି ନିକେତା ॥**
**ବାହିଜ ନମ୍ର ଦେଖି ମୋହି ସାଈଁ । ବିପ୍ର ପଢ଼ାୱ ପୁତ୍ର କୀ ନାଈଁ ॥ ୩ ॥**

ମୁଁ ମନରେ କପଟ ରଖି ତାଙ୍କର ସେବା କରୁଥାଏ । ବ୍ରାହ୍ମଣ ବଡ଼ ଦୟାଳୁ ଓ ନୀତିବାନ୍ ଥିଲେ । ହେ ସ୍ୱାମୀ ! ମୋର ବାହ୍ୟ ନମ୍ରତା ଦେଖି ସେ ମୋତେ ତାଙ୍କ ପୁଅ ପରି ପାଳି ପାଠ ପଢ଼ାଉଥାନ୍ତି ॥ ୩ ॥

**ସଂଭୁ ମଂତ୍ର ମୋହି ଦ୍ୱିଜବର ଦୀହ୍ନା । ସୁଭ ଉପଦେସ ବିବିଧ ବିଧି କୀହ୍ନା ॥**
**ଜପଉଁ ମଂତ୍ର ସିୱ ମଂଦିର ଜାଈ । ହୃଦୟଁ ଦଂଭ ଅହମିତି ଅଧିକାଈ ॥ ୪ ॥**

ସେହି ବିପ୍ରବର ମୋତେ ଶିବଙ୍କ ମନ୍ତ୍ର ଦେଲେ ଏବଂ ଅନେକପ୍ରକାର ଭଲ ଭଲ ଉପଦେଶ ଦେଲେ । ମୁଁ ଶିବମନ୍ଦିରକୁ ଯାଇ ମନ୍ତ୍ର ଜପ କରୁଥାଏ । କ୍ରମେ ମୋ ମନରେ ଦମ୍ଭ ଓ ଅହଂକାର ବଢ଼ିଗଲା ॥ ୪ ॥

ଦୋଃ- **ମୈଁ ଖଲ ମଲ ସଂକୁଲ ମତି ନୀଚ ଜାତି ବସ ମୋହ ।**
**ହରିଜନ ଦ୍ୱିଜ ଦେଖେଁ ଜରଉଁ କରଉଁ ବିଷ୍ଣୁ କର ଦ୍ରୋହ ॥୧୦୫(କ)॥**

ମୁଁ ତ ଦୁଷ୍ଟ ଓ ନୀଚଜାତିର ଥିଲି; ପୁଣି ପାପୀ ଓ ଦୁଷ୍ଟବୁଦ୍ଧି ହେତୁ ମୋହଗ୍ରସ୍ତ ହୋଇଯାଇଥିଲି; ତେଣୁ ଶ୍ରୀହରିଙ୍କ ଭକ୍ତ ଓ ଦ୍ୱିଜମାନଙ୍କୁ ଦେଖିଲାକ୍ଷଣି କ୍ରୋଧରେ ଜଳିଉଠୁଥିଲି ଏବଂ ବିଷ୍ଣୁଭଗବାନଙ୍କ ସହ ଦ୍ରୋହ କରୁଥିଲି ॥ ୧୦୫(କ) ॥

ସୋଃ- **ଗୁର ନିତ ମୋହି ପ୍ରବୋଧ ଦୁଖିତ ଦେଖି ଆଚରନ ମମ ।**
**ମୋହି ଉପଜଇ ଅତି କ୍ରୋଧ ଦଂଭିହି ନୀତି କି ଭାୱଈ ॥୧୦୫(ଖ)॥**

ମୋ ଆଚରଣ ଦେଖି ଗୁରୁଦେବ ବଡ଼ ଦୁଃଖ କରୁଥିଲେ । ସେ ମୋତେ ପ୍ରତିଦିନ ବୁଝାଉଥିଲେ, କିନ୍ତୁ

ମୁଁ କିଛି ବୁଝୁ ନ ଥିଲି; ବରଂ ମୋତେ ଅଧିକ କ୍ରୋଧ ଲାଗୁଥିଲା । ଦାମ୍ଭିକ ଲୋକଙ୍କୁ କ'ଣ କେବେ ନୀତି ଭଲ ଲାଗେ ? ॥ ୧୦୫(ଖ) ॥

**ଏକ ବାର ଗୁର ଲୀହ୍ନ ବୋଲାଈ । ମୋହି ନୀତି ବହୁ ଭାଁତି ସିଖାଈ ॥**
**ସିଵ୍ ସେଵା କର ଫଲ ସୁତ ସୋଈ । ଅବିରଲ ଭଗତି ରାମ ପଦ ହୋଈ ॥ ୧ ॥**

ଦିନେ ଗୁରୁଦେବ ମୋତେ ଡାକିଲେ ଏବଂ ବହୁତପ୍ରକାରେ ପରମାର୍ଥ ତତ୍ତ୍ୱ ଶିକ୍ଷା ଦେଇ କହିଲେ, "ରେ ପୁତ୍ର ! ଶିବଙ୍କ ସେବାର ଫଳ ହେଲା, ଶ୍ରୀରାମଙ୍କ ଚରଣରେ ପ୍ରଗାଢ଼ ଭକ୍ତିପ୍ରାପ୍ତି ॥ ୧ ॥

**ରାମହି ଭଜହିଁ ତାତ ସିଵ୍ ଧାତା । ନର ପାଵଁର କୈ କେତିକ ବାତା ॥**
**ଜାସୁ ଚରନ ଅଜ ସିଵ୍ ଅନୁରାଗୀ । ତାସୁ ଦ୍ରୋହଁ ସୁଖ ଚହସି ଅଭାଗୀ ॥ ୨ ॥**

ଆରେ ବାପ ! ଯେଉଁଠି ଶିବ ଓ ବ୍ରହ୍ମା ମଧ୍ୟ ଶ୍ରୀରାମଙ୍କୁ ଭଜନ୍ତି, ସେଠାରେ ନୀଚ ମନୁଷ୍ୟଙ୍କ କଥା ବା କେତେ ! ବ୍ରହ୍ମା ଓ ଶିବ ଯାହାଙ୍କ ଚରଣର ପ୍ରେମୀ, ଆରେ ଅଭାଗା ! ତାଙ୍କ ପ୍ରତି ଦ୍ରୋହ କରି ତୁ କିପରି ସୁଖ ପାଇବୁ? ॥ ୨ ॥

**ହର କହୁଁ ହରି ସେଵକ ଗୁର କହେଉ । ସୁନି ଖଗନାଥ ହୃଦୟ ମମ ଦହେଉ ॥**
**ଅଧମ ଜାତି ମୈଁ ବିଦ୍ୟା ପାଏଁ । ଭୟଉଁ ଜଥା ଅହି ଦୂଧ ପିଆଏଁ ॥ ୩ ॥**

ଗୁରୁଦେବ ଶିବଙ୍କୁ ହରିଙ୍କର ସେବକ ବୋଲି କହିଲେ । ତାହା ଶୁଣି, ହେ ପକ୍ଷୀରାଜ ! ମୋ ହୃଦୟ ଜଳିଉଠିଲା । ମୁଁ ତ ନୀଚଜାତିର ଲୋକ; ପାଠ ପଢ଼ି ମୁଁ ଦୁଧ ଦେଇ ପୋଷିଥିବା ସାପ ପରି ହୋଇଯାଇଥିଲି ॥ ୩ ॥

**ମାନୀ କୁଟିଲ କୁଭାଗ୍ୟ କୁଜାତୀ । ଗୁର କର ଦ୍ରୋହ କରଉଁ ଦିନୁ ରାତୀ ॥**
**ଅତି ଦୟାଲ ଗୁର ସ୍ୱଳ୍ପ ନ କ୍ରୋଧା । ପୁନି ପୁନି ମୋହି ସିଖାଵ ସୁବୋଧା ॥ ୪ ॥**

ମୁଁ ଅଭିମାନୀ, କୁଟିଳ, ଦୁର୍ଭାଗା ନୀଚଜାତିର ହୋଇଥିବାରୁ ଦିନରାତି ଗୁରୁଦେବଙ୍କ ବିରୋଧ କରିବାକୁ ଲାଗିଲି । ଗୁରୁଦେବ ଅତ୍ୟନ୍ତ ଦୟାଳୁ ଥିଲେ; ତାଙ୍କ ଠାରେ ଟିକିଏ ବି କ୍ରୋଧ ନ ଥିଲା । ମୁଁ ବିରୋଧ କରିବା ସତ୍ତ୍ୱେ, ସେ ମୋତେ ବାରମ୍ବାର ଉତ୍ତମ ଜ୍ଞାନ ଶିକ୍ଷା ଦେଉଥିଲେ ॥ ୪ ॥

**ଜେହି ତେ ନୀଚ ବଡ଼ାଈ ପାଵା । ସୋ ପ୍ରଥମହିଁ ହତି ତାହି ନସାଵା ॥**
**ଧୂମ ଅନଲ ସଂଭଵ ସୁନୁ ଭାଈ । ତେହି ବୁଝାଵ ଘନ ପଦଵୀ ପାଈ ॥ ୫ ॥**

ନୀଚଲୋକ ଯାହାଙ୍କ ଠାରୁ ସମ୍ମାନ ପାଏ, ସର୍ବପ୍ରଥମେ ତାଙ୍କୁହିଁ ଅସମ୍ମାନ କରେ । ହେ ଭାଇ ! ଶୁଣନ୍ତୁ; ନିଆଁରୁ ଉତ୍ପନ୍ନ ହୋଇଥିବା ଧୂଆଁ ମେଘର ଉପାଧି ପାଇ ସେହି ନିଆଁକୁହିଁ ଲିଭାଇଦିଏ ॥ ୫ ॥

**ରଜ ମଗ ପରୀ ନିରାଦର ରହଈ । ସବ କର ପଦ ପ୍ରହାର ନିତ ସହଈ ॥**
**ମରୁତ ଉଡ଼ାଵ ପ୍ରଥମ ତେହି ଭରଈ । ପୁନି ନୃପ ନୟନ କିରୀଟହ୍ନି ପରଈ ॥ ୬ ॥**

ରାସ୍ତାର ଧୂଳିକୁ କେହି ଆଦର କରନ୍ତି ନାହିଁ; ତାହା ପଥିକମାନଙ୍କର ପଦାଘାତ ଖାଇ ଖାଇ ତଳେ ପଡ଼ି ରହିଥାଏ । କିନ୍ତୁ ଯେତେବେଳେ ପବନ ଆସି ତାକୁ ଉଡ଼ାଇ ଉପରକୁ ଉଠାଇଦିଏ, ସେତେବେଳେ ସେହି ଧୂଳି ପ୍ରଥମେ ପବନକୁ ଭରିଦିଏ ଏବଂ ଆହୁରି ମଧ୍ୟ ରାଜାମହାରାଜାଙ୍କ ଆଖିରେ ପଡ଼ିଯାଏ ଏବଂ ତାଙ୍କ ମୁକୁଟରେ ବି ଲାଗିଯାଏ ॥ ୬ ॥

**ସୁନୁ ଖଗପତି ଅସ ସମୁଝି ପ୍ରସଂଗା । ବୁଧ ନହିଁ କରହିଁ ଅଧମ କର ସଂଗା ॥**
**କବି କୋବିଦ ଗାଵହିଁ ଅସି ନୀତୀ । ଖଲ ସନ କଲହ ନ ଭଲ ନହିଁ ପ୍ରୀତୀ ॥ ୭ ॥**

ହେ ପକ୍ଷୀରାଜ ଗରୁଡ଼ ! ଏହା ଜାଣିଥିବାରୁ ବୁଦ୍ଧିମାନ୍ ଲୋକେ ନୀଚ ଲୋକଙ୍କ ସଙ୍ଗ କରନ୍ତି ନାହିଁ । କବି ଓ ପଣ୍ଡିତମାନେ ଗୋଟିଏ ନୀତିବାଣୀ କହନ୍ତି ଯେ, ଦୁଷ୍ଟଙ୍କ ସହିତ କଳହ କରିବା ଉଚିତ ନୁହେଁ, କି ସେମାନଙ୍କୁ ପ୍ରେମ କରିବା ଉଚିତ ନୁହେଁ ॥ ୭ ॥

**ଉଦାସୀନ ନିତ ରହିଅ ଗୋସାଈଁ । ଖଲ ପରିହରିଅ ସ୍ୱାନ କୀ ନାଈଁ ॥**
**ମୈଁ ଖଲ ହୃଦୟଁ କପଟ କୁଟିଲାଈ । ଗୁର ହିତ କହଇ ନ ମୋହି ସୋହାଈ ॥ ୮ ॥**

ହେ ପ୍ରଭୁ ! ଦୁଷ୍ଟ ପ୍ରତି ସର୍ବଦା ଉଦାସୀନ ରହିବା ଉଚିତ । ଦୁଷ୍ଟକୁ କୁକୁର ପରି ଦୂରେଇ ରଖିବା ଉଚିତ । ମୁଁ ଦୁଷ୍ଟ ଥିଲି; ମୋ ହୃଦୟରେ କପଟ ଓ କୁଟିଳତା ଭରିହୋଇ ରହିଥିଲା । ତେଣୁ ଗୁରୁଦେବ ଯେତେ ହିତକଥା କହିଲେ ବି ମୋତେ ତାହା ସୁହାଉ ନ ଥାଏ ॥ ୮ ॥

ଦୋ:- **ଏକ ବାର ହର ମଂଦିର ଜପତ ରହେଉଁ ସିଵ ନାମ ।**
**ଗୁରୁ ଆୟଉ ଅଭିମାନ ତେଁ ଉଠି ନହିଁ କୀନ୍ହ ପ୍ରନାମ ॥୧୦୬(କ)॥**

ଦିନକର କଥା । ମୁଁ ଶିବମନ୍ଦିରରେ ବସି ଶିବନାମ ଜପୁଥାଏ । ସେତିକିବେଳେ ଗୁରୁଦେବ ସେଠାକୁ ଆସିଲେ; କିନ୍ତୁ ଅଭିମାନ ହେତୁ ମୁଁ ଉଠି ତାଙ୍କୁ ପ୍ରଣାମ କଲି ନାହିଁ ॥ ୧୦୬(କ) ॥

**ସୋ ଦୟାଲ ନହିଁ କହେଉ କଛୁ ଉର ନ ରୋଷ ଲଵଲେସ ।**
**ଅତି ଅଘ ଗୁର ଅପମାନତା ସହି ନହିଁ ସକେ ମହେସ ॥୧୦୬(ଖ)॥**

ଗୁରୁଦେବ ତ ଦୟାଳୁ ଥିଲେ; ତେଣୁ ମୋ ଦୋଷ ଦେଖି ମଧ୍ୟ ସେ କିଛି କହିଲେ ନାହିଁ । ତାଙ୍କ ହୃଦୟରେ ଲେଶମାତ୍ର କ୍ରୋଧ ହେଲା ନାହିଁ । କିନ୍ତୁ ଗୁରୁଙ୍କୁ ଅପମାନ ଦେବା ବଡ଼ ପାପ; ତେଣୁ ମହାଦେବ ତାହା ସହିପାରିଲେ ନାହିଁ ॥ ୧୦୬(ଖ) ॥

**ମଂଦିର ମାଝ ଭଈ ନଭବାନୀ । ରେ ହତଭାଗ୍ୟ ଅଗ୍ୟ ଅଭିମାନୀ ॥**
**ଜଦ୍ୟପି ତଵ ଗୁର କେଁ ନହିଁ କ୍ରୋଧା । ଅତି କୃପାଲ ଚିତ ସମ୍ୟକ ବୋଧା ॥ ୧ ॥**

ମନ୍ଦିରରେ ଆକାଶବାଣୀ ହେଲା, "ରେ ହତଭାଗା ! ରେ ମୂର୍ଖ ! ରେ ଅଭିମାନୀ ! ତୋର ଗୁରୁ ଅତ୍ୟନ୍ତ କୃପାଳୁ; ତାଙ୍କର ଯଥାର୍ଥ ଜ୍ଞାନ ରହିଛି ଏବଂ ତାଙ୍କ ଠାରେ ଟିକିଏ ବି କ୍ରୋଧ ନାହିଁ, ତେଣୁ ସେ କ୍ରୋଧ କଲେ ନାହିଁ ॥ ୧ ॥

**ତଦପି ସାପ ସଠ ଦୈହଉଁ ତୋହୀ । ନୀତି ବିରୋଧ ସୋହାଇ ନ ମୋହୀ ॥**
**ଜୌଁ ନହିଁ ଦଂଡ କରୌଁ ଖଲ ତୋରା । ଭ୍ରଷ୍ଟ ହୋଇ ଶ୍ରୁତିମାରଗ ମୋରା ॥ ୨ ॥**

ତଥାପି ରେ ମୂର୍ଖ ! ମୁଁ ତୋତେ ଶାପ ଦେବି । କାରଣ ମୋତେ ନୀତିବିରୁଦ୍ଧ କର୍ମ ଭଲ ଲାଗେ ନାହିଁ । ଆରେ ଦୁଷ୍ଟ ! ମୁଁ ଯଦି ତୋତେ ଦଣ୍ଡ ନ ଦେବି, ତେବେ ମୋର ବେଦମାର୍ଗ ନଷ୍ଟ ହୋଇଯିବ ॥ ୨ ॥

**ଜେ ସଠ ଗୁର ସନ ଇରିଷା କରହୀଁ । ରୌରଵ ନରକ କୋଟି ଜୁଗ ପରହୀଁ ॥**
**ତ୍ରିଜଗ ଜୋନି ପୁନି ଧରହିଁ ସରୀରା । ଅୟୁତ ଜନ୍ମ ଭରି ପାଵହିଁ ପୀରା ॥ ୩ ॥**

ଯେଉଁ ମୂର୍ଖ ଗୁରୁଙ୍କୁ ଅସମ୍ମାନ କରେ, ସେ କୋଟିଏ ଯୁଗ ପର୍ଯ୍ୟନ୍ତ ରୌରବ ନରକରେ ପଡ଼ିରହେ । ତା'ପରେ ସେ ତିର୍ଯ୍ୟକ୍ (ପଶୁପକ୍ଷୀ ଆଦି) ଯୋନିମାନଙ୍କରେ ଶରୀର ଧାରଣ କରେ ଏବଂ ଦଶହଜାର ଜନ୍ମ ପର୍ଯ୍ୟନ୍ତ ଦୁଃଖ ଭୋଗ କରେ ॥ ୩ ॥

**ବୈଠି ରହେସି ଅଜଗର ଇଵ୍ ପାପୀ । ସର୍ପ ହୋହି ଖଲ ମଲ ମତି ବ୍ୟାପୀ ॥**
**ମହା ବିଟପ କୋଟର ମହୁଁ ଜାଈ । ରହୁ ଅଧମାଧମ ଅଧଗତି ପାଈ ॥ ୪ ॥**

ଆରେ ପାପୀ ! ତୁ ଗୁରୁଙ୍କ ସମ୍ମୁଖରେ ଅଜଗର ପରି ବସିରହିଲୁ ନା ! ରେ ଦୁଷ୍ଟ ! ତୋ ବୁଦ୍ଧି ପାପରେ ବୁଡ଼ିଯାଇଛି । [ତେଣୁ] ତୁ ସର୍ପ ହୋଇଯାଆ ଏବଂ ରେ ଅଧମାଧମ ! ଏହି ଅଧୋଗତି (ସର୍ପଜନ୍ମ) ପାଇ ତୁ ଯାଇ କୌଣସି ବଡ଼ ଗଛର କୋରଡ଼ରେ ରହ ।'' ॥ ୪ ॥

ଦୋ:- **ହାହାକାର କୀହ୍ନ ଗୁର ଦାରୁନ ସୁନି ସିଵ୍ ସାପ ।**
**କଂପିତ ମୋହି ବିଲୋକି ଅତି ଉର ଉପଜା ପରିତାପ ॥୧୦୭(କ)॥**

ଶିବଙ୍କର ଭୟାନକ ଅଭିଶାପ ଶୁଣି ଗୁରୁଦେବ ହାହାକାର କରିଉଠିଲେ । ମୁଁ ଗୋଟାପଣେ ଥରୁଥିବା ଦେଖି, ତାଙ୍କ ହୃଦୟରେ ବଡ଼ ସନ୍ତାପ ଜାତ ହେଲା ॥ ୧୦୭(କ) ॥

**କରି ଦଂଡଵ୍ତ ସପ୍ରେମ ଦ୍ୱିଜ ସିଵ୍ ସନ୍ମୁଖ କର ଜୋରି ।**
**ବିନୟ କରତ ଗଦଗଦ ସ୍ୱର ସମୁଝି ଘୋର ଗତି ମୋରି ॥୧୦୭(ଖ)॥**

ମୋର ଭୟଙ୍କର ଗତି (ଦଣ୍ଡ) ବିଷୟ ବିଚାର କରି, ପ୍ରେମର ସହିତ ଦଣ୍ଡବତପ୍ରଣାମପୂର୍ବକ ସେହି ବ୍ରାହ୍ମଣ ଶ୍ରୀଶିବଙ୍କ ସମ୍ମୁଖରେ କରପତ୍ର ଯୋଡ଼ି ଗଦ୍‌ଗଦ କଣ୍ଠରେ ବିନତି କରିବାକୁ ଲାଗିଲେ : ॥ ୧୦୭(ଖ) ॥

ଛନ୍ଦ- **ନମାମୀଶମୀଶାନ ନିର୍ବାଣରୂପଂ । ବିଭୁଂ ବ୍ୟାପକଂ ବ୍ରହ୍ମ ବେଦସ୍ୱରୂପମ୍ ॥**
**ନିଜଂ ନିର୍ଗୁଣଂ ନିର୍ବିକଲ୍ପଂ ନିରୀହଂ । ଚିଦାକାଶମାକାଶବାସଂ ଭଜେଽହମ୍ ॥ ୧ ॥**

ହେ ମୋକ୍ଷସ୍ୱରୂପ, ହେ ବିଭୁ, ହେ ବ୍ୟାପକ, ହେ ବ୍ରହ୍ମ, ହେ ବେଦସ୍ୱରୂପ, ହେ ଈଶାନେଶ୍ୱର, ହେ ସମସ୍ତଙ୍କର ସ୍ୱାମୀ ଶ୍ରୀଶିବ ! ମୁଁ ଆପଣଙ୍କୁ ନମସ୍କାର କରୁଛି ! ନିଜସ୍ୱରୂପରେ ସ୍ଥିତ, ମାୟିକ ଗୁଣରୁ ରହିତ, ଭେଦରହିତ, ଇଚ୍ଛାରହିତ, ଚିଦାକାଶରୂପ ଏବଂ ଆକାଶକୁ ବସ୍ତ୍ରରୂପରେ ଧାରଣ କରିଥିବା ହେ ଦିଗମ୍ବର ! ମୁଁ ଆପଣଙ୍କୁ ଭଜନ କରୁଛି ॥ ୧ ॥

**ନିରାକାରମୋଙ୍କାରମୂଳଂ ତୁରୀୟଂ । ଗିରା ଜ୍ଞାନ ଗୋତୀତମୀଶଂ ଗିରୀଶମ୍ ॥**
**କରାଳଂ ମହାକାଳ କାଳଂ କୃପାଳଂ । ଗୁଣାଗାର ସଂସାରପାରଂ ନତୋଽହମ୍ ॥ ୨ ॥**

ହେ ନିରାକାର, ଓଁକାରର ମୂଳ, ତୁରୀୟ (ତ୍ରିଗୁଣାତୀତ), ବାଣୀ-ଜ୍ଞାନ-ଇନ୍ଦ୍ରିୟର ଅତୀତ କୈଳାସପତି ! ହେ ବିକରାଳ, ମହାକାଳର ବି କାଳ, କୃପାଳୁ, ଗୁଣଧାମ, ସଂସାରାତୀତ ! ହେ ପରମେଶ୍ୱରସ୍ୱରୂପ ! ଆପଣଙ୍କୁ ମୁଁ ନମସ୍କାର କରୁଛି ॥ ୨ ॥

**ତୁଷାରାଦ୍ରି ସଂକାଶ ଗୌରଂ ଗଭୀରଂ । ମନୋଭୂତ କୋଟି ପ୍ରଭା ଶ୍ରୀ ଶରୀରମ୍ ॥**
**ସ୍ଫୁରନ୍ମୌଳି କଲ୍ଲୋଳିନୀ ଚାରୁ ଗଙ୍ଗା । ଲସଦ୍‌ଭାଲବାଲେନ୍ଦୁ କଂଠେ ଭୁଜଙ୍ଗା ॥ ୩ ॥**

ଯେ ହିମାଳୟସମାନ ଗୌରବର୍ଣ୍ଣ ଓ ଗମ୍ଭୀର, ଯାହାଙ୍କ ଶରୀରରେ କୋଟିକାମଦେବଙ୍କ ଜ୍ୟୋତି ଓ ଶୋଭା ବିରାଜମାନ, ଯାହାଙ୍କ ଶିରରେ ଦେବନଦୀ ଗଙ୍ଗା ବିରାଜମାନା, ଯାହାଙ୍କ ଲଲାଟରେ ଦ୍ୱିତୀୟାଚନ୍ଦ୍ର ଏବଂ ଗଳାରେ ସର୍ପ ସୁଶୋଭିତ, ॥ ୩ ॥

**ଚଲତ୍ କୁଣ୍ଡଳଂ ଭ୍ରୂ ସୁନେତ୍ରଂ ବିଶାଳଂ । ପ୍ରସନ୍ନାନନଂ ନୀଳକଣ୍ଠଂ ଦୟାଳଂ ॥**
**ମୃଗାଧୀଶଚର୍ମାମ୍ବରଂ ମୁଣ୍ଡମାଳଂ । ପ୍ରିୟଂ ଶଙ୍କରଂ ସର୍ବନାଥଂ ଭଜାମି ॥ ୪ ॥**

ଯାହାଙ୍କ କର୍ଣ୍ଣରେ ସର୍ପର କୁଣ୍ଡଳ ଦୋଳାୟମାନ, ଯାହାଙ୍କର ଭ୍ରୂକୁଟି ସୁନ୍ଦର ଓ ନୟନ ବିଶାଳ, ଯେ ପ୍ରସନ୍ନବଦନ, ନୀଳକଣ୍ଠ ଓ ଦୟାଳୁ, ଯେ ସିଂହଚର୍ମର ବସ୍ତ୍ର ପିନ୍ଧିଛନ୍ତି ଓ ମୁଣ୍ଡମାଳା ଧାରଣ କରିଛନ୍ତି, ସେହି ସର୍ବଜନପ୍ରିୟ ଓ ସର୍ବକଲ୍ୟାଣକର ଶ୍ରୀଶଙ୍କରଙ୍କୁ ମୁଁ ଭଜନ କରୁଛି ॥ ୪ ॥

**ପ୍ରଚଣ୍ଡଂ ପ୍ରକୃଷ୍ଟଂ ପ୍ରଗଲ୍ଭଂ ପରେଶଂ । ଅଖଣ୍ଡଂ ଅଜଂ ଭାନୁକୋଟିପ୍ରକାଶମ୍ ॥**
**ତ୍ରୟଃ ଶୂଳ ନିର୍ମୂଳନଂ ଶୂଳପାଣିଂ । ଭଜେଽହଂ ଭବାନୀପତିଂ ଭାବଗମ୍ୟମ୍ ॥ ୫ ॥**

ଯେ ପ୍ରଚଣ୍ଡ (ରୁଦ୍ରରୂପ), ଶ୍ରେଷ୍ଠ, ତେଜସ୍ୱୀ, ପରମେଶ୍ୱର, ଅଖଣ୍ଡ, ଅଜନ୍ମା, କୋଟିସୂର୍ଯ୍ୟସମ ପ୍ରକାଶମାନ, ଯେ ତ୍ରିବିଧ ଦୁଃଖ ନିର୍ମୂଳନକାରୀ, ତ୍ରିଶୂଳପାଣି, ଭାବଗମ୍ୟ, (ଭାବଦ୍ୱାରା ପ୍ରାପ୍ୟ) ସେହି ଭବାନୀପତି ଶ୍ରୀଶଙ୍କରଙ୍କୁ ମୁଁ ଭଜନ କରୁଛି ॥ ୫ ॥

**କଳାତୀତ କଲ୍ୟାଣ କଳ୍ପାନ୍ତକାରୀ । ସଦା ସଜ୍ଜନାନନ୍ଦଦାତା ପୁରାରୀ ॥**
**ଚିଦାନନ୍ଦ ସଂଦୋହ ମୋହାପହାରୀ । ପ୍ରସୀଦ ପ୍ରସୀଦ ପ୍ରଭୋ ମନ୍ମଥାରୀ ॥ ୬ ॥**

ହେ କଳାର ଅତୀତ (ଅଖଣ୍ଡ), ହେ କଲ୍ୟାଣସ୍ୱରୂପ, ହେ କଳ୍ପାନ୍ତକାରୀ (ପ୍ରଳୟକାରୀ), ହେ ସଜ୍ଜନଙ୍କର ଆନନ୍ଦଦାତା, ହେ ତ୍ରିପୁରାରି, ହେ ସଚ୍ଚିଦାନନ୍ଦଘନ, ହେ ମୋହହରଣକାରୀ, ହେ ମନର ପ୍ରମଥକ କାମଦେବଙ୍କ ଶତ୍ରୁ ! ହେ ପ୍ରଭୁ ! ପ୍ରସନ୍ନ ହୁଅନ୍ତୁ ; ପ୍ରସନ୍ନ ହୁଅନ୍ତୁ ॥ ୬ ॥

**ନ ଯାବଦ୍ ଉମାନାଥ ପାଦାରବିନ୍ଦଂ । ଭଜନ୍ତୀହ ଲୋକେ ପରେ ବା ନରାଣାମ୍ ॥**
**ନ ତାବତ୍ସୁଖଂ ଶାନ୍ତି ସନ୍ତାପନାଶଂ । ପ୍ରସୀଦ ପ୍ରଭୋ ସର୍ବଭୂତାଧିବାସମ୍ ॥ ୭ ॥**

ହେ ପାର୍ବତୀପତି ! ଯେପର୍ଯ୍ୟନ୍ତ ମନୁଷ୍ୟ ଆପଣଙ୍କ ଚରଣକମଳକୁ ନ ଭଜିଛି, ସେପର୍ଯ୍ୟନ୍ତ ତାକୁ ଇହଲୋକରେ କିମ୍ବା ପରଲୋକରେ ସୁଖଶାନ୍ତି ମିଳେ ନାହିଁ, କି ତା'ର ତ୍ରିବିଧତାପ ନାଶ ପାଏ ନାହିଁ । ହେ ସମସ୍ତ ପ୍ରାଣୀଙ୍କ ଅନ୍ତରନିବାସୀ ପ୍ରଭୁ ! ପ୍ରସନ୍ନ ହୁଅନ୍ତୁ ॥ ୭ ॥

**ନ ଜାନାମି ଯୋଗଂ ଜପଂ ନୈବ ପୂଜାଂ । ନତୋଽହଂ ସଦା ସର୍ବଦା ଶମ୍ଭୁ ତୁଭ୍ୟଂ ॥**
**ଜରା ଜନ୍ମ ଦୁଃଖୌଘ ତାତପ୍ୟମାନଂ । ପ୍ରଭୋ ପାହି ଆପନ୍ନମାମୀଶ ଶମ୍ଭୋ ॥ ୮ ॥**

ମୁଁ ଯୋଗ ଜାଣିନାହିଁ, କି ଜପ ଜାଣିନାହିଁ, କି ପୂଜା ଜାଣିନାହିଁ । ହେ ଶମ୍ଭୁ ! ମୁଁ ସଦାସର୍ବଦା କେବଳ ଆପଣଙ୍କୁ ନମସ୍କାର କରୁଛି । ହେ ପ୍ରଭୁ ! ଜରା-ଜନ୍ମ ଦୁଃଖସମୂହରେ ଜଳୁଥିବା ମୋ'ପରି ଦୁଃଖୀ ଶରଣାଗତକୁ ଦୁଃଖରୁ ରକ୍ଷା କରନ୍ତୁ । ହେ ଈଶ୍ୱର ! ହେ ଶମ୍ଭୁ ! ମୁଁ ଆପଣଙ୍କୁ ନମସ୍କାର କରୁଛି ॥ ୮ ॥

ଶ୍ଳୋ:- **ରୁଦ୍ରାଷ୍ଟକମିଦଂ ପ୍ରୋକ୍ତଂ ବିପ୍ରେଣ ହରତୋଷୟେ ।**
**ଯେ ପଠନ୍ତି ନରା ଭକ୍ତ୍ୟା ତେଷାଂ ଶମ୍ଭୁଃ ପ୍ରସୀଦତି ॥ ୯ ॥**

ଭଗବାନ୍ ରୁଦ୍ରଙ୍କର ଏହି ସ୍ତୁତି-ଅଷ୍ଟକ ଶଙ୍କରଙ୍କ ତୁଷ୍ଟିନିମନ୍ତେ ବ୍ରାହ୍ମଣଙ୍କ ଦ୍ୱାରା କୁହାଗଲା । ଯେଉଁ ମନୁଷ୍ୟ ଏହା ଭକ୍ତିପୂର୍ବକ ପାଠ କରନ୍ତି, ଭଗବାନ୍ ଶମ୍ଭୁ ତାଙ୍କ ଉପରେ ସନ୍ତୁଷ୍ଟ ହୁଅନ୍ତି ॥ ୯ ॥

ଦୋ:- **ସୁନି ବିନତୀ ସର୍ବଗ୍ୟ ସିଵ ଦେଖି ବିପ୍ର ଅନୁରାଗୁ ।**
**ପୁନି ମଂଦିର ନଭବାନୀ ଭଇ ଦ୍ୱିଜବର ବର ମାଗୁ ॥୧୦୮(କ)॥**

ସର୍ବଜ୍ଞ ଶିବ ବିନତି ଶୁଣିଲେ ଓ ବ୍ରାହ୍ମଣଙ୍କ ପ୍ରେମକୁ ବୁଝିପାରିଲେ । ଫଳରେ ମନ୍ଦିରରେ ଆକାଶବାଣୀ ହେଲା, 'ହେ ଦ୍ୱିଜଶ୍ରେଷ୍ଠ ! ବର ମାଗ ।' ॥ ୧୦୮(କ) ॥

**ଜୌଁ ପ୍ରସନ୍ନ ପ୍ରଭୁ ମୋ ପର ନାଥ ଦୀନ ପର ନେହୁ ।**
**ନିଜ ପଦ ଭଗତି ଦେଇ ପ୍ରଭୁ ପୁନି ଦୂସର ବର ଦେହୁ ॥୧୦୮(ଖ)॥**

ବ୍ରାହ୍ମଣ କହିଲେ, ହେ ପ୍ରଭୁ ! ଯଦି ଆପଣ ମୋ ଉପରେ ପ୍ରସନ୍ନ ହୋଇଛନ୍ତି ଏବଂ ହେ ନାଥ ! ଯଦି ଏହି ଦୀନ ଉପରେ ଆପଣଙ୍କର ସ୍ନେହ ଅଛି, ତେବେ ପ୍ରଥମେ ଆପଣଙ୍କ ଚରଣରେ ମୋତେ ଭକ୍ତି ଦେଇ ତା'ପରେ ଦ୍ୱିତୀୟ ବର ଦିଅନ୍ତୁ ॥ ୧୦୮(ଖ) ॥

**ତଓ୍ୱ ମାୟା ବସ ଜୀଓ୍ୱ ଜଡ଼ ସଂତତ ଫିରଇ ଭୁଲାନ ।**
**ତେହି ପର କ୍ରୋଧ ନ କରିଅ ପ୍ରଭୁ କୃପାସିଂଧୁ ଭଗଓ୍ୱାନ ॥୧୦୮(ଗ)॥**

ହେ ପ୍ରଭୁ ! ଏହି ଅଜ୍ଞାନ ଜୀବ ଆପଣଙ୍କ ମାୟାର ବଶ ହୋଇ, ନିରନ୍ତର ଦିଗ୍‌ଭ୍ରାନ୍ତ ହୋଇ ଭ୍ରମୁଛି । ହେ କୃପାସାଗର ଭଗବାନ୍ ! ଏହା ଉପରେ କ୍ରୋଧ କରନ୍ତୁ ନାହିଁ ॥ ୧୦୮(ଗ) ॥

**ସଂକର ଦୀନଦୟାଲ ଅବ ଏହି ପର ହୋହୁ କୃପାଲ ।**
**ସାପ ଅନୁଗ୍ରହ ହୋଇ ଜେହିଁ ନାଥ ଥୋରେହୀଁ କାଲ ॥୧୦୮(ଘ)॥**

ହେ ଦୀନଦୟାଳୁ ଶଙ୍କର ! ଏହାକୁ କୃପା କରନ୍ତୁ, ଯାହା ଫଳରେ କି, ହେ ନାଥ ! ଶାପ ଲାଗିବାର ଅଳ୍ପ ସମୟ ମଧ୍ୟରେ ଏ ଶାପମୁକ୍ତ ହୋଇଯିବ ॥ ୧୦୮(ଘ) ॥

**ଏହି କର ହୋଇ ପରମ କଲ୍ୟାନ । ସୋଇ କରହୁ ଅବ କୃପାନିଧାନା ॥**
**ବିପ୍ର ଗିରା ସୁନି ପରହିତ ସାନୀ । ଏଓ୍ୱମସ୍ତୁ ଇତି ଭଇ ନଭବାନୀ ॥ ୧ ॥**

ହେ କୃପାନିଧାନ ! ଏଥର ଏହାର ଯେଉଁଥିରେ କଲ୍ୟାଣ ହେବ, ତାହାହିଁ କରନ୍ତୁ । ଅନ୍ୟର ହିତକାମନାରେ ସିକ୍ତ ବ୍ରାହ୍ମଣଙ୍କ ବାଣୀ ଶୁଣି ପୁଣିଥରେ ଆକାଶବାଣୀ ହେଲା, 'ଏବମସ୍ତୁ (ଏହାହିଁ ହେଉ) ॥ ୧ ॥

**ଜଦପି କୀହ୍ନ ଏହିଁ ଦାରୁନ ପାପା । ମୈଁ ପୁନି ଦୀହ୍ନି କୋପ କରି ସାପା ॥**
**ତଦପି ତୁହ୍ମାରି ସାଧୁତା ଦେଖୀ । କରିହଉଁ ଏହି ପର କୃପା ବିସେଷୀ ॥ ୨ ॥**

ଯଦ୍ୟପି ଏ ଭୟାନକ ପାପ କରିଛି ଏବଂ ମୁଁ ମଧ୍ୟ ଏହା ଉପରେ କ୍ରୋଧ କରି ଅଭିଶାପ ଦେଇଛି, ତଥାପି ତୁମର ସାଧୁତା ଦେଖି ମୁଁ ଏହା ଉପରେ ବିଶେଷ କୃପା କରିବି ॥ ୨ ॥

**ଛମାସୀଲ ଜେ ପର ଉପକାରୀ । ତେ ଦ୍ୱିଜ ମୋହି ପ୍ରିୟ ଜଥା ଖରାରୀ ॥**
**ମୋର ଶ୍ରାପ ଦ୍ୱିଜ ବ୍ୟର୍ଥ ନ ଜାଇହି । ଜନ୍ମ ସହସ ଅଓ୍ୱସ୍ୟ ୟହ ପାଇହି ॥ ୩ ॥**

ହେ ଦ୍ୱିଜ ! ଖରଶତ୍ରୁ ଶ୍ରୀରାମ ମୋର ଯେତିକି ପ୍ରିୟ, କ୍ଷମାଶୀଳ ଓ ପରୋପକାରୀ ବ୍ୟକ୍ତି ସେତିକି ପ୍ରିୟ । ହେ ଦ୍ୱିଜ ! ମୋର ଶାପ ବ୍ୟର୍ଥ ହେବ ନାହିଁ; ଏ ଅବଶ୍ୟ ହଜାରେ ଜନ୍ମ ପାଇବ ॥ ୩ ॥

**ଜନମତ ମରତ ଦୁସହ ଦୁଖ ହୋଈ । ଏହି ସ୍ୱଳ୍ପଉ ନହିଁ ବ୍ୟାପିହି ସୋଈ ॥**
**କଓ୍ୱନେଉଁ ଜନ୍ମ ମିଟିହି ନହିଁ ଗ୍ୟାନା । ସୁନହି ସୂଦ୍ର ମମ ବଚନ ପ୍ରଓ୍ୱାନା ॥ ୪ ॥**

କିନ୍ତୁ ଜନ୍ମ ହେବାରେ ଏବଂ ମରିବାରେ ଯେଉଁସବୁ ଦୁଃସହ ଦୁଃଖ ହୁଏ, ଏହାକୁ ସେସବୁ ଦୁଃଖ ଟିକିଏ ହେଲେ ଲାଗିବ ନାହିଁ ଏବଂ କୌଣସି ଜନ୍ମରେ ଏହାର ଜ୍ଞାନ ନଷ୍ଟ ହେବ ନାହିଁ । ହେ ଶୂଦ୍ର ! ମୋର ଦୃଢ଼ ସତ୍ୟ ବଚନ ଶୁଣ ॥ ୪ ॥

**ରଘୁପତି ପୁରୀଁ ଜନ୍ମ ତୱ୍ ଭୟଉ । ପୁନି ତୈଁ ମମ ସେୱାଁ ମନ ଦୟଉ ॥**
**ପୁରୀ ପ୍ରଭାୱ ଅନୁଗ୍ରହ ମୋରେଁ । ରାମ ଭଗତି ଉପଜିହି ଉର ତୋରେଁ ॥ ୫ ॥**

ପ୍ରଥମେ ତୁ ଶ୍ରୀରାମଙ୍କ ପୁରୀରେ ଜନ୍ମ ହୋଇଥିଲୁ । ତା'ପରେ ତୁ ମୋ ସେବାରେ ମନ ଲଗାଇଲୁ । ତେଣୁ ଅଯୋଧ୍ୟାପୁରୀର ପ୍ରଭାବରୁ ଓ ମୋ କୃପାରୁ ତୋ ହୃଦୟରେ ରାମଭକ୍ତି ଉତ୍ପନ୍ନ ହେବ ॥ ୫ ॥

**ସୁନୁ ମମ ବଚନ ସତ୍ୟ ଅବ ଭାଈ । ହରିତୋଷନ ବ୍ରତ ଦ୍ୱିଜ ସେୱକାଈ ॥**
**ଅବ ଜନି କରହି ବିପ୍ର ଅପମାନା । ଜାନେସୁ ସଂତ ଅନଂତ ସମାନା ॥ ୬ ॥**

ହେ ଭାଇ ! ବର୍ତ୍ତମାନ ମୋର ସତ୍ୟବଚନ ଶୁଣ । ଦ୍ୱିଜମାନଙ୍କର ସେବାହିଁ ଭଗବାନଙ୍କୁ ପ୍ରସନ୍ନ କରାଉଥିବା ବ୍ରତ । ଏଥର ଆଉ କେବେ ବି ବ୍ରାହ୍ମଣମାନଙ୍କୁ ଅପମାନ ଦେବୁ ନାହିଁ । ସନ୍ଥମାନଙ୍କୁ ଭଗବାନଙ୍କ ତୁଲ୍ୟ ଜ୍ଞାନ କରିବୁ ॥ ୬ ॥

**ଇଂଦ୍ର କୁଲିସ ମମ ସୂଲ ବିସାଲା । କାଲଦଂଡ ହରି ଚକ୍ର କରାଲା ॥**
**ଜୋ ଇନ୍ହ କର ମାରା ନହିଁ ମରଈ । ବିପ୍ର ଦ୍ରୋହ ପାୱକ ସୋ ଜରଈ ॥ ୭ ॥**

ଯେଉଁ ଲୋକ ଇନ୍ଦ୍ରଙ୍କ ବଜ୍ର, ମୋର ବିଶାଳ ତ୍ରିଶୂଳ, କାଳର ଦଣ୍ଡ ଓ ଶ୍ରୀହରିଙ୍କ କରାଳ ଚକ୍ରର ଆଘାତରେ ବି ମରେ ନାହିଁ, ସେ ସୁଦ୍ଧା ବିପ୍ରଦ୍ରୋହରୂପୀ ଅଗ୍ନିରେ ଭସ୍ମ ହୋଇଯାଏ ॥ ୭ ॥

**ଅସ ବିବେକ ରାଖେହୁ ମନ ମାହୀଁ । ତୁମ୍ହ କହଁ ଜଗ ଦୁର୍ଲଭ କଛୁ ନାହୀଁ ॥**
**ଔରଉ ଏକ ଆସିଷା ମୋରୀ । ଅପ୍ରତିହତ ଗତି ହୋଇହି ତୋରୀ ॥ ୮ ॥**

ଏକଥା ଭଲରୂପେ ମନେ ରଖ । ତା'ହେଲେ ତୋ ପାଇଁ ଜଗତରେ କିଛି ବି ଦୁର୍ଲଭ ହେବ ନାହିଁ । ମୋର ଆଉ ଗୋଟିଏ ଆଶୀର୍ବାଦ ଏହି ଯେ, ତୁ ସର୍ବତ୍ର ଅବାଧ ଗତି କରିପାରିବୁ, (ଅର୍ଥାତ୍ ତୁ ଯେଉଁଠିକି ଯିବାକୁ ଚାହିଁବୁ, ସେଠାକୁ ଅବାଧରେ ଯାଇପାରିବୁ ।)' ॥ ୮ ॥

ଦୋ:- **ସୁନି ସିୱ ବଚନ ହରଷି ଗୁର ଏୱମସ୍ତୁ ଇତି ଭାଷି ।**
**ମୋହି ପ୍ରବୋଧି ଗୟଉ ଗୃହ ସଂଭୁ ଚରନ ଉର ରାଖି ॥ ୧୦୯ (କ) ॥**

[ଶୂନ୍ୟବାଣୀ ମାଧ୍ୟମରେ] ଶିବଙ୍କର ବଚନ ଶୁଣି ଗୁରୁଦେବ ଆନନ୍ଦିତ ହୋଇଗଲେ ଏବଂ 'ଏବମସ୍ତୁ' କହି ମୋତେ ବହୁତ ବୁଝାଇଲେ । ତା'ପରେ ଭଗବାନ୍ ଶିବଙ୍କୁ ହୃଦୟରେ ଧାରଣ କରି ସେ ଘରକୁ ଫେରିଲେ ॥ ୧୦୯ (କ) ॥

**ପ୍ରେରିତ କାଲ ବିଂଧି ଗିରି ଜାଇ ଭୟଉଁ ମୈଁ ବ୍ୟାଲ ।**
**ପୁନି ପ୍ରୟାସ ବିନୁ ସୋ ତନୁ ତଜେଉଁ ଗଏଁ କଛୁ କାଲ ॥ ୧୦୯ (ଖ) ॥**

କାଳର ପ୍ରେରଣାରେ ମୁଁ ଯାଇ ବିନ୍ଧ୍ୟାଚଳରେ ସର୍ପ ଜନ୍ମ ପାଇଲି । କିଛିଦିନ ପରେ ମୁଁ ଅକ୍ଳେଶରେ ସେହି ଶରୀର ତ୍ୟାଗ କରିଦେଲି ॥ ୧୦୯ (ଖ) ॥

**ଜୋଇ ତନୁ ଧରଉଁ ତଜଉଁ ପୁନି ଅନାୟାସ ହରିଜାନ ।**
**ଜିମି ନୂତନ ପଟ ପହିରଇ ନର ପରିହରଇ ପୁରାନ ॥ ୧୦୯ (ଗ) ॥**

ହେ ହରିବାହନ ! ମୁଁ ଯେଉଁ ଶରୀର ଧାରଣ କରୁଥିଲି, ମନୁଷ୍ୟ ପୁରୁଣା ବସ୍ତ୍ର ଛାଡ଼ି ନୂଆ ବସ୍ତ୍ର ପିନ୍ଧିଲାପରି ତାହା ଅକ୍ଳେଶରେ ତ୍ୟାଗ କରିଦେଇପାରୁଥିଲି ॥ ୧୦୯ (ଗ) ॥

**ସିଓ୍ୱଁ ରାଖୀ ଶ୍ରୁତି ନୀତି ଅରୁ ମୈଁ ନହିଁ ପାଓ୍ୱା କ୍ଲେସ ।**
**ଏହି ବିଧି ଧରେଉଁ ବିବିଧି ତନୁ ଗ୍ୟାନ ନ ଗୟଉ ଖଗେସ ॥୧୦୯(ଘ)॥**

ଭଗବାନ୍ ଶିବ ବେଦମର୍ଯ୍ୟାଦା ରକ୍ଷା କଲେ ଏବଂ ମୁଁ ମଧ୍ୟ କ୍ଲେଶ ପାଇଲି ନାହିଁ । ଏପରିଭାବରେ, ହେ ପକ୍ଷୀରାଜ ! ମୁଁ ବହୁତ ଶରୀର ଧାରଣ କଲି; କିନ୍ତୁ ମୋର ଜ୍ଞାନ ନଷ୍ଟ ହେଲା ନାହିଁ ॥ ୧୦୯(ଘ) ॥

**ତ୍ରିଜଗ ଦେଓ୍ୱ ନର ଜୋଇ ତନୁ ଧରଉଁ । ତହଁ ତହଁ ରାମ ଭଜନ ଅନୁସରଉଁ ॥**
**ଏକ ସୂଲ ମୋହି ବିସର ନ କାଉ । ଗୁର କର କୋମଲ ସୀଲ ସୁଭାଉ ॥ ୧ ॥**

ତିର୍ଯ୍ୟକ୍‌ଯୋନି କହନ୍ତୁ, ଦେବତା କହନ୍ତୁ ବା ମନୁଷ୍ୟ କହନ୍ତୁ, ମୁଁ ଯେଉଁ ଶରୀର ଧରୁଥାଏ, ସେହି ଶରୀରରେ ଶ୍ରୀରାମଙ୍କ ଭଜନ କରିବା ଛାଡ଼ିଲି ନାହିଁ । କିନ୍ତୁ ମୋ ମନରେ ଗୋଟିଏ ଦୁଃଖ ରହିଗଲା । ମୋ ଗୁରୁଦେବଙ୍କର କୋମଳ–ସୁଶୀଳ ସ୍ୱଭାବ ମୁଁ କେବେ ଭୁଲିପାରିଲି ନାହିଁ (ଅର୍ଥାତ୍ ସେପରି କୋମଳସ୍ୱଭାବର ଦୟାଳୁ ଗୁରୁଙ୍କୁ ମୁଁ ଅପମାନ ଦେଇଥିବାରୁ, ମୋ ମନରେ ସେହି ଦୁଃଖ ରହିଗଲା ।) ॥ ୧ ॥

**ଚରମ ଦେହ ଦ୍ୱିଜ କୈ ମୈଁ ପାଈ । ସୁର ଦୁର୍ଲଭ ପୁରାନ ଶ୍ରୁତି ଗାଈ ॥**
**ଖେଲଉଁ ତହୂଁ ବାଲକନ୍ହ ମୀଲା । କରଉଁ ସକଲ ରଘୁନାୟକ ଲୀଲା ॥ ୨ ॥**

ଶେଷରେ ମୁଁ ସେହି ବ୍ରାହ୍ମଣଶରୀର ପାଇଲି, ଯାହା କି ଦେବତାମାନଙ୍କୁ ବି ଦୁର୍ଲଭ ବୋଲି ବେଦ ଓ ପୁରାଣମାନେ କହନ୍ତି । ମୁଁ ସେହି ଜନ୍ମରେ ପିଲାଙ୍କ ମେଳରେ ଖେଳିଲାବେଳେ ମଧ୍ୟ ଶ୍ରୀରଘୁନାଥଙ୍କର ବିଭିନ୍ନ ଲୀଳା ଅଭିନୟ କରୁଥିଲି ॥ ୨ ॥

**ପ୍ରୌଢ଼ ଭଏଁ ମୋହି ପିତା ପଢ଼ାଓ୍ୱା । ସମଝଉଁ ସୁନଉଁ ଗୁନଉଁ ନହିଁ ଭାଓ୍ୱା ॥**
**ମନ ତେ ସକଲ ବାସନା ଭାଗୀ । କେଓ୍ୱଲ ରାମ ଚରନ ଲୟ ଲାଗୀ ॥ ୩ ॥**

ବୟସ ହୋଇଯିବାରୁ ବାପା ମୋତେ ପାଠ ପଢ଼ାଇବାକୁ ଚେଷ୍ଟା କଲେ । ମୁଁ ସବୁ ବୁଝୁଥାଏ, ଶୁଣୁଥାଏ, ବିଗ୍ଚର ବି କରୁଥାଏ; କିନ୍ତୁ ମୋତେ ପାଠ ପଢ଼ିବାକୁ ଭଲ ଲାଗୁ ନ ଥାଏ । ମୋ ମନରୁ ଅନ୍ୟସବୁ ବାସନା ଲୋପ ପାଇଗଲା; କେବଳ ଶ୍ରୀରାମଙ୍କ ଚରଣଯୁଗଳରେ ମୋର ମନ ଲାଗିରହିଲା ॥ ୩ ॥

**କହୁ ଖଗେସ ଅସ କଓ୍ୱନ ଅଭାଗୀ । ଖରୀ ସେଓ୍ୱ ସୁରଧେନୁହି ତ୍ୟାଗୀ ॥**
**ପ୍ରେମ ମଗନ ମୋହି କଛୁ ନ ସୋହାଈ । ହାରେଉ ପିତା ପଢ଼ାଇ ପଢ଼ାଈ ॥ ୪ ॥**

ହେ ଗରୁଡ଼ ! ଏପରି କେଉଁ ଅଭାଗା ଅଛି, କହିଲେ, ଯେ କି କାମଧେନୁକୁ ଛାଡ଼ି ଗଧୁଣୀର ସେବା କରିବ ? ରାମପ୍ରେମରେ ମଗ୍ନ ରହିଥିବାରୁ ମୋତେ ଅନ୍ୟ କିଛି ଭଲ ଲାଗୁ ନ ଥାଏ । ବାପା ମୋତେ ପାଠ ପଢ଼ାଇ ପଢ଼ାଇ ହାରିଗଲେ ॥ ୪ ॥

**ଭଏ କାଲବସ ଜବ ପିତୁ ମାତା । ମୈଁ ବନ ଗୟଉଁ ଭଜନ ଜନତ୍ରାତା ॥**
**ଜହଁ ଜହଁ ବିପିନ ମୁନୀସ୍ୱର ପାଓ୍ୱଉଁ । ଆଶ୍ରମ ଜାଇ ଜାଇ ସିରୁ ନାଓ୍ୱଉଁ ॥ ୫ ॥**

ବାପାମାଆ ମରିଯିବାରୁ ମୁଁ ଭକ୍ତତ୍ରାଣପରାୟଣ ଶ୍ରୀରାମଙ୍କ ଭଜନ କରିବା ନିମନ୍ତେ ବଣକୁ ଗ୍ଚଲିଗଲି । ବଣରେ ଯେଉଁଠି ମୁନୀଶ୍ୱରମାନଙ୍କର ଆଶ୍ରମ ଦେଖୁଥାଏ, ସେଠାକୁ ଯାଇ ସେମାନଙ୍କୁ ନତମସ୍ତକ ହୋଇ ପ୍ରଣାମ କରୁଥାଏ ॥ ୫ ॥

**ବୂଝଉଁ ତିନ୍ହହି ରାମ ଗୁନ ଗାହା । କହହିଁ ସୁନଉଁ ହରଷିତ ଖଗନାହା ॥**
**ସୁନତ ଫିରଉଁ ହରି ଗୁନ ଅନୁବାଦା । ଅବ୍ୟାହତ ଗତି ସଂଭୁ ପ୍ରସାଦା ॥ ୬ ॥**

ହେ ଖଗପତି ! ମୁଁ ସେମାନଙ୍କୁ ଶ୍ରୀରାମଚନ୍ଦ୍ରଙ୍କର ଗୁଣଗାଥା ପଚ୍ଚରୁଥାଏ । ସେମାନେ କହୁଥାନ୍ତି ଏବଂ ମୁଁ ଆନନ୍ଦିତ ହୋଇ ତାହା ଶୁଣୁଥାଏ । ଏପରିଭାବରେ ମୁଁ ସର୍ବଦା ଶ୍ରୀହରିଙ୍କ ଗୁଣାବଳୀ ଶୁଣି ଶୁଣି ବୁଲିଲି । ଶିବଙ୍କ କୃପାରୁ ମୋର ସବୁସ୍ଥାନକୁ ଅବାଧ ଗତି ରହିଥିଲା (ଯେଉଁଠାକୁ ଚାହୁଁଥିଲି, ସେଠାକୁ ଯାଇପାରୁଥିଲି ।) ॥ ୬ ॥

**ଛୂଟୀ ତ୍ରିବିଧି ଈଷନା ଗାଢ଼ୀ । ଏକ ଲାଲସା ଉର ଅତି ବାଢ଼ୀ ॥**
**ରାମ ଚରନ ବାରିଜ ଜବ ଦେଖୌଁ । ତବ ନିଜ ଜନ୍ମ ସଫଲ କରି ଲେଖୌଁ ॥ ୭ ॥**

ମୋର ତ୍ରିବିଧ ଏଷଣା (ପୁତ୍ରଲାଭ, ଧନଲାଭ ଓ ଯଶଲାଭର ବାସନା) ଦୂର ହୋଇଗଲା ଏବଂ ହୃଦୟରେ ଗୋଟିଏମାତ୍ର ଲାଳସା ଅତ୍ୟନ୍ତ ବଳବତୀ ହୋଇଉଠିଲା ଯେ, ଶ୍ରୀରାମଙ୍କ ଚରଣକମଳ ଦର୍ଶନ କରିପାରିଲେହିଁ, ମୋର ଜନ୍ମ ସଫଳ ହୋଇଗଲା ବୋଲି ଜାଣିବି ॥ ୭ ॥

**ଜେହି ପୂଁଛଉଁ ସୋଇ ମୁନି ଅସି କହଈ । ଈସ୍ୱର ସର୍ବ ଭୂତମୟ ଅହଈ ॥**
**ନିର୍ଗୁନ ମତ ନହିଁ ମୋହି ସୋହାଈ । ସଗୁନ ବ୍ରହ୍ମ ରତି ଉର ଅଧିକାଈ ॥ ୮ ॥**

ମୁଁ ଯେଉଁ ମୁନିମାନଙ୍କୁ ପଚ୍ଚରୁଥିଲି, ସେମାନେ କହୁଥିଲେ, 'ଈଶ୍ୱର ସର୍ବଭୂତମୟ' । କିନ୍ତୁ ସେହି ନିର୍ଗୁଣ ମତ ମୋତେ ଭଲ ଲାଗୁ ନ ଥାଏ; ମନରେ ସଗୁଣ ବ୍ରହ୍ମଙ୍କ ପ୍ରତି ପ୍ରୀତି ବଢ଼ିଚାଲିଥାଏ ॥ ୮ ॥

ଦୋଃ- **ଗୁର କେ ବଚନ ସୁରତି କରି ରାମ ଚରନ ମନୁ ଲାଗ ।**
**ରଘୁପତି ଜସ ଗାୱତ ଫିରଉଁ ଛନ ଛନ ନୱ ଅନୁରାଗ ॥୧୧୦(କ)॥**

ଗୁରୁଦେବଙ୍କ ବଚନ ସ୍ମରଣ କରି ମୋର ମନ ଶ୍ରୀରାମଙ୍କ ଚରଣଯୁଗଳରେ ନିବଦ୍ଧ ହୋଇଗଲା । ମୁଁ ଅନୁକ୍ଷଣ ନୂଆ ନୂଆ ପ୍ରେମ ପ୍ରାପ୍ତ ହୋଇ ଶ୍ରୀରଘୁନାଥଙ୍କର ଯଶ ଗାଇ ବୁଲିଲି ॥ ୧୧୦(କ) ॥

**ମେରୁ ସିଖର ବଟ ଛାୟାଁ ମୁନି ଲୋମସ ଆସୀନ ।**
**ଦେଖି ଚରନ ସିରୁ ନାୟଉଁ ବଚନ କହେଉଁ ଅତି ଦୀନ ॥୧୧୦(ଖ)॥**

ସୁମେରୁପର୍ବତର ଶିଖରରେ ଗୋଟିଏ ବରଗଛଛାଇରେ ଲୋମଶ ଋଷି ବସିଥିଲେ । ତାଙ୍କୁ ଦେଖି ମୁଁ ଯାଇ ତାଙ୍କ ଚରଣରେ ମସ୍ତକ ଲଗାଇ ଅତ୍ୟନ୍ତ ଦୀନଭାବରେ ପ୍ରାର୍ଥନା କଲି ॥ ୧୧୦(ଖ) ॥

**ସୁନି ମମ ବଚନ ବିନୀତ ମୃଦୁ ମୁନି କୃପାଲ ଖଗରାଜ ।**
**ମୋହି ସାଦର ପୂଁଛତ ଭଏ ଦ୍ୱିଜ ଆୟହୁ କେହି କାଜ ॥୧୧୦(ଗ)॥**

ହେ ପକ୍ଷୀରାଜ ! ମୋର ଅତ୍ୟନ୍ତ ନମ୍ର ଓ କୋମଳ ବଚନ ଶୁଣି କୃପାଳୁ ମୁନି ମୋତେ ଆଦରରେ ପଚ୍ଚରିଲେ, 'ହେ ବ୍ରାହ୍ମଣ ! ଆପଣ କେଉଁ କାର୍ଯ୍ୟ ନେଇ ଏଠାକୁ ଆସିଛନ୍ତି ?' ॥ ୧୧୦(ଗ) ॥

**ତବ ମୈଁ କହା କୃପାନିଧି ତୁମ୍ହ ସର୍ବଗ୍ୟ ସୁଜାନ ।**
**ସଗୁନ ବ୍ରହ୍ମ ଅୱରାଧନ ମୋହି କହହୁ ଭଗୱାନ ॥୧୧୦(ଘ)॥**

ମୁଁ କହିଲି, 'ହେ କୃପାନିଧି ! ଆପଣ ତ ସର୍ବଜ୍ଞ ଓ ମହାଜ୍ଞାନୀ ! ହେ ଭଗବନ୍! ଦୟା କରି ମୋତେ ସଗୁଣ ବ୍ରହ୍ମଙ୍କ ଆରାଧନା ପ୍ରକ୍ରିୟା କହିଦିଅନ୍ତୁ ।' ॥ ୧୧୦(ଘ) ॥

**ତବ ମୁନୀସ ରଘୁପତି ଗୁନ ଗାଥା । କହେ କଛୁକ ସାଦର ଖଗନାଥା ॥**
**ବ୍ରହ୍ମଗ୍ୟାନ ରତ ମୁନି ବିଗ୍ୟାନୀ । ମୋହି ପରମ ଅଧିକାରୀ ଜାନୀ ॥ ୧ ॥**

**ଲାଗେ କରନ ବ୍ରହ୍ମ ଉପଦେସା । ଅଜ ଅଦ୍ୱୈତ ଅଗୁନ ହୃଦୟେସା ॥**
**ଅକଲ ଅନୀହ ଅନାମ ଅରୂପା । ଅନୁଭଵ୍ୱ ଗମ୍ୟ ଅଖଂଡ ଅନୂପା ॥ ୨ ॥**

ହେ ପକ୍ଷୀରାଜ ! ମୁନୀଶ୍ୱର ଆଦରର ସହିତ ମୋତେ ଶ୍ରୀରଘୁନାଥଙ୍କର କିଛି ଗୁଣଗାଥା କହିଲେ । ତା'ପରେ ସେହି ବ୍ରହ୍ମଜ୍ଞାନପରାୟଣ ବିଜ୍ଞାନବାନ୍ ମୁନି ମୋତେ ପରମ ଅଧିକାରୀ ଜାଣି ବ୍ରହ୍ମ-ଉପଦେଶ ଦେବାକୁ ଲାଗିଲେ । ସେ କହିଲେ, "ବ୍ରହ୍ମ ହେଉଛନ୍ତି ଅଜନ୍ମା, ଅଦ୍ୱୈତ, ନିର୍ଗୁଣ ଏବଂ ଅନ୍ତର୍ଯାମୀ; ସେ ଅକଳନୀୟ; ସେ ଇଚ୍ଛାରହିତ, ଅନାମ, ଅରୂପ, ଅନୁଭବଦ୍ୱାରା ଜ୍ଞେୟ, ଅଖଣ୍ଡ ଓ ଅନୁପମ ॥ ୧-୨ ॥

**ମନ ଗୋତୀତ ଅମଲ ଅବିନାସୀ । ନିର୍ବିକାର ନିରଵ୍ୱଧି ସୁଖ ରାସୀ ॥**
**ସୋ ତୈଁ ତାହି ତୋହି ନହିଁ ଭେଦା । ବାରି ବୀଚି ଇଵ୍ୱ ଗାଵ୍ୱହିଁ ବେଦା ॥ ୩ ॥**

ସେ ମନ ଓ ଇନ୍ଦ୍ରିୟମାନଙ୍କର ଅତୀତ, ନିର୍ମଳ, ଅବିନାଶୀ, ନିର୍ବିକାର, ଅସୀମ ଓ ସୁଖରାଶି । ବେଦମାନେ ଗାନ କରିଥାନ୍ତି ଯେ, 'ତାହା ତୁମେ ଅଟ' (*ତତ୍ତ୍ୱମସି*); ଜଳ ଓ ଜଳର ଲହରୀ ମଧ୍ୟରେ ଯେପରି କୌଣସି ପ୍ରଭେଦ ନାହିଁ, ବ୍ରହ୍ମ ଓ ତୁମ ମଧ୍ୟରେ ସେହିପରି କୌଣସି ପ୍ରଭେଦ ନାହିଁ।"॥ ୩ ॥

**ବିବିଧି ଭାଁତି ମୋହି ମୁନି ସମୁଝାଵ୍ୱା । ନିର୍ଗୁନ ମତ ମମ ହୃଦୟଁ ନ ଆଵ୍ୱା ॥**
**ପୁନି ମୈଁ କହେଉଁ ନାଇ ପଦ ସୀସା । ସଗୁନ ଉପାସନ କହହୁ ମୁନୀସା ॥ ୪ ॥**
**ରାମ ଭଗତି ଜଲ ମମ ମନ ମୀନା । କିମି ବିଲଗାଇ ମୁନୀସ ପ୍ରବୀନା ॥**
**ସୋଇ ଉପଦେସ କହହୁ କରି ଦାୟା । ନିଜ ନୟନନ୍ହି ଦେଖୌଁ ରଘୁରାୟା ॥ ୫ ॥**

ମୁନି ମୋତେ ଅନେକପ୍ରକାରେ ବୁଝାଇଲେ; କିନ୍ତୁ ମୋ ମନକୁ ନିର୍ଗୁଣ ମତ ପାଇଲା ନାହିଁ । ମୁଁ ପୁଣିଥରେ ମୁନିଙ୍କ ଚରଣରେ ମଥା ରଖି କହିଲି, "ହେ ମୁନୀଶ୍ୱର ! ମୋତେ ସଗୁଣ ବ୍ରହ୍ମଙ୍କ ଉପାସନା ସମ୍ବନ୍ଧରେ କହନ୍ତୁ । ମୋ ମନ ରାମଭକ୍ତିରୂପୀ ଜଳରେ ମୀନ ହୋଇଯାଇଛି (ସେଥିରେ ମଗ୍ନ ହୋଇଯାଇଛି) । ହେ ବିଚକ୍ଷଣ ମୁନୀଶ୍ୱର ! ଏପରି ସ୍ଥିତିରେ ମୋ ମନ କ'ଣ ତାଙ୍କ ଠାରୁ ଅଲଗା ହୋଇପାରିବ ? ଯାହାଦ୍ୱାରା ମୁଁ ଶ୍ରୀରଘୁନାଥଙ୍କୁ ସ୍ୱଚକ୍ଷୁରେ ଦେଖିପାରିବି, ଆପଣ ଦୟା କରି ମୋତେ ସେହି ଉପଦେଶ ପ୍ରଦାନ କରନ୍ତୁ ॥ ୪-୫ ॥

**ଭରି ଲୋଚନ ବିଲୋକି ଅଵ୍ୱଧେସା । ତବ ସୁନିହଉଁ ନିର୍ଗୁନ ଉପଦେସା ॥**
**ମୁନି ପୁନି କହି ହରିକଥା ଅନୂପା । ଖଂଡି ସଗୁନ ମତ ଅଗୁନ ନିରୂପା ॥ ୬ ॥**

ଆଗ ଆଖି ପୂରାଇ ଶ୍ରୀଅଯୋଧ୍ୟାନାଥଙ୍କୁ ଦେଖିବା ପରେ ଯାଇ ନିର୍ଗୁଣବିଷୟକ ଉପଦେଶ ଶୁଣିବି ।" କିନ୍ତୁ ମୁନିବର ପୁଣିଥରେ ଅନୁପମ ହରିକଥା କହିଲେ ଓ ସଗୁଣ ମତ ଖଣ୍ଡନ କରି ନିର୍ଗୁଣ ମତ ନିରୂପଣ କଲେ ॥ ୬ ॥

**ତବ ମୈଁ ନିର୍ଗୁନ ମତ କର ଦୂରୀ । ସଗୁନ ନିରୂପଉଁ କରି ହଠ ଭୂରୀ ॥**
**ଉତ୍ତର ପ୍ରତିଉତ୍ତର ମୈଁ କୀନ୍ହା । ମୁନି ତନ ଭଏ କ୍ରୋଧ କେ ଚୀନ୍ହା ॥ ୭ ॥**

ତେଣୁ ମୁଁ ନିର୍ଗୁଣ ମତ ଖଣ୍ଡନ କରି ଅତ୍ୟନ୍ତ ଜିଦ୍‌ପୂର୍ବକ ସଗୁଣ ମତ ନିରୂପଣ କରିବାକୁ ଲାଗିଲି । ମୁଁ ଉତ୍ତର ପ୍ରତ୍ୟୁତ୍ତର କରିବାରୁ ମୁନିଙ୍କ ଦେହରେ କ୍ରୋଧର ଲକ୍ଷଣ ଦେଖାଦେଲା ॥ ୭ ॥

**ସୁନୁ ପ୍ରଭୁ ବହୁତ ଅବଗ୍ୟା କିଏଁ । ଉପଜ କ୍ରୋଧ ଗ୍ୟାନିନ୍ହ କେ ହିଏଁ ॥**
**ଅତି ସଂଘରଷନ ଜୌଁ କର କୋଈ । ଅନଲ ପ୍ରଗଟ ଚଂଦନ ତେ ହୋଈ ॥ ୮ ॥**

ହେ ପ୍ରଭୁ ! ଘର୍ଷଣଦ୍ୱାରା ଚନ୍ଦନକାଠରୁ ମଧ୍ୟ ଯେପରି ଅଗ୍ନି ଉତ୍ପନ୍ନ ହୋଇଯାଏ, ବିଶେଷ ଅବଜ୍ଞା ପ୍ରଦର୍ଶନ କଲେ ଜ୍ଞାନୀଙ୍କ ହୃଦୟରେ ବି ସେହିପରି କ୍ରୋଧ ଉତ୍ପନ୍ନ ହୋଇଯାଏ ॥ ୮ ॥

ଦୋଃ- **ବାରଂବାର ସକୋପ ମୁନି କରଇ ନିରୂପନ ଗ୍ୟାନ ।**
**ମୈଁ ଅପନେଁ ମନ ବୈଠ ତବ କରଉଁ ବିବିଧି ଅନୁମାନ ॥୧୧୧(କ)॥**

ମୁନି କ୍ରୋଧର ସହିତ ବାରମ୍ବାର ଜ୍ଞାନ ନିରୂପଣ କରିବାକୁ ଲାଗିଲେ । ମୁଁ ବସି ବସି ମନେ ମନେ ଅନେକପ୍ରକାରେ ଭାବିବାକୁ ଲାଗିଲି– ॥ ୧୧୧(କ) ॥

**କ୍ରୋଧ କି ଦ୍ୱୈତବୁଦ୍ଧି ବିନୁ ଦ୍ୱୈତ କି ବିନୁ ଅଗ୍ୟାନ ।**
**ମାୟାବସ ପରିଛିନ୍ନ ଜଡ଼ ଜୀୱ କି ଈସ ସମାନ ॥୧୧୧(ଖ)॥**

ଦ୍ୱୈତବୁଦ୍ଧି ବିନା କ'ଣ କ୍ରୋଧ ଆସିପାରିବ ? ଏବଂ ଅଜ୍ଞାନ ବିନା କ'ଣ ଦ୍ୱୈତବୁଦ୍ଧି ଜାତ ହୋଇପାରିବ ? ମାୟାର ବଶ ହୋଇଥିବା ପରିଚ୍ଛିନ୍ନ ଜଡ଼ଜୀବ (ଭଗବତ୍‌ବିମୁଖ ହୋଇ ଜଡ଼ବସ୍ତୁକୁ ଆଶ୍ରୟ କରିଥିବା ଜୀବ) କ'ଣ ଈଶ୍ୱରଙ୍କ ସମାନ ହୋଇପାରିବ ? ॥ ୧୧୧(ଖ)॥

**କବହୁଁ କି ଦୁଖ ସବ କର ହିତ ତାକେଁ । ତେହି କି ଦରିଦ୍ର ପରସ ମନି ଜାକେଁ ॥**
**ପରଦ୍ରୋହୀ କୀ ହୋହିଁ ନିସଂକା । କାମୀ ପୁନି କି ରହହିଁ ଅକଲଂକା ॥ ୧ ॥**

ସମସ୍ତଙ୍କର ହିତ କାମନା କଲେ କ'ଣ କେବେ ଦୁଃଖୀ ରହିପାରିବ ? ଯାହା ପାଖରେ ପରଶମଣି ରହିଛି, ସେ କ'ଣ ଦରିଦ୍ର ହୋଇପାରିବ ? ପରଦ୍ରୋହୀ କ'ଣ ନିର୍ଭୟରେ ରହିପାରିବ ? କାମୀ ଲୋକ କ'ଣ ନିଷ୍କଳଙ୍କ ହୋଇପାରିବ ? ॥ ୧ ॥

**ବଂସ କି ରହ ଦ୍ୱିଜ ଅନହିତ କୀନ୍ହେଁ । କର୍ମ କି ହୋହିଁ ସ୍ୱରୂପହି ଚୀନ୍ହେଁ ॥**
**କାହୂ ସୁମତି କି ଖଲ ସଁଗ ଜାମୀ । ସୁଭ ଗତି ପାୱ କି ପରତ୍ରିୟ ଗାମୀ ॥ ୨ ॥**

ବ୍ରାହ୍ମଣଙ୍କ ଅହିତ କଲେ କ'ଣ ବଂଶ ରହିପାରିବ ? ନିଜ ସ୍ୱରୂପର ପରିଚୟ (ଆତ୍ମଜ୍ଞାନ) ପାଇଯିବା ପରେ କ'ଣ ଆସକ୍ତିପୂର୍ବକ କର୍ମ ହୋଇପାରିବ ? ଦୁଷ୍ଟଙ୍କ ସଙ୍ଗରେ ରହିଲେ କ'ଣ କାହାର ସୁବୁଦ୍ଧି ଉତ୍ପନ୍ନ ହୋଇପାରିବ ? ପରସ୍ତ୍ରୀଗାମୀ ପୁରୁଷ କ'ଣ ସଦ୍‌ଗତି ପାଇପାରିବ ? ॥ ୨ ॥

**ଭୱ କି ପରହିଁ ପରମାତ୍ମା ବିଂଦକ । ସୁଖୀ କି ହୋହିଁ କବହୁଁ ହରି ନିଂଦକ ॥**
**ରାଜୁ କି ରହଇ ନୀତି ବିନୁ ଜାନେଁ । ଅଘ କି ରହହିଁ ହରିଚରିତ ବଖାନେଁ ॥ ୩ ॥**

ପରମାତ୍ମାଙ୍କୁ ଜାଣିଥିବା ଲୋକ କ'ଣ ଜନ୍ମମୃତ୍ୟୁଚକ୍ରରେ ପଡ଼ିପାରିବ? ଭଗବାନଙ୍କୁ ନିନ୍ଦା କରୁଥିବା ଲୋକ କ'ଣ କେବେ ସୁଖୀ ହୋଇପାରିବ? ନୀତି ବିନା କ'ଣ ରାଜ୍ୟ ରହିପାରିବ? ଶ୍ରୀହରିଙ୍କ ଚରିତ କୀର୍ତ୍ତନ କଲେ କ'ଣ ପାପ ରହିପାରିବ? ॥ ୩ ॥

**ପାୱନ ଜସ କି ପୁନ୍ୟ ବିନୁ ହୋଈ । ବିନୁ ଅଘ ଅଜସ କି ପାୱଇ କୋଈ ॥**
**ଲାଭୁ କି କିଛୁ ହରି ଭଗତି ସମାନା । ଜେହି ଗାୱହିଁ ଶ୍ରୁତି ସଂତ ପୁରାନା ॥ ୪ ॥**

ବିନାପୁଣ୍ୟରେ କ'ଣ ପବିତ୍ର ଯଶ ମିଳିପାରେ ? ବିନାପାପରେ କ'ଣ କେହି ଅପଯଶ ପାଇପାରେ ? ଯେଉଁ ହରିଭକ୍ତର ମହିମା ବେଦ, ସନ୍ଥ ଓ ପୁରାଣମାନେ କୀର୍ତ୍ତନ କରନ୍ତି, ସେହି ହରିଭକ୍ତିସମାନ ଅନ୍ୟ କିଛି ଲାଭ ଅଛି କି? ॥ ୪ ॥

**ହାନି କି ଜଗ ଏହି ସମ କିଛୁ ଭାଈ । ଭଜିଅ ନ ରାମହି ନର ତନୁ ପାଈ ॥**
**ଅଘ କି ପିସୁନତା ସମ କଛୁ ଆନା । ଧର୍ମ କି ଦୟା ସରିସ ହରିଜାନା ॥ ୫ ॥**

ହେ ଭାଇ ! ମନୁଷ୍ୟଶରୀର ପାଇ ମଧ୍ୟ ଶ୍ରୀରାମଙ୍କ ଭଜନ ନ କଲେ ଯେଉଁ କ୍ଷତି ହେବ, ଜଗତରେ କ'ଣ ତା'ସମାନ ଅନ୍ୟ କିଛି କ୍ଷତି ଅଛି ? ଚୁଗୁଲି କରିବା ଦ୍ୱାରା ଯେଉଁ ପାପ ହୁଏ, କ'ଣ ତା' ସମାନ ଅନ୍ୟ କିଛି ପାପ ଅଛି ? ହେ ଗରୁଡ଼ ! କ'ଣ ଦୟା ପରି ଆଉ କିଛି ଧର୍ମ ଅଛି ? ॥ ୫ ॥

**ଏହି ବିଧି ଅମିତି ଜୁଗୁତି ମନ ଗୁନଉଁ । ମୁନି ଉପଦେସ ନ ସାଦର ସୁନଉଁ ॥**
**ପୁନି ପୁନି ସଗୁନ ପଚ୍ଛ ମୈଁ ରୋପା । ତବ ମୁନି ବୋଲେଉ ବଚନ ସକୋପା ॥ ୬ ॥**

—ଏହିପରିଭାବରେ ମୁଁ ମନେ ମନେ ନାନା ବିଷୟ ବିଚାର କରୁଥାଏ; ତେଣୁ ମୁନିଙ୍କ ଉପଦେଶ ଶ୍ରଦ୍ଧାର ସହିତ ଶୁଣୁ ନ ଥାଏ । ମୁଁ ସଗୁଣବ୍ରହ୍ମ ସପକ୍ଷରେ ବାରମ୍ବାର ଯୁକ୍ତି ଉପସ୍ଥାପନ କରିବାରୁ ମୁନି କ୍ରୋଧ ପ୍ରକାଶ କରି କହିଲେ, ॥ ୬ ॥

**ମୂଢ଼ ପରମ ସିଖ ଦେଉଁ ନ ମାନସି । ଉତ୍ତର ପ୍ରତିଉତ୍ତର ବହୁ ଆନସି ॥**
**ସତ୍ୟ ବଚନ ବିସ୍ୱାସ ନ କରହୀ । ବାୟସ ଇଓ୍ୱ ସବହୀ ତେ ଡରହୀ ॥ ୭ ॥**

"ଆରେ ମୂଢ଼ ! ମୁଁ ତୋତେ ସର୍ବୋତ୍ତମ ଶିକ୍ଷା ଦେଉଛି, ତଥାପି ତୁ ତାହା ନ ମାନି ଏତେ ଉତ୍ତର-ପ୍ରତ୍ୟୁତ୍ତର କରୁଛୁ ? ମୋର ସତ୍ୟବଚନକୁ ବିଶ୍ୱାସ କରୁନାହୁଁ ? କୁଆ ପରି ସବୁକଥାକୁ ଡରୁଛୁ !! ॥ ୭ ॥

**ସଠ ସ୍ୱପଚ୍ଛ ତଓ୍ୱ ହୃଦୟଁ ବିସାଲା । ସପଦି ହୋହି ପଚ୍ଛୀ ଚଂଡାଲା ॥**
**ଲୀହ୍ନ ଶ୍ରାପ ମୈଁ ସୀସ ଚଢ଼ାଈ । ନହିଁ କଛୁ ଭୟ ନ ଦୀନତା ଆଈ ॥ ୮ ॥**

ରେ ମୂର୍ଖ ! ତୋ ନିଜ କଥା ଉପରେ ଅଡ଼ି ବସିବାକୁ ତୋର ଏଡ଼େ ଜିଦ୍ ! ତେଣୁ ତୁ ଶୀଘ୍ର ଚଣ୍ଡାଳପକ୍ଷୀ (କୁଆ) ହୋଇଯାଆ ।" ମୁଁ ଆନନ୍ଦର ସହିତ ମୁନିଙ୍କ ଅଭିଶାପ ଶିରୋଧାର୍ଯ୍ୟ କରିନେଲି । ଏଥିପାଇଁ ମୋତେ କିଛି ଭୟ ଲାଗିଲା ନାହିଁ, କି ମୁଁ ଦୈନ୍ୟ ବୋଧ କଲି ନାହିଁ ॥ ୮ ॥

ଦୋ:- **ତୁରତ ଭୟଉଁ ମୈଁ କାଗ ତବ ପୁନି ମୁନି ପଦ ସିରୁ ନାଇ ।**
**ସୁମିରି ରାମ ରଘୁବଂସ ମନି ହରଷିତ ଚଲେଉଁ ଉଡ଼ାଇ ॥୧୧୨(କ)॥**

ତା'ପରେ ମୁଁ ଅବିଳମ୍ବେ କୁଆ ହୋଇଗଲି ଏବଂ ମୁନିଙ୍କ ଚରଣରେ ପ୍ରଣାମ କରି ତଥା ରଘୁକୁଳ ଶିରୋମଣି ଶ୍ରୀରାମଙ୍କୁ ସ୍ମରଣ କରି ସେଠାରୁ ଆନନ୍ଦରେ ଉଡ଼ିଗ୍ଲଲିଗଲି ॥ ୧୧୨(କ) ॥

**ଉମା ଜେ ରାମ ଚରନ ରତ ବିଗତ କାମ ମଦ କ୍ରୋଧ ।**
**ନିଜ ପ୍ରଭୁମୟ ଦେଖହିଁ ଜଗତ କେହି ସନ କରହିଁ ବିରୋଧ ॥୧୧୨(ଖ)॥**

[ଶିବ କହୁଛନ୍ତି,] ହେ ଉମା ! ଯେଉଁମାନେ ଶ୍ରୀରାମଙ୍କ ଚରଣଯୁଗଳର ପ୍ରେମୀ ତଥା ନିଷ୍କାମ, ନିରଭିମାନ ଓ ଅକ୍ରୋଧୀ, ସେମାନେ ତ ଜଗତକୁ ନିଜ ପ୍ରଭୁଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥିବାର ଦେଖନ୍ତି; ତେଣୁ ସେମାନେ କିପରି କାହା ସହିତ ଶତ୍ରୁତାଚରଣ କରିବେ ? ॥ ୧୧୨(ଖ) ॥

**ସୁନୁ ଖଗେସ ନହିଁ କଛୁ ରିଷି ଦୂଷନ । ଉର ପ୍ରେରକ ରଘୁବଂସ ବିଭୂଷନ ॥**
**କୃପାସିଂଧୁ ମୁନି ମତି କରି ଭୋରୀ । ଲୀହ୍ନୀ ପ୍ରେମ ପରିଚ୍ଛା ମୋରୀ ॥ ୧ ॥**

[କାକଭୁଶୁଣ୍ଡି କହିଲେ;] ହେ ପକ୍ଷୀରାଜ ! ଶୁଣନ୍ତୁ; ଏଥିରେ ଋଷିଙ୍କର କୌଣସି ଦୋଷ ନ ଥିଲା । ରଘୁବଂଶର ବିଭୂଷଣ ଶ୍ରୀରାମହିଁ ସମସ୍ତଙ୍କ ହୃଦୟରେ ପ୍ରେରଣା ଦିଅନ୍ତି । କୃପାସାଗର ପ୍ରଭୁ ମୁନିଙ୍କ ବୁଦ୍ଧିକୁ ଭ୍ରମିତ କରିଦେଇ ମୋ' ପ୍ରେମର ପରୀକ୍ଷା କଲେ ॥ ୧ ॥

**ମନ ବଚ କ୍ରମ ମୋହି ନିଜ ଜନ ଜାନା । ମୁନି ମତି ପୁନି ଫେରୀ ଭଗୱାନା ॥**
**ରିଷି ମମ ମହତ ସୀଲତା ଦେଖୀ । ରାମ ଚରନ ବିସ୍ୱାସ ବିସେଷୀ ॥ ୨ ॥**

ପ୍ରଭୁ ଯହୁଁ ଜାଣିଗଲେ ଯେ, ମୁଁ ହେଉଛି ମନ, ବଚନ ଓ କର୍ମରେ ପ୍ରଭୁଙ୍କର ଦାସ, ସେ ଋଷିଙ୍କ ବୁଦ୍ଧିକୁ ବଦଳାଇଦେଲେ । ଋଷି ଯେତେବେଳେ ଦେଖିଲେ ଯେ, ମୋ'ଠାରେ ମହାପୁରୁଷସୁଲଭ ସ୍ୱଭାବ (ଧୈର୍ଯ୍ୟ, ଅକ୍ରୋଧ, ବିନୟ ଆଦି) ରହିଛି ଏବଂ ଶ୍ରୀରାମଙ୍କ ଚରଣଯୁଗଳରେ ମୋର ବିଶେଷ ବିଶ୍ୱାସ ରହିଛି, ॥ ୨ ॥

**ଅତି ବିସମୟ ପୁନି ପୁନି ପଛିତାଈ । ସାଦର ମୁନି ମୋହି ଲୀହ୍ନ ବୋଲାଈ ॥**
**ମମ ପରିତୋଷ ବିବିଧି ବିଧି କୀହ୍ନା । ହରଷିତ ରାମମଂତ୍ର ତବ ଦୀହ୍ନା ॥ ୩ ॥**

ସେତେବେଳେ ସେ ଅତ୍ୟନ୍ତ ବିସ୍ମିତ ହୋଇଗଲେ ଏବଂ ବାରମ୍ବାର ପଶ୍ଚାତ୍ତାପ କରି ମୋତେ ଆଦରପୂର୍ବକ ଡାକିଲେ । ସେ ଅନେକପ୍ରକାରେ ମୋର ସନ୍ତୋଷବିଧାନ କରିବା ପରେ ଆନନ୍ଦରେ ମୋତେ ରାମମନ୍ତ୍ର ପ୍ରଦାନ କଲେ ॥ ୩ ॥

**ବାଲକରୂପ ରାମ କର ଧ୍ୟାନା । କହେଉ ମୋହି ମୁନି କୃପାନିଧାନା ॥**
**ସୁଂଦର ସୁଖଦ ମୋହି ଅତି ଭାୱା । ସୋ ପ୍ରଥମହିଁ ମୈଁ ତୁହ୍ମହି ସୁନାୱା ॥ ୪ ॥**

କୃପାନିଧାନ ଋଷି ମୋତେ ଶ୍ରୀରାମଙ୍କ ବାଲ୍ୟରୂପର ଧ୍ୟାନବିଧି ଶିଖାଇଦେଲେ । ସେହି ଧ୍ୟାନ ବଡ଼ ସୁନ୍ଦର ଓ ସୁଖପ୍ରଦ; ତାହା ମୋତେ ବିଶେଷ ଭଲ ଲାଗିଲା । ସେହି ଧ୍ୟାନ ମୁଁ ଆପଣଙ୍କୁ ପ୍ରଥମରୁ କହିସାରିଛି ॥ ୪ ॥

**ମୁନି ମୋହି କଛୁକ କାଲ ତହଁ ରାଖା । ରାମଚରିତମାନସ ତବ ଭାଷା ॥**
**ସାଦର ମୋହି ୟହ କଥା ସୁନାଈ । ପୁନି ବୋଲେ ମୁନି ଗିରା ସୁହାଈ ॥ ୫ ॥**

କିଛିଦିନ ପର୍ଯ୍ୟନ୍ତ ଋଷି ମୋତେ ନିଜ ପାଖରେ ରଖିଲେ । ସେ ସୁନ୍ଦରଭାବରେ ବର୍ଣ୍ଣନା କରି ମୋତେ ରାମଚରିତମାନସ ଶୁଣାଇଲେ । ତାହା ଶୁଣାଇସାରିବା ପରେ ଆଦରରେ କହିଲେ, ॥ ୫ ॥

**ରାମଚରିତ ସର ଗୁପ୍ତ ସୁହାୱା । ସଂଭୁ ପ୍ରସାଦ ତାତ ମୈଁ ପାୱା ॥**
**ତୋହି ନିଜ ଭଗତ ରାମ କର ଜାନୀ । ତାତେ ମୈଁ ସବ କହେଉଁ ବଖାନୀ ॥ ୬ ॥**

''ବାପ ! ଏହି ସୁନ୍ଦର ଓ ଗୁପ୍ତ ରାମଚରିତରୂପୀ ସରୋବର ମୁଁ ଶିବଙ୍କ କୃପାରୁ ପାଇଥିଲି । ତୁମେ ଶ୍ରୀରାମଙ୍କର ନିଜ ଭକ୍ତ ବୋଲି ଜାଣି, ମୁଁ ତୁମକୁ ସମସ୍ତ ଚରିତ ବିସ୍ତୃତଭାବରେ ଶୁଣାଇଦେଲି ॥ ୬ ॥

**ରାମ ଭଗତି ଜିହ୍ନ କେଁ ଉର ନାହୀଁ । କବହୁଁ ନ ତାତ କହିଅ ତିହ୍ନ ପାହୀଁ ॥**
**ମୁନି ମୋହି ବିବିଧି ଭାଁତି ସମୁଝାୱା । ମୈଁ ସପ୍ରେମ ମୁନି ପଦ ସିରୁ ନାୱା ॥ ୭ ॥**

ବାପ ! ଯାହା ହୃଦୟରେ ଶ୍ରୀରାମଙ୍କ ପ୍ରତି ଭକ୍ତି ନାହିଁ, ତା'ପାଖରେ ଏହା କେବେ ବି କହିବା ଉଚିତ ନୁହେଁ ।'' ଏପରିଭାବରେ ସେ ମୋତେ ବହୁତ ବୁଝାଇଲେ । ମୁଁ ଭକ୍ତିର ସହିତ ତାଙ୍କ ପାଦରେ ପ୍ରଣାମ କଲି ॥ ୭ ॥

**ନିଜ କର କମଲ ପରସି ମମ ସୀସା । ହରଷିତ ଆସିଷ ଦୀହ୍ନ ମୁନୀସା ॥**
**ରାମ ଭଗତି ଅବିରଲ ଉର ତୋରେଁ । ବସିହି ସଦା ପ୍ରସାଦ ଅବ ମୋରେଁ ॥ ୮ ॥**

ମୁନୀଶ୍ୱର ନିଜ କରକମଳରେ ମୋ ମୁଣ୍ଡ ଆଉଁସିଦେଇ ଆନନ୍ଦରେ ଆଶୀର୍ବାଦ ଦେଲେ, "ମୋ କୃପାରୁ ତୁମ ହୃଦୟରେ ସଦା ପ୍ରଗାଢ଼ ରାମଭକ୍ତି ରହୁ ॥ ୮ ॥

ଦୋଃ- **ସଦା ରାମ ପ୍ରିୟ ହୋହୁ ତୁହ୍ମ ସୁଭ ଗୁନ ଭୱନ ଅମାନ ।**
**କାମରୂପ ଇଚ୍ଛାମରନ ଗ୍ୟାନ ବିରାଗ ନିଧାନ ॥୧୧୩(କ)॥**

ତୁମେ ସଦା ଶ୍ରୀରାମଙ୍କ ପ୍ରିୟ ହୁଅ । ତୁମେ ସକଳ ସଦ୍‌ଗୁଣର ନିଧାନ ହୋଇଯାଅ; ଅଭିମାନଶୂନ୍ୟ ହୋଇଯାଅ; ଇଚ୍ଛାନୁସାରେ ରୂପ ଧରିବାକୁ ଏବଂ ଇଚ୍ଛାମୃତ୍ୟୁ (ନିଜ ଶରୀର ଛାଡ଼ିବାକୁ ଇଚ୍ଛା କଲେହିଁ, ମୃତ୍ୟୁ ହେବ; ବିନାଇଚ୍ଛାରେ ମୃତ୍ୟୁ ହେବ ନାହିଁ) ଲାଭ କରିବାକୁ ସମର୍ଥ ହୁଅ ଏବଂ ତୁମେ ଜ୍ଞାନ ଓ ବୈରାଗ୍ୟର ଭଣ୍ଡାର ହୋଇଯାଅ ॥ ୧୧୩(କ) ॥

**ଜେହିଁ ଆଶ୍ରମ ତୁହ୍ମ ବସବ ପୁନି ସୁମିରତ ଶ୍ରୀଭଗୱଂତ ।**
**ବ୍ୟାପିହି ତହଁ ନ ଅବିଦ୍ୟା ଜୋଜନ ଏକ ପ୍ରଜଂତ ॥୧୧୩(ଖ)॥**

କେବଳ ଏତିକି ନୁହେଁ, ଶ୍ରୀଭଗବାନଙ୍କୁ ସ୍ମରଣ କରି ତୁମେ ଯେଉଁ ଆଶ୍ରମରେ ନିବାସ କରିବ, ତାହାର ଏକ ଯୋଜନ (ଚାରିକୋଶ) ପର୍ଯ୍ୟନ୍ତ ଅବିଦ୍ୟା (ମାୟାମୋହ)ର ପ୍ରଭାବ ରହିବ ନାହିଁ ॥ ୧୧୩(ଖ) ॥

**କାଲ କର୍ମ ଗୁନ ଦୋଷ ସୁଭାଉ । କଛୁ ଦୁଖ ତୁହ୍ମହି ନ ବ୍ୟାପିହି କାଉ ॥**
**ରାମ ରହସ୍ୟ ଲଲିତ ବିଧି ନାନା । ଗୁପ୍ତ ପ୍ରଗଟ ଇତିହାସ ପୁରାନା ॥ ୧ ॥**
**ବିନୁ ଶ୍ରମ ତୁହ୍ମ ଜାନବ ସବ ସୋଉ । ନିତ ନୱ ନେହ ରାମ ପଦ ହୋଉ ॥**
**ଜୋ ଇଚ୍ଛା କରିହହୁ ମନ ମାହୀଁ । ହରି ପ୍ରସାଦ କଛୁ ଦୁର୍ଲଭ ନାହୀଁ ॥ ୨ ॥**

କାଳ, କର୍ମ, ଗୁଣ, ଦୋଷ ଓ ସ୍ୱଭାବରୁ ଉତ୍ପନ୍ନ କୌଣସି ଦୁଃଖ ତୁମକୁ କେବେ ବି ସ୍ପର୍ଶ କରିବ ନାହିଁ । ଶ୍ରୀରାମଙ୍କର ଯେଉଁସବୁ ବିବିଧ ସୁନ୍ଦର ରହସ୍ୟ ଗୁପ୍ତ ହୋଇ ରହିଛି ଏବଂ ଯେଉଁସବୁ ଚରିତ ଇତିହାସ ଓ ପୁରାଣମାନଙ୍କରେ ପ୍ରକଟିତ (ବର୍ଣ୍ଣିତ) ହୋଇଛି, ତୁମେ ସେସବୁ ବିନାପରିଶ୍ରମରେ ଜାଣିଯିବ । ଶ୍ରୀରାମଙ୍କ ଚରଣଯୁଗଳରେ ତୁମର ନିତ୍ୟନୂତନ ପ୍ରେମ ହେବ । ତୁମେ ଯାହା କିଛି ଇଚ୍ଛା କରିବ, ଶ୍ରୀହରିଙ୍କ କୃପାରୁ ତାହା ପୂରଣ ହୋଇଯିବ; କିଛି ଦୁର୍ଲଭ ହେବ ନାହିଁ ।" ॥ ୨ ॥

**ସୁନି ମୁନି ଆସିଷ ସୁନୁ ମତିଧୀରା । ବ୍ରହ୍ମଗିରା ଭଇ ଗଗନ ଗଁଭୀରା ॥**
**ଏୱମସ୍ତୁ ତୱ ବଚ ମୁନି ଗ୍ୟାନୀ । ୟହ ମମ ଭଗତ କର୍ମ ମନ ବାନୀ ॥ ୩ ॥**

ହେ ଧୀରବୁଦ୍ଧି ଗରୁଡ଼ ! ଶୁଣନ୍ତୁ; ମୁନିଙ୍କ ଆଶୀର୍ବାଦ ଶୁଣି ଆକାଶରେ ଗମ୍ଭୀର ବ୍ରହ୍ମବାଣୀ ହେଲା, 'ହେ ଜ୍ଞାନୀ ମୁନି ! ତୁମର ବଚନ ସତ୍ୟ ହେଉ । ଏ ହେଉଛି କାୟମନୋବାକ୍ୟରେ ମୋର ଭକ୍ତ ।' ॥ ୩ ॥

**ସୁନି ନଭଗିରା ହରଷ ମୋହି ଭୟଉ । ପ୍ରେମ ମଗନ ସବ ସଂସୟ ଗୟଉ ॥**
**କରି ବିନତୀ ମୁନି ଆୟସୁ ପାଈ । ପଦ ସରୋଜ ପୁନି ପୁନି ସିରୁ ନାଈ ॥ ୪ ॥**

ବ୍ରହ୍ମବାଣୀ ଶୁଣି ମୁଁ ବଡ଼ ଆନନ୍ଦିତ ହୋଇଗଲି । ମୁଁ ପ୍ରେମମଗ୍ନ ହୋଇଗଲି । ମୋର ସକଳ ସନ୍ଦେହ ଦୂର ହୋଇଗଲା । ତା'ପରେ ମୁନିଙ୍କୁ ପ୍ରାର୍ଥନା କରି, ତାଙ୍କ ଆଜ୍ଞା ପାଇ ଓ ତାଙ୍କ ଚରଣରେ ବାରମ୍ବାର ପ୍ରଣାମ କରି ॥ ୪ ॥

**ହରଷ ସହିତ ଏହିଁ ଆଶ୍ରମ ଆୟଉଁ । ପ୍ରଭୁ ପ୍ରସାଦ ଦୁର୍ଲଭ ବର ପାୟଉଁ ॥**
**ଇହାଁ ବସତ ମୋହି ସୁନୁ ଖଗ ଈସା । ବୀତେ କଲପ ସାତ ଅରୁ ବୀସା ॥ ୫ ॥**

ମୁଁ ଆନନ୍ଦରେ ଏହି ଆଶ୍ରମକୁ ଚାଲିଆସିଲି । ପ୍ରଭୁ ଶ୍ରୀରାମଙ୍କ କୃପାରୁ ମୁଁ ଦୁର୍ଲଭ ବର ପାଇଗଲି । ହେ ପକ୍ଷୀରାଜ ! ମୁଁ ଏଠାରେ ନିବାସ କରିବାର ସତେଇଶ କଳ୍ପ ହୋଇସାରିଲାଣି ॥ ୫ ॥

**କରଉଁ ସଦା ରଘୁପତି ଗୁନ ଗାନା । ସାଦର ସୁନହିଁ ବିହଂଗ ସୁଜାନା ॥**
**ଜବ ଜବ ଅୱଧପୁରୀଁ ରଘୁବୀରା । ଧରହିଁ ଭଗତ ହିତ ମନୁଜ ସରୀରା ॥ ୬ ॥**
**ତବ ତବ ଜାଇ ରାମ ପୁର ରହଉଁ । ସିସୁଲୀଲା ବିଲୋକି ସୁଖ ଲହଉଁ ॥**
**ପୁନି ଉର ରାଖି ରାମ ସିସୁରୂପା । ନିଜ ଆଶ୍ରମ ଆୱଉଁ ଖଗଭୂପା ॥ ୭ ॥**

ମୁଁ ଏଠାରେ ସର୍ବଦା ଶ୍ରୀରଘୁନାଥଙ୍କର ଗୁଣାବଳୀ ଗାନ କରିଚାଲିଛି ଏବଂ ଚତୁର ପକ୍ଷୀମାନେ ତାହା ଶ୍ରଦ୍ଧାର ସହିତ ଶୁଣୁଛନ୍ତି । ଅଯୋଧ୍ୟାପୁରୀରେ ଯେଉଁ ଯେଉଁ ସମୟରେ ଶ୍ରୀରଘୁବୀର ଭକ୍ତମାନଙ୍କର ମଙ୍ଗଳ ନିମନ୍ତେ ମନୁଷ୍ୟଶରୀର ଧାରଣ କରନ୍ତି, ସେତେବେଳେ ମୁଁ ଯାଇ ଶ୍ରୀରାମଙ୍କ ନଗରୀରେ ରହେ ଓ ପ୍ରଭୁଙ୍କ ବାଲ୍ୟଲୀଳା ଦର୍ଶନ କରି ଆନନ୍ଦ ପାଏ । ତା'ପରେ ହେ ପକ୍ଷୀରାଜ ! ଶ୍ରୀରାମଙ୍କ ଶିଶୁରୂପକୁ ହୃଦୟରେ ଧାରଣ କରି ମୁଁ ନିଜ ଆଶ୍ରମକୁ ଫେରିଆସେ ॥ ୬, ୭ ॥

**କଥା ସକଲ ମୈଁ ତୁମ୍ହହି ସୁନାଈ । କାଗ ଦେହ ଜେହିଁ କାରନ ପାଈ ॥**
**କହିଉଁ ତାତ ସବ ପ୍ରସ୍ନ ତୁହାରୀ । ରାମ ଭଗତି ମହିମା ଅତି ଭାରୀ ॥ ୮ ॥**

ଯେଉଁ କାରଣରୁ ମୁଁ କାକଶରୀର ପାଇଛି, ତାହା ତ ଆପଣଙ୍କୁ ଶୁଣାଇଦେଲି । ହେ ପ୍ରଭୁ ! ମୁଁ ଆପଣଙ୍କର ସବୁପ୍ରଶ୍ନର ଉତ୍ତର ଦେଇଦେଲି । ଆହା ! ଶ୍ରୀରାମଭକ୍ତିର କେଡ଼େ ମହିମା ନୁହେଁ ସତେ ! ॥ ୮ ॥

ଦୋ:- **ତାତେ ୟହ ତନ ମୋହି ପ୍ରିୟ ଭୟଉ ରାମ ପଦ ନେହ ।**
**ନିଜ ପ୍ରଭୁ ଦରସନ ପାୟଉଁ ଗଏ ସକଲ ସଂଦେହ ॥୧୧୪(କ)॥**

ଏହି କାକଶରୀରଟି ମୋର ପ୍ରିୟ ହୋଇଥିବାର କାରଣ ହେଲା, ଏହି ଶରୀରରେହିଁ ମୋ ହୃଦୟରେ ଶ୍ରୀରାମଙ୍କ ଚରଣଯୁଗଳରେ ପ୍ରୀତି ଉତ୍ପନ୍ନ ହୋଇଥିଲା । ଏହି ଶରୀରରେ ମୁଁ ମୋ ପ୍ରଭୁଙ୍କ ଦର୍ଶନ ପାଇଛି ଏବଂ ମୋର ସକଳ ସନ୍ଦେହ ଦୂର ହୋଇଯାଇଛି ॥ ୧୧୪(କ) ॥

## ମାସପାରାୟଣ, ଊନତ୍ରିଂଶ ବିଶ୍ରାମ

**ଭଗତି ପଚ୍ଛ ହଠ କରି ରହେଉଁ ଦୀହ୍ନି ମହାରିଷି ସାପ ।**
**ମୁନି ଦୁର୍ଲଭ ବର ପାୟଉଁ ଦେଖହୁ ଭଜନ ପ୍ରତାପ ॥୧୧୪(ଖ)॥**

ମୁଁ ହଠ କରି ଭକ୍ତିସପକ୍ଷରେ ଅଡ଼ିବସିବାରୁ ମହର୍ଷି ଲୋମଶ ମୋତେ ଶାପ ଦେଇଥିଲେ; କିନ୍ତୁ ପରିଣାମ ଏହା ହେଲା ଯେ, ଯେଉଁ ବର ମୁନିମାନଙ୍କ ପକ୍ଷରେ ମଧ୍ୟ ଦୁର୍ଲଭ, ମୁଁ ସେହି ବର ପାଇଗଲି । ଭଜନର ପ୍ରତାପ ଯେ କେତେ, ଏଥିରୁ ଦେଖୁଥିବେ ॥ ୧୧୪(ଖ) ॥

**ଜେ ଅସି ଭଗତି ଜାନି ପରିହରହୀଁ । କେୱଲ ଗ୍ୟାନ ହେତୁ ଶ୍ରମ କରହୀଁ ॥**
**ତେ ଜଡ଼ କାମଧେନୁ ଗୃହଁ ତ୍ୟାଗୀ । ଖୋଜତ ଆକୁ ଫିରହିଁ ପୟ ଲାଗୀ ॥ ୧ ॥**

ଯେଉଁମାନେ ଭକ୍ତିର ଏପରି ମହିମା ଜାଣି ମଧ୍ୟ ତାହାକୁ ଛାଡ଼ିଦିଅନ୍ତି ଏବଂ କେବଳ ଜ୍ଞାନପାଇଁ ଶ୍ରମ (ସାଧନା) କରନ୍ତି, ସେହି ମୂର୍ଖମାନେ ଜାଣନ୍ତୁ, ଘରେ ଠିଆ ହୋଇଥିବା କାମଧେନୁକୁ ଛାଡ଼ି ଦୁଧପାଇଁ ଅରଖଗଛ ଖୋଜିବୁଲନ୍ତି ॥ ୧ ॥

**ସୁନୁ ଖଗେସ ହରି ଭଗତି ବିହାଈ । ଜେ ସୁଖ ଚାହହିଁ ଆନ ଉପାଈ ॥**
**ତେ ସଠ ମହାସିଂଧୁ ବିନୁ ତରନୀ । ପୈରି ପାର ଚାହହିଁ ଜଡ଼ କରନୀ ॥ ୨ ॥**

ହେ ପକ୍ଷୀରାଜ ! ଶୁଣନ୍ତୁ; ଯେଉଁ ଲୋକେ ଶ୍ରୀହରିଙ୍କ ଭକ୍ତି ଛାଡ଼ି ଅନ୍ୟ ଉପାୟରେ ସୁଖ ଚାହାନ୍ତି, ସେହି ମୂର୍ଖମାନେ ବଡ଼ ଅଭାଗା । ସେମାନେ ବିନାଜାହାଜରେ ପହଁରି ପହଁରି ମହାସାଗର ପାରିହୋଇଯିବାକୁ ଚାହାନ୍ତି ॥ ୨ ॥

**ସୁନି ଭସୁଂଡି କେ ବଚନ ଭୱାନୀ । ବୋଲେଉ ଗରୁଡ଼ ହରଷି ମୃଦୁ ବାନୀ ॥**
**ତୱ ପ୍ରସାଦ ପ୍ରଭୁ ମମ ଉର ମାହୀଁ । ସଂସୟ ସୋକ ମୋହ ଭ୍ରମ ନାହୀଁ ॥ ୩ ॥**

[ଶିବ କହୁଛନ୍ତି,] ହେ ଭବାନୀ ! ଭୁଶୁଣ୍ଡିଙ୍କ ବଚନ ଶୁଣି, ଗରୁଡ଼ ଆନନ୍ଦିତ ହୋଇ ବିନମ୍ରଭାବରେ କହିଲେ, ହେ ପ୍ରଭୁ ! ଆପଣଙ୍କ କୃପାରୁ ମୋର ହୃଦୟରେ ଆଉ କୌଣସି ସନ୍ଦେହ, ଶୋକ, ମୋହ ଓ ଭ୍ରମ ନାହିଁ ; ସବୁ ଦୂର ହୋଇଗଲା ॥ ୩ ॥

**ସୁନେଉଁ ପୁନୀତ ରାମ ଗୁନ ଗ୍ରାମା । ତୁହ୍ମରୀ କୃପା ଲହେଉଁ ବିଶ୍ରାମା ॥**
**ଏକ ବାତ ପ୍ରଭୁ ପୂଁଛଉଁ ତୋହୀ । କହହୁ ବୁଝାଇ କୃପାନିଧି ମୋହୀ ॥ ୪ ॥**

ଆପଣଙ୍କ କୃପାରୁ ମୁଁ ଶ୍ରୀରାମଙ୍କର ପବିତ୍ର ଗୁଣଗାଥା ଶୁଣିବାକୁ ପାଇଲି ଏବଂ ଶାନ୍ତି ଲାଭ କଲି । ହେ ପ୍ରଭୁ ! ମୁଁ ଆପଣଙ୍କୁ ଆଉ ଗୋଟିଏ କଥା ପଚାରୁଛି । ହେ କୃପାସାଗର ! ମୋତେ ବୁଝାଇ କହନ୍ତୁ ॥ ୪ ॥

**କହହିଁ ସଂତ ମୁନି ବେଦ ପୁରାନା । ନହିଁ କଛୁ ଦୁର୍ଲଭ ଗ୍ୟାନ ସମାନା ॥**
**ସୋଇ ମୁନି ତୁହ୍ମ ସନ କହେଉ ଗୋସାଈଁ । ନହିଁ ଆଦରେହୁ ଭଗତି କୀ ନାଈଁ ॥ ୫ ॥**

ସନ୍ତ, ମୁନି, ବେଦ ଓ ପୁରାଣମାନେ କହନ୍ତି ଯେ, ଜ୍ଞାନ ପରି ଦୁର୍ଲଭ ବସ୍ତୁ ଆଉ କିଛି ନାହିଁ । ହେ ପ୍ରଭୁ ! ମୁନି ଆପଣଙ୍କୁ ସେହି ଜ୍ଞାନ କହିଲେ; କିନ୍ତୁ ଆପଣ ତାହାକୁ ଭକ୍ତି ପରି ଆଦର କଲେ ନାହିଁ ॥ ୫ ॥

**ଗ୍ୟାନହି ଭଗତିହି ଅଂତର କେତା । ସକଲ କହହୁ ପ୍ରଭୁ କୃପା ନିକେତା ॥**
**ସୁନି ଉରଗାରି ବଚନ ସୁଖ ମାନା । ସାଦର ବୋଲେଉ କାଗ ସୁଜାନା ॥ ୬ ॥**

ହେ କୃପାନିକେତନ ! ହେ ପ୍ରଭୁ ! ଜ୍ଞାନ ଓ ଭକ୍ତି ମଧ୍ୟରେ କି ପ୍ରଭେଦ ରହିଛି, ତାହା ମୋତେ କହନ୍ତୁ ।" ଗରୁଡ଼ଙ୍କ ବଚନ ଶୁଣି ସୁଜ୍ଞାନୀ କାକଭୁଶୁଣ୍ଡି ଆନନ୍ଦିତ ହେଲେ ଏବଂ ଆଦରର ସହିତ କହିଲେ : ॥ ୬ ॥

**ଭଗତିହି ଗ୍ୟାନହି ନହିଁ କଛୁ ଭେଦା । ଉଭୟ ହରହିଁ ଭୱ ସଂଭୱ ଖେଦା ॥**
**ନାଥ ମୁନୀସ କହହିଁ କଛୁ ଅଂତର । ସାୱଧାନ ସୋଉ ସୁନୁ ବିହଂଗବର ॥ ୭ ॥**

ଭକ୍ତି ଓ ଜ୍ଞାନ ମଧ୍ୟରେ ସେପରି କିଛି ପ୍ରଭେଦ ନାହିଁ; ଉଭୟେ ସଂସାରରୁ ଉତ୍ପନ୍ନ କ୍ଲେଶ ହରଣ କରିଥାନ୍ତି । ହେ ନାଥ ! ଯାହାକିଛି ପ୍ରଭେଦ ମୁନୀଶ୍ୱରମାନେ ଦର୍ଶାନ୍ତି, ହେ ପକ୍ଷୀଶ୍ରେଷ୍ଠ ! ତାହା ସାବଧାନ ହୋଇ ଶୁଣନ୍ତୁ ॥ ୭ ॥

**ଗ୍ୟାନ ବିରାଗ ଜୋଗ ବିଗ୍ୟାନା । ଏ ସବ ପୁରୁଷ ସୁନହୁ ହରିଜାନା ॥**
**ପୁରୁଷ ପ୍ରତାପ ପ୍ରବଲ ସବ ଭାଁତୀ । ଅବଲା ଅବଲ ସହଜ ଜଡ଼ ଜାତୀ ॥ ୮ ॥**

ହେ ହରିବାହନ ! ଜ୍ଞାନ, ବୈରାଗ୍ୟ, ଯୋଗ, ବିଜ୍ଞାନ—ଏସବୁ ହେଉଛି ପୁରୁଷବର୍ଗ; ପୁରୁଷମାନଙ୍କର ପ୍ରତାପ ସବୁଦୃଷ୍ଟିରୁ ପ୍ରବଳ ହୋଇଥାଏ । ମାୟା ହେଉଛି ସ୍ତ୍ରୀବର୍ଗର । ସ୍ତ୍ରୀ ସ୍ୱଭାବତଃ ଦୁର୍ବଳ ଓ ଜନ୍ମରୁହିଁ ମୂର୍ଖ ॥ ୮ ॥

ଦୋ:- **ପୁରୁଷ ତ୍ୟାଗି ସକ ନାରିହି ଜୋ ବିରକ୍ତ ମତି ଧୀର ।**
**ନ ତୁ କାମୀ ବିଷୟାବସ ବିମୁଖ ଜୋ ପଦ ରଘୁବୀର ॥୧୧୫(କ)॥**

ଯେଉଁ ପୁରୁଷମାନେ ବୈରାଗ୍ୟବାନ୍ ଓ ଧୀରବୁଦ୍ଧି, ସେମାନେହିଁ ସ୍ତ୍ରୀକୁ ତ୍ୟାଗ କରିପାରିବେ । ଯେଉଁ ପୁରୁଷମାନେ କାମୀ, ବିଷୟାସକ୍ତ (ବିଷୟର ଦାସ) ଏବଂ ରଘୁବୀରଙ୍କ ଚରଣ ପ୍ରତି ବିମୁଖ, ସେମାନେ ସ୍ତ୍ରୀକୁ ତ୍ୟାଗ କରିପାରିବେ ନାହିଁ ॥ ୧୧୫(କ) ॥

ସୋ:- **ସୋଉ ମୁନି ଗ୍ୟାନନିଧାନ ମୃଗନୟନୀ ବିଧୁ ମୁଖ ନିରଖି ।**
**ବିବସ ହୋଇ ହରିଜାନ ନାରି ବିଷ୍ଣୁ ମାୟା ପ୍ରଗଟ ॥୧୧୫(ଖ)॥**

ଜ୍ଞାନର ନିଧାନ ମୁନି ମଧ୍ୟ ଯୁବତୀନାରୀର ଚନ୍ଦ୍ରମୁଖ ଦେଖି ତା'ର ଅଧୀନ ହୋଇଯାଆନ୍ତି । ହେ ଗରୁଡ଼ ! ଭଗବାନ୍ ବିଷ୍ଣୁଙ୍କର ମାୟାହିଁ ସ୍ତ୍ରୀରୂପରେ ପ୍ରକଟ ହୋଇଥାଏ ॥ ୧୧୫(ଖ) ॥

**ଇହାଁ ନ ପଚ୍ଛପାତ କଛୁ ରାଖଉଁ । ବେଦ ପୁରାନ ସଂତ ମତ ଭାଷଉଁ ॥**
**ମୋହ ନ ନାରି ନାରି କେଁ ରୂପା । ପନ୍ନଗାରି ୟହ ରୀତି ଅନୂପା ॥ ୧ ॥**

ମୁଁ କିଛି ପକ୍ଷପାତ ରଖି କହୁନାହିଁ । ବେଦ, ପୁରାଣ ଓ ସନ୍ଥମାନଙ୍କର ମତ(ସିଦ୍ଧାନ୍ତ)ହିଁ କହୁଛି । ହେ ଗରୁଡ଼ ! ଏହା ଏକ ନିଶ୍ଚିତ ନିୟମ ଯେ, ଜଣେ ସ୍ତ୍ରୀର ରୂପ ଦେଖି ଅନ୍ୟ ଜଣେ ସ୍ତ୍ରୀ ମୋହିତ ହୁଏ ନାହିଁ ॥ ୧ ॥

**ମାୟା ଭଗତି ସୁନହୁ ତୁହ୍ମ ଦୋଉ । ନାରି ବର୍ଗ ଜାନଇ ସବ କୋଉ ॥**
**ପୁନି ରଘୁବୀରହି ଭଗତି ପିଆରୀ । ମାୟା ଖଲୁ ନର୍ତକୀ ବିଚାରୀ ॥ ୨ ॥**

ଆପଣ ଶୁଣନ୍ତୁ; ମାୟା ଓ ଭକ୍ତି—ଉଭୟେ ଯେ ସ୍ତ୍ରୀବର୍ଗର, ଏହା ସମସ୍ତେ ଜାଣନ୍ତି । ପୁଣି ଶ୍ରୀରଘୁବୀରଙ୍କୁ ଭକ୍ତି ବଡ଼ ପ୍ରିୟ ଲାଗେ । ମାୟା ବିଚାରୀ ତ ନର୍ତ୍ତକୀମାତ୍ର ॥ ୨ ॥

**ଭଗତିହି ସାନୁକୂଲ ରଘୁରାୟା । ତାତେ ତେହି ଡରପତି ଅତି ମାୟା ॥**
**ରାମ ଭଗତି ନିରୁପମ ନିରୁପାଧୀ । ବସଇ ଜାସୁ ଉର ସଦା ଅବାଧୀ ॥ ୩ ॥**
**ତେହି ବିଲୋକି ମାୟା ସକୁଚାଈ । କରି ନ ସକଇ କଛୁ ନିଜ ପ୍ରଭୁତାଈ ॥**
**ଅସ ବିଚାରି ଜେ ମୁନି ବିଗ୍ୟାନୀ । ଜାଚହିଁ ଭଗତି ସକଲ ସୁଖ ଖାନୀ ॥ ୪ ॥**

ଶ୍ରୀରଘୁନାଥ ଭକ୍ତିକୁ ବିଶେଷ ଆଦର କରନ୍ତି । ଫଳରେ ମାୟା ତାକୁ ଅତ୍ୟନ୍ତ ଭୟ କରେ । ଯାହାର ହୃଦୟରେ ଉପମାରହିତ ଓ ଉପାଧିରହିତ ବିଶୁଦ୍ଧ ରାମଭକ୍ତି ଅବାଧରେ ନିବାସ କରେ, ତାକୁ ଦେଖିଲେ ମାୟା ଡରିଯାଏ ; ସେ ଭକ୍ତି ଉପରେ କୌଣସି ପ୍ରଭୁତ୍ୱ ବିସ୍ତାର କରିପାରେ ନାହିଁ । ଏହା ଜାଣି ବିଜ୍ଞାନୀ ମୁନିମାନେ କେବଳ ସକଳ ସୁଖର ନିଧାନ ଭକ୍ତିକୁ ଲୋଡ଼ନ୍ତି ॥ ୩, ୪ ॥

ଦୋ:- **ୟହ ରହସ୍ୟ ରଘୁନାଥ କର ବେଗି ନ ଜାନଇ କୋଇ ।**
**ଜୋ ଜାନଇ ରଘୁପତି କୃପାଁ ସପନେହୁଁ ମୋହ ନ ହୋଇ ॥୧୧୬(କ)॥**

ଶ୍ରୀରଘୁନାଥଙ୍କ ଭକ୍ତିର ଏହି ରହସ୍ୟ କେହି ଶୀଘ୍ର ଜାଣିପାରେ ନାହିଁ । ଶ୍ରୀରଘୁନାଥଙ୍କ କୃପାରୁ ଯେ ଏହା ଜାଣିଯାଏ, ସେ ସ୍ୱପ୍ନରେ ବି ମୋହଗ୍ରସ୍ତ ହୁଏ ନାହିଁ ॥ ୧୧୬(କ) ॥

**ଔରଉ ଗ୍ୟାନ ଭଗତି କର ଭେଦ ସୁନହୁ ସୁପ୍ରବୀନ ।**
**ଜୋ ସୁନି ହୋଇ ରାମ ପଦ ପ୍ରୀତି ସଦା ଅବିଛୀନ ॥୧୧୬(ଖ)॥**

ହେ ସୁଚତୁର ଗରୁଡ଼ ! ଜ୍ଞାନ ଓ ଭକ୍ତିର ଅନ୍ୟ ଯେଉଁସବୁ ପ୍ରଭେଦ ରହିଛି, ତାହା ଶୁଣନ୍ତୁ । ତାହା ଶୁଣିଲେ ଶ୍ରୀରାମଙ୍କ ଚରଣଯୁଗଳରେ ଅଖଣ୍ଡ ପ୍ରେମ ହୋଇଯାଏ ॥ ୧୧୬(ଖ) ॥

**ସୁନହୁ ତାତ ୟହ ଅକଥ କହାନୀ । ସମୁଝତ ବନଇ ନ ଜାଇ ବଖାନୀ ॥**
**ଈସ୍ୱର ଅଂସ ଜୀୱ ଅବିନାସୀ । ଚେତନ ଅମଲ ସହଜ ସୁଖରାସୀ ॥ ୧ ॥**

ହେ ପ୍ରଭୁ ! ଏହି ଅନିର୍ବଚନୀୟ ତତ୍ତ୍ୱଟି ଶୁଣନ୍ତୁ । ଏହା ଅନୁଭବ କରିବାର କଥା; ଏହାକୁ ଭାଷାରେ କୁହାଯାଇପାରେ ନାହିଁ । ଜୀବ ଈଶ୍ୱରଙ୍କର ଅଂଶ । ଅତଏବ ଜୀବ ହେଉଛି ଅବିନାଶୀ, ଚେତନ, ନିର୍ମଳ ଓ ସ୍ୱାଭାବିକ ସୁଖର ଭଣ୍ଡାର ॥ ୧॥

**ସୋ ମାୟାବସ ଭୟଉ ଗୋସାଈଁ । ବଁଧ୍ୟୋ କୀର ମରକଟ କୀ ନାଈଁ ॥**
**ଜଡ଼ ଚେତନହି ଗ୍ରଂଥି ପରି ଗଈ । ଜଦପି ମୃଷା ଛୂଟତ କଠିନଈ ॥ ୨ ॥**

ହେ ପ୍ରଭୁ ! ଏହି ଜୀବ ମାୟାର ବଶୀଭୂତ ହୋଇ ଶୁଆ ଓ ମାଙ୍କଡ଼ ପରି ନିଜେ ନିଜେ ବାନ୍ଧିହୋଇଯାଇଛି । ଏପରିଭାବରେ ଜଡ଼ ଓ ଚେତନ ମଧ୍ୟରେ ଗଣ୍ଠି ପଡ଼ିଯାଇଛି । ସେହି ଗଣ୍ଠିଟା ମିଥ୍ୟା ସତ, ତଥାପି ସେଥିରୁ ମୁକୁଳିବା କଠିନ ॥ ୨॥

**ତବ ତେ ଜୀୱ ଭୟଉ ସଂସାରୀ । ଛୂଟ ନ ଗ୍ରଂଥି ନ ହୋଇ ସୁଖାରୀ ॥**
**ଶ୍ରୁତି ପୁରାନ ବହୁ କହେଉ ଉପାଈ । ଛୂଟ ନ ଅଧିକ ଅଧିକ ଅରୁଝାଈ ॥ ୩ ॥**

ସେହି ଗଣ୍ଠି ପଡ଼ିଯିବାଦିନୁ ଜୀବ ସଂସାରୀ (ଜନ୍ମମରଣଶୀଳ) ହୋଇଯାଇଛି । ବର୍ତ୍ତମାନ ନା ସେହି ଗଣ୍ଠି ଖୋଲୁଛି, ନା ଜୀବ ଆନନ୍ଦ ପାଉଛି । ସେହି ଗଣ୍ଠି ଖୋଲିବାପାଇଁ ବେଦ ଓ ପୁରାଣମାନଙ୍କରେ ବହୁତ ଉପାୟ କୁହାଯାଇଛି; କିନ୍ତୁ ତାହା ଖୋଲିବ କ'ଣ, ବରଂ ଅଧିକରୁ ଅଧିକ ଅଡୁଆ ହୋଇଯାଉଛି ॥ ୩ ॥

**ଜୀୱ ହୃଦୟଁ ତମ ମୋହ ବିସେଷୀ । ଗ୍ରଂଥି ଛୂଟ କିମି ପରଇ ନ ଦେଖୀ ॥**
**ଅସ ସଂଜୋଗ ଈସ ଜବ କରଈ । ତବହୁଁ କଦାଚିତ ସୋ ନିରୁଅରଈ ॥ ୪ ॥**

ଜୀବର ହୃଦୟକୁ ମୋହରୂପୀ ଅଜ୍ଞାନ ଅନ୍ଧକାର ବିଶେଷରୂପେ ଆଚ୍ଛାଦିତ କରି ରଖିଛି ; ତେଣୁ ସେହି ଗଣ୍ଠିକୁ ତ ଦେଖିହେଉନାହିଁ ; ପୁଣି ଫିଟାଯିବ କିପରି ? ଯେତେବେଳେ ଈଶ୍ୱର ଏଭଳି କିଛି ଗୋଟିଏ ସୁଯୋଗ ଉପସ୍ଥିତ କରିଦିଅନ୍ତି (ଯେପରି ଆଗକୁ କୁହାଯିବ), ତା'ହେଲେ କଦବା କ୍ୱଚିତ ସେହି ଗଣ୍ଠି ଫିଟିଯାଏ ॥ ୪ ॥

**ସାତ୍ତ୍ୱିକ ଶ୍ରଦ୍ଧା ଧେନୁ ସୁହାଈ । ଜୌଁ ହରି କୃପାଁ ହୃଦୟଁ ବସ ଆଈ ॥**
**ଜପ ତପ ବ୍ରତ ଜମ ନିୟମ ଅପାରା । ଜେ ଶ୍ରୁତି କହ ସୁଭ ଧର୍ମ ଅଚାରା ॥ ୫ ॥**

ଶ୍ରୀହରିଙ୍କ କୃପାରୁ ଯଦି ସାତ୍ତ୍ୱିକୀ ଶ୍ରଦ୍ଧାରୂପୀ ସୁନ୍ଦର ଗାଈ ଆସି ହୃଦୟରୂପୀ ଘରେ ରହିଯାଏ, ତେବେ ତାହାକୁ ବେଦରେ କୁହାଯାଇଥିବା ଅସଂଖ୍ୟ ଜପ, ତପ, ବ୍ରତ, ଯମ ଓ ନିୟମାଦି ସଦ୍‌ଗୁଣ ଏବଂ ଅନ୍ୟାନ୍ୟ ସଦାଚାର— ॥ ୫ ॥

**ତେଇ ତୃନ ହରିତ ଚରୈ ଜବ ଗାଈ । ଭାୱ ବଚ୍ଛ ସିସୁ ପାଇ ପେହ୍ନାଈ ॥**
**ନୋଇ ନିବୃତ୍ତି ପାତ୍ର ବିସ୍ୱାସା । ନିର୍ମଲ ମନ ଅହୀର ନିଜ ଦାସା ॥ ୬ ॥**

ତଥା ଧର୍ମାଚରଣରୂପୀ ସବୁଜ ଘାସ ଚରାଇଲେ ସେହି ଶ୍ରଦ୍ଧାରୂପୀ ଗାଈ ଆସ୍ତିକଭାବରୂପୀ ବାଛୁରୀ ଜନ୍ମ କରି ପହ୍ନାଏ । ସେତେବେଳେ ନିବୃତ୍ତି(ସାଂସାରିକ ବିଷୟରୁ ଓ ପ୍ରପଞ୍ଚରୁ ହଟି ଆସିବା)ରୂପକ ଛନ୍ଦାଦଉଡ଼ିରେ ବାନ୍ଧି, ବିଶ୍ୱାସରୂପକ ଠେକି ଧରି, ନିଜର ବଶୀଭୂତ ନିର୍ମଳମନରୂପକ ଗଉଡ଼ ସାହାଯ୍ୟରେ— ॥ ୬ ॥

**ପରମ ଧର୍ମମୟ ପୟ ଦୁହି ଭାଈ । ଅୱଟୈ ଅନଲ ଅକାମ ବନାଈ ॥**
**ତୋଷ ମରୁତ ତବ ଛମାଁ ଜୁଡ଼ାୱୈ । ଧୃତି ସମ ଜାୱନୁ ଦେଇ ଜମାୱୈ ॥ ୭ ॥**

ହେ ଭାଇ ! ଏହିରୂପେ [ଧର୍ମାଗ୍ରରରେ ପ୍ରବୃତ୍ତ ସାତ୍ତ୍ୱିକୀ-ଶ୍ରଦ୍ଧାରୂପୀ ଗାଈଠାରୁ ଭାବ, ନିବୃତ୍ତି ଓ ବଶୀଭୂତ କରାଯାଇଥିବା ନିର୍ମଳମନରୂପକ ଗଉଡ଼ ସାହାଯ୍ୟରେ] ପରମ ଧର୍ମମୟ ଦୁଗ୍ଧ ଦୁହିଁ ସେହି ଦୁଗ୍ଧକୁ ନିଷ୍କାମଭାବରୂପୀ ଅଗ୍ନିରେ ଭଲଭାବରେ ଆଉଟାଯାଏ ଏବଂ ତା'ପରେ କ୍ଷମା ଓ ସନ୍ତୋଷରୂପୀ ପବନରେ ଶୀତଳ କରି, ସେଥିରେ ଧୈର୍ଯ୍ୟ ତଥା ଶମ(ମନୋନିଗ୍ରହ)ରୂପୀ ମହି ଦେଇ ଦହି ବସାଯାଏ ॥ ୭ ॥

**ମୁଦିତାଁ ମଥୈ ବିଗ୍ୱର ମଥାନୀ । ଦମ ଅଧାର ରଜୁ ସତ୍ୟ ସୁବାନୀ ॥**
**ତବ ମଥି କାଢ଼ି ଲେଇ ନୱନୀତା । ବିମଲ ବିରାଗ ସୁଭଗ ସୁପୁନୀତା ॥ ୮ ॥**

ତା'ପରେ ପ୍ରସନ୍ନତାରୂପକ ହାଣ୍ଡିରେ ତତ୍ତ୍ୱବିଗ୍ୱରରୂପକ ମନ୍ଥନଦଣ୍ଡ ପକାଇ, ଇନ୍ଦ୍ରିୟଦମନରୂପକ ଖୁଣ୍ଟରେ ସତ୍ୟ ଓ ସୁନ୍ଦର ବାଣୀରୂପୀ ରଜ୍ଜୁ ଲଗାଇ ସେହି ଦହିକୁ ମନ୍ଥି ସେଥିରୁ ନିର୍ମଳ, ସୁନ୍ଦର ଓ ଅତ୍ୟନ୍ତ ପବିତ୍ର ବୈରାଗ୍ୟରୂପକ ଲହୁଣି କଢ଼ାଯାଏ ॥ ୮ ॥

ଦୋ:- **ଜୋଗ ଅଗିନି କରି ପ୍ରଗଟ ତବ କର୍ମ ସୁଭାସୁଭ ଲାଇ ।**
**ବୁଦ୍ଧି ସିରାୱୈ ଗ୍ୟାନ ଘୃତ ମମତା ମଲ ଜରି ଜାଇ ॥ ୧ ୧ ୭(କ)॥**

ତା'ପରେ ଯୋଗରୂପୀ ଅଗ୍ନି ଲଗାଇ ସେଥିରେ ସମସ୍ତ ଶୁଭାଶୁଭକର୍ମରୂପୀ ଇନ୍ଧନ ଜଳାଯାଏ (ଅର୍ଥାତ୍ ସକଳ କର୍ମକୁ ଯୋଗରୂପକ ଅଗ୍ନିରେ ପୋଡ଼ି ଭସ୍ମ କରିଦେବାକୁ ପଡ଼େ) । (ସେହି ଅଗ୍ନିରେ ସେହି ଲହୁଣୀକୁ ଜାଳିଲେ) ଯେତେବେଳେ ବୈରାଗ୍ୟରୂପକ ଲହୁଣିରୁ ମମତାରୂପୀ ମଳ ମରିଯାଏ, ସେତେବେଳେ ସେଥିରୁ ଶୁଦ୍ଧଜ୍ଞାନରୂପକ ଘିଅ ବାହାରେ । ତାହାକୁ [ନିଶ୍ଚୟାତ୍ମିକା] ବୁଦ୍ଧିଦ୍ୱାରା ଶୀତଳ କରାଯାଏ ॥ ୧ ୧ ୭(କ) ॥

**ତବ ବିଗ୍ୟାନରୂପିନୀ ବୁଦ୍ଧି ବିସଦ ଘୃତ ପାଇ ।**
**ଚିତ୍ତ ଦିଆ ଭରି ଧରୈ ଦୃଢ଼ ସମତା ଦିଅଟି ବନାଇ ॥ ୧ ୧ ୭(ଖ)॥**

ତା'ପରେ ବିଜ୍ଞାନରୂପିଣୀ ବୁଦ୍ଧି ସେହି [ଜ୍ଞାନରୂପୀ] ନିର୍ମଳ ଘିଅକୁ ପାଇ ତାହାକୁ ଚିତ୍ତରୂପୀ ଦୀପରେ ପୂର୍ଣ୍ଣ କରିଦିଏ ଓ ସମତାରୂପକ ରୁଖା ଗଢ଼ି ତା'ଉପରେ ସେହି ଦୀପଟିକୁ ଦୃଢ଼ରୂପେ (ହଲଚଲ ନ ହେଲାଭଳି) ରଖିଦିଏ ॥ ୧ ୧ ୭(ଖ) ॥

**ତୀନି ଅୱସ୍ଥା ତୀନି ଗୁନ ତେହି କପାସ ତେଁ କାଢ଼ି ।**
**ତୂଲ ତୁରୀୟ ସଁୱାରି ପୁନି ବାତୀ କରୈ ସୁଗାଢ଼ି ॥ ୧ ୧ ୭(ଗ)॥**

ସେହି ବୁଦ୍ଧି [ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି—ଏହି] ତିନି ଅବସ୍ଥା ଏବଂ [ସତ୍ତ୍ୱ, ରଜ ଓ ତମ—ଏହି] ତିନିଗୁଣରୂପକ କପାରୁ ତୁରୀୟ ଅବସ୍ଥାରୂପକ ତୂଳା ବାହାର କରି, ତାହାକୁ ବଳି ସେଥିରେ ଭଲ ବଳିତା ତିଆରି କରେ ॥ ୧ ୧ ୭(ଗ) ॥

ସୋ:- **ଏହି ବିଧି ଲେସୈ ଦୀପ ତେଜ ରାସି ବିଗ୍ୟାନମୟ ।**
**ଜାତହିଁ ଜାସୁ ସମୀପ ଜରହିଁ ମଦାଦିକ ସଲଭ ସବ ॥ ୧ ୧ ୭(ଘ)॥**

ତେଜର ରାଶି ସେହି ବିଜ୍ଞାନମୟ ଦୀପକୁ ଏହିପରିଭାବରେ ଜଳାଇଲେ, ତା'ନିକଟକୁ ଯିବାମାତ୍ରେ ମଦ ଆଦି ସବୁପତଙ୍ଗ ପୋଡ଼ିଯାଆନ୍ତି ॥ ୧ ୧ ୭(ଘ) ॥

**ସୋହମସ୍ମି ଇତି ବୃତ୍ତି ଅଖଂଡା । ଦୀପ ସିଖା ସୋଇ ପରମ ପ୍ରଚଂଡା ॥**
**ଆତମ ଅନୁଭୱ ସୁଖ ସୁପ୍ରକାସା । ତବ ଭୱ ମୂଲ ଭେଦ ଭ୍ରମ ନାସା ॥ ୧ ॥**

*'ସୋଽହମସ୍ମି'* (ମୁଁ ସେହି ବ୍ରହ୍ମ ଅଟେ) ବୋଲି ଯେଉଁ ଅଖଣ୍ଡ ତୈଳଧାରାବତ୍ ବୃତ୍ତି ରହିଛି, ତାହାହିଁ ସେହି ଜ୍ଞାନଦୀପର ପରମ ପ୍ରଚଣ୍ଡ ଦୀପଶିଖା ହୋଇଯାଏ । ଏପରିଭାବରେ ଦୀପ ଜଳିଲେ ଯେତେବେଳେ ଆତ୍ମାନୁଭବସୁଖର ସୁନ୍ଦର ଆଲୋକ (ଜ୍ୟୋତି) ବିଚ୍ଛୁରିତ ହୋଇଯାଏ, ସେତେବେଳେ ସଂସାରର ମୂଳ ଭେଦରୂପକ ଭ୍ରମ ନାଶ ପାଇଯାଏ ॥ ୧ ॥

**ପ୍ରବଲ ଅବିଦ୍ୟା କର ପରିୱାରା । ମୋହ ଆଦି ତମ ମିଟଇ ଅପାରା ॥**
**ତବ ସୋଇ ବୁଦ୍ଧି ପାଇ ଉଁଜିଆରା । ଉର ଗୃହଁ ବୈଠି ଗ୍ରଂଥି ନିରୁଆରା ॥ ୨ ॥**

ଏବଂ ଅତ୍ୟନ୍ତ ବଳବତୀ ଅବିଦ୍ୟାର ପରିବାର ଅର୍ଥାତ୍ ମୋହ ଆଦିର ଅପାର ଅନ୍ଧକାର ଦୂର ହୋଇଯାଏ । ସେତେବେଳେ ବିଜ୍ଞାନରୂପିଣୀ ବୁଦ୍ଧି ଆତ୍ମାନୁଭବରୂପକ ଆଲୋକ ପାଇ ହୃଦୟରୂପକ ମନ୍ଦିରରେ ବସି ସେହି ଜଡ଼ଚେତନର ଗଣ୍ଠିକୁ ଖୋଲିବାକୁ ଲାଗେ ॥ ୨ ॥

**ଛୋରନ ଗ୍ରଂଥି ପାୱ ଜୌଁ ସୋଈ । ତବ ୟହ ଜୀୱ କୃତାରଥ ହୋଈ ॥**
**ଛୋରତ ଗ୍ରଂଥି ଜାନି ଖଗରାୟା । ବିଘ୍ନ ଅନେକ କରଇ ତବ ମାୟା ॥ ୩ ॥**

ଯଦି ବିଜ୍ଞାନରୂପିଣୀ ବୁଦ୍ଧି ସେହି ଗଣ୍ଠି ଖୋଲିଦିଏ, ତେବେ ଏହି ଜୀବ କୃତାର୍ଥ ହୋଇଯାଏ । କିନ୍ତୁ ହେ ପକ୍ଷୀରାଜ ଗରୁଡ଼ ! ଗଣ୍ଠି ଖୋଲିଯାଉଛି ବୋଲି ଜାଣିଗଲେ, ମାୟା ନାନାପ୍ରକାର ବିଘ୍ନ ଘଟାଏ ॥ ୩ ॥

**ରିଦ୍ଧି ସିଦ୍ଧି ପ୍ରେରଇ ବହୁ ଭାଈ । ବୁଦ୍ଧିହି ଲୋଭ ଦିଖାୱହିଁ ଆଈ ॥**
**କଲ ବଲ ଛଲ କରି ଜାହିଁ ସମୀପା । ଅଂଚଲ ବାତ ବୁଝାୱହିଁ ଦୀପା ॥ ୪ ॥**

ହେ ଭାଇ ! ମାୟା ନାନାପ୍ରକାର ଋଦ୍ଧିସିଦ୍ଧିଙ୍କୁ ପଠାଇଦିଏ । ସେମାନେ ଆସି ବୁଦ୍ଧିକୁ ନାନା ଲୋଭ ଦେଖାନ୍ତି ଏବଂ କଳ, ବଳ ଓ ଛଳ ପ୍ରୟୋଗ କରି ସେହି ଦୀପ ନିକଟକୁ ଚ୍ଳିଯାଆନ୍ତି । ସେମାନେ ନିଜ ନିଜ ଲୁଗାକାନିର ପବନରେ ସେହି ଜ୍ଞାନରୂପୀ ଦୀପକୁ ଲିଭାଇଦିଅନ୍ତି ॥ ୪ ॥

**ହୋଇ ବୁଦ୍ଧି ଜୌଁ ପରମ ସୟାନୀ । ତିନ୍ହ ତନ ଚିତୱ ନ ଅନହିତ ଜାନୀ ॥**
**ଜୌଁ ତେହି ବିଘ୍ନ ବୁଦ୍ଧି ନହିଁ ବାଧୀ । ତୌ ବହୋରି ସୁର କରହିଁ ଉପାଧୀ ॥ ୫ ॥**

ଯଦି ବୁଦ୍ଧି ଅତ୍ୟନ୍ତ ବିଚକ୍ଷଣ ହୋଇଥାଏ, ତେବେ ସେ ସେହି ଋଦ୍ଧିସିଦ୍ଧିମାନଙ୍କୁ ଅହିତକର ବୋଲି ଜାଣି ସେମାନଙ୍କ ଆଡ଼କୁ ଆଦୌ ଚ୍ହେଁ ନାହିଁ । ଏପରିଭାବରେ ଯଦି ମାୟାର ବିଘ୍ନଦ୍ୱାରା ବୁଦ୍ଧି ବାଧାପ୍ରାପ୍ତ ନ ହୁଏ, ତେବେ ଦେବତାମାନେ ଅନ୍ୟପ୍ରକାର ବିଘ୍ନ ସୃଷ୍ଟି କରନ୍ତି ॥ ୫ ॥

**ଇଂଦ୍ରୀ ଦ୍ୱାର ଝରୋଖା ନାନା । ତହଁ ତହଁ ସୁର ବୈଠେ କରି ଥାନା ॥**
**ଆୱତ ଦେଖହିଁ ବିଷୟ ବୟାରୀ । ତେ ହଠି ଦେହିଁ କପାଟ ଉଘାରୀ ॥ ୬ ॥**

ଶରୀରର ବିଭିନ୍ନ ଇନ୍ଦ୍ରିୟ ହେଉଛନ୍ତି ହୃଦୟମନ୍ଦିରର ଅନେକ ଝରକା । ପ୍ରତ୍ୟେକ ଝରକା ପାଖରେ ଇନ୍ଦ୍ରିୟାଭିମାନୀ ଦେବତାମାନେ ଆଡା ଜମାଇ ରହିଥାନ୍ତି । ବିଷୟାସକ୍ତିରୂପୀ ପ୍ରଭଞ୍ଜନ (ଜୋର ପବନ) ବହିଲା ବୋଲି ଦେଖିବାମାତ୍ରେ ସେହି ଦେବତାମାନେ ନିଜପାଖ ଝରକାର କବାଟ ବଳପୂର୍ବକ ଖୋଲିଦିଅନ୍ତି ॥ ୬ ॥

**ଜବ ସୋ ପ୍ରଭଂଜନ ଉର ଗୃହଁ ଜାଈ । ତବହିଁ ଦୀପ ବିଗ୍ୟାନ ବୁଝାଈ ॥**
**ଗ୍ରଂଥି ନ ଛୂଟି ମିଟା ସୋ ପ୍ରକାସା । ବୁଦ୍ଧି ବିକଲ ଭଇ ବିଷୟ ବତାସା ॥ ୭ ॥**

ସେହି ଖୋଲାକବାଟରୂପକ ପଥ ଦେଇ ବିଷୟାସକ୍ତିରୂପକ ପବନ ଆସି ଯେତେବେଳେ ହୃଦୟମନ୍ଦିରରେ ଜୋରରେ ପ୍ରବାହିତ ହୁଏ, ସେତେବେଳେ ବିଜ୍ଞାନରୂପୀ ପ୍ରଦୀପ ଲିଭିଯାଏ । ଜଡ଼ଚେତନ ଗଣ୍ଠି ତ ଫିଟି ନ ଥାଏ, ଏଣେ ଆତ୍ମାନନ୍ଦରୂପକ ଆଲୋକ ବି ଲିଭିଯାଏ । ବିଷୟାସକ୍ତିରୂପୀ ପବନ ବାଜିବାରୁ ବୁଦ୍ଧି ମଧ୍ୟ ବ୍ୟାକୁଳ ହୋଇଯାଏ (ଅର୍ଥାତ୍ ସବୁ ସାଧନା, ସବୁ ଆୟୋଜନ ଫସର ଫାଟିଯାଏ) ॥ ୭ ॥

**ଇଂଦ୍ରିହ୍ନ ସୁରହ୍ନ ନ ଗ୍ୟାନ ସୋହାଈ । ବିଷୟ ଭୋଗ ପର ପ୍ରୀତି ସଦାଈ ॥**
**ବିଷୟ ସମୀର ବୁଦ୍ଧି କୃତ ଭୋରୀ । ତେହି ବିଧି ଦୀପ କୋ ବାର ବହୋରୀ ॥ ୮ ॥**

ଇନ୍ଦ୍ରିୟମାନଙ୍କୁ ଓ ସେମାନଙ୍କର ଅଭିମାନୀ ଦେବତାମାନଙ୍କୁ ଜ୍ଞାନ ଭଲ ଲାଗେ ନାହିଁ; କାରଣ ସେମାନଙ୍କୁ ବିଷୟଭୋଗ ସବୁବେଳେ ଭଲ ଲାଗେ । ବିଷୟରୂପୀ ପବନ ବୁଦ୍ଧିକୁ ବି ବାଉଳା କରିଦେଇଥାଏ; ତେଣୁ ସେହି ଜ୍ଞାନମୟ ପ୍ରଦୀପକୁ ଆଉ ସେପରି ଜଳାଇବ କିଏ ? ॥ ୮ ॥

ଦୋ:- **ତବ ଫିରି ଜୀଵ ବିବିଧି ବିଧି ପାଵଇ ସଂସୃତି କ୍ଲେସ ।**
**ହରି ମାୟା ଅତି ଦୁସ୍ତର ତରି ନ ଜାଇ ବିହଗେସ ॥୧୧୮(କ)॥**

ତେଣୁ [ଏପରିଭାବରେ ବିଜ୍ଞାନମୟ ପ୍ରଦୀପ ଲିଭିଯିବାରୁ] ଜୀବ ନାନାପ୍ରକାର ସଂସୃତି (ଜନ୍ମମରଣାଦି) କ୍ଲେଶ ପାଏ । ହେ ପକ୍ଷୀରାଜ ! ହରିଙ୍କ ମାୟା ଅତ୍ୟନ୍ତ ଦୁସ୍ତର ; ତାକୁ ସହଜରେ ତରିହେବ ନାହିଁ ॥ ୧୧୮(କ) ॥

**କହତ କଠିନ ସମୁଝତ କଠିନ ସାଧତ କଠିନ ବିବେକ ।**
**ହୋଇ ଘୁନାଚ୍ଛର ନ୍ୟାୟ ଜୌଁ ପୁନି ପ୍ରତ୍ୟୂହ ଅନେକ ॥୧୧୮(ଖ)॥**

ଜ୍ଞାନ ଯେ କ'ଣ, ତାହା କହିବା (ବୁଝାଇବା) କଠିନ, ବୁଝିବା କଠିନ ଏବଂ ସାଧନା କରିବା ମଧ୍ୟ କଠିନ । ଯଦି ବା ଦୈବାତ୍ କଦାଚିତ୍ ଏହି ଜ୍ଞାନ ହୋଇଯାଏ, ତେବେ ବି ଏହାକୁ ବଞ୍ଚାଇରଖିବାରେ ବହୁ ବିଘ୍ନ ଦେଖାଦିଏ ॥ ୧୧୮(ଖ) ॥

**ଗ୍ୟାନ ପଂଥ କୃପାନ କୈ ଧାରା । ପରତ ଖଗେସ ହୋଇ ନହିଁ ବାରା ॥**
**ଜୋ ନିର୍ବିଘ୍ନ ପଂଥ ନିର୍ବହଈ । ସୋ କୈଵଲ୍ୟ ପରମ ପଦ ଲହଈ ॥ ୧ ॥**

ହେ ଖଗେଶ ! ଜ୍ଞାନମାର୍ଗ ହେଉଛି ଖଣ୍ଡାଧାର ପରି । ଏହି ମାର୍ଗରୁ ଖସିପଡ଼ିବାକୁ ସମୟ ଲାଗେ ନାହିଁ । (କେତେବେଳେ ଯେ ଖସିପଡ଼ିବ, ତା'ର ସ୍ଥିରତା ନ ଥାଏ) । ଯେ ଏହି ମାର୍ଗରେ ନିର୍ବିଘ୍ନରେ ଚାଲିପାରେ, ସେ କୈବଲ୍ୟ(ମୋକ୍ଷ)ରୂପୀ ପରମପଦ ଲାଭ କରେ ॥ ୧ ॥

**ଅତି ଦୁର୍ଲଭ କୈଵଲ୍ୟ ପରମ ପଦ । ସଂତ ପୁରାନ ନିଗମ ଆଗମ ବଦ ॥**
**ରାମ ଭଜତ ସୋଇ ମୁକୁତି ଗୋସାଈଁ । ଅନଇଚ୍ଛିତ ଆଵଇ ବରିଆଈଁ ॥ ୨ ॥**

ସନ୍ଥ, ପୁରାଣ, ବେଦ ଓ ତନ୍ତ୍ର ଆଦି ଶାସ୍ତ୍ର—ସମସ୍ତେ କହନ୍ତି ଯେ, କୈବଲ୍ୟରୂପୀ ପରମପଦ ହେଉଛି ଅତ୍ୟନ୍ତ ଦୁର୍ଲଭ । କିନ୍ତୁ ହେ ପ୍ରଭୁ ! ଶ୍ରୀରାମଙ୍କୁ ଭଜିଲେ ସେହି ଦୁର୍ଲଭ ମୁକ୍ତି, ଇଚ୍ଛା ନ କଲେ ବି, ସ୍ୱତଃ ବଳପୂର୍ବକ ଚାଲିଆସେ ॥ ୨ ॥

**ଜିମି ଥଲ ବିନୁ ଜଲ ରହି ନ ସକାଈ । କୋଟି ଭାଁତି କୋଉ କରୈ ଉପାଈ ॥**
**ତଥା ମୋଚ୍ଛ ସୁଖ ସୁନୁ ଖଗରାଈ । ରହି ନ ସକଇ ହରି ଭଗତି ବିହାଈ ॥ ୩ ॥**

ଯେପରି କୋଟିଏ ଉପାୟ କଲେ ବି ସ୍ଥଳ ବିନା ଜଳ ରହିପାରେନା, ସେହିପରି ହେ ପକ୍ଷୀରାଜ ! ଶୁଣନ୍ତୁ, ମୋକ୍ଷସୁଖ ମଧ୍ୟ ଶ୍ରୀହରିଙ୍କ ଭକ୍ତିକୁ ଛାଡ଼ି ସ୍ଥିର ହୋଇ ରହିପାରେନା ॥ ୩ ॥

**ଅସ ବିଗ୍ୱରି ହରି ଭଗତ ସୟାନେ । ମୁକ୍ତି ନିରାଦର ଭଗତି ଲୁଭାନେ ॥**
**ଭଗତି କରତ ବିନୁ ଜତନ ପ୍ରୟାସା । ସଂସୃତି ମୂଲ ଅବିଦ୍ୟା ନାସା ॥ ୪ ॥**

ଏପରି ବିଗ୍ୱର କରି, ବୁଦ୍ଧିମାନ୍ ହରିଭକ୍ତ ମୁକ୍ତିକୁ ନିରାଦର କରନ୍ତି ଓ ଭକ୍ତି ପ୍ରତି ଲାଳାୟିତ ରହନ୍ତି । ଭକ୍ତି କରିଗ୍ୱଲିଲେ ଜନ୍ମମୃତ୍ୟୁରୂପୀ ସଂସାରର ମୂଳରୂପକ ଅବିଦ୍ୟା ବିନାଯତ୍ନରେ, ବିନାପ୍ରୟାସରେ ଠିକ୍ ସେହିପରି ନଷ୍ଟ ହୋଇଯାଏ, ॥ ୪ ॥

**ଭୋଜନ କରିଅ ତୃପିତି ହିତ ଲାଗୀ । ଜିମି ସୋ ଅସନ ପଚୱୈ ଜଠରାଗୀ ॥**
**ଅସି ହରି ଭଗତି ସୁଗମ ସୁଖଦାଈ । କୋ ଅସ ମୂଢ଼ ନ ଜାହି ସୋହାଈ ॥ ୫ ॥**

ଯେପରି କି ତୃପ୍ତି ନିମନ୍ତେ ଭୋଜନ କରାଯାଉଥିଲାବେଳେ ଜଠରାଗ୍ନି ତାହାକୁ ସ୍ୱତଃ ଜୀର୍ଣ୍ଣ କରିଦିଏ । ଏପରି ସୁଗମ ଓ ପରମସୁଖଦାୟୀ ହରିଭକ୍ତି ଯାହାକୁ ସୁହାଏ ନାହିଁ, ସେପରି ମୂଢ଼ କିଏ ବା ଅଛି ! ॥ ୫ ॥

ଦୋଃ- **ସେୱକ ସେବ୍ୟ ଭାୱ ବିନୁ ଭୱ ନ ତରିଅ ଉରଗାରି ।**
**ଭଜହୁ ରାମ ପଦ ପଂକଜ ଅସ ସିଦ୍ଧାଂତ ବିଗ୍ୱରି ॥୧୧୯(କ)॥**

ହେ ସର୍ପଶତ୍ରୁ ଗରୁଡ଼ ! 'ମୁଁ ସେବକ ଏବଂ ଭଗବାନ୍ ମୋର ସେବ୍ୟ (ପ୍ରଭୁ)'—ଏପରି ଭାବ ବିନା ସଂସାରସାଗରକୁ ତରିହେବ ନାହିଁ । ଏହି ସିଦ୍ଧାନ୍ତ ହୃଦୟଙ୍ଗମ କରି ଶ୍ରୀରାମଙ୍କର ଚରଣକମଳକୁ ଭଜନ କରନ୍ତୁ ॥ ୧୧୯(କ) ॥

**ଜୋ ଚେତନ କହଁ ଜଡ଼ କରଇ ଜଡ଼ହି କରଇ ଚୈତନ୍ୟ ।**
**ଅସ ସମର୍ଥ ରଘୁନାୟକହି ଭଜହିଁ ଜୀୱ ତେ ଧନ୍ୟ ॥୧୧୯(ଖ)॥**

ଯେ ଚେତନକୁ ଜଡ଼ ଓ ଜଡ଼କୁ ଚେତନ କରିପାରନ୍ତି, ସେହି ସର୍ବସମର୍ଥ ଶ୍ରୀରଘୁନାଥଙ୍କୁ ଯେଉଁମାନେ ଭଜନ୍ତି, ସେମାନେ ଧନ୍ୟ ॥ ୧୧୯(ଖ) ॥

**କହେଉଁ ଗ୍ୟାନ ସିଦ୍ଧାଂତ ବୁଝାଈ । ସୁନହୁ ଭଗତି ମନି କୈ ପ୍ରଭୁତାଈ ॥**
**ରାମ ଭଗତି ଚିଂତାମନି ସୁଂଦର । ବସଇ ଗରୁଡ଼ ଜାକେ ଉର ଅଂତର ॥ ୧ ॥**

ଜ୍ଞାନର ସିଦ୍ଧାନ୍ତ ଯେ କ'ଣ, ମୁଁ ତାହା ବୁଝାଇ କହିଲି । ଏଥର ଭକ୍ତିରୂପୀ ମଣିର ମହିମା ଶୁଣନ୍ତୁ । ଶ୍ରୀରାମଙ୍କ ଭକ୍ତି ହେଉଛି ଏକ ସୁନ୍ଦର ଚିନ୍ତାମଣି । ହେ ଗରୁଡ଼ ! ଏହା ଯାହାଙ୍କର ହୃଦୟରେ ନିବାସ କରେ, ॥ ୧ ॥

**ପରମ ପ୍ରକାସ ରୂପ ଦିନ ରାତୀ । ନହିଁ କଛୁ ଚହିଅ ଦିଆ ଘୃତ ବାତୀ ॥**
**ମୋହ ଦରିଦ୍ର ନିକଟ ନହିଁ ଆୱା । ଲୋଭ ବାତ ନହିଁ ତାହି ବୁଝାୱା ॥ ୨ ॥**

ସେ କି ଦିନ, କି ରାତି ସର୍ବଦା ପରମ ପ୍ରକାଶମୟ ହୋଇ ରହନ୍ତି । ସେହି ପ୍ରକାଶ (ଆଲୋକ) ପାଇଁ ଦୀପ ଲୋଡ଼ା ନାହିଁ, କି ଘିଅ କିମ୍ବା ବତି—କିଛି ଲୋଡ଼ା ନାହିଁ । ପ୍ରଥମତଃ ଏହି ମଣିର ସ୍ୱାଭାବିକ ଆଲୋକ ଥାଏ ; ଦ୍ୱିତୀୟତଃ ତା'ପାଖକୁ ମୋହରୂପୀ ଦରିଦ୍ରତା ଆସିପାରେ ନାହିଁ (କାରଣ ମଣି ତ ସ୍ୱୟଂ ଧନ) ଏବଂ ତୃତୀୟତଃ ଲୋଭରୂପୀ ପବନ ସେହି ମଣିମୟ ପ୍ରଦୀପକୁ ଲିଭାଇପାରେ ନାହିଁ (କାରଣ ମଣି ସ୍ୱୟଂ ପ୍ରକାଶମୟ; ଆଲୋକ ପ୍ରଦାନପାଇଁ ସେ ଅନ୍ୟ କାହାର ସହାୟତା ଲୋଡ଼େନା) ॥ ୨ ॥

**ପ୍ରବଲ ଅବିଦ୍ୟା ତମ ମିଟି ଜାଈ । ହାରହିଁ ସକଲ ସଲଭ ସମୁଦାଈ ॥**
**ଖଲ କାମାଦି ନିକଟ ନହିଁ ଜାହୀଁ । ବସଇ ଭଗତି ଜା କେ ଉର ମାହୀଁ ॥ ୩ ॥**

ତାହାର ଆଲୋକରେ ଅବିଦ୍ୟାର ପ୍ରବଳ ଅନ୍ଧକାର ଦୂର ହୋଇଯାଏ । ତା'ପାଖରେ ମଦାଦି ପତଙ୍ଗସମୂହ ହାରି(ମରି)ଯାଆନ୍ତି । ଯାହାଙ୍କ ହୃଦୟରେ ଭକ୍ତି ନିବାସ କରେ, ତାଙ୍କ ପାଖରେ ତ କାମ, କ୍ରୋଧ ଓ ଲୋଭ ଆଦି ଦୁଷ୍ଟମାନେ ଆଦୌ ପଶିପାରନ୍ତି ନାହିଁ ॥ ୩ ॥

**ଗରଲ ସୁଧାସମ ଅରି ହିତ ହୋଈ । ତେହି ମନି ବିନୁ ସୁଖ ପାୱ ନ କୋଈ ॥**
**ବ୍ୟାପହିଁ ମାନସ ରୋଗ ନ ଭାରୀ । ଜିହ୍ନ କେ ବସ ସବ ଜୀୱ ଦୁଖାରୀ ॥ ୪ ॥**

ତାଙ୍କ ପାଇଁ ବିଷ ଅମୃତସମ ହୋଇଯାଏ ଓ ଶତ୍ରୁ ମିତ୍ର ହୋଇଯାଏ । ସେହି ମଣି ବିନା କେହି ସୁଖ (ଆନନ୍ଦ) ପାଇପାରନ୍ତି ନାହିଁ । ଯେଉଁସବୁ ବଡ଼ ବଡ଼ ମାନସିକ ରୋଗର ବଶବର୍ତ୍ତୀ ହୋଇ ସକଳ ଜୀବ ଦୁଃଖୀ ହୁଅନ୍ତି, ସେହିସବୁ ରୋଗ ତା'ପାଖରେ ପଶିପାରନ୍ତି ନାହିଁ ॥ ୪ ॥

**ରାମ ଭଗତି ମନି ଉର ବସ ଜାକେଁ । ଦୁଖ ଲୱଲେସ ନ ସପନେହୁଁ ତାକେଁ ॥**
**ଚତୁର ସିରୋମନି ତେଇ ଜଗ ମାହୀଁ । ଜେ ମନି ଲାଗି ସୁଜତନ କରାହୀଁ ॥ ୫ ॥**

ଯାହାଙ୍କ ହୃଦୟରେ ଶ୍ରୀରାମଭକ୍ତିରୂପୀ ମଣି ଥାଏ, ତାଙ୍କୁ ସ୍ୱପ୍ନରେ ବି ଲେଶମାତ୍ର ଦୁଃଖ ହୁଏ ନାହିଁ । ଯେଉଁମାନେ ଭକ୍ତିରୂପୀ ମଣି ପାଇବା ନିମନ୍ତେ ପ୍ରଯତ୍ନ କରନ୍ତି, ଜଗତରେ ସେମାନେ ପ୍ରକୃତରେ ଚତୁର ଶିରୋମଣି ॥ ୫ ॥

**ସୋ ମନି ଜଦପି ପ୍ରଗଟ ଜଗ ଅହଈ । ରାମ କୃପା ବିନୁ ନହିଁ କୋଉ ଲହଈ ॥**
**ସୁଗମ ଉପାୟ ପାଇବେ କେରେ । ନର ହତଭାଗ୍ୟ ଦେହିଁ ଭଟଭେରେ ॥ ୬ ॥**

ଯଦ୍ୟପି ସେହି ମଣି ଜଗତରେ ପ୍ରତ୍ୟକ୍ଷ, ତଥାପି ଶ୍ରୀରାମଙ୍କ କୃପା ବିନା ତାହା କେହି ପାଇପାରେ ନାହିଁ । ତାହା ପାଇବାର ଉପାୟଗୁଡ଼ିକ ମଧ୍ୟ ସହଜ; କିନ୍ତୁ ଅଭାଗା ମନୁଷ୍ୟମାନେ ସେହିସବୁ ଉପାୟକୁ ଗୋଡ଼ରେ ଆଡ଼େଇଦିଅନ୍ତି (ହତାଦାର କରନ୍ତି) ॥ ୬ ॥

**ପାୱନ ପର୍ବତ ବେଦ ପୁରାନା । ରାମ କଥା ରୁଚିରାକର ନାନା ॥**
**ମର୍ମୀ ସଜ୍ଜନ ସୁମତି କୁଦାରୀ । ଗ୍ୟାନ ବିରାଗ ନୟନ ଉରଗାରୀ ॥ ୭ ॥**

ବେଦପୁରାଣମାନେ ହେଉଛନ୍ତି ଗୋଟିଏ ଗୋଟିଏ ପବିତ୍ର ପର୍ବତ । ଶ୍ରୀରାମଙ୍କର ବିଭିନ୍ନ ଲୀଳାଚରିତ ହେଉଛି ସେହି ପର୍ବତମାନଙ୍କରେ ଥିବା ସୁନ୍ଦର ଖଣି । ସଜ୍ଜପୁରୁଷମାନେ ହେଉଛନ୍ତି [ସେହିସବୁ ଖଣିର ରହସ୍ୟ ଜାଣିଥିବା] ମର୍ମଜ୍ଞ ବ୍ୟକ୍ତି ଏବଂ ସୁନ୍ଦର ବୁଦ୍ଧି ହେଉଛି [ଖଣିଖୋଳା] କୋଦାଳ । ହେ ଗରୁଡ଼ ! ଜ୍ଞାନ ଓ ବୈରାଗ୍ୟ ହେଉଛି ସେହି ମର୍ମଜ୍ଞ ବ୍ୟକ୍ତିମାନଙ୍କର ଦୁଇ ଚକ୍ଷୁ ॥ ୭ ॥

**ଭାୱ ସହିତ ଖୋଜଇ ଜୋ ପ୍ରାନୀ । ପାୱ ଭଗତି ମନି ସବ ସୁଖ ଖାନୀ ॥**
**ମୋରେଁ ମନ ପ୍ରଭୁ ଅସ ବିସ୍ୱାସା । ରାମ ତେ ଅଧିକ ରାମ କର ଦାସା ॥ ୮ ॥**

ଯେଉଁ ପ୍ରାଣୀ ଶ୍ରଦ୍ଧାର ସହିତ ସେହି ମଣି ଖୋଜେ, ସେ ସେହି ଭକ୍ତିରୂପକ ମଣି ପାଇଯାଏ; ତାହା ହେଉଛି ସକଳ ସୁଖର ଭଣ୍ଡାର । ହେ ପ୍ରଭୁ ! ମୋ ମନରେ ତ ଏହି ବିଶ୍ୱାସ ରହିଛି ଯେ, ଶ୍ରୀରାମଙ୍କର ଦାସ ଶ୍ରୀରାମଙ୍କ ଠାରୁ ବି ବଡ଼ ॥ ୮ ॥

**ରାମ ସିଂଧୁ ଘନ ସଜ୍ଜନ ଧୀରା । ଚଂଦନ ତରୁ ହରି ସଂତ ସମୀରା ॥**
**ସବ କର ଫଲ ହରି ଭଗତି ସୁହାଈ । ସୋ ବିନୁ ସଂତ ନ କାହୂଁ ପାଈ ॥ ୯ ॥**

ଶ୍ରୀରାମ ସମୁଦ୍ର ହେଲେ, ଧୀର ସଜ୍ଜପୁରୁଷମାନେ ହେଉଛନ୍ତି ମେଘ । ଶ୍ରୀହରି ଚନ୍ଦନ ବୃକ୍ଷ ହେଲେ,

ସନ୍ଥମାନେ ହେଉଛନ୍ତି ପବନ । ହରିଭକ୍ତି ହେଉଛି ସକଳ ସାଧନାର ସୁନ୍ଦର ଫଳ । ସନ୍ଥଙ୍କ ବିନା ଅନ୍ୟ କେହି ତାହା ପାଆନ୍ତି ନାହିଁ ॥ ୯ ॥

**ଅସ ବିଚାରି ଜୋଇ କର ସତସଂଗା । ରାମ ଭଗତି ତେହି ସୁଲଭ ବିହଂଗା ॥୧୦॥**

ହେ ଗରୁଡ଼ ! ଏହା ବିଚାର କରି ଯେ ସନ୍ଥମାନଙ୍କର ସଙ୍ଗ (ସତ୍‌ସଙ୍ଗ) କରେ, ତା' ନିମନ୍ତେ ଶ୍ରୀରାମଙ୍କ ଚରଣରେ ଭକ୍ତି ସୁଲଭ ହୋଇଯାଏ ॥ ୧୦ ॥

ଦୋଃ- **ବ୍ରହ୍ମ ପୟୋନିଧି ମଂଦର ଗ୍ୟାନ ସଂତ ସୁର ଆହିଁ ।**
**କଥା ସୁଧା ମଥି କାଢ଼ହିଁ ଭଗତି ମଧୁରତା ଜାହିଁ ॥୧୨୦(କ)॥**

ବ୍ରହ୍ମ (ବେଦ) ହେଉଛି ସମୁଦ୍ର, ଜ୍ଞାନ ହେଉଛି ମନ୍ଦରାଚଳ ଏବଂ ସନ୍ଥମାନେ ହେଉଛନ୍ତି ସେହି ସମୁଦ୍ରକୁ ମନ୍ଥନ କରି କଥାରୂପୀ ଅମୃତ ବାହାର କରୁଥିବା ଦେବତା । ସେହି ଅମୃତରେ ଭକ୍ତିରୂପୀ ମାଧୁରୀ ରହିଥାଏ ॥ ୧୨୦(କ) ॥

**ବିରତି ଚର୍ମ ଅସି ଗ୍ୟାନ ମଦ ଲୋଭ ମୋହ ରିପୁ ମାରି ।**
**ଜୟ ପାଇଅ ସୋ ହରି ଭଗତି ଦେଖୁ ଖଗେସ ବିଚାରି ॥୧୨୦(ଖ)॥**

ବୈରାଗ୍ୟରୂପକ ଢାଲଦ୍ୱାରା ନିଜକୁ ସୁରକ୍ଷିତ ରଖି ଏବଂ ଜ୍ଞାନରୂପୀ ଖଡ୍‌ଗଦ୍ୱାରା ମଦ, ମୋହ ଓ ଲୋଭରୂପକ ଶତ୍ରୁମାନଙ୍କୁ ବିନାଶ କରି ଯେଉଁ ବିଜୟ ଲାଭ କରାଯାଏ, ତାହାହିଁ ହରିଭକ୍ତି । ହେ ପକ୍ଷୀରାଜ ! ଏହା ବିଚାର କରି ଦେଖନ୍ତୁ (ହୃଦୟଙ୍ଗମ କରନ୍ତୁ) ॥ ୧୨୦(ଖ) ॥

**ପୁନି ସପ୍ରେମ ବୋଲେଉ ଖଗରାଊ । ଜୌଁ କୃପାଲ ମୋହି ଊପର ଭାଊ ॥**
**ନାଥ ମୋହି ନିଜ ସେଵକ ଜାନୀ । ସପ୍ତ ପ୍ରସ୍ନ ମମ କହହୁ ବଖାନୀ ॥ ୧ ॥**

ପକ୍ଷୀରାଜ ଗରୁଡ଼ ପୁଣି ଥରେ ପ୍ରେମର ସହିତ କହିଲେ, "ହେ କୃପାଳୁ ! ଯଦି ମୋ ଉପରେ ଆପଣଙ୍କର ଶ୍ରଦ୍ଧା ଅଛି, ତେବେ ହେ ନାଥ ! ମୋତେ ନିଜର ସେବକ ଜାଣି, ମୋର ସାତଟି ପ୍ରଶ୍ନର ଉତ୍ତର କହନ୍ତୁ ॥ ୧ ॥

**ପ୍ରଥମହିଁ କହହୁ ନାଥ ମତିଧୀରା । ସବ ତେ ଦୁର୍ଲଭ କଵନ ସରୀରା ।**
**ବଡ଼ ଦୁଖ କଵନ କଵନ ସୁଖ ଭାରୀ । ସୋଉ ସଂଛେପହିଁ କହହୁ ବିଚାରୀ ॥ ୨ ॥**

ହେ ନାଥ ! ହେ ଧୀରବୁଦ୍ଧି ! (୧) ପ୍ରଥମେ କହନ୍ତୁ, କେଉଁ ଶରୀର ସବୁଠାରୁ ଦୁର୍ଲଭ । (୨) ସବୁଠାରୁ ବଡ଼ ଦୁଃଖ କ'ଣ ଓ (୩) ସବୁଠାରୁ ବଡ଼ ସୁଖ କ'ଣ, ତାହା ବିଚାର କରି ସଂକ୍ଷେପରେ କହିଦିଅନ୍ତୁ ॥ ୨ ॥

**ସଂତ ଅସଂତ ମରମ ତୁହ୍ମ ଜାନହୁ । ତିହ୍ନ କର ସହଜ ସୁଭାଵ ବଖାନହୁ ॥**
**କଵନ ପୁନ୍ୟ ଶ୍ରୁତି ବିଦିତ ବିସାଲା । କହହୁ କଵନ ଅଘ ପରମ କରାଲା ॥ ୩ ॥**

(୪) ଆପଣ ତ ସନ୍ଥ ଓ ଅସନ୍ଥଙ୍କ ମଧ୍ୟରେ କି ପ୍ରଭେଦ ଅଛି, ଜାଣନ୍ତି; ତେଣୁ ସେମାନଙ୍କର ସହଜ ସ୍ୱଭାବ କିପରି, ତାହା ବର୍ଣ୍ଣନା କରି କହନ୍ତୁ । (୫) ଶ୍ରୁତିମାନଙ୍କରେ ପ୍ରସିଦ୍ଧ ସର୍ବଶ୍ରେଷ୍ଠ ପୁଣ୍ୟ କ'ଣ ଏବଂ (୬) ସର୍ବାପେକ୍ଷା ଅଧିକ ଭୟଙ୍କର ପାପ କ'ଣ, ତାହା କହନ୍ତୁ ॥ ୩ ॥

**ମାନସ ରୋଗ କହହୁ ସମୁଝାଈ । ତୁହ୍ମ ସର୍ବଗ୍ୟ କୃପା ଅଧିକାଈ ॥**
**ତାତ ସୁନହୁ ସାଦର ଅତି ପ୍ରୀତୀ । ମୈଁ ସଂଛେପ କହଉଁ ୟହ ନୀତୀ ॥ ୪ ॥**

(୭) ମାନସିକ ରୋଗ କ'ଣ, ତାହା ମଧ୍ୟ ବୁଝାଇ କହନ୍ତୁ । ଆପଣ ତ ସର୍ବଜ୍ଞ ଓ ମୋ ଉପରେ

ଆପଣଙ୍କର ବିଶେଷ କୃପା ରହିଛି ; ତେଣୁ ଏସବୁ ପ୍ରଶ୍ନର ଉତ୍ତର ବୁଝାଇଦିଅନ୍ତୁ ।'' କାକଭୁଶୁଣ୍ଡି କହିଲେ, ''ହେ ତାତ ! ଅତ୍ୟନ୍ତ ଆଦର ଓ ପ୍ରେମର ସହିତ ଶୁଣନ୍ତୁ । ଏହି କଥା ମୁଁ ସଂକ୍ଷେପରେ କହିଦେଉଛି : ॥ ୪ ॥

**ନର ତନ ସମ ନହିଁ କଓ୍ୱନିଉ ଦେହୀ । ଜୀଓ୍ୱ ଚରାଚର ଜାଚତ ତେହୀ ॥**
**ନରକ ସ୍ୱର୍ଗ ଅପବର୍ଗ ନିସେନୀ । ଗ୍ୟାନ ବିରାଗ ଭଗତି ସୁଭ ଦେନୀ ॥ ୫ ॥**

(୧) ଅନ୍ୟ କୌଣସି ଶରୀର ମନୁଷ୍ୟଶରୀରର ସମକକ୍ଷ ନୁହେଁ । କି ଚର, କି ଅଚର ସକଳ ଜୀବ ତାହା ଗ୍ରହାନ୍ତି । ଏହା ହେଉଛି ନରକ, ସ୍ୱର୍ଗ ଓ ମୋକ୍ଷକୁ ଶିଢ଼ି ତଥା ଏହା କଲ୍ୟାଣକାରୀ ଜ୍ଞାନ, ବୈରାଗ୍ୟ ଓ ଭକ୍ତି ପ୍ରଦାନ କରିଥାଏ ॥ ୫ ॥

**ସୋ ତନୁ ଧରି ହରି ଭଜହିଁ ନ ଜେ ନର । ହୋହିଁ ବିଷୟ୍ ରତ ମଂଦ ମଂଦ ତର ॥**
**କାଁଚ କିରିଚ ବଦଲେଁ ତେ ଲେହୀଁ । କର ତେ ଡାରି ପରସ ମନି ଦେହୀଁ ॥ ୬ ॥**

ଏପରି ମନୁଷ୍ୟଶରୀର ପାଇ ମଧ୍ୟ ଯେଉଁମାନେ ଶ୍ରୀହରିଙ୍କ ଭଜନ ନ କରି ଏବଂ ନୀଚ୍ରୁ ନୀଚ ବିଷୟମାନଙ୍କରେ ଅନୁରକ୍ତ ରହନ୍ତି, ସେମାନେ ପରଶମଣି ଫୋପାଡ଼ିଦେଇ ତା' ବଦଳରେ ଭଙ୍ଗା କାଚଖଣ୍ଡ ଗୋଟାଇନିଅନ୍ତି ॥ ୬ ॥

**ନହିଁ ଦରିଦ୍ର ସମ ଦୁଖ ଜଗ ମାହୀଁ । ସଂତ ମିଲନ ସମ ସୁଖ ଜଗ ନାହୀଁ ॥**
**ପର ଉପକାର ବଚନ ମନ କାୟା । ସଂତ ସହଜ ସୁଭାଉ ଖଗରାୟା ॥ ୭ ॥**

(୨) ଜଗତରେ ଦାରିଦ୍ର୍ୟସମାନ ଦୁଃଖ ନାହିଁ (୩) ସନ୍ଥଙ୍କ ସାକ୍ଷାତ୍ ଲାଭ କରିବାସମାନ ସୁଖ ନାହିଁ । (୪) ହେ ପକ୍ଷୀରାଜ ! ମନ, ବଚନ ଓ ଶରୀରରେ ପରୋପକାର କରିବାହିଁ ସନ୍ଥମାନଙ୍କର ସହଜ ସ୍ୱଭାବ ॥ ୭ ॥

**ସଂତ ସହହିଁ ଦୁଖ ପର ହିତ ଲାଗୀ । ପର ଦୁଖ ହେତୁ ଅସଂତ ଅଭାଗୀ ॥**
**ଭୂର୍ଜ ତରୂ ସମ ସଂତ କୃପାଲା । ପରହିତ ନିତି ସହ ବିପତି ବିସାଲା ॥ ୮ ॥**

ସନ୍ଥଜନ ଅନ୍ୟର ଭଲ କରିବା ନିମନ୍ତେ ଦୁଃଖ ସହନ୍ତି, କିନ୍ତୁ ଅଭାଗା ଅସନ୍ଥମାନେ ଅନ୍ୟକୁ ଦୁଃଖ ଦେବା ପାଇଁ ନିଜେ ଦୁଃଖ ସହନ୍ତି । କୃପାଳୁ ସନ୍ଥ ଅନ୍ୟର ଉପକାର କରିବା ନିମନ୍ତେ ନିଜେ ଭୂର୍ଜବୃକ୍ଷ ପରି ବିଶାଳ ବିପତ୍ତି ସହନ୍ତି । (ନିଜ ଶରୀରରୁ ଚମଡ଼ା ଉତାରି ଦେଇଦିଅନ୍ତି ।) ॥ ୮ ॥

**ସନ ଇଓ୍ୱ ଖଲ ପର ବଂଧନ କରଈ । ଖାଲ କଢ଼ାଇ ବିପତି ସହି ମରଈ ॥**
**ଖଲ ବିନୁ ସ୍ୱାରଥ ପର ଅପକାରୀ । ଅହି ମୂଷକ ଇଓ୍ୱ ସୁନୁ ଉରଗାରୀ ॥ ୯ ॥**

କିନ୍ତୁ ଖଳଲୋକେ ଛଣପଟ ପରି ଅନ୍ୟକୁ ବାନ୍ଧିପକାନ୍ତି ଏବଂ ଅନ୍ୟକୁ ବାନ୍ଧିବାପାଇଁ ନିଜ ଦେହର ଛାଲ ଉତାରି, ବିପତ୍ତି ସହି ମରନ୍ତି । ହେ ସର୍ପଶତ୍ରୁ ଗରୁଡ଼ ! ଖଳଲୋକେ କୌଣସି ସ୍ୱାର୍ଥ ବିନା ମଧ୍ୟ ସାପ ଓ ମୂଷାଙ୍କ ପରି ଅକାରଣରେ ଅନ୍ୟର ଅପକାର କରନ୍ତି ॥ ୯ ॥

**ପର ସଂପଦା ବିନାସି ନସାହୀଁ । ଜିମି ସସି ହତି ହିମ ଉପଲ ବିଲାହୀଁ ॥**
**ଦୁଷ୍ଟ ଉଦୟ୍ଁ ଜଗ ଆରତି ହେତୂ । ଜଥା ପ୍ରସିଦ୍ଧ ଅଧମ ଗ୍ରହ କେତୂ ॥୧୦॥**

କୁଆପଥର ଯେପରି ଶସ୍ୟ (ଫସଲ) ନଷ୍ଟ କରିବା ସହିତ ନିଜେ ନଷ୍ଟ ହୋଇଯାଏ, ସେମାନେ (ଖଳଲୋକେ) ସେହିପରି ପରର ସମ୍ପତ୍ତି ନଷ୍ଟ କରିବା ସହିତ ନିଜେ ନଷ୍ଟ ହୋଇଯାଆନ୍ତି । ଦୁଷ୍ଟମାନେ ଅଧମ ଗ୍ରହ କେତୁ ପରି ସଂସାରକୁ ଦୁଃଖ ଦେବା ନିମନ୍ତେହିଁ ଉତ୍ପନ୍ନ ହୋଇଥାନ୍ତି ॥ ୧୦ ॥

**ସଂତ ଉଦୟ ସଂତତ ସୁଖକାରୀ । ବିସ୍ୱ ସୁଖଦ ଜିମି ଇଂଦୁ ତମାରୀ ॥**
**ପରମ ଧର୍ମ ଶ୍ରୁତି ବିଦିତ ଅହିଂସା । ପର ନିଂଦା ସମ ଅଘ ନ ଗରୀସା ॥୧୧॥**

ସୂର୍ଯ୍ୟ ଓ ଚନ୍ଦ୍ରର ଉଦୟ ଯେପରି ସମଗ୍ର ବିଶ୍ୱପାଇଁ ସୁଖଦାୟକ, ସନ୍ଥମାନଙ୍କର ଅଭ୍ୟୁଦୟ ସେହିପରି ସଦା ସୁଖଦାୟକ ହୋଇଥାଏ । (୫) ବେଦମାନଙ୍କ ମତରେ ଅହିଂସା ହେଉଛି ପରମ ଧର୍ମ ଏବଂ (୬) ପରନିନ୍ଦାସମାନ ପାପ ଆଉ ନାହିଁ ॥ ୧୧ ॥

**ହର ଗୁର ନିଂଦକ ଦାଦୁର ହୋଈ । ଜନ୍ମ ସହସ୍ର ପାୱ ତନ ସୋଈ ॥**
**ଦ୍ୱିଜ ନିଂଦକ ବହୁ ନରକ ଭୋଗ କରି । ଜଗ ଜନମଇ ବାୟସ ସରୀର ଧରି ॥୧୨॥**

ଭଗବାନ୍ ଶଙ୍କରଙ୍କୁ ଓ ଗୁରୁଙ୍କୁ ନିନ୍ଦା କରୁଥିବା ମନୁଷ୍ୟ ପରଜନ୍ମରେ ବେଙ୍ଗ ହୁଏ ଏବଂ ସହସ୍ରେ ଜନ୍ମ ପର୍ଯ୍ୟନ୍ତ ସେହି ବେଙ୍ଗଶରୀରହିଁ ପାଏ । ବ୍ରାହ୍ମଣଙ୍କୁ ନିନ୍ଦା କରୁଥିବା ବ୍ୟକ୍ତି ବହୁ ନରକ ଭୋଗ କରି ଶେଷରେ ଜଗତରେ କୁଆଶରୀର ଧରି ଜନ୍ମ ହୁଏ ॥ ୧୨ ॥

**ସୁର ଶ୍ରୁତି ନିଂଦକ ଜେ ଅଭିମାନୀ । ରୌରୱ ନରକ ପରହିଁ ତେ ପ୍ରାନୀ ॥**
**ହୋହିଁ ଉଲୂକ ସଂତ ନିଂଦା ରତ । ମୋହ ନିସା ପ୍ରିୟ ଗ୍ୟାନ ଭାନୁ ଗତ ॥୧୩॥**

ଯେଉଁ ଅଭିମାନୀ ଜୀବ ଦେବତାମାନଙ୍କୁ ତଥା ବେଦକୁ ନିନ୍ଦା କରନ୍ତି, ସେମାନେ ରୌରବ ନରକରେ ପଡ଼ନ୍ତି । ସନ୍ଥମାନଙ୍କ ନିନ୍ଦାରେ ତତ୍ପର ଥିବା ଲୋକେ ପେଚ୍ଚା ହୁଅନ୍ତି । ପେଚ୍ଚାକୁ ମୋହରୂପୀ ରାତ୍ରି ଭଲ ଲାଗେ ଓ ଜ୍ଞାନରୂପୀ ସୂର୍ଯ୍ୟ ତା'ପାଇଁ ଅସ୍ତ ହୋଇଯାଇଥାନ୍ତି ॥ ୧୩ ॥

**ସବ କୈ ନିଂଦା ଜେ ଜଡ଼ କରହୀଁ । ତେ ଚମଗାଦୁର ହୋଇ ଅୱତରହୀଁ ॥**
**ସୁନହୁ ତାତ ଅବ ମାନସ ରୋଗା । ଜିନ୍ହ ତେ ଦୁଖ ପାୱହିଁ ସବ ଲୋଗା ॥୧୪॥**

ଯେଉଁ ମୂର୍ଖମାନେ ସମସ୍ତଙ୍କୁ ନିନ୍ଦା କରନ୍ତି, ସେମାନେ ଚେମିଣି ଚଢ଼େଇ ହୋଇ ଜନ୍ମ ହୁଅନ୍ତି । (୭) ହେ ତାତ ! ଯେଉଁ ମାନସିକ–ରୋଗମାନଙ୍କରୁ ସମସ୍ତେ ଦୁଃଖୀ ପାଆନ୍ତି, ଏଥର ତାହା ଶୁଣନ୍ତୁ ॥ ୧୪ ॥

**ମୋହ ସକଲ ବ୍ୟାଧିନ୍ହ କର ମୂଲା । ତିନ୍ହ ତେ ପୁନି ଉପଜହିଁ ବହୁ ସୂଲା ॥**
**କାମ ବାତ କଫ ଲୋଭ ଅପାରା । କ୍ରୋଧ ପିତ୍ତ ନିତ ଛାତୀ ଜାରା ॥୧୫॥**

ସବୁରୋଗର ମୂଳ ହେଉଛି ମୋହ ବା ଅଜ୍ଞାନ । ସେସବୁ ରୋଗରୁ ପୁଣି ବହୁପ୍ରକାର ବ୍ୟଥା ଉତ୍ପନ୍ନ ହୁଏ । କାମ ହେଉଛି ବାତ, ଲୋଭ ହେଉଛି ପ୍ରବଳ କଫ ଏବଂ କ୍ରୋଧ ହେଉଛି ପିତ୍ତ । ସେହି କ୍ରୋଧରୂପୀ ପିତ୍ତ ଛାତିକୁ ସବୁବେଳେ ଜାଳୁଥାଏ ॥ ୧୫ ॥

**ପ୍ରୀତି କରହିଁ ଜୌଁ ତୀନିଉ ଭାଈ । ଉପଜଇ ସନ୍ୟପାତ ଦୁଖଦାଈ ॥**
**ବିଷୟ ମନୋରଥ ଦୁର୍ଗମ ନାନା । ତେ ସବ ସୂଲ ନାମ କୋ ଜାନା ॥୧୬॥**

ଯଦି ଏହି ତିନିଭାଇ (ବାତ, ପିତ୍ତ ଓ କଫ ଅର୍ଥାତ୍ କାମ, କ୍ରୋଧ ଓ ଲୋଭ) ପରସ୍ପର ପ୍ରୀତିରେ ହାତ ମିଳାଇ ଏକାଠି ହୋଇଯାଆନ୍ତି, ତେବେ ଦୁଃଖଦାୟକ ସନ୍ନିପାତ ରୋଗ ଉତ୍ପନ୍ନ ହୁଏ । ବିଷୟପ୍ରାପ୍ତି ନିମନ୍ତେ ଯେଉଁ ଦୁଷ୍ପୂରଣୀୟ ମନୋରଥ ଉତ୍ପନ୍ନ ହୁଏ, ତାହାହିଁ ଶୂଳ (କଷ୍ଟଦାୟକ ରୋଗ); ସେଗୁଡ଼ାକର ନାମ କିଏ ବା ଜାଣିଛି (ଅର୍ଥାତ୍ ସେସବୁ ଅନେକପ୍ରକାର) ! ॥ ୧୬ ॥

**ମମତା ଦାଦୁ କଂଡୁ ଇରଷାଈ । ହରଷ ବିଷାଦ ଗରହ ବହୁତାଈ ॥**
**ପର ସୁଖ ଦେଖି ଜରନି ସୋଇ ଛଈ । କୁଷ୍ଟ ଦୁଷ୍ଟତା ମନ କୁଟିଲଈ ॥୧୭॥**

ମମତା ହେଉଛି ଯାଦୁ; ଈର୍ଷା ହେଉଛି କାଛୁ-କୁଣ୍ଡିଆ; ହର୍ଷ-ବିଷାଦ ହେଉଛି ଗଳଗଣ୍ଡ, କଣ୍ଠମାଳା ପ୍ରଭୃତି ନାନାପ୍ରକାର ଗଳାରୋଗ; ଅନ୍ୟର ସୁଖ ଦେଖିଲେ ଯେଉଁ ଅନ୍ତର୍ଦାହ ହୁଏ, ତାହା କ୍ଷୟ (ଯକ୍ଷ୍ମା) ରୋଗ; ଦୁଷ୍ଟତା ଓ ମନର କୁଟିଳତା ହେଉଛି କୁଷ୍ଠରୋଗ ॥ ୧୭ ॥

**ଅହଂକାର ଅତି ଦୁଖଦ ଡମରୁଆ । ଦଂଭ କପଟ ମଦ ମାନ ନେହରୁଆ ॥**
**ତୃସ୍ନା ଉଦରବୃଦ୍ଧି ଅତି ଭାରୀ । ତ୍ରିବିଧ୍ୱ ଈଷନା ତରୁନ ତିଜାରୀ ॥୧୮॥**

ଅହଂକାର ହେଉଛି ଗଣ୍ଠିବାତ; ଦମ୍ଭ, କପଟ, ମଦ ଓ ମାନ ହେଉଛି ନାନାବିଧ ସ୍ନାୟୁରୋଗ; ତୃଷ୍ଣା ହେଉଛି ଜଳୋଦର ରୋଗ; ତ୍ରିବିଧ ଏଷଣା (ପୁତ୍ର, ଧନ ଓ ସମ୍ମାନ ପାଇବାର ଇଚ୍ଛା) ହେଉଛି ପ୍ରବଳ ପାଳିଜ୍ୱର ॥ ୧୮ ॥

**ଜୁଗ ବିଧ୍ୱ ଜ୍ୱର ମସ୍ସର ଅବିବେକା । କହଁ ଲଗି କହୌଁ କୁରୋଗ ଅନେକା ॥୧୯॥**

ମାତ୍ସର୍ଯ୍ୟ ଓ ଅବିବେକତା ହେଉଛି ଦୁଇପ୍ରକାର ଜ୍ୱର । ଏପରିଭାବରେ ଅନେକ ଦୁଃସାଧ୍ୟ ରୋଗ ରହିଛି; ସେସବୁ ମୁଁ କେତେ କହିବି ! ॥ ୧୯ ॥

ଦୋ:- **ଏକ ବ୍ୟାଧ୍ୱ ବସ ନର ମରହିଁ ଏ ଅସାଧ୍ୱ ବହୁ ବ୍ୟାଧ୍ୱ ।**
**ପୀଡ଼ହିଁ ସଂତତ ଜୀଓ୍ୱ କହୁଁ ସୋ କିମି ଲହୈ ସମାଧ୍ୱ ॥୧୨୧(କ)॥**

କୌଣସି ଗୋଟିଏ ରୋଗ ଧରିଲେ ବି ମନୁଷ୍ୟ ମରିଯାଏ; ପୁଣି ଏସବୁ ତ ଅସଂଖ୍ୟ ଅସାଧ୍ୟ ରୋଗ । ଏସବୁ ରୋଗ ଜୀବକୁ ନିରନ୍ତର କଷ୍ଟ ଦେଉଥାନ୍ତି । ଏପରି ଅବସ୍ଥାରେ ମନୁଷ୍ୟ କିପରି ସମାଧି (ଶାନ୍ତି) ଲାଭ କରିପାରିବ ! ॥ ୧୨୧(କ) ॥

**ନେମ ଧର୍ମ ଆଚ୍ୟର ତପ ଗ୍ୟାନ ଜଗ୍ୟ ଜପ ଦାନ ।**
**ଭେଷଜ ପୁନି କୋଟିହ୍ନ ନହିଁ ରୋଗ ଜାହିଁ ହରିଜାନ ॥୧୨୧(ଖ)॥**

ଅବଶ୍ୟ ନିୟମ, ଧର୍ମ, ସଦାଚାର, ତପ, ଜ୍ଞାନ, ଯଜ୍ଞ, ଜପ, ଦାନ ତଥା ଆହୁରି କୋଟି କୋଟିପ୍ରକାର ଔଷଧ ରହିଛି; କିନ୍ତୁ ହେ ଗରୁଡ଼ ! ସେସବୁ ଔଷଧରେ ଏସବୁ ରୋଗ ଯାଏ ନାହିଁ ॥ ୧୨୧(ଖ) ॥

**ଏହି ବିଧ୍ୱ ସକଲ ଜୀଓ୍ୱ ଜଗ ରୋଗୀ । ସୋକ ହରଷ ଭୟ ପ୍ରୀତି ବିୟୋଗୀ ॥**
**ମାନସ ରୋଗ କଛୁକ ମୈଁ ଗାଏ । ହହିଁ ସବ କେଁ ଲଖି ବିରଲେହ୍ନ ପାଏ ॥ ୧ ॥**

ଏପରିଭାବରେ ଜଗତର ସବୁଜୀବ ରୋଗୀ । ସବୁଲୋକେ ହର୍ଷ-ଶୋକ, ପ୍ରୀତି-ଭୟ ଆଦି ଦ୍ୱନ୍ଦ୍ୱ ହେତୁ ଦୁଃଖୀ ହେଉଛନ୍ତି । ମୁଁ ତ ଅଳ୍ପ କେତୋଟି ମାନସିକରୋଗ ବିଷୟରେ କହିଲି । ଏସବୁ ରୋଗ ହୁଏ ସମସ୍ତଙ୍କୁ, କିନ୍ତୁ ଏଗୁଡ଼ିକୁ ଜାଣିପାରୁଥିବା ଲୋକ ବିରଳ ॥ ୧ ॥

**ଜାନେ ତେ ଛୀଜହିଁ କଛୁ ପାପୀ । ନାସ ନ ପାଓ୍ୱହିଁ ଜନ ପରିତାପୀ ॥**
**ବିଷୟ କୁପଥ୍ୟ ପାଇ ଅଂକୁରେ । ମୁନିହୁ ହୃଦୟଁ କା ନର ବାପୁରେ ॥ ୨ ॥**

ପ୍ରାଣୀମାନଙ୍କୁ ଦୁଃଖ ଦେଉଥିବା ଏସବୁ ରୋଗମାନଙ୍କୁ ଚିହ୍ନିଗଲେ, ଏହି ରୋଗମାନେ ଅବଶ୍ୟ କିଛିଟା କ୍ଷୀଣ ହୋଇଯାଆନ୍ତି; କିନ୍ତୁ ସମ୍ପୂର୍ଣ୍ଣ ନାଶ ପାଆନ୍ତି ନାହିଁ । ବିଷୟରୂପୀ କୁପଥ୍ୟ ପାଇ ଏହି ରୋଗମାନେ ତ ମୁନିମାନଙ୍କ ହୃଦୟରେ ବି ଅଙ୍କୁରିତ ହୁଅନ୍ତି; ତେଣୁ ସାଧାରଣଲୋକଙ୍କ କଥା ବା କେତେ ! ॥ ୨ ॥

**ରାମ କୃପାଁ ନାସହିଁ ସବ ରୋଗା । ଜୌଁ ଏହି ଭାଁତି ବନୈ ସଂଜୋଗା ॥**
**ସଦଗୁର ବୈଦ ବଚନ ବିସ୍ୱାସା । ସଂଜମ ୟହ ନ ବିଷୟ କୈ ଆସା ॥ ୩ ॥**

ଶ୍ରୀରାମଙ୍କ କୃପାରୁ ସୁଯୋଗ ମିଳିଗଲେ, ଏସବୁ ରୋଗ ନଷ୍ଟ ହୋଇଯାଏ । ସଦ୍‌ଗୁରୁରୂପୀ ବୈଦ୍ୟଙ୍କ କଥାରେ ବିଶ୍ୱାସ ରଖି, ବିଷୟାସକ୍ତି ତ୍ୟାଗ କର; ଏହାହିଁ ପଥ୍ୟ ॥ ୩ ॥

**ରଘୁପତି ଭଗତି ସଜୀୱନ ମୂରୀ । ଅନୂପାନ ଶ୍ରଦ୍ଧା ମତି ପୂରୀ ॥**
**ଏହି ବିଧି ଭଲେହିଁ ସୋ ରୋଗ ନସାହୀଁ । ନାହିଁ ତ ଜତନ କୋଟି ନହିଁ ଜାହୀଁ ॥ ୪ ॥**

ଶ୍ରୀରଘୁନାଥଙ୍କ ଠାରେ ଭକ୍ତି ହେଉଛି ସଞ୍ଜୀବନୀ ବୁଟି । ଶ୍ରଦ୍ଧାପୂର୍ଣ୍ଣ ବୁଦ୍ଧି ହେଉଛି ଅନୁପାନ । ଏପରି ବ୍ୟବସ୍ଥା କରିପାରିଲେ ରୋଗ ସମ୍ଭବତଃ ନଷ୍ଟ ହୋଇପାରେ ; ନଚେତ୍ କୋଟିଏ ପ୍ରଯତ୍ନ କଲେ ମଧ୍ୟ ଏ ରୋଗ ଯିବ ନାହିଁ ॥ ୪ ॥

**ଜାନିଅ ତବ ମନ ବିରୁଜ ଗୋସାଁଇ । ଜବ ଉର ବଲ ବିରାଗ ଅଧିକାଇ ॥**
**ସୁମତି ଛୁଧା ବାଢ଼ଇ ନିତ ନଈ । ବିଷୟ ଆସ ଦୁର୍ବଲତା ଗଈ ॥ ୫ ॥**

ହୃଦୟରେ ବୈରାଗ୍ୟର ବଳ ବଢ଼ିଲେ ଉତ୍ତମ ବୁଦ୍ଧିରୂପୀ କ୍ଷୁଧା ନିତି ନିତି ବଢ଼ିଚାଲିବ ଏବଂ ବିଷୟବାସନାରୂପୀ ଦୁର୍ବଳତା ଦୂର ହୋଇଯିବ । ହେ ଗୋସାଇଁ ! ସେତେବେଳେ ଯାଇ ଜାଣିବେ ଯେ, ମନ ନୀରୋଗ ହୋଇଗଲା ॥ ୫ ॥

**ବିମଲ ଗ୍ୟାନ ଜଲ ଜବ ସୋ ନହାଈ । ତବ ରହ ରାମ ଭଗତି ଉର ଛାଈ ॥**
**ସିୱ ଅଜ ସୁକ ସନକାଦିକ ନାରଦ । ଜେ ମୁନି ବ୍ରହ୍ମ ବିଚାର ବିସାରଦ ॥ ୬ ॥**

ଏପରିଭାବରେ ସବୁରୋଗରୁ ମୁକ୍ତ ହୋଇ ମନୁଷ୍ୟ ନିର୍ମଳ ଜ୍ଞାନରୂପୀ ଜଳରେ ସ୍ନାନ କଲେ, ତା'ହୃଦୟରେ ରାମଭକ୍ତି ପୂର୍ଣ୍ଣ ହୋଇଯିବ । ଶିବ, ବ୍ରହ୍ମା, ଶୁକଦେବ, ସନକାଦି ଏବଂ ନାରଦ ଆଦି ଯେତେସବୁ ବ୍ରହ୍ମବିଚାରରେ ପରମନିପୁଣ ମୁନି ଅଛନ୍ତି, ॥ ୬ ॥

**ସବ କର ମତ ଖଗନାୟକ ଏହା । କରିଅ ରାମ ପଦ ପଂକଜ ନେହା ॥**
**ଶ୍ରୁତି ପୁରାନ ସବ ଗ୍ରଂଥ କହାହୀଁ । ରଘୁପତି ଭଗତି ବିନା ସୁଖ ନାହୀଁ ॥ ୭ ॥**

ହେ ପକ୍ଷୀରାଜ ! ସେ ସମସ୍ତଙ୍କର ମତ ଏହି ଯେ, ଶ୍ରୀରାମଙ୍କ ଚରଣକମଳରେ ପ୍ରେମ କରିବା ଆବଶ୍ୟକ । ଶ୍ରୁତି, ପୁରାଣ ଓ ସକଳ ଗ୍ରନ୍ଥ କହନ୍ତି ଯେ, ଶ୍ରୀରଘୁନାଥଙ୍କ ଠାରେ ଭକ୍ତି ବିନା ସୁଖ ମିଳିବ ନାହିଁ ॥ ୭ ॥

**କମଠ ପୀଠ ଜାମହିଁ ବରୁ ବାରା । ବଂଧ୍ୟାସୁତ ବରୁ କାହୁହି ମାରା ॥**
**ଫୂଲହିଁ ନଭ ବରୁ ବହୁବିଧି ଫୂଲା । ଜୀୱ ନ ଲହ ସୁଖ ହରି ପ୍ରତିକୂଲା ॥ ୮ ॥**

କଇଁଛପିଠିରେ ବରଂ ବାଳ ଉଠିପାରେ, ବନ୍ଧ୍ୟାପୁତ୍ର ବରଂ କାହାକୁ ମାରିଦେଇପାରେ, ଆକାଶରେ ବରଂ ବହୁପ୍ରକାର ଫୁଲ ଫୁଟିପାରେ, କିନ୍ତୁ ଶ୍ରୀହରିଙ୍କ ପ୍ରତି ବିମୁଖ ହୋଇ ଜୀବ ସୁଖ ପାଇପାରିବ ନାହିଁ ॥ ୮ ॥

**ତୃଷା ଜାଇ ବରୁ ମୃଗଜଲ ପାନା । ବରୁ ଜାମହିଁ ସସ ସୀସ ବିଷାନା ॥**
**ଅଂଧକାରୁ ବରୁ ରବିହି ନସାୱୈ । ରାମ ବିମୁଖ ନ ଜୀୱ ସୁଖ ପାୱୈ ॥ ୯ ॥**

ମୃଗତୃଷ୍ଣାର ଜଳ ପାନ କରି ବରଂ ତୃଷା ମେଣ୍ଟିଯାଇପାରେ, ଠେକୁଆ ମୁଣ୍ଡରେ ବରଂ ଶିଙ୍ଗ ଉଠିପାରେ, ଅନ୍ଧକାର ବରଂ ସୂର୍ଯ୍ୟଙ୍କୁ ନାଶ କରିଦେଇପାରେ, କିନ୍ତୁ ଶ୍ରୀରାମବିମୁଖ ହୋଇ ଜୀବ ସୁଖ ପାଇପାରିବ ନାହିଁ ॥ ୯ ॥

**ହିମ ତେ ଅନଲ ପ୍ରଗଟ ବରୁ ହୋଈ । ବିମୁଖ ରାମ ସୁଖ ପାୱ ନ କୋଈ ॥୧୦॥**

ବରଫରୁ ବରଂ ଅଗ୍ନି ପ୍ରକଟ ହୋଇପାରେ, କିନ୍ତୁ ଶ୍ରୀରାମଙ୍କ ପ୍ରତି ବିମୁଖ ହୋଇ କେହି ବି ସୁଖ ପାଇପାରିବ ନାହିଁ ॥ ୧୦ ॥

ଦୋ:- **ବାରି ମଥେଁ ଘୃତ ହୋଇ ବରୁ ସିକତା ତେ ବରୁ ତେଲ ।**
**ବିନୁ ହରି ଭଜନ ନ ଭଓ୍ୱ ତରିଅ ୟହ ସିଦ୍ଧାଂତ ଅପେଲ ॥୧୨୨(କ)॥**

ଜଳକୁ ମନ୍ଥନ କଲେ ବରଂ ଘିଅ ବାହାରିପାରେ ଓ ବାଲିକୁ ପେଡ଼ିଲେ ବରଂ ତେଲ ବାହାରିପାରେ, କିନ୍ତୁ ହରିଙ୍କ ଭଜନ ବିନା ସଂସାରରୂପୀ ସମୁଦ୍ରକୁ ତରିହେବ ନାହିଁ; ଏହାହିଁ ଅଟଳ ସିଦ୍ଧାନ୍ତ ॥ ୧୨୨(କ) ॥

**ମସକହି କରଇ ବିରଂଚି ପ୍ରଭୁ ଅଜହି ମସକ ତେ ହୀନ ।**
**ଅସ ବିଚାରି ତଜି ସଂସୟ ରାମହି ଭଜହିଁ ପ୍ରବୀନ ॥୧୨୨(ଖ)॥**

ପ୍ରଭୁ ମଶାକୁ ବ୍ରହ୍ମା କରିଦେଇପାରନ୍ତି ଏବଂ ବ୍ରହ୍ମାଙ୍କୁ ମଶାଠାରୁ ବି ତୁଚ୍ଛ କରିଦେଇପାରନ୍ତି । ଏପରି ବିଚାର କରି ଚତୁରପୁରୁଷମାନେ ସକଳ ସନ୍ଦେହ ତ୍ୟାଗପୂର୍ବକ ଶ୍ରୀରାମଙ୍କୁହିଁ ଭଜନ୍ତି ॥ ୧୨୨(ଖ) ॥

ଶ୍ଳୋ:- **ବିନିଶ୍ଚିତଂ ବଦାମି ତେ ନ ଅନ୍ୟଥା ବଚାଂସି ମେ ।**
**ହରିଂ ନରା ଭଜନ୍ତି ଯେଽତିଦୁସ୍ତରଂ ତରନ୍ତି ତେ ॥୧୨୨(ଗ)॥**

ମୁଁ ଆପଣଙ୍କୁ ଭଲଭାବରେ ନିଶ୍ଚିତ କରାଯାଇଥିବା ସିଦ୍ଧାନ୍ତ କହୁଛି । ମୋର ଏହିକଥା ଅନ୍ୟଥା ହୋଇ ନ ପାରେ ଯେ, ଯେଉଁ ମନୁଷ୍ୟମାନେ ଶ୍ରୀହରିଙ୍କ ଭଜନ କରନ୍ତି, ସେମାନେ ଅତ୍ୟନ୍ତ ଦୁସ୍ତର ସଂସାରସାଗରକୁ ସହଜରେ ତରିଯାଆନ୍ତି ॥ ୧୨୨(ଗ) ॥

**କହେଉଁ ନାଥ ହରି ଚରିତ ଅନୂପା । ବ୍ୟାସ ସମାସ ସ୍ୱମତି ଅନୁରୂପା ॥**
**ଶ୍ରୁତି ସିଦ୍ଧାଂତ ଇହଇ ଉରଗାରୀ । ରାମ ଭଜିଅ ସବ କାଜ ବିସାରୀ ॥ ୧ ॥**

ହେ ନାଥ ! ଶ୍ରୀହରିଙ୍କ ଅନୁପମ ଚରିତ ମୁଁ ମୋ ବୁଦ୍ଧି ଅନୁସାରେ କେଉଁଠି ବିସ୍ତାରିତଭାବରେ ତ, କେଉଁଠି ସଂକ୍ଷିପ୍ତଭାବରେ କହିଦେଲି । ହେ ସର୍ପଶତ୍ରୁ ଗରୁଡ଼ ! ଶ୍ରୁତିମାନଙ୍କର ସିଦ୍ଧାନ୍ତ ଏହି ଯେ, ସକଳ କର୍ମ ତ୍ୟାଗ କରି ଶ୍ରୀରାମଙ୍କୁ ଭଜିବା ଉଚିତ ॥ ୧ ॥

**ପ୍ରଭୁ ରଘୁପତି ତଜି ସେଇଅ କାହୀ । ମୋହି ସେ ସଠ ପର ମମତା ଜାହୀ ॥**
**ତୁହ୍ମ ବିଗ୍ୟାନରୂପ ନହିଁ ମୋହା । ନାଥ କୀହ୍ନି ମୋ ପର ଅତି ଛୋହା ॥ ୨ ॥**

ଯେଉଁ ରଘୁନାଥଙ୍କର ମୋ ପରି ମୂର୍ଖ ଉପରେ ବି ସ୍ନେହ ରହିଛି, ତାଙ୍କୁ ଛାଡ଼ି ଆଉ କାହାକୁ ଭଜନ କରିବା ? ହେ ନାଥ ! ଆପଣ ତ ବିଜ୍ଞାନରୂପ ଓ ମୋହଶୂନ୍ୟ ପୁରୁଷ । ଆପଣ ମୋତେ ବଡ଼ କୃପା କଲେ ॥ ୨ ॥

**ପୂଁଛିହୁ ରାମ କଥା ଅତି ପାଓ୍ୱନି । ସୁକ ସନକାଦି ସଂଭୁ ମନ ଭାଓ୍ୱନି ॥**
**ସତ ସଂଗତି ଦୁର୍ଲଭ ସଂସାରା । ନିମିଷ ଦଂଡ ଭରି ଏକଉ ବାରା ॥ ୩ ॥**

ଯେଉଁ ରାମକଥା ଶୁକଦେବ, ସନକାଦି ଓ ଶିବଙ୍କ ମନକୁ ବି ପ୍ରିୟ ଲାଗେ, ଆପଣ ମୋତେ ସେହି ଅତି ପବିତ୍ର ରାମକଥା ପଚାରିଲେ । ସଂସାରରେ ଘଡ଼ିକର ବା ନିମିଷକର ଥରଟିଏ ସତ୍‌ସଙ୍ଗ ବି ଦୁର୍ଲଭ ॥ ୩ ॥

**ଦେଖୁ ଗରୁଡ଼ ନିଜ ହୃଦୟଁ ବିଚାରୀ । ମୈଁ ରଘୁବୀର ଭଜନ ଅଧିକାରୀ ॥**
**ସକୁନାଧମ ସବ ଭାଁତି ଅପାଓ୍ୱନ । ପ୍ରଭୁ ମୋହି କୀହ୍ନ ବିଦିତ ଜଗ ପାଓ୍ୱନ ॥ ୪ ॥**

ହେ ଗରୁଡ଼ ! ଆପଣ ମନେ ମନେ ବିଗ୍ୱର କରି ଦେଖନ୍ତୁ ତ ! କ'ଣ ମୁଁ ଶ୍ରୀରାମଙ୍କ ଭଜନର ଅଧିକାରୀ ହେବାକୁ ଯୋଗ୍ୟ ? ମୁଁ ହେଉଛି ପକ୍ଷୀମାନଙ୍କ ମଧ୍ୟରେ ସବୁଠାରୁ ନୀଚ ଓ ସବୁପ୍ରକାରେ ଅପବିତ୍ର; କିନ୍ତୁ ତା'ସତ୍ତ୍ୱେ ପ୍ରଭୁ ମୋତେ ଜଗତ୍‌ପାବନରୂପେ ପ୍ରସିଦ୍ଧ କରିଦେଲେ ॥ ୪ ॥

ଦୋ:- **ଆଜୁ ଧନ୍ୟ ମୈଁ ଧନ୍ୟ ଅତି ଜଦ୍ୟପି ସବ ବିଧି ହୀନ ।**
**ନିଜ ଜନ ଜାନି ରାମ ମୋହି ସଂତ ସମାଗମ ଦୀନ ॥୧୨୩(କ)॥**

ସବୁଦୃଷ୍ଟିରୁ ନୀଚ ହୋଇ ସୁଦ୍ଧା ମୁଁ ଆଜି ଧନ୍ୟ, ଅତ୍ୟନ୍ତ ଧନ୍ୟ; କାରଣ ଶ୍ରୀରାମ ମୋତେ ତାଙ୍କ ଆପଣାର ବୋଲି ଜାଣି ସନ୍ତସମାଗମର ସୁଯୋଗ ପ୍ରଦାନ କରିଛନ୍ତି (ଆପଣଙ୍କ ସହିତ ମୋର ସାକ୍ଷାତ୍ କରାଇଦେଇଛନ୍ତି ।) ॥ ୧୨୩(କ) ॥

**ନାଥ ଜଥାମତି ଭାଷେଉଁ ରାଖେଉଁ ନହିଁ କଛୁ ଗୋଇ ।**
**ଚରିତ ସିଂଧୁ ରଘୁନାୟକ ଥାହ କି ପାୱଇ କୋଇ ॥୧୨୩(ଖ)॥**

ହେ ନାଥ ! ମୁଁ ମୋର ନିଜ ବୁଦ୍ଧି ଅନୁସାରେ ସବୁ କହିଦେଲି; କିଛି ବି ଲୁଗ୍ୱଇରଖିନାହିଁ । ତଥାପି ଶ୍ରୀରଘୁନାଥଙ୍କ ଚରିତ ସମୁଦ୍ରସମାନ; କେହି କ'ଣ ତା'ର ଅଳକୂଳ ପାଇପାରିବ ? ॥ ୧୨୩(ଖ) ॥

**ସୁମିରି ରାମ କେ ଗୁନ ଗନ ନାନା । ପୁନି ପୁନି ହରଷ ଭୁସୁଂଡି ସୁଜାନା ॥**
**ମହିମା ନିଗମ ନେତି କରି ଗାଈ । ଅତୁଲିତ ବଲ ପ୍ରତାପ ପ୍ରଭୁତାଈ ॥ ୧ ॥**

ଶ୍ରୀରାମଙ୍କର ଗୁଣାବଳୀ ସ୍ମରଣ କରି କରି ସୁଜ୍ଞାନୀ ଭୁଶୁଣ୍ଡି ବାରମ୍ବାର ଆନନ୍ଦିତ ହେଉଥାଆନ୍ତି । [ସେ କହିଲେ :] ''ବେଦମାନେ ଯାହାଙ୍କର ମହିମାକୁ 'ନେତି' 'ନେତି' କହି ଗାଇଛନ୍ତି, ଯାହାଙ୍କର ବଳ, ପ୍ରତାପ ଓ ପ୍ରଭୁତ୍ୱ ଅତୁଳନୀୟ, ॥ ୧ ॥

**ସିୱ ଅଜ ପୂଜ୍ୟ ଚରନ ରଘୁରାଈ । ମୋ ପର କୃପା ପରମ ମୃଦୁଲାଈ ॥**
**ଅସ ସୁଭାଉ କହୁଁ ସୁନଉଁ ନ ଦେଖଉଁ । କେହି ଖଗେସ ରଘୁପତି ସମ ଲେଖଉଁ ॥ ୨ ॥**

ଯେଉଁ ଶ୍ରୀରଘୁନାଥଙ୍କ ଚରଣଯୁଗଳ ଶିବ ଓ ବ୍ରହ୍ମାଙ୍କ ଦ୍ୱାରା ପୂଜ୍ୟ; ତାଙ୍କର ମୋ ପ୍ରତି କୃପା ହେବା, ତାଙ୍କ ପରମ କୋମଳତାର ନିଦର୍ଶନ । ଅନ୍ୟ କାହାର ଏପରି ସ୍ୱଭାବ ଥିବା କଥା ମୁଁ କେଉଁଠି ଶୁଣିନାହିଁ କିମ୍ବା ଦେଖିନାହିଁ । ତେଣୁ ହେ ପକ୍ଷୀରାଜ ଗରୁଡ଼ ! ମୁଁ ଆଉ କାହାକୁ ଶ୍ରୀରଘୁନାଥଙ୍କ ସହିତ ସମାନ ବୋଲି ଗଣିବି ? ॥ ୨ ॥

**ସାଧକ ସିଦ୍ଧ ବିମୁକ୍ତ ଉଦାସୀ । କବି କୋବିଦ କୃତଗ୍ୟ ସଂନ୍ୟାସୀ ॥**
**ଜୋଗୀ ସୂର ସୁତାପସ ଗ୍ୟାନୀ । ଧର୍ମ ନିରତ ପଂଡିତ ବିଗ୍ୟାନୀ ॥ ୩ ॥**
**ତରହିଁ ନ ବିନୁ ସେଏ ମମ ସ୍ୱାମୀ । ରାମ ନମାମି ନମାମି ନମାମୀ ॥**
**ସରନ ଗଏଁ ମୋ ସେ ଅଘ ରାସୀ । ହୋହିଁ ସୁଦ୍ଧ ନମାମି ଅବିନାସୀ ॥ ୪ ॥**

ସାଧକ, ସିଦ୍ଧ, ଜୀବନ୍ମୁକ୍ତ, ଉଦାସୀନ (ବୈରାଗୀ), କବି, ବିଦ୍ୱାନ୍, କର୍ମରହସ୍ୟବିତ୍, ସନ୍ନ୍ୟାସୀ, ଯୋଗୀ, ଶୂରବୀର, ପରମ ତପସ୍ୱୀ, ଜ୍ଞାନୀ, ଧର୍ମପରାୟଣ, ପଣ୍ଡିତ ଓ ବିଜ୍ଞାନୀ—ଯେ କେହି ହୁଅନ୍ତୁ ନା କାହିଁକି, ମୋ ପ୍ରଭୁ ଶ୍ରୀରାମଙ୍କ ଭଜନ ବିନା ସେ ତରିପାରିବେ ନାହିଁ । ମୁଁ ସେହି ଶ୍ରୀରାମଙ୍କୁ ବାରମ୍ବାର ନମସ୍କାର କରୁଛି । ଯାହାଙ୍କ ଶରଣ ଗଲେ ମୋ ପରି ପାପରାଶି ସୁଦ୍ଧା ପାପରହିତ (ଶୁଦ୍ଧ) ହୋଇଯାଏ, ସେହି ଅବିନାଶୀ ଶ୍ରୀରାମଙ୍କୁ ମୁଁ ନମସ୍କାର କରୁଛି ॥ ୩-୪ ॥

ଦୋ:- **ଜାସୁ ନାମ ଭଓ୍ୱ ଭେଷଜ ହରନ ଘୋର ତ୍ରୟ ସୂଲ ।**
**ସୋ କୃପାଲ ମୋହି ତୋ ପର ସଦା ରହଉ ଅନୁକୂଲ ॥୧୨୪(କ)॥**

ଯାହାଙ୍କ ନାମ ହେଉଛି ଜନ୍ମମରଣରୂପୀ ଭବରୋଗର ଅବ୍ୟର୍ଥ ଔଷଧ ଏବଂ ତ୍ରିବିଧ ତାପହର, ସେହି କୃପାଳୁ ଶ୍ରୀରାମ ମୋ ଉପରେ ତଥା ଆପଣଙ୍କ ଉପରେ ସଦା ପ୍ରସନ୍ନ ରହନ୍ତୁ ।'' ॥ ୧୨୪(କ) ॥

**ସୁନି ଭୁସୁଂଡି କେ ବଚନ ସୁଭ ଦେଖି ରାମ ପଦ ନେହ ।**
**ବୋଲେଉ ପ୍ରେମ ସହିତ ଗିରା ଗରୁଡ଼ ବିଗତ ସଂଦେହ ॥୧୨୪(ଖ)॥**

ଭୁଶୁଣ୍ଡିଙ୍କ ମଙ୍ଗଳମୟ ବଚନ ଶୁଣି ଓ ଶ୍ରୀରାମଙ୍କ ଚରଣରେ ତାଙ୍କର ଅତିଶୟ ପ୍ରେମ ଦେଖି ଗରୁଡ଼ଙ୍କ ମନରୁ ସକଳ ସନ୍ଦେହ ସମ୍ପୂର୍ଣ୍ଣରୂପେ ଦୂର ହୋଇଗଲା ଏବଂ ସେ ପ୍ରେମର ସହିତ କହିଲେ, ॥ ୧୨୪(ଖ) ॥

**ମୈଁ କୃତକୃତ୍ୟ ଭୟଉଁ ତଓ୍ୱ ବାନୀ । ସୁନି ରଘୁବୀର ଭଗତି ରସ ସାନୀ ॥**
**ରାମ ଚରନ ନୂତନ ରତି ଭଈ । ମାୟା ଜନିତ ବିପତି ସବ ଗଈ ॥ ୧ ॥**

ଶ୍ରୀରଘୁବୀରଙ୍କ ଭକ୍ତିରସରେ ସିକ୍ତ ହୋଇଥିବା ଆପଣଙ୍କର ବାଣୀ ଶୁଣି ମୁଁ କୃତକୃତ୍ୟ ହୋଇଗଲି । ଶ୍ରୀରାମଙ୍କ ଚରଣରେ ମୋର ନବୀନ ପ୍ରୀତି ଉତ୍ପନ୍ନ ହେବା ସହିତ ମାୟାରୁ ଜାତ ସକଳ ବିପତ୍ତି ଦୂର ହୋଇଗଲା ॥ ୧ ॥

**ମୋହ ଜଲଧି ବୋହିତ ତୁହ୍ମ ଭଏ । ମୋ କହଁ ନାଥ ବିବିଧ ସୁଖ ଦଏ ॥**
**ମୋ ପହିଁ ହୋଇ ନ ପ୍ରତି ଉପକାରା । ବଂଦଉଁ ତଓ୍ୱ ପଦ ବାରହିଁ ବାରା ॥ ୨ ॥**

ମୁଁ ତ ମୋହରୂପୀ ସମୁଦ୍ରରେ ବୁଡ଼ିଯାଉଥିଲି, ଆପଣ ମୋ ପାଇଁ ବୋଇତ ହୋଇଗଲେ । ହେ ନାଥ ! ଆପଣ ମୋତେ ବହୁପ୍ରକାର ସୁଖ ଦେଲେ (ମୋତେ ପରମାନନ୍ଦ ପ୍ରଦାନ କଲେ) । ମୁଁ ବା ଆପଣଙ୍କର କି ପ୍ରତ୍ୟୁପକାର କରିପାରିବି ! କେବଳ ମୁଁ ଆପଣଙ୍କ ଚରଣକୁ ବାରମ୍ବାର ବନ୍ଦନା କରୁଛି ॥ ୨ ॥

**ପୂରନ କାମ ରାମ ଅନୁରାଗୀ । ତୁହ୍ମ ସମ ତାତ ନ କୋଉ ବଡ଼ଭାଗୀ ॥**
**ସଂତ ବିଟପ ସରିତା ଗିରି ଧରନୀ । ପରହିତ ହେତୁ ସବହ୍ନ କୈ କରନୀ ॥ ୩ ॥**

ଆପଣ ହେଉଛନ୍ତି ପୂର୍ଣ୍ଣକାମ ଏବଂ ଶ୍ରୀରାମଙ୍କର ପ୍ରେମୀ । ହେ ତାତ ! ଆପଣଙ୍କ ପରି ଭାଗ୍ୟବାନ୍ ଅନ୍ୟ କେହି ନାହିଁ । ସନ୍ଥ, ବୃକ୍ଷ, ନଦୀ, ପର୍ବତ ଓ ପୃଥିବୀ—ଏମାନଙ୍କର ସମସ୍ତ କ୍ରିୟା ପରହିତପାଇଁ ଉଦ୍ଦିଷ୍ଟ ହୋଇଥାଏ ॥ ୩ ॥

**ସଂତ ହୃଦୟ ନଓ୍ୱନୀତ ସମାନା । କହା କବିହ୍ନ ପରି କହୈ ନ ଜାନା ॥**
**ନିଜ ପରିତାପ ଦ୍ରଓ୍ୱଇ ନଓ୍ୱନୀତା । ପର ଦୁଖ ଦ୍ରଓ୍ୱହିଁ ସଂତ ସୁପୁନୀତା ॥ ୪ ॥**

କବିମାନେ କହିଛନ୍ତି, ସନ୍ଥଙ୍କ ହୃଦୟ ଲହୁଣି ପରି; କିନ୍ତୁ ସେମାନେ ଠିକ୍ କହିଜାଣିନାହାନ୍ତି । କାରଣ ଲହୁଣି ନିଜେ ଉତ୍ତାପ ପାଇଲେ ଯାଇ ତରଳିଥାଏ, ଅଥଚ ପରମ ପବିତ୍ର ସନ୍ଥମାନେ ଅନ୍ୟର ଦୁଃଖ ଦେଖି ତରଳିଯାଆନ୍ତି ॥ ୪ ॥

**ଜୀଓ୍ୱନ ଜନ୍ମ ସୁଫଲ ମମ ଭୟଉ । ତଓ୍ୱ ପ୍ରସାଦ ସଂସୟ ସବ ଗୟଉ ॥**
**ଜାନେହୁ ସଦା ମୋହି ନିଜ କିଂକର । ପୁନି ପୁନି ଉମା କହଇ ବିହଂଗବର ॥ ୫ ॥**

ମୋର ଜନ୍ମ ଓ ଜୀବନ ସଫଳ ହୋଇଗଲା । ଆପଣଙ୍କ କୃପାରୁ ସକଳ ସନ୍ଦେହ ଦୂର ହୋଇଗଲା ।

ମୋତେ ସର୍ବଦା ଆପଣଙ୍କର ଦାସ ବୋଲି ଜାଣିବେ ।" [ଶିବ କହିଲେ,] ହେ ଉମା ! ପକ୍ଷୀଶ୍ରେଷ୍ଠ ଗରୁଡ଼ ବାରମ୍ବାର ଏହିପରି କହୁଥାନ୍ତି ॥ ୫ ॥

ଦୋ:- **ତାସୁ ଚରନ ସିରୁ ନାଇ କରି ପ୍ରେମ ସହିତ ମତିଧୀର ।**
**ଗୟଉ ଗରୁଡ଼ ବୈକୁଂଠ ତବ ହୃଦୟଁ ରାଖି ରଘୁବୀର ॥୧୨୫(କ)॥**

ତା'ପରେ ଭୁଶୁଣ୍ଡିଙ୍କ ଚରଣଯୁଗଳରେ ପ୍ରେମର ସହିତ ନତମସ୍ତକ ହୋଇ ଏବଂ ହୃଦୟରେ ଶ୍ରୀରଘୁବୀରଙ୍କୁ ଧାରଣ କରି ଧୀରବୁଦ୍ଧି ଗରୁଡ଼ ବୈକୁଣ୍ଠକୁ ଚାଲିଗଲେ ॥ ୧୨୫(କ) ॥

**ଗିରିଜା ସଂତ ସମାଗମ ସମ ନ ଲାଭ କଛୁ ଆନ ।**
**ବିନୁ ହରି କୃପା ନ ହୋଇ ସୋ ଗାୱହିଁ ବେଦ ପୁରାନ ॥୧୨୫(ଖ)॥**

ହେ ଗିରିଜେ ! ସନ୍ଥସମାଗମରେ ଯେଉଁ ଲାଭ ମିଳେ, ଅନ୍ୟ ଲାଭ ତାହାସମାନ ନୁହେଁ । କିନ୍ତୁ ଶ୍ରୀହରିଙ୍କ କୃପା ବିନା ସେହି ସନ୍ଥସମାଗମ ମିଳିବା ସମ୍ଭବ ନୁହେଁ—ଏହା ବେଦ ଓ ପୁରାଣମାନେ କହିଛନ୍ତି ॥ ୧୨୫(ଖ) ॥

**କହେଉଁ ପରମ ପୁନୀତ ଇତିହାସା । ସୁନତ ଶ୍ରୱନ ଛୂଟହିଁ ଭୱ ପାସା ॥**
**ପ୍ରନତ କଲ୍ପତରୁ କରୁନା ପୁଂଜା । ଉପଜଇ ପ୍ରୀତି ରାମ ପଦ କଂଜା ॥ ୧ ॥**

ମୁଁ ଏହି ଯେଉଁ ପରମ ପବିତ୍ର ଇତିହାସ କହିଲି, ଏହା କର୍ଣ୍ଣରେ ଶୁଣିବାମାତ୍ରେ ଭବପାଶ (ସଂସାରବନ୍ଧନ) ତୁଟିଯାଏ ଏବଂ ଶରଣାଗତମାନଙ୍କର କଳ୍ପବୃକ୍ଷ ତଥା କରୁଣାପୁଞ୍ଜ ଶ୍ରୀରାମଙ୍କ ପଦପଙ୍କଜରେ ପ୍ରେମ ଉପନ୍ନ ହୋଇଯାଏ ॥ ୧ ॥

**ମନ କ୍ରମ ବଚନ ଜନିତ ଅଘ ଜାଈ । ସୁନହିଁ ଜେ କଥା ଶ୍ରୱନ ମନ ଲାଈ ॥**
**ତୀର୍ଥାଟନ ସାଧନ ସମୁଦାଈ । ଜୋଗ ବିରାଗ ଗ୍ୟାନ ନିପୁନାଈ ॥ ୨ ॥**

ଯେ ମନକର୍ଣ୍ଣ ଦେଇ ଏହି କଥା ଶୁଣନ୍ତି, ତାଙ୍କର ସମସ୍ତ କାୟିକ, ବାଚିକ ଓ ମାନସିକ ପାପ ନଷ୍ଟ ହୋଇଯାଏ । ତୀର୍ଥଯାତ୍ରା ଆଦି ବହୁବିଧ ସାଧନା, ଯୋଗ, ବୈରାଗ୍ୟ ଓ ଜ୍ଞାନରେ ନିପୁଣତା, ॥ ୨ ॥

**ନାନା କର୍ମ ଧର୍ମ ବ୍ରତ ଦାନା । ସଂଜମ ଦମ ଜପ ତପ ମଖ ନାନା ॥**
**ଭୂତ ଦୟା ଦ୍ୱିଜ ଗୁର ସେୱକାଈ । ବିଦ୍ୟା ବିନୟ ବିବେକ ବଡ଼ାଈ ॥ ୩ ॥**
**ଜହଁ ଲଗି ସାଧନ ବେଦ ବଖାନୀ । ସବ କର ଫଲ ହରି ଭଗତି ଭୱାନୀ ॥**
**ସୋ ରଘୁନାଥ ଭଗତି ଶ୍ରୁତି ଗାଈ । ରାମ କୃପାଁ କାହୂଁ ଏକ ପାଈ ॥ ୪ ॥**

ବିଭିନ୍ନପ୍ରକାର ଧର୍ମ, କର୍ମ, ବ୍ରତ ଓ ଦାନ, ବହୁ ସଂଯମ, ଦମ, ଜପ, ତପ ଓ ଯଜ୍ଞ, ପ୍ରାଣୀମାନଙ୍କ ପ୍ରତି ଦୟା, ଗୁରୁବ୍ରାହ୍ମଣ-ସେବା, ବିଦ୍ୟା, ବିନୟ ଓ ବିବେକର ଆଦର ଆଦି ଯେତେସବୁ ବେଦବିହିତ ସାଧନା ରହିଛି, ହେ ଭବାନୀ ! ଶ୍ରୀହରିଙ୍କ ଠାରେ ଭକ୍ତି ହେଉଛି ସେସବୁର ଫଳ । କିନ୍ତୁ ଶ୍ରୁତିମାନଙ୍କରେ ଗାୟନ କରାଯାଇଥିବା ଶ୍ରୀରଘୁନାଥଙ୍କ ଚରଣରେ ସେହି ଭକ୍ତି, ଶ୍ରୀରାମଙ୍କ କୃପାରୁ କ୍ୱଚିତ୍ କେହି ଜଣେଅଧେହିଁ ପାଇଥାନ୍ତି ॥ ୩, ୪ ॥

ଦୋ:- **ମୁନି ଦୁର୍ଲଭ ହରି ଭଗତି ନର ପାୱହିଁ ବିନହିଁ ପ୍ରୟାସ ।**
**ଜେ ୟହ କଥା ନିରଂତର ସୁନହିଁ ମାନି ବିସ୍ୱାସ ॥ ୧୨୬ ॥**

ଅଥଚ ଯେଉଁ ଲୋକେ ବିଶ୍ୱାସର ସହିତ ନିରନ୍ତର ଏହି କଥା ଶ୍ରବଣ କରନ୍ତି, ସେମାନେ ଅକ୍ଳେଶରେ ସେହି ମୁନିଦୁର୍ଲଭ ହରିଭକ୍ତି ପାଇଯାଆନ୍ତି ॥ ୧୨୬ ॥

**ସୋଇ ସର୍ବଗ୍ୟ ଗୁନୀ ସୋଇ ଗ୍ୟାତା । ସୋଇ ମହି ମଂଡିତ ପଂଡିତ ଦାତା ॥**
**ଧର୍ମ ପରାୟନ ସୋଇ କୁଲ ତ୍ରାତା । ରାମ ଚରନ ଜା କର ମନ ରାତା ॥ ୧ ॥**

ଯାହାଙ୍କ ମନ ଶ୍ରୀରାମଙ୍କ ଚରଣଯୁଗଳରେ ଅନୁରକ୍ତ, ସେ ହିଁ ସର୍ବଜ୍ଞ; ସେ ହିଁ ଗୁଣୀ; ସେ ହିଁ ଜ୍ଞାନୀ; ସେ ହିଁ ଜଗତର ଭୂଷଣ, ପଣ୍ଡିତ ଓ ଦାନୀ; ସେ ହିଁ ଧର୍ମପରାୟଣ ଓ ସେ ହିଁ କୁଳରକ୍ଷକ ॥ ୧ ॥

**ନୀତି ନିପୁନ ସୋଇ ପରମ ସୟାନା । ଶ୍ରୁତି ସିଦ୍ଧାଂତ ନୀକ ତେହିଁ ଜାନା ॥**
**ସୋଇ କବି କୋବିଦ ସୋଇ ରନଧୀରା । ଜୋ ଛଲ ଛାଡ଼ି ଭଜଇ ରଘୁବୀରା ॥ ୨ ॥**

ଯେ ଛନ୍ଦକପଟ ତ୍ୟାଗ କରି ଶ୍ରୀରଘୁବୀରଙ୍କୁ ଭଜନ୍ତି, ସେ ହିଁ ନୀତିନିପୁଣ; ସେ ହିଁ ପରମ ବୁଦ୍ଧିମାନ; ସେ ହିଁ ବେଦମାନଙ୍କର ସିଦ୍ଧାନ୍ତ ଭଲରୂପେ ଜାଣନ୍ତି; ସେ ହିଁ କବି; ସେ ହିଁ ବିଦ୍ୱାନ୍ ତଥା ସେ ହିଁ ରଣଧୀର ॥ ୨ ॥

**ଧନ୍ୟ ଦେସ ସୋ ଜହଁ ସୁରସରୀ । ଧନ୍ୟ ନାରି ପତିବ୍ରତ ଅନୁସରୀ ॥**
**ଧନ୍ୟ ସୋ ଭୂପୁ ନୀତି ଜୋ କରଈ । ଧନ୍ୟ ସୋ ଦ୍ୱିଜ ନିଜ ଧର୍ମ ନ ଟରଈ ॥ ୩ ॥**

ସେହି ଦେଶ ଧନ୍ୟ, ଯେଉଁଠି ଗଙ୍ଗା ପ୍ରବାହିତ; ସେହି ସ୍ତ୍ରୀ ଧନ୍ୟ, ଯେ ପତିବ୍ରତା ଧର୍ମ ପାଳନ କରେ ; ସେହି ରାଜା ଧନ୍ୟ, ଯେ ନ୍ୟାୟମାର୍ଗରେ ଚଳନ୍ତି ଏବଂ ସେହି ବ୍ରାହ୍ମଣ ଧନ୍ୟ, ଯେ ନିଜ ଧର୍ମରୁ ବିଚ୍ୟୁତ ହୁଅନ୍ତି ନାହିଁ ॥ ୩ ॥

**ସୋ ଧନ ଧନ୍ୟ ପ୍ରଥମ ଗତି ଜାକୀ । ଧନ୍ୟ ପୁନ୍ୟ ରତ ମତି ସୋଇ ପାକୀ ॥**
**ଧନ୍ୟ ଘରୀ ସୋଇ ଜବ ସତସଂଗା । ଧନ୍ୟ ଜନ୍ମ ଦ୍ୱିଜ ଭଗତି ଅଭଂଗା ॥ ୪ ॥**

ସେହି ଧନ ଧନ୍ୟ, ଯାହା ପ୍ରଥମ ଗତି ଲାଭ କରେ । (ଧନର ଗତି ତିନିପ୍ରକାର, ଯଥା—ଦାନ, ଭୋଗ ଓ ନାଶ । ଦାନ ଉତ୍ତମ (ପ୍ରଥମ), ଭୋଗ ମଧ୍ୟମ (ଦ୍ୱିତୀୟ) ଓ ନାଶ ନୀଚ (ତୃତୀୟ) ଗତିରୂପେ ପରିଗଣିତ । ଯେଉଁ ବ୍ୟକ୍ତି ଦାନ କରେ ନାହିଁ, କି ଭୋଗ କରେ ନାହିଁ, ତା'ର ଧନ ତୃତୀୟ ଗତି ପ୍ରାପ୍ତ ହୁଏ ।) ସେହି ବୁଦ୍ଧି ଧନ୍ୟ ଓ ପରିପକ୍ୱ, ଯାହା ପୁଣ୍ୟକାର୍ଯ୍ୟରେ ନିୟୋଜିତ ହୁଏ; ସେହି ଘଡ଼ି (ସମୟ) ଧନ୍ୟ, ଯାହା ସତ୍‌ସଙ୍ଗରେ ଲାଗିଥାଏ ଏବଂ ସେହି ଜନ୍ମ ଧନ୍ୟ, ଯେଉଁ ଜନ୍ମରେ ବ୍ରାହ୍ମଣଙ୍କ ପ୍ରତି ଅଖଣ୍ଡ ଭକ୍ତି ହୁଏ ॥ ୪ ॥

ଦୋ:- **ସୋ କୁଲ ଧନ୍ୟ ଉମା ସୁନୁ ଜଗତ ପୂଜ୍ୟ ସୁପୁନୀତ ।**
**ଶ୍ରୀରଘୁବୀର ପରାୟନ ଜେହିଁ ନର ଉପଜ ବିନୀତ ॥ ୧୨୭ ॥**

ହେ ଉମା ! ଯେଉଁ କୁଳରେ ଶ୍ରୀରଘୁବୀରପରାୟଣ (ଅନନ୍ୟ ରାମଭକ୍ତ) ବିନମ୍ର ପୁରୁଷ ଜାତ ହୋଇଥାନ୍ତି, ସେହି କୁଳ ହେଉଛି ଧନ୍ୟ; ସେହି କୁଳ ସମଗ୍ର ସଂସାରର ପୂଜ୍ୟ ଓ ପରମ ପବିତ୍ର ॥ ୧୨୭ ॥

**ମତି ଅନୁରୂପ କଥା ମୈଁ ଭାଷୀ । ଜଦ୍ୟପି ପ୍ରଥମ ଗୁପ୍ତ କରି ରାଖୀ ॥**
**ତଓ୍ୱ ମନ ପ୍ରୀତି ଦେଖି ଅଧିକାଈ । ତବ ମୈଁ ରଘୁପତି କଥା ସୁନାଈ ॥ ୧ ॥**

ମୁଁ ମୋ ନିଜ ବୁଦ୍ଧି ଅନୁସାରେ ଏହି କଥା କହିଲି । ପୂର୍ବରୁ ମୁଁ ଏକଥା ମନରେ ଲୁଗ୍ଚାଇରଖିଥିଲି; ତୁମ ମନରେ ପ୍ରେମର ଆଧିକ୍ୟ ଦେଖିବାରୁ ମୁଁ ତୁମକୁ ଶ୍ରୀରଘୁନାଥଙ୍କର ଏହି କଥା ଶୁଣାଇଲି ॥ ୧ ॥

**ୟହ ନ କହିଅ ସଠହୀ ହଠସୀଲହି । ଜୋ ମନ ଲାଇ ନ ସୁନ ହରି ଲୀଲହି ॥**
**କହିଅ ନ ଲୋଭିହି କ୍ରୋଧିହି କାମିହି । ଜୋ ନ ଭଜଇ ସଚରାଚର ସ୍ୱାମିହି ॥ ୨ ॥**

ଯେ ଧୂର୍ତ୍ତ, ଦୁରାଗ୍ରହୀ (ଜିଦ୍‌ଖୋର) ଏବଂ ଯେ ଶ୍ରୀହରିଙ୍କ କଥା ମନ ଦେଇ ଶୁଣେ ନାହିଁ, ତାକୁ ଏ କଥା କହିବା ଉଚିତ ନୁହେଁ । ଯେ ଚରାଚରର ସ୍ୱାମୀ ଶ୍ରୀରାମଙ୍କୁ ଭଜେ ନାହିଁ, ସେପରି ଲୋଭୀ, କ୍ରୋଧୀ ଓ କାମୀ ଲୋକକୁ ଏହି କଥା କହିବା ଅନୁଚିତ ॥ ୨ ॥

**ଦ୍ୱିଜ ଦ୍ରୋହିହି ନ ସୁନାଇଅ କବହୂଁ । ସୁରପତି ସରିସ ହୋଇ ନୃପ ଜବହୂଁ ॥**
**ରାମ କଥା କେ ତେଇ ଅଧିକାରୀ । ଜିହ୍ନ କେଁ ସତ ସଂଗତି ଅତି ପ୍ୟାରୀ ॥ ୩ ॥**

ଯେ ବ୍ରାହ୍ମଣମାନଙ୍କର ଦ୍ରୋହୀ, ସେ ଦେବରାଜ ଇନ୍ଦ୍ରଙ୍କ ଭଳି ଐଶ୍ୱର୍ଯ୍ୟବାନ୍ ରାଜା ହୋଇଥିଲେ ସୁଦ୍ଧା, ତାକୁ ଏହି କଥା କଦାପି ଶୁଣାଇବ ନାହିଁ । ଯେଉଁମାନଙ୍କୁ ସତ୍‌ସଙ୍ଗତି ଅତ୍ୟନ୍ତ ପ୍ରିୟ, ସେହିମାନେହିଁ ଶ୍ରୀରାମଙ୍କ କଥା ଶୁଣିବାର ଅଧିକାରୀ ॥ ୩ ॥

**ଗୁରୁ ପଦ ପ୍ରୀତି ନୀତି ରତ ଜେଈ । ଦ୍ୱିଜ ସେୱକ ଅଧିକାରୀ ତେଈ ॥**
**ତା କହଁ ୟହ ବିସେଷ ସୁଖଦାଈ । ଜାହି ପ୍ରାନପ୍ରିୟ ଶ୍ରୀରଘୁରାଈ ॥ ୪ ॥**

ଯେଉଁମାନଙ୍କର ଗୁରୁଙ୍କ ଚରଣଯୁଗଳରେ ପ୍ରୀତି ରହିଛି, ଯେଉଁମାନେ ନୀତିପରାୟଣ ଓ ବ୍ରାହ୍ମଣମାନଙ୍କର ସେବକ, ସେମାନେହିଁ ଏହାର ଅଧିକାରୀ । ଶ୍ରୀରଘୁନାଥ ଯାହାଙ୍କର ପ୍ରାଣସମାନ ପ୍ରିୟ, ତାକୁ ତ ଏହିକଥା ବିଶେଷ ଆନନ୍ଦ ଦେବ ॥ ୪ ॥

ଦୋ:- **ରାମ ଚରନ ରତି ଜୋ ଚହ ଅଥୱା ପଦ ନିର୍ବାନ ।**
**ଭାୱ ସହିତ ସୋ ୟହ କଥା କରଉ ଶ୍ରୱନ ପୁଟ ପାନ ॥ ୧୨୮ ॥**

ଯେ ଶ୍ରୀରାମଙ୍କ ଚରଣଯୁଗଳରେ ପ୍ରେମ ଚାହେଁ ବା ମୋକ୍ଷପଦ ଚାହେଁ, ସେ ଏହି କଥାରୂପୀ ଅମୃତକୁ ପ୍ରେମସହକାରେ ନିଜ କର୍ଣ୍ଣପୁଟରେ ପାନ କରୁ ॥ ୧୨୮ ॥

**ରାମ କଥା ଗିରିଜା ମୈଁ ବରନୀ । କଲି ମଲ ସମନି ମନୋମଲ ହରନୀ ॥**
**ସଂସୃତି ରୋଗ ସଜୀୱନ ମୂରୀ । ରାମ କଥା ଗାୱହିଁ ଶ୍ରୁତି ସୂରୀ ॥ ୧ ॥**

ହେ ଗିରିଜେ ! ମୁଁ କଳିଯୁଗର ସମସ୍ତପାପନାଶିନୀ ତଥା ମନର ମଳହାରିଣୀ ରାମକଥା ବର୍ଣ୍ଣନା କଲି । ବେଦ ଓ ବିଦ୍ୱାନ୍‌ମାନେ କହନ୍ତି ଯେ, ଏହି ରାମକଥା ହେଉଛି ସଂସୃତି(ଜନ୍ମମରଣ)ରୂପୀ ରୋଗର ନାଶ ନିମନ୍ତେ ସଂଜୀବନୀ ବୁଟି ॥ ୧ ॥

**ଏହି ମହଁ ରୁଚିର ସପ୍ତ ସୋପାନା । ରଘୁପତି ଭଗତି କେର ପଂଥାନା ॥**
**ଅତି ହରି କୃପା ଜାହି ପର ହୋଈ । ପାଉଁ ଦେଇ ଏହିଁ ମାରଗ ସୋଈ ॥ ୨ ॥**

ଏଥିରେ ସାତଟି ସୁନ୍ଦର ସୋପାନ ରହିଛି, ଯାହା କି ଶ୍ରରଘୁନାଥଙ୍କୁ ଭକ୍ତି କରିବାର ମାର୍ଗ । ଯାହା ଉପରେ ଶ୍ରୀହରିଙ୍କର ଅତ୍ୟନ୍ତ କୃପା ହୁଏ, ସେ ଏହି ମାର୍ଗରେ ପାଦ ରଖେ ॥ ୨ ॥

**ମନ କାମନା ସିଦ୍ଧି ନର ପାୱା । ଜେ ୟହ କଥା କପଟ ତଜି ଗାୱା ॥**
**କହହିଁ ସୁନହିଁ ଅନୁମୋଦନ କରହୀଁ । ତେ ଗୋପଦ ଇୱ ଭୱନିଧି ତରହୀଁ ॥ ୩ ॥**

ଯେଉଁମାନେ ନିଷ୍କପଟଭାବରେ ଏହି କଥା ଗାନ କରନ୍ତି, ସେହି ମନୁଷ୍ୟମାନେ ନିଜ ନିଜର ମନସ୍କାମନା ଅନୁଯାୟୀ ସିଦ୍ଧି ପାଆନ୍ତି । ଯେଉଁମାନେ ଏହା କହନ୍ତି, ଶୁଣନ୍ତି ଓ ଅନୁମୋଦନ (ପ୍ରଶଂସା) କରନ୍ତି, ସେମାନେ ସଂସାରରୂପୀ ସମୁଦ୍ରକୁ ଗୋଷ୍ପଦ ପରି ପାରିହୋଇଯାଆନ୍ତି ॥ ୩ ॥

**ସୁନି ସବ କଥା ହୃଦୟ଼ ଅତି ଭାଈ । ଗିରିଜା ବୋଲୀ ଗିରା ସୁହାଈ ॥**
**ନାଥ କୃପାଁ ମମ ଗତ ସଂଦେହା । ରାମ ଚରନ ଉପଜେଉ ନଓ୍ୱ ନେହା ॥ ୪ ॥**

[ଯାଜ୍ଞବଲ୍କ୍ୟ କହିଲେ,] ସମସ୍ତ କଥା ଶୁଣି ପାର୍ବତୀଙ୍କ ହୃଦୟ଼ ଅତ୍ୟନ୍ତ ଆନନ୍ଦିତ ହୋଇଗଲା । ସେ ଆନନ୍ଦରେ କହିଲେ, ‘‘ସ୍ୱାମୀଙ୍କ କୃପାରୁ ମୋର ସନ୍ଦେହ ଦୂର ହୋଇଗଲା ଏବଂ ଶ୍ରୀରାମଙ୍କ ଚରଣରେ ନୂତନ ପ୍ରୀତି ଜାତ ହୋଇଗଲା ॥ ୪ ॥

ଦୋ:- **ମୈଁ କୃତକୃତ୍ୟ ଭଇଉଁ ଅବ ତଓ୍ୱ ପ୍ରସାଦ ବିସ୍ୱେସ ।**
**ଉପଜୀ ରାମ ଭଗତି ଦୃଢ଼ ବୀତେ ସକଲ କଲେସ ॥ ୧୨୯ ॥**

ହେ ବିଶ୍ୱନାଥ ! ଆପଣଙ୍କ କୃପାରୁ ମୁଁ ଏଥର କୃତାର୍ଥ ହୋଇଗଲି । ମୋ ଭିତରେ ଦୃଢ଼ ରାମଭକ୍ତି ଉତ୍ପନ୍ନ ହୋଇଗଲା ଏବଂ ମୋର ସମସ୍ତ କ୍ଳେଶ ଦୂର ହୋଇଗଲା ॥ ୧୨୯ ॥

**ୟହ ସୁଭ ସଂଭୁ ଉମା ସଂବାଦା । ସୁଖ ସଂପାଦନ ସମନ ବିଷାଦା ॥**
**ଭଓ୍ୱ ଭଂଜନ ଗଂଜନ ସଂଦେହା । ଜନ ରଂଜନ ସଜ୍ଜନ ପ୍ରିୟ଼ ଏହା ॥ ୧ ॥**

ଶିବ-ପାର୍ବତୀଙ୍କର ଏହି ସଂବାଦ ହେଉଛି ସୁଖପ୍ରଦ ଓ ଶୋକନାଶକ । ଏହା ହେଉଛି ଜନ୍ମମରଣର ଅନ୍ତକ, ସନ୍ଦେହ-ବିନାଶକ, ଭକ୍ତମାନଙ୍କ ପାଇଁ ଆନନ୍ଦଦାୟ଼କ ଏବଂ ସଜ୍ଜନମାନଙ୍କର ପ୍ରିୟ଼ ॥ ୧ ॥

**ରାମ ଉପାସକ ଜେ ଜଗ ମାହୀଁ । ଏହି ସମ ପ୍ରିୟ଼ ତିହ୍ନ କେ କଛୁ ନାହୀଁ ॥**
**ରଘୁପତି କୃପାଁ ଜଥାମତି ଗାଓ୍ୱା । ମୈଁ ୟହ ପାଓ୍ୱନ ଚରିତ ସୁହାଓ୍ୱା ॥ ୨ ॥**

ଜଗତରେ ଯେତେ ରାମୋପାସକ ଅଛନ୍ତି, ସେମାନଙ୍କ ନିମନ୍ତେ ତ ଏହି ରାମକଥାସମାନ ପ୍ରିୟ଼ ଅନ୍ୟ କୌଣସି ବିଷୟ଼ ନାହିଁ । ଶ୍ରୀରଘୁନାଥଙ୍କ କୃପାରୁ ମୁଁ ଏହି ସୁନ୍ଦର ଓ ପବିତ୍ର ଚରିତ ନିଜ ବୁଦ୍ଧି ଅନୁସାରେ ଗାୟ଼ନ କଲି ॥ ୨ ॥

**ଏହିଁ କଲି କାଲ ନ ସାଧନ ଦୂଜା । ଜୋଗ ଜଗ୍ୟ ଜପ ତପ ବ୍ରତ ପୂଜା ॥**
**ରାମହି ସୁମିରିଅ ଗାଇଅ ରାମହି । ସଂତତ ସୁନିଅ ରାମ ଗୁନ ଗ୍ରାମହି ॥ ୩ ॥**

[ତୁଳସୀଦାସ କହୁଛନ୍ତି,] ଏହି କଳିକାଳରେ ଯୋଗ, ଯଜ୍ଞ, ଜପ, ତପ, ବ୍ରତ ଓ ପୂଜା ଆଦି ଅନ୍ୟ କୌଣସି ସାଧନା କରିହେବ ନାହିଁ; କେବଳ ଶ୍ରୀରାମଙ୍କୁ ସ୍ମରଣ କରିବା, ଶ୍ରୀରାମଙ୍କର ଗୁଣ ଗାନ କରିବା ଏବଂ ଶ୍ରୀରାମଙ୍କର ଗୁଣସମୂହ ଶ୍ରବଣ କରିବା ଉଚିତ ॥ ୩ ॥

**ଜାସୁ ପତିତ ପାଓ୍ୱନ ବଡ଼ ବାନା । ଗାଓ୍ୱହିଁ କବି ଶ୍ରୁତି ସଂତ ପୁରାନା ॥**
**ତାହିଁ ଭଜହି ମନ ତଜି କୁଟିଲାଈ । ରାମ ଭଜେଁ ଗତି କେହିଁ ନହିଁ ପାଈ ॥ ୪ ॥**

ଭଗବାନ୍ ଶ୍ରୀରାମ ହେଉଛନ୍ତି ପତିତପାବନ; ତାଙ୍କର ଏହି କୀର୍ତ୍ତି ହେଉଛି ଜଗତ୍‌ପ୍ରସିଦ୍ଧ । ଏହା କବି, ବେଦ, ସନ୍ଥ ଓ ପୁରାଣମାନେ ଗାଉଛନ୍ତି । ତେଣୁ ‘ରେ ମନ ! ତୁ କୂଟକପଟ ତ୍ୟାଗ କରି ତାଙ୍କୁହିଁ ଭଜ । ଶ୍ରୀରାମଙ୍କୁ ଭଜନ କରି କିଏ ଭଲା ପରମଗତି ପାଇନାହିଁ ? ॥ ୪ ॥

ଛନ୍ଦ:-**ପାଈ ନ କେହିଁ ଗତି ପତିତ ପାଓ୍ୱନ ରାମ ଭଜି ସୁନୁ ସଠ ମନା ।**
**ଗନିକା ଅଜାମିଲ ବ୍ୟାଧ ଗୀଧ ଗଜାଦି ଖଲ ତାରେ ଘନା ॥**
**ଆଭୀର ଜମନ କିରାତ ଖସ ସ୍ୱପଚାଦି ଅତି ଅଘରୂପ ଜେ ।**
**କହି ନାମ ବାରକ ତେପି ପାଓ୍ୱନ ହୋହିଁ ରାମ ନମାମି ତେ ॥ ୧ ॥**

ଆରେ ମୂର୍ଖ ମନ ! ପତିତପାବନ ରାମଙ୍କୁ ଭଜି କିଏ ଭଲା ପରମଗତି ନ ପାଇଛି ? ଗଣିକା (ପିଙ୍ଗଳା), ଅଜାମିଳ, ବ୍ୟାଧ, ଗୃଧ୍ର (ଜଟାୟୁ), ଗଜ ଆଦି ବହୁ ଦୁଷ୍ଟଙ୍କୁ ସେ ତାରିଦେଲେ । ଆଭୀର, ଯବନ, କିରାତ, ଖସ, ଚଣ୍ଡାଳ ଆଦି ପାପଯୋନିମାନେ ସୁଦ୍ଧା ଥରେମାତ୍ର ଯାହାଙ୍କର ନାମ ଧରି ପବିତ୍ର ହୋଇଯାଆନ୍ତି, ସେହି ଶ୍ରୀରାମଙ୍କୁ ମୁଁ ନମସ୍କାର କରୁଛି ॥ ୧ ॥

**ରଘୁବଂସ ଭୂଷନ ଚରିତ ୟହ ନର କହହିଁ ସୁନହିଁ ଜେ ଗାୱହୀଁ ।**
**କଲି ମଲ ମନୋମଲ ଧୋଇ ବିନୁ ଶ୍ରମ ରାମ ଧାମ ସିଧାୱହୀଁ ॥**
**ସତ ପଂଚ卐 ଚୌପାଈଁ ମନୋହର ଜାନି ଜୋ ନର ଉର ଧରୈ ।**
**ଦାରୁନ ଅବିଦ୍ୟା ପଂଚ ଜନିତ ବିକାର ଶ୍ରୀ ରଘୁବର ହରୈ ॥ ୨ ॥**

ଯେଉଁ ଲୋକେ ରଘୁବଂଶର ଭୂଷଣ ଶ୍ରୀରାମଙ୍କର ଏହି ଚରିତ କହନ୍ତି, ଶୁଣନ୍ତି ଓ ଗାନ କରନ୍ତି, ସେମାନେ କଳିଯୁଗର ପାପ ଓ ମନର ମଳ ଧୋଇଦେଇ ଅନାୟାସରେ ଶ୍ରୀରାମଙ୍କର ପରମଧାମକୁ ଚାଲିଯାଆନ୍ତି । [ଅଧିକ କ'ଣ କହିବା,] ଯେ ଏହି ରାମାୟଣର ପାଞ୍ଚସାତଟି卐 ଚୌପାଇକୁ ଉତ୍ତମ ଜାଣି [ଅଥବା ଏହି ରାମାୟଣର ଚୌପାଇଗୁଡ଼ିକୁ ଶ୍ରେଷ୍ଠପଞ୍ଚ (କର୍ତ୍ତବ୍ୟାକର୍ତ୍ତବ୍ୟର ପ୍ରକୃତ ନିର୍ଣ୍ଣାୟକ) ଜାଣି, ସେଗୁଡ଼ିକୁ] ହୃଦୟରେ ଧାରଣ କରେ, ତାହାର ଅବିଦ୍ୟାଜନିତ ପଞ୍ଚବିକାରକୁ ମଧ୍ୟ ଶ୍ରୀରାମ ହରଣ କରିନିଅନ୍ତି । (ଅର୍ଥାତ୍ ସମଗ୍ର ରାମଚରିତ କଥା କ'ଣ କହିବା, ଯେ ପାଞ୍ଚସାତଟି ଚୌପାଇ ବୁଝି ସେଗୁଡ଼ିକର ଅର୍ଥ ହୃଦୟରେ ଧାରଣ କରେ, ତାର ଅବିଦ୍ୟାଜନିତ ସକଳ କ୍ଳେଶ ଶ୍ରୀରାମଚନ୍ଦ୍ର ହରଣ କରିନିଅନ୍ତି ॥ ୨ ॥

**ସୁଂଦର ସୁଜାନ କୃପା ନିଧାନ ଅନାଥ ପର କର ପ୍ରୀତି ଜୋ ।**
**ସୋ ଏକ ରାମ ଅକାମ ହିତ ନିର୍ବାନପ୍ରଦ ସମ ଆନ କୋ ॥**
**ଜାକୀ କୃପା ଲୱଲେସ ତେ ମତିମଂଦ ତୁଲସୀଦାସହୂଁ ।**
**ପାୟୋ ପରମ ବିଶ୍ରାମୁ ରାମ ସମାନ ପ୍ରଭୁ ନାହୀଁ କହୂଁ ॥ ୩ ॥**

ଏକମାତ୍ର ଶ୍ରୀରାମ ହେଉଛନ୍ତି ପରମ ସୁନ୍ଦର, ସୁଜ୍ଞ ଓ କୃପାନିଧାନ । ସେ ଅନାଥଙ୍କୁ ପ୍ରେମ କରନ୍ତି । ତାହାଙ୍କ ସମାନ ନିଷ୍କାମ ହିତକାରୀ (ଅହେତୁକ କାରୁଣିକ) ଓ ମୋକ୍ଷଦାତା ଅନ୍ୟ କିଏ ଅଛି ? ଯାହାଙ୍କର ଲେଶମାତ୍ର କୃପାରୁ ଏହି ମନ୍ଦବୁଦ୍ଧି ତୁଳସୀଦାସ ମଧ୍ୟ ପରମ ଶାନ୍ତି ପାଇଗଲା, ସେହି ଶ୍ରୀରାମଙ୍କ ସମାନ ପ୍ରଭୁ ଆଉ କେଉଁଠି ନାହାନ୍ତି ॥ ୩ ॥

ଦୋ:- **ମୋ ସମ ଦୀନ ନ ଦୀନ ହିତ ତୁହ୍ମ ସମାନ ରଘୁବୀର ।**
**ଅସ ବିଗ୍ଚରି ରଘୁବଂସମନି ହରହୁ ବିଷମ ଭୱ ଭୀର ॥୧୩୦(କ)॥**

ହେ ରଘୁବୀର ! ମୋ ସମାନ କେହି ଦୀନ ନାହିଁ, କି ତୁମ ସମାନ କେହି ଦୀନବନ୍ଧୁ ନାହାନ୍ତି । ଏହା ବିଚାର କରି, ହେ ରଘୁବଂଶମଣି ! ମୋ' ଜନ୍ମମରଣର ଭୟାନକ ଦୁଃଖ ହରଣ କରନ୍ତୁ ॥ ୧୩୦(କ) ॥

**କାମିହି ନାରି ପିଆରି ଜିମି ଲୋଭିହି ପ୍ରିୟ ଜିମି ଦାମ ।**
**ତିମି ରଘୁନାଥ ନିରଂତର ପ୍ରିୟ ଲାଗହୁ ମୋହି ରାମ ॥୧୩୦(ଖ)॥**

卐 (କେତେକ ବ୍ୟାଖ୍ୟାକାର ମତ ଦିଅନ୍ତି ଯେ, **'ଅଙ୍କାନାଂ ବାମତୋ ଗତିଃ'**—ଏହି ସୂତ୍ର ଅନୁସାରେ ଶତ ଅର୍ଥାତ୍ ଶହ ପୂର୍ବରେ ପାଞ୍ଚ ଲେଖିଲେ ୫୧୦୦ ସଂଖ୍ୟା ହୋଇଯାଏ । ତୁଳସୀଦାସ ନିଜ କାବ୍ୟରେ ପ୍ରାୟ ୫୧୦୦ ଚୌପାଇ ଓ ଛନ୍ଦ ଇତ୍ୟାଦି ଲେଖିଛନ୍ତି । ତେଣୁ ତୁଳସୀଦାସ ଏଠାରେ ବୁଝାଇଛନ୍ତି ଯେ, ତାଙ୍କର ଏହି ସମ୍ପୂର୍ଣ୍ଣ କାବ୍ୟଟି ସୁନ୍ଦରଭାବରେ ଗାନ କରିବା ଉଚିତ ।)

କାମୁକ ପୁରୁଷକୁ ଯେପରି ସ୍ତ୍ରୀ ପ୍ରିୟ ଲାଗେ, ଲୋଭୀକୁ ଯେପରି ଧନ ପ୍ରିୟ ଲାଗେ, ହେ ରଘୁନାଥ ! ହେ ଶ୍ରୀରାମ ! ଆପଣ ସେହିପରି ମୋତେ ନିରନ୍ତର ପ୍ରିୟ ଲାଗନ୍ତୁ ॥ ୧୩୦(ଖ) ॥

ଶ୍ଳୋ:- **ଯତ୍ପୂର୍ବଂ ପ୍ରଭୁଣା କୃତଂ ସୁକବିନା ଶ୍ରୀଶମ୍ଭୁନା ଦୁର୍ଗମଂ**
**ଶ୍ରୀମଦ୍ରାମପଦାବ୍ଜଭକ୍ତିମନିଶଂ ପ୍ରାପ୍ତ୍ୟୈ ତୁ ରାମାୟଣମ୍ ।**
**ମତ୍ୱା ତଦ୍ରଘୁନାଥନାମନିରତଂ ସ୍ୱାନ୍ତସ୍ତମଃଶାନ୍ତୟେ**
**ଭାଷାବଦ୍ଧମିଦଂ ଚକାର ତୁଲସୀଦାସସ୍ତଥା ମାନସମ୍ ॥ ୧ ॥**

ଶ୍ରୀରାମଙ୍କ ଚରଣକମଳରେ ନିରନ୍ତର ଅନନ୍ୟ ଭକ୍ତି ପାଇବା ନିମନ୍ତେ ପୂର୍ବେ ଶ୍ରେଷ୍ଠକବି ଭଗବାନ୍ ଶଙ୍କର ଯେଉଁ ଦୁର୍ଗମ ମାନସ ରାମାୟଣ ରଚନା କରିଥିଲେ, ତାହାକୁ ଶ୍ରୀରଘୁନାଥଙ୍କ ନାମସହିତ ସମ୍ପୂର୍ଣ୍ଣରୂପେ ସଂଯୁକ୍ତ ମନେ କରି ନିଜର ଅନ୍ତଃକରଣର ଅନ୍ଧକାର ଦୂର କରିବା ଉଦ୍ଦେଶ୍ୟରେ ତୁଳସୀଦାସ ଏହି 'ମାନସ'ରୂପରେ ଭାଷାବଦ୍ଧ କଲା ॥ ୧ ॥

**ପୁଣ୍ୟଂ ପାପହରଂ ସଦା ଶିବକରଂ ବିଜ୍ଞାନଭକ୍ତିପ୍ରଦଂ**
**ମାୟାମୋହମଲାପହଂ ସୁବିମଲଂ ପ୍ରେମାମ୍ବୁପୂରଂ ଶୁଭମ୍ ।**
**ଶ୍ରୀମଦ୍ରାମଚରିତ୍ରମାନସମିଦଂ ଭକ୍ତ୍ୟାବଗାହନ୍ତି ଯେ**
**ତେ ସଂସାରପତଙ୍ଗଘୋରକିରଣୈର୍ଦହ୍ୟନ୍ତି ନୋ ମାନବାଃ ॥ ୨ ॥**

ଏହି ଶ୍ରୀରାମଚରିତମାନସ ହେଉଛି ପୁଣ୍ୟରୂପ, ସକଳପାପ ହରଣକାରୀ, ସଦାକଲ୍ୟାଣକାରୀ, ବିଜ୍ଞାନ ଓ ଭକ୍ତି-ପ୍ରଦାୟକ । ଏହା ମାୟା, ମୋହ ଓ ମଳ-ବିନାଶକ, ପରମ ନିର୍ମଳ, ପ୍ରେମରୂପୀ ଜଳରେ ପରିପୂର୍ଣ୍ଣ ତଥା ମଙ୍ଗଳମୟ ଅଟେ । ଯେଉଁମାନେ ଏହି ମାନସ-ସରୋବରରେ ଭକ୍ତିପୂର୍ବକ ଅବଗାହନ କରନ୍ତି, ସେମାନେ ସଂସାରରୂପୀ ସୂର୍ଯ୍ୟଙ୍କର ପ୍ରଚଣ୍ଡ କିରଣରେ ଦଗ୍ଧ ହୁଅନ୍ତି ନାହିଁ ॥ ୨ ॥

## ମାସପାରାୟଣ, ତ୍ରିଂଶ ବିଶ୍ରାମ

### ନବାହ୍ନପାରାୟଣ, ନବମ ବିଶ୍ରାମ

*ଇତି ଶ୍ରୀମଦ୍ରାମଚରିତମାନସେ ସକଳକଳିକଳୁଷବିଧ୍ୱଂସନେ ସପ୍ତମଃ ସୋପାନଃ ସମାପ୍ତଃ ।*

କଳିଯୁଗର ସକଳ ପାପବିନାଶକାରୀ ଶ୍ରୀରାମଚରିତମାନସର ଏହି
ସପ୍ତମ ସୋପାନ ସମାପ୍ତ ହେଲା

**—ଉତ୍ତରକାଣ୍ଡ ସମାପ୍ତ—**

◆◆◆

# ଶ୍ରୀରାମାୟଣ ଆରତି

ଆରତି ଶ୍ରୀରାମାୟନଜୀ କୀ ।
କୀରତି କଲିତ ଲଲିତ ସିୟ ପୀ କୀ ॥

ଗାୱତ ବ୍ରହ୍ମାଦିକ ମୁନି ନାରଦ ।
ବାଲମୀକ ବିଗ୍ୟାନ ବିସାରଦ ॥

ସୁକ ସନକାଦି ସେଷ ଅରୁ ସାରଦ ।
ବରନି ପୱନସୁତ କୀରତି ନୀକୀ ॥

ଗାୱତ ବେଦ ପୁରାନ ଅଷ୍ଟଦସ ।
ଛଓ ସାସ୍ତ୍ର ସବ ଗ୍ରଂଥନ କୋ ରସ ॥

ମୁନି ଜନ ଧନ ସଂତନ କୋ ସରବସ ।
ସାର ଅଂସ ସଂମତ ସବହୀ କୀ ॥

ଗାୱତ ସଂତତ ସଂଭୁ ଭୱାନୀ ।
ଅରୁ ଘଟସଂଭୱ ମୁନି ବିଗ୍ୟାନୀ ॥

ବ୍ୟାସ ଆଦି କବିବର୍ଜ ବଖାନୀ ।
କାଗଭୁସୁଂଡି ଗରୁଡ଼ କେ ହୀ କୀ ॥

କଲିମଲ ହରନି ବିଷୟ ରସ ଫୀକୀ ।
ସୁଭଗ ସିଂଗାର ମୁକ୍ତି ଜୁବତୀ କୀ ॥

ଦଲନ ରୋଗ ଭୱ ମୂରି ଅମୀ କୀ ।
ତାତ ମାତ ସବ ବିଧି ତୁଲସୀ କୀ ॥



॥ ଶ୍ରୀହରିଃ ॥

# ଗୀତାପ୍ରେସରୁ ପ୍ରକାଶିତ ଓଡ଼ିଆ ପୁସ୍ତକାବଳୀ

## ଶ୍ରଦ୍ଧେୟ ସ୍ୱାମୀ ଶ୍ରୀରାମସୁଖଦାସଙ୍କ ପ୍ରଣୀତ ଆତ୍ମକଲ୍ୟାଣକାରୀ ପ୍ରକାଶନ

430 ଗୃହସ୍ଥାଶ୍ରମରେ କିପରି ରହିବା?
754 ଗୀତାମାଧୁର୍ଯ୍ୟ
757 ଶରଣାଗତି
796 ଦେଶର ବର୍ତ୍ତମାନ ଦଶା ତଥା ତାହାର ପରିଣାମ
797 ସନ୍ତାନର କର୍ତ୍ତବ୍ୟ ଏବଂ ସତ୍ୟ ଆଶ୍ରୟ
798 ଗୁରୁତତ୍ତ୍ୱ
817 କର୍ମରହସ୍ୟ
852 ମୂର୍ତ୍ତିପୂଜା ଏବଂ ନାମଜପ
1003 ସତ୍‌ସଙ୍ଗ-ମୁକ୍ତାହାର
1004 ତାତ୍ତ୍ୱିକ ପ୍ରବଚନ
1005 ମାତୃଶକ୍ତିର ଘୋର ଅପମାନ
1121 ଶ୍ରୀମଦ୍‌ଭଗବଦ୍‌ଗୀତା ସାଧକ-ସଂଜୀବନୀ ଟୀକା
1130 ଗୁରୁ ବିନା କଣ ମୁକ୍ତି ନାହିଁ?
1138 ଆତ୍ମୀୟ ଭଗବାନ
1139 କଲ୍ୟାଣକାରୀ ପ୍ରବଚନ
1208 ଆଦର୍ଶ କାହାଣୀ ଚୟନ
1209 ପ୍ରଶ୍ନୋତ୍ତର ମଣିମାଳା
1267 ସହଜ ସାଧନା
1268 ବାସ୍ତବ ସୁଖ
1269 ଆବଶ୍ୟକ ଶିକ୍ଷା
1270 ନିତ୍ୟଯୋଗର ଉପଲବ୍ଧି
1298 ଗୀତାଦର୍ପଣ
1299 ଭଗବାନ ଓ ଭଗବଦ୍‌ଭକ୍ତି
1321 ଈଶ୍ୱରମୟ ଏ ଜଗତ
1464 ଅମୃତ ବିନ୍ଦୁ
1473 ସାଧନ-ସୁଧା-ସିନ୍ଧୁ
1511 ସର୍ବଜନ ଶ୍ରେୟ ପନ୍ଥା
1512 ସାଧନାର ଦୁଇଟି ପ୍ରଧାନ ସୂତ୍ର
1635 ପ୍ରେରଣାପ୍ରଦ କାହାଣୀମାଳା
1672 ଗୀତା ପ୍ରବୋଧନୀ ଟୀକା

## ଶ୍ରଦ୍ଧେୟ ଶ୍ରୀହନୁମାନ ପ୍ରସାଦ ପୋଦ୍ଦାରଙ୍କ ପ୍ରଣୀତ ଅମୂଲ୍ୟ ପ୍ରକାଶନ

865 ପ୍ରାର୍ଥନା
1011 ଆନନ୍ଦ ଲହରୀ
1041 ବ୍ରହ୍ମଚର୍ଯ୍ୟ ଓ ମନକୁ ବଶ କରିବାର କେତୋଟି ଉପାୟ
1186 ଶ୍ରୀଭଗବନ୍ନାମ
1251 ଭବରୋଗର ଔଷଧ ରାମବାଣ

## ଶ୍ରଦ୍ଧେୟ ଶ୍ରୀଜୟଦୟାଲ ଗୋୟନ୍ଦକାଙ୍କ ପ୍ରଣୀତ ଆତ୍ମକଲ୍ୟାଣକାରୀ ପ୍ରକାଶନ

1038 ସନ୍ଥ-ମହିମା
1039 ଭଗବାନଙ୍କର ଦୟା ଏବଂ ଭଗବତ୍ କୃପା
1040 ସତ୍‌ସଙ୍ଗର କିଛି ସାରକଥା
1078 ଭଗବତ୍‌ପ୍ରାପ୍ତିର ବିବିଧ ଉପାୟ
1079 ବାଲ୍ୟ-ଶିକ୍ଷା
1089 ଧର୍ମ କ'ଣ? ଭଗବାନ୍ କ'ଣ?
1091 ଆମର କର୍ତ୍ତବ୍ୟ
1090 ପ୍ରେମର ବାସ୍ତବ ସ୍ୱରୂପ ଓ ଶୋକନାଶର ଉପାୟ
1100 ଶ୍ରୀମଦ୍‌ଭଗବଦ୍‌ଗୀତା ତତ୍ତ୍ୱବିବେଚନୀ ଟୀକା
1163 ବାଳକଙ୍କ କର୍ତ୍ତବ୍ୟ
1174 ଆଦର୍ଶ ନାରୀ ସୁଶୀଳା
1187 ଆଦର୍ଶ ଭ୍ରାତୃ-ପ୍ରେମ
1203 ନଳ-ଦମୟନ୍ତୀ
1205 ରାମାୟଣର କେତେକ ଆଦର୍ଶ ପାତ୍ର
1220 ସାବିତ୍ରୀ ଓ ସତ୍ୟବାନ୍
1221 ଆଦର୍ଶ ଦେବୀଚରିତ୍ର
1252 ଭଗବାନଙ୍କ ରହିବାର ପାଞ୍ଚୋଟି ସ୍ଥାନ
1254 ସାଧନ-ନବନୀତ
1253 ପରଲୋକ, ପୁନର୍ଜନ୍ମ ଏବଂ ବୈରାଗ୍ୟ
1274 ପରମାର୍ଥସୂତ୍ର-ସଂଗ୍ରହ
1506 ଅମୂଲ୍ୟ ସମୟର ସଦୁପଯୋଗ

## ବିବିଧ

541 ଶ୍ରୀମଦ୍‌ଭଗବଦ୍‌ଗୀତା ଓ ବିଷ୍ଣୁସହସ୍ରନାମ (କେବଳ ଶ୍ଳୋକ, ପକେଟ ସାଇଜ୍)
815 ଶ୍ରୀମଦ୍‌ଭଗବଦ୍‌ଗୀତା (ଶ୍ଳୋକାର୍ଥ ସହିତ, ବନ୍ଧାଇ)
826 ଗର୍ଭପାତ ଉଚିତ ବା ଅନୁଚିତ ଆପଣ ଭାବନ୍ତୁ
854 ଭକ୍ତରାଜ ହନୁମାନ
856 ଶ୍ରୀହନୁମାନଚାଳିଶା
863 ନବଦୁର୍ଗା (ଚିତ୍ରକଥା)
1008 ଶ୍ରୀମଦ୍‌ଭଗବଦ୍‌ଗୀତା (ଶ୍ଳୋକାର୍ଥ ସହିତ, ପକେଟ ସାଇଜ)
1009 ଜୟ ହନୁମାନ (ଚିତ୍ରକଥା)
1010 ଅଷ୍ଟବିନାୟକ (ଚିତ୍ରକଥା)
1036 ଶ୍ରୀମଦ୍‌ଭଗବଦ୍‌ଗୀତା (ଲଘୁ ଆକାର)
1068 ଗଜେନ୍ଦ୍ରମୋକ୍ଷଣସ୍ତୋତ୍ରମ୍
1069 ନାରାୟଣ କବଚମ୍
1070 ଆଦିତ୍ୟହୃଦୟସ୍ତୋତ୍ରମ୍
1154 ଗୋବିନ୍ଦଦାମୋଦରସ୍ତୋତ୍ରମ୍
1157 ଶ୍ରୀମଦ୍‌ଭଗବଦ୍‌ଗୀତା (ଶ୍ଳୋକାର୍ଥ ସହିତ)
1173 ଭକ୍ତ ଚନ୍ଦ୍ରିକା
1200 ସତ୍ୟପ୍ରେମୀ ହରିଶ୍ଚନ୍ଦ୍ର
1201 ମହାତ୍ମା ବିଦୁର
1202 ପ୍ରେମୀ ଭକ୍ତ ଉଦ୍ଧବ
1204 ସୁନ୍ଦରକାଣ୍ଡ (ମୂଳ ପାଠ)
1218 ଶ୍ରୀରାମଚରିତମାନସ (ମୂଳ ପାଠ)
1219 ଶ୍ରୀପଞ୍ଚରତ୍ନଗୀତା
1248 ମୋହନ (ଚିତ୍ରକଥା)
1249 କହ୍ନେଇ (ଚିତ୍ରକଥା)
1250 ଓଁ ନମଃ ଶିବାୟ (ଚିତ୍ରକଥା)
1463 ଶ୍ରୀରାମଚରିତମାନସ (ଅର୍ଥ ସହିତ)
1465 ଶ୍ରୀମଦ୍‌ଭଗବଦ୍‌ଗୀତା (ଅନ୍ୱୟ ଓ ଅର୍ଥ ସହିତ)
1476 ଶ୍ରୀଦୁର୍ଗାସପ୍ତଶତୀ (ଅର୍ଥ ସହିତ)
1494 ଚିତ୍ରମୟ ଚୈତନ୍ୟ ଲୀଳା
1509 ରାମରକ୍ଷାସ୍ତୋତ୍ର
1551 ଶ୍ରୀଜଗନ୍ନାଥଦାସ କୃତ ଶ୍ରୀମଦ୍‌ଭାଗବତ (ସମ୍ପୂର୍ଣ୍ଣ)
1661 ଶ୍ରୀହନୁମାନଚାଳିଶା (ଲଘୁ ଆକାର)
1702 ଶ୍ରୀମଦ୍‌ଭଗବଦ୍‌ଗୀତା (ଦିଆଶିଲି ଆକାର)
1750 ଶ୍ରୀଜଗନ୍ନାଥଦାସ କୃତ ଶ୍ରୀମଦ୍‌ଭାଗବତ ଏକାଦଶ ସ୍କନ୍ଧ
1777 ଶ୍ରୀଜଗନ୍ନାଥଦାସ କୃତ ଶ୍ରୀମଦ୍‌ଭାଗବତ ଦଶମ ସ୍କନ୍ଧ